# ପୂର୍ଣ୍ଣଚନ୍ଦ୍ର
# ଓଡ଼ିଆ ଭାଷାକୋଷ ।

## ଅ

**ଅ**—ସଂସ୍କୃତ ଓ ଓଡ଼ିଆ ବର୍ଣ୍ଣମାଳାର ଏବଂ ସ୍ୱର ବର୍ଣ୍ଣର ଆଦ୍ୟ ଅକ୍ଷର ।

**A**
**अ**
**অ**

ଏହି ବର୍ଣ୍ଣର ସ୍ୱତନ୍ତ୍ର ଚିହ୍ନ ବା ମାତ୍ରା ନାହିଁ । ସଂସ୍କୃତ ଏବଂ ଓଡ଼ିଆରେ ଆମ୍ଭେମାନେ ବ୍ୟଞ୍ଜନ ବର୍ଣ୍ଣମାନଙ୍କୁ ଏହି 'ଅ' ସ୍ୱରସଙ୍ଗେ ଯୁକ୍ତ କରି ଉଚ୍ଚାରଣ କରୁଁ ଓ ବର୍ଣ୍ଣପରିଚୟ କରୁଁ । ଏହାର ଉଚ୍ଚାରଣ ସ୍ଥାନ କଣ୍ଠ । ସଂସ୍କୃତରେ ଏହାର ହ୍ରସ୍ୱ, ଦୀର୍ଘ, ପ୍ଲୁତ, ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ଉଚ୍ଚାରଣମାନ ଅଛି; କିନ୍ତୁ ଓଡ଼ିଆ ଭାଷାରେ ଏଥିର ଆଲୋଚନା ଅନାବଶ୍ୟକ । ପୁରୁଣାକାଳିଆ ଅବଧାନମାନେ ପିଲାଙ୍କୁ ଏହି ଅକ୍ଷର ପଢ଼ାଇବାବେଳେ ଏହାକୁ 'ସ୍ୱରେ ଅ' ବୋଲି ଡାକନ୍ତି । ଏହା ଓଁ ବା ପ୍ରଣବର ଅଙ୍ଗବିଶେଷ ବୋଲି ଶାସ୍ତ୍ରରେ କଥିତ; ଅ + ଉ + ମ୍ ମିଶି ଓଁ ହୋଇଅଛି । ହିନ୍ଦୁ ଶାସ୍ତ୍ର ଅନୁସାରେ 'ଅ' ଅକ୍ଷରର ଅଧିଷ୍ଠାତ୍ରୀ ଦେବତା ପରମାତ୍ମା ।

The first letter of the Ordia alphabet. The first vowel corresponding to the English letter, A.

**ଅ**—ସଂ. ବି. ପୁଂ—

**A**
**अ**
**অ**

୧ । ଅର୍କମଣ୍ଡଳ ବୀଜାତ୍ମକ ଅକ୍ଷର ।
1. The mystic root of the solar circle.

୨ । ପରଂବ୍ରହ୍ମସୂଚକ ଏକାକ୍ଷର ।
2. The letter indicating the Divine Soul pervading the Universe.

୩ । (ଅବ୍ ଧାତୁ = ରକ୍ଷା କରିବା + କର୍ତ୍ତୃ—ଅ, ଯେ ସୃଷ୍ଟି ରକ୍ଷା କରନ୍ତି ।) ବିଷ୍ଣୁ ।
3. Bishṇu, the Preserver of the Hindu Trinity.

୪ । ମହେଶ୍ୱର, ଶିବ—4. Śiba, the Destroyer.

୫ । ପରଂବ୍ରହ୍ମ ।
5. The Divine Soul or Essence pervading the Universe.

୬ । ପ୍ରଣବ ବା ଓଁକାରର ଆଦ୍ୟ ଅଙ୍ଗ (ଅ + ଉ + ମ୍ = ଓଁ) ।
6. The first component of the mystic syllable '*Om*'.

[ ଦ୍ର—ତନ୍ତ୍ରରେ 'ଅ' ର ସତର ପ୍ରକାର ଅର୍ଥ ଅଛି, କିନ୍ତୁ ସେ ସବୁ ଭାଷାରେ ବ୍ୟବହୃତ ହୁଏ ନାହିଁ । ]

ସଂ. ଅ—

ଖେଦ, ଅନୁକମ୍ପା, ସମ୍ବୋଧନ, ସମ୍ମତି, ସାଦୃଶ୍ୟ, ଅଭାବ, ଅଳ୍ପତା, ଅପ୍ରଶସ୍ତତା, ବିରୋଧଭାବ, ଅସମ୍ମତି ଇତ୍ୟାଦି ସ୍ଥଳରେ ବ୍ୟବହୃତ ବର୍ଣ୍ଣ ।

[ ଦ୍ର—ଏ ସ୍ଥଳମାନଙ୍କରେ ଏହାର ଉଚ୍ଚାରଣ ଦୀର୍ଘ । ]

Interjection used to indicate grief, pity, address, consent, similarity, want, littleness, narrowness, opposition, disagreement etc.

ସଂ. ଉପପଦ—

ନଞ୍ ବା 'ନାହିଁ' ବାଚକ ଉପପଦ—

( ଏହା ସ୍ୱତନ୍ତ୍ର ବ୍ୟବହୃତ ନ ହୋଇ ଅନ୍ୟ ବ୍ୟଞ୍ଜନାଦ୍ୟ ଶବ୍ଦ ପୂର୍ବରେ ଲାଗି ନଞ୍ତତ୍ପୁରୁଷ ସମାସ ହୁଏ । ଯଥା—ଅରସିକ, ଅଭଦ୍ର, ଅମନୁଷ୍ୟ )

A negative or privative particle prefixed to words beginning with consonants to form a compound, and used in the following senses.

ଏହି ଉପପଦ ନିମ୍ନଲିଖିତ ଭିନ୍ନ ଭିନ୍ନ ଅର୍ଥରେ ଲାଗେ :—

ସାଦୃଶ୍ୟ—( ଯଥା—ଅବ୍ରାହ୍ମଣ )—Similarity.

ଅଭାବ—( ଯଥା—ଅନିୟମ, ଅକାରଣ )—Want.

ଅନ୍ୟତ୍ୱ—( ଯଥା—ସଂ. ଅଘଟ = ଘଟଭିନ୍ନ ଅନ୍ୟ ପଦାର୍ଥ )—Other than.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ, 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ। 'ଅଗଂଧା' ନ ପାଇଲେ 'ଅଗନ୍ଧା' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅଳ୍ପତା—(ଯଥା—ଅଲଣା)—**Insufficiency or deficit.**

ଅପ୍ରାଶସ୍ତ୍ୟ—(ଯଥା—ଅକାଳ, ଅସମୟ, ଅପଥ)—**Unsuitability.**

ବିରୋଧ—( ଯଥା — ଅସୁର = ସୁରବିରୋଧୀ; ଅଶାସ୍ତ୍ରୀୟ = ଶାସ୍ତ୍ରବିରୁଦ୍ଧ )—**Opposition.**

ମନ୍ଦତା ବା ହୀନତା—( ଯଥା—ଅମନୁଷ୍ୟ, ଅକଥା, ଅକର୍ମ, ଅଜାତ )—**Badness.**

ଅନୁକମ୍ପା—( ଏଥିର ଉଦାହରଣ ଭାଷାରେ ବିରଳ )—**Sympathy.**

[ ଦ୍ର—ସ୍ୱରାଦ୍ୟ ଶବ୍ଦ ପୂର୍ବେ ନଞର୍ଥକ 'ଅ' ଲାଗିଲେ ଏହା ସଂସ୍କୃତରେ 'ଅନ୍' ( ଯଥା—ଅନଧିକାର ) ଓ ଓଡ଼ିଆରେ 'ଅଣ' ( ଯଥା—ଅଣଅଧିକାର ) ଆକାର ଧାରଣ କରେ । ଓଡ଼ିଆରେ ବ୍ୟଞ୍ଜନାଦ୍ୟ ଶବ୍ଦ ପୂର୍ବେ ଏହି 'ଅ' ମଧ୍ୟ ବିକଳ୍ପରେ 'ଅଣ' ଆକାର ଧାରଣ କରେ (ଯଥା—ଅମଣିଷ, ଅଣମଣିଷ; ଅବାଟୁଆ, ଅଣବାଟୁଆ) ।

ଦେ. ବି —(ଧ୍ୱନ୍ୟନୁକରଣ)— (Onomatopoetic)

୧ । ଅଇ, ବମନେଚ୍ଛା—**1. Tendency to vomit**

୨ । ବମନ, ବାନ୍ତି—**2. Vomiting.**

[ ଦ୍ର—ବାନ୍ତି କଲାବେଳେ ମନୁଷ୍ୟ ଦୀର୍ଘ 'ଅ' ଧ୍ୱନି କରିବାରୁ ଓ ବାନ୍ତିର ଉପକ୍ରମ ହେଲାବେଳେ ଏହି ଧ୍ୱନି ମୁହଁରୁ ବାହାରୁଥିବାରୁ 'ଅ' ର ଏହି ଅର୍ଥ । ]

ଦେ• ଅ—ବେଖାତିର୍ ବା ଅସମ୍ମତିସୂଚକ ଧ୍ୱନି—**An exclamation of disdain or disagreement.**

[ ଦ୍ର—ଏ ସ୍ଥଳରେ ଏଥିର ଉଚ୍ଚାରଣ ଦୀର୍ଘ ଓ ସ୍ଥାୟୀ । ]

**ଖଣ୍ଡ ଅକାର** } **ଲୁପ୍ତ ଅକାର** } ସଂ. ବି—ସନ୍ଧି ନିୟମରେ 'ଏ' କାରାନ୍ତ ବା 'ଓ' କାରାନ୍ତ ଓ ଅକାର ପରବର୍ତ୍ତୀ ବିସର୍ଗାନ୍ତ ପଦର ଯେଉଁ 'ଅ' ଅକ୍ଷର ଲୁପ୍ତ ହୁଏ ତାହାର ଚିହ୍ନ—ঽ

(ଯଥା—ସୋଽହଂ, ଅନ୍ୟୋଽନ୍ୟ) ।

[ ଦ୍ର—ଏଥିର ଉଚ୍ଚାରଣରେ 'ଅ'ର କ୍ଷୀଣ ଆଭାସ ଥାଏ ଏବଂ ପଣ୍ଡିତମାନଙ୍କ ଓଡ଼ିଆ ଲେଖାରେ ମଧ୍ୟ ଏ ଚିହ୍ନର ବ୍ୟବହାର ଦେଖାଯାଏ । ହାତରେ ଚମ୍ପାଫୁଲଟିଏ ଧରି ତାହା ପକାଇ ଦେବା ପରେ ହାତରେ ଯେଉଁ ବାସନାଟିକକ ରହିଯାଏ, ଏ ଖଣ୍ଡ ଅକାର ସେହିପରି ଅ ଅକ୍ଷରର ବାସନା ମାତ୍ର । ]

**A sign indicating the disappearing or silent 'a' in a compound word.**

**ଅଅ**—ଦେ. ଅ —

**A-A** ( ଧ୍ୱନ୍ୟନୁକରଣ; 'ଅ' ର ଦ୍ୱିତ୍ୱ ) ।

୧ । ବମନ କରିବାର ବା ବମନ ଉପକ୍ରମ ହେବା ବେଳର ଶବ୍ଦ—**1. Sound of a person vomiting or going to vomit.**

୨ । ଶିଶୁମାନଙ୍କୁ ପ୍ରଥମେ 'ଅ' ଅକ୍ଷର ଲେଖାଇ ମଡ଼ାଇବା ବେଳେ ଶିଶୁ ଘୋଷିବା ଦ୍ୱି—ଉଚ୍ଚାରଣ—**2. Doubled or repeated utterance of the letter 'a' by a child learning to write.**

**ଅଅଁଳା**—ଦେ. ବି—୧ । (ସଂ. ଆମଳକ) ଆମଳକ (ଦେଖ)

**Aanla** — ବନ୍ୟ ବୃକ୍ଷ ଓ ତାହାର କୋଳ ।

ସଂ. ନାମ—ଆମଳକ, ଆମଳକୀ, ଧାତ୍ରୀ, ତିଷ୍ୟଫଳା, ଅମୃତା,
**आमला, आमलकि**
**आमला, आँवला**
ଫା. ଆମ୍‌ଲା
ଆ. ଆମ୍‌ଲଜ୍
ତେ. ଉସିରିକାୟୀ

**1. A tree and its berry; Embellic myrobalan; Phylanthos emblica.**

[ ଦ୍ର—ଅଅଁଳା କୋଳ ତ୍ରିଫଳାର ( ହରିଡ଼ା, ବାହାଡ଼ା, ଅଅଁଳା ) ଏକତମ ଉପାଦାନ; ଲୋକେ ଅନ୍ୟ କେତେକ ମସଲା ସଙ୍ଗେ ଏହାକୁ ମିଶାଇ ବାଟି କରି ଗାଧୋଇବା ପୂର୍ବରୁ ଦେହରେ ଓ ମୁଣ୍ଡରେ ଲଗାଇ ଗାଧୁଅନ୍ତି ଓ ଏଥିରେ ଦେହ ବାସେ । ଏହା ହରିଡ଼ା ପରି ଗୁଣବିଶିଷ୍ଟ । ଏହା ମିଠା ଓ ଖଟାମିଶା କଷା । ଏହା ବାୟୁ, ପିତ୍ତ, କଫ ଓ ପ୍ରମେହନାଶକ । ଏହା ବୃଷ୍ୟ ଓ ରସାୟନ ।]

୨ । (ସଂ. ଅମ୍ଳାତ, ଅମ୍ଳାଟନ)

ସଂ ନାମ—ଅମ୍ଳାଟନ, ଅମ୍ଳାତ, ଅମ୍ଳାତକ, କୁରୁଣ୍ଟକ, କୁରୁବକ, ବର୍ହିପୁଷ୍ପ, ମହାସହା
ନାଲ୍‌ଝିଣ୍ଟି, ଆୟଁଳା, ଆୟନା
**कटसरैया, लाल**
**गुलेमक्खन्**
ତେ. ଉଶିରିକା

ଅଅଁଳେଇ ଫୁଲ ଓ ଗୁଳ୍ମ; କୁରୁବକ । ଏଥିର ଫୁଲ ନାଲି ଓ ହଳଦିଆ । ଫୁଲର, ଡେମ୍ଫ ଲମ୍ବା । ଏହି ଡେମ୍ଫରେ ସୂତା ଗଳାଇ ଗୁଚ୍ଛ କରି, ମାଳ ଗୁନ୍ଥି ସ୍ତ୍ରୀମାନେ ଜୁଡ଼ାରେ ପିନ୍ଧନ୍ତି । ଏହା ମଧ୍ୟ ଔଷଧରେ ଲାଗେ । ଏହା କଷାୟ ମଧୁର ତିକ୍ତ ରସ, ଉଷ୍ଣବୀର୍ଯ୍ୟ ଓ ସ୍ନିଗ୍ଧ ।

—**2. A flowering plant; Barleria cristata.**

[ନାଲି ଫୁଲ ଫୁଟିବା ଗୁଳ୍ମ = ସଂ. କୁରୁବକ; ହଳଦିଆ ଫୁଲ ଫୁଟିବା ଗୁଳ୍ମ = ସଂ. କୁରୁଣ୍ଟକ; ନେଳି ଫୁଲ ଫୁଟିବା ଗୁଳ୍ମ = ସଂ. ବାଣା]

୩ । (ସଂ. ଆମଲକ, ଏହାର ଆକୃତି ଅଅଁଳାକୋଳ ପରି ଚରୁଡ଼ା ଚରୁଡ଼ା ଓ ଚେପ୍ଟା ଥିବାରୁ )

**आमलक**—ଦେଉଳର ବିମାନ ଉପରେ ସ୍ଥାପିତ ଓ ଦହିଖୁଆ ପରି ଚରୁଡ଼ା ଚରୁଡ଼ା ଓ ଚେପ୍ଟା ଚକଡ଼ା । ଏହା ଉପରେ ଦହିନଉତି ଥାଏ । ଅଅଁଳାକୋଳ ପରି କମ ହୋଇଥିବା ଦହିନଉତିର ତଳ ବଇଠି । ଅଅଁଳା ସାଳ ।

**3. An orange-shaped structure over the dome and below the top-stone of a temple.**

**ଅଅଁଳାଇ**—ଦେ. ବି—ଅଅଁଳେଇ (ଦେଖ)

**Aanlai.** Aanlei (See).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଞ୍ଚ | ଉଥ | ଝ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ● | ନ୍ତ | |

**ଅଅଁଳା ନବମୀ**—ଦେ ବି—( ସଂ. ଆମଳକ + ନବମୀ )
**Aañḻā nabamī** ଧାତ୍ରୀ ନବମୀ, କାର୍ତ୍ତିକ ଶୁକ୍ଳ ନବମୀ ।
[ ଏ ଦିନ ଅଅଁଳା ଗଛମୂଳେ ବିଷ୍ଣୁ ପୂଜା କରାଯାଏ ]
The ninth day of the bright fortnight of the month of Kārttika.

**ଅଅଁଳା ମଞ୍ଜିଆ**—ଦେ. ବିଣ—
**Aañḻā mañjiā**
୧ । ଅଅଁଳା କୋଳପରି ଆକୃତିବିଶିଷ୍ଟ (କଣ୍ଠି)
1. (bead) shaped like the berry of aañḻā.
୨ । ଅଅଁଳା ମଞ୍ଜି ପରି ଶିରାବିଶିଷ୍ଟ ( ଖଡୁ, ପାହୁଡ଼ )—
2. (anklet or bracelet ) Shaped and grooved like the berry of aañḻā.

**ଅଅଁଳା ଲଇ**—ପ୍ରାଦେ. (ଗଡ଼ଜାତ) ବି—
**Aañḻā lai** ଏକପ୍ରକାର ଗୁଳ୍ମ, ଏଥିର ଛାଲ ଲଇରୂପେ ବ୍ୟବହୃତ ହୁଏ ।
A kind of plant of which the bark is used as fibre.

**ଅଅଁଳା ସାଳି**—ଦେ. ବି—
**Aañḻā sāḻi** ଅଅଁଳା ୩ (ଦେଖ)—**Aañḻā 3** (See).

ଅଅଁଳାସାଳି ବୋଲି ପୁଣି ।
ଅନନ୍ତ ଚଉଷଠି ଫେଣି ॥
ଯଶୋବନ୍ତ—ପ୍ରେମଭକ୍ତି ଗୀତା ।

**ଅଅଁଳେଇ**—ଦେ. ବି—
**Aañḻei** ଅଅଁଳା ୨ (ଦେଖ)—**Aañḻā 2** (See)

**ଅଇ**—ଦେ. ବି—(ଧ୍ୱନ୍ୟନୁକରଣ)
**Ai**
୧ । ବମନ, ବାନ୍ତି । 1. Vomiting.
୨ । ବମନୋପକ୍ରମ । 2. Tendency to vomit.
୩ । ବାନ୍ତି କରିବା ଶବ୍ଦ । 3. The sound of vomiting.
ଦେ. ଅ—(ସଂ. ଅୟି)
( ସ୍ତ୍ରୀଲୋକଙ୍କ ପ୍ରତି ବ୍ୟବହୃତ ସମ୍ବୋଧନ) ହେ, ଲୋ, ଅଲୋ ।
(A term used in addressing females) Oh ! Hallo.
ଯଥା—ଅଇ ସୁନ୍ଦରି ! ଅଇ ସୁଲକ୍ଷଣି ! ଅଇ ସାଧ୍ୱି !
[ ଦ୍ର—ଅବିବାହିତା ସ୍ତ୍ରୀ ଓ ବାଳିକାମାନଙ୍କୁ ଗୁରୁଜନମାନେ କରିବା ଆଶୀର୍ବଚନ;—'ଅଇସୁଲକ୍ଷଣୀ ହୋ' = ସଂ. ଅୟି ! ସୁଲକ୍ଷଣା ଭବ = ହେ ! ସୁଲକ୍ଷଣୀ ହୁଅ ]

(ମୋର, ମଟେ) **ଅଇ ଉଠାଇବା**—ଦେ. ବି.
**Ai uṭhāibā** ବାନ୍ତି ମାଡ଼ିବା, ବମନର ଉପକ୍ରମ ହେବା, ବିବମିଷା ।
**ব্যাকার উঠা** Having a tendency to vomit.

(ମୋର) **ଅଇ ଉଠିବା**—ଦେ. ବି—ଅଇ ଉଠାଇବା (ଦେଖ)
**Ai uṭhibā** —**Ai uṭhāibā (See)**

**ଅଇଁଠା ଇତ୍ୟାଦି**—ଦେ. ବି ଓ ବିଣ—ଅଇଣ୍ଠା ଇତ୍ୟାଦି (ଦେଖ) ।
**Aiñṭhā** **Aiṇṭhā etc. (see)**

ଅଇ କରିବା—ଦେ. କ୍ରି.—ବାନ୍ତି କରିବା—**To vomit.**
**Ai karibā**
ব্যাকার করা

ଅଇକା—ଗ୍ରା. ଅ—ଏହିକ୍ଷଣି (ଦେଖ) । **Ehikshaṇi (See)**
**Aikā**

**ଅଇକ୍ଷଣି**—ଗ୍ରା. ଅ—(ସଂ. ଏତତ୍ + କ୍ଷଣ) **ଏହିକ୍ଷଣି (ଦେଖ)** ।
**Aikshaṇi** —**Ehikshaṇi (See)**

**ଅଇକ୍ଷଣିକା**—ଗ୍ରା. ଅ—ଏହିକ୍ଷଣି (ଦେଖ) ।
**Aikshaṇikā** —**Ehikshaṇi (See)**

**ଅଇଖଣି** - ଗ୍ରା. ଅ—ଏହିକ୍ଷଣି (ଦେଖ) ।
**Aikhaṇi** —**Ehikshaṇi (See)**

**ଅଇଖଣିକା**—ଗ୍ରା. ଅ—ଏହିକ୍ଷଣି (ଦେଖ) ।
**Aikhaṇikā** —**Ehikshaṇi (See)**

**ଅଇଖିଣି**—ଗ୍ରା. ଅ—ଏହିକ୍ଷଣି (ଦେଖ) ।
**Aikhiṇi** —**Ehikshaṇi (See)**

**ଅଇଖିଣିକା**—ଗ୍ରା. ଅ—ଏହିକ୍ଷଣି (ଦେଖ) ।
**Aikhiṇikā** —**Ehikshaṇi (See)**

**ଅଇଘର**—ଦେ. ବି—( ସଂ, ଅଗ୍ନ୍ୟୁତ୍ସବ; ସଂ ଅଗ୍ନି + ହରିକା = ରାକ୍ଷସୀ ବିଶେଷ)
**Aighara**
বুড়ীঘরপোড়া
୧ । ମାଘ ପୂର୍ଣ୍ଣିମା ।
( ଏ ଦିନ ରାତିରେ ଗ୍ରାମମୁଣ୍ଡରେ କୁଟା ଆଦି ଗଦା କରାଯାଇ ଅଗ୍ନି ଉତ୍ସବ ହୁଏ; ଏହି ନିଆଁକୁ 'ଅଗି' ଓ ନିଆଁ ଜଳାଇବାକୁ 'ଅଗିଜଳା' ବୋଲାଯାଏ ) ।
1. The fullmoon of the month of Magha on the night of which villagers light a bonfire at one extremity of the village.
୨ । ଅଗି; ମାଘପୂର୍ଣ୍ଣିମା ରାତିରେ ଗାଆଁମୁଣ୍ଡରେ ଜଳାଯିବା ନିଆଁଗଦା—2. Bonfire lighted on the fullmoon night of the month of Magha
୩ । ଦୋଳପୂର୍ଣ୍ଣିମାର ପୂର୍ବରାତ୍ରି ।
3. The night preceding the fullmoon of the month of Fālguna.
୪ । ଦୋଳପୂର୍ଣ୍ଣିମାର ପୂର୍ବରାତ୍ରିରେ ସନ୍ଧ୍ୟାଠାରୁ ରାତି ପାହିବାପର୍ଯ୍ୟନ୍ତ ଗ୍ରାମମୁଣ୍ଡରେ କରାଯିବା ଅଗ୍ନି ଉତ୍ସବ ।
4. Bonfire lighted at one end of the village

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଁଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**on the night preceding the fullmoon of the month of Fālguna.**

[ ଦ୍ର—ବୁଝିବାକୁ ଗଲେ ଭାରତର ସର୍ବତ୍ର ହୋଲି ଉତ୍ସବ ଉପଲକ୍ଷରେ ଦୋଳପୂର୍ଣ୍ଣିମା ରାତିରେ ଓ କେଉଁକେଉଁଠାରେ ଦୋଳପୂର୍ଣ୍ଣିମାର ପୂର୍ବ ରାତିରେ ଅଗ୍ନି ଉତ୍ସବ କରାଯାଏ ।

ପୁରୀ ଜିଲ୍ଲା ବ୍ରାହ୍ମଣ ଶାସନମାନଙ୍କରେ ଦୋଳପୂର୍ଣ୍ଣିମା ପୂର୍ବ ରାତିରେ ଗ୍ରାମର ଠାକୁର ଗ୍ରାମଦାଣ୍ଡରେ ପହୁଞ୍ଚିବାର କରି ଯିବା ସମୟରେ ପ୍ରତ୍ୟେକ ଗୃହସ୍ଥଙ୍କ ଘରସାମନା ଦାଣ୍ଡରେ ପହଞ୍ଚି 'ହାରିଭୋଗ' ଖାଆନ୍ତି ଓ ସେହି ସମୟରେ ପ୍ରତ୍ୟେକ ଗୃହସ୍ଥ ତାଙ୍କ ଦୁଆର ଆଗ ଦାଣ୍ଡରେ ନଡ଼ିଆ ବାହୁଙ୍ଗା ବା ବାଉଁଶ ଲଗିରେ କୁଟା ଆଦି ଗୁଡ଼ାଇ ପୂର୍ବରୁ ପୋତି ଥାଆନ୍ତି । ଠାକୁର ବିଜେ କଲାବେଳେ ଉକ୍ତ ହୁଲାରେ ନିଆଁ ଲଗାଇ ଦିଅନ୍ତି । ଠାକୁର ଗ୍ରାମମୁଣ୍ଡରେ ପହଞ୍ଚିଲାରୁ ସେଠାରେ ଗ୍ରାମବାସୀଙ୍କଦ୍ୱାରା ସଂଗୃହୀତ ଗୋଟିଏ ବଡ଼ କୁଟାଗଦାରେ ନିଆଁ ଲାଗେ; ସେ ନିଆଁକୁ 'ଅଗି' ବା 'ଅଇଘରା' କହନ୍ତି । ସେହି ଜଳୁଥିବା ନିଆଁଗଦାକୁ ଠାକୁର ପ୍ରଦକ୍ଷିଣ କରି ସେଠାରେ ଭୋଗ ଖାଇ ନିଜ ମନ୍ଦିରକୁ ବାହୁଡ଼ନ୍ତି । କଟକ ଜିଲ୍ଲାରେ ଏହି ଅଗ୍ନି ଉତ୍ସବକୁ 'ମେଣ୍ଢାଲୁଡ଼ିଆ ପୋଡ଼ି' ଓ ବାଲେଶ୍ୱରରେ ଏହାକୁ 'ମେଣ୍ଢାଘର ପୋଡ଼ି' କହନ୍ତି । ବଙ୍ଗ ଦେଶରେ ଦୋଳପୂର୍ଣ୍ଣିମାର ପୂର୍ବ ସନ୍ଧ୍ୟାରେ ଏହିପରି ଅଗ୍ନି ଉତ୍ସବ ହୁଏ । ମାରୱାଡ଼ିମାନେ ଦୋଳ ପୂର୍ବ ସନ୍ଧ୍ୟାଠାରୁ ଭୋର ପର୍ଯ୍ୟନ୍ତ କୁଟା, ଚିରା କନା, ଚିରା କାଗଜ, ଓ କାଠ ଆଦି ଦାଣ୍ଡରେ ଜମା କରି ଅଗି ଜାଳନ୍ତି ।

୬-୨-୨୩ ତାରିଖର ଅମୃତବଜାର ପତ୍ରିକାରେ ଶ୍ରୀ ରଞ୍ଜନବିଳାସ ରାୟ ଚୌଧୁରୀ ଏ ସମ୍ବନ୍ଧରେ ନିମ୍ନଲିଖିତ ମର୍ମରେ ଗୋଟିଏ ଇଂରାଜୀ ପ୍ରବନ୍ଧ ଲେଖିଥିଲେ :—

"ବଙ୍ଗ ଦେଶରେ ଦୋଳପୂର୍ଣ୍ଣିମା ପୂର୍ବ ସନ୍ଧ୍ୟାରେ ପ୍ରତି ଗୃହସ୍ଥଙ୍କ ଘର ଆଗରେ ଏବଂ ଗ୍ରାମମୁଣ୍ଡରେ ଅଗି ଜଳାଯାଏ । ପଶ୍ଚିମ ଭାରତରେ ପ୍ରତ୍ୟେକ ଗୃହସ୍ଥଙ୍କ ଘର ଆଗ ଦାଣ୍ଡରେ ଗୋଟିଏ ଗର୍ତ୍ତ ଗାତ ଖୋଳା ଯାଇ ତହିଁ ଉପରେ କୁଟା, ଚିରା କନା ଓ ଘସି ଆଦି ଜମା କରାଯାଇ ଅଗ୍ନି ଉତ୍ସବ ହୁଏ ଏବଂ ରାତିଯାକ ଲୋକେ ଅଶ୍ଳୀଳ ଗୀତ ବୋଲି ନାଚନ୍ତି । ମରହଟ୍ଟାମାନଙ୍କ ମଧ୍ୟରେ ଯୁଦ୍ଧରେ ମୃତ ହୋଇଥିବା ବୀରମାନଙ୍କ ବଂଶଧରମାନେ ହାତରେ ଖଣ୍ଡା ଧରି ଏହି ନିଆଁଗଦା ଚାରିପାଖରେ ବୁଲି ନାଚନ୍ତି ଏବଂ ଏ ନିଆଁରେ ଗରମ କରାଯାଇଥିବା ପାଣିରେ ଗ୍ରାମବାସୀମାନେ ଗାଧୁଆନ୍ତି । ମାନ୍ଦ୍ରାଜ ଅଞ୍ଚଳରେ ଅଗ୍ନି ଉତ୍ସବ ହୁଏ ନାହିଁ; କିନ୍ତୁ ଗ୍ରାମବାସୀମାନେ କୌତୁକରେ ପରସ୍ପର ଯୁଦ୍ଧ କରନ୍ତି । କଥିତ ଅଛି ଯେ **Scythians** ବା ଶକମାନେ ବିକ୍ରମାଦିତ୍ୟ ରାଜାଙ୍କଦ୍ୱାରା ଭାରତରୁ ବିତାଡ଼ିତ ହେବା କାଳରୁ ଏ ଉତ୍ସବ ପଶ୍ଚିମ ଭାରତରେ ଚଳି ଆସୁଅଛି । କେହି କେହି କହନ୍ତି ଯେ, 'ହୋଲିକା' ନାମରେ ଗୋଟିଏ ରାକ୍ଷସୀ ଶିଶୁମାନଙ୍କୁ ଖାଇଯାଉଥିଲା । ଅନ୍ୟ ଦେବତାମାନେ ଏହାକୁ ବଧ କରି ନ ପାରିବାରୁ ଶିବ ଏହାକୁ ବଧ କଲେ । ଏହି ରାକ୍ଷସୀର ବିରାଟ ଦେହକୁ ଦେବତାମାନେ ନିଆଁ ଲଗାଇ ପୋଡ଼ିଲେ; ଅଇଘରା ଏଥିର ସ୍ମାରକ ଅଗ୍ନ୍ୟୁତ୍ସବ । କେହି କେହି କହନ୍ତି, 'ହୋଲିକା' ବସନ୍ତ, ମିଳିମିଳା, ହାଡ଼ଫୁଟି ଆଦିର ଅଧିଷ୍ଠାତ୍ରୀ ଯୋଗିନୀ । ମହାଦେବ ଏହାକୁ ବିନାଶ କଲେ ଓ ଲୋକେ ଏହା ଶବ ଉପରେ ନିଜ ନିଜ ଘରର ଅଳିଆ, ଚିରା କନା, କାଠି, କୁଟା ଗଦା କରି ନିଆଁ ଜାଳିଲେ । ସେହି କାଳରୁ ଏ ଅଗ୍ନି ଉତ୍ସବ ହୋଇ ଆସୁଅଛି ।"

ଲୋକେ ବାଇଗଣପୋଡ଼ା ପାଇବା ଆଶାରେ ଏହି ଅଇଘରା ନିଆଁଗଦା ଉପରକୁ କଞ୍ଚା ବାଇଗଣ ଫିଙ୍ଗନ୍ତି ଓ ନିଆଁ ନିଭିଗଲାରୁ ପାଉଁଶକୁ ଖେଳାଇ ଖୋଜାଖୋଜି କରି ପୋଡ଼ା ବାଇଗଣ ଆଣନ୍ତି ଓ କେହି କେହି କିଛି ନ ପାଇଲେ ଫେରି ଆସନ୍ତି । ]

**ଅଇଘରାକୁ ବାଇଗଣ ଫୋପାଡ଼ିବା**—ଦେ. ନ୍ୟାୟ—
**Aigharāku bāigaṇa phopārḍibā.**

ଅନିର୍ଦ୍ଦିଷ୍ଟ ଫଳ ଆଶାରେ କୌଣସି କାର୍ଯ୍ୟ ବା ବ୍ୟୟ କରିବା ।

**To do any work or spend money without hope of getting a definite or any return for it.**

[ ଦ୍ର—ଲୋକେ ପୋଡ଼ା ବାଇଗଣ ପାଇବା ଆଶାରେ ଅଇଘରାକୁ କଞ୍ଚା ବାଇଗଣ ଫିଙ୍ଗିଥାନ୍ତି; ନିଆଁ ନିଭିଲାରୁ ପୋଡ଼ା ବାଇଗଣ ପାଇବାପାଇଁ ପାଉଁଶକୁ ଖେଳାଖେଳି କରନ୍ତି; କିଏ କେଉଁ ବାଇଗଣକୁ ନିଆଁକୁ ଫିଙ୍ଗିଥାଏ; ବାଇଗଣ ବାହାର କଲାବେଳେ ପୋଡ଼ା ବାଇଗଣରୁ ତାହା ବାରି ହୁଏ ନାହିଁ । ଫଳତଃ ଯେ କଞ୍ଚା ବାଇଗଣଟିଏ ପକାଇଥାଏ ସେ ଯେକୌଣସି ପୋଡ଼ା ବାଇଗଣଟିଏ ପାଇଲେ ବୋଧ ହୋଇ ଘରକୁ ଯାଏ । ଅନେକ ସମୟରେ ବାଇଗଣଯାକ ପୋଡ଼ି ଭସ୍ମ ହୋଇଯିବାରୁ କଞ୍ଚା ବାଇଗଣ ପକାଇଥିବା ଲୋକଙ୍କ ମଧ୍ୟରୁ କେହି କେହି ପୋଡ଼ା ବାଇଗଣ ପାଆନ୍ତି ଓ କେହି କେହି ଆଦୌ ବାଇଗଣ ନ ପାଇ ଶୁଖିଲା ମୁହଁରେ ଘରକୁ ଫେରନ୍ତି । ଏହିପରି ଅନିର୍ଦ୍ଦିଷ୍ଟ ଫଳଲାଭ ସ୍ଥଳରେ ଏ ନ୍ୟାୟ ଖଟେ । ]

**ଅଇଘରା ପୁନିଅଁ**—ଗ୍ରା. ବି—ଅଇଘରା ପୂର୍ଣ୍ଣିମୀ (ଦେଖ)
**Aigharā Punian̈** **Aigharā pūrṇṇami** (see)

**ଅଇଘରା ପୁନେଇଁ**—ଗ୍ରା. ବି—ଅଇଘରା ପୂର୍ଣ୍ଣିମୀ (ଦେଖ)
**Aigharā Punein̈** **Aigharā purṇṇami** (see)

**ଅଇଘରା ପୂର୍ଣ୍ଣିମୀ**—ଦେ. ବି—(ସଂ. ଅଗ୍ନି + ପୂର୍ଣ୍ଣିମା) । ମାଘ ପୂର୍ଣ୍ଣିମା—
**Aigharā Purṇṇami** **Fullmoon of the month of Māgha.**
ବୁଢ଼ୀଘରପୋଡ଼ା ପୂର୍ଣ୍ଣିମା

**ଅଇଘିରା**—ଗ୍ରା. ବି—ଅଇଘରା (ଦେଖ)—**Aigharā (see).**
**Aighirā**

**ଅଇଘେରା**—ଗ୍ରା. ବି—ଅଇଘରା (ଦେଖ)—**Aigharā (see).**
**Aigherā**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯୁ | ଉଅ | ଦ୍ଧ |
| ୨ | ଈ | ଊ | ଋୁ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯଁ | ସ | ଗଁ୍ୟ | ଇଅ | ଢ଼ | ନ୍ଥ |

**ଅଇଛଣି**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhaṇi — Ehikshaṇi (see)

**ଅଇଛଣିକା**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhaṇikā — Ehikshaṇi (see)

**ଅଇଛିକା**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhikā — Ehikshaṇi (see)

**ଅଇଛିଣି**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhiṇi — Ehikshaṇi (see)

**ଅଇଛିଣିକା**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhiṇikā — Ehikshaṇi (see)

**ଅଇଛୁଣି**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhuṇi — Ehikshaṇi (see)

**ଅଇଛୁଣିକା**—ପ୍ରାଦେ—(ପୁରୀ, କଟକ). ଅ—ଏହୃଷଣି (ଦେଖ)
Aichhuṇikā — Ehikshaṇi (see)

**ଅଇଣ୍ଠା**—ଦେ. ବି. (ସଂ. ଉଚ୍ଛିଷ୍ଟ; ପ୍ରା. ଅଇଣ୍ଠ)—
Ainṭhā ୧ । ଖାଦ୍ୟ ପାତ୍ରରେ ବଳି ପଡ଼ିଥିବା ଭୁକ୍ତାବଶିଷ୍ଟ ଖାଦ୍ୟ ।
ऍंठो, ऍंठा 1. Orts; the remains of a meal.
**झुटैल, उलाश्,**
**जूठा, जूठन**

ଆଜି ଖୁଦଯାଉ କାଲି ଗଇଣ୍ଠା,
ପଥର ଦନକୁ ଦାସ ଅଇଣ୍ଠା ।
ଢଗ ।

୨ । ଯେଉଁ ଖାଦ୍ୟବସ୍ତୁର କେତେକ ଅଂଶ ପୂର୍ବରୁ ଖିଆ ହୋଇଅଛି ।
2. Food, part of which has already been partaken of.

୩ । ଖାଇ ସାରିବା ପରେ ଖାଇବା ସ୍ଥାନରେ ପଡ଼ିଥିବା ପତ୍ର ବା ବାସନ ଓ ତହିଁ ନିକଟରେ ବିଷ୍ଟ ହୋଇ ପଡ଼ିଥିବା ଖାଦ୍ୟ ଦ୍ରବ୍ୟର କଣାମାନ ।
3. Particles of food and the plate left after a meal.
(ଯଥା—କାଲି ରାତିର ଅଇଣ୍ଠା ସକାଳଯାକେ କେହି ଉଠାଇ ନାହିଁ ।)

ଅଇଣ୍ଠା ପୋଛିବାରେ କର୍ପାଁ ଅଛୁ ମାତ ।
କୃଷ୍ଣସିଂହ ମହାଭାରତ. ଦତ୍ତ

୪ । ପ୍ରାଦେ. (ଗଡ଼ଜାତ) ବି—
ରାଜାଙ୍କ ଅଇଣ୍ଠା ଉଠାଇବା ଭୃତ୍ୟ ।
4. A servant who sweeps the place where a Raja has taken his meals.

୫ । ଗ୍ରା. ବି. ପୁଂ ଓ ସ୍ତ୍ରୀ—
ଅପର୍ତ୍ତିଆଣି ପୁରୁଷ ଓ ସ୍ତ୍ରୀର ନାମ ବିଶେଷ ।
5. A name given to a male or female whose elders had died before he was born.

ଦେ. ବିଣ—
୧ । ଉଚ୍ଛିଷ୍ଟ, ଭୁକ୍ତାବଶିଷ୍ଟ (ଖାଦ୍ୟ) ।
1. (food) Left after a meal.
୨ । ପୂର୍ବରୁ ଅଂଶତଃ ଭୁକ୍ତ (ପଦାର୍ଥ) ।
2. (food) Of which a part has been eaten.
୩ । ଖାଇବା ପରେ ଖାଇବା ସ୍ଥାନରେ ପଡ଼ି ରହିଥିବା (**ଖାଦ୍ୟପାତ୍ର, ପତ୍ର ଓ ଖାଦ୍ୟର କଣା**) ।
3. ( plate or particle of food ) **Left at the** place where a person took **his meal.**

ଯାଚଲେ ନ ଖାଉ ଖଣ୍ଡ ଖାଜର,
ବୁଲି ଗୃହୁଥାଉ ଅଇଣ୍ଠା ପତର ।
ଢଗ ।

୪ । ତୁଣ୍ଡ ବା ପାଟିଦ୍ୱାରା ସ୍ପୃଷ୍ଟ ।
4. Touched by the mouth.
୫ । ଖାଇ ସାରିବା ପରେ ଧୁଆ ହୋଇ ନ ଥିବା (ମୁହଁ ବା ହାତ) ।
5. (mouth or hand) Unwashed after a meal.
୬ । ଯେଉଁ ଲୋକ ଖାଇବା ପରେ ମୁହଁ ହାତ ଧୋଇ ନ ଥାଏ ।
6. ( person ) Who has not washed his face and hands after meal.

ନରେନ୍ଦ୍ରେ ତୁମ୍ଭେ ଅଇଣ୍ଠା ହୋଇ ଆସିଅଛ,
ଏ କଥା ମନରେ ସୁମର ମୁନିବନ୍ତ ।
କୃଷ୍ଣସିଂହ ମହାଭାରତ. ଆଦ ।

୭ । ଉଚ୍ଛିଷ୍ଟ ଖାଦ୍ୟ କଣା ଯହିଁରେ ଲାଗିଥାଏ (ଯଥା, ବାସନ) ।
7. (plate) Having particles of orts still sticking to it.
୮ । (ଲକ୍ଷଣାର୍ଥ) —ଅନ୍ୟ ବ୍ୟକ୍ତିଦ୍ୱାରା ପୂର୍ବୋପଭୁକ୍ତ ।
8. Previously enjoyed by another person.

[ ଦ୍ର—ଅନ୍ନ, ଡାଲି, କ୍ଷୀର, ଖେଚଡ଼ି ଆଦି ଜଳପକ୍ୱ ଖାଦ୍ୟ ଦ୍ରବ୍ୟକୁ ସାଧାରଣତଃ ସଙ୍କୁଡ଼ି ବୋଲାଯାଏ ଓ ଘୃତପକ୍ୱ (ଯଥା—ପୁରୀ, ଘିଅପିଠା) ଓ ଶୁଷ୍କ (ଯଥା—ଉଖୁଡ଼ା, ଭୁଜା) ଖାଦ୍ୟକୁ ନସଙ୍କୁଡ଼ି ବୋଲାଯାଏ । ସଙ୍କୁଡ଼ି ହେଉ କି ନସଙ୍କୁଡ଼ି ହେଉ ପୂର୍ବଭୁକ୍ତ ବା ଉଚ୍ଛିଷ୍ଟକୁ ଅଇଣ୍ଠା ବୋଲାଯାଏ । ]

**ଅଇଣ୍ଠା ଅଣ୍ଡୋଳ**—ଦେ. ବିଣ. (ସଂ. ଉଚ୍ଛିଷ୍ଟ + ଆନ୍ଦୋଳନ)—
Ainṭhā aṇḍoḻa — ଅଇଣ୍ଠା ଲାଗିବା ଯୋଗୁ ଅପବିତ୍ର ।
Become impure owing to the touch of Ainṭhā.
(ଯଥା—ଏ ପିଲାଟା ଅଇଣ୍ଠା ଅଣ୍ଡୋଳ ହୋଇଛି)
ଦେ. ବି—ଅଇଣ୍ଠା କଇଣ୍ଠା (ଦେଖ)
Ainṭhā kainṭhā (see)

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଆଙ୍ଗୁଠି' ନ ପାଇଲେ 'ଆଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଇଣ୍ଠା ଇଣ୍ଡୋଳ**—ପ୍ରାଦେ. (ଗଡ଼ଜାତ) ବି—ଅଇଣ୍ଠା କଇଣ୍ଠା (ଦେଖ)
Ainthā indola — Ainthā kainthā (see)

**ଅଇଣ୍ଠା ଉଠାଇବା**—ଦେ. କ୍ରି—
Ainthā uthāiba — କୌଣସି ବ୍ୟକ୍ତି ଖାଇଥିବା ସ୍ଥାନରୁ ଅବଶିଷ୍ଟ ଓ ତ୍ୟକ୍ତ ଓ ଭୂମିପତିତ ଖାଦ୍ୟାଂଶ ଓ ପାତ୍ରକୁ ଉତ୍ତୋଳନ କରି ସେ ସ୍ଥାନ ପରିଷ୍କାର କରିବା ।
ଏଁଠୋ ତୋଲା
**जूठन उठाना**
To cleanse the spot after removing the remnants of a meal and the used plates.

**ଅଇଣ୍ଠା ଉଠିବା**—ଦେ. ବି—ଖାଇଥିବା ସ୍ଥାନରୁ ଅଇଣ୍ଠା ପତ୍ର ଆଦି ଉଠାଇ ନିଆଯିବା ।
Ainthā uthibā — (a place) Being cleansed after meal.
ଏଁଠୋ ଉଠା
**जूठन उठना**

**ଅଇଣ୍ଠା କଇଣ୍ଠା**—ଗ୍ରା. ବି—( ଅନର୍ଥକ ଦ୍ୱିତୀୟ ସହଚର )
Ainthā kainthā — ଉଚ୍ଛିଷ୍ଟ ଲାଗିଥିବା ସ୍ଥାନ ଓ ବାସନ ଆଦି ।
ଏଁଠୋ କାଁଟା Places and utensils smeared with orts.
ଗ୍ରା. ବିଣ.—ଉଚ୍ଛିଷ୍ଟ ଲାଗିଥିବା ( ବହୁବଚନ ) ।
(plural) Smeared with orts.

**ଅଇଣ୍ଠା କରିବା**—ଦେ. କ୍ରି—ପାତ୍ରରେ ଥିବା କୌଣସି ଖାଦ୍ୟ ଦ୍ରବ୍ୟର
Ainthā kariba — ଏକାଂଶକୁ ଖାଇବାଦ୍ୱାରା ପାତ୍ରସ୍ଥ ସମୁଦାୟ ପଦାର୍ଥକୁ ଉଚ୍ଛିଷ୍ଟରେ ପରିଣତ କରିବା ।
ଏଁଠୋ କରା
**जुठारना** To make the whole of the food in a plate impure by eating a part thereof.
[ ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ଜଣକଦ୍ୱାରା ଅଇଣ୍ଠା ହୋଇଥିବା ଖାଦ୍ୟ ଅପବିତ୍ର ଓ ଅନ୍ୟଦ୍ୱାରା ଅଖାଦ୍ୟ ।]

**ଅଇଣ୍ଠା ଖାଇବା**—ଦେ. କ୍ରି—
Ainthā khāiba — ୧ । ପରର ଉଚ୍ଛିଷ୍ଟ ଭୋଜନ କରିବା ।
ଏଁଠୋ ଖାଓଆ — 1. To eat the leavings of another person's dish.
**जूठा खाना**
୨ । ( ଗାଳିରେ ବ୍ୟବହୃତ ) ପରର ଆଶ୍ରିତ ହୋଇ ଭୋଜନ ମାରିବା ।
2. To depend on another for one's meal.
୩ । ( ଲକ୍ଷଣାର୍ଥ ) ପରର ଉପଭୁକ୍ତ ଦ୍ରବ୍ୟ ଭୋଗ କରିବା ।
3. To enjoy a thing previously enjoyed by another.
୪ । ( ଲକ୍ଷଣାର୍ଥ ) ଅନ୍ୟର ଉପଭୁକ୍ତା ସ୍ତ୍ରୀକୁ ସଙ୍ଗମ କରିବା ।
4. To have intercourse with a woman who has been cohabited by another.
୫ । ( ଲକ୍ଷଣାର୍ଥ, ଗାଳି ) କୌଣସି ଘୃଣ୍ୟ କର୍ମ ( ଯଥା—ଚୋରି, ପ୍ରତାରଣା ) କରିବା ।
5. To commit any hateful act.

**ଅଇଣ୍ଠାଖାଈ**—ଦେ. ବିଣ (ସ୍ତ୍ରୀ), (ଗାଳି)—ଅଇଣ୍ଠାଖିଆର ସ୍ତ୍ରୀଲିଙ୍ଗ ।
Ainthā khāī — Feminine of Ainthā khiā.
ଏଁଠୋ ଖାଗୀ
**जुठाखानेवाली**

ଅଇଣ୍ଠାଖାଈ କୁକୁରୀ ଆଉ ଖଣ୍ଡିଏ ଅଇଣ୍ଠା ପତ୍ର ସମ୍ମୁଖରେ ଦେଖିଲେ ପୂର୍ବ ପତ୍ର ଗୋଡ଼ରେ ଦଳି ଦେଇଯାଏ ।
ଫକୀର—ଛମାଣ ଆଠଗୁଣ୍ଠ ।

**ଅଇଣ୍ଠାଖିଆ**—ଦେ. ବି—୧ । ପରର ଉଚ୍ଛିଷ୍ଟ ଭୋଜନ ।
Ainthā khiā — 1. Act of eating the leavings of another's dish.
ଏଁଠୋ ଖାଓଆ
**जुठाखाना** — ୨ । ( ଲକ୍ଷଣାର୍ଥ ) କୌଣସି ଘୃଣିତ କର୍ମକରଣ ।
2. Doing of any hateful act.
ଦେ. ବିଣ. ପୁଂ. (ଗାଳି)—୧ । ପରର ଉଚ୍ଛିଷ୍ଟଭୋଜୀ ।
ଏଁଠୋ ଖେକୋ — 1. ( a person ) Who eats the leavings of another.
**जुठाखानेवाला, जुठिहारा**

ଅଇଣ୍ଠାଖିଆ କାକ ଗାଇଲି ବଗିର ।
ରହିଲି ସେ ସ୍ଥାନରେ ଦେହଶାନ୍ତି ମାରି ॥
କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ( ଗାଳି )—ପରଦ୍ୱାରା ପାଳିତ, ଅନ୍ନଦାସ, ପରାନ୍ନଭୋଜୀ ।
2. Toady; hanger on; depending on another for maintenance; slavishly dependent on another.
୩ । ( ଗାଳି ) ନିନ୍ଦିତ କର୍ମକାରୀ —3. Doing a hateful act.

**ଅଇଣ୍ଠା ଗୋଟାଇବା**—ଦେ. କ୍ରି—ଅଇଣ୍ଠା ଉଠାଇବା (ଦେଖ) ।
Ainthā gotāibā — Ainthā uthāibā (See .

**ଅଇଣ୍ଠାଚଟା**—ଦେ. ବି. ( ଗାଳି )—ଅଇଣ୍ଠାଖିଆ (ଦେଖ) ।
Ainthā chatā — Ainthā khiā ( See)
ଏଁଠୋଚାଟା
ଦେ. ବିଣ. ପୁଂ—ଅଇଣ୍ଠାଖିଆ (ଦେଖ)
Ainthā khiā ( See )

**ଅଇଣ୍ଠାଚଟେଇ**—ଦେ. ବିଣ. ସ୍ତ୍ରୀ. ( ଗାଳି )—ଅଇଣ୍ଠାଖାଈ ( ଦେଖ )
Ainthā chatei — Ainthā khāī ( See )
ଏଁଠୋଚାଟୀ

**ଅଇଣ୍ଠାଚଣ୍ଡ**—ଦେ. ବି. ପୁଂ. ( ପ୍ରାଚୀନ)—ପ୍ରେତ ବିଶେଷ । ଯେଉଁ ବ୍ୟକ୍ତି
Ainthā chanda — ଜୀବିତ ଅବସ୍ଥାରେ ପରର ଉଚ୍ଛିଷ୍ଟ ଓ ପର ଘରୁ ମାଗି କରି ଅନ୍ନ ଖାଇଥାଏ ତାହାର ପ୍ରେତ ।
ଏଁଠୋଚଣ୍ଡ
The ghost of a person who in his lifetime lived on the leavings of other persons' dishes. and ate cooked food from other people.

ହାଣ୍ଡିଆ, ଚଣ୍ଡାଳିଆ, ଅମ୍ବିକା, ଖାଙ୍ଗେରି
ଭାଲୁକା, ରାକ୍ଷସ, ଶଙ୍ଖାଳିଆ, କ୍ଷେତ୍ରପାଳୀ
ଏ ପିଶାଚମାନଙ୍କୁ ଅଇଣ୍ଠାଚଣ୍ଡ ବୋଲି ।
ସାରଳା ମହାଭାରତ. ଆଦି !

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଢ଼ଅ | ଦ୍ଧ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**ଅଇଣ୍ଠାଚଣ୍ଡୀ**—ଦେ. ବି. ସ୍ତ୍ରୀ—ଅଇଣ୍ଠାଚଣ୍ଡର ସ୍ତ୍ରୀଲିଙ୍ଗ।
Ainṭhā chaṇḍī — Feminine of Ainṭhāchaṇḍa.
एँठोचण्डी

**ଅଇଣ୍ଠା ଚାଟିବା**—ଦେ. କ୍ରି—( ଗାଳି ) ଅଇଣ୍ଠା ଖାଇବା ( ଦେଖ )
**Ainṭhā chāṭibā** — Ainṭhā khāibā (See)

**ଅଇଣ୍ଠାଜାଦୁ**—ଦେ. ବି.(ସଂ. ଉଚ୍ଛିଷ୍ଟ + ଦଦ୍ରୁ)—
Ainṭhā jādu — ଠଙ୍କା ପଇସା ଆକୃତିର ମଣ୍ଡା ମଣ୍ଡା କ୍ଷୁଦ୍ର ଦଦ୍ରୁ ରୋଗବିଶେଷ ।
एँठोदाद
A kind of ringworm appearing on the body in small circular rings.
[ ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଯେ, ଦେହର କୌଣସି ଅଂଶରେ ଅଇଣ୍ଠା ହାତ ଲଗାଇ ତାହା ନ ଧୋଇଲେ ଏ ଜାଦୁ ହୁଏ । ଅଇଣ୍ଠା ବାସନ ମଜା ଯାଉଥିବା ପାଉଁଶ କଳାକୁ ଅଇଣ୍ଠା-ଜାଦୁରେ ମର୍ଦ୍ଦାଇଲେ ତାହା ଭଲ ହେବାର ଦେଖାଯାଇଅଛି । ]

**ଅଇଣ୍ଠା ଦାଦୁ**—ଦେ. ବି.(ସଂ. ଉଚ୍ଛିଷ୍ଟ + ଦଦ୍ରୁ)—
Ainṭhā dādu — ଅଇଣ୍ଠା ଜାଦୁ (ଦେଖ)
Ainṭhā jādu (See)

**ଅଇଣ୍ଠା ପତର**—ଗ୍ରା. ବି—ଅଇଣ୍ଠା ପତ୍ର (ଦେଖ)
Ainṭhā patara. — Ainṭhā patra (See)

ଯାଚିଲେ ନ ଖାନ୍ତି ଖଣ୍ଡ ଶାକର,
ବୁଲି ଗୃହୁଥାନ୍ତି ଅଇଣ୍ଠା ପତର ।
ଉଗ ।

**ଅଇଣ୍ଠା ପତ୍ର**—ଦେ. ବି. (ସଂ. ଉଚ୍ଛିଷ୍ଟ + ପତ୍ର)—
Ainṭhā patra — ଯେଉଁ ପତ୍ର କୌଣସି ବ୍ୟକ୍ତି ଅନ୍ନାଦି ଭୋଜନ କରସାରି ଛାଡ଼ିଯାଇଥାଏ ।
एँठापोता
**जूठापत्ता** — The leaf (used for a plate) left by a person after finishing his meal which was served on it.

**ଅଇଣ୍ଠାପୋଛା**—ଦେ. ବି. (ସଂ. ଉଚ୍ଛିଷ୍ଟ + ପ୍ରୋଞ୍ଛନ)—
Ainṭhā pochhā — ଅଇଣ୍ଠା ପୋଛିବା କର୍ମ ।
एँठोपाछा
The cleansing of a place where one has taken his meal.

**ଅଇଣ୍ଠା ପୋଛିବା**—ଦେ. କ୍ରି. (ସଂ. ଉଚ୍ଛିଷ୍ଟ + ପ୍ରୋଞ୍ଛନ)—
Ainṭhā pochhibā — ଯେଉଁ ସ୍ଥାନରେ କେହି ବ୍ୟକ୍ତି ଭୋଜନ କରିଥାଏ, ସେ ସ୍ଥାନରୁ ଅଇଣ୍ଠା ପତ୍ର ବା ଅଇଣ୍ଠା ବାସନ ଉଠାଇ ନେଇ ସେ ସ୍ଥାନରେ ଖାଇଲା ବେଳେ ବୁଣି ଯାଇଥିବା ଅନ୍ନାଦିର କଣାମାନ ଗୋଟାଇ ନେବା ପରେ ସେ ସ୍ଥାନକୁ ଗୋବର, ମାଟି ଓ ପାଣିରେ ଲିପି ସଫା କରିବା ।
एँठोपोछा
**जूठा पोंछना**

To cleanse a place where a person has taken his meal by removing the plate or leaf, picking up the particles of food strewn on the ground and smearing it with cowdung, earth and water.

ଅଇଣ୍ଠା ପୋଛିବାରେ କର୍ପା ଅଛି ମାଠ ।
କୃଷ୍ଣସିଂହ ମହାଭାରତ- ବନ ।

**ଅଇଣ୍ଠା ବରତନ**—ଦେ. ବି. (ସଂ. ଉଚ୍ଛିଷ୍ଟ + ହି. ବରତନ)—
Ainṭhā baratana — ଯେଉଁ ଥାଳି ଆଦି ପାତ୍ରରେ କୌଣସି ବ୍ୟକ୍ତି ଅନ୍ନାଦି ଭୋଜନ କରିଥାଏ ।
एँठोबासन
**जूठा बरतन** — Utensil in which a person has taken his meal.

**ଅଇଣ୍ଠା ବର୍ତ୍ତନ**—ଦେ. ବି—ଅଇଣ୍ଠା ବରତନ (ଦେଖ)
Ainṭhā barttana — Ainṭhā baratana (See)

**ଅଇଣ୍ଠା ବାସନ**—ଦେ. ବି. (ସଂ. ଉଚ୍ଛିଷ୍ଟ + ଫା. ବାସନ)—
Ainṭhā bāsana — ଅଇଣ୍ଠା ବରତନ (ଦେଖ)
Ainṭhā baratana (See)

**ଅଇଣ୍ଠା ବୋଲିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଦେହରେ ବା କୌଣସି ସ୍ଥାନରେ ଅଇଣ୍ଠା ଭାତ ବା ଅଇଣ୍ଠା ହାତ ଲଗାଇବା ।
Ainṭhā bolibā
एँठोलागान
**जूठालगाना** — 1. To smear a place or a person's body with left off food or touch with unwashed hand.

୨ । (ଲକ୍ଷଣାର୍ଥ) ଅଠା ବୋଲିବା; କୌଣସି ବ୍ୟକ୍ତି ଉପରେ ମିଥ୍ୟାରେ କଳଙ୍କ ବା ଦୋଷ ଆରୋପ କରିବା ।

2. To scandalise a person; to falsely lay the blame for anything on a person.

**ଅଇଣ୍ଠା ଭାତ**—ଦେ. ବି. (ସଂ. ଉଚ୍ଛିଷ୍ଟ + ଭକ୍ତ)—
Ainṭhā bhāta

୧ । ଯେଉଁ ଭାତକୁ ଜଣେ ଖାଇବା ପରେ ପାତ୍ରରେ ଛାଡ଼ି ଯାଇଅଛି ।
1. Boiled rice left by a person on the plate.
୨ । ଯେଉଁ ଭାତକୁ ଖାଦକ ଖାଇବାକୁ ଆରମ୍ଭ କରିଛି ।
2. Boiled rice which an eater has already begun to eat.

ଭକ୍ଷ୍ୟ ଦ୍ରବ୍ୟମାନଙ୍କୁ ଅଯୋଗ୍ୟା ରଖିଲେ
ଅଇଣ୍ଠା ଭାତେ ଘିଅ ଢଳାଇ ଖାଇଲେ ।
କୃଷ୍ଣସିଂହ ମହାଭାରତ- ଦ୍ରୋଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳେ ବ୍ୟବହୃତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'ଭୂଅ' ନ ମିଳିଲେ 'କୂଅ' ଦେଖିବେ, 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଇଣ୍ଠା ମଇଣ୍ଠା**—ଗ୍ରା. ବ. (ଅନର୍ଥକ ଦ୍ୱିତ୍ୱସୂ ସହଚର)—
Ainthā mainthā — ଅଇଣ୍ଠା କଇଣ୍ଠା (ଦେଖ)
Ainthā kainthā (See)
ଗ୍ରା. ବଣ—ଅଇଣ୍ଠା କଇଣ୍ଠା (ଦେଖ)
Ainthā kainthā (See)

**ଅଇଣ୍ଠା ଲଗାଇବା**—ଦେ. କ୍ରି. (ସଂ. ଉଚ୍ଛିଷ୍ଟ + ଲଗ୍ ଧାତୁ)—
Ainthā lagāibā
ଏଁଠୋଲାଗାନ
**जूठालगाना**
୧ । ଅଇଣ୍ଠା ବୋଳିବା (ଦେଖ) ।
1 Ainthā bolibā (See)
୨ । ଅଇଣ୍ଠା ପୋଛିବା (ଦେଖ)
2. Ainthā pochhibā (See)

**ଅଇଣ୍ଠା ଲଗିବା**—ଦେ. ବ—
Ainthā lagibā
ଏଁଠୋଲାଗା
**जूठालगना**
୧ । ଭାତ ଖାଇ ସାରିବା ପରେ ମୁହଁ, ହାତ ବା ଦେହର କୌଣସି ଅଂଶ ବା ବସ୍ତ୍ରରେ ଅଇଣ୍ଠାର କଣା ଲଗ୍ନ ହୋଇଥିବା ଅବସ୍ଥା ।
1. Particles of food still clinging to the hand, face, body or cloth.
୨ । ବୃଥା କଳଙ୍କାରୋପ ।
2. Being scandalised,
୩ । ଅଇଣ୍ଠା ପୋଛା (ଦେଖ)
3. Ainthā pochhā (See)

**ଅଇଣ୍ଠା ହାତ**—ଦେ. ବ. (ସଂ. ଉଚ୍ଛିଷ୍ଟ + ହସ୍ତ; ମଧ୍ୟପଦଲୋପୀ; ଉଚ୍ଛିଷ୍ଟଲଗ୍ନ ହାତ )—
Ainthā hāta
ଏଁଠୋହାତ
**जुठाहाथ**
ଭାତ ଖାଇସାରିବା ପରେ ଧୁଆଧୋଇ ହୋଇ ନ ଥିବା ହାତ ।
Hand not yet washed after a meal.

ଅଇଣ୍ଠା ହାତରେ କୁଆକୁ ହୁରୁଡ଼ାନ୍ତି ନାହିଁ ।
ଭଗ ।

**ଅଇଣ୍ଠା ହାତରେ କୁଆ ନ ହୁରୁଡ଼ାଇବା**—ଦେ. ପ୍ରବଚନ. କ୍ରି.—
**जुठेहाथसे कुत्ता न मारना** — ( ଫଳତାର୍ଥ )ଅତି କୃପଣ ହେବା ।
To be very miserly.
(ଯଥା—ସେ ପର ଅଇଣ୍ଠା ହାତରେ କୁଆକୁ ହୁରୁଡ଼ାଏ ନାହିଁ ।)
[ ଅଇଣ୍ଠା ହାତରେ ଯେଉଁ କ୍ଷୁଦ୍ର ଅନ୍ନକଣା ଲାଗିଥାଏ, କୁଆକୁ ହୁରୁଡ଼ାଇଲେ କାଳେ ସେ କଣା ଅଙ୍ଗଚାଳନା ଯୋଗୁଁ ଖସିପଡ଼ି ଲୋକସାନ ହେବ, ଏହି ଭୟରେ କୁଆକୁ ନ ହୁରୁଡ଼ାଇବା ବ୍ୟକ୍ତିର କୃପଣତା ସୂଚନା ।]

**ଅଇଣ୍ଠା ହେବା**—ଦେ. କ୍ରି—୧ । (କୌଣସି ବ୍ୟକ୍ତି ) ଭୋଜନ କରି ମୁହଁ ହାତ ନ ଧୋଇବା ଯୋଗୁଁ ତାର ମୁହଁ ହାତ ଆଦିରେ ଖାଦ୍ୟର ଅଂଶମାନ ଲାଗି ରହିଥିବା ।
Ainthā hebā
ଏଁଠୋ ହଓ୍ୱା
**जुठाहोना**
1. ( a person ) To have particles of food clinging to the mouth and hand owing to his not having washed them after eating.
୨ । ( କୌଣସି ପାତ୍ରସ୍ଥ ଖାଦ୍ୟ ) ଅଂଶତଃ କୌଣସି ବ୍ୟକ୍ତିଦ୍ୱାରା ଉପଭୁକ୍ତ ହେବା ଯୋଗୁଁ ଉଚ୍ଛିଷ୍ଟରେ ପରିଣତ ହେବା ।
2. ( food in a plate ) To have been partly eaten.
୩ । ( କୌଣସି ଭୋଜନ-ପାତ୍ର ) ଖାଇବାପାଇଁ ବ୍ୟବହୃତ ହୋଇ ଧୁଆ ହୋଇ ନ ଥିବା ।
3. ( utensil ) To have been used as a plate during meal and still unwashed.
୪ । ( କୌଣସି ବ୍ୟକ୍ତି ) ନାମ ମାତ୍ର ଭୋଜନ କରିବା, ଖାଇବାକୁ ଆରମ୍ଭ କରି ସାମାନ୍ୟ କିଛି ଖାଇ ଉଠି ଆସିବା ।
4. To nominally sit at the meal; to touch or taste the food served and then to leave the meal.

ଭାତ କଣ୍ଠରେ ବସିଲେ ତ କାହିଁ ହୋଇବେ କି ମାନ ଅଇଣ୍ଠା ହୋଇ ଉଠିଯାନ୍ତି ।
ରାମଶଙ୍କର. ବଣମୋଦକ ୪୨ ।

**ଅଇଣ୍ଡି**—ଦେ. ବ—ପୁଂ ଓ ସ୍ତ୍ରୀ—( ସଂ. ଅଣ୍ଡ, ଏ ରୋଗଗ୍ରସ୍ତ ଶିଶୁମାନଙ୍କର ପେଟ ଅଣ୍ଡାକାର ହୋଇ ବାହାରି ପଡ଼ୁଥିବା ଯୋଗୁଁ )
Aindi
ଏଁଡ୍ରୋ, ଏଁଡ୍ରେ
୧ । ଏକ ମାତା ଗର୍ଭଜାତ ସ୍ତନ୍ୟ ତ୍ୟାଗ କରି ନ ଥିବା ଶିଶୁ ଓ ଏହି ଅବସ୍ଥାରେ ଜାତ ପରବର୍ତ୍ତୀ ଶିଶୁ ।
1. Two children born shortly one after the other before the first child is weaned.
୨ । ଶିଶୁ ସ୍ତନ୍ୟ ତ୍ୟାଗ କରି ନ ଥିବା ଅବସ୍ଥାରେ ପୁଣି ମାତାର ଗର୍ଭାଧାନ ।
2. Pregnancy of the mother before a child is weaned.

**ଅଇଣ୍ଡିଆ**—ଦେ. ବ. (ସଂ. ଅଣ୍ଡ, ଏ ରୋଗଗ୍ରସ୍ତ ଶିଶୁର ପେଟ ଅଣ୍ଡାକାର ହୋଇ ବାହାରି ପଡ଼ୁଥିବାରୁ; ଏଥିର ସଂ. ନାମ ପରିଗର୍ଭିକ )—ବାଳରୋଗ ବିଶେଷ; ଗର୍ଭିଣୀ ମାତାର ଦୂଷିତ ସ୍ତନ୍ୟ ପାନ କରିବାଯୋଗୁଁ ଶିଶୁର ଅଜୀର୍ଣ୍ଣ ଝାଡ଼ା ଓ ଦୁର୍ବଳତା ।
Aindiā
ଏଁଡ୍ରୋ, ଏଁଡ୍ରେ
Infantile diarrhoea due to suckling the breast of a pregnant mother.
[ ଦ୍ର—ପ୍ରଥମ ଶିଶୁ ମାତୃସ୍ତନ୍ୟପାନ ଛାଡ଼ି ନ ଥିବା ଅବସ୍ଥାରେ ମାତାର ଗର୍ଭ ହେଲେ ଶିଶୁ ଶୀର୍ଣ୍ଣ ହୁଏ ଓ ତା ପେଟଟି ବଡ଼ ଦେଖାଯାଏ ]
ଦେ. ବଣ—ପୁଂ ଓ ସ୍ତ୍ରୀ—ଅଇଣ୍ଡିଆ ରୋଗଗ୍ରସ୍ତ ( ଶିଶୁ ) ।
(a pregnant mother's first child) Suffering from infantile diarrhoea.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ରୁ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ତ |

( ଡାକ୍ତ ) **ଅଇଣ୍ଡିଆ ଧରବା**—ଦେ. ବି—ଗର୍ଭବତୀ ମାତାର ଦୂଷିତ ସ୍ତନ୍ୟ
Aiṇḍiā dharibā ପାନ କରୁଥିବା ଯୋଗୁଁ ( ଶିଶୁଙ୍କୁ )
এঁড়ো লাগা,
এঁড়োলাগা
ଅଇଣ୍ଡିଆ ରୋଗ ଆକ୍ରମଣ କରିବା ।
An attack of infantile diarrhoea due to suckling a pregnant mother's breast.

(ଡାକ୍ତ) **ଅଇଣ୍ଡିଆ ବାନ୍ଧିବା**—ଦେ. ବି—ଅଇଣ୍ଡିଆ ଧରବା (ଦେଖ)
Aiṇḍiā bāḍhibā Aiṇḍiā dharibā (See)

(ଡାକ୍ତ) **ଅଇଣ୍ଡିଆ ଲାଗିବା**—ଦେ. ବି—ଅଇଣ୍ଡିଆ ଧରବା (ଦେଖ)
Aiṇḍiā lāgibā Aiṇḍiā dharibā (See)

**ଅଇଦ୍ରିଶି**—ଦେ. (ପ୍ରାଚୀନ). ବିଣ—ଅଇରଶି (ଦେଖ) ।
Aidriśi Airaśi (See)

**ଅଇନ୍**—ପ୍ରାଦେ. (ସମ୍ବଲପୁର). ବିଣ—ଅଏନ୍ (ଦେଖ)
Ain Aen (See)

**ଅଇନ୍ କୋଟ୍**—ବୈଦେ. ବି—ଆନିକଟ୍ (ଦେଖ) ।
Ainkoṭ Ānikaṭ (See)

**ଅଇନକ୍**—ପ୍ରାଦେ. ( ମେଦିନୀପୁର ). ବି. (ଆ. ଐନକ୍ )—ଚଷମା ।
Ainak. Spectacles.
(ଭୁଲ:—ହି. ଐନକ; ଆ. ଆୟନା)

**ଅଇନଗଦ୍**—ଗ୍ରା. ଅ—( ସଂ. ଏତଦ୍ + ଆ. ନକଦ୍ ହି. ନଗଦ୍ = ବର୍ତ୍ତମାନ ଦେୟ ଧନ)—୧ । ଏହିକ୍ଷଣି, ବର୍ତ୍ତମାନ ।
Ainagad
এইনাগাৎ 1. Just now, immediately.
**হুস্‌ঘড়ি** ୨ । ଅତି ସତ୍ୱର—2. Very soon.

**ଅଇନଗଦି**—ଗ୍ରା. ଅ—ଅଇନଗଦ୍ (ଦେଖ)—Ainagad (See)
Ainagadi

**ଅଇନା**— ବୈଦେ. ବି—(ଆ. ଐନା)—୧ । ଆଇନା, ଦର୍ପଣ, ଆରସି ।
Ainā 1. Mirror; looking glass.
আয়না ୨ । କାଚ—2. Glass.
**आइना**

**ଅଇନା ଆଲମାରି**— ବୈଦେ. ବି—(ଆ. ଐନା + ହି. ଆଲମାରି)—
Ainā ālamāri କାଚ ବା ଦର୍ପଣ ଫଲକ ଥିବା ଆଲମାରି ।
আয়না আলমারি Glass almirah.
**आइना आलमारि**

**ଅଇନା କବାଟ**—ଦେ. ବି—(ଆ. ଐନା + ସଂ. କପାଟ)—
Ainā kabāṭa ଦର୍ପଣ ବା କାଚ ଫଲକଯୁକ୍ତ କବାଟ ।
আয়না দোর Glass door.
**आइना दरवाजा**

**ଅଇନା ଦୁଆର**—ଦେ. ବି—(ଆ. ଐନା + ସଂ. ଦ୍ୱାର)—
Ainā duāra ଅଇନା କବାଟ (ଦେଖ)
Ainā kabāṭa (See)

**ଅଇନା ବାଡ଼**—ଦେ. ବି—(ଆ. ଐନା + ସଂ. ବାଟ)—
Ainā bāṛa
୧ । ଦର୍ପଣ ଫଲକଯୁକ୍ତ କାନ୍ଥ ।
আয়না দেয়াল 1. Wall made of mirror.
**आइना दिवार** ୨ । କାଚର ବାଡ଼—2. Wall of glass.

**ଅଇନି**—ବୈଦେ. ବି—( ପା. ଆଇନ )
Aini
আইন
**आइन्** ୧ । ଆଇନ୍ ( ଦେଖ )—1. Āin (See).
୨ । ହାଟ, ହୁଜୁର—2. Sport; jest.
୩ । ପେଖନା, ଛଳ—3. Feigning; excuse.
୪ । ବୃଥା ଆପତ୍ତି—4. Frivolous objection.
୫ । ବୃଥା ଜିଦ—5. Baseless importunity.
୬ । ଜଗର, ଜିଦ—6. Importunity.
୭ । ହୁକୁମ—7. Order.
ପ୍ରାଦେ. ବିଣ—( ସମ୍ବଲପୁର ) ଅଏନ୍ ( ଦେଖ )
Aen (See)

**ଅଇନି କରବା**—ଦେ. କ୍ରି—
Aini Karibā ୧ । ହାଟ କରବା, ହୁଜୁର କରବା—
আএন দেখান 1. To make jest.
আইন বেরকরা ୨ । ପେଖନା କରବା—2. To feign.
**आइन दिखाना** ୩ । ଏକ ଜିଦ କରବା —3. To importune.
**आइन निकालना** ୪ । ବୃଥା ଆପତ୍ତି କରବା—4. To raise frivolous objection

**ଅଇନି କାଢ଼ିବା**—ଦେ. କ୍ରି—
Aini Kāṛhibā ୧ । ଆଇନି କରବା ( ଦେଖ )
1. Āini karibā (See)
୨ । ଅଇନି ବତାଇବା (ଦେଖ)—2. Aini bataibā (See)

**ଅଇନିକୋଟ୍**—ବୈଦେ. ବି—ଆନିକଟ୍ ( ଦେଖ )
Ainikoṭ Ānikaṭ (See)

**ଅଇନି ଧରବା**—ଦେ. କ୍ରି—ଅଇନି କରବା ( ଦେଖ )
Aini dharibā Aini karibā (See)

**ଅଇନି ବତାଇବା**—ଦେ. କ୍ରି—୧ । ଅନ୍ୟାୟରୂପେ କୌଣସି କଥା କହିବା ।
Aini bataibā 1. To speak wrongly.
আইন দেখান ୨ । ପ୍ରୌଢ଼ି କରବା ।
**आइन बतलाना** 2. To brag; to boast.

**ଅଇନିବାଜ୍**—ବୈଦେ. ବିଣ—( ପା. ଆଇନ + ପା. ପ୍ରତ୍ୟୟ ବାଜ୍ ).
Ainibāj ୧ । ଜଗରିଆ, ଏକଜିଦିଆ, ଏକଗୁଆଁ ।
আইনবাজ 1. Wilful; obstinate.
**आइनबाज** ୨ । (ବ୍ୟଙ୍ଗ୍ୟ) ଆଇନ୍‌ବାଜ୍ (ଦେଖ)
2. Āinbāj (See)
୩ । ମାମଲାବାଜ୍—3. Litigious.

**ଅଇନି ବାହାର କରବା**—ଦେ. କ୍ରି—ଆଇନ କାଢ଼ିବା (ଦେଖ) ।
Aini bāhāra karibā Āin kāṛhibā (See).

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଇନ୍ଦ୍ର**—ଦେ. ବଣ—( ପ୍ରାଚୀନ ପଦ୍ୟ. ଐ ସ୍ଥାନରେ ଅଇ ପ୍ରୟୋଗ )
**Aindra**
( ସଂ. ଐନ୍ଦ୍ର ) ଇନ୍ଦ୍ର ସମ୍ବନ୍ଧୀୟ—
Relating to God Indra.

ଆଗ୍ନେୟ ବାୟବ୍ୟ ଅଇନ୍ଦ୍ର ବାରୁଣ ।
ଅସ୍ତ୍ରେ ପୁଣି ଅର୍ଜୁନ କଲେ ନିବାରଣ ।
କୃଷ୍ଣସିଂହ-ମହାଭାରତ. ବିରାଟ ।

**ଅଇବ୍**—ବୈଦେ. ବି—( ଆ. ଆଯ୍ୟେବ୍ )—
**Aib** ଘୋଡ଼ା ଆଦି ପଶୁଙ୍କଠାରେ ଲକ୍ଷିତ କୌଣସି ଦୁର୍ଗୁଣ ବା ଦୁର୍ଲକ୍ଷଣ ।
আএব
**आयैब**
Any vice or defect found in a horse or other beast.

**ଅଇବୀ**—ବୈଦେ. ବିଣ—(ଆ. ଆଯ୍ୟେବୀ)—
**Aibī** ଦୁର୍ଗୁଣ ବା ଦୁର୍ଲକ୍ଷଣ ଯୁକ୍ତ (ଅଶ୍ୱାଦି) ।
আএবী
**आयैबी**
Vicious or defective (horse or other beast).

**ଅଇବ୍ରତ**—ଗ୍ରା. (ପ୍ରାଚୀନ) ସଂଖ୍ୟାବାଚକ. ବି—(ସଂ. ଅୟୁତ)—
**Aibrata** ଅୟୁତ, ଦଶ ହଜାର ।
অযুত
**अयुत**
Ten thousand.

ଆଦ୍ୟରୁ ଯେ ଦଶ, ଦଶରୁ ଯେ ଶତେ
ଶତରୁ ସହସ୍ର କରି ଲେଖିଲୁଁ ଅୟୁତେ
ଅଇବ୍ରତରୁ ଯେ ଲକ୍ଷେ, ଲକ୍ଷୁଁ ନିୟୁତନ୍ତି ।
ପୀତାମ୍ବର. ନୃସିଂହ ପୁରାଣ ।

ଗ୍ରା. ବିଣ—୧ । ଅୟୁତ ସଂଖ୍ୟକ ।
1. Numbering ten thousand.
୨ । ଅସଂଖ୍ୟ—2. Countless.

**ଅଇରଶି**—ଦେ. ବିଣ—(ସଂ. ଅରି + ବୃଶ)—୧ । ଶତ୍ରୁଭାବାପନ୍ନ ।
**Airasi** 1. Inimical.
রেষারেষি ୨ । ବିରୋଧୀ—2. Opposing.
অইরষি
**दुषमन**
**लाग**

କଂସ ଅଷ୍ଟ ମଲ୍ଲ ଆଉ ପୂତନା ଯେ ଜାଣି ।
ତାହା ସଙ୍ଗେ ତୁମ୍ଭେ ଏବେ ହେଲ ଅଇରଶି ॥
ସାରଳା, ମହାଭାରତ. ଉଦ୍ଯୋଗ ।

ଦେ. ବି—୧ । ଶତ୍ରୁତା—1. Enmity.
୨ । ଅହିତ୍ୟା—2. Grudge.
୩ । ଈର୍ଷା—3. Malice.

**ଅଇରା**—ପ୍ରାଦେ. (ସମ୍ବଲପୁର). ବି—
**Airā** ହାଣ୍ଡି, ମାଠିଆ ଆଦି ଅଗାଣ୍ଡିଆ ପାତ୍ରକୁ ଭୂମିରେ ଅଟଳ ଭାବରେ ରଖିବାପାଇଁ କୁଟା, କଦଳୀ ପଟୁକା ଆଦି ନିର୍ମିତ ଶୂନ୍ୟମଧ୍ୟ ଗୋଲାକାର ଗଦି, ମଲା ।
বিড়া, চিমলা
**गर्द**
A soft circular cushion used for placing unstable pots on the ground.

**ଅଇରାବତ**—ଦେ. ବି—(ପଦ୍ୟ) (ସଂ. ଐରାବତ)—
**Airābata** ୧ । ଐରାବତ(ଦେଖ)—1. Airābata (See)

ଅଇରାବତ ଏହିଠାରୁ ପାଣି ନେଇ ।
ଇନ୍ଦ୍ରଙ୍କୁ ଦେଲେ ବୃଷ୍ଟି କରନ୍ତି ସେହି ।
କୃଷ୍ଣସିଂହ ମହାଭାରତ. ଉଦ୍ଯୋଗ ।

୨ । ନାରଙ୍ଗ (ଦେଖ)—2. Nāranga (See)

ଭୁତ ଅଇରାବତ ପ୍ରାପ୍ତେ ଯେବେ ।
କହି ନାହିଁ ବଚନ କଉଁ ଭାବେ ॥
ଦୀନକୃଷ୍ଣ, ରସକଲ୍ଲୋଳ ।

**ଅଇରି**—ଦେ. ବି—
**Airi** ୧ । ( ସଂ. ଅରି) ଶତ୍ରୁ—1. Enemy, foe.
অরি

ଯେ ରୁଦ୍ର ସର୍ବ ଆତ୍ମା ହୋଇ ।
ଅଇରି ମିତ୍ର ଯାର ନାହିଁ ॥
ଜଗନ୍ନାଥ—ଭାଗବତ, ୪ର୍ଥ ।

୨ । ( ସଂ. ଆଭୀର)—ଅଇରି ଗଉଡୁଣୀ (ଦେଖ)
2. Airi gaurḍunī (See),

**ଅଇରି ଖପରା ବଇରି ବା**—ଦେ. ବି—(ବିଶିଷ୍ଟ ବାକ୍ୟ)—
**Airi khaparā bairi bā** ଅତ୍ୟନ୍ତ ନିର୍ଦ୍ଧନ ଓ ଅଭାବଗ୍ରସ୍ତ ଅବସ୍ଥା ।
State of poverty and want.
[ ଦ୍ର—ଯାହାର ନିର୍ଦ୍ଧନତା ବା ଅଭାବ ଯୋଗୁଁ ଘରେ ପ୍ରତିଦିନ ଚୁଲି ଜଳେ ନାହିଁ ଓ ଘରେ ଧାତୁପାତ୍ର ଖଣ୍ଡିଏ ନ ଥାଏ, ଲୋକେ କହନ୍ତି, "ତାର ଅଇରି ଖପରା ବଇରି ବା ହେଲାଣି" ।]

**ଅଇରି ଗଉଡ଼**—ଦେ. ବି. ପୁଂ. ( ସଂ. ଆଭୀର + ଗୋପାଳ )—
**Airi gaurḍa** ୧ । ଶୂଦ୍ରଜାତୀୟ ଯାଯାବର ନଟବିଶେଷ । ଏ ଜାତିର ପୁରୁଷମାନେ ନାନାପ୍ରକାର କୁହୁକ ଓ ମଲ୍ଲକ୍ରୀଡ଼ା ଦେଖାନ୍ତି ଓ ସ୍ତ୍ରୀମାନେ ଭୂମିରେ ପୋତା ହେବା ବାଉଁଶ ଉପରେ ନାନାବିଧ କସରତ୍ ଦେଖାନ୍ତି ।
আহির গোয়ালা
**अहीर**
1. A caste of vagrant athletes who exhibit feats of magic and athletic feats and whose women perform wonderful feats on the top of bamboos.
আহির
**अहिर**
୨ । ଗଉଡ଼ମାନଙ୍କର ଉପଜାତି ବିଶେଷ ।
2. A subcaste of cowherds.

**ଅଇରି ଗଉଡୁଣୀ**—ଦେ. ବି. ସ୍ତ୍ରୀ—ଅଇରି ଗଉଡ଼ଜାତୀୟା ସ୍ତ୍ରୀ ।
**Airi gaurḍuṇī** (ଗଡ଼ଜାତରେ ଏମାନଙ୍କୁ ବାଉଁଶରାଣୀ କହନ୍ତି) ।
আহির গোয়ালিনী A female of the Airi gaurḍa caste.

**ଅଇରିତା**—ଦେ. ବି. (ସଂ. ଅରି)—
**Airitā** ୧ । ବୈର, ଶତ୍ରୁତା—1. Enmity.
শত্রুতা ୨ । ଦ୍ୱେଷ, ଅହିତ୍ୟା—2. Grudge.
**लाग**

**ଅଇରିତା ନେବା**—ଦେ. କ୍ରି—୧ । ସୁଯୋଗ ପାଇ ଶତ୍ରୁତା ସାଧନ କରିବା ।
**Airitā nebā** 1. To injure an enemy on finding a proper opportunity.
শত্রুতা সাধা

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ୍ | ଉ୍ଅ | ଛ |
| ୨ | ଈ | ଊ | ଋୂ | ଌୂ | ଐ | ଆକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ● | ନ୍ତ |

**बदलालेना** ୨ । ଅକସ ସାଧିବା—2. To feed fat a grudge.
୩ । ପ୍ରତିହିଂସା ନେବା—3. To take revenge.

**ଅଇରତା ସାଧିବା**—ଦେ. କ୍ରି— ଅଇରତା ନେବା ( ଦେଖ )
**Airitā sādhibā** Airitā nebā (See)

**ଅଇରୁତା**—ଗ୍ରା. ବି—ଅଇରତା ( ଦେଖ )
**Airutā** Airitā (See)

**ଅଇଲ୍**—ବୈଦେ. ( ଗଞ୍ଜାମ ). ବି. ( ଇଂ. Oil ଅଇଲ୍ )—
**Ail** ତେଲ—Oil.

**ଅଇଲା**—ଦେ. ବିଣ. ( ସଂ. ଆ + ଇ ଧାତୁ )—
**Ailā** ୧। ଆସିଥିବା (ବ୍ୟକ୍ତି )— 1. (one) Who has come.
এল ୨ । ଆସୁଥିବା—2. Coming.
**आया** ଦେ. କ୍ରି—ଆସିବା ଧାତୁର ଅତୀତ କାଳ ।
(ଅନାଦରାର୍ଥକ ତୃତୀୟ ପୁରୁଷ ଏକବଚନ ସେ )
ଆସିଲାର ବିକଳ୍ପରୂପ ।
A form of (he) came.
[ ଦ୍ର—ଆସିବା କ୍ରିୟାର ଅତୀତ କାଳରେ ( ଆଦରାର୍ଥକ ସେ ) ଆସିଲେ ଓ ( ଅନାଦରାର୍ଥକ ସେ ) ଆସିଲା, ( ତୁ ) ଆସିଲୁ, ( ତୁମ୍ଭେ ) ଆସିଲ, ( ମୁଁ ) ଆସିଲି, ( ଆମ୍ଭେ ) ଆସିଲୁଁ ଇତ୍ୟାଦି ସ୍ଥାନରେ ବିକଳ୍ପରେ ଯଥାକ୍ରମେ ଅଇଲେ ବା ଆଇଲେ, ଅଇଲା ବା ଆଇଲା, ଅଇଲୁ ବା ଆଇଲୁ, ଅଇଲ ବା ଆଇଲି, ଅଇଲୁଁ ବା ଆଇଲୁଁ ଆଦି ମାନ ହୁଏ । ]

**ଅଇଲା ଗଲା**—ଦେ. ବିଣ—( ବିପରୀତାର୍ଥକ ଶବ୍ଦଚୟ )
**Ailā galā**
**आसता जाता**
**आनाजाना**
୧ । କୌଣସି ସ୍ଥାନକୁ ଆସିଥିବା ଓ ସେ ସ୍ଥାନରୁ ଯାଇଥିବା ( ବ୍ୟକ୍ତିମାନେ ) ।
1. ( persons ) Come to and gone from any place.
୨ । କୌଣସି ସ୍ଥାନକୁ ଆସୁଥିବା ଓ ସେ ସ୍ଥାନରୁ ଯାଉଥିବା ( ବ୍ୟକ୍ତିମାନେ ) ।
2. (persons) Coming to and going from any place.
ଦେ. ବି. ( ବହୁବଚନ )—
୧ । କୌଣସି ସ୍ଥାନକୁ ଆସୁଥିବା ଓ ସେ ସ୍ଥାନରୁ ଯାଉଥିବା ବ୍ୟକ୍ତିମାନେ ।
1. Persons coming to and going from any place.
୨ । କୌଣସି ଉପଲକ୍ଷରେ ଉପସ୍ଥିତ ଆଗନ୍ତୁକ ବ୍ୟକ୍ତିଗଣ, ଅତିଥିଗଣ—2. Guests.
( ଯଥା— ଯୁଧିଷ୍ଠିରଙ୍କ ଯାଗରେ ଅଇଲାଗଲାଙ୍କ ତର୍ଚ୍ଚାର ଭାର ଦୁଃଶାସନଙ୍କଠାରେ ନ୍ୟସ୍ତ ଥିଲା । )
୩ । ଆସିବା ଓ ଯିବା—3. Coming & going
୪ । ଜନ୍ମ ଓ ମରଣ ( ଇହ ସଂସାରକୁ ଆସିବା ଓ ସଂସାରରୁ ଯିବା)
4. Birth & death.
( ଯଥା—ଏ ସଂସାରରେ ଚିରକାଳ ଅଇଲାଗଲା ଲାଗିଛି । )

**ଅଇଶାଣ**—ଗ୍ରା. ଓ ପ୍ରାଚୀନ. ବି. (ସଂ. ଐଶାନୀ)—
**Aisāṇa** ଐଶାନୀ ( ଦେଖ )
**ঈশান** Aisānī ( See )

**ଅଇଶାନ**—ଗ୍ରା. ବି—ଐଶାନୀ ( ଦେଖ )
**Aisāna** Aisānī ( See )

**ଅଇଶାନ୍ୟ**—ଗ୍ରା. ବି—ଐଶାନୀ ( ଦେଖ )
**Aisānya** Aisānī (See)

**ଅଇଶୁର୍ଯ୍ୟ**—ଗ୍ରା. ବି. ( ସଂ. ଐଶ୍ୱର୍ଯ୍ୟ )— ଐଶ୍ୱର୍ଯ୍ୟ ( ଦେଖ )
**Aisurjya** Aiswarjya (See)
ଏ ନିତ୍ୟ ଅଇଶୁର୍ଯ୍ୟ ସୁଖ
ଏଠାରେ ନାହିଁ ଶୋକ ଦୁଃଖ । ଭୂପତି- ପ୍ରେମପଞ୍ଚାମୃତ ।

**ଅଇଶ୍ୱର୍ଯ୍ୟ**—ଗ୍ରା. ବି.( ସଂ. ଐଶ୍ୱର୍ଯ୍ୟ )—ଐଶ୍ୱର୍ଯ୍ୟ ( ଦେଖ )
**Aiswarjya** Aiswarjya (See)

**ଅଇସୁଲକ୍ଷଣୀ**—ଗ୍ରା. ବିଣ. ସ୍ତ୍ରୀ—( ସଂ. ଐଶ୍ୱର୍ଯ୍ୟ + ଲକ୍ଷ୍ମୀ; ଭୁଲ —ସଂ.
**Aisulakshaṇī** ଅୟି ! ସୁଲକ୍ଷଣା ଭବ = ହେ ! ତୁମ୍ଭେ ସୁଲକ୍ଷଣୀ ହୁଅ )
**सुलक्षणी, अइसुलक्षणी**
୧ । ଐଶ୍ୱର୍ଯ୍ୟଶାଳିନୀ—1. Prosperous.
୨ । ସୌଭାଗ୍ୟବତୀ, ସୁଭଗା, ଯେଉଁ ସ୍ତ୍ରୀ ପତିପୁତ୍ରଯୁକ୍ତା ହୋଇ ସୁଖରେ ରହେ ।
2. ( a woman ) Who is happy with her husband and sons living.
[ ଦ୍ର—ଗୁରୁଜନମାନେ ବାଳିକା ଓ ଅଢ଼ା ସ୍ତ୍ରୀମାନଙ୍କୁ ଆଶୀର୍ବାଦ କରନ୍ତି 'ଅଇସୁଲକ୍ଷଣୀ ହୋ' ।]
ଗ୍ରା. ବି—( ସ୍ତ୍ରୀ ପକ୍ଷରେ ) ସୌଭାଗ୍ୟ,ପତିପୁତ୍ରଯୁକ୍ତ ଅବସ୍ଥା ।
(in the case of a woman) State of happiness in having one's husband and children living.
ତୋର କର୍ମେ ଅଇସୁଲକ୍ଷଣୀ ସର୍ବଦାଏ
ସାରଳା, ମହାଭାରତ, ବନ ।

**ଅଇସୁଲଖଣୀ**—ଗ୍ରା. ବିଣ. ସ୍ତ୍ରୀ—ଅଇସୁଲକ୍ଷଣୀ ( ଦେଖ )
**Aisulakhaṇī** Aisulakshaṇī (See)

**ଅଇସୁଲେଖିଣୀ**—ଗ୍ରା. ବିଣ. ସ୍ତ୍ରୀ—ଅଇସୁଲକ୍ଷଣୀ ( ଦେଖ )
**Aisulekhiṇī** Aisulakshaṇī (See)

**ଅଉଁଠି**—ପ୍ରାଦେ. (ଲଉଆ). ବି—(ସଂ. ଅଙ୍ଗୁଳି)—ଆଙ୍ଗୁଠି ।
**Auṅṭhi** Finger.

**ଅଉଁଳା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଆମଳକ)—ଅଁଳା ( ଦେଖ )
**Auṅlā** Aaṅlā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଉଁଶ**—ଗ୍ରା. ବି—(ସଂ. ଅଂଶ)—ଅଂଶ (ଦେଖ)
Auñśa Aṁśa See)
অংশ
अंश

**ଅଉଁଶ ବଉଁଶ**—ଗ୍ରା. ବି—( ସହଚର; ସଂ. ଅଂଶ + ବଂଶ )—
Auñśa bauñśa ଅଂଶ ବଂଶ ( ଦେଖ )
Aṁśa baṁśa (See)

**ଅଉଁଶା**—ପ୍ରାଦେ. (ସମ୍ବଲପୁର) ବି—ଅଉଶା (ଦେଖ)— Auśā (See)
Auñśā

**ଅଉଚ୍**—ଗ୍ରା. ବି—ଅଚ୍ ( ଦେଖ )—Achā (See)
Auchā

**ଅଉଡା**—ପ୍ରାଦେ. (ଯାଜପୁର). ବି—ଦିବସର ଅର୍ଦ୍ଧଭାଗ, ଓଳ ।
Auṭā Half of the day.
বেলা ( ଯଥା—ସକାଳ ଅଉଡା । )

**ଅଉରତ୍**—ବୈଦେ. ବି. ( ଆ. ଔରତ୍, ଅଉରତ୍ ) ୧ । ସ୍ତ୍ରୀ, ଭାର୍ଯ୍ୟା ।
Aurat 1. Wife.
অউরত্, আউরত্ ୨ । ସ୍ତ୍ରୀ ବ୍ୟକ୍ତି, ନାରୀ—2. Woman.
आउरत

**ଅଉରସ**—ଦେ. ବିଣ. (ସଂ. ଔରସ)—
Aurasa ୧ । ଧର୍ମପତି ଓ ଧର୍ମପତ୍ନୀ ସଙ୍ଗମରୁ ଉତ୍ପନ୍ନ (ସନ୍ତାନ) ।
অউরস 1. ( Child ) Born of lawful marriage;
अउरस legitimate.

ଅଉରସ ପୁଅକୁ ରଖିବା ପରାୟେ
ଦୁଃଖବନ୍ତ ଦ୍ୱିଜକୁ ପାଳିବଟି ରାୟେ ।
କୃଷ୍ଣସିଂହ ମହାଭାରତ. ଶାନ୍ତି ।

୨ । କୌଣସି ପୁରୁଷର ବୀର୍ଯ୍ୟରେ କୌଣସି ସ୍ତ୍ରୀ ଗର୍ଭରୁ ଜାତ (ସନ୍ତାନ) ।
2. (child) Begotten by a man on a woman.
(ଯଥା—ବ୍ରାହ୍ମଣୀ ଗର୍ଭରେ କ୍ଷତ୍ରିୟର ଅଉରସ ସନ୍ତାନ) ।

୩ । ସପିଣ୍ଡ ସଗୋତ୍ର (ବ୍ୟକ୍ତି); ଲଗ୍ନିକ ବା କୁଟୁମ୍ବୀ (ବ୍ୟକ୍ତି) ।
3. Agnatic (relation .
(ଯଥା—ଭକାରି ଭାଇନା ମୋର ଔରସ ଭାଇ । )
୪ । ନିକଟ ରକ୍ତସମ୍ପର୍କୀୟ (ବ୍ୟକ୍ତି) ।
4. Of near blood-relationship.
୫ । ନିଜର ପିତୃମାତୃଙ୍କଠାରୁ ଜାତ ସମ୍ବନ୍ଧ ଯୋଗୁଁ ସମ୍ପର୍କଯୁକ୍ତ ।
5, Directly related to a person through his or her parents.
( ଯଥା—ସେ ମୋର ଅଉରସ ଭଣଜା )

**ଅଉରାଂ**—ବୈଦେ. ବି—ଅଉରାଂ ଅଉଟାଂ ( ଦେଖ )
urāṁ Aurāṁ auṭāṁ (See)

**ଅଉରାଂ ଅଉଟାଂ**—ବୈଦେ. ବି—( ମାଲୟ ଭାଷା—ଓରାଙ୍ଗ ଅଟନ୍ = ବଣ ମନୁଷ୍ୟ; ଓରାଙ୍ଗ୍ = ମନୁଷ୍ୟ; ଅଟନ୍ = ବନ, ବନ୍ୟ । ଏମାନେ ମନୁଷ୍ୟ ଆକାରର ଓ ବନରେ ଥିବାରୁ ଏହି ନାମ )—
Aurāṁ auṭāṁ
ওরাং উটাং
औरांउटां

ବନ ମନୁଷ୍ୟ । ଏକ ପ୍ରକାର ମନୁଷ୍ୟାକୃତି ପୁଚ୍ଛହୀନ ବାନର । [ ଦ୍ର—ଏମାନେ ବୋର୍ଣ୍ଣିଓ ଓ ସୁମାତ୍ରା ଦ୍ୱୀପରେ ଏବଂ ମଧ୍ୟଆଫ୍ରିକାର ଜଙ୍ଗଲରେ ଦେଖା ଯାଆନ୍ତି । ଏ ଉଚ୍ଚରେ ୪ ଫୁଟ ବଢ଼ନ୍ତି, ଏହାଙ୍କ ହାତ ଖୁବ ଲମ୍ବ, ଏମନ୍ତ କି ଏ ଠିଆ ହୋଇ କରି ହାତକୁ ଭୂମିରେ ଲଗାଇ ପାରନ୍ତି । ଏହାଙ୍କ ବର୍ଣ୍ଣ କପିଳ । ସବୁ ବାନରଙ୍କ ମଧ୍ୟରେ ମନୁଷ୍ୟର ଦେହ ଗଠନ ସଙ୍ଗେ ଏହାଙ୍କର ବେଶି ମେଳ ଅଛି । ଏମାନେ ଡାଳ ପତ୍ରଦ୍ୱାରା ଗଛ ଉପରେ କୁଡ଼ିଆ ତିଆରି କରି ବାସ କରନ୍ତି । କଲିକତା ଚିଡ଼ିଆଖାନାରେ ଏ ବାନର ପୋଷାଯାଇ ଅଛନ୍ତି । ]
Orang outang; a species of anthropoid ape ( Simia Satyrus ).

**ଅଉରାଂ ଉଟାଂ**—ବୈଦେ. ବି—ଅଉରାଂ ଅଉଟାଂ (ଦେଖ)
Aurāṁ uṭāṁ Aurāṁ auṭāṁ (See)

**ଅଉରାଙ୍ଗ୍ ଅଉଟାଙ୍ଗ୍**—ବୈଦେ. ବି—ଅଉରାଂ ଅଉଟାଂ (ଦେଖ)
Aurāng auṭāng Aurāṁ auṭāṁ (See)

**ଅଉରାଙ୍ଗ୍ ଉଟାଙ୍ଗ୍**—ବୈଦେ. ବି—ଅଉରାଂ ଅଉଟାଂ (ଦେଖ)
Aurāng uṭāng Aurāṁ auṭāṁ (See)

**ଅଉଲ୍**—ବୈଦେ. ବିଣ. ( ଆ. ଅୱଲ୍ )—
Aul ୧ । ପ୍ରଥମ ଶ୍ରେଣୀୟ—1. Of first class.
আওল ୨ । ଶ୍ରେଷ୍ଠ, ସର୍ବୋତ୍କୃଷ୍ଟ—2. Excellent.
अवल ୩ । ସର୍ବୋତ୍ତମ—3. Best of all.
୪ । ମୌଳିକ —4. Original.
୫ । ଅସଲ, ଖାଣ୍ଟି —5. Genuine.
୬ । ସର୍ବାଦୌ ଘଟିଥିବା—6. That which happened in the beginning.
୭ । ପୂର୍ବେ ଘଟିଥିବା —7. Prior.
ବୈଦେ. ବି— ଆରମ୍ଭ, ଆଦ୍ୟ—Beginning.
(ବିପରୀତ ଆଖର୍)

ଅଉଲରୁ ବଗଡ଼ା, କେଉଁଠି ନୁହେଁ ସଳଡ଼ା ।
ହିନ୍ଦି ଢଗର ଅନୁକରଣ ।

**ଅଉଲ୍ ଆଖର୍**—ବୈଦେ. କ୍ରି. ବି. (ଆ. ଅୱଲ୍ + ଫା. ଆଖୀର୍)—
Aul ākhar ୧ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ।
আওল আখের 1. From beginning to end.
अवलसे आखीरतक ୨ । ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ ।
2. From first to last.

**ଅଉଲ୍ କସମ୍**—ବୈଦେ. ବି. (ଆ. ଅୱଲ୍ + ଆ. କସ୍ମ୍)—
Aul kisam ୧ । ପ୍ରଥମ ଶ୍ରେଣୀ—1. First class.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇପ୍ସ | ଉଥ | ଲ |
| ୨ | ଈ | ଊ | ଋୂ | ଲ୍ଲ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନ୍ଥ |

আউলকিসম ୨ । ଉତ୍କୃଷ୍ଟ ପ୍ରକାର—2. Excellent kind.
**अवलकिस्म**

**ଅଉଲ୍ ଜମି**—ବୈଦେ. ବି. ( ଆ. ଅଵଲ୍ + ଫା. ଜମୀନ୍ )—
Aul jami ୧ । ଫଳୋତ୍ପାଦନ ବିଷୟରେ ସର୍ବୋତ୍କୃଷ୍ଟ ଜମି ।
আউলজমি 1. Best productive land.
**अवल जमिन** ୨ । ଶ୍ରେଣୀବିଭାଗ ଅନୁସାରେ ପ୍ରଥମ ଶ୍ରେଣୀର ଜମି ।
2. First class land.

[ ଦ୍ର—ଇଂରାଜ ଗଭର୍ଣ୍ଣମେଣ୍ଟ ୧୮୪୨ ସାଲରେ ଓଡ଼ିଶାର ଭୂରାଜସ୍ୱ ବନ୍ଦୋବସ୍ତ କରିବା ସମୟରେ ଜମିର ଉତ୍ପାଦିକା ଶକ୍ତି ତୁଳନାରେ ଜମିମାନଙ୍କୁ କେତେଗୁଡ଼ିଏ ଶ୍ରେଣୀରେ ବିଭକ୍ତ କରି ତଦନୁସାରେ ଖଜଣା ଧାର୍ଯ୍ୟ କରିଥିଲେ । ଏ ଶ୍ରେଣୀବିଭାଗମାନ ଆରବୀ ଓ ଫାରସୀ ଶବ୍ଦଦ୍ୱାରା ଚିହ୍ନିତ ହୋଇଥିଲା :—

ପ୍ରଥମ ଶ୍ରେଣୀ—ଅଉଲ୍; ଦ୍ୱିତୀୟ ଶ୍ରେଣୀ—ଦୋୟମ୍;
ତୃତୀୟ ଶ୍ରେଣୀ—ସୋୟମ୍; ଚତୁର୍ଥ ଶ୍ରେଣୀ—ଚହାରମ୍ ।

ଅଉଲ ଜମି ଚବିଶ ଦସ୍ତି ପଦିକା ଏକମାଣ (୧ ଏକର) ଉପରେ ୫ ୬୭ ଖଜଣା ଧାର୍ଯ୍ୟ କରାଯାଇଥିଲା ।]

**ଅଉଲ୍ ନମ୍ବର୍**—ବୈଦେ.ବି. (ଆ. ଅଵଲ୍ + ଇଂ. Number ନମ୍ବର = ସଂଖ୍ୟା )
Aul nambar
আউল নম্বর ଶ୍ରେଣୀ ବିଭାଗରେ ସର୍ବୋତ୍କୃଷ୍ଟ ସ୍ଥାନ ବା ସଂଖ୍ୟା ।
**अवल नम्बर** First class; Class A.
ବିଣ—ଅଉଲ ନମ୍ବରିଆ (ଦେଖ)
Aul nambariā (See)

**ଅଉଲ୍ ନମ୍ବରିଆ**—ଦେ. ବିଣ. ( ଆ. ଅଵଲ; ଇଂ. Number
Aul nambariā ନମ୍ବର + ଓଡ଼ିଆ ପ୍ରତ୍ୟୟ ଇଆ )—
আউল নম্বরি ୧ । ସର୍ବୋତ୍କୃଷ୍ଟ ଶ୍ରେଣୀର—1. Of first class.
**अवल नम्बरका** ୨ । ସର୍ବୋତ୍କୃଷ୍ଟ—2. Excellent.

**ଅଉଲ୍ ନମ୍ବରି**—ବୈଦେ. ବିଣ—ଅଉଲ୍ ନମ୍ବରିଆ (ଦେଖ)
Aul nambari Aul nambariā (See)

**ଅଉଲ ପତର ବଉଲ ବା**—ଦେ. ପ୍ରବଚନ—ଅଇରି ଖପରା ବଇରି ବା
Au̱la patara bau̱la bā (ଦେଖ)
Airi khaparā bairi bā (See).

**ଅଉଲ୍ ମାଲ୍**—ବୈଦେ. ବି. ( ଆ. ଅଵଲ୍ + ମାଲ୍ )—
Aul māl ୧ । ସର୍ବୋତ୍କୃଷ୍ଟ ବସ୍ତୁ—1. First class thing.
আউল মাল ୨ । ଅସଲ ପଦାର୍ଥ—2. Genuine article.
**अवल माल**

**ଅଉଲାତ୍**—ବୈଦେ. ( କଟକିଆ ) ବି. ( ଫା. ଅଓଲାଦ୍ )—
Aulāt ୧ । ସନ୍ତାନ; ପୁତ୍ର—1. Son.
আওলাদ্ ୨ । ଅପତ୍ୟ—2. Offspring.
**आओलाद्**

**ଅଉଲାଦ୍**—ବୈଦେ. ( କଟକିଆ ) ବି—ଅଉଲାତ୍ ( ଦେଖ )
Aulād Aulāt ( See )

**ଅଉଶା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅଙ୍କୁଶ )—
Ausā ୧ । ଅଙ୍କୁଶ; ଅଙ୍କୁଶି—1. Hook.
୨ । ଗଜାଙ୍କୁଶ—2. Hook for goading an elephant.

**ଅଉଷଧ**—ଗ୍ରା. ( ପ୍ରାଚୀନ ) ବି. ( ସଂ. ଔଷଧ )—ଔଷଧ (ଦେଖ)
Aushadha Au̱shadha ( See )
ওষুদ
**दवा** ଦ୍ରବ୍ୟ ଅଉଷଧ ତୋର ଅଙ୍ଗସଙ୍ଗାମୃତ । ପ୍ରାଚୀ—ରସବାରିଧି ।

**ଅଉଷଧି**—ଗ୍ରା. ( ପ୍ରାଚୀନ ) ବି— ୧ । ଔଷଧ (ଦେଖ)
Aushadhi 1. Au̱shadha (See)
ওষুদ ୨ । ଔଷଧି (ଦେଖ)
**दवा** 2 Au̱shadhi (See)

ବୋଲୁ ଆଣ ଅଉଷଧି ନେମାଦନେ ପ୍ରସିଦ୍ଧି
ଉତ୍ତର ଭାଗେ ସେ ସେନା ତାଙ୍କ । ଭଞ୍ଜ—ବୈଦେହୀଶବିଳାସ ୪୭।୧୩ ।

**ଅଋଣୀ**—ସଂ. ବିଣ. ପୁଂ. ( ଅ = ନୁହେଁ + ଋଣିନ୍. ୧ ମା. ୧ ବ )—
Aṛuṇi ୧ । ଯେ କାହା ନିକଟରେ ଋଣଗ୍ରସ୍ତ ନୁହେଁ ।
1. Unindebted.
୨ । ଋଣମୁକ୍ତ—2. Freed from debt.

[ ଦ୍ର—୧ । ହିନ୍ଦୁଶାସ୍ତ୍ର ଅନୁସାରେ ସଂସାରରେ ଜନ୍ମଲାଭ କରିଥିବା ପ୍ରତ୍ୟେକ ବ୍ୟକ୍ତିର ତିନୋଟି ଋଣ ଥାଏ । ଯଥା—ଦେବଋଣ, ପିତୃଋଣ ଓ ଋଷିଋଣ; ଯଜ୍ଞ କଲେ ମନୁଷ୍ୟ ଦେବଋଣରୁ ମୁକ୍ତ ହୁଏ, ପୁତ୍ର ଉତ୍ପାଦନ କଲେ ପିତୃଋଣରୁ ମୁକ୍ତ ହୁଏ ଏବଂ ବେଦାଧ୍ୟୟନ, ଦାନ ଓ ଅତିଥିସେବା କଲେ ଋଷିଋଣରୁ ମୁକ୍ତ ହୁଏ ।]

[ ଦ୍ର—୨ । ସଂସ୍କୃତ ବ୍ୟାକରଣ ସୂତ୍ର ଅନୁସାରେ ସ୍ୱରାଦ୍ୟ ଶବ୍ଦ ପୂର୍ବେ ନଞ ତତ୍ପୁରୁଷ ସମାସରେ ଅନ୍ ଆଦେଶ ହୁଏ । ଅତଏବ ଅନୃଣୀ ପଦ ବ୍ୟାକରଣସମ୍ମତ; କିନ୍ତୁ ପୂର୍ବାଚାର୍ଯ୍ୟମାନେ ( ମନିଅର୍ ୱିଲିଅମ୍ସ୍, ଆପ୍ଟେ ) ଋଣୀ ଶବ୍ଦର 'ଋ' ଅକ୍ଷରକୁ ବ୍ୟଞ୍ଜନ ବର୍ଣ୍ଣରୂପେ ଗ୍ରହଣ କରି 'ଅନୃଣୀ' ଶବ୍ଦକୁ ବିକଳ୍ପରେ 'ଅଋଣୀ' ବୋଲି ସ୍ୱୀକାର କରିଥିବାରୁ ଏଠାରେ ଏହା ସଂସ୍କୃତ ଶବ୍ଦ ଶ୍ରେଣୀଭୁକ୍ତ କରାଗଲା ।]

**ଅଏଁଠା**—ପ୍ରାଦେ. ( ସମ୍ବଲପୁର ) ବି—ଅଇଣ୍ଠା ( ଦେଖ )
Aeṇtha Aiṇthā ( See )
ବିଣ—ଅଇଣ୍ଠା ( ଦେଖ )
Ainthā (See )

**ଅଏଁଲ**—ଦେ. ବି. ( ସଂ. ଆମଲକ )—ଅଁଳା ( ଦେଖ )
Aeṉla Aaṉlā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ, 'ବଧ୍' ନ ପାଇଲେ 'ବନ୍ଧ୍' ଦେଖିବେ; 'ଆଗାଁ' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅଏଁଳ ବୋଲି ହସ୍ତେ ଧରିବା ପର୍ଯ୍ୟନ୍ତେ,
ନଦଧାରେ କାଳକୁ ଜାଣନ୍ତୁ ଦୈତ୍ୟନ୍ତେ । କୃଷ୍ଣସିଂହ ମହାଭାରତ- ଶାନ୍ତି ।

**ଅଏଁଲା**—ଦେ. ବି. (ସଂ. ଆମଳକ)—ଅଁଳା ୧ (ଦେଖ)
**Aeñḻā** **Aañḻā 1 (See)**

ଫଳ ଅଏଁଲା ସୁଗନ୍ଧ ମଥାରେ ଲଗାଇ । ପୀତାମ୍ବର—ନୃସିଂହ ପୁରାଣ ୭ଅ ।

**ଅଏଁଲାଇ**—ଦେ. ବି. (ସଂ. ଅମ୍ଳାତ)—ଅଁଳା ୨ (ଦେଖ)
**Aeñḻāi** **Aañḻā 2 (See)**

**ଅଏଧ୍‌କା**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଅଧିକ)—
**Aedhkā** ୧ । ଅଧିକା; ଅତିରିକ୍ତ—1. Excess; extra; supernumerary.
୨ । ଅବଶିଷ୍ଟ; ବାକି—2. Rest; remaining.
୩ । ବଳି ପଡ଼ିଥିବା—3. Left over; outstanding.

**ଅଏଧ୍‌କାତୁଣ୍ଡା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ.
**Aedhkātuṇḍā** (ସଂ. ଅଧିକ + ତୁଣ୍ଡ + ଓଡ଼ିଆ ପ୍ରତ୍ୟୟ ଆ)— ଯେଉଁ ବ୍ୟକ୍ତି ଆଗପଛ ନ ବିଚାରି କଥା କହି ପକାଏ । Hasty in speech.

**ଅଏଧକାତୁଣ୍ଡୀ**—ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—
**Aedhkātuṇḍī** ଅଏଧ୍‌କାତୁଣ୍ଡାର ସ୍ତ୍ରୀଲିଙ୍ଗ । Feminine of Aedhkātuṇḍā.

**ଅଏନ୍**—ପ୍ରାଦେ. (ସମ୍ବଲପୁର) ବିଣ—
**Aen** ୧ । ଅତି ଉତ୍ତମ—1. Very good.
୨ । ଅତି ଉତ୍କୃଷ୍ଟ—2. Very excellent.
୩ । ଅପୂର୍ବ—3. Wonderful.
୪ । ଅତି ସୁନ୍ଦର—4. Very graceful.

**ଅଏନ୍ ମଜାର୍**—ପ୍ରାଦେ. (ସମ୍ବଲପୁର) ବିଣ—
**Aen majār** ୧ । ଅତି ମନୋହର—1. Enchanting.
୨ । ଅତି ଉତ୍କୃଷ୍ଟ—2. Very excellent.
୩ । ଅପୂର୍ବ—3. Wonderful.

**ଅଏନା**—ବୈଦେ. ବି—ଅଇନା (ଦେଖ)
**Aenā** **Ainā (See)**

**ଅଏବ୍**—ବୈଦେ. ବି—ଅଇବ୍ (ଦେଖ)
**Aeb** **Aib (See)**

**ଅଏବୀ**—ବୈଦେ. ବିଣ—ଅଇବୀ (ଦେଖ)
**Aebī** **Aibī (See)**

**ଅଏର୍‌ଶ**—ପ୍ରାଦେ. (ସମ୍ବଲପୁର) ବି— ଆରିଶାପିଠା (ଦେଖ)
**Aerśā** **Āriśāpiṭhā (See)**

**ଅଏରି**—ପ୍ରାଦେ. (ସମ୍ବଲପୁର) ବି—ଅଇରି (ଦେଖ)
**Aeri** **Airi (See)**

**ଅଏଲ୍**—ବୈଦେ. (ଇଂ) ବି—ତୈଳ; ତେଲ; ମାଲିସ—Oil.
**Ael**
ଅୟେଲ୍ [ଦ୍ର—ଏହି ଶବ୍ଦଯୁକ୍ତ ଅନେକ ଇଂରାଜୀ ଶବ୍ଦ ଭାଷାରେ
आयेल् ଚଳନ୍ତିଣି । ଯଥା—ହେଆର୍ ଅଏଲ୍, କଡ଼ଲିଭର୍ ଅଏଲ୍, ମୋବିଲ୍ ଅଏଲ୍, ଅଏଲ୍ କ୍ଲଥ୍, ଅଏଲ୍ ପେଣ୍ଟିଙ୍ଗ୍ । ]

**ଅଏଲ୍ କ୍ଲଥ୍**—ବୈଦେ. (ଇଂ) ବି—
**Ael klath** ମହମଜାମା କନା—Oil cloth.
ଅୟେଲ କ୍ଲଥ୍
आयेलक्लाथ्

**ଅଏଲ୍ ପେଣ୍ଟିଙ୍ଗ**—ବୈଦେ. (ଇଂ) ବି—
**Ael penting** ତୈଳଚିତ୍ର; କନା କିମ୍ବା କାନ୍‌ଭାସ୍ ଉପରେ
ଅୟେଲ ପେଣ୍ଟିଙ୍ଗ ତୈଳ ମିଶ୍ରିତ ରଙ୍ଗଦ୍ୱାରା ଅଙ୍କିତ ଛବି ।
आयेल पेंटिङ्ग Oil painting.

**ଅଏଲିଙ୍ଗ୍**—ବୈଦେ. (ଇଂ) ବି.—
**Aeling** ଘଣ୍ଟା, ମଟର ଗାଡ଼ି, ବାଇସାଇକଲ୍, ସିଲେଇ କଳ,
ଅୟେଲିଙ୍ଗ ରେଳ ଗାଡ଼ି ଆଦିର ଚକ ଓ ଅନ୍ୟ ଅଂଶରେ
आयेलिङ्ग କଳଙ୍କି ନ ଲାଗିବ ଓ ତାହା ଚକଣିଆ ହେଲେ ସୁରୁଖୁରୁ ହୋଇ ଚଳିବ ଏବଂ ଘଷି ହୋଇ ଯିବ ନାହିଁ ବୋଲି ତହିଁରେ ତେଲ ଦେବା ପ୍ରକ୍ରିୟା । Oiling of a clock or other machines.

**ଅଏସ୍**—ବୈଦେ. ବି. (ଆ. ଆୟେସ୍)—
**Aes** ୧ । ସୁଖ; ସ୍ୱାଚ୍ଛନ୍ଦ୍ୟ—1. Comfort; ease.
ଆୟେଶ୍ ୨ । ମଉଜ; ସଉକିନ—2. Luxury.
आयेश् (ଯଥା—କୁଳୁରଙ୍କୁ ବାବୁ ଭାରି ଅଏସ୍‌ରେ ରଖିଅଛନ୍ତି ।)

**ଅଏସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ଆ. ଆୟେସ୍ + ଓଡ଼ିଆ
**Aesiā** ପ୍ରତ୍ୟୟ ଇଆ)—ଅଏସୀ (ଦେଖ)
**Aesī (See)**

**ଅଏସୀ**—ବୈଦେ. ବିଣ. ପୁଂ. ଓ ସ୍ତ୍ରୀ (ଆ. ଆୟେସୀ)—
**Aesi** ୧ । ଯେଉଁ ଲୋକ ସଉକ ଓ ମଉଜରେ ଥାଏ ।
ଆୟେଶୀ 1. Living in a luxurious style.
आयेसी ୨ । ମଉଜପ୍ରିୟ, ମଉଜିଆ ।
2. Fond of luxury and ease.

**ଅଓଲ୍**—ବୈଦେ. ବିଣ—ଅଉଲ୍ (ଦେଖ)
**Aol** **Aul (See)**

**ଅଓଲାତ୍**—ବୈଦେ. ବି—ଅଉଲାତ୍ (ଦେଖ)
**Aolāt** **Aulāt (See)**

**ଅଓଲାଦ୍**—ବୈଦେ. ବି.—ଅଉଲାତ୍ (ଦେଖ)
**Aolād** **Aulāt (See)**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଡ଼ଅ | ଞ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଦ |

**ଅଂକ** (ଇତ୍ୟାଦି)—ସଂ.ବି—ଅଙ୍କ ଇତ୍ୟାଦି (ଦେଖ)
**Amka** Anka etc. (See)
[ଅ ରେ ଅନୁସ୍ୱାର ଯୁକ୍ତ ହୋଇ ତା ପରେ ଅନ୍ୟ ଅକ୍ଷର ଲାଗି ବ୍ୟବହୃତ ଶବ୍ଦମାନଙ୍କପାଇଁ ଅ ପରେ ଅନୁନାସିକ ଯୁକ୍ତବର୍ଣ୍ଣ ବିଶିଷ୍ଟ ଶବ୍ଦମାନ ଦେଖ । ଯଥା— ଅଂଗା = ଅଙ୍ଗା; ଅଂତ = ଅନ୍ତ; ଅଂଧ = ଅନ୍ଧ]

**ଅଂକନା ମାଧନା**—ଦେ. ବି. ନାମଦ୍ୱୟ (ଅଂକନା + ମାଧନା)—
**Amkanā Mādhanā** ରାମଦାସଙ୍କ ରଚିତ ଦାର୍ଢ୍ୟତାଭକ୍ତି ଗ୍ରନ୍ଥରେ ବର୍ଣ୍ଣିତ ଦୁଇ ଜଣ ବିଷ୍ଣୁଭକ୍ତଙ୍କ ନାମ ।
**Names of two devotees of Bishnu mentioned in an Ordiā religious poem Dārdhyatā Bhakti.**
[ ଏ ଦୁଇ ସହୋଦର କଳିଙ୍ଗ ଦେଶରେ ଗୋଦାବରୀ ନଦୀକୂଳରେ ରାଜମନ୍ଧର ( ରାଜମହେନ୍ଦ୍ରୀ ) ନଗରରେ ବାସ କରୁଥିଲେ । ଏମାନେ ଜାତିରେ ବ୍ରାହ୍ମଣ । ଏ ଦୁଇ ଭାଇ ଭାରତର ଭିନ୍ନ ଭିନ୍ନ ତୀର୍ଥରେ ସଦାବ୍ରତମାନ ବସାଇ ଅନ୍ନଦାନ କରୁଥିଲେ ଓ ପ୍ରତିଦିନ ଖାଇ ବସିଲା ବେଳେ ଏକ ଶହ ଆଠ ଜଣ ବ୍ରାହ୍ମଣଙ୍କୁ ସଙ୍ଗରେ ବସାଇ ଖୁଆଉଥିଲେ । ଭଗବାନ୍ ଏମାନଙ୍କ ଦାତାପଣ ପରୀକ୍ଷା କରିବାପାଇଁ ବୃଦ୍ଧ ବ୍ରାହ୍ମଣ ବେଶରେ ଏମାନଙ୍କ ନିକଟରେ ପହଞ୍ଚି ଭୋଜନ ଭିକ୍ଷା କଲେ । ଏମାନେ ଦଶ ହଜାର ବ୍ରାହ୍ମଣଙ୍କ ପାଇଁ ଭୋଜନସାମଗ୍ରୀ ପ୍ରସ୍ତୁତ କରିବାରୁ ଛଦ୍ମବେଶଧାରୀ ଭଗବାନ୍ ସେତକ ଏକା ଖାଇଦେଲେ । ଏହା ଦେଖି ସେମାନେ ଏ ବ୍ରାହ୍ମଣଙ୍କୁ ସ୍ୱୟଂ ଭଗବାନ୍ ବୋଲି ଜାଣି ପାରି ତାଙ୍କଠାରେ ଶରଣ ପଶିଲେ ଓ ଭଗବାନ୍ ପ୍ରସନ୍ନ ହୋଇ ବର ଦେବାରୁ ଏ ଦୁହେଁ ସ୍ୱର୍ଗଲାଭ କଲେ ।
ରାମଦାସ—ଦାର୍ଢ୍ୟତାଭକ୍ତି ୨୧ ଅଧ୍ୟାୟ ।]

**ଅଂଶ**—ସଂ. ବି. (ଅନ୍‌ଶ ଧାତୁ = ଭାଗ କରିବା + କର୍ମ. ଅ)—
**Amśa** ୧ । କୌଣସି ପଦାର୍ଥର ଭାଗ ବା ଖଣ୍ଡ ।
1. Part of a thing; share; portion.
୨ । ବିଭାଗ; ବଣ୍ଟନ; ବାଣ୍ଟ—2. Partition.
୩ । ଦେଶର ଅଞ୍ଚଳ ବା ସ୍ଥାନ ।
3. Part of a country; locality.
୪ । କୌଣସି ଦେବତାଙ୍କ ଅବତାର ।
4. Incarnation of a Deity.
୫ । (ଗଣିତ) ଭଗ୍ନାଂଶ—5. (Mathematics) Fraction.
୬ । (ଗଣିତ) ଭଗ୍ନାଂଶର ହର—6. (Mathematics) The denominator of a fraction (M.W.).
୭ । (ଭୂଗୋଳ) ପୃଥିବୀଗୋଳକର ପରିଧିର ୩୬୦ ଭାଗରୁ ଏକଭାଗ ।
7. (Geography) $\frac{1}{360}$ of the circumference of the globe.
୮ । ଦ୍ରାଘିମା ବା ଅକ୍ଷାଂଶର ଏକ ଭାଗ; ଡିଗ୍ରୀ ।
8. (Geography) A degree of latitude or longitude (M.W.).
୯ । (ଜ୍ୟାମିତି) ସମକୋଣର ୯୦ ଭାଗରୁ ଏକଭାଗ; ଡିଗ୍ରୀ ।
9. (Geometry) $\frac{1}{90}$ of a right angle; a degree.
୧୦ । କୌଣସି ବସ୍ତୁର ବାକି ରହିଯାଇଥିବା ଭାଗ ।
10. Remainder of anything; remnant; remaining portion.
୧୧ । (ଜ୍ୟୋତିଷ) ରାଶିଚକ୍ରର ୩୦ ଭାଗରୁ ଏକ ଭାଗ ।
11. (Astronomy) $\frac{1}{30}$ of the Zodiac.
୧୨ । ବିଷୟ; ପ୍ରସଙ୍ଗ—12. Matter; subject.
୧୩ । ଜୁଆରେ ବନ୍ଧା ଯିବା ହୁଡ଼ି; ବାଜି ।
13. Stake in betting (M. W.).
୧୪ । ଅଂସ; ସ୍କନ୍ଧ; କାନ୍ଧ—14. Shoulder.
୧୫ । ବଇନା—15. Earnest money (M. W.).
୧୬ । ବଣ୍ଟାରେ ଜଣକ ଭାଗରେ ପଡ଼ିବା ହିଁସା ।
16. Lot; allotment in a partition (M, W.).
୧୭ । ପକ୍ଷ; ଦଳ—17. Party (M. W.).
୧୮ । ଦିନ; ଦିବସ—18. Day (M. W).
୧୯ । ଆଦିତ୍ୟ ବିଶେଷ—19. Name of an Āditya (M.W.).
୨୦ । ( ଗଣିତ ) ବଡ଼ ରାଶିକୁ ସାନ ରାଶି ଦ୍ୱାରା ହରଣ କଲେ ବାକି ରହିଯିବା ସଂଖ୍ୟା; ଭାଗଶେଷ ।
20. ( Mathematics ) The remainder left after a division.
୨୧ । ( ଜଡ଼ ବିଜ୍ଞାନ ) ତାପମାନଯନ୍ତ୍ର ଦ୍ୱାରା ଚିହ୍ନିତ କୌଣସି ପଦାର୍ଥର ଉଷ୍ଣତା ପରିମାଣର ଏକ ଭାଗ ।
21. ( Physics ) A degree of temperature ascertained by a thermometer.

ଦେ. ବି—୧ । ଦେବତାଙ୍କର କଳା, ଯାହା ଧାରଣ କରି ମହାପୁରୁଷମାନେ ଜନ୍ମନ୍ତି ।
1. A trace or particle of Divinity with which some great men are born.

ରାଧିକା ଅଂଶେ ଯେତେ ଗୋପୀ,
ସେ କୃଷ୍ଣ ଜୀବନସ୍ୱରୂପୀ ।। ଭୂପତି—ପ୍ରେମ ପଞ୍ଚାମୃତ ।
କହଇ ଜଗନ୍ନାଥ ଦାସ,
ଋଷିର ନାରାୟଣ ଅଂଶ । ଜଗନ୍ନାଥ—ଭାଗବତ ୫ମ ସ୍କନ୍ଧ ।

୨ । ଅପତ୍ୟ; ସନ୍ତାନ; ସନ୍ତତି—2. Offspring.
କୁମ୍ଭାରି ରାମଦାସର ଅଂଶ ତ ନୋହିବ । ପ୍ରାଚୀ—ଗୁରୁଭକ୍ତି ଗୀତା ।
୩ । ପିତୃତ୍ୱ; ଜନକତ୍ୱ; ଉରସ; ବୀର୍ଯ୍ୟ ।
3. Fatherhood; loins.
ଭୀମନ୍ତ ପବନଙ୍କ ଅଂଶରୁ ଜାତ ହେଲେ । କୃଷ୍ଣସିଂହ ମହାଭାରତ- ଆଦି ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା —
> 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ, 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଔରସ; (ଅମୁକ) ପିତାଙ୍କ ବୀର୍ଯ୍ୟରୁ ଜାତ ବ୍ୟକ୍ତି ।
**4. Person born of the loins of a male.**

କହନ୍ତି ବ୍ୟାସଙ୍କର ଶିଷ୍ୟ,
କନ୍ଦର୍ପ ବାସୁଦେବ ଅଂଶ । ଜଗନ୍ନାଥ—ଭାଗବତ ୧୦ମ ସ୍କନ୍ଧ ।

୫ । କୌଣସି ବଂଶରୁ ବଞ୍ଚି ରହିବା ବଂଶଧର ।
**5. Surviving descendant of any race or family.**
(ଯଥା—ଏହି ବାଳକଟି ସାଆନ୍ତଙ୍କ ବଂଶର ଏକମାତ୍ର ଅଂଶ ଅଛି ।)

୬ । (ସଂ. ଅସ୍ର=କୋଣ)ଅଂସ,କୋଣ—**6. Angle.**

ଚଉବଂଶ ଅଂଶ ଯେ ହୋଇବ ଅଷ୍ଟକୋଷ୍ଠ,
ଏକ ଅଂଶକରେ ଥିବ ସ୍ଥାନ ନବକୋଷ୍ଠ । କୃଷ୍ଣସିଂହ ମହାଭାରତ. ସଭା ।

୭ । ରକ୍ତସମ୍ପର୍କୀୟ ବା ଲଗ୍ନିକ ବ୍ୟକ୍ତି ।
**7. A direct agnate; a blood-relation.**
(ଯଥା—ସେ ପରା ମୋ ଅଂଶ, ମୁଁ ତାଙ୍କୁ କପର ବଭାଘର ଡାକରୁ କାଟି ଦେବ ?)

୮ । ଦେହର ଅଙ୍ଗ; ଅବୟବ—**8. Limb.**

୯ । କୌଣସି ଯନ୍ତ୍ରର ଅଙ୍ଗ—**9. Component part of a machine.**

ଦେ. ବଣ—(ଅମୁକର) ଔରସଜାତ; ବୀର୍ଯ୍ୟଜାତ ।
**Born of the loins of.**

ସପତ ଦଶେ ବେଦବ୍ୟାସ
କନ୍ଲିଲ ପରାଶର ଅଂଶ । ଜଗନ୍ନାଥ—ଭାଗବତ ।

**ଅଂଶ ଆଏଶ**—ଦେ. ବି. (ସଂ. ଅଂଶାଂଶ)—ଅଂଶ **Part.**
**Aṁśa āeśa**

**অংশ** ତ୍ରିହି ଅଂଶ ଆଏଶ ବୋହନ୍ତି ଦେଇଁ ଜନ
**अंश** ପରିପୂର୍ଣ୍ଣ କର ବୁଝି ନୋହେ ତାର ଗୁଣ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଂଶକ**—ସଂ. ବି. ( ଅନ୍‌ଶ ଧାତୁ=ଭାଗ କରିବା+କର୍ତ୍ତୃ ଅକ )—
**Aṁśaka**

୧ । ଜ୍ଞାତି;କୁଟୁମ୍ବ—**1. Kinsman.**
୨ । ଦାୟାଦ—**2. A co-sharer of an inheritance.**
୩ । ଦିବସ; ଦିନ—**3. Day.**
୪ । ଭାଗଦାର; ହିଁସାଦାର—**4. Co-parcener; partner; co-sharer.**
୫ । (ଅଂଶ+ସ୍ୱାର୍ଥେ କ)—(ଜ୍ୟୋତିଷ) ରାଶିଚକ୍ରର ତିରଶ ଭାଗରୁ ଏକ ଭାଗ—**5. $\frac{1}{30}$ of the Zodiac.**

ସଂ. ବଣ. ପୁଂ—
( ଅଂଶିକା—ସ୍ତ୍ରୀ )
୧ । ଅଂଶଗ୍ରାହୀ; ଯେ ଭାଗ ନିଏ ।
**1. Sharing; taking a share.**
୨ । ଭାଗ ପାଇବାର ଅଧିକାରୀ—**2. Entitled to a share.**

ଦେ. ବି. (ଅଂଶ+ଓଡ଼ିଆ ଏକସଂଖ୍ୟାବାଚକ ପ୍ରତ୍ୟୟ କ)—
ଏକ ଅଂଶ ବା ଭାଗ ମାତ୍ର—**One share only.**
(ଯଥା—ତା ଅଂଶକ ସେ ପାଇଲେ ତ ସନ୍ତୁଷ୍ଟ ହେବ ।)

**ଅଂଶକର**—ସଂ. ବଣ. ପୁଂ. (ଅଂଶ+କୃ ଧାତୁ+କର୍ତ୍ତୃ ଅ)—
**Aṁśakara** ଯେ ବଣ୍ଟନ କରେ; ଯେ ବାଣ୍ଟିଦିଏ ।
( ଅଂଶକରୀ—ସ୍ତ୍ରୀ ) **Apportioning.**

**ଅଂଶକରଣ**—ସଂ. ବି. (ଅଂଶ+କରଣ)—ଭାଗବଣ୍ଟନ; ବାଣ୍ଟିବା କର୍ମ ।
**Aṁśakaraṇa** **Act of division into shares; apportionment.**

**ଅଂଶ କରିବା**—ଦେ. କ୍ରି. ( ସଂ. ଅନ୍‌ଶ ଧାତୁ )—ବଣ୍ଟନ କରିବା;
**Aṁśa karibā** ବାଣ୍ଟିଦେବା; ଭାଗ ବାଣ୍ଟିବା ।
অংশকরা **To divide into shares; to partition.**
**अंशकरना**

**ଅଂଶକୂଟ**—ସଂ. ବି. (୬ଷ୍ଠୀ ତତ୍; ଅଂଶ=ସ୍କନ୍ଧର କୂଟ=ଶେଖର)—
**Aṁśakūṭa** କକୁଦ; ଷଣ୍ଢର ଡୂଲ ।
**The fleshy prominence on the shoulder of a bull.**

**ଅଂଶଗ୍ରହ**—ସଂ. ବଣ. ପୁଂ. (ଅଂଶ+ଗ୍ରହ୍ ଧାତୁ+କର୍ତ୍ତୃ ଅ)—
**Aṁśagraha** ଅଂଶଗ୍ରାହୀ (ଦେଖ)
(ଅଂଶଗ୍ରହା—ସ୍ତ୍ରୀ) **Aṁśagrāhī (See)**

**ଅଂଶଗ୍ରାହକ**—ସଂ. ବଣ. ପୁଂ. (୬ଷ୍ଠୀ ତତ୍)—ଅଂଶଗ୍ରାହୀ (ଦେଖ)
**Aṁśagrāhaka** **Aṁśagrāhī (See)**
(ଅଂଶଗ୍ରାହିକା—ସ୍ତ୍ରୀ)

**ଅଂଶଗ୍ରାହୀ**—ସଂ.ବଣ.ପୁଂ.(ଅଂଶ+ଗ୍ରହ୍ ଧାତୁ+କର୍ତ୍ତୃ ଇନ୍,୧ ମା.୧ ବ)—
**Aṁśagrāhī** ଯେ ଅଂଶ ବା ଭାଗ ନିଏ ।
(ଅଂଶଗ୍ରାହିଣୀ—ସ୍ତ୍ରୀ) **Taking a share.**

**ଅଂଶତଃ**—ସଂ. ଅ. ( ଅଂଶ+ତସ୍ )—କେତେକ ଅଂଶରେ; କେତେକ
**Aṁśataḥ** ପରିମାଣରେ—**Partly; somewhat.**

**ଅଂଶଦାର୍**—ଦେ. ବି. (ସଂ. ଅଂଶ+ଫା. ପ୍ରତ୍ୟୟ ଦାର୍)—
**Aṁśadār** ଭାଗଦାର; ଅଂଶିଦାର୍; ସରିକ୍‌ଦାର୍ ।
অংশদার **Co-sharer; partner.**
**अंशदार**

**ଅଂଶନ**—ସଂ. ବି. (ଅନ୍‌ଶ ଧାତୁ+ଭାବ. ଅନ)—ବିଭାଗକରଣ; ବଣ୍ଟନ ।
**Aṁśana** **Partitioning; apportioning.**

**ଅଂଶନୀୟ**—ସଂ. ବଣ. (ଅନ୍‌ଶ ଧାତୁ+କର୍ମ; ଅନୀୟ)
**Aṁśanīya** ବିଭାଜନୀୟ; ବିଭାଜ୍ୟ; ଭାଗ କରିବାର ଯୋଗ୍ୟ; ଯାହାକୁ ଭାଗ କରାଯାଇପାରେ—
**Partible; fit to be partitioned; divisible.**

**ଅଂଶପ୍ରାର୍ଥୀ**—ସଂ. ବଣ. ପୁଂ. (ଅଂଶ+ପ୍ର+ଅର୍ଥ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
**Aṁśaprārthī** ଯେଉଁ ବ୍ୟକ୍ତି କୌଣସି
(ଅଂଶପ୍ରାର୍ଥିନୀ—ସ୍ତ୍ରୀ) ବସ୍ତୁର ଅଂଶ ବା ଭାଗ ପାଇବାକୁ ପ୍ରାର୍ଥନା କରେ—**Praying for a share in a property.**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତୁ |

**ଅଂଶବଂଶ**—ଦେ. ବି. (ସହଚର; ସଂ. ଅଂଶ + ବଂଶ)—
Aṁśabaṁśa — ୧ । କୌଣସି ବ୍ୟକ୍ତିର ସଗୋତ୍ର ଓ ଅସଗୋତ୍ର ବଂଶଧରଗଣ—1. All the descendants of a person, both lineal and collateral.
অংশবংশ
अंशवंश

ଅପଣା ଅଂଶବଂଶ ହର
ଶ୍ରୀକୃଷ୍ଣ ଗଲେ ନିଜ ପୁରୀ । ଜଗନ୍ନାଥ- ଭାଗବତ ।

୨ । କୌଣସି ବ୍ୟକ୍ତିର କୌଣସି ବଂଶଧର—2. Any lineal descendant of a person.
(ଯଥା—ତାଙ୍କର ଅଂଶବଂଶ କେହି ନାହିଁ ।)
୩ । କୌଣସି ବସ୍ତୁର ଚିହ୍ନ ମାତ୍ର—3. Any trace left of any matter.

**ଅଂଶବଉଁଶ**—ଦେ. ବି. (ସଂ. ଅଂଶ + ବଂଶ)—ଅଂଶବଂଶ (ଦେଖ)
Aṁśabauṅśa — Aṁśabaṁśa (See)

**ଅଂଶଭାକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅଂଶ + ଭଜ ଧାତୁ + କର୍ତ୍ତୃ. କ୍ୱିପ୍;
Aṁśabhāk — ଅଂଶଭାଜ୍ ଶବ୍ଦ ୧ମା. ୧ବ)—ଅଂଶଭାଗୀ (ଦେଖ)
Aṁśabhāgī (See)

**ଅଂଶଭାଗୀ**—ସଂ. ବିଣ.ପୁଂ. (ଅଂଶ + ଭଜ ଧାତୁ + କର୍ତ୍ତୃ. ଇନ୍, ୧ମା.୧ବ) —
Aṁśabhāgī — ଯାହାର କୌଣସି ପଦାର୍ଥରେ ଭାଗ ଅଛି ।
(ଅଂଶଭାଗିନୀ—ସ୍ତ୍ରୀ) — Possessing or having a share in any property.

**ଅଂଶମାନ**—ସଂ. ବିଣ. ପୁଂ. (ଅନ୍‌ଶ ଧାତୁ + କର୍ତ୍ତୃ. ଆନ)—ଯେ ଆପଣାର
Aṁśamāna — ଭାଗ ବଣ୍ଟାଇ କରି ନେଇଅଛି —One who
(ଅଂଶମାନା—ସ୍ତ୍ରୀ) — has already taken his share in apportionment.

**ଅଂଶଳ**—ସଂ. ବିଣ. ପୁଂ. (ଅଂଶ + ଲା ଧାତୁ ଗ୍ରହଣ କରିବା + କର୍ତ୍ତୃ.ଅ)—
Aṁśala — ୧ । ଅଂଶଗ୍ରାହୀ—1. Taking a share.
(ଅଂଶଳା—ସ୍ତ୍ରୀ) — ୨ । (ଅଂଶ = ସ୍କନ୍ଧ + ଅଛି ଯାହାର ଅର୍ଥରେ.ଲ)—
ବଳବାନ୍; ବଳିଷ୍ଠ—2. Strong.
୩ । ହୃଷ୍ଟପୁଷ୍ଟ—3. Stout; well-developed.

**ଅଂଶହର**—ସଂ. ବିଣ. ପୁଂ. (ଅଂଶ + ହୃ ଧାତୁ + କର୍ତ୍ତୃ. ଅ)
Aṁśahara — ୧ । ଅଂଶଗ୍ରାହୀ—1. Receiving a share.
(ଅଂଶହରା—ସ୍ତ୍ରୀ) — ୨ । ଯେଉଁ ବ୍ୟକ୍ତି ପରର ନ୍ୟାଯ୍ୟ ଅଂଶକୁ ଲୋପ କରେ—2. Depriving a person of his legitimate share.
ସଂ. ବି. ପୁଂ—ଦାୟାଦ;ଉତ୍ତରାଧିକାରୀ—Heir; successor.

**ଅଂଶହାରକ**—ସଂ. ବିଣ. ପୁଂ. (ଅଂଶ + ହୃ ଧାତୁ + କର୍ତ୍ତୃ. ଅକ)—
Aṁśahāraka — ଅଂଶହର (ଦେଖ)
(ଅଂଶହାରିକା—ସ୍ତ୍ରୀ) — Aṁśahara (See)

**ଅଂଶହାରୀ**—ସଂ. ବିଣ. ପୁଂ. (ଅଂଶ + ହୃ ଧାତୁ + କର୍ତ୍ତୃ. ଇନ୍. ୧ମା. ୧ବ)—
Aṁśahārī — ଅଂଶହର (ଦେଖ)
(ଅଂଶହାରିଣୀ—ସ୍ତ୍ରୀ) — Aṁśahara (See)

**ଅଂଶା**—ଦେ. ବି. ( ସଂ. ଅଂଶୁ )—
Aṁśā — ୧ । ଡାଳ, ନଡ଼ିଆ, ଗୁଆ ଆଦି ଗଛର ବକଳରେ ବା ଭିତରେ ଥିବା କର୍କଶ ସୂକ୍ଷ୍ମ ତନ୍ତୁ—1. Fibre.
আঁশ
आँस, रेसा
୨ । ସୂତାଦିର ସୂକ୍ଷ୍ମ ଲମ୍ବ ଅଂଶ—2.Textile fibre.
୩ । (ସଂ. ଅସ୍ର = କୋଣ)—କୋଣବିଶିଷ୍ଟ ।
3. Angular.
(ଯଥା—ଏ ଖୁଣ୍ଟର ୫ଟି ଅଂଶା ଅଛି ।)

**ଅଂଶାଅଂଶ**—ଗ୍ରା. ବି. ( ସଂ. ଅଂଶାଂଶ )—
Aṁśāaṁśa — ଅଂଶାଂଶ (ଦେଖ)
Aṁśāṁśa (See)

ଅଶେଷ କୋଟି ବ୍ରହ୍ମାଣ୍ଡ ବୈକୁଣ୍ଠ କୋଟି ।
ଏହି ସ୍ଥାନ ଅଂଶାଅଂଶୁ ଜାତ ହୋଇଛି । ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅଂଶାଇ**—ଦେ. ବି. (ସଂ. ଅଂଶୁ; ଏମାନେ ଅଂଶୁ ପରି ସୂକ୍ଷ୍ମ ଥିବାରୁ)—
Aṁśāi — ୧ । ପଚା ଦ୍ରବ୍ୟ ଓ ପଚା ଘାଆରେ ଉପୁଜିବା ସୂତା ପରି ସରୁ କ୍ଷୁଦ୍ର ଧଳା କୃମି—1. Maggot.
কীরে, কীড়ে
कीड़ा
୨ । ଗୋବର ଉପରେ ପଡ଼ିବା କ୍ଷୁଦ୍ର କୃମି ।
2. Grub found on cowdung left for some time; (Scaraboeus).

**ଅଂଶାଇ ପଡ଼ିବା**—ଦେ. ବି.
Aṁśāi paṛibā — ୧ । ପଚା ଦ୍ରବ୍ୟ ବା ପଚା ଘାଆରେ କୃମି ଚଳିବା; ପୋକ ପଡ଼ିବା ।
পোকাপড়া, পোকাবসা
कीड़े पड़ना
1. Growing of maggots in a rotten thing or sore.

[ ଦ୍ର—ଲୋକବିଶ୍ୱାସ ଯେ, ପଚା ଘାଆ ଉପରେ ଯେଉଁ ମାଛି ବସନ୍ତି, ସେ ମାଛିଙ୍କଠାରୁ ଜାତ ଅଂଶାଇମାନ ଘାଆରେ ରହିଯାଆନ୍ତି ଓ ସେହି କୃମିମାନ ଘାଆ ଭିତରେ ପ୍ରବେଶ କରି ବଢ଼ନ୍ତି । ଏଥିପାଇଁ 'ଅଂଶାଇ ପଡ଼ିବା'କୁ ଲୋକେ 'ମାଛି ବସିବା' କହନ୍ତି । ଯେଉଁ ବ୍ୟକ୍ତିର ଘାଆରେ ଅଂଶାଇ ପଡ଼ିବାର ଦେଖାଯାଏ, ସେ ବ୍ୟକ୍ତିର 'ମାଛିଆ-ପାତକ' ହୁଏ ଏବଂ ସେଥିପାଇଁ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼େ ।]

୨ । ଗୋବର କିଛିକ୍ଷଣ ରହିବା ପରେ ତା ଉପରେ ଧଳା କ୍ଷୁଦ୍ର କୃମି ଦେଖାଯିବା ।
2. Appearance of grubs on cowdung.

**ଅଂଶାଇ ବସିବା**—ଦେ. ବି—ଅଂଶାଇ ପଡ଼ିବା ( ଦେଖ )
Aṁśāi basibā — Aṁśāi paṛibā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜନ୍ତେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଗିଁ' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ !

ହସି ପଶେ, ଉଇଁ ନ ବଶେ, ଦକ୍ଷିଣ ମେଘ ଉତ୍ତରେ ଆସେ,
ସଳ ଗୋବରରେ ଅଂଶାଇ ବସେ, ତେବେ ରେ ପୁତା ନଷ୍ଟେ ବରଷେ ।
ଡାକବଚନ ।

**ଅଂଶାଂଶ**—ସଂ. ବି. ( ୬ଷ୍ଠୀ ତତ୍ ଅଂଶ + ଅଂଶ )—
**Amśāṁśa** ୧ । କୌଣସି ବସ୍ତୁର ଭାଗ କରାଯାଇଥିବା ମୌଳିକ ଅଂଶର ଅଂଶ ।
**1. Subdivision ; part of a part.**
୨ । ( ଦ୍ୱନ୍ଦ୍ୱ ) ପୃଥକ୍ ପୃଥକ୍ ଅଂଶମାନ; ସ୍ୱତନ୍ତ୍ର ଅଂଶମାନ; ଭିନ୍ନ ଭିନ୍ନ ଭାଗ ।
**2. Distinct shares; separate parts.**

**ଅଂଶାନ୍ତର**—ସଂ. ବି. ( ଅନ୍ୟ ଅଂଶ = ଅଂଶାନ୍ତର; ନିତ୍ୟସମାସ )—
**Amśāntara** ଅନ୍ୟଭାଗ—**Another share.**

**ଅଂଶାପହାରୀ**—ସଂ. ବିଣ. ପୁଂ. (ଅଂଶ + ଅପ + ହୃ ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ )—
**Amśāpahārī**
(ଅଂଶାପହାରିଣୀ—ସ୍ତ୍ରୀ) ଯେ ଅନ୍ୟର ପ୍ରାପ୍ୟ ଅଂଶକୁ ଅପହରଣ କରେ ।
**Taking away anothers' legitimate share.**

**ଅଂଶାବତାର**—ସଂ. ବି. ( ଅଂଶ + ଅବତାର )—
**Amśābatāra** ଯେଉଁ ଅବତାରରେ ଦେବତାଙ୍କର କଳା ବା ଶକ୍ତି ପୂର୍ଣ୍ଣ ମାତ୍ରାରେ ନ ଥାଇ ଅଂଶତଃ ଥାଏ ।
**An incarnation in which the quintessence of Divinity is exhibited in part.**
(ଯଥା—ଶ୍ରୀକୃଷ୍ଣ ଭଗବାନଙ୍କର ପୂର୍ଣ୍ଣାବତାର ଥିଲେ, ଶ୍ରୀ ଚୈତନ୍ୟ ଅଂଶାବତାର ଥିଲେ । )

**ଅଂଶା ମାରିବା**—ଦେ. କ୍ରି.
**Amśā māribā** ୧ । କାଠଆଦିର ଉପରେ ଉଠିଥିବା
আঁশমারা ଅଂଶାମାନଙ୍କୁ ରନ୍ଦା, ବାରସୀ ବା କଟୁରି
**आंशमारना** ଦ୍ୱାରା ଚାଞ୍ଛି ଚିକ୍କଣ କରିବା ।
**1. To scrape off and smooth the fibres on the surface of a piece of wood.**
୨ । କାଢ଼ ବରଗା ଆଦିର କୋଣକୁ ରନ୍ଦା ଆଦିଦ୍ୱାରା ଚାଞ୍ଛି ଗୋଲ କରିବା ।
**2. To round up the corner of an angular piece of wood.**

**ଅଂଶିତ**—ସଂ. ବିଣ. ( ଅନ୍‌ଶ ଧାତୁ + କର୍ମ. ତ )—
**Amśita** ୧ । ବିଭକ୍ତ; ଯାହା ଭିନ୍ନ ଭିନ୍ନ ଅଂଶରେ ବିଭକ୍ତ କରା ଯାଇଅଛି ।
**1. Divided into parts.**
୨ । ବଣ୍ଟନ କରାଯାଇଥିବା ।
**2. Partitioned into shares.**

**ଅଂଶିତ୍ୱ**—ସଂ. ବି. ( ଅଂଶିନ୍ + ଭାବାର୍ଥେ. ତ୍ୱ )—ଭାଗାଧିକାରିତ୍ୱ ।
**Amśitwa** **Co-parcenary.**

**ଅଂଶିଦାର୍**—ଦେ. ବି. ( ସଂ. ଅଂଶ + ପା. ପ୍ରତ୍ୟୟ ଦାର୍ )—
**Amśidār** ଭାଗଦାର୍; ସରିକଦାର୍; କୌଣସି ପଦାର୍ଥରେ ଯାହାର
অংশিদার ହିଁସା ଥାଏ ।
**अंशिदार** **Co-sharer; partner; shareholder.**

**ଅଂଶିଦାରୀ**—ଦେ. ବି. ( ଅଂଶିଦାର୍ + ଭାବାର୍ଥେ ପା. ପ୍ରତ୍ୟୟ ଇ )—
**Amśidārī** ଭାଗଦାରୀ; ସମ୍ପତ୍ତିରେ ବହୁ ଲୋକଙ୍କର ଅଂଶ ଥିବା
অংশিদারী ଅବସ୍ଥା ।
**अंशिदारी** **Partnership; co-parcenary.**

**ଅଂଶୀ**—ସଂ. ବିଣ. ପୁ. ( ଅଂଶ + ଅସ୍ତି ଯାହାର ଅର୍ଥରେ ଇନ୍. ୧ମା. ଏକ ବଚନ )—
**Amśī**
(ଅଂଶିନୀ—ସ୍ତ୍ରୀ) ୧ । କୌଣସି ବସ୍ତୁରୁ ଅଂଶ ବା ଭାଗ ପାଇବା ଯୋଗ୍ୟ (ବ୍ୟକ୍ତି) ।
**1. Deserving to get a share.**
୨ । ଅଂଶଭାଗୀ (ଦେଖ)
**2. Amśabhāgī (See)**
ସଂ. ବି—ଅଂଶିଦାର୍ (ଦେଖ)
**Amśidār (See)**
ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଦେବତା ବା ବ୍ୟକ୍ତିବାଚକ ଶବ୍ଦ ପରେ ଯୁକ୍ତ ହୁଏ, ଯଥା—ଦେବଅଂଶୀ ।)
ଅମୁକ ଦେବତାଙ୍କ ଅଂଶ ବା କଳା ଧାରଣ କରି ଜନ୍ମ ଗ୍ରହଣ କରିଥିବା ।
**Born with some trace of Divinity.**

ଯେ ଦେବଅଂଶୀ କନ୍ୟାଗଣ
କୃଷ୍ଣର ଦେହ ବୋଲି ଜାଣ । ଭୂପତି—ପ୍ରେମପଞ୍ଚାମୃତ ।

**ଅଂଶୀଭୂତ**—ସଂ. ବିଣ. ( ଅଂଶ + ଅଭୂତତଦ୍ଭାବେ ଈ + ଭୂତ )—
**Amśībhūta** ଅଙ୍ଗୀଭୂତ; କୌଣସି ପଦାର୍ଥର ଅଂଶରୂପେ ଗୃହୀତ ।
**Taken as a part of anything; included in anything.**

**ଅଂଶୁ**—ସଂ. ବି. ( ଅନ୍‌ଶ ଧାତୁ = ଭାଗ କରିବା + ସଂଜ୍ଞାର୍ଥେ. ଉ )—
**Amśu** ୧ । ସୂତାଦିର ସୂକ୍ଷ୍ମ ଲମ୍ବ ଅଂଶ—**1. Fibre.**
୨ । ବସ୍ତ୍ର; ଲୁଗା—**2. Cloth.**
୩ । (ଅଶ୍ ଧାତୁ = ବ୍ୟାପିବା + କର୍ତ୍ତୃ. ଉ) ରଶ୍ମି; କିରଣ ।
**3. Rays.**

ଦହିବସୁ ଅଂଶୁ ପଶୁ ନାହିଁ ପଦ୍ମ ଘଟେ ।
ଭଞ୍ଜ—ବୈଦେହୀଶବିଳାସ, ୩୬।୧ ।

୪ । ଦୀପ୍ତି; ଉଜ୍ଜ୍ୱଳତା—**4. Lustre; brightness.**
୫ । ପ୍ରତିଭା; ପ୍ରକୃଷ୍ଟ ବୁଦ୍ଧି; ବିଚକ୍ଷଣତା—**5. Talents.**
୬ । ସୂର୍ଯ୍ୟ—**6. The sun.**
[ ଏହି ଶବ୍ଦ ପୂର୍ବେ ସହସ୍ର, ସୁଧା, ଶୁଭ୍ର, ହିମ ଆଦି ଶବ୍ଦ ଯୁକ୍ତ ହୋଇ ବହୁବ୍ରୀହି ସମାସ ହୁଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ହ୍ଣ |
| ୨ | ଈ | ଊ | ଋୂ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ | ହ୍ନ |

**ଅଂଶୁଅଂଶୁଆ**—ଦେ. ବିଣ. ( ସଂ. ଅଂଶୁ )—
**Aṁśuaṁśuā** ଯହିଁରେ ଅଂଶୁ ଥାଏ; ବହୁ ସୂକ୍ଷ୍ମ-ତନ୍ତୁଯୁକ୍ତ ।
**অংশুয়া, এঁশো** Fibrous; full of fibres.
**रेशेदार**

[ ବହୁ ସଂଖ୍ୟା ସୂଚିତ ହେବା ସ୍ଥଳରେ ଶବ୍ଦର ଦୁଇ ଥର ପ୍ରୟୋଗ ହୁଏ; ଯଥା—ଖଦଖଦଡ଼ିଆ, ବରବର, ରୁଆରୁଆ । ]

**ଅଂଶୁଆ**—ଦେ. ବିଣ. ( ସଂ. ଅଂଶୁ )—ଅଂଶୁଅଂଶୁଆ ( ଦେଖ )
**Aṁśuā** Aṁśuaṁśuā (See)

**ଅଂଶୁକ**—ସଂ. ବିଣ. (ଅଂଶୁ=କିରଣ+ଅସ୍ତି ଅର୍ଥରେ କ )—
**Aṁśuka** ଦୀପ୍ତିମାନ୍—Bright; lustrous.

ସଂ. ବି. (ଅଂଶୁ+ସ୍ୱାର୍ଥେ. କ)—

୧ । କିରଣ—**1. Rays**

ଉଡ଼ି ଯାଉଛନ୍ତି ହଂସେ ବୋଲା ହୋଇ ରକ୍ତ ଅଂଶୁକେ । ରାଧାନାଥ—ଉଷା ।

୨ । ଦୀପ୍ତି; ତେଜ—**2. Lustre; radiance.**

୩ । ( ଅଂଶୁ=ତନ୍ତୁ+କ ) ବସ୍ତ୍ର;ଲୁଗା—**3. Cloth.**

୪ । ସୂକ୍ଷ୍ମ ବସ୍ତ୍ର; ସରୁ ଲୁଗା—**4. Fine cloth.**

୫ । ଉତ୍ତରୀୟ; ଚାଦର—**5. Sheet; scarf worn on the shoulders.**

୬ । ଶୁକ୍ଳ ବସ୍ତ୍ର—**6. White cloth.**

୭ । ତେଜପତ୍ର—**7. Cassia leaf.**

**ଅଂଶୁକାୟ**—ସଂ. ବିଣ. ପୁଂ. ( ଆଧୁନିକ ଜୀବବିଜ୍ଞାନ ପରିଭାଷା)—
**Aṁśukāya** (ବହୁବ୍ରୀହି, ଅଂଶୁ=କିରଣ ଅସ୍ତି କାୟରେ ଯାହାର)
( ଅଂଶୁକାୟା—ସ୍ତ୍ରୀ ) ୧ । ଯେଉଁ ଜୀବମାନଙ୍କ ଦେହରୁ ଦୀପ୍ତି ବା ତେଜ ବାହାରେ—**1. Efflorescent; phosphorescent ( animals ) emitting rays.**

ଦେ. ବି. ( ବିଜ୍ଞାନ ପରିଭାଷା )—
ଦେହରୁ ଆଲୋକ ବିକୀର୍ଣ୍ଣ ହେଉଥିବା ଜୀବ ।
(ଯଥା—ଜୁଳୁଜୁଳିଆ ପୋକ, ପ୍ରବାଳ କୀଟ, ସାମୁଦ୍ରିକ ତାରା ମତ୍ସ୍ୟ ।)
**Luminous-bodied animals ( e. g. firefly, coral insect, starfish.)**

**ଅଂଶୁଜାଲ**—ସଂ. ବି. ( ୬ଷ୍ଠୀ ତତ୍ )—
**Aṁśujāla** କିରଣସମୂହ—**Rays.**

**ଅଂଶୁଧର**—ସଂ. ବ. ପୁଂ. ( ବହୁବ୍ରୀହି; ଅଂଶୁ+ଧୃ ଧାତୁ+କର୍ତ୍ତୃ. ଅ )—
**Aṁśudhara** ୧ । ସୂର୍ଯ୍ୟ—**1. The sun.**
(ଅଂଶୁଧରା—ସ୍ତ୍ରୀ) ୨ । ( ନାମ ) ସୂର୍ଯ୍ୟବଂଶୀୟ ଅସମଞ୍ଜ ରାଜା ।
**2. Name of a king of the Solar dynasty.**
( ଏ ଦିଲୀପଙ୍କ ପିତାମହ, ମନୁଙ୍କ ପିତା ଓ ସଗରଙ୍କ ପୁତ୍ର ଥିଲେ । )

ସଂ. ବିଣ. ପୁଂ—ଯେ କିରଣକୁ ଧାରଣ କରେ ବା ବହନ କରେ ।
**Carrying rays; bearing rays.**

**ଅଂଶୁପଟ୍ଟ**—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଅଂଶୁନିର୍ମିତ ପଟ୍ଟ)—
**Aṁśupaṭṭa** ପାଟ ଲୁଗା; ରେଶମୀ ଲୁଗା—**Silken cloth.**

**ଅଂଶୁପତି**—ସଂ. ବି. ( ୬ଷ୍ଠୀ ତତ୍ )—
**Aṁśupati** ସୂର୍ଯ୍ୟ—**The sun.**

**ଅଂଶୁପା**—ଦେ. ବି. ( ନାମ; ସଂ. ଅଂଶୁ=କିରଣ+ପା ଧାତୁ=ରକ୍ଷା
**Aṁśupā** କରିବା+କର୍ତ୍ତୃ. ଅ; ସ୍ତ୍ରୀ.ଆ—ଯାହା କିରଣମାନଙ୍କୁ ରକ୍ଷା ବା ପ୍ରତିବିମ୍ବିତ କରେ । )
ଅଂଶୁପା ହ୍ରଦ—**Name of a small inland lake in Banki, Cuttack District.**

ସ୍ୱରୂପା ଅଂଶୁପା ଲୋକେ ଅଗୋଚର,
ପୂଜାସ୍ପଦ ହେଲା ଗୋଷ୍ପଦ ପୁଷ୍କର । ରାଧାନାଥ—ଚିଲିକା ।

[ ଦ୍ର—କଟକ ଜିଲ୍ଲାର ବାଙ୍କି ରାଜ୍ୟ ଅନ୍ତର୍ଗତ; ଏହା ଗୋଟିଏ ପ୍ରାକୃତିକ ସୁରମ୍ୟ ହ୍ରଦ । ଏହା କଟକଠାରୁ ପଶ୍ଚିମରେ ୧୬ ମାଇଲ୍ ଓ ବାଙ୍କି ସହରଠାରୁ ୬ ମାଇଲ ଦୂରରେ ମହାନଦୀର ଦକ୍ଷିଣ କୂଳରେ ଅବସ୍ଥିତ । ଏହାର ଦୈର୍ଘ୍ୟ ଅଢ଼େଇ ମାଇଲ୍ ଓ ପ୍ରସ୍ଥ ଏକ ମାଇଲ୍ । ଏହାର ଗଭୀରତା ୨ ଫୁଟଠାରୁ ୫ ଫୁଟ୍ । ଏଥି ମଧ୍ୟରେ ଦୁଇ ତିନୋଟି ଗଣ୍ଡ ଅଛି । ଏ ହ୍ରଦର ଦକ୍ଷିଣ ପଶ୍ଚିମକୂଳରେ ସରଣ୍ଡା-ପର୍ବତ ଓ ପୂର୍ବ'କୂଳରେ ସୁବର୍ଣ୍ଣପୁର ଗ୍ରାମ । ଶୀତକାଳରେ ଅନେକ ଜଳଚର ପକ୍ଷୀ ଏଠାକୁ ଚରିବାକୁ ଆସନ୍ତି ଓ ଗ୍ରୀଷ୍ମକାଳରେ ଏଥିରୁ ଅନେକ ମାଛ ମରାଯାଏ । ]

**ଅଂଶୁବାଣ**—ସଂ. ବି. (ବହୁବ୍ରୀହି; ବାଣ ପରି ତୀକ୍ଷ୍ଣ ଅଂଶୁ ଯାହାର)—
**Aṁśubāṇa** ସୂର୍ଯ୍ୟ—**The sun.**

**ଅଂଶୁମତ୍‌ଫଳା**—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଅଂଶୁ+ଅସ୍ତି ଅର୍ଥରେ. ମତ୍
**Aṁśumatphalā** =ଅଂଶୁମତ୍=ଦୀପ୍ତିଶାଳୀ; ଅଂଶୁମତ୍ ଅଟେ ଫଳ ଯାହାର,-ଅଂଶୁମତ୍‌ଫଳ+ସ୍ତ୍ରୀ. ଆ ।)—
କଦଳୀଗଛ—**The plantain tree.**

**ଅଂଶୁମତୀ**—ସଂ. ବିଣ. ସ୍ତ୍ରୀ.(ଅଂଶୁମତ୍+ସ୍ତ୍ରୀ. ଈ)—ଅଂଶୁମାନ୍‌ର ସ୍ତ୍ରୀଲିଙ୍ଗ ।
**Aṁśumatī** Feminine of Aṁśumān.

ସଂ. ବି.—୧ । (ବୈଦ୍ୟକ) ଶାଳପର୍ଣ୍ଣୀ (ଦେଖ)
1. Sālaparṇṇī (See)

୨ । ଯମୁନା ନଦୀ—**2. A name of the river Jamunā (Apte)**

**ଅଂଶୁମାନ୍**—ସଂ. ବିଣ. ପୁଂ. (ଅଂଶୁ+ଅସ୍ତି ଅର୍ଥରେ. ମତ୍; ୧ମା. ୧ବ)—
**Aṁśumān** ୧ । ଦୀପ୍ତିମାନ୍—**1. Radiant; lustrous.**
(ଅଂଶୁମତୀ—ସ୍ତ୍ରୀ) ୨ । କିରଣଯୁକ୍ତ—**2. Emitting rays.**

ସଂ. ବି. ପୁଂ—୧ । ସୂର୍ଯ୍ୟ—**1. The sun.**

୨ । (ନାମ) ସୂର୍ଯ୍ୟବଂଶୀୟ ସଗରରାଜାଙ୍କ ପୌତ୍ର ।
**2. Name of a grandson of king Sagara.**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଥ' ନ ମିଳିଲେ 'ଲୁଅ' ଦେଖିବେ; 'ବଧ୍ଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆର୍ଯ୍ୟ' ନ ପାଇଲେ 'ଆର୍ଯ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

[ଦ୍ର—ଏ ଅସମଞ୍ଜଙ୍କ ପୁତ୍ର ଓ ସଗରଙ୍କ ପୌତ୍ର । ସଗରଙ୍କ ଯଜ୍ଞାଶ୍ୱକୁ ଜଗିଥିବା ସଗରଙ୍କ ଷାଠିଏ ହଜାର ପୁତ୍ର କପିଳ ମୁନିଙ୍କ ଶାପରେ ଭସ୍ମ ହେବା ପରେ ଅଂଶୁମାନ୍ ଅଶ୍ୱକୁ ସନ୍ଧାନ କରିବାକୁ ଯାଇ ପାତାଳରେ ପହଞ୍ଚି ସ୍ତବଦ୍ୱାରା କପିଳ ମୁନିଙ୍କୁ ସନ୍ତୁଷ୍ଟ କରିବାରୁ ମୁନି କହିଲେ, ଯେବେ କେହି ସ୍ୱର୍ଗରୁ ଗଙ୍ଗାଙ୍କୁ ଆଣି ପାରିବ, ତେବେ ଭସ୍ମୀଭୂତ ପୁତ୍ରମାନେ ନରକରୁ ଉଦ୍ଧାର ପାଇବେ । ଅଂଶୁମାନ୍ ଯଜ୍ଞାଶ୍ୱ ଆଣି ସଗର ରାଜାଙ୍କୁ ଦେବାରୁ ସଗର ଅଶ୍ୱମେଧଯଜ୍ଞ ସମାପନ କରି ଏହାଙ୍କୁ ରାଜ୍ୟ ଦେଇ ତପସ୍ୟାର୍ଥ ଅରଣ୍ୟକୁ ଗଲେ । ]

**ଅଂଶୁମାନ**—ଦେ. ବି. (ସଂ. ଅଂଶୁମାନ୍)—
**Amsumāna** ଅଂଶୁମାନ୍ (ଦେଖ) Amsumān (See)

ତାର କୁମର ଅଂଶୁମାନ,
ସକଳ ଗୁଣେ ଗୁଣଧାମ । ଜଗନ୍ନାଥ—ଭାଗବତ- ୯ମ ।

**ଅଂଶୁମାଳା**—ସଂ. ବି. (୬ଷ୍ଠୀ ତତ୍)—
**Amsumālā** ୧ । କିରଣସମୂହ; କିରଣରାଶି ।
1. Mass of rays; a wreath of rays.
୨ । ଜ୍ୟୋତିଃପୁଞ୍ଜ—2. A halo of radiance.

**ଅଂଶୁମାଳୀ**—ସଂ. ବିଣ. ପୁଂ. ( ଅଂଶୁମାଳା + ଅଛି ଅର୍ଥରେ ଇନ୍. ୧ମା. ଏକବଚନ)—
**Amsumālī**
(ଅଂଶୁମାଳିନୀ—ସ୍ତ୍ରୀ) ୧ । ଅଂଶୁମାଳାଯୁକ୍ତ; କିରଣମାଳାଯୁକ୍ତ ।
1. Radiant; full of rays.
୨ । କିରଣମାଳାବିଭୂଷିତ ।
2. Wreathed with rays.
ସଂ. ବି. ପୁଂ—୧ । ସୂର୍ଯ୍ୟ—1. The sun.
୨ । (ଆଦିତ୍ୟଙ୍କ ସଂଖ୍ୟା ୧୨ ଥିବାରୁ ) ଦ୍ୱାଦଶ ସଂଖ୍ୟା; ୧୨ ।
2. The number twelve.

**ଅଂଶୁଳ**—ସଂ.ବିଣ. ପୁଂ. (ଅଂଶୁ + ଅଛି ଅର୍ଥରେ ଲ; କିମ୍ବା ଅଂଶୁ + ଲା ଧାତୁ ଗ୍ରହଣ କରିବା + କର୍ତ୍ତୃ. ଅ )—
**Amsula**
(ଅଂଶୁଳା—ସ୍ତ୍ରୀ)
୧ । ଦୀପ୍ତିଯୁକ୍ତ; ପ୍ରଭାଯୁକ୍ତ—1. Radiant.
୨ । ଉଜ୍ଜ୍ୱଳ—2. Bright.
ସଂ. ବି. ପୁଂ. ( ନାମ; ଏ ଅଂଶୁ=ପ୍ରତିଭା କିମ୍ବା ବ୍ରାହ୍ମଣୋଚିତ ତେଜୋଯୁକ୍ତ ଥିବାରୁ )—ଚାଣକ୍ୟଙ୍କର ନାମ ।
A name of Chāṇakya.

**ଅଂଶୁଶିରାଳଦେହ**—ଦେ. ବିଣ. ( ଜୀବ-ବିଜ୍ଞାନ ପରିଭାଷା)—
**Amsusirāladeha** ଯେଉଁ ଜୀବମାନଙ୍କ ଦେହର ଶିରାମାନ
অংশুশিরাল দেহ ଗୋଟିଏ କେନ୍ଦ୍ରରୁ ଅଂଶୁ ପରି ସବୁଆଡ଼କୁ
अंशुशिरालदेह ବାହାରିଥାଏ—Radiata.
( ଯଥା—ବୁଢ଼ିଆଣୀ, ସାମୁଦ୍ରିକ ଜୀବ ପୁରୁଭୁଜ । )

**ଅଂଶୁହସ୍ତ**—ସଂ. ବି. ( ବହୁବ୍ରୀହି; ଅଂଶୁ=କିରଣ ଅଛି ହସ୍ତ ପରି ଯାହାର)—
**Amsuhasta**
ସୂର୍ଯ୍ୟ—The sun.

**ଅଂଶୂଦକ**—ସଂ. ବି. (ମଧ୍ୟପଦଲୋପୀ କର୍ମଧାରୟ; ଅଂଶୁ=କିରଣ + ଉଦକ; କିରଣସ୍ପୃଷ୍ଟ ଉଦକ ।)—
**Amsūdaka**
( ବୈଦ୍ୟକ ) ଯେଉଁ (ଜଳାଶୟର) ଜଳରେ ଦିନରେ ସୂର୍ଯ୍ୟକିରଣ ଓ ରାତିରେ ଜ୍ୟୋତ୍ସ୍ନା ସମ୍ପୂର୍ଣ୍ଣରୂପେ ପଡ଼େ ଓ ଯହିଁର ଜଳ ନିର୍ମଳ ।
Water of a tank which gets sun's & moon's rays freely.
( ଏହି ଜଳ ଶୀତଳ, ସ୍ନିଗ୍ଧ, ଅନଭିଷ୍ୟନ୍ଦୀ ଅର୍ଥାତ୍ ଏହା କଫକର ନୁହେ । ଶରତ୍‌କାଳରେ ଏହି ଜଳ ପାନାର୍ଥ ପ୍ରଶସ୍ତ ଅଟେ । )

**ଅଂଶେଇ(ଇତ୍ୟାଦି)**—ଦେ. ବି— ଅଂଶାଇ. ଇତ୍ୟାଦି ( ଦେଖ )
**Amsei** Amsāi etc. (See)

**ଅଂଶ୍ୟ**—ସଂ. ବିଣ. (ଅନ୍‌ଶ ଧାତୁ + କର୍ମ. ଯ)—ଅଂଶନୀୟ (ଦେଖ)
**Amsya** Amsaniya (See)

**ଅଂଶ୍ୟମାନ**—ସଂ. ବିଣ. (ଅନ୍‌ଶଧାତୁ + କର୍ମ. ଆନ)—
**Amsyamāna** ବିଭଜ୍ୟମାନ; ଯାହାକୁ ଭାଗ କରି ଯାଉଅଛି ।
That which is being partitioned or divided into shares.

**ଅଂସ**—ସଂ. ବି. (ଅମ ଧାତୁ=ରୁଗ୍‌ଣ ବା ପୀଡ଼ିତ ହେବା + କର୍ତ୍ତୃ. ସ; ଯେଉଁ ଅବୟବ ଭାରବହନଦ୍ୱାରା ପୀଡ଼ିତ ହୁଏ )—
**Amsa**
୧ । ସ୍କନ୍ଧ; କାନ୍ଧ —1. Shoulder.
[ଦ୍ର—ବାହୁମୂଳ ଓ ବେକପାଖ ମଧ୍ୟରେ ଥିବା ଅର୍ଦ୍ଧାଙ୍ଗୁଳପରିମିତ ପେଶୀଯୁକ୍ତ ଅଂଶକୁ ଅଂସ ବୋଲାଯାଏ । ଏହି ସ୍ଥାନରେ ଗୁରୁତର ଆଘାତ ହେଲେ ବାହୁସ୍ତମ୍ଭ ରୋଗ ହୁଏ । ]
୨ । (ଅନ୍‌ସ ଧାତୁ=ବାଣ୍ଟିବା + କର୍ମ. ଅ)
ଅଂଶ; ଭାଗ; ହିସ୍‌ସା—2. Share.
୩ । ବିଭାଗ; ବଣ୍ଟନ—3. Partitioning.

**ଅଂସକୂଟ**—ସଂ. ବି—ଅଂଶକୂଟ (ଦେଖ)
**Amsakūta** Amskauta (See)

**ଅଂସତ୍ର**—ସଂ.ବି.(ଅଂସ=କାନ୍ଧ + ତ୍ରୈ ଧାତୁ=ରକ୍ଷାକରିବା + କର୍ତ୍ତୃ.ଅ)—
**Amsatra** ସ୍କନ୍ଧାବରକ କବଚ—An armour for protecting the shoulder.

**ଅଂସଫଳକ**—ସଂ. ବି. (ବିଜ୍ଞାନ ପରିଭାଷା)—
**Amsaphalaka** ଉଭୟସ୍କନ୍ଧର ପଛଆଡ଼େ ଥିବା ତ୍ରିକୋଣାକାର ଅସ୍ଥି; କାନ୍ଧର ହାଡ଼ (ହାତ ଚଳାଇଲା ବେଳେ ଯାହା ଚଳିତ ହେବାର ଦେଖାଯାଏ ।)—
Shoulderblade; the scapula.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ଯ | ଉଅ | ହ୍ନ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | କ୍ଷ | ହ୍ନ |

**ଅଂସଫଳକାଷ୍ଠି**—ସଂ. ବି. (ବିଜ୍ଞାନ-ପରିଭାଷା)—ଅଂସଫଳକ (ଦେଖ)
Aṁsaphaḷakāsthi — Aṁsaphaḷaka (See)

**ଅଂସଭାର**—ସଂ. ବି. (ମଧ୍ୟପଦଲୋପୀକର୍ମଧା. ଅଂସ ବା କାନ୍ଧଦ୍ୱାରା ବାହିତ ଭାର)—
Aṁsabhāra
କାନ୍ଧରେ ବୁହା ହେବା ବୋଝ—Load carried on the shoulders.
(ଯଥା—ଶିକାବାହୁଙ୍ଗୀ; ମନୁଷ୍ୟ କାନ୍ଧରେ ବୁହା ହେବା ସବାରି ଆଦି; କୁଲିଙ୍କ କାନ୍ଧରେ ବୁହା ହେବା ଭୁଆଳ ଆଦି ।)

**ଅଂସଳ**—ସଂ. ବିଣ. ପୁଂ. (ଅଂସ + ଳ)—
Aṁsaḷa ୧ । ଦୃଢ଼କାୟ; ବଳବାନ୍; ବଳିଷ୍ଠ—1. Strong.
(ଅଂସଳା—ସ୍ତ୍ରୀ) ୨ । ହୃଷ୍ଟପୁଷ୍ଟ—2. Stout.

**ଅଂହ**—ଦେ. ବି. (ସଂ. ଅଂହଃ)—ଅଂହଃ(ଦେଖ)
Aṁha — Aṁhaḥ (See)

ଦୁର୍ଜନ ଆଚରଣ ଅଂହ
ମାୟା କଳହ ଦମ୍ଭ ମୋହ । ଜଗନ୍ନାଥ—ଭାଗବତ ।

**ଅଂହଃ**—ସଂ. ବି. (ଅନ୍ହ ଧାତୁ=ଅଧୋଗମନ କରିବା + କରଣ. ଅସ୍; ଅଂହସ୍, ୧ମା. ଏକବଚନ—ଯାହାଦ୍ୱାରା ମନୁଷ୍ୟ ଅଧୋଗମନ କରେ ।)—
Aṁhaḥ
୧ । ପାପ—1. Sin; moral defilement.
୨ । ସ୍ୱଧର୍ମ ପରିତ୍ୟାଗ—2. Forsaking of one's religion.
୩ । କ୍ଲେଶ; କଷ୍ଟ; ଦୁଃଖ—3. Trouble.
୪ । ଅଧର୍ମ—4. Impiety.

**ଅଂହତି**—ସଂ. ବି. (ଅନ୍ହ ଧାତୁ=ଗମନ କରିବା, ଣିର୍ + ଭାବ. ଅତି)—
Aṁhati ୧ । ରୋଗ; ବ୍ୟାଧି—1. Disease; sickness.
୨ । ତ୍ୟାଗ—2. Abandonment.
୩ । ଦାନ—3. Gift.

**ଅଂହତି**—ସଂ. ବି—ଅଂହତିର ବିକଳ୍ପ ରୂପ ।
Aṁhati — Another form of Aṁhati.

**ଅଂହ୍ରି**—ସଂ. ବି. (ଅନ୍ହ ଧାତୁ=ଗମନ କରିବା + କରଣ. ରି)—
Aṁhri ୧ । ଅଙ୍ଘ୍ରି; ପାଦ; ଗୋଡ଼—1. Leg; foot.
୨ । ଚତୁର୍ଥାଂଶ—2. Onefourth; a quarter.
୩ । ବୃକ୍ଷର ଚେର—3. Root of a tree.

**ଅଂହ୍ରିପ**—ସଂ. ବି. (ବହୁବ୍ରୀହି; ଅଂହ୍ରି + ପା ଧାତୁ + କର୍ତ୍ତୃ. ଅ.=ଯେ ପାଦଦ୍ୱାରା ପାନ କରେ)—ପାଦପ; ବୃକ୍ଷଲତାଦି ।
Aṁhripa — Trees & plants; vegetable.

**ଅଂହ୍ରିସ୍କନ୍ଧ**—ସଂ. ବି. (୬ଷ୍ଠୀ ତତ୍; ଅଂହ୍ରି=ପାଦର ସ୍କନ୍ଧ=ବଳିଷ୍ଠ ଅଂଶ)—
Aṁhriskandha ଗୁଲ୍ଫ; ଗୋଇଠି—Heel; sole of the foot.

**ଅଃ**—ଦେ. ଅ. (ସଂ. ଅହୋ; ଅହହ)—ଓଃ; ଆହା; ହା; ହାଇ; ହାୟ ।
Aḥ (ଏହା ନିମ୍ନଲିଖିତରୂପେ ବ୍ୟବହୃତ ହୁଏ; ଯଥା—ଖେଦ ପ୍ରକାଶ;
ଆଃ ବିରକ୍ତି ପ୍ରକାଶ; ଅନୁତାପ ପ୍ରକାଶ; ଲାଳସା; ଅବଜ୍ଞା ଓ ଅଜ୍ଞାନ
ଅହ ପ୍ରକାଶ)—(Interjection) Oh; Alas; (used to express regret, displeasure, vexation, hankering, disdain & ignorance.)

**ଅଃ ଅଃ**—ଦେ. ଅ. (ଅଃ ର ଦ୍ୱିତ୍ୱ)—ଅଃ (ଦେଖ)
Aḥ Aḥ — Aḥ (See)

**ଅଁ**—ଦେ. ଅ—୧ । (ସମ୍ମତିସୂଚକ) ହଁ ।
Añ 1. (Interjection used to express consent) Yes.
ଅଁ
୨ । (ନିକଟରେ ଥାଇ ଡାକିବା ଲୋକଙ୍କୁ ଜବାବ ଦେବାରେ ବ୍ୟବହୃତ) ଏଁ—2. Used in responding to the call of a person near by.
୩ । (ନିକଟରେ ଥିବା ଲୋକର କଥା ଶୁଣି ନ ପାରିବା ବ୍ୟକ୍ତିର ପ୍ରଶ୍ନାର୍ଥକ ଧ୍ୱନି)—ଏଁ; କଅଣ କହିଲ ?—3. (Sound used to express that one could not fully hear what was said) Eh! What did you say?
୪ । (ଧ୍ୱନ୍ୟନୁକରଣ) ଅଣ୍ଡିରା ଛେଳି କମ୍ବା ଷଣ୍ଢ ଆଦି ସଙ୍ଗମ କରିବାକୁ ଉଦ୍ୟତ ହେଲାବେଳେ କରିବା ଧ୍ୱନି ।
4. Sound made by a he-goat or bull before copulation.

**ଅଁଇଲା** (ଇତ୍ୟାଦି)—ଦେ. ବି—ଅଁଇଲା ଇତ୍ୟାଦି (ଦେଖ)
Añaḷā. etc. — Aañḷā. etc. (See).

**ଅଁଏଲା** (ଇତ୍ୟାଦି)—ଦେ. ବି—ଅଁଇଲା ଇତ୍ୟାଦି. (ଦେଖ)
Añeḷā. etc. — Aañḷā. etc. (See)

**ଅଁ ଚଁ**—ଦେ. ଅ. (ଧ୍ୱନ୍ୟନୁକରଣ)—ଉଁଚୁଁ (ଦେଖ)
Añchañ — Uñchuñ (See)

**ଅଁଟଁ**—ଦେ. ଅ. (ବ୍ୟଙ୍ଗ) (ସଂ. ଅଟନ)—
Añtañ ୧ । ସମ୍ପୂର୍ଣ୍ଣରୂପେ ଯୋଗ୍ୟ—1. (Ironical) Fully fit.
(ଯଥା—ସେ ଟୋକାଟା ପାଠ ପଢ଼ି ଅଁଟଁ ହୋଇଗଲାଣି ।)
୨ । ସମ୍ପୂର୍ଣ୍ଣରୂପେ ସନ୍ତୁଷ୍ଟ—2. (Ironical) Fully satisfied.
(ଯଥା—ମୁଁ ଜମିଦାରଙ୍କ ଘରେ ଖାଇପିଇ ଅଁଟଁ ହୋଇଗଲି ।)

**ଅଁଟ୍କୁର**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଆଣ୍ଟୁକୁଡ଼ା; ଅପତ୍ୟବିହୀନ ।
Añtkura — Childless.
(ଅଁଟ୍କୁରୀ—ସ୍ତ୍ରୀ)

**ଅଁଠ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଓଷ୍ଠ)—ଓଠ; ଓଷ୍ଠ; ଅଧର—
Añth — Lip.

**ଅଁଠ୍କୁର**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—
Añthkurā ଆଣ୍ଟୁକୁଡ଼ା; ଅପତ୍ୟବିହୀନ—Childless.
(ଅଁଠ୍କୁରୀ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ'-ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନପାଇଲେ'ଅଲ୍‌ବତ୍' ଦେଖିବେ ।

**ଅଁଧାର୍**—ପ୍ରାଦେ· (ସମ୍ବଲପୁର) ବ. (ସଂ. ଅନ୍ଧକାର)—
**Añdhār** ଅନ୍ଧାର; ଅନ୍ଧକାର—Darkness.
ପ୍ରାଦେ. ବିଣ—ଅନ୍ଧକାରମୟ—**Dark.**

**ଅଁଧାର୍ ବିଲ୍‌ବିଲ୍**—ପ୍ରାଦେ. (ସମ୍ବଲପୁର) ବିଣ—ଅନ୍ଧାର କଟିକଟି; ଘୋର
**Añdhār bilbil** ଅନ୍ଧକାରମୟ—**Very dark.**
( ଯଥା—ଅଁଧାର୍ ବିଲ୍‌ବିଲ୍ ହୋଏଛ୍ । )
ପ୍ରାଦେ. ବି—ନିବିଡ଼ ଅନ୍ଧକାର—**Profound darkness.**

**ଅଁବ୍ରା**—ପ୍ରାଦେ. (ବସ୍ତର) ବି—ଅଅଁଳା (ଦେଖ)
**Añbrā** Aañḻā (See)

**ଅଁଳା** (ଇତ୍ୟାଦି)—ଦେ. ବି. (ସଂ. ଆମଲକ)—ଅଅଁଳା ଇତ୍ୟାଦି **(ଦେଖ)**
**Añḻā. etc.** **Aañḻā etc. (See)**

ବଗଡ଼ା ଅନ୍ଧ କେ ଅଣିଲ୍ଲ
ବେଲ କରନ୍ତି ଲୁଣ ଅଁଳା । ଜଗନ୍ନାଥ· ଭାଗବତ· ୧୦ମ ଗୋପ ।

**ଅଁଶ** (ଇତ୍ୟାଦି)—ଦେ. ବି. (ସଂ. ଅଂଶ)—ଅଂଶ ଇତ୍ୟାଦି (ଦେଖ)
Añśa etc. Aṁśa etc. (See)

**ଅଁଶା**—ଦେ. ବି. (ସଂ. ଅଂଶୁ)—ଅଂଶା (ଦେଖ)
**Añśā** **Aṁśā (See)**

**ଅଁଶାଇ**—ଦେ. ବି—ଅଂଶାଇ (ଦେଖ)
**Añśāi** **Aṁśāi (See)**

**ଅଁଶିଦାର୍**—ଦେ. ବି—ଅଂଶିଦାର୍ (ଦେଖ)
**Añśidār** **Aṁśidār (See)**

**ଅଁଶୁଅଁଶୁଆ**—ଦେ. ବିଣ—ଅଂଶୁଅଂଶୁଆ (ଦେଖ)
**Añśuañśuā** **Aṁśuaṁśuā (See)**

**ଅଁଶୁଆ**—ଦେ. ବିଣ—ଅଂଶୁ ଅଂଶୁଆ (ଦେଖ)
**Añśuā** **Aṁśuaṁśuā (See)**

**ଅଁଶୁପା**—ଦେ. ବି—ଅଂଶୁପା (ଦେଖ)
**Añśupā** **Aṁśupā (See)**

**ଅଁଶେଇ**—ଦେ. ବି—ଅଂଶାଇ (ଦେଖ)
**Añśei** **Aṁśāi (See)**

**ଅକ୍‌ତିଆର୍** (ଇତ୍ୟାଦି)—ବୈଦେ. ବି—ଅକ୍ତିଆର୍ (ଦେଖ)
**Aktiār** **Aktiār (See)**

**ଅକ୍‌ବର୍**—ବୈଦେ. ବି—ଆକବର (ଦେଖ)
**Akbar** **Ākabara (See)**

**ଅକ୍‌ଲିଆ**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଆକାଳିକ)—
**Akliā** ୧ । ନୂଆଶିଖାଳି—**1. Novitiate.**
୨ । ଆକାଳିକ;ଅସାମୟିକ—**2. Untimely.**

**ଅକ୍‌ଶର୍**—ବୈଦେ. ବିଣ—ଅକଶର୍ (ଦେଖ)
**Akśar** **Akaśar (See)**

**ଅକଧାତୁ**—ସଂ—ବକ୍ରଗମନ କରିବା—
**Aka (verbal root)** **To move in a crooked or curved manner.**

**ଅକ**—ସଂ. ବି. ( ଅକଧାତୁ + ଭାବ. ଅ )—
**Aka** ୧ । ବକ୍ରଗତି—**1. Curved motion.**
୨ । (ଅ = ନୁହେଁ + କ = ସୁଖ) ଦୁଃଖ—**2. Trouble.**
୩ । ପାପ—**3. Sin.**
୪ । ସଂ. ପ୍ରତ୍ୟୟ; (ଏହି ପ୍ରତ୍ୟୟାନ୍ତ ଶବ୍ଦ ବିଣ. ହୁଏ ଓ ପୁଂଲିଙ୍ଗ ହୁଏ—ଯଥା—ନାୟକ; କାରକ;ପାଳକ; ଏଥିର ସ୍ତ୍ରୀଲିଙ୍ଗବାଚକ ଶବ୍ଦ ଶେଷରେ ଇକା ଥାଏ, ଯଥା—ନାୟିକା; କାରିକା; ପାଳିକା ।)
ଯେ କରେ; ସମ୍ପାଦନକାରୀ—**A suffix like the English suffix 'er' as in leader; doer; maintainer.**

**ଅକଇଲ୍ୟାଣ** - ଗ୍ରା. ବି. ( ସଂ. ଅକଲ୍ୟାଣ )—
**Akailāṇa** ୧ । ଅକଲ୍ୟାଣ; ଅମଙ୍ଗଳ;ଅଶୁଭ—**1. Woe; evil.**
**অকল্যাণ** ୨ । ଅଭିସମ୍ପାତ—**2. Imprecation; curse.**
**अकल्याण**

**ଅକଉଡ଼ିଆ**—ଦେ. ବିଣ. ( ସଂ. ନଞାର୍ଥକ.ଅ + କଉଡ଼ିଆ )—
**Akaurḍiā** ୧ । ମୂଲ୍ୟହୀନ—**1. Valueless; of no value.**
୨ । ଧନହୀନ; ନିଃସ୍ୱ—**2. Penniless; poverty-stricken.**
୩ । ମାଗଣା—**3. Got gratis; gratuitous.**

**ଅକକର୍ଥନ**—ଗ୍ରା. ବି. ( ସଂ. କଦର୍ଥନ )—
**Akakarthana** ୧ । କାନ୍ଦୁନା; ବାହୁନି କରି ଅତି କରୁଣ ସ୍ୱରରେ କାନ୍ଦିବା—**1. Sorrowful lamentation.**
বিনিয়েবিনিয়েকান্দা
**मातम**
୨ । ଅତ୍ୟନ୍ତ ଶୋକ ବା ଦୁଃଖ—**2. Affliction.**
ଗ୍ରା. ବିଣ—୧ । ବାହୁନି କରି କାନ୍ଦୁଥିବା ( ବ୍ୟକ୍ତି )—**1. Wailing.**
୨ । ଶୋକ ପ୍ରକାଶ କରୁଥିବା—**2. Sorrowing.**

**ଅକକର୍ଥନା**—ଗ୍ରା. ବି. ଓ ବିଣ—ଅକକର୍ଥନ ( ଦେଖ )
**Akakarthanā** **Akakarthana (See).**

**ଅକକ୍ଷ**—ସଂ. ବି. ( ନ + କକ୍ଷ )—ଯାହା ଗ୍ରହର ନିର୍ଦ୍ଦିଷ୍ଟ ପଥ ନୁହେ ।
**Akaksha** **That which is not the proper orbit of a planet.**

**ଅକଚ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କଚ = କେଶ )—
**Akacha** ୧ । କେଶହୀନ—**1. Hairless.**
(ଅକଚା—ସ୍ତ୍ରୀ) ୨ । ଟାଙ୍ଗରା—**2. Bald.**
ସଂ. ବି. (ବହୁବ୍ରୀହି; ଅ + କଚ = ମେଘ; ଯେଉଁ ଗ୍ରହର ସଞ୍ଚାର କାଳରେ ମେଘ ରହେ ନାହିଁ, କିମ୍ବା ଅ + କଚ = କେଶ; ଏହା କେଶ ଅର୍ଥାତ୍ ମସ୍ତକହୀନ ଥିବାରୁ )—କେତୁଗ୍ରହ ।
**The descending node; the dragon's tail.**

**ଅକଚା**—ସଂ. ବିଣ. ସ୍ତ୍ରୀ. ( ଅକଚ + ସ୍ତ୍ରୀ. ଆ )—ଅକଚର ସ୍ତ୍ରୀଲିଙ୍ଗ ।
**Akachā** **Feminine of Akacha.**
**আকাচা** ଦେ. ବିଣ—ଯେଉଁ ଲୁଗା କଚା ହୋଇ ନାହିଁ; ଯେଉଁ ଲୁଗାକୁ

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | କ୍ସ | ଇଯ୍ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତୃ |

କେହି କାଚ ନାହିଁ—Unwashed (cloth); Uncleansed (cloth).

**ଅକଚ୍ଛ**—ସଂ. ବ. ପୁଂ. ( ବହୁବ୍ରୀହି; ଅ + କଚ୍ଛ = କଚ୍ଛ )—
Akachchha ୧ । ଯେଉଁ ବ୍ୟକ୍ତି କଚ୍ଛା ମାରି ଲୁଗା ପିନ୍ଧି ନ ଥାଏ ।
(ଅକଚ୍ଛା—ସ୍ତ୍ରୀ) 1. (person) Who does not wear cloth by tagging down one end to the back side.
୨ । ଫାଲଗା; କଚ୍ଛ ମରା ହୋଇ ନ ଥିବା ( ପିନ୍ଧା ଲୁଗା ) ।
( cloth ) Untagged to the back side of the wearer.

**ଅକଟ୍‌ବିକଟ୍**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. ବିରକ୍ତିକର )—
Akatbikat ୧ । ବିରକ୍ତିକର—1. Unpleasant.
୨ । ଅରୁଚିକର —2. Untasteful.
(ଯଥା—ଏ ଫଲ୍‌ଟା ଖାଇବାକେ ବଡ଼ା ଅକଟ୍‌ବିକଟ୍ ଲାଗୁଛେ ।)

**ଅକଟ**—ଗ୍ରା. ବି. ( ଅଟକର ବର୍ଣ୍ଣବିପର୍ଯ୍ୟୟଯୁକ୍ତ ଉଚ୍ଚାରଣ )—
Akata ଅଟକ; ଅଟକି ଯିବା; ଯାଉଁ ଯାଉଁ କୌଣସି ସ୍ଥାନରେ
**आटक** ଗତି ବନ୍ଦ ହେବା—Stoppage; stopping;
**अटक** halt.
ଚରଣୁ ଅଟଇ ଆଉ ବନକର ବାଟ
ସେହିଠାରେ ପଡୁଥିଲ କଲେ ସେ ଅକଟ । ( ଗାଙ୍ଗାହ୍ୱ—ଭଦ୍ର କଞ୍ଚନଦଣ୍ଡା )

**ଅକଟକଣା**—ଦେ. ବି. (ସଂ. ଅ. + ଓ. କଟକଣା )—କଡ଼ାକଡ଼ ନିୟମର
Akatakana ଅଭାବ—Want of rigorous
**अकटकिना** observance of rules.

**ଅକଟା**—ଦେ. ବିଣ. (ସଂ. ଅକର୍ତ୍ତିତ)—ଅକର୍ତ୍ତିତ;ଯାହା କଟା ହୋଇ ନାହିଁ ।
Akata Uncut.
**अकाटा** ( ଅକଟା ପରିବା; ଅକଟା ମାଛ )
ଦେ. ବି—ଅଟକାଇବା; ଗତିରୋଧ କରଣ ।
**आटका** Stopping or restraining
**अटका** a person's motion.

**ଅକଟାଇବା**—ଗ୍ରା. କ୍ରି. (ଅକଟିବା କ୍ରିୟାର ଣିଜନ୍ତରୂପ)—
Akataiba ୧ । ଅଟକାଇବା ( ଦେଖ )
**आटकान** 1. Atakaiba ( See )
**अटकाना** ୨ । ଅନ୍ୟର ଗତିରୋଧ କରିବା—2. To stop or restrain another person's motion.

**ଅକଟିବା**—ଗ୍ରା. କ୍ରି. (ଅଟକିବାର ବର୍ଣ୍ଣବିପର୍ଯ୍ୟୟଯୁକ୍ତ ଉଚ୍ଚାରଣ )—
Akatiba ଅଟକିବା ( ଦେଖ )
**आटका** Atakiba ( See )
**अटकना**

**ଅକଟୁ**—ସଂ. ବିଣ. ( ଅ + କଟୁ ) —ଯାହା କଟୁ ନୁହେଁ; ସୁସ୍ୱାଦୁ—
Akatu Sweet.

**ଅକଟେଇବା**—ଗ୍ରା. କ୍ରି—ଅକଟାଇବା ( ଦେଖ )
Akateiba Akataiba ( See )

**ଅକଠିନ**—ସଂ. ବିଣ. (ଅ + କଠିନ)—୧ । ସୁକୁମାର; କୋମଳ; ନରମ ।
Akathina 1. Soft; delicate; not hard.
୨ । ସରଳ; ସହଜ—2. Easy; not difficult.

**ଅକଠୋର**—ସଂ. ବିଣ. (ଅ + କଠୋର)—
Akathora ୧ । ଯେ କଷ୍ଟୁର ନୁହେଁ; ଦୟାଳୁ ।
1. Kind; not cruel.
୨ । ଯାହା ଟାଣୁଆ ନୁହେଁ; କୋମଳ —2. Not hard; soft.

**ଅକଡ଼**—ଦେ. ବି—ଅକଳ ( ଦେଖ )
Akarda Akala ( See )
ଦେ. ବିଣ—ଅକଳ ( ଦେଖ )
Akala ( See )

**ଅକଡ଼ବାଗିଆ**—ଦେ. ବିଣ. ପୁଂ—
Akardabagia ୧ । ଏକଜିଦିଆ; ଜିଦଖୋର; ଜିର୍ଦ୍ଦିଶୀଳ ।
**एकगुर्रा,एकबागी** 1. Obstinate; pertinacious.
**अकड़बाज** ୨ । ଅଖାଡ଼ୁଆ—2. Unreasonable; rude.

**ଅକଡ଼ବାଗୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅକଡ଼ବାଗିଆ ( ଦେଖ )
Akardabagi Akardabagia ( See )

**ଅକଡ଼ବାଜ୍**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅକଡ଼ବାଗିଆ ( ଦେଖ )
Akardabaj Akardabagia ( See )

**ଅକଡ଼ବାଜିଆ**—ଦେ. ବିଣ. ପୁଂ—ଅକଡ଼ବାଗିଆ ( ଦେଖ )
Akardabajia Akardabagia ( See )

**ଅକଡ଼ବାଜି**—ଦେ. ବି—୧ । ଏକାଜିଦ ଧରି ବସିବା ।
Akardabaji 1. Obstinacy.
**एकगुर्रामी** ୨ । ଅଖାଡ଼ୁପଣ ।
**अकड़बाजी** 2. Rudeness.

**ଅକର୍ଦ୍ଦମ ଚକ୍ର**—୧ । ସଂ.ବି. (ଜ୍ୟୋତିଷ)—ସ୍ୱରୋଦୟ ଶାସ୍ତ୍ରଲିଖିତ ଭାଗ୍ୟ-
Akardama chakra ଗଣନା ଚକ୍ରବିଶେଷ—1. Name of an astrological circle.
୨ । ଦେ. ବି—ଅଲେଖଧର୍ମାବଲମ୍ବିମାନଙ୍କର, ଶରୀରଭେଦ ବା ଯୋଗସାଧନ ସମ୍ବନ୍ଧୀୟ ଚକ୍ରବିଶେଷ । (ଗୁରୁ ଶିଷ୍ୟଙ୍କୁ ମନ୍ତ୍ର ଦେଲା ବେଳେ ଏ ଚକ୍ରକୁ ଭୂମିରେ ଅଙ୍କିତ କରନ୍ତି । ଏହି ଚକ୍ରରେ ତିନି ଗୋଟି ବୀଜ ଅକ୍ଷର କ୍ଲୀଂ (ହରି), କ୍ଲୀଂ (କୃଷ୍ଣ), ଓ ଶ୍ଲୀଂ (ଶିବ) ଲେଖା ଯାଏ । )
2. A mystic circle drawn on the ground by devotees of Alekha Sect.

**ଅକଡ଼ମ୍ବାଜ୍**—ଦେ. ବିଣ—ଅକଡ଼ବାଗିଆ (ଦେଖ)
Akardambaj Akardabagia (See)

**ଅକଡ଼ା ଅକଡ଼ି**—ଦେ. ବି—୧ । ଦୁଇ ଜଣ ପରସ୍ପର ଜିଦ ଧରିବା ଯୋଗୁଁ
Akarda akardi କେହି କାହାର କଥାରେ ରାଜି ନ ହେବା ।
**आँकड़ा आँकड़ि** 1. Mutual obstinacy.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ ।

୨ । ଦୁଇଜଣ ପରସ୍ପରଙ୍କୁ ଅକଳରେ ପକାଇବା । 2. Putting each other into queer predicament.

ଦେ. ବିଣ—ପରସ୍ପରଙ୍କୁ ଅକଳରେ ପକାଉଥିବା । Inconveniencing each other.

**ଅକଡ଼ାଇବା**—ଦେ. କ୍ରି—୧ । ଅସୁବିଧାରେ ପକାଇବା—1. To put a person into inconvenience.
Akardaibā
ଆଁକଡ଼ାନ
ଅକଡ଼ାନା

୨ । ଅନ୍ୟକୁ ବିପଦରେ ପକାଇବା—2. To put a person to difficulty or danger.

୩ । କୌଣସି ବ୍ୟକ୍ତିକୁ ଅନାୟତ୍ତ ବା କାବୁ କରିବା । 3. To corner a person; to render a person helpless

୪ । ଏକଜିଦ ଧରି ବସିବା; ଅଡ଼ିବା—4. To persist in anything.

୫ । (ଜାତିଭାଇମାନେ କୌଣସି ବ୍ୟକ୍ତିକୁ) ବାସନ୍ଦ କରିବା; ସମାଜରୁ ଅଟକ କରିବା—5. To excommunicate a person.

**ଅକଡ଼ିବା**—ଦେ. କ୍ରି—ଅକଡ଼ାଇବା (ଦେଖ)
Akardibā Akardaibā (See)

**ଅକଡ଼ିଆ**—ଦେ. ବିଣ—ଅକଳିଆ (ଦେଖ)
Akardiyā Akaliā (See)

**ଅକଡ଼ୁଆ**—ଦେ. ବିଣ. ( ସଂ.ଅ + କଟୁ )—ଯାହା କଡ଼ା ବା କଟୁସ୍ୱାଦ ନୁହେ—Of mild flavour.
Akarduā

**ଅକଡ଼େ**—ଦେ. କ୍ରି. ବିଣ—ଅକଳେ (ଦେଖ)
Akarde Akale (See)

**ଅକଡ଼େଇବା**—ଦେ. କ୍ରି—ଅକଡ଼ାଇବା (ଦେଖ)
Akardeibā Akardaibā (See)

**ଅକଣେଶ୍ୱର**—ଦେ. ବ. (ନାମ. ସଂ.ଅକ୍ରୂରେଶ୍ୱର)—ଅକ୍ରୂରେଶ୍ୱର (ଦେଖ)
Akaneswara Akrūreswara (See)

**ଅକଣ୍ଟ**—ଦେ. ବିଣ. (ସଂ. ଅ + କଳ ଧାତୁ)—
Akanta ୧ । ଅକଳନ; ଅଗଣନ—1. Countless.
ଅମାପ ୨ । ଅମାପ—2. Immeasurable.
ଅନଗିନା ୩ । ଯାହାକୁ ପୂର୍ବରୁ କେହି କଣ୍ଟ କରି ନାହିଁ—3. Unestimated

୪ । ଯାହା ମାପ କରି ଯାଇ ନାହିଁ । 4. Unmeasured.

**ଅକଣ୍ଟକ**—ସଂ. ବିଣ. (ବହୁବ୍ରୀହି; ଅ + କଣ୍ଟକ) ।
Akantaka

୧ । ଯହିଁରେ କଣ୍ଟା ନାହିଁ; କଣ୍ଟକହୀନ; ନିଷ୍କଣ୍ଟକ । 1. Thornless.
(ଯଥା—ଅକଣ୍ଟକ ବୃକ୍ଷ ।)

୨ । ଶତ୍ରୁରହିତ—2. Foeless; having no enemy.

ଅକଣ୍ଟକ କରି କରିବା ମହୀ ଭୋଗ
ଛଡ଼ାଇବା ଯାଗରେ ମନ୍ତ୍ର ପାପରୋଗ । କୃଷ୍ଣସିଂହ ମହାଭାରତ. ଶାନ୍ତି ।

୩ । ପ୍ରତିଦ୍ୱନ୍ଦ୍ୱରହିତ—3. Having no rival.

୪ । ନିର୍ବିଘ୍ନ—4. Unobstructed.

୫ । ନିରୁପଦ୍ରବ—5. Free from complications.

**ଅକଣ୍ଟା**—ଦେ. ବିଣ—୧ । (ସଂ. ଅକଣ୍ଟକ) ଅକଣ୍ଟକ; କଣ୍ଟକହୀନ ।
Akantā (ଯଥା—ଅକଣ୍ଟା ବାଇଗଣ) 1. Thornless.
ଆଁକାଁଟା ୨ । (ସଂ. ଅକଳଙ୍କ) ଅକଣ୍ଟା (ଦେଖ)
ଅମାପ Akantā (See)
(ଯଥା—ଡାଲିରେ ଅକଣ୍ଟା ପାଣି ଦେବାରୁ ଡାଲି ସିଝିଲା ନାହିଁ ।)

**ଅକଣ୍ଡା**—ଦେ. ବିଣ. (ସଂ.ଅ + କଣ୍ଡିତ)—
Akandā ଚିଙ୍କିରେ କଣ୍ଡା ହୋଇ ଯହିଁରୁ ତୁଷ ବାହାର ଯାଇ ନାହିଁ ।
ଆକାଁଡ଼ା (ଯଥା—ଅକଣ୍ଡା ଚାଉଳ; ଅକଣ୍ଡା ଡାଲି ।)
Uncleansed; unhusked (rice.)

**ଅକତିଆର** (ଇତ୍ୟାଦି)—ଦେ. ବ. ଓ ବିଣ—ଅକ୍ତିଆର ଇତ୍ୟାଦି (ଦେଖ)
Akatiāra etc. Aktiār etc. (See)

**ଅକତ୍ୟାର** (ଇତ୍ୟାଦି)—ଦେ. ବ. ଓ ବିଣ—ଅକ୍ତିଆର ଇତ୍ୟାଦି (ଦେଖ)
Akatyāra etc. Aktiār etc. (See)

**ଅକଥନ**—ସଂ. ବ. ( ଅ + କଥନ )—୧ । କହିବାର ଅଭାବ; ମୂକତା ।
Akathana 1. Muteness; silence.

ଦେ. ବିଣ. (ସଂ. ଅକଥନୀୟ)—ଅକଥନୀୟ—Unspeakable.

ବଚନ ଅକଥନ ରମ୍ୟ ସ୍ୱର । ଭକ୍ତ. ପ୍ରେମସୁଧାନିଧି ୨୧୨ ।

୨ । ଅବର୍ଣ୍ଣନୀୟ—Indescribable.

ମହାଦେବଙ୍କର ଅଂଶ ସେହି ସ୍ଥାନ
ତହିଁର ଯେ ଫଳ ସେ ଅଟେ ଅକଥନ । କୃଷ୍ଣସିଂହ ମହାଭାରତ. ବନ ।

**ଅକଥା**—ସଂ. ବ. (ଅ + କଥା)—୧ । ମନ୍ଦ ବିଷୟ—1. Bad thing.
Akathā ୨ । କୁଭାଷା—2. Evil words.

୩ । ଅଶ୍ଳୀଳ ଭାଷା—3. Indecent language.

୪ । ଅନୁଚିତ ବାକ୍ୟ—4. Improper words.

ଦେ. ବ—୧ । ଅନୁପଯୁକ୍ତ ବିଷୟ—1. Unfit matter.

୨ । ଅନୁଚିତ କର୍ମ—2 Improper act.

ଦେ. ବିଣ—ଅକରଣୀୟ—Improper.

ଶାସ୍ତ୍ର ନ ଜାଣିବାରୁ ମୂର୍ଖ ତଣ କର
ଅକଥା କଥା କଲା ଭୀମ ଗଦା ଧର । କୃଷ୍ଣସିଂହ ମହାଭାରତ. ଶଲ୍ୟ ।

**ଅକଥିତ**—ସଂ. ବିଣ. ( ଅ + କଥିତ )—୧ । ଅନୁଚ୍ଚାରିତ ।
Akathita 1. Unuttered.

୨ । ଯାହା ବୋଲାଯାଇ ନାହିଁ—2. Unspoken.

୩ । ଯାହା ବର୍ଣ୍ଣିତ ହୋଇ ନାହିଁ—3. Undescribed.

ପଣ୍ଡିତେ ଉଦ୍‌ଯୋଗ ପର୍ବତ ଅକଥିତ
ମୋର ବୁଦ୍ଧିରେ କି ସେ ହୋଇବ କଥିତ । କୃଷ୍ଣସିଂହ ମହାଭାରତ. ଉଦ୍‌ଯୋଗ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ତ |

୪ । ଅନାଲୋଚିତ—4. Undiscussed.
୫ । ଯାହା ପ୍ରସଙ୍ଗକ୍ରମେ ଉତ୍‌ଥାପିତ ହୋଇ ନାହିଁ ।
5. Not mentioned.

**ଅକଥ୍ୟ**—ସଂ. ବିଣ ( ଅ + କଥ୍ୟ )—୧ । କହିବାର ଅଯୋଗ୍ୟ; ଅଶ୍ଳୀଳ ।
**Akathya** 1. Indecent; obscene.
୨ । ନିନ୍ଦନୀୟ—2. Reprehensible.
୩ । ଅନିର୍ବଚନୀୟ; କହିବାର ଅସାଧ୍ୟ—3. Unspeakable.
୪ । ଅବର୍ଣ୍ଣନୀୟ—4. Indescribable.
୫ । ଯାହା କହିବା ଅନୁଚିତ—5. Unfit or improper to be spoken.

**ଅକନିଷ୍ଠ**—ସଂ. ବିଣ. ପୁଂ. (ବହୁବ୍ରୀହି)—
**Akanishtha** ୧ । (ଅ=ନାହିଁ କନିଷ୍ଠ ଯାହାର) ଯେଉଁ ବ୍ୟକ୍ତିର
(ଅକନିଷ୍ଠା—ସ୍ତ୍ରୀ) ସାନ ଭାଇ ବା ଭଉଣୀ ନାହିଁ ।
1. Having no younger brother or sister.
୨ । ( ଅକ=ପାପ, ଅର୍ଥାତ୍ ବେଦନାରୂପ ଗର୍ହିତ କର୍ମରେ ନିଷ୍ଠା ଯାହାର । )
୩ । ବୁଦ୍ଧଦେବ—3. The Buddha.

**ଅକପଟ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ + କପଟ)—
**Akapaṭa** ନିଷ୍କପଟ; ସରଳାନ୍ତଃକରଣ—Guileless;
(ଅକପଟା—ସ୍ତ୍ରୀ) frank; free from hypocricy.

**ଅକପଟତା**—ସଂ. ବି. (ଅକପଟ + ଭାବାର୍ଥେ. ତା)—ହୃଦୟର ସରଳତା ।
**Akapaṭatā** Frankness; sincerity.

**ଅକପଟିଆ**—ଦେ. ବିଣ ( ସଂ. ଅକପଟ )—ଅକପଟ ( ଦେଖ )
**Akapaṭiā** Akapaṭa ( See )

**ଅକପଟୀ**—ଦେ. ବିଣ. ( ସଂ. ଅକପଟ )—ଅକପଟ ( ଦେଖ )
**Akapaṭi** Akapaṭa ( See )

**ଅକପୀବତ୍**—ସଂ. ବି. ନାମ—ଋଷି ବିଶେଷ—
**Akapībat** Name of a Sage ( M. W. ).

**ଅକବଜ୍**—ଦେ. ବିଣ (ସଂ. ଅ + ଆ. କବ୍‌ଜ୍=ଅଧିକାର )—
**Akabaj** ଆୟତ୍ତବହିର୍ଭୂତ—Beyond control.

**ଅକବର**—ଗ୍ରା. ବି. ନାମ—(ମୁସଲମାନୀ ନାମ ଅକ୍‌ବର୍‌ର ଅଶୁଦ୍ଧ ଉଚ୍ଚାରଣ)
**Akabara** ଆକବର ( ଦେଖ )
Ākabar ( See )

**ଅକବା**—ଦେ. ବିଣ—୧ । ଅବର୍ଣ୍ଣନୀୟ—1. Indescribable.
**Akabā** ୨ । ବର୍ଣ୍ଣିତ ହେବାର ଅଯୋଗ୍ୟ ( ଗୋପୀନାଥ ନନ୍ଦ ) ।
2. Unfit to be described.

**ଅକବି**—ସଂ. ବି. ( ଅ + କବି )—ନିକୃଷ୍ଟ କବି; ଯେ ପଦ ଯୋଡ଼ି କବିତା
**Akabi** କରେ—Poetaster; rhymester.
ସଂ. ବିଣ—ଯେଉଁ ବ୍ୟକ୍ତିର କବିତା ବା ମଧୁର କଳ୍ପନା ନାହିଁ ।
Unpoetic.

**ଅକବିତା**—ସଂ. ବି. ( ଅ + କବିତା )—ନିକୃଷ୍ଟ କବିତା; ଯେଉଁ କବିତା
**Akabitā** ପ୍ରକୃତ କବିତା ପଦବାଚ୍ୟ ନୁହେ—Poetry of a low order; inferior rhyme.

**ଅକବୁଲ୍**—ଦେ. ବି. ( ସଂ. ଅ + ଆ. କବୁଲ୍=ସମ୍ମତ )—
**Akabul** ୧ । ଅସମ୍ମତି—1. Dissent.
বেকবুল ୨ । ଅସ୍ୱୀକାର—2. Disagreement.
**बेकबूल**

**ଅକମର୍ଡ଼ିଆ**—ଗ୍ରା. ବିଣ—ଅକଡ଼ବାଗିଆ ( ଦେଖ )
**Akamar̤diā** Akar̤dabāgiā ( See )

**ଅକମାବଇ**—ଗ୍ରା. ବି.—ଅକାମାବଇ ( ଦେଖ )
**Akamābai** Akāmābai ( See )

**ଅକମୋଡ଼ିଆ**—ଗ୍ରା. ବିଣ—ଅକଡ଼ବାଗିଆ ( ଦେଖ )
**Akamor̤diā** Ākar̤dabāgiā ( See )

**ଅକମ୍ପ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କମ୍ପ )—
**Akampa** ୧ । କମ୍ପନ ବା ସ୍ପନ୍ଦନ ରହିତ—1. Throbless; unshaken.
(ଅକମ୍ପା—ସ୍ତ୍ରୀ)
୨ । ନିଶ୍ଚଳ, ସ୍ଥିର—2. Still.
୩ । ଗତିରହିତ—3. Motionless.

**ଅକମ୍ପନ**—ସଂ. ବିଣ. ପୁଂ—(ବହୁବ୍ରୀହି; ଅ + କମ୍ପନ)—
**Akampana** ଅକମ୍ପ (ଦେଖ)
(ଅକମ୍ପନା—ସ୍ତ୍ରୀ) Akampa ( See )
ସଂ. ବି—(ନାମ) ରାବଣର ସେନାପତି ବିଶେଷ ।
Name of a general of Rābaṇa.

**ଅକମ୍ପିତ**—ସଂ. ବିଣ. ପୁଂ. (ଅ + କମ୍ପିତ)—ଅକମ୍ପ (ଦେଖ)
**Akampita** Akampa (See)
(ଅକମ୍ପିତା—ସ୍ତ୍ରୀ) ସଂ. ବି. (ନାମ). ବୌଦ୍ଧମାନଙ୍କ ଗଣାଧିପତି ବିଶେଷ ।
Name of a headman of the Buddhists.

**ଅକମ୍ପ୍ର**—ସଂ. ବିଣ. ପୁଂ. ( ଅ + କମ୍ପ୍ର )—ଅକମ୍ପ (ଦେଖ)
**Akampra** Akampa (See)
( ଅକମ୍ପ୍ରା—ସ୍ତ୍ରୀ )

**ଅକର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କର )—
**Akara** ୧ । ହସ୍ତହୀନ ( ବ୍ୟକ୍ତି ) ।
( ଅକରା—ସ୍ତ୍ରୀ ) 1. Handless (person).
୨ । ନିଷ୍କର; ଯେଉଁ ଭୂମି ପାଇଁ ରାଜସ୍ୱ ଦେବାକୁ ହୁଏ ନାହିଁ ।
2. Rent-free land).
ସଂ. ବି—ଅକରକରା (ଦେଖ)
Akarakarā (See)

**ଅକରକରବ**—ସଂ. ବି—ଅକରକରା (ଦେଖ)
**Akarakaraba** Akarakarā (See)

**ଅକରକରଭ**—ସଂ. ବି—ଅକରକରା (ଦେଖ)
**Akarakarabha** Akarakarā (See)

ସାଧାରଣ ଲୋକେ ଏପରି ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅକରକରା**—ଦେ. ବି—( ସଂ. ଅକର୍କରା )—
Akarakarā
आकरकरा
आकरकरा
ଆ. ଅକର୍‌କର୍‌ହା
ଫା. ଆକର୍‌କର୍‌ହା
ପ୍ରା. ଆକଲ୍ଲଗ୍ର
ତେ. ଆକଲକର୍ରା
ସଂ. ପର୍ଯ୍ୟାୟ—ଅକର;
ଅକରକରବ; ଅକରକରଭ; ଅକଲ୍ଲକ; ଆକଲ୍ଲକ; ଅକରାକରଭ; ଅକର୍କର; ଅକର୍କରା; ଅକାରକରଭ; ଅକ୍କଲ୍ଲର; ଅକଲ୍ଲ ।
ଅରଣ୍ୟ ବୃକ୍ଷ ବିଶେଷ; ଏଥିର ମୂଳ ଔଷଧରେ ଲାଗେ—Pellitory; anthemis; pyrethrum; anacyclus.
[ ଦ୍ର—ଏହା ଉଷ୍ଣବୀର୍ଯ୍ୟ; ବଳକାରକ; କଟୁରସ; ଏହା ପ୍ରତିଶ୍ୟାୟ, ଶୋଥ ଓ ବାତନାଶକ; ଏହାର ଫଳ ଗୁଆ ପରି, କଳୁ ଭଳି ଝାଞ୍ଜୁଆ । ଫଳକୁ ଲୋକେ ନାସଦାନୀ କରି ଅଣ୍ଟାରେ ମାରନ୍ତି । ଏ ଫଳକୁ ଅଣ୍ଟାରେ ରଖିଲେ ବାତରୋଗ କମିଯାଏ । ଏ ଫଳର ନାମ ଅମରକୋଷରେ ନାହିଁ, ଭାବପ୍ରକାଶରେ ଅଛି । ଗଞ୍ଜାମରେ ଏ ଫଳକୁ କଫକଦୁଲି ଫଳ କହନ୍ତି । ]

**ଅକରଜିଆ**—ଦେ. ବିଣ. ପୁଂ—ଅଋଣୀ ।
Akarajiā — Free from debt.
( ଅକରଜୀ—ସ୍ତ୍ରୀ )

**ଅକରଠା**—ଦେ. ବିଣ. ସ୍ତ୍ରୀ—ଯେଉଁ ଗାଈ ବା ଛେଳି ଶୀଘ୍ର ଗର୍ଭଧାରଣ କରେ ।
Akaraṭhā — Early bearing (cow).

କରଠା ଅକରଠା ଛନ୍ଦ ଦୁହାଁଳ ଗାଈ
ସୁତେ କ୍ଷୀର ଦେବେ ଢୋର ଯେତେ ଇଚ୍ଛା ହୋଇ । ସାରଳା ମହାଭାରତ, ଉଦ୍ୟୋଗ ।

**ଅକରଠିଆ**—ଦେ. ବିଣ. ସ୍ତ୍ରୀ—ଅକରଠା (ଦେଖ)
Akaraṭhiā — Akaraṭhā (See)

**ଅକରଣ**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+କରଣ=ଇନ୍ଦ୍ରିୟ କାର୍ଯ୍ୟ ଯାହାର )—ଇନ୍ଦ୍ରିୟଶୂନ୍ୟ ।
Akaraṇa — Devoid of organs.
ସଂ. ବି—୧ । ବ୍ରହ୍ମ; ପରମାତ୍ମା—1. The Divine Soul.
(ଅ+କରଣ)—୨ । କ୍ରିୟାର ଅଭାବ; ନିବୃତ୍ତି । 2. Cessation from work.
୩ । ଅନୁଚିତ କର୍ମ—3. Improper act.
୪ । ଅକାର୍ଯ୍ୟ; ମନ୍ଦ କର୍ମ—4. Evil act.

**ଅକରଣି**—ସଂ. ବି. ( ଅ+କୃ ଧାତୁ+ଭାବ. ଅନି )—
Akaraṇi ୧ । ବିଫଳତା—1. Fruitlessness; failure.
୨ । କାର୍ଯ୍ୟର ଅସିଦ୍ଧି—2. Non-accomplishment.
୩ । ଆକ୍ରୋଶ—3. Spite.
୪ । ଅଭିଶାପ—4. Curse; imprecation.

**ଅକରଣୀ**—ସଂ. ବି—(ଅ+କରଣୀ)—
Akaraṇī (ଗଣିତ) ଯେଉଁ ରାଶିର ବର୍ଗମୂଳ ବା ଘନମୂଳ ବାହାର କଲେ କିଛି ଅବଶିଷ୍ଟ ରହେ ନାହିଁ । (Mathematics) A rational number.
ଯଥା—୧୬ (ଏଥିର ବର୍ଗମୂଳ ୪); ୮ ( ଏଥିର ଘନମୂଳ ୨); ୨୭ (ଏଥିର ଘନମୂଳ ୩)
[ଦ୍ର—ଗଣିତରେ ୧୬ ର ବର୍ଗମୂଳ ୪, ଏହି କଥାକୁ $\sqrt{୧୬}=୪$ ଲେଖାଯାଏ । ଏହିପରି $\sqrt[3]{୮}=୨$; $\sqrt[3]{୨୭}=୩$; ବର୍ଗ ଓ ଘନମୂଳ ଜ୍ଞାପକ $\sqrt{\ }$ ଚିହ୍ନକୁ କରଣୀ ବୋଲାଯାଏ ।]

**ଅକରଣୀୟ**—ସଂ. ବିଣ. (ଅ+କରଣୀୟ)—
Akaraṇiya — ଯାହା କରିବା ଅନୁଚିତ; ଅକର୍ତ୍ତବ୍ୟ । Improper; that which should not be done.

**ଅକରତପ୍**—ଗ୍ରା. ବି. (ସଂ. ଅ+କର୍ତ୍ତବ୍ୟ)—
Akaratap ୧ । ଅସାମର୍ଥ୍ୟ—1. Inability.
୨ । ଅକ୍ଷମତା; କ୍ଷମତାହୀନତା; ଶକ୍ତିହୀନତା । 2. State of powerlessness.
୩ । ବଳହୀନତା; ଦୁର୍ବଳତା । 3. Extreme weakness.
୪ । ଆଶ୍ରୟହୀନତା—4. Helplessness.
୫ । ଧନହୀନତା—5. Poverty.
ଗ୍ରା. ବିଣ—୧ । ଉପାୟାନ୍ତରରହିତ—1. Resourceless.
୨ । ଅକ୍ଷମ; କ୍ଷମତାହୀନ—2. Powerless.
୩ । ଅସମର୍ଥ—3. Unable.
୪ । ବଳହୀନ—4. Weak.
୫ । ଧନହୀନ—5. Poor.
୬ । ଆଶ୍ରୟହୀନ—6. Helpless.

**ଅକରତବ୍**—ଗ୍ରା. ବି. ଓ ବିଣ—ଅକରତପ୍ (ଦେଖ)
Akaratab — Akaratap (See)

**ଅକରତବ୍ୟ**—ଗ୍ରା. ବି. ଓ ବିଣ—ଅକରତପ୍ (ଦେଖ)
Akaratabya — Akaratap (See)

**ଅକରତା**—ଗ୍ରା. ବି. (ସଂ. ଅ+କର୍ତ୍ତା)—୧ । ଯେ କାର୍ଯ୍ୟର କର୍ତ୍ତା ନୁହେ ।
Akaratā 1. A person who is not the doer.
୨ । ଯେ ଗୃହର କର୍ତ୍ତା ବା ମାଲିକ ନୁହେ । 2. A person who is not the master of the house.
ଦେ. ବିଣ. (ସଂ. ଅ+କର୍ତ୍ତିତ)—
ଯେଉଁ କାଠ କରତ କରାଯାଇ ନାହିଁ । Unsawn (piece of wood)

**ଅକରତି**—ଦେ. ବି—ଅନିପୁଣ କରତି; ଯେଉଁ କରତି କାଠକୁ ପରିପାଟି ରୂପେ କରତି ପାରେ ନାହିଁ ।
Akarati — A bad sawyer.

**ଅକରମ**—ଗ୍ରା. ପଦ୍ୟ. ବି. (ସଂ. ଅକର୍ମ)—
Akarama ୧ । ମନ୍ଦ କର୍ମ; ଗର୍ହିତ କର୍ମ—1. Evil act; improper act.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଅ୍ | ଉଅ | ଞ୍ଚ |
| ୨ | ଈ | ଊ | ଋୁ | ଌୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍ଥ |

୨ । ମନ୍ଦଭାଗ୍ୟ—**2. Misfortune.**

ଅକରମ କକରମ ବୁଝୁଙ୍କର ଚେଡ,
ବୁଝି ନ ପାରଇଛ ଅର୍ଜୁନ କେବେ ମତ । ଶାରଳା ମହାଭାରତ, ଉଦ୍ଯୋଗ ।

**ଅକରମଣିଆ**—ଗ୍ରା. ବିଣ. ପୁଂ. (ସଂ. ଅକର୍ମଣ୍ୟ)—
**Akaramaṇiā** ୧ । ଯେଉଁ ବ୍ରାହ୍ମଣ ବୈଦିକ କର୍ମକାଣ୍ଡରେ ଅଜ୍ଞ ।
অকর্মা **1. A Brāhmaṇa who is not expert nor experienced in Vedic rites.**
୨ । ଅକର୍ମଣ୍ୟ; ଅକାମିକା—**2. Good for nothing.**
୩ । ଯେ କର୍ମକୁଶଳ ନୁହେଁ—**3. Not skilful.**

**ଅକରମଶିଲା**—ଗ୍ରା. ବି—ଅକର୍ମଶିଲା ( ଦେଖ )
**Akaramaśilā** Akarmaśilā (See)

**ଅକରମା**—ଗ୍ରା. ବିଣ. ପୁଂ. ( ସଂ. ଅକର୍ମୀ )—
**Akaramā** ୧ । ହତଭାଗ୍ୟ; ମନ୍ଦଭାଗ୍ୟ; ଅଭାଗା—**1. Unlucky.**
অকর্ম্মা ୨ । ନିଷ୍କର୍ମୀ—**2. Having no work.**
**अकर्मा** ୩ । ଅଳସୁଆ—**3. Idle.**

**ଅକରମୀ**—ଗ୍ରା. ବିଣ. ସ୍ତ୍ରୀ. (ଅକରମାର ସ୍ତ୍ରୀଲିଙ୍ଗ)—ହତଭାଗ୍ୟା ( ସ୍ତ୍ରୀ ) ।
**Akaramī** Unlucky (woman).

ଦମୟନ୍ତୀ ତା ଦେଖି ବୋଇଲେ ମୋ ପର ।
ଅକରମୀ ହୋଇଣ ନାହିଁ ଆଉ ନାରୀ । କୃଷ୍ଣସିଂହ ମହାଭାରତ. ବନ ।

**ଅକରାନ୍ତି**—ଗ୍ରା. ବି. ( ସଂ. ଅଙ୍କାନ୍ତ )—ଅଙ୍କରାନ୍ତି ( ଦେଖ )
**Akarānti** Aṅkarānti (See)

**ଅକରାର୍**—ଦେ. ବି. (ଆ. ଏକରାର୍)—
**Akarār** ୧ । ଏକରାର; ମୁଦାଲାର ଅପରାଧ ସ୍ୱୀକାର ।
একরার **1. Admission of guilt; an**
**इकरार** **accused person's confession.**
୨ । (ସଂ. ଅ + ଆ. କରାର)—ଅସ୍ୱୀକାର ।
**2. Non admission; dissent.**

**ଅକରାଲ୍**—ଦେ. ବି—ଅକରାର ( ଦେଖ )
**Akarāl** Akarār (See)

**ଅକରୁଣ**—ସଂ. ବିଣ. ପୁଂ. (ବହୁବ୍ରୀହି, ଅ = ନାହିଁ + କରୁଣା ଯାହାର)—
**Akaruṇa** ୧ । ନିର୍ଦ୍ଦୟ—**1. Unkind; merciless.**
(ଅକରୁଣା—ସ୍ତ୍ରୀ) ୨ । ନିଷ୍ଠୁର—**2. Cruel.**
୩ । କ୍ଷମାହୀନ—**3. Unforgiving; relentless.**

**ଅକରୁଣା**—ସଂ. ବିଣ. ସ୍ତ୍ରୀ ( ଅକରୁଣ + ସ୍ତ୍ରୀ. ଆ )—ଅକରୁଣର ସ୍ତ୍ରୀଲିଙ୍ଗ ।
**Akaruṇā** Feminine of Akaruṇa.
ସଂ. ବି. (ଅ + କରୁଣା)—କରୁଣାର ଅଭାବ, ନିର୍ଦ୍ଦୟତା ।
**Unkindness; cruelty.**

**ଅକରୋଟୀ**—ସଂ. ବିଣ. (ଆଧୁନିକ ବିଜ୍ଞାନ ପରିଭାଷା) (ଅ + କରୋଟୀ)—
**Akaroṭī** ଯେଉଁ ପ୍ରାଣୀମାନଙ୍କର ମୁଣ୍ଡର ଖପୁରିର ସମ୍ପୂର୍ଣ୍ଣ ବା ଆଂଶିକ ଅଭାବ ଥାଏ—**Acrania; (animals) Having no skull or with unperfect skull.**

**ଅକର୍କର**—ସଂ. ବି—ଅକରକର ( ଦେଖ )
**Akarkara** Akarakarā (See)

**ଅକର୍କରା**—ସଂ. ବି—ଅକରକରା ( ଦେଖ )
**Akarkarā** Akarakarā (See)

**ଅକର୍ଣ୍ଣ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + କର୍ଣ୍ଣ; ଯାହାର କାନ ନାହିଁ)—
**Akarṇṇa** ୧ । ବଧିର; କାଲ—**1. Hard of hearing; deaf.**
(ଅକର୍ଣ୍ଣା—ସ୍ତ୍ରୀ) ୨ । ଯେଉଁ ଡଙ୍ଗାର ଶୁକାଣି ବା ମଙ୍ଗଧରା ନାହିଁ ।
**2. Rudderless ( boat )**
୩ । କର୍ଣ୍ଣ-ରାଜା-ଶୂନ୍ୟ (ଦେଶ)—**3. ( Country ) Devoid of king Karṇṇa.**
( ଯଥା—ମହାଭାରତ ଯୁଦ୍ଧରେ ଅଙ୍ଗରାଜ୍ୟ ଅକର୍ଣ୍ଣ ହେଲା । )
ସଂ. ବି—ସର୍ପ; ସାପ—**Serpent.**
[ ସର୍ପର କର୍ଣ୍ଣ ନ ଥିବାରୁ ଏହାକୁ ଅକର୍ଣ୍ଣ, ଚକ୍ଷୁଶ୍ରବା ବୋଲାଯାଏ; କିନ୍ତୁ ବୈଜ୍ଞାନିକମାନେ ସ୍ଥିର କରିଅଛନ୍ତି ଯେ ସର୍ପର କର୍ଣ୍ଣଯନ୍ତ୍ର ଅତି କ୍ଷୀଣରୂପେ ଦେହାଭ୍ୟନ୍ତରରେ ଅବସ୍ଥିତ । ]

**ଅକର୍ତପ୍**—ଗ୍ରା. ବି. ଓ ବିଣ—ଅକରତପ୍ (ଦେଖ)
**Akartap** Akaratap (See)

**ଅକର୍ତବ୍**—ଗ୍ରା. ବି. ଓ ବିଣ—ଅକରତପ୍ (ଦେଖ)
**Akartab** Akaratap (See)

**ଅକର୍ତ୍ତନ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ = ନାହିଁ + କର୍ତ୍ତନ = ବୃକ୍ଷାଦି କାଟିବାର ଶକ୍ତି ଯାହାର )—
**Akarttana**
(ଅକର୍ତ୍ତନା—ସ୍ତ୍ରୀ) ୧ । ଖର୍ବ; ବାମନ; ଠୁଣ୍ଟା—**1. Dwarfish.**
୨ । ଅକର୍ତ୍ତିତ; ଅକଟା—**2. Uncut.**
୩ । ଯେଉଁ ପଦାର୍ଥରୁ କୌଣସି ଅଂଶ କାଢ଼ି ନିଆଯାଇ ନାହିଁ—**3. Undiminished.**

**ଅକର୍ତ୍ତବ୍ୟ**—ସଂ. ବିଣ. (ନଞ୍ ତତ୍; ଅ + କର୍ତ୍ତବ୍ୟ)—ଅନୁଚିତ; ଅବିଧେୟ ।
**Akarttabya** Improper.

ଅକର୍ତ୍ତବ୍ୟ କଥାକୁ କର୍ତ୍ତବ୍ୟ କରି ଦେଲେ କୃଷ୍ଣସିଂହ ମହାଭାରତ. ଆଦି ।

ଦେ. ବିଣ. ( ସଂ. ଅ + କର୍ତ୍ତବ୍ୟ )—ଅକରତପ୍ ( ଦେଖ )
Akaratāp (See)

ସାତ୍ୟକି ଦ୍ରୋଣ କାଣ୍ଡେ ପାଇ ମହାପୀଡ଼ା ।
ଅକର୍ତ୍ତବ୍ୟ ଲୋକ ପରାୟେ ହେଲେ ଛଡ଼ା । କୃଷ୍ଣସିଂହ ମହାଭାରତ. ଦ୍ରୋଣ ।

**ଅକର୍ତ୍ତା**—ସଂ. ବି. ପୁଂ. (ନଞ୍ ତତ୍, ଅ + କର୍ତ୍ତୃ. ୧ମା. ୧ବ )—
**Akarttā** ୧ । ଯେ କର୍ତ୍ତା ବା କର୍ମକାରକ ବ୍ୟକ୍ତି ନୁହେ ।
**1 Non-doer; one who does not do any work.**
୨ । ନିଜ କର୍ମରେ ନିର୍ଲିପ୍ତ ବ୍ୟକ୍ତି—**2. A person who is the unconcerned doer of any work.**
୩ । ପରମେଶ୍ୱର—**3. God.**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଂଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅକର୍ତ୍ତୃତ୍ୱ**—ସଂ. ବି. (ନଞ୍ଚତତ୍; ଅ + କର୍ତ୍ତୃତ୍ୱ)—
**Akarttrutwa** ୧ । କର୍ତ୍ତୃତ୍ୱର ଅଭାବ—1. Want of mastery or authority.
୨ । ଅକର୍ତ୍ତାର ଭାବ—(ଅକର୍ତ୍ତା ଦେଖ) । 2. State of being Akarttā; unconcern in one's acts.

**ଅକର୍ଦ୍ଦମ**—ସଂ. ବିଣ. (ବହୁବ୍ରୀହି; ଅ + କର୍ଦ୍ଦମ)—କର୍ଦ୍ଦମଶୂନ୍ୟ ।
**Akarddama** Mudless; unclayey.

**ଅକର୍ମ**—ସଂ. ବି. (ଅ+କର୍ମନ୍)—
**Akarma** ୧ । ନିନ୍ଦିତ କର୍ମ; କୁତ୍ସିତ କାର୍ଯ୍ୟ । 1. Blameworthy act.
୨ । ଅନୁଚିତ କାର୍ଯ୍ୟ—2. Improper act.
୩ । ମନ୍ଦଭାଗ୍ୟ—3 Ill luck.
୪ । କର୍ମର ଅଭାବ—4. Want of work
୫ । ବେକାର ହେବା ଅବସ୍ଥା । 5. Unemployment.
ଦେ. ବିଣ. (ସଂ. ଅକର୍ମଣ୍ୟ)—ଅକର୍ମଣ୍ୟ; ଯହିଁରେ କୌଣସି କର୍ମ ହୋଇ ନ ପାରେ । (ଯଥା—ଅକର୍ମଶିଳା)—Worthless; good for nothing.

**ଅକର୍ମକ**—ସଂ. ବିଣ. (ବହୁବ୍ରୀହି; ଅ+କର୍ମ)—
**Akarmaka** ୧ । ବେକାର; ନିକମା; କର୍ମହୀନ । 1. Unemployed.
୨ । ଅକାମିକା, କର୍ମର ଅନୁପଯୁକ୍ତ । 2. Unfit for work.
(ବିପରୀତ-ସକର୍ମକ) ୩ । (ବ୍ୟାକରଣ) ଯେଉଁ କ୍ରିୟାର କର୍ମ ନ ଥାଏ; ଯେଉଁ କ୍ରିୟା କୌଣସି କର୍ମକୁ ଅପେକ୍ଷା ନ କରେ—3. Intransitive verb.

[ ଦ୍ର—ନିମ୍ନଲିଖିତ ଅର୍ଥବାଚକ କ୍ରିୟାମାନ ଅକର୍ମକ ହୁଏ । ଶୋଇବା, ବସିବା, ଠିଆହେବା, ଡେଇଁବା, ଜାଗିବା, ଜନ୍ମିବା, ମରିବା, ସ୍ଥିତ ହେବା, ଖେଳିବା, ବାସ କରିବା, ଘୁମାଇବା, ବୁଡ଼ିବା, ମୁଞ୍ଚିବା, ହଗିବା, ଯିବା, ଆସିବା, ପଡ଼ିବା, ଉଠିବା, ହସିବା, କାଶିବା, କାନ୍ଦିବା, ଚେଷ୍ଟା କରିବା, ଦଉଡ଼ିବା, କମ୍ପିବା, ରାଗିବା, ବଢ଼ିବା, ଛିଣ୍ଡିବା, ଶୋଉଠାଇବା, ଉଇଁବା, ଅସ୍ତ ହେବା, ଛିଙ୍କିବା, ହାଇ ମାରିବା, ଡରିବା, ନାଚିବା, ପଳାଇବା, ଦଉଡ଼ିବା, ରହିବା, ଉଡ଼ିବା, ଗର୍ବିତ ହେବା, ମାତିବା, ଭୋଲ ହେବା, କଳି କରିବା, ଝିଟିକିବା, ହେବା ଇତ୍ୟାଦି । ଏ ସବୁ କ୍ରିୟା ଣିଜନ୍ତ ଆକାର ପ୍ରାପ୍ତ ହେଲେ ସକର୍ମକ ହୋଇଯାଏ । ଯଥା—ଶୁଆଇବା, ବସାଇବା, ଠିଆକରାଇବା, ନିଦରୁ ଉଠାଇବା, ଜାଆଁଇବା ଇତ୍ୟାଦି । ଅକର୍ମକ କ୍ରିୟାମାନଙ୍କୁ ମନେ-ରଖିବା ପାଇଁ ନିମ୍ନଲିଖିତ ଶ୍ଳୋକଟି ପଣ୍ଡିତମାନେ ବୋଲିବାର ଦେଖାଯାଏ :—

ସତ୍ତାଜାଗରଣଶୟନକ୍ରୀଡ଼ାଃ ଭୀତକ୍ଷୟଜରବାସବ୍ରୀଡ଼ାଃ ।
ଉଦୟପଲାୟନମଜ୍ଜନଦୀପ୍ତିଃ ଭ୍ରମମୋହସ୍ଥିତିଧାବନଶୁଦ୍ଧିଃ ॥
ଚେଷ୍ଟା କ୍ରୋଧୋ ନିଦ୍ରା କମ୍ପୋ ମରଣଂ ନୃତ୍ୟଂ ପତନଂ ସଙ୍ଗଃ ।
ବୃଦ୍ଧିର୍ଜାଗରରୋଦନହାସାଃ ଯୁଦ୍ଧୋଦ୍‌ଯୋଗୋ ହର୍ଷଃ ଶୋଷଃ ॥
ହେରମ୍ବନାଥ—ବ. ବ୍ୟାକରଣସଂଗ୍ରହ ।

କେତେକ ସକର୍ମକ କ୍ରିୟାର ଗୋଟିଏ କର୍ମ ଥାଏ । ଯଥା—ରାମ ଭାତ ଖାଉଛି ।
କେତେକ ସକର୍ମକ କ୍ରିୟାର ଦୁଇଟି କର୍ମ ଥାଏ । ଯଥା—ରାମ-ବୋଉ ରାମକୁ ଭାତ ଖୁଆଉଅଛନ୍ତି । ଏହି ଦୁଇଟି କର୍ମରୁ ଗୋଟିଏ ମୁଖ୍ୟକର୍ମ ଓ ଗୋଟିଏ ଗୌଣ କର୍ମ । (କର୍ମ ତଳେ ନୋଟ୍ ଦେଖ) ।]

**ଅକର୍ମକର୍ମଦାତା**—ସଂ. ବିଣ. ପୁଂ. (୬ଷ୍ଠୀ ତତ୍, ଅକର୍ମକର୍ମନ୍+ଦାତୃ)—
**Akarmakarmadātā** ୧ । ଯେ ନିକମା ଲୋକଙ୍କୁ କର୍ମରେ
(ଅକର୍ମକର୍ମଦାତ୍ରୀ—ସ୍ତ୍ରୀ) ନିଯୁକ୍ତ କରେ—1. Providing the unemployed with work.
୨ । ଯେ ମନ୍ଦଭାଗ୍ୟ ବ୍ୟକ୍ତିଙ୍କୁ ସୌଭାଗ୍ୟ ଦେଇ ପାରନ୍ତି । 2. Blessing the unlucky with good fortune; awarding goodluck to the unlucky.
ସଂ. ବି. ପୁଂ—ଶିବ; ମହାଦେବ—The God Śiba. (ଯାହାଙ୍କୁ ଆରାଧନା କରି ସନ୍ତୁଷ୍ଟ କଲେ ମନ୍ଦଭାଗ୍ୟ ବ୍ୟକ୍ତିର ସୌଭାଗ୍ୟ ଉଦୟ ହୁଏ)

**ଅକର୍ମକର୍ମଦାୟକ**—ସଂ. ବିଣ. ପୁଂ. ( ଅକର୍ମ + କର୍ମନ୍ + ଦାୟକ )—
**Akarmakarmadāyaka** ଅକର୍ମକର୍ମଦାତା (ଦେଖ)
( ଅକର୍ମକର୍ମଦାୟିକା—ସ୍ତ୍ରୀ ) Akarmakarmadātā (See)

**ଅକର୍ମକୃତ୍**—ସଂ. ବିଣ. ପୁଂ ଓ ସ୍ତ୍ରୀ. (ଅକର୍ମ + କୃ ଧାତୁ + କର୍ତ୍ତୃ. କ୍ୱିପ୍ )—
**Akarmakrut** ମନ୍ଦକର୍ମକାରୀ—Doing evil acts.

**ଅକର୍ମକ୍ଷମ**—ସଂ. ବିଣ. ପୁଂ. ( ନଞ୍ଚ ତତ୍; ଅ + କର୍ମକ୍ଷମ )—
**Akarmakshama** (ଅକର୍ମଣ୍ୟ ଦେଖ)
(ଅକର୍ମକ୍ଷମା—ସ୍ତ୍ରୀ) Akarmaṇya (See)

**ଅକର୍ମଜ**—ସଂ. ବିଣ. ( ଅକର୍ମ + ଜନ ଧାତୁ = ଜନ୍ମିବା + କର୍ତ୍ତୃ. ଅ )—
**Akarmaja** ମନ୍ଦଭାଗ୍ୟରୁ ଘଟିଥିବା; ଦୁର୍ଭାଗ୍ୟଜନିତ । Due to bad luck; resulting from misfortune.

**ଅକର୍ମଠ**—ସଂ. ବିଣ. ପୁଂ. ( ନଞ୍ଚ ତତ୍; ଅ + କର୍ମଠ )—
**Akarmatha** ଅକର୍ମଣ୍ୟ ( ଦେଖ )
( ଅକର୍ମଠା—ସ୍ତ୍ରୀ ) Akarmaṇya ( See )

**ଅକର୍ମଣିଆ**—ଦେ. ବିଣ. ପୁଂ. ( ସଂ. ଅକର୍ମଣ୍ୟ )—ଅକରମଣିଆ (ଦେଖ)
**Akarmaṇiā** Akaramaṇiā (See)

**ଅକର୍ମଣ୍ୟ**—ସଂ. ବିଣ. ପୁଂ. ( ନଞ୍ଚ ତତ୍; ଅ + କର୍ମଣ୍ୟ )—
**Akarmaṇya** ୧ । କାର୍ଯ୍ୟ କରିବାପାଇଁ ଅକ୍ଷମ—
( ଅକର୍ମଣ୍ୟା—ସ୍ତ୍ରୀ ) 1. Unfit for work.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଉଥ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଥ | ୱ | ନ୍ବ |

( ଅକର୍ମଣ୍ୟତା—ବି ) ୨ । କର୍ମର ଅଯୋଗ୍ୟ—**2. Worthless.**
୩ । ଅକାମିକା; ଯେଉଁ ବସ୍ତୁ କିଛି କାମରେ ଆସେ ନାହିଁ—**3. Useless.**
୪ । ଅକରମଣିଆ ( ଦେଖ )
**4. Akaramaṇiā ( See )**

**ଅକର୍ମଦାନି**—ଦେ. ବିଣ. ପୁଂ ଓ ସ୍ତ୍ରୀ. ( ସଂ ଅକର୍ମଦାତା )—
**Akarmadāni** ଅକର୍ମଦାତା ( ଦେଖ )
**Akarmadātā ( See )**

ତା ପଞ୍ଚ ଚୋର କୋଠି ଦେଇ
ଅକର୍ମଦାନି ଭୁ ବୋଲାଇ । ଭୂପତି. ପ୍ରେମପଞ୍ଚାମୃତ ।

**ଅକର୍ମ ପଥର**—ଦେ. ବି. ( ସଂ. ଅକର୍ମଣ୍ୟ + ପ୍ରସ୍ତର )—
**Akarma pathara** ଅକର୍ମଶିଳା ( ଦେଖ )
**Akarmaśiḻā ( See )**

କରକଣତର ଅକର୍ମ ପଥର ଦ୍ରବାଏ ମୋ କଣ୍ଠଧ୍ୱନି । କବିସୂର୍ଯ୍ୟ—ସଙ୍ଗୀତ ।

**ଅକର୍ମବନ୍ତ**—ଦେ. ବିଣ. ( ସଂ. ଅକର୍ମ + ବତ୍ )—ଭାଗ୍ୟହୀନ ।
**Akarmabanta** **Unfortunate.**

ବିଷ୍ଣୁଳ ଅକର୍ମବନ୍ତ, ବିଫଳବତ । ଭଞ୍ଜ. ବୈଦେହୀଶବିଳାସ ।

**ଅକର୍ମଶିଳ**—ଦେ. ବି—ଅକର୍ମଶିଳା ( ଦେଖ ) .
**Akarmaśiḻa** **Akarmaśiḻā ( See )**

ନିଷ୍ଠୁର ଯେସନେ, ନିଷ୍ଠୁର ଅକର୍ମଶିଳ କର୍ମନାଶା ସ୍ରୋତେ ।
ରାଧାନାଥ—ମହାଯାତ୍ରା ।

**ଅକର୍ମଶିଳା**—ଦେ. ବି. ( ସଂ. ଅକର୍ମଣ୍ୟ + ଶିଳା; ଏହା ହତିଆର
**Akarmaśiḻā** ଦ୍ୱାରା କଟା ହୋଇ କୌଣସି କର୍ମୋପଯୋଗୀ
**অকর্মশিলা** କରାଯାଇ ନ ପାରିବାରୁ )—ଏକ ପ୍ରକାର ଅତି ଟାଣୁଆ ପଥର ।
**A kind of very hard stone of vulcanic origin.**

ଚନ୍ଦ୍ର ଉଦେ ହେଲେ ଅକର୍ମଶିଳା ଯେ ଲେଶେ ଦ୍ରବୀଭୂତ ନୋହେ ।
ଗୋପକୃଷ୍ଣ. ଜଗମୋହନ ।

[ ଦ୍ର—ଏହି ପଥରକୁ ହତିଆରରେ କାଟି କୌଣସି ଆକାରରେ ପରିବର୍ତ୍ତିତ କରାଯାଇ ନ ପାରେ । ଏହା ସବୁ ପଥର ଅପେକ୍ଷା ଟାଣୁଆ; ଏଥିପାଇଁ ଥଟାରିମାନେ ( କଂସାରି ) ଏ ପଥରର ବଡ଼ ଚିମାକୁ ନେଇ ମୁଣ୍ଡା ବା ଗଢ଼ାପଥର କରନ୍ତି । ଏହି ମୁଣ୍ଡା ଉପରେ ଧାତୁ ପିଣ୍ଡ ରଖି ହାତୁଡ଼ିରେ ପିଟନ୍ତି । ଅକର୍ମଶିଳା ପଥର ଚିକି-ମୁଣ୍ଡା ରୂପେ ମଧ୍ୟ ବ୍ୟବହୃତ ହୁଏ । ]

ଦେ. ବିଣ. ( ପୁଂ ଓ ସ୍ତ୍ରୀ. ଲକ୍ଷଣାର୍ଥ, ଗାଳି )—ଅକର୍ମଣ୍ୟ ଓ ଅଳସୁଆ ବ୍ୟକ୍ତି—( **reproach** ) **Worthless & idle (person).**

**ଅକର୍ମା**—ସଂ.ବିଣ.ପୁଂ ଓ ସ୍ତ୍ରୀ. (ବହୁବ୍ରୀହି)(ଅ + କର୍ମନ୍;ଅକର୍ମନ୍ ୧ମା.୧ବ)—
**Akarmā** ୧ । ନିକମା; ନିଷ୍କର୍ମା; ଯେ କୌଣସି କର୍ମ କରୁ ନାହିଁ; ବେକାର୍—**1. Unemployed.**
୨ । ଅଳସୁଆ—**2. Idle; lazy.**
୩ । ଅକର୍ମଣ୍ୟ—**3. Worthless.**
୪ । କର୍ମ କରିବାକୁ ଅକ୍ଷମ—**4. Unfit for work.**
୫ । ହୀନକପାଳିଆ; ମନ୍ଦଭାଗ୍ୟ; ହତଭାଗ୍ୟ ।
**5. Unlucky.**
୬ । କୁକ୍ରିୟାକାରୀ; ନିନ୍ଦିତକର୍ମକାରୀ ।
**6. Doing evil deeds.**
[ ଦ୍ର—ଏହା କେବଳ ବ୍ୟକ୍ତିର ବିଶେଷଣ ହୁଏ । ]

**ଅକର୍ମ୍ମ** (ଇତ୍ୟାଦି)—ସଂ. ବି—ଅକର୍ମର ଅନ୍ୟ ବନାନ ।
**Akarmma(etc.)** **Another spelling of Akarma.**

**ଅକର୍ମ୍ମା**—ସଂ. ବିଣ. ପୁଂ ଓ ସ୍ତ୍ରୀ—ଅକର୍ମାର ଅନ୍ୟ ବନାନ ।
**Akarmmā** **Another spelling of Akarmā.**

**ଅକଲ୍**—ବୈଦେ. ବି. (ଆ. ଅକ୍ଲ୍ )—
**Akal** ୧ । ବୁଦ୍ଧି—**1. Intellect; sense.**
**আক্কেল** ୨ । ଜ୍ଞାନ—**2. Wisdom.**
**आकल, अक्ल** ୩ । ବୋଧ ଶକ୍ତି—**3. Understanding; intelligence.**
୪ । ବିବେଚନା; ବିବେକ—**4. Discremination; consideration.**
୫ । ମାନସିକତା—**5. Mentality.**
୬ । ବିଦ୍ୟା—**6. Learning.**
୭ । ସଂସାରଚାଳନା ବୁଦ୍ଧି—**7. Wordly wisdom.**

**ଅକଲ୍ ଗୁଡ଼ୁମ୍**—ବୈଦେ. ବି. ( ଆ. ଅକ୍ଲ ଗୁଡ଼ୁମ୍ )—
**Akal gurḏum** ବୁଦ୍ଧି ଲୋପ; କିଂକର୍ତ୍ତବ୍ୟବିମୂଢ଼ତା ।
**আক্কেল গুড়ুম্** **Bewilderment.**
**अक्कल गुड्डम्** (ଯଥା—ଓକିଲ ମୋତେ ଜେରା କଲା ବେଳେ ମୋର ଅକଲ୍ ଗୁଡ଼ୁମ୍ ହୋଇଗଲା ।)

**ଅକଲ୍ ଛୋଟ**—ଦେ. ବିଣ. ( ଆ. ଅକ୍ଲ + ସଂ. କ୍ଷୁଦ୍ର )—
**Akal chhoṭa** ୧ । ନୀଚବୁଦ୍ଧିଆ—**1. Lowminded.**
**আক্কেল ছোট** ୨ । ନିର୍ବୁଦ୍ଧିଆ—**2. Stupid.**

**ଅକଲ୍ ଦାନ୍ତ**—ଦେ.ବି. ( ଆ. ଅକ୍ଲ + ସଂ. ଦନ୍ତ ) ( ଇଂ. **Wisdom**
**Akal dānta** **tooth** ର ଆଧୁନିକ ଅନୁବାଦ )—ଜ୍ଞାନଦନ୍ତ;
**অক্কেল দাঁত** ଯୁବାକାଳରେ କଳଦାନ୍ତର ଶେଷରେ ଜଙ୍ଘ ଭିତରେ ଉଠିବା ଦାନ୍ତ—**Wisdom tooth.**

**ଅକଲ୍ ଦେବା**—ଦେ. କ୍ରି. ସକର୍ମକ. (ଆ. ଅକ୍ଲ୍ + ସଂ. ଦା ଧାତୁ)—
**Akal debā** ୧ । (ଅନ୍ୟକୁ) ବୁଦ୍ଧି ବଢାଇବା ।
**আক্কেল দেওয়া** **1. To teach wisdom.**
**अक्कल देना** ୨ । ( ଅନ୍ୟକୁ ) ଶିକ୍ଷାଦ୍ୱାରା ଜ୍ଞାନ ଦେବା ।
**2. To teach a lesson.**

**ଅକଲ୍ ପାଇବା**—ଦେ. କ୍ରି. ଅକର୍ମକ. (ଆ. ଅକ୍ଲ + ସଂ. ପ୍ରାପ ଧାତୁ)—
**Akal pāibā** ୧ । ( ଅନ୍ୟଠାରୁ ) ବୁଦ୍ଧି ଶିଖିବା ।
**আক্কেল পাওয়া** **1. To get wisdom from another.**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଖିଁ' ନ ପାଇଲେ 'ଆଖି' ଦେଖିବେ; 'ଅଲ୍‌ବିଡ଼' ନ ମିଳିଲେ 'ଅଲ୍‌ବଡ଼' ଦେଖିବେ ।

**ଅକଲ ପାନା** ୨ । (ଅନ୍ୟଠାରୁ) ଶିକ୍ଷାଦ୍ୱାରା ଜ୍ଞାନଲାଭ କରିବା । 2. To learn a lesson.

**ଅକଲ୍ ବତାଇବା**—ଦେ. କ୍ରି—ଅକଲ୍ ଦେବା (ଦେଖ)
Akal bataibā — Akal debā ( See )
ଆକେଲ ବাতান
**অকল বতলানা**

**ଅକଲ୍‌ବନ୍ତ**—ବୈଦେ. ବିଣ. ପୁଂ. ଓ ସ୍ତ୍ରୀ. (ଆ. ଅକ୍ଲ + ସଂ. ପ୍ରତ୍ୟୟ. ବତ୍; କମ୍ବା ଫା. ପ୍ରତ୍ୟୟ. ମନ୍ଦ; ଫା. ଅକ୍ଲ୍‌ମଂଦ୍ )—
Akalbanta
আক্কেলমন্ত
**অকলমন্দ, আক্কল**
(ଅକଲ୍‌ବନ୍ତୀ—ସ୍ତ୍ରୀ)
୧ । ବୁଦ୍ଧିମାନ୍—1. Intelligent.
୨ । ଜ୍ଞାନୀ—2. Wise.
୩ । ସଂସାରଜ୍ଞାନରେ ଅଭିଜ୍ଞ । 3. Prudent; worldly wise.
୪ । ବିଦ୍ୱାନ୍—4. Learned.

**ଅକଲ୍‌ମନ୍ତ**—ବୈଦେ. ବିଣ. ପୁଂ ଓ ସ୍ତ୍ରୀ. (ଫା. ଅକ୍ଲ୍‌ମଂଦ୍ ଭୁଲ; ସଂ. ପ୍ରତ୍ୟୟ. ମତ୍ )—ଅକଲ୍‌ବନ୍ତ (ଦେଖ)
Akalmanta — Akalbanta (See)

**ଅକଲ୍ ସଲାମୀ**—ବୈଦେ. ( ଆ. ଅକ୍ଲ ସଲାମୀ )—
Akalsalāmī
আক্কেলসেলামী
**अकलसलामी**
୧ । ଗୁରୁ ଦକ୍ଷିଣା—1. Present given to a teacher for giving lessons.
୨ । ଅନ୍ୟଠାରୁ ବୁଦ୍ଧି ଶିଖିବାପାଇଁ ଅନ୍ୟକୁ ଦିଆଯିବା ପୁରସ୍କାର—2. Present given to a person for learning wisdom from him.
୩ । ସାଂସାରିକ ଅଭିଜ୍ଞତା ଲାଭ କରିବାପାଇଁ ଅର୍ଥାତ୍ ଆପଣାର ଅନଭିଜ୍ଞତା ଯୋଗୁଁ ମନୁଷ୍ୟ ଯେଉଁ କ୍ଷତି ସହେ—Loss which a man has to suffer for one's folly.

**ଅକଲ** (ଇତ୍ୟାଦି)—ବୈଦେ. ବି. (ଆ. ଅକ୍ଲ୍ )—ଅକଲ୍ ଇତ୍ୟାଦି (ଦେଖ)
Akala (etc.) — Akal etc. (See)

**ଅକଳ**—ଦେ. ବି. (ସଂ. ଅ = ନୁହେ + ଆ. କଲ୍ = ସୁବିଧା)—
Akala
বিকল, **অকল**, **अकड़**
୧ । ଅସୁବିଧା; ଅଖଞ୍ଜ—1. Inconvenience.
ତରୁଏ ତ ଆସି ହେଲେ ନବଦ୍ୱମୂଳ,
ନାଶ କରିବାକୁ ହୋଇବ ଅକଳ । କୃଷ୍ଣସିଂହ ମହାଭାରତ. ଉଦ୍ୟୋଗ ।
୨ । ଅସୁବିଧାଜନକ ସ୍ଥାନ—2. Inconvenient place.
୩ । ଅସୁବିଧାଜନକ ଅବସ୍ଥା;ଅଖଞ୍ଜିଆ ଅବସ୍ଥା—3. State of inconvenience; queer predicament.
ଭର୍ତ୍ତ ଅକଳରେ ମନୁଷ୍ୟ ପଡ଼ଇ । ରାମଶଙ୍କର. ଯୁଧର୍ମ ୩.୩ ।
୪ । ଅନନ୍ୟୋପାୟତା; ଉପାୟାନ୍ତରହୀନ ଅବସ୍ଥା—4. A state in which one has no other alternative.
ଅକଳେ ଗରୁଡ଼ ପଥର ବୁହେ—ଢଗ ।
୫ । ଦେହର ମର୍ମସ୍ଥାନ—5. Vulnerable part of the body.
( ଯଥା—ବେତ ପ୍ରହାରକ ଅକଳରେ ବାଜିଯିବାରୁ ମୁଁ ଛଟଛଟ ହୋଇଗଲି । )
୬ । ଯେଉଁ ସ୍ଥାନକୁ ହାତ ପାଏ ନାହିଁ—6. A place beyond one's reach.
( ଯଥା—ପାଚିଲା ଆମ୍ବ ଅକଳରେ ଥିବାରୁ ମୁଁ ତାକୁ ତୋଳି ପାରିଲି ନାହିଁ । )
ଦେ. ବିଣ—୧ । ଅସୁବିଧାଜନକ—1. Inconvenient.
୨ । କୋମଳ ବା ସୁକୁମାର (ଦେହର ସ୍ଥାନ) । 2. Vulnerable part of the body.
୩ । ଅନନ୍ୟୋପାୟ—3. Having no other alternative.
୪ । ଉପାୟରହିତ—4. Resourceless.

**ଅକଳକରା**—ପ୍ରାଦେ. (ବସ୍ତ୍ରର) ବି. (ସଂ. ଅକଳ୍ପର)—ଅକରକରା (ଦେଖ)
Akaḻa karā — Akarakarā (See)

**ଅକଳକଳ**—ଦେ. ବି. (ବିପରୀତାର୍ଥକ ସନ୍ଧିତର)—
Akaḻakaḻa — ସୁବିଧା ଓ ଅସୁବିଧା; ଅଖଞ୍ଜଖଞ୍ଜ । Convenience & inconvenience.

**ଅକଳଙ୍କ**—ସଂ. ବିଣ. (ବହୁବ୍ରୀହି; ଅ + କଳଙ୍କ)—
Akaḻaṅka
୧ । ନିଷ୍କଳଙ୍କ; କଳଙ୍କହୀନ—1. Stainless.
୨ । ନିର୍ଦ୍ଦୋଷ; ଅନିନ୍ଦ୍ୟ—2. Blameless; taintless.
୩ । ସୁନ୍ଦର—3. Beautiful; charming.
୪ । ଯହିଁରେ ଦାଗ ନାହିଁ—4. Spotless.
ଶକ୍ତିଲା ମୁଖ ଅକଳଙ୍କ ସୁଧାକର
ସଦା ବିକଶିତ ନେତ୍ର ନୀଳ ଇନ୍ଦୀବର—ଭୂଲମଣି. ଅଲଙ୍କାରତରଙ୍ଗିଣୀ ।
୫ । ନିର୍ମଳ—5. Clear.

**ଅକଳଙ୍କିତ**—ସଂ.ବି. (ନଞ୍ତତ୍; ଅ + କଳଙ୍କିତ)—ଯହିଁରେ କଳଙ୍କ ଲାଗି ନାହିଁ—Unstained.
Akaḻaṅkita

**ଅକଳଙ୍କୀ**—ଦେ. ବିଣ. ( ସଂ. ଅକଳଙ୍କିତ ) ଯେଉଁ ଧାତୁମୟ ପଦାର୍ଥରେ କଳଙ୍କି ବା ଜଙ୍ଗ ଲାଗି ନାହିଁ । Unrusted; not rusty.
Akaḻaṅki
ସଂ. ବିଣ. ପୁଂ. ( ନଞ୍ତତ୍; ଅ + କଳଙ୍କିନ୍, ୧ମା. ୧ବ )— ( ଅକଳଙ୍କିନୀ—ସ୍ତ୍ରୀ ) ଅକଳଙ୍କ ( ଦେଖ ) Akaḻaṅka ( See )

**ଅକଳଣ**—ଗ୍ରା. ବିଣ. ( ସଂ. ଅକଳନ )—ଅକଳନ ( ଦେଖ )
Akaḻaṇa — Akaḻana ( See )
অগনতি
**अनगिनति**

**ଅକଳଣା**—ଗ୍ରା. ବିଣ. ( ସଂ. ଅକଳନ )—ଅକଳନ ( ଦେଖ )
Akaḻaṇā — Akaḻana ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | ଙ୍କ | ଇଂ | ଡ଼ଥ | ଙ୍ଗ |
| ୨ | ଈ | ଊ | ଋୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଥ | ଡ଼ | ନ୍ଥ |

ଯୁଧିଷ୍ଠିର ରକ୍ଷାଙ୍କ ଥାଟେ ଯାଇ ସେନା,
ପଡ କରିଥିଲେ ସେ ବଳ ଅକଳଣା । କୃଷ୍ଣଙ୍କ ହ, ମହାଭାରତ, ଉଦ୍ୟୋଗ ।

**ଅକଲଥାନ**—ଦେ. ବି. ( ସଂ. ଅ + ଆ. କଲ୍ = ସୁବିଧା + ସଂ. ସ୍ଥାନ )—
Akalathāna — ୧ । ଅସୁବିଧାଜନକ ସ୍ଥାନ ।
অযায়গা — 1. Inconvenient place.
বেথান

୨ । ଦେହର ଗୁପ୍ତାଙ୍ଗ—2. Any private part of the body.
( ଯଥା—ଅକଲଥାନରେ ବଥ ହେବାରୁ ମୁଁ କାହାରିକୁ ଦେଖାଇ ପାରୁ ନାହିଁ ।)

୩ । ଦେହର ମର୍ମସ୍ଥାନ—3. Any vulnerable part of the body.
( ଯଥା—ମାକଡ଼ର ଅକଲ ଥାନରେ ବାଟୁଳିଟି ବାଜିବାରୁ ମାକଡ଼ ଗଛରୁ ଖସି ପଡ଼ିଲା ।)

୪ । ଯେଉଁ ସ୍ଥାନକୁ ହାତ ପାଏ ନାହିଁ—4. A place beyond reach.
(ଯଥା—ସାରିମାନେ ପର୍ବତର ଅକଲଥାନରେ ବସା ବାନ୍ଧି ରହନ୍ତି ।)

**ଅକଳନ**—ସଂ. ବିଣ. (ବହୁବ୍ରୀହି; ଅ + କଳନା; ନାହିଁ କଳନା ଯାହାର)—
Akaḷana — ୧ । ଅଗଣ୍ୟ; ଅସଂଖ୍ୟ—1. Countless; innumerable.
୨ । ଅପରିମିତ—2. Immeasurable.
୩ । ଅସୀମ—3. Limitless; boundless.
୪ । ଅତ୍ୟଧିକ—4. Excessive.

**ଅକଳନା**—ଦେ. ବିଣ. ( ସଂ. ଅକଳନ )—ଅକଳନ ( ଦେଖ )
Akaḷanā — Akaḷana ( See )
କଳୁଳର ବଳ ଅଟେ ଅତି ଅକଳନା । ସାରଳା ମହାଭାରତ, ମଧ୍ୟ ।

**ଅକଳନ୍ତା**—ଦେ. ବିଣ. ( ସଂ. ଅକଳନ )—ଅକଳନ ( ଦେଖ )
Akaḷantā — Akaḷana ( See )

**ଅକଳମ**—ପ୍ରାଦେ. (ପୁରୀ) ବି. (ସଂ. ଅକର୍ମଣ୍ୟ ଓ ଶିଳା—ତୁଳନା କର ଅକର୍ମଶିଳା । )
Akaḷama
ପୁରୀର ଜାଗା ଘରମାନଙ୍କରେ ବ୍ୟାୟାମାର୍ଥ ରଖାଯିବା ଗୋଲାକାର ଭାରି ପଥର । ଏହାକୁ ମଲ୍ଲମାନେ ଊର୍ଦ୍ଧ୍ୱକୁ ଫିଙ୍ଗି ଆପଣା ବାହା ଦେଖାଇ ଏହା ପଡ଼ିଲା ବେଳେ ସମ୍ଭାଳି ନିଅନ୍ତି ।
A circular piece of heavy stone which athletes throw up into the air and let fall on their arms.

**ଅକଳା**—ଦେ. ବିଣ. (ସଂ. ଅକଳନ)—ଅକଳନ (ଦେଖ)
Akaḷā — Akaḷana (See)
ଅକଳା ବ୍ୟୂହ ମଧ୍ୟେ କିଏ କାହିଁ ଅଛି । ସାରଳା ମହାଭାରତ, ଅଦି ।

**ଅକଳା ଅକଳି**—ଦେ. ବି—୧ । ଦୁଇଜଣ ପରସ୍ପରକୁ ଅସୁବିଧାରେ ପକାଇବା କର୍ମ—1. Putting each other into inconvenience.
Akaḷā akaḷi
আঁকড়া আঁকড়ি

୨ । ଅକଡ଼ାଅକଡ଼ି (ଦେଖ)
2. Akarḍāakarḍi (See)
ଦେ. ବିଣ—ପରସ୍ପରକୁ ଅସୁବିଧାରେ ପକାଉଥିବା (ଦୁଇ ଜଣ ।)
Inconveniencing each other.

**ଅକଳାଇବା**—ଦେ. କ୍ରି—ଅକଡ଼ାଇବା (ଦେଖ)
Akaḷāibā — Akarḍaibā (See)

**ଅକଳିଆ**—ଦେ. ବିଣ—ଅକଳ (ଦେଖ)
Akaḷiā — Akaḷa (See)

**ଅକଲିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ. (ଆ. ଅକ୍‌କଲ୍)—
Akaliā — ଅକଲ୍‌ବନ୍ତ (ଦେଖ)
Akalbanta (See)

**ଅକଳିତ**—ସଂ. ବିଣ. (ଅ + କଳିତ)—ଅକଳନ (ଦେଖ)
Akaḷita — Akaḷana (See)

**ଅକଳିନ୍ତା**—ଗ୍ରା. ବିଣ. (ସଂ. ଅକଳିତ)—ଅକଳନ (ଦେଖ)
Akaḷintā — Akaḷana (See)

**ଅକଳିହା**—ଦେ. ବିଣ. ପୁଂ (ସଂ. ଅ + କଳହପ୍ରିୟ)—
Akaḷihā — ୧ । ଯେ କଳହପ୍ରିୟ ନୁହେ ।
(ଅକଳେହୀ—ସ୍ତ୍ରୀ) — 1. Not quarrelsome.
୨ । ଶାନ୍ତିପ୍ରିୟ—2. Peace-loving.

**ଅକଳୁଆ**—ଦେ. ବିଣ—ଅକଳ (ଦେଖ)
Akaḷuā — Akaḷa (See)

**ଅକଳେ**—ଦେ. କ୍ରି, ବିଣ—ଅକଳ (ଦେଖ)
Akaḷe — Akaḷa (See)
অনন্যোপায় হয়ে ୧ । ଅସୁବିଧାଜନକ ଅବସ୍ଥାରେ ପଡ଼ିବାରୁ ।
लाचारिमें — 1. Being put in a tight corner.
୨ । ଅନନ୍ୟୋପାୟ ହୋଇ—2. Having no other alternative.
ଅକଳେ ଗଉଡ଼ ପଥରି ବୁହେ—ଢଗ ।
୩ । ଅଗତ୍ୟା—3. Unavoidably; perforce.

**ଅକଳେଇବା**—ଦେ. କ୍ରି—ଅକଡ଼ାଇବା (ଦେଖ)
Akaḷeibā — Akarḍaibā (See)

**ଅକଳ୍କ**—ସଂ. ବିଣ. (ବହୁବ୍ରୀହି; ଅ + କଳ୍କ)—
Akaḷka — ୧ । ଦମ୍ଭରହିତ—1. Courageless.
୨ । ଅଧୀର—2. Impatient.
୩ । କଳ୍କଶୂନ୍ୟ—3. Having no decoction.
ସଂ. ବି—ଅକରକରା (ଦେଖ)
Akarakarā (See)

**ଅକଳ୍କର**—ସଂ. ବି—ଅକରକରା (ଦେଖ)
Akaḷkara — Akarakarā (See)

**ଅକଳ୍କା**—ସଂ. ବି. ସ୍ତ୍ରୀ. (ଅକଳ୍କ + ସ୍ତ୍ରୀ. ଆ)—ଜ୍ୟୋତ୍ସ୍ନା ।
Akaḷkā — ୧ — Moonlight

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳାଗତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା —
> 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅକଳ୍ପଣା**—ଗ୍ରା. ବି. (ସଂ. ଅ + କାର୍ପଣ୍ୟ)—
Akalpaṇā ୧ । ଅକାର୍ପଣ୍ୟ—1. Freedom from miserliness.
୨ । ମନରେ ସନ୍ଦେହ, କୁଣ୍ଠାବା ଅସନ୍ତୋଷ ନ ଥିବା ଅବସ୍ଥା । 2. State of being free from any misgiving or discontent.
୩ । ମନର ପୂର୍ଣ୍ଣ ସନ୍ତୋଷ—3. Full satisfaction.
(ଯଥା—ତୁମେ ମତେ ଯାହା ଅକଳ୍ପଣାରେ ଦେବ ତାହା ମୁଁ ନେବି ।)
ଗ୍ରା. ବିଣ—୧ । ସନ୍ତୁଷ୍ଟ—1. Content.
୨ । କୁଣ୍ଠାହୀନ—2. Free from misgiving.
୩ । ସମ୍ପୂର୍ଣ୍ଣ ସନ୍ତୁଷ୍ଟ—3. Fully satisfied.
୪ । ସନ୍ଦେହହୀନ—4. Free from doubt.
୫ । କାର୍ପଣ୍ୟରହିତ—5. Unmiserly; giving with a free hand.

**ଅକଳ୍ପନା**—ସଂ. ବି. ( ନଞ୍‌ତତ୍; ଅ + କଳ୍ପନା )—
Akalpanā ୧ । କଳ୍ପନା ଶକ୍ତିର ଅଭାବ । 1. Want of imagination.
୨ । ଅନୁଚିତ ଚିନ୍ତା—2. Improper thought.
ଦେ. ବି—ଅକଳ୍ପଣା ( ଦେଖ ) Akalpaṇā (See)
ଦେ. ବିଣ—ଅକଳ୍ପଣା ( ଦେଖ ) Akalpaṇā (See)

**ଅକଳ୍ପିତ**—ସଂ. ବିଣ. ( ନଞ୍‌ତତ୍; ଅ = କଳ୍ପିତ )—
Akalpita ୧ । ଯାହା କଳ୍ପିତ ନୁହେଁ; ବାସ୍ତବ; ଯଥାର୍ଥ ।
( ଅକଳ୍ପିତତା—ବି ) 1. Not imaginary; real; actual.
୨ । ଅକୃତ୍ରିମ—2. Inartificial.
୩ । ଯାହା ବାହାନା କରାଯାଇ ନାହିଁ—3. Unfeigned.

**ଅକଳ୍ମଷ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + କଳ୍ମଷ )—ନିଷ୍ପାପ ।
Akalmasha Sinless.
( ଅକଳ୍ମଷା—ସ୍ତ୍ରୀ ) ସଂ. ବି. (ନାମ) ଚତୁର୍ଥ ମନୁଙ୍କ ପୁତ୍ର—Name of the son of the fourth Manu.

**ଅକଳ୍ମାଷ**—ସଂ. ବିଣ. ( ବହୁବ୍ରୀହି; ଅ + କଳ୍ମାଷ )—ନିଷ୍ପାପ ।
Akalmāsha Sinless.
ସଂ. ବି. (ନାମ) ଚତୁର୍ଥ ମନୁଙ୍କ ପୁତ୍ର—Name of the son of the fourth Manu.

**ଅକଲ୍ୟ**—ସଂ. ବି. ପୁଂ. (ନଞ୍‌ତତ୍; ଅ + କଲ୍ୟ )—
Akalya ଅସୁସ୍ଥ; ପୀଡ଼ିତ—Sick; ailing.
( ଅକଲ୍ୟା—ସ୍ତ୍ରୀ )

**ଅକଲ୍ୟାଣ**—ସଂ. ବି. ( ନଞ୍‌ତତ୍; ଅ + କଲ୍ୟାଣ )—
Akalyāṇa ୧ । ଅଶୁଭ; ଅମଙ୍ଗଳ—1. Woe.
୨ । ଦୁର୍ଭାଗ୍ୟ—2. Misfortune.
ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କଲ୍ୟାଣ )—
( ଅକଲ୍ୟାଣୀ—ସ୍ତ୍ରୀ ) ୧ । ହତଭାଗ୍ୟ—1. Unfortunate.
୨ । ଅଶୁଭଗ୍ରସ୍ତ—2. Illfaring.
ଦେ. ବି—ଅଭିସମ୍ପାତ—Curse.
( ବ୍ରାହ୍ମଣଙ୍କୁ ଭିକ ନ ଦେଲେ ସେ ଅକଲ୍ୟାଣ କରିବ । )

**ଅକଲ୍ଲକ**—ସଂ. ବି—ଅକରକରା ( ଦେଖ )
Akallaka Akarakarā (See)

**ଅକଶ**—ବୈଦେ. (ଆ) ବି. (ଆ. ଅକସ୍; ଭୁଲ. ସଂ. ଆକ୍ରୋଶ )—
Akaśa ୧ । ଅଦଉତି; ଅହଙ୍କା—1. Grudge; spite.
আক্রোশ ୨ । ପ୍ରତିହିଂସା—2. Revenge.
অকস ୩ । ଆକ୍ରୋଶ; ଦ୍ୱେଷ—3. Envy.
୪ । ଶତ୍ରୁତା—4. Enmity.

**ଅକଶ ନେବା**—ଦେ. କ୍ରି.—
Akaśa nebā ଦାଉ ସାଧିବା; ପ୍ରତିଶୋଧ ନେବା ।
আক্রোশ মিটান (সাধা) To be avenged on.
অকস টালন।

**ଅକଶବାଜ୍**—ବୈଦେ. (ଆ) ବିଣ. ( ଆ. ଅକସ୍‌ବାଜ )—
Akaśabāj ୧ । ପ୍ରତିହିଂସାପରାୟଣ—1. Revengeful.
আক্রোশী ୨ । ଅହଙ୍କିଆ—2. Spiteful.
অকস্‌বাজ
( ଅକଶବାଜୀ—ବି )

**ଅକଶର୍**—ବୈଦେ. ଅ. ( ଆ. ଅକ୍‌ଶର୍ = ସାଧାରଣତଃ )—
Akaśar ୧ । ସାଧାରଣତଃ—1. Generally.
অকসার্, ୨ । ସବୁ ପ୍ରକାରେ—2. In all ways.
অকচার্, ୩ । ସଦା; ସର୍ବଦା—3. Always.
অকছার্ ୪ । ଅଧିକାଂଶତଃ—4. For the most part.
অকসর ୫ । ଯଦି ସ୍ୟାତ୍; ଯଦି—5. If; lest.
୬ । ଅକସ୍ମାତ୍; ଦୈବାତ୍; ହଠାତ୍—6. Suddenly.
୭ । ସାମାନ୍ୟ ପ୍ରକାରେ—7. Slightly.
ସର୍ବନାମ—୧ । ପ୍ରତ୍ୟେକ—1. Every.
୨ । ସମସ୍ତ—2. All.

**ଅକଶର୍ କ୍ଷମତାପତ୍ର**—ଦେ. ବି. ( କଚରଥା, ଆ. ଅକ୍‌ଶର୍ + ସଂ
Akaśar kshamatāpatra କ୍ଷମତା + ସଂ. ପତ୍ର )—
ଅକଶର୍‌ନାମା ( ଦେଖ ) Akśarnāmā ( See )

**ଅକଶ ରଖିବା**—ଦେ. କ୍ରି—କୌଣସି ବ୍ୟକ୍ତି ଉପରେ ଭବିଷ୍ୟତରେ
Akaśa rakhibā ଦାଉ ସାଧିବାପାଇଁ ମନରେ ପାଞ୍ଚିବା ।
আক্রোশ রাখা To have a grudge against a person.
অকস রাখনা

**ଅକଶ ସାଧିବା**—ଦେ. କ୍ରି—ଅକଶ୍ ନେବା ( ଦେଖ )
Akaśa sādhibā Akaś nebā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟୁ | ଊଅ | ଙ୍ଗ |
| ୨ | ଈ | ଉ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

**ଅକଶର୍‌ନାମା**—ବୈଦେ. ବି. ( ଆ. ଅକ୍‌ଶର୍ ନାମେହ୍ )—
Akasarnama ଯେଉଁ କ୍ଷମତାପତ୍ର ବଳରେ ଏଜେଣ୍ଟ ମାଲିକର
ଅକ୍‌ସାର୍‌ନାମା, କୈତେକ କାର୍ଯ୍ୟ ଚଳାଏ; ଖାସ୍ କ୍ଷମତାପତ୍ର ।
ଅକଚାରନାମା Special power of attorney.
ଅକ୍‌ସରନାମା
( ବିପରୀତ—ଆମ୍‌ମୁକ୍ତାରନାମା )

**ଅକଶା**—ଦେ. ବିଣ—(ସଂ. ଅ + ଓ. କସା—କସିବା କ୍ରିୟା ଦେଖ)—
Akasa ୧ । ଯେଉଁ ଘୋଡ଼ାରେ ଜିନ୍ କଷା ଯାଇ ନ ଥାଏ ।
ଯା କସା ହୟ ନାଇ 1. Unsaddled horse.
୨ । ଯେଉଁ ଅଙ୍କ କଷା ହୋଇ ନାହିଁ—2. Unsolved (Arithmetical sum).
୩ । ଯେଉଁ ପରିବା ତେଲ ବା ଘିଅରେ କଷା ହୋଇ ନ ଥାଏ । 3. Unfried (vegetable).
୪ । ଯେଉଁ ଦଉଡ଼ି ଦୃଢ଼ରୂପେ ଟଣା ହୋଇ ବନ୍ଧା ହୋଇ ନ ଥାଏ—4. Untightened (rope).
୫ । ଯେଉଁ ବାଉଁଶ, ବେତ ବା ଲଇ କିଛି ଦିନ ପାଣିରେ ବୁଡ଼ୁଥି ହୋଇ ନ ଥାଏ—5. Unseasoned ( bamboo or cane ).

**ଅକଶିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ.(ସଂ. ଆକୋଶ + ଓଡ଼ିଆ ପ୍ରତ୍ୟୟ. ଇଆ)—
Akasia ଅକଶ୍‌ବାଜ୍ (ଦେଖ)
Akasbaj (See)

**ଅକଷ୍ଟ**—ସଂ. ବିଣ. (ବହୁବ୍ରୀହି; ଅ + କଷ୍ଟ)—୧ । କଷ୍ଟରହିତ;କ୍ଲେଶହୀନ।
Akashta 1. Painless; free from trouble.
୨ । ସହଜ—2. Easy.
୩ । ସ୍ୱାଭାବିକ—3. Natural.

**ଅକଷ୍ଟକଳ୍ପନା**—ସଂ. ବି. (କର୍ମଧା) —୧ । ସ୍ୱାଭାବିକ କଳ୍ପନା ।
Akashtakalpana 1. Natural imagination.
୨ । ଯେଉଁ କଳ୍ପନା ବା ରଚନା କରିବାକୁ ଲେଖକ ବା କବିଙ୍କୁ କିଛିମାତ୍ର ଆୟାସ ସ୍ୱୀକାର କରିବାକୁ ପଡ଼ି ନ ଥାଏ ।
2. Any composition in which the writer has not taken trouble.

**ଅକଷ୍ଟବଦ୍ଧ**—ସଂ. ବିଣ. (ବହୁବ୍ରୀହି; ନ + କଷ୍ଟ + ବଦ୍ଧ = ବନ୍ଧନ;
Akashtabaddha ଯାହାଠାରୁ ବଳି କଷ୍ଟ ବନ୍ଧନ ନାହିଁ)—
୧ । ଅପ୍ରତିକାର୍ଯ୍ୟ—1. Irremediable.
୨ । ଅତିଶୟ କଷ୍ଟରେ ପତିତ—2. Fallen in great trouble.
ସଂ. ବି—୧ । ଅପ୍ରତିହାର୍ଯ୍ୟ ବିପଦ—1. Irremediable danger; unavoidable danger.
୨ । ଅତି ଦୁଃଖ—2. Great grief; misery.

**ଅକଷ୍ଟବନ୍ଧ**—ସଂ. ବି. (ବହୁବ୍ରୀହି; ଅ + କଷ୍ଟବନ୍ଧ; ଯାହାଠାରୁ ବଳି
Akashtabandha କଷ୍ଟତର ବନ୍ଧନ ନାହିଁ)—ଅତି ଗୁରୁତର କାରାବନ୍ଧନ; କଠିନ କାରାବାସ ।
Rigorous confinement.

**ଅକଷ୍ଟଲବ୍ଧ**—ସଂ. ବିଣ. (ନଞ୍ତତ୍; ଅ+କଷ୍ଟଲବ୍ଧ)—ସହଜଲବ୍ଧ; ବିନା
Akashtalabdha କଷ୍ଟରେ ମିଳିଥିବା—Got easily.

**ଅକଷ୍ଟଲଭ୍ୟ**—ସଂ. ବିଣ. ( ନଞ୍ତତ୍; ଅ + କଷ୍ଟଲଭ୍ୟ)—ସହଜଲଭ୍ୟ;
Akashtalabhya ଯାହା ସହଜରେ ଲାଭ କରାଯାଇ ପାରେ ।
Easily attainable.

**ଅକସ୍ମାତ୍**—ସଂ. ଅ. ( ଅ = ନୁହେ + କସ୍ମାତ୍ = କାହାଠାରୁ, ଅର୍ଥାତ୍
Akasmat ଯାହା କାହାଠାରୁ ଉତ୍ପନ୍ନ ହେଲା ବା କ କାରଣରୁ ଘଟିଲା ବୋଲି ନିର୍ଣ୍ଣୟ କରି ଯାଇ ନ ପାରେ)—
୧ । କାରଣ ନିର୍ଣ୍ଣୀତ ହୋଇ ନ ପାରିବା ପ୍ରକାରେ ।
1. Without any apparent or assignable cause.
୨ । ହଠାତ୍—2. Suddenly.
୩ । ଅପ୍ରତ୍ୟାଶିତରୂପେ—3. Unexpectedly; accidentally.
ଦେ. ବିଣ. (ସଂ. ଆକସ୍ମିକ)—
ଅକସ୍ମାଂ ୧ । ଆକସ୍ମିକ—1. Sudden.
ଅକସ୍ମାତ୍ ୨ । ଅପ୍ରତ୍ୟାଶିତ—2. Unexpected.
୩ । ଜ୍ଞାତ କାରଣ ବିନା ଘଟିବା—3. Happening without any assignable cause.

**ଅକସ୍ମାତେ**—ଗ୍ରା. ଅ. ( ସଂ. ଅକସ୍ମାତ୍ )—ଅକସ୍ମାତ୍ ( ଦେଖ )
Akasmate Akasmat ( See )
ଯାହା ମିଳିବ ଅକସ୍ମାତେ।
ଆନନ୍ଦେ ସମର୍ପିବ ମତେ ॥ ଜଗନ୍ନାଥ. ଭାଗବତ ।

**ଅକହ**—ଦେ. ବିଣ. ( ସଂ. ଅକଥ୍ୟ )—ଅନିର୍ବଚନୀୟ; ଅକଥନୀୟ ।
Akaha Unspeakable.
ଅକଥ୍ୟ ତାହାର ସ୍ୱରୂପଟି ଅଟଇ ଅକହ।
ଅକହ କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅକା**—ଦେ. ବିଣ. ପୁଂ ଓ ସ୍ତ୍ରୀ. ( ସଂ. ଅଜ୍ଞ; ପ୍ରା. ଅକା = ନିର୍ବୋଧ )—
Aka ୧ । ନିର୍ବୋଧ; ଓଲୁ—1. Foolish; stupid.
ଅକା ୨ । କିଂକର୍ତ୍ତବ୍ୟବିମୂଢ଼—2. Bewildered.
୩ । ଆତଙ୍କଯୁକ୍ତ—3. Astounded.
ଦେ. ବି. (ନାମ) ( ପ୍ରା. ଅକା = ନିର୍ବୋଧ )—ଆସାମର ପାର୍ବତ୍ୟ ଅନାର୍ଯ୍ୟଜାତି ବିଶେଷ—Name of an Assamese hill tribe.

[ ଦ୍ର—ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଏମାନେ ଉତ୍ତର-ପୂର୍ବ ବାଟେ ଭାରତକୁ ପ୍ରବେଶ କରିଥିଲେ । କିନ୍ତୁ, କୋଲଙ୍କ ଆଦିଙ୍କ ପରି ଏମାନେ ଅବଧି ଶିକ୍ଷା ଓ ସଭ୍ୟତାରେ ଅଗ୍ରସର ହୋଇ ନାହାନ୍ତି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅକାଇଲ୍**—ଦେ. ବିଣ. ( ସଂ. ଅ + ଆ. କାଏଲ୍; ଆ.ବେକାଏଲ୍ )—
Akāil ୧ । ଯେଉଁ ଲୋକ ଆପଣାର ଦୋଷ ସ୍ୱୀକାର କରେ ନାହିଁ
ଅକାଇଲ୍ ବା କାଇଲ୍ ମାନେ ନାହିଁ ।
बेकायल् 1. (a person) Who does not admit his or her own guilt or fault.
୨ । ନିର୍ଦ୍ଦୋଷ; ଯେଉଁ ଲୋକ ଦୋଷ କରେ ନାହିଁ ।
2. Faultless; innocent.
ଦେ. ବି—ଅଦୋଷ; ଦୋଷର ଅଭାବ—Absence of fault.

**ଅକାଇଲା**—ଦେ. ବି. ଓ ବିଣ—ଅକାଇଲ୍ ( ଦେଖ )
Akāilā Akāil ( See )

**ଅକାଇଲି**—ଦେ. ବି. ଓ ବିଣ—ଅକାଇଲ୍ ( ଦେଖ )
Akāili Akāil ( See )

**ଅକାଇଲିଆ**—ଦେ. ବିଣ—ଅକାଇଲ୍ ( ଦେଖ )
Akāiliā Akāil ( See )

**ଅକାଉଲି**—ଦେ. ବିଣ. (ସଂ. ଅ + ଓ. କାଉଳି)—
Akāuli ୧ । ଧୀର; ଧୈର୍ଯ୍ୟଶାଳୀ—1. Patient.
୨ । ସ୍ଥିର—2. Calm; quiet.

**ଅକାଖେଲ୍**—ଦେ. ବି. ( ନାମ )—ଭାରତର ଉତ୍ତର ପଶ୍ଚିମ ସୀମାନ୍ତର
Akākhel ବାହାରେ ଆଫଗାନସ୍ଥାନରେ ବାସ କରୁଥିବା ମୁସଲମାନ
अकाखेल् ଜାତିବିଶେଷ—Name of a predatory
अकाखेल् tribe of Mahomedans beyond the north western frontier of India.
[ ଦ୍ର—ଏମାନେ ଦଳବଦ୍ଧ ହୋଇ ଭାରତର ଉତ୍ତରପଶ୍ଚିମ ସୀମାନ୍ତବର୍ତ୍ତୀ ଇଂରାଜଶାସିତ ରାଜ୍ୟକୁ ଲୁଣ୍ଠନ କରୁଥିଲେ । ବର୍ତ୍ତମାନ ଇଂରାଜମାନଙ୍କ କଠକଣାରେ ଏମାନଙ୍କ ଅତ୍ୟାଚାର ପୂର୍ବ ଅପେକ୍ଷା ବେଶ କମି ଯାଇଅଛି ।]

**ଅକାଠ**—ଦେ. ବିଣ. ( ସଂ. ଅକାଟ୍ୟ )—୧ । ଅଖଣ୍ଡନୀୟ ( ଯୁକ୍ତି ) ।
Akāta 1. Irrefutable.
अकाट, अकाट्य ୨ । ଯାହା ଅସ୍ତ୍ରଶସ୍ତ୍ରାଦିଦ୍ୱାରା ଅଚ୍ଛେଦ୍ୟ ବା ଅଭେଦ୍ୟ
अकाट्य (ଶରୀର)—2. Invulnerable ( body ).
୩ । ଯେଉଁ ଶର ଅନ୍ୟ ଶରଦ୍ୱାରା କାଟି ହୋଇ ନ ପାରେ ।
3. (an arrow) Which can not be cut or baffled by any other arrow.
୪ । ଅମୋଘ (ଅସ୍ତ୍ରାଦି)—4. Infallible; unfailing.
ବନ୍ଧିବା ଶରମାନ ସେ ହୋଇଲା ଅକାଠ । ସାରଳା ମହାଭାରତ. ଅଦି ।
ଦେ. ବି—ଅକାଠୁ (ଦେଖ)
Akātu (See)
ଅକାଠକୁ ଅଙ୍ଗରେ ଅଙ୍ଗାରେ ବାନ୍ଧିଲେ । କୃଷ୍ଣସିଂହ ମହାଭାରତ. ସଭା ।

**ଅକାଠ ମୁରୁଖ**—ଗ୍ରା. ବିଣ—
Akāta murukha ଜଡ଼ାମୂର୍ଖ; ଗଜମୂର୍ଖ (ବ୍ୟକ୍ତି); ନିପଟ ମୂର୍ଖ ।
आकाट मूर्ख Totally illiterate (person).

**ଅକାଠ ମୂର୍ଖ**—ଦେ. ବିଣ—ଅକାଠ ମୁରୁଖ (ଦେଖ)
Akāta mūrkha Akāta murukha (See)

**ଅକାଠ ମୂଷା**—ପ୍ରାଦେ. (ଗଡ଼ଜାତ) ବି—ଏକପ୍ରକାର ବଡ଼ ପାର୍ବତୀୟ ମୂଷା ।
Akāta mūshā A kind of mountain-mouse.
[ ଦ୍ର—ଏମାନେ ପଥରକୁ ଦାନ୍ତରେ କାଟି ମାଟି ପରି ପଦାକୁ ଗାଳି ପକାଇ ସେହି ପଥର ଗାତରେ ବସା କରନ୍ତି । ଏ ମୂଷା ସହଜରେ ଧରା ପଡ଼େ ନାହିଁ । ଲୋକେ ବିଶ୍ୱାସ କରନ୍ତି ଯେ, ଏ ମୂଷାକୁ ମାରି ଏହାର ହାଡ଼ ଖଣ୍ଡେ ତେଉଁରିଆରେ ପୂରାଇ ଦେହରେ ବାନ୍ଧିଲେ ଦେହ ଅକାଠୁ ହୁଏ ଓ ଏହାର ମାଂସକୁ ଗର୍ଭିଣୀସନ୍ତାନ ଦିନ ଖାଇଲେ ଦେହ ଅକାଠୁ ହୁଏ । ]

**ଅକାଠ ଶର**—ଦେ. ବି. ( ସଂ. ଅକାଟ୍ୟ + ଶରସ୍ )—
Akāta śara ୧ । ଅମୋଘ ଶର—1.Unfailing arrow.
अकाट्य शर ୨ । ଯେଉଁ ଶରକୁ ଅନ୍ୟ ଶର କାଟି ନ ପାରେ ।
2. An arrow which cannot be cut short by any other arrow.

**ଅକାଠ ଶରୀର**—ଦେ. ବି. ( ସଂ. ଅକାଟ୍ୟ + ଶରୀର )—ମନ୍ତ୍ରୌଷଧିଦ୍ୱାରା
Akāta śarira ଅକାଟ୍ୟ କରାଯାଇଥିବା ମନୁଷ୍ୟଦେହ ।
अकाट शरीर The body (of a person) rendered invulnerable by charms; charmed body.
ଦେ. ବିଣ—ଯେଉଁ ବ୍ୟକ୍ତିର ଶରୀର ଅସ୍ତ୍ରଶସ୍ତ୍ରାଦିଦ୍ୱାରା ଅଭେଦ୍ୟ ।
(a person) Bearing a charmed life; invulnerable to weapons.

**ଅକାଠୁ**—ଦେ. ବିଣ. (ସଂ. ଅକାଟ୍ୟ)—ଅକାଟ୍ୟ (ଦେଖ)
Akātu Akātya (See)
अकाट ୧ । ମନ୍ତ୍ରଯନ୍ତ୍ର ପ୍ରଭାବରୁ ଅସ୍ତ୍ରଶସ୍ତ୍ରାଦିଦ୍ୱାରା ଅଭେଦ୍ୟ (ଶରୀର ବା ବ୍ୟକ୍ତି)—1. (a person or body) Made invulnerable by charms; charmed.
୨ । ଅଫଳପ୍ରଦ (ଔଷଧ; ମନ୍ତ୍ରଯନ୍ତ୍ରାଦି); ଯାହା କାଠୁ କରେ ନାହିଁ—2. Fruitless (charms).
୩ । ଯେଉଁ ଅସ୍ତ୍ରଶସ୍ତ୍ରାଦି ଲକ୍ଷ୍ୟଭେଦ କରି ନ ପାରେ ।
3. (Weapons) Incapable of striking the aim.
୪ । ଦନ୍ତୁଡ଼ା (ଅସ୍ତ୍ରଶସ୍ତ୍ର)—4. Blunt ( weapon ).
ଦେ. ବି—ଯେଉଁ ଔଷଧ, ଜଡ଼ି ବୁଟି ବା ମନ୍ତ୍ରଯୁକ୍ତ ତେଉଁରିଆ
अनायकवच ଧାରଣ କରିବା ବ୍ୟକ୍ତିର ଶରୀରକୁ ଅସ୍ତ୍ର ଭେଦ କରି ପାରେ ନାହିଁ—A herb or charm which renders the wearer invulnerable.
ଅକାଠୁ ଧାରଣ ଦେହେ ଶତ ଶତ ଭଟେ । ଜଗନ୍ନାଥ. ମହାଯାତ୍ରା ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଂ | ଉଅ | ହ୍ମ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍ହ |

ଦେହକୁ ଅକାଟୁ କରିବାପାଇଁ ବ୍ୟବହୃତ ମନ୍ତ୍ର ।
A mystic formula the application of which makes a person invulnerable.

**ଅକାଟୁ ମୂଷା**—ପ୍ରାଦେ. (ଗଡ଼ଜାତ) ବି—ଅକାଟ ମୂଷା (ଦେଖ)
**Akāṭu mūshā** Akāṭa mūshā (See)

**ଅକାଟ୍ୟ**—ସଂ. ବି. ( ଅ + କାଟ୍ୟ ) )—
**Akāṭya** ୧ । ଅକର୍ତ୍ତନୀୟ; ଅଚ୍ଛେଦ୍ୟ—1. That which cannot be cut.
୨ । ଯେଉଁ ଶରକୁ ଅନ୍ୟ ଅସ୍ତ୍ର କାଟି ପାରେ ନାହିଁ ।
2. (arrow) Which can not be cut short by any other weapon.
୩ । ଅବିଭାଜ୍ୟ—3. Indivisible.
୪ । ଅଖଣ୍ଡନୀୟ (ଯୁକ୍ତି; ପ୍ରମାଣ)—4. Irrefutable.
୫ । ଅମୋଘ (ଔଷଧ; ଶର)—5. Infallible.

**ଅକାଟ୍ୟ ଓଷଦ**—ଦେ. ବି. ( ସଂ. ଅକାଟ୍ୟ + ଔଷଧ )—ଅମୋଘ ଔଷଧ—Infallible remedy.
**Akāṭya oshada**
অকাট্য ঊষুদ

**ଅକାଟ୍ୟ ପ୍ରମାଣ**—ସଂ. ବି. ( କର୍ମଧା )—ଅଖଣ୍ଡନୀୟ ପ୍ରମାଣ ।
**Akāṭya pramāṇa** Irrefutable evidence; conclusive evidence.

**ଅକାଠ**—ଦେ. ବି. ( ସଂ. ଅ + କାଷ୍ଠ )—ନିକୃଷ୍ଟ ଶ୍ରେଣୀର କାଠ ।
**Akāṭha** Inferior kind of wood.
বাজে কাঠ

**ଅକାଠ କାଠ**—ଗ୍ରା. ବିଣ. ( ସଂ. କାଷ୍ଠ )—କାଠକାଠ; କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ବା କୁଣ୍ଠିତ; ନିଶ୍ଚେଷ୍ଟ ।
**Akāṭha kāṭha** Shrinking from any work.

**ଅକାଢ଼ିଆ**—ଦେ. ବିଣ—୧ । ଯାହା ବାହାରକୁ କଢ଼ା ହୋଇ ନାହିଁ ।
**Akārḍhia** 1. Which has not been brought out.
( ଯଥା—ଅକାଢ଼ିଆ ମଡ଼ା । )
୨ । ଯହିଁରେ କାଢ଼ି ବା କାଠି ନ ଥାଏ—2. Having no rib or stick.
( ଯଥା—ଅକାଢ଼ିଆ ଛତା । )

**ଅକାଢ଼ୁ**—ଗ୍ରା. ବିଣ—୧ । ଅକର୍ମ—1. Unfit for work.
**Akārḍhu** ୨ । ଅକୁଶଳ; କୃତିତ୍ୱରହିତ—2. Unskilful.
୩ । କର୍ମମତ ବା କ୍ଷମତାହୀନ—3. Powerless.

**ଅକାଢ଼ୁଆ**—ଗ୍ରା. ବିଣ—ଅକାଢ଼ୁ ( ଦେଖ )
**Akārḍhuā** Akārḍhu (See)

**ଅକାଣ୍ଡ**—ସଂ. ବି. ( ନଞ୍‌ତତ୍; ଅ + କାଣ୍ଡ )—
**Akāṇḍa** ୧ । ଅକାଳ; ଅସମୟ; ଅନୁପଯୁକ୍ତ ସମୟ ।
Inopportune time; improper time.
୨ । ଅଘଟନୀୟ ବ୍ୟାପାର—2. Improbable event.
ସଂ. ବିଣ. (ବହୁବ୍ରୀହି)—୧ । ସ୍କନ୍ଧଶୂନ୍ୟ (ବୃକ୍ଷ); ଯେଉଁ ବୃକ୍ଷର ଗଣ୍ଡି ନ ଥାଏ—1. Trunkless (tree).
୨ । ଶାଖାଶୂନ୍ୟ—2. Branchless.
ଦେ. ବିଣ—୧ । ଅପ୍ରତ୍ୟାଶିତ—1. Unexpected.
୨ । ହଠାତ୍ ଉପସ୍ଥିତ—2. Sudden.
ଦେ. କ୍ରି. ବିଣ—୧ । ଅକାଳେ;ଅସମୟରେ—1. Untimely.
୨ । ହଠାତ୍; ଅକସ୍ମାତ୍—2. Suddenly.
୩ । ଅପ୍ରତ୍ୟାଶିତରୂପେ—3. Unexpectedly.

**ଅକାଣ୍ଡଜାତ**—ସଂ. ବିଣ. ପୁଂ. (ଅକାଣ୍ଡ + ଜାତ)—ଜନ୍ମିବା ମାତ୍ରକେ ଯେ ମରିଯାଏ—Dying just after birth.
**Akāṇḍa jāta**
(ଅକାଣ୍ଡଜାତା—ସ୍ତ୍ରୀ)

**ଅକାଣ୍ଡା**—ପ୍ରାଦେ. (ବସ୍ତର) ବିଣ—ଅକାଣ୍ଡିଆ (ଦେଖ)
**Akāṇḍā** Akāṇḍiā (See)

**ଅକାଣ୍ଡିଆ**—ଦେ. ବିଣ. (ସଂ. ଅକଣ୍ଡିତ)—ଅକଣ୍ଡା ( ଦେଖ )
**Akāṇḍiā** Akaṇḍā (See)

**ଅକାଣ୍ଡେ**—ଦେ. କ୍ରି. ବିଣ, (ସଂ. ଅକାଣ୍ଡ)—
**Akāṇḍe** ୧ । ଅକାଣ୍ଡରେ; ଅସମୟରେ—1. Untimely.
অকাণ্ডে ୨ । ହଠାତ୍; ଅକସ୍ମାତ୍—2. Suddenly; unexpectedly.
अकांड
ଅକାଳେ ଅକାଣ୍ଡେ ଦୈବ ଦୁର୍ବିପାକେ ବନ୍ଧୁଙ୍କୁ ଗ୍ରାସିଲ୍ଲ ସଙ୍କୁ । ମଧୁସୂଦନ ।

**ଅକାତ**—ଦେ. ବିଣ. (ସଂ. ଅଗାଧ)—
**Akāta** ୧ । ଅଗାଧ; ଅତି ଗମ୍ଭୀର; ଯେଉଁ ଗମ୍ଭୀର ଜଳର ତଳକୁ
অগাধ ତଙ୍ଗାର କାତ ପାଏ ନାହିଁ—1. Fathomless; very deep.
୨ । ଯାହାର ଗମ୍ଭୀରତା ଅମାପ—2. Unfathomable.
୩ । ଅମାପ—3. Immeasurable.

**ଅକାତକାତ**—ଗ୍ରା. ବିଣ—ଅକାତ (ଦେଖ)
**Akātakāta** Akāta (See)

**ଅକାତର**—ସଂ. ବିଣ. ପୁଂ. (ନଞ୍‌ତତ୍; ଅ + କାତର)—
**Akātara** ୧ । ଅବ୍ୟାକୁଳ; ଅକ୍ଲିଷ୍ଟ—1. Unperturbed; unvexed.
(ଅକାତରା—ସ୍ତ୍ରୀ)
୨ । ନିର୍ଭୀକ; ନିଃଶଙ୍କ; ନିର୍ଭୟ—2. Fearless; dauntless.
୩ । ନିଃସନ୍ଦେହ—3. Confident; unhesitating.
୪ । ନିଶ୍ଚିନ୍ତ—4. Free from anxiety; at ease.
ଦେ. କ୍ରି. ବିଣ—ଅକାତରେ (ଦେଖ)
Akātare (See)

**ଅକାତରରେ**—ଦେ. କ୍ରି. ବିଣ. (ସଂ. ଅକାତର)—ଅକାତରେ (ଦେଖ)
**Akātarare** Akātare (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବର୍ଧ୍ନ' ନ ପାଇଲେ 'ବର୍ଦ୍ଧ୍ନ' ଦେଖିବେ; 'ଆର୍ଗିଆ' ନ ପାଇଲେ 'ଅର୍ଗ୍ଗା' ଦେଖିବେ; 'ଅଳ୍ପବଚ' ନ ପାଇଲେ 'ଅଲ୍ପବଚ' ଦେଖିବେ।

**ଅକାତରେ**—ଦେ. କ୍ରି. ବିଣ. (ସଂ. ଅକାତର)—
Akātare ୧ । ନିଃସନ୍ଦେହରୂପେ—1. Unhesitatingly; without hesitation.
অকাতরে
୨ । ନିଃଶଙ୍କଚିତ୍ତରେ—2. Fearlessly; without fear.

ପ୍ରେମେ ବଶ ହୋଇ କେତେ ରସବତୀ
ଅକାତରେ କଲେ ଅକଲେ ପଶନ୍ତି । ରାଧାନାଥ. ଚନ୍ଦ୍ରଭାଗା ।

୩ । ଅବ୍ୟାକୁଳଚିତ୍ତରେ—3. Freely; at ease.
୪ । କାର୍ପଣ୍ୟରହିତରୂପେ (ଦାନ କରିବା) । 4. Liberally.
୫ । ଅନାୟାସରେ—5. Easily.

**ଅକାଦ**—ପ୍ରାଦେ. (ପୁରୀ) ବିଣ. (ସଂ. ଅଗାଧ)—ଅକାତ (ଦେଖ)
Akāda Akāta (See)
(ଯଥା—ଚିଲିକାହ୍ରଦ ଅଞ୍ଚଳରେ 'କାତ' କୁ 'କାଦ' ବୋଲାଯାଏ ।)

**ଅକାନବିନ୍ଦ**—ଦେ. ବି—ଅକାନବିନ୍ଧ (ଦେଖ)
Akānabindi Akānabindhi (See)

**ଅକାନବିନ୍ଦୁ**—ଦେ. ବି—ଅକାନବିନ୍ଧ (ଦେଖ)
Akānabindu Akānabindhi ( See )

**ଅକାନବିନ୍ଧ**—ଦେ. ବି. (ସଂ. ଅବିଦ୍ଧକର୍ଣ୍ଣୀ)—ଔଷଧରେ ବ୍ୟବହୃତ ଗୁଳୁଚି ପରି ଲମ୍ବ ଓ ଗୁଳୁଚିଠାରୁ ସରୁ ଲତା ବିଶେଷ ।
Akānabindhi
আকনাদি; অকানবিন্দু; নিমুকা
आकनादि; निमुका
ଗୁଜ. ଭେନଭେଲ୍
ତେ. ପାଡ଼ଚେଟ୍ଟୁ
ତା. ଭଟ୍ଟା ତିରୁପାଇ
A kind of medicinal creeper; cissampelos pareira; Stephania hernandifolia ; cissampelox hexandra.

ସଂ ପର୍ଯ୍ୟାୟ :—ଅମ୍ବଷ୍ଠା; ଅମ୍ବଷ୍ଠିକା; ଅବିଦ୍ଧକର୍ଣ୍ଣୀ; ବିଦ୍ଧକର୍ଣ୍ଣୀ; ତିକ୍ତା; ଏକୋଷିକା; ଛିନ୍ନବେଶିକା; ବୃକା; ବସା; ପାଠା; ପ୍ରାଚୀନା; ଶ୍ରେୟସୀ; ପାପଚେଲିକା; ଏକାଷ୍ଠିକା; କୁଚେଲୀ; ରସା; ପାଠିକା; ବରତିକ୍ତିକା; ଯୂଥିକା; ଦୀପନୀ; ବନତିକ୍ତିକା; ତିକ୍ତପୁଷ୍ପା; ବୃହତ୍ତିକା; ଶିଶିରା; ବୃକୀ; ମାଳତୀ; ବରା; ଦେବୀ; ବୃତ୍ତପର୍ଣ୍ଣୀ; ପ୍ରାଚୀନା; ମୁଷ୍ଟିକା ।

ଭାରତର ନେପାଳଠାରୁ ଚଟ୍ଟଗ୍ରାମ ପର୍ଯ୍ୟନ୍ତ, ସିଙ୍ଗାପୁର, ଲଙ୍କା, ମାଲୟ, ମଧ୍ୟ ଭାରତ, ଓଡ଼ିଶା ଆଦି ଅଞ୍ଚଳରେ ବଣରେ ଓ ଗ୍ରାମର ବାଡ଼ରେ ଏ ଲତା ମାଡ଼ିବାର ଦେଖାଯାଏ । ପତ୍ର ଗୋଲ ଓ ପତ୍ରର ମଝିରେ ଡେମ୍ଫ ଥାଏ । ଫୁଲ ଅତ୍ୟନ୍ତ ଷ୍ଟେଟ ଧଳା ଓ ନେଳମିଶା । ଏହାର ଚେର ପିତା (Pareira root) ଏବଂ ଏ ଚେର ଅଜୀର୍ଣ୍ଣ, ଉଦରାମୟ ଓ ଜ୍ୱରର ଔଷଧ । ବୈଦ୍ୟଶାସ୍ତ୍ର ମତରେ ଏହି ଲତା ଉଷ୍ଣବୀର୍ଯ୍ୟ, କଟୁରସ, ତୀକ୍ଷ୍ଣ, ଲଘୁ। ଏହା କଫ, ବାୟୁ, ଶୂଳ, ଜ୍ୱର, ବମନ, କୁଷ୍ଠ, ଅତିସାର, ହୃଦ୍ରୋଗ, ଦାହ, କଣ୍ଡୁ, ବିଷଦୋଷ, ଶ୍ୱାସ, କୃମି, ଗୁଳ୍ମ ଓ ବ୍ରଣ ରୋଗରେ ଉପକାରୀ । ଏହାର ପତ୍ରରେ ଘିଅ ଲଗାଇ ଉଷୁମ କରି, ବ୍ରଣ ଉପରେ ଦେଲେ ବ୍ରଣ ପାଚେ ଓ ପୂଜଯାକ ନିଃଶେଷରୂପେ ବାହାରି ଯାଇ କ୍ଷତ ଶୁଖିଯାଏ ।

**ଅକାନମିନି**—ଦେ. ବି.—ଅକାନବିନ୍ଧ (ଦେଖ)
Akanamini Akanabindhi (See)

**ଅକାପକା**—ପ୍ରାଦେ. (ସମ୍ବଲ) ବିଣ—ଅକାବକା (ଦେଖ)
Akāpakā Akābakā (See)

**ଅକାପଟ୍ୟ**—ସଂ. ବି (ନଞ୍ତତ୍; ଅ + କାପଟ୍ୟ)—
Akāpatya କପଟତାର ଅଭାବ; ସରଳତା । Frankness (Wilson).
[ଦ୍ର—ସଂ.ରେ କପଟ ବିଶେଷ୍ୟ; ଏପରି ସ୍ଥଳରେ କାପଟ୍ୟ ବା କପଟତା ଅଶୁଦ୍ଧ, କିନ୍ତୁ ଉଇଲ୍‌ସନ୍ ସାହେବ ସଂ. କୋଷରେ ଏହି ଶବ୍ଦକୁ ବିଶେଷ୍ୟ କରିଅଛନ୍ତି ।]

**ଅକାବକା**—ଦେ. ବିଣ. ପୁଂ ଓ ସ୍ତ୍ରୀ. ( ପ୍ରା. ଅକା=ନିର୍ବୋଧ + ସଂ. ମୂକ ସଂ. ଅବାକ୍ )
Akābakā
অকাবোকা, অজবোকা
अकबक
୧ । ନିର୍ବୋଧ; ବୋକା; ଓଲୁ—1. Foolish.
୨ । ନିର୍ବୋଧ ଓ ମୂକ—2. Foolish and dumb.
୩ । କିଂକର୍ତ୍ତବ୍ୟବିମୂଢ଼; ଥାବରା—3. Astounded; bewildered.
୪ । ଅବାକ୍—4. Made speechless.
୫ । ଆଶ୍ଚର୍ଯ୍ୟାନ୍ୱିତ—5.Astonished.

**ଅକାବୁ**—ଦେ. ବିଣ—୧ । ଅନାୟତ୍ତ; ନିରାଶ୍ରୟ ।
Akābu 1. Helpless; put to an inextricable plight.
বেকাবু
बेकाबु
(ଯଥା—ବିଦେଶକୁ ଆସି ହାତରୁ ପଇସା ସରିଯିବାରୁ ମୁଁ ଅକାବୁ ହୋଇ ବସିଛି ।)
୨ । ଅକ୍ଷମ; ଶକ୍ତିହୀନ—2. Powerless.
(ଯଥା—ଜର ମତେ ଅକାବୁ କରିଦେଲା ।)
୩ । ଆପଣାର ଶକ୍ତିର ବହିର୍ଭୂତ—3.Beyond one's powe.
(ଯଥା—କୂଅରୁ ଗରାରେ ପାଣି କାଢ଼ିବା ମୋର ଅକାବୁ କଥା ।)

**ଅକାମ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କାମ )—
Akāma ୧ । କାମନାରହିତ; ନିସ୍ପୃହ—1. Free from desires.

ଅକାମ ହୋଇ ଯେବେ କର କର୍ମ ନିତ
କହୁଛି ନିଶ୍ଚେ ମିଳିବ ମୋକ୍ଷ ଭୂତ । କୃଷ୍ଣସିଂହ ମହାଭାରତ. ଶାନ୍ତି ।

(ଅକାମା—ସ୍ତ୍ରୀ) ୨ । କାମପ୍ରବୃତ୍ତିରହିତ—2.Free from amour.
ସଂ. ବି. (ନଞ୍ତତ୍)—କାମନାରାହିତ୍ୟ—Absence of desire.
ଦେ. ବି—ଅକାର୍ଯ୍ୟ (ଦେଖ)
অকায Akārjya (See)
अकाज, अकाम
ଦେ. ବିଣ—୧ । ଅକାମିକା; ନିଷ୍ପ୍ରୟୋଜନ—1. Useless.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଥ | ଘ |
| ୨ | ଈ | ଉ | ରୁ | ଲୁ | ଙ୍ଗେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଥ | ଌ | ନ୍ତ |

অকেযো ୨ । ନିକମା, ନିଷ୍କର୍ମା—2. Unemployed.

অকাম ୩ । ଅଳସୁଆ—3. Idle; lazy.

**ଅକାମକୃତ**—ସ. ବିଣ. (ଅ+କାମକୃତ)—ଫଳପ୍ରାପ୍ତିର ଆଶା ନ ରଖି
Akāmakṛuta କରାଯିବା ( କର୍ମ )—(act) Done without any hankering.

**ଅକାମାଗଇ**—ଗ୍ରା. ଅ. ଓ ବି. (ସଂ. ଆକାମାବୈ)—ଅକାମାବୈ (ଦେଖ)
Akāmāgai Akāmābai (See)

**ଅକାମାଗୋଇ**—ଗ୍ରା.ଅ. ଓ ବି. (ସଂ. ଆକାମାବୈ)—ଅକାମାବୈ (ଦେଖ)
Akāmāgoi Akāmābai (See)

**ଅକାମାପଇ**—ଗ୍ରା. ଅ. ଓ ବି. (ସଂ. ଆକାମାବୈ)—ଅକାମାବୈ (ଦେଖ)
Akāmāpai Akāmābai (See)

**ଅକାମାପୋଇ**—ଗ୍ରା. ଅ. ଓ ବି. ( ସଂ. ଆକାମାବୈ )—
Akāmāpoi ଅକାମାବୈ ( ଦେଖ )
Akāmābai (See)

**ଅକାମାବଇ**—ଦେ. ଅ. ଓ ବି. (ସଂ. ଆକାମାବୈ)—ଅକାମାବୈ (ଦେଖ)
Akāmābai Akāmābai (See)

**ଅକାମାବଇ ବୁଡ଼**—ଦେ. ବି—କାର୍ତ୍ତିକପୂର୍ଣ୍ଣିମାରେ 'ଅକାମାବୈ' ଉଚ୍ଚାରଣ
Akāmābai burda ପୂର୍ବକ ଗଙ୍ଗା ଆଦି ତୀର୍ଥରେ ସ୍ନାନ । Bath taken in holy rivers on the fullmoon morning of the month of Kartika.

କାର୍ତ୍ତିକ ମାସ ଶୁକଳ ପକ୍ଷ ଯେ ପୂର୍ଣ୍ଣମୀ
ଅକାମାବଇ ବୁଡ଼ ଗଙ୍ଗାରେ ଭୋଜସ୍ୱାମୀ । ସାରଳା ମହାଭାରତ. ଆଦି ।

**ଅକାମାବୈ**—ଦେ. ଅ. ( ସଂ. ଆ କା ମା ବୈ; ଆଷାଢ଼, କାର୍ତ୍ତିକ, ମାଘ ଓ
Akāmābai ବୈଶାଖ ଏ ଚାରିଟି ଧର୍ମ ମାସର ଆଦ୍ୟ ଅକ୍ଷର ଦ୍ୱାରା ଗଠିତ ଶବ୍ଦ )—କାର୍ତ୍ତିକ ପୂର୍ଣ୍ଣିମା ସକାଳେ ସ୍ନାନ କରିବା ବେଳେ ଗଙ୍ଗାମାତାଙ୍କୁ (ଜଳ ଦେବୀ) ଭଙ୍ଗା ଗୁଆରେ ଖିଲ ମୋଡ଼ା ହୋଇଥିବା ପାନଖିଲ ଉପହାର ପ୍ରଦାନପୂର୍ବକ ସ୍ତ୍ରୀ ଓ ବାଳକବାଳିକାମାନଙ୍କ ବୋଲିବା ପଦର ୧ମ ଚରଣ ।

The first foot of the quadret uttered by females, boys and girls while presenting betel and nut to the water-Deity while bathing early in the morning of the full-moon of the month of Kartika.

ଅକାମାବୈ, ପାନ ଗୁଆ ଖାଇ,
ପାନ ଗୁଆ ତୋର, ମାସକ ଧର୍ମ ମୋର । ଦେଶଜ. ପ୍ରବଚନ ।

ଦେ. ବି—୧ । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ, ହିନ୍ଦୁଙ୍କର ଏହି ଚାରିଗୋଟି ଧର୍ମ ମାସ । 1. The four holy months of Āshārdha, Kārtika, Māgha and Baisākha (according to the Hindus.)

୨ । ଉପରୋକ୍ତ ଚାରି ମାସର ପୂର୍ଣ୍ଣିମା—2. The full-moon days of the above four months.

୩ । ଉପରୋକ୍ତ ଚାରି ମାସରେ ବ୍ରତଧାରୀମାନଙ୍କ କୃତ ପୁଣ୍ୟ ।
3. Pious acts done during the above four months by persons who observe vows.

[ ଦ୍ର—ଏହି ଚାରି ମାସ ଓ ଏହି ଚାରି ମାସର ପୂର୍ଣ୍ଣିମା ହିନ୍ଦୁଶାସ୍ତ୍ର ଅନୁସାରେ ପୁଣ୍ୟକାଳ । ଏହି ଚାରି ମାସର ଆଦ୍ୟ ଅକ୍ଷରଦ୍ୱାରା ଗଠିତ 'ଆ କା ମା ବୈ' ଶବ୍ଦ ମତ୍ସ୍ୟପୁରାଣରେ ଅଛି । ଯଥା—"ବିଷୁବେ ଶତ ସାହସ୍ର ମାକାମାବୈଷ୍ୱନନ୍ତରଂ—ଅର୍ଥାତ୍ ବିଷୁବ ( ବୈଶାଖ ) ସଂକ୍ରାନ୍ତିରେ ଦାନପୁଣ୍ୟାଦି କଲେ ଶତ ସହସ୍ର 'ଆକାମାବୈ' ଅର୍ଥାତ୍ ଉକ୍ତ ଚାରି ମାସ ଓ ଚାରି ପୂର୍ଣ୍ଣିମାରେ ଅନୁଷ୍ଠିତ ଦାନ ଓ ପୁଣ୍ୟର ଫଳ ଲାଭ ହୁଏ । ଏହି 'ଆକାମାବୈ' ଶବ୍ଦ ମଧ୍ୟ କାର୍ତ୍ତିକ ମାହାତ୍ମ୍ୟରେ ଅଛି । ]

ମାସ ଅବଶେଷେ ପୂର୍ଣ୍ଣିମା ପ୍ରତ୍ୟୁଷେ ଉଚ୍ଚାର ଆ କା ମା ବଇ
ପାନ ଗୁଆ ଦିଅଁ କଲେ ଶିଖାଙ୍କୀ ନବେଦଲେ ମୋକ୍ଷ ପାଇଁ ।

**ଅକାମିକା**—ଦେ. ବିଣ. ( ସଂ. ଅକର୍ମକ )—
Akāmikā ୧ । ଅକର୍ମଣ୍ୟ ( ବ୍ୟକ୍ତି ବା ବସ୍ତୁ)—1. Useless.
অকেযো ୨ । କର୍ମର ଅନୁପଯୋଗୀ ( ବ୍ୟକ୍ତି ବା ବସ୍ତୁ )—
অকাম 2 Unfit for work.
୩ । ଅଖଟୁ; ଅଳସୁଆ—3. Idle.

**ଅକାମୀ**—ସ. ବିଣ. ପୁଂ. ( ଅ+କାମିନ୍, ୧ମା. ୧ବ )—
Akāmi ୧ । କାମନାରହିତ—1. Free from desires.
(ଅକାମିନୀ—ସ୍ତ୍ରୀ) ରାମ ବୋଇଲେ ହେ ଅକାମୀ ନର ହେଲେ
ଭଣି ନ ପାରେ ତାକୁ ଅର୍ଥ ଜାଣ ଭଲେ ।
କୃଷ୍ଣସିଂହ ମହାଭାରତ. ଶାନ୍ତି ।
୨ । ନିଃସ୍ୱାର୍ଥ—2. Unselfish.
୩ । ଜିତେନ୍ଦ୍ରିୟ—3. Free from amour.
ଦେ. ବିଣ—ଅକାମିକା ( ଦେଖ )
Akāmikā (See)

**ଅକାମ୍ୟ**—ସ. ବିଣ. ( ନଞତତ୍; ଅ+କାମ୍ୟ )—
Akāmya ୧ । କାମନାବିରହିତ ( କର୍ମ ); ଫଳପ୍ରାପ୍ତିର ଆଶା ନ ରଖି ଅନୁଷ୍ଠିତ (କର୍ମ)—1. (act) Done without any ulterior motive.
୨ । ନିଃସ୍ୱାର୍ଥ ( କର୍ମ )—2. Unselfish (act).
୩ । ଅନଭିଲଷଣୀୟ—3. Undesirable.
୪ । ଅନଭିପ୍ରେତ—4. Not intended.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅକାୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କାୟ )—
**Akāya** ୧ । ଅଦେହ; ଅବୟବହୀନ—1. Incorporeal.
( ଅକାୟା—ସ୍ତ୍ରୀ ) ୨ । ନିରାକାର—2. Having no form or shape.
୩ । ଯାହାର ଗଣ୍ଡି ନାହିଁ—3. Trunkless.
ସଂ. ବି—୧ । ପରମାତ୍ମା— 1. The Supreme Spirit; the Quintessence.
୨ । ( ଜ୍ୟୋତିଷ ) ରାହୁଗ୍ରହ—2. The ascending node; the Dragon's head.
[ ଦ୍ର—ରାହୁ ସମୁଦ୍ର ମନ୍ଥନୋଦ୍ଭୂତ ଅମୃତ ପାନ କରିବାର ଜାଣି ପାରି ବିଷ୍ଣୁ ତାକୁ ଚକ୍ରରେ ଛେଦନ କଲେ । ତା ମୁଣ୍ଡଟି ଛିଣ୍ଡି ଯାଇ ଅମର ହୋଇ ରାହୁ ହେଲା ଓ ଗଣ୍ଡି କେତୁ ହେଲା । ଅତଏବ ରାହୁ ଶରୀରହୀନ—ମହାଭାରତ । ]

**ଅକାର**—ସଂ. ବି. ( ଅ + ଅକ୍ଷର ଅର୍ଥରେ କାର )—
**Akāra** ୧ । 'ଅ' ଅକ୍ଷର; ଅ ବର୍ଣ୍ଣ; ଆଦ୍ୟସ୍ୱରବର୍ଣ୍ଣ ।
1. The letter ଅ (A).
ସଂସାର ଯାଙ୍କରେ ଯେତେ ଅଛନ୍ତି ଅକ୍ଷର ।
ତାହାଙ୍କ ମଧ୍ୟରେ ମୁହିଁ ଅଟଇ ଅକାର ॥ ପୀତାମ୍ବର—ନୃସିଂହ ପୁରାଣ ।
୨ । 'ଅ' ସ୍ୱରର ଧ୍ୱନି—2. The sound of the letter ଅ ( A ).
[ ଦ୍ର—ସଂସ୍କୃତ ଓ ତଦ୍ଭବ ଭାରତୀୟ ଭାଷାମାନଙ୍କରେ ପ୍ରତ୍ୟେକ ବ୍ୟଞ୍ଜନ ବର୍ଣ୍ଣ ଅକାରଯୁକ୍ତ ହୋଇ ପରିଚିତ ହୁଏ ।]
୩ । ଲୁପ୍ତ ଅକାର; ଖଣ୍ଡ ଅକାର ଯଥା—ऽ
3. The sign indicating the presence of silent ଅ ( A ).
[ ଦ୍ର—ସଂସ୍କୃତରେ ଯେଉଁଠାରେ ସନ୍ଧି ବା ସମାସ ହୋଇ ପରବର୍ତ୍ତୀ ଶବ୍ଦର ଆଦ୍ୟରେ ଥିବା 'ଅ' ଅକ୍ଷର ଲୁପ୍ତ ହୁଏ, ସେଠାରେ ଲୁପ୍ତ ଅକାର ଏହି ऽ ଚିହ୍ନଦ୍ୱାରା ସୂଚିତ ହୁଏ, ଯଥା—ତତଃ + ଅଧିକ = ତତୋଽଧିକ । କେହି କେହି ପଣ୍ଡିତ ଓଡ଼ିଆ ଲେଖିଲାବେଳେ ମଧ୍ୟ ଏହି ଚିହ୍ନକୁ ରଖନ୍ତି ।]
ଦେ. ବି. (ଧ୍ୱନ୍ୟନୁକରଣ—ବମନ କଲାବେଳେ ବା ବମନୋପକ୍ରମ ହେଲେ କଣ୍ଠରୁ 'ଅ' 'ଅ' ଧ୍ୱନି ବାହାରିବାରୁ; ତୁମ୍ଭା ସଂ. ଉଦ୍ଗାର )
ନେକାର ୧ । ବମନ; ବାନ୍ତି—1. Vomiting.
ଙ୍କି ୨ । ବମନୋପକ୍ରମ—2. Tendency of vomiting.
( ଯଥା—ତାକୁ ଅକାର ଉଠାଉଛି ।)

**ଅକାରଜ**—ଗ୍ରା. ବି. ( ସଂ. ଅକାର୍ଯ୍ୟ )—
**Akāraja** ୧ । ମନ୍ଦକାର୍ଯ୍ୟ; କୁକର୍ମ—1. Evil act.
अकाय ୨ । ଅନୁପକାର; ଅପକାର—2. Positive evil.
अकारज, ୩ । କ୍ଷତି—3. Loss.
अकाज ୪ । କର୍ମର ଅଭାବ—4. Want of action.

**ଅକାରଣ**—ସଂ. ବିଣ. ( ବହୁବ୍ରୀହି; ଅ + କାରଣ )—
**Akāraṇa** ୧ । କାରଣବିହୀନ—1. Causeless.
୨ । ବୃଥା; ନିରର୍ଥକ—2. Useless; needless.
କଷ୍ଟ ପରଜନ୍ମକୁ ବିଧାତା କାରଣ
ଭାଇବାର ଲୋକର ସିନା ଅକାରଣ । କୃଷ୍ଣସିଂହ ମହାଭାରତ. ବନ ।
୩ । ନିଷ୍ଫଳ—3. Fruitless, vain.
୪ । ଉଦ୍ଦେଶ୍ୟହୀନ—4. Aimless.
ଦେ. କ୍ରି. ବିଣ. ( ସଂ. ଅକାରଣଂ )—
अकारण, अकारणे अकारण ୧ । ବିନାକାରଣରେ—1. Without any cause, origin or reason.
୨ । ମିଛାରେ; ବୃଥାରେ—2. In vain; for nothing.
୩ । ନିରର୍ଥକ—3. Uselessly.
୪ । ଉଦ୍ଦେଶ୍ୟଶୂନ୍ୟ ଭାବରେ—4. Aimlessly.
୫ । ପ୍ରୟୋଜନଶୂନ୍ୟ ଭାବରେ—5. Needlessly.
ଦେ. ବି. ପୁଂ—ଅପତ୍ତିଆଣିଙ୍କୁ ଦିଆ ଯିବା ନାମ—A name given to a boy whose elder brother or sister died before he was born.

**ଅକାରଣଜୀବୀ**—ସଂ. ବିଂ. ପୁଂ. ( ଅକାରଣ + ଜୀବ ଧାତୁ + ଇନ୍ ୧ମା. ୧ ବ )—
**Akāraṇajībī**
(ଅକାରଣଜୀବିନୀ—ସ୍ତ୍ରୀ) ଯେଉଁ ବ୍ୟକ୍ତି ବା ଜୀବର ଜୀବନ ନିଷ୍ପ୍ରୟୋଜନ । Having a useless life.

**ଅକାରଣରେ**—ଦେ. କ୍ରି. ବିଣ. ( ସଂ. ଅକାରଣଂ )—ଅକାରଣ (ଦେଖ)
**Akāraṇare** Akāraṇa ( See )

**ଅକାରଣୀଜୀବୀ**—ଗ୍ରା. ବିଣ. ( ପ୍ରାଚୀନ ପଦ୍ୟ ) ( ସଂ. ଅକାରଣଜୀବୀ )—
**Akāraṇijībī** ଅକାରଣଜୀବୀ ( ଦେଖ )
Akāraṇajībī ( See )
ଅପାରଗ ଅଦାତା ମୁଁ ଅକାରଣୀଜୀବୀ
ମୁହିଁ ନ ଜାଣଇ ତୋତେ କେଉଁମତେ ସେବି । ସାରଳା ମହାଭାରତ. ଉଦ୍ୟୋଗ ।

**ଅକାରଣେ**—ଦେ. କ୍ରି. ବିଣ. ( ସଂ. ଅକାରଣଂ )—ଅକାରଣ ( ଦେଖ )
**Akāraṇe** Akāraṇa ( See )

**ଅକାରଯ**—ଗ୍ରା. ପଦ୍ୟ. ବି. ( ସଂ. ଅକାର୍ଯ୍ୟ )—ଅକାରଜ (ଦେଖ)
**Akāraja** Akāraja ( See )
କାର୍ଯ୍ୟ ଅକାରଯ ଅଭୟ ଭୟ ବଧ
ବନ୍ଧ ମୋକ୍ଷ ପ୍ରବୃତ୍ତି ନିବୃତ୍ତି ଯେ ବୁଦ୍ଧି । କୃଷ୍ଣସିଂହ ମହାଭାରତ. ଭୀଷ୍ମ ।

**ଅକାରାଦି**—ସଂ. ବିଣ. ( ବହୁବ୍ରୀହି; ଅକାର + ଆଦି )—ଯେଉଁ ଶବ୍ଦର
**Akārādi** ଆଦ୍ୟରେ ଅ ଅକ୍ଷର ଅଛି—Word beginning with the letter ଅ (A).
ସଂ. ଅ.—ଅ ଅକ୍ଷରଠାରୁ ଆରମ୍ଭ କରି ।
Beginning from alphabet ଅ (A).

**ଅକାରାନ୍ତ**—ସଂ. ବି. ( ବହୁବ୍ରୀହି; ଅକାର + ଅନ୍ତ )—
**Akārānta** ୧ । ଯେଉଁ ଶବ୍ଦର ଶେଷ ବର୍ଣ୍ଣ 'ଅ' ଅକ୍ଷର ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଢ଼ଅ | ଞ |
| ୨ | ଈ | ଊ | ରୁ | ଲୁ | ପ୍ରୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତୁ |

1. (word) Having the letter ଅ (A) at the end.

( ଯଥା—ଅହଅ; ଦୁଉଅ; ଦଅ ।)

୨ । ଯେଉଁ ଶବ୍ଦର ଶେଷ ବର୍ଣ୍ଣ 'ଅ' ସ୍ୱରଯୁକ୍ତ ।

2. (word) Terminating with the sound ଅ (A.)

(ଯଥା—କାମ; ମାନ; ଶର ।)

ଦେ. ବିଣ—୩ । ଯେଉଁ ଉଚ୍ଚାରଣରେ ଶବ୍ଦର ଶେଷ ବର୍ଣ୍ଣରେ ଥିବା 'ଅ'ସ୍ୱର ସ୍ପଷ୍ଟରୂପେ ଉଚ୍ଚାରିତ ହୁଏ ।

3. (pronunciation) In which the ଅ (A) sound of the letter at the end of a word is distinctly uttered.

[ ଦ୍ର—ବଙ୍ଗଭାଷାରେ ସାଧାରଣତଃ ଶବ୍ଦ ଶେଷରେ ଥିବା 'ଅ' ସ୍ୱରଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ 'ଅ' ସ୍ୱରଯୁକ୍ତ ନ ହୋଇ ହଲନ୍ତ ଉଚ୍ଚାରିତ ହୋଇଥାଏ । ସଂସ୍କୃତରେ ଶବ୍ଦାନ୍ତ 'ଅ' ସ୍ୱର ସ୍ପଷ୍ଟରୂପେ ଉଚ୍ଚାରିତ ହୁଏ । ଓଡ଼ିଆରେ ମଧ୍ୟ ତାହା । ଯଥା—ସଂସ୍କୃତ = ପାନମ୍; ନରଃ; ରୂପମ୍ । ବଙ୍ଗଳା = ପାନ୍; ନର୍; ରୂପ୍ । ଓଡ଼ିଆ = ପାନ; ନର; ରୂପ । ବଙ୍ଗ ଭାଷାରେ ଏହି ହଲନ୍ତ ଉଚ୍ଚାରଣ ନିୟମ ସର୍ବତ୍ର ରକ୍ଷା କରାଯାଏ ନାହିଁ । ଯଥା—ବଙ୍ଗଳା = କାଲ୍ (ସମୟ); କାଲ (କଳା) କିନ୍ତୁ ଲେଖିଲାବେଳେ ଦୁଇ ଶବ୍ଦକୁ କାଲ; କାଲ ବୋଲି ଲେଖାଯାଏ । ବଙ୍ଗଳାରେ କେଉଁ ଶବ୍ଦାନ୍ତ ଅକାରଯୁକ୍ତ ବର୍ଣ୍ଣକୁ 'ଅ'ରଖି ଉଚ୍ଚାରଣ କରିବାକୁ ହେବ ଓ କେଉଁ ବର୍ଣ୍ଣକୁ ହଲନ୍ତ ଉଚ୍ଚାରଣ କରିବାକୁ ହେବ ତାହା ନ ଜାଣିବା ଲୋକଙ୍କୁ ବଡ଼ କଷ୍ଟକର ହୁଏ । ଯଥା—ବଙ୍ଗଳାରେ ଲେଖା ହୁଏ, 'ଆମି କାଲ ଇସ୍କୁଲ ଯାଇବ' । କିନ୍ତୁ ଉଚ୍ଚାରଣ କଲାବେଳେ ବୋଲାଯାଏ,—'ଆମି କାଲ୍ ଇସ୍କୁଲ୍ ଯାଇବ' । ବଙ୍ଗଳା ଲେଖାରେ 'ଯୁବ ସ୍ଥୁଲ ମୃତଲୋକଦିଗେର ଶବେତେ ପୂର୍ଣ୍ଣ ହଲ' କୁ ପଢ଼ିବା ବେଳେ 'ଯୁବ ସ୍ଥୁଲ୍ ମୃତ ଲୋକ୍‌ଦିଗେର୍ ଶବେତେ ପୂର୍ଣ୍ଣ ହଲ' ବୋଲିବାକୁ ହେବ । ଆଧୁନିକ ଓଡ଼ିଆରେ କଥାବାର୍ତ୍ତାରେ ବଙ୍ଗଳାରୁ ଏହି ହଲନ୍ତ ଉଚ୍ଚାରଣ କ୍ରମଶଃ ଅନୁକୃତ ହେଉଅଛି । ମେଦିନୀପୁରୀ ଓଡ଼ିଆଙ୍କ ଉଚ୍ଚାରଣ ମଧ୍ୟ ଏହି ପ୍ରଭାବରେ ପ୍ରଭାବିତ । ହିନ୍ଦୀରେ ମଧ୍ୟ ଅକାରଯୁକ୍ତ ବ୍ୟଞ୍ଜନର ହଲନ୍ତ ଉଚ୍ଚାରଣ ବଙ୍ଗଳାଠାରୁ ବେଶି ପ୍ରଚଳିତ । ସମ୍ବଲପୁରୀ ଓଡ଼ିଆଙ୍କ ଉଚ୍ଚାରଣ ହିନ୍ଦୀ ପ୍ରଭାବରେ ପ୍ରଭାବିତ ହୋଇ ଏହି ହଲନ୍ତ ଉଚ୍ଚାରଣକୁ ଅନୁକରଣ କରିଅଛି । ଯଥା—ଓଡ଼ିଆ = ରାତି । ହିନ୍ଦି = ରାତ୍ । ସମ୍ବଲପୁରୀ = ରାଏତ୍ ]

[ ଦ୍ର—ସଂସ୍କୃତ ଓ ତଦ୍ଭବ ଭାରତୀୟ ଭାଷା (ଓଡ଼ିଆ, ବଙ୍ଗଳା, ହିନ୍ଦୀ) ମାନଙ୍କରେ ବର୍ଣ୍ଣ ପରିଚୟ କଲାବେଳେ ସବୁ ବ୍ୟଞ୍ଜନ ବର୍ଣ୍ଣମାନଙ୍କୁ ଅ ଉଚ୍ଚାରଣଯୁକ୍ତ କରି ଉଚ୍ଚାରଣ କରାଯାଏ; କିନ୍ତୁ ଉକ୍ତ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ପ୍ରକୃତ ଉଚ୍ଚାରଣ ହଲନ୍ତ ଅଟେ । ଯଥା—କ = କ୍ + ଅ; ଖ = ଖ୍ + ଅ; କିନ୍ତୁ ଇଂରାଜି, ଲାଟିନ୍, ଫାରସୀ ଆଦି ଭାଷାରେ ପ୍ରତ୍ୟେକ ବର୍ଣ୍ଣର ଏହି ଅକାରଯୁକ୍ତ ଉଚ୍ଚାରଣର ପ୍ରଥା ନ ଥିବାରୁ ଅକ୍ଷରମାନଙ୍କର ଡାକ ନାମରୁ ସେହି ଅକ୍ଷରମାନଙ୍କର ଧ୍ୱନି ସର୍ବଦା ସହଜରେ ଠଉରାଇ ହୁଏ ନାହିଁ । ଯଥା—

ସଂସ୍କୃତରେ କ୍ ଧ୍ୱନିର ଉଚ୍ଚାରଣବିଶିଷ୍ଟ ଅକ୍ଷର କ, ଖ୍ ଧ୍ୱନିର ଉଚ୍ଚାରଣ ବିଶିଷ୍ଟ ଅକ୍ଷର ଖ ।

ଇଂରାଜୀରେ ବ ଧ୍ୱନିର ଉଚ୍ଚାରଣ ବିଶିଷ୍ଟ ଅକ୍ଷର ବି B; ମ ଧ୍ୱନିର ଉଚ୍ଚାରଣ ବିଶିଷ୍ଟ ଅକ୍ଷର ଏମ୍ M; ହ ଧ୍ୱନିର ଏଚ୍ H; ଅବର୍ଗ୍ୟ ବ (ଓ୍ୱ) ଧ୍ୱନିର ଡବ୍ଲ୍ୟୁ W.

ଲାଟିନ୍‌ରେ ଅ ଧ୍ୱନିର ଆଲ୍‌ଫା, ବ ଧ୍ୱନିର ବିଟା, ଗ ଧ୍ୱନିର ଗାମା । ଫାରସୀ—ବ ଧ୍ୱନିର ବେ, ଘ ଧ୍ୱନିର ଅଘାଇନ୍ । ]

**ଅକାରେଶ**—ସଂ. ବି. ( ୬ଷ୍ଠୀ ତତ୍; ଅକାର + ଈଶ; ଅକାର ବା 'ଅ' ଅକ୍ଷରର ଅଧିଷ୍ଠାତୃ-ଦେବ)—
**Akāreśa**
ପରମାତ୍ମା—The Supreme Being.

**ଅକାର୍ପଣ୍ୟ**—ସଂ. ବି.(ବହୁବ୍ରୀହି; ଅ + କାର୍ପଣ୍ୟ)—
**Akārpaṇya** ୧ । କୃପଣତାରହିତ—1. Free from miserliness; unstinted.

୨ । ମନର ପ୍ରଫୁଲ୍ଲତା ସହିତ ପ୍ରଦତ୍ତ (ଧନାଦି) ।

2. (gift) Given with a free and willing heart.

ସ୍ତୋକମାନ୍ତ ଧନରୁ ସୁଦ୍ଧା ଅଦୀନ ଚିତ୍ତରେ ପ୍ରତିଦିନ ଯଥାଶକ୍ତି ଦାନ କରିବା କର୍ତ୍ତବ୍ୟ, ଏହି ଦାନକୁ ଅକାର୍ପଣ୍ୟ ଦାନ ବୋଲାଯାଏ । ସୁବଳଚନ୍ଦ୍ରଙ୍କ ଉଦ୍ଧୃତ ଏକାଦଶୀ ତତ୍ତ୍ୱ ।

ସଂ. ବି—(ନଞ୍ ତତ୍) କୃପଣତାର ଅଭାବ ।

Freedom from miserliness.

**ଅକାର୍ଯ୍ୟ**—ସଂ. ବି.( ଅ + କାର୍ଯ୍ୟ )—
**Akārjya** ୧ । ଦୁଷ୍କର୍ମ; କୁତ୍ସିତକର୍ମ—1. Misdeed.

୨ । ଅବୈଧ କର୍ମ; ଅନୁଚିତ କର୍ମ ।

2. Improper act.

୩ । ଅପରାଧ—3. Crime.

୪ । ବୃଥାକାର୍ଯ୍ୟ; ନିଷ୍ପ୍ରୟୋଜନ କର୍ମ ।

4. Unnecessary act.

୫ । କାର୍ଯ୍ୟର ଅଭାବ—5. Want of work or employment.

୬ । କ୍ରିୟାରାହିତ୍ୟ—6. Inactivity.

୭ । ଅନିଷ୍ଟ—7. Mischief.

ନୋହିଲେ ଉପୁଜିବଟି ମହା ଅକାର୍ଯ୍ୟ । କୃଷ୍ଣସିଂହ ମହାଭାରତ, ବନପର୍ବ ।

ସଂ. ବିଣ—୧ । ଅକରଣୀୟ; ଅନାଚରଣୀୟ; ଅକର୍ତ୍ତବ୍ୟ; ଯାହା କରିବା ଅନୁଚିତ—1. Improper.

୨ । ଅପରାଧଜନକ—2. Criminal.

ଦେ. ବି—୧ । ଅପ୍ରୟୋଜନ —1. Want of utility.

୨ । ଅନୁପକାର; ଅପକାର; କ୍ଷତି—Injury; loss.

ଦେ. ବିଣ—ବୃଥା; ବିଫଳ—Vain; fruitless.

ତହିଁରୁ ହେଲେ କିଛି ପାଇଲି କି କାର୍ଯ୍ୟ,
ବର୍ତ୍ତିଲେ ସିନା ହୋଇଲା ସେ ଅକାର୍ଯ୍ୟ । କୃଷ୍ଣସିଂହ ମହାଭାରତ, ସଭା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଁ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅକାର୍ଯ୍ୟକ୍ଷମ**—ସଂ. ବଣ. ପୁ. (ନଞ୍ତତ୍; ଅ+କାର୍ଯ୍ୟକ୍ଷମ)—
**Akārjyakshama** ୧ । କର୍ମ କରିବାକୁ ଅକ୍ଷମ ।
(ଅକାର୍ଯ୍ୟକ୍ଷମା—ସ୍ତ୍ରୀ) 1. Unfit for work.
୨ । ଅପଟୁ—2. Unskilful.
୩ । (୭ମୀ ତତ୍; ଅକାର୍ଯ୍ୟ+କ୍ଷମ)—
ମନ୍ଦକର୍ମ କରିବାରେ ପଟୁ ।
3. Skilful in doingevil deeds.

**ଅକାଳ**—ସଂ. ବି. (ଅ+କାଳ)—
**Akāla** ୧ । ଅପ୍ରଶସ୍ତ କାଳ; ଶାସ୍ତ୍ରମତେ ଅଶୁଦ୍ଧ କାଳ; ପୁଣ୍ୟକାର୍ଯ୍ୟ ବା ଶୁଭକର୍ମ କରିବାର ଅନୁପଯୁକ୍ତ ସମୟ ।
1. A time which is not considered favourable for the performance of religious rites.
(ଯଥା—ଜ୍ୟୋତିଷ ଓ ହିନ୍ଦୁ ଶାସ୍ତ୍ର ମତରେ ଗ୍ରହଣ ସପ୍ତାହ, ମଳମାସ, ପଞ୍ଚଗ୍ରହକୂଟ, ଷଡ଼୍‌ଗ୍ରହକୂଟ ଆଦି ଅକାଳ ।)
୨ । ଅମଙ୍ଗଳସୂଚକ ସମୟ; ଯେଉଁ ସମୟରେ ଅଶୁଭ ଶକୁନମାନ ଦୃଷ୍ଟିଗୋଚର ହୁଏ ।
2. Portentious time; inauspicious time.
(ଯଥା—ଦିଗ୍‌ଦାହ; ଉଲ୍‌କାପାତ; ଧୂମକେତୁ ଆଦିର ଆବିର୍ଭାବ କାଳ ।)
୩ । କୌଣସି ବିଶିଷ୍ଟ କାର୍ଯ୍ୟ କରିବା ପାଇଁ ଅନୁପଯୁକ୍ତ ସମୟ ।
3. Time considered unfit for any particular work.
( ଯଥା—ପଢ଼ା ପାଇଁ ଅନଧ୍ୟୟନ ତିଥି; ଚନ୍ଦ୍ରଦର୍ଶନ ପାଇଁ ଗଣେଶ ଚତୁର୍ଥୀ; କ୍ଷୌର ହେବାପାଇଁ ଜନ୍ମ ନକ୍ଷତ୍ର ।)

ଅକାଳେ ମାଇଲ ଘାଏ, ଗଣ୍ଡ ଶ୍ରାବଣ ଯାଏ —ଢଗ ।

୪ । ଦୁଃସମୟ; ଯେଉଁ ସମୟରେ ଦେଶରେ ବିପଦ ପଡ଼େ ।
4 A time of general calamity; a time of general distress.
(ଯଥା—ରାଷ୍ଟ୍ରବିପ୍ଳବ; ଜଳପ୍ଳାବନ; ମାରୀଭୟ ।)
୫ । ଦୁର୍ଭିକ୍ଷ; ଶସ୍ୟହାନି ଯୋଗୁ ଯେଉଁ ସମୟରେ ଲୋକେ ଖାଇବାକୁ ପାଆନ୍ତି ନାହିଁ ।
5. A bad season; famine; scarcity.

ବାଲେଶ୍ୱର ଯେପରି ଲକ୍ଷ୍ମୀବନ୍ତ ସ୍ଥାନ, ଦୁଇ ତିନି ବର୍ଷ ଅକାଳ ପଡ଼ିଲେ ମଧ୍ୟ ହମ୍ପାଳସିବାର କଥା । ଫକୀରମୋହନ—ଗଳ୍ପସ୍ୱଳ୍ପ ।

୬ । ଅପୂର୍ଣ୍ଣକାଳ—6. Time which is not yet ripe for any matter.
(ଯଥା—ଅକାଳ ଝଡ଼ା ଫଳ ସୁଆଦଅ ଲାଗେ ନାହିଁ ।)
୭ । ଅଦିନ; ଅଋତୁ; ଯେଉଁ ଋତୁରେ ଯାହା ଘଟିବାର ତାହା ଛଡ଼ା ଅନ୍ୟ ଋତୁ—7. Unseasonable time.
(ଯଥା—ମାଘ ମାସରେ ଅକାଳ ବରଷା ।)
୮ । ଜୀବିତକାଳ ପୂରି ନ ଥିବା ସମୟ ।
8. Time when a person is not yet of the age to die.

ଅଗ୍ନିକା ମହାଋଷିଙ୍କି ମାଇଲୁ ଅକାଳେ,
କୋପେ ସେହି ଶାପ ଦେଲେ ପ୍ରାଣତ୍ୟାଗକାଳେ । ସାରଳା ମହାଭାରତ,ଆଦି ।

ଦେ. ବି—୧ । (କାଳର ସୃଷ୍ଟି ପୂର୍ବରୁ ବିଦ୍ୟମାନ ଥିବାରୁ)
ଆକାଲ ଶିଖମାନଙ୍କ ଉପାସ୍ୟ ଦେବ; ପରମେଶ୍ୱର ।
ଅକାଲ 1. The God of the Sikhs; the Deity of the Sikhs.
[ 'ଅକାଲ'ଙ୍କୁ ପୂଜା କରିବାରୁ ଏମାନଙ୍କ ନାମ ଅକାଲୀ; ଏମାନଙ୍କ ପ୍ରାର୍ଥନା ମନ୍ତ୍ର 'ସତ୍‌ଶ୍ରୀ ଅକାଲ' ।]
୨ । ଦକ୍ଷପ୍ରଜାପତିଙ୍କ କନ୍ୟା ଓ କାଶ୍ୟପଙ୍କର ସ୍ତ୍ରୀମାନଙ୍କ ମଧ୍ୟରୁ ଏକତମା; ଯାହାଙ୍କଠାରୁ ପର୍ବତାଦି ଜନ୍ମିଥିଲେ (ସାରଳା ମହାଭାରତ. ଆଦ୍ୟ ପର୍ବ ।)
2. Name of a daughter of Daksha Prājapati who is said to have given birth to the mountains.

**ଅକାଳକାଣ୍ଡ**—ଦେ. ବି.(ଅକାଳରେ ଉପଗତ କାଣ୍ଡ)—
**Akālakānda** ୧ । ଅକସ୍ମାତ୍ ଆସି ପଡ଼ିବା ଶର ।
1. An arrow which comes from nowhere.

ଶୃଙ୍ଗାରକାଳେ ନାରୀତ ମାଇଲୁ ତୁ ପାଣ୍ଡୁ,
ତୋର ଶୃଙ୍ଗାରେ ଅକାଳକାଣ୍ଡ ଆସି ପଡ଼ୁ । ସାରଳା ମହାଭାରତ, ଆଦ୍ୟ ।

[ ଦ୍ର—ଅଗ୍ନିକାଋଷି ପୁତ୍ରକାମନାରେ ଗୋଟିଏ ମୃଗୀକୁ ରମଣ କରୁଥିବାବେଳେ ମୃଗୀର ସ୍ୱର ଶୁଣି ମୃଗୟାର୍ଥ ବନକୁ ଆଗତ ପାଣ୍ଡୁ ରାଜା ଶର ମାରିବାରୁ ଋଷି ଓ ମୃଗୀ ମଲେ । ଅଗ୍ନିକାଋଷି ମଲାବେଳେ ପାଣ୍ଡୁଙ୍କୁ ଶାପଦେଲେ ଯେ,ତୁ ମୋତେ ଶୃଙ୍ଗାର କାଳରେ କାଣ୍ଡ ମାରିବାରୁ ତୋ ଶୃଙ୍ଗାର କାଳରେ ତୋ ଉପରେ ଅକାଳକାଣ୍ଡ ଆସି ପଡୁ । ପାଣ୍ଡୁ ଏହି ଶାପ ଭୟରେ ତାଙ୍କର ଦୁଇ ସ୍ତ୍ରୀଙ୍କ (କୁନ୍ତୀ ଓ ମାଦ୍ରୀ ) ସଙ୍ଗମ ପରିତ୍ୟାଗ କଲେ; କେତେକାଳ ଅନ୍ତେ ପାଣ୍ଡୁ ଏକଦା କାମାର୍ତ୍ତ ହୋଇ ମୁନଙ୍କ ଶାପକୁ ହେଜ ନ ପାରି ମାଦ୍ରୀଙ୍କ ସହବାସ କରିବା ସମୟରେ ତାଙ୍କ କପାଳରେ ଗୋଟିଏ ଅକାଳକାଣ୍ଡ ବାଜିଲା ଓ ସେ ମୃତ ହେଲେ ( ସାରଳା ମହାଭାରତ) । ମୂଳ ମହାଭାରତରେ ଏ ଋଷିଙ୍କ ନାମ କିମିନ୍ଦମ ଋଷି । ]
୨ । ( ଲକ୍ଷଣାର୍ଥ ) ଅକସ୍ମାତ୍ ଓ ଅପ୍ରତ୍ୟାଶିତଭାବରେ ଉପସ୍ଥିତ ହେବା ବିପଦ—2. A sudden calamity; a bolt from the blue.

ଅକାଳ କାଣ୍ଡ କପାଳେ ବାଜେ । ଢଗ ।

୩ । ଅସମୟରେ ଘଟିବା କାଣ୍ଡ ବା ଘଟଣା ।
3. An unexpected incident.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଦ୍ଧ |
| ୨ | ଈ | ଉ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ଧ |

**ଅକାଳକୁଷ୍ମାଣ୍ଡ**—ସଂ.ବି. (ମଧ୍ୟପଦଲୋପୀ କର୍ମଧା; ଅକାଳଜାତ କୁଷ୍ମାଣ୍ଡ)—
**Akālakushmāṇḍa** ୧। ଅଋତୁରେ ଫଳବା ପାଣିକଖାରୁ। 1. A white gourd born out of season.
(ବଳଦାନ ଓ ଆହାରାର୍ଥ ଏ କୁଷ୍ମାଣ୍ଡର ବ୍ୟବହାର ଶାସ୍ତ୍ରରେ ନିଷିଦ୍ଧ।)
୨। କୁଳାଙ୍ଗାର; କୁଳପାଂଶୁଳ ବ୍ୟକ୍ତି—2. An evil son; an unworthy son of a family.
[ଦ୍ର—କଥିତ ଅଛି ଯେ ଧୃତରାଷ୍ଟ୍ରଙ୍କ ସ୍ତ୍ରୀ ଗାନ୍ଧାରୀ ଗର୍ଭମାସ ନ ପୂରୁଣୁ ପାଣିକଖାରୁ ପରି ଗୋଟିଏ ମାଂସପିଣ୍ଡ ପ୍ରସବ କଲେ ଓ ସେହି ପିଣ୍ଡରୁ ଦୁର୍ଯ୍ୟୋଧନାଦି ଶତ ପୁତ୍ର ଜନ୍ମିଲେ। ଏମାନେ କୁରୁବଂଶର ବିନାଶର କାରଣ ହେବାରୁ କୁଳାଙ୍ଗାର ସନ୍ତାନକୁ ଅକାଳକୁଷ୍ମାଣ୍ଡ ବୋଲାଯାଏ।]

**ଅକାଳକୁସୁମ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅକାଳଜାତ କୁସୁମ।)—
**Akālakusuma** ଫୁଟିବା ଋତୁ ଛଡ଼ା ଅନ୍ୟ ଋତୁରେ ଫୁଟିବା ଫୁଲ—A flower blossoming out of its season; untimely flower.

**ଅକାଳ ଚଡ଼କ**—ଦେ. ବି.—୧। ଅଋତୁରେ ପଡ଼ିବା ବଜ୍ର।
**Akāla chaṟḍaka** 1. Thunderbolt falling untimely.
অকাল বজ্রাঘাত
୨। (ଲକ୍ଷଣାର୍ଥ) ଆକସ୍ମିକ ବିପଦ। 2. A sudden mishap.

ଦୁର୍ଜନ ଭୟେ ସଜ୍ଜନ ଯେହ୍ନେ ମାର ଲୋଡ଼େ,
ନଷ୍ଟସ୍ୱ ଭା ପରେ ଅକାଳଚଡ଼କ ପଡ଼େ। ସାରଳାମହାଭାରତ, ଆଦ୍ୟ।

**ଅକାଳ ଛତରା**—ଗ୍ରା. ବିଣ. ପୁଂ. (ଗାଳି) (ସଂ. ଅକାଳ + ସତ୍ର)—
**Akāla chhatarā** ଯେଉଁ ବ୍ୟକ୍ତି ଦୁର୍ଭିକ୍ଷ ସମୟରେ ପେଟ (ଅକାଳ ଛତରୀ-ସ୍ତ୍ରୀ) ବିକଳରେ ଅନ୍ନସତ୍ରରେ ଖାଏ; ଅର୍ଥାତ୍ 'ଛତରରେ ପଶେ'; ଛତରଖିଆ। (a form of abuse) A person who takes his meal in a public kitchen opened during a famine.

**ଅକାଳଜ**—ସଂ. ବିଣ. ପୁଂ. (ଅକାଳ + ଜନ ଧାତୁ + କର୍ତ୍ତୃ. ଅ)—
**Akālaja** ୧। ଅସମୟରେ ଜାତ—1. Born untimely.
(ଅକାଳଜା—ସ୍ତ୍ରୀ) ୨। ଗର୍ଭକାଳ ପୂର୍ଣ୍ଣ ନ ହେବାରୁ ମାତୃଗର୍ଭରୁ ଜାତ (ସନ୍ତାନ)—2. (child) Born before full time.
୩। ଅଋତୁରେ ଉତ୍ପନ୍ନ—3. Unseasonable.

**ଅକାଳଜଳଦୋଦୟ**—ସଂ. ବି. (୭ମୀ ଓ ୬ଷ୍ଠୀ ତତ୍; ଅକାଳରେ ଜଳଦର ଉଦୟ)—
**Akālajaladodaya**
୧। ଅଦିନରେ ମେଘ ଉଠାଇବା; ବର୍ଷାଋତୁ ଛଡ଼ା ଅନ୍ୟ ଋତୁରେ ମେଘ ଉଠାଇବା—1. The rising of cloud out of season; unseasonable rising of clouds.
୨। କୁହୁଡ଼ି—2. Fog; mist.

**ଅକାଳଝଡ଼ା**—ଦେ. ବିଣ—ଯେଉଁ ଫଳ ପୂର୍ଣ୍ଣରୂପେ ପକ୍ୱ ବା ପୁଷ୍ଟ
**Akālajhaṟḍā** ହେବା ପୂର୍ବରୁ ଗଛରୁ ଝଡ଼ି ପଡ଼େ; କେଞ୍ଚୁଡ଼ି ଅବସ୍ଥାରେ ଗଛରୁ ଝଡ଼ି ପଡ଼ିବା (ଫଳ)। (fruit) Fallen from the tree before it is ripe.

**ଅକାଳପକ୍ୱ**—ସଂ. ବିଣ. (୭ମୀ ତତ୍)—
**Akālapakwa** ୧। ଅସମୟରେ ପାଚିଥିବା (ଫଳ); ପାଚିବାର (ଅକାଳପକ୍ୱତା—ବି) ଋତୁ ନ ହେଉଣୁ, ଯେଉଁ ଫଳ ପାଚିଯାଏ; କେଞ୍ଚୁଡ଼ି ପଚା—1. (fruit) Ripened before time.
୨। ଯେଉଁ କଞ୍ଚା ଫଳକୁ ( ଯଥା—କାଠିଆକଦଳୀ, ଆମ୍ବ, ପଣସ ) କୃତ୍ରିମ ଉପାୟରେ ( ଯଥା—ଖଡ଼ି ଦେଇ, ଧୂଆଁ ଦେଇ, ଖୋଇଠା ମାରି ) ପଚାଇ ଦିଆଯାଏ। 2. ( young fruit ) Made ripen by the employment of artificial means.
୩। (ଲକ୍ଷଣାର୍ଥ) ବାଲ୍ୟ ବା ଯୁବାକାଳରେ ବୃଦ୍ଧ ଓ ଜ୍ଞାନୀ ବ୍ୟକ୍ତି ପରି ଆଚରଣକାରୀ ( ବ୍ୟକ୍ତି )। 3. (a young man ) Conducting himself like an older and wiser man; untimely wise.
୪। (ଲକ୍ଷଣାର୍ଥ) ସାଂସାରିକ ଅନୁଭବ ନ ଥାଇ କେବଳ ପୁସ୍ତକ ପାଠରୁ ଜ୍ଞାନ ଲାଭ କରି ବୃଦ୍ଧ ଓ ଅନୁଭବୀ ପରି ଆଚରଣକାରୀ (ଯୁବକ)। 4. (a young man) Conducting himself like a wise old man by means of theoretical knowledge derived from book-lore.

**ଅକାଳ ପୁରୁଷ**—ଦେ. ବି. ( ସଂ. ଅ + କାଳ + ପୁରୁଷ; କାଳର ସୃଷ୍ଟି
**Akāla purusha** ପୂର୍ବରୁ ବିଦ୍ୟମାନ ଥିବାରୁ)—ଶିଖମାନଙ୍କ ପୂଜିତ
আকাল পুরুষ ଆଦିପୁରୁଷ; ପରମେଶ୍ୱର।
अकाल पुरुष The name by which the Sikhs worship God.
[ ଦ୍ର—ଶିଖମାନେ 'ସତ୍ ଶ୍ରୀ ଅକାଲ' ମନ୍ତ୍ର ଉଚ୍ଚାରଣପୂର୍ବକ 'ଅକାଲ' ବା ଅକାଲ ପୁରୁଷଙ୍କ ଭଜନା କରନ୍ତି; ପରମେଶ୍ୱର ବା ଆଦି ପୁରୁଷଙ୍କୁ ଶିଖମାନେ 'ଅକାଲ' ନାମରେ ଡାକନ୍ତି। 'ଅକାଲ'ଙ୍କୁ ଭଜିବାରୁ ଶିଖସମ୍ପ୍ରଦାୟର ଗୋଟିଏ ନାମ 'ଅକାଲୀ'।]

**ଅକାଳପୋଷା**—ଦେ. ବିଣ. ପୁଂ ଓ ସ୍ତ୍ରୀ. ( ସଂ. ଅକାଳ + ପୋଷକ)—
**Akāaposhā** ଅକାଳ ବା ଦୁର୍ଭିକ୍ଷ କାଳରେ ଯେଉଁ ବ୍ୟକ୍ତି ଦୁଃସ୍ଥ (ଅକାଳପୋଷୀ—ସ୍ତ୍ରୀ) ବ୍ୟକ୍ତିମାନଙ୍କୁ ଆହାର ଦେଇ ପୋଷନ୍ତି ବା ପାଳନ୍ତି।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

(a person) Maintaining the poor in times of scarcity or famine.

**ଅକାଳଫଳ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅକାଳଜାତ ଫଳ )—
Akālaphala ଫଳିବା ଋତୁ ଛଡ଼ା ଅନ୍ୟ ଋତୁରେ ଫଳିବା ଫଳ । Fruit growing out of season; untimely fruit.

ଦେ. ବି—୧ । (ଲକ୍ଷଣାର୍ଥ) ଅକାଳକୁଷ୍ମାଣ୍ଡ (ଦେଖ) 1. Akālakushmānda (See)

୨ । ( ଲକ୍ଷଣାର୍ଥ ) ପିତାମାତାଙ୍କର ସନ୍ତାନୋତ୍ପାଦିକା ଶକ୍ତି ପୂର୍ଣ୍ଣରୂପେ ଲାଭ ନ ହେଉଣୁ ସେମାନଙ୍କଠାରୁ ଜନ୍ମିବା ସନ୍ତାନ । 2. An offspring of undeveloped parents.

୩ । ( ଲକ୍ଷଣାର୍ଥ ) ପିତାମାତାଙ୍କର ବଳିଷ୍ଠ ସନ୍ତାନ ଉତ୍ପାଦନ କରିବା ଶକ୍ତି ଲୋପ ହେବା ପରେ ଅର୍ଥାତ୍ ବାର୍ଦ୍ଧକ୍ୟରେ ତାଙ୍କଠାରୁ ଜାତ ସନ୍ତାନ । 3. An offspring of decrepit or worn out parents.

୪ । ( ଲକ୍ଷଣାର୍ଥ ) ଗର୍ଭ ଧାରଣର ଦଶ ମାସ ପୂର୍ଣ୍ଣ ନ ହେଉଣୁ ଜନ୍ମିବା ପିଲା । 4. An offspring born before the full period of conception.

**ଅକାଳ ବିଆଣ**—ଗ୍ରା. ବି—୧ । ମାତାର ଗର୍ଭଧାରଣର ଦଶ ମାସ ନ ହେଉଣୁ ସନ୍ତାନୋତ୍ପାଦନ ।
Akāla biāna
ଅକାଳବିଆନ
1. A mother's bringing forth of children before the full conception period is over.

୨ । ମାତାର ଗର୍ଭ ଧାରଣ କରିବାର ଉପଯୁକ୍ତ ବୟସ ନ ହେଉଣୁ ସନ୍ତାନୋତ୍ପାଦନ । 2. A mother's giving birth to children while she is too young.

୩ । ମାତାର ଗର୍ଭଧାରଣ କରିବାର ବୟସ ଟପି ଗଲା ପରେ ବାର୍ଦ୍ଧକ୍ୟରେ ସନ୍ତାନୋତ୍ପାଦନ । 3. A mother's bringing forth of children when she is too old.

୪ । ଅକାଳଜ ସନ୍ତାନ—4. A child born before the full conception period.

**ଅକାଳବିଆଣୀ**—ଗ୍ରା. ବିଣ. ସ୍ତ୍ରୀ—
Akālabiāni ୧ । ଗର୍ଭଧାରଣର ମାସ ନ ପୂରୁଣୁ ଯେଉଁ ସ୍ତ୍ରୀ ସନ୍ତାନ ପ୍ରସବ କରେ । 1. (a woman) Bearing children before the full conception-period is over.

୨ । ଅତି ବାଲ୍ୟାବସ୍ଥାରେ ଶିଶୁ ପ୍ରସବକାରିଣୀ । 2. (a mother) Bearing children while she is too young to conceive.

୩ । ଅତି ବୃଦ୍ଧାବସ୍ଥାରେ ଶିଶୁ ପ୍ରସବକାରିଣୀ । 3. (a mother) Bearing children while she is past the child-bearing age.

**ଅକାଳବୃଷ୍ଟି**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅକାଳରେ ଘଟିବା
Akālabrushti ବୃଷ୍ଟି)—ଅଦିନ ବରଷା; ବର୍ଷାଋତୁ ( ଆଷାଢ଼,
ଅକାল ବৃষ্টি ଶ୍ରାବଣ) ଛଡ଼ା ଅନ୍ୟ ଋତୁରେ ହେବା ବରଷା । Unseasonable rain; rain occuring out of the rains.

ଦେ. ବି—ପୁଷ, ମାଘ, ଫଗୁଣ ଓ ଚୈତ୍ର ମାସରେ ହେବା ବହୁ ଜଳ ବୃଷ୍ଟି—Copious rainfall during the months of Pusha, Māgha, Phaguna and Chaitra.

**ଅକାଳବୋଧନ**—ସଂ. ବି. (୭ମୀ ତତ୍)—
Akālabodhana ୧ । ଶୋଇବାର ନିର୍ଦ୍ଦିଷ୍ଟ ସମୟରେ କିମ୍ବା ମନୁଷ୍ୟ ଶୋଇଥିବା ଅବସ୍ଥାରେ ତାହାକୁ ନିଦରୁ ଉଠାଇବା । 1. The rousing of a person from sleep at an unusual hour of the night or while he is fast asleep.

(ଯଥା— ରାମ ଲକ୍ଷ୍ମଣଙ୍କୁ ମାରିବାପାଇଁ ରାବଣ ଆଦେଶରେ କୁମ୍ଭକର୍ଣ୍ଣର ଅକାଳବୋଧନ ହୋଇଥିଲା । )

୨ । ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବତାଙ୍କର ପହଡ଼ ଭଙ୍ଗାଇବା । 2. The rousing of a Deity or Idol at an unusual hour when the Idol is supposed to be taking rest.

(ଯଥା—ରାବଣଙ୍କୁ ମାରିବାପାଇଁ ରାମଚନ୍ଦ୍ର ଦୁର୍ଗାଙ୍କର ଅକାଳବୋଧନ କରି ଦୁର୍ଗାପୂଜା କରିଥିଲେ ।)

**ଅକାଳମରଣ**—ସଂ. ବି. (୭ମୀ ତତ୍)—
Akālamarana ୧ । ପୂର୍ଣ୍ଣାୟୁଃ ପୂର୍ବରୁ ମରଣ; ଅଳ୍ପେଇସି ଯିବା । 1. Untimely death; death at an unusually young age.

୨ । ଅପମୃତ୍ୟୁ—2. Unnatural death.

(ଯଥା—ସର୍ପାଘାତ, ବଜ୍ରପାତ, ଉଦ୍‌ବନ୍ଧନ, ମଜ୍ଜନ, ହତ୍ୟା ଆଦି ଜନିତ ମୃତ୍ୟୁ ।)

୩ । ଦୁର୍ଭିକ୍ଷ ସମୟରେ ରୋଗ ବା ଅନାହାରରେ ମୃତ୍ୟୁ । 3. Death due to starvation or disease during a famine.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | [illegible] | ଦ୍ଧ |

୪ । ଶାସ୍ତ୍ର ଅନୁସାରେ ଅଶୁଦ୍ଧ କାଳରେ ମୃତ୍ୟୁ ।
4. Death at a particularly unholy time.

( ଯଥା— ଅକାଳମୃତ ବ୍ୟକ୍ତିଙ୍କୁ ସ୍ପର୍ଶର ଦୋଷ ଲାଗେ । )

**ଅକାଳଯୋଗୀ**—ଦେ. ବି. (ସଂ. ଅକାଳ + ଯୋଗିନ୍)—
**Akālajogi** ১ । ଯେଉଁ ବ୍ୟକ୍ତି ଅଳ୍ପ ବୟସରେ ବା ଯୁବାବସ୍ଥାରେ ଗୃହ ତ୍ୟାଗ କରି ସନ୍ନ୍ୟାସ ଅବଲମ୍ବନ କରେ; ଗୃହତ୍ୟାଗୀ ଯୁବକ—1. A person who turns anchorite while very young.
যৌবনে সন্ন্যাসী
অকালে যোগী

ଅକାଳ ଯୋଗୀ ସକାଳେ; ପଥ ବଡ଼ ଦୂର
ହଗା ତରଗ—ବାବକ ଧୀସ୍ତ । ପ୍ରବଚନ ।

୨ । ଦେଶରେ ଅକାଳ ବା ଦୁର୍ଭିକ୍ଷ ପଡ଼ିବାରୁ ଘରେ ଖାଇବାର ସମ୍ବଳ ନ ଥିବାରୁ ଯେଉଁ ବ୍ୟକ୍ତି ଖାଦ୍ୟ ପାଇବା ପାଇଁ ଯୋଗୀ ବା ସନ୍ନ୍ୟାସୀର ଭେକ ଧରିଥାଏ ।
2. A person who assumes the garb of an anchorite in famine-time.

ଅକାଳ ଯୋଗୀ ମାଥିଆ ତନ୍ତ୍ର । ତଗ ।

**ଅକାଳରସବ୍ୟଞ୍ଜନା**—ସଂ. ବି. (୭ମୀ ଓ ୬ଷ୍ଠୀ ତତ୍; ଅକାଳରେ ରସ ବ୍ୟଞ୍ଜନା)—
**Akālarasabyañjanā** (ଅଳଙ୍କାର ଶାସ୍ତ୍ର) ରସବର୍ଣ୍ଣନାସମ୍ବନ୍ଧୀୟ ରଚନାଦୋଷବିଶେଷ । ( Rhetoric ) A short of defect in composition.

[ଦ୍ର—ଯେଉଁ ସମୟରେ ଯେଉଁ ରସ ବ୍ୟକ୍ତ କଲେ, ଅନୁକୂଳ ଭାବ ଉଦୟ ହୁଏ, ସେହି ସମୟରେ ଉକ୍ତ ଅନୁକୂଳ ରସର ଅବତାରଣା ବା ଉତ୍କ୍ଷେପକୁ ଅକାଳରସବ୍ୟଞ୍ଜନା ବୋଲାଯାଏ ।]

**ଅକାଳସହ**—ସଂ. ବିଣ. ପୁଂ. (ନଞ୍ତତ୍; ଅ + କାଳସହ)—
**Akālasaha** ୧ । ଯେଉଁ ବ୍ୟକ୍ତି ବିଳମ୍ବ ସହି ପାରେ ନାହିଁ; ଅସମ୍ଭାଳ; ଅଧୀର—1. ( person ) Not brooking delay; impatient; unable to bide one's time.
(ଅକାଳସହା—ସ୍ତ୍ରୀ)

୨ । ଯେଉଁ ବସ୍ତୁ(ଯଥା—ପାଚିଲା ଫଳ; କଞ୍ଚା ଦୁଧ;ରନ୍ଧା ଭାତ; ଇତ୍ୟାଦି ) ବେଶି କାଳ ରହିଗଲେ ବ୍ୟବହାରର ଅଯୋଗ୍ୟ, ବିକୃତ ବା ପୋଚଆ ହୋଇଯାଏ ।
2. ( thing ) Which becomes spoiled if not used soon.

୩ । ଯେଉଁ ବିଷୟ ବିଳମ୍ବ ଘଟିଲେ ନଷ୍ଟ ହୁଏ ।
3. ( matter ) Which does not admit of any delay.

୪ । ଯେଉଁ ପଦାର୍ଥ ବହୁକାଳସ୍ଥାୟୀ ବା ସହନଶୀଳ ନୁହେଁ ।
4. Unable to hold out long.

**ଅକାଳି**—ଦେ. ବି—ଅକାଳୀ (ଦେଖ)
**Akāli** Akāli (See)

**ଅକାଳିଆ**—ଦେ. ବିଣ. (ସଂ. ଅକାଳକ; ଅକାଳୀୟ)—
**Akālia** ୧ । ଅକାଳରେ ଘଟିତ—1. Unseasonable; untimely.
অকালে

୨ । ଅସମୟରେ ଉପସ୍ଥିତ—2. Arriving at an inopportune time.

(ଯଥା—ଘରେ ସମସ୍ତେ ଖିଆପିଆ ସାରିବା ପରେ ଏସି ପହଞ୍ଚିବା ଉପବାସୀ ବନ୍ଧୁ ।)

**ଅକାଳିକ**—ସଂ. ବିଣ. ( ଅକାଳ + ଇକ )—
**Akālika** ୧ । ଅସାମୟିକ—1. Unseasonable; untimely.

୨ । ଅକାଳସମ୍ବନ୍ଧୀୟ—2. Relating to akāla.

**ଅକାଳିଗୁଡ଼ୁ**—ପ୍ରାଦେ. (ପୁରୀ) ବି—ବାଳକମାନଙ୍କର ଏକ ପ୍ରକାର ଭୁଡୁ ଖେଳ—A kind of out-door game amongst boys'
**Akāligurdu**

[ ଦ୍ର—ଏହା ଭୁଡୁ ଖେଳ ପରି ଦୁଇ ଦଳଙ୍କ ମଧ୍ୟରେ ଖେଳାଯାଏ; ଏକ ଦଳର ଯେଉଁ ବାଳକ ମଝି ଗାରକୁ ଡେଇଁ ଅନ୍ୟ ଦଳର ସୀମାକୁ ଯାଏ, ସେ 'ଅକାଳ' 'ଅକାଳ' ଶବ୍ଦ ଉଚ୍ଚାରଣ କରି ଦଉଡୁଥିବାରୁ ଖେଳର ଏହି ନାମ । ]

**ଅକାଳିଗୁଡ଼ୁ**—ପ୍ରାଦେ. (ପୁରୀ) ବି—ଅକାଳଗୁଡୁ (ଦେଖ)
**Akāligurdu** Akāligurdu (See)

**ଅକାଳୀ**—ଦେ. ବି. (ସଂ. ଅକାଳକ; ଅକାଳ ଏମାନଙ୍କ ଉପାସ୍ୟ ଦେବ ଥିବାରୁ)—ନାନକପନ୍ଥୀ; ଶିଖ ସମ୍ପ୍ରଦାୟ ।
**Akāli** The Sikhs.
আকালী
अकाली

[ ଦ୍ର—ପଞ୍ଜାବରେ ଅକାଳୀମାନେ ସେମାନଙ୍କ ଧର୍ମସ୍ଥାନ (ଗୁରୁଦ୍ୱାର)ମାନଙ୍କ ପରିଚାଳନ ବିଷୟରେ ଓ ନିଜର କେତେକ ଧର୍ମାନୁମୋଦିତ ପ୍ରଥା ରକ୍ଷା ବିଷୟରେ ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ ବହୁତ ଅଳି କରି ଓ ନାନାଦି ନିର୍ଯ୍ୟାତନ ସହି ନିଜର ଉଦ୍ଦେଶ୍ୟ ସାଧନରେ ସମର୍ଥ ହୋଇଅଛନ୍ତି ଓ ଧର୍ମରକ୍ଷା ସମ୍ବନ୍ଧରେ ଯେଉଁ ସତ୍ସାହସ ଓ ସ୍ୱାର୍ଥତ୍ୟାଗ ଦେଖାଇଅଛନ୍ତି, ତାହା ଭାରତୀୟମାନଙ୍କୁ ଓ ଗଭର୍ଣ୍ଣମେଣ୍ଟଙ୍କୁ ବିସ୍ମିତ କରିଅଛି । ଅକାଳୀମାନେ ମୁଣ୍ଡରେ କଳା ରଙ୍ଗର ପଗଡ଼ି ବାନ୍ଧନ୍ତି ।]

**ଅକାଳୀଜାଠ**—ଦେ. ବି. (ସଂ. ଅକାଳକ + ଯୂଥ)—
**Akālijātha** ଅକାଳୀ ସମ୍ପ୍ରଦାୟଙ୍କ ଦଳ । A company of Akālis.
আকালীজাঠ
अकालीजाठ

**ଅକାଳୀୟ**—ସଂ. ବିଣ. ( ଅକାଳ + ଈୟ )—ଅକାଳସମ୍ବନ୍ଧୀୟ ।
**Akāliya** Relating to Akāla.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଶ୍ଶ' ନ ପାଇଲେ 'ଅର୍ଶ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**ଅକାଳେ**—ଦେ. କ୍ରି. ବଣ. (ସଂ. ଅକାଲେ)—
Akāle ୧ । ଅକାଳରେ—1. In Akāla.
୨ । ଅସମୟରେ; ଅନୁପଯୁକ୍ତ ସମୟରେ ।
2. Untimely; in an improper time.
ଅକାଳେ ଅକାଶ୍ରେ ଦୈବ ଦୁର୍ବିପାକେ ବଧୂକୁ ଗ୍ରାସିଲ ଘନ୍ତୁ । ମଧୁସୂଦନ ।
୩ । ଅକସ୍ମାତ୍; ହଠାତ୍—3. Suddenly.
୪ । ବହୁକାଳ ଅନ୍ତରରେ; କଦାଚିତ୍; କେବେ କେବେ (ଘଟିବା କଥା) ।
4. At times few and far between.
୫ । ଅନିର୍ଦ୍ଦିଷ୍ଟ ସମୟରେ—5. At unstated times.
୬ । ଅପରିଣତ ବୟସରେ—6. At an unripe age.
୭ । ଉପଯୁକ୍ତ ସମୟ ଗତ ହେଲାରୁ—7. After the proper time.
୮ । ଉପଯୁକ୍ତ ସମୟ ପୂର୍ବରୁ—8. Before the proper time.

**ଅକାଲ୍ୟ**—ସଂ. ବଣ. (ଅକାଲ+ଯ)—ଅକାଳକ (ଦେଖ)
Akālya Akālika (See)

**ଅକିଞ୍ଚନ**—ସଂ. ବଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+କିଞ୍ଚନ=କିଛିମାତ୍ର
Akiñchana ଯାହାର )—ନିଃସ୍ୱ; ଅତିଦରିଦ୍ର; ସମ୍ବଳହୀନ ।
(ଅକିଞ୍ଚନା—ସ୍ତ୍ରୀ) Destitute; pennyless; indigent.
ସଂସାରେ ଅକିଞ୍ଚନମାନେ ।
ଯାହା ଭକତି ଶ୍ରବଣନେ ॥ ଜଗନ୍ନାଥ ଭାଗବତ. ୨

ଅକିଞ୍ଚନତା
ଅକିଞ୍ଚନତ୍ୱ
ଅକିଞ୍ଚନମ୍ମା } ବ ୧ । ନଗଣ୍ୟ—Insignificant; (man) of straw.
୨ । ସାମାନ୍ୟ; ଇତର—2. Humble.
୩ । ହେୟ—3. Despicable.
୪ । ମୂଢ଼; ହୀନ; ଅଧମ—4. Low; mean.
୫ । ମୂଲ୍ୟହୀନ—5. That which is worth nothing (M. W.).

**ଅକିଞ୍ଚନତା**—ସଂ. ବ. (ଅକିଞ୍ଚନ+ଭାବ.ତା)—୧ । ଦରିଦ୍ରତା; ହୀନତା ।
Akiñchanatā 1. Poverty; destitution.
୨ । ହୀନତା—2. Meanness; despicableness.
୩ । ନିଜ ଇଚ୍ଛାରେ ବରଣ କରିବା ଦାରିଦ୍ର୍ୟ ।
3. Voluntary poverty ( as practised by the jaina ascetics ).

**ଅକିଞ୍ଚିତ୍**—ସଂ. ବଣ. ( ଅ+କିଞ୍ଚିତ୍=କିଛି ମାତ୍ର )—
Akiñchit ୧ । ଅତି ସାମାନ୍ୟ—1. Very humble.
୨ । ଅତି ହେୟ—2. Very insignificant.
ସଂ. ସଂଜ୍ଞ—ଅତି ସାମାନ୍ୟ; ଯତ୍‌ସାମାନ୍ୟ—A very little.

**ଅକିଞ୍ଚିତ୍କର**—ସଂ. ବଣ. ପୁଂ (ଅ+କିଞ୍ଚିତ୍+କୃ ଧାତୁ+କର୍ତ୍ତୃ. ଅ; ଯିଏ
Akiñchitkara କିଛି ମାତ୍ର କରି ନ ପାରେ )—
(ଅକିଞ୍ଚିତ୍କରୀ—ସ୍ତ୍ରୀ) ୧ । ଅତି ତୁଚ୍ଛ; ଅତି ସାମାନ୍ୟ—1. Very slight; very insignificant.
୨ । ଅତି ହେୟ—2. Very despicable.
୩ । ଯାହାଦ୍ୱାରା କୌଣସି କାମ ହୋଇ ପାରେ ନାହିଁ ।
3. Good-for-nothing.

**ଅକିଦା**—ବୈଦେ. ବ. ( ଆ. ଅକିଦା; ଆ. ଅକଦ୍=ପ୍ରତିଜ୍ଞା )—
Akidā ୧ । ହଲପ; ଶପଥ—1. Solemn oath.
ହଲଫ ୨ । ଈଶ୍ୱର ବା ଦେବତାଙ୍କ ନାମ ଧରି କରାଯିବା ହଲପ ।
हलफ् 2. Oath taken in the name of God or of some Deity.

**ଅକିରତି**—ଗ୍ରା. ବ. ( ସଂ. ଅକୀର୍ତ୍ତି )—ଅକୀର୍ତ୍ତି ( ଦେଖ )
Akirati Akīrtti ( See )

**ଅକିରିତି**—ଗ୍ରା. ବ. (ସଂ. ଅକୀର୍ତ୍ତି)—ଅକୀର୍ତ୍ତି (ଦେଖ)
Akiriti Akīrtti ( See )

**ଅକିଲ୍ୱିଷ**—ସଂ. ବଣ. (ବହୁବ୍ରୀହି; ଅ+କିଲ୍ୱିଷ)—
Akilwisha ୧ । ନିଷ୍ପାପ—1. Sinless.
(ଅକିଲ୍ୱିଷା—ସ୍ତ୍ରୀ) ୨ । ଦୋଷଶୂନ୍ୟ—2. Faultless.

**ଅକୀରତି**—ଗ୍ରା. (ପଦ୍ୟ) ବ. (ସଂ. ଅକୀର୍ତ୍ତି)—ଅକୀର୍ତ୍ତି (ଦେଖ)
Akīrati Akīrtti ( See )
अकीर्त ଅକୀରତି ପଞ୍ଜରେ ଜଗତ କରାଉଛୁ ଭରତ । କବିସୂର୍ଯ୍ୟସଙ୍ଗୀତ ।
अकीरत; अकीरति

**ଅକୀରିତି**—ଗ୍ରା. ( ପଦ୍ୟ ). ବି. ( ସଂ. ଅକୀର୍ତ୍ତି )—ଅକୀର୍ତ୍ତି ( ଦେଖ )
Akīriti Akīrtti ( See )
अकित्ति ଲଭ ବିନା ଅକୀରତିରେ ବର୍ଣ୍ଣିଅ
अकीरति; अकीरत ଅଳ ଚୋର ଏ କ ଘାତ । ସଙ୍ଗୀତ ।

**ଅକୀର୍ତ୍ତି**—ସଂ. ବି. ( ନଞ୍ତତ୍; ଅ+କୀର୍ତ୍ତି )—୧ । ଅପଯଶ; ଅଖ୍ୟାତି;
Akīrtti ଦୁର୍ନାମ; ବଦନାମୀ—1. Ill fame; disrepute.
୨ । ଅପବାଦ—2. Defamation; slander.
ଏହୁ ଅକୀର୍ତ୍ତି ଭୁବନ ଯଥାପି ବ୍ୟାପିବ । ସାରଳାମହାଭାରତ. ଉଦ୍ୟୋଗ ।
୩ । ଅପମାନ—3. Disgrace ( M. W. ).

**ଅକୀର୍ତ୍ତିକର**—ସଂ. ବିଣ. ( ଅକୀର୍ତ୍ତି+କୃ ଧାତୁ+କର୍ତ୍ତୃ. ଅ )—
Akīrttikara ୧ । ଯେଉଁ କାର୍ଯ୍ୟ କଲେ କାହାର ବା ଅନ୍ୟର ଅଖ୍ୟାତି ରଟନା ହୁଏ; ଅଯଶସ୍କର ।
1. Disreputable.
୨ । ଅପମାନଜନକ—2. Causing disgrace; insulting ( M. W. ).

**ଅକୀର୍ତ୍ତିମନ୍ତ**—ଦେ. (ପଦ୍ୟ) ବିଣ. (ପୁଂ ଓ ସ୍ତ୍ରୀ.) (ସଂ. ଅକୀର୍ତ୍ତି+ମନ୍ତ୍
Akīrttimanta ପ୍ରତ୍ୟୟ )—ଅଖ୍ୟାତିଯୁକ୍ତ; ଯାହାର ଅକୀର୍ତ୍ତି ଜଗତରେ ବ୍ୟାପେ — Disreputable; notorious.
ଅକୀର୍ତ୍ତିମନ୍ତ ଲୋକ ନରକରେ ଭୋଗ । କୃଷ୍ଣସିଂହ ମହାଭାରତ. ବନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**ଅକୁ**—ବୈଦେ. ବି. ( କଚହରୀ ଭାଷା ) ( ଆ. ୱକୁ )—
Aku ୧ । ଉକୁ ; ମକଦମା ସମ୍ପର୍କୀୟ ଘଟଣା ।
অকু 1. Occurrence.
अक्कु ୨ । ମକଦ୍ଦମାର ଘଟଣା ଘଟିଥିବା ସ୍ଥାନ ।
2. Scene or place of occurrence.
୩ । ଅପରାଧ—3. Offence; misdeed.

**ଅକୁଟା**—ଦେ. ବିଣ. (ସଂ. ଅ + କୁଟ୍ଟିତ)—ଯାହା କୁଟ୍ଟିତ ହୋଇ ନାହିଁ;
Akutā ଯାହା ଢିଙ୍କି, ହମାମଦସ୍ତା ଆଦି କୁଟିବା ଯନ୍ତ୍ରରେ କୁଟା ବା
আকুট ଛେଚା ହୋଇ ନାହିଁ—Unhusked; not pressed.
अकुटा (ଯଥା—ଅକୁଟା ଧାନ, ଅକୁଟା ଚୂନ ।)

**ଅକୁଣ୍ଠ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କୁଣ୍ଠ )—
Akuṇṭha ୧ । ଯାହା ଦନ୍ତୁଡ଼ା ହୋଇ ନାହିଁ; ତୀକ୍ଷ୍ଣ ।
(ଅକୁଣ୍ଠା—ସ୍ତ୍ରୀ) 1. Not blunted; sharp.

ଅକୁଣ୍ଠ ଧୀଷଣା ଯାହାର ।
ସେ ମୁନି ପାଦେ ନମସ୍କାର ॥ ଜଗନ୍ନାଥ. ଭାଗବତ ।

୨ । ସଙ୍କୋଚରହିତ—2. Unhesitating; free from hesitation.
୩ । ଅଶଙ୍କିତ—3. Dauntless.
୪ । ଅସଙ୍କୁଚିତ—4. Not contracted.
୫ । ଯାହା ଜୀର୍ଣ୍ଣଶୀର୍ଣ୍ଣ ହୋଇ ନାହିଁ ।
5. Not worn out.
୬ । ଅନତ—6. Unbent.
୭ । ଅକ୍ଷୁବ୍ଧ—7. Unagitated.
୮ । ପ୍ରତିଭାନ୍ୱିତ—8. Talented.
୯ । ସତେଜ—9. Vigorous ( M. W. ).
୧୦ । ସର୍ବଦା ତଟକା—10. Ever fresh ( M. W. ).
୧୧ । ଅନନ୍ତକାଳସ୍ଥାୟୀ—11. Eternal ( M. W. ).

**ଅକୁଣ୍ଠିତ**—ସଂ. ବିଣ. ( ନଞ୍ ତତ୍; ଅ + କୁଣ୍ଠିତ )—ଅକୁଣ୍ଠ (ଦେଖ)
Akuṇṭhita Akuṇṭha ( See )
(ଅକୁଣ୍ଠିତା—ସ୍ତ୍ରୀ)

**ଅକୁତାର୍ଥ**—ଗ୍ରା. ବିଣ. ପୁଂ. ( ସଂ. ଅକୃତାର୍ଥ )—ଅକୃତାର୍ଥ (ଦେଖ)
Akutārtha Akṛutārtha ( See )
(ଅକୁତାର୍ଥୀ—ସ୍ତ୍ରୀ) ୧ । ନଗଣ୍ୟ—1. Insignificant.
୨ । ହେୟ—2. Despicable.

**ଅକୁତୋଭୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ = ନାହିଁ + କୁତଃ = କାହାଠାରୁ + ଭୟ ଯାହାର)—
Akutobhaya
(ଅକୁତୋଭୟା—ସ୍ତ୍ରୀ) ୧ । ଯେଉଁ ବ୍ୟକ୍ତିର ଅନ୍ୟ କାହାରଠାରୁ ବା
(ଅକୁତୋଭୟତା—ବି) କେଉଁ ସ୍ଥାନରୁ ଭୟର ଆଶଙ୍କା ନାହିଁ ।
1. Having nothing or nobody to fear from; having no fear from any quarter; secure.

୨ । ନିଃଶଙ୍କ; ନିର୍ଭୟ—Undaunted; fearless.

**ଅକୁପ୍ୟ**—ସଂ. ବି. (ଅ = ନୁହେଁ + କୁପ୍ୟ = ସ୍ୱର୍ଣ୍ଣରୌପ୍ୟ ଛଡ଼ା ଅନ୍ୟ ଧାତୁ )—
Akupya ୧ । ସୁନା ଓ ରୁପା—1. Gold and silver.
୨ । ସୁନା ରୁପା ଛଡ଼ା ନିକୃଷ୍ଟ ଧାତୁ ।
2. Base metal ( M. W. ).

**ଅକୁମାରୀ**—ସଂ. ବିଣ. ସ୍ତ୍ରୀ. ( ଅ + କୁମାରୀ )—ବିବାହିତା (ବାଳିକା) ।
Akumārī Married (girl.)
ସଂ. ବି. ସ୍ତ୍ରୀ—ଦଶ ବର୍ଷ ବୟସ୍କା ବାଳିକା)—A girl of ten years of age.

**ଅକୁର**—ଗ୍ରା. ବି. (ନାମ) ୧ । (ସଂ.ନାମ ଅକ୍ରୂରର ଅଶୁଦ୍ଧ ଉଚ୍ଚାରଣ)—
Akura ଅକ୍ରୂର (ଦେଖ)
Akrūra ( See )
୨ । ଅକ୍ରୂର ନାମକ ବ୍ୟକ୍ତିର ଡାକ ନାମ ।
2. Name by which a person named Akrūra is called.
ଗ୍ରା. ବିଣ—୩ । (ବାଉରି, କଣ୍ଡରା, ଶୂଦ୍ର ଆଦି ନୀଚ ଜାତିଙ୍କ ଳ ସ୍ଥାନରେ ର ଉଚ୍ଚାରଣ)—(ସଂ. ଅକୁଳ) ଅକୁଳ (ଦେଖ)
Akuḻa ( See )

**ଅକୁଳ**—ସଂ. ବି. ( ଅ + କୁଳ )—ନୀଚକୁଳ; ହୀନବଂଶ ।
Akuḻa Low family.
(ଅକୁଳା—ସ୍ତ୍ରୀ) ସଂ. ବିଣ. ପୁଂ. ( ବହୁବ୍ରୀହି)—୧ । ନୀଚବଂଶୀୟ; ଅକୁଳୀନ; ଯେ ଉଚ୍ଚବଂଶୀୟ ନୁହେ—. Not of good family.
୨ । ଯାହାର କୁଳ ବା ବଂଶରେ କେହି ନାହାଁନ୍ତି; ନିର୍ବଂଶ ।
2. Heirless.
ଦେ. ବିଣ. ପୁଂ—୧ । ଯାହାର ବଂଶର ଠିକଣା ନାହିଁ ।
(ଅକୁଳୀ—ସ୍ତ୍ରୀ) 1. One whose geneology can not be traced; of unknown descent.
অকুল ୨ । ଯେ ନିଜର କୁଳ ବା ସମାଜରୁ ବାହାରି ଯାଇଅଛି ।
अकुल 2. One who has forsaken his family; run away.
୩ । କୁଳ ବା ସମାଜରୁ ବହିଷ୍କୃତ; ସମାଜଚ୍ୟୁତ ।
3 Excommunicated.
୪ । ଯେ ନିଜର କୁଳାଚାର ପରିତ୍ୟାଗ କରିଛି ।
4. One who has forsaken his family usages.

**ଅକୁଳନ** - ସଂ. ବି. (ଅ + କୁଳ ଧାତୁ = ଜମା କରିବା + ଭାବ. ଅନ)—
Akuḻana ଅଭାବ; ନିଅଣ୍ଟ; ନ ଅଣ୍ଟିବା—Inadequacy; deficiency; insufficienc.
ଦେ. ବିଣ—ନିଅଣ୍ଟ—Insufficient; inadequate.

**ଅକୁଳା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅକୁଳ)— ଅକୁଳ (ଦେଖ)
Akuḻā Akuḻa (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାର' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅକୁଲାଣ**—ଦେ. ବି. ଓ ବିଣ. (ସଂ. ଅକୁଲାନ)—ଅକୁଲାନ (ଦେଖ)
Akulāṇa Akulāna (See)

**ଅକୁଳାଣ**—ଦେ. ବି. ଓ ବିଣ. (ସଂ. ଅକୁଳନ)—ଅକୁଳାନ (ଦେଖ)
Akulāṇa Akulana (See)

**ଅକୁଳାନ**—ସଂ. ବି. (ଅ + କୁଳ ଧାତୁ + ଭାବ. ଅନ)—
Akulāna ଅକୁଳନ (ଦେଖ)
ଅକୁଳାନ Akulana (See)
କମ ଦେ. ବିଣ—ଅକୁଳନ (ଦେଖ)
Akulana (See)

**ଅକୁଳୀନ**—ସଂ. ବିଣ. ପୁଂ. (ଅ + କୁଳୀନ)—
Akulīna ୧ । ଯେ ସଦ୍‌କୁଳପ୍ରସୂତ ନୁହେ ।
(ଅକୁଳୀନା—ସ୍ତ୍ରୀ) 1. Of low birth; low born.
୨ । କୌଳିକତା ରହିତ—2. Wanting in high lineage.
୩ । ସଦ୍‌କୁଳପ୍ରସୂତ ବ୍ୟକ୍ତିର ମର୍ଯ୍ୟାଦା ରହିତ ।
3. Unbecoming of a person of high birth.
କୁଳରେ ଜାତ ହୋଇ ଅକୁଳୀନ କଥା । କୃଷ୍ଣସିଂହ ମହାଭାରତ. ବନପର୍ବ ।

**ଅକୁଶଳ**—ସଂ. ବିଣ. ପୁଂ. (ଅ + କୁଶଳ)—
Akuśala ୧ । ଅପାରଗ—1. Incapable.
୨ । ଅସୁସ୍ଥ— 2. Ill.
୩ । ଅମଙ୍ଗଳକର—3. Noxious.
ସଂ. ବି.— ୧ । ଅମଙ୍ଗଳ; ଅଶୁଭ—1. Want of weal; misery.
୨ । ଅସୁସ୍ଥତା—2. Illness.
୩ । ଦୁର୍ଭାଗ୍ୟ—3 Misfortune; ill luck.

**ଅକୂପାର**—ସଂ. ବିଣ. (ବହୁବ୍ରୀହି; ଅ + କୁ = ପୃଥିବୀ + ପାର = ତୀର)—
Akūpāra ୧ । ଅସୀମ—1. Boundless; illimitable.
୨ । ଅକୂଳ—2. Shoreless.
ସଂ. ବି.—୧ । (ଯାହା ପାରରେ କୁ = ପୃଥିବୀ)—ସମୁଦ୍ର ।
1. The Sea; ocean.
ଭାସିଲିଛି ତାକଳକ ସୂର ଅକୂପାରେ । କବିସୂର୍ଯ୍ୟ ସଙ୍ଗୀତ ।
୨ । (ଅ + କୂପ + ଋ ଧାତୁ = ଗମନ କରିବା + କର୍ତ୍ତୃ. ଅ ଯେ କୂପରୁ ବାହାରି ଯାଇ ପାରେ ନାହିଁ)—
କଚ୍ଛପ; କଇଁଛ—2. Tortoise.

**ଅକୂର୍ଚ୍ଚ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + କୂର୍ଚ୍ଚ = କପଟ)—ନିଷ୍କପଟ ।
Akūrchcha Frank; guileless.
(ଅକୂର୍ଚ୍ଚା—ସ୍ତ୍ରୀ) ସଂ. ବି. ପୁଂ.—ବୁଦ୍ଧଦେବଙ୍କ ନାମ ।
An epithet of the Buddha.

**ଅକୂଳ**—ସଂ. ବିଣ. (ବହୁବ୍ରୀହି; ଅ + କୂଳ)—
Akūla ୧ । ଯାହାର କୂଳ ନାହିଁ; ପାର ରହିତ—1. Shoreless.
୨ । ଅସୀମ; ଅନନ୍ତ—2. Illimitable; boundless.
୩ । ସୁବିଶାଳ—3. Vast.
ଦେ. ବି. ( ଲକ୍ଷଣାର୍ଥ)—କୂଳହୀନ ସମୁଦ୍ରରେ ଭାସିବା ଲୋକର ଅବସ୍ଥା ପରି ନିରାଶ୍ରୟ ଅବସ୍ଥା—Utterly helpless condition (like that of a man floating on the ocean).
ଅଶ୍ରୁପ୍ଲାବିତ ହୋଇ ଅସରିଜା ମୁହିଁ ଭାସୁଛି ବିନା ଅକୂଳେ । ରାଧାନାଥ. ପାର୍ବତୀ ।

**ଅକୃତ୍ସ୍ନବିତ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ଅ + କୃତ୍ସ୍ନବିଦ୍ = ସର୍ବଜ୍ଞ)—
Akrutsnabit ୧ । ଅଳ୍ପଜ୍ଞ—1. Knowing little.
୨ । ଅଳ୍ପବୁଦ୍ଧି—2.Of imperfect knowledge.

**ଅକୃତ**—ସଂ. ବିଣ. (ଅ + କୃତ)—
Akruta ୧ । ଅନିଷ୍ପନ୍ନ; ଅସମ୍ପାଦିତ; ଯାହା କରା ଯାଇନାହିଁ ।
1. Unaccomplished; undone.
୨ । ଅସମ୍ପୂର୍ଣ୍ଣ—2 Unfinished; incomplete.
୩ । ନିରର୍ଥକ; ନିଷ୍ଫଳ—3. Fruitless.
୪ । ଅପ୍ରସ୍ତୁତ—4. Not prepared; unprepared.
୫ । ବିଫଳ—5. Unsuccessful.
୬ । ଅକୃତ୍ରିମ; ପ୍ରାକୃତିକ—6. Natural; not artificial.
୭ । ଅସୃଷ୍ଟ; ସ୍ୱୟମ୍ଭୂ—7. Selfborn; selfmade; uncreated.

**ଅକୃତକର୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ଅ + କୃତକର୍ମନ୍, ୧ମା. ୧ବ)—
Akrutakarmā ୧ । ଯାହାର କାର୍ଯ୍ୟ ସଫଳ ହୋଇ ନାହିଁ; ବିଫଳକାମ—1. Unsuccessful.
୨ । ଅପଟୁ—2. Unskilful.
୩ । ଯେ କାର୍ଯ୍ୟଦ୍ୱାରା ଶିକ୍ଷା ଲାଭ କରି ନାହିଁ; ଅନନୁଭବୀ ।
3. Unpractical.

**ଅକୃତକାର୍ଯ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କୃତ + କାର୍ଯ୍ୟ )—
Akrutakārjya ୧ । ଯେ କୌଣସି କାର୍ଯ୍ୟ କରି ନାହିଁ ।
(ଅକୃତକାର୍ଯ୍ୟା—ସ୍ତ୍ରୀ) 1. One who has done no work.
୨ । ( ନଞ୍ ତତ୍; ଅ + କୃତକାର୍ଯ୍ୟ )—ବିଫଳକାମ; ଯାହାର କାମନା ସଫଳ ହୋଇ ନାହିଁ—2. Unsuccessful.

**ଅକୃତକାଳ**—ସଂ. ବିଣ. ( ବହୁବ୍ରୀହି; ଅ + କୃତ + କାଳ )—
Akrutakāla ଯେଉଁ ବନ୍ଧକ ବା ରହଣରେ ମିଆଦ ନିରୂପିତ ହୋଇ ନାହିଁ; ବେମିଆଦ ( ରହଣବନ୍ଧକ ) । ( pledge or mortgage ) Of which no timelimit has been fixed.

**ଅକୃତଚୂଡ଼**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କୃତ + ଚୂଡ଼ା )—
Akrutachūrda ଯେଉଁ ଦ୍ୱିଜାତି ବାଳକର ଚୂଡ଼ାକର୍ମ ନାମକ ପ୍ରଥମ କ୍ଷୌର ସଂସ୍କାର ଅବଧି ଅନୁଷ୍ଠିତ ହୋଇ ନାହିଁ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇଯ୍ଂ | ଢ଼ଥ | ଢ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଥ | ଢ଼ | ନ୍ଦ |

(a boy of the twiceborn caste)—Who has not yet undergone the Vedic rite of tonsure after birth.

**ଅକୃତଚୂଡ଼ା**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କୃତଚୂଡ଼ା )—
Akrutachūrdā ଅକୃତଚୂଡ଼ ( ଦେଖ ) Akrutachūrda ( See )

**ଅକୃତଜ୍ଞ**—ସଂ. ବିଣ. ପୁଂ. ( ଅ + କୃତଜ୍ଞ )—
Akrutajña କୃତଘ୍ନ; ଯେ ପରକୃତ ଉପକାରକୁ ମାନେ ନାହିଁ । Ungrateful.
(ଅକୃତଜ୍ଞା—ସ୍ତ୍ରୀ)
(ଅକୃତଜ୍ଞତା—ବି)

**ଅକୃତଦାର**—ସଂ. ବିଣ. ପୁଂ ( ଅ + କୃତଦାର )—ଯେ ଦାରପରିଗ୍ରହ
Akrutadāra କରି ନାହିଁ; ଅନୂଢ଼; ଅବିବାହିତ—Unmarried.
[ଦ୍ର—ଏହାର ସ୍ତ୍ରୀଲିଙ୍ଗ ଶବ୍ଦ 'ଅକୃତଦାରା'ର ବ୍ୟବହାର ନାହିଁ ।]

**ଅକୃତବିବାହ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କୃତ + ବିବାହ )—
Akrutabibāha ଅବିବାହିତ—Unmarried.
(ଅକୃତବିବାହା—ସ୍ତ୍ରୀ)

**ଅକୃତବୁଦ୍ଧି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅ + କୃତ + ବୁଦ୍ଧି)—
Akrutabuddhi ୧ । ଯାହାର ବୁଦ୍ଧିବୃତ୍ତି ଗଠିତ ବା ପରିଣତ
(ଅକୃତବୁଦ୍ଧିତ୍ୱ—ବି) ହୋଇନାହିଁ—1. Having an unformed mind ( M. W. )
୨ । ଅସ୍ଥିରମତି—2. Fickleminded; of unsteady mind.
୩ । ଅଜ୍ଞ—3. Ignorant.
୪ । ଦୁର୍ବୁଦ୍ଧି; ମନ୍ଦବୁଦ୍ଧି—4. Evilminded.

**ଅକୃତବ୍ରଣ**—ସଂ. ବି. (ନାମ) ପୁଂ. ( ଅ + କୃତ + ବ୍ରଣ; ଯାହାଠାରେ
Akrutabraṇa କୌଣସି ବ୍ୟକ୍ତି କ୍ଷତାଦି ଜନିତ ବ୍ରଣ ଉତ୍ପାଦନ କରି ନାହିଁ )—
ପରଶୁରାମଙ୍କ ଶିଷ୍ୟ କଶ୍ୟପ ବଂଶଜାତ ଶସ୍ତ୍ରବିଦ୍ୟାପାରଗ ମୁନିବିଶେଷ—Name of a warrior sage.

**ଅକୃତାତ୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅ + କୃତାତ୍ମନ୍; ୧ମା. ୧ବ )—
Akrutātmā ୧ । ଅଶୁଦ୍ଧଚିତ୍ତ—1. Impious; harbouring impure thought.
୨ । ନଷ୍ଟାତ୍ମା; ମନ୍ଦବୁଦ୍ଧି—2. Evil-minded.

**ଅକୃତାଦର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କୃତ + ଆଦର )—
Akrutādara ଅନାଦୃତ—Slighted; badly treated; ill treated.
(ଅକୃତାଦରା—ସ୍ତ୍ରୀ)

**ଅକୃତାପରାଧ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କୃତାପରାଧ)—
Akrutāparādha ନିରପରାଧ—Innocent.
(ଅକୃତାପରାଧା—ସ୍ତ୍ରୀ)

**ଅକୃତାର୍ଥ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କୃତାର୍ଥ )—ଅଚରିତାର୍ଥ;
Akrutārtha ବିଫଳମନୋରଥ; ଅକୃତକାର୍ଯ୍ୟ । Unsuccessful.
(ଅକୃତାର୍ଥା—ସ୍ତ୍ରୀ)

**ଅକୃତାସ୍ତ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କୃତ + ଅସ୍ତ୍ର )—
Akrutāstra ଯେ ଅସ୍ତ୍ରବିଦ୍ୟା ଅଭ୍ୟାସ କରି ନାହିଁ ।
(ଅକୃତାସ୍ତ୍ରା—ସ୍ତ୍ରୀ) Unpractised in arms ( M. W. )

**ଅକୃତୀ**—ସଂ. ବିଣ. ପୁଂ. ( ଅ + କୃତିନ୍; ୧ମା. ୧ବ. )—
Akruti ୧ । କର୍ମର ଅଯୋଗ୍ୟ; ନିକମ୍ମା—1. Not fit for work.
(ଅକୃତିନୀ—ସ୍ତ୍ରୀ)
(ଅକୃତିତ୍ୱ—ବି) ୨ । ଯେ କର୍ମକୁଶଳ ନୁହେ—2. Not expert; not clever.
୩ । ଅପଣ୍ଡିତ—3. Unlearned.

**ଅକୃତ୍ରିମ**—ସଂ. ବିଣ. ( ଅ + କୃତ୍ରିମ )—
Akruttrima ୧ । ସ୍ୱାଭାବିକ; ପ୍ରାକୃତିକ ।
1. Natural; inartificial.
୨ । ଅକପଟ; ସରଳ; ଛଳଶୂନ୍ୟ ।
2 Guileless; frank.
୩ । ଅକାଳ୍ପନିକ—3. Unimaginary.
୪ । ଅମିଶ୍ରିତ; ବିଶୁଦ୍ଧ—4. Unmixed; pure.
୫ । ଯାହା ଜାଲ୍ ନୁହେ—5. Unforged.

**ଅକୃତ୍ୟ**—ସଂ. ବି. (ନଞ୍ ତତ୍; ଅ + କୃତ୍ୟ)—ଅକାର୍ଯ୍ୟ (ଦେଖ)
Akrutya Akārjya (See)
ସଂ. ବିଣ—ଅକାର୍ଯ୍ୟ (ଦେଖ)
Akārjya (See)

**ଅକୃପ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + କୃପା)—
Akrupa କୃପାଶୂନ୍ୟ; ନିର୍ଦ୍ଦୟ—Merciless; unkind; cruel.
(ଅକୃପା—ସ୍ତ୍ରୀ)

**ଅକୃପା**—ସଂ. ବି. (ନଞ୍ ତତ୍; ଅ + କୃପା)—
Akrupā ୧ । କୃପାର ଅଭାବ; ନିର୍ଦ୍ଦୟତା ।
1. Want of kindness.
୨ । ନିଷ୍ଠୁରତା—2. Cruelty.
ସଂ. ବିଣ. ସ୍ତ୍ରୀ. (ଅକୃପ + ଆ)—ଅକୃପର ସ୍ତ୍ରୀଲିଙ୍ଗ ।
Feminine of Akrupa

**ଅକୃଷ୍ଟ**—ସଂ ବିଣ. (ନଞ୍ ତତ୍; ଅ + କୃଷ୍ଟ)—
Akrushta ୧ । ଅକର୍ଷିତ; ଚାଷ କରା ଯାଇ ନ ଥିବା (ଭୂମି) ।
1. Untilled; uncultivated (land).
୨ । ଅନନୁଶୀଳିତ—2. Uncultured.
୩ । ଅନାକର୍ଷିତ— 3. Not drawn.

**ଅକୃଷ୍ଟପଚ୍ୟ**—ସଂ. ବିଣ. (ଅ + କୃଷ୍ଟ + ପଚ୍ୟ)—
Akrushta pachya
ଯାହା ଅକର୍ଷିତ କ୍ଷେତ୍ରରେ ବା ବିନା କର୍ଷଣରେ ସ୍ୱୟଂ ବର୍ଦ୍ଧିତ ହୋଇଥାଏ; ପତିତ କ୍ଷେତ୍ରରେ ବିନା କୃଷିରେ ସ୍ୱୟଂ ପକ୍ୱ ହୋଇଥିବା ( ଶସ୍ୟାଦି ) ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲ୍ପବୟ' ନ ପାଇଲେ 'ଅଲ୍ପବୟ' ଦେଖିବେ ।

(grains) Which grow and ripen without culture; growing wild.

**ଅକୃଷ୍ଣ**—ସଂ. ବିଣ. ( ନଞ୍ ତତ୍; ଅ + କୃଷ୍ଣ )—୧ । ଯାହା କଳା ନୁହେଁ ।
Akrushna 1. Not of black colour.
୨ । ନିଷ୍ପାପ—2. Not sinful.
୩ । ଯାହା ଅନ୍ଧକାରମୟ ନୁହେଁ—3. Not dark.

**ଅକୃଷ୍ଣକର୍ମା**—ସଂ. ବିଣ ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅ + କୃଷ୍ଣ + କର୍ମନ୍
Akrushnakarmā ୧ମା. ୧ବ )
୧ । ଦୁଷ୍କର୍ମରହିତ, ନିଷ୍ପାପ—1. Sinless.
୨ । ଶୁଦ୍ଧାଚାର—2. Of pure action.
୩ । ଶଠତା ରହିତ—3. Guileless.

**ଅକେଶ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କେଶ )—
Akesa ୧ । କେଶହୀନ—1. Hairless.
(ଅକେଶା—ସ୍ତ୍ରୀ) ୨ । ଟାଙ୍ଗରା—2. Bald.
୩ । ଅଳ୍ପ କେଶଯୁକ୍ତ—3. Thin-haired.

**ଅକେଶର ପରାଗକୋଷ**—ସଂ. ବି. ( ଉଦ୍ଭିଦବିଜ୍ଞାନ ପରିଭାଷା )—
Akesara parāgakosha ଯେଉଁ ପୁଷ୍ପବୃନ୍ତରେ କେଶର ଏବଂ ପରାଗ କିଛି ନାହିଁ ।
( Botany ) Sessile anther.

**ଅକୈତବ**—ସଂ. ବିଣ. ପୁଂ. ( ବହୁବ୍ରୀହି )—୧ । ଅକପଟ ( ଦେଖ )
Akaitaba 1. Akapata (See)
(ଅକୈତବା—ସ୍ତ୍ରୀ) ୨ । ଅକୃତ୍ରିମ ( ଦେଖ )
2. Akruttrima (See)
ସଂ. ବି. ( ନଞ୍ ତତ୍ )—୧ । ଅକପଟତା ( ଦେଖ )
1. Akapatatā ( See )
୨ । ଅମିଥ୍ୟା; ସତ୍ୟ—2. Truth.

**ଅକୋଟ**—ସଂ. ବି. (ଅ + କୁଟ୍ ଧାତୁ = ବଙ୍କା ହେବା + କର୍ତ୍ତୃ. ଅ; ଯେଉଁ
Akota ଗଛ ବଙ୍କାଭାବରେ ନ ବଢ଼ି ସିଧା ହୋଇ ବଢ଼େ )—
ଗୁବାକ; ଗୁଆଗଛ—Areca or betelnut (palm).

**ଅକୋପନ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କୋପନ )—
Akopana ଅକ୍ରୋଧନ ( ଦେଖ )
(ଅକୋପନା—ସ୍ତ୍ରୀ) Akrodhana ( See )

**ଅକୌଟିଲ୍ୟ**—ସଂ. ବି—( ନଞ୍ ତତ୍; ଅ + କୌଟିଲ୍ୟ )—ସରଳତା ।
Akautilya Frankness; straightforwardness.
ସତ୍ୟ ଅକୌଟିଲ୍ୟ ଇନ୍ଦ୍ରିୟନିଗ୍ରହ ହର
ମନପ୍ରକ୍ଷାଳନ ଯେ ବ୍ରହ୍ମଚର୍ଯ୍ୟାଚାର । କୃଷ୍ଣସିଂହ ମହାଭାରତ- ଉଦ୍ୟୋଗ ।

**ଅକ୍କଲ୍** (ଇତ୍ୟାଦି)—ବୈଦେ. ବି—ଅକଲ୍ ଇତ୍ୟାଦି ( ଦେଖ )
Akkal (etc.) Akal etc. ( See )

**ଅକ୍କା**—ସଂ. ବି. ସ୍ତ୍ରୀ. ( ଅକ = ଦୁଃଖ + କୈ ଧାତୁ ବହନ କରିବା +
Akkā କର୍ତ୍ତୃ. ଅ + ସ୍ତ୍ରୀ. ଆ; ଯେ ପୁତ୍ର ପାଇଁ ଦୁଃଖ ସହେ )—
ମାତା; ଜନନୀ—Mother.

**ଅକ୍କାବକ୍କା**—ଦେ. ବିଣ—ଅକାବକା ( ଦେଖ )
Akkābakkā Akābakā ( See )

**ଅକ୍ଟୋବର୍**—ବୈଦେ. ( ଇଂ ) ବି. (ନାମ)—ଜାନୁଆରୀଠାରୁ ଗଣାଯିବା
Aktobar ଇଂରାଜୀମାସର ଦଶମ ମାସ (ଭାଦ୍ରଶେଷ୍ଠ ଆଶ୍ୱିନ—କାର୍ତ୍ତିକ) ।
अक्तूबर The month of October.
अकटोबर; अक्तुबर
[ ଦ୍ର—ଏହାର ଆକ୍ଷରିକ ଅର୍ଥ ଅଷ୍ଟମ ମାସ; ପୂର୍ବେ ରୋମାନ୍‌ମାନଙ୍କ ମାସ ଗଣନାରେ ଏହା ଅଷ୍ଟମ ମାସ ଥିଲା, ଅର୍ଥାତ୍ ପ୍ରାଚୀନରୋମରେ ମାର୍ଚ୍ଚଠାରୁ ମାସ ଗଣନା ହେଉଥିଲା, ପରେ ଏହା ପରବର୍ତ୍ତିତ ହୋଇ ଜାନୁଆରୀ ମାସରୁ ମାସ ଗଣନା ଆରମ୍ଭ ହେଲା, କିନ୍ତୁ ପୂର୍ବର ନାମ ରହିଗଲା । ]

**ଅକ୍ତ**—ସଂ. ବିଣ. ( ଅକ୍ ଧାତୁ = ଗମନ କରିବା + କର୍ତ୍ତୃ. ତ )—
Akta ୧ । ଗତ—1. Gone.
୨ । ( ଅଜ ଧାତୁ + କର୍ମ. ତ )—ତାଡ଼ିତ—2. Driven.
୩ । (ଅନ୍‌ଜ ଧାତୁ + କର୍ମ. ତ )— ବୋଳା ହୋଇଥିବା; ଲିପ୍ତ ।
3 Smeared over with.
( ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ, ଯଥା—ରକ୍ତାକ୍ତ; ଘୃତାକ୍ତ )
୪ । ମିଶ୍ରିତ—4. Mixed with. ( ସମାସରେ ବ୍ୟବହୃତ )
୫ । ବ୍ୟକ୍ତ—5. Expressed.
ସଂ. ବି—୧ । ତୈଳ—1. Oil ( M. W. )
୨ । ମଲମ—2. Ointment ( M. W. )

**ଅକ୍ତାଚାଉଳ**—ପ୍ରାଦେ. ( ସିଂହଭୂମ ) ବି—ବଳିଦାନର ପୂର୍ବେ ବଳି-ପଶୁକୁ
Aktā chāula ଯେଉଁ ଅଭିମନ୍ତ୍ରିତ ଚାଉଳ ଖାଇବାକୁ ଦିଆଯାଏ ।
The hallowed rice given to a victim before it is sacrificed.

**ଅକ୍ତାର୍** (ଇତ୍ୟାଦି)—ବୈଦେ. ବି. ଓ ବିଣ—ଅକ୍ତିଆର୍ ଇତ୍ୟାଦି (ଦେଖ)
Aktār (etc.) Aktiār etc. (See)

**ଅକ୍ତିଆର୍**—ବୈଦେ. ବି ( ଆ. ଇଖ୍‌ତିଆର୍ )
Aktiār ୧ । କ୍ଷମତା—1. Power.
एख्तार ୨ । ଅଧିକାର—2. Authority; sway; control.
इख़्तिआर, ( ଯଥା—ତା ଉପରେ ମୋର କିଛି ଅକ୍ତିଆର ନାହିଁ ।)
अख़्तिआर
ଦେ. ବିଣ—ଅକ୍ତିଆରୀ (ଦେଖ)—
Aktiāri (See)

**ଅକ୍ତିଆର୍‌ନାମା**— ବୈଦେ. ବି. ( ଆ. ଇଖ୍‌ତିଆର୍‌ନାମାହ୍ )
Aktiārnāmā କୌଣସି କାର୍ଯ୍ୟ ଚଳାଇବା ପାଇଁ ଅନ୍ୟ ବ୍ୟକ୍ତିକୁ
एख्तारनामा ଦିଆଯିବା କ୍ଷମତାପତ୍ର—Power of attorney.
इख़्तिआरनामा
अख़्तिआरनामा

**ଅକ୍ତିଆରୀ**—ବୈଦେ. ବିଣ. (କଚେରୀ ଭାଷା) (ଆ. ଇଖ୍‌ତିଆରୀ)—
Aktiāri ୧ । ଆପଣାର ଅଧୀନ—1. Under one's control.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଫ୍ର | ଙ୍ଥ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଞ | ନ୍ତ |

एक्तारी ୨ । ବଶୀଭୂତ—2. **Brought under control;**
**इख़्तिआरी** suborned; gained over.

**ଅକ୍ତିଆରି ସାକ୍ଷୀ**—ଦେ. ବି. ( **ହଟରଅ ଭାଷା** )
Aktiāri sākshi ( **ଅ.** ଇଖତିଅରି+ସଂ. ସାକ୍ଷୀ )
एक्तारी साक्षी ୧ । ଯେଉଁ ସାକ୍ଷୀ ଅପର ପକ୍ଷର ବଶୀଭୂତ ହୋଇ ସ୍ୱପକ୍ଷ ବିରୁଦ୍ଧରେ ସାକ୍ଷ୍ୟ **ଦିଏ**—1. A witness who has been gained over by the opposite party.
୨ । ଯେଉଁ ସାକ୍ଷୀ ନିଜ ପକ୍ଷର ସମ୍ପୂର୍ଣ୍ଣ ଅଧୀନ—2. A witness who is under the control of his party.

**ଅକ୍ରତୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ବହୁବ୍ରୀହି; ଅ+କ୍ରତୁ । )—
Akratu ୧ । (ବୈଦିକ) ଶକ୍ତିରହିତ—1. Devoid of energy or power ( M. W. )
୨ । ଯଜ୍ଞହୀନ—2. One who does not perform Vedic rites.
୩ । ସଂକଳ୍ପରହିତ—3. Devoid of resolution or determination.

**ଅକ୍ରମ**—ସଂ. ବିଣ. ( ବହୁବ୍ରୀହି; ଅ+କ୍ରମ )—
Akrama ୧ । କ୍ରମ ବା ନିୟମରହିତ; ଅନିୟମିତ—
(ଅକ୍ରମତା—ବି ) 1. Irregular; disorderly; unmethodical.
୨ । ପାଦରହିତ—2. Having no legs.
୩ । ଯୁଗପତ୍ କୃତ ବା ଘଟିତ—3. Simultaneous.
୪ । ଲେଉଟ ପାଉଟ; ଗୋଳମାଳିଆ—4. Confused.
ସଂ. ବି. ( ନଞ୍ ତତ୍; ଅ+କ୍ରମ )—
୧ । କ୍ରମର ଅଭାବ; ନିୟମର ଅଭାବ—1. Want of regularity or order.
୨ । ଅନିୟମ—Irregularity.

**ଅକ୍ରମଣୀୟ**—ସଂ. ବି. ( ଅ+କ୍ରମଣୀୟ )—
Akramaṇiya ୧ । ଅଲଙ୍ଘନୀୟ—1. Unavoidable.
୨ । ଯାହାକୁ ମନୁଷ୍ୟ ପାରି ହୋଇ ପାରେ ନାହିଁ ।
2. That which cannot be crossed over.
୩ । ଅଗମ୍ୟ—3. Impassable.

**ଅକ୍ରମତା**—ସଂ. ବି. ( ଅକ୍ରମ+ଭାବାର୍ଥେ ତା )—( ଅଳଙ୍କାର ଶାସ୍ତ୍ର )
Akramatā ବାକ୍ୟଦୋଷ ବିଶେଷ; ଯେଉଁ ବାକ୍ୟରେ ଶବ୍ଦ-ବିନ୍ୟାସର କ୍ରମ ନ ଥାଏ—Want of sequence ( in Rhetoric )—A defect in composition where sequence is not followed.

ତାହାକୁ ଦଶ ଅର୍ଥେ ବଇ, ଦିପ୍ରେ ମିଳଲେ ପାଞ୍ଚ ଗୁର ।
ଭୂଲମଣି, ଅଳଙ୍କାର ତରଙ୍ଗିଣୀ ।
ଏଠାରେ ଗୁରି ପାଞ୍ଚ ନ ହୋଇ ପାଞ୍ଚ ଗୁରି ହୋଇଅଛି ।

**ଅକ୍ରମଣ୍ୟ**—ଗ୍ରା. ବି. (ଅକର୍ମଣ୍ୟର ଅଶୁଦ୍ଧ ଉଚ୍ଚାରଣ)—ଅକର୍ମଣ୍ୟ (ଦେଖ)
Akramanya Akarmaṇya (See)

**ଅକ୍ରାନ୍ତ**—ସଂ. ବି. ( ଅ+କ୍ରାନ୍ତ )—
Akrānta ୧ । ଯାହାକୁ କେହି ବଳି ନାହିଁ—1. Unsurpassed.
୨ । ଅଜିତ—2. Unconquered.
୩ । ଯାହା ଉପରେ କେହି ଯାଇ ନାହିଁ—3. Unpassed.
ସଂ. ବି—ବାଇଗଣ—Egg plant ( M. W. ).

**ଅକ୍ରାନ୍ତି**—ସଂ. ବି. (ଅକ୍ରାନ୍ତ+ସ୍ୱାର୍ଥେ ଇ)—ଅଙ୍କରାନ୍ତି (ଦେଖ)
Akrānti Aṅkarānti (See)

**ଅକ୍ରିୟ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+କ୍ରିୟା )—
Akriya ୧ । ନିଷ୍କ୍ରିୟ; ସର୍ବକର୍ମଶୂନ୍ୟ ।
( ଅକ୍ରିୟା—ସ୍ତ୍ରୀ ) 1. Doing no action.
(ଅକ୍ରିୟତା—ବି) ୨ । କ୍ରିୟାକର୍ମରହିତ—2. Inactive.
୩ । ଅଧାର୍ମିକ; ଧର୍ମକର୍ମରହିତ ।
3. Irreligious; impious.
୪ । କୁକ୍ରିୟାରତ—4. Engaged in evil acts.
ସଂ. ବି.—(ସର୍ବକର୍ମଶୂନ୍ୟ, ନିଷ୍କ୍ରିୟ ଥିବାରୁ ) ପରମାତ୍ମା ।
The Supreme soul.

**ଅକ୍ରିୟା**—ସଂ. ବି. ( ନଞ୍ ତତ୍; ଅ+କ୍ରିୟା )—
Akriyā ୧ । କର୍ତ୍ତବ୍ୟ ପାଳନରେ ତ୍ରୁଟି ।
1. Neglect of duty ( M.W. ).
୨ । କାର୍ଯ୍ୟର ଅଭାବ; ନିଷ୍କ୍ରିୟତା—2. Inactivity.
୩ । ଅନୁଚିତ କର୍ମ—3. Improper act.
୪ । କୁକର୍ମ; କୁତ୍ସିତ ଆଚରଣ—4 Evil act.
ସଂ. ବିଣ. ସ୍ତ୍ରୀ—( ଅକ୍ରିୟ+ଆ )—ଅକ୍ରିୟର ସ୍ତ୍ରୀ ଲିଙ୍ଗ ।
Feminine of Akriya.

**ଅକ୍ରିୟାବନ୍ତ**—ଦେ. ବିଣ. ( ସଂ. ଅକ୍ରିୟା+ବନ୍ତ )—
Akriyābanta ୧ । ଅକ୍ରିୟ; କ୍ରିୟାହୀନ—1. Inactive.
অক্রিয়াবন্ত ୨ । ଅଶୁଚି—2. Impure.
**अक्रियावन्त** ୩ । ଅଧାର୍ମିକ—3. Irreligious.
୪ । ଅନୁଚିତ କର୍ମକାରୀ ।
4. Doing improper acts.

ଅକ୍ରିୟାବନ୍ତ ହୋଇଣ କର୍ମ ଆରମ୍ଭେକ । ପୀତାମ୍ବର ନୃସିଂହ ପୁରାଣ ।

**ଅକ୍ରୂର**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ+କ୍ରୂର)—
Akrūra ୧ । ଯେ ନିଷ୍ଠୁର ନୁହେଁ; ଦୟାଶୀଳ ।
(ଅକ୍ରୂରା—ସ୍ତ୍ରୀ ) 1. Not cruel; kind.
(ଅକ୍ରୂରତା—ବି ) ୨ । ସାଧୁ ସ୍ୱଭାବ—2. Good; honest.
୩ । ସରଳ—3. Frank.
ସଂ. ବି. (ନାମ)—କଂସର ମନ୍ତ୍ରୀ ଓ ଶ୍ରୀକୃଷ୍ଣଙ୍କ ପିତୃବ୍ୟ—Name of a minister of King Kaṁsa and paternal uncle of Śrikṛushṇa.

ସାଧାରଣ ଲୋକେ ଅପଭ୍ର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଜାଣି ପାରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାୟ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଖୁ' ନ ପାଇଲେ 'ବକ୍ଷ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

[ ଦ୍ର—ଏ ଯଦୁବଂଶୀୟ ସଫଲ୍କଙ୍କ ଔରସରେ ଗାନ୍ଧିନୀଗର୍ଭଜାତ । କୃଷ୍ଣଙ୍କୁ ମରାଇବା ଉଦ୍ଦେଶ୍ୟରେ ଧନୁଯଜ୍ଞ ଦେଖିବା ବାହାନା କରି ମଥୁରାକୁ ଆଣିବାକୁ କଂସ ଏହାଙ୍କୁ ରଥରେ ପଠାଇଥିଲା । ଏ ରଥରେ କୃଷ୍ଣଙ୍କୁ ନେଲାବେଳେ କୃଷ୍ଣଙ୍କର ଦେବତ୍ୱ ବିଷୟ ପ୍ରତ୍ୟକ୍ଷ କରି କୃଷ୍ଣଙ୍କର ଜଣେ ଭକ୍ତ ହୋଇଥିଲେ । ]

**ଅକ୍ରୂରେଶ୍ୱର**—ଦେ. ବି. ( ନାମ )—ମଧ୍ୟ ପ୍ରଦେଶ ନର୍ମଦାନଦୀ ଉତ୍ତର କୂଳରେ ଅବସ୍ଥିତ ଅଞ୍ଚଳର ନାମ ( ଆଧୁନିକ ନାମ ଅଙ୍କଳେଶ୍ୱର)—( Gazetteer )—Name of a tract of country on the northern bank of the Ganges.
Akrūreśwara

**ଅକ୍ରେୟ**—ସଂ. ବିଣ. (ନଞ୍ ତତ୍; ଅ+କ୍ରେୟ)—
Akreya ୧ । ଯାହା ଧନ ଦ୍ୱାରା କିଣା ଯାଇ ନ ପାରେ ।
( ଅକ୍ରେୟତା—ବି) 1. That which cannot be purchased for money.
୨ । ମହାର୍ଘ; ଦୁର୍ମୂଲ୍ୟ; ଅକର; ମହର୍ଗ ।
2. Dear in price.

**ଅକ୍ରୋଧ**—ସଂ. ବି. ( ନଞ୍ ତତ୍; ଅ+କ୍ରୋଧ )—
Akrodha ୧ । କ୍ରୋଧାଭାବ—1. Freedom from anger.
୨ । କ୍ରୋଧର ଦମନ—2. Suppression of anger.
[ ଦ୍ର—ଏହା ଆଶ୍ରମିମାନଙ୍କର ଦଶ ଶ୍ରେଷ୍ଠ ଧର୍ମ ( ଯଥା—ଧୃତି, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ) ମଧ୍ୟରୁ ଏକତମ । ]
ସଂ. ବିଣ. ପୁଂ. (ବହୁବ୍ରୀହି)—
(ଅକ୍ରୋଧା—ସ୍ତ୍ରୀ) କ୍ରୋଧଶୂନ୍ୟ—Free from anger; unruffled by anger.
(ଅକ୍ରୋଧତା—ବି)

**ଅକ୍ରୋଧନ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + କ୍ରୋଧନ)
Akrodhana ୧ । କ୍ରୋଧରହିତ—1. Free from anger.
(ଅକ୍ରୋଧନା—ସ୍ତ୍ରୀ) ୨ । ଯେ କ୍ରୋଧକୁ ଦମନ କରେ—2. One who can suppress anger.
ସଂ. ବିଣ. (ନାମ) ବିଷ୍ଣୁପୁରାଣୋକ୍ତ ରାଜା ଅୟୁତାୟୁଙ୍କ ପୁତ୍ର ।
Name of a prince.

**ଅକ୍ଲମ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+କ୍ଲମ)—
Aklama ଅକ୍ଲାନ୍ତ (ଦେଖ)
(ଅକ୍ଲମତା—ବି) Aklānta (See)
(ଅକ୍ଲମା—ସ୍ତ୍ରୀ)

**ଅକ୍ଲାଣ୍ଡ**—ବୈଦେ. ବି. (ନାମ)—
Aklānd ୧ । ୧୮୩୬ ସାଲ ଠାରୁ ୧୮୪୨ ପର୍ଯ୍ୟନ୍ତ ଭାରତବର୍ଷର ଗଭର୍ଣ୍ଣର ଜେନେରଲ—1. Lord Auckland, a Governor-General of India(1836—1842)

[ ଦ୍ର—ଏ ଅଫଗାନ ସ୍ଥାନ ଅମୀର ଦୋସ୍ତ ମହମ୍ମଦଙ୍କୁ ପରାସ୍ତ କରି ସାହାସୁଜାଙ୍କୁ ଅମୀର ପଦରେ ବସାଇ ଥିଲେ । ]
୨ । ନିଉଜିଲାଣ୍ଡର ଦକ୍ଷିଣରେ ଅବସ୍ଥିତ ଦ୍ୱୀପପୁଞ୍ଜ ।
2. Name of an archepelago south of Newzealand.
୩ । ନିଉଜିଲାଣ୍ଡର ଉତ୍ତରରେ ଅବସ୍ଥିତ ନଗର ।
3. Name of a town in Newzealand.

**ଅକ୍ଲାନ୍ତ**—ସଂ. ବିଣ. ( ନଞ୍ ତତ୍; ଅ + କ୍ଲାନ୍ତ )—
Aklānta ୧ । କ୍ଲାନ୍ତିରହିତ; ଯାହାକୁ ବାଧି ନାହିଁ (ବ୍ୟକ୍ତି) ।
(ଅକ୍ଲାନ୍ତି—ବି) 1. Unfatigued.
(ଅକ୍ଲାନ୍ତା—ସ୍ତ୍ରୀ) ୨ । ଯାହାକୁ ପରିଶ୍ରମ ବାଧେ ନାହିଁ (ବ୍ୟକ୍ତି) ।
2. Tireless.
୩ । ଯେଉଁ ପରିଶ୍ରମ କରିବା ବ୍ୟକ୍ତି କ୍ଲାନ୍ତିନିବାରଣ ପାଇଁ ବିଶ୍ରାମ ନିଏ ନାହିଁ; ଅବିଶ୍ରାମ (ଯଥା—ଅକ୍ଲାନ୍ତ ପରିଶ୍ରମ ।)
3. (labour) In which a person does not take rest; unwearied.

**ଅକ୍ଲିକା**—ସଂ. ବି—ନୀଳି ବୃକ୍ଷ—Indigo plant. (M. W.)
Aklikā

**ଅକ୍ଲିନ୍ନ**—ସଂ. ବିଣ. (ନଞ୍ ତତ୍; ଅ + କ୍ଲିନ୍ନ)—ଯାହା ଓଦା ନୁହେଁ ।
Aklinna Not moist

**ଅକ୍ଲିଷ୍ଟ**—ସଂ. ବିଣ. (ନଞ୍ ତତ୍; ଅ + କ୍ଲିଷ୍ଟ)—
Aklishta ୧ । ଯାହା କ୍ଲେଶଯୁକ୍ତ ନୁହେ; ଅକ୍ଲେଶକର (କର୍ମ) ।
(ଅକ୍ଲିଷ୍ଟତା—ବି.) 1. Not painful.
୨ । ଯାହା ବୁଝିବାକୁ କଷ୍ଟ ହୁଏ ନାହିଁ; ସହଜବୋଧ(ବିଷୟ) ।
2. Legible; easy to understand.
୩ । ଯାହା ମଉଳେ ନାହିଁ—3. Unfading.
(ଅକ୍ଲିଷ୍ଟା—ସ୍ତ୍ରୀ) (ଯଥା—ଅକ୍ଲିଷ୍ଟ କାନ୍ତି)
ସଂ. ବିଣ. ପୁଂ.—୪ । ଯେ ପରିଶ୍ରମ କରି କ୍ଲେଶ ବୋଧ କରେ ନାହିଁ (ବ୍ୟକ୍ତି)—4. Untired (person).

**ଅକ୍ଲିଷ୍ଟକର୍ମା**—ସଂ. ବିଣ. ପୁ. ଓ ସ୍ତ୍ରୀ. (ଅ + କ୍ଲିଷ୍ଟକର୍ମନ୍. ୧ମା. ୧ବ.)—
Aklishtakarmā
୧ । ଅକ୍ଲାନ୍ତ ପରିଶ୍ରମୀ—1. Indefatigable; of untiring labour.
୨ । ଯେ ଅକ୍ଲେଶରେ କାର୍ଯ୍ୟ ସମାଧା କରି ପାରେ ।
2. Able to perform an act easily.
୩ । କୌଶଳୀ—3. Tactful.

**ଅକ୍ଲିଷ୍ଟକାନ୍ତି**—ସଂ. ବିଣ. ପୁଂ. ଓ ସ୍ତ୍ରୀ(ବହୁବ୍ରୀହି; ଅ + କ୍ଲିଷ୍ଟ + କାନ୍ତି)—
Aklishtakānti ଯାହାର କାନ୍ତି ବା ଶୋଭା ମଉଳି ଯାଏ ନାହିଁ—Of unfading lustre.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଖ,ଷ | ଙ୍କ | ଇଷ୍ଟ | ଇଥ | ଛ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଥ | ଈ | ନ୍ତ |

**ଅକ୍ଲୀବ**—ସଂ. ବିଣ. ପୁଂ. (ନଞ୍ ତତ୍; ଅ + କ୍ଲୀବ)—
**Aklība** ୧ । ଅବନ୍ଧ୍ୟ; ଜନନଶକ୍ତିଶାଳୀ; ଯାହାର ସନ୍ତାନୋତ୍ପାଦକ ଶକ୍ତି ଅଛି—**1. Having productive power.**
(ଅକ୍ଲୀବା—ସ୍ତ୍ରୀ)
(ଅକ୍ଲୀବତା—ବି)
୨ । ବୀର; ସାହସିକ—**2. Manly; brave.**
୩ । ଧୈର୍ଯ୍ୟଶୀଳ—**3. Patient.**

**ଅକ୍ଲେଦ୍ୟ**—ସଂ. ବିଣ. (ନଞ୍ ତତ୍; ଅ+କ୍ଲେଦ୍ୟ)—
**Akledya** ୧ । ଯାହା ଓଦା ହୁଏ ନାହିଁ—**1. Unsodden.**
୨ । ଯାହା ସଢ଼ିଯାଏ ନାହିଁ—**2. Unrotten.**

**ଅକ୍ଲେଶ**—ସଂ ବି. (ନଞ୍ ତତ୍; ଅ+କ୍ଲେଶ)—
**Aklesa** ୧ । କ୍ଲେଶାଭାବ; ଦୁଃଖର ଅଭାବ—**1. Absence of difficulty, hardship or pain.**
୨ । ଯତ୍ନର ଅଭାବ—**2. Want of care.**
୩ । ଅନାୟାସ—3 State of being easy.
୪ । ମିହନତ କରିବାକୁ ନ ପଡ଼ିବା; ବିନା ପରିଶ୍ରମ ।
**4. Absence of exertion.**

**ଅକ୍ଷ** (ଧାତୁ)—ସଂ.—୧ । ବ୍ୟାପିବା—**1. To spread.**
**Aksha (root)** ୨ । ଗଦା ହେବା; ଜମାଟ ବାନ୍ଧିବା—**2. To be massed.**
୩ । ସଂଗ୍ରହ କରିବା—**3. To gather; to collect.**

**ଅକ୍ଷ**—ସଂ. ବି. ( ଅକ୍ଷଧାତୁ=ବ୍ୟାପିବା + କର୍ତ୍ତୃ. ଅ)—
**Aksha** ୧ । ପଶାକାଠି—1. The dice.

ବହୁ ଅକ୍ଷ, କନୋଦ ଚତୁରାଚରଣ, କପଟତ, ସ୍ଫାଟିକ ଧର
ଦୃଢ଼େ ମୁଷ୍ଟିକ ପ୍ରହାର ହାର ହାରେ ସେ । ଭଞ୍ଜ—ବୈଦେହୀଶବିଳାସ ୪୩।୯ ।

୨ । ପଶାଖେଳ—2. The game of dice.

ରାଜାମାନଙ୍କର ମୃଗୟା ମୈଥୁନ
ଅକ୍ଷ ମଦ୍ୟପାନରେ ପ୍ରବର୍ତ୍ତିଲ ମନ । କୃଷ୍ଣସିଂହ ମହାଭାରତ. ସଭା ।

୩ । ଏକ କର୍ଷ ( କଉଡ଼ି ) ବା ୧୬ ମସା ପରିମିତ ଓଜନ; ଏକ ତୋଳା ଓଜନ ( ଔଷଧାଦି ଓଜନ କରିବାରେ ବ୍ୟବହୃତ )—**3. One tola; a standard for weighing medicine.**
୪ । ( ଭୂଗୋଳ ) ଭୂଗୋଳକର ପୃଷ୍ଠରେ ବିଷୁବରେଖାଠାରୁ କୌଣସି ସ୍ଥାନର ଉତ୍ତର ବା ଦକ୍ଷିଣ ଦିଗରେ ଦୂରତ୍ୱର ପରିମାଣ—4. ( Geography ) Latitude of a place.
୫ । ( ଜ୍ୟୋତିଷ ) ସୂର୍ଯ୍ୟଗତିମାର୍ଗସୂଚକ ପୃଥିବୀର କକ୍ଷଠାରୁ ଖ-ଗୋଳକ ପୃଷ୍ଠରେ କୌଣସି ଗ୍ରହ ବା ନକ୍ଷତ୍ରର ଅବସ୍ଥିତିର ଦୂରତ୍ୱର ପରିମାଣ—5. (Astronomy Latitude of a planet from the ecliptic.
୬ । ( ଜ୍ୟୋତିଷ ) ଗ୍ରହମାନଙ୍କ ଗତିପଥ ।
**6. ( Astronomy ) Orbit of a planet.**
୭ । ବ୍ୟବହାର ଶାସ୍ତ୍ର; ଆଇନ; ବିବାଦଜ୍ଞାନ—**7. Law.**
୮ । ଆତ୍ମା—8. Soul.
୯ । ଶକଟ; ରଥ—**9. Cart; car.**
୧୦ । ଅକ୍ଷ; ଶଗଡ଼ ବା ରଥର ଦୁଇ ଚକର ନାଭିରେ ଗଳିଥିବା ଦଣ୍ଡ—**10. Axle.**
୧୧ । ( ଜ୍ୟୋତିଷ ) ରାଶିଚକ୍ରର ଅବୟବ ।
**11. ( Astronomy ) The body of the zodiac Circle.**
୧୨ । ଚକ୍ର; ଚକ—**12. Wheel.**
୧୩ । ଚକ୍ରର ମଧ୍ୟମଣ୍ଡଳ ବା ନାଭି; ନାହିଆ—**13. Centre of a wheel; hub.**
୧୪ । ସର୍ପ; ସାପ—14. Serpent; snake.
୧୫ । ରାବଣ ପୁତ୍ର; ଅକ୍ଷୟ କୁମାର—**15. Name of a son of Rābaṇa.**
୧୬ । ଗରୁଡ଼; ବିଷ୍ଣୁବାହନ—**16. The winged carrier of Bishṇu**
୧୭ । ବହେଡ଼ା ବା ବାହାଡ଼ା ଗଛ ( ଦେଖ )—
17. Bāhārḍā (See)
୧୮ । ରୁଦ୍ରାକ୍ଷ ବୃକ୍ଷ ଓ ଫଳ ( ଦେଖ )—
18. Rudrāksha (See)
୧୯ । ଜନ୍ମାନ୍ଧ ବ୍ୟକ୍ତି—**19. A person born blind.**
୨୦ । ସୌବର୍ଚ୍ଚ ଲବଣ—**20. A kind of salt.**
୨୧ । ଇନ୍ଦ୍ରିୟ—**21. Organ of sense or perception.**
୨୨ । ତୁତ୍ଥ; ତୁତିଆ—**22. Blue vitriol; copper-sulphate.**
୨୩ । ରସାଞ୍ଜନ—**23. Antimony.**
୨୪ । ଝୁଣା—**24. Resin.**
୨୫ । ଚକ୍ଷୁ; ଆଖି—**25. The eye.**

ଅକ୍ଷ ଢାଳନ୍ତି କୃପା କରି ଯାଠାରେ,
ଲକ୍ଷ ଲକ୍ଷ ସେ ସୁଖ ପାଇ ବହିରେ । ବ୍ରଜନାଥ—ସମରତରଙ୍ଗ ।

୨୬ । ଜ୍ଞାତାର୍ଥ; କୌଣସି ଶବ୍ଦର ଲୋକପ୍ରଚଳିତ ଅର୍ଥ ।
**26. Approved or popular meaning of a word.**
୨୭ । ଅସ୍ଥି; ହାଡ଼—**27. Bone.**
୨୮ । ଯୁଦ୍ଧ; ଲଢ଼େଇ—**28. Battle.**
୨୯ । ପଦ୍ମବୀଜ—29. The seed of lotus.
୩୦ । କର୍କଡ଼ାଶୃଙ୍ଗୀ (ଦେଖ)
**30. Kakarḍāsṛungī (See)**
୩୧ । ଋଷଭକ (ଦେଖ)—**31. Rushabhaka (See)**
୩୨ । ତିନିଶ ବୃକ୍ଷ (ଦେଖ)—**32. Tinīsa (See)**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩୩ । ସଂହତି; ଏକତ୍ର ଜମା ହେବା—
33. Conglomeration.

୩୪ । (ନାମ) କାଶ୍ମୀରର ରାଜା ଦ୍ୱିତୀୟ ନରେନ୍ଦ୍ରଙ୍କ ପୁତ୍ର ଓ ଗୋପାଦିତ୍ୟଙ୍କ ପିତା । ଏ ଶକାବ୍ଦ ୫୯୮ ପୂର୍ବରେ ଆବିର୍ଭୂତ ହୋଇଥିଲେ । ଏହାଙ୍କ ନିର୍ମିତ ଦେବପୁରୀର ନାମ ଅକ୍ଷବାଳ । (ବିଶ୍ୱକୋଷ)
34. Name of a King of Kashmere.

୩୫ । ପୃଥିବୀ ଓ ଗ୍ରହ ଆଦି ଯେଉଁ କେନ୍ଦ୍ରଭେଦୀ ରେଖାର ଚାରି ପାଖରେ ଘୂରନ୍ତି; ଆବର୍ତ୍ତନ-ରେଖା—35. Axis.

ସଂ. ବିଣ— ଆତ୍ମଜ୍ଞ—Knowing one's self.

ଗ୍ରା. (ପଦ୍ୟ) ବିଣ. (ସଂ. ଅକ୍ଷୟ)—ଅକ୍ଷୟ (ଦେଖ)
Akshaya (See).

**ଅକ୍ଷଏ**—ଗ୍ରା. (ପଦ୍ୟ) (ସଂ ଅକ୍ଷୟ)—ଅକ୍ଷୟ ( ଦେଖ )
Akshae — Akshaya (See).

ଜନ୍ମ ମରଣ ନ ଲାଗେ ଅମର ଅକ୍ଷଏ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅକ୍ଷକୂଟ**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷ+କୂଟ )—ଚକ୍ଷୁର ତାରା; ଆଖିର
Akshakūta — ପିତୁଳା—The pupil of the eye.

**ଅକ୍ଷକ୍ରୀଡ଼ା**—ସଂ. ବି. ( ୩ୟା ତତ୍; ଅକ୍ଷ+କ୍ରୀଡ଼ା )—ପଶାଖେଳ ।
Akshakrirdā — The game of dice.

**ଅକ୍ଷକ୍ଷେତ୍ର**—ସଂ. ବି. ( ୬ଷ୍ଠୀ ତତ୍; ଅକ୍ଷ+କ୍ଷେତ୍ର )—
Akshakshetra — ୧ । ପଶାପାଲି—1. Dice board.

୨ । ଜ୍ୟୋତିଷିକ ଗଣନାର୍ଥ ଜ୍ୟୋତିଷିମାନେ ଭୂମିରେ ଯେଉଁ ଛକ ବା ବୃତ୍ତାଦି ଅଙ୍କନ କରନ୍ତି ।
2. The figure drawn on the ground by astronomers and astrologers.

**ଅକ୍ଷଚକ୍ର**—ସଂ. ବି. (ନୂଆ ଆଧୁନିକ ବ୍ୟବହାର) (ସମାହାର ଦ୍ୱନ୍ଦ୍ୱ; ଅକ୍ଷ+
Akshachakra — ଚକ୍ର)—ସହଜରେ ଗୁରୁ ଭାର ଉତ୍ତୋଳନ କରିବା ପାଇଁ ବ୍ୟବହୃତ ଚକ ଓ ଅଖବିଶିଷ୍ଟ ଯନ୍ତ୍ର; ଶଗଡ଼—Wheel and axle; Pulley.

[ ଦ୍ର—ଏହି ଯନ୍ତ୍ରଦ୍ୱାରା ଗଭୀର କୂଅ ଓ ବାମ୍ଫୀରୁ ପାଣି ଉଠାଯାଏ ଓ ଅଳ୍ପ ବଳ ପ୍ରୟୋଗରେ ବେଶି ଓଜନର ବସ୍ତୁ ଉପରକୁ ଉଠାଯାଏ । ଏ ଯନ୍ତ୍ର ସାହାଯ୍ୟରେ ଜାହାଜର ନଙ୍ଗରକୁ ପାଣି ତଳରୁ ଜାହାଜ ଉପରକୁ ଉଠାଯାଏ । ଚକରେ ଅଖ ଓ ଦଉଡ଼ି ଲାଗିଥାଏ, ଚକକୁ ବୁଲାଇଲେ ଦଉଡ଼ି ଅଖରେ ଗୁଡ଼ାଇ ହୋଇଯାଏ ଓ ଦଉଡ଼ିର ଏକ ମୁଣ୍ଡରେ ଝୁଲୁଥିବା ଓଜନ ଉପରକୁ ଉଠେ । ]

**ଅକ୍ଷଜ**—ସଂ. ବି. (ଅକ୍ଷ+ଜନ ଧାତୁ+କର୍ତ୍ତୃ. ଅ)—
Akshaja — ୧ । (ଏହା ଦଧୀଚି ମୁନିଙ୍କ ଅସ୍ଥିରୁ ନିର୍ମିତ ହୋଇଥିବାରୁ) ବଜ୍ର—1. Thunderbolt.

୨ । ଇନ୍ଦ୍ରିୟଜନିତ ଜ୍ଞାନ—2. Knowledge derived through the senses; perception.

**ଅକ୍ଷତ**—ସଂ. ବିଣ. (ନଞ୍ ତତ୍; ଅ+କ୍ଷତ)—
Akshata — ୧ । କ୍ଷତରହିତ—1. Having no wound.
(ଅକ୍ଷତା—ସ୍ତ୍ରୀ) ୨ । ଅଖୁଣ; ଅଖଣ୍ଡିତ; ନିଖୁଣ—2. Unbroken; whole.

୩ । ଅନାହତ—3. Uninjured.

୪ । ଅହିଂସିତ—4. Unhurt.

୫ । ଦାଗ ନ ଥିବା—5. Unstained.

ସଂ. ବି—୧ । ମଳୁଆ; ଅଖଣ୍ଡିତ ଅରୁଆ ଚାଉଳ; ଗୋଟା ଚାଉଳ ।
1. Whole unbroken rice.

ଦୂର୍ବା ଅକ୍ଷତ ଘେନିଣ ବେନି କରେ
ଅର୍ଘ୍ୟ ବଢ଼ାଇଲେ ବରକନ୍ୟାଙ୍କର ଶିରେ । ସାରଳା ମହାଭାରତ. ଆଦିପର୍ବ ।

୨ । ଆଶୀର୍ବାଦଚାଉଳ; ପୂଜା ଓ ବୈଦିକ କର୍ମାନୁଷ୍ଠାନରେ ବ୍ୟବହୃତ ଅଭିମନ୍ତ୍ରିତ ଅରୁଆ ଚାଉଳ, ଯାହା ବରକନ୍ୟା ଉପରେ ପକାଯାଏ—2. Consecrated rice used in Vedic rituals and sprinkled on the bride and the bride groom.

ବନ୍ଧୁ ବଢ଼ାଇ, ନବରେ ଯାଇ, ଅକ୍ଷତ ଦଲେ ରାଣୀ ମହାଦେଇ ।
ପ୍ରଭାପ—ଶଶିସେଣା ।

[ ଦ୍ର—ବୈଦିକ ଅନୁଷ୍ଠାନରେ ଦୁବ, ବରକୋଳି ପତ୍ର, ଅକ୍ଷତ ଓ ପୁଷ୍ପଚନ୍ଦନ ଆଦି ଉପକରଣ ଲୋଡ଼ା ହୁଏ; ଏସବୁ ଦେବତାଙ୍କ ଉପରେ ଦିଆଯାଏ । ବର କନ୍ୟାଙ୍କ ଉପରେ ଆଶୀର୍ବାଦମନ୍ତ୍ର ଦ୍ୱାରା ଅଭିମନ୍ତ୍ରିତ ଅକ୍ଷତ ପକାଯାଏ । ଯଜମାନ ଉପରେ ପୁରୋହିତ ଅଭିମନ୍ତ୍ରିତ ଅକ୍ଷତ ପକାଇ ଆଶୀର୍ବାଦ କରନ୍ତି ।]

୩ । ଯବ—3. Barley.

୪ । ଖଇ—4. Fried paddy.

୫ । ଶସ୍ୟ—5. Grain.

**ଅକ୍ଷତମାଳ**—ଦେ. ବି. ( ସଂ. ଅକ୍ଷତ+ମାଳା ) ଚାଉଳମାଳ; ଅଖଣ୍ଡିତ
Akshatamāla — ଅରୁଆ ଚାଉଳକୁ ସରୁ ସୂତାର ଫାଶରେ ଗୁନ୍ଥି ତିଆରି କରାଯିବା ହାର । (ଏହା ଦେବତାଙ୍କୁ ଲାଗି ହୁଏ)—A necklace made by stringing whole rices by fastening thread round each rice.

**ଅକ୍ଷତଯୋନି**—ସଂ. ବିଣ.ସ୍ତ୍ରୀ. (ବହୁବ୍ରୀହି; ଅକ୍ଷତ+ଯୋନି)—
Akshatajoni — ୧ । ପୁରୁଷ ସଙ୍ଗମ କରି ନ ଥିବା (ସ୍ତ୍ରୀ) ।
1. (woman Having had no sexual intercourse.

୨ । ପୁରୁଷର ସଙ୍ଗମ ଜାଣି ନ ଥିବା (ବାଳିକା) ।
2. (girl) Who has had no carnal knowledge.

ସଂ. ବି. ସ୍ତ୍ରୀ—ପୁରୁଷ ସହବାସ କରି ନ ଥିବା ବାଳିକା—
A girl who has not yet been cohabited with.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ଐ | ଉ | ଋ,ୠ | ଌ | ଏ | ହଁସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଊ |
| ଐ | ଊ | ଉ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

[ ଦ୍ର—ବାଲ୍ୟବିବାହିତା ଅକ୍ଷତଯୋନି କନ୍ୟାର ଦ୍ୱିତୀୟ ବିବାହ ହିନ୍ଦୁ ସ୍ମୃତିଦ୍ୱାରା ଅନୁମୋଦିତ । ]

**ଅକ୍ଷତା**—ସଂ. ବିଣ. ସ୍ତ୍ରୀ. ( ଅକ୍ଷତ + ସ୍ତ୍ରୀ. ଆ )—୧ । ଅକ୍ଷତର ସ୍ତ୍ରୀଲିଙ୍ଗ ।
Akshatā 1. Feminine of Akshata.
୨ । ଅକ୍ଷତଯୋନି ( ଦେଖ )
2. Akshatajoni ( See )
ସଂ. ବି—କକଡ଼ାଶୃଙ୍ଗୀ ( ଦେଖ )
Kakardāsrungi ( See )

**ଅକ୍ଷଦଣ୍ଡ**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷ + ଦଣ୍ଡ)—
Akshadanda ୧ । ଶଗଡ଼ର ଅଖ—1. Axle.
୨ । ( ଭୂଗୋଳ ) ପୃଥିବୀର କଳ୍ପିତ ମେରୁଦଣ୍ଡ ।
2. The earth's axis; minor axis.
[ ଦ୍ର—ଏହି ଅକ୍ଷଦଣ୍ଡ ପୃଥିବୀର କେନ୍ଦ୍ରଦେଶ ଭେଦ କରି ଉତ୍ତର ଓ ଦକ୍ଷିଣ ମେରୁକୁ ସ୍ପର୍ଶ କରିଅଛି । ପୃଥିବୀ ଏହି କଳ୍ପିତ ମେରୁଦଣ୍ଡ ଉପରେ ପ୍ରତିଦିନ ପଶ୍ଚିମରୁ ପୂର୍ବକୁ ଘୂରୁଅଛି । ]

**ଅକ୍ଷଦର୍ଶକ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍, ଅକ୍ଷ + ଦର୍ଶକ )—ବ୍ୟବହାର-
Akshadarsaka ଦ୍ରଷ୍ଟା; ଯେ ଆଇନ୍ ଜାଣନ୍ତି—Versed in the science of law.
ସଂ. ବି. ପୁଂ—ବିଚାରପତି; ଜଜ—A Judge.

**ଅକ୍ଷଦୃକ୍**—ସଂ. ବିଣ. ପୁଂ. (ଅକ୍ଷ + ଦୃଶ୍‌ଧାତୁ—କର୍ତ୍ତୃ. କ୍ୱିପ୍)—
Akshadruk ଅକ୍ଷଦର୍ଶକ (ଦେଖ)
Akshadarsaka ( See )

**ଅକ୍ଷଦେବନ**—ସଂ. ବି. (ତୃତୀୟା ତତ୍; ଅକ୍ଷ + ଦେବନ)—୧ । ପଶାଖେଳ ।
Akshadebana 1. The game of dice.
୨ । ଦ୍ୟୂତକ୍ରୀଡ଼ା—2. A game of hazards.

**ଅକ୍ଷଦେବୀ**—ସଂ. ବି. ପୁଂ. (ଅକ୍ଷ + ଦିବ୍ ଧାତୁ—କର୍ତ୍ତୃ. ଇନ୍; ୧ମା. ୧ବ)—
Akshadebi ୧ । ପଶାଖେଳାଳି—1. A player at dice.
(ଅକ୍ଷଦେବିନୀ—ସ୍ତ୍ରୀ) ୨ । ଦ୍ୟୂତକ୍ରୀଡ଼ାସକ୍ତ ବ୍ୟକ୍ତି—2. A gamester.

**ଅକ୍ଷଦ୍ୟୁ**—ସଂ. ବି. ପୁଂ. ଓ ସ୍ତ୍ରୀ. ( ଅକ୍ଷ + ଦିବ୍ ଧାତୁ + କର୍ତ୍ତୃ. କ୍ୱିପ୍ )—
Akshadyu ଦ୍ୟୂତକ୍ରୀଡ଼ାକାରୀ ବ୍ୟକ୍ତି—A gambler.

**ଅକ୍ଷଧର**—ସଂ. ବି. ପୁଂ. ( ଅକ୍ଷ + ଧୃ ଧାତୁ + କର୍ତ୍ତୃ. ଅ )—
Akshadhara ୧ । ଚକ୍ରଧର; ବିଷ୍ଣୁ—1. Bishnu ( the holder of the discus. )
୨ । ରଥାଦିର ଚକ୍ର; ଚକ; ଚକଡ଼ା—2. Wheel of a conveyance or car.
୩ । ଶାହାଡ଼ା ଗଛ(ଦେଖ)—3. Sāhardā (tree) (See)

**ଅକ୍ଷଧୂର୍**—ସଂ. ବି. ( ୬ଷ୍ଠୀ ତତ୍; ଅକ୍ଷ + ଧୁର )—୧ । ଚକ୍ରାଗ୍ର ।
Akshadhur 1. The fore-part of a wheel.
୨ । ଯୁଆଳି—2. The yoke attached to the fore-part of the pole of a car ( Apte ).

୩ । ଅକ୍ଷାଗ୍ର; ଅଖର ମୁଣ୍ଡି—3. The extremity of an axle.

**ଅକ୍ଷଧୂର୍ତ୍ତ**—ସଂ. ବି. ପୁଂ. ( ୭ମୀ ତତ୍; ଅକ୍ଷ + ଧୂର୍ତ୍ତ )—
Akshadhūrtta ୧ । ଜୁଆଡ଼ି—1. A gambler.
( ଅକ୍ଷଧୂର୍ତ୍ତା—ସ୍ତ୍ରୀ ) ୨ । ପଶାଖେଳାଳି—2. A player at dice.

**ଅକ୍ଷଧୂର୍ତ୍ତିଲ**—ସଂ. ବି. ପୁଂ. ( ଅକ୍ଷ + ଧୂର୍ତ୍ତି + ଲା ଧାତୁ + କର୍ତ୍ତୃ. ଅ; ଯେ
Akshadhūrttila ଶକଟର ଭାର ଗ୍ରହଣ କରେ । )—
୧ । ଶକଟବାହକ ବୃଷ; ଶଗଡ଼ଟଣା ବଳଦ ।
1. A cart-bullock.

**ଅକ୍ଷପଟଳ**—ସଂ. ବି. ( ୬ଷ୍ଠୀ ତତ୍; ଅକ୍ଷ + ପଟଳ )—ଚକ୍ଷୁରୋଗବିଶେଷ;
Akshapatala ପରଳ—A disease of the eye; pearl in the eye.

**ଅକ୍ଷପାତ**—ସଂ. ବି. (ଅକ୍ଷ + ପାତ)—ପଶାକାଠି ପକାଇବା ବା ଗଡ଼ାଇବା ।
Akshapāta Throw or cast of dice (M. W.).

**ଅକ୍ଷପାଦ**—ସଂ. ବି. ପୁଂ. ( ଅକ୍ଷ + ପାଦ )—୧ । (ବହୁବ୍ରୀହି) ନ୍ୟାୟଶାସ୍ତ୍ର-
Akshapāda ପ୍ରଣେତା ଗୌତମ ମୁନି ।
1. A name of sage Gautama.
[ ଦ୍ର—ପୁରାଣରେ ଅଛି ଯେ ଗୌତମ ମୁନି ବ୍ୟାସଙ୍କ ପ୍ରତି କ୍ରୁଦ୍ଧ ହୋଇ ଚକ୍ଷୁ ଦ୍ୱାରା ତାଙ୍କ ମୁଖ ନ ଦେଖିବେ ବୋଲି ପ୍ରତିଜ୍ଞା କରିଥିଲେ; ବ୍ୟାସଦେବ ସ୍ତୁତି ଦ୍ୱାରା ପରେ ଗୌତମଙ୍କୁ ପ୍ରସନ୍ନ କରାଇବାରୁ ଗୌତମ ପୂର୍ବ ପ୍ରତିଜ୍ଞା ରଦ୍ ନ କରି ନିଜ ଚରଣରେ ଚକ୍ଷୁ ସୃଷ୍ଟି କରି ବ୍ୟାସଙ୍କ ମୁଖାବଲୋକନ କରିଥିଲେ । ]
୨ । (୬ଷ୍ଠୀ ତତ୍) ଚକ୍ରାଙ୍ଗ; ଚକର ପୁଟ ।
2. Arcs of a wheel.
୩ । ( ବହୁବ୍ରୀହି ) ଜ୍ଞାନୀ ବ୍ୟକ୍ତି; ଦାର୍ଶନିକ ବ୍ୟକ୍ତି ।
3. A philosopher.
୪ । ( ବହୁବ୍ରୀହି ) ତାର୍କିକ ବ୍ୟକ୍ତି, ନୈୟାୟିକ ବ୍ୟକ୍ତି ।
4. A logician; a reasoner.

**ଅକ୍ଷବଟ**—ଗ୍ରା. ବି. ( ସଂ. ଅକ୍ଷୟ ବଟ )—ଅକ୍ଷୟ ବଟ ( ଦେଖ )
Akshabata Akshaya bata (See)

**ଅକ୍ଷବତୀ**—ସଂ. ବି. ସ୍ତ୍ରୀ ( ଅକ୍ଷ + ବତ୍ + ସ୍ତ୍ରୀ. ଈ)—
Akshabati ୧ । ପଶାଖେଳ—1. The game of dice.
୨ । ଦ୍ୟୂତକ୍ରୀଡ଼ା; ଜୁଆ—2. A game of hazards.

**ଅକ୍ଷବାଟ**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷ + ବାଟ )—୧ । ମଲ୍ଲଭୂମି; କୁସ୍ତି-
Akshabāta ଆଖଡ଼ା; ଜାଗାଘର—1. Gymnasium.
୨ । ଦ୍ୟୂତ ସ୍ଥାନ; ଜୁଆ ଖେଳର ଆଡ୍ଡା—2. A place of gambling; a gambling den.
୩ । ପଶାଖେଳର ଆଡ୍ଡା—3. A place where people play at dice.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଅ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅକ୍ଷବଦ୍ୟା**—ସଂ. ବି. ( ରୂପକ କର୍ମଧା)—ପଶା ଖେଳର କୌଶଳ ।
Akshabidyā — The art of the game of dice.

**ଅକ୍ଷବୃତ୍ତ**—ସଂ. ବି.—(ଭୂଗୋଳ) ଭୂଗୋଳକରେ କରକ୍ଷବୃତ୍ତର ସମାନ୍ତରାଳ ଓ ସାଧାରଣତଃ ମାପରେ କରକ୍ଷବୃତ୍ତଠାରୁ କ୍ରମଶଃ ୧୦ ଡିଗ୍ରୀ ଅନ୍ତରରେ ଅଙ୍କିତ କଳ୍ପିତ ବୃତ୍ତ ସମୂହ ।
Akshabrutta — (Geography) Parallels of latitude.
[ ଦ୍ର—ପ୍ରତ୍ୟେକ ଅକ୍ଷବୃତ୍ତକୁ ୩୬୦ ସମାନ ଅଂଶରେ ବିଭକ୍ତ କରାଯାଏ । ପ୍ରତ୍ୟେକ ଅଂଶକୁ ଅକ୍ଷାଂଶ ବୋଲାଯାଏ । ଭୂଗୋଳକ ପୃଷ୍ଠରେ କୌଣସି ସ୍ଥାନର ଅବସ୍ଥିତି ଅକ୍ଷାଂଶ ଓ ଦ୍ରାଘିମାର ଗଣନା ଦ୍ୱାରା ସ୍ଥିର ହୁଏ । ]

**ଅକ୍ଷମ**—ସଂ. ବିଣ. ପୁଂ. (ନଞ୍ ତତ୍; ଅ + କ୍ଷମ)—
Akshama — ୧ । ଅପାରଗ; ଅସମର୍ଥ—1. Incapable.
( ଅକ୍ଷମା—ସ୍ତ୍ରୀ ) ୨ । ଅକୁଶଳ—2 Unskilful.
୩ । ଅଯୋଗ୍ୟ—3. Unfit; unworthy.
୪ । କ୍ଷମତାହୀନ—4. Impotent.
୫ । ଶକ୍ତିହୀନ—5. Powerless.
୬ । ଦୁର୍ବଳ—6. Weak.
୭ । ( ବହୁବ୍ରୀହି; ଅ + କ୍ଷମା ) କ୍ଷମାହୀନ ।
7. Relentless; unforgiving.

**ଅକ୍ଷମତା**—ସଂ ବି. (ନଞ୍ ତତ୍; ଅ + କ୍ଷମତା)—କ୍ଷମତା ବା ଶକ୍ତିର ଅଭାବ ।
Akshamatā — Want of power or authority.
ଗ୍ରା. ବିଣ. ( ସଂ. ଅକ୍ଷମ )—୧ । ଅସମର୍ଥ; ଅକ୍ଷମ ।
1. Incapable.
୨ । କ୍ଷମତାହୀନ—2. Powerless.
୩ । ନିର୍ଧନ—3. Poor.

**ଅକ୍ଷମା**—ସଂ. ବିଣ. ସ୍ତ୍ରୀ. ( ଅକ୍ଷମ + ଆ )—ଅକ୍ଷମର ସ୍ତ୍ରୀଲିଙ୍ଗ ।
Akshamā — Feminine of Akshama.
ସଂ. ବି. (ଅ+କ୍ଷମା)—୧ । ଅସହିଷ୍ଣୁତା—1. Want of forbearance or forgiveness; relentlessness.
୨ । ଈର୍ଷା—2. Malice.
୩ । କ୍ରୋଧ—3. Anger.
୪ । ଅଶକ୍ତି—4. Impotence; want of strength.

**ଅକ୍ଷମାଳା**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷ + ମାଳା)—୧ । ରୁଦ୍ରାକ୍ଷମାଳା ।
Akshamālā — 1 A string of Rudrāksha seeds.
୨ । ଜପମାଳା—2. A string of beads.
୩ । ବଶିଷ୍ଠପତ୍ନୀ ଅରୁନ୍ଧତୀ—3. A name of the wife of sage Basishtha.
୪ । ସପ୍ତର୍ଷି ମଣ୍ଡଳର ପୁଚ୍ଛସ୍ଥ ମଧ୍ୟ ନକ୍ଷତ୍ର ବା ୬ଷ୍ଠ ନକ୍ଷତ୍ର ପାଖରେ ଥିବା କ୍ଷୁଦ୍ର ତାରକା—4. Alcor; the small star near the 6th star of the constellation, Great Bear.
[ ଦ୍ର—ସପ୍ତର୍ଷିମଣ୍ଡଳ ଅରୁନ୍ଧତୀ ନକ୍ଷତ୍ରକୁ ମାଳାକାରରେ ବେଢ଼ିଥିବାରୁ ଅରୁନ୍ଧତୀର ଏହି ନାମ । ]

**ଅକ୍ଷୟ**—ସଂ. ବିଣ. ( ବହୁବ୍ରୀହି, ଅ + କ୍ଷୟ )—
Akshaya — ୧ । କ୍ଷୟରହିତ; ଅବିନାଶୀ; ଅବିନଶ୍ୱର ।
(ଅକ୍ଷୟା—ସ୍ତ୍ରୀ) 1. Imperishable.
୨ । ଚିରସ୍ଥାୟୀ—2. Permanent; perpetual.
୩ । ନିରବଚ୍ଛିନ୍ନ—3 Continuous.
୪ । ଅସରନ୍ତି—4. Inexhaustible.
ସଂ. ବି—୧ । ପରମାତ୍ମା —1. The Supreme Soul.
୨ । (ନାମ) ରାବଣର ଏକ ପୁତ୍ର—2. The name of a son of Rābaṇa.
ବଇଶ୍ରବଣ ଶ୍ରବଣେ ପେଶିଲ ଅକ୍ଷୟ । ଉପେ. ବୈଦେହୀଶବିଳାସ ୩୬୧୩ ।

**ଅକ୍ଷୟକୀର୍ତ୍ତି**—ସଂ. ବି. (କର୍ମଧା)—ଯେଉଁ କୀର୍ତ୍ତି ଚିରସ୍ଥାୟିନୀ ।
Akshayakīrtti — Imperishable fame.
ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି)—ଯେଉଁ ବ୍ୟକ୍ତିର କୀର୍ତ୍ତି ଅକ୍ଷୟ ଅଟେ—(person) Of imperishable fame.

**ଅକ୍ଷୟତୂଣ**—ସଂ. ବି. (କର୍ମଧା; ଅକ୍ଷୟ+ତୂଣ )—ଅସରନ୍ତି ଶରତୂଣୀ; ଯେଉଁ ଶରତୂଣୀରୁ ଯେତେ ଇଚ୍ଛା ସେତେ ଶର କାଢ଼ି ମାରୁଥିଲେ ତାହା ସରେ ନାହିଁ ।
Akshayatūṇa — In exhaustible quiver.
ଅକ୍ଷୟ ତୂଣ ଗୋଟିଏ ଦଅ ମୁଁ ବୋଇଲି । ସାରଳାମହାଭାରତ. ବନ ।
(ଯଥା—ମହାଦେବ ଅର୍ଜୁନଙ୍କ ତପସ୍ୟାରେ ପ୍ରୀତ ହୋଇ ତାଙ୍କୁ ଅକ୍ଷୟତୂଣ ଉପହାର ଦେଇଥିଲେ । )

**ଅକ୍ଷୟ ତୃତୀୟା**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅକ୍ଷୟପୁଣ୍ୟଯୁକ୍ତା ତୃତୀୟା; ଯେଉଁ ତୃତୀୟାରେ ଅନୁଷ୍ଠିତ ଧର୍ମର ଫଳ ଅସରନ୍ତି ଅଟେ ।)—
Akshaya trutiyā — ବୈଶାଖ ଶୁକ୍ଳତୃତୀୟା; ଅକ୍ଷିତୃତୀୟା—The third day of the bright fortnight of the month of Baisākha.
[ ଦ୍ର—ସତ୍ୟଯୁଗ ଏ ଦିନ ଆରମ୍ଭ ହୋଇଥିଲା; କୃଷିମାନେ ଏ ଦିନ କ୍ଷେତ୍ରରେ ପ୍ରଥମେ ଧାନ ବୁଣନ୍ତି । ଏ ଦିନ ଜଗନ୍ନାଥ ଦେବଙ୍କ ଚନ୍ଦନଯାତ୍ରା ଆରମ୍ଭ ହୁଏ ଓ ସଧବା ସ୍ତ୍ରୀମାନେ ଷଠୀବୁଢ଼ୀଙ୍କର ( ଷଠୀଦେବୀ ) ପୂଜା କରନ୍ତି । ]

**ଅକ୍ଷୟବଟ**—ସଂ. ବି. ( କର୍ମଧା; ଅକ୍ଷୟ+ବଟ ) - ୧ । କଳ୍ପବଟ; ପ୍ରଳୟକାଳସ୍ଥାୟୀ ବଟ ବୃକ୍ଷ—1. The mythological imperishable banyan tree.
Akshayabaṭa
[ ଦ୍ର—ପ୍ରଳୟ ପୟୋଧି ଜଳରେ ଏ ବଟବୃକ୍ଷର ଅଗ ବୁଡ଼ିଯାଏ ନାହିଁ । ବିଷ୍ଣୁ ଏହାର ପତ୍ର ଉପରେ ଶୋଇ ରହନ୍ତି ଓ ତାଙ୍କ ନାଭି-କମଳରୁ ବ୍ରହ୍ମା ଜାତ ହୋଇ ପୁଣି ସୃଷ୍ଟି କରନ୍ତି । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଉ୍‌ଅ | ଞ୍ଜ |
| ୨ | ଈ | ଊ | ରୁ | ଲୁ | ପ୍ତେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଚ | ନ୍ଥ |

୨ । ପ୍ରୟାଗ, ଭୁବନେଶ୍ୱର, ଗୟା ଆଦି ତୀର୍ଥରେ ଥିବା ନିର୍ଦ୍ଦିଷ୍ଟ ବଟବୃକ୍ଷ—2. Name of particular banyan trees in different places of pilgrimage pointed out to the pilgrims as the Imperishable Tree.

[ ଦ୍ର—ଲୋକଙ୍କ ଧାରଣା ଯେ, ଏହି ବଟକୁ ପୂଜା ଓ ପ୍ରଦକ୍ଷିଣ କଲେ ଅକ୍ଷୟ ପୁଣ୍ୟ ହୁଏ ଓ ଏହା କଳ୍ପାନ୍ତସ୍ଥାୟୀ ବଟବୃକ୍ଷ । ]

**ଅକ୍ଷୟଯଶା**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ବହୁବ୍ରୀହି; ଅକ୍ଷୟ+ଯଶସ୍= ଅକ୍ଷୟ ଯଶସ୍; ୧ମା. ୧ବ )—ଯେଉଁ ବ୍ୟକ୍ତିର ଯଶଃ ଚିରସ୍ଥାୟୀ—Of imperishable renown.
Akshayajaśā

**ଅକ୍ଷୟଲୋକ**—ସଂ. ବି. ( କର୍ମଧା, ଅକ୍ଷୟ+ଲୋକ)—୧ । ବୈକୁଣ୍ଠ ।
Akshayaloka 1. Bishnu's abode.
୨ । ସ୍ୱର୍ଗ—2. Heaven.

**ଅକ୍ଷୟା**—ସଂ. ବିଣ. ସ୍ତ୍ରୀ ( ଅକ୍ଷୟ+ଆ )—ଅକ୍ଷୟର ସ୍ତ୍ରୀଲିଙ୍ଗ ।
Akshayā Feminine of Akshaya.
ସଂ. ବି. ସ୍ତ୍ରୀ— ( ଫଳିତ ଜ୍ୟୋତିଷ ) ବାର ଓ ତିଥି ଘଟିତ ଶୁଭଯୋଗ ବିଶେଷ—( Astrology ) Names of certain auspicious conjunctions of week-days with lunar days

[ ଦ୍ର—ଏହି ତିଥିରେ କୃତ ପୁଣ୍ୟର ଫଳ ଅକ୍ଷୟ ବୋଲି ଏହି ନାମ । ରବିବାରରେ ସପ୍ତମୀ, ସୋମବାରରେ ଅମାବସ୍ୟା, ମଙ୍ଗଳ-ବାରରେ ଚତୁର୍ଥୀ ଓ ଗୁରୁବାରରେ ଅଷ୍ଟମୀ ପଡ଼ିଲେ ସେହି ତିଥିକୁ ଅକ୍ଷୟା ବୋଲାଯାଏ । ]

**ଅକ୍ଷୟିଣୀ**—ସଂ. ବି. ସ୍ତ୍ରୀ ( ନାମ ) ( ଅକ୍ଷୟ+ଇନ୍+ସ୍ତ୍ରୀ. ଈ )—କାଶ୍ମୀରର ରାଜା ନରେନ୍ଦ୍ରାଦିତ୍ୟଙ୍କ ପ୍ରତିଷ୍ଠିତ ଦେବୀମୂର୍ତ୍ତିବିଶେଷ ।
Akshayiṇī Name of an image of Goddess Durgā installed in Kāshmere.

**ଅକ୍ଷଯ୍ୟ**—ସଂ. ବିଣ. (ଅ+କ୍ଷି ଧାତୁ+କର୍ମ. ଯ)—
Akshajya ଯାହା କ୍ଷୟ ପାଏ ନାହିଁ; କ୍ଷୟର ଅଯୋଗ୍ୟ ।
( ଅକ୍ଷଯ୍ୟା—ସ୍ତ୍ରୀ ) Imperishable.
ସଂ. ବି. ୧ । (ଅକ୍ଷୟ+ଭାବାର୍ଥେ. ଯ)—ଅକ୍ଷୟତ୍ୱ; ଅବିନାଶିତ୍ୱ ।
1. Imperishableness.
୨ । ( ଅ+କ୍ଷି ଧାତୁ+କର୍ମ. ଯ ) ଘୃତ-ମଧୁମିଶ୍ରିତ ଜଳ ।
2. A mixture of water with ghee and honey.

**ଅକ୍ଷର**—ସଂ. ବିଣ. ( ନଞ୍ ତତ୍; ଅ+କ୍ଷର )—
Akshara ୧ । କ୍ଷରଣଶୂନ୍ୟ—1. Not leaking.
( ଅକ୍ଷରା—ସ୍ତ୍ରୀ ) ୨ । କ୍ରିୟାଶୂନ୍ୟ—2. Actionless.
୩ । ନିତ୍ୟ—3. Eternal.
୪ । ସ୍ଥିର—4. Calm; stationary.

ସଂ. ବି—(ଅ+କ୍ଷର ଧାତୁ+କର୍ତ୍ତୃ. ଅ)—୧ । ବ୍ରହ୍ମ; ପରମାତ୍ମା; ପରମେଶ୍ୱର—1. The Supreme Spirit.
୨ । ମୁକ୍ତ ଜୀବାତ୍ମା; ପରମାତ୍ମାରେ ଲୀନ ଜୀବାତ୍ମା—2. The spark of life when it leaves the body and merges into the Supreme Soul.

[ ଦ୍ର—ଜୀବାତ୍ମା ଯେତେବେଳେ ଜଡ଼ ପ୍ରକୃତି ବା ପଞ୍ଚଭୂତକୁ ତ୍ୟାଗ କରି ପରମାତ୍ମାଙ୍କ ସହିତ ମିଳାଇଯାଏ, ସେତେବେଳେ ତାକୁ ଅକ୍ଷର ବୋଲାଯାଏ । ]

୩ । ଶିବ, ମହାଦେବ—3. Śiba—the Destroyer.
୪ । ବିଷ୍ଣୁ—4. Bishṇu—the Preserver.
୫ । ଗଗନ; ଆକାଶ; ଶୂନ୍ୟମଣ୍ଡଳ—5. The sky; ether.
୬ । ଧର୍ମ—6. Religion.
୭ । ତପସ୍ୟା—7. Penance.
୮ । ଅପାମାର୍ଗ (ଦେଖ)—8. Apāmārga (See)
୯ । ମୋକ୍ଷ; ମୁକ୍ତି—9. Liberation; salvation.
୧୦ । ଜଳ—10. Water.
୧୧ । ( ଅଶ୍ ଧାତୁ=ବ୍ୟାପିବା+କର୍ତ୍ତୃ. ସର; ଯାହା ବେଦାଦି ଶାସ୍ତ୍ରକୁ ବ୍ୟାପିଅଛି)—ଶବ୍ଦର କ୍ଷୁଦ୍ରତମ ଅଂଶ; ଅ ଠାରୁ କ୍ଷ ପର୍ଯ୍ୟନ୍ତ ବର୍ଣ୍ଣ—11. Alphabet; letter.

ସକଳ ଶାସ୍ତ୍ରେ ଅକ୍ଷର ଚୌବିଂଶ ଯେ କହି
ମୂର୍ତ୍ତି ଓଁକାର ଅକ୍ଷର ତାଙ୍କ ମଧ୍ୟେ ହୋଇ । ପୀତାମ୍ବର॰ ନୃସିଂହପୁରାଣ॰୭ମ ।

୧୨ । ବିଭିନ୍ନ ଭାଷାର ଭିନ୍ନ ଭିନ୍ନ ଧ୍ୱନିଜ୍ଞାପକ ଚିହ୍ନ ।
12. Character; types of different sounds in different languages.
୧୩ । ( ସାଂଖ୍ୟଦର୍ଶନ ) ପ୍ରକୃତି—13. ( Sāmkhya Philosophy ) Nature.

ଦେ. ବି—୧ । ଛାପାଖାନାରେ ଛାପିବା ପାଇଁ ବ୍ୟବହୃତ ଢଳା ସିସା ଅକ୍ଷରର ପ୍ରତିକୃତି—1. ( printing ) Type.
୨ । ହସ୍ତାକ୍ଷର—2. Handwriting.
( ଯଥା—ତା ଅକ୍ଷରଗୁଡ଼ିକ ବାଇଗଣ ମଞ୍ଜି ପରି ସୁନ୍ଦର । )

**ଅକ୍ଷରଚଣ**—ସଂ. ବିଣ. ପୁଂ. ( ଅକ୍ଷର+ଖ୍ୟାତାର୍ଥେ. ଚଣ )—ଲିପିକୁଶଳ; ଲିପିକର୍ମରେ ନିପୁଣ; ସୁଲେଖକ ।
Aksharachaṇa
(ଅକ୍ଷରଚଣା—ସ୍ତ୍ରୀ) Expert in writing; writing a nice hand.

**ଅକ୍ଷରଚନ**—ସଂ. ବିଣ. ପୁଂ. ( ଅକ୍ଷର+ଖ୍ୟାତାର୍ଥେ. ଚନ )—
Aksharachana ଅକ୍ଷରଚଣ ( ଦେଖ )
(ଅକ୍ଷରଚନା—ସ୍ତ୍ରୀ) Aksharachaṇa ( See )

**ଅକ୍ଷରଚୁଞ୍ଚୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ଅକ୍ଷର+ଖ୍ୟାତାର୍ଥେ. ଚୁଞ୍ଚୁ)—
Aksharachuñchu ଅକ୍ଷରଚଣ ( ଦେଖ )
Aksharachaṇa ( See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜୀ' ନ ପାଇଲେ 'ଅର୍ଜ୍ଜି' ଦେଖିବେ; 'ଅଲବତ' ନପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅକ୍ଷରଜନନୀ**—ସଂ. ବି. ( ୬ଷ୍ଠୀ ତତ୍; ଯାହାଠାରୁ ଅକ୍ଷରମାନ ଜନ୍ମେ )—
Aksharajananī ଲେଖନୀ; କଲମ; ଲେଖଣୀ—Pen.

**ଅକ୍ଷରଜୀବକ**—ସଂ. ବିଣ. ପୁଂ. (ଅକ୍ଷର + ଜୀବ୍ ଧାତୁ + କର୍ତ୍ତୃ. ଅକ)—
Aksharajībaka ମସୀଜୀବୀ; ଲେଖାଦ୍ୱାରା ଆପଣା ଜୀବିକା-
(ଅକ୍ଷରଜୀବିକା—ସ୍ତ୍ରୀ) ନିର୍ବାହକାରୀ—Gaining livelihood by writing.
ସଂ. ବି. ପୁଂ. —୧ । ଲେଖକ; ନକ୍‌ସିନା; ମୋହରିର ।
1. Writer; scribe; clerk.
୨ । କରଣ ବ୍ୟବସାୟୀ ବ୍ୟକ୍ତି ।
2. A professional writer.
୩ । ଲିପିକର; ନକଲ୍‌ନବିସ୍—3. A copyist.

**ଅକ୍ଷରଜୀବିକ**—ସଂ. ବିଣ. ଓ ବି. ପୁଂ. ( ଅକ୍ଷର ଜୀବିନ୍ + ସ୍ୱାର୍ଥେ. କ ଅଥବା
Aksharajībika ବହୁବ୍ରୀହି; ଅକ୍ଷର + ଜୀବିକା )—
(ଅକ୍ଷରଜୀବିକା—ସ୍ତ୍ରୀ) ଅକ୍ଷରଜୀବକ ( ଦେଖ )
Aksharajībaka ( See )

**ଅକ୍ଷରଜୀବୀ**—ସଂ. ବିଣ. ଓ ବି. ପୁଂ. (ଅକ୍ଷର + ଜୀବ୍ ଧାତୁ + କର୍ତ୍ତୃ. ଇନ୍)
Aksharajībī ୧ମା. ୧ବ. )—ଅକ୍ଷରଜୀବକ ( ଦେଖ )
(ଅକ୍ଷରଜୀବିନୀ—ସ୍ତ୍ରୀ) Aksharajībaka ( See )

**ଅକ୍ଷରଜ୍ଞ**—ସଂ. ବିଣ. ପୁଂ. (ଅକ୍ଷର + ଜ୍ଞା ଧାତୁ + କର୍ତ୍ତୃ. ଅ; ଉପପଦ
Aksharajña ତତ୍ ପୁରୁଷ )—ଅକ୍ଷରମୁଖ ( ଦେଖ )
(ଅକ୍ଷରଜ୍ଞା—ସ୍ତ୍ରୀ) Aksharamukha ( See )

**ଅକ୍ଷର ଢଳା**—ଦେ. ବି. ( ଅକ୍ଷର + ସଂ. ଦ୍ରାହ୍ ଧାତୁ = ନିକ୍ଷେପଣ )—
Akshara ḍhaḷā ଛାପାଖାନାରେ ବ୍ୟବହୃତ ଟାଇପ୍ ବା ଅକ୍ଷରର
অক্ষর ঢালা, ପ୍ରସ୍ତୁତକୁ ଛାଞ୍ଚରେ ଢାଳି ତିଆରି କରିବା
অক্ষর ঢালাই ପ୍ରକ୍ରିୟା—Moulding of types for
अक्षर ढलाई printing.

**ଅକ୍ଷର ଢାଳିବା**—ଦେ. କ୍ରି. (ସଂ. ଅକ୍ଷର + ଦ୍ରାହ୍ ଧାତୁ)—ଛାପାଖାନାରେ
Akshara ḍhāḷibā ବ୍ୟବହୃତ ଅକ୍ଷରର ଛାପ ତିଆରି କରିବା
অক্ষর ঢালা ପାଇଁ ସୀସାକୁ ତରଳାଇ ଛାଞ୍ଚରେ ଢାଳିବା ।
अक्षर ढालना To mould types for printing.

**ଅକ୍ଷରଣ**—ସଂ. ବିଣ. ( ବହୁବ୍ରୀହି; ଅ + କ୍ଷରଣ )—
Aksharaṇa ୧ । କ୍ଷରଣରହିତ—1. Not leaking.
୨ । ଅବିନାଶୀ; ଅକ୍ଷୟ—2. Indestructible.
ସଂ. ବି. (ନଞ୍ ତତ୍ )—ସ୍ରାବରାହିତ୍ୟ—Non leakage.

**ଅକ୍ଷରତୂଳିକା**—ସଂ. ବି. ( ୬ଷ୍ଠୀ ତତ୍, ଯେଉଁ ତୂଳିକାରେ ଅକ୍ଷର
Akshara tūlikā ଲେଖାଯାଏ )—କଲମ; ଲେଖନୀ—Pen.
[ଦ୍ର—ଚୀନାମାନେ ତୂଳିକାରେ ଅକ୍ଷର ଲେଖନ୍ତି । ପ୍ରାଚୀନ ଭାରତରେ ଅକ୍ଷର ଲେଖିବା ପାଇଁ ତୂଳିକା ବ୍ୟବହୃତ ହେଉଥିବାର ପଣ୍ଡିତମାନେ ଅନୁମାନ କରନ୍ତି । ]

**ଅକ୍ଷରନିବଦ୍ଧ**—ସଂ. ବିଣ. ( ୭ମୀ ତତ୍ )—ଅକ୍ଷର ଦ୍ୱାରା ପ୍ରକାଶିତ;
Aksharanibaddha ଲିଖିତ—Written; reduced into writing.
( ଯଥା— ମହାକବିମାନଙ୍କ ମନୋଗତ ଭାବ ଅକ୍ଷରନିବଦ୍ଧ ହୋଇ ମହାକାବ୍ୟ ଆକାର ଧାରଣ କରେ । )

**ଅକ୍ଷରନ୍ୟାସ**—ସଂ. ବି. ( ବହୁବ୍ରୀହି; ଅକ୍ଷରମାନଙ୍କର ନ୍ୟାସ ହୋଇଅଛି
Aksharanyāsa ଯହିଁରେ ) —
୧ । ଲିପି; ପତ୍ରିକା—1. Writing.
୨ । ଦଲିଲ—2. Document.
୩ । ପତ୍ର; ଚିଠି—3. A letter.
୪ । ( ୬ଷ୍ଠୀ ତତ୍ ) ପରିପାଟୀରୂପେ ଶ୍ରେଣୀବଦ୍ଧ କରି ଅକ୍ଷର ଲିଖନ—4. Good caligraphy.
୫ । (୬ଷ୍ଠୀ ତତ୍ ) ସୁନ୍ଦର ହସ୍ତାକ୍ଷର ଲେଖିବା ପ୍ରଣାଳୀ ।
5. Pen-manship.

**ଅକ୍ଷରପରିଚୟ**—ସଂ. ବି. ( ୬ଷ୍ଠୀ ତତ୍; ଅକ୍ଷର + ପରିଚୟ)—
Aksharaparichaya ୧ । ବର୍ଣ୍ଣପରିଚୟ; ଭାଷାର ଅକ୍ଷରମାନଙ୍କୁ ଚିହ୍ନିବା—1. Knowledge of the alphabet; learning of the letters.
୨ । ଭାଷାର ପ୍ରାଥମିକ ଶିକ୍ଷା—2. Elementary learning.

**ଅକ୍ଷରବିନ୍ୟାସ**—ସଂ. ବି. ( ବହୁବ୍ରୀହି; ୬ଷ୍ଠୀ ତତ୍ )—
Akshara binyāsa ଅକ୍ଷରନ୍ୟାସ ( ଦେଖ )
Aksharanyāsa ( See )

**ଅକ୍ଷରମାଳା**—ସଂ. ବି. (୬ଷ୍ଠୀ ତତ୍, ଅକ୍ଷର + ମାଳା)—କୌଣସି ଭାଷାର
Aksharamāḷā ମୂଳଠାରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବର୍ଣ୍ଣ; ବର୍ଣ୍ଣମାଳା ।
The alphabet of a language in order.

**ଅକ୍ଷରମୁଖ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅକ୍ଷର ଅଛି ମୁଖରେ ଯାହାର)—
Aksharamukha ୧ । ଅକ୍ଷରଜ୍ଞ; ଶାସ୍ତ୍ରଜ୍ଞ—1. Versed
( ଅକ୍ଷରମୁଖା—ସ୍ତ୍ରୀ ) in the Scriptures.
୨ । ସାହିତ୍ୟଜ୍ଞ—2. Literary (man); (man) of letters.
ସଂ. ବି—୧ । (ପୁଂ) ଶିଷ୍ୟ; ଛାତ୍ର—1. Student; pupil; disciple.
୨ । (୬ଷ୍ଠୀ ତତ୍ ) ପ୍ରଥମ ବର୍ଣ୍ଣ; ବର୍ଣ୍ଣମାଳାର ପ୍ରଥମ ଅକ୍ଷର, ଅ ।
2. 'A' the first letter of the alphabet.

**ଅକ୍ଷରସଂସ୍ଥାନ**—ସଂ. ବି. (ବହୁବ୍ରୀହି; ୬ଷ୍ଠୀ ତତ୍; ଅକ୍ଷର + ସଂସ୍ଥାନ)—
Akshara saṁsthāna ୧ । ଅକ୍ଷରନ୍ୟାସ ( ଦେଖ )
1. Aksharanyāsa (See)
୨ । ଅକ୍ଷର ବସାଇବା କର୍ମ—2. Arrangement of letters or the alphabet.

**ଅକ୍ଷରୁଚକ**—ସଂ. ବି. ( ୬ଷ୍ଠୀ ତତ୍; ଅକ୍ଷ + ରୁଚକ )—(ବୈଦ୍ୟକ)—
Aksharuchaka ସୌବର୍ଚ୍ଚଲବଣ—A kind of salt.

**ଅକ୍ଷରେ ଅକ୍ଷରେ ପାଳନ କରିବା**—ଦେ. କ୍ରି—( କୌଣସି ଆଦେଶକୁ )
Akshare akshare ବିଚ୍ୟୁତି ଅନ୍ୟଥା ନ କରି
pāḷana karibā କାର୍ଯ୍ୟରେ ପରିଣତ କରିବା ।

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇପ୍ସୁ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ଥ |

অক্ষরে অক্ষরে পালন করা To carry out an order to the letter.

**ଅକ୍ଷରେ ଅକ୍ଷରେ ସତ୍ୟ**—ଦେ. ବିଣ—ସର୍ବାଂଶରେ ସତ୍ୟ; ଯହିଁର କୌଣସି
Akshare akshare satya ଅଂଶ ଏମନ୍ତ କି ଗୋଟିଏ ଅକ୍ଷର
অক্ষরে অক্ষরে সত ସୁଦ୍ଧା ମିଥ୍ୟା ନୁହେ—True to the very letter; very true.

**ଅକ୍ଷରେଖା**—ସଂ. ବି—( ଭୂଗୋଳ ) ଭୂଗୋଳକର ପୃଷ୍ଠରେ ବିଷୁବ-
Aksharekhā ରେଖାଠାରୁ କୌଣସି ସ୍ଥାନର ଉତ୍ତରରେ ବା ଦକ୍ଷିଣରେ ଦୂରତ୍ୱ କେତେ ଏହା ଜାଣିବା ପାଇଁ କଳ୍ପିତ ରେଖା—( Geography ) Lines of latitude; parallels of latitude.

**ଅକ୍ଷଲୀଳା**—ସଂ. ବି. ( ୬ଷ୍ଠୀ ତତ୍; ଅକ୍ଷ + ଲୀଳା )—
Akshalīlā ୧ । ପଶାଖେଳ—1. Playing at dice.
୨ । ଚକ୍ଷୁର ବିଳାସ—2. Turning of the eyes.
ବଦ୍ଧ ନୋହେ ଚକ୍ଷୁ ଅକ୍ଷଲୀଳା ଏଥି ବଦ୍ଧ ନୋହେ ଅକ୍ଷଲୀଳା ।
ଉତ୍କ. ବୈଦେହୀଶବିଳାସ. ୬୦୧୭

**ଅକ୍ଷସୂତ୍ର**—ସଂ. ବି.—ଅକ୍ଷମାଳା ( ଦେଖ )
Akshasūtra Akshamālā ( See )

**ଅକ୍ଷହୃଦୟ**—ସଂ. ବି. ( ୬ଷ୍ଠୀ ତତ୍ )—ପଶାଖେଳିବାର କୌଶଳ ।
Akshahrudaya The art of playing at dice; the mysteries of the game of dice.

**ଅକ୍ଷାଂଶ**—ସଂ. ବି. ( ୬ଷ୍ଠୀ ତତ୍ ; ଅକ୍ଷ + ଅଂଶ )—
Akshāmsa ଭୂଗୋଳ, ଅକ୍ଷବୃତ୍ତର ୩୬୦ ଅଂଶରୁ ଏକ ଭାଗ ।
(ବିପରୀତ—ଦ୍ରାଘିମା) Degree of latitude.
[ ଦ୍ର—ଅକ୍ଷବୃତ୍ତର ଗୋଟିଏ ଅଂଶକୁ ଅକ୍ଷାଂଶ ବୋଲାଯାଏ । ବ୍ରିଟିଶ ସାମ୍ରାଜ୍ୟରେ ଅକ୍ଷାଂଶର ଗଣନା ଗ୍ରୀନଉଇଚ୍ ଠାରୁ ଆରମ୍ଭ କରାଯାଏ । ]

**ଅକ୍ଷାଗ୍ର**—ସଂ. ବି. ( ୬ଷ୍ଠୀ ତତ୍ ; ଅକ୍ଷ + ଅଗ୍ର )—ଅକ୍ଷର ମୁଣ୍ଡ ।
Akshāgra The end of an axle.

**ଅକ୍ଷାଗ୍ରକୀଲକ**—ସଂ. ବି. ( ୬ଷ୍ଠୀ ତତ୍ ଓ ୭ମୀ ତତ୍ ; ଅକ୍ଷାଅଗ୍ର +
Akshāgrakīlaka କୀଲକ )—ଅଣକୀଲ—Pin at the end of the axle to keep the wheels in position.

**ଅକ୍ଷାନ୍ତ**—ସଂ. ବି. ( ୬ଷ୍ଠୀ ତତ୍ ; ଅକ୍ଷ + ଅନ୍ତ )—ଅକ୍ଷାଗ୍ର ( ଦେଖ )
Akshānta Akshāgra ( See )
(ଅକ୍ଷାନ୍ତା—ସ୍ତ୍ରୀ)
ସଂ. ବିଣ. ପୁଂ. ( ଅ + କ୍ଷାନ୍ତ, ନଞ ତତ୍ )—
୧ । ଅନବରତ—1. Unceasing.
୨ । ଅସହିଷ୍ଣୁ ; ବେସବୁର—2. Impatient.
୩ । ଈର୍ଷାଯୁକ୍ତ; ଈର୍ଷୀ—3. Envious.



**ଅକ୍ଷାନ୍ତି**—ସଂ. ବି. (ନଞ ତତ୍; ଅ + କ୍ଷାନ୍ତି)— ଅକ୍ଷମା (ଦେଖ)
Akshānti Akshamā See)

**ଅକ୍ଷାର**—ସଂ. ବିଣ. ( ବହୁବ୍ରୀହି; ଅ + କ୍ଷାର )—କ୍ଷାରହୀନ; ଅଲବଣ;
Akshāra ଅଲଣା—Saltless; wanting in salt.

**ଅକ୍ଷାରଲବଣ**—ସଂ. ବି. ( କର୍ମଧା; ଅ + କ୍ଷାର + ଲବଣ; ଯେଉଁ ଲୁଣ
Akshāralabaṇa ଖାରି ଭୂଇଁରୁ ଫୁଟି ପଡ଼ିବା ପ୍ରକାରରେ ଉତ୍ପନ୍ନ ନ ହୋଇ ସମୁଦ୍ର ବା ପର୍ବତାଦିରୁ ଜନ୍ମେ । )
୧ । (ବୈଦ୍ୟକ) ସୈନ୍ଧବ ଲବଣ (ଦେଖ)
1. Saindhaba labaṇa (See)
୨ । (ବୈଦ୍ୟକ) ସାମୁଦ୍ର ଲବଣ—2. Sea-salt.
୩ । (ସ୍ମୃତି) ଅଶୌଚ ପାଳିବା ବ୍ୟକ୍ତିର ବ୍ୟବହାର୍ଯ୍ୟ ହବିଷ୍ୟ ସାମଗ୍ରୀ (ଯଥା—ଗୁଆଘିଅ, ଦୁଧ, ଅରୁଆଚାଉଳ, ମୁଗ, ଗୁଣି, ଯବ ଓ ସୈନ୍ଧବ ବା କରକଚ ଲବଣ ) ।
3. The prescribed dietary for persons who observe Habishya.
(ଏଥିର ସ୍ମୃତି ବଚନ—ଗୋକ୍ଷୀରଂ ଗୋଘୃତଞ୍ଚୈବ ଧାନ୍ୟ ମୁଦ୍ଗାସ୍ତିଲା ଯବାଃ, ସାମୁଦ୍ରଂ ସୈନ୍ଧବଂ ଚୈବ ମକ୍ଷାର ଲବଣଂ ସ୍ମୃତଂ ।)

**ଅକ୍ଷି**—ସଂ. ବି. (ଅକ୍ଷ ଧାତୁ + କର୍ତ୍ତୃ. ଇ; ଯାହା ଦୃଷ୍ଟ ବସ୍ତୁର ରୂପକୁ ବ୍ୟାପି
Akshi ଯାଏ )—ଚକ୍ଷୁ ; ନେତ୍ର; ଆଖି—The eye.
[ଅକ୍ଷି ର ଭିନ୍ନ ଭିନ୍ନ ଭାଷାର ଶବ୍ଦ ତୁଳ;—ଗ୍ରୀକ୍—ଅକ୍କସ୍—Okkos;ଲାଟିନ୍—ଅକ୍ୟୁଲସ୍—Oculus; ଲିଥୁଏନିଆନ୍—ଅକିସ୍—Akis; ବଙ୍ଗଳା—ଆଁଖି; ଓଡ଼ିଆ—ଆଖି; ଗୁଜରାଟୀ—ଆଁଖ୍ ; ହିନ୍ଦି—ଆଁଖ । ]

**ଅକ୍ଷିକ**—ସଂ. ବି. (ଅକ୍ଷ ଧାତୁ + ସଂଜ୍ଞାର୍ଥେ ଇକ)—ଆଛୁ(ଗଛ) (ଦେଖ)
Akshika Āchhu (tree) (See)

**ଅକ୍ଷିକାଚ**—ସଂ. ବି. ( ଆଧୁନିକ ବିଜ୍ଞାନପର଼ଭାଷା)—କେନ୍ଦ୍ରସ୍ଥଳ ମୋଟା
Akshikācha ବା ସରୁ ହୋଇ ଗଢ଼ା ହୋଇଥିବା ଗୋଲାକାର କାଚ ଖଣ୍ଡ; ଦୃଷ୍ଟିକାଚ—Lens.
[ଦ୍ର—ଏହି କାଚର ମଧ ଦେଇ ଦେଖିଲେ ବସ୍ତୁମାନ ବଡ଼ ବା ସାନ ଦେଖାଯାଏ ଏବଂ ଦୂରସ୍ଥ ବସ୍ତୁ ନିକଟରେ ଓ ନିକଟସ୍ଥ ବସ୍ତୁ ଦୂରରେ ଥିଲା ପରି ଦେଖାଯାଏ । ସୂର୍ଯ୍ୟକିରଣ ଏହାର ମଧ ଦେଇ ଆସିଲେ କେନ୍ଦ୍ରୀଭୂତ ବା ବିସ୍ତାରିତ ହୋଇଯାଏ । ଅଣୁବୀକ୍ଷଣ ଓ ଦୂରବୀକ୍ଷଣାଦି ଯନ୍ତ୍ରରେ ଏହି କାଚ ଲାଗେ । ]

**ଅକ୍ଷିକୂଟକ**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷି + କୂଟକ)—ଚକ୍ଷୁର କଳା ଡୋଳା;
Akshikuṭaka ଆଖିର ପିତୁଳା; ଚକ୍ଷୁର ତାରା ।
The pupil of the eye.

**ଅକ୍ଷିଗତ**—ସଂ. ବିଣ. ( ୨ୟା ତତ୍; ଅକ୍ଷି + ଗତ )—
Akshigata ୧ । ନୟନଗୋଚର—1. Visible.
(ଅକ୍ଷିଗତା—ସ୍ତ୍ରୀ) ୨ । ( ଯାହା ଆଖି ଭିତରକୁ ପଶିଗଲା ପରି ବ୍ୟଥା ଦିଏ; ଅର୍ଥାତ୍ ଯାହାକୁ ଦେଖିଲେ ଭାରି କଷ୍ଟ ହୁଏ )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'କର୍ଣ୍ଣ' ନ ପାଇଲେ 'କର୍ଣ୍ଣ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବୈଦ୍ବେଷଦ; ଘୃଣ୍ୟ—2. **Much disliked;** eyesore; hateful.
୩ । ନୟନର ଅପ୍ରୀତିକର—3. Unpleasant to the eye.

**ଅକ୍ଷିଗୋଲ**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷି + ଗୋଲ)—ଆଖିର କଳାଡୋଳା । **Akshigola** The pupil of the eye; eyeball.

**ଅକ୍ଷିଗୋଲକ**—ସଂ. ବି. (୬ଷ୍ଠୀ ତତ୍; ଅକ୍ଷି + ଗୋଲକ)-ଅକ୍ଷିଗୋଲ (ଦେଖ) **Akshigolaka** Akshigola ( See )

**ଅକ୍ଷିତୃତୀୟା**—ଦେ. ବି. ( ସଂ. ଅକ୍ଷୟ ତୃତୀୟା)— **Akshitrutiyā** ଅକ୍ଷୟ ତୃତୀୟା ( ଦେଖ ) অক্ষয় তৃতীয়া Akshaya trutiyā ( See ) **अखती, अखतीज**

**ଅକ୍ଷିପଟ**—ସଂ. ବି. ( ଆଧୁନିକ ବିଜ୍ଞାନପରିଭାଷା )—ଆଖିର ପୁଅ; କଳା **Akshipata** ଡୋଳାର ପଛରେ ଥିବା ଅତି ସୂକ୍ଷ୍ମ ଝିଲ୍ଲୀ ବା ପରଦା । ( ଏଥିରେ ସମ୍ମୁଖୀନ ବସ୍ତୁର ପ୍ରତିବିମ୍ବ ପଡ଼ିବାରୁ ଉକ୍ତ ବସ୍ତୁ ଦେଖାପଡ଼େ ।)—Retina.

**ଅକ୍ଷିବ**—ସଂ. ବି—( ଅ + କ୍ଷିବ୍ ଧାତୁ + କରଣ. ଅ; ଯାହା ଖାଇବାଦ୍ୱାରା **Akshiba** ଖଙ୍କାର ବା କଫ ପଡ଼ିବା ବନ୍ଦ ହୁଏ )—
୧ । ସମୁଦ୍ରଲବଣ—1. Seasalt.
୨ । ଶଜନା (ଗଛ) (ଦେଖ)—2. Sajanā (tree) (See)

**ଅକ୍ଷିବିକୂଣିତ**—ସଂ. ବି. ( ୭ମୀ ତତ୍; ଅକ୍ଷି + ବିକୂଣିତ )—
**Akshibikūnita** ୧ । ବାଙ୍କ ଚାହାଣୀ—1. Sideglance.
୨ । କଟାକ୍ଷପାତ—2. Making of faces; looking askance.

**ଅକ୍ଷିଭେଷଜ**—ସଂ. ବି ( ୬ଷ୍ଠୀ ତତ୍; ଅକ୍ଷି + ଭେଷଜ; ଏହା ଚକ୍ଷୁରୋଗର **Akshibheshaja** ଔଷଧ ଥିବାରୁ )— ଲୋଧ୍ର ( ଦେଖ ) Lodhra ( See )

**ଅକ୍ଷିମୁଠି**—ଦେ. ବି. ( ସଂ. ଅକ୍ଷୟ + ମୁଷ୍ଟି )—ଅକ୍ଷୟ ତୃତୀୟା ଦିନ କୃଷକ **Akshimuthi** ଧାନବୁଣା ଅନୁକୂଳ କରି ଯେଉଁ ବିହନକୁ ପ୍ରଥମେ ହାତମୁଠାରେ ଧରି କିଆରିରେ ବୁଣେ—The first handfuls of paddy sown by the cultivator in the field on the Akshaya trutiyā day.

ଚାଷା ବଡ଼ ଗର୍ବରେ ଅକ୍ଷିମୁଠି ପକାଇଲା ।
ଫକୀର ମୋହନ—ଛ ମାଣ ଆଠଗୁଣ୍ଠ ।

[ ଦ୍ର—କୃଷକ ଅକ୍ଷୟତୃତୀୟା ଦିନ ସକାଳୁ ସ୍ନାନ କରି ନୂଆ ଧୋତି ଓ ନୂଆ ଗାମୁଛାରେ ସିନ୍ଦୂର ଚନ୍ଦନ ମାରି, ଧାନବିହନ ଧରି ଶଙ୍ଖ ବା ବାଦ୍ୟ ସହ ହଳ ନେଇ ପୁରୋହିତଙ୍କ ସଙ୍ଗେ ତାର ଅକ୍ଷିମୁଠି—କିଆରିକୁ ଯାଏ; ସେଠାରେ ଆପଣା ଘରୁ ନେଇଥିବା ଗୋଟିଏ ସୁନା ଅଳଙ୍କାର ( ଯଥା—ଷୀର ଗୁଣା, ବସଣୀ, ଟୋଲ ) ଏବଂ ଲଙ୍ଗଳ ଲୁହାକୁ ଲକ୍ଷ୍ମୀରୂପେ କଳ୍ପନା କରି ପୁରୋହିତ ପୂଜା କରନ୍ତି ଏବଂ ପୂଜା ଓ ନୈବେଦ୍ୟ ହେବା ପରେ କୃଷକ କିଆରିରେ ହଳ ବୁଲାଏ ଓ ଅକ୍ଷିମୁଠି ପକାଏ ଅର୍ଥାତ୍ ବିହନ ମୁଠା ମୁଠା କରି ବୁଣେ । ]

**ଅକ୍ଷିମୁଠି କିଆରି**—ଦେ. ବି. ( ସଂ. ଅକ୍ଷୟ + ମୁଷ୍ଟି + କେଦାର )— **Akshimuthi kiāri** କୃଷକ ପ୍ରତିବର୍ଷ ଅକ୍ଷୟତୃତୀୟା ଦିନ ଧାନ ବୁଣା ଆରମ୍ଭ କରି ଯେଉଁ ନିର୍ଦ୍ଦିଷ୍ଟ କିଆରିରେ ଅକ୍ଷିମୁଠି ବୁଣେ—The field in which the cultivator sows his paddy every year on the Akshaya trutiyā day.
[ ଦ୍ର —କୃଷକ ବିପନ୍ନ ହେଲେ ତାର ସମସ୍ତ ଜମି ବିକି କରିବ; କିନ୍ତୁ ତାହାର ଧାରଣା ଯେ ଅକ୍ଷିମୁଠି କିଆରିକୁ ବିକିଲା ଦିନ ତାଠାରୁ ଲକ୍ଷ୍ମୀ ଛାଡ଼ି ଯିବେ । ]

**ଅକ୍ଷିର କ୍ଷୀର**—ଦେ. ବି. (ସଂ. ଅକ୍ଷି + କ୍ଷୀର)—ଲୋତକ; ଲୁହ—Tear. **Akshira kshīra**

ତଳେଣ୍ଟ ଅକ୍ଷିର କ୍ଷୀର, କାତ ମୋ ପରମାର ମାର, ଚେଳେ ସୁମନ ନବା ପର ପର ।
ଉପେନ୍ଦ୍ର—ପ୍ରେମସୁଧାନିଧି ୧୩।୧୪ ।

**ଅକ୍ଷୀକ**—ସଂ. ବି. ( ଅକ୍ଷ ଧାତୁ + କର୍ତ୍ତୃ. ଇକ )—ଅକ୍ଷିକ ( ଦେଖ ) **Akshīka** Akshika ( See )

**ଅକ୍ଷୀଣ**—ସଂ. ବିଣ. ( ନଞ୍ ତତ୍; ଅ + କ୍ଷୀଣ )—
**Akshīna** ୧ । ଅକୃଶ—1. Not weak
(ଅକ୍ଷୀଣା— ସ୍ତ୍ରୀ) ୨ । ସବଳ—2. Strong.
୩ । ଦୃଢ଼—3. Firm.
୪ । କ୍ଷୟଶୂନ୍ୟ—4. Inexhausted; not waning.

ଯଥା ଅକ୍ଷୀଣାଙ୍କ ପ୍ରଭା ଜଣି ଯେ
ଉତ୍ତରଦ୍ୱୟଣରୁ ଦକ୍ଷିଣାବର୍ତ୍ତିକ ହେବାର ଯାଏ ଅଗ୍ରସି ଯେ ।
ଅଭିମନ୍ୟୁ—ବିଦଗ୍ଧଚିନ୍ତାମଣି ।

**ଅକ୍ଷୀଣବୃତ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅକ୍ଷୀଣ + ବୃତ୍ତ; ଯାହାର **Akshīnabrutta** ଅଭ୍ୟାସ ଦୃଢ଼ ଅଟେ )—୧ । ବେଦବିହିତ
( ଅକ୍ଷୀଣବୃତ୍ତା—ସ୍ତ୍ରୀ ) ଆଚରଣରେ ଅଭ୍ୟସ୍ତ—1. Habituated to the practice of Vedic rites.
୨ । ବୈଦିକଆଚାର ନିଷ୍ଠ ।
2. Practising. Vedic rites.

**ଅକ୍ଷୀବ**—ସଂ. ବି. (ଅ + କ୍ଷୀବ୍ ଧାତୁ + କରଣ. ଅ)—ଅକ୍ଷିବ (ଦେଖ) **Akshība** Akshiba ( See )
ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କ୍ଷୀବ )—
( ଅକ୍ଷୀବା—ସ୍ତ୍ରୀ) ୧ । ଅନୁନ୍ମତ୍ତ—1. Not maddened.
୨ । ଗର୍ବଶୂନ୍ୟ—2. Free from pride.

**ଅକ୍ଷୁଣ୍ଣ**—ସଂ. ବିଣ. (ନଞ୍ ତତ୍; ଅ + କ୍ଷୁଣ୍ଣ)—
**Akshunna** ୧ । ଅଖଣ୍ଡ; ଅଖଣ୍ଡିତ ।
(ଅକ୍ଷୁଣ୍ଣା—ସ୍ତ୍ରୀ) 1. Unbroken; whole.
୨ । ଅଚ୍ଛିନ୍ନ—2. Uncut.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍‌ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ୍ଂ | ଉଅ | ଘ୍ନ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଙ୍କ | ନ୍ହ |

୩ । ଅଖଣ୍ଡ; ପୂର୍ଣ୍ଣ—3. Full.
୪ । ଅମ୍ଳାନ—4. Unfaded; untarnished.
୫ । ସୁସ୍ଥ—5. Hale; healthy.
୬ । ଅରୁଦ୍ଧ—6. Unrestrained.
୭ । ଅବିକୃତ—7. Unchanged.
୮ । ଅକ୍ଷୁବ୍ଧ; କ୍ଷୋଭ ରହିତ ।
8. Unperplexed; not sad.
୯ । ଅନାଲୋଡ଼ିତ—9. Undisturbed; unagitated.
୧୦ । ଶାନ୍ତ; ସ୍ଥିର—10. Calm.

**ଅକ୍ଷୁଧ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + କ୍ଷୁଧା)—
**Akshudha** ୧ । କ୍ଷୁଧାରହିତ; ଯାହାକୁ ଭୋକ କରେ ନାହିଁ ।
(ଅକ୍ଷୁଧା—ସ୍ତ୍ରୀ) 1. Having no appetite.
୨ । ଯେ ଭୋକିଲା ହୋଇ ନାହିଁ ।
2. Not feeling hungry.

**ଅକ୍ଷୁଧା**—ସଂ. ବିଣ. ସ୍ତ୍ରୀ. (ଅକ୍ଷୁଧ + ଆ)—ଅକ୍ଷୁଧର ସ୍ତ୍ରୀଲିଙ୍ଗ ।
**Akshudhā** Feminine of Akshudha.
ସଂ. ବି. (ନଞ୍ ତତ୍; ଅ + କ୍ଷୁଧା)—
୧ । କ୍ଷୁଧାର ଅଭାବ—1. Want of appetite.
୨ । ଖାଦ୍ୟପ୍ରତି ବିତୃଷ୍ଣା—2. Unwillingness for taking meal.

**ଅକ୍ଷୁବ୍ଧ**—ସଂ. ବିଣ. (ନଞ୍ ତତ୍; ଅ + କ୍ଷୁବ୍ଧ)—
**Akshubdha** ୧ । ଅବ୍ୟାକୁଳ—1. Unexcited; unagitated.
(ଅକ୍ଷୁବ୍ଧା—ସ୍ତ୍ରୀ)
୨ । ଶାନ୍ତ—2. Composed; calm.

**ଅକ୍ଷେତ୍ର**—ସଂ. ବି. (ଅ + କ୍ଷେତ୍ର)—
**Akshetra** ୧ । ଶସ୍ୟୋତ୍ପାଦନାର୍ଥ ଅନୁପଯୁକ୍ତ ଭୂମି—1. Land unfit for production of crops.
୨ । ଅତି ନିକୃଷ୍ଟ କ୍ଷେତ୍ର—2. Very inferior land.
୩ । ଅପାତ୍ର; ଅସତ୍ପାତ୍ର; ଦାନର ଅଯୋଗ୍ୟ ବ୍ୟକ୍ତି ।
3. An unfit recipient.
୪ । ଅନୁପଯୁକ୍ତ ବ୍ୟକ୍ତି; ଅଯୋଗ୍ୟ ବ୍ୟକ୍ତି ।
4. An unfit person.

**ଅକ୍ଷେମ**—ସଂ. ବି. ( ନଞ୍ ତତ୍; ଅ + କ୍ଷେମ )—ଅଶୁଭ; ଅମଙ୍ଗଳ ।
**Akshema** Ill; evil.
ଗ୍ରା. ବିଣ. (ସଂ. ଅକ୍ଷମ)—ଅକ୍ଷମ—Unable.

**ଅକ୍ଷୋଟ**—ସଂ. ବି. (ଅକ୍ଷ ଧାତୁ + କର୍ତ୍ତୃ. ଓଟ; ଯାହା ଗଛରୁ ଝଡ଼ି ତଳେ
**Akshota** ଜମା ହୋଇଯାଏ ।)—
ଆଖରୋଟ, ୧ । ପାର୍ବତ୍ୟ ବୃକ୍ଷ ଓ ତହିଁର
ଆକ୍ରୋଟ ଫଳ; ଗିରିସମ୍ଭବ ପୀଲୁ ବୃକ୍ଷ ଓ
ଫଳ । ଆଖ୍‌ରୋଟ—The walnut; Juglans Regia; Aleurites Moluccana (Kirtikar).

अखोट, आखरोट,
आकोला, अखरोट
ଫା—ଅଖ୍‌ରୋଟ୍,
ଗୃଓିଁ ଗଜ୍
ଆ—ଜେଜୁଲ୍ ହିନ୍ଦ୍
ଅନ୍ୟ ସଂ. ନାମ—
ଅକ୍ଷୋଟକ; ଅକ୍ଷୋଡ଼;
ଆକ୍ଷୋଟ; କର୍ପରାଳ

[ଦ୍ର—ଏ ଫଳ ଦେଖିବାକୁ ଆମ୍ବଡ଼ାପରି; ଏ ଫଳର ଟାକୁଆ ବଜାରରେ ଆଖ୍‌ରୋଟ ନାମରେ ମେଉଆ ଫଳରୂପେ ବିକ୍ରି ହୁଏ । ଟାକୁଆ ଭିତରେ ଖାଦ୍ୟ ଓ ତୈଳମୟ ଶସ ଥାଏ । ଫଳ ଅପେକ୍ଷା କାଠ ମୂଲ୍ୟବାନ୍; ଏହି ଗଛର ବକଳରୂପେ ଯେଉଁ ବୃହଦାକାର ଖର୍ପରି ବା ଖପରା ପରି ପତଳା କାଠ ହୁଏ ତାହା କାଠ ଅପେକ୍ଷା ଅଧିକ ମୂଲ୍ୟବାନ୍ ଓ ଏ ପତଳା କାଠ ଟେବଲ୍, ଚଉକି, ବାକ୍ସ ଆଦିର କାଠ ଉପରେ ମଡ଼ାଯାଏ । ଟାକୁଆକୁ ଛେଚଲେ ତହିଁରୁ ବାଦାମ ପରି ସୁଖାଦ୍ୟ ଶସ ବାହାରେ । ଏହି ଶସକୁ ପଲଉ ଓ ପିଠାରେ ମିଶାଯାଏ । ଏ ଗଛ ବାହାଡ଼ା ଗଛ ପରି ବଡ଼ । କାବୁଲ୍, ପାରସ୍ୟ, ଅଫଗାନିସ୍ଥାନ, ଭୂଟାନ୍, ଇଉରୋପ ଓ ଅମେରିକାରେ ଏ ଗଛ ଜନ୍ମେ । ଅମେରିକା ଦେଶର ଆଖ୍‌ରୋଟ ଫଳ କଳା । ବୈଦ୍ୟଶାସ୍ତ୍ର ମତରେ ଏହି ଫଳ ମଧୁର, ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ, ଗୁରୁପାକ, ମଳଭେଦକ, ବାତପିତ୍ତନାଶକ, କଫବର୍ଦ୍ଧକ, ବଳକାରକ ଓ ରକ୍ତଦୋଷନାଶକ । ]

୨ । ଦେଶୀ ଆଖ୍‌ରୋଟ—2. The Indian walnut; the candlenut; Aleurites Triloba.

[ ଦ୍ର—ଏହା ଏରଣ୍ଡାଦି ବର୍ଗର ବୃହତ୍ ତରୁ । ଏହାର ଫଳର ଟାକୁଆ ମଧ୍ୟରେ କାବୁଲି ଆଖ୍‌ରୋଟ୍ ପରି ତୈଳାକ୍ତ ପାଞ୍ଚଟିଠାରୁ ଦଶଟି ପର୍ଯ୍ୟନ୍ତ ମଞ୍ଜି ଥାଏ । ଏହା ଭାରତରେ ଶୁଖିଲା ଭୂମିରେ ଜନ୍ମେ । ]

**ଅକ୍ଷୋଟକ**—ସଂ. ବି. (ଅକ୍ଷୋଟ + ସ୍ୱାର୍ଥେ. କ)—ଅକ୍ଷୋଟ ( ଦେଖ )
**Akshotaka** Akshota ( See )

**ଅକ୍ଷୋଡ଼**—ସଂ. ବି. ( ଅକ୍ଷ ଧାତୁ + କର୍ତ୍ତୃ.ଓଡ଼)—ଅକ୍ଷୋଟ ( ଦେଖ )
**Akshorda** Akshota ( See )

**ଅକ୍ଷୋଭ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + କ୍ଷୋଭ )—
**Akshobha** ୧ । କ୍ଷୋଭରହିତ; ଅକାତର—1. Free from mental agitation.
ଅକ୍ଷୋଭନୀୟ, ଅକ୍ଷୋଭ୍ୟ, ଅକ୍ଷୋଭ୍ୟ } ବିଣ. ୨ । ଚିତ୍ତଚାଞ୍ଚଲ୍ୟରହିତ—2. Free from mental restlessness.
(ଅକ୍ଷୋଭା—ସ୍ତ୍ରୀ)

ସଂ. ବି. ୧ । ( ନଞ୍ ତତ୍; ଅ + କ୍ଷୋଭ )—କ୍ଷୋଭହୀନତା; କାତରତାର ଅଭାବ—1. Absence of mental agitation or sadness.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ବିଣ. ୨ । ହସ୍ତିବନ୍ଧନ ସ୍ତମ୍ଭ; ଆଲ୍ଲାନ; ହାତି ବନ୍ଧା ଯିବା ଖୁଣ୍ଟ । 2. The post to which an elephant is tied.

**ଅକ୍ଷୋଭ୍ୟ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + କ୍ଷୋଭ୍ୟ )— Akshobhya ୧ । ଅବିଚଳିତ; ଯେଉଁ ବ୍ୟକ୍ତି ଆପଦ ବିପଦରେ (ଅକ୍ଷୋଭ୍ୟା—ସ୍ତ୍ରୀ) କାତର ହୁଏ ନାହିଁ—1. Unagitated, unperturbed.

୨ । ଅଧୃଷ୍ୟ—2. Invincible.

ସଂ. ବି. ( ନାମ ) ପାଞ୍ଚ ଜଣ ଧ୍ୟାନୀ ବୁଦ୍ଧଙ୍କ ମଧ୍ୟରୁ ଏକତମ । Name of one of the five Dhyani Buddhas.

**ଅକ୍ଷୋହିଣି**—ଦେ. ବି. ( ସଂ. ଅକ୍ଷୌହିଣୀ )—ଅକ୍ଷୌହିଣୀ ( ଦେଖ ) Akshohini Akshauhini ( See )

**ଅକ୍ଷୌହିଣୀ**—ସଂ. ବି. ସ୍ତ୍ରୀ. ( ଅକ୍ଷ = ରଥ + ଉହ ଧାତୁ = ପାଇବା + Akshauhini କର୍ମ. ଇନ୍ + ସ୍ତ୍ରୀ. ଈ; ଯହିଁରେ ନିର୍ଦ୍ଦିଷ୍ଟ ସଂଖ୍ୟକ ରଥ ଦେଖାଯାଏ । )—

ଯେଉଁ ସୈନ୍ୟଦଳରେ ୨୧୮୭୦ ରଥ, ୨୧୮୭୦ ହସ୍ତୀ, ୬୫୬୧୦ ଅଶ୍ୱ ଓ ୧୦୯୩୫୦ ପଦାତି, ଏପରି ସର୍ବସୁଦ୍ଧା ଦୁଇ ଲକ୍ଷ ଅଠର ହଜାର ସାତ ଶହ ସୈନ୍ୟ ଥାଆନ୍ତି—An army consisting of 218700 soldiers of 4 classes.

[ ଦ୍ର—ଅକ୍ଷୌହିଣୀର ୧/୧୦ ସଂଖ୍ୟକ ସେନାର ନାମ ଅନୀକିନୀ; ଅନୀକିନୀର ⅓ = ଚମୂ; ଚମୂର ⅓ = ପୃତନା; ପୃତନାର ⅓ = ବାହିନୀ; ବାହିନୀର ⅓ = ଗଣ; ଗଣର ⅓ = ଗୁଳ୍ମ; ଗୁଳ୍ମର ⅓ = ସେନାମୁଖ; ସେନାମୁଖର ⅓ = ପତ୍ତି; ପ୍ରତ୍ୟେକ ପତ୍ତି ୧ ରଥ, ୧ ହସ୍ତୀ, ୩ ଅଶ୍ୱ ଓ ୫ ପଦାତିଦ୍ୱାରା ଗଠିତ । ]

ଏହି ଭିନ୍ନ ଭିନ୍ନ ସେନାଙ୍କ ନିର୍ଣ୍ଣୟ, ଯଥା—

ଏକେଭୈକରଥା ତ୍ର୍ୟଶ୍ୱା ପତ୍ତିଃ ପଞ୍ଚ ପଦାତିକା
ପତ୍ତ୍ୟଙ୍ଗୈ ସ୍ତ୍ରିଗୁଣୈଃ ସର୍ବୈଃ କ୍ରମାଦାଖ୍ୟା ଯଥୋତ୍ତରଂ
ସେନାମୁଖଂ, ଗୁଳ୍ମଗଣୌ, ବାହିନୀ, ପୃତନା, ଚମୂଃ
ଅନୀକିନୀ ଦଶାନୀକିନ୍ୟକ୍ଷୌହିଣ୍ୟଥ ସଂଖ୍ୟା । ଅମରକୋଷ ।

**ଅକ୍ସ୍‌ଫୋର୍ଡ୍‌**—ବୈଦେ. ବି. ( ନାମ )—ଇଂଲଣ୍ଡର ଗୋଟିଏ ସାୟାର Aksphord ବା ଜିଲ୍ଲା ଏବଂ ତହିଁର ପ୍ରଧାନ ନଗରର ନାମ । Oxford, name of a Shire and town in England.

[ ଦ୍ର—ଏହି ନଗରରେ ବିଶ୍ୱବିଖ୍ୟାତ ବିଶ୍ୱବିଦ୍ୟାଳୟ ଅଛି । ଏହା ଟେମ୍ସ ନଦୀ କୂଳରେ ଓ ଲଣ୍ଡନର ଉତ୍ତରପଶ୍ଚିମରେ ଅବସ୍ଥିତ; ପ୍ରାଚୀନ ଭାରତବର୍ଷରେ ବାରାଣସୀ ବା କାଶୀ ପରି ଇଂଲଣ୍ଡରେ ଏହା ବିଦ୍ୟାଲୋଚନାର ଗୋଟିଏ ପ୍ରଧାନ କେନ୍ଦ୍ର ଅଟେ । ]

**ଅକ୍ସର୍ ଇତ୍ୟାଦି**—ବୈଦେ. ଅ.—ଅକସର୍ ଇତ୍ୟାଦି ( ଦେଖ ) Aksar etc. Akasar etc ( See )

**ଅକ୍ସାଲିକ୍ ଏସିଡ୍**—ବୈଦେ. ବି. ( ଇଂ. Oxalic acid ) Aksalik esid ଗାମ୍ଲାମ୍ଳକ ବାଷ୍ପବିଶେଷ—Oxalic acid.
ଅମ୍ଳାଳିକ୍ ଏସିଡ୍
ଅକ୍ସାଲିକ୍ ଏସିଡ୍

**ଅକ୍ସିଜେନ**—ବୈଦେ. ବି. ( ଇଂ )—ଅମ୍ଳଜାନ ବାଷ୍ପ । Aksijen Oxygen.

[ ଦ୍ର—ଏହା ଜଳର ଏବଂ ବାୟୁର ଗୋଟିଏ ପ୍ରଧାନ ଉପାଦାନ; ୧ ଭାଗ ଅକ୍ସିଜେନ୍ ଓ ୨ ଭାଗ ହାଇଡ୍ରୋଜେନ୍‌ର ରାସାୟନିକ ମିଶ୍ରଣରେ ଜଳ ଉତ୍ପନ୍ନ ହୁଏ । ଏହି ବାଷ୍ପର ବିଶେଷ ଦାହିକା ଶକ୍ତି ଅଛି । ବାୟୁରେ ଏହି ବାଷ୍ପ ମିଶି ଥିବାରୁ ବାୟୁ ସାହାଯ୍ୟରେ ନିଆଁ ଜଳେ । ସାଧାରଣତଃ ବାୟୁରେ ଶତକରା ୨୧ ଭାଗ ଅକ୍ସିଜେନ ଅଛି । ]

**ଅଖ୍‌ନି**—ବୈଦେ. ବି.—(ଅ. ଯୃଖନୀ; ଫା. ଆଖ୍‌ନୀ)୧। ଝୋଳୁଆ; ମାଂସର Akhni ଝୋଳ—1. Soup. ୨ । ପଲଉ ପାଇଁ ପ୍ରସ୍ତୁତ ମସଲା ଆକନୀ ସିଝା ପାଣି—2. Water boiled with spices used for preparing palau.
अखनी

**ଅଖ୍‌ରୋଟ୍**—ଦେ. ବି. (ସଂ. ଅକ୍ଷୋଟ)—ଅକ୍ଷୋଟ (ଦେଖ) Akhrot Akshota ( See)

**ଅଖ**—ଦେ. ବି. (ସଂ. ଅକ୍ଷ)—୧ । ଶଗଡ଼ର ଦୁଇଚକ ମଧ୍ୟରେ ଲାଗିଥିବା Akha ଭାରବାହୀ ଦଣ୍ଡ; (ଏହା ଉପରେ ଶଗଡ଼ର ଦଣ୍ଡା ରହେ) । ଦାଣ୍ଡ, ଈଷ 1. Axle tree.
अखौटा, अखौट
धुरा, आँक

ଭାଙ୍ଗିବ ଶକଟ ଯେ କରିବ ସର୍ବ ଧନ
ଅଖ ଚକ ଦଣ୍ଡା କରିବ ଓଁଧି ଫଳି ।
ସାରଳା ମହାଭାରତ, ଉଦ୍ୟୋଗ ।

୨ । ଓଖ; ମନ୍ଦ ଅଭ୍ୟାସ—2. A bad habit.

୩ । ଦୋଷ – 3. Fault; defect.

୪ । ବାହାନା—4. Pretence; excuse.

**ଅଖଉରିଆ**—ଦେ. ବିଣ.—୧ ( ସଂ. ଅ + କ୍ଷୌର )—ଯେଉଁ ବ୍ୟକ୍ତି Akhauria କ୍ଷୁର ହୋଇ ନ ଥାଏ—1. Unshaven.
ଆକାମାନ ୨ । (ସଂ. ଖର) ଯାହାର ଦେହ ଖଉରିଆ ବା ରୁକ୍ଷ ନୁହେଁ । 2. A person whose body is not rough.

**ଅଖକାଠ**—ଦେ. ବି. ( ସଂ. ଅକ୍ଷ + କାଷ୍ଠ )—ଅଖ ପାଇଁ ଉପଯୋଗୀ Akhakatha ଅର୍ଥାତ୍ ବେଶି ଭାର ବହନକ୍ଷମ କାଠ । A wood fit for being made into axle.

[ ଦ୍ର—ସବୁ ପ୍ରକାରର କାଠରେ ଅଖ ତିଆରି ହୁଏ ନାହିଁ । ଯେଉଁ କାଠ ବିଶେଷ ଭାରସହ ସେହି ଜାତୀୟ କାଠରେ ଅଖ ତିଆରି ହୁଏ । ଯଥା—ଧଅ, ଧାମଣ, ବେଏଣ୍ଟା, ଗିରଙ୍ଗା, ଅସନ, ବେଲ । ]

**ଅଖକାଢ଼ିବା**—ଦେ. କ୍ରି—ବାହାନା କରିବା; ଛଳନା କରିବା—To Akhakardhiba feign; to put forth an excuse.
छलकरना
बहानाकरना

**ଅଖଚୂଳ**—ଦେ. ବି. ( ସଂ. ଅକ୍ଷ + ଚୂଡ଼ା )—ଶଗଡ଼ର ଅଖର ଶେଷ ମୁଣ୍ଡ, Akhachula ଯାହା ଚକ ମଧ୍ୟରେ ପଶିବା ପରେ ଚକର ନାହିଅରୁ ବାହାରକୁ ବାହାରି ଥାଏ ଓ ଯେଉଁଠାରେ ଛିଦ୍ର କରାଯାଇ ଅଣକୀଲ ମରା ହୋଇଥାଏ—The protruding ends of an axle tree.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ତ୍ଥ | ଙ୍ଖ |
| ୨ | ଈ | ଉ | ରୁ | ଲୁ | ଚ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଢ |

**ଅଖାଚୂଳୀ**—ଦେ. ବି. ( ସଂ. ଅକ୍ଷ ଓ ଚୂଡ଼ା )—ଅଖାଚୂଳ ( ଦେଖ )
Akhachūḻī Akhachūḻa ( See )

**ଅଖାଞ୍ଜ**—ଦେ. ବି—୧ । ଅସୁବିଧା—1. Inconvenience.
Akhañja ୨ । ଅସୁବିଧାଜନକ ସମୟ—2. Inconvenient time; inopportune moment.
**अस्uविधा** ୩ । ଅସୁବିଧାପୂର୍ଣ୍ଣ ଅବସ୍ଥା—3. Inconvenient state.
**अड़चन,**
**अंडस्**
ଦେ.ବିଣ—ଅସୁବିଧାଜନକ; ଅସଜଡ଼ା—Inconvenient; inopportune.

ଏହା ବଳା ବ୍ୟାଖ୍ୟାରେ ବୁଝି ସିବାକୁ ଗ୍ରାମର ବୁଦ୍ଧିମନ୍ତ ସ୍ୱାମୀମାନଙ୍କ ପକ୍ଷରେ ଅଖାଞ୍ଜ ହେଲା ନାହିଁ । ଫକୀରମୋହନ. ଛ ମାଣ ଆଠଗୁଣ୍ଠ ।

**ଅଖାଞ୍ଜଖାଞ୍ଜ**—ଦେ.ବି—(ବିପରୀତାର୍ଥକ ସହଚର)—୧ । ଅସୁବିଧା ଓ ସୁବିଧା ।
Akhañjakhañja 1. Inconvenience and convenience.
**सुविधा अस्uविधा**
**असुविधा सुविधा** ୨ । ଅସୁବିଧାଜନକ ସମୟ ଓ ସୁବିଧାଜନକ ସମୟ; ଅସମୟ ସମୟ—2. Inopportune moments and convenient time.
୩ । ଅସମୟ; ଅଭାବଗ୍ରସ୍ତ ସମୟ—3. Times of need.
( ଯଥା—ମୁଁ ସିନା ବନ୍ଧୁ ବାନ୍ଧିଥିଲି ଅଖାଞ୍ଜଖାଞ୍ଜ ବେଳେ ଯାଇ ତୁମର ଆଶ୍ରା ନେବି ବୋଲି, କିନ୍ତୁ ତୁମେ ଟିକିଏ ମୋ ମୁହଁକୁ ଚାହିଁଲ ନାହିଁ । )

**ଅଖାଞ୍ଜା**—ଦେ. ବିଣ—୧ । ଯାହା ଖଞ୍ଜା ବା ସଜ୍ଜିତ ହୋଇ ନାହିଁ ।
Akhañjā 1. Unset; unfurnished.
**आखाँज** ୨ । ଅନିର୍ଦ୍ଦିଷ୍ଟ—2. Uncertain; unsettled.
**बेठिकाना** ୩ । ଯାହା କୌଣସି ବ୍ୟକ୍ତି ବା ଅନୁଷ୍ଠାନ ପାଇଁ ଉତ୍ସୃଷ୍ଟ ହୋଇନାହିଁ—
3. Undedicated; unendowed.
୪ । ଯେଉଁ ଗୃହର ଖଞ୍ଜା ବା ଅଗଣା ନାହିଁ ।
4. (house) Having no courtyard attached to it.

**ଅଖାଞ୍ଜିଆ** – ଦେ. ବିଣ—
Akhañjiā ଅସଜଡ଼ା; ଅସୁବିଧାମୟ ।
**अस्uविधा** Inconvenient.
**बेमौका**

**ଅଖାଟ**—ଦେ. ବିଣ—( ସଂ. ଅଘଟ )—୧ । ଅଘଟ; ନଅଣ୍ଟ ।
Akhaṭa 1. Inadequate; insufficient.
**अनाटन** ୨ । ଦୁର୍ଘଟ; କଠିନ—2. Difficult.
**अघट** ୩ । ଅନୁପଯୋଗୀ—3. Unsuitable; inapplicable.
ଦେ. ବି—୧ । ଅନଟନ; ନଅଣ୍ଟ ଅବସ୍ଥା—1. Inadequacy.
୨ । ଅଭାବ—2. Want.

**ଅଖାଟଖାଟ**—ଦେ. ବି—( ବିପରୀତାର୍ଥକ ସହଚର )—ଅଣ୍ଟ ନଅଣ୍ଟ; ଅଣ୍ଟିବା ଓ ନଅଣ୍ଟିବା ଅବସ୍ଥା—Cases of inadequacy and adequacy.
Akhaṭakhaṭa

**ଅଖାଟୁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ତୁଳ—ଓ. ଖଟିବା=କର୍ମ କରିବା; ବଂ. ଖାଟା=ପରିଶ୍ରମ କରିବା)—
Akhaṭu
**आलसे** ୧ । ନଖଟୁ; ପରିଶ୍ରମବିମୁଖ—1. Shrinking from labour.
**आलसी**
୨ । ଅଳସୁଆ—2. Idle; lazy.
୩ । ଅପାରଗ—3. Incompetent; incapable.
୪ । ଅକାମିକା—4. Worthless; useless.

**ଅଖାଟ୍ଟ**—ସଂ. ବି. ( ଅ + ଖଟ୍ ଧାତୁ = ଆଚ୍ଛାଦନ କରିବା + ସଂଜ୍ଞାର୍ଥ. ଟ)—
Akhaṭṭa (ବୈଦିକ) ଚିରକୋଳ ଗଛ; ପିଆଳ (ବୃକ୍ଷ) (ଦେଖ)
Piyāḻa (tree) ( See )

**ଅଖାଟ୍ଟି**—ସଂ. ବି. ( ଅ + ଖଟ୍ଟି )—୧ । ମନ୍ଦ ବ୍ୟବହାର ।
Akhaṭṭi 1 Bad treatment.
୨ । ଅଭଦ୍ର ବ୍ୟବହାର—2. Uncivil or rude behaviour.

**ଅଖାଡ଼**—ଦେ. ବି. ୧ । ଅକଳ; ଅଖାଞ୍ଜ; ଅସୁବିଧା ।
Akharda 1. Inconvenience.
**বেখড, বিঘোর** ୨ । ଅନିୟମ—2. Want of regularity or system.
**अकड़**
୩ । ଗୋଳମାଳ—3. Confusion; agitation.
୪ । ଓଲଟ ପାଲଟ—4. State of being topsyturvy.
୫ । ଧୃଷ୍ଟତା—5. Insolence.
ଦେ. ବିଣ—୧ । ଅକଳିଆ; ଅଖାଞ୍ଜିଆ; ଅସୁବିଧାଜନକ ।
1. Inconvenient.
୨ । ଅନିୟମିତ—2. Irregular; unsystematic.
୩ । ଅଖାଡ଼ୁଆ—3. Reckless.

**ଅଖାଡ଼ ବଖାଡ଼**—ଦେ. ବି. ( ସହଚର ) ୧ । ଅଖାଡ଼ ( ଦେଖ )
Akharda bakharda 1. Akharda ( See )
**খিটিমিটি** ୨ । ଅଡୁଆ—Complications.
**अकड तकड** ୩ । କଳିଗୋଳ; ବିବାଦ—3. Dispute; quarrel.
ଦେ. ବିଣ—ଅଖାଡ଼ (ଦେଖ)
Akharda ( See )

**ଅଖାଡ଼େ**—ଦେ. କ୍ରି. ବିଣ—୧ । ଅକାରଣରେ; ବୃଥାରେ ।
Akharde 1. In vain.
**বিঘোরে, বেখড়ে** ମନେ ହେଉଛି ଅଖାଡ଼େ ଯିବ ସବୁ ପରିଶ୍ରମ ଯେ ।
**अकड़में** ବ୍ରଜନାଥ. ସମରତରଙ୍ଗ ।
୨ । ଅନାୟାସରେ—2. Easily.
୩ । ଅସୁବିଧାରେ ପଡ଼ି; ଅକଳରେ; ଅନନ୍ୟୋପାୟ ଅବସ୍ଥାରେ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ;— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

3. In a helpless condition; having no other alternative.

ଧରି ନ ପାରିଲି ସ୍ଥାନ କେଉଁ ତ ଅଗତେ । ପୀତାମ୍ବର, ନୃସିଂହପୁରାଣ ୧ ।

**ଅଖଣ୍ଡ**—ସଂ. ବିଣ. ( ଅ + ଖଣ୍ଡ )—୧ । ଅଖଣ୍ଡିତ; ଯହିଁରୁ କୌଣସି
**Akhaṇḍa** ଅଂଶ ଖଣ୍ଡିତ ହୋଇ ନାହିଁ; ପୂର୍ଣ୍ଣ ।
1. Undivided; whole.

ଅମୂଲ୍ୟ ରତ୍ନ ସିଂହାସନ, ମଧ୍ୟେ ଅଖଣ୍ଡ କୃଷ୍ଣାଜିନ । ଭୂପତି• ପ୍ରେମପଞ୍ଚାମୃତ ।

୨ । ଅକ୍ଷତ; ନିଖୁଣ—2. Unhurt.

୩ । ଯହିଁରେ ଦାଗ ନାହିଁ—3. Unstained.

୪ । ଅଲଙ୍ଘନୀୟ; ଅଖଣ୍ଡନୀୟ; ଯାହାକୁ କେହି ଅନ୍ୟଥା କରି ନ ପାରେ—4. Intransgressable; uninfringeable.

୫ । ଅପରିବର୍ତ୍ତନୀୟ—5. Unchangeable; immutable.

୬ । ଯାହାକୁ କେହି ଯୁକ୍ତି ବା ଉତ୍ତରଦ୍ୱାରା ଖଣ୍ଡନ କରି ନ ପାରେ—6. Irrefutable; unassailable.

୭ । ଅନବଚ୍ଛିନ୍ନ—7. Uninterrupted; continuous.

୮ । ପ୍ରତିଦ୍ୱନ୍ଦ୍ୱରହିତ (ଯଥା—ରାଜତ୍ୱ) ।
8. Having no rival.

**ଅଖଣ୍ଡ ଦ୍ୱାଦଶୀ**—ସଂ. ବି. (ଯେଉଁ ଦ୍ୱାଦଶୀରେ ଅନୁଷ୍ଠିତ ଧର୍ମକର୍ମର ଫଳ
**Akhaṇḍa dwādaśī** ଖଣ୍ଡିତ ହୁଏ ନାହିଁ )—ମାର୍ଗଶିର ଶୁକ୍ଳ ଦ୍ୱାଦଶୀ—The twelfth day of the bright fortnight of Mārgaśira.

**ଅଖଣ୍ଡନ**—ସଂ. ବି. ( ଅ+ଖଣ୍ଡନ )—
**Akhaṇḍana** ୧ । ଅପ୍ରମାଣ—1. Non-refutation.

୨ । ଅଲଙ୍ଘନ—2. Non-transgression.

୩ । (ନିରାକାର ଥିବାରୁ ଯାହା ବିଭକ୍ତ କରି ଯାଇ ନ ପାରେ ) ପରମାତ୍ମା ।
3. The Supreme Soul pervading the Universe.

ସଂ. ବିଣ. (ବହୁବ୍ରୀହି)—୧ । ଅଖଣ୍ଡ; ଅବିଭକ୍ତ ।
1. Undivided; unbroken.

୨ । ଅକ୍ଷୟ—2. Inexhaustible.

୩ । ଅଖଣ୍ଡନୀୟ (ଦେଖ)
Akhaṇḍanīya (See)

**ଅଖଣ୍ଡନୀୟ**—ସଂ. ବିଣ. (ଅ + ଖଣ୍ଡନୀୟ)—୧ । ଯାହା ଭଙ୍ଗା ଯାଇ ନ
**Akhaṇḍanīya** ପାରେ; ଅବିଭାଜ୍ୟ—1. Unbreakable; infragible.
(ଅଖଣ୍ଡନୀୟତା—ବି.)

୨ । ଅକାଟ୍ୟ;ଯାହାକୁ ଯୁକ୍ତିଦ୍ୱାରା ଖଣ୍ଡନ କରାଯାଇ ନ ପାରେ—2. Irrefutable.

୩ । ଅପରିବର୍ତ୍ତନୀୟ—3. Unchangeable

୪ । ଯାହା ଅନ୍ୟଥା କରି ଯାଇ ନ ପାରେ ।
4. Which cannot be made otherwise.

୫ । ଅଲଙ୍ଘନୀୟ—5. Unavoidable.

**ଅଖଣ୍ଡମଣ୍ଡଳ**—ସଂ. ବି. (କର୍ମଧା)—୧ । ଯେଉଁ ବୃତ୍ତର ପରିଧିର କୌଣସି-
**Akhaṇḍamaṇḍaḷa** ଠାରେ ଖଣ୍ଡିତ ବା ଛିଣ୍ଡା ହୋଇ ନାହିଁ ।
1. An unbroken circle.

୨ । ପୂର୍ଣ୍ଣବୃତ୍ତ; ସମ୍ପୂର୍ଣ୍ଣରୂପେ ଗୋଲ ମଣ୍ଡଳ ।
2. A complete circle.

ସଂ. ବିଣ.—ପୂର୍ଣ୍ଣ ବୃତ୍ତାକୃତିବିଶିଷ୍ଟ—Perfectly circular.

**ଅଖଣ୍ଡମଣ୍ଡଳାକାର**—ସଂ. ବିଣ. (ବହୁବ୍ରୀହି; ଅଖଣ୍ଡ ମଣ୍ଡଳ + ଆକାର)—
**Akhaṇḍamaṇḍaḷākāra** ୧ । ପୂର୍ଣ୍ଣଭାବରେ ଗୋଲ ।
1. Perfectly spherical.

୨ । ଯହିଁର ପରିଧି ଖଣ୍ଡିତ ହୋଇ ନାହିଁ ।
2. Consisting of an unbroken circle.

ସଂ. ବି. ( କର୍ମଧା )—ପୂର୍ଣ୍ଣ ବୃତ୍ତାକୃତି—A perfectly spherical shape.

**ଅଖଣ୍ଡ ରାଜତ୍ୱ**—ସଂ. ବି. (କର୍ମଧା)—
**Akhaṇḍa rājatwa** ୧ । ଅନବଚ୍ଛିନ୍ନ ରାଜ୍ୟଭୋଗ ।
1. Continuous or uninterrupted reign.

୨ । ନିଷ୍କଣ୍ଟକ ରାଜପଣ; ପ୍ରତିଦ୍ୱନ୍ଦ୍ୱରହିତ ରାଜତ୍ୱ ।
2. Unobstructed reign; reign in which there is no rival.

**ଅଖଣ୍ଡ ରାଜ୍ୟ**—ସଂ. ବି. (କର୍ମଧା )—୧ । ଯେଉଁ ରାଜ୍ୟରେ ରାଜାଙ୍କର
**Akhaṇḍa rājya** କେହି ପ୍ରତିଦ୍ୱନ୍ଦ୍ୱୀ ବା ସିଂହାସନପାଇଁ ଦାବିଦାର ନାହିଁ—1. Sovereignty having no rival claimant.

୨ । ଯେଉଁ ରାଜ୍ୟର ସୀମା ମଧ୍ୟରେ ଅନ୍ୟ କାହାରି ରାଜ୍ୟ ନାହିଁ ।
2. Kingdom running without any break.

୩ । ଅନବଚ୍ଛିନ୍ନ ରାଜତ୍ୱ—3. Continuous or unbroken reign.

**ଅଖଣ୍ଡଳ**—ଦେ. ବି—(ସଂ. ଅଖଣ୍ଡ; ଏହା ଅଖଣ୍ଡ ବା ଅନବଚ୍ଛିନ୍ନ ଭାବରେ
**Akhaṇḍaḷa** ଦିନ ରାତି ଜଳୁଥିବାରୁ )—ଦେବତାଙ୍କ ଆଗରେ ଅହୋରାତ୍ର ଜଳୁଥିବା ଦୀପ; ଜାଗର ଦୀପ—A lamp kept burning day and night before a Deity.

**ଅଖଣ୍ଡିତ**—ସଂ. ବିଣ—( ଅ+ଖଣ୍ଡିତ )—୧ । ଅବିଭକ୍ତ; ଯାହା ଖଣ୍ଡିଆ
**Akhaṇḍita** ନୁହେ—1. Undivided; unbroken.

ଅଳକ ତଳ ଅଖଣ୍ଡିତ ରୋଚନା ରେଖ । କବିସୂର୍ଯ୍ୟ ବଳଦେବ ଚମ୍ପୂ: ଭ ଗୀତ ।

୨ । ଯାହା ମଝିରେ ଲୁପ୍ତ ବା କଟା ହୋଇ ନାହିଁ ।
2. Not cut in the middle.

୩ । ଧାରାବାହିକ—3. Continuous.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ତ |

୪ । ଅକାଟ୍ୟ—4. Unrefuted.
୫ । ଅନାହତ—5. Unhurt; uninjured.
୬ । ପୂର୍ଣ୍ଣ—6. Full; complete.

**ଅଖଣ୍ଡିତ ପତ୍ର**—ସଂ. ବି. (ଉଦ୍ଭିଦବିଜ୍ଞାନ ପରିଭାଷା—କର୍ମଧା )—ଯେଉଁ Akhandita patra ପତ୍ରର ଚାରି ପାଖ ଗୋଲ ହୋଇ ବୁଲି ଥାଏ; ଯେଉଁ ପତ୍ରର ଦାଢ଼ ଖଣ୍ଡିଆ ନୁହେଁ; ଯେଉଁ ପତ୍ରର ଧଡ଼ି ଭେଣ୍ଟ ପାଖରେ ଭିତରକୁ ପଶି ଯାଇ ନ ଥାଏ; (ଯଥା—ଆମ୍ବ, ପଣସ, ଗୋଲାପ, ଉମ୍ବିରି)—(Botany) A leaf which is not grooved at the edges; a leaf having circular edge.
ସଂ. ବିଣ. (ଉଦ୍ଭିଦବିଜ୍ଞାନ ପରିଭାଷା—ବହୁବ୍ରୀହି )—ଯେଉଁ ବୃକ୍ଷ ଲତାଦିର ପତ୍ରର ଦାଢ଼ ଖଣ୍ଡିଆ ନୁହେଁ। (Botany) Trees and creepers having round or oval leaves.

**ଅଖଣ୍ଡିତବାହୁ**—ସଂ. ବିଣ. ( ଜ୍ୟାମିତି ପରିଭାଷା—ବହୁବ୍ରୀହି ) — Akhandita bāhu ଯେଉଁ କ୍ଷେତ୍ରର ବାହୁ ବକ୍ର ବା ଖଣ୍ଡିଆ ନୁହେଁ—(Geometry) (a figure) Of which the sides are not broken; regular (figure).

**ଅଖଣ୍ଡ୍ୟ**—ସଂ. ବିଣ. ( ଅ + ଖଣ୍ଡ ଧାତୁ + କର୍ମ. ଯ )—
Akhandya ଅଖଣ୍ଡନୀୟ ( ଦେଖ ) Akhandaniya ( See )

**ଅଖତୁଲିବା**—ପ୍ରାଦେ. (ଖୋରଧା) କ୍ରି.—ଅଖ ଧରିବା ( ଦେଖ )
Akha tuliba Akha dhariba ( See )

**ଅଖ ତୋଳିବା**—ପ୍ରାଦେ. (ପୁରୀ) କ୍ରି.—ଅଖ ଧରିବା ( ଦେଖ )
Akha toliba Akha dhariba ( See )

**ଅଖ ଧରିବା**—ପ୍ରାଦେ. (କଟକ) କ୍ରି—୧ । ଅଖ ପାଇଁ କାଠ ଆଣି ତାକୁ Akha dhariba ହାଣି ଓ ଚାଞ୍ଛିଚାଞ୍ଛି ଗାଡ଼ି ଚକରେ ଲାଗିଲା ଭଳି କରିବା; ଅଖ ଗଢ଼ିବା—1. To cut and plane a piece of wood into the required shape for an axle tree.
୨ । ଦେ. କ୍ରି—କୌଣସି ବଦ ଅଭ୍ୟାସର ବଶବର୍ତ୍ତୀ ହେବା। 2. To acquire a bad habit.
୩ । ଦେ. କ୍ରି—ଛଳନା କରିବା—3. To put forth an excuse.

**ଅଖ ପାରିବା**—ପ୍ରାଦେ. (ଗଡ଼ଜାତ) କ୍ରି.— ୧ । ଅଖ ଧରିବା (ଦେଖ)
Akha pariba 1. Akha dhariba (See)
୨ । ଚାଞ୍ଛିଚାଞ୍ଛି ହୋଇ ପ୍ରସ୍ତୁତ ହୋଇଥିବା ଅଖକୁ ଶଗଡ଼ ଚକରେ ପୂରାଇବା—2. To fit a prepared axletree into the navels of the wheels.

**ଅଖ ପିନ୍ଧାଇବା**—ଦେ. କ୍ରି—ଚାଞ୍ଛିଚାଞ୍ଛି ହୋଇ ପ୍ରସ୍ତୁତ ହୋଇଥିବା Akha pindhaiba ଅଖକୁ ଶଗଡ଼ର ଦୁଇ ଚକରେ ପୂରାଇବା । To fit a prepared axletree into the navels of the wheels.

**ଅଖବା**—ଦେ. ବିଣ. ପୁଂ ଓ ସ୍ତ୍ରୀ—
Akhaba ୧ । ଅଖୋବା; ଅସଭ୍ୟ—1. Boorish, uncivilized.
माकड़ा ୨ । ହିତାହିତ ଜ୍ଞାନଶୂନ୍ୟ—2. Foolhardy.
उजड्ड ୩ । ଅଭଦ୍ର—3. Uncivil, unmannered; rude.
୪ । ଅଖାଡ଼ୁଆ—4. Reckless; rash.
୫ । ଅମାର୍ଜିତ—5. Unrefined.

**ଅଖରକା**—ଗ୍ରା. ବିଣ—( ଶୂଦ୍ର ବ୍ୟବହୃତ ଭାଷା )—
Akharaka ଝାଡ଼ୁଣି ବା ଝାଡ଼ୁଦ୍ୱାରା ଅମାର୍ଜିତ ( ସ୍ଥାନ ) ।
अझाँटा Unswept ( place ).

**ଅଖରଚୀ**—ଦେ. ବିଣ. ( ପୁଂ ଓ ସ୍ତ୍ରୀ. )—୧ । ଯେଉଁ ବ୍ୟକ୍ତିଠାରେ Akharachi ଖରଚ ପାଇଁ ଅର୍ଥ ନାହିଁ—1. Having no अखरची money to spend; pocketless.
୨ । ଯେ ବ୍ୟୟଶୀଳ ନୁହେଁ; କୃପଣ—Unspending; miserly.

**ଅଖଳ**—ସଂ. ବିଣ. ପୁଂ ( ଅ + ଖଳ )—
Akhala ୧ । ସରଳହୃଦୟ; ନିର୍ମଳହୃଦୟ—1. Frank.
(ଅଖଳା—ସ୍ତ୍ରୀ) ୨ । ଉତ୍ତମପ୍ରକୃତି—2. Good natured.
୩ । ଯେ କ୍ରୂରସ୍ୱଭାବ ନୁହେଁ ।
3. Not of a cruel nature.

**ଅଖଳା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅଖଳ )—ଅଖଳ ( ଦେଖ )
Akhala Akhala ( See)
खलशून्य
खरा

**ଅଖଳିଆ**—ଦେ. ବିଣ. ପୁଂ. ( ସଂ. ଅଖଳ )—ଅଖଳ ( ଦେଖ )
Akhalia Akhala ( See )
(ଅଖଳୀ, ଅଖଳେଇ—ସ୍ତ୍ରୀ)

**ଅଖ ସହି କରିବା**—ଦେ. କ୍ରି—ଅଖ ପିନ୍ଧାଇବା ( ଦେଖ )
Akha sahi kariba Akha pindhaiba ( See )

**ଅଖା**—ଦେ. ବି. ( ସଂ. ଅକ୍ଷ ଧାତୁ = ସଂଗ୍ରହ କରିବା )—
Akha ୧ । ପାଲ, ଝୋଟ ବା ଛଣପଟ ନିର୍ମିତ ବସ୍ତ୍ର ବା ଆସ୍ତରଣ ।
छाला, बस्ता 1. Sackcloth; gunny; tarpaulin.
अखा, अक्खा ଅଖା ଧୋଉଥିବ, ଗୁଣ ଚାଉଥିବ । ଢଗ ।
୨ । ବସ୍ତା; ଝୋଟନିର୍ମିତ ବସ୍ତୁର ବଡ଼ ଥଳି; ବୋରା ।
2. Gunnybag.
ସକଳ ଦ୍ରବ୍ୟ ଯେ ଅଖାରେ
ଭରି ଲଦିଲେ ବଳଦରେ । ରାମଦାସ. ଦାଢ୍ୟଭକ୍ତି ।

**ଅଖାଇ**—ଦେ. ବିଣ. ସ୍ତ୍ରୀ. (ସଂ. ଅ + ଖାଦକା)—୧ । ଅଖିଆର ସ୍ତ୍ରୀଲିଙ୍ଗ;
Akhai ଯେ ଖାଇ ନାହିଁ—1. Feminine of Akhia; one who has not yet taken her meals

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଆଁଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯେଉଁ ସ୍ତ୍ରୀ ଅଳ୍ପାହାର କରେ ।
2. (a woman) Eating very little.

୩ । ( ବ୍ୟଙ୍ଗ ) ବହ୍ୱାହାରକାରିଣୀ; ପେଟୁ ।
3. ( Ironieal ) Gluttonous, greedy ( woman ).

ଦେ. ବି. ସ୍ତ୍ରୀ. ( ବ୍ୟଙ୍ଗ ) ବହ୍ୱାହାରକାରିଣୀ ସ୍ତ୍ରୀ ।
(Ironical) A gluttonous woman.

ଅଖାଇ କହୁଛି ଓଗା,
ତୋହରି ଚାଉଳ ଓଳିକେ ଖାଇଲି, ଦାନ୍ତ ଅଛି ଦରଘଷା । ତଗ ।

**ଅଖାଇ ନାଣି**—ଦେ. ବି. (ସ୍ତ୍ରୀ)—୧ । (ବ୍ୟଙ୍ଗ) ବହ୍ୱାହାରକାରିଣୀ ସ୍ତ୍ରୀ ।
**Akhāi nāni** 1. (Ironical) Gluttonous woman.

୨ । ( ବ୍ୟଙ୍ଗ ) ଯେଉଁ ସ୍ତ୍ରୀ ଗୋପନରେ ପୂର୍ଣ୍ଣ ଭୋଜନ କରି, କିଛି ଖାଇ ନାହିଁ ବୋଲି ବାହାରେ ଦେଖାଇ ହୁଏ ।
2. ( Ironical ) A woman who after having her fill pretends that she has not had her meal.

ଅଖାଇ ନାଣି ସବୁକାଟେଣୀ, ବସି ଥାଇ ଚୂଲି ମୁଣ୍ଡେ
ଘଇଭାପାଖରେ ଶକେଇ ହୁଏ, ମୁଁ କିଛି ଦେଇ ନାହିଁ ଭୁଣ୍ଡେ । ହାସ୍ୟତରଙ୍ଗ ।

**ଅଖାଇଲା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ଖାଦ ଧାତୁ )—
**Akhāila** ୧ । ଯେ କେବେ ଉଦର ପୂର୍ଣ୍ଣ କରି ଖାଇବାକୁ ପାଇ
অখাউকে ନାହିଁ—1. ( a person ) Who has never had a bellyful of meal.

୨ । ଅଖିଆ; ଯେ ଖାଇ ନାହିଁ—2. Unfed.

୩ । ଯେ ଭଲ ଖାଦ୍ୟ ଦ୍ରବ୍ୟ ଖାଇବାକୁ ପାଏ ନାହିଁ ।
3. (a person) Who has got no dainties to eat.

**ଅଖାଉ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ଖାଦ୍ ଧାତୁ )—
**Akhāu** ଯେଉଁ ଲୋକ ଖାଇବାକୁ ପାଏ ନାହିଁ ବୋଲି ଖାଏ ନାହିଁ ।
অখাউকে, হাভাতে (a person) Who gets nothing to eat.
**भुखा**

**ଅଖାଉଟିଆ**—ଦେ. ବିଣ. ପୁଂ. ( ସଂ. ଅ+ଖାଦ ଧାତୁ )—
**Akhāuṭiā** ୧ । ଯେଉଁ ବ୍ୟକ୍ତି ଅନ୍ୟଠାରୁ ଖରିଦ କରିବା ଖାଦ୍ୟ ଦ୍ରବ୍ୟକୁ ( ଯଥା—ଧାନ, ଚାଉଳ ) ନିଜେ ନ ଖାଇ ଲାଭ ପାଇବା ପାଇଁ ବିକି କରେ ।
1. (a person) Who purchases food-grains etc. to sell at a profit.

୨ । ଯେଉଁ ବ୍ୟକ୍ତି ନିଜର ଖାଦ୍ୟସାମଗ୍ରୀ ( ଧାନ, ଚାଉଳ, ମୁଗ, ପରିବା ) ନିଜ ବ୍ୟବହାରରୂପେ ବଜାରରୁ କିଣେ ନାହିଁ (କାରଣ ଉକ୍ତ ଫସଲମାନ ସେ ଉତ୍ପାଦନ କରେ ) ।
2. (a person) Who has not to purchase food-grains from the market for his own consumption.

୩ । ଯେଉଁ ବ୍ୟକ୍ତି ନିଜର ପ୍ରସ୍ତୁତ ଖାଦ୍ୟସାମଗ୍ରୀ ବା ନିଜ କ୍ଷେତ୍ରରୁ ଉତ୍ପନ୍ନ ଖାଦ୍ୟ ଶସ୍ୟାଦିକୁ ନିଜେ ନ ଖାଇ ଲାଭ ପାଇଁ ବିକ୍ରି କରେ—3. (a person) Who sells the food-grains or other produce of his land for gain in the market.

**ଅଖାଉଟୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଖାଉଟିଆ (ଦେଖ)
**Akhāuṭi** Akhauṭiā (See)

**ଅଖାଏଦ୍**—ପ୍ରାଦେ. (ସମ୍ବଲପୁର) ବିଣ. ଓ ବି. (ସଂ. ଅଖାଦ୍ୟ)—
**Akhāed** ଅଖାଦ୍ୟ (ଦେଖ)
Akhādya (See)

**ଅଖାଡ଼ୁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ବିଚାରଶୂନ୍ୟ; ବିବେଚନାଶୂନ୍ୟ—
**Akhāṟdu** 1. Rash; reckless.
**अकड़** ୨ । ଅସୁବିଧାଜନକ—2. Inconvenient.
**अक्खड़** ୩ । ଅକଡ଼ବାଗିଆ; ଜିଦଖୋର—3. Obstinate.

**ଅଖାଡ଼ୁଆ**—ଦେ. ବିଣ. ପୁଂ.—ଅଖାଡ଼ୁ (ଦେଖ)
**Akhāṟduā** Akhāṟdu (See)
(ଅଖାଡ଼େଇ—ସ୍ତ୍ରୀ)

**ଅଖାତ**—ସଂ. ବିଣ. (ଅ+ଖାତ)—ଅଖନିତ; ଯାହା ଖୋଳାଯାଇ ନାହିଁ ।
**Akhāta** Undug.

ସଂ. ବି.—୧ । ଦେବଖାତ; ପ୍ରାକୃତିକ ଜଳାଶୟ ।
1. A natural tank; a lake.

୨ । (ଭୂଗୋଳ) ଉପସାଗର—2. Bay.

**ଅଖାତର**—ଦେ. ବି. (ସଂ. ଅ+ଆ. ଖାତିର୍)—
Akhātariā (See)
**Akhātara** ୧ । ବେଖାତିର; ଅସମ୍ମାନ—1. Disregard.
বেখাতির ୨ । ଅମାନ୍ୟ—2. Disrespect.
অখাতির ୩ । ଅପମାନ—3. Insult.
**बेखातिर**

ଦେ. ବିଣ—ଅଖାତରିଆ (ଦେଖ)

**ଅଖାତରିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅ; ଆ. ଖାତିର୍)—
**Akhatariā** ୧ । ଯେ କାହାରିକୁ ଖାତର ବା ପସନ୍ଦ କରେ ନାହିଁ ।
বেখাতির্ 1. Not caring any one.
**बेखातिरि** ୨ । ଗୁରୁଜନାଦି ମାନ୍ୟ ବ୍ୟକ୍ତିଙ୍କୁ ଯେ ସମ୍ମାନ ଦେଖାଏ ନାହିଁ—2. Not showing respect to one's elders.

୩ । ଅମର୍ଯ୍ୟାଦ; ସମ୍ମାନରହିତ—3. Disrespectful.

୪ । ଅପମାନିତ—4. Insulted; slighted.

**ଅଖାତିର୍**—ଦେ. ବି.—ଅଖାତର (ଦେଖ)
**Akhatir** Akhātara (See)

ଦେ. ବିଣ—ଅଖାତରିଆ (ଦେଖ)
Akhatariā (See)

**ଅଖାତିରି**—ଦେ. ବି. ଓ ବିଣ—ଅଖାତର (ଦେଖ)
**Akhātiri** Akhātara (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍ଥ |

**ଅଖାଡ଼୍**—ପ୍ରାଦେ. (ବସ୍ତ୍ରର) ବି. ଓ ବିଣ. (ସଂ. ଅଖାଦ୍ୟ)—ଅଖାଦ୍ୟ (ଦେଖ)
Akhād Akhādya ( See )

**ଅଖାଡ଼**—ଦେ. ବିଣ. ( ସଂ. ଅ + ଓ. ଖାଦ )—
Akhāda ୧ । ଯେଉଁ ଅଳଙ୍କାର ଆଦିରେ ଖାଦ ବା ନିକୃଷ୍ଟ
অখাদ, অখাদাল ଧାତୁ ମିଶି ନାହିଁ—1. Unalloyed.
बेखोट ୨ । ବିଶୁଦ୍ଧ—2. Pure.
୩ । ଅମିଶ୍ରିତ—3. Unmixed; unadulterated.

**ଅଖାଦ୍ୟ**—ସଂ. ବିଣ. ( ଅ + ଖାଦ୍ୟ )—
Akhādya ୧ । ଅଭୋଜ୍ୟ; ଭୋଜନର ଅନୁପଯୁକ୍ତ—
1. Uneatable; unfit for consumption.
୨ । ଅଭକ୍ଷ୍ୟ; ଯାହା ଖାଇବା ଶାସ୍ତ୍ରରେ ନିଷିଦ୍ଧ—
2. Prohibited ( food ).
୩ । ଅସ୍ୱାସ୍ଥ୍ୟକର ( ଖାଦ୍ୟ )—3. Unwholesome. ( food ).
ଦେ. ବି—୧ । ଅସ୍ୱାସ୍ଥ୍ୟକର ଖାଦ୍ୟ—1. Unwholesome food.
୨ । ନିଷିଦ୍ଧ ଖାଦ୍ୟ ଦ୍ରବ୍ୟ—2. Prohibited food.
୩ । ଭୋଜନର ଅଯୋଗ୍ୟ ବସ୍ତୁ—2. Anything unfit for consumption.

**ଅଖାପଟ**—ଦେ. ବି—ଅଖାର ବଡ଼ ମୁଣି; ବସ୍ତା—
Akhāpata Gunny bag.
ছালার থলে
अ.खा, बोरा

**ଅଖାପାଲ**—ଦେ. ବି—ଅଖାର ତିଆରି ବଡ଼ ବସ୍ତ୍ର—Sackcloth.
Akhāpāla
তেরপাল
पाल

**ଅଖିଆ**—ଦେ. ବିଣ. ( ପୁଂ ଓ ସ୍ତ୍ରୀ. ) ( ସଂ. ଅ + ଖାଦ ଧାତୁ )—
Akhiā ଯେ ଖାଇ ନାହିଁ—Unfed.
( ଅଖାଇ-ସ୍ତ୍ରୀ ) ଦେ. ବି—ନ ଖାଇବା—
নাখেয়ে Not taking any food,
भुखा

**ଅଖିଆ ଅପିଆ**—ଦେ. ବିଣ. ( ପୁଂ. ଓ ସ୍ତ୍ରୀ.—ସହଚର ଶବ୍ଦ )—
Akhiā apiā (ସଂ. ଅ + ଖାଦ ଧାତୁ; ଅ + ପା ଧାତୁ)—ଯେ ଖାଦ୍ୟ
নাখেয়ে নাদেয়ে ଖାଇ ନ ଥାଏ ଓ ଜଳପାନ କରି ନ ଥାଏ—
नेइ खा पिके One who has not taken any food or drink.

**ଅଖିତ୍ରୁତିୟା**—ଦେ. ବି. (ସଂ. ଅକ୍ଷୟ ତୃତୀୟା)—
Akhitrutiyā ଅକ୍ଷୟ ତୃତୀୟା ( ଦେଖ )
অক্ষয়তৃতীয়া Akshayatrutiyā (See)
अखती, अखतीज

**ଅଖିନ୍ନ**—ସଂ. ବିଣ. ପୁଂ. (ଅ + ଖିନ୍ନ)—୧ । ଖେଦଶୂନ୍ୟ; ଅଦୁଃଖିତ—
Akhinna 1. Griefless; not sorrowful.
(ଅଖିନ୍ନା—ସ୍ତ୍ରୀ) ୨ । ଅଶ୍ରାନ୍ତ; ଅକ୍ଳାନ୍ତ—2. Unwearied; untired.

**ଅଖିମୁଠି (ଇତ୍ୟାଦି)**—ଦେ. ବି—ଅକ୍ଷିମୁଠି ଇତ୍ୟାଦି ( ଦେଖ )
Akhimuthi (etc) Akshimuthi etc. (See)

**ଅଖିଳ**—ସଂ. ବିଣ. [ବହୁବ୍ରୀହି; ଅ (ନାହିଁ) + ଖିଲ (ଶୂନ୍ୟ) ଯହିଁରେ]—
Akhila ୧ । ସକଳ; ସମୁଦାୟ—1. All.
୨ । ସମଗ୍ର—2. Whole; entire.
୩ । ବିଶ୍ୱବ୍ୟାପୀ—3. Universal.
ଦେ. ବି—ଅଖିଳବ୍ରହ୍ମାଣ୍ଡ; ସମଗ୍ର ବିଶ୍ୱ—
The entire Universe.
ଭଗବାନ ପ୍ରଭୁ ଈଶ୍ୱର, ଯେ ବିଷ୍ଣୁ ଅଖିଳ ଠାକୁର । ଜଗନ୍ନାଥ ଭାଗବତ ୫ମ ।

**ଅଖିଳଜନନୀ**—ସଂ. ବି. (୬ଷ୍ଠୀ ତତ୍)—୧ । ବ୍ରହ୍ମାଣ୍ଡର ମାତା—1. The
Akshilajananī Mother of the whole Universe.
୨ । ଲକ୍ଷ୍ମୀ—2. Goddess Lakshmi.
୩ । ରାଧିକା—An epithet of Rādhikā.
୪ । ସମଗ୍ର ଜଗତର ମାତୃଗଣ—4. The motherhood or the whole body of the mothers of the Universe.
୫ । ପୃଥିବୀ—5. The earth.
ଅଖିଳ ଜନନୀ ନାସା ମୃଗମଦ କଳଙ୍କ । କବିସୂର୍ଯ୍ୟ ବଳଦେବ ରଥ, ଷ ଗୀତ ।

**ଅଖିଳବାସ**—ସଂ. ବି—(ବହୁବ୍ରୀହି) ଭଗବାନ; ପରମେଶ୍ୱର—God.
Akhilabāsa ପ୍ରସନ୍ନ ହୋଇବା ଶୁଣି ଅଖିଳ ବାସ । ପ୍ରାଚୀ, ଶଶିସେଣା ।

**ଅଖୁଆ**—ଦେ. ବିଣ—ଯେଉଁ କପାରୁ କପାଖାଇ ଦ୍ୱାରା ମଞ୍ଜି କଢ଼ା ଯାଇ
Akhuā ନାହିଁ; ଖୁଆ ହୋଇ ନ ଥିବା (କପା)—cotton)
Which has not been shorn of its seeds by a ginning machine.

**ଅଖୁଣ**—ଦେ. ବିଣ (ସଂ. ଅକ୍ଷୁଣ୍ଣ)—୧ । ଅକ୍ଷତ; ଯାହା ଖଣ୍ଡିଆ ହୋଇ ନାହିଁ—
Akhuna 1. Uninjured.
निर्खुत ୨ । କଳଙ୍କଶୂନ୍ୟ; ଯହିଁରେ ଦାଗ ନାହିଁ—2. Stainless.
बेचोट ୩ । ନିଖୁଣ; ପୂର୍ଣ୍ଣାବୟବ—3. Whole; undiminished.

**ଅଖେଦ**—ସଂ. ବି. (ନଞ୍ ତତ୍; ଅ + ଖେଦ)—ଖେଦରାହିତ୍ୟ—
Akheda Freedom from sorrow.
(ଅଖେଦା—ସ୍ତ୍ରୀ) ସଂ. ବିଣ. ପୁଂ—ମନୋବେଦନାଶୂନ୍ୟ—
Sorrowless.

**ଅଖେମ**—ଗ୍ରା. ବିଣ. (ସଂ. ଅକ୍ଷମ)—ଅକ୍ଷମ (ଦେଖ)
Akhema Akshama (See)

**ଅଖେମତା**—ଗ୍ରା. ବି. ଓ ବିଣ. (ସଂ. ଅକ୍ଷମତା)—ଅକ୍ଷମତା (ଦେଖ)
Akhematā Akshamatā (See)

**ଅଖୋବା**—ଦେ. ବିଣ—ଅଖବା (ଦେଖ)
Akhoba Akhabā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଂା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଖ୍ୟାତ**—ସଂ. ବଣ. (ଅ + ଖ୍ୟାତ)—୧ । ଅପ୍ରସିଦ୍ଧ;. ପ୍ରତିଷ୍ଠାହୀନ—
Akhyāta 1. Unrenowned.
(ଅଖ୍ୟାତା—ସ୍ତ୍ରୀ) ୨ । ଅଖ୍ୟାତିବନ୍ତ—2. Notorious.
(ଅଖ୍ୟାତି—ବି) ୩ । ଅବିଦିତ—3. Unknown.

**ଅଖ୍ୟାତନାମା**—ସଂ. ବଣ. ପୁଂ. ଓ ସ୍ତ୍ରୀ. (ନଞ୍ ତତ୍; ଅ + ଖ୍ୟାତନାମନ୍
Akhyātanāmā ୧ମା.୧ବ.)—ଅଜ୍ଞାତନାମା; ଅପ୍ରସିଦ୍ଧ; ସଂସାରରେ ଯାହା ନାଆଁ ପଡ଼ୁ ନାହିଁ—Unknown to fame; unrenowned.

**ଅଖ୍ୟାତି**—ସଂ. ବି. (ଅ + ଖ୍ୟାତି)—
Akhyāti ୧ । ଅପ୍ରଶଂସା; ନିନ୍ଦା—1. Blame.
୨ । ଦୁର୍ନାମ; ଅପଯଶ—2. Evil repute; notoriety.
୩ । ଅପବାଦ—3. Defamation.

**ଅଗ** ( ଧାତୁ )—ସଂ—ବକ୍ରଗମନ କରିବା—To move in a
Aga (root) crooked or slanting manner.

**ଅଗ**—ସଂ. ବି. ( ଅ+ଗମ୍ ଧାତୁ+କର୍ତ୍ତୃ. ଅ; ଯେ ଗତି କରେ ନାହିଁ )—
Aga ୧ । ପର୍ବତ—1. Mountain.
ডগা, আগা ୨ । ବୃକ୍ଷ—2. Tree.
आगा, नोक ୩ । ସୂର୍ଯ୍ୟ—3. The sun.
(ବିପରୀତ—ମୂଳ) ୪ । (ପାଦରେ ଗମନ କରୁ ନ ଥିବାରୁ ) ସର୍ପ—Serpent.
ଦେ. ବି. ( ସଂ. ଅଗ୍ର )—୧ । ଅଗ୍ର—1. Top.
୨ । ବସ୍ତୁର ଶେଷ ମୁଣ୍ଡ—2. The end; extremity.

କୃଷ୍ଣ ତାହା ଶୁଣିଣ ବାଡ଼ ପର ବେଗ
ଘୋଡ଼ାଙ୍କ ପିଠିରେ ପିଟିଲେ ବାଡ଼ି ଅଗ । କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

୩ । (ବୃକ୍ଷପର୍ବତାଦିର) ଶୃଙ୍ଗ ବା ଶିଖର—3. Summit or top ( of mountain or tree )
ଦେ. ବଣ—ଅଗ୍ରଦେଶସ୍ଥ—Situated on or pertaining to the top.

**ଅଗଉର୍**—ଗ୍ରା. ବି. ( ସଂ. ଅଗୌରବ )—୧ । ବେଖାତିର୍—
Agaur 1. Want of regard.
বেখাতির ୨ । ଅଖାତର; ଅସମ୍ମାନ; ଅମାନ୍ୟ—
बेखातिर 2. Disregard; Disrespect.
୩ । ଅମର୍ଯ୍ୟାଦା; ଅନାଦର—3. Slight.
ଗ୍ରା. ବଣ—୧ । ଗୌରବହୀନ; ଅସମ୍ମାନିତ—1.Dishonoured.
୨ । ଅନାଦୃତ—2. Slighted; disregarded.

**ଅଗଉରବ**—ଗ୍ରା. ପଦ୍ୟ. ବି. ( ସଂ. ଅଗୌରବ )—ଅଗଉର୍ (ଦେଖ)
Agauraba Agaur (See)

**ଅଗକଟା**—ଦେ. ବଣ. ( ସଂ ଅଗ୍ର + କର୍ତ୍ତିତ )—ଯେଉଁ ବସ୍ତୁ ବା
Agakatā ବୃକ୍ଷାଦିର ଅଗ୍ରଭାଗ କଟା ଯାଇଛି;ଲଣ୍ଡି କରାଯାଇଥିବା—
ডগাকাটা Having the top cut; lopped off;
ठुंठ pollard.

ଦେ. ବି—ଅଗଖୁଣ୍ଟା ( ଦେଖ )
Agakhuṇṭā ( See )

**ଅଗଖୁଣ୍ଟା**—ଦେ. ବି. ( ସଂ. ଅଗ୍ର + ଓ. ଖୁଣ୍ଟିବା ) — ଶସ୍ୟଗଛ
Agakhuṇṭā ( ଯଥା—ଧାନଗଛ ) ଆଦିର ମୂଳଭାଗ ଭୂମିରେ
শিষকাটা ଥାଇ ଅଗ୍ରଭାଗରେ ଥିବା କେଣ୍ଡାମାନ ଛିଣ୍ଡାଯିବା—The cutting of the ears from the standing cornplants.
ଦେ. ବଣ—୧ । ଅଗକଟା ( ଦେଖ )
1. Agakatā ( See )
୨ । ଯେଉଁ ଶସ୍ୟଗଛର ଅଗରୁ କେଣ୍ଡା ଛିଣ୍ଡାଇ ନିଆଯାଇ ଥାଏ—
2. (corn plants) Having the ears cut off.

**ଅଗଗୋଡ଼**—ଦେ. ବି—ଗୋଡ଼ର ଅଗ୍ରଭାଗ; ଗୋଡ଼ ଆଙ୍ଗୁଠିର ଅଗ୍ରଭାଗ—
Agagorḍa The extremity of the toe of
পায়ের আঙুল the leg.
पाउँका उँगली ତୋ ଅଗ ଗୋଡ଼ରେ କଣ୍ଟା ନ ବାଜୁ—ଆଶୀର୍ବଚନ ।

**ଅଗଙ୍ଗ**—ସଂ. ବଣ—( ବହୁବ୍ରୀହି; ଅ + ଗଙ୍ଗା )—
Agaṅga ୧ । ଗଙ୍ଗାନଦୀହୀନ (ଦେଶ )—1. (a country).
(ଅଗଙ୍ଗା—ସ୍ତ୍ରୀ) Not having the river Ganges flowing through it.
୨ । ଗଙ୍ଗାନଦୀଠାରୁ ଚାରି କୋଶରୁ ଅଧିକ ଦୂରରେ ଅବସ୍ଥିତ ( ଦେଶ )—2. ( a country ) More than eight miles distant from the river Ganges,
୩ । ନଦୀହୀନ ( ଦେଶ )—3. Riverless (country).

**ଅଗଛ**—ଦେ. ବି (ସଂ. ଅ + ଓ. ଗଛ)—୧ । ହୀନବୃକ୍ଷ; ମୂଲ୍ୟହୀନ ବୃକ୍ଷ—
Agachha 1. Valueless tree.
আগাছা ୨ । ଅକାମିକା ଗଛ—2. Useless tree.
୩ । ଶସ୍ୟକ୍ଷେତ୍ରରେ ଉଠିଥିବା ଅକର୍ମଣ୍ୟ ଉଦ୍ଭିଦ—
3. Useless plants growing in cornfields.

**ଅଗଚ୍ଛା**—ଦେ. ବି—ଅଗଛ ( ଦେଖ )
Agachhā Agachha ( See )
(ଅଗଛୀ—ସ୍ତ୍ରୀ) ଦେ. ବଣ—(ଯାହା ଗଛେ ନାହିଁ ବା ମାନେ ନାହିଁ)—
୧ । ଅସୁନ୍ଦର—1. Graceless.
୨ । ଲାବଣ୍ୟହୀନ—2 Unsymmetrical.
୩ । ଅସମ୍ଭବ—3. Improbable.
୪ । ଅନୁପଯୋଗୀ—4. Unsuitable.
୫ । ଅସଂଯତ; ଅସଂବଦ୍ଧ—
5 Ill arranged; irregular.
୬ । ଯେଉଁ ବ୍ୟକ୍ତି କଥାକୁ ସଜାସଜି କରି କହି ପାରେ ନାହିଁ—
6. ( a person ) Who can not speak in an arranged manner.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ତ |

**ଅଗଚ୍ଛିଆ**—ଦେ. ବି—ଅଗଚ୍ଛ (ଦେଖ)
Agachhiā Agachha (See)

**ଅଗଚ୍ଛୀ**—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀଠାରେ ଅନ୍ୟ ବ୍ୟକ୍ତିର କୃତ କର୍ମକୁ
Agachhī ମିଥ୍ୟାରେ ଆରୋପ କରାଯାଏ— (a woman) To whom another person's doings are attributed.

ଅଗଚ୍ଛୀକୁ ଗଚ୍ଛେଇମା । ପ୍ରବଚନ ।

**ଅଗଚ୍ଛୀ କି ଗଚ୍ଛେଇମା**—ଗ୍ରା. କ୍ରି. (ପ୍ରବଚନ)—୧ । ଜଣକର କୃତ କର୍ମକୁ
Agachhī ki gachheimā ମିଥ୍ୟାରେ ଅନ୍ୟଠାରେ ଆରୋପ କରିବା—1. To attribute another's doings to a person.
୨ । ଅସମ୍ଭବ ବା ଅସୁନ୍ଦର କଥାକୁ ସଜାସଜି କରି ସମ୍ଭବ ବା ସୁନ୍ଦର କରି କହିବା—2. (said of a woman) To speak with such dexterity as to make an impossible or ungraceful thing appear possible or graceful.

**ଅଗଜ**—ସଂ. ବିଣ. (ବହୁବ୍ରୀହି; ଅ + ଗଜ)—୧ । ଗଜଶୂନ୍ୟ (ଦେଶ)—
Agaja 1. (a country) Where there is no elephant.
୨ । (ଅଗ + ଜନ୍ ଧାତୁ + କର୍ତ୍ତୃ. ଅ) ପର୍ବତରେ ଜାତ—
2. Growing in the mountains.
୩ । ବୃକ୍ଷରୁ ଜାତ—3. Produced from tree.
ସଂ. ବି. (ପର୍ବତରୁ ଜନ୍ମିବାରୁ)—ଶିଳାଜତୁ (ଦେଖ)
Śilājatu (See)

**ଅଗଠଣ**—ଗ୍ରା. ବିଣ. (ସଂ. ଅ + ଗଠନ)—ଅଗଠନ (ଦେଖ)
Agaṭhaṇa Agaṭhana (See)

**ଅଗଠନ**—ଦେ. ବି. (ସଂ. ଅ + ଗଠନ)—ଅସୁନ୍ଦର; ଯାହାର ଗଢ଼ଣ ଅସୁନ୍ଦର
Agaṭhana —Ugly; unsymmetrical.
**बैंडताल**

**ଅଗଡ଼ଧତା**—ଗ୍ରା. ବିଣ. ପୁଂ—ଅଗଡ଼ଧତିଆ (ଦେଖ)
Agarḍadhatā Agarḍadhatiā (See)

**ଅଗଡ଼ଧତି**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅଗ୍ର + ଉଦ୍ଧତ)—
Agarḍadhati ୧ । ଜାଣ୍ତଜ୍ଞାନଶୂନ୍ୟ; ଅଖାଡ଼ୁଆ—
বেআড়া 1 Reckless; rash.
**अगड़धत्ता** ୨ । ଅଠିକଣା; ଅବ୍ୟବସ୍ଥିତ; ଯାହାର କାର୍ଯ୍ୟରେ ଶୃଙ୍ଖଳା ବା ଧାରା ନ ଥାଏ—
2. Unsystematic; unmethodical.
୩ । ଅତି ଡେଙ୍ଗା—3. Very tall.
୪ । ବୃହଦାକାର—4. Big.
୫ । ଖୁବ ଲମ୍ବ—5. Very long.

**ଅଗଡ଼ଧତିଆ**—ଗ୍ରା. ବିଣ. ପୁଂ—ଅଗଡ଼ଧତି (ଦେଖ)
Agarḍadhatiā Agarḍadhati (See)
(ଅଗଡ଼ଧତେଇ—ସ୍ତ୍ରୀ)

**ଅଗଡ଼ଧତୁ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅଗଡ଼ଧତି (ଦେଖ)
Agarḍadhatu Agarḍadhati (See)

**ଅଗଡ଼ ବଗଡ଼**—ଦେ. ବିଣ. (ସନ୍ଧିଚର)—
Agrḍabagarḍa ୧ । ବେଠିକଣା; ଅଠିକଣା; କ୍ରମବିହୀନ—
অগড বগড, 1. Unsystematic; unmethodical.
আগডম্বাগডম্ ୨ । ଅସମ୍ବନ୍ଧ—
**अड़ङ्गतड़ङ्ग,** 2 Not connected; disjointed.
**अंडबंड,** ୩ । ବ୍ୟର୍ଥ—3. Useless.
**अगड़म्बगड़म्** ୪ । ଅନର୍ଥକ—4. Meaningless.
୫ । ଅଲରା; ଗୋଳମାଳିଆ; ଅସ୍ତବ୍ୟସ୍ତ; ଇତସ୍ତତ-ବିକ୍ଷିପ୍ତ—5. Confused.
୬ । ଅଗମୂଳ ନ ଥିବା—
6. Without head or tail.
ଦେ. ବି—୧ । ଏଣୁ ତେଣୁ; ଯାଚ୍ଛାତା—
1. Medley; jumble.

ଅଗଡ଼ ବଗଡ଼ ଖାଏ ଯେ, ଶଗଡ଼ ପରି ହୁଏ ସେ—ଡଗ ।

୨ । ଅସମ୍ବନ୍ଧ ପ୍ରଳାପ—
2. Confused jargon; ravings.
୩ । ଅଳ୍ପ ମୂଲ୍ୟର ବହୁତ ପଦାର୍ଥ—
3. Odds and ends; trash.
ଦେ. କ୍ରି. ବିଣ—୧ । ଅଠିକଣାରୂପେ—
1. Unsystematically.
୨ । ଗୋଳମାଳିଆରୂପେ—2. In a confused manner.
୩ । ଅସମ୍ବନ୍ଧରୂପେ—3. In a disjointed manner.

**ଅଗଡ଼ମ୍ ବଗଡ଼ମ୍**—ଦେ. ବିଣ. ବି. ଓ କ୍ରି. ବିଣ—ଅଗଡ଼ ବଗଡ଼ (ଦେଖ)
Agarḍam bagarḍam Agarḍa bagarḍa (See)

**ଅଗଡ଼ା**—ଦେ. ବି. (ସଂ. ଅର୍ଗଳ)—
Agarḍā ମାଲଝିଣ୍ଟି; ନେଳ ଦାସକେରେଣ୍ଡା ଗୁଳ୍ମ; ଝିଣ୍ଟି (ଦେଖ)
Jhiṇṭi (See)

**ଅଗଣ**—ସଂ. ବି (ଅ + ଗଣ)—୧ । ନିକୃଷ୍ଟ ଗଣ; ଛନ୍ଦଶାସ୍ତ୍ରରେ ତିନି
Agaṇa ତିନି ଅକ୍ଷରବିଶିଷ୍ଟ ଆଠଗୋଟି ଗଣ ମଧ୍ୟରୁ ଚାରି ଗୋଟି ନିକୃଷ୍ଟ ଗଣ (ଯଥା—ଜ ଗଣ; ର ଗଣ; ସ ଗଣ; ତ ଗଣ; ଏହି ଗଣର ଅକ୍ଷରମାନ କବିତାର ଆଦ୍ୟରେ ରଖିବା ଅନୁଚିତ ଅଟେ—ହିନ୍ଦି. ଶବ୍ଦସାଗର) ।
1. Name of 4 classes of alphabets which should not be placed at the beginning of a poem.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୁଳି' ନ ପାଇଲେ 'ଅଙ୍ଗୁଳୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨ । ନିକୃଷ୍ଟ ଶ୍ରେଣୀ—2. Inferior class.

**ଅଗଣତି** ଦେ. ବିଣ—(ସଂ. ଅଗଣିତ; ଅଗଣ୍ୟ)—ଅଗଣ୍ୟ; ଅସଂଖ୍ୟ; ଅସୁମାରୁ—Countless; innumerable.
**अनगन**

**ଅଗଣତ**—ଦେ. ବିଣ. ( ସଂ. ଅଗଣିତ )—୧ । ଅଗଣ୍ୟ; ଅସଂଖ୍ୟ—
Aganati 1. Countless.
ଅଗଣତି ୨ । ଯାହା ସୁମାର ହୋଇ ନାହିଁ—2. Uncounted.
**अनगिनत**

**ଅଗଣନ**—ସଂ. ବିଣ. ( ବହୁବ୍ରୀହି; ଅ + ଗଣନା )—ଅଗଣ୍ୟ; ଅସୁମାରୁ; ଅସଂଖ୍ୟ—Countless.
Aganana
(ଅଗଣନା—ସ୍ତ୍ରୀ)

**ଅଗଣନା**—ଦେ. ବିଣ—( ସଂ. ଅଗଣନ)—ଅଗଣନ; ଅଗଣ୍ୟ; ଅସଂଖ୍ୟ—
Aganana Countless.
ଅଗଣତି ଅଗଣାମାନଙ୍କରେ ଅଗଣନା ଗଜ
**अनगन** ସ୍ୱଜାଙ୍କୁ ରଖିଲେ ମାନ୍ଦୁରେ କରି ସଜ । କୃଷ୍ଣସିଂହ ମହାଭାରତ. ବନ ।
ସଂ. ବିଣ. ସ୍ତ୍ରୀ—( ଅଗଣନ + ଆ )—ଅଗଣନର ସ୍ତ୍ରୀଲିଙ୍ଗ—
Feminine of Aganana.

**ଅଗଣନୀୟ**—ସଂ. ବିଣ—( ଅ + ଗଣନୀୟ )—୧ । ଅସଂଖ୍ୟ; ଅଗଣତ—
Agananiya 1. Countless.
(ଅଗଣନୀୟା—ସ୍ତ୍ରୀ) ୨ । ଅଗଣିତା; ଯେଉଁ ବ୍ୟକ୍ତି ସମାଜରେ ଗଣ୍ୟ ମାନ୍ୟ ନୁହେ—2. Not respectable; man of straw.
୩ । ଅଗ୍ରାହ୍ୟ; ଯାହା ବିବେଚିତ ବା ଗୃହୀତ ହେବାର ଯୋଗ୍ୟ ନୁହେ—3 Inconsiderable.

**ଅଗଣପେଟ**—ଦେ. ବି —( ଯେଉଁ ପେଟ ମଧ୍ୟରେ ଗଣିବାକୁ ମଧ୍ୟ ଗୋଟିଏ
Aganapeta ଭାତ ମିଳିବ ନାହିଁ; ଯେଉଁ ଗର୍ଭରେ ଗୋଟିଏ ମାତ୍ର
खालिपेट ଅନ୍ନ ପଡ଼ି ନାହିଁ । )—ଯେଉଁ ବ୍ୟକ୍ତି କିଛି ମାତ୍ର
**छुछापेट** ଖାଇ ନାହିଁ—A person who has not had a morsel of food.

**ଅଗଣା**—ଦେ. ବି. ( ସଂ. ଅଙ୍ଗନ )—୧ । ଅଙ୍ଗନ; ପ୍ରାଙ୍ଗଣ—
Agana 1. Courtyard.
आङ्गिना, उठान ଗୃହଲୁ ଗୋପୀଙ୍କ ଅଗଣା ।
**अङ्गन** କର୍ଦ୍ଦମେ ପଙ୍କ ହୋଇ ବଣା । ଜଗନ୍ନାଥ ଭାଗବତ. ୧୦ମ ।
ଘନ ପ୍ରଭାବେ ଆପଣା ଅଗଣା ପଶିବ । ସାରଳା ମହାଭାରତ. ଅଦ ।
୨ । ( ଲକ୍ଷଣାର୍ଥ ) କ୍ଷେତ୍ର; ସ୍ଥାନ—2. Place.
ବଳାସର କ୍ଷେତ୍ର ନୁହେ ସଗ୍ରାମ ଅଗଣା ଉପସ୍ଥିତ କ୍ଷେତ୍ର ଏହୁ ।
ସ୍ୱାଧୀନତା ମହାଯାତ୍ରା ।
ଦେ. ବିଣ. ( ସଂ. ଅଗଣ୍ୟ )—୧ । ଅଗଣ୍ୟ; ଅସଂଖ୍ୟ—
ଅଗଣତି 1. Coutless.
**अनगना** ବହୁରଙ୍ଗେ ବୁଲୁଛନ୍ତି ଦେଖ ଅଗଣାରେ । କବିସୂର୍ଯ୍ୟ ବ. ଚ. ବ. ଗୀତ ।
୨ । ଅଗଣିତ; ଯାହା ଗଣନା କରାଯାଇ ନାହିଁ—
2. Uncounted.
୩ । ନଗଣ୍ୟ; ହେୟ—
3. Contemptible; in significant.

୪ । ଯେଉଁ ବାଳକର ଜାତକ ବା ଜନ୍ମପତ୍ରିକା ବିଷୟରେ ଜ୍ୟୋତିଷିକ ଗଣନା କରାଯାଇ ନାହିଁ—
୪. ( a boy ) Who has not had his horoscope calculated.

**(ଅଗଣୀ—ସ୍ତ୍ରୀ)** ଦେ. ବି. ପୁଂ—ଅପତ୍ୟିଆଣୀ ବାଳକଙ୍କୁ ଦଆଯିବା ନାମ ବିଶେଷ—A name given to a boy whose elder had died before his birth.

**ଅଗଣା ଅପୁଚ୍ଛା**—ଦେ. ବିଣ. ପୁଂ. ( ସହଚର ଶବ୍ଦ; ସଂ. ଅ+ଗଣ୍ ଧାତୁ
Agana apuchha ଓ. ପ୍ରଚ୍ଛ୍ ଧାତୁ )—୧ । ନଗଣ୍ୟ; ଯେଉଁ
( ଅଗଣୀ ଅପୁଚ୍ଛୀ—ସ୍ତ୍ରୀ ) ଲୋକକୁ କେହି ମନୁଷ୍ୟରେ ଗଣନା କରେ ନାହିଁ କିମ୍ବା ପଚାରେ ନାହିଁ—1. ( a person ) Of no importance; insignificant.
୨ । ଯେ ଅନିମନ୍ତ୍ରିତ ହୋଇ କୌଣସି ସ୍ଥାନକୁ ଆସିଥାଏ—
2. ( a person ) Who comes to a place without any invitation.
୩ । ଯେ ଅନୁରୁଦ୍ଧ ନ ହୋଇ କୌଣସି କର୍ମ କରେ—
3. ( a person ) Who does a work without being asked to do it.
୪ । ଯେଉଁ ବାଳକର ଜାତକପତ୍ର ଗଣାପୋଛା ହୋଇ ନାହିଁ—
4. ( a boy ) Whose horoscope has not been cast.
୫ । ଯେଉଁ ବିବାହରେ ବରକନ୍ୟାଙ୍କ ଜାତକ ଗଣାପୋଛା ମେଳ କରାଯାଇ ନ ଥାଏ—
5. ( a marriage ) In which the respective horoscopes of the bridegroom and the bride have not been calculated (to see if they will suit each other).
୬ । ଯେଉଁ ଆଗନ୍ତୁକ ବ୍ୟକ୍ତିର ବିବାହାଦି ଉତ୍ସବରେ କେହି ତତ୍ତ୍ୱ କରନ୍ତି ନାହିଁ —
6. (a guest Who is not looked after by any body in a social festivity.

**ଅଗଣିତ**—ସଂ. ବିଣ (ଅ + ଗଣିତ)—୧ । ଅସଂଖ୍ୟ; ଅସୁମାର—
Aganita 1. Countless.
(ଅଗଣିତା—ସ୍ତ୍ରୀ) ୨ । ଯାହା ସଂଖ୍ୟା କରାଯାଇ ନାହିଁ—
2. Uncounted
୩ । ଅଖ୍ୟାତ—3. Not celebrated.
୪ । ଅଜ୍ଞାତ—4. Unknown.

**ଅଗଣିତା**—ସଂ. ବିଣ. ସ୍ତ୍ରୀ. (ଅଗଣିତ + ଆ)—ଅଗଣିତର ସ୍ତ୍ରୀଲିଙ୍ଗ—
Aganita Feminine of Aganita.
ଦେ. ବିଣ. (ସଂ. ଅଗଣିତ)—ଅଗଣ୍ୟ; ଅସଂଖ୍ୟ—Countless.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ପ | ଉ୍ଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଙ୍ପୃ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଦ୍ଧ | ନ୍ତୁ |

**ଅଗଣ୍ଡ**—ଦେ. ବିଣ. (ସଂ. ଅଗମ୍ୟ) ୧ । ପରିମାଣରେ ଅମାପ—
Aganda 1. Immeasurable.
**अगम,** ୨ । ଅମାପ; ଅତି ଗଭୀର (ଜଳ); ଅତଳସ୍ପର୍ଶ—
**अथाह** 2. Very deep; unfathomable
(ଯଥା, ନଈରେ ଏ ବର୍ଷ ଅଗଣ୍ଡ ପାଣି ଅଛି ।)
୩ । (ସ.ଅଗଣ୍ଡ)—ପୂର୍ଣ୍ଣ(ଭୋଜନ)—3. A bellyful of (meal)

**ଅଗଣ୍ଡା**—ଦେ. ବି. (ସ. ଅଗ୍ର ?)—ବେଙ୍ଗଲା ପକାଇ ଧାନ ଅମଳ କରିବା
Agandā ପରେ ଯେଉଁ ଗୋଟାଏ ଗୋଟାଏ ଧାନ କୁଟା ଦେହରେ ଲାଗି ରହିଯାଏ—Grains of paddy not severed from the straw after treading.

**ଅଗଣ୍ୟ**—ସ. ବିଣ. (ଅ + ଗଣ୍ୟ)—୧ । ଅସଂଖ୍ୟ; ଗଣନାତୀତ; ସଂଖ୍ୟାତୀତ—
Aganya 1. Countless.
(ଅଗଣ୍ୟା—ସ୍ତ୍ରୀ) ୨ । ନଗଣ୍ୟ; ତୁଚ୍ଛ—2. Negligible; of no importance; insignificant.
୩ । ସାମାନ୍ୟ; ଇତର—3. Slight.
୪ । ହେୟ—4. Contemptible.
୫ । ଅଗ୍ରାହ୍ୟ—5. Inconsiderable.

**ଅଗତ୍**—ଦେ. ଅ. (ସ. ଅଗ୍ର)—ହାତୀକୁ ଆଗକୁ ଚଳାଇବା ପାଇଁ ମାହୁନ୍ତର
Agat ଡାକ;—ଆଗକୁ ଚାଲ୍—Interjection used by
**अगत्** elephant-drivers directing the elephant to advance.

**ଅଗତ**—ସ. ବିଣ. (ଅ + ଗତ, ଯେ ଗତ ହୋଇ ନାହିଁ)—
Agata ୧ । ବିଦ୍ୟମାନ; ଉପସ୍ଥିତ; ବର୍ତ୍ତମାନ—1. Present.
(ଅଗତା—ସ୍ତ୍ରୀ) ୨ । ଅପ୍ରାପ୍ତ—2. Unattained.

**ଅଗତି**—ସ. ବି. (ଅ + ଗତି)—୧ । ଗତିରାହିତ୍ୟ; ଚଳନର ଅଭାବ—
Agati 1. Want of motion.
୨ । ଅସଦ୍ଗତି; ମୁକ୍ତି ବା ମୋକ୍ଷର ଅଭାବ—
2. Want of salvation.
କହେ ଅଚେତ, କହେ ଯହିଁରେ ସଦାଗତି—ଭକ୍ତ. ବୈଦେହୀଶବିଳାସ ୨୧୧୪ ।
୩ । ଉପାୟହୀନତା—3. Want of resources.
୪ । ନିରାଶ୍ରୟତା—4. Helplessness.
୫ । ଦୁର୍ଦ୍ଦଶା—5. Misfortune.
ସ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି)—
୧ । ଗତିହୀନ—1. Motionless.
୨ । ଉପାୟବିହୀନ—2. Resourceless.
୩ । ନିରୁପାୟ—3. Having no means.
୪ । ସଦ୍ଗତି ବା ମୋକ୍ଷ ହୀନ—
4. Devoid of salvation.
୫ । ନିରାଶ୍ରୟ—5. Helpless.
୬ । ବିପନ୍ନ—6. Involved in danger.
ଦେ. ବିଣ—ଅସଦ୍ଗଥଗାମୀ; ଅସଦାଚାରୀ—Doing evil acts.

**ଅଗତିକ**—ସ. ବିଣ. ପୁଂ—(ବହୁବ୍ରୀହି; ଅ + ଗତି + କ)—
Agatika ଅଗତି (ଦେଖ)
(ଅଗତିକା—ସ୍ତ୍ରୀ) Agati (See)

**ଅଗତିପଣ**—ଦେ. ବି—ଅସଦାଚରଣ; ଅସତ୍ପଥରେ ଗମନ—
Agatipana Bad conduct; taking to evil ways.
ମାତାଙ୍କ ଅତି ଅଗତିପଣ ଦେଖି କରି । ସାରଳା ମହାଭାରତ. ଆଦି ।

**ଅଗତିର ଗତି**—ଦେ. ବି—୧ । ନିରୁପାୟ ବ୍ୟକ୍ତିର ଉପାୟ ସ୍ୱରୂପ—
Agatira gati 1. A helper of the helpless.
অগতির গতি ୨ । ଅମୋକ୍ଷ ବ୍ୟକ୍ତିର ମୋକ୍ଷଦାତା—
**अगतिनको गति** 2. Saviour of the sinner.
୩ । ବିପନ୍ନର ଉଦ୍ଧାରକର୍ତ୍ତା—
3. Deliverer of the afflicted.

**ଅଗତ୍ୟା**—ସ. କ୍ରି. ବିଣ—(ସ. ଅ = ବିହୀନ, ରହିତ + ଗତ୍ୟା = ଗତିଦ୍ୱାରା)—୧ । ନିରୁପାୟ ହୋଇ—
Agatyā 1. In a helpless condition.
୨ । ଅନନ୍ୟଗତିକ ହୋଇ; ଉପାୟାନ୍ତର ବିହୀନ ଅବସ୍ଥାରେ—
2. Having no other resource or alternative.
୩ । ବାଧ୍ୟ ହୋଇ—3. Perforce; inevitably
ସ. ଅ—ସୁତରାଂ; ଫଳତଃ—
Veritably; as a matter of fact.

**ଅଗଦ**—ସ. ବିଣ. ପୁଂ. (ବହୁବ୍ରୀହି)—୧ । (ଅ + ଗଦ)—
Agada ନୀରୋଗ; ସୁସ୍ଥ—1. Healthy; not sick.
(ଅଗଦା—ସ୍ତ୍ରୀ) ୨ । (ଅ + ଗଦା)—ଗଦାଶୂନ୍ୟ; ଗଦା ଧରି ନ ଥିବା—
2. Holding no mace; not armed with mace.
୩ । (ଯାହାଦ୍ୱାରା ରୋଗ ନାଶ ହୁଏ) ଔଷଧ—
3. Medicine; antidote.
୪ । ଗଦ (ଦେଖ)—4. Gada (See)
୫ । ଧନ୍ୱନ୍ତରି ପ୍ରଣୀତ ଅଷ୍ଟ ଭାଗବିଶିଷ୍ଟ ଚିକିତ୍ସାଗ୍ରନ୍ଥର ଷଷ୍ଠ ଭାଗର ନାମ—5. Title of the 6th part of a medical treatise by Dhanwantari.

**ଅଗଦଂକାର**—ସ. ବି. ପୁଂ—(ଉପପଦ ସମାସ; ଅଗଦଂ = ଅଗଦକୁ + କୃ ଧାତୁ + କର୍ତ୍ତୃ. ଅ; ଯେ ମନୁଷ୍ୟକୁ ନୀରୋଗ କରନ୍ତି)—ଚିକିତ୍ସକ, ବୈଦ୍ୟ—
Agadaṁkāra Physician; doctor.

**ଅଗଦ୍ୟ**—ସଂ. ବି—(ଅ + ଗଦ୍ୟ)—୧ । ସଦୋଷ ଗଦ୍ୟ; ଯେଉଁ
Agadya ଗଦ୍ୟ ରଚନାରେ ବ୍ୟାକରଣ ଓ ଭାଷା ଦୋଷ ରହିଅଛି—
1. Faulty prose.
୨ । ପଦ୍ୟ; କବିତା—Poetry.
ସଂ. ବିଣ—ଅକଥ୍ୟ; ଅକଥନୀୟ—Unspeakable.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

**ଅଗଧୁଆ**—ଗ୍ରା. ବିଣ—ଅଗାଧୁଆ ( ଦେଖ )
Agadhuā Agādhuā ( See )
ଗ୍ରା. ବି—ଅସ୍ନାତ ଅବସ୍ଥା—State of having had no bath.

**ଅଗନା ଅଗନି**—ଗ୍ରା. ବିଣ—( ସଂ. ଅଗମ୍ୟ )—ଅତି ଅଗମ୍ୟ; ନିବିଡ଼; ଦୁର୍ଭେଦ୍ୟ (ବନ)—Impenetrable; very dense ( forest ).
Aganā agani
ଅଘୋର
ଅଗମ [ ଦ୍ର—ଏହି ଶବ୍ଦ କେବଳ 'ବନସ୍ତ' ଶବ୍ଦ ପୂର୍ବରେ ଲାଗେ । ]

**ଅଗନାଗନି**—ଗ୍ରା. ବିଣ—ଅଗନା ଅଗନି ( ଦେଖ )
Aganāgani Aganā agani ( See )

**ଅଗନାଗିନି**—ଗ୍ରା. ବିଣ—ଅଗନା ଅଗନି ( ଦେଖ )
Aganāgini Aganā agani ( See )

**ଅଗନାଗ୍ନି**—ଗ୍ରା. ବିଣ—ଅଗନା ଅଗନି ( ଦେଖ )
Aganāgni Aganā agani ( See )

**ଅଗନି**—ଗ୍ରା. ପ୍ରାଚୀନ ପଦ୍ୟ. ବି—( ସଂ. ଅଗ୍ନି )—ଅଗ୍ନି; ନିଆଁ—Fire.
Agani
ତହିଁରୁଷ୍ଟ ଜାତ ଯେ ହୁଅଇ ଅଗନି । କୃଷ୍ଣସିଂହ ମହାଭାରତ. ବନ ।

**ଅଗନ୍ତବ୍ୟ**—ସ. ବିଣ. ( ଅ + ଗନ୍ତବ୍ୟ )—
Agantabya ୧ । ଗମନର ଅଯୋଗ୍ୟ; ଯହିଁରେ ଗମନ କରି ହୁଏ ନାହିଁ (ଯଥା—ପଥ)—1. Impassable.
( ଅଗନ୍ତବ୍ୟା—ସ୍ତ୍ରୀ )
୨ । ଯେଉଁଠାକୁ ଗମନ କରିବା ଅନୁଚିତ (ଯଥା—ସ୍ଥାନ)—2. ( a place ) Where one ought not to go.
୩ । ଯେଉଁ ବ୍ୟକ୍ତିର ସହବାସ କରିବା ନିଷିଦ୍ଧ—3. ( a person ) With whom a person is prohibited from having cohabitation.
୪ । ଯେଉଁ ତିଥିରେ କୌଣସି ଶୁଭ କାର୍ଯ୍ୟପାଇଁ ଅନୁକୂଳ କରିବା ଜ୍ୟୋତିଷଶାସ୍ତ୍ରରେ ନିଷିଦ୍ଧ—4. ( a day ) Which is inauspicious according to astrology for starting on a mission.

**ଅଗନ୍ତବ୍ୟ ତିଥି**—ସଂ. ବି. (କର୍ମଧା)—ଜ୍ୟୋତିଷ ମତରେ ଯେଉଁ ତିଥିରେ ଶୁଭ କାର୍ଯ୍ୟପାଇଁ ଅନୁକୂଳ ନିଷିଦ୍ଧ—A day which is astrologically inauspicious for starting on a mission.
Agantabya tithi
( ଯଥା—ତ୍ର୍ୟହସ୍ପର୍ଶ ତିଥି, ବିଷ୍ଟି, ବ୍ୟତୀପାତ, ବୈଧୃତ ଯୋଗଯୁକ୍ତ ତିଥି, ଉତ୍ପାତନକ୍ଷତ୍ରଯୁକ୍ତ ତିଥି; ଗ୍ରହଣସପ୍ତାହ । )

**ଅଗବଥୁ**—ଦେ. ବି. ( ସ. ଅଗ୍ନିମନ୍ଥ, ଅଗ୍ନିମନ୍ଥନ )—ଅଗ୍ନିମନ୍ଥ (ଦେଖ)
Agabathu Agnimantha ( See )
ଅଗବଥୁ କଣ୍ଟାଇ କୋଳି ଶ୍ରେଣୀ ମେଳା । କୃଷ୍ଣସିଂହ ମହାଭାରତ. ବନ ।

**ଅଗବଥୁ ସଙ୍ଗେ ସଙ୍ଗାତ ବସିବା**—ଦେ. ( ବାକ୍ୟ )—
Agabathu saṅge saṅgāta basibā
ଦେହରେ ଅଗ୍ୟାବାତ ଫଳ ଦେହ-ଫୁଲି ଗଲେ ରୋଗୀ ଅଗବଥୁ ଗଛ ନିକଟକୁ ଯାଇ ତା ଉପରକୁ ଗଣ୍ଡାଏ ଚାଉଳ ପକାଇ ଦେଇ ଉକ୍ତ ଗଛକୁ ଆଲିଙ୍ଗନ କରି କହନ୍ତି "ମୁଁ ତୋ ସଙ୍ଗେ ସଙ୍ଗାତ ବସିଲି ।" ଏପରି କଲେ ଦେହରୁ ଅଗ୍ୟାବାତଜନିତ ଫୁଲା ଓ କଣ୍ଡୁ ଛାଡ଼ିଯାଏ । ଫଳତଃ ଏ ଗଛର ସ୍ପର୍ଶରେ ଅଗ୍ୟାବାତ ଭଲ ହୁଏ—( a person suffering from nettlerash ) To set up god-relationship with the Agabathu tree.

**ଅଗଭଙ୍ଗା**—ଦେ. ବିଣ. ( ସ. ଅଗ୍ର + ଭଞ୍ଜ ଧାତୁ )—
Agabhaṅgā ୧ । ଯାହାର ଅଗ୍ର ଭଗ୍ନ କରାଯାଇଅଛି ( ଯଥା—ଗୁଳ୍ମ, କ୍ଷୁଦ୍ର ବୃକ୍ଷ )—1. Having the tips broken.
ଡଗାଭଙ୍ଗା
୨ । ଯାହାର ଅଗ ବା ଶିଖର ଭଗ୍ନ ହୋଇଅଛି—2. With a broken top.
(ପୁଂ) ୩ । ଯେଉଁ ବ୍ୟକ୍ତି କୌଣସି ଆରବ୍ଧ କର୍ମ ବା ପ୍ରସ୍ତାବକୁ ପ୍ରଥମରୁ ଭାଙ୍ଗି ଦିଏ—3. A person who breaks up a work or proposal at the outset.
( ଅଗଭଙ୍ଗେଇ—ସ୍ତ୍ରୀ )
୪ । ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟକୁ ଆରମ୍ଭ କରି ଶେଷ ହେବାବେଳକୁ ନିରୁତ୍ସାହ ହୋଇ ବନ୍ଦ କରି ଦିଏ ବା ଭଙ୍ଗାଇ ଦିଏ—4. A person who begins a work with right earnest but breaks it off before it is finished.

**ଅଗମ**—ସ. ବି. ( ଅ + ଗମ୍ ଧାତୁ + କର୍ତ୍ତୃ. ଅ; ଯାହାର ଗମନ ବା ଗତି ନାହିଁ )—୧ । ପର୍ବତ—Mountain.
Agama
୨ । ଗଛ—2. Tree.
ସ. ବିଣ. ପୁଂ—୧ । ସ୍ଥିର; ଗତିହୀନ—1. Motionless.
( ଅଗମା—ସ୍ତ୍ରୀ ) ୨ । ସ୍ଥାବର—2. Immovable.
( ଅଗମତା—ବି )

**ଅଗମତା**—ସଂ. ବି. ( ଅଗମ + ଭାବାର୍ଥେ. ତା; ମାନ୍ୟ ବ୍ୟକ୍ତିଙ୍କୁ ଅଗମ ବା ସ୍ଥାବର ବସ୍ତୁ ପରି ଅବହେଳା କରିବାର ଭାବ)—
Agamatā
୧ । ମାନନୀୟ ବ୍ୟକ୍ତିର ଅବମାନନା; ପୂଜ୍ୟପୂଜା ବ୍ୟତିକ୍ରମ—1. Disregard or slight shown to a respectable person.
୨ । ଅସମ୍ମାନ; ଅମର୍ଯ୍ୟାଦା—2. Disrespect.
୩ । ଅପମାନ—3. Insult.

**ଅଗମନୀୟ**—ସଂ. ବିଣ. ( ଅ + ଗମନୀୟ )—ଅଗମ୍ୟ ( ଦେଖ )
Agamanīya Agamya (See)
(ଅଗମନୀୟା—ସ୍ତ୍ରୀ)

**ଅଗମଲା**—ଦେ. ବିଣ—ଯେଉଁ ଧାନ ହଳାକୁ ବେଙ୍ଗଳା ନ ପକାଇ କେଣ୍ଡାର ଅଗକୁ ଗୋଡ଼ରେ ମଳି ଲୋକେ ତହିଁରୁ
Agamalā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଁ | ଉଅ | ଦ୍ଧ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍ତ |

শিষ ঝাড়া ଧାନ ବାହାର କରନ୍ତୁ—( paddy sheaf )
অগড়া Which has been trodden upon by the feet and paddy grains separated thereby.

ଦେ. ବି. ୧ । ଗୋଡ଼ରେ ଅଗ ମଳାଯାଇ ଧାନ ବାହାର କରି ନିଆ ଯାଇଥିବା ଶସ୍ୟହୀନ ଖୁଣ୍ଟା ନଡ଼ା—
1. Straw from which paddy has been separated by treading with the feet.

୨ । ବେଙ୍ଗଲା ନ ପକାଇ ଧାନ ହଲାକୁ ଗୋଡ଼ରେ ମଳି ତହିଁରୁ ଧାନ ପୃଥକ୍ କରିବା କର୍ମ—
2. The operation of treading upon the paddy sheaf to separate the grains.

**ଅଗମିତ**—ଦେ. (ପ୍ରାଚୀନ). ବିଣ. (ସଂ. ଅଗମ୍ୟ) – ଅଗମ୍ୟ; ଯେଉଁଠାକୁ
Agamita କେହି ଯାଇ ପାରନ୍ତି ନାହିଁ—
Unapproachable; inaccessible.

ଦୁର୍ଜୟ କଟକ ଶୋଣିତପୁର । ଅଗମିତ ସୁର ନର ଅସୁର ॥
ଶିଶୁ ଶଙ୍କର—ଉଷାଭିଳାଷ ।

**ଅଗମୂଳ**—ଦେ. ବି. ( ବିପରୀତାର୍ଥ ସହଚର; ସଂ. ଅଗ୍ର + ମୂଳ )—
Agamūla ୧ । କୌଣସି ବସ୍ତୁର ଅଗ୍ରଭାଗ ଓ ମୂଳଭାଗ—
আগাগোড়া 1. Top and root; head and tail.
आगागोड़ा ୨ । ଶେଷ ଓ ଆଦ୍ୟଭାଗ—
2. Beginning and end.

୩ । ଧାରାବାହିକତା—3. Sequence.
( ଯଥା—ତା କଥାରେ ଅଗ ମୂଳ କିଛି ନାହିଁ ।)

ଦେ. ବିଣ. ୪ । ଅଗ୍ରରେ ସ୍ଥିତ ଓ ମୂଳରେ ସ୍ଥିତ—
4. Situated at the top and at the base.

**ଅଗମୋଡ଼ା**—ଦେ. ବିଣ.—୧ । ଯେଉଁ ବୃକ୍ଷର ଅଗକୁ ମୋଡ଼ି ତହିଁର
Agamorḍā ପ୍ରାକୃତିକ ବୃଦ୍ଧିକୁ ରହିତ କରାଯାଏ—
1. ( tree ) Whose top has been bruised or squeezed in order not to let it grow tall.

୨ । ଯାହାର ଅଗପାଖ ମୋଡ଼ି ହୋଇ ଯାଇଥାଏ—
2. Nipped at the top.

**ଅଗମ୍ୟ**—ସଂ. ବିଣ. (ଅ + ଗମ୍ୟ)—୧ । ଗମନର ଅଯୋଗ୍ୟ; ଦୁର୍ଗମ—
Agamya 1. Impassable; unapproachable.

୨ । ଦୁର୍ଭେଦ୍ୟ; ଅଭେଦ୍ୟ ( ଯଥା—ବନ )—
2. Impenetrable.

୩ । ଅବୋଧଗମ୍ୟ; ଅବୋଧ—
3. Incomprehensible; not capable of being understood; unintelligible.

୪ । ଅଜ୍ଞେୟ—4. Unknowable.

୫ । ଯେଉଁ ସ୍ଥାନକୁ ଗମନ କରିବା ଉଚିତ ନୁହେଁ—
5. (a place) Where one ought not to go.

୬ । ଯେଉଁ ସ୍ଥାନକୁ ଯିବା ଶାସ୍ତ୍ରାଦିନିଷିଦ୍ଧ—6. (a place) Where one is prohibited from going.

୭ । (ସ୍ମୃତି) ପୁଂ. ଯେଉଁ ପୁରୁଷକୁ ସଙ୍ଗମ କରିବା (ସ୍ତ୍ରୀ ପକ୍ଷରେ)
(ଅଗମ୍ୟା – ସ୍ତ୍ରୀ) ନିଷିଦ୍ଧ—7. (a male) Whom a female is enjoined not to cohabit with.

**ଅଗମ୍ୟଗମନ**—ସଂ. ବି. ୭ମୀ ତତ୍)—୧ । ନିଷିଦ୍ଧ ସ୍ଥାନକୁ ଯିବା—
Agamyagamana 1. Going to a prohibited place.

୨ । (ସ୍ତ୍ରୀ ପକ୍ଷରେ) ଅଗମ୍ୟ ପୁରୁଷର ସହବାସ—2. (In the case of a female ) Cohabitation with a male of the prohibited class.

**ଅଗମ୍ୟା**—ସଂ. ବିଣ. ସ୍ତ୍ରୀ. ( ଅଗମ୍ୟ + ଆ )—ଅଗମ୍ୟର ସ୍ତ୍ରୀଲିଙ୍ଗ; ଯେଉଁ
Agamyā ସ୍ତ୍ରୀକୁ କୌଣସି ପୁରୁଷ ପକ୍ଷରେ ସହବାସ କରିବା ନିଷିଦ୍ଧ—
Feminine of Agamya; (a woman) whom a certain male should not cohabit with.

[ ଦ୍ର—ହିନ୍ଦୁଶାସ୍ତ୍ରମତରେ ନିଜର ବିବାହିତା ସ୍ତ୍ରୀ ଛଡ଼ା ଅନ୍ୟ ସ୍ତ୍ରୀମାନେ ଅଗମ୍ୟା; ବିଶେଷତଃ ଗୁରୁପତ୍ନୀ, ରାଜପତ୍ନୀ, ଶ୍ରୋତ୍ରୀୟପତ୍ନୀ, ବନ୍ଧୁପତ୍ନୀ, ଭଗିନୀ ଓ ଭଗିନୀସ୍ଥାନୀୟାମାନେ; କନ୍ୟା ଓ କନ୍ୟାସ୍ଥାନୀୟାମାନେ; ସଗୋତ୍ରା, ଉଚ୍ଚତରବର୍ଣ୍ଣା, କୁମାରୀ, ଅନ୍ତ୍ୟଜା, ରଜସ୍ୱଳା, ଶରଣାଗତା, ତପସ୍ୱିନୀ ଓ ନ୍ୟାସୀକୃତା ସ୍ତ୍ରୀମାନେ ଅଗମ୍ୟା; ଏମାନଙ୍କୁ ସହବାସ କଲେ ପୁରୁଷର ମହାପାତକ, ଅତିପାତକ ଓ ଅନୁପାତକ ହୁଏ ।]

**ଅଗମ୍ୟାଗମନ**—ସଂ. ବି. (୭ମୀ ତତ୍)—ଅଗମ୍ୟା ସ୍ତ୍ରୀ ସଙ୍ଗେ ସହବାସ—
Agamyāgamana Cohabitation with a woman of the prohibited class.

ଏବେ ସେହି ସିନା; ଲମ୍ପଟରେ ସଙ୍ଖ୍ୟା ହେବ ଅଗମ୍ୟାଗମନେ ।
ରାଧାନାଥ. ମହାଯାତ୍ରା ।

[ଦ୍ର—ଅଗମ୍ୟାଗମନ ମହାପାପ; ଏଥିର ପ୍ରାୟଶ୍ଚିତ୍ତ ବିଧି ମନୁସଂହିତା ୧୧ ଅ. ୧୭୦-୧୭୯ ଶ୍ଳୋକରେ ଅଛି—ରାମଶଙ୍କର. ମନୁସଂହିତା ।]

**ଅଗର୍**—ବୈଦେ. ଅ.-୧ । (ଆ. ଅଗର୍)—ଯଦି; ଯଦ୍ୟପି—
Agar 1. If; even if.
অগর ୨ । (ଆ. ମଗର୍)—ମାତ୍ର; କିନ୍ତୁ—2. But.
अगर ୩ । ( ଆ. ମଗର୍ ) ପକ୍ଷାନ୍ତରରେ—3. On the other hand.

୪ । ( ଇଂ Auger; ଅଗର୍ ) କାଠକୁ ଫୋଡ଼ି ଛିଦ୍ର କରିବା ପାଇଁ ବ୍ୟବହୃତ ବଢ଼େଇଙ୍କ ଭଅଁର ଯନ୍ତ୍ର—
4. A carpenter's auger.

ଗ୍ରା. ବି. (ସଂ. ଅଭ୍ର)—ଅଭ୍ର; ମେଘନାଳ—Mica.

ଦେ—'ଅଗ' ଶବ୍ଦର ୬ଷ୍ଠୀ ବିଭକ୍ତି—ଅଗ୍ରଭାଗର—Of the top.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' କ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁା' ନ ପାଇଲେ 'ଅଗ୍ନା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

**ଅଗରଢୁଅଲ**—ଦେ. ବ.—ଅଗରବାଲ (ଦେଖ)
Agaruāla — Agarabāla (See)

**ଅଗର୍ କଟଲ୍**—ଦେ. ବଣ. (ସଂ ଅଗ୍ର + କର୍ତ୍ତିତ) ଅଗକଟା (ଦେଖ)
Agar katal — Agakatā (See)
ଆଗାଭଂଗା, ଡଗାଭାଂଗା, ଅଗଲ କଟଲ — ଦେ. ବ. —ଯେଉଁ ବାଲେଶ୍ୱରୀ ଧୂଆଁପତ୍ରର ଅଗ କଟା ହୋଇଥାଏ; ଏକ ପ୍ରକାର ଉତ୍କୃଷ୍ଟ କଡ଼ା ଧୂଆଁପତ୍ର ବା ତମାଖୁ—A species of excellent tobacco imported to Orissa.
[ ଦ୍ର—କ୍ଷେତରେ ଥିଲାବେଳେ ଏ ଧୂଆଁପତ୍ର ଗଛର କଳି ଭାଙ୍ଗି ଦିଆ ଯାଇଥିବାରୁ ଗଛ ଶିଖରେ ଡେଙ୍ଗା ହୋଇ ନ ବଢ଼ି ଆଯୃତନରେ ବର୍ଦ୍ଧିତ ଓ ହୃଷ୍ଟପୁଷ୍ଟ ହୋଇଥାଏ । ]

**ଅଗର୍ କଟା**—ଦେ. ବଣ—ଅଗକଟା (ଦେଖ)
Agar katā — Agakatā (See)

**ଅଗର୍‌ଚି**—ବୈଦେ. ଅ. (ଆ. ଅଗର୍‌ଚେ)—ଅଗର୍ (ଦେଖ)
Agarchi — Agar (See)

**ଅଗର୍‌ଚେ**—ବୈଦେ. ଅ. (ଆ. ଅଗର୍‌ଚେ)—ଅଗର୍ (ଦେଖ)
Agarche — Agar (See)

**ଅଗର**—ବୈଦେ.—୧ । ଅ. (ଆ. ଅଗର୍)—ଅଗର୍ (ଦେଖ)
Agara — 1. Agar (See)
୨ । ବ. (ଇଂ. Auger; ଅଗର୍)—ଅଗର୍ (ଦେଖ)
2. Agar (See)
୩ । ଦେ. (ସଂ. ଅଗୁରୁ)—ଅଗୁରୁ (ଦେଖ)
ଅগুরু, अगर — 3. Aguru (See)
ଅଗର ଧୂପ ଦେଇ ପାଶେ; ପାଦ ପୋଛନ୍ତି ପୀତବାସେ । ଜଗନ୍ନାଥ. ଭାଗବତ ୧୦ମ ।
୪ । ଦେ. (ସଂ ଅଭ୍ର)—ଅଭ୍ର (ଦେଖ)
4. Abhra (See)

**ଅଗର ଚନ୍ଦନ**—ଦେ. ବ. (ସଂ ଅଗୁରୁ+ଚନ୍ଦନ) — ଅଗୁରୁ (ଦେଖ)
Agara chandana — Aguru (See)
অগুরু চন্দন, अगर चन्दन

**ଅଗରଚନ୍ନ**—ଗ୍ରା. ବ. —ଅଗର ଚନ୍ଦନ (ଦେଖ)
Agarachanna — Agara chandana (See)

**ଅଗରଜ**—ଦେ. ବ. (ସଂ. ଅ + ଆ. ଗରଜ୍)—
Agaraja — ଗରଜ ବା ଆବଶ୍ୟକତାର ଅଭାବ—
বেগরজ, बेगरज — Want of need or necessity.

**ଅଗରଜା**—ଦେ. ବଣ—ଯେଉଁ ଦୁଧ ଦୁହାଁ ହେଲା ପରେ ନିଆଁ ଉପରେ ଈଷଦୁଷ୍ଣ କରାଯାଇ ନ ଥାଏ—milk) Which
Agarajā, অগজরা — has not been warmed just after milking; unwarmed.
[ ଦ୍ର—ଦୁହାଁ ହେଲା ପରେ ଦୁଧକୁ ତତ୍କାଳ ଗରମାଇ ଦେଲେ ବା ଈଷଦୁଷ୍ଣ କଲେ ତାହା ଅଗରଜା ଦୁଧ ଅପେକ୍ଷା ବେଶି ସମୟଯାଏ ଛିଣ୍ଡି ନ ଯାଇ ଅବିକୃତ ରହେ । ]

**ଅଗରଜାଏ**—ଦେ. ବଣ. ( ସଂ. ଅ + ଆ. ଗଏରଜାଏ )
Agarajāe — ଦେଣା ସୁଝିବାକୁ ସମର୍ଥ;(ଯଥା; ଖାତକ ବା ରଇତ)—Solvent (debtor or tenant).

**ଅଗରଜିଆ**—ଦେ. ବଣ. ପୁଂ—
Agarajiā — ୧ । ଯେଉଁ ବ୍ୟକ୍ତିର କୌଣସି ବିଷୟରେ ଗରଜ ପଡ଼ି ନ ଥାଏ—1. Not in want.
বেগরজী, बेगरजी — ୨ । ଯେ ଅଭାବଗ୍ରସ୍ତ ନୁହେ—2. Not needy.

**ଅଗରଜୀ**—ଦେ. ବଣ. ପୁଂ. ଓ ସ୍ତ୍ରୀ—ଅଗରଜିଆ ( ଦେଖ )
Agarajī — Agarajiā (See)

**ଅଗରଝଡ଼ା**—ଦେ. ବ—ଶାକଗୁଳ୍ମ ବିଶେଷ —
Agara jhardā — A plant; Panicumn Coromandelianum.

**ଅଗରଝାଟିଆ**—ଦେ. ବ—ଅଗରଝଡ଼ା (ଦେଖ)
Agarajhātiā — Agarajhardā (See)

**ଅଗର ଟିକିଲି**—ଗ୍ରା. ବ. ( ସଂ. ଅଭ୍ର )—କୃଷ୍ଣାଭ୍ରର କ୍ଷୁଦ୍ର ଗୋଲ ବା
Agara tikili — ଅର୍ଦ୍ଧଚନ୍ଦ୍ରାକୃତି ଖଣ୍ଡ, ଯାହାକୁ ସ୍ତ୍ରୀମାନେ କପାଳରେ ଟିକିଲି କରି ପିନ୍ଧନ୍ତି—
কালটিকলি, कालटीप — A circular or crescent-shaped bit of black mica stuck to the forehead by females.

**ଅଗରଟୋପି**—ଗ୍ରା. ବ—ଅଗର ଟିକିଲି ( ଦେଖ )
Agaratopi — Agara tikili ( See )

**ଅଗରଦାଣି**—ଗ୍ରା. ବ. ( ସଂ. ଅଗ୍ରଦାନୀ ) – ଅଗ୍ରଦାନୀ ( ଦେଖ )
Agaradāni — Agradāni ( See )

**ଅଗରବତି**—ଦେ. ବ. (ସଂ. ଅଗୁରୁ + ବର୍ତ୍ତିକା)—ଉଦ୍‌ବତି; ସୁଗନ୍ଧ ପାଇଁ
Agarabati — ଜଳାଯିବା ସରୁ କାଠି ( ଏଥିରେ ଗୁଗ୍ଗୁଳ, ଚନ୍ଦନ
অগরবাতী, अगरबत्ती — ଆଦି ବଟା ହୋଇ ବୋଳା ହୋଇଥାଏ; ମୁସଲମାନମାନେ ଏହାକୁ ଧୂପ ଦିଅନ୍ତି; ଏଥିରେ ନିଆଁ ଲଗାଇଲେ ସୁଗନ୍ଧ ଧୂଆଁ ବାହାରୁଥାଏ । )—
Fine twigs smeared with scents and emitting sweet-smelling smoke when lighted.

**ଅଗରବାଲ**—ଦେ. ବ. ( ସଂ. ଅଗ୍ର ବଣିକ, ଅଗ୍ରବଣ ବା ଅଗ୍ରା ପ୍ରଦେଶ
Agarabāla — ଏମାନଙ୍କର ଆଦିମ ବାସସ୍ଥାନ ଥିବାରୁ । )—
অগরউআলা, अगरवाला — ଅଗ୍ର ବଣିକ, ମାରବାଡ଼ୀ ବା ପଶ୍ଚିମା ବୈଶ୍ୟ ବା ବଣିଆ ଜାତିବିଶେଷ—A sect of Baisyas of the N. W. Provinces and of Marwar.

**ଅଗରବୁଆଲ**—ଦେ. ବ—ଅଗରବାଲ ( ଦେଖ )
Agarabuāla — Agarabāla ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଙ୍ଗ୍ୟ | ଙ୍ଖ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍ଥ |

**ଅଗରହିତ**—ଗ୍ରା. ବିଣ. ( ସ. ଅ + ଗର୍ହିତ )—
Agarahita ୧ । ଅଗର୍ହିତ; ଅମନ୍ଦ; ଉତ୍ତମ—1. Good.
୨ । ଉପଯୋଗୀ—2. Suitable.
ଗ୍ରା. ବି—୧ । ଉପକାର—1. Benifit.
୨ । ମଙ୍ଗଳ—2. Good; weal.

**ଅଗରା**—ଦେ. ବି. ( ସଂ. ଅଗ୍ର )—୧ । ଅଗିଲା ବାଉଁଶ କଣି; ବାଉଁଶର
Agarā କର୍ତ୍ତିତ ସଶାଖ ଅଗ୍ରଭାଗ—1. The top portion of a bamboo tree cut off from the main part.
୨ । ( ସଂ. ଶୃଗାଳକଣ୍ଟକ ) କଣ୍ଟକଯୁକ୍ତ ଗୁଳ୍ମବିଶେଷ—
2. Gamboje thistle; a thorny plant.
[ଦ୍ର—ଏହା ପଡ଼ିଆରେ ଉଠେ, ଏଥିର ପତ୍ର ଓ ଫଳ ମଧ୍ୟ କଣ୍ଟକିତ, ପତ୍ର ଦନ୍ତୁର, ମଞ୍ଜି କଳାଜାମ୍ବ ପରି, ଗଛ ଧଳାଆସିଆ, କ୍ଷୀର ହଳଦିଆ, ଗଛ ଦୁଇ ହାତ ବଢ଼େ, ଏହାର କ୍ଷୀରରେ ଓ ମଞ୍ଜିର ତେଲରେ କାଛୁ କୁଣ୍ଡିଆ ଭଲ ହୁଏ । ]
୩ । କଣ୍ଟା କୁସୁମ (୨) ( ଦେଖ )
3. Kaṇṭākusuma (2) (See)

**ଅଗରି**—ପ୍ରାଦେ. (କଟକ) ବି—ଅଘରିଆ ( ଦେଖ )
Agari Aghariā ( See )

**ଅଗରିଆ**—ପ୍ରାଦେ. (କଟକ) ବି—ଅଘରିଆ ( ଦେଖ )
Agariā Aghariā ( See )

**ଅଗରୁ**—ଦେ. ବି. ( ସଂ. ଅଗୁରୁ )—ଅଗୁରୁ ( ଦେଖ )
Agaru Aguru ( See )
ପ୍ରାଦେ. (ଗଞ୍ଜାମ) ବି—ହାଟୁଆ ଶୂଦ୍ର ଜାତିବିଶେଷ—
Name of a class of śūdras in Ganjam.
ଦେ. ବିଣ. ( ସଂ. ଅ + ଗୁରୁ )—ଅଗରୁଆ; ହାଲୁକା; ଯାହା ଗରୁ ବା ଭାର ନୁହେ—Light; not heavy.
ଦେ. ୫ମୀ ବିଭକ୍ତି—ଅଗ୍ରଭାଗରୁ; ଅଗ୍ରଠାରୁ—From the top
( ଯଥା—ଅଗରୁ ମୂଳଯାକେ । )

**ଅଗରୁଆ**—ଦେ. ବିଣ. ( ସଂ. ଅ + ଗୁରୁ )—ଅଗରୁ ; ହାଲୁକା—
Agaruā Not heavy; light.

**ଅଗର୍ଦାନି**—ଗ୍ରା. ବି. ( ସଂ. ଅଗ୍ରଦାନୀ )—ଅଗ୍ରଦାନୀ ( ଦେଖ )
Agardāni Agradāni ( See )

**ଅଗର୍ହିତ**—ସଂ. ବିଣ. ( ଅ + ଗର୍ହିତ )—
Agarhita ୧ । ଅନିନ୍ଦିତ—1. Blameless.
୨ । ପ୍ରଶଂସିତ—2. Praiseworthy; praised.
ଗ୍ରା. ବି—୧ । ଉପକାର—1. Benifit.
୨ । ମଙ୍ଗଳ—2. Weal; good.

**ଅଗଲ୍ କଟଲ୍**—ଦେ. ବିଣ ଓ ବି—ଅଗର୍ କଟଲ୍ ( ଦେଖ )
Agal kaṭal Agar kaṭal ( See )

**ଅଗଲ୍‌କଟା**—ଦେ. ବିଣ. ଓ ବି—ଅଗର୍ କଟଲ୍ (ଦେଖ)
Agalkaṭā Agarkaṭal ( See )

**ଅଗଲ୍ ବଗଲ୍**—ବୈଦେ. ( ଫା )—
Agal bagal କ୍ରି. ବିଣ—ଇତସ୍ତତଃ; ଏଣେତେଣେ—
ইদিক্ উদিক্ Here and there.
अगल बगल ଅ—ଅନ୍ୟଥା—Otherwise.
ବିଣ—୧ । ଅନିଶ୍ଚିତ; ଅଠିକଣା—1. Unsettled.
୨ । ସନ୍ଦିହାନ—2. Doubtful; doubting.
୩ । ଚଞ୍ଚଳଚିତ୍ତ—3. Fickle minded.
୪ । ଦ୍ୱିଧାଯୁକ୍ତ—4. Hesitating.
( ଯଥା—ଏ କଥା କରିବାକୁ ମୁଁ ଅଗଲ୍ ବଗଲ୍ ହେଉଛି । )
ବି—୧ । ଦ୍ୱୈଧୀଭାବ—1. Hesitancy.
୨ । ସନ୍ଦେହ—2. Doubt.
( ଯଥା—ମୋ ମନରେ ଅଗଲ୍ ବଗଲ୍ ପଡ଼ୁଅଛି । )
୩ । ସାମାନ୍ୟମାତ୍ର ବ୍ୟତିକ୍ରମ—3. Slight deviation.
( ଯଥା—ତାଙ୍କ ଯିବାବରେ ଅଗଲ୍ ବଗଲ୍ ନାହିଁ । )

**ଅଗଲା**—ପ୍ରାଦେ ( ସମ୍ବଲପୁର ) ବିଣ—( ସଂ. ଅଗ୍ର; ତୁଳ. ହି. अगला )
Agalā ୧ । ଆଗୁଆ; ଅଗ୍ରସର—1. Forward; leading.
୨ । ବଳିପଡ଼ିଥିବା; ବାକି ରହିଥିବା—
2. Remaining over.
୩ । ବଳକା; ଅଧିକା—3. Surplus.
୪ । ଆଗିଲା; ସାମନାର; ସମ୍ମୁଖବର୍ତ୍ତୀ—
4. In front; frontal.
୫ । ଭବିଷ୍ୟତ୍; ଆଗାମୀ—5. Coming; future.
ଗ୍ରା. ବିଣ. ( ସଂ. ଅଲଗ୍ନ; ଅଲଗାର ବର୍ଣ୍ଣବିପର୍ଯ୍ୟୟ )—
ଅଲଗା—Separate.

**ଅଗଲି ଯିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ଅଗ୍ର )—
Agali jibā ବଳି ପଡ଼ିବା—To remain over; to remain as surplus.

**ଅଗଷ୍ଟ**—ବୈଦେ. ( ଇଂ. August. ଅଗଷ୍ଟ )—
Agashṭa ଇଂରାଜୀ ଗଣନାରେ ଅଷ୍ଟମ ମାସ—
अगस्त The month of August.
अगस्त

**ଅଗସ୍ତ**—ବୈଦେ. ବି. ( ଇଂ. August. ଅଗଷ୍ଟ )—ଅଗଷ୍ଟ (ଦେଖ)
Agasta Agashṭa (See)

**ଅଗସ୍ତି**—ସଂ. ବି. ୧ । ( ଅଗ = ପର୍ବତ + ସ୍ତୈ ଧାତୁ = ସ୍ତମ୍ଭନ କରିବା
Agasti + କର୍ତ୍ତୃ. ଅ; ଯେ ବିନ୍ଧ୍ୟ ପର୍ବତକୁ ସ୍ତମ୍ଭନ କରିଥିଲେ)—
ଋଷିବିଶେଷ—Name of sage.
[ ଦ୍ର—ଉର୍ବଶୀଙ୍କ ଉଦ୍ଦେଶ୍ୟରେ ମିତ୍ରାବରୁଣଙ୍କ ସ୍ଖଳିତ୍ତ ବୀର୍ଯ୍ୟ ଗୋଟିଏ କୁମ୍ଭରେ ସ୍ଥାପିତ ହେବାରୁ ସେହି କୁମ୍ଭରୁ ଏ ଋଷି

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜନ୍ମି ଥିଲେ, ଏଥିପାଇଁ ଏହାଙ୍କ ନାମ କୁମ୍ଭଯୋନି । ଏ ଖର୍ବାକୃତି ଥିଲେ । ଏହାଙ୍କ ସ୍ତ୍ରୀଙ୍କ ନାମ ଲୋପାମୁଦ୍ରା । ଏ ବିନ୍ଧ୍ୟ ପର୍ବତର ମନ୍ତ୍ରଗୁରୁ । ବିନ୍ଧ୍ୟ ପର୍ବତ ଦିନକୁ ଦିନ ଉଚ୍ଚଭାବରେ ବଢୁଥିବାର ଦେଖି ସୂର୍ଯ୍ୟ ଦେବ ତାଙ୍କ ଗତି ରୁଦ୍ଧ ହେବାର ଆଶଙ୍କା କରି ଅଗସ୍ତିଙ୍କ ଶରଣାଗତ ହେଲେ । ଅଗସ୍ତି ବିନ୍ଧ୍ୟ ପର୍ବତ ନିକଟକୁ ଗଲେ । ଗୁରୁଙ୍କୁ ଦେଖି ବିନ୍ଧ୍ୟ ନମସ୍କାର କରି ମୁଣ୍ଡକୁ ତଳକୁ ନୁଆଇଁବାରୁ ଅଗସ୍ତି ତାଙ୍କୁ କହିଲେ, "ମୁଁ ଦକ୍ଷିଣ ଦିଗକୁ ତୀର୍ଥଯାତ୍ରା କରି ଯାଉଛି, ତେଣୁ ଫେରି ଆସିବା ପର୍ଯ୍ୟନ୍ତ ତୁମ୍ଭେ ଏହିପରି ନତମସ୍ତକ ହୋଇ ରହିଥାଅ ।" ଅଗତ୍ୟା ବିନ୍ଧ୍ୟାଚଳ ଗୁରୁଙ୍କ ଆଦେଶରେ ତାଙ୍କ ଫେରିବା ଅପେକ୍ଷାରେ ନତମସ୍ତକ ହୋଇ ରହିଲେ । ଅଗସ୍ତି ଆଉ ଦକ୍ଷିଣରୁ ଫେରି ଆଇଲେ ନାହିଁ; ଫଳତଃ ବିନ୍ଧ୍ୟ ପର୍ବତ ଆଉ ନ ବଢ଼ି ସେହିପରି ନତମସ୍ତକ ହୋଇ ଆଜିପର୍ଯ୍ୟନ୍ତ ଅଛନ୍ତି । ଏହିଂ ପୌରାଣିକ ଉପାଖ୍ୟାନକୁ କବି ଭକ୍ତଚରଣ ମଥୁରାମଙ୍ଗଳର ୨୯ଶ ଛାନ୍ଦରେ ଲକ୍ଷ୍ୟ କରିଅଛନ୍ତି । ଅଗସ୍ତି ମୁନି ବାତାପିନାମକ ମେଷରୂପଧାରୀ ଦୈତ୍ୟକୁ ଖାଇ ଜୀର୍ଣ୍ଣ କରି ଦେଇଥିଲେ ଓ ସମଗ୍ର ସମୁଦ୍ରଜଳକୁ ଆପଣା ଗଣ୍ଡୂଷରେ ପୂରାଇ ଚଳୁ କରି ଦେଇଥିଲେ । ]

୨ । ଦକ୍ଷିଣାକାଶର ଉଜ୍ଜ୍ୱଳ ନକ୍ଷତ୍ରବିଶେଷ— A bright star in the southern sky; Canopus; Argus Alpha; Argo Navis.

ଆ. ସହେଲ
**নাও**

[ ଦ୍ର—ଏହା ଶରତ୍‌କାଳରେ ଉଦିତ ହୁଏ; ଶରତ୍‌କାଳରେ ନଦ୍ୟାଦିର ଜଳ ନିର୍ମଳ ହେବାରୁ ଅଗସ୍ତି ନକ୍ଷତ୍ରର ଉଦୟକୁ ଜଳର ନିର୍ମଳତାର କାରଣ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ଅଗସ୍ତ୍ୟୋଦୟ ଦେଖ । ]

୩ । ବକପୁଷ୍ପ ଗଛ—3. A tree, Sesbania grandiflora; Agasti grandiflora.

ସଂ. ପର୍ଯ୍ୟାୟ—ଅଗସ୍ତି, ବକ, ବସୁ, ଶିବମଲ୍ଲି, ପାଶୁପତ, ଏକଷ୍ଠିଲ୍ଲ, ବକପୁଷ୍ପ ଓ. ଅଗସ୍ତି ।
**বকফুল**
**বাসনা, হতীযাবকুল**
ତେ. ବସେଚେଟ୍ଟୁ,
**ଲକ୍ଷ୍ମ୍ୟା**
ମ. ଅଗସ୍ତା, ହଦଗା

[ ଏଥିର ପତ୍ର ଓ ଫୁଲ ଶାକରୂପେ ବ୍ୟବହୃତ ହୁଏ । ହବିଷିଆଲୀମାନେ ଏ ଶାଗ ଖାଆନ୍ତି । ଏଥିର ଫୁଲ ସଜନା ଫୁଲ ପରି । ଏଥିର ଛାଲ ମସକା; ବୈଦ୍ୟଶାସ୍ତ୍ର ମତରେ ଏହା ପିତ୍ତ, କଫ, ଦାହ, ଶ୍ଳେଷ୍ମା, ଶ୍ୱାସ, ତୃଷ୍ଣା ଓ କୁଷ୍ଠନାଶକ, ଶୀତବୀର୍ଯ୍ୟ ଓ ରାତ୍ର୍ୟନ୍ଧତାନିବାରକ । ଏହା ପୀନସ ରୋଗରେ ଉପକାରୀ । ଫୁଲ ଧଳା ଓ ନାଲ ଭେଦରେ ଗଛ ଦୁଇ ପ୍ରକାର; ଏହାର ଫୁଲ ଅପୂର୍ଣ୍ଣଚନ୍ଦ୍ରାକୃତି ଓ ବକପକ୍ଷୀର ଆକୃତି ଯୋଗୁ ଏହାକୁ ବକପୁଷ୍ପ ବୋଲାଯାଏ ।]

ପ୍ରାଦେ. ( ମେଦିନୀପୁର ) ବି—ବାଲେଶ୍ୱର ଓ ମେଦିନୀପୁର ଅଞ୍ଚଳର ବ୍ରାହ୍ମଣମାନଙ୍କ ବଂଶୋପାଧି ବିଶେଷ—A family title of Brāhmaṇs in Midnapur and Balasore.

**ଅଗସ୍ତ୍ୟ**—ସଂ. ବି.ନାମ (ଅଗ + ସ୍ତୈ ଧାତୁ + କର୍ତ୍ତୃ. ଯ)—ଅଗସ୍ତି (ଦେଖ)
Agastya — Agasti ( See )

**ଅଗସ୍ତ୍ୟକୂଟ**—ସଂ. ବି.—ମାନ୍ଦ୍ରାଜ ଅଞ୍ଚଳର ପର୍ବତବିଶେଷ, ଯହିଁରୁ ତାମ୍ରପର୍ଣ୍ଣୀ ନଦୀ ବାହାରିଛି—Name of a mountain in the Madras Presidency from which the Tāmraparṇṇi river rises.
Agastyakūṭa

**ଅଗସ୍ତ୍ୟ ଯାତ୍ରା**—ସଂ. ବି. ( ୬ଷ୍ଠୀତତ୍ ; ଅଗସ୍ତ୍ୟ + ଯାତ୍ରା )—
Agastya jātrā ୧ । ଭାଦ୍ର ମାସର ପ୍ରଥମ ଦିବସ— 1. The first day of the month of Bhādra.
[ ଦ୍ର—ଏ ଦିନ ଅଗସ୍ତି ଋଷି ଦକ୍ଷିଣ ଦିଗକୁ ଯାତ୍ରା କରି ଆଉ ଫେରି ଆସି ନ ଥିଲେ ବୋଲି ଏ ଦିନ କୌଣସି ଶୁଭକାର୍ଯ୍ୟ ଉଦ୍ଦେଶ୍ୟରେ ଯାତ୍ରା ନିଷିଦ୍ଧ । ]
୨ । ( ଲକ୍ଷଣାର୍ଥ )—ଯେଉଁ ଯାତ୍ରାରୁ ଯାତ୍ରାକାରୀ ବାହୁଡ଼ି ଆସନ୍ତି ନାହିଁ—2. A starting which knows no returning.

**ଅଗସ୍ତ୍ୟ ସଂହିତା**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା, ଅଗସ୍ତ୍ୟ ସଙ୍କଳିତ ସଂହିତା )—ଅଗସ୍ତି ମୁନିଙ୍କ ସଙ୍କଳିତ ସ୍ମୃତି ଗ୍ରନ୍ଥ—Name of a Compendium of Hindu Law compiled by Sage Agasti
Agashtya saṁhitā

**ଅଗସ୍ତ୍ୟସର**—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—Name of a sacred tank of the Hindus.
Agastyasara

ଅଗସ୍ତ୍ୟ ସରକୁ ଯେ ଦେଖିଯାଏ ନେତ୍ରେ
ତ୍ରିଦିନ ତହିଁ ଉପବାସରେ ସଯତ୍ନେ । କୃଷ୍ଣସିଂହ ମହାଭାରତ. ବନ ।

**ଅଗସ୍ତ୍ୟାଶ୍ରମ**—ସଂ. ବି. ( ୬ଷ୍ଠୀ ତତ୍ )—ଦାକ୍ଷିଣାତ୍ୟ ପୂର୍ବଘାଟର ମଳୟ ପର୍ବତର ପାଦଦେଶରେ କାବେରୀକୂଳରେ ଅବସ୍ଥିତ ଅଗସ୍ତି ମୁନିଙ୍କ ଆଶ୍ରମ । ରାମଚନ୍ଦ୍ର ବନବାସ କାଳରେ ଏଠାରେ ଦିନେ ବିଶ୍ରାମ କରିଥିଲେ—The hermitage of the sage Agasti in the Eastern Ghats.
Agastyāśrama
[ ଦ୍ର—ରାଧାନାଥ ମହାଯାତ୍ରା ୩ୟ ସର୍ଗରେ କାବେରୀ ତୀରବର୍ତ୍ତୀ ଅଗସ୍ତ୍ୟାଶ୍ରମର ବର୍ଣ୍ଣନା କରିଅଛନ୍ତି । ]

**ଅଗସ୍ତ୍ୟୋଦୟ**—ସଂ. ବି. ( ୬ଷ୍ଠୀ ତତ୍. ଅଗସ୍ତ୍ୟ + ଉଦୟ )—
Agastyodaya ୧ । ଦକ୍ଷିଣାକାଶରେ ଭାଦ୍ର ଶୁକ୍ଳ ସପ୍ତମୀ ରାତ୍ରିରେ ପୂର୍ବଦିଗରୁ ଅଗସ୍ତି ନକ୍ଷତ୍ରର ଉଦୟ—1. The rising of the star Canopus in the southern sky on the 7th day of the lunar month Bhādra.
୨ । ଶରଦୃତୁର ପ୍ରାରମ୍ଭ— 2. The beginning of Indian autumn.
[ ଦ୍ର—ଅଗସ୍ତି ନକ୍ଷତ୍ରର ଉଦୟ ସଙ୍ଗେ ଶରଦୃତୁର ଚିହ୍ନ ପ୍ରକାଶିତ ହୁଏ, ଆକାଶରୁ ମେଘ ଛାଡ଼ିଯାଏ, ନଦୀ ପୁଷ୍କରିଣୀର ଜଳ ନିର୍ମଳ ହୁଏ, ରାସ୍ତା ଘାଟରୁ କର୍ଦ୍ଦମ ଶୁଖିଯାଏ ଓ ଜଳଚର ପକ୍ଷୀମାନେ ଜଳାଶୟମାନଙ୍କରେ ଆସି ଚରନ୍ତି । ଏଥିଯୋଗୁଁ ଅଗସ୍ତ୍ୟୋଦୟ ଏହି

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌, ର୍‌ | ଋ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ, ଷ | ଙ୍କ | ଇ୍ୟ | ଉ୍ଥ | ଢ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ଥ |

ଶରତ୍ତୁର ଲକ୍ଷଣମାନଙ୍କ କାରଣ ବୋଲି ପୁରାଣକାରମାନେ ବିଶ୍ୱାସ କରୁଥିଲେ । କବି ରାଧାନାଥ 'ଚିଲିକା'ରେ ଅଗସ୍ତ୍ୟୋଦୟ ବର୍ଣ୍ଣନା କରିଅଛନ୍ତି :—

କଳୁଷିତ ବାରି କଳୁଷହାରକ, କାସାରେ କୁମୁଦ ହାସପ୍ରକାଶକ,
ଦକ୍ଷିଣାଶାବଧୂ ଅବତଂସ ମୋତି, ମହୋଜ୍ଜ୍ୱଳ କୁମ୍ଭସମ୍ଭବଜ୍ୟୋତି,
ଉଇଁଲେ ଆକାଶେ ଆସି ଦଳେ ଦଳେ, ପୂରନ୍ତି ଏ ଜଳ କଳ
କୋଳାହଳେ । ]

**ଅଗା**—ଦେ. ବିଣ. ( ସଂ. ଅଜ୍ଞ )—୧ । ଓଲୁ; ନିର୍ବୋଧ—
**Agā** 1. Foolish.
অগা ୨ । ଖଗା; ମୂର୍ଖ—2. Dunce.
**ଓଲୁ, अग**

**ଅଗାଡ଼ି**—ଦେ. ବି.—୧ । ଭିତରେ ଚାଉଳ ବା ଶସ୍ୟ ନ ଥିବା ଧାନ; କେବଳ ଚୋପା ଥିବା ଫମ୍ପା ଧାନ—1. Blighted corn; chaff without grain.
**Agāṛdi**
আগডা
**अगडा**

ଧର୍ମବିହୀନ ଯେଉଁ ନରଟି ହୁଅଇ, ଅଗାଡ଼ି ଧାନ ପରି ଅଟେ ଜାଣ ସେହି ।
କୃଷ୍ଣସିଂହ ମହାଭାରତ. ଶାନ୍ତି ପର୍ବ ।

[ ଦ୍ର—ଧାନ ଗଛ ଫୁଲ ଉଡ଼ାଇବା ସମୟରେ ବର୍ଷା ଓ ତୋଫାନ ହେଲେ ଧାନର କେଣ୍ଡା ମଧ୍ୟରେ ପାଣି ଓ ପବନ ପଶି ରସ ଶୁଖିଯାଏ । ସେହି ରସ ଚାଉଳରୂପରେ ପରିଣତ ହୋଇ ନ ପାରିବାରୁ ଧାନ-ଯାକ କେବଳ ଚୋପା ହୋଇ କେଣ୍ଡାରେ ଲାଗିଥାଏ । ]

୨ ।(ଲକ୍ଷଣାର୍ଥ)—(ଅଗାଡ଼ି ପରି ସାରବିହୀନ); ଅଯୋଗ୍ୟ ବ୍ୟକ୍ତି; ଅଧମ ବ୍ୟକ୍ତି—2. A worthless person.

ପାଣ୍ଡବମାନେ ଅଟନ୍ତି ମନୁଷ୍ୟ ଅଗାଡ଼ି, ପାସୋର ଦିଅ ମନୁ ତାହାଙ୍କୁ ନ ଲୋଡ଼ି ।
କୃଷ୍ଣସିଂହ ମହାଭାରତ, ସଭାପର୍ବ ।

ଦେ. ବିଣ— (ଲକ୍ଷଣାର୍ଥ)—ଅଯୋଗ୍ୟ; ଅଧମ (ବ୍ୟକ୍ତି)—
Worthless (person).

ଅଗାଡ଼ି ଅଟନ୍ତି ଏହି କଳିର ଅସୁର । ଅଚ୍ୟୁତାନନ୍ଦ, ଶ୍ରୀ ଗୁରୁଭକ୍ତି ଗୀତା ।

ପ୍ରାଦେ. (ସମ୍ବଲପୁର) ବି. (ସଂ. ଅଗ୍ର) – ଆଗପାଖ; ସାମନା—
**अगाड़ि** Front; front side.

ପ୍ରାଦେ (ସମ୍ବଲପୁର) ବିଣ—ଆଗର; ଆଗପାଖର; ସାମନାର—
Frontal; of the front part.

ପ୍ରାଦେ. (ସମ୍ବଲପୁର) କ୍ରି. ବିଣ – ୧ । ଆଗେ; ପ୍ରଥମେ—
1. At first.

୨ । ସାମନାରେ—2. In front.

୩ । ଭବିଷ୍ୟତରେ—3. In future.

**ଅଗାଡ଼ିଆ**—ଦେ. ବିଣ—୧ । ଅଗାଡ଼ିପୂର୍ଣ୍ଣ ( ଧାନରାଶି )—
**Agāṛdiā** 1. (paddy Full of chaff.

୨ । ଯେଉଁ ଧାନରୁ ଅଗାଡ଼ି ପାଛୁଡ଼ା ହୋଇ ନାହିଁ—
2. ( paddy ) From which chaff has not been winnowed or blown out.

**ଅଗାଡ଼ି ଉଡ଼ାଇବା**—ଦେ. କ୍ରି—ଅଗାଡ଼ିମିଶା ଧାନକୁ ପବନ ବହୁଥିବା ସ୍ଥାନରେ ଉଚ୍ଚରୁ ତଳକୁ ଛିଞ୍ଚି କିମ୍ବା କୁଲାରେ ପାଛୁଡ଼ି ତହିଁରୁ ଅଗାଡ଼ିକୁ ପୃଥକ୍ କରିବା—
**Agāṛdi uṛḍāibā** To cause the chaff to be separated from the paddy by the action of blowing wind or by winnowing.

[ ଦ୍ର—ଧାନ ହଳାମାନଙ୍କୁ ବେଙ୍ଗଲା ପକାଇଲେ କିମ୍ବା ପଥା ବା ପଥର ଉପରେ ବାଡ଼େଇଲେ କିମ୍ବା ଅଗମଲା କଲେ ଯେଉଁ ଅଗାଡ଼ିମିଶା ଧାନ ବାହାରେ ସେହି ଧାନକୁ ନେଇ ପବନ ବହୁଥିବା ସ୍ଥାନରେ ମନୁଷ୍ୟର ଏକ ପୁରୁଷ ଉଚ୍ଚରୁ ତଳକୁ ବିଞ୍ଚିଲେ, ଅଗାଡ଼ି ହାଲୁକା ଥିବାରୁ ଦୂରକୁ ଉଡ଼ିଯାଏ, ଭଲ ଧାନଯାକ ଭାରି ଥିବାରୁ ଲମ୍ବ ଭାବରେ ତଳେ ଗଦା ହୋଇଯାଏ; କିନ୍ତୁ ପବନ ବୋହୁ ନ ଥିଲେ ଅଗାଡ଼ିମିଶା ଧାନକୁ କୁଲା କୁଲା କରି ନେଇ ହାତଙ୍କୁ ଉପରକୁ ଉଠାଇ କୁଲାରୁ ସେ ଧାନକୁ ତଳେ ବିଞ୍ଚି ଦିଅନ୍ତି; ଏବଂ କୁଲାକୁ ହଲାଇ କୁଲାର ବତାସରେ ବିଞ୍ଚିଲେ ଅଗାଡ଼ିଯାକ ଉଡ଼ିଯାଏ ଓ ଧାନ ଯାକ ଭୂମିରେ ପଡ଼ି ରହେ । ଏହାପରେ ପରସ୍ତକୁ ପରସ୍ତ ଧାନକୁ କୁଲାଦ୍ୱାରା ଛିଞ୍ଚି ଓ ବିଞ୍ଚି ( କୁଲାବାଆ କରି ) ଅଗାଡ଼ିଯାକ ପୃଥକ୍ କରାଯାଏ । ଭୂମିରେ ଲମ୍ବ ହୋଇ ଛିଞ୍ଚା ହୋଇ ଗୋଟିଏ ବନ୍ଧ ପରି କ୍ରମଶଃ ଉଚ୍ଚ ହେବା ଧାନରାଶିକୁ ଶିଁଆ କହନ୍ତି । ଅମଲ ହୋଇ-ଥିବା ଅଗାଡ଼ିଆ ଧାନର ପରିମାଣ ଅଳ୍ପ ହେଲେ ତାକୁ କୁଲାରେ ପୂରାଇ କୁଲାକୁ ତଆଇଁ ତଆଇଁ ପାଛୁଡ଼ି କରି ତହିଁରୁ ଅଗାଡ଼ିଯାକ ପୃଥକ୍ କରାଯାଏ । ଉପରୋକ୍ତ ତିନୋଟି ପ୍ରକ୍ରିୟା ମଧ୍ୟରୁ ପ୍ରଥମ ଦୁଇ ପ୍ରକ୍ରିୟାକୁ ଅଗାଡ଼ି ଉଡ଼ାଇବା ଏବଂ ତୃତୀୟ ପ୍ରକ୍ରିୟାକୁ ପାଛୁଡ଼ିବା ବା ଆଛୁରିବା କହନ୍ତି । ]

**ଅଗାଣ୍ଡିଆ**—ଦେ. ବିଣ—ଯେଉଁ ପାତ୍ର ( ଯଥା—ହାଣ୍ଡି, ମାଠିଆ, ବାଲ୍ଟି, ବୋତଲ ) ତଳେ ଗାଣ୍ଡି ବା ବଇଠି ନ ଥାଏ ଓ ଗାଣ୍ଡି ନ ଥିବାରୁ ଯାହାକୁ ସମତଳ ଭୂମିରେ ବିନା ମଳାରେ ରଖି ଦେଲେ ଯାହା ସିଧାଭାବରେ ନ ରହି ଅଣେଇ ହୋଇଯାଏ; ଯେଉଁ ପାତ୍ରର ଗାଣ୍ଡି ବା ତଳପାଖ ଗୋଲ—
**Agāṇḍiā** ( a pot ) Having no stable bottom; ound-bottomed.

[ ଦ୍ର—ସାଧାରଣତଃ ଓଡ଼ିଶାର ହାଣ୍ଡି ଓ ମାଠିଆମାନ ଅଗାଣ୍ଡିଆ ଅଟେ । ]

**ଅଗାତ୍ମଜା**—ସ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଅଗ + ଆତ୍ମଜା )—ପାର୍ବତୀ—
**Agātmajā** A name of Pārbati.

**ଅଗାଦ**—ଗ୍ରା. ବିଣ. ( ସ. ଅଗାଧ )—ଅଗାଧ; ସୁଗମ୍ଭୀର; ଅଥଳ; ଅତଳସ୍ପର୍ଶ—Unfathomable; Very deep; bottomless.
**Agāda**
অগাদ
**अगाह**

କେହି ପରି ନାହିଁ ବ୍ରହ୍ମସାଗର ଅଗାଦ । ପ୍ରାଚୀ- ବ୍ରହ୍ମନିରୂପଣ ଗୀତା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ଦଧି' ନ ପାଇଲେ 'ଦଧି' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଞ୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଅଗାଧ**—ସଂ. ବିଣ. ( ଅ + ଗାଧ ଧାତୁ = ପ୍ରତିଷ୍ଠା କରିବା + ଭାବ. ଅ
Agādha ଯାହାର ପ୍ରତିଷ୍ଠା ବା ମୂଳଭିତ୍ତି ନାହିଁ )—
୧ । ଅତି ଗମ୍ଭୀର; ଅତଳସ୍ପର୍ଶ; ସୁଗମ୍ଭୀର—1. Very deep; unfathomable; bottomless.
ଅଗାଧ ଜଳେ ନଷ୍ଟେ ବୁଡ଼ିଲା ମୋର ଭେଳା । ସାରଳା ମହାଭାରତ ।
୨ । ପ୍ରଗାଢ଼ ( ବୁଦ୍ଧି, ବିଦ୍ୟା, ପାଣ୍ଡିତ୍ୟ )—
2. Vast; deep ( e. g. learning ).
୩ । ଅବୋଧଗମ୍ୟ—3. Beyond comprehension.
ସଂ. ବି—ସୁଗମ୍ଭୀର ଗର୍ତ୍ତ—Abyss; very deep pit.

**ଅଗାଧୁ**—ଦେ. ବିଣ. ( ସଂ. ଅ + ଗାତ୍ର + ଧାବ୍ ଧାତୁ )—
Agādhu ଅସ୍ନାତ; ଯେ ଗାଧୋଇ ନାହିଁ—
ନାନେୟେ Unbathed; unwashed.
ଦେ. ବି. ପୁଂ—ଅପଠିଆଣି ବାଳକର ନାମ ବିଶେଷ—
ଅପଠିଆଣି ( ଦେଖ )
A name given to an apartiāṇi ( boy ) ( Se

**ଅଗାଧୁଆ**—ଦେ. ବିଣ—ଅଗାଧୁ ( ଦେଖ )
Agādhuā Agādhu ( See )

**ଅଗାଧୁଆ ଅପାଧୁଆ**—ଦେ. ବିଣ. ( ସହଚର ଶବ୍ଦଦ୍ୱୟ )—
Agādhuā apādhuā ୧ । ଅସ୍ନାତ—1. Unbathed.
ନାନେୟେ ନାଦେୟେ ୨ । ଯେ ଗାଧୋଇ ନାହିଁ ବା ଗୋଡ଼ ଧୋଇ ନାହିଁ—
1. (a person) Who has not bathed nor washed the feet.

**ଅଗାଧୁଆ ହାଟ**—ଦେ. ବି—ଯେଉଁ ହାଟ ପୂର୍ବାହ୍ଣରେ ବସେ ଓ
Agadhuā hāṭa ଅପରାହ୍ଣକୁ ଭାଙ୍ଗି ଯାଏ—A market which sits in the forenoon (before people have their bath) and breaks up at noon.

**ଅଗାବଗା**—ଦେ. ବିଣ. ( ସଂ. ଅଜ୍ଞ + ଅନର୍ଥକ ସହଚର; ଗାଳରେ
Agābagā ବ୍ୟବହୃତ )—ନିର୍ବୋଧ ଓ ଅଖାଡୁଆ—
Foolish and recklesss.

**ଅଗାର**—ସଂ. ବି. [ ଅଗ = ବୃକ୍ଷ + ଆ + ଗୃ ଧାତୁ = ଗ୍ରହଣ କରିବା +
Agāra କର୍ତ୍ତୃ. ଅ କିମ୍ବା ଅଗ = ବୃକ୍ଷ + ଋ ଧାତୁ = ପାଇବା + କର୍ତ୍ତୃ. ଅ; ଯାହା ବୃକ୍ଷ ଅର୍ଥାତ୍ ବୃକ୍ଷଜାତ ପଦାର୍ଥମାନ (ଖୁଣ୍ଟ, ଭିତ୍ତି, ଶେଣୀ, ବାଉଁଶ, କବାଟ.) ଧାରଣ କରେ ବା ଗ୍ରହଣ କରେ । ]
୧ । ଆଗାର; ଗୃହ—1. House.
୨ । ବାସସ୍ଥାନ—Residence; abode.
୩ । ରାଶି; ସମୂହ—Heap; mass.
( ହିନ୍ଦ. ଶବ୍ଦସାଗର )

**ଅଗି**—ଦେ. ବି. ( ସ. ଅଗ୍ନି; ପ୍ରା. ଅଗ୍ନି )—
Agi ୧ । ମାଘ ପୂର୍ଣ୍ଣିମା ରାତିରେ ଜଳା ଯିବା ଜାଳେଣି ଗଦା—
ବୁଡ଼ୀଘରପୋଡାନ 1. Bonfire lighted on the night of the fullmoon of the month of Māgha.
୨ । ( ସଂ. ଅଗ୍ର )—ବୃକ୍ଷ ଲତାଦିର କୋମଳ ଅଗ୍ର—
2. Tender tips of plants, trees etc.
୩ । ପ୍ରାଦେ. (ସମ୍ବଲପୁର) ବି (ସ. ଅଗ୍ର) ଗଛର ଅଗ୍ରଭାଗ—
3. The top of a tree.

**ଅଗିଆକଟା**—ଦେ. ବିଣ—ଅଗକଟା ( ଦେଖ )
Agiākaṭā Agakaṭā ( See )

**ଅଗିଆବାତ**—ଦେ. ବି. ( ସ. ଅଗ୍ନି + ବାତ;ତୁଲ. ହି. ଅଗିୟା = ଅଗ୍ନି
Agiābāta ସମ୍ବନ୍ଧୀୟ )—ଦେହଯାକ କୁଣ୍ଡାଇ ହୋଇ ମନ୍ଦା
ଆମବାତ ମନ୍ଦା ହୋଇ ଫୁଲିଯିବା ରୋଗବିଶେଷ—
अगियाबात Urticaria; Nettle-rash; a disease in which the whole body itches and swells into patches; Hives; Cnidosis.
[ ଦ୍ର—ଦେହରେ ହଳଦୀ ଲଗାଇଲେ କିମ୍ବା ଅଗବଥୁ ଗଛ ସଙ୍ଗେ ସଙ୍ଗାତ ବସିଲେ ବା ଅଗବଥୁ ଡାଳ ଦେହରେ ଆଘାତ କଲେ ଏ ଗଲୁ ଓ ଫୁଲା କମିଯାଏ । ]

**ଅଗିଚ୍ଚ**—ପ୍ରାଦେ. ( କଟକ ) ବିଣ. (ସଂ. ଅଗ୍ର)—ବୃକ୍ଷାଦିର ଅଗ୍ରଭାଗର—
Agichā Pertaining to the top of a tree.
( ଯଥା—ଅଗିଚ୍ଚ ଡାଳ )

**ଅଗିଜଳା**—ଦେ. ବି. ( ସଂ. ଅଗ୍ନି + ଜ୍ୱଳନ )—ମାଘ ପୂର୍ଣ୍ଣିମା ରାତିରେ
Agijaḷā ଗ୍ରାମ ପ୍ରାନ୍ତରେ ଅନୁଷ୍ଠିତ ଅଗ୍ନ୍ୟୁତ୍ସବ—The
ବୁଡ଼ୀଘରପୋଡାନ ceremony of lighting bonfire on the night of the fullmoon of the month of Māgha.

**ଅଗିଜଳା ପୁନେଇଁ**—ଗ୍ରା. ବି. ( ସଂ. ଅଗ୍ନି + ଜ୍ୱଳନ + ପୂର୍ଣ୍ଣିମା )—
Agijaḷā puneiṅ ମାଘ ପୂର୍ଣ୍ଣିମା—The fullmoon of
ବୁଡ଼ୀଘରପୋଡା ପୂଣମ the month of Māgha.

**ଅଗିନି**—ଗ୍ରା. ପ୍ରାଚୀନ. ବି. ( ସଂ. ଅଗ୍ନି )—ଅଗ୍ନି; ନିଆଁ—Fire.
Agini ତେଜରେ ଦଶରଥ ଅଗିନିକି ବଳ । କୃଷ୍ଣସିଂହ ମହାଭାରତ. ବନ ।

**ଅଗିବଥୁ**—ଦେ. ବି. ( ସଂ. ଅଗ୍ନିମଥନ )—ଅଗ୍ନିମନ୍ଥ ( ଦେଖ )
Agibathu Agnimantha ( See )

**ଅଗିବା**—ପ୍ରାଦେ. ( ଗଞ୍ଜାମ ଗ୍ରା. କ୍ରି—ହଗିବା; ମଳତ୍ୟାଗ କରିବା—
Agibā To pass stools.

**ଅଗିର**—ସ. ବି. ( ଅଗ ଧାତୁ = ବକ୍ର ଗତି କରିବା + କର୍ତ୍ତୃ. ଇର)—
Agira ୧ । ସୂର୍ଯ୍ୟ—1. The sun.
୨ । ସ୍ୱର୍ଗ—2. Heaven.
୩ । ଅଗ୍ନି—3. Fire.
୪ । ରାକ୍ଷସ—4. Demon.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ହ୍ମ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଙ୍ଖ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍ହ |

**ଅଗିରା**—ଦେ. ବି. ( ସଂ. ଅଗ୍ର )—୧ । ବାଉଁଶର ଶାଖାଯୁକ୍ତ ଅଗ୍ରଭାଗ, ଅଗରା—1. The top of a bamboo with its branches.
**Agirā**
୨ । ବୃକ୍ଷଶାଖାର ଅଗ୍ରଭାଗ —2. The top of a branch.
୩ । ( ସଂ. ଅଗ୍ନି )—ଅଇଘରା ( ଦେଖ ) 3. Aigharā ( See )

**ଅଗିଲା**—ଦେ. ବି. (ସଂ. ଅଗ୍ର)—ଅଗରା (ଦେଖ)
**Agilā** Agarā (See)

**ଅଗୁ**—ସଂ. ବି. (ବହୁବ୍ରୀହି; ଅ=ନାହିଁ+ଗୋ=କିରଣ, ଗାଈ, ଇନ୍ଦ୍ରିୟ ଯାହାର; ଏ ଦେହହୀନ ଥିବାରୁ )—ରାହୁଗ୍ରହ— The Ascending Node.
**Agu**
ସଂ. ବିଣ—୧ । ଗୋଶୂନ୍ୟ—1. Having no cows.
୨ । କିରଣରହିତ—2. Rayless.

**ଅଗୁଆ**—୧ । ଦେ. ବି. (ସଂ. ଅଗ୍ର; ଏହା ମୁଦି ଆଦିର ଆଗରେ ପିନ୍ଧା ଯାଉ ଥିବାରୁ )—
**Aguā**
**আঁট, আঁটআঁগঠী** ୧ । ଧାତୁର ଛୋଟ ମୁଦି—1. A small metal ring.
**अंघड़ा, छल्ला**
[ଦ୍ର—ଢିଲା ମୁଦି ହାତ ବା ଗୋଡ଼ର ଅଙ୍ଗୁଠିରୁ ବାହାରି ଖସି ନ ପଡ଼ିବ ବୋଲି ଏହି ଅଗୁଆ ବା ଛୋଟ ମୁଦିଆ ମୁଦିର ଆଗରେ ଅଙ୍ଗୁଠିରେ ପିନ୍ଧା ଯାଏ । ]
୨ । ପ୍ରାଦେ. (ସମ୍ବଲପୁର) ବିଣ.(ସଂ. ଅଗ୍ରୀୟ)—ଅଗ୍ରଣୀ; ଆଗୁଆ; ଯେ ଦଳର ଆଗରେ ଥାଏ—Leading a batch; first in a batch.
**অগুআ**
୩ । ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅଗ୍ରଗ )— ନେତା; ନାୟକ; ମୁଖିଆ—3. Leader.

**ଅଗୁଆଁର**—ଦେ. ବିଣ—(ସଂ. ଅଜ୍ଞ)—
**Aguāṅra** ୧ । ଗୁଆଁର; ଓଲୁ; ନିର୍ବୋଧ—1. Foolish.
গুআঁর
**गँवार** ୨ । ଗମାର; ମୂର୍ଖ; ଅଜ୍ଞ—2. Ignorant; dunce.
୩ । ଅଚତୁର—3. Not clever.

**ଅଗୁଣ**—ସଂ. ବି. ( ଅ+ଗୁଣ )—୧ । ଗୁଣର ଅଭାବ—
**Aguṇa** 1. Want of quality or attribute.
୨ । ସୁଗୁଣର ଅଭାବ—2. Want of good quality.
୩ । କ୍ଷତି; ଅହିତ; ଅପକାର—3. Injury.
୪ । ଦୋଷ—4. Fault.
(ଅଗୁଣା—ସ୍ତ୍ରୀ) ସଂ ବିଣ. (ବହୁବ୍ରୀହି)—୧ । ସୁଗୁଣରହିତ—
1. Devoid of good qualities.
୨ । ନିର୍ଗୁଣ—2. Void of attributes.
୩ । ଅଯୋଗ୍ୟ—3. Worthless.

**ଅଗୁପତ**—ଗ୍ରା. ପଦ୍ୟ. ବିଣ. (ସଂ. ଅଗୁପ୍ତ)—
**Agupata** ୧ । ଯାହା ଗୁପ୍ତ ନୁହେ—1. Not concealed.
୨ । ଯାହା ଗୋପନୀୟ ନୁହେ; ପ୍ରକାଶ୍ୟ—2. Not fit to be concealed.

ଯେବେ ସେ ଅଗୁପତ ନୁହେ କୃଷ୍ଣ ମତେ,
ତେବେ ତାହା କହିବା ହେଉ ତ ତୁରତେ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ପର୍ବ ।

**ଅଗୁରା**—ଗ୍ରା. ବିଣ.—ଉଗୁରା (ଦେଖ)
**Agurā** Ugurā (See)

**ଅଗୁରୁ**—ସଂ. ବିଣ—୧ । (ବହୁବ୍ରୀହି; ଅ+ଗୁରୁ)—ଗୁରୁହୀନ; ଉପଦେଶକହୀନ—1. Having no preceptor.
**Aguru**
୨ । (ନଞ ତତ୍)—ଗୁରୁତ୍ୱହୀନ; ହାଲୁକା—2. Light; not heavy.
୩ । ଗୌରବ ବା ମାନ୍ୟରହିତ—3. Disrespectful.
ଗ୍ରା. ଅଗ ଶବ୍ଦର ୫ମୀ ବିଭକ୍ତି—( ଅଗରୁ ସ୍ଥଳରେ ଲୋକେ ଉଚ୍ଚାରଣରେ ଅଗୁରୁ କହନ୍ତି, ଯଥା ଅଗୁରୁ ମୂଳ ଯାଏ ।) From the top.
ସଂ. ବି. (ବହୁବ୍ରୀହି; ଅ+ଗୁରୁ; ଯାହାଠାରୁ ଭାରି ଅନ୍ୟ କିଛି ବସ୍ତୁ ନାହିଁ । )—
୧ । ଅଗର ଚନ୍ଦନ; ସୁଗନ୍ଧ କାଷ୍ଠବିଶେଷ; କୃଷ୍ଣ ଚନ୍ଦନ—1. Aloes wood; Agalochia; Aquilaria Agalocha (kirtikar).

ସଂ. ପର୍ଯ୍ୟାୟ—ଅଗୁରୁ; ପ୍ରବର; ଲୋହ; ଯୋଗଜ; କାଲୀୟକ; ବଂଶିକ; କୃମିଜଗ୍ଧ; ଅନାର୍ଯ୍ୟକ; କାଲାନୁସାର୍ଯ୍ୟ ।
ବଂ. ଅଗରଚନ୍ଦନ
অগুরু, অগোর
**अगर, उगर**
ତେ. ହୁରୁଗୁହୁରେଟ୍ଟୁ

[ ଦ୍ର—ଏହା ଭୋଟାନ ଓ ଆସାମର ପାର୍ବତ୍ୟ ଦୀର୍ଘ ତରୁ, କାଷ୍ଠର ବର୍ଣ୍ଣ ଆପୀତ ଓ ଲଘୁ; ଏହି ବୃକ୍ଷର କାଣ୍ଡ ବଢ଼ିଗଲେ କାଣ୍ଡରୁ; କୃଷ୍ଣବର୍ଣ୍ଣ ସୁଗନ୍ଧ ନିର୍ଯ୍ୟାସ ( କୃଷ୍ଣାଗୁରୁ ) ଜନ୍ମେ । ଏହାର ଅନ୍ୟ ନାମ ଗୁଗ୍ଗୁଳ । ଏହି ନିର୍ଯ୍ୟାସକୁ ଶୁଖାଇ ଧୂପ ଦିଆଯାଏ । ଏହି ଅଗୁରୁ କାଠକୁ ନିଆଁ ଉପରେ ଉତ୍ତପ୍ତ କଲେ ଏଥିରୁ ତୁଆ ନିଗିଡ଼େ । ଆସାମଜାତ ଅଗୁରୁ ଗଛର ଛାଲି ଭୂର୍ଜପତ୍ର ପରି କାଗଜ ରୂପେ ବ୍ୟବହୃତ ହୁଏ ।]

ଅଗୁରୁ ପାଞ୍ଚ ପ୍ରକାର ଯଥା—୧ । କୃଷ୍ଣାଗୁରୁ; ୨ । ଦାହାଗୁରୁ, ୩ । ସ୍ୱାଦ୍ୱଗୁରୁ, ୪ । ମାଙ୍ଗଲ୍ୟାଗୁରୁ; ୫ । କାଷ୍ଠାଗୁରୁ । ଏଥି ମଧ୍ୟରେ କୃଷ୍ଣାଗୁରୁ ଶ୍ରେଷ୍ଠ ଓ ଯାବତୀୟ ଔଷଧରେ ଲାଗେ । ବୈଦ୍ୟଶାସ୍ତ୍ର ମତରେ ଏହା ଉଷ୍ଣବୀର୍ଯ୍ୟ, କଟୁତିକ୍ତରସ, ଚର୍ମହିତକର, ଲଘୁପାକ ଓ ପିତ୍ତବର୍ଦ୍ଧକ । ଏହା କର୍ଣ୍ଣରୋଗ, ଚକ୍ଷୁରୋଗ, ବାୟୁ ଓ କଫନାଶକ । ଏଥିର ଲେପ ଶୀତଳ; ଅଗୁରୁ କାଷ୍ଠରୁ ଉତ୍ପନ୍ନ ତୈଳ ( ତୁଆ ) ପାଣିରେ ବୁଡ଼ିଯାଏ । ଅଗୁରୁ ଧୂପ ସୁଗନ୍ଧ ଓ ବାୟୁଶୋଧକ ।

(୧) କୃଷ୍ଣାଗୁରୁ—କୃଷ୍ଣବର୍ଣ୍ଣ, ଉଷ୍ଣବୀର୍ଯ୍ୟ, କଟୁତିକ୍ତକଷାୟ; ବାହ୍ୟ ପ୍ରୟୋଗରେ ଏହା ଶୀତଳ କିନ୍ତୁ ଅଭ୍ୟନ୍ତରକ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପ୍ରୟୋଗରେ ଏହା ତ୍ରିଦୋଷନାଶକ, ଏହା ପିତ୍ତ, ବମନ, ମୁଖରୋଗ ଓ ବାୟୁରୋଗନାଶକ ।

(୨) ଦାହାଗୁରୁ—କଟୁ, ଉଷ୍ଣବୀର୍ଯ୍ୟ, ସୌଗନ୍ଧଜନକ; କେଶବର୍ଦ୍ଧକ ଓ ବର୍ଣ୍ଣର ଉତ୍କର୍ଷସାଧକ; ଏହାକୁ ଗୁଗ୍‌ଗୁଳୁ କହନ୍ତି ।

(୩) ସ୍ୱାଦୁଗୁରୁ—କଟୁ, କଷାୟ, ଉଷ୍ଣବୀର୍ଯ୍ୟ, ଏହାର ଧୂପ ସୁଗନ୍ଧ ଓ ବାୟୁଶୋଧକ ।

(୪) ମାଙ୍ଗଲ୍ୟାଗୁରୁ—କୃଷ୍ଣାଗୁରୁ ପରି ଗୁଣବିଶିଷ୍ଟ ।

(୫) କାଷ୍ଠାଗୁରୁ—ପୀତବର୍ଣ୍ଣ, କଟୁ, ଉଷ୍ଣବୀର୍ଯ୍ୟ, କଫନାଶକ, ଓ ବାହ୍ୟ ପ୍ରୟୋଗରେ ରୁକ୍ଷକାର୍ଯ୍ୟକାରକ ।

୨ । ଶିଂଶପା; ଶିଶୁ ଗଛ—2. The Sissoo tree; Dalbergia Sissoo.

**ଅଗୁରୁଆ**—ଦେ. ବିଣ. ( ସଂ. ଅଗୁରୁ )—୧ । ଯେଉଁ ଲୋକର କେହି ଗୁରୁ ନାହିଁ; ଉପଦେଶକବିହୀନ, ଅଣଗୁରୁଆ—
**Aguruā** 1. Preceptorless; (a person) having no preceptor.
୨ । ସହଜ (ବିଦ୍ୟା), ପ୍ରାଣୀ ଜନ୍ମତଃ ଯେଉଁ ବିଦ୍ୟା ଜାଣେ ଓ ଯାହା ଶିକ୍ଷା ଦେବା ପାଇଁ ଗୁରୁ ଲୋଡ଼ା ହୁଏ ନାହିଁ—2. (an art) Which is not acquired from a teacher but got by instinct; innate.

ଦେବଭାଏ ବୋଇଲେ ଅଗୁରୁଆ ପାଠ
ତୁମ୍ଭର ସେ ଗୁରୁ ସେବାରେ ସପଠ । କୃଷ୍ଣସିଂହ. ମହାଭାରତ. ବନ ।

୩ । ଯେଉଁ ବିଦ୍ୟା କୌଣସି ନିର୍ଦ୍ଦିଷ୍ଟ ଗୁରୁଙ୍କଠାରୁ ନିୟମରେ ଶିକ୍ଷା କରାଯାଇ ନ ଥାଏ — 3. (an art) Which a person has not regularly learnt from any particular teacher.

**ଅଗୁରୁ ଚନ୍ଦନ**—ସଂ. ବି—ଅଗୁରୁ ( ଦେଖ )
**Aguru chandana** Aguru (See)

**ଅଗୁରୁ ବିଦ୍ୟା**—ଦେ. ବି—ସହଜ ବିଦ୍ୟା; ଗୁରୂପଦେଶ ବିନା ଅଧିଗତ ହେବା ବିଦ୍ୟା—Matter or art learnt without the aid of any preceptor.
**Aguru bidyā** গুরুহীন বিদ্যা

**ଅଗୁରୁ ଶିଂଶପା**—ସଂ. ବି—ଅଗୁରୁ ( ଦେଖ )
**Aguru śimśapā** Aguru (See)

**ଅଗୁଳି**—ଗ୍ରା. ବି—ପ୍ରସ୍ଥ; ଓସାର—Breadth; width.
**Aguli** ଗ୍ରା. ବିଣ—ପ୍ରଶସ୍ତ—Broad.
୨ ଦେ. ବିଣ—( ସଂ. ଅଗ୍ରଣୀ )—ଅଗ୍ରଣୀ—Advancing in the forefront.

ଅଟୁଳ ଲୋକଙ୍କୁ ଅଗି କାହିଁ ଶୈଳୁ । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଅଗୁଳିବା**—ଦେ. କ୍ରି. ( ସଂ. ଅଗ୍ର )—ଆଗୁଳିବା ( ଦେଖ )
**Agulibā** Āgulibā (See)

**ଅଗୁଳୁଆ**—ଦେ. ବିଣ. ( ସଂ. ଅଗୁରୁ )—ଲଘୁ; ହୀନ—
**Aguluā** Small; low.

ସେ ଯାହାର ସେ ତାହାର କାଳେ ହୋଇଲା
ଅଗୁଳୁଆ ସଙ୍ଗ ଗୋଷ୍ଠ ପଛ ରହିଲା । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଅଗୁସାର**—ଦେ. ବିଣ. ( ସଂ. ଅଗ୍ରସର )—ଆଗୁସାର ( ଦେଖ )
**Agusāra** Āgusāra (See)

**ଅଗୂଢ଼**—ସଂ. ବିଣ. ( ଅ + ଗୂଢ଼ )—୧ । ଅଗୁପ୍ତ; ଅଲୁକ୍କାୟିତ—
**Agūrdha** 1. Not hidden.
୨ । ସ୍ପଷ୍ଟରୂପେ ପ୍ରକାଶିତ—2. Patent.

**ଅଗୂଢ଼ଗନ୍ଧ**—ସଂ. ବି. ( ବହୁବ୍ରୀହି; ଅଗୂଢ଼ + ଗନ୍ଧ; ଯାହାର ତୀବ୍ର ଗନ୍ଧ ଲୁଚି ରହେ ନାହିଁ )—ହେଙ୍ଗୁ—
**Agūrdhagandha** Assafoetida.

**ଅଗୂଢ଼ଭାବ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଗୂଢ଼ + ଭାବ )—
**Agūrdhabhāba** ୧ । ସରଳ ହୃଦୟ—1. Frank.
(ଅଗୂଢ଼ଭାବା—ସ୍ତ୍ରୀ) ୨ । ବୁଝିବାକୁ ସହଜ—2. Easy to understand.

**ଅଗେର**—ପ୍ରାଦେ. ( ଗଞ୍ଜାମ ) ଅ—ଓଗର ( ଦେଖ )
**Agerā** Ogar (See)

**ଅଗୈର**—ପ୍ରାଦେ. ( ଗଞ୍ଜାମ ) ଅ—ଓଗର ( ଦେଖ )
**Agairā** Ogar (See)

**ଅଗୋଚର**—ସଂ. ବିଣ. ( ଅ + ଗୋଚର )—
**Agochara** ୧ । ପରୋକ୍ଷ—1. Not under one's eyes.
୨ । ଅପ୍ରତ୍ୟକ୍ଷ—2. Unperceived.
୩ । ଇନ୍ଦ୍ରିୟଦ୍ୱାରା ଯାହା ଅନୁଭୂତ ହୋଇ ନ ପାରେ—3. Imperceptible.
୪ । ଅଜ୍ଞେୟ—4. Unknowable.
୫ । ଅଜଣା; ଅଜ୍ଞାତ—5. Unknown.
୬ । ଅଦୃଷ୍ଟପୂର୍ବ—6. Never seen before.
୭ । ଅସାଧାରଣ—7. Extraordinary; uncommon; rare.

ବାକ୍ୟମନାବଧି ଯେଉ ଅଗୋଚର ହୁବେ । ଭଞ୍ଜ. ବୈଦେହୀଶବିଳାସ ୫୨ ।

**ଅଗୋଚର ମୁଦ୍ରା**—ଦେ. ବି—ଯୋଗସାଧନ ସମ୍ବନ୍ଧୀୟ ମୁଦ୍ରାବିଶେଷ, ( ମୁଦ୍ରା ତଳେ ନୋଟ ଦେଖ ) ଯେଉଁ ମୁଦ୍ରାସାଧନଦ୍ୱାରା ବ୍ୟକ୍ତି ଅନ୍ୟ ଲୋକଙ୍କ ଚକ୍ଷୁକୁ ଅଦୃଶ୍ୟ ହୁଏ——A kind of Joga-exercise by which a person becomes invisible.
**Agochara mudrā**

ଜାଣି ନ ପାରନ୍ତି ଅଦୃଶ୍ୟ କାୟା
ଅଗୋଚର ମୁଦ୍ରା ବୋଲନ୍ତି ତାହା । ପ୍ରାଚୀ—ପରଚେଗୀତା ।

**ଅଗୋପନ**—ସଂ. ବି. ( ଅ + ଗୋପନ )—୧ । ଅଗୂଢ଼ତା—
**Agopana** 1. State of being open or patent.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ନ | ଉଅ | ଙ୍କ |
| ୨ | ଈ | ଉ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ହ |

୨ । ଗୋପନ ନ କରିବା—**2. Non concealment.**

୩ । ଦେଖାଇବା—**3. Showing; exhibition.**

ସଂ. ବଣ—୧ । ଅଛପା—**1. Unconcealed.**

୨ । ପ୍ରକାଶ୍ୟ; ପ୍ରକଟିତ—2. Open; patent.

**ଅଗୌକା**—ସଂ. ବଣ. ପୁଂ. ଓ ସ୍ତ୍ରୀ. (**ବହୁବ୍ରୀହି**; ଅଗ + ଓକସ୍. ୧ମା.୧ବ)—
Agaukā ୧ । ପର୍ବତବାସୀ—**1. Living in the mountains.**

୨ । ବୃକ୍ଷବାସୀ—2. Living in trees.

ସଂ. ବି—୧ । ସିଂହ—1. The lion.

୨ । ପକ୍ଷୀ—2. Bird.

**ଅଗୌଣ**—ସଂ. ବଣ ( ଅ+ଗୌଣ )—
Agauṇa ୧ । ମୁଖ୍ୟ; ପ୍ରଧାନ—1. Chief; primary.

୨ । ବିଲମ୍ବରହିତ—2. Prompt.

ସଂ. ଅ.—ଅବିଳମ୍ବେ; ଶୀଘ୍ର; ତ୍ୱରିତ—
Without delay; promptly; quickly.

**ଅଗୌର**—ସଂ. ବଣ. ପୁଂ. ( ଅ+ଗୌର )—
Agaura ୧ । ଯେ ଗୋରି ନୁହେ—1. Not of a fair complexion.
( ଅଗୌରୀ—ସ୍ତ୍ରୀ )

୨ । ଶ୍ୟାମଳବର୍ଣ୍ଣବିଶିଷ୍ଟ—2. Dark complexioned.

**ଅଗ୍ନାୟୀ**—ସଂ. ବି. ସ୍ତ୍ରୀ. ( ଅଗ୍ନି + ସ୍ତ୍ରୀଲିଙ୍ଗରେ. ଈ. ନିପାତନ )—
Agnāyī ଅଗ୍ନିଦେବଙ୍କ ସ୍ତ୍ରୀ—Wife of the Fire-God.
[ଅଗ୍ନି ଦେବଙ୍କର ଦୁଇ ସ୍ତ୍ରୀଙ୍କ ନାମ ସ୍ୱାହା ଓ ସ୍ୱଧା ଦେବୀ । ]

**ଅଗ୍ନି**—ସଂ. ବି. ( ଅଗ୍ ଧାତୁ =ବକ୍ରଗତି କରିବା+କର୍ତ୍ତୃ.ନି; କିମ୍ବା ଅନ୍ଗ
Agni ଧାତୁ =ଗତି କରିବା + କର୍ତ୍ତୃ. ନି; ଯାହା ବକ୍ରଗତି
ନିଆଁ, ଅଗି କରେ ବା ଯାହା ଊର୍ଦ୍ଧ୍ୱ ଗତି କରେ । )—
ଆଗୁନ ୧ । ନିଆଁ; ବହ୍ନି; ଅନଳ —1. Fire.
**आग, अगि, आगिन्** [ ଦ୍ର—ସୃଷ୍ଟିର ୫ ଗୋଟି ମୌଳିକ ଉପାଦାନ ବା
ଲା.ଇଗ୍ନିସ୍ ପଞ୍ଚଭୂତ ମଧ୍ୟରୁ ଅଗ୍ନି ଗୋଟିଏ । ପୁରାଣ ମତରେ ବାୟୁରୁ ଅଗ୍ନି ଓ ଅଗ୍ନିରୁ ଜଳ ଉତ୍ପନ୍ନ । ହିନ୍ଦୁଶାସ୍ତ୍ରମତରେ ଅଗ୍ନି ତିନି ପ୍ରକାରରେ ଜନ୍ମେ —(୧) ଭୌମ—ପୃଥିବୀ ବା ପାର୍ଥିବ ବସ୍ତୁରୁ; (୨) ଦିବ୍ୟ—ଶୂନ୍ୟରୁ ବା ଆକାଶରୁ ଓ(୩) ଜାଠର—ପେଟରୁ ଉତ୍ପନ୍ନ; ପାକଶକ୍ତି । ବୈଦିକ ଓ ଗାର୍ହସ୍ଥ୍ୟ ଅନୁଷ୍ଠାନରେ ଭିନ୍ନ ଭିନ୍ନ ଉପଲକ୍ଷରେ ବ୍ୟବହୃତ ଅଗ୍ନିର ଭିନ୍ନ ଭିନ୍ନ ନାମ ଅଛି । ଅଗ୍ନିର ସଂଖ୍ୟାକୁ କେହି ତିନି ( ତ୍ରେତାଗ୍ନି ) କେହି, ପାଞ୍ଚ ( ପଞ୍ଚାଗ୍ନି ) ଗଣନ୍ତି । ]

୨ । ହିନ୍ଦୁଶାସ୍ତ୍ରୋକ୍ତ ଅଗ୍ନି ଦେବତା—
2. The Hindu God of fire.

[ଦ୍ର—ପୁରାଣ ମତରେ ଧର୍ମଙ୍କ ଔରସରେ ବସୁ ଭାର୍ଯ୍ୟାଙ୍କ ଗର୍ଭରେ ଅଗ୍ନି ଜନ୍ମିଥିଲେ । ଦକ୍ଷକନ୍ୟା ସ୍ୱାହା ଓ ସ୍ୱଧା ଏହାଙ୍କର ଦୁଇ ଭାର୍ଯ୍ୟା; ଏ ଦଶଦିଗପାଳଙ୍କ ମଧ୍ୟରେ ଏକତମ ଏବଂ ଏ ଦକ୍ଷିଣପୂର୍ବ ( ଅଗ୍ନି ) କୋଣର ଅଧିପତି ଅଟନ୍ତି । ଏହାଙ୍କ ବାହନ ଛାଗ । ଏହାଙ୍କ ମୁଖରେ ଦିଆଯିବା ଘୃତକୁ ସବୁ ଦେବତାଯାକ ଗ୍ରହଣ କରି ତୃପ୍ତ ହୁଅନ୍ତି । ଅଗ୍ନିଙ୍କର ୭ଗୋଟି ଜିହ୍ୱା ଥିବାର କଳ୍ପିତ ହୋଇଅଛି । ହିନ୍ଦୁମାନଙ୍କ ପରି ପାର୍ସୀମାନେ ମଧ୍ୟ ଅଗ୍ନିପୂଜକ । ]

୩ । ଅଗ୍ନିକୋଣ; ଦକ୍ଷିଣପୂର୍ବ କୋଣ—
2. The South-East.

୪ । ଜଠରାଗ୍ନି; ପାକଶକ୍ତି; ଯେଉଁ ଅନ୍ତର୍ଦୈହିକ ଶକ୍ତି ବଳରେ ଭୁକ୍ତଦ୍ରବ୍ୟ ପାକ ହୁଏ—
4. Power of digestion.

୫ । ସ୍ୱର୍ଣ୍ଣ; ସୁନା—5. Gold.

**ଅଗ୍ନିଂକରଣ**—ସଂ. ବି. ( ଅଲୁକ୍ ସମାସ; ଅଗ୍ନିଂ =ଅଗ୍ନିକୁ + କରଣ )—
Agniṁkaraṇa ଅଗ୍ନିକରଣ ( ଦେଖ )
Agnikaraṇa (See)

**ଅଗ୍ନିକ**—ସଂ. ବି. (ଅଗ୍ନି + ପ୍ରକାଶାର୍ଥେ କ; ଯେ ଅଗ୍ନି ପରି ପ୍ରକାଶ ପାଏ)-
Agnika ୧ । ଇନ୍ଦ୍ରଗୋପ; ପାଟପୋକ; ସାଧବଘର ବୋହୂ ପୋକ—
1. Coccinella ( insect ).

୨ । (ବୈଦ୍ୟକ) ଭଲ୍ଲାତକ; ଭାଲିଆ—
2. The marking nut.

**ଅଗ୍ନିକଣ**—ସଂ. ବି. ( ୬ଷ୍ଠୀ ତତ୍ )—ଅଗ୍ନିର ସ୍ଫୁଲିଙ୍ଗ; ନିଆଁରୁ ଉଠିବା
Agnikaṇa ଝୁଲ—Sparks of fire.

ଗ୍ରା. ବି. ( ସଂ. ଅଗ୍ନି ଓ କୋଣ )—ଅଗ୍ନିକୋଣ; 'ଦକ୍ଷିଣ-ପୂର୍ବ କୋଣ—The South-Eastern Corner.

**ଅଗ୍ନିକରଣ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ବୈଦିକ ହୋମାନୁଷ୍ଠାନ ବା
Agnikaraṇa ଯଜ୍ଞରେ ଅଗ୍ନି ସ୍ଥାପନ କର୍ମ—1. The Vedic rite of kindling the sacrificial fire.

୨ । ନିଆଁ ଲଗାଇବା—2. Setting of fire; kindling of a fire.

**ଅଗ୍ନିକର୍ମ**—ସଂ. ବି. (୬ଷ୍ଠୀ ତତ୍ )—୧ । ଅଗ୍ନି ହୋତ୍ରାଦିଯଜ୍ଞ; ହୋମ—
Agnikarma 1. Vedic fire-sacrifice.

୨ । ମୃତବ୍ୟକ୍ତିର ଶବ ଦାହ କର୍ମ—2. Cremation.

**ଅଗ୍ନିକଳା**—ସଂ. ବି. ( ୬ଷ୍ଠୀ ତତ୍ )—ପୁରାଣୋକ୍ତ ଅଗ୍ନିଦେବଙ୍କର
Agnikaḻā ଦଶଗୋଟି ଅଙ୍ଗ ବା ଅବୟବ—The ten limbs of the God of fire according to Hindu mythology.
(ଦଶକଳା ଯଥା—ଧୂମ୍ର; ଅର୍ଚ୍ଚି; ଋଷ୍ମା; ଜ୍ୱଳନୀ; ଜ୍ୱାଳନୀ; ବିସ୍ଫୁଲିଙ୍ଗିନୀ; ସୁଶ୍ରୀ; ସୁରୂପା; କପିଳା; ହବ୍ୟକବ୍ୟ । )

**ଅଗ୍ନିକଳ୍ପ**—ସଂ. ବଣ. (ଅଗ୍ନି + ଈଷଦୂନ ବା ତୁଲ୍ୟାର୍ଥେ. କଳ୍ପ )—
Agnikaḻpa ୧ । ଅଗ୍ନିତୁଲ୍ୟ; ଜ୍ୟୋତିଷ୍ମାନ୍—1. Fiery.
(ଅଗ୍ନିକଳ୍ପା—ସ୍ତ୍ରୀ) ୨ । ନିଆଁପରି ଦାଉ ଦାଉ ହେଉଥିବା—
**2. Blazing; brilliant.**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଗ୍ନିକା ଋଷି**—ଦେ. ବି. ( ନାମ )—ଋଷିବିଶେଷ—
Agnikā ṛushi — Name of a sage.
( ଅକାଲକାଣ୍ଡ ତଳେ ନୋଟ ଦେଖ )
See notes under Akālakāṇḍa.

**ଅଗ୍ନିକାଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ନିଆଁ ଲାଗିବା; ଅଗ୍ନିଦ୍ୱାରା ଗୃହାଦି ପୋଡ଼ିଯିବା—
Agnikāṇḍa — 1. Burning by fire; being on fire.
୨ । ଆତସବାଜି; ବାଣପୋଡ଼ା—
2. Fireworks; Pyrotecnique.
୩ । ଆଗ୍ନେୟାସ୍ତ୍ର ପ୍ରୟୋଗ; ଗୋଳା ଗୁଳି ବର୍ଷଣ—
3. Firing of gun and cannon.

**ଅଗ୍ନିକାରିକା**—ସଂ. ବି. ( ୬ଷ୍ଠୀ ତତ୍ )—୧ । ବେଦୋକ୍ତ ବିଧିରେ ଅଗ୍ନି ସ୍ଥାପନକ୍ରିୟା—
Agnikārikā — 1. The Vedic rite of kindling the sacrificial fire.
୨ । ଅଗ୍ନିସ୍ଥାପନ କାଳୀନ ଉଚ୍ଚାରିତ ସ୍ତୋତ୍ର—
2. The prayer said while kindling the sacrificial fire.
୩ । ସର୍ପଦଂଶନ ଓ ଘା ଆଦି କ୍ଷତସ୍ଥାନକୁ ବା ବ୍ରଣାଦିକୁ ନିଆଁଦ୍ୱାରା ପୋଡ଼ିବା—3. Cautrisation.

**ଅଗ୍ନିକାର୍ଯ୍ୟ**—ସଂ. ବି. ( ୬ଷ୍ଠୀ ତତ୍ )—ଅଗ୍ନିକର୍ମ ( ଦେଖ )
Agnikārjya — Agnikarma ( See )

**ଅଗ୍ନିକାଷ୍ଠ**—ସଂ. ବି—ଅଗୁରୁ ( ଦେଖ )
Agnikashṭha — Aguru ( See )

**ଅଗ୍ନିକୁକ୍କୁଟ**—ସଂ. ବି. ( ୬ଷ୍ଠୀ ତତ୍; ଶିଖାଯୁକ୍ତ ନିଆଁ ଲୁଣ୍ଠା କୁକୁଡ଼ା ପରି ଦେଖା ଯିବାରୁ )—ନିଆଁଲୁଣ୍ଠା; ଜଳନ୍ତା ନିଆଁଲୁଣ୍ଠା; ଅଗ୍ନିଯୁକ୍ତ ତୃଣଗୁଚ୍ଛ—
Agnikukkuṭa — An ignited sheaf of straw; a lighted wisp of straw; fire-brand.

**ଅଗ୍ନିକୁଢ଼**—ଦେ. ବି. ( ସଂ. ଅଗ୍ନି + କୂଟ )—ନିଆଁଗଦା—
Agnikuṛdha — A heap of fire.

ଅନେକ ଅଗ୍ନିକୁଢ଼ ଥାଇ
ଯେସନେ ପ୍ରତାପ ଲଗାଇ । ଭୂପତି, ପ୍ରେମପଞ୍ଚାମୃତ ।

**ଅଗ୍ନିକୁଣ୍ଡ**—ସଂ. ବି. (୬ଷ୍ଠୀ ତତ୍)—୧ । ହୋମକୁଣ୍ଡ; ଯେଉଁ ଆଧାରରେ ହୋମାଗ୍ନି ସ୍ଥାପିତ ହୁଏ—
Agnikuṇḍa — 1. The receptacle where the sacrificial fire is lit.
୨ । ଦହକ ଅଙ୍ଗାରର ଉମ୍ନେଇ—
2. A pan with live coals; firepan.

**ଅଗ୍ନିକୁମାର**—ସଂ. ବି. ( ୬ଷ୍ଠୀ ତତ୍ )—୧ । କାର୍ତ୍ତିକେୟ—
Agnikumāra — The Deity Kārtikeya.
[ ଏକ ପୁରାଣ ମତରେ ଅଗ୍ନିଦେବ ସପ୍ତର୍ଷିମାନଙ୍କ ଭାର୍ଯ୍ୟାମାନଙ୍କ ରୂପରେ ମୋହିତ ହେବାର ଜାଣି ପାରି ତାଙ୍କ ସ୍ତ୍ରୀ ସ୍ୱାହାଦେବୀ ଅରୁନ୍ଧତୀଙ୍କ ଛଡ଼ା ଅନ୍ୟ ଛଅ ଜଣ ଋଷିପତ୍ନୀଙ୍କ ରୂପ ଛଅ ଥର ଧାରଣ କରି ଅଗ୍ନିଙ୍କ ସହିତ ଛଅ ଥର ବିହାର କଲେ ଓ ଅଗ୍ନିଙ୍କ ବୀର୍ଯ୍ୟ କାଞ୍ଚନ କୁଣ୍ଡରେ ପଡ଼ିବାରୁ ସେହି ତେଜୋମୟ ରେତରୁ କାର୍ତ୍ତିକେୟ ଜନ୍ମିଲେ । ପୁରାଣାନ୍ତର ମତରେ ମହାଦେବ ପାର୍ବତୀଙ୍କ ସଙ୍ଗମ କରିବା ସମୟରେ ଅଗ୍ନି କପୋତରୂପ ଧାରଣ କରି ଲୁଚି ରହିଥିଲେ ଓ ମହାଦେବଙ୍କ ରେତ ସ୍ଖଳିତ ହେବାରୁ ପାର୍ବତୀ ତାହା ଧାରଣ କରିବାକୁ ଅସମର୍ଥ ହୋଇ ନିକ୍ଷେପ କରିବାରୁ ତାହା ଅଗ୍ନି ଧାରଣ କଲେ ଓ ଉକ୍ତ ରେତ କାର୍ତ୍ତିକେୟ ରୂପ ଧାରଣ କରି ଜନ୍ମ ହେଲା । ]
୨ । ଜୈନମାନଙ୍କର ଭବନବାସୀ ଦେବଗଣବିଶେଷ—
2. Name of a class of Deities of the Jainas. ( M. W. ).
୩ । ବୈଦ୍ୟ ଶାସ୍ତ୍ରୋକ୍ତ ଔଷଧବିଶେଷ—
3. A particular preparation of various drugs. ( M. W. )

**ଅଗ୍ନିକୁମାରୀ**—ଦେ. ବି. ( ସଂ. ଅଗ୍ନିବର୍ତ୍ତୀ )—୧ । ଔଷଧ ଗୁଳ୍ମବିଶେଷ; ( ଏହା ଦେହରେ ବୋଳିଲେ ଦେହ ଜଳା ପୋଡ଼ା କରେ । ଏହା ବାଲିଆ ଭୂମିରେ ଜନ୍ମେ; ଉ. ଅଗ୍ନିବେଣ୍ଡ୍ରମୁ ଉଚ୍ଚରେ ପ୍ରାୟ ୬ ଇଞ୍ଚ )—
Agnikumarī
ଅଗିଗ୍ଲା
1. A kind of herbarious plant; Grangea Maderaspatna.
୨ । ଯେଉଁ ସ୍ତ୍ରୀର ଦେହ ତମାମ ନିଆଁ ଜଳୁ ଥାଏ—
2. A woman whose body is blazing.
ବାଳରେ ହୋଏ କାହା ପତନ, ବହନ୍ତି କି ଅଗ୍ନି କର୍ଦ୍ଦନ । ଭଞ୍ଜ ବୈଦେହୀଶବିଳାସ—୪୭ ।

**ଅଗ୍ନିକୁଳ**—ଦେ. ବି. (ନାମ)—ରାଜପୁତ ଜାତିର ଶାଖାବିଶେଷ—
Agnikuḷa — Name of a sect of the Rājputs.

ମୋ ଶିଖାରୁ ଜାତ ସେଣ୍ ହେବେ ବାରେ
ବୋଲାଇବେ ତହିଁ ଅଗ୍ନି କୁଳ ନାମେ । ରାଧାନାଥ, ମହାଯାତ୍ରା ।

[ ଦ୍ର—କଥିତ ଅଛି ଯେ ଏମାନଙ୍କ ପୂର୍ବପୁରୁଷମାନେ ଅର୍ବୁଦ (ଆବୁ) ପର୍ବତରେ ଋଷିମାନଙ୍କ ଦ୍ୱାରା ପ୍ରଜ୍ୱାଳିତ ଅଗ୍ନି କୁଣ୍ଡରୁ ଜାତ ହୋଇ ଥିଲେ । ଏହି ଅଗ୍ନିକୁଳ ରାଜପୁତମାନେ ଚାରି ଉପଶାଖାରେ ବିଭକ୍ତ । ଏମାନଙ୍କ ବାସସ୍ଥାନ ରାଜପୁତାନା । ]

**ଅଗ୍ନିକେତୁ**—ସଂ. ବି—ରାମାୟଣୋକ୍ତ ରାକ୍ଷସବିଶେଷ—
Agniketu — Name of a demon mentioned in the Rāmāyana.

**ଅଗ୍ନିକୋଣ**—ସଂ. ବି ( ମଧ୍ୟପଦଲୋପୀ କର୍ମଧା; ଅଗ୍ନି ଦେବତାଙ୍କ ଅଧ୍ୟୁଷିତ କୋଣ )—ଆଗ୍ନେୟ କୋଣ; ଦକ୍ଷିଣ ପୂର୍ବ କୋଣ—
Agnikoṇa — The South East point of the earth.

**ଅଗ୍ନିକ୍ରିୟା**—ସଂ. ବି. ( ୬ଷ୍ଠୀ ତତ୍ )—ବିଧିପୂର୍ବକ ଅଗ୍ନି ଦ୍ୱାରା ସମ୍ପାଦିତ ଶବଦାହ କ୍ରିୟା—
Agnikriyā — Cremation performed according to due rites.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଗ୍ନ | ଉଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ନ |

**ଅଗ୍ନିକ୍ରୀଡ଼ା**—ସଂ. ବି. ( ୬ଷ୍ଠୀ ତତ୍ )—୧ । ଆତସବାଜି; ବାଣପୋଡ଼ା—
Agnikrirda 1. Fire-works; Pyrotechnics.
୨ । ଅଗ୍ନ୍ୟୁତ୍ସବ; ଅଇଘର ( ଦେଖ )
2. Aighara ( See )
୩ । ଦୀପାବଳୀ ଅମାବାସ୍ୟା ଆଦି ଉପଲକ୍ଷରେ ଅନୁଷ୍ଠିତ ପ୍ରଦୀପ ଜଳାଇବା ଉତ୍ସବ—3. Ceremonial illumination; The ceremony of lighting lamps on the new moon night of Kārtika or Mārgasira.

**ଅଗ୍ନିଖାଡ଼ି**—ପ୍ରାଦେ. ( ସମ୍ବଲପୁର ) ବି—ଦିଆସିଲି—
Agnikhardi Matches

**ଅଗ୍ନିଗର୍ତ୍ତ**—ସଂ. ବି. (୬ଷ୍ଠୀ ତତ୍ )—ନିଆଁ ଖାତ; ଯେଉଁ ଗର୍ତ୍ତରେ ନିଆଁ
Agnigartta ଜଳା ଯାଉଥାଏ—A hole or pit full of fire.
[ଦ୍ର—ସର୍ପଦଷ୍ଟ ବ୍ୟକ୍ତିଠାରୁ ବିଷ ଛଡ଼ିବା ପାଇଁ ଲୋକେ ଗୋଟିଏ ଗାତ ଖୋଳି ସେଥିରେ ନିଆଁ ଜାଳନ୍ତି । ପରେ ଜଳନ୍ତା ନିଆଁ ଯାକ ଗର୍ତ୍ତରୁ କାଢ଼ି ପକାଇ, ଗର୍ତ୍ତର ଅଭ୍ୟନ୍ତର ଦେହ ସହିବା ଭଳି ଗରମ ଥାଉଁ ଥାଉଁ ସେଥିରେ ସର୍ପଦଷ୍ଟ ବ୍ୟକ୍ତିଙ୍କୁ ବସାଇ ରଖନ୍ତି । ]

**ଅଗ୍ନିଗର୍ଭ**—ସଂ. ବି. ( ୬ଷ୍ଠୀ ତତ୍ )—ନିଆଁର ଭିତର—
Agnigarbha The interior of a fire.
(ଅଗ୍ନିଗର୍ଭା—ସ୍ତ୍ରୀ) ( ଯଥା—ଅଗ୍ନ୍ୟୁତ୍ସବରେ ଲୋକେ ଅଗ୍ନିଗର୍ଭକୁ ବାର୍ତ୍ତାକ ନିକ୍ଷେପ କରନ୍ତି । )
ସଂ. ବିଣ—( ବହୁବ୍ରୀହି; ଅଗ୍ନି ଅଛି ଗର୍ଭରେ ଯାହାର )—
ଅନ୍ତସ୍ଥାଗ୍ନି ବିଶିଷ୍ଟ; ଯାହାର ଅଭ୍ୟନ୍ତରରେ ଅଗ୍ନି ଅଛି—
Pregnant with fire; containing fire inside it.
ସଂ. ବି—୧ । ଅଗ୍ନିଜାର ( ଦେଖ ) —1. Agnijāra (See)
୨ । ଶମୀ ( ବୃକ୍ଷ ) (ଦେଖ)—2. Sami (tree) (See)
୩ । ମହା ଜ୍ୟୋତିଷ୍ମତୀ ( ଦେଖ )
3. Mahā jyotishmati ( See )
୪ । ଚକମକି ପଥର—4 Flint stone.
୫ । ସୂର୍ଯ୍ୟକାନ୍ତ ମଣି—5. Sunstone.
୬ । ଜୁଳୁଜୁଳିଆ ପୋକ—6. Fire fly.
୭ । ବାଡ଼ବାଗ୍ନି ସମ୍ଭୂତ ଫେଣବତ୍ ବସ୍ତୁବିଶେଷ —7. Name of a frothy substance on the sea engendered by the submarine fire.
୮ । ( ବିଜ୍ଞାନପରିଭାଷା ) ଉଚ୍ଚପୃଷ୍ଠ ଗୋଲାକାର କାଚ; ଯାହାକୁ ସୂର୍ଯ୍ୟ କିରଣରେ ଧରଲେ ତଳେ ନିଆଁ ପଡ଼େ; ସ୍ଥୂଳମଧ୍ୟଦୃଷ୍ଟି କାଚ—8. A convex lens.

**ଅଗ୍ନିଗର୍ଭା**—ସଂ. ବିଣ. ସ୍ତ୍ରୀ (ଅଗ୍ନିଗର୍ଭ+ସ୍ତ୍ରୀ. ଆ)—ଅଗ୍ନିଗର୍ଭର ସ୍ତ୍ରୀଲିଙ୍ଗ—
Agnigarbha Feminine of Agnigarbha.
ସଂ. ବି— ମହା ଜ୍ୟୋତିଷ୍ମତୀ ( ଦେଖ )
Mahā jyotishmati ( See )

**ଅଗ୍ନିଗୃହ**—ସଂ. ବି. (୬ଷ୍ଠୀ ତତ୍ ବା ମଧ୍ୟପଦଲୋପୀ କର୍ମଧା; ଅଗ୍ନିବିଶିଷ୍ଟ
Agnigruha ଗୃହ )—ଅଗ୍ନିଶାଳା, ଯେଉଁ ଗୃହରେ ଯଜ୍ଞାଗ୍ନି ରକ୍ଷିତ ହୁଏ—A room in which the sacrificial fire is maintained.
ସଂ. ବି. ( ଆଧୁନିକ ପ୍ରୟୋଗ )—ବାଷ୍ପୀୟ କଳ ଆଦିର ଯେଉଁ କୋଠରିରେ ନିଆଁ ଜଳାଯାଏ —Fire-chamber of a steam engine.

**ଅଗ୍ନିଙ୍କରଣ**—ସଂ. ବି. ( ଅଲୁକ୍ ସମାସ; ଅଗ୍ନିଂ+କରଣ )—
Agninkarana ଅଗ୍ନିଂକରଣ ( ଦେଖ )
Agnimkarana ( See )

**ଅଗ୍ନିଚୟନ**—ସଂ. ବି. (୬ଷ୍ଠୀ ତତ୍ )—ଅଗ୍ନିଚିତ୍ୟା ( ଦେଖ )
Agnichayana Agnichityā ( See )

**ଅଗ୍ନିଚିତ୍**—ସଂ. ବି. ( ଉପପଦ ସମାସ; ଅଗ୍ନି+ଚି ଧାତୁ+କର୍ତ୍ତୃ. କ୍ୱିପ୍,
Agnichit —ଯେ ଅଗ୍ନି ଚୟନ କରେ ) —
୧ । ସାଗ୍ନିକ ବ୍ରାହ୍ମଣ; ଅଗ୍ନିହୋତ୍ରୀ; ଯେଉଁ ବ୍ରାହ୍ମଣ ବେଦୋକ୍ତ ବିଧିରେ ଘରେ ତ୍ରେତାଗ୍ନି ବା ପଞ୍ଚାଗ୍ନି ସ୍ଥାପନ କରି ପ୍ରତିଦିନ ହୋମ କରନ୍ତି—
1. A Brahmana who performs the Vedic sacrifice daily.
୨ । ଅଗ୍ନ୍ୟାଧାନ (ଦେଖ)—2. Agnyādhana (See)

**ଅଗ୍ନିଚିତ୍ୟା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଅଗ୍ନି+ଚି ଧାତୁ+ଭାବ. ଯ+
Agnichityā ଆ. ନିପାତନ )—ବୈଦିକ ବିଧିରେ ଗୃହରେ ହୋମାଗ୍ନି ରକ୍ଷା କରିବା—Maintainance of the sacrificial fire in one's home.

**ଅଗ୍ନିଚୂଡ଼** —ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି+ଚୂଡ଼ା )—ଅଗ୍ନିଶିଖା;
Agnichūrda ଜଳନ୍ତା ନିଆଁରୁ ଜିହ୍ୱା ପରି ଉପରକୁ ଉଠୁଥିବା ଶିଖା—Flame; tongues of fire.

**ଅଗ୍ନିଚୂର୍ଣ୍ଣ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଗ୍ନ୍ୟୁଦ୍ଦୀପକ ଚୂର୍ଣ୍ଣ )—
Agnichūrnna ବାରୁଦ—Gun-powder

**ଅଗ୍ନିଜ**—ସଂ. ବିଣ. ( ଅଗ୍ନି+ଜନ୍ ଧାତୁ+କର୍ତ୍ତୃ. ଅ )—
Agnija ୧ । ଯାହା ଅଗ୍ନି ଜନ୍ମାଏ—
(ଅଗ୍ନିଜା—ସ୍ତ୍ରୀ) 1. Producing fire.
୨ । ଯାହା ଅଗ୍ନି ଉଦ୍ଦୀପନ କରେ—2. Igniting fire.
୩ । ଯାହାଦ୍ୱାରା ଜଠରାଗ୍ନି ପ୍ରବଳ ହୁଏ—
3. Increasing digestive power.
୪ । ଅଗ୍ନିରୁ ଜାତ—4. Born of fire.
ସଂ. ବି—୧ । ଅଗ୍ନିଜାର (ଦେଖ)—1. Agnijāra ( See )
୨ । କାର୍ତ୍ତିକେୟ (ଦେଖ)—2. Kārttikeya ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ରଂଶ' ନ ମିଳିଲେ 'ବଂଶ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

୩ । ସ୍ୱର୍ଣ୍ଣ; ସୁନା—3. Gold.

**ଅଗ୍ନିଜାତ**—ସଂ. ବିଣ. (୫ମୀ ତତ୍; ଅଗ୍ନି + ଜାତ)—ଅଗ୍ନିଜ (ଦେଖ) **Agnijāta** Agnija ( See )
ସଂ. ବି—ଅଗ୍ନିଜ ( ଦେଖ)—Agnija ( See )

**ଅଗ୍ନିଜାର**—ସଂ. ବି. ( ଅଗ୍ନି + ଜୃ ଧାତୁ = ଜୀର୍ଣ୍ଣ କରିବା + କର୍ତ୍ତୃ. ଅ **Agnijāra** ଏହା ଜଠରାଗ୍ନି ବା ଜୀର୍ଣ୍ଣଶକ୍ତିକୁ ବୃଦ୍ଧି କରିବାରୁ )—ଜୀର୍ଣ୍ଣଶକ୍ତିବର୍ଦ୍ଧକ ଔଷଧବିଶେଷ—Name of a medicinal substance.
[ ଦ୍ର—ଏହା ପଶ୍ଚିମ ସମୁଦ୍ରରୁ ମିଳେ । ଏହା କଟୁ; ଉଷ୍ଣବୀର୍ଯ୍ୟ; ଲଘୁପାକ; ପିଚ୍ଛଳ; ପିତ୍ତବର୍ଦ୍ଧକ ଏବଂ କଫ, ବାତ, ସନ୍ନିପାତ, ଶୂଳ ଓ ଅତିଶୂଳନାଶକ । ଏହାର ଅନ୍ୟ ସଂସ୍କୃତ ନାମ—ଅଗ୍ନିନିର୍ଯ୍ୟାସ; ଅଗ୍ନିଗର୍ଭ; ଅଗ୍ନିଜ; ଅଗ୍ନିଜାତ; ବଡ଼ବାଗ୍ନିମଳ; ଜ୍ୱରଘ୍ନ; ଅର୍ଣ୍ଣବୋଦ୍ଭବ; ଅଗ୍ନିଜାଲ; ସିନ୍ଧୁଫଳ । ]

**ଅଗ୍ନିଜାଲ**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ଜାଲ )—୧ । ଅଗ୍ନିରାଶି—**Agnijāla** 1. A mass or heap of fire.
୨ । ଅଗ୍ନିଜାର ( ଦେଖ )—2. Agnijāra (See)
ଦେ. ବି—ମୋଟ, ସଳଖ ଓ ଠାଣୁଆ ଏବଂ ୩।୪ ଫୁଟ ପର୍ଯ୍ୟନ୍ତ ଉଚ୍ଚରେ ବଢ଼ିବା ଶାକଗୁଳ୍ମବିଶେଷ—A herb; Vernonia (Haines).

**ଅଗ୍ନିଜିହ୍ୱ**—ସଂ. ବି. ପୁଂ. ( ବହୁବ୍ରୀହି; ଅଗ୍ନି + ଜିହ୍ୱା; ଅଗ୍ନି ଯାହାଙ୍କର **Agnijihwa** ଜିହ୍ୱା ଅର୍ଥାତ୍ ଯେ ଅଗ୍ନିଦ୍ୱାରା ଭୋଜନ କରନ୍ତି ଅର୍ଥାତ୍ ଅଗ୍ନିରେ ଆହୁତି ଦେଲେ ଯେଉଁମାନେ ତୃପ୍ତ ହୁଅନ୍ତି । )
୧ । ଦେବତା—1. Deity.
୨ । ଦେବଗଣ—2. The gods.
୩ । ବିଷ୍ଣୁ—3. God Bishṇu.
[ ଦ୍ର—ବରାହ ଅବତାରରେ ବିଷ୍ଣୁଙ୍କ ଜିହ୍ୱା ଅଗ୍ନି ପରି ଜଳୁଥିବା କଥା ବରାହ ପୁରାଣରେ ଅଛି । ]

**ଅଗ୍ନିଜିହ୍ୱା**—ସଂ. ବି. ( ୬ଷ୍ଠୀ ତତ୍ )—୧ । ଅଗ୍ନିଶିଖା—**Agnijihwā** 1. Tongues of fire; flame.
[ ଦ୍ର—ଅଗ୍ନିଦେବଙ୍କର ସାତଗୋଟି ଜିହ୍ୱା ଥିବାର ପୁରାଣରେ ଉଲ୍ଲେଖ ଅଛି । ଯଥା—୧. କରାଳୀ, ୨. ଧୂମିନୀ, ୩. ଶ୍ୱେତା, ୪. ଲୋହିତା, ୫. ନୀଳଲୋହିତା, ୬. ପଦ୍ମରାଗା ଓ ୭. ସୁବର୍ଣ୍ଣା ]
୨ । ( ବହୁବ୍ରୀହି; ଅଗ୍ନିଜିହ୍ୱ + ସ୍ତ୍ରୀ. ଆ; ଅଗ୍ନିପରି ନାଲି ଜିହ୍ୱା ଯାହାର )—ଧାଇଫୁଲ; ଧାତକୀ ( ଦେଖ )
2. Dhātakī (See); (grislea tomentosa)
୩ । ଲାଙ୍ଗଲୀଲତା ( ଦେଖ )—
3. Langalīlatā ( See );
( Methonica superba. )

**ଅଗ୍ନିଝାଲ**—ପ୍ରାଦେ. (ବଣାଇ; ସିଂହଭୂମ) ବି ଜଙ୍ଗଲି ଗୁଳ୍ମବିଶେଷ—**Agnijhāl** A wild plant;

( ଏହା ଅଜୀର୍ଣ୍ଣ ରୋଗରେ ବିଶେଷ ଉପକାରୀ । )

**ଅଗ୍ନିତପ୍ତ**—ସଂ. ବିଣ. ( ୩ୟା ତତ୍ ) ୧ । ନିଆଁରେ ରଖାଯାଇ ଗରମ **Agnitapta** କରାଯାଇଥିବା—1. Heated by fire.
୨ । ( ଉପମିତ କର୍ମଧା ) ନିଆଁ ପରି ତାତିଲା—
2. Fiery; hot as fire.

**ଅଗ୍ନିତାପ**—ସଂ. ବି. ( ୬ଷ୍ଠୀ ତତ୍ )—ନିଆଁର ତାତି; ଅଗ୍ନିର ଉଷ୍ଣତା; **Agnitāp** ନିଆଁଧାସ—The heat of fire.

**ଅଗ୍ନିତେଜାଃ**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ଉପମିତ କର୍ମଧା; ଅଗ୍ନି + ତେଜସ୍; **Agnitejāḥ** ୧ମା. ୧ବ. )—ଅଗ୍ନିପରି ତେଜସ୍ୱୀ—Fiery; blazing or glittering like fire.
ସଂ. ବି. ପୁଂ—ହରିବଂଶୋକ୍ତ ଏକାଦଶ ମନ୍ୱନ୍ତର କାଳର ସପ୍ତର୍ଷିଙ୍କ ମଧ୍ୟରୁ ଏକତମ—Name of one of the seven sages during the eleventh Manwanatra period.

**ଅଗ୍ନିତ୍ରୟ**—ସଂ. ବି—ଗାର୍ହପତ୍ୟ; ଆହବନୀୟ ଓ ଦାକ୍ଷିଣ୍ୟ ନାମକ ତିନି **Agnitraya** ଗୋଟି ଯଜ୍ଞାଗ୍ନି ( ସାଗ୍ନିକମାନେ ଗୃହରେ ଏହି ତିନି ଅଗ୍ନିକୁ ରକ୍ଷା କରନ୍ତି )—The three sacrificial fires maintained according to vedic rites at the home of a Sāgnika Brahmaṇa.

**ଅଗ୍ନିଦ**—ସଂ. ବିଣ. ପୁଂ. ( ଅଗ୍ନି + ଦା ଧାତୁ + କର୍ତ୍ତୃ. ଅ )—**Agnida** ୧ । ଅଗ୍ନିଦାତା; ଯେ ମୃତବ୍ୟକ୍ତିର ଶବଦାହ ସମୟରେ (ଅଗ୍ନିଦା—ସ୍ତ୍ରୀ) ଶବ ଦେହରେ ମୁଖାଗ୍ନି ସଂଯୋଗ କରେ—
1. ( a person ) Igniting the fire at the cremation of a deceased
୨ । ଘରପୋଡ଼ିଆ; ଯେ ଘରେ ନିଆଁ ଲଗାଏ—
2 Incendiary; setting fire to houses.
[ ଦ୍ର—ଶାସ୍ତ୍ର ଅନୁସାରେ ୬ ଜଣ ଆତତାୟୀ ମଧ୍ୟରୁ ଅଗ୍ନିଦ ଏକତମ । ଆତତାୟୀକୁ ଦେଖିଲା ମାତ୍ରକେ ବିନା ବିଚାରରେ ବଧ କରିବା ଶାସ୍ତ୍ରାନୁମୋଦିତ । ]

**ଅଗ୍ନିଦଗ୍ଧ**—ସଂ. ବିଣ. (୩ୟା ତତ୍; ଅଗ୍ନି + ଦଗ୍ଧ)—**Agnidagdha** ୧ । ନିଆଁରେ ପୋଡ଼ା ଯାଇଥିବା—(ଅଗ୍ନିଦଗ୍ଧା—ସ୍ତ୍ରୀ ) 1. Burnt by fire; fireburnt.
୨ । ଶାସ୍ତ୍ରବିଧି ଅନୁସାରେ ଚିତାଗ୍ନିଦ୍ୱାରା ଯାହାର ଶବ ଦଗ୍ଧ କରାଯାଇଅଛି—2. Cremated according to due rites.
ସଂ. ବି—୧ । ପିତୃଲୋକେ; ମୃତ ପୂର୍ବପୁରୁଷଗଣ (ଏମାନଙ୍କ ଶବ ଅଗ୍ନିଦ୍ୱାରା ଦଗ୍ଧ ହୋଇ ଥିବାରୁ )—1. One's deceased ancestors.
୨ । ପୋଡ଼ା ଘା; ଅଗ୍ନିଦ୍ୱାରା ଦଗ୍ଧ ବ୍ୟକ୍ତିର ଦେହରେ ହୋଇଥିବା କ୍ଷତ—1. A burn; sore caused by burning.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଊ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୠ | ନ୍ତ |

**ଅଗ୍ନିଦଗ୍ଧ ପ୍ରସ୍ତର**—ସଂ. ବି. ( ବିଜ୍ଞାନପରିଭାଷା )—ଆଗ୍ନେୟଗିରିର
**Agnidagdha prastara** ଅଗ୍ନ୍ୟୁତ୍ପାତ ଦ୍ୱାରା ଉତ୍ପନ୍ନ ପ୍ରସ୍ତର ବିଶେଷ; ଅଗ୍ନିଗିରି ପଥର—**Vulcanic rock; stone of vulcanic origin**

**ଅଗ୍ନିଦମନୀ**—ସ. ବି. ସ୍ତ୍ରୀ. ( ଅଗ୍ନି + ଦମନ + ଈ)—କଣ୍ଟକାରୀ,
**Agnidamani** ଅଙ୍କରାନ୍ତି (ଦେଖ)
**Ankaranti (See)**

**ଅଗ୍ନିଦାତା**—ସ. ବିଣ. ପୁଂ (ଅଗ୍ନି + ଦାତୃ; ୧ମା ୧ବ. )—
**Agnidata** ଅଗ୍ନିଦ (ଦେଖ)
(ଅଗ୍ନିଦାତ୍ରୀ—ସ୍ତ୍ରୀ) **Agnida (See)**

**ଅଗ୍ନିଦାହ**—ସ. ବି. ( ୩ୟା ତତ୍ )—୧ । ନିଆଁ ଦ୍ୱାରା କୌଣସି ପଦାର୍ଥ
**Agnidaha** ପୋଡ଼ିବା—**1. Burning.**
୨ । ଦାହରୋଗବିଶେଷ—**2. A disease consisting of a burning sensation in the limbs. (N. W.).**

**ଅଗ୍ନିଦୀପକ**—ସ. ବିଣ—( ୬ଷ୍ଠୀ ତତ୍ )—୧ । ଅଗ୍ନିବର୍ଦ୍ଧକ; କ୍ଷୁଧାବୃଦ୍ଧି-
**Agnidipaka** କାରକ—**Whetting the appetite; increasing digestion; digestive.**
୨ । ବିସ୍ଫୋରକ; ଯେଉଁ ବସ୍ତୁରୁ ସ୍ୱତଃ ନିଆଁ ଜଳି ଉଠେ ( ଯଥା—ଫସ୍ ଫରସ୍ )—
**2. Self igniting; phosphorescent.**

**ଅଗ୍ନିଦୀପନ**—ସ. ବି ( ୬ଷ୍ଠୀ ତତ୍ )—୧ । ନିଆଁ ଲଗାଇବା; ନିଆଁ-
**Agnidipana** ଜଳାଇବା—**Ignition**
୨ । କ୍ଷୁଧା ବୃଦ୍ଧି—**2. Increase of digestive power.**
୩ । ବରୁଣ(ଗଛ) ( ଦେଖ )
**3. Barunn ( tree ) ( See )**
ସ. ବିଣ—ଅଗ୍ନିଦୀପକ (ଦେଖ)
**Agnidipaka (See)**

**ଅଗ୍ନିଦୀପ୍ତା**—ସଂ. ବି. ସ୍ତ୍ରୀ. ( ଅଗ୍ନି + ଦୀପ୍ତ + ଆ; ଅଗ୍ନିପରି ଦୀପ୍ତା ବା
**Agnidipta** ତେଜୋମୟୀ)—ମହା ଜ୍ୟୋତିଷ୍ମତୀ (ଦେଖ)
**Maha jyotishmati (See**

**ଅଗ୍ନିଦେବ**—ସଂ. ବି.(ଅଗ୍ନି + ଦେବ)—୧ । ଦେବତାରୂପେ ପୂଜିତ ଅଗ୍ନି–
**Agnideba** **1. The fire worshipped as a Deity.**
୨ । ଅଗ୍ନି ୨. ଦେଖ—
**2. Agni 2. ( See )**

**ଅଗ୍ନିଦେବା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅଗ୍ନି + ଦେବ + ଆ; ଅଗ୍ନି
**Agnideba** ଯାହାର ଅଧିଷ୍ଠାତ୍ରୀ ଦେବତା )—
କୃତ୍ତିକା ନକ୍ଷତ୍ରପୁଞ୍ଜ—**The constellation pleidas.**
ଦେ. କ୍ରି. (ସଂ. ଅଗ୍ନି + ଦା ଧାତୁ)—
**অগ্নি দেওয়া** ୧ । କୌଣସି ବସ୍ତୁରେ ନିଆଁ ଲଗାଇବା—
**অগ্নিদেওয়া** **1. To set fire to a thing.**
୨ । ଶବରେ ମୁଖାଗ୍ନି ସଂଯୋଗ କରିବା—
**2. To set fire to a corpse at cremation.**

**ଅଗ୍ନିଧାନ**—ସଂ. ବି. (ଅଗ୍ନି + ଧା ଧାତୁ + ଅଧିକରଣେ. ଅନ)—
**Agnidhana** ୧ । ଯଜ୍ଞଶାଳା—**1. The room where sacrificial fire is maintained.**
୨ । ଅଗ୍ନିହୋତ୍ର ଯଜ୍ଞ ଗୃହ—**2. The room where Homa is performed.**

**ଅଗ୍ନିଧ୍ୱଜ**—ସଂ. ବି. (୬ଷ୍ଠୀ ତତ୍)—ଧୂମ୍ର; ଧୂଆଁ—
**Agnidhwaja** **Smoke.**

**ଅଗ୍ନିଧ୍ର**—ସଂ. ବି—(ନାମ)—୧ । ସ୍ୱାୟମ୍ଭୁବ ମନୁଙ୍କ ନାତି ଓ ଜମ୍ବୁଦ୍ୱୀପ-
**Agnidhra** ଅଧିପତି ପ୍ରିୟବ୍ରତ ରାଜାଙ୍କ ଜ୍ୟେଷ୍ଠପୁତ୍ର—
**1. Name of the eldest son of king Priyabrata.**
୨ । ଅଗ୍ନୀଧ୍ର (ଦେଖ) —**1. Agnidhra (See**

**ଅଗ୍ନିନକ୍ଷତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଗ୍ନିଦେବଙ୍କ ଦ୍ୱାରା ଅଧିଷ୍ଠିତ
**Agninakshatra** ନକ୍ଷତ୍ର)—କୃତ୍ତିକା ନକ୍ଷତ୍ର—
**The constellation of the pleidas.**

**ଅଗ୍ନିନିର୍ଯ୍ୟାସ**—ସଂ. ବି.—ଅଗ୍ନିଜାର (ଦେଖ)
**Agninirjyasa** **Agnijara (See)**

**ଅଗ୍ନିପକ୍ୱ**—ସଂ. ବି. (୩ୟା ତତ୍)—ନିଆଁ ଦ୍ୱାରା ସିଦ୍ଧ କରାଯାଇଥିବା—
**Agnipakwa** **Boiled over fire.**

**ଅଗ୍ନିପରୀକ୍ଷା**—ସ. ବି. ( ୩ୟା ତତ୍ )—୧ । ଅଗ୍ନିମାଣ୍ଡୁ; ଅଭିଯୁକ୍ତ
**Agniparikshā** ବ୍ୟକ୍ତିଙ୍କୁ ନିଆଁରେ ପ୍ରବେଶ କରାଇ ତାହାର ଶୁଦ୍ଧତା ବା ଅଶୁଦ୍ଧତା ନିର୍ଣ୍ଣୟ କରିବା ପ୍ରକ୍ରିୟା—
**1. Ordeal by fire.**

[ ଦ୍ର—ଜଳନ୍ତା ନିଆଁରେ ଅଭିଯୁକ୍ତ ବ୍ୟକ୍ତି ପଶିଯାଇ ଯେବେ ଫେରି ବର୍ତ୍ତି ଆସେ, ତେବେ ସେ ନିର୍ଦ୍ଦୋଷ ଓ ଯେବେ କ୍ଷତ ହୁଏ ବା ପୋଡ଼ିଯାଏ ତେବେ ସେ ଦୋଷୀ ବୋଲି ସାବ୍ୟସ୍ତ ହେଉଥିଲା । ସୀତା ଲଙ୍କାର ଅଶୋକବନରୁ ମୁକ୍ତ ହେବା ପରେ ଅଗ୍ନିପରୀକ୍ଷାଦ୍ୱାରା ନିଜର ବିଶୁଦ୍ଧତା ପ୍ରମାଣିତ କରିଥିଲେ ଓ ଅଗ୍ନିପରୀକ୍ଷା ପରେ ଶ୍ରୀରାମ ତାଙ୍କୁ ଗ୍ରହଣ କରି ଲଙ୍କାରୁ ଅଯୋଧ୍ୟାକୁ ସଙ୍ଗରେ ଆଣିଥିଲେ । ]

୨ । ଅଗ୍ନିମାଣ୍ଡୁ, ପରି ଭୟଙ୍କର ପରୀକ୍ଷା—
**2. A fiery or severe test.**

**ଅଗ୍ନିପୁରାଣ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଗ୍ନିସମ୍ବନ୍ଧୀୟ ପୁରାଣ)—
**Agnipurana** ଅଷ୍ଟାଦଶ ପୁରାଣ ମଧ୍ୟରୁ ଏକତମ—
( ପୁରାଣ ତଳେ ନୋଟ ଦେଖ )
**One of the eighteen mythological works of the Hindus.**

**ଅଗ୍ନିପୁଚ୍ଛ**—ସଂ. ବି. ( ବହୁବ୍ରୀହି; ଅଗ୍ନି + ପୁଚ୍ଛ )—ଉଲ୍କା—
**Agnipuchchha** **Shooting star.**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଗ୍ନିପ୍ରସ୍ତର**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଗ୍ନ୍ୟୁତ୍ପାଦକ ପ୍ରସ୍ତର)—
**Agniprastara** ଚକମକ ପଥର—**Flint; stone.**

**ଅଗ୍ନିବଥୁ**—ଦେ. ବି. (ସଂ. ଅଗ୍ନିମନ୍ଥ)—ଅଗବଥୁ (କବିରାଜ ହରେକୃଷ୍ଣ ମିଶ୍ର; **Agnibathu** ଦ୍ରବ୍ୟଗୁଣ)—ଅଗ୍ନିମନ୍ଥ (ଦେଖ)
**Agnimantha (See)**

**ଅଗ୍ନିବର୍ଚ୍ଚାଃ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅଗ୍ନି+ବର୍ଚ୍ଚସ୍; ୧ମା. **Agnibarchchah** ୧ବ.)—ଅଗ୍ନିତେଜାଃ; ଅଗ୍ନିପରି ତେଜସ୍ୱୀ—**Fiery.**
ସଂ. ବି. ପୁଂ. (ନାମ)—ପୁରାଣବକ୍ତାବିଶେଷ—
**Name of a lecturer of the Purāṇas (M. W.).**

**ଅଗ୍ନିବର୍ଣ୍ଣ**—ସଂ. ବି. (୬ଷ୍ଠୀ ତତ୍)—ନିଆଁର ରଙ୍ଗ; ନାଲି ଓ ହଳଦିଆ **Agnibarnna** ମିଶା ରଙ୍ଗ—**Fieryred; colour of** (ଅଗ୍ନିବର୍ଣ୍ଣା—ସ୍ତ୍ରୀ) **fire.**
ସଂ. ବିଣ. (ବହୁବ୍ରୀହି)—ଯାହାର ରଙ୍ଗ ଅଗ୍ନିପରି ହଳଦିଆ-ମିଶା ନାଲି—**Of fiery colour; reddish yellow.**
ସଂ. ବି. (ନାମ)—୧ । ସୂର୍ଯ୍ୟବଂଶୀୟ ରାଜା ସୁଦର୍ଶନଙ୍କ ପୁତ୍ର—
**1. Name of a prince; son of king Sudarśana.**
୨ । ସୂର୍ଯ୍ୟବଂଶୀୟ କୁଶ ରାଜାଙ୍କ ପୁତ୍ର ଓ ରାମଙ୍କ ପୌତ୍ର—
**2. Name of a grand-son of King Rama.**

**ଅଗ୍ନିବର୍ଣ୍ଣା**—ସଂ. ବିଣ. ସ୍ତ୍ରୀ. (ଅଗ୍ନିବର୍ଣ୍ଣ+ସ୍ତ୍ରୀ. ଆ)—ଅଗ୍ନିବର୍ଣ୍ଣର ସ୍ତ୍ରୀଲିଙ୍ଗ—
**Agnibarnnā** **Feminine of Agnibarnna.**
ସଂ. ବି. ସ୍ତ୍ରୀ—ମଦ୍ୟବିଶେଷ—**Name of a strong liquor.**

**ଅଗ୍ନିବର୍ଦ୍ଧକ**—ସଂ. ବିଣ. (୬ଷ୍ଠୀ ତତ୍)—କ୍ଷୁଧାବର୍ଦ୍ଧନକାରୀ; ଯାହା **Agnibarddhaka** ପାକ ଶକ୍ତିକୁ ବଢ଼ାଏ—**Increasing digestive power or appetite.**

**ଅଗ୍ନିବର୍ଦ୍ଧନ**—ସଂ. ବି. (୬ଷ୍ଠୀ ତତ୍)—ଅଗ୍ନିବୃଦ୍ଧି (ଦେଖ)
**Agnibarddhana** **Agnibruddhi (See)**
ସଂ. ବିଣ—ଅଗ୍ନିବର୍ଦ୍ଧକ (ଦେଖ)
**Agnibarddhaka (See)**

**ଅଗ୍ନିବଲ୍ଲଭ**—ସଂ. ବି. (୬ଷ୍ଠୀ ତତ୍; ଏଥିରେ ଶୀଘ୍ର ନିଆଁ ଧରେ)—
**Agniballabha** ଶାଳ (ବୃକ୍ଷ) (ଦେଖ)
**Sāla (tree) (See)**

**ଅଗ୍ନିବାଡ଼**—ଦେ. ବି—ଅଗ୍ନିବାରଣ (ଦେଖ)
**Agnibārda** **Agnibāraṇa (See)**

**ଅଗ୍ନିବାଣ**—ସଂ. ବି. (ମଧ୍ୟପଦଲୋପୀ)—ଅଗ୍ନିବର୍ଷଣକାରୀ ଶର—
**Agnibāṇa** **A fiery arrow; an arrow which showers fire.**
ସଂ. ବିଣ. (ଲକ୍ଷଣାର୍ଥ)—କ୍ରୋଧରେ ଅଗ୍ନିପରି ପ୍ରଚଣ୍ଡ; ଅତି କ୍ରୁଦ୍ଧ; **Fired with rage; fiery with anger.**

**ଅଗ୍ନିବାରଣ**—ଦେ. ବି. (ଏଣୁଯୋଗୁଁ ଘରେ ନିଆଁ ଲାଗିଲେ ଦୁଆରମୁହଁ **Agnibāraṇa** ବାଟେ ଖୁଲର ନିଆଁ ଘର ଭିତରକୁ ପଶି ପାରେ ନାହିଁ)—ଅଣ୍ଟୁ ଘରର ଦୁଆର ମୁହଁ ଉପରେ କରାଯିବା ମାଟିର ଛାତ—**A roof of mud made just over the door of a mud-roofed thatch.**

**ଅଗ୍ନିବାହ**—ସଂ. ବି. (ଅଗ୍ନି+ବହ ଧାତୁ+କର୍ତ୍ତୃ. ଅ; ଯେ ଅଗ୍ନିଦେବଙ୍କ **Agnibāha** ବାହନ)—୧ । ମେଷ, ମେଣ୍ଢା—**1. The sheep.**
୨ । ଛାଗଳ, ଛେଳି—**2. The goat.**
୩ । ଧୂମ; ଧୂଆଁ—**3. Smoke (M. W.).**

**ଅଗ୍ନିବାହୁ**—ସଂ. ବି. (୬ଷ୍ଠୀ ତତ୍)—୧ । ଧୂମ, ଧୂଆଁ—
**Agnibāhu** **1. Smoke.**
୨ । (ନାମ) ସୂର୍ଯ୍ୟବଂଶୀୟ ରାଜା ପ୍ରିୟବ୍ରତ ଓ କାମ୍ୟାଙ୍କ ପୁତ୍ର (ଏ ବିବାହ ନ କରି ତପସ୍ୟାରେ ରତ ହୋଇଥିଲେ)—
**2. Name of a prince of the solar dynasty.**
୩ । ପ୍ରଥମ ମନୁଙ୍କ ପୁତ୍ର—
**3. Name of a son of the first Manu**
ରକ୍ତବାହୁ (ଦେଖ)
**Raktabāhu (See)**

**ଅଗ୍ନିବୀଜ**—ସଂ. ବି. (୬ଷ୍ଠୀ ତତ୍)—ସ୍ୱର୍ଣ୍ଣ; ସୁନା—**Gold.**
**Agnibīja**

**ଅଗ୍ନିବୀର୍ଯ୍ୟ**—ସଂ. ବି. (୬ଷ୍ଠୀ ତତ୍)—ସ୍ୱର୍ଣ୍ଣ; ସୁନା—**Gold.**
**Agnibīrjya**

**ଅଗ୍ନିବୃଦ୍ଧି**—ସଂ. ବି. (୬ଷ୍ଠୀ ତତ୍)—୧ । ଲାଗିଥିବା ନିଆଁ ଅଧିକ **Agnibruddhi** ଘୋଟିଯିବା—**1. Spreading of fire.**
୨ । ଜଠରାଗ୍ନି ବା ପାକଶକ୍ତିର ବୃଦ୍ଧି—**2. Increase of appetite or digestive power.**

**ଅଗ୍ନିବୃଷ୍ଟି**—ସଂ. ବି. (୬ଷ୍ଠୀ ତତ୍; ଅଗ୍ନି+ବୃଷ୍ଟି)—
**Agnibrushti** ୧ । ନିଆଁ ବରଷିବା; ବର୍ଷାଅସରି ପରି ନିଆଁ ପଡ଼ିବା—**1. A shower of fire.**
୨ । ଅତ୍ୟନ୍ତ ଖରାବେଳେ ନିଆଁ ବରଷା ହେବା ପରି ପ୍ରଚଣ୍ଡ ଗ୍ରୀଷ୍ମ ଓ ତାପର ଅନୁଭୂତ—**2. Great heat felt in the midd-ays of summer (compared to a shower of fiire.**

**ଅଗ୍ନିବେଶ**—ସଂ. ବି. (ନାମ)—ଜନୈକ ଆୟୁର୍ବେଦ ଗ୍ରନ୍ଥକାର—
**Agnibeśa** **Name of an author of a Sanskrit medical treaties**

**ଅଗ୍ନିବେଶ୍ମ**—ସଂ. ବି. (ଅଗ୍ନି+ବେଶ୍ମନ୍; ୧ମା. ୧ବ.)—
**Agnibeśma** ୧ । (ନାମ) ଆତ୍ରେୟଙ୍କ ଶିଷ୍ୟ ଜନୈକ ଋଷି—
**1. Name of a Sage.**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ନ |

୨ । ମାସର ଚତୁର୍ଦ୍ଦଶ ଦିବସ—2. The fourteenth day of the calender month of thirty days.

**ଅଗ୍ନିବେଶ୍ୟ**—ସଂ. ବି—୧ । ଧନୁର୍ବିଦ୍ୟାବିଶାରଦ ଅଗ୍ନିଙ୍କ ପୁତ୍ର; ଜଣେକ ଉପଦେଶକ ଗୁରୁ ( ମହାଭାରତ )—
Agnibeśya 1. Name of a teacher or Āchārjya.
ବଭୂବସୁ ଯେ ଅଗ୍ନିବେଶ୍ୟ କୃତବାନ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଦ୍ୱାବିଂଶ ମୁହୂର୍ତ୍ତର ନାମ ( ସୂର୍ଯ୍ୟପୁରାଣ )—
2. Name of the twenty second muhūrtta.

**ଅଗ୍ନିବୋଟ**—ଦେ. ବି. ( ସଂ. ଅଗ୍ନି + ଇଂ Boat, ବୋଟ )—
Agnibota ୧ । ବାଷ୍ପୀୟ ପୋତ; ଷ୍ଟୀମର; ଧୂଆଁକଳ ଜାହାଜ—1. Steamer.
ଇଷ୍ଟିମାର
**आगबोट,** ୨ । ଛୋଟ ବାଷ୍ପୀୟ ନୌକା—2. Steam launch.
**अगिनबोट**

**ଅଗ୍ନିଭ**—ସଂ. ବିଣ. (ବହୁବ୍ରୀହି; ଅଗ୍ନି + ଭା)—ଅଗ୍ନିପରି ତେଜୋମୟ—
Agnibha Fiery; shining like fire.
( ଅଗ୍ନିଭା—ସ୍ତ୍ରୀ )
ସଂ. ବି. ( ଅଗ୍ନି + ଭା )—୧ । ସ୍ୱର୍ଣ୍ଣ; ସୁନା—1. Gold.
୨ । (ମଧ୍ୟପଦଲୋପୀ କର୍ମଧା; ଅଗ୍ନି ଅଧିଷ୍ଠିତ + ଭ = ନକ୍ଷତ୍ର)—କୃତ୍ତିକା ନକ୍ଷତ୍ର—2. The constellation Pleidas.

**ଅଗ୍ନିଭାଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍ )—ଅଗ୍ନିକୁଣ୍ଡ ( ଦେଖ )
Agnibhāṇḍa Agnikuṇḍa ( See )

**ଅଗ୍ନିଭୂ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ଅଗ୍ନି + ଭୂ ଧାତୁ—ଜନ୍ମିବା + କର୍ତ୍ତୃ. କ୍ୱିପ୍)
Agnibhu ଅଗ୍ନିରୁ ଉତ୍ପନ୍ନ—Born of fire.
ସଂ. ବି—ଜଳ – Water.

**ଅଗ୍ନିଭୂ**—ସଂ. ବି. ( ଅଗ୍ନି + ଭୂ ଧାତୁ + କର୍ତ୍ତୃ. କ୍ୱିପ୍ )
Agnibhū ୧ । କାର୍ତ୍ତିକେୟ—Deity Kārttikeya.
[ ଦ୍ର—ପାର୍ବତୀ ମହାଦେବଙ୍କ ବୀର୍ଯ୍ୟ ଧାରଣ କରିବାକୁ ଅସମର୍ଥା ହୋଇ ତାହା ଅଗ୍ନିଙ୍କ ଉପରେ ନିକ୍ଷେପ କଲେ ଓ ତହିଁରୁ କାର୍ତ୍ତିକେୟ ଜନ୍ମ ହେଲେ । ]
୨ । କାଶ୍ୟପ ଋଷି ( ଏ ଅଗ୍ନିଙ୍କ ଶିଷ୍ୟ) —
2. Sage Kāśyapa.
୩ । ( ଗଣିତ ) ଛଅ ସଂଖ୍ୟା—3 (arithmetic ) The number six.

**ଅଗ୍ନିଭୂତି**—ସଂ. ବି. ( ଅଗ୍ନି + ଭୂତି )—୧ । ଅଗ୍ନିସଂଭୂତ ବସ୍ତୁ—
Agnibhūti 1. A thing produced from fire.
୨ । ସ୍ୱର୍ଣ୍ଣ—2. Gold.
୩ । ( ନାମ ) ବୌଦ୍ଧଗୁରୁ ଶେଷ ତୀର୍ଥଙ୍କରଙ୍କ ୧୧ ଜଣ ପ୍ରଧାନ ଶିଷ୍ୟ ବା ଗଣଧର ମଧ୍ୟରୁ ଏକତମ—
3. Name of one of the eleven chief pupils of the last Tīrthakara.

**ଅଗ୍ନିମଣି**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଗ୍ନ୍ୟୁତ୍ପାଦକ ମଣି )—
Agnimaṇi ୧ । ସୂର୍ଯ୍ୟକାନ୍ତ ମଣି—1. The sunstone.
୨ । ଚକମକ ପଥର—2. Flint stone.
୩ । ଦ୍ୱିପୃଷ୍ଠଉଚ୍ଚ କାଚଖଣ୍ଡ; ସ୍ଥୂଳମଧ୍ୟଦୃଷ୍ଟି କାଚ—3. Convex lens.

**ଅଗ୍ନିମଥ୍**—ସଂ. ବି. ( ଅଗ୍ନି + ମଥ୍ ଧାତୁ + କର୍ମ. କ୍ୱିପ୍ )—
Agnimath ଅଗ୍ନିମନ୍ଥ (ଦେଖ)—Agnimantha (See)

**ଅଗ୍ନିମଥନ**—ସଂ. ବି. ( ଅଗ୍ନି + ମଥ୍ ଧାତୁ + କର୍ମ. ଅନ)—
Agnimathana ଅଗ୍ନିମନ୍ଥ ( ଦେଖ )
Agnimantha ( See )

**ଅଗ୍ନିମନ୍ଥ**—ସଂ. ବି. ( ଅଗ୍ନି + ମଥ୍ ଧାତୁ + କର୍ମ. ଅ; ଯାହା ମଥିତ ବା ଘର୍ଷିତ ହେଲେ ଅଗ୍ନି ବାହାରେ । ପୂର୍ବକାଳରେ ଏଥିର ଶୁଖିଲା କାଠ ଦୁଇଖଣ୍ଡକୁ ଘଷି ଲୋକେ ଏଥିରୁ ଯଜ୍ଞ ପାଇଁ ଅଗ୍ନି ଉତ୍ପାଦନ କରୁଥିବାରୁ ଏହି ନାମ )—ଅଗବଥୁ ( ଗଛ )—
Agnimantha Premna integrifolia; Premna spinosa; Premna serratifolia

ଓ. ଅଗବଥୁ; ଅଗିବଥୁ; ଗନ୍ଧଣୀ;
**गणियरी; गणिरी;**
**अगगन्त**
**अरणी; आडनी;**
**आगेथा**
ତେ. ନେଲ୍ଲି; ଚିରନେଲ୍ଲି

ସଂ ପର୍ଯ୍ୟାୟ—ଅଗ୍ନିମଥ୍; ଅଗ୍ନିମଥନ; ଅଗ୍ନିମନ୍ଥ, ବୈଜୟନ୍ତୀ; ଜୟ; ଶ୍ରୀପର୍ଣ୍ଣୀ; ଗଣିକାରିକା; କର୍ଣ୍ଣିକା; ଜୟା; ଆରଣୀକେତୁ; ଜୟନ୍ତୀ; ଭର୍କଣ; ନାଦେୟୀ; ଅନନ୍ତା; ବୈଜୟନ୍ତିକା; ତେଜୋମନ୍ଥ; ହବିର୍ମନ୍ଥ; ପାବକ; ନଦୀଜା; ଜ୍ୟୋତିଷ; ଅରଣି; ବହ୍ନିମନ୍ଥ; ମଥନ; ଗିରିକର୍ଣ୍ଣିକା; ପାବକାରଣୀ; ମଥକେତୁ; ବୈଜୟନ୍ତିକା

[ ଦ୍ର—ଭାଣ୍ଡୀରାଦି ବର୍ଗର ଚିର ହରିତ କ୍ଷୁଦ୍ର ତରୁ; ଏହାର କାଠ ଓ ପତ୍ର ସୁଗନ୍ଧ; ପତ୍ର ମତ୍ସ୍ୟାକାର ଓ ଅଗ୍ରମୁଖୀ; ଫୁଲ ଛୋଟ, ଆପୀତ; ବର୍ଷାଋତୁରେ ଫୁଟେ । ଏହାର ମସକା ଡାଳକୁ ଭାଙ୍ଗି ଦେଲେ ଶବ୍ଦ ହୁଏ । ଏହା କଟୁତିକ୍ତକଷାୟ-ମଧୁରରସ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପକ । ଏହା ମେଦୋରୋଗ, ବାୟୁ, ଆମଦୋଷ, ପ୍ରତିଶ୍ୟାୟ, କଫ, ଶୋଥ, ଆମବାତ, ଅର୍ଶ, ମଳଭେଦ, ଅଗ୍ନିମାନ୍ଦ୍ୟ, ପାଣ୍ଡୁ ଓ ବିଷଦୋଷନାଶକ । ଉପନାହ ରୋଗରେ ଏହା ପ୍ରଶସ୍ତ ଅଟେ । ଦେହରେ ଅଗିଆବାତ ଫଳ ଦେହ ଫୁଲି ଗଲେ ଏ ଗଛକୁ ଆଲିଙ୍ଗନ କଲେ ବା ଏହାର ଡାଳକୁ ଦେହରେ ଆଘାତ କଲେ ଫୁଲା କମି ଯାଏ । ଏ ଗଛର କୋମଳ ପତ୍ରକୁ କାଞ୍ଜି ଓ ଆମ୍ବିଲରେ ଫୁଟାଇଲେ ତାହା ସୁବାସଯୁକ୍ତ ଓ ମୁଖରୋଚକ ହୁଏ । ]

**ଅଗ୍ନିମାଣ୍ଡୁ**—ଦେ. ବି—ଅଗ୍ନିପରୀକ୍ଷା ( ଦେଖ )
Agnimāṇḍu Agnipariksha (See)

ସାଧାରଣ ଲୋକେ ଅପର ସ୍ଥାନରେ ବ୍ୟବହୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଗ୍ନିମାନ୍**—ସଂ. ବଣ. ପୁଂ. (ଅଗ୍ନି+ଅଛି ଅର୍ଥରେ ମତୁ; ୧ମା. ୧ବ.)—
**Agnimān** ୧ । ଅଗ୍ନିବିଶିଷ୍ଟ; ଯହିଁରେ ଅଗ୍ନି ଅଛି—
1. Containing fire.
୨ । ଜଳୁଥିବା—2. Burning.
ସଂ. ବି. ପୁଂ—ଅଗ୍ନିହୋତ୍ରୀ ( ଦେଖ )
Agnihotrī (See)
[ ରାମଶଙ୍କରଙ୍କ ମନୁସଂହିତା—୩. ୧୬୨ । ]

**ଅଗ୍ନିମାନ୍ଦ୍ୟ**—ସଂ. ବି. ( ୬ଷ୍ଠୀ ତତ୍ )—
**Agnimāndya** ୧ । ପରିପାକଶକ୍ତିର ହ୍ରାସ; କ୍ଷୁଧାହୀନତା—
1. Loss of appetite.
୨ । ଅଜୀର୍ଣ୍ଣ ରୋଗ—2. Indigestion; dyspepsia.

**ଅଗ୍ନିମାରୁତ**—ସଂ. ବି. ( ବହୁବ୍ରୀହି; ଅଗ୍ନି+ମାରୁତ; ମାରୁତ ବା
**Agnimāruti** ହନୁମାନଙ୍କ ପରି ଜଠରାଗ୍ନି ଯାହାଙ୍କର । ଏ ବାତାପି ନାମକ ଦୈତ୍ୟଙ୍କୁ ଖାଇ ସମୁଦ୍ର ସାଗର ପାଣି ପିଇ ଜୀର୍ଣ୍ଣ କରିଥିବାରୁ ଏହି ନାମ ପାଇଥିଲେ ।)
ଅଗସ୍ତି ମୁନି (ଦେଖ)—Sage Agasti (See)

**ଅଗ୍ନିମିତ୍ର**—ସଂ. ବି. ( ନାମ )—ଶୁଙ୍ଗବଂଶର ଦ୍ୱିତୀୟ ରାଜା;
**Agnimitra** ମଗଧରାଜ ପୁଷ୍ପମିତ୍ରଙ୍କ ପୁତ୍ର—
Name of the son of King Pushpamitra.

**ଅଗ୍ନିମୁଖ**—ସଂ. ବି. ( ବହୁବ୍ରୀହି; ଅଗ୍ନି+ମୁଖ )—
**Agnimukha** ୧ । ( ଅଗ୍ନି ଅଟେ ମୁଖ ଯାହାଙ୍କର ଅର୍ଥାତ୍ ଯେଉଁମାନେ ଅଗ୍ନିରେ ନିବେଦିତ ହୋମ ଦ୍ରବ୍ୟକୁ ଭୋଜନ କରନ୍ତି )—ଦେବତା—1. Deity.
୨ । ( ଅଗ୍ନି ଅଛି ମୁଖରେ ଯାହାଙ୍କର)—ବ୍ରାହ୍ମଣ—
2. A Brāhmaṇa.
୩ । [ (ବୈଦ୍ୟକ) ଯାହା ଅଗ୍ନିର ମୁଖ ପରି ଦାହକ ]—
ଧଳାଚିତା; ଚିତ୍ରକ ( ଦେଖ )
3. Chitraka ( See );
Plumbage zeylancia.
୪ । [ ( ବୈଦ୍ୟକ ) ଯାହା ଅଗ୍ନିର ମୁଖ ପରି ଦାହକ ) ]—
ଭଲ୍ଲାତକ; ଭଲିଅ—4. Marking nut.
୫ । ଯେଉଁ ଔଷଧ ଦ୍ୱାରା ଜଠରାଗ୍ନି ବୃଦ୍ଧି ପାଏ—
5. Tonic medicine.

**ଅଗ୍ନିମୁଖୀ**—ସଂ. ବି. (ଅଗ୍ନିମୁଖ+ସ୍ତ୍ରୀ. ଈ)—୧ । (ବୈଦ୍ୟକ) ଭଲ୍ଲାତକ;
**Agnimukhī** ଭଲିଅ—1. Marking nut.
୨ । (ବୈଦ୍ୟକ) ଲାଙ୍ଗଲୀ (ଦେଖ)
Lāṅgalī (See)
୩ । ଗାୟତ୍ରୀ ମନ୍ତ୍ର (ଦେଖ)
The Gāyatrī mantra (See)

**ଅଗ୍ନିମୂଲ୍ୟ**—ଦେ. ବଣ—(ଅଗ୍ନିର ଦାହିକା ଶକ୍ତି ଯୋଗୁଁ ଅଗ୍ନି ନିକଟକୁ
**Agnimūlya** କେହି ଯାଇ ପାରେ ନାହିଁ, ସେହିପରି ମୂଲ୍ୟ ବେଶି ହେବାରୁ ଯେଉଁ ଦ୍ରବ୍ୟକୁ କିଣିବାକୁ ଗ୍ରାହକ ଭରସନ୍ତି ନାହିଁ )—ଦୁର୍ମୂଲ୍ୟ; ମହର୍ଘ; ମହାର୍ଘ—
Very dear in price.
ଦେ. ବି—ଅତି ଚଢ଼ା ଦାମ—
A very high or prohibitive price.

**ଅଗ୍ନିମୋଡ଼**—ଦେ. ବି—ଆଗ୍ନେୟ ମୋଡ଼ (ଦେଖ)
**Agnimorḍa** Āgneya morḍa (See)

**ଅଗ୍ନିଯନ୍ତ୍ର**—ସଂ. ବି. (୬ଷ୍ଠୀ ତତ୍ )—ଆଗ୍ନେୟାସ୍ତ୍ର (ଯଥା—ବନ୍ଧୁକ, ତୋପ)
**Agnijantra** Fire arms; gun; cannon.

**ଅଗ୍ନିଯୋଜନ**—ସଂ. ବି. (୬ଷ୍ଠୀ ତତ୍ )—ଯଜ୍ଞାଗ୍ନିକୁ ଜଳାଇବା ପାଇଁ
**Agnijojana** ଉଖାରିବା—The act of stirring the sacrificial fire to make it blaze up. ( M. W. )

**ଅଗ୍ନିରଜ**—ସଂ. ବି. ( ଅଗ୍ନି+ରନ୍ଜ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ.
**Agniraja** ଅ—ଯେ ଅଗ୍ନିପରି ଦୀପ୍ତି ପାଏ )—ଇନ୍ଦ୍ରଗୋପ କୀଟ; ପାଟ ପୋକ—Cocculus (insect).

**ଅଗ୍ନିରଜଃ**—ସଂ. ବି. (ଅଗ୍ନି+ରନ୍ଜ ଧାତୁ+କର୍ତ୍ତୃ. ଅସ୍ ୧ମା. ୧ବ.)—
**Agnirajaḥ** ଅଗ୍ନିରଜ (ଦେଖ)
Agniraja (See)

**ଅଗ୍ନିରାଜ**—ସଂ.ବି.(ଅଗ୍ନି+ରନ୍ଜ ଧାତୁ+କର୍ତ୍ତୃ.ଅ)—ଅଗ୍ନିରଜ (ଦେଖ)
**Agnirāja** Agniraja (See)

**ଅଗ୍ନିରୁହା**—ସଂ. ବି. (ଅଗ୍ନି+ରୁହ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)
**Agniruhā** ମାଂସରୋହିଣୀ ଗୁଳ୍ମ—Name of a plant.

**ଅଗ୍ନିରେତଃ**—ସଂ ବି. (୬ଷ୍ଠୀ ତତ୍ )—
**Agniretaḥ** ସୁବର୍ଣ୍ଣ; ସୁନା—Gold.

**ଅଗ୍ନିରୋହିଣୀ**—ସଂ. ବି.—କାଖଗିଲ—A hard inflamma-
**Agnirohiṇī** tory swelling in the armpit.

**ଅଗ୍ନିଲୋକ**—ସଂ. ବି. (୬ଷ୍ଠୀ ତତ୍ )—୧ । ପୁରାଣୋକ୍ତ ସୁମେରୁ ପର୍ବତ-
**Agniloka** ଶୃଙ୍ଗର ନିମ୍ନରେ ଥିବା ଜନପଦବିଶେଷ ( ସମ୍ଭବତଃ ପୂର୍ବକାଳରେ ସେଠାରେ ଅଗ୍ନିପୂଜକମାନେ ବାସ କରୁଥିଲେ )—1. Name of mythological country below the sumeru range.
୨ । କୌଷିତକି ଉପନିଷଦରେ ଉଲ୍ଲିଖିତ ଅଗ୍ନିଦେବଙ୍କ ଦେଶ—The world of Agni. ( M. W. )

**ଅଗ୍ନିଶରଣ**—ସଂ. ବି. (୬ଷ୍ଠୀ ତତ୍ )—ଅଗ୍ନିଶାଳା (ଦେଖ)
**Agniśaraṇa** Agniśālā (See)

**ଅଗ୍ନିଶର୍ମ୍ମା**—ସଂ. ବଣ—(ଅଗ୍ନି+ଶର୍ମ୍ମନ୍; ୧ମା.୧ବ.)—
**Agniśarmmā** ୧ । ମହାକୋପୀ— 1. Very passionate.
୨ । କ୍ରୋଧାନ୍ଧ—2. Fiery with rage.
ସଂ. ବି—୧ । କ୍ରୋଧନ ସ୍ୱଭାବ ଜଣେକ ଋଷିଙ୍କ ନାମ—
1 Name of a sage of fiery temper.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ତ୍ଥ | ଘ |
| ୨ | ଈ | ଊ | ରୁ | ଲୁ ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ୍ଚ | ନ୍ତ |

୨ । ମହା କ୍ରୋଧନ ସ୍ୱଭାବ ବ୍ୟକ୍ତି—
2. A person of fiery temper.

**ଅଗ୍ନିଶାଳ**—ସଂ. ବ (୬ଷ୍ଠୀ ତତ୍ )—ଅଗ୍ନିଗୃହ (ଦେଖ)
**Agniśāḻa** Agnigṛuha (See)

**ଅଗ୍ନିଶାଳା**—ସଂ. ବ. ( ୬ଷ୍ଠୀ ତତ୍ )—ଅଗ୍ନିଗୃହ ( ଦେଖ )
**Agniśāḻā** Agnigṛuha ( See )

**ଅଗ୍ନିଶିଖ**—ସଂ. ବ. (ବହୁବ୍ରୀହି; ଅଗ୍ନି + ଶିଖା)—
**Agniśikha** ୧ । ପ୍ରଦୀପ; ଦୀପ—1. A lamp.
୨ । ବାଣ—2. An arrow.
୩ । କୁଙ୍କୁମ; ଜାଫ୍ରାନ—3. Saffron.
୪ । କୁସୁମ ଫୁଲ—4. Safflower.
୫ । ସୁବର୍ଣ୍ଣ; ସୁନା—5. Gold.
୬ । କବି ବରରୁଚିଙ୍କ ପିତା—6. Name of the father of poet Bararuchi.

**ଅଗ୍ନିଶିଖା**—ସଂ. ବ. ( ୬ଷ୍ଠୀ ତତ୍; ଅଗ୍ନି + ଶିଖା )—
**Agniśikhā** ୧ । ନିଆଁର ଶିଖା ବା ଜ୍ୱାଳା—
1. Flame or tongue of fire.
୨ । ( ବହୁବ୍ରୀହି; ଅଗ୍ନିଶିଖ + ଆ )—
ଲାଙ୍ଗଳୀ ( ଦେଖ )
Lāṅgaḻī ( See )

**ଅଗ୍ନିଶେଖର**—ସଂ. ବ. ( ବହୁବ୍ରୀହି; ଅଗ୍ନି + ଶେଖର )—
**Agniśekhara** ୧ । କୁସୁମଫୁଲଗଛ—1. Safflower.
୨ । କୁଙ୍କୁମ; ଜାଫ୍ରାନ—2. Saffron.
୩ । ଲାଙ୍ଗଳୀ ( ଦେଖ )
3. Laṅgaḻī (See)

**ଅଗ୍ନିଷ୍ଟୋମ**—ସଂ. ବ. ( ଅଗ୍ନି + ସ୍ତୁ ଧାତୁ = ସ୍ତବ କରିବା + କରଣେ ଓମ; ଯାହାଦ୍ୱାରା ଅଗ୍ନିଙ୍କ ସ୍ତବ କରାଯାଏ )—
**Agnishṭoma**
ଯାଗବିଶେଷ—Name of a kind of fire sacrifice.
[ଦ୍ର—ଏ ଯାଗ ପ୍ରଥମେ ପ୍ରଜାପତି ବହୁ ପ୍ରଜା ସୃଷ୍ଟି କାମନାରେ ବସନ୍ତ କାଳରେ ପାଞ୍ଚ ଦିନରେ ସମାଧାନ କରିଥିଲେ । ବେଦଜ୍ଞ ଓ ସାଗ୍ନିକ ବ୍ରାହ୍ମଣ ଏ ଯଜ୍ଞ କରିବାର ଅଧିକାରୀ । ଅଗ୍ନି, ଇନ୍ଦ୍ର, ବାୟୁ ଏଥିର ଦେବତା; ସୋମରସ ଏଥିର ପ୍ରଧାନ ଉପକରଣ; ଏଥିରେ ୧୬ ଜଣ ପୁରୋହିତ ଲୋଡ଼ା । ଏହା କରିବାକୁ ୫ ଦିନ ସମୟ ଲାଗେ । ]

**ଅଗ୍ନିଷ୍ଠ**—ସଂ. ବ. (ଅଗ୍ନି + ସ୍ଥା ଧାତୁ = ରହିବା + ଅଧିକରଣେ. ଅ; ଯାହା ଅଗ୍ନି ଉପରେ ରଖାଯାଏ )—
**Agnishṭha**
୧ । କଡ଼ାହି; କରେଇ—1. A cauldron; a pan.
୨ । ନିଆଁ ଭୃମ୍ବେଇ—2. A firepan.

**ଅଗ୍ନିଷ୍ୱାତ୍ତ**—ସଂ. ବ. ( ଅଗ୍ନିଷୁ = ଅଗ୍ନିମାନଙ୍କରେ + ଆତ୍ତ = ଗୃହୀତ; ଏହା ସଂସ୍କୃତରେ ବହୁବଚନରେ ଅଗ୍ନିଷ୍ୱାତ୍ତା ରୂପରେ ବ୍ୟବହୃତ ହୁଏ । )—ପିତୃଲୋକ ବିଶେଷ—
**Agniswātta**
A class of deceased ancestors or the manes.
[ ଦ୍ର—ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅଗ୍ନିରେ ଆହୁତି ପ୍ରଦତ୍ତ ହେଲେ ଯେଉଁ ପିତୃଗଣ ତାହା ଗ୍ରହଣ କରନ୍ତି; ସେମାନଙ୍କୁ ଅଗ୍ନିଷ୍ୱାତ୍ତ ବୋଲାଯାଏ । ଏମାନେ ମରୀଚିଋଷିଙ୍କ ସନ୍ତାନ । ପିତୃଲୋକମାନେ ଅନେକ ଶ୍ରେଣୀରେ ବିଭକ୍ତ ଓ ଶ୍ରାଦ୍ଧତର୍ପଣାଦିରେ ଏମାନଙ୍କୁ ପୃଥକ୍ ପୃଥକ୍ ତିଳୋଦକ ପ୍ରଦତ୍ତ ହୁଏ; ଯଥା—ଅଗ୍ନିଷ୍ୱାତ୍ତ; ସୋମପା; ବର୍ହିଷଦ । ]

**ଅଗ୍ନିସଂରକ୍ଷଣ**—ସଂ. ବ—(୬ଷ୍ଠୀ ତତ୍ )—ଅଗ୍ନିହୋତ୍ରୀଙ୍କ ଦ୍ୱାରା ସ୍ୱଗୃହରେ ଅହୋରାତ୍ର ଯଜ୍ଞାଗ୍ନିର ରକ୍ଷା—
**Agnisaṁrakshaṇa**
Maintenance of the sacrificial fire in the house by a daily worshipper.

**ଅଗ୍ନିସଂସ୍କାର**—ସଂ. ବ. ( ୩ୟା ତତ୍ )—
**Agnisaṁskāra** ୧ । ଶବଦାହ; ଶବକୁ ବିଧିମତେ ପୋଡ଼ିବା—
1. Cremation.
ଦୁଇ ବର୍ଷରୁ ନ୍ୟୂନବୟସ୍କ ଶିଶୁର ଅଗ୍ନିସଂସ୍କାର କରାଯିବା ବିଧି ଶାସ୍ତ୍ରରେ ନାହିଁ ।
ରାମଶଙ୍କର—ମନୁ. ୫୬୧
୨ । ( ୪ର୍ଥୀ ତତ୍; ଅଗ୍ନି ସ୍ଥାପନାର୍ଥ ସଂସ୍କାର )—
ବୈଦିକ ବିଧିରେ ଅଗ୍ନିସ୍ଥାପନ; ପଞ୍ଚଭୂ ସଂସ୍କାରାନନ୍ତର ଅଗ୍ନିକୁ ଆଣି ହୋମ ବା ବୈଶ୍ୱଦେବ ସ୍ଥାନରେ ସ୍ଥାପନ—
2. The consecration of sacrificial fire.

**ଅଗ୍ନିସଖ**—ସଂ. ବ. ( ବହୁବ୍ରୀହି; ଅଗ୍ନି + ସଖା ) – ବାୟୁ; ପବନ—
**Agnisakha** The air.
[ଦ୍ର—ଅଗ୍ନି ଜଳିବା ପାଇଁ ବାୟୁ ଏକାନ୍ତ ଆବଶ୍ୟକ । ବାୟୁ ନ ହେଲେ ଅଗ୍ନି ଜଳି ପାରିବ ନାହିଁ । ଯେଉଁଠାରେ ଅଗ୍ନି ଲାଗେ ସେଠାରେ ବାୟୁ ପ୍ରବଳ ବେଗରେ ବହେ । ଅଗ୍ନିଦ୍ୱାରା ନିକଟସ୍ଥ ବାୟୁ ଉତ୍ତପ୍ତ ଓ ହାଲୁକା ହୋଇ ଆକାଶକୁ ଉଠିଯାଏ ଓ ଅନ୍ୟ ଦିଗରୁ ବାୟୁ ପ୍ରବଳ ବେଗରେ ଆସି ଉତ୍ଥିତ ବାୟୁର ସ୍ଥାନ ପୂରଣ କରୁଥାଏ । ]

**ଅଗ୍ନିସନ୍ଦୀପକ**—ସଂ. ବିଣ. (୬ଷ୍ଠୀ ତତ୍ )—ଅଗ୍ନିଦୀପକ (ଦେଖ)
**Agnisandīpaka** Agnidīpaka ( See )

**ଅଗ୍ନିସନ୍ଦୀପନ**—ସଂ. ବି. ଓ ବିଣ—ଅଗ୍ନିଦୀପନ ( ଦେଖ )
**Agnisandīpana** Agnidīpana ( See )

**ଅଗ୍ନିସମ୍ଭବ**—ସଂ. ବ. ( ୫ମୀ ତତ୍; ଅଗ୍ନି + ସମ୍ଭବ )—
**Agnisambhaba** ୧ । ସ୍ୱର୍ଣ୍ଣ; ସୁନା—1. Gold.
୨ । କାର୍ତ୍ତିକେୟ—2. The Deity Kārttikeya.

**ଅଗ୍ନିସହାୟ** – ସଂ. ବ. (୬ଷ୍ଠୀ ତତ୍ )—୧ । ଅଗ୍ନିସଖ; ବାୟୁ; ପବନ—
**Agnisahāya** 1. The air; wind.
୨ । ବନକପୋତ —2. Wild dove.
[ଦ୍ର—ଖାଣ୍ଡବ ବନ ଦାହ ସମୟରେ ଗୋଟିଏ ବନ କପୋତ ଅଗ୍ନିଙ୍କୁ ସ୍ତବ କରିଥିବାରୁ ଏହି ନାମ; ଅଗ୍ନିଦେବ ଉକ୍ତ କପୋତଠାରେ ପ୍ରସନ୍ନ ହୋଇ ତାକୁ ନ ପୋଡ଼ି ରକ୍ଷା କରିଥିଲେ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧି' ନ ପାଇଲେ 'ବନ୍ଧି' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଗ୍ନିସାକ୍ଷିକ**—ସଂ. ବିଣ. ( ଅଗ୍ନି + ସାକ୍ଷୀ + କ )—
Agnisākhika ୧ । ଯେଉଁ କର୍ମରେ ଅଗ୍ନିଙ୍କୁ ସାକ୍ଷି କରି ମନ୍ତ୍ରପାଠ ଓ ଅଙ୍ଗୀକାରାଦି କରାଯାଏ—1. ( a ceremony ) In wich promises are made in the presence of domestic or nuptial fire.
( ଯଥା—କନ୍ୟାପିତା ଅଗ୍ନିଙ୍କୁ ସାକ୍ଷି ରଖି ଜାମାତାଙ୍କ ହସ୍ତରେ କନ୍ୟା ପ୍ରଦାନ କରନ୍ତି । )
୨ । ଯେଉଁ ବ୍ୟକ୍ତି ଅଗ୍ନିଙ୍କୁ ସାକ୍ଷୀ ରଖି କୌଣସି କର୍ମ କରନ୍ତି—2 Taking the domestic or nuptial fire for a witness.

**ଅଗ୍ନିସାକ୍ଷିକ ମର୍ଯ୍ୟାଦ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଗ୍ନି ସାକ୍ଷିକ = Agnisākshika ମର୍ଯ୍ୟାଦା)—ଯେଉଁ ସ୍ୱାମୀ ଅଗ୍ନି ସମୀପରେ ଏକ-marjyāda ପତ୍ନୀବ୍ରତ ଧାରଣ କରିବା ପାଇଁ ଶପଥ କରନ୍ତି—
(ଅଗ୍ନିସାକ୍ଷିକ ମର୍ଯ୍ୟାଦା—ସ୍ତ୍ରୀ) One who taking the firegod as witness solemnly promises conjugal fidelity(M.W.)

**ଅଗ୍ନିସାତ୍**—ସଂ. ବିଣ. ( ଅଗ୍ନି + ସାତ୍; ତୁଲ—ଜଳସାତ୍, ବିପ୍ରସାତ୍; Agnisāt ଭସ୍ମସାତ୍ )—ନିଆଁରେ ପକାଯିବା—Consigned to fire.

**ଅଗ୍ନିସାବର୍ଣ୍ଣି**—ସଂ. ବି. ( ନାମ )—ଜନୈକ ମନୁଙ୍କ ନାମ—
Agnisābarṇni Name of a Manu.

**ଅଗ୍ନିସାର**—ସଂ. ବି. ( ୬ଷ୍ଠୀ ତତ୍ )—୧ । ରସାଞ୍ଜନ—
Agnisāra 1. Antimony.
୨ । ସୁରୁମା—2. Collyrium.

**ଅଗ୍ନିସିଂହ**—ସଂ. ବି. ( ନାମ )—ଜୈନମାନଙ୍କର ସପ୍ତମ କୃଷ୍ଣ ବାସୁଦେବଙ୍କ
Agnisiṁha ପିତା—Name of the father of the seventh black Bāsudeba of the Jainas.

**ଅଗ୍ନିସୂତ୍ର**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଗ୍ନି + ସୂତ୍ର )—
Agnisūtra ୧ । ଅଗ୍ନିର ରେଖା—1. A thread of fire.
୨ । ଉପନୟନ ସମୟରେ ବ୍ରାହ୍ମଣ ବାଳକ ପିନ୍ଧିବା କୁଶ ମେଖଳା—2. A girdle of Kusa grass put on by a boy at investiture(M.W.)

**ଅଗ୍ନିସେବା**—ସଂ. ବି. (୬ଷ୍ଠୀ ତତ୍ )—ନିଆଁ ପୋଇବା—Basking
Agnisebā in the fire; warming one's self near a fire.

**ଅଗ୍ନିସ୍ତମ୍ଭ**—ସଂ. ବି. ( ୬ଷ୍ଠୀ ତତ୍ )—ଦ୍ରବ୍ୟଗୁଣ ବା ମନ୍ତ୍ର ପ୍ରୟୋଗ ବା
Agnistambha ଯୌଗିକ କ୍ରିୟା ଦ୍ୱାରା ଅଗ୍ନିର ଦାହିକା ଶକ୍ତି ରହିତ କରଣ—The magical quenching of fire; the assuagement of the burning qualities of fire by the application of herbs or mystric formulae.
[ଦ୍ର—ଅଗ୍ନିସ୍ତମ୍ଭ ସାଧନ କରିଥିବା ବ୍ୟକ୍ତି ଅନାୟାସରେ ନିଆଁ ଉପରେ ଚାଲିଯାଏ ଓ ତା ଗୋଡ଼ରେ ଫୋଟକା ହୁଏ ନାହିଁ । କୌଣସିଠାରେ ନିଆଁ ଲାଗିଲେ ଯୌଗିକ କାର୍ଯ୍ୟ ବା ମନ୍ତ୍ର ପ୍ରୟୋଗଦ୍ୱାରା ଅଧିକ ଦୂର ବିସ୍ତାର ନ କରି ଲିଭି ଯାଏ । ]

**ଅଗ୍ନିସ୍ତମ୍ଭନ**—ସଂ. ବି. ( ୬ଷ୍ଠୀ ତତ୍ )—ଅଗ୍ନିସ୍ତମ୍ଭ ( ଦେଖ )
Agnistambhana Agnistambha ( See )

**ଅଗ୍ନିସ୍ତୋକ**—ସଂ. ବି. (୬ଷ୍ଠୀ ତତ୍ )—ଅଗ୍ନିକଣ—
Agnistoka Spark; a particle of fire.

**ଅଗ୍ନିସ୍ଥାପନ**—ସଂ. ବି. ( ୬ଷ୍ଠୀ ତତ୍ )—ବେଦୋକ୍ତ ମନ୍ତ୍ର ଉଚ୍ଚାରଣ
Agnisthāpana ପୂର୍ବକ ପାଞ୍ଚ ଥର ଭୂମିକୁ ସଂସ୍କାର କରିବା ପରେ ହୋମ ବା ବୈଶ୍ୱଦେବ ସ୍ଥାନରେ ଅଗ୍ନିକୁ ପ୍ରଥମେ ଲଗାଇବା—The starting of the sacrificial fire after ritualistic purification of the ground.
[ଦ୍ର—ଅଗ୍ନି ସ୍ଥାପନ କରିବା ପୂର୍ବରୁ ଉକ୍ତ ସ୍ଥାନକୁ ପ୍ରଥମେ କୁଶଦ୍ୱୟ ଦ୍ୱାରା ସମ୍ମାର୍ଜନ କରିବ, ତା ପରେ ଗୋମୟ ଦ୍ୱାରା ଲିପିବ, ତା ପରେ ତିନିଥର କୁଶମୂଳଦ୍ୱାରା ଓଲାଇବ, ତା ପରେ ଉଦକପାତ୍ରରୁ ଜଳ ନେଇ ଭୂମିରେ ଛାଟିବ, ତହିଁରେ ଅଙ୍ଗୁଷ୍ଠଦ୍ୱାରା ସେ ସ୍ଥାନରୁ ଟିକିଏ ମାଟି କାଢ଼ି ପକାଇବ । ଏହିପରି "ପଞ୍ଚଭୂସଂସ୍କାର" କରିବା ପରେ ଅଗ୍ନିସ୍ଥାପନ କରି ମନ୍ତ୍ରୋଚ୍ଚାରଣ କରିବ ଓ ତହିଁରେ ଯଥୋଚିତ ଆହୁତି, ଚରୁ, ବଳି ଅଗ୍ନିରେ ପ୍ରଦାନ କରିବ । ]

**ଅଗ୍ନିଷ୍ୱାତ୍ତ**—ସଂ. ବି. ( ଅଗ୍ନି + ସ୍ୱ + ଅତ୍ତ = ଗୃହୀତ )—
Agniswātta ଅଗ୍ନିଷ୍ୱାତ୍ତ ( ଦେଖ )—Agnishwātta (See)

**ଅଗ୍ନିହୋତ୍ର**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ହୋତ୍ର = ହୋମ )—
Agnihotra ୧ । ସାଗ୍ନିକ ବ୍ରାହ୍ମଣଙ୍କର ପ୍ରତିଦିନ କୃତ୍ୟ ହୋମ—1. Daily fire sacrifice practised by a Brahmana who maintains the Vedic fire.
[ ଏ ହୋମ ଦୁଇ ପ୍ରକାରର—ନିତ୍ୟ ଓ କାମ୍ୟ । ]
୨ । ଯଜ୍ଞାଗ୍ନି—The sacrificial fire.
ସେ ନୃପଙ୍କ ସେବା ସାଦରୀ ଜାଣି କରି,
ଦେଖା ଦେଲେଟି ଅଗ୍ନିହୋତ୍ରରୁ ବାହାରି । କୃଷ୍ଣସିଂହ. ମହାଭାରତ. ବନ ।
୩ । ( ଅଗ୍ନିରେ ଯାହା ଆହୁତି ଦିଆଯାଏ )—ଘିଅ; ଘିଅ—3. Ghee, clarified butter.

**ଅଗ୍ନିହୋତ୍ରୀ**—ସଂ. ବିଣ. ପୁଂ ( ଅଗ୍ନି ହୋତ୍ର + କରିବା ଅର୍ଥରେ. ଇନ୍,
Agnihotri ୧ମା. ୧ବ.)—ନିତ୍ୟହୋମକାରୀ; ସାଗ୍ନିକ (ବ୍ରାହ୍ମଣ) Performing the daily offering to fire.
ସଂ. ବି. ପୁଂ—ନିତ୍ୟ ହୋମକାରୀ ବ୍ରାହ୍ମଣ—A Brahmana who daily performs the Agnihotra Homa.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଈ | ନ୍ତ |

ଦେ. ବି—ସାଗ୍ନିକ ବ୍ରାହ୍ମଣଙ୍କ ଉପାଧିବିଶେଷ—Title given to an Agnihotrī Brāhmaṇa.

**ଅଗ୍ନୀଧ୍ର**—ସଂ. ବି. ( ଅଗ୍ନି + ଇନ୍ଧ ଧାତୁ = ଜାଳିବା + କର୍ତ୍ତୃ. ର; ଏହାର
Agnīdhra ଅନ୍ୟରୂପ ଅଗ୍ନିଧ୍ର )—ଯଜ୍ଞାଗ୍ନି ରକ୍ଷା କରିବା ବା ଜାଗ୍ରତ ରଖିବା ପାଇଁ ନିଯୁକ୍ତ ବ୍ରାହ୍ମଣ—A Brāhmaṇa specially engaged to keep the sacrificial fire burning.

**ଅଗ୍ନୀନ୍ଧନ**—ସଂ. ବି. (୬ଷ୍ଠୀ ତତ୍; ଅଗ୍ନି + ଇନ୍ଧନ)—୧ । ନିଆଁ ଜାଳିବା,
Agnīndhana ନିଆଁ ଲଗାଇବା—1. The lighting of a fire; kindling the fire.

୨ । ଘୃତାହୁତି ଦେଇ ହୋମାଗ୍ନି ଜଳାଇବା—2. The lighting of the sacrificial fire.

୩ । ଜାଳ; ଜାଳେଣି କାଠ—3. Fuel.

୪ । ( ମଧ୍ୟପଦଲୋପୀ କର୍ମଧା; ଅଗ୍ନିଯୁକ୍ତ ଇନ୍ଧନ )—ଜଳନ୍ତା କାଠ—4. Burning wood.

୫ । ଦରପୋଡ଼ା କାଠ—5. Half burnt wood.

୬ । ନିଆଁହୁଲା; ମଶାଲ—6. Torch; fire-brand.

**ଅଗ୍ନ୍ୟଗାର**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ଅଗାର )—
Agnyagāra ୧ । ଯଜ୍ଞଶାଳା; ହୋମଗୃହ—1. The room where Homa is performed.

୨ । ଯେଉଁ ଗୃହରେ ଅଗ୍ନିହୋତ୍ରୀ ଯଜ୍ଞାଗ୍ନି ରକ୍ଷା କରନ୍ତି—2. A room where an Agnihotrī maintains sacrificial

**ଅଗ୍ନ୍ୟସ୍ତ୍ର**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଗ୍ନିବିକୀରଣକାରୀ ଅସ୍ତ୍ର )—
Agnyastra ଆଗ୍ନେୟାସ୍ତ୍ର ( ବନ୍ଧୁକ, ତୋପ ଆଦି )—Fire-arms.

[ ଦ୍ର—ପୂର୍ବେ ଭାରତରେ ନାନା ପ୍ରକାରର ଅଗ୍ନ୍ୟସ୍ତ୍ର ବ୍ୟବହୃତ ହେଉଥିବାର ପୁରାଣାଦିରେ ବହୁ ପ୍ରମାଣ ମିଳେ । ]

**ଅଗ୍ନ୍ୟାଗାର**—ସଂ. ବି. (୬ଷ୍ଠୀ ତତ୍; ଅଗ୍ନି + ଆଗାର)—ଅଗ୍ନ୍ୟଗାର (ଦେଖ)
Agnyāgāra Agnyagāra ( See )

**ଅଗ୍ନ୍ୟାଧାନ**—ସଂ. ବି. (୬ଷ୍ଠୀ ତତ୍; ଅଗ୍ନି + ଆଧାନ )—
Agnyādhāna ୧ । ବେଦମନ୍ତ୍ରଦ୍ୱାରା ଅଗ୍ନି ସ୍ଥାପନ—1. The lighting of the sacrificial fire.

୨ । ନିଆଁ ଜାଳିବା ପାତ୍ର; ଉହ୍ମେଇ—2. Fire-pan.

୩ । ହୋମାଗ୍ନିକୁଣ୍ଡ —3 The receptacle in which Homa is performed.

**ଅଗ୍ନ୍ୟାଳୟ**—ସଂ. ବି. ( ୬ଷ୍ଠୀ ତତ୍ ; ଅଗ୍ନି + ଆଳୟ )—
Agnyālaya ୧ । ଅଗ୍ନ୍ୟଗାର ( ଦେଖ ) 1. Agnyagāra (See)

୨ । ହୋମାଗ୍ନିକୁଣ୍ଡ —2. The receptacle in which sacrificial fire is lit.

**ଅଗ୍ନ୍ୟାହିତ**—ସଂ. ବିଣ. ( ଅଗ୍ନି + ଆହିତ )—ଆହିତାଗ୍ନି; ସାଗ୍ନିକ—
Agnyāhita A person who maintains the sacrificial fire at home.

**ଅଗ୍ନ୍ୟାହୁତି**—ସଂ ବି. ( ୭ମୀ ତତ୍ )—ଦେବତାଙ୍କ ଉଦ୍ଦେଶ୍ୟରେ ଅଗ୍ନିରେ
Agnyāhuti ପ୍ରଦତ୍ତ ଆହୁତି—Offering of ghee into the fire in the name of a Deity.

[ ଦ୍ର—ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ଆହୁତି ଦେବାକୁ ହୁଏ, ସେହି ଦେବତାଙ୍କ ବୀଜମନ୍ତ୍ରର ପୂର୍ବେ 'ଓଁ' ଓ ପରେ 'ସ୍ୱାହା' ଲଗାଇ ତତ୍ ପରେ 'ଏହା ଅମୁକ ଦେବତାଙ୍କର' (ଯଥା—ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ସ୍ୱାହା ଇଦଂ କୃଷ୍ଣାୟ ) ବୋଲି ଉଚ୍ଚାରଣ କରି, ସ୍ରୁବ ଦ୍ୱାରା ଘିଅକୁ ନିଆଁରେ ଢାଳିବାକୁ ହୁଏ ଓ ଢାଳିସାରି ନମସ୍କାର କରିବାକୁ ହୁଏ । ]

**ଅଗ୍ନ୍ୟୁତ୍ପାତ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ଆକାଶରେ ପରିଦୃଷ୍ଟ
Agnyutpāta ଭୌତିକ ଅଗ୍ନିକାଣ୍ଡ ( ଯଥା—ଉଲ୍କାପାତ; ଧୂମକେତୁ )—1. Natural phenomenon of fire seen in the sky ( e. g. shooting star; comet ).

୨ । ଅଗ୍ନିଦ୍ୱାରା ଗୃହାଦିର ଦାହ; ନିଆଁ ଲାଗି ଘରଆଦି ପୋଡ଼ିଯିବା—2. Burning of a house etc. by fire.

୩ । ପୃଥିବୀ ବା ସମୁଦ୍ର ପୃଷ୍ଠରେ ପରିଦୃଷ୍ଟ ନୈସର୍ଗିକ ଅଗ୍ନିକାଣ୍ଡ—3. Subterranean or submarine vulcanic eruptions.

[ ଦ୍ର—ପୂର୍ବେ ଏ ପୃଥିବୀ ଅନ୍ୟାନ୍ୟ ଜ୍ୟୋତିଷ୍କମାନଙ୍କ ପରି ଜଳନ୍ତା ବାଷ୍ପମୟ ଥିଲା । କାଳକ୍ରମେ ତାହା ଶୀତଳ ହୋଇ ଘନ ପଦାର୍ଥରେ ପରିଣତ ହେଲା । ପୃଥିବୀର ପୃଷ୍ଠ ଥଣ୍ଡା ହୋଇଯାଇଅଛି, କିନ୍ତୁ ପୃଥିବୀର ଗର୍ଭ ବର୍ତ୍ତମାନ ମଧ୍ୟ ଉତ୍ତପ୍ତ ରହିଅଛି । ସମୟ ସମୟରେ ଭୂଗର୍ଭସ୍ଥ ଉତ୍ତପ୍ତ ଅଗ୍ନି ରାସାୟନିକ ସଂଯୋଗ ବା ବଳଦ୍ୱାରା ବାହାରକୁ ଆସିବାକୁ ଚେଷ୍ଟା କରିବାରୁ ଆଗ୍ନେୟ ଗିରିର ମୁଖ ବାଟେ ମହା ଭୟଙ୍କର ଅଗ୍ନ୍ୟୁତ୍ପାତ ଘଟେ ଓ ଭୂଗର୍ଭରୁ ଜଳନ୍ତା ଗଳିତ ଧାତୁ ପ୍ରସ୍ତରାଦି ବହୁ ସହସ୍ର ହସ୍ତ ଊର୍ଦ୍ଧ୍ୱକୁ ଛୁଟି ଚାରିଆଡ଼େ ବିକ୍ଷିପ୍ତ ହୁଏ । ]

**ଅଗ୍ନ୍ୟୁତ୍ସବ**—ସଂ. ବି. ( ୬ଷ୍ଠୀ ତତ୍ )—ଅଇଘରା ( ଦେଖ )
Agnyutsaba Aigharā ( See )

**ଅଗ୍ନ୍ୟୁଦ୍ଗାର**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ଉଦ୍ଗାର )—
Agnyudgāra ଆଗ୍ନେୟଗିରି; ସମୟେ ସମୟେ ତୋପ ଓ ଧୂଆଁକଳର ନଳ ଆଦିର ମୁହଁରୁ ବାହାରୁଥିବା ପରି ନିଆଁ ଝଲକା ଝଲକା ହୋଇ ବାହାରିବା—Vomitting of fire ( e g. through the funnel of a vulcano, a cannon and of steam-engines. )

**ଅଗ୍ନ୍ୟୁଦ୍ଗୀରଣ**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ଉଦ୍ଗୀରଣ )—
Agnyudgiraṇa ଅଗ୍ନ୍ୟୁଦ୍ଗାର ( ଦେଖ ) Agnyudgāra (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଗ୍ନ୍ୟୁପଦ୍ରବ**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ଉପଦ୍ରବ )—
Agnyupadraba ଅଗ୍ନ୍ୟୁତ୍ପାତ ( ଦେଖ )
Agnyutpāta (See)

**ଅଗ୍ନ୍ୟୁପସ୍ଥାନ**—ସଂ. ବି. ( ୬ଷ୍ଠୀ ତତ୍; ଅଗ୍ନି + ଉପସ୍ଥାନ )—
Agnyupasthāna ଅଗ୍ନିଦେବଙ୍କ ଉପାସନା ମନ୍ତ୍ର—
The mystic formula for invoking the Fire-god.

**ଅଗ୍ନ୍ୟୁପାସକ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଅଗ୍ନି+ଉପାସକ )—
Agnyupāsaka ଯେ ଅଗ୍ନିଦେବଙ୍କର ପୂଜା କରନ୍ତି ( ଯଥା—
(ଅଗ୍ନ୍ୟୁପାସିକା—ସ୍ତ୍ରୀ) ପାର୍ସୀ; ହିନ୍ଦୁ )—A fire-worshipper.

**ଅଗ୍ନ୍ୟୁପାସନା**—ସଂ. ବି. ( ୬ଷ୍ଠୀ ତତ୍, ଅଗ୍ନି+ଉପାସନା )—
Agnyupāsanā ଅଗ୍ନିଦେବଙ୍କ ଆରାଧନା ବା ପୂଜା—
Fire-worship.

**ଅଗ୍ୟଁ**—ଗ୍ରା. ବିଣ. ( ସଂ. ଅଜ୍ଞ )—ଅଜ୍ଞ ( ଦେଖ )
Agyañ Ajña ( See )
अगय

**ଅଗ୍ୟାନ**—ଗ୍ରା. ବି. ( ସଂ. ଅଜ୍ଞାନର ଅଶୁଦ୍ଧ ବନାନ )—
Agyāna ଅଜ୍ଞାନ ( ଦେଖ )
অগ্যান Ajñāna (See)

**ଅଗ୍ୟାନି**—ଗ୍ରା. ବିଣ. ( ସଂ. ଅଜ୍ଞାନର ଅବ୍ୟାକରଣ ରୂପ; ଅଜ୍ଞାନୀର ଅଶୁଦ୍ଧ
Agyāni ବନାନ )—ଅଜ୍ଞାନୀ ( ଦେଖ )
অগ্যানি Ajñānī (See)

**ଅଗ୍ୟାବାତ**—ଦେ. ବି—ଅଗିଆବାତ ( ଦେଖ )
Agyābāta Agiābāta (See)

**ଅଗ୍ର**—ସଂ. ବି. ( ଅନ୍‌ଗ ଧାତୁ = ଗତି କରିବା + କର୍ତ୍ତୃ. ର; ଯାହା ପ୍ରଥମେ
Agra ଗତି କରେ ବା ଉପରକୁ ବୃଦ୍ଧି ପାଏ )—୧ । ଶିଖର;
(ବିପରୀତ—ମୂଳ) ଦଣ୍ଡାୟମାନ ହୋଇଥିବା ବସ୍ତୁର ଉଚ୍ଚତମ ଅଂଶ—
1. Top; highest point of a standing thing.
୨ । ବୃକ୍ଷର ଉଚ୍ଚତମ ଅଂଶ—2. Top of a tree; tip.
୩ । ପର୍ବତର ଚୂଡ଼ା; ଶୃଙ୍ଗ—3. Summit.
୪ । ଶେଷ ମୁଣ୍ଡ—4. The end; goal
୫ । ଉପରସ୍ଥ ଭାଗ—5. The upper part.
୬ । ଆରମ୍ଭ—6. Beginning.
୭ । ସର୍ବ ପ୍ରଥମ ସ୍ଥାନ—7. The first place;
( ବିପରୀତ—ପଶ୍ଚାତ୍ ) foremost place.
୮ । ସାମନା, ସମ୍ମୁଖ; ଆଗ—8. Front.
୯ । ପୂର୍ବଭାଗ—9. The first portion.
୧୦ । ଦାଢ଼; ଧାର—10. Edge.
୧୧ । ଅତୀତ; ପୂର୍ବକାଳ; ଅତୀତକାଳ—11. The past.
୧୨ । କାଳ ଅନୁସାରେ ପ୍ରଥମ—12. First in point of time.
୧୩ । ଏକ ପଲ ପରିମାଣ—13. A standard of weight.
୧୪ । ଅବଲମ୍ବନ; ଆଶ୍ରୟ—14. Shelter.
୧୫ । ସମୂହ—15. Collection; multitude.
୧୬ । ଅନ୍ନ ଭିକ୍ଷାର ଏକ ନିର୍ଦ୍ଦିଷ୍ଟ ପରିମାଣ—
16. A measure of food given as alms.
୧୭ । (ଜ୍ୟୋତିଷ)—ସୂର୍ଯ୍ୟ ଉଦିତ ହୋଇ ଯେଉଁ ବିଶାଳ ମଣ୍ଡଳରେ ଭ୍ରମଣ କରି ଅସ୍ତ ଯାଏ—
17. The sun's amplitude.
ସଂ. ବିଣ—୧ । ଆଦ୍ୟ; ପ୍ରଥମ—First; foremost.
(ଅଗ୍ରା—ସ୍ତ୍ରୀ) ୨ । ପ୍ରଧାନ; ଶ୍ରେଷ୍ଠ—2. Chief
୩ । ସର୍ବୋତ୍ତମ—3. Best.
୪ । ସର୍ବାଦୌ ପ୍ରାପ୍ୟ—4. Falling due first.
୫ । ଅଧିକ—5. Excessive.
୬ । ଅଧିକା; ବଳକା—6. Supernumerary.
୭ । ଅଗ୍ରିମ; ସାମନା ପାଖରେ ଅବସ୍ଥିତ—
7. Anterior; Situate in front.
[ ଦ୍ର—ଏଥିର ଅପଭ୍ରଂଶ—ଆଗ ]

**ଅଗ୍ରକର**—ସଂ. ବି. (ପୂର୍ବ ନିପାତନ, ୬ଷ୍ଠୀ ତତ୍; କର + ଅଗ୍ର)
Agrakara ୧ । କରାଗ୍ର, ଅଙ୍ଗୁଠି—1. Forepart of the hand; finger.
୨ । (କର୍ମଧା)—ପ୍ରଥମ କିରଣ, କଅଁଳ ଖରା—
2. First ray.

**ଅଗ୍ରକାୟ**—ସଂ. ବି. (ପୂର୍ବ ନିପାତ, କାୟ + ଅଗ୍ର)—ପୂର୍ବକାୟ; ଶରୀରର
Agrakāya ଆଗ ପାଖ —The front or forepart of the body.

**ଅଗ୍ରଗ**—ସଂ. ବିଣ. ( ଅଗ୍ର + ଗମ୍ ଧାତୁ + କର୍ତ୍ତୃ. ଅ )—ଅଗ୍ରଗାମୀ;
Agraga ଆଗଚଳା; ଯେ ସମସ୍ତଙ୍କ ଆଗରେ ଚାଲେ; ଅଗୁଆ—
(ଅଗ୍ରଗା—ସ୍ତ୍ରୀ) Leading; going in front.

**ଅଗ୍ରଗଣନୀୟ**—ସଂ. ବିଣ. ପୁଂ. (ଅଗ୍ର + ଗଣନୀୟ)—ଅଗ୍ରଗଣ୍ୟ (ଦେଖ)
Agragaṇanīya Agragaṇya (See)
(ଅଗ୍ରଗଣନୀୟା—ସ୍ତ୍ରୀ)

**ଅଗ୍ରଗଣ୍ୟ**—ସଂ. ବିଣ. ପୁଂ. (ଅଗ୍ର + ଗଣ୍ୟ)—୧ । ସର୍ବାଦୌ ଗଣନୀୟ—
Agragaṇya 1. Entitled to precedence.
(ଅଗ୍ରଗଣ୍ୟା—ସ୍ତ୍ରୀ) ୨ । ପ୍ରଥମସ୍ଥାନୀୟ—2. The first.
୩ । ସର୍ବୋତ୍ତମ—3. Best.
୪ । ପ୍ରଧାନ; ଶ୍ରେଷ୍ଠ—4. Chief; principal.
୫ । ଅଗ୍ରଣୀ—5. Leading.

**ଅଗ୍ରଗାମୀ**—ସଂ. ବିଣ. ପୁଂ. (ଅଗ୍ର + ଗମ୍ ଧାତୁ + କର୍ତ୍ତୃ. ଇନ୍; ୧ମା.୧ବ)
Agragāmī ଅଗ୍ରସର—Advancing.
(ଅଗ୍ରଗାମିନୀ—ସ୍ତ୍ରୀ) ୧ । ଯେ ସମସ୍ତଙ୍କ ଆଗରେ ଯାଏ—
1. Leading; taking the lead.

| ୧ | ଈ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯୃ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଥ |

୨ । ପୂର୍ବବର୍ତ୍ତୀ; ଯେ ପୂର୍ବରୁ ଯାଇଥାଏ—2. Preceding.
୩ । ସର୍ବୋତ୍ତମ—3. Best.

**ଅଗ୍ରଗାର**—ଦେ. ବିଣ. (ସଂ. ଅଗ୍ରଗ) —ପ୍ରଥମସ୍ଥାନୀୟ—Foremost.
**Agragāra** ଦଣ୍ଡଧର ରଜା ରଥିଙ୍କେ ଅଗ୍ରଗାର ॥ କୃଷ୍ଣସିଂହ ମହାଭାରତ• ଉଦ୍ୟୋଗ ।

**ଅଗ୍ରଜ**—ସଂ. ବିଣ. ପୁଂ. (ଅଗ୍ର + ଜନ୍ ଧାତୁ + କର୍ତ୍ତୃ. ଅ) —
**Agraja** ୧ । ଯେ ପୂର୍ବରୁ ଜନ୍ମି ଥାଏ; ପ୍ରଥମୋତ୍ପନ୍ନ—
(ଅଗ୍ରଜା—ସ୍ତ୍ରୀ) 1. First born; born earlier.
୨ । ଜ୍ୟେଷ୍ଠ—2. Elder.
ସଂ. ବି. ପୁଂ. ୧ । ଜ୍ୟେଷ୍ଠ ଭ୍ରାତା; ବଡ଼ ଭାଇ—
1. Elder brother.
୨ । ବ୍ରାହ୍ମଣ ( ଚତୁର୍ବର୍ଣ୍ଣ ମଧ୍ୟରେ ବ୍ରାହ୍ମଣ ପ୍ରଥମେ ବ୍ରହ୍ମାଙ୍କ ମୁଖରୁ ଜାତ ହୋଇଥିବାରୁ )—
2. A Brāhmaṇa.

**ଅଗ୍ରଜଙ୍ଘା**—ସଂ. ବି. ( ପୂର୍ବ ନିପାତ; ୬ଷ୍ଠୀ ତତ୍; ଜଙ୍ଘା + ଅଗ୍ର )—
**Agrajaṅghā** ୧ । ଜଙ୍ଘର ସାମନା ବା ଉପରଭାଗ—
1 The front or upper portion of the thigh.
୨ । ଜଙ୍ଘ ହାଡ଼—2. The shin bone.

**ଅଗ୍ରଜନ୍ମା**—ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି; ଅଗ୍ର + ଜନ୍ମନ୍ ୧ମା. ୧ବ)
**Agrajanmā** ଅଗ୍ରଜ (ଦେଖ)—Agraja (See)
ସଂ. ବି.—୧ । ବ୍ରାହ୍ମଣ—1. A Brāhmaṇa.
୨ । ବ୍ରହ୍ମା (ଏ ସୃଷ୍ଟି ଆଦ୍ୟରୁ ଜାତ ହୋଇଥିବାରୁ)—
2. Brahmā.

**ଅଗ୍ରଜାତ**—ସଂ. ବିଣ. ପୁଂ. ( ଅଗ୍ର + ଜାତ )—ଅଗ୍ରଜ ( ଦେଖ )
**Agrajāta** Agraja ( See )
( ଅଗ୍ରଜାତା—ସ୍ତ୍ରୀ ) ସଂ. ବି. ପୁଂ.—ବ୍ରାହ୍ମଣ—A Brāhmaṇa.

**ଅଗ୍ରଜାତକ**—ସଂ. ବି. ପୁଂ. ( ଅଗ୍ରଜାତ + କ )—
**Agrajātaka** ବ୍ରାହ୍ମଣ—A Brāhmaṇa.
( ଅଗ୍ରଜାତକା—ସ୍ତ୍ରୀ )

**ଅଗ୍ରଜାତି**—ସଂ. ବି. ପୁଂ. ( ବହୁବ୍ରୀହି; ଅଗ୍ର + ଜାତି = ଜନ୍ମ ଯାହାର)—
**Agrajāti** ବ୍ରାହ୍ମଣ—A Brāhmaṇa.

**ଅଗ୍ରଣୀ**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ଅଗ୍ର + ନୀ ଧାତୁ + କ୍ୱିପ୍; ଯେ ଆଗରେ ବାଟ କଢ଼ାଏ )—
**Agraṇī**
୧ । ଆଗୁଆ—1. Leading; foremost.
୨ । ସର୍ବୋତ୍ତମ—2. Best of all.
୩ । ପ୍ରଥମ—3. First.
୪ । ଶ୍ରେଷ୍ଠ; ପ୍ରଧାନ—4. Chief.
୫ । ସର୍ବାପେକ୍ଷା ଦକ୍ଷ ବା ଚତୁର—
5. Most skilful of all.
ଭୀମ ତ ସବୁ ଧନୁର୍ଦ୍ଧରଙ୍କ ଅଗ୍ରଣୀ । ଶଏ କାଣ୍ଡ ବନ୍ଧିଲେ ଶଲ୍ୟ ଧନୁ ଟାଣି ॥
କୃଷ୍ଣସିଂହ ମହାଭାରତ• ଶଲ୍ୟପର୍ବ ।

ସଂ. ବି—୧ । ଅଧ୍ୟକ୍ଷ—1. The head.
୨ । ସେନାପତି—2. Commander; captain.
୩ । ନେତା; ନାୟକ—3. Leader.
୪ । ଦଳର ଅଧିପତି—4. The head of a body.
୫ । ଅଗ୍ନି—5. Fire.
୬ । ବିଷ୍ଣୁସହସ୍ରନାମୋକ୍ତ ବିଷ୍ଣୁଙ୍କର ଗୋଟିଏ ନାମ—
6. One of the names of Bishṇu.

**ଅଗ୍ରତ**—ଦେ. (ପଦ୍ୟ) ୧ । କ୍ରି. ବିଣ. (ସଂ. ଅଗ୍ରତଃ)—ଅଗ୍ରତଃ (ଦେଖ)
**Agrata** 1. Agrataḥ (See)
ରଣ ନବାର ଚତୁର୍ମିଥ । ମିଳିଲେ ସୋମର ଅଗ୍ରତ ॥
ଜଗନ୍ନାଥ ଦାସ—ଭାଗବତ• ୯ମ ।
୨ । ବି. ( ସଂ. ଅଗ୍ର )—ଅଗ୍ରଭାଗ—2. Tip.
ସୁରେନ୍ଦ୍ର କିରୀଟ ଅଗ୍ରତ । ତୋ ପାଦ ରେଣୁରେ ଭୂଷିତ ॥
ଜଗନ୍ନାଥ ଦାସ—ଭାଗବତ• ୧୧ଶ ।
୩ । ବି. ( ସଂ. ଅଗ୍ର )—ସାମନା; ଆଗ—3. Front.
ବଡ଼ ଦେଉଳ ଅଗ୍ରତରେ ଗୁଣ୍ଡିଚା ରଥ ଯେ ଦେଖିଛୁ
ତରଳ ବଲୋକନେ ବିଳାସୀ ସର୍ବଲୋକ ।
ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ, ୫୧।୩୩ ।

**ଅଗ୍ରତଃ**—ସଂ. କ୍ରି. ବିଣ. ( ଅଗ୍ର + ତସ୍ )—୧ । ଆଗରେ; ସମ୍ମୁଖରେ—
**Agrataḥ** 1. Before; in front.
୨ । ସର୍ବାଦୌ—2. In the beginning.
୩ । ପ୍ରଥମରେ—3. At first.

**ଅଗ୍ରତଃସର**—ସଂ. ବିଣ. ପୁଂ. ( ଅଗ୍ରତଃ + ସୃ ଧାତୁ + କର୍ତ୍ତୃ. ଅ )—
**Agrataḥsara** ଅଗ୍ରଗାମୀ ( ଦେଖ )
(ଅଗ୍ରତଃସରୀ—ସ୍ତ୍ରୀ) Agragāmī (See)

**ଅଗ୍ରତେ**—ଦେ. ( ପଦ୍ୟ ) କ୍ରି. ବିଣ. (ସଂ. ଅଗ୍ରତଃ)—ଅଗ୍ରତଃ (ଦେଖ)
**Agrate** Agrataḥ (See)
ଏମନ୍ତେ ନଇମିଷ ତୀର୍ଥେ । ସୂତି ମୁନିଙ୍କର ଅଗ୍ରତେ ॥
ଜଗନ୍ନାଥ ଦାସ—ଭାଗବତ ।
ପୂର୍ବେ ନାରଦ କହିଲେ ବ୍ରହ୍ମା ଅଗ୍ରତେ । ବିଶ୍ୱନାଥ—ବିଚିତ୍ର ରାମାୟଣ ।

**ଅଗ୍ରଦାନୀ**—ସଂ. ବି. ପୁଂ. (ଅଗ୍ର + ଦାନିନ୍ ୧ମା. ୧ବ. )—
**Agradānī** ପତିତ ବ୍ରାହ୍ମଣ; ଯେଉଁ ବ୍ରାହ୍ମଣ ପ୍ରେତୋଦ୍ଦିଷ୍ଟ ଦାନ ଗ୍ରହଣ କରନ୍ତି—A fallen Brāhmaṇa who receives things previously offered to the dead.

**ଅଗ୍ରଦିଧିଷୁ**—ସଂ. ବି—ଅଗ୍ରେଦିଧିଷୁ ( ଦେଖ )
**Agradidhishu** Agredidhishu ( See )

**ଅଗ୍ରଦୂତ**—ସଂ. ବି. ( ଆଧୁନିକ ପ୍ରୟୋଗ )—୧ । କୌଣସି କର୍ମରେ ବା
**Agradūta** ଆନ୍ଦୋଳନରେ ଅଗ୍ରଗାମୀ ବ୍ୟକ୍ତି—
1. A pioneer in an undertaking.
୨ । ରାଜା ଆଦି ଆସି ପହଞ୍ଚିବା ପୂର୍ବରୁ ପ୍ରେରିତ ଦୂତ—
2. A messenger who is sent ahead of a great personage.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଗ୍ରଦ୍ୱୀପ**—ସଂ. ବି. (ଆଧୁନିକ); (କର୍ମଧା. ଅଗ୍ର=ପ୍ରଥମ ଉତ୍ପନ୍ନ+ଦ୍ୱୀପ)—
Agradwīpa ଗଙ୍ଗା ମୁହାଣରେ ପ୍ରଥମେ ପଙ୍କ ପଡ଼ି ଗଠିତ ହୋଇଥିବା ଦ୍ୱୀପ—The first island formed by silt at the mouth of the Ganges.

**ଅଗ୍ରନ୍ଥ**—ଦେ. ବି. ( ସଂ. ଅ+ଗ୍ରନ୍ଥ)—୧ । ଶାସ୍ତ୍ରବିରୁଦ୍ଧ; ଅଶାସ୍ତ୍ରୀୟ—
Agrantha 1. Contrary to the precepts of the scriptures.
ଅଗ୍ରନ୍ଥ
୨ । ଅସଜଡ଼ା; ଅଖାଙ୍କିଆ—2. Awkward; queer.
୩ । ଅନୈତିକ—3. Immoral.
୪ । ଲୋକାଚାରବିରୁଦ୍ଧ —4. Against common usage.
୫ । ଅବୋଧ—5. Incomprehensible.

**ଅଗ୍ରପର୍ଣ୍ଣୀ**—ସଂ. ବି. ( ବହୁବ୍ରୀହି; ଅଗ୍ର+ପର୍ଣ୍ଣ+ଈ; ଯାହାର ଅଗ୍ର ଭାଗରେ ପର୍ଣ୍ଣ ବା ପତ୍ର ଥାଏ )—
Agraparṇṇī
୧ । ଅଜଲୋମା ( ଦେଖ )—1. Ajalomā ( See )
୨ । ବାଇଡଙ୍କ ( ଦେଖ ) —2. Bāidhaṅka (See)

**ଅଗ୍ରପଶ୍ଚାତ୍**—ସଂ. କ୍ରି. ବିଣ. ( ବିପରୀତାର୍ଥକ ସମାହାର; ଅଗ୍ର+ପଶ୍ଚାତ୍ )—
Agrapaśchāt ୧ । ଆଗପଛ, ସବୁଆଡ଼ୁ—1. From all sides; before and behind.
୨ । ପୂର୍ବାପର—2. Preceding and following.
୩ । ଭୂତ ଭବିଷ୍ୟତ୍—3. In the past and future.
୪ । ଚାରିଆଡ଼େ—4. On all sides.
୫ । ଶୀଘ୍ର ବା ବିଳମ୍ବରେ—5. Early or late.
୬ । ଆଗକୁ ଓ ପଛକୁ—6. Forward and backward
[ ଦ୍ର—ଏ ଶବ୍ଦ ବିଚାର କରିବା, ଭାବିବା, ଚିନ୍ତା କରିବା, ବିବେଚନା କରିବା ଆଦି କ୍ରିୟା ପୂର୍ବରେ ଲାଗେ । ]
ଦେ. ବିଣ—୧ । ଅଗର ଓ ପଛର—1. Past and future.
୨ । ସମ୍ମୁଖର ଓ ପଛଆଡ଼ର—
2. Of the front and of the back.

**ଅଗ୍ରପାଣି**—ସଂ. ବି. ( ପୂର୍ବନିପାତ, ୬ଷ୍ଠୀ ତତ୍ )—
Agrapāṇi ୧ । ହାତର ଅଗପାଖ—
1. The forepart of the hand.
୨ । ( କର୍ମଧା) —ଡାହାଣ ହାତ—2. The right hand.

**ଅଗ୍ରପୂଜ୍ୟ**—ସଂ. ବିଣ. ପୁଂ. (ଅଗ୍ର+ପୂଜ୍ୟ)—ଯାହାଙ୍କୁ ପ୍ରଥମେ ପୂଜା କରିବା ଉଚିତ—Fit to be adored first.
Agrapūjya
( ଅଗ୍ରପୂଜ୍ୟା—ସ୍ତ୍ରୀ ) ସବୁରି ଅଗ୍ରପୂଜ୍ୟ ସହି
ସେ ଯେଣୁ ସର୍ବାଗ୍ରଧ କହି । ପ୍ରାଚୀ—ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

**ଅଗ୍ରବକ୍ତ୍ର**—ସଂ. ବି. ( ବହୁବ୍ରୀହି )—ସୁଶ୍ରୁତରେ ବର୍ଣ୍ଣିତ ଡାକ୍ତରୀ ଅସ୍ତ୍ର
Agrabaktra ବିଶେଷ—A kind of surgical instrument of the ancient Hindus.

**ଅଗ୍ରବଣ**—ସଂ. ବି. ( ନାମ ) ଆଗ୍ରାପ୍ରଦେଶ ଓ ନଗର—
Agrabaṇa The province and town of Āgrā.

**ଅଗ୍ରବଣିକ**—ସଂ. ବିଣ ( ଅଗ୍ରବଣ+ଇକ )—ଆଗ୍ରା ଅଞ୍ଚଳବାସୀ—
Agrabaṇika Resident af Āgrā.
ଦେ. ବି—ଅଗରବାଲା ( ଦେଖ )—Agarabālā ( See )

**ଅଗ୍ରବନ**—ସଂ. ବି. ( ନାମ )—ଅଗ୍ରବଣ ( ଦେଖ )
Agrabana Agrabaṇa ( See )

**ଅଗ୍ରବର୍ତ୍ତୀ**—ସଂ. ବିଣ. ପୁଂ ( ଅଗ୍ର+ବୃତ ଧାତୁ+ଇନ୍. ୧ମା. ୧ବ. )—
Agrabarttī ୧ । ଆଗରେ ଅବସ୍ଥିତ; ସମ୍ମୁଖରେ ଅବସ୍ଥିତ—
( ଅଗ୍ରବର୍ତ୍ତିନୀ—ସ୍ତ୍ରୀ ) 1. Situate in front.
୨ । ପ୍ରଥମେ ଅବସ୍ଥିତ —2 Situated first of all.
୩ । ଅଗ୍ରଗାମୀ ( ଦେଖ )—3. Agragāmi ( See )

**ଅଗ୍ରବୀଜ**—ସଂ. ବିଣ. ( ବହୁବ୍ରୀହି; ଅଗ୍ର=ଶାଖା ଅଟେ ବୀଜ ଯାହାର)—
Agrabīja ୧ । ଯେଉଁ ଗଛର ଡାଳ ପୋତିଲେ ବଞ୍ଚି ଯାଏ—
1. (plant ) Propagated by cutting.
୨ । କଲମୀ (ଗଛ) —2. Propagated by grafts.
ସଂ. ବି—କଲମୀ ଗଛ—Graft, vivaparous plant.

**ଅଗ୍ରଭକ୍ଷ**—ଦେ. ବି. ( ସଂ. ଅଗ୍ର ଓ ଭକ୍ଷ ଧାତୁ )—
Agrabhaksha ୧ । ପ୍ରାୟଶ୍ଚିତ୍ତର କର୍ମ ଶେଷ ହେଲେ ପ୍ରାୟଶ୍ଚିତ୍ତକାରୀ ବ୍ୟକ୍ତିର ଗୃହରେ ବ୍ରାହ୍ମଣମାନେ ଭୋଜନ କରିବା ପୂର୍ବରୁ ଯେଉଁ ବ୍ରାହ୍ମଣ ଜଣକ ପ୍ରଥମେ ଭୋଜନ କରନ୍ତି—
1. A Brāhmaṇa who is fed before the others are fed on the occasion of an expiation rite.
୨ । ଅଗ୍ରଭୁକ୍ ( ଦେଖ )
2. Agrabhuk (See)

**ଅଗ୍ରଭାଗ**—ସଂ. ବି. ( କର୍ମଧା )—
Agrabhāga ୧ । ସାମନା; ସମ୍ମୁଖଭାଗ—
1. The front; forepart.
୨ । ଅଗ; ଶିରୋଭାଗ —2. Top; the head.
୩ । ଉପରଭାଗ—3 The upper portion.
୪ । କୌଣସି ପଦାର୍ଥର ପ୍ରଥମାଂଶ—
4. The first part of a thing.
୫ । ମୁଣ୍ଡ; ଶେଷଭାଗ—
5. Extremity; end; last portion.
୬ । ସୀମା—6. Boundary; limit.
୭ । ଧାର; ଧାର—7. Edge.
୮ । ଅସ୍ତ୍ରାଦିର ମୂନ—8. The point of a weapon.
୯ । ଶ୍ରାଦ୍ଧରେ ପ୍ରଥମୋଦ୍ଧୃତ ଅନ୍ନାଦି—
9. The portion of food first taken out in a śrāddha

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଋପ୍ତ | ଉଅ | ଘ |
| ୬ | ଈ | ଊ | ରୁ | ଲୁ | ଯ୍ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ଟ |

୧୦ । କୌଣସି ପଦାର୍ଥର ପ୍ରଥମୋଦ୍ଧୃତ ଅଂଶ—
10. The part of a thing first taken out.

**ଅଗ୍ରଭୁକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅଗ୍ର+ଭୁଜ୍ ଧାତୁ+କର୍ତ୍ତୃ. କ୍ୱିପ୍; ଅଗ୍ରଭୁଜ୍ ଶବ୍ଦ ୧ମା ୧ବ. )—
Agrabhuk
ଯାହାଙ୍କୁ ସର୍ବ ପ୍ରଥମେ ଭୋଜନ କରାଯାଏ—
Having precedence in eating.
[ ଦ୍ର—ଗୁଜୁରାଟମାନଙ୍କ ସାମାଜିକ ଉତ୍ସବରେ ତାଙ୍କ ଜାତିର ଜଣେ ବିଶିଷ୍ଟ ବ୍ୟକ୍ତି ( ଗୋସେଇଁ ) ଅନ୍ୟ ଜାତିଭାଇମାନଙ୍କ ପଂକ୍ତି ଭୋଜନ ପୂର୍ବରୁ ଭୋଜନ କରିବାର ପ୍ରଥା ଅଛି । ]
ସଂ. ବି—ସୂର୍ଯ୍ୟ—The sun ( M. W. )

**ଅଗ୍ରଭୂ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅଗ୍ର+ଭୂ ଧାତୁ+କର୍ତ୍ତୃ. କ୍ୱିପ୍ )—
Agrabhū ୧ । ଅଗ୍ରଜ ( ଦେଖ )—1. Agraja (See)
୨ । ଅଗ୍ରବର୍ତ୍ତୀ (ଦେଖ)—2. Agrabarttī (See)
ସଂ. ବି. ପୁଂ—୧ । ଜ୍ୟେଷ୍ଠ ଭ୍ରାତା—1. Elder brother.
୨ । ବ୍ରାହ୍ମଣ—2. A Brāhmaṇa.

**ଅଗ୍ରଭୂମି**—ସଂ. ବି. ( କର୍ମଧା )—୧ । କୋଠାର ଛାତ—
Agrabhūmi 1. Roof of a building.
୨ । ଉପର ମହାଲା—2. Top floor; first floor.
୩ । ପ୍ରଧାନ ସ୍ଥାନ—3. Chief place.
୪ । କାର୍ଯ୍ୟୋପଯୋଗୀ ସ୍ଥାନ—4. Fit place.
୫ । ପ୍ରଧାନ ଆଶ୍ରୟ—5. Chief shelter.
୬ । ଉଦ୍ଦିଷ୍ଟ ସ୍ଥାନ—6. Goal.

**ଅଗ୍ରଭୋଜନ**—ସଂ. ବି—୧ । ପରିବାରର ଅନ୍ୟ ବ୍ୟକ୍ତିମାନଙ୍କ ଓ ଅତିଥି-
Agrabhojana ମାନଙ୍କ ଭୋଜନ ପୂର୍ବରୁ ଭୋଜନ—
1. The taking of meal by a person before others are fed.
[ ଦ୍ର—ନବବିବାହିତା ସ୍ତ୍ରୀ, କୁମାରୀ, ରୋଗୀ, ଗର୍ଭବତୀ ଏମାନେ ଗୃହକୁ ଆସିଲେ ଅତିଥିଙ୍କ ଆଗରୁ ଏମାନଙ୍କୁ ଖାଇବାକୁ ଦେବ । ଦେବତା, ଋଷି, ବିପ୍ର, ଅତିଥି, ଜ୍ଞାତି ଓ ଭୃତ୍ୟମାନେ ଗୃହସ୍ଥ ଖାଇବା ପୂର୍ବରୁ ଭୋଜନ କରିବେ । ରାମଶଙ୍କର; ମନୁ. ୩।୧୧୪।୧୧୭ ]
୨ । ଜାତିଭାଇମାନେ ପଂକ୍ତିଭୋଜନ କରିବା ପୂର୍ବରୁ ବିଶିଷ୍ଟ ବ୍ୟକ୍ତିଙ୍କର ଭୋଜନ—
2. The taking of meal by a distinguished person before other caste-men sit at meal.

**ଅଗ୍ରମନ୍ଦିରା**—ସଂ. ବି. ( ବହୁବ୍ରୀହି; ଅଗ୍ର+ମନ୍ଦିର; ଉପର ଭାଗରେ ମନ୍ଦିର
Agramandirā ଅଛି ଯାହାର )—ଭାରତରେ ପ୍ରାଚୀନ କାଳରେ ବ୍ୟବହୃତ ଏକ ପ୍ରକାର ଅର୍ଣ୍ଣବପୋତ—A kind of ship having a cabin in the upper deck used in ancient India.
[ ଦ୍ର—ଏ ଜାହାଜରେ ଗ୍ରୀଷ୍ମ ଓ ଶୀତ କାଳରେ ଯାତାୟାତ କରିବା ସୁବିଧାଜନକ ଥିଲା ଓ ଏହା ଯୁଦ୍ଧରେ ବ୍ୟବହୃତ ହେଉଥିଲା—ଜଗବନ୍ଧୁ, ପ୍ରାଚୀନ ଉତ୍କଳ । ]

**ଅଗ୍ରମହିଷୀ**—ସଂ. ବି. ସ୍ତ୍ରୀ. ( କର୍ମଧା )—ପଟ୍ଟମହିଷୀ; ପାଟରାଣୀ; ରାଜାଙ୍କର
Agramahishī ପ୍ରଥମ ବିବାହିତା ରାଣୀ—
The eldest Rāṇī.

**ଅଗ୍ରମାଂସ**—ସଂ. ବି.—୧ । ବକ୍ଷସ୍ଥଳମଧ୍ୟସ୍ଥ ଗୋଲାକାର ମାଂସଖଣ୍ଡ;
Agramāṁsa କଳିଜା; ଫୁଲୁଫୁଲୁ ; ଯକୃତ—1. The liver.
୨ । ମେଦୋବୃଦ୍ଧି ରୋଗ—2. Plethora.
୩ । ଯକୃଦ୍‌ବୃଦ୍ଧି ରୋଗ—
3. A morbid protuberance of the liver.

**ଅଗ୍ରାୟଣ**—ସଂ. ବି. ( ନାମ )—ଋଷିବିଶେଷ—
Agrayāṇa Name of a sage.
[ ଦ୍ର—ଏ ଋଷି ଯାସ୍କଙ୍କ ପୂର୍ବରୁ ବେଦର ବ୍ୟାଖ୍ୟା ପ୍ରଣୟନ କରିଥିଲେ । ]

**ଅଗ୍ରଯାୟୀ**—ସଂ. ବିଣ. ପୁଂ. (ଅଗ୍ର+ଯା ଧାତୁ+ଇନ୍; ୧ମା. ୧ବ.)—
Agrajāyī ଅଗ୍ରଗାମୀ ( ଦେଖ )—Agragāmī ( See )
( ଅଗ୍ରଯାୟିନୀ—ସ୍ତ୍ରୀ ) ସୈନ୍ୟ ସଦା ଅଗ୍ରଯାୟୀ—ରାଧାନାଥ, ମହାଯାତ୍ରା ।

**ଅଗ୍ରଲେଖ**—ସଂ. ବି (କର୍ମଧା; ଆଧୁନିକ ପ୍ରୟୋଗ)—ଅଗ୍ରଲେଖା (ଦେଖ)
Agralekha Agralekhā ( See )

**ଅଗ୍ରଲେଖା**—ସଂ. ବି. ( ଆଧୁନିକ ପ୍ରୟୋଗ କର୍ମଧା )—
Agralekhā ୧ । ପୁସ୍ତକର ଆରମ୍ଭରେ ପ୍ରକାଶିତ ଲେଖା; ଭୂମିକା—
1. Preface; foreword; introduction to a book.
୨ । ସମ୍ବାଦପତ୍ରରେ ପ୍ରଥମେ ଲେଖାଯିବା ସମ୍ପାଦକୀୟ ପ୍ରବନ୍ଧ—
2. The editorial in a newspaper; a leader.

**ଅଗ୍ରସନ୍ଧାନୀ**—ସଂ. ବି. ( ଅଗ୍ର+ସନ୍ଧାନ+ଇନ୍ ; ୧ମା. ୧ବ. )—
Agrasandhānī (ଯେ ମନୁଷ୍ୟର ପାପ ପୁଣ୍ୟକୁ ମନୁଷ୍ୟର ମୃତ୍ୟୁ ପୂର୍ବରୁ ସନ୍ଧାନ କରିଥାଏ )— ଯମର ପାଞ୍ଜି; ଚିତ୍ରଗୁପ୍ତ ପଞ୍ଜିକା—A name of the record maintained in the office of the God of Death in which a person's sins and good acts are recorded.

**ଅଗ୍ରସନ୍ଧ୍ୟା**—ସଂ. ବି. ( ପୂର୍ବନିପାତ, ୬ଷ୍ଠୀ ତତ୍ ; ସନ୍ଧ୍ୟା+ଅଗ୍ର )—
Agrasandhyā ପୂର୍ବ ସନ୍ଧ୍ୟା; ଉଷା—
Early morning; day-break.

**ଅଗ୍ରସର**—ସଂ. ବିଣ ( ଅଗ୍ର+ସୃ ଧାତୁ+କର୍ତ୍ତୃ. ଅ )—
Agrasara ୧ । ଅଗ୍ରସାରୀ; ଅଗ୍ରଗାମୀ ( ଦେଖ )—
(ଅଗ୍ରସରା—ସ୍ତ୍ରୀ) 1. Agragāmī ( See )
୨ । କୌଣସି କର୍ମରେ ଉତ୍ସାହୀ ବା ଆଗ୍ରହାନ୍ୱିତ—
2. Eager at some work.
୩ । ବହୁଦୂର ପର୍ଯ୍ୟନ୍ତ ସମ୍ପାଦିତ (କର୍ମ )—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

3. (act) Which has progressed to some extent.

୪ । କୌଣସି କାର୍ଯ୍ୟରେ ଉଦ୍‌ଯୋଗୀ— 4. Vigilant; energetic.

**ଅଗ୍ରସର ହେବା**—ଦେ. କ୍ରି. ( ସଂ. ଅଗ୍ରସର )—
**Agrasara hebā** ୧ । ଅଗୁଁସାର ହେବା, ଆଗକୁ ଯିବା—
অগ্রসর হওয়া 1. To advance.
**अग्रसर होना** ୨ । ଆଗେ ଆଗେ ଯିବା—2. To lead; to go at the head.
୩ । କୌଣସି ବ୍ୟକ୍ତି ଯିବା ପୂର୍ବରୁ ଯିବା— 3. To go in advance.
୪ । ଉତ୍ସାହ ସହିତ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବା— 4. To prosecute or undertake a work with vigour.
୫ । କୌଣସି କାର୍ଯ୍ୟରେ ଉଦ୍‌ଯୋଗ କରିବା; ଲାଗିବା— 5. To vigilantly pursue a work.
୬ । (କୌଣସି କାର୍ଯ୍ୟ) କିଛିଦୂର ପର୍ଯ୍ୟନ୍ତ ସମ୍ପାଦିତ ହେବା— 6. (a work ) To make some progress; to progress.

**ଅଗ୍ରସାମାନ୍ୟ ବନ୍ଧନୀ**—ସଂ. ବି. (ଆଧୁନିକ ପ୍ରୟୋଗ;ବିଜ୍ଞାନପରିଭାଷା )—
**Agrasāmānya bandhani** ଜୀବର ମେରୁ ହାଡ଼ରେ ଥିବା ଅଙ୍ଗୁରୀୟାକୃତି ଅସ୍ଥିଖଣ୍ଡମାନ; ଯେଉଁ ବନ୍ଧନୀ ବା ଉପାସ୍ଥିମୟ ଶ୍ୱେତ ପଦାର୍ଥଦ୍ୱାରା ଦୃଢ଼ରୂପେ ପରସ୍ପର ସଂବଦ୍ଧ ହୋଇଥାଏ; ମେରୁ ହାଡ଼ର ଖଣ୍ଡିହାଡ଼ମାନଙ୍କୁ ପରସ୍ପର ସଙ୍ଗେ ସଂଲଗ୍ନ କରିଥିବା ବାନ୍ଧୁଣୀ ବା ଗ୍ରନ୍ଥି— ( Physiology ) Anterior common ligaments of the back-bone.

**ଅଗ୍ରସାର**—ସଂ. ବିଣ. ( ଅଗ୍ର + ସୃ ଧାତୁ + କର୍ତ୍ତୃ. ଅ)—
**Agrasāra** ଅଗ୍ରସର (ଦେଖ)
( ଅଗ୍ରସାରୀ—ସ୍ତ୍ରୀ ) Agrasara ( See )

**ଅଗ୍ରସେନ**—ସଂ. ବି. (ନାମ) ରାଜା ଜନମେଜୟଙ୍କ ପୁତ୍ର—Name of
**Agrasena** the son of king Janamejaya.

**ଅଗ୍ରସ୍ତ୍ରୀ**—ସଂ. ବି. ସ୍ତ୍ରୀ. (କର୍ମଧା) କୌଣସି ପୁରୁଷର ପ୍ରଥମ ବିବାହିତା ସ୍ତ୍ରୀ;
**Agrastrī** ଆଗ ଭାରିଜା—The first wife of a twice married person.

**ଅଗ୍ରହାୟଣ**— ସଂ. ବି. ( ପୂର୍ବ ନିପାତ; ୬ଷ୍ଠୀ ତତ୍ ; ହାୟନ ( ବର୍ଷ ) +
**Agrahāyaṇa** ଅଗ୍ର; ବର୍ଷର ପ୍ରଥମ ମାସ; କିମ୍ବା ବହୁବ୍ରୀହି; ଅଗ୍ର = ଶ୍ରେଷ୍ଠ + ହାୟନ = ବ୍ରୀହି ଫସଲ ହୁଏ ଯେଉଁ ମାସରେ—ହେମନ୍ତର ପ୍ରଥମ ମାସ; ମାର୍ଗଶିର ମାସ—The month of Mārgaśira
[ଦ୍ର—ପୂର୍ବେ ମାର୍ଗଶିର ମାସରୁ ବର୍ଷ ଗଣନା ଆରମ୍ଭ ହେଉଥିଲା; ଫଳିତ ଜ୍ୟୋତିଷ ଶାସ୍ତ୍ରରେ ପଞ୍ଚସ୍ୱରା ଆଦିରେ ମନୁଷ୍ୟର ଜନ୍ମ ବର୍ଷ କାର୍ତ୍ତିକ ମାସର ଶେଷ ୬ ଦିନ ଅର୍ଥାତ୍ ମାର୍ଗଶିର ମାସ ଆରମ୍ଭରୁ ଗଣାଯାଏ । ଓଡ଼ିଶାର ବାରମାସୀ ଗୀତରେ ମଧ୍ୟ 'ଆଦ୍ୟ ମଗୁଶିର ମାସରେ ଶୀତ' ପ୍ରଥମ ପଦ । ]

**ଅଗ୍ରହାର**—ସଂ. ବି. ( ଅଗ୍ର + ହୃ ଧାତୁ + କର୍ମ. ଅ )—
**Agrahāra** ୧ । ରାଜାଙ୍କଦ୍ୱାରା ବ୍ରାହ୍ମଣଙ୍କୁ ଭୂମି ଦାନ ( ହିନ୍ଦି ଶବ୍ଦସାଗର )—1. A gift of land by a king to a Brāhmaṇa.
୨ । ବ୍ରହ୍ମୋତ୍ତର ଲାଖରାଜ୍ ; ବ୍ରାହ୍ମଣଙ୍କୁ ରାଜାଙ୍କଦ୍ୱାରା ନିଷ୍କରରୂପେ ଦିଆଯିବା ଭୂମି ( ହିନ୍ଦି ଶବ୍ଦସାଗର )— 2. Land given revenue free by a king to a Brāhmaṇa.

**ଅଗ୍ରାହିଜ**—ଗ୍ରା. ବିଣ. ( ସଂ. ଅଗ୍ରାହ୍ୟ )—ଅଗ୍ରାହ୍ୟ ( ଦେଖ )
**Agrāhija** Agrāhya ( See )

**ଅଗ୍ରାହିଯ୍ୟ**—ଗ୍ରା. ବିଣ. ( ସଂ. ଅଗ୍ରାହ୍ୟ )—ଅଗ୍ରାହ୍ୟ ( ଦେଖ )
**Agrāhijya** Agrāhya ( See )

**ଅଗ୍ରାଂଶ**—ସ. ବି (କର୍ମଧା)—୧ । କୌଣସି ପଦାର୍ଥରୁ ପ୍ରଥମେ କଢ଼ାଯିବା
**Agrāṁśa** ଅଂଶ (ହିନ୍ଦି ଶବ୍ଦସାଗର)—1. The first portion taken of a thing.
୨ । ଚନ୍ଦ୍ରଙ୍କର ଯେଉଁ ଅଂଶ ପୃଥିବୀକୁ ସାଧାରଣତଃ ଦେଖାପଡ଼େ ନାହିଁ (କିନ୍ତୁ ଚନ୍ଦ୍ରଙ୍କ ଅନିୟମିତ ଗତି ଯୋଗୁଁ ଯାହା ସମୟ ସମୟରେ ପୃଥିବୀକୁ ଦେଖାଯାଏ) (ହି. ଶବ୍ଦସାଗର)— 2. That protion of the moon which is not ordinarily visible to the earth; that part of the moon which remains away from the earth.

**ଅଗ୍ରାଶନ**—ସ. ବି. (କର୍ମଧା)—ଅନ୍ନର ଯେଉଁ ଅଂଶ ଦେବତାଙ୍କ ପାଇଁ
**Agrāśana** ପହିଲେ କଢ଼ାଯାଇ ରଖାଯାଏ (ହି. ଶବ୍ଦସାଗର)— A part of the food which is taken out at first for the gods.
[ ଦ୍ର—ଏହି ଖାଦ୍ୟାଂଶକୁ ପଶୁଙ୍କୁ କିମ୍ବା ସନ୍ନ୍ୟାସୀଙ୍କୁ ଦିଆଯାଏ । ]

**ଅଗ୍ରାହ୍ୟ**—ସ. ବିଣ—(ଅ + ଗ୍ରାହ୍ୟ)—୧ । ଗ୍ରହଣର ଅଯୋଗ୍ୟ; ଗୃହୀତ
**Agrāhya** ହେବାର ଅନୁପଯୁକ୍ତ—1.Unacceptable; unfit
(ଅଗ୍ରାହ୍ୟା—ସ୍ତ୍ରୀ) for acceptance.
୨ । ଯାହା ଗ୍ରହଣ କରିବା ନିଷିଦ୍ଧ— 2. Prohibited to be accepted.
ଦେ. (କଚିରିଆ) ବିଣ—୧ । ଅଗୃହୀତ—1 Unaccepted.
୨ । ନାମଞ୍ଜୁର—2. Rejected.
(ଯଥା—ହାକିମ ତା ଦରଖାସ୍ତ ଅଗ୍ରାହ୍ୟ କଲେ ।)
୩ । ଅନାଦୃତ—3. Disregarded.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ୟ | ଉଅ | ଙ୍କ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍ତ |

(ଯଥା—ସେ ମୋ ଅନୁରୋଧକୁ ଅଗ୍ରାହ୍ୟ କଲା ।)

୪ । ହେୟ; ତୁଚ୍ଛ—4. Dispicable; despised.

**ଅଗ୍ରିଅ**—ପ୍ରାଦେ. (ସମ୍ବଲପୁର) ବି.—ଅଗ୍ରିଆ (ଦେଖ)
Agria — Agriā (See)

**ଅଗ୍ରିମ**—ସଂ. ବିଣ (ଅଗ୍ର + ଭବାର୍ଥାଦି ଅର୍ଥରେ. ଇମ)—
Agrima ୧ । ପୂର୍ବଜାତ; ଅଗ୍ରଜ; ଜ୍ୟେଷ୍ଠ—1. Born before;
(ଅଗ୍ରିମା—ସ୍ତ୍ରୀ) first born; elder.

୨ । ପ୍ରଥମ—2. First; foremost.

୩ । ଶ୍ରେଷ୍ଠ; ପ୍ରଧାନ—3. Chief; principal.

୪ । ଆଗତୁରା ଦେୟ—4. Payable in advance.

୫ । ପୂର୍ବବର୍ତ୍ତୀ—5. Preceding; prior.

୬ । ସମ୍ମୁଖବର୍ତ୍ତୀ—6. Situate in front.

୭ । ଯାହା ସମସ୍ତଙ୍କ ଆଗକୁ ଚାଲି ଯାଇଅଛି—
7. Furthest advanced.

୮ । ପୁସ୍ତକରେ ଯାହା ଏଥି ପରେ ଲେଖା ଅଛି—
8. Occurring furthest on or below (in a book) (M.W.)

**ଅଗ୍ରିମା**—ସଂ. ବିଣ. ସ୍ତ୍ରୀ. (ଅଗ୍ରିମ + ଆ)—ଅଗ୍ରିମର ସ୍ତ୍ରୀଲିଙ୍ଗ—
Agrimā — Feminine of agrima.

ସଂ. ବି.—ଆତ (ଦେଖ)
Āta (See)
Anona reticulata (M. W.)

**ଅଗ୍ରିୟ**—ସଂ. ବିଣ.(ଅଗ୍ର + ଇୟ)—ଅଗ୍ରିମ (ଦେଖ)
Agriya — Agrima (See)
(ଅଗ୍ରିୟା—ସ୍ତ୍ରୀ)

**ଅଗ୍ରୀୟ**—ସଂ. ବିଣ (ଅଗ୍ର + ଈୟ)—ଅଗ୍ରିମ (ଦେଖ)
Agrīya — Agrima (See)
(ଅଗ୍ରୀୟା—ସ୍ତ୍ରୀ) ଅଗ୍ର ସମ୍ବନ୍ଧୀୟ—Relating to the top.

ସଂ. ବି—୧ । ଜ୍ୟେଷ୍ଠ ଭ୍ରାତା; ବଡ଼ ଭାଇ—
1. Elder brother.

୨ । ଗଛର ପହିଲି ଫଳ—2. The first fruit. (M.W.)

୩ । ସର୍ବୋତ୍ତମାଂଶ—3. The best part.

**ଅଗ୍ରୀୟ ଗର୍ଭତନ୍ତୁ**—ସଂ. ବି. ( ଆଧୁନିକ ପ୍ରୟୋଗ; ଉଦ୍ଭିଦ ବିଜ୍ଞାନ ପରି-
Agriya garbhatantu ଭାଷା—ଅଗ୍ରୀୟ + ଗର୍ଭତନ୍ତୁ ) ପୁଷ୍ପର ଗର୍ଭକେଶର ନିମ୍ନସ୍ଥ ଡିମ୍ବକୋଷର ଅଗରୁ ଯେଉଁ ସୂକ୍ଷ୍ମ ତନ୍ତୁମାନ ବାହାରିଥାଏ; ଯେଉଁ ଗର୍ଭତନ୍ତୁ ଡିମ୍ବକୋଷର ଅଗ୍ରଭାଗରୁ ବାହାରିଥାଏ—
(Botany) Apical Styal (of flowers)

[ଦ୍ର—ପୁଷ୍ପର ଡିମ୍ବକୋଷର ଉପରିସ୍ଥିତ ଦୀର୍ଘ ସୂକ୍ଷ୍ମ ଅଂଶକୁ ଗର୍ଭତନ୍ତୁ ବୋଲାଯାଏ । ପୁଷ୍ପଦଣ୍ଡର ଅଗ୍ରଭାଗକୁ ଅଧିକାର କରି ଫୁଲ କେଶରମାନଙ୍କ ମଧ୍ୟରେ ଅବସ୍ଥିତ ରୂପାନ୍ତରିତ ପତ୍ରକୁ ଫଳାଙ୍ଗ ବା ଗର୍ଭକେଶର ବୋଲାଯାଏ । ଏହି ଗର୍ଭକେଶରର ନିମ୍ନସ୍ଥ ଶୂନ୍ୟଗର୍ଭ ଅଂଶକୁ ଡିମ୍ବକୋଷ ବୋଲାଯାଏ ଓ ଉପରସ୍ଥ ଦୀର୍ଘ ସୂକ୍ଷ୍ମ ଅଂଶକୁ ଗର୍ଭତନ୍ତୁ କହନ୍ତି । ରାମକମଲ—ପ୍ରକୃତିବାଦ ଅଭିଧାନ । ]

**ଅଗ୍ରେ**—ସଂ. ବିଣ. (ଅଗ୍ର ଶବ୍ଦର ୭ମୀ ବିଭକ୍ତି)—
Agre ୧ । ଆଗେ; ପୂର୍ବକାଳରେ—1. Formerly; previously.

୨ । ସମ୍ମୁଖରେ; ସାମନାରେ; ଆଗରେ—2. In front.

୩ । ସର୍ବାଦୌ; ସଭିଁ ଆଗରେ; ସର୍ବପ୍ରଥମେ—
3. At first.

୪ । ଆରମ୍ଭରେ—4. In the beginning.

**ଅଗ୍ରେଣୀ**—ସଂ. ବି. ( ଅଲୁକ୍ ସମାସ. ଅଗ୍ରେ + ନୀ ଧାତୁ + କର୍ତ୍ତୃ. କ୍ୱିପ୍—
Agreṇi ନେତା; ନାୟକ—A leader ( M. W. ).

**ଅଗ୍ରେତନ**—ସଂ. ବିଣ. (ଅଲୁକ୍‌ସମାସ; ଅଗ୍ରେ + ଯଥାବା ଅର୍ଥରେ. ତନ )—
Agretana (ତୁଳନା କର—ଚିରନ୍ତନ, ସନାତନ, ପୁରାତନ)—
(ଅଗ୍ରେତନା—ସ୍ତ୍ରୀ) (ପୁସ୍ତକରେ) ଏଥିପରେ ଉଲ୍ଲିଖିତ—
Accurring further on or subsequently in a book ( M W. ).

**ଅଗ୍ରେଦଧିଷୁ**—ସଂ. ବି—ଅଗ୍ରେଦିଧିଷୁ ଶବ୍ଦର ଅନ୍ୟରୂପ—
Agredadhishu Another form of Agredidhishu ( M. W. ).

**ଅଗ୍ରେଦିଧିଷୁ**—ସଂ. ବି. ପୁଂ. ( ଅଲୁକ୍ ସମାସ; ଅଗ୍ରେ=ଆଗେ, ପୂର୍ବେ +
Agredidhishu ଦିଧିଷୁ=ଦୁଇଥର ବିବାହିତା ସ୍ତ୍ରୀ )—
ଯେଉଁ ପୁରୁଷ ପୂର୍ବେ ଥରେ ବିବାହ କରି ବିଧବା ହୋଇଥିବା ସ୍ତ୍ରୀକୁ ବିବାହ କରେ—ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ଥର ବିବାହିତା ସ୍ତ୍ରୀର ସ୍ୱାମୀ—A man who at his first marriage takes a wife that was married before; the husband of a remarried widow.

ସଂ. ବି. ସ୍ତ୍ରୀ—ବଡ଼ ଭଉଣୀ ବିବାହ ନ କରୁଣୁ ବିବାହ କରିବା ସାନ ଭଉଣୀ—A girl who gets married before her elder sister.

[ ଦ୍ର—ବଡ଼ ଭାଇ ବିବାହ ନ କରୁଣୁ ବିବାହ କରିବା ସାନ ଭାଇକୁ 'ପରିବେତ୍ତା' ବୋଲାଯାଏ । ]

ସଂ. ବି. ସ୍ତ୍ରୀ—ପୁନର୍ବିବାହିତା ବିଧବା—A remarried widow.

**ଅଗ୍ରେଦିଧିଷୁପତି**—ସଂ. ବି. ପୁଂ. ( ୬ଷ୍ଠୀ ତତ୍ )—
Agredidhishupati ଅଗ୍ରେଦିଧିଷୂପତି ( ଦେଖ )
Agredidhishūpati ( See )

**ଅଗ୍ରେଦିଧିଷୂ**—ସଂ. ବି. ସ୍ତ୍ରୀ. ( ଅଲୁକ୍ ସମାସ; ଅଗ୍ରେ + ଦିଧିଷୂ )—
Agredidhishū ୧ । ବଡ଼ ଭଉଣୀର ବିବାହ ପୂର୍ବରୁ ବିବାହିତା ସାନ ଭଉଣୀ—1 A girl who marries before her elder sister.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଗ୍ରେଦିଧିଷୂପତି** —ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଅଗ୍ରେଦିଧିଷୂ + ପତି )—
Agredidhishūpati ୧ । ବଡ଼ ଭଉଣୀର ବିବାହ କରିବା ପୂର୍ବରୁ ବିବାହିତା ସାନ ଭଉଣୀର ସ୍ୱାମୀ—
1. A person who marries the younger sister of an unmarried girl.
ଏ ବ୍ୟକ୍ତିଙ୍କୁ ଦୈବ ଓ ପିତୃକାର୍ଯ୍ୟ ସମ୍ବନ୍ଧୀୟ ଭୋଜନ୍ତି ଭୋଜନରେ ବସାଇବା ନିଷିଦ୍ଧ । ଗ୍ରମଶଙ୍କର—ମନୁ ୩।୧୭୦ ।
୨ । ପୁନର୍ବିବାହିତା ବିଧବାର ସ୍ୱାମୀ—
2. The husband of a remarried widow.

**ଅଗ୍ରେଦିଧିଷୂ**—ସଂ. ବି. ସ୍ତ୍ରୀ. ( ଅଲୁକ୍ ସମାସ; ଅଗ୍ରେ + ଦିଧିଷୂ )—
Agredidhishū ଅଗ୍ରେଦିଧିଷୁର ଅନ୍ୟରୂପ—Another form of Agredidhishu.

**ଅଗ୍ରେବଣ**—ସଂ. ବି. (ଅଲୁକ୍ ସମାସ; ପୂର୍ବନିପାତ; ବନ + ଅଗ୍ର )—
Agrebana ୧ । ବନାଗ୍ର; ବଣର ସୀମାନ୍ତ ଭାଗ—
1. The border of a forest.
୨ । ( ନାମ ) ଆଗ୍ରା; ଅଗ୍ରବଣ ( ଦେଖ )
Agrabana ( See )

**ଅଗ୍ରେସର**—ସଂ. ବିଣ—(ଅଲୁକ୍ ସମାସ; ଅଗ୍ରେ + ସୃ ଧାତୁ + କର୍ତ୍ତୃ. ଅ)—
Agresara ଅଗ୍ରସର ( ଦେଖ )
(ଅଗ୍ରେସରୀ—ସ୍ତ୍ରୀ) Agrasara ( See )

**ଅଗ୍ର୍ୟ**—ସଂ. ବିଣ. ( ଅଗ୍ର + ସମ୍ବନ୍ଧାର୍ଥେ. ଯ )—
Agrya ୧ । ଆଦ୍ୟ—1. Foremost.
(ଅଗ୍ର୍ୟା—ସ୍ତ୍ରୀ) ୨ । ପ୍ରଥମ—2. First.
୩ । ପ୍ରଧାନ; ଶ୍ରେଷ୍ଠ—3. Chief; principal.
୪ । ସର୍ବୋତ୍ତମ—4. Best; excellent.
ସଂ. ବି. ପୁଂ—ବଡ଼ ଭାଇ—Elder brother. (ହିନ୍ଦୀ ଶବ୍ଦସାଗର)

**ଅଘ୍** (ଧାତୁ )—ସଂ.—୧ । ପାପ କରିବା—1. To sin.
Agh (root) ୨ । ଅନ୍ୟାୟ କରିବା—2. To go wrong.

**ଅଘ**—ସଂ. ବି. ( ଅଘ ଧାତୁ + ଭାବ. ଅ )—୧ । ପାପ—1. Sin.
Agha ୨ । ଅପବିତ୍ରତା—2. Impurity.
୩ । କଷ୍ଟ; ଦୁଃଖ—3. Pain; misery; suffering.
୪ । ବ୍ୟସନ—4. Bad habit.
୫ । କଳଙ୍କ—5. Stain.
୬ । ଅପରାଧ—6. Guilt; offence.
୭ । ଅଶୁଭ—7. Evil, mishap.
୮ । ଅଘାସୁର (ଦେଖ)—8. Aghāsura (See)
ଅଘ ଅଘମରଷଣ ତାଙ୍କୁ ବଦାଇ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
ଦେ. ବି—କଣ୍ଟକ; ଶତ୍ରୁ—Enemy.
ବୋଲେ ରାବଣ ଗଲା ଅଘ । ଉପେ. ବୈଦେହୀଶବିଳାସ ।

ସଂ. ବିଣ—୧ । ପାପଜନକ; ପାପୀ—1. Sinful (M. W.).
୨ । ମନ୍ଦ—2. Evil; bad; (M. W.)
୩ । ବିପଜ୍ଜନକ—3. Dangerous (M. W.)

**ଅଘଟ**—ଦେ. ବିଣ. ( ସଂ. ଅ + ଘଟ ଧାତୁ ; ଅଘଟିତ )—
Aghata ୧ । ଯାହା ଘଟିବା ଅସମ୍ଭବ—1. Improbable.
अघट ୨ । ଯାହା ଘଟି ନାହିଁ—2. That which has not happened.
୩ । ନଅଣ୍ଟ—3. Inadequate; insufficient.
୪ । ଅଯୋଗ୍ୟ —4. Unfit.
୫ । ( ସଂ. ଅଘଟମାନ ) ବେମେଳ; ଅମେଳ —
5. Incongruous.
ଦେ. ବି. ୧ । ଅଭାବ—1. Want.
୨ । ନଅଣ୍ଟିବା ଅବସ୍ଥା—2. Inadequacy.

**ଅଘଟଘଟ**—ଦେ. ବି. ( ବିପରୀତାର୍ଥ—ସହଚର )—
Aghataghata ଅଣ୍ଟ ନଅଣ୍ଟ; ଅଭାବ ଓ ପ୍ରାଚୁର୍ଯ୍ୟ—
अघटघट Adequacy and inadequacy; sufficience and want.

**ଅଘଟଘଟା**—ଗ୍ରା. ବିଣ. ପୁଂ. ( ଗାଳିରେ ବ୍ୟବହୃତ; ମନ୍ଦାର୍ଥ )—
Aghataghatā ୧ । ମିଛୁଆ; ମିଥ୍ୟାବାଦୀ—1. Lying;
(ଅଘଟଘଟୀ—ସ୍ତ୍ରୀ) speaking falsehood.
୨ । ଅଘଟ ଘଟଣା ଘଟିଥିବାର ଯେ କହି ବୁଲେ—
2. (a person) Carrying tales; publishing improbable stories.
୩ । ପର ନାମରେ ମିଥ୍ୟା ରଟନାକାରୀ—
3. (a person) Spreading false rumours or scandal against other people.

**ଅଘଟଘଟିଆ**—ଗ୍ରା. ବିଣ. ପୁଂ—ଅଘଟଘଟା ( ଦେଖ )
Aghataghatiā Aghataghatā (See)
(ଅଘଟଘଟେଇ—ସ୍ତ୍ରୀ)

**ଅଘଟଘଟେଇବା**—ଦେ. କ୍ରି—୧ । ମିଛ ଓ ଅସମ୍ଭବ କଥାକୁ ସତ
Aghataghateibā ବୋଲି କହିବା—
1. To carry tales.
୨ । ପର ନାମରେ ମିଥ୍ୟା ଦୁର୍ନାମ କରିବା—
2. To defame a person; to spread scandals.

**ଅଘଟଣ**—ଦେ. ବିଣ. ( ସଂ. ଅଘଟନ )—୧ । ଅସୁନ୍ଦର; କୁତ୍ସିତ;
Aghatana କଦାକାର—1. Ugly; uncomely.
अघटन ୨ । ବେଢଙ୍ଗିଆ—2. Unsymmetrical;
अनगढ़, बेढङ्गा awkward.
(ଅଘଟଣୀ—ସ୍ତ୍ରୀ) ୩ । ଅସୁଶୃଙ୍ଖଳ—3. Unmethodical.
୪ । ଅସମ୍ଭବ—4. Improbable.
ଏ କଥାମାନ ମତେ ଲାଗଇ ଅଘଟଣ । ସାରଳା ମହାଭାରତ. ଉଦ୍ଯୋଗ ।

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଣ୍ଟ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍ତ |

ଦେ. ବି—୧ । ବିଡ଼ମ୍ବଣ; ଅଶ୍ରୁତପୂର୍ବ ଘଟଣା—
1. The happening of an improbable thing.

୨ । ଅସମ୍ଭବ ବିଷୟ—2. Improbable thing.

**ଅଘଟଣା**—ଗ୍ରା. ବିଣ—( ପୁଂ. ଓ ସ୍ତ୍ରୀ. )—
**Aghaṭaṇā** ୧ । ଅସୁନ୍ଦର; କଦାକାର; କୁତ୍ସିତ—1. Ugly.
୨ । ବେଢଙ୍ଗିଆ—2. Unsymmetrical.
ଗ୍ରା. ବି—ଅଘଟଣି ( ଦେଖ )
Aghaṭaṇi ( See )

**ଅଘଟଣି**—ଗ୍ରା. ବି—( ଅ + ଘଟନ )—୧ । କୌଣସି ବିଷୟ ସ୍ଥିରୀକୃତ
**Aghaṭaṇi** ହୋଇ ନ ଥିବା ଅବସ୍ଥା—1. Non-settlement.
୨ । ନ ମିଳିବା; ଅପ୍ରାପ୍ତି—2. Nonattainment; state of not getting a thing.
ଗ୍ରା. ବି. ସ୍ତ୍ରୀ—ଅସୁନ୍ଦରୀ—Ugly (woman).

**ଅଘଟନ**—ସଂ. ବିଣ. ( ଅ + ଘଟନ )—
**Aghaṭana** ୧ । ଅସୁନ୍ଦର—1. Ugly; not fair.
୨ । ଅସମ୍ଭବ—2. Improbable.

**ଅଘଟନଘଟନା**—ସଂ. ବି. ( ୬ଷ୍ଠୀ ତତ୍; ଅଘଟନ + ଘଟନା )—
**Aghaṭanaghaṭanā** ଅସମ୍ଭବ ଘଟନା—
The happening of the improbable.

**ଅଘଟନା**—ସଂ. ବି. ( ଅ + ଘଟନା )—ଦୁର୍ଘଟନା—
**Aghaṭanā** Mishap; accident.
ଦେ. ବିଣ. ଓ ବି—ଅଘଟଣା ( ଦେଖ )
Aghaṭaṇā ( See )

**ଅଘଟମାନ**—ସଂ. ବିଣ. (ଅ + ଘଟ ଧାତୁ + ଶାନଚ୍ )—
**Aghaṭamāna** ୧ । ଅମେଳ—1. Incongruos.
(ଅଘଟମାନା—ସ୍ତ୍ରୀ) ୨ । ଅସମ୍ବଦ୍ଧ—2. Incoherent ( M. W. ).

**ଅଘଟା**—ଦେ. ବିଣ—୧ । (ସଂ. ଅଘଟିତ)—ଅଘଟିତ; ଯାହା ଘଟି ନାହିଁ—
**Aghaṭā** 1. Which has not happened.
अघट ୨ । ଅସମ୍ଭବ—2 Improbable.
अघट ୩ । ଯାହା ଘଟା ବା ମଇଳା ହୋଇ ନାହିଁ; ଯହିଁରେ ଘଟା ବା ମଇଳାଦାଗ ଲାଗି ନାହିଁ—
3. Unsoiled.
( ଯଥା—ଗୋଟିଏ ଅଘଟା ଲୁଗା ନ ହେଲେ ମୁଁ ଦାଣ୍ଡକୁ ଯିବି ନାହିଁ । )

**ଅଘମରଷଣ**—ଦେ. (ପଦ୍ୟ) ବିଣ ଓ ବି.—ଅଘମର୍ଷଣ (ଦେଖ)
**Aghamarashaṇa** Aghamarshaṇa. (See)
ସମ୍ପୂର୍ଣ୍ଣ ଅଘମରଷଣ, ସେ ପାଦେ ପଶିଲୁ ଶରଣ । ଜଗନ୍ନାଥ; ଭାଗବତ ।

**ଅଘମର୍ଷଣ**—ସଂ. ବିଣ ( ୬ଷ୍ଠୀ ତତ୍; ଅଘ + ମର୍ଷଣ = ପାପର ନାଶକ )
**Aghamarshaṇa** ୧ । ପାପନାଶକ—
1. Destroying sin; sin-effacing.
୨ । ଯେଉଁ କର୍ମ ଦ୍ୱାରା ପାପ ଖଣ୍ଡିତ ହୁଏ—
2. Expiatory.
ସଂ. ବି—୧ । ଭଗବାନ୍; ବିଷ୍ଣୁ—1. God; Bishṇu.
୨ । ବିଶ୍ୱାମିତ୍ରାଦି ୧୩ ଜଣ ପ୍ରସିଦ୍ଧ ଋଷିଙ୍କ ମଧ୍ୟରୁ ଏକତମ—
2. Name of a famous Sage.
[ ଦ୍ର—ଏ ଋଷି ଅଘମର୍ଷଣ ସୂକ୍ତର ଦ୍ରଷ୍ଟା ଥିଲେ; ଏ ମଧୁଚ୍ଛନ୍ଦସ ଋଷିଙ୍କ ପୁତ୍ର । ]

**ଅଘମର୍ଷଣ ସୂକ୍ତ**—ସଂ. ବି. (ନାମ; କର୍ମଧା = ପାପନାଶକ ସୂକ୍ତ; କିମ୍ବା ମଧ୍ୟ-
**Aghamarshaṇa sūkta** ପଦଲୋପୀ କର୍ମଧା; ଅଘମର୍ଷଣ ଋଷିଙ୍କ ରଚିତ ସୂକ୍ତ ) ଋଗ୍‌ବେଦୋକ୍ତ ଅଶ୍ୱମେଧଯଜ୍ଞର ଅବଭୃଥ-ସ୍ନାନମନ୍ତ୍ର । ଦୈନିକ ସନ୍ଧ୍ୟାବନ୍ଦନା କଲାବେଳେ ବ୍ରାହ୍ମଣମାନେ ଏ ମନ୍ତ୍ରପାଠ ପୂର୍ବକ ଦେହକୁ ଜଳଦ୍ୱାରା ମାର୍ଜନ କରନ୍ତି—
A mystic formula uttred by Brāhmaṇas while performing Sandhyā.
[ ଦ୍ର—ଏହା ଋଗ୍‌ବେଦର ୧୦ମ ଖଣ୍ଡର ୧୦୯ ସୂକ୍ତ—ଏହି ମନ୍ତ୍ର ଯଥା—ଅଘମର୍ଷଣ ସୂକ୍ତସ୍ୟ, ଅଘମର୍ଷଣ ଋଷିଃ, ଅନୁଷ୍ଟୁପ୍ ଛନ୍ଦଃ, ଆପୋ ଦେବତା, ଅଶ୍ୱମେଧାବଭୃଥେ ବିନିଯୋଗଃ କିମ୍ବା ମାର୍ଜନେ-ବିନିଯୋଗଃ :—ଓଁ ଋତଂ ଚ ସତ୍ୟଂ ଚାଭୀଦ୍ଧାତ୍ ତପସୋଽଧ୍ୟଜାୟତ, ତତୋ ରାତ୍ର୍ୟଜାୟତ, ତତଃ ସମୁଦ୍ରୋଽର୍ଣ୍ଣବଃ ସମୁଦ୍ରାଦର୍ଣ୍ଣବାଦଧି ସମ୍ୱତ୍ସରୋଽଜାୟତ, ଅହୋରାତ୍ରାଣି ବିଦଧଦ୍ ବିଶ୍ୱସ୍ୟ ମିଷତୋ ବଶୀ ଇତ୍ୟାଦି । ଏବଂ ଓଁ ଦ୍ରୁପଦାଦିବମୁମୁଚାନଃ ସ୍ୱିନ୍ନଃ ସ୍ନାତୋ ମଲାଦିବ ଇତ୍ୟାଦି” ଏହି ମନ୍ତ୍ର ପାଠ କରି ସ୍ନାନ ବା ଜଳରେ ଶରୀର ମାର୍ଜନ କରାଯାଏ । ]

**ଅଘର**—ଦେ. ବି. ( ସଂ. ଅ ଓ ଗୃହ )—୧ । ହୀନକୁଳ, ନୀଚବଂଶ—
**Aghara** 1. A low family; a family of low social standing.
୨ । ଆପଣାଠାରୁ ନୀଚତର ବଂଶ; ଯେଉଁ ବଂଶ ସହିତ ବିବାହାଦି ସମ୍ପର୍କ ପ୍ରତିଷ୍ଠିତ ହୋଇ ପାରିବ ନାହିଁ—
2. A family of lower status.
ଦେ. ବିଣ—ଗୃହଶୂନ୍ୟ—Homeless.
ବହୁ କଷ୍ଟେ କରେ ଧରି ଶିଶୁ ବାମାବାର । ବୋଲନ୍ତି ଅଘରବଶୁଁ ହୋଇଲୁଁ ଅଘର ।
ଭଞ୍ଜ—ବୈଦେହୀଶ ବିଳାସ ୩୬।୧୩ ।

**ଅଘରକରଣା**—ଦେ. ବି—ଘରକରଣା ବା ଗୃହସ୍ଥ ଜନୋଚିତ କର୍ମାଦିରେ
**Agharakaraṇā** ଅପଟୁତା—Want of skill in house-hold management.
ଦେ. ବିଣ. ପୁଂ—୧ । ଯେଉଁ ବ୍ୟକ୍ତି ଘରକରଣାରେ ପଟୁ ନୁହେ—
(ଅଘରକରଣୀ—ସ୍ତ୍ରୀ )
1. Not skilful in domestic management.
୨ । ଅଘରୁଆ (ଦେଖ)—2. Agharuā (See

**ଅଘରଦୁଆରି**—ଦେ. କ୍ରି. ବିଣ. ( ଅ + ଗୃହ + ଦ୍ୱାର )—
**Agharaduāri** ୧ । ଘରେ ଘରେ; ପ୍ରତି ଘରେ—
घरे घरे 1. In every household.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଂଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ପ୍ରତ୍ୟେକ ପରିବାରରେ—
2. In every family.

ଦେ. ବିଣ—ଯେଉଁ ଅନୁଷ୍ଠାନ, କର୍ମ ବା ବସ୍ତୁ ସମସ୍ତଙ୍କ ଗୃହରେ ବା ପରିବାରରେ ଦେଖିବାକୁ ମିଳେ—Happening or observed or found in every household.
( ଯଥା—ଆଜିକାଲି ବିଦେଶୀ ଲଣ୍ଠନ ଅଘରଦୁଆରି ହୋଇ ଗଲାଣି । )

**ଅଘରଦ୍ୱାରି**—ଦେ. କ୍ରି. ବିଣ. ଓ ବିଣ—ଅଘରଦୁଆରି ( ଦେଖ )
Aghardwāri Agharaduāri ( See )

**ଅଘରି**—ଦେ. ବିଣ. ( ଅ+ଗୃହ )—୧ । ଗୃହହୀନ—
Aghari 1. Homeless.
( ଯଥା—ପୂର୍ବ ସାମ୍ୟାରରେ ବନ୍ୟାପ୍ଲାବନ ଫଳରେ ପାଞ୍ଚ ଶହ ଲୋକ ଅଘରି ହୋଇଅଛନ୍ତି—ଦୈନିକ ଆଶା. ୮।୭।୩୦ । )
୨ । ଦେ. ବିଣ. ସ୍ତ୍ରୀ—ଅଘରିଆର ସ୍ତ୍ରୀଲିଙ୍ଗ—
2. Feminine of aghariā.

**ଅଘରିଆ**—ଦେ. ବି. ୧ । ( ସଂ. ଅ+ଗୃହ=ଗୃହହୀନ )—ସବାଖିଆ କେଳାଙ୍କ ପରି ଯାଯାବର ଜାତିବିଶେଷ—
Ghariā 1. A class of wandering tribes.
[ ଦ୍ର—ଏମାନେ ଦାକ୍ଷିଣାତ୍ୟରୁ ପଶ୍ଚିମାଞ୍ଚଳକୁ ଯାଇ ପଶ୍ଚିମରୁ ସମୟେ ସମୟେ ଓଡ଼ିଶାକୁ ଆସନ୍ତି । ଏମାନେ ପଶୁପକ୍ଷୀ ପାଳନ, ମୃଗୟା ଓ ଭିକ୍ଷା କରନ୍ତି । ଏମାନଙ୍କ ସ୍ତ୍ରୀମାନେ କାଚମାଳି, ଘାଗରା ଓ ଲୁଗା ପିନ୍ଧନ୍ତି । ]
୨ । ପ୍ରାଦେ. ବି. ( ସଂ. ଅଗ୍ରବଣ )—(ଏମାନେ ପ୍ରଥମେ ଆଗ୍ରା ଅଞ୍ଚଳରୁ ସମ୍ବଲପୁରକୁ ଆସିଥିବାରୁ )—
ଆଗ୍ରିଆ ( ଦେଖ )
Āgriā ( See )
ଦେ. ବିଣ. ପୁଂ—ଅଘରୁଆ (ଦେଖ)
Agharuā ( See )

**ଅଘରୁଆ**—ଦେ. ବିଣ. ପୁଂ. ( ସଂ. ଅଗୃହ )—
Agharuā ୧ । ଗୃହହୀନ 1. Homeless.
ଅଘର ୨ । ବେଖାକାମ୍; ଯେ ଘରୁଆ ନୁହେ; ଯେ
(ଅଘରେଇ—ସ୍ତ୍ରୀ) ଭଦ୍ରବଂଶଜ ନୁହେ—2. Not of noble family; baseborn.

**ଅଘଷା**—ଦେ. ବିଣ. ( ସଂ. ଅ+ଘର୍ଷିତ )—
Aghashā ୧ । ଅଘର୍ଷିତ—1. Unrubbed.
अघषा ୨ । ଅମଜା; ଅମାର୍ଜିତ—
2. Unbrushed; unscoured
ଦେ. ବି ( ସଂ. ଅ+ଘର୍ଷଣ )—୧ । ଅମାର୍ଜନ—
1. Want of brushing.
୨ । ( ଦାନ୍ତ ) ଘଷାର ଅଭାବ—
2. Want of brushing ( of teeth )
୩ । ( ଦାନ୍ତ ) ଘଷି ନ ଥିବା ଅବସ୍ଥା—
3. State of not having the teeth brushed.

ଦାନ୍ତ ଅଘଷାରେ ଅନ୍ନ ଭୋଜନ ଯେ କରେ—
ପୀତାମ୍ବର—ନୃସିଂହପୁରାଣ ୨୧ ।

**ଅଘଷାଦନ୍ତା**—ଦେ. ବିଣ. ପୁଂ. ( ସଂ. ଅଘର୍ଷିତ+ଦନ୍ତ )—
Aghashādantā ୧ । ଯେଉଁ ବ୍ୟକ୍ତି ସକାଳୁ ଶଯ୍ୟା ତ୍ୟାଗ
अघषादाँत କରିବା ପରେ ଦାନ୍ତ ଘଷି ନ ଥାଏ—
( ଅଘଷାଦାନ୍ତୀ—ସ୍ତ୍ରୀ ) 1. (a person) Who has not brushed his teeth after rising from bed.
୨ । ସକାଳୁ ଶଯ୍ୟାତ୍ୟାଗ କଲା ପରେ ଯେଉଁ ବ୍ୟକ୍ତିର ଦାନ୍ତ ଘଷିବାର ଅଭ୍ୟାସ ନାହିଁ—2. A person who is not habituated to wash and brush the teeth every morning.

**ଅଘଷା ଦାନ୍ତ**—ଦେ. ବି—ଘଷା ହୋଇ ନ ଥିବା ଦନ୍ତ; ଦାନ୍ତ କାଠି ଆଦି
Aghashā dānta ଦ୍ୱାରା ଅମାର୍ଜିତ ଦନ୍ତ—
अघषादाँत Unbrushed teeth.
ଦେ. ବିଣ—ଅଘଷାଦନ୍ତା ( ଦେଖ )
Aghashādantā ( See )

**ଅଘଷା ଦାନ୍ତା**—ଦେ. ବିଣ. ପୁଂ.—
Aghashādāntā ଅଘଷାଦନ୍ତା ( ଦେଖ )
( ଅଘଷାଦାନ୍ତୀ—ସ୍ତ୍ରୀ ) Aghashādantā ( See )

**ଅଘଷାଦାନ୍ତିଆ**—ଦେ. ବିଣ. ପୁଂ—
Aghashādāntiā ଅଘଷାଦନ୍ତା ( ଦେଖ )
( ଅଘଷାଦାନ୍ତେଇ—ସ୍ତ୍ରୀ) Aghashādantā ( See )

**ଅଘଷା ପାଟି**—ଦେ. ବି—ଅମାର୍ଜିତ ମୁଖ; ଅଧୁଆ ପାଟି; ଯେଉଁ ପାଟିର
Aghashā pāti ଦାନ୍ତ ଘଷା ହୋଇ ନ ଥାଏ—
अधुआ मुख Unwashed mouth.
ଦେ. ବିଣ. ପୁଂ ଓ ସ୍ତ୍ରୀ—ଅଘଷାପାଟିଆ ( ଦେଖ )
Aghashāpātiā ( See )

**ଅଘଷାପାଟିଆ**—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତିର ମୁହଁ ଭିତର ଧୁଆ
Aghashāpatiā ହୋଇ ନ ଥାଏ ଓ ଯେ ଦାନ୍ତ ଘଷି ନ
( ଅଘଷାପାଟେଇ—ସ୍ତ୍ରୀ) ଥାଏ—Having one's mouth unwashed and the teeth unbrushed.

**ଅଘଷା ମୁହଁ**—ଦେ. ବି. ( ସଂ. ଅଘର୍ଷିତ ମୁଖ )—
Aghashā muhañ ସକାଳୁ ଉଠି ଧୁଆ ହୋଇ ନ ଥିବା ମୁଖ—
अधुआ मुख Unwashed face.
ଦେ. ବିଣ. ପୁଂ—ଅଘଷାମୁହାଁ ( ଦେଖ )
Agashāmuhañ ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତ |

**ଅଘଷାମୁହାଁ**—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ସକାଳୁ ଶଯ୍ୟାତ୍ୟାଗ କରି ମୁଖ ଧୋଇ ନ ଥାଏ—(a person) Who has not washed his face after rising from the bed.
Aghashāmuhāṅ
ଅଧୁଆ ମୁଖ
( ଅଘଷାମୁହାଁ—ସ୍ତ୍ରୀ )

**ଅଘା**—ଦେ. ବି. ଅନାଦରାର୍ଥକ ( ସଂ. ଅଘ, ଅଘାସୁର )—
Aghā ଅଘାସୁର ( ଦେଖ )—Aghāsura ( See )

କଂସର ଯେତେ ମିତ୍ର ପଣ, ଆସି ମିଳିଲେ ଜଣେ ଜଣ ।
ଗୃଣର ତୃଣାବର୍ତ୍ତ ବୀର, ମୁଷ୍ଟିକା ଅଘା ଷଣ୍ଢାସୁର ॥ ଜଗନ୍ନାଥ ସ୍ୱା. ୧୦ମ ।

ଦେ. ବିଣ. ୧ । ( ସଂ. ଅଘ )—ଅଘାସୁର ପରି ଦୀର୍ଘ ଓ ସ୍ଥୂଳକାୟ ( ବ୍ୟକ୍ତି )—1. Very big and corpulent ( person )
୨ । ( ପ୍ରା. ଅକା )—ନିର୍ବୋଧ; ଓଲୁ—2. Foolish.

**ଅଘାଇ ଯିବା**—ପ୍ରାଦେ. ( ସମ୍ବଲପୁର ) କ୍ରି. କୌଣସି ପଦାର୍ଥ ପୂର୍ଣ୍ଣ ଭୋଜନ କରି ତୃପ୍ତ ହେବା ପରେ ସେହି ପଦାର୍ଥ ଖାଇବା ପାଇଁ ବିରକ୍ତି ବୋଧ କରିବା—To have a dislike or loathing for a particular food after one has his fill.
Aghāi Jibā

**ଅଘାଚିଟା**—ପ୍ରାଦେ. ( ସମ୍ବଲ ) ବିଣ—କୌଣସି ପଦାର୍ଥ ଖାଇ ଖାଇ ବିରକ୍ତ ( ବ୍ୟକ୍ତି )—Feeling dislike for particular food after having taken it too long.
Aghāchitā

**ଅଘାରି**—ସଂ. ବି. (୬ଷ୍ଠୀ ତତ୍; ଅଘାସୁରର ଶତ୍ରୁ ବା ପାପର ଶତ୍ରୁ )—
Aghāri ୧ । ଶ୍ରୀକୃଷ୍ଣ—1. An epithet of Śrikrushṇa.
୨ । ଭଗବାନ୍; ବିଷ୍ଣୁ—2. Bishṇu.

**ଅଘାସୁର**—ସଂ. ବି. ( ନାମ ) ( ଅଘ+ଅସୁର )—
Aghāsura ୧ । ଶ୍ରୀକୃଷ୍ଣ ବାଲ୍ୟକାଳରେ ବଧ କରିଥିବା ଅସୁର ବିଶେଷ—1. Name of a demon killed by Śrikrushṇa while a boy.

[ ଦ୍ର—ଏ ବକାସୁର ଓ ପୂତନା ରାକ୍ଷସୀର ଭାଇ ଓ କଂସର ଅନୁଚରବିଶେଷ । ବାଲ୍ୟକାଳରେ ଶ୍ରୀକୃଷ୍ଣଙ୍କୁ ବଧ କରିବା ପାଇଁ କଂସ ଏହାକୁ ଗୋପପୁରକୁ ପଠାଇଥିଲା । ଏ ଗୋଷ୍ଠାଏ ବଡ଼ ଅଜଗର ରୂପ ଧାରଣ କରି ପାଟିକୁ ଆଁ କରି ବାଟରେ ପଡ଼ି ରହିଲା । ଏହାର ପାଟିକୁ ପର୍ବତର ଗୁହା ବୋଲି ମନେ କରି ଗୋପ ବାଳକମାନେ ଏହାର ମୁଖ ବିବର ମଧ୍ୟକୁ ପଶିଗଲେ । ଶ୍ରୀକୃଷ୍ଣ ଏ ମାୟାବୀର ଉଦ୍ଦେଶ୍ୟ ବୁଝି ପାରି, ଗୋପବାଳକମାନଙ୍କ ସଙ୍ଗେ ଏହାର ମୁଖ ବିବରରେ ମଧ୍ୟ ପଶିଲେ । ଏମାନେ ପଶିଯିବାରୁ ଅଘାସୁର ପାଟିକୁ ବୁଜି ଦେଲା । ଶ୍ରୀକୃଷ୍ଣ ଦୈବୀ ମାୟାବଳରେ ନିଜ ଶରୀରକୁ ଅଘାର ପେଟ ଭିତରେ ଏପରି ଫୁଲାଇଦେଲେ ଯେ ଅଘାସୁରର ଦେହ ଉକ୍ତ ପ୍ରକାଣ୍ଡ ଦେହକୁ ସମ୍ଭାଳି ନ ପାରି ଫାଟିଗଲା ଓ ଅଘାସୁର ମଲା । ଅଘାସୁର ମଲାରୁ ଶ୍ରୀକୃଷ୍ଣଙ୍କ ସହ ଗୋପବାଳକମାନେ ତା ପେଟରୁ ବାହାରି ଆସିଲେ । ]

୨ । ( ଅଘାସୁର ପରି )—ଅତି ବୃହତ୍କାୟ ବ୍ୟକ୍ତି—
2. A very big and corpulent person.

**ଅଘିରା** (ଇତ୍ୟାଦି)—ଦେ. ବି—ଅଇଘରା ଇତ୍ୟାଦି ( ଦେଖ )
Aghirā (etc) Aigharā etc. ( See )

**ଅଘୃଣ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ଘୃଣା )—
Aghṛuṇa ୧ । ଘୃଣାହୀନ; ନିର୍ଘୃଣ—1. Having no feeling of revulsion.
(ଅଘୃଣା—ସ୍ତ୍ରୀ)
୨ । ନିର୍ଦ୍ଦୟ—2. Incompassionate ( M. W ).

**ଅଘୃଣୀ**—ଦେ. ବି. ( ସଂ. ଅଘୃଣ )—୧ । ଅଘୃଣ ( ଦେଖ )
Aghṛuṇi 1. Aghṛuṇa ( See )
୨ । ଯାହାର ଖାଦ୍ୟାଖାଦ୍ୟ ସମ୍ବନ୍ଧରେ ଘୃଣା ନ ଥାଏ—
2. Having no apathy for any sort of food.

ସବୁ କ୍ଷୀରସାଜ ତ କରନ୍ତି ଭୋଜନ
ଅଘୃଣୀରେ ଲେଖା ତ ଦିବ୍ୟଦେଶ ଜନ । କୃଷ୍ଣସିଂହ ମହାଭାରତ, ଦ୍ରୋଣପର୍ବ ।

**ଅଘେରା** (ଇତ୍ୟାଦି)—ଦେ.ବି—ଅଇଘରା, ଇତ୍ୟାଦି ( ଦେଖ )
Agherā etc Aigharā etc. ( See )

**ଅଘିରା,** ଦେ. ବିଣ—ଯହିଁର ଚାରିପାଖେ ବାଡ଼ି ଆଦି ଘେରା
**ଅଘେରା** ହୋଇ ନାହିଁ—Unenclosed; not surrounded an all sides by a fence.

**ଅଘୋଡ଼ା**—ଦେ. ବିଣ—ଅନାବୃତ—Uncovered.
Aghorḍā

ଭକ୍ଷ୍ୟ ଦ୍ରବ୍ୟ ଯାକକୁ ଅଘୋଡ଼ା ରଖିଲେ
ଅଇଁଠା ସରେ ଯିଏ ନଠାଇ ଖାଇଲେ । କୃଷ୍ଣସିଂହ ମହାଭାରତ- ଶାନ୍ତି ।

**ଅଘୋଡ଼ିଆ**—ଦେ. ବିଣ—ଅଘୋଡ଼ା ( ଦେଖ )
Aghorḍiā Aghorḍā ( See )

**ଅଘୋର**—ସଂ. ବିଣ. ୧ । ( ବହୁବ୍ରୀହି; ଅ=ନାହିଁ+ଘୋର; ଭୟଙ୍କର ଯାହା ଅପେକ୍ଷା; ଯାହା ଅପେକ୍ଷା ଅଧିକ ଭୟଙ୍କର ଅନ୍ୟ କିଛି ନାହିଁ )—ଅତ୍ୟନ୍ତ ଭୟଙ୍କର; ପ୍ରଚଣ୍ଡ—1. Very frightful.
Aghora
(ଅଘୋରା—ସ୍ତ୍ରୀ)
୨ । ( ନଞ୍ ତତ୍; ଅ+ଘୋର )—ସୌମ୍ୟଦର୍ଶନ; ସୁନ୍ଦର—
2. Comely; handsome.
ସଂ. ବି—ଶିବ; ମହାଦେବ—The Deity Śiba.
ଦେ. ବିଣ—୧ । ଗାଢ଼ ( ଯଥା ନିଦ୍ରା )—
1. Deep ( e.g. Sleep. )
୨ । ଘନିଷ୍ଠ ( ଯଥା ପ୍ରୀତି )—
2. Close or intimate ( friendship ).
୩ । ଅଘୋର ସାକ୍ଷାଧାରୀ; ଅଘୋରୀ ( ଦେଖ )
3. Aghori ( See )

ଅଘୋର ତପସ୍ୱୀମାନେ ଯହିଁ ବସିଥାନ୍ତି । ସାରଳା ମହାଭାରତ, ମଧ୍ୟ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବିଂଧି' ନ ପାଇଲେ 'ବିନ୍ଧି' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଘୋରଣା**—ପ୍ରାଦେ. ( ପୁରୀ ) ବିଣ. ( ସଂ. ଅଘୃଣ )—
Aghoranā ଅପରିଷ୍କୃତ; ଯେ ସର୍ବଦା ପରିଚ୍ଛନ୍ନ ରହେ ନାହିଁ—
One who does not observe cleanliness.
( ଯଥା—ଏପରି ଅଘୋରଣା ବାଳକ କାହିଁ ଦେଖା ନାହିଁ । )

**ଅଘୋରଦୀକ୍ଷା**—ସଂ. ବି. ( ୬ଷ୍ଠୀ ତତ୍ ; ଅଘୋର=ଶିବ+ଦୀକ୍ଷା )—
Aghoradikshā ଅଘୋରୀମାନଙ୍କ ମତ; ଶିବଭକ୍ତ ସନ୍ନ୍ୟାସୀ-ସମ୍ପ୍ରଦାୟଙ୍କ ଧର୍ମ ମତ—The tenets of the Aghorī ascetics.

**ଅଘୋର ନିଦ୍ରା**—ଦେ. ବି—ଗାଢ଼ ନିଦ୍ରା—
Aghoranidrā Deep sleep, slumber.
অঘোর নিদ্রা

**ଅଘୋରପନ୍ଥା**— ସଂ. ବି. (୬ଷ୍ଠୀ ତତ୍ )—୧ । ଅଘୋର ଦୀକ୍ଷା (ଦେଖ)
Aghorapanthā 1. Aghora dikshā (See)
୨ । ଅଘୋର ସମ୍ପ୍ରଦାୟ—2. The sect of the Aghoris.

**ଅଘୋରପନ୍ଥୀ**—ସଂ. ବିଣ. ପୁଂ. (ଅଘୋର ପନ୍ଥା+ଇନ୍ ; ୧ମା. ୧ବ )—
Aghorapanthī ଅଘୋରୀ; ଅଘୋରପନ୍ଥାବଲମ୍ବୀ—
(ଅଘୋରପନ୍ଥିନୀ-ସ୍ତ୍ରୀ) Following the tenets of the Aghora sect.

ସଂ. ବି—ଅଘୋରସମ୍ପ୍ରଦାୟର ସନ୍ନ୍ୟାସୀ—An ascetic of the Aghora sect.

[ ଦ୍ର—ଅଘୋରପନ୍ଥୀମାନେ ଶୈବ; ଅଘୋର ସ୍ୱାମୀ ଏ ପନ୍ଥାର ଆଦି ଗୁରୁ । ଏମାନଙ୍କ ଆଦି ସ୍ଥାନ ପ୍ରାଚୀନ ବରପୁର (ଆଧୁନିକ ବରୋଦା) ବର୍ତ୍ତମାନ ଏହି ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନେ ରାଜପୁତାନା ଅନ୍ତର୍ଗତ ଆବୁ ପାହାଡ଼ରେ ଥାଆନ୍ତି । ଏମାନେ ଅପରିଷ୍କୃତ, ନିର୍ଘୃଣ ଓ ବିକାରରହିତ, ମଦ୍ୟ, ମାଂସ, ମଳ, ମୂତ୍ର, ଶବମାଂସ, ପକ୍ୱ ଅପକ୍ୱ, ଦୁର୍ଗନ୍ଧ, ଅଖାଦ୍ୟ ବସ୍ତୁମାନ ଏମାନେ ନିର୍ବିକାରରେ ଭୋଜନ କରନ୍ତି । ଏମାନେ ମୁଣ୍ଡ, ଦାଢ଼ୀ,ସଭାବାଳ ଓ ଜଟା ରଖନ୍ତି । ବରୋଦା ରାଜ୍ୟରେ ଅଘୋରେଶ୍ୱର ନାମରେ ଏ ସମ୍ପ୍ରଦାୟର ଗୋଟିଏ ମଠ ଥିଲା । ଏହି ମଠରେ ଅଘୋର ସ୍ୱାମୀ ରହୁଥିଲେ । ଗିର୍ଣ୍ଣାର ଗିରିଗୁହାମାନଙ୍କରେ ବହୁ ଶତ ଅଘୋରଦୀକ୍ଷାଧାରୀ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ବାସ କରନ୍ତି । ବର୍ତ୍ତମାନ ଏ ସମ୍ପ୍ରଦାୟ କ୍ରମଶଃ ଲୁପ୍ତ ହେଉଅଛି । ମର୍କୋପୋଲୋ, ପ୍ଲିନୀ, ଆରିଷ୍ଟଟ୍ଲ ଆଦି ପ୍ରାଚୀନ ବିଦେଶୀୟ ପଣ୍ଡିତମାନଙ୍କ ଗ୍ରନ୍ଥରେ ଏ ସମ୍ପ୍ରଦାୟଙ୍କ ବିଷୟ ଲେଖା ଅଛି । ]

**ଅଘୋର ପ୍ରୀତି**—ଦେ. ବି—ଗାଢ଼ ପ୍ରେମ—Close friendship; intimacy.
Aghora priti
অঘোর প্রীতি

**ଅଘୋରସ୍ୱାମୀ**—ସଂ. ବି. (ନାମ) (ଅଘୋର+ସ୍ୱାମିନ୍ ୧ମା. ୧ବ.)—
Aghoraswāmi ଅଘୋରପନ୍ଥୀ ଶିବୋପାସକ ସମ୍ପ୍ରଦାୟର ଆଦି ଗୁରୁ (ଅଘୋରପନ୍ଥୀ ତଳେ ନୋଟ୍ ଦେଖ)—
Name of the founder of the Aghorī sect.

**ଅଘୋରା**—ସଂ. ବିଣ. ସ୍ତ୍ରୀ. (ଅଘୋର+ସ୍ତ୍ରୀ. ଆ )—ଅଘୋରର ସ୍ତ୍ରୀଲିଙ୍ଗ—
Aghorā Feminine of Aghora.

ସଂ. ବି—(ଏ ଦିନ ଅଘୋର ବା ଶିବ ପୂଜା କଲେ ପରକାଳରେ ଶିବଲୋକପ୍ରାପ୍ତି ହୁଏ ବୋଲି)—ଭାଦ୍ର କୃଷ୍ଣ ଚତୁର୍ଦ୍ଦଶୀ—The fourteenth day of the dark fortnight of the month of Bhādra.

ଦେ. ବିଣ. ( ସଂ. ଅଘୃଷ୍ଟ )—୧ । ଅଘୃଷ୍ଟ; ଯାହା ଘୋରା ହୋଇ ନାହିଁ—1. Unrubbed; unbrushed; not made into a paste.
( ଯଥା—ଅଘୋର ଚନ୍ଦନ । )

୨ । ଯେଉଁ ଶିଳ ବା ଚନ୍ଦନପେଡ଼ି ଘୋରିବା କାମରେ ଲାଗେ ନାହିଁ—2. ( a slab of stone) Which has not yet been used for bruising.
( ଯଥା—ଅଘୋରା ଚନ୍ଦନପେଡ଼ି । )

୩ । ଯେଉଁ ଡାଲି ବା ଖୀରୀ ସିଝି ଯିବା ପରେ ଅଣକ ବା ଘୋରଣା କାଠିଦ୍ୱାରା ଉତ୍ତମରୂପେ ଘୃଷ୍ଟ ବା ଆଲୋଡ଼ିତ ହୋଇ ନାହିଁ—3. ( pulse or gruel) Which has not been well stirred.
( ଯଥା—ଅଘୋରା ଡାଲି, ଅଘୋରା ଖିରି । )

୪ । (ସଂ. ଘୋରା)—ଅପରିଷ୍କୃତ ଓ ଅପରିଚ୍ଛନ୍ନ ( ବ୍ୟକ୍ତି )—
4 Unclean; of uncleanly habits.

୫ । ( ଶୂଦ୍ର ଓ ନୀଚ ଭାଷା; ଡ଼ ସ୍ଥାନରେ ର ଉଚ୍ଚାରଣ )—
ଅଘୋଡ଼ା ( ଦେଖ )
5. Aghoṛā ( See )

**ଅଘୋରି**—ଦେ. ବି. ଓ ବିଣ. ( ସଂ. ଅଘୋରୀ )—
Aghori ଅଘୋରୀ ( ଦେଖ )
অঘোরী Aghorī (See )
अघोरी

**ଅଘୋରିଆ**—ଦେ. ବିଣ. ( ସ. ଅଘୋରୀ )—ଅଘୋରୀ ( ଦେଖ )
Aghoriā Aghorī ( See ) .

୧ । ( ଶୂଦ୍ର ଓ ନୀଚଭାଷା, ଡ଼ ସ୍ଥାନରେ ର ଉଚ୍ଚାରଣ )—
ଅଘୋଡ଼ିଆ ( ଦେଖ )—Aghoṛiā ( See )

**ଅଘୋରୀ**—ସଂ. ବି. ( ଅଘୋର+ଇନ୍ ; ୧ମା. ୧ବ. )—
Aghorī ଅଘୋରପନ୍ଥୀ ( ଦେଖ )
Aghorapanthī ( See )

ସଂ. ବିଣ. ୧ । ଅଘୋରପନ୍ଥୀ ( ଦେଖ )
Aghorapanthī ( See )

୨ । ( ଅଘୋରୀମାନେ ଘୃଣାଶୂନ୍ୟ ଥିବାରୁ)—ଘୃଣାଶୂନ୍ୟ; ବସ୍ତୁାଦି ପ୍ରତି ଯାହାର ଘୃଣା ନ ଥାଏ; ନିର୍ଘୃଣ—

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇତ୍ୟ | ଜ୍ଞ | ଘ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ବ |

2. Having no feeling of repugnance or abhorrence towards filth; dirt; or dure etc.

୩ । ଶୌଚାଶୌଚ ବିଚାରଶୂନ୍ୟ—
3. Not observing cleanliness.

୪ । ଅପରିଷ୍କାର; ଅପରିଚ୍ଛନ୍ନ—4. Unclean.

**ଅଘୋଷ**—ସଂ. ବିଣ. ( ଅ + ଘୋଷ )—୧ । ଅହୀରଶୂନ୍ୟ (ଦେଶ); ଯେଉଁ ଦେଶରେ ଗଉଡ଼ ନାହାନ୍ତି—
**Aghosha**
1. ( a country ) Not inhabited by cowherds

୨ । ଶବ୍ଦରହିତ; ଧ୍ୱନିଶୂନ୍ୟ—2. Soundless; free from sounds.

ସଂ. ବି. ୧ । ଗଉଡ଼ ନ ଥିବା ଦେଶ—1. A country not inhabited by cowherds.

୨ । ବ୍ୟାକରଣ ( ଏ ବର୍ଣ୍ଣମାନଙ୍କର ଉଚ୍ଚାରଣରେ ଘୋଷ ବା ଉଚ୍ଚ ଧ୍ୱନି ନ ଥିବାରୁ )—ପ୍ରତ୍ୟେକ ବର୍ଗର ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣ ଏବଂ ଶ, ଷ ଓ ସ—
2. ( grammar ) The first 2 letters of the five bargas of consonants and the letters śa, sha & sa.

[ ଦ୍ର—ଅଘୋଷ ବର୍ଣ୍ଣ ସଂଖ୍ୟାରେ ତେର ଯଥା;—କ, ଖ; ଚ, ଛ; ଟ, ଠ; ତ, ଥ; ପ, ଫ; ଶ, ଷ, ଓ ସ । ]

**ଅଘ୍ନ**—ସଂ. ବିଣ. ପୁଂ. ( ଅ + ହନ ଧାତୁ + କର୍ମ. ଅ )—ଅବଧ—
**Aghna** Not deserving to be killed.
( ଅଘ୍ନା—ସ୍ତ୍ରୀ )

ସଂ. ବି. ବ୍ରହ୍ମା—The Deity Brahmā.

**ଅଘ୍ନ୍ୟ**—ସଂ. ବିଣ. ପୁଂ ( ଅ + ହନ ଧାତୁ + କର୍ମ. ଯ )—ଅବଧ—
**Aghnya** Not deserving to be killed.
( ଅଘ୍ନ୍ୟା—ସ୍ତ୍ରୀ )

ସଂ. ବି—ବ୍ରହ୍ମା—The Deity Brahmā.

**ଅଘ୍ନ୍ୟା**—ସଂ. ବିଣ. ସ୍ତ୍ରୀ ( ଅଘ୍ନ୍ୟ + ଆ )—ଅଘ୍ନ୍ୟର ସ୍ତ୍ରୀ ଲିଙ୍ଗ—
**Aghnyā** Feminine of Aghnya.

ସଂ. ବି. ସ୍ତ୍ରୀ ( ଶାସ୍ତ୍ରାଦି ଅନୁସାରେ ଏହା ଅବଧ୍ୟ ଥିବାରୁ )—ଗାଭୀ; ଗାଈ—The cow.

**ଅଘ୍ରାନ୍**—ପ୍ରାଦେ.( ମେଦିନୀପୁର ) ବି.( ସଂ. ଅଗ୍ରହାୟଣ )—
**Aghrān** ଅଗ୍ରହାୟଣ; ମାର୍ଗଶିର ମାସ—
অঘ্রান The month of Mārgaśira.
( ଭୁଲ. ବ. ଅଗ୍ରହାୟନ୍ )

**ଅଘ୍ରିଆ**—ପ୍ରାଦେ. ( ସମ୍ବଲପୁର ) ବି—ଅଗ୍ରିଆ ( ଦେଖ )
**Aghriā** Agriā ( See )

**ଅଙ୍କ୍ (ଧାତୁ)**—ସଂ. ଅନ୍‌କ ଧାତୁ—୧ । ଆଙ୍କିବା; ଅଙ୍କିତ କରିବା—
**Aṅk (root)** 1. To draw.

୨ । ଲେଖିବା—2. To write

୩ । ଚିତ୍ର ଲେଖିବା—3. To draw a picture.

୪ । ଗାର କାଟିବା—4. To draw a line.

୫ । ଚିହ୍ନ ଦେବା; ଦାଗ ଦେବା—5. To mark.

**ଅଙ୍କ୍‌ଶା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ ଅଙ୍କୁଶ )—ଅଙ୍କୁଶ (ଦେଖ)
**Aṅkśā** Aṅkuśa ( See )

**ଅଙ୍କ**—ସଂ. ବି. ( ଅଙ୍କ ଧାତୁ + ଭାବେ. ଅ )—
**Aṅka** ୧ । ଚିହ୍ନ; ଲକ୍ଷଣ—1. Mark.

୨ । କଳଙ୍କ; ଦାଗ—2. Stain.
ବାରିଧିକି ଉଦେ ଅଙ୍କ ଦୂର୍ବାଦଳ ଉଦ୍ର । ଉପେ. ବୈଦେହୀଶବିଳାସ ୧୪।୨୩ ।

୩ । ସଂଖ୍ୟା; ଏକ (୧) ଠାରୁ ନଅ (୯) ପର୍ଯ୍ୟନ୍ତ ସଂଖ୍ୟା ଓ ଶୂନ୍ୟ—3. Figure; digit; number.

୪ । ଗଣିତ ଶାସ୍ତ୍ର; ପାଟିଗଣିତ—4. Arithmetic.

୫ । କ୍ରୋଡ଼; ଉତ୍ସଙ୍ଗ; କୋଳ—5. Lap; bosom.

୬ । ବର୍ଷ; ସମ୍ବତ୍ସର—6. Year.

୭ । ନାଟକର ପରିଚ୍ଛେଦ—7. An act of a drama.
[ ଦ୍ର—ନାଟକ କେତେ ଗୁଡ଼ିଏ ଅଙ୍କ ( act ) ରେ ଓ ଅଙ୍କମାନ କେତେଗୁଡ଼ିଏ ଗର୍ଭାଙ୍କ ( scene ) ରେ ବିଭକ୍ତ ହୋଇଅଛି । ]

୮ । ପର୍ବତ—8. Mountain.

୯ । ରେଖା; ଗାର—9. Line.

୧୦ । ଅପରାଧ; ଦୋଷ—10. Guilt; fault; crime.

୧୧ । ଯୁଦ୍ଧ—11. Fight; battle.

୧୨ । ଚିତ୍ରଯୁଦ୍ଧ—12. Mock fight.

୧୩ । ଶରୀର; ଦେହ—13. Body.

୧୪ । ରୂପକାଲଙ୍କାର ବିଶେଷ—14. A kind of Rnetorical figure or simile.

୧୫ । ସ୍ଥାନ; ଆସ୍ପଦ—15. Place.

୧୬ । ବିଭୂଷଣ; ଅଳଙ୍କାର—16. Ornament.

୧୭ । ସାମୀପ୍ୟ—17. Nearness; proximity.

ଦେ. ବି—୧ । ଗଣିତ ପ୍ରଶ୍ନ ଓ ସମସ୍ୟା—
আঁক 1. An Arithmetical sum.

आँक ୨ । ରାଜାଙ୍କ ସିଂହାସନାରୋହଣ ଠାରୁ ଗଣାଯିବା ବର୍ଷ—
2. The year counted from the ascension of a King.

[ ଦ୍ର—ସନ ତଳେ ଟୀକା ଦେଖ । ପୁରୀ ରାଜାଙ୍କ ଅଙ୍କ ଗଣନାରେ କେତେଗୁଡ଼ିଏ ସଂଖ୍ୟା ଛଡ଼ାଯାଏ । ଯଥା—୧୦ ଛଡ଼ା ତାହାଣରେ ଶୂନ୍ୟ ଯୁକ୍ତ ଅନ୍ୟ ସଂଖ୍ୟା ଯଥା—୨୦, ୩୦, ୪୦, ୫୦ ଓ ୬ ଛଡ଼ା ତାହାଣରେ ୬ ଯୁକ୍ତ ଅନ୍ୟ ସଂଖ୍ୟା ଯଥା;—୧୬, ୨୬, ୩୬ ଓ ୪୬ ଇତ୍ୟାଦି । ସିଂହାସନାରୋହଣର ୧ମ ବର୍ଷକୁ '୨' ଗଣାଯାଏ । ]

ପ୍ରାଦେ. (ଗଡ଼ଜାତ) ବି—ଅଙ୍କକୋଳି (ଦେଖ)
Aṅkakoḻi (See)
A kind of wild berry.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଙ୍କକ**—ସଂ. ବି. ପୁଂ. (ଅଙ୍କ ଧାତୁ+କର୍ତ୍ତୃ. ଅକ)—
Aṅkaka ୧ । ଚିହ୍ନ କରିବା ବ୍ୟକ୍ତି—1. A marker.
(ଅଙ୍କିକା—ସ୍ତ୍ରୀ) ୨ । ଗଣନା କରି ବାଲା—2. A counter.

**ଅଙ୍କ କଟାଇବା**—ଦେ. କ୍ରି—( ନୂତନ ରାଜା ) ତାଙ୍କ ନାମରେ ତାଙ୍କ
Aṅka kaṭāibā ରାଜତ୍ୱର ପ୍ରଥମ ବର୍ଷକୁ ୨ ଅଙ୍କ ବୋଲି ଲେଖି
सनकाटा ରାଜ୍ୟରେ ପ୍ରବୃତ୍ତ କରିବା—(a new King) To
सनकटवाना begin his reign by writing his 1st year as 2.
[ଦ୍ର—ଉତ୍କଳରେ ସୁନିଆଁ ଅର୍ଥାତ୍ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଠାରୁ ବର୍ଷ ଆରମ୍ଭ ହୁଏ । ଏହି ଦିନ ଓଡ଼ିଶା ରାଜା ଅଙ୍କ କଟାନ୍ତି । ରାଜତ୍ୱର ପ୍ରଥମ ବର୍ଷକୁ ୨ ଅଙ୍କ ଓ ତତ୍ପରେ ପ୍ରତି ସୁନିଆଁ ଠାରୁ ଆଗାମୀ ସଂଖ୍ୟା ଦିଆଯାଏ ଓ ଅଙ୍କ କଟା ହୁଏ । ଗୋଟିଏ ସୁନା ମୋହର ଉପରେ ସୁନିଆଁ ଦିନ ରାଜାଙ୍କ ରାଜତ୍ୱର ଅଙ୍କ ଚିହ୍ନିତ କରାଯାଏ । ]

**ଅଙ୍କକଷା**—ଦେ. ବି—ଗଣିତ ସମସ୍ୟା ସମାଧାନାର୍ଥ ଗଣନାତ୍ମକ ସଂଖ୍ୟା ଓ
Aṅka kasā ହିସାବକୁ ଭୂମିରେ, ସ୍ଲେଟରେ, କାଗଜରେ ବା
आँक कसा ତାଳପତ୍ରରେ ଲେଖିବା—The working out of
अङ्क कसना an arithmetical sum.

**ଅଙ୍କ କଷିବା**—ଦେ. କ୍ରି—ଗଣିତସମସ୍ୟା ସମାଧାନ କରିବାପାଇଁ
Aṅka kasibā ସଂଖ୍ୟା ଓ ହିସାବମାନ ଲେଖିବା—To work
आङ्क कसा out an arithmetical sum or problem.
अङ्क कसना

**ଅଙ୍କକାର**—ସଂ. ବି. ପୁଂ.(ଅଙ୍କ+କୃ ଧାତୁ+କର୍ତ୍ତୃ.ଅ)—ଯୁଦ୍ଧ ବା ବାଜିରେ
Aṅkakāra ଦ୍ୱାରଜିତ ନିର୍ଣ୍ଣୟ କରିବା ବ୍ୟକ୍ତି (ହିନ୍ଦି ଶବ୍ଦସାଗର)—
An umpire in a fight or a game.

**ଅଙ୍କକୋଲି**—ପ୍ରାଦେ. (ଗଡ଼ଜାତ) ବି—ଏକ ପ୍ରକାର ବନ୍ୟ କୋଳି—
Aṅkakoḷi A kind of wild plum; Carrissa diffusa.

**ଅଙ୍କଗ**—ସଂ. ବିଣ. ପୁଂ. (ଅଙ୍କ+ଗମ ଧାତୁ+କର୍ତ୍ତୃ. ଅ)—ପିତାମାତା ବା
Aṅkaga ପ୍ରେମିକଙ୍କ କୋଡ଼ ଆଶ୍ରୟ କରିବା ( ଶିଶୁ ବା ପ୍ରେମିକା )—
(ଅଙ୍କଗା—ସ୍ତ୍ରୀ) Going to or occupying the lap or bosom of a parent or one's lover. (Said of a child or a lover.)

**ଅଙ୍କଗଣନା**—ସଂ. ବି. (୬ଷ୍ଠୀ ତତ୍ )—ଏକ ସଂଖ୍ୟାଠାରୁ ପରବର୍ତ୍ତୀ ସଂଖ୍ୟା-
Aṅkagaṇanā ମାନଙ୍କର ଗଣତି—The counting of the numbers from one upwards.
ଦେ. ବି.—ପୁରୀର ଗଜପତିଙ୍କ ରାଜତ୍ୱ ବର୍ଷର ସଂଖ୍ୟା ଗଣନା—
[ ଏଥିର ବିଶିଷ୍ଟ ପଦ୍ଧତି ଅଛି । ]
ଯଥା—୧ମ ବର୍ଷ=୨ ଅଙ୍କ, ୨ୟ ବର୍ଷ=୩ ଅଙ୍କ, ଏହାପରେ ୩।୪।୫; ୭ ଠାରୁ ୧୫, ୧୫ ପରେ ୧୭। ୧୮।୧୯; ୧୯ପରେ ୨୧।୨୨।୨୩।୨୪।୨୫; ୨୫ ପରେ ୨୭।୨୮।୨୯; ୨୯ ପରେ ୩୧।୩୨।୩୩।୩୪।୩୫; ୩୫ ପରେ ୩୭।୩୮।୩୯; ଗଣନା କରାଯାଏ ।]

**ଅଙ୍କଗଣିତ**—ସଂ. ବି.—୧ । (ମଧ୍ୟପଦଲୋପୀ କର୍ମଧା; ଅଙ୍କଘଟିତ ଗଣିତ)—
Aṅkagaṇita ଯେଉଁ ଶାସ୍ତ୍ରଦ୍ୱାରା ଅଙ୍କ ବା ସଂଖ୍ୟାବିଷୟକ ଜ୍ଞାନ ଲାଭ ହୁଏ; ପାଟିଗଣିତ—1. Arithmetic.
୨ । ( ୬ଷ୍ଠୀ ତତ୍ ) ୧, ୨, ୩ ଆଦି ସଂଖ୍ୟାର ଗଣନା ବା ହିସାବ—2. Calculation of the figures or digits.

**ଅଙ୍କଗତ**—ସଂ. ବିଣ. (୨ୟା ତତ୍)—ଅଙ୍କଗ (ଦେଖ)
Aṅkagata Aṅkaga (See)
(ଅଙ୍କଗତା—ସ୍ତ୍ରୀ)

**ଅଙ୍କଛଡ଼ା**—ଦେ. ବିଣ.—୧ । କୋଳରୁ ଅଲଗା; କୋଳ ଛଡ଼ା—
Aṅkachharḍā Separated from one's lap.
୨ । ଯାହାକୁ ଜଣକ କୋଡ଼ରୁ ଛଡ଼ାଇ ନିଆଯାଇଥାଏ—2. Wrested from one's bosom.
୩ । ସଙ୍ଗଛଡ଼ା; ସଙ୍ଗରୁ ଅନ୍ତରିତ—3. Separated from one's society.
ଅଙ୍କଛଡ଼ା ହେଲେ ଭଙ୍କ ପ୍ରାଣ ଯାଏ ଝୁରୁଥିଲେ ମୋର ପାଇଁ ।
ରାଧାନାଥ—ପାର୍ବତୀ ।

**ଅଙ୍କତନ୍ତ୍ର**—ସଂ. ବି. (ମଧ୍ୟପଦଲୋପୀ; ଅଙ୍କବିଷୟକ ତନ୍ତ୍ର)—
Aṅkatantra ଅଙ୍କଗଣିତ ( ଦେଖ ) Aṅkagaṇita (See)

**ଅଙ୍କତି**—ସଂ. ବି—(ଅନ୍ଚ୍ ଧାତୁ+କର୍ତ୍ତୃ. ଅତି)—
Aṅkati ୧ । ବାୟୁ—1. Air.
୨ । ଅଗ୍ନି—2. Fire.
୩ । ବ୍ରହ୍ମା—3. Brahmā.
୪ । ଅଗ୍ନିହୋତ୍ରୀ—4. A fire-worshipper.

**ଅଙ୍କଧାରଣ**—ସଂ. ବି. (୬ଷ୍ଠୀ ତତ୍)—ତ୍ରିଶୂଳ, ଶଙ୍ଖ, ଚକ୍ର, ଗଦା ଓ
Aṅkadhāraṇa ପ୍ରଭୃତିଙ୍କ ନାମ ଆଦି ଚିହ୍ନିତ ମୁଦ୍ରାକୁ ତତାଇ କର ଦେହରେ ଛାପିବା ( ହିନ୍ଦି ଶବ୍ଦସାଗର )—Act of stamping the body with heated seals containing various figures of religious significance.

**ଅଙ୍କଧାରୀ**—ସଂ. ବି. ପୁଂ. (ଅଙ୍କ+ଧୃ ଧାତୁ+ଇନ୍; ୧ମା. ୧ବ.)—
Aṅkadhārī ଯେ ଦେହରେ ତପ୍ତ ମୁଦ୍ରା ଛାପିଥାଏ;(ହିନ୍ଦି ଶବ୍ଦସାଗର)-
(ଅଙ୍କଧାରିଣୀ—ସ୍ତ୍ରୀ) (a person) Bearing on his body stamps of heated seals bearing diffrent religi us emblems.

**ଅଙ୍କନ**—ସଂ. ବି. (ଅଙ୍କ ଧାତୁ+ଭାବ. ଅନ)—
Aṅkana ୧ । ଚିହ୍ନ ଦେବା—1. Marking.
୨ । ଲେଖନ—Writing.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍ଖ | ଇଂ | ଙ୍ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଂଅ | [illegible] | ନ୍ତ |

ଅଙ୍କନୀୟ; ଅଙ୍କିତ } —ବିଣ
ଅଙ୍କ୍ୟ ଓ ଅଙ୍କକ }

୩ । ସଂଖ୍ୟାଲିଖନ—3. Notation.

୪ । ଚିତ୍ରାଦି ଆଙ୍କିବା—4. Drawing of pictures.

୫ । ଅଙ୍କିତକରଣ—5. Drawing.

୬ । ଗଣିତ କରିବା—6. Numbering; counting.

୭ । ଶଙ୍ଖ, ଚକ୍ର, ଗଦା, ପଦ୍ମ, ତ୍ରିଶୂଳ ଓ ପ୍ରଭୁଙ୍କ ନାମ ଆଦି ଅଙ୍କିତ ଥିବା ଧାତୁ ମୁଦ୍ରାକୁ ଦେହରେ ତତାଇ କରି ମାରିବା—7. Act of stamping on one's body heated seals containing religious symbols.

[ ଦ୍ର—ସାଧୁ, ସନ୍ନ୍ୟାସୀ ବା ବୈଷ୍ଣବମାନେ ବିଷ୍ଣୁଙ୍କର ଶଙ୍ଖ, ଚକ୍ର, ଗଦା, ପଦ୍ମ ଓ ଶୈବମାନେ ଶିବଙ୍କର ତ୍ରିଶୂଳ ଓ କେହି କେହି ପ୍ରଭୁଙ୍କ ନାମ ଲେଖାଥିବା ଧାତୁମୁଦ୍ରା ବା ମୋହରକୁ ତତାଇ ବାହୁରେ ଓଦା କନା ପକାଇ ତାକୁ ଛାପା ମାରନ୍ତି । ଛାପା ଦିଆଯିବା ସ୍ଥାନରେ ଫୋଟକା ହୋଇ ତାହା ଶୁଖିଗଲେ ଦେହରେ ଉକ୍ତ ଚିହ୍ନମାନ ରହିଯାଏ । ଏହି ଅଙ୍କନକ୍ରିୟା ଦ୍ୱାରକାରେ କରାଯାଏ—ଏହାକୁ ଦ୍ୱାରକାଛାପା କହନ୍ତି । ରାମାନୁଜସମ୍ପ୍ରଦାୟର ବୈଷ୍ଣବମାନଙ୍କ ମଧ୍ୟରେ ଏହା ବିଶେଷ ପ୍ରଚଳିତ । (ହିନ୍ଦି ଶବ୍ଦସାଗର ।) ]

**ଅଙ୍କନବିଦ୍ୟା**—ସଂ. ବି. ( ମଧ୍ୟପଦଲୋପୀ, ଅଙ୍କନ ବିଷୟକ ବିଦ୍ୟା )—
Aṅkanabidyā ଚିତ୍ରବିଦ୍ୟା—The art of drawing.

**ଅଙ୍କନା ମାଧନା**—ଦେ. ବି. ( ନାମ ) ଦୁଇଜଣ ବିଷ୍ଣୁଭକ୍ତଙ୍କ ନାମ—
Aṅkanā Mādhanā The names of two devotees of Bishṇu.

[ ଦ୍ର—ରାମଦାସଙ୍କ ବିରଚିତ ଓଡ଼ିଆ ଦାର୍ଢ୍ୟତାଭକ୍ତିର ୬୧ଶ ଅଧ୍ୟାୟରେ ରାଜମହେନ୍ଦ୍ରୀରେ କାବେରୀ ନଦୀକୂଳରେ ବାସ କରୁଥିବା ଏ ଦୁଇ ଭାଇଙ୍କ ବିଷୟ ବର୍ଣ୍ଣିତ ଅଛି । ଏମାନେ ଜାତିରେ ବ୍ରାହ୍ମଣ ଥିଲେ । ଏମାନେ ଅତିଥିମାନଙ୍କୁ ଭୋଜନ ଦେଉଥିଲେ । ଭଗବାନ୍ ଏମାନଙ୍କ ଅତିଥିସେବାର ନିଷ୍ଠା ପରୀକ୍ଷା କରିବା ପାଇଁ ସନ୍ନ୍ୟାସୀ ବେଶରେ ଆସି ବହୁ ଅନ୍ନ ଗ୍ରାସ କଲେ । ଶେଷକୁ ଯାହା ରନ୍ଧା ହୋଇଥିଲା, ତାହା ନ ଅଣ୍ଟିବାରୁ ଏମାନେ ସନ୍ନ୍ୟାସୀଙ୍କଠାରେ ଶରଣ ପଶିଲେ । ]

**ଅଙ୍କନିବାସ**—ସଂ. ବି. ( ୭ମୀ ତତ୍; ଅଙ୍କ+ନିବାସ )—
Aṅkanibāsa ପ୍ରେମିକଙ୍କ କୋଡ଼ରେ ବସିବା—Sitting on the lap of a lover.

ଶ୍ରୀ ଜଗଦେବ ଭଣେ, ରାଧାବାଣୀ ଶ୍ରବଣେ
ଆଳଏ ହସି ଦେଲେ ଅଙ୍କନିବାସ । କବିସୂର୍ଯ୍ୟ, ସଙ୍ଗୀତ ।

**ଅଙ୍କପରିବର୍ତ୍ତନ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍କ+ପରିବର୍ତ୍ତନ )—
Aṅkaparibarttana ଶୋଇଲା ବେଳେ କଡ଼ ଲେଉଟାଇବା; ପାର୍ଶ୍ୱପରିବର୍ତ୍ତନ—Changing of ides while on bed.

**ଅଙ୍କପଲ୍ଲବ**—ସଂ. ବି—ବିଦ୍ୟାବିଶେଷ; ଭିନ୍ନ ଭିନ୍ନ ସଂଖ୍ୟା ସ୍ଥଳରେ
Aṅkapallaba ବର୍ଣ୍ଣମାଳାର ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ଅକ୍ଷର ଲେଖି ସଂଖ୍ୟା ପ୍ରକାଶ କରିବାର ରୀତି ।(ହିନ୍ଦି ଶବ୍ଦସାଗର)—
A Science by which digits or numbers are denoted by means of certain different alphabets.
( ଯଥା—ଇଂରାଜି ଓ ଲାଟିନରେ X=୧୦; V=୫ L=୫୦; c=୧୦୦)

**ଅଙ୍କପାତ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍କ+ପାତ )—
Aṅkapāta ୧ । ଅଙ୍କକଷା ( ଦେଖ )
1. Aṅkakasā ( See )
୨ । ସଂଖ୍ୟାଲେଖନ—2. Notation.
୩ । ଚିହ୍ନିତକରଣ—3. Marking.

**ଅଙ୍କପାଳି**—ସଂ. ବି. ( ଅଙ୍କ+ପାଳ ଧାତୁ+ଭାବ. ଇ)—
Aṅkapāḻi ୧ । ଆଲିଙ୍ଗନ; କୁଣ୍ଢାଇବା—
1 Embrace, hugging.
୨ । କୋଳରେ ବସାଇବା—
2. The taking of a person into one's bosom.

**ଅଙ୍କପାଳିକା**—ସଂ. ବି. ସ୍ତ୍ରୀ. ( ଅଙ୍କ+ପାଳ ଧାତୁ+କର୍ତ୍ତୃ. ଇକ+ଆ)-
Aṅkapāḻikā ୧ । ଆଲିଙ୍ଗନ; କୁଣ୍ଢାଇବା—1. Embrace.
୨ । କୋଳରେ ବସାଇବା—2. The taking of a person onto one's bosom.
୩ । ଧାତ୍ରୀ; ଧାଈ—2. A nurse.

**ଅଙ୍କପାଳୀ**—ସଂ. ବି. ସ୍ତ୍ରୀ. (ଅଙ୍କ+ପାଳ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଈ )—
Aṅkapāḻi ୧ । ଅଙ୍କପାଳି ( ଦେଖ )
1. Aṅkapāḻi ( See )
୨ । ଧାତ୍ରୀ; ଧାଈ—3. A nurse.
୩ । (ବୈଦ୍ୟକ) ବେଦିକାଖ୍ୟ ଗନ୍ଧଦ୍ରବ୍ୟ ( ପ୍ରକୃତିବାଦ )—
3. A kind of scent.
୪ । ଗୁଳ୍ମବିଶେଷ—4. A plant Medicago esculanta ( M. W. ).

**ଅଙ୍କପୂରଣ**—ସଂ. ବି. ( ୬ଷ୍ଠୀ ତତ୍ ) ଗଣନାଦ୍ୱାରା କୌଣସି ଅଦତ୍ତ ବା
Aṅkapūraṇa ଅଜ୍ଞାତ ସଂଖ୍ୟାକୁ ଆଣି ସ୍ଥାପନ କରିବା—
The filling up of an unknown number with the help of given data.

**ଅଙ୍କବିଦ୍ୟା**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା )—
Aṅkabidyā ୧ । ଅଙ୍କ ଗଣିତ ( ଦେଖ )
1. Aṅka gaṇita ( See )
୨ । ଚିତ୍ରବିଦ୍ୟା—2. The art of drawing.

**ଅଙ୍କବୃଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍ )—(ଗଣିତ) ମିଶାଣ ବା ଗୁଣନ ଦ୍ୱାରା
Aṅkabṛuddhi କୌଣସି ସଂଖ୍ୟାର ବୃଦ୍ଧି—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

(ବିପରୀତ—ଅଙ୍କହରଣ) (arithmetic) The increasing of a number by addition or multiplication.

**ଅଙ୍କମାଳ**—ସଂ. ବି—ଆଲିଙ୍ଗନ; କୁଣ୍ଢାଇବା—Embrace.
**Aṅkamāla** ( ହିନ୍ଦି ଶବ୍ଦସାଗର )

**ଅଙ୍କମାଳିକା**—ସଂ. ବି—୧ । ଆଲିଙ୍ଗନ—1. Embrace.
**Aṅkamālikā** ୨ । ଛୋଟ ହାର (ହିନ୍ଦି ଶବ୍ଦସାଗର )—2. A small necklace.

**ଅଙ୍କମୁଖ**—ସଂ. ବି—ସମସ୍ତ ବିଷୟର ସୂଚନା ଦିଆଯାଇଥିବା ନାଟକର
**Aṅkamukha** ପ୍ରଥମାଙ୍କ—The introductory act of a drama giving clue to the whole plot ( M. W ).

**ଅଙ୍କରାନ୍ତି**—ଦେ. ବି—୧ । କଣ୍ଟକାରି ( ଦେଖ )
**Aṅkarānti** 1. Kaṇtakārī ( See )
୨ । ବେଜାରି ( ଦେଖ )
2. Bejārī ( See )

**ଅଙ୍କରେଖା**—ସଂ. ବି. ( ଅଙ୍କ=କଳଙ୍କ+ରେଖା )—
**Aṅkarekhā** ( ଲୁଗା ବା ରୁମାଲ ଆଦିର ) ରଙ୍ଗିନ ଧଡ଼ି—
Coloured border or hem (of a cloth ).
ବଜ୍ରକଳସେ ଖଳ—ତରୁବରଙ୍କ ତାର ଦାଢ଼େ ଅଙ୍କରେଖା କସେ ।
ରାଧାନାଥ—ପାର୍ବତୀ ।

**ଅଙ୍କଲକ୍ଷ୍ମୀ**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଅଙ୍କର ଲକ୍ଷ୍ମୀସ୍ୱରୂପା ବା
**Aṅkalakshmī** ଅଙ୍କରଶୋଭା )—
ସ୍ତ୍ରୀ; ପତ୍ନୀ—Wife; consort.
ଏ କନ୍ୟାକୁ ଅଙ୍କଲକ୍ଷ୍ମୀ କରିବାର ଅଭିଳାଷ ଥିଲେ ମନେ ।
ରାଧାନାଥ—ପାର୍ବତୀ ।

**ଅଙ୍କଲୋଡ୍ୟ**—ସଂ. ବି—୧ । ଚିଞ୍ଚୋଟକ ( ଦେଖ )
**Aṅkalordya** 1. Chiñchoṭaka (See) (M. W. ).
୨ । ଅଦା—2. Ginger ( M. W. )

**ଅଙ୍କଶାୟୀ**—ସଂ. ବିଣ. ପୁଂ ( ଉପପଦସମାସ; ଅଙ୍କ+ଶୀ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ. )—କୌଣସି ବ୍ୟକ୍ତିର
**Aṅkaśāyī**
( ଅଙ୍କଶାୟିନୀ—ସ୍ତ୍ରୀ ) କୋଳରେ ଶୋଇବା ( ବ୍ୟକ୍ତି )—
( a person ) Resting on the bosom of another.

**ଅଙ୍କଶୋଭୀ**—ସଂ. ବିଣ. ପୁଂ ( ଉପପଦସମାସ; ଅଙ୍କ+ଶୁଭ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ. )—ଯେ କୋଳ ବା
**Aṅkaśobhī**
( ଅଙ୍କଶୋଭିନୀ—ସ୍ତ୍ରୀ ) ଅଙ୍କରେ ବସିବା ଦ୍ୱାରା ଅଙ୍କର ଶୋଭାବର୍ଦ୍ଧନ କରେ; ଅଙ୍କମଣ୍ଡନକାରୀ—
( a person ) Gracing the bosom of another.

**ଅଙ୍କହରଣ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍କ+ହରଣ )—
**Aṅkaharaṇa** ( ଗଣିତ ) ଫେଡାଣ ବା ହରଣ ଦ୍ୱାରା କୌଣସି
(ବିପରୀତ—ଅଙ୍କବୃଦ୍ଧି) ସଂଖ୍ୟାର ହ୍ରାସକରଣ—
(arithmetic ) The decreasing of a number or figure by subtraction or division.

**ଅଙ୍କା**—ଦେ. ବି. ( ସଂ. ଅଙ୍କନ )—ଅଙ୍କନ ( ଦେଖ )
**Aṅkā** Aṅkana ( See )
आँका ଦେ. ବିଣ. ୧ । ( ସଂ. ଅଙ୍କିତ )—ଅଙ୍କିତ (ଦେଖ)
आँकना Aṅkita ( See )
आँकाहुआ ୨ । ଚାରି ପାଖେ ଅଙ୍କି ବା ବାଡ଼ ଦିଆଯାଇଥିବା ସ୍ଥାନ—
2. ( a place ) Fenced on all sides

**ଅଙ୍କାଅଙ୍କି**—ଦେ. ବି—
**Aṅkāaṅki** ନାନାପ୍ରକାର ଅଙ୍କନକ୍ରିୟା—
आँकाआँकि Various acts of drawing.

**ଅଙ୍କାଇବା**—ଦେ. କ୍ରି.—(ସଂ. ଅଙ୍କ ଧାତୁର ଣିଜନ୍ତ )—
**Aṇkāibā** ଅଙ୍କିବାର ଣିଜନ୍ତରୂପ—
आँकान Causative form of Aṅkibā.
अँकवाना

**ଅଙ୍କାଗତ**—ସଂ. ବିଣ. ( ୨ୟା ତତ୍; ଅଙ୍କ+ଆଗତ )—ଅଯାଚିତୋପସ୍ଥିତ;
**Aṅkāgata** ଯାହା ସ୍ୱୟଂ ସ୍ୱୟଂ ଜଣକ କୋଳକୁ ବା ଅଙ୍କିଆରକୁ
(ଅଙ୍କାଗତା—ସ୍ତ୍ରୀ) ଆସି ପହଞ୍ଚିଯାଏ—Coming to one's bosom of itself.

**ଅଙ୍କାଗତସତ୍ତ୍ୱବୃତ୍ତି**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଅଙ୍କାଗତ+ସତ୍ତ୍ୱ+ବୃତ୍ତି)—
**Aṅkāgatasatwabṛutti** ( ଅଙ୍କକୁ ଆଗତ=୨ୟା ତତ୍ ; ଅଙ୍କାଗତ+ସତ୍ତ୍ୱ=କର୍ମଧା; ଅଙ୍କାଗତ ସତ୍ତ୍ୱ ଅଟେ ବୃତ୍ତି ଯାହାର, ବହୁବ୍ରୀହି )—ବାଘଆଦିଭିଆ; ଯାହା ମୁହଁ ପାଖରେ ସ୍ୱୟଂ ସ୍ୱୟଂ ଶିକାର ଆସି ପହଞ୍ଚେ—
( an animal ) Which gets its prey without seeking for it.

**ଅଙ୍କାଟଙ୍କା**—ଦେ. ବିଣ. ( ସଂ. ବଙ୍କୁର ଟଙ୍କୁର )—ଅଙ୍କାବଙ୍କା ( ଦେଖ )
**Aṅkāṭaṅkā** Aṅkābaṅkā ( See )

**ଅଙ୍କାବଙ୍କା**—ଦେ. ବିଣ. ( ବଙ୍କୁରଟଙ୍କୁର; ଅନର୍ଥକ ପ୍ରଥମ ଶବ୍ଦ )—
**Aṅkābaṅkā** ୧ । ବଙ୍କାଟଙ୍କା; ଅସମାନ ଭାବରେ ଅନେକ
आँका बाँका ସ୍ଥାନରେ ବକ୍ର—
बाँका 1. Crooked; winding.
୨ । ସର୍ପାକୃତିବିଶିଷ୍ଟ—2. Zigzag; meandering.
ସେହି ଭିଟ୍ଟି ମଧ୍ୟରେ ଅଙ୍କାବଙ୍କା ସାପ ଚାଲି ପରି ବାଟ ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଅଙ୍କାବତାର**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍କ+ଅବତାର )—
**Aṅkābatāra** ନାଟକର ଗୋଟିଏ ଅଙ୍କ ଶେଷରେ ଅଭିନେତା ମୁଖରେ ଆଗାମୀ ଅଙ୍କ ବିଷୟର ସୂଚନା—
The close of an act of a drama preparing the audience for the following act.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଘ,ଓ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୂ | ଌୂ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ | ଇଅ | ଙ୍ଗ | ନ୍ତ |

**ଅଙ୍କି**—ଦେ. ବି. (ସଂ. ଅଙ୍କ୍ ଧାତୁ )—୧ । ଘରପାଖରେ ଦିଆଯିବା ବାଡ଼; ଘେରବନ୍ଧ—1. Fencing; enclosure.
Anki

୨ । ଘରପାଖରେ ବାଡ଼ ବୁଜା ଯାଇଥିବା ସ୍ଥାନ—2. An enclosed place.

୩ । ଘରପାଖରେ ବାଡ଼ ବୁଜା ଯାଇଥିବା ସ୍ଥାନର ଦ୍ୱାର ଦେଶରେ ଦିଆଯାଇଥିବା ବଡା ବା ବାଉଁଶକଣିର ତାଟି—3. A split-bamboo-door used as a door for an enclosed place.

୪ । ଅଟେଇ; ପଶୁମାନଙ୍କୁ ଆବଦ୍ଧ ରଖିବା ପାଇଁ ଘେରା ହୋଇ ଥିବା ସ୍ଥାନ—4. A fold.

**ଅଙ୍କିଆ**—ଦେ. ବି.—ଅଙ୍କିରା ( ଦେଖ )
Ankiā Ankirā ( See )

ଦେ. ବିଣ. (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗରେ ଲାଗେ ।)

୧ । ଅମୁକ ସଂଖ୍ୟାର ଆକୃତିବିଶିଷ୍ଟ—1. Shaped like the figure of a certain digit.

କୁଶବନ୍ଦ ଘରଅଙ୍କିଆ; ଗ୍ରାମକୁ ଆଠଅଙ୍କିଆ ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

୨ । ରାଜାଙ୍କ ରାଜତ୍ୱର ଅମୁକ ଅଙ୍କ ସମ୍ବନ୍ଧୀୟ—2. Relating to such and such a year of a Raja's reign.

( ଯଥା—ନ ଅଙ୍କିଆ ମରୁଡ଼ିରେ ଗାଁକୁ ଗାଁ ଛାରଖାର ହୋଇଗଲା । )

**ଅଙ୍କିକା**—ସଂ. ବିଣ. ସ୍ତ୍ରୀ. ( ଅଙ୍କକ+ସ୍ତ୍ରୀ. ଆ )—ଅଙ୍କକର ସ୍ତ୍ରୀଲିଙ୍ଗ—
Ankikā Feminine of Ankaka.

**ଅଙ୍କିତ**—ଦେ. ବିଣ. ( ଅଙ୍କ ଧାତୁ+କର୍ମ. ତ)—
Ankita ୧ । ଚହ୍ନିତ—1. Marked.

୨ । ଚିତ୍ରିତ—2. Drawn; delineated.

୩ । ଲିଖିତ—3. Written.

୪ । ଗଣିତ—4. Counted; numbered.

୫ । ଚିହ୍ନ ଦିଆଯାଇଥିବା—5. Branded.

୬ । ମୋହର ଦିଆ ଯାଇଥିବା—6. Sealed; marked.

ସଂ. ବି—ଚିହ୍ନ—Mark.

କନ୍ଦର୍ପ ଅଙ୍କିତ ରଥକେତନ ରଣାରମ୍ଭେ । ପ୍ରାଚୀ—ରସବାରିଧି ।

**ଅଙ୍କିବା**—ଦେ. କ୍ରି. ( ସଂ. ଅଙ୍କ ଧାତୁ )—୧ । ଅଙ୍କନ କରିବା; ଚିତ୍ରଣ କରିବା—1. To draw a figure.
Ankibā

ଆଁକା
**ଅଁକନା, ଆଁକନା**
(ଣିଚ୍—ଅଙ୍କାଇବା )

୨ । ଚିତ୍ରର ସୀମାରେଖା ଟାଣିବା—2. To delineate; to draw the contours.

୩ । ଘର ପାଖରେ ବାଡ଼ ବୁଜିବା—3. To fence up a place.

୪ । ଲେଖିବା—4. To write.

ସୁନ୍ଦର ସୁନ୍ଦର ରେଖା ପ୍ରାପ୍ତେ
ଭ୍ରୂ ବ ବଙ୍କିମା ଘଞ୍ଚଳ ଅଙ୍କି ବାପ୍ତେ । ପ୍ରାଚୀ—ରସବାରିଧି ।

**ଅଙ୍କିରା**—ପ୍ରାଦେ. ( କଟକ ) ବି. ( ସଂ. ଅଙ୍କ ଧାତୁ )—
Ankirā ୧ । ବାଡ଼—1. Fencing.

୨ । ଭୂମିରେ ନକସା ଅନୁସାରେ କଟାଯିବା ଚିହ୍ନ ବା ଗାର—2. A line drawn on the land according to a map.

୩ । ଘେରାଯାଇଥିବା ସ୍ଥାନ—3. Enclosure.

୪ । ଅଟେଇ—4. A fold.

**ଅଙ୍କୀ**—ସଂ. ବି. ( ଅଙ୍କ+ଈ ) ଅଙ୍କ୍ୟ; ଛୋଟ ଆନଦ୍ଧ ବାଦ୍ୟ—
Ankī A small drum ( M. W. )

**ଅଙ୍କୁ**—ଦେ. ବି. ( ସଂ. ଅଙ୍କୋଟ )—ଅଙ୍କୋଟ ( ଦେଖ )
Anku Ankota ( See )

**ଅଙ୍କୁଟ**—ସଂ. ବି. ( ଅଙ୍କ୍ ଧାତୁ+ଉଟ )—ଚାବି; କୁଞ୍ଚି—
Ankuta A key ( M. W. ).

**ଅଙ୍କୁଡ଼କ**—ସଂ. ବି. ( ଅଙ୍କ ଧାତୁ+ଉଡ଼+କ )—ଚାବି; କୁଞ୍ଚି—
Ankurdaka A key ( M. W. ).

**ଅଙ୍କୁଡ଼ା**—ଦେ. ବି. ( ସଂ. ଅଙ୍କୁଶ )—୧ । ଆଙ୍କୁଡ଼ା; ଆଙ୍କୁଶୀ; ଉଚ୍ଚ ବୃକ୍ଷରୁ ଫଳ ଆଦି ତୋଳିବା ପାଇଁ ବ୍ୟବହୃତ ବଙ୍କାଗ୍ର ଲଗି—1. A hooked bamboo used for pecking fruits from high trees.
Ankurdā
ଆଁକସୀ, ଆକଡସୀ
**ଅଁକୁଡ଼ୀ, ଅଁକୁଡ଼ା**

୨ । ( ସଂ. ଅଙ୍କୋଟ )—ଅଙ୍କୋଟ ( ଦେଖ )
2. Ankota ( See )

**ଅଙ୍କୁଡ଼ି**—ଦେ. ବି. ( ସଂ. ଅଙ୍କୁଶ )—ଅଙ୍କୁଡ଼ା ( ଦେଖ )
Ankurdi Ankurdā ( See )

**ଅଙ୍କୁର**—ଗ୍ରା. ବି. ( ସଂ. ଅକ୍ରୂର )—ଅକ୍ରୂରର ଡାକ ନାମ—
Ankura Popular pronunciation of the name Akrūra.

ସଂ. ବି. ( ଅଙ୍କ୍ ଧାତୁ+ଉର)—

୧ । ଗଜା; ବୀଜରୁ ଜାତ ନୂତନ ବକାଗ୍ର ଉଦ୍ଭିଦ—1. Shoot or sprout from a seed.

୨ । ଡାଳର ଅଗରେ ଥିବା ନୂଆ କୋମଳ ମୁକୁଳ—2. Young and tender shoot at the top of a branch.

୩ । ବଉଳ; କଳି—3. Bud

୪ । ଲୋମ—4. Fur.

୫ । ରକ୍ତ—5. Blood.

୬ । ଜଳ—6. Water.

୭ । ( ରୋମ ) ଟାଙ୍କୁରୁ; ( ରୋମର ) ଉଦ୍ଗମ; ପୁଲକ—7. Horripilation; standing on end ( of the fur ).

ବଖାଦେ ହରହର ପୁଣି ଉଚ୍ଚାର
ବପୁରେ ଗଲା ରୋମ ଅଙ୍କୁର ପୂର ସେ । ଉଞ୍ଜ, ବୈଦେହୀଶବିଳାସ ୮୮୩୨ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କଥ' ନ ମିଳିଲେ 'କୃଥ' ଦେଖିବେ; 'ବର୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍ବଢ଼' ଦେଖିବେ ।

୮ । ଘାଆ ପୂରି ଆସିଲାବେଳେ ଘାରେ ବାହାରିବା ମାଂସର କ୍ଷୁଦ୍ର କ୍ଷୁଦ୍ର ରକ୍ତାଭ ଦାନା ( ହିନ୍ଦୀ ଶବ୍ଦସାଗର )—
8. Small particles of new flesh appearing on a healing wound.

୯ । ଫୁଲା—9. A swelling ( M. W. )

୧୦ । ଅବୁ—10. A tumour ( M. W. ).

**ଅଙ୍କୁରକ**—ସଂ. ବି. ( ଅଙ୍କ ଧାତୁ+ଉର+କ )—
**Aṅkuraka** ପକ୍ଷୀବସା—A nest.

**ଅଙ୍କୁରାଇବା**—ଦେ. କ୍ରି—ଅଙ୍କୁରିବା କ୍ରିୟାର ଣିଜନ୍ତରୂପ—
**Aṅkurāibā** Causative of Aṅkuribā.

୧ । ଗଜୁରାଇବା; ମଞ୍ଜିରୁ ଗଜା କରାଇବା—
1. To cause to sprout.

୨ । ( ଲକ୍ଷଣାର୍ଥ ) କୌଣସି ପ୍ରସ୍ତାବର ସୂକ୍ଷ୍ମ ସୂଚନା କରି ଆରମ୍ଭ କରିବା—2. To introduce any proposal by hints.

**ଅଙ୍କୁରାରୋପଣ**—ସଂ. ବି. ( ୭ମୀ ତତ୍ )—୧ । ଚାଳ ରୋଇବା—
**Aṅkurāropaṇa** Planting of seedlings; transplantation.

୨ । କୌଣସି କାର୍ଯ୍ୟର ସୂତ୍ରପାତ—
2. The commencement of any work.

**ଅଙ୍କୁରିତ**—ସଂ. ବିଣ. (ଅଙ୍କୁର+ଇତ)—ଗଜା ମାରିଥିବା; ଗଜୁରିଥିବା—
**Aṅkurita** Sprouted.

**ଅଙ୍କୁରିତଯୌବନା**—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଅଙ୍କୁରିତ+ଯୌବନ+
**Aṅkuritajaubanā** ସ୍ତ୍ରୀ. ଆ)—ଯେଉଁ ଯୁବତୀର ଯୌବନଚିହ୍ନ ଫୁଟି ଉଠି ଆସୁଛି—A girl the signs of whose puberty are beginning to appear.

**ଅଙ୍କୁରିବା**—ଦେ. କ୍ରି. (ସଂ. ଅଙ୍କୁର)—୧ । ଅଙ୍କୁରିତ ହେବା; ଗଜୁରିବା—
**Aṅkuribā** 1. To sprout.

ଅଙ୍କୁରିତ ହଓ୍ୟା ୨ । ନୂଆ ହୋଇ କଅଁଳିବା—
ଅଙ୍କୁର୍ନା, ଅଁକୁରାନା 2. To come out anew.

ସେହି କାଳେ ଚାକର ଅଙ୍କୁରିଲା ହସ୍ତ
ତୁଅନ୍ତେ ଧର୍ମେ ନିଜ ଗାତ୍ରକୁ ପବନ । କୃଷ୍ଣସିଂହ ମହାଭାରତ, ଶାନ୍ତି ।

୩ । ପୁନର୍ବାର ଜୀବ ପାଇବା; ପୁନର୍ବାର ଜନ୍ମିବା—
3. To be born again; to be revived.

ଶଙ୍କର କାମ ଭସ୍ମ କଲେ, ସେ ଯଥାକାଳେ ଅଙ୍କୁରିଲେ ।
ଭୂପତି, ପ୍ରେମପଞ୍ଚାମୃତ ।

**ଅଙ୍କୁରେଇବା**—ଦେ. କ୍ରି—ଅଙ୍କୁରାଇବା ( ଦେଖ )
**Aṅkureibā** Aṅkurāibā ( See )

**ଅଙ୍କୁରୋଦ୍ଗମ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍କୁର+ଉଦ୍ଗମ )—
**Aṅkurodgama** ମଞ୍ଜିରୁ ଗଜା ବାହାରିବା—The coming out of sprouts from the seed.

**ଅଙ୍କୁଲ**—ଦେ. ବି. ( ସଂ. ଅଙ୍କୋଠ )—ଅଙ୍କୋଠ ( ଦେଖ )
**Aṅkula** Aṅkoṭa ( See )

**ଅଙ୍କୁଶ**—ସଂ. ବି. ( ଅଙ୍କ ଧାତୁ+ଉଶ )—
**Aṅkuśa** ୧ । ଅଙ୍କୁଶା; ହସ୍ତିଚାଳନାର୍ଥ ବ୍ୟବହୃତ ବକ୍ର ଓ ତୀକ୍ଷ୍ଣାଗ୍ର ଲୌହଦଣ୍ଡ—
1. A goad; an iron-rod with a hooked point to goad an elephant.

୨ । ଶର ପରି ମୁନ ବଙ୍କା ହୋଇଥିବା କଣ୍ଟା—
2. A hooked nail shaped like an arrow.

୩ । (ଲକ୍ଷଣାର୍ଥ ) ବାଧା; ପ୍ରତିବନ୍ଧକ—
3. Obstacle.

**ଅଙ୍କୁଶଗ୍ରହ**—ସଂ. ବି. ( ଅଙ୍କୁଶ+ଗ୍ରହ ଧାତୁ+କର୍ତ୍ତୃ. ଅ; ଯେ ଅଙ୍କୁଶ
**Aṅkuśagraha** ଧରେ )—ମାହୁନ୍ତ—An elephant-driver.

**ଅଙ୍କୁଶଦୁର୍ଦ୍ଧର**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; ଅଙ୍କୁଶ+ଦୁର୍ଦ୍ଧର )—
**Aṅkuśadurddhara** ଦୁରନ୍ତ; ଯେଉଁ ହାତୀ ଅଙ୍କୁଶତାଡ଼ନାକୁ
( ଅଙ୍କୁଶଦୁର୍ଦ୍ଧର୍ଷା—ସ୍ତ୍ରୀ ) ମାନେ ନାହିଁ—( an elephant ) ungovernable by the goad.

( ଯଥା—ହାତୀ ମତ୍ତ ହେଲେ ଅଙ୍କୁଶକୁ ମାନେ ନାହିଁ )

**ଅଙ୍କୁଶମୁଦ୍ରା**—ସଂ. ବି. ( ମଧ୍ୟପଦଲୋପୀ; ଅଙ୍କୁଶାକୃତି ମୁଦ୍ରା )—
**Aṅkuśamudrā** ଦେବପୂଜାରେ ବ୍ୟବହୃତ ଜଳକୁ ଶୁଦ୍ଧ କରିବା ପାଇଁ ଅଙ୍ଗୁଳିଦ୍ୱାରା ରଚିତ ଅଙ୍କୁଶାକୃତି ତାନ୍ତ୍ରିକ ମୁଦ୍ରାବିଶେଷ—A pose of the fingers (in the shape of a hook) used in consecrating the water used in worship.

**ଅଙ୍କୁଶା**—ଦେ. ବି. ( ସଂ. ଅଙ୍କୁଶ )—
**Aṅkuśā** ୧ । ଅଙ୍କୁଶ ( ଦେଖ )—1. Aṅkuśa ( See )
ଆଁକସି ୨ । କଣ୍ଟା ଗଛର ବକ୍ରାଗ୍ର କଣ୍ଟା—
ଅଁକୁସି 2. Hooked prick of plants; hooked thorn.

**ଅଙ୍କୁଶାଲଗା**—ଗ୍ରା. ଅ—ସବାରି ବେହେରାମାନଙ୍କ ଡାକ ବିଶେଷ—
**Aṅkuśālagā** A hallooing cry of Palkibearers.

[ ଦ୍ର—ବାଟରେ ମୁଣ୍ଡ ଉପରେ କଣ୍ଟା ଗଛ ବା ଡାଳ ଓହୋଳି ଥିଲେ ଓ ତାହା ସବାରିରେ ବା ମୁଣ୍ଡରେ ବାଜିବାର ଆଶଙ୍କା ଥିଲେ ସବାରିର ଆଗ ବେହେରାମାନେ ପଛ ବେହେରାଙ୍କୁ ଏ ଡାକ ଡାକି ସତର୍କ କରାନ୍ତି । ଏଥିର ଅର୍ଥ—ସାବଧାନ ! ମୁଣ୍ଡ ଉପରେ ଝୁଲୁଥିବା କଣ୍ଟା ଯେପରି ମୁଣ୍ଡରେ ନ ବାଜେ । ]

**ଅଙ୍କୁଶି**—ଦେ. ବି. ( ସଂ. ଅଙ୍କୁଶ )—୧ । ଅଙ୍କୁଶା ( ଦେଖ )
**Aṅkuśi** 1. Aṅkuśā ( See )

୨ । କ୍ଷୁଦ୍ର ଅଙ୍କୁଶ—2. A small hook.

**ଅଙ୍କୂଶ**—ସଂ. ବି. ( ଅଙ୍କ ଧାତୁ+ଊଶ )—ଅଙ୍କୁଶ ( ଦେଖ )
**Aṅkūśa** Aṅkuśa ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

**ଅଙ୍କେଇତ୍ର**—ଗ୍ରା. ବି. (ଗୁହାଳର ପୁରୁଣାକାଳଆ ଅବଧାନମାନେ
Aṅkeitra ପିଲାଙ୍କୁ ସନ୍ତରଫଳା ଘୋଷାଇବାବେଳେ ଉଚ୍ଚାରିତ ଶବ୍ଦ)—ଙ୍କ୍ତ୍ର—The wrong pronu n ciation of the quadruthong 'ṅktra.'

**ଅଙ୍କେଇବଙ୍କେଇ ଯିବା**—ଦେ. କ୍ରି. (ସଂ. ବକ୍ର)—ସର୍ପପରି ଇତସ୍ତତଃ ବକ୍ର
Aṅkei baṅkei jibā ଗତି କରିବା—To move in a
ଆଁ କିୟେ ବାଁ କିଏ ଯାଓୟା crooked manner like the
এঁকেবেঁকে যাওয়া serpent.

**ଅଙ୍କେଇବା**—ଦେ. କ୍ରି—ଅଙ୍କାଇବା (ଦେଖ)
Aṅkeibā Aṅkāibā (See)

**ଅଙ୍କୋଠ**—ସଂ. ବି. (ଅଙ୍କ ଧାତୁ+ଓଠ)—ଧଳା କାଠର ବନ୍ୟ କଣ୍ଟାଳ
Aṅkoṭa ଶ୍ରେଷ୍ଠ ଗଛ—A wild tree; Alangium Hexpetalum.

ସଂ ପର୍ଯ୍ୟାୟ— ଅଙ୍କୋଠ; ଅଙ୍କୋଠକ; ଅଙ୍କୋଠ; ଅଂକୋଲ; ଅଙ୍କୋଠ; ବାମକ; ବିଷଘ୍ନ; ଦୀର୍ଘକୀଲ; ଦୃଢ଼କଣ୍ଟକ; ଲମ୍ବପୁଷ୍ପ;
ଓ—ଅଙ୍କୁ, ଆଙ୍କୁ; ଅଙ୍କୁଡ଼ା; ଆଙ୍କୁଲ; ଧଳା ଆଙ୍କୁ; ଧଳାଙ୍କୁଡ଼ା
ଆଙ୍କୋଡ଼; ଧଳାଆଙ୍କୁଡ଼ା; ଧଳଣ୍ଡ
ଅଂକୋଲ; ঠেরা; ঢেরা,
ତେ—ଢ଼ୁଗା

[ଏ ଗଛ ପାହାଡ଼ିଆ ଭୂମି, ପଥର ସନ୍ଧି ଓ ପର୍ବତର କାନ୍ଥରେ ଉଠେ; ଏହାର ଡାଳ ଧାର ଚେମଡ଼ି; ଏହାର ପତ୍ର ଛ ଆଙ୍ଗୁଳିଆ ବା ଛଅ ଶାଖାବିଶିଷ୍ଟ; ଏହା କଟୁ, କଷାୟ, ତୀକ୍ଷ୍ଣ ରେଚକ, ଉଷ୍ଣବୀର୍ଯ୍ୟ, ସ୍ନିଗ୍ଧ ଓ ଲଘୁ; ଏହାର ଫଳ ମଧୁର, ଶୀତବୀର୍ଯ୍ୟ, ଗୁରୁପାକ, ବଳବର୍ଦ୍ଧକ, ବିରେଚକ ଓ ଶ୍ଳେଷ୍ମଜନକ; ଏହା ଦାହ, କ୍ଷୟ ଓ ରକ୍ତଦୋଷ ରୋଗରେ ଉପକାରୀ । ଏହାର ଫଳ ବିଷ୍ଟ କାମୁଡ଼ାର ବିଷହାରକ । ଏହାର ମୂଳର ଚୋପା ବମନକାରକ; ମୂଳକୁ ଖୁଆଇ ଚୂର୍ଣ୍ଣ କରି କୁଷ୍ଠ ଓ ଉପଦଂଶ କ୍ଷତରେ ଛିଞ୍ଚିଲେ କ୍ଷତ ଶୁଖିଯାଏ । ଏହାର ରସ ବିଷନାଶକ । ଲୋକେ କହନ୍ତି ଯେ ଏହାର ମଞ୍ଜିକୁ ବାହାରିବା ତେଲରେ ଅନ୍ୟ କୌଣସି ମଞ୍ଜିକୁ ଘଷାଇ ପୋତି ଦେଲେ ସେ ଜାଗାରୁ ଅତି ଶୀଘ୍ର ଗଛ ଉଠେ । ପୁଷ୍ପଭେଦରେ ଅଙ୍କୁଲ ତିନି ପ୍ରକାର—ରକ୍ତ, ଶ୍ୱେତ ଓ କୃଷ୍ଣ ।

**ଅଙ୍କୋଠକ**—ସଂ. ବି. (ଅଙ୍କୋଠ+କ)—ଅଙ୍କୋଠ (ଦେଖ)
Aṅkoṭaka Aṅkoṭa (See)

**ଅଙ୍କୋଠ**—ସଂ. ବି. (ଅଙ୍କ ଧାତୁ+ଓଠ)—ଅଙ୍କୋଠ (ଦେଖ)
Aṅkotha Aṅkoṭa (See)

**ଅଙ୍କୋତ୍ଥ**—ସଂ. ବିଣ.—(୬ମୀ ତତ୍; ଅଙ୍କ+ଉତ୍ଥ)—କରତଳ; ପଦ-
Aṅkottha ତଳ ଆଦିରେ ଧ୍ୱଜ, ଅଙ୍କୁଶ ଚକ୍ରାଦି ଚିହ୍ନରୁ ସୂଚିତ (ପୁରୁଷର ସୁଲକ୍ଷଣ)—(good signs) Due to a man having got some auspicious marks on the palm and sole of his feet.

ଗୁଣେତ୍ର ଅଙ୍କୋତ୍ଥ ବର୍ଧାନେ, ଥାଅନ୍ତି ପଞ୍ଚାଶ ଲକ୍ଷଣେ ।
ପ୍ରାଚୀ—ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

**ଅଙ୍କୋଲ**—ସଂ. ବି. (ଅଙ୍କ ଧାତୁ+ଓଲ)—ଅଙ୍କୋଠ (ଦେଖ)
Aṅkola Aṅkoṭa (See)

**ଅଙ୍କୋଳ**—ସଂ. ବି. (ଅଙ୍କ ଧାତୁ+ଓଲ)—ଅଙ୍କୋଲର ଅନ୍ୟ ଉଚ୍ଚାରଣ—
Aṅkola Another pronunciation of Aṅkola

**ଅଙ୍କୋଲସାର**—ସଂ. ବି. (୬ଷ୍ଠୀ ତତ୍; ଅଙ୍କୋଲ+ସାର)—ଅଙ୍କୋଠ
Aṅkolasāra ଗଛର ନିର୍ଯ୍ୟାସ; ଏହା ବିଷ—The juice or essence of the Aṅkoṭa tree, (which is a poison).

**ଅଙ୍କୋଲିକା**—ସଂ. ବି. (ଅଙ୍କପାଲିକାର ଅନ୍ୟ ଆକାର)—ଅଙ୍କପାଲିକା;
Aṅkolikā ଆଲିଙ୍ଗନ—Embrace (M. W.).

**ଅଙ୍କ୍ୟ**—ସଂ. ବିଣ. (ଅଙ୍କ ଧାତୁ+କର୍ମ.ଯ)—୧ । ଅଙ୍କନ କରିବା ଯୋଗ୍ୟ;
Aṅkya ଯାହା ଅଙ୍କିତ ହେବା ଉଚିତ—1. Fit to be drawn or delineated.

୨ । ଗଣନୀୟ—Fit to be counted.

ସଂ. ବି. (ଯାହା ଅଙ୍କ ବା କୋଡ଼ରେ ରଖାଯାଇ ବାଦିତ ହୁଏ)—ଶ୍ରେଷ୍ଠ ଆନଦ୍ଧ ବାଦ୍ୟ (ଯଥା—ମୃଦଙ୍ଗ, ପଖୋଜ, ଢୋଲକ, ଡୁଗୀ, ତବଲା)—A small drum.

**ଅଙ୍ଗରାଜ**—ଗ୍ରା. ବି. ଓ ବିଣ. (ପ୍ରାଚୀନ, ଇଂ. Angle. ଅଙ୍ଗ୍ଲ
Aṅgrāj ଇଂ. English, ଇଙ୍ଗ୍ଲିଶ୍
ইংরেজ, ইঙ্গরেজ, ଫ୍ରେ. Anglaise, ଅଙ୍ଗ୍ଲେ)—
अंग्रेज ଇଙ୍ଗ୍ରାଜ (ଦେଖ)—Iṅgrāja (See)
अंग्रेज, अंग्रेज
ମ. ଇଂଗ୍ରଜ

**ଅଙ୍ଗ୍ରାଜି**—ବୈଦେ. ବି. ଓ ବିଣ—ଇଙ୍ଗ୍ରାଜି (ଦେଖ)
Aṅgrāji Iṅgrāji (See)

**ଅଙ୍ଗ୍ଲାଇବା**—ପ୍ରାଦେ. (ସମ୍ବଲପୁର) କ୍ରି.—(ଲୁଗାକୁ) ହକାଳିବା; ଧୋଇବା—
Aṅglāibā To wash (clothes).

**ଅଙ୍ଗ୍ଲେଇବା**—ଗ୍ରା. କ୍ରି. (ସଂ. ଅଙ୍ଗୁଳ)—ଅଙ୍ଗୁଳେଇବା (ଦେଖ)
Aṅgleibā Aṅguleibā (See)

**ଅଙ୍ଗ୍ଶା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅଙ୍କୁଶ)—ଅଙ୍କୁଡ଼ି; ଅଙ୍କୁଶାଗ୍ର
Aṅgsā ବିଶିଷ୍ଟ ବଡ଼ ବାଉଁଶଦଣ୍ଡ; ଅଗରେ ହୁକ ଲାଗିଥିବା ଲଗି—A long pole with a hook at the top to pluck fruits from high trees.

**ଅଙ୍ଗ୍ (ଧାତୁ)**—ସଂ. (ଅନଗ ଧାତୁ) ୧ । ପାଇବା; ପ୍ରାପ୍ତ ହେବା—
Aṅg (root) 1. To get.

୨ । ନେବା; ଗ୍ରହଣ କରିବା—2. To take.

୩ । ଯିବା; ଗମନ କରିବା—3. To move.

୪ । ଚିହ୍ନ ଦେବା—4. To mark.

**ଅଙ୍ଗ**—ସଂ. ବି. (ଅଙ୍ଗ ଧାତୁ+କର୍ତ୍ତୃ. ଅ; ଯାହା ଗତି କରେ)—
Aṅga ୧ । ଦେହ; ଗାତ୍ର; ଶରୀର—1. Body.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୨ । ଶରୀରର ଅବୟବ; ଦେହର ଭିନ୍ନ ଭିନ୍ନ ଅଂଶ— ( ଯଥା—ହସ୍ତ; ପଦ; ମୁଖ )—2. Limb; a member of the body.

୩ । ଭାରତର ପ୍ରାଚୀନ ପ୍ରଦେଶ ବା ରାଜ୍ୟ— 3. Name of a province or kingdom of ancient India.

[ ଦ୍ର—ଆଧୁନିକ ବିହାରର ଭାଗଲପୁରର ଚତୁର୍ଦ୍ଦିଗ ଅଞ୍ଚଳ; ଶକ୍ତି-ସଙ୍ଗମତନ୍ତ୍ର ମତରେ ଅଙ୍ଗ ଦେଶ ବୈଦ୍ୟନାଥଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ ଥିଲା—ଜଗବନ୍ଧୁ ପ୍ରା—ଉତ୍କଳ । କର୍ଣ୍ଣଙ୍କୁ ଦୁର୍ଯ୍ୟୋଧନ ଅଙ୍ଗର ରାଜପଦରେ ପ୍ରତିଷ୍ଠିତ କରିଥିଲେ । ଅଙ୍ଗ ବଙ୍ଗ ଓ କଳଙ୍ଗ ଏହି ତିନଗୋଟି ପ୍ରଦେଶ ପରସ୍ପରର ସନ୍ନିକଟବର୍ତ୍ତୀ ଥିବାର ଐତିହାସିକ ଗ୍ରନ୍ଥମାନଙ୍କରୁ ଦେଖାଯାଏ । ]

ସାମାନ୍ୟ ନଗର ଗୋଟି ଅଟେ ଅଙ୍ଗ ଦେଶ
ତହିଁମଧ୍ୟରେ ବହୁତ କରନ୍ତି ବାସ । ସାରଳା ମହାଭାରତ, ଉଦ୍ୟୋଗ ।

୪ । କୌଣସି ପଦାର୍ଥର ଅଂଶବିଶେଷ— 4. A part or portion of any thing.

୫ । କୌଣସି କାର୍ଯ୍ୟ ବା ଅନୁଷ୍ଠାନର ଅଂଶ— 5. A part of a work or institution.

୬ । ଅଂଶ—6. Part; portion.

୭ । ଉପକରଣ; ଉପାଦାନ— 7. Material; ingredient.

୮ । ମନ—8. Mind.

୯ । ଆକୃତି—9. Shape.

୧୦ । ବିଦ୍ୟା ବା ବିଜ୍ଞାନର ବିଭାଗ—10. Department of a science or an art.

୧୧ । ପୁସ୍ତକର ଅଂଶ ବା ଭାଗ— 11. A part of any book.

୧୨ । ବିଭାଗ ବା ବିଭକ୍ତ ଅଂଶ— 12. Division; subdivision.

୧୩ । ଦେଶାଂଶ—13. A part of a country; locality.

୧୪ । ଜ୍ଞାନ—14. Wisdom.

୧୫ । ରାଜ୍ୟର ଭିନ୍ନ ଭିନ୍ନ ଉପାଦାନ—15. The different requisites or ingredients of a kingdom: a limb of royalty.

( ଯଥା—ସ୍ୱାମୀ, ଅମାତ୍ୟ, ସୁହୃଦ୍, କୋଷ, ରାଜ୍ୟ, ଦୁର୍ଗ, ସେନା, ପ୍ରଜା ଓ ପୁରୋହିତ । )

୧୬ । ବେଦର ମନ୍ତ୍ର ବିଶେଷ— 16. Name of a formula in the Vedas.

୧୭ । ମନ୍ତ୍ର ବା ଉପଦେଶର ପାଞ୍ଚ ଅଂଶ ମଧ୍ୟରୁ ଏକ— 17. One of the 5 limbs of a mantra or advice.

(ଯଥା—୧. କର୍ମାରମ୍ଭୋପାୟ; ୨. ପୁରୁଷ ଦ୍ରବ୍ୟ ସମ୍ପଦ; ୩. ଦେଶକାଳ ବିଭାଗ; ୪. ବିପତ୍ତି ପ୍ରତୀକାର; ୫. କାର୍ଯ୍ୟସିଦ୍ଧି । )

୧୮ । ବେଦାଙ୍ଗ; ବେଦର ଅବୟବ ଗ୍ରନ୍ଥ (ଯଥା—ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ ଓ ଛନ୍ଦ ଏହି ୬ଗୋଟି)— 18. One of the six departments or divisions of the Vedas.

୧୯ । ଗ୍ରନ୍ଥୋକ୍ତ ବିଷୟ ବୁଝାଇବା ପାଇଁ ବ୍ୟବହୃତ ଉଦାହରଣ— 19. An illustration.

୨୦ । ଜୈନମାନଙ୍କର ଧର୍ମଗ୍ରନ୍ଥବିଶେଷ— 20. Name of a religious tract of the Jainas.

୨୧ । ନିଜେ; ସ୍ୱୟଂ—21. Self. ( ଯଥା —ଅଙ୍ଗୀକାର )

୨୨ । ଅପ୍ରଧାନ ବିଷୟ—22. Anything secondary.

ସଂ. ବିଣ—ଗୌଣ; ଅପ୍ରଧାନ—Secondary; unessential.

ସଂ. ଅ. ( ସଂବୋଧନରେ ବ୍ୟବହୃତ )—ହେ—Oh !

**ଅଙ୍ଗକଷାୟ**—ସଂ. ବି. ( ୬ଷ୍ଠୀ ତତ୍ )—ପୁରୁଷବୀର୍ଯ୍ୟ—
Aṅgakashāya The semen virile ( M. W. )

**ଅଙ୍ଗଗ୍ରହ**—ସଂ. ବି. ( ଅଙ୍ଗ + ଗ୍ରହ ଧାତୁ + କର୍ତ୍ତୃ. ଅ; ଯାହା ଅଙ୍ଗକୁ ଆକ୍ରମଣ କରେ )—
Aṅgagraha

୧ । ଶରୀରର ବେଦନା—1. Bodily pain.

୨ । ଧନୁଷ୍ଟଙ୍କାର ରୋଗ—2. Tetanus; spasm,

**ଅଙ୍ଗଘଷା**—ଦେ. ବିଣ. ( ସଂ. ଅଙ୍ଗ ଓ ଘର୍ଷଣ; ଯେ ସେବା କଲା ବେଳେ ପ୍ରଭୁଙ୍କ ଅଙ୍ଗରେ ନିଜ ଅଙ୍ଗକୁ ଘଷେ ବା ଲଗାଏ)—
Aṅgaghashā
ଗା ଷଷା

୧ । ଅଙ୍ଗଲଗା; ଯେଉଁ ଭୃତ୍ୟ ପ୍ରଭୁଙ୍କ ଅଙ୍ଗସେବା କର୍ମ କରେ—1. Personal (servant); rendering personal service to the master.

୨ । ଯେଉଁ ଦାସୀ ପ୍ରଭୁଙ୍କ ସହବାସ କରେ— 2. ( a maid servant ) Who is cohabited by the master.

୩ । ଦେହ ଘଷିବା ବା ସଂବାହନ କରିବା ବ୍ୟକ୍ତି— 3. (a person) Who massages another.

୪ । ଦେହଘଷା; ଯେଉଁ ପାଳିତ ଜୀବ ( ଯଥା—ବିରାଡ଼ି, କୁକୁର ) ମନୁଷ୍ୟର ଦେହରେ ଘଷି ହେବାକୁ ବା ସର୍ବଦା ମନୁଷ୍ୟ ପାଖରେ ରହିବାକୁ ସୁଖ ପାଏ— 4. ( a pet animal ) Loving to rub its limbs against the body of its master.

୫ । ଅତି ଘନିଷ୍ଠ—5. Very intimate.

୬ । ଅତି ପ୍ରିୟ—6 Very pet.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇତ୍ୟ | ଉତ୍ଥ | ଦ୍ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅଁ | ଓ | ନ୍ଧ |

**ଅଙ୍ଗଚାଳନ**—ସଂ. ବି. ( ୬ଷ୍ଠୀ ତତ୍ ) —୧ । ଅଙ୍ଗଭଙ୍ଗୀ ( ଦେଖ )
Aṅgachāḻana 1. Aṅgabhangī ( See )
୨ । ଦେହର ଭିନ୍ନ ଭିନ୍ନ ଅଙ୍ଗକୁ ଏଣେ ତେଣେ ଚଳାଇବା—2. Movement of one's limbs.
୩ । ବ୍ୟାୟାମ—3. Physical exercise.

**ଅଙ୍ଗଚାଳନା**—ସଂ ବି. (୬ଷ୍ଠୀ ତତ୍)—ଅଙ୍ଗଚାଳନ (ଦେଖ)
Aṅgachāḻanā Aṅgachāḻana (See)

**ଅଙ୍ଗଚ୍ଛଦ**—ସଂ. ବି.—( ଅଙ୍ଗ + ଛଦ ଧାତୁ = ଘୋଡ଼ାଇବା + କର୍ତ୍ତୃ. ଅ;
Aṅgachchhada ଯାହା ଦେହକୁ ଘୋଡ଼ାଏ; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ;)—ପୋଷାକ—Dress.

ଅଙ୍ଗଦରେ ଦେଲେ ଅଙ୍ଗଚ୍ଛଦ, ହୋଇଲେ ସେ ବହୁତ ପ୍ରମୋଦ ।
ବିଶ୍ୱନାଥ—ବିଚିତ୍ର ରାମାୟଣ ।

**ଅଙ୍ଗଚ୍ଛେଦ** ସଂ. ବି. (୬ଷ୍ଠୀ ତତ୍; ଅଙ୍ଗ + ଛେଦ; ସନ୍ଧିଦ୍ୱାରା ଛ ସ୍ଥାନରେ
Aṅgachchheda ଚ୍ଛ ଆଦେଶ)—ଦେହର ଅଙ୍ଗବିଶେଷର କର୍ତ୍ତନ—Mutilation; Dis-memberment of any limb.

**ଅଙ୍ଗଚ୍ଛେଦନ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ଛେଦନ; ସନ୍ଧିଦ୍ୱାରା ଛ
Aṅgachchhedana ସ୍ଥାନରେ ଚ୍ଛ ଆଦେଶ)—ଅଙ୍ଗଚ୍ଛେଦ (ଦେଖ)
Aṅgachchheda (See)

**ଅଙ୍ଗଛୁଆଁ**—ଦେ. ବିଣ. (ପୁଂ. ଓ ସ୍ତ୍ରୀ.)—ଅଙ୍ଗଲଗା (ଦେଖ)
Aṅgachhuāṅ Aṅgalagā (See)
ଦେ. ବି.—ଅଙ୍ଗସ୍ପର୍ଶକରଣ—Act of touching the body.

**ଅଙ୍ଗଛୁଇଁବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତିର ଅଙ୍ଗ ସ୍ପର୍ଶ କରିବା—
Aṅgachhuiṅbā 1. To touch a person's body.
অঙ্গছুয়াঁ ୨ । ଦେହ ସ୍ପର୍ଶ କରି ଶପଥ କରିବା; ଦେହ ଛୁଇଁବା—
बदन छुना 2. To take an oath by touching a limb.
୩ । ରମଣ କରିବା—To cohabit.
ଦାସୀ ଅଙ୍ଗ ଛୁଇଁବାରୁ ଦାର୍ଯ୍ୟସ୍ଥାନ ହେବେ । ପ୍ରାଚୀ, ଶ୍ରୀ ଗୁରୁଭକ୍ତି ଗୀତା ।

**ଅଙ୍ଗଜ**—ସଂ. ବିଣ—(ଅଙ୍ଗ + ଜନ୍ ଧାତୁ + କର୍ତ୍ତୃ. ଅ)—ଅଙ୍ଗରୁ ଜାତ—
Aṅgaja Born of the body.
(ଅଙ୍ଗଜା—ସ୍ତ୍ରୀ) ସଂ. ବି.—୧ ପୁତ୍ର; ପୁଅ—1. Son.
୨ । ମତ୍ତତା; ନିଶା—2. Drunkenness; intoxication.
୩ । ରକ୍ତ—3. Blood.
୪ । ମୁଣ୍ଡର ବାଳ—4. Hair of the head.
୫ । କାମ; ମଦନ—5. Cupid; the God of Love.
୬ । ରୋଗ—6. Disease.
୭ । ଲୋମ—7. Fur.

**ଅଙ୍ଗଜା**—ସଂ. ବିଣ. ସ୍ତ୍ରୀ (ଅଙ୍ଗଜ + ସ୍ତ୍ରୀ. ଆ) —ଅଙ୍ଗଜର ସ୍ତ୍ରୀଲିଙ୍ଗ—
Aṅgajā Feminine of Aṅgaja.
ସଂ. ବି. ସ୍ତ୍ରୀ—କନ୍ୟା; ଝିଅ—A daughter.

**ଅଙ୍ଗଜ୍ୱର**—ସଂ. ବି. (୬ଷ୍ଠୀ ତତ୍)—ରାଜଯକ୍ଷ୍ମା ରୋଗ—
Aṅgajwara Tuberculosis.

**ଅଙ୍ଗଟ**—ଦେ. ବି.—ଅଙ୍ଗୋଟ (ଦେଖ)
Aṅgaṭ Aṅgoṭa (See)

**ଅଙ୍ଗଠି**—ଦେ. ବି. (ସଂ. ଅଙ୍ଗୁଷ୍ଠ)—୧ । ଅଙ୍ଗୁଳି—1. Finger.
Aṅgaṭhi ୨ । ମୁଦି—2. Finger-ring.
আংটি ୩ । (ସଂ. ଅଙ୍ଗାର) ନିଆଁ ଗଦା; ଧୁନି—
3. A heap of fire.

**ଅଙ୍ଗଣ**—ସଂ. ବି. (ଅଙ୍ଗ + ପ୍ରଶସ୍ତାର୍ଥେ. ନ; ଯାହାର ପ୍ରଶସ୍ତ ଅଙ୍ଗ ଅଛି କିମ୍ବା
Aṅgaṇa ଅଙ୍ଗ ଧାତୁ + ଅଧିକରଣ. ଅନ)—ଅଙ୍ଗନ; ଅଗଣା; ଗୃହ-ଚତ୍ୱର—Courtyard (M. W.)
ବସିଲେ ସଙ୍ଗିରେ ଚନ୍ଦ୍ର କରେ ଅଙ୍ଗଣର । ଭଞ୍ଜ. ବୈଦେହୀଶବିଳାସ ୭୧୬ ।

**ଅଙ୍ଗଣା**—ସଂ. ବି. (ସଂ. ଅଙ୍ଗନ + ଆ) —ଅଙ୍ଗନ; ଅଗଣା; ଗୃହଚତ୍ୱର—
Aṅgaṇā Courtyard (M. W.)
ଭୂମି ପୁଅ ଯୁଦ୍ଧେ ଜୁଅନ୍ତେ ବଳଗୁଣ, ପଳାଇଲେ ଛାଡ଼ିଣ ସେ ଯୁଦ୍ଧ ଅଙ୍ଗଣା ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଅଙ୍ଗତି**—ସଂ. ବି—(ଅଙ୍ଗ ଧାତୁ + ଅତି)—
Aṅgati ୧ । ଅଗ୍ନି—1. Fire.
୨ । ଅଗ୍ନିହୋତ୍ରୀ (ଦେଖ)
2. Agnihotrī (See)
୩ । ବିଷ୍ଣୁ—3. Bishṇu.

**ଅଙ୍ଗତ୍ର**—ସଂ. ବି. (ଅଙ୍ଗ + ତ୍ରୈ ଧାତୁ; ରକ୍ଷା କରିବା + କର୍ତ୍ତୃ. ଅ; = ଅଙ୍ଗକୁ
Aṅgatra ଯାହା ରକ୍ଷା କରେ)—
୧ । ଅଙ୍ଗରକ୍ଷକ; ବର୍ମ୍ମ; ସାଞ୍ଜୁ—1. Coat of mail.
୨ । ଅଙ୍ଗରଖା; କୁରୁତା—2. Coat.

**ଅଙ୍ଗତ୍ରାଣ**—ସଂ. ବି. (ଅଙ୍ଗ + ତ୍ରୈ ଧାତୁ + କର୍ତ୍ତୃ. ଅନ)—
Aṅgatrāṇa ଅଙ୍ଗତ୍ର (ଦେଖ)— Aṅgatra (See)
ବ୍ୟାଘ୍ରଚର୍ମ୍ମ—ଅଙ୍ଗତ୍ରାଣେ ସ୍କନ୍ଧେ ଅବିର ।
ରାଧାନାଥ, ମହାଯାତ୍ରା ।

**ଅଙ୍ଗଦ**—ସଂ. ବି. (ଅଙ୍ଗ + ଦେ ଧାତୁ = ଶୋଭା କରିବା + କର୍ତ୍ତୃ. ଅ);
Aṅgada ୧ । ବାଜୁ; ତାଡ଼; ବାହୁଭୂଷଣ—1. An armlet; a bracelet for the upper arm.
୨ । ଗାମୁଛା; ଗାତ୍ରମାର୍ଜ୍ଜନୀ—2. Towel; napkin.
୩ । ମର୍କଟରାଜ ବାଲୀର ପୁତ୍ର—
3. Name of the son of the monkey king Bāḻi.
୪ । ଲକ୍ଷ୍ମଣଙ୍କର ଦୁଇ ପୁତ୍ର ମଧ୍ୟରୁ ଏକ—
4. Name of one of the two sons of Lakshmaṇa.
ଅଙ୍ଗଦ ଚନ୍ଦ୍ରକେତୁ ଦୁଇ, ଲକ୍ଷ୍ମଣ ବୀର୍ଯ୍ୟେ ଜାତ ହୋଇ ।—ଜଗନ୍ନାଥ. ଭାଗବତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଲୁଅ' ନ ମିଳିଲେ 'କୂଅ' ଦେଖିବେ; 'ନଥ' ନ ପାଇଲେ 'ବନ୍ଧ' ଦେଖିବେ; 'ଆଗିଆ' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୫ । ଗଦର ପୁତ୍ରବିଶେଷ—5. Name of a son of Gada.

ସଂ. ବିଣ. ( ଭଙ୍ଗୀପ୍ର ବ୍ୟବହାର )—ଅଙ୍ଗଚ୍ଛେଦ ଯୋଗୁଁ ମୃତ—Dead after mutilation.

ବୋଲେ ଲଙ୍କେଶ ଏ ପଦ
ବଳଦେ ହେବୁ ଅଙ୍ଗଦରେ । ଭଞ୍ଜ, ବୈଦେହୀଶବିଳାସ ୪୧।୨୧ ।

**ଅଙ୍ଗଦା**—ସଂ. ବି. ସ୍ତ୍ରୀ. (ଅଙ୍ଗଦ + ଆ)—ଦକ୍ଷିଣ ଦଗର ହସ୍ତିନୀର ନାମ—
**Angadā** Name of the she-elephant guarding the South.
( ପିଙ୍ଗଳା ତଳେ ନୋଟ ଦେଖ । )

**ଅଙ୍ଗଦେଶ**—ସଂ. ବି. ୧ । ଅଙ୍ଗନାମକ ରାଜ୍ୟ; ଅଙ୍ଗ ୩. ( ଦେଖ )
**Angadesa** 1. Anga 3. ( See )
୨ । ଶରୀର; ଦେହ—2. Body

**ଅଙ୍ଗନ**—ସଂ. ବି. (ଅଙ୍ଗ + ପ୍ରଶସ୍ତାର୍ଥେ ନ; ଯାହାର ପ୍ରଶସ୍ତ ଅଙ୍ଗ ଅଛି
**Angana** ଅଙ୍ଗ ଧାତୁ + ଅଧିକରଣେ. ଅନ )—
୧ । ଅଗଣା; ଗୃହଚତ୍ୱର—1. Courtyard.
୨ । କ୍ଷେତ୍ର—2. Area.
୩ । ( ଅଙ୍ଗ ଧାତୁ + ଭାବ. ଅନ ) ଭ୍ରମଣ—
3. Act of walking. ( M. W. )

**ଅଙ୍ଗନା**—ସଂ. ବି. ସ୍ତ୍ରୀ. ( ଅଙ୍ଗ + ପ୍ରଶଂସାର୍ଥେ. ନ + ସ୍ତ୍ରୀ. ଆ )—
**Anganā** ୧ । ସ୍ତ୍ରୀ; ନାରୀ—1. Any woman; a female.
୨ । ସୁନ୍ଦରଅଙ୍ଗବିଶିଷ୍ଟା ସ୍ତ୍ରୀ—2. A woman with graceful limbs.
୩ । ଉତ୍ତର ଦଗର ହସ୍ତିନୀ 3. Name of the female elephant guarding the North.
୪ । (ଜ୍ୟୋତିଷ) କନ୍ୟା ରାଶି—4. (astronomy) Virgo; one of the twelve zodiacal signs.

**ଅଙ୍ଗନାପ୍ରିୟ**—ସଂ. ବି. ( ୬ଷ୍ଠୀ ତତ୍; ସ୍ତ୍ରୀମାନେ ବାଳ ପିନ୍ଧିଥିବା
**Anganāpriya** ଗୋଡ଼ରେ ଗୋଇଠା ମାଇଲେ ଅଶୋକ ବୃକ୍ଷ ଫୁଲ ଫୁଟିବାର କବିପ୍ରସିଦ୍ଧ ଥିବାରୁ )—
ଅଶୋକ ବୃକ୍ଷ—The tree Janesia Asoca.

**ଅଙ୍ଗନ୍ୟାସ**—ସଂ ବି. ( ୬ଷ୍ଠୀ ତତ୍ )—ଦେବପୂଜା ଉପଲକ୍ଷରେ ବାକ
**Anganyāsa** ବା ମନ୍ତ୍ରାଂଶ ଉଚ୍ଚାରଣ ପୂର୍ବକ ଦେହର ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ଅଙ୍ଗକୁ ଛୁଇଁବା କ୍ରିୟା—A ritual of touching certain parts of the body while uttering the component parts of a formula during worship.

[ ଯଥା—ଗାୟତ୍ରୀମନ୍ତ୍ରର ଅଙ୍ଗନ୍ୟାସ :—ଓଁ ଭୂଃ ହୃଦୟାୟ ନମଃ, ଓଁ ଭୁବଃ ଶିରସେ ସ୍ୱାହା, ଓଁ ସ୍ୱଃ ଶିଖାୟୈ ବଷଟ୍; ଓଁ ତତ୍ସବିତୁର୍ବରେଣ୍ୟଂ କବଚାୟ ହୁମ୍, ଓଁ ଭର୍ଗୋଦେବସ୍ୟ ଧୀମହି ଧିୟୋ ଯୋ ନଃ ପ୍ରଚୋଦୟାତ୍ କରତଳକରପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍; ଏହିପରି ସବୁ ମନ୍ତ୍ରର ଅଂଶ ଉଚ୍ଚାରଣପୂର୍ବକ ଭିନ୍ନ ଭିନ୍ନ ଅଙ୍ଗ ସ୍ପର୍ଶ କରିବାର ବିଧି ଅଛି । ]

**ଅଙ୍ଗପାଲି**—ସଂ. ବି. ( ଅଙ୍ଗ + ପାଲ ଧାତୁ + ଭାବ. ଇ )—ଅଙ୍କପାଳି;
**Angapāli** ଆଲିଙ୍ଗନ; କୁଣ୍ଢାଇବା—An embrace.

**ଅଙ୍ଗପ୍ରତ୍ୟଙ୍ଗ**—ସଂ ବି. (ଦ୍ୱନ୍ଦ୍ୱ; ଅଙ୍ଗ + ପ୍ରତ୍ୟଙ୍ଗ)—୧.ଅଙ୍ଗ ଓ ପ୍ରତ୍ୟଙ୍ଗ;
**Angapratyanga** ଦେହର ଅଙ୍ଗ ଓ ଅଙ୍ଗଶାଖାଗଣ—
1. All the members or limbs of the body; the main and the minor members of the body.
୨ । ସର୍ବାଙ୍ଗ; ଶରୀରର ସମସ୍ତ ଅଂଶ—
2. The whole of the body.
[ ଦ୍ର—ଶରୀରର ହସ୍ତପଦାଦିକୁ ଅଙ୍ଗ ବୋଲାଯାଏ ଓ ଅଙ୍ଗର ଶାଖାକୁ ( ଯଥା—ଅଙ୍ଗୁଳି ) ପ୍ରତ୍ୟଙ୍ଗ ବୋଲାଯାଏ । ]

**ଅଙ୍ଗପ୍ରାୟଶ୍ଚିତ୍ତ**—ସଂ. ବି. ( ମଧ୍ୟପଦଲୋପୀ; ଅଙ୍ଗଶୁଦ୍ଧ୍ୟର୍ଥ ଅନୁଷ୍ଠିତ
**Angaprāyaschitta** ପ୍ରାୟଶ୍ଚିତ୍ତ )—୧ । ଶରୀରର ଅଙ୍ଗକୁ ଶୁଦ୍ଧ ବା ପାପମୁକ୍ତ କରିବା ପାଇଁ ଅନୁଷ୍ଠିତ ପ୍ରାୟଶ୍ଚିତ୍ତ କର୍ମ—
1. Expiation of bodily impurity; ceremonial purification of the body.
୨ । ମୃତକାଶୌଚଦ୍ୱାରା ଅଶୁଦ୍ଧ ଦେହର ଶୋଧନ—
2. Expiation of bodily impurity arising from death in a family. (M.W.)

**ଅଙ୍ଗ ବଙ୍ଗ କଳିଙ୍ଗ**—ସଂ. ବି. ( ଦ୍ୱନ୍ଦ୍ୱ; ଅଙ୍ଗ + ବଙ୍ଗ + କଳିଙ୍ଗ )—
**Anga banga kalinga** ବଙ୍ଗ ଓ ବିହାରୋତ୍କଳ; ପରସ୍ପର ନିକଟବର୍ତ୍ତୀ ତିନ ଗୋଟି ଇତିହାସପ୍ରସିଦ୍ଧ ପ୍ରଦେଶ—
The three adjacent countries of Bihar, Bengal and the Oriya speaking tracts.
[ ଦ୍ର—ଅଙ୍ଗ—ଆଧୁନିକ ବିହାର; ବଙ୍ଗ—ଆଧୁନିକ ବଙ୍ଗଳା; କଳିଙ୍ଗ—ଆଧୁନିକ ଓଡ଼ିଶା ଓ ଗଞ୍ଜାମ । ]

**ଅଙ୍ଗବଳ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ବଳ )—ଅଙ୍ଗରାଜାଙ୍କ
**Angabala** ସୈନ୍ୟ; ଅଙ୍ଗଦେଶୀୟ ସେନା—The troops from the Anga country.

ତେଉଣି ଅଙ୍ଗବଳ ତାହାକୁ ଘେରି
କୈଳାଶ ଫିଙ୍ଗିଲା ବଳେ ପ୍ରତାପୀ ଅରି । ସାରଳା ମହାଭାରତ, ମଧ୍ୟ ।

**ଅଙ୍ଗବିକାର**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ବିକାର )—
**Angabikāra** ୧ । ରୋଗାଦିଦ୍ୱାରା ଅଙ୍ଗମାନଙ୍କର ବିକାର ଅବସ୍ଥା—1. Bodily deformity due to disease.
୨ । ବିକଳାଙ୍ଗତା; ଅଙ୍ଗହାନି; ଦେହର କୌଣସି ଅଙ୍ଗ କଟିଯିବା ଅବସ୍ଥା—2. Mutilated condition of the limbs.
୩ । ରୋଗ—3. Disease.
୪ । ମୂର୍ଚ୍ଛା—4. Collapse; fainting.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ପୃ | ଡ଼ଥ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୁ | ସ୍ପୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତୁ |

୫ । ଅପସ୍ମାର; ମୃଗୀରୋଗ—5. Epilepsy.

**ଅଙ୍ଗବିକୃତି**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ବିକୃତି ) —
Angabikruti ୧ । ଅଙ୍ଗବିକାର ( ଦେଖ )
1. Angabikāra ( See )
୨ । ଦେହଚାଳନଦ୍ୱାରା ସଙ୍କେତ; ଇସାରା—
2. Wink; nod; sign ( M. W. ).

**ଅଙ୍ଗବିକ୍ଷେପ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ବିକ୍ଷେପ )—
Angabikshepa ୧ । ଆଳସ୍ୟ ବା ରୋଗରୁ ଦେହ ମୋଡ଼ାମୋଡ଼ି ହେବା କିମ୍ବା ଗୋଡ଼ ହାତ ଛନ୍ଦିପିଟି ହେବା—
1. Twisting *ie* spreading and contracting of the limbs to drive away lethargy or due to pangs.
୨ । ନୃତ୍ୟାଦିରେ କଳାଯୁକ୍ତ ଅଙ୍ଗଭଙ୍ଗୀ—
2. Artistic gesticulations during dancing.

**ଅଙ୍ଗବିଜ୍ଞାନ**—ସଂ. ବି. ( ମଧ୍ୟପଦଲୋପୀ; ଅଙ୍ଗ+ବିଜ୍ଞାନ; ଅଙ୍ଗବିଷୟକ
Angabijnāna ବିଜ୍ଞାନ—୧ । ଶରୀରବିଜ୍ଞାନ; ଦେହବିଜ୍ଞାନ—
1. Physiology; anatomy.
୨ । ସାମୁଦ୍ରିକ ବିଦ୍ୟା; ହାତ ଦେଖି ମନୁଷ୍ୟର ପ୍ରକୃତି ଓ ଭାଗ୍ୟଗଣନା ବିଦ୍ୟା—2 Palmistry.
୩ । ଦେହରେ ଥିବା ଚିହ୍ନଦ୍ୱାରା ମନୁଷ୍ୟର ପ୍ରକୃତି ଓ ଭାଗ୍ୟଗଣନା ବିଦ୍ୟା—
3. Chiromancy; knowledge of lucky or unlucky marks on the body.
୪ । ବ୍ୟାକରଣ ଶାସ୍ତ୍ର—4 Grammar.

**ଅଙ୍ଗବିଦ୍ୟା**—ସଂ. ବି. ( ମଧ୍ୟପଦଲୋପୀ. କର୍ମଧା; ଅଙ୍ଗ+ବିଦ୍ୟା )—
Angabidyā ଅଙ୍ଗବିଜ୍ଞାନ ( ଦେଖ )
Angabijnāna ( See )

**ଅଙ୍ଗବିନିଶ୍ଚୟ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ବିନିଶ୍ଚୟ )—
Angabinischaya ହୋରା ଶାସ୍ତ୍ର ( ଦେଖ )
Horā Sāstra ( See )

**ଅଙ୍ଗବୈକଲ୍ୟ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ବୈକଲ୍ୟ)—ବିକଳାଙ୍ଗତା;
Angabaikalya ରୋଗ ବା କଟିଯିବା ଯୋଗୁଁ ଦେହରେ କୌଣସି ଅଙ୍ଗର ହାନି—Mutilation; deformity of any limb due to mutilation or disease.

**ଅଙ୍ଗବୈକୃତ**— ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ବିକୃତ+ଅ )—
Angabaikruta ୧ । ଅଙ୍ଗବିକାର ( ଦେଖ )
1. Angabikāra ( See )
୨ । ଅଙ୍ଗଭଙ୍ଗୀ ( ଦେଖ )
2. Angabhangi ( See )

**ଅଙ୍ଗବୈକ୍ଳବ୍ୟ**—ସଂ. ( ୬ଷ୍ଠୀ ତତ୍; ଅଙ୍ଗ+ବୈକ୍ଳବ୍ୟ )—
Angabaiklabya ଅଙ୍ଗବୈକୃତ ( ଦେଖ )
Angabaikruta ( See )

**ଅଙ୍ଗବୈଗୁଣ୍ୟ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ବୈଗୁଣ୍ୟ )—
Angabaigunya ୧ । ଅଙ୍ଗବିଶେଷର ହାନି—
1. Mutilation of a limb.
୨ । ଅଙ୍ଗବିଶେଷର ରୋଗ— 2. Disease attacking any limb.

**ଅଙ୍ଗଭଙ୍ଗୀ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ଭଙ୍ଗୀ )—
Angabhangi ୧ । ନୃତ୍ୟ ସମୟରେ ଅଙ୍ଗବିଶେଷର କଳାଯୁକ୍ତ ଚାଳନ—
1. Gesticulations or artistic postures assumed during dancing.
୨ । ହାବ; ପ୍ରଣୟ ଉଦ୍ରେକାର୍ଥ ପ୍ରଣୟୀ ପ୍ରଣୟିନୀଙ୍କର କାମଚେଷ୍ଟା ବା ପ୍ରେମସୂଚକ ଅଙ୍ଗଚାଳନା—
2. Charming postures and gesticulations assumed by lovers.

**ଅଙ୍ଗଭୂ**—ସଂ ବି. ( ଅଙ୍ଗ+ଭୂ ଧାତୁ+କର୍ତ୍ତୃ. କ୍ୱିପ୍; ଅଙ୍ଗରୁ ଜାତ )—
Angabhū ପୁତ୍ର—Son.

**ଅଙ୍ଗଭେଟ ତୃତୀୟା**—ଦେ. ବି—ଭାଦ୍ର କୃଷ୍ଣତୃତୀୟା—The third day
Angabheta trutiyā of the dark fortnight of the month of Bhādra.

**ଅଙ୍ଗମର୍ଦ୍ଦ**—ସଂ ବି. ପୁଂ. ( ଅଙ୍ଗ+ମୃଦ ଧାତୁ=ଘଷିବା+କର୍ତ୍ତୃ. ଅ )—
Angamardda ୧ । ଅଙ୍ଗସମ୍ବାହକ ଭୃତ୍ୟ; ଯେଉଁ ଚାକର
( ଅଙ୍ଗମର୍ଦ୍ଦୀ—ସ୍ତ୍ରୀ ) ପ୍ରଭୁଙ୍କ ଗୋଡ଼ ହାତ ଘଷିଦିଏ—
1. A servant who massages or shampoos the limbs of the master.
୨ । ଆମବାତ—2. Rheumatism (M. W.)
୩ । ଯେଉଁ ଭୃତ୍ୟ ପ୍ରଭୁଙ୍କ ଦେହରେ ହଳଦୀ ତେଲ ମାଲିସ କରେ—
3. A servant who rubs oil etc on the body of the master.

**ଅଙ୍ଗମର୍ଦ୍ଦକ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ମର୍ଦ୍ଦକ )—
Angamarddaka ଅଙ୍ଗମର୍ଦ୍ଦ ( ଦେଖ )
(ଅଙ୍ଗମର୍ଦ୍ଦିକା—ସ୍ତ୍ରୀ) Angamardda ( See )

**ଅଙ୍ଗମାର୍ଜ୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ମାର୍ଜ୍ଜନ )—
Angamārjjana ୧ । ଅଙ୍ଗସଂସ୍କାର; ଦେହକୁ ସଫା କରିବା ପାଇଁ ଗାମୁଛା ପ୍ରଭୃତି ଦ୍ୱାରା ଘଷିବା ମାଜିବା—
1. Scouring of the body with a towel.
୨ । ଶରୀରକୁ ପରିଷ୍କାର ପରିଚ୍ଛନ୍ନ କରିବା କ୍ରିୟା—
2. Toilet.
୩ । ମାଜଣା; ଗାଧୁଆ—3. Bath.
୪ । ମନ୍ତ୍ରୋଚ୍ଚାରଣ ପୂର୍ବକ ଜଳବିନ୍ଦୁ ସେଚନଦ୍ୱାରା ଶରୀରକୁ ଶୁଦ୍ଧକରଣ—4. Purification of the body

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

by sprinkling water on it while reciting certain formulae.
[ ଦ୍ର—ଓଁ ଅପୋହିଷ୍ଠା ମୟୋ ଭୁବସ୍ତାନ ଊର୍ଜ୍ଜେ ଦଧାତନ; ମହେରଣାୟ ଚକ୍ଷୁସେ,ଯୋବଃ ଶିବତମୋ ରସ, ତସ୍ୟ ଭାଜୟତେହନଃ, ଉଷତୀରବ ମାତରଃ ତସ୍ମା ଅରଙ୍ଗମାମବୋ, ଯସ୍ୟ କ୍ଷୟାୟ ଜିନ୍ୱଥ, ଆପୋ ଜନୟଥାଚ ନଃ ॥ ଏହିପରି କେତେକ ମନ୍ତ୍ର ଉଚ୍ଚାରଣ ପୂର୍ବକ ଦେହରେ ଜଳବିନ୍ଦୁ ଛିଞ୍ଚି ଅଙ୍ଗମାର୍ଜନ କରାଯାଏ । ]
୫ । (ବହୁବ୍ରୀହି) ଅଙ୍ଗମାର୍ଜନୀ; ଗାମୁଛା— 5. Towel; napkin.

**ଅଙ୍ଗମାର୍ଜ୍ଜନୀ**—ସଂ. ବି. ( ଅଙ୍ଗମାର୍ଜନ + ଈ )—ଗାମୁଛା—
**Angamārjjani** Towel; napkin.

**ଅଙ୍ଗଯଷ୍ଟି**—ସଂ. ବି. ( ରୂପକ; ଅଙ୍ଗ + ଯଷ୍ଟି )—ସମସ୍ତ ଅବୟବଯୁକ୍ତ ଶରୀର—The whole body of a person being the aggregate of all the limbs.
**Angajashti**

ଗୁରୁ ଅଙ୍ଗଯଷ୍ଟି ସରଳ ସୁଢ଼ଳ ଯେସନ ଶାଳ ବଳ୍ଲରୀ ।
ରାଧାନାଥ—ପାର୍ବତୀ ।

**ଅଙ୍ଗରକ୍ଷକ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ରକ୍ଷକ )—
**Angarakshaka** ୧ । ଅଙ୍ଗରଖା; କୁରୁତା—1. Coat.
(ଅଙ୍ଗରକ୍ଷିକା—ସ୍ତ୍ରୀ) ୨ । କବଚ; ସାଞ୍ଜୁ—2. Coat of mail.
୩ । ରାଜାଙ୍କ ଶରୀରକୁ ଜଗିବା ଭୃତ୍ୟ ବା ସିପାହୀ— 3. A king's bodyguard.
ସଂ. ବିଣ. ପୁଂ—ଯେ ରାଜା ଆଦିଙ୍କ ଶରୀରକୁ ଆକ୍ରମଣାଦିରୁ ରକ୍ଷା କରେ—Guarding the person of a great personage.

**ଅଙ୍ଗରକ୍ଷୀ**—ସଂ. ବି. ପୁଂ. (ଅଙ୍ଗ + ରକ୍ଷ ଧାତୁ + ଇନ୍; ୧ମା. ୧ବ.)—
**Angarakshi** ରାଜା ଆଦିଙ୍କ ଶରୀରକୁ ଜଗିବା ଭୃତ୍ୟ ବା ସିପାହୀ—
(ଅଙ୍ଗରକ୍ଷିଣୀ—ସ୍ତ୍ରୀ) A bodyguard of a great personage.

**ଅଙ୍ଗରଖା**—ଦେ. ବି. (ସଂ. ଅଙ୍ଗରକ୍ଷକ)—୧ । କୁରୁତା—1. Coat.
**Angarakhā** ୨ । ହାତ ନ ଥିବା ଓ ଅଣ୍ଟାପର୍ଯ୍ୟନ୍ତ ଲମ୍ବିଥିବା କୁରୁତା; ଛୋଟ ଜାକେଟ୍—
অঙ্গরাখা
अङ्गरखा 2. Sleeveless small jacket.

**ଅଙ୍ଗରଖୀ**—ଦେ. ବି. ( ସଂ. ଅଙ୍ଗରକ୍ଷକ )—ଅଙ୍ଗରଖା ( ଦେଖ )
**Angarakhi** Angarakhā ( See )

**ଅଙ୍ଗରଞ୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ରଞ୍ଜନ )—
**Angarañjana** ୧ । ପ୍ରସାଧନ; ଦେହସଜ୍ଜା; ବେଶ ହେବା; ଦେହର ଶୋଭାବୃଦ୍ଧି କରିବା ପାଇଁ ଦେହରେ କୁଙ୍କୁମ, ହଳଦୀ, ପାଉଡ଼ର, ସିନ୍ଦୂର, କଜ୍ଜ୍ୱଳ ଆଦି ଲଗାଇବା—1. Toilet.
୨ । (ବହୁବ୍ରୀହି) ଦେହସଜ୍ଜାର ଉପକରଣ ( ଯଥା—ହଳଦୀ, ଚନ୍ଦନ, କୁଙ୍କୁମ, ପାଉଡ଼ର ); ଅଙ୍ଗରାଗ— 2. A toilet preparation.

**ଅଙ୍ଗରମତା**—ଗ୍ରା. ବି. ଓ ବିଣ—ଅମରମତା ( ଦେଖ )
**Angaramatā** Amaramatā ( See )

**ଅଙ୍ଗରା**—ପ୍ରାଦେ ( ସମ୍ବଲପୁର ) ବି. ( ସଂ. ଅଙ୍ଗାର )—
**Angarā** ଜଳନ୍ତା ଅଙ୍ଗାର—Live charcoal; burning charcoal.

**ଅଙ୍ଗରାଗ**—ସଂ. ବି. ( ଅଙ୍ଗ + ରଞ୍ଜ ଧାତୁ + ଭାବ. ଅ )—
**Angarāga** ୧ । ଅଙ୍ଗରଞ୍ଜନ ( ଦେଖ ) 1. Angarañjana ( See )
୨ । ( ଅଙ୍ଗ + ରଞ୍ଜ ଧାତୁ + କରଣ. ଅ )— ଦେହର ଶୋଭା ବୃଦ୍ଧ୍ୟର୍ଥ ଦେହରେ ବୋଳାଯିବା ବସ୍ତୁ ( ଯଥା—ହଳଦୀ, ଚନ୍ଦନ, କସ୍ତୁରୀ, ପାଉଡ଼ର )— 2. Toilet preparations; cosmetics and scents for the body.

**ଅଙ୍ଗରିଜି**—ଗ୍ରା. ବି. ଓ ବିଣ—ଇଂରାଜ ( ଦେଖ )
**Angariji** Ingrāja ( See )

**ଅଙ୍ଗରୁହ**—ସଂ. ବି. (ଅଙ୍ଗ + ରୁହ ଧାତୁ = ଜାତ ହେବା + କର୍ତ୍ତୃ. ଅ, ଯାହା ଅଙ୍ଗରୁ ଜନ୍ମେ )—
**Angaruha**
୧ । କେଶ; ବାଳ—1. Hair
୨ । ଲୋମ—2. Fur; down.
୩ । ପଶମ—3. Wool.
୪ । ପକ୍ଷ—4. Wing.

**ଅଙ୍ଗରେଜ**—ଗ୍ରା. ବି ଓ ବିଣ—ଇଂରାଜ ( ଦେଖ )
**Angareja** Ingrāja ( See )

**ଅଙ୍ଗରେଜି**—ଗ୍ରା. ବି ଓ ବିଣ—ଇଂରାଜି ( ଦେଖ )
**Angareji** Ingrāji ( See )

ସ୍କୁଲ କରିବେ, ଆଉ ଅଙ୍ଗରେଜୀ ପଢ଼ାଇ ପିଲାଙ୍କ ଜାତ ନେବେ ।
ରାମଶଙ୍କର—କାଞ୍ଚନମାଳୀ, ୨।୨ ।

**ଅଙ୍ଗରେ ନିଭେଇବା**—ଦେ. କ୍ରି—ଅଙ୍ଗେ ନିଭେଇବା ( ଦେଖ )
**Angare nibheibā** Ange nibheibā ( See )

ଭଲ ତୁମ୍ଭେମାନେ ତ ଅଙ୍ଗରେ ନିଭେଇତ ବଣସବୁ କଣ୍ଟକଣା ହେବାକୁ ଦାନ୍ତକାଠିଟା କାଟିବା କଷ୍ଟ । ରାମଶଙ୍କର—କାଞ୍ଚନମାଳୀ ୪ । ୧ ।

**ଅଙ୍ଗଲଗା**—ଦେ. ବିଣ. ପୁଂ ଓ ସ୍ତ୍ରୀ ( ଅଙ୍ଗ + ଲଗ୍ନ )—
**Angalagā** ୧ । ଅଙ୍ଗସେବାକାରୀ ( ଦାସଦାସୀ ); ଶ୍ରୀଅଙ୍ଗ ଖଟଣୀ ( ସେବକ )—1. Personal (servant) rendering personal service to the master.
गा ग्या
୨ । (ସ୍ତ୍ରୀ) ରାଜା ଯେଉଁ ଦାସୀ ସଙ୍ଗେ ସହବାସ କରନ୍ତି— 2 ( a maid servant ) treated as a concubine.

**ଅଙ୍ଗଲଗା ଦାସୀ**—ଦେ. ବି. ସ୍ତ୍ରୀ—୧ । ରାଜା ବା ରାଣୀଙ୍କୁ ବେଶ କରିବା ଓ ମର୍ଦ୍ଦନ କରିବା କର୍ମରେ ନିଯୁକ୍ତା ଦାସୀ—
**Angalagā dāsi** 1. A maid-servant who attends to

| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ତ |

the toilet of a Rājā or a Rāṇī; a personal maid servant.

୨ । ରାଜାଙ୍କ ରକ୍ଷିତା ଦାସୀ; ରାଜାଙ୍କ ଅଙ୍ଗସଙ୍ଗଦ୍ୱାରା ସମ୍ମାନିତା ଦାସୀ; ପୋଇଲୀ—2. A concubine of a Rājā.

[ ଦ୍ର—ପରିଷ୍କୃତାର ଅଲ୍ପତା ଓ ଆଧିକ୍ୟ ଅନୁସାରେ ଏ ଅଙ୍ଗଲଗା ଦାସୀମାନଙ୍କର ଭିନ୍ନ ଭିନ୍ନ ନାମକରଣ ଓ ଶ୍ରେଣୀ ହୋଇଥାଏ; ଯଥା—ଗ୍ରାମୁଆ, ଫୁଲବାଇ, ଖଟବାଇ, ଝଙ୍ଗା, ଫୁଲମଣ୍ଡା । ]

**ଅଙ୍ଗଲତା**—ସଂ. ବି. ( ରୂପକ କର୍ମଧା; ଅଙ୍ଗ + ଲତା; ଲତା ପରି ସରୁ ଓ ସୁନ୍ଦର ଅଙ୍ଗ )—ସୁକୁମାର ବା କମନୀୟ ଶରୀର—
**Aṅgalatā** Delicate limbs.

କଞ୍ଚିଇ ଅଙ୍ଗଲତା ବେଗେ ସାଦ୍ଧସେ । ରାଧାନାଥ, ମେଘଦୂତ ।

**ଅଙ୍ଗଲାଗି**—ଦେ. ବି. ( ଦେବତା ଓ ରାଜାଙ୍କ ପ୍ରତି ପ୍ରଯୁଜ୍ୟ; ଅଙ୍ଗ + ଲଗ୍ ଧାତୁ )—ରାଜା ବା ଦେବତାଙ୍କ ଶ୍ରୀଅଙ୍ଗରେ ଲାଗିବା ବା ବ୍ୟବହୃତ ହେବା—Personal use of a King or a Deity.
**Aṅgalāgi**

ଅଙ୍ଗଲାଗି ପାଇଁ କନକପଟ୍ଟିକାର ହରିଦ୍ରା ଯୋଗାଏ ବୋଦ । ରାଧାନାଥ. ପାର୍ବତୀ ।

ଦେ. ବିଣ—ଦେବତା ବା ରାଜା-ରାଣୀଙ୍କ ପରିହିତ ବା ବ୍ୟବହୃତ—Used or worn by a King or a Deity.

ଶ୍ରୀଅଙ୍ଗଲାଗି ପାଟଖଣ୍ଡ । ଅପଣେ ଘେନନ୍ତି ଶାଢ଼ୀ । ପ୍ରାଚୀ. ନଳଚରିତ ।

**ଅଙ୍ଗଶୁଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ଶୁଦ୍ଧି )—
**Aṅgaśuddhi** ଅଙ୍ଗ ମାର୍ଜନ; ହଳଦୀ, ସାବୁନ ଆଦି ଦ୍ୱାରା ଦେହକୁ ସଫା କରିବା—Cleansing of the body; toilet.

**ଅଙ୍ଗଶୋଧନ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ଶୋଧନ )—
**Aṅgaśodhana** ଅଙ୍ଗମାର୍ଜ୍ଜନ ( ଦେଖ ) Aṅgamārjjana ( See )

**ଅଙ୍ଗସମ୍ବାହକ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍ ; ଅଙ୍ଗ+ସଂବାହକ )—
**Aṅgasambāhaka** ଅଙ୍ଗମର୍ଦ୍ଦ ( ଦେଖ )
( ଅଙ୍ଗସଂବାହିକା—ସ୍ତ୍ରୀ ) Aṅgamardda ( See )

**ଅଙ୍ଗସମ୍ବାହନ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ସଂବାହନ )—
**Aṅgasambāhana** ଅନ୍ୟର ଗୋଡ଼ ହାତକୁ ଘଷିବା; ଆଉଁଷିବା—Massage; shampoo.

**ଅଙ୍ଗସଂସ୍କାର**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ସଂସ୍କାର )—
**Aṅgasaṁskāra** ଅଙ୍ଗମାର୍ଜ୍ଜନ ( ଦେଖ ) Aṅgamārjjana ( See )

**ଅଙ୍ଗସଙ୍ଗ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ସଙ୍ଗ )—
**Aṅgasaṅga** ୧ । ଜଣକ ଦେହରେ ଅନ୍ୟ ବ୍ୟକ୍ତିର ଦେହ ଲାଗିବା ବା ବାଜିବା—1. Bodily contact; coming in contact of the bodies of two persons.

୨ । ଦୁଇ ବ୍ୟକ୍ତିଙ୍କ ମିଳନ—2. Union or meeting together of two persons.

୩ । ସହବାସ; ସଙ୍ଗମ; ମୈଥୁନ—3. Coition; cohabitation; copulation.

ସେହି ନବୀନା ଅଙ୍ଗସଙ୍ଗ ସୁଖ ପାଇ
ପାସୋରିଲେ ଛାଡ଼ି ଆସିବା ଘର ଭାଇ । କୃଷ୍ଣସିଂହ ମହାଭାରତ. ଆଦି ।

**ଅଙ୍ଗସଙ୍ଗୀ**—ସଂ. ବିଣ. ପୁଂ. ( ଅଙ୍ଗସଙ୍ଗ + ଇନ୍ ; ୧ମା. ୧ବ. )—
**Aṅgasaṅgi** ସହବାସକାରୀ; କୌଣସି ବ୍ୟକ୍ତିକୁ ମୈଥୁନକାରୀ—
( अङ्गसङ्गी ) Having sexual intercourse with;
(ଅଙ୍ଗସଙ୍ଗିନୀ—ସ୍ତ୍ରୀ) copulating; cohabiting.

ଦେ. ବି. ( ପୁଂ ଓ ସ୍ତ୍ରୀ )—ଘନିଷ୍ଠ ସଙ୍ଗୀ; ଦୋସ୍ତ—Booncompanion; very intimate companion.

**ଅଙ୍ଗସେବକ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; ଅଙ୍ଗ + ସେବକ )—
**Aṅgasebaka** ଅଙ୍ଗଲଗା ( ଦେଖ )
(ଅଙ୍ଗସେବିକା—ସ୍ତ୍ରୀ ) Aṅgalagā ( See )

ପ୍ରାଦେ. ( ପୁରୀ ) ବି. ପୁଂ—ପୁରୀ ଜଗନ୍ନାଥଙ୍କ ଶ୍ରୀଅଙ୍ଗକୁ ଛୁଇଁ ସେବା କରିବା ସେବକ ବିଶେଷ; ପଶୁପାଳିକ ସେବକ । ( ଏମାନେ ଦେବତାଙ୍କୁ ଲୁଗା ଓ ଅଳଙ୍କାର ଲାଗି ଓ ଉଲ୍ଲାଗି କରନ୍ତି ।) A class of personal servants of the deity Jagannātha at Puri.

**ଅଙ୍ଗସେବା**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ସେବା )—
**Aṅgasebā** ପ୍ରଭୁଙ୍କ (ରାଜା ବା ଦେବତା) ଶ୍ରୀଅଙ୍ଗ ଛୁଇଁ ଯେଉଁ ସେବା କରାଯାଏ Personal service rendered to one's master to a deity.

**ଅଙ୍ଗସୌଷ୍ଠବ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗ + ସୌଷ୍ଠବ )—
**Aṅgasaushṭhaba** ୧ । ଦେହର ସୁନ୍ଦର ଓ ସମାନ ଗଠନ—1. Lovely symmetry of one's limbs.

୨ । ସୁନ୍ଦର ରୂପ; ଶରୀର ଲାବଣ୍ୟ—2. Bodily grace; lovely body.

**ଅଙ୍ଗସ୍ତନା**—୧ । ପ୍ରାଦେ. ( କଟକ ) ବି. ( ମୁସଲମାନଙ୍କର ବ୍ୟବହୃତ
**Aṅgastanā** ଶବ୍ଦ; ଫା. ଅଙ୍ଗୁଷ୍ଟ; ବିବାହଉତ୍ସବରେ ବର କନ୍ୟାଙ୍କୁ ଉପହାରରୂପରେ ପ୍ରଦତ୍ତ )—ହାତର ବୁଢ଼ା ଅଙ୍ଗୁଠିରେ ପିନ୍ଧାଯିବା ମୁଦି—1. Finger-ring for the thumb.

୨ । ଦେ. ବି—ଅଙ୍ଗୁସ୍ତାନା ( ଦେଖ ) 2. Aṅgustānā ( See )

**ଅଙ୍ଗହାନି**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ହାନି )—
**Aṅgahāni** ୧ । ଦେହର କୌଣସି ଅଙ୍ଗ କଟିଯିବା—1. Mutilation.

୨ । ଅଙ୍ଗହୀନତା; କୌଣସି ଅଙ୍ଗର ଅଭାବ—2. Bodily deformity.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କ୍ୱଥ' ନ ମିଳିଲେ 'କ୍ୱଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଆର୍ଦ୍ରା' ନ ପାଇଲେ 'ଆର୍ଦ୍ରା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । କାର୍ଯ୍ୟର କୌଣସି ଅଂଶର ଅସମ୍ପାଦନ—
3. Non-performance of any part of a work.

୪ । ଅସମ୍ପୂର୍ଣ୍ଣତା—4. Incompleteness.

**ଅଙ୍ଗହାର**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ହାର = ଶୃଙ୍ଖଳ )—
Aṅgahāra ଅଙ୍ଗଭଙ୍ଗୀ ( ଦେଖ )—Aṅgabhaṅgī (See)

**ଅଙ୍ଗହୀନ**—ସଂ. ବିଣ. ( ୩ୟା ତତ୍; ଅଙ୍ଗ + ହୀନ )—
Aṅgahīna ୧ । ( ପୁଂ. ) ବିକଳାଙ୍ଗ; ଛିନ୍ନାବୟବ; ଖଣ୍ଡିଆ—
( ଅଙ୍ଗହୀନା—ସ୍ତ୍ରୀ ) 1. Maimed; mutilated.
( ଅଙ୍ଗହୀନତା—ବି ) ୨ । ( ପୁଂ. ) ଯାହାର କୌଣସି ବିଶିଷ୍ଟ ଅଙ୍ଗ ନ ଥାଏ—
2. Limbless; wanting in any limb.

୩ । ଅସମ୍ପୂର୍ଣ୍ଣ ( କାର୍ଯ୍ୟ ବା ଅନୁଷ୍ଠାନ )—
3. Incomplete (work).

୪ । ଅଶରୀର; ଅନଙ୍ଗ—4. Incorporeal.

୫ । ଯେଉଁ କାମରେ ଖଇଣ୍ଟ ରହିଯାଏ—
5. Defective ( work ).

୬ । ଯେଉଁ ବସ୍ତୁରେ ପ୍ରଧାନ ଉପକରଣ ବା ଅଂଶର ଅଭାବ ଥାଏ—
6. Wanting in some of the principal ingredients.

ସଂ. ବି—କାମଦେବ—Cupid.

**ଅଙ୍ଗା**—ଦେ. ବି. ( ସଂ. ଅଙ୍ଗିକା )—୧ । ଅଙ୍ଗରଖା; କୁରୁତା—
Aṅgā 1. A coat.

ସମସ୍ତଙ୍କ ଅଙ୍ଗେ ଚୈନିକ ଅଙ୍ଗା ଆକଣ୍ଠ ପଦଲମ୍ବିତ ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

୨ । ( ସଂ. ଅଙ୍ଗ )—ଦେହ; ଦେହର ଅଂଶ; ଅବୟବ—
2. Limb.

ଦେହରୁ ବସ୍ତୁରେ ନାମ ବହିଥିଲେ. ଅଙ୍ଗା କାଢ଼ି ଦେବାରୁ କର୍ଣ୍ଣ ବୋଲାଇଲେ ।
କୃଷ୍ଣସିଂହ ମହାଭାରତ. ଆଦି ।

୩ । ( ସଂ. ଅଙ୍ଗ ) ଭାରଯଷ୍ଟି ବା ବାହୁଙ୍ଗିରେ ବୁହାଯିବା ଭାରର ଗୋଟିଏ ମୁଣ୍ଡରେ ଝୁଲୁଥିବା ବୋଝ—
3. One of the two loads suspended from the two ends of a bamboo carried by a load carrier on the shoulders.

[ ଦ୍ର—ଭାର ବୋହିବା ଲୋକ ଗୋଟିଏ ବାଉଁଶ ବା କାଠ ଯଷ୍ଟିର ମଝିଠାରେ କାନ୍ଧ ଲଗାଇଥାଏ । ଏହି ଯଷ୍ଟିକୁ 'ବାହୁଙ୍ଗି' କହନ୍ତି । ବାହୁଙ୍ଗିର ଦୁଇ ମୁଣ୍ଡରେ ଦୁଇଟି ଶିକା ଝୁଲୁଥାଏ । ଏହି ଦୁଇ ଶିକାରେ ଦୁଇଟି ବୋଝ ରଖାଯାଏ । ପ୍ରତ୍ୟେକ ପାଖର ବୋଝକୁ 'ଅଙ୍ଗା' କହନ୍ତି । ୨ ଅଙ୍ଗା = ୧ ଭାର । ]

୪ । ( ସଂ. ଅଙ୍ଗ ) ବାହୁଙ୍ଗିଦ୍ୱାରା ବୁହା ହେବା ଭାରର ଅଧେ ପରିମିତ ବସ୍ତୁ; ଏକ ବୋଝ—
4. Half of a double-load carried suspended from the ends of a bamboo on the shoulders.

୫ । ( ସଂ. ଅଙ୍ଗ ) ମଞ୍ଜ କଦଳୀ ପତ୍ରର ପୃଷ୍ଠଦଣ୍ଡର ଦୁଇ ପାଖରେ ଥିବା ପତ୍ରର ଏକ ଫାଳ—
5. One half or side of a plantain-leaf; part of a plantain-leaf on one side of the ridge.

**ଅଙ୍ଗାଙ୍ଗି**—ସ. ଅ ( ଅଙ୍ଗ + ଅଙ୍ଗ + ଇ )—୧ । ଅଙ୍ଗ ସହିତ ଅଙ୍ଗୀ ବା
Aṅgāṅgi ଦେହର ଯେଉଁ ସମ୍ପର୍କ ସେହି ସମ୍ପର୍କରେ ଅନ୍ୟୋନ୍ୟ ସମ୍ବନ୍ଧରୂପେ—1. Jointly or receprocally related as one limb to another; related as one limb to the body. ( M. W. )

୨ । ସ୍ୱ ସ୍ୱ ପକ୍ଷୀୟ ବ୍ୟକ୍ତିଙ୍କ ପ୍ରତି ପକ୍ଷପାତ
(ଗ୍ରାମକମଳ—ପ୍ରକୃତିବାଦ )—
2. Partiality toward's the members of each other's party.

୩ । ଏକ ଅଙ୍ଗ ବା ପକ୍ଷ ସହିତ ଅନ୍ୟ ଅଙ୍ଗର ଥିବା ସମ୍ପର୍କ
(ଜ୍ଞାନେନ୍ଦ୍ର—ବାଙ୍ଗଲା ଭାଷାର ଅଭିଧାନ)—
3. Co-ordination; Correlation.

୪ । ଅଙ୍ଗେ ଅଙ୍ଗେ ପ୍ରବୃତ୍ତ ଯୁଦ୍ଧ ( ଜ୍ଞାନେନ୍ଦ୍ର )—
4. A fight between two persons with the respective limbs; a fight.

**ଅଙ୍ଗାଙ୍ଗିତା**—ସ. ବି. (ଅଙ୍ଗ + ଅଙ୍ଗିନ୍ + ତା)—୧ । ଅଙ୍ଗ ସଙ୍ଗେ ଅଙ୍ଗୀର
Aṅgāṅgitā ସମ୍ପର୍କ; ଅବୟବ ସହିତ ଦେହର ସମ୍ପର୍କ; ଅଂଶ ସଙ୍ଗେ ପୂର୍ଣ୍ଣ ବସ୍ତୁର ସମ୍ପର୍କ—1. Correlation as between the limbs and the body.

୨ । ( ଅଙ୍ଗ + ଅଙ୍ଗ + ଇ + ତା )—ଶରୀରର ଭିନ୍ନ ଭିନ୍ନ ଅବୟବ ସଙ୍ଗେ ପରସ୍ପର ସମ୍ବନ୍ଧ—
2. Correlation as between the different limbs of the body.

**ଅଙ୍ଗାଙ୍ଗିଭାବ**—ସ. ବି. ( ଅଙ୍ଗାଙ୍ଗି + ଭାବ )—୧ । ଅଙ୍ଗାଙ୍ଗିତା (ଦେଖ)
Aṅgāṅgibhāba 1. Aṅgāṅgitā (See)

୨ । ଆତ୍ମୀୟତା; ଘନିଷ୍ଠତା—
2. Intimacy; close relationship.

୩ । ( ନ୍ୟାୟଶାସ୍ତ୍ର) ଗୌଣ ଓ ମୁଖ୍ୟ ଭାବ; ବସ୍ତୁର ପ୍ରଧାନ ଓ ଅପ୍ରଧାନ ଅଙ୍ଗମାନଙ୍କ ମଧ୍ୟରେ ପରସ୍ପର ସମ୍ପର୍କ—
3. ( Logic ) Correlation; correlation between the principal and subsidiary components of a thing.

**ଅଙ୍ଗାବରଣ**—ସ. ବି. ( ୬ଷ୍ଠୀ ତତ୍; ଅଙ୍ଗ + ଆବରଣ )—ଅଙ୍ଗତ୍ରାଣ;
Aṅgābaraṇa ସାଞ୍ଜୁ—1. Coat of mail; armour.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଢ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍‌ | ଙ୍ଗ | ଞ୍ଚ | ଢ଼ |

୨ । ପୋଷାକ—2. Dress.

୩ । ଦେହ ଘୋଡ଼ାଇବା ଚଦର—
3. A covering for the body; a sheet.

**ଅଙ୍ଗାଭରଣ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗ+ଆଭରଣ )—
Angābharaṇa ଶରୀରର ଶୋଭା ବୃଦ୍ଧ୍ୟର୍ଥ ବ୍ୟବହୃତ ଅଳଙ୍କାର—
An ornament for enhancing the grace of the body.

**ଅଙ୍ଗା ମଡ଼ାଇବା**—ଦେ କ୍ରି—କୁରୁତା ପିନ୍ଧିବା—
Angā mordāibā To put on a coat.
আঙ্গরাখা পরা
**अंगरखा लगाना**

**ଅଙ୍ଗାମୀ ନାଗା**—ଦେ. ବି—ଆସାମର ନାଗା-ପାହାଡ଼ରେ ବାସ କରୁଥିବା
Angāmi nāgā ବଣୁଆ ଜାତିବିଶେଷ—A sect of the
অঙ্গামী নাগা wild Nāgā tribes of the Assam
**अङ्गामीनागा** hills.

[ ଦ୍ର—ଏମାନଙ୍କର ସଂଖ୍ୟା ପ୍ରାୟ ପଚିଶ ହଜାର ହେବ । ଏମାନେ ଷାଠିଏଟି ସାନ ବଡ଼ ଗ୍ରାମରେ ବାସ କରନ୍ତି । ଏମାନେ କଳେ ଲୁଗା ବୁଣି ପକାନ୍ତି ଓ ନାନାପ୍ରକାର ପକ୍ଷୀଙ୍କ ପର ଦେହରେ ପିନ୍ଧନ୍ତି । ଏମାନଙ୍କ ସ୍ତ୍ରୀମାନେ ଦେହରେ ହାଡ଼, କାଚ ଓ ପଥରମାଳ ଗୋଛ ଗୋଛ ପିନ୍ଧନ୍ତି—ବିଶ୍ୱକୋଷ । ]

**ଅଙ୍ଗାର**—ସଂ. ବି. ( ଅଙ୍ଗ ଧାତୁ+ସଜ୍ଞାର୍ଥେ. ଆର )—୧ । କାଠର
Angāra କୋଇଲା; କାଠ ପୋଡ଼ାଯାଇ ପାଉଁଶ ହେବା ପୂର୍ବରୁ ଯେଉଁ ଅବସ୍ଥା ଧାରଣ କରେ—
1. Charcoal; carbon.

[ ଦ୍ର—ଅଙ୍ଗାର ଗୋଟିଏ ରାସାୟନିକ ମୌଳିକ ଉପାଦାନ ଅଟେ । ପଥରକୋଇଲା ଓ ହୀରା ଅଙ୍ଗାରର ରୂପାନ୍ତର ମାତ୍ର । ଅକ୍ସିଜେନ୍ ସାହାଯ୍ୟରେ ଅଙ୍ଗାର ପାଉଁଶରେ ପରିଣତ ହୁଏ । ଜୀବଦେହ, ଖାଦ୍ୟ ଦ୍ରବ୍ୟ ଓ ଉଦ୍ଭିଦରେ ଅଙ୍ଗାର ଗୋଟିଏ ପ୍ରଧାନ ଉପାଦାନ । ]

୨ । ମଙ୍ଗଳଗ୍ରହ—(ଏହା ଜଳନ୍ତା ଅଙ୍ଗାର ପରି ନାଲିଆ ଦେଖାଯିବାରୁ )—2. The planet Mars.

୩ । ଦରପୋଡ଼ା କାଠ—3. Half burnt wood.

୪ । ଜଳନ୍ତା କାଠ—4. Burning carbon; live charcoal.

୫ । ହିତାବଳୀ ଗୁଳ୍ମ—5. The plant Hitābali (M. W.)

୬ । ହରିବଂଶବର୍ଣ୍ଣିତ ମରୁତମାନଙ୍କର କୁମାରବିଶେଷ—
6. Name of a prince of the Marutas. (M. W.)

(ଲକ୍ଷଣାର୍ଥ ) ୭ । ନଷ୍ଟ ହୋଇଯିବା କୌଣସି ପଦାର୍ଥ—
7. Any thing which has been spoiled.

୮ । ରକ୍ତ ବର୍ଣ୍ଣ—8. Red colour.

(ଲକ୍ଷଣାର୍ଥ) ୯ । କଳଙ୍କ; ହୀନ ବା କଳଙ୍କିତ ବ୍ୟକ୍ତି(ଯଥା—କୁଳାଙ୍ଗାର)
9. An unworthy or mean person.

ସ. ବିଣ—ରକ୍ତବର୍ଣ୍ଣବିଶିଷ୍ଟ—Red; red coloured.

**ଅଙ୍ଗାରକ**—ସ. ବିଣ (ଅଙ୍ଗାର+ଜାତାର୍ଥେ. କ)—ଅଙ୍ଗାରରୁ ଜାତ—
Angāraka Produced from charcoal or carbon.

ସ. ବି.—(ଅଙ୍ଗାର+କ)—୧ । କୁରଣ୍ଟକ (ଦେଖ)
1. Kuranṭaka (See)

୨ । ଭୃଙ୍ଗରାଜ; କେଶଦୁଦୁରା (ଦେଖ)
2. Keśadudurā (See)

୩ । ମଙ୍ଗଳ ଗ୍ରହ—3. The planet Mars.

ମୂଳରେ ଅଙ୍ଗାରକ ଶୋହେ, ଉପରେ ଶନଶ୍ଚର ରହେ । ଜଗନ୍ନାଥ ଭାଗବତ

୪ । ପ୍ରବାଳ; ପୋହଳା—4. Coral.

୫ । ଅଙ୍ଗାର; କୋଇଲା—5. Charcoal.

୬ । ମଙ୍ଗଳବାର—6. Tuesday (M. W.)

୭ । ସୌବୀର ଦେଶର ରାଜାବିଶେଷ—
7. Name of a prince of Saubira.

୮ । ରୁଦ୍ରବିଶେଷ—8. Name of a Rudra.

୯ । କଥାସରିତ୍ସାଗରୋକ୍ତ ରାକ୍ଷସବିଶେଷ—
9. Name of a demon of the Indian folklore.

୧୦ । ଗୁଳ୍ମବିଶେଷ—10. A plant; Eclipta or Verbesina (M. W.)

୧୧ । ଗୁଳ୍ମବିଶେଷ—11. White or yellow Amarnath (M. W.)

୧୨ । ଅଗ୍ନି ସ୍ଫୁଲିଙ୍ଗ—12. Sparks of fire; cinders.

୧୩ । ଅଙ୍ଗାରକାମ୍ଳ ବାଷ୍ପ—13. Carbonic acid gas.

୧୪ । ବୈଦ୍ୟଶାସ୍ତ୍ରୋକ୍ତ ଜ୍ୱରଘ୍ନ ତୈଳବିଶେଷ—
14. Name of a medicated oil used as a febrifuge.

**ଅଙ୍ଗାରକମଣି**—ସଂ. ବି. (ମଧ୍ୟପଦଲୋପୀ ଅଙ୍ଗାରକାର ମଣି କର୍ମ୍ମ ଅଙ୍ଗାର
Angārakamaṇi ଗ୍ରହ-ପ୍ରିୟ ମଣି—ଅଙ୍ଗାରକ+ମଣି)—
ପ୍ରବାଳ; ପୋହୋଳା—Coral.

**ଅଙ୍ଗାରକର୍କଟୀ**—ସଂ. ବି. ( ଅଙ୍ଗାର=ଜଳନ୍ତା ନିଆଁ +କର୍କଟୀ=
Angārakarkaṭi କାକୁଡ଼ି; ଏହା ଆକୃତିରେ ମୁଣ୍ଡିକାକୁଡ଼ି ପରି ଥିବାରୁ ଓ ଜଳନ୍ତା ଅଙ୍ଗାରରେ ପୋଡାଯାଇ ସିଦ୍ଧ ହେଉଥିବାରୁ )—ବାଟି; ଉତ୍ତର-ପଶ୍ଚିମାଞ୍ଚଳବାସୀମାନଙ୍କର ପ୍ରିୟ ଖାଦ୍ୟ ପିଷ୍ଟକବିଶେଷ—A kind of balled cake cooked in live charcoal.

[ ଦ୍ର—ଅଟାକୁ ପାଣିରେ ବହୁ କ୍ଷଣ ବଦୁରାଇ ତାକୁ ଚକଟି କାନାମାନ ବା ମୁଣ୍ଡିକାକୁଡ଼ି ପରି ଗୋଲାମାନ ବନାଯା ପରେ, ଏ ଗୋଲାମାନଙ୍କୁ ଦହକ ଅଙ୍ଗାର ଗଦା ମଧ୍ୟରେ ପୋତି ରଖି ସିଦ୍ଧ କରାଯାଏ । ପରେ ସିଦ୍ଧ ଗୋଲାମାନଙ୍କୁ ଅଙ୍ଗାର ମଧ୍ୟରୁ କାଢ଼ି ଆଣି ଚହୁଁରୁ ପାଉଁଶ ସାଫ କରି ଘିଅପୂର୍ଣ୍ଣ ପାତ୍ରରେ ବୁଡ଼ାଇ ରଖିବାକୁ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ସେ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଟାଣ' ନ ମିଳିଲେ 'ଟାଣ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ହୁଏ । ଚଉଦଘଣ୍ଟା ପରେ ଏ ଗୋଲ୍ଲ ମଧ୍ୟରେ ଘିଅ ଭେଦଯାଏ । ଏହାକୁ ମାରୱାଡ଼ିମାନେ ବାଣ୍ଟି କହନ୍ତି । ଆମ ଦେଶର ଲୋକେ ଏହା ଖାଇ ଜୀର୍ଣ୍ଣ କରିବା ଅସମ୍ଭବ । ପ୍ରତ୍ୟେକଟି ଓଜନରେ ଦେଢ଼ ଛଟାଙ୍କିରୁ କମ ନୁହେଁ ଓ ଜଣେ ଜଣେ ଖାଇଲାବାଲା ମାରୱାଡ଼ି ଏ ବାଟିରୁ ୧୦।୧୫ଟି ଲେଖାଏଁ ଖାଇ ଜୀର୍ଣ୍ଣ କରି ପାରନ୍ତି । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଶ୍ଳେଷ୍ମଜନକ, ପୁଷ୍ଟିକର, ଶୁକ୍ରବର୍ଦ୍ଧକ ଏବଂ ଅଗ୍ନିଉଦ୍ଦୀପକ; ଏହା ପୀନସ, କାସ ଓ ଶ୍ୱାସରୋଗୀ ପକ୍ଷରେ ହିତକର । ]

**ଅଙ୍ଗାରକାମ୍ଳ**—ସଂ. ବି. ( ବିଜ୍ଞାନପରିଭାଷା; ଅଙ୍ଗାରକ + ଅମ୍ଳ )—
Aṅgārakāmḻa ଅଙ୍ଗାର ଓ ଅମ୍ଳଜାନର ରାସାୟନିକ ସଂଯୋଗରେ ଉତ୍ପନ୍ନ ବାଷ୍ପବିଶେଷ—
Carbonic acid gas.

**ଅଙ୍ଗାରକୁଷ୍ଠକ**—ସଂ. ବି. ( ଅଙ୍ଗାର + କୁଷ୍ଠ + କ )—ହିତାବଲୀ ନାମକ
Aṅgārakushṭhaka ଗୁଳ୍ମ—The plant Hitābaḻi.

**ଅଙ୍ଗାରଧାନିକା**—ସଂ. ବି. ( ଅଙ୍ଗାର + ଧା ଧାତୁ = ଧାରଣ କରିବା
Aṅgāradhānikā + କର୍ତ୍ତୃ. ଅନ + କ + ସ୍ତ୍ରୀ. ଆ; ଯାହା ଅଙ୍ଗାରକୁ ଧାରଣ କରେ )—ଉହ୍ମେଇ—
A fire-pan; a brazier.

**ଅଙ୍ଗାରଧାନୀ**—ସଂ. ବି. ( ଅଙ୍ଗାର + ଧା ଧାତୁ + ଅନ + ଈ )—
Aṅgāradhānī ଅଙ୍ଗାରଧାନିକା; ଉହ୍ମେଇ—
A firepan, a brazier.

**ଅଙ୍ଗାରପନ୍ନଗ**—ସଂ. ବି. ( ନାମ ) ( ଅଙ୍ଗାର + ପନ୍ନଗ )—
Aṅgārapannaga ଇନ୍ଦ୍ରପୁତ୍ର ଚିତ୍ରରଥ; ଗନ୍ଧର୍ବରାଜ—
A name of the king of the Gandharbas.

**ଅଙ୍ଗାରପର୍ଣ୍ଣ**—ସଂ. ବି. (ନାମ)—୧ । ଇନ୍ଦ୍ର ପୁତ୍ର ଚିତ୍ରରଥ; ଗନ୍ଧର୍ବରାଜ—
Aṅgāraparṇṇa A name of the King of the Gandharbas
୨ । ଚିତ୍ରରଥ ଗନ୍ଧର୍ବଙ୍କ ଉଦ୍ୟାନ—
2. Name of the garden of Chitraratha.

**ଅଙ୍ଗାରପର୍ଣ୍ଣୀ**—ସଂ. ବି. (ଅଙ୍ଗାର + ପର୍ଣ୍ଣ + ଈ )—ଅଙ୍ଗାରବଲ୍ଲୀ (ଦେଖ)
Aṅgāraparṇṇī Aṅgāraballī (See)

**ଅଙ୍ଗାରପୁଷ୍ପ**—ସଂ. ବି. (ବହୁବ୍ରୀହି; ଅଙ୍ଗାର = ରକ୍ତବର୍ଣ୍ଣ + ପୁଷ୍ପ ଯାହାର)—
Aṅgārapushpa ଇଙ୍ଗୁଦ (ଦେଖ )
Iṅgudi ( See )

**ଅଙ୍ଗାର ପୋଡ଼ିବା**—ଦେ. କ୍ରି—ଗଛର ଗଣ୍ଡି ଓ ପ୍ରଧାନ ଶାଖାମାନଙ୍କୁ
Aṅgāra porḍibā ଖଣ୍ଡ ଖଣ୍ଡ କରି କାଟି ଗୋଟିଏ ଗାତରେ
आंगरा पोड़ा ତାକୁ ପୂରାଇ ଗାତର ମୁହଁକୁ ଠେକାଅବରେ
**अङ्गार जलाना** ଘୋଡ଼ାଇ ଦେଇ, ସେହି କାଠରେ ନିଆଁ ଲଗାଇ କମାର ଓ ବଣିଆଙ୍କ ବ୍ୟବହାର୍ଯ୍ୟ ଅଙ୍ଗାର ପ୍ରସ୍ତୁତ କରିବା—To burn wood into charcoal.
[ ଦ୍ର—ଗାତରେ ଥିବା କାଠଗଦାରେ ନିଆଁ ଧରାଇବାକୁ ଗାତ ମୁହଁକୁ ବନ୍ଦ କରାଯାଏ; କାରଣ ଗାତଭିତରକୁ ଅବାଧରେ ବାୟୁ ପଶିଲେ, ଅଙ୍ଗାରଯାକ ପୋଡ଼ି ପାଉଁଶ ହୋଇଯିବ । କାଠଯାକ ନିଆଁ ଲାଗି ଜଳଗଲେ ବାୟୁ ଅଭାବରୁ ନିଆଁ ମନକୁ ନିଭିଯାଏ, କମ୍ବା ପାଣି ଛିଞ୍ଚି ନିଆଁକୁ ନିଭାଇବାକୁ ହୁଏ; ଏ ଅଙ୍ଗାରକୁ କମାର, ବଣିଆ ଓ କଂସାରିମାନେ ବ୍ୟବହାର କରନ୍ତି । କଞ୍ଚା କାଠର ନିଆଁ ଅପେକ୍ଷା ଅଙ୍ଗାରର ନିଆଁରୁ ବେଶି ଉତ୍ତାପ ହୁଏ ଏବଂ ଏ ଉତ୍ତାପରେ ଧାତୁ ଆଦି ତରଳାଇବା ସୁବିଧାଜନକ । ]

**ଅଙ୍ଗାରବର୍ଣ୍ଣୀ**—ସଂ. ବି. ( ବହୁବ୍ରୀହି; ଅଙ୍ଗାର + ବର୍ଣ୍ଣ + ଇନ୍ )—
Aṅgārabarṇṇī ଭାର୍ଗୀ ( ଦେଖ )
Bhārgī ( See )

**ଅଙ୍ଗାରବଲ୍ଲରୀ**—ସଂ. ବି. ( ବହୁବ୍ରୀହି; ଅଙ୍ଗାର ପରି ଉଜ୍ଜ୍ୱଳ ବର୍ଣ୍ଣ ବଲ୍ଲରୀ
Aṅgāraballarī = ମଞ୍ଜରୀ ଯାହାର )—
୧ । ନାଲି କରଞ୍ଜ (ଦେଖ)—1. Nāli karañja (See).
୨ । ଗୁଞ୍ଜା (ଦେଖ)—2. Guñja ( See )
୩ । ଭାର୍ଗୀ ( ଦେଖ )—3. Bhārgī ( See )
୪ । ଲତା କରଞ୍ଜ; ଗିଲ ( ଦେଖ )—4. Gila ( See )

**ଅଙ୍ଗାରବଲ୍ଲୀ**—ସଂ. ବି. ( ବହୁବ୍ରୀହି; ଅଙ୍ଗାର + ବଲ୍ଲୀ )—
Aṅgāraballī ଅଙ୍ଗାରବଲ୍ଲରୀ ( ଦେଖ )
Aṅgāraballarī ( See )

**ଅଙ୍ଗାରମଞ୍ଜରୀ**—ସଂ. ବି. ( ବହୁବ୍ରୀହି; ଅଙ୍ଗାର + ମଞ୍ଜରୀ )—
Aṅgāramañjarī ଲତା କରଞ୍ଜ; ଗିଲ ( ଦେଖ )
Gila ( See )

**ଅଙ୍ଗାରମଞ୍ଜୀ**—ସଂ. ବି. ( ବହୁବ୍ରୀହି; ଅଙ୍ଗାର + ମଞ୍ଜ + ଈ )—
Aṅgāramañjī ଅଙ୍ଗାରମଞ୍ଜରୀ ( ଦେଖ )
Aṅgāramañjarī ( See )

**ଅଙ୍ଗାରମଳିନ**—ସଂ. ବିଣ. ( ଅଙ୍ଗାର + ମଳିନ )—
Aṅgāramaḻina ଅଙ୍ଗାର ପରି ଘୋର କୃଷ୍ଣବର୍ଣ୍ଣବିଶିଷ୍ଟ,
( ଅଙ୍ଗାରମଳିନା—ସ୍ତ୍ରୀ ) କଜଳକାଳିଆ—Coal-black.

**ଅଙ୍ଗାରଶକଟୀ**—ସଂ. ବି. ( ମଧ୍ୟପଦଲୋପୀ; ଅଙ୍ଗାରବାହକ ଶକଟୀ )—
Aṅgārasakaṭī ଅଙ୍ଗାରଧାନିକା; ନିଆଁ ଉହ୍ମେଇ—
A fire-pan; a brazier.

**ଅଙ୍ଗାରସେତୁ**—ସଂ. ବି. ( ନାମ )—ଗାନ୍ଧାରଙ୍କ ପିତା; ରାଜାବିଶେଷ—
Aṅgārasetu Name of a king; the father of gāndhāra.

**ଅଙ୍ଗାରାମ୍ଳ**—ସଂ. ବି. (ବିଜ୍ଞାନପରିଭାଷା)—ଅଙ୍ଗାରକାମ୍ଳ ( ଦେଖ )
Aṅgārāmḻa Aṅgārakāmḻa ( See )

**ଅଙ୍ଗାରି**—ଦେ. ବି. ( ପାନବରଜୀଙ୍କ ଭାଷା; ସଂ. ଅଙ୍ଗାର )—
Aṅgāri ପାନ ଲତାର ରୋଗବିଶେଷ—
A disease attaking the betel creeper.
[ ଦ୍ର—ପାନଲତା ମୂଳରେ ସାରରୂପେ ଦିଆଯିବା ପିଡ଼ିଆର ଓ ମାଟିର ଦୋଷରୁ ପାନ ଲତାରେ ଏ ରୋଗ ଜନ୍ମେ । ଏଥିରେ ପାନ ଲତାର ପବମାନ କଳା ପଡ଼ି ଝୋପଡ଼ା ହୋଇଯାଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | କ୍କ | ଇସ୍ | ଉଅ | ହ୍ମ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଝ | ହ୍ନ |

**ଅଙ୍ଗାରକା**—ସଂ. ବି. ( ଅଙ୍ଗାର + ଇକ + ଆ )—
Aṅgārikā ୧ । ଅଙ୍ଗାରଧାନିକା; ନିଆଁଉନ୍ମେଇ—
1. A brazier.
୨ । ଆଖୁଗଛ—2. Sugarcane.
୩ । ପଳାଶ; କିଂଶୁକ ପୁଷ୍ପ—3. The flower or bud of the Butea Frondosa tree.

**ଅଙ୍ଗାରିତ**—ସଂ. ବିଣ. (ଅଙ୍ଗାର + ଇତ; ଭୁଲ—ତାରକିତ; କଣ୍ଟକିତ)—
Aṅgārita ୧ । ଦଗ୍ଧ ପ୍ରାୟ—1. Almost burnt.
୨ । ପୋଡ଼ି ଅଙ୍ଗାରରେ ପରିଣତ ହୋଇଥିବା—
2. Charred; burnt to charcoal.
ସ. ବି—୧ । ପଳାଶ କଳିକୋଦ୍ଗମ—1. The budding of the Butea Frondosa.
୨ । ଜୈନ ସନ୍ନ୍ୟାସୀମାନଙ୍କର ନଖିବା ଖାଦ୍ୟ କୌଣସି ପଦାର୍ଥର ପୋଡ଼ା—2. Any burnt thing which the Jaina ascetics will not accept. ( M. W. )
୩ । ପଳାଶର ନୂଆ କଢ଼—3. The early blossom of Butea Frondosa.

**ଅଙ୍ଗାରିଣୀ**—ସଂ. ବି. ( ଅଙ୍ଗାର + ଇନ୍ + ଈ )—
Aṅgāriṇī ୧ । ଲତାବିଶେଷ—
1. Name of a creeper. ( M. W.)
୨ । ଯେଉଁ ଅଞ୍ଚଳରୁ ସୂର୍ଯ୍ୟ କିଛିକ୍ଷଣ ପୂର୍ବରୁ ଅନ୍ତର୍ହିତ ହୋଇ ଅଛନ୍ତି—The region just left by the Sun.
ସଂ. ବିଣ. ସ୍ତ୍ରୀ—(ଅଙ୍ଗାରିତ + ଆ)—ଅଙ୍ଗାରିତର ସ୍ତ୍ରୀଲିଙ୍ଗ—
Feminine of Aṅgārita.

**ଅଙ୍ଗାରିତା**—ସଂ.ବିଣ.ସ୍ତ୍ରୀ—(ଅଙ୍ଗାରିତ + ଆ)—ଅଙ୍ଗାରିତର ସ୍ତ୍ରୀଲିଙ୍ଗ—
Aṅgāritā Feminine of Aṅgārita.
ସଂ. ବି—୧ । ନିଆଁଉନ୍ମେଇ—1. A fire-pan.
୨ । ଉଠା ଚୁଲି—2. portable fireplace.
୩ । କଢ଼—3. A bud. (M. W.)
୪ । ଲତାବିଶେଷ—4. Name of creeper. (M. W.)
୫ । ନଦୀବିଶେଷ—5. Name of a river (M.W.)

**ଅଙ୍ଗାରି**—ସଂ. ବିଣ (ଅଙ୍ଗାର + ଇନ୍; ୧ମା. ୧ବ.) (ଜ୍ୟୋତିଷ, ବଙ୍ଗ-ଭାଷା ମିହିର ବୃହତ୍ସଂହିତା )—ସୂର୍ଯ୍ୟକିରଣଦ୍ୱାରା ଉତ୍ତପ୍ତ ବସ୍ତୁ (ଅଙ୍ଗାରିଣୀ—ସ୍ତ୍ରୀ) ଯହିଁରେ ଆଉ ସୂର୍ଯ୍ୟକିରଣ ପଡୁ ନାହିଁ—Heated by the Sun though no longer exposed to its rays.
Aṅgārī

**ଅଙ୍ଗାର୍ଯ୍ୟ**—ସଂ. ବି. (ଅଙ୍ଗାର + ଯ )—ଅଙ୍ଗାରଗଦା—
Aṅgārjya A heap of charcoal (M.W.)

**ଅଙ୍ଗା ଲଗେଇବା**—ଦେ. କି.—ଅଙ୍ଗା ମର୍ଦ୍ଦାଇବା (ଦେଖ)
Aṅgā lageibā Aṅgāmardaibā (See)

**ଅଙ୍ଗି**—ଦେ. ବି. ( ସଂ. ଅଙ୍ଗିକା )—୧ । କାଞ୍ଚୁଲି; ସ୍ତ୍ରୀଲୋକମାନଙ୍କର ଅଧାହାତିଆ ଜାକେଟ—1. A female jacket; bodice.
Aṅgi
अङ्गरखा
अङ्गिआ ୨ । କୁରୁତା; ଗଞ୍ଜି—2. An ordinary coat.
୩ । ଫତେଇ; ଅଧାହାତିଆ କୁରୁତା—
3. A waist coat.

**ଅଙ୍ଗିଆ**—ଦେ. ବି. (ସଂ. ଅଙ୍ଗିକା)—ଅଙ୍ଗି (ଦେଖ)
Aṅgiā Aṅgi (See)

**ଅଙ୍ଗିକା**—ସଂ. ବି. (ଅଙ୍ଗ + କ + ସ୍ତ୍ରୀ. ଆ)—ଅଙ୍ଗି (ଦେଖ)
Aṅgikā Aṅgi (See)

**ଅଙ୍ଗିତା**—ପ୍ରାଦେ. (ବାଲେଶ୍ୱର) ବିଣ. ( ସଂ. ଅଙ୍ଗ )—ନିଜର ଅମଳର; ସ୍ୱକୀୟ; ନିଜକୃତ—Done or incurred by one's self; of one's own.
Aṅgitā
ମାମୁଁ; କର୍ଜଟା ତୁମ ଅଙ୍ଗିତା, ନା ଅଜାଙ୍କ ଅମଳର ?
ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ଅଙ୍ଗିନୀ**—ସଂ. ବିଣ. ସ୍ତ୍ରୀ. (ଅଙ୍ଗିନ୍ + ଈ)—ଅଙ୍ଗୀର ସ୍ତ୍ରୀଲିଙ୍ଗ—
Aṅginī Feminine of Aṅgī.

**ଅଙ୍ଗିର**—ଦେ. ବି.—୧ । (ସଂ. ଅଙ୍ଗିରସ୍ )—ଅଙ୍ଗିରସ୍ (ଦେଖ)
Aṅgira 1. Aṅgiras (See)
୨ । (ସଂ. ଅଗ୍ନି)—ଅଗ୍ନି; ନିଆଁ—2. Fire.
୩ । ( ସଂ. ଅଗ୍ନି; ଅଗ୍ନିପରି ତେଜୋମୟ ଥିବାରୁ ) ବିଦ୍ୟୁତ୍; ବିଜୁଳି—3. Lightning.
ପରିଧାନ ପୀତବସନ ଘନେ ଅଙ୍ଗିର ଟେର । ଭକ୍ତଦାସ. ମଥୁରାମଙ୍ଗଳ ୨ ।

**ଅଙ୍ଗିରସ୍**—ସଂ. ବି. ନାମ ( ଅଙ୍ଗ = ଜ୍ଞାନ + ଇରସ୍; ଯାହାଙ୍କର ଜ୍ଞାନ ଅଛି—ଅଙ୍ଗିରସ୍ ଶବ୍ଦର ୧ମା. ୧ବ. = ଅଙ୍ଗିରା । )
Aṅgiras
୧ । ଋଷିବିଶେଷ; ସପ୍ତର୍ଷି ମଧ୍ୟରୁ ଏକତମ—
1. Name of a sage.
[ ଦ୍ର—ଏ ବ୍ରହ୍ମାଙ୍କର ମାନସପୁତ୍ର; ବୃହସ୍ପତିଙ୍କ ପିତା; ଏ କର୍ଦ୍ଦମ ଋଷିଙ୍କ କନ୍ୟା ଶ୍ରଦ୍ଧାଙ୍କର (ମତାନ୍ତରରେ ଶୁଭା) ପାଣିଗ୍ରହଣ କରିଥିଲେ । ଏ ଋଗ୍‌ବେଦର ଅନେକଗୁଡ଼ିଏ ସୂକ୍ତର ଦ୍ରଷ୍ଟା ଥିଲେ; ଏ ଗୋଟିଏ ଧର୍ମସଂହିତା ଓ ଜ୍ୟୋତିଷ ଗ୍ରନ୍ଥର ପ୍ରଣେତା । ଅଗ୍ନି ମଧ୍ୟ ଏହାଙ୍କ ପୁତ୍ର । ]
୨ । ସପ୍ତର୍ଷିମଣ୍ଡଳର ଗୋଟିଏ ନକ୍ଷତ୍ର । ସପ୍ତର୍ଷିମଣ୍ଡଳର ଲାଞ୍ଜର ମୁଣ୍ଡଆଡ଼ୁ ଗଣାଯିବା ତୃତୀୟ ନକ୍ଷତ୍ର (ନକ୍ଷତ୍ର ତଳେ ନୋଟ ଦେଖ)—2. The star Alioth ( Epsilon ) in the constellation Ursa major; or the Great Bear.
୩ । (ଜ୍ୟୋତିଷ) ବୃହସ୍ପତି ଗ୍ରହ—3. The planet Jupiter (M. W.)

**ଅଙ୍ଗିରସ**—ଦେ. ବି (ସଂ. ଅଙ୍ଗିରସ୍)—ଅଙ୍ଗିରସ୍ (ଦେଖ)
Aṅgirasa Aṅgiras (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବ (ଅଙ୍ଗିରସ୍ + ଅ)—ପରଶୁରାମ ଅବତାରରେ **ବିଷ୍ଣୁଙ୍କର** ଶତ୍ରୁ—An enemy of Bishṇu in his incarnation of Paraśurāma (M. W.)

**ଅଙ୍ଗିରା**—ସଂ. ବ. ନାମ (ଅଙ୍ଗିରସ୍ ଶବ୍ଦ ୧ମା. ୧ବ.)—ଅଙ୍ଗିରସ୍ (ଦେଖ)
Aṅgirā Aṅgiras (See)

ବ୍ରହ୍ମାଙ୍କର ପୁଅ ତ ଅଙ୍ଗିରା ହୋଇଲେ, ଶୁଣ ନାମ ତାହା ଗୋତ୍ରେ ସେ କଲେ ।
କୃଷ୍ଣସିଂହ ମହାଭାରତ. ବନ ।

**ଅଙ୍ଗିରି**—ଦେ. ବ (ନାମ)—ମୟୂଦାନବ ପୁରରନ କଟବର୍ତ୍ତୀ ପର୍ବତବିଶେଷ—
Aṅgiri Name of a mythological mountain.

ଉତ୍ତରରେ ମୈନାକ ଦକ୍ଷିଣେ ଅଙ୍ଗିର । ସାରଳା ମହାଭାରତ. ଦ୍ରୋଣ ।

**ଅଙ୍ଗିରିଜି**—ଦେ. ବ. ଓ ବଣ.—ଇଙ୍ଗ୍‌ରାଜ୍ (ଦେଖ)
Aṅgiriji Iṅgrāj (See)

**ଅଙ୍ଗିରେଜି**—ଦେ. ବ. ଓ ବଣ—ଇଙ୍ଗ୍‌ରାଜି (ଦେଖ)
Aṅgireji Iṅgrāji (See)

**ଅଙ୍ଗିର୍ଜି**—ଦେ. ବ. ଓ ବଣ—ଇଙ୍ଗ୍‌ରାଜ୍ (ଦେଖ)
Aṅgirji Iṅgrāj (See)

**ଅଙ୍ଗିଲା**—ଗ୍ରା. ବଣ. ( ସଂ. ଅଲଗ୍ନ )—
Aṅgilā ୧ । ଅଲଗା; ପୃଥକ୍—1. Separate.
ଆଲାଗା ୨ । ସ୍ୱକୀୟ—2. One's own.
**ଅଲାହିଦା** ୩ । ଯେଉଁ ବସ୍ତୁରେ ଅନ୍ୟର ଅଧିକାର ନାହିଁ—
3. Exclusively one's own.

**ଅଙ୍ଗୀ**—ସଂ. ବଣ. ( ଅଙ୍ଗ + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ. )—
Aṅgī ୧ । ଅଙ୍ଗବିଶିଷ୍ଟ—1. Having limbs.
(ଅଙ୍ଗିନୀ—ସ୍ତ୍ରୀ) ୨ । ଯାହାର ଅବୟବ ଅଛି—
2. Organic; having organic parts.
୩ । ଶରୀରୀ; ଦେହୀ—3. Embodied; corporeal.
୪ । ବହୁ ଉପାଦାନରେ ଗଠିତ—
4. Composed of component parts.
୫ । ପ୍ରଧାନ; ମୁଖ୍ୟ—5. Chief.

**ସଂ. ବ.** ୧ । ବହୁ ଉପାଦାନରେ ଗଠିତ ବସ୍ତୁ; ଯୌଗିକ ବସ୍ତୁ—
1. A compound; an organic matter.
୨ । ଯେଉଁ ବସ୍ତୁ ବା ଜୀବର ଭିନ୍ନ ଭିନ୍ନ ଅଙ୍ଗ ଅଛି—
2. A thing or animal having different limbs.

**ଅଙ୍ଗୀକରଣ**—ସଂ. ବ. ( ଅଙ୍ଗ + ଅଭୂତ ତଦ୍ଭାବେ. ଈ + କରଣ; ଯାହା
Aṅgīkaraṇa ପୂର୍ବେ ଆପଣାର ଅଙ୍ଗ ନ ଥିଲା, ତାକୁ ଅଙ୍ଗରୂପେ ଗ୍ରହଣ କରିବା )—
୧ । ଅଙ୍ଗୀକାର; କୌଣସି କାର୍ଯ୍ୟ କରିବା ପାଇଁ ଜବାବ ଦେବା; ପ୍ରତିଶ୍ରୁତି—1. Promising.
୨ । ସ୍ୱୀକରଣ; ରାଜି ହେବା—
2. Consenting; agreeing; acknowledging.

୩ । ଗ୍ରହଣ; ମଞ୍ଜୁର—3. Acceptance.

**ଅଙ୍ଗୀକରିବା**— (ପ୍ରାଦେଶିକ ପଦ୍ୟ) କ୍ରି. ( ଅଙ୍ଗୀ + କୃ ଧାତୁ )—ଅଙ୍ଗୀକାର
Aṅgīkaribā କରିବା—To accept.

ଗୋବିନ୍ଦ ଆଜ୍ଞା ଶିରେ ଧରି, ଉଦ୍ଧବ ନୃପ ଅଙ୍ଗୀକରି ।
ଜଗନ୍ନାଥ—ଭାଗବତ. ୮ ମ ।

**ଅଙ୍ଗୀକାର**—ସଂ. ବ. (ଅଙ୍ଗ + ଅଭୂତତଦ୍ଭାବେ. ଈ + କୃ ଧାତୁ + ଭାବ. ଅ)—
Aṅgīkāra ୧ । ଜବାବ; ପ୍ରତିଶ୍ରୁତି—1. A promise.
୨ । ସ୍ୱୀକାର—2. Admission; acknowledgment.
୩ । ସମ୍ମତି; ରାଜି—3. Consent.

ଶିବଙ୍କ ଅଙ୍ଗୀ ଅଙ୍ଗୀକାର କାର ରେ— କବିସୂର୍ଯ୍ୟ. ସଙ୍ଗୀତ ।

୪ । ପ୍ରତିଜ୍ଞା—4. Vow.
୫ । ଚୁକ୍ତି—5. Agreement.
୬ । ଗ୍ରହଣ; ମଞ୍ଜୁର—6. Acceptance.

କର ଅଙ୍ଗୀକାର ଅରଜୁନ କହୁଥାଇ—ସାରଳା ମହାଭାରତ, ଭୀଷ୍ମ ।

**ଅଙ୍ଗୀକାରପତ୍ର**—ସଂ. ବ. ( କଚେରିଆ ଭାଷା )—
Aṅgīkārapatra ୧ । ଏଗ୍ରିମେଣ୍ଟ; ଯେଉଁ ଦଲିଲଦ୍ୱାରା କୌଣସି ବ୍ୟକ୍ତି କୌଣସି କାର୍ଯ୍ୟ କରିବାକୁ ସ୍ୱୀକାର ବା ପ୍ରତିଜ୍ଞା କରେ; ଚୁକ୍ତିପତ୍ର—
1. A deed of agreement.
୨ । କୌଣସି ବସ୍ତୁ ଗ୍ରହଣ କରିଥିବା ବ୍ୟକ୍ତିର ସ୍ୱାକ୍ଷରିତ ନିଦର୍ଶନ ପତ୍ର; ରସିଦ—
2. A receipt; an acknowledgment.

**ଅଙ୍ଗୀ କୃ** (ଧାତୁ)—ସଂ. (ଅଙ୍ଗ + ଅଭୂତ ତଦ୍ଭାବେ. ଈ + କୃ)—
Aṅgī kṛu (root) ୧ । ସ୍ୱୀକାର କରିବା—
1. To acknowledge.
୨ । ଜବାବ ଦେବା—2. To promise.
୩ । ରାଜି ହେବା—3. To agree; to consent.
୪ । ପ୍ରତିଜ୍ଞା କରିବା—4. To vow.
୫ । ଗ୍ରହଣ କରିବା—5. To accept.

**ଅଙ୍ଗୀକୃତ**—ସଂ. ବଣ. ( ଅଙ୍ଗୀ କୃ + କର୍ମ. ତ )—
Aṅgīkṛuta ୧ । ଯାହା ସ୍ୱୀକୃତ ହୋଇଅଛି—
1. Agreed to.
୨ । ଗୃହୀତ; ମଞ୍ଜୁର କରାଯାଇଥିବା—2. Accepted.
୩ । ( ଅଙ୍ଗୀ କୃ + କର୍ତ୍ତୃ. ତ )—ଯେ ସ୍ୱୀକାର କରିଅଛି; ଯେ ରାଜି ହୋଇଅଛି—
3. Consenting; agreeing.

**ଅଙ୍ଗୀଭୂତ**—ସଂ. ବଣ. (ଅଙ୍ଗୀ + ଅଭୂତତଦ୍ଭାବେ. ଈ + ଭୂ ଧାତୁ + କର୍ତ୍ତୃ. ତ )—
Aṅgībhūta
୧ । ଅଙ୍ଗରୂପେ ଗୃହୀତ—
1. Turned into a component part.
୨ । ଅଂଶରୂପେ ଗୃହୀତ; ଅନ୍ତର୍ଭୁକ୍ତ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ସ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ପ୍ଲେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ୱ | ନ୍ତ |

2. Included as a part of; forming a part of.

**ଅଙ୍ଗୁଛା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅଙ୍ଗୋଞ୍ଛ )—
Anguchhā ଗାମୁଛା; ଗାତ୍ରମାର୍ଜନୀ—A towel; napkin.
ଅଙ୍ଗୋଚ୍ଛା

**ଅଙ୍ଗୁଛି**—ପ୍ରାଦେ. ( ସମ୍ବଲପୁର ) ବି. ( ଅଙ୍ଗୁଛା+କ୍ଷୁଦ୍ରାର୍ଥେ. ଇ )—
Anguchhi ୧ । ଛୋଟ ଗାମୁଛା—1. A small towel.
୨ । ଝାଡ଼ଣ—2. A duster.

**ଅଙ୍ଗୁଟ୍**—ପ୍ରାଦେ. ( କଟକ; ପୁରୀ ) ବି. ( ଅନ୍ୟରୂପ ଅଙ୍ଗୋଟ )—
Angut ୧ । ବିରାଗ; ବିରକ୍ତି—
1. Displeasure; misunderstanding.
ପ୍ରାଦେ. ବିଣ. ୧ । ବିରକ୍ତ—1. Annoyed; displeased.
୨ । ଚିଡ଼ଲ; ଚିଡ଼ିଚିଡ଼ିଆ—2. Surly; irritable.

**ଅଙ୍ଗୁଟ୍ ପାଇବା**—ପ୍ରାଦେ. ( କଟକ; ପୁରୀ )—କ୍ରି—
Angut pāibā ୧ । ବିରକ୍ତ ହେବା—
1. To be displeased or annoyed.
(ଯଥା—ସେ ମତେ ଦେଖିଲାକ୍ଷଣି ଭାରି ଅଙ୍ଗୁଟ ପାଉଛି । )
୨ । ବକ୍ତାର ଭଲ ଉଦ୍ଦେଶ୍ୟକୁ ମନ୍ଦ ବୁଝି ବିରକ୍ତ ହେବା—
2. To misunderstand.
( ଯଥା—ମୁଁ ତାର ମଙ୍ଗଳ ପାଇଁ ତାକୁ ସାବଧାନ କରି ଦେବାରୁ ସେ ଅଙ୍ଗୁଟ୍ ପାଉଛି । )

**ଅଙ୍ଗୁଟ୍ ବୁଝିବା**—ପ୍ରାଦେ. ( କଟକ; ପୁରୀ ) କ୍ରି—
Angut bujhibā ୧ । ବକ୍ତାର ଭଲ ଉଦ୍ଦେଶ୍ୟକୁ ନ ବୁଝି ବିରକ୍ତ ହେବା—To misunderstand the speaker's good intention.

**ଅଙ୍ଗୁଟିଆ**—ପ୍ରାଦେ. ( କଟକ; ପୁରୀ ) ବିଣ. ପୁଂ—
Angutiā ୧ । ଚିଡ଼ଲ; ଚିଡ଼ିଚିଡ଼ା—1. Surly.
( ଅଙ୍ଗୁଟୀ, ଅଙ୍ଗୁଟେଇ—ସ୍ତ୍ରୀ ) ୨ । ଅବଗୁଣିଆ; ଯେଉଁ ବ୍ୟକ୍ତି ଭଲ କଥାକୁ ମନ୍ଦ ବୁଝି ବିରକ୍ତ ହୁଏ—
2. Prone to misunderstand.
୩ । ଅବୁଝାମଣା—3. Unreasonable.
ଦେ. ବି—ବୃକ୍ଷବିଶେଷ; ବଣିଆଘଣ୍ଟା(ଦେଖ)
A tree; Baniāghantā ( See )

**ଅଙ୍ଗୁର**—ବୈଦେ. ବି. ( ଫା. ଅଙ୍ଗୁର )—
Angura ଦ୍ରାକ୍ଷାଲତାର କୋଳି—Grape.
ଅଙ୍ଗୁର [ ଦ୍ର—ଏ ଲତା (vine) ହିମାଳୟର ପଶ୍ଚିମାଂଶର
ଅଙ୍ଗୁର, ଦାଖ ବଣରେ ବନ୍ୟ ବୃକ୍ଷରେ ଜନ୍ମେ । ଭାରତର ଉତ୍ତର
ତେ. ଦ୍ରାକ୍ଷାପାଣ୍ଡୁ, ପଶ୍ଚିମାଞ୍ଚଳ, ପଞ୍ଜାବ, କାଶ୍ମୀର ଓ ଇଉରୋପରେ
ଗୋସ୍ତିନପାଣ୍ଡୁ, ଏହାର କୃଷି ହୁଏ । ଗ୍ରୀଷ୍ମକାଳରେ ଏହାର
ଗୁଜ. ଦ୍ରାକ୍ଷ୍ ଫଳ ପେଣ୍ଡା ପେଣ୍ଡା ହୋଇ ଫଳେ । ଏକ ପ୍ରକାର
ଫା. ଅଙ୍ଗୁର ଅଙ୍ଗୁର କୋଳି ଗୋଲ ଓ ଏକ ପ୍ରକାରର ଲମ୍ବା ।
ଆ. ଅଇନାବ୍ ପାଚିଲା ଫଳର ରସ ମିଷ୍ଟ, ହୃଦ୍ୟ ଓ ବଳକର ।
ଡା. ଦ୍ରାକ୍ଷା ଏହି ଫଳର ରସରୁ ବ୍ରାଣ୍ଡି ବା ବିଲାତି ମଦ
ସଂ. ଦ୍ରାକ୍ଷା ହୁଏ । ଏହାର ଶ୍ରେଷ୍ଠ ଜାତିଯୁ ଖାଇହୀନ କୋଳିକୁ ଶୁଖାଇଲେ ତାହା କିସ୍ମିସ୍ (Resin) ହୁଏ । ଏକ ଜାତିଯୁ ଲମ୍ବ ବଡ଼ ଫଳରେ ମଞ୍ଜି ଥାଏ, ତାକୁ ମନକ୍କା କହନ୍ତି । ପାଚିଲା କୋଳିକୁ ଶୁଖାଇ ବହୁ ଦିନ ରଖାଯାଇ ପାରେ । ]

**ଅଙ୍ଗୁରି**—ସଂ. ବି. ( ଅଙ୍ଗ ଧାତୁ+ସଂଜ୍ଞାର୍ଥେ. ଉରି )—
Anguri ୧ । ଅଙ୍ଗୁଳିଭୂଷଣ; ଗୋଡ଼ ଓ ହାତର ଆଙ୍ଗୁଠିରେ ପିନ୍ଧାଯିବା ମୁଦି; ମୁଦ୍ରିକା—1. Finger-ring; ring for the finger or toe.
୨ । ଗୋଡ଼ର ବୁଢ଼ା ଆଙ୍ଗୁଠି—2. The big toe.

**ଅଙ୍ଗୁରୀ**—ସଂ. ବି. ( ଅଙ୍ଗ ଧାତୁ+ସଂଜ୍ଞାର୍ଥେ. ଉରୀ )—ଅଙ୍ଗୁରି ( ଦେଖ )
Angurī Anguri ( See )

**ଅଙ୍ଗୁରୀୟ**—ସଂ. ବି. ( ଅଙ୍ଗୁଳି+ଈୟ; ଅଙ୍ଗୁଳିର ଏହା )—
Angurīya ୧ । ଅଙ୍ଗୁରି;ଅଙ୍ଗୁଳିଭୂଷଣ; ମୁଦି—1. Finger-ring.
୨ । ( ଆଧୁନିକ ବିଜ୍ଞାନପରିଭାଷା )—ଶନି ଗ୍ରହକୁ ବେଢି ଥିବା ବେଷ୍ଟନୀ ବା ଗୋଲ ପଟ୍ଟ—2. The rings observed round the planet Mars.

**ଅଙ୍ଗୁରୀୟକ**—ସଂ. ବି. ( ଅଙ୍ଗୁରୀୟ+ସ୍ୱାର୍ଥେ. କ )—ଅଙ୍ଗୁରୀୟ ( ଦେଖ )
Angurīyaka Angurīya ( See )

**ଅଙ୍ଗୁଳ**—ସଂ. ବି. ( ଅଙ୍ଗ ଧାତୁ+ସଂଜ୍ଞାର୍ଥେ. ଉଳ )—୧ । କର ଓ
Angula ପଦର ଶାଖା; ଅଙ୍ଗୁଳି; ଆଙ୍ଗୁଠି—1. Finger.
ଆଙ୍ଗୁଲ (ହାତ ଆଙ୍ଗୁଠି—A finger of the hand;
ଅଙ୍ଗୁଲି ଗୋଡ଼ ଆଙ୍ଗୁଠି—A toe,)
ଓ. ଅଙ୍ଗୁଳି; ଆଙ୍ଗୁଠି
୨ । ହାତୀ ଶୁଣ୍ଢର ସରୁଆ ଅଗ୍ରଭାଗ ( ଏହାକୁ ହାତୀ ଆଙ୍ଗୁଠି ପରି ବ୍ୟବହାର କରୁଥିବାରୁ )—2. The flexible tip of the elephant's trunk.
୩ । ଆଠ ଗୋଟି ଯବଧାନ ଚଉଡ଼ା ବାଗରେ ପରସ୍ପରକୁ ଲଗାଇ ରଖିଲେ, ତଦ୍ୱାରା ଆବୃତ ସ୍ଥାନର ପରିମାଣ; ମନୁଷ୍ୟର ମଝି ଆଙ୍ଗୁଠିର ଚଉଡ଼ା ବାଗର ପରିମାଣ—
3. A lineal measure of the breadth of one finger.
[୧୨ ଅଙ୍ଗୁଳ=୧ ବିତସ୍ତି ବା ବିଗଣ୍ଡି; ୨୪ ଅଙ୍ଗୁଳ=୧ ହାତ]
୪ । କାମସୂତ୍ର ପ୍ରଣେତା ବାତ୍ସାୟନ ମୁନି—
4. A name of sage Bātsāyana.
୫ । ହାତିଶୁଣ୍ଢା (ଗଛ) ( ଦେଖ )
5. Hātisundhā (tree) ( See )

**ଅଙ୍ଗୁଳା**—ଦେ. ବି.—(ସଂ. ଅଙ୍ଗୁଳି)—ଅଙ୍ଗୁଳାଇବା କର୍ମ—
Angulā The act of fingering.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା, ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଣ୍ଡା' ନ ପାଇଲେ 'ଆଣ୍ଡା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଙ୍ଗୁଳାଇବା**—ଦେ. କ୍ରି. ( ସଂ. ଅଙ୍ଗୁଳ )—
Angulāiba ୧ । କୌଣସି ବସ୍ତୁ ବା ଛିଦ୍ର ମଧ୍ୟରେ ଅଙ୍ଗୁଳକୁ ପ୍ରବିଷ୍ଟ କରିବା —1. To thrust one's finger into a hole.
ଆଙ୍ଗୁଲ ଦେଓଯା
ଅଙ୍ଗୁଲାନା

୨ । ଅଙ୍ଗୁଳ ଚାଳନ କରି କୌଣସି ପଦାର୍ଥକୁ ବୋଧ କରିବା—2. To finger; to feel a thing with the help of one's finger.

୩ । କୌଣସି କର୍ମ ପାଇଁ ଅଙ୍ଗୁଠି ବ୍ୟବହାର କରିବା—3. To use the finger in doing any act.

୪ । ପୁସ୍ତକ ପଢ଼ିବା ସମୟରେ ଅଙ୍ଗୁଳଦ୍ୱାରା ପୁସ୍ତକର ପତ୍ରକୁ ଧରିବା—4. To hold the pages of a book with the fingers while reading.

୫ । ଗୁହ୍ୟାଭ୍ୟନ୍ତରସ୍ଥ ଅଂଶକୁ ପରୀକ୍ଷା କରିବା ପାଇଁ ବା ବହିଃଶୋଧନାର୍ଥ ଗୁହ୍ୟର ଭିତରକୁ ଗୋଟିଏ ଅଙ୍ଗୁଠି ପୂରାଇବା—5. To thrust one's finger into the anus to examine or cleanse it.

**ଅଙ୍ଗୁଳି**—ସଂ. ବି. ( ଅଙ୍ଗ ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ଉଲି; ଯାହା ବସ୍ତୁରାଶି ଗ୍ରହଣ କରିବାକୁ ଗମନ କରେ ବା ଚାଳିତ ହୁଏ)—ଅଙ୍ଗୁଳ ( ଦେଖ )
Anguli Anguli ( See )

**ଅଙ୍ଗୁଳିଗ**—ସଂ. ବିଣ. ପୁଂ ( ଅଙ୍ଗୁଳି+ଗମ୍ ଧାତୁ+କର୍ତ୍ତୃ. ଅ )—
Anguliga ଯେଉଁ ଜୀବମାନେ ଅଙ୍ଗୁଠିରେ ଭରାଦେଇ ଚାଲନ୍ତି—( animals ) Walking with their fingers.

**ଅଙ୍ଗୁଳିଗ୍ରନ୍ଥି**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗୁଳି+ଗ୍ରନ୍ଥି )—
Anguligranthi ହାତ ଗୋଡ଼ର ଅଙ୍ଗୁଠିର ଦୁଇ ପବର ମଝି ସ୍ଥାନ—Knuckle.

**ଅଙ୍ଗୁଳିଚାଳନ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗୁଳି+ଚାଳନ )—
Anguliehālana ହାତର ଅଙ୍ଗୁଠି ଦ୍ୱାରା ଠାରିବା ବା ସଙ୍କେତ କରିବା; ମନୋଭାବ ବ୍ୟକ୍ତ କରିବା ପାଇଁ ଅଙ୍ଗୁଠିକୁ ଚଳାଇବା—Movement of the fingers for making signs.

**ଅଙ୍ଗୁଳିଠାର**—ଦେ. ବି—୧ । ମନୋଭାବ ବ୍ୟକ୍ତ କରିବା ପାଇଁ ଅଙ୍ଗୁଳିର
Anguli thāra ଭିନ୍ନ ଭିନ୍ନ ପ୍ରକାରେ ଚାଳନ; ସଙ୍କେତ—1. Signs made by the fingers.
ଆଙ୍ଗୁଲଠାର

୨ । ଏକ ପ୍ରକାର ଠାର; ଅଙ୍ଗୁଳିମାନ ଭିନ୍ନ ଭିନ୍ନ ପ୍ରକାରେ ଚାଳନ କରି ଦୁଇ ଜଣଙ୍କର ଭାବ ଆଦାନ ପ୍ରଦାନ କରିବା ପ୍ରକ୍ରିୟା ( ଠାର ଶବ୍ଦେ ଦେଖ )—2. A system of finger-signals.

**ଅଙ୍ଗୁଳି ତୋରଣ**—ସଂ. ବି. ( ମଧ୍ୟପଦଲୋପୀ; ଅଙ୍ଗୁଳି ଦ୍ୱାରା ଅଙ୍କିତ
Anguli torana ତୋରଣ )—ଚନ୍ଦନାଦି ଦ୍ୱାରା ଅଙ୍ଗୁଳି ସାହାଯ୍ୟରେ ଲଲାଟରେ ଚିତ୍ରିତ ଅର୍ଦ୍ଧଚନ୍ଦ୍ରାକୃତି ତିଳକ ( ଶାକ୍ତମାନେ ଏହି ତିଳକ ଧାରଣ କରନ୍ତି । )—A crescentshaped sectarial mark drawn on the brow with sandal paste.

**ଅଙ୍ଗୁଳିତ୍ର**—ସଂ. ବି. ( ଅଙ୍ଗୁଳି+ତ୍ରୈ ଧାତୁ+କର୍ତ୍ତୃ. ଅ; ଯାହା ଅଙ୍ଗୁଳିକୁ
Angulitra ଆଘାତରୁ ରକ୍ଷା କରେ )—

୧ । ଅଙ୍ଗୁଳିକୁ ରକ୍ଷା କରିବା ପାଇଁ ବ୍ୟବହୃତ ଆବରଣ—1. A covering for protecting the fingers; a finger-protector.

୨ । ଦସ୍ତାନା—2. Gloves.

୩ । ଅଙ୍ଗୁସ୍ତାନା—ଦରଜିମାନେ ସିଲେଇ କଲା ବେଳେ ଛୁଞ୍ଚିର ମୂଳକୁ ଠେଲିବା ପାଇଁ ମଝି ଅଙ୍ଗୁଠିର ଅଗରେ ପିନ୍ଧିବା ଧାତୁର ଟୋପି—3. Thimble.

୪ । ଧନୁ ମାରିବା ବ୍ୟକ୍ତିର ଅଙ୍ଗୁଠିକୁ ଧନୁର୍ଗୁଣରୁ ରକ୍ଷା କରିବା ପାଇଁ ଅଙ୍ଗୁଠିରେ ପିନ୍ଧା ଯିବା ଚମଡ଼ାର ଟୋପି—4. A finger-protector used by archers as a protection against the striking of bow-strings.

**ଅଙ୍ଗୁଳିତ୍ରାଣ**—ସଂ. ବି. ( ଅଙ୍ଗୁଳି+ତ୍ରୈ ଧାତୁ+କର୍ତ୍ତୃ. ଅନ )—
Angulitrāna ଅଙ୍ଗୁଳିତ୍ର (ଦେଖ)—Angulitra (See)

**ଅଙ୍ଗୁଳିପଞ୍ଚକ**—ସଂ. ବି. ( ୬ଷ୍ଠୀ ତତ୍ ; ଅଙ୍ଗୁଳି+ପଞ୍ଚକ )—
Angulipanchaka ୧ । ହାତର ପାଞ୍ଚଟି ଅଙ୍ଗୁଠି—1. The five fingers of the hand.

[ ହାତର ପାଞ୍ଚଟି ଅଙ୍ଗୁଠି ଯଥା—୧. ବୃଦ୍ଧା (ବୁଢ଼ା) Thumb; ୨. ତର୍ଜନୀ (ବଣି) Index finger; ୩. ମଧ୍ୟମା (ମଝି) Middle-finger; ୪. ଅନାମିକା (ଘର) Ring finger; ୫. କନିଷ୍ଠା (କାଣୀ) Little finger.]

୨ । ଗୋଡ଼ର ୫ ଅଙ୍ଗୁଠି --2. The toes of the feet.

**ଅଙ୍ଗୁଳିପର୍ବ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗୁଳି+ପର୍ବନ୍ ; ୧ମା. ୧ବ )—
Anguli parba ୧ । ଅଙ୍ଗୁଠିର ପବ; ଅଙ୍ଗୁଠିର ଗଣ୍ଠି ମଝିରେ ଥିବା ସରଳ ଅଂଶ—1. The bone between the finger-joints.

୨ । ଅଙ୍ଗୁଳି ଗ୍ରନ୍ଥି—2. Finger joint ( M. W. )

**ଅଙ୍ଗୁଳି ଫୁଟାଇବା**—ଦେ. କ୍ରି. ( ସଂ. ଅଙ୍ଗୁଳି+ସ୍ଫୋଟନ )—
Anguli phutāiba ୧ । ଅଙ୍ଗୁଠିର ଗଣ୍ଠିକୁ ମୋଡ଼ି ଶବ୍ଦ ଉତ୍ପାଦନ କରିବା—1. To crack the finger-joints.
ଅଙ୍ଗୁଲ ମଟକାନ,
ଅଙ୍ଗୁଲ ফোটান

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ୠ,ୡ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଢ |
| ୬ | ଈ | ଊ | ଋ | ଌ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଈଅ | ଞ | ନ୍ତ |

୨ । ମଝି ଆଙ୍ଗୁଠିରେ ବୁଢ଼ା ଆଙ୍ଗୁଠିର ଅଗକୁ ପରସ୍ପର ସଂଲଗ୍ନ କରି ପରେ ଜୋରରେ ଖସାଇ ନେବା ଦ୍ୱାରା ଫୁଟ୍‌କି ଶବ୍ଦ ଉତ୍ପାଦନ କରିବା—2. To snap the finger-tips; to produce a cracking sound with the tips of the thumb and the middle finger.

**ଅଙ୍ଗୁଳିମୁଖ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗୁଳି+ମୁଖ )—
Aṅgulimukha ଆଙ୍ଗୁଠିର ଅଗ—
The tip of the finger; finger-tip.

**ଅଙ୍ଗୁଳିମୁଦ୍ରା**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଙ୍ଗୁଳି+ମୁଦ୍ରା )—
Aṅgulimudrā ୧ । ନାମାଙ୍କିତ ମୁଦି—
1. A signet ring; a seal ring.
୨ । ଦେବପୂଜାରେ ବ୍ୟବହୃତ ଅଙ୍ଗୁଳିମାନଙ୍କଦ୍ୱାରା ରଚିତ ମୁଦ୍ରାବିଶେଷ—2. A figure made by the fingers during worship.
୩ । ଆଙ୍ଗୁଠିରେ ପିନ୍ଧାଯିବା ମୁଦି—3 A finger-ring.

**ଅଙ୍ଗୁଳିମୁଦ୍ରିକା**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଙ୍ଗୁଳି+ମୁଦ୍ରିକା )—
Aṅgulimudrikā ଅଙ୍ଗୁଳିମୁଦ୍ରା ( ଦେଖ )
Aṅgulimudrā ( See )

**ଅଙ୍ଗୁଳିମୋଟନ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗୁଳି+ମୋଟନ )—
Aṅgulimotana ଅଙ୍ଗୁଳି ଫୁଟାଇବା କର୍ମ—
The act of snapping the finger joints or two finger-tips.

**ଅଙ୍ଗୁଳିସଙ୍କେତ**—ସଂ. ବି. ( ୩ୟା ତତ୍ )—ଅଙ୍ଗୁଳିଠାର ( ଦେଖ )
Aṅgulisaṅketa Aṅgulithāra ( See )

**ଅଙ୍ଗୁଳିସଂଜ୍ଞା**—ସଂ. ବି. ( ୩ୟା ତତ୍ )—ଅଙ୍ଗୁଳିଠାର ( ଦେଖ )
Aṅgulisaṃjñā Aṅgulithāra ( See )

**ଅଙ୍ଗୁଳିସନ୍ଦେଶ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଙ୍ଗୁଳିଦ୍ୱାରା
Aṅgulisandeśa ପ୍ରେରିତ ବା ପ୍ରକାଶିତ ସନ୍ଦେଶ )—
ଅଙ୍ଗୁଳିଠାର ( ଦେଖ )—Aṅgulithāra ( See )

**ଅଙ୍ଗୁଳିସନ୍ଧି**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗୁଳି+ସନ୍ଧି )—
Aṅgulisandhi ଦୁଇ ଅଙ୍ଗୁଠିର ମଝି ସ୍ଥାନ; ଆଙ୍ଗୁଠିସନ୍ଧି—
The space between two fingers.

**ଅଙ୍ଗୁଳିସ୍ଫୋଟନ**—ସଂ. ବି. ( ୬ଷ୍ଠୀ ତତ୍; ଅଙ୍ଗୁଳି+ସ୍ଫୋଟନ )—
Aṅgulisphoṭana ଅଙ୍ଗୁଳି ଫୁଟାଇବା କର୍ମ—
The snapping of the finger-tips; the cracking of the finger-joints.

**ଅଙ୍ଗୁଳୀକ**—ସଂ. ବି. (ଅଙ୍ଗୁଳି+ଇକ)—ମୁଦି—
Aṅgulīka Finger-ring. (M. W.)

**ଅଙ୍ଗୁଳୀୟ**—ସଂ. ବି. (ଅଙ୍ଗୁଳି+ଈୟ)—ମୁଦି—
Aṅgulīya Finger-ring. (M.W )

**ଅଙ୍ଗୁଲେଇବା**—ଦେ. କ୍ରି. (ସଂ. ଅଙ୍ଗୁଳି)—ଅଙ୍ଗୁଳାଇବା (ଦେଖ)
Aṅguleibā Aṅgulaibā (See)

**ଅଙ୍ଗୁଷ୍ଟାନା**—ଦେ. ବି.—ଅଙ୍ଗୁସ୍ତନା (ଦେଖ)
Aṅgushṭānā Aṅgustanā (See)

**ଅଙ୍ଗୁଷ୍ଠ**—ସଂ. ବି. (ଅଙ୍ଗ ଧାତୁ+ସଂଜ୍ଞାର୍ଥେ. ଉଷ୍ଠ)—୧ । ହାତର ବୁଢ଼ା
Aṅgushṭha ଆଙ୍ଗୁଠି—1. The thumb.
୨ । ଗୋଡ଼ର ବୁଢ଼ା ଆଙ୍ଗୁଠି—2. The great toe.
୩ । ବୁଢ଼ା ଆଙ୍ଗୁଠିର ଓସାର ବା ଚଉଡ଼ା ପରିସର; ¾ଇଞ୍ଚ—
Breadth of the thumb about ¾ of an inch.

**ଅଙ୍ଗୁଷ୍ଠା**—ସଂ ବି. (ଅଙ୍ଗୁଷ୍ଠ+ଆ)—ଅଙ୍ଗୁଷ୍ଠ (ଦେଖ)
Aṅgushṭhā Aṅgushṭha (See)

**ଅଙ୍ଗୁଷ୍ଠାନା**—ଦେ. ବି.—ଅଙ୍ଗୁସ୍ତନା (ଦେଖ)
Aṅgushṭhānā Aṅgustanā (See)

**ଅଙ୍ଗୁସ୍ତନା**—ଦେ. ବି. (ସଂ. ଅଙ୍ଗୁଳିତ୍ରାଣ)—ସିଲେଇ କଲାବେଳେ ଛୁଞ୍ଚିର
Aṅgustanā ମୂଳ ପାଖକୁ ଲୁଗା ମଧ୍ୟକୁ ଠେଲିବା ପାଇଁ ଦରଜି-
अंगुस्ताना ମାନେ ମଝି ଆଙ୍ଗୁଠି ଅଗରେ ଯେଉଁ ଧାତୁମୟ ଟୋପି
अंगुस्तना ପିନ୍ଧନ୍ତି—A thimble.

**ଅଙ୍ଗୁସ୍ତାନା**—ଦେ. ବି. ( ସଂ. ଅଙ୍ଗୁଳିତ୍ରାଣ)—ଅଙ୍ଗୁସ୍ତନା (ଦେଖ)
Aṅgustānā Aṅgustanā (See)

**ଅଙ୍ଗୁସ୍ଥାନା**—ଦେ. ବି—ଅଙ୍ଗୁସ୍ତନା (ଦେଖ)
Aṅgusthānā Aṅgustanā (See)

**ଅଙ୍ଗୂଷ**—ସଂ. ବି. ( ଅଙ୍ଗ୍ ଧାତୁ+ସଂଜ୍ଞାର୍ଥେ. ଊଷ; )—ଯାହା ଦ୍ରୁତଗତି
Aṅgūsha କରେ—୧ । ନେଉଳ—1. An ichneumon (M. W.)
୨ । ଶର; ବାଣ—2. An arrow (M. W.)

**ଅଙ୍ଗେଇତ**—ପ୍ରାଦେ. (ଗଞ୍ଜାମ) ବି—୧ । ଇସ୍ପାତ—1. Steel.
Aṅgeita ( ଯଥା—ଅଙ୍ଗେଇତଥର )
୨ । କାନ୍ତଲୌହ; ଢଳା ଲୁହା—
... Cast iron; cast steel.

**ଅଙ୍ଗେଠା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅଗ୍ନିଷ୍ଠ; ଭୁଲ. ହି: ଅଙ୍ଗିଠା)—
Aṅgethā ନିଆଁ ଉହ୍ମେଇ—A fire-pan; a brazier.

**ଅଙ୍ଗେ ନିଭାଇବା**—ଦେ. କ୍ରି.—ଅଙ୍ଗେ ନିଭେଇବା (ଦେଖ)
Aṅge nibhāibā Aṅge nibheibā (See)

**ଅଙ୍ଗେ ନିଭେଇବା**—ଦେ. କ୍ରି. (ସଂ. ଅଙ୍ଗ+ନିବାହ୍)—ନିଜେ ଅନୁଭବ
Aṅge nibheibā କରିବା—To experience; to undergo.
अंगेनिबान ଦୁଃଖ କହିବ କି ସୁଖ କହିବ ?
अजमायस करना ଯାହା ଅଙ୍ଗେ ନିଭେଇଛି ତାହା କହିବି । ଚଗ ।
ଦେ. ବି.—ନିଜର ଅନୁଭବ—One's own experience.
ଦେ. ବିଣ—ନିଜେ ଅନୁଭବ କରିଥିବା—That which one has himself experienced.
( ଯଥା—ଏହା ମୋର ଅଙ୍ଗେ ନିଭେଇବା ଘଟଣା । )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଆଜ୍ଞା' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଙ୍ଗୋଞ୍ଛ**—ସଂ. ବି. ( ଅଙ୍ଗ + ଉଞ୍ଛ ଧାତୁ + କରଣେ. ଅ; ଯାହା ଦ୍ୱାରା ଦେହ ପୋଛାଯାଏ )—
Angonchha
ଗାମୁଛା—A towel. ( M. W.)

**ଅଙ୍ଗୋଞ୍ଛନ**—ସଂ. ବି. ( ଅଙ୍ଗ + ଉଞ୍ଛ ଧାତୁ + କରଣେ. ଅନ )—
Angonchhana ଗାମୁଛା—A towel. ( M. W. )

**ଅଙ୍ଗୋଟ୍** (ଇତ୍ୟାଦି)—ଦେ. ବି. ଓ ବିଣ—ଅଙ୍ଗୁଟ୍ ଇତ୍ୟାଦି ( ଦେଖ )
Angot (etc) Angut etc. ( See )

**ଅଙ୍ଗୋଟିଆ**—ଦେ. ବିଣ. ପୁଂ—ଅଙ୍ଗୁଟିଆ ( ଦେଖ )—
Angotiā Angutiā ( See )
ଅଙ୍ଗୋଟୀ }
ଅଙ୍ଗୋଟେଇ } —ସ୍ତ୍ରୀ

**ଅଙ୍ଗୋଠ୍** (ଇତ୍ୟାଦି)—ଦେ. ବି ଓ ବିଣ—ଅଙ୍ଗୁଟ୍ ଇତ୍ୟାଦି (ଦେଖ)
Angoth (etc.) Angut etc. ( See )

**ଅଙ୍ଗୋଠିଆ**—ଦେ. ବିଣ. ପୁଂ—ଅଙ୍ଗୋଟିଆ ( ଦେଖ )
Angothiā Angotiā ( See )
ଅଙ୍ଗୋଠୀ }
ଅଙ୍ଗୋଠେଇ } —ସ୍ତ୍ରୀ

**ଅଙ୍ଗ୍ରାଜି**—ଦେ. ବି. ଓ ବିଣ—ଇଂଗ୍ରାଜ୍ ( ଦେଖ )
Angrāji Ingrāj ( See )

**ଅଙ୍ଗ୍ରିଅ**—ଦେ. ବି. ନାମ—( ଷୋଡ଼ଶ ଶତାବ୍ଦୀର ମହାରାଷ୍ଟ୍ର ସେନାପତି;
Angriya ଏ ଦାକ୍ଷିଣାତ୍ୟ ହସ୍ତଗତ କରି ଇଂରେଜ, ଫରାସୀ ଓ ପୋର୍ତ୍ତୁଗୀଜମାନଙ୍କ ବାଣିଜ୍ୟପୋତମାନ ଲୁଣ୍ଠନ କରିଥିଲେ ।)—
Name of a Marhattā general of the 16th century.

**ଅଙ୍ଘ**(ଧାତୁ)—ସଂ—୧ । ଅଧୋଗତ କରିବା—1. To go down.
Angha (root) ୨ । ଗତି କରିବା—2. To move.
୩ । ଆରମ୍ଭ କରିବା—3. To commence.
୪ । ଯାତ୍ରା କରିବା—4. To set out.
୫ । ନିନ୍ଦା କରିବା—5. To blame.
୬ । କୌଣସି କାର୍ଯ୍ୟକୁ ତରବର କରି କରିବା—
6. To hasten.
୭ । ଆଗ ପଛ ନ ବିଚାରି ହଠାତ୍ କହିବା—
7. To speak hastily.

**ଅଘ**—ସଂ. ବି. ( ଅଘ ଧାତୁ + କରଣେ. ଅ; ଯାହାଦ୍ୱାରା ମନୁଷ୍ୟ ଅଧୋଗତି କରେ )—
Angha
୧ । ପାପ—1. Sin. ( M. W. )
୨ । ମନ୍ଦ; ଅଶୁଭ—2. Evil. ( M W. )

**ଅଘଃ**—ସଂ. ବି. ( ଅଘ ଧାତୁ + କରଣେ. ଅସ୍ )—
Anghah ୧ । ନୈତିକ ଅବନତି—
1. Moral degradation.
୨ । ପାପ—2. Sin.
୩ । ମନ୍ଦ; ଅଶୁଭ—3. Evil.

**ଅଙ୍ଘ୍ରି**—ସଂ. ବି. (ଅଙ୍ଘ ଧାତୁ + କରଣେ. ରି; ଯାହାଦ୍ୱାରା ଗତି କରାଯାଏ)—
Anghri ୧ । ପାଦ; ଚରଣ; ଗୋଡ଼—1 Leg.
୨ । ବୃକ୍ଷର ମୂଳ—2 Foot of a tree; part of the trunk just above the ground.
୩ । ଗଛର ଚେର—3. The root of a tree.
୪ । ଶ୍ଳୋକର ଚରଣ ବା ପାଦ; ଶ୍ଳୋକର ଏକ ଚତୁର୍ଥାଂଶ—
4. A line of a quartet.
୫ । ପୀଢ଼ାର ବଇଠି—5. Foot f a seat. (M. W.)

**ଅଙ୍ଘ୍ରିପ**—ସଂ. ବି. (ଅଙ୍ଘ୍ରି + ପା ଧାତୁ + କର୍ତ୍ତୃ. ଅ; ଯେ ପାଦଦ୍ୱାରା ପିଏ)
Anghripa ପାଦପ; ବୃକ୍ଷ; ଗଛଲତା—Tree; plant.

**ଅଙ୍ଘ୍ରିପର୍ଣ୍ଣୀ**—ସଂ. ବି. (ବହୁବ୍ରୀହି; + ଅଙ୍ଘ୍ରି + ପର୍ଣ୍ଣ + ଈ; ଯାହାର ପାଦରେ
Anghriparnnī ବା ମୂଳରେ ପତ୍ର ଥାଏ)—ପୃଶ୍ନିପର୍ଣ୍ଣୀ (ଦେଖ)
The plant prusniparnnī (See)

**ଅଙ୍ଘ୍ରିବଲ୍ଲି**—ସଂ. ବି. (ବହୁବ୍ରୀହି; ଅଙ୍ଘ୍ରି + ବଲ୍ଲି)—ଅଙ୍ଘ୍ରିପର୍ଣ୍ଣୀ (ଦେଖ)
Anghriballi Anghriparnnī (See)

**ଅଙ୍ଘ୍ରିବଲ୍ଲିକା**—ସଂ. ବି. (ଅଙ୍ଘ୍ରି + ବଲ୍ଲି + କ + ଆ)—ଅଙ୍ଘ୍ରିପର୍ଣ୍ଣୀ (ଦେଖ)
Anghriballikā Anghriparnnī (See)

**ଅଚ୍** (ଧାତୁ)—ସଂ.—୧ । ଗତି କରିବା—1. To move.
Ach (root) ୨ । ମାନ୍ୟ କରିବା—2. To honour.
୩ । ଗୋଲ କରିବା—3. To make round.
୪ । ବଙ୍କାଇବା—4 To make curved.
୫ । ଅନୁରୋଧ କରିବା—5. To request.

**ଅଚ୍**—ସଂ. ବି. ( ସଂ. ବ୍ୟାକରଣ )—ସ୍ୱରବର୍ଣ୍ଣମାନ—
A technical term in sanskrit grammar for the vowels.

**ଅଚ୍‌କନ୍**—ଦେ. ବି. ( ଫ. କଂଚୁକ; ପ୍ରା. ଅଂଚୁକ )—ସାମନାରେ ଛାତି
Achkan ଉପରେ ମଝିରେ ବୋତାମ ଲାଗିଥିବା ଚପକନ ବା ଲମ୍ବ
অচকান্ କୁରୁତା—A kind of long coat with a
अचकन set of buttons in the middle.

**ଅଚ୍‌କାଇବା**—ଦେ. କ୍ରି—ଅଚ୍‌କିବା କ୍ରିୟାର ଣିଜନ୍ତ ରୂପ—
Achkāibā Causative of the verb Achkibā.
অচকান, নাড়ান
अचकाना

**ଅଚ୍‌କିବା**—ଦେ. କ୍ରି.—ଦୋହୋଲିବା; ଝୁଲିବା—
Achkibā To swing; to wave.
অচকান; নাড়ান
अचकना

**ଅଚକାର**—ଦେ. ବି. ( ସଂ. ସତ୍ୟକାର; ପ୍ରା. ସଚ୍ଚକାର )—
Achakāra ୧ । ବଇନା; କଣାଯିବା ପଦାର୍ଥର ଆଗତୁରା ଦିଆଯିବା ମୂଲ୍ୟାଂଶ—1. Earnest money; advance of a part of the consideration.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଫ୍ଟ | ଡ଼ଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚଁ୍ୟ | ଇଅ | ଞ | ନ୍ତ |

୨ । କୌଣସି କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି; ଅଙ୍ଗୀକାର— 2. A promise.

**ଅଚକିତ**—ସଂ. ବିଣ. ( ଅ + ଚକିତ )—୧ । ଅତ୍ରସ୍ତ; ଯେ ଚମକ ପଡ଼େ ନାହିଁ—1 Undaunted; not alarmed; not startled.
Achakita
(ଅଚକିତା—ସ୍ତ୍ରୀ)
୨ । ସ୍ଥିର—2. Steady; fixed.
୩ । ଅବିଚଳିତ—3. Unmoved.

**ଅଚକ୍ଷୁଃ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅ+ଚକ୍ଷୁସ୍ )—
Achakshuh ୧ । ନେତ୍ରହୀନ; ଅନ୍ଧ—1. Eyeless; blind.
(ଅଚକ୍ଷୁଷ୍ଟ୍ୱ—ବି) ୨ । ଯେଉଁ ଜୀବମାନଙ୍କୁ ଈଶ୍ୱର ଦୃଷ୍ଟିଶକ୍ତି ଦେଇ ନାହାନ୍ତି—2. (animals) Not endowed with the sense of vision.
ସଂ. ବି. ( ନଞ୍ ତତ୍; ଅ + ଚକ୍ଷୁ ) — କୁତ୍ସିତ ଚକ୍ଷୁ—A bad eye.

**ଅଚକ୍ଷୁର୍ବିଷୟ**—ସଂ. ବିଣ. ( ଅ + ଚକ୍ଷୁର୍ବିଷୟ )—
Achakshurbishaya ୧ । ଅଗୋଚର—1. Invisible.
୨ । ଯାହା ଆଉ ଦେଖାଯାଉ ନାହିଁ— 2. No longer within the reach of the eyes.

**ଅଚକ୍ଷୁଷ୍କ**—ସଂ. ବିଣ. ପୁଂ. ( ଅ+ଚକ୍ଷୁସ୍+କ )—
Achakshushka ଚକ୍ଷୁହୀନ; ଅନ୍ଧ—Blind.
(ଅଚକ୍ଷୁଷ୍କା—ସ୍ତ୍ରୀ)

**ଅଚଞ୍ଚଳ**—ସଂ. ବିଣ. ପୁଂ ( ଅ + ଚଞ୍ଚଳ )—୧ । ସ୍ଥିର; ଦୃଢ଼—
Achañchala 1. Steady; calm.
(ଅଚଞ୍ଚଳା—ସ୍ତ୍ରୀ) ୨ । ଅଚପଳ—2. Not hasty; not wavering.
(ଅଚଞ୍ଚଳତା—ବି)

**ଅଚଞ୍ଛା**—ଦେ. ବିଣ—ଅଚଞ୍ଛା; ଯାହା ଚଞ୍ଛା ହୋଇ ନାହିଁ—( ଯଥା—ଭୂମି, ବାଡ଼ି )—Unscraped (e.g. land; stick).
Achañchhā
ଅଚାଁଛା

**ଅଚଣ୍ଡ**—ସଂ. ବିଣ ପୁଂ (ଅ + ଚଣ୍ଡ)—ଯେ ରାଗୀ ନୁହେଁ; ଶାନ୍ତସ୍ୱଭାବ—
Achaṇḍa Gentle; not of a hot temper.
(ଅଚଣ୍ଡା—ସ୍ତ୍ରୀ)

**ଅଚଣ୍ଡୀ**—ସଂ. ବି. ସ୍ତ୍ରୀ.(ଅଚଣ୍ଡ + ଈ)—୧ । ସୁଶୀଳା ଗାଈ; ସୁଧାର ଗାଈ—
Achaṇḍī 1. A tractable cow.
୨ । ଅକୋପନା ସ୍ତ୍ରୀ— 2. A mild-tempered woman.

**ଅଚତୁର**—ସଂ. ବିଣ. ପୁଂ. (ଅ + ଚତୁର)—୧ । ଯେ ଚାଲାକ୍ ନୁହେଁ—
Achatura 1. Not clever; not cunning.
(ଅଚତୁରା—ସ୍ତ୍ରୀ) ୨ । ନିର୍ବୋଧ—Foolish.

**ଅଚତୁରୀ**—ଦେ. ବିଣ. ସ୍ତ୍ରୀ. ( ସଂ. ଅଚତୁରା )—ଅଚତୁରା; ଯେଉଁ ସ୍ତ୍ରୀ ଚତୁର ପଣ ଜାଣେ ନାହିଁ—
Achaturī
Not cunning ( woman ).

**ଅଚତୁରେଇ**—ଦେ. ବିଣ. ସ୍ତ୍ରୀ. (ସଂ. ଅଚତୁରା)—ଅଚତୁରୀ (ଦେଖ)
Achaturei Achaturī ( See )

**ଅଚର**—ସଂ. ବିଣ. ( ଅ + ଚର୍ ଧାତୁ + କର୍ତ୍ତୃ. ଅ )—
Achara ଯେ ଗତିଶୀଳ ନୁହେଁ; ସ୍ଥାବର; ସ୍ଥିତିଶୀଳ—
( ଅଚରା—ସ୍ତ୍ରୀ ) Immovable; stationary.
( ଅଚରତା ବି )
ସଂ. ବି—ସ୍ଥାବର ବସ୍ତୁ ( ଯଥା—ପର୍ବତ )— An immovable thing (e.g. mountain).

**ଅଚରଚ୍ଚା**—ଗ୍ରା. ବି. ଓ ବିଣ (ସଂ. ଅ + ଚର୍ଚ୍ଚା)—ଅଚର୍ଚ୍ଚା (ଦେଖ)
Acharachā Acharchchā ( See )

**ଅଚର୍ଚ୍ଚା**—ସଂ. ବି. ( ଅ + ଚର୍ଚ୍ଚା )—
Acharchchā ୧ । ପୂଜାର ଅଭାବ—1. Want of veneration.
୨ । ଉପଯୁକ୍ତ ସମ୍ମାନର ଅଭାବ— 2 Want of proper respect.
୩ । ଉପଯୁକ୍ତ ଆତିଥେୟତାର ଅଭାବ— 3. Want of proper hospitality.
୪ । ସମ୍ୟକ୍ ଆଲୋଚନାର ଅଭାବ— 4 Want of exercise or discussion.
ଦେ. ବିଣ. ( ସଂ. ଅ + ଚର୍ଚ୍ଚିତ )—
୧ । ଅପୂଜିତ—1. Not adored.
୨ । ଅସମ୍ମାନିତ—2. Disrespected.
୩ । ଅନାଦୃତ—3. Slighted.

**ଅଚଲ୍**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଅଚଳ)—ଅଚଳ (ଦେଖ)
Achal Achaḻa ( See )

**ଅଚଳ**—ସଂ. ବିଣ. (ଅ + ଚଳ)—
Achaḻa ୧ । ଗତିରହିତ—1. Motionless.
(ଅଚଳା—ସ୍ତ୍ରୀ) ୨ । ଚଳତ୍‌ଶକ୍ତିହୀନ—2. Immovable; unable to move.
(ଅଚଳତା—ବି)
(ବିପରୀତ—ଚଳ, ସଚଳ) ୩ । ଯେଉଁ କାର୍ଯ୍ୟ ପରିଚାଳିତ ହୋଇ ନ ପାରେ—3. ( work ) Incapable of being carried on.
୪ । ଅକ୍ଷମ; ଅସମର୍ଥ—4. Unable to do any work.
୫ । ଅଚଳନ୍ତି (ଦେଖ) 5. Achaḻanti (See)
୬ । ଅପ୍ରଚଳିତ—6. Not current.
୭ । ଦୋଷଯୁକ୍ତ—7. Faulty.
ସଂ. ବି.—୧ । ପୃଥିବୀ—1. The earth
୨ । ପର୍ବତ—2. Mountain.
୩ । ବୃକ୍ଷ—3. Tree.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଆଙ୍ଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୪ । ଶିବ—4. Śiba.

୫ । ବ୍ରହ୍ମ—5. The Supreme Soul.

୬ । ଆତ୍ମା—6. The soul.

୭ । କୀଳା; ଶଙ୍କୁ—7. A piller; pin.

ଦେ. ବି.—୧ । କାର୍ଯ୍ୟ ନ ଚଳିବା ଅବସ୍ଥା—
1. A stage in which matters do not progress.

୨ । ଅଭାବ—2. Want.

ଦେ. ବିଣ—୧ । ଯେ ସମାଜରେ ଚଳେ ନାହିଁ; ସମାଜଚ୍ୟୁତ—
1. Excommunicated.

୨ । ଅସ୍ପୃଶ୍ୟ; ଅଛୁଆଁ (ଜାତି)—2. Untouchable (caste).

**ଅଚଳକୀଳା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅଚଳ=ପର୍ବତ ଅଟେ କୀଳା
Achalakilā ଯାହାର )—ପୃଥିବୀ—The earth.

**ଅଚଳଚଳ**—ଦେ. ବି. ( ସଂ. ଅଚଳ+ଚଳ )—୧ । କାର୍ଯ୍ୟ ନ ଚଳିବା
Achalachala ଅବସ୍ଥା ଓ ଚଳିବା ଅବସ୍ଥା; ଅସମୟ ସମୟ—
অসময় সময় 1. Bad and good times.

୨ । ଅଭାବ ଓ ପ୍ରାଚୁର୍ଯ୍ୟ—2. Times of plenty and of want.

**ଅଚଳଜାତି**—ଦେ. ବି. (ସଂ. ଅଚଳ+ଜାତି)—୧ । ଅସ୍ପୃଶ୍ୟ ଜାତି—
Achalajāti 1. Untouchable caste.
অছুত জাত ୨ । ପାଣି ଅଛୁଆଁ ଜାତି; ଯେଉଁ ନୀଚ ଜାତିର ଲୋକଙ୍କ ଛୁଆଁ ପାଣିକୁ ବ୍ରାହ୍ମଣାଦି ଉଚ୍ଚ ଜାତିମାନେ ବ୍ୟବହାର କରିବା ନିଷିଦ୍ଧ—1. Low caste, the water touched by whom is not used by high caste people.

**ଅଚଳଧୃତି**—ସଂ. ବି—ସଂସ୍କୃତ ଛନ୍ଦୋବିଶେଷ—
Achaladhruti Name of a sanskrit metre.

**ଅଚଳନ୍**—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଅଚଳନ )—
Achalan ୧ । ଅନୀତି; ଅକ୍ରିୟା—1. A bad act; an evil act.

୨ । ଅସଦାଚାର—2. Bad conduct.

**ଅଚଳନ**—ସଂ. ବି. ( ଅ+ଚଳନ )—
Achalana ୧ । ଗତିରାହିତ୍ୟ—1. Absence of motion.

୨ । ଅସଦାଚାର—2. Bad conduct.

୩ । ଅକ୍ରିୟା—3. Evil act.

**ଅଚଳନ୍ତି**—ଦେ. ବିଣ ( ସଂ. ଅଚଳ; ଅଚଳତ୍ )—
Achalanti ୧ । ଅଚଳ; ଯାହା ସ୍ଥାନାନ୍ତରକୁ ଚାଳିତ ହୋଇ ନ
অচল; স্থাবর ପାରେ—1. Fixed; which cannot
अचल be moved.
(ବିପରୀତ—ଚଳନ୍ତି) (ଯଥା—ଅଚଳନ୍ତି ପ୍ରତିମା)

୨ । ସ୍ଥାବର—2. Immovable.
( ଯଥା—ଅଚଳନ୍ତି ସମ୍ପତ୍ତି )

୩ । ଯାହା ବ୍ୟବସାୟରେ ଚଳି ନ ପାରେ—
3. Uncurrent.
( ଯଥା—ଅଚଳନ୍ତି ଟଙ୍କା )

**ଅଚଳନ୍ତି ପ୍ରତିମା**—ଦେ. ବି. ( ସଂ. ଅଚଳ+ପ୍ରତିମା )—
Achalanti pratimā ଯେଉଁ ଦେବବିଗ୍ରହ ବା ପ୍ରତିମା ଅତି
অচল প্রতিমা ବଡ଼ ଓ ଭାରୀ ଥିବାରୁ ଯାତ୍ରାଦି ଉପଲକ୍ଷରେ
अचल प्रतिमा ସ୍ଥାନାନ୍ତରିତ ହୋଇ ପାରେ ନାହିଁ —
Immovable image of a Deity.
( ଯଥା—ଶିବଲିଙ୍ଗ; ସତ୍ୟବାଦୀ ଗୋପୀନାଥଙ୍କ ବିଗ୍ରହ । )
[ ଦ୍ର—ଅଚଳନ୍ତି ପ୍ରତିମାମାନଙ୍କର ଗୋଟିଏ ଲେଖାଏଁ ଚଳନ୍ତି ପ୍ରତିମା ଥାଆନ୍ତି । ଯାତ୍ରାଯାତ୍ରା ସମୟରେ ସେହି ଚଳନ୍ତି ପ୍ରତିମାମାନେ ଅଚଳନ୍ତି ପ୍ରତିମାଙ୍କ ପ୍ରତିନିଧିରୂପେ ସ୍ଥାନାନ୍ତରକୁ ନିଆ ଅଣା କରାଯାନ୍ତି । ]

**ଅଚଳନ୍ତି ସମ୍ପତ୍ତି**—ଦେ. ବି. ( ସଂ. ଅଚଳ+ସମ୍ପତ୍ତି )—
Achalanti sampatti ସ୍ଥାବର ସମ୍ପତ୍ତି; ଭୂସମ୍ପତ୍ତି; ଜମିବାଡ଼ି—
অচল সম্পত্তি Immovable property;
अचल सम्पत्ति landed property

**ଅଚଳପକ୍ଷ**—ଦେ. ବି. ( ସଂ. ଅଚଳ+ପକ୍ଷ )—
Achalapaksha ୧ । ଚଳିତ୍ ଶକ୍ତିରହିତ ଅବସ୍ଥା—
অচল পক্ষ 1. Inability to move.

୨ । ସାଂସାରିକ କର୍ମ ଚଳାଇବା ଶକ୍ତିରହିତ ଅବସ୍ଥା—
2. Want of means to conduct worldy matters.

୩ । ଅତି ଗରିବ ଅବସ୍ଥା—
3. Poor or pennyless condition.

୪ । ନିରାଶ୍ରୟ ଅବସ୍ଥା—4. Helpless condition.

**ଅଚଳଶିରି**—ଗ୍ରା. ପଦ୍ୟ. ବି. ( ସଂ. ଅଚଳା+ଶ୍ରୀ )—
Achalaśiri ୧ । ଅସୀମ ସମ୍ପତ୍ତି—1. Vast wealth.

୨ । ଅକ୍ଷୟ ସୌଭାଗ୍ୟ—
2. Unchangeable prosperity.

୩ । (ଅଚଳ=ପର୍ବତ+ଶ୍ରୀ=ଭାଗ୍ୟ)—ପର୍ବତରେ ଲୁଚିବାର ଭାଗ୍ୟ—3. Luck of hiding in the mountain caves.

ଲଭ ଅଚଳ ଶିରି ଅଚଳ ଶିବ ସେ
—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ୨୬ । ୧ ।

**ଅଚଳା**—ସଂ. ବିଣ. ସ୍ତ୍ରୀ. ( ଅଚଳ+ଆ )—ଅଚଳର ସ୍ତ୍ରୀଲିଙ୍ଗ—
Achalā Feminine of Achala.

ସଂ. ବି. ସ୍ତ୍ରୀ—ପୃଥିବୀ—The earth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ୍ | ଌ | ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଣ,ଂ | ଙ୍କ | ଇଂ | ଉଁ | ଛ |
| ୨ | ଈ | ଊ | ଋୁ | ଲୁ | ଂ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଘ | ସ | ଙ୍ଂ | ଇଅ | ଓ | ନ୍ତ |

**ଅଚଳାଚଳ**—ଦେ. ବଣ. ( ସଂ. ଅଚଳ )—ବହୁତ; ପ୍ରଚୁର; ଅଗଣିତ—
Achalāchala Immense.
অক্ষয় (ଯଥା—ଅଚଳାଚଳ ସମ୍ପତ୍ତି ।)

**ଅଚଳାଚଳ ଲକ୍ଷ୍ମୀ**—ଦେ. ବ. ( ସଂ. ଅଚଳା ଲକ୍ଷ୍ମୀ )—୧ । ପ୍ରଚୁର
Achalāchala Lakshmī ସମ୍ପତ୍ତି—1. Vast wealth.
অচলা লক্ষ্মী ୨ । ଅଚଳା ଲକ୍ଷ୍ମୀ ( ଦେଖ )
2. Achalā Lakshmī ( See )

**ଅଚଳାଚଳ ସମ୍ପତ୍ତି**—ଦେ. ବ ( ସଂ. ଅଚଳା ସମ୍ପତ୍ତି )—
Achalāchala sampatti ଅଚଳାଚଳ ଲକ୍ଷ୍ମୀ (ଦେଖ)
Achalāchala Lakshmī ( See )

**ଅଚଳା ଲକ୍ଷ୍ମୀ**—ସଂ. ବ. ( ଅଚଳା + ଲକ୍ଷ୍ମୀ )—୧ । ଅକ୍ଷୟ ଐଶ୍ୱର୍ଯ୍ୟ—
Achalā Lakshmī 1. Unchangeable prosperity.
୨ । ଯେଉଁ ସମ୍ପଦ କେବେ କମିଯାଏ ନାହିଁ—
2. Prosperity which never diminishes.
ଦେ. ବ—ବହୁଧନ—Immense wealth.

**ଅଚଳା ସପ୍ତମୀ**—ସଂ. ବ. (ନାମ)—ଭବିଷ୍ୟପୁରାଣ ଗ୍ରନ୍ଥର ଭାଗବିଶେଷ—
Achalā saptamī Name of a part of the Bhabishya purāna.

**ଅଚଳା ସମ୍ପତ୍ତି**—ସଂ ବ. ( ଅଚଳା+ସମ୍ପତ୍ତି )—ଅଚଳା ଲକ୍ଷ୍ମୀ (ଦେଖ)
Achalā sampatti Achalā Lakshmī ( See )

**ଅଚ୍ଛ**—ଦେ. ବ—୧ । ଚାଷ ହେବା କ୍ଷେତରେ ପ୍ରଥମ ଥର ହଳ ବୁଲାଯିବା
Achha ବେଳେ ଅଙ୍କିତ ବୃତ୍ତାକାର ରେଖା—
কোট 1. A circular furrow-line made in a field when it is ploughed for the first time.
[ ଦ୍ର—ଚାଷିମାନେ ପ୍ରଥମେ କ୍ଷେତର ଚାରି ପାଖରେ ହଳଦ୍ୱାରା ଗୋଟିଏ ଅଚ୍ଛ ବୁଲାଇବା ପରେ ଅଚ୍ଛଦ୍ୱାରା ପରିବେଷ୍ଟିତ ଭୂମିକୁ ଚାଷ କରନ୍ତି । କ୍ଷେତ ବଡ଼ ହୋଇଥିଲେ ତହିଁରେ ପ୍ରଥମେ ଗୋଟିଏ ଅଚ୍ଛ କାଟି ଚାଷୀ ସେ ଅଚ୍ଛ ମଧ୍ୟସ୍ଥ ଜମିକୁ ଚାଷ କରି, କ୍ଷେତର ଅନ୍ୟ ଅଂଶରେ ପୁଣି ଅଚ୍ଛ କାଟି ଚଷନ୍ତି । ]
୨ । ଏକ ଅଚ୍ଛଦ୍ୱାରା ପରିବେଷ୍ଟିତ ହେବାଭଳି ଜମି; ଅଳ୍ପ ପରିମିତ ଭୂଖଣ୍ଡ —
2. A small piece of land.
( ଯଥା—ତାର ଜମାକୁ ଅଚ୍ଛେ ଜମି ଅଛି, ସେଥିରେ ସେ କାହୁଁ କୁଟୁମ୍ବ ପୋଷିବ । )

**ଅଚ୍ଛାଇବା**—ଦେ. କ୍ରି—ହଳଦ୍ୱାରା ସର୍ବପ୍ରଥମେ କ୍ଷେତର ଚାରିପାଖରେ
Achhāibā ଗୋଟିଏ ବୃତ୍ତାକାର ରେଖା ଅଙ୍କିତ କରିବା—
কোটকাটা To draw or mark a circular furrow-line in a field before ploughing it through and through.

**ଅଚ୍ଛ କରିବା**—ଦେ. କ୍ରି—ଅଚ୍ଛାଇବା ( ଦେଖ )
Achha kariba Achhāibā ( See )

**ଅଚ୍ଛ କାଟିବା**—ଦେ. କ୍ରି—ଅଚ୍ଛାଇବା ( ଦେଖ )
Achha kātibā Achhāibā ( See )

**ଅଚ୍ଛ ଦେବା**—ଦେ. କ୍ରି—ଅଚ୍ଛାଇବା ( ଦେଖ )
Achhā debā Achhāibā ( See )

**ଅଚ୍ଛ ଧରିବା**—ଦେ. କ୍ରି—କିଆରରେ ପ୍ରଥମେ ହଳଦ୍ୱାରା ଅଙ୍କିତ ହୋଇ
Achhā dharibā ଥିବା ବୃତ୍ତାକାର ରେଖା ବା ଅଚ୍ଛ ମଧ୍ୟସ୍ଥ ଭୂମିକୁ
কোটধরা ଚାଷ କରିବା—To plough up the area exclosed by a circular furrow-line.

**ଅଚ୍ଛନକ୍**—ବୈଦେ. କ୍ରି. ବଣ. ( ଆ. ଅଚ୍ଛନକ୍ )—
Achhānak ୧ । ଅକସ୍ମାତ୍; ହଠାତ୍; ହୁ କରି—
আচমকা 1. Suddenly; all on a sudden.
অচানক, ୨ । ଅପ୍ରତ୍ୟାଶିତରୂପେ—
অচানচক 2. Unexpectedly.
୩ । ପ୍ରଚୁରରୂପେ; ବହୁତ—3. Excessively.
ଦେ. ବଣ—୧ । ଅପ୍ରତ୍ୟାଶିତ —1. Unexpected.
୨ । ଆକସ୍ମିକ—2. Sudden.
ଦେ. ବ. ( ହଠାତ୍ ଉପସ୍ଥିତ ବିପଦ ଏହି ଆଶୟରୁ )—
୧ । ମହାମାରୀ—The plague.
୨ । ଓଲାଉଠା; ବିସୂଚିକା—2. Cholera.
୩ । ଦେଶବ୍ୟାପୀ କୌଣସି ସଂକ୍ରାମକ ବ୍ୟାଧି—
3. An Epidemic.
୪ । ହଠାତ୍ ଉପସ୍ଥିତ ବିପଦ—
4. A sudden calamity.

**ଅଚ୍ଛନକା**—ଦେ. ବ. (ଆ ଅଚ୍ଛନକ୍ =ହଠାତ୍)—ଓଲାଉଠା; ବିସୂଚିକା—
Achhānakā Cholera.

**ଅଚ୍ଛ ନ ଛାଡ଼ିବା**—ଦେ. କ୍ରି.—୧ । ଅଚ୍ଛ ରେଖାଦ୍ୱାରା ସୀମାବଦ୍ଧ ସ୍ଥାନକୁ
Achha na chhārdibā ନ ଛପି ହଳ ବୁଲାଇବା—
কোট না ছাড়া 1. To plough within the limits of the circular furrow-line.
୨ । ( ଲକ୍ଷଣାର୍ଥ ) ନିର୍ଦ୍ଦିଷ୍ଟ ସୀମାର ବାହାରକୁ ନ ଯିବା—
2. Not to go beyond bounds; to stick to the prescribed limits.
୩ । ( ଲକ୍ଷଣାର୍ଥ ) ନିର୍ଦ୍ଧାରିତ ନିୟମକୁ ଜଗି ଜଗି କାମ କରିବା—3. To adhere to the prescribed rules; to stick to the point.
୪ । ( ଲକ୍ଷଣାର୍ଥ ) କୌଣସି କାର୍ଯ୍ୟରେ ସିଦ୍ଧହସ୍ତତା ଦେଖାଇବା—4. To exhibit skill in any work.
[ ଦ୍ର—କୌଣସି କିଆରିଯାକ ହଳଦ୍ୱାରା ଚଷିବା ପୂର୍ବରୁ କିଆରି ସାନ ହୋଇଥିଲେ କିଆରିର ଚାରିପାଖକୁ ଯେପରି ଚଷା ପ୍ରଥମେ ଗୋଟିଏ ବୃତ୍ତ ବା ଅଣ୍ଡାକାର ଅଚ୍ଛ କାଟି ଦିଏ ଓ କିଆରି ବଡ଼

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ହୋଇଥିଲେ, ସେଥିରେ ଗୋଟିଏ ପାଖ ବା ଅଂଶରେ ଅଚ କାଟେ । ତତ୍ପରେ ସେହି ଅଚର ପରିଧିଦ୍ୱାରା ସୀମାବଦ୍ଧ ଜମିକୁ ହଳ ବୁଲାଇ ଚଷେ । ଗୋଟିଏ ଅଚ ଭିତରର ଭୂମିକୁ ହଳ ବୁଲାଇ ସାରିବା ପରେ, ଅନ୍ୟ କିଆରିକୁ ବା ବଡ଼ କିଆରିର ଆଉ ଗୋଟିଏ ଅଂଶକୁ ଯାଇ ସେଠାରେ ପୁଣି ଅଚ କାଟେ ଏବଂ ଉକ୍ତ ଅଚ ଭିତରର ଜମିକୁ ଚଷେ । ସିଦ୍ଧହସ୍ତ କୃଷକ ପ୍ରଥମେ କାଟିଥିବା ଅଚ ରେଖାର ସୀମାକୁ ଜଗି ହଳ କରେ, ଅର୍ଥାତ୍ ଅଚ ଛାଡ଼େ ନାହିଁ । ଯେଉଁ କୃଷକ ହଳ କରିବାରେ ସିଦ୍ଧହସ୍ତ ନୁହେ, ସେ ଅଚ-ବୃତ୍ତର ସୀମାରୁ ଏ ପାଖ ସେ ପାଖ ମାଡ଼ିଯାଏ । ]

**ଅଚାନିକ**—ଦେ. କ୍ରି. ବିଣ; ବିଣ ଓ ବି—ଅଚାନକ୍ ( ଦେଖ )
Achānika — Achānak ( See )

**ଅଚାନିକା**—ଦେ. କ୍ରି. ବିଣ; ବିଣ. ଓ ବି—ଅଚାନକ୍ ( ଦେଖ )
Achānikā — Achānak ( See )

**ଅଚାନିକା ଝାଡ଼ା**—ଦେ. ବି—ଓଳିଉଠା; ହଇଜା—
Achānikā jhar̤dā — Cholera

**ଅଚାନିକି**— ଦେ. ବି—ଅଚାନିକା ଝାଡ଼ା; ଓଳିଉଠା—
Achāniki — Cholera.

**ଅଚାନିକିଆ**—ଦେ. ବି—ଓଳିଉଠା; ହଇଜା—Cholera.
Achānikiā

**ଅଚାବୁଆ**—ଦେ. ବି—( ଯେଉଁ ଚଷୀ ଅନିପୁଣ ଥିବାରୁ ଅଚରେଖାର
Achābuā ସୀମା ମଧ୍ୟରେ ହଳ ବୁଲାଇ ନ ପାରି, ଅଚ ଛାଡ଼ିଯାଏ ହତଚକିଏ ଯାଓଆ ଅର୍ଥାତ୍ ଯେଉଁ ଚଷୀ ଅଚ ନ ଧରି ଭୁଆଁ ବୁଲେ)—
ଅଚାଁଭା ୧ । ଅନିପୁଣ—1. Unskilful.
୨ । ଲକ୍ଷ୍ୟଭ୍ରଷ୍ଟ—2. Missing the aim; departing from the prescribed limit.
୩ । କିଂକର୍ତ୍ତବ୍ୟବିମୂଢ଼—3. Bewildered.
୪ । ତ୍ରସ୍ତବ୍ୟସ୍ତ—4. Frightened; alarmed.
ସବୁ ପାଠ ପଢ଼େ ଶୁଆ, ବିଲେଇ ଦେଖିଲେ ଅଚାବୁଆ—ଢଗ ।
୫ । ଆଚମ୍ବିତ; ଆଶ୍ଚର୍ଯ୍ୟାନ୍ୱିତ—5. Astonished.

**ଅଚାବୁହା**—ଦେ. ବିଣ—ଅଚାବୁଆ ( ଦେଖ )
Achābuhā — Achābuā ( See )

**ଅଚାଭୁଆ**—ଦେ. ବିଣ—ଅଚାବୁଆ ( ଦେଖ )
Achābhuā — Achābuā ( See )

**ଅଚାର୍ଗଳ**—ଦେ. ବିଣ. ( ସଂ. ଅନର୍ଗଳ )—୧ । ଅନର୍ଗଳ—
Achārgaḻa — 1. Uninterrupted.
অনর্গল ୨ । ଦୁର୍ଦ୍ଧର୍ଷ; ଅଜେୟ—
2. Invincible; unconquerable.
ଭୁଜ ସେ ପୃଥ୍ୱୀକି ହୋଇବାକୁ ଅଚାର୍ଗଳ—ସାରଳା. ମହାଭାରତ ।

**ଅଚାର୍ଗଳା**—ଦେ. ବିଣ—ଅଚାର୍ଗଳ ( ଦେଖ )
Achārgaḻā — Achārgaḻa ( See )

**ଅଚାଲ**—ଦେ. ବି. ( ସଂ. ଅ + ଚଲ ଧାତୁ )—
Achāla ୧ । ବେଚାଲ; ସମାଜବିଗର୍ହିତ ଆଚରଣ—
বেচাল 1. Conduct which is contrary to
बेचाल social custom.
୨ । ଅନିୟମ; ବେଧାରା—2. Irregularity.
୩ । ଦେ. ବିଣ—ଅପ୍ରଚଳିତ—
3 Not in vogue; not current.

**ଅଚାଲତ୍**—ଦେ. କ୍ରି. ବିଣ—ବିଶେଷ ପରିମାଣରେ—
Achālat — To a great extent,
ନାଗଫେଣୀ ଅଙ୍କୁଳିଆରେ ଅଚାଲତ୍ ମାଡ଼ିଯାଉଛି—ପଦ୍ମାମୃତ, ୪।୧୦ ।

**ଅଚାହିତା**— ଦେ. ବି. ଓ ବିଣ—ଅତାହିତ୍ ( ଦେଖ )
Achāhitā — Atāhit ( See )
ଦେ. ବିଣ. ( ସଂ. ଅତ୍ୟାହିତ; ପ୍ରା. ଅଚାହିଦା )—
୧ । ଅପ୍ରୀତିକର—1. Disagreeable.
୨ । ଅଲୋଡ଼ା—2. Not wanted.
ଦେ. ବି—ଅପ୍ରୀତିକରତ୍ୱ—Disagreeableness.

**ଅଚିକିଚ୍ଛା**—ଗ୍ରା. ବି. ( ସଂ. ଅଚିକିତ୍ସାର ଅଶୁଦ୍ଧ ଉଚ୍ଚାରଣ )—
Achikichchā — ଅଚିକିତ୍ସା ( ଦେଖ )
অচিকিচ্ছা — Achikitsā ( See )

**ଅଚିକିତ୍ସକ**—ସଂ. ବି. ( ଅ = ନିକୃଷ୍ଟ; ହୀନ + ଚିକିତ୍ସକ )—
Achikitsaka ୧ । ଅନାଡ଼ି ବୈଦ୍ୟ; ଅଜ୍ଞ ବୈଦ୍ୟ—
1. A quack.
୨ । ନିକୃଷ୍ଟ ଚିକିତ୍ସକ—2. A bad physician.

**ଅଚିକିତ୍ସନୀୟ**—ସଂ. ବିଣ. ( ଅ + ଚିକିତ୍ସନୀୟ )—ଅଚିକିତ୍ସ୍ୟ ( ଦେଖ )
Achikitsanīya — Achikitsya ( See )

**ଅଚିକିତ୍ସା**—ସଂ. ବି. ( ଅ + ଚିକିତ୍ସା ) ୧ । ଚିକିତ୍ସାର ଅଭାବ—
Achikitsā 1. Want of medical treatment.
୨ । ଉପଯୁକ୍ତ ଚିକିତ୍ସାର ଅଭାବ—
2. Want of proper medical treatment.

**ଅଚିକିତ୍ସ୍ୟ**—ସଂ. ବିଣ. ( ଅ + ଚିକିତ୍ସ୍ୟ )—
Achikitsya ୧ । ଯାହାର ଚିକିତ୍ସା ହୋଇ ନ ପାରେ; ଯାହା ଚିକିତ୍ସାଦ୍ୱାରା ଉପଶାନ୍ତ ହୋଇ ନ ପାରେ—
1. Incurable
୨ । ଦୁରାରୋଗ୍ୟ—
2. Curable with much difficulty.

**ଅଚିଣ୍ଡି**—ଦେ. ବି— ଅଟୁଣ୍ଡି ( ଦେଖ )
Achiṇḍi — Atuṇḍi ( See ) ( Haines )

**ଅଚିତ୍**—ସଂ. ବିଣ. ( ବହୁବ୍ରୀହି; ଅ = ନାହିଁ + ଚିତ୍ = ଜ୍ଞାନ ଯାହାର)—
Achit ଅଜ୍ଞାନ; ମୂର୍ଖ— Unlearned; illiterate,
ଦେ. ବି—ପ୍ରତ୍ୟକ୍ଷ ଗୋଚର ଯାବତୀୟ ଜଡ଼ ବସ୍ତୁ—
Perceptible matter.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତୁ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତ |

[ ଦ୍ର—ରାମାନୁଜ ସମ୍ପ୍ରଦାୟ ବୈଷ୍ଣବମାନେ ପଦାର୍ଥମାନଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରିଅଛନ୍ତି, ଯଥା—୧. ଚିତ୍—ନିତ୍ୟ ଚେତନସ୍ୱରୂପ ଥିବାରୁ ଜୀବାତ୍ମା; ୨. ଅଚିତ୍—ପ୍ରତ୍ୟକ୍ଷଗୋଚର ଜଡ଼ାତ୍ମକ ପଦାର୍ଥ; ୩. ଈଶ୍ୱର—ଜଗତ୍‌ସ୍ରଷ୍ଟା; ଅଚିତ୍ ବା ଜଡ଼ ବସ୍ତୁ ପୁଣି ତିନି ଉପଶ୍ରେଣୀରେ ବିଭକ୍ତ—( କ ) ଅନ୍ନଜଳାଦି ଭୋଜ୍ୟବସ୍ତୁ, ( ଖ ) ଭୋଜନପାତ୍ରାଦି ଭୋଗୋପକରଣ ଓ ( ଗ ) ଶରୀରାଦି ଭୋଗାୟତନ । ]

**ଅଚିତା ପହଣ୍ଡ**—ପ୍ରାଦେ. ଗ୍ରାମ୍ୟ. (ପୁରୀ) ବି—ଅଚିନ୍ତା ପହଣ୍ଡ (ଦେଖ)
**Achitā pahaṇḍa** Achintā pahaṇḍa (See)

**ଅଚିନ୍**—ଦେ. ବି. ( ନାମ )—ଅଚୀନ୍ ( ଦେଖ )
**Achin** Achīn ( See )

**ଅଚିନରା**—ଗ୍ରା. ବିଣ.—ଅଚିହ୍ନରା ( ଦେଖ )
**Achinarā** Achihnarā ( See )

**ଅଚିନା**—ଗ୍ରା. ବିଣ.—(ସଂ. ଅଚିହ୍ନିତ)—୧ । ଅପରିଚିତ; ଅଜ୍ଞାତ—
**Achinā** 1 Unknown; strange.
অচেনা; অজানা ୨ । ଅଜ୍ଞେୟ—2. Unknowable.
**अनजाना** ୩ । ଯେଉଁ ରୋଗକୁ କେହି ଚିହ୍ନି ପାରେ ନାହିଁ—
3. Undiognosed; unrecognisable (disease)
୪ । ଯେଉଁ ଲୋକ ଅନ୍ୟକୁ ଚିହ୍ନି ନ ପାରେ—
4. Incapable of recognising other.
ଗ୍ରା. ବି.—ଅଚିନା ବ୍ୟାଧି (ଦେଖ)
Achinā byādhi (See)
ଉଠେ ଅଚିନା ପାଞ୍ଚ ସାତ—ଅଭିଶାପ ।

**ଅଚିନା ବ୍ୟାଧି**—ଗ୍ରା. ବିଣ(ସଂ. ଅଚିହ୍ନିତ ଓ ବ୍ୟାଧି)—୧ । ଯେଉଁ ରୋଗକୁ
**Achinā byādhi** ଚିକିତ୍ସକ ଲକ୍ଷଣାଦିଦ୍ୱାରା ଚିହ୍ନି ପାରେ ନାହିଁ—
অজানাব্যাধি 1. A disease which cannot be diognosed.
୨ । ଯେଉଁ ରୋଗର (ଯଥା—ବାତୁଳତା) ଫଳରେ ରୋଗୀ ପରିଚିତ ବ୍ୟକ୍ତିଙ୍କୁ ଚିହ୍ନି ପାରେ ନାହିଁ—2. A disease in which the patient is unable to identify known people.

**ଅଚିନ୍ତନୀୟ**—ସଂ. ବିଣ (ଅ + ଚିନ୍ତନୀୟ)—୧ । ଯାହା ଚିନ୍ତା କରାଯାଇ ନ
**Achintanīya** ପାରେ; ଚିନ୍ତାତୀତ; ଚିନ୍ତାର ଦୁରଧିଗମ୍ୟ; ଅଭାବନୀୟ—1. Unthinkable.
୨ । କଳ୍ପନାତୀତ—2. Unimaginable.
୩ । ଅବୋଧ—3 Incomprehensible.

**ଅଚିନ୍ତା**—ସଂ. ବି. ( ଅ + ଚିନ୍ତା )—୧ । ଚିନ୍ତାଶୂନ୍ୟତା; ନିଶ୍ଚିନ୍ତତା—
**Achintā** 1. Freedom from anxiety or care.
୨ । ଦାୟିତ୍ୱଜ୍ଞାନଶୂନ୍ୟତା —2. Irresponsibility.
ଦେ. ବିଣ—୧ । ନିଶ୍ଚିନ୍ତ; ଚିନ୍ତାରହିତ—
1. Free from anxiety or care
ପୂର୍ବରୁ ଖାଇ ମାତା ପିତା. ଏବେ ସେ ହୋଇଛି ଅଚିନ୍ତା ।
ରାମଦାସ- ଦାର୍ଢ୍ୟତାଭକ୍ତି ।
୨ । ଚିନ୍ତା କରିବାକୁ ଯାହାର କୌଣସି ବିଷୟ ନ ଥାଏ—
2. Having nothing to be anxious about.
ଅଚିନ୍ତା ହୋଇ ରହିବେ ପରେ ସର୍ବଠାବ । ପୀତାମ୍ବର- ନୃସିଂହପୁରାଣ ।

**ଅଚିନ୍ତା ପହଣ୍ଡ**—ପ୍ରାଦେ. ( ପୁରୀ ) ବି—୧ । ଯେଉଁ ଆବୃତ ଗଳିରାସ୍ତା
**Achintā pahaṇḍa** ବାଟେ ଜଗନ୍ନାଥ ମହାପ୍ରଭୁଙ୍କ ରୋଷରୁ ଭୋଗମଣ୍ଡପକୁ ନିଆ ହୋଇଥିବା ଅଗ୍ନିଣିଆ ଅନ୍ନ ବ୍ୟଞ୍ଜନାଦି ବୁହା ହୁଏ—1. A roofed passage through which the cooked food is carried to the main temple of Puri for being offered to the Deity Jagannatha.
୨ । ଜଗନ୍ନାଥମନ୍ଦିରର ନାଟମନ୍ଦିର ମଧ୍ୟସ୍ଥ ସ୍ଥାନବିଶେଷ, ଯେଉଁଠାରେ ଭକ୍ତମାନେ ବସି ସ୍ତୁତି ପାଠ ଓ ଭଜନ କରନ୍ତି ( ସମ୍ଭବତଃ ଏଠାରେ ବସି ସ୍ତୁତିପାଠ କରୁଥିବା ବେଳେ ଭକ୍ତଙ୍କୁ ସଂସାରଚିନ୍ତା ବାଧେ ନାହିଁ ବୋଲି ଏହି ନାମ)—2. Name of a portion of the portico inside the Nātamandira of the temple of Jagannatha at Puri where devotees sit and recite prayers and hymns.

**ଅଚିନ୍ତିତ**—ସଂ. ବିଣ. ( ଅ + ଚିନ୍ତିତ )—୧ । ଅକଳ୍ପିତ—
**Achintita** 1. Unimagined.
୨ । ଚିନ୍ତିତ ହୋଇ ନ ଥିବା—2. Unthought of.

**ଅଚିନ୍ତିତପୂର୍ବ**—ସଂ. ବିଣ. ( ପୂର୍ବେ ଚିନ୍ତିତ = ଚିନ୍ତିତପୂର୍ବ; ବହୁବ୍ରୀହି;
**Achintitapūrba** ନ + ଚିନ୍ତିତପୂର୍ବ; ନଞ୍ ତତ୍ )—
ଯେଉଁ ବିଷୟ ପୂର୍ବରୁ ଚିନ୍ତିତ ହୋଇ ନ ଥାଏ—
Not thought of beforehand.

**ଅଚିନ୍ତ୍ୟ**—ସଂ. ବିଣ. ( ଅ + ଚିନ୍ତ୍ୟ )—ଅଚିନ୍ତନୀୟ ( ଦେଖ )
**Achintya** Achintanīya See )

**ଅଚିର**—ସଂ. ବିଣ (ଅ + ଚିର)—କ୍ଷଣିକ; ଅଳ୍ପକାଳସ୍ଥାୟୀ—
**Achira** Short lived; momentary; brief.
( ଅଚିରା—ସ୍ତ୍ରୀ )

**ଅଚିରଚିରା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଚିର୍ଚ୍ଚିଆ; ଯେଉଁ ବ୍ୟକ୍ତି
**Achirachirā** କୌଣସି ଭୟଙ୍କର ଘଟନା ଦେଖିଲେ କିଂକର୍ତ୍ତବ୍ୟ
(ଅଚିରଚିରେଇ—ସ୍ତ୍ରୀ) ବିମୂଢ଼ ହୋଇ ଚିରଚିରାଏ ବା ଚିତ୍କାର କରି
যে আঁতকে উঠে ଉଠେ—A person who howls out when bewildered or frightened.

**ଅଚିରତ୍ୱିଷ**—ସଂ. ବି. ( ବହୁବ୍ରୀହି; ଅଚିର + ତ୍ୱିଷ; ଯାହାର ତେଜ
**Achiratwisha** କ୍ଷଣସ୍ଥାୟୀ )—ବିଦ୍ୟୁତ୍; ବିଜୁଳି—
Lightning.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଟାଉ' ନ ମିଳିଲେ 'ଟାଉ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲବଢ଼' ଦେଖିବେ ।

**ଅଚିରଦ୍ୟୁତିଃ**—ସଂ. ବି. ( ବହୁବ୍ରୀହି; ଅଚିର + ଦ୍ୟୁତିସ୍ )—
Achiradyutih ବିଦ୍ୟୁତ୍; ବିଜୁଳି—Lightning.

**ଅଚିରପ୍ରଭା**—ସଂ. ବି. ( ବହୁବ୍ରୀହି; ଅଚିର + ପ୍ରଭା )—
Achiraprabha ବିଦ୍ୟୁତ୍; ବିଜୁଳି—Lightning.

**ଅଚିରରେ**—ଦେ. ପଦ୍ୟ ( ସଂ. ଅଚିର; ଅଚିରାତ୍ )—
Achirare ୧ । ଅତି ଶୀଘ୍ର—1. Shortly.
ଅଚିରେ ୨ । ତତ୍କ୍ଷଣାତ୍—2. Instantaneously.
ଅଚିରରେ ସବୁ ପାପକୁ ସେ ତରଇ । କୃଷ୍ଣସିଂହ ମହାଭାରତ. ବନ ।

**ଅଚିରରୋଚିଃ**—ସଂ. ବି. ( ବହୁବ୍ରୀହି; ଅଚିର + ରୋଚିସ୍ )—
Achirarochih ବିଦ୍ୟୁତ୍; ବିଜୁଳି—Lightning.

**ଅଚିରସ୍ଥାୟୀ**—ସଂ. ବିଣ. ( ଅଚିରସ୍ଥାୟିନ୍ ; ୧ମା. ୧ବ )—
Achirasthayi କ୍ଷଣସ୍ଥାୟୀ; କ୍ଷଣଭଙ୍ଗୁର—Shortlived;
(ଅଚିରସ୍ଥାୟିନୀ—ସ୍ତ୍ରୀ) temporary; momentary.

**ଅଚିରାଂଶୁ**—ସଂ. ବି. (ବହୁବ୍ରୀହି; ଅଚିର + ଅଂଶୁ )—ବିଦ୍ୟୁତ୍ ;ବିଜୁଳି—
Achiramsu Lightning.

**ଅଚିରାଣୀ**—ଦେ. ବି. ( ସଂ. ଅଚିରାଂଶୁ )—ବିଦ୍ୟୁତ୍ ; ବିଜୁଳି—
Achirani Lightning.
ହର ପୃଥୁଳ ଅମ୍ବା ସୁଖ ପୁଞ୍ଜ ଉଜ୍ଜ୍ୱଳ ଦାସୀଙ୍କ ଅଚିରାଣୀ ।
ଅଭିମନ୍ୟୁ—ବିଦଗ୍ଧଚିନ୍ତାମଣି ।

**ଅଚିରାତ୍**—ସଂ. ଅ—୧ । ଅବିଲମ୍ବେ; ଅଚିରେ; ଅତି ଶୀଘ୍ର—
Achirat 1. Shortly; immediately after.
୨ । ହଠାତ୍—2. All on a sudden.
୩ । ତତ୍କ୍ଷଣାତ୍—3. Instantaneously.

**ଅଚିରାଭା**—ସଂ. ବି. ( ବହୁବ୍ରୀହି; ଅଚିର + ଆଭା)—ବିଦ୍ୟୁତ୍ ; ବିଜୁଳି—
Achirabha Lightning.

**ଅଚିରେ**—ଦେ. ଅ. ( ସଂ. ଅଚିର )—ଅଚିରାତ୍ ( ଦେଖ )
Achire Achirat ( See )
ଅଚିରେ

**ଅଚିରଚିରା**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଅଚିରଚିରା ( ଦେଖ )
Achirichira Achirachira ( See )
( ଅଚିରଚିରେଇ—ସ୍ତ୍ରୀ )

**ଅଚିହ୍ନରା**—ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଅ + ଚିହ୍ନ )—
Achihnara ୧ । ଅଗ୍ରାହକ (ବ୍ୟକ୍ତି); ଯେଉଁ ବ୍ୟକ୍ତି ଅନ୍ୟର ଗୁଣ
(ବିପରୀତ—ଚିହ୍ନରା) ଚିହ୍ନି ପାରେ ନାହିଁ—1. A person who is incapable of appreciating good qualities in others.
୨ । ଅଯୋଗ୍ୟ—2. Incompetent.
୩ । ଯେଉଁ ବଣିଆ ସୁନା, ମଣି ଆଦି ପରଖ କରିବାରେ ବିଚକ୍ଷଣ ନୁହେ—3. A goldsmith who is not an experttester of gold & gems.

**ଅଚିହ୍ନା** (ଇତ୍ୟାଦି)—ଦେ. ବିଣ. (ସଂ. ଅ + ଚିହ୍ନିତ)—
Achihna (etc) ଅଚିନା ଇତ୍ୟାଦି ( ଦେଖ )
Achina etc (See )

**ଅଚିହ୍ନାର୍**—ପ୍ରାଦେ. ( ସମ୍ବଲପୁର ) ବିଣ—ଅଚିନା ( ଦେଖ )
Achihnar Achina ( See )

**ଅଚିହ୍ନିତ**—ସଂ. ବିଣ. ( ଅ + ଚିହ୍ନିତ )—
Achihnita ୧ । ଯହିଁରେ କୌଣସି ଚିହ୍ନ ବା ମାର୍କା ନ ଥାଏ—
1. Unmarked.
୨ । ଅପରିଚିତ—2. Unacquainted; strange.
୩ । ଯାହାକୁ କେହି ଚିହ୍ନେ ନାହିଁ—3. Unrecognised.

**ଅଚିହ୍ନିରା**—ଦେ. ବିଣ—ଅଚିହ୍ନରା ( ଦେଖ )
Achihnira Achihnara ( See )

**ଅଚୀନ**—ଦେ. ବି. ( ନାମ )—ସୁମାତ୍ରା ଦ୍ୱୀପର ଉତ୍ତରଭାଗରେ ଥିବା
Achina ପ୍ରତାପଶାଳୀ ସ୍ୱାଧୀନ ରାଜ୍ୟ ଓ ନଗର । ଏହି ବନ୍ଦରରୁ
ଆଚୀନ ପୂର୍ବେ ରେଶମ ରପ୍ତାନି ହେଉଥିଲା । ୧୮୭୪ ଖ୍ରୀଷ୍ଟାବ୍ଦରେ ଓଲନ୍ଦାଜମାନେ ଏହାକୁ ଅଧିକାର କଲେ—
Name of a state and port-town in the northern portion of the Sumatra island

**ଅଚୁତାପହଣ୍ଡ**—ପ୍ରାଦେ. (ପୁରୀ) ବି—ଅଚିନ୍ତାପହଣ୍ଡ ( ଦେଖ )
Achutapahanda Achintapahanda (See)

**ଅଚେଇବା**—ଦେ. କ୍ରି—ଅଚାଇବା ( ଦେଖ )
Acheiba Achaiba ( See )

**ଅଚେତ୍**—ଦେ. ବିଣ—ଅଚେତ ( ଦେଖ )
Achet Acheta (See)

**ଅଚେତ**—ଦେ. ବିଣ ( ସଂ. ଅଚେତନ )—
Acheta ୧ । ଚେତନାଶୂନ୍ୟ—
ଅଚେତ 1. Senseless; not sentient.
ଅଚେତ ୨ । ବେହୋସ; ବାହ୍ୟଜ୍ଞାନଶୂନ୍ୟ; ଯାହାର
(ବିପରୀତ—ସଚେତ) ଚେତା ବୁଦ୍ଧି ଅଛି—2. Uuconscious; one who has lost his senses.
କେତେବେଳେ ସହିବ ତନୁ ଅବଳ ଦେହ ହୋଇଗଲା ଅଚେତ ।
ଗ୍ରାମ୍ୟ—ରସବାଭୂଷ ।
୩ । ଅଜ୍ଞାନ—3. Unintelligent.
୪ । ଜଡ଼—4. Inert.
୫ । ଗରୁଜୁସିଆର; ଅସାବଧାନ—5. Uncautious.
ଭୋଗେ ମାରିବେ ସେ ଅନ୍ତକ
ତୁ କପି ହୋଇଲୁ ଅଚେତ । ଜଗନ୍ନାଥ. ଭାଗବତ. ୧୦ମ ।

**ଅଚେତନ**—ସଂ. ବିଣ. ( ବହୁବ୍ରୀହି; ଅ + ଚେତନା )—
Achetana ୧ । ନିର୍ଜୀବ; ଜୀବଶୂନ୍ୟ—
(ବିପରୀତ—ସଚେତନ) 1. Lifeless; not sentient.
୨ । ଜଡ଼—2 Inert.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚିଁ୍ୟ | ଇଅ | କ୍ଷ | ନ୍ତ |

୩ । ଚେତନାହୀନ; ବେହୋସ୍; ବାହ୍ୟଜ୍ଞାନଶୂନ୍ୟ —
**3. Unconscious; void of sensation.**

କାମ ପାଦଗ୍ଳାନ, ଶୂଳ ପ୍ରହାରେ ଘନ ସେ ବେନି ହେଲେ ଅଚେତନ ।
ଭଞ୍ଜ, ବୈଦେହୀଶବିଳାସ, ୪୪।୧୩ ।

୪ । ଯାହାର ଚେତା ବୁଡ଼ିଯାଇଥାଏ—
**4. One who has lost consciousness.**

**ଅଚେତା**—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ଅ + ଚେତସ୍; ୧ମା. ୧ବ. )—
**Achetā** ଅଚେତ ( ଦେଖ )
Acheta ( See )

ଖାଇଦେଲ କ କରଇ, ଅଚେତା ହୋଇଲୁ ରେ
କବିସୂର୍ଯ୍ୟ, କ. ଚ. ଖ ଗୀତ ।

**ଅଚେବନ**—ପ୍ରାଚୀନ ପଦ୍ୟ. ବଣ. ( ସଂ. ଅଚେତନ )—
**Achebana** ଅଚେତନ ( ଦେଖ )
**Achetana ( See )**

ଶ୍ରମେ ଏକ ଦିନ ସାନ କଦେ ଅଚେବନ ବନକାଶୀଙ୍କ ଦୁଃଖବ୍ୟଞ୍ଜନ କନ ।
ଭଞ୍ଜ—ପ୍ରେମସୁଧାନିଧି ୧୩।୮ ।

**ଅଚେରେଷ୍ଟ**—ଗ୍ରା. ବଣ. ( ସଂ. ଅଚେଷ୍ଟ ) —ଅଚେଷ୍ଟ ( ଦେଖ )
**Achereshṭa** **Acheshṭa ( See )**

ଗ୍ରା. ବ. ( ସଂ. ଅଚେଷ୍ଟା )—ଅଚେଷ୍ଟା ( ଦେଖ )
Acheshṭā ( See )

**ଅଚେରେଷ୍ଟା**—ଗ୍ରା. ବଣ—ଅଚେଷ୍ଟ ( ଦେଖ )
**Achereshṭā** Acheshṭa ( See )

ଗ୍ରା. ବ—ଅଚେଷ୍ଟା ( ଦେଖ )
Acheshṭā ( See )

**ଅଚେଷ୍ଟ**—ସଂ. ବଣ. ( ବହୁବ୍ରୀହି; ଅ + ଚେଷ୍ଟା )—
**Acheshṭa** ୧ । ଅଚେତନ; ନିର୍ଜୀବ—1. Lifeless.
(ଅଚେଷ୍ଟା—ସ୍ତ୍ରୀ) ୨ । ଅଚଳ; ଜଡ଼—2 Inert; inactive; motionless.
୩ । ବାହ୍ୟଜ୍ଞାନଶୂନ୍ୟ—Insensible; unconscious.
୪ । ନିଶ୍ଚେଷ୍ଟ—**4. Void of exertion.**

ଦେ. ବ. ( ସଂ. ଅଚେଷ୍ଟା )—ଚେଷ୍ଟାର ଅଭାବ—
Want of exertion.

**ଅଚେଷ୍ଟା**—ସଂ. ବଣ. ( ଅଚେଷ୍ଟ + ଆ ) ଅଚେଷ୍ଟର ସ୍ତ୍ରୀଲିଙ୍ଗ—
**Acheshṭā** Feminine of acheshṭa.
ନିଶ୍ଚେଷ୍ଟା ସଂ. ବ. ( ଅ + ଚେଷ୍ଟା )—ଚେଷ୍ଟାର ଅଭାବ—
Want of exertion.

ଦେ. ବଣ—( ସଂ. ଅଚେଷ୍ଟ )—ଅଚେଷ୍ଟ ( ଦେଖ )
Acheshṭa ( See )

**ଅଚୈତନ୍ୟ**—ସଂ. ବ. ( ନଞ୍ ତତ୍; ଅ + ଚୈତନ୍ୟ )—
**Achaitanya** ଚେତନାର ଅଭାବ—
(ଅଚୈତନ୍ୟା—ସ୍ତ୍ରୀ) Lack of consciousness.

**ସଂ. ବଣ. ପୁଂ.** ( ବହୁବ୍ରୀହି )—ଅଚେତ ( ଦେଖ )
Acheta (See)

**ଅଚ୍ଛ**—ସଂ. ବଣ. ( ଅ + ଛୋ ଧାତୁ = ବାଧା ଦେବା + କର୍ତ୍ତୃ. ଅ; ଯାହା ଦୃଷ୍ଟିକୁ ବାଧା ନ ଦିଏ )—
**Achchha**

୧ । ସ୍ୱଚ୍ଛ; ଯାହା ଭିତର ଦେଇ ଅନ୍ୟ ପାଖର ବସ୍ତୁମାନ ଦେଖାଯାଇ ପାରେ—**1. Transparent.**
୨ । ନିର୍ମଳ—**2. Clear.**
୩ । ଉଜ୍ଜ୍ୱଳ—**3. Bright.**
୪ । ସମ୍ମୁଖରେ ଅବସ୍ଥିତ—**4. Situate in front.**

ସଂ. ବ. ୧ । ସ୍ଫଟିକ—**1. Quarty; crystal.**
୨ । ଭାଲୁ—**2. The bear.**

ବଳାସ ଅଚ୍ଛରେ ସେହି ଚତୁର ପାଲରେ ଶୋହି କଣ୍ଠସାର ସାରରେ ମାରଣ ।
ଭଞ୍ଜ, ବୈଦେହୀଶବିଳାସ ୪୭।୧ ।

୩ । ଯେଉଁ ହିଂସ୍ର ଜନ୍ତୁ ପୂର୍ବରୁ ମରିଥିବା ଶିକାର ବା ମଡ଼ାକୁ ଖାଏ ନାହିଁ ( ଯଥା—ବାଘ )—
**3. A wild animal which does not eat carcass.**

**ଅଚ୍ଛତ୍ର**—ସଂ. ବଣ. ( ବହୁବ୍ରୀହି; ଅ + ଛତ୍ର; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ ଆଦେଶ; ଯେଉଁଠାରେ ରାଜଛତ୍ର ନାହିଁ )—
**Achchhatra**
ଅରାଜକ; ରାଜହୀନ (ଦେଶ)—**Anarchical; ( a country ) having no king.**

**ଅଚ୍ଛବ**—ଦେ. ବଣ. ( ସଂ. ଅସ୍ପୃଶ୍ୟ )—
**Achchhaba** ଅସ୍ପୃଶ୍ୟ; ନୀଚ ( ଜାତି )—
অচ্ছব; অছুতাঁ Low; untouchable ( caste )
**अछूत**

**ଅଚ୍ଛଭ**—ଦେ. ବଣ—ଅଚ୍ଛବ ( ଦେଖ )
**Achchhabha** **Achchhaba ( See )**

**ଅଚ୍ଛଭଲ୍ଲ**—ସଂ. ବ. ( ଅଚ୍ଛ = ସମ୍ମୁଖସ୍ଥ + ଭଲ୍ଲ ଧାତୁ = ବଧ କରିବା + କର୍ତ୍ତୃ. ଅ; ଯେ ସମ୍ମୁଖସ୍ଥ ଜୀବକୁ ବଧ କରେ)—
**Achchhabhalla**
ଭାଲୁ—**The bear.**

[ ଦ୍ର—ପରୀକ୍ଷାଦ୍ୱାରା ଦେଖାଯାଇଅଛି ଯେ ଶିକାରୀ ବ୍ୟକ୍ତି ଭାଲୁକୁ ବନ୍ଧୁକ ବା କାଣ୍ଡ ମାରିଲା ପରେ ଭାଲୁ ଠିକ ସମ୍ମୁଖ ଦିଗକୁ ଧାଇଁ ଆସେ ଓ ଶିକାରୀ ବ୍ୟକ୍ତି ଯେବେ ଭାଲୁର ସମ୍ମୁଖ ଦୃଷ୍ଟିରେଖାରୁ କିଛିଦୂର ଆଡ଼େଇ ଯାଇଥାଏ, ତେବେ ସେ ବ୍ୟକ୍ତିକୁ ଆକ୍ରମଣ କରି ପାରେ ନାହିଁ; ଯେବେ କେହି ବ୍ୟକ୍ତି ଧାଉଁଥିବା ଭାଲୁର ଠିକ ସାମନାସାମନି ଦୃଷ୍ଟିରେଖାରେ ଥାଏ, ତେବେ ଭାଲୁ ନିଶ୍ଚେ ତାକୁ ଆକ୍ରମଣ କରେ । ]

**ଅଚ୍ଛିଦ୍ର**—ସଂ. ବଣ. (ବହୁବ୍ରୀହି; ଅ + ଛିଦ୍ର; ସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ )
**Achchhidra**

୧ । ନୀରନ୍ଧ୍ର; ଛିଦ୍ରରହିତ—
**1 Haivg no hole; holeless.**
୨ । ନିର୍ଦୋଷ; ଦୋଷରହିତ—
**2. Faultless; defectless.**

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଂଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ନିଃସନ୍ଦେହ—3. Undoubted; certain.

୪ । କୌଣସି ଅଙ୍ଗ ଅପୂର୍ଣ୍ଣ ନ ରହି ସମ୍ପାଦିତ ହୋଇଥିବା (କର୍ମ)—
4. ( a work ) Which has been completed without any flaw or defect.

୫ । ଅତି ଘନ—5. Very dense.

୬ । ସର୍ବବ୍ୟାପୀ—6. All pervading.

**ଅଚ୍ଛିଦ୍ର କାଣ୍ଡ**—ସଂ. ବି. (ନାମ) ତୈତ୍ତିରୀୟ ବ୍ରାହ୍ମଣର ଅଧ୍ୟାୟ ବିଶେଷ—
Achchhidra kāṇḍa Name of a chapter of the Taittiriya Brāhmaṇa.

**ଅଚ୍ଛିଦ୍ରାବଧାରଣ**—ସଂ. ବି. ( ବହୁବ୍ରୀହି; ଅଚ୍ଛିଦ୍ର + ଅବଧାରଣ)—କୌଣସି
Achchhidrābadhāraṇa ବୈଦିକ ଅନୁଷ୍ଠାନ ଅଚ୍ଛିଦ୍ର ବା ସାଙ୍ଗୋପାଙ୍ଗ ହୋଇ ନିଷ୍ପନ୍ନ ହେବା ପାଇଁ କର୍ମକର୍ତ୍ତା ସର୍ବ ପ୍ରଥମେ ଯେଉଁ ମନ୍ତ୍ର ବା ସଂକଳ୍ପ ବାକ୍ୟ ବୋଲନ୍ତି; ବେଦୋକ୍ତ ମନ୍ତ୍ରବିଶେଷ—A Vedic formula pronounced by the performer of a Vedic rite with a view to bring the ritual to a satisfactory conclusion.

[ ଦ୍ର—ଏହି ମନ୍ତ୍ରର ଓଡ଼ିଆ ଅନୁବାଦ ବା ମର୍ମ :—ସ୍ୱସ୍ତି, ସ୍ୱସ୍ତି, ସ୍ୱସ୍ତି; ଗୋ, ବ୍ରାହ୍ମଣ, ରାଜା, ପ୍ରଜାଙ୍କର ଶାନ୍ତି ହେଉ; ଅମୁକ ଗୋତ୍ରର ଅମୁକ ନାମଧେୟ ମୁଁ ଅମୁକ ଉଦ୍ଦେଶ୍ୟରେ ଏ ଯେଉଁ ଅନୁଷ୍ଠାନ (ଯଥା—ହୋମ) ଆରମ୍ଭ କରୁଅଛି, ତାହା ଶ୍ରୀ ଭଗବାନଙ୍କ ଦୟାରୁ ସର୍ବ ଶୁଭରେ ସମ୍ପନ୍ନ ହେଉ, ଶୁଭ ହେଉ, ଶୁଭ ହେଉ ଶୁଭ ହେଉ । ]

**ଅଚ୍ଛିନ୍ନ**—ସଂ. ବିଣ (ଅ + ଛିନ୍ନ; ସନ୍ଧି ଯୋଗୁ ଛି ସ୍ଥାନରେ ଚ୍ଛି )—
Achchhinna ୧ । ଯାହା ଛିନ୍ନ ହୋଇ ନାହିଁ—1. Uncut.
୨ । ଅବିଭକ୍ତ—2 Undivided.

**ଅଚ୍ଛୁପ୍ତା**—ଦେ. ବି. (ନାମ)—ଜୈନମାନଙ୍କର ଷୋଡ଼ଶ ବିଦ୍ୟାଦେବୀଙ୍କ
Achchhushṭhā ମଧ୍ୟରୁ ଏକତମ—One of the sixteen Deities of the Jainas presiding over learning.

**ଅଚ୍ଛେଦ୍ୟ**—ସଂ. ବିଣ—(ଅ + ଛେଦ୍ୟ;ସନ୍ଧିଯୋଗୁ ଛେ ସ୍ଥାନରେ ଚ୍ଛେ)—
Achchhedya ୧ । ଯାହା ଅସ୍ତ୍ରଶସ୍ତ୍ରାଦିଦ୍ୱାରା କଟାଯାଇ ନ ପାରେ—
(ଅଚ୍ଛେଦ୍ୟା—ସ୍ତ୍ରୀ) 1. That which cannot be cut.
୨ । ଅବିଭାଜ୍ୟ—2. Indivisible.
୩ । ଯାହା ଛେଦନ କରିବା ଅନୁଚିତ—
3. That which ought not to be cut.

**ଅଚ୍ଛୋଦ**—ସଂ. ବିଣ. ( ବହୁବ୍ରୀହି; ଅଚ୍ଛ + ଉଦକ; 'ଉଦକ' ସ୍ଥାନରେ
Achchoda ସମାସ ଯୋଗୁ 'ଉଦ' ଆଦେଶ )—
(ଅଚ୍ଛୋଦା—ସ୍ତ୍ରୀ) ସ୍ୱଚ୍ଛଜଳବିଶିଷ୍ଟ ( ଜଳାଶୟ )—Full of transparent water; pellucid (tank).

ସଂ. ବି. ( ନାମ )—ହିମାଳୟ ନିକଟସ୍ଥ ସରୋବରବିଶେଷ—
Name of a lake near the Himālayas.

**ଅଚ୍ୟୁତ**—ସଂ. ବିଣ. ( ଅ + ଚ୍ୟୁତ )—୧ । ଯାହା ଲଗ୍ନ ହୋଇଥିବା
Achyuta ବସ୍ତୁରୁ ଚ୍ୟୁତ ବା ଭିନ୍ନ ହୋଇ ନାହିଁ—1. Not
(ଅଚ୍ୟୁତା—ସ୍ତ୍ରୀ) separated from another thing.
୨ । ଅପତିତ—2. Not fallen.
୩ । ବିନାଶରହିତ; ଅବିନାଶୀ—
3. Indestructible; imperishable.
୪ । ସ୍ଥିର; ଚିରସ୍ଥାୟୀ—4. Permanent.

ସଂ. ବି—୧ । ବିଷ୍ଣୁ—1. An epithet of Bishṇu.
୨ । ଶ୍ରୀକୃଷ୍ଣ—2 Srikṛushṇa.

ଦେ. ବି. ପୁଂ—୧ । ମନୁଷ୍ୟଙ୍କ ନାମବିଶେଷ—
1. A name given to males.
୨ । ଅଚ୍ୟୁତାନନ୍ଦର ଡାକ ନାମ —
2. A name for calling Achyutānanda.
୩ । ଚୈତନ୍ୟଙ୍କ ସମସାମୟିକ ଅଦ୍ୱୈତ ପଣ୍ଡିତଙ୍କର ଏକ ପୁତ୍ର—
3. Name of a son of Pandit Adwaita

**ଅଚ୍ୟୁତାଗ୍ରଜ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍ )—୧ । ବଳରାମ—
Achyutāgraja 1. Kṛushṇa's elder step-brother.
୨ । ଇନ୍ଦ୍ର—A name of Indra.

**ଅଚ୍ୟୁତାନନ୍ଦ**—ସଂ. ବି. ପୁଂ. ( ବହୁବ୍ରୀହି; ଅଚ୍ୟୁତ = ଚିରସ୍ଥାୟୀ ଅଟେ
Achyutānanda ଆନନ୍ଦ ଯାହାର)—୧ । ବିଷ୍ଣୁ—1 Bishṇu.
୨ । ଶ୍ରୀକୃଷ୍ଣ—2. Srikṛushṇa.

ଦେ. ବି. ପୁଂ—ମନୁଷ୍ୟର ନାମବିଶେଷ—One of the names given to males.

**ଅଚ୍ୟୁତାନନ୍ଦ ଗୋସାଇଁ**—ଦେ. ବି—ଶ୍ରୀଚୈତନ୍ୟଦେବଙ୍କ ସମସାମୟିକ
Achyutānanda Gosāiṅ ଓଡ଼ିଆ ମହାପୁରୁଷ ଓ ଭକ୍ତକବି—
Name of a devotee and poet who was contemporary of Srichaitanya.

[ ଦ୍ର—ଏ କଟକ ଜିଲ୍ଲାର ସୁଆଁଙ୍ଗ ପ୍ରଗଣାର ତିଳକଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟକାଳରୁ ଏ ସାଂସାରିକ ବିଷୟରେ ଉଦାସୀନ ଥିଲେ । ଏ ଚୈତନ୍ୟ ଦେବଙ୍କଠାରୁ ଦୀକ୍ଷା ଗ୍ରହଣ କରି ପୁରୀ ଧାମରେ ବାସ କଲେ ଏବଂ ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ସହିତ ବୈଷ୍ଣବ ଧର୍ମ ପ୍ରଚାର କଲେ । ପୁରୀର ଗୋପାଳ ମଠ ଏହାଙ୍କ ପ୍ରତିଷ୍ଠିତ । ସେ ଜାତିରେ ଗୋପାଳ ଓ ତାଙ୍କ ପିତାଙ୍କ ନାମ ଦୀନବନ୍ଧୁ ଖୁଣ୍ଟିଆ । ସେ ଓଡ଼ିଆରେ ୩୬ ଖଣ୍ଡ ସଂହିତା, ୨୮ ଖଣ୍ଡ ଗୀତା, ହରିବଂଶ ଓ ଜ୍ଞାନୋଦୟ କୋଇଲି ପ୍ରଭୃତି ଗ୍ରନ୍ଥ ପ୍ରଣୟନ କରିଥିଲେ । ତାରଣୀଚରଣ—ଉତ୍କଳ ସାହିତ୍ୟ ଇତିହାସ ।

ସେ ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧର ଲୋକ । ଏ ଗଉଡ଼ଙ୍କ ଉଗାଳମାନ ରଚନା କରିଥିଲେ ଓ ମାଳିକାନାମକ ଗ୍ରନ୍ଥରେ ଏ ଗୁଡ଼ିଏ ଭବିଷ୍ୟତ୍ ଘଟନା ରଚନା କରିଅଛନ୍ତି । ଏ ଗୃହୀ ବୈଷ୍ଣବ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ଥ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଢ଼ | ହ୍ମ |

ଥିଲେ ଏବଂ କଟକ ଜିଲ୍ଲାର ନେମାଳ ମଠର ମହନ୍ତ ଥିଲେ; ଅବଶ୍ୟ ନେମାଳ ମଠ ତାଙ୍କ ବଂଶଧରଙ୍କ ଗାଦୀ । ଚୈତନ୍ୟଦେବଙ୍କ ପଞ୍ଚସଖା ମଧ୍ୟରୁ ଏ ଏକତମ । ଏ ବ୍ରଜ ବା ଗୋପାଳ କୁଳରେ ଜନ୍ମିଥିଲେ ବୋଲି ତାଙ୍କ ଗ୍ରନ୍ଥରେ ଲେଖିଅଛନ୍ତି । କିନ୍ତୁ ତାଙ୍କ ବଂଶଧରମାନେ ଅବଶ୍ୟ କରଣବୈଷ୍ଣବ ସମାଜରେ ଚଳୁଅଛନ୍ତି ଏବଂ ପୁରୁଷାନୁକ୍ରମେ ଏମାନେ ଓଡ଼ିଶାର ଯାଦବମାନଙ୍କର ଗୁରୁ ଓ ସାମାଜିକ କର୍ତ୍ତା ବୋଲି ପ୍ରସିଦ୍ଧ । ]

**ଅଚ୍ୟୁତାନନ୍ଦ ଦାସ**—ଦେ. ବି. ନାମ—
Achyutānanda Dāsa ଅଚ୍ୟୁତାନନ୍ଦ ଗୋସାଇଁ (ଦେଖ)
Achyutānanda gosāiñ ( See

**ଅଚ୍ୟୁତାବାସ**—ସଂ. ବି. ( ୬ଷ୍ଠୀ ତତ୍; ଅଚ୍ୟୁତ + ଆବାସ )—
Achyutābāsa ୧ । ବୈକୁଣ୍ଠ—
1. The abode of Bishṇu.
୨ । ଅଶ୍ୱତ୍ଥବୃକ୍ଷ—2. The holy fig ( tree )

**ଅଛ**—ଦେ. କ୍ରିୟା. (ସଂ. ଅସ ଧାତୁ; ବର୍ତ୍ତମାନ କାଳ ୨ୟ ପୁରୁଷ, ଆଦରାର୍ଥ
Achha ଏକବଚନ ( ତୁମ୍ଭେ ) ଓ ବହୁବଚନରେ ( ତୁମ୍ଭେମାନେ
ଆଛ ସହିତ ବ୍ୟବହୃତ ରୂପ); ହୁଅ; ଅଟ—The form
ଛି taken by the verb 'To be' in present tense 2nd person singular & plural—
(you) are.
[ ଦ୍ର— ସଂ. ଅସ ଧାତୁର ବର୍ତ୍ତମାନ କାଳର ଭିନ୍ନ ଭିନ୍ନ ରୂପ ]

| ବଚନ | ପ୍ରଥମ ପୁରୁଷ | ଦ୍ୱିତୀୟ ପୁରୁଷ | ତୃତୀୟ ପୁରୁଷ |
|---|---|---|---|
| ଅନାଦରାର୍ଥକ ଏକବଚନ | ମୁଁ ଅଛି (ପଦ୍ୟରେ ଅଛଇଁ ) | ତୁ ଅଛୁ | ସେ ଅଛି ( ପଦ୍ୟରେ ଅଛଇ) |
| ଆଦରାର୍ଥକ ଏକବଚନ | ଆମ୍ଭେ ଅଛୁଁ | ତୁମ୍ଭେ ଅଛ ଆପଣ ଅଛନ୍ତି | ସେ ଅଛନ୍ତି |
| ବହୁବଚନ | ଆମ୍ଭେ, ଆମ୍ଭେମାନେ ଅଛୁଁ | ତୁମ୍ଭେମାନେ ଅଛ ଆପଣମାନେ ଅଛନ୍ତି | ସେମାନେ ଅଛନ୍ତି |

**ଅଛଇ**—( ପଦ୍ୟରେ ବ୍ୟବହୃତ ) ଦେ. କ୍ରି—ଅସ ଧାତୁ ବର୍ତ୍ତମାନ କାଳ
Achhai ୩ୟ ପୁରୁଷ ଅନାଦରାର୍ଥକ ଏକବଚନରେ ବ୍ୟବହୃତ
ଆଛେ ଆକାର ( He; She; It Is.
ଛି ଅଗୁରୁ ବୃକ୍ଷର ମୂଳ ଅଛଇ ପର୍ବତେ—ସାରଳା ମହାଭାରତ, ଉଦ୍ୟୋଗ

**ଅଛଉଚ**—ଗ୍ରା. ବି. ( ସଂ. ଅଶୌଚର ଅଶୁଦ୍ଧ ଉଚ୍ଚାରଣ )—
Achhaucha ୧ । ଅଶୌଚ ( ଦେଖ )
ଅଶୁଦ୍ 1. Aśaucha ( See )

**ଅଛଉଚିଆ**—ଗ୍ରା. ବିଣ ଓ ବି. ( ସଂ. ଅଶୌଚ )—ଅଶୌଚ ( ଦେଖ )
Achhauchiā Aśaucha ( See )

**ଅଛଉର**—ଗ୍ରା. ବି.ଓ ବିଣ. ( ସଂ. ଅ+କ୍ଷୌର )—ଅକ୍ଷୌର (ଦେଖ)
Achhaura Achhaura ( See)

**ଅଛଙ୍କା**—ଦେ. ବିଣ—୧ । ଅଛଣା; ଯେଉଁ ତରଳ ପଦାର୍ଥ ବସ୍ତ୍ରାଦ ଦ୍ୱାରା
Achhaṅkā ଛଣା ହୋଇ ନାହିଁ—
ଅଛାଁକା 1. Unsifted ( liquid )
୨ । ଅବଘର ( ତରକାରୀ )—
2. ( Curry ) Which has not been flavoured with the fried spices.

**ଅଛଟ୍ଛଟ୍**—ଗ୍ରା. କ୍ରି. ବିଣ—ଅଛଟକେ ( ଦେଖ )
Achhatchhat Achhatake ( See )
[ଯଥା—ପାଖରେ କିଛି ଧନ ମହଜୁଦ୍ ଥିଲେ ଅଛଟ୍ଛଟ୍ରେ ଦରକାର ପଡ଼ିଲେ, କାହା ପାଖରେ ଗୋଡ଼ ଭାଙ୍ଗି ଠିଆ ହେବାକୁ ପଡ଼େ ନାହିଁ । ]

**ଅଛଟକେ**—(ପ୍ରାଚୀନ ପଦ୍ୟ) କ୍ରି. ବିଣ—୧ । ଦୈବାତ୍; ଅକସ୍ମାତ୍; ହଠାତ୍ ।
Achhaṭake 1. Suddenly; all at once.
୨ । ଅଜ୍ଞତାବଶତଃ; ନ ଜାଣି; ଅଜାଣତରେ—
2. Unknowingly.
ଅଛଟକେ ଛୁଇଁଲେ ସେ ପୁଣି ଦୋଷ ନାହିଁ । ପୀତାମ୍ବର, ନୃସିଂହ ପୁରାଣ ।
୩ । ହେଳା କରି—3. Negligently.
୪ । ସହଜରେ; ଅବଲୀଳାକ୍ରମେ—4. Easily.
୫ । ଅସାବଧାନତାପ୍ରଯୁକ୍ତ—
5. Owing to carelessness.

**ଅଛଡ଼ା**—ଦେ. ବିଣ—୧ । ଯାହା ଛଡ଼ା ହୋଇ ନାହିଁ; ଯେଉଁ ଫଳରୁ
Achhaṛā ଚୋପା କଢ଼ାଯାଇ ନାହିଁ । ( ଯଥା—ଅଛଡ଼ା ପାଚିଲା
ଆଛାଡ଼ା କଦଳୀ)—1. ( fruit ) From which the rind has not been peeled off.
୨ । ଯେଉଁ ଫୁଲ ବା ମାଳା ଦେବବିଗ୍ରହ ଦେହରୁ କଢ଼ା ହୋଇ ନ ଥାଏ—2. ( flower or garland ) Which has not been taken out from the body of a Deity.
୩ । ଯାହା ଛାଡ଼ି ନ ଥାଏ ବା କୌଣସି ବସ୍ତୁକୁ ତ୍ୟାଗ କରି ନ ଥାଏ । ( ଯଥା—ଦେହରୁ ଅଛଡ଼ା ମଳ; ଅଛଡ଼ା କଦଳୀ ମଞ୍ଜ )—
3. That which has not left a thing.
୪ । ଅଛାଡ଼; ଯାହା ଦେହକୁ ତ୍ୟାଗ କରି ନ ଥାଏ । ( ଯଥା—ଅଛଡ଼ା ରୋଗ; ଅଛଡ଼ା ଜର )—
4. Unceasing; unremittant.

**ଅଛଡ଼ିଆ**—ପ୍ରାଦେ. (ବସ୍ତ୍ରର) ବିଣ—ଅକଣ୍ଡା ( ଦେଖ )
Achhaṛiā Akaṇḍā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

**ଅଛଣା**—ଦେ. ବିଣ—ଯେଉଁ ଜଳୀୟ ପଦାର୍ଥ ଲୁଗାଦ୍ୱାରା ଛଣା ହୋଇ
Achhanā ନାହିଁ—(liquid) Unsifted; unrefined.
**ଆଛାଁକା**

**ଅଛଦର**—ଗ୍ରା. ବିଣ—ଅଛେଦର (ଦେଖ)
Achhadarā Achhedarā (See)

**ଅଛପା**—ଦେ. ବିଣ—୧। ଅମୁଦ୍ରିତ (ପୁସ୍ତକ)—
Achhapā 1. Not printed (book)
**ଅଚ୍ଛାପ** ୨। ଅପ୍ରକାଶିତ (ଗ୍ରନ୍ଥ)—
2. Unpublished (book).
୩। ଅଲୁକ୍କାୟିତ; ପ୍ରକାଶିତ—3. Not concealed
୪। ଜ୍ଞାତ; ଜଣା—4. Known, detected.

**ଅଛବ**—ଦେ. ବିଣ. (ସଂ. ଅସ୍ପୃଶ୍ୟ) ଅସ୍ପୃଶ୍ୟ; ନୀଚ (ଜାତି)—
Achhaba ଯେଉଁ ଜାତିର ଲୋକଙ୍କୁ ଉଚ୍ଚଜାତୀୟ ହିନ୍ଦୁମାନେ ଛୁଅନ୍ତି
**ଅଛବ** ନାହିଁ (ଯଥା—ପାଣ, ହାଡ଼ି, ଡମ, କଣ୍ଡରା, ମୋଚି
**ଅଛୋପ** ଇତ୍ୟାଦି)—Untouchable; of low caste.
ପାଠ ପଢ଼ିଥିଲେ ଗୀତ ଗାଉଥାନ୍ତି ଅଛବ ଘରର ପୁଏ—ଉଗ।
ଦେ. ବି—ଅସ୍ପୃଶ୍ୟ; ନୀଚଜାତୀୟ ବ୍ୟକ୍ତି—
A pariah; an untouchable.
ଯମ ବୋଲେ ଯେ ନିୟମ କଲେ ଶିବଅଲେ,
ପୁଣ ପୁଣ ଜାତ ହୁଏ ଅଛବର କୁଳେ। ସାରଳା ମହାଭାରତ, ମଧ୍ୟ।
[ ଦ୍ର—ଦାକ୍ଷିଣାତ୍ୟରେ ଅଛବ ଜାତିଙ୍କୁ ପଞ୍ଚମା ବୋଲାଯାଏ। ]

**ଅଛଭ**—ଦେ. ବିଣ ଓ ବି—ଅଛବ (ଦେଖ)
Achhabha Achhaba (See)

**ଅଛମ୍ବର**—ପ୍ରାଦେ. (କଟକ) ବିଣ—ଅତି ଉତ୍କୃଷ୍ଟ (ଶସ୍ୟ ଜମି); ଯେଉଁ
Achhambara ଜମିରେ ଧୋଇ ମରୁଡ଼ି ହୁଏ ନାହିଁ—
Excellent (land); not subject to flood or draught.

**ଅଛର**—ଗ୍ରା. ପ୍ରାଚୀନ. ବି (ସଂ. ଅକ୍ଷର; ତୁଳନା କର ହି. ଅଚ୍ଛର=ଅକ୍ଷର
Achhara ହି. ଲଚ୍ଛମନ=ଲକ୍ଷ୍ମଣ)—
ଅକ୍ଷର—Alphabet.
ସରସ୍ୱତୀରୂପେ ବାକ୍ୟଦେବୀ,
କଣ୍ଠେ ପ୍ରଳମ୍ବ ଅଛର ବାକ୍ୟ ସ୍ତବ। ପ୍ରାଚୀ—ରହସ୍ୟମଞ୍ଜରୀ।

**ଅଛରା**—ଦେ. ବିଣ. (ସଂ. ଉତ୍ସୃଷ୍ଟ)—
Achharā ୧। ପୂର୍ବରୁ ପାଣିରେ କିଛିକାଳ ବତୁରା ହୋଇ ଗଜା ବାହାରିବା ପରେ ଜମିରେ ବୁଣାଯିବା (ଧାନମଞ୍ଜି)—1. (paddy seeds) Sown after sprouting or germinating.
୨। କୁଲାରେ ପାଛୁଡ଼ା ହୋଇଥିବା (ଶସ୍ୟାଦି)—
2. Husked; winnowed; cleansed of chaff.
ଦେ. ବି—୧। ବିହନକୁ ପ୍ରଥମେ ପାଣିରେ ବତୁରାଇ ତାହା ଗଜା ହେବା ପରେ ଜମିରେ ବୁଣିବା ପ୍ରଣାଳୀ—
1. The sowing of sprouted paddy-seeds.
୨। କାଦୁଅ ଜମିରେ ଶୁଖିଲା ବିହନ ବୁଣିବା ପ୍ରଣାଳୀ—
2. The sowing of dry seeds on muddy fields.
୩। ଶସ୍ୟାଦିକୁ କୁଲାରେ ପାଛୁଡ଼ିବା—
3. Husking; winnowing.
ପ୍ରାଦେ. (ସମ୍ବଲପୁର) ବି—ଅସାର—Shower.
ପ୍ରାଦେ. (ସମ୍ବଲପୁର) ବିଣ.—ଅସାର; ସାରହୀନ—
Marrowless; worthless.

**ଅଛରାପାଗ**—ଦେ. ବି—ଧାନକୁ ପାଣିରେ ବତୁରାଇ ଗଜା ବାହାରିବା
Achharāpaga ପରେ ଉକ୍ତ ବିହନକୁ କାଦୁଅ ଜମିରେ ବୁଣିବା
**ଗଜାବୋନା** ପ୍ରଣାଳୀ—Mode of sowing sprouted paddy-seeds on muddy soil.
[ ଦ୍ର—ଏ ସ୍ଥଳରେ ବୁଣା ହୋଇଥିବା ମଞ୍ଜିରୁ ଉଠିବା ଧାନ ଗଛକୁ 'ଭଲ' ରୂପେ ଅନ୍ୟ କଥାରେ ବୁଝାନ୍ତି। ]

**ଅଛାଆଣି**—ଦେ. ବିଣ—ଅଛୁଆଣି, ଛପର କରା ଯାଇ ନ ଥିବା (ଘର)
Achhaāni Unthatched (house)

**ଅଛାଏନ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅକ୍ଷ)—ଶଗଡର ଅଖ—
Achhāen Axle of a cart.

**ଅଛାଡ଼**—ଦେ. ବିଣ—୧। ଯାହା ରୋଗୀଙ୍କୁ ଛାଡ଼େ ନାହିଁ ବା ତ୍ୟାଗ କରେ
Achhārdā ନାହିଁ—1. Unremittant.
**ଅବିରାମ** (ଯଥା—ଅଛାଡ଼ ଜର; ଅଛାଡ଼ ଉବଦ)
୨। ଅବିଶ୍ରାନ୍ତ—2. Continuous; uninterrupted.
(ଯଥା—ଅଛାଡ଼ ବରଷା)
୩। ଯାହା ଛାଡ଼ ହୁଏ ନାହିଁ ବା ତ୍ୟକ୍ତ କରାଯାଇ ନ ପାରେ—
3. That which can not be given up.
(ଯଥା—ଅଛାଡ଼ ଅଭ୍ୟାସ)

**ଅଛାଡ଼ କଚାଡ଼ ହେବା**—ଗ୍ରା. କ୍ରି—ଜ୍ୱରାକ୍ରାନ୍ତ ରୋଗୀ ବେଦନାରେ ଅସ୍ଥିର
Achharda kacharda hebā ବା ଅଙ୍ଗପ୍ରତ୍ୟଙ୍ଗମାନ କ୍ଷିପ୍ତ
ଆଛାଡ଼କଚାଡ଼ ହওয়া ଭିନ୍ନ ହେବା—To be restless (said of a person in a fit of fever)

**ଅଛାଡ଼ କଛାଡ଼ ହେବା**—ଦେ. କ୍ରି.—ଅଛାଡ଼କଚାଡ଼ ହେବା (ଦେଖ)
Achhārdā kachhārdā hebā
Achhārdā kachārdā hebā (See)

**ଅଛାଣ୍ଡ**—ପ୍ରାଦେ. (ବସ୍ତର) ବି. (ସଂ. ଅକ୍ଷ)—ଅକ୍ଷ—
Achhānd Axle.

**ଅଛାଣ୍ଡି**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅକ୍ଷ)—ଅଖ—
Achhāndi Axle.

**ଅଛାମର**—ପ୍ରାଦେ. (କଟକ) ବିଣ—ଅଛମ୍ବର (ଦେଖ)
Achhāmara Achhambara (See)

**ଅଛାମ୍ବର**—ପ୍ରାଦେ. (କଟକ)—ବିଣ—ଅଛମ୍ବର (ଦେଖ)
Achhāmbara Achhambara (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ଭ |
| ୨ | ଈ | ଊ | ଋ | ଌ | ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଅଛରିବା**—ଦେ. କ୍ରି ( ସଂ. ଉତ୍ସର୍ଜନ )—୧ । କୁଲାରେ ଶସ୍ୟାଦିକୁ
Achhariba ଯାକୁଡ଼ିବା—1. To husk; to cleanse the chaff by winnowing.
୨ । ଇତସ୍ତତଃ ବୁଣିଦେବା—2. To strew
୩ । ଗଜା ହୋଇଥିବା ବିହନକୁ କାଦୁଅ ଜମିରେ ବୁଣିବା—
3. To sow sprouted paddy seeds on a clayey soil.

**ଅଛୁଆଁ**—ଦେ. ବିଣ—ଉପରୁ ଶେପା ଛେଲା ହୋଇ ନ ଥିବା (ପଇଡ଼)—
Achhiañ (unripe coconut) From which the peel has not been sheed off.
ଗ୍ରା. ବିଣ—ଅଛୁଆଣି; ଛପରବନ୍ଧ ହୋଇ ନ ଥିବା (ଘର)—
Unthatched (house).

**ଅଛିଡ଼**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବିଣ. ( ସଂ. ଅଚ୍ଛିନ୍ନ )—
Achhirda ଅଚ୍ଛେଦ୍ୟ—That which cannot be cut or severed.
ଅଛିନ୍ନ
ଅଛେଦ
ଭୁ ନାଗପୂର୍ଣ ହାଣିଲେ ହେବ ନୁଁ ଅଛଡ଼—ପୀତାମ୍ବର—ନୃସିଂହପୁରାଣ ।

**ଅଛିଣ୍ଡା**—ଦେ. ବିଣ. ( ସଂ. ଅଚ୍ଛିନ୍ନ )—
Achhinda ୧ । ଅବିଭକ୍ତ—1. Undivided
ଅଛେଁଡ଼ା ୨ । ଯାହା ଛିଣ୍ଡା ବା ଜୀର୍ଣ୍ଣ ନୁହେ—2. Untorne.
୩ । ଅଚ୍ଛିନ୍ନ—3 Unseparated
୪ । ଯାହା ଚୟନ ହୋଇ ନାହିଁ (ପୁଷ୍ପାଦି)—
4. Unplucked (flower).
୫ । ଯାହା ମୀମାଂସିତ ହୋଇ ନାହିଁ (ସମସ୍ୟା ବା ବିବାଦ)—5. Unsolved.
୬ । (ଗଣିତ) ଯେଉଁ ରାଶି ଅନ୍ୟ ରାଶିଦ୍ୱାରା ହୃତ ହେଲେ ଛିଣ୍ଡେ ନାହିଁ ଅର୍ଥାତ୍ ଭାଗଶେଷ ରହିଯାଏ; ଅବିଭାଜ୍ୟ (ରାଶି)—
6. (arithmetic) Indivisible (number)

**ଅଛିଦ୍ର**—ଦେ. ବିଣ. ( ସଂ. ଅଚ୍ଛିଦ୍ର )—୧ । ଅଚ୍ଛିଦ୍ର ( ଦେଖ )
Achhidra 1. Achchhidra (See)
୨ । ବ୍ୟବଧାନରହିତ—2. Without interstice.
ଭୁ ଦଶ ଦିଗରେ ସମାନ, ଅଛିଦ୍ର ସର୍ବାଙ୍ଗ ସମ୍ପୂର୍ଣ୍ଣ । ରୂପଚ—ପ୍ରେମପଞ୍ଚାମୃତ ।
୩ । ନିରନ୍ତ୍ର; ସର୍ବବ୍ୟାପୀ—2. All pervading.
ଅଛିଦ୍ର ହୋଇକରି କରିଛିଲ ଥାଉ, ତାହାଁ ପୂର୍ବରେ ପବନ ବନ ଥାଉ ।
କୃଷ୍ଣସିଂହ—ମହାଭାରତ, ବନ ।

**ଅଛିଦ୍ରେ**—ଦେ. କ୍ରି. ବିଣ—ନିଶ୍ଚୟ; ନିଃସନ୍ଦେହରେ—
Achhidre Certainly; undoubteuly.
ଥିବ କପାଁ ଅଛୁ ଅଛିଦ୍ରେ ଏ ପୁରେ ଜାଣ ଅଁଇ ଏଣୁ ଚନ୍ଦ୍ରମା ।
ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ—୧୦।୨୩ ।

**ଅଛିମାକୁ ଗଛିମା**—ଗ୍ରା. ପ୍ରବଚନ ବା ନ୍ୟାୟ—୧ । ଜଣଙ୍କର ଦୋଷ ବା
Achhimāku gachhimā ତ୍ରୁଟିକୁ ଅନ୍ୟ ଜଣକଠାରେ
ଉଦୋର ପିଣ୍ଡି ବୁଦୋର ଘାଡ଼େ ଆରୋପ କରିବା—
1. To lay one's fault or blame at the door of another.
୨ । ଅନୁପଯୁକ୍ତ ପାତ୍ର ସଙ୍ଗେ କନ୍ୟାର ବିବାହ ଦେବା—
2. To give a girl in marriage to an unsuitable bridegroom.
୩ । ଅତୁଳନୀୟ ବସ୍ତୁ ସଙ୍ଗେ କୌଣସି ବସ୍ତୁର ତୁଳନା କରିବା—
3 To compare a thing with an unsuitable thing.

**ଅଛୁଆଁ**—ଦେ. ବିଣ ( ଅସ୍ପୃଶ୍ୟ; ଅ + ଛୁପ୍ତ )—
Achhuañ ୧ । ଅସ୍ପୃଶ୍ୟ—1. Untouchable.
ଅଛୁତ
ଅଛୁଆଁ କାହାକି ଛୁଇଁବାକୁ ମନା । ରାମଶଙ୍କର—ଲୀଳାବତୀ ୫।୨ ।
୨ । ଅସ୍ପୃଷ୍ଟ—2. Untouched.
୩ । ଯେଉଁ ବସ୍ତ୍ରରେ (ଯଥା—ପାଟିକସ ଗାମୁଛା, ପାଟ, ମଠା) ଛୁଆଁ ଦୋଷ ଲାଗେ ନାହିଁ ।
3. (a cloth) Which is not made impure by touch.
୪ । ଛୁଆଣି ବା ଛପରବନ୍ଧ ହୋଇ ନ ଥିବା (ଘର)—
4. Unthatched (house)
ଦାଣ୍ଡ ଘର ଖଣ୍ଡି ଅଛୁଆଁ କର ତେବେ ଓଡ଼ଶାରେ କହିବୁ ଘଚ—ଢଗ ।
ଗୃହ ଅଛୁଆଁ ମଣ୍ଡପରେ ଥାଇ । ପ୍ରାଚୀ—ପରହେ ଗୀତା ।
୫ । ଯେଉଁ ମୃଦଙ୍ଗ ବା ପଖୋଜର ମୁହଁରେ ଚମଡ଼ା ମଡ଼ା ହୋଇ ନାହିଁ—1. (a drum) The mouth of which is not covered with leather.
ପ୍ରାଦେ. (ସମ୍ବଲପୁର) ବିଣ. ସ୍ତ୍ରୀ—ରଜୋବତୀ ( ସ୍ତ୍ରୀ )—
Menstruated; in her menses.
[ ଦ୍ର—ସ୍ତ୍ରୀ ରଜୋବତୀ ହେଲେ 'ଛୁଆଁ' ହୋଇଛି ବୋଲି ଓଡ଼ିଶାରେ କହନ୍ତି; ସମ୍ବଲପୁରରେ 'ଅଛୁଆଁ' ହୋଇଛି ବୋଲି କହନ୍ତି । ]

**ଅଛୁଆଣି**—ଦେ. ବିଣ—ଛପରବନ୍ଧ ହୋଇ ନ ଥିବା (ଘର)—
Achhuāni Unthatched (house).

**ଅଛୁଆଣିଆଁ**—ଦେ. ବିଣ. ପୁଂ—୧ ।ଯେଉଁ ମୂଲିଆ ଘର ଛପର କରିବାରେ
Achhuāniañ ଦକ୍ଷ ନୁହେ—1. (a labourer) Who is not expert at thatching a house.
୨ । ଯେଉଁ ମୂଲିଆ ଘର ଛପର କରି ଜାଣେ ନାହିଁ—
2. (a labourer) Who does not know how to thatch.

**ଅଛୁଟ**—ଦେ. ବିଣ—୧ । ଅବିଶ୍ରାନ୍ତ; ଅବିରାମ—
Achhuta 1. Incessant; uninterrupted.
ଅଛେହ ୨ । ଅତ୍ୟଧିକ—2. Excessive.
( ଯଥା—ଅଛୁଟ ବର୍ଷା, ଅଛୁଟ ଝାଡ଼ା; ଅଛୁଟ ଜର । )

**ଅଛୁଟଣ**—ଦେ. ବିଣ—ଅଛୁଟ ( ଦେଖ )
Achhutana chhuta ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲବଡ଼ା' ନ ପାଇଲେ 'ଅଲବଡ଼ା' ଦେଖିବେ ।

**ଅଛୁତ**—ଗ୍ରା. ବି. ( ସଂ. ଅଚ୍ୟୁତ)—ଅଚ୍ୟୁତ ନାମର ଅଶୁଦ୍ଧ ଉଚ୍ଚାରଣ—
Achhuta Incorrect pronunciation of the name Achyuta.

**ଅଛେଇମାକୁ ଗଛେଇମା**—ଗ୍ରା. ପ୍ରବଚନ ବା ନ୍ୟାୟ—
Achheimāku gachheimā ଅଛିମାକୁ ଗଛିମା ( ଦେଖ )
Achhimāku gachhimā (See)

**ଅଛେଡ଼ିଆ**—ପ୍ରାଦେ. (ବସ୍ତର) ବିଣ—ଅକଣ୍ଡା ( ଦେଖ )
Achherdiā Akandā ( See )

**ଅଛେଦରା**—ଗ୍ରା. ବିଣ. ( ସଂ. କ୍ଷୁଦ୍ର; କ୍ଷୁଦ୍ରାତ୍ କ୍ଷୁଦ୍ର )—
Achhedarā ୧ । ହୀନ; ଅଧମାଧମ;ଅତି ଅଧମ—
हीन 1. Worst; meanest.
୨ । ହେୟ; ଘୃଣ୍ୟ; ନିନ୍ଦ୍ୟ—2. Despicable.
୩ । ଜଘନ୍ୟ; କୁତ୍ସିତ—3. Ugly; nasty.
୪ । ମୂଲ୍ୟହୀନ—4. Valueless.
୫ । ପ୍ରୟୋଜନହୀନ; ଅପ୍ରୟୋଜନ—5. Useless.
( ଯଥା—ମୋର ଏ ଅଛେଦରା ଜୀବନ ଯାଉ ନାହିଁ କାହିଁ ? )

**ଅଛୋଡ଼ବନ୍ଧା**—ଦେ. ବିଣ—ନାଛୋଡ଼ବନ୍ଧା ( ଦେଖ )
Achhordbandā Nachhordbandā ( See )

**ଅଛୋବ୍**—ପ୍ରାଦେ. (ସମ୍ବଲପୁର) ବିଣ—ଅଛବ ( ଦେଖ )
Achhob Achhaba ( See )

**ଅଛୋଭ୍**—ପ୍ରାଦେ. ( ସମ୍ବଲପୁର ) ବିଣ—ଅଛବ ( ଦେଖ )
Achhobh Achhaba ( See )

**ଅଛୌର**—ଗ୍ରା. ବିଣ. (ସଂ. ଅ + କ୍ଷୌର)—
Achhaura ଖିଅର ହୋଇ ନ ଥିବା—Unshaven.
आकामान
ଗ୍ରା. ବି—ଖିଅର ନ ହେବା—Want of shaving.

**ଅଜ୍(ଧାତୁ)**—ସଂ. ୧ । କ୍ଷେପଣ କରିବା—1. To throw.
Aj (root) ୨ । ବିସ୍ତାର କରିବା—2. To spread.

**ଅଜ୍**—ବୈଦେ. (କଟକିଆ ଭାଷା) ଅ. ( ଫା. ଅଜ୍ )—
Aj ୧ । ନଗଦ—1. Cash.
अज (ଯଥା—ତାଙ୍କ ପାଖରେ ଅଜ୍ ୫୦ ଟଙ୍କା ଅଛି । )
अज ୨ । ନଗଦାନଗଦ—2. In cash.
(ଯଥା—ମୁଁ ଅଜ୍ ୨୫ ଟଙ୍କା ନେଇ ଏ ଜମି ତାଙ୍କୁ ବିକି ଦେଲି । )
୩ । ଅସଲ—3. Genuine.
( ଏ ଘରରେ ଅଜ୍ ଗୁଆ ଘିଅ ଅଛି । )
୪ । ପ୍ରକୃତ—4. Actual.
୫ । ଭୁକ୍ତା; କେବଳ ମାତ୍ର—5. Only.
(ଯଥା—ମୁଁ ଦଶଟଙ୍କାର ନୋଟ ଭଙ୍ଗାଇଲି ଯେ, ଯୋଡ଼ାର ମତେ ଅଜ୍ ପଇସାଗୁଡ଼ିଏ ଦେଲା । )

**ଅଜଗବ**—ବୈଦେ. ଅ. (ଫା. ଅଜ୍‌ଗୈବ=ଅଲକ୍ଷିତ; ଗୁପ୍ତ )—
Ajgabi ୧ । ଅକସ୍ମାତ୍; ହଠାତ୍—1. Suddenly.
आजगबी ୨ । ଅପ୍ରତ୍ୟାଶିତରୂପେ—2. Unexpectedly.
अजगइबी ( ଯଥା—ଆମେ ଖୁସଗପ କରୁଥିବେଲେ ମାଷ୍ଟରେ ଅଧି ଅଜଗବ ପହଞ୍ଚଗଲେ । )
୩ । ଦୈବାତ୍—3. Accidentally.
ବୈଦେ. ବିଣ—୧ । ସମ୍ପୂର୍ଣ୍ଣରୂପେ ମିଥ୍ୟା—
1. Totally false.
୨ । କାଳ୍ପନିକ (ଅଜଗବ ଗପ)—2. Imaginary.
୩ । ଆକସ୍ମିକ—3. Accidental.
୪ । ଅପ୍ରତ୍ୟାଶିତ—4. Unexpected.
୫ । ଅଦ୍ଭୁତ ( ଅଜଗବ ଘଟଣା )—5. Wonderful.

**ଅଜ୍‌ମାଇବା**—ବୈଦେ. କ୍ରି. ( ଫା. ଅଜ୍‌ମାଇଶ୍ =ପରୀକ୍ଷା )—
Ajmāibā ୧ । ପରଖିବା; ପରୀକ୍ଷା କରିବା—
अङ्गे निवान 1. To examine; to test.
आजमाना, ୨ । ଅଙ୍ଗେ ନିଭାଇବା; ଅନୁଭବ କରିବା—
अजमाना 2. To experience.

**ଅଜ୍‌ମାଇଶ୍**—ବୈଦେ. ବି. ( ଫା. ଅଜ୍‌ମାଇଶ୍ =ପରୀକ୍ଷା; ଅନୁଭବ )—
Ajmāis ୧ । ଅନୁଭବ—1. Experience.
आजमाइस ୨ । ପରଖ—2. Test.
अजमाइश, आजमाइस
ବୈଦେ. ବିଣ. ( ଫା—ଅଜ୍‌ମାଇଶ୍ =ପରୀକ୍ଷା; ଅନୁଭବ )—
आजमाइस् ୧ । ପରୀକ୍ଷିତ—1. Tested.
आजमुदा ୨ । ଅନୁଭୂତ—2 Experienced.

**ଅଜ୍‌ମାଇଶି**—ବୈଦେ. ବି. ଓ ବିଣ—ଅଜମାଇଶ୍ ( ଦେଖ )
Ajmāiśi Ajmāiś ( See )

**ଅଜ୍‌ମୀର୍**—ଦେ. ବି. ( ସଂ. ଅଜମୀଢ଼; ଅଜମୀର )—
Ajmir ଅଜମୀର (ଦେଖ)
आजमीर Ajamira ( See )
अजमीढ़

**ଅଜ**—ସଂ. ବିଣ. ( ଅ + ଜନ ଧାତୁ + କର୍ତ୍ତୃ. ଅ )—
Aja ୧ । ଯାହାର ଜନ୍ମ ନାହିଁ; ଜନ୍ମରହିତ—
(ଅଜା—ସ୍ତ୍ରୀ) 1. That whose birth is not traceable
୨ । ଯାହାର ଉତ୍ପତ୍ତି କେହି ଲକ୍ଷ କରି ନାହିଁ—
2. Of untraceable origin.
୩ । ନିତ୍ୟ—3. Eternal.
୪ । ଚିରସ୍ଥାୟୀ—Permanent.
ସଂ. ବି—୧ । ପରମେଶ୍ୱର—1. God.
୨ । ବିଷ୍ଣୁ—2. Bishnu.
୩ । ବ୍ରହ୍ମା—3 Brahma.
୪ । ଶିବ; ମହାଦେବ—4. Siba
୫ । କାମଦେବ—5. Cupid.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ତ୍ଥ | ଢ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତୁ |

୬ । ଚନ୍ଦ୍ର—6. The moon.
୭ । ଜୀବାତ୍ମା —7. The living soul.
୮ । ପରମାତ୍ମା—8. The Universal Soul.
✓୯ । ଅଣ୍ଡିରାଛେଳି—9. He-goat.
୧୦ । ମେଣ୍ଢା—10. Ram; sheep
୧୧ । ( ଜ୍ୟୋତିଷ ) ମେଷରାଶି—
11. (Astronomy) The Aries—a sign of the Zodiac.
୧୨ । (ବୈଦ୍ୟକ) ଛେଳିପାଗୁଳିଆ ( ଔଷଧିବୃକ୍ଷ )—
12. A herb; chhelipāguliā ( See )
୧୩ । ସୂର୍ଯ୍ୟବଂଶୀୟ ରାଜା—ଦଶରଥଙ୍କ ପିତା ଓ ରଘୁଙ୍କ ପୁତ୍ର—
13. Name of the father of king Daśaratha.
୧୪ । ଜାରା ଶବରର ପୂର୍ବପୁରୁଷ ଜନୈକ ଶବର—
14. Name of a fowler; an ancestor of Jārā Śabara.
୧୫ । ( ଜ୍ୟୋତିଷ ) ଶୁକ୍ରଗ୍ରହର ଗତି ଅନୁସାରେ ନିରୂପିତ ତିନିଗୋଟି ଲେଖାଏଁ ନକ୍ଷତ୍ରଯୁକ୍ତ ବୀଥି ମଧ୍ୟରୁ ଏକତମ; ହସ୍ତା, ବିଶାଖା ଓ ଚିତ୍ରା ନକ୍ଷତ୍ରଯୁକ୍ତ ବୀଥି—
15. A part of the orbit of the planet Venus consisting of the 13th, 14th and 16th asterisus.
( ହିନ୍ଦି. ଶବ୍ଦସାଗର )
୧୬ । ନେତା—16. A leader ( M. W. ).
୧୭ । ଚାଳକ—17. A driver; mover ( M. W.).

**ଅଜକର୍ଣ୍ଣ**—ସଂ. ବି. ( ବହୁବ୍ରୀହି; ଅଜର କର୍ଣ୍ଣପରି ପତ୍ର ଯାହାର )—
Ajakarṇṇa — ଅସନ ( ଦେଖ )
Asana ( See )
ପିଆଶାଳ ( ଦେଖ )
Piāśāḷa ( See )

**ଅଜକର୍ଣ୍ଣକ**—ସଂ. ବି. ( ଅଜକର୍ଣ୍ଣ + କ )—ଶାଳ (ଗଛ) (ଦେଖ)
jakarṇṇaka — Śāḷa (tree) ( See )

**ଅଜକବ**—ସଂ. ବି. ( ଅଜ = ବିଷ୍ଣୁ + କ = ବ୍ରହ୍ମା + ଅସ୍ତି ଅର୍ଥରେ. ବ; ଯହିଁରେ ବ୍ରହ୍ମା ଓ ବିଷ୍ଣୁ ବିଦ୍ୟମାନ ଅଛନ୍ତି )—
Ajakaba — ପିନାକ; ଶିବଧନୁ—The bow of Śiba.

**ଅଜକବା**—ସଂ. ବି. ( ଅଜ + ସ୍ୱାର୍ଥେ. କ = ଅଜକ = ଛାଗ + ବା ଧାତୁ ସନ୍ତୁଷ୍ଟ କରିବା + କର୍ତ୍ତ୍ରି. ଅ; ଏହା ଛାଗଭକ୍ଷ୍ୟ ଥିବାରୁ)—
Ajakabā — ବବୁର ଗଛ—Babur tree ( See )

**ଅଜଗ**—ସଂ. ବି. ( ଅଜ + ଗମ ଧାତୁ + କର୍ତ୍ତ୍ରି. ଅ )—
Ajaga — ୧ । ପିନାକ; ଶିବଧନୁ—1. The bow of Śiba.
୨ । ବିଷ୍ଣୁ—2. Bishṇu.
୩ । ଅଗ୍ନି—3. Fire.

**ଅଜଗନ୍ଧା**—ସଂ. ବି. (ବହୁବ୍ରୀହି;ଅଜ + ଗନ୍ଧ + ଆ; ଛେଳି ଦେହର ଗନ୍ଧ ପରି ଗନ୍ଧ ଯାହାର )—
Ajagandhā — ବଣଯୁଆଣି; ସାବିତ୍ରୀ ଗୁଳ୍ମ; ଅଜମୋଦା ( ଦେଖ )
Ajamodā (See)
(ଦ୍ର—ଏହା ମୁଣ୍ଡର ଉକୁଣିନାଶକ ଓ ଏଥିର ବୀଜ ସ୍ନାୟୁବାୟୁ ବ୍ୟାଧିନାଶକ । )
( ବଣତୁଳସୀ; ଲଣ୍ଡାବଗୁଲି ) ବର୍ବରୀ ( ଦେଖ )
Barbbarī (See)

**ଅଜଗନ୍ଧିକା**—ସଂ. ବି. (ଅଜଗନ୍ଧ + କ + ଆ)—
Ajagandhikā — ବଣତୁଳସୀ ବର୍ବରୀ ( ଦେଖ )
Barbbarī (See)

**ଅଜଗବ**—ସଂ. ବି. (ଅଜ + ଗବ)—ପିନାକ; ଶିବଧନୁ—
Ajagaba — The bow of Śiba.

**ଅଜଗବି**—ବୈଦେ. ଅ ଓ ବିଣ—ଅଜ୍‌ଗବି (ଦେଖ)
Ajagabi — Ajgabi (See)

**ଅଜଗର**—ସଂ. ବି. (ଅଜ = ଛେଳି + ଗୃ ଧାତୁ = ଗିଳିବା + କର୍ତ୍ତ୍ରି. ଅ; ଯେ ଛେଳି ମେଣ୍ଢାଙ୍କୁ ଗିଳେ)—ଅତି ବୃହଦାକାର ନିର୍ବିଷ ସର୍ପ-
Ajagara — ବିଶେଷ - The Python; Boa constrictor.
[ ଦ୍ର—ଅଜଗର ଛେଳି ମେଣ୍ଢା ଆଦିଙ୍କୁ ଗିଳନ୍ତି । ଏମାନେ ବହୁତ ଚାଲିବୁଲି କରି ପାରନ୍ତି ନାହିଁ; ଏମାନେ ଭୂଇଁରେ ଗଛର ଶିଅ ପରି ପଡ଼ିଥାଆନ୍ତି । ଜନ୍ତୁମାନେ ଏମାନଙ୍କୁ ଶିଅ ବା କାଠଗଡ଼ ବୋଲି ଭ୍ରମ କରି ପାଖକୁ ଆସିଲେ ଏମାନେ ସେ ଜୀବଙ୍କୁ ଗୋଟାସୁଦ୍ଧା ଗିଳି ପକାନ୍ତି ଏବଂ ବଡ଼ ଗଛର ଗଣ୍ଡିରେ ଗୁଡ଼େଇ ହୋଇ ଭିଡ଼ ମୋଡ଼ି ହେଲାରୁ ପେଟ ମଧ୍ୟରେ ଥିବା ଜୀବର ହାଡ଼ ଆଦି ମୋଡ଼ିମାଡ଼ି ହୋଇ ଚୂନା ହୋଇଯାଏ । ଅଜଗର ଅଧିକାଂଶ ସମୟ ନିର୍ଜୀବ ପରି ପଡ଼ିଥାଏ ଏବଂ ଏହା ପାଖକୁ ଆସିବା ଜନ୍ତୁଙ୍କୁ ଏ ଖାଏ; ଏଥିପାଇଁ ପ୍ରଚଳନ ଅଛି ‘ଅଜଗରକୁ ଦାତା ରାମ’ ଅର୍ଥାତ୍ ଅଜଗରର ମୁହଁ ପାଖକୁ ଖାଦ୍ୟ ଯୋଗାଇବାବାଲା ରାମ ବା ପରମେଶ୍ୱର । ଅଳସୁଆ ଲୋକଙ୍କୁ ଲୋକେ ‘ଅଜଗର’ ସଙ୍ଗେ ତୁଳନା କରନ୍ତି । ]
ଅଯାଚିତ ବୃତ୍ତି ଅଜଗର ତୃଣଭୂମିରେ ଲାଗି,
ଉଠାଇବା ଅଶେ ଶ୍ୱାସେ ମୃଗ ଯହିଁ ରହନ୍ତି ଠାକ । ରାଧାନାଥ. ଉଷା ।

**ଅଜଗଲ**—ଦେ. ବି. ( ସଂ. ଅଜଗର)—
Ajagaḷa — ଅଜଗର (ଦେଖ)
अजगर — Ajagara ( See )
**अजगर, अजदहा**

**ଅଜଗଲିକା**—ସଂ. ବି. ( ଅଜ + ଗଲ + କ + ଆ; ଏ ରୋଗାକ୍ରାନ୍ତ ଶିଶୁର ଦେହ ଛେଳି ଗଳା ପରି ବିକୃତ ଦେଖାଯିବାରୁ )—
Ajagaḷikā — ଶିଶୁରୋଗ ବିଶେଷ—An infantile disease.
[ ଦ୍ର—ମୁଗଦାନା ପରି ଶ୍ଳେଷ୍ମ ପୀଡ଼ାରହିତ ବ୍ରଣ, ଏହା ବାତ ଓ କଫ ପ୍ରକୋପରୁ ଦେହଯାକ ବାହାରିଯାଏ — ହିନ୍ଦି ଶବ୍ଦସାଗର ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆର୍ଦ୍ଧ୍ୟ' ନ ପାଇଲେ 'ଆର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଜଗଲ୍ଲିକା**—ସଂ. ବି. ( ଅଜ + ଗଲ୍ଲ + କ + ଆ )—ଅଜଗଲିକା (ଦେଖ)
Ajagallikā — Ajagalikā ( See )

**ଅଜଙ୍ଗ**—ଗ୍ରା. ପ୍ରାଚୀନ ପଦ୍ୟ. ବି ( ସଂ. ଅଜଗବ )—ଅଜଗବ; ଶିବଧନୁ—
Ajaṅga — The bow of Śiba.
ଅଗ୍ରରେ ଅଜଙ୍ଗ ଧନୁ ଧରିଣ ଗାଙ୍ଗବ । ସାରଳା ମହାଭାରତ, ଭୀଷ୍ମ ।

**ଅଜଙ୍ଗମ**—ଗ୍ରା. ବି. ( ସଂ. ଅଜଗବ )—ଅଜଗବ; ପିନାକ; ଶିବଧନୁ—
Ajaṅgama — The bow of Śiba.
ସଂ. ବିଣ. (ଅ+ଜଙ୍ଗମ)—୧ । ଯାହା ଗତିଶୀଳ ନୁହେ; ସ୍ଥିର—
1. Motionless.
୨ । ସ୍ଥିର—2. Fixed.
୩ । ଚିରସ୍ଥାୟୀ—3. Permanent.

**ଅଜଚ୍ଛା**—ଦେ. ବିଣ. ( ସଂ. ଅଯାଚିତ )—୧ । ଅଯାଚିତ—
Ajachā — 1. Unasked for.
୨ । ଯାହା କେହି ଦେବାକୁ ଯାଚି ନ ଥାଏ—
2. Unoffered.

**ଅଜଜୀବକ**—ସଂ. ବି. ପୁଂ. ( ବହୁବ୍ରୀହି; ଅଜ + ଜୀବିକା )—
Ajajībaka ୧ । ଛେଳିଆ; ଯେ ଛେଳି ପାଳି ଛେଳି ବିକି ପେଟ ପୋଷେ—1. A dealer in goat.
୨ । ଛେଳି ରଖୁଆଳ—2. A goat-herd ( M. W. )

**ଅଜଟ**—ଗ୍ରା. ବିଣ. ( ସଂ. ଉଚ୍ଚାଟିତ )—
Ajaṭa ୧ । ଉଚ୍ଚଟ—1. Importunate.
अबूझ ୨ । ଏକବାଗିଆ; ଏକଜିଦିଆ—
बेबुझ 2. Stubborn; obdurate; selfwilled.
୩ । ଅବୁଝା—3. Unreasonable.

**ଅଜଟ ଧରିବା**—ଗ୍ରା. କ୍ରି—କୌଣସି କଥା ପାଇଁ ଏକଜିଦ କରିବା;
Ajaṭa dharibā ଜିଗର କରିବା—To importune; to unreasonably insist on a thing.
( ଯଥା—ପିଲାଟା ସକାଳୁ ହପହରଯାକେ ଖେଳନା ପାଇଁ ଅଜଟ ଧରି ବସିଛି । ]

**ଅଜଟା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅ + ଜଟା = ଅଜଟ + ସ୍ତ୍ରୀ. ଆ )—
Ajaṭā ୧ । ଭୂଇଁ ଅଁଳା ( ଦେଖ )
1 Bhuiṅ aaṅlā ( See )
୨ । ବାଇଡଙ୍କ ( ଦେଖ )—2. Bāiḍhaṅka ( See )

**ଅଜଟିଆ**—ଗ୍ରା. ବିଣ—ଅଜଟ ( ଦେଖ )
Ajaṭiā — Ajata ( See )

**ଅଜଡ଼**—ସଂ. ବିଣ. ( ଅ + ଜଡ଼ )—
Ajaṛa ୧ । ସଚେତନ; ସଜୀବ—Animate.
୨ । ଯେ ମାନ୍ଦା ନୁହେ—2. Not torpid.
୩ । ଯେ ନିର୍ବୁଦ୍ଧିଆ ନୁହେ—3. Not stupid.
ଦେ. ବି. (ସଂ. ଅଜୀର୍ଣ୍ଣ)—ଖାଦ୍ୟର ଅପରିପାକ; ଅଜୀର୍ଣ୍ଣ—
Indigestion.
अजीर्ण ଦେ. ବିଣ—ଜୀର୍ଣ୍ଣ ହୋଇ ନ ଥିବା ଖାଦ୍ୟ—
अजीरन Undigested ( food )

**ଅଜଡ଼ା**—ଦେ. ବି—ଅଜାଡ଼ିବା କର୍ମ—Outpouring; copious pouring of a thing.
Ajaṛā
ଦେ. ବିଣ—୧ । ବିଶେଷ ପରିମାଣରେ ଢଳା ହୋଇଥିବା—
1. Copiously poured out.
୨ । ଯେଉଁ ପାତ୍ରରୁ ଜଳ ଆଦି ନିଃଶେଷିତ ହୋଇ ଅଜଡ଼ା ହୋଇଅଛି; ଭୁକ୍ତା—2. ( a receptacle ) Emptied of its liquid contents.
( ଯଥା—ଅଜଡ଼ା ମାଠିଆ )
ସଂ. ବି—( ଅ + ଜଡ଼ + ଆ )—ବାଇଡଙ୍କ ( ଦେଖ )
Bāiḍhaṅka ( See )

**ଅଜଡ଼ା ଯିବା**—ଦେ. କ୍ରି—ଅଜଡ଼ା ହେବା ( ଦେଖ )
Ajaṛā jibā — Ajaṛā hebā (See)

**ଅଜଡ଼ା ହେବା**—ଦେ. କ୍ରି—ଅଜାଡ଼ିବା କ୍ରିୟାର କର୍ମବାଚ୍ୟରେ ଆକାର ।
Ajaṛā hebā ବହୁ ପରିମାଣରେ ଢଳା ହେବା—
ढाला हओया Passive form of ajāṛiba. To be profusely poured out.

**ଅଜଣା**—ଦେ. ବିଣ. ( ସଂ. ଅଜ୍ଞାତ )—୧ । ଅଜ୍ଞାତ—
Ajaṇā — 1. Unknown.
अजाना ଆନକୁ ଏ ଗୂଢ କଥା ଅଟଇ ଅଜଣା । ପୀତାମ୍ବର, ନୃସିଂହ ପୁରାଣ ।
अजनबि, ୨ । ଅପରିଚିତ—2. Unacquainted.
अजनान ୩ । ଅଜ୍ଞ—3. Ignorant.
୪ । ପ୍ରଦେଶୀ—4. Stranger.

**ଅଜଥ୍ୟା**—ସଂ. ବି—ହଳଦିଆ ଜୁଇ; ସ୍ୱର୍ଣ୍ଣ ଯୂଥିକା—
Ajathya — The yellow Jasmine.

**ଅଜଦଣ୍ଡୀ**—ସଂ. ବି. ( ଅଜ + ଦଣ୍ଡ + ଈ )—ବ୍ରହ୍ମଦଣ୍ଡୀ ଗୁଳ୍ମ—
Ajadaṇḍī — A plant

**ଅଜନ**—ସଂ. ବିଣ. ( ବହୁବ୍ରୀହି )—୧ । ଜନଶୂନ୍ୟ—
Ajanā — 1. Destitute of men (M. W.).
୨ । ମରୁ—2. Desert (M. W.).
ସଂ. ବି. ( ଅ + ଜନ )—ନଗଣ୍ୟ ବ୍ୟକ୍ତି—
An insignificant person (M. W.).

**ଅଜନ୍ତ**—ସଂ. ବିଣ. ( ଅଚ + ଅନ୍ତ; ବହୁବ୍ରୀହି )—ସ୍ୱରାନ୍ତ (ଶବ୍ଦ)—
Ajanta — (word) Ending in a vowel.

**ଅଜନ୍ତରା**—ଦେ. ବିଣ. (ସଂ. ଅଯନ୍ତ୍ରିତ ?)—୧ । ଅସଫା; ଅପରିଷ୍କୃତ—
Ajantarā — 1. Uncleansed; unswept.
୨ । ମଳିଆ—2. Dirty.
୩ । ଅଳିଆ—3. Full of refuse.

**ଅଜନ୍ତରି**—ଦେ. ବିଣ—ଉଜୁନ୍ତୁରି ( ଦେଖ )
Ajantari — Ujunturi ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯୃ | ଢ଼ଅ | ଷ୍ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅଁ | ଔ | ନ୍ତ |

**ଅଜନ୍ତା**—ଦେ. ବି. (ନାମ)—୧ । ବୁଦ୍ଧଶିଷ୍ୟାବିଶେଷ—1. Name of
**Ajantā** a female disciple of Buddha.

୨ । ମଧ୍ୟପ୍ରଦେଶ ଖାନ୍ଦେଶ ଜିଲ୍ଲାର ଅନ୍ତର୍ଗତ ତାପ୍ତୀ ନଦୀର ନିକଟବର୍ତ୍ତୀ ଜୈନ ଓ ବୌଦ୍ଧ କୀର୍ତ୍ତିମଣ୍ଡିତ ଗୁମ୍ଫାବିଶିଷ୍ଟ ପାହାଡ଼—
2. Name of a hill containing caves with Jaina and Buddhist inscriptions.

[ ଦ୍ର—ଏହି ଗୁମ୍ଫାମାନଙ୍କରେ ଅନେକ ପ୍ରସ୍ତରଶିଳ୍ପ ଓ ବର୍ଣ୍ଣିନା ଶୈଳଗାତ୍ରରେ ଖୋଦିତ ରହିଅଛି । ]

**ଅଜନ୍ତୁରି**—ଦେ. ବିଣ—ଉଜୁନ୍ତୁରି ( ଦେଖ )
**Ajanturi** Ujunturi ( See )

**ଅଜନ୍ତ୍ରୀ**—ସଂ. ବି—ନୀଳ ପୁଷ୍ପଯୁକ୍ତ ଅତି ଲୋମଶ ଗୁଳ୍ମବିଶେଷ—
**Ajantrī** Name of a blue flowered furry plant.

**ଅଜନ୍ମା**—ସଂ. ବିଣ. ( ବହୁବ୍ରୀହି; ଅ + ଜନ୍ମନ୍. ୧ମା. ୧ବ )—
**Ajanmā** ୧ । ଅଜ; ଜନ୍ମରହିତ—1. Birthless.
୨ । ଜାରଜ—2. Illegitimate.
୩ । ନୀଚକୁଳୋଦ୍ଭବ—3. Low born.

**ଅଜନ୍ୟ**—ସଂ. ବି. ( ଅ + ଜନ ଧାତୁ + କର୍ମ. ଅ )—
**Ajanya** ଅଶୁଭସୂଚକ ଦୈବୀ ଉତ୍ପାତ ( ଯଥା—ଭୂମିକମ୍ପ, ଶୂନ୍ୟଗର୍ଜନ, ଧୂମକେତୁ, ଉଲ୍କାପାତ )—
Inauspicious natural calamity.

**ଅଜପ**—ସଂ. ବିଣ. ( ଅ+ଜପ୍ ଧାତୁ + କର୍ତ୍ତୃ. ଅ )—
**Ajapa** ୧ । ଜପଦ୍ୱାରା ଅସାଧ୍ୟ—1. Not performable by the counting of beads.
୨ । କୁପାଠକ—2. Not well versed in reading; reading in a halting manner.
୩ । ଜପହୀନ—3. Not counting beads.
୪ । ଯେ ସନ୍ଧ୍ୟା ବନ୍ଦନାଦି କରେ ନାହିଁ—
4. Not performing the daily prayers.
ସଂ. ବି—୧ । କୁପାଠକ ବ୍ୟକ୍ତି—1. A bad or halting reader.
୨ । ଜପରହିତ ହେବାର ଭାବ—
2. State of not counting beads.
୩ । ( ଅଜ+ପା ଧାତୁ + କର୍ତ୍ତୃ. ଅ ) ଛାଗରକ୍ଷକ—
3. A goat-herd.
୪ । ମେଷରକ୍ଷକ—4. A shepherd.

**ଅଜପକ୍ୱ**—ସଂ. ବି. ( ନାମ ) କାସରୋଗହାରକ ଆୟୁର୍ବେଦୋକ୍ତ ଘୃତବିଶେଷ—
**Ajapakwa** Name of medicinal oil used as an antidote for cough.

**ଅଜପତି**—ସଂ. ବି. ( ୬ଷ୍ଠୀ ତତ୍; ଅଜ + ପତି )—
**Ajapati** ୧ । ଛାଗଶ୍ରେଷ୍ଠ; ଉତ୍କୃଷ୍ଟ ଛେଳି—
1. An excellent goat.
୨ । ମେଷବାହନ; ଅଗ୍ନି—2. The god of fire.
୩ । (ଜ୍ୟୋତିଷ) ମେଷରାଶିର ଅଧିପତି ମଙ୍ଗଳ ଗ୍ରହ—
3. The planet Mars.

**ଅଜପଦ**—ସଂ. ବି. ( ୬ଷ୍ଠୀ ତତ୍; ଅଜ + ପଦ )—
**Ajapada** ୧ । ଛେଳିର ଗୋଡ଼—1. Leg of a goat; the leg of mutton.
୨ । ( ବହୁବ୍ରୀହି ) ରୁଦ୍ରବିଶେଷ—
2. Name of one of the Rudra Deities.

**ଅଜପା**—ସଂ. ବିଣ. ( ଅ+ଜପ ଧାତୁ + କର୍ମ ଅ + ଆ )—
**Ajapā** ବିନା ଜପରେ ଈଶ୍ୱରଭଜନ; ସ୍ୱାଭାବିକ ଶ୍ୱାସପ୍ରଶ୍ୱାସ ବହିର୍ଗମନ ଓ ପ୍ରବେଶନଦ୍ୱାରା 'ହଂସଃ' ଇତ୍ୟାକାର ମନ୍ତ୍ର ଜପ । (ଏହି 'ହଂସଃ'ର ଅର୍ଥ ପରମାତ୍ମା ବା ଈଶ୍ୱର; ବିନା ଜପରେ ମନୁଷ୍ୟ ଶ୍ୱାସପ୍ରଶ୍ୱାସଦ୍ୱାରା ଈଶ୍ୱରଙ୍କ ଜପ କରୁଥିବାରୁ ଏହାର ନାମ ଅଜପା)—Prayer done without the counting of beads. The natural utterance of the sound Haṁsaḥ at the time of exhalation and inhalation.

[ ଦ୍ର—ମନୁଷ୍ୟ ନାକପୁଡ଼ାବାଟେ ଶ୍ୱାସ ଛାଡ଼ିଲାବେଳେ 'ସଃ' ଓ ଶ୍ୱାସ ପେଟ ଭିତରକୁ ନେଲାବେଳେ 'ହଂ' ଏହି ଦୁଇଟି ଧ୍ୱନି ଯଥାକ୍ରମେ ହୃଦୟରୁ ବାହାରେ । ଏହି 'ହଂସଃ' ଓଲଟାଇଲେ 'ସୋଽହଂ'ର ଅର୍ଥ ପରମାତ୍ମା ବା ଈଶ୍ୱର ବା ବ୍ରହ୍ମ । ମନୁଷ୍ୟ ମୁହଁରେ ବା ଜପଦ୍ୱାରା ପରମାତ୍ମାଙ୍କୁ ସ୍ମରଣ ନ କଲେ ମଧ୍ୟ ପ୍ରତ୍ୟେକ ଶ୍ୱାସପ୍ରଶ୍ୱାସଦ୍ୱାରା ଈଶ୍ୱରଙ୍କ ନାମ ଜପ କରୁଅଛି । ଏହାକୁ 'ଅଜପା' 'ଅଜପା ମନ୍ତ୍ର' ବା 'ଅଜପା ଗାୟତ୍ରୀ' କହନ୍ତି । ଯେଉଁ ବ୍ୟକ୍ତି ବାୟୁ ସାଧନଦ୍ୱାରା ଏହି ଅଜପା ଜପକୁ ଲକ୍ଷ୍ୟ କରେ, ସେ ସିଦ୍ଧି ଲାଭ କରେ । ଉତ୍କଳର ଅଚ୍ୟୁତାନନ୍ଦ ଦାସ ଆଦି ସାଧକମାନେ ଏହି 'ଅଜପା ସାଧନ' ଓ ତାନ୍ତ୍ରିକ 'ଷଟ୍‌ଚକ୍ରସାଧନ'କୁ 'ଶୂନ୍ୟଭେଦ' ଭଜନ ନାମ ଦେଇଅଛନ୍ତି । ତନ୍ତ୍ରୋକ୍ତ ବାୟୁ ସାଧନହିଁ ଅଜପା ଜପ । ]

ଚୈତନ୍ୟ ପୁରୁଷ ତୁ ଅଜପା ଯୋଗେ ଲୟ
ଶରଣରକ୍ଷଣ ସର୍ବ ଜନେ ତୁ ସହାୟ । ସାରଳା ମହାଭାରତ- ଆଦି ।

ସଂ. ବି. ( ଅ + ଜପ + ଆ )—୧ । (ଯାହାଙ୍କୁ କେହି ଜପ କରି ପାରନ୍ତି ନାହିଁ )—ପରଂବ୍ରହ୍ମ—
1. The Supreme Soul.
୨ । ତନ୍ତ୍ରୋକ୍ତ ଦେବୀବିଶେଷ—
2. Name of a Tāntric goddess.

**ଅଜପା ଗାୟତ୍ରୀ**—ସଂ. ବି. ( ରୂପକ; ଅଜପା + ଗାୟତ୍ରୀ )—
**Ajapā gayatrī** ଅଜପା ୧. ( ଦେଖ )
Ajapā 1. ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଜପା ଜପ**— ସଂ. ବି. (୬ଷ୍ଠୀ ତତ୍)—ଅଜପା ୧. ( ଦେଖ )
Ajapā japa — Ajapā 1. ( See )

**ଅଜପା ଜପିବା**—ଦେ. କ୍ରି—୧ । ଶ୍ୱାସପ୍ରଶ୍ୱାସଦ୍ୱାରା ଉଚ୍ଚାରିତ ଅଜପା ବା 'ହଂସଃ' ଧ୍ୱନିକୁ ଲକ୍ଷ୍ୟ କରି ପରଂବ୍ରହ୍ମଙ୍କଠାରେ ଲୟ ରଖିବା—1. To mark the natural sound Haṁsaha emitted during exhalation and inhalation.
Ajapā japibā
अजपा जपा
अजपा जपना
୨ । ପ୍ରାଣାୟାମଦ୍ୱାରା ବାୟୁସାଧନ କରିବା; ଯୋଗମାର୍ଗରେ ପରମାତ୍ମାଙ୍କୁ ଭଜନ କରିବା 2 To contemplate the Supreme Being by breathing exercise.

ଅବନା ବନଲେ, ଅମପା ମାପଲେ ଅଜପାରେ ଜପ ହେବ ବହନ,
ବାଇମନ ହୋ ଭୁ ତ ଅବନା ବନ । ଶରୀରଭେଦ ଭଜନ ।

**ଅଜପାଦ**—ସଂ. ବି. (ବହୁବ୍ରୀହି; ଅଜ+ପାଦ; ଅଜର ପାଦ ପରି ପାଦ ଯାହାର)—(ଜ୍ୟୋତିଷ) ପୂର୍ବଭାଦ୍ରପଦ ନକ୍ଷତ୍ର—The 25th lunar mansion.
Ajapāda

**ଅଜପା ମନ୍ତ୍ର**—ସଂ. ବି. (ରୂପକ)—ଅଜପା ୧ ( ଦେଖ )
Ajapā mantra — Ajapā 1. (See)

**ଅଜବ୍**—ବୈଦେ. ବିଣ ( ଫା. ଅଜବ୍ ; ଆ. ଅଜୀବ )—ଅଦ୍ଭୁତ; ବିଚିତ୍ର; ଆଶ୍ଚର୍ଯ୍ୟଜନକ—Wonderful.
Ajab
आजब
अजब, अजीब
(ଯଥା—ଅଜବ ତମାସା )

**ଅଜବଜ**—ପ୍ରାଦେ. (ଗଡ଼ଜାତ) ବିଣ—୧ । ଗୋଳମାଳିଆ— 1. Complicated.
Ajabaja
୨ । ଅଗଡ଼ବଗଡ଼ (ଦେଖ) 2. Agarḍabagarḍa (See)

**ଅଜବଜିଆ**— ପ୍ରାଦେ. (ଗଡ଼ଜାତ) ବିଣ.—ଅଜବଜ (ଦେଖ)
Ajabajiā — Ajabaja (See)

**ଅଜବୁଦ୍ଧି**— ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅଜ+ବୁଦ୍ଧି )—ଛାଗ ପରି ଅଳ୍ପ ବୁଦ୍ଧିବିଶିଷ୍ଟ—Foolish (like a sheep
Ajabuddhi

**ଅଜବୋକା**—ବୈଦେ. ବିଣ (ତୁର୍କି ଉଜ୍‌ବକ୍=ମୂର୍ଖ )—
Ajabokā — ୧ । ଅତି ଓଲୁ—1. Very stupid.
अजबुक् — ୨ । ମୂର୍ଖ—2. Dunce.
उजबक

**ଅଜଭକ୍ଷ**—ସଂ. ବି. (୬ଷ୍ଠୀ ତତ୍; ଏହାକୁ ଛେଳିମାନେ ଖାଆନ୍ତି)—
Ajabhaksha — ବବୁରି ଗଛ – A tree-Acacia Arabica.

**ଅଜମର**—ଦେ. ବିଣ. (ସଂ. ଅଜର+ଅମର)—
Ajamara — ଅଜର ଓ ଅମର; ଅଜ୍ରାମର (ଦେଖ)
अजामर — Ajrāmara (See)
अजरायल

**ଅଜମରି**—ପ୍ରାଦେ. (ସମ୍ବଲପୁର) ବିଣ—ଅଜ୍ରାମର (ଦେଖ)
Ajamari — Ajrāmara (See)

**ଅଜମାର**—ସଂ. ବି. ପୁଂ. (ଅଜ+ମୃ ଧାତୁ ଣିଚ୍=ମାରି ଧାତୁ+କର୍ତ୍ତୃ. ଅ)—
Ajamāra — ୧ । ଛାଗବଧକାରୀ ବ୍ୟକ୍ତି—1. A killer of sheep.
୨ । କଂସେଇ—2. A butcher.

**ଅଜମୀଢ଼**—ସଂ. ବି. (ନାମ)—୧ । ଅଜମୀର; ରାଜପୁତାନା ଅନ୍ତର୍ଗତ ଜିଲ୍ଲା ଓ ନଗରବିଶେଷ—1. Ajmeer.
Ajamīrḍha
୨ । ରାଜା ଯୁଧିଷ୍ଠିର—2. A name of king Judhisṭhira.
୩ । ସୁହୋତ୍ରଙ୍କ ପୁତ୍ର; ଋଗ୍‌ବେଦ ସୂକ୍ତପ୍ରଣେତା ଋଷିବିଶେଷ—3. Name of a sage; son of Suhotra.
୪ । ହସ୍ତୀ ରାଜାଙ୍କ ପୁତ୍ର—4. Name of a prince of ancient India

**ଅଜମୀର**—ସଂ. ବି. (ନାମ)— ରାଜପୁତାନା ଅନ୍ତର୍ଗତ ଜିଲ୍ଲା ଓ ନଗର—
Ajamīra — Name of a district and town in Rājputānā. N. W. India

**ଅଜମୋଦା**—ସଂ. ବି. ( ବହୁବ୍ରୀହି; ଅଜ+ମୋଦ+ଆ; ଛାଗ ତୁଲ୍ୟ ଗନ୍ଧ ଥିବାରୁ )—ବଣଜୁଆଣି—A kind of wild carraway; Apium-Involucratum; Seseli-Indicum.
Ajamodā
ଅନ୍ୟ ସଂ. ନାମ—ଅଜଗନ୍ଧିକା, ମର୍କଟୀ, ହସ୍ତିକାରବୀ, ଶିଖିମୋଦା, ଉଗ୍ରଗନ୍ଧା, ବନଯମାନୀ, ଗନ୍ଧଦଲା, ମାୟୂରୀ, ବହ୍ନିଦୀପିକା
रान्धुनी
अजमोद; आम्बुद
ତେ. ବାମନ
[ ଦ୍ର—ଏହା ଧନ୍ୟାକାଦି ବର୍ଗର ଶାକଗୁଳ୍ମର ଖରଶ୍ଳେଷ୍ମଣ ଫଳ । ଏହା ଅଗ୍ନିଦୀପ୍ତି, ସନ୍ତର୍ପଣ ଓ ବେଦ ପୀଡ଼ାହାରକ Corrum Roxburghianum.

**ଅଜମୋଦିକା**— ସଂ. ବି. ( ଅଜ+ମୋଦ+କ+ଆ )—
Ajamodikā — ଅଜମୋଦା ( ଦେଖ )—Ajamodā ( See )

**ଅଜମ୍ବର**—ଦେ. ବିଣ.—( ସଂ. ଅଜର ଓ ଅମର )—ଅଜ୍ରାମର ( ଦେଖ )
Ajambara — Ajrāmara ( See )

**ଅଜମ୍ଭ**— ସଂ. ବି. (ବହୁବ୍ରୀହି; ଅ+ଜମ୍ଭ=ଦନ୍ତ; ଯାହାର ଦାନ୍ତ ନାହିଁ)—
Ajambha — ୧ । ଭେକ; ବେଙ୍ଗ—1. Frog.
(ଅଜମ୍ଭା—ସ୍ତ୍ରୀ) ୨ । ସୂର୍ଯ୍ୟ—2. The sun.
୩ । ଅଗ୍ନି—3. Fire.
ସଂ. ବିଣ. ପୁଂ—ଦନ୍ତହୀନ—Toothless.

**ଅଜୟ**—ସଂ. ବି ( ନଞ୍ ତତ୍; ଅ+ଜୟ )—
Ajaya — ୧ । ପରାଜୟ—1. Defeat.
(ଅଜୟା— ସ୍ତ୍ରୀ) ୨ । ( ଅଜ=ଛେଳି+ଯା ଧାତୁ+କର୍ତ୍ତୃ. ଅ; ମେଷବାହନ ) - ଅଗ୍ନି—2. Fire.
୩ । ନଦୀବିଶେଷ—3. Name of a river.
[ ଦ୍ର—ଏହା ହଜାରିବାଗ ଜିଲ୍ଲାର ଉତ୍ତର ପୂର୍ବାଂଶସ୍ଥ ପାହାଡ଼ରୁ ବାହାରି କାଟୋୟା ନିକଟରେ ଗଙ୍ଗାରେ ମିଶିଅଛି; କେହି କେହି

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଉଷ୍ଣ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗାଁ | ଉଅ | ● | ନ୍ତ |

ଏହି ନଦୀକୂଳରେ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ଗ୍ରାମ ଥିବାର କହନ୍ତି । ]

୪ । ବିଷ୍ଣୁ—4. Vishnu.

୫ । ଅଭିଧାନକାରବିଶେଷ—
5. Name of a lexicographer. ( M. W. )

ଦେ. ବି—ପୁଂ. ଲୋକଙ୍କ ନାମ—
A name given to males.

ସଂ. ବିଣ. ପୁଂ. (ବହୁବ୍ରୀହି)—୧ । ଅଜେୟ—1. Invincible.

୨ । ଅଜିତ; ଯାହାକୁ କେହି ଜିତି ନାହିଁ—
2. Unconquerred.

୩ । ଜୟଶୂନ୍ୟ; ପରାଜିତ—
3. Vanquished; defeated.

**ଅଜୟଗଡ଼**—ଦେ. ବି—ଅଜିତଗଡ଼ ( ଦେଖ )
Ajayagarda Ajitagarda See)

**ଅଜୟପାଳ**—ସଂ. ବି—୧ । (ସଙ୍ଗୀତ) ଭୈରବରାଗର ପୁତ୍ର—
Ajayapāla 1. Name of a subtune of Bhairaba Rāga.
( ହିନ୍ଦି ଶବ୍ଦସାଗର । )

୨ । ରାଜା ବିଶେଷ—2. Name of a king.

୩ । ଜୟପାଳ; କନକାମଞ୍ଜି—3. Croton seed.

**ଅଜୟା**—ସଂ. ବି. ( ଅଜୟ+ଆ )—୧ । ବିଜୟା; ଭାଙ୍ଗ; ସିଦ୍ଧି—
Ajayā 1. An intoxicating drink prepared from the leaves of Canabis Indica.

୨ । ମାୟା—2. Illusion.

୩ । ଦୁର୍ଗାଙ୍କ ସଖୀବିଶେଷ—
3. Name of a companion of Durgā.

**ଅଜଯ୍ୟ**—ସଂ. ବିଣ. ପୁଂ. ( ଅ+ଜି ଧାତୁ+କର୍ମ. ଯ )—
Ajajya ଅଜେୟ; ଦୁର୍ଜୟ—Invincible.
( ଅଜଯ୍ୟା—ସ୍ତ୍ରୀ )

ବ୍ରହ୍ମା ରୁଦ୍ର ପରାଏ ଅଜଯ୍ୟ ସେ ହୁଅ
ଜୟ ନେବାକୁ ଚଳୟ ତାକୁ କହୁ ।
କୃଷ୍ଣସିଂହ, ମହାଭାରତ, କର୍ଣ୍ଣ

**ଅଜର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ଜରା )—
Ajara ୧ । ଜରାରହିତ; ଚିର ଯୁବା; ନିର୍ଜର—
(ଅଜରା—ସ୍ତ୍ରୀ) 1. Ever young; possessing perpetual youth.

୨ । ଅମର—2 Immortal.

୩ । ଅବିନାଶୀ—3. Imperishable.

୪ । ( ଅ+ଜୃ ଧାତୁ କର୍ମ. ଅ )—
ଯାହା ଜୀର୍ଣ୍ଣ କରାଯାଇ ନ ପାରେ—4. Indigestible.

୫ । ଯାହା ଜାରିତ ହୋଇ ନ ଥାଏ—5 Unrefined.

ସଂ. ବି. ( ଅ+ଜରା )—ଦେବତା—Deity.

**ଅଜରା**—ସଂ. ବିଣ. ( ଅଜର+ଆ )—ଅଜରର ସ୍ତ୍ରୀଲିଙ୍ଗ—
Ajarā Feminine of Ajara.

ସଂ. ବି—୧ । ଦେବୀ—1. Goddess.

୨ । ଘୃତକୁମାରୀ ଗୁଳ୍ମ—2. Aloe.

୩ । କପିକଚ୍ଛୁ; ବାଇଡଙ୍କ—3. Cowage.

ଦେ. ବିଣ. ( ସଂ. ଅଜାରିତ )—୧ । ଅଜାରିତ; ଯାହା ଭଲ ରୂପେ ଜାରିତ ହୋଇ ନାହିଁ—1. Unrefined.

୨ । ( ଗାଳିରେ ବ୍ୟବହୃତ )—ନିର୍ଲଜ୍ଜ; ନିର୍ଲଜ—
2. Shameless.

୩ । ମୂର୍ଖ—3. Dunce.

୪ । ନିର୍ବୋଧ—4. Foolish.

୫ । ଅସଭ୍ୟ—5. Uncivilised; boorish.

୬ । ଅଗୋଡ଼ିଆ—6. Foolhardy.

୭ । ଜାରଜ—7. Bastard; baseborn; illegitimate.

**ଅଜରାମର**—ସଂ. ବିଣ. ( ଦ୍ୱନ୍ଦ୍ୱ; ଅଜର+ଅମର )—
Ajarāmara ୧ । ଜରା ଓ ମୃତ୍ୟୁରହିତ—
1. Free from old age and death.

୨ । ଚିରସ୍ଥାୟୀ—2. Everlasting.

**ଅଜଲମ୍ବନ**—ସଂ. ବି—ଧାତୁବିଶେଷ; ସୁରୁମା—
Ajalambana Antimony ( M. W. )

**ଅଜଲା**—ଦେ. ବିଣ—୧ । ( ସଂ. ଅ+ଜାଲ )—ଯହିଁରେ ଜଳା ବା
Ajalā ଛିଦ୍ର ନାହିଁ—1. Having no hole.
( ଯଥା—ଅଜଲା ପାତ୍ର )

୨ । ( ସଂ. ଅ+ଜ୍ୱଳିତ )—ଯାହା ଜଳି ନାହିଁ—
2. Unburnt.
( ଯଥା—ଅଜଲା କାଠ । )

୩ । ଯହିଁରେ ନିଆଁ ବା ଅଲୁଅ ଲାଗି ନାହିଁ—
3 Not lighted.
( ଯଥା—ଅଜଲା ବତି । )

**ଅଜଲୋମା**—ସଂ. ବି. ( ବହୁବ୍ରୀହି; ଅଜ+ଲୋମନ୍, ୧ମା. ୧ବ )—
Ajalomā ବାଇଡଙ୍କ—Cowage.

**ଅଜଶୃଙ୍ଗିକା**—ସଂ. ବି. ( ଅଜ+ଶୃଙ୍ଗିକ+ଆ )—
Ajaśruṅgikā ୧ । ମେଣ୍ଢାଶିଂଘା ମହୌଷଧ—1. Aconite.

୨ । ବାଇଡଙ୍କ—2. Carpopogen pruriens; cowage.

**ଅଜଶୃଙ୍ଗୀ**—ସଂ. ବି. ( ବହୁବ୍ରୀହି; ଅଜ+ଶୃଙ୍ଗ+ଈ )—
Ajaśruṅgi ୧ । ଅଜଶୃଙ୍ଗିକା ( ଦେଖ )
1. Ajaśruṅgikā ( See )

୨ । କକଡ଼ାଶିଙ୍ଗି ( ଦେଖ )
2. Kakardāsiṅgi ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଇତୁରୁଡ଼ି (ଦେଖ)—3. Iturur̤di ( See )

**ଅଜସ୍ର**—ସଂ. ବିଣ. (ଅ + ଜସ୍ ଧାତୁ + କର୍ତ୍ତୃ ର )—
Ajasra ୧ । ଅବିରାମ; ଅବିଶ୍ରାନ୍ତ—
1. Incessant; continuous.

ଦେ. ବିଣ—ପ୍ରଚୁର—Copious.

**ଅଜହତ୍ ସ୍ୱାର୍ଥ**—ସଂ. ବି. ( ଅ = ନାହିଁ + ସଂ. ଜହତ୍ = ତ୍ୟାଗ ନ କରି + ସ୍ୱାର୍ଥ = ନିଜର ଅର୍ଥ )—
Ajahat swārtha

୧ । ଅଲଙ୍କାରବିଶେଷ; ପୂର୍ବବର୍ତ୍ତୀ ଶବ୍ଦର ଅର୍ଥକୁ ସମ୍ବନ୍ଧ ରଖି ବ୍ୟବହୃତ ହେବା ଶବ୍ଦ—1. A figure in Rhetoric; using a word which involves the meaning of another word previously used.

( ଯଥା—ଏ ଚିହ୍ନ ଗୋରୁହାଟର କାମ = ଗୋରୁ ହାଟରେ ହୋଇଥିବା କର୍ମିତ କାମ; ହସ୍ତୀ = ହସ୍ତ୍ୟାରୋହୀ ସୈନ୍ୟ; ଅଶ୍ୱ = ଅଶ୍ୱାରୋହୀ ସୈନ୍ୟ; ରଥ = ରଥାରୋହୀ ସୈନ୍ୟ । )

**ଅଜହଲ୍ଲିଙ୍ଗ**—ସଂ. ବିଣ. (ଅ = ନାହିଁ + ଜହତ୍ = ତ୍ୟାଗ ନ କରି + ଲିଙ୍ଗ)—
Ajahallinga (ବ୍ୟାକରଣ) ଯେଉଁ ବିଶେଷ୍ୟ ବା ବିଶେଷଣ ଶବ୍ଦ ଭିନ୍ନ ଭିନ୍ନ ଲିଙ୍ଗର ବିଶେଷ୍ୟ ସଙ୍ଗେ ଯୁକ୍ତ ହେଲେ ମଧ୍ୟ ଆପଣାର ଆକାରକୁ ପରିତ୍ୟାଗ କରେ ନାହିଁ—
(grammar) A noun or adjective which does not change its form when added to nouns of different genders.

( ଯଥା—ରତ୍ନ—ନାରୀରତ୍ନ; ପୁରୁଷରତ୍ନ; ବର—ନରବର, ଯୋଷାବର; ପାତ୍ର—କନ୍ୟାପାତ୍ର; ବରପାତ୍ର । )

[ ଦ୍ର—ସଂ. ବ୍ୟାକରଣରେ ବିଶେଷ୍ୟ ପଦର ଯେଉଁ ଲିଙ୍ଗ ହୁଏ, ତହିଁ ସଙ୍ଗେ ଲାଗିବା ବିଶେଷଣର ମଧ୍ୟ ସେହି ଲିଙ୍ଗ ହୁଏ; କିନ୍ତୁ କେତେଗୁଡ଼ିଏ ବିଶେଷ୍ୟ ବିଶେଷଣ ପ୍ରତି ଏ ନିୟମ ଖଟେ ନାହିଁ; ସେମାନଙ୍କୁ ଅଜହଲ୍ଲିଙ୍ଗ ବୋଲାଯାଏ । ଯଥା—ମୂଳ, ପାତ୍ର, ସ୍ଥାନ, ଆସ୍ପଦ, ପ୍ରମାଣ, ବର, ରତ୍ନ । ]

**ଅଜହା**—ସଂ. ବି. ( ଅଜ + ହା ଧାତୁ + ଅ + ସ୍ତ୍ରୀ. ଆ )—
Ajahā ବାଇଡଙ୍କ—Cowage.

**ଅଜା**—ସଂ. ବି. ସ୍ତ୍ରୀ. ( ଅଜ + ଆ )—
Ajā ୧ । ମାଈ ଛେଳି—1. She goat.
୨ । ମାୟା—2. Illusion; delusion.
୩ । ଆଦ୍ୟାଶକ୍ତି; ପ୍ରକୃତି—
3. Nature; the creative energy.

ସଂ. ବିଣ. ସ୍ତ୍ରୀ—ଅଜର ସ୍ତ୍ରୀଲିଙ୍ଗ—Feminine of Aja.

ଦେ. ବି. ପୁଂ. ( ସଂ. ଆର୍ଯ୍ୟ )—ପିତାମହ—
ঠাকুরদাদা Paternal grandfather.
अजा, दादा ବାପ ଅଜା କ୍ରମେ ପାଇଛ ଯେଉଁ ରାଜ୍ୟ । କୃଷ୍ଣସିଂହ ମହାଭାରତ- ବନପର୍ବ ।
দাদামশায় ମାତାମହ—Maternal grandfather.
आजा, नाना ଜିଉଜାର ପିତା ହନୂମାନର ସେ ଅଜା ।
(ସ୍ତ୍ରୀ—ଆଈ; ଆଜୀ) ସାରଳା ମହାଭାରତ- ଉଦ୍ଯୋଗ ।

[ଦ୍ର—ଅଜାଙ୍କ ପିତାଙ୍କୁ ଅଣଅଜା ଓ ପିତାମହଙ୍କୁ ପଣଅଜା ବୋଲାଯାଏ । ]

ଗ୍ରା. ବିଣ—ଶ୍ରେଷ୍ଠ—Chief.
ବ୍ରହ୍ମ ବିଦ୍ୟା ସବୁ ବିଦ୍ୟାର ଅଜା
ରସମାନଙ୍କର ଉପରେ ଅଜା । ଗ୍ରାଚୀ, ପରଭେଗୀତା ।

**ଅଜାଏ**—ଦେ. ବିଣ. ( ସଂ. ଅ + ଫା. ଜାୟ୍ = ଜାଗା)—
Ajāe ୧ । ବେଜାଏ; ଅନୁଚିତ—1. Improper.
অজাএ ୨ । ବେଆଇନ; ଅନ୍ୟାୟ—2. Illegal; wrongful.
अजाय, ୩ । ଗରଜାଏ; ଯେଉଁ ବାକି ଧନ ଆଦାୟ ହେବାର
बेजा ସମ୍ଭାବନା ନାହିଁ—3. Unrealisable; irrecoverable.
୪ । ନିର୍ଦ୍ଧନ; ସମ୍ପତ୍ତିହୀନ—4. Poor; pennyless.
୫ । ଯେଉଁ ବ୍ୟକ୍ତି ନିଜର ଦେୟ ଶୁଝିବାକୁ ଅକ୍ଷମ—
5. Insolvent; unable to pay dues.

**ଅଜାଏଜାଏ**—ଦେ. ବିଣ. ( ବିପରୀତ ସହଚର )—
Ajāejāe ୧ । ବେଆଇନ ଓ ଆଇନସଙ୍ଗତ (କର୍ମମାନ)—
অজায়জায় 1. Illegal & legal (act).
अजायजाय ୨ । ଆଦାୟର ଅଯୋଗ୍ୟ ଓ ଆଦାୟଯୋଗ୍ୟ—
2. Unrealisable and realisable.

**ଅଜାଏତ୍**—ପ୍ରାଦେ. (ସମ୍ବଲପୁର) ବିଣ ( ସଂ. ଅ + ଜାତି; ଜାତି ଶବ୍ଦର
Ajāet , ସମ୍ବଲପୁର ଉଚ୍ଚାରଣ ଜାଏତ୍; ତୁଳନା କର-ରାତି = ରାଏତ୍ ନଦୀ = ନାଏଦ୍)—୧ । ଅଜାତିଆ; ସମାଜଚ୍ୟୁତ; ପତିତ—
1. Outcaste; excommunicated; expelled from society
୨ । ନୀଚଜାତୀୟ—2. Of low caste.

ପ୍ରାଦେ. (ସମ୍ବଲପୁର) ବି.—୧ । ଅଜାତି; ନୀଚ ଜାତି—
1. Low caste.
୨ । ନିକୃଷ୍ଟ ଶ୍ରେଣୀର—2. Of inferior class.

**ଅଜାଏ ଜବରଦସ୍ତ**—ଦେ. ବିଣ—(ସଂ. ଅ + ଫା.ଜାୟ୍ + ଫା.ଜବରଦସ୍ତ)
Ajāe jabaradast ଅନ୍ୟାୟ ଓ ବଳପୂର୍ବକ କୃତ (କାର୍ଯ୍ୟ)—
অজাএ জবরদস্তি Wrongful and violent act; (act)
अजायजबरदस्त which is illegal and accompanied with force.

ଦେ. କ୍ରି. ବିଣ. - ବେଆଇନ ଓ ବଳପୂର୍ବକ—
Wrongfully and forcibly.

**ଅଜାଏ ଜବରଦସ୍ତି**—ଦେ. ବି. (ସଂ. ଅ + ଫା. ଜାୟ୍ + ଜବରଦସ୍ତି)—
Ajāe jabaradasti ବେଆଇନ ବଳପ୍ରୟୋଗ—
অজাএ জবরদস্তি Wrongful use of force.
अजाय जबरदस्ति

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଲ୍ଲ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

ବୈଦେ. କ୍ରି. ବିଣ—ବେଆଇନ୍ ଓ ବଳପୂର୍ବକ—
Wrongfully and forcibly.

**ଅଜାଗ**—ଦେ. ବିଣ—(ସଂ. ଅ+ଜାଗ୍ରତ)—
Ajāga ୧ । ଅଜାଗ୍ରତ—1. Not awake.
୨ । ସୁପ୍ତ; ନିଦ୍ରିତ—2. Asleep; sleeping.
୩ । ଗରୁଜୁସିଆର; ଅସାବଧାନ—
3 Not watchful; careless.
୪ । ଅଜ୍ଞାନକୃତ—4. Done unknowingly.
ଅଜାଗ ଅପ୍ରାଧକୁ ଏଡ଼େ ଶାସ୍ତି । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଅଜାଗର**—ସଂ. ବି. (ଅଜା+ଗର)—ଭୃଙ୍ଗରାଜ (ଦେଖ)
Ajāgara Bhrungarāja (See)

**ଅଜାଗରେ**—ଦେ. କ୍ରି. ବିଣ—୧ । ଅସାବଧାନତାବଶତଃ—
Ajāgare 1. Uncautiously; due to carelessness.
ଚନ୍ଦ୍ରସୂର୍ଯ୍ୟ ପବନ ସ୍ପର୍ଶ ମୋ ଦେହରେ, ହୋଇ ନାହିଁ ଟି କଦାଚତେ ଅଜାଗରେ ।
କୃଷ୍ଣସିଂହ ମହାଭାରତ• ସଭା ।
୨ । ଅଜାଗେ; ଅଜାଣତରେ; ଅଜ୍ଞାତରେ—
2. Unwillingly; unknowingly.

**ଅଜାଗଲସ୍ତନ**—ସଂ. ବି. ( ୬ଷ୍ଠୀ ତତ୍; ଅଜା+ଗଳ+ସ୍ତନ)—
Ajāgalastana ୧ । ଛେଳି ବେକତଳ ଦୁଇ ପାଖରେ ସ୍ତନ ( ଚିର ) ପରି ଓହୋଳି ପଡ଼ିଥିବା ମାଂସପିଣ୍ଡ—
1. Teat-like hanging bits of flesh on both sides below the neck of a goat.
[ ଦ୍ର—ଏହା ସ୍ତନ ପରି ଦେଖାଯାଏ, କିନ୍ତୁ ଏଥିରେ ସ୍ତନ୍ୟ ନ ଥାଏ । ] .
୨ । ( ଲକ୍ଷଣାର୍ଥ; ନ୍ୟାୟ ) ଛେଳି ବେକତଳେ ଓହୋଳିଥିବା ସ୍ତନାକାର ମାଂସପିଣ୍ଡ ପରି ଦେଖାସୁନ୍ଦର ଅଥଚ ବେଦରକାରୀ ବସ୍ତୁ—2. An useless appendage..

**ଅଜାଗୁରୁ**—ଦେ. ବି. (ସଂ. ଆର୍ଯ୍ୟ ଓ ଗୁରୁ)—ଆପଣାର ଗୁରୁଙ୍କର ଗୁରୁ—
Ajāguru The preceptor of one's preceptor.
दादागुरु ଆସ୍ତର ଯେ ଅଜାଗୁରୁ ପୁଣ ତୁମ୍ଭେ ହୁଅ ।
ପ୍ରାଚୀ—ଶ୍ରୀଗୁରୁଭକ୍ତି ଗୀତା ।

**ଅଜାଗେ**—ଦେ. କ୍ରି. ବିଣ—୧ । ଅଜ୍ଞାତରେ; ଅଜାଣତରେ—
Ajāge 1. Unknowingly; unwillingly.
अजागे ପୁଣି ଅଙ୍ଗନା ଚୁମ୍ବିଲା ଅଜାଗେ ।
ଶିଶୁଶଙ୍କର—ଉଷା ଅଭିଳାଷ ୮।୧୮ ।
୨ । ଅସାବଧାନ ଅବସ୍ଥାରେ—
2. During a state of unwatchfulness.
ମତେ ଉଡ଼ିଲ ଅଜାଗେ ବସିଥିଲି ସ୍ୱଚ୍ଛେ ପଛେ ଉଡ଼ିଲି କେମନ୍ତେ ।
ଭଞ୍ଜ—ପ୍ରେମସୁଧାନିଧି ୧୧।୧୫ ।

**ଅଜାଘ୍ରାତ**—ସଂ. ବି. (ଅଜା+ଆଘ୍ରାତ; ଛେଳିଦ୍ୱାରା ଶୁଙ୍ଘା ଯାଇଥିବା)—
Ajāghrāta ୧ । ପ୍ରାୟଶ୍ଚିତ୍ତ ବିଶେଷ—
1. A kind of purificatory expiation.
[ ଦ୍ର—ରଜସ୍ୱଳା ସ୍ତ୍ରୀ ଚଣ୍ଡାଳ ବା ଶ୍ୱପାକକୁ ଛୁଇଁଲେ ଏହି ପ୍ରାୟଶ୍ଚିତ୍ତ କରି ଶୁଦ୍ଧି ଲାଭ କରେ । ଉକ୍ତ ସ୍ତ୍ରୀର ଦେହକୁ ଗୋଟିଏ ଛେଳିଦ୍ୱାରା ଶୁଙ୍ଘାଇବା ଏ ପ୍ରାୟଶ୍ଚିତ୍ତର ଗୋଟିଏ ଅଙ୍ଗ ଅଟେ । ]

**ଅଜାଜି**—ସଂ. ବି. ( ଅଜ୍ ଧାତୁ+ଅ+ଇ; ନିପାତନ )—କଳାଜୀରା—
Ajāji Black cumin seed.

**ଅଜାଜୀ**—ସଂ. ବି. ( ଅଜ୍ ଧାତୁ+ଅ+ଈ; ନିପାତନ )—
Ajājī ୧ । କଳାଜୀରା—1. Black cumin seed.
୨ । ସଫେଦ ଜୀରା—2. White cumin seed.

**ଅଜାଜୀବ**—ସଂ. ବି. ( ବହୁବ୍ରୀହି; ଅଜା+ଆଜୀବ )—
Ajājība ୧ । ଛାଗୋପଜୀବୀ; ଛେଳିଆ—
1. A dealer in goats.
୨ । ଛେଳି ରଖୁଆଳ—2. A goat-herd.

**ଅଜାଜୀବକ**—ସଂ. ବି. ( ଅଜାଜୀବ+କ )—ଅଜାଜୀବ ( ଦେଖ )
Ajājībaka Ajājība ( See )

**ଅଜାଡ଼**—ଦେ. ବି. ( ସଂ. ଉତ୍ସର୍ଜନ )—ଅପବ୍ୟୟ—
Ajārda Squandering; waste
ଦେ. ବିଣ—ଉଜାଡ଼; ଖାଲି; ଶୂନ୍ୟ—Empty.

**ଅଜାଡ଼ବସ୍ତ**—ଦେ. ବିଣ. ( ସଂ. ଉତ୍ସର୍ଜନ ଓ ବ୍ୟସ୍ତ )—
Ajārdabasta ୧ । ଅପବ୍ୟୟିତ; ଉଜାଡ଼ବସ୍ତ—
উজাড়বস্ত 1. Squandered; wasted.
**उजड़मस्त** ୨ । ଅସ୍ତବ୍ୟସ୍ତ; ବିନଷ୍ଟ—
2. Destroyed; laid waste.
୩ । ବଗୁଲିଆ; ଦୁଷ୍ଟ—3. Wicked; wanton.
୪ । ଅତ୍ୟାଚାରୀ; ହୁରୁଜୁରିଆ —
4. Predatory; oppressive.
୫ । ଗୋଲମାଳିଆ 5. Confused.
୬ । ଗୋଲମାଲପ୍ରିୟ—6. Noisy.
ଦେ.ବି.—୧ । ଅପବ୍ୟୟ—1. Squandering; waste.
୨ । ଅତ୍ୟାଚାର; ହୁରୁଜୁରୁ—2. Depredation.

**ଅଜାଡ଼ବସ୍ତି**—ଦେ. ବିଣ—ଅଜାଡ଼ମସ୍ତି (ଦେଖ)
Ajārdabasti Ajārdamasti (See)

**ଅଜାଡ଼ବସ୍ତିଆ**—ଦେ. ବିଣ—ଅଜାଡ଼ମସ୍ତି (ଦେଖ)
Ajārdabastiā Ajārdamasti (See)

**ଅଜାଡ଼ମସ୍ତ**—ଦେ. ବିଣ ଓ ବି.—ଅଜାଡ଼ବସ୍ତ (ଦେଖ)
Ajārdamasta Ajārdabasta (See)

**ଅଜାଡ଼ମସ୍ତି**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଅପବ୍ୟୟୀ—
Ajārdamasti 1. Squandering.
উজাড়বস্ত ୨ । ଅତ୍ୟାଚାରୀ—2. Oppressive.
**उजड़मस्त** ୩ । ହୁରୁଜୁରିଆ—3. Predatory; laying waste.
୪ । ବିନାଶକାରୀ—4. Destroying; destructive.

**ଅଜାଡ଼ମସ୍ତିଆ**—ଦେ. ବିଣ—ଅଜାଡ଼ମସ୍ତି (ଦେଖ)
**Ajārdamastiā** Ajārdamasti (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ. ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଙ୍ଗିଆ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଅଜାଡ଼ିବା**—ଦେ. କି. ସକର୍ମକ (ସଂ. ଉତ୍ସର୍ଜନ; ଉଦ୍ଗାର; ପ୍ରା. ଉଗ୍ଗାର)—
Ajārḍibā ୧ । କୌଣସି ବସ୍ତୁକୁ ବହୁପରିମାଣରେ ଢାଳିବା—
আজড়ান 1. To pour out profusely.
**उलेड़ना, उण्डेलना,** ତେଣ୍ଡା ତେଣ୍ଡା ବିକେ ପରଶିଲେ, ପତ୍ରପତ୍ରେ ଅଜାଡ଼ି ।
**उझलना, उझालना,** ଭଗବତ ଟୁଙ୍ଗିରେ ସନ୍ଧ୍ୟା ।
**ढालना** ୨ । (ତରଳ ପଦାର୍ଥକୁ) ଢାଳିବା—2. To spill.
ନିମ୍ନଜଳଦ୍ରବେ ଦେଇ ମନ, ସୁଧାଧାର ସୁଧାଧାର ଡାଳେ ଦେଲୁ ତ ଅଜାଡ଼ିରେ ।
କବିସୂର୍ଯ୍ୟ—ସଙ୍ଗୀତ ।
୩ । ଜୋରରେ ତଳକୁ ଫୋପାଡ଼ି ଦେବା—
3. To throw down with force.
ତେତେବେଳେ ସେ ହାତକୁଳ ରଡ଼ି,
ରଥରୁ ପକାଇଲେ ରଥୀଙ୍କି ଅଜାଡ଼ି ।
କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।
[ ଦ୍ର—ଅଜାଡ଼ିବା କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା କ୍ରିୟା ଲାଗି ବିଶେଷ ପରିମାଣରେ ଅର୍ଥ ବୁଝାଏ । ଯଥା— ଅଜାଡ଼ି ଦେବା; ଅଜାଡ଼ି ପକାଇବା । ]

**ଅଜାଡ଼ି ପଡ଼ିବା**—ଦେ. କି. ଅକର୍ମକ—୧ । ମାଡ଼ି ପଡ଼ିବା—
Ajārḍi parḍibā 1. To be poured in; to fall.
আজড়িএপড়া ପଡ଼ିଲେ ଦାନବଙ୍କ ଉପରେ ଅଜାଡ଼ି ।
**उँझलपडना** କୃଷ୍ଣସିଂହ ମହାଭାରତ. ବନ ।
୨ । କଚାଡ଼ି ହୋଇ ପଡ଼ିବା—2. To fall down on the ground with a thump.
ସେ ସକାଶୁଁ ରାକ୍ଷସ ଭନୁକ୍ରାଣ ଛାଡ଼ି, ମଞ୍ଚ ମଧ୍ୟରେ ଆସି ପଡ଼ିଲା ଅଜାଡ଼ି ।
କୃଷ୍ଣସିଂହ ମହାଭାରତ—ଭୀଷ୍ମ ।

**ଅଜାଡ଼ି ହେବା**—ଦେ. କି. ଅକର୍ମକ—ବହୁପରିମାଣରେ ଢାଳିହେବା—
Ajārḍi hebā To be poured profusely.
(ଯଥା—କାଲି ରାତିରୁ ମୁଷଳଧାରାରେ ବରଷା ଅଜାଡ଼ି ହେଉଛି ।)

**ଅଜାଣ**—ଦେ. ବିଣ. ପୁଂ. (ସଂ. ଅଜାନତ୍ )—
Ajāṇa ୧ । ମୂର୍ଖ—1. Illiterate; dunce.
অজ্ঞান ୨ । ଅଜ୍ଞ—2. Ignorant.
**अजान** ରସି ଶ୍ୟାମ ପ୍ରେମ ଗୁଣ ଯେ ଶୁଣି ନ ଥିବ,
**अनजान** ବସୁଧାରେ ଥିବ, ପଶୁରୁ ହୋଇ ଅଜାଣ ରେ । କବିସୂର୍ଯ୍ୟ, ସଙ୍ଗୀତ ।
(ଅଜାଣୀ—ସ୍ତ୍ରୀ) ୩ । ଅନଭିଜ୍ଞ—3. Inexperienced.
୪ । ନିର୍ବୋଧ—4. Foolish.
୫ । ଅଜ୍ଞାତ—5. Unknown.
ଦେ. ବି. (ନାମ)—ଗୋରେଖ ସିଦ୍ଧପୁରୁଷଙ୍କର ଜଣେକ ଶିଷ୍ୟ—
Name of a disciple of Gorekha.

**ଅଜାଣତ**—ଦେ. ବିଣ. (ସଂ. ଅଜାନତ୍; ଅଜ୍ଞାତ )—୧ । ଯେ ଜାଣି ନ
Ajāṇata ଥାଏ—1. Unknowing.
অজান্ত ୨ । ଅଜ୍ଞ—2. Ignorant.
**अजान** ୩ । ଅଜଣା; ଅଜ୍ଞାତ—3. Unknown.
**अनजान** ୪ । ଅଚିହ୍ନା; ଅପରିଚିତ—4. Strange; unacquainted.
ଦେ. କି. ବିଣ—୧ । ଅଚିହ୍ନାରୂପେ—1. Incognito.
୨ । ନ ଜାଣିକରି—2. Unknowingly; unconsciously

**ଅଜାଣତେ**—ପଦ୍ୟ କି. ବିଣ. (ସଂ. ଅଜ୍ଞାତ)—ଅଜ୍ଞାତରେ—
Ajāṇate Without one's knowledge
ପାହିଗଲା ବିଭାବରୀ ଆମ୍ଭ ଅଜାଣତେ । ମଧୁସୂଦନ—ଉତ୍ତରରାମଚରିତ ।

**ଅଜାଣନ୍ତ**—ଦେ. ବିଣ. ଓ କି. ବିଣ—ଅଜାଣତ ( ଦେଖ )
Ajāṇanta Ajāṇata ( See )

**ଅଜାଣନ୍ତା**—ଦେ. ବିଣ. ( ସଂ. ଅଜାନତ୍ )—ଅଜାଣତ ( ଦେଖ )
Ajāṇantā Ajāṇata ( See )

**ଅଜାଣିବାର**—ଗ୍ରା. ବିଣ—୧ । ଅଜ୍ଞ—Ignorant.
Ajāṇibāra ୨ । ଅନଭିଜ୍ଞ—2. Inexperienced.
(ବିପରୀତ—ଜାଣିବାର) ( ଯଥା—ତୁ ଅସି ପନ୍ଦର ବରଷର ହେଲୁଣି, ତୁ ଅଜାଣିବାର ପିଲାଙ୍କ ପରି ଅବୁଝା ହେଲେ ଆଉ କାହାକୁ କହିବା ? )

**ଅଜାଣିଲାର**—ଗ୍ରା. ବିଣ—ଅଜାଣିବାର ( ଦେଖ )
Ajāṇilāra Ajāṇibāra ( See )

**ଅଜାଣୀ ଚମ୍ପା**—ଗ୍ରା. ବି. ସ୍ତ୍ରୀ. ( ବ୍ୟଙ୍ଗୋକ୍ତି ବା ପରିହାସ; ସ୍ତ୍ରୀଲୋକଙ୍କ
Ajāṇi champā ପ୍ରତି ପ୍ରଯୁକ୍ତ )—ଯେ କୌଣସି ବିଷୟ ଜାଣି କରି ନ ଜାଣିଲା ପରି ବାହାନା କରେ ବା ଦେଖାଇ ହୁଏ—
( Ironical )A woman who feigns ignorance of any matter.
(ଯଥା—ଘରଭିତରେ ଏତେ ନଷ୍ଟ ଲାଗିଲା, ଏ ଅଜାଣୀ ଚମ୍ପା କିଛି ଜାଣିଲା ନାହିଁ । )

**ଅଜାଣୁତ**—ଗ୍ରାମ୍ୟ ଓ ପଦ୍ୟ. ବିଣ—ଅଜାଣତ ( ଦେଖ )
Ajāṇuta Ajāṇata ( See )
ପୋଏ ମୋ ବାଳୁତ, ଅତି ଅଜାଣୁତ
ମାର କି ଯଶ ତୁମ୍ଭର ହେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଅଜାତ**—ସଂ. ବିଣ. ପୁଂ. ( ଅ + ଜାତ )—
Ajāta ୧ । ଅଜ; ଜନ୍ମରହିତ—1. Birthless.
(ଅଜାତା—ସ୍ତ୍ରୀ) ୨ । ଯେ ଜନ୍ମି ନାହିଁ—2. Unborn.

**ଅଜାତଦନ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଜାତ + ଦନ୍ତ )—
Ajātadanta ୧ । ଯେଉଁ ବାଳକର ଦାନ୍ତ ଉଠି ନାହିଁ—
(ଅଜାତଦନ୍ତା—ସ୍ତ୍ରୀ) 1. (boy) Who has not yet teethed.
୨ । ଦନ୍ତହୀନ—2. Toothless.

**ଅଜାତନଗରୀ**—ସଂ. ବି. ( ଅଜାତ + ନଗରୀ )—ଯମପୁର—
Ajātanagarī The abode of the god of Death.

**ଅଜାତଶତ୍ରୁ**—ସଂ. ବି. (ନାମ) ( ବହୁବ୍ରୀହି; ଅଜାତ + ଶତ୍ରୁ; ଯାହାର
Ajātaśatru କେହି ଶତ୍ରୁ ଜାତ ହୋଇ ନାହିଁ )—
୧ । ଯୁଧିଷ୍ଠିରଙ୍କ ନାମ—1. A name of Judhisthira.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

୨ । ଶିବ; ମହାଦେବ—2 God Śiba.

୩ । ଉପନିଷଦରେ ବର୍ଣ୍ଣିତ କାଶୀର ଏକ କ୍ଷତ୍ରିୟ ରାଜା—
3. Name of a king of ancient Benares.

୪ । ରାଜଗୃହ ବା ମଗଧଦେଶର ରାଜାବିଶେଷ—
4. Name of a king of Magadha.

[ ଦ୍ର—ଏ ବିମ୍ବିସାରଙ୍କ ପୁତ୍ର ଓ ଗୌତମ ବୁଦ୍ଧଙ୍କ ସମକାଳୀନ ଥିଲେ । ]

**ଅଜାତଶ୍ମଶ୍ରୁ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଜାତ + ଶ୍ମଶ୍ରୁ )—
**Ajātaśmaśru** ୧ । ଯେଉଁ ଯୁବକର ଅବଧି ଦାଢ଼ି ଉଠି ନାହିଁ—
1. (a young man) Who has not yet grown his beard.

୨ । ଶ୍ମଶ୍ରୁହୀନ; ମାଖୁନ୍ଦା—2. Beardless.

**ଅଜାତି**—ସଂ. ବି. ( ଅ + ଜାତି )—୧ । ନୀଚ ଜାତି—
**Ajāti** 1. Low caste.
**आजात** ୨ । ଅନ୍ୟ ଜାତି—2. Another caste.
**जजाती** ଦେ. ବି. (ସଂ. ଅଜାତୀୟ )—୧ । ଭିନ୍ନ ଜାତୀୟ ବ୍ୟକ୍ତି—
**अजात** 1. Man of a different caste.

୨ । ସମାଜଚ୍ୟୁତ ବ୍ୟକ୍ତି—2. An outcaste; an excommunicated person.

ନରକେ ପଡ଼ିବ ନିର୍ଭରେ,
ଅଜାତି ହୋଇବ ଜାତିରେ । ଭୂପତି. ପ୍ରେମପଞ୍ଚାମୃତ ।

୩ । ନୀଚଜାତୀୟ ବ୍ୟକ୍ତି—
3. A person of low caste.

ଅଜାତିଙ୍କ ସଙ୍ଗେ ପ୍ରୀତି ବଢ଼ାଇଲେ ଭଲେ । ସାରଳା ମହାଭାରତ. ବିରାଟ ।

୪ । ଅବ୍ୟବସାୟୀ; ବାଣିଜ୍ୟ କରିବା ଯେଉଁ ଜାତିର ବୃତ୍ତି ନୁହେ—4. A person not belonging to a professional caste.

ଅଜାତି କି ବଣିକ ଅଡ଼ୁଆ—ଢଗ ।

ଦେ. ବିଣ—୧ । ନୀଚ ଜାତୀୟ—1. Of low caste.

ମତେ ଦେଖାଏ ବଳ ଗର୍ବ, ଅଜାତି ଗରୁଡ଼ ସ୍ୱଭାବ ।
ଜଗନ୍ନାଥ. ଭାଗବତ ୧୦ ।

୨ । ସମାଜଚ୍ୟୁତ—2. Excommunicated; outcasted.

ଉନ୍ମତ୍ତ କଲେ ଅଡ଼ୁଆ ଛୁଆଇ ଅଜାତି କରୁଛନ୍ତି ।
ରାମଶଙ୍କର—ଲୀଳାବତୀ ୨୨ ।

୩ । ଯେ ଜାତିଭେଦ ମାନେ ନାହିଁ—
3. Admitting no caste-distinction.

୪ । ପୃଥକ୍ ଜାତୀୟ; ଅନ୍ୟ ଜାତୀୟ; ବିଜାତୀୟ—
4. Of a different caste.

୫ । ପୃଥକ୍ ଶ୍ରେଣୀର—5. Of a different class.

**ଅଜାତିଆ**—ଦେ. ବିଣ. ( ସଂ. ଅଜାତୀୟ )—ଅଜାତି ( ଦେଖ )
**Ajātiā** Ajāti ( See )

**ଅଜାତିକା**—ଦେ. ବିଣ. ( ସଂ. ଅଜାତୀୟ )—ଅଜାତି ( ଦେଖ )
**Ajātikā** Ajāti ( See )

**ଅଜାତିକିଆ**—ଦେ. ବିଣ. ( ସଂ. ଅଜାତୀୟ )—ଅଜାତି (ଦେଖ)
**Ajātikiā** Ajāti ( See )

**ଅଜାତିନଗରୀ**—ଦେ. ବି. ( ସଂ. ଅ + ଜାତି + ନଗରୀ )—୧ । ଯେଉଁ
**Ajātinagarī** ସ୍ଥାନର ଲୋକେ ଜାତିଭେଦ ମାନନ୍ତି ନାହିଁ—
**অজাতনগরী** 1. A place or locality where people do not observe caste-distinction.

୨ । (ଜଗନ୍ନାଥଙ୍କ ମହାପ୍ରସାଦରେ ଯେଉଁଠାରେ ଜାତି ବାରଣ ନାହିଁ)—ପୁରୁଷୋତ୍ତମ କ୍ଷେତ୍ର—
2. The town of Puri.

**ଅଜାତିପୁରୀ**—ଦେ. ବି. (ସଂ. ଅ + ଜାତି + ପୁରୀ)—ଅଜାତିନଗରୀ(ଦେଖ)
**Ajātipurī** Ajātinagarī (See)

**ଅଜାନ୍**—ବୈଦେ. ବି. ( ଆ. )—ଦିନ ରାତି ମଧ୍ୟରେ ୫ଥର ମସଜିଦର
**Ajān** ଅଜାନଗାରେ ( ସ୍ତମ୍ଭ ଉପରର ଚୂଡ଼ା ) ମୁଆଜ୍ଜିନ୍
**आजान्,** ଉପାଧିଧାରୀ ବ୍ୟକ୍ତିର ପୂର୍ବ ଓ ପଶ୍ଚିମକୁ ମୁହଁ ବୁଲାଇ
**अजान्** ନମାଜ୍ ( ପ୍ରାର୍ଥନା ) କରିବାପାଇଁ ଚତୁଃପାର୍ଶ୍ୱସ୍ଥ ମୁସଲମାନ-
**অজান** ମାନଙ୍କୁ ଉଚ୍ଚୈଃସ୍ୱରରେ ଆହ୍ୱାନ—The loud call of the caller from the top of a mosque at 5 fixed times during day and night calling the Mohammedans to pray at the prayer times.

[ଦ୍ର—ଏହି ୫ଟି ନିର୍ଦ୍ଦିଷ୍ଟ ସମୟ:—୧ । ଫଜର୍ = ଭୋର୍ ପ୍ରାୟ ୪ ଟା ବେଳ; ୨ । ଜୋହର୍ = ଦିନ ଗଡ଼ିବାବେଳ, ଅପରାହ୍ଣ ୧ଟା ଠାରୁ ୧୨ଟା ବେଳ; ୩ । ଅସର୍ = ଅପରାହ୍ଣ ୩ଟାଠାରୁ ୪ଟା ବେଳ; ୪ । ମଗ୍‌ରିବ = ସୂର୍ଯ୍ୟାସ୍ତର ୨୩ ମିନିଟ୍ ପରବର୍ତ୍ତୀ କାଳ; ୫ । ଏସା = ସୂର୍ଯ୍ୟାସ୍ତର ୧ ଘଣ୍ଟା ପରେ । ମସଜିଦର ଯେଉଁ କର୍ମଚାରୀ ଅଜାନ୍ ଦିଏ, ତାଙ୍କୁ 'ମୁଆଜ୍ଜିନ୍' କହନ୍ତି ।
'ଆଲ୍ଲା ହୋ ଅକ୍‌ବର୍, ଆଲ୍ଲା ହୋ ଅକ୍‌ବର୍' ଉଚ୍ଚାରଣ କରି ତା ପରେ କୋରାନ୍‌ର କେତେଗୁଡ଼ିଏ ସୂକ୍ତ ବୋଲି ଶେଷରେ 'ଲା ଇଲ୍ଲାହା ଇଲ୍ଲଲ୍ଲା' ଉଚ୍ଚାରଣ କରି ଅଜାନ୍ ଦିଆଯାଏ ।
ଅଜାନ୍‌ର ମର୍ମ :—"ଜଗତରେ ଆଲ୍ଲାହିଁ ଏକମାତ୍ର ଈଶ୍ୱର; ମହମ୍ମଦ ଈଶ୍ୱରଙ୍କର ଏକମାତ୍ର ପୟଗମ୍ବର ବା ଦୂତ । ସବୁ ଦିଗର ଲୋକମାନେ ଆସ ପ୍ରାର୍ଥନା କରିବା, ସମୟ ହେଲାଣି ।"]

**ଅଜାନ୍‌ଗା**—ବୈଦେ. ବି. ( ଆ. )—ମସଜିଦର ସ୍ତମ୍ଭର ଚୂଡ଼ା; ଯେଉଁ
**Ajāngā** ସ୍ଥାନରେ ମୁଆଜ୍ଜିନ୍ ଠିଆ ହୋଇ ନମାଜ୍ କରିବାପାଇଁ
**आजानगा** ଲୋକମାନଙ୍କୁ ଦିନରେ ୫ ଥର ଡାକ ଦିଏ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଆଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

अजानगा The place on the roof of a mosque from which the muajjan calls the Mohammedans to prayer.

**ଅଜାନ୍ ଦେବା**—ଦେ. କ୍ରି. (ଆ—ଅଜାନ୍ + ସଂ. ଦା ଧାତୁ)—ମସଜିଦର
Ajān debā ଛାତ ଉପରେ ଠିଆ ହୋଇ ( ମୁଅଜ୍ଜିନ୍ ) ଦିନ
আজান দেওয়া ମଧ୍ୟରେ ୫ ଥର ନମାଜ କରିବାପାଇଁ ମୁସଲମାନଙ୍କୁ
अजान देना ବଡ଼ ପାଟି କରି ଡାକିବା—
To call the Mohammedans to prayer at five fixed times of the day from the roof of a mosque.

**ଅଜାନତଃ**—ଦେ. କ୍ରି. ବିଣ. ( ସଂ. ଅଜ୍ଞାନତଃ ର ଅଶୁଦ୍ଧ ବ୍ୟବହାର)—
Ajānataḥ ୧ । ଅଜ୍ଞାନତଃ; ନ ଜାଣି; ଅଜ୍ଞାତଭାବରେ—
অজানতঃ 1. Unknowingly; unconsciously.
अनजान (ଯଥା—ମୁଁ ଅଜାନତଃ ଏ କର୍ମ କରିଅଛି । )
୨ । ଅଜ୍ଞତାପ୍ରଯୁକ୍ତ—2. Ignorantly.
[ଦ୍ର—ଅଜ୍ଞାନତଃ ସ୍ଥାନରେ ଭୁଲ କ୍ରମେ ଶିକ୍ଷିତମାନେ ଅଜାନତଃ ବ୍ୟବହାର କରିବାର ଦେଖାଯାଏ; ଏ ବ୍ୟବହାର ମଧ୍ୟ ବଙ୍ଗଳାରେ ଦେଖାଯାଏ ।]

**ଅଜାଣି**—ପ୍ରାଦେ. (ବସ୍ତର) ବି—ଜୁଆଣି (ଦେଖ)
Ajāni Juāṇi See )

**ଅଜାନେୟ**—ସଂ. ବି. (ଅଜ + ଆ + ନୀ ଧାତୁ + କର୍ମ ଯ)—ଭଲ ଘୋଡ଼ା;
Ajāneya ଜାତିଆ ଘୋଡ଼ା (ପ୍ରକୃତିବାଦ)—
An excellent horse; a horse of good breed.

**ଅଜାମର**—ଗ୍ରା. ବିଣ. ( ସଂ. ଅଜର + ଅମର)—
Ajāmara ୧ । ଅଜର ଓ ଅମର; ଅଜରାମର—
অজামর 1. Having no old age nor death.
अजर अमर ୨ । ଅକ୍ଷୟ— 2. Undecaying.
୩ । ଅବିନଶ୍ୱର—3. Indestructible.
୪ । ଚିରସ୍ଥାୟୀ—4. Permanent; eternal.

**ଅଜାମରି**—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. ଅଜର + ଅମର )—
Ajāmari ଅଜାମର ( ଦେଖ )
Ajāmara ( See )

**ଅଜାମିଳ**—ଦେ. ବି—୧ । ପୁରାଣବର୍ଣ୍ଣିତ କାନ୍ୟକୁବ୍ଜବାସୀ ପାପୀବିଶେଷ;
Ajāmiḷa ଏ ଅବାଳ୍ୟ ପାପୀ ଓ ଦୁରାଚାର ଥିଲା । କେବେ ହେଲେ
অজামিল ନାରାୟଣଙ୍କ ନାମ ଧରି ନ ଥିଲା; ଏହାର ପୁଅର ନାମ
अजामिल ନାରାୟଣ ଥିଲା । ମଲାବେଳେ ଏ ପୁଅକୁ ଡାକିଲା । ଏ ଅଜ୍ଞାତସାରରେ ମୃତ୍ୟୁ ପୂର୍ବରୁ 'ନାରାୟଣ' ନାମ ଉଚ୍ଚାରଣ କରିବାରୁ ମୃତ୍ୟୁ ପରେ ବୈକୁଣ୍ଠକୁ ଗଲା—
1. Name of a sinner.
ଅଜାମିଳ ଜାଣ ଯେତେ ଥିଲା ପାପ କରି ।
ନାରାୟଣ ନାମ ଡାକି ପାପୁଁ ଗଲା ତରି ॥ ପୀତାମ୍ବର- ନୃସିଂହ ପୁରାଣ ।
କାନ୍ୟକୁବ୍ଜ ନାମେ ଦେଶ
ଅଜାମିଳର ତହିଁ ବାସ । ଜଗନ୍ନାଥ- ଭାଗବତ ୬ମ ।
୨ । ଅଜମୀରବାସୀ ବ୍ୟକ୍ତି—
2. An inhabitant of Ajmere.
ଆସୁଛନ୍ତି ଅଜାମିଳେ ଧାଡ଼ି ମନ୍ତ୍ର ତେଜେ । ରାଧାନାଥ—ମହାଯାତ୍ରା ।

**ଅଜାମ୍ବର**—ଗ୍ରା. ବିଣ—ଅଜାମର ( ଦେଖ )
Ajāmbara Ajāmara ( See )

**ଅଜାମ୍ବରି**—ପ୍ରାଦେ. (ସମ୍ବଲପୁର) ବିଣ—ଅଜାମର ( ଦେଖ )
Ajāmbari Ajāmara ( See )

**ଅଜାମ୍ବିଳ**—ଗ୍ରା. ବି—ଅଜାମିଳ ( ଦେଖ )
Ajāmbiḷa Ajāmiḷa See )

**ଅଜାୟ** (ଇତ୍ୟାଦି)—ଅଜାଏ (ଇତ୍ୟାଦି) ( ଦେଖ )
Ajāya(etc) Ajāe ( etc. ) ( See )

**ଅଜାଳ**—ଦେ. ବି—ଅଝାଳ ( ଦେଖ )
Ajāla Ajhāla ( See )

**ଅଜାଶଶୁର**—ଦେ. ବି. ପୁଂ—ଅଜାଶୁର ( ଦେଖ )
Ajāśaśura Ajāśura ( See )

**ଅଜାଶୁର**—ଦେ. ବି. ପୁଂ. ( ସଂ. ଆର୍ଯ୍ୟ + ଶ୍ୱଶୁର )—
Ajāśura ୧ । ଆପଣା ସ୍ୱାମୀ ବା ସ୍ତ୍ରୀଙ୍କ ମାତାମହ—
দাদাশশুর 1. Maternal grandfather of
(ଆଇଶାଶୁ—ସ୍ତ୍ରୀ) one's husband or wife.
[ ଦ୍ର—ଆପଣା ସ୍ୱାମୀ ବା ସ୍ତ୍ରୀଙ୍କ ପିତାମହଙ୍କୁ ଗୋସେଇଁ ଶଶୁର ବୋଲାଯାଏ । ]

**ଅଜାହିର୍**—ଦେ. ବିଣ. ( ସଂ, ଅ + ଫା. ଜାହିର୍ )—
Ajāhir ୧ । ଅଦମନୀୟ; ଅଦମ୍ୟ; ଅଶାସ୍ୟ—
অজাহীর 1. Ungovernable; unruly.
अजाहिर ୨ । ଅଶାସିତ—2. Unruled.

**ଅଜାହିରା**—ଦେ.ବିଣ—୧ । (ସ.ଅ. + ଫା + ଜାହିର୍)—ଅଜାହିର୍(ଦେଖ)
Ajāhirā 1. Ajāhir ( See )
অজাহীরা ୨ । ( ସ. ଅ + ଅ. ଜାହିର୍; ଜାହିର୍ = ପ୍ରକାଶିତ )—
अजाहिरा ଅପ୍ରକାଶିତ; ଅପ୍ରଚାରିତ; ଗୁପ୍ତ—
2. Unpublished; secret.
୩ । ଅପ୍ରକାଶ୍ୟ; ଗୋପନୀୟ—3. Unpublishable.

**ଅଜାହିରି**—ଦେ. ବିଣ—ଅଜାହିର୍ ( ଦେଖ )
Ajāhiri Ajāhir ( See )

**ଅଜି**—ସଂ. ବି. ( ଅଜ୍ ଧାତୁ + କର୍ମ. ଇ )—
Aji ୧ । ତେଜଃ; ପ୍ରଭା—1. Glamour
୨ । ଔଜ୍ଜ୍ୱଲ୍ୟ—2. Brightness.
ଦେ. ବି. ( ପୁଂ. ଓ ସ୍ତ୍ରୀ. ) ( ଯେ ଜୀଏ ନାହିଁ; ସଂ. ଅଜୀବ )—
୧ । ଅପତ୍ତିଆଣୀଙ୍କୁ ଦିଆଯିବା ନାମ—1. A name given to children whose elders have died before their birth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟୁ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଢ଼ | କୃ |

**ଅଜିଣନ୍ତା**—ଗ୍ରା. ବିଣ. ( ସଂ. ଅ + ଜେତା )—
Ajiṇantā ଅଜେତା; ହାରୁଅ; ଯେ ଖେଳରେ ବା ଯୁଦ୍ଧରେ ହାରିଯାଏ—Sustaining defeat; one who does not win.
ହେରୋ

**ଅଜିଣା**—ଦେ. ବିଣ—୧ । ( ସଂ. ଅଜେୟ )—
Ajiṇā ଅଜେୟ—1. Invincible; unconquerable.
୨ । ( ସଂ. ଅଜିତ ) ଅଜିତ—2. Unconquered.

**ଅଜିତ**—ସଂ. ବିଣ. ପୁଂ. ( ଅ + ଜି ଧାତୁ + କର୍ମ. ତ )—
Ajita ୧ । ଅପରାଜିତ; ଯାହାକୁ କେହି ଜିଣି ନାହିଁ—
(ଅଜିତା—ସ୍ତ୍ରୀ) 1. Unconquered; unvanquished.
୨ । ଅଜେୟ—2. Invincible.
ସଂ.ବି—୧ । ବିଷ୍ଣୁ—1. God Bishṇu.
୨ । ଶିବ—2. God Śiba.
୩ । ବୁଦ୍ଧଦେବ—3. The Buddha.
୪ । ବୁଧ ଗ୍ରହ—4. The planet Mercury.
୫ । ବିଷାକ୍ତ ମୂଷିକ—5. A poisonous mouse.
୬ । ଚତୁର୍ଦ୍ଦଶ ମନ୍ୱନ୍ତରର ସପ୍ତର୍ଷି ମଧ୍ୟରୁ ଜଣେ—
6. One of the 7 sages of the 14th Manwantara.
୭ । ଜୈନ ଅର୍ହତ ବା ଋଷିବିଶେଷ—
7. Name of a Jaina sage.
୮ । ମୈତ୍ରେୟ ବା ଭବିଷ୍ୟତ ବୁଦ୍ଧବିଶେଷ—
8. Sage Maitreya or a future Buddha.

**ଅଜିତଗଡ଼**—ଦେ. ବି. (ନାମ)—ମଧ୍ୟଭାରତ ବୁନ୍ଦେଲଖଣ୍ଡର ଐତିହାସିକ ଦୁର୍ଗ—Name of a historic fort in central India.
Ajitagarḍa
[ ଦ୍ର—ପ୍ରାଚୀନ ବୌଦ୍ଧ ଓ ଜୈନ କୀର୍ତ୍ତିର ଭଗ୍ନାବଶେଷ ଅଦ୍ୟାପି ଏଠାରେ ବିଦ୍ୟମାନ । ]

**ଅଜିତନାଥ**—ଦେ. ବି. (ନାମ)—ଜୈନମାନଙ୍କ ଦ୍ୱିତୀୟ ତୀର୍ଥଙ୍କରଙ୍କ ନାମ (ହିନ୍ଦି ଶବ୍ଦସାଗର )—
Ajitanātha
Name of the 2nd Tīrthaṅkara of the Jainas.

**ଅଜିତପୁର**—ଦେ. ବି. (ନାମ)—ମଧ୍ୟ ଭାରତର ପ୍ରାଚୀନ ସମୃଦ୍ଧିମନ୍ତ ନଗର—
Ajitapura Name of a historic city in central India.
[ ଦ୍ର—ଚୀନ ପରିବ୍ରାଜକ ହୁଏନ୍‌ସାଂ ଭାରତବର୍ଷକୁ ଆସିଲା ବେଳେ ଏ ନଗର ସମୃଦ୍ଧିମନ୍ତ ଥିଲା । ]

**ଅଜିତବଳା**—ଦେ. ବି. (ନାମ)—ଜୈନ ଅଜିତ ନାମକ ଅର୍ହତଙ୍କ ଆଜ୍ଞା
Ajitabaḷā ଅନୁସାରେ କାର୍ଯ୍ୟ କରୁଥିବା ଜୈନ ଦେବତା ବିଶେଷ—Name of a Jaina Deity.

**ଅଜିତବିକ୍ରମ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଜିତ + ବିକ୍ରମ )—
Ajitabikrama ଯାହାଙ୍କୁ ବିକ୍ରମରେ କେହି ଜିଣି ନାହିଁ—
(ଅଜିତବିକ୍ରମା—ସ୍ତ୍ରୀ) Of invincible prowess.
ସଂ. ବି. ପୁଂ—ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ନାମ—A name of Chandragupta the second.

**ଅଜିତସିଂହ**—ଦେ. ବି. ( ନାମ )—୧ । ସମ୍ବଲପୁର ଜିଲ୍ଲାର ବରଗଡ଼ର
Ajitasiṁha ପ୍ରାଚୀନ ରାଜା (ଏ ସମ୍ବଲପୁର ନଗର ବସାଇଥିଲେ ।)—
1. Name of the founder of the town of Sambalpur, king of Baragarḍa.
୨ । ରାଜସ୍ଥାନର ଜଣେ ରାଜା—
2. Name of a king of Rājasthāna.

**ଅଜିତା**—ସଂ. ବିଣ. ସ୍ତ୍ରୀ. ( ଅଜିତ + ସ୍ତ୍ରୀ. ଆ )—ଅଜିତର ସ୍ତ୍ରୀ ଲିଙ୍ଗ—
Ajitā Feminine of Ajita.
ସଂ. ବି—ଭାଦ୍ରବ କୃଷ୍ଣ (ବଦି) ଏକାଦଶୀ ( ହିନ୍ଦି ଶବ୍ଦସାଗର )—
The 11th day of the dark fortnight of the month of Bhādraba.
ଦେ. ବିଣ—୧ । (ସଂ. ଅଜିତ) ଅଜିତ—1. Unconquered.
୨ । ଅଜେୟ—2. Invincible.
୩ । ଅଜୟୀ—3. Sustaining defeat.

**ଅଜିତେନ୍ଦ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଜିତ + ଇନ୍ଦ୍ରିୟ )—
Ajitendriya ଯେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରି ନାହିଁ; ଇନ୍ଦ୍ରିୟ-
(ଅଜିତେନ୍ଦ୍ରିୟା - ସ୍ତ୍ରୀ) ପରାୟଣ—Sensual; of unsubdued passions.

**ଅଜିନ**—ସଂ. ବି. ( ଅଜ ଧାତୁ + ସଂଜ୍ଞାର୍ଥେ. ଇନ )—
Ajina ୧ । ମୃଗ ଛାଲ; ମୃଗ ଚର୍ମ—1. The hide of deer.
୨ । ପଶୁ ଚର୍ମ; ଚମଡ଼ା—2. Hide; leather.
୩ । ରୋମ ଲାଗିଥିବା ମୃଗ ବା ବ୍ୟାଘ୍ରର ଛାଲ—
3. The hairy skin of a deer or a tiger ( M. W. )

**ଅଜିନପତ୍ରା**—ସଂ. ବି. ( ବହୁବ୍ରୀହି; ଅଜିନ + ପତ୍ର + ଆ; ଚର୍ମ ପରି ପକ୍ଷ ଯାହାର )—
Ajinapatrā
୧ । ଚେମେଣି—1. House bat.
୨ । ବାଦୁଡ଼ି—2. Bat.

**ଅଜିନପତ୍ରିକା**—ସଂ. ବି. ( ଅଜିନ + ପତ୍ର + କ + ଆ )—
Ajinapatrikā ଅଜିନପତ୍ରା ( ଦେଖ )
Ajinapatrā ( See )

**ଅଜିନପତ୍ରୀ**—ସଂ. ବି. ( ଅଜିନ + ପତ୍ର + ଇନ ; ୧ମା. ୧ବ. )—
Ajinapatrī ଅଜିନପତ୍ରା ( ଦେଖ )
Ajinapatrā ( See )

**ଅଜିନଯୋନି**—ସଂ. ବି. (୬ଷ୍ଠୀ ତତ୍; ଅଜିନ + ଯୋନି = ଉତ୍ପତ୍ତିସ୍ଥାନ)—
Ajinajoni ୧ । ମୃଗ; ହରିଣ—1. Deer; antelope.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗଂଧା' ନ ପାଇଲେ 'ଅଗ୍ନା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୨ । କୃଷ୍ଣାଜନ ମୃଗ; କଳା ବାହୁଟିଆ—
2. The spotted deer.

**ଅଜନ୍ନ**—ଗ୍ରା. ବି. ( ସଂ. ଅଜୀର୍ଣ୍ଣ )—
Ajinna ଅଜୀର୍ଣ୍ଣ; ଖାଦ୍ୟ ଦ୍ରବ୍ୟର ଅପକ୍ୱତା—
অজিন্ন Indigestion.
**अजीरन**

**ଅଜିର**—ସଂ. ବି. ( ଅଜ ଧାତୁ + ସଂଜ୍ଞାର୍ଥ. ଇର )—
Ajira ୧ । ଅଗଣା; ପ୍ରାଙ୍ଗଣ—1. Courtyard.

ଜୀବିରକ୍ଷାକୁ କାରଣ ସେ ଅଜିର ମାଳତୀ ଲତିକା ହେବ ।
ଭକ୍ତ. ପ୍ରେମସୁଧାନିଧି ୧୬।୧୪ ।

୨ । ମଲ୍ଲଭୂମି—2. A stage for wrestling.
୩ । ଶରୀର; ଦେହ—3. Body.
୪ । ଇନ୍ଦ୍ରିୟଗ୍ରାହ୍ୟ ବିଷୟ—4. Matter; any object of sense.
୫ । ବାୟୁ; ପବନ—5. The air.
୬ । ଭେକ; ବେଙ୍ଗ—6. Frog.

**ଅଜିରନ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅଜୀର୍ଣ୍ଣ; ଭୁଲ—ହି. ଅଜୀରନ୍)—
Ajiran ଅଜୀର୍ଣ୍ଣ; ଖାଦ୍ୟଦ୍ରବ୍ୟର ଅପରିପାକ—Indigestion.

**ଅଜିରବତୀ**—ଦେ. ବି. (ନାମ)—ପ୍ରାଚୀନ ନଦୀବିଶେଷ
Ajirabati ( ଶ୍ରାବସ୍ତି ନଗରୀ ଏହା କୂଳରେ ଥିଲା )—
Name of a river. ( M. W. ).

**ଅଜିରା**—ସଂ. ବି. ( ଅଜିର + ଆ )—୧ । ଦୁର୍ଗା; ଚଣ୍ଡୀ—
Ajirā 1. A name of goddess Durgā.
୨ । ନଦୀବିଶେଷ—2. Name of a river (M.W.).

**ଅଜିହ୍ୱ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଜିହ୍ୱା )—
Ajihwa ୧ । ଜିହ୍ୱାହୀନ—1. Having no tongue.
(ଅଜିହ୍ୱା—ସ୍ତ୍ରୀ) ସଂ. ବି. ପୁଂ—ବେଙ୍ଗ—Frog.

**ଅଜିହ୍ମ**—ସଂ. ବିଣ. ( ନଞ୍ ତତ୍; ଅ + ଜିହ୍ମ )—
Ajihma ଅବକ୍ର; ସରଳ; ସିଧା—
Straight; not curved.

**ଅଜିହ୍ମଗ**—ସଂ. ବିଣ. ପୁଂ. ( ଅଜିହ୍ମ + ଗମ ଧାତୁ + କର୍ତ୍ତୃ. ଅ )—
Ajihmaga ସରଳଗାମୀ; ଯେ ସିଧାରେ ଯାଏ—
(ଅଜିହ୍ମଗା—ସ୍ତ୍ରୀ) Straight-coursed; moving in a straight line.
ସଂ. ବି—ଶର; ବାଣ—Arrow.

**ଅଜୀଗର୍ତ୍ତ**—ସଂ. ବି. (ନାମ)—ଋଷିବିଶେଷ; ଶୁନଃଶେଫ ଋଷିଙ୍କ ପିତା—
Ajigartta Name of a Sage.
[ ଦ୍ର—ରାଜା ହରିଶ୍ଚନ୍ଦ୍ର ୧୦୦ ଟି ଗାଈ ଦେଇ ଏ ବାଳକ ଥିଲାବେଳେ ଏହାଙ୍କୁ କିଣି ନିଜ ପୁତ୍ର ରୋହିତାଶ୍ୱ ବଦଳରେ ଏହାଙ୍କୁ ବରୁଣଙ୍କଠାରେ ବଳି ଦେବାକୁ ବସିଥିଲେ; କିନ୍ତୁ ଏ ସ୍ତୁତିଦ୍ୱାରା ବରୁଣଙ୍କୁ ସନ୍ତୁଷ୍ଟ କରିବାରୁ ବରୁଣ ଏହାଙ୍କୁ ରକ୍ଷା କରିଥିଲେ । ]

**ଅଜୀବ**—ସଂ. ବିଣ. (ଅ + ଜୀବ)—୧ । ଜୀବହୀନ; ମୃତ—1. Dead.
Ajība ୨ । ଅଚେତନ; ନିର୍ଜୀବ—
2. Lifeless; inanimate.
୩ । ଅବସନ୍ନ—3. Withered.
ସଂ. ବି—ଶବ; ମଡ଼ା—Dead body.
ଦେ. ବି—୧ । ନିର୍ଜୀବ ବସ୍ତୁ—1. Inanimate object.

ସମ ସମ୍ପୂର୍ଣ୍ଣ ସବସ୍ଥାନେ, ଜୀବ ଅଜୀବ ତୁଲ ଶୂନ୍ୟେ ।
ଭୂପତି. ପ୍ରେମପଞ୍ଚାମୃତ ।

ପୁଂ.—୨ । ଅପତ୍ୟଜୀବୀଙ୍କ ନାମ—
2. A name given to a child whose elder died before his birth.

**ଅଜୀବା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ + ଜୀବ )—
Ajībā ୧ । ନିର୍ଜୀବ—1. Lifeless.
নির্জীব ୨ । ମୃତପ୍ରାୟ—3. Withered; decadent.
**निर्जीव** ୩ । ଅତି ଦୁର୍ବଳ ଓ ଶୀର୍ଣ୍ଣ—3. Weakling; very weak and emaciated.

**ଅଜୀର୍ଣ୍ଣ**—ସଂ. ବିଣ. ( ଅ + ଜୀର୍ଣ୍ଣ )—୧ । ଜୀର୍ଣ୍ଣ ବା ପରିପାକ ହୋଇ ନ
Ajirnna ଥିବା ( ଭୁକ୍ତ ଦ୍ରବ୍ୟ )—1. Undigested (food).
୨ । ଯାହା ପୁରୁଣା ନୁହେ—2. Not old.
୩ । ଯାହା ପୁରୁଣା ହେବାରୁ ଛିଣ୍ଡି ଯାଇ ନାହିଁ—
3. Not worn-out.
୪ । ଯାହା କ୍ଷୟପ୍ରାପ୍ତ ହୋଇ ନାହିଁ—4. Undecayed.
୫ । ନୂତନ; ନୂଆ; ଟଟକା—5. New; fresh.
ସଂ. ବି—୧ । ଭୁକ୍ତଦ୍ରବ୍ୟର ଅପରିପାକ; ବଦହଜମୀ—
1. Indigestion; acidity.
୨ । ଖାଦ୍ୟଦ୍ରବ୍ୟ ଜୀର୍ଣ୍ଣ ନ ହେବା ଜନିତ ରୋଗ—
2. Dyspepsia.
[ ଦ୍ର—ଆୟୁର୍ବେଦରେ ଅଜୀର୍ଣ୍ଣ ରୋଗ ଛଅ ପ୍ରକାର; ଯଥା— ୧. **ଆମାଜୀର୍ଣ୍ଣ**—ଯହିଁରେ ଭୁକ୍ତ ଦ୍ରବ୍ୟ କଞ୍ଚା ଥାଇ ଝାଡ଼ା ବା ବାନ୍ତିରେ ବାହାରେ । ୨. **ବିଦଗ୍ଧାଜୀର୍ଣ୍ଣ**—ଯହିଁରେ ଭୁକ୍ତ ଦ୍ରବ୍ୟ ପେଟରେ ଜଳିଯାଏ । ୩. **ବିଷ୍ଟବ୍ଧାଜୀର୍ଣ୍ଣ**—ଯହିଁରେ ଭୁକ୍ତ ଦ୍ରବ୍ୟ ଠାଣୁଆ ଓ ଗୋଟାଳିଆ ବାନ୍ଧି କୋଷ୍ଠବଦ୍ଧ ହୁଏ । ୪. **ରସଶେଷାଜୀର୍ଣ୍ଣ**—ଯହିଁରେ ଭୁକ୍ତ ଦ୍ରବ୍ୟ ପାଣି ପରି ତରଳ ହୋଇଯାଏ । ୫. **ଦିନପାକୀ ଅଜୀର୍ଣ୍ଣ**—ଯହିଁରେ ଭୁକ୍ତ ଦ୍ରବ୍ୟ ପେଟରେ ସେହିପରି ରହେ ଓ କ୍ଷୁଧା ହୁଏ ନାହିଁ । ୬. **ପ୍ରକୃତ୍ୟାଜୀର୍ଣ୍ଣ ବା ସାମାନ୍ୟାଜୀର୍ଣ୍ଣ**—ଯେତିକି ପରିମାଣରେ ଖାଦ୍ୟ ମନୁଷ୍ୟ ଜୀର୍ଣ୍ଣ କରି ପାରେ, ତହିଁରୁ ବେଶି ଖାଇବା ଯୋଗୁଁ ଜନ୍ମିବା ଅଜୀର୍ଣ୍ଣ । ( ହିନ୍ଦ ଶବ୍ଦସାଗର ) ]

**ଅଜୀର୍ଣ୍ଣହାକୁଟି**—ଦେ. ବି.—ଖଇହାକୁଟି; ଅଜୀର୍ଣ୍ଣ ଯୋଗୁଁ ମୁହଁ ବାଟେ
Ajirnnahākuti ଛୁଟିବା ହାକୁଟି; ଅମ୍ଳିଳ ହାକୁଟି—Acid-
চোঁআঁঢেকুর belching due to indigestion.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ବ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ତ |

**ଅଜୁଟ**—ଦେ. ବଣ. ( ଅ+ଯୁଜ୍ ଧାତୁ ; ଯାହା ଯୋଡ଼ା ଯାଇ ନାହିଁ )—
Ajuta ପୂର୍ଣ୍ଣ; ଅଖଣ୍ଡିତ—Entire; whole.
ଅଜୁଟ ଅକାଟ ସେ ସର୍ବଦା ଥାଇ କଲେ । ସାରଳା ମହାଭାରତ, ସ୍ୱର୍ଗ ।

**ଅଜୁରା**—ବୈଦେ. ବ. ( ଆ. )—ସବାରି ଓ ଭାର ଆଦି ବୋହିବା
Ajurā ପାଇଁ ଗଉଡ଼ମାନଙ୍କୁ ଦିଆଯିବା ମୂଲ—Wages paid
अजूरा to bearers of a palky or load

**ଅଜୁହାତ୍**—ବୈଦେ. ବ. ( ଫା. )—ଉଜୁହାତ୍ ( ଦେଖ )
Ajuhāt Ujubāt ( See )

**ଅଜେୟ**—ସଂ. ବଣ. ( ଅ+ଜେୟ )—ଯାହାକୁ ଜୟ କରାଯାଇ ନ
Ajeya ପାରେ—Unconquerable; invincible.
( ଅଜେୟା—ସ୍ତ୍ରୀ )

**ଅଜେଶ**—ସଂ. ବ. ( ୬ଷ୍ଠୀ ତତ୍; ଅଜ+ଈଶ )—ମେଷ ରାଶିର ଅଧିପତି
Ajeśa ମଙ୍ଗଳଗ୍ରହ—The planet Mars.

**ଅଜୋଡ଼**—ଦେ. ବଣ. ( ସଂ. ଅ+ଯୁଜ୍ ଧାତୁ )—
Ajorda ୧ । ଅଯୁକ୍ତ; ଯାହା ଅନ୍ୟ ଖଣ୍ଡ ସଙ୍ଗେ ଯୋଡ଼ା
অজোড়া ହୋଇ ନାହିଁ—
अजोर; बिजोर 1. Unjoined.
୨ । ବିଜୋଡ଼; ଯାହା ଯୋଡ଼ା ଯୋଡ଼ା ନୁହେ—
2. Not in pairs.
୩ । ଅଯୁଗ୍ମ ( ରାଶି )—3. Odd ( number ).

**ଅଜୋଡ଼ା**—ଦେ. ବଣ—ଅଜୋଡ଼ ( ଦେଖ )
Ajordā Ajorda ( See )

**ଅଜ୍ଜୁକା**—ସଂ. ବ. ସ୍ତ୍ରୀ. ( ଅର୍ଜ ଧାତୁ+କର୍ତ୍ତୃ. ଉକ+ସ୍ତ୍ରୀ. ଆ; ଯେଉଁ
Ajjukā ସ୍ତ୍ରୀଲୋକ ଧନାଦି ଅର୍ଜନ କରେ )—
୧ । ( ନାଟ୍ୟୋକ୍ତି ) ବେଶ୍ୟା— 1. (Stage-parlance) A prostitute; a courtezan.
୨ । ନଟୀ—2. Actress.

**ଅଜ୍ଝଟା**—ସଂ. ବ—ଭୂଇଁଅଁଳା ( ଦେଖ )
Ajjhatā Bhuiñaañlā ( See )

**ଅଜ୍ଝଲ**—ସଂ. ବ.—ଜଳନ୍ତା କୋଇଲା—
Ajjhala Burning coal ( M.W. )

**ଅଜ୍ଞ**—ସଂ. ବଣ. ପୁଂ. ( ଅ+ଜ୍ଞା ଧାତୁ+କର୍ତ୍ତୃ. ଅ )—
Ajña ୧ । ଯେ କିଛି ଜାଣେ ନାହିଁ; ମୂର୍ଖ—
(ଅଜ୍ଞା—ସ୍ତ୍ରୀ) 1. Ignorant.
(ଅଜ୍ଞତା—ବି) ୨ । ଅନନୁଭବୀ—2. Inexperienced.
୩ । ଜ୍ଞାନଶୂନ୍ୟ—3. Unconscicus.
୪ । ଅଜ୍ଞାନ—4 Unwise.
୫ । ନିର୍ବୋଧ—5. Stupid.

**ଅଜ୍ଞତା**—ସଂ. ବି. (ଅଜ୍ଞ+ଭାବ. ତା )—
Ajñatā ୧ । ମୂର୍ଖପଣ—1. Ignorance.
୨ । ଅନାଡ଼ିପଣ—2. Stupidity.

**ଅଜ୍ଞାତ**—ସଂ. ବ. ( ଅ+ଜ୍ଞାତ )—୧ । ଅବିଦିତ; ଅଜଣା—
Ajñāta 1. Unknown; unaware.
(ଅଜ୍ଞାତା—ସ୍ତ୍ରୀ) ୨ । ଅନିଶ୍ଚିତ—2. Uncertain.
୩ । ଅପ୍ରକାଶିତ—3. Unpublished.
୪ । ଗୁପ୍ତ—4. Secret.
ସ୍ୱାମୀ ଯେନ ଅଜ୍ଞାତ ବଞ୍ଚିବା ଅସହଣ । ସାରଳା ମହାଭାରତ, ବିରାଟ ।
୫ । ଅଚିହ୍ନା; ଅପରିଚିତ—5. Unȧcquainted.
୬ । ଅନିର୍ଦ୍ଦେଶ୍ୟ; ଅନିର୍ଦ୍ଦିଷ୍ଟ—
6. Unassignable.

**ଅଜ୍ଞାତକୁଳଶୀଳ**—ସଂ. ବଣ. ପୁଂ. ( ବହୁବ୍ରୀହି; ଅଜ୍ଞାତ+କୁଳଶୀଳ )—
Ajñātakulaśīla ଯେଉଁ ବ୍ୟକ୍ତିର ବଂଶ ଓ ଆଚରଣ
( ଅଜ୍ଞାତକୁଳଶୀଳା—ସ୍ତ୍ରୀ ) ପୂର୍ବରୁ ଜଣା ନ ଥାଏ—
Of unknown antecedents; whose lineage and character are not known.

**ଅଜ୍ଞାତନାମା**—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅଜ୍ଞାତ+ନାମନ୍
Ajñātanāmā ୧ମା. ୧ବ. )—
୧ । ଯାହାର ନାମ କେହି ଜାଣେ ନାହିଁ—
1. Whose name is not known.
୨ । ବେନାମୀ—2. Anonymous.
୩ । ଅପ୍ରସିଦ୍ଧ—3 Not famous.

**ଅଜ୍ଞାତବ୍**—ଦେ. ବଣ. (ସଂ. ଅଜ୍ଞାତ)—ଅଜ୍ଞାତ—Unknown.
Ajñātab ( ଯଥା—ମତେ ଅମୁକ ବିଷୟ ଅଜ୍ଞାତବ୍ । )

**ଅଜ୍ଞାତ ବନବାସ**—ସଂ. ବ. ( କର୍ମଧା; ଅଜ୍ଞାତ+ବନବାସ )—
Ajñāta banabāsa ଅନିର୍ଦ୍ଦିଷ୍ଟ ବନବାସ; ଯେଉଁ ବନବାସୀ ବ୍ୟକ୍ତିର ରହିବା ସ୍ଥାନର ଠିକଣା ଅନ୍ୟ ଲୋକେ ଜାଣନ୍ତି ନାହିଁ—Residence in the forest about the particulars of which the public remain ignorant.
[ ଦ୍ର—ପାଣ୍ଡବ ଭ୍ରାତାମାନେ ବାର ବର୍ଷ ବନବାସ କରିବେ ଓ ତହିଁ ପରେ ଏକବର୍ଷ କାଳ ସେମାନେ କେଉଁଠାରେ ରହିବେ, ତାହା କେହି ଜାଣିବେ ନାହିଁ ବୋଲି ଦୁର୍ଯ୍ୟୋଧନ ସର୍ତ୍ତ କରିଥିଲେ । ]

**ଅଜ୍ଞାତବାସ**—ସଂ. ବ. ( କର୍ମଧା )—ଲୁଚି କରି ରହିବା; କାହାରି ଜାଣି
Ajñātabāsa ନ ପାରିବା ସ୍ଥାନରେ ନିବାସ ।
Residence in an unknown place.
ସଂ. ବଣ. (ବହୁବ୍ରୀହି) ଯେଉଁ ଲୋକର ରହିବା ସ୍ଥାନର ଠିକଣା ଅନ୍ୟ କେହି ଜାଣନ୍ତି ନାହିଁ—Whose dwelling or address is unknown.

**ଅଜ୍ଞାତଯୌବନା**—ସଂ. ବଣ. ସ୍ତ୍ରୀ ( ବହୁବ୍ରୀହି; ଅଜ୍ଞାତ+ଯୌବନ+ସ୍ତ୍ରୀ.
Ajñātajaubanā ଆ )—ଯେଉଁ ନାୟିକା ନିଜର ଯୌବନ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଆଗିଂଧା' ନ ପାଇଲେ 'ଆଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉପସ୍ଥିତ ହେବା କଥା ଜାଣି ନ ଥାଏ—(ମୁଗ୍ଧା ନାୟିକାଙ୍କର ଦୁଇ ଶ୍ରେଣୀ ମଧ୍ୟରୁ ଏକ)—(a girl) Who does not know that she has attained youth.

**ଅଜ୍ଞାତସାର**—ସଂ. ବଣ. (ଅ + ଜ୍ଞାତସାର)—ଅଗୋଚର Unknown; without the knowledge of.
Ajn̄ātasāra

**ଅଜ୍ଞାତା**—ସଂ. ବଣ—୧ । ସ୍ତ୍ରୀ (ଅଜ୍ଞାତ + ଆ)—ଅଜ୍ଞାତର ସ୍ତ୍ରୀଲିଙ୍ଗ— Feminine of Ajn̄āta.
Ajn̄ātā

୨ । ପୁଂ. (ଅ + ଜ୍ଞାତୃ; ୧ମା. ୧ବ.)—ଅଜ୍ଞ— 2. Ignorant.
(ଅଜ୍ଞାତ୍ରୀ—ସ୍ତ୍ରୀ)

୩ । ପୁଂ.—ଯେ ଜ୍ଞାତା ନୁହେ—3. Unwise.

**ଅଜ୍ଞାନ**—ସଂ. ବ. (ନଞ୍ ତତ୍; ଅ + ଜ୍ଞାନ)—୧ । ଜ୍ଞାନର ଅଭାବ— 1. Noncognisance; want of knowledge.
Ajn̄āna
অজ্ঞান
अज्ञान

୨ । ମୂର୍ଖତା; ଜ୍ଞାନଶୂନ୍ୟତା—2. Ignorance

୩ । ନିର୍ବୋଧପଣ; ଅନାଡ଼ିପଣ—3. Stupidity.

୪ । ଅଚୈତନ୍ୟ—4. Unconsciousness.

୫ । ଅବିଦ୍ୟା; ମାୟା—5. False knowledge; delusion; spiritual ignorance.

ସଂ. ବଣ. ପୁଂ.—୧ । ଜ୍ଞାନହୀନ—1. Ignorant.

(ଅଜ୍ଞାନା—ସ୍ତ୍ରୀ) ୨ । ଯେ ଜ୍ଞାନୀ ନୁହେ—2. Unwise.

(ଅଜ୍ଞାନତା—ବ) ୩ । ଅଚେତନ—3. Lifeless; inanimate.

୪ । ଚୈତନ୍ୟଶୂନ୍ୟ; ବାହ୍ୟଜ୍ଞାନଶୂନ୍ୟ— 4. Senseless; unconscious.

୫ । ମୂର୍ଖ—5. Illiterate.

୬ । ଯେଉଁ ଶିଶୁର ଜ୍ଞାନ ଜନ୍ମି ନାହିଁ—6. (a child) Who has not attained discretion or intelligence.

ଦେ. ବଣ.—୧ । ହିତାହିତ ବିବେଚନାଶୂନ୍ୟ— 1. Incapable of distinguishing the good from the bad.

୨ । ଅବୁଝା; ଅବିବେଚକ—2. Inconsiderate.

୩ । କର୍ତ୍ତବ୍ୟଜ୍ଞାନଶୂନ୍ୟ—3. Devoid of the sense of duty.

କପିରାଜନ; ମନବାଞ୍ଛା ହୋଇଲା ସମ୍ପୂର୍ଣ୍ଣ, ବୋଲେ ବତି ଦେବ ପାଇ ଅଜ୍ଞାନ ।
ବିଶ୍ୱନାଥ- ବିଚିତ୍ର ରାମାୟଣ ।

**ଅଜ୍ଞାନକୃତ**—ସଂ. ବଣ. (ନଞ୍ ତତ୍; ଅ + ଜ୍ଞାନକୃତ)—ନ ଜାଣି କରି ଯାହା କରାଯାଇଥାଏ—Done unawares; done unknowingly.
Ajn̄ānakṛuta

**ଅଜ୍ଞାନ ଚାପୁଡ଼ା**—ଦେ. ବ. (ସଂ. ଅଜ୍ଞାନ + ଚପେଟ)—ଯେଉଁ ଚାପୁଡ଼ା ଦ୍ୱାରା ମନୁଷ୍ୟର ଜ୍ଞାନ ହଜି ଯାଏ।)
Ajn̄āna chāpurḍā
अज्ञान चापड़

୧ । ଖୁବ ଜୋରରେ ମରାଯିବା ଚାପୁଡ଼ା— 1. A severe slap.

୨ । (ବ୍ୟଙ୍ଗ) ଗୁରୁ ଶିଷ୍ୟଙ୍କୁ ମନ୍ତ୍ର ଦେଲା ବେଳେ ମନ୍ତ୍ର ସାଧନ ପ୍ରତି ଶିଷ୍ୟର ମନୋଯୋଗ ଆକର୍ଷଣ କରିବା ପାଇଁ ଗୁରୁଙ୍କ ପ୍ରଦତ୍ତ ଚପେଟାଘାତ— 2. (Jocular) A slap given by the preceptor to the disciple at the initiation. (ଯଥା—ଯେ ଗୁରୁଙ୍କଠାରୁ ଅଜ୍ଞାନଚାପୁଡ଼ା ପାଇ ନାହିଁ, ସେ ଏ ମନ୍ତ୍ର ସାଧନ କରି ପାରିବ ନାହିଁ ।)

**ଅଜ୍ଞାନଠେଙ୍ଗା**—ଦେ. ବ. (ଯେଉଁ ଠେଙ୍ଗାର ମାଡ଼ରେ ମନୁଷ୍ୟ ଅଜ୍ଞାନ ହୋଇଯାଏ)—
Ajn̄ānaṭhengā

(ବ୍ୟଙ୍ଗ) ପ୍ରହାର ନିମନ୍ତେ ବ୍ୟବହୃତ ଠେଙ୍ଗା— (Jocular) A stout stick or cudgel.

**ଅଜ୍ଞାନପୁର**—ଦେ. ବ. (ସଂ. ଅଜ୍ଞାନ + ପୁର)—ଅବିବେଚନାର ସ୍ଥାନ; ଯେଉଁ ସ୍ଥାନରେ ଅନ୍ୟାୟ, ଅବିଚାର ଓ ଅବିଦ୍ୟାର ପ୍ରାବଲ୍ୟ ହୁଏ—A place where ignorance and injustice reign supreme.
Ajn̄ānapura
অজ্ঞানপুরী
अज्ञानपुरी

**ଅଜ୍ଞାନପୁରୀ**—ଦେ. ବ. (ସଂ. ଅଜ୍ଞାନ + ପୁରୀ)—ଅଜ୍ଞାନପୁର (ଦେଖ) Ajn̄ānapura (See)
Ajn̄ānapurī

**ଅଜ୍ଞାନବତ୍ତା**—ସଂ. ବ. (ଅ + ଜ୍ଞାନବତ୍ତା)—୧ । ଅବିବେକପଣ— 1. Want of consideration.
Ajn̄ānabattā

୨ । ମୂର୍ଖତା—2. Ignorance.

**ଅଜ୍ଞାନୀ**—ଦେ. ବଣ. (ଅଜ୍ଞାନ ଶବ୍ଦର ଅଶୁଦ୍ଧ ପ୍ରୟୋଗ)—
Ajn̄ānī

୧ । ଅଜ୍ଞ—1. Ignorant.

୨ । ମୂର୍ଖ—2. Illiterate.

୩ । ଅବିବେକ; ହିତାହିତଜ୍ଞାନଶୂନ୍ୟ— 3. Indiscriminate; inconsiderate.

ଅଜ୍ଞାନୀ ଯେଉଁମାନେ ଗୃହେ ଥାଇ, ବନ୍ଧେ ଶରୀର ବଶ ହୋଇ ।
ଜଗନ୍ନାଥ—ଭାଗବତ ।

[ ଦ୍ର—କେତେକ ଶବ୍ଦକୋଷରେ 'ଅଜ୍ଞାନୀ' ଶବ୍ଦ ସଂସ୍କୃତ ଥିବାର ଲେଖା ଯାଇଅଛି, କିନ୍ତୁ ବହୁବ୍ରୀହି ସମାସରେ ନାହିଁ ଜ୍ଞାନ ଯାହାର, ଏହିପରି ବ୍ୟାସବାକ୍ୟଦ୍ୱାରା ଅଜ୍ଞାନ ପଦ ସିଦ୍ଧ । ]

**ଅଜ୍ଞାପିତ**—ସଂ. ବଣ. (ଅ + ଜ୍ଞାପିତ)—ଯାହା ପୂର୍ବରୁ ଜଣାଇ ଦିଆଯାଇ ନାହିଁ—Not notified; not brought to notice beforehand.
Ajn̄āpita

**ଅଜ୍ଞେୟ**—ସଂ. ବଣ. (ଅ + ଜ୍ଞେୟ)—
Ajn̄eya

୧ । ଯାହା ଜାଣି ହୁଏ ନାହିଁ; ଜ୍ଞାନର ଅଗମ୍ୟ— 1. Unknowable, unassignable.

୨ । ଅବୋଧ—2. Incomprehensible.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଋ |
| ୨ | ଈ | ଊ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ୱ | ନ୍ତ |

**ଅଜ୍ରାମର**—ଦେ. ବଣ. ( ସଂ. ଅଜର + ଅମର )—
Ajrāmara ୧ । ଅଜର ଓ ଅମର; ଅଜାମର—
অজর অমর, 1. Free from old age & death.
অজামর ୨ । ଅବିନଶ୍ୱର—2. Undecaying.
**অজর অমর** ପବନ ସାଧନେ ଦେହ ଅଟେ ଅଜ୍ରାମର । ପ୍ରାଚୀ—ଶିବସ୍ୱରୋଦୟ ।

**ଅଜ୍ରାମରକନ୍ଦ**—ଦେ. ବଣ. ( ସଂ. ଅଜର + ଅମର )—
Ajrāmarakanda ଅଜ୍ରାମର ( ଦେଖ )
Ajrāmara ( See )
ସାଧୁ ସାଧୁ ହୋଇବ ଯେ ଅଜ୍ରାମରକନ୍ଦ । ପ୍ରାଚୀ—ଶିବସ୍ୱରୋଦୟ ।

**ଅଝଟ**—ଦେ. ବଣ—ଅଜଟ ( ଦେଖ )
Ajhata Ajata ( See )

**ଅଝଟିଆ**—ଦେ. ବଣ—ଅଜଟ ( ଦେଖ )
Ajhatiā Ajata ( See )

**ଅଝାନ୍**—ଦେ. ବ—ଅଜାନ୍ ( ଦେଖ )
Ajhān Ajān ( See )

**ଅଝାନ୍‌ଗା**—ଦେ. ବ—ଅଜାନ୍‌ଗା ( ଦେଖ )
Ajhāngā Ajāngā ( See )

**ଅଝାଲ**—ଦେ. ବ—ନୌକା ବା ଜାହାଜକୁ ପବନଦ୍ୱାରା ଚଳାଇବା ପାଇଁ ବ୍ୟବହୃତ ପାଲ—
Ajhāla
পাল Sail of a boat or a ship.
ଅଝାଲ କେଉଁଅଳ ନାବେ କରୁ ଖଣ୍ଡା । ପୀତାମ୍ବର. ନୃସିଂହପୁରାଣ ।
ଦେ. ବଣ—୧ । ନିବଡ଼—1. Dense. (ଯଥା—ଅଝାଲ ବନସ୍ତ ।)
୨ । ଅତି ଡେଙ୍ଗା—2. Very tall. (ଯଥା—ଅଝାଲ ମରଦ ।)
୩ । ବୃହତ୍‌କାୟ—3. Gigantic.
( ଯଥା—ଅଝାଲ ପରବତ; ଅଝାଲ ଗଛ । )

**ଅଝାଲ ଖୁଣ୍ଟ**—ଦେ. ବ—ମାସ୍ତୁଲ; ଯେଉଁ ଖୁଣ୍ଟରେ ପାଲ ଟଙ୍ଗାଯାଏ—
Ajhāla khunta A mast.
মাস্তুল

**ଅଝାଲି**—ଦେ. ବ—ଅଝାଲ; ଜାହାଜ ବା ନୌକାର ପାଲ—
Ajhāli Sail of a ship or a boat.
পাল ଅମ୍ବର କରଣ ଅଝାଲ । ଭକ୍ତକୃଷ୍ଣ. ରସକଲ୍ଲୋଳ ।

**ଅଝୁକା**—ପ୍ରାଦେ. ( ସମ୍ବଲପୁର ) ବଣ. ( ଭୁଲ. ହୁ. ଅଚୁକ୍ )—
Ajhukā ଅମୋଘ; ଅବ୍ୟର୍ଥ; ଅଚୁଟ—Never failing.
( ଯଥା—ଅଝୁକା ଶର । )

**ଅଞ୍ଚ୍** (ଧାତୁ)—(ସ. ଅନ୍‌ଚ୍ ଧାତୁ)—୧ । ପୂଜା କରିବା—
Añch (root) 1. To worship.
୨ । ଆକୁଞ୍ଚନ କରିବା; ସାଙ୍କୁଡ଼ିବା—2. To contract.
୩ । ଭୂଷିତ କରିବା—3. To decorate; to adorn.

**ଅଞ୍ଚତି**—ସ. ବ. ( ଅଞ୍ଚ ଧାତୁ + କର୍ତ୍ତୃ. ଅତି )—ବାୟୁ; ପବନ—
Añchati The air.

**ଅଞ୍ଚଳ**—ସଂ. ବ. ( ଅଞ୍ଚ ଧାତୁ + ସଂଜ୍ଞାର୍ଥ. ଅଲ )—
Añchala ୧ । ବସ୍ତ୍ରର ପ୍ରାନ୍ତଭାଗ; କାନି—
1. The end of a cloth.
୨ । ପ୍ରାନ୍ତଭାଗ—2. The end; last portion.
୩ । ଦେଶାଂଶ; ପ୍ରଦେଶ—
3. Part of a country; locality.

**ଅଞ୍ଚଳଗଣ୍ଠି ଟାଣିବା**—ଦେ.କ୍ରି—ପ୍ରତିଜ୍ଞା କର ଅଥବା ସ୍ମାରକରୂପେ
Añchalaganthi tāniba କୌଣସି କାର୍ଯ୍ୟ କରିବା ପାଇଁ ଲୁଗା କାନିରେ ଗଣ୍ଠି ପକାଇବା—To tie a knot at the end of one's cloth to serve as a reminder or on resolving to do a certain thing.
ଏମନ୍ତ ବୋଲି ଠାକୁରାଣୀ, ଅଞ୍ଚଳ ଗଣ୍ଠି ଦେଲେ ଟାଣି ।
ଭୂପତି—ପ୍ରେମପଞ୍ଚାମୃତ ।

**ଅଞ୍ଚଳା**—ଦେ. ବ. ( ସ. ଅଞ୍ଚଳ )—ସ୍ତ୍ରୀମାନଙ୍କ ପିନ୍ଧା ଶାଢ଼ୀର ଯେଉଁ
Añchalā ଅଂଶ କାନ୍ଧ ଉପର ଦେଇ ପିଠିଆଡ଼କୁ ଲମ୍ବିଥାଏ,
আঁচল ସେହିପାଖର ମୁହଁରେ ଥିବା ଚିତ୍ରିତ ଅଂଶ—
The embroidered or worked end of a cloth put on by women.

**ଅଞ୍ଚଳିଆ**—ଦେ. ବଣ. ( ଅନ୍ୟ ସ୍ଥାନବାଚକ ଶବ୍ଦ ସଙ୍ଗେ ଯୁକ୍ତ ହୁଏ;
Añchaliā ଯଥା—ପୁରୀ ଅଞ୍ଚଳିଆ)—ଅମୁକ ଅଞ୍ଚଳ ବା
অঞ্চলের ସ୍ଥାନ ସମ୍ବନ୍ଧୀୟ—Relating to such and such a place.

**ଅଞ୍ଚାଅଞ୍ଚି**—ଦେ. ବଣ. ( ଅଞ୍ଚିବା କ୍ରିୟାର ପରସ୍ପରାର୍ଥବୋଧକ ଶବ୍ଦ )—
Añchāañchi ପରସ୍ପର ଉପରକୁ ଆକ୍ରମଣ କରିବାକୁ ଉଦ୍ଧୁଙ୍କିବା; ଉଦ୍ଧୁଙ୍କାଉଦ୍ଧୁଙ୍କି—Advancing towards each other to attack.
ଖଡ୍ଗଧରଧର ସେବେ ଅଞ୍ଚାଅଞ୍ଚି
ହୋଇଣ ହଣାହଣି ହେଲେ ଯୁଦ୍ଧେ ପାଞ୍ଚ । କୃଷ୍ଣସିଂହ ମହାଭାରତ. ଶଲ୍ୟ ।
ଦେ. ବ—ପରସ୍ପରକୁ ଆକ୍ରମଣ—Mutual attacking; attacking each other.

**ଅଞ୍ଚାଡ଼**—ପ୍ରାଦେ. ( କଳାହାଣ୍ଡି ) ବ—ଶଗଡ଼ର ଅଖ—
Ancharda The axle of a cart.

**ଅଞ୍ଚିତ**—ସ. ବଣ. (ଅଞ୍ଚ ଧାତୁ + କର୍ମ. ତ)—
Añchita ୧ । ପୂଜିତ—1. Adored.
୨ । ଆକୁଞ୍ଚିତ—2. Contracted.
୩ । ବକ୍ରୀକୃତ—3. Bent.
୪ । ଗ୍ରଥିତ—4. Sewn; strung together
୫ । ଭୂଷିତ—5. Adorned; decorated.
୬ । ଦଣ୍ଡାୟମାନ; ଉତ୍ଥିତ—6. Rising; standing.

**ଅଞ୍ଜ୍** (ଧାତୁ)—( ସ. ଅନ୍‌ଜ୍ ଧାତୁ ) ୧ । ରଞ୍ଜନ କରିବା—
Añj (root) 1. To paint.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଣ୍ଟା' ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

୨ । ମିଶାଇବା—2. To mix.

୩ । ଗମନ କରିବା—3. To go.

୪ । ଦୀପ୍ତି ପାଇବା—4. To shine.

**ଅଞ୍ଜନ**—ସଂ. ବି. (ଅଞ୍ଜ ଧାତୁ + କର୍ମ. ଅନ)—୧ । ଚକ୍ଷୁରଞ୍ଜନାର୍ଥ ବ୍ୟବହୃତ ଲେପ; କଜ୍ଜଳ—1. Collyrium; ointment for the edge of the eye-lid.
**Añjana**

> ଧାତୁ ବୈଦ୍ୟ ପୁରୁଷ ଯେ ଚକ୍ଷୁର ଅଞ୍ଜନ
> ସ୍ତମ୍ଭନ ମୋହନ ଆଉ ବଶ ଉଚ୍ଚାଟନ । ସାରଳା ମହାଭାରତ, ସ୍ୱର୍ଗ ।

୨ । କଳା; ମସୀ; କାଳି—2. Ink.

୩ । ଦୀପ କଳା—3. Lamp-black.

୪ । ମଳ—4. Dirt.

୫ । ସୁରୁମା; ରସାଞ୍ଜନ—5. Antimony.

୬ । ଆୟୁର୍ବେଦୋକ୍ତ ଚାରି ପ୍ରକାରର ଅଞ୍ଜନ—6. Four kinds of ointment mentioned in the Hindu medical books.
( ଯଥା—ରସାଞ୍ଜନ, ସ୍ରୋତାଞ୍ଜନ, ସୌବୀରାଞ୍ଜନ, କୃତ୍ରିମାଞ୍ଜନ )

୭ । (ଅଞ୍ଜ ଧାତୁ + ଭାବ. ଅନ)—ମ୍ରକ୍ଷଣ; ମିଶାଇବା—7. Mixing up.

୮ । ଗମନ; ଗତି—8. Going; movement.

୯ । (ଅଞ୍ଜ ଧାତୁ + କର୍ତ୍ତୃ. ଅନ)—ଅଗ୍ନି—9. Fire.

୧୦ । ପଶ୍ଚିମ ଦିଗର ହସ୍ତୀ—10. Name of the elephant guarding the West.

ଦେ. ବିଣ—(ଅଞ୍ଜନ ପରି) କଳା; କୃଷ୍ଣ ବର୍ଣ୍ଣ—Black.

> ବଦନ ଅଞ୍ଜନ ଦୃଶ୍ୟ ନୟନ, ଅନବରତ ଚହଟ ଚଳନ ।
> ଭଞ୍ଜ—ପ୍ରେମସୁଧାନିଧି ୨।୧୪ ।

**ଅଞ୍ଜନକାଠି**—ଦେ. ବି. ( ସଂ. ଅଞ୍ଜନ + କାଷ୍ଠ )—ଆଖିରେ କଜଳ ଗାର ଦେବା ପାଇଁ ବ୍ୟବହୃତ କାଷ୍ଠ ବା ଧାତୁର ଗୋଲ ଶଳାକା—A small pick used to lay collyrium on the eye-lids.
**Añjana kāthi**

> ତାକୁ ଧରିବାକୁ ତ ପୂର୍ବରେ ଅଞ୍ଜନ କାଠି ରଖିଥିଲ ତାହା କହ କେ ଅନ ।
> କୃଷ୍ଣସିଂହ ମହାଭାରତ, ବନ ।

**ଅଞ୍ଜନକେଶା**—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ଅଞ୍ଜନ + କେଶ + ସ୍ତ୍ରୀ. ଆ)—କଜ୍ଜଳକୁନ୍ତଳା; ଯେଉଁ ସ୍ତ୍ରୀର ମୁଣ୍ଡର କେଶ କଜ୍ଜଳ ପରି ଗାଢ଼ କୃଷ୍ଣବର୍ଣ୍ଣ—(a woman) Having deep black tresses of hair.
**Añjanakeśā**

**ଅଞ୍ଜନଗିରି**—ସଂ. ବି. (ଅଞ୍ଜନ + ଗିରି)—ନୀଳଗିରି ପର୍ବତ—The Nilgiris (mountain-range)
**Añjanagiri**

**ଅଞ୍ଜନପର୍ବା**—ସଂ. ବି. (ନାମ)—ପାଣ୍ଡବପକ୍ଷୀୟ ଯୋଦ୍ଧାବିଶେଷ—Name of a warrior fighting for the Pāndavas
**Añjanaparbā**

> ଚକହୁଡ ଦେଖିଣ ଘଟୋତ୍କଚ ସୁତ,
> ଅଞ୍ଜନପର୍ବା ଯୁଦ୍ଧେ ହୋଇ କୋପଯୁକ୍ତ । କୃଷ୍ଣସିଂହ ମହାଭାରତ, ଦ୍ରୋଣ ।

**ଅଞ୍ଜନବିଦ୍ୟା**—ସଂ. ବି. (ମଧ୍ୟପଦଲୋପୀ; ଅଞ୍ଜନ ପ୍ରୟୋଗସମ୍ବନ୍ଧୀୟ ବିଦ୍ୟା; ଅଞ୍ଜନ + ବିଦ୍ୟା)—ଯେଉଁ ବିଦ୍ୟା ଶିକ୍ଷା କରିବା ବ୍ୟକ୍ତି ଅଭିମନ୍ତ୍ରିତ ଅଞ୍ଜନ ଆଖିରେ ଲଗାଇଲେ ତାକୁ ଅନ୍ଧକାରରେ ପଦାର୍ଥମାନ ଦେଖାଯାଏ—A science of applying magical collyrium to the eye by which a person can see things in the dark.
**Añjanabidyā**

> ଅଞ୍ଜନ ବିଦ୍ୟା ଯେ ଏହୁ ଯେମନ୍ତ ଗୋ ମାଏ,
> ଦକ୍ଷେ ଯେ ଲଭିବ ତୋତେ ଦିବସ ପରାଯେ । ସାରଳା ମହାଭାରତ, ମଧ୍ୟ ।

**ଅଞ୍ଜନା**—ସଂ. ବି. ସ୍ତ୍ରୀ. ( ନାମ ) ( ଅଞ୍ଜନ + ଆ )—୧ । ପଶ୍ଚିମ ଦିଗ ହସ୍ତିନୀ—1. Name of the she-elephant guarding the West.
**Añjanā**

୨ । ହନୁମାନଙ୍କ ମାତା; କେଶରୀ ନାମକ ବାନରର ସ୍ତ୍ରୀ—2. Name of the mother of Hanūmāna.

୩ । (ଅଳଙ୍କାର ଶାସ୍ତ୍ରୋକ୍ତ ଶବ୍ଦ ଶକ୍ତି ଭେଦ)—ବ୍ୟଞ୍ଜନା ବୃତ୍ତି (ଦେଖ) 3. Byañjanā brutti ( See )

**ଅଞ୍ଜନାଧିକା**—ସଂ. ବି—ଏକ ପ୍ରକାର ଝିଟିପିଟି—A kind of house-lizard.
**Añjanādhikā**

**ଅଞ୍ଜନାବତୀ**—ଦେ. ବି. ସ୍ତ୍ରୀ. (ନାମ) (ସଂ. ଅଞ୍ଜନା)—ପଶ୍ଚିମଦିଗ ହସ୍ତିନୀ—Name of the she-elephant guarding the West.
**Añjanābati**

**ଅଞ୍ଜନିକା**—ସଂ. ବି. (ଅଞ୍ଜନ + କ + ଆ)—୧ । ଏକପ୍ରକାର ଝିଟିପିଟି—1. A species of house-lizard.
**Añjanikā**

୨ । ଛୁଚୁଆ ମୂଷା (ଏହାର ଦେହର ବର୍ଣ୍ଣ କୃଷ୍ଣାଭ ଥିବାରୁ)—2. The small mouse.

**ଅଞ୍ଜଳି**—ସଂ. ବି. ( ଅଞ୍ଜ ଧାତୁ + ଅଳି )—ଗର୍ତ୍ତାକୃତି ଦୁଇ ହସ୍ତର ପୁଟ; ପାତ୍ରାକାର କୃତ ଦୁଇ କରତଳ – The two palms of the hands hollowed and held together; folded palms.
**Añjali**

**ଅଞ୍ଜଳିକ**—ସଂ. ବି. ( ଅଞ୍ଜଳି + କ )—ଶରବିଶେଷ; ଏହି ଶରରେ ଅର୍ଜୁନ କର୍ଣ୍ଣଙ୍କର ମସ୍ତକ ଛେଦନ କରିଥିଲେ—A kind of arrow.
**Añjalika**

> ପୁଣି ସେ ଅର୍ଜୁନ ଅଞ୍ଜଳିକ ଶର,
> ସନ୍ଧିଲେ ଧନୁ ମଧ୍ୟେ ହୋଇ ତତପର । କୃଷ୍ଣସିଂହ ମହାଭାରତ, କର୍ଣ୍ଣ ।

**ଅଞ୍ଜଳିକାରିକା**—ସଂ. ବି. ( ଅଞ୍ଜଳି + କାରକ + ଆ )—( ଛୁଇଁ ଦେବା ମାତ୍ରେ ଯେଉଁ ଗୁଳ୍ମର ପତ୍ର ଅଞ୍ଜଳି ପରି ଆକାର ଧାରଣ କରି ମୁଦ ହୋଇଯାଏ । )
**Añjalikārikā**

୧ । ଲଜ୍ଜାବତୀ ଲତା—1. The mimosa plant.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଢ଼ | ଋ,ଋ | ଝ | ଏ | ହ୍ରସ୍ୱ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇସ୍ତ | ତ୍ରଅ | ଝ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ● | ନ୍ତ |

୨ । (ଯାହାକୁ ଚପି ଦେଲେ ତାର ହୁଇ ହାତ ଅଞ୍ଜଳ ପରି ହୋଇଯାଏ)—ପୁତ୍ତଳିକା; କଣ୍ଢେଇ—2. A doll

**ଅଞ୍ଜସା**—ସଂ. କ୍ରି. ବଣ—ଝଟ୍‌ତି; ଅତିଶୀଘ୍ର—Very quickly.
Añjasā

**ଅଞ୍ଜାମ୍**—ବୈଦେ. ବି. ( ଫା. ଇନ୍‌ଜାମ୍ )—
Añjām ୧ । କାର୍ଯ୍ୟ ସମ୍ପାଦନ—1. Performance of work.
ইঞ্জাম, আঞ্জাম
अञ्जाम ୨ । କର୍ତ୍ତବ୍ୟକର୍ମ ସାଧନ—
2. The doing of a duty.

ଆପଣା ଜଗର ଜାଗାରେ ବସି ସରକାରୀ କର୍ମ ଅଞ୍ଜାମ କରୁଥିବା ହାଲତେ ।
ଫକୀରମୋହନ—ଛମାଣ ଆଠଗୁଣ୍ଠ ।

୩ । କର୍ମର ସମାପ୍ତି—3. Accomplishment or completion of a work.

ବୈଦେ. ବଣ—୧ । ସମ୍ପାଦିତ; ସାଧିତ —
1. Done; performed.
୨ । ସମାପିତ—2. Completed.
୩ । ସମାହୃତ—3. Accomplished.

**ଅଞ୍ଜିର**—ଦେ. ବି. ( ସଂ. ଅଞ୍ଜୀର )—ଅଞ୍ଜୀର ( ଦେଖ )
Añjira Añjira ( See )

**ଅଞ୍ଜିଷ୍ଠ**—ସଂ. ବି. ( ଅଞ୍ଜ ଧାତୁ + କର୍ତ୍ତୃ. ଇଷ୍ଠ; ଯାହା ଗତି ପାଏ )—
Añjishtha ସୂର୍ଯ୍ୟ—The Sun.

**ଅଞ୍ଜିଷ୍ଣୁ**—ସଂ. ବି. ( ଅଞ୍ଜ ଧାତୁ + କର୍ତ୍ତୃ. ଇଷ୍ଣୁ; ଯାହା ଗତି ପାଏ )—
Añjishnu ସୂର୍ଯ୍ୟ—The Sun.

**ଅଞ୍ଜୀର**—ସଂ. ବି. ( ଅଞ୍ଜ ଧାତୁ + ଈର )—
Añjira ଟଭା ପରି ବଡ଼ ଲେମ୍ବୁଜାତୀୟ ଖଟା ମିଠା ଫଳବିଶେଷ—
টাভা A species of lime; Ficus Carica.
अञ्जिर

**ଅଞ୍ଜୁମନ୍**—ବୈଦେ. ବି. ( ଫା )—
Añjuman ସଭା; ସମିତି—
অঞ্জুমান An association.
अञ्जुमन

**ଅଞ୍ଜୁଳା**—ଦେ. ବି. ( ସଂ. ଅଞ୍ଜଳ )—
Añjulā ୧ । ଅଞ୍ଜଳ; ପାତ୍ରୀକୃତ କରତଳଦ୍ୱୟ—
অঞ্জলি 1. The two palms of the hands folded and hollowed into a cup.
अँजुल ୨ । ଏକ ଅଞ୍ଜଳରେ ସମ୍ଭେଇବା ବସ୍ତୁ—
2. A quantity of any thing which can be contained in the cup-shaped hollowed palms; one handful.
( ଯଥା—ମୁଁ ତାକୁ ଗୃହ୍ଲ ଭିକ ଅଞ୍ଜୁଳା ଦେଲି । ) ।

ଦେ. ବଣ—ଏକ ଅଞ୍ଜଳ ପରିମିତ—One handful of.

**ଅଞ୍ଜୁଳି**—ଦେ. ବି. ଓ ବଣ. ( ସଂ. ଅଞ୍ଜଳ )—ଅଞ୍ଜଳ ( ଦେଖ )
Añjuli Añjali ( See )

**ଅଞ୍ଜୋଳି**—ଦେ. ବି. ଓ ବଣ. ( ସଂ. ଅଞ୍ଜଳ )—ଅଞ୍ଜଳ ( ଦେଖ )
Añjoli Añjali ( See )

ଧାନ ଅଞ୍ଜୋଳି ପେଟେ ଦେଇ । ବେଗେ ଧାଇଁଲେ ଗୃହସ୍ୱାମୀ ।
ଜଗନ୍ନାଥ. ଭାଗବତ, ୧୦ ।

**ଅଟ୍** (ଧାତୁ)—ସଂ—୧ । ଗମନ କରିବା—1. To go; to move.
Aṭ (root) ୨ । ଚାଲିବା; ଭ୍ରମଣ କରିବା—2. To walk.
୩ । ପରିଭ୍ରମଣ କରିବା—
3. To wander; to roam about.

**ଅଟ୍‌ପଟ୍**—ପ୍ରାଦେ. ( ସମ୍ବଲପୁର ) ବଣ—କଷ୍ଟସାଧ୍ୟ; ଦୁଃସାଧ—
Aṭpaṭ Difficult to solve or perform.
( ଯଥା—ମାଷ୍ଟର ଗୋଟାଏ ଅଟ୍‌ପଟ୍ ଅଙ୍କ ଦେଇଥିଲେ । )

**ଅଟ୍‌ପଟିଆ**—ପ୍ରାଦେ. ( ସମ୍ବଲପୁର ) ବଣ—ଅଟ୍‌ପଟ୍ ( ଦେଖ )
Aṭpaṭia Aṭpaṭ ( See )

**ଅଟ**—ଦେ. ବି. ( ? ) ୧ । ଆଚ୍ଛାଦନ—1. Covering.
Aṭa ୨ । ଆଖିର କଜ୍ଜଳ—2. Collyrium.

ଦେଖାଇ ମାମୁଁ ବୋଲି ଦ୍ୱିଜବଟ, କାଇଁ ଦେଉଥିଲୁ ଯା ନେନେ ଅଟ ।
କବିସୂର୍ଯ୍ୟ. କଦଳୀ ।

ଦେ—ଭୂ ଧାତୁର ବର୍ତ୍ତମାନ କାଳରେ ବ୍ୟବହୃତ ଆଦ୍ୟାଂଶ—
বট The first portion of the verb bhū (ଭୂ) in the present tense.

[ଦ୍ର—ଭୂ ଧାତୁର ବର୍ତ୍ତମାନ କାଳର ଉକ୍ତ ଭିନ୍ନ ପୁରୁଷ ଓ ବଚନରେ 'ଅଟ' ଯୁକ୍ତ ଆକାରମାନ । ]

| | ଏକବଚନ | ବହୁବଚନ |
|---|---|---|
| **୧ମ (ବା ଉତ୍ତମ) ପୁରୁଷ** | | |
| ଅନାଦରାର୍ଥକ - ମୁଁ | ଅଟେଁ | ଅମ୍ଭେମାନେ ଅଟୁଁ |
| ଆଦରାର୍ଥକ—ଅମ୍ଭେ | ଅଟୁଁ | |
| **୨ୟ (ବା ମଧ୍ୟମ) ପୁରୁଷ** | | |
| ତୁଚ୍ଛାର୍ଥକ—ତୁ | ଅଟୁ | ତୁମ୍ଭେମାନେ ଅଟ |
| ସାମାନ୍ୟାର୍ଥକ—ତୁମ୍ଭେ | ଅଟ | |
| ମାନ୍ୟାର୍ଥକ—ଆପଣ | ଅଟନ୍ତି— | ଆପଣମାନେ ଅଟନ୍ତି |
| **୩ୟ ପୁରୁଷ** | | |
| ଅନାଦରାର୍ଥକ—ସେ | ଅଟଇ(ପଦ୍ୟ), ଅଟେ(ଗଦ୍ୟ) | ସେମାନେ ଅଟନ୍ତି |
| ଆଦରାର୍ଥକ—ସେ | ଅଟନ୍ତି | |

**ଅଟକ**—ସଂ. ବଣ ( ଅଟ ଧାତୁ + କର୍ତ୍ତୃ. ଅକ )—
Aṭaka ପରିଭ୍ରମଣକାରୀ; ପରିବ୍ରାଜକ—
আটক Roaming; wandering ( Apte ).
अटक

ବୈଦେ. ବି. (ଫା. ଅଟକ୍ ) – ୧ । ଗତିସ୍ଥଗିତ—
1. Stoppage of motion; halt.

ଛନ୍ଦ ପଲକ ଅଟକ ସତ । ଉଦ୍ଧ—ପ୍ରେମସୁଧାନିଧି, ୨୧ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅବରୋଧ; ରୋଧ—
2 Obstruction; restraint.
କଣ୍ଟକ ! କଣ୍ଟକ ଦେଖାଇ କରେ ଅଟକ । ଭଗ

୩ । ବାଧା; ବିଘ୍ନ—3. Hindrance.

୪ । ସ୍ଥଗିତକରଣ; ବନ୍ଦ କରିବା—
4 Stoppiug; cessation.

୫ । ବାସନ୍ଦ; ସମାଜଚ୍ୟୁତ—
5. Ostracism; excommunication.
ମଦ ଖାଅ ପଛେ କାହିଁ ତହିଁକି ଶୋଚନା,
ଦେହେ ବୋଳ ହେଲେ ହେବ ଜାତରେ ଅଟକ— ରାମଶଙ୍କର, କଳାବତୀ, ୨୧ ।

୬ । ନିଷେଧ; ମନା—6. Prohibition.
( ଯଥା—ନଅଁ ପାଣି ଅଟକ; ଧୋବା ଭଣ୍ଡାର ଅଟକ । )

୭ । କ୍ରୋକ; କୋରଖ—
7. Attachment; distraint.
( ଯଥା—ଫସଲ ଅଟକ । )

୮ । ପୂର୍ବ ସ୍ଥାନରେ ବା ଯଥାସ୍ଥାନରେ ଅବସ୍ଥିତି—
8 Proper position; being at the proper place.
ଘାରକ କରନ୍ତି ତାଙ୍କ ଅଟକ ନ ରହି କର୍ଣ୍ଣରୁ ଗଲା, କବିସୂର୍ଯ୍ୟ, ସଙ୍ଗୀତ ।

୯ । ବାଡ଼—9. Fencing.

୧୦ । ସ୍ରୋତ ପ୍ରତିରୋଧ କରିବା ବନ୍ଧ—
10. A dam; a bandh.

୧୧ । ( ନାମ ) ପଞ୍ଜାବ ଓ ଆଫଗାନସ୍ଥାନର ସୀମାରେ ଥିବା ଭାରତର ଉତ୍ତର ପଶ୍ଚିମସ୍ଥ କ୍ଷୁଦ୍ର ନଗରବିଶେଷ—
11. Attock; name of a small town in the north-western frontier of India.

ବିଦେ. ବିଣ—୧ । ଗତିରହିତ –1. Halted.

୨ । ଯାହାର ଗତିରୋଧ କରାଯାଇଅଛି—
2. Restrained.

୩ । ସ୍ଥଗିତ କରାଯାଇଥିବା—3. Stopped.

୪ । ବାଧାପ୍ରାପ୍ତ - 4. Obstructed; hindered.

୫ । ନିଷିଦ୍ଧ—5. Prohibited.

୬ । ସମାଜଚ୍ୟୁତ—6. Excommunicated; ostracised.

୭ । କୋରଖ କରାଯାଇଥିବା—
7. Attached; distrained.

**ଅଟକଳ**—ଦେ. ବି. ( ସଂ. ଅଟ ଧାତୁ=ପର୍ଯ୍ୟଟନ+କଲ ଧାତୁ= ଗଣନା କରିବା )—୧ । ଅନ୍ଦାଜ; ଅନୁମାନ—
**Atakala** 1. Guess.
আটকাল; আটকোল
**अटकल**

୨ । ପରିମାଣ—2. Measure.

୩ । ଇସ୍ତୁମ୍ବା; ଲୁଡ—
3. Estimate; rough estimate.

**ଅଟକା**—ଦେ. ବି. ( ଫା. ଅଟକ୍ )—୧ । ଅଟକାଇବା କର୍ମ—
**Atakā** 1. Act of restraining.
আটকান

୨ । କୋରଖ; ଅଟକ—2. Attachment.
**अटकाना**

ଦେ. ବିଣ—୧ । ଯାହାକୁ ଅଟକ କରାଯାଇଥାଏ—
1. Restrained.

୨ । କୋରଖ କରାଯାଇଥିବା—2. Attached.

**ଅଟକାଅଟକ**—ଦେ. ବି—ଅନେକ ବସ୍ତୁ ବା ବ୍ୟକ୍ତିଙ୍କୁ ଅଟକାଇବା କର୍ମ—
**Atakāataki** Several acts of restraining.
আটকাআটকি
**अटकाअटकी**

**ଅଟକାଇବା**—ଦେ. କ୍ରି—ସକର୍ମକ ( ଫା. ଅଟକ୍ )—
**Atakāibā** ୧ । ଅଟକିବାର ଣିଜନ୍ତ ଓ ସକର୍ମକ ରୂପ—
আটকান 1. Causative and transitive
**अटकाना** form of the verb Atakibā.

୨ । ଅଟକ କରିବା; ଗତିରୋଧ କରିବା—
2. To restrain.

୩ । କୋରଖ କରିବା—3. To attach.

୪ । କୌଣସି ଦ୍ରବ୍ୟ ବିକ୍ରି ନ କରିବା ପାଇଁ ଆଦେଶ ଦେଇ ବନ୍ଦ କରିବା—4. To order a thing not to be sold.
( ଯଥା—ଜମିଦାରଙ୍କ ବଭାଗରକୁ ରଇତମାନଙ୍କ ବାଡ଼ରେ ୧୦ କାନ୍ଧ କଦଳୀ ତହସିଲଦାର ଅଟକାଇ ଅଛନ୍ତି । )

୫ । ଫସଲ କାଟି ନ ନେବାପାଇଁ ପ୍ରଜାକୁ ବନ୍ଦ କରିବା—
5. To distrain a crop.

୬ । ଜାତିଚ୍ୟୁତ କରିବା—6. To excommunicate.

**ଅଟକାଳି**—ଦେ. ବି—ଘନ ଜାଉ; ଶସ୍ୟଚୂର୍ଣ୍ଣଦ୍ୱାରା ପ୍ରସ୍ତୁତ ବହଳିଆ ଖିରି—
**Atakāli** Thick gruel.
**जाउ** ଆଙ୍କଣା ଛତୁଆ ନାଡ଼ୁ ଗଜା ଅଟକାଳି । ପୀତାମ୍ବର. ନୃସିଂହପୁରାଣ ।
[ ଦ୍ର—ଖିରିରେ ଦୁଧ ମିଶିଥାଏ; ଖୀରସାରେ ଦୁଧ ଓ ପାଣି ମିଶିଥାଏ; ଜାଉରେ ପାଣି ମିଶି ପତଳା ହୋଇଥାଏ; ଅଟକାଳିରେ ପାଣି ମିଶି ଘନ ହୋଇଥାଏ । ]

**ଅଟକିବା**—ଦେ. କ୍ରି. ( ଫା. ଅଟକ୍‌ନା )—୧ । ଗତି କରୁ କରୁ ବନ୍ଦ ହେବା; ରହିଯିବା—1. To come to a stand-still; to stop.
**Atakibā**
আটকা
**अटकना**
ନରତେ ମୁଁ ଅଟକୁ ଅଟକୁ ଗୋ । କବିସୂର୍ଯ୍ୟ, ସଙ୍ଗୀତ ।

(ଣିଜନ୍ତ--ଅଟକାଇବା) ୨ । କୌଣସି ସ୍ଥାନରେ ଲାଖିବା—
2. To stick to a place.
( ଯଥା—ଲୁଗା ଖଣ୍ଡିକ ଗଛ ଡାଳରେ ଅଟକିଛି । )

୩ । ଅଗ୍ରସର ନ ହେବା—
3. Not to advance further.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଓ୍ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଗ୍ୟ | ତ୍ଥ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତ |

ଅଟକଇ ପାଦ ନୁହଇ ବେଢ଼ । କବିସୂର୍ଯ୍ୟ. ସଙ୍ଗୀତ ।

୪ । ଅବରୁଦ୍ଧ ହେବା; ବାଧା ପ୍ରାପ୍ତ ହେବା—
4. To be restrained or obstructed.
( ଯଥା—ପାଣି ସୁଅ ବନ୍ଧଠାରେ ଅଟକିଅଛି । )

୫ । କୌଣସି କାର୍ଯ୍ୟ ସ୍ଥଗିତ ହେବା ବା ଅଚଳ ହେବା —
5. To be stopped; not to proceed.
( ଯଥା—ସହକାରୀମାନେ ଆଜି ଉପସ୍ଥିତ ନ ହେବାରୁ ଡକ୍ସନାରୀ ସଂଶୋଧନ କାମ ଅଟକିଅଛି । )

୬ । ଦେହ ମଧ୍ୟରେ ବାୟୁ ବା ପବନ କୌଣସିଠାରେ ସ୍ଥିର ହୋଇ ରହି ଏଣେତେଣେ ଗତି ନ କରିବା—
6. Not to circulate.
( ଯଥା—ମୋ ବେକରେ ପବନ ଅଟକିବାରୁ ମୁଁ ବେକକୁ ବୁଲାଇ ପାରୁ ନାହିଁ । )

୭ । ନିଜର ଗତି ବନ୍ଦ କରିବା—7. To cease motion.

ଅଟକେ ନ ରହି ଅଳସରେ, ରଟ ରଟ ଚଳେ ଚଳାସରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୮ । ଏଣିକିତେଣିକି ନ ଯିବା; ନ ଚଳିବା—
8. Not to move.
( ଯଥା—ତା ଡଣ୍ଡିରେ ଗୁଆ ଖଣ୍ଡେ ଅଟକିଛି; ଛାତିରେ କଫ ଅଟକିଛି । )

୯ । କୌଣସି ସ୍ଥାନରେ ବାଧ୍ୟ ହୋଇ ରହିବା—
9. To be detained at a place.
( ଯଥା—ମୋ ମକଦ୍ଦମାର ଫଇସଲ ନ ହେବାରୁ, ମୁଁ ଏଠାରେ ଗୁରୁ ଦିନ ଅଟକିଗଲି । )

୧୦ । କାର୍ଯ୍ୟ କରିବାକୁ ଅଶକ୍ତ ହେବା; ଅବଶ ହେବା—
10. To become stiff; to be incapable of action.

ଝଟ କରି ଅବା ଲଗଇ ଦିଅନ୍ତି, ଅଟକି ରହିଲା ପାଣି ।
କବିସୂର୍ଯ୍ୟ. ସଙ୍ଗୀତ ।

**ଅଟକେଇବା**— ଦେ. କ୍ରି —ଅଟକାଇବା ( ଦେଖ )
Aṭakeibā A akāibā ( See )

ପଦ, ଧନ, ଦାସ, ସୁତ, ଘର, ବନ୍ଧୁ କେହି ଅଟକେଇ ରଖି ପାରିବେ ନାହିଁ ।
ଦ୍ୱିଜଶଙ୍କର—ଲୀଳାବତୀ ୨୨ ।

**ଅଟଙ୍କା**—ଦେ. ବି—ହାତର ପ୍ରସାରିତ ମୁଠା (ଏକ ଆଡ଼େ ବୁଢ଼ା ଆଙ୍ଗୁଠି ଓ ଅନ୍ୟ ଆଡ଼େ ବଳି ବା ମଝି ଆଙ୍ଗୁଠିଦ୍ୱାରା ପରିବେଷ୍ଟିତ ସ୍ଥାନ) ମଧ୍ୟରେ ଯେତିକି ଧାନଗଛ ବା ଘାସ ସମ୍ଭାଏ ସେହି ପରିମାଣ—So much paddy plants or grass as can be held by the extended thumb and middle fingers.
Aṭankā
ମୁଠି

[ ଦ୍ର—ଧାନ କଟାଳମାନେ ଦାଆଦ୍ୱାରା ମୁଞ୍ଜାଏ ମୁଞ୍ଜାଏ ଧାନଗଛ କାଟି ମୁଠାରେ ଧରୁଥାଆନ୍ତି । ଏପରି ଧରୁ ଧରୁ ଯେତେବେଳେ ଅଟଙ୍କାଏ ହୋଇଯାଏ, ସେତେବେଳେ ତାକୁ ଭୂଇଁରେ ଥୋଇ ଦିଅନ୍ତି; ପୁଣି ଧାନ କାଟିବାରେ ଲାଗନ୍ତି । ]

**ଅଟଙ୍ଗା**—ଦେ. ବି—ଅଟଙ୍କା ( ଦେଖ )
Aṭangā Aṭankā ( See )

**ଅଟଚାଳିଶ**—ଦେ. ବି. ଓ ବିଣ. (ସଂଖ୍ୟାବାଚକ; ସଂ. ଅଷ୍ଟଚତ୍ୱାରିଂଶତ୍)—
Aṭachālisa ଚାଳିଶ ସଂଖ୍ୟାରୁ ଆଠ ଅଧିକ ସଂଖ୍ୟା, ୪୮—
আটচল্লিস Forty-eight.
অঠতালিস,
अड़तालिस्

**ଅଟଜଟ**—ଗ୍ରା. ବି—୧ । ଅସମ୍ବଦ୍ଧ ବାକ୍ୟ; ପ୍ରଳାପ—
Aṭajaṭa 1. Raving; incoherent speech.
আবোলতাবোল ୨ । ଅମୂଳକ ଅପବାଦ—
2. Unfounded aspersion; defamation.
୩ । ଅକଟ ବା ଅବୁଝା କଥା; ଝଗଡ଼—
3. Importunity; unreasonable words.
ଗ୍ରା. ବିଣ—୧ । ଅଜଟ ( ଦେଖ )
1. Ajata ( See )
୨ । ଅସମ୍ବଦ୍ଧ (ବାକ୍ୟ)—2 Incoherent (Speech).

**ଅଟଜଟିଆ**—ଗ୍ରା. ବିଣ. ପୁଂ—୧ । ଅଜଟିଆ; ଏକଜିଦିଆ—
Aṭajaṭiā 1. Obstinate.
(ଅଟଜଟେଇ—ସ୍ତ୍ରୀ) ୨ । ଅନ୍ୟ ନାମରେ ମିଥ୍ୟା ଅପବାଦ ରଟନାକାରୀ—
2 Spreading unfounded aspersions or scandal against a person.

**ଅଟତିରିଶ**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ; ସଂ. ଅଷ୍ଟତ୍ରିଂଶତ୍ )
Aṭatirisa ତିରିଶିଠାରୁ ଆଠ ଅଧିକ ସଂଖ୍ୟା; ୩୮ —
আটত্রিশ Thirty-eight.
অঠতীশ; अड़तीस

**ଅଟନ**—ସଂ. ବି. ( ଅଟ ଧାତୁ + ଭାବ. ଅନ )—
Aṭana ୧ । ଗମନ—1. Going.

ଧୀରେ ପ୍ରଶାନ୍ତରେ ହରି ଶମ୍ଭୁନ ଅଟନେ,
ବହିର ହରିଏ କ୍ଷିପ୍ର କରି ବକ୍ଷେପଣେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । ଭ୍ରମଣ—2. Walking.
୩ । ପରିଭ୍ରମଣ—3. Travelling.
୪ । ଚଳନ; ଗତି— . Movement; motion.
୫ । ବିଚରଣ—5. Wandering; roaming about.

**ଅଟନି**—ସଂ. ବି. ( ଅଟ ଧାତୁ + କର୍ତ୍ତୃ. ଅନି )—
Aṭani ଧନୁଷ୍କୋଟି; ଧନୁର ଅଗ୍ର—
The ends or horns of a bow.

**ଅଟଣୀ**—ସଂ. ବି. (ଅଟ ଧାତୁ + କର୍ତ୍ତୃ. ଅଣୀ )—ଅଟନି ( ଦେଖ )
Aṭanī Aṭani ( See )

**ଅଟପା** —ଗ୍ରା. ବିଣ—୧ । ଅଶଙ୍କିଆ; ଅସୁବିଧାଜନକ—
Aṭapa

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

1. Awkward; inconvenient ( thing or matter).
୨ । ଅସଙ୍ଗତ—2. Irrelevant.
୩ । ଅସମ୍ଭବ—3. Improbable.
୪ । ବେଆଡ଼ା; ଅନୁଚିତ—4. Improper; irregular.
ଗ୍ରା. ବିଣ. ( ପୁଂ. ଓ ସ୍ତ୍ରୀ. )—୧ । ଅଶାଗୁଆ—
1. Awkward ( person ).
୨ । ଅବାଗିଆ—2. Unmethodical; irregular.

**ଅଟବି**—ସଂ. ବି. ( ଅଟ ଧାତୁ + ଅଧିକରଣ. ଅବି )—
Aṭabi ଅରଣ୍ୟ; ବନ—Forest; woods.

**ଅଟବୀ**—ସଂ. ବି. ( ଅଟ ଧାତୁ + ଅଧିକରଣ. ଅବୀ )—ଅଟବି ( ଦେଖ )
Aṭabī Aṭabi ( See )

**ଅଟମାନ**—ସଂ. ବିଣ. ପୁଂ. ( ଅଟ ଧାତୁ + କର୍ତ୍ତୃ. ଅନ (ଶାନଚ୍) )—
Aṭamāna ୧ । ଗମନଶୀଳ; ଗତିବିଶିଷ୍ଟ—1. Moving.
(ଅଟମାନା—ସ୍ତ୍ରୀ) ୨ । ଭ୍ରମଣ କରୁଥିବା—
2. Travelling; walking; roaming.

**ଅଟରପଟର**—ଗ୍ରା. ବିଣ—୧ । ଗୋଳମାଳିଆ—
Aṭarapaṭara 1. Muddled; confused.
আবোলতাবোল ୨ । ଅସମ୍ବଦ୍ଧ (କଥା)—2. Incoherent.
অল্লমগল্লম; ୩ । ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଖସିଯିବା; ଅସ୍ଥିର—
আড়বাড় 3. Unstable; slipping away from one place to another
ଗ୍ରା. ବି—୧ । ଅସମ୍ବଦ୍ଧ କଥା; ପ୍ରଳାପ—
1. Incoherent talk; raving.
୨ । ଗୋଳମାଳିଆ କଥା—2. Muddle.

**ଅଟରି**— ଦେ. ବି. ( ନାମ )— ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର
Aṭari ଗୋଟିଏ ଉଷ୍ଣପ୍ରସ୍ରବଣ ( ଏଠାରେ ପ୍ରତିବର୍ଷ ମକର ବା ମାଘ ସଂକ୍ରାନ୍ତି ସମୟରେ ଗୋଟିଏ ମହାମେଳା ହୁଏ )—
Name of a hot-spring in the Khurda Sub-division of the district of Puri.

**ଅଟରୁଷ**—ସଂ. ବି—ବାସଙ୍ଗ ( ଦେଖ )
Aṭarūsha Bāsaṅga ( See )

**ଅଟରୁଷକ**—ସଂ. ବି—ବାସଙ୍ଗ ( ଦେଖ )
Aṭarūshaka Bāsaṅga ( See )

**ଅଟଳ**—ସଂ. ବିଣ. ( ଅ + ଟଳ୍ ଧାତୁ + କର୍ତ୍ତୃ. ଅ )—
Aṭaḷa ୧ । ଯାହା ଟଳେ ନାହିଁ; ଅଚଞ୍ଚଳ; ସ୍ଥିର; ଦୃଢ଼—
(ଅଟଳା—ସ୍ତ୍ରୀ) 1. Fixed; steady.
୨ । ଅଚଳ—2. Immovable.
୩ । ଚିରସ୍ଥାୟୀ—3. Permanent.
୪ । ଦୃଢ଼ପ୍ରତିଜ୍ଞ —4. Resolute; determined.
୫ । ଯେ ହଲେ ନାହିଁ—5. Unwavering.

**ଅଟଳଟଳ**—ଗ୍ରା. ବିଣ.—୧ । ଟଳମଟଳ; ଯାହା ଟଳଟଳ ହେଉଥାଏ—
Aṭaḷaṭaḷa 1. Tottering; reeling
টলটল ୨ । ଯାହା ସ୍ଥିର ଭାବରେ ଭୂମିରେ ରହି ନ ପାରେ—
টলমল 2. Unstable.
୩ । ଅସ୍ଥିର—3. Unsteady; fickle
୪ । ପତନୋନ୍ମୁଖ—4. Threatening to fall down.

**ଅଟଳଟଳିଆ**—ଗ୍ରା. ବିଣ—ଅଟଳଟଳ ( ଦେଖ )
Aṭaḷaṭaḷiā Aṭaḷaṭaḷa ( See )

**ଅଟଳପ୍ରତିଜ୍ଞ**—ସ. ବିଣ. ପୁଂ. ( ବହୁବ୍ରୀହି; ଅଟଳ + ପ୍ରତିଜ୍ଞା )—
Aṭaḷapratijña ଦୃଢ଼ପ୍ରତିଜ୍ଞ; ଯେ ନିଜର ପ୍ରତିଜ୍ଞା ବଦଳାଏ
(ଅଟଳପ୍ରତିଜ୍ଞା—ସ୍ତ୍ରୀ ) ନାହିଁ—Resolute; firm.

**ଅଟଳପ୍ରତିଜ୍ଞା**—ସ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ଅଟଳପ୍ରତିଜ୍ଞ + ଆ )—
Aṭaḷapratijñā ଅଟଳପ୍ରତିଜ୍ଞର ସ୍ତ୍ରୀଲିଙ୍ଗ—
Feminine of Aṭaḷapratijña.
ସ. ବି.—(କର୍ମଧା)—ଦୃଢ଼ ପ୍ରତିଜ୍ଞା—Firm resolve.

**ଅଟଳବଚନ**—ସ. ବି. ( କର୍ମଧା; ଅଟଳ + ବଚନ )—
Aṭaḷabachana ଅଲଙ୍ଘ୍ୟ ବାକ୍ୟ ବା ଅଙ୍ଗୀକାର—
Inviolable promise.
ସ. ବିଣ. ପୁଂ. ( ବହୁବ୍ରୀହି; ଅଟଳ + ବଚନ)—
(ଅଟଳବଚନା—ସ୍ତ୍ରୀ) ଯାହାର ବାକ୍ୟ ସେ ନିଜେ ଲଙ୍ଘେ ନାହିଁ—
True to one's promise.

**ଅଟଳମଟଳ**—ଗ୍ରା. ବିଣ—ଅଟଳଟଳ ( ଦେଖ )
Aṭaḷamaṭaḷa Aṭaḷaṭaḷa ( See )

**ଅଟଷଠି**—ଦେ° ବି. ଓ ବିଣ. ( ସଂଖ୍ୟାବାଚକ; ସ. ଅଷ୍ଟଷଷ୍ଟି )—
Aṭashaṭi ଷାଠିଏରୁ ଆଠ ଅଧିକ ସଂଖ୍ୟା; ୬୮—
আটসট্টি Sixty-eight; 68.
अड़सठ

**ଅଟଷଠି**—ଦେ. ବି. ଓ ବିଣ—ଅଟଷଟ ( ଦେଖ )
Aṭashaṭhi Aṭashaṭi ( See )

**ଅଟା**—ଦେ. ବି—୧ । ( ସଂ. ଅନ୍ନ = ଖାଦ୍ୟ )—
Aṭā ଶସ୍ୟର ଚୂର୍ଣ୍ଣ—1 Powdered corn; flour.
আট্টা ଅଟା ଚିଲାକୁ ଚକ ଚିଲା—ତଗ ।
आटा ୨ । ଗହମର ଚୂନା—2. Wheat flour.
[ ଦ୍ର—ଗହମକୁ ଚକିରେ ଚୂରିଲେ ଯେଉଁ ଚୂନା ହୁଏ, ତାକୁ ସାଧାରଣତଃ ଅଟା ବୋଲାଯାଏ । ଅଟାକୁ ଚାଲୁଣିରେ ଚଲାଇଲେ ଯେଉଁ ସୂକ୍ଷ୍ମ ଚୂନା ବାହାରେ, ତାକୁ ମଇଦା ବୋଲାଯାଏ; ଯେଉଁ ଗହମ ଖୁଦ ବାହାରେ, ତାକୁ ସୁଜି ବୋଲାଯାଏ ଓ ଯେଉଁ କାଣ୍ଡିଆ ଭୁଷି ବାହାରେ, ତାକୁ ଚୋକଡ଼ ବୋଲାଯାଏ । ]
୩ । ନିଆଁ କଡ଼ଆ ଘରେ ଧୂଆଁ ଦେଇ ମଶା ମାଛିଙ୍କ ଉପଦ୍ରବ [illegible] ପିକା

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଢ଼ | ନ୍ତ |

ଖାଇବା, ଧୂପ ଲଗାଇବା ଆଦି କାମ ପାଇଁ ଅଗ୍ନି ସଂରକ୍ଷଣାର୍ଥ ବେଣୀ ପରି ମୋଡ଼ା ହୋଇଥିବା କୁଟା ବା ନଡ଼ା ( ବ. ବଡ଼ )—3. Plaited straw used for preserving fire and for fumigation.

୪ । ଅଟଙ୍କା ( ଦେଖ )—Atankā ( See )

**ଅଟାଇ**—ଦେ. ବ—ଅଟେଇ ( ଦେଖ )
Atāi — Atei ( See )

**ଅଟାକଳ**—ଦେ. ବ—ଗହମ ଆଦି ଶସ୍ୟକୁ ଚୂରିବା ପାଇଁ ବ୍ୟବହୃତ କଳ—
Atākala — Flour-mill.
আটাকল
आटाकल

**ଅଟାଚଲା**—ଦେ. ବ—ଚୂର୍ଣ୍ଣ ହେବା ଅଟାକୁ ଛାଣି ତହିଁରୁ ମଇଦା ପ୍ରସ୍ତୁତ
Atāchalā — କରିବା ପାଇଁ ବ୍ୟବହୃତ ଚାଲୁଣୀ—
A flour-sieve.

**ଅଟାପେଷା**—ଦେ. ବ. ( ସଂ. ଅଟ୍ଟ + ପେଷଣ )—
Atāpeshā — ଗହମକୁ ଚକିରେ ଚୂରିବା କର୍ମ—
আটাপিষা — Act of grinding corn for flour.
आटापिषना

[ଦ୍ରଷ୍ଟବ୍ୟ—ଅଟା ପ୍ରସ୍ତୁତ କରିବା ପାଇଁ ଗହମ ଆଦି ପେଷାଯାଏ; ଗହମ ପେଷା ହୋଇ ଅଟା ହୁଏ; ଅତଏବ ଅଟା ପେଷା ହୁଏ ନାହିଁ; କିନ୍ତୁ ଭାଷାରେ ଏପରି ବ୍ୟବହାର ଅନେକ ମିଳେ । ଯଥା—ଖଇ ଭାଜିବା; ଗୁରୁକ କୁଟିବା । ]

**ଅଟାପେଷାଳି**—ଦେ. ବଣ. ( ପୁଂ. ଓ ସ୍ତ୍ରୀ ) ( ସଂ. ଅଟ୍ଟ + ପେଷଣ )—
Atāpeshāli — ଯେ ଗହମକୁ ଚୂରି ଅଟା କରେ—
আটাপেষা (পুং) — ( a person ) who grinds corn for flour.
আটাপেষানী (স্ত্রী)
पिषनहारी

**ଅଟାଳି**—ଗ୍ରା. ବ. ( ସଂ. ଅଟ୍ଟାଳିକା )—ଅଟ୍ଟାଳିକା ( ଦେଖ )
Atāli — Attālikā ( See )
অটালী
अटारी; अटाला

**ଅଟିଳା**—ପ୍ରାଦେ. ( ଗଡ଼ଜାତ ) ବ—ବୃହତ୍ ବନ୍ୟ ବୃକ୍ଷବିଶେଷ; ଏଥିର
Atilā — ଗଣ୍ଡି ବେଢ଼ ୪୧ ଫୁଟ ପର୍ଯ୍ୟନ୍ତ ହୁଏ—
A wild tree; Machilus villosa ( Haines )

**ଅଟୁଟ୍**—ପ୍ରାଦେ. ( ବସ୍ତର ) ବଣ. ( ଭୁଲ. ହି. ଅଟୁଟ )—
Atut — ୧ । ଅତୁଟ; ଯାହା ଭାଙ୍ଗିଯାଏ ନାହିଁ—
1. Unbreakable.
୨ । ଅକ୍ଷୟ—2. Undecaying.

**ଅଟେଇ**—ଦେ. ବ. ( ତା. ଅଡ଼େଇ = ଘେରାଇବା; ବେଢ଼ାଇବା )—
Atei — ୧ । ଗୋରୁ, ବାଛୁରି, ଛେଳି ଆଦିଙ୍କୁ ରଖିବା ପାଇଁ ବାଡ଼ ଘେରି ହୋଇଥିବା ସ୍ଥାନ—1. A crib; a small
খোআড় — enclosure for keeping cattle, calves
खोर; अड़ाड़ — and sheep.
୨ । ଶସ୍ୟ ସଞ୍ଚୟ ସ୍ଥାନ; ଅମାର—2. Granary.
୩ । ପ୍ରାଦେ. ( ଗଡ଼ଜାତ ) ବ—ଧାନ ରଖିବା ପାଇଁ ଗାଡ଼ ରହିବା ଭଳି ବଡ଼ କୋଡ଼ମେଇ—
3. A big wickerwork; reservoir for storing paddy.

**ଅଟୋ**—ବୈଦେ. ବ. ( ଫ୍ରେଞ୍ଚ—ଅଟୋ )—
Ato — ଅତର—Attar; otto.
আটো
अटो

**ଅଟୋଡିରୋଜ୍**—ବୈଦେ. ( ଫ୍ରେଞ୍ଚ )—
Ato di roj — ଗୋଲାପ ଅତର—
অটোডিরোজ্ — Otto de rose;
अटोडिरोज — The otto of roses.

**ଅଟ୍ଟ** ( ଧାତୁ )—ସଂ. ୧ । ଅନାଦର କରିବା—
Atta ( root ) — 1. To slight; to disregard.
୨ । ଉପହାସ କରିବା—2. To deride.

**ଅଟ୍ଟ**—ସଂ. ବ. ( ଅଟ୍ଟ ଧାତୁ + କର୍ତ୍ତୃ. ଅ; ଯାହା ସାଧାରଣ ଗୃହକୁ ଉପହାସ କରେ )—
Atta
୧ । ଅଟ୍ଟାଳିକା; ପ୍ରାସାଦ; ବଡ଼ କୋଠା—
1. Mansion; palatial building.
୨ । କୋଠାର ଉପର ମହାଲରେ ଥିବା ଘର—
2. A room in the upper storey of a building.
୩ । ହଟ୍ଟ; ହାଟ—3 Market; mart.
୪ । ସରୁ ସୂତାଲୁଗା—4. Fine linen cloth(Apte).
୫ । ଭାତ; ପକ୍ୱାନ୍ନ—5. Boiled rice (M. W. )
୬ । ଧୃଷ୍ଟତା—6. Overbearing conduct. (M. W.).

ସଂ. ବଣ. ( ହାସ୍ୟ ପୂର୍ବରେ ଯୁକ୍ତ )—
୧ । ଉଚ୍ଚୈଃସ୍ୱରଯୁକ୍ତ—1. Loud.
୨ । ନିତ୍ୟ—2 Frequent.
୩ । ଶୁଷ୍କ—3. Dry ( Apte )

**ଅଟ୍ଟକ**—ସଂ. ବ. ( ଅଟ୍ଟ + କ )—କୋଠାର ଛାତ ଉପରେ ଥିବା
Attaka — କୋଠରି—An apartment on the roof; a watch-tower (M. W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଗିଁଧା' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଛଛ (ଇତ୍ୟାଦ)**—ସଂ. ବି. ଓ ବିଣ. (ଅଟ୍ଟ ଧାତୁ + କର୍ତ୍ତୃ ଅ; ନିପାତନ)—
Aṭṭaṭṭa (etc.) ଅଛ ଇତ୍ୟାଦ ( ଦେଖ )
Aṭṭa (etc.) ( See )

**ଅଛଛହାସ**—ସଂ. ବି—ଅଟ୍ଟହାସ ( ଦେଖ )
Aṭṭaṭṭahāsa Aṭṭahāsa ( See )

**ଅଛହସା**—ଦେ. ବି. ( ସଂ. ଅଟ୍ଟହାସ )—ଅଛହାସ ( ଦେଖ )
Aṭṭahasā Aṭṭahāsa ( See )
অট্টহাস ସାତ୍ୟକିଙ୍କୁ କରଣ ସମସ୍ତେ ପ୍ରଶଂସା
কহকহা ମରିଲେ ଭୁରୁ ବୋଲି କଲେ ଅଟ୍ଟହସା ।
କୃଷ୍ଣସିଂହ ମହାଭାରତ, ଉଦ୍ୟୋଗ ।

**ଅଛହାସ**—ସଂ. ବି. ( କର୍ମଧା; ଅଟ୍ଟ + ହାସ )—
Aṭṭahāsa ୧ । ଉଚ୍ଚହାସ୍ୟ; ଠୋଠୋ ହସ—
1. Loud ringing laughter.
୨ । ବିକଟ ହାସ୍ୟ—2. Immoderate laughter; horse laugh; harsh boisterous laugh.
୩ । ଉପହାସବ୍ୟଞ୍ଜକ ହସ—
3. Sneer; derisive laughter.
ଏଣୁ ମୁଁ କହୁଛି ଭୀମଙ୍କୁ ମାରି ଯଶ
ଥୋଇ ମହାଦେବେ କରିବ ଅଟ୍ଟହାସ ।
କୃଷ୍ଣସିଂହ ମହାଭାରତ, କର୍ଣ୍ଣ ।

**ଅଛହାସୀ**—ସଂ. ବିଣ. ପୁଂ. ( ଅଟ୍ଟ + ହସ ଧାତୁ + କର୍ତ୍ତୃ. ଇନ୍;
Aṭṭahāsī ଅଟ୍ଟହାସିନ୍ ୧ମା. ୧ବ. )—୧ । ବିକଟ ହାସ୍ୟକାରୀ—
(ଅଛହାସିନୀ—ସ୍ତ୍ରୀ) 1. Laughing loudly; grinning.
୨ । ଉପହାସବ୍ୟଞ୍ଜକ ହାସ୍ୟକାରୀ—2. Sneering.
ସଂ.ବି. ପୁଂ. (ତାଣ୍ଡବ ନୃତ୍ୟ କାଳରେ ଏ ଅଟ୍ଟହାସ କରୁଥିବାରୁ)—
ଶିବ; ମହାଦେବ— The god Śiba.

**ଅଛହାସ୍ୟ**—ସଂ. ବି. ( କର୍ମଧା; ଅଟ୍ଟ + ହାସ୍ୟ )—ଅଟ୍ଟହାସ ( ଦେଖ )
Aṭṭahāsya Aṭṭahāsa ( See )

**ଅଛାଳ**—ସଂ. ବି. ( ଅଟ୍ଟ + ଅଳ )—ଅଛାଳିକା ( ଦେଖ )
Aṭṭāḻa Aṭṭāḻikā ( See )

**ଅଛାଳକ**—ସଂ. ବି. ( ଅଟ୍ଟାଳ + ସ୍ୱାର୍ଥେ. କ )—ଅଟ୍ଟାଳିକା ( ଦେଖ )
Aṭṭāḻaka Aṭṭāḻikā ( See )

**ଅଛାଳି**—ଦେ. ବି. ( ସଂ. ଅଟ୍ଟାଳ )—ଅଟ୍ଟାଳିକା ( ଦେଖ )
Aṭṭāḻi Aṭṭāḻikā ( See )
অট্টাল ବାଜି ସେ ପୁର ଅଟ୍ଟାଳିବେଳ ବଳ୍ଲୀବାତ ।
মহল ହୁଏ ଦେବତରୁଣୀଙ୍କ ଉତଶ୍ରମ ହତ । କବିସୂର୍ଯ୍ୟ, ଚନ୍ଦ୍ରକଳା ।

**ଅଛାଳିକା**—ସଂ. ବି. ( ଅଟ୍ଟାଳ + କ + ଆ ) —
Aṭṭāḻikā ୧ । ପ୍ରସ୍ତର ବା ଇଷ୍ଟକାଦ ନିର୍ମିତ ପ୍ରାସାଦ; କୋଠା—
1. Mansion.
୨ । ରାଜପ୍ରାସାଦ—2. Palace.

**ଅଛାଳିକାକାର**—ସଂ. ବି. ( ଅଛାଳିକା + କୃ ଧାତୁ + କର୍ତ୍ତୃ. ଅ )—
Aṭṭāḻikākāra ୧ । ରାଜମିସ୍ତ୍ରୀ—1. A maso
୨ । ନୀଚ ସଙ୍କର ଜାତିବିଶେଷ—
2. A low caste of mixed descent.

**ଅଛାଳୀ**—ଦେ. ବି. ( ସଂ. ଅଟ୍ଟାଳ )—ଅଟ୍ଟାଳିକା ( ଦେଖ )
Aṭṭāḻī Aṭṭāḻikā ( See )
ସେ ପୁରଟ୍ଟମାନଙ୍କେ ପ୍ରାସାଦ ଅଟ୍ଟାଳୀ ।
ପ୍ରାକାରର ପାଶରେ ବେଢିଅଛି କଳୀ । କୃଷ୍ଣସିଂହ ମହାଭାରତ, କର୍ଣ୍ଣ ।

**ଅଟ୍ୟା**—ସଂ. ବି. ( ଅଟ ଧାତୁ + ଭାବ. ଯ + ଆ )—
Aṭyā ଅଟନ; ପର୍ଯ୍ୟଟନ; ଭ୍ରମଣ—Travel; walk; wandering.

**ଅଟ୍ରି**—ଦେ. ବି. (ନାମ)—ଅଟରି ( ଦେଖ )
Aṭri Aṭari ( See )

**ଅଠଉର**—ଦେ. ବିଣ. ( ସଂ. ଅସ୍ଥିର )—୧ । ଅସ୍ଥିର—
Aṭhaura 1. Restless; unsteady; not fixed.
অস্থাহি ୨ । ଅନିଶ୍ଚିତ 2. Unsettled; unascertained.
अस्थिर ୩ । ଭ୍ରମଣଶୀଳ—3. Wandering; vagrant.

**ଅଠଚାଳିଶ**—ଦେ. ବି. ବିଣ. (ସଂ.ଅଷ୍ଟଚତ୍ୱାରିଂଶତ୍)—ଅଟଚାଳିଶ (ଦେଖ)
Aṭhachāḻiśa Aṭachāḻiśa ( See )

**ଅଠଚାଳିଶି**—ଦେ. ବି. ଓ ବିଣ—ଅଟଚାଳିଶ ( ଦେଖ )
Aṭhachāḻiśi Aṭachāḻiśa ( See )

**ଅଠଣ**—ଦେ. ବିଣ—୧ । ଅଘଟଣ—1. Unsymmetrical.
Aṭhaṇa ୨ । ଅସୁନ୍ଦର—2. Ungraceful; unseemly.
অসুন্দর

**ଅଠତିରିଶ**—ଦେ. ବି. ଓ. ବିଣ—ଅଟତିରିଶ ( ଦେଖ )
Aṭhatiriśa Aṭatiriśa ( See )

**ଅଠତିରିଶି**—ଦେ. ବି. ଓ ବିଣ—ଅଟତିରିଶ ( ଦେଖ )
Aṭhatiriśi Aṭatiriśa ( See )
ବୃହଦଳ ଅଠତିରିଶିଗୋଟି କାଣ୍ଡ
ବାନ୍ଧି ଅଭିମନ୍ୟୁଙ୍କୁ ହାଣିଲେ ମୁଣ୍ଡ । କୃଷ୍ଣସିଂହ ମହାଭାରତ, ଭୀଷ୍ମ ।

**ଅଠତ୍ରିଶ**—ଦେ. ବି. ଓ ବିଣ—ଅଟତିରିଶ ( ଦେଖ )
Aṭhatriśa Aṭatiriśa ( See )

**ଅଠତ୍ରିଶି**—ଦେ. ବି. ଓ ବିଣ—ଅଟତିରିଶ ( ଦେଖ )
Aṭhatriśi Aṭatiriśa ( See )

**ଅଠର**—ଦେ. ବି. ଓ ବିଣ. (ସଂଖ୍ୟାବାଚକ)(ସଂ.ଅଷ୍ଟାଦଶ ପ୍ରା. ଅଟ୍ଠାରସ)
Aṭhara ଦଶ ସଂଖ୍ୟାରୁ ଆଠ ଅଧିକ. ୧୮—Eighteen.
আঠার ଦେ. ବି—ପଶାଖେଳର ୩ଟି କାଠିରେ ପ୍ରତ୍ୟେକ ୬ ବିନ୍ଦୁ
अठारह କରି ପଡ଼ିବା ଦାଉ—A throw of dice in which the 3 dice turn up 6 points each.

**ଅଠର ଗଡ଼ଜାତ**—ଦେ. ବି—୧ । ପ୍ରାଚୀନ ଉତ୍କଳର ସୀମା ମଧ୍ୟରେ ଥିବା
Aṭhara gaṛajāta ଅଠରଗୋଟି ଗଡ଼ ବା ରାଜ୍ୟର ସମଷ୍ଟି—
1. A cluster of eighteen native states within ancient Oṛiśā.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଇଅ | ଞ୍ଚ | ନ୍ଟ |

[ ଦ୍ର—ଏହି ଅଠରଟି ରାଜ୍ୟ ହୀରାଖଣ୍ଡ ବା ସମ୍ବଲପୁର ଛତ୍ରପତି ରାଜାଙ୍କ ଅଧୀନ ଥିଲା; ଏ ଅଠର ଗଡ଼ଜାତର ନାମ—୧ ରାଯ଼ଗଡ଼, ୨ ସାରଙ୍ଗଗଡ଼; ୩ ପାଟଣା, ୪ ସୋନପୁର, ୫ ରେଢ଼ାଖୋଲ, ୬ ବାମଣ୍ଡା, ୭ ବଉଦ, ୮ ଗାଙ୍ଗପୁର, ୯ ବଣାଇ, ୧୦ ଶକ୍ତି, ୧୧ ବେନ୍ଦ୍ରାନୂଆଗଡ଼, ୧୨ ଖଡ଼ିଆଲ, ୧୩ ଫୁଲଝର, ୧୪ ବୋଡ଼ାସମ୍ବର, ୧୫ ରାଯ଼ଗଡ଼ ଅନ୍ତଃପାତୀ ବରଗଡ଼, ୧୬ କେନ୍ଦୁଝର, ୧୭ ମୟୂରଭଞ୍ଜ, ୧୮ କଳାହାଣ୍ଡି—ସମ୍ବଲପୁରରୁ ପ୍ରକାଶିତ ନବଯୁଗ ପତ୍ରିକା ୧-୯ । ଏଥିମଧ୍ୟରୁ କେତେଗୁଡ଼ିଏ ବର୍ତ୍ତମାନ ଓଡ଼ିଶା ଗଡ଼ଜାତ ଓ କେତେକ ମଧ୍ୟପ୍ରଦେଶ ଗଡ଼ଜାତର ଅନ୍ତର୍ଗତ ।]

୨ । ଇଂରାଜମାନେ ଓଡ଼ିଶା ଅଧିକାର କରିବା ପରେ ତାଙ୍କ ସଙ୍ଗେ ସନ୍ଧି କରିଥିବା ଅଠରଟି ରାଜ୍ୟ—2. A cluster of eighteen native states which became feudatory states under the British Goverument when they came to possess Ordisā.

[ ଦ୍ର—୧ ମୟୂରଭଞ୍ଜ; ୨ କେନ୍ଦୁଝର; ୩ ଢେଙ୍କାନାଳ; ୪ ବଉଦ; ୫ ଖଣ୍ଡପଡ଼ା; ୬ ଦଶପଲ୍ଲା; ୭ ନୂଆଗଡ଼; ୮ ତାଳଚେର; ୯ ପାଲଲହଡ଼ା; ... ]

**ଅଠରନଳା**—ଦେ. ବି—୧ । ଯେଉଁ ପୋଲରେ ୧୮ଟି ଫୁକାର ଥାଏ—
Aṭharanaḻā 1. A bridge of eighteen spans.
୨ । (ନାମ) ପୁରୀଠାରୁ ୧ ମାଇଲ ଦୂରରେ ଜଗନ୍ନାଥସଡ଼କରେ ଥିବା ଅଠରଫୁକାରଯୁକ୍ତ ପୋଲ—
2. Name of an eighteen spanned bridge on the Grand Trunk Road one mile from Puri.

[ ଦ୍ର—ଓଡ଼ିଶାର ରାଜା ମତ୍ସ୍ୟକେଶରୀ (ଖ୍ରୀ ୯୭୫ ଠାରୁ ୯୯୫) ମଧୁପୁର ନଦୀ ( ଯାହାର ଡାକ ନାମ ହୁଳୁହୁଳିଆ ବା ମଙ୍ଗଳା ନଈ ) ଉପରେ ଏ ପୋଲ ନିର୍ମାଣ କରାଇଥିଲେ । ଏ ପୋଲରେ ୧୮ଟି ଫୁକାର ଅଛି । ଏ ଫୁକାରମାନ ଖିଲାଣକାମ ନ ହୋଇ ପଥରମାନଙ୍କ ଦ୍ୱାରା ଲହଡ଼ିମୁହଁ କରାଯାଇ ତିଆରି ହୋଇଥିଲା । ହିନ୍ଦୁଶିଳ୍ପୀ କାରିଗରମାନଙ୍କ ହାତ କାମ ଯେ ସହସ୍ରାଧିକ ବର୍ଷ ରହି ପାରେ, ଅଠରନଳା ତାହାର ନିଦର୍ଶନ ଅଟେ । ]

**ଅଠରନଳା ସଙ୍ଗେ ସଙ୍ଗାତ ବସିବା**—ଦେ. ପ୍ରବଚନ—
Aṭharanaḻā saṅge saṅgāta basibā ( ସ୍ତ୍ରୀମାନଙ୍କପକ୍ଷରେ )
ଅଠରଟି ସନ୍ତାନ ପ୍ରସବ କରିବା; ଅଠରଟି ସନ୍ତାନ ସନ୍ତତିର ମାତା ହେବା—To be the mother of eighteen children; to give birth to eighteen children.

[ ଦ୍ର—ଯେଉଁ ଭାଗ୍ୟବତୀ ସ୍ତ୍ରୀ ଅଠରଟି ସନ୍ତାନର ଜନନୀ ହୁଅନ୍ତି, ସେ ଜଗନ୍ନାଥ ଦର୍ଶନ କରିବାକୁ ପୁରୀ ଆସି ଅଠରନଳା ପୋଲ ନିକଟରେ ଉପସ୍ଥିତ ହୋଇ ଉକ୍ତ ପୋଲକୁ କିଛି ମହାପ୍ରସାଦ ଅର୍ପଣ କରି ଅଠରନଳା ସଙ୍ଗେ 'ସଙ୍ଗାତ' ବସନ୍ତି । ବାଲେଶ୍ୱରର ଉତ୍ତର ପ୍ରାନ୍ତରୁ ଅଠର ସନ୍ତାନର ଜନନୀ ପୁରୀକୁ ଆସି ଅଠରନଳା ସଙ୍ଗେ ସଙ୍ଗାତ ବସିବା କଥା ଲେଖକଙ୍କୁ ବ୍ୟକ୍ତିଗତ ଭାବରେ ଜଣା ଅଛି । ]

**ଅଠର ରାଜବଂଶ**—ଦେ. ବି—ଓଡ଼ିଆ ମହାଭାରତପ୍ରଣେତା ଶୂଦ୍ରମୁନି
Aṭhara rājabaṁśa ସାରଳାଦାସଙ୍କ ଲିଖିତ ଭାରତର ଅଠରଟି ପ୍ରାଚୀନ ରାଜବଂଶ—Eighteen royal families of ancient India mentioned by the Ordiā poet Sāraḻā Dāsa in his Mahābhārata.

[ ଯଥା—ସୂର୍ଯ୍ୟ; ସୋମ ବା ଚନ୍ଦ୍ର; ଭୋଜ; ଅନ୍ଧକ; ପଣ୍ଡୁ; କୁରୁ; କେଶରୀ; ବୃଷ୍ଣି; ହରିହର; କଶ୍ୟପ; ଅଙ୍ଗିରା; ମଧୁକ; ପାରେଶ୍ୱର; ପ୍ରଚଣ୍ଡ; ହୁର୍ଦ୍ଦଣ୍ଡ; କୌଶିକ; କନ୍ଧ; ମଲ୍ଲାର । ]

**ଅଠଷଠି**—ଦେ. ବି. ଓ ବିଣ—ଅଟଷଠି ( ଦେଖ )
Aṭhashaṭhi Aṭashaṭhi (See).

**ଅଠସ୍ତରି**—ଦେ. ବି. ଓ ବିଣ- ( ସଂଖ୍ୟାବାଚକ ) ( ସଂ. ଅଷ୍ଟସପ୍ତତି )—
Aṭhastari ସତୁରିରୁ ଆଠ ଅଧିକ; ୭୮—
আটাত্তর
अठहत्तर Seventy-eight.

**ଅଠା**—ଦେ. ବି. ୧ । ( ସଂ. ଅଷ୍ଠି =ଫଳର ଟାଣୁଆ ମଞ୍ଜି )—
Aṭhā ଯେଉଁ ନାଲୁଆ ତରଳ ବସ୍ତୁଦ୍ୱାରା ଦୁଇଟି ପଦାର୍ଥ
আঠা ଯୋଡ଼ି ହୁଏ—1. Gum; sticking plaster;
आठा glutinous substance.
୨ । ବୃକ୍ଷାଦିରୁ ବାହାରିବା ଘନ ନିର୍ଯ୍ୟାସ—
2. Thick sticky juice from trees.
( ଯଥା—ବର ଅଠା; ସଜନା ଅଠା; ସିଝୁ ଅଠା ।)
୩ । ଯେଉଁ ତରଳ ପଦାର୍ଥ ଶୁଖିଗଲେ ଲାଗି ରହେ—
3. Any liquid which has a tendency to stick when dry.
୪ । କେଳାମାନେ ପକ୍ଷୀ ଧରିବାପାଇଁ ବାଉଁଶକାଠି ଅଗରେ ବୋଳିଥିବା ନାଲୁଆ ବସ୍ତୁ—4. Bird-lime.
୫ । ( ଲକ୍ଷଣାର୍ଥ )—ଅପବାଦ; କଳଙ୍କ; ଦୁର୍ନାମ—
5. Scandal; imputation which compromises one's good name.
ଚଖାଇଲ ସୁରତ-ମିଠା, ଲଗାଇଲ କଳଙ୍କ ଅଠା—ପ୍ରାଚୀନ ସଙ୍ଗୀତ ।
୬ । ( ସଂ. ଅଷ୍ଟ ) ତାସ୍ [illegible] ଗଞ୍ଜପାରେ ଆଠ ବିନ୍ଦୁ ଥିବା ସାର—
6. Playing card having eight points on it.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଶା' ନ ପାଇଲେ 'ଅର୍ଶ' ଦେଖିବେ; 'ଅଳବଳ' ନ ପାଇଲେ 'ଅଲବଲ' ଦେଖିବେ ।

କ୍ରି. ବିଣ. ( ସଂ. ଅଷ୍ଟ ) ଅଠାଁ ( ଦେଖ ) Athān ( See ).

**ଅଠାଅଠା**—ଦେ. ବିଣ—୧ । ଅଠାଳିଆ; ଅଠା ପରି ଲାଗିଯାଉଥିବା—
Aṭhaaṭha 1. Gummy; sticking.
ଆଁଠାଆଁଠା ୨ । ଅଠାଯୁକ୍ତ—2. Smeared with gum.
लसलसा

**ଅଠାଅଶି**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ ) ( ସଂ. ଅଷ୍ଟାଶୀତି
Aṭhaaśi • ପ୍ରା: ଅଟ୍ଠାସୀଇ)—ଅଶି ସଂଖ୍ୟାରୁ ଆଠ ଅଧିକ; ୮୮—
অষ্টাশি Eighty-eight.
अठासि

**ଅଠାଇଶ**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ ) (ସଂ. ଅଷ୍ଟାବିଂଶ)—
Aṭhaisa କୋଡ଼ିଏରୁ ଆଠ ଅଧିକ; ୨୮—
আটাস্ Twenty eight.
अट्ठाईस्

**ଅଠାଇଶଶହେ**—ଦେ. ବି. ଓ ବିଣ ( ସଂଖ୍ୟାବାଚକ ) ( ସଂ. ଅଷ୍ଟା-
Aṭhaiśaśahe ବିଂଶୋତ୍ତର ଶତ)—ଏକଶତ ଅଠାଇଶ; ୧୨୮—
One hundred and twenty-eight.
ଷୋଳ ଅଙ୍କୀ ଅଠାଇଶଶହେ ପଣ ଆଠ କାହାଣ—ପଣିକିଆ ।

**ଅଠାଇଶି**—ଦେ. ବି. ଓ ବିଣ—ଅଠାଇଶ ( ଦେଖ )
Aṭhaisi Aṭhaisa ( See )

**ଅଠାଁ**—ଦେ. କ୍ରି. ବିଣ. ( ସଂ. ଅଷ୍ଟ )—ଅଷ୍ଟାଁ; ( କୌଣସି ରାଶି )
Athān ୮ ସଂଖ୍ୟାରେ ଗୁଣିତ ହେଲେ—
আষ্টে Into eight; multiplied by 8.
ପାଞ୍ଚ ଅଠାଁ ଚାଳିଶି ପଣ ଦୁଇ କାହାଣ ଆଠ ପଣ—ପଣିକିଆ ।

**ଅଠାଁଲଉ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhānlau Aṭhāṇau ( See )

**ଅଠାଁଲବେ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhānlabe Aṭhāṇau ( See )

**ଅଠାଁଲୋଇ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhānloi Aṭhāṇau ( See )

**ଅଠାକାଠି**—ଦେ. ବି—୧ । ଚଢ଼େଇମାନେ ପକ୍ଷୀ ଧରିବାପାଇଁ ନଳ ଅଗରେ
Aṭhākāṭhi ଯୋଖିବା ଅଠାଯୁକ୍ତ କାଠି—
আঠাকাঠি, আটাকাটি 1. A bird-twig; a reed
फँसाना लासा smeared with bird-lime attached to the end of a telescopic series of sticks ( fitted to the end of each other ) used by birdcatchers to catch birds by entangling them.

ରଚନର ସମ୍ବନ୍ଧେ ପାଚେରୁ ପଡ଼ିଛ
କମ୍ବନ ପକ୍ଷୀ ଅଠାକାଠି ସେ ହୋଇଛ । କୃଷ୍ଣସିଂହ ମହାଭାରତ. ସଭା ।

୨ । (ଲକ୍ଷଣାର୍ଥ) ଚକ୍ରାନ୍ତ; ବିପଦ; ଫାନ୍ଦ—2. Conspiracy; danger; snare.
( ଯଥା—ସେ ମୋତେ ଅଠାକାଠିରେ ପକାଇ ଦେଲା । )

[ ଦ୍ର—ଚଢ଼େଇମାନେ ପକ୍ଷୀ ଶିକାର କରିବାକୁ ଯେଉଁ 'ନଳ' ବ୍ୟବହାର କରନ୍ତି, ସେ ନଳର ଅଗମାନଙ୍କୁ ଅନ୍ୟ ନଳର ମୂଳରେ ଥିବା ଛିଦ୍ରରେ ପୂରାଇ ଯୋଖିଲେ, ନଳମାନ ୨୦।୨୫ ହାତ ପର୍ଯ୍ୟନ୍ତ ବଢ଼ିଯାଏ । ସବୁ ଉପରେ ଥିବା ନଳର ଅଗରେ ମୁନିଆ କେଞ୍ଚା ଥାଏ, କିମ୍ବା ଅଠାକାଠି ଥାଏ । ଚଢ଼େଇ ଗଛ ତଳେ ଲୁଚି ଠିଆ ହୋଇ, ପକ୍ଷୀ ବସିଥିବା ସ୍ଥାନକୁ ପକ୍ଷୀର ପେଟ ତଳକୁ ଲକ୍ଷ କରି ସେ ନଳକୁ ଭୂଷି ଦିଏ । କେଞ୍ଚା ପକ୍ଷୀର ପେଟରେ ପଶିଗଲେ ପକ୍ଷୀ ମରିଯାଏ; କିନ୍ତୁ ଅଠାକାଠି ଲାଗିଲେ ପକ୍ଷୀ ଅଠା କାଠିରେ ଲାଗିଯାଏ ଓ ଉଡ଼ି ପଳାଇ ପାରେ ନାହିଁ । ଚଢ଼େଇ କ୍ରମଶଃ ନଳମାନଙ୍କୁ ଗୋଟି ଗୋଟି କରି ଫିଟାଇ ତଳକୁ ଖସାଇ ଆଣେ ଓ ସେଥି ଅଗରେ ଲାଗିଥିବା ପକ୍ଷୀକୁ ଧରେ । ]

**ଅଠାକାଣ୍ଡିଆ**—ଦେ. ବି—ଅଠାକାଠି ( ଦେଖ )
Aṭhākāṇḍia Aṭhākāṭhi ( See )

**ଅଠାଠିକ୍**—ଦେ. ବି—୧ । ମୁମୂର୍ଷୁ ଅବସ୍ଥା; ଅବତଳ ଅବସ୍ଥା; ମୃତ୍ୟୁର
Aṭhāṭhik ଅବ୍ୟବହିତ ପୂର୍ବାବସ୍ଥା—
मरमर अवस्था 1. Last stage before death; dying condition.
୨ । ମରଣାନ୍ତକ ଅବସ୍ଥା—2 Condition sure to end in death.
୩ । ଅତ୍ୟନ୍ତ ନିରାଶ୍ରୟ ଅବସ୍ଥା—
3. Utterly helpless condition.
୪ । ଶେଷ ମନ୍ଦ ଅବସ୍ଥା—4. Extremely bad condition

**ଅଠାଣଉ**—ଦେ. ବି. ଓ ବିଣ ( ସଂଖ୍ୟାବାଚକ; ସଂ. ଅଷ୍ଟନବତି )—
Aṭhāṇau ନବେରୁ ଆଠ ବେଶି; ୯୮—
আটানব্বই Ninety-eight.
अट्ठानबे

**ଅଠାଣବେ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhāṇabe Aṭhāṇau ( See )

**ଅଠାଣିଆଁ**—ଦେ. ବିଣ—ଅସୁନ୍ଦର; ଅଘଟଣ—
Aṭhāṇiān Ungraceful.

**ଅଠାଣୋଇ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhāṇoi Aṭhāṇau ( See )
ଦୁର୍ଯ୍ୟୋଧନ ଅଠାଣୋଇ ଭାଇ ସେହି ଦିନ । ସାରଳା ମହାଭାରତ. ଉଦ୍ୟୋଗ ।

**ଅଠାନ**—ଦେ. ବି. ଓ ବିଣ—ଅଠାବନ ( ଦେଖ )
Aṭhāna Aṭhābana ( See )
ଅଠାନେ ଅବଧାରିବକ, ବାକି ଅଛନ୍ତି ବନମାଳୀ ।
ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

**ଅଠାନଉ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhānau Aṭhāṇau ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ଋ | ଌ | ଯ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ଢ଼ |

**ଅଠାନବେ**—ଦେ. ବି. ଓ ବିଣ—ଅଠାଣଉ ( ଦେଖ )
Aṭhānabe Aṭhāṇau ( See )

**ଅଠାବ**—ଦେ. ବି—ଅଣଠାବ ( ଦେଖ )
Aṭhāba Anaṭhāba ( See )

**ଅଠାବନ**—ଦେ. ବି. ଓ ବିଣ. ( ସଙ୍ଖ୍ୟାବାଚକ ) (ସଂ. ଅଷ୍ଟପଞ୍ଚାଶତ୍)—
Aṭhābana ପଚାଶରୁ ଆଠ ଅଧିକ; ୫୮—
আটান্ন Fifty-eight.
**अठावन**

**ଅଠାବୁଆ**—ଦେ. ବିଣ—ଅଣଠାବୁଆ ( ଦେଖ )
Aṭhābuā Anaṭhābuā ( See )

**ଅଠା ବୋଳିବା**—ଦେ. କ୍ରି—୧ । କୌଣସି ବସ୍ତୁରେ ଅଠା ଲଗାଇବା—
Aṭhā boḷibā 1. To smear anything with gum.
আঠালাগান ୨ । କୌଣସି ବ୍ୟକ୍ତିଠାରେ ଦୋଷ ବା କଳଙ୍କ
**गोंद लगाना** ଆରୋପ କରିବା—
2. To lay the blame on a person.
( ଯଥା—ଗାଁ ବାଲ୍ଲ ପଣସ ଖାଇ ଭଣ୍ଡାର ମୁଣ୍ଡରେ ଅଠା ବୋଳିବା ନ୍ୟାୟ—ପ୍ରବଚନ । )
୩ । ଅପବାଦ ଦେବା—
3. To defame or slander a person.

**ଅଠାଳ**—ଦେ. ବିଣ—ଅଠାଳିଆ ( ଦେଖ )
Aṭhāḷa Aṭhāḷiā ( See )

**ଅଠା ଲଗାଇବା**—ଦେ. କ୍ରି—ଅଠା ବୋଳିବା ( ଦେଖ )
Aṭhā lagāibā Aṭhā boḷibā ( See )

**ଅଠାଲବେ**—ଗ୍ରା. ବି. ଓ ବିଣ—ଅଠାଣଉ ( ଦେଖ )
Aṭhālabe Aṭhāṇau ( See )

**ଅଠାଳିଆ**—ଦେ. ବିଣ. (ସଂ. ଅଷ୍ଠି = ଠାକୁଆ, ଫଳର ଠାଣୁଆ ମଞ୍ଜି)—
Aṭhāḷiā ୧ । ଚଟଚଟିଆ—1. Gummy; viscid.
আঠাল, আটাল ୨ । ଯାହା ଅଠା ପରି ହାତ ଆଦିରେ ଲାଗିଯାଏ—
**गोंददार, लसलसा** 2. Sticking like gum,

**ଅଠାଶଠ**—ଦେ. ବିଣ—ଅଠାଶଠା ( ଦେଖ )
Aṭhāśaṭa Aṭhāśaṭhā ( See )

**ଅଠାଶଠା**—ଦେ. ବିଣ—ଉପର ଠାଉରିଆ ( କାମ ); ଯତ୍ନ ପୂର୍ବକ କରା ନ ଯିବା ( କାର୍ଯ୍ୟ )—
Aṭhāśaṭhā
(work) Done without due care; done negligently.

**ଅଠାଶି**—ଦେ. ବି. ଓ ବିଣ—ଅଠାଅଶି ( ଦେଖ )
Aṭhāśi Aṭhāaśi ( See )

**ଅଠାସିଆ**—ଦେ. ବିଣ. ( ସଂ. ଅଷ୍ଟ ଓ ମାସ )— ଅଠମାସିଆ
Aṭhāsiā ( ସନ୍ତାନ ); ଯେଉଁ ପିଲା ଗର୍ଭଧାରଣର ୮ ମାସରେ
আটাসিআ ଜାତ ହୁଅନ୍ତି ( ସାଧାରଣତଃ ଏପରି ପିଲା ଦୁର୍ବଳ ଓ
**अठवाँसा** ଅଳ୍ପାୟୁ ହୁଅନ୍ତି )—
( child ) Born in the eightth month of pregnancy.

**ଅଠାସୁଆ** - ଦେ. ବିଣ—ଉତ୍ତମରୂପେ ଚଞ୍ଚା ବା ସୁଆଁସ ହୋଇ ନ ଥିବା
Aṭhāsuā ( ପଥର ଖଣ୍ଡ )—
(a block of stone) Undressed.

**ଅଠିକ୍**—ଦେ. ବିଣ. ( ସଂ. ଅ + ଫା. ଠିକ୍ )—
Aṭhik ୧ । ଯାହା ଠିକ୍ ନୁହେ; ବେଠିକ୍; ଅଯଥାର୍ଥ—
বেঠিক্ 1. Not right.
**बेठिक** ୨ । ଅଶୁଦ୍ଧ—2. Not correct.
୩ । ଅନୁଚିତ—3. Improper.

**ଅଠିକଣା**—ଦେ. ବିଣ. ( ସଂ. ଅ + ଫା. ଠିକାନା )—
Aṭhikaṇā ୧ । ଅନିର୍ଦ୍ଦିଷ୍ଟ—1. Unsettled.
বেঠিকানা ୨ । ଅନିଶ୍ଚିତ—2. Uncertain.
**बिनाठिकानेका** ୩ । ଅଡ଼ୁଆ; ଗୋଳମାଳିଆ; ଅସ୍ତବ୍ୟସ୍ତ—
3. Confused.
୪ । ଅସ୍ଥିର—4. Fickle.
୫ । ଅଡଉଲ; ଅସୁନ୍ଦର; ଅଗଢଣ—
5. Ungraceful; unsymmetrical.
୬ । ଅଶୃଙ୍ଖଳ—6. Unmethodical; unsystematic.
୭ । ଯାହାର ପତ୍ତା ମିଳ ନାହିଁ—7. Untraced.

**ଅଠିଲ୍**—ଦେ. ବିଣ—୧ । ଢେର; ସଥେଷ୍ଟ ଅପେକ୍ଷା ବେଶି—
Aṭhil 1. More than sufficient; more than enough.
অঠেল
**बदफरहेज,** ୨ । ଅତିରିକ୍ତ; ଅତ୍ୟଧିକ ( ଭୋଜନ )—
**अठेल** 2. Too much; excessive
୩ । ପୂର୍ଣ୍ଣ—3. Full.
୪ । ବଳୁଆ; ମଜଭୁତ—4. Strong.
୫ । ସମ୍ପୂର୍ଣ୍ଣ ରୂପେ ସନ୍ତୁଷ୍ଟ—5. Fully satisfied.
( ଯଥା—ଆମେ ବଡ଼ ଘର ଭୋଜି ଖାଇ ଖାଇ ଅଠିଲ୍ ହୋଇଗଲୁଁ । )

**ଅଠିଳ**—ଦେ. ବି. ( ସଂ. ଅଷ୍ଠୀଳା = ଗୋଲ ପଥର ଖଣ୍ଡ )—
Aṭhila ୧ । କାଚର ନାନା ବର୍ଣ୍ଣର ଛୋଟ ମାଳାର ଦାନା (ଏହା
পুঁতি ବେକରେ ମାଳ କରି ଗରିବ ସ୍ତ୍ରୀମାନେ ପିନ୍ଧନ୍ତି)—
**पोती** 1. Small coloured glass beads.
୨ । କାଠର ଛୋଟ ଦାନାଯୁକ୍ତ ମାଳ—
2. Small wooden beads.

**ଅଠେଇଶ**—ଦେ. ବି. ଓ ବିଣ—ଅଠାଇଶ ( ଦେଖ )
Aṭheisa Aṭhāisa ( See )

**ଅଠେଇଶାସହେ**—ଦେ. ବି. ଓ ବିଣ—ଅଠାଇଶାସହେ ( ଦେଖ )
Aṭheisāsahe Aṭhāisāsahe ( See )

**ଅଠେଇଶି**—ଦେ. ବି. ଓ ବିଣ—ଅଠାଇଶ ( ଦେଖ )
Aṭheisi Aṭhāisa ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ **ଅକ୍ଷର ଓ ମାତ୍ରା** ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ **ପ୍ରଭେଦ ରକ୍ଷା କରନ୍ତି ନାହିଁ** । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ **ନ ମିଳିବ, ତେବେ** ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର **ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ** ବା ମାତ୍ରାଯୁକ୍ତ **ଶବ୍ଦ** ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; **'କୂଅ'** ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; **'ଅଙ୍କି' ନ ପାଇଲେ 'ଅଙ୍କ'** ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଠେଲ୍**—ପ୍ରାଦେ. ( ସମ୍ବଲପୁର ) ବି.—ଅଠିଲ ( ଦେଖ )
Aṭhel — Aṭhila ( See )

**ଅଠୌର**—ଦେ. ବିଣ—ଅଠଉର ( ଦେଖ )
Aṭhaura — Aṭhaura ( See )

**ଅଡ୍** (ଧାତୁ)—ସଂ.—୧ । ଚେଷ୍ଟା କରିବା—1. To try.
Aḍ (root) ୨ । ବ୍ୟାପିବା—2. To pervade.

**ଅଡ୍‌ବାଗି**—ଦେ. ବିଣ—ଅଡ଼ମ୍ବାଜ୍ ( ଦେଖ )
Arḍbāgi — Arḍambāj ( See )

**ଅଡ୍‌ବାଗିଆ**—ଦେ. ବିଣ—ଅଡ଼ମ୍ବାଜ୍ ( ଦେଖ )
Arḍbāgiā — Arḍambāj ( See )

**ଅଡ୍‌ବାଜ୍**—ଦେ. ବିଣ—ଅଡ଼ମ୍ବାଜ୍ (ଦେଖ )
Arḍbāj — Arḍambāj ( See )

**ଅଡ୍‌ବାଜି**—ଦେ. ବି—ଅଡ଼ମ୍ବାଜି ( ଦେଖ )
Arḍbāji — Arḍambāji ( See )

**ଅଡ୍‌ବାଜିଆ**—ଦେ. ବିଣ—ଅଡ଼ମ୍ବାଜ୍ (ଦେଖ )
Arḍbājiā — Arḍambāj ( See )

**ଅଡ଼ହା**—ପ୍ରାଦେ. (ବସ୍ତର) ବି—ଦାନ୍ତପାଟି—
Aḍhā — The gum of the teeth.

**ଅଡ଼**—ଦେ. ବି. (ହି. ହଠ; ସଂ. ଅଡ୍ ଧାତୁ=ଅଭିଯୋଗ ବା ଆକ୍ରମଣ କରିବା)—
Arḍa
ଅଡ୍ ୧ । ଅଭିମାନ; ରୁଷା—1. Sullenness due to displeasure.
୨ । ହଠ; ଜିଦ୍; ଜଗଡ଼—2. Obstinacy; stubbornness.
୩ । (ସଂ. ଅର୍ଗଳ) କବାଟର ଅର୍ଗଳ ବା କିଳଣୀ—
3. Shutter; a bar for bolting a door.

**ଅଡଉଲ**—ଦେ. ବି. ( ସଂ. ଅ+ହି. ଡୌଲ )—
Aḍaula ୧ । ସୌନ୍ଦର୍ଯ୍ୟର ଅଭାବ—1. Want of grace.
ବେଡୌଲ ୨ । ଧାରାର ଅଭାବ—2. Want of method.
**बेडौल** ଦେ. ବିଣ—୧ । ଅଘଟଣ; ଅସୁନ୍ଦର; ଲାବଣ୍ୟହୀନ—
1. Ungraceful.
୨ । ବେଢଙ୍ଗ—2. Unsystematic.
ପ୍ରାଦେ. (ସମ୍ବଲପୁର) ବିଣ—ଅନୁଚିତ—Improper.

**ଅଡ଼ଂ**—ଦେ. ବି—ଅଡ଼ଙ୍ଗ ( ଦେଖ )
Arḍaṁ — Arḍaṅga ( See )
କେତେ ଗୁଡ଼ାଏ ଘରର ଏକତ୍ରରେ ସାଧାରଣ ନାମ ଅଡ଼ଂ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଅଡ଼କ୍**—ପ୍ରାଦେ. ( ଭଞ୍ଜ ) ଅ. ( ସଂ. ଏତତ୍ )—ଏଡ଼େ—
Arḍak — So; such.

**ଅଡ଼କ୍ ଦାଇଁ**—ପ୍ରାଦେ. ( ଭଞ୍ଜ ) ଅ—୧ । ତତ୍କ୍ଷଣାତ୍—
Arḍak dāiṅ — 1. Immediately.
୨ । ଏତେ ଶୀଘ୍ର—2. So soon.

**ଅଡ଼କବତୀ**—ସଂ. ବି. (ନାମ)—୧ । ମେରୁ ଶିଖରରେ ଥିବା ପୁରାଣୋକ୍ତ ପ୍ରାସାଦବିଶେଷ—
**Arḍakabatī**
1. Name of a fabulous palace on the summit of the Meru mountain. (M. W.)
୨ । ନଗରବିଶେଷ—
2. Name of a city ( M. W. ).

**ଅଡକରା**—ଦେ. ବିଣ— ସ. ଅ+ଓ. ଡକରା)
**Aḍakarā** ୧ । ଅନିମନ୍ତ୍ରିତ—1. Uninvited.
**अडाका** ୨ । ଅନାହୂତ—2. Uncalled; unasked.

**ଅଡକା**—ପ୍ରାଦେ. ( ସମ୍ବଲପୁର ) ବିଣ—ଅଡକରା ( ଦେଖ )
Aḍakā — Aḍakarā ( See )

**ଅଡ଼ଙ୍କଲା**—ପ୍ରାଦେ ( ଗଡ଼ଜାତ ) ବି—ଆଡ଼କଲା ( ଦେଖ )
Arḍaṅkaḷā — Ārḍakaḷā ( See )

**ଅଡ଼ଙ୍ଗ**—ଦେ. ବି. ( ତା. ଅଡ଼ଙ୍ଗୁ=ଉପରେ ରଖିବା )—
Arḍaṅga ୧ । ଅଢ଼ଙ୍ଗ; କ୍ଷୁଦ୍ର ପିଣ୍ଡା—
1. A small veranda.
୨ । ଖଣିଜ ଦ୍ରବ୍ୟର ଉତ୍ପତ୍ତି ସ୍ଥାନ ବା ସ୍ତର—
2. A vein of mineral.
ପ୍ରାଦେ. ( ପୁରୀ ) ବି—ଲୁଣପୋଖାରୀ ହୋଇ ଠୁଳ କରାଯିବା ସ୍ଥାନ; ଅଡ଼ଙ୍ଗ—Warehouse or mart where manufactured salt is stored.
ପ୍ରାଦେ. ( ବାଲେଶ୍ୱର ) ବି. ଲୁଣ ତିଆର ହେବା କେତେଗୁଡ଼ିଏ ସ୍ଥାନର ସମଷ୍ଟି; ଅଡ଼ଂ—A group of places for manufacturing salt.
ଦେ. ବିଣ—୧ । ଅବାଧ୍ୟ; ଅମାନିଆଁ—
1. Unruly; impertinent.
୨ । ଅଖାଡ଼ୁଆ—2. Foolhardy; queer.
୩ । ଏକଜିଦିଆ—3. Obstinate.

**ଅଡ଼ଙ୍ଗା**—୧ । ଦେ. ବି. (ତା. ଅଡ଼ଙ୍ଗୁ=ଉପରେ ରଖିବା)—କଞ୍ଚା ଅମ୍ବକୁ
Arḍaṅgā କାଟି ଫାଳ ଫାଳ କରି ତେଲରେ ସିଝିଲା ଭଳିଅରେ
କାସନ୍ଦି ବେଶର ଆଦି ମସଲା ଦେଇ ପ୍ରସ୍ତୁତ କରାଯିବା ଆଚାର—
**अड़ङ्गा** 1. A kind of mango pickle.
୨ । ବୈଦେ. ବି. (ଫା.)—କଳିକଜିଆ; ଡକରାର—
2. Quarrel.
୩ । ଦେ. ବି. (ହି)—କର୍ମରେ ବାଧା—3. Obstruction.
୪ । ଦେ. ବି. (ହି)—ଅଟକ—4. Restraint.
ଦେ. ବିଣ—ଵିଚ୍ଛେଦନ ରହିଣିଆ ହୋଇ ଦୁର୍ଗନ୍ଧଯୁକ୍ତ ଓ ବିସ୍ୱାଦ ହୋଇଥିବା (ବସା ଦହି)—Stale (curd); emitting an offensive smell.

| ୧ | ଇ | ଉ | ର୍,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଜ୍ଞ | ନୃ |

**ଅଡ଼ଙ୍ଗାବାଜ୍** —ଦେ. ବଣ—
Ardangābāj   କଜିଆଖୋର୍; କଳିହୁଡ଼ା—
**अड़ङ्गाबाज़**   Quarrelsome.

**ଅଡ଼ତ୍**—ବୈଦେ. ବ. ( ଫା. ଆଡ଼ତ୍ )—ପେଣ୍ଠ; ପଣ୍ୟଦ୍ରବ୍ୟ କ୍ରୟବିକ୍ରୟ
Ardat   ପାଇଁ ରାଜାଦେଶଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନ; ଗଞ୍ଜ; ଆଡ଼ତ୍—
আড়ত   A licensed mart for merchandise and
**आड़त**   goods.

**ଅଡ଼ତ୍‌ଦାର୍**—ବୈଦେ. ବ. ( ଫା. ଆଡ଼ତ୍‌ଦାର )—ଆଡ଼ତିଆ; ଦଣ୍ଡିଦାର;
Ardatdār   ପେଣ୍ଠରେ ପଣ୍ୟଦ୍ରବ୍ୟ କ୍ରୟ ବିକ୍ରୟ କରାଇ କମିସନ୍ ନେବା
আড়তদার   ପାଇଁ ନିଯୁକ୍ତ ବ୍ୟକ୍ତି—A commission agent
**आड़तदार**   for procuring sales and purchases of merchandise.

ଅଡ଼ତଦାର ଅପୁତ୍ର ସ୍ୱାମୀ ପାଖରୁ ଢେର ଢେର ଟଙ୍କା ଠୋକର ଗଣିନେଇ ଲଙ୍ଗର ଉଠେଇ ଦେଲୁ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ଅଡ଼ତ୍‌ଦାରି**—ବୈଦେ. ବ. (ଫା. ଆଡ଼ତ୍‌ଦାରି)—
Ardatdāri   ଦଣ୍ଡିଦାରି, ଦଣ୍ଡିଆଗିରି—
আড়তদারী   Commission agency.
**आड़तदारी**

**ଅଡ଼ତିଆ**—ଦେ. ବ. (ଫା. ଆଡ଼ତ୍+ଓଡ଼ିଆ ପ୍ରତ୍ୟୟ. ଇଆ)—
Ardatiā   ଅଡ଼ତ୍‌ଦାର (ଦେଖ)
Ardatdāra (See)

**ଅଡ଼ଦ୍ଦାର୍**—ଦେ. ବ—ଅଡ଼ତ୍‌ଦାର୍ ( ଦେଖ )
Ardaddār   Ardatdār ( See )

**ଅଡ଼ଦ୍ଦାରି**—ଦେ. ବ—ଅଡ଼ତ୍‌ଦାରି ( ଦେଖ )
Ardaddāri   Ardatdāri ( See )

**ଅଡ଼ଧସ୍ନି**—ପ୍ରାଦେ. ( ବସ୍ତର ) ବ—ଅଲଗୁଣି ( ଦେଖ )
Ardadhasni   Alaguni ( See )

**ଅଡ଼ବ**—ସଂ. ବ ( ସଙ୍ଗୀତ )—ଯେଉଁ ରାଗରେ ଷଡ୍‌ଜ,ଗାନ୍ଧାର, ମଧ୍ୟମ,
Ardaba   ଧୈବତ ଓ ନିଷାଦ, ଏ ପାଞ୍ଚ ସ୍ୱର ଥାଏ—
A melody of five tunes.

**ଅଡ଼ଭୁଷା**—ଗ୍ରା. ବଣ. ପୁଂ. ( ସଂ. ଅଲମ୍ବୁଷା=ରାକ୍ଷସବିଶେଷ )—
Ardabhushā   ୧ । କାଣ୍ଡଜ୍ଞାନଶୂନ୍ୟ; ଅଖାଡ଼ୁଆ—
(ଅଡ଼ଭୁଷୀ—ସ୍ତ୍ରୀ)   1. Foolhardy; awkward.
অলম্বুষে   ୨ । ଅବାଗିଆ—2. Unmethodical.
**अड़ियल.; अड़दार**   ୩ । ଏକବାଗୀ; ଏକଜିଦିଆ; ଜିଦଖୋର—
3. Obstinate; stubborn.
୪ । କଳିହୁଡ଼ା—4. Quarrelsome.
୫ । ଅବୁଝା—5. Inconsiderate.
୬ । ଚଢ଼ଚଢ଼ା—6. Surly.
ଗ୍ରା. ବ—ଅଖାଡ଼ୁଆ କଥା ବା ବିଷୟ—A queer matter.
( ଯଥା—ପଞ୍ଚାଏତଙ୍କ ବଇଠକ ବେଳେ ସେ ଆଣି ଖୋଞ୍ଚାଏ ଅଡ଼ଭୁଷା ପୂରେଇ ଦେଲା । )

**ଅଡ଼ମ୍ବାଜ୍**—ଗ୍ରା. ବଣ—ଅଡ଼ଭୁଷା ( ଦେଖ )
Ardambāj   Ardabhushā ( See )

**ଅଡ଼ମ୍ବାଜି**—ଗ୍ରା. ବଣ—ଅଡ଼ଭୁଷା ( ଦେଖ )
Ardambāji   Ardabhushā ( See )
**अड़दारी**   ଗ୍ରା. ବ—୧ । ଅଖାଡ଼ୁଆ ପଣ—1. Foolhardiness.
୨ । ଚଢ଼ାଲପଣ—2. Surliness.
୩ । କଳିହୁଡ଼ାପଣ—3. Quarrelsomeness.
୪ । ହଠ; ଜିଦ; ଜଗର—4. Obstinacy.

**ଅଡ଼ମ୍ବୁଷା**—ଗ୍ରା. ବଣ. ପୁଂ ଓ ବ—
Ardambushā   ଅଡ଼ଭୁଷା ( ଦେଖ )
(ଅଡ଼ମ୍ବୁଷୀ—ସ୍ତ୍ରୀ)   Ardabhushā ( See )

**ଅଡ଼ମ୍ଭୁଷା**—ଗ୍ରା. ବଣ. ପୁଂ ଓ ବ—ଅଡ଼ଭୁଷା ( ଦେଖ )
Ardambhushā   Ardabhushā ( See )
(ଅଡ଼ମ୍ଭୁଷୀ—ସ୍ତ୍ରୀ)

**ଅଡ଼ର**—ବୈଦେ. ବ. ( ଇଂ. ଅର୍ଡ଼ର୍ )—
Ardar   ଆଦେଶ; ହୁକୁମ—
আডর   Order.
**आडर**

**ଅଡ଼ର୍ ବଡ଼ର୍**—ଦେ. ବ. (ଧ୍ୱନ୍ୟର୍ଥକ)—୧ । ପ୍ରଳାପ; ବାଉଳଗାଉଳ
Ardar bardar   କଥା; ଅସଂଯତ ଓ ଅସଂବଦ୍ଧ ବହୁଜଳ୍ପନା;
হিড়িবিড়ি   ଏଣୁତେଣୁ ଗୁଡ଼ାଏ ବକବା—
**अंडबंड**   1. Raving; incoherent talk
୨ । ଗୋଳମାଳ; ଘୋ ଘା—2. Ado; noise.
ଦେ. ବଣ—୧ । ବାଉଳଗାଉଳ; ପ୍ରଳାପ କରୁଥିବା—
1. Raving.
୨ । ଗୋଳମାଳ କରୁଥିବା—2. Noisy.

**ଅଡ଼ର୍ ବହି**—ଦେ. ବ. ( ଇଂ. ଅର୍ଡ଼ର୍+ଫା. ବହି )—
Ardar bahi   ଯେଉଁ ଖାତାରେ ହାକିମମାନେ ସାଧାରଣ ଆଦେଶ-
আডর বই   ମାନ ଲେଖନ୍ତି—Order-book.
**आडर बहि**

**ଅଡ଼ରଲି**—ବୈଦେ. ବ. ( ଇଂ. ଅର୍ଡ଼ର୍‌ଲି )—ହାକିମମାନଙ୍କ ଆଜ୍ଞା ପାଳନ
Ardarli   ଓ ଡାକହାକ ଶୁଣିବା ପାଇଁ ନିଯୁକ୍ତ ପିଅଦା—
আর্দ্দলী   An orderly peon.
**अर्दली**

**ଅଡ଼ର୍ ସପ୍ଲାଇ**—ବୈଦେ. ବ. ( ଇଂ. ଅର୍ଡ଼ର୍+ସପ୍ଲାଇ )—
Ardar saplāi   ବରାଦ ଅନୁସାରେ ଜିନିଷ ଯୋଗାଇବା କର୍ମ—
আডর সপ্লাই   Order-supplying; supplying of
**आडरसप्लाइ**   articles ordered for by a person.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କଥ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲ୍ପବଧ' ନ ପାଇଲେ 'ଅଲ୍ପବୁଦ୍ଧି' ଦେଖିବେ ।

**ଅଡ଼ାର୍ ସପ୍ଲାୟର୍**—ବୈଦେ. ବ. (ଇଂ. ଅର୍ଡ଼ର୍ + ସପ୍ଲାୟର୍)—
Ardar saplāyar — ଯେଉଁ ବ୍ୟବସାୟୀ ଅନ୍ୟର ବରାଦମତେ
ଆଡ଼ର ସପ୍ଲାୟାର — ବଜାରରୁ ଦ୍ରବ୍ୟମାନ କିଣି ଯୋଗାନ୍ତି—
ଆର୍ଡର ସପ୍ଲାୟର — An order-supplier.

**ଅଡରା**—ପ୍ରାଦେ. (ଭଦ୍ରୀ) ବିଣ—ମନ୍ଦ; ଖରାପ—Bad.
Adarā

**ଅଡରୁଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ଦର )—
Adaruā — ୧ । ନିଃଶଙ୍କ; ନଡର; ଯେ ଡରକୁଳା ନୁହେ—
ନିର୍ଭୟ — 1. Intrepid; one who is
ଅଡର; ନିଡର — not timid.
୨ । ନିର୍ଭୟ—2. Fearless; undaunted.
୩ । ସାହସୀ—3. Bold; brave.

**ଅଡହା**—ପ୍ରାଦେ. ( ବସ୍ତର ) ବି—ଦାନ୍ତୁପାଟି—
Adahā — The gum of the teeth.

**ଅଡ଼ା**—ଦେ. ବି—୧ । (ସଂ. ଅଟ୍ଟ) ଅଡ୍ଡା; ସବାରିକାନ୍ଧିଆ ବେହେରା ବା
Arḍā — ମୂଲିଆମାନେ ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ କାମ ପାଇବା
ଆଡ୍ଡା — ଅପେକ୍ଷାରେ ବସିଥାଆନ୍ତି—1. A stand
ଅଡ୍ଡ — for palky-bearers or journey men labourers.

୨ । (ସଂ. ଅଟ୍ଟ) ଶୁଆ ଆଦି ପୋଷା ପକ୍ଷୀ ବସିବା ପାଇଁ ନିର୍ମିତ ବକ୍ର ଲୌହଶଲାକା—
2. A perch for domesticated birds.

୩ । ( ସଂ. ଅଟ୍ଟ ) ଆଖଡ଼ାଘର; ନୃତ୍ୟଗୀତବ୍ୟାୟାମାଦି ଶିଖିବା ସ୍ଥାନ—
3. A place where men are trained in singing, music and gymnastics.

୪ । ( ସଂ. ଅଟ୍ଟ ) ଶକଟାଦି ରହିବା ସ୍ଥାନ—
4. Cart-stand.

୫ । ( ସଂ. ଅଟ୍ଟ ) ଅଟେଇ; ଗୋରୁଗାଈ ରହିବା ପାଇଁ ବାଡ଼ ଦିଆଯାଇଥିବା ସ୍ଥାନ—
5. An enclosure for cattle.

୬ । ( ସଂ. ଅଟ୍ଟ ) ଯେଉଁ ସ୍ଥାନରେ ବିକି ହେବା ପାଇଁ ଅନେକଗୁଡ଼ିଏ ଘୋଡ଼ା ରଖା ଯାଇଥାନ୍ତି—
6. A stall; a place where a number of horses are kept for sale.

୭ । ( ସଂ. ଅର୍ଗଳ ) ଅଲଗଡ଼ା; ଆଡ଼କାଠ; କବାଟର ଡଳଣୀ—7. A cross-bar.

ପୁଣ ପୁଣ ପ୍ରହାର ଯେ କରେ ଗଳଗାଜ,
କବାଟର ଦ୍ୱାର ଅଡ଼ା ପକାଇଲେ ରାଜ । ପୀତାମ୍ବର—ନୃସିଂହପୁରାଣ ।

୮ । ( ସଂ. ଅଟ୍ଟ ) ଉଚ୍ଚ କୋଠରି—8. A high room.

ଅସୁରର କେଶ ଧରି ଘିଞ୍ଚିକାଲେ ନେଲା,
ଅଷ୍ଟ ଅଡ଼ା ଦୁଆରେ ମୂର୍ଚ୍ଛି କରି ଛାଡ଼ିଲା । ସାରଳା ମହାଭାରତ, ଅଦ ।

୯ । ( ସଂ. ଅଡ୍ଡ ଧାତୁ )—ଅନିଷ୍ଟ; ଦୁଷ୍ଟ—
9. Evil; mishap.

ଦୁଷ୍ଟ ସ୍ୱପନ ଗ୍ରହପୀଡ଼ା । ବଷ୍ଟୁ ନାଶିବେ ସବୁ ଅଡ଼ା ॥
ଜଗନ୍ନାଥ. ଭାଗବତ. ୧୦ମ ।

୧୦ । ( ସଂ. ଅର୍ଗଳ ) ଘରର ଦୁଇ ପାଖର ଶେଣି ଉପରେ ଆଡ଼ ଭାଗରେ ପକାଯିବା ବାଉଁଶ ( ଏହି ବାଉଁଶମାନ ପକାଇ ଘରର ଖୁଲ ତଲେ ଛାଉଣି କରାଯାଏ )—
10. Cross-beam laid across the side-beams of a thatched house.

୧୧ । ( ସଂ. ଅର୍ଦ୍ଧକ )—ଅଢ଼ା—( ଦେଖ )
11. Ardhā ( See )

୧୨ । ( ସଂ. ଅଡ୍ଡ ଧାତୁ ) ଅଡ଼ିବା (କର୍ମ) (ଦେଖ)—
12. ( the act of ) rdibā (See)

୧୩ । ପ୍ରାଦେ. ( ଗଡ଼ଜାତ ) ବି—ବନ୍ୟ ପଶୁମାନେ ଦଳ ବାନ୍ଧି ରହିବା ସ୍ଥାନ—
13. A place where wild beasts stay in herds.

୧୪ । ପ୍ରାଦେ. ( ସମ୍ବଲପୁର ) ବି—ଅଲଗୁଣି; ଲୁଗା ଆଦି ରଖିବାପାଇଁ ବ୍ୟବହୃତ ଦୁଇ ମୁଣ୍ଡରେ ଦଉଡ଼ିଦ୍ୱାରା ଝୁଲୁଥିବା ବଂଶଦଣ୍ଡ—
14. A pole used as clothes-rack.

୧୫ । ପ୍ରାଦେ. (ଗଞ୍ଜାମ) ବି—୬୪ ତୋଲା ଓଜନର ଶସ୍ୟ ବା ଦ୍ରବ୍ୟାଦିର ପରିମାଣ—
15. A measure of corn or liquid equal to 64 Tolas.

[୬୪ ତୋଲା = ୧ ଅଡ଼ା
୧ ଅଡ଼ା = ୨ ବୋଡ଼ା
୧ ବୋଡ଼ା = ୨ ସୋଲି
୧ ସୋଲି = ୪ ପାଅ
୧ ପାଅ = ୨ ଅଦ୍ଧା ( ବା ଗିଦ୍ଧା ) ]

୧୬ । ପ୍ରାଦେ. (ଗଞ୍ଜାମ) ବି—୬୪ ତୋଲା ଓଜନର ଶସ୍ୟ ବା ଦୁଗ୍ଧ ଆଦି ମାପିବାର ମାଟି ବା ପିତଳ ପାତ୍ର—
16. An earthen or brass pot for measuring corn or liquid.

୧୭ । ପ୍ରାଦେ. ( ସିଂହଭୂମ ) ବି—ଟସର ପୋକ ବା ପାଟ ପୋକ ଅବାଦ କରିବା କର୍ମ—17. Sericulture

୧୮ । ପ୍ରାଦେ. ( କେନ୍ଦ୍ରାପଡ଼ା ) ବି—ଡଙ୍ଗା; ମୋଟ ବାଉଁଶ ଯାହା ପଥର ବା କାଠ ଆଦିକୁ ଘୁଞ୍ଚାଇବାରେ ବ୍ୟବହୃତ ହୁଏ—A piece of thick bamboopole used as a lever to move heavy logs or stones.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଞ ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଚ | ଡ୍ଥ | ଖ |
| ୨ | ଈ | ଊ | ରୁ ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଙ୍ଥ | ଢ଼ | ନ୍ତ |

ଦେ. ବଣ—ଯେଉଁ ଘୋଡ଼ା ଅଡ଼େ—
Jibbing; obstinate (horse).

**ଅଡ଼ାଅଡ଼ି**—ଦେ. ବ.—୧ । ପରସ୍ପର ରୁଷାରୁଷି; ଚେଡ଼ାଚେଡ଼ି ; ରଗାରଗି—
Ardāardi 1. Mutual falling out or quarrelling.
আড়াআড়ি ୨ । ପରସ୍ପର ଠେଲାଠେଲି—
**अड़ाअड़ि** 2. Mutual pushing.
୩ । ବହୁ ଅଶୁଙ୍କୁ ଅଡ଼ାଇ ନେବା—
3. Act of driving many beasts.
ଦେ. ବଣ—ପରସ୍ପର ଠେଲାଠେଲି ହେଉଥିବା—
Pushing each other.

ଅଡ଼ାଅଡ଼ି ହୋଇଣ କଲେ ନାନା ଗତ,
ଜୟରଙ୍ଗ ନେବାକୁ କର ଦୁହେଁ ମତ ।
କୃଷ୍ଣସିଂହ ମହାଭାରତ. ଭୀଷ୍ମ ।

**ଅଡ଼ାଇବା**—ଦେ. କ୍ରି. ( ଧା. ଅଡ଼=ଚଳାଇବା )—
Ardāiba ୧ । ପଛରେ ରହି ପଶୁମାନଙ୍କୁ ଆଗକୁ ଚାଳିତ କରିବା—
1. To drive a beast cr beasts from behind.

ସୁରଭି ପାଇଲେ ଯେନ ସିଂହ ଅଡ଼ାଇ । କୃଷ୍ଣସିଂହ ମହାଭାରତ. ସଭା ।

୨ । ରଥ ବା ଶକଟରେ ଲାଗିଥିବା ଘୋଡ଼ା ଆଦିଙ୍କୁ ଚାଳିତ କରିବା; ହଙ୍କାଇବା—
2. To drive a horse as a driver of a vehicle.

ଆପଣେ ବାହୁ ଧରି ଘୋଡ଼ା ଅଡ଼ାଇଲେ । ସାରଳା ମହାଭାରତ. ବିରାଟ ।

୩ । ଶକଟାଦିରେ ଲାଗିଥିବା ପଶୁଙ୍କୁ ଚଳାଇବା ଦ୍ୱାରା ଶକଟକୁ ଏକ ପାଖକୁ ନେବା—
3. To take a cart to one side by driving.
୪ । ଗୋରୁ ବାଛୁରି ଆଦିଙ୍କୁ ଜଗିବା—
4. To tend cattle etc.

ଏତେ ଗରବ ଗୋପୀଙ୍କି ଘାଟ ମାଗୁ, ନନ୍ଦର ଗୋରୁ ଅଡ଼ାଇ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୫ । ପଶୁ ଆଦିଙ୍କୁ କୌଣସି ସ୍ଥାନରୁ ତଡ଼ିଦେବା—
5. To drive away cattle from any place.
( ଯଥା—ବାଡ଼ିରେ ଗୋରୁ ପଶି ଫସଲ ଖାଇ ଯାଉଛନ୍ତି, ତାଙ୍କୁ ଅଡ଼ାଇ ଦିଅ । )
[ଦ୍ର—ଅଡ଼ାଇବା କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ନେବା ଓ ଯିବା କ୍ରିୟା ଲାଗେ । ]
୬ । ପଶୁପକ୍ଷୀଆଦିଙ୍କୁ କୌଣସି ସ୍ଥାନରୁ ହୁରୁଡ଼ାଇ ଦେବା—
6. To scare away birds and beasts.

ତବେ ଦେହରେ କର୍ଣ୍ଣିଲ ମଶା ଯେ ଗୋଷ୍ଠଏ
ଯୀରେ ଅଡ଼ାଇଣ ଦେଲେ ବାଳୁତ ତନଯେ । ସାରଳା ମହାଭାରତ. ଆଦି ।

**ଅଡ଼ାଲ**—ଦେ. ବଣ—
Adāla ଶାଖାହୀନ—Branchless.

**ଅଡ଼ାଲିଆ**—ଦେ. ବଣ—
Adalia ଶାଖାହୀନ—Branchless.

**ଅଡ଼ାବନ୍ଧ**—ଦେ. ବ—୧ । ପାଞ୍ଚ ବା ସାତଖେଣିଆ ଚାଳ ଘରର ଓସାର ଯେଉଁ ଅଂଶ ଦୁଇଟି ଗୁଜ ମଧ୍ୟରେ ଥାଏ—
Ardābandha
1. The portion of the cross-beam of a thatched house which lies between the two queen-posts.

ଅଡ଼ାବନ୍ଧ ୫ ହାତକୁ ଗୁଜ ହା ୧୧୭ । - ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।

**ଅଡ଼ାଶ**—ପ୍ରାଦେ. ( ଗଡ଼ଜାତ ) ବ—୧ । ଜଙ୍ଗଲରୁ ଗୋରୁ ବା ମଇଁଷିଙ୍କଦ୍ୱାରା ଯୁଅଳରେ ବନ୍ଧା ହୋଇ ବୁହାଯିବା ମୁଣ୍ଡି-ବାଉଁଶମାନଙ୍କ ମୁଣ୍ଡି ପାଖରେ ବାଡ଼ିଆସିବା ବାଉଁଶର କଳା ( ଏ କଳା ବାଡ଼େଇବାଦ୍ୱାରା ଗୋଛ ହୋଇ ବନ୍ଧା ହୋଇଥିବା ବାଉଁଶ ଭିତରେ ଥିବା ଫାଙ୍କମାନ ଚପି ହୋଇ ଦୃଢ଼ ହୋଇଯାଏ । )—
Ardāśa
1. A plug of bamboo thrust into the base-ends of bamboos tied together into a bundle for being carried away from the forest by means of bullocks by tying the bundle to a yoke.

**ଅଡ଼ି**—ଦେ. ବ—୧ । ( ସଂ. ଅଡ୍ଡ ଧାତୁ ) ଜିଦ; ହଠ; ଜିଗର—
Ardi 1. Importunity.
আড়ি ୨ । ( ଧ୍ୱନ୍ୟର୍ଥକ ) ଏଉଡ଼ି; ହାଲୁଚି—
**अड़ि** 2. Belching.
ଦେ. ବଣ—ଯେଉଁ ଦାନ ପଶାକାଠିରେ ସାଧାରଣତଃ ପଡ଼େ ନାହିଁ—( a throw of the dice ) Which is very difficult to get.
(ଯଥା—ଅଡ଼ିପଟ୍ଟ )

**ଅଡିଟ୍**—ବୈଦେ. ବ. ( ଇଂ. ଅଡିଟ୍ )—
Adit ହିସାବ ଆଦିର ତନଖି—
অডিট Audit.
**अडिट**

**ଅଡିଟର୍**—ବୈଦେ. ବ. ( ଇଂ. ଅଡିଟର )—
Aditar ହିସାବ ତନଖିବାପାଇଁ ନିଯୁକ୍ତ ବ୍ୟକ୍ତି—
অডিটর Auditor.
**अडिटर**

**ଅଡ଼ିପଟ୍ଟ**—ଦେ. ବ—ପଶାକାଠିରେ ଯେଉଁ ପଟ୍ଟ ବା ଦାନ ସହଜରେ ପଡ଼େ ନାହିଁ—
Ardipata
পাশার আড়ি A throw of the dice which does not commonly turns up.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଂଗିଆ' ନ ପାଇଲେ 'ଆଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଡ଼ିବା**—ଦେ. କ୍ରି. ( ସଂ. ଅଡ୍ ଧାତୁ=ବ୍ୟାପିବା; ସଂ. ଅଡ୍ଡ ଧାତୁ= ଅକ୍ରମଣ କରିବା; ସଂ. ଅଲ ଧାତୁ=ବାରଣ କରିବା)—
**Arḍibā**
আড়িকরা
**अड़ना**

୧ । ହଠ କରିବା; ଏକ ଜିଦ ଧରି ବସିବା—
1 To insist; to importune; to become obstinate

ଜଣ୍ଡା ନରୁଛି ଘାଣ୍ଟି, ସଣ୍ଠାର ଲେଶ ଧାଣ୍ଟି;
ବଣ୍ଟା ନେବି ମୁଁ ବୋଲି ଅଡ଼ିଲ ରେ—କବିସୂର୍ଯ୍ୟ. ସଙ୍ଗୀତ ।

୨ । କୃତସଂକଳ୍ପ ହେବା; କୃତନିଶ୍ଚୟ ହେବା—
2. To be resolved on a thing.

ଦ୍ରୌପଦୀ ଅଡ଼ିଛି କେଶ ବନ୍ଧନ ନିମନ୍ତେ । ସାରଳା ମହାଭାରତ. ବ ।

୩ । ରୁଷି ବସିବା; ରୁଷ୍ଟ ହେବା—
3. To fall out; to become sullen with displeasure.

୪ । (ଘୋଡ଼ା) ଚାଲୁ ଚାଲୁ ଆଗକୁ ନ ଯାଇ ଅଟକିବା; ଜମିବା-
4. To jibb ( said of a horse )

କାହା ଝାଙ୍କଣ ଯାଉଛି ବହି
କେ ଘୋଡ଼ା ଅଡ଼ି ରହିଲେ ଘୋଡ଼ା ଲେଡ଼ା ଲଗାଇ ସେ ।
ବ୍ରଜନାଥ—ସମର ତରଙ୍ଗ ୨ ।

୫ । ନାରାଜ ହେବା; କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା—5. To give vent to unwillingness to do a work; to refuse to do something

ନ ପାରେଁ ମା ବୋଲି ଅଡ଼ୁ ଥାଉ
ନମ୍ରେ କର ସୁଗ ଘୋଡ଼ୁ ଥାଉ । କବିସୂର୍ଯ୍ୟ. କବିତା ।

୬ । ବିଗିଡ଼ିବା, ପ୍ରକୁପିତ ହେବା—
6. To be out of order.
( ଯଥା—ଷାରୁ ଭୁଅଣ ଖାଇ ମୋ ପେଟ ଅଡ଼ିଛି । )

୭ । ରୁଦ୍ଧ ହେବା; ( ପବନ ) ଅଟକିବା—
7. To be suffocated.
( ଯଥା—ବେକରେ ପବନ ଅଡ଼ିବାରୁ ମୁଁ ମୁହଁ ବୁଲାଇ ପାରୁ ନାହିଁ । )

୮ । ଅବାଧ୍ୟ ହେବା—8. To become disobedient.
(ଯଥା—ମୂଲ କମାଇ ଦେବାରୁ କାରିଗରମାନେ ଅଡ଼ିଛନ୍ତି ।)

୯ । ଅସନ୍ତୁଷ୍ଟ ହେବା—9. To be displeased.
( ଯଥା—ସେ ପୁଅକୁ ବିଲାତ ପଠାଇବାରୁ ତାଙ୍କ ଜାତଭାଇମାନେ ଅଡ଼ି ବସିଛନ୍ତି । )

୧୦ । ପ୍ରକାଶ୍ୟରେ ବିରୋଧୀ ହେବା—
10. To oppose openly.

ଏଣୁ କରି ହରିଙ୍କି ସର୍ବଦା ଥାଏ ଅଡ଼ି । ପୀତାମ୍ବର. ନୃସିଂହପୁରାଣ ।

**ଅଡ଼ିବାଜ୍**—ଦେ. ବିଣ—୧ । ଅଡ଼ିଭୂଷା ( ଦେଖ )
**Arḍibāj**
1. Arḍabhushā ( See )

୨ । ଯେଉଁ ଘୋଡ଼ା ଯାଉ ଯାଉ ଅଡ଼ିଯାଏ—
2. Jibbing ( horse )

**ଅଡ଼ିବାଜି**—ଦେ. ବି—୧ । ଅଡ଼ିଭୂଷା ( ଦେଖ )
**Arḍibāji**
1. Arḍabhushā ( See )

୨ । ଘୋଡ଼ାର ଅଡ଼ିବା ଅଭ୍ୟାସ—
2. Habit of jibbing ( of a horse )

**ଅଡ଼ିଶିଳା**—ପ୍ରାଦେ. ( ଅଳ ) ବି—ପାଣି ବୁହାଇବା ଯନ୍ତ୍ରର ଧାରଣା କାଠ—A cross-beam used as a fulcrum for a water-lifting contrivance.
**Arḍisilā**

**ଅଡ଼ୁଆ**—ଦେ. ବିଣ. ( ସଂ. ଅଲୁକ; ଆଲୁଳାୟିତ )—
**Arḍuā**
আলুথালু
**अंडबंड**

୧ । ଜଟିଳ; ଗୋଳମାଳିଆ—1. Complicated; complex; confused.

୨ । ଅସଂଯତ;ଅସ୍ତବ୍ୟସ୍ତ; ଇତସ୍ତତଃ ବିକ୍ଷିପ୍ତ (କେଶ)—
2. Dishevelled ( hair )

୩ । ବିଗିଡ଼ି ଯାଇଥିବା—3. Disordered; out of order.

୪ । ଛନ୍ଦଣିମନ୍ଦଣି ହୋଇଥିବା (କେଶ; ସୂତା)—
4. Tangled; confused.

୫ । ଅମୀମାଂସିତ—5. Unsettled

୬ । ଅଖାଡ଼ିଆ; ଅସୁବିଧାଜନକ—6 Inconvenient.

ମାଳକ ହେଲ ଅଡ଼ୁଆ—ତଗ ।

୭ । ବିଷମ; ଅଖାଡ଼ୁଆ—7. Queer; awkward.

୮ । ସନ୍ଦେହଜନକ—8 Doubtful; suspicious.

୯ । ଅସାଧିତ (ସମସ୍ୟା)—9. Unsolved (problem)

୧୦ । ବାଧାଜନକ; ବିଘ୍ନପୂର୍ଣ୍ଣ—10. Full of obstacles.

গোলমাল
**अड़चा**

ଦେ.ବି.—୧। ଅସୁବିଧା;ଅଖାଡ଼ି—1.Inconvenience

୨ । ଅସାଧିତ ସମସ୍ୟା—2. Unsolved problem.

୩ । ବିଷମ ସମସ୍ୟା; ପ୍ରହେଳିକା—
3. Dilemma; riddle.

୪ । ଅମୀମାଂସିତ ବିଷୟ—4. Unsettled matter; undecided matter.

ଭୁହ ଭୁହ ସାଆନ୍ତେ ! ଆହୁରି ତ ଗୋଟାଏ ଅଡ଼ୁଆ ଅଛି ।
ରାମଶଙ୍କର. ରାମବନବାସ ୧ । ୧ ।

୫ । ବିଭ୍ରାଟ; ଜଟିଳତା; ଗୋଳମାଳ—5. Complexity; confusion; complication.

ଆପଣାକୁ ଆପେ ବୁଝିଲେ ସରଇ ଅଡ଼ୁଆ —ତଗ

୬ । ଛନ୍ଦଣି ମନ୍ଦଣି ଅବସ୍ଥା—6. Tangled condition; tangle.

୭ । କଳିକଜିଆ; ବିବାଦ—7. Quarrel; dispute.

ତନ୍ଦ୍ରିତ କଲେ ଅଡ଼ୁଆ ଭାଇ ଅକାତ କରୁଛନ୍ତି ।
ରାମଶଙ୍କର, ଲୀଳାବତୀ ୨।୨

୮ । ବାଧା; ବିଘ୍ନ—8. Impediment; obstacle.

କ ତର୍କ ପଞ୍ଚାନନେ, ଏଥିରେ ଧର୍ମ ସମ୍ବନ୍ଧୀୟ କିଛି ଅଡ଼ୁଆ ଅଛି କି ?
ରାମଶଙ୍କର. କାଞ୍ଚନମାଳୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଡ଼ | ଢ଼ |

ଅଡ଼ୁଅଝଡ଼ୁଆ ବର୍ଗନ୍—ପ୍ରାଦେ. (ସମ୍ବଲପୁର) ବି.—
Arduājhardua bargan—ଅତି ଛୋଟ ଛୋଟ ବା ବାଜେ ବହୁ କାର୍ଯ୍ୟ କରିବା ପାଇଁ ଦିଆଯିବା ଆଦେଶ—An order given for doing many petty or miscellaneous works.

ଅଡ଼ୁଆଟଡ଼ୁଆ—ଦେ. ବିଣ ( ସହଚର )—ସହଚର ଶବ୍ଦ ଯୋଜନାଦ୍ୱାରା
Arduātardua ବହୁ ଅର୍ଥର ସୂଚନା—ବିଶେଷ ଜଟିଳ (ବହୁ)—
ଆଳୁଥାଳୁ Very complicated or confused
अड़वातड़ुआ (many).
ଦେ. ବି—୧ । ବିଶେଷ ଗୋଳମାଳ—
1. Much confusion; a great tangle.
୨ । ବିବାଦ; ବିସମ୍ବାଦ—
2. Disputes and dissensions.
୩ । ବିଶେଷ କଳି କଜିଆ—3 Much quarrel.

ଅଡ଼ୁଆ ବାଳ—ଦେ. ବି—୧ । ଛନ୍ଦଣି ମନ୍ଦଣି ହୋଇଥିବା କେଶ—
Ardua bāla 1. Tangled hair.
ଆଳୁଥାଳୁ ଚୁଳ ୨ । ମୁଣ୍ଡ କୁଣ୍ଡାଇବାରେ ଯେଉଁ ଛନ୍ଦଣି ମନ୍ଦଣି
ଛେଁଡା ଚୁଳ ବାଳ ପାନିଆରେ ଲାଗି ମୁଣ୍ଡରୁ ଉଠି ଆସେ—
2. Tangled hair coming from off the head after combing.

ଅଡ଼ୁମ୍ବର—ଦେ. ବି. ( ସଂ. ଉଦୁମ୍ବର )—ଉଦୁମ୍ବର ( ଦେଖ )—
Ardumbara Udumbara ( See )

ଅଡ଼େଇବା—ଦେ. କ୍ରି.—ଅଡ଼ାଇବା ( ଦେଖ )
Ardeibā Ardaibā ( See )

ଅଡ଼ୋଶପଡ଼ୋଶ—ଦେ. ବି. ( ଅନର୍ଥକ ପ୍ରଥମ ଶବ୍ଦ; ୨ୟ ଶବ୍ଦ=ସଂ. ପ୍ରତିବେଶୀ ବହୁବଚନବାଚକ )—
ପାଡ଼ାପଡ଼ଶୀ ୧ । ପ୍ରତିବେଶୀବର୍ଗ—1. One's neighbours.
अड़ोसपड़ोस ୨ । ନିକଟରେ ବାସକରୁଥିବା ଲୋକ—
2. Men living near by.
ଦେ. ବିଣ—୧ । ନିକଟରେ ବାସ କରୁଥିବା ( ବ୍ୟକ୍ତି )—
1. Residing near by; neighbouring.
୨ । ଆସପାଖ ; ନିକଟବର୍ତ୍ତୀ—2. Adjacent.

ଅଡୌଲି—ଦେ. ବି. ଓ ବିଣ—ଅଡଉଲ ( ଦେଖ )—
Adaula Adaula ( See )

ଅଡ୍ଡ (ଧାତୁ)—ସଂ.—୧ । ଯୋଗ କରିବା—1. To join.
Adda (root) ୨ । ଆକ୍ରମଣ କରିବା—2. To attack.
୩ । ତର୍କ କରିବା—3. To argue.
୪ । ଅନୁମାନ କରିବା—4. To guess.
୫ । ଧ୍ୟାନ କରିବା—5. To meditate.

ଅଡ୍ଡନ—ସଂ. ବି. (ଅଡ୍ଡ ଧାତୁ + କର୍ମ. ଅନ; ଯାହାକୁ ଲକ୍ଷ୍ୟ କରି ଆକ୍ରମଣ
Addana କରାଯାଏ )—ଆଡ଼େଣି; ଢାଲ—Shield.

ଅଡ୍ଢନ—ସଂ. ବି—ଅଡ୍ଡନର ଅନ୍ୟରୂପ—Another form of
Addhana Addana.

ଅଢ଼କ— ୧ । ଅଢ଼ା ( ଦେଖ )
Ardhaka Ardhā ( See )
୨ । ଅଣକ; ଡଙ୍କା—2. A wooden spoon.

ଅଢ଼ଙ୍କରିଆ—ଗ୍ରା. ବିଣ—ଅଢଙ୍ଗିଆ ( ଦେଖ )
Ardhankaria Adhangiā ( See )

ଅଢଙ୍ଗ୍—ପ୍ରାଦେ. ( ସମ୍ବଲପୁର ) ବିଣ—ଅନୁଚିତ—Improper.
Adhang

ଅଢଙ୍ଗ—ଦେ. ବିଣ. ( ସଂ. ଅ+ହି. ଢଙ୍ଗ )—
Adhanga ୧ । ବେଢଙ୍ଗ; ଅଡଉଲ; ଅସୁନ୍ଦର—
ବେଢଙ୍ଗ 1. Ungraceful.
बेढङ्ग ୨ । ଧାରାବିହୀନ—2 Unsystematic.
ଦେ. ବି—୧ । ଅଢଙ୍ଗ ( ଦେଖ )
1. Adhanga ( See )
୨ । (ନାମ) କଟକ ଜିଲ୍ଲାରେ କଟକର ୨୦ ମାଇଲ ଦୂରରେ ଥିବା ଗୋଟିଏ ଗ୍ରାମ—2. Name of a village in Cuttack.
[ ଦ୍ର—ଏଠାରେ ପ୍ରସିଦ୍ଧ ସାଧୁ ପୁରୁଷ ଅରକ୍ଷିତଦାସଙ୍କ ଗାଦି ଅଛି । ଏହା ପୂର୍ବେ ଜଣେ ଖଣ୍ଡାଇତ ବା ସାମନ୍ତ ରାଜାଙ୍କର ରାଜଧାନୀ ଥିଲା ଓ ବର୍ତ୍ତମାନ ଏଠାରେ ରାଜାଙ୍କ ଗଡ଼ ଓ ଖାଇର ଚିହ୍ନ ଅଛି । ]

ଅଢଙ୍ଗା—ଦେ. ବି—ଅଡଙ୍ଗା ( ଦେଖ )
Adhangā Adangā ( See )
ଦେ. ବିଣ—ଅଢଙ୍ଗ ( ଦେଖ )
Adhanga ( See )

ଅଢଙ୍ଗା ରାଜା—ଦେ. ବି—ପୂର୍ବକାଳରେ କଟକଜିଲ୍ଲାର ଅଢଙ୍ଗରେ
Adhangā rajā ରାଜତ୍ୱ କରୁଥିବା ଖଣ୍ଡାଏତ ରାଜାମାନଙ୍କ ଜାତି ନାମ—Name by which the ancient khandāyata Rajās of Adhanga were called.

ଅଢଙ୍ଗିଆ—ଦେ. ବିଣ—ଅଢଙ୍ଗ ( ଦେଖ )
Adhangiā Adhanga ( See )

ଅଢପ—ଦେ. ବି—ଢପ ବା ସୌନ୍ଦର୍ଯ୍ୟର ଅଭାବ—Want of grace
Adhapa or symmetry.
ଦେ. ବିଣ—ଅଡଉଲ ( ଦେଖ )
Adaula ( See )

ଅଢପା—ଦେ. ବିଣ—ଅଡଉଲ ( ଦେଖ )
Adhapā Adaula ( See )

ଅଢ଼ଶିଳା—ପ୍ରାଦେ. (କଳହା) ବି—ବାହାଲ ( ଦେଖ )
Ardhasilā Bāhāla ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅଖି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

**ଅଢ଼ା**—ଦେ. ବି. ( ସଂ. ଆଢ଼କ )—୧ । ଶସ୍ୟାଦି ମାପିବାର ପରିମାଣ ବିଶେଷ—1. A standard measure or capacity for corn.
Ardhā
ଆଢ଼ା
अड्ढा
ଅଢ଼ାଏ ଦେଲେ କରଇ ଭୋଜନ । କୃଷ୍ଣସିଂହ.ମହାଭାରତ. ଉଦ୍ୟୋଗ
୨ । ଶସ୍ୟାଦି ମାପିବାର ପାତ୍ର—
2. A metal pot for measuring corn.
୩ । ଡଣକ; ଡଙ୍କା—3. A wooden spoon.
୪ । ଅଢ଼ା ଆଙ୍ଗୁଠି ( ଦେଖ )
4. Ardhā anguṭhi ( See )
୫ । ( ଜ୍ୟୋତିଷ ) ଜ୍ୟୋତିଷଗଣନା ମତରେ ଶନି ଚଳନ ଯୋଗୁଁ ପୃଥିବୀରେ ଜନ୍ମିବା ଶସ୍ୟାଦିର ପରିମାଣ—
5. Quantity of corn growing on the face of the earth as a result of a particular motion of the planet Saturn.
[ ଦ୍ର—ଜ୍ୟୋତିଷ ମତରେ ଶନିର ଭିନ୍ନ ଭିନ୍ନ ଚଳନ ଅନୁସାରେ ବ୍ରାହ୍ମଣୀ, ଗୋପିକା ବା କେଳୀ ହସ୍ତକୁ ଅଢ଼ା ଯାଏ ଓ ଉକ୍ତ ଅଢ଼ାମାନ ଭିନ୍ନ ଭିନ୍ନ ଧାତୁରେ ନିର୍ମିତ ହୋଇଥିବାର ବୋଲାଯାଏ ଓ ତଦନୁସାରେ ପୃଥିବୀରେ ଜନ୍ମିବା ଶସ୍ୟର ପରିମାଣ ବେଶି କମି ହୁଏ । ଉଦାହରଣ ସ୍ୱରୂପ—ସନ ୧୩୩୫ ସାଲ ବୈଶାଖ ଆରମ୍ଭରୁ ଅଢ଼ା ଗୋପିକାହସ୍ତେ ଥିଲା, ୧୩୩୬ ପୁଷ ୧୨ ଦିନ ଶନି ଧନୁରାଶି ମୂଳା ନକ୍ଷତ୍ରରୁ ଚଳିବାରୁ ଅଢ଼ା ବ୍ରାହ୍ମଣୀହସ୍ତକୁ ଗଲା । ଫଳ—ଆଢ଼କୋ ବ୍ରାହ୍ମଣୀହସ୍ତେ ଦୁର୍ଭିକ୍ଷଂ ଜାୟତେ ମହତ୍;—ବ୍ରାହ୍ମଣୀ ହସ୍ତରେ ଥିବା ଅଢ଼ା ରୌପ୍ୟପାତ୍ର; ଫଳ—ରଜତ ଷ୍ଟ ଶୁଭଂ ଭବେତ୍ ।
[ଲିଙ୍ଗରାଜଖଡ଼ିରତ୍ନଙ୍କ ନୂତନ ପଞ୍ଜିକା ।]

**ଅଢ଼ା ଆଙ୍ଗୁଠି**—ଦେ. ବି. ( ସଂ. ଅର୍ଦ୍ଧ+ଅଙ୍ଗୁଷ୍ଠ )—
Ardhā anguṭhi ୧ । ଆଙ୍ଗୁଠିରେ ଉଠିବା ଅତି କଷ୍ଟଦାୟକ
ଆଁଙ୍ଗୁଳ ହାଡ଼ା ବ୍ରଣ—1. Whitlow; an inflamatory
बिषहरी, [illegible] boil on the finger specially on the phalanx.

**ଅଢ଼ା ଆଙ୍ଗୁଳ**—ଦେ. ବି—ଅଢ଼ା ଆଙ୍ଗୁଠି ( ଦେଖ )
Ardhā anguli Ardhā anguṭhi ( See )

**ଅଢ଼ାଇ**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ ସ. ଅର୍ଦ୍ଧଦ୍ୱିତୀୟ, ପ୍ରା. ଅଡ୍ଢାଇଅ )—ସାର୍ଦ୍ଧଦ୍ୱି ସଂଖ୍ୟା; ଦୁଇ ଓ ଅଧେ ସଂଖ୍ୟା;
Ardhāi
ଆଡ଼ାଈ ଅଢ଼େଇ; ୨॥; ୨୳—
ढाइ; अढ़ाइ Two and half; $2\frac{1}{2}$.
ନଶି ହୋଇଛି ଅଢ଼ାଇ ପ୍ରହର । ପ୍ରାଚୀ—ଶଶିସେଣା ।

**ଅଢ଼ାଇଆ**—ଦେ. ବି—୧ । ଅଢ଼ାଇ ସେର ପରିମାଣ—
Ardhāiā 1. A quantity of $2\frac{1}{2}$ seers.
ଆଡାୟା ୨ । ଅଢ଼ାଇ ସେର ବସ୍ତୁକୁ ମାପ ବା ଓଜନ କରିବା
ढैया; ढाउँ ପାତ୍ର ବା ବଟକରା—2. A capacity; measure or weight of $2\frac{1}{2}$ seers.

ଦେ. ବିଣ—୧ । ଅଢ଼ାଇ ସେର ପରିମିତ—
1. Measuring or weighing $2\frac{1}{2}$ seers
୨ । ଅଢ଼ାଇରେ ଗୁଣିତ ( କୌଣସି ସଂଖ୍ୟା )—
2. Multiplied by $2\frac{1}{2}$; $2\frac{1}{2}$ times as much as.

**ଅଢ଼ାମୁଣ୍ଡି**—ଦେ. ବି—ଅଗ୍ରମୁଣ୍ଡି; ଢିଙ୍କି ପାହାରର ଲୁହା ସମାଯୁକ୍ତ ଅଗ-
Ardhāmundi The iron-ringed end of the pestle of a husking jack.

**ଅଢ଼ାୟା**—ଦେ. ବି ଓ ବିଣ—ଅଢ଼ାଇଆ ( ଦେଖ )
Ardhāyā Ardhāiā ( See )

**ଅଢ଼ିଆ**—ଦେ. ବି ଓ ବିଣ—ଅଢ଼ାଇଆ ( ଦେଖ )
Ardhiā Ardhāiā ( See )
ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବିଂ—ଆଗନ୍ତୁକମାନଙ୍କ ଚର୍ଚ୍ଚା ପାଇଁ ତାଙ୍କ ବସାକୁ ପଠାଯିବା ଡାଲି ଚାଉଳ ପରିବା ଆଦି ସାମଗ୍ରୀ; ସିଧା; ସଞ୍ଜା—A present of victuals sent to a guest.
ପ୍ରାଦେ. (ସମ୍ବଲପୁର)ବି—ପ୍ରତିଫଳ—Consequence.
( ଯଥା—ତୁଇ ଅସତ୍ କହୁଛୁ; ଅଢ଼ିଆ ପାଇବୁ । )

**ଅଢ଼ିଆ ସ୍କୁଲ୍**—ପ୍ରାଦେ. ( ସମ୍ବଲପୁର ) ବି—ଯେଉଁ ସ୍କୁଲ ବା ଚାଟଶାଳୀର
Ardhiā skul ଶିକ୍ଷକଙ୍କୁ ଗ୍ରାମବାସୀମାନେ ପାଳି କରି ଡାଲି ଚାଉଳ ଆଦି ସିଧା ଯୋଗାନ୍ତି—A school the teacher of which gets victuals from the villagers by turn.

**ଅଢ଼େଇ**—ଦେ. ବି ଓ ବିଣ—ଅଢ଼ାଇ ( ଦେଖ )
Ardhei Ardhāi ( See )
ଗୁଡ଼ ବିକିଥିଲି ଅଢ଼େଇଏ, (=ଅଢ଼େଇ ସେର ମାନ)
ପୁଅ ବାହା କଲି, ଝିଅ ବାହା କଲି, ବାକି ରହିଲେ ଅଢ଼େଇଏ ।
ଢଗ ।

**ଅଢ଼େଇଆ**—ଦେ. ବି ଓ ବିଣ—ଅଢ଼ାଇଆ ( ଦେଖ )
Ardheiā Ardhāiā ( See )
ଦେ. ବି—୧ । ( ଏହାର ପ୍ରକୋପ ଅଢ଼େଇ ଦିନ ହେବାରୁ ) ଗୋରୁମାନଙ୍କ ଜ୍ୱର ବିଶେଷ—
1. A kind of fever attacking cattle.
[ ଦ୍ର—ଏଥିରେ ଗୋରୁଙ୍କ ଗୋଡ଼ର ଦୁଇଖୁରର ସନ୍ଧିରେ ଫୋଟକା ପରି ବ୍ରଣ ଦେଖାଯାଏ ଓ ଗୋରୁଙ୍କୁ ଜର ହୁଏ । ଅଢ଼େଇ ଦିନ ପରେ ଏ ଫୋଟକା ଭଲ ହୋଇଯାଏ ଏବଂ ଜର ମଧ୍ୟ ଛାଡ଼ିଯାଏ; ଏ ଫୋଟକାକୁ ଖୁରଫୋଟକା ବୋଲାଯାଏ । ]
୨ । ପ୍ରାଦେ. ( ଗଡ଼ଜାତ ) ବି—ଗୋରୁମାନଙ୍କ ଛୁଆଁଲା ରୋଗ; ଏ ରୋଗରେ ଗୋରୁମାନେ ଆକ୍ରାନ୍ତ ହୋଇ ଅଢ଼େଇ ଦିନରେ ମରି ଯାଆନ୍ତି—2. A kind of fatal cattle-disease.

**ଅଢ଼େଇ କାଣ୍ଡିଆ**—ଦେ. ବିଣ—ଅଢ଼େଇ ଚରଣିଆଁ ( ଦେଖ )
Ardhei kāndiā Ardhei charaniān ( See )

| ୧ | ଲ | ଊ | ର,ଋ | ଝ | ୟ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲ୍ଲ | ଙ୍ଗେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

**ଅଢ଼େଇ କଅରିଆ**—ଦେ. ବ—ବିଲରେ ରହୁବା ଏକ ପ୍ରକାର ଉଗ୍ରବିଷ
Ardhei kiāriā ତକ୍ଷ ସାପ—A kind of very poisonous cobra.

[ଦ୍ର—ଲୋକବିଶ୍ୱାସ ଏହି କି ଏ ସର୍ପଦ୍ୱାରା ଦଷ୍ଟ ବ୍ୟକ୍ତି ସର୍ପଦଂଶନ କରିବା ସ୍ଥାନରୁ ଅଢ଼େଇ କଅରି ଦୂର ନ ଯାଉଣୁ ମୃତ ହୁଏ ଓ ଏ ସର୍ପ ମନୁଷ୍ୟଙ୍କୁ ଦଂଶିବାକୁ ଅଢ଼େଇ କଅରି ଦୂର ପର୍ଯ୍ୟନ୍ତ ଗୋଡ଼ାଇ ଯାଏ । ]

**ଅଢ଼େଇ ଚରଣିଆଁ**—(ମନ୍ତ୍ର)—ଦେ. ବ. (ଚରଣିଆର 'ଣ' ଅକ୍ଷର ଯୋଗୁଁ
Ardhei charaniāñ ପରବର୍ତ୍ତୀ 'ଆ' ର ଅନୁନାସିକ ଉଚ୍ଚାରଣ )—
অড়াই পদ মন্ত্র ଯେଉଁ ମନ୍ତ୍ରର ପଦସଂଖ୍ୟା ଅଢ଼େଇ ଅର୍ଥାତ୍ ଅତି ଅଳ୍ପ ଅଟେ; ଗୁଣିଆମାନେ ପ୍ରୟୋଗ କରିବା ଗାରୁଡ଼ ମନ୍ତ୍ର—
Very short (mystic) formula.

**ଅଢ଼େଇ ଦିନ**—ଦେ. ବ. (ସଂ. ଅର୍ଦ୍ଧ ଦ୍ୱିତୀୟ+ଦିନ)୧। ଦୁଇ ଦିନ ଅଧେ—
Ardhei dina 1. Two and half days.
আড়াইদিন ୨ । ଅଳ୍ପକାଳ—2. A short time.
ढाई रोज ତୁ ସିନା ଅଢ଼େଇ ଦିନର ଗୁଙ୍କର । ରାଧାନାଥ—ଦରବାର ।

**ଅଢ଼େଇ ଦିନିଆଁ**—ଦେ ବ. (ଦିନିଆର 'ନ' ଅକ୍ଷର ଯୋଗୁଁ ପରବର୍ତ୍ତୀ
Ardhei diniāñ 'ଆ' ର ଅନୁନାସିକ ଉଚ୍ଚାରଣ )
দুদিনের ୧ । ଅଳ୍ପକାଳ ସ୍ଥାୟୀ—1. Transient; shortlived
दोदिनका ଅଢ଼େଇଦିନିଆ ଯଶ ଲାଗି ବାଇ
ହୋଇ ବୃଥା କାର୍ଯ୍ୟେ ମାତିଛ କପାଇଁ । ରାଧାନାଥ. ଦରବାର ।
୨ । ଅଚିରସ୍ଥାୟୀ; ଅସ୍ଥାୟୀ—2. Temporary.
ଧର୍ମ ଏକା ସିନା ମହତପଣିଆ,
ଆଉ ସବୁ ପଣ ଅଢ଼େଇ ଦିନିଆଁ । ରାଧାନାଥ—ଦରବାର ।

**ଅଢ଼ୈ** (ଇତ୍ୟାଦି)—ଗ୍ରା. ବ ଓ ବିଣ—(କଟକିଆ ଓ କରଣୀ ଲେଖାରେ
Ardhai (etc) ବ୍ୟବହୃତ) ଅଢ଼ାଇ ଇତ୍ୟାଦି (ଦେଖ)
Ardhāi etc. (See)

[ ଦ୍ର—ଅଢ଼େଇ ଶବ୍ଦର ଶେଷ ଦୁଇ (ଢ଼େଇ) ବର୍ଣ୍ଣକୁ କେହି କେହି ଲେଖାଳି ସଂକ୍ଷେପରେ 'ଢ଼ୈ' କରି ଦିଅନ୍ତି । କିନ୍ତୁ ଐର ଉଚ୍ଚାରଣ ଅ+ଇ ଥିବାରୁ,ଓ ଏ+ଇ ନ ଥିବାରୁ ଏପରି ଲେଖିବା ଠିକ୍ ନୁହେ । ]

**ଅଢ଼ୈଆ**—ଗ୍ରା. ବ ଓ ବିଣ (କଟକିଆ ଓ କରଣିଆ ଲେଖାରେ ବ୍ୟବହୃତ;
Ardhaiā 'ଅଢ଼ୈ' ଦେଖ)—ଅଢ଼େଇଆ (ଦେଖ)
Ardheiā (See)

**ଅଣ** ( ଧାତୁ )—ସ—୧ । ଶବ୍ଦ କରିବା—1 To sound.
Aṇa (root) ୨ । ନିଶ୍ୱାସ ମାରିବା—2 To breathe.

**ଅଣ**—ଦେ. ବ—ଝୋଳ; ବ୍ୟଞ୍ଜନରେ ଥିବା ଜଳୀୟ ଅଂଶ—
Aṇa Soup; liquid portion of curry.
ঝোল ଚେଙ୍ଗ ମାଛ ଅଣ କଙ୍କଡ଼ାସିଝା ଘିଏ ଖାଉଛି ପାସୋରି ପାରିବ କାହିଁ ।
झोल ଫକୀରମୋହନ- ଗଳ୍ପସ୍ୱଳ୍ପ ।

ଦେ. ଅ. ( ଅନ ଶବ୍ଦ ପୂର୍ବେ ଲାଗେ; ନଞ୍ଚାର୍ଥକ )—
ନ; ନୁହେଁ—Not.

[ ଦ୍ର—ନଞ୍ଚାର୍ଥକ 'ନ' ସ୍ୱରାଦ୍ୟ ଶବ୍ଦ ପୂର୍ବେ ଲାଗି ସଂସ୍କୃତରେ ଯେଉଁ 'ଅନ' ଆକାର ଧାରଣ କରେ, ତହିଁର ଓଡ଼ିଆରୂପ; ସଂସ୍କୃତରେ ବ୍ୟଞ୍ଜନାଦ୍ୟ ଶବ୍ଦ ପୂର୍ବେ 'ନ' 'ଅନ' ଆକାର ଧାରଣ ନ କରି, 'ଅ' ଆକାର ଧାରଣ କରେ, କିନ୍ତୁ ଓଡ଼ିଆରେ 'ଅଣ' ଆକାର ଉଭୟତ୍ର ବ୍ୟବହୃତ ହୁଏ; ଏଥିର ଇଂରାଜି ରୂପ 'un' ଓଡ଼ିଆରେ 'ଅଣ' ଆକାରର ବ୍ୟବହାରର ଗୋଟିଏ ଉଦାହରଣ ଏଠାରେ ଦିଆଗଲା—

ଅଣପିଠା ଅଣଇଠା ବଟିଅଛି ତହିଁ, ଅଣଗୋଠା ଅଣପଠା ପୁଣ ଅଛି ହୋଇ ।
ଅଣକବାଟରୁ ଅଣକାଟଣି ତ ଖଞ୍ଜା; ଅଣଲୁହା କବାଟ ଲାଗିଛି ଦିବ୍ୟ ପୁଞ୍ଜା ।
ଅଣଖାଟେ ଅଣ ଖମ୍ବ ପକାଉଛି ପୋଢା, ଅଣଖାପେ ଅଣଶ୍ରେଣୀ ହୋଇଅଛି ନପା ।
ଅଣଚିତ୍ର ଅଣଚୋର କଟାଇଛି ପଞ୍ଜି, ଅଣଲୋକ ଇଚ୍ଛା ସୁଖେ ହୋଇଛନ୍ତି ବେଡ୍ରା ।
ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅଣ ଅକ୍ଷର**—ଦେ. ବିଣ. ( ସଂ. ଅକ୍ଷର )—ଅକ୍ଷର—
Aṇa akshara Indestructible.
ଅଣଅକ୍ଷର ଯାର ଦେଖ । କମଳଲୋଚନ ଚଉତିଶା, 'ଣ' ପଦ ।
ଦେ. ବ—ପରଂବ୍ରହ୍ମ; ବ୍ରହ୍ମ—
The Divine Soul pervading the Universe.
ଅଣ ଅକ୍ଷର ନିରାକାରେ
ବୃନ୍ଦ ପ୍ରାପ୍ତେ ମୁଁ ଶୂନ୍ୟରେ । ଯଶୋବନ୍ତ. ପ୍ରେମଭକ୍ତିଗୀତା ।

**ଅଣ ଅଣ**—ଦେ. ବିଣ—ଅଣ ପରି ପାଣିଆ—
Aṇa aṇa Soupy; watery like soup.
ঝোল ঝোল ( ଯଥା—ଡାଲି ଆଜି ଅଣ ଅଣ ହୋଇଛି । )
ढिलढिला ଦେ. ବ—ତିଅଣରେ ଥିବା ଝୋଳ ଅଂଶ—
Soupy part of curry.

[ ଯ—ମାଛ ତିଅଣରୁ ଭୁ ଖଣ୍ଡ ଖଣ୍ଡ ମୁଣ୍ଡା ମୁଣ୍ଡା ଯାକ ଚୋ ପତରରେ ବାଢ଼ିଲୁ, ମତେ ଲୁଚା ଅଣ ଅଣ ତକ ଦେଲୁ । ]

**ଅଣଅକ୍ଷରି**—ଦେ. ବିଣ. ( ସଂ. ଅ+ଅକ୍ଷର )—୧ । ଅଶିକ୍ଷିତ; ମୂର୍ଖ;
Aṇaakshari ନିରକ୍ଷର; ଯେ ଅକ୍ଷର ପରିଚୟ କରି ନାହିଁ—
निरक्षर 1. Illiterate; unlettered.
निरक्षर; अनपढ ୨ । ଅଜ୍ଞ—2. Ignorant.

**ଅଣଅକ୍ଷରିଆ**—ଦେ. ବିଣ—ଅଣଅକ୍ଷର ( ଦେଖ )
Aṇaaksharia Aṇaakshari ( See )

**ଅଣ ଅଜା**—ଦେ. ବ. ପୁଂ—୧ । ଅଜାଙ୍କ ପିତା; ପ୍ରପିତାମହ—
Aṇa ajā 1. Paternal great grand-father.
গোসাইমা } ସ୍ତ୍ରୀ ୨ । ପ୍ରମାତାମହ—
গোসাইঁ আঈ } 2. Maternal great grand-father.
बड़दादा
परदादा, पड़दादा

**ଅଣ ଅଠା**—ଗ୍ରା. ବ—ଅଠା ନ ଥିବା ଜିନିଷ—
Aṇa aṭhā A substance which is not gummy.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା, ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚ୍ଚାରଣ ଉପଯୋଗୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଇଁଷ' ନ ପାଇଲେ 'ଅଇଁଷ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଅଣ ଅଠା ଅଣ ଚିନ୍ତ ଲଗିଛି ଚହିଁର । ପ୍ରାଚୀ• ବ୍ରହ୍ମନିରୂପଣ ଗୀତା ।

**ଅଣ ଅନୁଭବୀ**—ଗ୍ରା. ବଣ. (ସଂ. ଅନନୁଭବୀ)—ଅନନୁଭବୀ; ଅନୁଭବହୀନ—
Aṇa anubhabī — Inexperienced.

ସେହି ନବୀ ମୂର୍ଖ ଅଣ ଅନୁଭବୀ
ହେଲି ଭୋଳେଇ ବରେ କଳକୁଳ ରଙ୍କ । ଉଦ୍ୟମନୀ—ମହୋଦଧି ।

**ଅଣ ଆଉଟା**—ଦେ. ବଣ. ( ସଂ. ଅନାବର୍ତ୍ତିତ )—
Aṇa āuṭā — ଯେଉଁ ଦୁଧ ଅଉଟା ହୋଇ ନାହିଁ—
आऊटा — (milk) Not boiled; not stirred
उबला नेहं हुआ — over fire.

**ଅଣ ଆଖିଆ**—ଦେ. ବଣ. ( ସଂ. ଅନକ୍ଷ )—
Aṇa ākhiā — ୧ । ଯାହାର ଆଖି ନାହିଁ; ଚକ୍ଷୁହୀନ; ଅନ୍ଧ—
अन्धा — 1. Blind.

୨ । ଯେଉଁ ନବଜାତ ବିରାଡ଼ି ଓ କୁକୁର ଛୁଆଙ୍କର ଆଖି-ପତା ଖୋଲି ନ ଥାଏ—
2. ( young of cat and dog ) Whose eyelids are still shut up.

**ଅଣ ଆଖୁଆ**—ଦେ. ବ—ଅଣଖୁଆ ( ଦେଖ )
Aṇa ākhuā — Aṇakhuā ( See )

**ଅଣ ଆଦର**—ଗ୍ରା. ବ. ( ସଂ. ଅନାଦର )—
Aṇa ādara — ୧ । ଅନାଦର; ଅଯତ୍ନ—1. Inattention.
अनादर — ୨ । ଅମାନ୍ୟ—2. Disrespect.
अनादर

କାର୍ଯ୍ୟ ନ ଥିଲେ ସେ ଯାଅନ୍ତି ଘରେ
ବଇଲେଣ ଅଣ ଆଦର ଆଦରେ । ପ୍ରାଚୀ—ପରଚେତଗୀତା ।

**ଅଣଆୟତ**—ଗ୍ରା. ବଣ. ଓ ବ. (ସଂ. ଅନାୟତ୍ତ)—ଅଣଆୟତ୍ତ (ଦେଖ)
Aṇaāyata — Aṇaāyatta ( See )

କରଇ ଅଣଆୟତ ସବୁ ନଈ । ଗଜକୃଷ୍ଣ. ରସକଲ୍ଲୋଳ ।

**ଅଣଆୟତ୍ତ**—ଗ୍ରା. ବଣ. ( ସଂ. ଅନାୟତ୍ତ )—
Aṇaāyatta — ୧ । ଅନାୟତ୍ତ; କ୍ଷମତାବହିର୍ଭୂତ; ଅଧିକାର
अनायत्त — ବହିର୍ଭୂତ—1. Beyond one's
अनायत्त — control; not within one's power.

୨ । ଉପାୟାନ୍ତର ହୀନ—2. Resourceless
୩ । ଅସହାୟ—3. Helpless.
୪ । କ୍ଷମତାହୀନ; ଶକ୍ତିହୀନ; ଅଶକ୍ତ —4. Powerless.

ଅଣଆୟତ୍ତ ବେଳେ କି ହେଲ ସିନ୍ଧୁ । ମନବୋଧ ଚଉତିଶା ।

୫ । ଅସାବଧାନ; ଖରତୁସିଆର—
5. Careless; incautious.
୬ । ପରାଧୀନ—6. Subservient; dependents; subject to another.

ଏ ସକାଶୁ ଅଣଆୟତ୍ତ ହୋଇ ସେହି । କୃଷ୍ଣସିଂହ. ମହାଭାରତ. ବନ ।

୭ । ଅବଶୀଭୂତ; ଯେ ଆୟତ୍ତାଧୀନ ହୁଏ ନାହିଁ—
7. Uncontrollable; unrestrained.

ଗ୍ରା. ବ—୧ । ପରାଧୀନତା—
1. Subserviency; dependency.
୨ । ଅସାବଧାନତା—2. Carelessness.
୩ । ଶକ୍ତି ବା କ୍ଷମତାର ଅଭାବ—
3 Want of power.
୪ । ଅଧିକାରର ଅଭାବ—4. Want of control.
୫ । ଅସହାୟ ଅବସ୍ଥା—5. Helpless condition.
୬ । ଉପାୟାନ୍ତର ହୀନ; ଗତି ନ ଥିବା ଅବସ୍ଥା—
6. Want of any other resources or alternative.

ଏ ସକାଶୁ ଅଣଆୟତ୍ତରେ ନରବରେ
ଦମୟନ୍ତୀ କଥା କହିଲେ ପରସ୍ପରେ । କୃଷ୍ଣସିଂହ. ମହାଭାରତ. ବନ ।

**ଅଣଆୟାସେ**—ଗ୍ରା. କ୍ରି. ବଣ. ( ସଂ ଅନାୟାସ )—
Aṇaāyāse — ୧ । ଅନାୟାସରେ; ଅକ୍ଳେଶରେ—1. Easily.
୨ । ବିନାକ୍ଲେଶରେ—2. Without any trouble or pain.

ଚନ୍ଦ୍ର ବି ସ୍ନେହେ ଯେତେକ ଧନ
ଅଣଆୟାସେ ଯେତେକ ପୁଣ୍ୟ । ଜଗନ୍ନାଥ. ଭାଗବତ ୪ ।

**ଅଣଉଚିତ**—ଗ୍ରା. କ୍ରି. ବଣ. ( ସଂ. ଅନୁଚିତ )— ଅନୁଚିତ—
Aṇauchita — Improper.

କରିବା ଯେବେ ଅଣଉଚିତ କର୍ମରେ । କୃଷ୍ଣସିଂହ. ମହାଭାରତ. ଆଦି ।

**ଅଣଉଦୟ**—ଗ୍ରା. ବ. ( ସଂ. ନ+ଉଦୟ )—
Aṇaudaya — ୧ । ( ସୂର୍ଯ୍ୟ ) ଉଦୟ ହୋଇ ନ ଥିବା ସମୟ—
1. Time before sun-rise.

ସୂର୍ଯ୍ୟ ଅଣଉଦୟେ ସ୍ନାହାନ ଯେ କରେ
ବଡଶିବଶର ଫଳ ହୁଅଇ ତାହାର । ପ୍ରାଚୀ—ଶ୍ରୀ ସୁବୁଦ୍ଧି ଗୀତା ।

**ଅଣଉଦିଆ**—ଗ୍ରା. ବଣ. ( ସଂ. ନ+ଉଦୟ )—
Aṇaudiā — ୧ । ସୂର୍ଯ୍ୟୋଦୟ ପୂର୍ବରୁ କରାଯିବା—
1. Done before sun-rise.

( ଯଥା—ଅଣଉଦିଆ ସ୍ନାହାନ; ଅଣଉଦିଆ ଭୋଜନ )

ଗ୍ରା. କ୍ରି. ବଣ—ସୂର୍ଯ୍ୟ ଉଦୟ ନ ହେଉଣୁ—
Before sun-rise.

**ଅଣଉପଗାର**—ଗ୍ରା. ବ. ( ସ. ଅନୁପକାର )—
Aṇaupagāra — ଅନୁପକାର; ଅହିତ; ଅପକାର—
अनुपगार — Disservice; injury.
अन पकार

**ଅଣ ଉପରୋଧ**—ଗ୍ରା. ବ. ( ସଂ. ଅନୁପରୋଧ )—
Aṇa uparodha — ୧ । ଉପରୋଧ ବା ଚକ୍ଷୁଲଜ୍ଜାର ଅଭାବ—
1. Want of respect for the feelings of others.
୨ । କରୁଣାର ଅଭାବ; ନିର୍ଦ୍ଦୟତା—
2. Want of pity; unkindness.

| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ତ |

ଗ୍ରା. ବିଣ—ଅଣ ଉପରୋଧି ( ଦେଖ )
Ana uparodhi ( See )

**ଅଣ ଉପରୋଧି**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—୧ । ନିରୁପ୍ରୋଧିଆ; ଯାହାର
Ana uparodhi ଚକ୍ଷୁଲଜ୍ଜା ନାହିଁ; ଯାହାର ମୁଲହଜା ନାହିଁ—
चक्षुलज्जाहीन 1. Having no respect for the
**बेमुलाहिजा** feelings of others.
୨ । ନିର୍ମମ—2. Unsympathetic.
୩ । ନିଷ୍କରୁଣ—3. Pitiless; unkind.

**ଅଣଉପରୋଧିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—
Anauparodhia ଅଣଉପରୋଧି ( ଦେଖ )
Anauparodhi ( See )

**ଅଣଉପରୋଧେ**—ଗ୍ରା. କ୍ରି. ବିଣ—୧ । ନିଷ୍କରୁଣ ଭାବରେ—
Anauparodhe 1. Pitilessly.
କୁମାର ହାଣିଲା ଅଣଉପରୋଧେ ବାଣ । ସାରଳା ମହାଭାରତ- ଦ୍ରୋଣ ।
୨ । ନିର୍ମମଭାବରେ—2. Without the least sympathy.

**ଅଣଉପୁରୋଧ** (ଇତ୍ୟାଦି)—ଗ୍ରା. ବି. ଓ ବିଣ—
Anaupurodha (etc) ଅଣଉପରୋଧ ଇତ୍ୟାଦି ( ଦେଖ )
Anaupurodha etc ( See )

**ଅଣଉପ୍ରୋଧ** (ଇତ୍ୟାଦି)—ଗ୍ରା. ବି. ଓ ବିଣ—
Anauprodha (etc) ଅଣଉପରୋଧ ଇତ୍ୟାଦି ( ଦେଖ )
Anauparodha ( See )

**ଅଣଉହାଡ଼**—ଗ୍ରା. ବିଣ ( ସଂ. ଅନାବୃତ)—ଅନାବୃତ; ଆବରଣରହିତ—
Anauharda Uncovered; open.

**ଅଣଓସାର**— ଗ୍ରା. ବିଣ (ସଂ. ଅପ୍ରସର )—୧ । ଅପ୍ରସର; କମ୍ ଓସାର—
Anaosara 1. Of small breadth.
୨ । ସଙ୍କୀର୍ଣ୍ଣ; ଅବିସ୍ତୃତ—2. Narrow.

**ଅଣକ**—ସଂ. ବିଣ (ଅଣ ଧାତୁ = ଶବ୍ଦ କରିବା + କର୍ତ୍ତୃ. ଅକ)—
Anaka ୧ । ଘୃଣ୍ୟ; ହେୟ—1. Despicable; contemptible.
୨ । ନୀଚ—2. Low; mean.
୩ । ନଗଣ୍ୟ—3. Insignificant.
୪ । ମନ୍ଦ—4 Bad; wretched.
୫ । ଅତିକ୍ଷୁଦ୍ର—5. Very small.
ସଂ. ବି—ପକ୍ଷି ବିଶେଷ—A kind of bird.
ଦେ. ବି (ସଂ. ଅଚକ)—ଡଙ୍କା; **ସିଝା ଭାତ ଆଦି ଗାଣ୍ଡିବା ଓ**
**डूँ डी** ପରଷିବା ପାଇଁ ବଂଶନିର୍ମିତ ବେଣ୍ଟ ଲାଗିଥିବା ଖପରି—
**डोंगा; डोइ** A wooden spoon; ladle.

**ଅଣକଉଡ଼ିଆ**—ଦେ. ବି—୧ । ନିର୍ଦ୍ଧନ ( ବ୍ୟକ୍ତି )—
Anakaurdia 1. Poor.
ଅଣକଉଡ଼ିଆ ପଳାଉ ଖସି । ପ୍ରାଚୀ, ପରତେଗୀତା ।
୨ । ଅଳ୍ପମୂଲ୍ୟର ( ପଦାର୍ଥ )—2. Of very low price; of no value.

**ଅଣକଘୋରା**—ଦେ. ବିଣ—ଯେଉଁ ଡାଲି ବା ଖିରି ସିଝିବା ସମୟରେ
Anakaghora ଅଣକଦ୍ୱାରା ଉତ୍ତମରୂପେ ଘଣ୍ଟା ହୋଇଥାଏ—
( curry. etc ) Well stirred with a ladle over the fire.

**ଅଣକଦଳିଆ**—ଦେ. ବିଣ—(ସଂ. ଅ + କଦଳୀ )—ଯେଉଁ କଦଳୀଗଛର
Anakadalia ପୁଅମାନ ପ୍ରତିବର୍ଷ ମୂଳରୁ ଛଡ଼ା ହୋଇ ଅନ୍ୟ ସ୍ଥାନରେ ପୋତା ନ ହେବାରୁ, ତିନିବର୍ଷ ପରେ ପୁଅର ମୂଳ ହାଣ୍ଡିମାନ ଭୂମି ଉପରକୁ ଉଠିଯାଏ ଓ ଗଛମାନ ଖେଣ୍ଟ ହୋଇ ଉକ୍ତ ଗଛରେ ଆଉ କଦଳୀ ଫଳେ ନାହିଁ—
( plantain plants ) Which become stunted and unproductive owing to want of annual transplantation.

**ଅଣକଦଳୀ**—ଦେ. ବିଣ—ଅଣକଦଳିଆ (ଦେଖ)
Anakadali Anakadalia (See)

**ଅଣକଧରା**—ଦେ. ବିଣ—ଯେଉଁ ବ୍ୟକ୍ତି ପରିବେଷଣ କରିବାପାଇଁ ଅଣକ
Anakadhara ଧରେ—( a person ) Holding the ladle for serving food to others.
[ଦ୍ର—ପୁରୀ ଜିଲ୍ଲାର ସ୍ୱାହାଙ୍ଗ ବ୍ରାହ୍ମଣ ଶାସନମାନଙ୍କର କୁଳୀନ ସାମନ୍ତମାନଙ୍କ ଭୋଜନ ସଭାରେ ଯେଉଁ କୁଳୀନ ବ୍ରାହ୍ମଣମାନେ ( ଯଥା—ଉଚ୍ଛ ମିଶ୍ରେ ) ଅଣକ ଓ ହାଣ୍ଡି ଧରି ପରଷିବାରେ ଅଧିକାରୀ ଅଟନ୍ତି, ସେମାନଙ୍କୁ 'ଅଣକଧରା' ବା 'ହାଣ୍ଡିଧରା' ବୋଲି ଡକାଯାଏ । ]

**ଅଣକମରା**— ଦେ. ବିଣ—ଅଣକଘୋରା (ଦେଖ)
Anakamara Anakaghora (See)

**ଅଣକାଫୁଲି**—ଗ୍ରା. ବିଣ. ସ୍ତ୍ରୀ—ବୁଦ୍ଧି; ଓଲମି (ସ୍ତ୍ରୀ)—
Anakaphuli Stupid; foolish (woman).

**ଅଣକିଲା**—ଦେ. ବିଣ—( ସଂ. ନ + କୀଲ ଧାତୁ )—୧ । କିଲା ହୋଇ
Anakila ନଥିବା (କବାଟ)—1. Unbolted (door).
୨ । କିଲା ହୋଇ ନ ଥିବା (ଅକ୍ଷର)—
2. Uncrossed (letter).
ଦେ. ବି—ଅଣକିଳି (ଦେଖ)
Anakili (See)

**ଅଣକିଳି**—ଦେ. ବି. ( ସଂ. ଅଣି + କୀଳକ )—ଅକ୍ଷାଗ୍ରକୀଳକ; ଗାଡ଼ିର
Anakili ଚକକୁ **ଅଖରେ** ଅଟକାଇବାପାଇଁ ଅଖର ଦୁଇ ମୁଣ୍ଡରେ
**चाकाव कील कीला** ଦିଆ ଯାଇଥିବା ଛିଦ୍ରରେ ଯେଉଁ ଖେଣ୍ଟ କାଠକିଲ
**दुरोकोकील्** ଦିଆଯାଏ; ଅଣି—Linchpin; small wood-pins put in the holes at the ends of the axle to prevent the wheels from slipping away.

**ଅଣକୋଣିଆଁ**—ଦେ. ବିଣ—୧ । (ସଂ. ନ + କୋଣ )—ଯେଉଁ ବସ୍ତୁର
Anakonian କୋଣ ନାହିଁ; ଯାହାର କୋଣ ସବୁ ଗୋଲ

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ହୋଇ ଅଛି—1. Rounded at the corners.

୨ । (ସଂ. କୋଣ)—ଏକ କୋଣରେ ପଡ଼ିରହିଥିବା—
2. Lying in one corner.

ଗଡ଼ଜାତବାସିମାନେ ଅଲକ୍ଷିତ ସ୍ଥାନମାନଙ୍କରେ ଅଣକୋଣିଆଁ ହୋଇ ପଡ଼ି ଅଛନ୍ତି ।
ଗଡ଼ଜାତବାସିନୀ—୧୮।୨୭ ।

**ଅଣଖା**—ଦେ. ବି—ଅଣଖୁଆ ( ଦେଖ )
Aṇakhā . Aṇakhuā ( See )

**ଅଣଖୀଲା**—ଦେ. ବି—ଅଣକୀଳି ( ଦେଖ )
Aṇakhiḻā Aṇakiḻi ( See )

**ଅଣଖୀଳି**—ଦେ. ବି—ଅଣକୀଳି ( ଦେଖ )
Aṇakhiḻi Aṇakiḻi ( See )

**ଅଣଖୁଆ**—ଦେ. ବି. ( ସଂ. ଅନକ୍ଷୁ; ଯାହା ଆଖୁ ପରି ଦେଖାଯାଏ, କିନ୍ତୁ
Aṇakhuā ଆଖୁ ନୁହେ )—ଆଖୁଜାତୀୟ ବନ୍ୟ ଗୁଳ୍ମବିଶେଷ—
A plant in appearance like the sugarcane, Saccharum Arundinacium.

[ ଦ୍ର—ଏହାର ରସ କୃମିରୋଗାକ୍ରାନ୍ତ ଶିଶୁମାନଙ୍କୁ ପିଆଇବାକୁ ହୁଏ—ଏହା ସଂ. ଭଦ୍ରମୁଞ୍ଜ ହେବ କି ? ଭଦ୍ରମୁଞ୍ଜର ଅନ୍ୟ ସଂ. ନାମ ଇକ୍ଷୁବେଷ୍ଟନ । ଆମ ଦେଶରେ ଏ ଗଛ ୪।୫ ଫୁଟ ଉଚ୍ଚରେ ବଢ଼େ; ଏହାର ପତ୍ର ଆଖୁ ପତ୍ର ପରି ଓ ଦଣ୍ଡ ଆଖୁଠାରୁ ସରୁଆ, କିନ୍ତୁ ହିମାଳୟର ତଳିଆ ଅଞ୍ଚଳରେ ଏ ଗଛ ୧୫ ଫୁଟ ଉଚ୍ଚ ହୁଏ ଓ ଯେଉଁ ଦଣ୍ଡରେ ଫୁଲ ଧରେ, ତାହା ୩୦ ଫୁଟ ପର୍ଯ୍ୟନ୍ତ ବଢ଼େ ଓ ଏଥିର ବ୍ୟାସ ୧ ଇଞ୍ଚରୁ କମ୍; ଦଣ୍ଡମାନ ଆଖୁ ପରି ପତ୍ରବେଷ୍ଟିତ । ତଳିଆ ଅଞ୍ଚଳରେ ଏ ଦଣ୍ଡମାନ ଘରଘରର କାନ୍ଥରେ ବାଡ଼ ଦିଆଯାଏ । ]

**ଅଣଗୁରୁ**—ଗ୍ରା. ବି. ( ସଂ. ନ+ଗୁରୁ )—
Aṇaguru ବିଦ୍ୟାଗୁରୁ ନ ଥାଇ ବିଦ୍ୟା ଶିଖିବା ଅବସ୍ଥା—
Learning without a tutor.

ଅଣଗୁରୁରେ ବିଦ୍ୟା ଶିଖିଲେ ଭାଗୀରଥୀ । ସାରଳା ମହାଭାରତ. ଆଦି ।

**ଅଣଗୁରୁଆ**—ଗ୍ରା. ବିଣ. ( ସଂ. ଅଗୁରୁ )—
Aṇaguruā ୧ । କୌଣସି ଗୁରୁଙ୍କ ବିନା ସାହାଯ୍ୟରେ ବିଦ୍ୟା ଶିଖିଥିବା ( ବ୍ୟକ୍ତି )—1. ( a person ) Who has not learnt under a tutor.

୨ । ଯେଉଁ କର୍ମ ଶିଖିବା ପାଇଁ ଗୁରୁ ଲୋଡ଼ା ହୁଅନ୍ତି ନାହିଁ; ସହଜ ( କର୍ମ )—2. Instinctive (acts).

( ଦ୍ର—ଶିଶୁର ମାତୃସ୍ତନରୁ ସ୍ତନ୍ୟ ପାନ, ଶିଶୁର କ୍ରନ୍ଦନ, ହାସ୍ୟ; ଯୁବକ ଯୁବତୀଙ୍କର ପରସ୍ପର ପ୍ରତି ପ୍ରଣୟାକର୍ଷଣ; ସ୍ତ୍ରୀ-ପୁରୁଷ-ସଙ୍ଗମ—ଏମାନ ଜୀବପ୍ରକୃତିସୁଲଭ ଓ ଈଶ୍ୱରପ୍ରଦତ୍ତ ଅଟେ । )

ବୋଲେ ରାମ ଅଣଗୁରୁଆ ବିଦ୍ୟା ଅଟେ ଏହି । ଭଞ୍ଜ. ବୈଦେହୀଶବିଳାସ ।

୩ । ଯେଉଁ ବିଦ୍ୟା କୌଣସି ଶିକ୍ଷକଙ୍କଠାରୁ ଶିକ୍ଷା କରାଯାଇ ନାହିଁ, ଅର୍ଥାତ୍ ଆତ୍ମଚେଷ୍ଟାରେ ବ୍ୟକ୍ତିଗତ ସାଧନାଦ୍ୱାରା ସାଧିତ ( ବିଦ୍ୟା )—3. ( learning or art ) Attained by a person without the help of a preceptor, i.e. acquired by one's personal exertions & initiative.

୪ । ଯେଉଁ ବ୍ୟକ୍ତି ମନ୍ତ୍ରଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ନାହିଁ—
4. ( a person ) Uninitiated into the spiritual lore by a preceptor.

ଗୁରୁଙ୍କୁ ନ ପୂଜି ଯେହୁ ସ୍ୱାହାରେ ପଶିବ
ସେ ଅଣଗୁରୁଆ ଯେ ସ୍ୱାହାରେ ନ ମିଶିବ । ପ୍ରାଚୀ—ଗୁରୁଭକ୍ତି ଗୀତା ।

**ଅଣଚଞ୍ଛା**—ଗ୍ରା. ବିଣ—ଅଣଚାଛ ( ଦେଖ )
Aṇachañchhā Aṇachāchha ( See )

**ଅଣଚତୁର**—ଗ୍ରା. ବିଣ. ( ସଂ. ଅଚତୁର )—୧ । ଅଚତୁର—
Aṇachatura 1. Not skilful; not sly.
অচতুর ୨ । ଓଲୁ; ନିର୍ବୁଦ୍ଧିଆ—2. Foolish.
अचतुर

**ଅଣଚାଖିଲା**—ଗ୍ରା. ବିଣ. (ସଂ. ଅ+ଚକ୍ଷ ଧାତୁ)—ଯେଉଁ ଖାଦ୍ୟ ପଦାର୍ଥର
Aṇachākhilā ସ୍ୱାଦ କେହି ଚାଖି ନ ଥାଏ—( a thing ) Which has not yet been tasted.

ଅଣଚାଖିଲା ଫଳେ ଅଛି, ଚାଖିଲା ଫଳେ ଅଛି ମିଶି ।
ଭୂପତି. ପ୍ରେମପଞ୍ଚାମୃତ ।

**ଅଣଚାଛ**—ଗ୍ରା. ବିଣ—ଅଚଞ୍ଛା; ଯାହା ଚଞ୍ଛା ହୋଇ ନାହିଁ (ଭୂମି)—
Aṇachāchha Unscraped.

ଅପାବଚ୍ଛେ ଅଣଚାଛେ ହୋଇଅଛି ଭଙ୍ଗ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅଣଚାଳିଶ**—ଦେ. ବି ଓ ବିଣ—ସଂଖ୍ୟାବାଚକ (ସଂ. ଊନଚତ୍ୱାରିଂଶତ୍;
Aṇachāḻisa ପ୍ରା. ଉନଚତ୍ତାଳିସ )—ତିରିଶରୁ ୯ ଅଧିକ;
उनचालिश ଚାଳିଶରୁ ଏକ କମ; ୩୯—Thirty-nine.
उनचालीश

**ଅଣଚାଳିଶି**—ଦେ. ବି ଓ ବିଣ—ଅଣଚାଳିଶ (ଦେଖ)
Aṇachāḻisi Aṇachāḻisa (See)

**ଅଣଚାଶ**—ଦେ. ବି ଓ ବିଣ. ସଂଖ୍ୟାବାଚକ ( ସଂ. ଊନପଞ୍ଚାଶତ୍; ପ୍ରା.
Aṇachāsa ଉନପଞ୍ଚାଶ )—ପଚାଶରୁ ଏକ କମ; ଚାଳିଶିରୁ ନଅ
ঊনপঞ্চাশ ଅଧିକ; ୪୯—Forty-nine.
उनचास

ଦେ. ବି—ଅଣଚାଶ ପବନ (ଦେଖ)
Aṇachāsa pabana (See)

**ଅଣଚାଶ ଉଠିବା**—ଦେ.ବି. (ସଂ. ଊନପଞ୍ଚାଶତ ଓ ଉତ୍+ସ୍ଥା ଧାତୁ )—
Aṇachāsa uṭhibā ମୃତ୍ୟୁପୂର୍ବରୁ ପ୍ରବଳ ଭାବରେ ଶ୍ୱାସବାୟୁର
হাঁপানি ঊঠা ଗମନାଗମନ—Violent gasping before death.
तड़पना

**ଅଣଚାଶ ପବନ**—ଦେ. ବି ( ସଂ. ଊନପଞ୍ଚାଶତ୍+ପବନ)—
Aṇachāsa pabana ୧ । ମୃତ୍ୟୁର ଅବ୍ୟବହିତ ପୂର୍ବରେ ମନୁଷ୍ୟର
হাঁপানি ବହିବା ଘନଶ୍ୱାସ—1. Violent pantings gasps before death.
तड़पना

୨ । ପ୍ରବଳ ପ୍ରଭଞ୍ଜନ—2. Tempest.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଣ୍ୟ | ଢ଼ଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଣଅ | ଞ୍ଚ | ନ୍ତ |

[ ବୃ—ପୁରାଣରେ ଅଛି ଯେ, କାଶ୍ୟପପତ୍ନୀ ଅଦିତି ପବନଙ୍କୁ ଗର୍ଭରେ ଧାରଣ କରିଥିବା ଅବସ୍ଥାରେ ଅଦିତିଙ୍କ ସପତ୍ନୀ ଦିତିଙ୍କ ପ୍ରରୋଚନାରେ ଦିତିପୁତ୍ର ଇନ୍ଦ୍ର ଅଦିତିଙ୍କ ଗର୍ଭ ମଧ୍ୟରେ ପ୍ରବେଶ କରି ଭ୍ରୂଣକୁ ସାତ ଖଣ୍ଡ କରି କାଟି ପକାଇଲେ । ଇନ୍ଦ୍ର ଯେ କଟା ହୋଇଥିବା ସାତଖଣ୍ଡଯାକ ଜୀଇଁଛି, ଏହା ଦେଖି ପୁଣି ସେ ସାତଖଣ୍ଡର ପ୍ରତ୍ୟେକକୁ ସାତ ସାତ ଖଣ୍ଡ କରି କାଟିଲେ; ତଥାପି ସେ ଅଣଚାଶ ଖଣ୍ଡର ପ୍ରାଣ ଗଲା ନାହିଁ । ଇନ୍ଦ୍ର ଭ୍ରୂଣହତ୍ୟା କରି ନ ପାରି ଫେରିଲେ ଓ ଯଥାକାଳରେ ଅଦିତିଙ୍କ ଗର୍ଭରୁ ପବନ ୪୯ ଟି ରୂପ ଧାରଣ କରି ଜନ୍ମିଲେ । ଲୋକବିଶ୍ୱାସ ଯେ, ମୃତ୍ୟୁକାଳରେ ପବନଙ୍କର ଏହି ଅଣଚାଶ ମୂର୍ତ୍ତି ମନୁଷ୍ୟର ପିଣ୍ଡରୁ ବାହାରି ଯାଏ ଓ ସେହି ହେତୁ ମନୁଷ୍ୟ ହାଁପି ହୁଏ । ]

**ଅଣଚାଶ ବୋହିବା**—ଦେ. କ୍ରି—ଅଣଚାଶ ଉଠିବା ( ଦେଖ )
Aṇachāsa bohibā   Aṇachāsa uṭhibā ( See )

**ଅଣଚୂନ**—ଗ୍ରା. ବି. ( ସଂ. ନ+ଚୂର୍ଣ୍ଣ )—୧ । ଚୂନ ନ ଥିବା ବସ୍ତୁ—
Aṇachūna  1. An article having no lime.

ଅଣଅଠା ଅଣଚୂନ ଲାଗିଛି ତହିଁରେ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଣଛଞ୍ଚା**—ଗ୍ରା. ବିଣ. ( ସଂ. ନ+ତକ୍ଷ ଧାତୁ )—
Aṇachhañchā  ୧ । ଅଣଚଞ୍ଛ ( ଦେଖ )
1. Aṇachāchha ( See )

ଅଣଛଞ୍ଚା ଅଣପୋଛା ହୋଇଛି ଶପୋଟ
ଅଣଧୁଆ ଅଣଲଗା ହୋଇଛି ଚୌପଟ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

୨ । (ସଂ. ନ+ଶୌଚ) ଝାଡ଼ା ଫେରିବା ପରେ ଜଳଶୌଚ ଦ୍ୱାରା ଶୁଦ୍ଧ ହୋଇ ନ ଥିବା ( ଦେହ ବା ବ୍ୟକ୍ତି )—
2. Unwashed ( after easing oneself ).

**ଅଣଞ୍ଚାଶ** (ଇତ୍ୟାଦି)—ଦେ. ବି. ଓ ବିଣ—ଅଣଚାଶ ଇତ୍ୟାଦି ( ଦେଖ )
Aṇañchāsa (etc)   Aṇachāsa. etc (See )

ବିଶ୍ୱ ଧ୍ୱଂସି ରୁଦ୍ର ପ୍ରଖର ନିଶ୍ୱାସ
ପଶିଏ ବହିଲା ବାୟୁ ଅଣଞ୍ଚାଶ । ରାଧାନାଥ—ଚିଲିକା ।

**ଅଣଠାବ**—ଗ୍ରା. ବି. (ସଂ. ନ+ସ୍ଥା ଧାତୁ )—୧ । ଅସ୍ଥାନ; ମନ୍ଦ ସ୍ଥାନ—
Aṇaṭhāba  1. Bad or wretched place.
अस्थान  ୨ । ଅନୁପଯୁକ୍ତ ସ୍ଥାନ—2. Unfit place.
**অস্থান**  ୩ । ଅସୁବିଧାଜନକ ସ୍ଥାନ—
3. Inconvenient place.
୪ । ଅପରିଚିତ ବା ଅଜ୍ଞାତ ସ୍ଥାନ—
4. Unknown or strange place.
୫ । ଅଗମ୍ୟ ସ୍ଥାନ—5. Unapproachable place.
୬ । ଯେଉଁ ସ୍ଥାନକୁ କେହି ଯିବାଆସିବା କରନ୍ତି ନାହିଁ—
6. Unfrequented place.

କନ୍ୟାକୁ ଘେନି ଏଡୁ ପଳାଇ ଅଇଲେ
ଏଥି ଅସି ଅଣଠାବ ବୋଇଲେ ରହିଲେ । ସାରଳା ମହାଭାରତ· ଆଦି ।

ଗ୍ରା. ବିଣ—ଅଣଠାବୁଆ ( ଦେଖ )
Aṇaṭhābuā ( See )

**ଅଣଠାବୁଆ**—ଗ୍ରା. ବିଣ—୧ । ଅସୁବିଧାଜନକ ( ସ୍ଥାନ )—
Aṇaṭhābuā  1. Inconvenient ( place ).
(ଅଣଠାବୋଇ—ସ୍ତ୍ରୀ)  ୨ । ( ପୁଂ )—ଯେଉଁ ବ୍ୟକ୍ତି ଅସ୍ଥାନରେ ବିଚରଣ କରେ—2. (person) Frequenting bad places.

**ଅଣଢଙ୍କା**—ଗ୍ରା. ବିଣ—୧ । ଅନାବୃତ—1. Uncovered.
Aṇaḍhankā  ପ୍ରାଦେ. ( ପୁରୀ ) ବିଣ—( ଯଥା—ପଣସ, ଆମ୍ବ, ସପୁରି, ଅତ)—୨ । ଅପରିପକ୍ୱ; ଦରପାଚିଲା; ଅର୍ଦ୍ଧପକ୍ୱ; ଯେଉଁ ଫଳ ପାଚିଲା ପରି ଦେଖାଯାଉଥାଏ, ଅଥଚ ସମ୍ପୂର୍ଣ୍ଣ ପାଚି ନ ଥାଏ—
आटाङ्का
**খুলা**
ডাঁশা
**ढेसर**
2. Not fully ripe ( fruit )

**ଅଣଢଣ**—ଗ୍ରା. ବିଣ—ଅଣଢଣିଆଁ ( ଦେଖ )
Aṇaḍhaṇa   Aṇaḍhaṇiāñ ( See)
ଗ୍ରା. ବି—ଭୋଜନାଭାବଜନିତ ଶରୀରର ଶୀର୍ଣ୍ଣାବସ୍ଥା—
Emaciated condition due to fasting.

**ଅଣଢଣିଆଁ**—ଗ୍ରା. ବିଣ. ( 'ଣି' ଅକ୍ଷର ଯୋଗୁଁ ଶେଷ 'ଆ' ବର୍ଣ୍ଣର ଆନୁନାସିକ ଉଚ୍ଚାରଣ )—
Aṇaḍhaṇiāñ
ঢনঢনিয়া  ୧ । ଭୋଜନାଭାବରୁ ଅତି ଶୀର୍ଣ୍ଣକାୟ (ବ୍ୟକ୍ତି)—
**दुबला**  1. ( person ) Emaciated on account of fasting.
୨ । ଅନଶନ ଯୋଗୁଁ କଙ୍କାଳାବଶିଷ୍ଟ ( ଦେହ )—
2. (body) Reduced to a skeleton owing to want of food.
୩ । ଅସମାନ; ବନ୍ଧୁର; ଅସମତଳ—3. Rough.
୪ । ବହୁସ୍ଥାନରେ ବଙ୍କ—4. Bent at many places.

**ଅଣଢଣୁଆଁ**—ଗ୍ରା. ବିଣ—ଅଣଢଣିଆଁ ( ଦେଖ )
Aṇaḍhaṇuāñ   Aṇaḍhaṇiāñ ( See )

**ଅଣତିରିଶ**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ ) ( ସଂ. ଊନତ୍ରିଂଶତ୍; ପ୍ରା. ଉଣତୀସା )—ତିରିଶ ସଂଖ୍ୟାରୁ ଏକ କମ୍; କୋଡ଼ିଏରୁ ନଅ ଅଧିକ; ୨୯—
Aṇatirisa
উনত্রিশ
**ऊनतीस**  Twenty nine.

**ଅଣତିରିଶା**—ଦେ. ବିଣ. (ସଂ. ଊନତ୍ରିଂଶତ୍ )—ଅଣତିରିଶ ସଂଖ୍ୟାଯୁକ୍ତ—
Aṇatirisā  Numbering or consisting of twenty-nine
উনত্রীসা
**उनतीसा**
( ଯଥା—ଲିପ୍ ଇୟରରେ ଫେବୃୟାରୀ ମାସ ଅଣତିରିଶା ହୁଏ । )

**ଅଣତିରିଶି**—ଦେ. ବି. ଓ ବିଣ—ଅଣତିରିଶ ( ଦେଖ )
Aṇatirisi   Aṇatirisa ( See )

**ଅଣତିଶ**—ଦେ. ବି. ଓ ବିଣ—ଅଣତିରିଶ ( ଦେଖ )
Aṇatisa   Aṇatirisa ( See )

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଆଗିଆ' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଣତିଶା** -- ଦେ. ବିଣ—ଅଣତିରିଶା ( ଦେଖ )
Aṇatiśā — Aṇatiriśā ( See )

**ଅଣତିଶି**—ଦେ. ବି. ଓ ବିଣ—ଅଣତିରିଶ ( ଦେଖ )
Aṇatiśi — Aṇatiriśa ( See )

**ଅଣତୁରୁତିଆ**—ଗ୍ରା. ବିଣ—ଅଣତୃତୀୟା ( ଦେଖ )
Aṇaturutiā — Aṇatṛutīyā ( See )

**ଅଣତୃତୀୟା**—ଗ୍ରା. ବିଣ ( ସଂ.ନ + ତୃତୀୟା )—ଯେଉଁ ଧାନବିହନ
Aṇatṛutīyā କ୍ଷେତରେ ଅକ୍ଷୟତୃତୀୟା ପୂର୍ବରୁ ବୁଣା ହୋଇଥାଏ—( paddy ) Sown before the Akshayatṛutīyā day.
(ଯଥା—ଏ ଥର ଚୈତ୍ରମାସରେ ଖୁବ୍ ବରଷା ହେବାରୁ ଚଷାମାନେ ଅଣତୃତୀୟା କରି ଧାନ ବୁଣିଗଲେ । )
ଗ୍ରା. ବି —ଅକ୍ଷୟତୃତୀୟା ପୂର୍ବରୁ ଖାଲ ବିଲରେ ଧାନ ବୁଣିବା କର୍ମ—Sowing of paddy in low lands before the Akshayatṛutīyā day.
[ଦ୍ର—ସାଧାରଣତଃ କୃଷିମାନେ ବିଲରେ ଧାନ ବୁଣିବା କାମ ଅକ୍ଷୟତୃତୀୟା ଦିନରୁ ଆରମ୍ଭ କରନ୍ତି; କିନ୍ତୁ ଯେବେ ଚୈତ୍ରମାସରେ ଗୁଡ଼ାଏ ବର୍ଷା ହୋଇଯାଏ ଓ ପରେ ବର୍ଷା ଛିନ୍ନଛେଟିଆ ହେବ ବୋଲି ଆଶଙ୍କା ହୁଏ, ତେବେ ଚଷା ଅକ୍ଷୟତୃତୀୟା ପୂର୍ବରୁ ଧାନ ବୁଣିଦିଏ । ଆହୁରି ମଧ୍ୟ ମେଘ ଯେବେ ଏକପାଣିଆ କରି ରଖି ଅକ୍ଷୟତୃତୀୟା ପରେ ଖୁବ୍ ଗୁଡ଼ାଏ ବର୍ଷା ହେବାର ଆଶଙ୍କା ହୁଏ, ତେବେ ଖାଲ କିଆରିମାନଙ୍କରେ ବର୍ଷା ପାଣି ଭରତି ହୋଇଗଲେ, ଧାନ ବୁଣି ହେବ ନାହିଁ ବୋଲି କୃଷିମାନେ ଅକ୍ଷୟତୃତୀୟା ପୂର୍ବରୁ ଖାଲ କିଆରିରେ ଧାନ ବୁଣନ୍ତି । ]

**ଅଣଦୋଷ**—ଗ୍ରା. ବି. ( ସଂ. ଅଦୋଷ )—ଅଦୋଷ; ଦୋଷହୀନତା—
Aṇadosha — Faultlessness; innocence.
অদোষ
अदोष

**ଅଣଦୋଷୀ**—ଗ୍ରା. ବିଣ. ( ସଂ. ଅ+ଦୋଷୀ )—ଅଦୋଷ; ନିର୍ଦ୍ଦୋଷ;
Aṇadoshī ନିରପରାଧ—Innocent; guiltless.
অদোষী
अदोष
ଅଣଦୋଷୀ ମହାତ୍ମାର ଦୋଷ ବାଛି ବାଛି । ସାରଳା ମହାଭାରତ. ସଭା ।

**ଅଣଦୋଷେ**—ଗ୍ରା. କ୍ରି. ବିଣ. ( ସଂ. ଅଦୋଷ)—
Aṇadoshe ୧ । ବିନାଦୋଷରେ; ଅପରାଧ ନ କରି ସୁଦ୍ଧା— 1. Without any fault; innocently.
অদোষে; বিনাদোষে
बिनदोषमे

**ଅଣନଉ**—ଦେ.ବି ଓ ବିଣ—ସଂଖ୍ୟାବାଚକ(ସଂ.ଊନନବତି; ପ୍ରା.ଊନନବଇ)
Aṇanau ନଉ ସଂଖ୍ୟାରୁ ଏକ କମ; ଅଶିରୁ ନଅ ଅଧିକ; ୮୯— Eighty-nine.
উননব্বই
उनन्वे

**ଅଣନବେ**—ଦେ. ବି ଓ ବିଣ—ଅଣନଉ ( ଦେଖ )
Aṇanabe — Aṇanau ( See )

**ଅଣନବ୍ବେ**—ଦେ. ବି ଓ ବିଣ—ଅଣନଉ ( ଦେଖ )
Aṇanabbe — Aṇanau ( See )

**ଅଣନାତି**—ଦେ. ବି. ପୁଂ—ନାତିର ବା ନାତୁଣୀର ପୁଅ—
Aṇanāti — Great grand-son.
পুতি
पोतापोतीका लड़का
ସତର ଲକ୍ଷ ପୁତ୍ରର ନାତି ନବ ଲକ୍ଷ
ଅଣନାତି ତିନି ଲକ୍ଷ ବଳନ୍ତି ଅସଂଖ୍ୟ ।
ପୀତାମ୍ବର. ନୃସିଂହପୁରାଣ ।
( ଦ୍ର—ଅଣନାତିର ସ୍ତ୍ରୀକୁ ଅଣନାତୁଣୀବୋହୂ କହନ୍ତି । )

**ଅଣନାତୁଣୀ**—ଦେ. ବି. ସ୍ତ୍ରୀ—ନାତି ବା ନାତୁଣୀର ଝିଅ—
Aṇanātuṇī — Great grand daughter.
( ଯଥା—ଅଣନାତୁଣୀର ସ୍ୱାମୀକୁ ଅଣନାତୁଣୀଜୋଇଁ କହନ୍ତି । )

**ଅଣନାତୁଣୀଜୋଇଁ**—ଦେ. ବି. ପୁଂ—ଅଣନାତୁଣୀର ସ୍ୱାମୀ—
Aṇanātuṇījoiṅ — One's great grand son-in-law.

**ଅଣନାତୁଣୀବୋହୂ**—ଦେ. ବି. ସ୍ତ୍ରୀ—ଅଣନାତିର ସ୍ତ୍ରୀ—
Aṇanātuṇībohu — One's great grand daughter-in-law.

**ଅଣନିରୁପଣ**—ଗ୍ରା. ବିଣ. ( ସଂ. ଅ + ନିରୂପିତ )—ଅନିରୂପିତ—
Aṇanirūpaṇa — Unascertained.
ଅଣନିରୂପଣ ବ୍ରହ୍ମ ଅଛନ୍ତି ସେଠାରେ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଣନିଶବଦ**—ଗ୍ରା. ବିଣ. ( ସଂ. ନିଃଶବ୍ଦ )—ଅତି ନିଃଶବ୍ଦ; ଶବ୍ଦଶୂନ୍ୟ—
Aṇaniśabada — Very quiet; still; soundless.
ଅଣାକ୍ଷର ଅଣମାତ୍ରା ଅଣନିଶବଦ,
ଶବଦର ଭେଦ ନାହିଁ ବ୍ରହ୍ମ ନିଜ ପଦ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଣନିଶ୍ୱାସ**—ଦେ. ବିଣ. ( ସଂ. ଅ + ନିଶ୍ୱାସ )—
Aṇaniśwāsa ୧ । ରୁଦ୍ଧଶ୍ୱାସ—1. Suffocated.
বেদম্ ୨ । ବେଦମ୍—2. Out of breath.
बेदम्

**ଅଣନିଶ୍ୱାସିଆ**—ଗ୍ରା. ବିଣ—ଅଣନିଶ୍ୱାସ ( ଦେଖ )
Aṇaniśwāsiā — Aṇaniśwāsa ( See )

**ଅଣନିଶ୍ୱାସୀ**—ଗ୍ରା. ବିଣ—ଅଣନିଶ୍ୱାସ ( ଦେଖ )
Aṇaniśwāsī — Aṇaniśwāsa ( See )

**ଅଣପଖଳା**—ଗ୍ରା. ବିଣ. ( ସଂ. ଅ + ପ୍ରକ୍ଷାଳିତ )—
Aṇapakhaḻā ୧ । ଯେଉଁ ରନ୍ଧା ଭାତରେ ପାଣି ମିଶାଯାଇ ନାହିଁ—1. ( boiled rice ) To which water has not been added
୨ । ଅଧୌତ—2. Unwashed.

**ଅଣପାଟ**—ଗ୍ରା. ବିଣ. ( ସଂ. ନ + ପଟ୍ଟ )—୧ । ଯେଉଁ ରାଜବଂଶରେ
Aṇapāṭa ପଟ୍ଟମହିଷୀ ବା ବିବାହିତା ରାଣୀଙ୍କ ଗର୍ଭଜାତ ସନ୍ତାନ କେହି ବିଦ୍ୟମାନ ନ ଥାନ୍ତି—
1. ( a royal family ) Having no legitimate issue left
ସୋମବଂଶ ଏହାଠାରୁ ହେଲା ଅଣପାଟ । ପୀତାମ୍ବର. ନୃସିଂହପୁରାଣ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲ୍ଲ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତ |

୨ । ଅରାଜକ; ରାଜାହୀନ ( ଦେଶ )—
2. ( a country ) Having no king.

**ଅଣପାଠକ**—ଗ୍ରା. ବି—୧ । ନୀଚ ଜାତି—1. Low caste.
Aṇapāṭaka ୨ । ଜାତିଚ୍ୟୁତ ବ୍ୟକ୍ତି -2. An outcaste.
অজাতি ଗ୍ରା. ବିଣ—୧ । ନୀଚ ଜାତୀୟ—1. Of low caste.
**अजाति** ୨ । ଜାତିଚ୍ୟୁତ —2. Outcasted; excommunicated.

**ଅଣପୁରୁଷ**—ଗ୍ରା. ବି. ଓ ବିଣ—ଅଣପୁରୁଷା ( ଦେଖ )
Aṇapurusha Aṇapurushā ( See )

**ଅଣପୁରୁଷା**—ଗ୍ରା. ବିଣ. ପୁଂ. (ସଂ. ଅ + ପୁରୁଷ )—୧ । ନପୁଂସକ—
Aṇapurushā 1. Neuter.
পুরুষত্বহীন ୨ । ପୁଂସ୍ତ୍ୱ ହରାଇଥିବା; ଧ୍ୱଜଭଙ୍ଗରୋଗଗ୍ରସ୍ତ (ବ୍ୟକ୍ତି)
**बेमर्दा, नामर्द** 2. Impotent; one who has lost his virility.

ଯୁବା ସ୍ତ୍ରିୟଙ୍କ ଅଣପୁରୁଷା ଯେସନେ ରସେ ।
ପୀତାମ୍ବର. ନୃସିଂହପୁରାଣ ୨୨ ।

ଗ୍ରା. ବି. ପୁଂ—୧ । ନପୁଂସକ ବ୍ୟକ୍ତି—1. An eunoch.
୨ । ଅମନୁଷ୍ୟ—2. A worthless person.

**ଅଣଫୁଟା**—ଗ୍ରା. ବିଣ. ( ସଂ. ଅ + ପ୍ରସ୍ଫୁଟିତ )—ଅଫୁଟା—
Aṇaphuṭā ୧ । ଯେଉଁ ଫୁଲ ଫୁଟି ନାହିଁ; ଅପ୍ରସ୍ଫୁଟିତ—
অফোটা, 1. Unblown; not yet having
অফুটন্ত bloomed ( flower ).
୨ । ଯେଉଁ ତିଅଣ ବଘାର ହୋଇ ନାହିଁ—
2. Unseasoned (curry ).
୩ । ଯେଉଁ ପାଣି ବା ଦୁଧ ନିଆଁ ଉପରେ ଟକଟକ ହୋଇ ଫୁଟି ନାହିଁ—3 Unboiled or unsimmering ( water etc. )
୪ । ଯେଉଁ ପାତ୍ର ଛିଦ୍ରଯୁକ୍ତ ନୁହେ—
4. ( a pot ) Having no hole.

**ଅଣଫୁଟିଲା**—ଗ୍ରା. ବିଣ—ଅଣଫୁଟା (ଦେଖ)
Aṇapbuṭilā Aṇaphuṭā (See)

**ଅଣଫୁଟୀ**—ଗ୍ରା. ବିଣ. ସ୍ତ୍ରୀ—ଅଫୁଟୀ; ଅପ୍ରାପ୍ତରଜସ୍କା (ବାଳିକା)—
Aṇaphuṭī (a girl) Who has not yet attained puberty.

**ଅଣବଣ**—ଗ୍ରା. ବିଣ—୧ । ଚଣାଭଣା; ଅସ୍ତବ୍ୟସ୍ତ; ଇତସ୍ତତଃବିକ୍ଷିପ୍ତ—
Aṇabaṇa 1. Scattered here and there.
୨ । ଅସଂସ୍କୃତ; ଅମାର୍ଜ୍ଜିତ—2. Unswept.
୩ । ଅପରିଷ୍କୃତ—3. Uncleansed.
୪ । ଅସନା—4. Untidy; dirty.
୫ । ଅଳିଆ; ଆବର୍ଜ୍ଜନାମୟ—5. Full of refuse.
୬ । କୁତ୍ସିତ; କଦର୍ଯ୍ୟ—6. Ugly.

**ଅଣବଣିଆଁ**—ଗ୍ରା. ବିଣ—ଅଣବଣ (ଦେଖ)
Aṇabaṇiāñ Aṇabaṇa (See)

**ଅଣବରତିଆ**—ଗ୍ରା. ବିଣ. ପୁଂ—ଅଣବ୍ରତିଆ (ଦେଖ)
Aṇabaratiā Aṇabratiā (See)

**ଅଣବରତୁଆ**—ଗ୍ରା. ବିଣ. ପୁଂ—ଅଣବ୍ରତିଆ (ଦେଖ)
Aṇabaratuā Aṇabratiā (See)

**ଅଣବରତେଇ**—ଗ୍ରା. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ କୌଣସି ବ୍ରତ ପାଳନ କରି
Aṇabaratei ନ ଥାଏ—( a woman ) Who is not observing any religious vow.

**ଅଣବର୍ତ୍ତିଆ**—ଗ୍ରା. ବିଣ. ପୁଂ—ଅଣବ୍ରତିଆ (ଦେଖ)
Aṇabarttiā Aṇabratiā (See)

**ଅଣବର୍ତ୍ତୁଆ**—ଗ୍ରା. ବିଣ. ପୁଂ—ଅଣବ୍ରତିଆ ( ଦେଖ )
Aṇabarttuā Aṇabratiā ( See )

**ଅଣବର୍ତ୍ତେଇ**—ଗ୍ରା. ବିଣ. ସ୍ତ୍ରୀ—ଅଣବରତେଇ ( ଦେଖ )
Aṇabarttei Aṇabaratei ( See )

**ଅଣବସନ୍ତିଆ**—ଗ୍ରା. ବିଣ. ପୁଂ. ( ସଂ. ଅ + ବସନ୍ତ )—ଯେଉଁ ବ୍ୟକ୍ତି
Aṇabasantiā ଜୀବନରେ ଆଜିପର୍ଯ୍ୟନ୍ତ ବସନ୍ତ ରୋଗାକ୍ରାନ୍ତ
( ଅଣବସନ୍ତେଇ—ସ୍ତ୍ରୀ) ହୋଇନାହିଁ—( person ) Not yet attacked with small-pox.
[ ଦ୍ର—ଲୋକେ ବିଶ୍ୱାସ କରନ୍ତି ଯେ ଯେଉଁ ବ୍ୟକ୍ତିଙ୍କୁ ଥରେ ବସନ୍ତ ହୋଇଥାଏ, ତାଙ୍କୁ ଜୀବନରେ ଦ୍ୱିତୀୟ ଥର ବସନ୍ତ ହୁଏ ନାହିଁ । ]

**ଅଣବାପୁଆ**—ଗ୍ରା. ବିଣ. ପୁଂ. (ଗାଳିରେ ବ୍ୟବହୃତ; ସଂ. ଅ + ବପ୍ତା)—
Aṇabāpuā ୧ । ଅନିର୍ଦ୍ଦିଷ୍ଟପିତୃକ ( ବ୍ୟକ୍ତି ); ଅଜ୍ଞାତପିତୃକ;
জারজ ଯାହାର ବାପ କିଏ ଏ କଥାର ଠିକଣା ନ ଥାଏ—
**दोगला** 1. Of untraced parentage; a person whose father is not known.
୨ । ଜାରଜ—2. Illegitimate; bastard.

**ଅଣବାବୁଆ**—ଗ୍ରା. ବିଣ. ପୁଂ—ଅଣବାପୁଆ ( ଦେଖ )
Aṇabābuā Aṇabāpuā ( See )

**ଅଣବାହୁଡ଼**—ଗ୍ରା. ବିଣ. ( ସଂ. ଅ + ବ୍ୟାବୃତ୍ତ )—
Aṇabāhurḍa ୧ । ଅପ୍ରତ୍ୟାବର୍ତ୍ତିତ; ଯାହା ଫେରି ଆସେ ନାହିଁ; ଯାହା ଲେଉଟି ଆସେ ନାହିଁ—1. That which does not come back or return.

ହାତରୁ ଖସିଲେ ଅଣ ବାହୁଡ଼ । ତତ ।

୨ । ଯାହା ଥରେ ବିଗିଡ଼ି ଗଲେ ପୁଣି ସୁଧାର ହୁଏ ନାହିଁ—
2. That which can not be undone.
୩ । ଅବ୍ୟର୍ଥ—3. Untailing; never failing.
( ଯଥା—ଶର )

**ଅଣବାହୁଡ଼ା**—ଗ୍ରା. ବିଣ—ଅଣବାହୁଡ଼ ( ଦେଖ )
Aṇabāhurḍā Aṇabāhurḍa ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ବୋଇଲା ବ୍ରହ୍ମଣର ଶୁଣହେ ସୁଦର୍ଶନ
ତୁମ୍ଭେ ଆମ୍ଭେ ଦୁହେଁ ତ ଅଣବାହୁଡ଼ା ଜାଣ । ପୀତାମ୍ବର. ନୃସିଂହପୁରାଣ ୪ର୍ଥ ।

**ଅଣବିକାର**—ଗ୍ରା. ବିଣ. ( ସଂ. ଅ + ବିକାର )—
Aṇabikāra ୧ । ନିର୍ବିକାର; ବିକାରଶୂନ୍ୟ—
1. Unchangeable.
୨ । ନିର୍ଘୃଣ—2. Having no repulsion.

ଆପଣେ ଅଣବିକାର ଆପଣେ ଆକାର । ପ୍ରାଚୀ, ବ୍ରହ୍ମନିରୂପଣ ଗୀତା ।

**ଅଣବିବେକ**—ଗ୍ରା. ବିଣ. ( ସଂ. ଅବିବେକ)—ଅବିବେକ; ନିର୍ବିବେକ—
Aṇabibeka Inconsiderate.

ଆପଣେ ଅଣବିବେକ ଆପେ ଅନୁମାନ । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅଣବେଢ଼ା**—ଗ୍ରା. ବିଣ—ଯାହା ଚାରିଆଡ଼େ ବାଡ଼ ବା କାନ୍ଥଦ୍ୱାରା
Aṇaberḍhā ଆବୃତ ନୁହେ—Not surrounded by a fence or a wall.

ଅଣମେଡ଼ା ଅଣବେଢ଼ା ଚଉଭୌମି ଘର । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅଣବ୍ରତିଆ**—ଗ୍ରା. ବିଣ. ପୁଂ. ( ସଂ. ଅ + ବ୍ରତ )—
Aṇabratiā ୧ । ଯେଉଁ ଦ୍ୱିଜ ବାଳକର ଉପନୟନ ସଂସ୍କାର ହୋଇ ନାହିଁ—1. (a Brahmin boy) Not yet initiated with the sacred thread.
୨ । ଯେ ବ୍ରତଧାରୀ ନୁହେ; ଯେଉଁ ବ୍ୟକ୍ତି ବ୍ରତ ପାଳନ କରି ନାହିଁ—2. A person who has not observed a religious fasting or vow.
୩ । ଯେଉଁ ଅଣ୍ଡିରା ବାଛୁରି ଧରା ହୋଇନାହିଁ; ଅଧରା—
3. Not yet castrated (calf)
୪ । ଯେଉଁ ବାଛୁରୀ ଲକ୍ଷ ହୋଇ ନାହିଁ ଅର୍ଥାତ୍ ଯାହା ଦେହରେ ତାତିଲା ଲୁହାର ଦାଗ କଟା ହୋଇନାହିଁ—
4. (a calf) Not yet seared with searing iron.

**ଅଣବ୍ରତୁଆ**—ଗ୍ରା. ବିଣ. ପୁଂ—ଅଣବ୍ରତିଆ ( ଦେଖ )
Aṇabratuā Aṇabratiā ( See )

ଅଣବ୍ରତୁଆ ହୋଇ ରହି, ଯଜ୍ଞସୂତ୍ର ତାହାଙ୍କୁ ଦେଇ ।
ବଳରାମ—ବସ୍ତ୍ରପୁରାଣ ।

**ଅଣବ୍ରତେଇ**—ଗ୍ରା. ବିଣ. ସ୍ତ୍ରୀ—ଅଣବରତେଇ ( ଦେଖ )
Aṇabratei Aṇabaratei ( See )

**ଅଣବ୍ୟ**—ସଂ. ବି. ( ଅଣୁ = ସୂକ୍ଷ୍ମଧାନ୍ୟ; ଚିନା + ଅଧିକରଣେ. ଯ )—
Aṇabya ଯେଉଁ କ୍ଷେତରେ ଚିନାଜାତୀୟ ଶସ୍ୟ ଉପୁଜେ—
A field growing the small grain Panicum Miliaceum.

**ଅଣଭଣ**—ଗ୍ରା. ବିଣ—ଅଣବଣ ( ଦେଖ )
Aṇabhaṇa Aṇabaṇa ( See )

**ଅଣଭଣିଆଁ**—ଗ୍ରା. ବିଣ—ଅଣବଣ ( ଦେଖ )
Aṇabhaṇiāñ Aṇabaṇa ( See )

**ଅଣଭିଣା**—ଗ୍ରା. ବିଣ. ( ସଂ. ଅ; ଭିନ୍ନ )—୧ । ଯେଉଁ ତୁଳା ଭିଣା
Aṇabhiṇā ହୋଇ ନାହିଁ—1. Not carded (cotton).
୨ । ଯେଉଁ ମାଟିରୁ ଗୋଡ଼ି ଖପରା ଆଦି କଢ଼ା ଯାଇନାହିଁ—
2. Soil or earth from which gravels and potsherds have not been taken out.

ଅଣସଣା ଅଣଭିଣା ମାଟି ଅଛି ତହିଁ—ପ୍ରାଚୀ, ବ୍ରହ୍ମନିରୂପଣ ଗୀତା ।

**ଅଣମଣଷ**—ଗ୍ରା. ବିଣ. ପୁଂ. ( ସଂ. ଅମନୁଷ୍ୟ )—
Aṇamaṇasha ୧ । ଅମନୁଷ୍ୟ; କୁତ୍ସିତ; ଅଯୋଗ୍ୟ (ବ୍ୟକ୍ତି)—
अमनुष्य; अमनिष्पि 1. Worthless (person).
**नामर्द** ୨ । ମନୁଷ୍ୟତା ବିହୀନ—2. Unmanly.
୩ । ଭୀରୁ—3. Coward.
ଗ୍ରା. ବି—୧ । ଅଯୋଗ୍ୟ ବ୍ୟକ୍ତି—1. Worthless person.
୨ । ଭୀରୁ ବ୍ୟକ୍ତି—2. A coward.

**ଅଣମଣିଷ**—ଗ୍ରା. ବିଣ. ଓ ବି—ଅଣମଣଷ ( ଦେଖ )
Aṇamaṇisha Aṇamaṇasha ( See )

**ଅଣମଣିଷା**—ଗ୍ରା. ବିଣ—ଅଣମଣଷ ( ଦେଖ )
Aṇamaṇishā Aṇamaṇasha ( See )

**ଅଣମନିଷ**—ଗ୍ରା. ବିଣ. ଓ ବି—ଅଣମଣଷ ( ଦେଖ )
Aṇamanisha Aṇamaṇasha ( See )

**ଅଣମନିଷା**—ଗ୍ରା. ବିଣ—ଅଣମଣଷ ( ଦେଖ )
Aṇamanishā Aṇamaṇasha ( See )

**ଅଣମାତ୍ରା**—ଗ୍ରା. ବିଣ. ( ସଂ. ଅ + ମାତ୍ରା )—ମାତ୍ରାହୀନ (ଅକ୍ଷର)—
Aṇamātrā (a letter) Having no measure or upper stroke.

ଅଣାକ୍ଷର ଅଣମାତ୍ରା ଅଣନିଗଦବଦ
ଶବଦର ଭେଦ ନାହିଁ ବ୍ରହ୍ମ ନିଜ ପଦ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଣମେଡ଼ା**—ଗ୍ରା. ବିଣ. (ସଂ. ଅ + ମେଧି)—ଯେଉଁ ଘରେ ଖୁଣ୍ଟି ନ ଥାଏ-
Aṇamerḍā (a house) Having no pillars.

ଅଣମେଡ଼ା ଅଣବେଢ଼ା ଚଉଭୌମି ଘର । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଣରାସ**—ଗ୍ରା. ବିଣ. ( ସଂ. ଅ + ରାସ )—ଯେଉଁ ବ୍ୟକ୍ତି ରାସଲୀଳାର
Aṇarāsa ଭକ୍ତ ନୁହେ—(a person) Not devoted to the Rāsalīḷā of Śrī Kṛushṇa.

ଅଣରାସ ଜନଟାରେ କେବେଁ ନ ରସିବ । ଅଚ୍ୟୁତ. ଗୁରୁଭକ୍ତି ଗୀତା ୨।୧୪

**ଅଣରୂପ**—ଗ୍ରା. ବିଣ. ( ସଂ. ଅ + ରୂପ )—ଅରୂପ; ରୂପହୀନ—
Aṇarūpa Formless; shapeless; incorporeal.

ବଡ଼ାର ତଳୁରେ ଅଛି ଅଣରୂପ ହୋଇ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଣଲେଉଟ**—ଗ୍ରା. ବିଣ—ଅଣବାହୁଡ଼ା ( ଦେଖ )
Aṇaleuṭa Aṇabāhurḍa ( See )

**ଅଣଲେଉଟା**—ଗ୍ରା. ବିଣ—ଅଣବାହୁଡ଼ା ( ଦେଖ )
Aṇaleuṭā Aṇabāhurḍa ( See )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଔ | ଢ଼ |

**ଅଣଶୁଦ୍ଧିଆ**—ଗ୍ରା. ବି. ( ସଂ. ଅ+ଶୁଦ୍ଧି )—
Aṇaśudhiā ୧ । ଅଶୁଦ୍ଧ; ଅଶୌଚ; ମୃତକାଶୌଚ ବା ସୂତକାଶୌଚ—1. Impurity due to a birth or death amongst one's near relations.

୨ । ମୃତକାଶୌଚ ଘଟିବା ପରେ କୌଣସି ବ୍ୟକ୍ତି ଶୁଦ୍ଧିକ୍ରିୟା କରି ନଥିବା ଅବସ୍ଥା—2. State of nonperformance of purificatory rites after a death of one's relative.

ଗ୍ରା. ବିଣ—୧ । ମୃତାହ ଉପଲକ୍ଷରେ ଶୁଦ୍ଧିକ୍ରିୟା ସମ୍ପାଦନ କରି ନ ଥିବା ( ବ୍ୟକ୍ତି )—1. ( a person ) Who has not performed purificatory rites after a death amongst relations.

୨ । ମୃତକାଶୌଚ ଯୋଗୁଁ ଅଶୁଦ୍ଧ ; ଅଶୁଚି—2. Unpurified.

**ଅଣଶେଷ**—ଗ୍ରା. ବିଣ. ( ସଂ. ଅଶେଷ )—ଅଶେଷ—
Aṇaśesha Endless.

ଅଣଶେଷ ମହିମାରୁ ଅଣମଇଁ ଭେଦ । ପ୍ରାଚୀ—ତ୍ରିଭୁବନଭୂଷଣ ଗୀତା ।

**ଅଣଷଠାଶହେ**—ଦେ. ବି. ଓ ବିଣ. (ସଂଖ୍ୟାବାଚକ; ଊନଷଷ୍ଟି+ଶତ)—
Aṇashaṭhāśahe ଏକଶତ ଅଣଷଠି ; ୧୫୯—One hundred and fifty-nine.

**ଅଣଷଠି**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ; ସଂ. ଊନଷଷ୍ଟି; ପ୍ରା. ଊନସଟ୍ଠୀ)—ଷାଠିଏରୁ ଏକ ଊଣା; ୫୯—
Aṇashaṭhi
ऊनषष्टि
উনষট্
Fifty-nine.

**ଅଣଷାଠି**—ଦେ. ବି. ଓ ବିଣ—ଅଣଷଠି ( ଦେଖ )
Aṇashāṭhi Aṇashaṭhi ( See )

**ଅଣସଣା**—ଗ୍ରା. ବିଣ. ( ସଂ. ଅସଂସ୍କୃତ )—୧ । ଅସନା; ଅପରିଷ୍କୃତ—
Aṇasaṇā 1. Unswept; uncleansed.

ଅଣସଣା ଅଣଲିଣା ମାଟି ଅଛି ଚହିଁ । ପ୍ରାଚୀ—ତ୍ରିଭୁବନଭୂଷଣ ଗୀତା ।

୨ । ଅଳିଆ ବା ଆବର୍ଜନାମୟ—
2. Full of refuse; untidy.

୩ । କୁତ୍ସିତ—3. Ugly.

**ଅଣସଣିଆଁ**—ଗ୍ରା. ବିଣ—ଅଣବଣ ( ଦେଖ )
Aṇasaniāṅ Aṇabaṇa ( See )

**ଅଣସତୁରାଶହେ**—ଦେ. ବି. ଓ ବିଣ. ( ସଂଖ୍ୟାବାଚକ; ସଂ. ଊନସପ୍ତତି+ଶତ )—ଏକଶତ ଅଣସତୁରି; ୧୬୯—
Aṇasaturāśahe
One-hundred and sixty-nine.

**ଅଣସତୁରି**—ଦେ. ବି. ଓ ବିଣ; ସଂଖ୍ୟାବାଚକ ( ସଂ. ଊନସପ୍ତତି; ପ୍ରା. ଊନସତ୍ତରି )—ଷାଠିଏ ସଂଖ୍ୟାରୁ ନଅ ବେଶି; ସତୁରି ସଂଖ୍ୟାରୁ ଏକ କମ; ୬୯—
Aṇasaturi
ऊनसत्तर
উনসত্তর
Sixty-nine.

**ଅଣସନ୍ଧିଆ**—ପ୍ରାଦେ. (ଗଡ଼ଜାତ) ବି. ( ସଂ. ଊନ; ସନ୍ଧ୍ୟା )—
Aṇasandhiā ମୁହଁସନ୍ଧ୍ୟା; ସନ୍ଧ୍ୟା ଲାଗିବାର ଅବ୍ୟବହିତ ପୂର୍ବକାଳ; ଗୋଧୂଳି—Dusk.

**ଅଣସନ୍ଧ୍ୟା**—ପ୍ରାଦେ. (ଗଡ଼ଜାତ) ବି—ଅଣସନ୍ଧିଆ (ଦେଖ)
Aṇasandhyā Aṇasandhiā ( See )

**ଅଣସର**—ଦେ. ବି. ୧ । (ସଂ. ଅନବସର; ଯେଉଁ ସମୟରେ ଯାତ୍ରୀମାନଙ୍କୁ ଦର୍ଶନ ଦେବାପାଇଁ ଜଗନ୍ନାଥଙ୍କୁ ଅବସର ନ ଥାଏ)—ଦେବସ୍ନାନ ପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ କାଳ; ଆଷାଢ଼ କୃଷ୍ଣ ପ୍ରତିପଦଠାରୁ ପନ୍ଦର ଦିନ କାଳ—
Aṇasara
1. The dark fortnight of the month of Āshārḍha when pilgrims can not see the three idols at Puri.

ଅଣସର ଘର ମଧ୍ୟାହ୍ନେ ଯେସନେ, ଦୁଃସହ ଗ୍ରୀଷ୍ମ ଆଇଲେ ।
ରଘୁନାଥ. ଯଯାତି ।

[ ଦ୍ର—ଦେବସ୍ନାନ ପୂର୍ଣ୍ଣିମା ଦିନ ଦେବସ୍ନାନ ମଣ୍ଡପରେ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିତ୍ରୟ ଉପରେ ପାଣି ଢଳା ହୋଇ ତାଙ୍କୁ ସ୍ନାନ କରାଯାଏ; ତେଣୁ ସେ ମୂର୍ତ୍ତିମାନଙ୍କ ଉପରୁ ରଙ୍ଗ ଛାଡ଼ିଯାଏ । ମୂର୍ତ୍ତିମାନଙ୍କୁ ସ୍ନାନମଣ୍ଡପରୁ ନେଇ ଗୋଟିଏ 'ଗୁମୁଟ' ଘରେ ରଖି, ସେହିଠାରେ ନେତ୍ରୋତ୍ସବ ପର୍ଯ୍ୟନ୍ତ ଚିତ୍ରକାରମାନେ ଚିତ୍ର କରନ୍ତି । ରଙ୍ଗ କରାଯାଉଥିବା ମୂର୍ତ୍ତିଙ୍କ ସମ୍ମୁଖରେ ଗୋଟିଏ ଟାଟି (ଅଣସର ଟାଟି) ଡେରା ହୋଇଥାଏ । ମୂର୍ତ୍ତିମାନେ ସ୍ନାନ କରିବାରୁ ତାଙ୍କୁ ଜ୍ୱର ଧରିଛି ବୋଲି ଯାତ୍ରୀମାନଙ୍କୁ କୁହାଯାଏ ଓ ସେ ସମୟରେ ଯାତ୍ରୀମାନେ ମୂର୍ତ୍ତିମାନଙ୍କ ସାକ୍ଷାତ ଦର୍ଶନ ନ କରି, ଅଣସର ଟାଟିକୁ ଦର୍ଶନ କରନ୍ତି । ଏହି ଅଣସର ସମୟରେ ପୁରୀ ଅଞ୍ଚଳରେ ଅସହ୍ୟ ଗ୍ରୀଷ୍ମ ଅନୁଭୂତ ହୁଏ । ]

ଗ୍ରା. ବିଣ—୧ । ( ସଂ. ଅସ୍ପୃଶ୍ୟ ) ଅସ୍ପୃଶ୍ୟ; ଅଛୁଆଁ(ଜାତି)—
1. Untouchable.

ଗ୍ରା. ବିଣ—୨ । ଇତର; ସାଧାରଣ—
2. Common (people).

୩ । ଗ୍ରା—ନୀଚ—3. Low; mean.

**ଅଣସର ଗୁମ୍ଟ**—ଦେ. ବି—ଅଣସର ଘର (ଦେଖ)
Aṇasaragumṭa Aṇasaraghara (See)

ପନ୍ଦର ଦିନ ଅଣସରେ.
ରହିଲି ଗୁମ୍ଟ ଘର ଘରେ—ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅଣସର ଗୁମୁଟ**—ଦେ. ବି—ଅଣସର ଘର (ଦେଖ)
Aṇasaragumuṭa Aṇasaraghara ( See )

**ଅଣସର ଗୁଳୁଗୁଳି**—ଦେ. ବି—ଅଣସର ବା ଆଷାଢ଼ କୃଷ୍ଣପକ୍ଷରେ ପୁରୀ ଅଞ୍ଚଳରେ ଅନୁଭୂତ ଦୁଃସହ ଗ୍ରୀଷ୍ମ—
Aṇasara guluguli
Unbearable and close heat felt during the dark fortnight of the month of Āshārḍha.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅଁ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍' ଦେଖିବେ ।

**ଅଣସର ଘର**—ଦେ. ବ—ଜଗନ୍ନାଥ ମନ୍ଦିରର ଜଗମୋହନରେ ଉଜନ ଅର୍ଗଳ ଚକଟରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନ; ଯେଉଁଠାରେ କି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ମୂର୍ତ୍ତିମାନ ଅଣସର ସମୟରେ ରଖାଯାଇ ଚିତ୍ରକାରମାନଙ୍କଦ୍ୱାରା ଚିତ୍ର କରା ଯାଆନ୍ତି—A space inside the Jagamohana of the Jagannath-temple where the idols are kept and painted during the Aṇasara.
Aṇasara ghara

**ଅଣସର ଟାଟି**—ଦେ. ବ—ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିମାନ ଚିତ୍ର କରାଯାଉଥିବା ବେଳେ ତାଙ୍କ ଆଗରେ ରଖାଯାଇଥିବା ବାଉଁଶର ଶୃଙ୍ଖଡ଼ା—Bamboomatting put in front of the idols at Puri when they are painted.
Aṇasara tāṭi
(ଦ୍ର—ଏହି ସମୟରେ ଯାତ୍ରୀମାନେ ଜଗନ୍ନାଥ ଆଦିଙ୍କ ସାକ୍ଷାତ ଦର୍ଶନ ପାଆନ୍ତି ନାହିଁ, ଉକ୍ତ ଅଣସର ଟାଟିକୁ ଦର୍ଶନ କରନ୍ତି ।)

**ଅଣସରପଣା**—ଦେ. ବ—ଅଣସର ଘରେ ଥିବା ସମୟରେ ଜଗନ୍ନାଥଙ୍କୁ ଭୋଗ କରାଯିବା ପ୍ରପାନକବିଶେଷ—A sweet drink offered to the idols at Puri during the Aṇasara.
Aṇasarapaṇā

**ଅଣସୋରିଷ**—ଦେ. ବ. (ସଂ. ନ + ସର୍ଷପ; ଯାହା ସୋରିଷ ପରି ଦେଖାଯାଏ ; ଅଥଚ ସୋରିଷ ନୁହେ ।)—
Aṇasorisha

| | |
|---|---|
| ସଂ. ନାମ—ଆଦିତ୍ୟଭକ୍ତା; ଆଦିତ୍ୟପତ୍ରା; ବରଷ୍ଠା; କର୍ଣ୍ଣସ୍ଫୋଟ; ତିଳପର୍ଣ୍ଣୀ; ବର୍ବରି | ୧ । ଭାରତର ଉଷ୍ଣ ପ୍ରଧାନ ସ୍ଥାନର ପଡ଼ିଆମାନଙ୍କରେ ଜନ୍ମିବା ବନ୍ୟ-ଶାକ; [ଏହା ଗ୍ରୀଷ୍ମରୁ, ବୋମେ ଓ ଲଙ୍କାରେ ବେଶି ଜନ୍ମେ । ଏହାର |
| ହୁଡ଼ହୁଡ଼େ; ବନ୍‌ସୋରିଶା | |
| **କାନଫୁଟୀ, ହଲ୍ଦ୍ଓଲ, ହୁର୍‌ହୁର୍** | ପତ୍ର ୫।୭ ଅଙ୍ଗୁଳ ଲମ୍ବ ଓ ଚଟଚଟିଆ; ଫୁଲ ହଳଦିଆ; ପୁଂକେଶର |
| ତେ. ସୂର୍ଯ୍ୟକାନ୍ତମୁ; କୁକାଭେମିନ୍ତା | ଅନେକ; କୁଇଁ ସୋରିଷ କୁଇଁ ପରି; ମଞ୍ଜି ସୋରିଷ ପରି ଦେଖାଯାଏ ଓ |
| ତା. ନାୟ୍‌ଭେଳ | |
| ଲୁ. ଡିନୋମନଡିଲୁନ୍ | ବାସେ । ଏହାର ଚେର, ମଞ୍ଜି ଓ ପତ୍ର ଚର୍ମରୋଗ, ଯାହୁ, ମୁଣ୍ଡବଥା, ଜର, ଉଦରାମୟ, ଅର୍ଶରେ ଉପକାରୀ ।] |

1. A kind of herb; Cleomi Viscosa; Polanisia icosandra.

| | |
|---|---|
| ସଂ. ନାମ—ସୂର୍ଯ୍ୟାବର୍ତ୍ତ; ଅର୍କପୁଷ୍ପିକା | ୨ । ଏହି ଜାତୀୟ ଆଉ ଏକ ପ୍ରକାର ଶାକ ଗୁଳ୍ମ (ଏଥିର ଫୁଲ ଆଇଲୁ |
| କାନାଳା; ହୁରହୁରିଆ, ବନ୍‌ସରିଷା | ଓ କେଶର ୬ଟି; ଏହା ବାର୍ଷିକ ତୃଣ; ଗଛ ସିଧା, ଫୁଲ ବଡ଼, ମଞ୍ଜି ଚାଣ୍ଡିଆ, |
| **ହୁର୍‌ହୁର୍; ହୁଲହୁଲ;** | ଏଥିର ପତ୍ର, ମୂଳ ଓ ମଞ୍ଜି ଚର୍ମ- |
| **କରେଳା; ଚୁରେଟା** | ରୋଗରେ ଉପକାରୀ ।) |
| ତେ. ଭାମିନ୍ତା; ଭେଲାକୁର | 2. A kind of annual herb; Synandropsis Pentaphylla. |
| ତା. ଭେଲାଇ;ନାଇଭେଲୀ;କାଡୁଗୁ | |

**ଅଣସୋରିଷା**—ଦେ. ବ—ଅଣସୋରିଷ ( ଦେଖ )
Aṇasorishā Aṇasorisha ( See )

**ଅଣସୋରିଷିଆ**—ଦେ. ବ—ଅଣସୋରିଷ ( ଦେଖ )
Aṇasorishiā Aṇasorisha ( See )

**ଅଣସ୍ତରାଶହେ**—ଦେ. ବ. ଓ ବିଣ—ଅଣସତୁରାଶହେ ( ଦେଖ )
Aṇastarāsahe Aṇasaturāsahe (See)

**ଅଣସ୍ତରି**—ଦେ. ବ. ଓ ବିଣ—ଅଣସତୁରି ( ଦେଖ )
Aṇastari Aṇasaturi ( See )

**ଅଣସ୍ତୁରାଶହେ**—ଦେ. ବ. ଓ ବିଣ—ଅଣସତୁରାଶହେ ( ଦେଖ )
Aṇasturāsahe Aṇasaturāsahe ( See ;

**ଅଣସ୍ତୁରି**—ଦେ. ବ. ଓ ବିଣ—ଅଣସତୁରି ( ଦେଖ )
Aṇasturi Aṇasaturi ( See )

ଭୀମ ଅଣସ୍ତୁରିଟି କାଣ୍ଡ ଦ୍ରୋଣ ଦେହେ
ବନ୍ଧିଲେ ପ୍ରାଣ ନେବା ପାଇଁ ଅତି କୋହେ ।
କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

**ଅଣହଳଦିଆ**—ଦେ. ବିଣ. ( ସଂ. ଅ + ହରିଦ୍ରା )—
Aṇahaḻadiā ଯେଉଁ ତିଅଣରେ ଆଦୌ ହଳଦି ପଡ଼ି ନ ଥାଏ କିମ୍ବା ଉପଯୁକ୍ତ ପରିମାଣରେ ହଳଦି ପଡ଼ି ନ ଥାଏ—(curry) Not flavoured with turmeric

**ଅଣହିତ**—ଗ୍ରା. ବିଣ. ( ସଂ. ଅ + ହିତ )—୧ । ଅହିତ—
Aṇahita 1. Not beneficial.
୨ । ଅମଙ୍ଗଳକର—2. Inauspicious

କେହି ତ କହିବାକୁ ଭୃକ୍ଷ୍ୟ ତ ନାହିଁ
କେହି ତ ଅଣହିତ ଜାଣିବ ତା କେହି । କୃଷ୍ଣସିଂହ. ମହାଭାରତ. ବନ ।

ଗ୍ରା. ବ—ଅଶୁଭ; ମନ୍ଦ—Evil.

**ଅଣହୁଡ**—ଦେ. ବିଣ; ବ. ଓ କ୍ରି. ବିଣ—ଅଣହୁଡ଼ା ( ଦେଖ )
Aṇahurda Aṇahurdā ( See )

**ଅଣହୁଡ଼ା**—ଦେ. ବିଣ—୧ । ଯେଉଁ ଲୋକ ପ୍ରକୃତରେ ମରିଯାଇ ନ ଥାଏ କିନ୍ତୁ ମୃତ୍ୟୁର କେତେକ ପୂର୍ବ ଲକ୍ଷଣ ଦେଖି ସ୍ୱଜନମାନେ ଯାହାର ମୃତ୍ୟୁ ଆସନ୍ନ ବୋଲି ଆଶଙ୍କା କରି, କୌଣସି ତୀର୍ଥ ସ୍ଥାନରେ ମରିବା ପାଇଁ ତାହାକୁ ନେଇ ଯାଆନ୍ତି, କିମ୍ବା ଯାହାଠାରେ ମୃତ୍ୟୁର କେତେକ ଲକ୍ଷଣ ଦେଖି ସ୍ୱଜନମାନେ ମୃତ୍ୟୁ ହୋଇଅଛି ବୋଲି ସ୍ଥିର କରି ଶ୍ମଶାନକୁ ନେଇ ଥାଆନ୍ତି, କିନ୍ତୁ ସେ ଲୋକଠାରେ ଜୀବନର ଲକ୍ଷଣ ପ୍ରକାଶ ହେବାରୁ ତାକୁ ଘରକୁ ଫେରାଇ ଆଣନ୍ତି—1. (a person) Who is taken to a sacred place to die or who is taken to the cremation ground by his relatives thinking
Aṇahurdā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇପ୍ସ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଔ | ନ୍ଦ |

that he is going to die or is dead but who revives afterwards and is brought back home.

ଅସୁଷ ଥାଇଁ ଅସିଲ୍ଲ ଅଣନ୍ଥୁଡ଼ା ହୁଇ—ପ୍ରବଚନ ।

[ ଦ୍ର—ଯେଉଁ ବ୍ୟକ୍ତିଠାରେ ଆସନ୍ନ ମୃତ୍ୟୁର ପୂର୍ବ ଲକ୍ଷଣ ଦେଖାଯିବାରୁ ତାକୁ ତାର ସ୍ୱଜନମାନେ ପୁରୀ ଜିଲ୍ଲାର ପଞ୍ଚକୋଶୀ ଅଞ୍ଚଳରୁ ମୁକ୍ତେଶ୍ୱର ମହାଦେବଙ୍କ ବାଟେ ପୁରୀ ସ୍ୱର୍ଗଦ୍ୱାରକୁ ବୋହି ନଅନ୍ତି; ସେ ଯାଉଁ ଯାଉଁ ବାଟରେ ମଲେ, ତାକୁ ସେଠାରେ ସଂସ୍କାର କରନ୍ତି; ନଚେତ୍ କିଛି ଦିନ ପୁରୀଠାରେ ନେଇ ବସାରେ ରଖାନ୍ତି ଓ ସେ ମଲା ପରେ ତାକୁ ସଂସ୍କାର କରସାରି ସ୍ୱଜନମାନେ ଗ୍ରାମକୁ ବାହୁଡ଼ନ୍ତି । କିନ୍ତୁ ଯେଉଁ ବ୍ୟକ୍ତି କ୍ରମଶଃ ସୁସ୍ଥ ହୋଇ ବଞ୍ଚେ, ତାକୁ ଘରକୁ ଫେରାଇ ଆଣନ୍ତି । ଏପରି ବ୍ୟକ୍ତିକୁ 'ଅଣନ୍ଥୁଡ଼ା' କହନ୍ତି । ]

ଦେ. ବିଣ—୨ । ଅଭ୍ରାନ୍ତ—2 Unmistaken.

ଦେ. କ୍ରି. ବିଣ—ଭ୍ରମପ୍ରମାଦ ବିନା—
Without mistake.

ଦେ. ବି—ଭ୍ରାନ୍ତିଶୂନ୍ୟତା—Freedom from mistake.

**ଅଣହେତୁ**—ଗ୍ରା. ବି—୧ । ଜ୍ଞାନର ଅଭାବ; ଅଜ୍ଞାନ —
Aṇahetu 1. Want of knowledge.
୨ । ଅଚେତା—2. Want of consciousness.
୩ । ବିସ୍ମୃତି—3. Forgetfulness.
୪ । ଅମନୋଯୋଗ—4. Inattention.

ଅଣହେତୁରେ ଚଲ୍ଲ ଦିନ । ଜଗନ୍ନାଥ, ଭାଗବତ ।

**ଅଣହେଳା**—ଗ୍ରା. ବି. (ସଂ. ହେଳା)—୧ । ଅନାଦର; ଅଯତ୍ନ; ଅବହେଳା—
Aṇahelā 1. Want of care; neglect.
হেলা; অযত্ন
গফলত

ଅଣହେଳା ପାଉଥିବେ ଗୋ କନ୍ଦଗଉଡ଼ ଘରେ । ଭକ୍ତଦାସ—କଳାକଳେବର ଚଉତିଶା ।

୨ । କାର୍ଯ୍ୟରେ ହେଳା—2. Negligence.
୩ । ଅସମ୍ମାନ—3. Disrespect.

**ଅଣା**—ଦେ. ବି. (ସଂ. ଅଣକ=ଅତିକ୍ଷୁଦ୍ର)—୧ । ଏକ ଟଙ୍କାର ଷୋଳ ଭାଗରୁ ଏକ ଭାଗ; ଚାରି ପଇସାର ସମଷ୍ଟି—
Aṇā 1. One anna; $\frac{1}{16}$ of a rupee.
আনা
আনা
( ଦ୍ର—୧ ଅଣା = $\frac{1}{16}$ ଟଙ୍କା = ୪ ପଇସା = ୮ ଅଧଲା = ୧୨ ପାହୁଲା = ୨୦ ଗଣ୍ଡା = ୮୦ କଉଡ଼ା )
୨ । କୌଣସି ପଦାର୍ଥର ଏକ ଷୋଡ଼ଶାଂଶ—
2. One sixteenth of any thing.
୩ । ପ୍ରାଦେ. ( ଗଡ଼ଜାତ ) ବି—ପୁରୁଣା ପାଣି ନାଳ ବାଟେ ପାଣି ଯାଇବାକୁ ନ ଦେଇ, ଅନ୍ୟ ବାଟେ ଧାର ବୁହାଇବା ପାଇଁ କରାଯିବା ନୂଆ ନାଳ ବା ପାଣିମାହାଲି ।
3. A diversion channel.

ଦେ. ବିଣ (ସଂ. ଆନୀତ)—ଆନୀତ—Brought; fetched.

ଅଣାଅନ୍ଥ କ ବହୁତ ବାସନ୍ଥ ବାସ କୁସୁମ ଟାଣୁଡ଼ା । କବିସୂର୍ଯ୍ୟ, ସଙ୍ଗୀତ ।

**ଅଣାଅଣି**—ଦେ. ବି. (ବହୁବଚନରେ ଦ୍ୱିପ୍ରୟୋଗ)—୧ । ପରସ୍ପର ବା
Aṇāaṇi ପ୍ରତ୍ୟେକେ କଡ଼ ବାଗରେ ବା ଅଡ଼େଇ ହୋଇ ଶୋଇବା—
1. Lying sidewise to each other.
୨ । ଅନେକ ବସ୍ତୁ ଆଣିବା କର୍ମ—
2. Act of bringing many articles

**ଅଣାଅଶିଆଶହେ**—ଦେ. ବି ଓ ବିଣ—(ସଂଖ୍ୟାବାଚକ; ସଂ. ଊନାଶୀତି
Aṇāaśiāśahe + ଶତ )—ଏକ ଶହ ଅଣାଅଶୀ; ୧୭୯—
One hundred and seventy-nine.

**ଅଣାଅଶୀ**—ଦେ. ବି ଓ ବିଣ ( ସଂଖ୍ୟାବାଚକ; ସଂ. ଊନାଶୀତି; ପ୍ରା.
Aṇāaśī ଉଣାସୀ)—ଅଶୀ ସଂଖ୍ୟାରୁ ଏକ ଊଣା; ସତୁରିରୁ ନଅ
ঊনাশি অଧିକା; ୭୯—Seventy-nine.
उन्नासी

**ଅଣାଇଦେବା**—ଦେ. କ୍ରି—୧ । ( ସଂ. ଆ + ନୀ ଧାତୁ—ଆଣିଦେବାର
Aṇāidebā ଣିଜନ୍ତ ପ୍ରୟୋଗ ) ଅନ୍ୟଦ୍ୱାରା କୌଣସି ପଦାର୍ଥକୁ ଆନୀତ କରିବା—1. To cause a thing to be brought in or fetched.
୨ । (ତା. ଅଣ୍ଣୁ=ଆଉଜିବା)—କୌଣସି ବସ୍ତୁ ବା ପାତ୍ରକୁ ଏକପାଖକୁ ଆଉଜାଇବା ବା ଢଳାଇବା ବା ବଙ୍କ କରିବା—2. To cause a thing or pot to incline to a side.

**ଅଣାଇ ଧରିବା**—ଦେ. କ୍ରି. (ତା. ଅଣ୍ଣୁ=ଆଉଜିବା)—କୌଣସି ପାତ୍ର
Aṇāi dharibā ବା ବସ୍ତୁକୁ ଏକ ପାଖକୁ ଆଉଜାଇ ବା ଢଳାଇ କରି ଧରିବା—To hold a pot or thing inclined sideways

**ଅଣାଇବା**—ଦେ. କ୍ରି. ସକର୍ମକ (ସଂ. ଆ + ନୀ ଧାତୁ; ଣିଜନ୍ତ; ଆଣିବା
Aṇāibā କ୍ରିୟାର ଣିଜନ୍ତରୂପ; ସଂ. ଆନୟନ)—
আনান ୧ । ଅନ୍ୟଦ୍ୱାରା ଆଣିବା କ୍ରିୟା କରାଇବା—
लिवा लाना; 1. To cause to be brought or
अनाना fetched.
୨ । ସକର୍ମକ—( ସଂ. ଆ + ନୀ ଧାତୁ. ଣିଜନ୍ତ )—
ମଗାଇବା; ଡକାଇବା—2. To send for.

ଅଣାଇବା କ୍ଷଣି ଅସିଲି ମୁଁ ସ୍ୱଜନ । କୃଷ୍ଣସିଂହ. ମହାଭାରତ. ବନ ।

বাঁকান ୩ । ସକର୍ମକ (ସଂ. ଆନମନ; ତା. ଅଣ୍ଣୁ=ଆଉଜିବା)—
झुकाना କୌଣସି ବସ୍ତୁ ବା ପାତ୍ରକୁ ଏକ ପାଖକୁ ଢଳାଇବା ବା ଡେରଇବା—
3. To cause a thing or pot to incline.
হেলা, ୪ । ଅକର୍ମକ ( ସଂ. ଆ + ନମ ଧାତୁ )—
হেলিয়েপড়া କଡ଼େଇ ହେବା; ଏକ ପାଖକୁ ଢଳିବା—
झुकाना 4. To lean to a side; to incline.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଅକର୍ମକ ( ସଂ. ଅ + ନମ ଧାତୁ )—
କଡ଼ମାଡ଼ି ଶୋଇବା—5. To lie sidewise; to lie on the flanks.

**ଅଣାଇ ହେବା**—ଦେ. କ୍ରି—ଅକର୍ମକ (ସଂ. ଅ + ନମ ଧାତୁ )—
Aṇāi hebā ୧ । କଡ଼େ ଗୋଟାଏ ପାଖକୁ ଢଳିବା—
একপাশ হওয়া 1. To incline to one side.
**झुकना** ୨ । ଏକ କଡ଼ ମାଡ଼ି ଶୋଇବା—
2. To lie on the flanks.

**ଅଣାକାର**—ଦେ. ବିଣ. ( ସଂ. ଅନାକାର )—ନିରାକାର; ଆକାରହୀନ—
Aṇākāra Incorporeal; shapeless.
নিরাকার ଅଣାକାର ବିନ୍ଦୁରେ ଯେ ବିଶ୍ୱ ପକାଇବ ।
**अनाकार** ଅଚ୍ୟୁତ—ଶ୍ରୀ ଗୁରୁଭକ୍ତି ଗୀତା ।
ଦେ. ବି—ପରମେଶ୍ୱର; ପରଂବ୍ରହ୍ମ—
God; the Divine Soul.

**ଅଣାକାର ପୁରୁଷ**—ଦେ. ବି—
Aṇākāra purusha ନିରାକାରବ୍ରହ୍ମ; ପରମେଶ୍ୱର; ପରଂବ୍ରହ୍ମ—
নিরাকার পুরুষ God, the shapeless.
**अनाकार पुरुष**

**ଅଣାକାର ବିଷ୍ଣୁ**—ଦେ. ବି—ଅଣାକାର ପୁରୁଷ ( ଦେଖ )
Aṇākāra bishṇu Aṇākāra purusha ( See )

**ଅଣାକାର ବ୍ରହ୍ମ**—ଦେ. ବି—ଅଣାକାର ପୁରୁଷ ( ଦେଖ )
Aṇākāra brahma Aṇākāra purusha ( See )

**ଅଣାକାରମତ**—ଦେ. ବି—ଓଡ଼ିଶାରେ ପ୍ରଚଳିତ ଧର୍ମମତବିଶେଷ—
Aṇākāramata A religious tenet prevalent in Ordisā.

[ ଦ୍ର—ଏ ମତବାଦିମାନଙ୍କର ମତକୁ ପ୍ରୋଫେସର ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କ ପ୍ରକାଶିତ 'ପ୍ରେମଭକ୍ତି ବ୍ରହ୍ମଗୀତା' ନାମକ 'ପ୍ରାଚୀଗ୍ରନ୍ଥର' ମୁଖବନ୍ଧରେ ସଂକ୍ଷେପରେ ବୁଝାଇବାକୁ ଚେଷ୍ଟା କରିଅଛନ୍ତି । ତହିଁର ମର୍ମ ଏହି :—"ଭଗବାନ ଆଦି ଓ ଅନାଦି । ଯେତେବେଳେ ଜଗତ ନ ଥିଲା ଅର୍ଥାତ୍ ଜଗତ ଶୂନ୍ୟମୟ ସେତେବେଳେ ଏକା ଭଗବାନ ବିଦ୍ୟମାନ । ଭଗବଦ୍ ଜ୍ୟୋତିରୁ ଶୂନ୍ୟର ଉଦ୍ଭବ । ସେହି ଜ୍ୟୋତି ମଧ୍ୟ ମହାଶୂନ୍ୟରେ ପ୍ରକାଶମାନ । ସେ ମହାଶୂନ୍ୟ ମଧ୍ୟରେ ଚିତ୍ ବା ଚେତନାର ଅବସ୍ଥିତି । ସେହି ଚିନ୍ମଣ୍ଡଳରେ ଭଗବାନ ବିରାଜମାନ; ତାଙ୍କର ଆକାର ନାହିଁ । ସେ ଅକ୍ଷର ବହିର୍ଭୂତ, ଚିନ୍ମୟ, ଚିନ୍ତନ ଓ ଚିତ୍ର ସମଷ୍ଟି । ଯୋଗଯୁକ୍ତ ଆତ୍ମାରାମ ଅବସ୍ଥାରେ ତାଙ୍କର ସେଠାରେ ଅବସ୍ଥିତି । ସୃଷ୍ଟିର ବାସନା ଜାଗ୍ରତ ହୁଅନ୍ତେ, ସେ ନିର୍ଗୁଣ ହେଲେହେଁ ଊର୍ମି, ଧୂମ୍ର, ଜ୍ୟୋତି, ଜ୍ୱାଳା ଓ ବିନ୍ଦୁ ଏହି ପାଞ୍ଚ କଳାଯୁକ୍ତ ପ୍ରକୃତିକୁ ଭଗବାନ ଜାତ କରନ୍ତି । ଏହି ପ୍ରକୃତି ଚିନ୍ମୟ ଓ ଅଚିନ୍ମୟ । ପାଞ୍ଚ କଳା ଯଥାକ୍ରମେ ଶ୍ୱେତ, ପୀତ, ଲୋହିତ, କୁଙ୍କୁମ ଓ ଶ୍ୟାମ ଏହି ପାଞ୍ଚ ବର୍ଣ୍ଣବିଶିଷ୍ଟ । ଋକ୍, ଯଜୁ, ସାମ, ଅର୍ଥର୍ବ ଓ ଶିଶୁ ବେଦର ମୂଳସ୍ୱରୂପ ଏବଂ ମନ, ସୁମନ, କୁମନ, ବିମନ ଓ ଅମନର ସୂକ୍ଷ୍ମାବସ୍ଥା । ଏହି ପାଞ୍ଚ କଳା ଜଳରେ ପଡ଼ନ୍ତେ, ଯୋଗମାୟା ଜାତ ହେଲେ । ଏହି ଜଳର ନାମ କାରଣାର୍ଣ୍ଣବ । ଏହି ଯୋଗମାୟା ଆଦିଶକ୍ତି ବା ଅର୍ଦ୍ଧମାତ୍ରା । ତତ୍ପରେ କାଳପୁରୁଷ ଜାତ ହେଲା । ଏହି କାଳ 'କମଳ' ନାମରେ ଅଭିହିତ । କାଳ କାରଣାର୍ଣ୍ଣବରେ ସ୍ଥିର ହୋଇ ରହି ନ ପାରିବାରୁ, ଯୋଗମାୟା ସ୍ୱଅଙ୍ଗରୁ ଓଁକାର ଜାତ କଲେ । 'ଓଁ'ର ଉପରଭାଗ ନାସୀ ଅର୍ଦ୍ଧମାତ୍ରାସହ ସଂଲଗ୍ନ ଏବଂ ତାହା 'ବଜ୍ରକୀଳା' ନାମରେ ଅଭିହିତ । ସେହି ବଜ୍ରକୀଳା ଜ୍ୟୋତିର୍ଲିଙ୍ଗ ହ୍ଲୀଂ ବୀଜ ଜାଣିବ । ଏହି ଜ୍ୟୋତିର୍ଲିଙ୍ଗ ଏବଂ ଅର୍ଦ୍ଧମାତ୍ରା ( ଶକ୍ତି = ଯୋଗମାୟା = ଦୁର୍ଗା ) ଙ୍କ ସଂଯୋଗରେ ସୃଷ୍ଟିର ଉତ୍ପତ୍ତି । ଏହି ଜ୍ୟୋତିର୍ଲିଙ୍ଗଙ୍କ ଅନ୍ୟ ନାମ 'ବିରାଟ' ଓ ସ୍ଥୂଳ ବିଶେଷରେ ଅନନ୍ତ, ଶେଷ, ବଳଭଦ୍ର, ଏହି ଜ୍ୟୋତିର୍ଲିଙ୍ଗ ଆଦି ପୁରୁଷ ଏବଂ ଯୋଗମାୟା ଆଦି ପ୍ରକୃତି ।

ଅର୍ଦ୍ଧମାତ୍ରା ଉପରେ ବିନ୍ଦୁର ସଂଯୋଗହିଁ ପ୍ରଣବ ବା ଓଁକାର । ସେହି ବିନ୍ଦୁବ୍ରହ୍ମରେ ଅଣାକାରଙ୍କ ଅବସ୍ଥିତି । ବିନ୍ଦୁରେ ଅଣାକାର ଅଣାକ୍ଷର ବ୍ରହ୍ମାଙ୍କର ସ୍ଥିତି । ସର୍ପାକୃତି ଅନନ୍ତ ସେହି ବିନ୍ଦୁରୁ ଜାତ । ଅନନ୍ତଙ୍କର ଅନ୍ୟ ନାମ ସୁଷୁମ୍ନା ବା ଶିଶୁମୁନା । ଏହି ସୁଷୁମ୍ନା ନାଡ଼ୀର ଧ୍ୟାନ କଲେ, ସାଧକ ଶିଶୁବେଦ, ବା ନିର୍ବେଦ ବା ନିସ୍ତ୍ରୈଗୁଣ୍ୟ ଲାଭ କରେ ।" ]

**ଅଣାକିଆ**—ଦେ. ବିଣ—ଯେଉଁ ପଦାର୍ଥ ପ୍ରତ୍ୟେକଟିର ମୂଲ୍ୟ ଏକ ଅଣା—
**Aṇākiā** ( a thing ) Which is worth one anna each.
( ଯଥା—ଅଣାକିଆ ଲଡୁ; ଅଣାକିଆ ଦାଣ୍ଡି । )

**ଅଣାକ୍ଷର**—ଦେ. ବିଣ—୧ । ( ସଂ. ଅନକ୍ଷର ) ଅକ୍ଷରର ବହିର୍ଭୂତ; ଯାହା
Aṇākshara ଅକ୍ଷରଦ୍ୱାରା ପ୍ରକାଶିତ ହୋଇ ନ ପାରେ—
1. Not capable of being expressed by letters.
ଅଣାକ୍ଷର ଅଣମାତ୍ରା ଅଣ ନିଶବଦ
ଶବଦର ଭେଦ ନାହିଁ ବ୍ରହ୍ମ ନିଜ ପଦ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।
୨ । ଅକ୍ଷୟ—2. Indestructible.
ଦେ. ବି—ଭଗବାନ—God.
'ଅଣାକାର ମତ' ତଳେ ଟୀକା ଦେଖ ।

**ଅଣାଚାର**—ଗ୍ରା. ବି. ( ସଂ. ଅନାଚାର )—
**Aṇāchāra** ୧ । ଅନାଚାର; ଆଚାରହୀନତା—
**অনাচার** 1. Want of propriety of conduct.
**अनाचार** ୨ । ଅଧର୍ମାଚରଣ; କଦାଚାର—2. Improper conduct; bad conduct.
୩ । କୁପ୍ରଥା—3. Bad custom.

**ଅଣାଚ୍ଛରା**—ଦେ. ବି—ଜଙ୍ଗଲୀ ଗୁଳ୍ମବିଶେଷ, (ଉଚ୍ଚରେ ୬ ଫୁଟ ବଢ଼େ)—
**Aṇāchārā** A wild plant; Glycosmis Pentaphylla (Haines).

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଡ଼ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

**ଅଣାଗୃହୀ**—ଗ୍ରା. ବଣ. (ସଂ.ଅନାଗୃହୀ)—
Aṇāchārī ଅଗୃହସ୍ଥାନ; ଭ୍ରଷ୍ଟାଗୃହ (ବ୍ୟକ୍ତି)—
ଅনাচারী Of bad conduct.
অনাচারি

**ଅଣାନଉ**—ଦେ. ବ. ଓ ବଣ—ଅଣନଉ ( ଦେଖ )
Aṇānau Aṇanau ( See )

**ଅଣାନବେ**—ଦେ. ବ. ଓ ବଣ—ଅଣନଉ ( ଦେଖ )
Aṇānabe Aṇanau ( See )

**ଅଣାନବ୍ବେ**—ଦେ. ବ. ଓ ବଣ —ଅଣନଉ ( ଦେଖ )
Aṇānabbe Aṇanau ( See )

**ଅଣାବଣା**—ଦେ. ବ—୧ । ବିଶୃଙ୍ଖଳା; ଗୋଳମାଳ—
Aṇābaṇā 1 Confusion.
ଅଠେଳ ୨ । ବହୁପରିମାଣ—2. Profusion.
অনবন ଦେ. ବଣ—୧ । ବିଶୃଙ୍ଖଳ; ଗୋଳମାଳଯୁକ୍ତ—
1. Confused.
୨ । ଇତସ୍ତତଃ ବିକ୍ଷିପ୍ତ—2. Strewn here and there.
୩ । ଅପର୍ଯ୍ୟାପ୍ତ; ବହୁପରିମିତ—
3. Profuse; excessive.
୪ । ବହୁ; ଅନେକ—4. Much; many.
କ୍ରି. ବଣ—୧ । ଅପର୍ଯ୍ୟାପ୍ତରୂପେ—1. Profusely.
( ଯଥା—ଏବର୍ଷ ଆମ୍ବ ଅଣାବଣା ଫଳିଛି । )
୨ । ବିଶୃଙ୍ଖଳରୂପେ—
2. In a confused manner.

**ଅଣାୟତ**—ଗ୍ରା. ବଣ. ( ସଂ. ଅନାୟତ୍ତ )—
Aṇāyata ୧ । ଅସ୍ୱାଧୀନ; ପରାଧୀନ; ନାଚାର—
অনায়ত্ত 1. Devoid of liberty of action.
୨ । ଉପାୟାନ୍ତରରହିତ—
2. Resourceless; without any other alternative.
୩ । ନିରାଶ୍ରୟ—3. Helpless.
୪ । ଅଧିକାର ବହିର୍ଭୂତ—
4. Beyond one's control.
୫ । ଅବଶୀଭୂତ—5. Not under control.
ଗ୍ରା. ବ—୧ । ସ୍ୱାତନ୍ତ୍ର୍ୟହୀନତା; ପରାଧୀନତା—
1. Subserviency.
୨ । ନିରାଶ୍ରୟ ଅବସ୍ଥା; ନାଚାର ଅବସ୍ଥା—
2. Helpless condition.
୩ । ଅଧିକାରର ଅଭାବ—
3. Want of control.

**ଅଣାୟତ୍ତ**—ଗ୍ରା. ବଣ. ଓ ବ. ( ସଂ. ଅନାୟତ୍ତ )—ଅଣାୟତ ( ଦେଖ )
Aṇāyatta Aṇāyata ( See )

ପଡ଼ିଲେ ଗୋପୀ ଅଣାୟତେ, ଅଜ୍ଞାନ ମୋହେ ରଙ୍କପଥେ ।
ଜଗନ୍ନାଥ- ଭାଗବତ. ୧୦ମ ଗୋପ ।

**ଅଣାଯିବା**—ଦେ. କ୍ରି—୧ । ( ଆଣିବା କ୍ରିୟାର କର୍ମବାଚ୍ୟରେ ରୂପ )—
ṇājibā କୌଣସି ବ୍ୟକ୍ତି ଦ୍ୱାରା ଆନୀତ ହେବା—
1. To be brought.
୨ । (ଅଣିବା କ୍ରିୟାର କର୍ମବାଚ୍ୟ ରୂପ) —ଅନ୍ୟଦ୍ୱାରା ଅଣେଇ ହେବା ବା ଏକ ପାଖକୁ ଢଳାଯିବା; ଅବନମିତ ହେବା—
2. To be caused to lean or incline to one side.

**ଅଣାଲଉ**—ଗ୍ରା. ବ. ଓ ବଣ—ଅଣନଉ ( ଦେଖ )
Aṇālau Aṇanau ( See )

**ଅଣାଲବେ**—ଗ୍ରା. ବ. ଓ ବଣ—ଅଣନଉ ( ଦେଖ )
Aṇālabe ṇanau ( See )

**ଅଣାଲ୍ଲଉ**—ଗ୍ରା. ବ. ଓ ବଣ —ଅଣନଉ ( ଦେଖ )
Aṇāllau Aṇanau ( See )

**ଅଣାଲ୍ଲବେ**—ଗ୍ରା. ବ. ଓ ବଣ—ଅଣନଉ ( ଦେଖ )
Aṇāllabe Aṇanau ( See )

**ଅଣାଶୀ**—ଦେ. ବ. ଓ ବଣ—ଅଣାଅଶୀ ( ଦେଖ )
Aṇāsī Aṇāasī ( See )

**ଅଣା ହେବା**—ଦେ. କ୍ରି—ଅଣାଯିବା ( ଦେଖ )
Aṇā hebā Aṇājibā ( See )

**ଅଣି**—ସଂ. ବ. ( ଅଣ ଧାତୁ + କର୍ତ୍ତୃ. ଇ )—୧ । ସୂଚିର ଅଗ୍ରଭାଗ—
Aṇi 1. The point of a needle.
୨ । ଶୂଳାଗ୍ର—2. The point of a linchpin or stake.
୩ । ମୂନ—3. Extreme point.
୪ । ପ୍ରାନ୍ତସୀମା—4. Extreme limit.
୫ । ଅଣକୀଳ—5. Linch-pin.
୬ । ଗୃହର କୋଣ—6. The corner of a house.
আনী ଦେ. ବ—୧ । ଏକ ଅଣା ମୂଲ୍ୟର ମୁଦ୍ରା—
অনী 1. One anna bit.
୨ । (ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—ଦୋଅଣି; ଅଠଅଣି; ଚାରିଅଣି ।)—
(ଏତେ) ଅଣା ପରିମିତ ମୁଦ୍ରା—
2. (Two) anna bit; ( four ) anna bit etc.

**ଅଣିଆ**—ଦେ. ବ—ଅଣାଇବା ( କର୍ମ ) ( ଦେଖ )
Aṇiā Aṇāibā ( See )

**ଅଣିଆ ଅଣି**—ଦେ. ବ- ଅଣାଅଣି ( ଦେଖ )
Aṇiā aṇi Aṇāaṇi ( See )

**ଅଣିଆ ଅଣେଇ**—ଦେ. ବ—ଅଣାଅଣି ( ଦେଖ )
Aṇiā aṇei Aṇāaṇi ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅଙ୍ଗିଳା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅଣିଆଇଁବା**—ଦେ. କ୍ରି—ଅଣାଇବା ( ଦେଖ )
Aṇiāiṅbā — Aṇāibā ( See )

ଅଣିମଣ୍ଡ ସୁଖଦାୟୀ, ଶୋଭଅଛ ଅଣିଆଇଁ
ପଲ୍ୟଙ୍କ ଅଙ୍କରେ ବସେ ଏମନ୍ତ ଶୋଭା । ଉପେ, ଲାବଣ୍ୟବତୀ ୧୧ ।

**ଅଣିଏ**—ଦେ. ବ. ଓ ବଣ. (ଆଦରାର୍ଥକ)—ଅଣାଏ; ଏକ ଅଣା ମାତ୍ର—
Aṇie — One anna only.

( ଯଥା—ମତେ ଅଣିଏ ପଇସା କେହି ଦାତା ଯେବେ ଦଅନ୍ତେ, ତେବେ ମୁଁ ମୋ କ୍ଷୁଧା ନିବାରଣ କରନ୍ତି । )

**ଅଣିକାଠି**—ଦେ. ବ. ( ସଂ. ଅଣି + କାଷ୍ଠ )—ଯେଉଁ କାଠି ବା ଖିଲ
Aṇikāṭhi ଦ୍ୱାରା ଚକର ଅରମାନ ପହି ସଙ୍ଗେ ଯୋଡ଼ା ହୋଇ କଷା ହୋଇଥାଏ । ଅରକୁ ପହିରେ କସ୍ୟାଇଥିବା ଛିଦ୍ରରେ ପୂରାଇ ତାହା ଢ଼ିଲା ନ ହୋଇ ପହି ଦହରେ ଦୃଢ଼ ହୋଇ ବସିଯିବା ଉଦ୍ଦେଶ୍ୟରେ ପହିର ଛିଦ୍ରରେ ଅର ସଙ୍ଗେ ଯେଉଁ ଖିଲ ବାଡ଼ିଆ ଯାଇଥାଏ—Pins driven into the arc of a wheel with the spokes to make the spokes fit tightly into the holes made in the arc.

**ଅଣିକିଆ**—ଦେ. ବଣ—ଅଣାକିଆ ( ଦେଖ )
Aṇikiā — Aṇākiā ( See )

**ଅଣିକିଲା**—ଦେ. ବ—ଅଣକିଳ ( ଦେଖ )
Aṇikilā — Aṇakiḷi ( See )

**ଅଣିକିଳି**—ଦେ. ବ—ଅଣକିଳ ( ଦେଖ )
Aṇikiḷi — Aṇakiḷi ( See )

**ଅଣିଟଣି**—ଗ୍ରା. ବ—କୌଣସି ବ୍ୟକ୍ତିର ଯାବତୀୟ ଗୁପ୍ତ ଦୋଷ ବା ଛିଦ୍ର—
Aṇiṭaṇi — All conceivable secrets and
ନାଡ଼ିଭୁଁଡ଼ି — hidden faults of a person.

**ଅଣିଟଣି ଛିଣ୍ଡାଇଦେବା**—ଗ୍ରା. କ୍ରି. (ଗାଳି ବା ଧମକାଣରେ ବ୍ୟବହୃତ)—
Aṇiṭaṇi chhiṇḍāidebā ସମସ୍ତ ଗୁପ୍ତ ଦୋଷ ଓ ଛିଦ୍ର ପ୍ରକାଶ
ନାଡ଼ିଭୁଁଡ଼ି ବାହରକରା କରିଦେବା—To publish a
**ପର୍ଦ୍ଦା ଖୋଲଦେନା** person's secrets.

**ଅଣିଧରିବା**—ଦେ. କ୍ରି.—(ସଂ. ଅନମନ + ଧୃ ଧାତୁ)—କୌଣସି ପଦାର୍ଥ
Aṇidharibā ବା ବ୍ୟକ୍ତିକୁ ଏକ ପାଖକୁ ଢଳାଇ କରି ବା ଅଉ-
ଏକପାଶିଏ ଧରା ଜାଇ କରି ଧରିବା—To hold a thing or
**ଝୁକାନା** a person in an inclined posture.

ଉଭେ କାମ ଅଣି ଅଣି କୋଳେ ଧରି ଅଣି ଅଣିମାଦ ସୁଖତା ରମଣୀମଣି ହେ ।
ଉପେ, ପ୍ରେମସୁଧାନିଧି, ୧୩।

**ଅଣିବା**—ଦେ. କ୍ରି. (ସଂ. ଅ + ନମ ଧାତୁ)—
Aṇibā ୧ । (ଅକର୍ମକ)କଡ଼କୁ ଢଳିବା; ଏକ ପାଖକୁ ଢଳିବା—
ଏକପାଶ ହୱୋ 1. To lean to a side.
**ଝୁକନା** ୨ । (ସକର୍ମକ)—କୌଣସି ପଦାର୍ଥକୁ ଏକ ପାଖକୁ
ଏକପାଶ କରୀ ଢଳାଇବା ବା ଅଉଜାଇବା—2. To cause a
**ଝୁକନା** thing to incline or lean to a side.

**ଅଣିମା**—ସଂ. ବ. (ସଂ.ଅଣୁ + ଭାବାର୍ଥେ ଇମନ୍ = ଅଣିମନ୍ ୧ମା. ୧ବ)—
Aṇimā ୧ । ଅଣୁତା; ସୂକ୍ଷ୍ମତା—1. Minuteness, fineness.
୨ । କ୍ଷୁଦ୍ରତା—2. Smallness.
୩ । ଅଣୁ ପରି ହେବା ଅବସ୍ଥା—
3. Atomic condition.
୪ । ଦେବତା ଓ ସିଦ୍ଧ ପୁରୁଷମାନଙ୍କର ଓ ଈଶ୍ୱରଙ୍କର ସାଧନା-ଲବ୍ଧ ଅଷ୍ଟସିଦ୍ଧି ବା ଅଷ୍ଟୈଶ୍ୱର୍ଯ୍ୟ ମଧ୍ୟରୁ ଏକତମ । ( ଏହି ସିଦ୍ଧି ବଳରେ ଏମାନେ ନିଜନିଜ ଶରୀରକୁ ଇଚ୍ଛାଅନୁସାରେ ଅଣୁପରି ଅତି ସୂକ୍ଷ୍ମ ଓ ଅଦୃଶ୍ୟ କରି ପାରନ୍ତି )—
4. One of the eight supreme or divine powers by virtue of which gods and perfect sages can reduce their bodies to atoms
ଅଷ୍ଟୈଶ୍ୱର୍ଯ୍ୟ ( ଦେଖ )

**ଅଣୀମାଣ୍ଡବ୍ୟ**—ସଂ. ବ. (ନାମ)(ମଧ୍ୟପଦଲୋପୀ; ଅଣି = ଶୂଳାଗ୍ର; ମାଣ୍ଡବ୍ୟ-
Aṇimāṇḍabya ବ୍ୟକ୍ତିର ନାମ; ଅଣି ବା ଶୂଳାଗ୍ର ଯୋଗୁଁ ଚିହ୍ନିତ ବା ବିଖ୍ୟାତ ମାଣ୍ଡବ୍ୟ )—
ମୁନିବିଶେଷ—Name of a sage.

[ ଦ୍ର—ଏହାଙ୍କର ନାମ ମାଣ୍ଡବ୍ୟ; ଏକ ସମୟରେ ଚୋରମାନେ ରାଜାଙ୍କ ଘରୁ ଗୁଡ଼ାଏ ଜିନିଷ ଚୋରି କରି ସେତେବେଳେ ତାହା ଘରକୁ ନିବାକୁ ସୁବିଧା ନ ହେବାରୁ, ଏ ମୁନି ତପସ୍ୟା କରୁଥିବା ସ୍ଥାନରେ ସେ ମାଲ ଚକ ରଖିଦେଇ ପଳାଇଗଲେ । ପରେ ରାଜ-କର୍ମଚାରୀମାନେ ଚୋରି ମାଲ ଖୋଜି ଖୋଜି ଏହାଙ୍କ ନିକଟରେ ସେଗୁଡ଼ିକ ଥିବାର ଦେଖି, ମୁନିଙ୍କୁ ଚୋର ବୋଲି ସ୍ଥିରକରି, ତାଙ୍କୁ ଶୂଳୀରେ ଚଢ଼ାଇଲେ ଓ ଶୂଳରେ ଏ ପ୍ରାଣତ୍ୟାଗ କଲେ । ପ୍ରାଣତ୍ୟାଗ କରିବା ପରେ ଏ ଯାଇ ଯମଙ୍କୁ ପଚାରିଲେ "ମୁଁ ତ ରାଜାଘର ମାଲ ଚୋରି କରି ନ ଥିଲି, ମତେ କିଆଁ ଏ ଶୂଳ ଦଣ୍ଡ ହେଲା ?" ଯମ ଉତ୍ତର କଲେ, "ତୁମେ ପିଲାଦିନେ ଖେଳୁ ଖେଳୁ ଗୋଟିଏ ପତଙ୍ଗକୁ କଣ୍ଟାରେ ଫୋଡ଼ିଥିଲ ବୋଲି, ଏ ଦଣ୍ଡ ଭୋଗ କଲ ।" ଲଘୁ ଦୋଷ ପାଇଁ ଯମ ଗୁରୁ ଦଣ୍ଡର ବ୍ୟବସ୍ଥା କରିଥିବା ଯୋଗୁଁ ମାଣ୍ଡବ୍ୟ ଯମଙ୍କୁ ଅଭିଶାପ ଦେଲେ ଓ ସେହି ଅଭିଶାପ ଫଳରେ ଯମ ଶୂଦ୍ରଯୋନିରେ ବିଦୁର ହୋଇ ଜନ୍ମଗ୍ରହଣ କଲେ—ମହାଭାରତ । ]

**ଅଣିଷ୍ଠ**—ସଂ. ବଣ. ( ଅଣୁ + ଅତ୍ୟର୍ଥରେ ଇଷ୍ଠ )—ଅତି ସୂକ୍ଷ୍ମ—
Aṇishṭha — Very minute.

**ଅଣି ହେବା**—ଦେ. କ୍ରି—ଅଣାଇ ହେବା ( ଦେଖ )
Aṇi hebā — Aṇāihebā ( See )

**ଅଣୀ**—ସଂ. ବ. (ଅଣ ଧାତୁ + କର୍ତ୍ତୃ. ଈ )—ଅଣି ( ଦେଖ )
Aṇī — Aṇi ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଊ |
| ୨ | ଈ | ଊ | ଋ | ଌ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁୟ | ଇଅ | ଓ | ନ୍ତ |

**ଅଣୀୟସୀ**—ସ. ବଣ. ସ୍ତ୍ରୀ. ( ଅଣୀୟସ୍+ଈ )—
Aṇiyasi ଅଣୀୟାନ୍‌ର ସ୍ତ୍ରୀଲିଙ୍ଗ—Feminine of Aṇiyān.

**ଅଣୀୟାନ୍**—ସଂ. ବଣ. ପୁଂ. ( ଅଣୁ+ଅତ୍ୟର୍ଥେ ଈୟସ୍=ଅଣୀୟସ୍; ୧ମା. ୧ବ )—ଅତି ସୂକ୍ଷ୍ମ—
Aṇiyān Very minute; atomic.

**ଅଣୁ**—ସଂ. ବଣ ( ଅଣ ଧାତୁ+ଉ )—
Aṇu ୧ । ଅତି କ୍ଷୁଦ୍ର—1. Very small.
୨ । ଅତି ସୂକ୍ଷ୍ମ—2. Infinitesimal; atomic.
ସ. ବି—୧ । ଅତି କ୍ଷୁଦ୍ରାଂଶ; ସୂକ୍ଷ୍ମାଂଶ; ସୂକ୍ଷ୍ମତମ ଅଂଶ—
1 Small particle; atom.
୨ । ପଦାର୍ଥର କ୍ଷୁଦ୍ରତମ ଅଂଶ; କଣିକା; କଣା—
2. The smallest or minutest part of a thing.
[ ଦ୍ର—ଅଣୁଠାରୁ ସୂକ୍ଷ୍ମତର କଳ୍ପିତ ଅଂଶକୁ ପରମାଣୁ ବୋଲାଯାଏ । ]
୩ । ବାୟୁରେ ଭାସମାନ ଅତି ସୂକ୍ଷ୍ମ ଧୂଳିକଣା ( ଯାହା ସୂର୍ଯ୍ୟ-କିରଣରେ ଦେଖା ପଡ଼େ )—3. Mote or particle of dust floating in the air and visible in the sunbeam.
୪ । ସୂକ୍ଷ୍ମଧାନ୍ୟ; ଅତି କ୍ଷୁଦ୍ର ଶସ୍ୟ ( ଯଥା—ଚଣା, ସୋରିଷ, ସୁଆଁ ); ଅଣୁଧାନ୍ୟ—4. Minute grains.
୫ । ଅତି ସୂକ୍ଷ୍ମ କାଳ; ଏକ ମୁହୂର୍ତ୍ତ ବା ୪୮ ମିନଟର [illegible] ଭାଗ; ଏକ ସେକଣ୍ଡର ପ୍ରାୟ [illegible] ଭାଗ—
5. A very minute part of time
୬ । ସଙ୍ଗୀତ ଶାସ୍ତ୍ରକଥିତ ପାଞ୍ଚ ମାତ୍ରା ମଧ୍ୟରୁ ଏକତମ—
6. One of the five measures in Hindu music.
( ପାଞ୍ଚଟି ମାତ୍ରା, ଯଥା—ଅର୍ଦ୍ଧ, ହ୍ରସ୍ୱ, ଦୀର୍ଘ, ପ୍ଲୁତ ଓ ଅଣୁ । )

**ଅଣୁକ**—ସଂ. ବି. ( ଅଣୁ+ସ୍ୱାର୍ଥେ କ )—ଅଣୁଧାନ୍ୟ ( ଦେଖ )
Aṇuka Aṇudhānya ( See )
ସଂ. ବଣ—୧ । (ଅଣୁ+କ)—ଅତି ସୂକ୍ଷ୍ମ—
1. Very minute.
୨ । (ଅଣ ଧାତୁ+କର୍ତ୍ତୃ. ଉକ)—ଚତୁର—2. Clever.

**ଅଣୁଖୁଆ**—ଗ୍ରା. ବି—ଅଣଖୁଆ ( ଦେଖ )
Aṇukhuā Aṇakhuā ( See )

**ଅଣୁଚ୍ଛେଦ**—ସଂ. ବି. (ଅଣୁ+ଛେଦ; ସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ)—
Aṇuchheda ଭିନ୍ନ ଭିନ୍ନ ବିଷୟ—Different matters or subjects.

**ଅଣୁତା**—ସଂ. ବି. ( ଅଣୁ+ଭାବାର୍ଥେ ତା )—
Aṇutā ସୂକ୍ଷ୍ମତ୍ୱ—Minuteness.

**ଅଣୁତୈଳ**—ସଂ. ବି—ବୈଦ୍ୟଶାସ୍ତ୍ରୋକ୍ତ ତୈଳବିଶେଷ—
Aṇutaila Name of a medicated oil.

**ଅଣୁଦେହ**—ସଂ. ବି. ( ଆଧୁନିକ ବିଜ୍ଞାନପରିଭାଷା )—ଜଳାଦି ପଦାର୍ଥରେ ଥିବା ଅତି କ୍ଷୁଦ୍ର ଜନ୍ତୁ; ଜୀବାଣୁ—
Aṇudeha Bacteria; organism; animalcula.

**ଅଣୁଧାନ୍ୟ**—ସଂ. ବି—ସୂକ୍ଷ୍ମଧାନ୍ୟ; ଦେଖିବାକୁ ଅତି ଛୋଟ ଶସ୍ୟ (ଯଥା—ଚଣା, ମାଣ୍ଡିଆ, ସୋରିଷ, କୋଦୁଅ, ସୁଆଁ )—
Aṇudhānya Small species of grains.

**ଅଣୁପ୍ରମାଣ**—ସଂ. ବଣ. ( ବହୁବ୍ରୀହି )—୧ । ଅଣୁ ପରି କ୍ଷୁଦ୍ର—
Aṇupramāṇa 1. Minute; atomic.
୨ । ଅତି ସାମାନ୍ୟ—2 Very slight.

**ଅଣୁବାଦ**—ସଂ. ବି. ( ବିଜ୍ଞାନପରିଭାଷା )—ଯେଉଁ ମତଦ୍ୱାରା ପୃଥିବୀର ତାବତୀୟ ବସ୍ତୁ ଅକ୍ଷୟ ଅଣୁମାନଙ୍କର ସମଷ୍ଟି ବୋଲି ବିବେଚିତ ହୁଏ—The atomic theory; atomism; the theory that all material substances are aggregates of indestructible atoms.
Aṇubāda

**ଅଣୁବୀକ୍ଷଣ**—ସଂ. ବି. (ଅଣୁ+ବୀକ୍ଷଣ )—
Aṇubikshaṇa ୧ । ବସ୍ତୁର କ୍ଷୁଦ୍ର ଅଂଶମାନଙ୍କର ପର୍ଯ୍ୟବେକ୍ଷଣ—
1. Observation of minute parts of a thing.
୨ । ଅତି ଯତ୍ନପୂର୍ବକ ନିରୀକ୍ଷଣ—
2. Close or minute observation.
ଦେ. ବି. ( ବିଜ୍ଞାନପରିଭାଷା )—ଯେଉଁ ଯନ୍ତ୍ର ସାହାଯ୍ୟରେ ଅତି କ୍ଷୁଦ୍ର ପଦାର୍ଥମାନ ଆଖିକୁ ବଡ଼ ଦେଖାଯାଏ—
অণুবীক্ষণ
**ଖୁର୍ଦ୍ଦବୀନ** Microscope.
[ ଦ୍ର—ଏ ଯନ୍ତ୍ରରେ ସନ୍ନିବିଷ୍ଟ ସ୍ଥୂଳକେନ୍ଦ୍ର କାଚଫଳକ ମଧ୍ୟଦେଇ ଚାହିଁଲେ କ୍ଷୁଦ୍ର ବସ୍ତୁମାନ ଆଖିକୁ ଖୁବ ବଡ଼ ଦେଖାଯାଏ ।]

**ଅଣୁବେଦାନ୍ତ**—ସଂ. ବି. (ନାମ)—ବେଦାନ୍ତ ଗ୍ରନ୍ଥବିଶେଷ—
Aṇubedānta Name of a treaties on the Bedānta Philosophy.

**ଅଣୁବ୍ରତ**—ସଂ. ବି—ଜୈନମାନଙ୍କର ବାର ଗୋଟି ବ୍ରତ ବା ଦୀକ୍ଷା—
Aṇubrata Name of the 12 small duties or vows amongst the Jaina laymen. ( M. W. )
[ ଦ୍ର—ଜୈନମାନଙ୍କ ଶାସ୍ତ୍ର ଅନୁସାରେ ଏହା ଗୃହସ୍ଥ ଧର୍ମର ଏକ ଅଙ୍ଗ ଅଟେ । ଏହାର ୫ ଟି ଭେଦ ଅଛି—୧. ପ୍ରାଣାତିପାତ ବିରମଣ; ୨. ମୃଷାବାଦ ବିରମଣ; ୩. ଅଦତ୍ତାଦାନ ବିରମଣ; ୪. ମୈଥୁନ ବିରମଣ ଓ ୫. ପରିଗ୍ରହ ବିରମଣ । ପାତଞ୍ଜଳ ଯୋଗଶାସ୍ତ୍ରରେ ଏହାକୁ ଯମ କହନ୍ତି—ହିନ୍ଦି. ଶବ୍ଦସାଗର । ]

**ଅଣୁବ୍ରୀହି**—ସଂ. ବି. (କର୍ମଧା)—ଅଣୁଧାନ୍ୟ ( ଦେଖ )
Aṇubrihi Aṇudhānya ( See )

**ଅଣୁଭା**—ସଂ. ବି. (ବହୁବ୍ରୀହି; ଅଣୁ=ଅଳ୍ପକାଳସ୍ଥାୟିନୀ+ଭା=ପ୍ରଭା, ଯାହାର)
Aṇubhā —ବିଦ୍ୟୁତ୍; ବିଜୁଳି—Lightning.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ;'ଅଲବତ' ନ ପାଇଲେ'ଅଲ୍‌ବତ୍' ଦେଖିବେ ।

**ଅଣୁମାତ୍ର**—ସଂ. ବିଣ. (ବହୁବ୍ରୀହି; ଅଣୁ + ମାତ୍ରା)—୧ । ଅଣୁପରିମିତ—
**Aṇumātra** 1. Atomic.
୨ । ଅତି କ୍ଷୁଦ୍ର; କ୍ଷୁଦ୍ରାଦପି କ୍ଷୁଦ୍ର—
2. Infinitesimal.
୩ । ଅଣୁଆକାରବିଶିଷ୍ଟ—
3. Having the size of an atom.
অণুমাত্র ଦେ. ବି—ଅତି ସାମାନ୍ୟ ପରିମାଣ—
**अणुमात्र** A particle or minute quantity.
ଦେ. କ୍ରି. ବିଣ—ଅଣୁମାତ୍ରେ ( ଦେଖ )
Aṇumātre ( See )
ଅଣୁ ଗଳ ଯେ କର ପଶିବାରେ ମଣ୍ଡ
ଅଣୁମାତ୍ର ନ ବଳିଲା ହେ ନରସାଇଁ । କୃଷ୍ଣସିଂହ ମହାଭାରତ, ଦ୍ରୋଣ ।

**ଅଣୁମାତ୍ରକ**—ଦେ. ବିଣ. ( ସଂ. ଅଣୁମାତ୍ର )—ଅଣୁମାତ୍ର ( ଦେଖ )
**Aṇumātraka** Aṇumātra ( See )
ଦେ. କ୍ରି. ବିଣ—ଅଣୁମାତ୍ରେ (ଦେଖ)
Aṇumātre ( See )

**ଅଣୁମାତ୍ରେ**—ଦେ. କ୍ରି. ବିଣ. ( ସଂ. ଅଣୁମାତ୍ର )—
**Aṇumātre** ୧ । ସାମାନ୍ୟ ପରିମାଣରେ—
অণুমাত্রে 1. In the slightest quantity.
**अणुमात्र** ୨ । ସାମାନ୍ୟ ପ୍ରକାରେ—
2. In the slightest manner.
୩ । ଟିକିଏ ମାତ୍ର—3. In the least.

**ଅଣୁରେଣୁ**—ସଂ. ବି. ( ବିଜ୍ଞାନପରିଭାଷା )—ଅତିକ୍ଷୁଦ୍ର ରେଣୁ—
**Aṇureṇu** Mote; very minute particle.

**ଅଣୁରେବତୀ**—ସଂ. ବି—୧ । ଦନ୍ତୀ ବୃକ୍ଷ ( ଦେଖ )
**Aṇurebatī** 1. Dantī (tree) ( See )
୨ । ଜଇପାଳ ଗଛ—
2. A tree; Croton Polyandrum.

**ଅଣୁଶ୍ରୋତ୍ର**—ସଂ. ବି. ( ଆଧୁନିକ ବିଜ୍ଞାନପରିଭାଷା )—
**Aṇusrotra** ଯେଉଁ ଯନ୍ତ୍ର ସାହାଯ୍ୟରେ ଅତି କ୍ଷୀଣ ଶବ୍ଦ ଉଚ୍ଚ ହୋଇ ଶୁଣାଯାଏ—Microphone.

**ଅଣେ**—ଗ୍ରା. ବି. ( ଅଣା ସଙ୍ଗେ ଏକସଂଖ୍ୟାବାଚକ ଏ ଯୁକ୍ତ ହୋଇ
**Aṇe** ବିକଳ୍ପରେ ଧାରଣ କରିବା ରୂପ; ଅନ୍ୟ ରୂପ ଅଣାଏ;
**एक आना** ଏହିପରି ଟଙ୍କାଏ; ଟଙ୍କେ; ମସାଏ, ମସେ )—
**এক আনা** ୧ । ଅଣାଏ; ଏକ ଅଣା 1. One anna.
( ଯଥା—ଏ ବହି ଖଣ୍ଡିକର ଦାମ ଅଣେ । )
୨ । ଏକ ଅଣା ମାତ୍ର 2. One anna only.
( ଯଥା—ତାହାର ଅଣେ ରୋଜଗାର ଅଛି । )

**ଅଣେଇବା (ଇତ୍ୟାଦି)**—ଦେ. କ୍ରି—ଅଣାଇବା ( ଇତ୍ୟାଦି ) (ଦେଖ)
**Aṇeiba (etc)** Aṇāiba (etc) (See)

**ଅଣ୍ଟ୍** (ଧାତୁ)—ସଂ—୧ । ଗତି କରିବା—1 To move.
**Aṇt** (root) ୨ । ଅଗ୍ରସର ହେବା—2. To advance.

**ଅଣ୍ଟକୁରା**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—
**Aṇṭkurā** ଅଣ୍ଟକୁଡ଼ା; ଅପତ୍ୟହୀନ; ନିଃସନ୍ତାନ—
(ଅଣ୍ଟକୁରୀ—ସ୍ତ୍ରୀ) Childless.

**ଅଣ୍ଟ**—ଦେ. ବି. ( ସଂ. ଅଟନ=ଚଳନ)—ଅଣ୍ଟିବା; କାର୍ଯ୍ୟ ଚଳିବାପାଇଁ
**Aṇṭa** ଯଥେଷ୍ଟ ହେବା—Sufficiency; being sufficient
আঁটা for the desired purpose.
**अँटना**

**ଅଣ୍ଟ ନଅଣ୍ଟ**—ଦେ. ବି. (ସଂ. ଅଟନ ଓ ଅନଟନ; ବିପରୀତ ସଦ୍ଵନ୍ଦ୍ଵ )—
**Aṇṭa naaṇṭa** ଅଣ୍ଟିବା ଓ ନଅଣ୍ଟିବା ଅବସ୍ଥା—Sufficiency or deficiency.
ଦେ. ବିଣ—୧ । କୌଣସି କାର୍ଯ୍ୟ ପାଇଁ ଯଥେଷ୍ଟ ହେବା ଓ ନ ଅଣ୍ଟିବା (ପଦାର୍ଥ)—1. (things)Either sufficient or deficient for any object.
୨ । ସାମାନ୍ୟରେ ଊଣା—2 Slightly insufficient; hardly sufficient.
୩ । କଣ୍ଟିକାଣ୍ଟି ହୋଇ ଅଣ୍ଟିବା (ବସ୍ତୁ)—
3. Barely sufficient.

**ଅଣ୍ଟନଅଣ୍ଟ**—ଦେ. ବି ଓ ବିଣ—ଅଣ୍ଟ ନଅଣ୍ଟ (ଦେଖ)
**Aṇṭa nianṭa** Aṇṭa naaṇṭa (See).

**ଅଣ୍ଟା**—ଦେ. ବି. (ସଂ. କଟି; ତୁଳନା କର—ସଂ. ଅଟ ଧାତୁ ; ଅଣ୍ଟ ଧାତୁ=
**Aṇṭā** ଗତି କରିବା; ଗତି କରିବା ପାଇଁ ଅଣ୍ଟାର ବଳ ଦରକାର
কোমর ପଡ଼େ)—୧ । କଟିଦେଶ; ମନୁଷ୍ୟର ଗୋଡ଼ ଓ ପେଟ
**कमर** ପିଠି ମଧ୍ୟରେ ଥିବା ଦେହାଂଶ; ପଶୁର ପିଠି, ପେଟ ଓ ପଛ ଗୋଡ଼ର ଫଡ଼ିଆ ମଧ୍ୟସ୍ଥ ଅଂଶ—1 Waist; loin.
ବାହାରଲେ ଅଣ୍ଟାରେ ଗାମୁଛ ଭିଡ଼ି ସଙ୍ଗେ । କୃଷ୍ଣସିଂହ ମହାଭାରତ, ବନ ।
୨ । ଅଣ୍ଟିବା (କର୍ମ) (ଦେଖ)
2. Aṇṭibā ( See )
ଦେ. ବିଣ—ଅଣ୍ଟୁଆ (ଦେଖ)
Āṇṭuā ( See )

**ଅଣ୍ଟାଇବା**—ଦେ.କ୍ରି. (ସଂ.ଅଟ୍ଟ ଧାତୁ=ଅତିକ୍ରମ କରିବା;ହିଂସା କରିବା)—
**Aṇṭāibā** ୧ । କୌଣସି ବଳସାଧ୍ୟ କାମରୁ ଅଣ୍ଟା ଲଗାଇ ସମାଧା କରିବା— To apply or employ one's waist to do a work requiring the use of force.
আঁটান
୨ । ( ଶଗଡ଼ ଆଦିକୁ )ଅଣ୍ଟା ଲଗାଇ ବଳପୂର୍ବକ ପେଲିବା—
2. To push a cart tightly with one's waist.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ବ | ନ୍ତ |

୩ । ଶଗଡ଼ର ଦଣ୍ଡାକୁ ଧରି ଖୁବ୍ ଜୋରରେ ପଛଆଡ଼ୁ ଆଗକୁ ପେଲିବା—3. To push a cart from behind by holding the daṇḍā.

୪ । ପେଚକସକୁ ପେଚର ମୁଣ୍ଡରେ ଥିବା ଘାଟରେ ବସାଇ ବଳପ୍ରୟୋଗପୂର୍ବକ ବୁଲାଇବାଦ୍ୱାରା ପେଚକୁ ଦାରୁରେ ପୂରାଇବା—4. To drive a screw into the wood with a screw-driver.

୫ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବଳ ବା ସାହାଯ୍ୟ ଦେବା—5. To help a person.

**ଅଣ୍ଟା ଉଠିବା**—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ ବଳ ବା ସାମର୍ଥ୍ୟ ପାଇବା—1. Having the strength to do a thing.
Anṭā uṭhibā

ଅଣ୍ଟା ନ ଉଠିଲା କରିବ କସ
ମୋ ବଳା କାହାକୁ କରିବୁ ଅଶ—ହାସ୍ୟ ତରଙ୍ଗ ।

୨ । ଇତସ୍ତତଃ ଚଳପ୍ରଚଳ ହେବା—2. Moving to and fro.

ବଡ଼ ଦେଉଳରେ ବାଜଇ ଘଣ୍ଟା
ଶାର୍ଣ ଶିଆଳର ଉଠିଲା ଅଣ୍ଟା—ଚଗ ।

**ଅଣ୍ଟାଏ**—ଦେ. ବିଣ—ଅଣ୍ଟାକ (ଦେଖ)
Anṭāe Anṭāka (See)

ଦେ. ବି—୧ । ଅଣ୍ଟା ପର୍ଯ୍ୟନ୍ତ ଉଚ୍ଚତା—1. Height up to a man's waist.

୨ । ଅଣ୍ଟା ବୁଡ଼ିଯିବା ଭଳି ଗଭୀରତା—2. Depth of a man's waist.

**ଅଣ୍ଟାକ**—ଦେ. ବିଣ—୧ । ମନୁଷ୍ୟର ଅଣ୍ଟା ବୁଡ଼ିଯିବାଭଳି ଗଭୀର—1. Waist-deep.
Anṭāka

ଅଣ୍ଟାକ ପାଣିରେ ଚପ କରୁଥିଲ ମଳାକୁ ପାଇବା ପାଇଁ—ଚଗ ।

୨ । ଅଣ୍ଟାପର୍ଯ୍ୟନ୍ତ ଉଚ୍ଚ—2. Waist high.

**ଅଣ୍ଟାକସା**—ଦେ. ବି—ଅଣ୍ଟାଭିଡ଼ା (ଦେଖ)
Anṭākasā Anṭābhirḍā (See)

**ଅଣ୍ଟା କଷିବା**—ଦେ. କ୍ରି. (ଦେ. ଅଣ୍ଟା+ଫା. କଷ୍ନା)—
Anṭā kasibā
କୋମରକସା; କୋମରବାଁଧା, कमर कसना; कमर बाँधना

୧ । କୌଣସି ବଳସାଧ୍ୟ କର୍ମ କରିବାକୁ ଉଦ୍ୟମ କରି ଅଣ୍ଟାରେ ଲୁଗା ଗୁଡ଼ିବା—1. To gird up one's loins to do a work.

୨ । କୌଣସି କାମ କରିବାକୁ ଉଦ୍ୟତ ବା ପ୍ରସ୍ତୁତ ହେବା—2. To be prepared to do a work.

୩ । କୌଣସି କର୍ମ କରିବାକୁ ଦୃଢ଼ ପ୍ରତିଜ୍ଞା କରିବା—3. To resolve or determine to do a thing.

୪ । ଗମନୋଦ୍ୟତ ହେବା—4. To be ready to start.

**ଅଣ୍ଟାକୁ ମାରିବା**—ଦେ. ବି—ଅଣ୍ଟାବଥା ହେବା—
Anṭāku māribā Being attacked with shooting pains about the waist; lumbago.

**ଅଣ୍ଟା ଖସାଇବା**—ଦେ. କ୍ରି—ହାତ ବା ଗୋଡ଼ଦ୍ୱାରା କୌଣସି ବ୍ୟକ୍ତିର ବ୍ୟଥାଯୁକ୍ତ ଅଣ୍ଟାକୁ ଚପି ଘଷି ସମ୍ବାହନ କରିବା—To massage an aching waist.
Anṭā khasāibā
কোমর টিপা
कमर खसाना

**ଅଣ୍ଟାଖୋସା**—ଦେ. ବି—(ଯାହା ଅଣ୍ଟାରେ ଖୋସାଯାଏ) ଲାଞ୍ଚ; ଉତ୍କୋଚ—Bribe; illegal gratification.
Anṭākhosā
घूस
रिसबत; घूस

ନ ପାଇଲେ ସେମାନଙ୍କଠାରୁ ଅଣ୍ଟାଖୋସା,
ଚମକଚ ଦେଖି ଗାରମାନଙ୍କର ଘୋଷା ।
ଫକୀର, ଉତ୍କଳଭ୍ରମଣ ।

**ଅଣ୍ଟାଗୁଞ୍ଜା**—ଦେ. ବି. (ଯାହା ଅଣ୍ଟାରେ ଗୋପନରେ ଗୁଞ୍ଜାଯାଏ)—ଲାଞ୍ଚ; ଉତ୍କୋଚ—Bribe.
Anṭāguñjā
घुस
घूस

ସମସ୍ତେ ଗୋଟି ଗୋଟି ନପଟ କଇଣ,
ଅଣ୍ଟାଗୁଞ୍ଜା ପାଇଁ କଛୁ ନାହିଁ ଦେଉଣଅ ।
ଉକାଉ, ଗୀତଲହରୀ—୨୨ ।

**ଅଣ୍ଟାଘିନା**—ପ୍ରାଦେ. (ଗଞ୍ଜାମ) ବି—ଅଣ୍ଟା ବାନ୍ଧିବା—
Anṭāghinā Acute pains in the waist.

**ଅଣ୍ଟାଜାଦୁ**—ଦେ. ବି—ଅଧିକାଂଶ ସମୟ ଓଦାଲୁଗା ପିନ୍ଧିବା ଯୋଗୁଁ ଅଣ୍ଟା ଗୁର ପାଖରେ ହେବା ଏକ ପ୍ରକାର ଦୁଃସ୍ରୋଗ୍ୟ ଦଦ୍ରୁରୋଗ—A kind of persistent ring-worm round the waist.
Anṭājādu
কোঁচড়িআ দাদ
कमरमे दाद

**ଅଣ୍ଟା ଦରାଣ୍ଡିବା**—ଦେ. କ୍ରି—କୌଣସି ବ୍ୟକ୍ତି ପିନ୍ଧିବା ଲୁଗାରେ ଅଣ୍ଟା ପାଖରେ କିଛି ଟଙ୍କା ପଇସା ଖୋସି କରି ଲୁଗାଇ ରଖିଛି କି ନାହିଁ, ଏହା ଦେଖିବା ପାଇଁ ତା ଅଣ୍ଟା ଗୁର ପାଖରେ ପିନ୍ଧିଥିବା ଲୁଗାକୁ ଅଣ୍ଡାଳିବା ବା ଖୋଜିବା—To search a person's waist-cloth to see if he has secreted some money there.
Anṭā daranḍibā
টাঁকখোঁজা
कमरधूँडना

**ଅଣ୍ଟାଧରା**—ଦେ. ବି—୧ । କଟିବାତ; (ଏଥିରେ ଅଣ୍ଟା ଅବଶ ହେବାରୁ ଲୋକ ଚଳି ପାରେ ନାହିଁ)—1. Lumbago.
Anṭādharā
কোমরধরা
कमरका दर्द

୨ । ଅଣ୍ଟାବଥା (ଦେଖ) 2. Anṭābathā (See)

**ଅଣ୍ଟାପାଣି**—ଦେ. ବି—ଅଣ୍ଟାଠାରୁ ତଳକୁ ଧୋଇବା—Washing of one's body from the waist downwards.
Anṭāpāṇi
কোমর পর্য্যন্ত ধোয়া
कमरतक धोना

[ ଦ୍ର—ଲୋକେ ୩ ପ୍ରକାର ଗାଧୁଅନ୍ତି—୧. ମୁଣ୍ଡ ଧୋଇ ଗାଧୁଅନ୍ତି; ୨. ମୁଣ୍ଡ ନ ବୁଡ଼ାଇ ବେକଠାରୁ ତଳକୁ ଗାଧୁଅନ୍ତି; ୩. ଅଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ଗାଧୁଅନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଖିଁ' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଣ୍ଟାପିଠି**—ଦେ. ବି—( ସହଚର ) କଟି ଓ ପୃଷ୍ଠ—
Anṭāpiṭhi — Waist and back.
କୋମରପିଠ
**कमरपीठ**

**ଅଣ୍ଟାପିଠି ଲାଗିଯିବା**—ଦେ. ବି—ବହୁକାଳ ଏକ ସ୍ଥାନରେ ବସି ବା ଠିଆ ହୋଇ ରହିବା ବା ଅତ୍ୟଧିକ ପରିଶ୍ରମ କରିବା ଯୋଗୁଁ କଟି ଓ ପୃଷ୍ଠରେ ବେଦନା ବା ଯୋଳା ଅନୁଭୂତ—Feeling of pain in the back and waist on account of excessive labour in one posture for a long time.
Anṭāpiṭhi lāgijibā

**ଅଣ୍ଟାବଥା**—ଦେ. ବି. ( ଓ. ଅଣ୍ଟା+ସଂ. ବ୍ୟଥା )—
Anṭābathā
କୋମରବ୍ୟଥା
**कमरका दर्द**
୧ । ଅଣ୍ଟାଧରା; କଟିବାତ; ଯେଉଁ ବାତରେ ଅଣ୍ଟା ଅବଶ ହେବାରୁ ମନୁଷ୍ୟ ଚଳି ପାରେ ନାହିଁ— 1. Lumbago.
୨ । ଶୂଳବିଶେଷ; (ଏ ରୋଗରେ ଅଣ୍ଟା ଉପରେ ଛୁରୀ ମାରିଲା ପରି ବେଦନା ଅନୁଭୂତ ହୁଏ); ପାର୍ଶ୍ୱଶୂଳ— 2. Renal colic

**ଅଣ୍ଟା ବସିଯିବା**—ଦେ. ବି—୧ । ବାର୍ଦ୍ଧକ୍ୟ ବା ରୋଗ ଯୋଗୁଁ ବଳହାନି ଘଟିବା— 1. Becoming weak on account of old age or illness.
Anṭā basijibā
କୋମର ବସେଯାଓୟା
**कमर बैठ जाना**
୨ । ଅଣ୍ଟାରେ ଜଖମ ଥିବା ଯୋଗୁଁ କଠିନ ପରିଶ୍ରମ କରିବାକୁ ବା ବହୁ ଦୂର ଚାଲିବାକୁ ଅସମର୍ଥ ହେବା— 2. Becoming unable to labour hard or walk a long distance owing to a fractured waist.
[ ଦ୍ର—ଅଣ୍ଟା ବସି ଯାଇଥିବା ଘୋଡ଼ାକୁ 'କମରି' ବୋଲାଯାଏ ।]
୩ । ଅଣ୍ଟା ଭାଙ୍ଗିଯିବା ( ଦେଖ ) 3. Anṭā bhāngijibā ( See )

**ଅଣ୍ଟା ବାନ୍ଧିବା**—ଦେ. କ୍ରି—ଅଣ୍ଟାକସିବା ( ଦେଖ )
Anṭābāndhibā — Anṭākasibā ( See )
କୋମରବାଁଧା
**कमरकसना**
ଡାକିଲେ ଆହେ ବୀରମାନେ ବାନ୍ଧ ଅଣ୍ଟା । — କୃଷ୍ଣସିଂହ ମହାଭାରତ, ବନ ।

**ଅଣ୍ଟାବିନ୍ଧା**—ଦେ. ବି ଅଣ୍ଟାବଥା ( ଦେଖ )
Anṭābindhā — Anṭābathā ( See )

**ଅଣ୍ଟାଭଙ୍ଗା**—ଦେ. ବିଣ—କମରି; ଯାହାର ଅଣ୍ଟା ଜଖମ ହୋଇଅଛି—
Anṭābhangā — Having a fractured waist.
କୋମରଭାଙ୍ଗା
**कमरटूटा**
ଅଣ୍ଟାଭଙ୍ଗା ହୋଇ ଯେବଣ ବୀରୁ;
କହେ ବନାଇ ଏ ଭଜନହେଁ ମାରୁ—ପହଲୀ ।

**ଅଣ୍ଟା ଭାଙ୍ଗିଯିବା**—ଦେ. ବି—୧ । କୌଣସି ଗୁରୁତର ଆଘାତ (ଯଥା—ପ୍ରହାର ବା ଉଚ୍ଚରୁ ପଡ଼ିଯିବା) ଯୋଗୁଁ ଅଣ୍ଟାର ହାଡ଼ ଜଖମ ହେବା—1. Fracture of the bone of the waist due to a serious blow or fall.
Anṭā bhāngijibā
କୋମର ଭେଙ୍ଗେ ଯାଓୟା
**कमरटूट जाना**
୨ । ବାର୍ଦ୍ଧକ୍ୟ ବା ରୋଗଯୋଗୁଁ ବଳ କମିଯିବା; ଅଣ୍ଟା ବସିଯିବା—2. Becoming weak on account of old age or illness.
୩ । ନିରୁତ୍ସାହ ହେବା— 3. Becoming discouraged.
୪ । ନିରାଶ ହେବା ବା ହତାଶ ହେବା— 4. Becoming hopeless or desperate.
୫ । କୌଣସି ବିଶିଷ୍ଟ ବନ୍ଧୁ, ପରିଜନ ବା ସହାୟକଙ୍କ ବିଚ୍ଛେଦ ବା ମୃତ୍ୟୁ ଯୋଗୁଁ ମନରେ ଗୁରୁତର ଦୁଃଖ ଜନ୍ମିବା—5. Great affliction due to the separation or death of a beloved or helping person.
(ଯଥା—ଅର୍ଜନକାରୀ ପୁଅ ମରିବା ଦିନରୁ ତା ଅଣ୍ଟା ଭାଙ୍ଗିଗଲାଣି ।)

**ଅଣ୍ଟାଭିଡ଼**—ଦେ ବି—ଗୁରୁତର କାୟିକ ପରିଶ୍ରମ—
Anṭābhirda — Hard physical labour.
ଦେ. ବିଣ—ଅଣ୍ଟାଭିଡ଼ା (ଦେଖ) Anṭābhirdā (See)

**ଅଣ୍ଟାଭିଡ଼ା**—ଦେ. ବି—୧ । କୌଣସି ପରିଶ୍ରମସାଧ୍ୟ କର୍ମ କରିବା ପାଇଁ ପ୍ରସ୍ତୁତ ହେବା—1. Being ready to do a difficult work.
Anṭābhirdā
କୋମରକସା
**कमरकसना**
୨ । ପରିଶ୍ରମସାଧ୍ୟ କର୍ମ କରିବା ବା ବହୁ ଦୂର ପଥ ଚାଲିବା ପୂର୍ବରୁ ଅଣ୍ଟାରେ ଭିଡ଼ାଯିବା ଚାଦର—2 A sheet tied round the waist to enable a person to labour hard or walk a long distance.
ଦେ. ବିଣ—( ଏଥିରେ ଅଣ୍ଟା ଉପରେ ଭିଡ଼ ପଡ଼ୁଥିବାରୁ ) ବହୁପରିଶ୍ରମସାଧ୍ୟ ( କର୍ମ )—(work) Requiring hard labour.

**ଅଣ୍ଟାଭିଡ଼ିବା**—ଦେ. କ୍ରି—ଅଣ୍ଟା କସିବା (ଦେଖ)
Anṭābhirdibā — Anṭā kasibā (See)

**ଅଣ୍ଟାମରା**—ଦେ. ବି—ଅଣ୍ଟାବଥା (ଦେଖ)
Anṭāmarā — Anṭābathā (See)

**ଅଣ୍ଟା ସଲଖିବା**—ଦେ. କ୍ରି—୧ । ଏକାଦିକ୍ରମେ କିଛିକାଳ କୌଣସି ପରିଶ୍ରମସାଧ୍ୟ କାମ କରିବା ଯୋଗୁଁ ଅଣ୍ଟା ପିଠି ଲାଗି ଗଲେ ବା ଚୋଳ ହେଲେ କିଛିକାଳ ଠିଆ ହୋଇ ଦେହକୁ ଓ ଅଣ୍ଟାକୁ ସିଧା କରିବା—1. To straighten one's body and waist after working hard for some time at a stretch.
Anṭā salakhibā
କୋମରସୋଜାକରା
**कमरसीधीकरना**
୨ । ଶ୍ରମ ମେଣ୍ଟାଇବା ପାଇଁ କିଛିକ୍ଷଣ ବିଶ୍ରାମ ନେବା— 2 To take rest for being relieved of weariness after hard labour.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ଢ଼ |

୩ । ପ୍ରାଦେ. (ସମ୍ବଲପୁର; ଗଡ଼ଜାତ)—ପହିଲ ପାଳ ଯାଇଥିବା ଝିଅ କେତେଦିନ ସ୍ୱାମୀଘରେ ରହିବା ପରେ କେତେଦିନ ପାଇଁ ବାପଘରକୁ ଆସିବା—3. (said of a young wife) To return to the parents' house after passing some days with the husband after consummation of marriage.

**ଅଣ୍ଟା ସଲଖି ହେବା**—ଦେ. କ୍ରି—ଅଣ୍ଟା ସଲଖିବା (ଦେଖ)
Aṇṭā salakhi hebā — Aṇṭā salakhibā (See)

**ଅଣ୍ଟା ସାରିବା**—ଦେ. କ୍ରି—ଅଣ୍ଟା ସଲଖିବା (ଦେଖ)
Aṇṭā sāribā — Aṇṭā salakhibā (See)

**ଅଣ୍ଟାସୂତା**—ଦେ. ବି—( ସଂ. କଟି+ସୂତ୍ର )—୧ । କରଧୁନୀ; କରସୂତା; ଅଣ୍ଟାରେ ପିନ୍ଧାଯିବା ସରୁ ଦଉଡ଼ି—1. A string worn round the waist.
Aṇṭāsūtā
ঘুনসী
**করধনী** ୨ । ଧାତୁନିର୍ମିତ କଟିସୂତ୍ର—2. A metal chain for the waist; waist-chain.

**ଅଣ୍ଟି**—ଦେ. ବି—(ମୂଳ ସଂ. ଗ୍ରନ୍ଥି; ସଂ. ଅଙ୍କ=ଜଙ୍ଘ; ଖଣ୍ଡକୋଷ )—
Aṇṭi ୧ । ପିନ୍ଧିଥିବା ଲୁଗାର ସାମନା ବା କାନ୍ଧ ପାଖରେ
কোঁচড় କୌଣସି ବସ୍ତୁ ରଖିବା ପାଇଁ କରାଯିବା ପାଡ଼ାକୃତି
**কীসা** ମୁଣି ବା ପାକେଟ—1. A pocket or bag improvised from the folds of the cloth worn by a person.

ଅରଜୁନ ବାଇ ଅଣ୍ଟିରେ ପୂରାଇଲେ, ଉପରକୁ ତାହାଙ୍କ ଫିଙ୍ଗି ଫିଙ୍ଗି ଗଲେ ।
କୃଷ୍ଣସିଂହ, ମହାଭାରତ. ସଭା ।

୨ । ପିନ୍ଧା ଲୁଗାର ଅଣ୍ଟାପାଖ ଖୋସଣୀ; ଅଣ୍ଟାପାଖେ ଥିବା ପିନ୍ଧା ଲୁଗାର ଗଣ୍ଠି—
2. A knot made in the folds of the garment at the waist.

ଅଣ୍ଟିରୁ ଆପଣେ ଯେ କାଢ଼ିଲେ ଖଡ଼ ଗୋଟ ।
ପଶାକୋଠୀ କାଟ ଦେଲେ ଧରନ ଯୁଧିଷ୍ଠି—ସାରଳା. ମହାଭାରତ. ସଭା ।

୩ । ଅଣ୍ଟା; କଟି—3. Waist.

୪ । କୋଳ; ଉତ୍ସଙ୍ଗ—4. Lap.

( ଯଥା—ଏଡ଼େ ବଡ଼ ପିଲାଟା ହେଲାଣି, ମାଆ କ'ଣ ତାକୁ ସବୁବେଳେ ଅଣ୍ଟିରେ ଘେନି ବୁଲୁଥିବ ! )

**ଅଣ୍ଟିକଟା**—ଦେ. ବି—୧ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ପିନ୍ଧା ଲୁଗାର ଅଣ୍ଟିକୁ ( ବସ୍ତ୍ରଗ୍ରନ୍ଥି ) କାଟି ଅଣ୍ଟିରେ ଥିବା ଧନକୁ ଚୋରି କରେ—
Aṇṭikaṭā
ট্যাঁকাটা
**गिरहकट** 1. A pickpocket.

୨ । ଦଗାବାଜ—2. A cheat.

**ଅଣ୍ଟିଧନ**—ଦେ. ବି—୧ । ଅଣ୍ଟିରେ ରଖାଯିବା ଧନ—
Aṇṭidhana 1. Property or money kept in the folds of one's garment.
ট্যাঁকের ধন
**गिरहका धन** ୨ । ଗଣ୍ଠିଧନ; ଯତ୍ନରକ୍ଷିତ ଧନ—
2. Property kept with much care.

୩ । ମନୁଷ୍ୟର ପ୍ରିୟତମ ବସ୍ତୁ ବା ବ୍ୟକ୍ତି—
3. One's dearly beloved thing or person.

୪ । ଅତି ଯତ୍ନରେ ପାଳିତ ( ବ୍ୟକ୍ତି )—
4. (a person) Brought up with fondness and care.

ଅଣ୍ଟିଧନ ଉଣ୍ଡି କାଟେ—ଢଗ ।

**ଅଣ୍ଟିନିଅାଁ**—ଦେ. ବି—( ଲକ୍ଷଣାର୍ଥ; ଆପଣା ପିନ୍ଧିଥିବା ଲୁଗାର ଅଣ୍ଟିରେ
Aṇṭiniāṅ ନିଆଁ ରଖିଲେ ତାହା ମନୁଷ୍ୟକୁ ପୋଡ଼ି ପକାଏ; ସେହି ଲକ୍ଷଣାରୁ )—

୧ । ନିଜର ପରିବାରର କୌଣସି ନିନ୍ଦାଜନକ ବା ଅନିଷ୍ଟକର ଗୁପ୍ତ କଥା—1. Serious compromising family-secret.

୨ । ନିଜ ପରିବାରର କୌଣସି ବ୍ୟକ୍ତି ଦ୍ୱାରା କୃତ ଦୁଷ୍କର୍ମ—2. Any misdeed done by a member of one's family

**ଅଣ୍ଟି ପାତିବା**—ଦେ. କ୍ରି (ଓ.ଅଣ୍ଟି+ସଂ.ପତଧାତୁ ଣିଚ ପାତିଧାତୁ )—
Aṇṭi pateibā ୧ । କୌଣସି ଦ୍ରବ୍ୟ ଅଣ୍ଟିରେ ପଡ଼ିବା ପାଇଁ ଅଣ୍ଟିକୁ
কোঁচড়পাতা ପ୍ରସାରଣ କରିବା—1. To spread out the fold of one's cloth, as in begging.

୨ । ( ଲକ୍ଷଣାର୍ଥ ) କୌଣସି ବସ୍ତୁ ପାଇବାପାଇଁ ଆଶା କରିବା; ଉଦ୍‌ଗ୍ରୀବ ହୋଇ ରହିବା—
2. To wait in order to get a thing; to wait expectantly.

**ଅଣ୍ଟିପୂରା**—ଦେ. ବିଣ. ( ଓ ଅଣ୍ଟି+ପୂର୍ଣ୍ଣ )—
Aṇṭipūrā ୧ । ପିନ୍ଧିଥିବା ଲୁଗାର ଅଣ୍ଟି ପୂର୍ଣ୍ଣ ହେଲା ଭଳି—
কোঁচড়ভরা 1. In such quantity as will fill up the pocket or fold of one's cloth.

୨ । ଯଥେଷ୍ଟ ପରିମାଣରେ—2. In sufficient quantity.

**ଅଣ୍ଟିବା**—ଦେ. କ୍ରି. ( ସଂ. ଅଟନ=ଚଳନ )—
Aṇṭibā ୧ । ପ୍ରୟୋଜନାନୁରୂପ ହେବା; ପର୍ଯ୍ୟାପ୍ତ ହେବା;
আঁটা ଯଥେଷ୍ଟ ହେବା—1. To suffice; to be
**अमाना** sufficient for one's requirements.

କଲେ ତା ବେଗେ ଅଭିଳାଷ ଲବ
ଅଣ୍ଟିବ ନାହିଁଟି ନବ ପଲ୍ଲବ । କବିସୂର୍ଯ୍ୟ, ସଙ୍ଗୀତ ।

୨ । ସମ୍ଭାଇବା—2. To be sufficient to fill up; to be held or contained in.

(ଯଥା—ଏ ଘୁମ୍ବକୁ ପାଞ୍ଚ ଗଉଣି ଧାନ ଅଣ୍ଟିବ ନାହିଁ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୟୁତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର କଟସ୍ଥିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଥ' ନ ମିଳିଲେ 'କୂଥ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୩ । ଉପଯୋଗୀ ହେବା—
3. To suit; to be fitting for.

ସାତ ବରଷ ଯାର ଅଣ୍ଟିଲା ନାହିଁ କର-କମଳ-କନିଷ୍ଠକୁ ଗୋବର୍ଦ୍ଧନ ।
କବିସୂର୍ଯ୍ୟ. ସଙ୍ଗୀତ ।

୪ । ସମକକ୍ଷ ହେବା—
4. To vie with; to emulate.

ଛବି ମାରକ କୋଷ ନଭ ତୋ ଲୁଚ କସ ଅଣ୍ଟିବ କାଞ୍ଚୀରତ୍ନମଧ୍ୟା ଯେତେ ।
କବିସୂର୍ଯ୍ୟ—କଳୋଶୋଦୟମ୍ ।

୫ । ପ୍ରାଦେ (ଗଡ଼ଜାତ)—କମିଯିବା—
5. To diminish.
(ଯଥା—ଫୁଟୁଥିବା ଭାତ ହାଣ୍ଡିରୁ ପାଣି ଅଣ୍ଟିଗଲା ।)

୬ । ପ୍ରାଦେ (ଗଡ଼ଜାତ)—ଶୁଖିଯିବା; ମରିଯିବା—
6. To dry up.
(ଯଥା—ଗ୍ରୀଷ୍ମଦିନେ ନଈରୁ ପାଣି ଅଣ୍ଟିଯାଏ)

**ଅଣ୍ଟେଇବା**— ଦେ. କ୍ରି—ଅଣ୍ଟାଇବା ( ଦେଖ )
Anṭeibā    Anṭāibā ( See )

**ଅଣ୍ଟେଇ**—ଦେ. ବିଣ. ସ୍ତ୍ରୀ—ଆଣ୍ଟେଇ ( ଦେଖ )
Anṭei    Ānṭei ( See )

**ଅଣ୍ଠ୍** (ଧାତୁ)—ସଂ. ଅଣ୍ଟ୍ (ଧାତୁ) ( ଦେଖ )
Anṭh (root)    Anṭ ( root ) (See)

**ଅଣ୍ଡ୍ରା**—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. ଅଣ୍ଡୀର )—
Andrā    ଅଣ୍ଡିରା; ପୁରୁଷ ଜାତୀୟ—Male.
ପ୍ରାଦେ. (ସମ୍ବଲପୁର) ବି—୧ । ପୁରୁଷ—
1. A male person.
୨ । ପୁରୁଷ ଜାତୀୟ ପ୍ରାଣୀ—2. A male animal.
ପ୍ରାଦେ. (ସମ୍ବଲପୁର ନୀଚଭାଷା)—ସ୍ୱାମୀ; ପତି—Husband.

**ଅଣ୍ଡ**—ସଂ. ବି. ( ଅମ ଧାତୁ=ସଙ୍ଗମ କରିବା+କର୍ତ୍ତୃ. ଡ)—
Aṇḍa    ୧ । ଡିମ୍ବ; ପକ୍ଷୀ ଓ ସରୀସୃପ ଆଦିଙ୍କ ଗର୍ଭରୁ ନିର୍ଗତ ଶାବକାଧାର—1. Egg.
୨ । ମୁଷ୍କ; ଅଣ୍ଡକୋଷ; ଗେଲ—2. Testicle.
୩ । ଲୁରୁଣ୍ଡ—3. Scrotum.
୪ । ଶୁକ୍ର; ବୀର୍ଯ୍ୟ—4 Semen virile.
୫ । ମୃଗନାଭିର ଖୋଳ—5. Muskbag.
୬ । ଅଣ୍ଡାକାର ବସ୍ତୁ—6. An oval article.

[ଦ୍ର—ଆଦ୍ୟରେ ସ୍ୱୟମ୍ଭୂ ଭଗବାନ ପ୍ରଥମେ ଜଳସୃଷ୍ଟି କରି ତହିଁରେ ଶକ୍ତିବୀଜକୁ ଆରୋପ କରି ଗୋଟିଏ ଅଣ୍ଡ ଜାତ କଲେ ଓ ସେହି ଅଣ୍ଡରୁ ସମଗ୍ର ବିଶ୍ୱ ଜାତ ହେଲା । ଏଥିପାଇଁ ଜଗତର ସୃଷ୍ଟିକୁ ବ୍ରହ୍ମାଣ୍ଡ ବୋଲାଯାଏ ।

ପ୍ରଥମେ ଏହି ବିଶ୍ୱସଂସାର ତମସାଚ୍ଛନ୍ନ ଥିଲା; ସୃଷ୍ଟି ଆଦ୍ୟରେ ସ୍ୱୟମ୍ଭୂ ଭଗବାନ ପ୍ରକଟିତ ହେଲେ । ସେ ଆପଣା ଶରୀରରୁ ଧ୍ୟାନ ମାତ୍ରକେ ଜଳ ସୃଷ୍ଟି କଲେ ଓ ଜଳରେ ଶକ୍ତିବୀଜ ଆରୋପ କଲେ । ସେହି ବୀଜ ସ୍ୱର୍ଣ୍ଣମୟ ସୂର୍ଯ୍ୟପ୍ରଭ ଅଣ୍ଡରେ ପରିଣତ ହେଲା । ସେହି ଅଣ୍ଡରେ ବ୍ରହ୍ମା ବା ପରମାତ୍ମା ପ୍ରକଟିତ ହେଲେ । ସେହି ଅଣ୍ଡ ମଧ୍ୟରେ ଉକ୍ତ ଭଗବାନ୍ ବ୍ରହ୍ମା ଏକ ପରିବତ୍ସର କାଳ ବାସ କରି ଧ୍ୟାନଦ୍ୱାରା ତାକୁ ଦୁଇଖଣ୍ଡ କରି ଫଟାଇ ଦେଲେ । ସେହି ଦୁଇଖଣ୍ଡରୁ ଗୋଟିକରୁ ଦ୍ୟୁ ଲୋକ ( ସ୍ୱର୍ଗ ) ଓ ଅନ୍ୟଟିରୁ ପୃଥିବୀ ହେଲା ଏବଂ ମଧ୍ୟରେ ଆକାଶ, ଅଷ୍ଟଦିଗ ଓ ଜଳ ପ୍ରକାଶିତ ହେଲା ।]

ରାମଶଙ୍କର. ମନୁସଂହିତା ୧ । ୫—୧୪ ।

ଖ୍ରୀଷ୍ଟାନ୍‌ମାନଙ୍କ ଧର୍ମଶାସ୍ତ୍ର ଅନୁସାରେ ଭଗବାନ ଜଳମୟ ବିଶ୍ୱ ପରେ ଚଢ଼େଇ ପରି ଉଡ଼ିବାରୁ ପ୍ରଥମେ ଆଲୋକ ଜନ୍ମିଲା ଓ ସ୍ୱର୍ଗ ଓ ପୃଥିବୀ, ଦିନ, ରାତ୍ରି ଓ ସମୁଦ୍ର ଜନ୍ମିବାର ସେଥିରେ ମଧ୍ୟ ଉଲ୍ଲେଖ ଅଛି ।

ବାଇବଲ, ଓଲ୍‌ଡ୍‌ଟେଷ୍ଟାମେଣ୍ଟ୍ ଜେନେସିସ୍ ୧।୧-୧୦ ]

୭ । ଗୋଲାକାର ବସ୍ତୁ—7. A round thing.
୮ । ଶିବ; ମହାଦେବ—8. The God Siba.
ଦେ. ବି—ପୁରୁଷର ଲିଙ୍ଗ—The male organ.

ଅଣ୍ଡେ ବସଇ ପ୍ରକାପତି
ନିକ୍ତି ବରୁଣ କୋଷେ ସ୍ଥିତି । ଜଗନ୍ନାଥ. ଭାଗବତ ।

ଗ୍ରା. ଅ. ( ଗ୍ରାମ୍ୟାଳୀରେ ପୁରୁଣାକାଳିଆ ଅବଧାନମାନେ ପିଲାଙ୍କୁ ସତରଫଳା ମଡ଼ାଇଲା ବେଳେ ଅଶୁଦ୍ଧ ଉଚ୍ଚାରଣ କରିବା ଧ୍ୱନି )—'ଣ୍ଡ' ଯୁକ୍ତାକ୍ଷର—The diphthong ṇda as mispronounced by village pedagogues.

[ ଦ୍ର—ଅବଧାନମାନେ ଏହିପରି ଷ ସ୍ଥଳରେ ଅସ୍ତ; ର୍କ ସ୍ଥାନରେ ଓରେକ; ନ୍ତ ସ୍ଥାନରେ ଅନ୍ତ; ନ ସ୍ଥାନରେ ଅନ ଉଚ୍ଚାରଣ କରନ୍ତି । ]

**ଅଣ୍ଡକ**—ସଂ. ବି. (ଅଣ୍ଡ+ସ୍ୱାର୍ଥେ. କ)—୧ । ଅଣ୍ଡ; ଡିମ୍ବ—1. Egg.
Aṇḍaka    ୨ । ଛୋଟ ଡିମ୍ବ—2. A small egg.

**ଅଣ୍ଡ କଟାହ**—ସଂ. ବି. (ଅଣ୍ଡ+କଟାହ; କଟାହ ସଙ୍ଗେ ତୁଳନୀୟ ଅଣ୍ଡ)—
Aṇḍa kaṭāha    ୧ । ବ୍ରହ୍ମାଣ୍ଡ; ଜଗତର ସୃଷ୍ଟି—
1. The Universe; the creation.
୨ । ( ୬ଷ୍ଠୀ ତତ୍ ) ବ୍ରହ୍ମାଣ୍ଡର ଖୋଲପା—
2. The shell of the mundane egg. ( M. W.).

**ଅଣ୍ଡକପାଳ**—ଦେ. ବି ( ୬ଷ୍ଠୀ ତତ୍; ଆଧୁନିକ ବିଜ୍ଞାନପରିଭାଷା )—
Aṇḍakapāla    ଡିମ୍ବ ଉପରର ଖୋଲପା—Egg shell.

**ଅଣ୍ଡକୋଟରପୁଷ୍ପୀ**—ସଂ. ବି—(ବୈଦ୍ୟକ) ନୀଲବୁହ୍ନା; ଅଜାନ୍ତ୍ରିବୃକ୍ଷ—
Aṇḍakoṭarapushpī    Name of a plant; Convolvulus Argenteus (M. W.)

**ଅଣ୍ଡକୋଶ**—ସଂ. ବି—(୬ଷ୍ଠୀ ତତ୍; ଅଣ୍ଡ+କୋଶ)—
Aṇḍakośa    ୧ ମୁଷ୍କ; ବୀଜକୋଷ; ଉପସ୍ଥର ମୂଳରେ ଚମ-ମୁଣିରେ ଝୁଲୁ ଥିବା ଅଣ୍ଡାକୃତି କୋଷଦ୍ୱୟ—
1. The scrotum; testicle.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଜ୍ଞ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଙ୍କ | ନ୍ତ |

୨ । ବ୍ରହ୍ମାଣ୍ଡ—2. The mundane egg; the Universe.
ଯେ ଅନ୍ତକାଳେ ଅଣ୍ଡକୋଶ, ନମିଷମାତ୍ରେ କରେ ଗ୍ରାସ । ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅଣ୍ଡକୋଷ**—ସଂ. ବ—ଅଣ୍ଡକୋଶ (ଦେଖ)
Andakosha — Andakosa (See)

**ଅଣ୍ଡଜ**—ସଂ. ବଣ. ପୁ. (ଅଣ୍ଡ+ଜନ ଧାତୁ+କର୍ତ୍ତୃ. ଅ)—ଡିମ୍ବଜାତ—
Andaja — Born of eggs; oviparous.
(ଅଣ୍ଡଜା—ସ୍ତ୍ରୀ) ସଂ. ବ—ଯେଉଁ ଜୀବମାନେ ମାତୃଗର୍ଭରୁ ପ୍ରଥମେ ଅଣ୍ଡ ଭିତରେ ଥାଇ ଜନ୍ମ ଲାଭ କରନ୍ତି ଓ ପରେ ଡିମ୍ବ ଫାଟି ତହିଁ ମଧ୍ୟରୁ ବାହାରନ୍ତି—
Oviparous animals.
(ଯଥା— ପକ୍ଷୀ; ମାଛ; କଚ୍ଛପ)
[ ଦ୍ର—ହିନ୍ଦୁ ଶାସ୍ତ୍ର ମତରେ ସୃଷ୍ଟିସ୍ଥ ସଚେତନ ବସ୍ତୁ ଚାରି ଭାଗରେ ବିଭକ୍ତ ୧. ଜରାୟୁଜ—ମନୁଷ୍ୟ; ପଶୁ; ରାକ୍ଷସ; ପିଶାଚ; ୨. ଅଣ୍ଡଜ—ମତ୍ସ୍ୟ; ପକ୍ଷୀ; ସର୍ପାଦି; ୩. ସ୍ୱେଦଜ—ମଶା; ଡାଆଁଶ; ଉକୁଣି; ମାଛି; ୪. ଉଦ୍ଭିଜ୍ଜ—ବୃକ୍ଷଲତାଦି । ରାମଶଙ୍କର. ମନୁସଂହିତା ୧।୪୩—୪୬ ।]

**ଅଣ୍ଡଜା**—ସଂ. ବଣ. ସ୍ତ୍ରୀ. (ଅଣ୍ଡଜ+ଆ)—ଅଣ୍ଡଜର ସ୍ତ୍ରୀଲିଙ୍ଗ—
Andajā — Feminine of Andaja.
ସଂ. ବ. ସ୍ତ୍ରୀ—ମୃଗନାଭି; କସ୍ତୁରୀ—Musk.

**ଅଣ୍ଡଜେଶ୍ୱର**—ସଂ. ବ—( ୬ଷ୍ଠୀ ତତ୍; ଅଣ୍ଡଜ+ଈଶ୍ୱର )—ପକ୍ଷିରାଜ, ଗରୁଡ଼—
Andajeswara — A name of Garurda, the king of birds.

**ଅଣ୍ଡଦଳ**—ସଂ. ବ. (୬ଷ୍ଠୀ ତତ୍; ଅଣ୍ଡ+ଦଳ)—ଡିମ୍ବର ଖୋଳପା—
Andadala — Egg-shell.

**ଅଣ୍ଡଦ୍ରବ ହେବା**—ଦେ. କ୍ରି. ( ଲକ୍ଷଣାର୍ଥ; ତୁଳନା କର; ପିଳେହି ପାଣି ହେବା)—କିଂକର୍ତ୍ତବ୍ୟବିମୂଢ଼ତା ଘୋଟିବା; ଭୀତ ତ୍ରସ୍ତ ହେବା—
Andadraba hebā — The state of being panic-struck; becoming unmanned.

**ଅଣ୍ଡଧର**—ସଂ. ବ. (ଅଣ୍ଡ+ଧୃ ଧାତୁ+କର୍ତ୍ତୃ. ଅ)—ଶିବ; ମହାଦେବ—
Andadhara — The God Siba (M. W.)

**ଅଣ୍ଡ ବଢ଼ିବା**—ଦେ. ବ. (ସଂ. ଅଣ୍ଡ ବୃଦ୍ଧି )—ଅଣ୍ଡବୃଦ୍ଧି (ଦେଖ)—
Andabardhibā — Andabruddhi (See)
অণ্ডবৃদ্ধি
आण्डबढ़ना

**ଅଣ୍ଡବର୍ଦ୍ଧନ**—ସଂ. ବ. ( ୬ଷ୍ଠୀ ତତ୍; ଅଣ୍ଡ+ବର୍ଦ୍ଧନ )—
Andabarddhana — ଅଣ୍ଡବୃଦ୍ଧି ( ଦେଖ )
Andabruddhi ( See )

**ଅଣ୍ଡବୃଦ୍ଧି**—ସଂ. ବ. ( ୬ଷ୍ଠୀ ତତ୍; )—୧ । କୋଷବୃଦ୍ଧି; କୁରଣ୍ଡରୋଗ—
Andabruddhi — 1. Swelling of the scrotum or testes.
୨ । ଏକଶିରା ରୋଗ—2. Hydrocele.

**ଅଣ୍ଡଭୂ**—ସଂ. ବଣ ( ଅଣ୍ଡ+ ଭୂ ଧାତୁ=ଜନ୍ମିବା +କର୍ତ୍ତୃ. କ୍ୱିପ୍ )—
Andabhū — ଅଣ୍ଡଜ ( ଦେଖ )—Andaja ( See )
ସଂ. ବ—୧ । ପକ୍ଷୀ—1. Bird.
୨ । ସର୍ପ—2. Serpent.
୩ । ମତ୍ସ୍ୟ—3. Fish.
୪ । ବ୍ରହ୍ମା—4. The Creator.

**ଅଣ୍ଡର୍ ଗ୍ରାଜୁଏଟ୍**—ବୈଦେ. ବ. ( ଇଂ. ଅଣ୍ଡର୍ ଗ୍ରାଜୁଏଟ୍ )—
Andar grājuet — ମାଟ୍ରିକୁଲେସନ୍ ପାଶ୍ କରି ସାର ବି. ଏ. ପାଶ୍ କରି ନ ଥିବା ଛାତ୍ର—
অণ্ডর গ্রাজুএট্
अण्डर ग्राजुएट् — An undergraduate.

**ଅଣ୍ଡର୍ ସେକ୍ରେଟେରୀ**—ବୈଦେ. ବ. (ଇଂ. ଅଣ୍ଡର୍ ସେକ୍ରେଟେରୀ )—
Andar sekreteri — କୌଣସି କାର୍ଯ୍ୟାଳୟର ସେକ୍ରେଟେରୀ ବା ସମ୍ପାଦକଙ୍କ ସହକାରୀ କର୍ମଚାରୀ—
অণ্ডর সেক্রেটরী
अण्डरसेक्रेटरी — An undersecretary.

**ଅଣ୍ଡରା**—ପ୍ରାଦେ. ( ସମ୍ବଲପୁର ) ବ. ଓ ବଣ—ଅଣ୍ଡ୍ରା ( ଦେଖ )
Andarā — Andrā ( See )

**ଅଣ୍ଡଲାଅଣ୍ଡଲି**—ଦେ. ବ—ଅନ୍ଧାରରେ କୌଣସି ବସ୍ତୁକୁ ତନ୍ନ ତନ୍ନ କରି ବହୁକାଳ ହାତଡ଼ାହାତଡ଼ି ଅଣ୍ଡାଳିବା ବା ଦରାଣ୍ଡିବା; ଦରାଣ୍ଡାଦରାଣ୍ଡି—
Andalāandali — Groping in the dark for a length of time to find some thing.
হাঁতড়া হাঁতড়ি
टटोलना

**ଅଣ୍ଡସଣ୍ଡ**—ଗ୍ରା. ବଣ. ( ସଂ. ଭଣ୍ଡ )
Andasanda — ଭଣ୍ଡସଣ୍ଡ; ଧଣ୍ଡସଣ୍ଡ; ଅଶ୍ଳୀଳ ( ଭାଷା )—
फुहर; फुड़ा — Obscene ( language ).
ଗ୍ରା. ବ—ଅଶ୍ଳୀଳ ଭାଷା—Obscene language.

**ଅଣ୍ଡା**—ଦେ. ବ. ( ସଂ ଅଣ୍ଡ; ଆ. ଅଣ୍ଡା )—
Andā — ୧ । ଅଣ୍ଡ ( ଦେଖ )—1. Anda ( See )
অণ্ডা — ୨ । ପକ୍ଷିଶାବକ ବା ଛୁଆ
अंडा — 2. The young of birds.
୩ । ଶାବକ; ଛୁଆ; ଶିଶୁ—
3. Young ones; infants.

**ଅଣ୍ଡା ଉଷୁମେଇବା**—ଦେ. କ୍ରି. ( ସଂ. ଅ+ଉଷ୍ମ )—( ପକ୍ଷୀ ଅଦ )—
Andā ushumeibā — ଅଣ୍ଡା ଜନ୍ମ କରିବା ପରେ ତହିଁରୁ ଛୁଆ ବାହାରିବା ପୂର୍ବରୁ ତା ଉପରେ ବସିବା-ଦ୍ୱାରା ତାକୁ ଉଷ୍ମ କରିବା—To sit on an egg to hatch it.
ডিমে তা দেওয়া
अंडासेना;
अंडासेवना

**ଅଣ୍ଡାକର୍ଷଣ**—ସଂ. ବ. ( ୬ଷ୍ଠୀ ତତ୍; ଅଣ୍ଡ+ଆକର୍ଷଣ )—ଖାସି କରିବା; ମୁଷ୍କ ଛେଦନ—
Andākarshana — Castration (M.W.)

**ଅଣ୍ଡାକାର**—ସଂ. ବ. ( ୬ଷ୍ଠୀ ତତ୍; ଅଣ୍ଡ+ଆକାର )—ଡିମ୍ବ ପରି ଲମ୍ବଡ଼ା ଓ ଗୋଲ ଆକାର—
Andākāra — Oval shape.
ସଂ. ବଣ. ( ବହୁବ୍ରୀହି )— ଡିମ୍ବ ପରି ଗୋଲ ଓ ଲମ୍ବଡ଼ା—
Oval.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଧାର' ନ ପାଇଲେ 'ଅନ୍ଧାର' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଣ୍ଡାକୃତି**—ସଂ. ବଣ. ( ବହୁବ୍ରୀହି; ଅଣ୍ଡ+ଆକୃତି )—ଡିମ୍ବ ପରି ଗୋଲ ଓ ଲମ୍ବଡ଼ା—Oval; elliptical.
Aṇḍākṛuti

ସଂ. ବି—୧ । (ବହୁବ୍ରୀହି)—ଡିମ୍ବ ଆକୃତିବିଶିଷ୍ଟ କ୍ଷେତ୍ର—
1. An ellipses.
୨ । ( କର୍ମଧା ) ଡିମ୍ବ ପରି ଆକାର ଲମ୍ବଡ଼ା ଓ ଗୋଲ ଆକୃତି—2. Oval shape.

**ଅଣ୍ଡାଦେବା**—ଦେ. କ୍ରି—(ପକ୍ଷୀ ଓ ସରୀସୃପାଦି) ଡିମ୍ବ ପ୍ରସବ କରିବା—
Aṇḍā debā To lay eggs.
ডিম দেওয়া
अण्डा, देना

**ଅଣ୍ଡାଧାର**—ସ.ବି. (୬ଷ୍ଠୀ ତତ୍; ଅଣ୍ଡ+ଆଧାର)—ଅଣ୍ଡକୋଷ; ବୀଜକୋଷ—
Aṇḍādhāra Testicle.

**ଅଣ୍ଡାପାଡ଼ିବା**—ଦେ. କ୍ରି.—ଅଣ୍ଡାଦେବା (ଦେଖ)
Aṇḍā paṛḍibā Aṇḍā debā ( See )

**ଅଣ୍ଡାପାରିବା**—ଦେ. କ୍ରି—ଅଣ୍ଡା ଦେବା (ଦେଖ)
Aṇḍā pāribā Aṇḍā debā ( See )

**ଅଣ୍ଡାବଚ୍ଚା**—ଦେ. ବି (ସଙ୍କର; ସ. ଅଣ୍ଡ+ଅ. ବଚ୍ଚା, ବହୁବଚନାର୍ଥକ)—
Aṇḍā bachchā ଅଳ୍ପ କ୍ଷୁଦ୍ର ବହୁସଂଖ୍ୟକ ସନ୍ତାନସନ୍ତତି;
অণ্ডাবাচ্চা ବାଲବଚ୍ଚା—A number of
अंडाबच्चा infants.

**ଅଣ୍ଡାର**—ପ୍ରାଦେ. (ବସ୍ତର) ବି — ମହୁମାଛି—
Aṇḍāra The bee.

**ଅଣ୍ଡାଳିବା**—ଦେ. କ୍ରି ( ସ. ଆନ୍ଦୋଳନ ? )
Aṇḍāḻibā ୧ । ଦଉଣ୍ଡିବା; ଅନ୍ଧାରରେ ବା ଆଖିକୁ ଦେଖା ନ
হাঁতড়ান ପଡ଼ିବା ସ୍ଥାନରେ ହାତଦ୍ୱାରା ଦଉଣ୍ଡି କୌଣସି
ढिंढोलना ବସ୍ତୁ ଖୋଜିବା—
1. To grope in the dark in search of a thing.

୨ । ଅନ୍ଦାଜରେ କୌଣସି କାର୍ଯ୍ୟ କରିବା—
2. To do a thing by guess.

ପର ଅପଣାକୁ ନ ଚହ୍ନିଣ ଅଣ୍ଡାଳି,
ମାରିଲେ ଅସ୍ତ୍ର ଶସ୍ତ୍ର ଯେ ବୀ ସୃକ୍ଷ୍ମଗାମୀ ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଅଣ୍ଡାଳି ହେବା**—ଦେ. କ୍ରି—୧ । ଅଣ୍ଡାଳିବା (ଦେଖ)
Aṇḍāḻi hebā 1. Aṇḍāḻibā ( See )

୨ । ଧନ୍ଦ ହେବା; ଇତସ୍ତତଃ ହେବା—
2 To be at a loss.

ତାଙ୍କ ଅପଣା କେତେ ବାପର ବାପ ନାମ ପଚାରି, ଅଣ୍ଡାଳି ହେବେ
ଫକୀର—ଛମାଣ ଆଠଗୁଣ୍ଠ ।

**ଅଣ୍ଡାଳୁ**—ସଂ. ବଣ. (ଅଣ୍ଡ+ବହ୍ୱର୍ଥେ ଆଳୁ; ତୁଳ—ଦୟାଳୁ; ନିଦ୍ରାଳୁ)
Aṇḍāḻu ବହୁ ଡିମ୍ବଯୁକ୍ତ—Full of eggs.
অণ্ডালু

ସଂ. ବି—ମାଛ—Fish.
ଦେ. ବି—ଗୋଲଆଳୁ; ବିଲାତିଆଳୁ—Potato.

**ଅଣ୍ଡି**—ଗ୍ରା. ବି. (ସଂ. ଅଣ୍ଡ)—ପୁରୁଷର ଲିଙ୍ଗ—The male organ; penis.
Aṇḍi

**ଅଣ୍ଡିଆ**—ଦେ. ବଣ. ସଂ. (ଅଣ୍ଡ)—
Aṇḍiā ୧ । ଯେଉଁ ପଶୁ ଖାସି କରା ଯାଇ ନାହିଁ—
এঁড়ে 1. Not castrated.
अँड़ुआ

୨ । କାଣିଷଣ୍ଢିଆ; ମୁଷ୍କ ଛେଦନକାରୀ ବ୍ୟକ୍ତିର ଦୋଷରୁ ଖାସି ହେବା ବେଳେ ଯେଉଁ ଅଣ୍ଡିରା ବାଛୁରର ମୁଷ୍କ ନିଃଶେଷରୂପେ କଟା ହୋଇ ପାରି ନ ଥାଏ—2. Defectively castrated ( bull-caff ).

ଦେ. ବି—୧ । ଅଣ୍ଡିରା ବାଛୁରୀ—1. A bull-calf.
୨ । ପ୍ରାଦେ. (ବାଲେଶ୍ୱର) ବି. ( ସ. ଅଣ୍ଡୀର )—ଦାମୁଡ଼ି—
2. A full grown bull-calf; a steer.
୩ । ସମ୍ପୂର୍ଣ୍ଣରୂପେ ମୁଷ୍କ ଛେଦିତ ହୋଇ ନ ଥିବା ବଳଦ—
3. A defectively castrated bullock.

**ଅଣ୍ଡି ଟିଙ୍ଗେଇବା**—ଦେ. ବି. (ଅଶ୍ଳୀଳ)—୧ । ଲିଙ୍ଗୋଦ୍ରେକ ହେବା—
Aṇḍi tiṅgeibā 1. Erection of the penis.
୨ । ( ଲକ୍ଷଣାର୍ଥ ) କୌଣସି ବସ୍ତୁ ପାଇଁ ମନରେ ଲାଳସାର ଉଦ୍ରେକ—2. Hankering after anything.

**ଅଣ୍ଡିନୀ**—ସ. ବି. (ଅଣ୍ଡ+ଇନ୍+ଈ)—ସ୍ତ୍ରୀମାନଙ୍କର ଯୋନିକନ୍ଦ ରୋଗ—
Aṇḍinī (ହିନ୍ଦି ଶବ୍ଦସାଗର)
Prolapse of the uterus; a female disease.

**ଅଣ୍ଡିର**—ଦେ. ବଣ. ( ସଂ. ଅଣ୍ଡୀର)—୧ । ଅଣ୍ଡୀର ( ଦେଖ )
Aṇḍira 1. Aṇḍīra ( See )
୨ । ପୁରୁଷଜାତୀୟ— 2. Male.

ଅଳପ ବହୁଳ ବଚନ, ଅଣ୍ଡିର କୋକିଳ ଯେସନ ।
ଜଗନ୍ନାଥ. ଭାଗବତ ୧୦ମ ।

ଦେ. ବି—ଅଣ୍ଡୀର ( ଦେଖ )
Aṇḍīra ( See )

**ଅଣ୍ଡିରା**—ଦେ. ବଣ. (ସ. ଅଣ୍ଡୀର )—୧ । ପୁରୁଷଜାତୀୟ (ଜୀବ)—
Aṇḍirā 1. Male (animal).
এঁড়ে ୨ । ବାଞ୍ଝ (ଗଛ); ଯେଉଁ ଗଛ ଫଳେ ନାହିଁ—
मद्दा 2, Barren ( tree )
(ଜପସ୍ୱାତ—ମାଈ) ୩ । ଯେଉଁ ଫୁଲରୁ ଫଳ ହୁଏ ନାହିଁ—
3. Male ( flower ).
୪ । ( ଲକ୍ଷଣାର୍ଥ ) ବଳଶାଳୀ; ବଳୁଆ—4. Strong.
୫ । ( ଲକ୍ଷଣାର୍ଥ ) ବୀର —5. Valiant; heroic.

ଦେ. ବି—୧ । ପୁରୁଷଜାତୀୟ ଜୀବ—
1. A male animal.
୨ । ପୁରୁଷ; ମନୁଷ୍ୟ—2. A male; a man.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଖ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଧ | ଇଅ | ୱ | ନ୍ତ |

ସ୍ୱାମୀଙ୍କୁ ବୋଇଲ ବୋଲଣ ଅଣ୍ଡିରା
ଗନ୍ଧଲେ ବସ୍ତ୍ରଟେ ଲାଜ ମାଇ ପରା । କୃଷ୍ଣସିଂହ ମହାଭାରତ ଉଦ୍ୟୋଗ ।

୩ । ସ୍ୱାମୀ; ପତି—3 Husband.

୪ । ଦାମୁଡ଼ି; ଯୁବାଅଣ୍ଡିରା ବାଛୁରୀ—
4. A steer; a full grown bull-calf.

ବୁଢ଼ା ହଳଅ ମଙ୍କୁଦା ଲଣ୍ଡଭଣ୍ଡ ହୋଇ ଦୁଇଟା ଅଣ୍ଡିରା ଗୃହ ଛଡ଼ା ପଲଣ ସଜ ବନ୍ଧ
ଦେଇ କଟକ ଧାଇଁଲା । ଫକୀରମୋହନ—ଛମାଣ ଆଠଗୁଣ୍ଠ ।

୫ । ଗାଈପୁଅ ଅଣ୍ଡିରା; ଆପଣା ଗାଈଠାରୁ ଜନ୍ମିଥିବା ଅଣ୍ଡିରା ବାଛୁରୀ—5. A bull-calf born of one's own cow.

[ ଦ୍ର—ଆପଣା ଗାଈଠାରୁ ଜନ୍ମିଥିବା ଅଣ୍ଡିରା ବାଛୁରୀକୁ ହିନ୍ଦୁ ଗାଈ-ସ୍ୱାମୀ ନିଜେ ହଳ କାମରେ ନ ଲଗାଇ ତାକୁ ଅନ୍ୟ ବ୍ୟକ୍ତିଙ୍କୁ ଦିଅନ୍ତି ଓ ଅନ୍ୟ ବ୍ୟକ୍ତିର ଗାଈପୁଅ ଅଣ୍ଡିରାକୁ ଆଣି ନିଜର କୃଷି କାମରେ ଲଗାନ୍ତି । ଏ ପ୍ରଥା ଓଡ଼ିଶାରେ ଚଳେ । ]

୬ । ପ୍ରାଦେ. (କଟକ) ବି—ମାସ୍ତାନ ବ୍ରାହ୍ମଣ—
6. An inferior class of Ordiā Brāhmaṇas.

**ଅଣ୍ଡିରା କାଙ୍କଡ଼**—ଦେ. ବି—୧ । ବନ୍ଧ୍ୟା କର୍କୋଟକୀ ( ଦେଖ )
Aṇḍirā kāṅkaṛḍa 1. Bandhyā karkoṭakī (See)
୨ । ଯେଉଁ କାଙ୍କଡ଼ ଲଟା ଫଳ ଧରେ ନାହିଁ—
2. A kāṅkaṛḍa creeper which bears no fruit.

**ଅଣ୍ଡିରାଚଣ୍ଡୀ**—ଦେ. ବି. ସ୍ତ୍ରୀ. (ସଂ. ଅଣ୍ଡୀର+ଚଣ୍ଡୀ)—
Aṇḍirā chaṇḍi ୧ । ଦୁଷ୍ଟା ସ୍ତ୍ରୀ; ଉଗ୍ରସ୍ୱଭାବା ସ୍ତ୍ରୀ; କଳହପ୍ରିୟା ସ୍ତ୍ରୀ
পাড়াকুঁদলী 1. Vixen; virago; shrew.
**लड़ाकिन; लड़ाको**

୨ । ପୁରୁଷପ୍ରକୃତିକା ସ୍ତ୍ରୀ; ଯେଉଁ ସ୍ତ୍ରୀ ପୁରୁଷ ସମାଜରେ ମିଶିବାକୁ ବେଶି ସୁଖ ପାଏ—2. A woman who loves the society of males.

୩ । ନିର୍ଲଜ୍ଜା ସ୍ତ୍ରୀ—3 Shameless woman.

**ଅଣ୍ଡିରା ବାଇଗଣ**—ଦେ. ବି—ଅସ୍ୱାଦୁ ଓ ଧଳା ବାଇଗଣ ( ଏ ବାଇଗଣ
Aṇḍirā bāigaṇa ମଧ୍ୟରୁ ପୁଷ୍ଟା ପରି ଗୋଟାଏ ଚକ୍ର ବାହାରେ ଓ ଏହା ଖାଇବାକୁ ରୁଚିକର ନୁହେଁ )—A kind of badly developed and coarse brinjal.

**ଅଣ୍ଡିରା ବାହ୍ମଣ**—ଗ୍ରା. ବି. ( ବ୍ୟଙ୍ଗାର୍ଥକ )—ମାସ୍ତାନ ବ୍ରାହ୍ମଣ (ଦେଖ)
Aṇḍirā bāhmuṇa Māstāna Brāhmaṇa (See)

**ଅଣ୍ଡିରା ବିଲୁଆ ବୋବାଳି**—( ଲୌକିକ ସଂସ୍କାର )—
Aṇḍirā biluā bobāḻi ସାଧାରଣ ବିଲୁଅଙ୍କ 'ହୁକେହୁକେ'
মদ্দাশিয়ালেরডাক ଡାକ ଅପେକ୍ଷା କର୍କଶତର ଗୋଟିକିଆ
**गीदड़का चीख** ବିଲୁଆର ଦୀର୍ଘକାଳସ୍ଥାୟୀ ଡାକ—
The shrill howl of a male-jackal which is taken to portend death to some person in the vicinity.

[ ଦ୍ର—ସାଧାରଣତଃ ବିଲୁଆମାନେ ସନ୍ଧ୍ୟାବେଳେ, ରାତି ଅଧପହରଠାରେ, ରାତି ଦୁଇ ପହରରେ, ରାତି ତିନି ପହରରେ ଦଳବଦ୍ଧ ହୋଇ "ହୁକେ ହୁକେ" ବୋବାଳି ଛାଡ଼ନ୍ତି । କିନ୍ତୁ ଅଣ୍ଡିରା ବିଲୁଆ ଅସମୟରେ ଦୀର୍ଘକାଳସ୍ଥାୟୀ ବିକଟ ଚିତ୍କାର କରେ । ଗ୍ରାମ ନିକଟରେ ଅଣ୍ଡିରା ବିଲୁଆ ବୋବାଇଲେ ଗ୍ରାମସ୍ଥ କୌଣସି ବ୍ୟକ୍ତିର ଆଶୁମୃତ୍ୟୁ ଘଟିବାର ଗ୍ରାମବାସୀମାନେ ବିଶ୍ୱାସ କରନ୍ତି । ଅଣ୍ଡିରା ବିଲୁଆ ବୋବାଳି ଅଶୁଭସୂଚକ । ]

**ଅଣ୍ଡିରା ମାଧିଆ**—ଗ୍ରା. ବି. ପୁଂ. ( ଗାଳିରେ ବ୍ୟବହୃତ )—
Aṇḍirā mādhiā ଷଣ୍ଡିପୁଅ, ଅକର୍ମା; ଯେଉଁ ଲୋକ କିଛି କାମ ନ କରି ବୃଥାରେ ବୁଲୁଥାଏ—
(a term of abuse) A loafer.

**ଅଣ୍ଡିରପୁଅ**—ଗ୍ରା. ବି. ପୁଂ. ( ସଂ. ଅଣ୍ଡୀର+ପୁତ୍ର )—
Aṇḍiripua ୧ । ବାଳକ—1. Boy.
(ମାଇକିନିଆ ଝିଅ—ସ୍ତ୍ରୀ) ୨ । ପୁରୁଷ ଜାତି—2. A male.

ଅଣ୍ଡିରପୁଅର ଲଣ୍ଡି, ମାଇକିନିଆ ଝିଅର ଗଣ୍ଡି—ଢଗ ।

**ଅଣ୍ଡିରପୁଅ ଉଦ୍ଧବ**—ଦେ. ବି. ( ବ୍ୟଙ୍ଗ )—ଲମ୍ଫଗାଟପଟାବୃତ ଦେଖା-
Aṇḍiripua urddhaba ସୁନ୍ଦର ପୁରୁଷ—( Ironical )
A good-for-nothing person with a pleasing exterior and dress.

**ଅଣ୍ଡୀର**—ସଂ. ବିଣ. ପୁଂ. (ଅଣ୍ଡ+ଅସ୍ତି ଅର୍ଥରେ ଈର )—
Aṇḍīra ୧ । ପୁରୁଷ ଜାତୀୟ—1. Male.

ଅଣ୍ଡୀର ବତ୍ସ ଯେ ଲକ୍ଷେ, ବେନି ଲକ୍ଷ ଗାଈ । ସାରଳା ମହାଭାରତ ବନପର୍ବ ।

୨ । ବଳୁଆ—2. Strong.
୩ । ଶକ୍ତ; ସମର୍ଥ—3. Capable; able.
ସଂ. ବି. ପୁଂ—୧ । ମନୁଷ୍ୟ—1. Man.
୨ । ବଳବାନ ଓ ହୃଷ୍ଟପୁଷ୍ଟ ପୁରୁଷ—
2. A fullgrown and well developed male.

**ଅଣ୍ଢିଆ**—ଗ୍ରା. ବି—୧ । ନଈବଢ଼ି ଛାଡ଼ିଗଲେ ନଈର ଯେଉଁ ଯେଉଁ-
Aṇḍhiā ସ୍ଥାନରେ ଗଭୀର ଓ ସ୍ଥିରପାଣି ରହି ଯାଇଥାଏ—
1. Deep pools of water in the bed of a river after the subsidence of a flood.
୨ । (ନାମ) ପୁରୀଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ କୋଠଦେଶ ପ୍ରଗଣାର ପୂର୍ବ ପ୍ରସିଦ୍ଧ ଜମିଦାର ରାଏହରିସିଂହ ବଂଶର ରାଜଧାନୀ ଓ ବ୍ରାହ୍ମଣ ଶାସନ—
2. Name of a large village in the Puri district.

**ଅଟ (ଧାତୁ)**—ସଂ—୧ । ଚାଲିବା—1. To walk.
Ata root) ୨ । ଭ୍ରମଣ କରିବା—2. To rove; to wander.
୩ । ବାନ୍ଧିବା—To bind.

**ଅଟଉଳ**—ଦେ. ବିଣ—ଅଟୌଲ ( ଦେଖ )
Ataula Ataula ( See ).

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଈ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅତଉଲ୍ଲ**—ଦେ. ବଣ—ଅତୌଲ ( ଦେଖ )
Ataulā Ataula ( See )

**ଅତଊର୍ଦ୍ଧ୍ୱ**—ସ. ଅ. (ସ. ଅତଃ+ଊର୍ଦ୍ଧ୍ୱ; ସନ୍ଧି ଯୋଗୁଁ ବିସର୍ଗର ଲୋପ)—
Ataūrddhwa ୧ । ଏହା ପରେ—1. After this
୨ । ଏଥିରୁ ଊର୍ଦ୍ଧ୍ୱରେ—2. Beyond this.
୩ । ଏଥିରୁ ବେଶି—3. More than this

**ଅତଏବ**—ସ. ଅ. ( ଅତଃ+ଏବ; ସନ୍ଧି ଯୋଗୁଁ ବିସର୍ଗର ଲୋପ )—
Ataeba ଏହି କାରଣରୁ; ଏଥିଯୋଗୁଁ—
For this reason; therefore.

**ଅତଃ**—ସଂ. ଅ. ( ଇଦମ୍+୫ମୀ ବିଭକ୍ତି. ତସ୍ )—
Atah ୧ । ଏହି ସ୍ଥାନରୁ; ଏହିଠାରୁ—1. From this place.
୨ । ଏହାଠାରୁ—2 From this.
୩ । ଏହି କାରଣରୁ; ଏ ହେତୁରୁ—
3. Hence; consequently.
୪ । ଏହା ଅପେକ୍ଷା—4. Than this.
୫ । ଏହି ସମୟଠାରୁ—5. From this time.
୬ । ଆଜିଠାରୁ---6. Henceforth; henceforward.

**ଅତଃପର**—ଦେ. ଅ. ( ସଂ. ଅତଃପରମ୍ )—
Atahpara ୧ । ଏହା ପରେ—1 After this.
অতঃপর ୨ । ଏଥିଉତ୍ତାରୁ—2. Beyond this.
इसके बाद

**ଅତକ୍**—ପ୍ରାଦେ. ( ଉତ୍ତର ) ସର୍ବ.—
Atak ୧ । ଏହା—1. This.
୨ । ଏତିକ—2. This much.
୩ । ଏତେକ—3. All this

**ଅତକ**—ସ. ବଣ. ପୁଂ. (ଅତ ଧାତୁ+କର୍ତ୍ତୃ. ଅକ)—ଭ୍ରମଣକାରୀ—
Ataka Travelling.

**ଅତଟ**—ସ. ବ. ( ବହୁବ୍ରୀହି; ଅ+ତଟ; ଯାହାର ତଟ ନାହିଁ )—
Atata ୧ । ପର୍ବତର ହଠାତ୍ ଉଠିଥିବା ଶିଖ—
1. Precipice; a steep crag.
୨ । ନଈର ଅତଡ଼ା—2. Precipitous bank of a river.
ସ. ବଣ—୧ । ତଟହୀନ—1. Shoreless.
୨ । ଅସୀମ—2. Boundless.
୩ । ଏକଦମ୍ ଅଭୁଚ—3. Precipitous; steep.

**ଅତଡ୍**—ପ୍ରାଦେ. (ଗଡଜାତ; ଅଳ) ବି—ବସିବା ବା ଠିଆ ହେବା ପାଇଁ
Atard ଅଶାନ୍ତିଆ ସ୍ଥାନ—An inconvenient place to stand or sit on.

**ଅତଡ଼**—ଦେ. ବ. ( ସ. ଅତଟ )—୧ । ଲମ୍ବ ଭାବରେ ଉଠିଥିବା ନଈର
Atarda ଅଭୁଚ ତଟଭୂମି—1. Precipitous bank of a river.
আড়রি
आडुलि ହୃଦୟ କେତେ ବୋଲି କରିବେ ଗଛ ବାଢେ
करारा, ढाँग କାହିଁ କଦମ୍ବ ମୂଳରେ କାତଡ଼ୀ ଅତଡେ ।
ପୀତାମ୍ବର, କୃଷ୍ଣ ହପୁରାଣ ।
୨ । ଉଚ୍ଚ ଖାତ ଭୂମି ( କଦ )—2. Uneven land.

**ଅତଡ଼ା**—ଦେ. ବ—୧ । ଅତଡ଼ ( ଦେଖ )
Atardā 1. Atarda ( See )
ଭୁଇ ଅସନ୍ତେ ଅତଡ଼ା ହୃଦ ବାଙ୍କେ
ଦେଖି ଅତ ଭୟଙ୍କର ଏକ ବଙ୍କେ । ବ୍ରଜବିହାର. ୧ମ ।
୨ । ଜଳୁଥିବା ନିଆଁ ଗଦା—
2. Bonfire.; a heap of blazing fire.
ଅତଡ଼ା ଲଗାଇ ସେବନ୍ତି ଯେ ଧାନ୍ଧିଗଣେ । ସାରଳା. ମହାଭାରତ. ମଧ୍ୟ ।
୩ । (ସ. ଅଭୁଚ୍ଚଟତା)—ବିକଟ ଉଚ୍ଚ ସ୍ୱରର ଆଘାତ ଯୋଗୁଁ କର୍ଣ୍ଣରେ ଉପୁଜିବା ସ୍ତବ୍ଧତା—
3. Deafness or numbness of the sense of hearing due to a very loud noise.
( ଯଥା—ତୋପବାଣ ବମ୍ବାଣ ଶୁଣି ମୋ କାନ ଅତଡ଼ା ପଡ଼ିଗଲା । )
ଦେ. ବଣ—( ସ. ଅ+ତାଡ଼ିତ )—କାଙ୍କ ଆଦିରେ ତଡ଼ା (ତାଡ଼ିତ) ହୋଇ ନ ଥିବା (ଭୂମି)—(land) Which has not been turned up.

**ଅତଡ଼ା ଖସିବା**—ଦେ. ବ—ନଦୀର ତଟ ଭୂମିର ବଡ଼ ବଡ଼ ଖଣ୍ଡମାନ
Atardā khasibā ଜଳସ୍ରୋତର ପ୍ରବଳ ଆଘାତଦ୍ୱାରା ନଦୀର
কুলভাঙা ଗର୍ଭସାତ୍ ହେବା—The falling of the bank by the force of the current; erosion of the bank.

**ଅତଡ଼ା ଖାଇବା**—ଦେ. କି—୧ । ( ନଈ ) ସ୍ରୋତର ଆଘାତଦ୍ୱାରା ତଟ-
Atardā khāibā ଭୂମିକୁ ଗର୍ଭସାତ୍ କରିବା—
কুল খাওয়া 1. To erode the bank ( said of a river).
(ଯଥା—ଏ ବର୍ଷ ବଢ଼ିରେ ନଈ କାଳିପାଟଣା ଗାଁ ମୁଣ୍ଡପାଖେ ଅତଡ଼ା ଖାଇଯାଇଛି । )
୨ । (କୌଣସି ଦୁଷ୍ଟ ବ୍ରଣ ବା ଘାଆ) ଘାଉର ପାଖର ଚମ ଓ ମାଂସକୁ ପଚାଇ ଘାଇଲା କରିବା—2. To eat away the edge ( said of a festering sore. )
(ଯଥା—ପଠାଣ୍ଟା ତା ପିଠିରୁ ଘାଉ ଅଙ୍ଗୁଳ ଲମ୍ବ ଚଉଡ଼ା ଧରି ଅତଡ଼ା ଖାଇଗଲାଣି । )

**ଅତଡ଼ା ପଡ଼ିବା**—ଦେ. ବ.—୧ । ଅତଡ଼ା ଖସିବା (ଦେଖ)
Atardā pardibā 1. Atardā khasibā (See)
(কান) তালাধরা ୨ । ଅଭୁଚ୍ଚଟ ବା କଠୋର ଶବ୍ଦଦ୍ୱାରା (କାନ) ବଧିର ବା ସ୍ତବ୍ଧ ହେବା—2. The dazing of

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଘ,ଷ | ଙ୍କ | ଇସ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ଦ୍ଧ |

the ear by a furious roar; the ear being deafened by a high sound.
(ଯଥା—ଢୋଲ ଶବ୍ଦରେ କାନ ଅତଡ଼ା ପଡ଼ିଗଲାଣି ।)

**ଅତଡ଼ି** (ଇତ୍ୟାଦି)—ଦେ. ବି.—୧ । ଅତଡ଼ା. ୧. (ଦେଖ)
Atardi (etc) — 1. Atarda. 1. (See)
୨ । ଛୋଟ ଜଳନ୍ତା ନିଆଁ ଗଦା—2. A small heap of blazing fire.

**ଅତଡ଼ିଆ**—ଦେ. ବିଣ (ସଂ. ଅତଟ)—ଭୁଙ୍ଗ; ଅଭୁଚ; ଲମ୍ବଭାବରେ ଉଚ—
Atardia — Precipitous.
খাড়াউঁচু
खड़ा

**ଅତଣ୍ଡି**—ଦେ. ବି. (ଲତାବିଶେଷ)—ଆତୁଣ୍ଡୀ (ଦେଖ)
Atandi — Ātundi (See)
আতুণ্ডী — ଅତଣ୍ଡିକ ଶ୍ୟାମ ତମାଳେ ଜଡ଼ିଲା । ରଘୁନାଥ. ନିକୁଞ୍ଜକେଳି ।

**ଅତଥ୍ୟ**—ସଂ. ବିଣ—(ଅ + ତଥ୍ୟ)—୧ । ଅସତ୍ୟ;—1. Untrue.
Atathya ୨ । ଅବାସ୍ତବ—2. Unreal.
୩ । ଅନିଶ୍ଚିତ—3. Uncertain.

**ଅତଦ୍‌ଗୁଣ**—ସଂ. ବି. (ଅ + ତଦ୍‌ଗୁଣ)—୧ । ଅର୍ଥାଲଙ୍କାରବିଶେଷ; ଯେଉଁ
Atadguna ଅଲଙ୍କାରରେ ଏକ ବସ୍ତୁ ବସ୍ତ୍ୱନ୍ତରର ଗୁଣ ଗ୍ରହଣ ନ କରି ନିଜର ଗୁଣକୁ ବଜାୟ ରଖି ଥାଏ—
1. A figure of speech in Rhetoric where the thing in question does not assume the quality of another though it might be expected to do so; a sort of metaphor.
୨ । ଅଲଙ୍କାରବିଶେଷ—କୌଣସି ବସ୍ତୁର ଅସଲ ପ୍ରକୃତି ବର୍ଣ୍ଣନା ନ କରି ଯେଉଁ ଅଲଙ୍କାରରେ ବାହେ ଗୁଣ ବର୍ଣ୍ଣନା କରାଯାଇଥାଏ—2. The use of predicates not descriptive of the essential nature of the object (M. W.)

**ଅତନ**—ସଂ. ବି.—(ଅତ ଧାତୁ + ଭାବ. ଅନ)—
Atana ୧ । ଗମନ—1. Going; walking.
୨ । ଭ୍ରମଣ—2. Travelling.

**ଅତନୁ**—ସଂ. ବି—( ବହୁବ୍ରୀହି; ଅ+ତନୁ )—ଅନଙ୍ଗ; କାମ; ମଦନ—
Atanu — Cupid.
ସଂ. ବିଣ—୧ (ବହୁବ୍ରୀହି) ଶରୀରରହିତ—
1. Incorporeal.
୨ । (ନଞ୍ ତତ୍) ସ୍ଥୂଳ; ମୋଟା—
2. Thick; not fine.

**ଅତନ୍ତ୍ର**—ସଂ. ବିଣ (ବହୁବ୍ରୀହି; ଅ+ତନ୍ତ୍ର)—୧ । ଯେଉଁ ବାଦ୍ୟଯନ୍ତ୍ରରେ
Atantra ତନ୍ତ୍ର ବା ତାର ନ ଥାଏ—1. Unstringed (musical instruments).
(ଅତନ୍ତ୍ରା—ସ୍ତ୍ରୀ)
(ଅତନ୍ତ୍ରତା—ବି)—୨ । ସ୍ୱତନ୍ତ୍ର; ଅପରାଧୀନ; ସ୍ୱାଧୀନ—
2. Independent.
୩ । ଅବାଧ—3. Unrestrained.
୪ । ସ୍ୱେଚ୍ଛାଧୀନ; ଯାହା ବାଧ୍ୟତାମୂଳକ ନୁହେଁ—
4. Optional; not necessarily binding.
୫ । ତନ୍ତ୍ରବହିର୍ଭୂତ; ତନ୍ତ୍ରହୀନ—
5. Without mystic formula.

**ଅତନ୍ଦ୍ର**—ସଂ. ବିଣ. ପୁଂ—(ବହୁବ୍ରୀହି; ଅ+ତନ୍ଦ୍ରା)—
Atandra ୧ । ତନ୍ଦ୍ରାହୀନ; ନିଦ୍ରାହୀନ—1. Sleepless.
(ଅତନ୍ଦ୍ରା—ସ୍ତ୍ରୀ)—୨ । ଅନଳସ—2. Unweary; watchful; alert.
୩ । ଅବିରାମ—3. Unremitting; incessant.
୪ । ସାବଧାନ; ସତର୍କ—4. Vigilant; careful.

**ଅତନ୍ଦ୍ରିକ**—ସଂ. ବିଣ—(ଅ+ତନ୍ଦ୍ରା+ଇକ) ଅତନ୍ଦ୍ର (ଦେଖ)
(ଅତନ୍ଦ୍ରିକା—ସ୍ତ୍ରୀ)— Atandra (See)

**ଅତନ୍ଦ୍ରିତ**—ସଂ. ବିଣ. ପୁଂ. (ଅ + ତନ୍ଦ୍ରା + ଇତ)—ଅତନ୍ଦ୍ର ( ଦେଖ )
Atandrita — Atandra ( See )
(ଅତନ୍ଦ୍ରିତା—ସ୍ତ୍ରୀ)

**ଅତନ୍ଦ୍ରୀ**—ସଂ.ବିଣ. ପୁଂ. (ଅ + ତନ୍ଦ୍ରା + ଇନ୍; ୧ମା.୧ବ)–ଅତନ୍ଦ୍ର (ଦେଖ)
Atandri — Atandra (See)
(ଅତନ୍ଦ୍ରିଣୀ—ସ୍ତ୍ରୀ)

**ଅତପ**—ସଂ. ବିଣ. (ଅ + ତପ ଧାତୁ+ଅ )—
Atapa ୧ । ଥଣ୍ଡା; ଶୀତଳ—1. Cool.
୨ । ଅକ୍ରୁଦ୍ଧ—2. Not excited.
୩ । ଅନିଯୁକ୍ତ—3. Unemployed.

**ଅତପଃ**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅ+ତପସ୍ ; ୧ମା.୧ବ)—
Atapah ଯେ ତପଶ୍ଚରଣରେ ହେଳା କରେ—
Neglecting religious austerities.
ସଂ. ବି—ଅଧାର୍ମିକ ବ୍ୟକ୍ତି—Irreligious person.

**ଅତପସ୍କ**—ସଂ. ବିଣ. ପୁଂ. (ଅ + ତପସ୍+କ) ଅତପଃ ( ଦେଖ )
Atapaska — Atapah ( See )
(ଅତପସ୍କା—ସ୍ତ୍ରୀ)

**ଅତର**—ବୈଦେ. ବି. ( ଆ. ଇତ୍ର )—ପୁଷ୍ପରୁ ନିଷ୍କାସିତ ତୈଳମୟ
Atara ସୁଗନ୍ଧ ସାର—Otto; oily scent extracted from flowers.
আতর
अतर — ଯେନ ଚନ୍ଦନ ଅତର, ଶଙ୍ଖ ନିର୍ମଳତର । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଅତରକ**—ଗ୍ରା. (ପଦ୍ୟ) ବିଣ. ( ସଂ. ଅତର୍କିତ )—ଅତର୍କିତ (ଦେଖ)
Ataraka — Atarkita (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ-ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ;— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌କୃତ' ଦେଖିବେ ।

**ଅତରକା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଯେ ମାୟାବୀ ବା କପଟୀ ନୁହେଁ; ନିଷ୍କପଟ; ସରଳ—1. Simple.
Atarakā
ସାଦାସିଦେ
ସୀଧା
୨ । ଅସାବଧାନ—2. Not cautious.

**ଅତରକିଆ**—ଗ୍ରା. ବିଣ—ଅତରକା ( ଦେଖ )
Atarakiā Atarakā ( See )

**ଅତରକିତ**—ଗ୍ରା. (ପଦ୍ୟ) ବିଣ. ( ସଂ. ଅତର୍କିତ )—ଅତର୍କିତ (ଦେଖ)
Atarakita Atarkita ( See )

ଅତରକିତ ହୋଇ ଘରକୁ ଅସନ୍ତି । କୃଷ୍ଣସିଂହ ମହାଭାରତ- ବନ ।

**ଅତରକିତେ**—ଗ୍ରା. (ପଦ୍ୟ) କ୍ରି. ବିଣ. ( ସଂ. ଅତର୍କିତ)—
Atarakite ୧ । ଅତର୍କିତ ଭାବରେ; ଅପ୍ରତ୍ୟାଶିତ ରୂପେ—
1. Unexpectedly.
୨ । ହଠାତ୍—2. Suddenly.

ତନ୍ତ୍ର ମଣିଲି ମୁଁ ତତେ, ଗୃହୁଁ ଯା ଅତରକିତେ ।
ଗୃହ ବସ୍ତୁ ମିଳାଇଲୁ ଅସି । କବିସୂର୍ଯ୍ୟ କଳୋଶା ଚମ୍ପୂ—ତ ଗୀତ ।

**ଅତରକେ**—ଗ୍ରା. (ପଦ୍ୟ) କ୍ରି. ବିଣ. (ସଂ.ଅତର୍କିତ)-ଅତରକିତେ (ଦେଖ)
Atarake Atarakite ( See )

**ଅତରଛ**—ଗ୍ରା. ବି. ଓ ବିଣ—ଅତର୍ଚ୍ଛ ( ଦେଖ )
Atarachha Atarchha ( See )

**ଅତରଛିଆ**—ଦେ. ବିଣ—ଅତର୍ଛିଆ ( ଦେଖ )
Atarachhiā Atarchhiā ( See )

**ଅତରଦାନ୍**—୧ ବୈଦେ. ବି. ( ଆ. ଇତ୍ର୍‌ଦାନ୍ )—
Ataradān ୧ । ସଭା ଓ ଦରବାର ଆଦିରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଅତରଦ୍ୱାରା ଅଭ୍ୟର୍ଥନା କରାଯିବା ପାଇଁ ବ୍ୟବହୃତ ଅତର ରଖା ଯାଇଥିବା ପାତ୍ର—
আতরদান
अतरदान
1. A receptacle for keeping otto while serving it to guests at a gathering.
୨ । ଦେ. ବି. ( ଆ. ଇତ୍ର + ସଂ. ଆଧାନ )—ଅତରଶିଶି; ଅତର ରଖିବା ପାଇଁ ବ୍ୟବହୃତ ସାନ ବୋତଲ୍—
2. Phial of otto.

**ଅତରଦାନି**—ଦେ. ବି—ଅତରଦାନ୍ ( ଦେଖ )
Atardāni Ataradān ( See )

**ଅତରଦିଆ**—ଦେ. ବିଣ—ଅତର ଦ୍ୱାରା ସୁବାସିତ—
Ataradiā Scented with otto.
অতর দেওয়া
अतर दिआहुआ
( ଯଥା—ପାନଖିଲି, ଗୁଣ୍ଡି, ବିଡ଼ି । )

**ଅତରପକା**—ଦେ. ବିଣ—ଅତରଦିଆ ( ଦେଖ )
Atarapakā Ataradiā ( See )

**ଅତରପିତର କରିବା**—ଗ୍ରା. କ୍ରି—ବହୁ ବସ୍ତୁକୁ ଏକତ୍ର କରିବା ବା ମିଳାଇ ଦେବା—To mix up in a confused mass; to jumble up various things.
Atara pitara karibā
একাকার করা
गड़्बड़् करना

[ ବ୍ର—ବେଦୋକ୍ତ "ଅତ୍ର ପିତରୋ ମାଦୟଧ୍ୱଂ" ଇତ୍ୟାଦି ମନ୍ତ୍ରପାଠ ପୂର୍ବକ ଶ୍ରାଦ୍ଧ ପର୍ବରେ ପିଣ୍ଡାବଶିଷ୍ଟ ଅନ୍ନ ବ୍ୟଞ୍ଜନାଦିକୁ ଠୁଳ କରି ଶ୍ରାଦ୍ଧକର୍ତ୍ତା ପିତୃଲୋକଙ୍କୁ ଉତ୍ସର୍ଗ କରନ୍ତି । ଉକ୍ତ ମନ୍ତ୍ରର ପ୍ରଥମ ଓ ଦ୍ୱିତୀୟ ଶବ୍ଦ ଦ୍ୱୟର ଅପଭ୍ରଂଶରେ ଏ ବାକ୍ୟର ବ୍ୟବହାର ହୁଏ । ]
( ଯଥା—ମୁଁ ସବୁ ଜିନଷକୁ ଅଲଗା କରି ରଖିଥିଲି, ସେ ପହଞ୍ଚି ତାକୁ ଅତରପିତର କରି ଦେଲା । )

**ଅତରସ**—ଦେ.ବି. (ସଂ.ଅନ୍ତ + ତ୍ୱରସ୍)—ଉଦ୍‌ବେଗ(ଗୋପୀନାଥ ନନ୍ଦ)—
Atarasa Anxiety.

**ଅତର୍କ**—ସଂ. ବି. (ଅ+ତର୍କ )—୧ । ଯୁକ୍ତି ବା ତର୍କର ଅଭାବ—
Atarka 1. Absence of reasoning or argument.
୨ । ଅଯୌକ୍ତିକ ତର୍କ—2. Bad logic; illogical reasoning.
୩ । ଅଯୌକ୍ତିକ ତର୍କ କରିବା ବ୍ୟକ୍ତି —
3. A bad reasoner.
ସଂ. ବିଣ. ୧ । ଅଯୌକ୍ତିକ—1. Illogical.
୨ । ତର୍କ ବିରହିତ—2. Void of reasoning.

**ଅତର୍କିତ**—ସଂ. ବିଣ. ( ଅ + ତର୍କିତ )—
Atarkita ୧ । ଅଚିନ୍ତିତ; ଅସମ୍ଭାବିତ—1. Unthought of.
୨ । ଅପ୍ରତ୍ୟାଶିତ; ଯାହା ହଠାତ୍ ଘଟେ—
2. Unexpected; sudden.
୩ । ଅଲକ୍ଷିତ—3. Unnoticed.

**ଅତର୍କିତଚର**—ସଂ. ବିଣ. ପୁଂ. (ଅତର୍କିତ + ଚର ଧାତୁ + କର୍ତ୍ତୃ. ଅ)—
Atarkitachara ଯେଉଁ ବ୍ୟକ୍ତି ପୂର୍ବରୁ ସମ୍ବାଦ ନ ଦେଇ ଉପସ୍ଥିତ ହୁଏ—(a person) Who arrives without giving previous intimation; arriving unannounced.
( ଅତର୍କିତଚରୀ—ସ୍ତ୍ରୀ )

**ଅତର୍କ୍ୟ**—ସଂ. ବିଣ. ( ଅ+ତର୍କ ଧାତୁ+କର୍ମ. ଯ )—
Atarkya ୧ । ଅଚିନ୍ତ୍ୟ—1. Inconceivable.
୨ । ଚିନ୍ତାର ଅଗମ୍ୟ—2. Baffling thought.
୩ । ତର୍କର ଅଯୋଗ୍ୟ; ଯାହା ବିଷୟରେ ତର୍କ ବିତର୍କ ହୋଇ ନ ପାରେ—
3. Baffling reasoning.

**ଅତର୍ଚ୍ଛ**—ଦେ. ବିଣ. ପୁଂ. ( ସଂ. ଅତିତ୍ରସ୍ତ; ପ୍ରା. ଅଇତ୍ରା )—
Atarchha ୧ । ଛନିଆଁ; ମହାଭୀତ; ବିହ୍ୱଳ—
( ଅତର୍ଚ୍ଛୀ—ସ୍ତ୍ରୀ ) 1. Terrified.
খাবরা
घबड़ा
୨ । ହଠାତ୍ ଭୟତ୍ରସ୍ତ; ଖାବରା—
2. Suddenly frightened.
୩ । କିଂକର୍ତ୍ତବ୍ୟବିମୂଢ଼—3. Bewildered.
୪ । ଡରୁଆ—4. Timid.
୫ । ଯାହା ଡେରି ସହେ ନାହିଁ—
5. Brooking no delay.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଓ | ନ୍ତ |

ଦେ. ବି—୧ । ତ୍ରାସ; ମହାଭୟ—1 Terror.

୨ । ହଠାତ୍ ଉପସ୍ଥିତ ଭୟ—
2. Sudden fright.

ଅତର୍ଛେ ଅଶ୍ୱତ୍ଥାମା ପଳାଇ ଚଳି ଗଲେ—ପୀତାମ୍ବର. ନୃସିଂହପୁରାଣ ।

୩ । ଉଦ୍‌ବେଗ—3. Anxiety.

୪ । କିଂକର୍ତ୍ତବ୍ୟବିମୂଢ଼ତା—
4. Bewilderment.

**ଅତର୍ଛିଆ**—ଦେ. ବିଣ. ପୁଂ—୧ । ଅତର୍ଛ ( ଦେଖ )
Atarchhiā Atarchha ( See )
(ଅତର୍ଛେଇ—ସ୍ତ୍ରୀ) ୨ । ହଠାତ୍ ତ୍ରାସ ଉତ୍ପାଦନକାରୀ—
2. Terrific; frightful.

( ଯଥା—ତାର ଗୋଟାଏ ଅତର୍ଛିଆ ଝାଡ଼ା ହୋଇଗଲା । )

୩ । ଉଦ୍‌ବେଗକର—3. Causing anxiety.

**ଅତର୍ଛେଇବା**—ଦେ. କ୍ରି. ( ସଂ. ଅତି+ଏସ ଧାତୁ )—
Atarchheibā ୧ । ଅତର୍ଛ କରିବା; ଡରାଇବା—
ਆਂਤਕਾਨ 1. To frighten; to terrify.
ਘਬਰਾਨਾ ୨ । ତତ୍ପର କରିବା—2. To hurry up.

୩ । ବିଳମ୍ବ ନ ସହିବା—
3. To brook no delay.

୪ । କୌଣସି ବ୍ୟକ୍ତିର ମନରେ ଉଦ୍‌ବେଗ ଜନ୍ମାଇବା—4. To cause anxiety to a person.

**ଅତଳ**—ସଂ. ବିଣ. ( ବହୁବ୍ରୀହି; ଅ+ତଳ; ଯାହାର ତଳ ନାହିଁ )—
Atala ୧ । ଯାହାର ତଳ ବା ନିମ୍ନଭାଗ ନିର୍ଦ୍ଧାରିତ ହୋଇ ନ ପାରେ; ଅଗାଧ—
1. Bottomless; unfathomable.

୨ । ଅତି ଗଭୀର—2. Abysmal; very deep.

ସଂ. ବି—ପୁରାଣୋକ୍ତ ସପ୍ତ ପାତାଳ ମଧ୍ୟରୁ ମର୍ତ୍ତ୍ୟର ଅବ୍ୟବହିତ ନିମ୍ନରେ ଥିବା ପାତାଳ—The first of the seven subterranean regions which lies just below our earth.

[ ଦ୍ର—ସପ୍ତ ପାତାଳର ନାମ—ଅତଳ; ବିତଳ; ସୁତଳ; ତଳାତଳ; ମହାତଳ; ରସାତଳ ଓ ପାତାଳ । ]

**ଅତଳତଳ**—ଦେ. ବିଣ. ( ସଂ. ଅତଳ )—୧ । ଅତଳ ( ଦେଖ )
Atalatala 1. Atala ( See )

୨ । ଅତଳତଳା ( ଦେଖ )—2. Atalatalā ( See )

**ଅତଳତଳା**—ଦେ. ବିଣ—୧ । ତଳତଳାନ୍ତ; ଯେଉଁ ପାତ୍ରରୁ ସମସ୍ତ
Atalatalā ତରଳୀୟ ପଦାର୍ଥ ନିଃଶେଷରୂପେ ନିଆଯାଇ-ସାରିଥାଏ—
1. ( cup or receptacle ) Drained to the last drop.

୨ । ନିଃଶେଷିତ—2. Exhausted.

୩ । ପୁଂ. ଓ ସ୍ତ୍ରୀ. —ସ୍ୱଳ୍ପସ୍ୱାନ୍ତ; ଯେଉଁ ବ୍ୟକ୍ତିର ସବୁ ସମ୍ପଦ ଲୁପ୍ତ ହେଲାଣି—
3. ( a person ) Reduced to indigence; reduced to the last extremities.

**ଅତଳତଳାନ୍ତ**—ଦେ. ବିଣ—ଅତଳତଳା ( ଦେଖ )
Atalatalānt Atalatalā ( See )

**ଅତଳତଳିଆ**—ଦେ. ବିଣ—ଅତଳତଳା ( ଦେଖ )
Atalataliā Atalatalā ( See )

**ଅତଳସ**—ବୈଦେ. ବି. ( ଆ. ଅତଲସ୍ )—ଏକପ୍ରକାର ଖୁବ୍ ନରମ
Atalasa ରେଶମ ଲୁଗା ( ହିନ୍ଦି ଶବ୍ଦସାଗର )—
अतलस A kind of very soft silk.

ଅଛି କଙ୍କ ପରେ ଉଡ଼ି ଦେଇ କଞ୍ଚ ଭୋରେ, ପିନ୍ଧିଛି ସେ ଅତଳସ ଲହଙ୍ଗା ଉପରେ ।
ଭଞ୍ଜ. ଲାବଣ୍ୟବତୀ. ୧୫ ।

**ଅତଳସ୍ପରଶ**—ଦେ. (ପଦ୍ୟ) ବିଣ. ( ସଂ. ଅତଳସ୍ପର୍ଶ )—
Atalasparaśa ଅତଳସ୍ପର୍ଶ ( ଦେଖ )
Atalasparśa ( See )

ବିଧ୍ୱଂସ ତାପ ସ୍ପରଶ, ବଡ଼ ଅତଳସ୍ପରଶ,
ବନଦ୍ରୁ ଶାଳ ସାରସ, ବହଇ ରସ ସେ
ଭଞ୍ଜ. ବୈଦେହୀଶବିଳାସ, ୨୬।୧୨ ।

**ଅତଳସ୍ପର୍ଶ**—ସଂ. ବିଣ. ( ବହୁବ୍ରୀହି; ଅ+ତଳସ୍ପର୍ଶ; ଯାହାର ତଳ ସ୍ପର୍ଶ
Atalasparśa କରିହୋଇ ନ ପାରେ; କିମ୍ବା ଅତଳ+ସ୍ପର୍ଶ;
(ଅତଳସ୍ପର୍ଶା—ସ୍ତ୍ରୀ) ଅତଳକୁ ଲାଗିଛି ସ୍ପର୍ଶ ଯାହାର)—
ଅଗାଧ; ଅତି ଗଭୀର—Unfathomable, abysmal.

ଅତଳସ୍ପର୍ଶ ଅଗାଧ ଉପଦ୍ୟାଚାନ୍ତକର—ମଧୁସୂଦନ—ପ୍ରବନ୍ଧମାଳା ।

**ଅତଳସ୍ପର୍ଶୀ**—ସଂ. ବିଣ. ( ବହୁବ୍ରୀହି; ଅ+ତଳସ୍ପର୍ଶ+ଇନ୍; ଯାହାର
Atalasparśi ତଳକୁ କେହି ସ୍ପର୍ଶ କରି ନ ପାରେ; ଅଥବା,
(ଅତଳସ୍ପର୍ଶିନୀ—ସ୍ତ୍ରୀ) ଅତଳ+ସ୍ପର୍ଶ+ଇନ୍; ୧ମା. ୧ବ.—ଯାହା ଅତଳ ବା ୧ମ ପାତାଳକୁ ସ୍ପର୍ଶ କରୁଛି । )—
ଅତଳସ୍ପର୍ଶ ( ଦେଖ )
Atalasparśa ( See )

**ଅତଳସ୍ପୃକ୍**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଅତଳ+ସ୍ପୃଶ ଧାତୁ+କର୍ତ୍ତୃ. କ୍ୱିପ୍)-
Atalaspṛuk ଅତଳସ୍ପର୍ଶ ( ଦେଖ )
Atalasparśa ( See )

**ଅତଳାନ୍ତକ ମହାସାଗର**—ଦେ. (ନାମ; ଆଧୁନିକ ପ୍ରୟୋଗ; ଇଂରାଜି
Atalāntaka mahāsāgara ନାମକୁ ଗଢ଼ିବା ପାଇଁ ଏ ଶବ୍ଦର ପ୍ରୟୋଗ )—ଆଟ୍‌ଲାଣ୍ଟିକ୍ ମହାସାଗର; ଯେଉଁ ମହାସାଗରର ପୂର୍ବ ପାଖେ ଇଉରୋପ ଓ ଆଫ୍ରିକା ଏବଂ ପଶ୍ଚିମ ପାଖେ ଉତ୍ତର ଓ ଦକ୍ଷିଣ ଆମେରିକା—
The Atlantic Ocean.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅତସ**—ସଂ. ବି. ( ଅତ ଧାତୁ + କର୍ତ୍ତୃ. ଅସ )—
Atasa ୧ । ବାୟୁ; ପବନ—1. The air; wind.
୨ । ଆତ୍ମା—2. The soul.
୩ । ଛଣପଟ ଅଂଶୁରେ ବୁଣା ଲୁଗା—
3. Cloth made from flax.

**ଅତସୀ**—ସଂ. ବି. ( ଅତସ + ସ୍ତ୍ରୀ. ଈ )—୧ । ପେଶୀ; ପେଶୁ—
Atasī 1. Lin-seed; Linum Usitatissimum.
ଅନ୍ୟ ସଂ. ନାମ— ଅତସୀ କୁସୁମସମ ଶ୍ୟାମ ହେ ମୁଁ ଗଲିଛି ।
ଉମା; ରୁଦ୍ରପତ୍ନୀ; ମସୃଣା କବିସୂର୍ଯ୍ୟ—ବଳୋପସଂଖ୍ୟା. ୫ ଗୀତ ।
ମସିନା; ତିସୀ [ ଦ୍ର—ଏହା ଏକ କୃଷିଜାତ ତୈଳପ୍ରଦ ବୀଜଯୁକ୍ତ
ଅଲସୀ; ତୀସି ଗୁଳ୍ମ; ଏହି ଗୁଳ୍ମର ମଞ୍ଜି ପେଶୁ ବା ଛସି ଅଟେ । ଏ
ତେ. ଅବିସେ; ଗୁଳ୍ମର ଫୁଲ ପଞ୍ଚଦଳ, ଈଷତ୍ ଶ୍ୟାମଳ ବା
ନଲଯୃଗସି ଆକାଶ ପରି ନୀଳବର୍ଣ୍ଣ; ଏଥିର ଡାଙ୍ଗକୁ ପାଣିରେ
ମ. ଅଲସୀ ସଢ଼ାଇଲେ ଏଥିରୁ ଯେଉଁ ସୂକ୍ଷ୍ମ ଅଂଶୁ ବାହାରେ ତାହା ଝୋଟ ଅପେକ୍ଷା ଦୃଢ଼ ଓ ମସୃଣ । ବୈଦ୍ୟଶାସ୍ତ୍ର ମତରେ ଏହା ମଧୁରରସ, ସ୍ନିଗ୍ଧ; ଗୁରୁ, ବଳକାରକ, କଫବର୍ଦ୍ଧକ, ବାୟୁ ଓ ପିତ୍ତନାଶକ; ଏହା ଶୁକ୍ର ଓ ଦୃଷ୍ଟି ଶକ୍ତିର ହାନିକର । ଏଥିର ବୀଜର ତୈଳ ମଳକାରକ, ଅଗ୍ନିବର୍ଦ୍ଧକ ଓ ଅବିରେଚକ; ଏଥିର ବୀଜର ତୈଳ ଲିନ୍‌ସିଡ୍ ତେଲ ( Linseed oil ) ନାମରେ ରଙ୍ଗରେ ମିଶାଯାଏ; ଏଥିର ଅଂଶୁରୁ ଭାରତରେ ପୂର୍ବକାଳରେ କ୍ଷୌମ ବସ୍ତ୍ର ବୁଣାଯାଉଥିଲା । କିନ୍ତୁ ବର୍ତ୍ତମାନ ଲୋକେ ଏହାକୁ କେବଳ ମଞ୍ଜି ପାଇଁ ବୁଣନ୍ତି ଓ ଏଥିର ଗଛରୁ ଛଣପଟ ପରି ଅଂଶୁ ବାହାରିବା କଥା କୃଷୀମାନେ ଜାଣନ୍ତି ନାହିଁ । କେହି କେହି ଏହାକୁ ଶଣ ବା ଛଣପଟ ଗଛ ବୋଲି ଭୁଲରେ କହନ୍ତି କିନ୍ତୁ ଏହା ଛଣପଟ ନୁହେ; ଛଣପଟ ଫୁଲ ଶ୍ୟାମଳ ନୁହେ, ହଳଦିଆ; ଅତସୀ କୁସୁମ ଶ୍ୟାମବର୍ଣ୍ଣ । ଅମରକୋଷ ଟୀକାକାର ମଧ୍ୟ ଏହାକୁ 'ଜାଲସୂତ୍ରୋପଯୋଗୀ ଶଣ' ବୋଲି ଲେଖି ଅଛନ୍ତି । କିନ୍ତୁ ଶଣ ( The San Hemp, Crotalaria Juncea ) ଏହାଠାରୁ ପୃଥକ ଅଟେ । ]
୨ । ଛଣପଟ ( ଦେଖ )
2. Chhaṇapaṭa ( See )

**ଅତସୀ ଚଣା**—ପ୍ରାଦେ. ( ଗଞ୍ଜାମ ) ବି—୧ । ଅତସୀ ୧. ( ଦେଖ )
Atasī chaṇā Atasī. 1. ( See )

**ଅତସ୍ତତଃ**—ସଂ. କ୍ରି. ବିଣ. ( ଅତଃ ଏଠାରୁ + ତତଃ = ସେଠାରୁ )—
Atastatah ୧ । ଇତସ୍ତତଃ; ଏଣେତେଣେ, ଚତୁର୍ଦ୍ଦିଗରେ (ବିକ୍ଷିପ୍ତ)—
1. (strewn) Here and there.
୨ । ଗୋଳମାଳିଆ ଭାବରେ—
2. Confusedly; jumbled together.

**ଅତା**—ପ୍ରାଦେ. (ଗଞ୍ଜାମ) ଅ. ( ସଂ. ନାଟ୍ୟୋକ୍ତିରେ ଅତ୍ତା ବୋଲି ମା, Atā ଶାଶୁ ଓ ବଡ଼ ଭଉଣୀଙ୍କୁ ସମ୍ବୋଧନ କରାଯାଏ । ତେଲଙ୍ଗୀୟମାନେ ମା ଓ ବଡ଼ ଭଉଣୀଙ୍କୁ 'ଅତା' ଡାକନ୍ତି । ତେଲଙ୍ଗୀୟ ସଂସ୍ରବରେ ଗଞ୍ଜାମର ଦକ୍ଷିଣ ଅଂଶର ଓଡ଼ିଆମାନେ ମଧ୍ୟ ଏହି ଅର୍ଥରେ ଏ ଶବ୍ଦ ବ୍ୟବହାର କରନ୍ତି)—ମା ଓ ବଡ଼ ଭଉଣୀଙ୍କୁ ସମ୍ବୋଧନ—A term used in addressing one's mother and elder sister.

**ଅତାଇଚ**—ଦେ. ବି. ( ସଂ. ଅତିବିଷା )—
Ataicha ୧ । ମହୁରି; ବିଷବିଶେଷ—1. Aconite.
আতইচ ୨ । ଅତିବିଷା ( ଦେଖ )
मिठा विष 2. Atibishā ( See )

**ଅତାଇତ**—ଦେ. ବି. ଓ ବିଣ—ଅତାହିତ ( ଦେଖ )
Ataita Atāhita ( See )

**ଅତାଉତ**—ଦେ. ବି. ଓ ବିଣ—ଆତାହିତ ( ଦେଖ )
Atāuta Ātāhita ( See )

**ଅତାଗମ୍**—ଦେ. ବି. ( ସଂ. ଆଯୃତ + ଗମ ଧାତୁ )—୧ । ଆତଯାତ;
Atāgam ଯା ଆସ; ଚଳପ୍ରଚଳ; ଗମନାଗମନ—
1. Frequenting; coming and going.
( ଯଥା—ସେ ଗ୍ରାମକୁ ମୋର ଅତାଗମ୍ ନାହିଁ । )
୨ । ଇୟତ୍ତା; ନିର୍ଦ୍ଧାରଣ—2. Ascertainment.
୩ । ମାପ; ଗଣନା—3. Measurement.
ଥଳକୂଳ ନାହିଁ ଏଥି ଅତାଗମ୍ କରି । ସାରଳା ମହାଭାରତ. ଅଦି ।
୪ । ପତ୍ତା; ସନ୍ଧାନ—4. Clue.
(ଯଥା—ସେ ଲୋକ କେଉଁ ଆଡ଼େ ପଳାଇଗଲା ତାର କିଛି ଅତାଗମ୍ ମିଳୁ ନାହିଁ । )
୫ । ଚିହ୍ନ; ଶଙ୍କ—5. Trace; vestige.
ଦେ. ବିଣ—୧ । ସର୍ବଦା ଯିବା ଆସିବା କରାଯାଉଥିବା (ସ୍ଥାନ)—
1. Frequented ( place ).
୨ । ନିର୍ଦ୍ଧାରିତ—2. Ascertained.
୩ । ମାପ କରାଯାଇଥିବା—3. Measured.

**ଅତାର**—ଦେ. ବିଣ—ବେତାର; ଯେଉଁ ସମ୍ବାଦ ଦୂରକୁ ପଠାଯିବା ପାଇଁ
Atāra ଟେଲିଗ୍ରାଫ୍ ତାର ଲୋଡ଼ା ହୁଏ ନାହିଁ—
বেতার Wireless ( telegram ).
बेतार

**ଅତାରି**—ଦେ. ବି. ( ନାମ )—ପଞ୍ଜାବର ଗୋଟିଏ ପ୍ରାଚୀନ ସମୃଦ୍ଧିଶାଳୀ
Atārī ନଗର; ଆଜିକାଲି ଏହାର ଧ୍ୱଂସାବଶେଷ ରହିଅଛି—
Name of a ruined ancient town in the Panjāba.
ଦେ. ବିଣ—ଯେଉଁ ଚିନି ବା କନ୍ଦମିଶା ପାଣି ନିଆଁ ଉପରେ ଆଉଟା ହୋଇ ପାଗ ହେବା ଅବସ୍ଥାରେ ତାର ବାନ୍ଧ ନ ଥାଏ ଅର୍ଥାତ୍ ବହଳିଆ ପାଲଟି ନ ଥାଏ—( Solution of sugar or syrup ) Which has not yet thickened to the required thickness.
[ ଦ୍ର—ଚିନି ବା କନ୍ଦମିଶା ପାଣି ନିଆଁ ଉପରେ କିଛିକ୍ଷଣ ବସାଗଲା ପରେ ତାକୁ ଚଟୁରେ ଟେକିଲେ ଚଟୁରୁ ଜଳ ଧାର (ତାର)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଡ଼ଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଢ଼ |

ବୃଦ୍ଧେ; ଅନ୍ତର ବଦ୍ଦଳ ହେଲେ ଦୁଇ ତାର ଓ ଅନ୍ତର ବଦଳ ହେଲେ ଏକ ତାର ବୃନ୍ଦେ । ଏହି ତାର କଦରସଙ୍କୁ 'ଶିଗ' କହନ୍ତି ଓ ଆବଶ୍ୟକମତେ ଏହି ଶିଗରେ ଲଡୁ, ଛେନା, ରସଗୋଲା ଆଦି ବୁଡ଼ାଯାଏ । ]

**ଅତାଲଜ୍ଞାନୀ**—ଦେ. ବିଣ. ( ସଂ. ଅ+ତାଳ+ଜ୍ଞାନୀ )—
Atalajnani ଯେଉଁ ବ୍ୟକ୍ତିର ତାଳଜ୍ଞାନ ନ ଥାଏ—
Having no knowledge of musical cadence.

ବୀଣାବାଦ୍ୟ ଶିକ୍ଷା ଦେଇ ଅଶେଷେ
ଅତାଳଜ୍ଞାନୀ ବୋଲାଇଲେ ଲେଶେ । କବିସୂର୍ଯ୍ୟ—କବିତା ।

**ଅତାଳିଆ**—ଦେ. ବିଣ. ( ସଂ. ଅ+ତାଳ )—
Atalia ୧ । ବେତାଳିଆ; ତାଳରହିତ ( ଗୀତବାଦ୍ୟାଦି )—
ତାଲକାନା 1. Unmusical (performance or
**বেতাল** song ); having no musical cadence.
୨ । ତାଳଜ୍ଞାନଶୂନ୍ୟ ( ବ୍ୟକ୍ତି )—
2. Having no knowledge of musical cadence.
୩ । ( ଲକ୍ଷଣାର୍ଥ ) ସାମଞ୍ଜସ୍ୟହୀନ; ଧାରାହୀନ—
3. Unsystematic; unmethodical.
୪ । ( ଲକ୍ଷଣାର୍ଥ ) ଅଖାଡୁଆ—Awkward.

**ଅତାଳୁଆ**—ଦେ. ବିଣ. ( ସଂ. ଅ; ତାଳ )—ଅତାଳିଆ ( ଦେଖ )
Atalua Atalia ( See )

**ଅତାହିତ**—ଦେ. ବି. ( ସଂ. ଅ+ହି. ଚାହତ୍=ପ୍ରେମ; ଆଦର; ଯତ୍ନ )—
Atahita ୧ । ଗଇହେପାଦନ୍ତ; ଅଯତ୍ନ; ଅଶୁହିତା; ଅନାଦର;
ଅଯତ୍ନ ଅଣହେଳା—1. Neglect; want of proper care.
**বেচাহত** ଦେ. ବିଣ—ଅଯତ୍ନପାଳିତ—
Not brought up with proper care.

**ଅତାହିତା**—ଦେ. ବି. ଓ ବିଣ—ଅତାହିତ ( ଦେଖ )
Atahita Atahita ( See )

**ଅତାହୁତ**—ଦେ. ବି. ଓ ବିଣ—ଅତାହିତ ( ଦେଖ )
Atahuta Atahita ( See )

**ଅତି**—ସଂ. ଅ. ( ଅତ ଧାତୁ+ଇ )—
Ati ୧ । ସମଧିକ; ଅତିଶୟ; ଅତ୍ୟନ୍ତ; ଅତିରିକ୍ତ; ବେଜାୟ—
1. Very; very much; too much; excessive;
୨ । ଅତି ବଡ଼—2. Very big; very large.
ସଂ. ଉପସର୍ଗ ( a prefix denoting)
୧ । ଅତିରିକ୍ତ—1. Excessive.
( ଯଥା—ଅତିଦାନ; ଅତି କଥା । )
୨ । ସୀମା ଅତିକ୍ରମ କରି—2. Beyond.
( ଯଥା—ଅତି ଦୈବ; ଅତିରୁଚ )।

**ଅତିଅନ୍ତ**—ଗ୍ରା. (ପଦ୍ୟ) ଅ. (ସଂ.ଅତ୍ୟନ୍ତ)—ଅତ୍ୟନ୍ତ; ଅତି; ଅତିଶୟ—
Atianta Very; very much; too much.
অত্যন্ত ମୁଁ ଅଟେ ଅତିଅନ୍ତ ଅସନ୍ତ ଦୁର୍ଜନ । କୃଷ୍ଣସିଂହ ମହାଭାରତ· ଅବ ।

**ଅତିକଥା**—ସଂ. ବି. (ଅତି=ଅତିରିକ୍ତ+କଥା)—
Atikatha ୧ । ବୃଥା ଭାଷଣ—1. Fruitless talk.
୨ । ବାଗାଡ଼ମ୍ବର—2. Talkativeness.

**ଅତିକନ୍ଦ**—ସଂ. ବି. ( ଅତି+କନ୍ଦ; ଏହାର ମୂଳ ଖୁବ୍ ବଡ଼ ଥିବାରୁ )—
Atikanda ହସ୍ତିକନ୍ଦ ନାମକ ଗୁଳ୍ମ; ହସ୍ତିକନ୍ଦ ( ଦେଖ )
A kind of plant having a bulbous root; Hastikanda ( See )

**ଅତିକାୟ**—ସଂ. ବିଣ ପୁଂ. ( ବହୁବ୍ରୀହି; ଅତି+କାୟ )—
Atikaya ୧ । ବୃହଦବୟବ; ଦୀର୍ଘକାୟ—
(**ଅତିକାୟା**—ସ୍ତ୍ରୀ) 1. Big-bodied; corpulent.
୨ । ପ୍ରକାଣ୍ଡ—2. Gigantic.
ସଂ. ବି. ପୁଂ—ରାବଣର ପୁତ୍ରବିଶେଷ, ଏହାଙ୍କୁ ଲକ୍ଷ୍ମଣ ବଧ କରିଥିଲେ—A son of Rabana.

ବୋଲଇ ଯେହି ଅତିକାୟ, ସେ ସୁରେ ସମରେ ନାଗରେ ନାହିଁ ।
ଉପେନ୍ଦ୍ର. ବୈଦେହୀଶବିଳାସ. ୪୨।୧୪ ।

**ଅତିକାଳ**—ସଂ. ବି. ( ଅତି+କାଳ )—
Atikala ୧ । ବିଳମ୍ବ—1 Delay.
୨ । କୁସମୟ—2. Bad time.

**ଅତିକୃଚ୍ଛ୍ର**—ସଂ. ବି. ( ଅତି+କୃଚ୍ଛ୍ର )—
Atikruchchhra ୧ । ବହୁତ କଷ୍ଟ—1. Much trouble.
୨ । ଛଅ ଦିନରେ ସମାପ୍ୟ ପ୍ରାୟଶ୍ଚିତ୍ତବିଶେଷ—
2. A difficult expiation performed in six days.

[ ଦ୍ର—ଏଥିରେ ପ୍ରଥମ ଦିନ ସକାଳେ ଗୁଣ୍ଡାଏ ଅନ୍ନ, ଦ୍ୱିତୀୟ ଦିନ ସନ୍ଧ୍ୟା ବେଳେ ଗୁଣ୍ଡାଏ, ତୃତୀୟ ଦିନ ଦିନଭାଗରେ ମିଳିଲେ ଗୁଣ୍ଡାଏ ଏବଂ ଶେଷ ତିନିଦିନ ନିରାହାର ରହିବାକୁ ହୁଏ ।
ହିନ୍ଦି. ଶବ୍ଦସାଗର । ]

୩ । ବାର ଦିନରେ ସମାପ୍ୟ ପ୍ରାୟଶ୍ଚିତ୍ତବିଶେଷ—
3. An expiation performed in 12 days.

[ ଦ୍ର—ତିନି ଦିନ ସନ୍ଧ୍ୟା ବେଳେ, ତିନି ଦିନ ସକାଳେ ଓ ତିନି ଦିନ ଅଯାଚିତୋପସ୍ଥିତ ଖାଦ୍ୟ ଯାହା ମିଳିବ ଏପରି ନଅ ଦିନ କେବଳ ମାତ୍ର ଏକ ଗୁଣ୍ଡା ଲେଖାଏଁ ଖାଇବ ଓ ଶେଷ ତିନି ଦିନ ନିର୍ଜଳ ଉପବାସ କରିବ । ଏପରି ବାର ଦିନେ 'ଅତିକୃଚ୍ଛ୍ର ବ୍ରତ' ପାଳନ କରାଯାଏ । ରାମଶଙ୍କର. ମନୁସଂହିତା. ୧୧-୨୧୪ । ବ୍ରାହ୍ମଣଙ୍କୁ ମାରିବାକୁ ଦଣ୍ଡ ଉଠାଇଲେ କୃଚ୍ଛ୍ର, ମାଇଲେ ଅତିକୃଚ୍ଛ୍ର ଓ ବ୍ରାହ୍ମଣର ରକ୍ତପାତ କଲେ କୃଚ୍ଛ୍ର ଓ ଅତି କୃଚ୍ଛ୍ର ଉଭୟ ପ୍ରାୟଶ୍ଚିତ୍ତ କରିବ । ରାମଶଙ୍କର. ମନୁସଂହିତା ୧୧।୨୦୯ ]

ସଂ. ବିଣ—ଅତ୍ୟନ୍ତ କଷ୍ଟସାଧ—
Very difficult performance.)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅତିକୃତ**—ସଂ. ବଣ. (ଅତି + କୃତ)—ପ୍ରୟୋଜନାତିରିକ୍ତ କରାଯିବା (କର୍ମ)
Atikṛuta — Overdone; redundant.
ସଂ. ବି—ଅତ୍ୟାଧିକ୍ୟ—Excess.

**ଅତିକୃତି**—ସଂ. ବି. ( ଅତି + କୃତି)—୧ । ପ୍ରୟୋଜନାତିରିକ୍ତ କର୍ମକରଣ
Atikṛuti — 1. Overdoing.
୨ । ପଚିଶ ଅକ୍ଷର ଥିବା ଚତୁଷ୍ପାଦବିଶିଷ୍ଟ ବୈଦିକ ଛନ୍ଦୋବିଶେଷ—2. Name of a vedic metre of 25 syllables.

**ଅତିକେଶର**—ସଂ. ବି. ( ବହୁବ୍ରୀହି; ଅତି + କେଶର )—
Atikeśara ଜଳୀୟ ଗୁଳ୍ମବିଶେଷ—ଶିଙ୍ଗଡ଼ା ( ଦେଖ )
An aquatic plant; Trapa Bispinosa. ( Apte )

**ଅତିକ୍ରମ**—ସଂ. ବି. ( ଅତି + କ୍ରମ ଧାତୁ + ଭାବ. ଅ )—
Atikrama ୧ । ଉଲ୍ଲଙ୍ଘନ; କୌଣସି ବସ୍ତୁର ଉପର ଦେଇ
(ଅତିକ୍ରାନ୍ତ—ବଣ) ଡେଇଁ ଯିବା—1. Jumping over.
୨ । ନିର୍ଦ୍ଦିଷ୍ଟ ସୀମାକୁ ଟପିବା—
2. Overstepping; passing beyond the limit.
୩ । ନିର୍ଦ୍ଦିଷ୍ଟ ସମୟ ଟପିଯିବା—
3. Lapse of time; passing beyond the time limit.
୪ । ଅନ୍ୟଥାଚରଣ; ଆଦେଶାଦି ଲଙ୍ଘନ—
4. Disobeying of an order.
୫ । ନିର୍ଦ୍ଦିଷ୍ଟ ନିୟମ ଲଙ୍ଘନ-
5. Transgression of a rule.
୬ । ଶତ୍ରୁକୁ ଆକ୍ରମଣ—
6. Attacking an enemy.
୭ । ଅନାଦର; ଅସମ୍ମାନ; ଅବମାନନା—7. Disrespect.
୮ । ଅବଜ୍ଞା—8. Disregard; slight.
୯ । ଅତ୍ୟାଚାର; ବଳାତ୍କାର—
9. Outrage; oppression.
୧୦ । କର୍ତ୍ତବ୍ୟ ବା ମର୍ଯ୍ୟାଦା ଲଙ୍ଘନ—
10. Breach of decorum or duty.
୧୧ । ଅନ୍ୟର ସୀମାରେ ଅଯଥା ପ୍ରବେଶ—11. Trespass.
୧୨ । ଅପରାଧ; ଦୋଷ—12. Offence; guilt.
୧୩ । ଅନୁଚିତ ଆଚରଣ—
13. Unbecoming conduct.
୧୪ । ଅବହେଳା—14. Neglect.

**ଅତିକ୍ରମଣ**—ସଂ. କ୍ଳ. ( ଅତି + କ୍ରମ ଧାତୁ + ଭାବ. ଅନ )—
Atikramaṇa ଅତିକ୍ରମ ( ଦେଖ )—Atikrama ( See )

**ଅତିକ୍ରମଣୀୟ**—ସଂ. ବିଣ (ଅତି + କ୍ରମ ଧାତୁ + କର୍ମ. ଅନୀୟ )—
Atikramaṇīya ଯାହାକୁ ଅତିକ୍ରମ କରାଯାଇ ପାରେ—
Passable.

**ଅତିକ୍ରମିବା**—ଦେ. ( ପଦ୍ୟ ) କ୍ରି. ( ସଂ. ଅତିକ୍ରମ )—
Atikramibā ୧ । ଅତିକ୍ରମ କରିବା; ଡେଇଁଯିବା; ଟପିବା—
ଅତିକ୍ରମା 1. To pass over.
୨ । ପାରି ହେବା—2. To cross over.
ଏହିରୂପେ ନାନା ଦେଶ, ବନ, ଜନପଦ, ତୀର୍ଥାଶ୍ରମ ଗିରିପୂର୍ଣ୍ଣ ମହାନଦୀ ସ୍ରୋତ କ୍ରମେ କ୍ରମେ ଅତିକ୍ରମି—ରାଧାନାଥ. ମହାଯାତ୍ରା ।
୩ । ଆକ୍ରମଣ କରିବା—3. To attack.
୪ । ଲଙ୍ଘନ କରିବା; ଅନ୍ୟଥା କରିବା—
4. To transgress; to disobey.
୫ । ଅବଜ୍ଞା କରିବା—5. To disregard.
୬ । ଅବମାନନା କରିବା—6. To show disrespect.

**ଅତିକ୍ରାନ୍ତ**—ସଂ. ବଣ. ( ଅତି + କ୍ରମ ଧାତୁ + କର୍ମ. ତ )—
Atikrānta ୧ । ଗତ; ଅତୀତ; ( ସମୟର ସୀମା ) ବିତିଥିବା—
1. Past beyond; passed.
୨ । ଲଙ୍ଘିତ—2. Transgressed; violated.
୩ । ଯାହାକୁ ମନୁଷ୍ୟ ଟପି ଯାଇ ନ ଥାଏ; ଉଲ୍ଲଙ୍ଘିତ—
3. Passed over.
୪ । ଯାହାକୁ ମନୁଷ୍ୟ ପାରି ହୋଇଥାଏ—
4. Crossed over.
୫ । ଯାହାକୁ କେହି ବଳି ଯାଇଥାଏ—
5. Surpassed.
୬ । ଆକ୍ରାନ୍ତ—6. Attacked.
୭ । ଅନାଦୃତ; ଅବଜ୍ଞାତ—
7. Slighted; disregarded.
୮ । ଯାହାର ସୀମାକୁ ମନୁଷ୍ୟ ବଳିଯାଇଥାଏ—
8. Gone beyond.

**ଅତିଗଣ୍ଡ**—ସଂ. ବି. ( ଅତି + ଗଣ୍ଡ )—
Atigaṇḍa ୧ । ଜ୍ୟୋତିଷଶାସ୍ତ୍ରୋକ୍ତ ୨୭ ଯୋଗ ମଧ୍ୟରୁ ଏକତମ—
1. One of the 27 astrological conjunctions.
୨ । ଜ୍ୟୋତିଷ ଶାସ୍ତ୍ରରେ କୌଣସି ବିଷୟରେ ବହୁ ପରିମାଣରେ ଗଣ୍ଡଦୋଷ ଲକ୍ଷିତ ହେବା ଅବସ୍ଥା—
2. A state of things in which there appear many a gaṇḍadosha according to astrological calculations.
୩ । ଆର୍ଦ୍ରା ନକ୍ଷତ୍ରର ଗୋଟିଏ ତାରାର ନାମ—3. Name of a star of the 6th lunar asterism (Apte)
୪ । ଅତି ବଡ଼ ଗଣ୍ଡଦେଶ—
4. A very large cheek.
ସଂ. ବିଣ. ପୁଂ. ( ବହୁବ୍ରୀହି )—ଉଚ୍ଚକପାଳଥିବା—
(ଅତିଗଣ୍ଡା—ସ୍ତ୍ରୀ) Having very large temples or cheeks.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ରୁ | ଲୃ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**ଅତିଗନ୍ଧ**—ସଂ. ବଣ—( ବହୁବ୍ରୀହି; ଅତି + ଗନ୍ଧ )—ଉଗ୍ରଗନ୍ଧବିଶିଷ୍ଟ—
Atigandha Strong-smelling.
(ଅତିଗନ୍ଧା—ସ୍ତ୍ରୀ)
ସଂ. ବି—୧ । ଚମ୍ପକ (ଗଛ ଓ ଫୁଲ); ଚମ୍ପା (ଦେଖ)
1. A tree and flower;champā. (See)
୨ । ଗନ୍ଧକ—2. Sulpher.
୩ । ଏକପ୍ରକାର ଉଗ୍ରଗନ୍ଧଯୁକ୍ତ ତୃଣ; ଭୂସ୍ତୃଣ; ଧନଶ୍ରୀ—
3. Lemongrass.

**ଅତିଗନ୍ଧା**—ସଂ. ବଣ. ସ୍ତ୍ରୀ (ଅତିଗନ୍ଧ + ଆ)—ଅତିଗନ୍ଧର ସ୍ତ୍ରୀଲିଙ୍ଗ—
Atigandhā Feminine of atigandha.
ସଂ. ବି.—ଚମ୍ପା (ଦେଖ)
Champā (See)

**ଅତିଗନ୍ଧାଳୁ**—ସଂ. ବି (ଅତି + ଗନ୍ଧ + ଆଳୁ) —ପୁତ୍ରଦାତ୍ରୀ ଲତା—
Atigandhālu A kind of creeper (M.W.)

**ଅତିଗବ**—ସଂ. ବଣ ( ଅତି+ଗୋ = ଇନ୍ଦ୍ରିୟ+ଅ )—
Atigaba ୧ । ଇନ୍ଦ୍ରିୟର ଅଗୋଚର—1. Imperceptible.
୨ । ଅବର୍ଣ୍ଣନୀୟ—2. Indescribable.
୩ । ଗମାର; ନିର୍ବୋଧ—3. Stupid; foolish.

**ଅତିଗହନ**—ସଂ. ବଣ—୧ । ବୁଦ୍ଧିର ଅଗୋଚର—
Atigahana 1. Incomprehensible (Apte)
୨ । ଅତି ଗମ୍ଭୀର—2. Very deep.
ଦେ. ବଣ—୧ । ଅତିଘନ; ଅଭେଦ୍ୟ— 1. Very dense; impenetrable.
୨ । ଅତି କଷ୍ଟସାଧ୍ୟ—2. Very difficult.

**ଅତିଗୁଣ**—ସଂ. ବଣ—( ବହୁବ୍ରୀହି; ଅତି + ଗୁଣ )—୧ । ଭଲ ଗୁଣ
Atiguṇa ବିଶିଷ୍ଟ (ବ୍ୟକ୍ତି)—( person ) Of excellent qualities.
୨ । ଗୁଣହୀନ—2. Devoid of merits or worth.

**ଅତିଗୁରୁ**—ସଂ. ବଣ—୧ । ଅତ୍ୟନ୍ତ ଭାରି—1. Very heavy.
Atiguru ୨ । ଯାହାର ଆପେକ୍ଷିକ ଗୁରୁତ୍ୱ ଖୁବ୍ ବେଶି—
( ଯଥା—ସୁନା; ପାରା; ପାରଦ )—
2. Of very great specific gravity.

**ଅତିଗୁହା**—ସଂ. ବି—ପୃଶ୍ନିପର୍ଣ୍ଣୀ ( ଦେଖ )
Atiguhā Prusniparnni ( See )

**ଅତିଗୋ**—ସଂ. ବି. ( ଅତି + ଗୋ )—ଉତ୍କୃଷ୍ଟ ଗାଈ—
Atigo. An excellent cow ( M. W. ).

**ଅତିଗ୍ରହ**—ସଂ. ବି. ( ଅତି+ଗ୍ରହ ଧାତୁ+କର୍ମ. ଅ ) — ତତ୍ତ୍ୱଜ୍ଞାନ—
Atigraha Spiritual knowledge.
ସଂ. ବଣ—୧ । ଇନ୍ଦ୍ରିୟ ଗ୍ରାହ୍ୟ—
1. Perceptible by the senses.
୨ । ଅଚିନ୍ତ୍ୟ—2. Incomprehensible.

**ଅତିଗ୍ରାହ୍ୟ**—ସଂ. ବି. ( ଅତି+ଗ୍ରହ ଧାତୁ + କର୍ମ. ଯ )—ଜ୍ୟୋତିଷ୍ଟୋମ
Atigrāhya ଯଜ୍ଞର ତ୍ରିଆହୁତି—The three oblations of ghee in the fire in the Jyotishṭoma sacrifice.

**ଅତିଚର**—ସଂ. ବି. ( ଅତି+ଚର ଧାତୁ+କର୍ତ୍ତୃ. ଅ )—
Atichara ୧ । ଅତି ପରିବର୍ତ୍ତନଶୀଳ—
1. Very changeable.
୨ । ଅତି ଅଳ୍ପକାଳସ୍ଥାୟୀ—
2. Very brief; transient.

**ଅତିଚରଣା**—ସଂ. ବି. ସ୍ତ୍ରୀ—୧ । ସ୍ତ୍ରୀମାନଙ୍କର ରୋଗବିଶେଷ (ଯାହା ଦ୍ୱାରା
Aticharaṇā ଏକାଧିକବାର ମୈଥୁନ ନ କଲେ ରୋଗିଣୀ ତୃପ୍ତ ହୁଏ ନାହିଁ ) ( ହିନ୍ଦି ଶବ୍ଦସାଗର )—
1. A female-disease.
୨ । ( ବୈଦ୍ୟକ ମତାନୁସାରେ ) ଅତ୍ୟନ୍ତ ମୈଥୁନରେ ସୁଦ୍ଧା ତୃପ୍ତ ନ ହେବା ସ୍ତ୍ରୀର ଯୋନି—( ହିନ୍ଦି. ଶବ୍ଦସାଗର )—
2. The femaleorgan of a woman who is not satisfied with moderate coition.

**ଅତିଚରା**—ସଂ. ବଣ. ସ୍ତ୍ରୀ. ( ଅତିଚର + ଆ )—ଅତିଚରର ସ୍ତ୍ରୀଲିଙ୍ଗ—
Aticharā Feminine of atichara.
ସଂ. ବି—ସ୍ଥଳପଦ୍ମ ଗୁଳ୍ମ— A plant; Hibiscus Mutabilis.

**ଅତିଚାର**—ସଂ. ବି. ( ଅତି+ଚର ଧାତୁ + ଭାବ ଅ )—
Atichāra ୧ । ଏକ ରାଶିର ଭୋଗକାଳ ସମାପ୍ତ ନ ହେଉଣୁ
(ଅତିଚାରୀ—ପୁଂ. ବଣ) କୌଣସି ଗ୍ରହର ଅନ୍ୟ ରାଶିକୁ ଚଳନ—
(ଅତିଚାରିଣୀ—ସ୍ତ୍ରୀ. ବଣ) 1. ccelerated motion of a planet from one sign to another

ଅରେ ଅରେ ବୋଲି ହାଙ୍କୋଉଛନ୍ତି ବେନି ବାହୁ,
ଅତିଚାର କରି ଯେସନେ ଦିନଙ୍କ ରାହୁ—ସାରଳା. ମହାଭାରତ, ବନପର୍ବ ।

୨ । ନିୟମ ଲଙ୍ଘନ—
2. Transgression; violation of rules.

**ଅତିଚ୍ଛତ୍ର**—ସଂ. ବି. (ଅତି + ଛତ୍ର; ସନ୍ଧି ଯୋଗୁ ଛ ସ୍ଥାନରେ ଚ୍ଛ ଆଦେଶ)—
Atichchhatra ୧ । ଜଳ ତୃଣ—1. Aquatic grass.
୨ । ଧାନ କିଆରିରେ ମାଡ଼ିବା ଏକପ୍ରକାର ଝାମ୍ପୁଡ଼ା ଘାସ—
2. A kind of bushy weed growing in paddy-fields,
୩ । ଅତିଚ୍ଛତ୍ରକ ( ଦେଖ )
3. Atichchhatraka ( See )

**ଅତିଚ୍ଛତ୍ରକ**—ସଂ. ବି. ( ଅତିଚ୍ଛତ୍ର+କ )—ଏକପ୍ରକାର ଝାମ୍ପୁଡ଼ା ଛତୁ—
Atichchhatraka A kind of mushroom; Hygrophila Spinosa.

**ଅତିଚ୍ଛତ୍ରା**—ସଂ. ବି. ( ଅତିଚ୍ଛତ୍ର + ଆ )—
Atichchhatrā ୧ । ପାନମହୁରୀ—1. Aniseed

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଗିଆ' ନ ପାଇଲେ 'ଆଖି' ଦେଖିବେ;'ଅଲବତ' ନ ପାଇଲେ'ଅଲ୍ବତ୍' ଦେଖିବେ ।

୨ । ଶତପୁଷ୍ପା; ଶତ୍ରୁପ—2. Anethum sowa.

**ଅତିଚ୍ଛଦ**—ସଂ. ବି. ( ଅତି+ଛଦ ଧାତୁ+କର୍ତ୍ତୃ. ଅ )—
Atichchhada ଅତିଚ୍ଛତ୍ରକ ( ଦେଖ )—
Atichchhatraka ( See )

**ଅତିଚ୍ଛନ୍ଦ**—ସଂ. ବିଣ. (ଅତି+ଛନ୍ଦ)—୧ । ସଂସାରକାମନାରୁ ମୁକ୍ତ—
Atichchhanda 1. Free from worldly desires.
୨ । ବୈଦିକ କ୍ରିୟାକାଣ୍ଡଲଙ୍ଘନକାରୀ—
2. Transgressing the Vedic traditions of conduct.

**ଅତିଜଗତୀ**—ସଂ. ବି—ପ୍ରତ୍ୟେକ ପାଦରେ ତେର ଅକ୍ଷର ଥିବା ସଂସ୍କୃତ
Atijagatī ଛନ୍ଦୋବିଶେଷ—Name of a sanskrit metre having 13 syllables in each foot.

**ଅତିଜବ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅତି+ଜବ )—
Atijaba ଅତିଶୟ ବେଗବାନ୍ ( ଅଶ୍ୱ )—
(ଅତିଜବା—ସ୍ତ୍ରୀ ) Fleet ( horse)

**ଅତିଜାଗର**—ସଂ. ବିଣ. ପୁଂ. (ଅତି+ଜାଗର )—ଯେ ସର୍ବଦା ଚେଇଁ
Atijāgara ଥାଏ—Always watchful.
ସଂ. ବି—ନୀଳବକ; ଏକପ୍ରକାର ବଗ—
The black curlew ( bird )

**ଅତିତରଣ**—ସଂ. ବି. (ଅତି+ତୃ ଧାତୁ+ଭାବ. ଅନ)—ପାର ହେବା—
Atitarana Crossing; surmounting.

**ଅତିତରାଂ**—ସଂ. ଅ. ( ଅତି+ତରାଂ; ତୁଲ. ସୁତରାଂ; ନିତରାଂ )—
Atitarām ଅତ୍ୟଧିକ—Very much; too much.

**ଅତିଥ**—ଗ୍ରା. ବି. ( ସଂ. ଅତିଥି )—୧ । ଅତିଥି—1. A guest.
Atitha ଅପଣେ ବୈଷ୍ଣବ ହୋଇ ଅପଣେ ଅତିଥ ।
অতিথ ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।
अतीत

**ଅତିଥ ଅଭ୍ୟାଗତ**—ଗ୍ରା. ବି. (ଏକାର୍ଥକ ସହଚର; ସଂ. ଅତିଥି+ଅଭ୍ୟାଗତ)—
Atitha abhyāgata ହଠାତ୍ ଉପସ୍ଥିତ ବା ଆଗନ୍ତୁକ ଅତିଥି;
অতিথ অভ্যাগত ସତ୍କାର ପ୍ରାର୍ଥୀ ଗୃହାଗତ ବ୍ୟକ୍ତିଗଣ—
अतीत अभ्यागत Guests.

**ଅତିଥି**—ସଂ. ବି. ( ବହୁବ୍ରୀହି; ଅ+ତିଥି; ଯାହାର ତିଥି ବା ନିର୍ଦ୍ଦିଷ୍ଟ
Atithi ସମୟ ନାହିଁ; କିମ୍ବା ଯେଉଁ ବ୍ୟକ୍ତି ଏକ ସ୍ଥାନରେ ଏକ ତିଥିରୁ ବେଶି ରହେ ନାହିଁ କିମ୍ବା ଅତ ଧାତୁ=ଗମନ କରିବା+କର୍ତ୍ତୃ.ଇଥି)—୧ । ଅନାମନ୍ତ୍ରିତ ଆଗନ୍ତୁକ ବ୍ୟକ୍ତି—
1. An unsummoned guest.
୨ । ଜୈନ ସାଧୁ—2. A Jaina ascetic.
୩ । (ନାମ) ସୂର୍ଯ୍ୟବଂଶୀୟ ରାଜା କୁଶ ଓ ରାଣୀ କୁମୁଦ୍ୱତୀଙ୍କ ପୁତ୍ର—ଏହାଙ୍କର ଅନ୍ୟ ନାମ ସୁହୋତ୍ର—3. Name of a prince of the Solar Dynasty.
୪ । ଯେଉଁ ସନ୍ନ୍ୟାସୀ କୌଣସି ସ୍ଥାନରେ ଏକ ରାତ୍ରିରୁ ଅଧିକ ରହନ୍ତି ନାହିଁ—4. An anchorite who does not stay at a place for more than one night. ( ହିନ୍ଦି. ଶବ୍ଦସାଗର )
୫ । ଅଗ୍ନି—5 Fire.
୬ । ଯଜ୍ଞରେ ସୋମ ଲତାକୁ ନେବା ବାଲା (ହିନ୍ଦି ଶବ୍ଦସାଗର)
6 A person who brings the Soma creeper to a Vedic sacrifice.
[ ଦ୍ର—ଏକରାତ୍ରି ପରଗୃହରେ ରହିବା ବ୍ରାହ୍ମଣ ଅତିଥି ବୋଲାନ୍ତି । କାରଣ ନିତ୍ୟ ଏକ ସ୍ଥାନରେ ନ ରହନ୍ତି ବୋଲି ତାଙ୍କୁ ଅତିଥି ବୋଲାଯାଏ । ] ରାମଶଙ୍କର. ମନୁସଂହିତା. ୩।୧୦୨ ।

**ଅତିଥି ଅଭ୍ୟାଗତ**—ସଂ. ବି. ( ଏକାର୍ଥକ ସହଚର )—ସତ୍କାରପ୍ରାର୍ଥି
Atithi abhyāgata ଗୃହାଗତ ବ୍ୟକ୍ତିଗଣ—Guests.

**ଅତିଥିକ୍ରିୟା**—ସଂ. ବି ( ୬ଷ୍ଠୀ ତତ୍; ଅତିଥି+କ୍ରିୟା )—ଆତିଥେୟତା;
Atithikriyā ଅତିଥିଙ୍କୁ ଖାଦ୍ୟ ପାନାଦି ଦେବା ଓ ସେବା କରିବା ଦ୍ୱାରା ଆଦର—Rites of hospitality; entertaining of one's guests.
[ ଦ୍ର—ହିନ୍ଦୁଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଗୃହସ୍ଥଙ୍କର ନିତ୍ୟ କର୍ତ୍ତବ୍ୟ ପଞ୍ଚ ମହାଯଜ୍ଞରୁ ଏହା ଏକତମ । ଆତିଥିସତ୍କାର ବିଷୟ ମନୁସଂହିତା ୩ୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।
ରାମଶଙ୍କର. ମନୁସଂହିତା ୩।୧୦୨।୧୧୪ ।]

**ଅତିଥି ଚର୍ଚ୍ଚା**—ସଂ. ବି. ( ୬ଷ୍ଠୀ ତତ୍ ) ଅତିଥି କ୍ରିୟା ( ଦେଖ )
Atithi charchchā Atithi kriyā ( See )

**ଅତିଥି ଚର୍ଯ୍ୟା**—ସଂ. ବି. ( ୬ଷ୍ଠୀ ତତ୍ ଅତିଥି+ଚର୍ଯ୍ୟା)—
Atithi charyā ଅତିଥିକ୍ରିୟା ( ଦେଖ )
tithikriyā ( See )

**ଅତିଥିପତି**—ସଂ. ବି. ( ୬ଷ୍ଠୀ ତତ୍; ଅତିଥି+ପତି )—
Atithipati ଅତିଥି ସତ୍କାରକାରୀ ବ୍ୟକ୍ତି; ଯେଉଁ ଗୃହସ୍ୱାମୀ ଅତିଥିଙ୍କ ସେବା କରୁଥାନ୍ତି—A host; an entertainer of a guest.

**ଅତିଥି ପୂଜା**—ସଂ. ବି. ( ୬ଷ୍ଠୀ ତତ୍; ଅତିଥି+ପୂଜା)—
Atithi pūjā ଅତିଥିକ୍ରିୟା ( ଦେଖ )
Atithikriyā ( See )

**ଅତିଥି ଯଜ୍ଞ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅତିଥି+ଯଜ୍ଞ; ଅତିଥି-
Atithi jajña ସତ୍କାରରୂପ ଯଜ୍ଞ )—ଅତିଥିକ୍ରିୟା ( ଦେଖ )
Atithikriyā ( See )

**ଅତିଥିଶାଳା**—ସଂ. ବି. (୬ଷ୍ଠୀ ତତ୍; ଅତିଥି+ଶାଳା)—
Atithisālā ଅତିଥିମାନଙ୍କ ରହିବା ପାଇଁ ଅଭିପ୍ରେତ ଘର—
Guest-house.

**ଅତିଥିସତ୍କାର**—ସଂ. ବି. ( ୬ଷ୍ଠୀ ତତ୍; ଅତିଥି+ସତ୍କାର )—
Atithisatkāra ଅତିଥିକ୍ରିୟା ( ଦେଖ )
Atithi kriyā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**ଅତିଥିସତ୍କ୍ରିୟା**—ସଂ. ବି. ( ୬ଷ୍ଠୀ ତତ୍; ଅତିଥି + ସତ୍କ୍ରିୟା )—
Atithisatkriyā ଅତିଥି କ୍ରିୟା ( ଦେଖ )
Atithikriyā ( See )

**ଅତିଥିସେବା**—ସଂ. ବି. ( ୬ଷ୍ଠୀ ତତ୍ ; ଅତିଥି + ସେବା )—
Atithisebā ଅତିଥିକ୍ରିୟା ( ଦେଖ )
Atithikriyā ( See )

**ଅତିଥ୍ୟ**—ସଂ. ବି. ( ନାମ )—ସୁହୋତ୍ର ରାଜା; କୁଶରାଜାଙ୍କ ପୁତ୍ର—
Atithya Name of a prince.

**ଅତିଦାତା**—ସଂ. ବିଣ. ପୁଂ. ( ଅତି + ଦା ଧାତୁ + ତୃନ୍. ୧ମା. ୧ବ )—
Atidātā ଅତିଦାନୀ ( ଦେଖ )
(ଅତିଦାତ୍ରୀ—ସ୍ତ୍ରୀ) Atidāni ( See )

**ଅତିଦାନ**—ସଂ ବି. ( ଅତି + ଦା ଧାତୁ + ଭାବ. ଅନ )—
Atidāna ୧ । ଦାନାତିଶଯ୍ୟ; ଅତିରିକ୍ତଦାନ—
1. Munificence; excessive liberality.
୨ । ଆପଣାର ଶକ୍ତିବହିର୍ଭୂତ ଦାନ—
2. Liberality or generosity beyond one's means.

**ଅତିଦାନୀ**—ସଂ. ବିଣ. (ଅତିଦାନ + ଅସ୍ତ୍ୟର୍ଥରେ. ଇନ୍ ୧ମା. ୧ବ)—
Atidāni ୧ । ଶକ୍ତିବହିର୍ଭୂତ ଦାନକାରୀ—
1. Lavish of gifts beyond one's means.
୨ । ବିଶେଷ ଦାନଶୀଳ—2. Very liberal (person)

**ଅତିଦାହ**—ସଂ. ବି. ( ଅତି + ଦହ ଧାତୁ + ଭାବ. ଅ )—
Atidāha ଦେହର ଅତ୍ୟନ୍ତ ପୋଡ଼ାଜଳା—
Violent inflammation of the body.

**ଅତିଦୀପ୍ୟ**—ସଂ. ବି. ( ଅତି + ଦୀପ ଧାତୁ + କର୍ମ. ଯ )—
Atidipya ରକ୍ତଚିତା ଗୁଳ୍ମ—A plant; Plumbago Rosea.

**ଅତିଦେଶ**—ସଂ. ବି. ( ଅତି + ଦିଶ ଧାତୁ + ଭାବ. ଅ )—
Atidesa ୧ । ( ବ୍ୟାକରଣ ) ଏକ ପଦାର୍ଥର ଧର୍ମ ବା କ୍ରିୟାକୁ ସାଦୃଶ୍ୟାର୍ଥେ ଅନ୍ୟ ପଦାର୍ଥଠାରେ ଆରୋପଣ—
1. ( grammar ) Act of assigning an effect to other than its own cause by analogy.
[ ଦ୍ର—ଗୋ ଶବ୍ଦରୁ ସାଦୃଶ୍ୟରୂପଧାରୀ ଅର୍ଥରେ ଉତ୍ପନ୍ନ 'ଗବୟ' ଶବ୍ଦରୂପ—ଅତିଦେଶର ଉଦାହରଣ । ଅତିଦେଶ ପାଞ୍ଚ ପ୍ରକାରର, ଯଥା—ଶାସ୍ତ୍ର, କାର୍ଯ୍ୟ, ନିମିତ୍ତ, ବ୍ୟପଦେଶ ଓ ରୂପ । ]
୨ । ( ସ୍ମୃତି ) ଯେଉଁ ନିୟମ ଆପଣା ନିର୍ଦ୍ଦିଷ୍ଟ ବିଷୟର ଅତିରିକ୍ତ ଅନ୍ୟ ବିଷୟରେ ମଧ୍ୟ ଖଟାଯାଏ ।
( ହିନ୍ଦ. ଶବ୍ଦସାଗର )
2. ( law ) A rule which is made to apply to cases other than those for which it was laid down.

**ଅତିଦୈବ**—ସଂ. ବିଣ. ( ଅତି + ଦେବ; ଯାହା ଦେବତାଙ୍କୁ ଅତିକ୍ରମ କରିଅଛି)—ଦେବତାମାନଙ୍କ ସାଧ୍ୟାତୀତ ( କର୍ମ )—
Atidaiba
Impossible of performance by the gods.

**ଅତିଦୋହନ**—ସଂ. ବି. ( ଅତି + ଦୁହ ଧାତୁ + ଭାବ. ଅନ )—
Atidohana ପ୍ରୟୋଜନାତିରିକ୍ତ ବା ଉପର୍ଯ୍ୟୁପରି ଗାଈଠାରୁ ଦୁହାଁ—Over milking of a cow.

**ଅତିଦ୍ୱୟ**—ସଂ. ବିଣ. ( ଅତି + ଦ୍ୱୟ )—
Atidwaya ୧ । ଅଦ୍ୱିତୀୟ—1. Having no second.
୨ । ଅତୁଳନୀୟ—2. Incomparable ( Apte ).

**ଅତିଧନ୍ୱା**—ସଂ. ବିଣ. ( ବହୁବ୍ରୀହି; ଅତି = ଉତ୍କୃଷ୍ଟ + ଧନୁସ୍, ଯାହାର; ଅତିଧନ୍ୱନ୍, ୧ ମା. ୧ ବ. )—
Atidhanwā
୧ । ଉତ୍କୃଷ୍ଟ ବା ସୁନ୍ଦର ଧନୁଦ୍ୱାରା ଶୋଭିତ—
1 Armed with an excellent bow.
୨ । ଉତ୍କୃଷ୍ଟ ଧନୁର୍ଦ୍ଧର (ଯୋଦ୍ଧା); ଧନୁର୍ବିଦ୍ୟାରେ ସିଦ୍ଧହସ୍ତ—
2. Excellent archer; expert in archery.
ସଂ. ବି. (ନାମ) -- ସୁନାକ ରାଜାଙ୍କ ବଂଶଧର ରାଜାବିଶେଷ—
Name of an ancient king.

**ଅତିଧୃତି**—ସଂ. ବି. ( ଅତି + ଧୃତି )—ଅତିଛନ୍ଦପର ସଂସ୍କୃତ ଛନ୍ଦୋବିଶେଷ (ଏଥିର ପ୍ରତ୍ୟେକ ପାଦରେ ୧୯ ଅକ୍ଷର; ଯଥା ଶାର୍ଦ୍ଦୂଳ ବିକ୍ରୀଡ଼ିତ)—
Atidhruti
Name of a Sanskrit metre having 19 syllables in every foot.

**ଅତିନାଭ**—ସଂ. ବି. ( ନାମ )—ହିରଣ୍ୟାକ୍ଷ ଦୈତ୍ୟର ନଅ ପୁତ୍ରଙ୍କ ମଧ୍ୟରୁ ଏକତମ (ହି. ଶବ୍ଦସାଗର)—
Atinābha
Name of one of the nine sons of the demon Hiranāksha.

**ଅତିନାମା**—ସଂ. ବି. (ନାମ) (ଅତି + ନାମ; ଅତି ନାମନ୍; ୧ମା.୧ବ.)
Atināmā ଷଷ୍ଠ ମନ୍ୱନ୍ତରର ସପ୍ତର୍ଷିଙ୍କ ମଧ୍ୟରୁ ଏକତମ—
Name of one of the seven sages of the sixth Aeon.

**ଅତିପଞ୍ଚା**—ସଂ. ବି. ସ୍ତ୍ରୀ ( ବହୁବ୍ରୀହି; ଅତି = ଅତିକ୍ରମଣ କରିଛି + ପଞ୍ଚନ୍ = ପାଞ୍ଚ ବର୍ଷ ଯେ + ସ୍ତ୍ରୀ. ଆ )—ପାଞ୍ଚବର୍ଷ ବୟସ ଟପିଥିବା ବାଳିକା—
Atipañchā
A girl past five years of age.

**ଅତିପତନ**—ସଂ. ବି. (ଅତି + ପତ ଧାତୁ + ଭାବ. ଅନ)—
Atipatana ୧ । ଅତିକ୍ରମ (ଦେଖ)
1. Atikrama (See)
୨ । ଉପର ଦେଇ ଉଡ଼ିଯିବା—2. Flying past.
୩ । ଅପବ୍ୟୟ—3. Waste

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଅବ୍ୟବସ୍ଥା —4. Want of arrangement.
୫ । ଗୋଳମାଳ—5. Confusion.
୬ । କର୍ତ୍ତବ୍ୟରେ ଅବହେଳା ବା ଅନାସ୍ଥା— Neglect of duty; negligence.
୭ । କର୍ତ୍ତବ୍ୟ ଲଙ୍ଘନ—7. Breach of duty.
୮ । ଅକ୍ରିୟାରେ ଆସ୍ଥା—8. Leaning or tendency towards evil actions.
୯ । ସମୟ ଅତିକ୍ରାନ୍ତ ହେବା ଅବସ୍ଥା— 9 Lapse of time; limitation.
୧୦ । ବାଧା; ବିଘ୍ନ—10. Obstacle.
୧୧ । କ୍ଷତି; ହାନି; ଅପଚୟ—11. Loss; deterioration.
୧୨ । ଦୁର୍ବ୍ୟବହାର—12. Illtreatment; perverse conduct.
୧୩ । ପ୍ରତିକୂଳତା; ବିରୋଧ—13 Opposition.

**ଅତିପତ୍ର**—ସଂ. ବି. (ବହୁବ୍ରୀହି; ଅତି=ବୃହତ୍+ପତ୍ର)—
Atipatra ୧ । ଶାଗୁଆନ ଗଛ—1. Teak (tree)
୨ । ହସ୍ତିକନ୍ଦ ବୃକ୍ଷ (ଦେଖ) 2. Hastikanda tree (See)

**ଅତିପତ୍ରା**—ସଂ. ବି. (ଅତିପତ୍ର+ଆ)—ବାଡ଼ି ଅଁଳା ଗୁଳ୍ମ (ଦେଖ)
Atipatrā 2. Bārdi aanlā plant (See)

**ଅତିପଥ**—ସଂ. ବି. (ଅତି+ପଥିନ୍; ୧ମା. ୧ବ.)—
Atipatha ୧ । ସନ୍ମାର୍ଗ; ଉତ୍ତମ ପଥ—1. A good road.
୨ । ପ୍ରଶସ୍ତ ପଥ—2. A spacious road.
୩ । ସାଧାରଣ ମାର୍ଗ ଅପେକ୍ଷା ଉତ୍କୃଷ୍ଟ ମାର୍ଗ— 3. A better road than common (M.W.)

**ଅତିପନ୍ଥା**—ସଂ. ବି. ( ଅତି+ପଥିନ୍; ୧ମା. ୧ବ. )—
Atipanthā ଅତିପଥ (ଦେଖ)—Atipatha ( See )

**ଅତିପର**—ସଂ. ବିଣ. ପୁଂ. ( ଅତି+ପର )—୧ । ବିଶେଷରୂପେ
Atipara ଶତ୍ରୁଭାବାପନ୍ନ—1. Very inimical.
୨ । ଶତ୍ରୁଜିତ; ଶତ୍ରୁଜୟକାରୀ— 2. One who has vanquised his enemies
ଗ୍ରା. ବି—ସାତପର; ଯେଉଁ ବ୍ୟକ୍ତି ମୋର କେହି ନୁହେ— An utter stranger
ସଂ. ବି. ପୁଂ—୧ । ପରାକ୍ରମୀ ଶତ୍ରୁ— 1. A powerful enemy.
୨ । ଉତ୍କୃଷ୍ଟ ଶତ୍ରୁ—2. A superior enemy.

**ଅତିପରଚେ**—ଗ୍ରା. ବି. ( ସଂ. ଅତିପରିଚୟ )—ଅତିପରିଚୟ; ବେଜାୟ
Atiparache ଘନିଷ୍ଠତା—Too much familiarity.
ଅତିପରିଚୟ / बेजा हेलमेल — ଗଙ୍ଗା ନିକଟେ ଯେତେ ଜନେ, ଅତିପରଚେ ଅପମାନେ । ଅମୃତ ନ ଷ୍ଟୁ ଶୁଦ୍ଧି ଅର୍ଥେ, ଲୋକେ ଭ୍ରମନ୍ତି ଅନ୍ୟ ତୀର୍ଥେ । ଜଗନ୍ନାଥ, ଭାଗବତ, ୧୦ମ. ସ୍କନ୍ଧ ।

**ଅତିପରିଚୟ**—ସଂ. ବି. ( ଅତି+ପରିଚୟ )—ବେଜାୟ ଘନିଷ୍ଠତା;
Atiparichaya ଅତ୍ୟଧିକ ହିତାହିତା ହେବା ଅବସ୍ଥା--Too much familiarity; excessive intimacy.
( ଯଥା—ଅତିପରିଚୟେ ଗରୁର ନାଶ୍ଟ—ଉଗ;
ଅତିପରିଚୟେ ଗୌରବ ନଷ୍ଟ—ବଙ୍ଗଳା;
ଅତିପରିଚୟାଦବଜ୍ଞା ଭବତି—ସଂସ୍କୃତ । )

**ଅତିପାତ**—ସଂ. ବି. ( ଅତି+ପତ ଧାତୁ+ଭାବ. ଅ )—
Atipāta ଅତିପତନ ( ଦେଖ ) Atipatana ( See )

**ଅତିପାତକ**—ସଂ. ବି. ( ଅତି+ପାତକ )—
Atipātaka ୧ । ଧର୍ମଶାସ୍ତ୍ର ଲକ୍ଷିତ ନବପାତକ ମଧ୍ୟରୁ ଘୃଣ୍ୟତମ
(ଅତିପାତକୀ—ବିଣ. ପୁଂ) ପାତକ ଶ୍ରେଣୀ—A class of most
(ଅତିପାତକିନୀ—ବିଣ. ସ୍ତ୍ରୀ) heinous incests.
[ ଦ୍ର—ପୁରୁଷ ପକ୍ଷରେ ଆପଣା ମାତା, କନ୍ୟା ଓ ପୁତ୍ରବଧୂ ଏବଂ ସ୍ତ୍ରୀ ପକ୍ଷରେ ଆପଣା ପୁତ୍ର, ପିତା, ଶ୍ୱଶୁର ଓ ଜାମାତାଙ୍କ ସହବାସ ବା ସଙ୍ଗମ କଲେ ଏ ପାତକ ଘଟେ । ]
୨ । ଅତି ଗୁରୁତର ପାପ—2. Very heinous sin.

**ଅତିପ୍ରଶ୍ନ**—ସଂ. ବି. (ଅତି+ପ୍ରଶ୍ନ)—୧ । ଅନାବଶ୍ୟକ ଅତିରିକ୍ତ ପ୍ରଶ୍ନ—
Atipraśna 1. Extravagant question ( M. W. )
୨ । ଜ୍ଞାନର ଅଗମ୍ୟବିଷୟକ ପ୍ରଶ୍ନ— 2. Question regarding transcendental objects ( M. W. ).
୩ । ମର୍ଯ୍ୟାଦା ଅତିକ୍ରମପୂର୍ବକ କରାଯିବା ପ୍ରଶ୍ନ— 3. Disrespectful or uncivil question.
୪ । ସନ୍ତୋଷଜନକ ଉତ୍ତର ଦିଆଯିବା ପରେ ପୁଣି କରାଯିବା ବିରକ୍ତିକର ପ୍ରଶ୍ନ— 4. Vexatious question asked after a satisfactory reply is given.

**ଅତିବଡ଼**—ଦେ. ବିଣ. ( ସଂ. ଅତିବୃହତ୍ )—
Atibarda ୧ । ଖୁବ୍ ବଡ଼—1. Very big.
୨ । ମାନ୍ୟାସ୍ପଦ (ବ୍ୟକ୍ତି)—2. Honourable
[ ଦ୍ର—ମାନ୍ୟାସ୍ପଦ ଲୋକଙ୍କ ନାମ ପୂର୍ବେ ବ୍ୟବହୃତ; ଶ୍ରୀ ଚୈତନ୍ୟ ଜଗନ୍ନାଥ ଦାସଙ୍କୁ 'ଅତିବଡ଼' ଉପାଧି ଦେଇଥିଲେ । ]
ପ୍ରାଦେ. ( ଗଡ଼ଜାତ )—ସ୍ୱର୍ଗୀୟ ରାଜାଙ୍କ ନାମ ପୂର୍ବରେ ସମ୍ମାନାର୍ଥ ବ୍ୟବହୃତ ଶବ୍ଦ; ସ୍ୱର୍ଗୀୟ; ମାନନୀୟ ( ଅମୁକ )—The late honourable ( so & so ).
ଦେ. ବି—୧ । ଅତିବଡ଼ (ଦେଖ) 1. Atibarda (See)
୨ । ଚୈତନ୍ୟଙ୍କ ସମସାମୟିକ ଓଡ଼ିଆ ଭାଗବତ ପ୍ରଣେତା ଜଗନ୍ନାଥ ଦାସଙ୍କର ଚୈତନ୍ୟ ପ୍ରଦତ୍ତ ନାମ— 2. A name of the poet Jagannātha Dāsa

**ଅତିବଡ଼ୀ**—ଦେ. ବି—ଚୈତନ୍ୟ ଦେବଙ୍କ ସମସାମୟିକ ଓଡ଼ିଆ ଭାଗବତ
Atibardi ପ୍ରଣେତା ଭକ୍ତକବି ଜଗନ୍ନାଥ ଦାସଙ୍କ ପ୍ରବର୍ତ୍ତିତ

| ୧ | ଇ | ଉ | ରୃ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ଞ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଝ | ନ୍ଥ |

ବୈଷ୍ଣବ ସମ୍ପ୍ରଦାୟ—Name of the sect of Baishnabas started by the poet-devotee Jagannātha Dāsa whom Chaitanya styled Atibarda.

[ ଦ୍ର—ଶ୍ରୀ ଚୈତନ୍ୟଦେବ ପୁରୀଠାରେ ଅବସ୍ଥାନ କରୁଥିବା ସମୟରେ ବଡ଼ ଦେଉଳ ବେଢ଼ାମଧ୍ୟସ୍ଥ ଅକ୍ଷୟ ବଟମୂଳରେ ଜଗନ୍ନାଥ ଦାସ ତାଙ୍କ ଅନୂଦିତ ଓଡ଼ିଆ ଭାଗବତ ୧୦ମ ଓ ୧୧ଶ ସ୍କନ୍ଧ (ବ୍ରହ୍ମଜ୍ଞାନ) ପାଠ କରୁଥିଲେ । ଚୈତନ୍ୟଦେବ ଜଗନ୍ନାଥଙ୍କ ଭକ୍ତିପ୍ରବଣତାରେ ମୁଗ୍ଧ ହୋଇ ତାଙ୍କୁ 'ଅତିବଡ଼' ଉପାଧିରେ ଡାକଲେ । ତଦବଧି ଜଗନ୍ନାଥ ଦାସଙ୍କ ପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟ 'ଅତିବଡ଼ୀ' ନାମରେ ବିଖ୍ୟାତ । ଏ ସମ୍ପ୍ରଦାୟର ସାଧକମାନେ ଜ୍ଞାନ ସାଧନ, ଦେହରେ ବାୟୁ ସାଧନ, ଶରୀର ଭେଦ ନାମକ ତାନ୍ତ୍ରିକ ସାଧନ ଓ ଜ୍ୟୋତି ଦର୍ଶନ ଆଦିକୁ ଧର୍ମର ବିଶିଷ୍ଟ ସାଧନାଙ୍ଗ ବୋଲି ଗ୍ରହଣ କରନ୍ତି । ନେମାଳମଠର ପୁରୁଷାନୁକ୍ରମିକ ଶିଷ୍ୟ ଓଡ଼ିଶାର ଗୋପାଳ ଜାତିଙ୍କ ଛଡ଼ା ଓଡ଼ିଶାର ଅନ୍ୟ ସମସ୍ତ ଶୂଦ୍ରମାନେ ଅତିବଡ଼ୀ ସମ୍ପ୍ରଦାୟଭୁକ୍ତ ଅଟନ୍ତି । ]

ଦେ. ବିଣ—ଅତିବଡ଼ୀ ସମ୍ପ୍ରଦାୟ ସମ୍ବନ୍ଧୀୟ—Relating to the Atibardi sect,

( ଯଥା—ଅତିବଡ଼ୀ ତିଳକ । )

**ଅତିବର୍ତ୍ତନ**—ସଂ. ବି. ( ଅତି + ବୃତ ଧାତୁ + ଭାବ. ଅନ )—

Atibarttana ୧ । ଅତିକ୍ରମ ( ଦେଖ )

1. Atikrama ( See )

ଅତିବର୍ତ୍ତିତ, ଅତିବର୍ତ୍ତୀ—ପୁଂ, ଅତିବର୍ତ୍ତିନୀ—ସ୍ତ୍ରୀ } ବିଣ

୨ । କ୍ଷମାଯୋଗ୍ୟ ଅପରାଧ—

2. A pardonable offence.

୩ । ଦଣ୍ଡରୁ ନିଷ୍କୃତି—3. Exemption from punishment.

୪ । ଅଗ୍ରଗମନ—4. Proceeding in advance.

**ଅତିବଳ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅତି + ବଳ )—

Atibala ୧ । ଅତ୍ୟନ୍ତ ବଳଶାଳୀ—1. Very strong.

(ଅତିବଳା—ସ୍ତ୍ରୀ) ୨ । ଅତ୍ୟନ୍ତ ବେଗବାନ୍—2. Very forcible

**ଅତିବଳା**—ସଂ. ବିଣ. ସ୍ତ୍ରୀ. ( ଅତିବଳ + ଆ )—ଅତିବଳର ସ୍ତ୍ରୀଲିଙ୍ଗ—

Atibalā Feminine of Atibala.

ସଂ. ବି—୧ । ଗୁପ୍ତ ବିଦ୍ୟାବିଶେଷ—

1. Name of a mysterious art.

[ ଦ୍ର—ଏ ବିଦ୍ୟା ପ୍ରଭାବରେ ସାଧକ କ୍ଷୁଧା ଓ ତୃଷ୍ଣାକୁ ଜୟ କରେ ଓ ସର୍ବତ୍ର ଜୟୀ ହୁଏ । ବିଶ୍ୱାମିତ୍ର ଋଷି ବଳା ଓ ଅତିବଳା ନାମକ ଦୁଇଟି ବିଦ୍ୟାକୁ କୃଶାଶ୍ୱ ଋଷିଙ୍କଠାରୁ ପ୍ରାପ୍ତ ହୋଇ ଥିଲେ । ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କ ଯଜ୍ଞ ରକ୍ଷା କରିବାକୁ ଯିବା ସମୟରେ ବାଟରେ ସେ ରାମଚନ୍ଦ୍ରଙ୍କୁ ଏ ଦୁଇ ବିଦ୍ୟା ଦୀକ୍ଷା ଦେଇ ଥିଲେ ଓ ଏହି ବିଦ୍ୟା ପ୍ରଭାବରେ ରାମଚନ୍ଦ୍ର ତାଡ଼କାଦିଙ୍କୁ ବଧ କରିବାକୁ ସମର୍ଥ ହୋଇ ଥିଲେ । ]

୨ । ବହୁମୂଳୀ ଗୁଳ୍ମ; ନାଲି ବାଡ଼ିଅଁଳା—

2 A plant; Sida Rhombifolia(Kirtikar)

ଅନ୍ୟ. ସଂ. ନାମ—ପୀତପୁଷ୍ପୀ; ବାଟ୍ୟାନଲକ; ବାଟ୍ୟାଲକା

ଲାଲ ବେଡେଲା

**लाल बरिआला, सहदेब; पीतबल**

ତା. ଚିତ୍ତମାଣ୍ଟି

ଗୁ. ଖେତରଉବଲଦାନା

ମ. ଚିଁକନା; ସଦେବ

[ ଦ୍ର—ଏ ଗୁଳ୍ମ ଭାରତରେ ସର୍ବତ୍ର ଜନ୍ମେ, ଗୁଳ୍ମ ସିଧା ହୋଇ ବଢ଼େ, ଗୁଳ୍ମ ଈଷତ୍ ନାଲିଆ, ପତ୍ର ଲୋମଶ ଓ ନିମ୍ନ ପାଖ ପାଉଁଶିଆ; ଫୁଲ ହଳଦିଆ, ବର୍ଷା ଦିନେ ଫୁଟେ, ପାଚିଲା ଫଳ ପାଞ୍ଚ ଚିରୁଡ଼ା ହୋଇ ଫାଟି ଯାଏ; ଏହି ଗୁଳ୍ମ ଔଷଧରେ ଲାଗେ । ବାଡ଼ିଅଁଳା ତଳେ ନୋଟ ଦେଖ । ]

୩ । ବାଡ଼ି ଅଁଳା ( ଦେଖ )

3 Bārdi aanlā ( See )

୪ । ଦକ୍ଷକନ୍ୟାବିଶେଷ—4. Name of a daughter of Dakshya.

**ଅତିବାଦ**—ସଂ. ବି. ( ଅତି + ବଦ ଧାତୁ + ଭାବ. ଅ )—

Atibāda ୧ । ଅତ୍ୟଧିକ କଥନ—1. Excessive talking.

(ଅତିବାଦୀ—ପୁଂ) (ଅତିବାଦିନୀ—ସ୍ତ୍ରୀ) } ବିଣ

୨ । ଝଗଡ଼ା; କଳି—

2. Quarrel; wrangling.

୩ । ଗାଳି—3. Abuse.

୪ । ଅତ୍ୟୁକ୍ତି; ବହୂକ୍ତି—4. Exaggeration.

୫ । ନିନ୍ଦାବାଦ—5. Vilification.

୬ । ଅପ୍ରିୟ ବା କଠୋର ବାକ୍ୟ—

6. Harsh or cruel words.

୭ । ବିତଣ୍ଡା—7. Excessive argument.

୮ । ସମସ୍ତଙ୍କୁ ବଳି କଥା କହିବା—

8. Speaking louder than others in conversation.

୯ । ଅନ୍ୟମାନଙ୍କ ମତ ଖଣ୍ଡନପୂର୍ବକ ଆପଣାର ମତ ପ୍ରତିଷ୍ଠା—

9. Establishing one's opinion after refuting that of others.

**ଅତିବାରୁ**—ଦେ. ବି. ( ଅତି + ବାରୁ )—

Atibāru ୧ । ଅତ୍ୟନ୍ତ ବେଗବାନ୍ ଅଶ୍ୱ—1. A fleet horse.

ପକ୍ଷୀରାଜ ଘୋଡ଼ା ୨ । କାହାଣୀରେ ବର୍ଣ୍ଣିତ ପକ୍ଷୀରାଜ ଘୋଡ଼ା—

2. The winged horse of the legends; Pegasus.

ତୋହର ସ୍ନେହରୁ ଚଢ଼ି ଅତିବାରୁ ସାଗର ଲଙ୍ଘି ଅଇଲି ।

ସୁଲୋଚନା ପରିଣୟ ।

**ଅତିବାଲା**—ସଂ. ବି. ସ୍ତ୍ରୀ. ( ଅତି + ବାଲ + ଆ )—

Atibālā ଦୁଇବର୍ଷ ବୟସ୍କା ଗାଈ—A cow two years old.

**ଅତିବାସ**—ସଂ. ବି. ( ଅତି + ବସ ଧାତୁ + ଭାବ. ଅ )—

Atibāsa ଶ୍ରାଦ୍ଧ ପୂର୍ବଦିନ କରାଯିବା ଉପବାସ —

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଗଁୀ' ନ ପାଇଲେ 'ଆଙ୍ଗୀ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

Fast observed on the day preceding a śrāddha.

**ଅତିବାହନ**—ସଂ. ବି. ( ଅତି+ବହ ଧାତୁ ଣିଚ+ଭାବ. ଅନ)—
Atibāhana ୧ । ଅତିକ୍ରମ ( ଦେଖ )
(ଅତିବାହିତ—ବିଣ) 1. Atikrama ( See )
୨ । (କାଳ) ଯାପନ; ଅତିପାତ; କାଳକ୍ଷେପଣ—
2. Whiling away of time.
୩ । ଅତିରିକ୍ତ ପରିଶ୍ରମ—3. Excessive toiling. ( M. W ).

**ଅତିବାହିତ**—ସଂ. ବିଣ. ( ଅତି +ବହ ଧାତୁ ଣିଚ+କର୍ମ. ତ )
Atibāhita ୧ । ଯାପିତ ( ସମୟ )—
1. Passed; whiled away.
୨ । ଅତିକ୍ରାନ୍ତ ( ଦେଖ )
2. Atikrānta ( See )
ସଂ. ବି—୧ । ସୂକ୍ଷ୍ମଶରୀର—1. The ethereal or immaterial body.
୨ । ପ୍ରେତ ଶରୀର—2. Aerial body after death.

**ଅତିବାହିବା**—ଦେ. (ପଦ୍ୟ) କ୍ରି. ( ଅତି+ବହ ଧାତୁ ଣିଚ )—
Atibāhibā ଅତିକ୍ରମ କରିବା—To pass.

ତହିଁ ପଥ ଅତିବାହି, ଚଳିବାମଧ୍ୟରେ
ନିଷଧ ବିଦର୍ଭ ଦେଶ ଗଲିଲେ ପର୍ଶ୍ଚିମେ । ରାଧାନାଥ—ମହାଯାତ୍ରା ।

**ଅତିବାହୁ**—ସଂ. ବି. ( ବହୁବ୍ରୀହି; ଅତିବାହୁ )—
Atibāhu ୧ । ଚତୁର୍ଦ୍ଦଶ ମନ୍ୱନ୍ତର ଋଷିବିଶେଷ—
1 Name of an ancient sage of the 14th aeon.
୨ । ମହାଭାରତୋକ୍ତ ଗନ୍ଧର୍ବବିଶେଷ—
2. Name of a heavenly chorister.

**ଅତିବିଷ**—ସଂ. ବିଣ. ୧ । ( ବହୁବ୍ରୀହି; ଅତି+ବିଷ )—
Atibisha ଅତ୍ୟନ୍ତ ବିଷାକ୍ତ—1. Very poisonous.
(ଅତିବିଷା—ସ୍ତ୍ରୀ) ୨ । (ଅବ୍ୟୟୀଭାବ) ବିଷର ପ୍ରତିଷେଧକ—
2 Counter-acting poison.

**ଅତିବିଷା**—ସଂ. ବିଣ. ସ୍ତ୍ରୀ. (ଅତିବିଷ+ଆ) —ଅତିବିଷର ସ୍ତ୍ରୀ ଲିଙ୍ଗ—
Atibishā Feminine of Atibisha.
ସଂ. ବି—ମହୁରି—Aconite; the tuberous root of a tree.

ସଂ. ନାମ—ଅତିବିଷା, ବିଷା, ବିଷ୍ଣା, ମଧୁରି, ଶୃଙ୍ଗୀ, ପ୍ରତିବିଷା, ବତ୍ସନାଭ, ମହୌଷଧ, ଅରୁଣା, ଶୁକ୍ଳକନ୍ଦା, ଉପବିଷା, ଭଙ୍ଗୁରା, ଘୁଣବଲ୍ଲଭା, ଶ୍ୱେତକନ୍ଦା, ଉପବିଷାଣିକା, ଶ୍ୟାମକନ୍ଦ, ଶିତଶୃଙ୍ଗୀ
ହି. ଅତଈଚ, काठविष, मिठेविष
आतीष, शृङ्गीविष
ଓ. ମହୁରି, ମେଣ୍ଢାଶିଙ୍ଗାମହୁରି
ଅତାଇଚ, ଅତୁଷୀ
अतीश, मिठाविष, बिख,
सफेद्बिख, दुधिआबिष,
तेलिआबिष, अतइष, सिङ्गिआ-
बिख, मोहरी, मिठाजहर
ତେ. ଅତିବାସା, ଅତିବସ
ବାସନାଭ, ନାଭି
ତା. ବାସନାହି, ଅତିବଦୟମ୍,
ବିଷନାଭି
ମ. ଅତିବିଷା, ବଚ୍ଛନାଗ
ଗୁ. ଅତିବିଖା, କାଳି,
ସିଙ୍ଗିଡ଼, ବଚନାଗ
ଆ. ଖାନକେଲ୍-ଜେବ୍
Aconite; wolfsbane; monk's hood; hellebore; blue rocket:
ଲା :—Aconitum

[ଦ୍ର—ଏହା ହିମାଳୟ ପାଦଦେଶରେ ନେପାଳ, ତିବ୍ବତ, ସିକ୍କିମ, ଆଫଗାନିସ୍ଥାନ, ତୁର୍କୀସ୍ଥାନ, କାଶ୍ମୀର ଆଦି ଅଞ୍ଚଳରେ ଜନ୍ମିବା ବୃକ୍ଷର ମାଂସଳ ବିଷାକ୍ତ ମୂଳ । ଏ ବୃକ୍ଷ ନାନା ଜାତିର ଅଛି ଓ ମୂଳ ମଧ୍ୟ ଧଳା ନାଲି କଳା ଓ ହଳଦିଆ ଭେଦରେ ୪ ପ୍ରକାର । ବୈଦ୍ୟ ଶାସ୍ତ୍ର ମତରେ ମହୁରି ୮ ପ୍ରକାର ଯଥା ;— ଶୁକ୍ଳକ, ମୁସ୍ତକ, କୌର୍ମ୍ୟ, ଦର୍ଦ୍ଦୁକ, ସର୍ଷପ, ସୈକତ, ବତ୍ସନାଭ ଓ ଶୃଙ୍ଗୀ । ଏହି ଏକ ଶ୍ରେଣୀର ଗଛର ମୂଳ ମଧ୍ୟ କେହି ଲମ୍ବା, କେହି ଗୋଲ, କେହି ବଡ଼, କେହି ଚେପଟା ଏପରି ନାନା ପ୍ରକାରର । ଏହା ବିଷ ଓ ବିଷର ପ୍ରତିଷେଧକ; ଯେଉଁ ମୂଳ ମେଣ୍ଢା ଶିଙ୍ଗ ପରି ବଙ୍କା ତାକୁ ମେଣ୍ଢା ଶିଙ୍ଗା ମହୁରି କହନ୍ତି । ଗୋବରପାଣିରେ ବତୁରି ଯାଇ ଦୋଳା ଯନ୍ତ୍ରରେ ଏହା ଶୋଧିତ ହୋଇ ଔଷଧରେ ଲାଗେ । ବୈଦ୍ୟ ଶାସ୍ତ୍ର ଅନୁସାରେ ଏହା ଉଷ୍ଣବୀର୍ଯ୍ୟ, କଟୁତିକ୍ତ, ପାଚକ, ଅଗ୍ନି ଦୀପକ; ଏହା କଫ, ପିତ୍ତ, ଅତିସାର, ଆମଦୋଷ, ବମନ, କାଶ ଓ କୃମି ନାଶକ; ଏହା ବିଷଦୋଷନାଶକ । ଓଡ଼ିଶାରେ ବଜାରରେ ମେଣ୍ଢା ଶିଙ୍ଗା ମହୁରି ସୁଲଭ । ପାଶ୍ଚାତ୍ୟ ଡ଼ାକ୍ତର ମାନେ ଭିନ୍ନ ଭିନ୍ନ ଅଞ୍ଚଳରେ ଜନ୍ମିବା ମହୁରି ଗଛ ଓ ମୂଳ ଭେଦରେ ଭିନ୍ନ ଭିନ୍ନ ଲାଟିନ୍ ନାମ ଦେଇ ଅଛନ୍ତି । ଯଥା :—

| | |
|---|---|
| (ହିମାଳୟ ପାଦଦେଶ) | Aconitum Ferox. |
| (ହିମାଳୟର ଉପର) | „ Napellus. |
| (ନେପାଳ, ସିକ୍କିମ, ତିବ୍ବତ) | „ Palmatum. |
| (ସିକ୍କିମ) | „ Spicatum. |
| (କାଶ୍ମୀର) | „ Lycotonum. |
| (ହିମାଳୟ ଉପର ଓ ପାଦଦେଶ) | „ Heterophyllum. |
| (ହିମାଳୟ ଉପର ଓ ପାଦଦେଶ) | „ Chasmanthum. |
| (ତୁର୍କୀସ୍ଥାନ; ଆଫଗାନିସ୍ଥାନ) | „ Rotundifolium. |
| (ହିମାଳୟ ପାଦଦେଶ) | „ Balfouri. |
| (ସିକ୍କିମ ଓ ତିବ୍ବତରେ) | „ Laciniatum. |
| (ମିଶ୍ମି ପର୍ବତ) | „ Lethale. |
| (ହିମାଳୟ ଉପର ଓ ପାଦଦେଶ) | „ Falconeri. |
| (ହିମାଳୟର ଅଧିତ୍ୟକା) | „ Deinorrhizum |

(Kirtikar and Haines)

**ଅତିବିସ୍ତର**—ସଂ. ବି. ( ଅତି+ବି+ସ୍ତୃ ଧାତୁ+ଭାବ. ଅ )—
Atibistara ୧ । ବାକ୍ୟ ବାହୁଲ୍ୟ—1. Prolixity
୨ । ଅତିଶୟ ବିସ୍ତୃତ—2. Diffusion.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ | ନ୍ତ |

( ଯଥା—ଭଦ୍ର ସମାଜର ଓଡ଼ିଆ ଚିଠି ଶେଷରେ ସଂ. ଅଲମତି ବିସ୍ତରେଣ(=ବାକ୍ୟ ବାହୁଲ୍ୟ ନିଷ୍ପ୍ରୟୋଜନ) ଲେଖାଯାଏ । ]

**ଅତିବୃତ୍ତ**—ସଂ. ବିଣ. ( ଅତି + ବୃତ ଧାତୁ + କର୍ମ. ତ )—
Atibṛutta ୧ । ଅତିକ୍ରାନ୍ତ ( ଦେଖ )
1. Atikrānta ( See )
୨ । ଉଦ୍‌ବୃତ୍ତ; ବଳି ପଡ଼ିଥିବା—
2. Surplus; remaining over.

**ଅତିବୃଷ୍ଟି**—ସଂ. ବି—ଅତିରିକ୍ତ ବର୍ଷା; ବୃଷ୍ଟିର ଆଧିକ୍ୟ—
Atibṛushṭi Excessive rain; a deluge of rain.
(ବିପରୀତ—ଅନାବୃଷ୍ଟି)

**ଅତିବେଳ**—ସଂ. ବିଣ. ( ଅତି+ବେଳା; ଅବ୍ୟୟୀଭାବ; ଯାହା ବେଳା
Atibeḻa ଅତିକ୍ରମ କରିଅଛି )—
୧ । ସୀମାକୁ ଟପିଥିବା— 1. Exceeding the limits.
୨ । ଅତିକ୍ରାନ୍ତମର୍ଯ୍ୟାଦା; ଯାହା ମର୍ଯ୍ୟାଦା ଅତିକ୍ରମ କରିଅଛି—
2. Indecorous;past all rules of decorum.
୩ । ଅସୀମ—3. Boundless.
୪ । ନିରୂପିତ ସମୟ ଗଡ଼ିବା ପରେ ଘଟିଥିବା—
4. Happening after due time.
୫ । ତମାଦି ହୋଇଥିବା—5 Barred by limitation.

**ଅତିବ୍ୟୟ**—ସଂ. ବି. ( କର୍ମଧା; ଅତି + ବ୍ୟୟ )—
Atibyaya ୧ । ସାହା ଖରଚ; ଅତ୍ୟଧିକ ଖରଚ—
ଅତିବ୍ୟୟିତ—କ୍ଲୀ } 1. Lavishness; extravagance.
ଅତିବ୍ୟୟୀ—ପୁଂ } ବିଣ ୨ । ଅପବ୍ୟୟ—Squandering.
ଅତିବ୍ୟୟିନୀ—ସ୍ତ୍ରୀ }

**ଅତିବ୍ୟାପ୍ତ**—ସଂ. ବିଣ. ( ଅତି+ବ୍ୟାପ୍ତ )—
Atibyāpta ୧ । ବହୁଦୂରକୁ ବ୍ୟାପିଥିବା—
(ଅତିବ୍ୟାପ୍ତି—ବି) 1. Stretched too far.
୨ । ନିର୍ଦ୍ଦିଷ୍ଟ ସୀମା ଅପେକ୍ଷା ଅଧିକ ଦୂରକୁ ପ୍ରୟୋଗ କରାଯିବା ( ନିୟମ )—
2. ( rule ) Applied beyond its legitimate limit.
୩ । ସୁରଆଡ଼େ କୌଣସି ସ୍ଥାନ ନ ଛାଡ଼ି ଘୋଟିବା—
3. Diffused throughout.

**ଅତିଭକ୍ତି**—ଦେ. ବି. ( ବ୍ୟଙ୍ଗ୍ୟ )—ଲୋକଙ୍କୁ ଦେଖାଇବାପାଇଁ ଅତିରିକ୍ତ
Atibhakti ଅତିରିକ୍ତ ପରିମାଣରେ ଭକ୍ତି; ବାହ୍ୟଭକ୍ତି—
অতিভক্তি Show of excessive devotion.
**अतिभक्ति** ଅତି ଭକ୍ତି ଚୋରର ଲକ୍ଷଣ—ଢଗ ।

**ଅତିଭା**—ଦେ. ବି. ( ସଂ. ଅତି + ସଂ. ଭା )—ଅତିଶୟ ଶୋଭା—
Atibhā Great splendour or beauty.
ବ୍ରତତୀତତି ଜୟନ୍ତୀ ଅତିଭା ବାସନ୍ତୀ
ବାସନ୍ତୀ ସତରେ ! ଫୁଲି ଫୁଲରେ ପ୍ରବର୍ତ୍ତି ।
ଉକ୍ତ. ବୈଦେହୀଶବିଳାସ. ୧୧୮ ।

**ଅତିଭାର**—ସଂ. ବି. ( ଅତି+ଭାର )—
Atibhāra ୧ । ଖୁବ ବଡ଼ ବୋଝ—1. A great burden.
୨ । ଅତିରିକ୍ତ ବୋଝ— 2. An excessive burden.
୩ । କୌଣସି ବାକ୍ୟର ଅତ୍ୟନ୍ତ ଅବୋଧତା—
3. Excessive obscurity of a sentence. ( M. W. )
୪ । ଜଣେ ରାଜାଙ୍କ ନାମ—
4. Name of a king. ( M. W. )

**ଅତିଭାରଗ**—ସଂ. ବି. ( ଅତି+ଭାର+ଗମ ଧାତୁ+କର୍ତ୍ତୃ. ଅ; ଯେ
Atibhāraga ବେଶି ଭାର ବୁହେ)—ଖଚର; ଅଶ୍ୱତର—
A mule. ( M. W. ).

**ଅତିଭୀ**—ସଂ. ବି. ( ଅତି + ଭୀ ଧାତୁ =ଭୟ ଦେଖାଇବା + କର୍ତ୍ତୃ. କ୍ୱିପ୍;
Atibhī ଯାହା ଭାରି ଭୟ ଦେଖାଏ )—
ବିଦ୍ୟୁତ୍—Lightning. ( M. W. )

**ଅତିଭୂମି**—ସଂ. ବି. ( ଅତି+ଭୂମି )—
Atibhūmi ୧ । ବିସ୍ତୃତ ଭୂମି—1. Extensive land.
୨ । ଅତ୍ୟାଧିକ୍ୟ—2. Excess.
୩ । ସୀମାତିରେକ—3. Stepping beyond.
୪ । ଶିଷ୍ଟତାର ସୀମାତିକ୍ରମ—4. Indecorum.

**ଅତିଭୋଜନ**—ସଂ. ବି. ( କର୍ମଧାରୟ )—୧ । ବହ୍ୱାହାର; ଆପଣା
Atibhojana ଜୀର୍ଣ୍ଣ ଶକ୍ତିର ସୀମାରୁ ବଳି କରାଯିବା ଆହାର—
ଅତିଭୋଜୀ—ପୁଂ } ବିଣ Eating too much; overeating;
ଅତିଭୋଜିନୀ—ସ୍ତ୍ରୀ } surfeiting one's self.
୨ । ପେଟୁପଣ—2. Gluttony; morbid voracity.

**ଅତିମଙ୍ଗଲ୍ୟ**—ସଂ. ବିଣ. ( ସୁପ୍‌ସୁପ୍ ସମାସ; ଅତି+ମଙ୍ଗଲ୍ୟ )—
Atimaṅgalya ୧ । ଅତିଶୟ ମଙ୍ଗଳଯୁକ୍ତ—
1. Very propitious.
୨ । ଅତ୍ୟନ୍ତ ଶୁଭସୂଚକ—2. Of very good augury; very auspicious.
ସଂ. ବି—ଶ୍ରୀଫଳ; ବେଲ—
The Bael tree; Aegle Marmelus.

**ଅତିମତି**—ସଂ. ବି. ( ଅତି+ମତି )—ଅତ୍ୟଧିକ ଆତ୍ମଗର୍ବ—
Atimati Excessive haughtiness; selfconceit ( M. W. ).
ସଂ. ବିଣ. ( ବହୁବ୍ରୀହି )—ଅତ୍ୟନ୍ତ ଜ୍ଞାନୀ—
Exceedingly wise. ( M. W. ).

**ଅତିମର୍ତ୍ତ୍ୟ**—ସଂ. ବିଣ. ( ଅବ୍ୟୟୀଭାବ; ଅତି + ମର୍ତ୍ତ୍ୟ )—
Atimarttya ଅତିମାନୁଷ ( ଦେଖ )
Atimānusha ( See )

**ଅତିମାତ୍ର**—ସଂ. ବିଣ. ( ଅବ୍ୟୟୀଭାବ; ଅତି+ମାତ୍ରା; ଯାହା ମାତ୍ରାକୁ
Atimātra ଅତିକ୍ରମ କରିଅଛି )—୧ । ମାତ୍ରାରୁ ବଳି ପଡ଼ିଥିବା—
1. Exceeding the usual dose.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଆଙ୍ଗିଆ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

୨ । ଅତ୍ୟଧିକ—2. Excessive.
୩ । ଅସାଧାରଣ—3. Extraordinary; inordinate.
ସଂ. କ୍ରି. ବିଣ—ଅତ୍ୟଧିକ ପରିମାଣରେ—
Excessively; too much.

**ଅତିମାତ୍ରା**—ସଂ. ବି. ( ଅତି + ମାତ୍ରା; ପ୍ରାଦି ସମାସ )—
**Atimātrā** ୧ । ଔଷଧାଦିର ଅତିରିକ୍ତ ମାତ୍ରା—1. Overdose.
୨ । କୌଣସି ବିଷୟ ବା ବସ୍ତୁର ପ୍ରୟୋଜନାତିରିକ୍ତ ପରିମାଣ—
2. Quantity or measure much in excess of the requirement.

**ଅତିମାନ**—ସଂ. ବି. ( ପ୍ରାଦି ସମାସ; ଅତି + ମାନ )—
**Atimāna** ୧ । ଅତ୍ୟନ୍ତ ଅହଙ୍କାର—
ଅତିମାନୀ—ପୁଂ } ବିଣ
ଅତିମାନିନୀ—ସ୍ତ୍ରୀ } 1. Excessive haughtiness; too much selfconceit.
୨ । ବିଶେଷ ସମ୍ମାନ—2. Great honour.
ସଂ. ବିଣ—( ଅବ୍ୟୟୀଭାବ; ମାନକୁ ଅତିକ୍ରମ କରି )—
୧ । ଅମାପ—1. Immeasurable.
୨ । ସୁବିସ୍ତୀର୍ଣ୍ଣ—2. Extensive.

**ଅତିମାନୁଷ**—ସଂ. ବିଣ. (ଅବ୍ୟୟୀ ଭାବ; ଅତି + ମାନୁଷ; ମାନୁଷିକ ବିଷୟକୁ
**Atimānusha** ଅତିକ୍ରମ କରି)—
(ଅତିମାନୁଷୀ—ସ୍ତ୍ରୀ ) ୧ । ଅଲୌକିକ;ଅମାନୁଷିକ—
1. Superhuman.
୨ । ଅସାଧାରଣ—2. Extraordinary.
୩ । ମନୁଷ୍ୟର କ୍ଷମତାବହିର୍ଭୂତ—
2. Beyond the power of man.
୪ । ସ୍ୱର୍ଗୀୟ; ଐଶ୍ୱରିକ—4. Divine.

**ଅତିମାୟ**—ସଂ. ବିଣ. (ଅବ୍ୟୟୀଭାବ; ଅତି + ମାୟା )—ମାୟାରୁ ମୁକ୍ତ—
**Atimāya** Finally liberated from delusion or illusion.

**ଅତିମୁକ୍ତ**—ସଂ. ବିଣ. ପୁଂ. ( ଅତି + ମୁକ୍ତ )—
**Atimukta** ୧ । ସମ୍ପୂର୍ଣ୍ଣରୂପେ ମୁକ୍ତିପ୍ରାପ୍ତ—
(ଅତିମୁକ୍ତା—ସ୍ତ୍ରୀ) 1. Completely liberated.
୨ । ପରମ ମୋକ୍ଷ ବା ନିର୍ବାଣ ପ୍ରାପ୍ତ—
2. One who has attained redemption or spiritual annihilation.
୩ । ସଙ୍ଗ ବା ଆସକ୍ତିରହିତ—3. Free from worldly attachment.
୪ । ବନ୍ଧ୍ୟା—4. Barren; having no power of fecundation.
୫ । ବୀଜହୀନ—5. Seedless.
୬ । ବାର୍ଦ୍ଧକ୍ୟ ଯୋଗୁଁ ସନ୍ତାନୋତ୍ପାଦିକା ଶକ୍ତିରହିତ—
6. Past the stage of fecundation (due to old age).

ସଂ. ବି. ୧ । ( ଅବ୍ୟୟୀଭାବ; ଅତି + ମୁକ୍ତା; ଯାହାର ପୁଷ୍ପ ବର୍ଣ୍ଣରେ ମୁକ୍ତାକୁ ଅତିକ୍ରମ କରିଅଛି )—
୧ । ମାଧବୀ ଲତା (ଦେଖ)—
1. A flowering creeper; Mādhabīlatā ( See )
୨ । ତିନିଶ; ବାନ୍ଧନ ଗଛ—2. A timber-tree; Dalbergia Oujeinensis.
୩ । ଅତି ସୁନ୍ଦର ମୁକ୍ତା—3. Very beautiful pearl.

**ଅତିମୁକ୍ତକ**—ସଂ. ବି. ( ଅତିମୁକ୍ତ + କ )—୧ । ବାନ୍ଧନ ଗଛ—
**Atimuktaka** 1. A timber tree; Dalbergia-Oujeinensis.
୨ । ମାଧବୀଲତା—2. A flowering creeper; Mādhabīlatā.
୩ । ମାକଡ଼କେନ୍ଦୁ ଗଛ—3. Mountain Ebony.
୪ । କେନ୍ଦୁ (ଗଛ) ( ଦେଖ )
4. (A tree) Kendu ( See)
୫ । ହରିମନ୍ଥ ଗଛ—
5. A tree Harimantha ( M. W. )
୬ । ଅଗବଥୁ ଗଛ ( ଦେଖ )
6 Agabathu ( See )

**ଅତିମୋଦା**—ସଂ. ବି. ( ଅତି + ମୋଦା )—୧ । ଅସାଧାରଣ ସୁଗନ୍ଧ—
**Atimodā** 1. Extraordinary fragrance (M.W.)
୨ । ନବମଲ୍ଲିକା; ନାଆଲି ଫୁଲ ଓ ଲତା—
2. A flowering creeper; Jasminum Arboreum.

**ଅତିରକ୍ତା**—ସଂ. ବି. ସ୍ତ୍ରୀ. ( ଅତି + ରକ୍ତ + ଆ )—
**Atiraktā** ଅଗ୍ନିଙ୍କର ସାତଟି ଜିହ୍ୱା ମଧ୍ୟରୁ ଗୋଟିଏ—
One of the seven tongues of the Fire-God.

**ଅତିରଞ୍ଜନ**—ସଂ. ବି. ( ଅତି + ରଞ୍ଜନ )—
**Atirañjana** ୧ । ଅତିରିକ୍ତରୂପେ ରଙ୍ଗାଇବା—
(ଅତିରଞ୍ଜିତ—ବିଣ) 1. Over-colouring.
୨ । ବହଳ ହୋଇ ରଙ୍ଗାଯିବା—2. Thick colouring
୩ । କୌଣସି ବିଷୟକୁ ବାହୁଲ୍ୟରୂପେ ବର୍ଣ୍ଣନା କରିବା—
3. Exaggeration.

**ଅତିରଣ**—ସଂ.ବିଣ. (ଅତି + ରଣ; ବହୁବ୍ରୀହି)—ଅତିଶୟ ସମରନିପୁଣ—
**Atirana** Very skilful in war.

ବୀରେନ୍ଦ୍ର ଶର ଭଳ, ବଳୀ ବଳ ପ୍ରବଳ
ଅତିରଣ ବୀରତ୍ୱ ରତ । ଭଞ୍ଜ- ବୈଦେହୀଶବିଳାସ ୪୬।୧୨ ।

**ଅତିରଥ**—ସଂ. ବି. ( ବହୁବ୍ରୀହି; ଅତି + ରଥ; ଯେ ରଥରେ ଥାଇ ଯୁଦ୍ଧ କରନ୍ତି )—
**Atiratha**
୧ । ମହାବୀର— 1. A great champion.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ | ନ୍ତ |

୨ । ଯେଉଁ ପରାକ୍ରମୀ ଯୋଦ୍ଧା ଏକାକୀ ବହୁସଂଖ୍ୟକ ଯୋଦ୍ଧାଙ୍କୁ ଯୁଦ୍ଧରେ ହଟାଇ ଅଛନ୍ତି—
2. A valiant warrior who has vanquished various combatants singlehanded.

**ଅତିରଥୀ**—ସଂ. ବି. ( ପ୍ରାଦି ସମାସ; ଅତି+ରଥ+ଇନ୍. ୧ମା. ୧ବ; କିମ୍ବା ଅତି+ରଥୀ )—ଅତିରଥ ( ଦେଖ )
**Atirathī** Atiratha ( See )

**ଅତିରସା**—ସଂ. ବି. ( ଅତି+ରସ+ଆ; ଅତ୍ୟନ୍ତରସବିଶିଷ୍ଟ )—
**Atirasā** ୧ । ମୂର୍ବା ( ଦେଖ )
1. Mūrbā ( See )
୨ । ରାସ୍ନା ( ଦେଖ )
2. Rāsnā ( See )
୩ । କ୍ଲୀତନକ ବୃକ୍ଷ—3. Klītanaka tree (M.W.).

**ଅତିରାତ୍ର**—ସଂ. ବି. ( ଅତି+ରାତ୍ରି )—୧ । ଅଧରାତି; ନିଶାରାତି—
**Atirātra** 1. The dead of night.
୨ । ଷଷ୍ଠ ମନୁ ଚାକ୍ଷୁଷଙ୍କ ପୁତ୍ର—
2. Name of the son of the sixth Manu Chākshusha.
୩ । ଜ୍ୟୋତିଷ୍ଟୋମ ଯଜ୍ଞର ଅଙ୍ଗବିଶେଷ—
3. An optional part of a Jyotishṭoma sacrifice.

**ଅତିରି**—ଗ୍ରା. ବି. (*ସଂ. ଅସ୍ଥିରତା )—ଉଦ୍‌ବେଗ—Anxiety.
**Atiri** ଗ୍ରା. ବିଣ—ଉଦ୍‌ବିଗ୍ନ—Anxious.

**ଅତିରିକ୍ତ**—ସଂ. ବିଣ. (ଅତି+ରିଚ ଧାତୁ=ଶୂନ୍ୟ କରିବା+କର୍ମ.ତ)—
**Atirikta** ୧ । ଅତ୍ୟଧିକ ପରିମିତ; ସମଧିକ—
ଅତିରିକ୍ତତା } ବି 1. Excessive; exuberant.
ଅତିରେକ } ୨ । ନିରୂପିତ ମାତ୍ରାରୁ ଅଧିକା—
2. Extra; additional; superfluous.
୩ । ବଳକା; ନିରୂପିତ ସଂଖ୍ୟାରୁ ଅଧିକ—
3. Redundant; supernumerary.
୪ । ନିର୍ଦ୍ଧାରିତ ସୀମାରୁ ବଳିଥିବା—
4. Exceeding the limits.
୫ । ଅଦ୍ୱିତୀୟ—5. Unequalled ( M. W. )
୬ । ସମ୍ପୂର୍ଣ୍ଣରୂପେ ଖାଲି କରାଯାଇ ଥିବା—
6. Quite emptied.
୭ । ବଳି ପଡ଼ିଥିବା—7. Surplus; left apart.
୮ । ଶୂନ୍ୟ—8. Empty.
ଦେ. ବି—ସମ୍ବାଦପତ୍ରର ନିର୍ଦ୍ଦିଷ୍ଟ ସଂଖ୍ୟକ ପୃଷ୍ଠା ଛଡ଼ା
ଅତିରିକ୍ତ କୌଣସି ବିଶେଷ ପ୍ରବନ୍ଧ ପାଇଁ କୌଣସି ସଂଖ୍ୟାରେ
ଅତିରିକ୍ତ ଦିଆଯାଇ ଥିବା ଅଧିକା ଅଂଶ ବା ପୃଷ୍ଠା; କୋଡ଼ପତ୍ର—
Supplement to a newspaper.

**ଅତିରେକ**—ସଂ ବି. ( ଅତି+ରିଚ ଧାତୁ=ଖାଲି କରିବା+ଭାବ. ଅ)—
**Atireka** ୧ । ବଳି ପଡ଼ିଥିବା ବସ୍ତୁ—1. Surplus.
ଅତିରିକ୍ତ } ବିଣ ୨ । ଅତ୍ୟାଧିକ୍ୟ—
ଅତିରେକୀ } 2. Excess; exuberance.
୩ । ପ୍ରାଚୁର୍ଯ୍ୟ—3. Too much.
୪ । ଯଥେଷ୍ଟ ଅପେକ୍ଷା ବେଶି ବା ବଳକା ବସ୍ତୁ—
4. Superfluity; redundancy.
୫ । ପ୍ରଭେଦ—5. Difference ( M. W. ).
୬ । ବଳିଯିବା—6. Surpassing.
୭ ଅଧିକପରିମାଣ—7. High degree.
ଦେ. ବି—୧ । ଶେଷ ସୀମାରେ ଉପସ୍ଥିତ ଅବସ୍ଥା—
1. Arrival at a critical position; crisis.
୨ । ବିପନ୍ନ ଅବସ୍ଥା—2. Dangerous condition.
୩ । ଶେଷ ଅବସ୍ଥା—3 Extreme condition.
୪ । ଦୁଃସହ ଅବସ୍ଥା—4. Unbearable condition.
ଦେ. ବିଣ—୧ । ଦୁଃସହ; ଅସହ୍ୟ—1. Unbearable.
ଦେଖ ନାଁ ! ସେ ବାଘୁଣୀ ପରି କଅଣ ଗୁଡ଼ାଏ ବକୁଛି,
ତା କଥା ଅତିରେକ । ରାମଶଙ୍କର—ଲୀଳାବତୀ ୨।୨ ।
୨ । ଅତ୍ୟନ୍ତ; ଅତ୍ୟଧିକ—2. Excessive.
ତପସ୍ୟା କଲ୍ଲ ଅତିରେକ, ଯହୁଁ ପ୍ରକାଶ ସର୍ବ ଲୋକ ।
ଜଗନ୍ନାଥ. ଭାଗବତ ।
୩ । କଠୋର ବା ବିପନ୍ନ ଅବସ୍ଥାଯୁକ୍ତ—3. Critical.
ଦେ. କ୍ରି. ବିଣ—୧ । ଅତ୍ୟନ୍ତ; ସମଧିକ; ଅତିଶୟ—
1. Too much; very much.
୨ । ଅତ୍ୟଧିକରୂପେ—2. Excessively.
[ ଦ୍ର—ଶତପଥ ବ୍ରାହ୍ମଣଗ୍ରନ୍ଥରେ ଏ ଶବ୍ଦର 'ଅତୀରେକ' ରୂପ ଦୃଷ୍ଟ ହୁଏ—M. W. ]

**ଅତିରେକେ**—ଦେ. କ୍ରି. ବିଣ. ( ସଂ. ଅତିରେକ )—
**Atireke** ଅତିଶୟ; ଅତ୍ୟଧିକରୂପେ—Excessively.
ଅନ୍ୟ ଠାରେ ଅବନତ ହୋଇ ଅତିରେକେ
ଅତି ବିନୟରେ ସ୍ତବ କରଇ ଟେକେ ପୁଣି । ରାଧାନାଥ. ମହାଯାତ୍ରା ।

**ଅତିରୋଗ**—ସଂ. ବି. ( ଅତି+ରୋଗ )—ରାଜଯକ୍ଷ୍ମା; କ୍ଷୟ ରୋଗ—
**Atiroga** Consumption; tuberculosis.

**ଅତିରୋମଶ**—ସଂ. ବିଣ. ପୁଂ. (ଅତି+ରୋମ+ଅସ୍ତି ଅର୍ଥରେ. ଶ )—
**Atiromaśa** ୧ । ସର୍ବାବୟବରେ ଅତିଶୟ ରୋମଯୁକ୍ତ—
(ଅତିରୋମଶା—ସ୍ତ୍ରୀ) 1. Having shaggy hair all over the body.
୨ । ଭାରି ବାଳୁଆ—2. Very hairy.
ସଂ. ବି—୧ । ବନ୍ୟ ଛାଗ—1. Wild goat.
୨ । ଲୋମଯୁକ୍ତ ବୃହଦାକାର ବାନରବିଶେଷ—
2. A kind of hairy monkey; chimp

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅତିଲେମ୍ବୁ ଚିପୁଡ଼ିଲେ ପିତା**—(ନ୍ୟାୟ; ପ୍ରବଚନ)—
Atilembu chupurdile pitā
ଲେମ୍ବୁକୁ ଫାଳ କରି ଚିପୁଡ଼ିଲେ ସେଥିରୁ ଝଟା ରସ ବାହାରେ, କିନ୍ତୁ ବେଶି ରସ ପାଇବା ଦୁରାଶାରେ ଲେମ୍ବୁକୁ ଅତି ଚିପୁଡ଼ିଲେ ଲେମ୍ବୁର ଚୋପାରେ ଚାପ ପଡ଼ିବାଯୋଗୁଁ ଚୋପାରୁ ବାହାରିବା ରସ ଲେମ୍ବୁ ରସରେ ମିଶି ତାକୁ ପିତା କରି ପକାଏ । ସେହିପରି କୌଣସି କାର୍ଯ୍ୟକୁ ଅତି କଠୋର କରି କଲେ ତାହା ବିଗିଡ଼ିଯାଏ—(A proverb) Too much of a thing is good for nothing.

**ଅତିଲୋମଶ**—ସଂ. ବିଣ. ଓ ବି. (ଅତି+ଲୋମ+ଅସ୍ତି ଅର୍ଥରେ. ଶ)—
Atilomaśa ଅତିରୋମଶ ( ଦେଖ )
(ଅତିଲୋମଶା—ସ୍ତ୍ରୀ) Atiromaśa ( See )

**ଅତିଶୟ**—ସଂ. ବି. ( ଅତି+ଶୀ ଧାତୁ+ଭାବ. ଅ )—
Atiśaya ୧ । ଆଧିକ୍ୟ—1. Excess.
୨ । ଉତ୍କର୍ଷ—2. Pre-eminence.
୩ । ଆପେକ୍ଷିକ ଉତ୍କର୍ଷ—3. Superiority.
୪ । ସଂଖ୍ୟା, ପରିମାଣ ବା ଗୁଣରେ ଆଧିକ୍ୟ—
4. Superiority or greatness in number, quantity or quality.
୫ । ସୁଫଳ; ଲାଭଜନକ ଫଳ—
5. Advantageous result ( M. W. )
୬ । ପ୍ରାଚୁର୍ଯ୍ୟ—6. Abundance.
୭ । ବାହୁଲ୍ୟ—7. Exaggeration; redundance.
୮ । ଜୈନ ଅର୍ହତ୍‌ମାନଙ୍କର ଅମାନୁଷିକ ଗୁଣବିଶେଷ—
8. One of the superhuman qualities attributed to Jaina Arhats (M.W.)
ସଂ. ବିଣ—୧ । ଉତ୍କୃଷ୍ଟ—1. Excellent; pre-eminent.
୨ । ଉତ୍କୃଷ୍ଟତର—2. Superior.
୩ । ପ୍ରଚୁର—3. Abundant.
୪ । ଅତିରଞ୍ଜିତ; ବାହୁଲ୍ୟଯୁକ୍ତ—4. Exaggerated.
୫ । ଯଥେଷ୍ଟ—5. Enough.
୬ । ଯଥେଷ୍ଟ ଅପେକ୍ଷା ବେଶି—6. More than enough.
୭ । ବଳକା—7. Redundant.
୮ । ବଳି ପଡ଼ୁଥିବା—8. Surpassing; exceeding.
୯ । ଅତ୍ୟଧିକ—9. Excessive; too much.
ସଂ.କ୍ରି. ବିଣ. ଓ ବିଣର ବିଣ—୧ । ଅତ୍ୟନ୍ତ—1. Very; too
ଦେଖିବାକୁ ମନ ବଳାନ୍ତି ଅତିଶୟେ—କୃଷ୍ଣସିଂହ. ମହାଭାରତ. ବନ ।
୨ । ଅତ୍ୟଧିକରୂପେ—2. Excessively; too much.
ଭୀଷ୍ମ ପୁଅ ବଚନ କି ଶୁଣି ସେନାଏ,
ଅବା ଅବା ବୋଲି ଡାକିଲେ ଅତିଶୟେ—କୃଷ୍ଣସିଂହ. ମହାଭାରତ, କର୍ଣ୍ଣ ।
୩ । ପ୍ରୟୋଜନାତିରିକ୍ତରୂପେ—
3. More than necessary; exceedingly.
ଦେ. ବି. ଓ ବିଣ—ଅତିରେକ ( ଦେଖ )
Atireka ( See )

**ଅତିଶୟନ**—ସଂ. ବି. ( ଅତି+ଶୀ ଧାତୁ+ଭାବ. ଅନ )—
Atiśayana ଅତିଶୟ ( ଦେଖ )—
( ଅତିଶାୟନ—ଅନ୍ୟ ଆକାର ) Atiśaya ( See )
ସଂ. ବିଣ—ଅତିଶୟ (ଦେଖ)—Atiśaya (See) (M.W.).

**ଅତିଶୟନୀ**—ସଂ. ବି. ସ୍ତ୍ରୀ. ( ଅତି+ଶୀ ଧାତୁ+ଭାବ. ଅନ+ଈ )—
Atiśayanī ସଂସ୍କୃତ ଛନ୍ଦୋବିଶେଷ; ଏଥିର ଅନ୍ୟ ନାମ ଚିତ୍ରଲେଖା—Name of a Sanskrit metre of four lines ( M. W. ).

**ଅତିଶୟିତ**—ସଂ. ବିଣ. ( ଅତି+ଶୀ ଧାତୁ+କର୍ମ. ତ)—
Atiśayita ଅତିଶୟ ( ଦେଖ )
( ଅତିଶାୟିତ—ଅନ୍ୟ ଆକାର ) Atiśaya ( See )
ସୀମା ଅତିକ୍ରମ କରିଥିବା—Exceeding or surpassing the limit

**ଅତିଶୟୀ**—ସଂ. ବିଣ. ପୁଂ. ( ଅତି+ଶୀ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ. )—ଅତିଶୟ ( ଦେଖ )
Atiśayī
( ଅତିଶୟିନୀ—ସ୍ତ୍ରୀ ) Atiśaya ( See )
( ଅତିଶାୟୀ—ଅନ୍ୟ ଆକାର )

**ଅତିଶୟୋକ୍ତି**—ସଂ. ବି. ( କର୍ମଧା; ଅତିଶୟ+ଉକ୍ତି )—
Atiśayokti ୧ । କାବ୍ୟର ଅଳଙ୍କାରବିଶେଷ; ଅତ୍ୟୁକ୍ତି; ଅତିରଞ୍ଜିତ ବର୍ଣ୍ଣନା; ସ୍ୱରୂପ ଅପେକ୍ଷା ଅତିରିକ୍ତ ବର୍ଣ୍ଣନା—
1. A figure of speech; hyperbole.
୨ । କୌଣସି ବସ୍ତୁ, ବିଷୟ ବା ବ୍ୟକ୍ତି ସମ୍ବନ୍ଧରେ ସ୍ୱଭାବାତିରିକ୍ତ ବର୍ଣ୍ଣନା—2. Exaggeration.
୩ । ବାଗାଡ଼ମ୍ବର—3. Verbosity.
୪ । ଅତ୍ୟୁକ୍ତିପୂର୍ଣ୍ଣ ଭାଷା—
4. Hyperbolical language.
୫ । କଥାର ବାଡ଼ାବାଡ଼ି ବା ଦୁଃଖାନ—
5. Extreme assertion ( M. W. ).
[ ଦ୍ର—ପ୍ରକୃତ ବିଷୟ ( ଉପମେୟ )ର ଅଧଃକରଣ ହେତୁରୁ ଅପ୍ରକୃତ ବସ୍ତୁ ( ଉପମାନ )ରେ ଯେଉଁ ସିଦ୍ଧ ଅଧ୍ୟବସାୟ ହୁଏ ତାହାକୁ ଅତିଶୟୋକ୍ତି ବୋଲାଯାଏ—
ଭୁଲମଣି. ଅଳଙ୍କାରତରଙ୍ଗିଣୀ ।
କୌଣସି ବସ୍ତୁକୁ ବର୍ଣ୍ଣନା କଲାବେଳେ ଯେବେ ତାକୁ ଅସମ୍ଭବ ବା ଅବାସ୍ତବ ବସ୍ତୁ ବା କାଳ୍ପନିକ ବସ୍ତୁ ସଙ୍ଗେ ତୁଳନା କରାଯାଏ ତେବେ ଅତିଶୟୋକ୍ତି ହୁଏ । ଯଥା—
ଜୀବନକ କାଳ ଜଳଦଯୁଗଳ, ବଧୂବଦ୍ଧ ହୋଇ ବିଳାସ ଦିଶିଲେ ।
କୀର କଣ୍ଠ ତରେ କରକରି ଶର, ନକର ବରଷା ଗରଜି ।
କବିସୂର୍ଯ୍ୟ ବଳଦେବରଥ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ନ୍ଟ |

ଏଠାରେ ଉପମେୟ ଚକ୍ଷୁଦ୍ୱୟ ଓ ମୁଖକୁ ଅଧଃକରଣ କରି ତାହା ସ୍ଥାନରେ ଯଥାକ୍ରମେ ନୀଳ ଜଳଜଯୁଗଳ ଓ ବିଧୁବିମ୍ବକୁ ସିଦ୍ଧ କରାଯିବାରୁ ଏହା ଅତିଶୟୋକ୍ତି ।

ବୃଥା ହାଣିଥିଲା ମୃଗୀ ଅଙ୍ଗେ ବାଣ ସିନା ସ୍ୱଜନ,
ଗୃହାଣୀ ଭଙ୍ଗୀରୁ ଥିଲେ ସେହୁ ସେଣୁ ଆଜନ୍ମ ମରି । ଲଥାନାଥ- ଊଷା ।

ଏଠାରେ ଉଷାର ଗୃହାଣୀଭଙ୍ଗୀଦ୍ୱାରା ହରିଣଙ୍କର ମୃତ୍ୟୁ ଅସମ୍ଭବ ହେଲେ ସୁଦ୍ଧା କବି ତାହା ସିଦ୍ଧ ବା ନିଶ୍ଚିତ ବୋଲି ବର୍ଣ୍ଣନା କରିଥିବାରୁ ଏଠାରେ ଅସମ୍ବନ୍ଧରେ ସମ୍ବନ୍ଧରୂପ ଅତିଶୟୋକ୍ତି ଅଳଙ୍କାର ହେଲା— କୁଳମଣି. ଅଳଙ୍କାରତରଙ୍ଗିଣୀ । ସାଧାରଣ କଥାପ୍ରସଙ୍ଗରେ ମଧ୍ୟ ଆମ୍ଭେମାନେ 'ଅତିଶୟୋକ୍ତି' କରିଥାଉଁ । ଯଥା—ଆଜି ଦିପହରେ ଗୁଡ଼ାଏ ନିଆଁ ବରଷି ଗଲା । ତାଙ୍କୁ ଜର ହୋଇ ତାଙ୍କ ଦେହରେ ଖଇ ଫୁଟୁଛି । ଏ ସମ୍ବାଦ ଶୁଣି ମୋ ଛାତି ଫାଟିଗଲା ।]

**ଅତିଶେ**—ଗ୍ରା. ପ୍ରାଚୀନ ପଦ୍ୟ. ଅ. (ସଂ. ଅତିଶୟ) ଅତିଶୟ; ଅତ୍ୟନ୍ତ—
Atise Very much.

"ପିୟୂଷ କଳପ କବଳ ଅଳପ ଅଶନ କଲେ ଅପଣେ
ଭୁଜଙ୍ଗ, ପ୍ରକଟ ନ କରୁ ଅତିଶେ" ଭଞ୍ଜ ।

**ଅତିଶେଷ**—ସଂ. ବିଣ (ଅତି+ଶିଷ ଧାତୁ+କର୍ତ୍ତୃ. ଅ)—ସ୍ୱଳ୍ପାବଶିଷ୍ଟ;
Atisesha ଅଳ୍ପମାତ୍ର ବାକି ରହିଯାଇଥିବା—Of which a little quantity is left; drained to the dregs.

ସଂ. ବି—ବାକି ରହି ଯାଇଥିବା ଅଂଶ—
Remnant; remainder.

**ଅତିଷ୍ଠ**—ପ୍ରାଦେ. (ଗଞ୍ଜାମ) ବିଣ (ସଂ. ଅତିଷ୍ଠତ୍ =ଅସ୍ଥିର)—
Atishtha
ଅତିଷ୍ଠ ୧ । ଅସ୍ଥିର—1. Unstable; restless.
୨ । ଅସ୍ତବ୍ୟସ୍ତ; ବିବ୍ରତ; ଅସମ୍ଭାଳ—
2. Much troubled.

ଲୋକେ ତୁଆ ରନ୍ଧା ଗନ୍ଧରେ ଅତିଷ୍ଠ ହେଉଅଛନ୍ତି । ଦୈନିକ ଆଶା ୧।୮।୨୧

୩ । ଅଧୀର—3. Impatient.

**ଅତିସନ୍ଧାନ**—ସଂ. ବି. (ଅତି+ସମ୍+ଧା ଧାତୁ+ଭାବ. ଅନ)—
Atisandhāna ୧ । ଧପାଇବା; ଠକି କାଟିବା—
(ଅତିସନ୍ଧିତ—ବିଣ) 1. Over-reacting.
୨ । ପ୍ରତାରଣା; ପ୍ରବଞ୍ଚନା; ଠକାମି—2. Cheating.
୩ । ଅନିଷ୍ଟକରଣ—3. Injuring.

**ଅତିସର୍ଗ**—ସଂ. ବି. (ଅତି+ସୃଜ ଧାତୁ+ଭାବେ. ଅ)—
Atisarga ୧ । କାମାଚାରାନୁଜ୍ଞା—1. Granting of
(ଅତିସୃଷ୍ଟ—ବିଣ) permission to a person to do what he likes.
୨ । ନିଃଶେଷ ଦାନ—2. Giving away every thing a person has; an out and out gift.
୩ । ବିସର୍ଜନ; ତ୍ୟାଗ—3. Forsaking; leaving.
୪ । ଉତ୍ସର୍ଗ—4. Dedication.
୫ । କର୍ମରୁ ବରଖାସ୍ତ ହେବା—
5. Dismissal; discharge.
ସଂ. ବିଣ—୧ । ସ୍ଥାୟୀ—1. Permanent.
୨ । ନିତ୍ୟ—2. Eternal; everlasting..
୩ । ମୁକ୍ତ—3. Emancipated; liberated.

**ଅତିସର୍ଜନ**—ସଂ. ବି. (ଅତି+ସୃଜ ଧାତୁ+ଭାବ. ଅନ)—
Atisarjana ୧ । ଅତିସର୍ଗ (ଦେଖ)
(ଅତିସୃଷ୍ଟ—ବିଣ) 1. Atisarga (See)
୨ । ଦାନଶୀଳତା; ଦାତୃତ୍ୱ—
2. Liberality; munificence.
୩ । ମାରଣ— . Killing.
୪ । ପ୍ରତାରଣ—4. Deception.
୫ । ବିଚ୍ଛେଦ—5. Separation.

**ଅତିସର୍ପଣ**—ସଂ. ବି. (ଅତି+ସୃପ ଧାତୁ+ଭାବ. ଅନ)—
Atisarpaṇa ଗର୍ଭରେ ଭ୍ରୂଣର ଇତସ୍ତତଃ ସବେଗ ଚଳନ—
Violent movement of the embryo in the womb.

**ଅତିସର୍ବ**—ସଂ. ବିଣ. (ଅତି+ସର୍ବ)—
Atisarba ସମସ୍ତଙ୍କ ଅପେକ୍ଷା ଉତ୍କୃଷ୍ଟ (ପାଣିନି ପରିଶିଷ୍ଟ)—
Superior to all.
ସଂ. ବି—ପରମେଶ୍ୱର—The Supreme Being (M.W)

**ଅତିସର୍ବତ୍ର**—ଦେ. ବିଣ. [ସଂ. ଚାଣକ୍ୟଶ୍ଳୋକର ଶେଷ ପାଦ; ଅତି
Atisarbatra ସର୍ବତ୍ର ବାଧତେ (=ସବୁଠାରେ ଅତିରିକ୍ତ ମାତ୍ରା ବାଧାଜନକ ହୁଏ)ର ପ୍ରଥମ ଦୁଇପଦ ।]
୧ । ଅତିରିକ୍ତ—1. Excessive.
୨ । ଅତ୍ୟଧିକ—2 Very much.
୩ । ଅତି ଅନୁଚିତ—3. Very improper.
୪ । ଅତି ଅସହ୍ୟ—4. Very unbearable.
(ଯଥା—ଦିନକୁ ଦିନ ତୋ ଦାଉ ଅତି ସର୍ବତ୍ର ହୋଇ ଉଠିଲାଣି ।)
ଦେ. ବି—୧ । ମାତ୍ରାଧିକ୍ୟ—1. Excessive dose; overdose.
୨ । ଅତ୍ୟଧିକ ପରିମାଣ—2. Excessive measure.

**ଅତିସାଂବତ୍ସର**—ସଂ. ବିଣ. (ଅବ୍ୟୟୀଭାବ. ଅତି+ସାଂବତ୍ସର)—
Atisāṁbatsara ଏକ ବର୍ଷରୁ ଅଧିକ କାଳ ବ୍ୟାପୀ—
(ଅତିସାଂବତ୍ସରୀ—ସ୍ତ୍ରୀ) Extending over more than a year.

**ଅତିସାମ୍ୟା**—ସଂ. ବିଣ. (ଅତି+ସାମ୍ୟ+ଆ)—
Atisāmyā ୧ । ମଞ୍ଜିଷ୍ଠାର ମଧୁର ରସ—1. The sweet juice of the Indian madder.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' କି ମିଳିଲେ 'ଗାଇ' ଖୋଜିବେ; 'ଭୂଅଁ' ନ ମିଳିଲେ 'ଭୂଇଁ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଦ୍ଧ' ନ ପାଇଲେ 'ଅଲବ୍ଧ' ଦେଖିବେ ।

୨ । ଯଷ୍ଟିମଧୁ ( ଦେଖ )
2. Jashtimadhu ( See )

**ଅତିସାର**—ସଂ. ବ. (ଅତି+ସୃ ଧାତୁ ଣିଚ ସାର ଧାତୁ+କରଣ. ଅ; ଯେଉଁ ରୋଗରେ ବିଶେଷ ସାରଣ ବା ପୁରୀଷ ତ୍ୟାଗ ହୁଏ )—
Atisāra
(ଅତୀସାର—ଅନ୍ୟଆକାର)
୧ । ଅତ୍ୟଧିକ ଝାଡ଼ା—1. Diarrhoea; purging.
୨ । ନାଳରକ୍ତ ଝାଡ଼ା—2. Dysentery.

**ଅତିସାରକୀ**—ସଂ. ବିଣ. ପୁଂ. ( ଅତି+ସ୍ୱାର୍ଥେ. କ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ )—ଅତିସାର ରୋଗଗ୍ରସ୍ତ—
Atisāraki
(ଅତିସାରକିଣୀ—ସ୍ତ୍ରୀ) Suffering from dysentery or
(ଅତିସାରୀ—ଅନ୍ୟ ଆକାର) diarrhoea.

**ଅତିସୃଷ୍ଟ**—ସଂ. ବିଣ. ( ଅତି+ସୃଜ ଧାତୁ+କର୍ମ. ତ)—
Atisrushta
୧ । ପ୍ରଦତ୍ତ—1. Given away.
୨ । ପରିତ୍ୟକ୍ତ—2. Abandoned; forsaken.

**ଅତିସୌରଭ**—ସଂ. ବ. ( ଅତି+ସୌରଭ )—
Atisaurabha
୧ । ଅତ୍ୟଧିକ ସୁଗନ୍ଧ—1. Great fragrance.
୨ । ଆମ୍ବ ( ଗଛ ଓ ଫଳ )—
2. The mango ( tree and fruit ).
ସଂ. ବିଣ—ଅତ୍ୟନ୍ତ ସୁଗନ୍ଧମୟ—
Very fragrant; having a strong odour.

**ଅତିହସିତ**—ସଂ. ବ. ( ଅତି+ହସ ଧାତୁ+ଭାବ. ତ )—
Atihasita
(ଅତିହାସ—ଅନ୍ୟ ଆକାର)
୧ । ଉଚ୍ଚହାସ୍ୟ—1. Loud laughter.
୨ । ଅତିରିକ୍ତ ହାସ୍ୟ—
2. Immoderate laugh.
( ହାସ୍ୟ ତଳେ ଟୀକା ଦେଖ )

**ଅତୀତ**—ସଂ. ବିଣ (ଅତି+ଇ ଧାତୁ+କର୍ତ୍ତୃ. ତ)—
Atita
(ଅତୀତା—ସ୍ତ୍ରୀ)
୧ । ଗତ—1. Gone; passed.
୨ । ଭୂତ; ପୂର୍ବେ ଘଟିଥିବା—
2. Past in point of time; gone by.
୩ । ଅତିକ୍ରାନ୍ତ—3. Passed over.
୪ । ମୃତ—4. Dead.
୫ । ଯେ ପାର ହୋଇଅଛି; ଅତିକ୍ରମଣ କରିଥିବା—
5. One who has got over.
୬ । ଅତିରିକ୍ତ—6. Excessive (M. W.)
୭ । ଯେଉଁ ସମୟ ଚାଲି ଯାଇଅଛି—7. Elapsed (time)
୮ । ଯେ କାର୍ଯ୍ୟରେ ହେଳା କରିଅଛି—
8. One who has neglected; negligent.
୯ । (ବ୍ୟାକରଣ) ପୂର୍ବେ ଘଟିଥିବା କ୍ରିୟାର କାଳ—
9 (grammar) Past (tense).
ସଂ. ବ. ୧ । ଶୈବ ସମ୍ପ୍ରଦାୟବିଶେଷ—1. Name of a Saiba sect (M. W.)
୨ । ଅତୀତ କାଳ—2. The past

**ଅତୀତକାଳ** - ସଂ. ବ (କର୍ମଧା; ଅତୀତ+କାଳ)—୧ । ଯେଉଁ ସମୟ ଗତ ହୋଇ ଅଛି—1. Past time; the past.
Atitakāla
୨ । (ବ୍ୟାକରଣ) ପୂର୍ବେ ଘଟିଥିବା କ୍ରିୟାର ସୂଚକ କାଳ—
2. (grammar) The past tense of a verb.

**ଅତୀନ୍ଦ୍ରିୟ**—ସଂ. ବିଣ (ଅବ୍ୟୟୀଭାବ; ଇନ୍ଦ୍ରିୟକୁ ଅତିକ୍ରମ କରି)—
Atindriya
୧ । ଇନ୍ଦ୍ରିୟାତୀତ; ଇନ୍ଦ୍ରିୟର ଅଗୋଚର—
1. Imperceptible; imperceivable by the senses; supersensuous.
ସଂ. ବ—(ସାଙ୍ଖ୍ୟଦର୍ଶନ) ୧ । ଆତ୍ମା—1. (Sāmkhya-philosophy) The Soul.
୨ । ପରମାତ୍ମା—2. The Supreme Soul.
୩ । ମନ—3. The mind.

**ଅତୀବ**—ସଂ. ବିଣ—(ଅତି+ଇବ)—ଅତିଶୟ; ଅତି; ଅତ୍ୟନ୍ତ—
Atiba
Very; very much; too much.
ସଂ. ବିଣର ବିଣ—ଅତ୍ୟଧିକରୂପେ—Exceedingly.

**ଅତୀରେକ**—ସଂ. ବ — ଅତିରେକର ଅନ୍ୟ ରୂପ—
Atireka
Another form of Atireka.

**ଅତୀସାର**—ସଂ. ବ—ଅତିସାରର ଅନ୍ୟରୂପ—
Atisāra
Another form of Atisāra.

**ଅତୁଙ୍ଗ**—ସଂ. ବିଣ. ( ଅ+ତୁଙ୍ଗ )—
Atunga
୧ । ଅନୁଚ୍ଚ—1. Not high.
୨ । ବାଙ୍ଗର; ବାମନ—2. Dwarfish; stunted.

**ଅଟୁଟ**—ଦେ. ବିଣ. ( ସଂ. ଅ+ତ୍ରୁଟିତ )—
Atuta
୧ । ଅକ୍ଷତ; ଅଭଗ୍ନ—1. Unbroken.
অটুট କଳ୍ପ କଳ୍ପାନ୍ତରେ ତାହା ଅଟୁଟ ଅଟଇ ।
अटूट ଅନେକ ବଧାରେ ନନ୍ଦଘୋଷ କି ଫୁଟଇ । ସାରଳା. ମହାଭାରତ. ସ୍ୱର୍ଗ ।
୨ । ଅବିଚ୍ଛିନ୍ନ—2. Continuous.
୩ । ଅନାହତ—3. Unhurt.
୪ । ଅବିନାଶୀ—4. Indestructible.
୫ । ପୂର୍ଣ୍ଣାଙ୍ଗ—5. Whole; entire.
ଅଟୁଟ ତାହାର ଲକ୍ଷ୍ମୀ ଅଛି ସେହି ଯାଏ । ସାରଳା. ମହାଭାରତ. ଉଦ୍ୟୋଗ ।
୬ । ଅକ୍ଷୟ; ଅସରନ୍ତି—6. Inexhaustible.
ବର୍ଣ୍ଣିଣ୍ଟ ଶରଧି ଶରଧ ଅଟୁଟ କାଣ୍ଡ କାଣ୍ଡ ଉଚ୍ଛୋଳଇ ।
ଉପ. ବୈଦେହୀଶବିଳାସ ୪୯।୨୪ ।
୭ । ସମ୍ପୂର୍ଣ୍ଣ; ପୂର୍ଣ୍ଣଭାବରେ ଥିବା—7. Full
୮ । ଶାନ୍ତି—8. Pure.
ଅଟୁଟ କନକ ଯେ ଶୋଭଇ ଘଟ ଜାଣି । ସାରଳା. ମହାଭାରତ—ଆଦି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଣ୍ଡ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଙ୍‌ଅ | ଞ୍ଜ | ନ୍ତ |

୯ । ଅଦମ୍ୟ—9. Undaunted.

ଯୁଝିଲେ ଅସୁର ସଙ୍ଗେ ଅତୁଠ ସାହସେ । ରଘୁନାଥ. ମହାଯାତ୍ରା ।

**ଅତୁଠା**—ଦେ. (ପଦ୍ୟ) ବଣ—ଅତୁଠ ( ଦେଖ )
Atuṭā — Atuṭa ( See )

ସଂଗ୍ରାମେ ଅତୁଠା ଅପୂଠା ଯେ ବେନି ବୀର । ସାରଳା. ମହାଭାରତ. ଅଦ୍ଧ ।

**ଅତୁଠ**—ଦେ. ବି. ( ସଂ. ଅ+ଓ. ତୁଠ )—ନଦୀ ବା ଜଳାଶୟର ଯେଉଁ ଅଂଶ ଗାଧୁଆତୁଠ ବା ପାଣିଘାଟରୂପେ ବ୍ୟବହୃତ ହୁଏ ନାହିଁ—That part of a tank or river not used for bathing or watering purposes.
Atuṭha
ଅଘାଟ

ଅତୁଠରୁ ଯେବେ ଯେ ଅଣାଇଲ ପାଣି
ବର ପାଦ ଧୋଇ ଦେଲ୍ଲ ତାର ସୁନ୍ଦମଣି । ସାରଳା. ମହାଭାରତ. ଅଦ୍ଧ ।

ଦେ. ବଣ—ଯେଉଁ ନଦୀ ବା ପୋଖରୀରେ ଗାଧୁଆ ତୁଠ ନ ଥାଏ—(a river or tank) Having no bathing-ghat.

**ଅତୁଣ୍ଡି**—ଦେ. ବି—ଆତୁଣ୍ଡି ( ଦେଖ )
Atuṇḍi — Ātuṇḍi ( See )

**ଅତୁଳ**—ସଂ. ବଣ. ( ଅ+ତୁଳ ଧାତୁ+କର୍ମ. ଅ )—
Atu̱la
(ଅତୁଳା—ସ୍ତ୍ରୀ)

୧ । ଅତୁଳନୀୟ; ଅନୁପମ—1. Incomparable; matchless.

୨ । ଅପରିମେୟ—2. Immeasurable.

୩ । ଅଦ୍ୱିତୀୟ—3. Unequalled; unique.

୪ । ଅତି ସୁନ୍ଦର—4. Very beautiful; charming.

ଦେ. ବଣ—ଯାହା ଓଜନ କରାଯାଇ ନ ଥାଏ; ଯାହା ତୁଲା ଯାଇ ନାହିଁ—Not weighed.

ସଂ. ବି—ତିଳ (ଗୁଳ୍ମ ଓ ବୀଜ)—The sessamum ( plant and seed )

**ଅତୁଲ**—ଦେ. ବି. (ସଂ. ଅତୁଳ ବା ଅତୁଲ୍ୟ. ଏହା ଅତି ସୁନ୍ଦର ଥିବାରୁ)-ସ୍ତ୍ରୀମାନଙ୍କ ହାତଗଣ୍ଠିରେ ପିନ୍ଧିବା ଅଳଙ୍କାରବିଶେଷ—A kind of bracelet.
Atula

ହେମ ହାଠକ କଙ୍କଣ ବାହେ ରତ୍ନ ଚୁଡ଼ି
ଅତୁଲ ଅବତଂସ ଅନନ୍ତ ତୃତ ଯୋଡ଼ି । ପୀତାମ୍ବର. କୃଷ୍ଣ ହିପୁରଣ ।

ଦେ. ବଣ. ( ସଂ. ଅତୁଳ )—

୧ । ଅତୁଳ ( ଦେଖ )—1. Atu̱la ( See )

ବୀରବର ଦର୍ପରେ ଅତୁଲ ମହାମନ୍ତ । ସାରଳା. ମହାଭାରତ. ବନ୍ଧ ।

୨ । ଅସମାନ—2. Unequal.

୩ । ଅସମତଳ (ତୁଲ—ବିପରୀତ):—3. Not plain.

( ଯଥା—ଏ ପଡ଼ିଆଟା ଅତୁଲ ହୋଇଅଛି; ଦଶ ଜଣ ଲୋକ ଲାଗିଲେ ଏହାକୁ ତୁଲ କରି ଦେବେ । )

**ଅତୁଳନ**—ସଂ. ବଣ (ବହୁବ୍ରୀହି; ଅ+ତୁଳନା)—ଅତୁଳ (ଦେଖ)—
Atu̱lana — Atu̱la (See)
(ଅତୁଳନା—ସ୍ତ୍ରୀ)

**ଅତୁଳନୀୟ**—ସଂ. ବଣ( ଅ+ତୁଳନୀୟ)—ଅତୁଳ (ଦେଖ)
Atu̱lanīya — Atu̱la (See)

**ଅତୁଳା**—ସଂ. ବଣ. ସ୍ତ୍ରୀ (ଅତୁଳ+ଆ)—ଅତୁଳର ସ୍ତ୍ରୀଲିଙ୍ଗ—
Atu̱lā — Feminine of Atu̱la.

ଦେ. ବଣ—୧ । ତଉଲା ଯାଇ ନ ଥିବା—1. Not weighed.

୨ । ଅଦ୍ୱିତୀୟ—2 Unique.

ହେ ପାର୍ଥ ! ଅତୁଳା ପୁରୁଷ ଏହୁ । ପ୍ରାଚୀ—ପରଚେ ଗୀତା ।

**ଅତୁଲା**—ଦେ. ବି. (ସଂ. ଅତୁଲ୍ୟ)—ଅତୁଲ (ଦେଖ)
Atulā — Atula (See)

ଅତୁଲା ପଡ଼େ ଆନ ଭୂଷା ଧରନ୍ତି ରୂପ ଗଢ଼ିତା ଲକ୍ଷଣାରୁ ।
ଭଞ୍ଜ. ଲାବଣ୍ୟବତୀ—୪ ।

**ଅତୁଲାଇତ**—ଦେ. ବଣ. ( ସଂ. ଅତୁଲ)—
Atulāita — ଅତୁଳନୀୟ—Incomparable.

ସୁନ୍ଦର ସୁଠାମ ଅତୁଲାଇତ ଦୂଲନ । ସାରଳା. ମହାଭାରତ. ଆଦ ।

**ଅତୁଳିଆ**—ଦେ. ବଣ. ( ସଂ. ଅ+ଓ. ତୁଳିଆ )—ଯେଉଁ ଗୃହର ତୁଳିଆ ଖୁଣ୍ଟ ନ ଥାଏ; ମଝିତୁମ୍ବ ( ଘର )—(a thatched house) Having no main pillar in the middle.
Atu̱liā
आठचेल (घर)
बंगला

**ଅତୁଲ୍ୟ**—ସଂ. ବଣ. ( ନଞ୍ ତତ୍; ଅ+ତୁଲ୍ୟ )—
Atulya

୧ । ଅସମାନ—1. Unequal.

୨ । ( ବହୁବ୍ରୀହି ) ଅତୁଳ ( ଦେଖ )—2 Atu̱la ( See )

**ଅତୁଷି**—ଦେ. ବି. ( ସଂ. ଅତିବିଷା )—
Atushi — ଅତିବିଷା ( ଦେଖ ) Atibishā ( See )

**ଅତୃଣ**—ସଂ. ବଣ. ( ବହୁବ୍ରୀହି; ଅ+ତୃଣ )—
Atṛuṇa

୧ । ତୃଣହୀନ ( ପ୍ରଦେଶ )—1. (country) Devoid of grass.

୨ । ଉଦ୍ଭିଦହୀନ ( ଦେଶ )—2. (country) Devoid of vegetation.

**ଅତୃଣାଦ**—ସଂ. ବଣ. (ଅ+ତୃଣାଦ)—ଯେଉଁ ଜନ୍ତୁ ତୃଣଭୋଜୀ ନୁହେ—Not graminivorous.
Atṛuṇāda

ସଂ. ବି. ପୁଂ. ( ଯେଉଁ ବାଛୁରୀ ଘାସ ଖାଇ ପାରେ ନାହିଁ )—ନୂଆଁଳା ବାଛୁରୀ—A newborn calf.

**ଅତୃପତ**—ଗ୍ରା. ବି. ( ସଂ. ଅତୃପ୍ତି )—୧ । ଅତୃପ୍ତି; ତୃପ୍ତିର ଅଭାବ—
Atṛupati — 1. Want of satisfaction; discontent; want of satiety.

ଗ୍ରା. ବଣ. ( ସଂ. ଅତୃପ୍ତ )—

ପୂର୍ବରୁ ଅତୃପତ ହୋଇ ପାଣ୍ଡୁ ପତି
କରିଥିଲୁ ଏବେ ମିଳିଲା ବନ୍ଧୁପତି । କୃଷ୍ଣସିଂହ. ମହାଭାରତ. ସଭା ।

**ଅତୃଷିକ**—ଗ୍ରା. ( ପ୍ରାଚୀନ ପଦ୍ୟ ) ବଣ. ( ସଂ. ଅତୃଷିତ )—
Atṛushika

୧ । ଯାହାକୁ ତୃଷା କରି ନାହିଁ—1. Not yet feeling thirsty.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତିର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ତୃଷ୍ଣାରହିତ—2. Thirstless.

୩ । ଯାହାର ତୃଷା ଶାନ୍ତ ହୁଏ ନାହିଁ—3. One whose thirst is not satiated.

ମୋହର ଶ୍ରବଣ ଯୁଗଳକ, କେବେହେଁ ନୋହେ ଅତୃପ୍ତିକ ।
ଭୂପତି. ପ୍ରେମପଞ୍ଚାମୃତ ୧।୧୧୧ ।

**ଅତୃଷ୍ଣ**—ସଂ. ବଣ. ପୁଂ. ( ବହୁବ୍ରୀହି; ଅ + ତୃଷ୍ଣା )—
Atrushna. ତୃଷ୍ଣାହୀନ—Thirstless.
(ଅତୃଷ୍ଣା—ସ୍ତ୍ରୀ)

**ଅଟୋଠ**—ଦେ. ବି. ଓ ବଣ—
Atotha ଅଗୁଠ ( ଦେଖ ) Atutha ( See )

**ଅଟୋଷି**—ଦେ. ବି. ( ସଂ. ଅତିବିଷା )—ଅତିବିଷା ( ଦେଖ )
Atoshi Atibishā ( See )

**ଅତ୍କ**—ସଂ. ବି. ପୁଂ. ( ଅତ୍ ଧାତୁ=ଗମନ କରିବା+କର୍ତ୍ତୃ. କ )—
Atka ୧ । ପଥିକ; ପର୍ଯ୍ୟଟକ—1. Traveller.
୨ । ଦେହର ଅଙ୍ଗ—2. Limb or member of the body.

**ଅତ୍ତା**—ସଂ. ବଣ. ପୁଂ. (ଅଦ୍ ଧାତୁ=ଖାଇବା+କର୍ତ୍ତୃ. ତୃ; ୧ମା. ୧ବ)—
Attā ୧ । ଭୋଜନକାରୀ—1. Eating
(ଅତ୍ତ୍ରୀ—ସ୍ତ୍ରୀ) ୨ । ଅତିଭୋଜନକାରୀ; ପେଟୁ—2. Voracious; greedy.

ସଂ. ବି. ସ୍ତ୍ରୀ. ( ଅତ୍ ଧାତୁ=ଗମନ କରିବା + ତ + ଆ; ନାଟ୍ୟୋକ୍ତିରେ ବ୍ୟବହୃତ )—
୧ । ମାତା—1. (In stage language) Mother.
୨ । ଶାଶୁ—2. Mother-in-law.
୩ । ବଡ଼ ଭଉଣୀ—3. Elder sister.
୪ । ପିଉସୀ—4. Father's sister;

[ ଦ୍ର—ସଂସ୍କୃତକୋଷକାର ମନିଅର୍ ୱିଲିଅମ୍‌ସ୍‌ଙ୍କ ମତ ଯେ ଏହି ଶବ୍ଦ ଦକ୍ଷିଣିଆଙ୍କ ଭାଷାରୁ ଅନୁକୃତ ହୋଇ ନାଟକରେ ବ୍ୟବହୃତ ହୋଇଅଛି । ]

**ଅତ୍ତି**—ସଂ. ବି. ସ୍ତ୍ରୀ—ଅତ୍ତା ( ଦେଖ )
Atti Attā ( See ) ( M. W. ).

**ଅତ୍ତିକା**—ସଂ. ବି. ସ୍ତ୍ରୀ. (ଅତ୍ତି + କ + ଆ )—
Attikā ଅତ୍ତା ( ଦେଖ ) Attā ( See ) ( M. W. ).

**ଅତ୍ନ**—ସଂ. ବି. ( ଅତ ଧାତୁ=ଗମନ କରିବା + କର୍ତ୍ତୃ. ନ )—
Atna ୧ । ପଥିକ—1. Traveller.
୨ । ବାୟୁ—2. Air.
୩ । ସୂର୍ଯ୍ୟ—3. The sun.

**ଅତ୍ନୁ**—ସଂ. ବି. ( ଅତ ଧାତୁ=ଗମନ କରିବା + କର୍ତ୍ତୃ. ନୁ )—
Atnu ଅତ୍ନ ( ଦେଖ ) Atna ( See )

**ଅତ୍ୟ**—ସଂ. ବି. ବୈଦିକ ( ଅତ୍ ଧାତୁ=ଗମନ କରିବା+କର୍ତ୍ତୃ. ଯ )—
Atya ବେଗଗାମୀ ଅଶ୍ୱ; ବାରୁ—Courser; steed.

**ଅତ୍ୟଙ୍କୁଶ**—ସଂ. ବଣ. ( ବହୁବ୍ରୀହି; ଅତି = ଅତିକ୍ରମ କରିଅଛି + ଅଙ୍କୁଶକୁ ଯେ; ଯେ ଅଙ୍କୁଶଦ୍ୱାରା ଅସାଧ୍ୟ )—
Atyankusa
୧ । ଅଶାସ୍ୟ; ଅସାଧ୍ୟ—1. Ungovernable.
୨ । ନିରଙ୍କୁଶ—2. Uncontrolled; unrestrained.

**ଅତ୍ୟଗ୍ନି**—ସଂ. ବି. ( ସୁପ୍‌ସୁପ୍ ସମାସ; ଅତି+ଅଗ୍ନି; )—
Atyagni ରୋଗବିଶେଷ; ଖାଦ୍ୟ ଦ୍ରବ୍ୟ ଅତି ଶୀଘ୍ର ଜୀର୍ଣ୍ଣ ହୋଇ ଉପର୍ଯ୍ୟୁପରି କ୍ଷୁଧା ବୋଧ ହେବା ରୋଗ—A disease in which there is morbidly rapid digestion.
ସଂ. ବଣ ( ଅବ୍ୟୟୀଭାବ; ଅତିକ୍ରମ କରିଅଛି ଅଗ୍ନିକୁ ଯେ )—
ତେଜରେ ଅଗ୍ନିକୁ ବଳିଥିବା—Surpassing fire in heat, light or splendour.

**ଅତ୍ୟଗ୍ନିଷ୍ଟୋମ**—ସଂ. ବି. ( ଅବ୍ୟୟୀଭାବ; ଅତିକ୍ରମ କରିଅଛି + ଅଗ୍ନିଷ୍ଟୋମକୁ ଯେ; ଯାହାର ଫଳ ଅଗ୍ନିଷ୍ଟୋମ ଯଜ୍ଞର ଫଳ ଅପେକ୍ଷା ଅଧିକ )—
Atyagnishtoma
ଜ୍ୟୋତିଷ୍ଟୋମ ଯଜ୍ଞର ଦ୍ୱିତୀୟ ଅଂଶ—The optional second part of the Jyotishtoma sacrifice.

**ଅତ୍ୟଧିକ**—ସଂ. ବଣ. ( ଅତି + ଅଧିକ )—
Atyadhika ୧ । ସଂଖ୍ୟାରେ ଅତି ବେଶୀ—1. Very many.
(ଅତ୍ୟଳ୍ପ—ବିପରୀତ)
୨ । ପରିମାଣରେ ଅତ୍ୟନ୍ତ ବେଶୀ—2. Very much; excessive; inordinately large.

**ଅତ୍ୟଧ୍ୱା**—ସଂ. ବଣ. ( ଅତି + ଅଧ୍ୱନ୍ ; ୧ମା. ୧ବ )—
Atyadhwā ବହୁଦୂର ପଥ ଓ କ୍ଳାନ୍ତିଜନକ ପର୍ଯ୍ୟଟନ—A long and wearisome journey.

**ଅତ୍ୟନ୍ତ**—ସଂ. ବଣ. ( ଅବ୍ୟୟୀଭାବ; ଅତି + ଅନ୍ତ; ଅତିକ୍ରମ କରିଅଛି ସୀମାକୁ ଯେ )—
Atyanta
୧ । ଅତ୍ୟଧିକ; ଅତିଶୟ—1. Much.
୨ । ଅତି ବଡ଼—2. Very great; very big.
୩ । ବେକାୟଦା—3. Inordinate.
୪ । ବହୁତ—4. Excessive; too much.
୫ । ସମ୍ପୂର୍ଣ୍ଣ—5. Complete; perfect; absolute.
୬ । ଅସୀମ—6. Boundless.
୭ । ଚିରସ୍ଥାୟୀ—7. Permanent.
୮ । ଅଶେଷ—8. Endless.
୯ । ଅପରିମେୟ—9. Immeasurable

ଦେ. ବଣର ବଣ. ଓ କ୍ରି. ବଣ—
୧ । ସମଧିକ ପରିମାଣରେ—1. Excessively.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ଡ଼ | ଢ଼ |

୨ । ବେଢାଯୁ—2 Inordinately.
୩ । ସମ୍ପୂର୍ଣ୍ଣରୂପେ —3. Fully; completely.
୪ । ଚିରକାଳ ପାଇଁ—4. Inperpetuity; for ever.

**ଅତ୍ୟନ୍ତଗ**—ସଂ. ବିଣ. ( ଅତ୍ୟନ୍ତ+ଗମ ଧାତୁ+କର୍ତ୍ତୃ. ଅ )—
Atyantaga ଅତି ବେଗଗାମୀ—Fleet; going too fast.
(ଅତ୍ୟନ୍ତଗା—ସ୍ତ୍ରୀ)

**ଅତ୍ୟନ୍ତଗତ**—ସଂ.ବିଣ. (ଅତ୍ୟନ୍ତ+ଗତ)—୧ । ଚିରକାଳ ପାଇଁ ଗତ—
Atyantagata 1. Gone for ever;gone for good.
(ଅତ୍ୟନ୍ତଗତା—ସ୍ତ୍ରୀ) ୨ । ସବୁବେଳେ ପ୍ରଯୁଜ୍ୟ—
2. Always applicable (M.W)
୩ । ସମ୍ପୂର୍ଣ୍ଣ ରୂପେ ଯୋଗ୍ୟ ବା ଖାଇବ୍—
3. Completely pertinent ( M. W. )

**ଅତ୍ୟନ୍ତଗାମୀ**—ସଂ. ବିଣ. ପୁଂ. ( ଅତ୍ୟନ୍ତ+ଗମ ଧାତୁ+କର୍ତ୍ତୃ. ଇନ୍
Atyantagāmi ୧ମା. ୧ବ. )—ଅତ୍ୟନ୍ତଗ ( ଦେଖ )
(ଅତ୍ୟନ୍ତଗାମିନୀ—ସ୍ତ୍ରୀ) Atyantaga ( See )

**ଅତ୍ୟନ୍ତନିବୃତ୍ତି**—ସଂ. ବି. ( ଅତ୍ୟନ୍ତ+ନିବୃତ୍ତି )—
Atyantanibrutti ସମ୍ପୂର୍ଣ୍ଣ ଅଭାବ ବା ଅନ୍ତର୍ଦ୍ଧାନ—
Complete disappearance; absolute cessation.

**ଅତ୍ୟନ୍ତବାସୀ**—ସ.ବି. (ଅତ୍ୟନ୍ତ+ବସ ଧାତୁ+କର୍ତ୍ତୃ. ଇନ୍ ; ୧ମା.୧ବ)—
Atyantabāsi ଚିରକାଳ ଗୁରୁ ଗୃହରେ ବାସ କରୁଥିବା ଛାତ୍ର—
A student who perpetually resides with his teacher.

**ଅତ୍ୟନ୍ତସମ୍ପର୍କ**—ସଂ. ବି. ( କର୍ମଧା; ଅତ୍ୟନ୍ତ+ସମ୍ପର୍କ )—
Atayantasamparka ଅତ୍ୟନ୍ତସମ୍ଭୋଗ ( ଦେଖ )
Atyantasambhoga ( See )

**ଅତ୍ୟନ୍ତସମ୍ଭୋଗ**—ସଂ. ବି. (ଅତ୍ୟନ୍ତ+ସମ୍ଭୋଗ)—ଅତ୍ୟଧିକ ମୈଥୁନ—
Atyantasambhoga Excessive sexual intercourse.

**ଅତ୍ୟନ୍ତସଂଯୋଗ**—ସଂ. ବି. ( କର୍ମଧା. ଅତ୍ୟନ୍ତ+ସଂଯୋଗ )—
Atyantasamjoga ୧ । ଅବିଶ୍ରାନ୍ତ ମିଳନ—
1. Uninterrupted continuance.
୨ । ଅବିଚ୍ଛେଦ୍ୟ ଏକତ୍ରାବସ୍ଥାନ—
2. Inseparable coexistence.
୩ । ନିକଟବର୍ତ୍ତୀ ଅବସ୍ଥା— 3. Close proximity.

**ଅତ୍ୟନ୍ତାତିଶୟୋକ୍ତି**—ସଂ. ବି. ( କର୍ମଧା; ଅତ୍ୟନ୍ତ+ଅତିଶୟୋକ୍ତି )—
Atyantātisayokti ଅର୍ଥାଲଙ୍କାରବିଶେଷ; ଯେଉଁଠାରେ ଅତିଶୟୋକ୍ତିର ଅତିଶୟ ଘଟିଛି—A figure of speech where hyperbole is carried too far.

ଉଦା । ବକ୍ଷେର ଗୋପୀଜନଙ୍କ
କରପଲ୍ଲବରେ ବକ୍ଷ ରକ୍ତ ଜାଣି ହେଲାଣି ବରକୁ ।
ବୃନ୍ଦାବନ—ଉପେନ୍ଦ୍ରଭଞ୍ଜ ।

**ଅତ୍ୟନ୍ତାଭାବ**—ସଂ. ବି. (କର୍ମଧା; ଅତ୍ୟନ୍ତ+ଅଭାବ)—
Atyantābhāba ୧ । ସମ୍ପୂର୍ଣ୍ଣ ଅଭାବ—
1. Extreme want.
୨ । ଚିରକାଳ ଅବର୍ତ୍ତମାନତା—
2 Absolute non-existence.

**ଅତ୍ୟନ୍ତିକ**—ସଂ. ବିଣ ( ଅତ୍ୟନ୍ତ+ଇକ )—୧ । ଅତ୍ୟନ୍ତଗ ( ଦେଖ )
Atyantika Atyantaga ( See )
( ଅତ୍ୟନ୍ତିକା—ସ୍ତ୍ରୀ )—୨ । ଅତି ନିକଟବର୍ତ୍ତୀ—
2 Very near; too close ( M. W. )
୩ । (ଅତି+ଅନ୍ତିକ)—ବହୁଦୂରବର୍ତ୍ତୀ; ଦୂରସ୍ଥ—
3. Distant ( Apte )
ସଂ. ବି—୧ । ଅତିନୈକଟ୍ୟ—1. Close proximity; immediate neighbourhood.
୨ । (ଅତି=ଅତିକ୍ରାନ୍ତ+ଅନ୍ତିକ) ବହୁଦୂରତ୍ୱ—
2. Great distance.

**ଅତ୍ୟନ୍ତୀନ**—ସଂ. ବିଣ. ପୁଂ. ( ଅତ୍ୟନ୍ତ+ଈନ )—
Atyantina ୧ । ଦୂରଗାମୀ—1. Going far (M. W.)
(ଅତ୍ୟନ୍ତୀନା—ସ୍ତ୍ରୀ) ୨ । ଅତ୍ୟନ୍ତଗ; ଅତି ବେଗଗାମୀ—
2. Going too fast.

**ଅତ୍ୟଭିସୃତ**—ସଂ. ବି. ( ଅତି+ଅଭି+ସୃ ଧାତୁ+କର୍ତ୍ତୃ. ତ )—ଅତି
Atybhisruta ନିକଟକୁ ଆସିଥିବା—Having come too close ( M. W. )

**ଅତ୍ୟମ୍ଳ**—ସଂ. ବିଣ. ( ଅତି+ଅମ୍ଳ )—ଭାରି ଖଟା—Very sour
Atyamla ସଂ. ବି—ଆମ୍ବଡ଼ା (ଗଛ ଓ ଫଳ)—A tree & its fruit; Spondias Magnifera.

**ଅତ୍ୟମ୍ଳପର୍ଣ୍ଣୀ**—ସଂ. ବି. ( ଅତ୍ୟମ୍ଳ+ପର୍ଣ୍ଣ+ଇନ୍. ୧ମା. ୧ବ. )—
Atyamlaparnni ବନ୍ୟ ଜାମ୍ବୁର—Wild citron.

**ଅତ୍ୟମ୍ଳା**—ସଂ. ବି. ( ଅତ୍ୟମ୍ଳ+ଆ )—
Atyamlā ବନ୍ୟ ଜାମ୍ବୁର—Wild citron.

**ଅତ୍ୟୟ**—ସଂ. ବି. ( ଅତି+ଇ ଧାତୁ+ଭାବ. ଅ)—
Atyaya ୧ । (ସମୟ ବା ଋତୁର )—ଅବସାନ—
1. End; passing away ( of time or season ).
୨ । ବିନାଶ; ଧ୍ୱଂସ; ଲୋପ—
2. Destruction; annihilation.
୩ । ମୃତ୍ୟୁ—3. Death; dissolution.
୪ । ଦୋଷ—4. Fault.
୫ । ଦଣ୍ଡ—5. Punishment.
୬ । ଦୁଃଖ—6. Misery.
୭ । ଅପଚୟ—7. Waste.
୮ । ଅସଦ୍‌ବ୍ୟବହାର—8. Misuse; abuse.
୯ । ଅତିକ୍ରମ—9. Passing beyond; crossing.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବାନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧୦ । ବିପଦ—10 Danger.

୧୧ । ଆକ୍ରମଣ—11. Attacking.

୧୨ । ମନେ ମନେ ବଶୀଭୂତ କରିବା; ଜୟ କରିବା—
12. Mentally overcoming; mastering.

**ଅତ୍ୟର୍ଥ**—ସଂ. ବିଣ. ( ଅତି+ଅର୍ଥ )—ଅତ୍ୟଧିକ; ବିସ୍ତୃତ; ବହୁଳ—
Atyartha Excessive; extensive.
ସଂ. ବିଣରୁ ବିଣ—ଅତ୍ୟଧିକରୂପେ—Exceedingly.

**ଅତ୍ୟଳ୍ପ**—ସଂ. ବିଣ. ( ଅତି+ଅଳ୍ପ )—୧ । ସଂଖ୍ୟାରେ ଅତିକମ୍—
Atyalpa 1. Very few.
(ଅତ୍ୟଧିକ—ବିପରୀତ) ୨ । ପରିମାଣରେ ଅତିକମ୍—
2. Very little,

**ଅତ୍ୟହ୍ନ**—ସଂ. ବିଣ. ( ଅବ୍ୟୟୀଭାବ. ଅତି+ଅହନ୍ )—ଏକ ଦିନରୁ
Atyahna ଅଧିକକାଳସ୍ଥାୟୀ—Surpassing a day in duration ( M. W. )

**ଅତ୍ୟାକାର**—ସଂ. ବିଣ. ( ଅତି+ଆକାର )—ଅସୁନ୍ଦର; କଦାକାର—
Atyākāra Ugly; ill-shaped.
(ଅତ୍ୟାକାରା—ସ୍ତ୍ରୀ) ସଂ. ବି—୧ । ଅତି ବୃହତ୍ ଆକାର—
( ଅତ୍ୟାକାରିତ—ବି ) 1. A very large shape.
୨ । ନିନ୍ଦା—2 Blame.
୩ । ଘୃଣା—3. Contempt.
୪ । ଗାଳି—4. Abuse.

**ଅତ୍ୟାଚାର**—ସଂ. ବିଣ. ( ଅବ୍ୟୟୀଭାବ; ଅତି=ଅତିକ୍ରମ କରିଅଛି+
Atyāchāra ଆଚାରକୁ ଯାହା)—
୧ । ସଦାଚାର ବହିର୍ଭୂତ—1. Against or opposed to approved usage.
ଅତ୍ୟାଚାରିତ—
ଅତ୍ୟାଚାରୀ—ପୁଂ. } ବିଣ.
ଅତ୍ୟାଚାରିଣୀ—ସ୍ତ୍ରୀ.
୨ । ସଦାଚାରବିରୁଦ୍ଧ କର୍ମକାରୀ—
2. Negligent of established custom.
ସଂ. ବି—୧ । ହେଳା—1. Negligence; neglect.
୨ । ଅନୁଚିତାଚରଣ; ଅସଦାଚରଣ—
2. Improper conduct.
୩ । ସଦାଚାର ବହିର୍ଭୂତ କାର୍ଯ୍ୟକରଣ—
3. Performance of acts not sanctioned by usage.
୪ । ଅନ୍ୟାୟ ବା ବେଆଇନ୍ ଆଚରଣ—
4. Wrong or illegal conduct.
୫ । ଉତ୍ପୀଡ଼ନ; ଉପଦ୍ରବ; ଦୌରାତ୍ମ୍ୟ—
5. Oppression; outrage.
୬ । ମନ୍ଦ ବ୍ୟବହାର—6. Illtreatment.
୭ । ଅଭଦ୍ରାଚରଣ—7. Misbehaviour; indecorous conduct.
୮ । ବିଧି ବା ନିୟମ ଭଙ୍ଗନ—
8 Transgression; infringement of rules.
୯ । କର୍ତ୍ତବ୍ୟ ଲଙ୍ଘନ—9 Breach of duty.
୧୦ । କର୍ତ୍ତବ୍ୟ ଅପେକ୍ଷା ବେଶି କର୍ମ କରଣ—
10, Performance of works of supererogation (M. W.)

**ଅତ୍ୟାଚାରିତ**—ସଂ. ବିଣ. ପୁଂ ( ଅତ୍ୟାଚାର+କର୍ମ. ଇତ ) ଯାହା ପ୍ରତି
Atyāchārita ଅତ୍ୟାଚାର କରା ଯାଇଥାଏ; ଉତ୍ପୀଡ଼ିତ—
(ଅତ୍ୟାଚାରିତା—ସ୍ତ୍ରୀ) Oppressed; ill treated.

**ଅତ୍ୟାଚାରୀ**—ସଂ. ବିଣ. ପୁଂ—(ଅତ୍ୟାଚାର+ଇନ୍; ୧ମା. ୧ବ.) ଯେ
Atyāchāri ଅତ୍ୟାଚାର କରେ—Oppressive.
(ଅତ୍ୟାଚାରିଣୀ—ସ୍ତ୍ରୀ)

**ଅତ୍ୟାଜ୍ୟ**—ସଂ. ବିଣ ( ଅ+ତ୍ୟାଜ୍ୟ )—୧ । ଯାହା ତ୍ୟାଗ କରିବା
Atyājya ଉଚିତ ନୁହେ—1. Not deserving to be abandoned.
୨ । ଅଲଙ୍ଘନୀୟ—2. Unavoidable.

**ଅତ୍ୟାଦିତ୍ୟ**—ସଂ. ବିଣ ( ଅବ୍ୟୟୀଭାବ; ଅତି=ଅତିକ୍ରମ କରିଛି+
Atyāditya ଆଦିତ୍ୟକୁ ଯାହା ) ତେଜରେ ସୂର୍ଯ୍ୟଙ୍କୁ ବଳିଥିବା—
Surpassing the sun in lustre.

**ଅତ୍ୟାଧାନ**—ସଂ. ବି (ଅତି+ଆ+ଧା ଧାତୁ+ଭାବ. ଅନ)—
Atyādhāna ୧ । ଉପରେ ସ୍ଥାପନ—1. Laying on; superposition.
(ଅତ୍ୟାହିତ—ବିଣ)
୨ । ନିୟମଲଙ୍ଘନ—2. Transgression.
୩ । ଯଜ୍ଞାଗ୍ନି ସ୍ଥାପନ ବା ରକ୍ଷଣରେ ହେଳା—3. Neglect of the lighting or maintenance of the sacred fire.
୪ । ପ୍ରତାରଣ—4 Deception (M. W.)

**ଅତ୍ୟାନନ୍ଦା**—ସଂ. ବି ( ଅବ୍ୟୟୀଭାବ; ଅତି+ଆନନ୍ଦ+ଆ )—ମୈଥୁନର
Atyānandā ସୁଖ ପ୍ରତି ଅଯଥା ବିରାଗ—Morbid indifference to the pleasures of sexual union.

**ଅତ୍ୟାୟ**—ସଂ. ବି (ଅତି+ଇ ଧାତୁ+ଭାବ. ଅ)—୧ । ସୀମା ଅତିକ୍ରମ
Atyāya 1. Passing beyond (limit)
୨ । (ସମୟ) ଅତିକ୍ରମଣ—2. Passing beyond (time limit)
୩ । ଲଙ୍ଘନ—3. Transgression; violation.
୪ । (ଅତି+ଆୟ)—ଅତିଶୟ ଲାଭ—
4. Great gain or profit.

**ଅତ୍ୟାରୂଢ଼**—ସଂ. ବିଣ (ଅତି+ଆ+ରୁହ୍ ଧାତୁ+କର୍ତ୍ତୃ. ତ)—
Atyārurdha ୧ । ଅତ୍ୟନ୍ତ ବଢିଥିବା—
(ଅତ୍ୟାରୂଢ଼ା—ସ୍ତ୍ରୀ) 1. Grown to excess.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ତ୍ତ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଊ | ନ୍ତ |

୨ । ଅତିଶଯ୍ୟ ବୃଦ୍ଧ—
2. Decrepit; too old.

ସଂ. ବି (ଭାବ. ତ)—୧ । ଅତି ଉଚ୍ଚ ସ୍ଥାନ—
1. A very high place.

୨ । ଅତ୍ୟନ୍ତ ଉଚ୍ଚତା—
2. A great altitude or elevation.

୩ । ଅତି ବୃଦ୍ଧ ବ୍ୟକ୍ତି—3. A very old man.

**ଅତ୍ୟାରୂଢ଼ି**—ସଂ. ବି—(ଅତି+ଆ+ରୁହ ଧାତୁ+ଭାବ. ତି)—
Atyārurdhi ୧ । ଅତ୍ୟନ୍ତ ବୃଦ୍ଧି—1. Great increase.

୨ । ଅତ୍ୟନ୍ତ ଉନ୍ନତି—2 Great prosperity.

୩ । ଅତ୍ୟନ୍ତ ଉଚ୍ଚତା—3. Great height.

**ଅତ୍ୟାଲ**—ସଂ. ବି—ରକ୍ତ ଚିତ୍ରକ; ନାଲି ଚିତା ଗୁଳ୍ମ—
Atyāla A plant; Plumbago Rosea.

**ଅତ୍ୟାଶା**—ସଂ. ବି (ଅତି+ଆଶା)—୧ । ଉଚ୍ଚ ଆଶା—
Atyāsā 1. High hope.

୨ । ଦୁରାଶା;ଅଯଥା ଆଶା—
2. Ambition; Inordinate hope.

**ଅତ୍ୟାସନ୍ନ**—ସଂ. ବିଣ (ଅତି+ଆସନ୍ନ)—ଅତି ନିକଟବର୍ତ୍ତୀ—
Atyāsanna Being too close.

**ଅତ୍ୟାହାର**—ସଂ. ବି. ( ଅତି+ଆହାର )—
Atyāhāra

ଅତ୍ୟାହାରୀ—ପୁଂ. } ବିଣ.
ଅତ୍ୟାହାରିଣୀ—ସ୍ତ୍ରୀ.
(ଅଳ୍ପାହାର—ବିପରୀତ)

୧ । ଅଧିକ ଭୋଜନ—
1. Over-eating.

୨ । ପେଟୁପଣ—
2. Gluttony.

**ଅତ୍ୟାହିତ**—ସଂ. ବି. ( ଅତି+ଆ+ଧା ଧାତୁ+ଭାବ. ତ; ଯାହା
Atyāhita ନିବାରଣ କରିବାପାଇଁ ମନକୁ ଅତି ନିବିଷ୍ଟ କରିବାକୁ ହୁଏ)—

୧ । ଭୟଙ୍କର ବିପଦ ବା ଦୁଃଖ—
1. A great calamity.

୨ । ଦୁଃସାହସିକ କର୍ମ; ହାଇଁସାହାସିଆ କାମ—
2. Very rash or daring deed.

୩ । ଅମଙ୍ଗଳ; ଅଲକ୍ଷଣ—3. Bad omen or sign.

୪ । ରାକ୍ଷସୋଚିତ କାର୍ଯ୍ୟ—4. Devilish act.

ସଂ. ବିଣ. (ଅତି+ଆ+ଧା ଧାତୁ+କର୍ମ. ତ)—

୧ । ଉପରେ ସ୍ଥାପିତ—1. Super-imposed.

୨ । ପ୍ରତାରିତ—2. Deceived.

୩ । ଲଙ୍ଘିତ—3. Transgressed; infringed.

**ଅତ୍ୟୁକ୍ତି**—ସଂ. ବି. ( ଅତି+ଉକ୍ତି )—୧ । ଅତିରଞ୍ଜିତ ବର୍ଣ୍ଣନା—
Atyukti 1. Exaggeration.

୨ । ଅସମ୍ଭବ ବର୍ଣ୍ଣନା—2. Improbable narration.

୩ । ( ଅଳଙ୍କାରବିଶେଷ )—ଅତିଶୟୋକ୍ତି—
3. Hyperbole.

୪ । ଅତିରିକ୍ତ ଗପ—4. Excessive talking.

**ଅତ୍ୟୁଗ୍ର**—ସଂ. ବିଣ. ( ଅତି+ଉଗ୍ର )—୧ । ଅତି ଭୟଙ୍କର—
Atyugra 1. Very fierce.

୨ । ଅତି ତୀବ୍ର—2. Very strong.

୩ । ଅତି ଅସହ୍ୟ—3. Very unbearable.

୪ । ଅତି ରାଗ—4. Very pungent.

ସଂ. ବି—ହେଙ୍ଗୁ—Assafœtida.

**ଅତ୍ୟୁଚ୍ଚୈଃ**—ସଂ. କ୍ରି. ବିଣ ( ଅତି+ଉଚ୍ଚୈଃ )—ଖୁବ୍ ପାଟି କରି; ଅତି
Atyuchchaih ଉଚ୍ଚ ସ୍ୱରରେ—Very loudly.

**ଅତ୍ୟୁଚ୍ଚୈର୍ଧ୍ୱନି**—ସଂ. ବି. ( ଅତ୍ୟୁଚ୍ଚୈଃ+ଧ୍ୱନି )—ଖୁବ୍ ଉଚ୍ଚ ଶବ୍ଦ—
Atyuchchairdhwani Very high sound.

**ଅତ୍ୟୂଧ୍ନୀ**—ସଂ. ବିଣ. ସ୍ତ୍ରୀ. ( ଅତି+ଊଧସ୍+ଈ )—କୁଣ୍ଡୋଧ୍ନୀ; ଯେଉଁ
Atyūdhni ଗାଈର ଖୁବ୍ ବଡ଼ ପଘା ଥାଏ—(cow) Having an exceedingly large udder.

**ଅତ୍ୟୂହ**—ସଂ. ବି. ( ଅତି+ଉହ ଧାତୁ=ପାର କରିବା+କର୍ତ୍ତୃ. ଅ )—
Atyūha ୧ । ଗଭୀର ତର୍କ—1. Deep reasoning.

୨ । ଅତିରିକ୍ତ ବିଚାର—
2. Excessive deliberation ( M. W. )

୩ । ଦାତ୍ୟୂହ; ଡାହୁକ—
3. The gallinule ( bird ).

୪ । ମୟୂର—4. Peacock.

**ଅତ୍ୟୂହା**—ସଂ. ବି. ( ଅତ୍ୟୂହ+ଆ )—୧ । ନାଳିକା ଗୁଳ୍ମ ଓ ଫୁଲ—
Atyūhā 1. A flowering shrub.

୨ । ଏକ ପ୍ରକାର ମଲ୍ଲୀଫୁଲ—
2. Jasmiuum Villosum ( flower ).

୩ । ଗଙ୍ଗଶିଉଳି ( ଫୁଲ )—
Nyctanthes tristis ( flower ).

**ଅତ୍ର**—ସଂ. ଅ. ( ଇଦମ୍+ସ୍ଥାନାଧିକରଣାର୍ଥେ. ତ୍ର )—
Atra ୧ । ଏହିଠାରେ—1. Here.
( ତତ୍ର—ବିପରୀତ ) ୨ । ଏଥିରେ; ଏ ବିଷୟରେ—
2, In this respect.

୩ । ଏ ପ୍ରସଙ୍ଗରେ—3. In this matter.

୪ । ଏହି ସମୟରେ—4. At this time ( M. W. )

অত্র ଦେ. (କଚରିଆ). ସର୍ବ—ଏହି—This.
(ଯଥା—ଅତ୍ର ମକଦ୍ଦମା; ଅତ୍ର ଦରଖାସ୍ତ; ଅତ୍ର ଜବାବ)

**ଅତ୍ରକତ୍ର**—ଗ୍ରାଃ ଅ. (ସଂ. ଯତ୍ର ଓ କୁତ୍ର)—୧ । ଯେନ କେନ ପ୍ରକାରେ;
Atrakatra ଯେ କୌଣସି ପ୍ରକାରେ—1. Anyhow.
যেমন তেমন ୨ । ଅତି କଷ୍ଟରେ—2. With great
**कैसे होहो** difficulty.
(ଯଥା—ମୋତେ ଜର ହୋଇଛି; ମୁଁ ଅତ୍ରକତ୍ର ଏତିକ ବାଟ ଚାଲି ଆଇଲି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ;— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଗିଁଆ' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅତ୍ରତତ୍ର**—ସଂ. ଅ (ଅତ୍ର + ତତ୍ର)—ଏଠାରେ ଓ ସେଠାରେ—
Atratatra Here and there.

କ୍ରିଦ.ଅ. (ସଂ. ଯତ୍ର + ତତ୍ର)—୧ । ଯେଉଁଠାରେ ଇଚ୍ଛା ସେଠାରେ—
1. In any place whatever.

୨ । ସବୁ ସ୍ଥାନରେ—2. At all places.

୩ । ପ୍ରତ୍ୟେକ ସ୍ଥାନରେ—3. At every place.

ଦେ. ଅ—ଅତ୍ରକତ୍ର (ଦେଖ)
Atrakatra (See)

**ଅତ୍ରତ୍ୟ**—ସଂ. ବଣ. (ଅତ୍ର + ଜାତ ଅର୍ଥରେ ତ୍ୟ)—
Atratya ୧ । ଏଠାରେ ଜାତ—
1. Born here, produced here.

୨ । ଏ ସ୍ଥାନର—2. Relating to this place.

୩ । ଏ ସ୍ଥାନସମ୍ପର୍କୀୟ—
3. Connected with this place.

୪ । ଏ ସ୍ଥାନରେ ଥିବା—
4. Situated at this place.

୫ । ଏଠାରେ ମିଳୁଥିବା—Available here.

**ଅତ୍ରପ**—ସଂ. ବଣ. ପୁଂ (ବହୁବ୍ରୀହି; ଅ + ତ୍ରପା)—ନିର୍ଲଜ୍ଜ; ବେହିଆ—
Atrapa Shameless; immodest.
(ଅତ୍ରପା—ସ୍ତ୍ରୀ)

**ଅତ୍ରପିତର କରିବା**—ଦେ. କ୍ରି—ଅତରପିତର କରିବା (ଦେଖ)
Atrapitara karibā Atarapitara karibā (See)

**ଅତ୍ରଭବତୀ**—ସଂ. ବଣ. ସ୍ତ୍ରୀ. (ଅତ୍ର + ଭବତ୍ + ସ୍ତ୍ରୀ. ଈ)—ପୂଜ୍ୟା;
Atrabhabati ମାନନୀୟା (ସ୍ତ୍ରୀ)—Respected (lady).

ସଂ. ସବ. ସ୍ତ୍ରୀ—ଏ ମହାଶୟା—
This respected lady.

**ଅତ୍ରଭବାନ୍**—ସଂ. ବଣ. ପୁଂ. ( ଅତ୍ର+ଭବତ୍ ; ୧ମା. ୧ବ. )—
Atrabhabān ପୂଜ୍ୟ; ମାନନୀୟ ( ପୁରୁଷ )—
Respected ( person )

ସଂ. ସ. ପୁଂ—୧ । ଏ ମହାଶୟ—1. This respected gentleman.

୨ । (ଅନ୍ୟ ପୁରୁଷ) ସେ; ହଜୁର—2. His honour.

୩ । (ମଧ୍ୟମ ପୁରୁଷ) ତୁମ୍ଭ—3 Your honour.

**ଅତ୍ରସ୍ଥ**- ସଂ. ବଣ (ଅତ୍ର + ସ୍ଥା ଧାତୁ + କର୍ତ୍ତୃ. ଅ)—ଅତ୍ରତ୍ୟ; ଏଠାରେ ଥିବା
Atrastha —Situated at this place.

**ଅତ୍ରାସ**—ସଂ. ବଣ. ପୁଂ (ବହୁବ୍ରୀହି; ଅ + ତ୍ରାସ)—୧ । ଅଶଙ୍କିତ—
Atrāsa 1. Not afraid.

୨ । ନିର୍ଭୟ—2. Fearless.

**ଅତ୍ରାହି**—ଗ୍ରା. ବଣ (ସଂ. ଅ+ସଂ. ତ୍ରାହି=ରକ୍ଷା କର=ଓ.ତ୍ରାହି—ରକ୍ଷା)
Atrāhi ଯାହାକୁ କେହି ତ୍ରାହି କରିବାକୁ ନାହିଁ )—
ଅସହାୟ ୧ । ଅରକ୍ଷିତ; ଅଶରଣ—1. Patronless.
ଲାଚାର ୨ । ନିଃସହାୟ—2. Helpless.

ଶରଣ ରକ୍ଷଣ ତୋ ବାନା, ଅତ୍ରାହିଜନ ବନ୍ଧୁସେନା । ରାମଦାସ—ଦାର୍ଢ୍ୟଭକ୍ତି ।

**ଅତ୍ରି**—ସଂ. ବଣ. ପୁଂ (ଅଦ ଧାତୁ=ଭକ୍ଷଣ କରିବା + କର୍ତ୍ତୃ. ତ୍ରି)—(ବୈଦିକ)
Atri ଗିଳା; ଯେ ବହୁତ ଗିଳେ—(vedic) Devouring.

ସଂ. ବି. (ନାମ)—୧ । ସପ୍ତର୍ଷି ମଧ୍ୟରୁ ଏକତମ—
1. Name of a famous sage.

(ସପ୍ତର୍ଷିଙ୍କ ନାମ, ଯଥା—ମରୀଚି; ଅତ୍ରି; ଅଙ୍ଗିରା; ପୁଲସ୍ତ୍ୟ; ପୁଲହ; କ୍ରତୁ; ବଶିଷ୍ଠ )

[ ଦ୍ର—ଏ ବ୍ରହ୍ମାଙ୍କ ୧୦ ଟି ମାନସପୁତ୍ରରୁ ଏକତମ । ଏ ପ୍ରଥମେ ବ୍ରହ୍ମାଙ୍କଠାରୁ ଜାତ ହୋଇଥିଲେ । ଦକ୍ଷ ଯଜ୍ଞଯାଗ ଶିବଙ୍କ ଶାପରେ ମୃତ ହେବାରୁ ବ୍ରହ୍ମା ଯଜ୍ଞ କଲେ ଓ ଯଜ୍ଞାଗ୍ନିଶିଖାରୁ ଅତ୍ରି ଦ୍ୱିତୀୟ ବାର ଜନ୍ମିଲେ । ଏ ଦୁଇ ଜନ୍ମରେ ଅନସୂୟା ତାଙ୍କ ପତ୍ନୀ ଥିଲେ । ପ୍ରଥମ ଜନ୍ମରେ ଅତ୍ରିଙ୍କ ଔରସରେ ଅନସୂୟାଙ୍କ ଗର୍ଭରୁ ଦତ୍ତ, ଦୁର୍ବାସା ଓ ସୋମ ଋଷି ଜନ୍ମିଥିଲେ ଓ ଦ୍ୱିତୀୟ ଜନ୍ମରେ ଅର୍ଯ୍ୟମା ଋଷି ଓ ଅମଳାନାମ୍ନୀ କନ୍ୟା ଜନ୍ମିଥିଲେ । ରାମ ଓ ସୀତା ବନବାସ କାଳରେ ଏହାଙ୍କ ଆଶ୍ରମକୁ ଯାଇ ଋଷିଦମ୍ପତିଙ୍କଦ୍ୱାରା ଅଭ୍ୟର୍ଥିତ ହୋଇଥିଲେ । ଏ ଅନେକ ସୁକ୍ତ, ବୈଦିକ ମନ୍ତ୍ର, ସଂହିତା ଓ ସ୍ମୃତି ରଚନା କରି ଥିଲେ । ଏ ତପସ୍ୟା କଲାବେଳେ ଏହାଙ୍କ ନେତ୍ରରୁ ଚନ୍ଦ୍ର ଜନ୍ମିଥିଲେ । ]

୨ । ସପ୍ତର୍ଷିମଣ୍ଡଳର ଗୋଟିଏ ତାରା ( ଲାଞ୍ଜ ଆଡ଼ୁ ଗଣିଲେ ଚତୁର୍ଥ ତାରା; ଲାଞ୍ଜ ମୂଳରେ ଥିବା ତାରା)—
2. One of the stars in the constellation Great Bear.
( ନକ୍ଷତ୍ର ତଳେ କୋଷ୍ଠ ଦେଖ । )
Megrez; Delta Ursal Majoris.

**ଅତ୍ରିଚ୍ଛା**—ଗ୍ରା. ବଣ. ( ସଂ. ଅତୃପ୍ତ )—ଅତର୍ଚ୍ଛ ( ଦେଖ )
Atrichhā Atarchha ( See )

**ଅତ୍ରିଜ**—ସଂ. ବି. ପୁଂ. ( ଅତ୍ରି+ଜନ ଧାତୁ + କର୍ତ୍ତୃ. ଅ; ଯେ ଅତ୍ରିଙ୍କଠାରୁ
Atrija ଜାତ )—ଚନ୍ଦ୍ର—The moon.

**ଅତ୍ରିଜାତ**—ସଂ. ବି. ପୁଂ. (୫ମୀ ତତ୍; ଅତ୍ରି + ଜାତ; ଅତ୍ରିଙ୍କଠାରୁ ଜାତ)--
Atrijāta ୧ । ଚନ୍ଦ୍ର—1. The moon.

୨ । (ନଞ୍ ତତ୍ ;ଅ + ତ୍ରିଜାତ)--ଦ୍ୱିଜ;ବ୍ରାହ୍ମଣ,କ୍ଷତ୍ରିୟ ଓ ବୈଶ୍ୟ—
2. A person belonging to the twice-born castes.

**ଅତ୍ରିଦୃଗ୍‌ଜ**—ସଂ. ବି. ପୁଂ.(ଅତ୍ରି + ଦୃଶ୍ + ଜନ ଧାତୁ + କର୍ତ୍ତୃ. ଅ; ଅତ୍ରିଙ୍କ
Atridṛugja ନେତ୍ରରୁ ଜାତ)—ଚନ୍ଦ୍ର—The moon.

**ଅତ୍ରିନେତ୍ରଭୂ**—ସଂ. ବି. ପୁଂ. (ଅତ୍ରି+ନେତ୍ର+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)—
Atrinetrabhū ୧ । ଚନ୍ଦ୍ର—1. The moon.

୨ । ଏକ ସଂଖ୍ୟା—2. The number one ( M. W, )

**ଅତ୍ରିପୁତି**—ଗ୍ରା. ବି. ( ସଂ. ଅତୃପ୍ତି )—ଅତୃପ୍ତି—Discontent;
Atriputi dissatisfaction.

ଗ୍ରା. ବଣ. ( ସଂ. ଅତୃପ୍ତ )—ଅତୃପ୍ତ—Dissatisfied; not satisafied.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଋଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ | ଇଅ | ୱ | ନ୍ଦୁ |

ସନ୍ତୋଷିତ ଭବେ କାନ୍ତ କାନ୍ତା ଅତି ପ୍ରୀତ । ପ୍ରାଚୀ—ଇସବାଉଧ ।

**ଅତ୍ରିପ୍ରଭବ**—ସଂ. ବ. ପୁଂ. ( ବହୁବ୍ରୀହି; ଅତ୍ରି + ପ୍ରଭବ; ଅତ୍ରିଙ୍କଠାରୁ ଜାତ )—ଚନ୍ଦ୍ର—The moon.
Atriprabhaba

**ଅତ୍ରିଭବ**—ସଂ. ବ. ପୁଂ. ( ଅତ୍ରି + ଭୂ ଧାତୁ + କର୍ତ୍ତୃ. ଅ; ଅତ୍ରିଙ୍କଠାରୁ ଜାତ )—ଚନ୍ଦ୍ର—The moon.
Atribhaba

**ଅଥ**—ସଂ. ଅ. ( ଅର୍ଥ ଧାତୁ + କରଣେ. ଅ; ଯାହା ଦ୍ୱାରା ବାକ୍ୟର ଅର୍ଥ ସୂଚିତ ହୁଏ )—
Atha

୧ । ବାକ୍ୟ, ପ୍ରସ୍ତାବ, ପ୍ରବନ୍ଧ ବା ଗ୍ରନ୍ଥ ଆରମ୍ଭରେ ବ୍ୟବହୃତ ଅବ୍ୟୟ; ଏହିଠାରେ ଆରମ୍ଭ—
1. A particle used at the beginning of a sentence, proposal, essay or book; here begins.

[ ଦ୍ର—ଏହା ବ୍ରହ୍ମାଙ୍କ କଣ୍ଠରୁ ପ୍ରଥମେ ଉଚ୍ଚାରିତ ହୋଇଥିବାରୁ ପ୍ରବନ୍ଧ ଆରମ୍ଭରେ ଏହି ଶବ୍ଦ ବ୍ୟବହାର କରିବା ମଙ୍ଗଳସୂଚକ । ପ୍ରସ୍ତାବ ବା ଗ୍ରନ୍ଥ ଶେଷରେ 'ଇତି' ଲେଖାଯାଏ । ]

୨ । ଅନନ୍ତର; ଏହାପରେ—2. Then; after this.

ଅଥ ମନ୍ମଥର ମନଭେଦୀ ଶର ।
ମରମକୁ ଭେଦିବାରେ ମନୋହର । ଉପେ. ଲାବଣ୍ୟବତୀ ।

[ ଦ୍ର—ଏହି ଅବ୍ୟୟ ଅନନ୍ତର, ମଙ୍ଗଳ, ସଂଶୟ, ପ୍ରଶ୍ନ, ଦୃଢ଼ଚ୍ଛା, ସମୁଚ୍ଚୟ ଚିହ୍ନ, ଏହିକ୍ଷଣି, ଅତଏବ, ଆରମ୍ଭ, ସାକଲ୍ୟ, ଅନୁଜ୍ଞା, ପ୍ରକରଣ ସ୍ଥଳରେ ବା ଅର୍ଥରେ ବ୍ୟବହୃତ—ଗୋପୀନାଥ ନନ୍ଦ । ]

**ଅଥକ୍**—ପ୍ରାଦେ. ( ସମ୍ବଲପୁର ) ବଣ. ( ସଂ. ଅ + ସ୍ଥଳ )—
Athak ୧ । ଅତି ଗଭୀର—1. Very deep.
অথাহ ୨ । ଅଥଳ; ଯେଉଁ ପାଣିରେ ମନୁଷ୍ୟ ପଶି ବା ଗୋଡ଼ି କରି ପାରି ହୋଇ ପାରେ ନାହିଁ—2. Unfordable.
୩ । ଦେ. ବଣ. ( ସଂ. ଅ + ସ୍ଥଗ ଧାତୁ )—ଯେ ଥକେ ନାହିଁ;
अथक ଅଶ୍ରାନ୍ତ—3. Untired.

**ଅଥଚ**—ସଂ. ଅ. ( ଅଥ + ଚ )—
Athacha ୧ । ଆଉରି ମଧ୍ୟ—1. And also.
অথচ ୨ । ମଧ୍ୟ—2. Also.
अगत्चे ୩ । ଏହିପରି ମଧ୍ୟ—3. Likewise; similarly.
୪ । ପୁନଶ୍ଚ; ପୁଣି—4. Again; moreover.
ଦେ. ଅ—୧ । ତଥାପି—1. Then even.
୨ । କିନ୍ତୁ—2. But.
୩ । କିନ୍ତୁ ମଧ୍ୟ—3. But also.

**ଅଥଚେତ୍**—ସଂ. ଅ. ( ଅଥ + ଚେତ୍ )—
Athachet ୧ । ଏବଂ ଯଦ୍ୟପି—1. And if.
୨ । ଯଦ୍ୟପି ମଧ୍ୟ—2. Even if.
୩ । ଯଦ୍ୟପି—3. If.

**ଅଥବା**—ସଂ. ଅ. ( ଅଥ + ବା )—
Athabā ୧ । କିମ୍ବା; ଅବା—1. Or; or rather.
୨ । ପକ୍ଷାନ୍ତରରେ—2. On the other hand.
୩ । ଅବାସମ୍ଭବତଃ—3. Or perhaps.
୪ । ନୋଚେତ୍—4. Else; otherwise.
୫ । (ପ୍ରଶ୍ନାର୍ଥକ) କି ? ଏପରି କଅଣ ନୁହେ—
5. What ? Is it not so ? ( M. W. )

**ଅଥୟ**—ଦେ. ବଣ. ( ସଂ. ଅସ୍ଥିର ବା ଅସ୍ଥୈର୍ଯ୍ୟ )—
Athaya ୧ । ଅସ୍ଥିର; ଚଞ୍ଚଳ—1. Restless.
অস্থির ସହସ୍ର ସ୍ତ୍ରୀ ସ୍ୱାଥ କରି ସୈନ୍ୟଚୟ
बेचैन ସେନା କରି ଅସିଲେ ହୋଇଣ ଅଥୟ । କୃଷ୍ଣସିଂ ହ. ମହାଭାରତ. ବନ ।
୨ । ଅନିଶ୍ଚିତ—2. Uncertain; unsettled.
୩ । ଅବ୍ୟବସ୍ଥିତ; ଚପଳ—3. Fickle; wavering
୪ । ଧୈର୍ଯ୍ୟହୀନ; ଅଧୀର—4. Impatient.
୫ । ଉତ୍କଣ୍ଠିତ—5. Anxious.
୬ । ବ୍ୟାକୁଳିତ—6. Sad; afflicted.

ଦଶନ୍ଦି ସ୍ୱର୍ଗରସ ଗଲି କାନନେ, ଲେଉଟାଇଲେ ରଥ ଅଥୟ ମନେ ।
ମଧୁସୂଦନ. କବିତାବଳି ।

**ଅଥୟବିଥୟ**—ଦେ. ବଣ. ( ସହଚର ଶବ୍ଦଦ୍ୱୟ )—
Athayabithaya ୧ । ଅସ୍ତବ୍ୟସ୍ତ; ଅତ୍ୟନ୍ତ ବ୍ୟତିବ୍ୟସ୍ତ—
अस्तव्यस्त 1. Very restless.
बेताब ୨ । ଅତ୍ୟନ୍ତ ଅଧୀର—
2 Very impatient.

**ଅଥୟମନା**—ଦେ. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅସ୍ଥିର + ମନସ୍ )—
Athayamanā ୧ । ଅସ୍ଥିରମତି; ଚପଳମତି—
অস্থিরমতি 1. Of restless or fickle mind.
बेचैन ୨ । ଉତ୍କଣ୍ଠିତ—2. Anxious.
୩ । ଅଧୀର—3. Impatient.
୪ । ବ୍ୟାକୁଳିତ—4. Sad.

**ଅଥର**—ଗ୍ରା. ବଣ. ( ସଂ. ଅସ୍ଥିର )—୧ । ନିଷ୍କମ୍ପ; କମ୍ପରହିତ—
Athara 1. Unshaking; not trembling.
নিথর ୨ । ସ୍ପନ୍ଦନରହିତ—
बेधड़क 2. Unwavering; not throbbing.
এবার ପ୍ରାଦେ. ( ଯାଜପୁର ) ଅ—
अब ଏଥର; ବର୍ତ୍ତମାନ—Now.

**ଅଥରଥର**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅସ୍ଥିର )—
Atharatharā ୧ । ଅଥରପା ( ଦେଖ )
( ଅଥରଥରୀ—ସ୍ତ୍ରୀ ) 1. Atharapā ( See )
থুরথুরে ୨ । କମ୍ପମାନ—2. Trembling; tremulous.
थरथराताहुआ ୩ । ଡରକୁଳା; ଯେ ସାମାନ୍ୟ ଭୟ କଥାରେ ଥରେ—
3. Timid.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅଥରଥରୁଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ.—
Atharatharuā — ଅଥରଥର ( ଦେଖ ) Atharatharā ( See )
( ଅଥରଥରେଇ—ସ୍ତ୍ରୀ )

**ଅଥରପା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅସ୍ଥିରପାଦ )—
Atharapā (ଅଥରପୀ—ସ୍ତ୍ରୀ) ଥୁରଥୁରେ
୧ । ଯେଉଁ ବ୍ୟକ୍ତି ଠିଆ ହେଲେ ଥରଥର ହୁଏ— 1. Of tremulous gait; nervous.
୨ । ଯାହାର ପାଦବିକ୍ଷେପ ସ୍ଥିର ନୁହେ— 2. Of weak or uncertain foothold.
୩ । ଅସ୍ଥିରମନା—Fickleminded.
୪ । ଆଗପଛ ବିଚାରହୀନ—4. Reckless.

**ଅଥରପା ମଣ୍ଡପ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ.—ଅଥରପା ( ଦେଖ )
Atharapā mandapa — Atharapā ( See )

**ଅଥରା**—ଦେ., ବିଣ. ପୁଂ—୧ । ଓଥରା; ଯେଉଁ ବ୍ୟକ୍ତି ଅଧିକ ବୟସ ପର୍ଯ୍ୟନ୍ତ ବିବାହ ହୋଇ ନ ଥାଏ—
Atharā ଥୁବଡ଼ୋ କାଠା ( ଅଥରୀ—ସ୍ତ୍ରୀ )
1. (a person) Not yet married long after attaining marriageable age.
୨ । ଅଥରୁଆ ( ଦେଖ )—Atharuā ( See )

**ଅଥରୁଆ**—ଦେ. ବିଣ. (ସଂ. ଅ+ଓ. ଥରୁଆ)—
Atharuā (ଅଥରେଇ—ସ୍ତ୍ରୀ) ନିଡର ନିଡର
ଯେ ଡରରେ ଥରଥର ହୁଏ ନାହିଁ; ଯେ ଡରଭୁଲା ନୁହେ; ନିର୍ଭୟ—Dauntless; fearless.

**ଅଥର୍ପା**—ଦେ. ବିଣ. ପୁଂ. ଓ ସ୍ତ୍ରୀ.—
Atharpā — ଅଥରପା ( ଦେଖ ) Atharapā ( See )
( ଅଥର୍ପୀ—ସ୍ତ୍ରୀ )

ଅଥର୍ପା ପୁରୁଷ ପ୍ରାୟେ ଅଛଇ ମୋର ବୁଦ୍ଧି,
ପଦେ ବହୁ ବହୁ ଅନ ପଦ ଲୋଡ଼େ ସିଦ୍ଧି । ପୀତାମ୍ବର. ନୃସିଂହପୁରାଣ. ୧୨ ।

**ଅଥର୍ବ**—ସଂ. ବି. ( ଅଥ=ବେଦାଦିର ପ୍ରାରମ୍ଭିକ ମଙ୍ଗଳସୂଚକ ଶବ୍ଦ+ ଋ ଧାତୁ =ଉଚ୍ଚାର କରିବା+କର୍ତ୍ତୃ. ବନ୍= ଅଥର୍ବନ୍; ୧ମା. ୧ବ. )—
Atharba
୧ । ଅଗ୍ନି ଓ ସୋମପୂଜକ ପୁରୋହିତ— 1. A priest who worships the fire and the Soma Deities.
୨ । ବ୍ରାହ୍ମଣ—2. A Brāhmana.
୩ । ବ୍ରହ୍ମାଙ୍କ ମୁଖରୁ ଜାତ ଜ୍ୟେଷ୍ଠ ପ୍ରଜାପତି— 3. Name of the eldest son born of Brahmā's mouth and a projenitor of mankind.
[ ଦ୍ର—ଏ ପ୍ରଥମେ ବ୍ରହ୍ମାଙ୍କଠାରୁ ବ୍ରହ୍ମବିଦ୍ୟା ଶିକ୍ଷା କରି ଅଥର୍ବ ବେଦ ରଚନା କରିଥିଲେ । ଏହାଙ୍କର ଏକ ସ୍ତ୍ରୀ ଶାନ୍ତି ଓ ଅନ୍ୟ ସ୍ତ୍ରୀ ଚିତ୍ତି । କେହି କେହି ଏହାଙ୍କୁ ଅଗ୍ନିଙ୍କ ପିତା ଅଙ୍ଗିରା ବୋଲି କହନ୍ତି । ]
୪ । ଚତୁର୍ଥ ବେଦ— 4. The name of the fourth Beda.
[ ଦ୍ର—ଏହି ବେଦରେ ଅନେକ ତାନ୍ତ୍ରିକ ଅଭିଚାର ମନ୍ତ୍ର ଓ ଆପଦରୁ ରକ୍ଷା ପାଇବାପାଇଁ ଅନେକ ସ୍ତୋତ୍ର ଅଛି । ଏହାର ୯ଟି ଶାଖା; ୫ଟି କଳ୍ପ; ୨୦ଟି କାଣ୍ଡ ଓ ୫୨ଟି ଉପନିଷଦ ଅଛି । ଅନ୍ୟ ବେଦମାନଙ୍କର ବହୁକାଳ ପରେ ଏ ବେଦ ରଚିତ ହୋଇଥିବାର ପଣ୍ଡିତମାନେ କହନ୍ତି । ଏଥିରେ ମୁସଲମାନଙ୍କ ଉପାସ୍ୟ 'ଆଲ୍ଲା' ନାମଧାରୀ ପରମେଶ୍ୱରଙ୍କ ସୂକ୍ତ ଅଛି । ]
୫ । ଶିବ; ମହାଦେବ—5. The God Siba.
୬ । ବଶିଷ୍ଠ ଋଷି—6. The sage Basishtha.

**ଅଥର୍ବ** ଡୋକରା — ଦେ. ବିଣ. । (ଅଥର୍ବର ଏକ ଅର୍ଥ ଶିବ ଥିବାରୁ ଶିବଙ୍କର ଏକ ନାମ ସ୍ଥାଣୁ ଥିବାରୁ ଓ ସ୍ଥାଣୁର ଏକ ଅର୍ଥ ଥୁଣ୍ଟାଗଛ ଥିବାରୁ )—
୧ । ସ୍ଥାଣୁ ବା ଚିକିଲିଙ୍ଗ ପରି ହସ୍ତପଦାଦି ଅଙ୍ଗପ୍ରତ୍ୟଙ୍ଗରହିତ—1. Limbless.
୨ । ରୋଗ ବା ବାର୍ଦ୍ଧକ୍ୟରୁ ଚଳନଶକ୍ତିହୀନ— 2. Unable to move owing to disease or old age.
୩ । ଅତିବୃଦ୍ଧ—3. Very old; decrepit; infirm.

**ଅଥର୍ବଣ**—ସଂ. ବି. ( ଅଥର୍ବନ୍+ଅ )—୧ । ଶିବ; ମହାଦେବ—
Atharbana — 1. God Siva.
୨ । ( ଭାଗବତ ୬ଷ୍ଠ ସ୍କନ୍ଧ ଦଶମ ଅଧ୍ୟାୟରେ ବର୍ଣ୍ଣିତ ) ଦଧୀଚ ଋଷି; ( ଋଷିବିଶେଷ; ଏ ଦେବତାମାନଙ୍କ ଅନୁରୋଧରେ ଶରୀର ତ୍ୟାଗ କରିବାରୁ ଏହାଙ୍କ ଅସ୍ଥିରୁ ଇନ୍ଦ୍ର ବଜ୍ର ପ୍ରସ୍ତୁତ କରି ବୃତ୍ରାସୁରଙ୍କୁ ବଧ କଲେ । )— 2. Name of a sage Dadhichi.

ଏମନ୍ତ କହି ଅଥର୍ବଣ, ନିଶ୍ଚଳ କରି ଆତ୍ମାମନ
ପରମବ୍ରହ୍ମେ ନିବେଶିଲେ, ଏସନେ ଶରୀର ଛାଡ଼ିଲେ ।
ଜଗନ୍ନାଥ. ଭାଗବତ—୬ ।

**ଅଥର୍ବବେଦ**—ସଂ. ବି. ( ଅଥର୍ବନ୍+ବେଦ )—ଅଥର୍ବ ୪ ( ଦେଖ )
Atharbabeda — Atharba 4. ( See )

**ଅଥର୍ବଣି**—ସଂ. ବି. ( ଅଥର୍ବନ୍+ଇ )—
Atharbani
୧ । ଅଥର୍ବବେଦପାରଗ ବ୍ରାହ୍ମଣ— 1. A Brāhmana versed in tne Atharba Beda.
୨ । କୌଣସି ବଂଶର ନିର୍ଦ୍ଦିଷ୍ଟ ପୁରୋହିତ— 2. family priest.

**ଅଥର୍ବାଣ**—ସଂ. ବି. ( ଅଥର୍ବନ୍+ଅ )—୧ । ଅଥର୍ବ ବେଦ—
Atharbāna — 1. The Atharba Beda.
୨ । ଅଥର୍ବବେଦୋକ୍ତ କ୍ରିୟାକାଣ୍ଡ— 2. The rituals prescribed in the Atharba Beda.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଦ୍ଭ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଯ | ଇଅ | ଞ୍ଜ | ନ୍ତ |

**ଅଥର୍ବାଣି**—ସଂ. ବି. ( ଅର୍ଥର୍ବନ୍ + ଇ )—ଅଥର୍ବଣି ( ଦେଖ )
Atharbāṇi Atharbaṇi ( See )

**ଅଥର୍ବାଣୀ**—ଗ୍ରା. (ପଦ୍ୟ) ବି. ( ସଂ. ଅଥର୍ବାଣ )—ଅଥର୍ବ ବେଦ—
Atharbāṇī The Atharba Beda

ସ୍ୱଧା ସାବିତ୍ରୀ ସ୍ୱାହା ରୁକ୍ମିଣୀ
ଯାହା କହୁଛି ବେଦ ଅଥର୍ବାଣୀ । ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅଥଲ୍**—ପ୍ରାଦେ. ( ସମ୍ବଲପୁର ) ବିଣ. ( ଅ+ସ୍ଥଳ )—ଅଥଳ ( ଦେଖ )
Athal Athaḻa ( See )

**ଅଥଳ**—ଦେ. ବିଣ. ( ସଂ. ଅ + ସ୍ଥଳ; ଈମ୍ବା ଅତଳ )—
Athaḻa ୧ । ଅତିଗଭୀର—1. Very deep.
अथल; अतल ୨ । ଅଗାଧ—2. Unfathomable.
**अथाह**

ଅଥଳ ସମୁଦ୍ରେ ମୋର ବୁଡ଼ଇ ବୋଇତ ।
ପୀତାମ୍ବର—ନୃସିଂହ ପୁରାଣ ।

୩ । ଅତଳସ୍ପର୍ଶ—3. Abysmal; bottomless.
୪ । ଯେଉଁ ନଦୀ ଆଦିକୁ ଲୋକେ ପଶିଯାଇ ଅର୍ଥାତ୍ ବନା ଡଙ୍ଗାରେ ବା ନ ପହଁରି ପାରି ହୋଇ ପାରନ୍ତି ନାହିଁ—
4. Unfordable.

ହୋଇଅଛି ଅଥଳ ଯମୁନା ନଦୀ ତୋହ୍ଟ । ସାରଳା. ମହାଭାରତ ଉଦ୍ଯୋଗ ।

ଗ୍ରା. ବି. (ସଂ. ଅ+ସ୍ଥଳ)—୧ । ଅସ୍ଥାନ; ଅଯୋଗ୍ୟ ବା ମନ୍ଦ ସ୍ଥାନ—
1. Bad or improper place.
୨ । ସମାଜରେ ( ବିବାହ ବା ଭୋଜନବିଷୟବ୍ୟବହାରରେ ) ଆପଣାଠାରୁ ନୀଚତର କୁଳ ବା ବଂଶ—
2. A family lower in social status than one's self.
( ଯଥା—ସାଆନ୍ତବାଏ ଅଥଳରେ ସମ୍ବନ୍ଧ କରି ତୋଡ଼ାଏ ଟଙ୍କା ପାଇଲେ । )

**ଅଥଳ ତଳ**—ଗ୍ରା. ବିଣ. ( ସଂ. ଅତଳ )—୧ । ଅଥଳ ( ଦେଖ )—
Athaḻa taḻa 1. Athaḻa ( See )
୨ । ଯେଉଁ ଜଳଭାଗରେ ସ୍ଥାନେ ସ୍ଥାନେ ତଳକୁ ଗୋଡ଼ ପାଏ ଓ ସ୍ଥାନେ ସ୍ଥାନେ ଗୋଡ଼ ପାଏ ନାହିଁ—
2. ( a span of water ) Which is fordable at some place and imfordable at others.

**ଅଥଳ ଥଳ**—ଗ୍ରା. ବିଣ—ଅଥଳତଳ (ଦେଖ)
Athaḻa thaḻa Athaḻataḻa ( See )

**ଅଥା**—ପ୍ରାଦେ. ( ସମ୍ବଲପୁର ) ବିଣ—
Athā କ୍ଳାନ୍ତ; ଅବସନ୍ନ—Tired; fatigued.
( ଯଥା—ଚାଲି ଚାଲି ଅଥା ହେଲି । )
ପ୍ରାଦେ. ( ସମ୍ବଲପୁର) ବି—କ୍ଳାନ୍ତି; ଅବସାଦ—Weariness.
( ଯଥା—କଥା କହିବାକେ ଅଥାଁ ଲାଗୁଛେ । )

**ଅଥାଇ**—ଗ୍ରା, ବିଣ. ( ସଂ. ଅସ୍ଥାୟୀ )—ଅସ୍ଥାୟୀ; ଅଚିରସ୍ଥାୟୀ—
Athāi Temporary; not permanent.
अथाई
**अस्थायी**

**ଅଥାଇତ୍**—ଗ୍ରା. ବିଣ. ( ଅସ୍ଥାୟୀ )—ଅଥାତା ( ଦେଖ )
Athāit Athātā ( See )
ଗ୍ରା. ବି. (ସଂ. ଅସ୍ଥାୟିତ୍ୱ)—ଅସ୍ଥାୟିତ୍ୱ—Non permanence.

**ଅଥାଇତା**—ଗ୍ରା. ବିଣ. ଓ ବି.—ଅଥାଇତ୍ ( ଦେଖ ).
Athāitā Athāit ( See )

**ଅଥାଇତି**—ଗ୍ରା. ବିଣ. ଓ ବି—ଅଥାଇତ୍ ( ଦେଖ )
Athāiti Athāit ( See )

**ଅଥାଏତ୍**—ଗ୍ରା. ବିଣ. ଓ ବି—ଅଥାଇତ୍ ( ଦେଖ )
Athāet Athāit ( See )

**ଅଥାଏତା**—ଗ୍ରା. ବିଣ. ଓ ବି—ଅଥାଇତ୍ ( ଦେଖ )
Athāetā Athāit ( See )

**ଅଥାଏତି**—ଗ୍ରା. ବିଣ. ଓ ବି—ଅଥାଇତ୍ ( ଦେଖ )
Athāeti Athāit ( See )

**ଅଥାତା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ + ସ୍ଥାତା )—
Athātā ୧ । ନିରାଶ୍ରୟ; ଆଶ୍ରୟବିହୀନ—
अथाई 1. Helpless; shelterless.
**लाचार** ୨ । ଗୃହହୀନ—2. Homeless.
୩ । ଯାହାର ରହିବାର ସ୍ଥାନ ନାହିଁ—
3. Having no place to live in.
୪ । ଅରକ୍ଷିତ; ରକ୍ଷକବିହୀନ; ବେମୁରବିଆ—
4. Guardianless; unprotected.
୫ । ଯାହାର କେହି ଯତ୍ନ ବା ତତ୍ତ୍ୱ ନେବାକୁ ନାହିଁ—
5 Having none to look after.
୬ । ଯେଉଁ ସ୍ଥାନରେ କେହି ଜଗୁଆଳ ନାହିଁ—
6. (place) Having ncne to watch.
ପ୍ରାଦେ. ( ପୁରୀ ) ବି—ଅସ୍ଥାତା ( ଦେଖ )
Astātā ( See )

**ଅଥାତାମଣ୍ଡପ**—ଦେ. ବି—ଯେଉଁ ଘର ବା ସ୍ଥାନର କେହି ଜଗୁଆଳ ବା ମାଲିକ ନାହିଁ—A place without a master.
Athātāmaṇḍapa

**ଅଥାତା ହକରା**—ପ୍ରାଦେ. ( ପୁରୀ ସହରର ବ୍ରାହ୍ମଣ ଶାସନ ) ବି—
Athātā hakarā ଅସ୍ଥାତା ( ଦେଖ ) Astātā (See)

**ଅଥାନ**—ଦେ. ବି.. ( ସଂ. ଅସ୍ଥାନ )—
Athāna ୧ । ଅସ୍ଥାନ; ମନ୍ଦ ସ୍ଥାନ—1. Evil place.
୨ । ଅଯୋଗ୍ୟ ସ୍ଥାନ—2. Unfit place.
୩ । ଅସୁବିଧାଜନକ ସ୍ଥାନ—3. Inconvenient place.
୪ । ଦେହର ମର୍ମସ୍ଥାନ—4. Vital or vulnerable part of the body.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଦେହର ଗୁପ୍ତସ୍ଥାନ ( ଗୁହ୍ୟଦ୍ୱାର, ଲିଙ୍ଗ )—
5. Private parts of the body.

୬ । ଅନିର୍ଦ୍ଦିଷ୍ଟ ସ୍ଥାନ—6. Uncertain place.

ଦେ. ବିଣ—୧ । ସ୍ଥାନାନ୍ତରିତ—1. Transferred from one place to another.

୨ । ଆଶ୍ରୟହୀନ—2. Helpless.

୩ । ଗୃହଶୂନ୍ୟ—3. Homeless.

**ଅଥାନନ୍ତର**—ସଂ. ଅ. ( ଅଥ+ଅନନ୍ତର )—ବର୍ତ୍ତମାନ—
Athānantara Now ( M. W. ).

**ଅଥାନ ଫାଙ୍ଗୁଲା**—ଦେ. ବିଣ. ପୁଂ—୧ । ଯେଉଁ ବ୍ୟକ୍ତି ଜିନିଷପତ୍ର
Athāna phāṅgulā ଅସ୍ଥାନ ବା ଅନିର୍ଦ୍ଦିଷ୍ଟ ସ୍ଥାନରେ ପକାଏ
(ଅଥାନ-ଫାଙ୍ଗୁଲୀ—ସ୍ତ୍ରୀ) ବା ରଖେ; ଯେଉଁ ଜିନିଷ ଯେଉଁଠାରେ
ଏଲୋମେଲୋ ରହିବାର ସେଠାରେ ନ ରଖି ଅନ୍ୟ ସ୍ଥାନରେ ଯେ ଜିନିଷମାନ ରଖେ—
1. (a person) Who does not keep articles in their proper places.

୨ । ଗରଜୁସିଆର୍; ଅସାବଧାନ ( ବ୍ୟକ୍ତି )—
2. Careless.

**ଅଥାନ ଫୁଙ୍ଗୁଲା**—ଦେ. ବିଣ. ପୁଂ—ଅଥାନ ଫାଙ୍ଗୁଲା ( ଦେଖ )
Athāna phuṅgulā Athāna phāṅgulā ( See )

**ଅଥାନ ବାଉଲା**—ଦେ. ବିଣ. ପୁଂ. ( ସ. ଅସ୍ଥାନ+ବାତୁଲ )—
Athāna bāulā ୧ । ଯେଉଁ ବ୍ୟକ୍ତି ଏକ ସ୍ଥାନରେ ଥିବା
(ଅଥାନ ବାଉଲୀ—ସ୍ତ୍ରୀ) ବସ୍ତୁକୁ ଅନ୍ୟ ସ୍ଥାନରେ ଖୋଜେ—
ଭୋଲା 1. (a person) Who searches
ଭୁଲକଡ଼ for things in the wrong places.

୨ । ଯେଉଁ ବ୍ୟକ୍ତି କୌଣସି ପଦାର୍ଥକୁ ଏକ ସ୍ଥାନରେ ରଖି-ଦେଇ ଅନ୍ୟ ସ୍ଥାନରେ ଖୋଜେ—
2. (a person) Who searches for a thing which he puts in one place, in some different place.

୩ । ବିସ୍ମରଣଶୀଳ; ଭୋଳା—3. Forgetful.

୪ । ଅଥାନ ଫାଙ୍ଗୁଲା ( ଦେଖ )
4. Athāna phāṅgulā ( See )

୫ । କାର୍ଯ୍ୟକ୍ରମରେ ଶୃଙ୍ଖଳାହୀନ—
5. Unmethodical in work.

**ଅଥାନିଆଁ**—ଦେ. ବିଣ—ଅଥାନି ( ଦେଖ )
Athāniāṅ Athāni ( See )

**ଅଥାନି**—ଦେ. ବିଣ. ( ସ. ଅ+ସ୍ଥାୟୀ )—୧ । ଯେଉଁ ବ୍ୟକ୍ତି କୌଣସି
Athāni ସ୍ଥାନର ସ୍ଥାୟୀ ଅଧିବାସୀ ନୁହେଁ; ଅସ୍ଥାୟୀ—
1. Non-resident; not a permanent resident of a place; not local.

୨ । ଯେଉଁ ବ୍ୟକ୍ତି ଏକ ସ୍ଥାନରେ ଚିରସ୍ଥାୟୀରୂପେ ବାସ କରେ ନାହିଁ—2. Not permanently taking up his residence at a place.

୩ । ଯାହାର ସ୍ଥାୟୀ ଘର ନାହିଁ—
3. Having no permanent residence.

୪ । ଗୃହଶୂନ୍ୟ; ଅଘରିଆ—4. Homeless.

୫ । ଯେ ସତତ ଅପଣା ବାସସ୍ଥାନକୁ ପରିବର୍ତ୍ତନ କରେ; ଯାଯାବର—5. Wandering; roving often; changing one's residence.

୬ । ମନ୍ଦ ଅଞ୍ଚଳର ଅଧିବାସୀ—6. Residing at a notorious place or locality.

**ଅଥାର**—ଦେ. ବି. ( ସଂ. ଆସ୍ତରଣ; ପ୍ରା. ଅଥରଣ; ହାଣ୍ଡି ମୁହଁରେ
Athāra କନାର ଆସ୍ତରଣ ବନ୍ଧାଯିବାରୁ )—
ଭାଁପେ ବସାନ ହାଁଡ଼ି ୧ । ଚୂଲି ଉପରେ ବସାଯାଇଥିବା ପାଣିହାଣ୍ଡି ମୁହଁରେ କନା ବାନ୍ଧି, ପାଣିରୁ ବାହାରୁଥିବା ବାମ୍ଫଦ୍ୱାରା ସିଝିବା ପାଇଁ କନା ଉପରେ ପିଠଉ ରଖି ପିଠା ତିଆରି କରିବା ପ୍ରଣାଳୀ—1. A mode of preparing cakes by steaming.

୨ । ଏଣ୍ଡୁରି, ମଣ୍ଡା, ଗଇଣ୍ଠା ପିଠାକୁ ବାମ୍ଫଦ୍ୱାରା ସିଝାଇବା-ପାଇଁ ମୁହଁରେ କନା ବନ୍ଧା ହୋଇଥିବା ଅର୍ଦ୍ଧଜଳପୂର୍ଣ୍ଣ ହାଣ୍ଡି—2. An earthen pot half-filled with water over the mouth of which is spread a tight piece of rag for steaming cakes.

[ ଦ୍ର—ପାଣିହାଣ୍ଡିକୁ ଚୁଲିରେ ବସାଇଲେ ପାଣି ଫୁଟି ପାଣିରୁ ବାମ୍ଫ ବାହାରେ । ସେହି ବାମ୍ଫ ଅଥାରକନା ବାଟେ ଯିବାବେଳେ କନା ଉପରେ ସଜା ଯାଇଥିବା ପିଠଉ ସିଝିଯାଏ । ]

**ଅଥାରକନା**—ଦେ. ବି—ଏଣ୍ଡୁରି ଆଦି ପିଠା ସିଝାଇବା ପାଇଁ ଅଥାର-
Athārakanā ହାଣ୍ଡି ମୁହଁରେ ଦୃଢ଼ ହୋଇ ବନ୍ଧାହୋଇଥିବା କନା ବା ବସ୍ତ୍ରଖଣ୍ଡ—A piece of cloth tied tightly over the mouth of a pot half-filled with water to prepare cakes by steam.

**ଅଥାରପିଠା**—ଦେ. ବି—ଅଥାର ପ୍ରଣାଳୀରେ ସିଝାଯାଇ ପ୍ରସ୍ତୁତ କରାଯାଇ-
Athārapiṭhā ଥିବା ପିଠା—Steamed cake.
ଭାପୋସିଦ୍ଧପିଠେ

**ଅଥାର ବସାଇବା**—ଦେ. କ୍ରି—ଅଥାରପିଠା କରିବା ପାଇଁ ଜଳଦ୍ୱାରା
Athāra basāibā ଅର୍ଦ୍ଧପୂର୍ଣ୍ଣ ହାଣ୍ଡି ମୁହଁରେ ଅଥାରକନା ବାନ୍ଧି ହାଣ୍ଡିକୁ ଚୁଲି ଉପରେ ସ୍ଥାପନ କରିବା—
To set a pot ( half-filled with water and the mouth of which is tied with a piece of cloth ) over the oven to steam a cake.

| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଊ | ଚ୍ଛ |

**ଅଥାରମୁହାଁ**—ଦେ. ବଣ—୧ । ଯେଉଁ ବ୍ୟକ୍ତିର ମୁହଁ ଅଥାରହାଣ୍ଡିର ମୁହଁ ପରି ଚଟକା ଓ ଅସୁନ୍ଦର—
Athāramuhān̄ (ଅଥାରମୁହାଁ—ସ୍ତ୍ରୀ) 1. Flat faced (person)
ହେଁଡ଼ୋମୁଖ ୨ । ଯେଉଁ ବ୍ୟକ୍ତିର ମୁହଁ ଅପମାନ ବା କ୍ରୋଧରେ ଅଥାରହାଣ୍ଡି ପରି ବିକଟ ହୋଇଥାଏ—
2. Scowling; frowning.

**ଅଥାରସିଝା**—ଦେ. ବି—ଅଥାରପ୍ରଣାଳୀରେ ପିଠା ବା ବଡ଼ ମାଛ ବା ମାଂସ ଆଦି ସିଝାଇବା—Steaming of cakes, fish and meat over a pot.
Athārasijhā
ଭାপেসিদ্ধ
ଦେ. ବଣ—ଅଥାର ପ୍ରଣାଳୀରେ ସିଝା ଯାଇଥିବା ( ପିଠା, ମାଛ ଆଦି )—Steamed on a pot; steamed.

**ଅଥାରୁଆ**—ଦେ. ବଣ. ପୁଂ—୧ । ଓଥରା; ଦରବୁଢ଼ା ହେବା ଯାଏ ବାହା ହୋଇନଥିବା (ବ୍ୟକ୍ତି )—1. ( a person ) Who remains a bachelor till a very late age.
Athāruā (ଅଥାରେଈ—ସ୍ତ୍ରୀ)
୨ । ମୃତଦାର—2. Widower.

**ଅଥିତ**—ଗ୍ରା. ବଣ. ( ସଂ. ଅ+ସ୍ଥିତ )—ଅସ୍ଥିତ; ଯେ କୌଣସି ସ୍ଥାନ ଅଧିକାର କରେ ନାହିଁ—Immaterial; not occupying any space.
Athita
ତୁ ନୋହୁ ଅଲପ ବହୁତ, ଅବ୍ୟୟ ଅପୂର୍ବ, ଅଥିତ ।
କୃଷ୍ଣ· ପ୍ରେମପଞ୍ଚାମୃତ ।

**ଅଥିର**—ଗ୍ରା. ବଣ. ( ସଂ. ଅସ୍ଥିର )—
Athira ୧ । ଅସ୍ଥିର—1. Restless.
অস্থির ୨ । ଅଧୀର—2. Impatient.
अथिर ୩ । ଚପଳ—3. Fickle.
୪ । ଅନିଶ୍ଚିତ—4. Unsettled.
୫ । ଉତ୍କଣ୍ଠିତ—5. Anxious.
୬ । ଦୁଃଖିତ—7. Afflicted.
ବଧୂ କରନ୍ତି ଶୁଣି ମନ ଅଥିର, ଅଗୋଣ ଚଳିଲ ମନେ ;
ପ୍ର.ଚି—ଉପେନ୍ଦ୍ରଭଞ୍ଜ ।

**ଅଥୁରା**—ଗ୍ରା. ବଣ—୧ । ଓଥରା; ଦରବୁଢ଼ା ହେବା ପର୍ଯ୍ୟନ୍ତ ବିବାହ କରିନଥିବା—1.Remaining unmarried till a very late age.
Athurā (ଅଥୁରୀ—ସ୍ତ୍ରୀ)
୨ । ଅଥରପା ( ଦେଖ )
2. Atharapā ( See )

**ଅଥୁରି**—ଦେ. ବି—( ଭୁଲ—ହିନ୍ଦ—ଅଥରା=ମାଟି ନଦଅ ବା କୁଣ୍ଡ; ଅଥରୀ—ଛୋଟ କୁଣ୍ଡ ବା ଦହି ବସାଇବା ପଚୁଲା ।)—
Athuri
अथरि
୧ । ମାଟିର ଛୋଟ ପାତ୍ର ବା ପଚୁଲା—
1. Small earthen pot.
୨ । ମାଟି ବାସନ—2 Earthen utensil.
୩ । ଗୃହର ସ୍ୱଳ୍ପ ମୂଲ୍ୟର ଚଳନ୍ତି ବସ୍ତୁ—
3 Any trifling chattel.
ଅଥୁରି ଲାଗି ପଥୁରି ସିବ—ଢଗ ।
ଦେ. ବଣ. ସ୍ତ୍ରୀ—ଅଥୁରାର ସ୍ତ୍ରୀଲିଙ୍ଗ—
Feminine of Athurā.

**ଅଥୁରିଆ**—ଦେ. ବଣ. ପୁଂ—ଅଥୁରା ( ଦେଖ )
Athuriā (ଅଥୁରେଈ—ସ୍ତ୍ରୀ) Athurā ( See )

**ଅଥେଇତ**—ଗ୍ରା. ବି. ଓ ବଣ—ଅଥାଇତ୍ ( ଦେଖ )
Atheita Athāit ( See )

**ଅଥେଇତା**—ଗ୍ରା. ବି. ଓ ବଣ—ଅଥାଇତ୍ ( ଦେଖ )
Atheitā Athāit ( See )

**ଅଥେଇତି**—ଗ୍ରା. ବି. ଓ ବଣ—ଅଥାଇତ୍ ( ଦେଖ )
Atheiti Athāit ( See )

**ଅଥେଇ ବିଥେଇ**—ଗ୍ରା. ବଣ. (ସହଚର)—ଅଥୟ ବିଥୟ ( ଦେଖ )
Athei bithei Athaya bithaya ( See )

**ଅଦ୍‌ନା**—ବୈଦେ. ବଣ—ଅଦନା ( ଦେଖ )
Adnā Adanā ( See )

**ଅଦ୍‌ଲାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ଅଦଲାଇବା ( ଦେଖ )
Adlāibā Adalāibā ( See )

**ଅଦ୍‌ଲାଇ ହେବା**—ପ୍ରାଦେ. (ସମ୍ବଲପୁର) କ୍ରି—ଅଦଲାଇବା (ଦେଖ)
Adlāi hebā Adalāibā ( See )

**ଅଦ (ଧାତୁ )**—ସଂ—୧ । ଖାଇବା—1. To eat.
Ada (root) ୨ । ଗିଳିଦେବା—2. To devour.
୩ । ବିନାଶ କରିବା—3. To destroy.
[ ତୁଳନା କର ଏକାର୍ଥକ. ଇଂ. ଈଟ୍ (Eat ; ଲା. ଏଦୋ (Edo); ଗ୍ରୀ. ଏଦୋ (Edo); ଜେଣ୍ଡ. ଅଦ୍ (Ad); ଗଥିକ୍ ଅତ୍ (At). ]

**ଅଦଉତ୍**—ବୈଦେ. ବି. ( ଆ. ଅଦାୱତ୍=ଶତ୍ରୁତା )—
Adaut ୧ । ବୈର; ଶତ୍ରୁତା—1. Enmity.
আক্রোশ; রেসারেসি ୨ । ଅକସ; ପୂର୍ବକୃତ ଅପକାର ପାଇଁ ମନେ ମନେ ଜଳିବା ରାଗ—2. Grudge.
अदावत
୩ । ପ୍ରତିହିଂସା—3. Revenge
୪ । ଶତ୍ରୁ—4. Enemy
ଦେ. ବଣ—୧ । ଶତ୍ରୁତାପନ୍ନ—1. Inimical.
୨ । ପ୍ରତିହିଂସାପରାୟଣ—2. Revengeful.
୩ । ମନେ ମନେ ଅକସ ରଖିଥିବା—3. Spiteful.

**ଅଦଉତ୍ ନେବା**—ଦେ. କ୍ରି—ଅଦଉତ୍ ସାଧିବା (ଦେଖ)
Adaut nebā Adaut sādhibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗଁାଁ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଦଉତ୍ ସାଧିବା**—ଦେ. କ୍ରି—ଅକସ ସାଧିବା; ଦାଉ ନେବା; ପ୍ରତିହିଂସା ଚରିତାର୍ଥ କରିବା—To be avenged; to take vengeance.
Adaut sādhibā
**আক্রোশ সাধা**
**अदावत लेना**

**ଅଦଉତି** (ଇତ୍ୟାଦି)—ଦେ. ବି ଓ ବିଣ—ଅଦଉତ୍ ଇତ୍ୟାଦି (ଦେଖ)
Adauti, etc) Adaut. etc (See)

**ଅଦଉତିଆ**—ଦେ. ବିଣ. (ଅ-ଅଦାୱତ୍ + ଓ. ପ୍ରତ୍ୟୟ ଇଆ)—
Adautiā ୧ । ପ୍ରତିହିଂସାପରାୟଣ (ବ୍ୟକ୍ତି)—1. Revengeful (Person).
**আক্রোশী** ୨ । ପ୍ରତିହିଂସାପୂର୍ଣ୍ଣ (ବିଷୟ)—2. Revengful (matter)
**आदावती**

**ଅଦଂଷ୍ଟ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଦଂଷ୍ଟ୍ରା)—
Adaṁshtra ଦନ୍ତହୀନ—Toothless.
(ଅଦଂଷ୍ଟ୍ରା—ସ୍ତ୍ରୀ) ସଂ. ବି—ଯେଉଁ ସାପର ବିଷଦାନ୍ତ ଭଙ୍ଗା ହୋଇଅଛି—A serpent whose fangs have been extracted.

**ଅଦକ୍ଷିଣ**—ସଂ. ବିଣ—୧ । ( ବହୁବ୍ରୀହି; ଅ + ଦକ୍ଷିଣା )—ଯେଉଁ ଯଜ୍ଞାଦି
Adakshiṇa ଅନୁଷ୍ଠାନ ଶେଷରେ ବ୍ରାହ୍ମଣ ଓ ପୁରୋହିତଙ୍କୁ ଦକ୍ଷିଣା ଦିଆଯାଏ ନାହିଁ—1. (sacrifices and rites ) In which no present is given to the Brāhmaṇas or to the officiating priest.
୨ । (ନଞ୍ ତତ୍; ଅ + ଦକ୍ଷିଣ) ବାମ; ଡେବିରି—2. Left.
୩ । ସାଦାସିଦା; ନିଷ୍କପଟ; ସରଳ—
3. Simple-minded; guileless.
୪ । ନିର୍ବୋଧ—4. Silly; foolish.
୫ । ପ୍ରତିକୂଳ—5. Unfavourable.
୬ । ଅଦକ୍ଷ—6. Not skilful.
୭ । ଅଚତୁର—7. Not clever.

**ଅଦକ୍ଷିଣୀୟ**—ସଂ. ବିଣ. ପୁଂ. (ଅ + ଦକ୍ଷିଣା + ଈୟ )—ଦକ୍ଷିଣା ପାଇବାର
Adakshiṇiya ଅଯୋଗ୍ୟ (ବ୍ରାହ୍ମଣ)—
(Brāhmaṇa) Not deserving of presents.

**ଅଦକ୍ଷିଣ୍ୟ**—ସଂ. ବିଣ. ପୁଂ. (ଅ + ଦକ୍ଷିଣା + ଯ)—ଅଦକ୍ଷିଣୀୟ (ଦେଖ)
Adakshiṇya Adakshiṇiya. (See)

**ଅଦଗ୍ଧ**—ଦେ. ବିଣ. ( ନଞ୍ ତତ୍; ଅ + ଦଗ୍ଧ )—
Adagdha ୧ । ପୋଡ଼ା ଯାଇ ନ ଥିବା—1. Unburnt.
୨ । ଶାସ୍ତ୍ରନିର୍ଦ୍ଦିଷ୍ଟ ବିଧାନ ଅନୁସାରେ ଦଗ୍ଧ କରାଯାଇ ନ ଥିବା (ଯଥା ଶବ)—2. Not burnt or cremated according to prescribed rites ( Eg a corpse ).

**ଅଦଛ**—ଗ୍ରା. ବି. ( ସଂ. ଅଯଶଃର ଅଶୁଦ୍ଧ ଉଚ୍ଚାରଣ )—
Adachha ୧ । ଅଯଶଃ; ଅକୀର୍ତ୍ତି; ଦୁର୍ନାମ; ଅପଯଶ—
**অযশ** 1. Notoriety; disrespute.
**अयश** ୨ । ନିନ୍ଦା—2. Blame.
୩ । ଅମଙ୍ଗଳ—3. Evil; woe.
ଗ୍ରା. ବିଣ. ( ସଂ. ଅଯଶସ୍କ )—
୧ । ଅଯଶସ୍କ; ଯଶୋହୀନ ( ବ୍ୟକ୍ତି )—
1. Nameless; not famous.
୨ । ବିଶେଷ ଦୁର୍ନାମଯୁକ୍ତ ( ବ୍ୟକ୍ତି )—2. Notorious.
୩ । ଅଯଶସ୍କର (କର୍ମ)—3. Disreputable (act).
ଏଣୁ ବୈଦ୍ୟଙ୍କର ଅଦଛ ଅଟଇ । ପୀତାମ୍ବର. ନୃସିଂହପୁରାଣ. ୧ ।

**ଅଦଛିଆ**—ଗ୍ରା. ବିଣ. (ସଂ. ଅଯଶସ୍କ)—୧ । ଅଦଛ (ଦେଖ)
Adachhiā 1. Adachha (See)
୨ । ଅମଙ୍ଗୁଳିଆ; ଯେଉଁ ଲୋକ ହାତ ଦେବା କାର୍ଯ୍ୟ ବିଫଳ ହୁଏ—2. Inauspicious.

**ଅଦଢ଼**—ଦେ. ବିଣ. ( ସଂ. ଅଦୃଢ଼ )—୧ । ଅଦୃଢ଼; ଅଶକ୍ତ; ଦୁର୍ବଳ—
Adaṛha 1. Not strong; not firm; weak.
(ଦଢ଼—ବିପରୀତ) ଅଦଢ଼ ହୃଦୟ ମୋର ଉତ୍ତ କର ଦଢ଼ ।
**অদৃঢ** ପ୍ରାଚୀ, ରହସ୍ୟମଞ୍ଜରୀ ।
**अदृढ़** ୨ । ଦଦରା; ଭଙ୍ଗା; ଖଣ୍ଡିତ—2. Broken.
ଅଦଢ଼ ନାବେ ବସି ଜଳରେ ବୁଡ଼ି ମଲୁଁ । ପୀତାମ୍ବର. ନୃସିଂହ ପୁରାଣ-୨ ।
୩ । ଜୀର୍ଣ୍ଣ—3. Worn out.
୪ । ଅନୂତନ—4. Not fresh or new.
୫ । ଯାହା ଅଖୁଣ ନୁହେ—5. Not sound.

**ଅଦଣ୍ଡ**—ସଂ. ବିଣ. ( ବହୁବ୍ରୀହି; ଅ + ଦଣ୍ଡ )—୧ । ଅଦଣ୍ଡ୍ୟ—
Adaṇḍa 1. Not deserving punishment.
(ଅଦଣ୍ଡା—ସ୍ତ୍ରୀ) ୨ । ଦଣ୍ଡରୁ ମୁକ୍ତ—
2. Exempted from punishment.
୩ । କରରହିତ; ନିଷ୍କର—3. Rent-free.
( ହିନ୍ଦି. ଶବ୍ଦସାଗର )
ସଂ. ବି. ( ନଞ୍ ତତ୍ )—ଦଣ୍ଡରୁ ଅବ୍ୟାହତି—
Exemption from punishment; impunity.

**ଅଦଣ୍ଡନୀୟ**—ସଂ. ବିଣ. ପୁଂ. ( ଅ + ଦଣ୍ଡନୀୟ )—ଅଦଣ୍ଡ୍ୟ ( ଦେଖ )
Adaṇḍaniya Adaṇḍya ( See )

**ଅଦଣ୍ଡ୍ୟ**—ସଂ. ବିଣ. ପୁଂ. ( ଅ + ଦଣ୍ଡ୍ୟ )—୧ । ଯେ ଦଣ୍ଡାର୍ହ ନୁହେ—
Adaṇḍya 1. Not deserving of punishment.
(ଅଦଣ୍ଡ୍ୟା—ସ୍ତ୍ରୀ) ୨ । ନିରପରାଧ—2. Innocent; guiltless.
୩ । ଯାହାକୁ ଦଣ୍ଡରୁ ମୁକ୍ତି ଦିଆଯାଇଅଛି—
3. Exempted from punishment.
୪ । ଯେ ଦୋଷ କଲେ ମଧ୍ୟ ଦଣ୍ଡ ପାଇବ ନାହିଁ ବୋଲି ରାଜାଙ୍କର ବା ଶାସ୍ତ୍ରର ଆଦେଶ ଅଛି—
4. Exempted from any punishment by a standing order or text.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଙ୍କ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ଙ୍କ |

**ଅଦନ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ଦନ୍ତ; ନପାତନସିଦ୍ଧ )—
Adat ଦନ୍ତହୀନ—Toothless.

(ଅଦତା—ସ୍ତ୍ରୀ) ବୈଦେ. ବି. ( ଫା. )—
आदत् ୧ । ନଗଦ ଧନ; ରୋକଡ଼ ମୁଦ୍ରା—
**नकद** 1. Cash; hard cash.

୨ । ଉପସ୍ଥିତ ଟଙ୍କା; ହାତରେ ଥିବା ଟଙ୍କା—
2. Cash in hand.

୩ । ଭଙ୍ଗାଯାଇ ନ ଥିବା କମ୍ପା ଖୁଚୁରା ନ ଥିବା ପୂର୍ଣ୍ଣ ମୁଦ୍ରା—
3. Whole rupees.

ବୈଦେ. ବିଣ—୧ । ନଗଦ ( ଧନ )—
1. Cash ( money ).

୨ । ଅଭଙ୍ଗା ଟଙ୍କା ଥିବା ( ଧନ )—
2. ( Cash ) Consisting of whole rupees only.

ବୈଦେ. କ୍ରି. ବିଣ—୧ । ନଗଦାନଗଦ; ରୋକ୍‌ଠୋକ୍—
1. In cash.

୨ । କେବଳ ପୂର୍ଣ୍ଣ ଟଙ୍କାରେ ଦିଆଯିବା—
2. In whole rupees.

**ଅଦତ୍ତ**—ସଂ. ବିଣ. ( ଅ+ଦତ୍ତ )—୧ । ଯାହା ଦିଆଯାଇ ନାହିଁ—
Adatta 1. Not given away.

(ଅଦତ୍ତା—ସ୍ତ୍ରୀ) ୨ । ଅନ୍ୟାୟରୂପେ ଦତ୍ତ—
2. Unjustly given.

୩ । (ପୁଂ)—ଯାହାକୁ ଅନ୍ୟ ସଙ୍ଗେ ବିବାହ ଦିଆଯାଇ-ନାହିଁ—3. Not given in marriage.

୪ । (ପୁଂ)—ଯେଉଁ ବ୍ୟକ୍ତି କିଛିମାତ୍ର ଦାନ କରି ନାହିଁ—
4. (a person) Who has given nothing.

ସଂ. ବି. ( ସ୍ମୃତିଶାସ୍ତ୍ର )—୧ । ବେଆଇନ୍ ଦାନ; ଯେଉଁ ଦାନ ଆଇନଅନୁସାରେ ଅସିଦ୍ଧ—1. ( law ) A donation which is legally null and void.

( ଯଥା—ବାତୁଳଦ୍ୱାରା ଦାନ; ବିପନ୍ନ ବ୍ୟକ୍ତି ବା ବଳାତ୍କୃତ ବ୍ୟକ୍ତି-ଦ୍ୱାରା ଦାନ । )

୨ । ଯେଉଁ ଦାନକୁ ଦାତା ବା ଦାତାର ସ୍ଥଳାଭିଷିକ୍ତ ବ୍ୟକ୍ତି ରଦ୍ଦ କରିପାରେ—2. A revocable gift.

**ଅଦତ୍ତପୂର୍ବା**—ସଂ. ବିଣ. ସ୍ତ୍ରୀ. ( ଅ+ଦତ୍ତପୂର୍ବା )—
Adattapūrbā ଯେଉଁ କନ୍ୟା ବାଗ୍‌ଦତ୍ତା ହୋଇ ନାହିଁ; ଯେଉଁ କନ୍ୟାର ମହାପ୍ରସାଦନିବନ୍ଧ ବା 'ନିଉକାର' ବା 'ପାଟମୁଦ' ସମ୍ପାଦିତ ହୋଇନାହିଁ—Not betrothed ( girl ); ( a girl ) Who has not been formally promised by her guardians in marriage to a bride-groom.

**ଅଦତ୍ତା**—ସଂ. ବିଣ. ସ୍ତ୍ରୀ. ( ଅଦତ୍ତ+ଆ )—
Adattā ୧ । ଯେଉଁ କନ୍ୟାକୁ ତାର ପିତା ବରପାତ୍ରଙ୍କୁ ସମର୍ପଣ କରି ନାହାନ୍ତି—1. (a girl) Who has not been formally given in marriage to the bride-groom.

୨ । ଅବିବାହିତା—2. Not yet married; unmarried.

ସଂ. ବି. ସ୍ତ୍ରୀ—ଅବିବାହିତା କନ୍ୟା; ଅଭିଆଡ଼ି ଝିଅ—
An unmarried girl.

**ଅଦତ୍ତାଦାୟୀ**—ସଂ. ବିଣ. ପୁଂ. ( ଅଦତ୍ତ+ଆ+ଦା ଧାତୁ+କର୍ତ୍ତୃ. ଇନ୍
Adattādāyī ୧ମା. ୧ବ. )—( ସ୍ମୃତିଶାସ୍ତ୍ର ) ଯେଉଁ ବ୍ୟକ୍ତି
(ଅଦତ୍ତାଦାୟିନୀ—ସ୍ତ୍ରୀ) ଅସିଦ୍ଧ ଦାନ ଗ୍ରହଣ କରିଥାଏ—( law ) Receiver of a gift which is null and void or revocable.

**ଅଦନ**—ସଂ. ବି. ( ଅଦ ଧାତୁ+ଭାବ. ଅନ )—
Adana ୧ । ଭୋଜନ; ଭକ୍ଷଣ—1. Eating.

୨ । ( କର୍ମ. ଅନ) ଖାଦ୍ୟଦ୍ରବ୍ୟ—2. Food.

**ଅଦନା**—ବୈଦେ. ବିଣ. [ଅ. ଅଦ୍‌ନା=ତୁଚ୍ଛ, ନୀଚ (ବ୍ୟକ୍ତି)]—
Adanā ୧ । ତୁଚ୍ଛ; ହେୟ ( ବ୍ୟକ୍ତି )—
ଗୋଳା 1. Insignificant (person).
**अदना** ୨ । ନୀଚ ( ବ୍ୟକ୍ତି )—2. Low; mean (person).

୩ । ସାଧାରଣ; ମାମୁଲି ( କର୍ମ )—
3. Ordinary ( matter ).

୪ । ଇତର ( ବ୍ୟକ୍ତି )—4. Ordinary ( person ) belonging to the mass.

ଦେ. ବିଣ. ( ସଂ. ଅ+ଦିନ )—
୧ । ଅଦିନଆ ( ବ୍ୟକ୍ତି ); ଯେଉଁ ବ୍ୟକ୍ତି ଅକସ୍ମାତ୍ କୌଣସି-ଠାରେ ପହଞ୍ଚିଯାଏ—1. ( a person ) Who unexpectedly visits a place.

୨ । ସାମୟିକ ( କାର୍ଯ୍ୟ )—2. Occasional (act).

୩ । ଆଗନ୍ତୁକ (ବ୍ୟକ୍ତି)—3. Stranger (person)

୪ । ଅସ୍ଥାୟୀ ( କର୍ମ )—4. Temporary (act).

**ଅଦନ୍ତ**—ସଂ. ବିଣ. (ବହୁବ୍ରୀହି;ଅତ୍+ଅନ୍ତ;ଅତ୍ ଅନ୍ତ ଅନ୍ତରେ ଯାହାର)—
Adanta ୧ । (ବ୍ୟାକରଣ) ଯେଉଁ ଶବ୍ଦ ଶେଷରେ 'ଅତ୍' ଥାଏ—
(ଅଦନ୍ତା—ସ୍ତ୍ରୀ) 1 (grammar) Word ending with the affix 'at'.

( ଯଥା—ଦଦତ୍, ଗଚ୍ଛତ୍, ଲୁଟତ୍, ଦଧତ୍ । )

୨ । (ବ୍ୟାକରଣ) ଯେଉଁ ଶବ୍ଦର ଶେଷ ଅକ୍ଷର 'ଅ' ଅଛି—
2. ( grammar) Word ending in the short vowel 'a'

ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ଦନ୍ତ)—୧ । ଦନ୍ତହୀନ—
1 Toothless.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯେଉଁ ଶିଶୁର ଦାନ୍ତ ଅବଧି ଉଠି ନାହିଁ—
2. (a child) Who has not yet teethed.
ସଂ. ବି—୧ । ଜୋକ—1. Leech.
୨ । ( ବୀରଭଦ୍ର ଦକ୍ଷଯଜ୍ଞ ନଷ୍ଟକରିବା ସମୟରେ ସେହି କନ୍ଦଳରେ ଏହାଙ୍କ ଦାନ୍ତଯାକ ଭାଙ୍ଗି ଯାଇଥିବାରୁ )— ଦ୍ୱାଦଶାଦିତ୍ୟ ମଧ୍ୟରୁ ଏକତମ; ପୂଷା—
2. Pushā; one of the twelve Sun Gods.

**ଅଦନ୍ତ୍ୟ**—ସଂ. ବିଣ. ( ଅ + ଦନ୍ତ୍ୟ )—୧ । ଯେଉଁ ବର୍ଣ୍ଣ ଦନ୍ତ୍ୟ ନୁହେଁ—
Adantya 1. Not dental ( letter ).
୨ । ଦନ୍ତର ଅନିଷ୍ଟକର—
2. Injurious to the teeth.
୩ । ଦନ୍ତର ଅଯୋଗ୍ୟ—
3. Not suitable for the teeth.
ସଂ. ବି—ଦନ୍ତହୀନତା—Toothlessness ( M. W. ).

**ଅଦଭୁତ**—ଗ୍ରା. ଓ (ପଦ୍ୟ) ବିଣ. ( ସଂ. ଅଦ୍ଭୁତ )—
Adabhuta ୧ । ଅଦ୍ଭୁତ; ଆଶ୍ଚର୍ଯ୍ୟଜନକ—1. Wonderful.
ତେତେ ମଣିଲ ଅଦଭୁତ, କ ଭାଗ୍ୟେ ତୁମ୍ଭେ ଉପଗତ ।
ଜଗନ୍ନାଥ. ଭାଗବତ. ୫ ।
୨ । ଅପ୍ରତ୍ୟାଶିତ—2. Unexpected.
୩ । ହଠାତ୍ ଘଟିବା—3. Sudden.
ଗ୍ରା. ଓ ପଦ୍ୟ. କ୍ରି. ବିଣ. ( ସଂ. ଅଦ୍ଭୁତ )—
୧ । ଆଶ୍ଚର୍ଯ୍ୟଜନକରୂପେ—1. Wonderfully.
ଅଦଭୁତରେ ମେଘ କଲା ଗରଜନ,
ଖସି ଶିଳାମାନ ମସ୍ତରେ କଲେ ସ୍ଥାନ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଅପ୍ରତ୍ୟାଶିତ ଭାବରେ—2. Unexpectedly.
୩ । ହଠାତ୍—3. Suddenly.

**ଅଦଭ୍ର**—ସଂ. ବିଣ. ( ନଞ୍ ତତ୍; ଅ + ଦଭ୍ର )—୧ । ଅନଳ୍ପ; ବହୁତ—
Adabhra 1. Copious; great.
୨ । ପ୍ରଚୁର—2. Plentiful.

**ଅଦମ**—ସଂ. ବି. ( ନଞ୍ ତତ୍; ଅ + ଦମ )—
Adama ଦମର ଅଭାବ; ଇନ୍ଦ୍ରିୟଦମନର ଅଭାବ—
Want of control of one's senses.

**ଅଦମନୀୟ**—ସଂ. ବିଣ. ( ଅ + ଦମ ଧାତୁ + କର୍ମ. ଅନୀୟ )—
Adamaniya ଅଦମ୍ୟ ( ଦେଖ )
Adamya ( See )

**ଅଦମ୍ଭ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଦମ୍ଭ )—
Adambha ୧ । ପ୍ରତାରଣାଶୂନ୍ୟ—
(ଅଦମ୍ଭା—ସ୍ତ୍ରୀ) 1. Free from deceit; guileless.
୨ । ନିଷ୍କପଟ; ସରଳ—2. Straight-forward; frank.
୩ । ଗର୍ବହୀନ—3. Not proud.
ସଂ. ବି—୧ । ପ୍ରତାରଣାଶୂନ୍ୟତା—
1. Undeceitfulness.
୨ । ନିଷ୍କପଟତା; ସରଳତା—
2. Frankness; straight-forwardness.
୩ । ଗର୍ବହୀନତା—3. Freedom from arrogance.
୪ । ଶିବ; ମହାଦେବ—
4. A name of the God Śiba ( M. W. ).
ଦେ. ବିଣ—୧ । ଅଦୃଢ଼; ଅଟାଣିଆ—
1. Not hard; not strong.
୨ । ଦୁର୍ବଳ—2. Weak.
୩ । ଧୈର୍ଯ୍ୟହୀନ—3. Impatient.
୪ । ଅସାହସିକ—4. Not courageous.
ଦେ. ବି—୧ । ଅଧୈର୍ଯ୍ୟ—1. Impatience.
୨ । ଦୁର୍ବଳତା—2. Weakness.
୩ । ଅଦୃଢ଼ତା—3. Want of strength or hardness.
୪ । ସାହସର ଅଭାବ—4. Want of courage.

**ଅଦମ୍ଭା**—ଦେ. ବିଣ. ( ସଂ. ଅଦମ୍ଭ )—ଅଧୀର; ଧୈର୍ଯ୍ୟହୀନ—
Adambhā Impatient.
ଦିଗ୍‌ବେଢ଼ୁରେ ହୋଇ ଅଦମ୍ଭା, ଶୋଭି ଆରମ୍ଭା ରମ୍ଭା ସୁରମ୍ଭା
ଉତ୍ତରକୁ ହର ହୋଇଲା ବଣ—ମୟୂରମାଳ ଯେ ।
ଉପେ. ବୈଦେହୀଶବିଳାସ—୧।୧୩ ।

**ଅଦମ୍ଭିଲା**—ଗ୍ରା. ବିଣ. ( ସଂ. ଅଦମ୍ଭ )—ଅଦମ୍ଭ ( ଦେଖ )
Adambhila Adambha ( See )

**ଅଦମ୍ଭୀ**—ଗ୍ରା. ବିଣ. ( ସଂ. ଅଦମ୍ଭ )—ସାହସହୀନ; ଭୀତ—
Adambhī Timid; frightened.
ହ୍ରଦ ମଧ୍ୟେ ଲୁଚଲେ ହୋଇଣ ଅଦମ୍ଭୀ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଅଦମ୍ୟ**—ସଂ. ବିଣ. ( ଅ + ଦମ ଧାତୁ + କର୍ମ. ଯ )—
Adamya ୧ । ଅଶାସନୀୟ; ଦୁର୍ଦ୍ଦାନ୍ତ—1. Ungovernable.
୨ । ଅବଶୀଭୂତ—2. Uncontrollable.
୩ । ଅପରାଜେୟ—3. Unassailable.

**ଅଦୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଦୟା )—
Adaya ୧ । ନିର୍ଦ୍ଦୟ—1. Pitiless.
୨ । ନିଷ୍ଠୁର—2. Cruel.

**ଅଦରକାରୀ**—ଦେ. ବିଣ. ( ସଂ. ଅ + ଆ. ଦର୍କାର )—
Adarakārī ୧ । ଅନାବଶ୍ୟକ—1. Unnecessary.
বেদরকারী ୨ । ଅବ୍ୟବହାର୍ଯ୍ୟ—2. Useless.
बेदरकारी

**ଅଦର୍ବା**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. ଅର୍ଦ୍ଧ )—
Adarbā ୧ । ଯେଉଁ ବସ୍ତୁ କଞ୍ଚା ବା ଅସମ୍ପୂର୍ଣ୍ଣ ହୋଇ ତିଆରି ହୋଇଥାଏ—1. Imperfectly or clumsily made ( article ).
୨ । ଅର୍ଦ୍ଧକୃତ—2. Half-done.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ✱ | ଋ |

**ଅଦର୍ଶ**—ସଂ. ବି. ( ଅ+ଦୃଶ ଧାତୁ+ଅଧିକରଣେ. ଅ )—
Adarśa ୧ । ଅମାବାସ୍ୟା—1. Day of new moon.
୨ । ଆଦର୍ଶ; ଦର୍ପଣ—2. Mirror.

**ଅଦର୍ଶନ**—ସଂ. ବି. ( ନଞ୍ ତତ୍ ; ଅ+ଦର୍ଶନ )—
Adarśana ୧ । ଦେଖା ନ ଯିବା—1. Non-appearance.
୨ । ଦର୍ଶନାଭାବ; ନ ଦେଖିବା—2. Non-seeing.
୩ । ଉପେକ୍ଷା—3. Disregard.
୪ । ଅବହେଳା—4. Neglect.
୫ । ଦୃଷ୍ଟିରୁ ଅନ୍ତର ହେବା ଅବସ୍ଥା—
5. Disappearance.
୬ । ବିନାଶ—6. Destruction; cessation.
୭ । ଅଭାବ—7. Non existence; want.
୮ । ଆଖିକୁ ଦେଖା ନ ଯିବା ଭଳି ଭାବରେ ବିଦ୍ୟମାନ ଥିବା ଅବସ୍ଥା—8. Latent condition.
ସଂ. ବି. ( ବହୁବ୍ରୀହି )—୧ । ଦୃଷ୍ଟିର ବହିର୍ଭୂତ—
1. Beyond the reach of vision.
୨ । ଅଦୃଶ୍ୟ—2. Invisible.
୩ । ଗୁପ୍ତ—3. Secret.
୪ । ବାହାରକୁ ଦେଖା ନ ଯିବା—4. Latent.

**ଅଦର୍ଶନୀୟ**—ସଂ. ବିଣ. ( ନଞ୍ ତତ୍ ; ଅ+ଦର୍ଶନୀୟ )—
Adarśaniya ୧ । ଯାହା ଦେଖିବା ଅନୁଚିତ ବା ଅଯୋଗ୍ୟ—
1. Not fit to be seen; not worth seeing.
୨ । ଅଦୃଶ୍ୟ—2. Invisible.
ସଂ. ବି—ଦୃଷ୍ଟିର ଅଗୋଚର ହେବା ଅବସ୍ଥା; ଅଦୃଶ୍ୟ ଅବସ୍ଥା—
Invisible condition ( M. W. )

**ଅଦଲ୍**—ବୈଦେ. ବିଣ. ( ଆ. ଅଦଲ୍=ନ୍ୟାୟ୍ୟ; ନିଷ୍ପାପ )—
Adal ୧ । ନାମଞ୍ଜୁର ବା ରଦ୍ କରାଯାଇଥିବା (ଆଦେଶ)—
रद्द 1. Set aside; nullified (order)
रद्द ୨ । ଲଙ୍ଘିତ; ଅବଜ୍ଞାତ ( ଆଦେଶ )—
2. Disobeyed; disregarded (order).
୩ । ପ୍ରାଦେ. ( ବାଲେଶ୍ୱରରେ ଲୁଣପୋକ୍ତାନ ହେବା କାଳରେ ବ୍ୟବହୃତ ଶବ୍ଦ ) ବି.—ମରି ହେବା ଲୁଣ ଓଜନ ହୋଇ ଗୋଲାରେ ରଖାଗଲେ ତା ଉପରେ ମରାଯିବା ଚିହ୍ନ ବା ଛାପ—
3. (a term used in Balasore salt-manufacture)
A mark put on salt after it was weighed and stored in the ware-house.

ଓଜନ କରି ଗୋଲା ଜାତ ହେଲେ ଅଦଲ୍‌ଦାର ତା ଉପରେ ଅଦଲ୍ ମାରିଦେଏ ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଅଦଲ୍‌ଦାର୍**—ପ୍ରାଦେ. (ବାଲେଶ୍ୱର ଲୁଣ ପୋକ୍ତାନରେ ବ୍ୟବହୃତ) ବି—
Adaldār ଓଜନ ହୋଇ ଗୋଲା ଜାତ ହେବା ଲୁଣରେ ଚିହ୍ନ ମାରିବା କର୍ମଚାରୀ—An officer whose duty was to affix a mark or seal on the manufactured salt after it was weighed and stored in the ware-house.

**ଅଦଳ**—ସଂ. ବିଣ. ( ବହୁବ୍ରୀହି; ଅ+ଦଳ )—
Adaḻa ୧ । ଯାହାର ପତ୍ର ନାହିଁ—1. Leafless.
(ଅଦଳା—ସ୍ତ୍ରୀ) ୨ । ଯେଉଁ ଫୁଲର ପାଖୁଡ଼ା ନାହିଁ—2. Petalless.
୩ । ଯାହାର ଅଂଶ ନାହିଁ—
3. Having no parts.
ସଂ. ବି— ହିଜ୍ଜଳ (ଗଛ)—A tree;
Barringtonia Acutangula.

**ଅଦଳବଦଳ**—ଦେ. ବି. (ଆ. ଅଦଲ୍ ବଦଲ୍)—
Adaḻabadaḻa ୧ । ହେର୍ ଫେର୍; ପରସ୍ପର ପରିବର୍ତ୍ତନ—
अदल बदल 1. Interchange.
अदल बदल ୨ । ବଦଳ; ବିନିମୟ; ଏକ ଦ୍ରବ୍ୟ ବଦଳରେ ଅନ୍ୟ ଦ୍ରବ୍ୟର ଦିଆ ନିଆ—2. Exchange; Barter.
୩ । ଏକ ବସ୍ତୁର ସ୍ଥାନରେ ଅନ୍ୟ ବସ୍ତୁର ସ୍ଥାପନ ଓ ଦ୍ୱିତୀୟ ବସ୍ତୁ ସ୍ଥାନରେ ପ୍ରଥମ ବସ୍ତୁର ସ୍ଥାପନ—
3. The interchanging of one thing with another and viceversa.
୪ । ଓଲଟ ପାଲଟ; ଲେଉଟ ପାଉଟ; ବିପର୍ଯ୍ୟସ୍ତ ହେବା ଅବସ୍ଥା—
4. State of being turned upside down.
୫ । ପ୍ରତିଶୋଧ; ଯେଷାକୁ ତେଷା—5. Tit for tat.
ବୈଦେ. ବିଣ—୧ । ପରସ୍ପର ସଙ୍ଗେ ବିନିମୟ କରାଯାଇଥିବା—
1. Exchanged.
୨ । ବଦଳାଯାଇଥିବା—2. Bartered.
୩ । ବିପର୍ଯ୍ୟସ୍ତ—3. Turned upside down

**ଅଦଳା**—ସଂ. ବିଣ. ସ୍ତ୍ରୀ. ( ଅଦଳ+ଆ )—ଅଦଳର ସ୍ତ୍ରୀ ଲିଙ୍ଗ—
Adaḻā Feminine of Adaḻa.
ସଂ. ବି—ଘୃତ କୁମାରୀ ଗୁଳ୍ମ—Indian Aloe (plant)
ଦେ. ବିଣ. ( ସଂ. ଅ+ଦଳିତ )—ଦଳିତ ହୋଇ ନ ଥିବା—
Unbruised.

**ଅଦଳାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Adalāibā ୧ । ଆଉଜିବା; ଠେସ ଦେଇ ବସିବା ବା ଠିଆ ହେବା—
1. To lean towards.
୨ । ( ପିଠି ଅଣ୍ଟା ଆଦି ) ଘୋଳ ହେବା; ଉଧେଇବା—
1. To smart ( said of back & waist ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ବଥାଇବା—3. To ache.

**ଅଦଲାଇ ହେବା**—ପ୍ରାଦେ. (ସମ୍ବଲପୁର) କ୍ରି—ଅଦଲାଇବା (ଦେଖ)
Adalāi hebā — Adalāibā ( See )

**ଅଦା**—ଦେ. ବି.—( ସଂ. ଆର୍ଦ୍ରକ )—ଆର୍ଦ୍ରକ ( ଦେଖ )
Adā — Ārdraka ( See )

**ଅଦାଉ**—ଦେ. ବି. ଓ ବିଣ—ଅଦାଉଁ ( ଦେଖ )
Adāu — Adāuṅ ( See )

**ଅଦାଉଁ**—ଦେ. ବି. ( ସଂ. ଅ+ଦାମ = ରଜ୍ଜୁ; ବନ୍ଧନ )—
Adāuṅ ୧ । ଅସୁବିଧା; ଅଖଞ୍ଜ—1. Inconvenience.
বেদাওঁ ୨ । ଅସୁବିଧାଜନକ ଅବସ୍ଥା—
अदाँव 2. Inconvenient position.
୩ । ଅସାମଞ୍ଜସ୍ୟ—3. State of incongruity.
ଦେ. ବିଣ—୧ । ଅସୁବିଧାଜନକ—1. Inconvenient.
୨ । ଅଖାଡୁଆ—2. Queer.
୩ । ଅସମଞ୍ଜସ—3. Incongruous.
୪ । ସୁଯୋଗରହିତ ( ଅବସ୍ଥା )—
4. Devoid of a suitable opportunity.

**ଅଦାଉତ୍** (ଇତ୍ୟାଦି)—ବୈଦେ. ବି. ଓ ବିଣ—
Adāut (etc) ଅଦଉତ୍ (ଇତ୍ୟାଦି) (ଦେଖ)
Adaut (etc) (See)

**ଅଦାଉତି** ( ଇତ୍ୟାଦି )—ବୈଦେ. ବି. ଓ ବିଣ—
Adāuti (etc) ଅଦାଉତ୍ (ଇତ୍ୟାଦି) (ଦେଖ)
Adaut (etc) (See)

**ଅଦାଉତିଆ**—ଦେ. ବିଣ—ଅଦଉତିଆ ( ଦେଖ )
Adāutiā — Adautiā ( See).

**ଅଦାଗ**—ଦେ. ବିଣ. (ସଂ. ଅ+ପା. ଦାଗ୍ )—
Adāga ୧ । ଯହିଁରେ କୌଣସି ଦାଗ ପଡ଼ି ନାହିଁ—
বেদাগ 1. Not having any mark on it.
अदाग; ୨ । ଯେଉଁ ଲୋକ ଅପରାଧ ପାଇଁ ପୂର୍ବେ କେବେ
अदागी ସଜା ପାଇ ନାହିଁ—2. ( person ) Having no previous conviction.
୩ । ଯେଉଁ ଫଳ ( ଯଥା—ପାଚିଲା ଆମ୍ବ ) ରେ କୌଣସି ଖଣ୍ଡିଆ ବା ସଢ଼ାଚିହ୍ନ ନାହିଁ—
3. ( fruit ) Not having any mark or indication of being rotten.
୪ । ନିଷ୍କଳଙ୍କ—4. Stainless.

**ଅଦାଗୀ**—ଦେ. ବିଣ—ଅଦାଗ ( ଦେଖ )
Adāgi — Adāga ( See )

**ଅଦାତବ୍ୟ**—ସଂ. ବିଣ. ( ଅ+ଦାତବ୍ୟ )—
Adātabya ୧ । ଯାହା ଦାନ କରାଯାଇ ନ ପାରେ—
1. Not capable of being given.
୨ । ଯାହା ଦେବାର ଅନୁପଯୁକ୍ତ—
2. Not fit to be given.

**ଅଦାତା**—ସଂ. ବିଣ. ପୁଂ. ( ଅ+ଦାତୃ; ୧ମା. ୧ବ. )—
Adātā ୧ । ଯେ ଦାତା ବା ଦାନଶୀଳ ନୁହେ—
( ଅଦାତ୍ରୀ—ସ୍ତ୍ରୀ ) 1. Not charitable.
୨ । କୃପଣ—2. Miserly.
୩ । ଯେ ଧନ ଦେବା ପାଇଁ ଦାୟୀ ନୁହେ—
3. Not liable to pay.

**ଅଦାନ**—ସଂ. ବି. ପୁଂ. (ବହୁବ୍ରୀହି; ଅ+ଦାନ)—
Adāna ୧ । କୃପଣ; ଅଦାତା—1. Miserly.
(ଅଦାନା—ସ୍ତ୍ରୀ) ୨ । ଯେଉଁ ହାତୀର ଗଣ୍ଡରୁ ଦାନବାରି ବହି ନାହିଁ—
2. (an elephant) without rut.
ସଂ. ବି. ( ଅ+ଦାନ )—୧ । ଅପାତ୍ରରେ ଦାନ—
1. Donation or gift to an unfit person.
୨ । ନିକୃଷ୍ଟ ବା ଗର୍ହିତ ବା ଅଯୋଗ୍ୟ ଉଦ୍ଦେଶ୍ୟରେ ଦାନ—
2. Gift towards an improper or bad object.
୩ । ନିକୃଷ୍ଟ ଦାନ—3. Inferior donation.

**ଅଦାନ୍ତ**—ସଂ. ବିଣ. ପୁଂ (ଅ+ଦାନ୍ତ)—୧ । ଅଶାସିତ—
Adānta 1. Untamed.
(ଅଦାନ୍ତା—ସ୍ତ୍ରୀ) ୨ । ଦମଗୁଣହୀନ; ଅଜିତେନ୍ଦ୍ରିୟ—
2. Devoid of self-control; one who has not controlled his senses.
୩ । ବିଷୟାସକ୍ତ—3. Addicted to worldly affairs.

**ଅଦାନ୍ତିଆ**—ଦେ. ବିଣ. ପୁଂ (ସଂ. ଅଦନ୍ତ)—୧ । ଦନ୍ତହୀନ—
Adāntiā 1. Toothless.
(ଅଦାନ୍ତେଇ—ସ୍ତ୍ରୀ)—୨ । ଯେଉଁ ଶିଶୁର ଦାନ୍ତ ଉଠି ନାହିଁ—
দন্তহীন 2. (a child) Who has not yet teethed.
बेदाँतका ୩ । ଯେଉଁ ବଳଦ ବା ଦାମୁଡ଼ି ଦାନ୍ତେଇ ନାହିଁ—
3. A bullock which has not yet cut its front teeth.

**ଅଦାନ୍ତୁଆ**—ଦେ. ବିଣ. ପୁଂ (ସଂ. ଅଦନ୍ତ)—ଅଦାନ୍ତିଆ (ଦେଖ)
Adāntuā — Adāntiā (See)
(ଅଦାନ୍ତେଇ—ସ୍ତ୍ରୀ)

**ଅଦାବେପାରି**—ଦେ. ବି (ସଂ. ଆର୍ଦ୍ରକ+ବ୍ୟାପାରୀ)—୧ । ଯେ ଅଦା ବିକେ—1. Seller of ginger.
Adābepāri
অদা ব্যাপারী ୨ । (ଲକ୍ଷଣାର୍ଥ)—ଛୋଟ ବେପାରି—
2. Petty trader.

ଅଦାବେପାରି ବୋଇତର ଖବର ନେବା ନ୍ୟାୟ—ଭଗ

| ୯ | ଇ | ଉ | ଋ,ଌ | ଞ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଝ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଉ | ଋ | ଌ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ | ଦ୍ଧ |

**ଅଦାମିଆଁ**—ଦେ. ବିଣ (ସଂ. ଅ+ଆ. ଦାମୀ)—ମୂଲ୍ୟହୀନ—
Adāmiān Of no value; valueless.
অদামী
बेदामी

**ଅଦାମିକା**—ଦେ. ବିଣ—ଅଦାମିଆଁ (ଦେଖ)
Adāmikā Adāmiān (See)

**ଅଦାମୀ**—ଦେ. ବିଣ—ଅଦାମିଆଁ (ଦେଖ)
Adāmi Adāmiān (See)

**ଅଦାୟ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+ଦାୟ )—ଯେ ମୃତ ବ୍ୟକ୍ତିର
Adāya ତ୍ୟକ୍ତ ସମ୍ପତ୍ତିରେ ଅଂଶପାଇବାକୁ ହକ୍‌ଦାର ନୁହେ—
(ଅଦାୟା—ସ୍ତ୍ରୀ) Not entitled to a share in any property left by a deceased.

**ଅଦାୟାଦ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+ଦାୟାଦ )—
Adāyāda ୧ । ଯେଉଁ ବ୍ୟକ୍ତିର କେହି ଉତ୍ତରାଧିକାରୀ ନାହିଁ—
(ଅଦାୟାଦା—ସ୍ତ୍ରୀ) 1. Destitute of heirs; having no heir to inherit.
୨ । (ନଞ୍ ତତ୍; ଅ+ଦାୟାଦ) ଆଇନ ଅନୁସାରେ ମୃତ ପିତାର ତ୍ୟକ୍ତ ସମ୍ପତ୍ତିରେ ଯେଉଁ ବଂଶଧର ବା ପୁତ୍ର ଉତ୍ତରାଧିକାରୀ ହୋଇ ନ ପାରେ—
2. ( descendant or son) Who is not entitled to inherit from his deceased father.
[ଯଥା—ମୃତବ୍ୟକ୍ତିର କାନୀନ, ସହୋଢ଼, କ୍ରୀତ, ପୌନର୍ଭବ, ସ୍ୱୟଂଦତ୍ତ ଶୌଦ୍ର ପୁତ୍ରମାନେ—ରାମଶଙ୍କର. ମନୁସଂହିତା ୯-୧୬୦ । ମନୁସଂହିତାରେ ମନୁଷ୍ୟର ପୁତ୍ର ବାର ଶ୍ରେଣୀରେ ବିଭକ୍ତ ହୋଇ ଅଛନ୍ତି ସେଥିମଧ୍ୟରୁ ଔରସ; କ୍ଷେତ୍ରଜ; ଦତ୍ତକ; କୃତ୍ରିମ; ଗୂଢ଼ୋତ୍ପନ୍ନ ଓ ଅପବିଦ୍ଧ; ଏ ଛଅ ଜଣ ଦାୟାଦ ବାନ୍ଧବ ଓ ଅପର ଛଅ ଜଣ ଅଦାୟାଦ ବାନ୍ଧବ ଅଟନ୍ତି—ରାମଶଙ୍କର. ମନୁସଂହିତା—୯-୧୪୯ ।]

**ଅଦାୟିକ**—ସଂ. ବିଣ. ( ବହୁବ୍ରୀହି; ଅ+ଦାୟିକ )—
Adāyika ୧ । ନାୱାରସୀ ( ମାଲ )—
(ଅଦାୟିକା—ସ୍ତ୍ରୀ) 1. (property) Not claimed by an heir.
୨ । ଯେଉଁ ବିଷୟ ଦାୟ ବା ଉତ୍ତରାଧିକାର ସମ୍ବନ୍ଧୀୟ ନୁହେ—
2. ( matter ) Not relating to inheritance.
୩ । ପୁଂ—ଯାହାର କେହି ଉତ୍ତରାଧିକାରୀ ନାହିଁ—
3. Heirless; having no heirs.

**ଅଦାୟୀ**—ସଂ. ବିଣ (ଅ+ଦାୟିନ୍ ୧ମା. ୧ବ.)—ଯେ ଦାୟୀ ନୁହେ—
Adāyi Not responsible
যে দায়ী নয়
ये दायी नहीं

**ଅଦାର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ଦାର )—
Adāra ୧ । ଯାହାର ଭାର୍ଯ୍ୟା ନାହିଁ—1. Having no wife.
୨ । ମୃତଦାର—2. Widower.
୩ । ଅବିବାହିତ—3. Unmarried.
୪ । ( ଅ+ଦୃ ଧାତୁ+କର୍ତ୍ତୃ. ଅ )—
ଯେ ବିଦାରଣ କରେ ନାହିଁ—4. Not tearing.

**ଅଦାଲତ**—ବୈଦେ. ବି. ( ଆ. ଅଦାଲତ୍ )—
Adālata ୧ । ବିଚାରାଳୟ; ଧର୍ମାଧିକରଣ; କଚେରି; କୋର୍ଟ—
আদালত 1. A court of justice.
अदालत ୨ । ବିଚାରପତି—2. Judge; presiding officer of a court.
୩ । ଦେୱାନୀ ଅଦାଲତ—3. Civil court.
[ ଦ୍ର—ଭିନ୍ନ ଭିନ୍ନ ଶ୍ରେଣୀର ମକଦ୍ଦମା ବିଚାର କରିବା ପାଇଁ ସରକାର ଭିନ୍ନ ଭିନ୍ନ ଶ୍ରେଣୀର ଅଦାଲତମାନ ବସାଇଅଛନ୍ତି ଓ ବିଚାର୍ଯ୍ୟ ବିଷୟର ନାମ ଅନୁସାରେ ଅଦାଲତର ନାମ ହୁଏ । ଯଥା—ଦେୱାନୀ ଅଦାଲତ; ଫଉଜଦାରୀ ବା ମେଜେଷ୍ଟ୍ରେଟୀ; ସେସନ୍ ବା ଦଉରା; ମାଲ ବା ରେଭିନିଉ; ସରାସରୀ; କାଜକୋର୍ଟ; ପୁଲିସ-କୋର୍ଟ; ଅଦାଲତର କ୍ରମ ବା ସୋପାନ ଅନୁସାରେ ମଧ୍ୟ ନାମକରଣ ହୁଏ, ଯଥା—ସଦରେ ବା ନିମ୍ନ ଅଦାଲତ; ଅପିଲ୍ ବା ଉପର ଅଦାଲତ; ହାକିମଙ୍କ ନାମ ଅନୁସାରେ ମଧ୍ୟ ଅଦାଲତର ନାମ ହୁଏ, ଯଥା—ଜଜ୍ ଅଦାଲତ; ସବଜଜ ଅଦାଲତ; ମୁନ୍‌ସଫ୍ ଅଦାଲତ । ]
ବୈଦେ. ବିଣ—ଅଦାଲତିଆ ( ଦେଖ )
Adālatiā ( See )

**ଅଦାଲତ କଚିରି**—ଗ୍ରା. ବି. ( ଆ. ଅଦାଲତ+ଆ. କଚହରୀ )—
Adālata kachiri ଦେୱାନୀଅଦାଲତର ବିଚାର ଗୃହ—
অদালত কাচারী Civil court.
कचहरी अदालत

**ଅଦାଲତ କରିବା**—ଦେ. କ୍ରି—୧ । କୌଣସି ବ୍ୟକ୍ତି ନାମରେ ମକଦ୍ଦମା
Adālat kariba ଦାଏର କରିବା—1. To file a case
অদালতকরা against a person; to go to court.
अदालतकरना ୨ । କୌଣସି ବ୍ୟକ୍ତି ବିରୁଦ୍ଧରେ କୋର୍ଟରେ ଅଭିଯୋଗ ଉତ୍ଥାପନ କରିବା—2. To lodge a formal charge against a person.

**ଅଦାଲତ ଖରଚ**—ବୈଦେ. ବି. ( ଆ. ଅଦାଲତ+ଆ. ଖର୍ଚ୍ଚ )—
Adālata kharacha ମକଦ୍ଦମା ଚଳାଇବା ପାଇଁ କରାଯିବା
অদালতের খরচ ଖରଚ; ମକଦ୍ଦମା ଖରଚ—
खर्च अदालत Case-expenses; expenses undergone for conducting cases.

**ଅଦାଲତିଆ**—ଦେ. ବିଣ (ଆ. ଅଦାଲତୀ)—୧ । ଅଦାଲତ ସମ୍ବନ୍ଧୀୟ—
Adālatiā 1. Relating to a court.
আদালতী ୨ । ଅଦାଲତରେ ବ୍ୟବହୃତ—2. Used in court.
अदालती ( ଯଥା—ଅଦାଲତିଆ ଭାଷା )
୩ । ଯେଉଁ ବ୍ୟକ୍ତି ଅଦାଲତରେ ଚାକର ବା କର୍ମ କରେ—
3. (a person) Working or serving in a court.

ସାଧାରଣ ଲୋକେ ଅତର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଧ୍ୟା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ ।

୪ । ଯେଉଁ ବ୍ୟକ୍ତି ମକଦ୍ଦମା ମାମଲା ଉପଲକ୍ଷରେ ବହୁତ ସମୟ କଚେରୀକୁ ଯାଏ—4. A person who frequents courts in connection with cases.

**ଅଦାଲତି**—ବୈଦେ. ବିଣ. (ଅ)—ଅଦାଲତିଆ ( ଦେଖ )
Adālati Adālatiā ( See )

**ଅଦାଲତୀ ଭାଷା**—ଦେ. ବି—୧ । ରାଜଶାସ୍ତ୍ର ଆଦେଶରେ କଚେରୀର
Adālati bhāshā କାଗଜପତ୍ରରେ ବ୍ୟବହୃତ ଭାଷା—
ଅଦାଲତୀ ଭାଷା · 1. Court-language; language
अदालती भाषा which is recognised by the government to be used in the courts of a contry,

[ ଦ୍ର—ଓଡ଼ିଶାର ଅଦାଲତରେ ଓଡ଼ିଆ ଓ ଇଂରାଜୀ ଅଦାଲତୀ ଭାଷା ଅଟେ । ଯେବେ କେହି ପକ୍ଷ ଅଦାଲତୀ ଭାଷା ଛଡ଼ା ଅନ୍ୟ ଭାଷା ( ଯଥା—ହିନ୍ଦି, ବଙ୍ଗଳା, ଉର୍ଦ୍ଦୁ ) ରେ ଅରଜି, ଜବାବ, ଦରଖାସ୍ତ ଆଦି ଲେଖି ଦାଖଲ କରେ ତେବେ ସେ ଅଦାଲତୀଭାଷାରେ ଉକ୍ତ ଲେଖାର ତରଜମା ସେଥି ସଙ୍ଗେ ଦାଖଲ କରିବାକୁ ବାଧ୍ୟ ଅଟେ ।]

୨ । କଚେରିଆ ଭାଷା; କଚେରୀରେ କାଗଜପତ୍ର ଓ ଦଲିଲ ଆଦିରେ ଲେଖାଯିବା ମିଶ୍ରିତ ଓ ଅଶୁଦ୍ଧ ଭାଷା—2. Mixed or grammatically and linguistically incorrect language which is found to be used in the court-records and public documents.

[ ଦ୍ର—ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଓକିଲମୋହରର, ମୁକ୍ତାର-ମୋହରର, ଟେରଣୀ, ଦରଖାସ୍ତଲେଖାଳୀ, ଦଲିଲର ନକଲନବିସ ଓ କଚେରୀର କିରାଣୀମାନଙ୍କର ଭାଷାଜ୍ଞାନ, ବ୍ୟାକରଣଜ୍ଞାନ ଓ ବର୍ଣ୍ଣଶୁଦ୍ଧିଜ୍ଞାନ ନ ଥିବାରୁ ସେମାନେ ବ୍ୟାକରଣ ବା ବର୍ଣ୍ଣଶୁଦ୍ଧି ପ୍ରତି ଦୃଷ୍ଟି ନ ରଖି ସଂସ୍କୃତ ଓ ସଂସ୍କୃତମୂଳକ ଶବ୍ଦମାନଙ୍କୁ ଯଥେଚ୍ଛ ପ୍ରୟୋଗ କରନ୍ତି । ପୂର୍ବେ ଯେଉଁମାନେ ଓକିଲ ମୁକ୍ତାର ହେଉଥିଲେ ସେମାନେ ଅଧିକାଂଶ ଅନ୍ୟ ଜାତୀୟ ଥିବାରୁ ଓ ଓଡ଼ିଆ ସାହିତ୍ୟରେ ପଣ୍ଡିତ ନ ଥିବାରୁ ସେମାନଙ୍କ ମଧ୍ୟରେ ଓଡ଼ିଆ-ସାହିତ୍ୟର ଆଲୋଚନା ନ ଥିଲା । ଏଥିଯୋଗୁଁ କଚେରୀର ଅରଜି, ଜବାବ, ଜବାନବନ୍ଦି, ଓଡ଼ିଆ ରାୟ, ହୁକୁମ ଓ ଦଲିଲ ଆଦିରେ ଅଶୁଦ୍ଧ, ବ୍ୟାକରଣବିରୁଦ୍ଧ ଓ ବର୍ଣ୍ଣାଶୁଦ୍ଧିପୂର୍ଣ୍ଣ ଭାଷା ଓ ଶବ୍ଦମାନ ଲେଖା ଯାଉଥିଲା ଏବଂ 'କରଣୀ' ଅକ୍ଷର ଓ ସାଙ୍କେତିକମାନ ମଧ୍ୟ ବହୁ-ପରିମାଣରେ ଚଳୁଥିଲା । କ୍ରମଶଃ ଯେଉଁ ଓଡ଼ିଆମାନେ ଓକିଲ ମୁକ୍ତାର ହେଲେ ସେମାନେ ମଧ୍ୟ ମୋହରର ଓ କିରାଣୀମାନଙ୍କ ଅଶୁଦ୍ଧ ଲେଖା ଓ ଭାଷାକୁ ସଂଶୋଧନ କରିବା ଆଡ଼କୁ ମନ ଦେଉ ନଥିଲେ । ଏଥିଯୋଗୁଁ କଚେରିଆ ଭାଷା ବିକୃତ ହେଲା । ଅଦ୍ୟାପି ମଧ୍ୟ ସାହିତ୍ୟସେବକ ଓକିଲ ମୁକ୍ତାରମାନଙ୍କ ସିରସ୍ତାରେ ମୋହରରମାନେ ବର୍ଣ୍ଣାଶୁଦ୍ଧିପୂର୍ଣ୍ଣ ଓ ବ୍ୟାକରଣବିରୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରୁଥିବାର ଓ ସମୟାଭାବରୁ ଉକ୍ତ ସାହିତ୍ୟିକ ଓକିଲ ମୁକ୍ତାରମାନେ ଭାଷାର ଓ ବର୍ଣ୍ଣର ଶୁଦ୍ଧତା ପ୍ରତି ଦୃଷ୍ଟି ଦେଇ ନ ଥିବାର ଦେଖାଯାଏ । ଏଠାରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଆସାହିତ୍ୟରେ ଅନଭିଜ୍ଞ ଲେଖକ ଓ ତମ୍ବାପଟାଖୋଦକ ମୂର୍ଖ ନକଲନବିସ ଓ ଲେଖକମାନେ ପ୍ରାଚୀନ ଦଲିଲ, ସନନ୍ଦ, ମାଦଳାପାଞ୍ଜି, ଓଡ଼ିଆ ପୋଥି ଓ ତମ୍ବାପଟାରେ ଭୂରି ଭୂରି ବ୍ୟାକରଣବିରୁଦ୍ଧ ଅଶୁଦ୍ଧ ଶବ୍ଦ ଓ ବାକ୍ୟମାନ ପୂରାଇ ସେମାନଙ୍କୁ ବିକୃତ କରି ପକାଇଅଛନ୍ତି ।]

୩ । କଚେରିଆ ନକଲ; ଭିନ୍ନ ଭିନ୍ନ ଭାଷାରୁ ଆସିଥିବା ଅନେକ ବୈଦେଶିକ ଶବ୍ଦ ଯାହା କଚେରୀରେ ଅର୍ଥାତ୍ ଦଲିଲ-ଦସ୍ତାବିଜ, ଅରଜି-ଜବାବ, ଫଇସଲା, ନୋଟିସ୍, ଇସ୍ତିହାର ଆଦିରେ ବ୍ୟବହୃତ ହୁଏ—3. Words and expressions culled from different languages used in phraseology of court documents; public-documents.

[ ଦ୍ର—ପୂର୍ବେ ଭାରତରେ ଯେତେବେଳେ ସଂସ୍କୃତଶିକ୍ଷା ଥିଲା ସେତେବେଳର କେତେଗୁଡ଼ିଏ ବ୍ୟବହୃତ ସଂସ୍କୃତ ବାକ୍ୟ ଓ ଶବ୍ଦ ଓ ରୀତି ଓଡ଼ିଆ ଶବ୍ଦ ସଙ୍ଗେ ମିଶ୍ରିତ ହୋଇ ବର୍ତ୍ତମାନ ଦଲିଲ ଆଦିରେ ଲେଖାଯିବାର ଦେଖାଯାଏ । "ଯଥା—କସ୍ୟ ଋଣଗ୍ରହଣ ପତ୍ରମିଦଂ କାର୍ଯ୍ୟଞ୍ଚାଗେ; ଲେଖିତଂ ଅମୁକ ଦେବ୍ୟା ।" ତତ୍ପରେ ମୁସଲମାନଶାସନ ସମୟରେ ଅଦାଲତୀ ଭାଷାରେ ବହୁ ଶତ ଆରବୀ ଓ ପାର୍ଶୀ ଶବ୍ଦ ଅପଭ୍ରଷ୍ଟ ହୋଇ ପଶିଲା ( ଯଥା—ମକଦ୍ଦମା, ଅର୍ଜୀ, ଜବାବ, ଇସ୍ତିହାର, ଜାମିନନାମା, ପରୱାନା, ମୁଦେଇ, ମୁଦାଲା, ଆସାମୀ, ଜବାନବନ୍ଦି; କୋକ, ନାଲିସ । ) ତତ୍ପରେ ଇଂରାଜୀ ରାଜ୍ୟରେ ବହୁ ଶତ ଇଂରାଜୀ ଶବ୍ଦମାନ ବିକୃତ ହୋଇ ପ୍ରବେଶ ଲାଭ କଲା ( ଯଥା—ଜଜ, କୋର୍ଟ, କୋର୍ଟଫି, ସେଲସିଟ୍, ଅପିଲ୍, ରିଭ୍ୟୁ, ଅପିଲାଣ୍ଟ, ରିସ୍ପଣ୍ଡେଣ୍ଟ ); ତତ୍ପରେ ସେଟଲ୍‌ମେଣ୍ଟ ( ରାଜସ୍ୱ ବନ୍ଦୋବସ୍ତ ) ବେଳେ ପଶ୍ଚିମା ହାକିମ ଓ ଅମିନ, ସର୍ଭେୟର ଆଦିଙ୍କ ପ୍ରଭାବରେ ଅନେକଗୁଡ଼ିଏ ଉର୍ଦ୍ଦୁ ବା ହିନ୍ଦୁସ୍ଥାନୀ ଶବ୍ଦ (ଯଥା—ବୁଝାରତ୍, ଖତିଆନ୍, ବଦର, ପଏମାସ) ପଶିଲା । ଓଡ଼ିଆମାନେ ଆମଲା ଚାକିରି ପାଇବା ପୂର୍ବରୁ ଯେଉଁ ବଙ୍ଗାଳୀମାନେ କଲେକ୍ଟରୀ ଅଦାଲତ ଆଦିରେ ଆମଲା କାମ କରୁଥିଲେ ସେମାନଙ୍କ ପ୍ରଭାବରେ କେତେଗୁଡ଼ିଏ ବଙ୍ଗଳାପ୍ରୟୋଗ ମଧ୍ୟ ପଶିଲା; (ଯଥା -ଥାନା, ମୋଫସଲ ଖାଜାଞ୍ଚି, ପୋଦାର, ପୁଣ୍ୟାହ, ବନ୍ଦବନାଇ, କରତଃ ) । ଏତେ ପ୍ରଭାବ ପରେ ମଧ୍ୟ ପଣ୍ଡିତମ୍ମନ୍ୟ ଓଡ଼ିଆଲେଖାଳିମାନେ ସାଧୁଭାଷା ପ୍ରୟୋଗ କରିବାର ଲୋଭ ଏଡ଼ି ନ ପାରି ଗୁଡ଼ିଏ ଅପପ୍ରୟୋଗ ଓ ଗୁରୁ-ଚଣ୍ଡାଳୀ ବ୍ୟବହାର କଚେରିଆ ଭାଷାରେ ଯୋଗ କଲେ, ( ଯଥା—ଉଦ୍ୟତ ସ୍ଥଳରେ 'ଉଦ୍ଦତ'; ଯୋଗ ସ୍ଥଳରେ 'ଯୋଗାଯୋଗ', ଚଳନ ସ୍ଥଳରେ 'ଚଳାଚଳ', ଏହି ମକଦ୍ଦମା ସ୍ଥଳରେ 'ଅତ୍ର ମକଦ୍ଦମା', ସର୍ବେବ ସ୍ଥଳରେ 'ସର୍ବେବ', ନାନା ସ୍ଥଳରେ 'ନାନାଦି', ତଥାପି

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯୁ | ଉଅ | ଋ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

ସ୍ଥଳରେ 'ତତ୍ସମ', 'ତଦ୍ଭବ' ଓ 'ଦେଶଜ', ଅଭିଧାନାନୁସାରେ) ଏହି ସବୁ କାରଣରୁ 'କଟରଆଭ୍ରାଷା' ବୁଝିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଭାଷାକୋଷ ଆବଶ୍ୟକ ହୋଇ ପଡ଼ିଅଛି ।]

**ଅଦାସ**— ସଂ. ବି. ପୁଂ. ( ଅ+ଦାସ )—ଯେ ଅନ୍ୟର ଦାସ ନୁହେଁ
Adāsa — ସ୍ୱାଧୀନ ବ୍ୟକ୍ତି—A free man.

**ଅଦାହ୍ୟ**— ସଂ. ବିଣ. ( ନଞ୍ ତତ୍; ଅ+ଦାହ୍ୟ )—
Adāhya — ୧ । ଯାହା ପୋଡ଼ି ହୁଏନାହିଁ; ଯହିଁରେ ନିଆଁ ଧରେ ନାହିଁ—1. Incombustible.

୨ । ଯାହାକୁ ଚିତାଗ୍ନିରେ ପୋଡ଼ିବା ଶାସ୍ତ୍ରବିରୁଦ୍ଧ ଅଟେ— 2. Not fit to be burnt on the funeral pyre.

(ଦ୍ର—ଦୁଇ ବର୍ଷରୁ ନ୍ୟୂନବୟସ୍କ ପିଲା ମରିଗଲେ ତାକୁ ଅଗ୍ନିସଂସ୍କାର ନ କରି ମାଳ୍ୟ ଚନ୍ଦନାଦି ଭୂଷିତ କରି ଅରଣ୍ୟରେ ପକାଇଦେବ । ରାମଶଙ୍କର. ମନୁସଂହିତା ୫।୬୮।୬୯ । )

ସଂ. ବି. ( ଏହା ଅଦାହ୍ୟ ଥିବାରୁ )—ପରମାତ୍ମା— The Supreme Soul.

**ଅଦିଆ**—ଦେ. ବିଣ. ( ସଂ. ଅଦାତା )—୧ । ଅଦାତା ( ଦେଖ )
Adiā — 1. Adātā ( See )
( ଅଦେୟ—ସ୍ତ୍ରୀ ) — ଦିଅନ୍ତୁ ଦଅ । ଅଦିଅକୁ ଦିଅର ଦଅ । ଦେ ।

୨ । ( ସଂ. ଅଦେୟ )—ଅଦେୟ ( ଦେଖ ) 2. Adeya ( See )

ମୁହିଁ ତ ସ୍ତୁତ କରି ଯାଚକ ଦ୍ୱିଜଙ୍କୁ,
ଅଦିଆ ନ କରି ଚଳିଅଛି କଥାକୁ । କୃଷ୍ଣସିଂହ. ମହାଭାରତ. ବନ ।

୩ । (ସଂ. ଅଦତ୍ତ)—ଅଦତ୍ତ—3 Not given.

ଦେ. ବି—ବାଜିଗର କେଳାମାନେ ପାଖରେ ରଖିଥିବା କନାର କଣ୍ଢେଇ—A doll made of rags exhibited by jugglers during their performance.

[ଦ୍ର—କେଳାମାନେ ବାଜି ଦେଖାଉଥିବା ବେଳେ ଦର୍ଶକମାନଙ୍କ ସାମନାରେ ଏ କଣ୍ଢେଇକୁ ରଖି "ଅଦିଆ ମୁଣ୍ଡରେ ଥୁକ' କହି ଏ କଣ୍ଢେଇ ମୁହଁରେ ମଝିରେ ମଝିରେ ଘୃଣାସହକାରେ ଛେପ ପକାଉଥାନ୍ତି । ଏଥିରୁ ଏହା ସୂଚିତ ହୁଏ ଯେ ବର୍ତ୍ତମାନ ଯେଉଁମାନେ ଦର୍ଶକରୂପେ ଉପସ୍ଥିତ ସେମାନେ ଏ ବାଜିଗରକୁ ମନ ବୋଧ କରି ବିଦାକ ନ ଦେଲେ ଅନ୍ୟକ ଏହି ଅଦିଆକୁ ସମ୍ବୋଧନ କରି ସେମାନଙ୍କୁ ଲକ୍ଷ କରି ସେମାନଙ୍କ ମୁହଁରେ ମଧ ଛେପ ପଡ଼ିବ ।]

**ଅଦିଆ ବିନ୍ଧଣା**—ଦେ.ବିଣ (ସହରର)—ଅଦାତା ଓ ରୂଢ଼ବାଦୀ (ବ୍ୟକ୍ତି)—
Adiā bindaṇā — (a person) Who is not generous and is at the same time repulsive in speech.
দেওয়া থুইয়ার নামনাই কথা শোনাবার গোসাই

**ଅଦିଆଳୁ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ (ସଂ. ଅ ଓ ଦାନଶୀଳ)—୧ । ଅଦାତା; ଯେ ଦାନଶୀଳ ନୁହେଁ—1. Not generous.
Adiālu
অদাতা — ୨ । କୃପଣ—2. Miserly.
अदाता

**ଅଦିତି**—ସଂ. ବି—୧ ( ଅଦ ଧାତୁ=ଭୋଜନ କରିବା+କର୍ତ୍ତୃ. ସଂଜ୍ଞା ତି; ଯେ ସବୁ ପ୍ରାଣୀଙ୍କୁ ଖାଏ)—ମୃତ୍ୟୁ—1 Death.
Aditi

୨ । ପରମେଶ୍ୱର—2 God.

୩ । (ଅ+ଦା ଧାତୁ ଦେବା + ଭାବାର୍ଥେ ତି)—ଦାନ କରିବାର ଶକ୍ତିହୀନତା—3. Inability to give.

୪ । ନିଃସ୍ୱତା—4. Poverty.

୫ । (ଅ+ଦୋ ଧାତୁ ଛେଦନ କରିବା+କର୍ମ. ତି; ଖୁବ୍ ବଡ଼ ଥିବାରୁ ଯାହାକୁ ଛେଦନ କରାଯାଇ ନ ପାରେ )—ପୃଥିବୀ—5. The earth.

୬ । (ବୈଦିକ)—ଗାଈ—6. Cow. (M. W.)

୭ । ଅନ୍ତରୀକ୍ଷ; ଶୂନ୍ୟ; ମହାଶୂନ୍ୟ—7. The space; the void; the eternal and infinite expanse

୮ । ଅସୀମତା—8. Boundlessness.

୯ । ସ୍ୱାଧୀନତା—9. Freedom (M. W.)

୧୦ । ନିରାପଦତା—10. Safety (M. W.)

୧୧ । ବିଶାଳତା—11. Immensity (M. W.)

୧୨ । ଅସରନ୍ତି; ପ୍ରାଚୁର୍ଯ୍ୟ—12. Inexhaustible; abundanee (M. W.)

୧୩ । ପୂର୍ଣ୍ଣତା—13. Perfection (M. W.)

୧୪ । ଅଖଣ୍ଡତା—14. Unimpaired condition (M. W.)

୧୫ । ( ଅ—ବିରୋଧ + ଦିତି=ଦୈତ୍ୟମାତା; ଦିତିଙ୍କ ସପତ୍ନୀ ଥିବାରୁ )—ଦେବମାତା—
15. The name of the mother of the gods.

[ଦ୍ର—ଏ ଦକ୍ଷଙ୍କ ଆଠ କନ୍ୟା ଓ କଶ୍ୟପଙ୍କ ଆଠ ପତ୍ନୀ ମଧ୍ୟରୁ ଏକତମ । ଏହାଙ୍କଠାରୁ ବିଷ୍ଣୁ, ଇନ୍ଦ୍ର, ଆଦିତ୍ୟାଦି ଦେବତାମାନେ ଜନ୍ମି ଥିଲେ; ବାମନ ଅବତାରରେ ଏ ବିଷ୍ଣୁଙ୍କର ମାତା ଥିଲେ । ଏହାଙ୍କ ଦେବତାରୂପେ ପୂଜା କରାଯିବାର ଋଗ୍‌ବେଦରେ ବର୍ଣ୍ଣିତ ହୋଇ ଅଛି ।]

୧୬ । (ବୈଦିକ) ଦୁଗ୍ଧ—16. Milk (M. W.)

୧୭ । (ବୈଦିକ) ବାକ୍ୟ—17. Speech (M. W.)

୧୮ । (ଦ୍ୱିବଚନ) ସ୍ୱର୍ଗ ଓ ମର୍ତ୍ତ୍ୟ—18. The heaven and the earth (M. W.)

୧୯ । ପୁନର୍ବସୁ ନକ୍ଷତ୍ର—
19. The 7th lunar mansion.

ସଂ. ବିଣ. (ବୈଦିକ)—୧ । ସ୍ୱାଧୀନ—1. Free (M. W.)

(ବୈଦିକ)—୨ । ଅବଦ୍ଧ—2. Not tied (M. W.)

୩ । ଅସୀମ—3. Boundless (M. W.)

୪ । ଅଭଗ୍ନ—4. Unbroken (M. W.)

୫ । ପୂର୍ଣ୍ଣ—5. Entire; unimpaired (M. W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବୃତ୍ତ' ନ ପାଇଲେ 'ଅଲ୍‌ବୃତ୍ତ' ଦେଖିବେ ।

୬ । ସୁଖୀ—6. Happy (M. W.)

**ଅଦିତିଜ**—ସଂ. ବି. ପୁଂ ( ଅଦିତି + ଜନ ଧାତୁ + କର୍ତ୍ତୃ. ଅ )—ସୂର୍ଯ୍ୟ;
Aditija ଆଦିତ୍ୟ—The Sun God.
ଦେବ—A Divine Being.

**ଅଦିନ**—ସଂ. ବି. (ଅ + ଦିନ)—୧ । ମନ୍ଦ ବା ଅଶୁଭ ଦିବସ —
Adina 1. Bad or inauspicious day.
୨ । ଅକାଳ; ଅନୁପଯୁକ୍ତ ସମୟ—2. Improper time.
୩ । ଅଭାଗ୍ୟ ସମୟ—3. Time of bad luck.
୪ । ଅସମୟ; ଅଋତୁ—4. Unseasonable time.
୫ । ଋତୁବହିର୍ଭୂତ ସମୟ—5. Time beyond the proper season.
୬ । ଦୁଃସମୟ—6. Bad time.
ଦେ. ବିଣ—୧ । ଅଦିନ ବା ଅସମୟରେ ଘଟିବା—
2. Unseasonable.
(ଯଥା—ଅଦିନ ମେଘ)
୩ । ଋତୁବହିର୍ଭୂତ ଫଳିବା ବା ହେବା—3. Happening beyond the proper season.
(ଯଥା—ଅଦିନ ଆମ୍ବ । )

**ଅଦିନା**—ଦେ. ବିଣ—ଅଦ୍‌ନା (ଦେଖ)
Adinā Adnā ( See )

**ଅଦିନିଆଁ**—ଦେ. ବିଣ (ସଂ. ଅଦିନ)—୧ ଅଦିନରେ ଜାତ ବା ପ୍ରକାଶିତ—
Adiniān Unseasonable.
୨ । ଯେଉଁ ବ୍ୟକ୍ତି ବା ବନ୍ଧୁ ଅନେକ ଦିନ ଛଡ଼ା କେବେ କଦବା ଥରେ ଦେଖା ଦିଅନ୍ତି—2. ( a friend ) Whose visits are few and far between.

**ଅଦିନିଆଁ କଖାରୁ**—ଦେ. ବି ( ସଂ. ଅକାଳକୁଷ୍ମାଣ୍ଡ )—
Adiniān kakhāru ଅକାଳକୁଷ୍ମାଣ୍ଡ (ଦେଖ)
Akālakushmānda (See)

ଅତକାଲ ଇଂରେଜ ପାଠୁଆ ଶ୍ରେଣୀ ଅଙ୍କ ମଧ୍ୟରୁ ଗୋଟାଏ ଗୋଟାଏ ଅଦିନିଆ କଖାରୁ ବାହାର ପଡ଼ନ୍ତି । ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଅଦିମଗ**—ଦେ. ବି. (ନାମ) ( ସଂ. ଆଦି ଓ ମଗ )—ଚଟ୍ଟଗ୍ରାମ ପାହାଡ଼-
Adimaga ବାସୀ ଅସଭ୍ୟ ଜାତିବିଶେଷ—A wild tribe
अदिमग of the Chittagong hill-tracts.
आदिमग

[ଦ୍ର—ଏମାନେ ପୂର୍ବେ ଡକାଇତି କରୁଥିଲେ; ଏବେ ଇଂରାଜ ସରକାରଙ୍କ ଚେଷ୍ଟାରେ କୃଷି କରି ଜୀବିକା ନିର୍ବାହ କରୁଅଛନ୍ତି । ଏମାନେ କୌଣସି ଜାତି ଖାଆନ୍ତି ନାହିଁ । ]

**ଅଦିବ୍ୟ**—ସଂ. ବିଣ (ଅ + ଦିବ୍ୟ)—ଯାହା ସ୍ୱର୍ଗୀୟ ନୁହେ—
Adibya Not Divine.
ଦେ. ବିଣ—(ଯାହା ଦେବଭାଷା ବା ସଂସ୍କୃତ ନୁହେ)—ପ୍ରାକୃତ—
୧ । ଲୋକ କଥିତ (ଭାଷା)—1. Vernacular (tongue).

କିଅ ଅକ୍ଷରେ ହୋଇଛୁ ନିପୁଣ, କିଆ ନୋହେ ଅନ୍ୟ ଅଦିବ୍ୟ ସମ ।
ଯାନକୃଷ୍ଣ, ରସକଲ୍ଲୋଳ

୨ । ଲୌକିକ—2 Popular.
୩ । ସ୍ଥୂଳ (ଶରୀର, ବସ୍ତୁ)—3. Material.

**ଅଦୀନ**—ସଂ. ବିଣ (ଅ + ଦୀନ)—୧ । ଯେ ଗରିବ ନୁହେ; ଧନୀ—
Adina 1. Not poor; rich.
(ଅଦୀନା—ସ୍ତ୍ରୀ) ୨ । ଅକାତର; ସୁପ୍ରସନ୍ନଚିତ୍ତ; ଯାହା ମନ ସର୍ବଦା
(ଅଦୀନତା—ବି) ପ୍ରସନ୍ନ ଥାଏ—2. High spirited; not depressed in spirits.
୩ । ସୁଖୀ—3. Happy.
ଦୀନତାରହିତ; ଅବିନୀତ; ଉଗ୍ର—4. Immodest.

**ଅଦୁ**—ଦେ. ବି—ହସ୍ତୀପଦବନ୍ଧନରଜ୍ଜୁ ବା ଶିକୁଳି—A chain or
Adu rope for tying the feet of an elephant.

**ଅଦୁଆର**—ଦେ. ବି (ସଂ. ଅ + ଦ୍ୱାର)—ସାଧାରଣତଃ ଘରକୁ ବା ଗଞ୍ଜାକୁ
Aduāra ଯେଉଁ ବାଟ ଦେଇ ଲୋକେ ଯାଆନ୍ତି ସେ ଦ୍ୱାର ଛଡ଼ା ଅନ୍ୟ ଦ୍ୱାର (ଯଥା—ଖିଡ଼କି ଦୁଆର; ବାଡ଼ ଦୁଆର; ପାଇଖାନା ଦୁଆର)—A wrong door to enter a house; a door other than the one ordinarily used.

ଧର୍ମକୁ ଅଦୁଆରେ ଯାଇ ଦେଖା ଦେବ । କୃଷ୍ଣସିଂହ, ମହାଭାରତ, ସଭା ।

**ଅଦୁଃଖ ନବମୀ**—ସଂ. ବି—ଭାଦ୍ର ଶୁକ୍ଳ ନବମୀ—( ଯଥା—ଆଗାମୀ ବର୍ଷ
Aduhkha nabami ଦୁଃଖ ପାଇବେ ନାହିଁ ବୋଲି ସ୍ତ୍ରୀମାନେ ଏ ଦିନ ବ୍ରତ ପାଳନ୍ତି । )—The 9th day of the bright fortnight of the lunar month of Bhādra.

**ଅଦୁମ୍ବର**—ଗ୍ରା. ବି—(ସଂ. ଉଦୁମ୍ବର)—ଉଦୁମ୍ବର (ଦେଖ)
Adumbar Udumbara (See)

**ଅଦୁଷ୍ଟ**—ସଂ. ବିଣ—( ଅ + ଦୁଷ୍ଟ )—୧ । ଦୂଷଣରହିତ; ନିର୍ଦ୍ଦୋଷ—
Adushta 1. Free from blemish.
୨ । ଶୁଦ୍ଧ—2. Pure.
୩ । ଠିକ୍—3. Correct. (ହିନ୍ଦି ଶବ୍ଦସାଗର)
୪ । ବାସ୍ତବିକ; ଯଥାର୍ଥ—4. Real; actual.
( ହିନ୍ଦି ଶବ୍ଦସାଗର) ।
୫ । ସଜ୍ଜନ; ଯେ ଦୁଷ୍ଟ ନୁହେ (ବ୍ୟକ୍ତି)—
5. Good (person).

ସ୍ୱାମୀମାନେ ଯେ ଦୁଷ୍ଟଜନଙ୍କ ନାଶକୁ; କ୍ରୋଧ କରି ରଖନ୍ତି ଅଦୁଷ୍ଟ ଜନକୁ ।
କୃଷ୍ଣସିଂହ, ମହାଭାରତ, ଆଦି ।

**ଅଦୂର**—ସଂ. ବିଣ—( ଅ + ଦୂର )—ନିକଟବର୍ତ୍ତୀ ( ସ୍ଥାନ ବା ସମୟ );
Adūra ନିକଟ—Not distant; near ( in time and space).
ସଂ. ବି.—ନୈକଟ୍ୟ; ପାଖ—Vicinity (M. W.)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ଇଯ୍ନ | ଉଅ | ଙ୍କ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁ୍ୟ | ଇଅ | ଓ | ନ୍ତ |

**ଅଦୂରଦର୍ଶୀ**—ସଂ. ବିଣ ( ଅ + ଦୂରଦର୍ଶିନ୍; ୧ମା. ୧ବ. )—
Adūradarśī ୧ । ଯେ ଦୂରଦର୍ଶୀ ନୁହେ—
( ଅଦୂରଦର୍ଶିନୀ—ସ୍ତ୍ରୀ ) 1. Not far-seeing.
( ଅଦୂରଦର୍ଶିତା—ବି ) ୨ । ଯେଉଁ ବ୍ୟକ୍ତି ଆଗପଛ ନ ବିଚାରି କାମ କରେ—2. Improvident; imprudent.

**ଅଦୂର ଭବିଷ୍ୟତ**—ସଂ. ବି. ( କର୍ମଧା. ଅଦୂର + ଭବିଷ୍ୟତ )—ନିକଟ
Adūra bhabishyata ଭବିଷ୍ୟତ; ଅଳ୍ପ ଦିନ ପରେ ଯେଉଁ ସମୟ ଆସିବ—Near future.

**ଅଦୂଷଣ**—ସଂ. ବିଣ. ( ବହୁବ୍ରୀହି; ଅ + ଦୂଷଣ )—
Adūshaṇa ୧ । ନିର୍ଦ୍ଦୋଷ; ଦୋଷରହିତ—
1. Faultless; flawless.
୨ । ଯାହାର କୌଣସି ଅଭାବ ନାହିଁ—
2. Defectless.
୩ । ଶୁଦ୍ଧ—3. Pure. ( ହିନ୍ଦି. ଶବ୍ଦସାଗର )

**ଅଦୂଷିତ**—ସଂ. ବିଣ. ( ଅ + ଦୂଷିତ )—୧ । ଯାହା ଦୂଷିତ ବା ଦୋଷ-
Adūshita ଯୁକ୍ତ କରାଯାଇ ନାହିଁ—
( ଅଦୂଷିତା—ସ୍ତ୍ରୀ ) 1. Not vitiated; uncorrupted.
୨ । ଅନିନ୍ଦ୍ୟ—2 Irreproachable.
୩ । ନିର୍ଦ୍ଦୋଷ—3. Faultless.

**ଅଦୃକ୍**—ସଂ. ବିଣ. ( ଅ + ଦୃଶ ଧାତୁ + କର୍ତ୍ତୃ. କ୍ୱିପ୍ )—
Adṛuk ଦୃଷ୍ଟିହୀନ; ଅନ୍ଧ — Sightless; blind

**ଅଦୃଶ୍**—ସଂ. ବିଣ. ( ଅ + ଦୃଶ ଧାତୁ + କର୍ତ୍ତୃ. କ୍ୱିପ୍ )—
Adṛuś ଦୃଷ୍ଟିହୀନ; ଅନ୍ଧ—Sightless; blind.

**ଅଦୃଶ୍ୟ**—ସଂ. ବିଣ. ( ନଞ ତତ୍; ଅ + ଦୃଶ୍ୟ )—
Adṛuśya ୧ । ଯାହା ଦେଖା ଯାଏ ନାହିଁ—
( ଅଦୃଶ୍ୟତା—ବି ) 1. Invisible.
୨ । ଯାହା ଦେଖିବା ଅଯୋଗ୍ୟ—
2. Not fit to be seen.
୩ । ଅପ୍ରକାଶିତ—3. Latent.
ଦେ. ବିଣ. (ସଂ. ଅଦୃଶ୍)—ଦୃଷ୍ଟିଶକ୍ତିହୀନ; ଅନ୍ଧ—Blind.
ଦେ. ବି—୧ । ( ବ୍ୟକ୍ତିର ) ଦୃଷ୍ଟିଶକ୍ତିହୀନତା; ଅନ୍ଧତା—
1 Blindness.
୨ । (ସଂ. ଅଦୃଶ୍ୟତା )—ଦେଖା ନ ଯିବା ଅବସ୍ଥା—
2. Invisibility; state of being invisible.

**ଅଦୃଶ୍ୟକରଣ**—ସଂ. ବି. ( ଅଦୃଶ୍ୟ + କରଣ )—୧ । ଭେଳକିବାଜିଦ୍ୱାରା
Adṛuśyakaraṇa କୌଣସି ବ୍ୟକ୍ତିକୁ ଅନ୍ୟମାନେ ଦେଖି ନ ପାରିବା ପରି କରିବା—1. Act of rendering a person in visible by magic.
୨ । ଯାଦୁବିଦ୍ୟାର ଗ୍ରନ୍ଥବିଶେଷ—
2. Name of a treatise on magic.

**ଅଦୃଶ୍ୟରୂପ**—ସଂ. ବି. ( କର୍ମଧା; ଅଦୃଶ୍ୟ + ରୂପ )—୧ । ଯେଉଁ
Adṛuśyarūpa ରୂପ ବା ଆକାର ଆଖିଦ୍ୱାରା ଦେଖାଯାଏ ନାହିଁ—
1. Invisible shape.
୨ । ( ବହୁବ୍ରୀହି )—ପରମେଶ୍ୱର—2. God.
(ଅଦୃଶ୍ୟରୂପା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଯାହାର ରୂପ
(ଅଦୃଶ୍ୟରୂପତା—ବି) କେହି ଦେଖି ନ ପାରେ—Of invisible form.

**ଅଦୃଷ୍ଟ**—ସଂ. ବିଣ. (ଅ + ଦୃଷ୍ଟ)—୧ । ଯାହା ଅବଶ୍ୟ ଦେଖାଯାଇ ନାହିଁ—
Adṛushṭa 1. Unseen.
୨ । ଅଜ୍ଞାତ—2. Unknown.
୩ । ଅପରୀକ୍ଷିତ—3 Unobserved.
୪ । ଅନନୁଭୂତ—4. Not experienced.
୫ । ଇନ୍ଦ୍ରିୟମାନଙ୍କ ଅଗୋଚର—5. Unperceived by the senses; imperceptible.
୬ । ଅଦୃଶ୍ୟ—6. Invisible.
୭ । ଯାହା ଘଟିବ ବୋଲି ଆଗରୁ ଠିକ କରାଯାଇ ପାରି ନ ଥାଏ—7 Unforeseen.
୮ । ମଞ୍ଜୁର କରାଯାଇ ନ ଥିବା—
8. Unsanctioned ( M. W. ).
୯ । ବେଆଇନ; ଅନ୍ୟାୟ—9. Illegal ( Apte ).
ସଂ. ବି—୧ । ବିଷଧର କୀଟାଣୁବିଶେଷ—
1. Name of a venemous invisible creature or animalcule; microbe.
୨ । ( ଏହା ପୂର୍ବରୁ ମନୁଷ୍ୟଙ୍କୁ ଜଣା ନ ପଡ଼ିବାରୁ )—
( ଶୁଭାଶୁଭ ) ଭାଗ୍ୟ; କପାଳ; ଦୈବ—
2. Destiny; luck; fortune.
୩ । ଏକଜନ୍ମକୃତ କର୍ମର ଫଳ, ଯାହା ପ୍ରାଣୀ ପରବର୍ତ୍ତୀ ଜନ୍ମରେ ଭୋଗ କରେ—3. The result of conduct in one life as experienced in a following existence.
[ ଦ୍ର—ହିନ୍ଦୁଶାସ୍ତ୍ର ମତରେ ଏକ ଜନ୍ମରେ ଜୀବ ଯେଉଁ ଯେଉଁ କର୍ମ କରିଥାଏ ତହିଁର ଫଳ ଯେବେ ସେହି ଜନ୍ମରେ ଭୋଗ କରି ନ ଥାଏ ତେବେ ତାହା ପରବର୍ତ୍ତୀ ଜନ୍ମରେ ଭୋଗ କରେ । ଏହାକୁ କର୍ମଫଳ ବା ଭାଗ୍ୟ କହନ୍ତି । କିନ୍ତୁ କର୍ମଫଳ ଭୋଗ କରୁଥିବା ବ୍ୟକ୍ତି ପୂର୍ବଜନ୍ମରେ କଅଣ କରିଥିଲା ତାହା ଠିକ ନ ପାରିବାରୁ ତାହା 'ଅଦୃଷ୍ଟ' ଅଟେ । ବେଦାନ୍ତବାଦୀମାନେ ଅଦୃଷ୍ଟକୁ ମାନନ୍ତିନାହିଁ । ]
୪ । ପୂର୍ବରୁ କଳ୍ପନା କରାଯାଇ ନ ଥିବା ବିପଦ—
4. Unforeseen calamity or danger.
( ଯଥା—ଘରପୋଡ଼ି; ଓଲାଉଠା; ମହାମାରୀ)—(M. W. ).

**ଅଦୃଷ୍ଟକର୍ମା**—ସଂ. ବିଣ. ( ବହୁବ୍ରୀହି; ଅଦୃଷ୍ଟ + କର୍ମନ୍; ୧ମା. ୧ବ. )—
Adṛushṭakarmā ୧ । ଅନନୁଭବୀ; ଅପ୍ରବୀଣ—
1. Inexperienced.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ;— 'ଗାଉ' ନ ମିଳଲେ 'ଗାଈ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗା' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୨ । ଯେଉଁ ବ୍ୟକ୍ତି କର୍ମକ୍ଷେତ୍ରରେ ଅଭିଜ୍ଞତା ଲାଭ କରି ନାହିଁ— 2. Having no practical experience.

**ଅଦୃଷ୍ଟକାମ**—ସଂ. ବି. ( ୪ର୍ଥୀ ତତ୍; ଅଦୃଷ୍ଟପାଇଁ କାମ )— Adrushṭakāma କେବେ ଦେଖି ନ ଥିବା ବସ୍ତୁ ବା ବ୍ୟକ୍ତିପାଇଁ କାମନା—Passionate attachment to an object that has never been seen (M. W.).

**ଅଦୃଷ୍ଟଚର**—ସଂ. ବିଣ. ( ଅ+ଦୃଷ୍ଟ+ଚର ଧାତୁ+ଅ )— Adrushṭachara ଅଦୃଷ୍ଟପୂର୍ବ ( ଦେଖ ) Adrushṭapūrba ( See )

**ଅଦୃଷ୍ଟନର**—ସଂ. ବି. ( ବହୁବ୍ରୀହି; ଅଦୃଷ୍ଟ+ନର )— Adrushṭanara ଅଦୃଷ୍ଟପୁରୁଷ ( ଦେଖ ) Adrushṭapurusha ( See )

**ଅଦୃଷ୍ଟପୁରୁଷ**—ସଂ. ବି. ( ବହୁବ୍ରୀହି; ଅ+ଦୃଷ୍ଟ+ପୁରୁଷ )— Adrushṭapurusha ନୀତିଶାସ୍ତ୍ର ବର୍ଣ୍ଣିତ ଷୋଡ଼ଶ ପ୍ରକାରର ସନ୍ଧିସ୍ଥାପନ ମଧ୍ୟରୁ ଏକତମ, ଯେଉଁ ସନ୍ଧିସ୍ଥାପନ କର୍ମରେ କେହି ମଧ୍ୟସ୍ଥ ନ ଥାଏ—A treaty concluded between two parties ;without the intervention of a mediator.

**ଅଦୃଷ୍ଟପୂର୍ବ**—ସଂ. ବିଣ. ( ଅ+ଦୃଷ୍ଟପୂର୍ବ )— Adrushṭapūrba ୧ । ଯାହା ପୂର୍ବେ କେବେ ଦେଖାଯାଇ ନାହିଁ— 1. Not seen before; unprecedented. ୨ । ଆଶ୍ଚର୍ଯ୍ୟଜନକ —2. Wonderful.

**ଅଦୃଷ୍ଟଫଳ**—ସଂ. ବି. ( କର୍ମଧା; ଅଦୃଷ୍ଟ+ଫଳ )— Adrushṭaphala ୧ । ଭବିଷ୍ୟତ ଗର୍ଭରେ ନିହିତ ଘଟଣାସମୂ- 1. Events or consequences hidden in the womb of the future.

୨ । ( ୬ଷ୍ଠୀ ତତ୍ ) କର୍ମଫଳ; ପୂର୍ବଜନ୍ମକୃତ କର୍ମର ଇହଜନ୍ମରେ ଭୁକ୍ତଫଳ—2. The results of a person's actions during his previous existence.

୩ । ( ୬ଷ୍ଠୀ ତତ୍ ) ଅପଣା ଭାଗ୍ୟରେ ଘଟିବା ବିଷୟ— 3. The happenings due to one's luck.

ସଂ. ବିଣ. ( ବହୁବ୍ରୀହି )—୧ । ଯେଉଁ କର୍ମର ଫଳ ଅଦ୍ୟାପି ଦେଖାଯାଇ ନାହିଁ—1. ( act ) Of which the consequences are not yet visible.

୨ । ଯେଉଁ ବୃକ୍ଷର ଫଳ ଦେଖାଯାଏ ନାହିଁ; ଅଶ୍ରିସ୍ ଗଛ— 2. Non-fruit-bearing ( trees ).

୩ । ଯେଉଁ ବୃକ୍ଷ ଅଦ୍ୟାପେ ଫଳ ନାହିଁ— 3. ( tree ) Not yet bearing fruit.

**ଅଦୃଷ୍ଟବନ୍ତ**—ଦେ. ବିଣ. ପୁଂ. ( ସଂ. ଅଦୃଷ୍ଟବାନ୍ )— Adrushṭabanta ଅଦୃଷ୍ଟବାନ୍ ( ଦେଖ ) (ଅଦୃଷ୍ଟବନ୍ତୀ—ସ୍ତ୍ରୀ) Adrushṭabān ( See )

**ଅଦୃଷ୍ଟବାଦ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଦୃଷ୍ଟ ସମ୍ବନ୍ଧୀୟ ବାଦ)— Adrushṭabāda ମନୁଷ୍ୟ ଅପଣାର ଅଦୃଷ୍ଟକୁ କଷ୍ଟେ ଭୋଗ କରିବ, ତାହା କଦାପି ଏଡ଼ି ପାରିବନାହିଁ, ଏହି ମତବାଦ— Fatalism; the theory of fate.

**ଅଦୃଷ୍ଟବାଦୀ**—ସଂ. ବିଣ. ପୁଂ—ଯେଉଁ ବ୍ୟକ୍ତି ଅଦୃଷ୍ଟବାଦକୁ ମାନେ— Adrushṭabādi Believing in fatalism; (ଅଦୃଷ୍ଟବାଦିନୀ—ସ୍ତ୍ରୀ) a fatalist.

**ଅଦୃଷ୍ଟବାନ୍**—ସଂ.ବିଣ.ପୁଂ. (ଅଦୃଷ୍ଟ+ଅସ୍ତି ଅର୍ଥରେ. ବତ୍. ୧ମା.୧ବ.)— Adrushṭabān ୧ । ଭାଗ୍ୟବାନ୍; କପାଳଆ— (ଅଦୃଷ୍ଟବତୀ—ସ୍ତ୍ରୀ) 1. Fortunate; lucky. ୨ । ଭାଗ୍ୟରୁଜାତ—2. Arising from destiny ( M. W. ).

**ଅଦୃଷ୍ଟ ଭୁଞ୍ଜିବା**—ଦେ. କ୍ରି. ( ଅଦୃଷ୍ଟ+ଭୁଞ୍ଜ ଧାତୁ )— Adrushṭa bhuñjibā ଅପଣାର କର୍ମଫଳ ବା ଭାଗ୍ୟକୁ ଭୋଗ କରିବା—To enjoy the fruits of one's destiny.

অদৃষ্ট ভোগকর

अदृष्ट भोगकरना

ଅମ୍ଭେ ବୁଡ଼େଁ ଥିବା ଯାକ ସେ କାଇଁ ଥାନ୍ତୁ
ଆମର ଭାଗ୍ୟୁ ସେ ଅଦୃଷ୍ଟ ଭୁଞ୍ଜନ୍ତୁ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅଦୃଷ୍ଟରଜା**—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଅଦୃଷ୍ଟ+ରଜସ୍.୧ମା.୧ବ)— Adrushṭarajā ଅରଜସ୍କା; ଯେଉଁ ବାଳିକା ବା ସ୍ତ୍ରୀ ଋତୁମତୀ ହୋଇ ନାହିଁ—(girl) Not yet menstruated.

ସଂ. ବି. ସ୍ତ୍ରୀ—ଋତୁମତୀ ହୋଇ ନ ଥିବା ବାଳିକା— A girl before her puberty.

**ଅଦୃଷ୍ଟାକ୍ଷର**—ସଂ. ବି. ( କର୍ମଧା; ଅଦୃଷ୍ଟ+ଅକ୍ଷର )—ଏପରି କାଳି Adrushṭākshara ( ଯଥା—ପିଆଜରସ, ଲେମ୍ବୁରସ )ରେ ଲେଖା ଅକ୍ଷର, ଯାହା ଶୁଖି ଗଲେ ଦେଖା ପଡ଼େ ନାହିଁ, କିନ୍ତୁ ନିଆଁ ଉପରେ ସେକିଲେ ପଢ଼ାଯାଏ— Invisible writing which can be deciphered when placed on fire.

**ଅଦୃଷ୍ଟାର୍ଥ**—ସଂ. ବିଣ. ( ବହୁବ୍ରୀହି; ଅଦୃଷ୍ଟ+ଅର୍ଥ )— Adrushṭārtha ୧ । ଇନ୍ଦ୍ରିୟମାନଙ୍କର ଅଗୋଚର ବିଷୟ ଯୁକ୍ତ— 1. Transcandental; having an object not perceptible to the senses.

୨ । ଆଧ୍ୟାତ୍ମିକ ଅର୍ଥଯୁକ୍ତ—2. Having an occult or metaphysical meaning.

୩ । (ନ୍ୟାୟ ଦର୍ଶନ) ଏପରି ଶବ୍ଦ ଯହିଁର ଅର୍ଥ ଏ ସଂସାରରେ ଦେଖାଯାଏ ନାହିଁ (ଯଥା—ସ୍ୱର୍ଗ,ପରମାତ୍ମା,ମୋକ୍ଷ,ଈଶ୍ୱର) । 3. Words whose meaning cannot be realised in the world.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ଢ଼ |

**ଅଦୃଷ୍ଟାଶ୍ରୁତପୂର୍ବ**—ସଂ. ବିଣ. ( ବହୁବ୍ରୀହି; ଅଦୃଷ୍ଟ+ଅଶ୍ରୁତ+ପୂର୍ବ )—
Adrushtasrutapūrba ଯାହା ପୂର୍ବେ କେବେ ଦେଖା ଯାଇ
(ଅଦୃଷ୍ଟାଶ୍ରୁତପୂର୍ବତ୍ୱ—ବି) ନ ଥିଲା ବା ଶୁଣା ଯାଇ ନ ଥିଲା—
Not having been seen or heard before ( M. W. )

**ଅଦୃଷ୍ଟି**—ସଂ. ବି. ( ନଞ୍ ତତ୍; ଅ+ଦୃଷ୍ଟି )—
Adrushti ୧ । ଅନ୍ୟ ଦ୍ୱାରା ଦେଖା ନ ଯିବା ଅବସ୍ଥା—
1. Invisibility.
୨ । ମନ୍ଦ ବା ଅମଙ୍ଗଳକର ଦୃଷ୍ଟି—2. An evil eye.
୩ । କ୍ରୋଧ ପୂର୍ଣ୍ଣ ଦୃଷ୍ଟି—3. An angry look.
୪ । ଈର୍ଷାଯୁକ୍ତ ଦୃଷ୍ଟି—4. A malicious glance.
୫ । ଅସନ୍ତୁଷ୍ଟ ଦୃଷ୍ଟି; ବିରକ୍ତି ସୂଚକ ଦୃଷ୍ଟି—
5. A displeased look; a look of displeasure.
୬ । କ୍ରୂର ଦୃଷ୍ଟି—6. A cruel look.
୭ । ଲୋଲୁପ ଦୃଷ୍ଟି—7 A covetuous look.
୮ । ( ନ୍ୟାୟ ଦର୍ଶନ ) ଶିଷ୍ୟମାନଙ୍କର ଉକ୍ତ ଶ୍ରେଣୀରୁ ଏକ ଶ୍ରେଣୀ; ମଧ୍ୟମାଧିକାରୀ ଶିଷ୍ୟ—
8. A class of disciples. ( ହିନ୍ଦି. ଶବ୍ଦସାଗର )
ସଂ. ବିଣ. ( ବହୁବ୍ରୀହି )—ଦୃଷ୍ଟିଶକ୍ତିହୀନ; ଅନ୍ଧ—
Blind; sightless.
ଦେ. ବିଣ—୧ । ଅଦୃଷ୍ଟିଆ ( ଦେଖ )
1. Adrushtia ( See )
୨ । ( ସଂ. ଅଦୃଷ୍ଟ )—ଅଦୃଷ୍ଟ—2. Unseen.
ଯେଉଁ ଏ କଥା, ମାନବ ଅଦୃଷ୍ଟି ଅଶ୍ରୁତ । ଉକ୍ତ. ପ୍ରେମସୁଧାନିଧି ୪୭ ।

**ଅଦୃଷ୍ଟିଆ**—ଦେ. ବି. (ସଂ. ଅ+ଦୃଷ୍ଟି) ଯେଉଁ ଶିଶୁ ବା ଖାଦ୍ୟାଦି ଉପରେ
Adrushtia ଡାହାଣୀମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିନାହିଁ—
( food or child ) On which the evil eye of the witch has not yet been cast.

**ଅଦେଇ**—ଦେ. ବିଣ. ସ୍ତ୍ରୀ ( ସଂ. ଅଦାତ୍ରୀ )—ଅଦାଅର ସ୍ତ୍ରୀଲିଙ୍ଗ;
Adei କୃପଣୀ ( ସ୍ତ୍ରୀ )—Miserly ( woman ).
ଅଦେଇ ଘରେ ଖୁଦୁରୁକୁଣୀ ଓଷା—ଢଗ ।
ଦେ. ବି. ପୁଂ—ଅଦ୍ୱୈତ ନାମକ ବ୍ୟକ୍ତିର ଡାକ ନାମ—
Name for calling Adwaita.

**ଅଦେଖା**—ଦେ. ବିଣ. ( ସଂ. ଅଦୃଷ୍ଟ )—
Adekhā ୧ । ଅଦୃଷ୍ଟ; ଦେଖା ଯାଇ ନଥିବା—1. Unseen.
ଅଦେଖା ୨ । ଅନନୁଭୂତ—2. Unexperience.
ଅଦେଖ ୩ । ଗୁପ୍ତ—3. Secret.

**ଅଦେୟ**—ସଂ. ବିଣ. (ଅ+ଦେୟ)—୧ । ଯାହା ଦିଆଯାଇ ନ ପାରେ—
Adeya 1. Which cannot be given away.
୨ । ଯାହା ଦେବାର ଅନୁପଯୁକ୍ତ—
2. Unfit to be given away.
୩ । ଯାହା ଦେବା ଅନୁଚିତ—
3. Not proper to be given away.
୪ । ଯାହା ଦେବା ଆଇନ୍ ଅନୁସାରେ ନିଷିଦ୍ଧ—
4. That which it is illegal to give away.
( ଯଥା—ଆପଣାର ସ୍ତ୍ରୀ )
ସଂ. ବି—(ସ୍ମୃତି) ଆଇନ୍ ଅନୁସାରେ ଅଦେୟ ବସ୍ତୁ—A class of things which it is illegal to give away.
[ ଯଥା—ସ୍ତ୍ରୀ; ପୁତ୍ର, ଅନ୍ୟଦ୍ୱାରା ଗଚ୍ଛିତ ଧନ, ଅନ୍ୟକୁ ଦେବା ପାଇଁ ପ୍ରତିଶ୍ରୁତ ହୋଇଥିବା ପଦାର୍ଥ, ସାଧାରଣ ବ୍ୟବହାର୍ଯ୍ୟ ସମ୍ପତ୍ତି, ଜାମିନ୍ ବା ଉପାକନ୍ତ୍ ରଖାଯାଇଥିବା ବସ୍ତୁ ବା ଧନ । ]

**ଅଦେଶ**—ସଂ. ବି. ( ଅ+ଦେଶ )—୧ । ଅନୁପଯୁକ୍ତ ସ୍ଥାନ ବା ଅଞ୍ଚଳ—
Adesa 1. Wrong, improper or unfit place.
୨ । ମନ୍ଦସ୍ଥାନ—2. Bad place.
୩ । ଅଶୁଦ୍ଧ ଦେଶ—3. Unhallowed country.
[ ଦ୍ର—ମ୍ଲେଚ୍ଛ, ଆନର୍ତ୍ତିକ, ଅଙ୍ଗ, ମଗଧ, ସୁରାଷ୍ଟ୍ର, ଦକ୍ଷିଣାପଥ, ବଙ୍ଗ ଓ କଳିଙ୍ଗ ଦେଶମାନଙ୍କୁ କେତେକ ସ୍ମୃତିରେ 'ଅଦେଶ'ରୂପେ ଗଣ୍ୟ କରାଯାଇଅଛି । ]
୪ । ଆପଣାର ଦେଶ ଛଡ଼ା ଅନ୍ୟ ଦେଶ; ବିଦେଶ—
4. A country other than one's own; a foreign county.

**ଅଦେଶକାଳ**—ସଂ. ବି. ( ଅ+ଦେଶକାଳ )—ଅନୁପଯୁକ୍ତ ଦେଶ ଓ
Adesakāla ଅନୁପଯୁକ୍ତ ସମୟ—A wrong place and time.

**ଅଦେଶ୍ୟ**—ସଂ. ବିଣ. ( ଅ+ଦିଶ ଧାତୁ+କର୍ମ. ଯ )—
Adesya ୧ । ଯାହା ଆଦେଶ ଦେବା ଅନୁଚିତ—
1. Not fit to be ordered.
୨ । ଯାହା ଉପଦେଶ ଦେବା ଅନୁଚିତ—
2. Not proper to be advised.
୩ । ( ଅ+ଦେଶ୍ୟ ) ଯାହା ସରଜମିନ୍ ବା ନିର୍ଦ୍ଦିଷ୍ଟ ସ୍ଥାନର ନୁହେ—3. Not pertaining to the spot.
୪ । ଯାହା ସ୍ଥାନୀୟ ନୁହେ—4. Not local.
୫ । ଯାହା ଦେଶୀ ନୁହେ; ବିଦେଶୀ—
5. Foreign; not belonging to this country.
୬ । ଘଟନା ସମୟରେ ଅନୁପସ୍ଥିତ—
6. Not present on the occasion referred to ( M. W. )

**ଅଦୈବ**—ସଂ. ବିଣ. ( ନଞ୍ ତତ୍; ଅ+ଦୈବ )—
Adaiba ୧ । ଯହିଁରେ ଦେବମାନଙ୍କର ସମ୍ପର୍କ ନାହିଁ—
1. Not connected with the gods.
୨ । ଯାହା ଦେବତା ବା ଭାଗ୍ୟଦ୍ୱାରା ପୂର୍ବରୁ ଅଦୃଷ୍ଟ ବା ନିର୍ଦ୍ଦିଷ୍ଟ ହୋଇ ନାହିଁ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣବ' ନ ପାଇଲେ 'ଅର୍ଣ୍ଣବ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

2. Not predistined or preordained by the gods or fate.

୩ । ଯାହା ଐଶ୍ୱରିକ ନୁହେ—3. Not divine.

୪ । ( ବହୁବ୍ରୀହି ) ଦୁର୍ଭାଗ୍ୟ; ଅଭାଗା—
4. Ill-fated; unfortunate.

**ଅଦୋଷ**—ସଂ. ବି. ( ନଞ୍ ତତ୍; ଅ + ଦୋଷ )—
Adosha ୧ । ଦୋଷଶୂନ୍ୟତା—1. Faultlessness.

୨ । ନିଷ୍ପାପତା—2. Sinlessness.

୩ । ନିରପରାଧତା—3. Innocence.

୪ । ଯାହା ଦୋଷ ନୁହେ—4. That which is not a fault or defect.

୫ । ଦୋଷ କରି ନ ଥିବା ଅବସ୍ଥା—5. State of not having committed any fault.

୬ । ବ୍ୟାକରଣବିରୋଧ, ଅଶ୍ଳୀଳତା, ଗ୍ରାମ୍ୟତା ଆଦି ଦୋଷରହିତ ରଚନା—6. Composition which is free from blemishes.

( ଅଦୋଷା—ସ୍ତ୍ରୀ ) ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ଦୋଷ )—
( ଅଦୋଷତା—ବି ) ୧ । ନିରପରାଧ—
1. Innocent; guiltless.

୨ । ନିର୍ଦ୍ଦୋଷ; ଦୋଷଶୂନ୍ୟ—
2. Faultless; free from blemish.

୩ । ନିଷ୍ପାପ—3. Sinless.

୪ । ବ୍ୟାକରଣବିରୋଧ; ଅଶ୍ଳୀଳତା, ଗ୍ରାମ୍ୟତା ଆଦି ଦୋଷରହିତ ( ରଚନା )—
4. ( composition) Free from literary blemishes.

**ଅଦୋଷତା**—ସଂ. ବି. ( ଅଦୋଷ + ତା )—୧ । ଅଦୋଷର ଭାବ—
Adoshatā 1. State of being free from blemish or defect.

୨ । ( ଅଳଙ୍କାରଶାସ୍ତ୍ର )—ଅଳଙ୍କାରଦୃଷ୍ଟିରେ ଲକ୍ଷିତ କୌଣସି କୌଣସି ଦୋଷ ସ୍ଥଳ ବିଶେଷରେ ଦୋଷରୂପେ ଗଣ୍ୟ ନ ହୋଇ ରଚନାର ଗୁଣରୂପେ ଗଣ୍ୟ ହେବା-ଅବସ୍ଥା—1. The state of a literary blemish or defect being considered as an excellence in some cases.

[ ଦ୍ର—ଅପ୍ରତୀତତ୍ୱର ଗୁଣତ୍ୱ—ଅର୍ଥାତ୍ ଯେଉଁଠାରେ ବକ୍ତା ଓ ଶ୍ରୋତା ଉଭୟେ ଶବ୍ଦାର୍ଥବିଶାରଦ ସେଠାରେ ଅପ୍ରତୀତତାଗୁଣ ବୋଲି ବିବେଚିତ ହୁଏ; ଯଥା—

ନାମ ମାତ୍ର ଶାହିବାକୁ ଅଛି ବଶିବଶ
ଦେଖ ଅଗିକ୍ଷି ଏବେ ଧ୍ରୁବ ମେରୁ ଦୂର
ମେରୁନରେ ସପ୍ତର୍ଷିର ସ୍ୱର୍ଣ୍ଣ ବେଦଳା । ଜଗନ୍ନାଥ- ମହାଯାତ୍ରା ।

ଏହିପରି ଗ୍ରାମ୍ୟତା ଦୋଷ; ପୁନରୁକ୍ତି ପ୍ରଭୃତି ଦୋଷ ସ୍ଥଳବିଶେଷରେ ରଚନାର ଗୁଣ ବୋଲି ପରିଗଣିତ ହୁଏ—
ଭୂଲମଣି—ଅଳଙ୍କାର ତରଙ୍ଗିଣୀ ।]

**ଅଦୋଷରେ**—ଦେ. କ୍ରି. ବିଣ—ବିନା ଅପରାଧରେ—
Adoshare Without any fault; in the
অদোষে absence of any fault.
अदोषमे ( ଯଥା; ଅଦୋଷରେ ଦଣ୍ଡିବା ରାଜାଙ୍କର ଗୁଣ ନୁହେ । )

**ଅଦୋଷୀ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅଦୋଷ )—
Adoshī ନିର୍ଦ୍ଦୋଷ; ନିରପରାଧ—Innocent; guiltless.
নির্দোষ ଅଦୋଷୀ ଜୀବ ସଙ୍ଗେ ମାରି, ସେ ପାପର ନୁହଇ ବରଗି ।
अदोस; अनदोस ଜଗନ୍ନାଥ- ଭାଗବତ- ୪ ।

**ଅଦୋହ**—ସଂ. ବି. ( ଅ + ଦୁହ ଧାତୁ + ଭାବ. ଅ )—
Adoha ୨ । ଯେଉଁସମୟରେ ଗୋରୁଠାରୁ ଦୁଧ ଦୋହିଁବା ଅସମ୍ଭବ—
1. A time when milking is impracticable.

୨ । ଯେଉଁ ସମୟରେ ଗୋରୁ ଦୋହିଁବା ନିଷିଦ୍ଧ—
( ଯଥା—ଏକାଦଶୀ )
2. A time when milking is prohibited.

୩ । ( ଅ + ଦୋହ ) ଦୁଧ ଦୁହିଁ। ନ ହେବା—
3. Not milking.

**ଅଦୌତ (ଇତ୍ୟାଦି)**—ବୈଦେ. ବି. ଓ ବିଣ—ଅଦଉତ୍ ଇତ୍ୟାଦି(ଦେଖ)
Adauta (etc) Adaut etc. (See )

**ଅଦୌତି (ଇତ୍ୟାଦି)**--ବୈଦେ. ବି. ଓ ବିଣ—ଅଦଉତ୍ ଇତ୍ୟାଦି (ଦେଖ)
Adauti etc Adaut etc. ( See )

**ଅଦୌତିଆ**—ଦେ. ବିଣ - ଅଦଉତିଆ ( ଦେଖ )
Adautiā Adautiā ( See )

**ଅଦ୍ୱୟ**—ସଂ. ବିଣ. ( ବହୁବ୍ରୀହି; ଅ+ଦ୍ୱୟ )—
Adwaya ୧ । ଅଦ୍ୱିତୀୟ—1. Unparalleled; unique.

୨ । ଏକକ; ଏକାକୀ—2. Single; solitary.

୩ । ଅଦ୍ୱୈତ; ଯାହାର ଦ୍ୱିତୀୟରୂପ ନାହିଁ—
3. Non-dual.

୪ । ଯାହାର ପ୍ରକାରାନ୍ତର ନାହିଁ—
4. Having no alternative

୫ । ଏକ ମାତ୍ର—5. Only; sole.

ସଂ. ବି—୧ । ବୁଦ୍ଧବିଶେଷ—
1. Name of a Buddha ( M. W. )

୨ । ଅଦ୍ୱୈତତା; ଦ୍ୱିତୀୟ ରୂପ ନ ଥିବା ଅବସ୍ଥା—
2 Non-duality.

୩ । ଏକତା; ଅଭିନ୍ନତା—3. Unity; identity.

୪ । ବ୍ରହ୍ମ ସଙ୍ଗେ ଜୀବାତ୍ମାର ଏକତା—4. Identity of the Brahma with the human soul.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯୂ | ଉଅ | ୠ |
| ୨ | ଈ | ଊ | ରୁ | ଲୁ | ଯ୍ୟୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

୫ । ବ୍ରହ୍ମ ସଙ୍ଗେ ବ୍ରହ୍ମାଣ୍ଡର ଏକତା—5. Identity of the Brahma with the creation.

୬ । ଭୂତ ସଙ୍ଗେ ଆତ୍ମାର ଅଭିନ୍ନତା—
6. Identity of spirit with matter.

୭ । ବ୍ରହ୍ମା—7. Brahmā, the Creator of the Universe.

**ଅଦ୍ୱୟବାଦ**—ସଂ. ବି—ଅଦ୍ୱୈତବାଦ ( ଦେଖ )
Adwayabāda Adw<u>ai</u>tabāda (See)
ଅଦ୍ୱୟବାଦୀ—ପୁଂ } ବିଣ.
ଅଦ୍ୱୟବାଦିନୀ—ସ୍ତ୍ରୀ }

**ଅଦ୍ୱୟୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ; ( ଅଦ୍ୱୟ+ଉ; ବୈଦିକ )—
Adwayu ୧ । ଅନ୍ତର୍ବାହ୍ୟେକ ରୂପ; ଯାହାର ବାହାର ଭିତର ଏକ—1. Which is the same inside and outside.

୨ । ଦ୍ୱିଧାରହିତ—2. Free from double-dealing or duplicity ( M. W. )

**ଅଦ୍ୱାର**—ସଂ. ବି. ୧ । ( ଅ+ଦ୍ୱାର )—
Adwāra ନଗର, ଗ୍ରାମ, ପୁର ବା ଗୃହକୁ ସାଧାରଣତଃ ଲୋକେ ଯେଉଁ ଦ୍ୱାର ଦେଇ ଯିବାଆସିବା କରନ୍ତି ତାହା ଛଡ଼ା ଅନ୍ୟ ଦ୍ୱାର—1. A wrong door; an entrance which is not intended for or ordinarily used by people for going into or coming out of a town, village or house.

୨ । (ବହୁବ୍ରୀହି) ଯେଉଁ ଘର ବା ସ୍ଥାନରେ ଦ୍ୱାର ନାହିଁ—
2. A place without a door ( M. W. ).

**ଅଦ୍ୱିତୀୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ଦ୍ୱିତୀୟ )—
Adwitiya ୧ । ଅସାଧାରଣ; ଅସାମାନ୍ୟ—
1. Extraordinary.

୨ । ଅତୁଳନୀୟ—2. Peerless; matchless; incomparable.

୩ । ଏକାକୀ; ଯାହା ସଙ୍ଗେ ଅନ୍ୟ କେହି ନଥାଏ—
3 Single; sole; solitary.

୪ । ଏକ ମାତ୍ର—4. Supreme; unique.

**ଅଦ୍ୱେଷ୍ଟା**—ସଂ. ବିଣ. ପୁଂ. (ଅ+ଦ୍ୱିଷ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Adweshṭā ଦ୍ୱେଷରହିତ—Unenvious; not malevolent.
(ଅଦ୍ୱେଷ୍ଟ୍ରୀ—ସ୍ତ୍ରୀ)

**ଅଦ୍ୱୈତ**—ସଂ. ବିଣ. ( ବହୁବ୍ରୀହି; ଅ+ଦ୍ୱୈତ )—
Adw<u>ai</u>ta ୧ । ଦ୍ୱିତ୍ୱରହିତ—1. Non-dual; free from duality.

୨ । ଅଦ୍ୱିତୀୟ—2. Unparalleled; unique.

୩ । ଯାହାର ଯୋଡ଼ା ନାହିଁ-3. Having no duplicate.

୪ । ଏକାକୀ—4. Sole; single.

୫ । ଅବିଭକ୍ତ—5. Undivided.

୬ । ଅବିଭାଜ୍ୟ—6. Indivisible.

ସଂ. ବି—୧ । ଦ୍ୱିତ୍ୱରହିତ ଅବସ୍ଥା—1. Non-duality.

୨ । ଅଦ୍ୱିତୀୟତା—2. Uniqueness.

୩ । ଅତୁଳନୀୟତା—3. Matchlessness.

୪ । ବିଷ୍ଣୁ—4. God Bishṇu.

୫ । ପରଂବ୍ରହ୍ମ—5. The Supreme Soul.

୬ । ବ୍ରହ୍ମ; ବ୍ରହ୍ମ ବା ପରମାତ୍ମା ସହିତ ଜୀବାତ୍ମାର ଅଭେଦ ବା ଏକତା—6. The identity of Brahma or the Supreme Soul with the human soul.

୭ । ଆତ୍ମା ଓ ପଞ୍ଚଭୂତ ମଧ୍ୟରେ ଅଭେଦ—
7. Identity of spirit with matter.

୮ । ପାରମାର୍ଥିକ ସତ୍ୟ—8. The ultimate truth.

୯ । ଉପନିଷଦବିଶେଷ—
9. The title of an Upanishada.

ଦେ. ବି. ପୁଂ—୧ । ଅଦ୍ୱୈତାଚାର୍ଯ୍ୟ (ଦେଖ)
1. Adw<u>ai</u>tāchārjya (See)

୨ । ଲୋକଙ୍କୁ ଦିଆଯିବା ନାମ—
2. A name given to males.

**ଅଦ୍ୱୈତଠାକୁର**—ଦେ. ବି. (ନାମ)—ଅଦ୍ୱୈତାଚାର୍ଯ୍ୟ (ଦେଖ)
Adw<u>ai</u>taṭhākura Adw<u>ai</u>tāchārjya (See)

**ଅଦ୍ୱୈତବାଦ**—ସଂ. ବି—୧ । ବ୍ରହ୍ମ ଓ ବ୍ରହ୍ମାଣ୍ଡ ଏକ, ଈଶ୍ୱର ଓ ସୃଷ୍ଟି
Adw<u>ai</u>tabāda ଏକ; ଏକ ମାତ୍ର ଈଶ୍ୱର ସର୍ବଭୂତରେ ଓ ସର୍ବତ୍ର ବିରାଜିତ, ଏରୂପ ମତ ବାଦ—1. The doctrine of non-duality; the theory that the Creator is identical with the Creation and that there is nothing in the Universe except God in His various manifestations.

୨ । ପରମାତ୍ମା ଓ ଜୀବାତ୍ମା ଅଭିନ୍ନ, ଏହି ଦାର୍ଶନିକ ମତ—
2. Monism in philosophy; the doctrine that the Supreme Soul is identical with the human soul.

( ଦ୍ର—ଶଙ୍କରାଚାର୍ଯ୍ୟ ଭାରତରେ ଏହି ମତକୁ ସର୍ବତ୍ର ପ୍ରଚାର କରିଥିଲେ । )

୩ । ଈଶ୍ୱର ଏକ ଅଟନ୍ତି, ଏହି ଧର୍ମମତ—
3. Monotheism.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

(ଦ୍ର—ଖ୍ରୀଷ୍ଟାନ୍, ମୁସଲମାନ ଓ ବ୍ରାହ୍ମମାନେ ଅଦ୍ୱୈତବାଦୀ ।)

**ଅଦ୍ୱୈତବାଦୀ**—ସଂ. ବିଣ. ପୁଂ. ( ଅଦ୍ୱୈତବାଦ + ଇନ୍ ୧ମା. ୧ବ. )—
**Adwaitabādi** ୧ । ଅଦ୍ୱୈତବାଦ ମତାବଲମ୍ବୀ ( ହିନ୍ଦୁ )—
(ଅଦ୍ୱୈତବାଦିନୀ—ସ୍ତ୍ରୀ) 1. Monotheist; Unitarian ( Hindus ) professing the doctrine of monism.

୨ । ଏକେଶ୍ୱରବାଦୀ—2. Believing in one God.

**ଅଦ୍ୱୈତ ମହାପ୍ରଭୁ**—ଦେ. ବି. (ନାମ)—ଅଦ୍ୱୈତାଚାର୍ଯ୍ୟ ( ଦେଖ )
Adwaita mahāprabhu Adwaitāchārjya (See)

**ଅଦ୍ୱୈତାଚାର୍ଯ୍ୟ**—ଦେ. ବି. (ନାମ)—ଚୈତନ୍ୟଙ୍କ ସମସାମୟିକ ( ପଞ୍ଚଦଶ
**Adwaitāchārjya** ଶତାବ୍ଦିର ଶେଷ ଭାଗ ) ନଦିଆ ନିକଟବାସୀ ଭକ୍ତ ପଣ୍ଡିତ । ଏ ଜଣେ ଗୋସ୍ୱାମୀ ଥିଲେ ଓ ଅନେକ ବୈଷ୍ଣବ ଗ୍ରନ୍ଥ ରଚନାକରିଥିଲେ—Name of a devoted pandit and Baisnaba author contemporary with Śrī Chaitanya.

**ଅଦ୍ୱୈତାନନ୍ଦ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଦ୍ୱୈତ + ଆନନ୍ଦ)—
**Adwaitānanda** ଅଦ୍ୱୈତବାଦରେ ବିଶ୍ୱାସଜନିତ ମନରେ ଜାତ ଆନନ୍ଦ—The joy arising from a faith in the doctrine of monism.

ଦେ. ବି—ଅଦ୍ୱୈତାଚାର୍ଯ୍ୟ ( ଦେଖ )
Adwaitāchārjya ( See )

**ଅଦ୍ୱୈଧ**—ସଂ. ବିଣ. ( ବହୁବ୍ରୀହି; ଅ + ଦ୍ୱୈଧ )—
**Adwaidha** ୧ । ଦୁଇଭାଗରେ ବିଭକ୍ତ ହୋଇ ନ ଥିବା—
1. Not divided into two parts (M.W.).

୨ । ଦ୍ୱେଷରହିତ— 2. Free from malice ( M. W ).

୩ । ସରଳପ୍ରକୃତିକ—
3. Straight-forward ( M. W. ).

୪ । ପୃଥକ୍ କରାଯାଇ ନ ଥିବା—
4. Not dis-united ( M. W. ).

୫ । ହିଂସା ବା ଭାଗ କରାଯାଇ ନଥିବା—
5. Not shared ( M. W. ).

**ଅଦ୍ଭୁତ**—ସଂ. ବିଣ. (ଅତ୍ + ଭୂ ଧାତୁ + ଡୁତ; ଯାହା ପୂର୍ବେ ଘଟି ନାହିଁ)—
**Adbhuta** ୧ । ଅସାଧାରଣ—
1. Extraordinary; supernatural.

୨ । ଆଶ୍ଚର୍ଯ୍ୟଜନକ; ବିସ୍ମୟୋତ୍ପାଦକ—
2. Wonderful; marvellous.

୩ । ରଚନା-ଭଙ୍ଗୀ ବା ଶୈଳୀରେ ବିସ୍ମୟକର ବା ଅଲୌକିକ—
3. Marvellous in style ( M. W. ).

ସଂ. ବି—୧ । ସାହିତ୍ୟ ବା ରଚନାର ରସବିଶେଷ; ଅଦ୍ଭୁତରସ (ଦେଖ)
1. Name of a sentiment in literature; Adbhutarasa ( See )

୨ । ନବମ ମନ୍ୱନ୍ତରର ଇନ୍ଦ୍ରଙ୍କ ନାମ—
2. Name of the Indra of the 9th aeon.

୩ । ଆଶ୍ଚର୍ଯ୍ୟଜନକ ବିଷୟ ବା ଘଟଣା—
3. A wonderful thing or occurrence; prodigy; a miracle; a marvel.

ଅଦ୍ଭୁତ ଦେଖି ଭବଗ୍ରାହୀ, ଅମୃତ ନୟନେ ଅନାଇ ।
ଜଗନ୍ନାଥ· ଭାଗବତ ।

୪ । ବିସ୍ମୟ—4. Wonder; astonishment.

୫ । ସାମବେଦର ପରିଶିଷ୍ଟ ବ୍ରାହ୍ମଣ ବା ଗ୍ରନ୍ଥବିଶେଷ—
5. Name of a supplementary treatise of the Sāma Beda.

**ଅଦ୍ଭୁତକର୍ମା**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ବହୁବ୍ରୀହି; ଅଦ୍ଭୁତ + କର୍ମନ୍;
**Adbhutakarmā** ୧ମା. ୧ବ. )—
୧ । ଆଶ୍ଚର୍ଯ୍ୟଜନକ କର୍ମ କରିବାଲୋକ—
1. ( a person ) Of wonderful deeds.

୨ । ବିସ୍ମୟୋତ୍ପାଦକ କାରିଗରୀ ଦେଖାଉଥିବା ( ଲୋକ )—
2. Exhibiting wonderful workmanship ( M. W. ).

**ଅଦ୍ଭୁତଦର୍ଶନ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଦ୍ଭୁତ + ଦର୍ଶନ )—
**Adbhutadarśana** ଯାହାକୁ ଦେଖିଲେ ମନରେ ବିସ୍ମୟ ଜାତ
(ଅଦ୍ଭୁତଦର୍ଶନା—ସ୍ତ୍ରୀ) ହୁଏ—Prodigious; wonderful to look at; having a wonderful appearance.

**ଅଦ୍ଭୁତବ୍ରାହ୍ମଣ**—ସଂ. ବି—ସାମବେଦର ପରିଶିଷ୍ଟ ବ୍ରାହ୍ମଣ ଗ୍ରନ୍ଥବିଶେଷ—
**Adbhutabrāhmaṇa** Title of a supplementary treatise of the Sāma Beda.

**ଅଦ୍ଭୁତ ମେଷଯୁଦ୍ଧ**—ଦେ. ବି—ଶବ୍ଦାଲଙ୍କାର ବିଶେଷ; (ଶ୍ରୀମାନ୍ ଗୋଲୋକ-
**Adbhuta meshajuddha** ଚନ୍ଦ୍ର ପ୍ରଧାନ ତାଙ୍କ ରଚିତ ଇନ୍ଦୁରେଖା କାବ୍ୟରେ ଏଥିର ଉଦାହରଣ ଦେଇ-ଅଛନ୍ତି ) ସର୍ବତୋଭଦ୍ର ଦେଖ—
A kind of artistic composition; Sarbatobhadra ( See )

**ଅଦ୍ଭୁତରସ**—ସଂ. ବି—ସାହିତ୍ୟର ନବରସ ମଧ୍ୟରୁ ଏକତମ; ଯେଉଁ
**Adbhutarasa** ରସଦ୍ୱାରା ମନରେ ବିସ୍ମୟ ଉତ୍ପାଦିତ ହୁଏ— ( ରସ ତଳେ ନୋଟ ଦେଖ )—The marvellous sentiment in literature; (See notes under Rasa).

**ଅଦ୍ଭୁତଶାନ୍ତି**—ସଂ. ବି—ଅଥର୍ବ ବେଦର ସପ୍ତଷଷ୍ଟିତମ ପରିଶିଷ୍ଟ—Title
**Adbhutaśānti** of the sixty seventh supplement to the Atharba Beda.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | · ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ● | ନ୍ତ |

**ଅଦ୍ଭୁତସାର**—ସଂ. ବି. ( ବହୁବ୍ରୀହି; ଅଦ୍ଭୁତ+ସାର )—
**Adbhutasāra** ୧ । ଖଦିରବୃକ୍ଷ—1. The catechu tree; Mimosa Catechu.
୨ । ଅଦ୍ଭୁତଦର୍ଶନ ବସ୍ତୁ ସମ୍ବନ୍ଧୀୟ ପୁସ୍ତକବିଶେଷ—
2. Name of a book on the essence of prodigies ( M. W. )

**ଅଦ୍ଭୁତୋପମ**—ସଂ. ବିଣ. ( ବହୁବ୍ରୀହି; ଅଦ୍ଭୁତ+ଉପମା )—
**Adbhutopama** ଯାହା ଅଦ୍ଭୁତ ବା ବିସ୍ମୟକର ପଦାର୍ଥ
(ଅଦ୍ଭୁତୋପମା—ସ୍ତ୍ରୀ) ସଙ୍ଗେ ଉପମେୟ—Resembling a wonder ( M. W. )

**ଅଦ୍ଭୁତୋପମା**—ସଂ. ବି—ଉପମାଲଙ୍କାରବିଶେଷ—
**Adbhutopamā** A figure in Rhetoric.
[ ଦ୍ର—କବି ବର୍ଣ୍ଣିତ ବସ୍ତୁମାନଙ୍କୁ ଅନ୍ୟ କୌଣସି ବସ୍ତୁମାନଙ୍କ ସଙ୍ଗେ ତୁଳନା କରିବାଦ୍ୱାରା ପାଠକ ମନରେ ବିସ୍ମୟ ଉତ୍ପାଦନ କରନ୍ତି । ଯଥା—

ସବୁ ମତରେ ସନମତ ଏମନ୍ତ ପର୍ବତ ପରେ ଜାତ ଲତା ।
ଲତାରୁ ଏବେ ପର୍ବତ ଜାତ ହେଲା ଗୃହୁଁ କମ୍ପିବେ ଉର୍ଦ୍ଧ୍ୱରେତା ।
ଉକ୍ତ• ପ୍ରେମସୁଧାନିଧି ୪।୨ ।

ଅର୍ଥାତ୍ ପର୍ବତରୁ ସିନା ଲତା ଜାତ ହୁଏ କିନ୍ତୁ ବର୍ଣ୍ଣିତା ନାୟିକାଠାରେ ତାର ଦେହରୂପ ଲତାରୁ କୁଚରୂପ ପର୍ବତ ଜାତ ହୋଇ ଅଛି । ଅତଏବ ଏହି ଉପମାଦ୍ୱାରା ମନରେ ବିସ୍ମୟ ଜନ୍ମୁଅଛି । ]

**ଅଦ୍ମନି**—ସଂ. ବି. ( ଅଦ ଧାତୁ=ଖାଇବା+କର୍ତ୍ତୃ ମନି; ଯେ ସବୁପଦାର୍ଥ
**Admani** ଖାଇଦିଏ )—ଅଗ୍ନି—Fire.

**ଅଦ୍ମର**—ସଂ. ବିଣ. ପୁଂ. (ଅଦ ଧାତୁ=ଖାଇବା+ଅତ୍ୟନ୍ତାର୍ଥେ. ମର )—
**Admara** ୧ । ପେଟୁ—1. Gluttonous.
(ଅଦ୍ମରୀ—ସ୍ତ୍ରୀ) ୨ । ଅତି ଭୋଜନଶୀଳ—
2. Given to over-feeding.

**ଅଦ୍ୟ**—ସଂ. ଅ. ( ଇଦମ୍=ଏହି+ଦ୍ୟୁ=ଦିବସ; ନିପାତନ )—
**Adya** ୧ । ଆଜି—1. Today; this day.
୨ । ଆଜିକାଲି; ଏବେ—2. Now-a-days.
୩ । ବର୍ତ୍ତମାନ—3. Now; at present.
ସଂ. ବିଣ. ( ଅଦଧାତୁ+କର୍ମ. ଯ )—ଖାଇବାର ଉପଯୋଗୀ—
Fit or proper to be eaten.
ସଂ. ବି. (ଅଦ ଧାତୁ+କର୍ମ. ଯ)—ଖାଦ୍ୟ ଦ୍ରବ୍ୟ—Food.

**ଅଦ୍ୟକା**—ଦେ. ବିଣ—୧ । ଆଜି ଘଟିଥିବା; ଅଦ୍ୟତନ; ଆଜିର—
**Adyakā** 1. Happening today; today's.
ଆଜকার; আজকের ୨ । ଆଜି ସମ୍ବନ୍ଧୀୟ—
আজকা 2. Relating to today.

**ଅଦ୍ୟକାର**—ଦେ. ବିଣ—ଅଦ୍ୟକା ( ଦେଖ )
**Adyakāra** Adyakā ( See )

**ଅଦ୍ୟତନ**—ସଂ. ବିଣ. ( ଅଦ୍ୟ+ଘଟିବା ଅର୍ଥରେ. ତନ )—
**Adyatana** ୧ । ଆଜି ଘଟିବା ( ବିଷୟ ବା ଘଟନା )—
(ଅଦ୍ୟତନୀ—ସ୍ତ୍ରୀ) 1. Happening today.
୨ । ଆଜି ସମ୍ବନ୍ଧୀୟ—2. Relating to today.
୩ । ଆଜି କାଲି ପ୍ରଚଳିତ—3. Current now-a-days.
୪ । ଆଧୁନିକ—4. Modern.
ସଂ. ବି—ଆଜି ଦିନର ସମ୍ପୂର୍ଣ୍ଣ ଦିବସଟି ( ଦିନ ରାତି ୮ ପ୍ରହର ) ଅର୍ଥାତ୍ ଆଜିଭୋର୍‌ଠାରୁ କାଲି ଭୋର୍ ପର୍ଯ୍ୟନ୍ତ—
The whole of today ( consisting of 24 hours ).

**ଅଦ୍ୟତନ ଭୂତକାଳ**—ସଂ. ବି—( ବ୍ୟାକରଣ ) ଆଜି ଘଟିଥିବା କ୍ରିୟାର
**Adyatana bhūtakāla** କାଳ—
(grammar) Name given to the Aorist tense of actions done today.

**ଅଦ୍ୟତନୀ**—ସଂ. ବିଣ. ( ଅଦ୍ୟତନ+ଈ )—ଅଦ୍ୟତନର ସ୍ତ୍ରୀ ଲିଙ୍ଗ—
**Adyatanī** Feminine of Adyatana.
ସଂ. ବି. ( ବ୍ୟାକରଣ )—ଅଦ୍ୟତନ ଭୂତକାଳ—
The Aorist tense.

**ଅଦ୍ୟତନୀୟ**—ସଂ. ବି. ( ଅଦ୍ୟତନ=ଆଜି+ଈୟ )—
**Adyatanīya** ଅଦ୍ୟତନ ( ଦେଖ )—Adyatana ( See )

**ଅଦ୍ୟପ୍ରଭୃତି**—ସଂ. ଅ. ( ଅଦ୍ୟ+ପ୍ରଭୃତି )—୧ । ଆଜିଦିନଠାରୁ—
**Adyaprabhṛuti** 1. From today.
୨ । ବର୍ତ୍ତମାନ ସମୟରୁ ଆରମ୍ଭ କରି—
2. Henceforth; henceforward.

**ଅଦ୍ୟଭକ୍ଷ**—ଦେ. ବି. ( ସଂ. ଅଦ୍ୟ+ଭକ୍ଷ ଧାତୁ )୧ । —ଯାହାର ବାସି
**Adyabhaksha** ଓଳିକ ଦାନା ନାହିଁ; ଯେଉଁ ବ୍ୟକ୍ତିର କାଲି
অদ্যভক্ষ ଖାଇବା ପାଇଁକି ସମ୍ବଳ ନାହିଁ—
1. Living from hand to mouth; having nothing to spare for tomorrow's meal.
୨ । ଅତି ଗରିବ—2. Very poor; indigent.

**ଅଦ୍ୟଭକ୍ଷ୍ୟ**—ସଂ. ବିଣ. ( ଅଦ୍ୟ+ଭକ୍ଷ୍ୟ )—ଆଜି ଯାହା ଖିଆଯିବ—
**Adyabhakshya** ( food ) Which is to be taken today.

**ଅଦ୍ୟଭେକ୍**—ଦେ. ବିଣ—୧ । ଅଦ୍ୟଭକ୍ଷ ( ଦେଖ )
**Adyabhek** 1. Adyabhaksha ( See )
୨ । ଅଦ୍ୟଭେକା ( ଦେଖ )
2. Adyabhekā ( See )

**ଅଦ୍ୟଭେକା**—ଦେ. ବିଣ. ( ସଂ. ଅଦ୍ୟ+ସଂ. ବେଶ. ଓ. ଭେକ )—
**Adyabhekā** ଯେଉଁବ୍ୟକ୍ତିର ପିନ୍ଧିଥିବା ଲୁଗା ଖଣ୍ଡିକ ଛଡ଼ା
একবস্ত্র ଅନ୍ୟ ଲୁଗା ନାହିଁ—( a person ) Who has got no more cloth than he is wearing.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଧ୍ୟ' ନ ପାଇଲେ 'ବନ୍ଧ୍ୟ' ଦେଖିବେ; 'ଆଗିଆ' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଅଦ୍ୟଶ୍ୱ**—ସଂ. ବଣ. ( ଅଦ୍ୟ + ଶ୍ୱ )—ଆଜି ଓ କାଲିକୁ ମିଶାଇ—
Adyaśwa Comprising the present & the following day ( M. W. )

**ଅଦ୍ୟଶ୍ୱୀନ**—ସଂ. ବଣ. (ଅଦ୍ୟ + ଶ୍ୱ + ଘଟିବା ·ସମ୍ଭବ ଅର୍ଥରେ. ଈନ )—
**Adyaśwīna** ( ଅଦ୍ୟଶ୍ୱୀନା—ସ୍ତ୍ରୀ ) ୧ । ଯାହା ଆଜି କିମ୍ବା କାଲି ଘଟିବାର ସମ୍ଭବ—
1. Likely to happen today or tomorrow.
୨ । ଆସନ୍ନ; ଯାହା ଅବଶ୍ୟ ଆଜି କାଲି ଘଟିବ ( ଯଥା— ଅଦ୍ୟଶ୍ୱୀନ ମରଣ । )—2 Imminent.

**ଅଦ୍ୟଶ୍ୱୀନା**—ସଂ. ବଣ. ସ୍ତ୍ରୀ. ( ଅଦ୍ୟଶ୍ୱୀନ + ଆ )—
Adyaśwīnā ୧ । ଅଦ୍ୟଶ୍ୱୀନର ସ୍ତ୍ରୀଲିଙ୍ଗ—
1. Feminine of Adyaśwīna.
୨ । ଆସନ୍ନପ୍ରସବା (ସ୍ତ୍ରୀ); ଯେ ଆଜି ବା କାଲି ଜନ୍ମ କରିବ—2. ( a woman or female-animal ) Likely to be delivered of a child to day or tomorrow.
ସଂ. ବି. ସ୍ତ୍ରୀ—୧ । ଆସନ୍ନପ୍ରସବା ସ୍ତ୍ରୀ —
1. A female near delivery.
୨ । ଆସନ୍ନପ୍ରସବା ଗାଈ—
2. A cow near delivery.

**ଅଦ୍ୟାପି**—ସଂ. ଅ. ( ଅଦ୍ୟ + ଅପି )—
Adyāpi ୧ । ଏତେବେଳେ ମଧ୍ୟ; ବର୍ତ୍ତମାନ ମଧ୍ୟ—
1. Even now.
୨ । ଏହିକ୍ଷଣେ; ବର୍ତ୍ତମାନ—2. Just now.
ତା ଜାଣି ତାଙ୍କୁ ଭକ୍ତି ଅଛନ୍ତି ଅଦ୍ୟାପି—କୃଷ୍ଣସିଂହ. ମହାଭାରତ. ବନ ।
୩ । ଆଜିଯାଏ—3. To this day.
୪ । ବର୍ତ୍ତମାନ ପର୍ଯ୍ୟନ୍ତ—4. Down to the present time.
୫ । ଆଜିଠାରୁ—5. Henceforth ( M. W. )

**ଅଦ୍ୟାବଧି**—ସଂ. ଅ. (ଅଦ୍ୟ + ଅବଧି)—୧ । ଆଜିଠାରୁ; ଏହି ସମୟରୁ—
Adyābadhi 1. Henceforth; from today; from the present.
୨ । ଆଜି ପର୍ଯ୍ୟନ୍ତ—2. Till today; till now.
ସଂ ବଣ—୧ । ଯାହା ଆଜିଠାରୁ ଆରମ୍ଭ ହେଲା—
1. Beginning today ( M W. )
୨ । ଯାହା ଆଜି ଶେଷ ହେଲା—
2. Ending today ( M. W. )

**ଅଦ୍ୟାଶ୍ୱ**—ସଂ. ଅ. ( ଅଦ୍ୟ + ଶ୍ୱ; ନିପାତନ )—ଆଜି ଓ କାଲି—
Adyāśwa The present & the following day.

**ଅଦ୍ୟୂତ୍ୟ**—ସଂ. ବଣ. ( ଅ + ଦ୍ୟୂତ + ଯ )—
Adyūtya ୧ । ଯାହା ଦ୍ୟୂତଦ୍ୱାରା ଲବ୍ଧ ନୁହେ—
1. Not obtained by gambling.
୨ । ସଦୁପାୟଲବ୍ଧ —2. Honestly acquired.
ସଂ. ବି—ଯେଉଁ ଜୁଆଖେଳରେ ଖେଳାଳିର ଦୁର୍ଭାଗ୍ୟ ହୁଏ—
Unlucky gambling.

**ଅଦ୍ୟୈବ**—ସଂ. ଅ. ( ଅଦ୍ୟ + ଏବ )—ଆଜିହିଁ; ଆଜି ନିଶ୍ଚେ—
Adyaiba This very day; today, by all means.

**ଅଦ୍ରବ**—ସଂ. ବି. (ଅ + ଦ୍ରବ)—ଅତରଳ ବସ୍ତୁ; ଘନ ବା ବାୟବୀୟ ବସ୍ତୁ—
Adraba Not a liquid i.e, a solid or gas.
ସଂ. ବଣ—ଅତରଳ—ଯାହା ପାଣିଆ ନୁହେ—
Not liquid.

**ଅଦ୍ରବ୍ୟ**—ସଂ. ବି—(ଅ + ଦ୍ରବ୍ୟ)—୧ । ଅପଦାର୍ଥ; ମନ୍ଦ ବସ୍ତୁ—
Adrabya 1. Bad or worthless thing.
୨ । ଅନୁପଯୋଗୀ ବସ୍ତୁ—2. Unfit thing.
୩ । ଅବ୍ୟବହାର୍ଯ୍ୟ ବସ୍ତୁ—3. Useless thing.
୪ । ଅଯୋଗ୍ୟ ବା ନିକୃଷ୍ଟ ଛାତ୍ର ବା ଶିଷ୍ୟ—
4. Worthless pupil.
ସଂ. ବଣ—୧ । ଦ୍ରବ୍ୟହୀନ; ସମ୍ପତ୍ତିହୀନ—
1, Having no possession.
୨ । ଧନହୀନ; ଗରିବ—2. Poor.
୩ । ଅଯୋଗ୍ୟ; ଅନୁପଯୁକ୍ତ—3. Unfit; improper.
୪ । ମନ୍ଦ—4. Bad.
୫ । ନାରଖାର—5. Neglected.
ଦେ. ବଣ. ( ଆଧୁନିକ ବିଜ୍ଞାନପରିଭାଷା) (ଅ + ଦ୍ରବ + ଯ )—
ଯାହା ମିଳାଇ ଯାଏନାହିଁ—Insoluble
(ପ୍ରାଣକୃଷ୍ଣ ପରିଜା)

**ଅଦ୍ରା**—ଗ୍ରା. ବି. (ସଂ. ଆର୍ଦ୍ରା)—ଆର୍ଦ୍ରାନକ୍ଷତ୍ର—
Adrā The 6th lunar mansion.

**ଅଦ୍ରାବଳି**—ଗ୍ରା. ବି. (ସଂ. ଆର୍ଦ୍ରା)—୧—ଏହା ଆର୍ଦ୍ରାନକ୍ଷତ୍ରପରି ନାଲିଆ ଦେଖାଯିବାରୁ ) ଏକପ୍ରକାର ବାଣ—1. A kind of fire-work bursting like stars in the sky.
Adrābaḻi
୨ । ଆର୍ଦ୍ରାନକ୍ଷତ୍ର—2. The 6th lunar mansion.
୩ । ( ସଂ. ଆର୍ଦ୍ରା + ଆବଳି )—ଆର୍ଦ୍ରାନକ୍ଷତ୍ର ସମନ୍ୱିତ କାଳପୁରୁଷ ନାମକ ନକ୍ଷତ୍ର ପୁଞ୍ଜ—
3. The Constellation of Orion.
ପୂର୍ବେ ଅଦ୍ରାବଳୀ ପଶ୍ଚିମେ ସେଇ
ନାଥ ବୋଲେ ପ୍ରଭାତେ ନଷ୍ଟେ ଯିବ ଧୋଇ । ଡାକବଚନ ।

**ଅଦ୍ରି**—ସଂ. ବି. ( ଅ = ନାହିଁ + ଦ୍ରି ଧାତୁ ପଳାଇବା + କର୍ତ୍ତୃ. ଇ; ଯେ ପଳାୟନଶୀଳ ବା ଗମନଶୀଳ ନୁହେ )—
Adri
୧ । ପର୍ବତ—1. Mountain.
୨ । ବୃକ୍ଷ—2. Tree.
୩ । ପଥର—3. Stone.

| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ପୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚିଁ | ଇଅ | ଜ୍ଞ | ନ୍ତୃ |

୪ । ସୋମଲତା ଛେଚି ରସ ବାହାର କରିବାରେ ବ୍ୟବହୃତ ଶିଳ ବା ଶିଳପୁଅ—4. A stone for pounding Soma with or grinding it on.

୫ । ବଜ୍ର—5. Thunder-bolt.

୬ । ମେଘ—6. Cloud.

୭ । ପର୍ବତାକୃତି ଧାରଣକରିଥିବା ମେଘ—7. A mass of clouds shaped like a mountain.

୮ । ସୂର୍ଯ୍ୟ—8. The sun.

୯ । ପରିମାଣବିଶେଷ—9. The name of a measure.

୧୦ । ସାତ ସଂଖ୍ୟା—10. The number seven.

୧୧ । ପୃଥୁରାଜାଙ୍କ ନାତି—11. Name of a grand-son of king Pruthu.

୧୨ । ଛୁଟିବଣିରେ ପିଙ୍ଗାଯିବା ପଥର—12. A stone for a sling.

**ଅଦ୍ରିକର୍ଣ୍ଣୀ**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅଦ୍ରି+କର୍ଣ୍ଣ+ଈ )—
Adrikarnni ଅପରାଜିତା ଲତା—A creeper; Clitoria Ternatea.

**ଅଦ୍ରିକା**—ସଂ. ବି. ସ୍ତ୍ରୀ. (ନାମ); (ଅଦ୍ରି+କ+ଆ)—ଜଣେ ଅପ୍ସରା—
Adrikā Name of a divine nymph.

ବ୍ରହ୍ମାଙ୍କର ପାଶରେ ଅଦ୍ରିକା ଅପସରା
ଥିଲା ଯମୁନାରେ ସେ ମତ୍ସ୍ୟରୂପ ଧରି । କୃଷ୍ଣସିଂହ, ମହାଭାରତ, ଆଦି ।

**ଅଦ୍ରିକୀଲ**—ସଂ. ବି. ( ଅଦ୍ରି+କୀଲ )—ବିଷ୍କୁମ୍ଭ ପର୍ବତ—
Adrikīla A name of Bishkumbha mountain.

**ଅଦ୍ରିକୀଲା**—ସଂ. ବି. ( ବହୁବ୍ରୀହି; ଅଦ୍ରି+କୀଲା; ଅଦ୍ରି=କୁଳ ପର୍ବତ
Adrikīlā ଅଟେ; କୀଲା=ଖୁଣ୍ଟ ଯାହାର )—
ପୃଥିବୀ—The earth.

**ଅଦ୍ରିଜ**—ସଂ. ବିଣ. ପୁଂ. ( ଅଦ୍ରି+ଜନ ଧାତୁ+କର୍ତ୍ତୃ. ଅ )—
Adrija ପର୍ବତରୁ ଜାତ—Born of or produced
(ଅଦ୍ରିଜା—ସ୍ତ୍ରୀ) from the mountain.

ସଂ. ବି—୧ । ଗେରୁ—1. Red chalk.

୨ । ଶିଳା ଜତୁ—2. Benzoin; Bitumen.

**ଅଦ୍ରିଜା**—ସଂ. ବିଣ. ସ୍ତ୍ରୀ. ( ଅଦ୍ରିଜ+ଆ )—ଅଦ୍ରିଜର ସ୍ତ୍ରୀ ଲିଙ୍ଗ—
Adrijā Feminine of Adrija.

ସଂ. ବି. ସ୍ତ୍ରୀ—୧ । ପାର୍ବତୀ—1. Goddess Pārbatī.

୨ । ସୈଂହଳୀ ଗୁଳ୍ମ—2. The plant Saimhalī (M. W.)

**ଅଦ୍ରିଜାତ**—ସଂ. ବିଣ. ( ପଞ୍ଚମୀ ତତ୍; ଅଦ୍ରି+ଜାତ )—
Adrijāta ପର୍ବତରୁ ଉତ୍ପନ୍ନ—Born of or produced from the mountains.

ସଂ. ବି—୧ । ଦାବାନଳ—1. Forest conflagration.

୨ । ପର୍ବତଜାତ ଅଗ୍ନି—2. Conflagration arising out of the hills.

୩ । ହଂସ—3. Swan.

୪ । ପରମାତ୍ମା—4. The Supreme Soul.

**ଅଦ୍ରିତନୟା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଅଦ୍ରି+ତନୟା )—
Adritanayā ପାର୍ବତୀ—Goddess Pārbatī.

**ଅଦ୍ରିଦ୍ୱିଟ୍**—ସଂ. ବି. ପୁଂ. (ଅଦ୍ରି+ଦ୍ୱିଷ ଧାତୁ+କର୍ତ୍ତୃ. କ୍ୱିପ୍=ଅଦ୍ରିଦ୍ୱିଷ୍
Adridwit ୧ମା. ୧ବ.—ପର୍ବତମାନଙ୍କ ପକ୍ଷଚ୍ଛେଦନକାରୀ )—
ଇନ୍ଦ୍ର—The God Indra.

**ଅଦ୍ରିଦ୍ରୋଣୀ**—ସଂ. ବି. (୬ଷ୍ଠୀ ତତ୍; ଅଦ୍ରି+ଦ୍ରୋଣୀ )—୧ । ପର୍ବତର
Adridroni ଉପତ୍ୟକା—1. Mountain-valley.

୨ । ପର୍ବତରୁ ବାହାରିଥିବା ନଦୀ—2. River rising from a mountain.

**ଅଦ୍ରିନାଥ**—ସଂ. ବି. (୬ଷ୍ଠୀ ତତ୍; ଅଦ୍ରି+ନାଥ)—୧ । ପର୍ବତଶ୍ରେଷ୍ଠ—
Adrinātha The chief of the mountains.

୨ । ହିମାଳୟ ପର୍ବତ—2. The Himalayas.

**ଅଦ୍ରିପତି**—ସଂ. ବି. (୬ଷ୍ଠୀ ତତ୍; ଅଦ୍ରି+ପତି)—ଅଦ୍ରିନାଥ (ଦେଖ)
Adripati Adrinātha (See)

**ଅଦ୍ରିଭିତ୍**—ସଂ. ବି. ପୁଂ. (ଅଦ୍ରି+ଭିଦ୍ ଧାତୁ+କର୍ତ୍ତୃ. କ୍ୱିପ୍; ଅଦ୍ରିଭିଦ୍
Adribhit ୧ମା. ୧ବ.; ବଜ୍ରଦ୍ୱାରା ପର୍ବତ ଭେଦକାରୀ)—
ଇନ୍ଦ୍ର—God Indra.

**ଅଦ୍ରିଭୂ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅଦ୍ରି+ଭୂ ଧାତୁ+କ୍ୱିପ୍ )—
Adribhū ୧ । ପର୍ବତଜାତ—1. Born of the mountains.

୨ । ପର୍ବତରେ ମିଳୁଥିବା—2. Found in the mountains.

ସଂ. ବି—୧ । ଅପରାଜିତାଲତା—1. A creeper Clitoria Ternatea.

୨ । ଗୁଳ୍ମବିଶେଷ—2. A plant; Talvina Cucullata.

**ଅଦ୍ରିରାଜ**—ସଂ. ବି. (୬ଷ୍ଠୀ ତତ୍; ଅଦ୍ରି+ରାଜନ୍)—୧ । ହିମାଳୟ ପର୍ବତ—
Adrirāja 1. The Himalayan mountains.

୨ । ପର୍ବତଶ୍ରେଷ୍ଠ—2. The chief among the mountains.

**ଅଦ୍ରିରାଟ୍**—ସଂ. ବି. ( ୬ଷ୍ଠୀ ତତ୍; ଅଦ୍ରି+ରାଜନ୍)—ଅଦ୍ରିରାଜ (ଦେଖ)
Adrirāt Adrirāja ( See )

**ଅଦ୍ରିଶ**—ସଂ. ବି. ( ଅଦ୍ରି+ଶୀ ଧାତୁ=ଶୋଇବା+କର୍ତ୍ତୃ. ଅ; ଯେ
Adrisa କୈଳାସ ପର୍ବତରେ ଶୟନ କରନ୍ତି )—ଗିରିଶ, ଶିବ—
The God Siba.

**ଅଦ୍ରିଶଯ୍ୟ**—ସଂ. ବି. ପୁଂ. ( ବହୁବ୍ରୀହି; ଅଦ୍ରି+ଶଯ୍ୟା )—ଶିବ—
Adrisajya The God Siba.

ସାଧାରଣ ଲୋକେ ଏହି ପୁସ୍ତକରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

**ଅଦ୍ରିଶୃଙ୍ଗ**—ସଂ. ବି. ( ୬ଷ୍ଠୀ ତତ୍; ଅଦ୍ରି + ଶୃଙ୍ଗ )—ପର୍ବତର ଶିଖର—
Adrisrunga — Mountain peak.

**ଅଦ୍ରିସାନୁ**—ସଂ. ବି. ( ୬ଷ୍ଠୀ ତତ୍; ଅଦ୍ରି + ସାନୁ )—ପର୍ବତର ତଟଦେଶ ବା ଢାଲୁ—
Adrisānu — Mountain-side.

**ଅଦ୍ରିସାର**—ସଂ. ବି. ( ୬ଷ୍ଠୀ ତତ୍; ଅଦ୍ରି + ସାର )—ଲୌହ—Iron.
Adrisāra ସଂ. ବିଣ. ପୁଂ—ପର୍ବତପରି ଦୃଢ଼ ଓ ଟାଣ—
( ଅଦ୍ରିସାରା—ସ୍ତ୍ରୀ ) Hard like a mountain.

**ଅଦ୍ରୀନ୍ଦ୍ର**—ସଂ. ବି. ( ୭ମୀ ତତ୍; ଅଦ୍ରି + ଇନ୍ଦ୍ର )—୧ । ପର୍ବତଶ୍ରେଷ୍ଠ—
Adrīndra 1. The chief among the mountains.
୨ । ହିମାଳୟ—2. The Himalayas.

**ଅଦ୍ରୀଶ**—ସଂ. ବି. ( ୭ମୀ ତତ୍; ଅଦ୍ରି + ଈଶ )—ଅଦ୍ରୀନ୍ଦ୍ର ( ଦେଖ )
Adrīsa — Adrīndra ( See )

**ଅଦ୍ରୋହ**—ସଂ. ବି. ( ଅ + ଦ୍ରୋହ )—୧ । ଈର୍ଷାର ଅଭାବ—
Adroha 1. Freedom from malice.
ଅଦ୍ରୋହୀ—ପୁଂ } ବିଣ. ୨ । ବିଶ୍ୱାସଘାତକତାର ଅଭାବ—
ଅଦ୍ରୋହିଣୀ—ସ୍ତ୍ରୀ } 2. Absence of treachery.
୩ । ଶତ୍ରୁତାର ଅଭାବ—3. Absence of enmity.

**ଅଧ୍**—ପ୍ରାଦେ. ( ସମ୍ବଲପୁର )—ବି. ଓ ବିଣ. ( ସଂ. ଅର୍ଦ୍ଧ )—
Adh — ଅର୍ଦ୍ଧ—Half.

**ଅଧ୍‌ରଏତ୍**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅର୍ଦ୍ଧରାତ୍ର )—
Adhraet — ଅର୍ଦ୍ଧରାତ୍ର—Midnight.

**ଅଧ**—ଦେ. ବି. ( ସଂ. ଅର୍ଦ୍ଧ; ପ୍ରା. ଅଦ୍ଧ )—୧ । ଅର୍ଦ୍ଧ—
Adha 1. Half.
ଆଧା ୨ । ମଧ୍ୟସ୍ଥଳ—2. Middle.
ଆଧା ଦେ. ବିଣ. ( ଅନ୍ୟ ବି. ଓ ବିଣ. ଶବ୍ଦପୂର୍ବେ ଲାଗେ
ଆଧ ଯଥା—ଅଧ ରାତି; ଅଧ ବାଟ )—
ଆଧ; ଅଧ ୧ । ଅମୁକର ଅର୍ଦ୍ଧପରିମିତ ( ଯଥା—ଅଧସେର )—
1. Half of.
୨ । ଅମୁକର ମଧ୍ୟସ୍ଥଳ ( ଯଥା—ଅଧବାଟ )—
2. Middle of.
୩ । ଅସମ୍ପୂର୍ଣ୍ଣରୂପେ ( ଯଥା—ଅଧସିଝା )—
3. Half; partially.
୪ । ( ସଂ. ଅଧଃ )—ତଳ, ନିମ୍ନସ୍ଥ—4. Lower.
ଅଧ ଅଧରରେ ସ୍ମିତ ଭଙ୍ଗୀ ହେଲେ ଲକ୍ଷିତ—କବିସୂର୍ଯ୍ୟ. କଳୋରତମ୍ ଏ ଗୀତ ।
୫ । ( ସଂ. ଅଧଃ )—ନିକୃଷ୍ଟ—5. Inferior.
କାଇଶ୍ରେଷ୍ଠ ନହ ବଳବାନ, ଅଧବର୍ଗରେ ଅଧୋଭୁବନ ।
ଭକ୍ତ. ବୋଟନ୍ତ୍ରଣ ସୁନ୍ଦର ୨୪୧୧ ।

**ଅଧଃ**—ସଂ. ଅ. ( ଅଧ + ଅସ୍ = ଅଧସ୍; ଅଧର ସ୍ଥାନରେ ଅଧ ଆଦେଶ—
Adhaḥ ଏହା ଅନ୍ୟଶବ୍ଦମାନଙ୍କ ପୂର୍ବରେ ସମାସରେ
(ଊର୍ଦ୍ଧ୍ୱ—ବିପରୀତ) ଯୁକ୍ତ ହୁଏ, ଯଥା—ଅଧଃପତନ; ଅଧୋଗତି;
ଅଧୋବାସ; ଅଧୋଭୁବନ )—୧ । ନିମ୍ନରେ; ତଳେ—
1. Beneath; under
୨ । ନିମ୍ନଦିଗରେ; ତଳଆଡ଼େ—2. Down; below.
୩ । ତଳଆଡ଼କୁ—3. Downwards.
୪ । ନରକରେ—4. In the infernal regions; in hell.
୫ । ପାତାଳରେ—5. In the nether world.
୬ । ଅଧୋଭୁବନ; ପାତାଳ—
6. The lower regions ( M. W. )
୭ । ଯୋନି—7. Pudendum Mulibre. (M. W.)

**ଅଧଃକରଣ**—ସଂ. ବି. ( ଅଧଃ + କୃ ଧାତୁ + ଭାବ. ଅନ )—
Adhaḥkaraṇa ୧ । ପରାଜିତ କରିବା—
1. Vanquishing; defeating.
୨ । ବଳିଯିବା; ଟପିଯିବା—
2. Surpassing; excelling.
୩ । ଘୃଣା କରିବା; ତୁଚ୍ଛ କରିବା—3. Despising.
୪ । ତଳକୁ ନେବା—(ଯଥା—ଗଳାଧଃକରଣ)
4. Taking down-wards.
୫ । ତଳକୁ ଫିଙ୍ଗିବା—
5. Throwing down; casting down.
୬ । ତଳଆଡ଼କୁ ଠେଲିବା—6. Dispelling.

**ଅଧଃକାୟ**—ସଂ. ବି. ( ଅବ୍ୟୟୀଭାବ; ଅଧଃ + କାୟ )—
Adhaḥkāya ୧ । ଦେହର ନିମ୍ନ ଭାଗ—
1. The lower part of the body.
୨ । ଅଣ୍ଟାତଳକୁ ଦେହର ଅଂଶ—
2. Part of the body below the waist

**ଅଧଃକୃତ**—ସଂ. ବିଣ. ( ଅଧଃ + କୃତ )—୧ । ପରାଜିତ—
Adhaḥkruta 1. Vanquished,
ସୁନ୍ଦର ଅର୍ଜୁନ ହି ମିତ୍ରଭାବେ ଅଧଃକୃତ କରି ସାଥ—ଗ୍ରନ୍ଥାଳୟ. ପାବର୍ତ୍ତ ।
୨ । ଗିଳାଯାଇଥିବା; ଭକ୍ଷିତ—2. Swallowed; eaten.
୩ । ତଳକୁ ନିଆଯାଇଥିବା—
3. Taken downwards.
୪ । ଘୃଣିତ—4. Despised.
୫ । ଯାହାକୁ କେହି ବଳିଯାଇଅଛି—5. Surpassed.
୬ । ଫିଙ୍ଗା ଯାଇଥିବା—6. Cast down ( M. W. )

**ଅଧଃକ୍ରିୟା**—ସଂ. ବି. ( ଅଧଃ + କ୍ରିୟା )—୧ । ଅଧୋଗମନ; ଅବନତି—
Adhaḥkriyā 1. Degradation.
୨ । ଅସମ୍ମାନ—2. Dishonour.

**ଅଧଃଖନନ**—ସଂ. ବି. ( ଅଧଃ + ଖନନ )—
Adhaḥkhanana ୧ । ତଳଆଡ଼କୁ ଖୋଳି ଖୋଳି ଯିବା—
1. Digging downwards.
୨ । କୌଣସି ବସ୍ତୁର ତଳେ ଗାତ କରିବା—
2. Undermining.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଝ | ଚ୍ଛ | ଷ,ଶ | କ୍ଷ | ଇଅ | ଡ଼ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ଙ |

**ଅଧଃପତନ**—ସ. ବି. (ଅଧଃ + ପତନ)—ଅଧଃପାତ (ଦେଖ)
Adhaḥpatana Adhaḥpāta (See)
(ଅଧଃପତିତ—ବିଣ)

**ଅଧଃପାତ**—ସ. ବି. (ଅଧଃ + ପାତ)—
Adhaḥpāta ୧ । ଅଧୋଗତି; ତଳକୁ ଖସିପଡ଼ିବା—
(ଅଧଃପାତିତ—ବିଣ) 1. Falling down.
୨ । ଦୁର୍ଗତି; ଉଚ୍ଛନ୍ନ ଦଶା; ସର୍ବନାଶ—
2. Downfall.
୩ । ଅବନତି—3. Deterioration.
୪ । ନୈତିକ ଅବନତି—4. Moral degradation.
୫ । ନରକରେ ପଡ଼ିବା—5 Falling in hell.

**ଅଧଃପୁଷ୍ପୀ**—ସ. ବି. (ବହୁବ୍ରୀହି; ଅଧଃ + ପୁଷ୍ପ + ଈ; ଯାହାର ଫୁଲ ତଳକୁ
Adhaḥpushpi ମୁହଁ କରି ଫୁଟେ)—ଅନନ୍ତମୂଳ (ଦେଖ)
1 Anantamūḻa (See)
୨ । ପୁଷ୍ପଗୁଳ୍ମବିଶେଷ—
2. A plant; Elephantopus Scaber (M. W.)

**ଅଧଃପ୍ରସ୍ତର**—ସ. ବି. ପୁଂ. (ଅଧଃ + ପ୍ରସ୍ତର)—ଅଶୌଚ ପାଳିବା ବ୍ୟକ୍ତିର
Adhaḥprastara ମାଟି ବା ତୃଣର ଶଯ୍ୟା—A bed of turf or grass for a person who is impure.

**ଅଧଃଶୟ**—ସ. ବିଣ. ପୁଂ. (ଅଧଃ + ଶୀ ଧାତୁ + କର୍ତ୍ତ୍ରି. ଅ)—
Adhaḥśaya ଯେ ଭୂମିରେ ଶୁଏ—Sleeping on the bare ground.
(ଅଧଃଶୟା—ସ୍ତ୍ରୀ)

**ଅଧଃଶୟନ**—ସ. ବି. (ଅଧଃ + ଶୟନ)—ଭୂମିଶୟନ; ଭୂଇଁରେ ଶୋଇବା—
Adhaḥśayana Sleeping on the ground.

**ଅଧଃଶଯ୍ୟ**—ସ. ବିଣ. ପୁଂ. (ବହୁବ୍ରୀହି; ଅଧଃ + ଶଯ୍ୟା)—
Adhaḥśajya ଅଧଃଶୟ; ଯେ ଭୂମିରେ ଶୁଏ—
(ଅଧଃଶଯ୍ୟା—ସ୍ତ୍ରୀ) Sleeping on the bare ground.

**ଅଧଃଶଯ୍ୟା**—ସ. ବିଣ. ସ୍ତ୍ରୀ. (ଅଧଃଶଯ୍ୟ + ଆ)—ଅଧଃଶଯ୍ୟର ସ୍ତ୍ରୀଲିଙ୍ଗ—
Adhaḥśajyā Feminine of Adhaḥśajya.
ସ. ବି—ଭୂମିଶୟନ; ଭୂଇଁରେ ଶୋଇବା—
Sleeping on the ground.

**ଅଧଃଶାୟୀ**—ସ. ବିଣ. ପୁଂ. (ଅଧଃ + ଶୀ ଧାତୁ + କର୍ତ୍ତ୍ରି. ଇନ୍ ୧ମା. ୧ବ)-
Adhaḥśāyī ଅଧଃଶୟ (ଦେଖ)
(ଅଧଃଶାୟିନୀ—ସ୍ତ୍ରୀ) Adhaḥśaya (See)

**ଅଧଃଶିରଃ**—ସ.ବିଣ.ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅଧଃ + ଶିରସ୍ ୧ମା.୧ବ)—
Adhaḥśiraḥ ୧ । ଅଧୋମୁଖ; ଶିର ତଳକୁ ହୋଇଥିବା—
1. Holdin the head downward.
୨ । ତଳକୁ ପଡ଼ିଲା ବେଳେ ମୁଣ୍ଡତଳ ଆଡ଼କୁ ଥିବା—
2. Head fore-most.

**ଅଧଃଶିରଃ**—ସ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି;ଅଧଃ+ଶିରସ୍ ୧ମା.୧ବ) -
Adhaḥśiraḥ ଅଧଃଶିରଃ (ଦେଖ)
Adhaḥśiraḥ (See)
ସ. ବି—(ଯେଉଁ ଠାରେ ପାପୀମାନଙ୍କ ମୁଣ୍ଡକୁ ତଳ ଆଡ଼କୁ କରାଇ ଦଣ୍ଡ ଦିଆଯାଏ ।)—
ନରକବିଶେଷ—Name of a hell.

**ଅଧଶ୍ଚର**—ସ. ବି. ( ଅଧଃ + ଚର ଧାତୁ + କର୍ତ୍ତ୍ରି. ଅ; ଯେ ଭୂଇଁରେ
Adhaśchara ଗୁପ୍ତରେ )—
ଚୋର—Thief ( M W. )

**ଅଧଃସ୍ଥ**—ସ. ବିଣ. (ଅଧଃ + ସ୍ଥା ଧାତୁ + କର୍ତ୍ତ୍ରି. ଅ)—
Adhaḥstha ୧ । ନିମ୍ନରେ ଅବସ୍ଥିତ -1. Situated below.
(ଅଧଃସ୍ଥା—ସ୍ତ୍ରୀ) ୨ । ନିକୃଷ୍ଟ—2. Inferior ( M. W. )

**ଅଧଃସ୍ଥିତ**—ସ. ବିଣ. (ଅଧଃ + ସ୍ଥିତ)—ନିମ୍ନରେ ଅବସ୍ଥିତ—
Adhaḥsthita Situated below.

**ଅଧଃସ୍ୱସ୍ତିକ**—ସ. ବି. ( ଅଧଃ + ସ୍ୱସ୍ତିକ )—ଆକାଶର ଯେଉଁ ଅଂଶ
Adhaḥswastika ମନୁଷ୍ୟର ଗୋଡ଼ ତଳେ ପୃଥିବୀର ବିପରୀତ ଦିଗରେ ଥାଏ—The Nadir.

**ଅଧଇରଯ**—ଗ୍ରା. ବି. (ସଂ. ଅଧୈର୍ଯ୍ୟ)—ଅଧୈର୍ଯ୍ୟ; ଧୈର୍ଯ୍ୟହୀନତା—
Adhairija Impatience.
ଅଧୈର୍ଯ୍ୟ ଗ୍ରା. ବିଣ—ଅଧୀର; ଧୈର୍ଯ୍ୟହୀନ—Impatient.

**ଅଧଇରଯିଆ**—ଗ୍ରା. ବିଣ. (ସଂ. ଅ + ଧୈର୍ଯ୍ୟ)—ଧୈର୍ଯ୍ୟହୀନ; ଅଧୀର—
Adhairijia Impatient.

**ଅଧଉଁଅଧ**—ଦେ. ବିଣ. ( ସଂ. ଅର୍ଦ୍ଧ + ଅର୍ଦ୍ଧ )—
Adhauṅadha ୧ । ଅଧକର ଅଧ; ଏକଚତୁର୍ଥାଂଶ—
ଆର୍ଦ୍ଧେକେରଆର୍ଦ୍ଧେକ 1. Half of half; one fourth
୨ । ଅଧକରୁ କମ୍—2. Less than half.

**ଅଧଉଁଅଧା**—ଦେ. ବିଣ—ଅଧଉଁଅଧ (ଦେଖ)
Adhauṅadhā Adhauṅadha (See)

**ଅଧଉପାସନ**—ସଂ.ବି. (ଅଧଃ+ଉପାସନ,ସନ୍ଧି ଯୋଗୁଁ ବିସର୍ଗର ଲୋପ)-
Adhaupāsana ମୈଥୁନ—Sexual intercourse(M.W)

**ଅଧକ**—ଦେ. ବି. ( ସଂ. ଅର୍ଦ୍ଧ )—
Adhaka ୧ । ଅର୍ଦ୍ଧ ପରିମାଣ—1. Half in quantity.
ଆଧା ୨ । ଅର୍ଦ୍ଧେକ; ଅର୍ଦ୍ଧାଂଶ—2. Half portion).
ଆଧା ଅସନ ଅଧକଟେ ବସାଇଲେ କେଳ । କୃଷ୍ଣସିଂହ. ମହାଭାରତ. ବନ ।
ଦେ. ବିଣ—ଅର୍ଦ୍ଧ ପରିମିତମାତ୍ର—
Half only of ( a thing.

**ଅଧକପାଳି**—ଦେ. ବି—ଅଧାକପାଳି ( ଦେଖ )
Adhakapāḻi Adhākapāḻi ( See )

**ଅଧଖିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅର୍ଦ୍ଧ + ଖାଦ ଧାତୁ )—
Adhakhiā ଦରଖିଆ; ଖାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ କରି ନ
ଅଧଖାଯା ଥିବା—Half-fed; not having finished one's meal.

**ଅଧଡ଼**—ଗ୍ରା. ବିଣ. ( ସ. ଅଦୃଢ଼ )—୧ । ଅଦୃଢ଼ ( ଦେଖ )
Adharda 1. Adardha ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ଼ଭ ୧ ଚଢ଼ିଧ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିଭ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଳିତ୍ର କପସାଡ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ବୂଅ' ଦେଖିବେ; 'ବଅ' ନ ପାଇଲେ 'ବଳ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଢ଼' ଦେଖିବେ ।

୨ । ଅତି ଶୀର୍ଣ୍ଣ ଶରୀରବିଶିଷ୍ଟ—
2. Emaciated; very weak.

**ଅଧଡ଼କ**—ଗ୍ରା. ବିଣ. ( ସ. ଅ + ଧଡ଼କ୍ = ଧ୍ୱନ୍ୟର୍ଥକ; ଭୟଜନିତ ହୃଦୟର ଧଡ଼ଧଡ଼ ନ ହେବା )—୧ । ନିଧଡ଼କ; ନିର୍ଭୟ—
Adhardaka
বেধড়ক — 1 Fearless.
बेधड़क — ୨ । ନିଶ୍ଚିନ୍ତ—2 Free from anxiety.

ଗ୍ରା. କ୍ରି. ବିଣ—ନିଶ୍ଚିନ୍ତରେ—
Fearlessly; without fear or anxiety.

**ଅଧଡ଼ଧଡ଼**—ଦେ. ଅ—ଯେଉଁ ବ୍ୟକ୍ତିର ଶରୀର ବାର୍ଦ୍ଧକ୍ୟ ବା ରୋଗ ଯୋଗୁଁ ଅତି ଶୀର୍ଣ୍ଣ—
Adhardadharda
ধড়ধড়ে, মোরকুটে — A person of emaciated frame.

ଅଧଡ଼ଧଡ଼ ! ଘରେ ଭାତ ନାହିଁ ବୁଢ଼ୀକି ଚଡ଼—ଚଗ ।

ଦେ. ବିଣ—୧ । ଅଦଡ଼ ( ଦେଖ )
1 Adardha ( See )

୨ । ଭଙ୍ଗା—2. Broken.

୩ । ଢିଲା—3. Slack; loose.

୪ । ଅତି ଜୀର୍ଣ୍ଣଶୀର୍ଣ୍ଣ—
4. Very weak and emaciated.

**ଅଧନ**—ସ. ବିଣ. ପୁଂ. ( ବହୁବ୍ରୀହି; ଅ + ଧନ )—୧ । ନିର୍ଦ୍ଧନ—
Adhana — 1. Poor.
(ଅଧନା—ସ୍ତ୍ରୀ)

ଅଧର୍ମ ହେଲେ ଲକ୍ଷ୍ମୀ ଦୁର୍ବଳ ବୋଲାଏ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୨ । (ସ୍ମୃତି) ନିଜର ସ୍ୱତନ୍ତ୍ର ଧନର ଅଧିକାରୀ ହେବାକୁ ଆଇନ ଅନୁସାରେ ଅସମର୍ଥ—
2. ( Law ) Not legally entitled to own property.

[ ଦ୍ର—ଭାର୍ଯ୍ୟା, ପୁତ୍ର ଓ ଦାସ ଏ ତିନି ଜଣ ଅଧନ; ଏମାନେ ଯେଉଁ ଧନ ଲାଭ କରନ୍ତି ବା ଅର୍ଜନ୍ତି ସେ ଧନରେ ସେମାନଙ୍କର ଭର୍ତ୍ତା, ପିତା ଓ ପ୍ରଭୁ ଯଥାକ୍ରମେ ଅଧିକାରୀ ଅଟନ୍ତି ।
ରାମଶଙ୍କର. ମନୁସଂହିତା ୮।୪୧୬ । ]

**ଅଧନ୍ଧୁତି**—ଗ୍ରା. ବି. ଓ ବିଣ—ଅନାଧୁନି ( ଦେଖ )
Adhandhuti — Andādhuni ( See )

**ଅଧନ୍ଧୁତିଆ**—ଗ୍ରା. ବିଣ. ପୁଂ—ଅନାଧୁନିଆ ( ଦେଖ )
Adhandhutiā — Andādhuniā ( See )
ଅଧନ୍ଧୁତୀ
ଅଧନ୍ଧୁତେଇ } ସ୍ତ୍ରୀ

**ଅଧନ୍ୟ**—ସ. ବିଣ. ( ଅ + ଧନ୍ୟ )—୧ । ଅସୁଖୀ—
Adhanya — 1. Miserable; unhappy.
(ଅଧନ୍ୟା—ସ୍ତ୍ରୀ) ୨ । ଭାଗ୍ୟହୀନ—2 Unfortunate.

**ଅଧପାଆ**—ଦେ. ବି. ( ସ. ଅର୍ଦ୍ଧ + ପାଦ )—
Adhapāā — ୧ । ଏକ ପାଆର ଅଧେ; ଏକ ସେରର ⅛; ୨ ଛଟାଙ୍କି—
আধপুও — 1. One eighth of a seer.
अधपाव — ୨ । କୌଣସି ବସ୍ତୁର ଏକ ଅଷ୍ଟମାଂଶ—
2. ⅛ of any thing.

୩ । ଏକ କୋଶର ⅛—3. Two furlongs.

୪ । ୨ ଛଟାଙ୍କି ଓଜନର ବଟକରା—
4. A standard weight of ⅛ of a seer.

୫ । ୨ ଛଟାଙ୍କି ପରିମାଣର ମାପପାତ୍ର—
5. A standard measure of ⅛ of a seer capacity.

ଦେ. ବିଣ—୧ । ୨ ଛଟାଙ୍କି ପରିମିତ—
1. Measuring ⅛ of a seer.

୨ । ୨ ଛଟାଙ୍କି ଓଜନର—
2. Weighing ⅛ of a seer.

୩ । କୋଶର ⅛ ଭାଗ ଦୂର—
3. 2 Furlongs distant.

**ଅଧପାଆକିଆ**—ଦେ. ବିଣ—୧ । ଯେଉଁ ପାତ୍ରରେ ଅଧପାଆ ପରିମିତ ପଦାର୍ଥ ସମ୍ଭାଏ—
Adhapāākiā
আধাপুও — 1. (pot) Of the capacity of ⅛ of a seer.
आधपावका — ୨ । ଯେଉଁ ହାଣ୍ଡିରେ ଅଧପାଏ ଚାଉଳ ସିଝି ଭାତ ରନ୍ଧା ଯାଇପାରେ—
2. ( cooking-pot ) Of the capacity for boiling ⅛ seer of rice.

୩ । ଯେଉଁ ବସ୍ତୁର ପ୍ରତ୍ୟେକର ଓଜନ ଅଧପାଆ—
( ଯଥା—ଅଧପାଆକିଆ ଲଡ଼ୁ )
3. ( things ) Each of which weighs ⅛ seer.

ଦେ. ବି—ଅଧପାଇ ( ଦେଖ )
Adhapāi ( See )

**ଅଧପାଇ**—ଦେ. ବି. ( ସଂ. ଅର୍ଦ୍ଧ + ପାଦ )—
Adhapāi — ୧ । ଯେଉଁ ବଟକରାଦ୍ୱାରା ଅଧପାଆ ପରିମିତ ବସ୍ତୁ ତଉଲାଯାଏ—1. A standard weight
আধপাই
अधपाइ — of ⅛ seer.

୨ । ଯେଉଁ ମାପପାତ୍ରରେ ଅଧପାଆ ବସ୍ତୁ ମାପ କରାଯାଏ—
2. A cup for measuring ⅛ seer.

୩ । ଅଧପାହି ( ଦେଖ )
3. Adhapāhi ( See )

**ଅଧପାଇକିଆ**—ଦେ. ବିଣ—ଅଧପାଆକିଆ ( ଦେଖ )
Adhapāikiā — Adhapāakiā ( See )

**ଅଧପାହି**—ଦେ. ବି—ପାହୁଲାର ଅଧେ—
Adhapāhi — Half a pie.
আধপাহি
अधपाहि

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଢ଼ଅ | ଷ୍ଠ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ତୁ |

**ଅଧପେଟ**—ଦେ. ବି—ପେଟପୂର୍ଣ୍ଣ ନ ହେବା ଭୋଜନ—
Adhapeta Half a bellyful of meal.
আধপেট ଦେ. ବିଣ—ଖାଇବାଦ୍ୱାରା ଯାହାର ପେଟ ପୂର ନ ଥାଏ—
Half-fed.

**ଅଧବା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅ + ଧବ + ଆ )
Adhabā ବିଧବା— A widow.
(ସଧବା—ବିପରୀତ)

**ଅଧବାଟ**—ଦେ. ବି. ( ସଂ. ଅର୍ଦ୍ଧ + ବାଟ )—
Adhabāta ୧ । ନିର୍ଦ୍ଦିଷ୍ଟ ଦୂରତ୍ୱର ଅଧେ—
আধপথ 1. Half of a certain distance.
অধবাট ୨ । ନିର୍ଦ୍ଦିଷ୍ଟଦୂରତ୍ୱବିଶିଷ୍ଟ ପଥର ଖଣ୍ଡାଂଶ—
2. Half-way.
( ଯଥା—ତାଙ୍କର ମୋର ଅଧବାଟରେ ଦେଖା ହେଲା । )

**ଅଧବାଟିଆ**—ଦେ. ବିଣ—୧ । ନିର୍ଦ୍ଦିଷ୍ଟଦୂରତ୍ୱ ବା ପଥରୁ ଅଧେ
Adhabātiā ଯାଇଥିବା ( ବ୍ୟକ୍ତି )—1. ( a person ) Who has gone half the distance.
୨ । ଦୁଇ ଜଣଙ୍କଦ୍ୱାରା ଅଧେ ଅଧେ କରାଯିବା ( କର୍ମ )—
2. (work) Done by two persons half and half.
୩ । ( ଲକ୍ଷଣାର୍ଥ ) ଅସମ୍ପୂର୍ଣ୍ଣ—3. Incomplete.
୪ । (ଗୋଟିଏ ଭାର ବସ୍ତୁ ବା ବୋଝ) ଯାହାକୁ ଦୁଇ ଜଣ ବ୍ୟକ୍ତି ଅଧେ ଲେଖାଏଁ ଦୂରତ୍ୱ ଯାକେ ବୋହି ନଅନ୍ତି—
4. (a load) Which is carried by two people half way each.
ଦେ. ବି—ଖୋଳା ହେବା ମାଟିକୁ କୌଣସି ସ୍ଥାନରୁ କିଛି ବେଶି ଦୂର ନେବାକୁ ପଡ଼ିଲେ ଜଣେ ବୋହିଆ ମାଟି ବୋଝକୁ ଖୋଳା ହେବା ଜାଗାରୁ କିଛି ଦୂର ( ଅଧବାଟ ) ପର୍ଯ୍ୟନ୍ତ ବୋହି ନେଇ ଓ ସେଠାରୁ ଆଉ ଜଣେ ବୋହିଆ ପ୍ରଥମ ବୋହିଆ ଠାରୁ ସେ ବୋଝକୁ ନେଇ ନିର୍ଦ୍ଦିଷ୍ଟସ୍ଥାନରେ ପକାଏ, ଏହିପରି ପ୍ରଣାଳୀରେ ମାଟିକାମ କରାଯିବା ରୀତି—
An arrangement for carrying loads of earth to a certain distance by relays of carriers, one relay carrying the loads half way and then transferring them to the other relay of coolies to be carried to the destination.

**ଅଧବେଳ**—ଦେ. ବି. ( ସଂ. ଅର୍ଦ୍ଧ + ବେଳା )—
Adhabela ୧ । ଅର୍ଦ୍ଧଗ୍ରାସ; ଅଧାଭୋଜନ—
1. Half a meal.
୨ । ଦିନ ମଧ୍ୟରେ ଥରେ ମାତ୍ର ଭୋଜନ—
2. Taking one meal a day.
ଦିନେ ଉପବାସ, ଅରଦିନ ଅଧବେଳ । ସାରଳା- ମହାଭାରତ- ବନ ।

**ଅଧବେଲା**—ଦେ. ବି—ସାନ କଂସା; ଛୋଟ ବେଲା—
Adhabelā A small bell-metal cup.
ছোটকাঁসা

**ଅଧବେଲି**—ଦେ. ବି—ଅଧବେଲା ( ଦେଖ )
Adhabeli Adhabelā ( See )

**ଅଧମ**—ସଂ. ବିଣ. (ଅବ ଧାତୁ—ଗମନ କରିବା + କର୍ତ୍ତୃ. ଅମ; ନିପାତନ)—
Adhama ୧ । ନୀଚ; ନୀଚତମ—1. Base.
ଅଧମା—ସ୍ତ୍ରୀ } ୨ । ନିମ୍ନତମ—2. Lowest.
ଅଧମତା—ବି } ୩ । ହୀନ; ହୀନତମ—3. Vile; vilest.
ସଂ—ଉତ୍ତମ- ବିପରୀତ } ୪ । ଅତି ସାମାନ୍ୟ—
ଦେ—ଧମ—ବିପରୀତ } 4. Very slight; humble.
୫ । ଅତି ନିକୃଷ୍ଟ—5. Very inferior; mean.
୬ । ଅତି ଅଯୋଗ୍ୟ—6. Very unworthy.
୭ । ହେୟ—7. Insignificant.
୮ । ଘୃଣ୍ୟ—8. Despicable.
୯ । ଅତି ମନ୍ଦ—9. Very bad.
୧୦ । ପାପୀ—10. Sinful.
୧୧ । ଦୁଷ୍ଟ—11. Wicked.
ସଂ. ବି—୧ । ନିର୍ଲଜ୍ଜ ନାଗର ବା ଉପପତି; ଭୟ, ଦୟା ଓ ଲଜ୍ଜାଶୂନ୍ୟ ଏବଂ କାମକ୍ରୀଡ଼ା ବିଷୟରେ କର୍ତ୍ତବ୍ୟାକର୍ତ୍ତବ୍ୟ-ବିଚାରରହିତ ବ୍ୟକ୍ତି—( ଶବ୍ଦକଳ୍ପଦ୍ରୁମ )
1 An unblushing paramour (M.W.); an unblushing sensualist.
୨ । ବୃକ୍ଷବିଶେଷ— 2. Name of a tree.
( ହିନ୍ଦି. ଶବ୍ଦସାଗର )
୩ । (ଜ୍ୟୋତିଷ) ମନୁଷ୍ୟର ବିତ୍ତ ଓ ଜ୍ଞାନାଦିର ହୀନତାସୂଚକ ରବି ଓ ଚନ୍ଦ୍ର ଗ୍ରହଦ୍ୱୟଙ୍କ ସ୍ଥିତିବିଶେଷ ରୂପ ଯୋଗ—
( Astronomy ) A very inauspicious conjunction of the planets, Sun and Moon in a person's horoscope.

**ଅଧମକବି**—ସଂ. ବି—ଯେଉଁ କବି ଅନ୍ୟ କବିଙ୍କର ନିନ୍ଦା କରେ—
Adhamakabi A poet who criticises other poets; a satirist.
( ହିନ୍ଦି. ଶବ୍ଦସାଗର )

**ଅଧମକାବ୍ୟ**—ସଂ. ବି—ଯେଉଁ କାବ୍ୟରେ ବ୍ୟଙ୍ଗ୍ୟାର୍ଥ ନ ଥାଏ—
Adhamakābya ( କୁଳମଣି. ଅଲଙ୍କାର ତରଙ୍ଗିଣୀ )—
A poem which does not contain any hidden meaning; a poem of no literary merit.

**ଅଧମଧମ**—ଗ୍ରା. ବିଣ. ( ସଂ. ଅଧମାଧମ )—ଅଧମାଧମ ( ଦେଖ )
Adhamadhama Adhamādhama ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗଁ।' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**ଅଧମଧମା**— ଗ୍ରା. ବିଣ— ଅଧମଧମ ( ଦେଖ )
Adhamadhamā — Adhamadhama (See)
ଗ୍ରା. କ୍ରି. ବିଣ—ଅତି ମନ୍ଦରୂପ—Very badly.
( ଯଥା—ସେ ଏ କାମ ଅଧମଧମା କରି ଦେଇ ଚାଲିଗଲା । )

**ଅଧମଭୃତ**— ସଂ. ବି. ପୁଂ. (କର୍ମଧା)—୧ । ଅତି ନୀଚ କର୍ମ କରିବା ପାଇଁ ନିଯୁକ୍ତ ଚାକର—
Adhamabhṛuta
1. A menial servant.
୨ । ଭାରବାହୀ ବା ବୋହିଆ; କୁଲି—
2. A cooly; porter; groom.
[ ଦ୍ର—କାର୍ଯ୍ୟ ଅନୁସାରେ ଭୃତ୍ୟମାନଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇ ଅଛି—
୧ । ଅସ୍ତ୍ର ଶସ୍ତ୍ର ବ୍ୟବହାରକାରୀ— ଉତ୍ତମ;
୨ । ହଳିଆ; କୋଠିଆ; ଖମାରୀ—ମଧ୍ୟମ;
୩ । ଭାରବାହୀ; ବୋହିଆ; କୁଲି—ଅଧମ । ]

**ଅଧମଭୃତକ**— ସଂ. ବି. (କର୍ମଧା; ଅଧମ+ଭୃତକ)—ଅଧମଭୃତ (ଦେଖ)
Adhamabhṛutaka — Adhamabhṛuta (See).

**ଅଧମରତି**—ସଂ. ବି. (କର୍ମଧା)—କାର୍ଯ୍ୟବଶପ୍ରୀତି; ସ୍ୱାର୍ଥପୂର୍ଣ୍ଣ ପ୍ରଣୟ— ( ହିନ୍ଦି. ଶବ୍ଦସାଗର )
Adhamarati
Attachment or friendship actuated by self-interest.

**ଅଧମରା**— ଦେ. ବିଣ. (ସଂ. ଅର୍ଦ୍ଧ+ମର)—
Adhamarā ୧ । ଅର୍ଦ୍ଧମୃତ; ଦରମରା; ମୃତକଳ୍ପ—
আধমরা 1. Almost dead; half-dead.
अधमरा ୨ । ଅତ୍ୟନ୍ତ କ୍ଳାନ୍ତ ଓ ଅବସନ୍ନ—
2. Exceedingly tired.
୩ । ମୁମୂର୍ଷୁ; ଘୁଲୁଘୁଲୁ ହେଉଥିବା—3 Dying.

**ଅଧମଲା**—ଦେ. ବିଣ—ଅଧମରା ( ଦେଖ )
Adhamalā — Adhamarā ( See )

**ଅଧମର୍ଣ୍ଣ**—ସଂ. ବି. ପୁଂ. ( ବହୁବ୍ରୀହି; ଅଧମ+ଋଣ, ଯେ ଋଣଦ୍ୱାରା ଅଧମାବସ୍ଥାକୁ ପ୍ରାପ୍ତ ହୋଇଅଛି )—
Adhamarṇṇa
(ଅଧମର୍ଣ୍ଣା—ସ୍ତ୍ରୀ) ୧ । ଋଣୀ; ଖାତକ; ଦେଣାଦାର—
(ଉତ୍ତମର୍ଣ୍ଣ—ବିପରୀତ) 1. A debtor.
୨ । କରଜଦାର; ଋଣଗ୍ରସ୍ତ ବ୍ୟକ୍ତି; ଋଣଜାଲରେ ଜଡ଼ିତ ବ୍ୟକ୍ତି—2. An indebted person.

**ଅଧମର୍ଣ୍ଣିକ**—ସଂ. ବି. ପୁଂ. ( କର୍ମଧା; ଅଧମ+ଋଣିକ )—ଅଧମର୍ଣ୍ଣ (ଦେଖ)
Adhamarṇṇika — Adhamarṇṇa (See)
(ଅଧମର୍ଣ୍ଣିକା—ସ୍ତ୍ରୀ)

**ଅଧମା**—ସଂ. ବିଣ. ସ୍ତ୍ରୀ. ( ଅଧମ+ଆ )— ୧ । ଅଧମର ସ୍ତ୍ରୀଲିଙ୍ଗ—
Adhamā — Feminine of Adhama.
ସଂ. ବି. ସ୍ତ୍ରୀ—ନୀଚ ବା ମନ୍ଦପ୍ରକୃତିବିଶିଷ୍ଟା ରକ୍ଷିତା ସ୍ତ୍ରୀ—
A low or bad mistress ( M. W. )
ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଭୁଲାର୍ଥକ )—ଅଧମ ( ଦେଖ );
Adhama ( See )

**ଅଧମାଙ୍ଗ**—ସଂ. ବି. ( କର୍ମଧା; ଅଧମ+ଅଙ୍ଗ )—
Adhamāṅga ଚରଣ; ଗୋଡ଼—The foot.
(ଉତ୍ତମାଙ୍ଗ—ବିପରୀତ)

**ଅଧମାଚାର**—ସଂ. ବି. (କର୍ମଧା)—ନୀଚ ଆଚରଣ—
Adhamāchāra — Mean conduct.
ସଂ. ବିଣ. ପୁଂ. (ବହୁବ୍ରୀହି)-ଯାହାର ଆଚରଣ ଅତି ହୀନ—
(ଅଧମାଚାରା—ସ୍ତ୍ରୀ) Of mean conduct.

**ଅଧମାଦୂତୀ**—ସଂ.ବି.ସ୍ତ୍ରୀ—ଯେଉଁ ଦୂତୀ କଟୁବାକ୍ୟ କହି ନାୟକ ନାୟିକାଙ୍କ ସନ୍ଦେଶ ପରସ୍ପରଙ୍କ ନିକଟରେ ପହଞ୍ଚାଏ—
Adhamādūtī
A bad and surly go-between.

**ଅଧମାଧମ**—ସଂ. ବିଣ. ପୁଂ. ( ୭ମୀ ତତ୍; ଅଧମ+ଅଧମ; ଅଧମ ଅପେକ୍ଷା ଅଧମ )—
Adhamādhama
(ଅଧମାଧମା—ସ୍ତ୍ରୀ) ଅତି ଅଧମ—Most wretched; the lowest of the low.

**ଅଧମା ନାୟିକା**— ସଂ. ବି. ସ୍ତ୍ରୀ—ଯେଉଁ ନାୟିକା ପ୍ରିୟ ବା ହିତକାରୀ ନାୟକ ପ୍ରତି କୁବ୍ୟବହାର କରେ, ପ୍ରକୃତି ଅନୁସାରେ ତିନି ଶ୍ରେଣୀର ନାୟିକା ମଧ୍ୟରୁ ନୀଚତମା—
Adhamā nāyikā
A mean-minded lady.

**ଅଧମାର୍ଦ୍ଧ**— ସଂ. ବି. ( କର୍ମଧା )—ନାଭି ବା ଅଣ୍ଟା ତଳକୁ ଥିବା ଶରୀରର ଅଂଶ—The lower half of the body; part of the body below the navel.
Adhamārddha
(ଉତ୍ତମାର୍ଦ୍ଧ—ବିପରୀତ)

**ଅଧମାର୍ଦ୍ଧ୍ୟ**—ସଂ. ବିଣ. (ଅଧମାର୍ଦ୍ଧ+ଯ)—ଦେହର ନିମ୍ନାଂଶ ସମ୍ବନ୍ଧୀୟ—
Adhamārddhya — Relating to the lower part of the body.

**ଅଧର**—ସଂ. ବିଣ. ( ଅ+ଧୃ ଧାତୁ=ଧାରଣ କରିବା+କର୍ମ. ଅ; ଯାହା ଧରି ଯାଇ ନାହିଁ; ଏହା ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୁଏ, ଯଥା—ଅଧରୋଷ୍ଠ; ଅଧରବାସ )—
Adhara
(ଅଧରା – ସ୍ତ୍ରୀ)
(ଉତ୍ତର—ବିପରୀତ) ୧ । ନିମ୍ନସ୍ଥ; ନିମ୍ନରେ ଥିବା; ତଳେ ଥିବା—
1. Lower; nether.
୨ । ନୀଚ; ଅଧମ; ହୀନ—2. Low; mean; vile.
୩ । ନିକୃଷ୍ଟ—3. Inferior.

ଅରୁଣ ଅଧରେ ଅରୁଣ ଅଧର ନବ ସବ ତଳେ ରହିବେ ।
ଉତ୍କ. କୋଷ୍ଠଚ୍ଛାଣ୍ଡଣ୍ଡକମ. ୨୧୫ ।

୪ । ପୂର୍ବବର୍ତ୍ତୀ—4. Previous (ଯଥା—ଅଧରେଦ୍ୟୁଃ)
ସଂ. ବି—୧ । ଅଧରୋଷ୍ଠ; ତଳ ଓଠ—
1. Nether or lower lip.
୨ । ଓଠ—2 Lip.

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଷ | ଙ୍କ | ଇଯ୍ଯ | ଉଥ | ଘ |
| ୨ | ଈ | ଊ | ରୁ | ଲୁ | ଦ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ | ଇଅ | ଖ | ନ୍ତ |

ପିଅନ୍ତି ଦୁହେଁକି ଅରେ ଦୁହେଁଙ୍କ ଅଧର । କବସୂର୍ଯ୍ୟ-ବଶୋଦାରତ୍ନ—ପ. ଗୀତ ।

୩ । ଦେହର ନିମ୍ନତମ ଅଂଶ—
3. The lower part of the body (Apte)

୪ । ବକ୍ତୃତା—4. Speech; address (Apte)

୫ । ଯୋନି—5. The vulva; Pudendum Muliebre (Apte).

୬ । ପ୍ରତ୍ୟୁତ୍ତର—6. A reply ( M W. )

**ଅଧରକଣ୍ଠ**—ସଂ. ବ. (କର୍ମଧା; ଅଧର+କଣ୍ଠ)—କଣ୍ଠ ବା ବେକର
Adharakaṇṭha ନିମ୍ନଭାଗ—
The lower part of the neck.

**ଅଧରକାୟ**—ସଂ. ବ. ( କର୍ମଧା; ଅଧର+କାୟ ) ଦେହର ନିମ୍ନଭାଗ—
Adharakāya The lower part of the body.

**ଅଧରକାରୀ**—ଦେ. ବଣ—ଉତ୍କୃଷ୍ଟତାଦ୍ୱାରା ପରାଭବକାରୀ—
Adharakārī Vanquishing; excelling.

ବନ୍ଧୁକ ଅଧରକାରୀ ଅଧରରେ ବନ୍ଧୁ ତୁ ମୋ ରକ୍ଷଣରେ ।
ଭଞ୍ଜ. ବୈଦେହୀଶବିଳାସ. ୨୦।୨୧ ।

**ଅଧରଜ**—ଗ୍ରା. ବ. ( ସଂ. ଅଧୈର୍ଯ୍ୟ )—ଅଧୈର୍ଯ୍ୟ—
Adharaja Impatience.

**ଅଧରଜି**—ଗ୍ରା. ବଣ. ପୁଂ ଓ ସ୍ତ୍ରୀ. ( ସଂ. ଅ+ଧୈର୍ଯ୍ୟ )—
Adharaji ଧୈର୍ଯ୍ୟହୀନ—Impatient.

**ଅଧରଜିଆ**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅଧୈର୍ଯ୍ୟ )—
Adharajiā ଧୈର୍ଯ୍ୟହୀନ—Impatient.

**ଅଧରଟୋପି**—ଦେ. ବ—୧ । ( ସଂ. ଅଭ୍ର )—ଅଗରଟିକଲି; ସ୍ତ୍ରୀମାନେ
Adharaṭopi କପାଳରେ ପିନ୍ଧିବା କୃଷ୍ଣାଭ୍ରର କଳା ଟିକଲି—
1. Round spot of black mica put on the brow by females.

୨ । ( ସଂ. ଅଧର ) ସ୍ତ୍ରୀମାନେ ଅଧରୋଷ୍ଠରେ ଚିତ୍ର କରିଥିବା ଖଇରର ଟୋପା ବା କଳାବିନ୍ଦୁ—
2. A spot of catechu or black painted on the lower lip by women.

**ଅଧରତଃ**—ସଂ. କ୍ରି. ବଣ. ( ଅଧର+ତସ୍ )—ତଳେ; ନିମ୍ନରେ—
Adharataḥ Below; beneath.

**ଅଧରପଣା**—ଦେ. ବ. [ ଏ ପଣା ଯେଉଁ ଦାଣ୍ଡିମାନଙ୍କରେ ଭୋଗ ଲାଗେ
Adharapaṇā ସେ ଦାଣ୍ଡିମାନ ପୂଜକର ଓଠ (ଅଧର) ପର୍ଯ୍ୟନ୍ତ
ଅଧରପାନା ଉଚ୍ଚ ଥିବାରୁ ଏହି ନାମ; ସଂ. ଅଧର+ପ୍ରପାନକ ]—ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସମୟରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରଥରେ ଥିବାବେଳେ ତାଙ୍କୁ ଭୋଗକରାଯିବା ପଣା—Sweetened drink offered to the deities Jagannātha, Balabhadra & Subhadrā while they are on the cars during the car-festival.

**ଅଧରପତ୍ର**—ସଂ. ବ. ( ରୂପକ; ଅଧର+ପତ୍ର )—ପତ୍ର ପରି କମନୀୟ
Adharapatra ଅଧରୋଷ୍ଠ—Beautiful lip (compared to a leaf ).

**ଅଧରପାନ**—ସଂ. ବ. (୬ମୀ ତତ୍; ଅଧର ଚୁମ୍ବନପୂର୍ବକ ଅଧରମଧୁ-ପାନ)—
Adharapāna ୧ । ଓଷ୍ଠରେ ଚୁମ୍ବନ—
1. Kissing on the lower lip.

୨ । ପ୍ରେମିକ ପ୍ରେମିକାଙ୍କର ଓଷ୍ଠଚୁମ୍ବନ ବା ଚୁମିବା—
2. Sucking of each other's lower lips by lovers.

**ଅଧରବାସ**—ସଂ. ବ. ( ମଧ୍ୟପଦଲୋପୀ; ଅଧର ଦେହର ବାସ )—
Adharabāsa ୧ । ନାଭି ତଳକୁ ପିନ୍ଧାଯିବା ଲୁଗା—
1. Cloth worn below the navel.

୨ । ପୋଷାକ ତଳ ଦେହକୁ ଲାଗି ପିନ୍ଧାଯିବା ଲୁଗା—
2. Under-wear.

**ଅଧରବିନ୍ଦୁ**—ସଂ. ବ. ( ମଧ୍ୟପଦଲୋପୀ କର୍ମଧା; ଅଧରଚିହ୍ନିତବିନ୍ଦୁ )—
Adharabindu ସ୍ତ୍ରୀଲୋକମାନଙ୍କ ତଳ ଓଠ ବା ଥୋଡ଼ିରେ ଚିହ୍ନିତ କଳା ଟୋପି ବା କଳା ଚିତା—Spot of black painted on the tip of the lip by women.

**ଅଧରବିମ୍ବ**—ସଂ. ବ. ( ରୂପକ; ଅଧର + ବିମ୍ବ )—ପକ୍ୱ ବିମ୍ବଫଳ ପରି
Adharabimba ନାଲି ଓ ସୁନ୍ଦର ଓଠ—Rosy lip (compaed to a ripe Bimba fruit )

**ଅଧରମ୍**—ପ୍ରାଦେ. ( ସମ୍ବଲପୁର ) ବ. (ସଂ. ଅଧର୍ମ)—ଅଧର୍ମ (ଦେଖ)—
Adharam Adharma ( See )

**ଅଧରମ**—ଗ୍ରା. ପଦ୍ୟ. ବ. ( ସଂ. ଅଧର୍ମ )—ଅଧର୍ମ ( ଦେଖ )
Adharama Adharma ( See )

ଧର୍ମ ଅଧରମ କରଇ ଯେଉଁ ନର. ଅବଶ୍ୟ ଶୁଭାଶୁଭ ଭୁଞ୍ଜଇ ତାହାର ।
କୃଷ୍ଣସିଂହ. ମହାଭାରତ. କେ ।

ଗ୍ରା. ବଣ—ପାପଯୁକ୍ତ; ଅଧାର୍ମିକ ( କର୍ମ )—Impious; sinful ( act ).

**ଅଧରମଧୁ**—ସଂ. ବ. ( ମଧ୍ୟପଦଲୋପୀ; ଅଧରଜାତ ବା ଅଧର ଲଗ୍ନିତ
Adharamadhu ମଧୁ )—ଅଧରାମୃତ; ପ୍ରେମିକପ୍ରେମିକା ପରସ୍ପର ଅଧର ଚୁମ୍ବନ କରିବା ସମୟରେ ପରସ୍ପରଙ୍କ ଅଧରନିଃସୃତ ଲାଳ, ଯାହାକୁ ଅନ୍ୟୋନ୍ୟ ଆସ୍ୱାଦନ କରନ୍ତି (ଏବ ଯାହାକୁ ପରସ୍ପର ତୋଳରେ ମଧୁ ବା ଅମୃତ ସଙ୍ଗେ ତୁଳନା କରନ୍ତି )—The honey of the lips imbibed by lovers while kissing each other.

**ଅଧରମୀ**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. (ସଂ. ଅ+ଧର୍ମୀ)—୧ । ଅଧାର୍ମିକ—
Adharamī 1. Impious; irreligious.

୨ । ନିଜ ଧର୍ମତ୍ୟାଗୀ—2. Deserting one's creed.

୩ । ବିଧର୍ମୀ—3. Professing a different creed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଧରସପତ୍ନ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଧର+ସପତ୍ନ; ଯାହାର
Adharasapatna ଶତ୍ରୁମାନେ ପରାଜିତ ହୋଇ ବା ମତ୍ତ ତଳେ
(ଅଧରସପତ୍ନା—ସ୍ତ୍ରୀ ) ପଡ଼ିଛନ୍ତି;ଯେ ଶତ୍ରୁମାନଙ୍କୁ ପରାଜିତ କରିଅଛି)—
One whose enemies are worsted or silenced ( M. W. )

**ଅଧରସ୍ୱସ୍ତିକ**—ସଂ. ବି. (କର୍ମଧା)— ମନୁଷ୍ୟର ଗୋଡ଼ ତଳେ ପୃଥିବୀର
Adharaswastika ବିପରୀତ ଦିଗରେ ଥିବା ଆକାଶର କଳ୍ପିତ ବିନ୍ଦୁ—The nadir.

**ଅଧରହନୁ**—ସଂ. ବି. (କର୍ମଧା)—ତଳ ପାଟିର ହାଡ଼—
Adharahanu The lower jaw-bone.

**ଅଧରା**—ସଂ. ବି. ସ୍ତ୍ରୀ. ( ଅଧର+ଆ )—୧ । ଅଧରର ସ୍ତ୍ରୀଲିଙ୍ଗ—
Adharā 1. Feminine of Adhara.

ସଂ. ବି. ସ୍ତ୍ରୀ—୨ । ମନୁଷ୍ୟର ଠିକ୍ ଗୋଡ଼ତଳେ ଥିବା ପୃଥିବୀର ଆର ପାଖେ ଆକାଶର କଳ୍ପିତ ବିନ୍ଦୁ—2.The nadir.

୩ । ଦକ୍ଷିଣ ଦିଗ – 3. The south.

ଦେ. ବିଣ. (ସଂ. ଅଧୃତ)—୧ । ଅଧୃତ;ଧରା ହୋଇ ନ ଥିବା—
1. Uncaught; unheld.

ଏଁଡ଼େ ୨ । (ପୁଂ) ଯେଉଁ ଅଣ୍ଡିରା ବାଛୁରୀ ଧରା ହୋଇ ନ ଥାଏ ଅର୍ଥାତ୍ ଯାହାର ମୁଷ୍କ ଛେଦନ କରାଯାଇ ନ ଥାଏ—
2. Uncastrated ( bull-calf )

୩ । (ସ୍ତ୍ରୀ) ବାଛୁରୀ ଜନ୍ମ କରିବା ପରେ ଯେଉଁ ଗାଈ ଧରା ହୋଇ ନଥାଏ ଅର୍ଥାତ୍ ଯାହାକୁ 'ଫୁଙ୍କା' ହୋଇ ନଥାଏ—
ଆଫୁଁକା 3. (a cow) Not yet subjected to the process of blowing after giving birth to a calf.

**ଅଧରାତି**—ଦେ. ବି. (ସଂ. ଅର୍ଦ୍ଧରାତ୍ର)—ଅର୍ଦ୍ଧରାତ୍ର; ରାତିର ମଧ୍ୟ ଭାଗ;
Adharāti ରାତିଅଧ—Midnight.
ରାତହୁପୁର
আধীরাত

**ଅଧରାତିଆ**— ଦେ. ବିଣ. (ସଂ. ଅର୍ଦ୍ଧ+ରାତ୍ରୀୟ)—
Adharātiā ୧ । ଅଧ ରାତିରେ ଘଟିବା—
ରାତହୁପୁରେ 1. Taking place at midnight or in the middle of the night.

୨ । କୌଣସି କାର୍ଯ୍ୟକୁ ଅଧରାତିରେ କରିବାର ଯାହାର ଅଭ୍ୟାସ ଅଛି—2. Accustomed to doing things at midnight or in the middle of the night.

**ଅଧରାମୃତ**—ସଂ. ବି. ( ମଧ୍ୟପଦଲୋପୀ; ଅଧରରେ କଳ୍ପିତ ଅମୃତ )—
Adharāmṛuta ଅଧର ମଧୁ; ପ୍ରେମିକ ପ୍ରେମିକାଙ୍କର ପରସ୍ପରଙ୍କ ଅଧରରୁ ଚୁମ୍ବିତ ମଧୁ ପରି କଳ୍ପିତ ଲାଳ—
The nectar-like moisture of the lips sucked by lovers in ardent kissing.

ଦେ. ବି—ଗୁରୁଜନ ଓ ବିଶେଷତଃ ଦୀକ୍ଷାଗୁରୁ ଖାଇବା ପରେ ଛାଡ଼ି ଯାଇଥିବା ଉଚ୍ଛିଷ୍ଟ—The remnants of food left on the plate by a spiritual preceptor.

( ଯଥା—ଏହି ଅଧରାମୃତକୁ ଶିଷ୍ୟମାନେ ସେବାକରି କୃତାର୍ଥ ହୁଅନ୍ତି । )

**ଅଧରୀକୃତ**—ସଂ. ବିଣ. ( ଅଧର+ଅଭୂତ ତଦ୍ଭାବେ. ଈ+କୃ ଧାତୁ+କର୍ମ. ତ )—
Adharīkṛuta
(ଅଧରୀକରଣ—ବି) ୧ । ପରାଜିତ—1. Defeated;worsted.

୨ । ଯାହାକୁ ଅନ୍ୟ ଲୋକ ବଳି ଯାଏ—
2. Surpassed; excelled.

୩ । ମକଦମାରେ ହାରି ଥିବା—
3. Worsted in a case.

**ଅଧରୀଣ**— ସଂ. ବିଣ. ( ଅଧର+ଈନ )—
Adharīṇa ୧ । ନିମ୍ନସ୍ଥ—1. Lower.
(ଅଧରୀଣା—ସ୍ତ୍ରୀ) ୨ । ନିନ୍ଦିତ—2. Traduced; vilified.
୩ । ଭର୍ତ୍ସିତ—3. Reproached.

**ଅଧରୀଭୂତ**—ସଂ. ବିଣ. ( ଅଧର+ଅଭୂତ ତଦ୍ଭାବେ. ଈ+ଭୂ ଧାତୁ+କର୍ତ୍ତୃ. ତ )—
Adharībhūta
(ଅଧରୀଭାବ—ବି) ୧ । ପରାଜିତ—1. Beaten.

୨ । ( ସ୍ମୃତି ) ମକଦମାରେ ହାରିଥିବା—
2 Worsted in a law-suit.

୩ । (ସ୍ମୃତି) ରଦ୍ଦ୍ କରାଯାଇଥିବା ( କାର୍ଯ୍ୟ ବା ଆଦେଶ )—
3. Invalidated.

**ଅଧରେଦ୍ୟୁଃ**—ସଂ. ଅ. ( ଅଧର+ଦିବସ; ନିପାତନ )—
Adharedyuḥ ୧ । ଗତ ପଅରଦିନ—
1. The day before yesterday.

୨ । ଆଜିର କୌଣସି ପୂର୍ବଦିବସରେ—
2. On any previous day.

**ଅଧରୋତ୍ତର**—ସଂ. ବିଣ. ( ଦ୍ୱନ୍ଦ୍ୱ; ଅଧର+ଉତ୍ତର )—
Adharottara ୧ । ତଳର ଓ ଉପରର—
1. Upper and lower.

୨ । ଉଚ୍ଚତର ଓ ନିମ୍ନତର—2. Higher and lower.

୩ । ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ—3 Prior and later.

ସଂ. ଅ—୧ । ଉପର ପାଖ ତଳଆଡ଼କୁ ଓ ତଳ ପାଖ ଉପରଆଡ଼କୁ, ଏହିପରି ଭାବରେ—
1. Upside down; topsyturvy.

୨ । ନିକଟରେ ଓ ଦୂରରେ—
2. Nearer and farther.

୩ । ଉପରେ ଓ ତଳେ—3. Up and down.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତ |

୪ । ଉପରଆଡ଼କୁ ଓ ତଳଆଡ଼କୁ—
4. Upwards and downwards.

**ଅଧରୋଷ୍ଠ**—ସଂ. ବି. ୧ । ( କର୍ମଧା; ଅଧର+ଓଷ୍ଠ )—ତଳ ଓଠ—
Adharoshtha 1. The lower lip.
୨ । ( ଦ୍ୱନ୍ଦ୍ୱ ) ତଳ ଓ ଉପର ଓଠ—
2. The lower and the upper lip.

**ଅଧରୌଷ୍ଠ**—ସଂ. ବି. ( କର୍ମଧା; ଅଧର+ଓଷ୍ଠ )—
Adharaushtha ଅଧରୋଷ୍ଠ ( ଦେଖ )
Adharoshtha ( See )

**ଅଧର୍ମ**—ସଂ. ବି. ( ନଞ୍ ତତ୍; ଅ+ଧର୍ମ )—
Adharma ୧ । ଧର୍ମ ବା ପୁଣ୍ୟର ଅଭାବ—
1. Irreligion; impiety; unrighteousness.
୨ । ଦୁଷ୍କୃତ; ପାପ—2. Sin.
୩ । ଅନ୍ୟାୟ—3. Injustice.
ଅଧର୍ମ ନାଚି ଧର୍ମପାଳୁ, ତୁ ନାଥ ପରମ ଦୟାଳୁ ।
ଜଗନ୍ନାଥ. ଭାଗବତ. ୪ର୍ଥ ।
୪ । କର୍ତ୍ତବ୍ୟ-ଲଙ୍ଘନ—4. Breach of duty.
୫ । ଆଇନ୍ ଲଙ୍ଘନ; ବେଆଇନ କାମ—
5. Breach of law; illegal act.
୬ । ଅନ୍ୟାୟ କର୍ମ—6. Unjust act.
୭ । ଗୁଣର ଅଭାବ—7. Absence of attributes.
୮ । ସୂର୍ଯ୍ୟଙ୍କ ଅନୁଚର ପ୍ରଜାପତିବିଶେଷ ( ଏ ବ୍ରହ୍ମାଙ୍କର ପୁତ୍ର; ଏହାଙ୍କ ସ୍ତ୍ରୀଙ୍କ ନାମ ହଂସା ବା ମୃଷା )—
8. Name of an attendant of the Sun-God.
ସଂ. ବିଣ—ଗୁଣରହିତ—Devoid of attributes.
ଦେ. ବିଣ. ( ସଂ. ଅଧର୍ମୀ )—୧ । ପୁଣ୍ୟହୀନ—
1. Impious.
୨ । ପାପୀ—2. Sinful.
୩ । ଅନ୍ୟାୟାଚରଣଶୀଳ—3. Unrighteous.
୪ । ଧର୍ମଜ୍ଞାନଶୂନ୍ୟ—4. Irreligious.

**ଅଧର୍ମଚାରୀ**—ସଂ.ବିଣ. ପୁଂ. (ଅ+ଧର୍ମ+ଚର ଧାତୁ+ଇନ୍ ୧ମା. ୧ବ.)—
Adharmachāri ପାପାଚରଣକାରୀ—Practising sin.
(ଅଧର୍ମଚାରିଣୀ—ସ୍ତ୍ରୀ)

**ଅଧର୍ମତଃ**—ସଂ. କ୍ର. ବିଣ. ( ଅ+ଧର୍ମତଃ )—ଅନ୍ୟାୟକ୍ରମେ—
Adharmataḥ Wrongly.

**ଅଧର୍ମା**—ସଂ. ବି. ସ୍ତ୍ରୀ. ( ଅଧର୍ମ+ଆ )—ଅଧର୍ମରୂପୀ ଦେବତା ( ଏ ମୃତ୍ୟୁର ସ୍ତ୍ରୀରୂପେ କଳ୍ପିତା )—
Adharmā Unrighteousness ( personified and represented as the bride of Death ) ( M. W.)

**ଅଧର୍ମାଚରଣ**—ସଂ. ବି. ( ୬ଷ୍ଠୀ ତତ୍; ଅଧର୍ମ+ଆଚରଣ )—
Adharmācharaṇa ପାପାଚରଣ—
Unrighteous conduct.
ସଂ. ବିଣ. ପୁଂ. ( ବହୁବ୍ରୀହି )—ଅଧର୍ମାଚାରୀ ( ଦେଖ )
Adharmāchārī ( See )

**ଅଧର୍ମାଚାର**—ସଂ. ବି. ଓ ବିଣ. ( ଅଧର୍ମ+ଆଚାର )—
Adharmāchāra ଅଧର୍ମାଚରଣ ( ଦେଖ )
Adharmācharaṇa ( See )

**ଅଧର୍ମାଚାରୀ**—ସଂ. ବିଣ. ପୁଂ. (ଅଧର୍ମ+ଆଚାର+ଇନ୍. ୧ମା. ୧ବ.)—
Adharmāchārī ପାପାଚରଣକାରୀ—Impious; sinful.
(ଅଧର୍ମାଚାରିଣୀ—ସ୍ତ୍ରୀ)

**ଅଧର୍ମାତ୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅ+ଧର୍ମାତ୍ମନ୍; ୧ମା. ୧ବ. )—ପାପାତ୍ମା; ପାପପ୍ରକୃତିକ—
Adharmātmā Of sinful nature or disposition.

**ଅଧର୍ମୀ**—ସଂ. ବିଣ. ପୁଂ. ( ଅଧର୍ମ+ଇନ୍; ୧ମା. ୧ବ. )—
Adharmī ୧ । ଅଧାର୍ମିକ; ପାପୀ—1 Sinful; impious.
(ଅଧର୍ମିଣୀ—ସ୍ତ୍ରୀ) ୨ ଧର୍ମଭ୍ରଷ୍ଟ—2. Fallen from virtue.

**ଅଧର୍ମ୍ୟ**—ସଂ. ବିଣ. ( ଅଧର୍ମ+ଯ )—୧ । ଧର୍ମବିରୁଦ୍ଧ—
Adharmya 1. Contrary to religion.
୨ । ବେଆଇନ୍—2. Illegal.
୩ । ଅନ୍ୟାୟ—3. Unjust.
୪ । ଅଧାର୍ମିକ—4. Impious.

**ଅଧଲା**—ଦେ. ବି. ( ସଂ. ଅର୍ଦ୍ଧ )—୧ । ଏକ ପଇସାର ଅର୍ଦ୍ଧମୂଲ୍ୟର ମୁଦ୍ରା—1. Half-pice ( coin )
Adhalā
আধলা ୨ । ଦେଢ଼ପାହୁଲା—2. One and half pie.
धेला; अधेला ୩ । ଏକ ପଇସାର ଅଧେ—3. Half a pice.
[ ଦ୍ର—ଏଥିର ବ୍ୟୁତ୍ପତ୍ତି ଟ ୦ (୧୨) ]

**ଅଧଲକିଆ**—ଦେ. ବିଣ—୧ । ଯହିଁର ମୂଲ୍ୟ ଏକ ଅଧଲା—
Adhalākiā 1. Half a pice worth of.
୨ । ଯହିଁର ପ୍ରତ୍ୟେକର ମୂଲ୍ୟ ଏକ ଅଧଲା—
2. Worth half a pice each.

**ଅଧଲିକିଆ**—ଦେ. ବିଣ—ଅଧଲାକିଆ (ଦେଖ)
Adhalikiā Adhalākiā (See)

**ଅଧଶ୍ଚର**—ସଂ. ବିଣ. ପୁଂ (ଅଧସ୍+ଚର ଧାତୁ+କର୍ତ୍ତୃ. ଅ)—୧ । ଅଧୋଗାମୀ
Adhaśchara 1. Going downwards.
(ଅଧଶ୍ଚରୀ—ସ୍ତ୍ରୀ) ୨ । ଯେ ଭୂଇଁରେ ବାମୁଡ଼ାଏ—
2. Creeping on the ground.
ସଂ. ବି—ଚୋର—A thief.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗଁ।' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଧଶ୍ଚାରୀ**—ସଂ. ବିଣ. ପୁଂ. (ଅଧସ୍‌+ଚର ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ.)
Adhaśchārī —ଅଧଶ୍ଚର (ଦେଖ)
(ଅଧଶ୍ଚାରିଣୀ—ସ୍ତ୍ରୀ) Adhaśchara (See)

**ଅଧସେରା**—ଦେ. ବି—ଅର୍ଦ୍ଧସେର ଓଜନର ବଟକରା ବା ମାପିବା
Adhaserā ପାତ୍ର—A standard weight or
আধসেরা measure of half a seer.
**अधसेरा**

ଦେ. ବିଣ—୧ । ଅଧସେର ଓଜନ ବା ମାପର (ବସ୍ତୁ)—
1. Weighing or measuring half a seer.
୨ । ଯେଉଁ ପାତ୍ରରେ ଅଧସେର ବସ୍ତୁ ସମ୍ଭାଏ—
2. (a pot) Of the capacity of half a seer.
୩ । ଯେଉଁ ହାଣ୍ଡିରେ ଅଧସେର ଚାଉଳ ଫୁଟିବ—
3. (a cooking pot) Of the capacity to boil half a seer.

**ଅଧସେରି**—ଦେ. ବି. ଓ ବିଣ—ଅଧସେରା (ଦେଖ)
Adhaseri Adhaserā (See)

**ଅଧସେରିଆ**—ଦେ. ବିଣ—ଅଧସେରା (ଦେଖ)
Adhaseriā Adhaserā (See)

**ଅଧସେରିକିଆ**—ଦେ. ବିଣ—ଅଧସେରା ( ଦେଖ )
Adhaserikiā Adhaserā ( See )

**ଅଧସ୍ତନ**—ସଂ. ବିଣ—(ଅଧସ୍‌+ଅବସ୍ଥିତ ହେବା ଅର୍ଥରେ. ତନ)—
Adhastana ୧ । ନିମ୍ନରେ ଅବସ୍ଥିତ; ନିମ୍ନତର—1. Lower.
(ଅଧସ୍ତନା—ସ୍ତ୍ରୀ) ୨ । ତଳେ ଥିବା—2. Situated beneath
(ଊର୍ଦ୍ଧ୍ୱତନ—ବିପରୀତ) or below.
୩ । ଏଥି ପୂର୍ବେ ଘଟିଥିବା; ପୂର୍ବବର୍ତ୍ତୀ—
3. Prior; previous.

**ଅଧସ୍ତଳ**—ସଂ. ବି—(ଅଧଃ+ତଳ)—୧ । ତଳମହାଲା—
Adhastaḻa 1. Ground floor.
୨ । ସବୁ ଘରର ନିମ୍ନଦେଶରେ ଥିବା କୋଠରୀ—
2. The room below all other rooms.

**ଅଧସ୍ତାତ୍**—ସଂ. ଅ. (ଅଧସ୍‌+ତାତ୍)—୧ । ତଳେ; ନିମ୍ନରେ—
Adhastāt 1. Lower down; beneath; below; underneath.
୨ । ତଳଆଡ଼କୁ—2. Downwards.

**ଅଧା**—ଦେ. ବି. ( ସଂ. ଅର୍ଦ୍ଧ )—ଅର୍ଦ୍ଧ; ଅର୍ଦ୍ଧେକ; ଅଧେ—
Adhā Half.
**আধ; অধা** ଧନ୍ୟ ଏ ତ୍ରିବଳି ଲଳିତମଧ୍ୟା,
**आध** କାମ ଭୟରୁ କିଏ ହୁଇ ଅଧା । ପ୍ରାଚୀ—ରହସ୍ୟମଞ୍ଜରୀ ।
ଦେ. ବିଣ—ଅର୍ଦ୍ଧପରିମିତ—Half in quantity, weight, measure or number.

ପ୍ରାଦେ. (ଗଞ୍ଜାମ) ବି—ଅଧପାଆ ଓଜନର ପରିମାଣବିଶେଷ—
A unit of half a pāā in weight
( ଯଥା—ଅଡ଼ା ୧୫ ତଲେ ନୋହି ଦେଖ । )

**ଅଧାଅଧା**—ଦେ. କ୍ରି. ବିଣ—୧ । ସ୍ଥୂଳତଃ ଅଧେ; ଆଠ ପଣି—
Adhāadhā 1. Roughly half.
আধ আধ; ୨ । ଅର୍ଦ୍ଧମାତ୍ରା କ୍ରମେ—2. By halves.
আধা আধি ୩ । ଅସମ୍ପୂର୍ଣ୍ଣ ଭାବରେ—
**आधा आधि;** 3. Incompletely.
**आधे आध**
ଦେ. ବିଣ—୧ । ଅର୍ଦ୍ଧପୂର୍ଣ୍ଣ—1. Half-filled.
୨ । ଅର୍ଦ୍ଧ ନିଃଶେଷିତ—
2. Half emptied; reduced by half.
( ଯଥା—୫ ଜଣ ଖାଇବା ପରେ ଭାତ ହାଣ୍ଡି ଅଧାଅଧା ହୋଇଗଲା । )
୩ । ଦୁଇ ସମାନ ଭାଗରେ ବିଭକ୍ତ—
3. Divided into two equal parts.
୪ । ପ୍ରାୟ ଅଧେ—4. Roughly half.
୫ । ଅର୍ଦ୍ଧସ୍ଫୁଟ ଉଚ୍ଚାରିତ (କଥା)—
5. Half uttered ( words ).

**ଅଧାଅଧି**—ଦେ. କ୍ରି. ବିଣ ଓ ବିଣ—ଅଧା ଅଧା ( ଦେଖ )
Adhāadhi Adhāadhā ( See )
ଯେଉଁ ଏକ ଜଳଡ ଚୂଡ଼ା ଓ ଅଧା ଅଧି ଗୁଡ଼ ତହିଁ ପଡ଼େ
ତାହା ଭକ୍ତିପୂର୍ବକ ମଙ୍ଗଳକୁ ସେବା କରନ୍ତି ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଅଧାଉମର୍**—ଦେ. ବି. ( ସଂ. ଅର୍ଦ୍ଧ+ଆ. ଉମର )—
Adhāumar ୧ । ଯୁବା ବୟସ; ଯୌବନ—
**আধা উমর;** 1. Youth; adolescence.
**আধ বয়স** ୨ । ପ୍ରୌଢ଼ାବସ୍ଥା; ଯୌବନ ଓ ବାର୍ଦ୍ଧକ୍ୟର ସନ୍ଧି
**आधा उमर** ସମୟ—2. Time between youth and old age; middle age.
ଦେ. ବିଣ—ଅଧାବୟସିଆ (ଯେ ଯୁବା ନୁହେ କି ବୁଢ଼ା ନୁହେ)
Middle aged; grown up; adult ( person )

**ଅଧାଉମରିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅର୍ଦ୍ଧ+ଆ. ଉମର )—
Adhāumariā ୧ । ଅଧାବୟସିଆ; ପ୍ରୌଢ଼; ଯେ ଯୁବା ନୁହେ କି
আধবয়সী ବୁଢ଼ା ନୁହେ—1. Middle-aged; grown
**अधबैस; अधेड़** up; adult ( person )
୨ । ଦରବୁଢ଼ା—2. Half old.

**ଅଧାକପାଳି**—ଦେ. ବି. ( ସଂ. ଅର୍ଦ୍ଧ+କପାଳ )—
Adhākapāḻi କପାଳର ବାମ ବା ଡାହାଣ ପାଖ ବିନ୍ଧିବା
আধকপালিয়া ରୋଗ; ସୂର୍ଯ୍ୟାବର୍ତ୍ତ ରୋଗ—
**आधकपाली;** Neuralgia; Hemicrania
**अधकपारी,**
**आधासीसी**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଲ୍ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ଥ |

[ ଦ୍ର—ଏହି ରୋଗ ପ୍ରତିଦିନ ସୂର୍ଯ୍ୟୋଦୟ ବେଳେ ଆରମ୍ଭ ହୋଇ ଦିନ ଦୁଇ ପହର ପର୍ଯ୍ୟନ୍ତ ବଢ଼ିବା ବଢ଼େ ଓ ଦି' ପହର ବାଦ୍ କ୍ରମେ କ୍ରମେ ବୃଦ୍ଧି କମି କମି ସୂର୍ଯ୍ୟାସ୍ତ ବେଳକୁ ଛାଡ଼ି ଯାଏ । ]

**ଅଧାକପାଳଗୁଆ**—ଦେ. ବି. (ସଂ. ଅର୍ଦ୍ଧ+କପାଳ+ଗୁବାକ)—ଯେଉଁ ଗୁଆର ଗୋଟାଏ ପାଖ ଚେପ୍ଟା ହୋଇଥାଏ - An arecanut of which one side is flat.
Adhākapāliguā
आधकपाली सुपुरी
**आधकपारी**

[ଦ୍ର—ଏ ଗୁଆକୁ ଚନ୍ଦନପେଢ଼ୁ ଅଦରେ ଘୋରି ଚନ୍ଦନ ପରି ଅଧାକପାଳ ବଥାଉଥିବା ସ୍ଥାନରେ ଲେପିଲେ ଅଧାକପାଳି ଭଲ ହୋଇ ଯାଏ । ]

**ଅଧାକପାଳଧରା**—ଦେ. ବି—ଅଧାକପାଳି (ଦେଖ)
Adhākapālidharā Adhākapāli (See)

**ଅଧାକପାଳି ବଥା**—ଦେ. ବି—ଅଧାକପାଳି (ଦେଖ)
Adhākapāli bathā Adhākapāli (See)

**ଅଧାକାଣ୍ଡିଆ**—ଦେ. ବଣ. ( ସଂ. ଅର୍ଦ୍ଧ+କାଣ୍ଡ )—
Adhākāndiā ୧ । ଅସମ୍ପୂର୍ଣ୍ଣ ( କାର୍ଯ୍ୟ )—
आधाखेंचड़ा 1. Incomplete (work)
**नातमाम** ୨ । ଆଂଶିକ—2. Partial.
୩ । ଅର୍ଦ୍ଧସମ୍ପନ୍ନ; ଅର୍ଦ୍ଧକୃତ—
3. Half-finished; half-done.
୪ । ଅସମାପ୍ତ—4. Unfinished.
ଦେ. କ୍ରି. ବଣ—୧ । ଅସମ୍ପୂର୍ଣ୍ଣରୂପେ ( କରାଯାଇଥିବା )—
1. Incompletely; in a half-finished condition.
୨ । ଅଂଶତଃ—2. Partially.

**ଅଧାକାନ୍ଥ**—ଦେ. ବି. ( ସଂ. ଅର୍ଦ୍ଧ+କୁଡ଼ୀ )—
Adhākāntha ୧ । ଅଳ୍ପଉଚ୍ଚକୁ ଉଠିଥିବା କାନ୍ଥ; ଯେଉଁ କାନ୍ଥ ଘରର ଛାମୁକୁ ଲାଗି ନ ଥାଏ—
छोट देवाल 1. A low wall; a wall raised
**आधा दिवार** upto a certain height only.

[ ଦ୍ର—ଗୋଟିଏ ହଲ୍ ବା ବଡ଼ ଘରର ଭିତର ଅଂଶକୁ ଏକାଧିକ ସ୍ୱତନ୍ତ୍ର ଭାଗରେ ବିଭକ୍ତ କରିବାକୁ ହେଲେ ମଝିରେ ମଝିରେ ଖଣ୍ଡିଏ ଲେଖାଏଁ ଅଧାକାନ୍ଥ ଦିଆଯାଏ; ଏହି ଅଧାକାନ୍ଥ ବେଳେ ବେଳେ ପରଦା କାମ କରେ । ]

୨ । ଯେଉଁ କାନ୍ଥ ଅବଧି ନିର୍ଦ୍ଦିଷ୍ଟ ଉଚ୍ଚତା ପର୍ଯ୍ୟନ୍ତ ନିର୍ମିତ ହୋଇ ନାହିଁ—
2. Half-finished wall.

**ଅଧାକାନ୍ଥି**—ଦେ. ବି—ଅଧାକାନ୍ଥ ( ଦେଖ )
Adhākānthi Adhākāntha (See)

**ଅଧାକୋଠା**—ଦେ. ବି. ( ସଂ. ଅର୍ଦ୍ଧ+କୋଷ୍ଠ )—
Adhākothā ଯେଉଁ କୋଠାର କାନ୍ଥମାନ ନିର୍ଦ୍ଦିଷ୍ଟ ଉଚ୍ଚତା ପର୍ଯ୍ୟନ୍ତ ଉଠି ନ ଥାଏ କିମ୍ବା ଯେଉଁ କୋଠାରେ ଛାତ ପଡ଼ି ନ ଥାଏ—Half-built brick-building.

**ଅଧାଚନ୍ଦ୍ର**—ଦେ. ବି. ( ସଂ. ଅର୍ଦ୍ଧ+ଚନ୍ଦ୍ର )—
Adhāchandra ୧ । ଅର୍ଦ୍ଧଚନ୍ଦ୍ର; ଅଷ୍ଟମୀର ଚନ୍ଦ୍ର—
1. Half-moon.
୨ । ଅର୍ଦ୍ଧଚନ୍ଦ୍ରାକୃତି ଶସ୍ତ୍ରବିଶେଷ—
2. A kind of weapon of offence in the shape of a half moon; a scimitar.

ଢ଼ିକନା ଚଉକନା ବେଲଙ୍ଗ ବାର କନା
ମୁଦ୍ଗର ଅଧାଚନ୍ଦ୍ର ବେଢ଼ାଳ ଏକ ମୁନା । ପୀତାମ୍ବର, ନୃସିଂହପୁରାଣ, ୪ ।

୩ । ଅର୍ଦ୍ଧଚନ୍ଦ୍ରାକୃତି ଫଳକଯୁକ୍ତ ଶରବିଶେଷ—
3. A kind of arrow having the barb shaped like a half moon.
୪ । (ବ୍ୟଙ୍ଗ୍ୟାର୍ଥ ) ଅର୍ଦ୍ଧଚନ୍ଦ୍ର; ଗଳଥା; ବୃଦ୍ଧାଙ୍ଗୁଷ୍ଠ ଓ ତର୍ଜ୍ଜନୀ ବା ମଧ୍ୟମାକୁ ପ୍ରସାରିତ କରିବା ଯୋଗୁଁ ଅର୍ଦ୍ଧଚନ୍ଦ୍ରାକୃତି କରତଳଦ୍ୱାରା କୌଣସି ବ୍ୟକ୍ତିର ବେକ ପଛଆଡ଼ୁ ଦିଆଯିବା ଧକ୍କା—4. A push given to a person from behind the neck by the extended thumb and index or middle finger.

**ଅଧାଟି**—ଦେ. ବି. ( ସଂ. ଅର୍ଦ୍ଧ )—କାଠତାଳକା ବା ଗ୍ରାମତାଳ ପରି
Adhāti କାଠର ଦୁଇ ଫାଳିଆ ଏକପ୍ରକାର ବାଦ୍ୟ—
A kind of wooden castanets.

ଶ୍ରୀ କରରେ ତାଳ ଯନ୍ତ୍ର ବାଜଇ ଅଧାଟି ।
ସାରଳା, ମହାଭାରତ, ଉଦ୍ଯୋଗ ।

ଦେ. ବଣ—ଅଧାଟିଆ ( ଦେଖ )
Adhātia ( See )

**ଅଧାଟିଆ**—ଦେ. ବଣ—୧ । ଅଧାପାଚିଆ; ଅର୍ଦ୍ଧପକ୍ୱ ( ଫଳ )
Adhātia 1 Half-ripe ( fruit )
आधपाका ( ଯଥା—ଅଧାଟିଆ ନଡ଼ିଆ )
**अधुरा** ୨ । ଅପରିପକ୍ୱ; ଯାହା ସମ୍ପୂର୍ଣ୍ଣରୂପେ ବଢ଼ି ନାହିଁ—
2. Not fully developed.
୩ । ଅସମ୍ପୂର୍ଣ୍ଣ; ଦରପକ୍ୱ—3. Unfinished.

**ଅଧାଡ଼ି**—ଗ୍ରା. ବି. ( ସଂ. ଅ+ଧାରା )—୧ । ଅଧାରା—
Adhārdi 1. Want of method or system.
୨ । ସାମାଜିକ ଆଦବ୍‌କାଇଦା ବା ଭଦ୍ରତାର ଅଭାବ—
2. Want of manners.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଧାଡ଼ିଆ**—ଦେ. ବଣ. ( ସଂ. ଅ + ଓ. ଧାଡ଼ି )—
**Adhāṛiā** ୧ । ( ଯେ ଧାଡ଼ି ବା ଭଦ୍ରସମାଜର ପଙ୍‌କ୍ତିରେ ବସିନାହିଁ )—ଅଭଦ୍ର; ଅସାମାଜିକ—
1. Uncivil; boorish.
୨ । ( ଯେ ଅକ୍ଷର ବା ବିଦ୍ୟାର ଧାଡ଼ି ବା ପଂକ୍ତି ପଢ଼ି ନାହିଁ ) ଅଶିକ୍ଷିତ; ଅପାଠୁଆ; ମୂର୍ଖ—2. Unlettered.
୩ । ଯେ ଧାରା ଜାଣେ ନାହିଁ—
3. Unmethodical; unsystematic.
୪ । ଅଖାଡ଼ୁଆ—4. Awkward.

**ଅଧାଡ଼ୁଆ**—ଦେ. ବଣ. ( ସଂ. ଅର୍ଦ୍ଧ )—୧ । ଅର୍ଦ୍ଧପକ୍ୱ; ଅପରିପକ୍ୱ—
**Adhāṛuā** 1. Not fully ripe; unripe.
আধপাকা ୨ । ଅପରିଣତ—2. Not fully develcped.
**অধুরা** ୩ । ଅପ୍ରବୀଣ—3. Inexperienced.
୪ । ଯେଉଁ ନଡ଼ିଆର ଭିତର ଶସ ଖୁବ୍ ଟାଣ ହୋଇନାହିଁ—
4. (cocoanut) Having the kernel not yet hardened.
୫ । ଯେଉଁ ବଳଦ ସମ୍ପୂର୍ଣ୍ଣରୂପେ ବୁଢ଼ା ହୋଇନାହିଁ—
5 ( ox ) Which has not yet become old.
୬ । ଅଧାଉମରିଆ ( ଦେଖ )
6. Adhāumariā ( See )
ଦେ. ବି—୧ । ଅପରିଣତ ନଡ଼ିଆ ( ଫଳ )—
1. Undeveloped cocoanut ( fruit )
[ ଦ୍ର—ପଇଡ଼ ଓ ଶୁଖିଲା ନଡ଼ିଆର ମଧ୍ୟବର୍ତ୍ତୀ ଅବସ୍ଥାରେ ଥିବା ନଡ଼ିଆକୁ ଅଧାଡ଼ୁଆ କହନ୍ତି । ]
୨ । ବୁଢ଼ା ନ ହୋଇଥିବା ବଳଦ—
2. An ox which has not yet become old.
[ ଦ୍ର—ଦାମୁଡ଼ି ଓ ବୁଢ଼ା ବଳଦର ମଧ୍ୟବର୍ତ୍ତୀ ଅବସ୍ଥାରେ ଥିବା ବଳଦକୁ ଅଧାଡ଼ୁଆ କହନ୍ତି । ]

**ଅଧାତୁମନ୍ତ**—ପ୍ରାଚୀନପଦ୍ୟ. ବଣ. ( ସଂ. ଅ + ଧାତୁମତ୍ )—
**Adhātumanta** ପଞ୍ଚଭୂତ-ସମ୍ବନ୍ଧ-ଶୂନ୍ୟ—
Devoid of the five elements.

ଅଧାତୁମନ୍ତ ଅସ୍ଥା ହୋଏ, ଧାତୁ ଘେନି ଦେହ ବହେ ।
ଜଗନ୍ନାଥ. ଭାଗବତ ।

**ଅଧାଧନ୍ଦ**—ଦେ. ବି. ଓ ବଣ. ( ସଂ. ଅନ୍ଧ )—ଅନ୍ଧାଧୁନ୍ଧି ( ଦେଖ )
**Adhādhanda** Andādhuni ( See )

ବିଚାର ବୁଝିଲେ ଏ ବଚନ ଅଧାଧନ୍ଦ । ପ୍ରାଚୀ. ବ୍ରହ୍ମଜ୍ଞାନଭୂଷଣ ଗୀତା

**ଅଧାଧୁନ୍ଦ୍**—ଦେ. ବି. ଓ ବଣ—ଅନ୍ଧାଧୁନ୍ଧି ( ଦେଖ )
**Adhādhund** Andādhuni (See)
ପ୍ରାଦେ. ( ସମ୍ବଲପୁର ) ବଣ—୧ । ଅକଳନ—
1. Unfathomable.
୨ । ଗୋଲମାଳିଆ—2. Confused,
୩ । କିଂକର୍ତ୍ତବ୍ୟବିମୂଢ଼—3. Bewildered.
ପ୍ରାଦେ. ( ସମ୍ବଲପୁର ) ବି—କିଂକର୍ତ୍ତବ୍ୟବିମୂଢ଼ତା—
Bewilderment.

**ଅଧାଧୁନ୍ଦି**—ଦେ. ବି. ଓ ବଣ—ଅନ୍ଧାଧୁନ୍ଧି ( ଦେଖ )
**Adhādhundi** Andādhuni ( See )

**ଅଧାଧୁନ୍ଦିଆ**—ଦେ. ବଣ—ଅନ୍ଧାଧୁନ୍ଧିଆ ( ଦେଖ )
**Adhādhundiā** Andādhuniā ( See )

**ଅଧାପନ୍ତରା**—ଗ୍ରା. ବଣ. ( ସଂ. ଅର୍ଦ୍ଧ + ପ୍ରାନ୍ତର )—
**Adhāpantarā** ୧ । ଦରପନ୍ତରା; ଅସମ୍ପୂର୍ଣ୍ଣ—
আধামাধা; আদাড়িয়া 1. Incomplete.
**নাতমাম; অধুরা** ୨ । ଅସମାପ୍ତ—2. Unfinished.
୩ । ଅର୍ଦ୍ଧସମାପ୍ତ—3. Half-finished.

**ଅଧାପନ୍ତରିଆ**—ଗ୍ରା. ବଣ—ଅଧାପନ୍ତରା ( ଦେଖ )
**Adhāpantariā** Adhāpantarā (See)

**ଅଧାପନ୍ତାରିଆ**—ଗ୍ରା. ବଣ—ଅଧାପନ୍ତରା ( ଦେଖ )
**Adhāpantāriā** Adhāpantarā (See)

**ଅଧାପାଆକିଆ**—ଦେ. ବଣ—ଅଧପାଆକିଆ ( ଦେଖ )
**Adhāpaākiā** Adhapaākiā (See)

**ଅଧାପାଇଆ**—ଦେ. ବଣ—ଅଧପାଆକିଆ ( ଦେଖ )
**Adhāpaiā** Adhapāākiā (See)

**ଅଧାପାଇକିଆ**—ଦେ. ବଣ—ଅଧପାଆକିଆ ( ଦେଖ )
**Adhāpaikiā** Adhapāākiā (See)

**ଅଧାପାଠିଆ**—ଦେ. ବଣ. ପୁଂ. ( ସ. ଅର୍ଦ୍ଧ + ପାଠକ )—
**Adhāpāṭhiā** ୧ । ଅର୍ଦ୍ଧଶିକ୍ଷିତ—
(ଅଧାପାଠେଇ—ସ୍ତ୍ରୀ) 1. Half-educated.
**অধপড়** ୨ । ଯେ ପୂର୍ଣ୍ଣ ଶିକ୍ଷିତ ନୁହେ; ଯାହାର ଶିକ୍ଷା ପୂର୍ଣ୍ଣ ହୋଇ ନାହିଁ—
2. Not fully educated.
୩ । ଯେ ନିର୍ଦ୍ଦିଷ୍ଟ ପାଠ କ୍ରମ ଶେଷ ନ କରୁଣୁ ବିଦ୍ୟାଳୟ ଛାଡ଼ିଛି—3. One who has not undergone the full course of studies in a school.
୪ । କୌଣସି ଗ୍ରନ୍ଥ ବା ପ୍ରବନ୍ଧର ପାଠ କିମ୍ବା ଶେଷ ନ ହେଉଣୁ ଯେ ପଠନ ବନ୍ଦ କରି ଦିଏ—
4. One who stops reading before a book or a subject in finished.

**ଅଧାପାଠୁଆ**—ଦେ. ବଣ. ପୁଂ—ଅଧାପାଠିଆ ( ଦେଖ )
**Adhāpāṭhuā** Adhāpāṭhiā (See)
(ଅଧାପାଠୋଇ—ସ୍ତ୍ରୀ)

**ଅଧାପ୍ରାଣ**—ଦେ. ବଣ. ( ସଂ. ଅର୍ଦ୍ଧ + ପ୍ରାଣ )—
**Adhāprāṇa** ୧ । ଅଧମରା ( ଦେଖ )
**আধমরা** 1. Adhamarā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉ୍ଅ | ଘ |
| ୨ | ଈ | ଊ | ଋ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଔ | ନ୍ଧ |

**अधमरा; अधमुआ** ୨ । ମୂର୍ଚ୍ଛିତ; ମୃତପ୍ରାୟ—2. Dying.
୩ । ବେଦମ୍—3. Out of breath.

**ଅଧାଫରି**—ଗ୍ରା. ବି—ଥରେ ଚଷ ହୋଇଥିବା ବିଲକୁ ଦୋଓଡ଼ ଚଷ କରିବା ପାଇଁ ବ୍ୟବହୃତ ଲଙ୍ଗଳ—
Adhāphari
A kind of plough used in ploughing a field which has once been ploughed.

**ଅଧାବୟସ**—ଦେ. ବି. ( ସଂ. ଅର୍ଦ୍ଧ+ବୟଃ )—ଅଧାଉମର୍ (ଦେଖ)
Adhābayasa — Adhāumar (See)
आधबएस
आधाउमर

**ଅଧାବୟସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅଧାଉମରିଆ (ଦେଖ)
Adhābayasiā — Adhāumariā (See)

**ଅଧାବୟସୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଧାଉମରିଆ (ଦେଖ)
Adhābayasī — Adhāumariā (See)

**ଅଧାବିଧା**—ଦେ. ବିଣ. (ସଂ. ଅର୍ଦ୍ଧ+ବିଧା)—ଅଧାପନ୍ତରା (ଦେଖ)
Adhābidhā — Adhāpantarā (See)
ଦେ. କ୍ରି. ବିଣ—୧ । ଅସମ୍ପୂର୍ଣ୍ଣ ରୂପେ—
1 Incompletely.
୨ । ଅମନୋଯୋଗୀ ହୋଇ; ମନ ନ ଲଗାଇ—
2. Half heartedly.

**ଅଧାମ**—ଦେ. ବି—୧ । ଦୁଗ୍ଧରୁ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ—
Adhāma 1. A kind of sweetmeat prepared from milk.
୨ । ରବୁଡ଼ି; ଘନାବର୍ତ୍ତି ମିଠାମିଶା ଦୁଧ—
2. Milk boiled thick and mixed with sugar.
ଅଧାମରସ ଗୋଟିକା ଦୁଧେ ଖଣ୍ଡ ରଇ । ସାରଳା• ମହାଭାରତ, ଉଦ୍ଯୋଗ ।

**ଅଧାମାର୍ଗବ**—ସଂ. ବି. ( ଅ+ଧା ଧାତୁ+ମାର୍ଗ+ବା ଧାତୁ +ଅ; ତାରିନାଥ ବାଚସ୍ପତ୍ୟଭିଧାନ )—
Adhāmārgaba
ଅପାମାର୍ଗ ( ଦେଖ )
Apāmārga ( See )

**ଅଧାର**—ଗ୍ରା. ବି. ( ସଂ. ଆହାର )—୧ । ଖାଦ୍ୟ; ଆହାର—1. Food.
Adhāra ( ଯଥା—ସେ ବେମାରରେ ପଡ଼ି ଆଜକୁ ଦୁଇଦିନ ହେବ ଅଧାର ଛାଡ଼ିଲେଣି । )
आधार
अहार ୨ । ପକ୍ଷିମାତା ନିଜ ଶିଶୁର ପାଟିରେ ଆଣି ଯେଉଁ ଖାଦ୍ୟ ଗୁଞ୍ଜିଦିଏ—2. Food put by the mother-bird into the mouths of its young-ones.
ଦେ. ବି. ( ସଂ. ଅ+ଓ. ଧାର=ଦାଢ଼ )—ଅଦାଢ଼ୁଆ—
Not sharp-edged; blunt.

**ଅଧାରଣକ**—ସଂ. ବିଣ. ( ଅ+ଧାରଣ+କ )—ଯହିଁରେ ଲାଭ ମିଳେ ନାହିଁ; ଯାହା ଭଲ ଲାଭଜନକ ନୁହେ—
Adhāraṇaka
Not profitable.

**ଅଧାରୁଆ**—ଦେ. ବିଣ—୧ । ( ଅ+ଓ. ଧାରୁଆ )—ଯେଉଁ ବ୍ୟକ୍ତି ଧାରୁଆ ବା ଋଣୀ ନୁହେ—1 Not indebted; free from debt.
Adhāruā
୨ । ( ଅ+ଓ. ଧାର+ଓ. ପ୍ରତ୍ୟୟ. ଉଆ )—ଅତୀକ୍ଷ୍ଣ; ଅଦାଢ଼ୁଆ—2. Not edged; blunt.
୩ । ( ସଂ. ଅର୍ଦ୍ଧ+ରୋପିତ )—ଯେଉଁ ବିଲ ବା କିଆରରେ ଧାନତଳି ରୁଆ କାର୍ଯ୍ୟ ଶେଷ ହୋଇ ନାହିଁ—
3. (a field) In which the transplantation of paddy seedlings has not been completed.

**ଅଧାର୍ତ୍ତା**—ଗ୍ରା. ବିଣ—ଯେଉଁ ବ୍ୟକ୍ତି କାହାଠାରୁ ଧାର କରି ନାହିଁ; ଅଋଣୀ—Not indebted to any person.
Adhārtā
অঋণী
अरुणी

**ଅଧାର୍ତ୍ତାବନ୍ଧା**—ଗ୍ରା. ବିଣ—୧ । ଅଧାର୍ତ୍ତା; ଅଋଣୀ—
Adhārtābandhā — 1. Not in debt.
୨ । ଯେଉଁ ବ୍ୟକ୍ତି କାହାଠାରୁ ଋଣ କରି ନାହିଁ କିମ୍ବା କାହା ନିକଟରେ ଅନ୍ୟ ପାଇଁ ଜାମିନ୍ ହୋଇ ନାହିଁ—
2. (a person) Who is neither indebted nor encumbered by any liability.
୩ । ଯାହା ଉପରେ କୌଣସି ଦାୟିତ୍ୱ ବା ଝୁଙ୍କି ନାହିଁ—
3. Not saddled with any responsibility.
୪ । ଜାମିନ୍ ବା ବନ୍ଧକ ଆଦିଦ୍ୱାରା ଆବଦ୍ଧ ହୋଇ ନ ଥିବା ( ସମ୍ପତ୍ତି )—
4. Unencumbered; ( property ) having no encumbrance on it.

**ଅଧାସଇ**—ଗ୍ରା. ବିଣ—୧ । ଅଧାସରି ( ଦେଖ )
Adhāsai — 1. Adhāsari ( See ).
୨ । ଅଧେ ପର୍ଯ୍ୟନ୍ତ ଭିତରକୁ ପୂରି ଯାଇଥିବା—
2. Half-thrust.
୩ । ଅଧାସୋଇ ( ଦେଖ )—3. Adhāsoi ( See )
ଗ୍ରା. କ୍ରି. ବିଣ—ଅଧାସରି ( ଦେଖ )—Adhāsari ( See )

**ଅଧାସରି**—ଦେ. ବିଣ. ( ସଂ. ଅର୍ଦ୍ଧ+ସମାପ୍ତ )—୧ । ଅର୍ଦ୍ଧସମାପ୍ତ—
Adhāsari — 1. Half-finished.
आधासरि (प्राचीन) ୨ । ପ୍ରାୟ ଅର୍ଦ୍ଧସମାପ୍ତ—
2. Nearly half-done.
୩ । ଅର୍ଦ୍ଧେକ ପର୍ଯ୍ୟନ୍ତ ଖର୍ବୀକୃତ—
3. Reduced to or diminished by half.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ 'ପ୍ରଭେଦ ରକ୍ଷା କରନ୍ତି ନାହିଁ'। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

୪। ଅର୍ଦ୍ଧପର୍ଯ୍ୟନ୍ତ ପୂର୍ଣ୍ଣ—4. Half-filled.

ଦେ. କ୍ରି. ବିଣ—୧। ଅର୍ଦ୍ଧସୀମା ପର୍ଯ୍ୟନ୍ତ—1. Upto half the limit.

୨। ପ୍ରାୟ ଅଧେ—2. Nearly half; by about half.

**ଅଧାସୋଇଁ**—ଗ୍ରା. ବିଣ—ବ୍ୟବହାରରେ ଅଧ ପର୍ଯ୍ୟନ୍ତ ଘୋର ହୋଇ
**Adhāsoiñ** ଯାଇଥିବା ( ଲଙ୍ଗଳ )—( plough ) Almost worn-out by constant use.

ଗ୍ରା. ବି—ବହୁକାଳ ହଳବୁଲା ହେବା ଯୋଗୁଁ ଅଧେ ପର୍ଯ୍ୟନ୍ତ ଘୋର ହୋଇ ଯାଇଥିବା ଲଙ୍ଗଳ—A plough which is almost worn out by constant use.

ଦେ. କ୍ରି. ବିଣ—ଅଧାସରି ( ଦେଖ )—Adhāsari ( See )

**ଅଧାସ୍ୱର୍ଗ**—ଦେ. ବି. ( ସଂ. ଅର୍ଦ୍ଧ + ସ୍ୱର୍ଗ )—
**Adhāswarga** ୧। ସ୍ୱର୍ଗସୁଖର ଅସମ୍ପୂର୍ଣ୍ଣ ଭୋଗ—
1. Partial enjoyment of heavenly bliss.

୨। ଆକାଶର ଅଧେ ଦୂର ପର୍ଯ୍ୟନ୍ତ ଉଚ୍ଚତା—
2. A height of half-way to the sky.

ଚଉଦଂଶ ଯୋଜନ ଉପରକୁ ଉଚ୍ଚର୍ଚ୍ଚ,
ଅଗ୍ନିର ତେଜ ଯାଇ ଲାଗିଲା ଅଧାସ୍ୱର୍ଗ। ସାରଳା. ମହାଭାରତ. ସଭା।

**ଅଧି**—ସଂ. ବି. ସ୍ତ୍ରୀ. ( ଅ + ଧା ଧାତୁ + ଇ; ନିପାତନ )—
**Adhi** ୧। ଆଧି; ମାନସିକ ଯନ୍ତ୍ରଣା; ମନୋଦୁଃଖ—
1. Mental agony or pain.

୨। ଋତୁମତୀ ସ୍ତ୍ରୀ—2. A woman in her menses.

ସଂ. ଅ—ଉପସର୍ଗ ( ଏହା ଧାତୁମାନଙ୍କ ପୂର୍ବରେ ଭିନ୍ନ ଭିନ୍ନ ଅର୍ଥରେ ଯୁକ୍ତ ହୋଇ ପଦମାନ ନିଷ୍ପନ୍ନ କରେ )—
A prefix attached to roots to denote various meanings.

୧। ଉପରିଭାଗରେ; ଉପରେ—
1. Above; over; on.
( ଯଥା—ଅଧିଶୟନ; ଅଧିକାର। )

୨। ପ୍ରଧାନ; ଶ୍ରେଷ୍ଠ; ମୁଖ୍ୟ—2. Chief; superior.
( ଯଥା—ଅଧିରାଜା; ଅଧିପତି। )

୩। ଅତିକ୍ରମ—3. Beyond.
( ଯଥା—ଅଧିବେଦନ। )

୪। ଉପରକୁ; ଉଚ୍ଚକୁ—4. Up.
( ଯଥା—ଅଧିରୋହଣ। )

୫। ଅଧିକ—5. Extra; redundant.
( ଯଥା—ଅଧିଦନ୍ତ; ଅଧିମାସ। )

୬। ଅଧିକାର; ଆଧିପତ୍ୟ; ପ୍ରଭୁତ୍ୱ—
6. Authority; mastery.
( ଯଥା—ଅଧିଦୈବ। )

୭। ଐଶ୍ୱର୍ଯ୍ୟ—7. Domination.
( ଯଥା—ଅଧିପତି। )

୮। ଅଧିକରୂପେ; ଆଧିକ୍ୟ—8. Excessive.
( ଯଥା—ଅଧୀଶ୍ୱର; ଅଧିକ୍ଷେପ। )

୯। ସମ୍ବନ୍ଧୀୟ—9. Relating to.
( ଯଥା—ଅଧ୍ୟାତ୍ମ। )

**ଅଧିଆ**—ଗ୍ରା. ବିଣ. ( ସଂ. ଅଧ୍ୟାୟ )—୧। ଗ୍ରନ୍ଥାଦିର ଅଧ୍ୟାୟ—
**Adhiā** 1. Chapter (of a book ).
অধ্যা
হত্যা ୨। ( ସଂ. ଅଧିବାସ )—ଅଭୀଷ୍ଟ ଫଳପ୍ରାପ୍ତି କାମନାପୂର୍ବକ ଦେବତାଙ୍କ ନିକଟରେ ଅନୁସରଣ କରି ପଡ଼ିରହିବା; ଧାରଣା—2. Lying prostrate before a deity till one's wish is fulfilled.

୩। ( ସଂ. ଅର୍ଦ୍ଧ ) ତାଡ଼ି ରଖିବାର ଛୋଟ ମାଠିଆ—
ছোটভাঁড় 3. A pot or small jug for keeping toddy.
( ଦ୍ର—ଅଧିଆ ହୁଣ୍ଡିଠାରୁ ବଡ଼ ଓ ଘଡ଼ାଠାରୁ ସାନ। )

**ଅଧିଆ ପଡ଼ିବା**—ଦେ. କ୍ରି—ଅଭୀଷ୍ଟ-ଫଳ-କାମନାପୂର୍ବକ ଦେବତାଙ୍କ-
**Adhiā pardibā** ଠାରୁ ସ୍ୱପ୍ନାଦେଶ ପାଇବା ପର୍ଯ୍ୟନ୍ତ କୌଣସି
হত্যাদেওয়া ଦେବତାଙ୍କ ନିକଟରେ ଉପବାସ ବା ଅର୍ଦ୍ଧାଶନରେ ପଡ଼ି ରହିବା—To lie prostrate before a deity till one gets one's desire.

**ଅଧିଆରି**—ଦେ. ବି. ( ସଂ. ଅର୍ଦ୍ଧ )—ଜଣକର ଛେଳଛୁଆ ଗୋରୁ
**Adhiāri** ବାଛୁରୀକୁ ଅନ୍ୟ ଜଣେ ପାଳିବାକୁ ନେବାର ରୀତି;
अधियारी ଏଥିରେ ଏହି ସର୍ତ୍ତ ଥାଏ ଯେ, କିଛି ଦିନ ପରେ ବାଛୁରୀ ବା ଛେଳଛୁଆ ବଢ଼ିଗଲେ ବିକ୍ରିଲବ୍ଧ ଧନରୁ ଜମା ଦିଆଯିବା ବେଳର ମୂଲ୍ୟ କଟି ଯାଇ ବାକି ଯାହା ବଳିବ ସେଥିରୁ ଅଧେ ଦ୍ରବ୍ୟ ସ୍ୱାମୀ ଓ ଅଧେ ପାଳକ ନେବେ—
A system of bringing up another person's calf or goat on condition that on the sale of the animal the profit will be divided half and half between the owner and the custodian.

**ଅଧିକ**—ସଂ. ବିଣ. ( ଅଧ୍ୟାରୂଢ଼ + କ; ଉତ୍ତରପଦ ଲୋପ; ପାଣିନି
**Adhika** ବ୍ୟାକରଣ )—
(ଊନ—ବିପରୀତ) ୧। ଅଧିକା; ବେଶି—1. Additional.
(ଅଧିକତା; ଆଧିକ୍ୟ—ବି) ୨। ଅତି ବେଶି—2. Excessive.

୩। ବହୁତ; ପ୍ରଚୁର—3. Abundant; copious.

୪। ଅନେକ—4. Many.

୫। ଅତିରିକ୍ତ; ଦରକାରଠୁ ଢେର ବେଶି—
5. Superfluous; redundant.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଢ଼ଥ | ଞ୍ଚ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ୠ | ନ୍ଥ |

୬ । ଅପର୍ଯ୍ୟାପ୍ତ—6. More than enough.
୭ । ଅସାଧାରଣ ରୂପେ ବେଶି—7. Inordinate.
୮ । ସାଧାରଣ ଅପେକ୍ଷା ବିଶିଷ୍ଟ—
8. Peculiar; special; particular.

ଦେ. ବି. ( ସଂ. ଆଧିକ୍ୟ )—୧ । ଆତିଶଯ୍ୟ—1. Excess.
୨ । ପ୍ରାଚୁର୍ଯ୍ୟ—2. Abundance; plenty.
୩ । ସୌଭାଗ୍ୟ; ଶ୍ରୀବୃଦ୍ଧି—
3. Prosperity; good fortune.
(ଯଥା—ମୋ ସାଆନ୍ତାଣୀ ଚଢ଼େଇର ପେଟକଥା ଜାଣନ୍ତି; ତାଙ୍କର ଅଧିକରୁ ଅଧିକ ହେଉ ।)
୪ । ପ୍ରୟୋଜନାଧିକ୍ୟ; ଅତିରେକ—4. Superfluity.
୫ । ମଙ୍ଗଳ; ଶୁଭ—5. Good.

ଦେ. ବିଣ—ଅପେକ୍ଷାକୃତ ବଡ; ଅଧିକତର; ଅଧିକତମ—
Greater; greatest.

ସବୁ ତୀର୍ଥରୁଁ ଅଧିକ ଦ୍ୱାରକା । କୃଷ୍ଣସିଂହ. ମହାଭାରତ. ବନ ।

ଦେ. କ୍ରି. ବିଣ—ଅପେକ୍ଷାକୃତ ବଡ଼ରୂପେ—
More than; bigger than.

ଦେ. ଅ. ( ସଂ. ଅଧିକନ୍ତୁ )—୧ । ପରନ୍ତୁ; ପକ୍ଷାନ୍ତରରେ—
1. On the other hand.

ଧନ୍ୟ ଧନ୍ୟ ପିତା, ତୋହର ଏ ସୁତାର କିଛୁ ନ ଧରଲେ ଦୋଷ;
ନ ଛଡ଼ିଲ୍ହି ସ୍ନେହ, ନ ତୁଟି ତାଙ୍କର ଅଧିକ ବଢ଼ିଛି ତୋଷ ।
ଗଙ୍ଗାଧର—ପ୍ରଣୟବଲ୍ଲରୀ ।

୨ । ଅଧିକନ୍ତୁ; ଆହୁରି ମଧ୍ୟ—
2. And also; moreover.

ସେ ସତ୍ୟ ଜ୍ଞାନ ତତ୍ତ୍ୱ ଜାଣ, ଅଧିକ ମିଥ୍ୟା ପରମାଣ ।
ଜଗନ୍ନାଥ. ଭାଗବତ. ୧୧ଶ ।

୩ । କିନ୍ତୁ—3. But.
୪ । କିନ୍ତୁ ମଧ୍ୟ—4. But also.
୫ । ଏହା ଛଡ଼ା—5. Besides this.

ଚୂଲ ସଙ୍ଗ ମା ଯିବା ଗେ—ହେଲ ତ ଜଣା
ଅଧିକ ଏଥୁଁ ଫଳ—ଅପବାଦ କେବଳ—ପ୍ରାଚୀନ ସଙ୍ଗୀତ ।

**ଅଧିକଉଁ ଅଧିକ**—ଦେ. ବିଣ. ( ସଂ. ଅଧିକାଧିକ )—
Adhikauṅ adhika ୧ । ଆହୁରି ଅଧିକ—
अधिक अधिक 1. Much more.
अधिकसे अधिक ୨ । ଅତି ଅଧିକ; ଢେର ବେଶି—
2. To much; excessive.
୩ । କ୍ରମଶଃ ଅଧିକତର—
3. Gradually increasing.
(ଯଥା—ଦିନକୁ ଦିନ ତା ରୋଗ ଅଧିକଉଁ ଅଧିକ ହେଉଛି ।)

ଦେ. ବି—୧ । ଐଶ୍ୱର୍ଯ୍ୟ; ଶ୍ରୀବୃଦ୍ଧି—
1. Prosperity; affluence.
( ଯଥା—ପ୍ରଭୁ ତୋର ଅଧିକଉଁ ଅଧିକ କରନ୍ତୁ । )
୨ । ଅସରନ୍ତି ଧନ—2. Inexhaustible riches.
୩ । ପ୍ରାଚୁର୍ଯ୍ୟ—3. Plenty.

ଦେ. ଅ—୧ । ଅତ୍ୟଧିକରୂପେ—
1. Excessively; too much.
୨ । ଅପେକ୍ଷା ଅଧିକ—2. More than.
୩ ପୁନଃପୁନଃ—3. Again and again; repeatedly; ever and over.
୪ । ଗୋଟିକ ବଳି ଗୋଟିକ ବଳି—
4. One more than the other.
୫ । ବେଳି ବେଶି—5 More and more.

**ଅଧିକନ୍ତୁ**—ସଂ. ଅ. ( ଅଧିକଂ+ତୁ )—୧ । ଏବଂ—1. And.
Adhikantu ୨ । ଆହୁରି ମଧ୍ୟ; ଏବଂ ମଧ୍ୟ—
2. And also; in addition.
୩ । ପରନ୍ତୁ—3. On the other hand; more-over.
୪ । ପୁନଶ୍ଚ—4. Again.
୫ । ବିଶେଷତଃ—5. Specially.

**ଅଧିକପଦତା**—ସଂ. ବି—ରଚନାର ଦୋଷବିଶେଷ—
Adhikapadatā A defect in composition.
[ ଦ୍ର—ଯେଉଁ ରଚନାରେ ପ୍ରୟୋଜନାତିରିକ୍ତ ଗୋଟିଏ ଦୁଇଟି ପଦ ପ୍ରୟୋଗ କରାଯାଇ ଥାଏ । ଯଥା—ମଧୁସୂଦନ ପ୍ରବନ୍ଧମାଳାରେ—ନଗରର ସମସ୍ତ ଅଟ୍ଟାଳିକାଚୟ ଭୂପତିତ ହେବା ପରି ବୋଧ ହେଲା । କୁଳମଣି—ଅଲଙ୍କାରତରଙ୍ଗିଣୀ । ]

**ଅଧିକ ବଚନ**—ସଂ. ବି. ( କର୍ମଧା )—ଅତ୍ୟୁକ୍ତି—
Adhika bachana Exaggeration.

**ଅଧିକ ବାକ୍ୟୋକ୍ତି**—ସଂ. ବି—ଅତିଶୟୋକ୍ତି ଅଳଙ୍କାର—
Adhika bākyokti Figure Hyperbole.

**ଅଧିକମାସ**—ସଂ. ବି—ମଳମାସ ( ଦେଖ )
Adhikamāsa Malamāsa ( See )

**ଅଧିକରଣ**—ସଂ. ବି. ( ଅଧି+କୃ ଧାତୁ+ଭାବ. ଅନ)—
Adhikaraṇa ୧ । ଅଧିକାର କରିବା କର୍ମ; ଦଖଲ କରିବା କର୍ମ—
1. Act of taking possession; exercise of authority.
୨ । ଅଧିକାର; ପ୍ରଭୁତ୍ୱ; ଆଧିପତ୍ୟ—
2. Mastery; authority; dominion.
୩ । ଆଧାର; ପାତ୍ର—3. Receptacle.
୪ । ନିମ୍ନରେ ଥିବା ପ୍ରସ୍ତ—4. Substratum.
୫ । ନିୟୋଜନ; ନିଯୁକ୍ତିକରଣ—
5. Appointing; deputing.
୬ । ସମ୍ପର୍କ; ସମ୍ବନ୍ଧ—6. Relation; connection.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଳବଢ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୭ । ସ୍ଥାନ—7. Place; location.

୮ । ଉପାଦାନ; ଉପକରଣ—8. Material.

୯ । ଆଶ୍ରୟ; ଆଶ୍ରା—9. Refuge.

୧୦ । ଦାବି—10. Claim.

୧୧ । ଧର୍ମାଧିକରଣ; ବିଚାରାଳୟ; ଅଦାଲତ—
11. Court of justice.

୧୨ । ( ବ୍ୟାକରଣ ) ସପ୍ତମୀ ବିଭକ୍ତିର କାରକ; ଯେଉଁ ସ୍ଥାନ ବା ସମୟରେ କୌଣସି କ୍ରିୟା ଘଟେ—
12. The locative case.

[ ଦ୍ର—ଓଡ଼ିଆରେ ଅଧିକରଣକାରକ ଦେଖାଇବାପାଇଁ ଶବ୍ଦ ପରେ ଏ, ରେ, ଠାରେ ଚିହ୍ନ ବ୍ୟବହୃତ ହୁଏ । ଅଧିକରଣ ପ୍ରଥମତଃ ଦୁଇ ପ୍ରକାରର ଯଥା—ସ୍ଥାନାଧିକରଣ ବା ଆଧାରାଧିକରଣ, କାଳାଧିକରଣ; ଆଧାରାଧିକରଣ ପୁଣି ଚାରି ପ୍ରକାରେ ହୁଏ ଯଥା—ଏକଦେଶ, ଯଥା—ବଣରେ ବାଘ ଅଛି । ବିଷୟ, ଯଥା—ଗଣିତରେ ତାର ଦଖଲ ଅଛି । ବ୍ୟାପ୍ତି, ଯଥା—ତିଳମାନଙ୍କରେ ତେଲ ଅଛି । ସାମୀପ୍ୟ, ଯଥା—ନଈକୂଳେ ଘର କରି କୁମ୍ଭୀର ସାଙ୍ଗେ ବାଦ କରିବ ନାହିଁ । ]

୧୩ । ( ଦର୍ଶନଶାସ୍ତ୍ର ) ମୀମାଂସା ଓ ବେଦାନ୍ତ ଅନୁସାରେ ଯେଉଁ ପ୍ରକରଣ ବା ପରିଚ୍ଛେଦରେ କୌଣସି ସିଦ୍ଧାନ୍ତ ବା ବିଷୟ ଆଲୋଚିତ ବା ବିବେଚିତ ହୋଇଥାଏ—
13. ( philosophy ) Section or topic in which a particular subject has been discussed.

[ ଦ୍ର—ବ୍ୟାସ ଓ ଜୈମିନୀଙ୍କ ଦର୍ଶନ ସୂତ୍ରମାନ ଭିନ୍ନ ଭିନ୍ନ ଅଧ୍ୟାୟରେ ବିଭକ୍ତ ହୋଇଅଛି । ଅଧ୍ୟାୟମାନ ପାଦରେ ବିଭକ୍ତ ହୋଇଅଛି ଓ ପାଦମାନ ଅଧିକରଣରେ ବିଭକ୍ତ ହୋଇଅଛି । ଅଧିକରଣର ୫ଟି ଅଙ୍ଗ, ଯଥା—ବିଷୟ ( Subject or matter ); ସଂଶୟ ( Doubt or query ); ପୂର୍ବପକ୍ଷ ( Prima facie argument ); ଉତ୍ତରପକ୍ଷ ( Reply to meet the above ); ସିଦ୍ଧାନ୍ତ ( Final conclusion ). ]

**ଅଧିକରଣ ମଣ୍ଡପ**—ସଂ. ବି—ବିଚାରାଳୟ; ଅଦାଲତ ଘର; କଚେରି;
Adhikaraṇa maṇḍapa ଇଜ୍‌ଲାସ୍—Hall of justice; Court-house.

**ଅଧିକରଣ ସିଦ୍ଧାନ୍ତ**—ସଂ. ବି. ( ନ୍ୟାୟଦର୍ଶନ )—ଯେଉଁ ସିଦ୍ଧାନ୍ତ ସିଦ୍ଧ
Adhikaraṇa siddhānta ହେଲେ ଅନ୍ୟ କେତେକ ସିଦ୍ଧାନ୍ତ ସ୍ୱତଃ ସ୍ୱତଃ ସିଦ୍ଧ ହୋଇଯାଏ—
( Logic ) Propositions or conclusions which automatically solve some other propositions.

[ ଦ୍ର—'ଆତ୍ମା ଦେହ ଓ ଇନ୍ଦ୍ରିୟଠାରୁ ଭିନ୍ନ ଅଟେ ଏହି ସିଦ୍ଧାନ୍ତ ସିଦ୍ଧ ହେଲେ 'ଇନ୍ଦ୍ରିୟ ଅନେକ', 'ଦେହ ଅଚର' ଆଦି ଅନ୍ୟାନ୍ୟ ସିଦ୍ଧାନ୍ତମାନ ସ୍ୱତଃ ସ୍ୱତଃ ସିଦ୍ଧ ହୋଇଯାଏ । ]

**ଅଧିକରଣିକ**—ସଂ. ବି. ପୁଂ. ( ଅଧିକରଣ + ଇକ )—
Adhikaraṇika ୧ । ବିଚାରପତି; ଜଜ୍—
(ଅଧିକରଣିକା—ସ୍ତ୍ରୀ) 1. A Judge; the presiding officer of a court.
୨ । ରାଜକୀୟ ଉଚ୍ଚକର୍ମଚାରୀ; ହାକିମ—
2. A government official.

**ଅଧିକରଣୀ**—ସଂ. ବି. ପୁଂ. ( ଅଧିକରଣ + ଇନ୍. ୧ମା. ୧ବ )—
Adhikaraṇī ତତ୍ତ୍ୱାବଧାରକ—A superintendent.

**ଅଧିକରୁଅଧିକ**—ଦେ. ବିଣ. ଓ ବି. ଓ କ୍ରି. ବିଣ—
Adhikaruadhika ଅଧିକଉଁଅଧିକ ( ଦେଖ )
Adhikauñadhika (See)

**ଅଧିକର୍ମ**—ସଂ. ବି. ( ଅଧି + କର୍ମନ୍; ୧ମା. ୧ବ )—
Adhikarma ୧ । କୌଣସି କାର୍ଯ୍ୟର ତତ୍ତ୍ୱାବଧାନ; ତନଖିବାକର୍ମ—1. Supervision; superintendence.
୨ । ପ୍ରଧାନ ବା ଉତ୍କୃଷ୍ଟକର୍ମ—2. Superior act.

**ଅଧିକର୍ମକୃତ୍**—ସଂ. ବି. ପୁଂ. ( ଅଧିକର୍ମ + କୃ ଧାତୁ + କର୍ତ୍ତୃ. କ୍ୱିପ୍ )—
Adhikarmakṛut କୌଣସି କାମ କରିବା ବ୍ୟକ୍ତିମାନଙ୍କ କାମ ତନଖିବା ପାଇଁ ନିଯୁକ୍ତ ବ୍ୟକ୍ତି; ଜମାଦାର; ସର୍ଦ୍ଦାର—
A supervisor; a jamādār.

**ଅଧିକର୍ମିକ**—ସଂ. ବି. ପୁଂ. ( ଅଧିକର୍ମ + ଇକ )—
Adhikarmika ୧ । ହାଟ ଓ ବଜାରର ତତ୍ତ୍ୱାବଧାରକ; ହାଟ ଦାରୋଗା; ବଜାର ତହସିଲ୍ଦାର—
1. Superintendent of a market.
୨ । ହାଟତୋଲା ଆଦାୟ କରିବାପାଇଁ ନିଯୁକ୍ତ କର୍ମଚାରୀ—
2. An officer engaged to collect toll from a market.
୩ । ଜମାଦାର; ମୂଲିଆ ବା କାମ କରିବା ଲୋକମାନଙ୍କ କାମ ତନଖିବା ପାଇଁ ନିଯୁକ୍ତ ବ୍ୟକ୍ତି; ସର୍ଦ୍ଦାର—
3. A sardār; a supervisor of labourers.

**ଅଧିକା**—ଦେ. ବିଣ. ( ସଂ. ଅଧିକ )—
Adhikā ୧ । ବଳକା; ନଅଣ୍ଟ ବେଳେ କାମ ଚଳାଇବା ପାଇଁ
ଅଧିକ ପ୍ରସ୍ତୁତ ରଖାଯାଇଥିବା (ବ୍ୟକ୍ତି ବା ବସ୍ତୁ)—
ଅଧିକ 1. Extra; additional.
୨ । ପ୍ରୟୋଜନାତିରିକ୍ତ—
2. Redundant; superfluous.
୩ । ଅଧିକ; ବେଶି—3. Great.
୪ । ଅବଶିଷ୍ଟ; ବଳକା; ବଳିପଡ଼ିଥିବା—4. Remainder.

**ଅଧିକାଂଶ**—ସଂ. ବି. (କର୍ମଧା)—୧ । ଅଧିକ ଭାଗ; ବେଶି ଭାଗ—
Adhikāṁsa 1. A large part

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇୟ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ୱ | ହ୍ବ |

(ଅଳ୍ପାଂଶ—ବିପରୀତ) ୨ । କୌଣସି ବସ୍ତୁ ବା ବିଷୟର ଅର୍ଦ୍ଧେ ଅପେକ୍ଷା ବେଶି ଅଂଶ—2 Majority; more than half.

ଦେ. ବିଣ—୧ । ଅନେକ; ବହୁତ; ବହୁସଂଖ୍ୟକ—
1. A great number; many.

୨ । ବହୁ ପରିମିତ—2. Very much; too much; a very large quantity.

୩ । ନିର୍ଦ୍ଦିଷ୍ଟ ବା ସାଧାରଣ ପରିମାଣ ବା ସଂଖ୍ୟାଠୁ ଢେର ବେଶି—3. Much more than ordinary.

ଦେ. କ୍ରି. ବିଣ—୧ । ବହୁ ସ୍ଥଳରେ—
1. In a great many places or instances.

ଅଧିକାংশ
अधिकांश

୨ । ପ୍ରାୟ; ସାଧାରଣତଃ—2. Generally.

୩ । ଅର୍ଦ୍ଧେ ଅପେକ୍ଷା ବେଶି ସ୍ଥଳରେ-
3. In the majority of cases.

**ଅଧିକାଙ୍ଗ**—ସଂ. ବି. ( ଅଧିକ+ଅଙ୍ଗ )—୧ । ( କର୍ମଧା ) ସତରାଚର ଦେହରେ ଯେତେ ଅଙ୍ଗ ଥିବାର ଦେଖାଯାଏ ଜଣେ ଜଣେ ବ୍ୟକ୍ତିଙ୍କଠାରେ ତହୁଁ ଅପେକ୍ଷା ଦେଖାଯିବା ବଳକା ଅଙ୍ଗ ( ଯଥା—ଛଅଙ୍ଗୁଳିଆ ବ୍ୟକ୍ତିର ଷଷ୍ଠ ଅଙ୍ଗୁଠି )—
Adhikāṅga
1. Redundant limb; extra limb.

୨ । ( ବହୁବ୍ରୀହି )—ସାଞ୍ଜୁ ଉପରେ ଭିଡ଼ାଯାଇ ପିନ୍ଧାଯିବା କମରପଟି; କମରବନ୍ଧ—
2. Belt; sash worn over a coat of mail.

ସଂ. ବିଣ. ପୁଂ. (ବହୁବ୍ରୀହି)—ଅତିରିକ୍ତ ଅଙ୍ଗବିଶିଷ୍ଟ (ବ୍ୟକ୍ତି)—
(ଅଧିକାଙ୍ଗୀ—ସ୍ତ୍ରୀ) (person) Having a redundant limb.

**ଅଧିକାଧିକ**—ସଂ. ବିଣ. ( ୬ଷ୍ଠୀ, ତତ୍; ଅଧିକ+ଅଧିକ )—
Adhikādhika ଅଧିକରୁଁ ଅଧିକ ( ଦେଖ )
Adhikauñ adhika (See)

**ଅଧିକାଭେଦରୂପକ**—ସଂ. ବି—ରୂପକାଲଙ୍କାରବିଶେଷ (ଏଥିରେ ଉପମାନ ଓ ଉପମେୟର ଅନେକ କଥାର ମେଳ ଦେଖାଇ ଦିଆ ହୋଇଥାଏ; ଶେଷରୁ ଗୋଟିଏ କଥାରେ ବିଶେଷତା ବା ଅଧିକତା ଦେଖାଇ ଦିଆଯାଏ । )
Adhikābhedarūpaka
( ହି. ଶବ୍ଦସାଗର )—
A kind of simile.

**ଅଧିକାର**—ସଂ. ବି. ( ଅଧି+କୃ ଧାତୁ+ଭାବ. ଅ )—
Adhikāra ୧ । ଆଧିପତ୍ୟ; ପ୍ରଭୁତ୍ୱ; ସ୍ୱାମିତ୍ୱ—
(ଅଧିକୃତ; ଅଧିକାରୀ—ବିଣ. ) 1. Dominion; mastery.

୨ । କ୍ଷମତା; ସାମର୍ଥ୍ୟ; ଶକ୍ତି—2. Authority; power.

୩ । କୌଣସି କାର୍ଯ୍ୟର ଭାର—
3. Charge of any work.

୪ । କାର୍ଯ୍ୟର ତତ୍ତ୍ୱାବଧାରଣ; ତଦାରଖି—
4. Supervision; superintendence.

୫ । ଦଖଲ; ଭୋଗ—5. Possession; enjoyment.

୬ । ଆୟତ୍ତ; ଅକ୍ତିଆର—6. Control,

୭ । ସ୍ୱତ୍ୱ; ହକ୍—7. Title; right.

୮ । ପ୍ରଭୁତ୍ୱ ପରିଚାଳନ କରିବାର ସୀମା; ଇଲାକା—
8. Jurisdiction.

୯ । ପଦବୀ; ପଦ—9. Office.

୧୦ । ଅନ୍ୟମାନଙ୍କ ଉପରେ ପ୍ରଭୁତ୍ୱ ବା ହାକମି ପରିଚାଳନ କରିବାର କ୍ଷମତା—
10. Authority over others.

୧୧ । ଶାସନ; ରାଜତ୍ୱ—
11 Sovereignty; rule; administration.

୧୨ । କର୍ତ୍ତବ୍ୟ—12. Duty.

୧୩ । ସମ୍ମାନ—13. Diginity.

୧୪ । କୌଣସି ବସ୍ତୁ ବା ସମ୍ପତ୍ତି ପ୍ରତି ଦାବୀ—14. Claim.

୧୫ । ରାଜାମାନଙ୍କର ରାଜଚିହ୍ନ-ଧାରଣ—
15. Putting on the insignia of royalty.

୧୬ । କୌଣସି ବିଷୟରେ ବିଶେଷ ସୁବିଧା ବା ସ୍ୱତ୍ୱ—
16. Privilege.

୧୭ । କୌଣସି ବିଷୟରେ ରାଜାଙ୍କର ଅସାଧାରଣ କ୍ଷମତା ବା ବିଶିଷ୍ଟ ଅଧିକାର—
17. Royal prerogative; prerogative ( of the crown ).

୧୮ । ଆଲୋଚ୍ୟ ବିଷୟ—
18. Subject matter; subject of discussion.

୧୯ । ପ୍ରବେଶ—19. Admission; entry.

୨୦ । ଅନୁଷ୍ଠାନ—20. Institution.

୨୧ । ଗ୍ରନ୍ଥର ପରିଚ୍ଛେଦ; ପ୍ରକରଣ—
21. Section or paragraph of a book.

୨୨ । ଗଣନା—22. Counting.

୨୩ । କୌଣସି-ବିଷୟରେ ଜ୍ଞାନ—
23. Knowledge; insight.

୨୪ । ଯୋଗ୍ୟତା—24. Proficiency; deserts.

୨୫ । କୌଣସି କାର୍ଯ୍ୟ କରିବାପାଇଁ ଶାସ୍ତ୍ରାଦି ଅନୁସାରେ ଯୋଗ୍ୟତା—25. Eligibility; state of being entitled to do any act.

୨୬ । ମାଲିକସ୍ୱତ୍ୱ—
26. Proprietory right; ownership.

ଦେ. ବି—କ୍ଷମତା ପରିଚାଳନ—Exercise of authority.

ସତ୍ୟଯୁଗେ ଯମଙ୍କ ଅନ୍ୟାୟ ବେଭାର, ଦେଖି ବସୁ କଲେ ଯମଙ୍କ ଅଧିକାର ।
କୃଷ୍ଣସିଂହ ମହାଭାରତ. ବନ ।

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଧିକାରୀ**—ସଂ. ବିଣ. ପୁଂ. (ଅଧିକାର+ଇନ୍; ୧ମା. ୧ବ.)—
Adhikārī ୧ । ଯାହାର ଅଧିକାର ଥାଏ—
(ଅଧିକାରିଣୀ—ସ୍ତ୍ରୀ) 1. Having authority.
(ଅଧିକାରିତ୍ୱ—ବି.) ୨ । କୌଣସି ବସ୍ତୁରେ ଯାହାର ମାଲିକି ସ୍ୱତ୍ୱ ଥାଏ—2. Having a proprietory right; having ownership.

୩ । ଯାହାର କୌଣସି ବିଶେଷ ସ୍ୱତ୍ୱ ବା ଅଧିକାର ଥାଏ—3. Privileged.

୪ । ସ୍ୱତ୍ୱବାନ୍; ହକ୍‌ଦାର୍—4. Entitled to.

୫ । ଯାହାର ଉପଯୁକ୍ତ ଯୋଗ୍ୟତା ଅଛି—5 Properly qualified for.

୬ । ଦଖଲ କରୁଥିବା—6. In possession of.

ସଂ. ବି. ପୁଂ—(ମନୁଷ୍ୟର) ୧ । ପ୍ରଭୁ; ସ୍ୱାମୀ—1. Master; lord

୨ । (ଦ୍ରବ୍ୟର) ମାଲିକ—2. Owner.

୩ । କୌଣସି ଇଲାକାରେ କର୍ମ କରୁଥିବା ବ୍ୟକ୍ତି ବା ଭୃତ୍ୟମାନଙ୍କ ସର୍ଦ୍ଦାର—3. Head of a department.

ଏହା କହି ସୁଆରମାନଙ୍କ ଅଧିକାରୀ, ବଳିବନ୍ତ କଲେ ବିପ୍ର ଦଣ୍ଡଧାରୀ ।
କୃଷ୍ଣସିଂହ. ମହାଭାରତ. ବିରାଟ ।

୪ । ଭାରପ୍ରାପ୍ତ କର୍ମଚାରୀ—4. Officer in charge.

୫ । ତତ୍ତ୍ୱାବଧାରକ—5. Superintendent.

୬ । ଯଜ୍ଞ ଆଦି କରିବାପାଇଁ ଉପଯୁକ୍ତ ବ୍ୟକ୍ତି—6. a person) Qualified to perform a sacrifice.

୭ । ବେଦାନ୍ତରେ ପାରଦର୍ଶୀ ବ୍ୟକ୍ତି—7. (a person) Versed in the Bedānta.

୮ । ଯାହାର କୌଣସି କାର୍ଯ୍ୟ କରିବାକୁ ଉପଯୁକ୍ତ ବିଦ୍ୟା ବା ଶକ୍ତି ଆଦି ଅଛି—8. (a person Possessing the necessary qualification to do a thing.

୯ । ହକ୍‌ଦାର୍ ବ୍ୟକ୍ତି—9. (a person) Entitled to do a thing.

ଦେ. ବି—୧ । ମଠ ପରିଚାଳନ ପାଇଁ ମହନ୍ତଙ୍କ ଅଧୀନସ୍ଥ ତତ୍ତ୍ୱାବଧାରକବିଶେଷ—1. Superintendent of a religious endowment below the Mahanta.

୨ । ହାଟୁଆ ସମାଜର ଜାତିଗଣ ବିଷୟ ଓ ସଭା ଆଦିରେ ତତ୍ତ୍ୱାବଧାରଣ କରିବାପାଇଁ ମନୋନୀତ ବ୍ୟକ୍ତିର ଉପାଧି—2. Title of the headman of a caste-guild.

୩ । ବଂଶୋପାଧି ବିଶେଷ—3. A family title.

ପ୍ରାଦେ. (ଗଞ୍ଜାମ) ବି—କୌଣସି ସରକାରୀ ବିଭାଗର ଭାରପ୍ରାପ୍ତ ସର୍ବୋଚ୍ଚ କର୍ମଚାରୀ ବା ହାକିମ—3. The head of any Government department.

(ଯଥା—ଓଡ଼ିଶା ପାଇଁ ··· ନୂଆ ସ୍ୱାସ୍ଥ୍ୟ ଅଧିକାରୀ ନିଯୁକ୍ତ ହେଲେ ।
ଦୈନିକ ଆଶା—୧୩।୨।୩୦)

**ଅଧିକାରୂଢ଼ ବୈଶିଷ୍ଟ୍ୟରୂପକ**—ସଂ. ବି—ରୂପକାଲଙ୍କାରବିଶେଷ (ରୂପକ ତଳେ ନୋଟ—ଦେଖ)—
Adhikārūḍha-baiśishṭya rūpaka A class of simile.

**ଅଧିକାର୍ଥ**—ସଂ. ବିଣ. (ବହୁବ୍ରୀହି)—ଯେଉଁ ବାକ୍ୟ ବା ଶବ୍ଦ ବା କୌଣସି ପଦର ଅର୍ଥରେ ବିଶିଷ୍ଟତା ଥାଏ—
Adhikārtha Any sentence or word conveying a special meaning.

ସଂ. ବି. (ବହୁବ୍ରୀହି)—୧ । ବିଶିଷ୍ଟ ଅର୍ଥ—1. Peculiar meaning.

୨ । ଅଧିକ ଅର୍ଥ—2. Additional meaning.

**ଅଧିକି**—ଗ୍ରା. ବିଣ—(ସଂ. ଅଧିକ)—ଅଧିକ (ଦେଖ)
Adhiki Adhika (See)

ଏ ଦୁଇ କଥାନ୍ତରେ ଉପମା ଅଧିକ । କୃଷ୍ଣସିଂହ. ମହାଭାରତ. ଆଦି ।

ଗ୍ରା. କ୍ରି. ବିଣ—ଅଧିକନ୍ତୁ (ଦେଖ)
Adhikantu (See)

ଯାବତକର୍ମେ ପୂରଇ ଭ୍ରମଇ ପ୍ରାଣିକ ।
ଏ ଦେହକୁ ସତ ପ୍ରାପ୍ତ ମଣଇ ଅଧିକ । ପୀତାମ୍ବର. ନୃସିଂହପୁରାଣ ।

୩ । ଅଧିକରୂପେ—3. Greatly.

୪ । ପ୍ରଚୁର ପରିମାଣରେ—4. Abundantly.

୫ । ବିଶେଷ ରୂପେ—5. Particularly.

**ଅଧିକୃତ**—ସଂ. ବିଣ. (ଅଧି+କୃ ଧାତୁ+କର୍ମ. ତ)—
Adhikṛuta ୧ । ଅଧିକାରଭୁକ୍ତ—
(ଅଧିକାର; ଅଧିକୃତି—ବି) 1. Within one's jurisdiction.

୨ । ଦଖଲ କରାଯାଇଥିବା—2. Taken possession of.

୩ । ଆୟତ୍ତ—3. Under one's control.

୪ । ରାଜନ୍ୟ ବା ଶାସନାଧୀନକୁ ଅଣାଯିବା (ରାଜ୍ୟ)—4. Governed; ruled (country).

୫ । କୌଣସି କାର୍ଯ୍ୟରେ ନିଯୁକ୍ତ କରାଯାଇଥିବା (ବ୍ୟକ୍ତି)—5. (a person) Engaged in a particular work.

୬ । କୌଣସି ଅଧିକାର ବା ଶକ୍ତି ପାଇଥିବା (ବ୍ୟକ୍ତି)—6. Authorised to exercise certain power.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ହ୍ନ |

୭ । ସ୍ୱତ୍ୱ ବଳରେ ଭୋଗ କରାଯାଉଥିବା (ସମ୍ପତ୍ତି)—
7. ( property ) Enjoyed by virtue of one's title.

୮ । ଉପଲବ୍ଧ—8. Got; attained.

୯ । ସମ୍ବନ୍ଧୀୟ—9. Relating to.

ସ. ବି—୧ । ତତ୍ତ୍ୱାବଧାରକ—1. Superintendent.

୨ । ବିଶିଷ୍ଟ କର୍ମଚାରୀ—2. A functionary; an officer.

୩ । ଅଧ୍ୟକ୍ଷ—3 Principal; a head.

**ଅଧିକେ**—ଦେ. କ୍ରି. ବିଣ. ( ସଂ. ଅଧିକନ୍ତୁ )—
**Adhike** ୧ । ଅଧିକନ୍ତୁ—1. And also.

ଅନନ୍ତ ପାଦରେ ବୁଡ଼ାଇ, ଅଧିକେ ଅଙ୍ଗ ପାଖୋଇଲେ ।
ଜଗନ୍ନାଥ. ଭାଗବତ ।

୨ । ପରନ୍ତୁ—2. On the other hand.

କଣିକ ଅଙ୍ଗରେ କେବେ ନ ଟେକୁ, ଅଧିକେ କରନ୍ତୁ ସ୍ନେହ ।
ଗଙ୍ଗାଧର. ପ୍ରଣୟବଲ୍ଲରୀ ୪ ।

**ଅଧିକ୍ରମ**—ସଂ. ବି. ( ଅଧି+କ୍ରମ ଧାତୁ+ଭାବ. ଅ )—
**Adhikrama** ୧ । ଆକ୍ରମଣ; ଚଢ଼ାଉ—1. Attack; invasion.

୨ । ଆରୋହଣ—2. Ascent.

**ଅଧିକ୍ରମଣ**—ସ. ବି. (ଅଧି+କ୍ରମ ଧାତୁ+ଭାବ. ଅନ)—ଅଧିକ୍ରମ (ଦେଖ)
**Adhikramaṇa** Adhikrama (See)

**ଅଧିକ୍ଷିପ୍ତ**—ସ. ବିଣ. ( ଅଧି+କ୍ଷିପ ଧାତୁ+କର୍ମ. ତ )
**Adhikshipta** ୧ । ନିନ୍ଦିତ—1. Blamed.
(ଅଧିକ୍ଷେପ—ବି) ୨ । ତିରସ୍କୃତ—2. Censured; abused.

୩ । ଅପମାନିତ—3. Insulted.

୪ । କାର୍ଯ୍ୟରୁ ଅନ୍ତରିତ; କାର୍ଯ୍ୟରୁ ବରଖାସ୍ତ—
4. Dismissed.

୫ । ନିକ୍ଷିପ୍ତ; ଫିଙ୍ଗା ଯାଇଥିବା—5. Thrown; bespattered.

୬ । କାର୍ଯ୍ୟର ଭାରପ୍ରାପ୍ତ—
6. Entrusted with some duty.

**ଅଧିକ୍ଷେପ**—ସଂ. ବି. ( ଅଧି+କ୍ଷିପ ଧାତୁ+ଭାବ. ଅ )—
**Adhikshepa** ୧ । ନିନ୍ଦା—1. Blame.
(ଅଧିକ୍ଷିପ୍ତ—ବିଣ) ୨ । ତିରସ୍କାର—2. Censure; abuse.

ଅଧିକ୍ଷେପ କଲେ ଯେ କରେ ଅଧିକ୍ଷେପ
ତାହାର ସବୁ ପୁଣ୍ୟ କୃଅଇଟି ଲୋପ । କୃଷ୍ଣସିଂହ ମହାଭାରତ ବନ ।

୩ । ବ୍ୟଙ୍ଗ୍ୟ—3. Irony; satire.

୪ । ଅପମାନ—4. Insult.

ଶିଶୁପାଳ ବନ୍ଧୀ କେତୁ ମତେ ବ୍ୟଙ୍ଗରେ
ବହୁତେ ଅଧିକ୍ଷେପ କରିବ ସଭାରେ । କୃଷ୍ଣସିଂହ ମହାଭାରତ. ସଭା ।

୫ । କାର୍ଯ୍ୟରୁ ବରଖାସ୍ତି; କାର୍ଯ୍ୟଚ୍ୟୁତି—5. Dismissal.

୬ । ନିକ୍ଷେପ; ଫିଙ୍ଗା—6 Throwing.

୭ । କାର୍ଯ୍ୟର ଭାର ପ୍ରଦାନ—
7. Entrusting with some duty.

**ଅଧିଗତ**—ସ. ବିଣ. ( ଅଧି+ଗମ ଧାତୁ+କର୍ମ. ତ )—
**Adhigata** ୧ । ଅର୍ଜିତ; ଉପାର୍ଜିତ—
(ଅଧିଗତା—ସ୍ତ୍ରୀ) 1. Earned; acquired.
(ଅଧିଗମ—ବି) ୨ । ପ୍ରାପ୍ତ; ଲବ୍ଧ—2. Got; obtained; attained;

୩ । ଜ୍ଞାତ—3. Known.

୪ । ଶିକ୍ଷାକରାଯାଇଥିବା—4. Learnt; studied.

୫ । ସ୍ୱୀକୃତ—5. Agreed to; accepted; acknowledged.

୬ । ନିଶ୍ଚିତ—6. Ascertained.

୭ । ସଙ୍ଗମ କରାଯାଇଥିବା—7. Cohabited with.

୮ । ପରିହିତ—8. Worn; put on.

ଶ୍ୟାମଳ ମୃଦୁଳ ସେ କଳେବର, ଅଧିଗତ ଗୋଟିଏ ପୀତ ଦୁକୂଳ ।
ପ୍ରାଚୀ. ରସବାରିଧି ।

**ଅଧିଗମ**—ସ. ବି. ( ଅଧି+ଗମ ଧାତୁ+ଭାବ. ଅ )—
**Adhigama** ୧ । ଅର୍ଜନ—1. Acquisition; earning.
ଅଧିଗତ } ବିଣ. ୨ । ପ୍ରାପ୍ତି—2. Receipt; getting.
ଅଧିଗମ୍ୟ } ୩ । ଜ୍ଞାନ—3 Knowledge.

୪ । ଶିକ୍ଷା; ପାଠାଭ୍ୟାସ—4. Learning; study.

୫ । ସ୍ୱୀକୃତି; ସ୍ୱୀକାର—5. Acceptance;agreement.

୬ । ନିଶ୍ଚିତ—6. Ascertainment.

୭ । ବାଣିଜ୍ୟରେ ଅର୍ଜିତ ଲାଭ—7. Mercantile profit.

**ଅଧିଗମନ**—ସଂ. ବି. ( ଅଧି+ଗମ ଧାତୁ+ଭାବ. ଅନ )—
**Adhigamana** ଅଧିଗମ ( ଦେଖ )
Adhigama (See)

**ଅଧିଗୁଣ**—ସ. ବି. ( ଅଧି+ଗୁଣ)—
**Adhiguṇa** ଶ୍ରେଷ୍ଠ ଗୁଣ—Superior quality.

**ଅଧିଗ୍ରାମ**—ଦେ. ବିଣ—ଗ୍ରାମର ସମୀପ ବା ଉପକଣ୍ଠରେ ଅବସ୍ଥିତ—
**Adhigrāma** Adjoining a village; situated on the out skirts of a village.

ଅଧିଗ୍ରାମ ବନେ ବୃଷଭଙ୍କୁ ସର, ଅଧିକ ରଙ୍ଗେ ଘଷଣ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅଧିଜଙ୍ଗ**—ପ୍ରାଦେ. ( ଗଡ଼ଜାତ ) ବି.—କ୍ଷତ୍ରୀୟ ବୀରମାନଙ୍କ ରାଜପ୍ରଦତ୍ତ
**Adhijaṅga** ଉପାଧି—A title given to Kshatriya heroes.

**ଅଧିଜିହ୍ୱ**—ସଂ. ବି. ( ବହୁବ୍ରୀହି; ଅଧି=ଅଧିକା+ଜିହ୍ୱା )—ଦ୍ୱିଜିହ୍ୱ;
**Adhijihwa** ସର୍ପ—Serpent.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ପୁରାଣମତରେ କୁଶ ଉପରେ ରଖା ଯାଇଥିବା ଅମୃତକୁ ଜିଭରେ ଚାଟିଲାବେଳେ ସାପଙ୍କ ଜିଭ କୁଶ ଧାରରେ ଦୁଇଫାଳ ହୋଇ ଚିରି ହୋଇ ଯିବାରୁ ସେହି ଦିନଠାରୁ ସାପଙ୍କ ବଂଶଧରମାନଙ୍କର ଜିଭ ଦୁଇଫାଳିଆ ହୋଇଅଛି । ]

**ଅଧିଜିହ୍ୱା**—ସଂ. ବି. ( ଅଧି+ଜିହ୍ୱା )—୧ । ଘଣ୍ଟିକା—
Adhijihwā 1. The uvula.
୨ । ଜିଭ ବା ଘଣ୍ଟିକା ବଢ଼ିବା ରୋଗବିଶେଷ—( ଏଥିରେ ଜିଭ ଉପରେ ବ୍ରଣ ବାହାରି ପାଚିଯାଏ ଓ ଏହା ଅସାଧ୍ୟ ହୋଇ ପଡ଼େ)—
2. A sort of swelling of the tongue & of the epiglottis.

**ଅଧିଜିହ୍ୱିକା**—ସଂ. ବି. ( ଅଧିଜିହ୍ୱା+କ+ଆ )—ଅଧିଜିହ୍ୱା ( ଦେଖ )
Adhijihwikā Adhijihwā ( See )

**ଅଧିଜ୍ୟ**—ସଂ. ବିଣ. ( ବହୁବ୍ରୀହି; ଅଧି=ଅଧାରୂଢ଼+ଜ୍ୟା=ଗୁଣ )—
Adhijya ଯେଉଁ ଧନୁରେ ଗୁଣ ଚଢ଼ା ଯାଇଥାଏ—( a bow )
Having the bow-string on; ready-stringed ( bow ).

**ଅଧିଜ୍ୟ କାର୍ମ୍ମୁକ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଧିଜ୍ୟ+କାର୍ମ୍ମୁକ )—
Adhijya kārmmuka ଯେଉଁ ଲୋକ ଗୁଣ ଚଢ଼ାହୋଇଥିବା
(ଅଧିଜ୍ୟକାର୍ମ୍ମୁକା—ସ୍ତ୍ରୀ) ଧନୁ ଧରିଥାଏ—Holding a ready-stringed bow.

**ଅଧିଜ୍ୟଧନ୍ୱା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅଧିଜ୍ୟ+ଧନନ୍)—
Adhijyadhanwā ଅଧିଜ୍ୟ କାର୍ମ୍ମୁକ ( ଦେଖ )
Adhijya kārmmuka ( See )

**ଅଧିତ୍ୟକା**—ସଂ. ବି. ( ଅଧି=ଉପରେ+ତ୍ୟକନ୍; ୧ମା. ୧ବ. )—
Adhityakā ୧ । ପର୍ବତର ଉପରେ ବା ଉଚ୍ଚଦେଶରେ
(ଉପତ୍ୟକା—ବିପରୀତ) ଥିବା ବିସ୍ତୀର୍ଣ୍ଣ ସମତଳ ଭୂଖଣ୍ଡ—
1. Plateau; table land.
୨ । ଅତ୍ୟୁଚ୍ଚ ଭୂମି—2. Very high land.

**ଅଧିଦଇବତ**—ଦେ. ପଦ୍ୟ. ବି. ( ସଂ. ଅଧି ଦୈବତ )—
Adhidaibata ଅଧିଦୈବ ( ଦେଖ )
Adhidaiba ( See )
ଦେ. ପଦ୍ୟ. ବିଣ—୧ । ଅଧିଦୈବତ ( ଦେଖ )
1. Adhidaibata ( See )
୨ । ଦେବତାସମ୍ବନ୍ଧୀୟ; ଐଶ୍ୱରିକ—2. Divine.

ସବୁ କଥାକୁ କରଇ ଯେତୁ ଉପଯୋଗ
ଅଟଇ ଜାଣ ସେ ଅଧିଦଇବତ ମାର୍ଗ । ପୀତାମ୍ବର. ନୃସିଂହପୁରାଣ ।

**ଅଧିଦନ୍ତ**—ସଂ. ବି. ( ଅଧି+ଦନ୍ତ )—
Adhidanta ୧ । ଅଧିକା ଦାନ୍ତ; ବାହାଡ଼ା ଦାନ୍ତ—
1. Redundant tooth growing on another.
୨ । ହାତୀ ଦାନ୍ତ—2. Tusk of an Elephant.

**ଅଧିଦେବ**—ସଂ. ବି. ପୁଂ. ( ଅଧି=ପ୍ରଧାନ+ଦେବ )—
Adhideba ୧ । ଇଷ୍ଟଦେବ; କୌଣସି ସ୍ଥାନ, ବିଷୟ ବା
(ଅଧିଦେବୀ—ସ୍ତ୍ରୀ) ଗ୍ରାମର ଅଧିପତି ଦେବ—
1. Titular deity; presiding deity.
[ ଦ୍ର—ପୁରାଣମତରେ ପ୍ରତ୍ୟେକ ଇନ୍ଦ୍ରିୟର ଜଣେ ଜଣେ ଅଧିଦେବ ଅଛନ୍ତି । ଯଥା—କର୍ଣ୍ଣର ଅଧିଦେବ ଦିକ୍; ଚର୍ମର ବାତ; ନେତ୍ରର ଅର୍କ; ରସନାର ବରୁଣ; ଘ୍ରାଣର ଅଶ୍ୱିନୀକୁମାରଦ୍ୱୟ; ବାକ୍‌ର ବହ୍ନି; ହସ୍ତର ଇନ୍ଦ୍ର; ପଦର ଉପେନ୍ଦ୍ର; ପାୟୁର ମିତ୍ର; ଉପସ୍ଥର ପ୍ରଜାପତି ଓ ମନର ଚନ୍ଦ୍ର । ]
୨ । କୁଳଦେବତା; କୁଳର ଇଷ୍ଟଦେବତା—
2. The presiding deity of a family.
୩ । ଗ୍ରହ ଓ ନକ୍ଷତ୍ରମାନଙ୍କର ଅଧିଷ୍ଠାତା ଦେବ—
3. The deity presiding over planets and stars.
୪ । ପରମେଶ୍ୱର; ପରମାତ୍ମା—
4. God; the Supreme Soul.
ଦେ. ବି—ଶ୍ରେଷ୍ଠ ବ୍ୟକ୍ତି—Chief person.

ଆହୁର ବଂଶେ ଅଧିଦେବ, ଦେବକୀ କୁଳେ ବସୁଦେବ ।
ଜଗନ୍ନାଥ. ଭାଗବତ ।

**ଅଧିଦେବତା**—ସଂ. ବି. ସ୍ତ୍ରୀ. (ଅଧି+ଦେବତା)—ଅଧିଦେବ ( ଦେଖ )
Adhidebatā Adhideba (See)

**ଅଧିଦେବନ**—ସଂ. ବି. (ଅଧି=ଉପରେ+ଦିବ ଧାତୁ=ଜୁଆ ଖେଳିବା+
Adhidebana ଭାବ. ଅନ; ଯାହା ଉପରେ ଜୁଆ ଖେଳାଯାଏ)—
ଜୁଆ ଖେଳିବା ପଟା ବା ପାଲି—Gambling table; gambling board.

**ଅଧିଦୈବ**—ସଂ. ବି. ( ଅଧି+ଦୈବ )—ଅଧିଦେବ ( ଦେଖ )
Adhidaiba Adhideba (See)
ସଂ. ବିଣ—୧ । ଦେବତା ସମ୍ବନ୍ଧୀୟ—
1. Relating to a deity.
୨ । ଐଶ୍ୱରିକ—2. Divine.
୩ । ଦୈବଯୋଗେଘଟିବା; ଆକସ୍ମିକ; ଦୈବୀ (ଘଟଣା)—
3. Accidental.

**ଅଧିଦୈବତ**—ସଂ. ବି. (ଅଧି+ଦୈବତ)—୧ । ଅଧିଦେବ ( ଦେଖ )
Adhidaibata 1. Adhideba (See)
୨ । ପଦାର୍ଥସମ୍ବନ୍ଧୀ ବିଜ୍ଞାନବିଷୟ ବା ପ୍ରକରଣ—
( ହିନ୍ଦି. ଶବ୍ଦସାଗର )
2. A physical subject.
୩ । ଯେଉଁ ପ୍ରକରଣ ବା ମନ୍ତ୍ରରେ ଅଗ୍ନି, ବାୟୁ, ସୂର୍ଯ୍ୟ ଆଦି ଦେବତାଙ୍କ ନାମକୀର୍ତ୍ତନ କଲେ ଇଷ୍ଟ ଅର୍ଥର ପ୍ରତିପାଦକ ହୋଇ ବ୍ରହ୍ମବିଭୂତି ଅର୍ଥାତ୍ ସୃଷ୍ଟିର ପଦାର୍ଥମାନଙ୍କ ଗୁଣ ଆଦିର ଶିକ୍ଷା ମିଳେ (ହିନ୍ଦି. ଶବ୍ଦସାଗର)—
3. A formula the recitation of which

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଡ଼ଥ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ୬ | ଦ୍ଭ |

in the name of certain deities enables the reciter to attain scientific knowledge.

**ଅଧିନାଥ**—ସଂ. ବ. ( ଅଧି=ଶ୍ରେଷ୍ଠ+ନାଥ )—
**Adhinātha** ୧ । ଶ୍ରେଷ୍ଠ ପ୍ରଭୁ; ଅଧିପତି—
1. Supreme Lord.
୨ । ପତି; ସ୍ୱାମୀ—2. Husband.
୩ । ସର୍ଦ୍ଦାର—3. Head officer.
ଦେ. ବ. ( ନାମ )—ସଂସ୍କୃତ କାଳଯୋଗ ନାମକ ଗ୍ରନ୍ଥର ରଚୟିତାଙ୍କ ନାମ—Name of a sanscrit author.

**ଅଧିନାୟକ**—ସଂ. ବ. ପୁଂ. ( ଅଧି=ପ୍ରଧାନ+ନାୟକ )—
**Adhināyaka** ୧ । ସମସ୍ତଙ୍କର ଉପରେ କର୍ତ୍ତା—
(ଅଧିନାୟିକା—ସ୍ତ୍ରୀ) 1. Over lord.
୨ । ସମସ୍ତଙ୍କ ପ୍ରଭୁ—2. The chief master.
୩ । ସର୍ଦ୍ଦାରକର୍ମଚାରୀ—3. Head officer.

**ଅଧିପ**—ସଂ. ବ. ପୁଂ. ( ଅଧି+ପା ଧାତୁ+କର୍ତ୍ତୃ. ଅ )—
**Adhipa** ୧ । ସ୍ୱାମୀ; ପ୍ରଭୁ—1. Lord; master.
୨ । ରାଜା—2 King.
[ ଦ୍ର—ଅନ୍ୟ ଶବ୍ଦସଙ୍ଗେ ଯୁକ୍ତ ହୋଇ ଏହି ଅର୍ଥ ବୁଝାଏ, ଯଥା—ନରାଧିପ ]
୩ । ମୁଖ୍ୟବ୍ୟକ୍ତି; କର୍ତ୍ତା—3. Chief.
୪ । ନାୟକ—4. Leader.
୫ । ସର୍ଦ୍ଦାର—5. A head.
୬ । କୌଣସି ବିଷୟର ଅଧିକାର ବା ଭାରପ୍ରାପ୍ତ ବ୍ୟକ୍ତି—
( ଯଥା—ସଙ୍ଗ୍ରାମାଧିପ; ଶସ୍ୟାଧିପ )
6. A person in charge.
୭ । ବହୁ ମଧ୍ୟରେ ଶ୍ରେଷ୍ଠ—
7 Chief amongst many.
( ଯଥା—ମୃଗାଧିପ; ଗଣାଧିପ; ଗଜାଧିପ )
୮ । ( ଜ୍ୟୋତିଷ ) ଜ୍ୟୋତିଷ ଗଣନାକ୍ରମେ କୌଣସି ବର୍ଷ କୌଣସି ବିଷୟରେ ଭାରପ୍ରାପ୍ତ ଗ୍ରହ ( ଯଥା—ଶସ୍ୟାଧିପ; ରସାଧିପ; ମେଘାଧିପ; ଧାନ୍ୟାଧିପ )—
8. A planet which according to astrological calculation is in charge of certain matters during a certain year

**ଅଧିପତି**—ସଂ. ବ. ପୁଂ. ( ଅଧି+ପତି )—୧ । ଅଧିପ ( ଦେଖ )
**Adhipati** 1. Adhipa ( See )
୨ । ମସ୍ତକାଭ୍ୟନ୍ତରର ଉପରେ ଶିରାସନ୍ଧିସନ୍ଧି ପାତ ରୋମାବର୍ତ୍ତ; ଏଠାରେ ଆଘାତ ହେଲେ ସଦ୍ୟ-ମୃତ୍ୟୁ ଘଟେ (ସୁଶ୍ରୁତ)—
2. A part of the head where a wound results in instantaneous death.

[ ଦ୍ର—ବୌଦ୍ଧଦର୍ଶନ ଅନୁସାରେ ଅଧିପତି ଚାରି ପ୍ରକାରର, ଯଥା—ଯକ୍ଷାଧିପତି; ବଜ୍ରାଧିପତି; ସାର୍ଯ୍ୟାଧିପତି ଓ ନ୍ୟାୟାଧିପତି—
(ବୃ. ଶବ୍ଦସାଗର ।) ]
[ ଦ୍ର—ଏ ଶବ୍ଦର ସ୍ତ୍ରୀଲିଙ୍ଗରୂପ ଅଧିପତ୍ନୀ ବେଦରେ ବ୍ୟବହୃତ ଅଛି; କିନ୍ତୁ ପରବର୍ତ୍ତୀ ସଂସ୍କୃତରେ ବିରଳ । ]

**ଅଧିପାତକ**—ସଂ. ବ. ( ଅଧି+ପାତକ )—ମହାପାପ—
**Adhipātaka** Serious or grave sin.
ଅନ୍ତକ ଲେ ବୈକୁଣ୍ଠେ ବସନ୍ତି ଚକ୍ରପାଣି
କାହା ଅଧିପାତକରୁ ତରଯାନ୍ତି ପ୍ରାଣି । ପୀତାମ୍ବର- ନୃସିଂହପୁରାଣ ।

**ଅଧିପୁରୁଷ**—ସଂ. ବ. ( ଅଧି+ପୁରୁଷ )—୧ । ବରିଷ୍ଠପୁରୁଷ—
**Adhipurusha** 1. A Great Being.
ଯେ ଯାହା ମାନାବନ ଲଇ, ଅଧିପୁରୁଷ ରୂପ କହି ।
ଜଗନ୍ନାଥ- ଭାଗବତ ।
୨ । ପରମାତ୍ମା; ପରମେଶ୍ୱର—2. God.

**ଅଧିପ୍ରଜ**—ସଂ. ବିଶ. ପୁଂ. ( ବହୁବ୍ରୀହି; ଅଧି+ପ୍ରଜା )—
**Adhipraja** ଯାହାର ବହୁ ପୁତ୍ର କନ୍ୟା ଜନ୍ମିଛନ୍ତି—
(ଅଧିପ୍ରଜା—ସ୍ତ୍ରୀ) (a person) Having many children.

**ଅଧିବକ୍ତା**—ସଂ. ବ. ପୁଂ. ( ଅଧି+ବଚ ଧାତୁ+କର୍ତ୍ତୃ. ତୃ; ତୁଳନାକର
**Adhibaktra** ଇଂ. ଆଡ୍‌ଭୋକେଟ୍ )—
୧ । ଯେ କୌଣସି ବିଶେଷ ବିଷୟର ପକ୍ଷ ସମର୍ଥନ କରନ୍ତି—
1. A person advocating a particular cause; an advocate.
୨ । ବକ୍ତା—2. Orator.
୩ । ମୁଣ୍ଡ ଉପରେ ବନ୍ଧା ଯିବା ଶୀତବସ୍ତ୍ର; କମ୍ଫର୍ଟର୍—
3. A comforter.

**ଅଧିବଚନ**—ସଂ. ବ. ( ଅଧି+ବଚନ )—୧ । ଅତ୍ୟୁକ୍ତି—
**Adhibachana** 1. Exaggeration.
୨ । ସଂଜ୍ଞା—2. Definition.
୩ । ନାମ—3. Name.
୪ । ପକ୍ଷସମର୍ଥନପୂର୍ବକ କଥନ—
4. Advocacy; advocating a particular cause.

**ଅଧିବତ୍ସର**—ସଂ. ବ. ( ଅଧି+ବତ୍ସର )—ଅଧିମାସଯୁକ୍ତ ବର୍ଷ; ଯେଉଁ
**Adhibatsara** ବର୍ଷରେ ମଳମାସ ଥାଏ—
A year containing an extra lunar month.

**ଅଧିବର୍ଷ**—ସଂ. ବ. ( ଅଧି+ବର୍ଷ )—ଅଧିବତ୍ସର ( ଦେଖ )
**Adhibarsha** Adhibatsara ( See )

**ଅଧିବଳ**—ସଂ. ବ. ( ଅଧି+ବଳ )—୧ । ପରସ୍ପରକୁ ଆସ୍ପର୍ଦ୍ଧାପୂର୍ବକ
**Adhibala** ଯୁଦ୍ଧାର୍ଥ ଉଚ୍ଚୈଃସ୍ୱରରେ ଆହ୍ୱାନ—
1. Challenge.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ସୋଧାସୋଧି—2. Use of high words in mutual defience.

**ଅଧିବସତି**—ସଂ. ବି. ( ଅଧି + ବସତି )—ବାସସ୍ଥାନ—
**Adhibasati** Abode; dwelling.

**ଅଧିବାକ**— ସଂ. ବି. ( ଅଧି + ବଚ ଧାତୁ + ଭାବ. ଅ )—
**Adhibāka** ଅଧିବଚନ ( ଦେଖ )
Adhibachana ( See )

**ଅଧିବାଚନ**—ସଂ. ବି. ( ଅଧି + ବାଚନ )—ନିର୍ବାଚନ—
**Adhibāchana** Election.

**ଅଧିବାସ**—ସଂ. ବି. ( ଅଧି + ବସ ଧାତୁ + ଭାବ. ଅ )—
**Adhibāsa** ୧ । ବାସସ୍ଥାନ; ଘର—
1. Residence; dwelling.

୨ । ବାସିନ୍ଦା—2. Inhabitant.

୩ । ପଡ଼ୋଶୀ—3. Neighbour.

୪ । ଅଧିଆ ପଡ଼ିବା; ଧାରଣା ପଡ଼ିବା—
4. Sitting or lying without food before a deity or before a person's house till one's wish is fulfilled.

୫ । ପରିମଳ; ମନୋହର ସୁଗନ୍ଧ; ଖୁସ୍‌ବୁ—
5. Very sweet smell; fragrance

୬ । ଯଜ୍ଞାନୁଷ୍ଠାନର ଆନୁପୂର୍ବିକ ଦେବବିଗ୍ରହପ୍ରତିଷ୍ଠା କର୍ମ—
6. Consecration of an image before the commencement of a sacrifice.

୭ । ବିବାହର ପୂର୍ବ ଦିନ ସନ୍ଧ୍ୟା ବା ରାତିରେ ବରକନ୍ୟାଙ୍କ ତେଲ ହଳଦୀବୋଳା ବିଧି; ଗନ୍ଧଘଷଣ; ଗନ୍ଧାଧିବାସ—
7. Anointing the bodies of the bride and the bride-groom with oil, turmeric etc. on the eve of marriage.

୮ । ଶୁଦ୍ଧି ବା ମଙ୍ଗଳ କାର୍ଯ୍ୟରେ ମନ୍ତ୍ରୋଚ୍ଚାରଣପୂର୍ବକ ଗୁଆ, ନଡ଼ିଆ, ପଇତା, ସିନ୍ଦୂର, ଗୋରୋଚନା, ଚନ୍ଦନ, ଦୂବ, ବରକୋଳିପତ୍ର, ହଳଦୀଗୁଣ୍ଡା, ଘିଅ, ଦର୍ପଣ, ତୀର୍ଥଜଳ ଆଦି ଦ୍ୱାରା ଦେହସଂସ୍କାର—
8. The ceremony of applying scents and pastes and touching the body with cocoanut etc on ceremonial and purificatory occasions.

ଅଧିବାସ କଲେ ତୀର୍ଥ ଜଳ, ନୃତ୍ୟ ଗୀତେ ଉଛୁଳା ଚହଳ ।
ବିଶ୍ୱନାଥ, ବିଚିତ୍ରରାମାୟଣ ।

୯ । ଦେହରେ ଗନ୍ଧ ଦ୍ରବ୍ୟାଦି ଲେପନ—
9. Toilette; applying scent etc. to the body.

ହୋଇଥାଏ ପୀତାମ୍ବର; ଅଙ୍ଗେ ଚନ୍ଦନ କର୍ପୂର; ଅଧିବାସ ସାରିବାରକର ।
ବିଶ୍ୱନାଥ, ବିଚିତ୍ରରାମାୟଣ ।

୧୦ । ପୋଷାକ—10. Dress.

୧୧ । ଲୁଗା ଉପରେ ପିନ୍ଧା ଯିବା ପୋଷାକ—(ଯଥା; ଚୋଗା; ଗାଉନ୍; ଓଭରକୋଟ୍ )—
11. Mantle; overcoat.

୧୨ । ବହୁକାଳ କୌଣସି ସ୍ଥାନରେ ରହିବା—
12. A long stay.

୧୩ । ଅନ୍ୟ ଗେହବାସ; ଅନ୍ୟ ଲୋକର ଘରେ ବାସ କରିବା—
( ହି. ଶବ୍ଦସାଗର )—
13. Staying at the house of another.

[ ଦ୍ର—ମନୁଙ୍କ ଅନୁସାରେ ସ୍ତ୍ରୀମାନଙ୍କ ପକ୍ଷରେ ୬ଟି ଦୋଷାବହ ବିଷୟମାନଙ୍କ ଏହା ଏକତମ; ଏତଦ୍ୱାରା ସ୍ତ୍ରୀମାନଙ୍କ ଚରିତ୍ର ନଷ୍ଟ ହେବାର ଆଶଙ୍କା ଥାଏ । ମନୁ ୯।୧୩ । ]

**ଅଧିବାସନ**—ସଂ. ବି. ( ଅଧି + ବସ ଧାତୁ ଣିଚ୍. ବାସି ଧାତୁ + ଭାବ. ଅନ )—
**Adhibāsana**
୧ । ଗନ୍ଧମାଲ୍ୟାଦିଦ୍ୱାରା ଅଙ୍ଗସଂସ୍କାର—1. Toilette.

୨ । ଯଜ୍ଞାରମ୍ଭ ପୂର୍ବରୁ ଯଜ୍ଞପୀଠରେ ଦେବବିଗ୍ରହଙ୍କ ଆବାହନ ଓ ପ୍ରତିଷ୍ଠା—2. Invocation and consecration of an image preliminary to the performance of a sacrifice.

୩ । ଜୀବନ୍ୟାସପୂର୍ବକ ଦେବବିଗ୍ରହ ପ୍ରତିଷ୍ଠା—
3. Making a divinity assume his abode inside an image.

**ଅଧିବାସିତ**—ସଂ. ବିଣ. ପୁଂ. (ଅଧି + ବାସି ଧାତୁ + କର୍ମ. ତ)—
**Adhibāsita** ୧ । ଯାହା ଦେହରେ ସୁଗନ୍ଧ ଆଦି ବୋଳା ହୋଇଥାଏ—1 Anointed with scents.

୨ । ଯାହାକୁ ଅନ୍ୟ ଲୋକ ଲୁଗା ପିନ୍ଧାଇ ବେଶ କରାଇଥାଏ—
2. Dressed up by another.

**ଅଧିବାସୀ**—ସଂ. ବିଣ. ପୁଂ. ( ଅଧି + ବସ ଧାତୁ + ଇନ୍ ୧ମା. ୧ବ. )—
**Adhibāsī** ୧ । ବାସିନ୍ଦା; ନିବାସୀ; ( ଅମୁକ ସ୍ଥାନରେ )
(ଅଧିବାସିନୀ — ସ୍ତ୍ରୀ) ବାସ କରିବା (ବ୍ୟକ୍ତି)—
1. Inhabiting; residing.

୨ । ଅନ୍ୟର ଦେହରେ ଗନ୍ଧ ଚନ୍ଦନାଦି ଲେପନକାରୀ—
2 Applying scents to the body of another.

ସଂ. ବି. ପୁଂ—ନିବାସୀ ବ୍ୟକ୍ତି—Inhabitant; resident.

**ଅଧିବିଦ୍ୟ**—ସଂ. ବିଣ. ପୁଂ—( ବହୁବ୍ରୀହି; ଅଧି + ବିଦ୍ୟା )—
**Adhibidya** ସମଧିକ ବିଦ୍ୱାନ୍—Very learned.
(ଅଧିବିଦ୍ୟା—ସ୍ତ୍ରୀ)

**ଅଧିବିନ୍ନା**—ସଂ. ବି. ସ୍ତ୍ରୀ—(ଅଧି + ବିଦ ଧାତୁ + କର୍ମ. ତ + ସ୍ତ୍ରୀ. ଆ)—
**Adhibinnā** ଦୁଇଥର ବିବାହ କରିଥିବା ସ୍ୱାମୀର ପ୍ରଥମ ପକ୍ଷୀୟା ସ୍ତ୍ରୀ; ଅଧ୍ୟୂଢ଼ା—The superseded or first wife of a twice married person.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗିଁ | ଇଅ | ଊ | ନ୍ତ |

[ ଦ୍ର—ସ୍ମୃତି ଅନୁସାରେ ସ୍ତ୍ରୀ ସୁରାପା, ବ୍ୟାଧିତା, ଅତିବ୍ୟୟଶୀଳା, ହିଂସ୍ରା ଧୂର୍ତ୍ତ, ବନ୍ଧ୍ୟା, ମୃତବତ୍ସା, ଅପ୍ରିୟମ୍ବଦା, ସ୍ୱାମୀଦ୍ୱେଷିଣୀ ଓ କେବଳ କନ୍ୟାପ୍ରସୂ ହେଲେ ସ୍ୱାମୀ ଦ୍ୱିତୀୟ ସ୍ତ୍ରୀ ବିବାହ କରି ପାରିବେ । ମନୁ—୯—(୮୦-୮୩)—ଯାଜ୍ଞବଲ୍କ୍ୟ—୧ (୭୩—୭୪)]

**ଅଧିବେତ୍ତା**—ସଂ. ବି. ପୁଂ (ଅଧି+ବିଦ ଧାତୁ+କର୍ତ୍ତୃ. ତୃ ୧ମା. ୧ବ.)—
**Adhibettā** ପ୍ରଥମ ସ୍ତ୍ରୀ ବିଦ୍ୟମାନ ଥାଉ ଥାଉ ଦ୍ୱିତୀୟ ସ୍ତ୍ରୀ ବିବାହକାରୀ ପୁରୁଷ—A husband who marries a second wife during the life-time of his first wife.

**ଅଧିବେଦ**—ସଂ. କ୍ରି. ବିଣ (ଅବ୍ୟୟୀଭାବ; ବେଦକୁ ଅଧିକାର କରି)—
**Adhibeda** ବେଦ ସମ୍ବନ୍ଧୀୟ; ବୈଦିକ—
Relating to the Bedas.

ସଂ. ବି (ଅଧି+ବିଦ ଧାତୁ+ଭାବ. ଅ)—ଅଧିବେଦନ (ଦେଖ)
Adhibedana (See).

**ଅଧିବେଦନ**—ସଂ. ବି. (ଅଧି+ବିଦ ଧାତୁ+ଭାବ. ଅନ)—ପ୍ରଥମ ସ୍ତ୍ରୀ
**Adhibedana** ବିଦ୍ୟମାନ ଥାଉ ଥାଉ ଦ୍ୱିତୀୟ ସ୍ତ୍ରୀକୁ ବିବାହ କରିବା—Marrying of a second wife by superseding the Ist.

[ ଦ୍ର—ମଦ୍ୟପାନାସକ୍ତା, ଅସଚ୍ଚରିତ୍ରା, ପତିର ପ୍ରତିକୂଳାଚାରିଣୀ, ବ୍ୟାଧିଗ୍ରସ୍ତା, ହିଂସାପରାୟଣା, ଅସଦ୍‌ବ୍ୟୟଶୀଳା, ବିବାହର ଆଠ ବର୍ଷ ପର୍ଯ୍ୟନ୍ତ ବନ୍ଧ୍ୟା ବା ୧୦ ବର୍ଷ ପର୍ଯ୍ୟନ୍ତ ମୃତବତ୍ସା ବା ୧୧ ବର୍ଷ ପର୍ଯ୍ୟନ୍ତ କେବଳ କନ୍ୟାପ୍ରସୂ ଓ ଅପ୍ରିୟବାଦିନୀ ସ୍ତ୍ରୀକୁ ପରିତ୍ୟାଗ କରି ଦ୍ୱିତୀୟ ସ୍ତ୍ରୀ ବିବାହ କରିବ—ରାମଶଙ୍କର. ମନୁ. ୯—(୮୦-୮୧)]

**ଅଧିବେଶନ**—ସଂ. ବି—( ଅଧି+ବିଶ ଧାତୁ+ଭାବ. ଅନ )—ସଭାର
**Adhibeśana** ବୈଠକ, ସଭାସ୍ଥଳରେ ସଭ୍ୟମାନଙ୍କର ମିଳନ—
Session of a meeting.

**ଅଧିଭୂ**—ସଂ. ବି (ଅଧି+ଭୂ ଧାତୁ+କର୍ତ୍ତୃ. କ୍ୱିପ୍)—
**Adhibhū** ୧ । ପ୍ରଭୁ; ଖାମିନ୍ଦ—1 Lord; master.
୨ । ଉପରସ୍ଥ ବ୍ୟକ୍ତି—2. A superior.

**ଅଧିଭୂତ**—ସଂ. ବି. (ଅଧି+ଭୂତ)—୧ । ପଞ୍ଚଭୂତର ନଶ୍ୱର ଦେହ—
**Adhibhūta** The perishable material body ( consisting of the five elements. )
୨ । ସୃଷ୍ଟିରେ ଥିବା ଯାବତୀୟ ପ୍ରାଣହୀନ ସୃଷ୍ଟ ବସ୍ତୁ—
2. The whole inanimate Creation.
୩ । ପରମାତ୍ମା ଏବଂ ତାଙ୍କର ପ୍ରକାଶ—3. The Supreme Being and His exhibition.

ଏ ଦେହରେ ଅନୁକ୍ଷଣେ କରଇ ଯେ ବାସ,
ଅଧିଭୂତ ବୋଲି ତାକୁ ଶୁଣ ପଣ୍ଡୁ ଶିଷ । ପୀତାମ୍ବର. ନୃସିଂହପୁରାଣ. ୭ମ ।

**ଅଧିଭୋଜନ**—ସଂ. ବି—(ଅଧି+ଭୁଜ ଧାତୁ+ଭାବ. ଅନ)—ଅତିଭୋଜନ;
**Adhibhojana** ଅଧିକଭୋଜନ—Excessive eating.

ସଂ. ବିଣ—(ବହୁବ୍ରୀହି; ଅଧି=ଅଧିକ, ଅର୍ଘ=ମୂଲ୍ୟ ଯାହାର) ଖୁବ୍ ଦାମୀ; ଅତି ମୂଲ୍ୟବାନ୍—
Very costly; very valuable.

**ଅଧିମଥନ**—ସଂ. ବି. ( ଅଧି+ମନ୍ଥ ଧାତୁ+ଭାବ. ଅନ )—ଅଗ୍ନି-
**Adhimathana** ଉତ୍ପାଦନାର୍ଥ ଦୁଇ ବସ୍ତୁକୁ ଘଷିବା—
Rubbing together of two things to produce fire.

**ଅଧିମନ୍ଥ**—ସଂ. ବି. ( ଅଧି+ମନ୍ଥ ଧାତୁ+କର୍ତ୍ତୃ. ଅ )—
**Adhimantha** ୧ । ଅଧିମଥନ ( ଦେଖ )
1. Adhimathana ( See )
୨ । ଅତ୍ୟଧିକ ରୋଗର ଏକ ଅଂଶ; ଭୟଙ୍କର ଚକ୍ଷୁରୋଗ-ବିଶେଷ—2. Severe opthalmia.

**ଅଧିମାଂସ**—ସଂ. ବି. ( ଅଧି=ଅଧିକ+ମାଂସ )—ଆଖିର ଧଳା ଡୋଳା
**Adhimāṁsa** ଉପରେ ମାଂସବୃଦ୍ଧି ରୋଗ ( ସୁଶ୍ରୁତ )—
Formation of cancer or protuberance on the white of the eye.

**ଅଧିମାଂସକ**—ସଂ. ବି. ( ଅଧି+ମାଂସ+କ )—ଦାନ୍ତପାଟି ଫୁଲା,
**Adhimāṁsaka** ପୀଡ଼ା ଓ ଲାଳ ଗଡ଼ିବା ମତା ଶୋଥ ରୋଗ ( ସୁଶ୍ରୁତ )—A sort of cancer on the back of the gums.

**ଅଧିମାତ୍ର**—ସଂ. ବିଣ. ( ବହୁବ୍ରୀହି; ଅଧି+ମାତ୍ରା )—ଅତିମାତ୍ରାଯୁକ୍ତ;
**Adhimātra** ଅତ୍ୟନ୍ତ—Excessive; inordinate.

**ଅଧିମାସ**—ସଂ. ବି. ( ଅଧି=ଅଧିକ+ମାସ )—ମଳମାସ ( ଦେଖ )
**Adhimāsa** Malamāsa ( See )

[ ଦ୍ର—ବର୍ଷକେ ୧୨ ଦିନ କମିଥିବା ଚାନ୍ଦ୍ର ମାସମାନଙ୍କୁ ସୌର ମାସ ସଙ୍ଗେ ମେଳ କରାଇ ଚାନ୍ଦ୍ରବର୍ଷ ଓ ସୌରବର୍ଷର ସମତା ରଖିବାପାଇଁ ପ୍ରତି ତିନି ବର୍ଷ ଅନ୍ତରରେ ଚାନ୍ଦ୍ରମାନ ମାସ ସଙ୍ଗେ ଯୋଗ କରାଯିବା ଗୋଟିଏ ମାସ । ]

ଦ୍ୱାଦଶ ବରଷରେ ଗୃହବୋଷ୍ଟ ମାସ, ହେଉଅଛି ସବୁରି ମଧେ ଅଧିମାସ ।
କୃଷ୍ଣସିଂହ. ମହାଭାରତ. ବନ୍ଦନା

**ଅଧିଯଜ୍ଞ**—ସଂ. ବିଣ. ( ଅଧି+ଯଜ୍ଞ )—୧ । ଯଜ୍ଞସମ୍ବନ୍ଧୀୟ—
**Adhijajña** 1. Relating to fire-sacrifice.
୨ । ଯଜ୍ଞାଦିକର୍ମ ପ୍ରବର୍ତ୍ତକ—
2. Persuading people to perform fire-sacrifice.
୩ । ଯଜ୍ଞର ଅଧିଷ୍ଠାତା—3. Presiding over fire-sacrifice.

ସଂ. କ୍ରି. ବିଣ—ଯଜ୍ଞ ସମ୍ବନ୍ଧରେ; ଯଜ୍ଞ ବିଷୟରେ—On the subject of fire-sacrifice.

ସଂ. ବି—୧ । ପ୍ରଧାନଯଜ୍ଞ—1. Principal fire-sacrifice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଆଙ୍ଗିଆ' ନ ପାଇଲେ 'ଆଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯଜ୍ଞର ଅଧିଷ୍ଠାତୃ ଦେବ—
2. The deity presiding over fire-sacrifice.

**ଅଧିଯୋଗ**—ସଂ. ବି. ( ଅଧି + ଯୁଜ ଧାତୁ + ଭାବ. ଅ )—
Adhijoga (ଜ୍ୟୋତିଷ) ଯାତ୍ରା ବିଷୟରେ ଅତି ଶୁଭଯୋଗ—
( astrology ) A very auspicious conjunction of stars suitable for starting on some particular mission.

**ଅଧିଯୋଧ**—ସଂ. ବି. ( ଅଧି + ଯୁଧ ଧାତୁ + କର୍ତ୍ତୃ. ଅ )—ପ୍ରଧାନ
Adhijodha ଯୋଦ୍ଧା—The foremost warrior.

**ଅଧିରଥ**—ସଂ. ବିଣ. ( ଅଧି + ରଥ )—୧ । ରଥାରୂଢ଼—
Adhiratha 1. Riding on a car.
୨ । ରଥ ଚଳାଇବା ବାଲା—2. Driving a chariot.
ସଂ. ବି—୧ । ସାରଥୀ—1. A charioteer.
୨ । ଗାଡ଼ିଆଳ; କଚୁଆନ୍—2. A driver.
୩ । ( ନାମ ) ଅଙ୍ଗଦେଶର ରାଜା ଓ କର୍ଣ୍ଣଙ୍କ ପାଳକ ପିତା—3. Name of a king of Aṅga and foster father of Karṇṇa.

ଏହି କାଳରେ ଧୃତରାଷ୍ଟ୍ର ଦଣ୍ଡଧାରୀ, ସଖା ଅଧିରଥ ଆସିଲେ ସ୍ନାନ କରି ।
କୃଷ୍ଣସିଂହ. ମହାଭାରତ. ବନ

୪ । ବଡ଼ ରଥ—4. A big car.

**ଅଧିରାଜ**—ସଂ. ବି. (ଅଧି=ଶ୍ରେଷ୍ଠ + ରାଜନ୍; ୧ମା ୧ବ.)—୧ । ସମ୍ରାଟ,
Adhirāja ବହୁ ରାଜାଙ୍କ ଉପରେ ଚକ୍ରବର୍ତ୍ତୀ; ବାଦସାହା—
1. Emperor; suzerain.
୨ । ରାଜା—2. King; monarch.

**ଅଧିରାଜ୍ୟ**—ସଂ. ବି. ( ଅଧି + ରାଜ୍ୟ )—
Adhirājya ୧ । ସାମ୍ରାଜ୍ୟ—Empire.
୨ । ସମ୍ରାଟପଣ—2 Imperial sovereignty.

**ଅଧିରାଟ୍**—ସଂ. ବି. ( ଅଧି + ରାଜ୍ ଧାତୁ + କ୍ୱିପ୍; ଅଧିରାଜ୍; ୧ମା. ୧ବ. )—ଅଧିରାଜ ( ଦେଖ )
Adhirāṭ Adhirāja ( See )

**ଅଧିରୂଢ଼**—ସ. ବିଣ. (ଅଧି=ଉପରେ + ରୁହ ଧାତୁ=ଚଢ଼ିବା + ତ )—
Adhirūṛha ୧ । (କର୍ତ୍ତୃ.ତ) ପୁଂ—ଆରୋହୀ; ଯେ ଆରୋହଣ
(ଅଧିରୂଢ଼ା—ସ୍ତ୍ରୀ) କରିଥାଏ—2. Mounted on;
(ଅଧିରୋହଣ—ବି) riding on.
୨ । (କର୍ମ.ତ) ଧନୁରେ ଟଣା ହୋଇ ଚଢ଼ାଯାଇଥିବା (ଗୁଣ)—
2. Stringed to a bow.

**ଅଧିରୋହ**—ସ. ବି. ପୁଂ. ( ଅଧି + ରୁହ ଧାତୁ + କର୍ତ୍ତୃ. ଅ )—
Adhiroha ହସ୍ତୀଆରୋହୀ ବ୍ୟକ୍ତି; ଯେ ହାତୀରେ ଚଢ଼ିଥାଏ—
(ଅଧିରୋହା—ସ୍ତ୍ରୀ) A person mounted on an elephant.

**ଅଧିରୋହଣ**—ସ. ବି. ( ଅଧି=ଉପରେ + ରୁହ ଧାତୁ + ଭାବ. ଅନ )—
Adhirohaṇa ହାତୀ, ସିଂହାସନ ଆଦିରେ )
(ଅଧିରୂଢ଼—ବିଣ) ଚଢ଼ିବା; ସବାର ହେବା—
Riding; mounting.

**ଅଧିରୋହଣୀ**—ସ. ବି. ସ୍ତ୍ରୀ. ( ଅଧି + ରୁହ ଧାତୁ=ଚଢ଼ିବା + କରଣ. ଅନ + ସ୍ତ୍ରୀ. ଈ—ଯାହାଦ୍ୱାରା କୋଠା ଆଦି ଉପରେ ଚଢ଼ାଯାଏ )—
Adhirohaṇī
୧ । ସିଡ଼ି; ନିଶୁଣି—1. Ladder; stairs.
୨ । କୋଠା ଆଦି ଉପରକୁ ଉଠିବା ପାଇଁ ନିର୍ମିତ ପାହାଚ—
2. Flight of steps; stair-case.

**ଅଧିରୋହିଣୀ**—ସ. ବି. ସ୍ତ୍ରୀ. (ଅଧି + ରୁହ ଧାତୁ + କରଣ ଇନ୍ + ସ୍ତ୍ରୀ. ଈ)—
Adhirohiṇī ଅଧିରୋହଣୀ ( ଦେଖ )
Adhirohaṇī ( See )
ସ. ବିଣ. ସ୍ତ୍ରୀ. ( ଅଧିରୋହିନ୍ + ସ୍ତ୍ରୀ. ଈ )—
ଅଧିରୋହୀର ସ୍ତ୍ରୀ ଲିଙ୍ଗ—Feminine of Adhirohī.

**ଅଧିରୋହୀ**—ସ.ବିଣ.ପୁଂ. (ଅଧି + ରୁହ ଧାତୁ + କର୍ତ୍ତୃ. ଇନ୍ ୧ମା.୧ବ)—
Adhirohī ଆରୋହୀ; ଆରୋହଣ କରିଥିବା—
(ଅଧିରୋହିଣୀ—ସ୍ତ୍ରୀ) Mounted on; riding.

**ଅଧିଲୋକ**—ସ. ବି. ( ଅଧି + ଲୋକ )—
Adhiloka ୧ । ସଂସାର—1. The world.
୨ । ବ୍ରହ୍ମାଣ୍ଡ—2. The Universe.

**ଅଧିଶୟିତ**—ସ. ବିଣ. ପୁଂ. ( ଅଧି=ଉପରକୁ; ଉପରେ + ଶୟିତ )—
Adhiśayita ୧ । (ଶଯ୍ୟାଦିର) ଉପରେ ଶୋଇଥିବା—
(ଅଧିଶୟିତା—ସ୍ତ୍ରୀ) 1. Lying on; sleeping on ( a bed ).
୨ । (କୌଣସି ପଦାର୍ଥର) ଉପରକୁ ଆଉଜିଥିବା—
2. Leaning on; reclining upon.
୩ । ମନୁଷ୍ୟ ଆଉଜିବା ପାଇଁ ବ୍ୟବହୃତ ( ବସ୍ତୁ );
(ଯଥା—ତକିଆ)—3. Used by a person for leaning upon or reclining ( e. g. a pillow )

**ଅଧିଶ୍ରପଣ**—ସ. ବି. (ଅଧି + ଶ୍ରି ଧାତୁ + ଭାବ. ଅନ)—ଅଧିଶ୍ରୟଣ (ଦେଖ)
Adhiśrapaṇa Adhiśrayaṇa (See) (Apte)

**ଅଧିଶ୍ରୟ**—ସଂ. ବି. ( ଅଧି + ଶ୍ରି ଧାତୁ + ଭାବ. ଅ )—
Adhiśraya ୧ । ପାକାର୍ଥ ହାଣ୍ଡି ଆଦିକୁ ଚୁଲି ଉପରେ ବସାଇବା; ଚୁଲିରେ ଚଢ଼ାଇବା—1. Placing ( a pot etc. ) on the fire to boil.
୨ । ପାକ କରଣ; ରନ୍ଧନ—2. Cooking; boiling.
୩ । ଆଧାର; ପାତ୍ର—3. Receptacle.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ଚ |

**ଅଧିଶ୍ରୟଣ**—ସଂ. ବି. ( ଅଧି+ଶ୍ରି ଧାତୁ+ଭାବ. ଅନ )—
**Adhiśrayaṇa** ୧ । ନିଆଁ ଉପରେ ହାଣ୍ଡି ଆଦି ଚଢ଼ାଇବା—
**1. Putting a pot on the fire.**
୨ । ଚୁଲି ଉପରେ ଗରମ କରିବା—
2. Warming over a fire.
୩ । ନିଆଁ ଉପରେ ଫୁଟାଇବା—
3. Boiling over fire.
୪ । ( ବିଜ୍ଞାନପରିଭାଷା ) ଦୂରବୀକ୍ଷଣ କାଚର ମଧ୍ୟଦେଇ ଆଲୋକ-ରଶ୍ମିମାନ ଯେଉଁ ମଧ୍ୟ ବିନ୍ଦୁଠାରେ ମିଳିତ ହୁଏ—
4. Focus

**ଅଧିଶ୍ରୟଣୀ**—ସଂ. ବି. (ଅଧି+ଶ୍ରି ଧାତୁ+କରଣ. ଅନ+ସ୍ତ୍ରୀ. ଈ)—
**Adhiśrayaṇī** ୧ । ଚୁଲି—1. Oven; fire-place.
୨ । ନିଶୁଣି (ହିନ୍ଦି. ଶବ୍ଦସାଗର)—2. Ladder.

**ଅଧିଶ୍ରିତ**——ସଂ. ବିଣ. (ଅଧି+ଶ୍ରି ଧାତୁ+କର୍ମ. ତ )—
**Adhiśrita** ପାକାର୍ଥ ଚୁଲି ଉପରେ ଚଢ଼ା ଯାଇଥିବା (ପାତ୍ରାଦି)—
( pot ) Placed on the fire for boiling.

**ଅଧିଶ୍ରୀ**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅଧି+ଶ୍ରୀ)—
**Adhiśrī**
୧ । ମହାମହିମ—1. Of exalted dignity.
୨ । ଖୁବ୍ ଧନୀ—2. Very rich.
୩ । ଅଧିରାଜ—3. Sovereign; lord. (Apte)

**ଅଧିଷ୍ଠ**—ଦେ. ବିଣ. ( ସଂ. ଅଧିଷ୍ଠିତ )—ଅଧିଷ୍ଠିତ ( ଦେଖ )
**Adhishṭha** Adhishṭhita ( See )

ଅଧିଷ୍ଠ ଅହଙ୍କାରେ ଯେହୁ, ସଙ୍କରଷଣ ମହାବାହୁ ।
ଜଗନ୍ନାଥ, ଭାଗବତ. ୪ର୍ଥ ।

**ଅଧିଷ୍ଠାତା**—ସଂ. ବିଣ. ପୁଂ. ( ଅଧି=ଉପରେ+ସ୍ଥା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ. )—
**Adhishṭhātā**
(ଅଧିଷ୍ଠାତ୍ରୀ—ସ୍ତ୍ରୀ) ୧ । ସନ୍ନିଧିରେ ଥିବା—1. Standing or being near.
୨ । ଅବସ୍ଥିତ—2. Staying.
୩ । ଯେ କୌଣସି ଅନୁଷ୍ଠାନର ତତ୍ତ୍ୱାବଧାରକରୂପେ ଥାଏ; ତଦାରଖ କରୁଥିବା; ଦେଖାଶୁଣା କରିବାଲୋକ—
3 Supervising; superintending; directing.
୪ । ପରିଚାଳନ କରୁଥିବା—4 Guiding; directing.
୫ । ନିୟାମକ—5. Regulating; controlling.
୬ । ଅଧିକାରୀ; କୌଣସି ଅନୁଷ୍ଠାନ ପରିଚାଳନ ପାଇଁ ଭାରପ୍ରାପ୍ତ—6. Presiding over; being in charge of.
୭ । ଅଭିଭାବକରୂପେ ଅବସ୍ଥିତ—7. Tutelary.
୮ । ବାସକାରୀ; ନିବାସକରୁଥିବା—
8. Dwelling; residing.
ସଂ. ବି—୧ । ତତ୍ତ୍ୱାବଧାରକ ବ୍ୟକ୍ତି—
1 Superintendent; supervisor.
୨ । ନିଅଁ ପକାଇବା ବ୍ୟକ୍ତି; ପ୍ରତିଷ୍ଠାକାରୀ ବ୍ୟକ୍ତି—
2. Founder.
୩ । ଅନୁଷ୍ଠାନର ଅଧିପତି ବା ମୁଖ୍ୟବ୍ୟକ୍ତି—
3. President or head of an institution.
୪ । ଅଧିପତି; ଅଧିକାରୀ—4. Principal; chief.
୫ । ଶାସନକର୍ତ୍ତା—5. Ruler.
୬ । ପରିଚାଳକ—6. Regulator; Director.
୭ । ନିୟନ୍ତା; ନିୟାମକ—7. Controller.
୮ । ଅଭିଭାବକ; ମୁରବି—8. Guardian; Regent.
୯ । କରିବାବାଲା—9. Performer.
୧୦ । ପ୍ରକୃତିକୁ ଜଡ଼ରୁ ଚେତନ ଅବସ୍ଥାକୁ ଆଣିବାବାଲା ପୁରୁଷ—ଈଶ୍ୱର—10. God.

**ଅଧିଷ୍ଠାତୃ ଦେବ**—ସଂ. ବି. ପୁଂ (କର୍ମଧା)—ଇଷ୍ଟଦେବ; କୌଣସି ଦେଶ,
**Adhishṭhātṛu deba** ସ୍ଥାନ, ଗୃହ, ଅନୁଷ୍ଠାନଆଦି ଉପରେ ଅଭିଭାବକ ବା ରକ୍ଷକ ବା ନିୟାମକ ରୂପେ କଳ୍ପିତ ଠାକୁର—A tutelary deity; a guardian or presiding deity.

**ଅଧିଷ୍ଠାତ୍ରୀ ଦେବତା**—ସଂ. ବି. ସ୍ତ୍ରୀ ( କର୍ମଧା )—ଇଷ୍ଟଦେବତା;
**Adhishṭhātrī debatā** ଅଧିଷ୍ଠାତୃଦେବ (ଦେଖ)
Adhishṭhātṛu deba (See).

କପେଶ୍ୱର ବା ବିଶ୍ୱେଶ୍ୱର କାଶୀର ଆଦ୍ୟ ଏବଂ ଅଧିଷ୍ଠାତ୍ରୀ ଦେବତା ।
ମଧୁସୂଦନ-ପ୍ରବନ୍ଧମାଳା ।

**ଅଧିଷ୍ଠାନ**—ସଂ. ବି. ( ଅଧି+ସ୍ଥା ଧାତୁ+ଭାବ. ଅନ )—
**Adhishṭhāna** ୧ । ବାସସ୍ଥାନ; ରହିବା ସ୍ଥାନ—
(ଅଧିଷ୍ଠିତ—ବିଣ) 1. Residence; abode.
୨ । ସନ୍ନିଧିରେ ଅବସ୍ଥାନ; ସନ୍ନିଧାନ—
2. Propinquity; standing or being near.
୩ । ସହାୟ—3. Help; support.
୪ । ବାସକରଣ—4. Inhabiting; occupying.
୫ । ଉପବେଶନ—5. Taking of a seat; sitting.
୬ । ସମାଧାନ; ସମ୍ପାଦନ—6. Performance; accomplishment.
୭ । ସ୍ଥିତି; ବସତି—7. Position; site; situation; seat; basis.
୮ । ଅନୁଷ୍ଠାନ; ପ୍ରତିଷ୍ଠାନ—8. Establishment; institution.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ସ୍ଥାନ—9. Place; locality.
୧୦ । ଦଖଲ—10. Possession.
୧୧ । ପ୍ରଭୁତ୍ୱ; ଅଧିକାର; କ୍ଷମତା—
11. Authority; power; dominion.
୧୨ । ତତ୍ତ୍ୱାବଧାନ; ପରିଚାଳନ-କ୍ଷମତା—
12. Supervision; power of control.
୧୩ । ପଦ; ପଦବୀ—13. Post.
୧୪ । ସରକାର; ଶାସନ—14. Government; administration.
୧୫ । ରଥର ଚକ—15. Wheel of a car.
୧୬ । ମୂଳଦୁଆ; ନିଅଁ—16. Foundation.
୧୭ । ନିର୍ଦ୍ଧାରିତ ନିୟମ—17. Prescribed rule.
୧୮ । ନଜିର୍—18. Ruling; precedent.
୧୯ । ଆଶୀର୍ବାଦ—19. Benediction.
୨୦ । ଆରୋହଣ—20. Riding; mounting.
୨୧ । ସ୍ୱାଧିଷ୍ଠାନ ଚକ୍ର ( ଦେଖ )
21. Swādhishṭhāna chakra ( See)
୨୨ । (ସାଂଖ୍ୟଦର୍ଶନ) ଭୋକ୍ତା ଓ ଭୋଗ୍ୟ ବସ୍ତୁର ସଂଯୋଗ—
22. Conjunction of the enjoyer with the thing enjoyed.
( ଯଥା—ଆତ୍ମାର ଶରୀର ସଙ୍ଗେ ଓ ଇନ୍ଦ୍ରିୟମାନଙ୍କର ବିଷୟ ସଙ୍ଗେ ଅଧିଷ୍ଠାନ । )
୨୩ । (ନ୍ୟାୟଦର୍ଶନ) ଯେଉଁ ବସ୍ତୁରେ ଭ୍ରମର ଆରୋପ ହୁଏ—
23. The subject of illusion.
(ଯଥା—ରଜ୍ଜୁରେ ସର୍ପର ଭ୍ରମ; ଶୁକ୍ତିରେ ରଜତର ଭ୍ରମ ହେବାରୁ ରଜ୍ଜୁ ଓ ଶୁକ୍ତି ଅଧିଷ୍ଠାନ ଅଟନ୍ତି । )

**ଅଧିଷ୍ଠାନଚକ୍ର**—ସଂ.ବି.—(ଶରୀର ମଧ୍ୟରେ କଳ୍ପିତ ତନ୍ତ୍ରୋକ୍ତ ୬ଟି ଚକ୍ର ମଧ୍ୟରୁ
**Adhishṭhāna chakra** ଏକତମ)—ସ୍ୱାଧିଷ୍ଠାନ ଚକ୍ର (ଦେଖ )
Swādhishṭhāna chakra ( See )

**ଅଧିଷ୍ଠାନ ଶରୀର**—ସଂ. ବି. (ଦର୍ଶନ)—ସ୍ଥୂଳ ଶରୀର ଓ ସୂକ୍ଷ୍ମ ଶରୀରର ମଧ୍ୟ-
**Adhishṭhāna śarira** ବର୍ତ୍ତୀ ଶରୀର; ମୃତ୍ୟୁ ପରେ ପିତୃଲୋକରେ ଯେଉଁ ସୂକ୍ଷ୍ମଶରୀରରେ ଆତ୍ମା ବାସକରେ—
( philosophy ) A body which is the medium between the gross body and the subtle body.

**ଅଧିଷ୍ଠିତ**—ସଂ. ବି. ( ଅଧି+ସ୍ଥା ଧାତୁ+କର୍ମ. ତ )—
**Adhishṭhita** ୧ । ଅଧ୍ୟୁଷିତ; ଯହିଁରେ ବାସ କରିଯାଏ—
(ଅଧିଷ୍ଠାନ—ବି) 1 Inhabited by.
୨ । ଅବସ୍ଥିତ—2. Situated in; standing in.
୩ । ସ୍ଥାପିତ—3. Placed.
୪ । ପରିଚାଳିତ—4. Guided; managed; directed; conducted.
୫ । ନିୟନ୍ତ୍ରିତ—5 Controlled; regulated.
୬ । ସାହାଯ୍ୟକୃତ —6. Aided; supported.
୭ । ତତ୍ତ୍ୱାବଧାରିତ—7. Supervised; watched over.
୮ । ଅଧିକୃତ—8. Occupied; taken possession of; possessed.
୯ । ଚଢ଼ାଯାଇଥିବା; ଆରୂଢ଼—
9. Mounted upon; ridden.
୧୦ । ପ୍ରତିଷ୍ଠିତ—10. Established; founded.
୧୧ । ଜଗାଯାଇଥିବା—11. Guarded
୧୨ । ନିଯୁକ୍ତ—12. Employed; engaged.

**ଅଧିସ୍ତ୍ରୀ**—ସଂ. ବି. ସ୍ତ୍ରୀ. ( ଅଧି+ସ୍ତ୍ରୀ )—୧ । ଉତ୍କୃଷ୍ଟା ସ୍ତ୍ରୀ—
**Adhistrī** 1. A superior woman.
୨ । ପ୍ରସିଦ୍ଧା ସ୍ତ୍ରୀ—2. A distinguished lady.
ସଂ. ଅ. ( ସ୍ତ୍ରୀକୁ ଅଧିକାର କରି )—ସ୍ତ୍ରୀସମ୍ବନ୍ଧୀୟ—
Concerning a woman (Apte)

**ଅଧୀକାର**—ସଂ. ବି. ( ଅଧି+କୃ ଧାତୁ+ଭାବ. ଅ )—
**Adhīkāra** ଅଧିକାରର ଅନ୍ୟ ଆକାର—
Another form of the word Adhikāra.

**ଅଧୀତ**—ସଂ. ବିଣ. ( ଅଧି+ଇ ଧାତୁ+କର୍ମ. ତ )—
**Adhīta** ୧ । ଯାହା ପଢ଼ା ଯାଇଅଛି—1. Read; studied.
(ଅଧୀତି—ବି) ୨ । ଶିକ୍ଷାଯାଇଥିବା—2. Learnt.
୩ । ମନେ ରଖାଯାଇଥିବା—
3. Remembered ( Apte )
ସଂ. ବି. ( ଭାବ. ତ)—ଅଧ୍ୟୟନ—Study.

**ଅଧୀତବିଦ୍ୟ**—ସଂ. ବି. ପୁଂ. ( ବହୁବ୍ରୀହି; ଅଧୀତ+ବିଦ୍ୟା )—
**Adhītabidya** ୧ । କୃତବିଦ୍ୟ; ସମାପ୍ତବିଦ୍ୟ; ଯେ ପାଠପଢ଼ା
(ଅଧୀତବିଦ୍ୟା—ସ୍ତ୍ରୀ) ଶେଷ କରିଅଛି—1. One who has finished his studies.
୨ । ଶିକ୍ଷିତ—2 Educated; cultured.
୩ । ଯେ ବେଦ ପଢ଼ିଅଛି—
3. One who has studied the Bedas.

**ଅଧୀତା**—ସଂ. ବି. ପୁଂ. ( ଅଧି+ଇ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ. )—
**Adhītā** ଅଧ୍ୟେତା ( ଦେଖ )
(ଅଧୀତ୍ରୀ—ସ୍ତ୍ରୀ) Adhitī ( See )
ସଂ. ବିଣ. ସ୍ତ୍ରୀ. ( ଅଧୀତ+ଆ )—ଅଧୀତର ସ୍ତ୍ରୀ ଲିଙ୍ଗ—
Feminine of Adhīta.

**ଅଧୀତି**—ସଂ. ବି. ( ଅଧି+ଇ ଧାତୁ+ଭାବ. ତି )—
**Adhīti** ୧ । ପାଠପଢ଼ା; ଅଧ୍ୟୟନ; ବିଦ୍ୟାପାଠ—1. Study.
୨ । ପାଠ; କୌଣସି ବିଷୟକୁ ପଢ଼ିଯିବା—2 Perusal.
୩ । ବିଦ୍ୟା—3. Learning.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଗ,ଷ | କ୍ଷ | ଇସ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଔ | ନ୍ଦ |

୪ । ଶିକ୍ଷା—4. Instruction; training.

୫ । ଅଧ୍ୟାପନ; ଶିକ୍ଷକଙ୍କଦ୍ୱାରା ବିଦ୍ୟାଦାନ କର୍ମ—
5. Tuition; imparting of education; lecture by a teacher.

୬ । ସ୍ମରଣ—6. Remembrance; recollection.

**ଅଧୀତୀ**—ସଂ. ବି. ପୁଂ. ( ଅଧୀତ+ଇନ୍; ୧ମା. ୧ବ. )—
Adhiti ୧ । ଛାତ୍ର; ଶିଷ୍ୟ; ବିଦ୍ୟାର୍ଥୀ—
(ଅଧୀତିନୀ—ସ୍ତ୍ରୀ) 1. Student; pupil; scholar.

୨ । ନିର୍ଦ୍ଦିଷ୍ଟ ପାଠକ୍ରମ ସମାପ୍ତକରିଥିବା ଛାତ୍ର—
2. A graduate; a student who has completed a course of studies.

ସଂ. ବିଣ. ପୁଂ—୧ । ଉତ୍ତମରୂପେ ଶିକ୍ଷିତ—
1. Well-read; well versed in.

୨ । ବିଦ୍ୟାରେ ପାରଦର୍ଶୀ—2. Proficient in.

୩ । ମୁହଁରେ ଘୋଷୁଥିବା—3. Muttering; engaged in repeating ( texts)

**ଅଧୀନ**—ସଂ. ବିଣ. ( ବହୁବ୍ରୀହି; ଅଧି=ଅଧିଗତ+ଇନ=ପ୍ରଭୁର ଯେ;
Adhina ଯେ ପ୍ରଭୁର ଅଧିଗତ )—
ଅଧୀନା—ସ୍ତ୍ରୀ } ୧ । ବଶବର୍ତ୍ତୀ, ଅନୁଗତ; ଆଶ୍ରିତ—
ଅଧୀନତା—ବି } 1. Subservient to; dependent on.

୨ । ଆଜ୍ଞାଧୀନ—2. Obedient to.

୩ । ବାଧ୍ୟ—3. Obliged to.

୪ । ଅଧିକାରଭୁକ୍ତ— 4. Under the control or authority of.

ଅଧୀନ ଦେ. ବି—ହୀନ ବା ବିନୀତ ଭୃତ୍ୟ; ସେବକ—
**ଅଧୀନ** Humble servant.

୨ । ଅଧୀନସ୍ଥ ବ୍ୟକ୍ତି—2. Subordinate person.

[ ଦ୍ର—ନିମ୍ନସ୍ଥ କର୍ମଚାରୀ, ଭୃତ୍ୟ, ଛାତ୍ରମାନେ ପ୍ରଭୁ ଓ ଗୁରୁ ଆଦିଙ୍କୁ ପତ୍ର ଲେଖିଲାବେଳେ ନିଜ ସମ୍ବନ୍ଧରେ 'ମୁଁ' 'ଆମ୍ଭେ' ପ୍ରୟୋଗ ନ କରି ତୃତୀୟ ପୁରୁଷରେ 'ଅଧୀନ' ପ୍ରୟୋଗ କରନ୍ତି, ଯଥା—ଅଧୀନର ନିବେଦନ ଏହି କି ଅଧୀନ ଗୃହରେ ହେଲା ପୀଡ଼ିତ ଅଛି, ଏହିପରି ମଧ୍ୟ ପ୍ରଥମ ପୁରୁଷ ଆମ୍ଭେ ବା ମୁଁ ସ୍ଥଳରେ 'ଗରିବ' 'ଗୋଲାମ' ଆଦି ହୀନତାବୋଧକ ତୃତୀୟ ପୁରୁଷର ଶବ୍ଦ ବ୍ୟବହୃତ ହୁଏ । ]

**ଅଧୀନତା**—ସଂ. ବି. ( ଅଧୀନ+ଭାବ. ତା )—
Adhinata ୧ । ଅନୁଗତ୍ୟ; ପରତନ୍ତ୍ରତା; ବଶ୍ୟତା—
1. Subjection; subservience.

୨ । ଆଜ୍ଞାନୁବର୍ତ୍ତିତା—2. Allegiance; obedience.

୩ । ଦାସ୍ୟ; ଭୃତ୍ୟତା—3. Servitude.

୪ । ନିମ୍ନରେ ରହିବା ଅବସ୍ଥା; ଅଧିକାରଭିତରେ ଥିବା ଅବସ୍ଥା—
4. Subordination.

୫ । ହୀନତା—5. Humbleness; humility.

**ଅଧୀନସ୍ଥ**—ଦେ. ବିଣ. ( ବ୍ୟାକରଣ ନିୟମାନୁସାରେ ଏ ଶବ୍ଦଟି ଅଶୁଦ୍ଧ
Adhinastha ହେଲେହେଁ ଶିକ୍ଷିତମାନଙ୍କ ଲେଖାରେ ଦେଖାଯାଏ)—
୧ । ବଶବର୍ତ୍ତୀ—1. Subservient.

୨ । ଅଧିକାରରେ ସ୍ଥିତ—
2. Under the authority or control of.

୩ । ନିମ୍ନସ୍ଥ—3. Subordinate.

**ଅଧୀନାନଦୀ**—ସଂ. ବି—ଉପନଦୀ; ପ୍ରଧାନ ନଦୀରେ ଆସି ପଡ଼ୁଥିବା
Adhinanadi ନଦୀ—A tributary river.

**ଅଧୀବାସ**—ସଂ. ବି—ଅଧିବାସର ଅନ୍ୟ ବନାନ—
Adhibasa Another spelling of Adhibasa.

**ଅଧୀମନ୍ଥ**—ସଂ. ବି—ଅଧିମନ୍ଥର ଅନ୍ୟ ବନାନ—Another spelling
Adhimantha of Adhimantha

**ଅଧୀୟାନ**—ସଂ. ବିଣ. ପୁଂ. ( ଅଧି+ଇ ଧାତୁ+କର୍ତ୍ତୃ. ଆନ )—
Adhiyana ୧ । ପଠନକାରୀ—1. Reading.
( ଅଧୀୟାନା—ସ୍ତ୍ରୀ ) ୨ । ଘୋଷୁଥିବା—2. Reciting.

୩ । ଅଧ୍ୟୟନକାରୀ—3. Learning.

୪ । ବେଦାଧ୍ୟାୟୀ—4. Going over the Bedas.

ସଂ. ବି. ପୁଂ—ଛାତ୍ର—Student.

**ଅଧୀର**—ସଂ. ବିଣ. ପୁଂ. ( ଅ+ଧୀର )—
Adhira ୧ । ଉଦ୍‌ବିଗ୍ନ—1. Anxious.
(ଅଧୀରା—ସ୍ତ୍ରୀ) ୨ । ଧୈର୍ଯ୍ୟହୀନ—2. Impatient.
(ଅଧୀରତା; ଅଧୈର୍ଯ୍ୟ—ବି) ୩ । ଅସ୍ଥିର; ଚଞ୍ଚଳମନା—
3. Unsteady; fickle; restless,

୪ । ଇତଃସ୍ତତଃ ଘୂରୁଥିବା—4. Rolling; tremulous

୫ । ଅବ୍ୟବସ୍ଥିତ ଚିତ୍ତ; ଖାମ୍‌ଖିଆଲିଆ—
5. Fitful; capricious.

୬ । ଭୀତ; ଭୟତ୍ରସ୍ତ—6. Frightened; ruffled.

୭ । ବ୍ୟାକୁଳ; ଧାବରା; କାତର—7. Confused.

୮ । ଡରୁଆ—8. Timid.

୯ । ଆତ୍ମନିଗ୍ରହରହିତ—
9. Lacking in self-command.

୧୦ । ନିର୍ବୋଧ—10. Foolish.

୧୧ । ଦୁର୍ବଳମନା—11. Weak-minded.

୧୨ । ଯେ ସାମାନ୍ୟ କଥାରେ ବିଚଳିତ ହୁଏ—
12. Excitable.

**ଅଧୀରା**—ସଂ. ବିଣ. ସ୍ତ୍ରୀ. ( ଅଧୀର+ଆ )—ଅଧୀରର ସ୍ତ୍ରୀଲିଙ୍ଗ—
Adhira Feminine of Adhira.

ବି. ସ୍ତ୍ରୀ—୧ । ବିଦ୍ୟୁତ୍—1. Lightning.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଧା' ନ ପାଇଲେ 'ଅର୍ଘା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ନାୟିକାବିଶେଷ; ଅବ୍ୟବସ୍ଥିତଚିତ୍ତା ଓ କଳହପ୍ରିୟା ନାୟିକା—2. A class of mistress; a capricious and quarrelsome mistress.

୩ । ପ୍ରେମିକକୁ ଭେଟିବା ପାଇଁ ଧୈର୍ଯ୍ୟହୀନା ସ୍ତ୍ରୀ—3. A woman who is very restless and impatient to meet her lover.

୪ । ଯେଉଁ ନାୟିକା ନାୟକଠାରେ ଅନ୍ୟ ସ୍ତ୍ରୀବିଳାସଚିହ୍ନ ଦେଖି ଅଧୀର ହୋଇ ପ୍ରତ୍ୟକ୍ଷ କୋପକରେ—4. A woman who flies into a rage on seeing signs in her lover of having had attentions from some other lady.

**ଅଧୀଶ**—ସଂ. ବି. ପୁଂ. ( ଅଧି+ଈଶ )—୧ । ପ୍ରଭୁ; ସ୍ୱାମୀ; ମାଲିକ—
Adhisa 1. Lord; master.
( ଅଧୀଶା—ସ୍ତ୍ରୀ ) ୨ । ଅଧିରାଜ—2. Emperor.
୩ । ଅଧିପତି; ରାଜା—3. King.
୪ । ଅଧ୍ୟକ୍ଷ; ସର୍ଦ୍ଦାର—4. Head man.

**ଅଧୀଶ୍ୱର**—ସଂ. ବି. ପୁଂ. ( ଅଧି+ଈଶ୍ୱର )—୧ । ଅଧୀଶ ( ଦେଖ )
Adhiswara 1. Adhisa ( See )
(ଅଧୀଶ୍ୱରୀ—ସ୍ତ୍ରୀ) ଦେ. ବି—ଜୈନ ଅର୍ଦ୍ଧଋଷିବିଶେଷ—Name of a Jaina sage.

**ଅଧୀଷ୍ଟ**—ସଂ. ବିଣ. ( ଅଧି+ଇଷ ଧାତୁ+ତ )—
Adhishta ୧ । ମାଗଣା; ଅବୈତନିକ—1. Honorary.
୨ । ପ୍ରାର୍ଥିତ—2. Solicited.
୩ । ସତ୍କାରପୂର୍ବକ ନିଯୁକ୍ତ—3. Engaged with due respect,
ସଂ. ବି—୧ । ଅବୈତନିକ ବା ମାଗଣା କାମ ବା ବ୍ୟବସ୍ଥା—1. Honorary office or duty.
୨ । କୌଣସି ବ୍ୟକ୍ତିକୁ ସତ୍କାରପୂର୍ବକ କୌଣସି କାର୍ଯ୍ୟରେ ଲଗାଇବା—2, Engaging or appointing a person to some position with due respect and honour.

**ଅଧୁଁଅଧ**—ଗ୍ରା. ଅ—ଅଧଉଁଅଧ ( ଦେଖ )—
Adhuñadha Adhauñadha ( See )

**ଅଧୁଁଅଧା**—ଗ୍ରା. ଅ—ଅଧଉଁଅଧ ( ଦେଖ )
Adhuñadhā Adhauñadha (See )

**ଅଧୁଆ**—ଦେ. ବିଣ. ( ସଂ. ଅଧୌତ )—୧ । ଅଧୌତ—
Adhuā 1. Unwashed.
অধৌত; আধুয়া ଏ ଅର୍ଥରେ ଧୂଆ ମୂଳା ଅଧୂଆ ମୂଳା ଏବଂ ଭଳି—ତଦ ।
অধৌত ୨ । ଅଗାଧୁଆ; ଅସ୍ନାତ—2. Unbathed.
୩ । ଅପରିଷ୍କୃତ—3. Uncleansed.

ଦେ. ବି. ପୁଂ—ଅପର୍ତ୍ତିଆଣିର ନାମବିଶେଷ—A name given to Apartiāṇi boys.

**ଅଧୁଆମୁହିଁ**—ଦେ. ବି. ( ସଂ. ଅଧୌତ+ମୁଖ )—
Adhuāmuhañ ୧ । ଭୋଜନ ପରେ ଧୌତ ହୋଇ ନ ଥିବା ମୁଖ—1. Mouth unwashed or unrinsed after meal.
୨ । ଶୟନରୁ ଉଠି ଧୌତ ହୋଇ ନ ଥିବା ମୁଖ—2. Face not washed after rising from sleep.
[ ଦ୍ର—ପ୍ରବାଦ ଅଛି ଯେ ସକାଳୁ ଉଠି ଅଧୁଆମୁହିଁରେ କୌଣସି ଅମଙ୍ଗଳିଆ ଲୋକର ମୁହିଁ ଦେଖିଲେ ଦର୍ଶକର ସେ ଦିନଯାକ ଅଶୁଭ ଘଟେ ଓ ଭଲ ଲୋକର ମୁହିଁ ଦେଖିଲେ ଶୁଭ ଫଳ ଘଟେ । ]

**ଅଧୁଆମୁହାଁ**—ଦେ. ବିଣ. ପୁଂ. (ସଂ. ଅଧୌତ+ମୁଖ)—
Adhuāmuhāñ ୧ । ଯେଉଁ ବ୍ୟକ୍ତି ଖାଇ ସାରିବା ପରେ ମୁହିଁ ଧୋଇ ନ ଥାଏ—1. One who has not wahsed his mouth and face after a meal.
অধুয়ামুখ
(ଅଧୁଆମୁହାଁ—ସ୍ତ୍ରୀ)
୨ । ଯେଉଁ ବ୍ୟକ୍ତି ସକାଳୁ ଶଯ୍ୟା ତ୍ୟାଗ କଲା ପରେ ମୁହିଁ ଧୋଇ ନଥାଏ—2.One who has not washed his face after rising from bed in the morning.
୩ । ଯେଉଁ ବ୍ୟକ୍ତି ପ୍ରତି ଦିନ ସକାଳେ ଶଯ୍ୟାରୁ ଉଠିବା ମାତ୍ରେ ମୁହିଁ ଧୁଏ ନାହିଁ—3. A person not accustomed to wash his face ( the first thing in the morning)
[ ଦ୍ର—ପ୍ରବାଦ ଅଛି ଯେ ଏପରି ବ୍ୟକ୍ତିର ହାତରେ ସହଜରେ ଚୁଲିରେ ନିଆଁ ଧରେ ନାହିଁ ଏବଂ ଏପରି ବ୍ୟକ୍ତିର ମୁହିଁ ସକାଳୁ ଯେ ଦେଖେ ତାର ସେ ଦିନ ଯାକ ଅଶୁଭ ଘଟେ । )

**ଅଧୁଆରି**—ଗ୍ରା. ବିଣ. ( ସଂ. ଅର୍ଦ୍ଧ )—
Adhuāri ୧ । ଅଧାପାଚିଆ, ଅର୍ଦ୍ଧପକ୍ୱ—
আধপাকা 1. Half-ripe.
অধুরা ୨ । ଅଧାବୟସିଆ—2. Middle aged.

**ଅଧୁଆଲି**—ଗ୍ରା. ବିଣ—ଅଧୁଆରି ( ଦେଖ )
Adhuāli Adhuāri ( See )

**ଅଧୁନା**—ସଂ. ଅ. (ଏତଦ୍ ଶବ୍ଦ ୭ମୀ; ନିପାତନ; ସଂ. ଏତସ୍ମିନ୍ କାଳେ)—
Adhunā ୧ । ବର୍ତ୍ତମାନ—1. Now.
୨ । ଏବେ; ଇଦାନୀଂ—2. At present; now-a-days.
ଦେ. ଅ—ଅତି ଅଳ୍ପ ସମୟ ପୂର୍ବେ—Very lately; recently.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଙ୍ଘ | ଞ୍ଚ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଙ୍ଘ | ଞ୍ଜ | ନ୍ତୁ |

**ଅଧୁନାତନ**—ସ. ବଣ (ଅଧୁନା + ଘଟିବା ଅର୍ଥରେ. ତନ; ତୁଳନା କର
Adhunātana ଅଦ୍ୟତନ; ସାମ୍ପ୍ରତ; ଇଦାନୀନ୍ତନ;
(ଅଧୁନାତନୀ—ସ୍ତ୍ରୀ) ପୁରାତନ; ତଦାନୀନ୍ତନ )—
୧ । ଆଧୁନିକ; ବର୍ତ୍ତମାନଘଟୁଥିବା—
1. Modern; contemporary.
୨ । ପ୍ରଚଳିତ—2. Current; in vogue.
୩ । ବର୍ତ୍ତମାନ ସମୟ ସମ୍ବନ୍ଧୀୟ—
3. Relating to the present times.

**ଅଧୁର**—ସ. ବଣ. ( ବହୁବ୍ରୀହି; ଅ + ଧୁଃ = ଧାର )—
Adhura ୧ । ବୋଝାଇ ହୋଇ ନଥିବା ( ଗାଡ଼ି )—
1 Not laden.
୨ । ନିଶ୍ଚିନ୍ତ; ଚିନ୍ତାଶୂନ୍ୟ—2. Free from cares.

**ଅଧୁରୁଜ**—ଗ୍ରା. ବି. ( ସଂ. ଅଧୈର୍ଯ୍ୟ )—ଅଧୈର୍ଯ୍ୟ; ଅଧୀରତା—
Adhuruja Impatience.
**अधीरज** ଗ୍ରା. ବଣ—ଅଧୁରୁଜିଆ ( ଦେଖ )
Adhurujiā ( See )

**ଅଧୁରୁଜି**—ଗ୍ରା. ବି. ଓ ବଣ—ଅଧୁରୁଜ ( ଦେଖ )
Adhuruji Adhuruja (See)

**ଅଧୁରୁଜିଆ**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ + ଧୈର୍ଯ୍ୟ )
Adhurujiā ଧୈର୍ଯ୍ୟହୀନ; ଅଧୀର—Impatient.
ଅଧୀର
अधीर

**ଅଧୁଲି**—ଦେ. ବି. ( ସଂ. ଅର୍ଦ୍ଧ )—
Adhuli ୧ । ଟଙ୍କାର ଅର୍ଦ୍ଧ ପରିମିତ ରୌପ୍ୟମୁଦ୍ରା—
আধুলি 1. A silver eight-anna-bit.
**धेलो, अधेली** ୨ । ଅଠଅଣୀ; ଅଠ ଅଣା ପରିମିତ ମୁଦ୍ରା—
2. An eight-anna-bit.

**ଅଧୁଲିକିଆ**—ଦେ. ବଣ—ଅଧଲାକିଆ; ଯହିଁର ପ୍ରତ୍ୟେକର ମୂଲ୍ୟ ଅଧଲାଏ—
Adhulikiā Each of which is worth half a pice.

**ଅଧୂମକ**—ସଂ. ବଣ. ( ଅ + ଧୂମ + କ )—
Adhūmaka ଯହିଁରୁ ଧୂଆଁ ଉଠୁ ନାହିଁ - Smokeless.
ସଂ. ବି—ଜଳନ୍ତା ନିଆଁ—Blazing fire.

**ଅଧୃତ**—ସଂ. ବଣ. ( ଅ+ଧୃତ )—ଧରା ହୋଇ ନ ଥିବା—
Adhṛuta Not held.
ସଂ. ବି. ( ସମସ୍ତ ବସ୍ତୁର ଧାରଣ କର୍ତ୍ତା ଥିବାରୁ ଯାହାଙ୍କୁ ଅନ୍ୟ କେହି ଧରି ନାହିଁ )—ବିଷ୍ଣୁ; ପରମେଶ୍ୱର—God.

**ଅଧୃତି**—ସଂ. ବି. ( ଅ+ଧୃତି )—୧ । ଅସ୍ଥିରତା—
Adhṛuti 1. Want of firmness; restlessness.
୨ । ଅଧୈର୍ଯ୍ୟ—2. Impatience.
୩ । ଉଦ୍‌ବେଗ—3. Anxiety; uneasiness.
୪ । ଅସୁଖ—4. Unhappiness.
୫ । ଅସନ୍ତୋଷ—5. Discontent.
୬ । ଅମିତାଚାର—6. Incontinence.

**ଅଧୃଷ୍ଟ**—ସଂ. ବଣ. ପୁଂ. ( ଅ + ଧୃଷ୍ଟ )—୧ । ଅପ୍ରଗଲ୍‌ଭ; ସଲଜ୍ଜ—
Adhṛushta 1. Modest; shy.
( ଅଧୃଷ୍ଟା—ସ୍ତ୍ରୀ ) ୨ । ଅଧୃଷ୍ୟ ( ଦେଖ )
( ଅଧୃଷ୍ଟତା—ବି ) 2. Adhṛushya ( See )

**ଅଧୃଷ୍ୟ**—ସଂ. ବଣ. ପୁଂ. ( ଅ+ଧୃଷ୍ୟ )—୧ । ଅଜେୟ; ଦୁର୍ଦ୍ଧର୍ଷ—
Adhṛushya 1. Invincible; unassailable.
( ଅଧୃଷ୍ୟା – ସ୍ତ୍ରୀ ) ୨ । ସଲଜ୍ଜ—2. Modest; shy.
( ଅଧୃଷ୍ୟତା—ବି ) ୩ । ଗର୍ବୀ—3. Proud.

**ଅଧେ**—ଦେ. ବି. ( ସଂ. ଅର୍ଦ୍ଧ )—୧ । ଅର୍ଦ୍ଧ; ପୂର୍ଣ୍ଣ ବସ୍ତୁର ସମାନ
Adhe ଦୁଇ ଭାଗରୁ ଏକ ଭାଗ—1. Half.
ଗୁରୁଭକ୍ତି ଗୀତାରୁ ପ୍ରଥମ ଖଣ୍ଡ ଅଧେ ଶୁଣାଇବି—ପ୍ରାଚୀ. ଗୁରୁଭକ୍ତି ଗୀତା ।
ଦେ. ସର୍ବନାମ—ଅତି ଅଳ୍ପ ସଂଖ୍ୟକ; ଅତ୍ୟଳ୍ପ; ସାମାନ୍ୟ; କେତେକ—A very few.
ପଦେ ପଦେ ଅଧେ ଅଧେ କହିଲି—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
ଦେ. ବଣ—୧ । ଅର୍ଦ୍ଧପରିମିତ—1. Half.
କାଂସ୍ୟ ଧନ ଅଧେ ଧନ; ଗୋରୁ ଧନ ନିଧନ—ଢଗ ।
୨ । ପ୍ରାୟ ଅର୍ଦ୍ଧେକ—2. About half.
( ଯଥା—ତାଙ୍କ ଘରେ ଅଧେ ଦିନ କଳ କଢ଼ିଆ ଯୋଗୁଁ ସମସ୍ତେ ଉପାସ ଶୁଅନ୍ତି । )
ଦେ. ଅ—ଅର୍ଦ୍ଧ ପରିମାଣ ବା ସଂଖ୍ୟା ମାତ୍ର—Half only.
( ଯଥା—ଶିକ୍ଷିତଙ୍କ ମଧ୍ୟରୁ ଅଧେ ଲୋକଙ୍କର ଧର୍ମବିଶ୍ୱାସ ନାହିଁ, ବାକି ଯେ ଅଧିକ ରହିଲେ ତାଙ୍କର ଗୋଡ଼ ଏ ନାହାରେ ଅଧେ ସେ ନାହାରେ ଅଛି । )

**ଅଧେକ**—ଦେ. ବି. ( ସଂ. ଅର୍ଦ୍ଧ )—ଅର୍ଦ୍ଧେକ; ଅର୍ଦ୍ଧପରିମାଣ; ଅଧେ—
Adheka Half.
ଏତେ ବୋଲି ଚଳପଣୀ ଥାଳ ତାକୁ ଦେଇ, ଦଳାରୁ ଅଧେକ ଧରି ଚରୁ ପକାଇଲା ।
ନାମରତ୍ନ ଗୀତା ।

**ଅଧେନୁ**—ସଂ. ବି. ( ଅ + ଧେନୁ )—ଦୁଧ ଦେଉ ନ ଥିବା ଗାଈ—
Adhenu A cow not yielding milk.

**ଅଧୈର୍ଯ୍ୟ**—ସଂ. ବି. ( ଅ + ଧୈର୍ଯ୍ୟ )—୧ । ଧୈର୍ଯ୍ୟର ଅଭାବ—
Adhairjya 1. Impatience.
୨ । ମନର ଅସ୍ଥିରତା—2. Mental restlessness, want of self-possession.
୩ । ସାହସର ଅଭାବ—3. Want of courage.
ସଂ. ବଣ. ପୁଂ. ( ବହୁବ୍ରୀହି )—୧ । ଧୈର୍ଯ୍ୟହୀନ;
(ଅଧୈର୍ଯ୍ୟା—ସ୍ତ୍ରୀ) ଅଧୀର—1 Impatient.
୨ । ଅସ୍ଥିରମନା—2. Restless in mind.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

କହଇ କନ୍ଦର୍ପ; ନାଥ ମୁହ ଅଧୋର୍ଦ୍ଧ—କନ୍ଦର୍ପ, କବିତା ।

**ଅଧୋ**—ଦେ. ଅ. ( ସଂ. ଅଧସ୍ )—ଅଧଃ; ନିମ୍ନ—
Adho — Below.

ତା ଅଧୋ ଊର୍ଦ୍ଧ୍ୱେ ଯେତେ ଦେଖି, ସେ ବର୍ଣ୍ଣ ଧର୍ମେ ତାକୁ ଲେଖି ।
ଜଗନ୍ନାଥ- ଭାଗବତ, ୨ସ୍କ ।

**ଅଧୋଇଆ**—ଦେ. ବିଣ. ( ସଂ. ଅଧୌତ; ଧୋଇଆର ବିପରୀତ )—
Adhoiā ଯେଉଁ ଅଞ୍ଚଳ ଧୋଇଆ ନୁହେ ଅର୍ଥାତ୍ ଯେଉଁ ଅଞ୍ଚଳର
অধৌতা ଫସଲ ଆଦି ନଈବଢ଼ିରେ ଧୋଇ ହୋଇ ଯାଏ ନାହିଁ—
( tracts of county ) Not subject to flood.

**ଅଧୋଂଶୁକ**—ସଂ. ବି. ( ଅଧଃ + ଅଂଶୁକ )–ଅଧୋବସ୍ତ୍ର ( ଦେଖ )
Adhomśuka — Adhobastra ( See )

**ଅଧୋକ୍ଷ**—ସଂ. ବିଣ. ( ଅଧଃ + ଅକ୍ଷ )—
Adhoksha ୧ । ଅତୀନ୍ଦ୍ରିୟ; ଇନ୍ଦ୍ରିୟର ଅଗୋଚର—
1. Imperceptible by the senses.
୨ । ସଗଡ଼ର ଅକ୍ଷତଳେ ଥିବା—
2. Situated below the axle.
୩ । ଯେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରଅଛି—
3. One who has his organs under control.
ସଂ. ବି—ପାଦ; ଗୋଡ଼—Leg; foot.

**ଅଧୋକ୍ଷଜ**— ସଂ. ବି. ପୁଂ (ଅଧଃ = ଅଧଃକୃତ ହୋଇଅଛି; ଅକ୍ଷଜ =
Adhokshaja ଇନ୍ଦ୍ରିୟଜ ବା ପ୍ରତ୍ୟକ୍ଷ ଜ୍ଞାନ ଯାହାଙ୍କଦ୍ୱାରା; ଜମ୍ଭା
ଅଧୋକ୍ଷ = ପାଦରୁ ଜାତ; ସୃଷ୍ଟିର ଏକ କଳ୍ପରେ ବିଷ୍ଣୁ
ମହାଦେବଙ୍କ ପାଦରୁ ଜନ୍ମିଥିବାର ପୁରାଣରେ ଅଛି )—
ବିଷ୍ଣୁଙ୍କର ନାମବିଶେଷ—A name of Bishnu

**ଅଧୋଖନନ**—ସଂ. ବି (ଅଧଃଖନନ)—କୌଣସି ବସ୍ତୁର ମୂଳ ବା ତଳ-
Adhokhanana ଅଡ଼ୁ ଖୋଳିବା; କୋରଡ଼ କରିବା—
Undermining.

**ଅଧୋଗତ**— ସଂ. ବିଣ. ପୁଂ (ଅଧଃ + ଗତ)—୧ । ତଳକୁ ଯାଇଥିବା—
Adhogata 1. Gone down.
(ଅଧୋଗତା—ସ୍ତ୍ରୀ) ୨ । ତଳକୁ ଖସି ପଡ଼ିଥିବା—
2 Fallen down.
୩ । ବୁଡ଼ି ଯାଇଥିବା—3. Sunk down.
୪ । ଅସ୍ତ ହୋଇଥିବା—4. Set.

**ଅଧୋଗତି**—ସଂ. ବି (ଅଧଃ + ଗତି)—୧ । ତଳକୁ ଗତି କରିବା—
Adhogati 1. Going down.
୨ । ପତନ; ତଳେ ପଡ଼ିଯିବା—2. Fall; falling-down.
୩ । ଦୁର୍ଗତି; ଅବନତି—3. Degradation.
୪ । ଦୁର୍ଦ୍ଦଶା—4. Misery; distress.
୫ । ନରକରେ ପଡ଼ିବା—5. Falling in hell.
୬ । ପାତାଳକୁ ଖସି ପଡ଼ିବା – 6. Going down to the nether-world.

ବୃକ୍ଷବର୍ଦ୍ଧିତ ଗିରି ଅଧୋଗତି ଭଇଲେ ଉଦର ପାନ୍ଥ ।
ଉପେନ୍ଦ୍ର—ବୈଦେହୀଶବିଳାସ । ୩୪—୧୩ ।

୭ । ଅସ୍ତହେବା—7. Setting.
୮ । ବୁଡ଼ିଯିବା—8. Sinking down

**ଅଧୋଗମନ**—ସଂ. ବି. ( ଅଧଃ + ଗମନ )—ଅଧୋଗତି ( ଦେଖ )
Adhogamana — Adhogati ( See )

**ଅଧୋଗାମୀ**—ସଂ. ବିଣ. (ଅଧଃ + ଗମ ଧାତୁ + କର୍ତ୍ତୃ. ଇନ୍. ୧ମା.୧ବ)–
Adhogāmī ୧ । ତଳକୁ ଗତି କରୁଥିବା—
(ଅଧୋଗାମିନୀ—ସ୍ତ୍ରୀ) 1. Going down.
୨ । ବୁଡ଼ି ଯାଉଥିବା—2. Sinking.
୩ । ଅସ୍ତ ହେଉଥିବା—3. Setting.
୪ । ପଡ଼ୁଥିବା—4. Falling down.
୫ । ଦୁର୍ଦ୍ଦଶା ଭୋଗ କରୁଥିବା—5. Miserable.
୬ । ନରକକୁ ଗତି କରୁଥିବା; ନରକଗାମୀ—
6. Going towards hell.

**ଅଧୋଘଣ୍ଟା**—ସଂ. ବି. ( ଅଧଃ + ଘଣ୍ଟ + ଆ; ଏହାର ଫଳଗୁଚ୍ଛକ ଘଣ୍ଟିପରି
Adhoghanṭā ତଳ ଆଡ଼କୁ ମୁହଁ କରି ଥିବାରୁ )—
ଅପାମାର୍ଗ ( ଦେଖ )
Apāmārga ( See )

**ଅଧୋଙ୍ଗ**—ସଂ. ବି. ( ଅଧଃ + ଅଙ୍ଗ )—
Adho-ṅga ୧ । ଗୁହ୍ୟଦ୍ୱାର—1. The anus.
୨ । ସ୍ତ୍ରୀ ଜନନେନ୍ଦ୍ରିୟ—2. The female organ.

**ଅଧୋଡ଼ା**—ଗ୍ରା. ବିଣ. ( ସଂ. ଅର୍ଦ୍ଧ + ବୃଦ୍ଧ )—
Adhorḍā ୧ । ଦରବୁଢ଼ା; ଅଧା ବୟସିଆ —
আধবুড়ো 1. Middle-aged.
अधेड़

ବାବାଜୀଙ୍କ ନାମ ଲଳିତ ଦାସ, ବୟସ ଅଧୋଡ଼ା ବର୍ଣ୍ଣ ଶ୍ୟାମଳ,
ଦେହଟି ଆଉଲ ଅଲୁଲ । ଫକୀରମୋହନ—ଛମାଣଆଠଗୁଣ୍ଠ ।

୨ । ଅଧାଡ଼ୁଆ ( ଦେଖ )
2. Adhārduā ( See )

**ଅଧୋଦୃଷ୍ଟି**—ସଂ. ବି. ( ଅଧଃ + ଦୃଷ୍ଟି )—
Adhodrushṭi ୧ । ତଳ ଆଡ଼କୁ ଚାହିଁବା—
1. Down-ward look.
୨ । ଯୋଗ ସାଧନର ଆସନବିଶେଷ—
2. A posture in Joga-exercise.
[ ଦ୍ର—ପଦ୍ମାସନରେ ବସି ନିଶ୍ଚଳ ମନରେ ନାସିକାଗ୍ରକୁ ଦୃଷ୍ଟି ଦେବା ରୂପ ଯୋଗାସନ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯୁ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଊ | ତ୍ବ |

ସଂ. ବଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି )—
ଯେ ତଳ ଆଡ଼କୁ ଚାହିଁଥାଏ—
Looking downwards.

**ଅଧୋଦେଶ**—ସଂ. ବି. ( ଅଧଃ + ଦେଶ )—
**Adhodeśa** ୧ । ତଳପାଖ—1. Lower side.
୨ । ନିମ୍ନ ଅଂଶ—2. The lower part.
୩ । ନିମ୍ନରେ ଥିବା ସ୍ଥାନ—3. Land at the foot.

**ଅଧୋଦ୍ୱାର**—ସଂ. ବି. ( ଅଧଃ + ଦ୍ୱାର )—ଅଧୋଙ୍ଗ ( ଦେଖ )
**Adhodwāra** Adho-ṅga ( See )
ଦେ. ବି—ତଳ ଆଡ଼କୁ ମୁହଁ ଫିଟିଥିବା ଦ୍ୱାର—
A door opening downwards.

ଭେଙ୍ଗ ଖଜୁରି ଗଛରେ ବାୟା ନଅଲି ବସା
ଅଧୋ ଦ୍ୱାର ରକ୍ଷଣ ସୁଖେ ବର୍ଷେ ବରଷା । ବ୍ରଜବିହାର ।

**ଅଧୋଽଧଃ**—ସଂ. ଅ. ( ଅଧଃ + ଅଧଃ )—
**Adho-dhaḥ** କ୍ରମଶଃ ନିମ୍ନକୁ; ତଳକୁ ତଳକୁ—
Gradually; down-wards; down and down.

**ଅଧୋବଦନ**—ସଂ. ବି. ( ଅଧଃ + ବଦନ )—
**Adhobadana** ୧ । ( ମଧ୍ୟପଦଲୋପୀ ) ଲଜ୍ଜାବନତ ମୁଖ; ଲଜ୍ଜା ଯୋଗୁଁ ତଳକୁ ପୋତା ହୋଇ ଥିବା ମୁହଁ—
1 Drooping face.
୨ । ( ବହୁବ୍ରୀହି ) ଅବାକ୍‌ପୁଷ୍ପୀ ଗୁଳ୍ମ—
2. A plant ( Pimpinella Anisum ).
୩ । ( ବହୁବ୍ରୀହି ) ଗୋଜିହ୍ୱା ବୃକ୍ଷ—3. A tree; Elephantopus Scaber. ( M. W. ) or Premna Esculenta (Apte).
୪ । ( ବହୁବ୍ରୀହି ) ବିଷ୍ଣୁଙ୍କର ନାମ—
4. A name of Bishṇu.
ସଂ. ବଣ. ପୁଂ. (ବହୁବ୍ରୀହି)—୧ । ଲଜ୍ଜାବନତ ମୁଖ; ହେଟ ବଦନ;
(ଅଧୋବଦନା—ସ୍ତ୍ରୀ) ଯେ ଲାଜରେ ତଳକୁ ମୁହଁ ପୋତି ଥାଏ—
1. Having the face cast down with a drooping face.
୨ । ପୋତାମୁହାଁ—
2. A person with a drooping face.
୩ । ମୁହଁ ତଳକୁ ହୋଇ ଓଲଟା ଯାଇଥିବା ( ପାତ୍ର )—
3. Upturned ( pot ); topsy-turvy.
୪ । ଯାହାର ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ ହୋଇଥାଏ—
4. Headlong; precipitate.

**ଅଧୋବଶ**—ସଂ. ବି. ( ଅଧଃ + ବଶ )—ସ୍ତ୍ରୀଜନନେନ୍ଦ୍ରିୟ—
**Adhobaśa** The female organ.

**ଅଧୋବସ୍ତ୍ର**—ସଂ. ବି. (ମଧ୍ୟପଦଲୋପୀ; ଅଧଃ + ବସ୍ତ୍ର)—
**Adhobastra** ୧ । ନାଭି ବା ଅଣ୍ଟାଠାରୁ ତଳକୁ ପିନ୍ଧାଯିବା ଲୁଗା ( ଯଥା—ଧୋତି; ପାଇଜାମା )—
1. Cloth worn below the navel or waist.
୨ । ସବୁ ତଳେ ଦେହକୁ ଲାଗି ପିନ୍ଧାଯିବା ଲୁଗା—
( ଯଥା—କଉପୁନି; କାଛ; ଜାଂଘିଆ )—
2. Undere-wear; a sheet of cloth worn immediately on the private parts.
୩ । ଅସ୍ତର; କୋଟ୍ ଅନ୍ଦର ତଳେ ଦିଆଯିବା କନା—
3. Lining of a coat.

**ଅଧୋବାୟୁ**—ସଂ. ବି. (ମଧ୍ୟପଦଲୋପୀ; ଅଧଃ + ବାୟୁ )—
**Adhobāyu** ଅପାନବାୟୁ; ବାତକର୍ମ; ପାଦ—
Vital air passing downwards; fart; wind passed through the anus ventris crepitus.

**ଅଧୋବାସ**—ସଂ. ବି. ( ମଧ୍ୟପଦଲୋପୀ; ଅଧଃ + ବାସ )—
**Adhobāsa** ଅଧୋବସ୍ତ୍ର ( ଦେଖ )
(ବହୁବ୍ରୀହି—ବିପରୀତ) Adhobastra ( See )

**ଅଧୋବିନ୍ଦୁ**—ସଂ. ବି. (ମଧ୍ୟପଦଲୋପୀ; ଅଧଃ + ବିନ୍ଦୁ )—ଗଗନ ମଣ୍ଡଳର
**Adhobindu** ଯେଉଁ କଳ୍ପିତ ବିନ୍ଦୁ ଆମ୍ଭମାନଙ୍କ ପାଦ ତଳେ ପୃଥିବୀର ଅପରଦିଗରେ ଅବସ୍ଥିତ—The Nadir.

**ଅଧୋଭକ୍ତ**—ସଂ. ବି. ( ଅଧଃ + ଭକ୍ତ = ଭାତ )—
**Adhobhakta** ୧ । ଭୋଜନାନ୍ତେ ପିଆଯିବା ପାଣି—
1. Water taken after meal.
୨ । ଖାଇସାରିବା ପରେ ଖିଆଯିବା ଔଷଧ—
2. A dose of medicine which is taken after a meal.

**ଅଧୋଭାଗ**—ସଂ. ବି. ( ମଧ୍ୟପଦଲୋପୀ; ଅଧଃ + ଭାଗ )—
**Adhobhāga** ୧ । ନିମ୍ନଭାଗ—1. The lower part.
୨ । ନାଭିଠାରୁ ତଳକୁ ଥିବା ଦେହର ଅଂଶ—
2 The part of the body below the navel.
୩ । ପାତାଳ—3. The nether regions.

**ଅଧୋଭୁବନ**—ସଂ. ବି. ( ମଧ୍ୟପଦଲୋପୀ; ଅଧଃ + ଭୁବନ)—ପାତାଳ—
**Adhobhubana** The nether regions.

**ଅଧୋଭୂଃ**—ସଂ. ବି. ( ଅଧଃ + ଭୂଃ )—୧ । ଖାଲଜମି—
**Adhobhūḥ** 1. Low land.
୨ । ଅପେକ୍ଷାକୃତ ଖାଲୁଆ ଜମି—2. Lower ground
୩ । ପର୍ବତର ପାଦଦେଶରେ ଥିବା ଜମି—
3. Terai; land at the foot of a hill.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଧୋମର୍ମ**—ସଂ. ବି. ( ଅଧଃ + ମର୍ମ )—ଅଧୋଙ୍ଗ ( ଦେଖ )
Adhomarma — Adho-ṅga ( See )

**ଅଧୋମୁଖ**—ସଂ. ବି. ( ମଧ୍ୟପଦଲୋପୀ ଓ ବହୁବ୍ରୀହି )—
Adhomukha ୧ । ଅଧୋବଦନ ( ଦେଖ ) 1. Adhobadana ( See )
ଅଧୋମୁଖା, ଅଧୋମୁଖୀ } ସ୍ତ୍ରୀ ୨ । ନରକବିଶେଷ—2. Name of a hell.
୩ । ଅଧୋମୁଖ ଗଣ ( ଦେଖ ) 3. Adhomukha gaṇa ( See )
ସଂ. ବି. ପୁଂ—୧ । ଅଧୋବଦନ ( ଦେଖ ) 1. Adhobadana ( See )
୨ । ତଳକୁ ମୁହଁକରି ଉଡ଼ୁଥିବା— 2. Flying downwards ( Apte )
୩ । ତଳଆଡ଼କୁ ଗତି କରୁଥିବା— 3. Having a downward motion ( Apte )

**ଅଧୋମୁଖଗଣ**—ସଂ. ବି. ( କର୍ମଧା; ଏମାନଙ୍କର ଗତି ନିମ୍ନଦିଗକୁ
Adhomukhagaṇa ହେବାରୁ )—( ଜ୍ୟୋତିଷ ) ଦ୍ୱିଜା, କୃତ୍ତିକା, ଅଶ୍ଳେଷା, ମଘା, ପୂର୍ବଫାଲ୍‌ଗୁନୀ, ବିଶାଖା ମୂଳା, ପୂର୍ବାଷାଢ଼ା, ପୂର୍ବଭାଦ୍ରପଦ ଏହି ନଅଗୋଟି ନକ୍ଷତ୍ର— ( astronomy ) A name given to nine constellations.
[ଦ୍ର—ଏମାନଙ୍କ ନାମ ମନେ ରଖିବା ପାଇଁ ବ୍ୟବହୃତ ଶ୍ଳୋକ
ମୂଳାଶ୍ଳେଷା କୃତ୍ତିକାଚ ଦ୍ୱିଶାଖା ଭରଣୀ ତଥା
ମଘା ପୂର୍ବାତ୍ରୟଞ୍ଚୈବ ଅଧୋମୁଖଗଣଃସ୍ମୃତଃ (Apte.)]

**ଅଧୋମୁଖ ନକ୍ଷତ୍ର**—ସଂ. ବି—ଅଧୋମୁଖଗଣ ( ଦେଖ )
Adhomukha nakshatra Adhomukhagaṇa ( See )

**ଅଧୋମୁଖୀ**—ସଂ. ଭଣ. ସ୍ତ୍ରୀ. (ଅଧୋମୁଖ + ଈ)—ଅଧୋମୁଖର ସ୍ତ୍ରୀଲିଙ୍ଗ—
Adhomukhī Feminine of Adhomukha.
ସଂ. ବି—କ୍ଷୁଦ୍ରେକ୍ଷୁ (ହରେକୃଷ୍ଣ ମିଶ୍ର. ଦ୍ରବ୍ୟଗୁଣ)—A kind of sugarcane.

**ଅଧୋଯନ୍ତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଧଃ + ଯନ୍ତ୍ର )—
Adhojantra ୧ । ଯନ୍ତ୍ରର ନିମ୍ନଭାଗ— 1. The lower part of an apparatus.
୨ । ବକଯନ୍ତ୍ର—2. A still.

**ଅଧୋୟା**—ଦେ. ବିଣ—ଅଧୋଇଆ ( ଦେଖ )
Adhoya Adhoiā ( See )

**ଅଧୋର୍ଦ୍ଧ**—ଦେ. ଅ. ( ସଂ. ଅଧଃ + ଊର୍ଦ୍ଧ୍ୱ )—ତଳେ ଉପରେ—
Adhorddha ( ହ୍ର. ଶବ୍ଦସାଗର ) Above and below; below and above.

**ଅଧୋଲମ୍ବ**—ସଂ. ବି. ( ଅଧଃ + ଲମ୍ବ ଧାତୁ + କର୍ତ୍ତୃ. ଅ )—
Adholamba ୧ । ରାଜମିସ୍ତ୍ରୀର ଓଳମସୂତା— 1. Plumbline.
୨ । କୌଣସି ରେଖା ଉପରେ ଉପରଆଡ଼ୁ ତଳଆଡ଼କୁ ଟଣାଯିବା ରେଖା— 2. A perpendicular let fall on anther line.

**ଅଧୋଲୋକ**—ସଂ. ବି. ( ମଧ୍ୟପଦଲୋପୀ; ଅଧଃ + ଲୋକ )—
Adholoka ଅଧୋଭୁବନ; ପାତାଳ—The nether world.

**ଅଧୋଶୟ**—ସଂ. ବିଣ. ପୁଂ. ( ଅଧଃ + ଶୀ ଧାତୁ + କର୍ତ୍ତୃ. ଅ )—
Adhośaya ଯେ ଭୂମିରେ ଶୁଏ—
( ଅଧୋଶୟା—ସ୍ତ୍ରୀ ) Sleeping on the ground.

**ଅଧୋଶଯ୍ୟ**—ସଂ ବିଣ. ପୁଂ. ( ବହୁବ୍ରୀହି; ଅଧଃ + ଶଯ୍ୟା )—
Adhośajya ଅଧୋଶୟ ( ଦେଖ )
( ଅଧୋଶଯ୍ୟା—ସ୍ତ୍ରୀ ) Adhośaya ( See )

**ଅଧୋଶଯ୍ୟା**—ସଂ. ବି. ସ୍ତ୍ରୀ. ( ଅଧୋଶଯ୍ୟ + ସ୍ତ୍ରୀ. ଆ )—ଅଧୋଶଯ୍ୟର
Adhośajyā ସ୍ତ୍ରୀଲିଙ୍ଗ—Feminine of Adhośajya.
ସଂ. ବି—ଭୂମିରେ ଶୟନ—Sleeping on the ground.

**ଅଧୋଶିରା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅଧଃ + ଶିରସ୍. ୧ମା. ୧ବ. )—ଅଧୋମୁଖ ( ଦେଖ )
Adhośirā Adhomukha ( See )
ସଂ. ବି—ନାରକବିଶେଷ—Name of a hell

**ଅଧୌର୍ଯ୍ୟ**—ଗ୍ରା. ବି. ( ସଂ. ଅଧୈର୍ଯ୍ୟ )—ଅଧୈର୍ଯ୍ୟ—
Adhaurja Impatience.
ଗ୍ରା. ବିଣ—ଅଧୀର—Impatient.

**ଅଧୌର୍ଯ୍ୟିଆ**—ଗ୍ରା ବିଣ. ( ସଂ. ଅଧୈର୍ଯ୍ୟ )—୧ । ଅଧୈର୍ଯ୍ୟ—
Adhaurjiā 1. Impatient.
ଅଧୈର୍ଯ୍ୟ ୨ । ଅଧୀର; ଅଥୟ; ଅସ୍ଥିର—
अधीरज 2 Restless.

**ଅଧ୍ୱ**—ସଂ. ବି. (ଅଦ୍ ଧାତୁ = ସର୍ବଦା ଗମନ କରିବା + ଅଧିକରଣେ ବନ;
Adhwa ଅଧ୍ୱନ୍ ୧ମା. ୧ବ; ଯାହା ଉପରେ ସର୍ବଦା ଗମନ କରାଯାଏ)—
୧ । ବାଟ; ପଥ; ବାଟ; ରାସ୍ତା—1. Road.
୨ । ପଥ ଭ୍ରମଣ; ବାଟ ଚାଲିବା—2. Journey; travel.
୩ । ଦୂରତ୍ୱ—3. Distance; space.
୪ । ଉପାୟ—4. Means; resource.
୫ । ଅବୟବ; ଅଙ୍ଗ—5. Limb.
୬ । ସମୟ; କାଳ—6. Time.
୭ । ଆକ୍ରମଣ—7. Attack.
୮ । ପରାଭବ—8. Defeat.
୯ । ଗ୍ରହମାନଙ୍କ ଭ୍ରମଣପଥ—9. Orbit of a planet.
୧୦ । ବେଦର ଶାଖା— 10. A recension of the Bedas and the school upholding it ( Apte).
୧୧ । ଆକାଶ—11. Sky.
୧୨ । ବାୟୁ—12. Air; atmosphere,

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଣ | ଜ୍ଞ | ଇଏ | ଉଅ | ଙ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଙ. | ନ୍ତ |

୧୩ । ପ୍ରଣାଳୀ—13. Method.

[ ଦ୍ର—ସଂ. ଅଧ୍ୱନ୍ ଶବ୍ଦ ସମାସରେ 'ଅଧ୍ୱ' ଆକାରରେ ପରିଣତ ହୁଏ । ଯଥା—ଅଧ୍ୱଗା; ଅଧ୍ୱଶ୍ରମ ।]

**ଅଧ୍ୱଖେଦ**—ସଂ. ବି. (ମଧ୍ୟପଦଲୋପୀ; ଅଧ୍ୱଜନିତ ଖେଦ)—ପଥଶ୍ରାନ୍ତି—
Adhwakheda Uneasiness due to travelling.

**ଅଧ୍ୱଗ**—ସଂ. ବି. ପୁଂ. ( ଅଧ୍ୱନ୍+ଗମ ଧାତୁ+କର୍ତ୍ତୃ. ଅ; ଯେ ବାଟରେ ଯାଏ )—୧ । ପଥିକ; ବାଟୋଇ—
Adhwaga
( ଅଧ୍ୱଗା—ସ୍ତ୍ରୀ ) 1. A traveller.

୨ । ସୂର୍ଯ୍ୟ—2. The sun.

୩ । ଉଷ୍ଟ୍ର—3. Camel.

୪ । ଖଚର—4. Mule.

**ଅଧ୍ୱଗଭୋଗ୍ୟ**—ସଂ. ବି. ପୁଂ. ( ଷଷ୍ଠୀ ତତ୍; ଅଧ୍ୱଗ+ଭୋଗ୍ୟ )—
Adhwagabhogya ୧ । (ଏହାର ଫଳ ଅସହଜଲଭ୍ୟ ହେବାରୁ) ଆମ୍ରାତକ; ଅମ୍ବଡ଼ା ଗଛ—
1. Hogplum tree (Spondias Mangifera)

୨ । ଆଫ୍ରିକାର ପାନ୍ଥପାଦପ ଗଛ—
2. The travellers plant of Africa.

**ଅଧ୍ୱଗା**—ସଂ. ବି. ସ୍ତ୍ରୀ. ( ଅଧ୍ୱଗ+ସ୍ତ୍ରୀ. ଆ )—୧ । ଅଧ୍ୱଗର ସ୍ତ୍ରୀଲିଙ୍ଗ—
Adhwagā 1. Feminine of Adhwaga.

୨ । ଗଙ୍ଗାନଦୀ—2. The river Ganges.

**ଅଧ୍ୱନୀନ**—ସଂ. ବିଣ. ପୁ. ( ଅଧ୍ୱନ୍+ସର୍ବଦା ଭ୍ରମଣ କରିବା ଅର୍ଥରେ. ଈନ )—୧ । ସର୍ବଦା ଭ୍ରମଣକାରୀ—
Adhwanīna 1. Always travelling.

୨ । ଭ୍ରମଣ ବା ଯାତ୍ରା କରିବାକୁ ସମର୍ଥ—
2. Able to undertake a journey.

ସ. ବି. ପୁଂ—୧ । ପର୍ଯ୍ୟଟକ; ପଥିକ—1. A traveller; way-fārer.

୨ । ଦ୍ରୁତଗାମୀ ପଥିକ—2. A traveller going fast.

୩ । ସୂର୍ଯ୍ୟ—3. The sun.

**ଅଧ୍ୱନ୍ୟ**—ସଂ. ବିଣ ଓ ବି. ପୁଂ (ଅଧ୍ୱନ୍+ସର୍ବଦା ଭ୍ରମଣ କରିବା ଅର୍ଥରେ. ଯ)—ଅଧ୍ୱନୀନ (ଦେଖ
Adhwanya
(ଅଧ୍ୱନ୍ୟା—ସ୍ତ୍ରୀ) Adhwanīna (See)

**ଅଧ୍ୱପତି**—ସଂ. ବି—(ଷଷ୍ଠୀ ତତ୍; ଅଧ୍ୱନ୍+ପତି)—୧ । ସୂର୍ଯ୍ୟ—
Adhwapati 1. The sun.

୨ । ରାସ୍ତାପରିଦର୍ଶକ ରାଜକର୍ମଚାରୀ—2. Inspector of the road; a road-overseer.

**ଅଧ୍ୱର**—ସଂ. ବି—୧ (ଅଧ୍ୱନ୍+ରା ଧାତୁ=ଦାନ କରିବା+କର୍ତ୍ତୃ. ଅ)—
Adhwara ଯାହା ମନୁଷ୍ୟକୁ ସ୍ୱର୍ଗପଥ ଦାନ କରେ)—ଯଜ୍ଞ; ଯାଗ—1. Fire-sacrifice.

୨ । ସୋମ-ଯାଗ—Sacrifice with Soma juice

୩ । ( ଅ+ଧ୍ୱୃ ଧାତୁ କୁଟିଳ ହେବା+ଅ )—ଯେ କୁଟିଳ ହୁଏ ନାହିଁ; ଅଷ୍ଟାବସୁଙ୍କ ମଧ୍ୟରୁ ଏକତମ—
3. One of the eight Basu Deities.

୪ । ଆକାଶ—4. Sky.

୫ । ବାୟୁ—5. The air.

ସ. ବିଣ. ପୁଂ—୧ । ଅବକ୍ର—1. Not crooked.
(ଅଧ୍ୱରା—ସ୍ତ୍ରୀ) ୨ । ଅଭଗ୍ନ—2. Not broken.

୩ । ମନୋଯୋଗୀ—3. Intent; attentive.

୪ । ଧାରାବାହିକ—4. Uninterrupted.

୫ । ସ୍ଥାୟୀ—5. Durable.

୬ । ମଜ୍‌ଭୁତ୍—6. Sound.

୭ । ସାବଧାନ—7. Careful; cautious.

**ଅଧ୍ୱରଥ**—ସଂ. ବି. ୧ । ( ମଧ୍ୟପଦଲୋପୀ; ଅଧ୍ୱନ୍+ରଥ; ଅଧ୍ୱ ବା ବାଟ ପାଇଁ ହିତକର ବା ପର୍ଯ୍ୟାପ୍ତ ପଥ )—
Adhwaratha

୧ । ପଥଗମନୋପଯୋଗୀ ରଥ—
1 A car fit for the road; a roadster car.

୨ । ଯେଉଁ ଗାଡ଼ିରେ ପଥିକମାନେ ଯିବା ଆସିବା କରନ୍ତି—
2. A travelling coach.

୩ । (ବହୁବ୍ରୀହି; ଅଧ୍ୱନ୍ ପଥ; ପଥ ଯାହାର ରଥସ୍ୱରୂପ ନିତ୍ୟ ବ୍ୟବହୃତ )—ପଥ ବିଷୟରେ ଅଭିଜ୍ଞ ଦୂତ—
3. A courier well acquainted with the roads.

୪ । ପର୍ଯ୍ୟଟନ ବିଷୟରେ ପଟୁ ଦୂତ—
4. A messenger skilled in travelling.

**ଅଧ୍ୱର୍ଯ୍ୟୁ**—ସଂ. ବି. (ଅଧ୍ୱର+ଯୁ ଧାତୁ=ଯୋଗ କରିବା+କର୍ତ୍ତୃ.କ୍ୱିପ୍)—
Adhwarjyu ୧ । ଯଜୁର୍ବେଦଜ୍ଞ; ଯାଜ୍ଞିକ; ଋତ୍ୱିକ—
1. An officiating priest in a fire-sacrifice.

[ ଦ୍ର—ଯଜ୍ଞର ପୁରୋହିତମାନଙ୍କର ଭିନ୍ନ ଭିନ୍ନ କର୍ତ୍ତବ୍ୟ ଅନୁସାରେ ଭିନ୍ନ ଭିନ୍ନ ନାମ ଥିଲା, ଯଥା—ହୋତା, ଉଦ୍ଗାତା, ବ୍ରହ୍ମା, ଅଧ୍ୱର୍ଯ୍ୟୁ । ଯଜ୍ଞଭୂମିକୁ ମାପ କରି ଯଜ୍ଞ ବେଦୀ ନିର୍ମାଣ କରିବା, ଯଜ୍ଞ ପାତ୍ର ପ୍ରସ୍ତୁତ କରିବା, ଜଳ ଓ ସମିଧ ସଂଗ୍ରହ କରିବା, ନିଆଁ ଲଗାଇବା, ପଶୁକୁ ଆଣିବା ଓ ପଶୁକୁ ବଧ କରିବା ଅଧ୍ୱର୍ଯ୍ୟୁଙ୍କ କର୍ମ; ଏହି ସବୁ କର୍ମ କରୁ କରୁ ସେ ଯଜୁର୍ବେଦ ମନ୍ତ୍ର ବୋଲୁଥିବେ ।]

୨ । ଯଜୁର୍ବେଦ—2. The Jajurbeda.

୩ । ଯଜୁର୍ବେଦୀ ବ୍ରାହ୍ମଣ—3. An adherent of the Jajurbeda.

**ଅଧ୍ୱଶ୍ରମ**—ସଂ. ବି. (ମଧ୍ୟପଦଲୋପୀ)—ପଥଶ୍ରମ—Weariness due to travelling.
Adhwaśrama

**ଅଧ୍ୱଶ୍ରାନ୍ତ**—ସଂ. ବିଣ. ପୁଂ—ବାଟ ଚାଲିବା ଦ୍ୱାରା କ୍ଳାନ୍ତ—
Adhwaśrānta Wearied by travelling.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅଧ୍ୱାନ୍ତ**—ସଂ. ବି. ୧ । ( ଅ + ଧ୍ୱାନ୍ତ )—
Adhwānta ୧ । ସାମାନ୍ୟ ଅନ୍ଧାର; ମାଞ୍ଚ ଅନ୍ଧାର; ମୁହିଁ ଅନ୍ଧାର—
1. Twilight; slight darkness.
୨ । ଛାଇ—2. Shade.
୩ । ( ଅଧ୍ୱ + ଅନ୍ତ ) ଯାତ୍ରା ବା ଭ୍ରମଣର ଶେଷ—
3. End of the journey.
୪ । ମାର୍ଗର ସୀମା—4. The limit of a road.

**ଅଧ୍ୱାନ୍ତଶାତ୍ରବ**—ସଂ. ବି. ( ଅଧ୍ୱାନ୍ତ + ଶତ୍ରୁ + ଅ; ଏହା ଛାଇରେ ଫୁଲ
Adhwāntaśātraba ଫୁଟୁଥିବାରୁ )—ଫଣଫଣା; ଶୋଣାଳୁ—
A plant; Cassia Fistula or Bignonia Indica.

**ଅଧ୍ୟକ୍ଷ**—ସଂ. ବିଣ. ( ଅଧି = ଅଧିଗତ + ଅକ୍ଷ = ଇନ୍ଦ୍ରିୟ ବା ବ୍ୟବହାର
Adhyaksha ଯାହାର )—୧ । ଇନ୍ଦ୍ରିୟ ଗୋଚର; ପ୍ରତ୍ୟକ୍ଷ—
1. Perceptible to the senses.
୨ । ଦୃଶ୍ୟ—2. Visible
( ଅଧ୍ୟକ୍ଷା—ସ୍ତ୍ରୀ ) ସଂ. ବିଣ. ପୁଂ—୧ । ତଦାରଖ କରିବାବାଲା—
1. Exercising supervision; supervising.
୨ । ନିଯୁକ୍ତକାରୀ—2. Guiding; presiding over.
ସଂ. ବି. ପୁଂ—୧ । ତଦାରଖ କରିବା ପ୍ରଧାନ ବ୍ୟକ୍ତି; ( ଯଥା—ଗଜାଧ୍ୟକ୍ଷ)—1. Supervisor; foreman.
୨ । ପ୍ରଭୁ; ସ୍ୱାମୀ; ଅଧିପତି—2. Master; lord.
୩ । ମୁଖ୍ୟ ବା ପ୍ରଧାନ ବ୍ୟକ୍ତି; ସର୍ଦ୍ଦାର—
3. Headman; chief.
( ଯଥା—ଗ୍ରାମାଧ୍ୟକ୍ଷ; ଦାନାଧ୍ୟକ୍ଷ । )
୪ । ପ୍ରଧାନ ଶିକ୍ଷକ—4. Head master; Principal.
୫ । ସଭାପତି—5. President.
୬ । କାର୍ଯ୍ୟାଧ୍ୟକ୍ଷ—6. Superintendent.
୭ । ତଦାରଖ କରିବା ହାକିମ—7. Inspector.
[ ଦ୍ର—ମନୁସଂହିତା ୭—୮୧ ରେ ଅଛି ଯେ ନାନାପ୍ରକାର କାର୍ଯ୍ୟରେ ସେହି ସେହି କାର୍ଯ୍ୟଙ୍କ ସୁପଣ୍ଡିତମାନଙ୍କୁ ରାଜା ଅଧ୍ୟକ୍ଷ ପଦରେ ନିଯୁକ୍ତ କରିବେ ଯେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ କାର୍ଯ୍ୟକୁ ଅବେକ୍ଷଣ ବା ତଦାରଖ କରୁଥିବେ—ପ୍ରମଶଙ୍କର. ମନୁ ।]
୮ । ଶାସକ; ଅଧୀଶ୍ୱର—1. Ruler; king.
୯ । ଅଧିକାର ବା ଭାରପ୍ରାପ୍ତ ବ୍ୟକ୍ତି—
9. A person in charge.
( ଯଥା—ଦ୍ୱାରାଧ୍ୟକ୍ଷ । )
୧୦ । ପରିଚାଳକ—10. Director; controller.
( ଯଥା—ସେନାଧ୍ୟକ୍ଷ । )
୧୧ । କ୍ଷୀରିକା ଗୁଳ୍ମ; ଖିରକୋଳି ଗଛ—
11. A plant; Mimusops Kauki.
୧୨ । (ବୈଦିକ) ଆଖିରେ ଦେଖିଥିବା ସାକ୍ଷୀ—
12. An eye-witness.

**ଅଧ୍ୟକ୍ଷର**—ସଂ. ବି. ( ଅଧି + ଅକ୍ଷର; ପ୍ରଧାନ ଅକ୍ଷର) – ଓଁ; ପ୍ରଣବ—
Adhyakshara The mystic syllable 'Om'
ସଂ. ଅ—୧ । ( ଅଧି + ଅକ୍ଷର; ଅକ୍ଷରକୁ ଅଧିକାର କରି)—ଅକ୍ଷର ସମ୍ବନ୍ଧୀୟ—1. Relating to letters or syllables.
୨ । (ଅଧି = ଉପରେ + ଅକ୍ଷର)—ଅକ୍ଷରମାନଙ୍କ ଉପରେ—
2. Above all letters.

**ଅଧ୍ୟଗ୍ନି**—ସଂ. ଅ. (ଅଧି = ସମୀପରେ + ଅଗ୍ନି)—ବିବାହକାଳୀନ ହୋମାଗ୍ନି
Adhyagni ସମ୍ମୁଖରେ ବା ନିକଟରେ—Over or by the nuptial fire.
ସଂ. ବି—(ବିବାହବେଦୀରେ ହୋମାଗ୍ନି ସମକ୍ଷରେ ପ୍ରଦତ୍ତ ବା ଅଙ୍ଗୀକୃତ ହେବାରୁ)—
୬ ପ୍ରକାରର ସ୍ତ୍ରୀ ଧନ ମଧ୍ୟରୁ ଏକତମ; ବିବାହବେଦୀରେ ହୋମାଗ୍ନି ସମ୍ମୁଖରେ ପିତା ମାତା ସ୍ୱାମୀ ଓ ଭ୍ରାତା କନ୍ୟାକୁ ଯେଉଁ ଧନ ଉପହାର ଦିଅନ୍ତି—(ମନୁ-୯-୧୯୪) ।
(Hindu law) A gift made to a girl at marriage i.e. before the nuptial fire

**ଅଧ୍ୟଂଚ୍**—ସଂ. ବିଣ (ଅଧି + ଅଂଚ ଧାତୁ + କର୍ତ୍ତ୍ରି. କ୍ୱିପ୍)—ଉପରକୁ ଉଠୁଥିବା
Adhyamch —1. Tending upwards.
୨ । ଅଗ୍ରସର ହେଉଥିବା—2. Advancing.
୩ । ପ୍ରଧାନ; ଉତ୍କୃଷ୍ଟ—3. Superior; eminent.
୪ । ପୂଜ୍ୟ—4. Adorable.
୫ । ଯେ ପାଏ—5. Obtaining.
୬ । ଅର୍ଜ୍ଜନକାରୀ—6. Acquiring.

**ଅଧ୍ୟଣ୍ଡା**—ସଂ. ବି. (ଅଧି = ଅଧିକ + ଅଣ୍ଡ; ଏହାର ବୀଜମାନ ଅଣ୍ଡାକାର
Adhyaṇḍā ଥିବାରୁ)—୧ । ଅଳକୁଶୀ ଗୁଳ୍ମ—1. A plant.
Carpopogon Pruriens.
୨ । ଭୂମ୍ୟାମଲକୀ; ଭୂଇଁ ଅଁଳା—2. A plant;
Flacourtia cataphrracta.

**ଅଧ୍ୟଧୀନ**—ସଂ. ବିଣ. ପୁଂ ( ଅଧି = ଅତ୍ୟନ୍ତ + ଅଧୀନ )—ସମ୍ପୂର୍ଣ୍ଣରୂପେ
Adhyadhina ବଶୀଭୂତ (ଯଥା—ଦାସ)—Completely
(ଅଧ୍ୟଧୀନା—ସ୍ତ୍ରୀ) subject or dependent Apte).

**ଅଧ୍ୟବସାନ**—ସଂ. ବି. (ଅଧି + ଅବ + ସୋ ଧାତୁ = ସଂକଳ୍ପ କରିବା +
Adhyabasāna ଭାବ. ଅନ)—୧ । ସଂକଳ୍ପ—
1. Resolve; determination.
୨ । ଚେଷ୍ଟା—2. Effort; attempt.
୩ । (ଅଳଙ୍କାର ଶାସ୍ତ୍ର)—ଅଧ୍ୟବସାୟ (ଦେଖ)
3. Adhyabasāya (See)
୪ । (ଅଳଙ୍କାର)—ସଂକ୍ଷିପ୍ତ ଓ ଓଜସ୍ୱିନୀ ଭାଷା—
4. Concise and forcible language (M.W)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗ୍ୟଁ | ଇଅ | ୱ | ନ୍ତ |

**ଅଧ୍ୟବସାୟ**—ସଂ. ବ. (ଅଧି+ଅବ+ସୋ ଧାତୁ=ସଂକଳ୍ପକରିବା+ ଭାବ. ଅ)—୧ । ଅବିଶ୍ରାନ୍ତ ଉଦ୍‌ଯୋଗ ବା ଯତ୍ନ—1. Diligence; perseverance; steady application.
**Adhyabasāya**

୨ । କର୍ମ ସାଧନାର୍ଥ ସଂକଳ୍ପ—2. Resolution; determination.

୩ । (ଅଲଙ୍କାର) ଅର୍ଥାଲଙ୍କାର ଅଲଙ୍କାରବିଶେଷ; ପ୍ରକୃତ ଓ ଅପ୍ରାକୃତ ବସ୍ତୁଦ୍ୱୟକୁ ଏପରି ମିଳାଇ କରି ବର୍ଣ୍ଣନାକରିବା ଯହିଁରେ ପ୍ରକୃତ ଅପ୍ରାକୃତର ପ୍ରଭେଦ ଧରାପଡ଼େ ନାହିଁ—3. (Rhetoric) A figure of speech. Identification of two things ( one real and the other unreal ) in such a manner that the one is completely absorbed in the other.

[ ଦ୍ର—ଏହି ସମ୍ମିଳନର ଫଳରେ ଅତିଶୟୋକ୍ତି ଏବଂ ଲକ୍ଷଣା ଅଲଙ୍କାରମାନ ହୁଏ ।

ପ୍ରକୃତ ବିଷୟକୁ ନ କହି ଉପମାନଦ୍ୱାରା ତାହାର ଅଭେଦ କଳ୍ପନା କରିବାର ନାମ ଅଧ୍ୟବସାୟ । ଏହା ଦୁଇ ପ୍ରକାରର—ସିଦ୍ଧ ଓ ସାଧ୍ୟ; ଯେଉଁ ଅଧ୍ୟବସାୟ ନିଶ୍ଚିତରୂପେ ପ୍ରକାଶିତ ହୁଏ ତାହା ସିଦ୍ଧ ଏବଂ ଯେଉଁଠାରେ ଏହାର ନିଶ୍ଚିତ ପ୍ରକାଶ ନ ହୁଏ ତାକୁ ସାଧ୍ୟ ବୋଲାଯାଏ । ସିଦ୍ଧ ଅଧ୍ୟବସାୟ ଅତିଶୟୋକ୍ତି ଅଲଙ୍କାରରେ ପରିଣତ ହୁଏ । ସାଧ୍ୟ ଅଧ୍ୟବସାୟ ସ୍ଥଳରେ ଅତିଶୟୋକ୍ତି ନ ହୋଇ ଲକ୍ଷଣା ବା ଉତ୍‌ପ୍ରେକ୍ଷାଲଙ୍କାର ହୁଏ ।

ଭୂଲମଣି—ଅଲଙ୍କାର ତରଙ୍ଗିଣୀ ।]

୪ । ମାନସିକ ଚେଷ୍ଟା—4. Mental effort.

୫ । ସଂଭାବନ; ଆଶଙ୍କା—5. Apprehension.

**ଅଧ୍ୟବସାୟିତ**—ସଂ. ବ. (ଅଧି+ଅବ+ସୋ ଧାତୁ+କର୍ମ. ତ)—
**Adhyabasāyita** ଚେଷ୍ଟିତ—Attempted.

**ଅଧ୍ୟବସାୟୀ**—ସଂ. ବଣ. ପୁଂ ଅଧି+ଅବ+ସୋ ଧାତୁ+କର୍ତ୍ତୃ. ଇନ୍;
**Adhyabasāyi** ୧ମା. ୧ବ. )—୧ । ଅବିଶ୍ରାନ୍ତସଙ୍କଳ୍ପଶୀଳ—
(ଅଧ୍ୟବସାୟିନୀ—ସ୍ତ୍ରୀ) 1. Persevering.

୨ । ଉଦ୍ୟମୀ—2. Energetic.

୩ । ଦୃଢ଼ପ୍ରତିଜ୍ଞ—3. Resolute.

**ଅଧ୍ୟବସିତ**—ସଂ. ବଣ. (ଅଧି+ଅବ+ସୋ ଧାତୁ+କର୍ମ. ତ)—
**Adhyabasita** ୧ । ଚେଷ୍ଟିତ—1. Attempted.

୨ । ସଂକଳ୍ପିତ—2. Resolved; determined.

୩ । ଆଶଙ୍କିତ—3. Apprehended.

୪ । ସ୍ଥିରୀକୃତ—4. Ascertained (M. W)

**ଅଧ୍ୟବହନନ**—ସଂ. ବ. (ଅଧି+ଅବ+ହନ ଧାତୁ+ଭାବ. ଅନ)—
**Adhyabahanana** ୧ । ଥରେ କୁଟାଯାଇ ସଫା କରାଯାଇଥିବା ପଦାର୍ଥକୁ ଆଉଥରେ କୁଟିବା; ଛାଣିବା; ପୂର୍ବାବଘାତଦ୍ୱାରା ବିତୁଷୀକୃତ ପଦାର୍ଥର ପୁନରବଘାତ—1. Beating again what has once been threshed and peeled (Apte).

**ଅଧ୍ୟୟ**—ସଂ. ବ. ( ଅଧି+ଇ ଧାତୁ+ଭାବ. ଅ )—
**Adhyaya** ୧ । ଅଧ୍ୟୟନ ( ଦେଖ )
1. Adhyayana ( See )

୨ । ଅଧ୍ୟାୟ ( ଦେଖ )
2 Adhyāya ( See )

୩ । ସ୍ମରଣ—3. Remembrance ( Apte.)

**ଅଧ୍ୟୟନ**—ସଂ. ବ. ( ଅଧି+ଇ ଧାତୁ+ଭାବ. ଅନ )—
**Adhyayana** ୧ । ପାଠାଭ୍ୟାସ; ପାଠପଢ଼ା; ପଠନ—
1. Reading; study.

୨ । ବିଦ୍ୟାଶିକ୍ଷା—2. Learning.

୩ । ବେଦପାଠ—3. Reading of the Bedas.

[ ଦ୍ର—ଏହା ବ୍ରାହ୍ମଣର କର୍ତ୍ତବ୍ୟ ଷଟ୍‌କର୍ମ ମଧ୍ୟରୁ ଏକତମ; ଷଟ୍‌କର୍ମ, ଯଥା—ଅଧ୍ୟୟନ, ଅଧ୍ୟାପନ, ଦାନ, ପ୍ରତିଗ୍ରହ, ଯଜ୍ଞ ଓ ଅତିଥିସତ୍କାର । ]

**ଅଧ୍ୟୟିବା**—ଦେ. ପଦ୍ୟ. କି. ( ଅଧି+ଇ ଧାତୁ )—
**Adhyayibā** ଅଧ୍ୟୟନ କରିବା; ପାଠପଢ଼ିବା;ବେଦପାଠ କରିବା—To study; to study the Bedas.

ଯେ ଅନୁଦିନେ ଅଧ୍ୟୟନ୍ତି, ଅଶୁଭ କର୍ମ ବଳାଣନ୍ତି ।

ଜଗନ୍ନାଥ, ଭାଗବତ ୪ର୍ଥ ।

**ଅଧ୍ୟର୍ଦ୍ଧ**—ସଂ. ବଣ. ( ଅଧି=ଅଧିକ+ଅର୍ଦ୍ଧ )—
**Adhyarddha** ସାର୍ଦ୍ଧ; ଦେଢ଼; କୌଣସି ପଦାର୍ଥ ସଙ୍ଗେ ତହିଁର ଅଧେ ମିଳିତ ହୋଇ ଯେଉଁ ପରିମାଣ ହୁଏ—
One and half.

ସଂ. ବ—୧ । ପୂର୍ଣ୍ଣବସ୍ତୁ ଓ ତହିଁ ସଙ୍ଗେ ଆଉର ଅଧେ ମିଶିଥିବା—
1. One and a half.

୨ । ପବନ; ବାୟୁ—2. Wind ( Apte.)

**ଅଧ୍ୟର୍ଦ୍ଧକ**—ସଂ. ବଣ. ( ଅଧ୍ୟର୍ଦ୍ଧ+କ )—୧ । ଦେଢ଼ ପରିମିତ—
**Adhyarddhaka** 1. Amounting to one and a half.

୨ । ଦେଢ଼ ମୂଲ୍ୟର—2. Worth one and a half.

**ଅଧ୍ୟଶନ**—ସଂ. ବ. ( ଅଧି+ଅଶନ )—୧ । ଅଜୀର୍ଣ୍ଣରେ ଭୋଜନ;
**Adhyaśana** ଭୋଜନ ଉପରେ ଭୋଜନ; ଖାଦ୍ୟଦ୍ରବ୍ୟ ଜୀର୍ଣ୍ଣ ନ ହେଉଣୁ ପୁଣି ଭୋଜନ—
1. Eating too soon after a meal.

୨ । ଅତି ଭୋଜନ—
2. Excessive eating; over-feeding.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗଁା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଧ୍ୟସ୍ତ**—ସଂ. ବି. ( ଅଧି=ଉପରେ+ଅସ ଧାତୁ=କ୍ଷେପଣ କରିବା+
Adhyasta କର୍ମ. ତ)—୧ । ଅନ୍ୟ ବସ୍ତୁଉପରେ ରଖାଯାଇଥିବା—
(ଅଧ୍ୟାସ—ଦ୍ର) 1. Placed over another.
୨ । ଭୁଲକ୍ରମେ କଳ୍ପିତ—2. Wrongly supposed; attributed or imputed wrongly.

**ଅଧ୍ୟସ୍ଥ**—ସଂ. ବି. ( ଅଧି+ଅସ୍ଥି; ନିପାତନ )—ହାଡ଼ର ଉପର ଅଂଶ—
Adhyastha The upper part of a bone (M. W.)

**ଅଧ୍ୟସ୍ଥି**—ସଂ. ବି. ( ଅଧି=ଅଧିରୂଢ଼+ଅସ୍ଥି )—
Adhyasthi ହାଡ଼ ଉପରେ ଉଠିଥିବା ହାଡ଼ ( ସୁଶ୍ରୁତ )—
A bone growing over another.

**ଅଧ୍ୟା**—ଗ୍ରା. ବି. ( ସଂ. ଅଧ୍ୟାୟ )—୧ । ଅଧ୍ୟାୟ; ଗ୍ରନ୍ଥର ପରିଚ୍ଛେଦ—
Adhyā 1. Chapter of a book.

ପିଙ୍ଗଳା ଗୀତା ଅଧ୍ୟା ହେଲା ସମାପତ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୨ । ( ସଂ. ଅଧ୍ୟୟନ )— ଅଧ୍ୟୟନ; ପଠନ—
2. Reading.

ଏ ଭାରତ ଅଧ୍ୟାରେ ଶ୍ରଦ୍ଧା କରି ମନ
ପାଦେ ଯେଉଁ ଲୋକ କରଇ ଅଧ୍ୟୟନ । କୃଷ୍ଣସିଂହ. ମହାଭାରତ.ଆଦି ।

୩ । ( ସଂ. ଅଧ୍ୟାୟ ବା ହତ୍ୟା )—ଦେବତାଙ୍କ ନିକଟରେ ଅଭୀଷ୍ଟସିଦ୍ଧି ପାଇଁ ଉପବାସ କରି ପଡ଼ିରହିବା; ଧାରଣା—3. Act of lying prostrate before a deity while observing a fast to obtain one's wish.

ଅକୁଳେ ଗରୁଡ଼ସ୍ତମ୍ଭ ପାଶେ ବସେ ଅଧ୍ୟା ପଡ଼ିଥିଲେ ରାଣୀ
ନିଦ୍ରାବେଶେ ବସେ ଶୁଣିଥିଲେ ଶୁଣିଲେ ଅଶରୀରୀ ଶୂନ୍ୟବାଣୀ ।
ଭକ୍ତଚରଣ—ପାଳଙ୍ଗ ।

୪ । ( ସଂ. ଅର୍ଦ୍ଧ )—ଖଜୁରି ରସ ବା ତାଡ଼ି ପଶିବା ଛୋଟ ମାଠିଆ; ଅଧିଆ—4. Small jar for toddy.

**ଅଧ୍ୟାକ୍ରାନ୍ତ**—ସଂ. ବିଣ. ( ଅଧି+ଆ+କ୍ରମ ଧାତୁ+କର୍ମ. ତ )—
Adhyākrānta ୧ । ଆକ୍ରମଣ କରାଯାଇଥିବା—
1. Attacked.
୨ । ଅଧିକୃତ—2. Occupied; taken possession of.
୩ । ମନୋନୀତ—3. Chosen.

**ଅଧ୍ୟାତ୍ମ**—ସଂ. ବି. ( ଅଧି=ଅଧିକାର କରି+ଆତ୍ମନ୍; ଯାହା ଆତ୍ମାକୁ
Adhyātma ଅଧିକାର କରି ରହେ)—୧ । ପରମାତ୍ମା; ପରଂବ୍ରହ୍ମ—
1. The Supreme Spirit.
୨ । କାର୍ଯ୍ୟପ୍ରବର୍ତ୍ତକ ଆତ୍ମା—
2. The soul as an agent of an action.
ସଂ. ବିଣ—୧ । ଆତ୍ମାସମ୍ବନ୍ଧୀୟ—
1. Relating to the soul; spiritual.
୨ । ସ୍ୱକୀୟ; ନିଜର—2. Own; belonging to self.
୩ । ବ୍ୟକ୍ତିଗତ—3. Concerning an individual.
୪ । ପରମାତ୍ମାର ଜୀବାତ୍ମାରୂପରେ ଆବିର୍ଭାବ—
( ଭଗବଦ୍‌ଗୀତା—୮-୩ )
4. The manifestation of the Supreme Soul as an individual self.
ସଂ. ଅ—୧ । ଆତ୍ମାକୁ ଅଧିକାର କରି; ଆତ୍ମା ବିଷୟରେ—
1. Concerning the soul.
୨ । ବ୍ୟକ୍ତିଗତଭାବରେ—2. Personally; individually.
୩ । ନିଜ ବିଷୟରେ—3. Concerning self.

**ଅଧ୍ୟାତ୍ମତତ୍ତ୍ୱ**—ସଂ. ବି. ( କର୍ମଧା; ଅଧ୍ୟାତ୍ମ+ତତ୍ତ୍ୱ )—
Adhyātmatattwa ୧ । ପରମାତ୍ମା ସମ୍ବନ୍ଧୀୟ ଗୂଢ଼ରହସ୍ୟ—
1. Metaphysical learning; spiritual learning.
୨ । ଦର୍ଶନଶାସ୍ତ୍ର—2 Metaphysics.
( ଯଥା—ବେଦାନ୍ତ ବା ଉପନିଷଦମାନଙ୍କରେ ଅଧ୍ୟାତ୍ମ ତତ୍ତ୍ୱ ବର୍ଣ୍ଣିତ ଓ ବ୍ୟାଖ୍ୟାତ ହୋଇଅଛି । )

**ଅଧ୍ୟାତ୍ମବିତ୍**—ସଂ. ବିଣ. ( ଅଧ୍ୟାତ୍ମ+ବିଦ୍ ଧାତୁ+କ୍ୱିପ୍; ଅଧ୍ୟାତ୍ମବିଦ୍;
Adhyātmabit ୧ମା. ୧ବ)—ଆତ୍ମବିଦ୍ୟା ବା ଦର୍ଶନଶାସ୍ତ୍ରରେ ପାରଦର୍ଶୀ—Proficient or versed in metaphysics.

**ଅଧ୍ୟାତ୍ମବିଦ୍ୟା**—ସଂ. ବି. (ଅଧ୍ୟାତ୍ମ+ବିଦ୍ୟା)—ଅଧ୍ୟାତ୍ମତତ୍ତ୍ୱ ( ଦେଖ )
Adhyātmabidyā Adhyātmatattwa (See)

**ଅଧ୍ୟାତ୍ମଯୋଗ**—ସଂ. ବି. ( ଅଧ୍ୟାତ୍ମ+ଯୋଗ )—ଇନ୍ଦ୍ରିୟଗ୍ରାହ୍ୟ ବିଷୟ
Adhyātmajoga ମାନଙ୍କରୁ ମନକୁ ନିବୃତ୍ତ କରି ଆତ୍ମାରେ ନିବେଶନରୂପ ସାଧନ—Concentration of the mind on the soul drawing it off from all objects of sense.

**ଅଧ୍ୟାତ୍ମରାମାୟଣ**—ସଂ.ବି. (କର୍ମଧା;ଅଧ୍ୟାତ୍ମ+ରାମାୟଣ; ଯେଉଁ ରାମାୟଣରେ
Adhyātmarāmāyaṇa ଅଧ୍ୟାତ୍ମତତ୍ତ୍ୱମାନ ବର୍ଣ୍ଣିତ ହୋଇଅଛି)—ବ୍ରହ୍ମାଣ୍ଡ ପୁରାଣ ଅନ୍ତର୍ଗତ ବ୍ୟାସଦେବକୃତ ଅଧ୍ୟାତ୍ମତତ୍ତ୍ୱପୂର୍ଣ୍ଣ ରାମଚରିତ; ଏଥିରେ ରାମ ପରମାତ୍ମାରୂପେ କଳ୍ପିତ ହୋଇଅଛନ୍ତି—A Rāmāyaṇa in which Rāma is identical with the Supreme Spirit.
[ ଦ୍ର—ବାଲ୍ମୀକିରାମାୟଣ ପରି ଏହା ସାତ କାଣ୍ଡରେ ବିଭକ୍ତ । ଏଥିରେ ପ୍ରାୟ ଚାରି ହଜାର ଶ୍ଳୋକ ଅଛି । ଅଧ୍ୟାତ୍ମତତ୍ତ୍ୱପୂର୍ଣ୍ଣ ରାମଚରିତ ବର୍ଣ୍ଣନା ପ୍ରସଙ୍ଗରେ ଏଥିରେ କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ଧର୍ମ ଓ ରାଜନୀତି ଆଦି ସୁଚାରୁରୂପେ ବର୍ଣ୍ଣିତ ହୋଇଅଛି । ଏଥିର ଶେଷ କାଣ୍ଡର ପଞ୍ଚ ମସର୍ଗ 'ରାମଗୀତା' ନାମରେ ପରିଚିତ । ରାମପୂଜକ ବୈଷ୍ଣବମାନେ ଏହି ଗ୍ରନ୍ଥକୁ ପରମ ପବିତ୍ର ଧର୍ମଗ୍ରନ୍ଥରୂପେ ଗଣନା କରନ୍ତି; ଏ ଗ୍ରନ୍ଥରେ ରାମପୁରୁଷ ବା ପରମେଶ୍ୱର; ସୀତା ପ୍ରକୃତି; ହନୁମାନ ପ୍ରକୃତ ପୁରୁଷର ସେବକ ଓ ରାବଣ ପ୍ରକୃତିକୁ ହରଣ କରିବା ରିପୁରୂପେ କଳ୍ପିତ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ନ୍ଢ |

**ଅଧ୍ୟାତ୍ମିକ**—ସଂ. ବିଣ. ( ଅଧ୍ୟାତ୍ମ+ଇକ )—ଆଧ୍ୟାତ୍ମିକ; ଆତ୍ମା ସମ୍ବନ୍ଧୀୟ—
**Adhyātmika** Relating to the soul; spiritual (M.W.)

**ଅଧ୍ୟାଦେବା**—ଦେ. କ୍ରି—ଅଧ୍ୟାପଡ଼ିବା ( ଦେଖ )
**Adhyādebā** Adhyāpardibā ( See )

**ଅଧ୍ୟାନ**—ଦେ. ବି—୧ । ( ସଂ. ସନ୍ଧାନ ) ଶରସନ୍ଧାନ; ଧନୁରେ ଶର
**Adhyāna** ଯୋଖିବା –1. Fixing or setting an arrow to a bow.

ଅବ ନାସ୍ତଚରେ ଅସ୍ତ୍ରେ ଅଧ୍ୟାନ ନ କରୁଁ । ସାରଳା ମହାଭାରତ, ଉଦ୍ଯୋଗ ।

୨ । ଶରଦ୍ୱାରା ଲକ୍ଷଭେଦନ—
2. To pierce the target with an arrow.

ଶୀଳ ବାଣ ଅଧ୍ୟାନ କରସି କଣ୍ଟଉଛେ । ସାରଳା ମହାଭାରତ- ଉଦ୍ଯୋଗ ।

ଦେ. ବିଣ. ( ସଂ. ଅଧ୍ୟୟନ )—ଅଧୀତ—Learnt.

ବାର ପାବନ୍ତ ଠାବରୁ ହସେ ଚାରି ବେଦ
ଅଧ୍ୟାନ ହୋଇ ସ୍ୱରନ୍ତ ଶାସ୍ତ୍ର ସମ୍ପଦ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅଧ୍ୟାପକ**—ସଂ. ବି. ପୁଂ. (ଅଧି+ଇ ଧାତୁ ଣିଚ = ଅଧ୍ୟାପି ଧାତୁ ପଢ଼ାଇବା +କର୍ତ୍ତୃ. ଅକ )—
**Adhyāpaka**
(ଅଧ୍ୟାପିକା—ସ୍ତ୍ରୀ) ଯେ ପଢ଼ାନ୍ତି; ଶିକ୍ଷକ; ବିଦ୍ୟାଗୁରୁ; ଉପାଧ୍ୟାୟ—
Teacher; preceptor; instructor.

**ଅଧ୍ୟାପଡ଼ିବା**—ଦେ. କ୍ରି—ଦେବତାଙ୍କ ନିକଟରେ ଅଭୀଷ୍ଟସିଦ୍ଧି ପାଇଁ
**Adhyāpardibā** ଗୁହାରିଆ ପଡ଼ିବା; ଧାରଣା ଦେବା—
**हत्यादेओवी** To lie prostrate before a deity
**धनादेना** till the fulfilment of one's wish.

ଅନନ୍ତରେ ସ୍ୱୟେ ଚଣ୍ଡିକା ଦେଖିଲେ
ଅଧ୍ୟା ପଡ଼ିଥିଲେ ଭୂପତି ଅଭ୍ୟରେ । ରାଧାନାଥ, ଚନ୍ଦ୍ରଭାଗା ।

**ଅଧ୍ୟାପନ**—ସଂ. ବି. (ଅଧି+ଇ ଧାତୁ ଣିଚ = ଅଧ୍ୟାପି ଧାତୁ+ଭାବ. ଅନ)—
**Adhyāpana** ପାଠ ପଢ଼ାଇବା; ଶିକ୍ଷାଦାନ—Teaching; imparting education.

[ ଦ୍ର—ଏହା ବ୍ରାହ୍ମଣର ଷଟ୍ କର୍ମ ମଧ୍ୟରୁ ଏକତମ । ]

**ଅଧ୍ୟାପନା**—ସଂ. ବି. ( ଅଧ୍ୟାପନ+ଆ )—ଅଧ୍ୟାପନ ( ଦେଖ )
**Adhyāpanā** Adhyāpana ( See )

**ଅଧ୍ୟାପୟିତା**—ସଂ. ବି. ପୁଂ. ( ଅଧି+ଇ ଧାତୁ ଣିଚ = ଅଧ୍ୟାପି ଧାତୁ = 
**Adhyāpayita** ପାଠ ପଢ଼ାଇବା+କର୍ତ୍ତୃ. ତୃ ୧ମା. ୧ବ )—
(ଅଧ୍ୟାପୟିତ୍ରୀ—ସ୍ତ୍ରୀ) ଶିକ୍ଷକ; ଅଧ୍ୟାପକ—Teacher.

**ଅଧ୍ୟାପିକା**—ସଂ. ବି. ସ୍ତ୍ରୀ. ( ଅଧ୍ୟାପକ+ଆ )—
**Adhyāpikā** ୧ । ଶିକ୍ଷକଙ୍କ ସ୍ତ୍ରୀ; ଗୁରୁପତ୍ନୀ—
1. The wife of a teacher.

୨ । ଶିକ୍ଷୟିତ୍ରୀ; ମାଷ୍ଟରାଣୀ—2. A lady teacher

**ଅଧ୍ୟାବପନ**—ସଂ. ବି. ( ଅଧି = ଉପରେ+ଆ = ସୁଷ୍ଠୁ ରୂପେ+ବପ
**Adhyābapana** ଧାତୁ = ବୁଣିବା+ଭାବ. ଅନ)—(ଭୂମି ଆଦିର) ଉପରେ କୌଣସି ବସ୍ତୁକୁ ଇତସ୍ତତଃ ବୁଣିଦେବା—
To scatter something upon ( e.g. earth )

**ଅଧ୍ୟାବହନ**—ସଂ. ବି. ( ଅଧି+ଆ+ବହ ଧାତୁ+ଭାବ. ଅନ )—
**Adhyābahana** ଝିଅ ବଢ଼ିଲା ପରେ ପ୍ରଥମେ ଶାଶୁଘରକୁ ଯିବା; ପହିଲିପାଳି ଯିବା; ଝିଅ ଭାର ଦେଇ ଶାଶୁଘରକୁ ଯିବା—
The first journey of a married girl to her husband's home after attaining puberty.

**ଅଧ୍ୟାବାହନ**—ସଂ. ବି. ( ଅଧି+ଆ+ବହ ଧାତୁ ଣିଚ = ବାହି ଧାତୁ+
**Adhyābāhana** ଭାବ. ଅନ )—ଅଧ୍ୟାବହନ ( ଦେଖ )
Adhyābahana ( See )

**ଅଧ୍ୟାବାହନିକ**—ସଂ. ବିଣ. (ଅଧ୍ୟାବାହନ+ଇକ ) —
**Adhyābāhanika** ଅଧ୍ୟାବାହନ ସମ୍ବନ୍ଧୀୟ—
Relating to a girl's first journey to her husband's home after puberty.

ସଂ. ବି. ( ସ୍ମୃତି )—କନ୍ୟା ବାପଘରୁ ଶାଶୁଘରକୁ ପହିଲିପାଳି ଗଲାବେଳେ ବାପଘରୁ ଓ ବନ୍ଧୁବାନ୍ଧବମାନଙ୍କଠାରୁ କନ୍ୟାକୁ ଯେଉଁ ଧନ ମିଳେ । ଏହା ଏକ ପ୍ରକାର ସ୍ତ୍ରୀ ଧନ ଅଟେ—ରାମଶଙ୍କର ମନୁ ୯-୧୯୪ —
A kind of woman's special property according to Hindu law consisting of what is given to her by her parents and relations on the occasion of her first journey to her husband's home after attaining puberty.

**ଅଧ୍ୟାୟ**—ସଂ. ବି. ( ଅଧି+ଇ ଧାତୁ = ପଢ଼ିବା+କର୍ମ. ଅ; ଯାହା
**Adhyāya** ପଢ଼ାଯାଏ )—୧ । ( ଗ୍ରନ୍ଥର ଯେଉଁ ଅଂଶ ଥରକେ ପଢ଼ାଯିବା ପାଇଁ ଅଭିପ୍ରେତ ) ଗ୍ରନ୍ଥର ପରିଚ୍ଛେଦ, ସର୍ଗ—
1. Chapter of a book.

୨ । ପାଠ ପଢ଼ିବାର ଉପଯୁକ୍ତ ସମୟ—
2. Proper time for reading or for a lesson ( M. W.)

୩ । ଗ୍ରନ୍ଥର ପାଠ; ଯେଉଁ ଅଂଶକୁ ଥରକେ ପଢ଼ି ପାରନ୍ତି—
3. A lesson.

୪ । ଆବୃତ୍ତି କରାଯିବା ବା ବୋଲାଯିବା ସ୍ତୋତ୍ର—
4. Hymn which is recited.

୫ । ଅଧ୍ୟୟନ—5. Reading; study. ( Apte )

୬ । ବେଦାଧ୍ୟୟନ—6. Study of the Vedas.

୭ । ( ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ, ଯଥା—ବେଦାଧ୍ୟାୟ, ମନ୍ତ୍ରାଧ୍ୟାୟ ) ଯେ ଅଧ୍ୟୟନ କରେ ବା ପଢ଼େ—7. A reader.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଧାର' ନ ପାଇଲେ 'ଅନ୍ଧାର' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—ଏକ ସମୟରେ ପଢ଼ାଯିବା ପାଇଁ ଅଭିପ୍ରେତ ଗ୍ରନ୍ଥର ଭିନ୍ନ ଭିନ୍ନ ଅଂଶକୁ ଅଧ୍ୟାୟ, ସର୍ଗ, ବର୍ଗ, ପରିଚ୍ଛେଦ, ଉଦ୍ଘାତ, ଅଙ୍କ, ସଂଗ୍ରହ, ଉଚ୍ଛ୍ୱାସ, ପରିବର୍ତ୍ତ, ପଟଳ, କାଣ୍ଡ, ଆନନ, ପ୍ରକରଣ, ପର୍ବ, ଉଲ୍ଲାସ, ସ୍ଥାନ, ଆହ୍ନିକ, ସ୍କନ୍ଧ ଇତ୍ୟାଦି ବୋଲାଯାଏ । ]

**ଅଧ୍ୟାୟୀ**—ସଂ. ବିଣ. ପୁଂ. ( ବିଶେଷତଃ ସମାସରେ ଅନ୍ୟ ଶବ୍ଦ ପରେ
Adhyāyi ଲାଗେ । ଯଥା–ବେଦାଧ୍ୟାୟୀ; ଅଧି + ଇ ଧାତୁ + ଇନ୍;
(ଅଧ୍ୟାୟିନୀ—ସ୍ତ୍ରୀ) ୧ ମା. ୧ ବ. )—ଅଧ୍ୟୟନକାରୀ—
Studying.

**ଅଧ୍ୟାରୂଢ଼**—ସଂ. ବିଣ. ( ଅଧି + ଆ + ରୁହ ଧାତୁ + କର୍ତ୍ତୃ. ତ )—
Adhyārūrdha ୧ । (ବାହନାଦିର) ଉପରେ ଚଢ଼ିଥିବା—
(ଅଧ୍ୟାରୋହଣ—ବି) 1. Mounted on; ascended on.
୨ । ( ସମାସରେ ) ଉତ୍କୃଷ୍ଟତର—2. Superior to.
୩ । ଉଚ୍ଚକୁ ଉଠିଥିବା—
3. Elevated; raised above.
୪ । ( ସମାସରେ ) ନିକୃଷ୍ଟତର—4. Inferior to.
୫ । ଅତ୍ୟଧିକ—5. Excessive.
୬ । ଅଧିକା; ବଳକା—6. Extra; additional.
୭ । ( ସମାସରେ ) ଅପେକ୍ଷା ଅଧିକ—7. More than.
୮ । ( ସମାସରେ ) ଉପରେ—8. Above.

**ଅଧ୍ୟାରୋପ**—ସଂ. ବି. ( ଅଧି + ଆ + ରୁହ ଧାତୁ ଣିଚ; ରୋପି ଧାତୁ +
Adhyāropa ଭାବ. ଅ )—୧ । ଉପରକୁ ଉଠାଇବା—
(ଅଧ୍ୟାରୋପିତ—ବିଣ) 1. Raising; elevating.
୨ । ଭ୍ରାନ୍ତଜ୍ଞାନ—2. Erroneous knowledge
୩ । ମଞ୍ଜି ବୁଣିବା—3. Sowing ( Apte )
୪ । ( ବେଦାନ୍ତଦର୍ଶନ ) ଏକ ପଦାର୍ଥରେ ଭ୍ରମକ୍ରମେ ଅନ୍ୟ ପଦାର୍ଥର କଳ୍ପନା—
4. Wrong attribution, erroneously attributing the properties of one thing to another.
( ଯଥା—ରଜ୍ଜୁ ଦେଖି ତାହା ସର୍ପ ଥିବାର ଭ୍ରମରେ ବିଶ୍ୱାସ କରିବା ପରି ଜଡ଼ ଜଗତ୍‌କୁ ଦେଖି ତାହା ଭ୍ରମରେ ବ୍ରହ୍ମ ବା ଈଶ୍ୱର ବୋଲି କଳ୍ପନା କରିବା ।)

**ଅଧ୍ୟାରୋପଣ**—ସଂ. ବି. ( ଅଧି + ଆ + ରୁହ ଧାତୁ ଣିଚ; ରୋପି ଧାତୁ +
Adhyāropaṇa ଭାବ. ଅନ )—ଅଧ୍ୟାରୋପ ( ଦେଖ )
Adhyāropa ( See )

**ଅଧ୍ୟାରୋହଣ**—ସଂ. ବି. (ଅଧି + ଆ + ରୁହ ଧାତୁ + ଭାବ. ଅନ )—
Adhyārohaṇa ୧ । ଉପରକୁ ଚଢ଼ିବା—
(ଅଧ୍ୟାରୂଢ଼—ବିଣ) 1. Mounting up; ascending.
୨ । ଉନ୍ନତି; ଉପରକୁ ଉଠିବା—2. Elevation.
୩ । ଉତ୍କୃଷ୍ଟତା—3. Superiority.
୪ । ଆଧିକ୍ୟ—4 Excess.

**ଅଧ୍ୟାସ**—ସଂ. ବି. (ଅଧି + ଅସ ଧାତୁ = କ୍ଷେପଣ, କଳ୍ପନ + ଭାବ. ଅ )—
Adhyāsa ୧ । ଅଧ୍ୟାରୋପ ( ଦେଖ )
1. Adhyāropa ( See )
୨ । ( ଅଧି + ଆସ ଧାତୁ = ବସିବା + ଭାବ ଅନ )—
ଉପବେଶନ; ଉପରେ ବସିବା—
2. Act of sitting down upon.
୩ । ଆସନ—3. A seat.
୪ । ସଭାରେ ଅଧ୍ୟକ୍ଷତା—4. Presiding over.
୫ । ଉପନିବେଶ—5 A settlement.
୬ । ସମ୍ଭୋଗ—6. Cohabitation.

**ଅଧ୍ୟାସନ**—ସଂ. ବି. ( ଅଧି + ଆସ ଧାତୁ + ଅନ )—ଅଧ୍ୟାସ ( ଦେଖ )
Adhyāsana Adhyāsa ( See )

**ଅଧ୍ୟାସନ ଯୋଗ**—ସଂ. ବି—ବୌଦ୍ଧମାନଙ୍କର ଏକପ୍ରକାର ଧ୍ୟାନ—
Adhyāsana Joga A kind of meditation amongst the Buddhists.

**ଅଧ୍ୟାସିତ**—ସଂ. ବି. (ଅଧି + ଆସ ଧାତୁ + କର୍ତ୍ତୃ. ତ)—
Adhyāsita ୧ । ଉପବିଷ୍ଟ—1. Seated upon.
୨ । ବାସ କରାଯାଇଥିବା—2. Inhabited.
୩ । ସଭାପତିଙ୍କ ଆସନରେ ଉପବିଷ୍ଟ—
3. Seated in a presidential chair.
୪ । ଅଧିଷ୍ଠିତ; ପ୍ରତିଷ୍ଠିତ—4. Settled.

**ଅଧ୍ୟାସୀ**—ସଂ. ବିଣ. ପୁଂ. (ଅଧି + ଆସ ଧାତୁ + କର୍ତ୍ତୃ. ଇନ୍ ୧ମା.୧ବ.)—
Adhyāsi ୧ । ଉପବେଶନ କରିଥିବା; ଅଧିରୂଢ଼—
(ଅଧ୍ୟାସିନୀ—ସ୍ତ୍ରୀ) 1. Sitting down.
୨ । ଉପରେ ବସିଥିବା—2. Seated upon.

**ଅଧ୍ୟାସୀନ**—ସଂ. ବି. ପୁଂ. (ଅଧି + ଆସ ଧାତୁ + କର୍ତ୍ତୃ. ଈନ )—
Adhyāsina ଉପରେ ବସିଥିବା—Seated upon.
(ଅଧ୍ୟାସୀନା—ସ୍ତ୍ରୀ)

**ଅଧ୍ୟାହରଣ**—ସଂ. ବି. (ଅଧି + ଆ + ହୃ ଧାତୁ + ଭାବ. ଅନ)—
Adhyāharaṇa ୧ । ଊହ; ରଚନାରେ କୌଣସି ବାକ୍ୟ ଉହ୍ୟ କରିବା—1. Ellipsis; a gap left in a composition.
ଅଧ୍ୟାହରଣୀୟ, ଅଧ୍ୟାହର୍ତ୍ତବ୍ୟ, ଅଧ୍ୟାହୃତ } ବିଣ.
୨ । ଉହ୍ୟ ବାକ୍ୟର ପୂରଣ—
2. Supplying of an ellipsis.
୩ । ଅନୁମାନ; ତର୍କଣା—
3. Supposition; inference; conjecture.

**ଅଧ୍ୟାହାର**—ସଂ. ବି. ( ଅଧି + ଆ + ହୃ ଧାତୁ + ଭାବ. ଅ )—
Adhyāhāra ଅଧ୍ୟାହରଣ ( ଦେଖ )
(ଅଧ୍ୟାହୃତ —ବିଣ) Adhyāharaṇa ( See )
କାଞ୍ଚି ମାଳା ମଧ୍ୟରେ ଡାକିବାର
କଲା ଏମନ୍ତ ବିଧି ଅଧ୍ୟାହାର । ଦୀନକୃଷ୍ଣ· ରସକଲ୍ଲୋଳ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଙ୍ଘ | ଙ୍ଖ | ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଙ୍ଘ | ଞ୍ଛ | ନ୍ତ |

**ଅଧ୍ୟାହାର୍ଯ୍ୟ**—ସଂ. ବଣ. (ଅଧି+ଆ+ହୃ ଧାତୁ+କର୍ମ. ଯ)—
Adhyāhārjya ୧ । (ବ୍ୟାକରଣ) ଉହ୍ୟ—
1. (grammar) Understood.
୨ । ଯେଉଁ ଉହ୍ୟ ବାକ୍ୟ ପୂରଣ କରିଯିବା ଉଚିତ—
2. That which is to be filled up.

**ଅଧ୍ୟୁଷିତ**—ସଂ. ବଣ. (ଅଧି+ବସ ଧାତୁ+କର୍ମ. ତ)—
Adhyushita ୧ । ଯେଉଁ ସ୍ଥାନରେ ବାସ କରିଯାଏ—
1. Inhabited.
୨ । ଅଧିକୃତ (ସ୍ଥାନ)—2. Occupied (place)
୩ । ଅଧ୍ୟାସିତ (ଦେଖ)
3. Adhyāsita (See)
୪ । ଉପବିଷ୍ଟ—4. Seated on.

**ଅଧ୍ୟୁଷ୍ଟ**—ସଂ. ବଣ. (ଅଧି+ବସ ଧାତୁ+ତ)—
Adhyushṭa ୧ । ପ୍ରସିଦ୍ଧ; ବିଖ୍ୟାତ—1. Celebrated.
୨ । (ସଂ. ଅର୍ଦ୍ଧ ଚତୁର୍ଥ+ପ୍ରା. ଅଧୁଟ୍ଠ) ସାଢ଼େ ତିନି; ସାର୍ଦ୍ଧତ୍ରି—
2. Three and a half (M. W.)

**ଅଧ୍ୟୁଷ୍ଟବଳୟ**—ସଂ. ବଣ. (ବହୁବ୍ରୀହି; ଅଧ୍ୟୁଷ୍ଟ+ବଳୟ)—
Adhyushṭabaḻaya ତିନି ଥର ଅଧେ ଗୁଡ଼େଇ ହୋଇ ଥିବା ମୁଦଥି ପରି (ଯଥା—ସାପର କୁଣ୍ଡଳ)—
Forming a ring coiled up three and half times (as a snake)

**ଅଧ୍ୟୁଷ୍ଟ୍ର**—ସଂ. ବି. (ଅଧି+ଉଷ୍ଟ୍ର)—ଓଟ ଟଣା ଗାଡ଼ି—
Adhyushṭra A conveyance drawn by camels.

**ଅଧ୍ୟୂଢ଼**—ସଂ. ବଣ. (ଅଧି+ବହ ଧାତୁ+କର୍ମ. ତ)—
Adhyūrdha ୧ । ଉପରେ ଝୁଲୁଥିବା—
1. Hanging over (Apte)
୨ । ବୃଦ୍ଧିଶୀଳ; ସମୃଦ୍ଧ—2. Affluent.
୩ । ଉନ୍ନତ—3. Exalted; Maised.
୪ । ପ୍ରଚୁର—4. Abundant.
ସଂ. ବି. ପୁଂ—ବିବାହ ପୂର୍ବରୁ ଗର୍ଭ ହୋଇଥିବା ସ୍ତ୍ରୀର ସନ୍ତାନ—
The son of a woman pregnant before marriage (M. W.)

**ଅଧ୍ୟୂଢ଼ଜ**—ସଂ. ବି. ପୁଂ. (ଅଧ୍ୟୂଢ଼ା+ଜନ ଧାତୁ+ଅ)—ବିବାହ ପୂର୍ବରୁ
Adhyūrdhaja ଗର୍ଭ ଧାରଣ କରିଥିବା ସ୍ତ୍ରୀର ସନ୍ତାନ—
The son of a woman pregnant before marriage (M. W.)

**ଅଧ୍ୟୂଢ଼ା**—ସଂ. ବି. ସ୍ତ୍ରୀ. (ଅଧି+ବହ ଧାତୁ+ତ+ଆ)—
Adhyūrdhā ଦ୍ୱିତୀୟବାର ବିବାହ କରିଥିବା ପୁରୁଷର ପ୍ରଥମା ଭାର୍ଯ୍ୟା; ଅଧିବିନ୍ନା—A wife whose husband has married an additional wife.

**ଅଧ୍ୟୂଧ୍ନୀ**—ସଂ. ବି. ସ୍ତ୍ରୀ. (ଅଧି+ଉଧସ୍ ଧାତୁ+ନନ୍+ଈ)—
Adhyūdhnī ଖୁବ୍ ବଡ଼ ପଧା ଥିବା ଗାଈ—A cow with full and fat udders.

**ଅଧ୍ୟୂହନ**—ସଂ. ବି. (ଅଧି+ଉହ ଧାତୁ+ଭାବ. ଅନ)—
Adhyūhana ଦେହରେ (ପାଉଁଶ) ବୋଳ ହେବା—
Putting on a layer (of ashes).

**ଅଧ୍ୟେତବ୍ୟ**—ସଂ. ବଣ. (ଅଧି+ଇ+କର୍ମ. ତବ୍ୟ)—
Adhyetabya ପଢ଼ା ଯିବା ଯୋଗ୍ୟ; ଅଧ୍ୟୟନ ଯୋଗ୍ୟ—
Fit or proper to be read; readable.

**ଅଧ୍ୟେତା**—ସଂ. ବି. ପୁଂ. (ଅଧି+ଇ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Adhyetā ଅଧ୍ୟୟନକାରୀ ଶିଷ୍ୟ; ଛାତ୍ର—A student.
(ଅଧ୍ୟେତ୍ରୀ—ସ୍ତ୍ରୀ)

**ଅଧ୍ୟେଷଣ**—ସଂ. ବି. (ଅଧି=ଇଷ ଧାତୁ+ଇଚ୍ଛା କରିବା+ଭାବ. ଅନ)—
Adhyeshaṇa ୧ । ଜିଜ୍ଞାସା—1 Questioning.
୨ । ପ୍ରାର୍ଥନା—2. Prayer.
୩ । ଗୁରୁଙ୍କ ସନ୍ଥ ମାଗିବା—
3. Soliciting instruction.

**ଅଧ୍ୟେଷଣା**—ସଂ. ବି. (ଅଧ୍ୟେଷଣ+ଆ)—ଅଧ୍ୟେଷଣ (ଦେଖ)
Adhyeshaṇā Adhyeshaṇa (See)

**ଅଧ୍ରିୟମାଣ**—ସଂ. ବଣ. (ଅ+ଧୃ ଧାତୁ+କର୍ମ. ଆନ)—
Adhriyamāṇa ୧ । ଧରି ହୋଇ ନ ଥିବା—1. Not held.
୨ । ମୃତ—2. Dead (M. W.)
୩ । ମିଳୁ ନ ଥିବା—3. Not forth-coming

**ଅଧ୍ରୁବ**—ସଂ. ବଣ. (ଅ+ଧ୍ରୁବ)—
Adhruba ୧ । ଅନିଶ୍ଚିତ—1. Uncertain.
୨ । ଅସ୍ଥାୟୀ—2. Not permanent.
୩ । ଅସ୍ଥିର—3. Not fixed.
୪ । ସନ୍ଦେହଜନକ—4. Doubtful.

**ଅନ୍** (ଧାତୁ)—ସଂ.—୧ । ନିଃଶ୍ୱାସ ମାରିବା—
An (root) 1. To breath; to gasp.
୨ । ଶବ୍ଦ କରିବା—2. To make a noise.
୩ । ଗତି କରିବା—3. To move; to go.

**ଅନ୍ ଆୟତ୍**—ପ୍ରାଦେ. (ସମ୍ବଲପୁର) ବଣ. (ସଂ. ଅନାୟତ୍ତ)—
An āyat ଅନାୟତ୍ତ; ଅଧୀନତା ବହିର୍ଭୂତ—
Beyond control.
[ ଦ୍ର—ସମ୍ବଲପୁରରେ ନଞର୍ଥକ ସଂସ୍କୃତ ଅନ, ଓଡ଼ିଆ ଅଣ ସ୍ଥାନରେ ଅନ୍ ଉଚ୍ଚାରଣ ହୁଏ । ]

**ଅନ୍ ଉସାର୍**—ପ୍ରାଦେ. (ସମ୍ବଲପୁର) ବଣ—ଅଣଓସାରିଆ; ଅପ୍ରଶସ୍ତ;
An usār ସଂକୀର୍ଣ୍ଣ—Narrow.

**ଅନ୍‌କା**—ପ୍ରାଦେ. (ସମ୍ବଲପୁର) ବି—ଅଣକ (ଦେଖ)
Ankā Aṇaka (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନ୍‌ଖି**—ପ୍ରାଦେ. (ସମ୍ବଲପୁର) ବିଣ—ଅନର୍ଘ; ଅମୂଲ୍ୟ—
Ankhi Invaluable.

**ଅନ୍‌ଗିନ୍‌ତି**—ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. ଅଗଣିତ) (ଭୁଲ ହି.
Anginti ଅନ୍‌ଗିନତ୍ )—ଅସଂଖ୍ୟ; ଅଗଣିତ; ଅଗଣ୍ୟ—
Uncountable; countless.

**ଅନ୍‌ତେ**—ପ୍ରାଦେ. ( ଲଡ଼ଆ ) ଅ. ( ସଂ. ଅନ୍ୟତ୍ର )—
Ante ଅନ୍ୟତ୍ର; ଅନ୍ୟ ସ୍ଥାନରେ—Elsewhere

**ଅନ୍‌ବନାଉ**—ପ୍ରାଦେ. (ସମ୍ବଲପୁର) ବି—ଅନବନାଉ ( ଦେଖ )
Anbanāu Anabanāu ( See )

**ଅନ୍‌ଭନିଆଁ**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଅନଭିଜ୍ଞ)—
Anbhaniañ ଅନଭିଜ୍ଞ—Ignorant

**ଅନ୍‌ମାନ୍**—ପ୍ରାଦେ. (ଜାଜପୁର) ଅ—ସୁଦ୍ଧା; ମଧ୍ୟ—
Anmān Even; even though.

**ଅନ୍‌ସର୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅନବସର)—ଅଣସର (ଦେଖ)
Ansar Aṇasara ( See )

**ଅନଅନୁଭବୀ**—ଗ୍ରା. ବିଣ. ( ସଂ. ଅନନୁଭବୀ )—
Anaanubhabī ଯେ ଅନୁଭବୀ ନୁହେ—Inexperienced.

ବଳମ୍ବେ ଗମେ ରସିକା ଅନଅନୁଭବୀ ।
ଭଞ୍ଜ• କୋଟିବ୍ରହ୍ମାଣ୍ଡସୁନ୍ଦରୀ ୩୪।୨୨ ।

**ଅନଉଚିତ**—ଗ୍ରା. ଓ ପଦ୍ୟ. ବିଣ. ( ସଂ. ଅନୁଚିତ )—ଅନୁଚିତ—
Anauchita Improper

ବଳମ୍ବ କଲେ ଅନଉଚିତ ମୋହର । କୃଷ୍ଣସିଂହ ମହାଭାରତ• ଆଦି ।

**ଅନଉଳି**—ଦେ. ବିଣ. ( ସଂ. ଅନୋଦନ=ଅପକ୍ୱ ଖାଦ୍ୟଦ୍ରବ୍ୟ )—
Anauḻi ଅନ୍ନ ଛଡ଼ା ଅନ୍ୟ ଖାଦ୍ୟ ( ଦ୍ରବ୍ୟ ); ଶୀତଳ (ସାମଗ୍ରୀ);
আরাঁধা ନିଶଙ୍ଗୁଡ଼ି; ଅରନ୍ଧା (ଖାଦ୍ୟ)—
**নিখরী** Uncoocked (food).
(ଶଙ୍ଗୁଡ଼ି—ବିପରୀତ) ଦେ. ବି—ଅରନ୍ଧା ଖାଦ୍ୟ—
Uncooked food.

**ଅନଓଳି**—ଦେ• ବିଣ. ଓ ବି—ଅନଉଳି ( ଦେଖ )
Anaoḻi Anauḻi ( See )

**ଅନଂଶ**—ସଂ. ବିଣ. ( ବହୁବ୍ରୀହି; ନ+ଅଂଶ )—
Anamśa ୧ । ଯେ ହିସ୍ସା ପାଇବାକୁ ହକ୍‌ଦାର୍ ନୁହେ—
1. Not entitled to a share.
୨ । ଯାହାର ଭାଗ ନାହିଁ—2. Portionless

**ଅନକ**—ସଂ. ବିଣ. ( ଅନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅକ; ଯେ
Anaka ଗୋଳମାଳ କରେ )—
ନୀଚ; ଅଭଦ୍ର (ବ୍ୟକ୍ତି)—Lowbred (person)
( literally boisterous )

**ଅନକ ଅବସ୍ଥା**—ଗ୍ରା. ବି (ସଂ. ଅନେକ+ଅବସ୍ଥା)—୧ । ଅଧମାବସ୍ଥା;
Anaka abastā ନାନା ଦୁଃଖ—1. Miseries.
সাত অবস্থা ୨ । ବହୁ ହୀନ ଦଶା—2. Vicissitudes of fortune; series of misfortunes.

**ଅନକ ଅବସ୍ତୀ**—ଗ୍ରା. ବିଣ. ସ୍ତ୍ରୀ ( ସଂ. ଅନେକ+ଅବସ୍ଥା )—ଯେଉଁ ସ୍ତ୍ରୀ
Anaka abastī ଅନେକ ଅବସ୍ଥା ଭୋଗ କରିଛି ବା କରିବ;
ସ୍ତ୍ରୀମାନଙ୍କ ପ୍ରତି ପ୍ରଯୁଜ୍ୟ ଗାଳି )—୧ । ହତଭାଗିନୀ—
1. Unfortunate (woman).
୨ । ଅଲକ୍ଷଣୀ—2. (a woman) Of evil omen.
୩ । ଅମଙ୍ଗୁଳୀ—3. Inauspicious.

**ଅନକା**—ପ୍ରାଦେ. (ସମ୍ବଲପୁର) ବି—ଅଣକ—Wooden spoon.
Anakā

**ଅନକାପଲ୍ଲୀ**—ଦେ. ବି. (ନାମ)—ବିଶାଖାପଟ୍ଟଣା ଜିଲ୍ଲାର ଗୋଟିଏ ବଡ଼
Anakāpallī ଗ୍ରାମ—Name of a village in the district of Vizag.

[ଦ୍ର—ଏଠାରୁ ଦେଶୀ ଘିଅ ବିଦେଶକୁ ଅନେକ ପରିମାଣରେ ପଠାଯାଏ । ଏଠାରେ ସରକାରଙ୍କର ଗୋଟିଏ ଆଦର୍ଶ କୃଷିକ୍ଷେତ୍ର (Agricultural farm) ଅଛି । ନିକଟବର୍ତ୍ତୀ ଗୋଟିଏ ଛୋଟ ପାହାଡ଼ରେ ପ୍ରକାଣ୍ଡ ପଥରରେ ବୁଦ୍ଧଦେବଙ୍କର ଗୋଟିଏ ବିଗ୍ରହ ଖୋଳା ହୋଇ ରହିଅଛି । ଏଠାରେ ବୌଦ୍ଧ ସନ୍ନ୍ୟାସୀମାନଙ୍କର ଆଶ୍ରମ ଥିବାର କେତେକ ଭଗ୍ନାବଶେଷରୁ ଜଣାଯାଏ । ଏହି ପାହାଡ଼କୁ ତେଲୁଗୁରେ 'ବୋଦ୍ଧାକୋଣ୍ଡା' କହନ୍ତି ।]

**ଅନକୁଳ**—ଗ୍ରା. ବି. ( ସଂ. ଅନୁକୂଳ )—
Anakuḻa ୧ । ଯାତ୍ରା ଓ ମଙ୍ଗଳ କାର୍ଯ୍ୟ ଆରମ୍ଭ କରିବାପାଇଁ ଜ୍ୟୋତିଷ ମତରେ ଶୁଭ ମୁହୂର୍ତ୍ତ—
1. Propitious time for beginning work or starting for a place.

ତୁ ଏହି ଅନକୁଳେ ଆସ, ରମଣୀରତ୍ନ ଘେନ ବସ ।
ଭୂପତି—ପ୍ରେମପଞ୍ଚାମୃତ ।

୨ । ଆରମ୍ଭ—2. Beginning.
( ଯଥା—ମୁଁ ୧୯୩୦ ରେ ଭାଷାକୋଷର ପାଣ୍ଡୁଲିପିମାନ ସାଫି କରିବା ଅନକୁଳ କଲି । )
୩ । ଯାତ୍ରାରମ୍ଭ—3. Beginning of a journey; a start.

ଯେବେ ଶୁଣନ୍ତି ରିପୁ ବଳ, ସେହି ଶବଦେ ଅନକୁଳ ।
ଭୂପତି—ପ୍ରେମପଞ୍ଚାମୃତ ।

**ଅନକୁଳବିରାଡ଼ି**—ଗ୍ରା. ବି—ଅମଙ୍ଗୁଳିଆ; କୌଣସି ଶୁଭ କାର୍ଯ୍ୟ ଆରମ୍ଭ
Anakuḻabirāṛi କଲାବେଳେ ବା ଯାତ୍ରାରମ୍ଭ କଲାବେଳେ
অমঙ্গলে ଯେଉଁ ବ୍ୟକ୍ତିର ମୁହଁ ଚାହିଁବା ଅଶୁଭଜନକ
**মনহুস** ବୋଲି ଲୋକେ ବିଶ୍ୱାସ କରନ୍ତି—
An inauspicious person; a person with an evil reputation to the effect that if his face be seen by a person starting on a mission, the mission will end in failure.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଊ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ୟ | ଇଅ | ଓ | ହ୍ଣ |

[ ଦ୍ର—ପ୍ରବାଦ ଅଛି ଯେ ଅନୁକୂଳ କରିବା ସମୟରେ ବିସ୍ତିଡ଼ ଛୁଆଖୋଇ ହେଲେ ଅଶୁଭ ଫଳ ଘଟେ, ଏହି ପ୍ରବାଦ ବା ଲୋକ-ବିଶ୍ୱାସରୁ ଏ ଶବ୍ଦର ବ୍ୟବହାର । ]

**ଅନକ୍ଷ**—ସଂ. ବିଣ. ( ନ+ଅକ୍ଷ )—
Anaksha ୧ । ଚକ୍ରରହିତ; ଚକ୍ରହୀନ—1. Wheelless.
୨ । ଯାହାର ଅକ୍ଷ ନାହିଁ—2. Without an axle-tree.
୩ । ଇନ୍ଦ୍ରିୟହୀନ—3. Devoid of the senses.
୪ । (ବୈଦିକ) ଚକ୍ଷୁହୀନ; ଅନ୍ଧ—4 Blind ( M. W. )

**ଅନକ୍ଷର**—ସଂ. ବିଣ. ପୁଂ. ( ନ+ଅକ୍ଷର )—
Anakshara ୧ । ଅବ୍ୟକ୍ତ; କହିବାର ଅଯୋଗ୍ୟ —
1. Unfit to be uttered ( M. W.) unspeakable.
୨ । ଅକ୍ଷରଉଚ୍ଚାରଣ କରିବାକୁ ଅସମର୍ଥ—2. Unable to articulate a syllable ( M. W. );
୩ । ମୂକ—3. Mute; dumb (Apte)
୪ । ନିରକ୍ଷର; ମୂର୍ଖ—4. Unlettered (M. W.)
ସଂ. ବି—୧ । ତିରସ୍କାର ବାକ୍ୟ—
1 Abusive language.
୨ । ଅବକ୍ତବ୍ୟ ବଚନ—2. Unspeakable words.
୩ । ଗାଳି—3. Censure; abuse.
୪ । ନିନ୍ଦା—4. Blame.
ଦେ. ବିଣ. ( ସଂ. ଅକ୍ଷର )—ଅକ୍ଷୟ—Indestructible.
ଅବ୍ୟକ୍ତ ଅନକ୍ଷର ସୂକ୍ଷ୍ମ ସନାତନ, ସମସ୍ତ ଋଷିଙ୍କର ହୃଦୟରତନ ।
କୃଷ୍ଣସିଂହ ମହାଭାରତ. ଦ୍ରୋଣ ।

**ଅନକ୍ଷି**—ସଂ. ବି. ( ନ+ଅକ୍ଷି )—ଅପ୍ରଶସ୍ତ ବା ରୁଗ୍ଣ ଅକ୍ଷି—
Anakshi A bad eye; a diseased eye.

**ଅନଖି**—ପ୍ରାଦେ. ( ସମ୍ବଲପୁର ) ବିଣ—
Anakhi ଅନର୍ଘ; ଅମୂଲ୍ୟ—Invaluable.

**ଅନଗାର**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅଗାର )—
Anagāra ଗୃହଶୂନ୍ୟ—Houseless.
(ଅନଗାରୀ—ସ୍ତ୍ରୀ) ସଂ. ବି—ଭ୍ରମଣକାରୀ ଭିକ୍ଷୁ—
A vagrant ascetic.

**ଅନଗାରିକ**—ସଂ. ବି. (ଅନଗାର+ଇକ)—ଗୃହହୀନ ଭିକ୍ଷୁର ଜୀବନ—
Anagārika The homeless life of a vagrant ascetic ( M. W. )
ସଂ. ବିଣ. ପୁଂ—ବୌଦ୍ଧ ଭିକ୍ଷୁଙ୍କ ଉପାଧି—
Title of Buddhist ascetics.

**ଅନଗ୍ନି**—ସଂ. ବି. ( ବହୁବ୍ରୀହି; ନ+ଅଗ୍ନି )—
Anagni ୧ । ଅଗ୍ନିଛଡ଼ା ଅନ୍ୟବସ୍ତୁ—1. Nonfire; a substance other than fire.
୨ । ଅଗ୍ନିର ଅଭାବ—2. Absence of fire.
ସଂ. ବିଣ—୧ । ଅଗ୍ନିହୀନ—1 Fireless.
୨ । ଯାହାର ଅଗ୍ନିର ଆବଶ୍ୟକତା ନାହିଁ—
2 Not requiring fire.
୩ । ଯେ ଗୃହରେ ଯଜ୍ଞାଗ୍ନି ରକ୍ଷା କରେ ନାହିଁ—3. Not maintaining the sacrificial fire at home.
୪ । ଯେ ନିଆଁ ବ୍ୟବହାର କରେ ନାହିଁ—
4. Not using the fire.
୫ । ଜାଠରାଗ୍ନିରହିତ—5. Dyspeptic ( M. W. )
୬ । ଅବିବାହିତ—6. Unmarried ( M. W. )
୭ । ଅଧାର୍ମିକ—7. Irreligious ( M. W.)
୮ । ଯାହାର ଶବ ଦାହ ହୁଏ ନାହିଁ—8. Uncremated.

**ଅନଗ୍ନିଦଗ୍ଧ**—ସଂ. ବିଣ. ( ନ+ଅଗ୍ନିଦଗ୍ଧ )—
Anagnidagdha ଯାହାର ଶବ ଅଗ୍ନିଦଗ୍ଧ ହୋଇ ନ ଥାଏ—
Uncremated.
ସଂ. ବି—ପିତୃଲୋକବିଶେଷ; ଯେଉଁମାନଙ୍କର ଶ୍ମଶାନପ୍ରାପ୍ତି ହୋଇ ନାହିଁ—A class of nanes (Apte)
[ ଦ୍ର—ଅଗ୍ନିଦଗ୍ଧ, ଅନଗ୍ନିଦଗ୍ଧ, କାବ୍ୟ, ବର୍ହିଷଦ, ଅଗ୍ନିଷ୍ୱାତ୍ତ, ସୌମ୍ୟ ଏମାନେ ସମସ୍ତେ ବ୍ରାହ୍ମଣମାନଙ୍କର ପିତୃଲୋକ ବୋଲନ୍ତି ।
ରାମଶଙ୍କର. ମନୁ ୩-୧୯୯ । ]

**ଅନଘ**—ସଂ. ବିଣ. (ବହୁବ୍ରୀହି ନ+ଅଘ)—
Anagha ୧ । ନିଷ୍ପାପ; ପାପଶୂନ୍ୟ—1. Sinless.
(ଅନଘା—ସ୍ତ୍ରୀ) ୨ । ନିଷ୍କଳଙ୍କ—2. Stainless.
୩ । ନିର୍ଦ୍ଦୋଷ—3. Faultless.
୪ । ସୁନ୍ଦର—4. Beautiful; graceful; handsome.
୫ । ଅନାହତ—5. Uninjured; unhurt (M.W.)
୬ । ଅବିପନ୍ନ—6. Without danger; safe (Apte)
୭ । ଦୁଃଖହୀନ—7. Without grief or sorrow.
୮ । ନିର୍ମଳ—8. Pure; spotless.
ସଂ. ବି—୧ । ଧଳାସୋରିଷ—1. White mustard.
୨ । ବିଷ୍ଣୁ—2. A name of Bishṇu.
୩ । ଶିବ—3. A name of Śiba.
୪ । ଗନ୍ଧର୍ବ—4. A divine chorister.
୫ । ସିଦ୍ଧ—5 An aerial being.

**ଅନଙ୍କୁଶ**—ସଂ. ବିଣ. ( ବହୁବ୍ରୀହି; ନ+ଅଙ୍କୁଶ )—
Anaṅkuśa ୧ । ନିରଙ୍କୁଶ—1. Unrestrained.
୨ । ଅଶାସ୍ୟ—2. Unruly; ungovernable.

**ଅନଙ୍ଗ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅଙ୍ଗ )—
Anaṅga ୧ । ଅଙ୍ଗହୀନ; ଅଦେହ—
1. Bodiless; incorporeal.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୯ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୯ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୯ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୨ । ନିରାକାର—2 Formless; shapeless.

୩ । ଯାହାର ଅଙ୍ଗ ନାହିଁ—
3. Without a supplement or auxiliary.

ସଂ. ବି. ପୁଂ—୧ । କାମଦେବ—1. God cupid.

[ ଦ୍ର—ତପସ୍ୟାରତ ଶିବଙ୍କ ପାଖରେ ପାର୍ବତୀ ଉପସ୍ଥିତ ହେବାରୁ ଏ ହର ପାର୍ବତୀଙ୍କୁ ଲକ୍ଷ୍ୟ କରି ଶର ମାରିବାରୁ ଶିବ କ୍ରୁଦ୍ଧ ହୋଇ ଏହାଙ୍କୁ ତୃତୀୟ ଚକ୍ଷୁନିର୍ଗତ ଅଗ୍ନିଦ୍ୱାରା ଭସ୍ମ କରିଥିବାରୁ ଏହି ନାମ । ]

୨ । କାମ ପ୍ରବୃତ୍ତି—2. Lascivious hankering.

୩ । ଆକାଶ—3. The sky.

୪ । ମନ—4, The mind.

**ଅନଙ୍ଗକ୍ରୀଡ଼ା**—ସଂ. ବି. ( ମଧ୍ୟପଦଲୋପୀ; ଅନଙ୍ଗସମ୍ବନ୍ଧୀୟ କ୍ରୀଡ଼ା )—
**Anangakrirdā** ୧ । କାମକ୍ରୀଡ଼ା; ରତି; ମୈଥୁନ—
1, Coition; amorous sport.

୨ । ସଂସ୍କୃତ ଛନ୍ଦୋବିଶେଷ; ଏଥିରେ ୧ମ ପାଦରେ ୧୬ ଟି ଦୀର୍ଘ ଓ ୨ୟ ପାଦରେ ୩୨ ଟି ହ୍ରସ୍ୱ ଅକ୍ଷର ଥାଏ—
2. Name of a Sanscrit metre of two lines.

**ଅନଙ୍ଗଚନ୍ଦ୍ରଧ୍ୱଜ**—ଦେ. ନାମ—କୃଷ୍ଣଚନ୍ଦ୍ରବଂଶୀୟ ରାଜା । ଏହାଙ୍କ ବଂଶରେ
**Anangachandradhwaja** ବିଶ୍ୱାମିତ୍ର ଋଷି ଜନ୍ମିଥିଲେ—
Name of a king of ancient India.

**ଅନଙ୍ଗଦ**—ସଂ. ବିଣ. ( ଅନଙ୍ଗ + ଦା ଧାତୁ + କର୍ତ୍ତୃ ଅ )—
**Anangada** ୧ । କାମୋଦ୍ଦୀପକ—1. Inspiring love.

୨ । ( ନ + ଅଙ୍ଗଦ )—ଅଙ୍ଗଦବିହୀନ—
2. Without a bracelet.

**ଅନଙ୍ଗଦେବୀ**—ଦେ. ( ନାମ )—କାଶ୍ମୀରର ଜନୈକ ରାଣୀ—
**Anangadebī** Name of a queen of Kāsmīra.

**ଅନଙ୍ଗପୀଡ଼ା**—ସଂ. ବି. ( ମଧ୍ୟପଦଲୋପୀ; ଅନଙ୍ଗ + ପୀଡ଼ା )—
**Anangapirdā** ୧ । କାମଜ ଖେଦ; କାମୋଦ୍ରେକଜନିତ ଦୁଃଖ; କାମ ପ୍ରବୃତ୍ତି ଚରିତାର୍ଥ ନ ହେବାରୁ ଯେଉଁ ମାନସିକ ଅଶାନ୍ତି ଓ ଶାରୀରିକ କଷ୍ଟ ଅନୁଭୂତ ହୁଏ—
1. Uneasiness due to one's passions not being satisfied.

**ଅନଙ୍ଗଭୀମଦେବ**—ଦେ. ବି. ନାମ—ଉତ୍କଳର ଗଙ୍ଗ ବଂଶର ସପ୍ତମ ଓ
**Anangabhīmadeba** ବିଖ୍ୟାତ ରାଜା—The seventh and a very powerful king of the Ganga dynasty of Utkaḷa.

[ ଦ୍ର—ସିଂହାସନାରୋହଣ ଖ୍ରୀ. ୧୧୮୯—ମୃତ୍ୟୁ ଖ୍ରୀ. ୧୨୨୩; ଏ ଅସାଧାରଣ ଦାନୀ ଓ ପ୍ରଜାହିତୈଷୀ ଥିଲେ । ଏ ୬୦ ଟି ଦେଉଳ, ୧୦ ଟି ସେତୁ, ୧୪ ଟି ବାପ୍ପୀ, ୨୦ ଟି ପୋଖରୀ ଓ ୧୫୨ ଘାଟ ନିର୍ମାଣ କରିଥିଲେ ଏବଂ ୪୫୦ ଟି ବ୍ରାହ୍ମଣଶାସନ ବସାଇଥିଲେ । ଏ ପୁରୀର ଜଗନ୍ନାଥ ମହାପ୍ରଭୁଙ୍କୁ ଦଶ ହଜାର ମାଢ଼ ସୁନା ଦେଇ ତାହା ଭିନ୍ନ ଭିନ୍ନ କାର୍ଯ୍ୟରେ ଖଞ୍ଜା କରିବା ବିଷୟ ମାଦଳାପାଞ୍ଜିରେ ଲେଖା ଅଛି । ଏ ଗରିବମାନଙ୍କ ପାଇଁ ଅନ୍ନସତ୍ର ସ୍ଥାପନ କରି ସେଥିପାଇଁ ଦଶ ହଜାର ଭରଣ ଧାନ ଖରଚ କରିଥିଲେ । ଏ ଶତ ଶତ ରାଜମାର୍ଗ ପ୍ରସ୍ତୁତ କରାଇ ମାର୍ଗର ଉଭୟ ପାର୍ଶ୍ୱରେ ଅନେକ ଚଟିଘର ତୋଳାଇ ପଥିକମାନଙ୍କର ବିଶେଷ ସୁବିଧା କରି ଦେଇଥିଲେ । ଏହାଙ୍କ ପ୍ରପିତାମହ ଚୋଡ଼ଗଙ୍ଗ ଦେବ ଆରମ୍ଭ କରିବା ଜଗନ୍ନାଥ ମନ୍ଦିର ଓ ଜଗମୋହନକୁ ସମ୍ପୂର୍ଣ୍ଣ ନିର୍ମାଣ କରିବାରେ ଏ ସାଢ଼େ ବାର ଲକ୍ଷ ମାଢ଼ ସୁନା, ଅଢ଼େଇ ଲକ୍ଷ ମାଢ଼ ସୁନା ମୂଲ୍ୟର ରତ୍ନ ବ୍ୟୟ କରିଥିଲେ । ମନ୍ଦିରନିର୍ମାଣ ଶେଷ କରି ଏ ବହୁତ ସେବା ଓ ନୀତିମାନ ଜଗନ୍ନାଥଙ୍କଠାରେ ଖଞ୍ଜା କରିଥିଲେ । ଏ ଭୁବନେଶ୍ୱରର ମେଘେଶ୍ୱର ମନ୍ଦିର ଓ କଟକ ଜଗତ୍ପୁର ଗୁଣ୍ଡେଶ୍ୱର ମନ୍ଦିର ନିର୍ମାଣ କରାଇଥିଲେ । ଏହାଙ୍କ ସେନାରେ ୬୦ ହଜାର ପାଇକ, ଅଢ଼େଇ ଲକ୍ଷ ଅଶ୍ୱାରୋହୀ ଓ ହସ୍ତୀ ପାଞ୍ଚ ହଜାର ଥିଲେ । ଏ ଉତ୍କଳର ବିଭିନ୍ନ ଅଞ୍ଚଳରେ ୧୬ ଜଣ ସାମନ୍ତ ରାଜାଙ୍କୁ ପ୍ରତିଷ୍ଠିତ କରିଥିଲେ । ଏହି ସାମନ୍ତମାନଙ୍କ ବଂଶଧରମାନେ ବର୍ତ୍ତମାନ ଅନେକ ଗଡ଼ଜାତର ରାଜା ଅଛନ୍ତି । ଏହାଙ୍କ ରାଜଧାନୀ କଟକର ବାରବାଟୀ ଦୁର୍ଗ ଥିଲା । ଏହାଙ୍କ ମୁଦ୍ରିତ ମୁଦ୍ରାରେ ପ୍ରଥମେ 'ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ-କର୍ଣ୍ଣାଟକଲବର୍ଗେଶ୍ୱରାଧିରାଜ ଭୂତଭୈରବଦେବସାଧୁଶାସନୋତ୍ତୀର୍ଣ୍ଣ ରାଉତରାୟ, ଅତୁଳବଳପରାକ୍ରମସଂଗ୍ରାମସହସ୍ରବାହୁକ୍ଷତ୍ରିୟକୁଳଧୂମକେତୁ' ଉପାଧି ଅଙ୍କିତ ହୋଇଥିଲା । ଏ ରାଜ୍ୟର ସମସ୍ତ ଜମିକୁ ଦେଶୀୟ ପଦ୍ଧତିରେ ମାପ କରାଇ ରାଜସ୍ୱ ବନ୍ଦୋବସ୍ତ କରାଇଥିଲେ । ଏ ୨୩ ଲକ୍ଷ ବାଟୀ ଭୂମି ଦାନ ଓ ଜାଗିରରୂପେ ଦେଇଥିଲେ । ଏହାଙ୍କର ବାର୍ଷିକ ପ୍ରାପ୍ୟ ରାଜସ୍ୱ ୨୮ ଲକ୍ଷ ମାଢ଼ ସୁନା ଥିଲା । ବସିଷ୍ଠବଂଶୀୟ ବ୍ରାହ୍ମଣ ଗୋବିନ୍ଦ ପାଠଯୋଶୀ ଏହାଙ୍କର ସେନାପତି ଓ ପ୍ରଧାନ ମନ୍ତ୍ରୀ ଥିଲେ । ଏହାଙ୍କର ରାଜ୍ୟ ଗଙ୍ଗାନଦୀଠାରୁ କାବେରୀପର୍ଯ୍ୟନ୍ତ ବ୍ୟାପିଥିଲା । ଏହାଙ୍କ ରାଜତ୍ୱକାଳରେ ବଙ୍ଗ ଦେଶରୁ ମୁସଲମାନମାନେ ପ୍ରଥମେ ଓଡ଼ିଶାକୁ ଆକ୍ରମଣ କରି ପରାଜିତ ହୋଇ ପଳାଇ ଯାଇଥିଲେ । ଏହାଙ୍କ ପୁତ୍ର ଲାଙ୍ଗୁଲା ନରସିଂହ ଦେବ ଥିଲେ— ହୃଷ୍ଟାପିକ୍ସ୍. ଇତିହାସ । ]

**ଅନଙ୍ଗଭୀମ ବୋଲ**—ଦେ. ବି — ପ୍ରାଚୀନ ଓଡ଼ିଶାରେ ଭୂମି ମାପରେ
**Anangabhima boḷa** ବ୍ୟବହୃତ ଯନ୍ତ୍ରବିଶେଷ—
An apparatus for measuring land in ancient Orḍisā.

**ଅନଙ୍ଗରଙ୍ଗ**—ସଂ. ବି. (ନାମ)—କାମଶାସ୍ତ୍ରବିଶେଷ—
**Anangaranga** Name of an erotic work describing the several postures pertaining to sexual intercourse.

**ଅନଙ୍ଗଲେଖା**—ସଂ. ବି. ( ମଧ୍ୟପଦଲୋପୀ; ଅନଙ୍ଗ + ଲେଖ + ଆ )—
**Anangalekhā** ୧ । ପ୍ରେମପତ୍ର—1. Loveletter.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଋଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ଡ଼ | ନ୍ଥ |

୨ । କାଶ୍ମୀରର ରାଣୀବିଶେଷ—
2. Name of a queen of Kāsmira.

**ଅନଙ୍ଗଶେଖର**—ସଂ. ବି—୧୫ ସ୍ୱରବିଶିଷ୍ଟ ଚାରି ପାଦଯୁକ୍ତ ଛନ୍ଦୋ-
Anangasekhara ବିଶେଷ—Name of a Sanscrit metre of four verses each containing fifteen iambics.

**ଅନଙ୍ଗାପୀଡ଼**—ସଂ. ବି. (ନାମ)— କାଶ୍ମୀରର ରାଜାବିଶେଷ—
Anangāpirda Name of a king of Kāsmira.

**ଅନଙ୍ଗାସୁହୃତ୍**—ସଂ.ବି. (୬ଷ୍ଠୀ ତତ୍; ଅନଙ୍ଗ + ଅସୁହୃତ୍; ଅନଙ୍ଗର ଶତ୍ରୁ)
Anangāsuhrut —ମହାଦେବ; ଶିବ—God Siba.

**ଅନଙ୍ଗୀକୃତ**—ସଂ. ବିଣ. ( ନ + ଅଙ୍ଗୀକୃତ )—ଅସ୍ୱୀକୃତ—
Anangikruta Not assented to.

**ଅନଚ୍ଛ**—ସଂ. ବିଣ ( ନ + ଅଚ୍ଛ )— ୧ । ଅସ୍ୱଚ୍ଛ; ଅନିର୍ମଳ—
Anachchha 1. Not transparent; opaque.
୨ । ଗୋଳିଆ (ପାଣି)—2. Turbid.

**ଅନଞ୍ଜନ**—ସଂ. ବିଣ. ( ବହୁବ୍ରୀହି; ନ + ଅଞ୍ଜନ )—
Anañjana ୧ । ଅଞ୍ଜନଶୂନ୍ୟ—
1. Without collyrium.
୨ । ଯହିଁରେ ରଙ୍ଗ ନାହିଁ—2. Free from pigment or paint ( M. W. )
୩ । ଦୋଷରହିତ—3. Faultless.
ସଂ. ବି—୧ । ଆକାଶ—1. The sky.
୨ । ପରଂବ୍ରହ୍ମ; ନିରଞ୍ଜନ —
2. The Divine-essence.

**ଅନଟନ**—ସଂ. ବି. ( ବହୁବ୍ରୀହି; ନ + ଅଟନ = ଚଳନ, ଯାହା ଚଳେ
Anatana ନାହିଁ; ଅଚଳ ଅବସ୍ଥା )—
୧ । ଅଭାବ—1. Want.
୨ । ନଅଣ୍ଟ ଅବସ୍ଥା—2. Inadequacy; insufficiency.
ଦ. ବିଣ—ଅପ୍ରତୁଳ; ନଅଣ୍ଟ—Inadequate; insufficient.

**ଅନଡୁହ୍**—ସ. ବି. ପୁଂ. ( ଅନସ୍ = ଶକଟ + ବହ ଧାତୁ = ବୋହିବା +
Anaduh କର୍ତ୍ତୃ. କ୍ୱିପ୍; ଯେ ଶଗଡ଼ ବୁହେ )—
୧ । ଅଣ୍ଡିରା ବାଛୁରୀ—1. A male calf.
୨ । ଦାମୁଡ଼ି— 2. Young bullock.
୩ । ବୃଷଭ; ଷଣ୍ଢ—3. Bull.
୪ । ବୃଷରାଶି—4. The sign Taurus.

**ଅନଡୁହୀ**—ସଂ. ବି. ସ୍ତ୍ରୀ. ( ଅନଡୁହ୍ + ସ୍ତ୍ରୀ. ଈ )—
Anaduhi ଗାଈ; ଗାଭୀ—Cow.

**ଅନଡ୍ୱାନ୍**—ସଂ. ବି. ପୁଂ. ( ଅନସ୍ + ବହ ଧାତୁ + ବତ୍ )—
Anadwān ଅନଡୁହ୍ ( ଦେଖ )—Anaduha ( See )

**ଅନଡ୍ୱାହ**—ସଂ. ବି. ପୁଂ. ( ଅନସ୍ + ବହ ଧାତୁ + କର୍ତ୍ତୃ. ଅ )—
Anadwāha ଅନଡୁହ୍ ( ଦେଖ )
( ଅନଡ୍ୱାହୀ—ସ୍ତ୍ରୀ ) Anaduha ( See )

**ଅନତ**—ସଂ. ବିଣ. ( ଅ + ନତ )—
Anata ୧ । ଯାହା ନଇଁ ନାହିଁ—1. Not bent.
୨ । ଯାହା ନଇଁ ପଡ଼ି ନାହିଁ—2. Not bowed down.
୩ । ସିଧା; ଠିଆ—3. Erect; stiff.
୪ । ଗର୍ବୀ—4. Haughty ( M. W. )

**ଅନତିକ୍ରମ**—ସଂ. ବି. ( ନ + ଅତିକ୍ରମ )—
Anatikrama ୧ । ଅଲଙ୍ଘନ—1. Not passing over; not transgressing.
୨ । ସମତା; ସାମ୍ୟ—2. Moderation.
୩ । ଅପ୍ରତ୍ୟାବର୍ତ୍ତନ—3. Non-return.
୪ । ଔଚିତ୍ୟ—4. Propriety.
୫ । ( ଆଦେଶ ଆଦି ) ମାନିବା—5. Obeying.

**ଅନତିକ୍ରମଣ**—ସଂ. ବି. ( ନ + ଅତିକ୍ରମଣ )—ଅନତିକ୍ରମ ( ଦେଖ )
**Anatikramana** Anatikrama ( See )

**ଅନତିକ୍ରମଣୀୟ**—ସଂ. ବିଣ. ( ନ + ଅତିକ୍ରମଣୀୟ )—
Anatikramaniya ୧ । ଯାହା ଲଙ୍ଘନ କରାଯାଇ ନ ପାରେ—
1. Which cannot be passed over or transgressed.
୨ । ଅବଶ୍ୟ ପାଳନୀୟ—2. Inviolable.
୩ । ଯାହାକୁ କେହି ପାର ହୋଇ ନ ପାରେ—
3. Not to be crossed; uncrossable.
୪ । ଯାହାକୁ ଏଡ଼ି ହୁଏ ଯାଇ ନ ପାରେ—
4. Unavoidable.

**ଅନତିକ୍ରମ୍ୟ**—ସଂ. ବିଣ. ( ନ + ଅତିକ୍ରମ୍ୟ )—ଅନତିକ୍ରମଣୀୟ ( ଦେଖ )
Anatikramya Anatikrmaniya ( See )

**ଅନତିକ୍ରାନ୍ତ**—ସଂ. ବିଣ. ( ନ + ଅତିକ୍ରାନ୍ତ )—
Anatikrānta ୧ । ଯାହାକୁ କେହି ପାର ହୋଇ ନାହିଁ—
1. Not crossed beforehand.
୨ । ଯାହାକୁ କେହି ଲଙ୍ଘି ନାହିଁ—
2. Not violated or trangressed.

**ଅନତିକ୍ରୁଦ୍ଧ**—ସଂ. ବିଣ. ପୁଂ. ( ନ + ଅତିକ୍ରୁଦ୍ଧ )—ଯେ ବିଶେଷ ରାଗି
Anatikruddha ନାହିଁ; ସାମାନ୍ୟରେ କ୍ରୁଦ୍ଧ—Not very angry; moderately indignant.

**ଅନତିଦୀର୍ଘ**—ସଂ. ବିଣ ( ନ + ଅତିଦୀର୍ଘ )—୧ । ଯାହା ଅତି ଲମ୍ବ ନୁହେ—
Anatidirgha 1. Not very long.
୨ । କ୍ଷୁଦ୍ରାୟତନବିଶିଷ୍ଟ—2. Of small size.
୩ । ଯେ ବେଶି ଢେଙ୍ଗା ନୁହେ—3. Not very tall.

**ଅନତିଦୂର**—ସଂ. ବିଣ ( ନ + ଅତିଦୂର )—ଅଦୂରବର୍ତ୍ତୀ—
Anatidūra Not very far.
( ଅନତିନିକଟ—ବିପରୀତ )

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅନତିଦୃଶ୍ୟ**—ସଂ. ବିଣ. ( ନ+ଅତିଦୃଶ୍ୟ )—ଅସ୍ୱଚ୍ଛ; ଯାହା ଭିତର
Anatidrusya ଦେଇ ଦେଖାଯାଏ ନାହିଁ—Not transparent; opaque ( M. W. )

**ଅନତିଦ୍ଭୁତ**—ସଂ. ବିଣ. ( ନ+ଅତିଦ୍ଭୁତ )—
Anatidbhuta ୧ । (ବୈଦିକ) ଯାହାକୁ କେହି ବଳି ନାହିଁ—1. Unsurpassed ( M. W. )
୨ । ପ୍ରକୃତ—2. Real ( Apte ).
୩ । ଉଚିତ—3. Proper ( Apte ).

**ଅନତିପକ୍ୱ**—ସଂ. ବିଣ. (ନ+ଅତିପକ୍ୱ)—ଯାହା ଅତି ପାଚି ଯାଇ ନାହିଁ—
Anatipakwa Not very ripe.
[ଦ୍ର—ଏହିପରି ଅନତି ଶବ୍ଦଯୁକ୍ତ ଅନେକ ଶବ୍ଦ ସଂସ୍କୃତରେ ଓ ଭାଷାରେ ବ୍ୟବହୃତ ହୁଏ । ଯଥା—ଅନତିକ୍ଳେଶ, ଅନତିପ୍ରୌଢ଼, ଅନତିପରିସ୍ଫୁଷ୍ଟ, ଅନତିପରିଷ୍କୃତ, ଅନତିଗର୍ବିତ, ଅନତିବୃଦ୍ଧ, ଅନତିବିସ୍ତୃତ, ଅନତିଭଙ୍ଗୁର, ଅନତିଭୋଗ, ଅନତିଯତ୍ନ, ଅନତିରିକ୍ତ, ଅନତିସିଦ୍ଧ ।]

**ଅନତିବର୍ତ୍ତନ**—ସଂ. ବି. (ନ+ଅତିବର୍ତ୍ତନ)—
Anatibarttana
ଅନତିବୃତ୍ତ } ବିଣ. ଅନତିକ୍ରମଣ ( ଦେଖ )
ଅନତିବର୍ତ୍ତିନୀୟ } Anatikramana (See)

**ଅନତିବିଳମ୍ବ**—ସଂ. ବି. (ନ+ଅତିବିଳମ୍ବ)—ଅତି ବିଳମ୍ବ ବା ଡେରି ନ
Anatibilamba ହେବା—Not much delay.

**ଅନତିବିଳମ୍ବିତା**—ସଂ. ବି. ( ନ+ଅତିବିଳମ୍ବ+ଇନ୍+ତା)—
Anatibilambitā ୧ । ବିଳମ୍ବର ଅଭାବ; ଡେରି ନ ହେବା—1. Absence of delay (Apte)
୨ । ବାଗ୍ମିତା; ଗଡ଼ ଗଡ଼ କରି କହିବା କରିବା ଶକ୍ତି; ବକ୍ତାର ଗୁଣବିଶେଷ—2. Fluency as a speaker's qualification (Apte)

**ଅନତିବିଳମ୍ବେ**—ଦେ. କ୍ରି. ବିଣ—୧ । ବେଶି ବିଳମ୍ବ ନ କରି—
Anantibilambe 1. Without much delay.
୨ । ଅବିଳମ୍ବେ; ଅତିଶୀଘ୍ର—2. Shortly after.

**ଅନତିବ୍ୟାଧ୍ୟ**—ସଂ. ବିଣ ( ନ+ଅତି+ବ୍ୟଧ ଧାତୁ+କର୍ମ. ଯ)—ଯାହା
Anatibyādhya ଫୁଟି ଯାଇ ପାରେ ନାହିଁ—
Invulnerable (Apte)

**ଅନତିଭଙ୍ଗୁର**—ସଂ. ବିଣ (ନ+ଅତିଭଙ୍ଗୁର)—୧ । ଯାହା ଅତି ମସ୍ଣ
Anatibhangura ନୁହେ—1. Not very fragile.
୨ । ଯାହା ଅତି ଭଙ୍ଗୁର ନୁହେ—2. Not very brittle.

**ଅନତିଭୋଗ**—ସଂ. ବି. (ନ+ଅତିଭୋଗ)—ସାମାନ୍ୟ ବ୍ୟବହାର—
Anatibhoga Moderate use or enjoyment.

**ଅନତିଯତ୍ନ**—ସଂ. ବି. (ନ+ଅତିଯତ୍ନ)—
Anatijatna ସାମାନ୍ୟ ଯତ୍ନ—Slight labour

**ଅନତିରିକ୍ତ**—ସଂ. ବିଣ—(ନ+ଅତିରିକ୍ତ)—ଯାହା ଅତ୍ୟଧିକ ନୁହେ—
Anatirikta 1. Not excessive.
(ଅନତିରେକ—ବି) ୨ । ଅପ୍ରଚୁର—2. Not abundant.

**ଅନତିହ୍ରସ୍ୱ**—ସଂ. ବିଣ—(ନ+ଅତିହ୍ରସ୍ୱ)—
Anatihraswa ଯାହା ଅତି ସାନ ନୁହେ—
(ଅନତିଦୀର୍ଘ—ବିପରୀତ) Not very small.

**ଅନତ୍ୟନ୍ତଗତି**—ସଂ. ବି. ( ନ+ଅତ୍ୟନ୍ତଗତି )—
Anatyantagati କ୍ଷୁଦ୍ରତାବାଚକ ଶବ୍ଦର ଧର୍ମ—
Sense of diminutive words. (M. W.)

**ଅନତ୍ୟୟ**—ସଂ. ବି. (ନ+ଅତ୍ୟୟ)—ଅନତିକ୍ରମଣ—
Anatyaya Not going across.
ସଂ. ବିଣ—୧ । ଅବିନାଶୀ—1 Imperishable.
୨ । ଅଭଗ୍ନ—2. Unbroken.

**ଅନଦ୍ୟ**—ସଂ. ବି. (ବୈଦ୍ୟକ)—ଶ୍ୱେତ ସର୍ଷପ; ଧଳା ସୋରିଷ—
Anadya White rye.

**ଅନଦ୍ୟତନ**—ସଂ. ବିଣ (ନ+ଅଦ୍ୟତନ)—୧ । ଯାହା ଆଜିର ନୁହେ—
Anadyatana 1. Not of today.
୨ । (ବ୍ୟାକରଣ)—ଆଜି ଘଟି ନ ଥିବା ଭୂତକାଳ ବା ଆଜି ନ ଘଟିବା ଭବିଷ୍ୟତ୍କାଳ—2. (Grammar) Past or future tense which does not relate to events of today.

**ଅନଧିକ**—ସଂ. ବିଣ. ( ନ+ଅଧିକ; ନଞ୍ ତତ୍ )—
Anadhika ୧ । ଅଳ୍ପ; ସାମାନ୍ୟ—1. Little; slight.
୨ । ( ବହୁବ୍ରୀହି; ଯାହାଠାରୁ ଅଧିକ କେହି ନାହିଁ )—ଯାହାଠାରୁ କେହି ଉତ୍କୃଷ୍ଟ ନାହିଁ—
2. Not superior.
୩ । ଅସୀମ—3 Boundless
୪ । ସମ୍ପୂର୍ଣ୍ଣ; ସମଗ୍ର—4. Perfect.
୫ । ଯାହା ବଢ଼ାଯାଇ ନ ପାରେ—
5. Incapable of being increased.
୬ । ଯାହାକୁ କେହି ବଳି ଯାଇ ପାରିବ ନାହିଁ—
6. Not to be excelled.

**ଅନଧିକାର**—ସଂ. ବି. ( ନ+ଅଧିକାର )—
Anadhikāra ୧ । ଅଧିକାର ବା କ୍ଷମତାର ଅଭାବ—
1. Absence of authority.
୨ । ଦଖଲର ଅଭାବ—2. Want of possession.
୩ । ସ୍ୱତ୍ୱର ଅଭାବ—3 Want of title.
ସଂ. ବିଣ—ଅଧିକାରହୀନ—Having no authority or possession.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଞ୍ଜ |
| ୨ | ଈ | ଊ | ରୂ | ଲୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ୍ଚ | ଦ୍ଭ |

**ଅନଧିକାରଚର୍ଚ୍ଚା**—ସଂ. ବି. ( ୭ମୀ ତତ୍ ବା ୬ଷ୍ଠୀ ତତ୍ )—
Anadhikāracharchchā ୧ । ଅଧିକାର ବା ଅଭିଜ୍ଞତା ନ ଥିବା ବିଷୟରେ ଚର୍ଚ୍ଚା ବା ଆଲୋଚନା—1. Dealing with a matter in which one has no experience.
୨ । ବିନା ସମ୍ପର୍କରେ ଆଲୋଚନା—2 Officicusness.
୩ । ବଳେ ପଶି ପର ବିଷୟର ଚର୍ଚ୍ଚା—3. Unjustificable interference; intermeddling with the affairs o others.

**ଅନଧିକାର ପ୍ରବେଶ**—ସଂ. ବି. ( ୭ମୀ ତତ୍ )—ଅଧିକାର ବା ସ୍ୱତ୍ୱ ନ ଥିବା ସ୍ଥଳରେ ପଶିବା—
Anadhikāra prabeśa
Trespass; entrance into a place where one has no right to go.

**ଅନଧିକାରୀ**—ସଂ. ବିଣ. ପୁଂ. (ନ+ଅଧିକାରୀ)—ଯେ ହକ୍‌ଦାର ନୁହେ—
Anadhikāri Not entitled to.

**ଅନଧିକୃତ**—ସଂ. ବିଣ. ( ନ+ଅଧିକୃତ )—
Anadhikṛuta ୧ । ଅଧିକାରୀରୂପେ ଭାରପ୍ରାପ୍ତ ହୋଇ ନ ଥିବା—
1. Not placed in charge of.
୨ । ଦଖଲ କରାଯାଇ ନ ଥିବା—2. Not possessed.
୩ । ଉତ୍ତରାଧିକାରୀରୂପେ ପ୍ରାପ୍ତ ହୋଇ ନ ଥିବା—
3. Not inherited.
୪ । ଦାବି କରାଯାଇ ନ ଥିବା—4. Unclaimed.
୫ । ଅନିଯୁକ୍ତ; ମୁକରର କରାଯାଇ ନ ଥିବା—
5. Not appointed.

**ଅନଧିଗତ**—ସଂ. ବିଣ. ( ନ+ଅଧିଗତ )—୧ । ଅପ୍ରାପ୍ତ—
Anadhigata 1. Not obtained; not attained.
( ଯଥା—ଅନଧିଗତ ମନୋରଥ ।)
୨ । ନ ଅର୍ଜିତ—2. Not acquired.
୩ । ଅଜ୍ଞାତ; ଅବିଦିତ—3. Unknown.
୪ । ଅପଠିତ—4. Unread; unlearnt.
( ଯଥା—ଅନଧିଗତ ଶାସ୍ତ୍ର । )
୫ । ଯେଉଁ ସ୍ଥାନରେ ପହଞ୍ଚାଯାଇ ନ ଥାଏ—
5. Not reached ( place )

**ଅନଧିଗମନ**—ସଂ. ବି. ( ନ+ଅଧିଗମନ )—୧ । ଅପ୍ରାପ୍ତି—
Anadhigamana 1. Non-attainment;nonreceipt.
ଅନଧିଗମନୀୟ; ଅନଧିଗମ୍ୟ; ଅନଧିଗତ } ବିଣ— ୨ । ନ ପହଞ୍ଚିବା—
2. Non-arrival.
୩ । ଅର୍ଜନ ନ କରିବା—3. Non-acquisition.

**ଅନଧୀନ**—ସଂ. ବିଣ. ( ନ+ଅଧୀନ )—୧ । ସ୍ୱାଧୀନ—
Anadhina 1. Independent.
(ଅନଧୀନା—ସ୍ତ୍ରୀ) ୨ । ଯେ ପରାଧୀନ ନୁହେ—2. Not subject or subservient to anybody else.

ସଂ. ବି. ପୁଂ—ଯେଉଁ ବଢ଼େଇ ଅନ୍ୟ ଲୋକ ଅଧୀନରେ ବା ଅନ୍ୟର ଘରେ କାମ ନ କରି ନିଜେ ଅପଣା ଘରେ କାରଖାନା କରି କାମ କରେ; କୌଟତକ୍ଷ—
A carpenter who works on his own account ( M. W. )

**ଅନଧ୍ୟକ୍ଷ**—ସଂ. ବିଣ. ( ବହୁବ୍ରୀହି; ନ+ଅଧ୍ୟକ୍ଷ )—୧ । ଅଧ୍ୟକ୍ଷରହିତ—
Anadhyaksha 1. Masterless.
୨ । ଯାହାର କେହି ତଦାରଖ କରିବାକୁ ନାହିଁ—
2. Having no Superintendent.
୩ । ଇନ୍ଦ୍ରିୟର ଅଗୋଚର—3. Imperceptible by the senses; not observable.

**ଅନଧ୍ୟୟନ**—ସଂ. ବି. ( ନ+ଅଧ୍ୟୟନ )—
Anadhyayana ୧ । ପଠନର ଅଭାବ; ନ ପଢ଼ିବା—
1. Not reading; not studying.
୨ । ପଢ଼ା ବନ୍ଦ; ପଢ଼ା ସ୍ଥଗିତ ହେବା—
2. Cessation of study; intermission of study.

**ଅନଧ୍ୟୟନ ତିଥି**—ସଂ. ବି—ଯେଉଁ ତିଥିରେ ପାଠ ପଢ଼ିବା ନିଷିଦ୍ଧ;
Anadhyayana tithi ( ଯଥା—ଅଷ୍ଟମୀ, ପୂର୍ଣ୍ଣିମା, ଚତୁର୍ଦ୍ଦଶୀ ଓ ଅମାବାସ୍ୟା—ମନୁ ୪—୧୧୩ )—Particular days on which it is forbidden to read.

**ଅନଧ୍ୟୟନ ଦ୍ୱିତୀୟା**—ସଂ. ବି. (ବହୁବ୍ରୀହି; ଯେଉଁ ଦ୍ୱିତୀୟା ଦିନ ପାଠ ପଢ଼ା ନିଷିଦ୍ଧ )—
Anadhyayana dwitiyā
ମାର୍ଗଶୀର ମାସର କୃଷ୍ଣପକ୍ଷ ଦ୍ୱିତୀୟା—The 2nd day of the dark-fortnight of the month of Mārgaśira.

**ଅନଧ୍ୟାୟ**—ସଂ. ବି. (ନ+ଅଧ୍ୟାୟ)—୧ । ଅନଧ୍ୟୟନ (ଦେଖ)
Anadhyāya 1. Anadhyayana (See)
୨ । ଯେଉଁ ଦିବସ ବା ସମୟରେ ପାଠ ପଢ଼ିବା ସ୍ମୃତି ଅନୁସାରେ ନିଷିଦ୍ଧ—2. The day or days in which the Śāstras lay down intermission of studies.

[ ଦ୍ର—ମନୁସଂହିତା ୪ର୍ଥ ଅଧ୍ୟାୟ ୧୦୨ ଠାରୁ ୧୨୮ ଶ୍ଳୋକ ପର୍ଯ୍ୟନ୍ତ ଅନଧ୍ୟାୟର ଭିନ୍ନ ଭିନ୍ନ ସମୟ ଓ ସ୍ଥାନମାନ ବର୍ଣ୍ଣିତ ହୋଇଅଛି । ଯଥା—୧୦୨—ବର୍ଷାକାଳ ରାତିରେ ଶବ୍ଦ କରି ବାୟୁ ବହୁଥିବା ଏବଂ ଦିନରେ ବାୟୁଦ୍ୱାରା ଧୂଳି ଉଡ଼ୁଥିବା ସମୟ ଅନଧ୍ୟାୟ । ୧୦୩—ବିଦ୍ୟୁତ୍ ଗର୍ଜନ ସହିତ ବର୍ଷା ଓ ଉଲ୍କାପାତ ହେବା ସମୟ ଅନଧ୍ୟାୟ । ୧୦୪—ବର୍ଷା ଛଡ଼ା ଅନ୍ୟ ଋତୁରେ ମେଘ ଉଠାଇବା ସମୟ ଅନଧ୍ୟାୟ । ୧୦୫—ଆକାଶରୁ ନିର୍ଘାତ, ଅସ୍ୱାଭାବିକ ଶବ୍ଦ, ଭୂମିକମ୍ପ ବା ଗ୍ରହାଦିଙ୍କ ଉପଦ୍ରବ କାଳ ଅନଧ୍ୟାୟ । ୧୦୮—ଶବ ପଡ଼ିଥିବା ଗ୍ରାମ, ଅଧାର୍ମିକ ବା ବୃଷଳସନ୍ନିଧି ଓ କାନ୍ଦବୋବାଳି

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀଆ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଲାଗିଥିବା ସ୍ଥାନ ଅନଧ୍ୟାୟ । ୧୧୩—ଉଭୟ ସନ୍ଧ୍ୟା, ଭୂକମ୍ପ ପଡ଼ିବାବେଳ ଓ ବାଣଗର୍ଜ୍ଜନ କାଳ, ଅମାବାସ୍ୟା, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ଓ ଅଷ୍ଟମୀ ଅନଧ୍ୟାୟ । ୧୧୫—ଧୂଳିବର୍ଷଣ, ଦିଗ୍‌ଦାହ, ଅନ୍ଧାରି ବିଲୁଆ ବୋବାଳି, କୁକୁର, ଗଧ ଓ ଓଟ ବୋବାଳି କରିବା ବେଳ ଅନଧ୍ୟାୟ । ୧୧୬—ଶ୍ମଶାନ ନିକଟରେ, ଗ୍ରାମାନ୍ତରେ, ଗୋଗୋଷ୍ଠରେ ଓ ମୈଥୁନକାଳୀନ ବସ୍ତ୍ର ପରିଧାନ କରିଥିବା ଓ ଶ୍ରାଦ୍ଧିକ ଦାନ ଗ୍ରହଣ କରିଥିବା ଅବସ୍ଥା ଅନଧ୍ୟାୟ । ୧୧୮—ଚୋର ଉପଦ୍ରବ, ଘରପୋଡ଼ି ଓ ଅଦ୍ଭୁତ ଘଟଣା ଘଟିବା କାଳ ଅନଧ୍ୟାୟ । ୧୨୦—ଘୋଡ଼ା, ଗଛ, ହାତୀ, ନାବ, ଗଧ ବା ଓଟ ଉପରେ ଓ ଊଷର ଭୂମିରେ ବା ଯାନ ଚଢ଼ି ଯାଉଥିବା ସମୟ ଅନଧ୍ୟାୟ । ୧୨୧—ବିବାଦ, କଳହ, ଯୁଦ୍ଧ, ସେନାମାନଙ୍କ ମଧ୍ୟରେ, ଖାଇ ସାରିବାକ୍ଷଣି, ଅଜୀର୍ଣ୍ଣ ହେଲେ, ବାନ୍ତି ହେଲେ ଓ ଟକଟକିଆ ହେଲେ ପଢ଼ିବ ନାହିଁ । ୧୨୨—ଉପସ୍ଥିତ ଅତିଥିଙ୍କ ଅନୁମତି ନ ନେଇ, ଝଡ଼ ବହୁଥିଲାବେଳେ, ଦେହରୁ ରକ୍ତସ୍ରାବ ହେଉଥିଲେ ବା ଶସ୍ତ୍ରଦ୍ୱାରା ଆହତ ହେଲେ ପଢ଼ିବ ନାହିଁ । ୧୨୬—ଗବାଦି ପଶୁ, ଭେକ, ବିରାଡ଼ି, କୁକୁର, ସାପ, ନେଉଳ, ମୂଷା ଆଦି ବେଦାଧ୍ୟୟନର ଓ ଶିଷ୍ୟ ଓ ଗୁରୁଙ୍କ ମଝିରେ ଚାଲି ଗଲେ ଏକ ଅହୋରାତ୍ର ଅନଧ୍ୟାୟ । ୧୨୮—ବସ୍ତୁତଃ ପଢ଼ିବା ସ୍ଥାନର ଅଶୁଦ୍ଧି ଓ ପଢ଼ିବା ବ୍ୟକ୍ତିର ଅଶୁଦ୍ଧି ଏ ଦୁଇ ଅନଧ୍ୟାୟର ନିତ୍ୟ-କାରଣ ଅଟେ । ]

**ଅନଧ୍ୟାୟ ତିଥି**—ସଂ. ବି.—ଅନଧ୍ୟୟନ ତିଥି (ଦେଖ)
Anadhyāya tithi — Anadhyayana tithi (See)

**ଅନଧ୍ୟାୟ ଦିବସ**—ସଂ. ବି (୬ଷ୍ଠୀ ତତ୍)—୧ । ଅନଧ୍ୟାୟ (ଦେଖ)
Anadhyāya dibasa — 1 Anadhyāya (See)
୨ । ବିଦ୍ୟାଳୟମାନଙ୍କର ଛୁଟି ଦିନ—
2. School vacation; school holidays.

**ଅନନୁକରଣୀୟ**—ସଂ. ବିଣ (ନ+ଅନୁକରଣୀୟ)—୧ । ଯାହାକୁ କେହି ଅନୁକରଣ କରି ନ ପାରେ—
Ananukaraṇiya — 1. Inimitable.
୨ । ଯାହା ଅନୁକରଣ କରିବା ଅନୁଚିତ—
2. Not fit to be imitated or followed.

**ଅନନୁଗୁଣତା**—ସଂ. ବି—ରଚନାରେ ଶବ୍ଦଦୋଷବିଶେଷ; ବାକ୍ୟରେ ରସପ୍ରତିକୂଳ ବର୍ଣ୍ଣପ୍ରୟୋଗ ( ଯଥା—କରିକୁ ଖର୍ବ ସୁପର୍ବ ପର୍ବସୁଧାଂଶୁମୁଖୀଗଣଙ୍କ ଗର୍ବ ସର୍ବଂସହାରେ କେ ରହିବ ମାନ—ଭୂଲମଣି ଦାଶ ।)—
Ananuguṇatā — A defect in composition.

**ଅନନୁଜ୍ଞାତ**—ସଂ. ବିଣ (ନ+ଅନୁଜ୍ଞାତ)—୧ । ଯାହା ଅନୁଜ୍ଞାତ ହୋଇ ନ ଥାଏ; ଯହିଁପାଇଁ ଅନୁମତି ମିଳି ନ ଥାଏ—
Ananujñāta — 1 Not permitted.
୨ । ଅନାଦିଷ୍ଟ; ଅନାହୂତ; ଅନନୁରୁଦ୍ଧ—2. Unasked.
୩ । ଅସ୍ୱୀକୃତ—3. Denied.

**ଅନନୁଭୂତ**—ସଂ. ବିଣ (ନ+ଅନୁଭୂତ)—୧ । ଅନୁଭବ କରାଯାଇ ନ ଥିବା—
Ananubhūta — 1. Not experienced.
୨ । ଅଜ୍ଞାତ—2. Unknown.
୩ । ଇନ୍ଦ୍ରିୟାଦି ଦ୍ୱାରା ଉପଲବ୍ଧି ହୋଇ ନ ଥିବା—
3. Not perceived by the senses.

**ଅନନୁମତ**—ସଂ. ବିଣ ( ନ+ଅନୁମତ )—୧ । ଯାହା ମତ ଅନୁଯାୟୀ ନୁହେଁ; ଇଚ୍ଛାବିରୁଦ୍ଧ—
Ananumata — 1. Against one's wish.
୨ । ନ ଅନୁମୋଦିତ—2. Disapproved; not liked.
୩ । ଅନୁପଯୁକ୍ତ—3. Unfit.

**ଅନନୁମିତ**—ସଂ. ବିଣ (ନ+ଅନୁମିତ)—ଅନୁମିତ ହୋଇ ନ ଥିବା—
Ananumita — Not guessed; not inferred.

**ଅନନୁରୂପ**—ସଂ. ବିଣ (ନ+ଅନୁରୂପ)—୧ । ଅନୁପଯୋଗୀ—
Ananurūpa — 1. Unsuitable.
୨ । ବିଷମ; ଅମେଳ—2 Incongruous.

**ଅନନୁଷ୍ଠାନ**—ସଂ. ବି. (ନ+ଅନୁଷ୍ଠାନ)—୧ । ଅକରଣ—
Ananushṭhāna — Nonperformance.
(ଅନନୁଷ୍ଠିତ—ବିଣ) ୨ । ଅପାଳନ—2. Nonobservance.

**ଅନନ୍ତ**—ସଂ. ବିଣ—(ବହୁବ୍ରୀହି; ନ+ଅନ୍ତ)—୧ । ଅସୀମ—
Ananta — 1. Boundless.
(ଅନନ୍ତା—ସ୍ତ୍ରୀ) ୨ । ଯାହାର ଶେଷ ନାହିଁ; ଅଶେଷ—2. Endless.
୩ । ଚିର; ନିତ୍ୟ—3. Eternal; infinite.
୪ । ଅକ୍ଷୟ; ଅବିନଶ୍ୱର—4. Indestructible.
ସଂ. ବି—୧ । ଭଗବାନ; ବିଷ୍ଣୁ—1. God; a name of Bishṇu
ଯାହାକୁ ରଖିବେ ଅନନ୍ତ; କି କରି ପାରେ ବଳବନ୍ତ । ଜଗନ୍ନାଥ. ଭାଗବତ ।
୨ । ଶେଷ ନାଗ; ବାସୁକୀ—2. The mythological serpent holding up the Universe.
୩ । ବ୍ରହ୍ମ—3. The Divine Soul.
୪ । କୃଷ୍ଣ—4. A name of a Kṛushṇa.
୫ । ବଳଦେବ—5. A name of Kṛushṇa's brother.
୬ । ଶିବ; ମହାଦେବ—6. God Śiba.
୭ । ବିଶ୍ୱେଦେବାବିଶେଷ—
7. One of the Biśwedebās.
୮ । ଚତୁର୍ଦ୍ଦଶ ଅର୍ହତ୍—
8. Name of the 14th Buddhist Sage.
୯ । ଆକାଶ—9. The sky.
ଦିବ୍ୟବର୍ଷ କେ ଜାତ ଗଇରିକ ପର୍ବତ, ଉଲ୍ଲତ ଛୁଇଁଛି ଅନନ୍ତ ।
ଭକ୍ତ. ବୈଦେହୀଶବିଳାସ ।
୧୦ । ସିନ୍ଧୁବାର; ବେଗୁନିଆ ଗଛ—
10. A tree Vitex Trifolia.
୧୧ । ଗୁଳୁଚି (ଲତା) (ଦେଖ)—
11. (a creeper) Guḻuchi (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଗ୍ୟ | ଡ଼ଅ | ଖ |
| ୬ | ଈ | ଊ | ଋୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୧୨ । ମେଘନାଲ; ଅଭ୍ର—12. Talc.

୧୩ । ଶ୍ରବଣା ନକ୍ଷତ୍ର—
13. The 23rd lunar asterism.

୧୪ । ପରମମୋକ୍ଷଗଛ--14. Final beatitude(Apte).

୧୫ । ଅନନ୍ତବ୍ରତରେ ଡାହାଣ ବାହୁରେ ବନ୍ଧାଯିବା ରେଶମ ସୂତା—15. A silken cord tied round the right arm at the Anantabrata festival.

୧୬ । 'ଆ' ଅକ୍ଷର—16. The letter 'Ā'.

୧୭ । ଶାରିବା ( ଦେଖ )—17. Śāribā ( See )

ଦେ. ବି—୧ । ବାହୁରେ ପିନ୍ଧା ଯିବା ସରୁ ଖଡ଼ୁ ପରି ଅଳଙ୍କାର— 1. Armlet.

୨ । ଲୋକଙ୍କ ନାମ—2. A name given to males.

୩ । ସାରଳା ଦାସଙ୍କ ଚଣ୍ଡୀପୁରାଣୋକ୍ତ ରାଜାବିଶେଷ—
3. Name of a king.

ଭୂମିଦ ଦେଶର ରାଜା ଅନନ୍ତ ନୃପତି,
ବେଳ ମଙ୍ଗିଣ ଭୂଲେ ମିଳିଲେ ନରପତି—ସାରଳା. ଚଣ୍ଡୀପୁରାଣ ।

୪ । ଚୈତନ୍ୟଙ୍କ ପଞ୍ଚସଖା ମଧ୍ୟରୁ ଜଣେ—
4. One of the five intimate friends of Chaitanya.

୫ । ଅଚ୍ୟୁତାନନ୍ଦ ଦାସଙ୍କ ଗୁରୁଭକ୍ତିଗୀତାରେ ବର୍ଣ୍ଣିତ ଦ୍ୱାଦଶ ଗୋପାଳଙ୍କ ମଧ୍ୟରୁ ଜଣେ; ( ବାରସୁତ ଦେଖ )
5. Name of one of the 14 cowherd devotees mentioned by Achyutānanda.

୬ । ସାରଳା ଦାସଙ୍କ ଚଣ୍ଡୀପୁରାଣୋକ୍ତ ଦ୍ୱୀପବିଶେଷ—
6. Name of a mythological island.

ଅନନ୍ତ ବୋଲି କହି ଈଶାନ୍ୟ କୋଣ ହାତେ,
ସେ ଦ୍ୱୀପ ମଧ୍ୟରୁ ଯେ ଅବତାର ହୋଇ ଅଛେ—ସାରଳା. ଚଣ୍ଡୀପୁରାଣ ।

**ଅନନ୍ତକଡ଼ା**—ଦେ. ବି—ବାହୁରେ ପିନ୍ଧାଯିବା ବଳୟବିଶେଷ—
Anantakarḍā Armlet.

**ଅନନ୍ତଗୋସାଇଁ**—ଦେ. ବି—ପରମେଶ୍ୱର; ନିରାକାର ବ୍ରହ୍ମ—
Anantagosāin̄ A name of God.

**ଅନନ୍ତଚତୁର୍ଦ୍ଦଶୀ**—ସଂ. ବି—ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ; ଏ ଦିନ ଅନନ୍ତବ୍ରତ
Anantachaturddaśī ପାଳିତ ହୁଏ—The fourteenth day of the bright fortnight of the month Bhādraba.

**ଅନନ୍ତତା**—ସଂ. ବି. ( ଅନନ୍ତ+ତା )—ଚିରକାଳ—
Anantatā Eternity.

**ଅନନ୍ତ ଦାସ**—ଦେ. ବି—ଚୈତନ୍ୟଙ୍କ ସମସାମୟିକ ପଞ୍ଚସଖା ମଧ୍ୟରୁ ଜଣେ—
Ananta Dāsa One of the five dearest devotees and friends of Chaitanya.

**ଅନନ୍ତଦେବ**—ସଂ. ବି—ବାସୁକୀ ସର୍ପ—A name of the serpent
Anantadeba Bāsukī.

ଦେ. ବି—କାଶ୍ମୀରର ରାଜାବିଶେଷ—Name of a king of Kāśmīra.

**ଅନନ୍ତଦୈବଜ୍ଞ**—ଦେ. ବି—ଶକାବ୍ଦ ପଞ୍ଚଦଶ ଶତାବ୍ଦୀର କରଣଗ୍ରନ୍ଥ-
Anantadaibajña ରଚୟିତା ଜ୍ୟୋତିଷୀ—Name of an astronomical author.

**ଅନନ୍ତନେମୀ**—ସଂ. ବି—ଶାକ୍ୟମୁନିଙ୍କ ସମସାମୟିକ ମାଳବର ଜଣେ ରାଜା—
Anantanemī Name of a king of Mālaba, a contemporary of Śākyamuni.

**ଅନନ୍ତପାଳ**—ଦେ. ବି—କାଶ୍ମୀରର ଖ୍ୟାତନାମା ଯୋଦ୍ଧାବିଶେଷ—
Anantapāla Name of a great warrior of Kāśmīra.

**ଅନନ୍ତପୁରୁଷୋତ୍ତମ**—ଦେ. ବି—ଅନନ୍ତବାସୁଦେବ ( ଦେଖ )
Anantapurushottama Anantabāsudeba (See)

**ଅନନ୍ତବରତ**—ଗ୍ରା. ବି—ଅନନ୍ତବ୍ରତ ( ଦେଖ )
Anantabarata Anantabrata ( See )

**ଅନନ୍ତବର୍ମା**—ଦେ. ବି—ଉତ୍କଳର ଗଙ୍ଗବଂଶୀୟ ରାଜାମାନଙ୍କର ଉପାଧି—
Anantabarma A title assumed by the Rājās of the Gaṅga dynasty of Utkaḷa.

**ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ**—ଦେ. ବି—ଉତ୍କଳର ଗଙ୍ଗବଂଶର ପ୍ରତିଷ୍ଠାତା--
Anantabarma Name of the founder of the Chorḍaṅga Deba Gaṅga dynasty of Utkaḷa.

**ଅନନ୍ତବାଜି**—ଦେ. ବି—ବାଲିରେ ଜନ୍ମିବା କୁଦାଳିଆ ଶାକବିଶେଷ
Anantabāji ( ଲମ୍ବରେ ୩ ଇଞ୍ଚ ବଢ଼େ )—A shrubby potherb microrrhychus asplinifolius ( Haines )

**ଅନନ୍ତବାତ**—ଦେ. ବି—ଶିରୋରୋଗବିଶେଷ—A kind of disease
Anantabāta somewhat like tetanus.

**ଅନନ୍ତ ବାସୁଦେବ**—ଦେ. ବି—ପୁରୀଜିଲ୍ଲାର ଭୁବନେଶ୍ୱର ବିନ୍ଦୁସାଗରର
Ananta basudeba ପୂର୍ବକୂଳରେ ଥିବା ମନ୍ଦିରରେ ବିଷ୍ଣୁମୂର୍ତ୍ତି—
Name of an image of Bishṇu in a temple on the eastern bank of the Bindusāgara tank at Bhubaneśwara (District-Puri)

**ଅନନ୍ତବିକ୍ରମୀ**—ଦେ. ବି—ଜନୈକ ବୋଧିସତ୍ତ୍ୱ—Name of one of
Anantabikramī the Bodhisattwas (M. W.)

**ଅନନ୍ତବିଜୟ**—ସଂ. ବି—(ବହୁବ୍ରୀହି; ଅନନ୍ତ+ବିଜୟ; ଯାହାର ଧ୍ୱନିଦ୍ୱାରା
Anantabijaya ଅନନ୍ତ ବା ବିଷ୍ଣୁ ବଶୀଭୂତ ହୁଅନ୍ତି )—
୧ । ଯୁଧିଷ୍ଠିରଙ୍କ ଶଙ୍ଖ—1. The conch blown by Jūdhishṭhira.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧି' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍ବଡ଼' ଦେଖିବେ ।

୨ । ଶ୍ରେଷ୍ଠ ଶଙ୍ଖ (ଯେଉଁ ଶଙ୍ଖ ଅଗଣିତ ଲୋକଙ୍କୁ ବଶୀଭୂତ କରେ)—2. An excellent conch.

ଧର୍ମିର ଅନନ୍ତବିଜୟ ଶଙ୍ଖ ବାଜେ ସଘନେ । ମଧୁସୂଦନ—କୁସୁମାଞ୍ଜଳି ।

**ଅନନ୍ତବୀର୍ଯ୍ୟ**—ସଂ. ବିଣ. ( ବହୁବ୍ରୀହି; ଅନନ୍ତ + ବୀର୍ଯ୍ୟ )—
Anantabirjya ପ୍ରବଳ ପରାକ୍ରମଶାଳୀ—Mighty.
ଦେ. ବି—ଭବିଷ୍ୟତ୍ ଯୁଗର ତ୍ରୟୋବିଂଶ ଜୈନ ଅର୍ହତ—
Name of the twenty-third Jaina sage of a future age ( M. W. )

**ଅନନ୍ତବ୍ରତ**—ସଂ. ବି. ( ଅନନ୍ତ + ବ୍ରତ )—
Anantabrata ୧ । ଅନନ୍ତ ଚତୁର୍ଦ୍ଦଶୀ ଦିନ ପାଳିତ ବ୍ରତ—
1. A religious vow observed on the Ananta chaturddasi day.
୨ । ଅନନ୍ତବ୍ରତ ପାଳନ କରିବା ବ୍ୟକ୍ତି ଯେଉଁ ସୂତ୍ର ବାହୁରେ ଧାରଣ କରେ(ଏଥିରେ ୧୪ ଟି ଗଣ୍ଠି ପଡ଼ିଥାଏ)—
2. The thread tied round the arm of a person observing the vow of Anantabrata.
୩ । ବାହୁରେ ପିନ୍ଧାଯିବା ବଳୟାକାର ଅଳଙ୍କାର—
3. Armlet.

**ଅନନ୍ତବ୍ରତ ଉଜୁଆଁ**—ଦେ. ବି. ( ସଂ. ଅନନ୍ତବ୍ରତ + ଉଦ୍ୟାପନା)—
Anantabrata ujuāñ ଅନନ୍ତବ୍ରତ ଉଦ୍ୟାପନା ( ଦେଖ )
Anantabrata udyāpanā (See)

**ଅନନ୍ତବ୍ରତ ଉଦ୍ୟାପନା**—ସଂ. ବି—ଅନନ୍ତଚତୁର୍ଦ୍ଦଶୀ ବ୍ରତ ବାର ବର୍ଷ
Anantabrata udyāpanā ପାଳନକରିବା ପରେ ତହିଁର ଉଦ୍ୟାପନାରୂପ ଉତ୍ସବ—The ceremony of consummating the observance of the Anantabrata vow after a continuous observance for twelve years.

**ଅନନ୍ତବ୍ରତସେବା**—ଦେ. ବି. ( ଅନନ୍ତବ୍ରତ + ସେବା )—
Anantabrataseba ଅନନ୍ତବ୍ରତ ପାଳିଥିବା ବ୍ୟକ୍ତି ବ୍ରତ-ଉଦ୍ୟାପନା କରିବା ପର୍ଯ୍ୟନ୍ତ ପ୍ରତିଦିନ ସ୍ନାନାନ୍ତେ ଅନନ୍ତବ୍ରତସୂତ୍ରକୁ ଗଣ୍ଡୁଷେ ଜଳରେ ବୁଡ଼ାଇ ଉକ୍ତ ପାଦୁକ ଜଳକୁ ପିଇବା—
Act of sipping a little water after dipping the Anantabrata thread in it every day.

**ଅନନ୍ତଭଦ୍ରା**—ଦେ. ବି—ସାରଳା ମହାଭାରତରେ ବର୍ଣ୍ଣିତ କାମ୍ୟକବନ
Anantabhadrā ନିକଟସ୍ଥ ନଦୀବିଶେଷ—
Name of a river flowing by the forest of Kāmyaka spoken of by Sāraḷā Dāsa.

**ଅନନ୍ତଭାଗା**—ଦେ. ବି—ସାରଳାମହାଭାରତ ବର୍ଣ୍ଣିତ କାମ୍ୟକବନ
Anantabhāgā ନିକଟସ୍ଥ ନଦୀବିଶେଷ—Name of a river flowing by the Kāmyaka forest menticned by Sāraḷā Dāsa.

**ଅନନ୍ତମତି**—ଦେ. ବି—ଜନୈକ ବୋଧିସତ୍ତ୍ୱ—Name of a
Anantamati Bodhisattwa ( M. W. )

**ଅନନ୍ତମୁଖୀ**—ଦେ. ବି—ବହୁଲୋକ ଏକତ୍ର ମିଳି ସମଗ୍ର ଓଡ଼ିଆ ଭାଗବତ
Anantamukhi ଏକଦିନ ମଧ୍ୟରେ ପାଠ କରି ଶେଷ କରିବା ପରେ ସଂକୀର୍ତ୍ତନ ଓ ବ୍ରାହ୍ମଣଭୋଜନାଦି ଉତ୍ସବ—
The ceremony of reading the whole of the Orḍiā Bhāgabata in the course of a day and chanting hymns and feeding Brāhmaṇs.

**ଅନନ୍ତମୂଳ**—ଦେ. ବି. ( ସଂ. ଅନନ୍ତା—ଶବ୍ଦକଳ୍ପଦ୍ରୁମ )—
Anantamuḷa ହେମିଡ୍ସଲିଇ ମୂଳ
অনন্তমূল The root of Hemidesmus Indicus.

**ଅନନ୍ତଯୁଗ**—ଦେ. ବି—କଳିଯୁଗ—
Anantajuga The Kaḷi age.

ଶୂନ୍ୟ ସମ ଅନନ୍ତ ଯୁଗରେ ଭୁଞ୍ଜ ଧ୍ୟାନ । ପ୍ରାଚୀ—ଶ୍ରୀ ଗୁରୁଭକ୍ତିଗୀତା ।

**ଅନନ୍ତର**—ସଂ. ଅ. (ନ+ଅନ୍ତର; ଯାହାର ଅନ୍ତର ବା ବ୍ୟବଧାନ ନାହିଁ)—
Anantara
(ଅନନ୍ତରା—ସ୍ତ୍ରୀ)
୧ । ଅବ୍ୟବହିତ ପରେ—1. Immediately after.
୨ । ପରେ ପଶ୍ଚାତ୍—2. After wards.
୩ । ତଦନନ୍ତର; ତହିଁପରେ—
3. Thereafter; thereupon.
ସଂ. ବିଣ—୧ । ପଶ୍ଚାଦ୍ବର୍ତ୍ତୀ—1. Situated behind.
୨ । ପରବର୍ତ୍ତୀ—2 Subsequent; following.
୩ । ନିକଟବର୍ତ୍ତୀ—3. Adjacent.
୪ । ଲାଗିଥିବା—4. Contiguous.
୫ । ଧାରାବାହିକ—5. Uninterrupted; continuous.
୬ । ନିମ୍ନତର; ନୀଚତର—6 Lower.
୭ । ଘନ—7. Compact; close.
୮ । ନିମ୍ନତର ଜାତୀୟ—8. Of lower caste.
ସଂ. ବି—୧ । ପ୍ରତିବାସୀ ପ୍ରତିଦ୍ୱନ୍ଦୀ ବ୍ୟକ୍ତି—
1. A neighbouring rival (M. W.)
୨ । ନିକଟବର୍ତ୍ତିତା—2. Contiguousness.
୩ । ବ୍ରହ୍ମ—3. The Supreme Soul.

**ଅନନ୍ତରଜ**—ସଂ. ବି. ପୁଂ (ଅନନ୍ତର=ପରେ+ଜନ ଧାତୁ+କର୍ତ୍ତୃ. ଅ)—
Anantaraja ୧ । ଅନୁଜ; କନିଷ୍ଠ ଭ୍ରାତା—1. The
(ଅନନ୍ତରଜା—ସ୍ତ୍ରୀ) younger brother; the after born.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଁ | ଉଅ | ଣ୍ଣ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁୟ | ଇଅ | ଡ଼ | ଙ୍କୃ |

୨ । ନୀଚତରଜାତୀୟା ସ୍ତ୍ରୀ ଗର୍ଭରୁ ବ୍ରାହ୍ମଣ ବା କ୍ଷତ୍ରିୟ ପୁରୁଷ-ଔରସଜାତ ସନ୍ତାନ ( ମନୁ ୧୦-୪୧ )—2. A son born of a Brāhmaṇa or Kshatriya father and a mother of lower caste.

**ଅନନ୍ତରଜାତ**—ସଂ. ବି. ପୁଂ. ( ଅନନ୍ତର+ଜାତ )—ଅନନ୍ତରଜ ( ଦେଖ )
Anantarajāta — Anantaraja ( See )
( ଅନନ୍ତରଜାତା—ସ୍ତ୍ରୀ )
[ ଦ୍ର—ବ୍ରାହ୍ମଣ ଔରସରେ ଅନନ୍ତରଜାତ ସୁତ ଜନକ ବା ପତିତ ଅଟନ୍ତି—ମନୁ. ୧୦।୭ । ]

**ଅନନ୍ତଶକ୍ତି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି )—ମହାଶକ୍ତିଶାଳୀ—
Anantaśakti — Omnipotent.

**ଅନନ୍ତଶୟନ**—ସଂ. ବି. ( ୭ମୀ ତତ୍; ଅନନ୍ତ+ଶୟନ )—
Anantaśayana ୧ । ମହାପ୍ରଳୟକାଳରେ ବିଷ୍ଣୁଙ୍କର ଅନନ୍ତ ବା ଶେଷନାଗ ଉପରେ ଶୟନ—
1. The sleeping of Bishṇu on the Ananta serpent during the great deluge.
୨ । ତ୍ରିବାଙ୍କୋଡ଼—
2. Travancore ( M. W. & Apte ).
୩ । ଶ୍ରୀରଙ୍ଗପତ୍ତନ—
3. Śrīraṅgapattana ( Apte ).

**ଅନନ୍ତଶଯ୍ୟା**—ସଂ. ବି. ( ୭ମୀ ତତ୍ ଅଥବା ରୂପକ; ଶଯ୍ୟା ରୂପେ ବ୍ୟବହୃତ ଅନନ୍ତନାଗ )—ମହାପ୍ରଳୟକାଳରେ ଅନନ୍ତନାଗ ଉପରେ ବିଷ୍ଣୁଙ୍କ ରଚିତ ଶଯ୍ୟା—The bed of Bishṇu on the Ananta serpent at the great deluge.
Anantaśajyā

**ଅନନ୍ତଶାୟୀ**—ସଂ. ବି. ପୁଂ. ( ଅନନ୍ତ+ଶୀ ଧାତୁ+କର୍ତ୍ତୃ. ଇନ୍= ଅନନ୍ତଶାୟିନ୍. ୧ମା. ୧ବ. )—ପ୍ରଳୟକାଳରେ ଅନନ୍ତନାଗ ଉପରେ ଶୟନକରିଥିବା )—ବିଷ୍ଣୁ—An epithet of Bishṇu.
Anantaśāyī

**ଅନନ୍ତଶୀର୍ଷ**—ସଂ. ବି. ପୁଂ. ( ବହୁବ୍ରୀହି; ଅନନ୍ତ+ଶୀର୍ଷ; ଯାହାର ଅସଂଖ୍ୟ ମସ୍ତକ ଅଛି )—
Anantaśīrsha
୧ । ବାସୁକୀ; ଶେଷନାଗ—
1. The thousand-headed serpent king.
୨ । ବିଷ୍ଣୁ—2 Bishṇu.
ସଂ. ବିଣ—ବହୁଶିରଯୁକ୍ତ—Having countless heads.

**ଅନନ୍ତଶୀର୍ଷା**—ସଂ. ବି. ସ୍ତ୍ରୀ—ବାସୁକୀଙ୍କ ସ୍ତ୍ରୀ—Name of the snake king Bāsukī's wife.
Anantaśīrshā

**ଅନନ୍ତା**—ସଂ. ବିଣ. ସ୍ତ୍ରୀ. (ଅନନ୍ତ+ଆ )—ଅନନ୍ତର ସ୍ତ୍ରୀଲିଙ୍ଗ—
Anantā — Feminine of Ananta.
ସଂ. ବି. ସ୍ତ୍ରୀ—୧ । ପୃଥିବୀ—1. The earth.
୨ । ଦୁର୍ଗା; ପାର୍ବତୀ—2. The Goddess Durgā.
୩ । ଦୂର୍ବା; ଦୁବ—3 The creeping grass.
୪ । ଚେମିଡ଼ୁଲଇ—
4. A creeper; Hemidesmus Indicus.
୫ । ଶ୍ୟାମାଲତା—5. A creeper.
୬ । ଏକସଂଖ୍ୟା—6. The number '1'.
୭ । ପିପ୍ପଳ – 7 Long pepper.
୮ । ଦୁରାଲଭା ( ଦେଖ )—8 Durālabhā ( See )
୯ । ହରିଡ଼ା—9 Myrabolan.
୧୦ । ଅଁଳା—10. Embellic myrabolan.
୧୧ । ଗୁଳୁଚଲତା—11. A creeper.
୧୨ । ଲଙ୍ଗଳୀ ( ଦେଖ )—12. Lāṅgaḻī (See)
୧୩ । ଅଗ୍ନିମନ୍ଥ ( ଦେଖ )—13 Agnimantha (See)
ଦେ. ବି. ପୁଂ—୧ । ଅନନ୍ତନାମକ ବ୍ୟକ୍ତିର ଅନାଦର ସୂଚକ ଡାକ ନାମ—
1. A name for calling Ananta.
୨ । ଷଣ୍ଢପୁଅ ଅନନ୍ତା; କର୍ମହୀନ ଦୁଣ୍ଡାଯୁବକ—
2. A good-for-nothing loafer.

**ଅନନ୍ତାଈ**—ଦେ. ବି (ସଂ. ଅନନ୍ତା=ଦୁର୍ଗା) --ପୀତାମ୍ବର ନୃସିଂହପୁରାଣୋକ୍ତ ଦେବୀବିଶେଷ—Name of a popular Goddess.
Anantāī

**ଅନନ୍ତାତ୍ମା**—ସଂ. ବି (ବହୁବ୍ରୀହି; ଅନନ୍ତ+ଆତ୍ମନ୍ ୧ମା ୧ବ.)—ବ୍ରହ୍ମ—
Anantātmā — The Universal Spirit.

**ଅନନ୍ତାନନ୍ଦ**—ଦେ. ବି. (ନାମ)—ରାମାନନ୍ଦଙ୍କର ଜନୈକ ଶିଷ୍ୟ—
Anantānanda — Name of a disciple of Rāmānanda.

**ଅନନ୍ତ୍ୟ**—ସଂ. ବିଣ (ଅନନ୍ତ+ଯ)—୧ । ଯାହାର ସୀମା ନାହିଁ—
Anantya — 1 Infinite.
୨ । ଚିର—2. Eternal.
ସଂ ବି—୧ । ଅନନ୍ତକାଳ—1. Eternity.
୨ । ଅନନ୍ତଦେଶ—2. Infinity.

**ଅନନ୍ୱୟ**—ସଂ. ବିଣ. ପୁଂ (ବହୁବ୍ରୀହି; ନ+ଅନ୍ୱୟ)—୧ । ପୁତ୍ରପୌତ୍ରାଦିହୀନ; ଅଣ୍ଟକୁଡ଼ା—1 Issueless
Ananwaya
(ଅନନ୍ୱୟା—ସ୍ତ୍ରୀ) ୨ । ଯେଉଁ ପଦ ଅନ୍ୟ ପଦଦ୍ୱାରା ଅନ୍ୱିତ ନୁହେ—
2. A word not governed by any other word.
ସଂ. ବି.—ଅର୍ଥାଲଙ୍କାରବିଶେଷ; ଯେଉଁ ରଚନାରେ ଉପମାନ ଓ ଉପମେୟ ଏକ ବସ୍ତୁରେ ପର୍ଯ୍ୟବସିତ ହୁଏ । ( ଏଥିର ତାତ୍ପର୍ଯ୍ୟ ଏହି ଯେ ଉକ୍ତ ବସ୍ତୁର ଉପମା ଦେବାକୁ ସଂସାରରେ ଆଉ କିଛି ନାହିଁ )—A figure in Rhetoric in which a thing is compared to itself showing that it is matchless.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାର' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନନ୍ୱିତ**—ସଂ. ବିଣ (ନ+ଅନ୍ୱିତ)—୧ । ଯେଉଁ ପଦ ଅନ୍ୟ ପଦଦ୍ୱାରା Ananwita ଅନ୍ୱିତ ନୁହେ; ଯେଉଁ ପଦର ପୂର୍ବାପର ସମ୍ବନ୍ଧ ନାହିଁ—1. (a word) Not governed by any other word.

୨ । ଅସମ୍ବଦ୍ଧ; ଅସଙ୍ଗତ—2. Unconnected; incoherent.

୩ । ଅନିୟମିତ—3. Irregular; desultory.

**ଅନନ୍ୟ**—ସଂ ବିଣ (ନ+ଅନ୍ୟ; ଯାହା ଅନ୍ୟ ବସ୍ତୁ ବା ବିଷୟ ନୁହେ)— Ananya ୧ । ସ୍ୱକୀୟ; ଆପଣାର—1. Own.

ଅନନ୍ୟତା; ଅନନ୍ୟତ୍ୱ } ବି ୨ । ଏକାନ୍ତ ଆସକ୍ତ—2. Exclusively devoted; devoted to no one else.

୩ । ଅଭିନ୍ନ; ସେହି ଏକା—3. Identical; selfsame.

**ଅନନ୍ୟକର୍ମା**—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ନ+ଅନ୍ୟ କର୍ମନ୍ )— Ananyakarmmā ଯାହାର (ନିର୍ଦ୍ଦିଷ୍ଟ କର୍ମ ଛଡ଼ା) ଅନ୍ୟ କର୍ମ, ବ୍ୟବସାୟ ବା ଜୀବିକା ନାହିଁ—Having no other occupation, employment or vocation.

**ଅନନ୍ୟଗତି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ନ+ଅନ୍ୟ+ଗତି) Ananyagati —ଅନନ୍ୟଗତିକ ( ଦେଖ ) Ananyagatika ( See )

ସଂ. ବି. ( କର୍ମଧା ) ଏକମାତ୍ର ଅବଲମ୍ବନ— Sole resort or refuge.

**ଅନନ୍ୟଗତିକ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅନ୍ୟ+ଗତି+କ)— Ananyagatika ୧ । ଯାହାର ଅନ୍ୟ ଗତି ନାହିଁ; ନିରୁପାୟ; (ଅନନ୍ୟଗତିକା—ସ୍ତ୍ରୀ) ନାଚାର—1. Having no other alternative or resource.

୨ । ନିରାଶ୍ରୟ—2. Helpless.

**ଅନନ୍ୟଗାମୀ**—ସଂ. ବିଣ. ପୁଂ. ( ନ+ଅନ୍ୟ+ଗମ ଧାତୁ+କର୍ତ୍ତୃ. ଇନ୍. Ananyagāmi ୧ମା. ୧ବ. )— (ଅନନ୍ୟଗାମିନୀ—ସ୍ତ୍ରୀ) ୧ । ଯେ ଆଉ କାହାରିଠାକୁ ନ ଯାଏ — 1. Going to no other.

୨ । ଯେ ଅନ୍ୟ କାହାରି ସଙ୍ଗେ ସଙ୍ଗମ ନ କରେ— 2. Cohabiting with no one else.

**ଅନନ୍ୟଚିତ୍ତ**—ସଂ. ବି. (ନ+ଅନ୍ୟ+ଚିତ୍ତ)—୧ । ପୂର୍ଣ୍ଣ ମନୋଯୋଗ— Ananyachitta 1. Undivided attention. (ଅନନ୍ୟଚିତ୍ତା—ସ୍ତ୍ରୀ) ୨ । ଏକାଗ୍ରତା—2. Concentration of mind.

ସଂ. ବିଣ. ପୁଂ—ଅନନ୍ୟଚେତା ( ଦେଖ ) Ananyachetā ( See )

**ଅନନ୍ୟଚିନ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅନ୍ୟ+ଚିନ୍ତା )— Ananyachinta ଯେ ଅନ୍ୟ କୌଣସି ବିଷୟର ଚିନ୍ତା ନ କରି (ଅନନ୍ୟଚିନ୍ତା—ସ୍ତ୍ରୀ) ଲକ୍ଷ୍ୟୀକୃତ ବିଷୟରେ ଏକମାତ୍ର ଚିନ୍ତା ଦେଇ ଥାଏ—Giving one's undivided thought to a matter.

**ଅନନ୍ୟଚେତା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ନ+ଅନ୍ୟ+ Ananyachetā ଚେତସ୍; ୧ମା. ୧ବ. )—

ଯେ ଏକମାତ୍ର ବିଷୟ ପ୍ରତି ମନ ଦେଇଥାଏ— Giving one's undivided attention to a matter.

**ଅନନ୍ୟଜ**—ସଂ. ବି. ପୁଂ. ( ନ+ଅନ୍ୟ+ଜନ ଧାତୁ+କର୍ତ୍ତୃ. ଅ; ଯେ Ananyaja ଅନ୍ୟଠାରୁ ଜନ୍ମି ନାହିଁ )—

ମନସିଜ; ମଦନ; କାମ—Cupid; love.

**ଅନନ୍ୟଦୃଷ୍ଟି**—ସଂ. ବି. ( କର୍ମଧା )—ଲକ୍ଷ୍ୟ ବିଷୟ ଛଡ଼ା ଅନ୍ୟ ଆଡ଼କୁ Ananyadrushti ପଡ଼ୁ ନ ଥିବା ଦୃଷ୍ଟି; ଏକଦୃଷ୍ଟି— Steadfast or intent gaze; staring at one thing only.

ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ନ+ଅନ୍ୟ+ଦୃଷ୍ଟି )— ଯାହାର ଏକ ପଦାର୍ଥ ଛଡ଼ା ଅନ୍ୟ ପ୍ରତି ଦୃଷ୍ଟି ନାହିଁ— Gazing intently on one thing only.

**ଅନନ୍ୟଦେବ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ ଅନ୍ୟଦେବ )— Ananyadeba ୧ । ଏକ ଦେବ ଛଡ଼ା ଯାହାର ଅନ୍ୟ ଉପାସ୍ୟ ଦେବ ନାହିଁ—1. Having no other God to worship.

୨ । ଯାହା ଛଡ଼ା ଉତ୍କୃଷ୍ଟ ଦେବ କେହି ନାହିଁ— 2. Having no other superior Deity.

ସଂ. ବି—ପରମାତ୍ମା; ପରବ୍ରହ୍ମ; ପରମେଶ୍ୱର— The Supreme Being.

**ଅନନ୍ୟଧର୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ନ+ଅନ୍ୟ+ଧର୍ମନ୍; Ananyadharmā ୧ମା. ୧ବ. )—

ଯାହାର ଅନ୍ୟ ଧର୍ମ ବା ଗୁଣ ନାହିଁ— Having no other quality or attribute.

**ଅନନ୍ୟନାଥ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅନ୍ୟ+ନାଥ )— Ananyanātha ଯାହାର ଅନ୍ୟ କେହି ପ୍ରଭୁ ବା ସ୍ୱାମୀ ନାହିଁ— (ଅନନ୍ୟନାଥା—ସ୍ତ୍ରୀ) Having no other lord or master.

**ଅନନ୍ୟନାଥା**—ସଂ. ବିଣ. ସ୍ତ୍ରୀ. ( ଅନନ୍ୟନାଥ+ଆ )— Ananyanāthā ଅନନ୍ୟନାଥର ସ୍ତ୍ରୀଲିଙ୍ଗ— Feminine of Ananyanātha.

ସଂ. ବି. ସ୍ତ୍ରୀ—ଯେଉଁ ଅନୂଢ଼ା କନ୍ୟା ପୂର୍ବରୁ ଅନ୍ୟ ବର ପ୍ରତି ବାଗ୍‌ଦତ୍ତା ହୋଇ ନାହିଁ—A girl not previously betrothed to any other bride-groom.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଔ | ଦ୍ଭ |

**ଅନନ୍ୟପର**—ସଂ. ବଣ. ପୁଂ. ( ବହୁବ୍ରୀହି; ନାହିଁ ଅନ୍ୟପର=ଆଶ୍ରୟ ଯାହାର; ନ+ଅନ୍ୟପର )—
Ananyapara
(ଅନନ୍ୟପରା—ସ୍ତ୍ରୀ) ୧ । ଅନନ୍ୟଚିତ୍ତ ( ଦେଖ )
1. Ananyachitta ( See )
୨ । ଅନନ୍ୟପରାୟଣ ( ଦେଖ )
2. Ananyaparāyana ( See )

**ଅନନ୍ୟପରାୟଣ**—ସଂ. ବଣ. ପୁଂ. ( ନ+ଅନ୍ୟପରାୟଣ )—
Ananyaparāyana ୧ । ଅନନ୍ୟଚିତ୍ତ (ଦେଖ)
(ଅନନ୍ୟପରାୟଣା—ସ୍ତ୍ରୀ) 1. Ananyachitta ( See )
୨ । ଯେ ଅନ୍ୟ କୌଣସି ବ୍ୟକ୍ତି ପ୍ରତି ଆସକ୍ତ ନୁହେ—
2. Not attached to any other person.

**ଅନନ୍ୟପୂର୍ବା**—ସଂ. ବଣ. ସ୍ତ୍ରୀ. ( ନ+ଅନ୍ୟପୂର୍ବା )—
Ananyapūrbā ୧ । ଯେଉଁ କନ୍ୟା ଆଉ କୌଣସି ବରପାତ୍ରକୁ ଏଥିପୂର୍ବରୁ ବାଗ୍‌ଦତ୍ତା ହୋଇ ନାହିଁ—
. Unbetrothed ( girl )
୨ । ଅବିବାହିତା—2. Unmarried ( girl )
ସଂ. ବି. ସ୍ତ୍ରୀ—ବାଗଦତ୍ତା ହୋଇ ନ ଥିବା କନ୍ୟା—
Unbetrothed girl; a virgin.

**ଅନନ୍ୟବୃତ୍ତି**—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ନାହିଁ ଅନ୍ୟବୃତ୍ତି ଯାହାର; ନ+ଅନ୍ୟ ବୃତ୍ତି )—
Ananyabrutti
୧ । ଯାହାର ଅନ୍ୟ ବ୍ୟବସାୟ, ଆଶ୍ରୟ ବା ଅବଲମ୍ବନ ନାହିଁ—
1. Not having any other occupation, or calling.
୨ । ଯାହାର ଆଉ କେଉଁ କଥା ପ୍ରତି ମନଦେବାକୁ ନାହିଁ—
2. Having nothing else to attend to.
୩ । ଏକାନ୍ତ ମନୋଯୋଗୀ—3. Closely attentive.

**ଅନନ୍ୟମନସ୍କ**—ସଂ. ବଣ. ପୁଂ. ( ନ+ଅନ୍ୟମନସ୍କ )—
Ananyamanaska ଏକାଗ୍ରଚିତ୍ତ; ଏକାନ୍ତ ମନୋଯୋଗଯୁକ୍ତ—
(ଅନନ୍ୟମନସ୍କା—ସ୍ତ୍ରୀ) Giving undivided attention; with attention concentrated on one object.

**ଅନନ୍ୟମନା**—ସଂ. ବଣ. ପୁଂ. ଓ ସ୍ତ୍ରୀ. (ନ+ଅନ୍ୟ+ମନସ୍ ୧ମା.୧ବ)—
Ananyamanā ୧ । ଅନନ୍ୟମନସ୍କ ( ଦେଖ )—
1 Ananyamanaska (See)
୨ । ଯେ କୌଣସି ବିଷୟ ବା ବ୍ୟକ୍ତିକୁ ମନେ କରେ ନାହିଁ—
2. Thinking of nothing or none else.

**ଅନନ୍ୟମାନସ**—ସଂ. ବଣ. ପୁଂ. ( ନ+ଅନ୍ୟ+ମାନସ )—
Ananyamānasa ଅନନ୍ୟମନସ୍କ ( ଦେଖ )
(ଅନନ୍ୟମାନସା—ସ୍ତ୍ରୀ) Ananyamanaska See)

**ଅନନ୍ୟଶରଣ**—ସଂ. ବଣ. ପୁଂ. ( ବହୁବ୍ରୀହି; ନ+ଅନ୍ୟ+ଶରଣ )—
Ananyasarana ଯାହାର ଅନ୍ୟ ଆଶ୍ରୟ ନାହିଁ—
(ଅନନ୍ୟଶରଣା—ସ୍ତ୍ରୀ) Having no other shelter or refuge.

**ଅନନ୍ୟସାଧାରଣ**—ସଂ. ବଣ. ( ନ+ଅନ୍ୟ+ସାଧାରଣ )—
Ananyasādhārana ୧ । ଅତି ଅସାଧାରଣ—
1. Very extraordinary; uncommon.
୨ । ଯାହା ଅନ୍ୟ ପକ୍ଷରେ ସାଧାରଣ ନୁହେ—
2. Not common to any one else.
୩ । ଯାହା ଅନ୍ୟ କାହାର ନୁହେ—
3 Not belonging to any other.

**ଅନନ୍ୟାଶ୍ରିତ**—ସଂ. ବଣ. (ନ+ଅନ୍ୟ+ଆଶ୍ରିତ )—
Ananyāsrita ୧ । ସ୍ୱାଧୀନ—1. Independent.
୨ । ଯେ ଅନ୍ୟକୁ ଆଶ୍ରା କରି ନାହିଁ—
2. Not having resorted to another.
ସଂ. ବି—(ସ୍ମୃତି) ଯେଉଁ ସମ୍ପତ୍ତି ଦାୟଗ୍ରସ୍ତ ବା ଆବଦ୍ଧ ନୁହେ; ଅନ୍ୟ କାହାଠାରେ ବନ୍ଧା ଛନ୍ଦା ନ ଥିବା—
(law) Unencumbered property.

**ଅନପ**—ସଂ. ବଣ. (ବହୁବ୍ରୀହି; ନ+ଅପ)—ନିର୍ଜଳ; ଜଳହୀନ—
Anapa Destitute of water.

**ଅନପକରଣ**—ସଂ. ବି. ( ନ+ଅପକରଣ )—
Anapakarana ( ସ୍ମୃତି ) ନ ଦେବା—( law ) Non-payment; non-delivery (M. W.)

**ଅନପଚୟ**—ସଂ. ବଣ. ( ବହୁବ୍ରୀହି; ନ+ଅପଚୟ )—
Anapachaya ୧ । ଅବିନାଶୀ; ଅବ୍ୟୟ—
1 Indestructible.
୨ । ଅବିନଷ୍ଟ—2. Undamaged.
୩ । ଅପବ୍ୟୟିତ ନ ହୋଇଥିବା—3. Not squandered.

**ଅନପତ୍ୟ**—ସଂ. ବଣ. ପୁଂ. ( ବହୁବ୍ରୀହି; ନ+ଅପତ୍ୟ )—
Anapatya ନିଃସନ୍ତାନ; ପୁତ୍ରପୌତ୍ରାଦିହୀନ—
(ଅନପତ୍ୟା—ସ୍ତ୍ରୀ) Issueless; childless.
(ଅନପତ୍ୟତା—ବି)

**ଅନପତ୍ୟକ**—ସଂ. ବଣ. ପୁଂ. (ଅନପତ୍ୟ+ସ୍ୱାର୍ଥେ. କ )—
Anapatyaka ଅନପତ୍ୟ ( ଦେଖ )
Anapatya (See)

**ଅନପତ୍ରପ**—ସଂ. ବଣ. ପୁଂ. ( ନ+ଅପତ୍ରପ )—ନିର୍ଲଜ୍ଜ—
Anapatrapa Shameless.
(ଅନପତ୍ରପା—ସ୍ତ୍ରୀ)

**ଅନପରାଦ୍ଧ**—ସଂ. ବଣ. ପୁଂ. ( ନ+ଅପରାଦ୍ଧ )—
Anaparāddha ୧ । ଯେ ଅନ୍ୟକୁ ଆଘାତ ବା ଅନ୍ୟର ଅନିଷ୍ଟ କରିନାହିଁ—1. One who has not injured anybody.
୨ । ନିର୍ଦ୍ଦୋଷ—2. Faultless.

**ଅନପରାଧ**—ସଂ. ବି. ( ନଞ ତତ୍; ନ+ଅପରାଧ )—
Anaparādha ଅପରାଧଶୂନ୍ୟତା; ନିର୍ଦ୍ଦୋଷତା—
(ଅନପରାଧା—ସ୍ତ୍ରୀ) Innocence; innocuousness.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବିଣ. ପୁଂ. (ବହୁବ୍ରୀହି)—୧ । ଯେ ଅପରାଧ କରି ନାହିଁ— 1. Innocent.

୨ । ନିର୍ଦ୍ଦୋଷ—2. Faultless; free from defects.

**ଅନପରାଧୀ**—ସଂ. ବିଣ. ପୁଂ. ( ନ + ଅପରାଧୀ )—
Anaparādhī ଯେ ଅପରାଧୀ ନୁହେ—Innocent.
(ଅନପରାଧିନୀ—ସ୍ତ୍ରୀ)

**ଅନପସର**—ସଂ. ବିଣ—(ସ୍ମୃତି) ଜବରଦସ୍ତି କୌଣସି ପଦାର୍ଥ ରଖିଥିବା
Anapasara ବ୍ୟକ୍ତି; ଚୋରାମାଲର ଜମାଦାର—
(law) Usurper; a receiver of stolen property.

(ଦ୍ର—ଏପରି ବ୍ୟକ୍ତିଙ୍କୁ ଚୋରପରି ଦଣ୍ଡ ଦିଆଯିବାର ବିଧି ଅଛି । ମନୁ—୮।୧୪୮ ।)

**ଅନପାୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ + ଅପାୟ )—
Anapāya ୧ । ଅବିନାଶୀ; ଅବିନଶ୍ୱର—
(ଅନପାୟା—ସ୍ତ୍ରୀ) 1. Imperishable.

୨ । ଚିରସ୍ଥାୟୀ— 2. Lasting.

୩ । ବାଧାରହିତ—3. Without obstacles.

୪ । ସମୃଦ୍ଧ—4. Prosperous.

ସଂ. ବି—୧ । ଦୁଃଖରାହିତ୍ୟ; ଅନିଷ୍ଟରୁ ମୁକ୍ତି— 1. Freedom from mischief.

୨ । ମହାଦେବ; ଶିବ – 2. God Śiba.

**ଅନପାୟୀ**—ସଂ. ବିଣ. ପୁଂ. (ନ + ଅପାୟୀ)—ଅନପାୟ (ଦେଖ)
Anapāyī Anapāya (See)
(ଅନପାୟିନୀ—ସ୍ତ୍ରୀ)

**ଅନପେକ୍ଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅପେକ୍ଷା )—
Anapeksha ୧ । ଯେ କାହାରିକି ଅପେକ୍ଷା ରଖେ ନାହିଁ—
(ଅନପେକ୍ଷା—ସ୍ତ୍ରୀ) 1. Regardless.
(ଅନପେକ୍ଷତା—ବି) ୨ । ନିରପେକ୍ଷ—2. Impartial.

୩ । ସ୍ୱାଧୀନ—3. Independent.

୪ । ନିର୍ମମ—4. Indifferent.

୫ । ବେଖାତିର୍‌ଆ—5. Careless.

**ଅନପେକ୍ଷା**—ସଂ. ବି. ( ନ + ଅପେକ୍ଷା )—୧ । ବେଖାତିର୍—
Anapekshā 1. Carelessness.

୨ । ପରପ୍ରତି ଅପେକ୍ଷା ନ କରିବା—
2. Disregard; want of regard for another.

ସଂ. ବିଣ. ସ୍ତ୍ରୀ—( ଅନପେକ୍ଷ + ଆ )—ଅନପେକ୍ଷର ସ୍ତ୍ରୀଲିଙ୍ଗ— Feminine of Anapeksha.

**ଅନପେକ୍ଷିତ**—ସଂ. ବିଣ. ( ନ+ଅପେକ୍ଷା + ଇତ)—୧ । ଅପ୍ରତ୍ୟାଶିତ—
Anapekshita 1. Unexpected.

୨ । ଖାତିର୍ କରା ନ ଯିବା—
2. Disregarded; unheeded.

**ଅନପେତ**—ସଂ. ବିଣ. ( ନ+ଅପ+ଇ ଧାତୁ+ତ )—
Anapeta ୧ । ଯାହା ଗତ ହୋଇ ନାହିଁ—
1. Not gone; not past.

୨ । ପୃଥକ୍ ହୋଇ ନ ଥିବା—2 Not separated.

୩ । ବିଦ୍ୟମାନ; ଉପସ୍ଥିତ—3. Present.

୪ । ଏକାନ୍ତ ଅସକ୍ତ—4. Faithful to.

**ଅନଫା**—ସଂ. ବି. ( ଗ୍ରୀକ୍‌ଭାଷାରୁ ଅନାତ )—ଜ୍ୟୋତିଷୋକ୍ତ
Anaphā ଯୋଗବିଶେଷ—(Astronomy) A particular configuration of planets.

**ଅନବକାଶ**—ସଂ. ବି. ( ନଞ୍ ତତ୍; ନ+ଅବକାଶ )—
Anabakāsa ଅବକାଶର ଅଭାବ—Want of leisure.
( ଅନବକାଶା—ସ୍ତ୍ରୀ ) ସଂ. ବିଣ. ପୁ. ( ବହୁବ୍ରୀହି )—୧ । ଯାହାର ଫୁର୍‌ସତ୍ ନ ଥାଏ— 1. Having no leisure.

୨ । ଯାହାର ସୁବିଧା ବା ସୁଯୋଗ ନାହିଁ—
2. Having no opportunity or occasion.

୩ । ଅପ୍ରଯୁଜ୍ୟ—3. Inapplicable.

**ଅନବଚ୍ଛିନ୍ନ**—ସଂ. ବିଣ. ( ନ+ଅବଚ୍ଛିନ୍ନ )—୧ । ଧାରାବାହିକ—
Anabachchhinna 1. Continuous.
( ଅନବଚ୍ଛିନ୍ନତା—ବି) ୨ । ଅବିଶ୍ରାନ୍ତ—2. Uninterrupted.

୩ । ଯାହା ରେଖାଆଦିଦ୍ୱାରା ଛେଦିତ ହୋଇ ନାହିଁ—
3. Unintersected.

୪ । ଅତ୍ୟଧିକ; ବେକାୟଦା—4. Immoderate.
( ଯଥା—ଅନବଚ୍ଛିନ୍ନ ହାସ )

୫ । ସୀମାହୀନ—5. Unbounded.

**ଅନବଦ୍ୟ** – ସଂ. ବିଣ. ( ନ+ଅବଦ୍ୟ )—୧ । ନିର୍ଦ୍ଦୋଷ—
Anabadya 1. Faultless.
ଅନବଦ୍ୟତା } ବି. ୨ । ଯାହା ସମ୍ବନ୍ଧେ ଆପତ୍ତି କରି ଯାଇ ନ
ଅନବଦ୍ୟତ୍ୱ } ପାରେ—2 Unobjectionable.

୩ । ଅନିନ୍ଦ୍ୟ—Irreproachable.

**ଅନବଦ୍ୟା**—ସଂ. ବିଣ. ସ୍ତ୍ରୀ. (ଅନବଦ୍ୟ+ଆ)—ଅନବଦ୍ୟର ସ୍ତ୍ରୀଲିଙ୍ଗ—
Anabadyā Feminine of anabadya.

ସଂ. ବି. ସ୍ତ୍ରୀ—ଜଣେ ଅପ୍ସରା—Name of one of the Apsarās.

**ଅନବଦ୍ୟାଙ୍ଗ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅନବଦ୍ୟ + ଅଙ୍ଗ )—
Anabadyāṅga ଯାହାର ଅଙ୍ଗ ବା ଦେହ ନିର୍ଦ୍ଦୋଷ—
(ଅନବଦ୍ୟାଙ୍ଗୀ—ସ୍ତ୍ରୀ) Having faultless body or limbs.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଷ,ସ | ଙ୍କ | ଇଯ଼ | ଉଅ | ଢ଼ |
| ୨ | ଈ | ଊ | ଋୁ | ଌୁ | ଯ଼େ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ଶ | ଙ୍ଗ୍ୟ | ଇଅ | ଢ଼ | ନ୍ବ |

**ଅନବଧାନ**—ସଂ. ବି. (ନଞ୍ ତତ୍; ନ+ଅବଧାନ )—ଅମନୋଯୋଗ—
Anabadhāna Inattention; inadvertence.
( ଅନବଧାନା—ସ୍ତ୍ରୀ ) ସଂ. ବିଣ. ପୁଂ—୧ । ଅମନୋଯୋଗୀ—
( ଅନବଧାନତା—ବି ) 1. Inattentive.
୨ । ଗଇଜୁସିଆର୍—2. Careless.

**ଅନବଧି**—ସଂ. ବିଣ. ( ବହୁବ୍ରୀହି; ନ+ଅବଧି )—
Anabadhi ଅସୀମ—Boundless.

**ଅନବନାଉ**—ଦେଶ. ବି. ( ହି. ଅନ୍‌ବନ୍; ଅନ୍‌ବନାଉ )—
Anabanāu ୧ । ବିବାଦ—1. Dispute.
अनबनिबनाउ ୨ । ଅବନ; ଅସୌହାର୍ଦ୍ଦ୍ୟ; ଅପଡ଼—
**अनबनाव** 2. State of being on bad terms.
୩ । ଶତ୍ରୁତା—3. Enmity.
ବହୁଯୋଗେ ହେଲା ଅନବନାଉ, ଦ୍ୱନ୍ଦ୍ୱ ଯୋଗେ ବହୁଲେ ଭଳି ।
ଚିନ୍ତାମଣି ସନତରଙ୍ଗ ।

**ଅନବରତ**—ସଂ. ବିଣ. ( ନ+ଅବ+ରମ ଧାତୁ+କ୍ତ. ତ )—
Anabarata ଅବିଶ୍ରାନ୍ତ—Uninterrupted; incessant.
ସଂ. କ୍ରି. ବିଣ—୧ । ସର୍ବଦା—1 Always.
୨ । ଅବିଶ୍ରାନ୍ତଭାବରେ—2. Incessantly.

**ଅନବଲମ୍ବ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅବଲମ୍ବ )—
Anabalamba ୧ । ଅବଲମ୍ବନହୀନ; ଯାହାର ଭିତ୍ତି ନାହିଁ—
(ଅନବଲମ୍ବା—ସ୍ତ୍ରୀ) 2. Having no support or prop.
୩ । ନିରାଶ୍ରୟ—3. Helpless.
୪ । ସ୍ୱାଧୀନ—4. Independent.
୫ । ବେକାର—5. Having no employment; unemployed.

**ଅନବଲମ୍ବନ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅବଲମ୍ବନ )—
Anabalambana ଅନବଲମ୍ବ ( ଦେଖ )
( ଅନବଲମ୍ବନା—ସ୍ତ୍ରୀ ) Anabalamba ( See )
ସଂ. ବି. ( ନଞ୍ ତତ୍ )—୧ । ଅବଲମ୍ବନର ଅଭାବ—
1. Want of support.
୨ । ସ୍ୱାଧୀନତା—2. Independence.

**ଅନବଲୋଭନ**—ସଂ. ବି—୧ । ଉପନିଷଦୁକ୍ତ ଗର୍ଭିଣୀଙ୍କର ୪ର୍ଥ ମାସ-
Anabalovana କର୍ତ୍ତବ୍ୟସଂସ୍କାର ବା ଉତ୍ସବବିଶେଷ ( ଗର୍ଭସ୍ରାବର ଆଶଙ୍କା ରହିତ କରିବା ଏ ଉତ୍ସବର ଉଦ୍ଦେଶ୍ୟ )—
1 Name of a ceremony observed by pregnant woman to prevent miscarriage (M. W.)
୨ । ଉପରୋକ୍ତ ଉତ୍ସବର ବିବରଣ ଲେଖାଥିବା ଉପନିଷଦ୍‌ର ଅଧ୍ୟାୟ—2. Name of a chapter of the Upanishad dealing with the above ceremony.

**ଅନବସର**—ସଂ. ବି. (ନଞ୍ ତତ୍; ନ+ଅବସର)—
Anabasara ୧ । ଅନବକାଶ (ଦେଖ)
(ଅନବସରା—ସ୍ତ୍ରୀ) 1. Anabakāsa (See)
୨ । (ଜଗନ୍ନାଥ ମହାପ୍ରଭୁଙ୍କ ଅଣସର; ସ୍ନାନପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ କାଳ)—ଅଣସର (ଦେଖ)
Anasara (See)
ସଂ. ବିଣ. ପୁଂ (ବହୁବ୍ରୀହି;)—ଅନବକାଶ (ଦେଖ)
Anabakāsa (See)

**ଅନବସିତ**—ସଂ. ବି (ନ—ଅବ+ସୋ ଧାତୁ+ତ) —ତ୍ରିଷ୍ଟୁଭ୍ ଛନ୍ଦ
Anabasita ବିଶେଷ, ଏଥିର ପ୍ରତି ଚରଣରେ ୧୧ ପଦ ଥାଏ—
A kind of Sanscrit metre of four lines with eleven feet to each (M. W.)
ସଂ. ବିଣ—ଯାହା ଶେଷ ହୋଇ ନାହିଁ—Not terminated.

**ଅନବସ୍କର**—ସଂ. ବିଣ (ବହୁବ୍ରୀହି; ନ+ଅବସ୍କର)—୧ । ମଳଶୂନ୍ୟ—
Anabaskara 1. Free from dirt.
୨ । ପରିଷ୍କୃତ—2. Clean; cleansed.

**ଅନବସ୍ଥ**—ସଂ. ବିଣ (ନ+ଅବସ୍ଥା)—୧ । ସ୍ଥିରୀକୃତ ହୋଇ ନ ଥିବା—
Anabastha 1. Unsettled.
୨ । ଅସ୍ଥିର—2. Unstable.

**ଅନବସ୍ଥା**—ସଂ. ବି. (ନଞ୍ ତତ୍; ନ+ଅବସ୍ଥା)—୧ । ଅନିଶ୍ଚିତ ଅବସ୍ଥା—
Anabasthā 1. Unsettled condition.
୨ । ଅସ୍ଥିର ଆଚରଣ—2. Unsteady conduct.
୩ । ଅନୈତିକ ଆଚରଣ—3 Loose conduct.
୪ । (ଦର୍ଶନ) କୌଣସି ପ୍ରତିଜ୍ଞାରେ ଶେଷ ମୀମାଂସାର ଅଭାବ—
4. (philosophy) Non-finality of a proposition; endless series of statements (M. W.)
୫ । ଦୁରବସ୍ଥା—5. Adversity.
୬ । ଅଭାବ—6. Want; need.

**ଅନବସ୍ଥାନ**—ସଂ. ବି. (ନଞ୍ ତତ୍; ନ+ଅବସ୍ଥାନ)—୧ । ଅସ୍ଥିରତା—
Anabasthāna 1. Instability; unsteadiness.
୨ । ସ୍ଥିତିର ଅଭାବ—2. Non-existence.
୩ । ମନ୍ଦ ଆଚରଣ—3. Looseness of conduct.
୪ । (ବହୁବ୍ରୀହି) ବାୟୁ—4. Air; wind.
ସଂ. ବିଣ. (ବହୁବ୍ରୀହି)—ଅସ୍ଥିର—Fickle; unstable.

**ଅନବସ୍ଥାୟୀ**—ସଂ. ବିଣ. ପୁଂ ( ନ+ଅବ+ସ୍ଥା ଧାତୁ+କର୍ତ୍ତୃ. ଇନ୍
Anabasthāyī ୧ମା. ୧ବ. )—
(ଅନବସ୍ଥାୟିନୀ—ସ୍ତ୍ରୀ) ଅଚିରସ୍ଥାୟୀ—Transient.

**ଅନବସ୍ଥିତ**—ସଂ. ବିଣ. (ନ+ଅବସ୍ଥିତ)—୧ । ଚଞ୍ଚଳ; ଅସ୍ଥିର—
Anabasthita 1. Restless.
(ଅନବସ୍ଥିତା—ସ୍ତ୍ରୀ) ୨ । ଅଠିକଣା; ଅବ୍ୟବସ୍ଥିତ—2. Fickle; unstable; unsteady.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କ୍ଷୁଧା' ନ ମିଳିଲେ 'କ୍ଷୁଧା' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୩ । ଅନିଶ୍ଚିତ—3. Unsettled.
୪ । ମନ୍ଦ ଆଚରଣବିଶିଷ୍ଟ— 4. Loose in conduct. (M. W.)

**ଅନବସ୍ଥିତଚିତ୍ତ**—ସଂ. ବି. (କର୍ମଧା; ଅନବସ୍ଥିତ+ଚିତ୍ତ)—
Anabasthitachitta ଅସ୍ଥିରମତି—Unsteady mind.
(ଅନବସ୍ଥିତଚିତ୍ତା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—
(ଅନବସ୍ଥିତଚିତ୍ତତ୍ୱ—ବି) ୧ । ଅସ୍ଥିରମତି; ଚଞ୍ଚଳମତି— 1. Fickle-minded.
୨ । ଯାହାର ମତଲବ ସବୁବେଳେ ଏକ ନୁହେ— 2. Irresolute.

**ଅନବସ୍ଥିତଚେତା**—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ଅନବସ୍ଥିତ+ଚେତସ୍ ୧ମା. ୧ବ.)—
Anabasthitacheta
ଅନବସ୍ଥିତଚିତ୍ତ (ଦେଖ) Anabasthitachitta (See)

**ଅନବହିତ**—ସଂ. ବିଣ (ନ+ଅବହିତ)—୧ । ଅମନୋଯୋଗୀ—
Anabahita 1. Inattentive.
(ଅନବହିତା—ସ୍ତ୍ରୀ) ୨ । ଯେ ମନ ଦିଏ ନାହିଁ—2. Heedless.

**ଅନବିକଳ୍ପ**—ସଂ. ବିଣ (ନ+ଅବିକଳ୍ପ)—୧ । ଯାହା ବାରି ହୋଇ ନ ପାରେ—1. Indistinguishable.
Anabikalpa
୨ । ଅନିଶ୍ଚିତ—2. Undefined.

**ଅନଭ**—ପ୍ରାଦେ. (ଗଡ଼ଜାତ) ବି (ସଂ. ଅନୁଭବ)—ବହୁ ଦୁଃଖଭୋଗ—
Anabha Much suffering.

**ଅନଭବ**—ଗ୍ରା. ବି. (ସଂ. ଅନୁଭବ)—୧ । ବହୁ ଦୁଃଖଭୋଗ—
Anabhaba 1. Much suffering.
୨ । ବହୁ ଦୁଃଖାନୁଭବ—2. Much sad experience.

**ଅନଭିଜାତ**—ସଂ. ବିଣ. ପୁଂ (ନ+ଅଭିଜାତ)—୧ । ଯାହାର ଆଭିଜାତ୍ୟ ନାହିଁ; ଯେ ଉଚ୍ଚବଂଶୀୟ ନୁହେ—
Anabhijata
(ଅନଭିଜାତା—ସ୍ତ୍ରୀ) Not of gentle birth.
୨ । ନୀଚବଂଶଜ—2. Lowborn; ignoble.

**ଅନଭିଜ୍ଞ**—ସଂ. ବିଣ. ପୁଂ. (ନ+ଅଭିଜ୍ଞ)—
Anabhijna ୧ । ଅଜ୍ଞ; ଯେ ଜାଣେ ନାହିଁ—1. Ignorant.
(ଅନଭିଜ୍ଞା—ସ୍ତ୍ରୀ) ୨ । ଯାହାର ଅନୁଭବ ନାହିଁ—
(ଅନଭିଜ୍ଞତା—ବି) 2. Inexperienced.
୩ । ଅପରିଚିତ—3. Unacquainted with.
୪ । ନିର୍ବୋଧ—4. Stupid.

**ଅନଭିଜ୍ଞାତ**—ସଂ. ବିଣ. (ନ+ଅଭିଜ୍ଞାତ)—
Anabhijnata ୧ । ଅଚିହ୍ନିତ—1. Unrecognised.
(ଅନଭିଜ୍ଞାତା—ସ୍ତ୍ରୀ) ୨ । ଅଜଣା—2. Unknown.

**ଅନଭିଜ୍ଞେୟ**—ସଂ. ବିଣ. (ନ+ଅଭିଜ୍ଞେୟ)—
Anabhijneya ଯାହାକୁ ଚିହ୍ନା ଯାଇ ନ ପାରେ— Unrecognisable.

**ଅନଭିପ୍ରେତ**—ସଂ. ବିଣ. (ନ+ଅଭିପ୍ରେତ)—
Anabhipreta ୧ । ଯାହା ମନୁଷ୍ୟ ପାଖ ନ ଥିଲା— 1. Not intended.
୨ । ଅଭିପ୍ରାୟବହିର୍ଭୂତ—2. Different from what was intended.
ସଂ. ବି—ଅଭିପ୍ରାୟବହିର୍ଭୂତ ଘଟନା—An occurrence different from what was intended (M. W.)

**ଅନଭିବ୍ୟକ୍ତ**—ସଂ. ବିଣ. (ନ+ଅଭିବ୍ୟକ୍ତ)—
Anabhibyakta ୧ । ଅପ୍ରକାଶିତ—1. Not expressed;
(ଅନଭିବ୍ୟକ୍ତି—ବି) not exhibited.
୨ । ପ୍ରଚ୍ଛନ୍ନ—2. Latent.
୩ । ଅପରିସ୍ଫୁଟ—3. Dim; indistinct.

**ଅନଭିଭୂତ**—ସଂ. ବିଣ. (ନ+ଅଭିଭୂତ)—
Anabhibhuta ୧ । ଅନାକ୍ରାନ୍ତ—1. Unattacked.
୨ । ଅନନୁଭୂତ—2 Unfelt.

**ଅନଭିମତ**—ସଂ. ବିଣ. (ନ+ଅଭିମତ)—
Anabhimata ୧ । ଯାହା ମନଲାଖି ନୁହେ— 1. Not to one's mind.
୨ । ଇଚ୍ଛାବିରୁଦ୍ଧ—2. Against one's wish or liking.
୩ । ଅନୁଦ୍ଦିଷ୍ଟ—3. Not aimed at.
୪ । ଯାହା ଭଲ ଲାଗେ ନାହିଁ—4. Disliked.

**ଅନଭିରୂପ**—ସଂ. ବିଣ. (ନ+ଅଭିରୂପ)—
Anabhirupa ୧ । ମେଳ ହେଉ ନ ଥିବା— 1. Not corresponding.
୨ । ଯାହା ମନୋମତ ନୁହେ—2. Not pleasing.
୩ । ଅସୁନ୍ଦର—3. Not handsome.

**ଅନଭିଲାଷ**—ସଂ. ବି. (ନ+ଅଭିଲାଷ)—
Anabhilasha ଅନିଚ୍ଛା—Absence of desire or wish.
ଅନଭିଲଷଣୀୟ; ଅନଭିଲଷିତ } ବିଣ.

**ଅନଭିଷ୍ୱଙ୍ଗ**—ସଂ. ବି. (ନ+ଅଭିଷ୍ୱଙ୍ଗ)—
Anabhishwanga ୧ । ଅନାସକ୍ତି— 1. Non-attachment.
୨ । ବୈରାଗ୍ୟ; ନିର୍ମ୍ମମତା—2. Indifference.

**ଅନଭ୍ୟସିତ**—ସଂ. ବିଣ. (ନ+ଅଭ୍ୟସିତ)—
Anabhyasita ୧ । ଅଭ୍ୟାସ କରାଯାଇ ନ ଥିବା— 1. Not practised.
୨ । ନିୟମିତରୂପେ ବ୍ୟବହୃତ ହେଉ ନ ଥିବା— 2. Disused; neglected.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୁ | ଲୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉଦବଦ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତୁ |

**ଅନଭ୍ୟାଶ**—ସଂ. ବି. ( ନ+ଅଭ୍ୟାଶ)—ଦୂରବର୍ତ୍ତୀ—Distant; not
Anabhyāśa near ( M. W. )

**ଅନଭ୍ୟାସ**—ସଂ. ବି. ( ନ+ଅଭ୍ୟାସ )—
Anabhyāsa ଅଭ୍ୟାସ ବା ନିୟମିତ ଆଲୋଚନାର ଅଭାବ—
Want of regular exercise or practice.

**ଅନଭ୍ର**—ସଂ. ବିଣ. ( ବହୁବ୍ରୀହି; ନ+ଅଭ୍ର )—
Anabhra ମେଘଶୂନ୍ୟ—Cloudless.

**ଅନଭ୍ରବୃଷ୍ଟି**—ସଂ. ବି. ( କର୍ମଧା; ପୂର୍ବରୁ ମେଘ ନ ଉଠାଇ ହଠାତ୍ ବର୍ଷା
Anabhrabṛushṭi ହେବା )—(ଲକ୍ଷଣାର୍ଥ) ଅପ୍ରତ୍ୟାଶିତ-
ପ୍ରାପ୍ତି—Unexpected acquisition ( M. W. )

**ଅନମ**—ସଂ. ବିଣ. ( ଅ+ନମ ଧାତୁ+କର୍ତ୍ତୃ. ଅ )—
Anama ୧ । ଅନତ—1. Not bent.
୨ । ଯେ ଅନ୍ୟକୁ ନମସ୍କାର କରେ ନାହିଁ—
2. One who makes no salutation to another.
ସଂ. ବି. ପୁଂ.—ବ୍ରାହ୍ମଣ—A Brāhmaṇa.

**ଅନମିତେ**—ଦେ. (ପଦ୍ୟ) କ୍ରି. ବିଣ. ( ସଂ. ଅ+ନିମିତ୍ତ )—
Anamite ୧ । ଅକାରଣରେ; ବୃଥା—
অকারণে 1. For nothing; in vain.
নাহক্ ୨ । ଅନ୍ୟଥା; ଅନ୍ୟ ପ୍ରକାରେ—
2. In another way.
ନ୍ୟାୟ ନ ବୁଝନ୍ତି ସେ ବୁଝନ୍ତି ଅନମିତେ । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଅନମ୍ବର**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅମ୍ବର )—
Anambara ୧ । ବସ୍ତ୍ରହୀନ; ଯେ ଲୁଗା ପିନ୍ଧି ନ ଥାଏ; ନଗ୍ନ;
(ଅନମ୍ବରା—ସ୍ତ୍ରୀ) ଦିଗମ୍ବର—1. Naked; unclothed.
୨ । ଫୁଙ୍ଗା—2. Bare.
୩ । ଆବରଣହୀନ—3. Without covering.
ସଂ. ବି—୧ । ନଗ୍ନ କ୍ଷପଣକ; ବୌଦ୍ଧ ସନ୍ନ୍ୟାସୀବିଶେଷ—
1. A class of naked Buddhist mendicants.
୨ । ଆକାଶ—2. The sky.
[ ଦ୍ର—ଅମ୍ବରର ଅର୍ଥ ଆକାଶ; ଅନମ୍ବରର ଅର୍ଥ ଆକାଶ । ]
ଅନମ୍ବର ବେଶ ବଟେ ଉତ୍କଳ ଯେ । ମଧୁସୂଦନ. ଅଯୋଧ୍ୟା ପ୍ରତ୍ୟାଗମନ ।

**ଅନୟ**—ସଂ. ବି. ( ଅ+ନୟ )—୧ । ମନ୍ଦ ବନ୍ଦୋବସ୍ତ—
Anaya 1. Bad management.
(ଅନୟା—ସ୍ତ୍ରୀ) ୨ । ମନ୍ଦ ଆଚରଣ—2. Bad conduct.
୩ । (ନ+ଅୟ)—ଦୁର୍ନୀତି—3. Immorality.
୪ । ମନ୍ଦ ନୀତି—4. Bad policy.
୫ । ଦୁର୍ଭାଗ୍ୟ—5. Misfortune.
୬ । ମନ୍ଦ ପଥ—6. Evil course.
ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ନୟ )—
୧ । ନୀତିଶୂନ୍ୟ—1. Immoral.
୨ । ( ବହୁବ୍ରୀହି; ନ+ଅୟ )—ଦୁର୍ଭାଗା—
2. Unfortunate.

**ଅନରଗଳ**—ଗ୍ରା. ( ପଦ୍ୟ ) ବିଣ. ( ସଂ. ଅନର୍ଗଳ )—
Anaragaḷa ଅନର୍ଗଳ ( ଦେଖ )
Anargaḷa ( See )

**ଅନରଣ୍ୟ**—ସଂ. ( ନାମ )—ସୂର୍ଯ୍ୟବଂଶୀୟ ଅଯୋଧ୍ୟାର ରାଜାବିଶେଷ
Anaraṇya (ରାବଣ ଦିଗ୍ବିଜୟ ସମୟରେ ଏହାଙ୍କୁ ବଧ କରିବାରୁ
ଏ ଅଭିଶାପ ଦେଇଥିଲେ ଯେ ମୋ ବଂଶଧର ହାତରେ
ତୁ ନିହତ ହେବୁ—Name of a king of the Solar Dynasty.

**ଅନରଥ**—ଗ୍ରା. ( ପଦ୍ୟ ) ବି. ( ସଂ. ଅନର୍ଥ )—ଅନର୍ଥ ( ଦେଖ )
Anaratha Anarthá ( See )
ବିନୟ ପରାକ୍ରମ କ୍ଷମା ଆଚରଣ
ଅର୍ଜିଛି ଅନରଥ କୋଧ ଅଲକ୍ଷଣ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**ଅନରାରି**—ବୈଦେ. ବିଣ. ( ଇଂ. ଅନରାରି )—
Anarāri ଅବୈତନିକ—Honorary.

**ଅନରାରି ମାଜିଷ୍ଟ୍ରେଟ୍**—ବୈଦେ. ବି. ( ଇଂ. ଅନରାରି ମାଜିଷ୍ଟ୍ରେଟ୍ )—
Anarāri majishṭreṭ ଫଉଜଦାରୀ ମକଦମା ବିଚାର କରିବା
ପାଇଁ ସରକାରଙ୍କ ମନୋନୀତ ଅବୈତନିକ ମାଜିଷ୍ଟ୍ରେଟ—
Honorany Magistrate.

**ଅନର୍କ ଚତୁର୍ଦ୍ଦଶୀ**—ସଂ. ବି—କାର୍ତ୍ତିକ ଶୁକ୍ଳଚତୁର୍ଦ୍ଦଶୀ—Name of the
Anarka chaturddaśī 14th day of the bright
fortnight of the month of Kārttika.

**ଅନର୍କାଭ୍ୟୁଦିତ**—ସଂ. ବି. ( ନ+ଅର୍କ+ଅଭ୍ୟୁଦିତ )—
Anarkābhyudita ସୂର୍ଯ୍ୟୋଦୟର ଅବ୍ୟବହିତ ପୂର୍ବ କାଳ—
The time just before sun-rise.

**ଅନର୍ଗଳ**—ସଂ. ବିଣ. ( ବହୁବ୍ରୀହି; ନ+ଅର୍ଗଳ )—୧ । ବାଧାରହିତ—
**Anargaḷa** 1. Unhindered; free from obstruction.
**(ଅନର୍ଗଳା—ସ୍ତ୍ରୀ)**
୨ । ମଝିରେ ମଝିରେ ବନ୍ଦ ହେଉ ନ ଥିବା; ଅବିରାମ—
2. Uninterrupted.
୩ । ନିରଙ୍କୁଶ—3. Unfettered.
୪ । ଅପ୍ରତିବନ୍ଧ—4. Unrestrained.
୫ । ସ୍ୱେଚ୍ଛାଚାରୀ—5. Licentious.
୬ । ସ୍ୱାଧୀନ—6. Free; independent.
୭ । ଯହିଁରେ ଅର୍ଗଳୀ ନ ଥାଏ—7. Having no bar.
ଗ୍ରା. ବିଣ—ଅତି ଦୃଢ଼—Very strong.
ସାତ କବାଟ ମହାବଳ, ଲୋହ ଅର୍ଗଳୀ ଅନର୍ଗଳ ।
ଜଗନ୍ନାଥ. ଭାଗବତ. ୧୦ମ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. କ୍ରି. ବଣ—୧ । ଅବିଶ୍ରାନ୍ତଭାବରେ— 1. Uninterruptedly.

୨ । ଗଡ଼ ଗଡ଼ କରି (କହିବା)—2. Very fluently.

( ଯଥା—ବକ୍ତା ଅନର୍ଗଳ କହି ଯାଉଥାନ୍ତି; ଆମେ ତାଙ୍କ ଆଡ଼କୁ ବାଇ ବାଇ କରି ଚାହୁଁଥାଉଁ । )

**ଅନର୍ଗଳ ମୁକୁଟ**—ଦେ. ବି—ରାଜା ଦୁର୍ଯ୍ୟୋଧନଙ୍କ ରାଜମୁକୁଟ—
Anargala mukuta The crown worn by king Durjyodhana.

ମାନଗୋବିନ୍ଦ ପାଦେ ମୁଁ ହୋଇ ପରଣାମୀ
ଅନର୍ଗଳ ମୁକୁଟ ମାଗିଲେ ଦେବି ସ୍ୱାମୀ । ସାରଳା. ମହାଭାରତ. ସ୍ୱର୍ଗ ।

**ଅନର୍ଗଳା**—ସଂ. ବଣ. ସ୍ତ୍ରୀ. ( ଅନର୍ଗଳ + ଆ )—ଅନର୍ଗଳର ସ୍ତ୍ରୀଲିଙ୍ଗ —
Anargalā Feminine of Anargala.

ଗ୍ରା. (ପଦ୍ୟ) ବଣ—୧ । ଅତି ଦୃଢ଼—1. Very strong.

ଠାବେ ଠାବେ କବାଟ ଲାଗିଛି ଅନର୍ଗଳା । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

୨ । ଅତିବଳବନ୍ତ—2. Very mighty.

ବୁଝିଲେ ତ ତୁମ୍ଭେ ସବେ କ୍ଷତ୍ରି ଅନର୍ଗଳା—ପୀତାମ୍ବର. ନୃସିଂହପୁରାଣ ।

୩ । ଅଜେୟ—3. Invincible.

ଭାଗରେ ପାଇଗଲା ଟେକରେ ଅନର୍ଗଳା—ସାରଳା. ମହାଭାରତ ।

**ଅନର୍ଘ**—ସଂ. ବଣ. ( ବହୁବ୍ରୀହି; ନ + ଅର୍ଘ )—ଅମୂଲ୍ୟ; ବହୁମୂଲ୍ୟ—
Anargha Priceless; invaluable.

ସଂ. ବି. ( ନଞ୍ ତତ୍; ନ + ଅର୍ଘ )—୧ । ବେଠିକ ମୂଲ୍ୟ— 1. Wrong value ( M. W. )

୨ । ଅମୂଲ୍ୟମୂଲ—2. Wrong price.

**ଅନର୍ଘରାଘବ**—ସଂ. ( ନାମ ) ମୁରାରି କବିକୃତ ରାମଚରିତାତ୍ମକ ସଂସ୍କୃତ
Anargharāghaba ନାଟକ—Title of a Sanskrit drama by Murāri.

**ଅନର୍ଘ୍ୟ**—ସଂ. ବଣ. ( ନ + ଅର୍ଘ + ଯ )—୧ । ଅମୂଲ୍ୟ—
Anarghya 1. Priceless.

୨ । ଯାହା ମୂଲ୍ୟବାନ୍ ନୁହେଁ— 2. Not valuable ( M. W. )

**ଅନର୍ଥ**—ସଂ. ବି. (ନଞ୍ ତତ୍; ନ + ଅର୍ଥ )—୧ । ମନ୍ଦ; ଅନିଷ୍ଟ; ଅଶୁଭ—
Anartha 1. Evil; injury.

୨ । କ୍ଷତି—2. Damage.

୩ । ଅସୁବିଧା—3. Inconvenience.

୪ । ଅକାମିକା ବସ୍ତୁ— 4. Worthless or useless object.

୫ । ଅପ୍ରତ୍ୟାଶିତ ମନ୍ଦ ଘଟଣା— 5. Disappointing occurrence.

୬ । ଅପ୍ରୟୋଜନ—6. Want of use or necessity.

ଦେ. ବି—୧ । ବିବାଦ—1. Dispute.

୨ । କଳିକଜିଆ—2. Quarrel.

ଅନର୍ଥ ନ କରିବୁ ଥିର ହୋଇ ଏବେ ରହ—ସାରଳା. ମହାଭାରତ. ବନ ।

ସଂ. ବଣ. ( ବହୁବ୍ରୀହି; ନ + ଅର୍ଥ )—୧ । ଅଯୋଗ୍ୟ— 1. Worthless.

୨ । ଅପ୍ରୟୋଜନୀୟ; ବେଦରକାରୀ; ଅକାମିକା; ବୃଥା— 2. Useless; unnecessary.

୩ । ନିରର୍ଥକ; ଅର୍ଥହୀନ— 3. Having no meaning; nonsensical.

୪ । ଯାହାର ଅମୁକ ଅର୍ଥ ନ ହୋଇ ଅନ୍ୟ ଗୋଟିଏ ଅର୍ଥ ଥାଏ— 4. Having not that ( but another ) meaning (M. W.)

୫ । ଯାହା ମନ୍ଦ ଫଳ ବା ଅଶୁଭ ଜାତ କରେ— 5. Producing evil or misfortune.

୬ । ଅଲାଭକର—6 Unprofitable.

୭ । ଦୁର୍ଭାଗା—7. Unfortunate.

**ଅନର୍ଥକ**—ସଂ. ବଣ. ( ଅନର୍ଥ + କ )—ଅନର୍ଥ ( ଦେଖ )
Anarthaka Anartha ( See )

ଦେ. କ୍ରି. ବଣ—୧ । ବୃଥାରେ—1. In vain.

୨ । ଅପ୍ରୟୋଜନରେ—2. Unnecessarily.

ସଂ. ବି—ଅସମ୍ବଦ୍ଧ ପ୍ରଳାପ—Incoherent talk; raving.

**ଅନର୍ଥକର**—ସଂ. ବଣ. ( ଅନର୍ଥ + କୃ ଧାତୁ + କର୍ତ୍ତୃ. ଅ )—
Anarthakara ୧ । ଅଶୁଭକର—
(ଅନର୍ଥକରୀ—ସ୍ତ୍ରୀ) 1. Producing evil or misfortune.

୨ । ବୃଥା କାର୍ଯ୍ୟ କରିବା— 2. Doing what is useless or worthless.

୩ । ଅଲାଭଜନକ—3. Unprofitable.

**ଅନର୍ଥପାତ**—ସଂ. ବି. ( ୬ଷ୍ଠୀ ତତ୍; ଅନର୍ଥ + ପାତ )—ଅଶୁଭ ଘଟଣା;
Anarthapāta ଦୁର୍ଘଟଣା—Inauspicious event; mishap.

**ଅନର୍ଥସଂଶୟ**—ସଂ. ବି. ( ନ + ଅର୍ଥସଂଶୟ )—ଟଙ୍କା ବା ଧନ ବୁଡ଼ିଯିବାର
Anarthasamsaya ଆଶଙ୍କା ନ ଥିବା ଅବସ୍ଥା—Non-risk of money or wealth.

**ଅନର୍ଦ୍ଧପାଗ**—ଦେ. ବି. ( ଶିଳ୍ପପରିଭାଷା )—ଦେଉଳର ଅଂଶବିଶେଷ;
Anarddhapāga ( ଦେଉଳ ତଳେ ନୋଟ—ଦେଖ )
( architecture ) A part of a temple ( See notes under Deula ).

**ଅନର୍ଯ୍ୟାପ**—ଗ୍ରା. ବଣ. (ସଂ. ଅପର୍ଯ୍ୟାପ୍ତ)—୧ । ଅତ୍ୟଧିକ—
Anarjyāpa 1. Excessive.

୨ । ଅନର୍ଯ୍ୟାପ; ଅଗଣିତ—2. Countless.

ଦେବମାନେ ଜାତ ହେଉଛନ୍ତି ଅନର୍ଯ୍ୟାପ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

୩ । ବହୁ—3. Many; too much.

**ଅନର୍ହ**—ସଂ. ବଣ. ( ବହୁବ୍ରୀହି; ନ + ଅର୍ହ = ଯୋଗ୍ୟ )—
Anarha ୧ । ଦଣ୍ଡ ବା ପୁରସ୍କାର ପାଇବାର ଅଯୋଗ୍ୟ—
(ଅନର୍ହା—ସ୍ତ୍ରୀ) 1. Undeserving of punishment or reward.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଈପ୍ସ | ଉଥ | ଞ |
| ୨ | ଈ | ଊ | ଋୂ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ଓ | ନ୍ତ |

୨ । ଅଯୋଗ୍ୟ—2. Undeserving; unworthy.
୩ । ଅନୁପଯୋଗୀ—3. Unsuitable.
୪ । ଅଯଥେଷ୍ଟ—4. Inadequate.

**ଅନଲ**—ସଂ. ବି. ( ବହୁବ୍ରୀହି; ନ=ନାହିଁ + ଅଲ=ପର୍ଯ୍ୟାପ୍ତି, ତୃପ୍ତି ଯାହାର; ଅଥବା ଅନ ଧାତୁ=ନିଃଶ୍ୱାସ ମାରିବା + ସଂଜ୍ଞାର୍ଥେ ଅଲ; ଯାହା ନିଃଶ୍ୱାସଦ୍ୱାରା ଜନ୍ମେ )—
**Anala**
୧ । ଅଗ୍ନି; ନିଆଁ—1. Fire.
୨ । ଅଗ୍ନିଦେବତା—2. The God of Fire.
୩ । ଜଠରାନଳ; ଜୀର୍ଣ୍ଣଶକ୍ତି—
3. Digestive power; gastric juice.
୪ । ପିତ୍ତ—4. Bile.
୫ । ଅଷ୍ଟାବସୁଙ୍କ ମଧ୍ୟରୁ ଷଷ୍ଠ ବସୁ—
5. The sixth of the eight Basu Deities.
୬ । ଚିତାମୂଳ; ଧଳାଚିତା ଓ ନାଲିଚିତା ଗୁଳ୍ମ—
6. Plumbago Zeylanica and Rosea.
୭ । ଦେହାଭ୍ୟନ୍ତରସ୍ଥ ବାତ—
7. Wind inside the body.
୮ । ଭଲ୍ଲାତକ; ଭଲିଆ—8. Marking-nut.
୯ । ର ଅକ୍ଷର—9. The letter 'Ra'.
୧୦ । ୩ ସଂଖ୍ୟା—10. The number '3'.
୧୧ । ( ଜ୍ୟୋତିଷ ) ବୃହସ୍ପତିଙ୍କର ପଞ୍ଚାଶତ୍ତମ ବର୍ଷ—
11. (astronomy ) The fiftieth year of the planet Jupiter's cycle.
୧୨ । ( ଜ୍ୟୋତିଷ ) କୃତ୍ତିକାନକ୍ଷତ୍ର—
12. (astronomy) The 3rd lunar mansion; the Pleidas.
୧୩ । ବାସୁଦେବଙ୍କ ନାମ—
13. A name of Basudeba.
୧୪ । ମର୍କଟବିଶେଷ—14. Name of a monkey.
୧୫ । ମୁନିବିଶେଷ—15. Name of a sage.
୧୬ । ପିତୃବିଶେଷ -16. A class of manes.
୧୭ । ଆତ୍ମା; ଜୀବାତ୍ମା—17. The soul
୧୮ । ବିଷ୍ଣୁ—18. A name of Bishnu.
୧୯ । ପରମେଶ୍ୱର; ପରବ୍ରହ୍ମ —
19. The Supreme Being.

**ଅନଲଂକରିଷ୍ଣୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ନ+ଅଲଂ+କୃ ଧାତୁ+ କର୍ତ୍ତୃ. ଇଷ୍ଣୁ )—
**Analamkarishnu**
୧ । ଯେ ଅଳଙ୍କାର ପିନ୍ଧେ ନାହିଁ—
1. Not given to the use of ornaments.
୨ । ଅନଲଂକୃତ —2. Unornamented.

**ଅନଲଦ**—ସଂ. ବିଣ. ପୁଂ. ( ଅନଲ+ଦା ଧାତୁ+କର୍ତ୍ତୃ. ଅ )—
**Analada** ୧ । ଅଗ୍ନିଦ; ଯେ ନିଆଁ ଲଗାଏ; ଘରପୋଡ଼ିଆ—
(ଅନଲଦା—ସ୍ତ୍ରୀ) 1. Incendiary; one who sets fire to houses etc.
୨ । ଯେ ନିଆଁକୁ ନିଭାଏ—2 Quenching fire.
୩ । ଯେ ଉତ୍ତାପକୁ କମାଏ—3. Reducing heat.
ସଂ. ବି. ( ଯାହା ଅନଲ ବା ତାପକୁ ଛେଦନ କରେ ବା ଦୂର କରେ )—ଜଳ—Water.

**ଅନଲଦୀପନ**—ସଂ. ବି. ( ୬ଷ୍ଠୀ ତତ୍; ଅନଲ + ଦୀପନ )—
**Analadipana** ଜୀର୍ଣ୍ଣଶକ୍ତିବର୍ଦ୍ଧକ—Stomachic; exciting digestion.

**ଅନଲନଲ**—ଗ୍ରା. ଅ—୧ । ଅସମ୍ବନ୍ଧଭାବରେ—
**Analanala** 1. Incoherently.
୨ । ଅବ୍ୟବସ୍ଥିତରୂପେ—2. Irregularly.
୩ । ଭଲ ମନ୍ଦ ସବୁକୁ ଅବିଚାରରୂପେ ମିଶାଇବା—
3. Promiscuously.
ଅନଲନଲ ! ଓଦା ଶୁଖା ସବୁ ଜଳ—ତଗ ।

**ଅନଲନଲିବା**—ଗ୍ରା. କ୍ରି—ଏଣୁତେଣୁ ଗୁଡ଼ାଏ ଗପିବା; ବହୁଜଳ୍ପନା କରିବା—
**Analanaliba** To talk incoherently and long.

**ଅନଲପ**—ଗ୍ରା. ପଦ୍ୟ. ( ସଂ. ଅନଳ୍ପ )—୧ । ଅନଳ୍ପ—
**Analapa** 1. Not little.
୨ । ଅଧିକ—2. Great
ଶୋଭ ଅନଳପ ପୁଷ୍ପରେ ଚପ—କବିସୂର୍ଯ୍ୟ ସଙ୍ଗୀତ ।

**ଅନଲପ୍ରଭ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅନଲ + ପ୍ରଭା )-
**Analaprabha** ୧ । ନିଆଁପରି ପ୍ରଭାଯୁକ୍ତ; ଜଳୁଥିବା—
(ଅନଲପ୍ରଭା—ସ୍ତ୍ରୀ) 1. Blazing or shining like fire.
୨ । ଅତିତେଜସ୍ୱୀ—2 Dazzling; radiant.

**ଅନଲପ୍ରଭା**—ସଂ. ବିଣ. ସ୍ତ୍ରୀ. (ଅନଲପ୍ରଭ + ଆ)—ଅନଲପ୍ରଭର ସ୍ତ୍ରୀଲିଙ୍ଗ—
**Analaprabha** Feminine of Analaprabha.
ସଂ. ବି—୧ । ବିଦ୍ୟୁତ୍—1. Lightning.
୨ । ଜ୍ୟୋତିଷ୍ମତୀ ଲତା; ଫୁଟଫୁଟିକା ଗୁଳ୍ମ—
2. A phosphorescent plant; Hali cacabum Cardiospermum.
୩ । ( ୬ଷ୍ଠୀ ତତ୍ ) ଅଗ୍ନିର ଆଭା ବା ତେଜ—
3. Radiance of fire

**ଅନଲସ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଅଳସ )—
**Analasa** ଆଳସ୍ୟବିହୀନ; ନିରଳସ—
Not idle; active.

**ଅନଲସାଦ**—ସଂ. ବି. ( ଅନଲ + ସଦ ଧାତୁ + ଅ )—
**Analasada** ଅଜୀର୍ଣ୍ଣରୋଗ; ବାତାଜୀର୍ଣ୍ଣ—
Dyspepsia ( M, W )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଳୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନଳସେନ**—ସଂ. (ନାମ)—ଯକ୍ଷରାଜବିଶେଷ (ଏହାଙ୍କ କନ୍ୟା କୃତ୍ତିକାକୁ ଶନୈଶ୍ଚର ବିବାହ କରିଥିଲେ)—Name of a king of Jakshas.
Analasena

ଅନଳସେନ ବୋଲିଣ ଯକ୍ଷଗଣ ରାଜା
କୃତ୍ତିକା ବୋଲି କନ୍ୟା ତାର ଏବେ ଜନ୍ମିଲା । କୃଷ୍ଣସିଂହ. ମହାଭାରତ. ଅଦି ।

**ଅନଳାନନ୍ଦ**—ସଂ. (ନାମ)—ବେଦାନ୍ତକଳ୍ପତରୁ ଗ୍ରନ୍ଥର ରଚୟିତା—
Analānanda Name of a Sanscrit treatise Bedānta Kalpataru.

**ଅନଳି**—ସଂ. ବି—ବକବୃକ୍ଷ; ଅଗସ୍ତି ଗଛ—
Anali A tree; Sesbania Grandiflora.

**ଅନଳ୍ପ**—ସଂ. ବିଣ. (ନ+ଅଳ୍ପ)—
Analpa ୧ । ଯାହା ଅଳ୍ପ ନୁହେଁ; ଅସାମାନ୍ୟ—1. Not a little.
୨ । ଅଧିକ—2 Much.
୩ । ଅଧିକ ସଂଖ୍ୟକ—3. Numerous.
୪ । ବଡ଼—4. Great.

**ଅନଳ୍ପଘୋଷ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅନଳ୍ପ+ଘୋଷ)—
Analpaghosha ଉଚ୍ଚଶବ୍ଦକାରୀ; ବଡ଼ପାଟିଆ—
(ଅନଳ୍ପଘୋଷା—ସ୍ତ୍ରୀ) Very clamorous; very noisy.

**ଅନଶନ**—ସଂ. ବି. (ନ+ଅଶନ)—
Anaśana ୧ । ନ ଖାଇବା; ଅଭୋଜନ—1. Starvation
୨ । ଉପବାସ—2. Fasting.
୩ । ପର ଉପରେ ଦାଉ ସାଧିବା ପାଇଁ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଓପାସ ରହିବା—
3. Fasting as a form of suicide from vindictive motives (M. W.)
ସଂ. ବିଣ. ପୁଂ. (ବହୁବ୍ରୀହି)—୧ । ନିରାହାର—1. Starved.
(ଅନଶନା—ସ୍ତ୍ରୀ) ୨ । ଉପବାସୀ—2. Fasting.
(ଅନଶନତା—ବି) ୩ । ଖାଇ ନ ଥିବା—3. Not eating.

**ଅନଶିତ**—ସଂ. ବି. (ନ+ଅଶ ଧାତୁ+ଭାବ. ତ)—
Anaśita ୧ । ଉପବାସ—1. Fasting.
୨ । ଆହାରର ଅଭାବ—2. Condition of not having eaten.

**ଅନଶ୍ନାନ**—ସଂ. ବିଣ. ପୁଂ. (ନ+ଅଶ ଧାତୁ+ଆନ)—
Anaśnāna ୧ । ଖାଇ ନ ଥିବା—
(ଅନଶ୍ନାନା—ସ୍ତ୍ରୀ) 1. Not eating (M. W.)
୨ । ଉପବାସ କରିଥିବା—2. Fasting.

**ଅନଶ୍ୱର**—ସଂ. ବିଣ. (ଅ+ନଶ୍ୱର)—ଚିରସ୍ଥାୟୀ; ଅବିନାଶୀ—
Anaśwara Indestructible; imperishable.

**ଅନସ୍**—ସଂ. ବି.—୧ । (ଅନ୍ ଧାତୁ=ଗତି କରିବା+କର୍ତ୍ତୃ. ଅସ୍)—
Anas (ବୈଦିକ) ଶକଟ, ଗାଡ଼ି; ରଥ; ଯାନ—
1. Cart; conveyance.
୨ । (ଅନ ଧାତୁ=ବଞ୍ଚିବା+ସଂଜ୍ଞାର୍ଥେ. ଅସ; ଯାହା ଯୋଗୁଁ ଜୀବ ବଞ୍ଚେ ବା ଜୀବନଧାରଣ କରେ)—ମାତା—
2. Mother.
୩ । (ଅନ ଧାତୁ=ନିଃଶ୍ୱାସ ମାରିବା+ଭାବ. ଅସ)—ଜନ୍ମ—
3 Birth.
୪ । (ଅନ ଧାତୁ=ବଞ୍ଚିବା+କର୍ତ୍ତୃ. ଅସ)—ଜୀବ—
4. A living creature.
୫ । ସନ୍ତାନ—5. Offspring.
୬ । (ଅନ ଧାତୁ=ବଞ୍ଚିବା+ସଂଜ୍ଞା. ଅସ; ଯାହା ଖାଇ ଜୀବ ବଞ୍ଚେ)—ଭାତ; ଅନ୍ନ—6. Boiled rice.
୭ । ଖାଦ୍ୟ—7. Food.
୮ । ପିତା—8. Father.
୯ । ରନ୍ଧନଶାଳା—9. Kitchen.
୧୦ । ଶୋକ—10. Grief.
୧୧ । ଜଳ—11. Water.

**ଅନସୂୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ନ+ଅସୂୟା)—
Anasūya ୧ । ଅସୂୟାଶୂନ୍ୟ; ଯାହାର ଅହଙ୍କାର ନାହିଁ—
(ଅନସୂୟା—ସ୍ତ୍ରୀ) 1. Not envious; not spiteful.
୨ । ଦ୍ୱେଷହୀନ—2. Free from anger.

**ଅନସୂୟକ**—ସଂ. ବିଣ. ପୁଂ. (ଅନସୂୟ+କ)—
Anasūyaka ଅନସୂୟ (ଦେଖ)
(ଅନସୂୟକା—ସ୍ତ୍ରୀ) Anasūya (See)

**ଅନସୂୟା**—ସଂ. ବିଣ. ସ୍ତ୍ରୀ. (ଅନସୂୟ+ଆ)—ଅନସୂୟର ସ୍ତ୍ରୀଲିଙ୍ଗ—
Anasūyā Feminine of Anasūya.
ସଂ. ବି. (ନ+ଅସୂୟା)—୧ । ଅସୂୟାରାହିତ୍ୟ; ଅହଙ୍କାର ଅଭାବ—
1. Freedom from spite; absence of envy.
୨ । ଦକ୍ଷକନ୍ୟାବିଶେଷ; ଅତ୍ରିଋଷିଙ୍କ ପତ୍ନୀ—
2. Name of the wife of sage Atri.
୩ । କାଳିଦାସଙ୍କ ଶକୁନ୍ତଳାର ସଖୀବିଶେଷ—
3. Name of a companion of Kālidāsa's Śakuntalā.

**ଅନସୂୟୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ନ+ଅସୂୟା+ଉ)—
Anasūyu ଅନସୂୟ (ଦେଖ)
Anasūya (See) (M. W.)

**ଅନହଂକାର**—ସଂ. ବି. (ନ+ଅହଂକାର)—
Anahaṁkāra ୧ । ଅହଙ୍କାର ବା ଗର୍ବଶୂନ୍ୟତା—
(ଅନହଂକାରୀ—ସ୍ତ୍ରୀ) 1. Absence of pride or self-conceit.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ଇସ୍ନ | ଉଅ | ଡ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ● | ଢ଼ |

୨ । ଜୀବାତ୍ମା ପରମାତ୍ମାଠାରୁ ଭିନ୍ନ ବୋଲି ନ ଭାବିବା—
2. Absence of a tendency to regard soul as distinct from God.

ସଂ. ବିଣ. ପୁଂ — ନିରହଙ୍କାର; ଗର୍ବଶୂନ୍ୟ—
Free from self-conceit.

**ଅନହଂକୃତ**— ସଂ. ବିଣ. ପୁଂ —ଅନହଙ୍କାର; ଗର୍ବଶୂନ୍ୟ—
Anahamkruta Free from self-conceit.
(ଅନହଂକୃତା— ସ୍ତ୍ରୀ)
(ଅନହଂକୃତି—ବି)

**ଅନହଂବାଦୀ**—ସଂ. ବିଣ. ପୁଂ. ( ନ+ଅହଂବାଦୀ )—
Anahambādi ଅନହଙ୍କାର, ଗର୍ବଶୂନ୍ୟ; **ଅହଂକାରମା ରହିତ**—
(ଅନହଂବାଦିନୀ—ସ୍ତ୍ରୀ) Free from sel-fconceit.
ଅନହଂବାଦିତା }
ଅନହଂବାଦ } ବି.

**ଅନହତନାଦ** —ଗ୍ରା. ବି. (ସଂ. ଅନାହତନାଦ)—**ଅନାହତନାଦ (ଦେଖ)**
Anahatanāda **Anāhatanāda ( See )**

ତୋଳିବ ଅନହତନାଦ, ଶ୍ରବଣେ ଶୁଣିବ ଶବଦ ।
ଭୁଜ—ହରି ସୋହାଳ ।

**ଅନହୁତ**—ଦେ. ବିଣ. ( ସଂ. ଅନାହୂତ; ଅହେତୁକ )—
Anahuti ୧ । ଅହେତୁକ—1. Groundless.
ଅନହୋତ ୨ । ଅମୂଳକ—**2. Unfounded.**
**अचानक** ୩ । ଅପ୍ରତ୍ୟାଶିତ—3. Unexpected.
୪ । ଅପ୍ରଣୋଦିତ—4. Unprovoked.
୫ । ହଠାତ୍ ଘଟିବା—5. Sudden.
୬ । ବୃଥା—6. Vain.
ଦେ. ଅ—୧ । ଅପ୍ରତ୍ୟାଶିତରୂପେ—**Unexpectedly.**
୨ । ହଠାତ୍—2 Suddenly.
୩ । ଅକାରଣ; ବିନାକାରଣରେ—**3. Without any assignable cause or justification**
୪ । ବୃଥାରେ—**4. In vain.**

**ଅନହୋତି**—ଦେ. ବିଣ. ଓ ଅ—ଅନହୁତି ( ଦେଖ )
Anahoti Anahuti ( See )
**नाँ** ଦେ. ବି. ( ସଂ. ନ ଭବତି )—ନ **ହୋଇ**; ନ ଘଟିବା—
**नहीं** Not happening.
ଦେ. ଅ —ନାଁ; ନାହିଁ—No.
( ଯଥା—ମୁଁ ଭିନ ଦିନ ଦେଖି ବସିଛି ଧନ ମାଗୁଛି ମନେ ହୋଇ ଅନହୋଇ ପଦେ କହିଦେଲେ ମୁଁ ଗ୍ଲଲଯାନ୍ତି । )

**ଅନା**— ସଂ. ଅ—୧ । (ବୈଦିକ) ଏତଦ୍ୱାରା—1. Here by.
Anā ୨ । (ବୈଦିକ) ଏହାପରେ—2. Thus.
୩ । (ବୈଦିକ) ପ୍ରକୃତରେ—3. Indeed.

ଦେ. କ୍ରି—ଅନାଇବା କ୍ରିୟାର ଅନୁଜ୍ଞା ଦ୍ୱିତୀୟ ପୁରୁଷ ଅନାଦରାର୍ଥ ଏକ ବଚନ ( ତୁ ) ରେ ଆକାର—ଦେଖ୍; ଚାହାଁ—
( you ) Do look ! See !

ଦେ. ବିଣ. ( ସଂ. ଅନାସ୍ଥା )—ଅନାସ୍ଥାପ୍ରାପ୍ତ; ଅବହେଳିତ—
Uncared for; disregarded.

ତୁମ୍ଭର ଭାର୍ଯ୍ୟା ହୋଇ ହୁଏ ଏତେ ଅନା । କୃଷ୍ଣସିଂହ. ମହାଭାରତ. ବନ ।

**ଦେ. ବି**—୧ । ପ୍ରକାର; ଢଙ୍ଗ; ଭଳି; ଅବସ୍ଥା—
1. Manner; condition.
( **ଯଥା**—ଏ ଝୋଟାଟା କେତେ ଅନା **ହେଉଛି** । )
୨ । ( ନାମ-ପୁଂ. ) ( ସଂ. ଅନାମ; ଅନାଦି )—
ଅନାଦି, ଅନାମ ଆଦି ଲୋକଙ୍କ ଡାକ ନାମ—
3. Name for calling Anāma or Anādi.

**ଅନାଅନି**—ଦେ. ବି. ( ସଂ. ଅନ୍ୟୋନ୍ୟ )—
Anāani ୧ । ପରସ୍ପରକୁ ଚାହିଁବା—
**ताकाताकि** 1. Looking at each other.
**ताकाताकी** ଅନାଅନି ଦମକାର, ହେବା ଭୋର ଭାହା'ର । ପ୍ରାଚୀନ. ସଙ୍ଗୀତ ।
**ଦେ. ବିଣ**—ପରସ୍ପର ପ୍ରତି ଦୃଷ୍ଟି କ୍ଷେପ କରୁଥିବା—
Looking at each other.

ଇନ୍ଦ୍ର ଅର୍ଜ୍ଜୁନର କଥା ଦୁଅନ୍ତେଣ ଛନ୍ତି
ପକ୍ଷିମାନେ ପଳାନ୍ତି ସେ ଅନାଅନି ହୋଇ । ସାରଳା. ମହାଭାରତ. ମଧ୍ୟ ।

**ଅନାଇଁ**—ଦେ. ଅ. ( ଅନାଇଁବା କ୍ରିୟାର ଅସମାପିକା ରୂପ; ଅବ୍ୟୟ ରୂପେ ବ୍ୟବହୃତ )—
Anāin
**देखे** ( **ଅମୁକକୁ** ) ଚାହିଁ; ଅନୁରୂପ; ଅନୁସାରେ—
**देखकर** According to.
ଗନ୍ଧର୍ବମାନଙ୍କର ବଳକୁ ଅନାଇଁ,
ପାର୍ଥ ଦିବ୍ୟ ଅସ୍ତ୍ର ପ୍ରୟୋଗ କଲେ ତହିଁ । କୃଷ୍ଣସିଂହ. ମହାଭାରତ. ବନ ।

**ଅନାଇଁବା**—ଦେ. କ୍ରି. ( ତୁଳ. ସଂ. ଅନ୍ୟୋନ୍ୟାବଲୋକନ )—
Anāinba ୧ । ଚାହିଁବା—1. To look; to see.
**ताकना** ଏଥୁ ଅନ୍ତେ ଅର୍ଜ୍ଜୁନ କୃଷ୍ଣକୁ ଅନାଇଁ
**ताकना** ପଚାରନ୍ତେ ଶୁଣି ସେ ସଂଶୟମନା ହୋଇ । ସାରଳା. ମହାଭାରତ. ଭୀଷ୍ମ ।
୨ । **ଆଦରିବା**; ଯତ୍ନନେବା—1. To take care of.
( **ଯଥା**—**ସେ ପଚ୍ଚ ଦଶ ବର୍ଷ ହେଲା ବଇଷମ ହୋଇ ତା ପିଲା ପିଇକି ଅନାଇଁବାକୁ** ନାହିଁ । )
**୩ । ଅପେକ୍ଷା କରିବା**—3. To wait for.
ତେବେ ଆସିବାର ବାଟକୁ ଅନାଇଁ
ବସିଥିବେ ଦୁଆରେ କାହାକୁ ନ ଚାହିଁ । କୃଷ୍ଣସିଂହ. ମହାଭାରତ. ବନ ।
୪ । **ଆଦର ବା ସ୍ନେହଦୃଷ୍ଟି କରିବା**—
4. To cast an affectionate look or glance.

ପଥରେ ପଡ଼ି ମୁଁ କାତରେ ଡାକୁଛି, ଅନାଅ ଦାସିଙ୍କ ଆରେ—ପ୍ରାର୍ଥନା ।

**ଅନାଉଣି —ଦେ. ବି**—୧ । ଦୃଷ୍ଟିପକାଇବା; ଚାହିଁବା—
Anāuni 1. Looking at.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ରଘୁନାଥନନ୍ଦନା, ଅନାଉଣି କ ମନା
କରୁ ଯେ ଥାଇଁ ହସ୍ତ ଗହିଁଲୁରେ । କବିସୂର୍ଯ୍ୟ. ବଳୋରବନ୍ଧୁ—ସ ଗୀତ ।

୨ । ଚାହାଣି; ଚାହିଁବାର ଛଟକ—
2. Mode of glancing; glance.

ଆଜନ୍ତ ଅନାଉଣି ନୂଆରେ ପ୍ରାଣ ବନ୍ଧୁଅ । କବିସୂର୍ଯ୍ୟ. ସଙ୍ଗୀତ ।

୩ । ଦର୍ଶନ; ଦୃଷ୍ଟି—3. Look; sight.

ମନା ନକର ହିତ, ଅନାଦରରହିତ
ଅନାଉଣି ନଗଡ ଚୂନା କରୁ ଦୁରିତ । କବିସୂର୍ଯ୍ୟ. ବଳୋରବନ୍ଧୁ. ସ ଗୀତ ।

**ଅନାକର୍ଣ୍ଣନୀୟ**—ସଂ. ବିଣ. ( ନ + ଆକର୍ଣ୍ଣନୀୟ )—
Anākarṇṇaniya ଅଶ୍ରାବ୍ୟ; ଅକଥନୀୟ—Not fit for hearing; unspeakable.

**ଅନାକାଙ୍କ୍ଷୀ**—ସଂ. ବିଣ. ପୁଂ. ( ନ + ଆକାଙ୍କ୍ଷା + ଇନ୍ ୧ମା. ୧ବ )—
Anākāṅkshi ଆକାଙ୍କ୍ଷା ବା କାମନାରହିତ—
(ଅନାକାଙ୍କ୍ଷିଣୀ—ସ୍ତ୍ରୀ) Free from desires

**ଅନାକାର**—ସଂ. ବିଣ. ( ବହୁବ୍ରୀହି; ନ + ଆକାର )—
Anākāra ନିରାକାର; ଆକାରହୀନ—
Formless; shapeless.

ସଂ. ବି—ନିରାକାର ବ୍ରହ୍ମ; ପରଂବ୍ରହ୍ମ; ପରମେଶ୍ୱର—
The Supreme Being.

**ଅନାକାଳ**—ସଂ. ବି. ( ନ + ଆ + କାଳ )—
Anākāḻa ୧ । ଅସମୟ; ଅକାଳ—
1. Unseasonable time.

୨ । (ସ୍ମୃତି)—ଦୁର୍ଭିକ୍ଷ—2. ( law books) Famine. (M W.)

**ଅନାକାଳଭୃତ**—ସଂ. ବି. ପୁଂ.—ଦୁର୍ଭିକ୍ଷ ସମୟରେ ପେଟ ବଦଳରେ
Anākāḻabhṛuta ନିଜ ଇଚ୍ଛାରେ ପର ପାଖେ ମୁଣ୍ଡ ବିକିଥିବା ଦାସ—A slave who became so voluntarily to avoid starvation in a time of scarcity.

**ଅନାକୁଳ**—ସଂ. ବିଣ. ପୁଂ. ( ନ + ଆକୁଳ )—
Anākuḻa ୧ । ଯେ ବ୍ୟସ୍ତ ନୁହେ; ଯେ ଅକ୍ରାନ୍ତ ହୋଇ ନାହିଁ—
(ଅନାକୁଳା—ସ୍ତ୍ରୀ) 1. Not beset; not confused.
(ଅନାକୁଳତା—ବି) ୨ । ଧୀରସ୍ଥିର—2. Calm.
୩ । ନିୟମାଧୀନ—3. Regular.
୪ । ଅବିଚଳିତ—4. Unperplexed.

**ଅନାକ୍ରାନ୍ତ**—ସଂ. ବିଣ. ପୁଂ. ( ନ + ଆକ୍ରାନ୍ତ )—
Anākrānta ୧ । ଯାହାକୁ କେହି ଆକ୍ରମଣ କରି ନାହିଁ—
(ଅନାକ୍ରାନ୍ତା—ସ୍ତ୍ରୀ) 1. Unassailed.
୨ । ଯାହାକୁ କେହି ଆକ୍ରମଣ କରି ନ ପାରେ—
2. Unassailable.

**ଅନାକ୍ରାନ୍ତା**—ସଂ. ବିଣ. ସ୍ତ୍ରୀ. (ଅନାକ୍ରାନ୍ତ + ଆ)—ଅନାକ୍ରାନ୍ତର ସ୍ତ୍ରୀଲିଙ୍ଗ—
Anākrāntā Feminine of Anākrānta.

ସଂ. ବି—ଅଙ୍କରାନ୍ତି—The prickiy Night shade. ( Solanium Jacquini )

**ଅନାଖୁ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅନକ୍ଷ )—
Anākhu ଅଣଖୁଆ ( ଦେଖ )—Aṇakhuā ( See )

**ଅନାଗ**—ସଂ. ବିଣ. ପୁଂ. ( ନ + ଆଗସ୍ )—୧ । ନିଷ୍ପାପ—
Anāga 1. Sinless.
(ଅନାଗା—ସ୍ତ୍ରୀ) ୨ । ନିର୍ଦ୍ଦୋଷ—2. Blameless.

**ଅନାଗତ**—ସଂ. ବିଣ. ( ନ + ଆଗତ )—୧ । ପହଞ୍ଚି ନ ଥିବା—
Anāgata 1. Not yet arrived.
୨ । ଆସି ନ ଥିବା—2. Not come.
୩ । ଅବଧି ଘଟି ନ ଥିବା—3. Not yet happened.
୪ । ଅପ୍ରାପ୍ତ—4. Not yet attained.
୫ । ଭବିଷ୍ୟତ—5. Future.

ତୁମ୍ଭ ପ୍ରସାଦରୁ ଅତୀତ ଅନାଗତ, ବର୍ତ୍ତମାନ ରହିଅଛି ଏ ଜଗତ ।
କୃଷ୍ଣସିଂହ, ମହାଭାରତ. ଦ୍ରୋଣ ।

୬ । ଅଜ୍ଞାତ—6. Unknown.
୭ । ଅପଠିତ—7. Unlearnt.

ସଂ. ବି—ଭବିଷ୍ୟତ—The future.

**ଅନାଗତବାଧା**—ସଂ. ବି. ( କର୍ମଧା ) ଭବିଷ୍ୟରେ ଘଟିବା ବାଧା ବା
Anāgatabādhā କଷ୍ଟ—Future trouble ( M. W. )

**ଅନାଗତବିଧାତା**—ସଂ. ବିଣ. ପୁଂ. ( ୪ର୍ଥୀ ତତ୍; ଅନାଗତ + ବିଧାତୃ
Anāgatabidhātā . . ୧ମା. ୧ବ. )—ଯେ ଭବିଷ୍ୟତ ପାଇଁ
( ଅନାଗତବିଧାତ୍ରୀ—ସ୍ତ୍ରୀ ) ଉପାୟ ସଂସ୍ଥାନ କରେ—Providing for future; provident.

ସଂ. ବି—ପଞ୍ଚତନ୍ତ୍ରୋକ୍ତ ମାଛର ନାମ—Name of a fish in a story of the Pañchatantra.

**ଅନାଗତାବେକ୍ଷଣ**—ସଂ. ବି. ( ୬ଷ୍ଠୀ ତତ୍; ଅନାଗତ + ଅବେକ୍ଷଣ )—
Anāgatābekshaṇa ଭବିଷ୍ୟତ ବିଷୟରେ ଦୃଷ୍ଟି—
Act of looking at that which is not yet come or the future ( M. W )

**ଅନାଗତାର୍ତ୍ତବା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ଅନାଗତ + ଆର୍ତ୍ତବ +
Anāgatārttabā ସ୍ତ୍ରୀ. ଆ )—ଋତୁମତୀ ହୋଇ ନ ଥିବା
( ବାଳିକା )—( a girl ) Who has not yet attained to puberty.

ସଂ. ବି. ସ୍ତ୍ରୀ—ଅଋତୁମତୀ ବାଳିକା—An unmenstruated girl.

**ଅନାଗତି**—ସଂ. ବି. ( ନ + ଆ + ଗତି )—୧ । ଅପ୍ରାପ୍ତି—
Anāgati 1. Non-attainment.
୨ । ନ ପହଞ୍ଚିଥିବା—2. Non-arrival
୩ । ଅନୁପସ୍ଥିତି—3. Absence.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ୟ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଢ | କ୍ଷ |

**ଅନାଗମ**—ସଂ. ବି. ( ନ+ଆଗମ )—ଅନାଗତି ( ଦେଖ )
Anāgama Anāgati ( See )
ସଂ. ବଣ—୧ । ଅନୁପସ୍ଥିତ—1. Not present.
୨ । ଆସି ନ ଥିବା—2. Not come.
୩ । ( ସ୍ମୃତି ) ଯାହା ପୂର୍ବରୁ ଥିବା ସମ୍ପତ୍ତିରେ ଅଧିକା ହୋଇ ଲାଭ ହୋଇ ନାହିଁ କିନ୍ତୁ ଯାହା ବିନା ଦଲିଲରେ ଅବହମାନ କାଳରୁ ଭୋଗଦଖଲ କରାଯାଇଅଛି—
3. ( law) (a property or thing ) Which does not constitute an accession to previous property but has been possessed from time immemorial and therefore without documentary proof ( M. W. )

**ଅନାଗମୋପଭୋଗ**—ସଂ. ବି. (୬ଷ୍ଠୀ ତତ୍; ଅନାଗମ+ଉପଭୋଗ)—
Anāgamopabhoga ଅବହମାନ କାଳରୁ ବିନା ଦଲିଲରେ ଭୋଗ ଦଖଲ କରାଯାଇଥିବା ସମ୍ପତ୍ତିର ଭୋଗ—
Possession or enjoyment of a property from time immemorial which does not constitute an accession to previous property.

**ଅନାଗମ୍ୟ**—ସଂ. ବଣ. ( ନ+ଆଗମ୍ୟ )—
Anāgamya ୧ । ଅପ୍ରାପ୍ୟ—1. Unattainable.
୨ । ଅଗମ୍ୟ—2 Unapproachable.

**ଅନାଗାମୀ**—ସଂ. ବଣ. ( ନ+ଆଗମିନ୍; ୧ମା. ୧ବ. )—
Anāgāmi ୧ । ଯାହା ଭବିଷ୍ୟତ୍ ନୁହେଁ—1. Not future.
୨ । ଉପସ୍ଥିତ ହେଉ ନ ଥିବା—2. Not arriving.
୩ । ଯାହା ଫେରି ଆସି ପାରିବ ନାହିଁ—
3. Not subject to returning.
ସଂ. ବି—ଚାରି ବୌଦ୍ଧ ସମ୍ପ୍ରଦାୟ ମଧ୍ୟରୁ ତୃତୀୟ ସମ୍ପ୍ରଦାୟ—
Name of the third of the four Buddhist orders.

**ଅନାଗାମୁକ**—ସଂ. ବଣ ( ନ+ଆ+ଗମ ଧାତୁ+ଉକ)—
Anāgāmuka ୧ । ଯେ ଆସିବାର ସମ୍ଭାବନା ନାହିଁ—
(ଅନାଗାମୁକା—ସ୍ତ୍ରୀ) 1. Not likely to come.
୨ । ଆସିବାରେ ଯାହାର ଅଭ୍ୟାସ ନାହିଁ—
2. Not in the habit of coming.

**ଅନାଘ୍ରାତ**—ସଂ. ବଣ ( ନ+ଆଘ୍ରାତ )—ଶୁଙ୍ଘାଯାଇ ନ ଥିବା; ଯାହାକୁ
Anāghrāta କେହି ଅବଧି ଶୁଙ୍ଘିନାହିଁ—Not yet smelt.
ଅନାଘ୍ରାତ ଫୁଲ ଅନଙ୍ଗକ ଲୂନ ବଳେଲଦ୍ ଭ୍ରାଦ୍ରେ ତତ୍ । ସଧାନାଥ—ଯଯାତ ।

**ଅନାଚରଣ**—ସଂ. ବି. (ନ+ଆଚରଣ)—୧ । ଉଚିତ ବା ପ୍ରଥାସଙ୍ଗତ
Anācharaṇa କାର୍ଯ୍ୟ ନ କରିବା—1. Non-performance

ଅନାଚରିତ
ଅନାଚରଣୀୟ } ବଣ of what is right or customary.
୨ । ଅନୁଚିତ ଆଚରଣ—2. Improper behaviour.
୩ । ଅସଦାଚରଣ—3. Misconduct.

**ଅନାଚାର**—ସଂ. ବି. (ନ+ଆଚାର)—୧ । ଆଚାରହୀନତା—
Anāchāra 1. Non-observance of social or customary rites.
୨ । ଅନାଚରଣ ( ଦେଖ )
2. Anācharaṇa (See)
ସଂ. ବଣ ପୁଂ—୧ । ଆଚାରବର୍ଜିତ—
(ଅନାଚାରା—ସ୍ତ୍ରୀ) 1. Not observing customs.
୨ । କଦାଚାର—2. Of bad conduct.
୩ । ଶୌଚାଦି ଆଚାର ନ ମାନିବା—
3. Nonobser-vance of the prescribed canons of purity.
୪ । ପ୍ରଥା, ଆଇନ ବା ଔଚିତ୍ୟ ନମାନିବା ଲୋକ—
4. Regardless of custom, law or propriety.
୫ । ଯେ ନିୟମ ମାନେ ନାହିଁ—
5. Unprincipled (M. W.)
୬ । ଅସାଧାରଣ—6 Uncommon.

**ଅନାଚାରୀ**—ସଂ. ବଣ. ପୁଂ (ନ+ଆଚାର+ଇନ୍, ୧ମା. ୧ବ)—
Anāchāri ୧ । ଉଚିତରୂପେ କାର୍ଯ୍ୟ କରୁ ନ ଥିବା—
(ଅନାଚାରିଣୀ—ସ୍ତ୍ରୀ) 1. Not acting properly.
(ଅନାଚାରିତା—ବି) ୨ । ଭଦ୍ର ସମାଜାନୁମୋଦିତ ଆଚାରବର୍ଜିତ—
2. Ill-bred; Ill-behaved.
୩ । ଯେ ଗର୍ହିତ ଆଚରଣ କରେ—
3. Of bad conduct.
୪ । ଯେ ଶାସ୍ତ୍ରବିହିତ ଆଚାର ନ ପାଳେ—4. Not observing the prescribed canons of the scriptures and law books.

**ଅନାଜ**—ଦେ. ବି. (ସଂ. ଅନ୍ନ)—୧ । ଖାଦ୍ୟ; ଶସ୍ୟ —1. Grains
Anāja ୨ । ଦାନା—2. Food.
আনাজ ୩ । ପରିବାପତ୍ର—3. Kitchens vegetables.
अनाज ୪ । ଉଷଧ; ଔଷଧ —4. Medicine.

**ଅନାଜ୍ଞାତ**—ସଂ. ବଣ. ( ନ+ଆ+ଜ୍ଞା ଧାତୁ+କର୍ମ. ତ )—
Anājñāta ୧ । ଅଜ୍ଞାତ—1. Unknown.
୨ । ଜ୍ଞାତ ବିଷୟମାନଙ୍କୁ ବଳି ଯାଇଥିବା—
2 Surpassing all that has ever been known ( M. W.)

ମାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଳ୍ପୂର୍ବର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଟ' ନ ମିଳିଲେ 'ଗାହ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଅନାଟନ**—ଦେ. ବି. ଓ ବିଣ. (ସଂ. ଅନଟନ)—ଅନଟନ (ଦେଖ)
Anaṭana Anaṭana (See)

**ଅନାଡ଼ି**- ଦେ. ବିଣ. ( ସଂ. ଅନାର୍ଯ୍ୟ; ପ୍ରା. ଅନାରିୟ ସଂ. ଅଜ୍ଞାନୀ—ପ୍ରା. ଅଣ୍ଣାଣୀ )—
Anāṛi
আনাড়ি ୧ । ଅଜ୍ଞ—1. Ignorant.
अनाड़ी ୨ । ଅନିପୁଣ—2. Not skilful.
୩ । ନିର୍ବୋଧ—3. Stupid; foolish.
୪ । ଅସଭ୍ୟ; ଅମାର୍ଜିତ—4. Uncivilized; unrefined.
୫ । ଯେ କାର୍ଯ୍ୟରେ ପ୍ରମାଦ ଘଟାଏ—5. Bungling.
ପ୍ରାଦେ. (ସମ୍ବଲପୁର) ବିଣ—ଅମାନିଆ—Disobedient.

**ଅନାଢ୍ୟ**—ସଂ. ବିଣ. ପୁଂ. ( ନ+ଆଢ୍ୟ )—
Anāḍhya ୧ । ନିର୍ଦ୍ଧନ; ଗରିବ—1. Poor.
(ଅନାଢ୍ୟା—ସ୍ତ୍ରୀ) ୨ । କାଙ୍ଗାଳ—2. Indigent; destitute.

**ଅନାତପ** –ସଂ. ବି. ( ନଞ୍ ତତ୍; ନ+ଆତପ )—
Anātapa ଖରା ବା ରୌଦ୍ରାଭାବ; ଛାଇ—Absence of sun's rays; shade.
ସଂ. ବିଣ—୧ । ଆତପଶୂନ୍ୟ—1 Void of sun shine.
୨ । ଛାୟାଯୁକ୍ତ—2 Shady.
୩ । ଶୀତଳ—3. Cold.

**ଅନାତୁର**—ସଂ. ବିଣ. ପୁଂ ( ନ+ଆତୁର )—
Anātura ୧ । ଆତୁରତାରହିତ; ନିଶ୍ଚିନ୍ତ—
(ଅନାତୁରା—ସ୍ତ୍ରୀ) 1. Free from suffering or anxiety.
(ଅନ ତୁରତା—ବି) ୨ । ରୋଗହୀନ; ସୁସ୍ଥ – 2. Well.

**ଅନାତ୍ମଜ୍ଞ**—ସଂ. ବିଣ. ପୁଂ. ( ନ+ଆତ୍ମଜ୍ଞ )—
Anātmajña ୧ । ଆଧ୍ୟାତ୍ମିକ ବା ପାରମାର୍ଥିକ ଜ୍ଞାନଶୂନ୍ୟ—
(ଅନାତ୍ମଜ୍ଞା—ସ୍ତ୍ରୀ) 1 Not having spiritual knowledge.
୨ । ନିର୍ବୋଧ; ଯେ ନିଜର ଶକ୍ତି ବା ଅବସ୍ଥା ବୁଝି ନ ପାରେ- 2. Unable to realise one's own condition or power.

**ଅନାତ୍ମନୀନ**—ସଂ. ବିଣ. ( ନ+ଆତ୍ମନୀନ )—
Anātmanīna ୧ । ଯାହା ଆତ୍ମାର ଉପଯୋଗୀ ନୁହେ—
(ଅନାତ୍ମନୀନା—ସ୍ତ୍ରୀ) 1. Not adopted to self.
୨ । ନିଃସ୍ୱାର୍ଥ—2. Disinterested.

**ଅନାତ୍ମବେଦୀ**—ସଂ. ବିଣ. ପୁଂ ( ନ+ଆତ୍ମନ୍+ବିଦ ଧାତୁ+କର୍ତ୍ତୃ. ଇନ
Anātmabedī —୧ମା. ୧ବ. )—ଅନାତ୍ମଜ୍ଞ (ଦେଖ)
(ଅନାତ୍ମବେଦିନୀ—ସ୍ତ୍ରୀ) Anātmajña (See)

**ଅନାତ୍ମୀୟ**—ସଂ. ବିଣ. ପୁଂ. (ନ + ଆତ୍ମୀୟ)—୧ । ନିଃସମ୍ପର୍କୀୟ (ବ୍ୟକ୍ତି);
Anātmīya ପର—1. Unrelated; out-sider.
(ଅନାତ୍ମୀୟା—ସ୍ତ୍ରୀ) ୨ । ବିପକ୍ଷ; ବିଦ୍ୱେଷୀ (ବ୍ୟକ୍ତି)— 2. Inimical.

**ଅନାତ୍ମ୍ୟ**—ସଂ. ବିଣ—ଯାହା ଆତ୍ମସମ୍ବନ୍ଧୀୟ ନୁହେ; ଯାହା ବ୍ୟକ୍ତିଗତ
Anātmya ନୁହେ—Impersonal
ସଂ. ବି—ନିଜର ପରିବାର ପ୍ରତି ସ୍ନେହର ଅଭାବ—Want of affection for one's own family.

**ଅନାତ୍ୟନ୍ତିକ**—ସଂ. ବିଣ. ( ନ+ଆତ୍ୟନ୍ତିକ )—
Anātyantika ୧ । ଅଚିର—1. Not perpetual.
୨ । ଯାହା ଶେଷ ନୁହେ—2. Not final.
୩ । ଯାହା ମଝିରେ ମଝିରେ ଘଟେ—3. Recurrent.

**ଅନାଥ**—ସଂ. ବିଣ. (ବହୁବ୍ରୀହି; ନ+ନାଥ)—
Anātha ୧ । ସ୍ୱାମୀହୀନ; ପ୍ରଭୁହୀନ--1. Masterless.
(ଅନାଥା—ସ୍ତ୍ରୀ) ୨ । ଆଶ୍ରୟହୀନ; ନିରାଶ୍ରୟ— 2. Helpless; forlorn.

ଅନାଥ କରି ଗଲୁ କାହିଁ, ଅନ୍ଧାରେ ପଥ ନ ଦିଶଇ ।
ଜଗନ୍ନାଥ. ଭାଗବତ ୧୦ମ ।

୩ । ରକ୍ଷକହୀନ—3. Having no protector.
୪ । ପିତୃହୀନ—Fatherless.
ସଂ. ବି. ପୁଂ—ଆଶ୍ରୟହୀନ ବ୍ୟକ୍ତି—1. Helpless person.
୨ । ଗରିବ ବ୍ୟକ୍ତି—2. Poor person.
୩ । ପିତୃମାତୃହୀନ ଶିଶୁ—3. Orphan.

**ଅନାଥନାଥ**—ସଂ. ବି. ( ୬ଷ୍ଠୀ ତତ୍; ଅନାଥ+ନାଥ )—
Anāthanātha ୧ । ଅନାଥ ବ୍ୟକ୍ତିଙ୍କର ବନ୍ଧୁ ବା ଆଶ୍ରୟଦାତା— 1. Protector of the unprotected.
୨ । ପରମାତ୍ମା; ପରମେଶ୍ୱର—2 God.

**ଅନାଥନିବାସ**—ସଂ. ବି. ( ୬ଷ୍ଠୀ ତତ୍; ଅନାଥ+ନିବାସ )—
Anāthanibāsa ଅନାଥାଶ୍ରମ ( ଦେଖ )
Anāthāsrama ( See )

**ଅନାଥପିଣ୍ଡଦ**—ସଂ. ବି. ପୁଂ. (ଅନାଥ+ପିଣ୍ଡ+ଦା ଧାତୁ+କର୍ତ୍ତୃ. ଅ;
Anāthapiṇḍada ଯେ ଦୁଃଖୀ ଗରିବମାନଙ୍କୁ ଅନ୍ନ ଦେଇ ପୋଷୁ ଥିଲେ)—ଶାକ୍ୟମୁନି ବା ବୁଦ୍ଧଙ୍କର ଜନୈକ ଭକ୍ତ ଶେଠ; ଏହାଙ୍କ ବଗିଚାରେ ବୁଦ୍ଧ ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ—Name of a merchant-devotee of the Buddha.

**ଅନାଥପିଣ୍ଡିକ**—ସଂ. ବି. ପୁଂ. ( ଅନାଥ+ପିଣ୍ଡ+ଇକ )—
Anāthapiṇḍika ଅନାଥପିଣ୍ଡଦ ( ଦେଖ )
Anāthapiṇḍada ( See )

**ଅନାଥବନ୍ଧୁ**—ସଂ. ବି. ( ୬ଷ୍ଠୀ ତତ୍; ଅନାଥ+ବନ୍ଧୁ )—
Anāthabandhu ୧ । ଅନାଥବ୍ୟକ୍ତିଙ୍କର ସହାୟକ ବା ଆଶ୍ରୟଦାତା- 1. The friend of the helpless.
୨ । ପରମେଶ୍ୱର—2. God.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଛ |
| ୨ | ଈ | ଊ | ଋ | ଌ | ସ୍ୱ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଞ୍ଚ | ଓ | କୃ |

ଦେ. ବି. ପୁଂ—ଲୋକଙ୍କ ନାମ—
A name given to males.

**ଅନାଥମନ୍ଦର**—ସଂ. ବି. ( ୬ଷ୍ଠୀ ତତ୍; ଅନାଥ + ମନ୍ଦିର )—
Anāthamandira ଅନାଥାଶ୍ରମ ( ଦେଖ )
Anāthāsrama ( See )

**ଅନାଥା**—ସଂ. ବିଣ. ସ୍ତ୍ରୀ. ( ଅନାଥ + ଆ )—ଅନାଥର ସ୍ତ୍ରୀଲିଙ୍ଗ—
Anāthā Feminine of Anātha.
ସଂ. ବି. ସ୍ତ୍ରୀ—୧ । ଅସହାୟା ସ୍ତ୍ରୀ—1. A helpless woman.
୨ । ପିତୃମାତୃହୀନା ବାଳିକା—2. An orphan girl.
୩ । ବିଧବା—3. A widow.

**ଅନାଥାଳୟ**—ସଂ. ବି. ( ୬ଷ୍ଠୀ ତତ୍; ଅନାଥ + ଆଳୟ )—
Anāthālaya ଅନାଥାଶ୍ରମ ( ଦେଖ )
Anāthāsrama ( See )

**ଅନାଥାଶ୍ରମ**—ସଂ. ବି. ( ୬ଷ୍ଠୀ ତତ୍; ଅନାଥ + ଆଶ୍ରମ )—
Anāthāsrama ୧ । ପିତୃମାତୃହୀନ ବାଳକ ବାଳିକାମାନଙ୍କୁ ଶିକ୍ଷାଦେବା ଓ ପୋଷିବା ପାଇଁ ପ୍ରତିଷ୍ଠିତ ଆଶ୍ରମ—
1. An orphanage.
୨ । ଗରିବ ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ଆଶ୍ରୟ ଦେବା ସ୍ଥାନ—
2. A poor-house.

**ଅନାଥିନୀ**—ସଂ. ବିଣ. ସ୍ତ୍ରୀ. ( ଅ + ନାଥିନୀ = ସ୍ୱାମୀଯୁକ୍ତା )—
Anāthini ୧ । ବିଧବା; ସ୍ୱାମୀହୀନା—1. Widowed.
୨ । ନିରାଶ୍ରୟା—2. Helpless ( woman )
୩ । ରକ୍ଷକବିହୀନା—3. Protectorless.
ସଂ. ବି. ସ୍ତ୍ରୀ—ଅନାଥା ( ଦେଖ )
Anāthā ( See )

**ଅନାଥୁଣୀ**—ଗ୍ରା. ବିଣ. ଓ ବି. ( ସଂ. ଅନାଥିନୀ )—ଅନାଥିନୀ (ଦେଖ)
Anāthuṇi Anāthini ( See )

ମୁହିଁ ଯେ ଜନମିଁ ନାଥ ଅଟେ ଅନାଥୁଣୀ । ସାରଳା. ମହାଭାରତ—ଆଦି ।

**ଅନାଦର**—ସଂ. ବି. ( ନଞ୍ ତତ୍; ନ + ଆଦର )—
Anādara ୧ । ଅଯତ୍ନ; ଆଦରର ଅଭାବ—
(ଅନାଦୃତ—ବିଣ) 1. Want of care; neglect.
୨ । ଅସମ୍ମାନ; ଅମର୍ଯ୍ୟାଦା—
2. Disrespect; discourtesy; irreverence.
୩ । ଉପେକ୍ଷା—3. Disregard.
୪ । ତିରସ୍କାର—4. Abuse.

**ଅନାଦରଣ**—ସଂ. ବି. ( ନ + ଆଦରଣ )—
Anādaraṇa ୧ । ଅଯତ୍ନ; ଗରହେଳାପଣ; ଅଣଦେଖା—
1. Neglect
୨ । ମର୍ଯ୍ୟାଦାହୀନ ବ୍ୟବହାର—
2. Disrespectful behaviour.

**ଅନାଦରଣୀୟ**—ସଂ. ବିଣ. ( ନ + ଆଦରଣୀୟ )—ଆଦରର ଅଯୋଗ୍ୟ;
Anādaraṇiya ଉପେକ୍ଷଣୀୟ—Not deserving
( ଅନାଦରଣୀୟା—ସ୍ତ୍ରୀ ) respect; not fit to be respected.

**ଅନାଦରୀ**—ସଂ. ବିଣ. ପୁଂ. ( ଅନାଦର + ଇନ୍; ୧ମା. ୧ବ. )—
Anādari ଯେ ଅମର୍ଯ୍ୟାଦା ବା ଅସମ୍ମାନ କରେ—
Disrespectful; irreverent.

**ଅନାଦି**—ସଂ. ବିଣ. ( ବହୁବ୍ରୀହି; ନ + ଆଦି )—
Anādi ୧ । ଯାହାର ଆଦି ନାହିଁ—
1. Having no beginning.
୨ । ଅନନ୍ତକାଳରୁ ଥିବା—
2. Existing from eternity.
୩ । ଜନ୍ମରହିତ; ଅଜ—3. Birthless.
୪ । ଯାହାର ଜନ୍ମକାଳ ବା ଆଦ୍ୟ ଠିକଣା କରାଯାଇ ନ ପାରେ—
4. Whose birth or beginning or origin is untraceable.

ତୁମ୍ଭେ ଅଟ ଅନାଦି ନିରାକାର, ଶବ୍ଦ ସ୍ପର୍ଶ ଆଦିକ ନାହିଁ ଗୋଚର ।
ଭକ୍ତିଦାସ—ମଥୁରାମଙ୍ଗଳ ।

ସଂ. ବି—ପରମେଶ୍ୱର; ଭଗବାନ—God.
ଦେ. ବି. ପୁଂ—ଲୋକବିଶେଷଙ୍କ ନାମ—A name given to males.

**ଅନାଦିକାରଣ**—ସଂ. ବି. ପୁଂ ( ବହୁବ୍ରୀହି; ନ + ଆଦିକାରଣ )—
Anādikāraṇa ପରମେଶ୍ୱର—God.

**ଅନାଦିନାଥ**—ସଂ. ବି. ( କର୍ମଧା; ଅନାଦି + ନାଥ )—
Anādinātha ପରମେଶ୍ୱର—God.

**ଅନାଦିନିଧନ**—ସଂ. ବି. (ବହୁବ୍ରୀହି; ନ + ଆଦି = ଜନ୍ମ + ନିଧନ = ମୃତ୍ୟୁ)—
Anādinidhana ପରମେଶ୍ୱର; (ବିଷ୍ଣୁ ସହସ୍ରନାମୋକ୍ତ) ବିଷ୍ଣୁଙ୍କର ନାମ—God; a name of Bishṇu.
ସଂ. ବିଣ—ଅନନ୍ତକାଳସ୍ଥାୟୀ—Eternal.

**ଅନାଦିମଧ୍ୟାନ୍ତ**—ସଂ. ବିଣ. ( ବହୁବ୍ରୀହି; ନ + ଆଦି + ମଧ୍ୟ + ଅନ୍ତ )—
Anādimadhyānta ଯାହାର ଆଦି, ମଧ୍ୟ ଓ ଅନ୍ତ ନାହିଁ—
Having no beginning, middle or end.

**ଅନାଦିଷ୍ଟ**—ସଂ. ବିଣ. ( ନ + ଆଦିଷ୍ଟ )—
Anādishṭa ୧ । ଯାହା ଆଦେଶ କରାଯାଇ ନ ଥାଏ—
1. Not ordered; unauthorised.
୨ । ପୁଂ—ଯେ ଆଦେଶ ପ୍ରାପ୍ତ ହୋଇ ନ ଥାଏ—
2. Who has not received any order or authority.

**ଅନାଦୀନବ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ + ଆଦୀନବ )—
Anādinaba ନିର୍ଦ୍ଦୋଷ—Faultless.
( ଅନାଦୀନବା—ସ୍ତ୍ରୀ )

ସାଧାରଣ ଲୋକେ ଅଟର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଣ୍ଟା' ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

**ଅନାଦୃତ**—ସଂ. ବିଣ. ପୁଂ. ( ନ+ଆଦୃତ )—
Anādṛuta ୧ । ଯାହାକୁ ଆଦର ବା ସମ୍ମାନ ଦେଖା ଯାଇ-
(ଅନାଦୃତା—ସ୍ତ୍ରୀ) ନାହିଁ—Unhonoured.

**ଅନାଦେୟ**—ସଂ. ବିଣ. ( ନ + ଆଦେୟ )—ଗ୍ରହଣର ଅଯୋଗ୍ୟ;
Anādeya ଅଗ୍ରହଣୀୟ—Not fit to be received; unacceptable.

**ଅନାଦେଶକର**—ସଂ. ବିଣ. ପୁଂ. ( ନ+ଆଦେଶ+କୃ ଧାତୁ+କର୍ତ୍ତୃ.
Anādeśakara ଅ )—ଯାହା ଆଦେଶ ଦିଆ ଯାଇ ନାହିଁ
(ଅନାଦେଶକରୀ—ସ୍ତ୍ରୀ) ତାହା ଯେ କରେ—Doing what is not commanded or not allowed ( M.W. )

**ଅନାଦ୍ୟ**—ସଂ. ବିଣ—୧ । ( ବହୁବ୍ରୀହି; ନ+ଆଦ୍ୟ )—ଅନାଦି (ଦେଖ)
Anādya Anādi ( See )
୨ । (ନଞ୍ ତତ୍; ନ+ଅଦ ଧାତୁ+କର୍ମ. ଯ) ଅଖାଦ୍ୟ; ଯାହା ଖିଆଯାଇ ନ ପାରେ—2. Not eatable.

**ଅନାଧୁନି**—ଦେ. ବି. ଓ ବିଣ. ଓ କ୍ରି. ବିଣ—ଅନାଧୁନି ( ଦେଖ )
Anādhuni Andādhuni ( See )

**ଅନାଧୁନିଆଁ**—ଦେ. ବିଣ—ଅନାଧୁନିଆ ( ଦେଖ )
Anādhuniāñ Andādhunia ( See )

**ଅନାଧୃଷ୍ଟ**—ସଂ. ବିଣ. ( ନ+ଆଧୃଷ୍ଟ )—୧ । ଦୁର୍ଦ୍ଧର୍ଷ—
Anādhṛushṭa 1. Unchecked.
୨ । ପୂର୍ଣ୍ଣାଙ୍ଗ—2. Perfect.
୩ । ଅଜେୟ—3. Invincible.

**ଅନାପଦ୍**—ସଂ. ବି. ( ନଞ୍ ତତ୍; ନ+ଆପଦ୍ )—
Anāpad ୧ । ବିପତ୍କାଳ ଛଡ଼ା ଅନ୍ୟ ସମୟ—
1. Time other than that of calamities ( M. W. )
୨ । ଆପଦର ଅଭାବ—
2. Absence of misfortune.
[ ଯଥା—ମନୁସଂହିତା ୪—୨ ରେ ଅଛି ଯେ ଗୃହସ୍ଥ ଅନାପଦ୍ ଅର୍ଥାତ୍ ଆପତ୍କାଳ ଛଡ଼ା ଅନ୍ୟ ସମୟରେ ଯହିଁରେ କୌଣସି ପ୍ରାଣୀର କିଛିମାତ୍ର ପୀଡ଼ା ବା ଦ୍ରୋହ ନ ହୁଏ କିମ୍ବା ଅଭାବ ପକ୍ଷରେ ଅଳ୍ପ ପୀଡ଼ା ହୁଏ ଏପରି ବୃତ୍ତି ଅବଲମ୍ବନ କରି ଜୀବିକା ନିର୍ବାହ କରିବ—ଗ୍ରାମଶଙ୍କର. ମନୁ. ୪।୨ । ]

**ଅନାପଦ**—ସଂ. ବିଣ. ( ବହୁବ୍ରୀହି; ନ+ଆପଦ )—ଆପଦରହିତ—
Anāpada Free from misfortune or calamity.

**ଅନାପନ୍ନ**—ସଂ. ବିଣ. ( ନ+ଆପନ୍ନ )—
Anāpanna ୧ । ଆପଦରେ ପଡ଼ି ନ ଥିବା—
1. Not fallen into distress.
୨ । ଅପ୍ରାପ୍ତ—2. Unattained.

**ଅନାପ୍ଲୁତ**—ସଂ. ବିଣ. ( ନ+ଆପ୍ଲୁତ )—
Anāpḷuta ୧ । ଗାଧୋଇ ନ ଥିବା—1. Unbathed.
୨ । ଅଧୁଆ—2. Unwashed.

**ଅନାବନା**—ଦେ. ବିଣ. ( ସଂ. ଅନାମ )—
Anābanā ୧ । ଅନାମା; ଯାହାର ନାମ ନାହିଁ—
अनाम; यातो 1 Having no name.
बेनाम; गुमनाम ୨ । ଅଜ୍ଞାତନାମା; ଯାହାର ନାମ ଜଣା ନାହିଁ—
2. Whose name is not known.
୩ । ଏକତ୍ର ମିଶ୍ରିତ—3. Jumbled up together; mixed up.
୪ । ଇତସ୍ତତଃ ବିକ୍ଷିପ୍ତ; ଅସମ୍ବଦ୍ଧ—4. Confused; without sequence or method.
ଦେ. ବିଣ. (ବହୁବଚନ)—
ନାମ ଜଣା ନଥିବା ନାନା ପ୍ରକାରର (ଶାଗ)—Consisting of many nameless ( herbs )

**ଅନାବନା ଗଛ**—ଦେ. ବି—ନାନାପ୍ରକାରର ଅନାମା ବୃକ୍ଷ—
Anābanā gachha Miscellaneous plants having
यातोगाछ no name.

**ଅନାବନା ଶାଗ**—ଦେ. ବି—ଏକତ୍ର ମିଶ୍ରିତ ନାନାପ୍ରକାରର ଅନାମା
Anābanā śāga ଶାକ—Various kinds of pot-
ষ'তাশাক herbs mixed up together.

**ଅନାବଶ୍ୟକ**—ସଂ. ବିଣ. ( ନ+ଆବଶ୍ୟକ )—
Anābaśyaka ଅପ୍ରୟୋଜନୀୟ; ବେଦରକାରୀ—
Useless; unnecessary.

**ଅନାବଶ୍ୟକୀୟ**—ଦେ. ବିଣ. ( ଅନାବଶ୍ୟକର ଅଶୁଦ୍ଧ ବ୍ୟବହାର; କାରଣ
Anābaśyakīya ଆବଶ୍ୟକ ଶବ୍ଦ ବିଶେଷଣ ଏବଂ ସଂ. ରେ
अनावश्यकीय ଆବଶ୍ୟକୀୟ ଶବ୍ଦ ନାହିଁ )—
ଅନାବଶ୍ୟକ; ଅପ୍ରୟୋଜନୀୟ; ବେଦରକାରୀ—
Useless; unnecessary.

**ଅନାବର୍ଷଣ**—ସଂ. ବି. ( ନ+ଆବର୍ଷଣ )—ଅନାବୃଷ୍ଟି ( ଦେଖ )
Anābarshaṇa Anābṛushṭi (See)

**ଅନାବାଦି**—ଦେ. ବିଣ. ( ସଂ. ନ+ଫା.ଆବାଦୀ)—
Anābādi ୧ । ପଡ଼ିଆ (ଜମି)—1. Waste (land)
अनावादि ୨ । ଅକର୍ଷିତ (ଜମି)—
परती 2. Uncultivated ( land )
ଦେ. ବି—ପଡ଼ିଆ ଜମି—Waste land.

**ଅନାବାଦିଆ**—ଗ୍ରା. ବିଣ. ( ଲକ୍ଷ୍ୟାର୍ଥ; ଗାଳିରେ ବ୍ୟବହୃତ; ଅନାବାଦି
Anābādiā ଜମି ପରି ହେୟ )—
निकर्म्मा ୧ । ନିଷ୍କର୍ମା (ଲୋକ)—1. Worthless (person)
निकम्मा ୨ । ଅଲସୁଆ—2. Idle; lazy.
୩ । ଅଶିକ୍ଷିତ—3. Uneducated.
୪ । ଅଭଦ୍ର; ଅଶିଷ୍ଟ—4. Unmannerly; uncivil.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ପ | ଢ଼ଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ଢ଼ | ଲୃ |

**ଅନାବିଦ୍ଧ**—ସଂ. ବଣ. ( ନ+ଆବିଦ୍ଧ )—
**Anābiddha** ୧ । ଯାହା ଫୋଡ଼ା ଯାଇ ନାହିଁ; ଅଫୁଟା—1. Unpierced.
୨ । ଅନାହତ—2. Unhurt.

**ଅନାବିଲ**—ସଂ. ବଣ. ( ନ+ଆବିଲ )—
**Anābiḻa** ୧ । ନିର୍ମଳ—1. Clear.
୨ । ଶୁଦ୍ଧ—2. Pure.
୩ । ପରିଷ୍କୃତ—3. Clean.
୪ । ଯାହା ଗୋଳିଆ ନୁହେ—4. Not turbid.
୫ । ଯାହା ମଇଳା ନୁହେ—5. Not filthy; not dirty.
୬ । ନିଷ୍କପଟ; ସରଳହୃଦୟ—6. Frank; guileless.

**ଅନାବିଷ୍କୃତ**—ସଂ. ବଣ. ( ନ+ଆବିଷ୍କୃତ )—
**Anābishkṛuta** ଯାହାକୁ କେହି ଆବିଷ୍କାର କରି ନାହିଁ—Undiscovered.

**ଅନାବିଷ୍ଟ**—ସଂ. ବଣ. ( ନ+ଆବିଷ୍ଟ )—
**Anābishṭa** ୧ । ଅନିଯୁକ୍ତ—1. Not engaged in.
(ଅନାବିଷ୍ଟା—ସ୍ତ୍ରୀ) ୨ । ଅନାସକ୍ତ—2. Not devoted or attached to.
(ଅନାବିଷ୍ଟତା—ବି)
୩ । ଅସ୍ଥିର—3. Unsettled.
୪ । ଅମନୋଯୋଗୀ—4. Inattentive.

**ଅନାବୃତ**—ସଂ. ବଣ. ( ନ+ଆବୃତ )—
**Anābṛuta** ୧ । ଅନାଚ୍ଛାଦିତ; ଘୋଡ଼ିଆ ହୋଇ ନ ଥିବା—1. Uncovered.
(ଅନାବୃତା—ସ୍ତ୍ରୀ)
୨ । ଖୋଲା—2. Open; exposed.
୩ । ଯାହାର ଘୋଡ଼ଣି ନାହିଁ—3. Having no lid or cover
୪ । ଲୁଗା ପିନ୍ଧି ନ ଥିବା; ଲଙ୍ଗଳା—4. Undressed ( M. W. )

**ଅନାବୃତ୍ତ**—ସଂ. ବଣ. ( ନ+ଆବୃତ୍ତ )—
**Anābṛutta** ୧ । ଫେରି ନ ଥିବା—**1. Not returned.**
(ଅନାବୃତ୍ତି—ବି) ୨ । ଅନିର୍ବାଚିତ—2. Not chosen(M W.)
୩ । ଅନଭ୍ୟସ୍ତ—3. Not exercised or practised.

**ଅନାବୃତ୍ତି**—ସଂ. ବି. ( ନ+ଆବୃତ୍ )—୧ । ଅପ୍ରତ୍ୟାବର୍ତ୍ତନ; ନ
**Anābṛutti** ଫେରିବା—1. Not returning
୨ । ଅପୁନରାବର୍ତ୍ତନ; ମୋକ୍ଷ; ପରମ ମୁକ୍ତି—2. Final emancipation.
୩ । ଅନଭ୍ୟାସ—3. Want of practice or exercise.

**ଅନାବୃଷ୍ଟି**—ସଂ. ବି. ( ନ+ଆବୃଷ୍ଟି )—୧ । ବୃଷ୍ଟିର ଅଭାବ; ମେଘ
**Anābṛushṭi** ବର୍ଷା ନହେବା—1. Want of rain.
୨ । ଖରା; ମରୁଡ଼ି—2. Drought
ସଂ. ବଣ—ବୃଷ୍ଟିହୀନ (ଦେଶ)—Rainless (country)

**ଅନାବେଶ**—ସଂ. ବି (ନ+ଆବେଶ)—
**Anābeśa** ୧ । ଅଯତ୍ନ—1. Want of care.
୨ । ଉପେକ୍ଷା—2. Disregard.
୩ । ଅମନୋଯୋଗ—3. Inattention.

**ଅନାମ**—ସଂ. ବଣ. ପୁଂ (ବହୁବ୍ରୀହି; ଅ+ନାମନ୍; ୧ମା. ୧ବ.)—
**Anāma** ୧ । ନାମହୀନ; ଯାହାର ନାମ ନାହିଁ—1. Nameless.
(ଅନାମା—ସ୍ତ୍ରୀ) ୨ । ଅଜ୍ଞାତନାମା; ଯାହାର ନାମ ଜଣା ନାହିଁ—2. Whose name is not known.
ଅନାମତ୍ୱ } ବି
ଅନାମତା }
୩ । ଦୁର୍ନାମଯୁକ୍ତ—3. Infamous. (M. W.)
୪ । ଅଜ୍ଞାତ—4. Unknown.
୫ । ଅପ୍ରସିଦ୍ଧ—5. Not famous
ସଂ. ବି. ପୁଂ—ଲୋକବିଶେଷଙ୍କ ନାମ—Name of males.

**ଅନାମକ**—ସଂ. ବଣ. ପୁଂ (ଅ+ନାମ+କ)—୧ । ନାମହୀନ—
**Anāmaka** 1. Nameless.
(ଅନାମିକା—ସ୍ତ୍ରୀ) ୨ । ଦୁର୍ନାମଯୁକ୍ତ—2. Infamous.
ସଂ. ବି—୧ । ମଳମାସ—1. An intercalary month.
୨ । ଅର୍ଶରୋଗ—2. Piles (med. ).

**ଅନାମତ୍**—ଦେ. ଅ. (ସଂ. ଅନବରତ)—୧ । ଅନବରତ; ସର୍ବଦା—
**Anāmat** 1. Always.
अनवरत (ଯଥା—ସେ ମତେ ଅନାମତ୍ ବିରକ୍ତ କରୁଛି ।)
**अनामत, लगातार** ୨ । ଅବିଶ୍ରାନ୍ତଭାବରେ—2. Uninterruptedly.
( ଯଥା—ମୁଁ କାଲିଠାରୁ ଅନାମତ୍ ଝିଙ୍କି ବଢ଼ି ହେଉଛି )
୩ । ତମାମ୍—3. Wholly; throughout.
(ଯଥା—ତା ଦୁଇ ଗୋଡ଼ ଅନାମତ୍ ଗୁଡ଼ାଏ ବଇଁଶ ବାହାରିଛି ।)
ଦେ. ବି. (ହିନ୍ଦ. ବନ୍ଦୋବସ୍ତିଆ ନକସ୍)—ନକ୍ସାରେ ଘାସ, ଗଛ, ବୁଦାଆଦିର ଜ୍ଞାପକ ଚିହ୍ନ—Conventional signs to denote grass, trees and bushes in a Map.

**ଅନାମତେ**—ଦେ. ଅ—ଅନାମତ୍ (ଦେଖ)
**Anāmate** Anāmat (See)
ଦେ. କ୍ରି.—ମତେ ଅନା ବା ଚାହାଁ—Look at me.
ଅନାମତେ ଅନା ମତେ ଦଣ୍ଡି ପଣି ପୂଲ୍ଲଥିଲୁ । ଗୋପୀନାଥ କବିଙ୍କ ଉଦ୍ଧୃତ ।

**ଅନାମନା (ଇତ୍ୟାଦି)**—ଦେ. ବଣ—ଅନାବନା ଇତ୍ୟାଦି (ଦେଖ)
**Anāmanā (etc)** Anābanā etc. (See)

**ଅନାମୟ**—ସ. ବି. ( ନ+ଆମୟ=ରୋଗ )—
**Anāmaya** ୧ । ଆରୋଗ୍ୟ; ସ୍ୱାସ୍ଥ୍ୟ; ନୀରୋଗତା—1. Health.

| |
|---|
| ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ । |

୨ । କୁଶଳ—2. Weal; well-being.

୩ । ମୋକ୍ଷନାମକ ପୁରୁଷାର୍ଥ—
3. Beatitude; salvation.

ଦେ. ବି—କୁଶଳପ୍ରଶ୍ନ—Question about a person's well-being.

ଦଶବାର ଅନାମୟ ମୋତେ ସେବାଦେନ କରି ପଚାରିଲେ ମିତ ।
କବିସୂର୍ଯ୍ୟ, କଳୋସରତ୍ନ—ଦ ଗୀତ ।

ସଂ. ବିଣ. ( ବହୁବ୍ରୀହି )—୧ । ସୁସ୍ଥ; ନୀରୋଗ—
1. Healthy; free from disease.

୨ । ସ୍ୱାସ୍ଥ୍ୟକର—2. Salubrious.

୩ । ରୋଗ, ଜରା, ମରଣାଦିବର୍ଜିତ—
3. Free from disease, old age & death.

ଥୋଇଥିଲେ ମନ ଯେଣୁ ମାୟା—ମୋହ ପାରେ
ଧାମସ୍ୱ ପ୍ରପଞ୍ଚାତୀତ ଅନାମୟ ଧାମେ । ରାଧାନାଥ, ମହାଯାତ୍ରା ।

**ଅନାମା**—ସଂ. ବିଣ. ସ୍ତ୍ରୀ. ( ଅ + ନାମନ୍ + ସ୍ତ୍ରୀ. ଆ )—
**Anāmā** ଅନାମର ସ୍ତ୍ରୀଲିଙ୍ଗ—Feminine of Anāma.

ଅନାମା ଦେ. ବିଣ. ପୁଂ. ( ଅଶୁଦ୍ଧ ପ୍ରୟୋଗ; କେହିକେହି ଶିକ୍ଷିତ ଲେଖକ ଏ ଶବ୍ଦକୁ ପୁଂଲିଙ୍ଗ ରୂପେ ବ୍ୟବହାର କରନ୍ତି; କିନ୍ତୁ ସଂସ୍କୃତ କୋଷକାରମାନେ ଏ ଶବ୍ଦକୁ ପୁଂଲିଙ୍ଗ-ରୂପେ ଦେଖାଇ ନାହାନ୍ତି ।)—ଅନାମ ( ଦେଖ )
Anāma ( See )

ସଂ. ବି. ସ୍ତ୍ରୀ—ଉପକନିଷ୍ଠାଙ୍ଗୁଳି; ଅନାମିକା ଅଙ୍ଗୁଠି; ପଇଅଙ୍ଗୁଠି—Ring-finger.

**ଅନାମିଆଁ**—ଗ୍ରା. ବିଣ. ( ସଂ. ଅନାମ )—ଅନାମ ( ଦେଖ )
**Anāmiāñ** Anāma ( See )

**ଅନାମିକା**—ସଂ. ବିଣ. ସ୍ତ୍ରୀ. (ଅନାମକ+ସ୍ତ୍ରୀ. ଆ)—ଅନାମକର ସ୍ତ୍ରୀଲିଙ୍ଗ—
**Anāmikā** Feminine of Anāmaka.

ସଂ. ବି. ସ୍ତ୍ରୀ—କାଣିଅଙ୍ଗୁଠି ଓ ମଝିଅଙ୍ଗୁଠିର ମଝିରେ ଥିବା ଅଙ୍ଗୁଠି; ପଇଅଙ୍ଗୁଠି ( ଏ ଅଙ୍ଗୁଠିରେ ମୁଦି ଓ କୁଶବଟୁ ପିନ୍ଧାଯାଏ । )—Ring-finger.

ଦେ. ବିଣ—ଅନାମ—Nameless.

ଅପେ ଅନାମିକା ବ୍ରହ୍ମ ଅପେ ବହେ ନାମି । ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅନାମିଷ**—ସଂ. ବିଣ. ( ବହୁବ୍ରୀହି; ନ+ଆମିଷ )—
**Anāmisha** ୧ । ଆମିଷହୀନ; ନିରାମିଷ—
1. Without fish or flesh; meatless.

୨ । ଲାଭହୀନ—2. Profitless ( M. W. )

**ଅନାମୀ**—ଦେ. ବିଣ. ( ସଂ. ଅନାମ )—ଅନାମ ( ଦେଖ )
**Anāmi** Anāma ( See )
ଅନାମୀ

**ଅନାମେଟ୍**—ପ୍ରାଦେ. ( ସମ୍ବଲପୁର ) ଅ—ଅନାମତ୍ ( ଦେଖ )
**Anāmet** Anāmat ( See )

**ଅନାମ୍ୟ**—ସଂ. ବିଣ. ( ଅ + ନମ ଧାତୁ + କର୍ମ. ଯ )—
**Anāmya** ଯାହା ନୁଆଁଇହେବା ଅସମ୍ଭବ—
Impossible to be bent.

**ଅନାୟକ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ନାୟକ )—
**Anāyaka** ୧ । ନେତାହୀନ; ଯାହାର କେହି ସର୍ଦ୍ଦାର ବା ଚାଳକ
(ଅନାୟକା—ସ୍ତ୍ରୀ) ନାହିଁ—1. Leaderless.

୨ । ଶାସକହୀନ—2. Having no ruler.

୩ । ଅଶୃଙ୍ଖଳ; ଗଡ଼ବଡ଼ିଆ—3. Disorderly.

**ଅନାୟତ**—ସଂ. ବିଣ. (ନ+ଆୟତ)—୧ । ଅବିସ୍ତୃତ—
**Anāyata** 1. Not extended.

୨ । ଅଦୀର୍ଘ—2. Not long.

୩ । କ୍ଷୁଦ୍ର; ଛୋଟ—3. Small; little.

୪ । ଅଳ୍ପ—4. Few; limited.

୫ । ଧାରାବାହିକ;ଅବିଚ୍ଛିନ୍ନ—5. Continuous (M.W.)

୬ । ପୃଥକ୍ କରାଯାଇ ନ ଥିବା—
6. Unseparated ( M. W. )

୭ । ଅଳ୍ପକାଳସ୍ଥାୟୀ —7. Of short duration. ( Apte )

୮ । ଅନିୟନ୍ତ୍ରିତ; ଅସଂଯତ, ଅବାଧ—8. Unrestrained; unchecked ( Apte )

୯ । ଯାହାକୁ କେହି ଟେକି ଧରି ନାହିଁ—
9. Unpropped; unsupported.

୧୦ । ସନ୍ନିହିତ ( ଗୋପୀନାଥ ନନ୍ଦ )—10 Adjoining.

ଗ୍ରା. ବିଣ. ( ସଂ. ଅନାୟତ୍ତ )—ଅନାୟତ୍ତ ( ଦେଖ )
Anāyatta ( See )

**ଅନାୟତନ**—ସଂ. ବି. ( ନ+ଆୟତନ )—
**Anāyatana** ଯାହା ବିଶ୍ରାମ ସ୍ଥାନ କିମ୍ବା ବେଦୀ ନୁହେ—
That which is not really a resting place or an alter ( M. W. )

**ଅନାୟତ୍ତ**—ସଂ. ବିଣ. ( ନ+ଆୟତ୍ତ )—୧ । ଅବଶୀଭୂତ—
**Anāyatta** 1. Unsubdued.
(ଅନାୟତ୍ତା—ସ୍ତ୍ରୀ) ୨ । ଯାହାକୁ ପୋଷା ମନାଯାଇ ନ ପାରେ—
2. Untamed.

୩ । ସ୍ୱାଧୀନ; ଅପରାଧୀନ—3. Independent.

୪ । ଅସମର୍ଥ—4. Incapable.

୫ । ଯାହା କୌଣସି ବ୍ୟକ୍ତିର ଅଧୀନରେ ନାହିଁ; ବେଅକ୍ତିଆର—
5. Not under one's control.

୬ । କ୍ଷମତାହୀନ—6. Powerless.

୭ । ଅଧିକାରର ବହିର୍ଭୂତ—
7. Beyond one's control.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଦ୍ଧ | ଢ |
| ୨ | ଈ | ଊ | ରୁ | ଲ୍ଲ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଦ୍ଧ | ନ୍ଥ |

୮ । ବେକାବୁ—8. Overpowered.

ଦେ. ବଣ—୧ । ନିରୁପାୟ; ନିରାଶ୍ରୟ—1. Helpless.

( ଯଥା—ମୋତେ ଏ ରୋଗ ଅନାୟତ୍ତ କରିଦେଲାଣି । )

୨ । ଯେ ନିଜ କଥା ନିଜେ ବୁଝେ—

2. One who looks after one's own work.

୩ । ନାଚାର—3. Resourceless.

ଦେ. ବ—ନାଚାର ଅବସ୍ଥା—Helpless condition.

**ଅନାୟତ୍ତବୃତ୍ତି**—ସଂ. ବଣ. ପୁଂ. ଓ ସ୍ତ୍ରୀ ( ବହୁବ୍ରୀହି )—
Anāyattabrutti ଯାହାର ସ୍ୱାଧୀନ ବ୍ୟବସାୟ ବା ଜୀବିକା ଥାଏ—
Having an independent livelihood.

**ଅନାୟତ୍ତେ**—ଦେ. କ୍ରି. ବଣ—୧ । ଜବରନ୍; ବଳପୂର୍ବକ; ଜବରଦସ୍ତି—
Anāyatte 1. Perforce.
অনায়ত্তে ୨ । ନାଚାର ହୋଇ—
लाचारीमे 2. Having no other alternative.

**ଅନାୟାସ**—ସଂ. ବ. ( ନ + ଆୟାସ )—
Anāyāsa ୧ । ପରିଶ୍ରମ ବା ଚେଷ୍ଟାର ଅଭାବ; ଅପରିଶ୍ରମ—
1. Want of exertion.

୨ । ସହଜତା—2. Facility; ease.

୩ । ଆଳସ୍ୟ—3. Idleness.

୪ । ହେଳା—4 Neglect

୫ । ଅକଷ୍ଟ; ଅକ୍ଳେଶ—5. Want of trouble.

ସଂ. ବଣ—୧ । ସହଜ—1. Easy.

୨ । ପ୍ରଯତ୍ନଶୂନ୍ୟ—2. Free from exertion.

୩ । କ୍ଲେଶଶୂନ୍ୟ—3 Free from trouble or difficulty.

୪ । ପରିଶ୍ରମହୀନ—4. Free from exertion or labour.

ସଂ. କ୍ରି. ବଣ—ଅନାୟାସରେ; ସହଜରେ—Easily

**ଅନାୟାସକୃତ**—ସଂ. ବଣ—ସହଜରେ କରାଯିବା—
Anāyāsakruta Done easily.

ସଂ. ବ. ( ବୈଦ୍ୟକ )—ଆଗରୁ କିଛି ସଂଗ୍ରହ କରି ନ ଯାଇ ତତ୍‌କ୍ଷଣାତ୍ କରାଯିବା ଔଷଧ—An infusion prepared extemporaneously (M.W.)

**ଅନାୟାସସିଦ୍ଧ**—ସଂ. ବଣ (୩ୟା ତତ୍; ଅନାୟାସ+ସିଦ୍ଧ)—
Anāyāsasiddha ୧ । ସହଜରେ ସାଧିତ ହୋଇଥିବା—
1. Easily done.

୨ । ସହଜରେ ସିଦ୍ଧ ଥିବା—2. Easily boiled.

**ଅନାୟୁଷ୍ୟ**—ସଂ. ବଣ. ( ନ+ଆୟୁଷ୍ୟ )—ଆୟୁଃ ପକ୍ଷରେ ଅହିତକର;
Anāyushya ଆୟୁଃକ୍ଷୟକର ( ଯଥା—ଅତିଭୋଜନ, ଦିବାନିଦ୍ରା, ରାତ୍ରି ଜାଗରଣ, ଦିବା ମୈଥୁନ)—Tending to shorten life; fatal to long life.

**ଅନାର**—ବୈଦେ. ବ. ( ଆ. ଓ ଫା. ଅନାର )—
Anāra ୧ । ଡାଳିମ୍ବ—1. Pomegranate.

( ଦ୍ର—ଅତି କ୍ଷୁଦ୍ର ମଞ୍ଜି ଥିବା ଡାଳିମ୍ବକୁ ବେଦାନା ଓ ବଡ଼ ମଞ୍ଜି ଥିବା ଡାଳିମ୍ବକୁ ଅନାର କହନ୍ତି । )

୨ । (ଏହା ଡାଳିମ୍ବ ଆକୃତି ଥିବାରୁ) ଘଡ଼ିବାଣ; ଭୂମିବାଣ—
2. A sort of fire-work.

**ଅନାରତ**—ସଂ. ବଣ. ( ବହୁବ୍ରୀହି; ନ+ଆରତ=ବିଶ୍ରାମ )—
Anārata ଅବିଶ୍ରାନ୍ତ; ନିରନ୍ତର—Uninterrupted.
(ଅନାରତା—ସ୍ତ୍ରୀ) ସଂ. କ୍ରି. ବଣ—୧ । ସର୍ବଦା; ନିରନ୍ତର—
1. Always.

୨ । ଅବିଶ୍ରାନ୍ତରୂପେ—2. Uninterruptedly.

**ଅନାରଦାନା**—ବୈଦେ. ବ. ( ଫା. ଅନାର+ଦାନା=କ୍ଷୁଦ୍ର ମଞ୍ଜି )—
Anāradānā ୧ । ଡାଳିମ୍ବର ମଞ୍ଜି—
1 Seed of Pomegranate.

୨ । ଘଡ଼ିବାଣ—2. A sort of fire work.

**ଅନାରଭ୍ୟ**—ସଂ. ବଣ. ( ନ+ଆ+ରଭ ଧାତୁ+କର୍ମ. ଯ )—
Anārabhya ଯାହା ଆରମ୍ଭ କରିବା ଅସମ୍ଭବ—
Impracticable to be commenced or undertaken.

**ଅନାରମ୍ଭ**—ସଂ. ବ. (ନଞ୍ ତତ୍; ନ+ଆରମ୍ଭ)—
Anārambha ୧ । ଆରମ୍ଭର ଅଭାବ—
1. Non-commencement.

୨ । ଉଦ୍ୟମ ନ କରିବା—
2. Not attempting or undertaking.

ସଂ. ବଣ ( ବହୁବ୍ରୀହି )—ଆରମ୍ଭହୀନ—
Having no commencement.

**ଅନାରସ**—ବୈଦେ. ବ. ( ଆମେରିକାର ବ୍ରାଜିଲଦେଶ ଭାଷା, ନନସ୍=
Anārasa ପର୍ତ୍ତୁଗୀଜ୍. ଅନାନାସ୍; ଏହା ପ୍ରଥମେ ଆମେରିକାରୁ
আনারস ଭାରତକୁ ଆସିଛି )—ସପୁରୀ
अनन्नास Pineapple.

**ଅନାରୋଗ୍ୟ**—ସଂ. ବ. (ନଞ୍ ତତ୍; ନ+ଆରୋଗ୍ୟ)—ଅସୁସ୍ଥତା; ରୋଗ—
Anārogya Sickness.
( ଅନାରୋଗ୍ୟା—ସ୍ତ୍ରୀ ) ସଂ. ବଣ. ପୁଂ—ଅସୁସ୍ଥ—Unhealthy.

**ଅନାରୋଗ୍ୟକର**—ସଂ. ବ. ( ଅନାରୋଗ+କୃ ଧାତୁ+କର୍ତ୍ତୃ. ଅ )—
Anārogyakara ୧ । ଯାହା ରୋଗ ସୃଷ୍ଟି—
1. Causing sickness.

୨ । ଅସ୍ୱାସ୍ଥ୍ୟକର—2. Unhealthy.

**ଅନାର୍ଜବ**—ସଂ. ବ. ( ନଞ୍ ତତ୍; ନ+ଆର୍ଜବ )—
Anārjaba ୧ । ଅସରଳତା; ବକ୍ରତା—1. Crookedness.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । କପଟତା—2. Guile.
୩ । ରୋଗ—3. Disease ( M. W. )
ସଂ. ବିଣ. ପୁଂ—୧ । କୁଟିଳ; ବକ୍ର—
(ଅନାର୍ଜ୍ଜବା—ସ୍ତ୍ରୀ) 1. Crooked.
୨ । ଅସରଳ; କପଟୀ—
2 Not straight-forward.

**ଅନାର୍ତ୍ତ**—ସଂ. ବିଣ. ପୁଂ. (ନ+ଆର୍ତ୍ତ)—୧ । ସୁସ୍ଥ; ଯେ ପୀଡ଼ିତ ନୁହେ—
Anārtta 1. Not sick; well.
( ଅନାର୍ତ୍ତା—ସ୍ତ୍ରୀ ) ୨ । ଅନାତୁର—
2. Free from suffering or anxiety.

**ଅନାର୍ତ୍ତବ**—ସଂ. ବିଣ. ( ନ+ଆର୍ତ୍ତବ=ଋତୁସମ୍ବନ୍ଧୀୟ )—ଅଋତୁରେ
Anārttaba ଘଟିବା; ଅକାଳରେ ଘଟିବା—Unseasonable; taking place out of proper season.
ସଂ. ବି—ଅକାଳ ବର୍ଷା; ବର୍ଷାଋତୁ ଛଡ଼ା ଅନ୍ୟ ଦିନେ ହେବା ବର୍ଷା—Unseasonable rain.

**ଅନାର୍ତ୍ତବା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ନ+ଅର୍ତ୍ତବ+ସ୍ତ୍ରୀ. ଆ )—
Anārttabā ଯେଉଁ ବାଳିକା ବା ସ୍ତ୍ରୀ ଋତୁମତୀ ହୋଇ ନାହିଁ—
Unmenstruated ( girl or woman.)

**ଅନାର୍ଯ୍ୟ**—ସଂ. ବିଣ. ପୁଂ. ( ନ+ଆର୍ଯ୍ୟ )—
Anārjya ୧ । ଅଭଦ୍ର—1. Uncivil.
(ଅନାର୍ଯ୍ୟା—ସ୍ତ୍ରୀ) ୨ । ଅସାଧୁ—2. Dishonest.
୩ । ଅସତ୍‌କୁଳପ୍ରସୂତ—3. Base-born; low-born.
୪ । ଅଶ୍ରେଷ୍ଠ—4. Ignoble.
୫ । ଅସଭ୍ୟ—5. Uncivilized.
୬ । ଘୃଣ୍ୟ—6. Despicable.
୭ । ଇତର—7. Vulgar.
୮ । ନିକୃଷ୍ଟ—8. Inferior.
୯ । ଆର୍ଯ୍ୟହୀନ—9. Destitute of Aryans.
ସଂ. ବି—୧ । ଯେ ଆର୍ଯ୍ୟ ନୁହେ—1. A Non-Aryan.
[ ଦ୍ର—ଏମାନେ ଆର୍ଯ୍ୟମାନଙ୍କ ଆଗମନପୂର୍ବରୁ ଭାରତରେ ଥିଲେ । ଏମାନେ ଭାରତର ଆଦିମଅଧିବାସୀ । ଆର୍ଯ୍ୟମାନେ ଏମାନଙ୍କୁ ପାହାଡ଼ ଓ ଜଙ୍ଗଲକୁ ତଡ଼ି ଭାରତରେ ବସତି କଲେ । ଗଡ଼ଜାତବାସୀ କନ୍ଧ, କୋଲ୍ହ, ସାନ୍ତାଳ, ଭୂମିଜ, ଗଣ୍ଡ, ଶବର, ପାଣ, କଣ୍ଡରା ଓ ଗଞ୍ଜାମ ଏବଂ ବିଶାଖାପାଟଣା ମାଳଅଞ୍ଚଳବାସୀ ପରଜା, କୋୟା, ଗଡ଼ବା, କଣ୍ଡା, ଗୋଣ୍ଡମାନେ ଅନାର୍ଯ୍ୟ । ]
୨ । ମ୍ଳେଚ୍ଛ; ବର୍ବର—2. Barbarians.
୩ । ( ଅନାର୍ଯ୍ୟଙ୍କ ଅଞ୍ଚଳରେ ଜନ୍ମିବାରୁ ) ଗୁଗ୍ଗୁଳ (ଦେଖ)
3. Guggula (See)

**ଅନାର୍ଯ୍ୟକ**—ସ. ବି. ( ଅନାର୍ଯ୍ୟ+କ; ଏହା ଅନାର୍ଯ୍ୟମାନଙ୍କ ଅଞ୍ଚଳରେ
Anārjyaka ଜନ୍ମିବାରୁ )—ଗୁଗ୍ଗୁଳ—Agallochum (Aquila Agallocha)

**ଅନାର୍ଯ୍ୟଜୁଷ୍ଟ**—ସ. ବିଣ. (ତୃତୀୟା ତତ୍; ଅନାର୍ଯ୍ୟ+ଜୁଷ୍ଟ )—
Anārjyajushṭa ଅନାର୍ଯ୍ୟମାନଙ୍କ ଆଚରିତ ( କର୍ମ )—
Practised or observed by Non-Aryans.

**ଅନାର୍ଯ୍ୟତା**—ସ. ବି. ( ଅନାର୍ଯ୍ୟ+ଭାବ. ତା )—
Anārjyatā ୧ । ଅସାଧୁତା—1. Dishonesty.
୨ । ଅଭଦ୍ରତା—2. Incivility.

**ଅନାର୍ଯ୍ୟତିକ୍ତା**—ସ. ବି. ( ବୈଦ୍ୟକ ) କିରାତତିକ୍ତା; ଚିରାଇତା—
Anārjyatiktā A medicinal plant; Gentiana Cherayata Roxburghii.

**ଅନାର୍ଷ**—ସ. ବିଣ. ( ନ+ଆର୍ଷ )—
Anārsha ୧ । ଯାହା ଋଷିସମ୍ବନ୍ଧୀୟ ନୁହେ—
1. Not relating to a Sage.
୨ । ଯାହା ବୈଦିକ ସ୍ତବସମ୍ବନ୍ଧୀୟ ନୁହେ—
2. Not relating to a Vedic hymn.
୩ । ଋଷିଙ୍କ ପ୍ରତି ପ୍ରଯୁକ୍ତ ହୋଇ ନ ଥିବା—
3 Not applied to a Sage.

**ଅନାଲମ୍ବ**—ସ. ବିଣ. (ବହୁବ୍ରୀହି; ନ+ଆଲମ୍ବ)—ଯାହାର ଥିର ନାହିଁ—
Anālamba Unsupported; without any stay or support.
ସ. ବି. (ନଞ୍ ତତ୍)—ଆଲମ୍ବ ବା ଥିରର ଅଭାବ—
Want of support or prop.

**ଅନାଲମ୍ବନ**—ସଂ. ବିଣ. ( ବହୁବ୍ରୀହି; ନ+ଆଲମ୍ବନ )—
Anālambana ୧ । ଯାହାର ଅଣ୍ଡା ବା ଥିର ନାହିଁ—
1. Unsupported.
୨ । ବିଷାଦଗ୍ରସ୍ତ—2. Desponding ( M. W. )

**ଅନାଲମ୍ବୀ**—ସଂ. ବି—ମହାଦେବଙ୍କ ବୀଣା—
Anālambī Siba's lute.

**ଅନାଲମ୍ବୁକା**—ସଂ. ବି. ସ୍ତ୍ରୀ. ( ନ+ଆ+ଲମ୍ବ ଧାତୁ+ଉକ+ଆ; ଅସ୍ପୃଶ୍ୟା )—
Anālambukā
ଋତୁମତୀ ସ୍ତ୍ରୀ—A woman during menstruation ( M. W. )

**ଅନାଲସ୍ୟ**—ସଂ. ବି. ( ନଞ୍ ତତ୍; ନ+ଆଲସ୍ୟ )—
Anālasya ୧ । ଆଲସ୍ୟର ଅଭାବ—
1. Freedom from laziness.
୨ । ଫୁର୍ତ୍ତି; କର୍ମତତ୍ପରତା—2. Assiduity; promptness.
ସଂ. ବିଣ. ପୁଂ. ( ବହୁବ୍ରୀହି )—ଆଲସ୍ୟହୀନ; ନିରଳସ; କର୍ମ-
(ଅନାଲସ୍ୟା—ସ୍ତ୍ରୀ) ତତ୍ପର; ଫୁର୍ତ୍ତିବାଜ୍—Assiduous; prompt.

**ଅନାଲାପ**—ସଂ. ବି. (ନଞ୍ ତତ୍; ନ+ଆଲାପ )—
Anālāpa ୧ । ଲୋକଙ୍କ ସଙ୍ଗେ ନ ମିଶିବା—1. Reserve.
(ଅନାଲାପା—ସ୍ତ୍ରୀ) ୨ । ମୌନ; କଥା ନ କହିବା—
2. Taciturnity.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଡ଼ | ଢ଼ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଡ଼ଅ | ଢ଼ | ଳ |

ସଂ. ବଣ. ପୁଂ—୧ । ମୌନୀ—1. Taciturn.
(ଅନାଳାପା—ସ୍ତ୍ରୀ) ୨ । ଯେ ଲୋକଙ୍କ ସଙ୍ଗେ ମିଶେ ନାହିଁ—2. Reserved.
୩ । ଯେ ଗପେ ନାହିଁ—3. Not talkative.

**ଅନାଲାପୀ**—ଦେ. ବଣ. ( ସଂ. ଅନାଳାପ )—ଯେ ମେଳାପୀ ନୁହେଁ; ଯେ ଅନ୍ୟମାନଙ୍କ ସଙ୍ଗେ ମିଳାମିଶା କରିବାକୁ ସୁଖ ପାଏ ନାହିଁ—Unsociable; not affable; reserved.
Anālāpi

**ଅନାଲୋଚନୀୟ**—ସଂ. ବଣ. ( ନ+ଆଲୋଚନୀୟ )—
Anālochaniya ୧ । ଆଲୋଚିତ ହେବାର ଅନୁପଯୁକ୍ତ—1. Not fit to be discussed.
୨ । ବିବେଚିତ ହେବାର ଅଯୋଗ୍ୟ—2. Not fit to be considered.

**ଅନାଲୋଚିତ**—ସଂ. ବଣ (ନ+ଆଲୋଚିତ)—୧ । ଅସମାଲୋଚିତ—
Anālochita 1. Not criticised.
୨ । ଯାହା ଆଲୋଚିତ ହୋଇ ନାହିଁ—2. Undiscussed.
୩ । ଅବିବେଚିତ—3. Not considered.

**ଅନାଲୋଚ୍ୟ**—ସଂ. ବଣ (ନ+ଆଲୋଚ୍ୟ)—ଅନାଲୋଚନୀୟ (ଦେଖ)
Anālochya Anālochaniya (See)

**ଅନାଲୋଡ଼ିତ**—ସଂ. ବଣ (ନ+ଆଲୋଡ଼ିତ)—୧ । ଯାହା ଆଲୋଡ଼ିତ ବା ଘଣ୍ଟା ହୋଇ ନାହିଁ—1. Undisturbed; untroubled; unruffled.
Anālordita
୨ । ସ୍ଥିର—2. Calm; still.

**ଅନାଶ**—ସଂ. ବଣ (ବହୁବ୍ରୀହି)—୧ । (ନ+ଆଶା)—ଆଶାହୀନ; ନିରାଶ—
Anāsa 1. Hopeless; despairing.
୨ । (ଅ+ନାଶ)—ଅବିନଷ୍ଟ; ଜୀବିତ—2. Undestroyed, living.

**ଅନାଶକ**—ସଂ. ବି (ନ+ଅଶକ)—୧ । ଅନଶନ; ଉପବାସ—
Anāsaka 1 Fasting (M. W.)
୨ । ପ୍ରାୟୋପବେଶନ; ମରିବା ପର୍ଯ୍ୟନ୍ତ ନ ଖାଇବା—2. Abstaining from food even to death (M. W.)

**ଅନାଶିବିନାଶି**—ଦେ. ବଣ (ସଂ. ଅନିର୍ଦ୍ଦିଷ୍ଟ; ସଦୃଶ ଶବ୍ଦଦ୍ୱୟ ବହୁବଚନ)—
Anāsibināsi ୧ । ବିବିଧ; ବହୁ—1. Miscellaneous; many.
୨ । ସମାଗତ ବହୁ ଅନିମନ୍ତ୍ରିତ ବାଳକ ଲୋକ—2. Many (persons) assembled at a place uninvited.
୩ । ଅନାମା ଓ ବହୁ—3. Nameless and many.
[ଦ୍ର—ଏହି ଶବ୍ଦ ବିଶେଷଣରୂପେ ମନୁଷ୍ୟ, ପ୍ରାଣୀ, ରୋଗ, ଆପଦ, ଭୂତ, ପ୍ରେତ ଆଦି ଶବ୍ଦ ପୂର୍ବେ ବ୍ୟବହୃତ ହୁଏ । ଯଥା—ଅନାଶି ବିନାଶି ରୋଗ—ନାନାପ୍ରକାରର ଅନିର୍ଦ୍ଦିଷ୍ଟ ରୋଗ । ]

ଦେ. ବି—୧ । ଖାଦ୍ୟପାନପ୍ରାପ୍ତି ଆଶାରେ ବିନା ନିମନ୍ତ୍ରଣରେ ସମାଗତ ବହୁ ଭୋକି ଶୋଷୀ ଲୋକ—1. A large number of uninvited persons assembled at a place for food.
୨ । ଅଭ୍ୟାଗତ ଦୁଃଖୀ ଦରିଦ୍ର ବ୍ୟକ୍ତିଗଣ—2. The poor; the destitute.
୩ । ଅନିର୍ଦ୍ଦିଷ୍ଟ ବହୁ ରୋଗ, ଦୁଃଖ ବା ବିପଦ—3. Many nameless diseases, miseries & dangers.
(ଯଥା—ତୋ ଶଙ୍ଖ ଯାଉ ତୋଠଉଁ ତୋର ସବୁ ଅନାଶି ବିନାଶି ଯାଉ ଛାଡ଼ିଛୁଡ଼ି କରିକି । )

**ଅନାଶ୍ୟ**—ସଂ. ବଣ (ଅ+ନାଶ୍ୟ)—ଅବିନାଶୀ—
Anāsya Indestructible; imperishable.

**ଅନାଶ୍ରମୀ**—ସଂ. ବି. ପୁଂ ( ନ+ଆଶ୍ରମିନ୍; ୧ମା. ୧ବ. )—ଦ୍ୱିଜାତିଙ୍କର ଶୁଦ୍ର ଆଶ୍ରମକୁ ଯେଉଁ ବ୍ୟକ୍ତି ପାଳେ ନାହିଁ—One who does not follow the four religious orders which the twice-born are enjoined to observe.
Anāsrami

**ଅନାଶ୍ରୟ**—ସଂ. ବି. (ନଞ ତତ୍; ନ+ଆଶ୍ରୟ )—
Anāsraya ୧ । ଆଶ୍ରୟର ଅଭାବ—1. Non-support.
(ଅନାଶ୍ରୟା—ସ୍ତ୍ରୀ) ୨ । ଆଶ୍ରୟହୀନତା—2. Defencelessness.
୩ । ସ୍ୱାବଲମ୍ବନ—3. Self-dependence.
୪ । ଅନ୍ୟସଙ୍ଗେ ସମ୍ପର୍କରାହିତ୍ୟ—4. Isolation.
ସ. ବଣ. ପୁଂ—୧ । ଆଶ୍ରୟହୀନ; ସହାୟହୀନ—1. Helpless; having no support.
୨ । ଅରକ୍ଷିତ—2. Unprotected.
୩ । ଏକୁଟିଆ—3. Isolated.

**ଅନାଶ୍ରିତ**—ସ. ବଣ. ପୁଂ. ( ନ+ଆଶ୍ରିତ )—୧ । ଅବଲମ୍ବନହୀନ—
Anāsrita 1. Not supported.
(ଅନାଶ୍ରିତା—ସ୍ତ୍ରୀ) ୨ । ସ୍ୱାବଲମ୍ବନଶୀଳ—2. Self-supporting; self-dependent.
୩ । ସ୍ୱାଧୀନ—3. Independent.
୪ । ଅନ୍ୟର ସମ୍ପର୍କରହିତ—4. Isolated.
୫ । ଯେ ଅନ୍ୟକୁ ଅପେକ୍ଷା କରେ ନାହିଁ—5. Regardless of others.

**ଅନାସ**—ସଂ. ବଣ. ( ବହୁବ୍ରୀହି; ନ+ନାସିକା )—
Anāsa ନାସିକାହୀନ ( ବ୍ୟକ୍ତି )—Noseless ( person )

**ଅନାସନ୍ନ**—ସଂ. ବଣ. ( ନ+ଆସନ୍ନ )—
Anāsanna ୧ । ଯାହା ନିକଟବର୍ତ୍ତୀ ନୁହେଁ; ଦୂରବର୍ତ୍ତୀ—1. Distant; not near.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ସେହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯାହା ଆସୁ ଘଟିବ ନାହିଁ—2. Not impending.

**ଅନାସ୍ତ**—ଗ୍ରା. ବିଣ. (ସଂ. ଅନାଥ)—୧ । ଅନାଥ; ଅଶରଣ; ନିରାଶ୍ରୟ—
Anāsta 1. Helpless; having no protector.

ବନସ୍ତେ ମଝିରେ ଅନାସ୍ତ କିଏଣ ଏଥେଁ ଶୋଇଲ ମଉନ ହୋଇ ହେ ଭ୍ରମର ।
ବ୍ରଜନାଥ—ଚଉତିଶା ।

୨ । ( ସଂ. ଅନାଥ )—ପିତୃମାତୃହୀନ—2. Orphan.

୩ । ( ସଂ. ଅନାସ୍ଥା = ଅନାଦର )—ଅନାଦର ପ୍ରାପ୍ତ; ଯାହାର କେହି ଯତ୍ନ ନିଏ ନାହିଁ—
3. Uncared for; neglected.

ମୁଲ୍ଲ ଡାପରୁ ପ୍ରାପ୍ତେ ଦନ୍ତ—କପାଳେ ହୁଅଇ ଅନାସ୍ତ । ବଳରାମ—ବସ୍ତ୍ରପୁରାଣ ।

୪ । (ସଂ. ଅନାସ୍ଥା)—ଅନାଦୃତ—4 Disregarded.

ଗ୍ରା. ବି. ( ସଂ. ଅନାସ୍ଥା )—ଅନାସ୍ଥା; ଅଯତ୍ନ—
Want of care; neglect.

ଗ୍ରା. କ୍ରି. ବିଣ. ( ସଂ. ଅନ୍ୟଥା )—ଅନ୍ୟଥା; ଅନ୍ୟ ପ୍ରକାରେ—
Otherwise

( ଯଥା—ମୋ ହୁକୁମ ଯେ ଅନାସ୍ତ କରିବ ତାର ସର୍ବନାଶ କରିବ । )

**ଅନାସ୍ତା**—ଗ୍ରା. ବି. ( ସଂ. ଅନାସ୍ଥା )—ଅନାସ୍ଥା ( ଦେଖ )
Anāstā Anāsthā ( See )

ଗ୍ରା. କ୍ରି. ବିଣ. ( ସଂ. ଅନ୍ୟଥା )—ଅନ୍ୟଥା—Otherwise.

**ଅନାସ୍ଥା**—ସଂ. ବି. ( ନ + ଆସ୍ଥା )—୧ । ଅସ୍ଥିରତା—
Anāsthā 1. Unfixedness ( M. W. )

୨ । ଆସ୍ଥା ବା ବିଶ୍ୱାସର ଅଭାବ—
2. Want of confidence.

୩ । ଅସମ୍ମାନ—3. Disrespect.

୪ । ଅଯତ୍ନ—4. Want of care.

୫ । ବେଖାତିର—5. Want of attention.

୬ । ଉପେକ୍ଷା; ଅନାଦର—6. Slight.

୭ । ଅବହେଳା—7. Disregard.

୮ । ଅମନୋଯୋଗ—8. Inattention.

୯ । ବେପରୁଆ; ବେପରୱାଇ—
9. Indifference; unconcern.

୧୦ । ଭକ୍ତିର ଅଭାବ—10 Want of devotedness.

ଦେ. ବିଣ. ( ସଂ. ଅନ୍ୟଥା )—୧ । ଅନ୍ୟଥାକୃତ—
1. Done otherwise.

୨ । ଅବହେଳିତ—2. Disregarded; disobeyed.

ପାଖରେ ଶୁଏ, କାନରେ କହେ, ତା କଥା କି ଅନାସ୍ଥା ହୁଏ—ଢଗ ।

୩ । ( ସଂ. ଅନାଥ )—ଅନାଥ—
3. Having no protector.

୪ । ନିରାଶ୍ରୟ—4. Helpless.

ତାର ପୁଅଟା ଅନାସ୍ଥା ହୋଇ ବୁଲୁଛି
ଫକୀରମୋହନ—ଗଳ୍ପ ସ୍ୱଳ୍ପ ।

**ଅନାସ୍ୱାଦ**—ସଂ. ବି. ( ନଞ୍ ତତ୍; ନ + ଆସ୍ୱାଦ )—ସ୍ୱାଦହୀନତା—
Anāswāda Insipidity; want of taste.

ସଂ. ବିଣ. ( ବହୁବ୍ରୀହି )—ସ୍ୱାଦହୀନ—
Tasteless; insipid.

**ଅନାସ୍ୱାଦିତ**—ସଂ. ବିଣ. ( ନ + ଆସ୍ୱାଦିତ )—
Anāswādita ୧ । ଯାହାକୁ କେହି ଚାଖି ନ ଥାଏ—
1. Not tasted by any one.

୨ । ଚଖା ହୋଇ ନ ଥିବା—2. Untasted.

**ଅନାହତ**—ସଂ. ବିଣ. ( ନ + ଆହତ )—
Anāhata ୧ । ଆଘାତପ୍ରାପ୍ତ ହୋଇ ନ ଥିବା—
1. Unbeaten; unhurt.

୨ । ଅକ୍ଷତ—2. Unwounded.

୩ । ଅସ୍ପୃଷ୍ଟ—3. Untouched.

୪ । ଅବ୍ୟବହୃତ—4. Unused.

୫ । ଖଣ୍ଡିଆ ହୋଇ ନ ଥିବା—5. Intact.

୬ । ନୂଆ ଏବଂ ଅଧୂଆ; କୋରା ( ଲୁଗା )—
6. New and unbleached ( cloth )

୭ । ଟଟକା; ନୂଆ—7. New; fresh.

୮ । ବିନା ଆଘାତରେ ଜାତ; ଆଘାତ ନ ପାଇ ଅନ୍ୟ ଉପାୟରେ ଜାତ—
8. Produced otherwise than by beating; produced without any stroke.

ଅବ୍ୟୟ ନାମ ଅନାହତ, ସର୍ବଦା ଶୁଭେ ଏକମତ ।
ଭୂପତି- ପ୍ରେମପଞ୍ଚାମୃତ ।

୯ । ଅଗୁଣିତ; ଗୁଣନ କରା ଯାଇ ନ ଥିବା—
9. Unmultiplied.

ସଂ. ବି—୧ । ଧୂଆ ହୋଇ ନ ଥିବା ନୂଆ ଲୁଗା; କୋରାଲୁଗା—
1. Unbleached new cloth.

୨ । (ତନ୍ତ୍ର) ଶରୀରରେ କଳ୍ପିତ ଷଟ୍‌ଚକ୍ର ମଧ୍ୟରୁ ହୃଦୟରେ କଳ୍ପିତ ଚତୁର୍ଥ ଚକ୍ର ବା ଦ୍ୱାଦଶଦଳପଦ୍ମ—
2. (tantra) The 4th of the six circles imagined inside the body which resembles a twelve petalled lotus and exists in the heart.

ଦେ. ବି. ( ସଂ. ଅନାହତନାଦ )—ଅନାହତନାଦ; ଓଁକାର—
The mystic syllable 'Om'.

ଅନାହତ ଅକ୍ଷର ପବନ ଉଜାଣି
ସମସ୍ତ ହୃଦରେ ସେ ପବନ ମହାପ୍ରାଣୀ । ସାରଳା- ମହାଭାରତ- ବନ ।

**ଅନାହତଚକ୍ର**—ଦେ. ବି—ଅନାହତ ୨ ( ଦେଖ )
Anāhatachakra Anāhata 2 ( See )

**ଅନାହତଧ୍ୱନି**—ସଂ. ବି. (କର୍ମଧା)—ଅନାହତନାଦ ( ଦେଖ )
Anāhatadhwani Anāhatanāda ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯୃ | ଉଅ | ଘ |
| ୨ | ଈ | ଊ | ଋୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ◉ | ନ୍ତୁ |

**ଅନାହତନାଦ**—ସଂ. ବି. ( କର୍ମଧା )—
Anāhatanāda ୧ । ବିନା ଆଘାତରେ ହୃଦୟ ମଧ୍ୟରେ ଜନ୍ମିବା ଧ୍ୱନି—1. A sound produced otherwise than by beating.
ଭୋଳର୍ବ ଅନାହତ ନାଦ, ଶ୍ରବଣେ ଶୁଭିବ ଶବଦ ।
ଭୂପତି, ପ୍ରେମପଞ୍ଚାମୃତ ।
୨ । ପ୍ରଣବ; ଓଁକାର—2. The mystic syllable 'Om'.
[ ଦ୍ର—ହୃଦୟସ୍ଥ ଅନାହତ ଚକ୍ରରୁ 'ଓଁ' ରୂପକ ଯେଉଁ ବ୍ରହ୍ମମୟ ଧ୍ୱନି ବାହାରେ ତାକୁ 'ଅନାହତନାଦ' କହନ୍ତି । ]
୩ । ଶୂନ୍ୟଶବ୍ଦ; ଶୂନ୍ୟରୁ ଶୁଣାଯିବା ଶବ୍ଦ—
3. A sound occasionally heard from no where.

**ଅନାହାର**—ସଂ. ବି. ( ନଞ୍ ତତ୍; ନ+ଆହାର )—
Anāhāra ୧ । ଅନଶନ; ନିରାହାର; ନ ଖାଇବା; ଉପବାସ—
1. Not taking food; fasting.
୨ । ଖାଇବାକୁ ନ ପାଇବା—2. Starvation.
୩ । ଅଧାରଣ; ନ ଧରିବା—3. Non-seizure (M.W.)
୪ । ଅନୁତ୍ପାଦନ—4. Non production. ( M. W.)
ସଂ. ବିଣ. ପୁଂ. ( ବହୁବ୍ରୀହି )—୧ । ଉପବାସୀ—
1. Abstaining from food; fasting.
୨ । ଯାହାକୁ ଖାଇବାକୁ ନ ମିଳେ—
2. Starving; starved.
୩ । ଖାଇ ନ ଥିବା—
3. Not having taken food.
୪ । ଯେଉଁ ବ୍ରତରେ କିଛି ଖିଆ ନ ଯାଏ—
4. ( a vow ) In which the observer fasts.

**ଅନାହାରମାର୍ଗଣା**—ସଂ. ବି—ଜୈନଶାସ୍ତ୍ରାନୁସାରେ ବ୍ରତବିଶେଷ—
Anāhāramārgaṇā (ହିନ୍ଦି. ଶବ୍ଦସାଗର )
Name of a religious vow enjoined in the Jaina scriptures.

**ଅନାହାରୀ**—ସଂ. ବିଣ. ପୁଂ. ( ନ+ଆହାର+ଇନ୍. ୧ମା. ୧ବ. )—
Anāhārī ଅନାହାର ( ଦେଖ )
(ଅନାହାରିଣୀ—ସ୍ତ୍ରୀ) Anāhāra (See)
ଦେ. ବିଣ. (ବ୍ୟଙ୍ଗ୍ୟ) ପୁଂ. ଓ ସ୍ତ୍ରୀ. (ଇଂ. ଅନରାରି )—
অনাহারী ଅବୈତନିକ—Honorary
( ଯଥା—ଅନାହାରୀ ମେଜେଷ୍ଟ୍ରର । )

**ଅନାହାରୀକାମ**—ଦେ. ବି. ( ଇଂ. ଅନରାରି+ସଂ. କର୍ମ )—
Anāhārikāma ୧ । ଯେଉଁ କାମ କରିବାପାଇଁ ଦରମା ମିଳେ-
অনাহারীকায নାହିଁ, ଅଥଚ ମାଗଣା କାମ କରି ବାହାଦୁରି ବା ଧନ୍ୟବାଦ ପାଇବାପାଇଁ କାମ କରାଯାଏ—
1. Honorary work.
୨ । ମାଗଣା ଚାକିରି—2. Honorary post.

**ଅନାହାରୀବାବା**—ଦେ. ବି—ଅଲେଖଧର୍ମର ଆଦିଗୁରୁଙ୍କ ଡାକ ନାମ
Anāhāribābā ( ଏ ବାର ବର୍ଷ କେବଳ ଫଳ ଓ ବାର ବର୍ଷ କେବଳ କ୍ଷୀର ଖାଇ ତପଃ ସାଧନ କରିବାରୁ ଏହି ନାମ)—
Name by which the founder of the Alekha sect was known by the people.

**ଅନାହାର୍ଯ୍ୟ**—ସଂ. ବିଣ (ନ+ଆହାର୍ଯ୍ୟ)—୧ । ଧରାଯିବାର ଅନୁପଯୁକ୍ତ—
Anāhārjya 1. Not to be seized or taken.
୨ । ଯାହାକୁ ହାଜର ବା ଉପସ୍ଥାପିତ କରା ଯାଇ ନପାରେ—
2. Not producible.
୩ । ଅଖାଦ୍ୟ; ଯାହା ଖିଆ ଯାଇ ନପାରେ—
3. Not to be eaten; uneatable (M.W.)

**ଅନାହୂତ**—ସଂ. ବିଣ ( ନ+ଆହୂତ )—୧ । ଯାହାକୁ ଡାକରା ହୋଇ
Anāhūta ନାହିଁ—1. Uncalled.
(ଅନାହୂତା—ସ୍ତ୍ରୀ) ୨ । ଅନିମନ୍ତ୍ରିତ; ଅବରିଣି—2. Uninvited.

**ଅନାହୂତୋପଜଳ୍ପୀ**—ସଂ. ବି. ପୁଂ (ଅନାହୂତ+ଉପ+ଜଳ୍ପ ଧାତୁ+
Anāhūtopajalpī କର୍ତ୍ତୃ. ଇନ୍. ୧ମା. ୧ବ.)—ଆଗଲୁହା;
(ଅନାହୂତୋପଜଳ୍ପିନୀ—ସ୍ତ୍ରୀ) ଆଗବୋଲା; କେହି ନପଚାରୁଣୁ ଯେ ବଳେ ବଳେ କହେ—
An uncalled for boaster
ସଂ. ବିଣ. ପୁଂ—ବଳେ ବଳେ ଯେ କଥା କହେ—
Talking unasked.

**ଅନାହ୍ଲାଦ**—ସଂ. ବି. ( ନଞ୍ ତତ୍; ନ+ଆହ୍ଲାଦ )—୧ । ଆନନ୍ଦର
Anāhlāda ଅଭାବ—1. Absence of joy.
୨ । ଅସନ୍ତୋଷ—2 Dissatisfaction; discontent.
ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଆନନ୍ଦିତ ନ
(ଅନାହ୍ଲାଦା—ସ୍ତ୍ରୀ) ହୋଇ ଥିବା—1. Not cheerful.
୨ । ବିଷଣ୍ଣ—2. Gloomy.

**ଅନାହ୍ଲାଦିତ**—ସଂ. ବିଣ. ପୁଂ (ନ+ଆହ୍ଲାଦିତ)—ଆନନ୍ଦିତ ହୋଇ ନ
Anāhlādita ଥିବା; ଅପ୍ରୀତ—Not exhilarated.
( ଅନାହ୍ଲାଦିତା—ସ୍ତ୍ରୀ)

**ଅନି**—ଦେ. ବି. ପୁଂ ( ନାମ )—ଅନନ୍ତର ଆଦରଯୁକ୍ତ ଡାକ ନାମ—
Ani Name for calling Ananta fondly.

**ଅନିଅଁ**—ଗ୍ରା. ବି. ( ସଂ. ଅନ୍ୟାୟ )—ଅନ୍ୟାୟ—Injustice.
Aniañ ଗ୍ରା. ବିଣ.—ଅନ୍ୟାୟଯୁକ୍ତ—Unjust

**ଅନିଅଁଅନି**—ଗ୍ରା. ବି. ( ଭୁଲ; ସଂ. ଅନ୍ୟୋନ୍ୟ )—୧ । ଚହାଁଚହିଁ;
Aniañani ପରସ୍ପର ଦେଖାଦେଖି—
1. Looking at each other.
୨ । ପରସ୍ପର ଆଖି ଠାରଠାରି—2. Mutual ogling.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଂଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବିଣ—୧ । ପରସ୍ପରକୁ ଚାହୁଁଥିବା— 1. Looking at each other.
୨ । ପରସ୍ପର ଆଖି ଠାରେ ଚାହୁଁଥିବା— 2. Ogling each other.

**ଅନିଅାଁଅନେଇ**—ଗ୍ରା. କ୍ରି. ଓ ବିଣ—ଅନିଅାଁଅନି (ଦେଖ)
Aniañanei Aniañani (See)

**ଅନିଆଏ**—ପ୍ରାଦେ. (ସମ୍ବଲପୁର) ଓ ଗ୍ରାମ୍ୟ. ବି. ଓ ବିଣ. (ସଂ. ଅନ୍ୟାୟ)—
Aniāe ଅନ୍ୟାୟ (ଦେଖ) Anyāya (See)

**ଅନିଆଚାର**—ଗ୍ରା. ବି. (ସଂ. ଅନାଚାର)—୧ । ଅନାଚାର (ଦେଖ)
Aniāchāra 1. Anāchāra (See)
अनाचार ୨ । ନ୍ୟାୟବିରୁଦ୍ଧ ଆଚରଣ—
अनाचार 2. Unjust conduct.

**ଅନିଆଚାରୀ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅନାଚାରୀ ( ଦେଖ )
Aniāchāri Anāchāri ( See )

**ଅନିଆମ**—ଗ୍ରା. ବି. ( ସଂ. ଅନିୟମ )—
Aniāma ୧ । ଅନୀତି—1. Immorality
୨ । ନୀତିବିଗର୍ହିତ କର୍ମ—2. Immoral act.
୩ । ଅନିୟମ—3. Want of rule or regularity.
୪ । ଛୁଆଁ ଅଛୁଆଁ ବାରଣ ନ ରଖିବା—
4. Non-observance of the rules of religious and social cleanliness.

**ଅନିଆମୀ**—ଗ୍ରା. ବି. ( ସଂ. ଅନିୟମ )—
Aniāmi ୧ । ଅନିୟମ—1. Want of rule;
अनियमी irregularity.
୨ । ନିୟମର ଅପାଳନ—2. Non-observance of rules.
ଗ୍ରା. ବିଣ. (ସଂ. ଅନିୟମୀ)—୧ । ଅନିୟମିତ—1.Not regular.
୨ । ଯେ ସଦାଚାର ପାଳନ କରେ ନାହିଁ—
2. Not observing social rules.
୩ । ଯେ ଛୁଆଁ ଅଛୁଆଁ ବାରଣ ରଖେ ନାହିଁ—
3. Not observing the social rules of cleanliness.

**ଅନିକିଳି**—ଦେ. ବି—ଅଣକିଳି ( ଦେଖ )
Anikili Anakili ( See )

**ଅନିକେତ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ନିକେତ )—
Aniketa ଯାହାର ବାସଗୃହ ନାହିଁ ; ଗୃହହୀନ—
(ଅନିକେତା—ସ୍ତ୍ରୀ) Homeless; houseless.

**ଅନିକ୍ଷୁ**—ସଂ. ବି—ଅଣ ଖୁଆ (ଦେଖ)—( କବିରାଜ ହରେକୃଷ୍ଣ ମିଶ୍ର—
Anikshu ଦ୍ରବ୍ୟଗୁଣ )—Anakhuā ( See )

**ଅନିଗୀର୍ଣ୍ଣ**—ସଂ. ବିଣ. ( ଅ+ନିଗୀର୍ଣ୍ଣ )—
Anigirnna ୧ । ଗିଳା ଯାଇ ନ ଥିବା—
1. Not swallowed.
୨ । ଉଦ୍ଘାଟ୍ୟ ବା ଗୁପ୍ତ କରା ଯାଇ ନ ଥିବା—
2. Not suppressed ( M. W. )

**ଅନିଗ୍ରହ**—ସଂ. ବି. ( ନଞ୍ ତତ୍; ଅ+ନିଗ୍ରହ )—
Anigraha ୧ । କାଇଲି ନ ମାନିବା; ଯୁକ୍ତିରେ ପରାଜିତ ହେବା କଥା ନମାନିବା—1. Not owning one's self refuted.
୨ । ଯୁକ୍ତି ଦ୍ୱାରା ଅଖଣ୍ଡନ—2. Non-refutation.
୩ । ଅଟକ ବା ବାଧାର ଅଭାବ—3. Non-restraint.
ସଂ. ବିଣ—ଅବାଧ—Unrestrained.

**ଅନିଗ୍ରହସ୍ଥାନ**—ସଂ. ବି. ( ୬ଷ୍ଠୀ ତତ୍ ; ଅନିଗ୍ରହ+ସ୍ଥାନ )—
Anigrahasthāna ( ଦର୍ଶନ ) ଯୁକ୍ତିର ଖଣ୍ଡନ ନ ହେବାର ଅବସ୍ଥା ବା ଅବସର—( philosophy ) Occasion of non-refutation.

**ଅନିଚ୍ଛ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଇଚ୍ଛା )—ଅନିଚ୍ଛୁକ—
Anichchha Unwilling; undesirous.
(ଅନିଚ୍ଛା—ସ୍ତ୍ରୀ)

**ଅନିଚ୍ଛା**— ସଂ. ବିଣ. ସ୍ତ୍ରୀ. ( ଅନିଚ୍ଛ+ଆ )—ଅନିଚ୍ଛର ସ୍ତ୍ରୀ ଲିଙ୍ଗ—
Anichchhā Feminine of Anichchha.
ସଂ. ବି. ( ନଞ୍ ତତ୍ ; ନ+ଇଚ୍ଛା )—୧ । ଇଚ୍ଛାର ଅଭାବ—
1. Unwillingness.
୨ । କୌଣସି କାମ କରିବାକୁ ନ ହେବା—
2. Reluctance,: disinclination.

**ଅନିଚ୍ଛୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ନ+ଇଚ୍ଛୁ )—ଅନିଚ୍ଛ (ଦେଖ)
Anichchhu Anichchha (See)

**ଅନିଚ୍ଛୁକ**—ସଂ. ବିଣ. ପୁଂ. ( ନ+ଇଚ୍ଛୁକ )—ଅନିଚ୍ଛ ( ଦେଖ )
Anichchhuka Anichchha ( See )
(ଅନିଚ୍ଛୁକା—ସ୍ତ୍ରୀ)

**ଅନିଜକ** – ସଂ. ବିଣ. ( ଅ+ନିଜ+କ )—
Anijaka ୧ । ଯାହା ନିଜର ନୁହେଁ; ଯାହା ଆପଣାର ନୁହେଁ—
1. Not belonging to one's own.
୨ । ପରର—2. Belonging to another.

**ଅନିତ**—ସଂ. ବିଣ. ( ନ+ଇତ )—
Anita ୧ । ( ଅମୁକ ସ୍ଥାନକୁ ) ଯାଇ ନ ଥିବା—
1. Not gone to
୨ । ପାଇ ନ ଥିବା—2. Not having obtained.
୩ । ବିହୀନ—3. Destitute of (M. W. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଞ୍ଜ | ଇପ୍ସ | ତ୍ଥ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ୍ଚ | ନ୍ତୃ |

**ଅନିତି**—ଗ୍ରା. ବିଣ. ( ସଂ. ଅନିତ୍ୟ )—
**Aniti** ୧ । ଅନିତ୍ୟ; ଅଚିରସ୍ଥାୟୀ—
1. Short-lived; transient.

ଅନିତି ସଂସାର ଏ ଅଟଇ ମାୟା ଘୋର । ପୀତାମ୍ବର• ନୃସିଂହପୁରାଣ• ୭ମ ।

୨ । ( ସଂ. ଅନୀତି) ଅନ୍ୟାୟ—2. Unjust; wrong.
୩ । (ସଂ. ଅନୀତି) ଅନୈତିକ—3. Immoral.
ଗ୍ରା. ବି. (ସଂ. ଅନୀତି)—ଅନୀତି (ଦେଖ)
Anīti (See)

**ଅନିତ୍ୟ**—ସଂ. ବିଣ (ଅ+ନିତ୍ୟ) ୧ । ଅଚିରସ୍ଥାୟୀ—
**Anitya** 1. Not everlasting.
ଅନିତ୍ୟତା; ଅନିତ୍ୟତ୍ୱ } ବି. ୨ । କ୍ଷଣସ୍ଥାୟୀ—
2. Transient; ephemeral.
୩ । ଅଳ୍ପକାଳସ୍ଥାୟୀ 3. Short-lived.
୪ । ସାମୟିକ—4. Occasional; temporary.
୫ । ଅନିୟମିତ—5. Irregular.
୬ । ଅସ୍ଥାୟୀ—6. Unstable.
୭ । ଅନିଶ୍ଚିତ—7. Uncertain.
୮ । ଅସାଧାରଣ—8. Extraordinary; exceptional.

**ଅନିତ୍ୟଦତ୍ତକ**—ସଂ. ବି. ପୁଂ—୧ । (ସ୍ମୃତି) କିଛିକାଳ ପାଇଁ ପୋଷିଅ ପୁଅ ରୂପେ ଗ୍ରହଣ କରିବାପାଇଁ ପିତାମାତାଙ୍କ ଦ୍ୱାରା ଅନ୍ୟକୁ ଦିଆ ଯାଇଥିବା ପୁଅ—
**Anityadattaka** 1. (law) A son surrendered by his parents to another for temporary adoption. (M. W.)
୨ । (ସ୍ମୃତି) ଶାସ୍ତ୍ରବିଧାନ ଅନୁସାରେ ପୋଷ୍ୟପୁତ୍ରରୂପେ ଗୃହୀତ ହେବା ପୂର୍ବରୁ ପାଳିବାକୁ ଦିଆ ଯାଇଥିବା ପୁଅ—2. A son surrendered by his parents to another for preliminary adoption. (M. W.)

**ଅନିତ୍ୟଦତ୍ରିମ**—ସଂ. ବି. ପୁଂ—ଅନିତ୍ୟଦତ୍ତକ (ଦେଖ)
**Anityadatrima** Anityadattaka (See)

**ଅନିତ୍ୟସମ**—ସଂ. ବି.—(ନ୍ୟାୟ) ଅନିତ୍ୟ ବା ଅସାଧାରଣ ବିଷୟକୁ ସାଧାରଣ ବିଷୟ ରୂପେ ବର୍ଣ୍ଣନା କରିବା ଯୁକ୍ତି; ମିଥ୍ୟାବାଦ—
**Anityasama** (logic) Sophism consisting in generalizing what is exceptional.

**ଅନିତ୍ୟସମାସ**—ସଂ. ବି. ( କର୍ମଧା )—( ବ୍ୟାକରଣ)—ଯେଉଁ ସମସ୍ତ ପଦକୁ ପୃଥକ୍ ପୃଥକ୍ ରଖିଲେ ମଧ୍ୟ ଭାବବୋଧ ବିଷୟରେ ବାଧା ପଡ଼େ ନାହିଁ—
**Anityasamāsa** (grammar) A compound the sense of which may be equally expressed by resolving it into its constituent parts.
[ ଦ୍ର—କୃଷ୍ଣାଗୁରୁକୁ କୃଷ୍ଣ ଅଗୁରୁ ବୋଲି ଲେଖିଲେ ମଧ୍ୟ ଭାବବୋଧରେ ବାଧା ପଡ଼େ ନାହିଁ । ]

**ଅନିଦ**—ଦେ. ବି. ( ସଂ. ଅନିଦ୍ରା )—
**Anida** ଅନିଦ୍ରା; ଉଜାଗର—( ଗୋପୀନାଥ ନନ୍ଦ )
Sleeplessness.

**ଅନିଦାନ**—ସଂ. ବିଣ. (ବହୁବ୍ରୀହି; ଅ+ନିଦାନ)—
**Anidāna** ୧ । କାରଣହୀନ—1. Causeless.
୨ । ଅମୂଳକ—2. Groundless.
୩ । ଯେଉଁ ରୋଗର ନିଦାନ ନିର୍ଣ୍ଣୀତ ହୋଇ ପାରୁ ନାହିଁ—
3. Undiagnosed (diseases).

**ଅନିଦିରା**—ଗ୍ରା. ବି. ( ସଂ. ଅନିଦ୍ରା )—
**Anidirā** ୧ । ଅନିଦ୍ରା; ନିଦ୍ରାର ଅଭାବ; ଜାଗରଣ—
অনিদ্রা 1. Sleeplessness.
अनिद्रा ୨ । ନିଦ ନ ମାଡ଼ିବା—2. Wakefulness; want of sleep.
ଗ୍ରା. ବିଣ. ( ସଂ. ଅନିଦ୍ର )—୧ । ଅନିଦ୍ର; ନିଦ୍ରାହୀନ; ଶୋଇ ନ ଥିବା—1. Sleepless.
୨ । ଉନ୍ନିଦ୍ର; ଉଜାଗର—2. Wakeful.

**ଅନିଦ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ନିଦ୍ରା )—
**Anidra** ଉଜାଗର; ଉନ୍ନିଦ୍ର—Awake; wakeful; Sleepless.
(ଅନିଦ୍ରା—ସ୍ତ୍ରୀ)

**ଅନିଦ୍ରା**—ସଂ. ବିଣ. ସ୍ତ୍ରୀ. ( ଅନିଦ୍ର+ଆ )—ଅନିଦ୍ରର ସ୍ତ୍ରୀଲିଙ୍ଗ—
**Anidrā** Feminine of Anidra.
ଦେ. ବିଣ. ପୁଂ. ଓ ସ୍ତ୍ରୀ—ଉନ୍ନିଦ୍ର; ରାତିଯାକ ଚେଇଁଥିବା; ଉଜାଗର—Awake; sleepless.

ବାପ ପୁଅ ବିହେଁ ରାତି ଅନିଦ୍ରା ମୁଗୁର ଗାଣ୍ଡି ମେଳ—ଦୀନ ।

ସଂ. ବି—୧ । ନିଦ୍ରାର ଅଭାବ—
1. Wakefulness; sleeplessness.
୨ । ନିଦ ନ ଆସିବା ରୋଗ—
2. A disease; insomnia.

**ଅନିଦ୍ରିତ**—ସଂ. ବିଣ. ପୁଂ. ( ଅ+ନିଦ୍ରିତ )—୧ । ନିଦ୍ରାହୀନ—
**Anidrita** 1. Sleepless.
(ଅନିଦ୍ରିତା—ସ୍ତ୍ରୀ) ୨ । ଯେ ଏତେବେଳ ଯାଏ ଶୋଇ ପଡ଼ି ନାହିଁ—
2. Not yet asleep; still awake.

**ଅନିନ୍ଦନୀୟ**—ସଂ. ବିଣ. ପୁଂ. (ଅ+ନିନ୍ଦନୀୟ)—୧ । ନିନ୍ଦାର ଅଯୋଗ୍ୟ—
**Anindanīya** 1. Unblamable; blameless.
(ଅନିନ୍ଦନୀୟା—ସ୍ତ୍ରୀ) ୨ । ପ୍ରଶଂସାର ଯୋଗ୍ୟ—
2. Praiseworthy.
୩ । ସୁନ୍ଦର—3. Graceful.
୪ । ନିର୍ଦ୍ଦୋଷ—4. Faultless.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନିନ୍ଦା**—ସଂ. ବି. ( ଅ + ନିନ୍ଦା )—ପ୍ରଶଂସା—Praise.
Anindā

**ଅନିନ୍ଦିତ**—ସଂ. ବିଣ. (ଅ + ନିନ୍ଦିତ)—୧ । ପ୍ରଶଂସିତ—1. Praised.
Anindita ୨ । ଅନିନ୍ଦନୀୟ ( ଦେଖ )
(ଅନିନ୍ଦିତା—ସ୍ତ୍ରୀ) 2. Anindanīya ( See )

**ଅନିନ୍ଦ୍ୟ**—ସଂ. ବିଣ. ପୁଂ. ( ଅ + ନିନ୍ଦ୍ୟ )—ଅନିନ୍ଦନୀୟ ( ଦେଖ )
Anindya Anindanīya ( See )
(ଅନିନ୍ଦ୍ୟା—ସ୍ତ୍ରୀ)

**ଅନିନ୍ଦ୍ୟସୁନ୍ଦର**—ସଂ. ବିଣ. ପୁଂ. ( ଦ୍ୱନ୍ଦ୍ୱ; ଅନିନ୍ଦ୍ୟ ଓ ସୁନ୍ଦର )—
Anindyasundara ନିଖୁଣ ସୁନ୍ଦର, ଏପରି ସୁନ୍ଦର ଯେ ତାର
(ଅନିନ୍ଦ୍ୟସୁନ୍ଦରୀ—ସ୍ତ୍ରୀ) କୌଣସି ଅଂଶକୁ କେହି ନିନ୍ଦା କରିବାକୁ ବା ଖୁଣିବାକୁ ନାହିଁ—Of faultless grace; symmetrical and beautiful.

**ଅନିନ୍ଦ୍ରିୟ**—ସଂ. ବି. ( ନ + ଇନ୍ଦ୍ରିୟ; ଯାହା ଇନ୍ଦ୍ରିୟ ନୁହେ )—
Anindriya ୧ । ଆତ୍ମା—1. The soul.
୨ । ମନୋବୃତ୍ତି; ବିବେକ—2. The Reason.

**ଅନିବର୍ତ୍ତ**—ଦେ. ବିଣ. ( ସଂ. ଅନିବୃତ୍ତ )—
Anibartta ୧ । ଅନିବୃତ୍ତ; ନିବୃତ୍ତିରହିତ; ଅଣବାହୁଡ଼ା (ପଥ)—1. (road) From which there is no return.

ନାରଦେ କରି ପ୍ରଦକ୍ଷିଣ, ଗଲେ ଅନିବର୍ତ୍ତ ପଥେଣ ।
ଜଗନ୍ନାଥ, ଭାଗବତ ୭ସ୍କ ।

୨ । ଅସ୍ଥିରପ୍ରକୃତିକ; ଅଶାନ୍ତ—2. Not of peaceful disposition; of a restless turn of mind.

**ଅନିବର୍ତ୍ତନ**—ସଂ. ବି. ( ନ + ନିବର୍ତ୍ତନ )—ଫେରି ନ ଆସିବା—
Anibarttana Non-return; not turning back.
ସଂ. ବିଣ. ( ବହୁବ୍ରୀହି )—୧ । ସୁସ୍ଥିର—1. Steadfast.
୨ । ଅତ୍ୟାଜ୍ୟ—
2. Improper to be abandoned.

**ଅନିବର୍ତ୍ତୀ**—ସଂ. ବିଣ. ପୁଂ. (ଅ + ନି + ବୃତ ଧାତୁ + ଇନ୍. ୧ମା. ୧ବ)—
Anibarttī ୧ । ଯେ ଫେରେ ନାହିଁ—
(ଅନିବର୍ତ୍ତିନୀ—ସ୍ତ୍ରୀ) 1 Not turning back
୨ । ଯେ ଫେରି ଆସେ ନାହିଁ—2. Not returning.
୩ । ଯେ ଯୁଦ୍ଧଭୂମିରୁ ପଛ ଫେରାଏ ନାହିଁ; ସାହସୀ—
3. Brave; not retreating; one who does not turn his back on the battle-field.

ପୌଣ୍ଡ୍ର ଦେଶ ଅମ୍ବୁଅଛି ବାର୍କ ଦୁର୍ଗବାସୀ
ରଣ ରକ୍ଷ ଅମାନିକା, ଅନିବର୍ତ୍ତୀ ଭଣେ । ରଘୁନାଥ, ମହାଯାତ୍ରା ।

**ଅନିବାଧ**—ସଂ. ବି. ( ଅ + ନିବାଧ )—ସ୍ୱାଧୀନତା—
Anibādha Liberty ( Apte )

**ଅନିବାର**—ଦେ. ବିଣ. ( ସଂ. ଅନିବାରଣୀୟ )—
Anibāra ୧ । ଅନିବାରଣୀୟ; ଅନିବାର୍ଯ୍ୟ—
1. Unavoidable.
୨ । ଅବଶ୍ୟମ୍ଭାବୀ—2. Inevitable.
୩ । ଦୁର୍ଦ୍ଧର୍ଷ—3. Invincible.
୪ । ଅବାରିତ—4. Unprevented.
୫ । ଅବିରତ—5. Constant.
ଦେ. କ୍ରି. ବିଣ—ସର୍ବଦା—Constantly.

ଯାବତ ଜୀବନ ନପୁଅିବ ଅନିବାର । ମଧୁସୂଦନ, ବସନ୍ତଗାଥା ।

**ଅନିବାରଣ**—ଦେ. ବିଣ. ( ସଂ. ଅନିବାରଣୀୟ )—
Anibāraṇa ଅନିବାର୍ଯ୍ୟ; ଅବଶ୍ୟମ୍ଭାବୀ—
Irresistible; inevitable.

ସେହି ଶକତି ଅନିବାରଣ ମରଣ
ଅର୍ଜୁନଙ୍କର ବୋଲି ସାତ୍ୟକି ହେ ଜାଣ । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

**ଅନିବାରଣୀୟ**—ସଂ. ବିଣ. ( ଅ + ନିବାରଣୀୟ )—
Anibāraṇīya ୧ । ଯାହାକୁ ବାରଣ କରାଯାଇ ନ ପାରେ—
1. Unavoidable; irresistible;
୨ । ଯାହା ବନ୍ଦ କରାଯାଇ ନ ପାରେ—
2 Unpreventible.
୩ । ଅବଶ୍ୟମ୍ଭାବୀ—3. Inevitable
୪ । ଦୁର୍ଦ୍ଧର୍ଷ—4. Invincible.
୫ । ଏକବାଗିଆ; ଯେ ବାରଣ ମାନେ ନାହିଁ—
5. Stubborn.
୬ । ଯାହା ଏଡ଼ି ଦିଆଯାଇ ନ ପାରେ—
6. Not to be warded off.

**ଅନିବାରିତ**—ସଂ. ବିଣ. ( ଅ + ନିବାରିତ )—
Anibārita ୧ । ଯାହାକୁ କେହି ବାଧା ଦେଇ ନାହିଁ—
1. Unopposed.
୨ । ଅନିଷିଦ୍ଧ—2. Unforbidden.
୩ । ଅପ୍ରତିହତଗତି—3 Unimpeded.
୪ । ଅନିୟନ୍ତ୍ରିତ—4. Unchecked.

**ଅନିବାର୍ଯ୍ୟ**—ସଂ. ବିଣ. (ଅ + ନିବାର୍ଯ୍ୟ)—ଅନିବାରଣୀୟ (ଦେଖ)
Anibārjya Anibāraṇīya (See)

**ଅନିବୃତ**—ସଂ. ବିଣ. ( ଅ + ନିବୃତ )—ଅନିବାରିତ ( ଦେଖ )
Anibṛuta Anibārita ( See )

**ଅନିବୃତ୍ତ**—ସଂ. ବିଣ. ( ଅ + ନିବୃତ୍ତ )—
Anibṛutta ୧ । ଯାହାର ନିବୃତ୍ତି ନାହିଁ—1. Unceasing
୨ । ଅଣବାହୁଡ଼ା—2. Not returning.
୩ । କାର୍ଯ୍ୟରୁ ବିରତ ନ ହେବା—
3. Not stopping from work.
୪ । ଅନବରତ; ଅବିରତ—4. Incessant; constant.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଡ଼ଅ | ଛ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯଁ | ସ | ଗିଁ୍ୟ | ଇଅ | ● | ନ୍ତ |

**ଅନିଭା**—ଦେ. ବିଣ. ( ବାଇବଲ୍ ଅନୁବାଦରେ ବ୍ୟବହୃତ; ସଂ. ଅନିର୍ବାପଣୀୟ )—
Anibhā
୧ । ଅନିର୍ବାପଣୀୟ; ଯାହାକୁ କେହି ନିଭାଇ ପାରିବ ନାହିଁ—
2. Unquenchable ( fire )
୩ । ନିଭୁ ନ ଥିବା; ଚିରକାଳ ଜଳୁଥିବା—
3. Ever-burning.

**ଅନିଭୃତ**—ସଂ. ବିଣ. ( ଅ+ନିଭୃତ )—
Anibhṛuta ୧ । ଯାହା ଗୁପ୍ତ ନୁହେ—1. Not private.
୨ । ସର୍ବସାଧାରଣ—2. Public.
୩ । ନିର୍ଲଜ୍ଜ—3. Immodest.
୪ । ସାହସୀ—4. Bold.

**ଅନିଭ୍ୟ**—ସଂ. ବିଣ. ( ନ+ଇଭ୍ୟ )—ଯେ ଧନୀ ନୁହେ; ନିର୍ଦ୍ଧନ—
Anibhya Not wealthy ( M. W. )

**ଅନିମନ୍ତ୍ରଣିଆଁ**—ଦେ. ବିଣ. (ସଂ. ଅ+ନିମନ୍ତ୍ରଣ)—ଅନିମନ୍ତ୍ରିତ (ଦେଖ)
Animantraṇiān̄ Animantrita (See)

**ଅନିମନ୍ତ୍ରିତ**—ସଂ. ବିଣ. ପୁଂ. ( ଅ+ନିମନ୍ତ୍ରିତ )—
Animantrita ୧ । ଯାହାକୁ ଡାକରା ହୋଇ ନ ଥାଏ—
(ଅନିମନ୍ତ୍ରିତା—ସ୍ତ୍ରୀ) 1. Uncalled.
୨ । ଅବରଣୀ—2. Uninvited.

**ଅନିମିତେ**—ଗ୍ରା. କ୍ରି. ବିଣ—ଅନିମିତ୍ତେ ( ଦେଖ )
Animite Animitte ( See )

**ଅନିମିତ୍ତ**—ସଂ. ବି. ( ନଞ୍ ତତ୍; ଅ+ନିମିତ୍ତ )—
Animitta ୧ । ଯଥେଷ୍ଟ କାରଣର ଅଭାବ—
1. Absence of adequate cause.
୨ । ଅମୂଳକତା—2. Groundlessness.
ସଂ. ବିଣ. ( ବହୁବ୍ରୀହି )—୧ । ଯଥେଷ୍ଟ କାରଣହୀନ—
1. Having no adequate cause.
୨ । ଅମୂଳକ—2 Groundless.
୩ । ଅକାରଣ—3. Causeless.

**ଅନିମିତ୍ତଲିଙ୍ଗନାଶ**—ସଂ. ବି—ନେତ୍ରରୋଗବିଶେଷ; ଏଥିରେ ପୂର୍ଣ୍ଣ
Animittaliṅganāsa ଅନ୍ଧତା ଜନ୍ମେ—
An opthalmic disease ending in total blindness, perhaps Amaurosis (M W.)

**ଅନିମତେ**—ଦେ. କ୍ରି. ବିଣ. ( ସଂ. ଅନିମିତ୍ତ )—
Animitte ୧ । ଯଥେଷ୍ଟ କାରଣ ବିନା—
1. Without adequate occasion.
ଅନିମିତ୍ତେ ଅପଣା ସୁତ ନ କହିବ । କୃଷ୍ଣସିଂହ. ମହାଭାରତ. ଅଦ୍ୟ ।
୨ । ଅକାରଣରେ; ବୃଥାରେ—
2. Without any cause; in vain.
୩ । ନିଷ୍ପ୍ରୟୋଜନରେ—3. Uselessly.
ତେବେ ଶଳା ମାରନ୍ତୁ ତାହାର ଅନିମିତ୍ତେ—ସାରଳା. ମହାଭାରତ ।

**ଅନିମିଷ**—ସଂ. ବିଣ. ( ବହୁବ୍ରୀହି; ଅ+ନିମିଷ )—
Animisha ୧ । ନିର୍ନିମେଷ; ପଲକଶୂନ୍ୟ; ଯାହା ଆଖିରେ
(ଅନିମିଷା—ସ୍ତ୍ରୀ) ପଲକ ପଡ଼େ ନାହିଁ—
1. Unwinking ( person ).
୨ । ପଲକ ପଡ଼ୁ ନ ଥିବା ( ଆଖି )—
2. Unwinking ( eye ).
ଚନ୍ଦ୍ରପିଭୁଲିର ସଦୃଶ, ନୟନ କଲେ ଅନିମିଷ । ଭୂପତି. ପ୍ରେମପଞ୍ଚାମୃତ ।
୩ । ହୁସିଆର; ଅତି ସତର୍କ—
3. Vigilant; watchful.
୪ । ଖୋଲାଥିବା; ମେଲାଥିବା ( ଆଖି ବା ଫୁଲ )—
4. Open ( eye or flower ).
ସଂ. ବି—୧ । ( ଏମାନଙ୍କ ଚକ୍ଷୁ ପଲକହୀନ ଥିବାରୁ )—
ଦେବ; ଦେବତା—1. A God.
ଏଣୁ ତୋ ନାମ ଅନିମିଷ, ନମସ୍ତେ ଅନାଦି ପୁରୁଷ ।
ଜଗନ୍ନାଥ. ଭାଗବତ. ୧୦ମ ।
୨ । ମତ୍ସ୍ୟ—2. Fish.
୩ । ଅତିସୂକ୍ଷ୍ମକାଳବିଭାଗ—
3. Minutest division of time.

**ଅନିମିଷାକ୍ଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅନିମିଷ+ଅକ୍ଷି )—
Animishāksha ୧ । ଯାହା ଆଖିରେ ପଲକ ପଡ଼େ ନାହିଁ—
( ଅନିମିଷାକ୍ଷୀ—ସ୍ତ୍ରୀ ) 1. One whose eyes are fixed.
୨ । ପଲକହୀନ ଦୃଷ୍ଟିରେ ଚାହିଁଥିବା—
2. Looking steadily.

**ଅନିମିଷାଚାର୍ଯ୍ୟ**—ସଂ. ବି. ( ୬ଷ୍ଠୀ ତତ୍; ଅନିମିଷ+ଆଚାର୍ଯ୍ୟ)—ଦେବଗୁରୁ;
Animishāchājya ବୃହସ୍ପତି—Name of Bruhaspati the preceptor of the gods.

**ଅନିମେଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ନିମେଷ )—
Animesha ଅନିମିଷ ( ଦେଖ )
( ଅନିମେଷା—ସ୍ତ୍ରୀ ) Animisha ( See )

**ଅନିଯତ**—ସଂ. ବିଣ. ( ଅ+ନିୟତ )—୧ । ଅନିୟନ୍ତ୍ରିତ—
Aniyata 1. Not regulated; uncontrolled.
୨ । ଅବାଧ—2. Unrestrained.
୩ । ଅନିୟମିତ—3 Irregular.
୪ । ସାମୟିକ; ଅନିର୍ଦ୍ଦିଷ୍ଟ ସମୟରେ ଘଟୁଥିବା—
4. Casual; incidental.
୫ । ଅନିଶ୍ଚିତ; ଅନିର୍ଦ୍ଦିଷ୍ଟ—
5. Unfixed; indeterminate, indefinite; uncertain.
୬ । ପରିବର୍ତ୍ତନଶୀଳ—6. Changing.
୭ । ଅସ୍ଥାୟୀ—7. Not permanent.

**ଅନିଯତପୁଂସ୍କା**—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଅନିୟତ+ପୁମାନ୍+କ+ଆ) ଅସତୀ ( ସ୍ତ୍ରୀ )—Unchaste (woman).
Aniyatapuṁshkā

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବି. ସ୍ତ୍ରୀ—ଅନିର୍ଦ୍ଦିଷ୍ଟପତିକା ସ୍ତ୍ରୀ—A woman having no fixed husband.

**ଅନିୟତାଙ୍କ**—ସଂ. ବି. ( କର୍ମଧା; ଅନିୟତ+ଅଙ୍କ )—
Aniyatāṅka (ଗଣିତ) ଅନିର୍ଦ୍ଦିଷ୍ଟ ସଂଖ୍ୟା— arithmetic) An indeterminate digit

**ଅନିୟନ୍ତ୍ରିତ**—ସଂ. ବିଣ. ( ଅ+ନିୟନ୍ତ୍ରିତ)—୧ । ଉଦ୍ଦାମ; ଉଚ୍ଛୃଙ୍ଖଳ—
Aniyantrita 1 Unchecked; unregulated.
୨ । ଅନିବାରିତ—2. Unprevented.

**ଅନିୟମ**—ସଂ. ବି. ( ନଞ୍ ତତ୍; ଅ+ନିୟମ)—୧ । ନିୟମର ଅଭାବ—
Aniyama 1. Want of rule; irregularity.
୨ । ଅସ୍ଥିରତା—2. Unsettledness.
୩ । ଅନୁଚିତ ଆଚରଣ—3. Improper conduct.
୪ । ବେଧାରି—4. Disorder.
୫ । ଧାରାର ଅଭାବ—5. Want of fixed order.
୬ । ସନ୍ଦେହ—6. Doubt ( M. W. )
ସଂ.ବିଣ. ( ବହୁବ୍ରୀହି )—୧ । ନିୟମରହିତ—
1. Irregular; having no rule.
୨ । ଧାରା ଅନୁସାରେ କାର୍ଯ୍ୟ ନ କରିବା—
2. Not conforming to any fixed order.

**ଅନିୟମିତ**—ସଂ. ବିଣ. ( ଅ+ନିୟମିତ )—
Aniyamita ନିୟମରହିତ—Irregular.

**ଅନିୟମୀ**—ସଂ. ବିଣ. ପୁଂ. ( ଅ+ନିୟମିନ୍; ୧ମା. ୧ବ. )—
Aniyamī ୧ । ଅନିୟମିତ—1. Irregular.
୨ । ଯେ ନିୟମ ପାଳେ ନାହିଁ—
2. Not observing or following any rule.
୩ । ଆଚାରହୀନ; ଅନାଚାରୀ—
3. Transgressing approved rules of conduct.

**ଅନିଯୁକ୍ତ**—ସଂ. ବିଣ. ( ଅ+ନିଯୁକ୍ତ )—୧ । କାର୍ଯ୍ୟରେ ମୁକରର
Anijukta କରାଯାଇ ନ ଥିବା—1. Not appointed.
ଅନିଯୁକ୍ତି; ଅନିଯୋଗ } ବି. ୨ । ଯେ କ୍ଷମତାପ୍ରାପ୍ତ ନୁହେ—
2. Not authorised.
ସଂ. ବି. ( ସ୍ମୃତି )—ଧର୍ମାଧିକରଣ ବା ବିଚାରାଳୟରେ ଉପସ୍ଥିତ ଆସେସର୍ ଯେ ବିଧିମତେ ନିଯୁକ୍ତ ହୋଇ ନ ଥିବାରୁ ଭୋଟ ଦେବାକୁ ଅପାରଗ—An assessor at a court who has not been formally appointed and is not entitled to vote ( M. W. )

**ଅନିରାକରିଷ୍ଣୁ**—ସଂ. ବିଣ. ( ଅ+ନିରାକରିଷ୍ଣୁ )—
Anirākarishṇu ୧ । ଯେ ବାଧା ନ ଦିଏ—
1. Unobstructive.
୨ । ଯେ ଦୋଷଦର୍ଶୀ ନୁହେ—2. Not censorious.

**ଅନିରୁଦ୍ଧ**—ସଂ. ବିଣ. ପୁଂ (ଅ+ନିରୁଦ୍ଧ)—୧ । ଅପ୍ରତିହତ—
Aniruddha 1 Unrestrained; unhindered.
(ଅନିରୁଦ୍ଧା—ସ୍ତ୍ରୀ) ୨ । ଅଶାସ୍ୟ—2. Ungovernable.
୩ । ଏକବାଗିଆ—3. Self-willed (M. W.)
ସଂ. ବି. ପୁଂ—୧ । ଗୁଇନ୍ଦା; ଗୁପ୍ତଚର—
1. A spy; a secret emissary (M. W.)
୨ । ପଘା; ପଶୁବନ୍ଧନ ରଜ୍ଜୁ—
2. A rope for fastening cattle (M. W.)
୩ । (ନାମ) କୃଷ୍ଣଙ୍କର ନାତି; ପ୍ରଦ୍ୟୁମ୍ନ ବା କାମଦେବଙ୍କ ପୁତ୍ର ଓ ଉଷାଙ୍କ ସ୍ୱାମୀ—3. Name of the son of Pradyumna.

[ ଦ୍ର—ବାଣାସୁରର କନ୍ୟା ଉଷା ଅନିରୁଦ୍ଧଠାରେ ପ୍ରେମାସକ୍ତ ହୋଇ ଇନ୍ଦ୍ରଜାଲ ବଳରେ ଅନିରୁଦ୍ଧଙ୍କୁ ବାଣାସୁରର ରାଜଧାନୀ ଶୋଣିତପୁରସ୍ଥ ଉଆସକୁ ଆଣାଇ ତା ସଙ୍ଗେ ବିହାର କଲା । ବାଣାସୁର ଏହା ଜାଣିପାରି ଅନିରୁଦ୍ଧଙ୍କୁ ଧରି ନେବା ପାଇଁ ପାଇକ ପଠାଇବାରୁ ଅନିରୁଦ୍ଧ ଏକାକୀ ଲୌହ ଗଦା ଦ୍ୱାରା ସେମାନଙ୍କୁ ବଧ କଲେ; କିନ୍ତୁ ଶେଷରେ ଇନ୍ଦ୍ରଜାଲ ପ୍ରଭାବରେ ବାଣାସୁର ତାଙ୍କୁ ଧରି ବନ୍ଦୀ କଲା । କୃଷ୍ଣ, ବଳରାମ ଓ ଅନିରୁଦ୍ଧ ପିତା କାମ ଏ ସମ୍ବାଦ ପାଇ ବାଣାସୁର ସଙ୍ଗେ ଯୁଦ୍ଧ କରି ତାକୁ ପରାସ୍ତ କଲେ । ବାଣାସୁର ଶିବଭକ୍ତ ଥିବାରୁ ଶିବଙ୍କ ଅନୁରୋଧକ୍ରମେ କୃଷ୍ଣ ବାଣାସୁରକୁ ଜୀବନରେ ମାରି ପକାଇଲେ ନାହିଁ । ଯୁଦ୍ଧରେ ଜୟୀ ହୋଇ କୃଷ୍ଣ ଅନିରୁଦ୍ଧଙ୍କୁ ଉଷା ସହିତ ଦ୍ୱାରକାକୁ ଆଣିଲେ । ଅନିରୁଦ୍ଧର ଆଉ ଗୋଟିଏ ସ୍ତ୍ରୀ ରୋଚନା ଗର୍ଭରେ ଅନିରୁଦ୍ଧର ଗୋଟିଏ ପୁତ୍ର ହୋଇ ଥିଲା—ସେ ପୁତ୍ରର ନାମ ବଜ୍ର । ]

୪ । ଶିବ; ମହାଦେବ—4. God Śiba.
୫ । ବିଷ୍ଣୁ—5. Bishṇu (Apte)
୬ । (ନାମ) ଶାକ୍ୟମୁନିଙ୍କ ସମସାମୟିକ ଅର୍ହତବିଶେଷ—
6. Name of a Buddhist saint, contemporary of the Buddha.
୭ । (ନାମ) ବୃଷ୍ଣିବଂଶଧରବିଶେଷ—7. Name of a descendant of Bṛushṇi.
ଦେ. ବି. ପୁଂ. ପୁରୁଷଙ୍କ ନାମ—
A name given to males.

**ଅନିରୁଦ୍ଧପଥ**—ସଂ. ବି. ( କର୍ମଧା; ଅନିରୁଦ୍ଧ+ପଥ )—
Aniruddhapatha ୧ । ଯେଉଁ ବାଟକୁ କେହି ବନ୍ଦ କରି ନାହିଁ—1. An unobstructed path.
୨ । ( ବହୁବ୍ରୀହି ) ବାୟୁମଣ୍ଡଳ—2. The atmosphere.
୩ । ( ଆକାଶରେ କେହି କାହା ବାଟ ବନ୍ଦ କରି ପାରେ ନାହିଁ । )—ଆକାଶ; ଶୂନ୍ୟ—
3. Ether ( M. W. ); The sky ( Apte )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଢ଼ଅ | ଢ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ହ୍ର |

ସଂ. ବିଣ. (ବହୁବ୍ରୀହି)—ଯାହାର ବାଟକୁ କେହି ବନ୍ଦ କରି ନାହିଁ—
One whose path is not obstructed.

**ଅନର୍ଣ୍ଣୟ**—ସଂ. ବି. ( ଅ+ନିର୍ଣ୍ଣୟ )—
Anirnnaya
ଅନିର୍ଣ୍ଣୀତ } ବିଣ.
ଅନିର୍ଣ୍ଣେୟ }
୧ । ନିଶ୍ଚୟର ଅଭାବ; ଅନିଶ୍ଚିତତା—1. Want of certainty; uncertainty.
୨ । ମୀମାଂସାର ଅଭାବ—2. Indecision.
୩ । ସନ୍ଦେହ—3 Doubt.

**ଅନିର୍ଦଶ**—ସଂ. କ୍ରି. ବିଣ—( ଅ+ନିର୍+ଦଶ; ଯାହାର ବା ଯହିଁରେ
Anirdaśa ଦଶ ଦିନ ନିର୍ଗତ ହୋଇ ନାହିଁ ବା ଛପି ନାହିଁ । )—
(ଅନ୍ତର୍ଦଶ—ବିପରୀତ) ସୂତକ ବା ମୃତକ ଅଶୌଚକାଳ ଦଶଦିନ ସମୟ ଛପି ନ ଥିବା ଅବସ୍ଥାରେ; ଦଶଦିନ ଗତ ନ ହେଉଣୁ—Within the ten days of impurity caused by a birth or death in the family.

[ ଦ୍ର—ବିଦେଶରେ ମରିଥିବା କୌଣସି ବ୍ୟକ୍ତିର ମୃତ୍ୟୁ ସଂବାଦ ଅନିର୍ଦଶ ( ଅର୍ଥାତ୍ ୧୦ ଦିନ ଗତ ନ ହେଉଣୁ ) ଶୁଣିଲେ ଦଶ ରାତ୍ରିରୁ ଯେତେ ବାକି ଥିବ ସେତିକି ଅଶୌଚ ପାଳିବ ।
ରାମଚନ୍ଦ୍ର. ମନୁ ୫।୭ । ]

ସଂ. ବିଣ—୧ । ଯାହାର ଦଶ ଦିନ କାଳ ଗତ ହୋଇ ନାହିଁ—1. That which has not yet passed ten days.
(ଅନିର୍ଦଶା—ସ୍ତ୍ରୀ)
୨ । ଜନ୍ମକାଳରୁ ଦଶ ଦିନ ଗତ ହୋଇ ନ ଥିବା—2. Not more than ten days old.

[ ଦ୍ର—ଅନିର୍ଦଶା ଗାଈର ଦୁଗ୍ଧ ପିଇବା ନିଷିଦ୍ଧ ।
ରାମଶଙ୍କର. ମନୁ ୫-୮ ।]

୩ । ମୃତକ ବା ସୂତକାଶୌଚର ଅଶୁଦ୍ଧି କାଳ ଦଶ ଦିନ ସମ୍ବନ୍ଧୀୟ—3. Ralating to the time of ten days after a birth or death.

[ ଦ୍ର—ଯେଉଁ ପରିବାରରେ ସୂତକ ବା ମୃତକାଶୌଚ ହୋଇ ଥିବ ସେ ପରିବାରର ଅନିର୍ଦଶ ଅନ୍ନ ଅନ୍ୟ ବ୍ୟକ୍ତି ପକ୍ଷରେ ଖାଇବା ନିଷିଦ୍ଧ—ରାମଶଙ୍କର ମନୁ ୪-୨୧୨ ଓ ୪-୨୧୭ । ]

**ଅନିର୍ଦଶାହ**—ସଂ. କ୍ରି. ବିଣ. ଓ ବିଣ ( ଅ+ନିର୍+ଦଶାହ )—
Anirdaśaha ଅନିର୍ଦଶ ( ଦେଖ )
(ଅନିର୍ଦଶାହା—ସ୍ତ୍ରୀ) Anirdaśa ( See )

[ ଦ୍ର—ଅନିର୍ଦଶାହା ସୂତା (ଜନ୍ମ କରିଥିବା) ଗାଈ ଖୀର ଖାଇଲେ ଦଣ୍ଡଯୋଗ୍ୟ ହେବ ନାହିଁ ବୋଲି ମନୁ କହିଅଛନ୍ତି—
ରାମଶଙ୍କର. ମନୁ ୮-୨୪୨ ।]

**ଅନିର୍ଦ୍ଦିଷ୍ଟ**—ସଂ. ବିଣ. ( ଅ+ନିର୍ଦ୍ଦିଷ୍ଟ )—
Anirdishta ୧ । ଅନିଶ୍ଚିତ—1. Uncertain; indefinite.
(ଅନିର୍ଦ୍ଦେଶ—ବି) ୨ । ନିରୂପିତ ହୋଇ ନ ଥିବା—
(ଅନିର୍ଦ୍ଦେଶ୍ୟ—ଅନ୍ୟ ବିଣ) 2. Uncertained.
୩ । ସ୍ଥିରୀକୃତ ହୋଇ ନ ଥିବା—3. Undetermined.
୪ । ବ୍ୟାଖ୍ୟାତ ହୋଇ ନ ଥିବା—4. Unexplained.
୫ । ଅନିୟମିତ—5. Irregular.
୬ । ଅପରିମିତ; ଅସୀମ—6. Unlimited.
୭ । ଯହିଁ ସମ୍ବନ୍ଧେ ଉପଦେଶ ନାହିଁ—7. Undirected; not enjoined.
୮ । ସ୍ୱତନ୍ତ୍ରରୂପେ ପ୍ରକାଶିତ ବା କଥିତ ହୋଇ ନ ଥିବା—8. Unspecified.

**ଅନିର୍ଦ୍ଧାରିତ**—ସଂ. ବିଣ. ( ଅ+ନିର୍ଦ୍ଧାରିତ )—ଅନିର୍ଦ୍ଦିଷ୍ଟ ( ଦେଖ )
Anirdhārita Anirdishta ( See )
(ଅନିର୍ଦ୍ଧାରଣ—ବି)
ଅନିର୍ଦ୍ଧାରଣୀୟ } ଅନ୍ୟ ବିଣ.
ଅନିର୍ଦ୍ଧାର୍ଯ୍ୟ }

**ଅନିର୍ବଚନୀୟ**—ସଂ. ବିଣ. (ଅ+ନିର୍ବଚନୀୟ; ଯାହା ବଚନୀୟ ନୁହେଁ)—
Anirbachaniya ୧ । ଅବର୍ଣ୍ଣନୀୟ; ଯାହା ବର୍ଣ୍ଣନା କରାଯାଇ ନ ପାରେ—1. Indescribable.
(ଅନିର୍ବଚନୀୟତା—ବି)
୨ । ଅକଥନୀୟ—2. Unutterable; unspeakable.
୩ । ଯାହା ବାକ୍ୟ ଦ୍ୱାରା ପ୍ରକାଶ କରାଯାଇ ନ ପାରେ—3. Inexpressible.
୪ । ଯାହା ଉଲ୍ଲେଖ କରିବା ଅନୁଚିତ—4. Not be mentioned.
୫ । ଯାହା ବାକ୍ୟ ଦ୍ୱାରା ବୁଝାଇ ଦିଆ ଯାଇ ନ ପାରେ—5. Inexplicable.

**ଅନିର୍ବାଚ୍ୟ**—ସଂ. ବିଣ. (ଅ+ନିର୍ବାଚ୍ୟ) —ଅନିର୍ବଚନୀୟ (ଦେଖ)
Anirbāchya Anirbachaniya (See)
(ଅନିର୍ବାଚ୍ୟତା—ବି)

**ଅନିର୍ବର୍ତ୍ତ୍ୟମାନ**—ସଂ. ବିଣ. (ଅ+ନି+ବୃତ ଧାତୁ+ଅନ )—
Anirbartyamāna ଯାହାର ସମାପ୍ତି କରାଯାଇ ନାହିଁ—Not being brought to a close.

**ଅନିର୍ବାଣ**—ସଂ. ବିଣ. ( ବହୁବ୍ରୀହି; ଅ+ନିର୍ବାଣ )—
Anirbāna ୧ । ଯାହା ଲିଭି ନାହିଁ—1. Inextinguished.
୨ । ଯାହାକୁ ଲିଭା ଯାଇ ପାରେ ନାହିଁ—2. Inextinguishable; unquenchable.
୩ । ଯାହା ଲିଭେ ନାହିଁ; ସର୍ବଦା ଜଳୁ ଥିବା—3. Ever-burning.
୪ । ଅସ୍ନାତ; ମଜ୍ଜନ ରହିତ—4. Unbathed.

[ ଦ୍ର—ଏହି ଅର୍ଥରେ ଏହା କାଳିଦାସଙ୍କ ରଘୁବଂଶରେ ଦନ୍ତୀ ବା ହସ୍ତୀର ବିଶେଷଣ ରୂପେ ବ୍ୟବହୃତ ହୋଇଅଛି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଅନିର୍ବାଦ**—ସଂ. ବି. ( ଅ+ନିର୍ବାଦ=କଳଙ୍କ; ଅବଜ୍ଞା )—
Anirbāda ୧ । ବିବାଦର ଅଭାବ—
1. Absence of dispute.
୨ । ଅବଜ୍ଞା ନ କରିବା—2. Absence of disregard.

**ଅନିର୍ବାର**—ଦେ. କ୍ରି. ବିଣ. ( ସଂ. ଅନିବାର୍ଯ୍ୟ=ଅବିରତ)—
Anirbāra ୧ । ଅନେକଥର—1. Many times.
୨ । ବହୁତ; ବିଶେଷ—2. Much.
ମିଛି କେତେ ମତେ ହରି ଅନିର୍ବାର କୋଳ କର ।
ଅଭିମନ୍ୟୁ—ବିଦଗ୍ଧଚିନ୍ତାମଣି ।

**ଅନିର୍ବାହ**—ସଂ. ବି. ( ଅ + ନିର୍ବାହ )—୧ । ଅସମାପ୍ତି—
Anirbāha 1. Non-completion.
(ଅନିର୍ବାହ୍ୟ—ବିଣ) ୨ । ଅସାଧନ—
2. Non-accomplishment.
୩ । ସଂସାରରେ ସୁରୁଖୁରୁ ହୋଇ ଚଳିବା ଅବସ୍ଥାର ଅଭାବ; ଆୟ ନ ଅଣ୍ଟିବା—
3. Being straitened in means (Apte); insufficiency of income ( M. W. )
୪ । ଅସଂସ୍ଥାନ—4 Want of provision.
୫ । ଶେଷ ସିଦ୍ଧାନ୍ତର ଅଭାବ—
5. Inconclusiveness ( M. W. )
୬ । କାମ ଚଳାଇବାର ଅଭାବ—
6. Non-management.

**ଅନିର୍ବାହ୍ୟ**— ସଂ. ବିଣ. (ଅ+ନିର୍ବାହ୍ୟ)—ଯାହା ଚଳାଇବା କଷ୍ଟକର—
Anirbāhya Difficult to manage.

**ଅନିର୍ବିଣ୍ଣ**—ସଂ. ବିଣ. ପୁଂ. ( ଅ + ନିର୍ବିଣ୍ଣ )—
Anirbiṇṇa ୧ । ଅବିଷଣ୍ଣ; ବିଷାଦରହିତ—
(ଅନିର୍ବିଣ୍ଣା—ସ୍ତ୍ରୀ) 1. Not downcast; not depressed.
(ଅନିର୍ବେଦ—ବି) ୨ । ଅକ୍ଲାନ୍ତ—2. Not fatigued (Apte).
ସଂ. ବି—ବିଷ୍ଣୁଙ୍କର ନାମ—
A name of Bishṇu ( Apte )

**ଅନିର୍ବିଦ**— ସଂ. ବିଣ. ( ଅ+ନିର୍+ବିଦ ଧାତୁ+ଅ )—
Anirbida ୧ । ଅକ୍ଲାନ୍ତ—1. Unwearied.
(ଅନିର୍ବିଦା—ସ୍ତ୍ରୀ) ୨ । ଅବିଷଣ୍ଣ—2. Undesponding.

**ଅନିର୍ବୃତ**—ସଂ. ବିଣ. ( ଅ+ନିର୍ବୃତ )—୧ । ଅସନ୍ତୁଷ୍ଟ—
Anirbṛuta 1. Discontented.
(ଅନିର୍ବୃତା—ସ୍ତ୍ରୀ) ୨ । ଉଦ୍ବିଗ୍ନ—2. Uneasy.
(ଅନିର୍ବୃତି—ବି) ୩ । ଅସୁଖୀ—3. Unhappy.
୪ । ଅସମ୍ପନ୍ନ—4. Unaccomplished;unfulfilled.

**ଅନିର୍ବୃତ୍ତି**— ସଂ. ବି. ( ଅ+ନିର୍+ବୃତ୍ତି )—
Anirbṛutti ୧ । ସଫଳ ନ ହେବା; ଫଳ ନ ଫଳିବା—
(ଅନିର୍ବୃତ୍ତ—ବିଣ) 1. Non-fulfilment.
୨ । ଅସମାପ୍ତି—2. Incompleteness ( M. W. )
୩ । ଦରିଦ୍ରତା—3. Poverty ( Apte )
୪ । ଉଦ୍ବିଗ୍ନତା—4. Anxiety; disquietude. ( Apte )

**ଅନିର୍ବେଦ**—ସଂ. ବି. ( ଅ+ନିର୍ବେଦ )—୧ । ଅବିଷାଦ—
Anirbeda 1. Not depression.
୨ । ଆତ୍ମନିର୍ଭରତା—2. Self-reliance.

**ଅନିର୍ବେୟ**—ସଂ. ବିଣ. ( ଅ+ନିର୍ବେୟ )—
Anirbeya ଯାହା ଲିଭାଇ ଦିଆଯାଇ ନ ପାରେ—
Inextinguishable; unquenchable.
ଘରଚ ଦେବାଳପୁର ଅନିର୍ବେୟ ଜାପ । ଚିନ୍ତାମଣି—ବନମାଳୀଦାସ ।

**ଅନିର୍ବେଶ**—ସଂ. ବି. ( ଅ+ନିର୍ବେଶ )—୧ । ବେକାର—
Anirbeśa 1. Destitute of employment.
୨ । ଦୁଃଖୀ; ଦୁର୍ଭାଗ୍ୟଗ୍ରସ୍ତ—2. Wretched; miserable ( Apte )
ସଂ. ବିଣ. ( ବହୁବ୍ରୀହି; ଅକୃତ+ନିର୍ବେଶ )—
୧ । ଯେ ପାପ ପାଇଁ ପ୍ରାୟଶ୍ଚିତ୍ତ କରି ନାହିଁ—1. Not having expiated one's sins ( M. W. )

**ଅନିର୍ଭର**—ସଂ. ବିଣ. ( ଅ+ନିର୍ଭର )—
Anirbhara ୧ । ଅନାଶ୍ରୟ—1. Helpless
(ଅନିର୍ଭରା—ସ୍ତ୍ରୀ) ୨ । ଯାହାର ଭରା ନାହିଁ—2. Unsupported; having no support or prop.
୩ । ସାମାନ୍ୟ—3. Slight.
୪ । ଅତ୍ୟଳ୍ପ—4. Little.
୫ । ହାଲୁକା—5. Light.

**ଅନିର୍ଭା**—ଦେ. ବି. ( ସଂ. ଅନିର୍ବାହ )—ଅନିର୍ବାହ ( ଦେଖ )
Anirbhā Anirbāha ( See )
ଅଚଳ ଦେ. ବିଣ—୧ । ଅସମାହିତ—1 Unaccomplished.
୨ । ଅସମାପ୍ତ—2. Unfinished.
୩ । ଅଚଳ—3. Untenable.
୪ । ଯହିଁରେ କାମ ଚଳି ନ ପାରେ—
4. Unmanageable.
୫ । ଦୁଃଖୀ; ଦରିଦ୍ର—5. Poor; indigent.
୬ । ନଅଣ୍ଟିଆ; ଅଭାବଗ୍ରସ୍ତ—6. In want.
୭ । ନିଜର ସଂସାର କାମ ଚଳାଇବାକୁ ଅସମର୍ଥ—
7. Unable to manage one's worldly affairs.
୮ । ଅଚଳ ସାଂସାରିକ ଅବସ୍ଥାଗ୍ରସ୍ତ—
8. Not well-to-do.
୯ । ଯେ ଅନ୍ୟ ବ୍ୟକ୍ତି ସଙ୍ଗେ ମିଳିମିଶି ଚଳି ନ ପାରେ—
9. Unable to get on well with another.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଘ | ଡ଼ଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଙ୍ଅ | ଢ଼ | ନ୍ତ |

**ଅନିର୍ଯାପ**—ଦେ. ବିଣ. ( ସଂ. ଅପର୍ଯ୍ୟାପ୍ତ )—
Anirjāpa ୧ । ଅତ୍ୟଧିକ; ଅପର୍ଯ୍ୟାପ୍ତ—1. Excessive.
বেজায় ୨ । ବହୁତ—2. Many.
बेजा ୩ । ଅଗଣିତ; ଅସଂଖ୍ୟ—
3. Innumerable; countless.
ଦେ. କ୍ରି. ବିଣ—ଅତ୍ୟନ୍ତ; ବହୁତ; ଖୁବ୍—Excessively; too much.

ଏ ସମୟେ ବାତ ବହୁଲ ଅନିର୍ଯାପ—କୃଷ୍ଣସିଂହ. ମହାଭାରତ. ବନ ।

**ଅନିଳ**—ସଂ. ବି. ( ଅନ ଧାତୁ=ବଞ୍ଚିବା ବା ନିଃଶ୍ୱାସ ମାରିବା+କରଣ. Anila ଇଲ; ଯାହାଦ୍ୱାରା ପ୍ରାଣୀ ବଞ୍ଚନ୍ତି ବା ନିଃଶ୍ୱାସ ମାରନ୍ତି )—
୧ । ବାୟୁ; ପବନ—1. Air; wind.
[ ଦ୍ର—ଏହା ପ୍ରଥମତଃ ସଂଖ୍ୟାରେ ୭ ଥିଲା; ଯଥା—ଆବହ, ନିବହ, ଉଦ୍‌ବହ, ସଂବହ, ବିବହ, ପ୍ରବହ ଓ ପରିବାହ। ମାତୃଗର୍ଭରେ ଇନ୍ଦ୍ର ଏ ପ୍ରତ୍ୟେକଙ୍କୁ ସାତ ଖଣ୍ଡ କରିଦେଇଥିବାରୁ ଏହା ୪୯ ହେଲା ।]
୨ । ପବନଦେବତା—2. The God of Wind.
୩ । ବାୟୁକୋଣ; ଉତ୍ତରପଶ୍ଚିମ କୋଣ—
3. The North West quarter.
୪ । ଅଷ୍ଟବସୁ ମଧ୍ୟରୁ ପଞ୍ଚମ ବସୁ—4. Name of the fifth of the 8 Basu Deities.
୫ । ଶରୀରସ୍ଥ ବାତ—5. The wind as one of the humours of the body.
୬ । ବାତରୋଗ—6. Rheumatism.
୭ । ସ୍ୱାତିନକ୍ଷତ୍ର—7. The 17th lunar mansion.
୮ । ( ବାୟୁର ସଂଖ୍ୟା ୪୯ ଥିବାରୁ ) ୪୯ ସଂଖ୍ୟା—
8. The number 49.
୯ । ପ୍ରାଣବାୟୁ—
9. The vital air of living beings.
[ ଦ୍ର—ଏହା ୫ ଟି ଯଥା—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ । ]

**ଅନିଳକ**—ସଂ. ( ନାମ ) ବି—ବିଶ୍ୱାମିତ୍ରବଂଶୀୟ ରାଜାବିଶେଷ; ବିଶ୍ୱାମିତ୍ର ଋଷି ଏହାଙ୍କ ବଂଶଧର—Name of an ancestor of the sage Biswāmitra.
Anilaka

**ଅନିଳଘ୍ନ**—ସଂ. ବିଣ. ( ଅନିଳ+ହନ ଧାତୁ+କ୍ୱିପ୍ )—ବାୟୁରୋଗନାଶକ ( ଔଷଧ )—Curing disorders due to wind.
Anilaghna

**ଅନିଳଘ୍ନକ**—ସଂ. ବି. ( ଅନିଳଘ୍ନ+କ )—ବାହାଡ଼ା; ବିଭୀତକ (ଗଛ)—
Anilaghnaka A tree; Terminalia Belerica.

**ଅନିଳପର୍ଯ୍ୟୟ**—ସଂ. ବି—ଆଖିପତା ଓ ଆଖିର ବାହାରଅଡ଼ ଫୁଲା ଓ ଚକ୍ଷୁରୋଗବିଶେଷ—Pain and swelling of the eye-lids and outer parts of the eye.
Anilaparjyaya

**ଅନିଳପର୍ଯ୍ୟାୟ**—ସଂ. ବି—ଅନିଳପର୍ଯ୍ୟୟ ( ଦେଖ )
Anilaparjyāya Anilaparjyaya ( See )

**ଅନିଳବନ୍ଧୁ**—ସଂ. ବି. ( ୬ଷ୍ଠୀ ତତ୍; ଅନିଳ+ବନ୍ଧୁ )—୧ । ଅଗ୍ନି—
Anilabandhu 1. Fire.
୨ । କୃତ୍ତିକା ନକ୍ଷତ୍ର—
2. The 3rd asterism; the Pleiades.

**ଅନିଳସଖ**—ସଂ. ବି. ( ବହୁବ୍ରୀହି; ଅନିଳ+ସଖା )—
Anilasakha ଅଗ୍ନି—Fire.

**ଅନିଳସାରଥି**—ସଂ. ବି. ( ବହୁବ୍ରୀହି; ଅନିଳ+ସାରଥି )—
Anilasārathi ଅଗ୍ନି—Fire.

**ଅନିଳାତ୍ମଜ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍ )—ବାୟୁପୁତ୍ର; ହନୁମାନ—
Anilātmaja Hanūmāna the son of the Wind God.

**ଅନିଳାନ୍ତକ**—ସଂ. ବି. ( ୬ଷ୍ଠୀ ତତ୍; ଅନିଳ+ଅନ୍ତକ )—
Anilāntaka ଇଙ୍ଗୁଦ (ଦେଖ)—Iṅgudi ( See )

**ଅନିଳାମୟ**—ସଂ. ବି. (ମଧ୍ୟପଦଲୋପୀ; ଅନିଳସମ୍ବନ୍ଧୀୟ; ଆମୟ=ରୋଗ)—
Anilāmaya ୧ । ବାୟୁରୋଗ; ପେଟଫମ୍ପା—
1. Flatulence.
୨ । ବାତରୋଗ—2. Rheumatism.

**ଅନିଳାଶୀ**—ସଂ. ବି. ( ଅନିଳ+ଅଶ ଧାତୁ+ଇନ୍; ୧ମା. ୧ବ; ଯେ ପବନ ଖାଇ ବଞ୍ଚେ )—ସର୍ପ; ସାପ—Serpent; snake.
Anilāsi

**ଅନିଶ**—ସଂ. କ୍ରି. ବିଣ—( ବହୁବ୍ରୀହି; ଅ+ନିଶା; ଯହିଁରେ ନିଶା ବା ବିଶ୍ରାମ ନାହିଁ )—୧ । ଅବିରତ—
Anisa
1. Continually; uninterruptedly.
୨ । ସର୍ବଦା—2. Constantly; always.

**ଅନିଶା**—ଦେ. ବି. ( ସଂ. ଅନ୍ୱେଷଣ; ପ୍ରା. ଅନେସନା )—
Anisā ଅନ୍ୱେଷଣ—Searching.
অন্বেষণ

**ଅନିଶେ**—ଦେ. କ୍ରି. ବିଣ. ( ସଂ. ଅନିଶ )—ସର୍ବଦା—
Anise Always.

ଅନିଶେ ଦେଖୁଥିବ ମୋତେ, ଥିବ ମୁଁ ତାହାର ଅଗ୍ରତେ ।
ଜଗନ୍ନାଥ. ଭାଗବତ. ୮ମ ।

**ଅନିଷ୍ଟ**—ସଂ. ବି. ( ନଞ ତତ୍; ନ+ଇଷ୍ଟ )—୧ । ଅପକାର—
Anishta 1. Harm.
୨ । ହାନି—2. Injury.
୩ । ଅହିତ—3. Evil.
୪ । ଦୁଃଖ; ଦୁର୍ଦ୍ଦଶା—4. Calamity; mishap.

**ଅନିଷ୍ଟପାତ**—ସଂ. ବି. ( ଅନିଷ୍ଟ+ପତ୍ ଧାତୁ+ଅ )—ଅନିଷ୍ଟପତନ; ଅନିଷ୍ଟ ଘଟଣା; ମନ୍ଦ ଘଟଣା—Mishap; misfortune.
Anishtapāta

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କିବା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନୀକ**—ସଂ. ବି. (ଅନ୍ = ବଞ୍ଚିବା + ଈକ)—୧ । ସୈନ୍ୟ—
**Anīka** 1. Soldier.
୨ । ଯୁଦ୍ଧବ୍ୟୂହ—2. Army.
୩ । (ଅ + ନୀ + କ୍ୱିପ୍; ଯହିଁରୁ ଫେରିବାକୁ ନ ହୁଏ)—
ଯୁଦ୍ଧ—3. War, fight.
୪ । ସମୂହ—4. Multitude.

**ଅନୀକସ୍ଥ**—ସଂ. ବି. (ଅନୀକ + ସ୍ଥା ଧାତୁ + ଅ; ଅନୀକରେ ଯାହା ଥାଏ)—
**Anīkastha** ୧ । ସେନାଦଳ—1. Army; troop.
୨ । ଅକ୍ଷୌହିଣୀର ଦଶମାଂଶ—
2. A battalion consisting of 21870. soldiers.
[ଦ୍ର— ୨୧୮୭ ହସ୍ତୀପକ ସେନା, ୨୧୮୭ ରଥାରୋହୀ ସେନା, ୬୫୬୧ ଅଶ୍ୱାରୋହୀ ସେନା ଓ ୧୦୯୩୫ ପଦାତି ଏହିପରି ମୋଟରେ ୨୧୮୭୦ ପରିମିତ ସୈନିକ । ]

**ଅନୀତି**—ସଂ. ବି. (ଅ + ନୀତି)—୧ । କୁନୀତି; ଦୁର୍ନୀତି, ନୀତିବିରୁଦ୍ଧ କାର୍ଯ୍ୟ ବା ଅନୁଷ୍ଠାନ—1. Immorality.
**Anīti**
**अनीति** ୨ । ଅନାଚାର—2 Non-observance of social rules.
୩ । ଅତ୍ୟାଚାର—3. Oppression.
୪ । ଅନ୍ୟାୟ—4. Injustice.
୫ । ପରର ସ୍ୱତ୍ୱଖଣ୍ଡନ—5 Violation of the people's right.
୬ । ମନ୍ଦକାର୍ଯ୍ୟ—6. Evil action; improper action.

ତବା ଅନୀତି ଆଚରନ୍ତି; ଅପୁତ୍ର କ ଗୁଣେ ହୋଇନ୍ତି ।
ଜଗନ୍ନାଥ. ଭାଗବତ. ୧୨ ।

ଦେ. ବିଣ—୧ । ଅନୈତିକ—1. Immoral.
୨ । ସଦାଚାରବିଗର୍ହିତ; ଶାସ୍ତ୍ରବିରୁଦ୍ଧ—2. Contrary to the approved social rules.

**ଅନୀଦୃକ୍**—ସଂ. ବିଣ. ପୁଂ. ( ନ + ଈଦୃଶ୍; ୧ମା. ୧ବ. )—
**Anīdṛuk** ଅନୀଦୃଶ ( ଦେଖ )
Anīdṛuśa (See )

**ଅନୀଦୃଶ**—ସଂ. ବିଣ. ପୁଂ. ( ନ + ଈଦୃଶ୍; ୧ମା. ୧ବ )—
**Anīdṛuśa** ଏପରି ନୁହେଁ—Not like this.
(ଅନୀଦୃଶୀ— ସ୍ତ୍ରୀ)

**ଅନୀଶ୍ୱର**—ସଂ. ବିଣ. (ନ + ଈଶ୍ୱର; ଯାହା ମତରେ ଈଶ୍ୱର ନାହାନ୍ତି)—
**Anīśwara** ୧ । ନାସ୍ତିକ—1. Godless; atheist.
୨ । ପ୍ରଭୁହୀନ—2. Masterless; lordless.
୩ । ଅରକ୍ଷ—3. Having no protector.
ଦେ. ବି—ଅପ୍ରଭୁ; ଯେ ପ୍ରଭୁ ନୁହେଁ—One who is not a master or a lord.

ଅନୀଶ୍ୱର ହୋଇଣ ଈଶ୍ୱର ଓସାରେ
କାହିଁକି କହୁଅଛ ରାଜନ ଭୁଡ଼ାଏ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଅନୀଶ୍ୱରବାଦ**—ସଂ. ବି. ( ଅନୀଶ୍ୱର + ବାଦ )—ନାସ୍ତିକତା; ଈଶ୍ୱରଙ୍କର ଅସ୍ତିତ୍ୱ ନ ମାନିବାରୂପ ମତ—
**Anīśwarabāda** theism.

**ଅନୀଶ୍ୱରବାଦୀ**—ସଂ. ବିଣ. ପୁଂ. ( ଅନୀଶ୍ୱର + ବଦ ଧାତୁ + ଇନ୍ )—
**Anīśwarabādī** ଈଶ୍ୱର ନାହାନ୍ତି, ଏହି ମତ ଯେ ପ୍ରକାଶ କରନ୍ତି; ନାସ୍ତିକ— theist.
(ଅନୀଶ୍ୱରବାଦିନୀ—ସ୍ତ୍ରୀ)

**ଅନୀହ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ + ଈହା )—
**Anīha** ଫଳାଶାରହିତ; ନିଷ୍କାମ—
(ଅନୀହା—ସ୍ତ୍ରୀ) Desireless; free from desires.

**ଅନୀହା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ନ + ଈହା )—
**Anīhā** ଅନୀହର ସ୍ତ୍ରୀଲିଙ୍ଗ—
Feminine of Anīha.
ସଂ. ବି—ଅନିଚ୍ଛା; ଔଦାସିନ୍ୟ—
Indifference to worldly concerns.

**ଅନୁ**—ସଂ. ଉପସର୍ଗ—ଶବ୍ଦ ବା ଧାତୁର ପୂର୍ବରେ ଯୁକ୍ତ ହେଲେ ନିମ୍ନଲିଖିତ ଅର୍ଥମାନ ବୁଝାଏ—
**Anu**
୧ । ପଶ୍ଚାତ୍; ପଛରେ ( ଯଥା— ଅନୁଜ )—
1. After.
୨ । ସଦୃଶ ( ଯଥା— ଅନୁକରଣ )—
2. After.
୩ । ଅଧୀନ; ଅଧଃ ( ଯଥା— ଅନୁକର୍ଷଣ )—
3. Below.
୪ । ନିକୃଷ୍ଟ. ହୀନ; ଅଧମ ( ଯଥା— ଅନୁକଳ୍ପ )—
4. Lower.
୫ । ସହିତ ( ଯଥା— ଅନୁକମ୍ପା; ଅନୁଯାନ )—
5. With; together.
୬ । ଅଂଶ ( ଯଥା— ଅନୁକଳ୍ପ )—6. Part.
୭ । ପରସ୍ପର; ଅନ୍ୟୋନ୍ୟ ( ଯଥା— ଅନୁକଥନ )—
7. Mutually.
୮ । ସମୀପ ( ଯଥା— ଅନୁଗଙ୍ଗ )—8. Near.
୯ । ବହିର୍ଭାଗ—9 Outside.
୧୦ । ବୀପ୍ସାର୍ଥ ( ଯଥା— ଅନୁକ୍ଷଣ; ଅନୁଦିନ )—
10. Repetition.
୧୧ । ଚିହ୍ନ—11. Sign.
୧୨ । ଆୟାସ; ପରିଶ୍ରମ—12. Exertion.
୧୩ । ଅନୁକ୍ରମ; ଯଥାକ୍ରମେ ( ଯଥା— ଅନୁପ୍ରଶ୍ନ )—
13. Succession.
୧୪ । ଇତ୍ଥଂଭୂତ—14. Accordingly; likewise.
୧୫ । ଅନୁସାରେ—15. According to.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ˙ ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଷ୍ଣ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ତ |

୧୬ । ଫଳତଃ—16. Consequently.

ସଂ. ବି. (ନାମ)—ଯଯାତିଙ୍କ ଔରସରେ ଶର୍ମିଷ୍ଠାଙ୍କ ଗର୍ଭଜାତ ପୁତ୍ର—
Son of Jajāti born of Śarmishṭhā.

ଦେ. ବି. ( ନାମ )—ଅନନ୍ତର ଡାକନାମ—
Name for calling Ananta.

**ଅନୁକ**—ସଂ. ବିଣ. ପୁଂ. ( ଅନୁ+କମ ଧାତୁ=କାମନା କରିବା+ କର୍ତ୍ତୃ. ଅ )—କାମୀ; କାମାସକ୍ତ; କାମୁକ—
Anuka
(ଅନୁକା—ସ୍ତ୍ରୀ) Lascivious; lustful.

**ଅନୁକଥନ**—ସଂ. ବି. ( ଅନୁ+କଥନ )—କଥୋପକଥନ; ପରସ୍ପର କଥାବାର୍ତ୍ତା—Conversation; discussion; mutual talk.
Anukathana

**ଅନୁକମ୍ପା**—ସଂ. ବି. (ଅନୁ=ସହିତ+କମ୍ପ ଧାତୁ=କମ୍ପିବା+ଭାବ. ଅ; ପରସ୍ପରର ହୃଦୟ କମ୍ପିତ ହେବା )—
Anukampā
୧ । ଦୟା; ସହାନୁଭୂତି—
1. Kind feeling for others; sympathy.
୨ । ପରର ଦୁଃଖ ବା ସୁଖରେ ମମତା—
2. Commiseration.
୩ । କରୁଣା—3. Pity; compassion.

ଦେ. ବି—ସ୍ନେହ—Love; affection.
ବୃକ୍ଷ ସମସ୍ତେ କମ୍ପା, ବାମାଠାରେ ଏଡ଼େ ଅନୁକମ୍ପା ।
ଉପେ. ବୈଦେହୀଶବିଳାସ. ୧୬।୩୧ ।

**ଅନୁକମ୍ପ୍ୟ**—ସଂ. ବିଣ. ( ଅନୁ+କମ୍ପ ଧାତୁ+କର୍ମ. ଯ. ଅର୍ହାର୍ଥ )—
Anukampya ଅନୁକମ୍ପାର ଯୋଗ୍ୟ; ଅନୁଗ୍ରାହ୍ୟ; କୃପାରପାତ୍ର—
(ଅନୁକମ୍ପ୍ୟା—ସ୍ତ୍ରୀ) Pitiable.

**ଅନୁକରଣ**—ସଂ. ବି. (ଅନ=ସଦୃଶ+କୃ ଧାତୁ+ଅନ=ସଦୃଶକରଣ)—
Anukaraṇa ୧ । ସଦୃଶୀକରଣ; ପ୍ରତିରୂପକରଣ; ନକଲ କରିବା—1. Copying.
ଅନୁକୃତ } ବିଣ
ଅନୁକରଣୀୟ }
୨ । ଅନ୍ୟର କାର୍ଯ୍ୟ ଦେଖି ସେହିପରି କରିବା—
2 Imitation.

**ଅନୁକରିବା**—ଦେ. ପଦ୍ୟ କ୍ରି—୧ । ଅନୁକରଣ କରିବା—
Anukaribā To imitate.
ଅନୁକରୁ ଅନୁକରେ ବ୍ରଜଧ୍ୱନି ଅବିକଳ—ରାଧାନାଥ

**ଅନୁକର୍ମେ**—ଗ୍ରା. କ୍ରି. ବିଣ (ସଂ. ଅନୁକ୍ରମ)—୧ । ଅନୁସାରେ; ଅନୁକ୍ରମେ—1. According to.
Anukarme
ଅନୁକ୍ରମେ ୨ । ଧାରାବାହିକରୂପେ—2. Serially.

**ଅନୁକର୍ଷ**—ସଂ. ବି (ଅନୁ=ନିମ୍ନରେ+କୃଷ ଧାତୁ=ଆକର୍ଷଣ କରିବା+ ଭାବ. ଅ)—୧ । ଅଧଃସ୍ଥିତ ଯେଉଁ କାଠଦ୍ୱାରା ଗାଡ଼ି ବା ରଥ ଟଣାଯାଏ—1. The shaft of a car or a carriage.
Anukarsha
୨ । ନିମ୍ନରୁ ଆକର୍ଷଣ—2. Attraction from below.
୩ । (ନ୍ୟାୟ ଓ ବ୍ୟାକରଣ)—3. ( metaphysics & grammar ) Repetition of a word used in a previous aphorism in a subsequent proposition.

**ଅନୁକର୍ଷଣ**—ସଂ. ବି (ଅନୁ=ନିମ୍ନ+କୃଷ ଧାତୁ=ଟାଣିବା+ଭାବ. ଅନ)—
Anukarshaṇa ଅନୁକର୍ଷ ୨ ଓ ୩ (ଦେଖ)
Anukarsha 2 & 3(See)

**ଅନୁକଳ୍ପ**—ସଂ. ବି (ଅନୁ=ନିକୃଷ୍ଟ+କଳ୍ପ=ବିଧି)—୧ । ପ୍ରତିନିଧି—
Anukalpa 1. Representative.
୨ । ପ୍ରଧାନ ବିଧିର ଆନୁଷଙ୍ଗିକ ବିଧି; ଗୌଣବିଧି—
2. A secondary injunction; immaterial rules.

**ଅନୁକାମୀନ**—ସଂ. ବିଣ. ପୁଂ. ( ଅନୁକାମ=ଇଚ୍ଛା+ଈନ )—
Anukāmīna ସ୍ୱେଚ୍ଛାଗାମୀ; ସ୍ୱେଚ୍ଛାବିହାରୀ—
(ଅନୁକାମୀନତା—ବି) Arbitrary; self-willed.

**ଅନୁକାର**—ସଂ. ବି. ( ଅନୁ=ସଦୃଶ+କୃ ଧାତୁ=କରିବା+ଅ )—
Anukāra ୧ । ସମତା—1. Similarity.
୨ । ଐକ୍ୟ—2 Resemblance.
୩ । ଅନୁକରଣ—3. Copying; imitation.

**ଅନୁକାରୀ**—ସଂ. ବିଣ. ପୁଂ. ( ଅନୁ+କୃଧାତୁ=କରିବା+ଇନ୍. ୧ମା. ୧ବ. )—୧ । ଯେ ଅନୁକରଣ କରେ;
Anukārī
(ଅନୁକାରିଣୀ—ସ୍ତ୍ରୀ) ଅନୁକରଣକାରୀ—1. Imitating.
୨ । ଅନ୍ୟ ସଙ୍ଗେ ସମାନ ହୋଇଥିବା—
2 Resembling.

**ଅନୁକୀର୍ଣ୍ଣ**—ସଂ. ବିଣ. ( ଅନୁ+କୃ+କର୍ମ. ତ )—ବ୍ୟାପ୍ତ; ବିସ୍ତୃତ—
Anukīrṇṇa Pervaded.

**ଅନୁକୂଳ**—ସଂ. ବିଣ. ( ଅନୁ=ଯୋଗ୍ୟ+କୂଳ=ବଂଶ )—
Anukūḷa ୧ । ସଦୟ—1. Kind; compassionate,
(ପ୍ରତିକୂଳ—ବିପରୀତ) ୨ । ସହାୟ; ସପକ୍ଷ—
2. Helpful; favourable; friendly.
୩ । ଅନୁଗ୍ରହକାରୀ—3. Showing favour.
୪ । ପୋଷକ—4. Supporting.
୫ । ଅନୁରକ୍ତ—5. Attracted to.
୬ । ଅଳଂକାର ଶାସ୍ତ୍ରୋକ୍ତ ନାୟକବିଶେଷ; ଏକ ମାତ୍ର ନାୟିକାଠାରେ ଆସକ୍ତ ନାୟକ—
6. (Rhetoric) A lover who is attracted to one and only one lady.
କଲ ଦକ୍ଷିଣ ନାୟକ ଅନୁକୂଳ ଧନ୍ୟ ଧନ୍ୟ ମୋର ଅଣି ।
ଯାନକୃଷ୍ଣ. ରସକଲ୍ଲୋଳ ।
୭ । ଅର୍ଥାଲଙ୍କାରବିଶେଷ; ପ୍ରତିକୂଳ ବିଷୟ ଅନୁକୂଳ ହେଲେ ଅନୁକୂଳ ଅଲଙ୍କାର ହୁଏ ।
7. ( Rhetoric ) A case in which an unfavourable matter is said to be favourable.

ଦୋଷ ଦେଖି ତୁ ଦଣ୍ଡ ରେ ତଦ୍ଭାବନା, ମଣ୍ଡନା କର ଗଣ୍ଡରେ,
ବାକ୍ସ ପାଶେ ନଭାନ୍ତେ, ବାନ୍ଧ ବା ବସନାନ୍ତେ
ଓଷ୍ଠ ଦବାଇ ଦନ୍ତେ, ଭୂଷ କରନ୍ତି କୃନ୍ତେ ।
କୁଳମଣି ଦାଶ—ଅଳଙ୍କାର ତରଙ୍ଗିଣୀ ।

पाएँतरा ଦେ. ବି—୧ । କାର୍ଯ୍ୟର ଆରମ୍ଭ—
**पाएँतराब्** 1. Beginning of a work.
୨ । କୌଣସି ଉଦ୍ଦେଶ୍ୟରେ ଯାତ୍ରା କରିବାର ଆରମ୍ଭ—
2. Beginning of a journey for some special purpose.
ବନକୁ ଯିବାକୁ ସେ ଅନୁକୂଳ କଲେ । କୃଷ୍ଣସିଂହ. ମହାଭାରତ. ବନ ।

**ଅନୁକୂଳ କରିବା**—ଦେ. କ୍ରି—୧ । କୌଣସି ଶୁଭକାର୍ଯ୍ୟର ଆରମ୍ଭ କରିବା—
Anukūla karibā 1. To begin any good work
पाएँतरा करा ୨ । ବିଦେଶ ଯାତ୍ରା ଆରମ୍ଭ କରିବା; ବାହାରିବା—
**पाएँतराब् कर्ना** 2. To begin a journey.
ବନକୁ ଯିବାକୁ ସେ ଅନୁକୂଳ କଲେ । କୃଷ୍ଣସିଂହ, ମହାଭାରତ. ବନ ।
୩ । ଯେକୌଣସି କାର୍ଯ୍ୟ ଆରମ୍ଭ କରିବା—
3. To begin any work.

**ଅନୁକୂଳତା**—ସଂ. ବି. ( ଅନୁକୂଳ + ଭାବ. ତା )—
Anukūlatā ୧ । ସପକ୍ଷତା; ସହାୟ—
1. The quality of being favourable.
୨ । ଦୟା; ଦାକ୍ଷିଣ୍ୟ—2. Kindness; compassion.

**ଅନୁକୂଳ ବିରାଡ଼ି**—ଦେ. ବି—ଅନକୂଳ ବିରାଡ଼ି ( ଦେଖ )
Anukūla birārdi Anakula birārdi ( See )

**ଅନୁକୂଳା**—ସଂ. ବିଣ. ସ୍ତ୍ରୀ—ଅନୁକୂଳର ସ୍ତ୍ରୀଲିଙ୍ଗ —
Anukūlā Feminine of Anukūla.
ବି—୧ । ବୃକ୍ଷବିଶେଷ—1 Croton Polyandrum.
୨ । ଛନ୍ଦବିଶେଷ—2. Name of a metre.

**ଅନୁକୃତ**—ସଂ. ବିଣ. (ଅନୁ=ସଦୃଶ+କୃ ଧାତୁ=କରିବା+କର୍ମ.ତ)—
Anukṛuta ଯାହା ଅନ୍ୟର ଅନୁକରଣରେ କରାଯାଏ—
Imitated; copied.

**ଅନୁକୃତି**—ସଂ. ବି. ( ଅନୁ+କୃ ଧାତୁ+ତି )—ଅନୁକରଣ ( ଦେଖ )
Anukṛuti Anukaraṇa ( See )

**ଅନୁକ୍ତ**—ସଂ. ବିଣ. ( ନଞ୍ ତତ୍; ନ+ଉକ୍ତ )—୧ । ଅକଥିତ—
Anukta 1. Unspoken.
୨ । ଅନୁଚ୍ଚାରିତ—2. Unuttered.

**ଅନୁକ୍ରକଚ**—ସଂ. ବିଣ ( ଅନୁ=ପର+କ୍ରକଚ=କରତ )—
Anukrakacha କରତ ଭଳି ଦନ୍ତୁର—
Denticulated like a saw; serrated

**ଅନୁକ୍ରମ**—ସଂ. ବି. ( ଅନୁ=ପର+କ୍ରମ ଧାତୁ+ଅ )—
Anukrama ୧ । ଧାରାବାହିକ ବସ୍ତୁବସ୍ତୁ—1. Series.
୨ । ଯଥାକ୍ରମ; ପରିପାଟୀ—
2. Sequence; regular order.

**ଅନୁକ୍ରମଣ**—ସଂ. ବି. ( ଅନୁ=ପଶ୍ଚାତ୍+କ୍ରମ+ଭାବ. ଅନ )—
Anukramaṇa ଅନୁକ୍ରମଣିକା ( ଦେଖ )
Anukramaṇikā ( See )

**ଅନୁକ୍ରମଣିକା**—ସଂ. ବି. ( ଅନୁକ୍ରମଣ+ଇକ+ସ୍ତ୍ରୀ. ଆ )—
Anukramaṇikā ୧ । ଗ୍ରନ୍ଥର ଅବତରଣିକା; ମୁଖବନ୍ଧ; ଭୂମିକା—
1. Introduction; foreword of a book or subject.
୨ । ଗ୍ରନ୍ଥର ବିଷୟ ସୂଚୀ—2. Table of contents; index of a book.
୩ । ମହାଭାରତର ଭୂମିକା ପର୍ବ—
3. The portion of the first book of the Mahābhārata which summarises the whole story.

**ଅନୁକ୍ରମଣୀ**—ସଂ. ବି—ଅନୁକ୍ରମଣିକା ( ଦେଖ )
Anukramaṇi Anukramaṇikā ( See )
ଏ ଅନୁକ୍ରମଣୀରେ ବେଦବ୍ୟାସ ଋଷି, ଅଷ୍ଟାବକ୍ର ମାତ୍ର କେବଳ ବେଦ ଭାଷି ।
କୃଷ୍ଣସିଂହ. ମହାଭାରତ. ଆଦି ।

**ଅନୁକ୍ରମି**—ଦେ. ଅ—ସଦୃଶ—
Anukrami Like.
ନବ ଦନ୍ତପନ୍ତି ଗଣ ଶର ଅନୁକ୍ରମି । ପ୍ରାଚୀ—ରସବାରିଧି ।

**ଅନୁକ୍ରମେ**—ଦେ. କ୍ରି. ବିଣ—୧ । ଧାରାବାହିକଭାବରେ—
Anukrame 1. Serially; in a series.
୨ । ଗୋଟିଏ ପରେ ଅନ୍ୟଟି; ଏହି ରୂପ ନିୟମରେ—
2. In a regular succession.
୩ । ଅନୁସାରେ—3. According to.
ଦୋଷାନୁକ୍ରମେ ପାଇ ଦଣ୍ଡ, ତା ଅପରାଧ ହୋଏ ଖଣ୍ଡ ।
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅନୁକ୍ରୋଶ**—ସଂ. ବି. ( ଅନୁ=ସହିତ+କ୍ରୁଶ ଧାତୁ+ଅ )—
Anukrośa ୧ । ଦୟା; ଅନୁକମ୍ପା—
1. Commiseration; tenderness.
୨ । ସହାନୁଭୂତି—2. Sympathy; compassion.

**ଅନୁକ୍ଷଣ**—ସଂ. କ୍ରି. ବିଣ. (ଅନୁ=ପ୍ରତି+କ୍ଷଣ=ମୁହୂର୍ତ୍ତ=ଅନୁକ୍ଷଣଂ)—
Anukshaṇa କ୍ଷଣେକ୍ଷଣେ; ପ୍ରତିକ୍ଷଣ; ମୁହୁର୍ମୁହୁଃ—Always; constantly; every moment.

**ଅନୁକ୍ଷଣେ**—ଦେ. କ୍ରି. ବିଣ. ( ସଂ. ଅନୁକ୍ଷଣରୁ, ଏହା କେବଳ ପଦ୍ୟରେ ବ୍ୟବହୃତ ହୁଏ )—
Anukshaṇe
ଅନୁକ୍ଷଣ ( ଦେଖ )
Anukshaṇa ( See )
କେ ମୁରଲୀ ବଜାଉଛି ବୃନ୍ଦାବନେ ଗୋ ।
ଶ୍ରୁତିରେ ସୁଧା ବରଷେ ଅନୁକ୍ଷଣେ ଗୋ—ସଙ୍ଗୀତ ॥

**ଅନୁକ୍ଷେତ୍ର**—ସଂ. ବି—ଓଡ଼ିଶାରେ ଦେବ ସେବକମାନଙ୍କୁ ଦିଆ ଯିବା ବୃତ୍ତି
Anukshetra ବିଶେଷ—Stipend given to the temple-servants of Ordisā in commutation probably of the proceeds of endowment ( M. W. )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

**ଅନୁଗ**—ସଂ. ବଣ. ପୁଂ. ( ଅନୁ=ପଶ୍ଚାଦ୍+ଗମ ଧାତୁ=ଯିବା+ଅ )—
Anuga ୧ । ଯେ ପଛରେ ଯାଏ—
(ଅନୁଗା—ସ୍ତ୍ରୀ) 1. Following in the wake.
୨ । ପଶ୍ଚାତ୍ ଧାବନକାରୀ—
2. Following after; pursuing.
୩ । ପଶ୍ଚାଦ୍‌ଗାମୀ; ଅନୁଯାୟୀ; ଅନୁଗତ
3 Following; dependant
୪ । ଅନୁସାରେ ଘଟିବା—4. Corresponding to.

**ଅନୁଗଙ୍ଗ**—ସଂ. ବଣ. [ ଅବ୍ୟୟୀଭାବ; ଅନୁ=ସମୀପବର୍ତ୍ତୀ+ଗଙ୍ଗା ( ନଦୀ ) ]—
Anugaṅga
ଯାହା ଗଙ୍ଗା ନଦୀର ନିକଟବର୍ତ୍ତୀ; ଗଙ୍ଗା ନଦୀର ସମୀପସ୍ଥ; (ପ୍ରଦେଶ)—Gangetic; lying near the Ganges; (country) adjoining the Ganges.

**ଅନୁଗତ**—ସଂ. ବଣ. ପୁଂ. (ଅନୁ=ପଶ୍ଚାତ୍+ଗମ ଧାତୁ=ଯିବା+କର୍ମ.ତ ଯେ ପଛରେ ଯାଏ )—
Anugata
(ଅନୁଗତା—ସ୍ତ୍ରୀ) ୧ । ମତାଧୀନ; ମତାନୁବର୍ତ୍ତୀ—
1. Follower; obedient; devoted; attached to.
୨ । ସେବକ; ଆଶ୍ରିତ (ବ୍ୟକ୍ତି)—2. Dependant on.
୩ । ଅଧୀନସ୍ଥ (ବ୍ୟକ୍ତି)—3. Subordinate to.

**ଅନୁଗବ**—ସଂ. ବ. ( ଅନୁ+ଗୋ+ଅ )—ଦୈର୍ଘ୍ୟ—
Anugaba Length.

**ଅନୁଗବୀନ**—ସଂ. ବ. ପୁଂ. (ଅନୁ=ପଶ୍ଚାତ୍+ଗୋ=ଗାଈ+ଈନ)—
Anugabīna ଯେ ଗୋରୁ ପଛରେ ଯାଏ; ଗୋରକ୍ଷକ; ଗାଈ ଜଗୁଆଳ—Cowherd.

**ଅନୁଗମ**—ସଂ. ବ. (ଅନୁ=ପଛରେ+ଗମ ଧାତୁ=ଯିବା+ଅ)—
Anugama ୧ । ପଶ୍ଚାଦ୍‌ଗମନ; ଅନୁସରଣ; ପଛରେ ଯିବା—
(ଅନୁଗତ—ବଣ) 1. Following.
୨ । ମତାନୁସାରେ ପରିବର୍ତ୍ତନ—2. Conversion.
୩ । ମୀମାଂସା—3. Decision; inference.
୪ । ସଙ୍ଗତି—4. Means; ability.
୫ । ଅନୁଲୋମ(ଦେଖ)—5. Anuloma (See)

**ଅନୁଗମନ**—ସଂ. ବ. ( ଅନୁ=ପଶ୍ଚାଦ୍+ଗମ ଧାତୁ+ଭାବ. ଅନ )—
Anugamana ୧ । ସହଗମନ ବା ଅନୁମରଣ; ସ୍ୱାମୀର ମୃତ୍ୟୁପରେ ସତୀର ମୃତ୍ୟୁକୁ ଆଲିଙ୍ଗନ—1. Immolation of widows on the death of the husband.
[ ଦ୍ର—ମୃତସ୍ୱାମୀଙ୍କ ଚିତାରୋହଣପୂର୍ବକ ସତୀର ଦେହ ଭସ୍ମୀକରଣକୁ ସହଗମନ କୁହାଯାଏ; କିନ୍ତୁ ସ୍ତ୍ରୀର ଅନୁପସ୍ଥିତିରେ ପ୍ରବାସରେ ସ୍ୱାମୀ ମରିଗଲେ ବା ସ୍ୱାମୀଙ୍କ ମୃତ୍ୟୁ ସମୟରେ ସ୍ତ୍ରୀ ଅନ୍ତଃସତ୍ତ୍ୱା ଥିଲେ ସ୍ୱାମୀଙ୍କ ଦାହର କିଛିକାଳ ପରେ ( ବା ପ୍ରସବ କରିବା ପରେ ) ମୃତସ୍ୱାମୀଙ୍କର କୌଣସି ଚିହ୍ନ ବା ପଲାଶପତ୍ରରେ ତିଆରି ପ୍ରତିମା ସହିତ ସ୍ତ୍ରୀ ଚିତାନଳରେ ପ୍ରବେଶ କରେ; ଏହି ପ୍ରଥାକୁ 'ଅନୁଗମନ' ବୋଲାଯାଏ । ]
୨ । ଅନୁଗମ ( ଦେଖ )—2. Anugama ( See )

**ଅନୁଗମନଯିବା**—ଦେ. କ୍ରି—ସ୍ୱାମୀଙ୍କର ମୃତ୍ୟୁ ପରେ ସ୍ୱାମୀଙ୍କର କୌଣସି
Anugamanajibā ଚିହ୍ନ, ଅଥବା ପଲାଶପତ୍ରପ୍ରତିମା ସହିତ ସ୍ତ୍ରୀ ଚିତାନଳରେ ପ୍ରବେଶ କରି ମୃତା ହେବା—To burn herself with a portrait of the deceased husband ( said of widows ).

**ଅନୁଗାମୀ**—ସଂ. ବଣ ( ଅନୁ=ପଛରେ+ଗମ ଧାତୁ=ଯିବା+ଇନ୍ =ଯେ ପଛରେ ଯାଏ )—
Anugāmī
( ଅନୁଗାମିନୀ—ସ୍ତ୍ରୀ ) ୧ । ପଶ୍ଚାଦ୍‌ଗାମୀ; ସହଚର—
( ଅଗ୍ରଗାମୀ—ବିପରୀତ ) 1. Follower; attendant.
୨ । ମତାନୁବର୍ତ୍ତୀ—2. Follower of an idea or opinion.

**ଅନୁଗାୟତି**—ଦେ. ( ପଦ୍ୟ ) କ୍ରି. ( ସଂସ୍କୃତର ଅବିକଳରୂପ )—
Anugāyati ପଛରେ ଗାଉଅଛି—
କେଉଁ ଗୋପବଧୂ ଅନୁଗାୟତି ପଞ୍ଚମ—ପ୍ରାଚୀ. ରସବାରିଧି ।

**ଅନୁଗାୟେଣୀ**—ଗ୍ରା. ବ—ସ୍ତ୍ରୀ ପାଳିଆ; ଗୀତର ଘୋଷା ଧରିବା (ସ୍ତ୍ରୀଲୋକ)—
Anugāyeṇī ଶଶିସେଣା ବାଳୀ ସଙ୍ଗତେ ସାତେହେଁ ହେ ଭଲେ ଅନୁଗାୟେଣୀ—
ପ୍ରତାପ. ଶଶିସେଣା ।

**ଅନୁଗୁଣ**—ସଂ. ବଣ. (ଅନୁ=ଅନୁକୂଳ+ଗୁଣ)—ଅନୁକୂଳ; ଅନୁଗତ-
Anuguṇa Compassionate; favourable.

**ଅନୁଗୁଳ**—ଦେ. ବ. ( ନାମ) ଓଡ଼ିଶାର ଗୋଟିଏ ଜିଲ୍ଲା—A district
Anuguṇa of Orḍisā.
[ ଦ୍ର—ଏହା ଓଡ଼ିଶା ଗଡ଼ଜାତ ମହାଲ ମଧ୍ୟରେ ଅବସ୍ଥିତ । ଅନୁଗୁଳର ରାଜା ଗଭର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଯୁଦ୍ଧ କରି ପରାଜିତ ଓ ବନ୍ଦୀ ହେଲେ । ତେଣୁ ୧୮୪୭ ଖ୍ରୀଷ୍ଟାବ୍ଦରେ କମିସନର ଗୋଲ୍ଡସ୍‌ବରୀଙ୍କ ଶାସନ କାଳରେ ଏ ରାଜ୍ୟ ଖାସ୍ କରାଗଲା । ବର୍ତ୍ତମାନ ଏହା ଓଡ଼ିଶାର ଗୋଟିଏ ବେଗର କାନୁନ୍ ( Non-regulation district ) ଜିଲ୍ଲା ହୋଇଅଛି । ଅନୁ ନାମରେ ଜଣେ କନ୍ଧ ଏ ରାଜ୍ୟ ସ୍ଥାପନ କରିଥିବାରୁ ଏହାର ନାମ ଅନୁଗୁଳ ହୋଇଅଛି । ]

**ଅନୁଗ୍ରହ**—ଗ୍ରା. ବ. ( ସଂ. ଅନୁଗ୍ରହ ) —
Anugṛuha ଅନୁଗ୍ରହ—Favour.

**ଅନୁଗୃହୀ**—ଗ୍ରା. ବଣ. ( ସଂ. ଅନୁଗୃହୀତ )—୧ । ଅନୁଗୃହୀତ—
Anugṛuhi 1. Favourite.
୨ । ଯେଉଁ ବ୍ୟକ୍ତିକୁ ପ୍ରଭୁ ଅନୁଗ୍ରହ ଦେଖାନ୍ତି—
2. A subordinate favoured by his master.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଆଖି' ଦେଖିବେ; 'ଅଲଚତି' ନ ପାଇଲେ 'ଅଲ୍‌ଚତି' ଦେଖିବେ ।

୩ । ଯେଉଁ ପ୍ରଭୁ ଅଧୀନ ବ୍ୟକ୍ତିଙ୍କୁ ଅନୁଗ୍ରହ ଦେଖାନ୍ତି— 3. Prone to show favour to subordinate people.

**ଅନୁଗ୍ରୁହିଆ**—ଗ୍ରା. ବିଣ—ଅନୁଗୃହୀ ( ଦେଖ )
Anugṛuhiā Anugṛuhi ( See )

**ଅନୁଗୃହୀତ**—ସଂ. ବିଣ. ( ଅନୁ+ଗ୍ରହ ଧାତୁ=ଗ୍ରହଣ କରିବା+କର୍ମ. ତ =ଯାହାକୁ ଅନୁଗ୍ରହ କରାଯାଇଅଛି । )—
Anugṛuhīta
ଅନୁଗ୍ରହ ପ୍ରାପ୍ତ—Favoured.

**ଅନୁଗୋଳ**—ଦେ. ବି. ( ନାମ ) ଅନୁଗୁଳ ( ଦେଖ )
Anugoḻa Anuguḻa ( See )

**ଅନୁଗ୍ର**—ସଂ. ବି. ( ନ+ଉଗ୍ର )—୧ । ଶାନ୍ତ; ଶିଷ୍ଟ; ଅନୁଦ୍ଧତ—
Anugra 1. Gentle.
୨ । ଅସମର୍ଥ—2. Inactive.
୩ । ଅତୀବ୍ର—3. Mild.

**ଅନୁଗ୍ରହ**—ସଂ. ବି. ( ଅନୁ+ଗ୍ରହ ଧାତୁ+ଅ )—
Anugraha ୧ । ଅନ୍ୟର ଇଷ୍ଟସାଧନ ଓ ଅନିଷ୍ଟ ନିବାରଣର ଇଚ୍ଛା; ଦୟା; ଉପକାର; ପ୍ରସାଦ; ଆନୁକୂଲ୍ୟ—
2. Kindness; grace; furtherance.
୨ । କୌଣସି ବ୍ୟକ୍ତିଙ୍କୁ ଇଷ୍ଟଫଳଦାନ—
2. Favour; granting another's wish.

ସତେ ଜନକ ଯୋନ ସଙ୍ଗିରେ କରିବେ ଅନୁଗ୍ରହ ।
କବିସର୍ଯ୍ୟ. କଲୋଳବତ୍ସ, ଉ ଗୀତ ।

**ଅନୁଗ୍ରାହକ**—ସଂ. ବିଣ. ପୁଂ. ( ଅନୁ+ଗ୍ରହ ଧାତୁ+ଅକ )—
Anugrāhaka ୧ । ଯେ ଅନୁଗ୍ରହ କରେ—
(ଅନୁଗ୍ରାହିକା—ସ୍ତ୍ରୀ ) 1. Gracious; favourably disposed; one who bestows a favour.
୨ । ଯେ ଅନୁଗ୍ରହ ଦେଖାଏ—2. Favouring.

**ଅନୁଗ୍ରାହୀ**—ସଂ. ବିଣ. ( ଅନୁଗ୍ରହ+ଇନ୍ )—
Anugrāhī ଅନୁଗ୍ରାହକ ( ଦେଖ )
( ଅନୁଗ୍ରାହିଣୀ—ସ୍ତ୍ରୀ ) Anugrāhaka ( See )

**ଅନୁଗ୍ରାହ୍ୟ**—ସଂ. ବିଣ. (ଅନୁ+ଗ୍ରହ ଧାତୁ+କର୍ମ. ଯୋଗ୍ୟାର୍ଥରେ; ଯ)—
Anugrāhya ୧ । ଅନୁଗ୍ରହର ଯୋଗ୍ୟ—
1. Deserving favour.
୨ । ଅନୁଗ୍ରହପାତ୍ର—2. Fit to be favoured.

**ଅନୁଚର**—ସଂ. ବିଣ. ପୁଂ. ( ଅନୁ=ପଶ୍ଚାତ୍ + ଚର ଧାତୁ+ଅ=ଯେ ପଛରେ ଚାଲେ )—
Anuchara
(ଅନୁଚରୀ—ସ୍ତ୍ରୀ) ୧ । ଭୃତ୍ୟ; ଚାକର—
1. Servant; attendant.
୨ । ସଙ୍ଗୀ—2. Companion.
୩ । ସଙ୍ଗରେ ବା ଗହଣରେ ଯିବା ଭୃତ୍ୟ—3. Retinue.

**ଅନୁଚରୀ**—ଦେ. ବି. ସ୍ତ୍ରୀ. ( ସଂ. ଅନୁଚରୀ )—ସଖୀ; ସହଚରୀ—
Anuchārī Female companion.

ବସୁର ଅନୁଚରୀ ତନ କହେ ବନସ୍ତ ମତେ ।
ଭଞ୍ଜ. କୋଷ୍ଠବ୍ରହ୍ମାଣ୍ଡସୁନ୍ଦରୀ. ୧୮।୪୭ ।

ସଂ. ବି. ପୁଂ—ଭୃତ୍ୟ—Servant

**ଅନୁଚିକୀର୍ଷା**—ସଂ. ବି. ( ଅନୁ+କୃ ଧାତୁ+ଇଚ୍ଛା ଅର୍ଥରେ. ସନ= ଚିକୀର୍ଷ ଧାତୁ+ଅ. ସ୍ତ୍ରୀ. ଆ )—
Anuchikīrshā
ଅନୁକରଣ କରିବାର ଇଚ୍ଛା; ଅନୁକରଣ ପ୍ରବୃତ୍ତି—
Desire to imitate.

**ଅନୁଚିକୀର୍ଷିତ**—ସଂ. ବିଣ. ( ଅନୁଚିକୀର୍ଷ+କର୍ମ. ତ )—
Anuchikīrshita ଯେଉଁ ବିଷୟକୁ ଅନୁକରଣ କରିବାକୁ ଇଚ୍ଛା କରା ଯାଇଅଛି—( matter ) Which one has desired to imitate.
ସଂ. ବି—ଅନୁଚିକୀର୍ଷା ( ଦେଖ )
Anuchikīrshā ( See )

**ଅନୁଚିତ**—ସଂ. ବିଣ. ( ନ+ଉଚିତ )—
Anuchita ୧ । ଯାହା ଉଚିତ ବା ଅନୁକରଣୀୟ ନୁହେ—
1. Improper; wrong.
୨ । ଅନୁପଯୁକ୍ତ—2. Unfit; unseemly.

**ଅନୁଚିତତା**—ସଂ. ବି—ରଚନାରେ ଶବ୍ଦଦୋଷବିଶେଷ—
Anuchitatā (Rhetoric) A fault in composition.
[ ଦ୍ର—ଯେଉଁ ଶବ୍ଦ ପ୍ରୟୋଗ ଦ୍ୱାରା ବର୍ଣ୍ଣନୀୟ ବିଷୟର ଅପକର୍ଷ ସାଧିତ ହୁଏ, ତାହାକୁ ଅନୁଚିତତା କହନ୍ତି ଯଥା—
ପର ନାହିଁ ପଛୁ ଯାହାଙ୍କ ପଣେ । କେତେ ଅଛି ହେଲେ ରଣେ ଯଜ୍ଞ ପଶୁ । ରାଧାନାଥ. ନନ୍ଦକେଶରୀ ।
ଏଠାରେ ଯୁଦ୍ଧମୃତ୍ୟୁରେ କାତରତାବ୍ୟଞ୍ଜକ ପଶୁ ଶବ୍ଦ ପ୍ରୟୋଗ ଅନୁଚିତତା ଦୋଷ ଅଟେ । ଲୁଲମଣି. ଅଳଙ୍କାରତରଙ୍ଗିଣୀ । ]

**ଅନୁଚିନ୍ତନ**—ସଂ. ବି. (ଅନୁ=ପଶ୍ଚାତ୍+ଚିନ୍ତନ)—ଅନୁଚିନ୍ତା (ଦେଖ)
Anuchintana Anuchintā ( See)

**ଅନୁଚିନ୍ତା**—ସଂ. ବି. ( ଅନୁ=ପଶ୍ଚାତ୍+ଚିନ୍ତା )—
Anuchintā ପଛ ବିଷୟକୁ ଆଲୋଚନା କରିବା; ପୂର୍ବ ବିଷୟର ସ୍ମରଣ ବା ଭାଲେଣି—Reflection; recollection; retrospection.

**ଅନୁଚ୍ଚ**—ସଂ. ବିଣ. ( ନ+ଉଚ୍ଚ=ଯାହା ଉଚ୍ଚ ନୁହେ )—
Anuchcha ଅଳ୍ପ ନୀଚ—Low; humble.

**ଅନୁଚ୍ଚାରଣୀୟ**—ସଂ. ବିଣ. ( ନ+ଉଚ୍ଚାରଣୀୟ )—
Anuchchāraṇīya ଅନୁଚ୍ଚାର୍ଯ୍ୟ ( ଦେଖ )
Anuchchārjya ( See )

**ଅନୁଚ୍ଚାରିତ**—ସଂ. ବିଣ. (ନ+ଉଚ୍ଚାରିତ)—ଉଚ୍ଚାରିତ ହୋଇ ନଥିବା—
Anuchchārita Unuttered; unpronounced.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ତ୍ର |

**ଅନୁଚ୍ଚାରିତବର୍ଣ୍ଣ**—ସଂ. (ବ୍ୟାକରଣ)—ଯେଉଁ ବର୍ଣ୍ଣ ଉଚ୍ଚାରିତ ହୁଏ ନାହିଁ;
Anuchchāritabarnna କହିବାବେଳେ ବା ଉଚ୍ଚାରଣ କଲାବେଳେ ଯେଉଁ ବର୍ଣ୍ଣଟିର ଉଚ୍ଚାରଣ କରାଯାଏ ନାହିଁ; ଲୁପ୍ତ ବର୍ଣ୍ଣ ( ଯଥା—ଅନ୍ୟୋନ୍ୟ; ଏଠାରେ 'ୟ' ବା 'ଅ' ବର୍ଣ୍ଣଟିର ଲୋପ) – Silent letter; a letter which is not pronounced while reading or speaking e.g ,'H' in Hour,'P' in 'Psalm'.

**ଅନୁଚ୍ଚାର୍ଯ୍ୟ**- ସଂ. ବଣ. ( ନ+ଉଚ୍ଚାର୍ଯ୍ୟ; ଯାହା ଉଚ୍ଚାରଣ କରିବାର
Anuchchārjya ଯୋଗ୍ୟ ନୁହେ )—
୧ । ଉଚ୍ଚାରଣ କରିବାର ଅଯୋଗ୍ୟ—
1. Unutterable.
୨ । ଯାହାକୁ ଉଚ୍ଚାରଣ କରାଯାଇ ନ ପାରେ—
2. Unpronounceable.

**ଅନୁଚ୍ଛିଷ୍ଟ**—ସଂ. ବଣ. ( ନ+ଉଚ୍ଛିଷ୍ଟ; ଯାହା ଉଚ୍ଛିଷ୍ଟ ନୁହେ )—
Anuchchhishta ୧ । ଅଇଁଠା ହୋଇ ନ ଥିବା ( ପଦାର୍ଥ )—
1. Untouched by the mouth (food).
୨ । ଅପବିତ୍ର ହୋଇ ନ ଥିବା ( ବସ୍ତୁ )—
2. Undefiled ( matter ).

**ଅନୁଚ୍ଛେଦ**—ସଂ. ବି. ( ଅନୁ=ଏକତ୍ର+ଛେଦ; ସନ୍ଧି ଯୋଗୁଁ 'ଚ୍ଛ'ର
Anuchchheda ଦ୍ୱିତ୍ୱ )—କୌଣସି ପ୍ରବନ୍ଧରେ ଏକତ୍ର ଲେଖା ଥିବା ବାକ୍ୟଚୟ—Paragraph; continuous portions of a writing.

**ଅନୁଚ୍ଛନ୍ଦଯମକ**—ଦେ. ବି. ( ଅଳଙ୍କାର )—ଯମକବିଶେଷ—
Anuchhandajamaka A sort of alliteration.

ରମଣୀମଣି ହାର ସର ହାର ସଂହାର
ଶାରଙ୍ଗ ରଙ୍ଗ ବିବର୍ଦ୍ଧନ ।
ଧନର ହରସିବା ହିବାର ବାର ଦେବା ଦେବାଦି ବାନ୍ଧର କା ମନରେ ।
ମାନବାର, ଗାରସ ରସଦା ହେବାର ।
ବାର ତର ଭରେ ବହିର,
ହରଷ ରସ ଭାବ ଭାବ ନବମ ଯିବ ଜୀବର ବରସୁଖ ସର ରେ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଅନୁଜ**—ସଂ. ବଣ. ପୁଂ; (ଅନୁ=ପଶ୍ଚାତ୍+ଜନ ଧାତୁ=ଜାତ ହେବା+
Anuja କର୍ତ୍ତୃ. ଅ )—୧ । ଯେ ପଛରେ ଜନ୍ମ ହୋଇଅଛି—
(ଅଗ୍ରଜ—ବିପରୀତ) 1. Born afterwards.
(ଅନୁଜା—ସ୍ତ୍ରୀ) ୨ । କନିଷ୍ଠ—2. Junior.
ସଂ. ବି. ପୁଂ—୧ । କନିଷ୍ଠ ଭ୍ରାତା; ସାନ ଭାଇ—
1. Younger brother.
୨ । ଉଦ୍ଭିଦବିଶେଷ; ତ୍ରାୟମାଣା ଓ ପୌଣ୍ଡ୍ରିକ ଗଛ—
2. A cadet.

**ଅନୁଜନ୍ମା**—ସଂ. ବଣ. ପୁଂ (ଅନୁ+ଜନ ଧାତୁ+ମନ୍; ଅନୁଜନ୍ମନ୍ ୧ମା.
Anujanmā ୧ବ. )—ଅନୁଜ (ଦେଖ)
Anuja (See)
ବି. ପୁଂ—ଅନୁଜ ୧ (ଦେଖ)
Anuja 1 (See)

**ଅନୁଜିଘୃକ୍ଷା**—ସଂ. ବି. (ଅନୁ+ଗ୍ରହ+ସନନ୍ତ. ଭାବ. ଅ )—ଅନୁଗ୍ରହ
Anujighruksha କରିବାର ଇଚ୍ଛା—Desire to show favour.

**ଅନୁଜିଘୃକ୍ଷୁ**—ସଂ. ବଣ. ( ଅନୁ+ଗ୍ରହ+ସନନ୍ତ. ଉ )—ଅନୁଗ୍ରହ
Anujighrukshu ଦେଖାଇବାକୁ ଇଚ୍ଛୁକ—Desirous of showing favour.

**ଅନୁଜୀବୀ**—ସଂ. ବଣ. ପୁଂ. ( ଅନୁ=ଉପରେ; ପଛେ+ଜୀବ ଧାତୁ=
Anujībi ବଞ୍ଚିବା+କର୍ତ୍ତୃ. ଇନ୍; ଯେ ଅନ୍ୟ ଉପରେ ବଞ୍ଚେ)—
(ଅନୁଜୀବିନୀ—ସ୍ତ୍ରୀ) ଯେ ଅନ୍ୟକୁ ଅବଲମ୍ବନ କରି ବଞ୍ଚେ ବା ଜୀବିକା ନିର୍ବାହ କରେ; ଆଶ୍ରିତ; ଅନୁବର୍ତ୍ତୀ—
Dependent upon another.
ସଂ. ବି—୧ । ଭୃତ୍ୟ; ସହଚର—1. Servant; attendant; companion.
୨ । ଗୃହ ସ୍ୱାମୀଦ୍ୱାରା ପୋଷିତ ବ୍ୟକ୍ତିଗଣ—
2. Dependents of a family.

**ଅନୁଜ୍ଜ୍ୱଳ**—ସଂ. ବଣ. ( ନ+ଉଜ୍ଜ୍ୱଳ )—
Anujjwala ୧ । ଯାହା ଉଜ୍ଜ୍ୱଳ ନୁହେ; ଜ୍ୟୋତିର୍ହୀନ—
1. Not bright.
୨ । ଆଲୋକହୀନ—2. Not luminous.
୩ । ଜାଲୁଜାଲୁଆ ଦେଖାଯାଉଥିବା—3. Dim.

**ଅନୁଜ୍ଞା**—ସଂ. ବି. (ଅନୁ=ପଶ୍ଚାତ୍+ଜ୍ଞା ଧାତୁ=ଜାଣିବା+ କର୍ମ. ଅ)—
Anujña ୧ । ଆଜ୍ଞା—1. Command; order;
(ଅନୁଜ୍ଞାତ—ବଣ) injunction.

ଗୁରୁ ତାଙ୍କୁ ଯହୁଁ ଏ ଅନୁଜ୍ଞା ଦେଲେ
ଉତଙ୍କ ସେହି କ୍ଷଣି ସେଠାରୁ ବାହାରିଲେ । କୃଷ୍ଣସିଂହ. ମହାଭାରତ. ଅବ ।

୨ । ସମ୍ମତିପ୍ରଦାନ—2. Giving of consent.
୩ । ଅନୁମତି—3. Permission.
୪ । ସ୍ୱୀକାର—4. Agreement
୫ । ମଞ୍ଜୁର—5. Approval.
୬ । ( ବ୍ୟାକରଣ ) ଅନ୍ୟକୁ ଆଦେଶ ଦେବା ବା ଅନୁରୋଧ କରିବା ଅର୍ଥକ କାଳ ବା କ୍ରିୟାର ରୂପ—
6. ( grammar ) Imperative mood of a verb denoting request or command.

**ଅନୁଜ୍ଞାତ**—ସଂ. ବଣ. ( ଅନୁ+ଜ୍ଞା ଧାତୁ+କର୍ମ. ତ )—
Anujñata ୧ । ଅନୁଜ୍ଞାପ୍ରାପ୍ତ; ଆଜ୍ଞପ୍ତ ( ବ୍ୟକ୍ତି ); ଯେଉଁ
(ଅନୁଜ୍ଞା—ବି) ବ୍ୟକ୍ତିକୁ ଅନୁଜ୍ଞା ଦିଆ ଯାଇଅଛି—
1. Commanded; directed or permitted ( person ).
୨ । ଯେଉଁ ବିଷୟରେ ଆଜ୍ଞା ବା ଅନୁମତି ମିଳିଅଛି—
2. Permitted; ordered ( matter ).

ସାଧାରଣ ଲୋକେ ଅପର ସ୍ପର୍ଶରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅନୁଜ୍ଞାପତ୍ର**—ସଂ. ବି. ( ୬ଷ୍ଠୀ ତତ୍+ଅନୁଜ୍ଞା+ପତ୍ର )—
Anujñāpatra ୧ । ଲିଖିତ ଆଦେଶ; ଆଜ୍ଞାପତ୍ର—
1. Written authority; an order in writing.
୨ । ଅନୁମତିପତ୍ର— 2. Written permission.
୩ । ସ୍ୱୀକାରପତ୍ର—3. Deed of consent.

**ଅନୁତପ୍ତ**—ସଂ. ବିଣ. ପୁଂ. (ଅନୁ=ପଶ୍ଚାତ୍+ତପ ଧାତୁ+କର୍ତ୍ତୃ. ତ)—
Anutapta. ୧ । ଅନୁତାପଗ୍ରସ୍ତ; ଯେ ପଶ୍ଚାତ୍ତାପ କରୁଅଛି;
(ଅନୁତପ୍ତା—ସ୍ତ୍ରୀ) ପସ୍ତାଉଥିବା–1. Repenting; repentant;
(ଅନୁତାପ—ବି) remorseful; penitent.
୨ । ଦୁଃଖିତ—2. Pained; sorry; sorrowing.

**ଅନୁତର୍ଷ**—ସଂ. ବି. ( ଅନୁ+ତୃଷ ଧାତୁ=ଶୋଷ କରିବା+ଭାବ. ଅ)—
Anutarsha ୧ । ତୃଷ୍ଣା; ପିପାସା; ଶୋଷ—1. Thirst.
୨ । ଅଭିଳାଷ; ବଳବତୀ ଇଚ୍ଛା—
2 Hankering after.
୩ । ( ଅନୁ+ତୃଷ ଧାତୁ+କରଣ ବା ଅଧିକରଣ. ଅ; ଯେଉଁ ପାତ୍ର ସାହାଯ୍ୟରେ ତଷା ନିବାରିତ ହୁଏ )— ପାନପାତ୍ର; ମଦ୍ୟପାନପାତ୍ର—
3. Wine-glass; goblet.

**ଅନୁତର୍ଷଣ**—ସଂ. ବି. (ଅନୁ+ତୃଷ ଧାତୁ=ଶୋଷ କରିବା+ଭାବ.ଅନ)—
Anutarshaṇa ଅନୁତର୍ଷ ( ଦେଖ )
Anutarsha ( See )

**ଅନୁତାପ**—ସଂ. ବି. ( ଅନୁ=ପଶ୍ଚାତ୍+ତପ ଧାତୁ+ଅ )—
Anutāpa ୧ । ପଶ୍ଚାତ୍ତାପ; ଅନୁଶୋଚନା; ଅପ୍‌ସୋସ୍; କୌଣସି କାର୍ଯ୍ୟ କରି ସାରିବା ପରେ ମନରେ ଅନୁଭୂତ ଦୁଃଖ—
1. Regret; repentance; remorse; penitence.
୨ । ମନୋବେଦନା; ମନୋଦୁଃଖ—2. Mental pain.

**ଅନୁତାପୀ**—ସଂ. ବିଣ. ପୁଂ. ( ଅନୁ=ପଶ୍ଚାତ୍+ତପ ଧାତୁ+କର୍ତ୍ତୃ.
Anutāpī ଇନ୍ ୧ମା. ୧ବ. )—ଅନୁତପ୍ତ ( ଦେଖ )
(ଅନୁତାପିନୀ—ସ୍ତ୍ରୀ) Anutapta ( See )

**ଅନୁତ୍ତମ**—ସଂ. ବିଣ. ( ନ+ଉତ୍ତମ; ଯାହା ଉତ୍ତମ ନୁହେ )—
Anuttama ୧ । ଅଧମ; ମନ୍ଦ—1. Not good; bad.
(ଉତ୍ତମ—ବିପରୀତ) ୨ । ନିକୃଷ୍ଟ—2. Inferior.
(ଅନୁତ୍ତମା—ସ୍ତ୍ରୀ) ୩ । (ବହୁବ୍ରୀହି; ନାହିଁ ଉତ୍ତମ ଯାହାଠାରୁ )— ଅତ୍ୟୁତ୍କୃଷ୍ଟ; ଅତ୍ୟୁତ୍ତମ—
3. Very good; excellent.

**ଅନୁତ୍ତର**—ସଂ. ବିଣ. ପୁଂ ( ନ+ଉତ୍ତର )—
Anuttara ୧ । ( ବହୁବ୍ରୀହି ) ତୁଷ୍ଣୀଂଭୂତ—1. Silent.
(ଅନୁତ୍ତରା—ସ୍ତ୍ରୀ) ୨ । ( ବହୁବ୍ରୀହି ) ଜବାବ୍ ନଦେବା; ଯେ ଉତ୍ତର ବା ଜବାବ୍ ଦିଏ ନାହିଁ—
2 Unreplying; without a reply.
୩ । ( ନାହିଁ ଉତ୍ତର=ଉତ୍ତମ ଯାହାଠାରୁ ) ସର୍ବଶ୍ରେଷ୍ଠ—
3. Best of all.
୪ । (ନଞ୍ ତତ୍ ) ଉତ୍ତରର ବିପରୀତ ଅର୍ଥାତ୍ ଦକ୍ଷିଣ ଦିଗର—
4. Southern; opposite to North.
ସଂ. ବି—ଉତ୍ତର ନ ଦେବା—Not replying.

**ଅନୁତ୍ତାନ**—ସଂ. ବିଣ. ପୁଂ. ( ବହୁବ୍ରୀହି; ନ+ଉତ୍ତାନ )—
Anuttāna ମୁହଁ ମାଡ଼ି ଶୋଇଥିବା ( ବ୍ୟକ୍ତି )—
(ଅନୁତ୍ତାନା—ସ୍ତ୍ରୀ) Lying with the face downwards.

**ଅନୁତ୍ଥାନ**—ସଂ. ବି. ( ନଞ୍ ତତ୍ ; ନ+ଉତ୍ଥାନ )—
Anutthāna ୧ । ଉତ୍ଥାନ-ରାହିତ୍ୟ; ଉଠି ନ ପାରିବା ଅବସ୍ଥା; ଏକ ସ୍ଥାନରେ ପଡ଼ିରହିବା—
ଅନୁତ୍ଥିତ—ପୁଂ } ବିଣ.
ଅନୁତ୍ଥାନା—ସ୍ତ୍ରୀ }
1. The state of not rising; non-rising.
୨ । ଚେଷ୍ଟା-ରାହିତ୍ୟ -2. Non-exertion; inertness.

**ଅନୁତ୍ଥିତ**—ସଂ. ବିଣ. ପୁଂ. ( ନ+ଉତ୍ଥିତ )—
Anutthita ୧ । ଅନୁଦିତ—1. Not risen.
(ଅନୁତ୍ଥିତା—ସ୍ତ୍ରୀ ) ୨ । ସୁପ୍ତ; ଶୋଇଥିବା—
2. Sleeping; supine.
୩ । ଶଯ୍ୟାରୁ ଉଠି ନ ଥିବା—
3. Not got up from bed.
୪ । ଯାହା ଉଦ୍ରିକ୍ତ ବା ଉତ୍ଥିତ ହୋଇ ନାହିଁ—
4. Not excited.
୫ । ଅଦୃଷ୍ଟ – 5. Not appearing; not yet visible.

**ଅନୁତ୍ପତ୍ତି**—ସଂ. ବି. ( ନଞ୍ ତତ୍ ; ନ+ଉତ୍ପତ୍ତି )—
Anutpatti ଉତ୍ପତ୍ତି ବା ଆବିର୍ଭାବର ଅଭାବ—
(ଅନୁତ୍ପନ୍ନ—ବିଣ) Non-production.
ସଂ. ବିଣ ( ବହୁବ୍ରୀହି )—୧ । ଯାହାର ଉତ୍ପତ୍ତି ବା ଜନ୍ମ ହୋଇ ନାହିଁ—1 Unborn; unproduced.
୨ । ଯାହାର ଜନ୍ମ ବା ଆରମ୍ଭ ଅନିର୍ଦ୍ଦେଶ୍ୟ—
2. Of untraceable birth or origin.

**ଅନୁଦୟ**—ସଂ. ବି. ( ନଞ୍ତତ୍ ; ନ+ଉଦୟ )—
Anudaya ୧ । ଅନୁତ୍ଥାନ—1. Not rising.
୨ । ସୂର୍ଯ୍ୟୋଦୟର ପ୍ରାକ୍‌କାଳ—
2. Time just before sun-rise.
ସଂ. ବିଣ. ( ବହୁବ୍ରୀହି )—୧ । ଅଣଉଦିଅ; ସୂର୍ଯ୍ୟୋଦୟର ପୂର୍ବକାଳୀନ—1. Previous to sun-rise.
୨ । ଅନୁତ୍ଥାନ ( ଦେଖ )
2. Anutthāna ( See )

| ୧ | ଇ | ଉ | ଗ୍ର,ର୍ | ଣ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ୟ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଈଅ | ● | ନ୍ତ |

**ଅନୁଦର**—ସଂ. ବିଣ ପୁଂ. (ବହୁବ୍ରୀହି—ଯାହାର ଉଦର ନାହିଁ ବୋଲି
Anudara କହିଲେ ଚଳେ; ଅର୍ଥାତ୍ ଯାହାର ଉଦର ଅତି କ୍ଷୀଣ
(ଅନୁଦରା—ସ୍ତ୍ରୀ) ଥିବାରୁ କଷ୍ଟ ସରୁଆ ଦେଖାଯାଏ ।)—
୧ । କ୍ଷୀଣମଧ୍ୟ; କ୍ଷୀଣକଟି—
1. Thin waisted; lank loined.
୨ । କୃଶ—2. Emaciated; lean-bodied.
୩ । ଦୁର୍ବଳ—3. Weak.

**ଅନୁଦାତ୍ତସ୍ବର**—ସଂ. ବିଣ ( ଅନୁଦାତ୍ତ=ନୀଚ+ସ୍ବର=ଶବ୍ଦ )—
Anudāttaswara ୧ । ଯାହା ଉଦାତ୍ତ ବା ଉଚ୍ଚସ୍ବରବିଶିଷ୍ଟ ନୁହେ—1 Unaccented.
୨ । ନୀଚସ୍ବରବିଶିଷ୍ଟ; ଯୋରରେ ଉଚ୍ଚାରିତ ନ ହେବା ବର୍ଣ୍ଣ—
2. Pronounced in a low tone.
୩ । (ବ୍ୟାକରଣ) ହ୍ରସ୍ବ ବର୍ଣ୍ଣ—3. Short (letter)
[ ଦ୍ର—ସଂସ୍କୃତ ବୈଦିକ ବ୍ୟାକରଣରେ ସ୍ବର ବର୍ଣ୍ଣମାନଙ୍କୁ ସ୍ବର ବା ଧ୍ବନି ଭେଦରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଯଥା—ଉଦାତ୍ତ=ଉଚ୍ଚ; ଦୀର୍ଘ; ଅନୁଦାତ୍ତ=ହ୍ରସ୍ବ ଓ ସ୍ବରିତ=ନୁହେ ଦୀର୍ଘ ବା ନୁହେ ହ୍ରସ୍ବ । ]
ସଂ. ବି. ( ଅନୁଦାତ୍ତ=ନୀଚ+ସ୍ବର=ଶବ୍ଦ )—
୧ । ହ୍ରସ୍ବ ସ୍ବର—1 Short vowel.
୨ । ଯେଉଁ ଅକ୍ଷର ବା ବର୍ଣ୍ଣକୁ ଯୋରରେ ଉଚ୍ଚାରଣ କରାଯାଏ ନାହିଁ—2. Unaccented vowel.
୩ । ଗମ୍ଭୀର ଧ୍ବନି—3. Grave accent.
[ ଦ୍ର—ସ୍ବର ବର୍ଣ୍ଣର ବୈଦିକ ଉଚ୍ଚାରଣ ଧ୍ବନି ତିନି ପ୍ରକାର ଥିଲା; ଯଥା—ଉଦାତ୍ତ, ଅନୁଦାତ୍ତ ଓ ସ୍ବରିତ । ]

**ଅନୁଦାର**—ସଂ. ବିଣ (ନ+ଉଦାର=ଯେ ଉଚ୍ଚ ନୁହେ )—
Anudāra ୧ । ନୀଚମନା—1. Ignoble.
୨ । ଅସାଧୁ—2. Mean; low.
୩ । କ୍ଷୁଦ୍ରମନା—3 Illiberal; narrow-minded.
୪ । କୃପଣ—4. Miserly

**ଅନୁଦାସ**—ସଂ. ବି. ( ଅନୁ+ଦାସ )—ଦାସର ଦାସ—
Anudāsa Slave of a slave.

**ଅନୁଦିତ**—ସଂ. ବିଣ. ( ନ+ଉଦିତ; ଉଦିତ ହୋଇ ନ ଥିବା; ଉଚ୍ଚାରିତ ହୋଇ ନ ଥିବା )—
Anudita
୧ । ଅପ୍ରକାଶିତ; ଉଦିତ ହୋଇ ନ ଥିବା—1. Not risen
୨ । ( ନ+ବଦ ଧାତୁ+କର୍ମ. ତ )—ଅନୁକ୍ତ—
2. Not uttered, not pronounced.
୩ । ଯାହା ଦୃଷ୍ଟିଗୋଚର ହୋଇ ନାହିଁ—
3. Not yet appeared.

**ଅନୁଦିନ**—ସଂ. କ୍ରି. ବିଣ. [ଅନୁ ( ବୀପ୍ସାର୍ଥ )=ପ୍ରତି+ଦିନ; ଦିନଦିନ ]—
Anudina ପ୍ରତିଦିନ; ପ୍ରତ୍ୟହ—Daily; every day.

ନୟନକୁ ତାଙ୍କର ଆଉ ବଢେ ଅନୁଦିନ—ନନ୍ଦକିଶୋର. ଖାଲାବନବାସ ।

**ଅନୁଦିନେ**—ଦେ. କ୍ରି . ବିଣ. ( ସ ଅନୁଦିନ )—
Anudine ଅନୁଦିନ ( ଦେଖ )
ଅନୁଦିନେ Anudina ( See )

ଶିଶୁଙ୍କ ସାରଳା ମୋର ସେବା ଅନୁଦିନେ—ସାରଳ. ମହାଭାରତ. ଉଦ୍ୟୋଗ ।

**ଅନୁଦ୍ଦିଷ୍ଟ**—ସଂ. ବିଣ. ପୁଂ. (ନ+ଉଦ୍ଦିଷ୍ଟ; ଯାହାର ଉଦ୍ଦେଶ୍ୟ ବା ରହିବାର
Anuddishta ସ୍ଥାନ ବା ଗତିବିଧି କେହି ଦେଖି ନାହିଁ )—
(ଅନୁଦ୍ଦେଶ—ବି) ଯାହାର ସମ୍ବାଦ ବା ଗତିବିଧି ବହୁକାଳ ହେଲା
(ଅନୁଦ୍ଦିଷ୍ଟା—ସ୍ତ୍ରୀ) ମିଳି ନାହିଁ; ନିରୁଦ୍ଦେଶ୍ୟ—Whose movements or whereabouts are not known; not heard of for a long time

**ଅନୁଦ୍ଦେଶ**—ସଂ. ବି. ( ନ+ଉଦ୍ଦେଶ; ଉଦ୍ଦେଶ୍ୟ; ଗତିବିଧି ବା
Anuddesa ସମ୍ବାଦର ଅଭାବ )—
୧ । ନିରୁଦ୍ଦେଶ; ସ୍ଥାନତ୍ୟାଗୀ ବ୍ୟକ୍ତିର ବହୁକାଳ ସମ୍ବାଦ ନ ପାଇବା—1. Absence of any trace of a lost or absconding person.
୨ । କୌଣସି ବିଷୟ ପ୍ରତି ମନୋଯୋଗର ଅଭାବ—
2. Want of attention to any subject.

**ଅନୁଦ୍ଧୃତ**—ସଂ. ବିଣ. ( ନ+ଉଦ୍ଧୃତ=ଉଦ୍ଧାର କରାଯାଇ ନ ଥିବା )—
Anuddhruta ୧ । ଯାହା ଅନ୍ୟ ପୁସ୍ତକରୁ ଅଣା ଯାଇ ଲେଖା ହୋଇ ନାହିଁ—1. ( any literary passage ) Not quoted or cited ( from any other book).
୨ । ଅନୁଦ୍ଧାପିତ—2. Not rescued
୩ । ଅନୁତ୍ତୋଳିତ; ଯାହା ଉପରକୁ ଉଠା ଯାଇ ନାହିଁ—
3. Not lifted or held up.

**ଅନୁଦ୍ବାହ**—ସଂ. ବି. ( ନ+ଉଦ୍ବାହ; ବିବାହର ଅଭାବ )—କୌମାର
Anudbāha ଅବସ୍ଥା; ଅବିବାହିତ ଅବସ୍ଥା—The state of a bachelor, unmarried condition; celibacy.

**ଅନୁଦ୍ବିଗ୍ନ**—ସଂ. ବିଣ. ପୁଂ. ( ନ+ଉଦ୍ବିଗ୍ନ; ଚିନ୍ତିତ ନ ହେବା )—
Anudbigna ୧ । ଉତ୍କଣ୍ଠା ରହିତ —
(ଅନୁଦ୍ବେଗ—ବି) 1. Free from anxiety; easy in mind.
( ଅନୁଦ୍ବିଗ୍ନା—ସ୍ତ୍ରୀ) ୨ । ଅକ୍ଷୋଭିତ—
2. Free from consternation.

**ଅନୁଦ୍ବେଗ**—ସଂ. ବି. ( ନ+ଉଦ୍ବେଗ; ଚିନ୍ତାହୀନତା )—୧ । ଅଚିନ୍ତା—
Anudbega 1. Absence of consternation.
୨ । ଉତ୍କଣ୍ଠାର ଅଭାବ—2. Absence of anxiety.
୩ । ଅନାକୁଳତା—
3. Absence of mental perplexity.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଟ୍ଟା' ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନୁଦ୍ବେଗକର**—ସଂ. ବିଣ. ( ଅନୁଦ୍ବେଗ + କୃ ଧାତୁ + କର୍ତ୍ତୃ. ଅ )—
Anudbegakara ଯେଉଁ କାର୍ଯ୍ୟ ବା ବାକ୍ୟଦ୍ୱାରା ଅନ୍ୟ ବ୍ୟକ୍ତିର ଉଦ୍‌ବେଗ ଜାତ ହୁଏ ନାହିଁ—Not causing anxiety or consteration.

**ଅନୁଦ୍ଭିନ୍ନ**—ସଂ. ବିଣ. (ନ + ଉଦ୍ଭିନ୍ନ; ଉଦ୍ଭିନ୍ନ ବା ଖୋଲା ନ ହେବା)—
Anudbhinna ଅପ୍ରସ୍ଫୁଟିତ; ଅପ୍ରକାଶିତ—Not growing up; not breaking out; not developed.

**ଅନୁଦ୍ୟୋଗ**—ସଂ. ବି. ( ନ + ଉଦ୍ୟୋଗ; ଉଦ୍ୟୋଗ ବା ଆୟୋଜନର
Anudjoga ଅଭାବ )—ଯତ୍ନ ବା ଉଦ୍ୟୋଗର ଅଭାବ—
Indolence; want of readiness; want of energy; inactivity.

**ଅନୁଦ୍ରୁତ**—ସଂ. ବିଣ. ( ଅନୁ + ଦ୍ରୁ ଧାତୁ + ତ )—
Anudruta ପଶ୍ଚାତ୍ ଧାବିତ—Followed after; pursued.
ବି. ସଙ୍ଗୀତର ଏକମାତ୍ରାର ଏକ ଚତୁର୍ଥାଂଶ—A quarter of a mode in music.

**ଅନୁଧାବନ**—ଦେ. ବି. ( ଅନୁ = ପଶ୍ଚାତ୍ + ଧାବନ = ଦୌଡ଼ିବା )—
Anudhābana ୧ । କୌଣସି ବସ୍ତୁ ବା ବିଷୟର ପଛରେ ଦୌଡ଼ିବା—1. Pursuing any thing.
୨ । ମନୋନିବେଶ; ଅଭିନିବେଶ—
2. Reflection; attentive consideration.
୩ । ପଶ୍ଚାତ୍ ଧାବନ—
3. Pursuit; act of running after.
୪ । ଅନୁସନ୍ଧାନ; ତଦନ୍ତ—4. Investigation.

**ଅନୁଧାବିତ**—ସଂ. ବିଣ. ( ଅନୁ = ପଶ୍ଚାତ୍ + ଧାବ ଧାତୁ = ଦୌଡ଼ିବା + କର୍ତ୍ତୃ. ତ ଓ କର୍ମ. ତ )—
Anudhābita
୧ । ପଶ୍ଚାତ୍ ଧାବିତ; ଯେ ପଛରେ ଦୌଡ଼େ—1. Pursuer.
୨ । ଯାହା ପଛରେ ଦୌଡ଼ିବାକୁ ହୁଏ—2. Pursued.
୩ । ଅଭିନିବିଷ୍ଟ—3. Pursuing.
୪ । ବିବେଚିତ—4. Considered.
୫ । ଯାହା ଅନୁସନ୍ଧାନ କରି ଯାଇଅଛି—
5. Investigated.

**ଅନୁଧ୍ୟାନ**—ସଂ. ବି. ( ଅନୁ = ପଶ୍ଚାତ୍ + ଧ୍ୟୈ ଧାତୁ = ମନରେ ଧ୍ୟାନ
Anudhyāna କରିବା + ଭାବ. ଅନ )—ପଛରେ ଧ୍ୟାନ କରିବା;
(ଅନୁଧ୍ୟାତ—ବିଣ) ଧ୍ୟାନ; ଅନୁଚିନ୍ତା—The act of wishing; retrospection.

**ଅନୁଧ୍ୟାୟୀ**—ସଂ. ବିଣ. ପୁଂ (ଅନୁ = ପଶ୍ଚାତ୍ + ଧ୍ୟୈ ଧାତୁ = ଧ୍ୟାନ କରିବା;
Anudhyāyi ଚିନ୍ତା କରିବା + ଇନ୍.୧ମା.୧ବ.)—ଯେ ଅନୁଧ୍ୟାନ
(ଅନୁଧ୍ୟାୟିନୀ—ସ୍ତ୍ରୀ) କରେ; ଅନୁଚିନ୍ତାକାରୀ—One who looks back upon an action.

**ଅନୁନୟ**—ସଂ. ବି ( ଅନୁ = ପଶ୍ଚାତ୍ + ନୀ ଧାତୁ + ଅ )—୧ । ବିନୟ—
Anunaya 1. Courtesy.
୨ । ସୂକ୍ତବାକ୍ୟ; ପ୍ରାର୍ଥନା—2. Solicitation; apology; prayer; entreaty.
୩ । ପ୍ରଣାମ—3. Salutation.
୪ । କ୍ରୋଧୋପଶମନ—4. Pacification of anger by prayer; conciliation.

**ଅନୁନୟବିନୟ**—ଦେ. ବି. ( ଏକାର୍ଥକ ଶବ୍ଦଦ୍ୱୟ )—ବିଶେଷ ନମ୍ର
Anunayabinaya ପ୍ରାର୍ଥନା—Entreaties and prayers.

**ଅନୁନୟୀ**—ସଂ. ବିଣ (ଅନୁନୟ + ଇନ୍.୧ମା. ୧ବ.)—ଅନୁନୟକାରୀ—
Anunayi Requesting.
(ଅନୁନୟିନୀ—ସ୍ତ୍ରୀ)

**ଅନୁନାଦ**—ସଂ. ବି ( ଅନୁ = ପଶ୍ଚାତ୍ + ନଦ ଧାତୁ + ଅ; ଶବ୍ଦ ହେବା
Anunāda ପରେ ଯେଉଁ ଶବ୍ଦ କିଛି କାଳ ପର୍ଯ୍ୟନ୍ତ ଶୁଣାଯାଏ)—
୧ । ପ୍ରତିଧ୍ୱନି—1. Reverberation; vibration.
୨ । ପ୍ରତିଧ୍ୱନି—2. Echo.

**ଅନୁନାଦିତ**—ସଂ. ବିଣ (ଅନୁନାଦ + ଇତ = ଅନୁନାଦଯୁକ୍ତ)—ପ୍ରତିଧ୍ୱନି-
Anunādita ଯୁକ୍ତ; ପ୍ରତିଧ୍ୱନିପୂର୍ଣ୍ଣ; ପ୍ରତିଧ୍ୱନିତ—Echoed; Echoing; reverberated.

**ଅନୁନାସିକ**—ସଂ. ବିଣ ( ଅନୁ + ନାସା + ଇକ = ନାସାଦ୍ୱାରା ଉଚ୍ଚାରଣ
Anunāsika କରିବାର ଅବ୍ୟବହିତ ପରେ ଯେଉଁ ଶବ୍ଦ ଉତ୍ପନ୍ନ ହୁଏ)—୧ । (ବ୍ୟାକରଣ) ନାସା ସାହାଯ୍ୟରେ ଉଚ୍ଚାରିତ (ବର୍ଣ୍ଣ ବା ଧ୍ୱନି)—1. (grammar) Nasal (letter or sound).
୨ । ନାସା ସାହାଯ୍ୟରେ ଉଚ୍ଚାରିତ—2. Pronounced with the help of nose.
ସଂ. ବି ( ବ୍ୟାକରଣ )—ଯେଉଁ ବର୍ଣ୍ଣମାନଙ୍କର ଉଚ୍ଚାରଣରେ ନାସିକାର ସାହାଯ୍ୟ ନିଆଯାଏ (ଯଥା—ଙ, ଞ, ଣ, ନ, ମ, ଂ, ଁ)—Letters with nasal sounds e. g. ṅ, ñ, ṇ, na, ma, ṁ & ñ.

**ଅନୁନୀତ**—ସଂ. ବିଣ (ଅନୁ = ପଶ୍ଚାତ୍ + ନୀ ଧାତୁ = ନେବା + ତ; ଅନୁ-
Anunita ନୟପ୍ରାପ୍ତ )—୧ । ଯାହା ବିନୟ ବାକ୍ୟରେ ପ୍ରାର୍ଥିତ ହୋଇଅଛି—1. Solicited; entreated
୨ । ବିନୀତ ପ୍ରାର୍ଥନାଦ୍ୱାରା ଶମିତ (କ୍ରୋଧ)—2. Pacified by prayer.

**ଅନୁନେୟ**—ସଂ. ବିଣ (ଅନୁ = ପଶ୍ଚାତ୍ + ନୀ ଧାତୁ + ଯ)—ଅନୁନୟର
Anuneya ଯୋଗ୍ୟ—Fit to be solicited or pacified by soft words.

**ଅନୁପ**—ସଂ. ବିଣ (ନ + ଉପ = ଉପମା)—ଉପମାରହିତ; ଅନୁପମେୟ—
Anupa Incomparable; matchless.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ରୃ,ଋ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଣ,ଷ | କ୍ଷ | ଇସ୍ତ | ଢ଼ଅ | ଭ |
| ୨ | ଈ | ଢ଼ | ରୁ | ଲୁ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଥ | ୱ | ନ୍ତ |

**ଅନୁପକାର**—ସଂ. ବ (ନ + ଉପକାର—ଉପକାରର ବିପରୀତ କାର୍ଯ୍ୟ)—
Anupakāra ୧ । ଉପକାରର ଅଭାବ—1. Lack of
(ଉପକାର—ବିପରୀତ) friendly service.
୨ । ଅପକାର—2. Disservice.
୩ । କ୍ଷତି—3. Injury.

**ଅନୁପକାରୀ**—ସଂ. ବିଣ. ପୁଂ (ନ + ଉପକାରୀ)—୧ । ଅନିଷ୍ଟକାରୀ;
Anupakārī ଅପକାରୀ—1. Harmful; injurious.
(ଉପକାରୀ—ବିପରୀତ) ୨ । ଯେ ସାହାଯ୍ୟ କରେ ନାହିଁ; ଯେ ଉପ-
(ଅନୁପକାରିଣୀ—ସ୍ତ୍ରୀ) କାର କରେ ନାହିଁ—
2 Not beneficial; not helpful.

**ଅନୁପଥେ**—ସଂ. କ୍ରି. ବିଣ ( ଅନୁ = ପଶ୍ଚାତ୍ + ପଥ )—ପ୍ରଦର୍ଶିତ
Anupathe ମାର୍ଗରେ—Following the foot-steps.

ଚଳନ୍ତି ତାର ଅନୁପଥେ, ଅଶେଷ ପ୍ରାଣୀ ଅନ୍ତର୍ଗତେ ।
ଜଗନ୍ନାଥ. ଭାଗବତ ।

**ଅନୁପଦ**—ସଂ. କ୍ରି. ବିଣ—[ଅନୁ (ବୀପ୍ସାର୍ଥ) = ପ୍ରତି + ପଦ]—
Anupada ୧ । ପଦେପଦେ—1. Step by step.
୨ । ପ୍ରତିପଦରେ—2. At every step.
୩ । ପଶ୍ଚାତ୍; ଅନନ୍ତର—3. Afterwards.
୪ । ପୁନଃପୁନଃ—4. Repeatedly.
ସଂ. ବିଣ—ପଶ୍ଚାଦ୍‌ଗାମୀ— Follower; following the foot-steps of another; pursuing.

**ଅନୁପଦିଷ୍ଟ**—ସଂ. ବିଣ. ପୁ. (ନ + ଉପଦିଷ୍ଟ)—୧ । ଉପଦେଶବର୍ଜିତ—
Anupadishṭa 1. Uninstructed; uninitiated.
(ଅନୁପଦିଷ୍ଟା—ସ୍ତ୍ରୀ ) ୨ । ଅଶିକ୍ଷିତ; ଶିକ୍ଷାବର୍ଜିତ—
2. Untutored; untaught.

**ଅନୁପଦୀ**—ସଂ. ବିଣ. ପୁଂ. (ଅନୁପଦ + ଇନ୍ ୧୩।୧୦)—୧ । ଅନ୍ୱେଷଣକାରୀ
Anupadī —1. Searcher.
(ଅନୁପଦିନୀ—ସ୍ତ୍ରୀ) ୨ । ଯେ ଅନ୍ୟ ବ୍ୟକ୍ତିର ପଦାଙ୍କ ଅନୁସରଣ
କରେ—2. One who follows the foot steps or example of another.

**ଅନୁପଦୀନା**—ସଂ. ବ. (ଅନୁ + ପଦ + ବ୍ୟାପକାର୍ଥେ. ଈନ୍ + ସ୍ତ୍ରୀ. ଆ)—
Anupadīnā ମୋଜା, ଚର୍ମ ପାଦୁକା ( ବୁଟ୍ ଜୋତା ପ୍ରଭୃତି)—
Socks ( boots, etc. )

**ଅନୁପଦେ**—ଦେ. କ୍ରି. ବିଣ. ( ସଂ. ଅନୁପଦ )—
Anupade ୧ । ପ୍ରତିପଦରେ; ପଦେପଦେ—
1. At every step.
୨ । ପୁନଃପୁନଃ—2. Repeatedly.

କେତେହେଁ କହୁଛ ଅନୁପଦେ ବନ୍ଧୁ ବେଳ
ନ ଛାଡ଼ ତୁ ହର, ଅଚଳସୁ ରସେ ଚଳ । ପ୍ରାଚୀ. ରସବାରିଧି ।

**ଅନୁପନୀତ**—ସଂ. ବିଣ ( ନ + ଉପନୀତ; ଯାହାର ଉପନୟନ ହୋଇ
Anupanīta ନାହିଁ ବା ଯେ ଉପରକୁ କଣା ଯାଇ ନାହିଁ ।)—
୧ । ଅବ୍ରତୁଆ; ଯଜ୍ଞୋପବୀତ ଦ୍ୱାରା ସଂସ୍କୃତ ହୋଇ ନ ଥିବା—
1 Not invested with the sacred thread.
୨ । ଅଦୀକ୍ଷିତ; ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ନ ଥିବା—
2. Uninitiated by the spiritual preceptor.
୩ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଆଣୀତ ହୋଇ ନ ଥିବା—
3. Not conveyed from one place to another.
୪ । ଉପରକୁ ଉଠା ଯାଇ ନ ଥିବା—
4. Not lifted up.

**ଅନୁପପତ୍ତି**—ସଂ. ବ. ( ନ + ଉପପତ୍ତି; ଉପପତ୍ତିର ଅଭାବ )—
Anupapatti ୧ । ଯୁକ୍ତିରେ ପରାସ୍ତ ହେବା—
1. Failure in argument.
୨ । ପ୍ରମାଣ କରି ନ ପାରିବା—
2. Failure in demonstration.
୩ । ଅସଲଗ୍ନତା—3. Inconsistency.
୪ । ଅସଙ୍ଗତି—4. Want of means.
୫ । ଅସଙ୍ଗତଯୁକ୍ତି—5 Irrational or worthless reasoning.

**ଅନୁପପନ୍ନ**—ସଂ. ବିଣ. ( ନ + ଉପପନ୍ନ; ଯେ ଉପପନ୍ନ ନୁହେ )—
Anupapanna ୧ । ଯୁକ୍ତି ଦ୍ୱାରା ପରାସ୍ତ; ଅଯୁକ୍ତ—
1. Failed in argument.
୨ । ଅପ୍ରମାଣିତ; ଅସିଦ୍ଧ—
2 Not demonstrated or proved.

**ଅନୁପପାଦକ**—ସଂ. ବ—ବୁଦ୍ଧବିଶେଷ; ଧ୍ୟାନୀବୁଦ୍ଧ—
Anupapādaka A class of Buddhas.

**ଅନୁପମ**—ସଂ. ବିଣ. ( ବହୁବ୍ରୀହି; ନ + ଉପମା )—
Anupama ୧ । ଉପମାରହିତ; ଅନୁପମ; ଅଦ୍ୱିତୀୟ—
(ଅନୁପମା—ସ୍ତ୍ରୀ) 1. Matchless; incomparable; paragon.
୨ । ଅଦ୍ୱିତୀୟ—2. Peerless; unequalled.

**ଅନୁପମକ**—ଦେ. ବିଣ. ( ସଂ. ଅନୁପମ)—
Anupamaka ଅତୁଳନୀୟ—Incomparable; matchless.

କିଂପୁର ପରଦମକ କର ନୂପୁର ଝମକ ଗତ ସମ୍ଭ୍ରମ ଚମକ ।
କେଡ଼େ ଯମକ,
ସେହୁ ଜନ ପୂର୍ଣ୍ଣ କାମକ । ଭୋଗ କର ଶୁଣିଛ ଯେ ଅନୁପମକ ।
ଉପେ. ପ୍ରେମସୁଧାନିଧି ୭।୧୨ ।

**ଅନୁପମା**—ସଂ. ବିଣ. ସ୍ତ୍ରୀ. ( ଅନୁପମ + ସ୍ତ୍ରୀ. ଆ )—ଯେଉଁ ସ୍ତ୍ରୀର ଉପମା
Anupamā ନାହିଁ—Matchless ( female ).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଦେ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ବି—ନୈଋତକୋଣର ହସ୍ତିନୀ—The female-elephant guarding the Southwest point of the compass.

**ଅନୁପମେୟ**—ସଂ. ବିଣ. ( ନ+ଉପମେୟ )—
Anupameya ଯାହା ଉପମା କରାଯାଇ ନ ପାରେ; ଅନୁପମ—
(**ଅନୁପମେୟା—ସ୍ତ୍ରୀ**) Incomparable, matchless.

**ଅନୁପଯୁକ୍ତ**—ସଂ. ବିଣ. ( ନ+ଉପଯୁକ୍ତ )—୧ । ଅପ୍ରୟୋଜନୀୟ—
Anupajukta 1. Useless; worthless.
(ଅନୁପଯୁକ୍ତତା—ବି) ୨ । ଅକ୍ଷମ; ଅଶକ୍ତ; ଅଯୋଗ୍ୟ—
2. Unfit; incapable; incompetent; improper.
୩ । ଯେ କୌଣସି ବସ୍ତୁ ସଙ୍ଗେ ମେଳ ଖାଏ ନାହିଁ—
3. Incongruous.

**ଅନୁପଯୋଗୀ**—ସଂ. ବିଣ. ( ନ+ଉପଯୋଗୀ )—
Anupajogi ଅନୁପଯୁକ୍ତ—Unfit.
(**ଅନୁପଯୋଗିନୀ—ସ୍ତ୍ରୀ**)

**ଅନୁପଲବ୍ଧ**—ସଂ. ବିଣ. ( ବହୁବ୍ରୀହି; ନ+ଉପଲବ୍ଧ )—
Anupalabdha ୧ । ଯାହା ବୋଧ ହୋଇ ନାହିଁ—
(ଅନୁପଲବ୍ଧି—ବି) 1. Not realised; not perceived.
୨ । ଯାହା ଅନୁଭୂତ ହୋଇ ନାହିଁ—
2. Not experienced.
୩ । ଅପ୍ରାପ୍ତ—3. Not received, attained or got.

**ଅନୁପସ୍ଥିତ**—ସଂ. ବିଣ. (ନ+ଉପସ୍ଥିତ)—୧ । ଉପସ୍ଥିତ ନ ହେବା—
Anupasthita 1 Not present.
ଅନୁପସ୍ଥାନ, ଅନୁପସ୍ଥିତି } ବି. ୨ । ଅନାଗତ; ଅବର୍ତ୍ତମାନ—2. Absent.

**ଅନୁପାତ**—ସଂ. ବି. ( ଅନୁ=ପଶ୍ଚାତ୍+ପତ ଧାତୁ+ଅ )—
Anupāta ୧ । ପଛରେ ପଡ଼ିବା—1. The act of falling subsequently ( upon a thing ).
୨ । ପଛରେ ଯିବା—2. Going after; following.
୩ । ( ଗଣିତ ) ଏକ ରାଶି ସହିତ ଅନ୍ୟ ରାଶିର ସମ୍ବନ୍ଧ—
3. ( Mathematics ) Ratio; relation between two quantities or numbers.

**ଅନୁପାତକ**—ସଂ. ବି. ( ଅନୁ=ହୀନ + ପାତକ=ପାପ )—
Anupātaka ମହାପାତକ ପର ପାତକ ବିଶେଷ—
Heinous crime ( e.g. theft, fraud, falsehood etc ).

[ ଦ୍ର—ଅନୁପାତକ ୩୪ ପ୍ରକାର ଯଥା—( ୧ ) ମିଥ୍ୟାବଚନ ( ଆତ୍ମଶ୍ଳାଘା ବା ପରନିନ୍ଦା ); ( ୨ ) ରାଜାଙ୍କ ପ୍ରତି ଖଳତା; ( ୩ ) ପିତାଙ୍କର ମିଥ୍ୟା ଦୋଷ କଥନ; ( ୪ ) ବେଦତ୍ୟାଗ; (୫) ବେଦନିନ୍ଦା; (୬) ମିଥ୍ୟାସାକ୍ଷ୍ୟ; (ଜାଣି କରି ନ କହିବା ବା ମିଥ୍ୟା କହିବା) (୭) ବନ୍ଧୁବଧ; (୮) ଅନ୍ତ୍ୟଜ ଲୋକର ଅନ୍ନଭକ୍ଷଣ; ( ୯ ) ଅଭକ୍ଷ୍ୟଭକ୍ଷଣ; ( ୧୦ ) ନିକ୍ଷେପ ବା ଗଚ୍ଛିତ ଦ୍ରବ୍ୟ ଗ୍ରହଣ; ( ୧୧ ) ମନୁଷ୍ୟହରଣ; ( ୧୨ ) ଅଶ୍ୱହରଣ; ( ୧୩ ) ରଜତହରଣ; ( ୧୪ ) ଭୂମିହରଣ; ( ୧୫ ) ହୀରକହରଣ; ( ୧୬ ) ମଣିହରଣ; ଓ ୧୯ ପ୍ରକାର ଅଗମ୍ୟ-ଗମନ ।
( ପ୍ରକୃତିବାଦ. ଅଭିଧାନ ) ]

**ଅନୁପାତ ସମାନୁପାତ**— ଦେ. ବି. ( ଗଣିତ )—ଏକ ରାଶି ସହିତ ଅନ୍ୟ
Anupāta samānupāta ରାଶିର ସମ୍ବନ୍ଧକୁ ଅନୁମାପକ କରି ତାହାର ଅନୁସାରେ ବହୁରାଶି ମଧ୍ୟରେ ପରସ୍ପର ସମ୍ବନ୍ଧ ନିରୂପଣ—Ratio and proportion

**ଅନୁପାନ**—ସଂ. ବି. ( ଅନୁ=ସହିତ ବା ପରେ+ପାନ=ପିଇବା;
Anupāna ଯାହା ଔଷଧର ସହିତ ବା ପରେ ପିଆଯାଏ )—
୧ । ( ବୈଦ୍ୟଶାସ୍ତ୍ର ) ଔଷଧ ସହିତ ବା ପରେ ସେବନୀୟ ନିର୍ଦ୍ଦିଷ୍ଟ ପାନୀୟ—1. A liquid for being taken with or immediately after taking a medicine; a drink taken with a medicine.

[ ଦ୍ର—କେତେକ ଔଷଧ ଅନୁପାନ ଭେଦରେ ଭିନ୍ନ ଭିନ୍ନ ରୋଗରେ ପ୍ରୟୋଗ କରାଯାଏ; ଯଥା—ମକରଧ୍ୱଜକୁ ସର୍ଦ୍ଦିରୋଗରେ ଅଦାରସ ଅନୁପାନରେ ଓ ଧାତୁଦୌର୍ବଲ୍ୟରେ ଗୁଡ଼ୁଚିଥିଆ ପାଣି ଅନୁପାନରେ ଦିଆଯାଏ । ]

୨ । ପାନ; ପିଇବା—2. Drinking

ନରତେ କରେ ଅନୁପାନ, ଆନନ୍ଦ ଅଶ୍ରୁ କଲେ ସ୍ନାନ ।
ଜଗନ୍ନାଥ, ଭାଗବତ. ୩ୟ ।

**ଅନୁପାମ**—ଗ୍ରା. ପ୍ରାଚୀନ ପଦ୍ୟ. ବିଣ. ( ସଂ. ଅନୁପମ )—
Anupāma ଅନୁପମ ( ଦେଖ )
ଅନୁପମ Anupama ( See )

ଶ୍ରୀ ହରେକୃଷ୍ଣ ଘନ ଶ୍ୟାମ, ଶ୍ରୀ ନନ୍ଦନନ୍ଦନେ ଅନୁପାମ ।
ଭୂପତି. ପ୍ରେମପଞ୍ଚାମୃତ. ୧୧ ।

ଗ୍ରା. ବି—ଉପମା—Comparison.

ବୁଝି ନ ହୁଅଇ କସ ଦେବ ଅନୁପାମ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

**ଅନୁପାମା**—ଗ୍ରାମ୍ୟ. ପ୍ରାଚୀନ ପଦ୍ୟ. ବିଣ. ( ସଂ. ଅନୁପମ )—
Anupāmā ଅନୁପମ ( ଦେଖ )
ଅନୁପମ Anupama ( See )

ସବର୍ଣ୍ଣ ଚତୁର ଚନ୍ଦ୍ରମା, ସକଳ ଗୁଣେ ଅନୁପାମା । ଭୂପତି. ପ୍ରେମପଞ୍ଚାମୃତ ।

**ଅନୁପାୟ**—ସଂ. ବି. ( ନ+ଉପାୟ=ଉପାୟ-ରାହିତ୍ୟ )—
Anupāya ୧ । ନିଃସହାୟତା—1. Helplessness.
୨ । ନିରୁପାୟତା; ଉପାୟହୀନତା—
2. Want of resource or expedience.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଭ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ଦ |

ସଂ. ବ—ନିକୃଷ୍ଟ ଉପାୟ—Worthless or improper means.

ଦୁର୍ବଳ ଲୋକ ବଳବନ୍ତ ଲୋକ ଭୁଲେ
ଅନୁପାୟେ ଲାଗିଲେ ନାଶ ଯାଏ ଭଲେ । କୃଷ୍ଣସିଂହ. ମହାଭାରତ. ବନ ।

ସଂ. ବିଣ. ପୁଂ. ( ବହୁବ୍ରୀହି )—୧ । ଉପାୟହୀନ; ନିରୁପାୟ—1. Resourceless.

୨ । ଆଶ୍ରୟହୀନ—2. Helpless.

**ଅନୁପାୟୀ**—ସଂ. ବିଣ. ପୁଂ. ( ନ+ଉପାୟ+ଇନ୍ ୧ମା. ୧ବ. )—
Anupāyi ୧ । ଉପାୟହୀନ; ନିରୁପାୟ—
(ଅନୁପାୟିନୀ—ସ୍ତ୍ରୀ) 1. Resourceless.

୨ । ଆଶ୍ରୟହୀନ—2. Helpless.

**ଅନୁପାର୍ଶ୍ୱ**—ସଂ. ବ. ( ଅନୁ+ପାର୍ଶ୍ୱ=ପାଖ )—ପାର୍ଶ୍ୱଦେଶର ତଳରେ
Anupārśwa ସ୍ଥିତ—Lateral; along the sides; situated below the sides.

**ଅନୁପୁଷ୍ପ**—ସଂ. ବ. ( ଅନୁ=ମଧ୍ୟରେ+ପୁଷ୍ପ )—ଏକଜାତୀୟ ତୃଣ;
Anupushpa କାଣ୍ଡଶର—A kind of reed.

**ଅନୁପୂର୍ବ**—ସଂ. କ୍ରି. ବିଣ. ( ଅନୁ=ଅନୁଗତ+ପୂର୍ବ )—ଯଥାକ୍ରମେ;
Anupūrba ଏକ ପରେ ଏକ; ଏହିଭାବରେ—In due order; one after another; in regular sequence to one another.

ବିଣ—୧ । ଏକର ପରବର୍ତ୍ତୀ—1 Following the one preceeding.

୨ । ଧାରାବାହିକ; ଅନୁକ୍ରମିକ—2. Regular.

(ଆନୁପୂର୍ବିକ—ବିଣ.) ବ—ଏକ ପରେ ଅନ୍ୟ ଏହିପରି ଧାରାବାହିକତା—Succession; sequence.

**ଅନୁପ୍ତ**—ସଂ. ବିଣ. ( ନ+ଉପ୍ତ )—ଯାହା ବୁଣାଯାଇ ନାହିଁ;
Anupta ଯେଉଁ ବିଲରେ ବୀଜ ବପନ କରାଯାଇ ନାହିଁ—( a field ) Unsown ( with seed ).

**ଅନୁପ୍ରବେଶ**—ସଂ. ବ. ( ଅନୁ=ମଧ୍ୟକୁ+ପ୍ରବେଶ=ପଶିବା )—
Anuprabeśa ୧ । ଭିତରକୁ ଭେଦିବା—1. Penetrating.

୨ । ଅନ୍ତଃପ୍ରବେଶ—2. Entering into.

୩ । ଅନୁରୂପ ପ୍ରବେଶ; ପ୍ରତିବିମ୍ବ—3. Reflection

**ଅନୁପ୍ରସ୍ଥ**—ସଂ. କ୍ରି. ବିଣ. (ଅନୁ=ଯଥାକ୍ରମେ+ପ୍ରସ୍ଥ=ଓସାରିଆ ଭାଗ )—
Anuprastha ଓସାରିଆଭାଗ ଦେଇ; ଅଡ଼ବାଗରେ—Across; crosswise; breadth-wise.

ସଂ ବିଣ—ପ୍ରସ୍ଥାନୁଗତ—According to breadth.

**ଅନୁପ୍ରାଣିତ**—ସଂ. ବିଣ. ( ଅନୁ+ପ୍ରାଣ+ଇତ )—
Anuprāṇita ୧ । ମନର କୌଣସି ଭାବଦ୍ୱାରା ଜାଗ୍ରତ ହୋଇଥିବା ( ବ୍ୟକ୍ତି )—1. Inspired.

୨ । ଫୁଙ୍କା ହୋଇ ପବନ ପୂର୍ଣ୍ଣ କରାଯାଇଥିବା—
2. Infused by breathing.

**ଅନୁପ୍ରାସ**—ସଂ. ବ. ( ଅନୁ=ସଦୃଶ+ପ୍ରସ ଧାତୁ=ବିସ୍ତାର କରିବା
Anuprāsa +ଅ )—ତୁଲ୍ୟବର୍ଣ୍ଣବିନ୍ୟାସ; ଶବ୍ଦାଲଙ୍କାରବିଶେଷ; ରଚନା ବା ପଦ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଏକ ବା ଏକାଧିକ ଅକ୍ଷରର ପ୍ରୟୋଗ—(In Rhetoric) Alliteration; putting one letter in different places in a composition.

ଅନୁପ୍ରାସର ଉଦାହରଣ; ଯଥା —

ଭୁଡ଼ୁଙ୍କେ କରେ ଭର କଡ଼କମାନଙ୍କୁ, ପୋଷ କର ଘୋଡ଼ାଙ୍କୁ ଚଢ଼ିଲେ ମନ୍ଦରାକୁ ।
ସଜ କର ଭୁଡ଼ୁଙ୍କେ ଘୋଡ଼ାକୁ ଚଢ଼ିଲେ, ରେଙ୍ଗାକ ମାର ଧାଡ଼ି ଧାଡ଼ି ବାହାରିଲେ ।
ଥୋଡ଼ିକ ମୋଡ଼ିକରି ଆଉଁସିଲେ ଝେକ, ସିଂହଦ୍ୱାରେ ହୋଇଲେ ବଜାଇ ଘଡ଼ୁଙ୍କ ।
କୃଷ୍ଣସିଂହ. ମହାଭାରତ, ଆଦି ।

[ ଦ୍ର—ଅନୁପ୍ରାସ ନାନାବିଧ, ତହିଁ ମଧ୍ୟରୁ ଛେକାନୁପ୍ରାସ, ବୃତ୍ତ୍ୟନୁପ୍ରାସ ଓ ଅନ୍ତ୍ୟାନୁପ୍ରାସ ସାଧାରଣତଃ ଓଡ଼ିଆ ଭାଷାରେ ଦେଖାଯାଏ । ]

**ଅନୁପ୍ଲବ**—ସଂ. ବ. ( ଅନୁ=ପଶ୍ଚାତ୍+ପ୍ଲୁ ବା ପ୍ଲବ ଧାତୁ+ଅ )—
Anuplaba ୧ । ଯେ ପଶ୍ଚାତ୍ ଗତି କରେ; ଅନୁଚର; ସହଚର—1. Companion; follower.

୨ । ସହାୟକ—2. Help-mate; a helping hand.

**ଅନୁବତ୍ସର**—ସଂ. ଅ. ( ଅନୁ=ସକଳ+ବତ୍ସର=ବର୍ଷ )—
Anubatsara ପ୍ରତି ବର୍ଷ—Every year.

ଯେସନ କୃଷିକାରୀ ଜନେ, ଅନୁବତ୍ସର କରଷଣେ ।
ଯେ ତୃଣ ଗୁଳ୍ମ ଲତା ଅଛି, ନିଃଶେଷେ ନ ପାରନ୍ତି ଛେଦି ।
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅନୁବଦ୍ଧ**—ସଂ. ବିଣ. ( ଅନୁ+ବନ୍ଧ ଧାତୁ=ବାନ୍ଧିବା+କର୍ମ. ତ )—
Anubaddha ସମ୍ବନ୍ଧ; ବାଧ୍ୟ; ସମ୍ପର୍କଯୁକ୍ତ—Related to; connected with.

**ଅନୁବନ୍ଧ**—ସଂ. ବ. ( ଅନୁ+ବନ୍ଧ ଧାତୁ+ଭାବ. ଅ )—
Anubandha ୧ । ବାଧ୍ୟତା—1. Obligation.

୨ । ଦୃଢ଼ବନ୍ଧନ; ସଂଯୋଗ—
2 Attachment; intimate connection; strong bond.

୩ । ସମ୍ପର୍କ—3. Connection; relation.

(ଯଥା—କର୍ମାନୁବନ୍ଧ; କାର୍ଯ୍ୟାନୁବନ୍ଧ=କାର୍ଯ୍ୟରେ ବାଧ୍ୟତା )

୪ । ଉପକ୍ରମ; ଆରମ୍ଭ—
4. Commencement; beginning.

୫ । ଉପଲକ୍ଷ - 5 Occasion.

୬ । ପୂର୍ବ ଲକ୍ଷଣ—6. Preliminary sign.

୭ । ଆରୋପ—7. Attribute.

୮ । ଅନୁବୃତ୍ତି—8 Repetition

୯ । ଧାରାବାହିକତା—
9. Continuation; continuance.

୧୦ । ଅନୁରୋଧ—10. Request.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧୧ । କ୍ରମ—11. Series.

୧୨ । ( ଅନୁ+ବନ୍ଧ ଧାତୁ+କର୍ତ୍ତୃ. ଅ ) ଶିଶୁ—
12. Child; infant.

୧୩ । ଉଦ୍ଦେଶ୍ୟ—13. Motive.

୧୪ । (ବେଦାନ୍ତଦର୍ଶନ) କୌଣସି ଶାସ୍ତ୍ର ପାଠ କରିବା ନିମନ୍ତେ ପ୍ରୟୋଜନୀୟ ଚାରିଟି ଉପାଦାନ ( ଅଧିକାରୀ; ବିଷୟ; ସମ୍ବନ୍ଧ ଓ ପ୍ରୟୋଜନ ) ମଧ୍ୟରୁ ଏକତମ—
14. ( Bedānta philosophy ) One of the four materials required for studying the Śāstras.

୧୫ । ଫଳ—15. Consequence.

୧୬ । ବିଷୟ ବନ୍ଧନର କାରଣ—16. ( philosophy ) Indispensable bond binding a person to mundane affairs.

୧୭ । (ସଂ. ବ୍ୟାକରଣ ) କୌଣସି ଶବ୍ଦ ନିମନ୍ତେ କଳ୍ପିତ ବର୍ଣ୍ଣ ( ଯାହାକୁ ଇତ୍ କହନ୍ତି )—
17. A conventional letter of a syllable dropped in composition.

୧୮ । (ଗଣିତ) ଏକାଧିକ ଭଗ୍ନାଂଶର ଯୋଗ ବା ସମଷ୍ଟି—
18. (arithmetic) The junction of fractions

୧୯ । ( ସଂ. ବ୍ୟାକରଣ ) ଧାତୁ ଶେଷରେ ଲାଗିଥିବା କାର୍ଯ୍ୟ-ବିଶେଷସୂଚକ ବର୍ଣ୍ଣ—19. ( Sanscrit grammar ) Letter added to a root to indicate the mode forming different senses.

[ ଦ୍ର—ସଂ. ବ୍ୟାକରଣରେ ଧାତୁମାନଙ୍କର ଭିନ୍ନ ଭିନ୍ନ କାଳ ଆଦିରେ ରୂପ କରିବା ପାଇଁ କେତେଗୁଡ଼ିଏ ନିୟମ ଅଛି । କେଉଁ ଧାତୁକୁ କିପରି ରୂପ କରିବାକୁ ହେବ; ତାହା ଉକ୍ତ ଧାତୁ ଶେଷରେ ଥିବା ଅନୁବନ୍ଧ ( ବା କାର୍ଯ୍ୟ ବିଶେଷ ସୂଚକ ବର୍ଣ୍ଣ ) ରୁ ସୂଚିତ ହୁଏ ଯଥା—ଯେଉଁ ଧାତୁ ଶେଷରେ 'ଙ' ଅନୁବନ୍ଧ ଥାଏ, ସେହି ଧାତୁ ଆତ୍ମନେପଦୀ ହୁଏ । ଯେଉଁ ଧାତୁ ଶେଷରେ 'ଞ' ଥାଏ ସେହି ଧାତୁ ଉଭୟପଦୀ; 'ଊ' ଅନୁବନ୍ଧ ଥିଲେ କ୍ତ୍ୱା ପ୍ରତ୍ୟୟରେ ବିକଳ୍ପରେ 'ଇ' ଆଗମ ହୁଏ । 'ଈ' ଅନୁବନ୍ଧ ଥିଲେ, 'କ୍ତ' ପ୍ରତ୍ୟୟରେ 'ଇ' ଆଗମ ହୁଏ ନାହିଁ—ଇତ୍ୟାଦି ]

**ଅନୁବନ୍ଧିତ୍ୱ**—ସଂ. ବି. ( ଅନୁବନ୍ଧିନ୍+ଭାବ. ତ୍ୱ )—
**Anubandhitwa**
୧ । ଅବିଚ୍ଛିନ୍ନସମ୍ବନ୍ଧ—1. Constant association, connection; firm attachment.
୨ । ଧାରାବାହିକତା—2. Sequence.

**ଅନୁବନ୍ଧୀ**—ସଂ. ବିଣ. ପୁଂ. ( ଅନୁବନ୍ଧ=ଅବିଚ୍ଛେଦ+ଇନ୍ ୧ମା. ୧ବ; ଯେ ସବୁବେଳେ ପାଖରେ ଥାଏ )—
**Anubandhi**
୧ । ଅବିଚ୍ଛିନ୍ନ—1 Constantly associated.
୨ । ସଂଲଗ୍ନ—2. Firmly attached to
୩ । ଅନୁବର୍ତ୍ତୀ—3. Following.
୪ । ଅନୁରୋଧକାରୀ—4. One who makes a request.

ସଂ. ବି. ସ୍ତ୍ରୀ. ( ଅନୁ+ବନ୍ଧ ଧାତୁ+ଅ+ସ୍ତ୍ରୀ. ଈ )—
୧ । ହିକ୍କା—1. Hiccough
୨ । ତୃଷ୍ଣା—2. Hankering; thirst

**ଅନୁବନ୍ଧେନ**—ଗ୍ରା. ପଦ୍ୟ. କ୍ରି. ବିଣ—ସମ୍ପର୍କରେ; ଅନୁବନ୍ଧରେ—
**Anubandhena** In connection with.

ଜୟଦେବ ମେ ତାହାର, ଅନୁବନ୍ଧେନ ଚତୁର
ପରମ ରମଣୀ ଆଗେ ଦୂତୀ ବଚନ । ପ୍ରାଚୀ. ରସବାରିଧି ।

**ଅନୁବର**—ଦେ. ବି—ଅଭିଳଷିତ ବର—The desired boon.
**Anubara** ଅନୁବର ଦାୟିକା ଯେ ଅଟଇ ପ୍ରସନ୍ନେ । ସାରଳାମହାଭାରତ. ମଧ୍ୟ ।

**ଅନୁବରତ**—ଗ୍ରା. ପଦ୍ୟ. କ୍ରି. ବିଣ. ( ସଂ. ଅନବରତ)—ସର୍ବଦା—
**Anubarata** Always.
ଅନୁବରତ ଦ୍ରୋଣ ମଧ୍ୟ ତାଙ୍କ ମଙ୍ଗଳ ବିଚାରିଲେ
ଅନୁରତରେ ଆଶିଷ ତାଙ୍କୁ କଲେ । କୃଷ୍ଣସିଂହ, ମହାଭାରତ, ଆଦି ।

**ଅନୁବର୍ଣ୍ଣ**—ସଂ. ବିଣ. ( ଅନୁ=ସଦୃଶ+ବର୍ଣ୍ଣ )—ବର୍ଣ୍ଣର ଅନୁରୂପ—
**Anubarṇṇa**
ତୋର ଦଶନ ବସନ, ରଙ୍ଗିମା ତେଜ ତୋ ତନୁରୂପ ଅନୁବର୍ଣ୍ଣ ।
ପ୍ରାଚୀ—ରସବାରିଧି ।

**ଅନୁବର୍ତ୍ତନ**—ସଂ. ବି. ( ଅନୁ+ବୃତ୍ ଧାତୁ+ଭାବ. ଅନ )—
**Anubarttana** ୧ । ଅବିଚ୍ଛେଦ; ଧାରାବାହିକତା—
1. Continuance; sequence.
୨ । ଅନୁଗମନ—2. The act of following after.
୩ । ଶାସନାନୁବର୍ତ୍ତିତା—3 Subserviency.
୪ । ଅନୁଧାବନ—4. Pursuing.
୫ । ଆଜ୍ଞାପାଳନ —5. Obedience; carrying out any order; compliance.

**ଅନୁବର୍ତ୍ତିତା**—ସଂ. ବି. ( ଅନୁବର୍ତ୍ତିନ୍+ଭାବ. ତା )—
**Anubarttitā** ୧ । ଅନୁସାରିତା—
1. Subserviency.
୨ । ଆଜ୍ଞାବାହିତା —2. Compliance; obedience.

**ଅନୁବର୍ତ୍ତୀ**—ସଂ. ବିଣ. ପୁଂ. ( ଅନୁ+ବୃତ୍ ଧାତୁ=ସେବା କରିବା+ଇନ. ୧ମା. ୧ବ. )—
**Anubartti**
(ଅନୁବର୍ତ୍ତିନୀ—ସ୍ତ୍ରୀ) ୧ । ଅନୁସରଣକାରୀ—1. Following after.
୨ । ଯେ ଅନ୍ୟର ମତ ଅନୁସାରେ କାର୍ଯ୍ୟ କରେ—
2. Acting according to.
୩ । ଆଜ୍ଞାବହ—3. Obedient; subservient,
୪ । ପଶ୍ଚାଦ୍‌ବର୍ତ୍ତୀ; ସହଗାମୀ—4. Going after.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଜ୍ଞ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଙଅ | ଞ | ଜ୍ଞ |

**ଅନୁବଳ**—ସଂ. କ୍ରି. ବିଣ. ( ଅନୁ + ବଳ = ଶକ୍ତି )—
Anubala ପରାକ୍ରମକୁ ଗ୍ରହି; କ୍ଷମତାଅନୁସାରେ—
According to one's power or capacity.

**ଅନୁବାକ**—ସଂ. ବି. ( ଅନୁ + ବଚ ଧାତୁ = କହିବା + ଅ )—
Anubāka ୧ । ପୁନରୁକ୍ତି—1. Repetition.
୨ । ବେଦସୂକ୍ତର ଅଧ୍ୟାୟ—2. A chapter of Vedic hymns; a selection of Vedic texts.
୩ । ମନ୍ତ୍ର; ଗୁରୁ ଶିଷ୍ୟଙ୍କୁ ଦେବା ପାଠ—
3. A lesson given by a teacher to a disciple.

**ଅନୁବାଦ**—ସଂ. ବି. ( ଅନୁ = ପୁନର୍ବାର + ବଦ ଧାତୁ = କହିବା + ଭାବ. ଅ; କଥିତ ଭାଷାର ପୁନଃ କଥନ )—
Anubāda
(ଅନୁବାଦିତ—ବିଣ) ୧ । ଭାଷାନ୍ତରୀକରଣ; ଏକ ଭାଷାରେ ଲିଖିତ ବା କଥିତ ବିଷୟକୁ ଅନ୍ୟ ଭାଷାରେ ପ୍ରକାଶ କରିବା—
1. Translation; interpretation.
୨ । ଅନୁକରଣ—2. Imitation.
୩ । ପୁନଃକଥନ; ପୁନରୁକ୍ତି—
3. Restatement; repetition.
୪ । ଅପବାଦ; ନିନ୍ଦା—4. Defamation.
୫ । କୌଣସି ବିଷୟର ପୁନରାଲୋଚନା—
5. Rediscussion.
୬ । କଥନ; ବର୍ଣ୍ଣନ—6. Narration.

ଈଶ୍ୱର କଥା ଅନୁବାଦେ, ଉତ୍ତମ ପୁରୁଷଙ୍କ ମଧ୍ୟେ
ଈଶାନୁକଥା ଏହା କହି, ଅପରେ ଶୁଣ ମନ ଦେଇ ।
ଜଗନ୍ନାଥ. ଭାଗବତ ।

**ଅନୁବାଦକ**—ସଂ. ବିଣ. ପୁଂ. ( ଅନୁ + ବଦ୍ ଧାତୁ + କର୍ତ୍ତୃ. ଅକ )—
Anubādaka ୧ । ଯେ ଏକ ଭାଷାରୁ ଅନ୍ୟ ଭାଷାରେ ତର୍ଜମା
(ଅନୁବାଦିକା—ସ୍ତ୍ରୀ) କରେ—1. Interpreter; translator.
୨ । ଯେ ପୁନଃପୁନଃ କହେ—
2. One who repeats.

**ଅନୁବାଦିତ**—ସଂ. ବିଣ. ( ଅନୁବାଦ + ଇତ )—୧ । ଭାଷାନ୍ତରିତ—
Anubādita 1. Translated into another language.
(ଅନୁବାଦ—ବି)
୨ । ପୁନଃପୁନଃ କଥିତ—2. Repeated.

**ଅନୁବାଦୀ**—ସଂ. ବି. ପୁଂ. ( ଅନୁବାଦ + କର୍ତ୍ତୃ. ଇନ୍ ୧ମା. ୧ବ )—
Anubādi ଅନୁବାଦକ—Translator.
(ଅନୁବାଦିନୀ—ସ୍ତ୍ରୀ) ବିଣ—୧ । ପୁନଃପୁନଃ କହୁଥିବା—
1. Repeating.
୨ । ସଦୃଶ—2 In accordance with.
୩ । ଅନୁରୂପ—3. Conforming to.

**ଅନୁବାଦ୍ୟ**—ସଂ. ବିଣ. ( ଅନୁ + ବଦ ଧାତୁ + କର୍ମ. ଯ )—
Anubādya ୧ । ଯାହା ଅନୁବାଦ କରିବାର ଯୋଗ୍ୟ ବା ଆବଶ୍ୟକ; ଅନୁବାଦନୀୟ—
1. Fit to be translated.

**ଅନୁବିଦ୍ଧ**—ସଂ. ବିଣ. ( ଅନୁ + ବିଧ ଧାତୁ + କର୍ତ୍ତୃ. କର୍ମ ଓ ଭାବ. ତ )—
Anubiddha ୧ । ଦୃଢ଼ରୂପେ ସମ୍ବଦ୍ଧ—1. Set; fixed.
୨ । ସମ୍ମିଳିତ; ସଂଯୁକ୍ତ—2. Connected.
୩ । ଗ୍ରଥିତ; ଗୁମ୍ଫିତ—3 Strung together.
୪ । ଖଚିତ—4. Worked in; set in.
୫ । ବ୍ୟାପ୍ତ—5. Spread over.
ବି—ଗ୍ରହଣ—Receiving.

**ଅନୁବିମ୍ବ**—ସଂ. ବି. ( ଅନୁ = ସଦୃଶ + ବିମ୍ବ = ଆକୃତି; ରୂପ )—
Anubimba ପ୍ରତିବିମ୍ବ; ଜଳ ଓ ଦର୍ପଣରେ ପଡ଼ିବା ଦ୍ରବ୍ୟର ପ୍ରତିରୂପ—Image; reflection.

**ଅନୁବୃତ୍ତ**—ସଂ. ବିଣ. ( ଅନୁ + ବୃତ ଧାତୁ + କର୍ତ୍ତୃ. ତ )—
Anubrutta ୧ । ପ୍ରବିଷ୍ଟ—1. Entered.
(ଅନୁବୃତ୍ତି—ବି) ୨ । ବ୍ୟାପ୍ତ—2. Diffused.
୩ । ପାଳିତ—3. Conformed to.

**ଅନୁବୃତ୍ତି**—ସଂ. ବି. ( ଅନୁ + ବୃତ ଧାତୁ + ଭାବ. ତି )—
Anubrutti ୧ । ଆଜ୍ଞାପାଳନ—1. Compliance.
୨ । ପଶ୍ଚାଦ୍‌ଗମନ—2. Following; pursuit.
୩ । ଧାରାବାହିକତା; ଅବିଚ୍ଛେଦ—3. Continuance.
୪ । ସେବା—4. Serving another; service.
୫ । ପାଳନ—5. Conformity with.
୬ । ଅନୁବନ୍ଧ—6. Compliance.
୭ । ଅନୁକରଣ—7. Imitation.
୮ । ( ସଂ. ବ୍ୟାକରଣ ) ପୂର୍ବ ସୂତ୍ରର ଅଂଶର ପର ସୂତ୍ରରେ ପୁନରୁଲ୍ଲେଖ—8. ( Sanskrit grammar ) Repetition of a part of one rule in a subsequent rule or aphorism.

**ଅନୁବେଳ**—ସଂ. କ୍ରି. ବିଣ. ( ଅନୁ = ପ୍ରତି + ବେଳ = ସମୟ )—
Anubela ୧ । ଅବିଚ୍ଛିନ୍ନ ଭାବରେ—1 Continuously.
୨ । ସର୍ବଦା—2. Always.
୩ । ପ୍ରତିମୁହୂର୍ତ୍ତରେ—3. Every moment.
୪ । କେବେ କେବେ—4 Occasionally.

**ଅନୁବୋଧ**—ସଂ. ବି. ( ଅନୁ = ପଶ୍ଚାତ୍ + ବୁଧ ଧାତୁ + ଭାବ. ଅ )—
Anubodha ୧ । ସ୍ନାନାନ୍ତେ ଗନ୍ଧଦ୍ରବ୍ୟର ପୁନରୁଦ୍ଦୀପନ—
1. Revival of the scent of a washed or faded flower.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଆଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ପଶ୍ଚାଦ୍‌ଜ୍ଞାନ—2. Revived sensation.
୩ । ପଶ୍ଚାଦ୍‌ବୁଦ୍ଧି—3. After-thought.
୪ । କୌଣସି ଚିନ୍ତାର ପୁନରୁଦ୍ଦୀପନ—
4. Revival of an idea.

**ଅନୁବ୍ରଜ୍ୟା**—ସଂ. ବି. ( ଅନୁ=ପଶ୍ଚାତ୍+ବ୍ରଜ ଧାତୁ=ଗତି କରିବା+ ଭାବ. ଯ+ଆ )—୧ । ବିଦାୟକାଳରେ ଅତିଥିଙ୍କୁ
**Anubrajyā**
ଖଣ୍ଡେ ଦୂର ବାଟରେ ବଳାଇ ଦେବା—
1. Act of seeing a guest off.
୨ । ଆଦେଶବର୍ତ୍ତିତା; ଆଜ୍ଞାପାଳନ—
2. Obedience; subservience; compliance with an order.

**ଅନୁବ୍ରତ**— ସଂ. ବିଣ. ( ଅନୁ+ବ୍ରତ )—ଆସକ୍ତ—
**Anubrata** Devoted to; attached to.
ଗ୍ରା. କ୍ରି. ବିଣ—ଅନୁବ୍ରତେ ( ଦେଖ )
Anubrate ( See )

**ଅନୁବ୍ରତେ**— ଗ୍ରା. ପଦ୍ୟ; କ୍ରି. ବିଣ. ( ସଂ. ଅନବରତ )—
**Anubrate** ସର୍ବଦା—Always; constantly.
অনবরত ଅନୁବ୍ରତେ ମୂର୍ଚ୍ଛି ଯାହାର ଦୁଷ୍ଟ ପଣ
ଯ୍ୟାକୁ ଯେଉଁ ଅଜ୍ଞାତ ବସ୍ତବ ଅପହୃଣ । ସାରଳା ମହାଭାରତ. ବନ୍ଧ ।

**ଅନୁଭବ** – ସଂ. ବି (ଅନୁ+ଭୂ ଧାତୁ+ଅ)—୧ । ପରୀକ୍ଷାଦ୍ୱାରା ଅର୍ଜିତ
**Anubhaba** ଜ୍ଞାନ—1. Experimental knowledge.
(ଅନୁଭୂତ—ବିଣ) ୨ । ଉପଲବ୍ଧି—2. Realisation.
୩ । ଜ୍ଞାନ; ବୋଧ—3. Perception; feeling.
୪ । ଅଙ୍ଗେ ନଭାଇବାଦ୍ୱାରା ଜନ୍ମିବା ଜ୍ଞାନ—
4. Experience.
୫ । (ବିଜ୍ଞାନପରିଭାଷା) କୌଣସି ବୈଜ୍ଞାନିକ ପରୀକ୍ଷାବିଷୟକ ପ୍ରତିଜ୍ଞା—5. (science) Hypothesis.
ଦେ. ବି—ଦୁଃଖଭୋଗ—Suffering; hardship.

**ଅନୁଭବ କରିବା**—ଦେ. କ୍ରି—୧ । ଉପଲବ୍ଧି କରିବା—
**Anubhaba karibā** 1. To perceive; to realise.
୨ । ଅଙ୍ଗେ ନଭାଇବା—2. To experience.
୩ । ବୋଧ କରିବା—3. To feel.
୪ । ଦୁଃଖ ଭୋଗ କରିବା—4. To suffer.
୫ । (ପ୍ରାଚୀନ ପଦ୍ୟ) ଉପଭୋଗ କରିବା—
5. To enjoy.
ଯାହାକୁ ହର ଅନୁଭବ କରୁଛ କେତେ ସୁଖରେ ସେ ନାସ । ପ୍ରାଚୀ—ରସବାରିଧି ।

**ଅନୁଭବସିଦ୍ଧ**—ସଂ. ବିଣ ( ୩ୟା ତତ୍; ଅନୁଭବ+ସିଦ୍ଧ )—
**Anubhabasiddha** ଅନୁଭବଦ୍ୱାରା ପ୍ରମାଣିତ ବା ସ୍ଥିରୀକୃତ—
Realised by experience.

**ଅନୁଭବିତା**—ସଂ. ବିଣ. ପୁଂ (ଅନୁ+ଭୂଧାତୁ+କର୍ତ୍ତୃ. ତୃ. ୧ମା. ୧ବ)—
**Anubhabitā** ଅନୁଭବୀ (ଦେଖ)
(ଅନୁଭବିତ୍ରୀ—ସ୍ତ୍ରୀ) Anubhabī (See)

**ଅନୁଭବିବା**—ଦେ. ପଦ୍ୟ. କ୍ରି (ସଂ. ଅନୁଭବ)—ଅନୁଭବ କରିବା—
**Anubhabibā** To experience.
ତାଙ୍କ ଅନ୍ତରେ ଅନୁଭବି—ମଧୁସୂଦନ. ଛନ୍ଦମାଳା ।

**ଅନୁଭବୀ**—ସଂ. ବିଣ. ପୁଂ (ଅନୁଭବ+ଅଛି ଅର୍ଥରେ. ଇନ୍ ୧ମା. ୧ବ)—
**Anubhabī** ୧ । ଯେ ଅଙ୍ଗେ ନଭାଇ ଅଛି—
(ଅନୁଭବିନୀ—ସ୍ତ୍ରୀ) 1. One who has personal experience
୨ । ଯେ ଅନୁଭବଦ୍ୱାରା ଉପଲବ୍ଧି କରିଛି ବା ବୁଝିଛି—
2. One who has realised by experience.
ମିତ, ଭୂନ ହୋଇଲେ, ଭୂ ତ ଅନୁଭବୀ ଜୋଡ଼ୁ—ସଙ୍ଗୀତ

**ଅନୁଭବେ**—ଗ୍ରା. କ୍ରି. ବିଣ—କଷ୍ଟରେ—With sufferings.
**Anubhabe** ଅନ୍ନ ନ ପାଇ ପ୍ରଜା ଯେବେ, ତୋତେ କହିଲେ ଅନୁଭବେ ।
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅନୁଭାବ**—ସଂ. ବି (ଅନୁ+ଭୂ ଧାତୁ+ଭାବ. ଅ)—୧ । ପ୍ରଭାବ—
**Anubhāba** 1. Influence.
୨ । ରାଜକୀୟ ପ୍ରଭାବ; ରାଜକୀୟ ତେଜ—
2. Majesty; royal dignity.
୩ । ସାମର୍ଥ୍ୟ—3. Capacity; power.
୪ । ମହିମା—4. Glory.
କ୍ଷମ ତ ମୁଁ ନୁହେ ଅନୁପମ ଅନୁଭାବ ହେ । କବିସୂର୍ଯ୍ୟ. କଂଶୋପାଟକ୍ଷୀ—ଷ ଗୀତ ।
୫ । ମନର ଉନ୍ନତି—5. Mental excellence.
୬ । ମନର ମହତ୍ତ୍ୱ—6. Nobility of the mind.
୭ । ନିଶ୍ଚୟତା—7. Certainty.
୮ । ମନୋଗତଭାବପ୍ରକାଶକ ସଙ୍କେତ—
8. Indication of mental state by outward look or gesture.
୯ । ( ଅଳଙ୍କାର ଶାସ୍ତ୍ର ) ଅନ୍ତରରେ ଉଦ୍‌ବୁଦ୍ଧ ସ୍ଥାୟୀଭାବର ଯେଉଁ ଚେଷ୍ଟା ବାହାରେ ପ୍ରକାଶିତ ହୋଇପଡ଼େ—
9. (Rhetoric) The out-ward manifestation of a mental state.
ଦେ. ବିଣ—(କ୍ରୋଧାଦିର ଚିହ୍ନ) ବାହାରେ ଦେଖା ଯାଉଥିବା—
Manifested outwardly.
ବଦନ୍ତୁ ବଚନ ଆଗେ ପ୍ରଣତ ସ୍ୱଭାବ
ପ୍ରିୟ ମୁଖ ଗ୍ରହିଁ ଯଥା କ୍ରୋଧେ ଅନୁଭାବ । ପ୍ରାଚୀ—ରସବାରିଧି ।

**ଅନୁଭାବ୍ୟ**—ସଂ. ବିଣ (ଅନୁ+ଭୂ ଧାତୁ, ଣିଜନ୍ତ ଭାବ ଧାତୁ+କର୍ମ. ଯ)—
**Anubhābya** ଅନୁଭବର ବିଷୟୀଭୂତ—Perceived; experienced.
ବି—ଅନୁଭବର ବିଷୟ—Object of perception or experience.

**ଅନୁଭୂତ**—ସଂ. ବିଣ (ଅନୁ+ଭୂ ଧାତୁ+କର୍ମ. ତ )—୧ । ଉପଲବ୍ଧ—
**Anubhūta** 1. Perceived; realised.
ଅନୁଭବ } ବି
ଅନୁଭୂତି }
୨ । ଅବଗତ—2. Experienced.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ବ | ଉଅ | ଓ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ଦ |

୩ । ଜ୍ଞାତ—3. Felt; known.

୪ । ପରିଚିତ—4. Known; familiarised.

**ଅନୁଭୂତି**—ସଂ. ବି. (ଅନୁ+ଭୂ ଧାତୁ+ଭାବ. ତି)—୧ । ଉପଲବ୍ଧି;
Anubhūti ପ୍ରତ୍ୟକ୍ଷୀକରଣ—1. Intuition;perception.

୨ । ଜ୍ଞାନ—2. Feeling

୩ । ଅନୁଭବ କରାଇବା; ଅନୁଭବ—3. Experience.

[ ଦ୍ର—ଅନୁଭୂତି ଚାରି ପ୍ରକାର—୧ । ପ୍ରତ୍ୟକ୍ଷ (Direct through senses); ୨ । ଅନୁମିତି (By guess or inference ); ୩ ଉପମିତି ( By comparison ) ଓ ୪ ଶାବ୍ଦ ( By sounds or words ) ]

**ଅନୁଭୂତିପ୍ରକାଶ**—ସଂ. ବି. (ନାମ)—୧ । ବିଦ୍ୟାରଣ୍ୟ ମୁନି ପ୍ରଣୀତ ଦ୍ୱାଦଶ
Anubhūtiprakāśa ଉପନିଷଦର ବ୍ୟାଖ୍ୟା—
1. The explanation of 12 Upanishadas by the sage Bidyāranya

୨ । ମାଧବାଚାର୍ଯ୍ୟ ପ୍ରଣୀତ ଉପନିଷଦ୍—
2. The Upanishad compiled by Madhabāchārjya.

**ଅନୁଭୂତିସ୍ୱରୂପାଚାର୍ଯ୍ୟ**—ସଂ. ବି. (ନାମ)—ସାରସ୍ୱତ ପ୍ରକ୍ରିୟା ବ୍ୟାକରଣର
Anubhūtiswarupāchārjya ପ୍ରଣେତା—
The another of the Sāraswatī Prakriyā Kaumudi ( a sanskrit grammar ).

**ଅନୁମତ**—ସଂ. ବିଣ. ( ଅନୁ+ମନ ଧାତୁ+କର୍ମ. ତ )—
Anumata ୧ । ସମ୍ମତ; ଅଧିକାର ବା ଆଜ୍ଞାପ୍ରାପ୍ତ—
1. Authorised; commanded; ordered.

୨ । ଅନୁଜ୍ଞାତ—2. Assented to.

୩ । ଅନୁମତିପ୍ରାପ୍ତ—3. Allowed; permitted.

୪ । ସ୍ୱୀକୃତ—4. Agreed to.

୫ । ଅନୁମୋଦିତ—5. Approved.

ଗ୍ରା. ପଦ୍ୟ; ବିଣ—୧ । ପ୍ରମତ୍ତ—1. Maddened.

ଅପସରି କଲ୍ପରି ଯେ ନୃତ୍ୟ ଅନୁମତ । ସାରଳାମହାଭାରତ ।

୨ । ରତ—2. Addicted to.

**ଅନୁମତି**—ସଂ. ବି. ( ଅନୁ+ମନ ଧାତୁ+ଭାବ ଓ ଅଧିକରଣ. ତି )—
Anumati ୧ । ଅନୁଜ୍ଞା; ଆଦେଶ—1. Permission.

୨ । ସମ୍ମତି ପ୍ରଦାନ—2. Acquiescence; consent.

୩ । ଯେଉଁ ପୂର୍ଣ୍ଣିମାରେ ଏକ କଳାହୀନ ଚନ୍ଦ୍ରମାର ଉଦୟ ହୁଏ ( ଅର୍ଥାତ୍ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ) —
3. Full-moon occuring on the 14th day of the bright-fortnight.

ଦେ. ବି—ବିବାହ ପୂର୍ବରୁ କନ୍ୟାପକ୍ଷରୁ ବରପକ୍ଷକୁ ଯିବା ବିବାହ ସ୍ୱୀକାରସୂଚକ 'ସୀଉକାର'—
Ceremony of betrothal by the birde's party contracted with the bride-groom's party.

**ଅନୁମତିଦରଖାସ୍ତ**—ଦେ. ବି. (କଚେରି)—କୌଣସି ବିଶିଷ୍ଟ କାର୍ଯ୍ୟ
Anumatidarakhāsta ( ଯଥା—ନିରୂପିତ ସମୟ ପରେ
অনুমতিদরখাস্ত ପ୍ରତିବାଦୀ ଜବାବ ଦାଖଲ କରିବା ପରେ ଦଲିଲ ଦାଖଲ କରିବା; ଦେଣାଦାର ନିଲାମ ଡାକିବାରେ ଅଦାଲତଙ୍କଠାରୁ ଅନୁମତି ପାଇବା) ପାଇଁ ଦିଆଯିବା ଦରଖାସ୍ତ—
A petition for permission presented to a Court to do certain acts.

**ଅନୁମତିପତ୍ର**—ଦେ. ବି. ( ଅନୁମତି+ପତ୍ର )—( ଆଇନ୍ ) ସ୍ୱାମୀ ଅନ୍ତେ
Anumatipatra ସ୍ତ୍ରୀର ପୋଷ୍ୟପୁତ୍ର ଗ୍ରହଣ କରିବା ନିମନ୍ତେ
অনুমতিপত্র ସ୍ୱାମିଦତ୍ତ ଅନୁଜ୍ଞାପତ୍ର; ପୋଷ୍ୟପୁତ୍ର ଗ୍ରହଣ
अनुमतिपत्र କରିବା ପାଇଁ ସ୍ତ୍ରୀକୁ ପ୍ରଦତ୍ତ କ୍ଷମତାପତ୍ର—
(law) Letter of authority ( to a wife) toadopt a son after the husband's death (generally given by the husband before death.)

**ଅନୁମତେ**—ଦେ. ପଦ୍ୟ. କ୍ରି. ବିଣ—୧ । ମତାନୁସାରେ; ଇଚ୍ଛାନୁସାରେ—
Anumate 1. According to one's wish.

ତହୁଁ ଯେ ଯାହା ଅନୁମତେ ଗଲେ,
ପ୍ରତି ଅଧି ଲକ୍ଷ୍ମବନେ ମିଳିଲେ । ପ୍ରାଚୀ—ରସବାରିଧି ।

୨ । ଅନୁସାରେ—2. According to.

ଏ ଗୁରୁ ବର୍ଣ୍ଣ ଏ ଜଗତେ
ସ୍ୱଭାବ ଧର୍ମ ଅନୁମତେ । ଜଗନ୍ନାଥ. ଭାଗବତ ।

୩ । ଅନୁରୋଧ ଅନୁସାରେ—3. According to request.

ନରକପଥୁଁ ରଖ ମୋତେ
ଏ ଧେନୁ ଦିଅ ଅନୁମତେ । ଜଗନ୍ନାଥ. ଭାଗବତ ।

**ଅନୁମନ୍ତା**—ସଂ. ବିଣ. ପୁଂ. (ଅନୁ+ମନ ଧାତୁ+କର୍ତ୍ତୃ. ତୃ. ୧ମା. ୧ବ. )
Anumantā ଅନୁମତିଦାତା; ଯେ ଅନୁମତି ଦିଏ—One
( ଅନୁମନ୍ତ୍ରୀ—ସ୍ତ୍ରୀ ) who gives permission.

**ଅନୁମରଣ**—ସଂ. ବି. ( ଅନୁ=ପଶ୍ଚାତ୍+ମରଣ )—ସ୍ୱାମୀ ମୃତ୍ୟୁ ପରେ
Anumaraṇa ସ୍ତ୍ରୀର ଚିତାରୋହଣ ବା ପ୍ରାଣବିସର୍ଜନ; ମୃତ ସ୍ୱାମୀର ଅନୁଗମନ—Self-immolation of a Hindu-widow some days after her husband's death.

[ଦ୍ର—ସ୍ୱାମୀ ମୃତ୍ୟୁ ସମୟରେ ସ୍ତ୍ରୀ ଗର୍ଭବତୀ ଥିଲେ, କିମ୍ବା ସ୍ୱାମୀ ବିଦେଶରେ ମଲେ ସ୍ୱାମୀର କୌଣସି ସଙ୍କେତ ଧରି କେତେକ ଦିନ ପରେ ବିଧବାର ଚିତାରୋହଣ । ]

**ଅନୁମା**—ସଂ. ବି. (ଅନୁ=ପଶ୍ଚାତ୍+ମା ଧାତୁ=ସ୍ଥିର କରିବା;ମାପିବା+
Anumā ଅନ)—ଅନୁମାନ (ଦେଖ)
Anumāna (See).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନୁମାନ**—ସଂ. ବି. (ଅନୁ+ମା ଧାତୁ=ମାପିବା; ସ୍ଥିର କରିବା+ଅନ)
**Anumāna** ୧ । ଅନ୍ଦାଜ—1. Inference.
୨ । ହେତୁଦ୍ୱାରା ସ୍ଥିରୀକରଣ—2 Drawing a conclusion from given premises; deduction; induction.
୩ । କଳ୍ପନା—3. Supposition; hypothesis.
୪ । ଅର୍ଥାଲଙ୍କାର ( ଦେଖ )—Arthālaṅkāra (See)

**ଅନୁମାନସିଦ୍ଧ**—ସଂ. ବିଣ. ( ୩ୟାତତ୍; ଅନୁମାନ+ସିଦ୍ଧ)—ଅନୁମାନ
**Anumānasiddha** ଦ୍ୱାରା ମୀମାଂସିତ—Settled by guesses.

**ଅନୁମାନ ହେବା**—ଗ୍ରା. କ୍ରି.—ବୋଧହେବା—
**Anumāna hebā.** To seem

**ଅନୁମାନିବା**—ଗ୍ରା. ପଦ୍ୟ କ୍ରି.—ଅନୁମାନ କରିବା—
**Anumānibā** To guess.

ଭାବ ଦେଖି ଅଙ୍ଗ ଗ୍ଳାନ ଅନୁମାନି
ସଖିଏ ଗଲେ ଅନ୍ତଃପୁରେ ଅଣି । ରାଧାନାଥ. ଚନ୍ଦ୍ରଭାଗା ।

**ଅନୁମାନୋକ୍ତି**—ସଂ. ବି. ( ଅନୁମାନ+ଉକ୍ତି )—( ଅଳଙ୍କାରବିଶେଷ )
**Anumānokti** ତର୍କାନୁସାରେ ଉକ୍ତି—( A figure in rhetoric) A hypothetical figure of speech.
[ଦ୍ର—ଏଥିରେ ବର୍ଣ୍ଣିତ ବିଷୟକୁ ଅନୁମାନ ଦ୍ୱାରା ଅନ୍ୟ ବିଷୟ ରୂପେ କଳ୍ପନା କରାଯାଏ । ]

**ଅନୁମାପକ**—ସଂ. ବି. (ଅନୁ+ମା ଧାତୁ ଣିଚ୍. ମାପି ଧାତୁ+କର୍ତ୍ତୃ.
**Anumāpaka** ଅକ )—( ନ୍ୟାୟଶାସ୍ତ୍ର ) ଅନୁମାନର ହେତୁ—Premises for a hypothesis.

**ଅନୁମିତ**—ସଂ. ବିଣ ( ଅନୁ+ମା ଧାତୁ+କର୍ମ. ତ )—୧ । ଯେଉଁ
**Anumita** ବିଷୟକୁ ଅନୁମାନ କରାଯାଇଅଛି—1. (matter) Inferred; guessed; conjectured.
୨ । ହେତୁଦ୍ୱାରା ନିଶ୍ଚିତ—2. Concluded.
୩ । ଅନୁମାନଦ୍ୱାରା ସ୍ଥିରୀକୃତ—3. Deduced.
୪ । କଳ୍ପିତ—4. Imagined.

**ଅନୁମିତି**—ସଂ. ବି (ଅନୁ+ମା ଧାତୁ+ଭାବ. ତି)—୧ । ଅନୁମାନଜନ୍ୟ
**Anumiti** ଜ୍ଞାନ—1. The faculty of inference.
୨ । ଅନୁମାନକରଣ—2 Act of drawing inference.
୩ । (ନ୍ୟାୟଶାସ୍ତ୍ର) କଳ୍ପନା ବା ଅନୁମାନଦ୍ୱାରା ଜାତ ଅନୁଭବବିଶେଷ—3. Deduction by inference.

**ଅନୁମୁଖ**—ଦେ. ପଦ୍ୟ. ବିଣ—ପ୍ରସନ୍ନ—Cheerful; glad.
**Anumukha** ଅନୁମୁଖ ହୋଇ ତୁ ବିମୁଖ ଭାବ କଲୁ ।
ପ୍ରାଚୀ—ରସବାରିଧି ।

**ଅନୁମୃତା**—ସଂ. ବିଣ. ସ୍ତ୍ରୀ (ଅନୁ+ମୃତ+ସ୍ତ୍ରୀ. ଆ)—ଯେଉଁ ସ୍ତ୍ରୀ ସ୍ୱାମୀଙ୍କ
**Anumṛutā** ମୃତ୍ୟୁର କିଛି ଦିନ ପରେ ଚିତାରୋହଣ କରେ—
(ଅନୁମରଣ—ବି) (Wife) Who courts death some days after her husband's death by ascending the funeral pyre.

**ଅନୁମେୟ**—ସଂ. ବିଣ. (ଅନୁ=ପଶ୍ଚାତ୍+ମା ଧାତୁ=ମାପିବା+ଯୋଗ୍ୟାର୍ଥ;
**Anumeya** କର୍ମ. ଯ)—୧ । ଅନୁମିତ ହେବାର ଯୋଗ୍ୟ; ଅନୁମାନଯୋଗ୍ୟ; ଅନୁମାନବୋଧ୍ୟ—1. Capable of being inferred or guessed.
୨ । ଅନୁମାନଦ୍ୱାରା ଯାହା ସାଧିତ ହୁଏ—2. Deducible; inferable.

**ଅନୁମୋଦ**—ସଂ. ବି (ଅନୁ+ମୁଦ ଧାତୁ=ହର୍ଷ ପ୍ରକାଶ କରିବା+
**Anumoda** ଭାବ. ଅ)—ଅନୁମୋଦନ (ଦେଖ)
Anumodana (See)

**ଅନୁମୋଦନ**—ସଂ. ବି (ଅନୁ+ମୁଦ ଧାତୁ=ହର୍ଷ ପ୍ରକାଶ କରିବା—
**Anumodana** ଭାବ. ଅନ)—୧ । ଆହ୍ଲାଦପ୍ରକାଶପୂର୍ବକ ସମ୍ମତି—1. The act of consenting gladly; hearty consent.
୨ । ଉଚିତ ବୋଲି ସ୍ୱୀକାର କରିବା—2. Approval.
୩ । ପ୍ରବର୍ତ୍ତନ—3. The act of persuading.
୪ । ସମ୍ମତି କରିବା; ସମର୍ଥନ—4. Assent.

**ଅନୁମୋଦନକରିବା**—ଦେ. କ୍ରି—କୌଣସି ପ୍ରସ୍ତାବରେ ଆହ୍ଲାଦର
**Anumodana karibā** ସହିତ ସମ୍ମତି ଦେବା—To endorse
ଅନୁମোদন করা or support gladly; to support or approve heartily a proposal.
[ଦ୍ର—ସଭାରେ ଜଣେ ପ୍ରସ୍ତାବ କରନ୍ତି; ଆଉ ଜଣେ ଅନୁମୋଦନ କରନ୍ତି । ତାହା ପରେ ଉକ୍ତ ପ୍ରସ୍ତାବ ସଭାରେ ଉପସ୍ଥାପିତ ହୋଇ ଉପସ୍ଥିତ ବ୍ୟକ୍ତିମାନଙ୍କଦ୍ୱାରା ସମର୍ଥିତ ହୁଏ । ]

**ଅନୁମୋଦିତ**—ସଂ. ବିଣ (ଅନୁ=ପଶ୍ଚାତ୍+ମୁଦ ଧାତୁ+କର୍ମ. ତ)—
**Anumodita** ୧ । ଯେଉଁ ବିଷୟକୁ ଅନୁମୋଦନ କରାଯାଇଅଛି; ଅନୁଜ୍ଞାତ; ଅନୁମତ—1. Approved.
୨ । ସଦୃଶ—2 Similar.
୩ । ପ୍ରୋତ୍ସାହିତ—3. Encouraged.
୪ । (ଜଣକଦ୍ୱାରା ସଭାରେ ପ୍ରସ୍ତାବିତ ହୋଇଥିବା ବିଷୟ ଦ୍ୱିତୀୟ ବ୍ୟକ୍ତିଦ୍ୱାରା) ସମ୍ମତ—4. (proposal) Seconded at a meeting.

**ଅନୁଯାତ**—ସଂ. ବିଣ (ଅନୁ+ଯା ଧାତୁ+କର୍ତ୍ତୃ. ତ)—
**Anujāta.** ୧ । ପଶ୍ଚାଦ୍‌ଗତ—1. Gone after.
(ଅନୁଯାତା—ସ୍ତ୍ରୀ) ୨ । (+କର୍ମ. ତ) ଅନୁକୃତ—2. Followed; imitated

**ଅନୁଯାତା**—ସଂ. ବିଣ. ପୁଂ (ଅନୁ=ପଶ୍ଚାତ୍+ଯା ଧାତୁ=ଗମନ କରିବା
**Anujātā** +କର୍ତ୍ତୃ. ତୃ. ୧ମା. ୧ବ)—ଅନୁଯାତ ୧ (ଦେଖ)
(ଅନୁଯାତ୍ରୀ—ସ୍ତ୍ରୀ) Anujāta 1 (See).
ସଂ. ବିଣ. ସ୍ତ୍ରୀ—ଅନୁଯାତର ସ୍ତ୍ରୀଲିଙ୍ଗ—Feminine of Anujāta.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲ୍ଲ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ଥ |

**ଅନୁଯାତ୍ର**—ସଂ. ବ. (ବହୁବ୍ରୀହି; ଅନୁ=ପଶ୍ଚାତ୍+ଯାତ୍ରା=ଗମନ)—
Anujātra ୧ । ଭୃତ୍ୟ—1. Attendant.
୨ । ଅନୁଚର—2. Follower.

**ଅନୁଯାତ୍ରିକ**—ସଂ. ବି. ପୁଂ ( ଅନୁ=ସହ+ଯାତ୍ରା+ଇକ )—
Anujātrika ୧ । ସହଯାତ୍ରିକ; ଏକସଙ୍ଗରେ ତୀର୍ଥଗମନକାରୀ—
1. Pilgrims going together.
୨ । ଅନୁଚର; ସମଭିବ୍ୟାହାରୀ ବ୍ୟକ୍ତି—2. Companion; attendant.

**ଅନୁଯାନ**—ଦେ. ବି—ବିଦାୟ; ଯିବାପାଇଁ ଅନୁମତି—
Anujāna Farewell; permission to go.
ତାହାଙ୍କୁ ମାଗି ଅନୁଯାନ
ରଥେ ବସିଲେ ଭଗବାନ । ଜଗନ୍ନାଥ—ଭାଗବତ ।

**ଅନୁଯାୟୀ**—ସଂ. ବିଣ. ପୁଂ (ଅନୁ=ପଶ୍ଚାତ୍+ଯା ଧାତୁ=ଗମନ କରିବା
Anujāyi +ଇନ୍. ୧ମା. ୧ବ. )—୧ । ଅନୁଗାମୀ—
(ଅନୁଯାୟିନୀ—ସ୍ତ୍ରୀ ) 1. Attendant.
୨ । ସଦୃଶ—2. Corresponding to; following.
ସଂ. ବି.—୧ । ସେବକ—1. Attendant.
୨ । ଅନୁଚର—2. Follower.
ଦେ. କ୍ରି. ବିଣ—ଅନୁସାରେ—According to.

**ଅନୁଯୁକ୍ତ**—ସଂ.ବିଣ (ଅନୁ=ପଶ୍ଚାତ୍+ଯୁଜ୍ ଧାତୁ=ଯୋଗ କରିବା+
Anujukta କର୍ମ. ତ)—୧ । ଜିଜ୍ଞାସିତ—
(ଅନୁଯୁକ୍ତା—ସ୍ତ୍ରୀ) 1. Asked; questioned.
୨ । ତିରସ୍କୃତ—2. Reproached; taken to task.
ସଂ. ବି. ପୁଂ ( ଅନୁ+ଯୁକ୍ତ)—ବେତନଦାତା ଛାତ୍ର—A paying student; a student who pays for his tuition.

**ଅନୁଯୁଗେ**—ଦେ. ଅ.—ଯୁଗକୁ ଯୁଗ; ଚିରକାଳ—Age after
Anujuge age; for ever.
ଭକ୍ତଜନଙ୍କ ପ୍ରିୟଭାବେ
ଶରୀର ବହ ଅନୁଯୁଗେ—ଜଗନ୍ନାଥ ଭାଗବତ. ୪ର୍ଥ ।

**ଅନୁଯୋକ୍ତା**—ସଂ. ବିଣ. ସ୍ତ୍ରୀ — ( ଅନୁ+ଯୁଜ୍ ଧାତୁ + କର୍ତ୍ତୃ. ତୃ
Anujoktā ୧ମା. ୧ବ)—୧ । ଅନୁଯୋଗକାରୀ; ଅନାଦରକାରୀ
( ଅନୁଯୋକ୍ତ୍ରୀ—ସ୍ତ୍ରୀ ) ବ୍ୟକ୍ତି ନିକଟରେ ଆକ୍ଷେପ ପ୍ରକାଶକାରୀ
(ଅନାଦୃତ ବ୍ୟକ୍ତି)—1 Expressing grief at another's insult.
୨ । ପ୍ରଶ୍ନକାରୀ—2. (one) Who puts questions; questioning.
୩ । ତିରସ୍କାର କରିବା ବ୍ୟକ୍ତି—
3. (one) Who censures; censuring.

**ଅନୁଯୋଗ**—ସଂ. ବ. (ଅନୁ=ପଶ୍ଚାତ୍+ଯୁଜ୍ ଧାତୁ=ଯୋଗ କରିବା+
Anujoga ଭାବ. ଅ.—୧ । ପ୍ରଶ୍ନ—1 Question.
୨ । ତିରସ୍କାର—2. Censure; reproof.
୩ । ଆକ୍ଷେପପ୍ରକାଶ—3. Expression of regret.
୪ । ଅଭିଯୋଗ; ନାଲିସ୍—4. Complaint.
୫ । ପ୍ରାର୍ଥନା—5. Prayer.
୬ । କେହି ଅଯତ୍ନ, ଅନାଦର ବା ଅପକାର କଲେ ତାହାଙ୍କ ସମକ୍ଷରେ ବା ତାହାର ଆତ୍ମୀୟ ବ୍ୟକ୍ତିଙ୍କ ନିକଟରେ ଅନାଦୃତ ବ୍ୟକ୍ତିର ଆକ୍ଷେପ ପ୍ରକାଶ—
6. Expression of one's grief against a person for an insult done to the complaining person.

**ଅନୁଯୋଗୀ**—ସଂ. ବିଣ. ( ଅନୁ=ପଶ୍ଚାତ୍+ଯୁଜ୍ ଧାତୁ + ଇନ )—
Anujogi ( ନ୍ୟାୟଦର୍ଶନ ) ସମ୍ବନ୍ଧାଧାରଯୁକ୍ତ—Co-related; co-relative (container and the thing contained ).

**ଅନୁଯୋଜକ**—ସଂ. ବିଣ. ସ୍ତ୍ରୀ. (ଅନୁ+ଯୁଜ୍ ଧାତୁ+କର୍ତ୍ତୃ. ଅକ)—
Anujojaka ୧ । ପ୍ରଶ୍ନକର୍ତ୍ତା—1. Questioning.
(ଅନୁଯୋଜିକା—ସ୍ତ୍ରୀ) ୨ । ତିରସ୍କାରକର୍ତ୍ତା—2. Censuring.

**ଅନୁଯୋଜନ**—ସଂ. ବ. ( ଅନୁ+ଯୁଜ୍ ଧାତୁ+ଭାବ. ଅନ )—
Anujojana ଅନୁଯୋଜନା ( ଦେଖ )
Anujojanā ( See )

**ଅନୁଯୋଜନା**—ସଂ. ବି. ( ଅନୁଯୋଜନ+ଭାବ. ଆ )—
Anujojanā ୧ । ପ୍ରଶ୍ନ କରିବା—1. Questioning
୨ । ତିରସ୍କାର କରଣ—2. Reprimanding.

**ଅନୁଯୋଜ୍ୟ**—ସଂ. ବିଣ. (ଅନୁ=ପଶ୍ଚାତ୍+ଯୁଜ୍ ଧାତୁ+କର୍ମ. ଯ)—
Anujojya ପ୍ରଷ୍ଟବ୍ୟ; ପଚାରିବାର ଯୋଗ୍ୟ—
Fit to be questioned.

**ଅନୁରକ୍ତ**—ସଂ. ବିଣ. ପୁଂ. ( ଅନୁ+ରଞ୍ଜ ଧାତୁ+କର୍ତ୍ତୃ. ତ )—
Anurakta ୧ । ଆସକ୍ତ; ରତ—
(ବିରକ୍ତ—ବିପରୀତ) 1. Devoted to; attached to.
(ଅନୁରକ୍ତା—ସ୍ତ୍ରୀ) ୨ । ପ୍ରୀତ —2. Fond of.
୩ । ରଞ୍ଜିତ—3. Coloured.
୪ । ଅନୁକୂଳ—4. Favourable.

**ଅନୁରକ୍ତି**—ସଂ. ବ. ( ଅନୁ+ରଞ୍ଜ ଧାତୁ+ଭାବ ତି )—
Anurakti ୧ । ପ୍ରୀତି; ସ୍ନେହ—
(ବିରକ୍ତି—ବିପରୀତ) 1 Affection; attachment.
୨ । ସନ୍ତୋଷ—2. Satisfaction.
୩ । ଆଦର—3. Fondness.
୪ । ଯତ୍ନ—4. Care.
୫ । ପ୍ରବୃତ୍ତି—5. Proneness.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଇଁ' ନ ମିଳିଲେ 'ଭୂଇଁ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଳିବନ୍ଧ' ନ ପାଇଲେ 'ଅଳିବନ୍ଧ' ଦେଖିବେ ।

୬ । ଅନୁକୂଳତା—6. Favourableness.

**ଅନୁରଞ୍ଜକ**—ସଂ. ବିଣ. ପୁଂ. ( ଅନୁ+ରଞ୍ଜ ଧାତୁ+କର୍ତ୍ତୃ. ଅକ )—
Anurañjaka ହର୍ଷଜନକ; ଯେ ଅନୁରଞ୍ଜନ ବା ସନ୍ତୋଷ ପ୍ରଦାନ
(ଅନୁରଞ୍ଜିକା—ସ୍ତ୍ରୀ) କରେ—(one) Who (or which) can please or give pleasure; gratifying; pleasing.

**ଅନୁରଞ୍ଜନ**—ସଂ. ବି. ( ଅନୁ+ରଞ୍ଜ ଧାତୁ+ଭାବ. ଅନ )—
Anurañjana ୧ । ପ୍ରୀତ କରିବା; ତୁଷ୍ଟ କରିବା; ପ୍ରୀତି
(ଅନୁରଞ୍ଜିତ—ବିଣ) ସମ୍ପାଦନ—1. The act of giving pleasure or delight to others; giving satisfaction.

୨ । ରଙ୍ଗ କରିବା—2. Colouring; apainting.

**ଅନୁରଞ୍ଜିତ**—ସଂ. ବିଣ. (ଅନୁ+ରଞ୍ଜ ଧାତୁ ଣିଚ୍+କର୍ତ୍ତୃ ଓ କର୍ମ. ତ)—
Anurañjita ୧ । ସଂପ୍ରୀତ—1. Pleased.

୨ । ରଞ୍ଜିତ—2. Coloured; painted.

**ଅନୁରଣନ**—ସଂ. ବି. (ଅନୁ+ରଣ ଧାତୁ=ଶବ୍ଦ କରିବା+ଭାବ. ଅନ)—
Anuraṇana ଧ୍ୱନିର ପଶ୍ଚାଦ୍‌ଧ୍ୱନି; ଧାତୁ ଦ୍ରବ୍ୟରେ ଆଘାତ କଲେ ପ୍ରଥମ ଧ୍ୱନି ପରେ ଯେଉଁ ଧ୍ୱନି କନାଦିତ ହୁଏ—
Reverberation; continued sound after the first sound due to a metal being struck.

**ଅନୁରତ**—ସଂ. ବିଣ. ପୁଂ. ( ଅନୁ+ରମ ଧାତୁ+କର୍ତ୍ତୃ. ତ )—
Anurata ଅନୁରାଗବିଶିଷ୍ଟ; ଅନୁରକ୍ତ; ପ୍ରୀତ—
(ଅନୁରତା—ସ୍ତ୍ରୀ) Attached to; fond of; pleased.

**ଅନୁରତି**—ସଂ. ବି. ( ଅନୁ+ରମ ଧାତୁ+ଭାବ. ତି )—
Anurati ଅନୁରାଗ—Attachment.

**ଅନୁରଥ୍ୟା**—ସଂ. ବି. ( ଅନୁ=କ୍ଷୁଦ୍ର+ରଥ୍ୟା=ରାସ୍ତା )—
Anurathyā କ୍ଷୁଦ୍ରପଥ; ଗଳିରାସ୍ତା—A narrow road; street; a bye-lane; lane.

**ଅନୁରସ**—ସଂ. ବି. ( ଅନୁ+ରସ୍ ଧାତୁ+କର୍ମ. ଅ )—
Anurasa ୧ । ମାଧୁର୍ଯ୍ୟାଦି ରସର ଅନୁଗତ ରସ—
1. An intermediary taste.

୨ । (ବୈଦ୍ୟଶାସ୍ତ୍ରୋକ୍ତ) ମଧୁର ଅମ୍ଳରସଯୁକ୍ତ ପାଚନ ବିଶେଷ—
2. Name of a medicinal decoction.

**ଅନୁରାଗ**—ସଂ. ବି. ( ଅନୁ+ରଞ୍ଜ ଧାତୁ+ଭାବ. ଅ )—
Anurāga ୧ । ଆଦରଯୁକ୍ତ ସ୍ନେହ—1 Fond love.
(ଅନୁରକ୍ତ—ବିଣ) ୨ । ଆସକ୍ତି; ସ୍ନେହ; ପ୍ରୀତି; ଆନନ୍ଦ—
(ବିରାଗ—ବିପରୀତ) 2. Devotion; attachment; love; fondness; delight; ardour of love.

ଗ୍ରା. ବି —(ଅଶିକ୍ଷିତମାନେ ଏ ଶବ୍ଦକୁ ଭ୍ରମରେ ବ୍ୟବହାର କରନ୍ତି)
୧ । ବିରକ୍ତି—1. Displeasure.
୨ । ବିରାଗ; କ୍ରୋଧ—2. Anger.

ଣ—ବିରକ୍ତ; କ୍ରୁଦ୍ଧ—Angry; displeased.

**ଅନୁରାଗୀ**—ସଂ. ବିଣ. ପୁଂ. ( ଅନୁରାଗ+ଅସ୍ତି ଅର୍ଥରେ; ଇନ୍. ୧ମା.
Anurāgī ୧ବ. ବା ଅନୁ+ରଞ୍ଜ ଧାତୁ+ଶୀଳାର୍ଥେ. କର୍ତ୍ତୃ. ଇନ୍.
(ଅନୁରାଗିଣୀ—ସ୍ତ୍ରୀ) ୧ମା. ୧ବ. )—ଆସକ୍ତ; ଅନୁରକ୍ତ—
Attached to; fond of.

ସଂ. ବି—ଅନୁରାଗକାରୀ—One who is fond of some thing or attached to some thing or person.

**ଅନୁରାଧା**—ସଂ. ବି. ( ଅନୁ+ରାଧ ଧାତୁ=ସିଦ୍ଧ କରିବା+ଅ; ଯେ
Anurādhā ଯାହାଦ୍ୱାରେ ଇଷ୍ଟ କରାଏ । )—
ଜ୍ୟୋତିଷ ଶାସ୍ତ୍ରୋକ୍ତ ନକ୍ଷତ୍ରମାନଙ୍କ ମଧ୍ୟରୁ ସପ୍ତଦଶ ନକ୍ଷତ୍ର
( ନକ୍ଷତ୍ର ଶବ୍ଦ ଦେଖ )—
(In Hindu astronomy)A constellation of that name; the 17th in the list oft stars.

[ ଦ୍ର— କଣ୍ଠପାଠ୍ୟା ଅନୁସାରେ ଏହା ଦକ୍ଷିଣାକାଶର ପାଞ୍ଚ ଗୋଟି ତାରକାଯୁକ୍ତ ସର୍ପାକାରବିଶିଷ୍ଟ ନକ୍ଷତ୍ର । ]

**ଅନୁରୁଦ୍ଧ**—ସଂ. ବିଣ. ( ଅନୁ+ରୁଧ ଧାତୁ+କର୍ମ. ତ )—
Anuruddha ୧ । କୌଣସି କାର୍ଯ୍ୟ କରିବାକୁ ଅନ୍ୟ ଦ୍ୱାରା ପ୍ରାର୍ଥିତ—
(ଅନୁରୋଧ—ବି) 1. Requested by a person to do a thing.

୨ । ଯାହାକୁ ବା ଯେଉଁ ବିଷୟରେ ଅନୁରୋଧ କରା ଯାଇଅଛି—2 Requested; solicited.

୩ । ( ନାମ ) ସିଦ୍ଧାର୍ଥ ( ବୁଦ୍ଧଦେବ)ଙ୍କ ଭାଇ—
3 Name of the brother of Buddha.

**ଅନୁରୂପ**—ସଂ. ବିଣ. ପୁଂ. (ଅବ୍ୟୟୀଭାବ. ଅନୁ=ସଦୃଶ+ରୂପ. )—
Anurūpa ୧ । ସଦୃଶ; ତୁଲ୍ୟ—1. Like; resembling;
(ଅନୁରୂପା—ସ୍ତ୍ରୀ) similar.

୨ । ଯୋଗ୍ୟ—2. Fit; suitable.

୩ । ଅନୁଯାୟୀ; ଅନୁଗାମୀ—3. According to; following.

କ୍ରି. ବିଣ—ଅନୁସାରେ; ଅନୁଯାୟୀ—Accordingly.

**ଅନୁରୂପେ**—ଦେ. କ୍ରି. ବିଣ (ସଂ. ଅନୁରୂପ)—ଅନୁସାରେ—
Anurūpe Accordingly; in accordance with.
ଅନୁରୂପେ

**ଅନୁରୂହା**—ସଂ. ବି—ତୃଣବିଶେଷ—Cyperus Pertenius
Anurūhā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋୃ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଝ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ତ |

**ଅନୁରୋଧ**—ସଂ. ବି. ( ଅନୁ+ରୁଧ ଧାତୁ+ଭାବ. ଅ )—
Anurodha ୧ । ଉପରୋଧ; ଅଭୀଷ୍ଟସାଧନାର୍ଥ ପ୍ରାର୍ଥନା—
(ଅନୁରୁଦ୍ଧ—ବିଣ) 1. Request.
୨ । ପ୍ରତୀକ୍ଷା—2. Anticipation.
୩ । ଅନୁସରଣ—3. Following.
୪ । ଚକ୍ଷୁଲଜ୍ଜା—4. Personal consideration.
ବିରୋଧୋକ୍ତି ନ ଭାଷିବେ ଅନୁରୋଧରୁ । ଉପେ. ବୈଦେହୀଶବିଳାସ ୨୩.୧୬ ।
୫ । ସୁପାରିସ୍ 5. Recommendation.

**ଅନୁରୋଧକ**—ସଂ. ବିଣ. ପୁଂ. ( ଅନୁ+ରୁଧ ଧାତୁ+କର୍ତ୍ତୃ. ଅକ )—
Anurodhaka ୧ । ଯେ ଅନ୍ୟକୁ ଅନୁରୋଧ କରେ—
(ଅନୁରୋଧିକା—ସ୍ତ୍ରୀ ) 1. Requesting.
୨ । ଯେ ସୁପାରିସ୍ କରେ—2. Reccmmending.

**ଅନୁରୋଧପରବଶ**—ସଂ. ବିଣ. ପୁଂ (ଅନୁରୋଧ+ପରବଶ=ବଶୀଭୂତ)—
Anurodhaparabaśa ଯେ ଅନୁରୋଧକୁ ରକ୍ଷା କରେ ବା
(ଅନୁରୋଧପରବଶା—ସ୍ତ୍ରୀ ) ଅନୁରୋଧକୁ ଏଡ଼ି ନ ପାରେ—
Complying with a request.

**ଅନୁରୋଧରେ**—ଦେ. କ୍ରି. ବିଣ. ( ଅନ୍ୟ ଶବ୍ଦ ପରେ ବ୍ୟବହୃତ )—
Anurodhare ଅନ୍ୟ ଦ୍ୱାରା ବା ଘଟଣାରେ ବାଧ୍ୟ ହୋଇ—
Being bound by any thing; being under the necessity or pressure of.
( ଯଥା—କାର୍ଯ୍ୟର ଅନୁରୋଧରେ; ବନ୍ଧୁତାର ଅନୁରୋଧରେ; କର୍ତ୍ତବ୍ୟର ଅନୁରୋଧରେ । )

**ଅନୁଲା**—ଦେ. (ନାମ)— ୧ । ଜନୈକ ବୌଦ୍ଧ ସନ୍ନ୍ୟାସିନୀ—
Anulā 1. The name of a Buddhist nun.
୨ । ସିଂହଳର ଜନୈକ ରାଜମହିଷୀ—
2. One of the queens of Ceylon.

**ଅନୁଲାପ**—ସଂ. ବି. ( ଅନୁ=ପୁନଃ ପୁନଃ+ଲପ ଧାତୁ=କହିବା; ଗପିବା+ଭାବ. ଅ )—
Anulāpa
୧ । ମୁହୁର୍ଭାଷଣ; ପୁନଃପୁନଃ କଥନ—1. Repetition
୨ । ( ସାହିତ୍ୟର ଅଳଙ୍କାରବିଶେଷ ) ଯେଉଁ ସ୍ଥଳରେ କୌଣସି ବିଷୟ ପୁନଃପୁନଃ କଥିତ ହୋଇଥାଏ—
2. ( Rhetoric ) Tautology.

**ଅନୁଲିପ୍ତ**—ସଂ. ବି. ( ଅନୁ=ପଶ୍ଚାତ୍+ଲିପ ଧାତୁ=ଲେପିବା+କର୍ମ. ତ )—
Anulipta
ଯାହା ଦେହରେ ଚନ୍ଦନାଦି ସୁବାସ ଲେପନ କରାଯାଇଅଛି; କୃତାନୁଲେପନ; ରଞ୍ଜିତ; ରଙ୍ଗ ବୋଳା ଯାଇଥିବା—
Anointed or besmeared with perfumes.

**ଅନୁଲେପ**—ସଂ. ବି. ( ଅନୁ+ଲିପ ଧାତୁ+ଭାବ. ଅ )—
Anulepa ଦେହରେ ବୋଳା ହେବା ସୁଗନ୍ଧ ଦ୍ରବ୍ୟ; ଲେପନଦ୍ରବ୍ୟ
( ଯଥା— ଚନ୍ଦନାଦି )—Ointment; paste; unguent.

**ଅନୁଲେପନ**—ସଂ. ବି. ( ଅନୁ+ଲିପ ଧାତୁ+ଭାବ. ଅନ )—
Anulepana ୧ । ଗନ୍ଧଦ୍ରବ୍ୟାଦିର ପ୍ରୟୋଗ ବା ଲେପନ—
1. Act of anointing or applying paste.
୨ । ବୋଳିବା—2. Besmearing.
୩ । ପ୍ରଲେପନାର୍ଥ ଚନ୍ଦନାଦି ଲେପନ ଦ୍ରବ୍ୟ—
3. Ointment; paste.

**ଅନୁଲୋମ**—ସଂ. ବି. ( ଅନୁ=ସହିତ ବା ଅନୁସାରେ+ଲୋମନ=ଶରୀରରେ ରୋମ+ଅ )—
Anuloma
(ପ୍ରତିଲୋମ—ବିପରୀତ) ୧ । ଅନୁକ୍ରମ; ଯଥାକ୍ରମ—
1. The descending method.
୨ । ଦେହର ଲୋମ ଯେଉଁ ଦିଗକୁ ଉଠିଥାଏ, ସେହି ଦିଗ-ଅନୁସାରେ ହସ୍ତାଦିର ଚାଳନ—
2. The going with the grain or natural mode.
ସଂ. ବିଣ—୧ । ଅନୁକୂଳ—1. Going with the grain.
୨ । ପ୍ରାକୃତିକ—2. Following nature or natural order.
କ୍ରି. ବିଣ—୧ । ସହଜଆଡ଼େ; ଅନୁକୂଳରେ; ପ୍ରକୃତପ୍ରଣାଳୀରେ; ଯଥାକ୍ରମେ—1. Going with the grain; in a natural manner.
୨ । କ୍ରମନିମ୍ନରେ; ତଳଆଡ଼କୁ ଗତି କରିବା ଅନୁସାରେ—
2. In a descending manner.
ସଂ. ଅ. ( ଅନୁ=ପ୍ରତି+ଲୋମ )—ପ୍ରତି ରୋମରେ—
In every pore of the skin.

**ଅନୁଲୋମବିଲୋମ**—ଦେ. ବି—ରଚନାର ଭଙ୍ଗୀ ବା ପରିପାଟିବିଶେଷ—
Anulomabiloma A mode in composition.
[ଦ୍ର—ସମସ୍ତ ପାଦକୁ ମୂଳରୁ ଶେଷଯାଏ ପଢ଼ିଗଲେ ଯାହା, ଶେଷରୁ ମୂଳଯାଏ ପଢ଼ିଗଲେ ତାହା ଏ ଭଳି ରଚନା; ଯଥା—
ନମ ସୁରସାଳସୀ ଶୀଳସାର ସୁମନ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ. ୩୩।୧୭ ।]

**ଅନୁଲୋମଜ**—ସଂ. ବିଣ. ପୁଂ. (ଅନୁଲୋମ+ଜନ ଧାତୁ+ଅ)—ଉତ୍ତମ
Anulomaja ବର୍ଣ୍ଣର ପୁରୁଷ ଔରସରେ ଅଧମ ବର୍ଣ୍ଣ ସ୍ତ୍ରୀ ଗର୍ଭରୁ
(ଅନୁଲୋମଜା—ସ୍ତ୍ରୀ) ଜାତ ହୋଇଥିବା; ଅନୁଲୋମ ବିବାହରୁ ଜାତ
(ସନ୍ତାନ)—Born of a morganatic marriage; born of a father of a higher caste married to a woman of a lower caste.

**ଅନୁଲୋମବିବାହ**—ସଂ. ବି—ଯେଉଁ ବିବାହରେ ଉଚ୍ଚ ବର୍ଣ୍ଣର ( ଯଥା;
Anulomabibāha ବ୍ରାହ୍ମଣ ) ପୁରୁଷ ନିମ୍ନ ବର୍ଣ୍ଣର
(ପ୍ରତିଲୋମବିବାହ—ବିପରୀତ) (ଯଥା; କ୍ଷତ୍ରିୟ; ବୈଶ୍ୟାଦି) କନ୍ୟାକୁ
ବିବାହ କରେ—A kind of marriage in

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

which a man of a superior caste marries a girl of an inferior caste.

**ଅନୁଲ୍ଲଙ୍ଘନ**—ସଂ. ବି. ( ନ+ଉତ୍+ଲଙ୍ଘ+ଭାବ. ଅନ )—
Anullaṅghana ନିୟମର ଅଭଙ୍ଗ—Non-transgression;
(ଅନୁଲ୍ଲଙ୍ଘିତ—ବିଣ) non-violation of a rule,

**ଅନୁଲ୍ଲଙ୍ଘନୀୟ**—ସଂ. ବିଣ. ( ନ+ଉଲ୍ଲଙ୍ଘନୀୟ )—ଯାହା ଅତିକ୍ରମ କରି
Anullaṅghaniya ହେବ ନାହିଁ; ଅନତିକ୍ରମଣୀୟ—(that) Which can not be transgressed or violated with impunity; inviolable.

**ଅନୁଶୟ**—ସଂ. ବି. ( ଅନୁ=ନି+ଶୀ ଧାତୁ=ଶୋଇବା+ଭାବ. ଅ )—୧ । ଅନୁତାପ; ପଶ୍ଚାତ୍ତାପ—
Anuśaya 1. Repentance; regret.
୨ । ଦ୍ୱେଷ; ଅହନ୍ତା—2. Old grudge
୩ । ଶତ୍ରୁତା—3. Enmity.
୪ । ଘୃଣା—4. Hatred.
୫ । ଅନୁଧାବନ; ମନୋନିବେଶ—5. Attention.
୬ । ଶାସ୍ତ୍ରୋକ୍ତ କର୍ମ—
6. Rituals prescribed by the Śāstras

**ଅନୁଶୟାନ**—ସଂ. ବିଣ. ପୁଂ. ( ଅନୁ+ଶୀ ଧାତୁ+କର୍ତ୍ତୃ. ଆନ )—ଯେ
Anuśayāna ଅନୁଶୟ ବା ପଶ୍ଚାତ୍ତାପ କରେ—
(ଅନୁଶୟାନା—ସ୍ତ୍ରୀ) Repentant; repenting

**ଅନୁଶୟିତ**—ସଂ. ବିଣ. ପୁଂ. ( ଅନୁଶୟ+ଇତ )—
Anuśayita ଯାହାର ଅନୁତାପ ଘଟିଅଛି; ଅନୁତପ୍ତ—
(ଅନୁଶୟିତା—ସ୍ତ୍ରୀ) Repentant; remorseful.

**ଅନୁଶୟୀ**—ସଂ. ବିଣ. ପୁଂ. ( ଅନୁଶୟ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ. )—ଅନୁତାପକାରୀ—Repentant
Anuśayī
(ଅନୁଶୟିନୀ—ସ୍ତ୍ରୀ) ସଂ. ବି—ପାଦରୋଗବିଶେଷ—A foot-disease.

**ଅନୁଶର**—ସଂ. ବି. ( ଅନୁ=ପୁନଃ ପୁନଃ+ଶୃ ଧାତୁ=ବଧ କରିବା +କର୍ତ୍ତୃ. ଅ )—ରାକ୍ଷସ—Demon.
Anuśara

**ଅନୁଶାୟୀ**—ସଂ. ବିଣ. ପୁଂ—ଅନୁଶୟୀ ( ଦେଖ )
Anuśāyī Anuśayī ( See )
( ଅନୁଶାୟିନୀ—ସ୍ତ୍ରୀ )

**ଅନୁଶାସକ**—ସଂ. ବି. ପୁଂ. ( ଅନୁ=ଶାସ ଧାତୁ+କର୍ତ୍ତୃ. ଅକ )—
Anuśāsaka ୧ । ଶାସନକର୍ତ୍ତା—1. Ruler.
(ଅନୁଶାସିକା—ସ୍ତ୍ରୀ) ୨ । ଉପଦେଶକ—2. Preceptor.
୩ । ଆଦେଶକର୍ତ୍ତା—3. Commander.

**ଅନୁଶାସନ**—ସଂ. ବି. ( ଅନୁ+ଶାସ୍ ଧାତୁ+ଭାବ. ଅନ )—
Anuśāsana ୧ । ଆଜ୍ଞା—1. Command.
୨ । ଆଦେଶବାକ୍ୟ—2. Dictum; edict.
୩ । ଉପଦେଶ—3. Precepts; advice.
୪ । ଶିକ୍ଷାଦାନ—4. Instruction.
୫ । ନିୟୋଗ—5. Discipline or control.
୬ । କାର୍ଯ୍ୟରେ ନିଯୁକ୍ତି—
6. Appointment; deputation.
୭ । ତିରସ୍କାର—7. Admonition.

[ ଦ୍ର—ମହାରାଜ ଅଶୋକଙ୍କ ଅନୁଶାସନ ବା ଆଦେଶବାକ୍ୟମାନ ପ୍ରସ୍ତରଗାତ୍ରରେ ଖୋଦିତ ହୋଇ ସାମ୍ରାଜ୍ୟର ସ୍ଥିରଅଟେଳ ରଖା ଯାଇଥିଲା । ଅଦ୍ୟାପି ସେଗୁଡ଼ିକ ଅନେକତ୍ର ଦେଖାଯାଏ । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ରାଜତ୍ୱ କରୁଥିବା ବୌଦ୍ଧଧର୍ମାବଲମ୍ବୀ ମହାରାଜ ଅଶୋକ ନିଜ ସାମ୍ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳରେ ୧୨ ଗୋଟି ଅନୁଶାସନ ପାଲିଭାଷାରେ ଖୋଳାଇଥିଲେ । ଓଡ଼ିଶାର ପୁରୀ ଜିଲ୍ଲାର ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳିଗିରି ଓ ଗଞ୍ଜାମର ଜଉଗଡ଼ରେ ସେହି ଅନୁଶାସନଗୁଡ଼ିକ ଏ ପର୍ଯ୍ୟନ୍ତ ରହିଅଛି । ]

**ଅନୁଶାସନପତ୍ର**—ସଂ. ବି. ( ଅନୁଶାସନ+ପତ୍ର )—୧ । ଆଜ୍ଞାପତ୍ରିକା—
Anuśāsanapatra 1. Letter of ordinance.
୨ । ନିଯୋଗ ପତ୍ରିକା—2. Letter of appointment.

**ଅନୁଶାସନପର୍ବ**—ସଂ. ବି. ( ଅନୁଶାସନ+ପର୍ବ )—ମହାଭାରତର ଅଠର
Anuśāsanaparba ପର୍ବ ମଧ୍ୟରେ ଭୀଷ୍ମ ଶରଶଯ୍ୟାରେ ଥାଇ ଯହିଁରେ ଯୁଧିଷ୍ଠିରଙ୍କୁ ଉପଦେଶ ଦେଇଛନ୍ତି ସେହି ପର୍ବ—Name of a volume of the Mahābhārata containing rules of conduct or precepts addressed by Bhīshma to Judhishṭhira.

**ଅନୁଶାସନିକପର୍ବ** ସଂ. ବି—ଅନୁଶାସନପର୍ବ ( ଦେଖ )
Anuśāsanikaparba Anuśāsanaparba ( See )

**ଅନୁଶାସିତ**—ସଂ. ବିଣ. ପୁଂ. (ଅନୁ+ଶାସ ଧାତୁ+କର୍ମ. ତ)—
Anuśāsita ୧ । ଜ୍ଞାପିତ—1. Informed.
(ଅନୁଶାସିତା—ସ୍ତ୍ରୀ) ୨ । ଆଜ୍ଞପ୍ତ—2. Ordered.

**ଅନୁଶାସିତା**—ସଂ. ବିଣ. ପୁଂ (ଅନୁ+ଶାସ ଧାତୁ+କର୍ତ୍ତୃ. ତୃ ୧ମା. ୧ବ.)
Anuśāist ଅନୁଶାସକ (ଦେଖ)
(ଅନୁଶାସିତ୍ରୀ—ସ୍ତ୍ରୀ) Anuśāśaka (See)
ସଂ. ବିଣ. ସ୍ତ୍ରୀ—ଅନୁଶାସିତର ସ୍ତ୍ରୀଲିଙ୍ଗ—
Feminine of Anuśāsita.

**ଅନୁଶାସୀ**—ସଂ. ବିଣ. ପୁଂ ( ଅନୁ+ଶାସ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ. )—ଅନୁଶାସକ (ଦେଖ)
Anuśāsī
(ଅନୁଶାସିନୀ—ସ୍ତ୍ରୀ) Anuśāsaka (See)

**ଅନୁଶାସ୍ତା**—ସଂ. ବିଣ. ପୁଂ. ( ଅନୁ+ଶାସ ଧାତୁ+କର୍ତ୍ତୃ. ତୃ ୧ମା. ୧ବ.)—ଅନୁଶାସକ (ଦେଖ)
Anuśāstā
(ଅନୁଶାସ୍ତ୍ରୀ—ସ୍ତ୍ରୀ) Anuśāsaka (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଞ୍ଚ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

**ଅନୁଶାସ୍ୟ**—ସଂ. ବିଣ ( ଅନୁ+ଶାସ ଧାତୁ+କର୍ମ. ଯ )—ନିୟମଦ୍ୱାରା
Anuśāsya ଆଦିଷ୍ଟ ବା ପରିଚାଳିତ ହେବାର ଯୋଗ୍ୟ—
To be governed by rule.

**ଅନୁଶିଷ୍ଟ**—ସଂ. ବିଣ.ପୁଂ.(ଅନୁ+ଶାସ ଧାତୁ + କର୍ମ. ତ)— ୧ । ଉପଦିଷ୍ଟ;
Anuśishṭa ଶିକ୍ଷାପ୍ରାପ୍ତ—1 Taught; instructed.
୨ । ଅନୁଜ୍ଞାତ; ଆଦିଷ୍ଟ; ଆଜ୍ଞପ୍ତ—2. Commanded.
୩ । ନିୟମଦ୍ୱାରା ପରିଚାଳିତ—3. Guided or governed by a rule.

**ଅନୁଶିଷ୍ୟ**—ସଂ. ବି. ପୁଂ. (ଅନୁ=ପଶ୍ଚାତ୍ +ଶିଷ୍ୟ)— ୧ । ନିମ୍ନ ଶ୍ରେଣୀର
Anuśishya ଶିଷ୍ୟ —1. A disciple of the 2nd order.
(ଅନୁଶିଷ୍ୟା—ସ୍ତ୍ରୀ)
୨ । ଶିଷ୍ୟଠାରୁ ଶିକ୍ଷା ଲାଭ କରୁଥିବା ଅଳ୍ପପାଠୁଆ ଶିଷ୍ୟ—
2. A disciple who is taught by a pupil of the higher class.
୩ । ଶିଷ୍ୟର ଶିଷ୍ୟ —3. A pupil of a pupil.

**ଅନୁଶୀଳନ**—ସଂ. ବି. ( ଅନୁ+ଶୀଲ ଧାତୁ+ଭାବ. ଅନ )—
Anuśīlana ୧ । ଆନ୍ଦୋଳନ; ଆଲୋଚନା; ଚର୍ଚ୍ଚା—
1. Study; pursuit of a science; cultivation of a study.
୨ । ଅନୁକ୍ଷଣ ସେବା; ପୁନଃପୁନଃ ଅଭ୍ୟାସ; ପାଠାଭ୍ୟାସ—2. Exercise.

**ଅନୁଶୀଳନୀ**—ସଂ. ବି. (ଅନୁ+ଶୀଲ ଧାତୁ + ଭାବ. ଅନ + ସ୍ତ୍ରୀ. ଈ)—
Anuśīlanī ପାଠାଭ୍ୟାସରେ ସାହାଯ୍ୟ କରିବା ପାଇଁ ସାଧନ କରାଯିବା ପ୍ରତିଜ୍ଞା—Exercise; proposition studied for exercise.

**ଅନୁଶୀଳନୀୟ**—ସଂ. ବିଣ ( ଅନୁ+ଶୀଲ ଧାତୁ + କର୍ମ. ଅନୀୟ )—
Anuśīlanīya ଆଲୋଚନୀୟ; ଅନୁଶୀଳନର ଯୋଗ୍ୟ—
Worth cultivation or exercise; worthy of being pursued.

**ଅନୁଶୀଳିତ**—ସଂ. ବିଣ. ( ଅନୁ+ଶୀଲ ଧାତୁ + କର୍ମ. ତ )—ଯେଉଁ
Anuśīlita ବିଷୟର ଅନୁଶୀଳନ କରାଯାଇଅଛି – Exercised; cultivated; pursued.

**ଅନୁଶୋକ**—ସଂ. ବି. ( ଅନୁ + ଶୁଚ ଧାତୁ + ଅ )—୧ । ଅନୁତାପ;
Anuśoka ପଶ୍ଚାତ୍ତାପ—1 Repentance; regret; remorse.
୨ । ଦୁଃଖ—2 Sorrow.

**ଅନୁଶୋଚନ**—( ଅନୁ=ପଶ୍ଚାତ୍ + ଶୁଚ ଧାତୁ + ଭାବ. ଅନ )—
Anuśochana ୧ । ଦୁଃଖ; ଅପ୍‌ଶୋଷ୍—1. Sorrow
୨ । ଅନୁତାପ; ପଶ୍ଚାତ୍ତାପ—
2. Repentance; regret.
୩ । ଶୋକ—3. Grief

**ଅନୁଶୋଚନା**—ସଂ. ବି. (ଅନୁ + ଶୁଚ + ଭାବ. ଅନ + ସ୍ତ୍ରୀ. ଆ)—
Anuśochanā ଅନୁଶୋଚନ ( ଦେଖ )—
Anuśochana ( See ).

**ଅନୁଶ୍ରବ**—ସଂ. ବି. ( ଅନୁ=ପଶ୍ଚାତ୍ + ଶ୍ରୁ ଧାତୁ=ଶ୍ରବଣକରିବା + ଅ)
Anuśraba ଶୁଣି କରି ଯେଉଁ ଜ୍ଞାନ ଜାତ ହୁଏ—Knowledge gained through the ear.

**ଅନୁଷକ୍ତ**—ସଂ. ବିଣ. ( ଅନୁ + ସଞ୍ଜ ଧାତୁ+କର୍ତ୍ତୃ. ତ; ଷତ୍ୱ ବିଧି
Anushakta ଅନୁସାରେ ‘ସ’ ସ୍ଥାନରେ‘ଷ’ )—ଆସକ୍ତ;ସମ୍ବଦ୍ଧ—
Attached; connected.

**ଅନୁଷଙ୍ଗ**—ସଂ. ବି. ( ଅନୁ=ପଶ୍ଚାତ୍ + ସଞ୍ଜ ଧାତୁ + ଅ; ଷତ୍ୱ ବିଧି
Anushaṅga ଅନୁସାରେ ‘ସ’ ସ୍ଥାନରେ ‘ଷ’ )—୧ । ଦୟା;
ଅନୁକମ୍ପା—1. Tenderness; compassion; kindness.
୨ । ଏକତ୍ର ଅନ୍ୱିତ ସମ୍ବନ୍ଧ, ସମ୍ପର୍କ—
2. Connection; association.
୩ । ସମ୍ମତି – 3. Agreement,
୪ । ଆସକ୍ତି; ସ୍ନେହ—
4. Affection; attachment.
୫ । ପରିଣତି—5. Consequence.

**ଅନୁଷଙ୍ଗିକ**—ସଂ. ବିଣ ( ଅନୁଷଙ୍ଗ + ଇକ )—୧ । ସମ୍ବନ୍ଧଯୁକ୍ତ;
Anushaṅgika ସଂଯୁକ୍ତ—1. Connected; joined.
୨ । ସମ୍ବନ୍ଧୀୟ—2. Pertaining to; relating to
୩ । ଏକତ୍ର ଅନ୍ୱିତ—3. Concomitant; following as a necessary result.
୪ । (ଯେଉଁ କାର୍ଯ୍ୟ ବା କଥା) ମୂଳକାର୍ଯ୍ୟ ବା କଥା ସହିତ ସମ୍ପର୍କଯୁକ୍ତ—4 Secnodary.
[ଦ୍ର—ଏହାର ଅନ୍ୟ ରୂପ ଆନୁଷଙ୍ଗିକ । ]

**ଅନୁଷେକ**—ସଂ. ବି. (ଅନୁ=ପଶ୍ଚାତ୍+ସିଚ ଧାତୁ=ଛିଞ୍ଚିବା + ଭାବ. ଅ
Anusheka ଷତ୍ୱ ବିଧାନାନୁସାରେ ‘ସ’ ସ୍ଥାନରେ ‘ଷ’ )—
ପୁନର୍ବାର ଜଳ ସେଚନ; ପୁଣି ଛିଞ୍ଚିବା—
Rewatering; resprinkling.

**ଅନୁଷ୍ଟୁପ୍**—ସଂ. ବି. ( ଅନୁ+ସ୍ତୁନଭ୍ ଧାତୁ=ସ୍ତବ୍ଧ ହେବା + ସଂଜ୍ଞାର୍ଥ-
Anushṭup କର୍ମ. କ୍ୱିପ୍ )—୧ । ଅଷ୍ଟାକ୍ଷରାବୃତ୍ତି; ବେଦୋକ୍ତ ଛନ୍ଦବିଶେଷ; ଏଥିରେ ଚାରିଗୋଟି ପାଦ; ପ୍ରତି ପାଦରେ ଆଠ ଅକ୍ଷର ଥାଏ ଓ ଅଷ୍ଟମ ଅକ୍ଷରରେ ଯତିପାତ ହୁଏ—
1. A kind of Vedic metre consisting of four lines of eight syllables each.

[ ଅନୁଷ୍ଟୁପ୍ ଛନ୍ଦର ଉଦାହରଣ—

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ॥ ଭଗବଦ୍‌ଗୀତା ।

ମୁଦ୍ରାଙ୍କଣ ସୌକର୍ଯ୍ୟ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଟା' ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଦେ. ବି.—( ନାମ ) ଋଷିବିଶେଷ—
2. Name of a sage.

ଅନୁଷ୍ଠୁପ୍ ଋଷି ବୋଲେ ଭାରତ ସମରେ,
ସେନାପତି ହୋଇବୁ ତୁ କୁରୁଙ୍କ ଥାଟରେ । ସାରଳା ମହାଭାରତ. ଉଦ୍ଯୋଗ ।

୩ । ସରସ୍ୱତୀ—3. The Goddess of Learning.

**ଅନୁଷ୍ଠାତା**—ସଂ. ବିଣ. ପୁଂ. ( ଅନୁ+ସ୍ଥା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—ଯେ ଅନୁଷ୍ଠାନ କରେ; ଅନୁଷ୍ଠାନକର୍ତ୍ତା—
Anushṭhātā (ଅନୁଷ୍ଠାତ୍ରୀ—ସ୍ତ୍ରୀ) Founding; establishing; instituting.

ସଂ. ବି—ପ୍ରତିଷ୍ଠାନକର୍ତ୍ତା ବ୍ୟକ୍ତି; ଯେ କୌଣସି କାର୍ଯ୍ୟ ପ୍ରଥମରୁ ଆରମ୍ଭ କରେ—A founder; one who starts or undertakes any work.

**ଅନୁଷ୍ଠାନ**—ସଂ. ବି. ( ଅନୁ+ସ୍ଥା ଧାତୁ+ଭାବ. ଅନ )—
Anushṭhāna ୧ । ଆରମ୍ଭ; ପ୍ରଥମ ଉଦ୍ୟମ—
( ଅନୁଷ୍ଠିତ—ବିଣ ) 1. Beginning, first effort; preparation.

୨ । ନିର୍ବାହ; ସମ୍ପାଦନ—2. Undertaking.

୩ । ପ୍ରତିଷ୍ଠିତ କାର୍ଯ୍ୟ—
3. An establishment; institution.

ଦେ. ବି—ଦେବାରାଧନାଦି କାର୍ଯ୍ୟ—Religious rites.

**ଅନୁଷ୍ଠାନପତ୍ର**—ସଂ. ବି. ( ଅନୁଷ୍ଠାନ+ପତ୍ର; ଆଧୁନିକ ପ୍ରୟୋଗ )—
Anushṭhānapatra କୌଣସି ଉଦ୍ୟମକୁ ସାଧାରଣରେ ପ୍ରଚାର
অনুষ্ঠানপত্র କରିବା ପାଇଁ ପ୍ରକାଶିତ ଲିଖିତ ବିବରଣମାନ—
A prospectus.

**ଅନୁଷ୍ଠାନଶରୀର**— ସଂ. ବି. (ଅନୁଷ୍ଠାନ+ଶରୀର)—(ଦର୍ଶନ) କର୍ମଶରୀର—
Anushṭhānaśarīra ( Hindu philosophy ) The subtle body.

**ଅନୁଷ୍ଠିତ**—ସଂ. ବିଣ. ( ଅନୁ+ସ୍ଥା ଧାତୁ+କର୍ମ. ତ )—୧ । ଆରବ୍ଧ—
Anushṭhita 1. Begun; commenced; started
(ଅନୁଷ୍ଠାନ—ବି) ୨ । ନିଷ୍ପନ୍ନ; ସମ୍ପାଦିତ; କୃତ—
2. Done; executed; effected.

୩ । ପ୍ରତିଷ୍ଠିତ—3. Instituted.

୪ । ସମ୍ପାଦିତ ହେବାପାଇଁ ଗୃହୀତ—
4. Undertaken; taken in hand.

**ଅନୁଷ୍ଠେୟ**—ସଂ. ବିଣ. ( ଅନୁ+ସ୍ଥା ଧାତୁ+କର୍ମ. ଯ )—
Anushṭheya ୧ । ଅନୁଷ୍ଠିତ ହେବାର ଯୋଗ୍ୟ; ଅନୁଷ୍ଠାନ-ଯୋଗ୍ୟ—1. Worth doing.

୨ । ଯାହା ଆରବ୍ଧ ହେବ—2. To be commenced.

୩ । ଯାହା ସମ୍ପାଦନ କରିବାକୁ ହେବ—
3. To be practised.

**ଅନୁଷ୍ଠ୍ୟୂତ**—ସଂ. ବିଣ. (ଅନୁ+ଷ୍ଠୀବ ଧାତୁ=ଛେପ ପକାଇବା+କର୍ମ.
Anushṭhyūta ତ )—ପରସ୍ପର ସମ୍ବନ୍ଧବିଶିଷ୍ଟ; ଅବିଚ୍ଛିନ୍ନ—
Connected with each other.

**ଅନୁଷ୍ଣ**—ସଂ. ବିଣ. ( ନ+ଉଷ୍ଣ=ଗରମ )—୧ । ଶୀତଳ —
Anushṇa 1 Cold; chilly.

୨ । ଜଡ଼—2. Inert.

୩ । ଅଦକ୍ଷ; ଅଳସୁଆ—3 Idle; lazy.

ସଂ. ବି—ଉତ୍ପଳ; କଇଁଫୁଲ; କୁମୁଦ—A water-lily.

**ଅନୁସକ୍ତ**—ସଂ. ବିଣ—ଅନୁଷକ୍ତ ( ଦେଖ )
Anusakta Anushakta ( See )

**ଅନୁସଙ୍ଗ**—ସଂ. ବି—ଅନୁଷଙ୍ଗ ( ଦେଖ )
Anusaṅga Anushaṅga ( See )

**ଅନୁସନ୍ଧାନ**—ସଂ. ବି. ( ଅନୁ=ପଶ୍ଚାତ୍+ସମ୍=ସମ୍ୟକରୂପେ+ଧା
Anusandhāna ଧାତୁ=ଧାରଣ କରିବା+ଭାବ. ଅନ )—

୧ । କୌଣସି ବିଷୟ ନିର୍ଣ୍ଣୟ କରିବା ନିମନ୍ତେ ଚେଷ୍ଟା ବା ଯତ୍ନ—
1. Research; examination; enquiry; scrutiny.

୨ । ଖୋଜିବା; ଅନୁସନ୍ଧାନ; ଖୋଜ୍‌ତଲାସ୍—
2 Searching; investigation.

**ଅନୁସନ୍ଧାଣି**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅନୁସନ୍ଧାୟୀ )—
Anusandhāni ଅନୁସନ୍ଧାନ କରିବାରେ ପଟୁ; ଯେ ଅନୁସନ୍ଧାନ କରି ଜାଣେ—Expert in finding out a clue, skilful in investigation.

**ଅନୁସନ୍ଧାୟୀ**—ସଂ. ବିଣ. ପୁଂ. ( ଅନୁ+ସମ୍+ଧା ଧାତୁ+କର୍ତ୍ତୃ. ଇନ୍
Anusandhāyī ୧ମା. ୧ବ. )—୧ । ଯେ ଅନୁସନ୍ଧାନ କରେ—
(ଅନୁସନ୍ଧାୟିନୀ—ସ୍ତ୍ରୀ) 1 Enquiring; investigating.

୨ । ଯେ ଅନୁସନ୍ଧାନ କର୍ମରେ ପଟୁ—
2. Expert in investigation.

**ଅନୁସନ୍ଧିତ୍ସା**—ସଂ. ବି. ( ଅନୁ+ସମ୍+ଧା ଧାତୁ+ଇଚ୍ଛାର୍ଥେ. ସନ୍;
Anusandhitsā ଅ+ଭାବ. ଅ )—
ଅନୁସନ୍ଧାନ କରିବାର ଇଚ୍ଛା—Inquisitiveness; tendency to enquire.

**ଅନୁସନ୍ଧିତ୍ସୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ଅନୁ+ସମ୍+ଧା ଧାତୁ+
Anusandhitsu ଇଚ୍ଛାର୍ଥ. ସନ୍; କର୍ତ୍ତୃ. ଉ )—

୧ । ଅନୁସନ୍ଧାନ କରିବା ପାଇଁ ଇଚ୍ଛୁକ—
1. Desirous of enquiring.

୨ । ଅନୁସନ୍ଧାନ କରିବାକୁ ବ୍ୟଗ୍ର—
2. Inquisitive; curious to enquire.

**ଅନୁସନ୍ଧେୟ**—ସଂ. ବିଣ. ( ଅନୁ+ସମ୍+ଧା ଧାତୁ+କର୍ମ. ଯ )—
Anusandheya ୧ । ଯାହା ଖୋଜିବା ଦରକାର—
1. To be scrutinised; to be searched after.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍‌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଙ୍ଘ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଞ | କ୍ଷ |

୨ । ଅନ୍ୱେଷଣ କରିବାର ଯୋଗ୍ୟ—
2. Worth enquiring; worthy of scrutiny.

**ଅନୁସର**—ସଂ. ବି. (ଅନୁ=ପଛେ ପଛେ+ସୃ ଧାତୁ=ଯିବା+କର୍ତ୍ତୃ. ଅ—
**Anusara** ଯେ ପ୍ରଭୁର ପଛେ ପଛେ ଯାଏ)—ଅନୁଚର; ଭୃତ୍ୟ—
Servant; attendant.

**ଅନୁସରଣ**—ସଂ. ବି. (ଅନୁ+ସୃ ଧାତୁ=ଗମନ କରିବା+ଭାବ.ଅନ)—
**Anusarana** ୧ । ଅନୁବୃତ୍ତି; ଅନୁଗମନ—
(ଅନୁସୃତ—ବିଣ) 1. Act of following.
୨ । ପଛରେ ଯିବା—2. Pursuit.
୩ । ଅନୁରୂପକରଣ—3. Imitating.
୪ । ଆଚାର—4. Conduct.
ଦେ. ବି—୧ । ବିନୀତଭାବରେ ପ୍ରାର୍ଥନା—
1. Humble prayer.
ଅନୁସରଣରେ ବସନ୍ତ ମନ ନେବ
କାଳ ଜାଣି ଭାବ ରକ୍ଷଣ ପରିବି । କୃଷ୍ଣସିଂହ. ମହାଭାରତ. ବସନ୍ତ ।
୨ । ଆପଣାର ଆଶାପୂରଣାର୍ଥ କୌଣସି ବ୍ୟକ୍ତିର ପଛରେ ଗୋଡ଼ାଇବା—2. Following a person with a view to his granting a prayer; waiting upon a person.
ବଧୂରମଣୀହାସି ମୋ ଅନୁସରଣ ଯେମନ୍ତ ଉଚ୍ଛୁଁକ ଅନା ।
ଭଞ୍ଜ. ପ୍ରେମସୁଧାନିଧି ୮୧୮ ।

**ଅନୁସରଣିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅନୁସରଣ+ଓ. ଇଆ)—
**Anusaraniañ** ୧ । ଅନୁସରଣକାରୀ—
1. Following ( a person with a prayer ).
୨ । ଆଶ୍ରିତ—2. Dependant.
୩ । ଉମେଦ୍ୱାର; ପ୍ରାର୍ଥୀ—3. Suitor.
୪ । ଯେ କୌଣସି କାର୍ଯ୍ୟ ପାଇଁ ଅନ୍ୟ ବ୍ୟକ୍ତିଙ୍କ ପଛରେ ଗୋଡ଼ାଇ ଥାଏ—4. Waiting upon a person for the fulfilment of some aim

**ଅନୁସରିବା**—ଦେ. ପଦ୍ୟ. କି. ( ସଂ. ଅନୁସରଣ )—
**Anusaribā** ୧ । ପ୍ରାପ୍ତି ଆଶାରେ ପଛରେ ଗୋଡ଼ାଇବା—
1. To be in pursuit for some thing.
ହେ ବୀର. ବଫଳେ କିପାଁ ମର ଅନୁସରି । ଲୋକନାଥ. ମହାଯାତ୍ରା ।
୨ । ଅନୁସରଣ କରିବା—2. To pray personally.
ଅନୁସରି ରହି ଯେ ହରନ୍ତି ବିନକୁ । କୃଷ୍ଣସିଂହ. ମହାଭାରତ. ବନ ।
୩ । ପ୍ରାର୍ଥୀ ହେବା—3. To be a suitor.
ଅନୁସରିଛ ଯେ ! ମନ୍ଦ ପାସେ ରହୁ ନାହିଁ—ସଙ୍ଗୀତ ।
୪ । ବହୁତ ବିନୟ କରିବା—
4. To assume excessive humility.
କହୁଲେହେଁ ଅନୁସରି ଗୁଣ ତ ନ ବଳିଲ ରେ ।
କବିସୂର୍ଯ୍ୟ. କଳୋଗରସମ୍ମୁ—ଚ ଗୀତ ।
୫ । ଚଳିବା—5. To accompany.
ଯେ ସାଧୁ ସଙ୍ଗେ ଅନୁସରେ, ସେ କଥାମୃତ ପାନ କରେ ।
ଜଗନ୍ନାଥ. ଭାଗବତ. ୪ର୍ଥ ।
୬ । ପାଛୋଟି ନେବା—6. To greet.
ବାଳା ଅନୁସର ନ ଆସିବା ଦେଖି ଛଳ—ଭଞ୍ଜ. ବୈଦେହୀଶବିଳାସ. ୨୫୮ ।
୭ । ଅନୁସନ୍ଧାନ କରିବା—
7. To make searching examination.
ରାଜା ଉଗ୍ରସେନ ଆଦି ଅନୁସରି ଦେଖିଲି ମୁକୁନ୍ଦ ସ୍ୱନ୍ଦନ ।
ଶିଶୁଶଙ୍କର. ଉଷାଅଭିଳାଷ ।

**ଅନୁସାର**—ସଂ. ବି. ( ଅନୁ+ସୃ ଧାତୁ=ଗମନ କରିବା+ଭାବ. ଅ )—
**Anusāra** ୧ । ଅନୁଗମନ—1. Pursuit.
(ଅନୁସୃତ—ବିଣ) ୨ । ଅନୁକ୍ରମ—2. Accordance.
୩ । ଅନ୍ୱେଷଣ—3. Seeking.
୪ । ସମଭାବ; ପୂର୍ବାନୁରୂପ—4. Analogy.
୫ । ପଛରେ ଯିବା—5. Following.
(ଅନୁସାରୀ—ସ୍ତ୍ରୀ) ୬ । (ପୁଂ) ଅନୁଚର; ଭୃତ୍ୟ; ପାରିଶ୍ୱଲୋକ—
6. A personal servant.
ସଂ. କ୍ରି. ବିଣ—ଅନୁସାରେ—According to.
ଗ୍ରା. ବି.—ଅନୁସ୍ୱାର (ଦେଖ)
Anuswar ( See )

**ଅନୁସାରୀ**—ସଂ. ବିଣ. ପୁଂ (ଅନୁ=ପଶ୍ଚାତ୍+ସୃ ଧାତୁ=ଗତ କରିବା+
**Anusāri** କର୍ତ୍ତୃ. ଇନ୍; ୧ମା. ୧ବ. )—
(ଅନୁସାରିଣୀ—ସ୍ତ୍ରୀ) ୧ । ଅନୁସରଣ କରିବା (ବ୍ୟକ୍ତି); ଅନୁଯାୟୀ—
1. Following after; follower.
୨ । ଅନୁରୂପ—2. Similar; tallying with.
ସଂ. ବି. ସ୍ତ୍ରୀ. ( ଅନୁସାର+ଈ )—ପ୍ରଭୁଙ୍କର ଅଙ୍ଗସେବା କରିବା ଚାକରାଣୀ; ଅଙ୍ଗଲଗା ଦାସୀ—A personal maid-servant.

**ଅନୁସାରେ**—ଦେ. କ୍ରି. ବିଣ—୧ । ପାଳନ କରି; ଅନୁଯାୟୀ; ଲଙ୍ଘନ ନ
**Anusāre** କରି—1. In conformity with; in obedience to; according to.
୨ । (ଅମୁକଙ୍କୁ) ସମାନ ହୋଇ—2. Equal to.

**ଅନୁସୂଚକ**—ସଂ. ବିଣ. ପୁଂ. ( ଅନୁ+ସୂଚ ଧାତୁ+କର୍ତ୍ତୃ. ଅକ )—
**Anusūchaka** ୧ । ଚିନ୍ତାସ୍ପଦ; ବିଚାର ଆବଶ୍ୟକ କରୁଥିବା—
(ଅନୁସୂଚିକା—ସ୍ତ୍ରୀ) 1 Occasioning refutation.
୨ । ଜ୍ଞାପକ—2. Pointing out.
୩ । ପଶ୍ଚାତ୍ ଚିନ୍ତା କରୁଥିବା—3. Reflecting.
୪ । ଇସାରାଦ୍ୱାରା ପ୍ରକାଶ କରୁଥିବା (ବ୍ୟକ୍ତି)—4. Hinting.

**ଅନୁସୂୟା**—ସଂ. ବି. ସ୍ତ୍ରୀ. ( ନାମ) (ଅନୁ+ସୂ ଧାତୁ+ସଂଜ୍ଞାର୍ଥେ. ଯ )—
**Anusūyā** ୧ । ଅତ୍ରିମୁନିଙ୍କ ପତ୍ନୀ—
1. The wife of the sage Atri.
୨ । ଶକୁନ୍ତଳାଙ୍କ ସଖୀବିଶେଷ—
2. A companion of Śakuntalā.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନୁସୋରିବା**—ଗ୍ରା. କ୍ରି.—ଅନୁସରିବା ( ଦେଖ )
Anusoribā — Anusaribā ( See ).

**ଅନୁସ୍ତରଣ**—ସଂ. ବି. ( ଅନୁ+ସ୍ତୃ ଧାତୁ+ଅନ )—ମୃତ ବ୍ୟକ୍ତିର ଶ୍ରାଦ୍ଧ କ୍ରିୟା ଉପଲକ୍ଷରେ ଉତ୍ସର୍ଗ କରାଯିବା ପଶୁ—
Anustaraṇa — The beast dedicated at the funeral ceremony.

**ଅନୁସ୍ୱର**—ସଂ. ବି. ( ଅନୁ=ପଶ୍ଚାତ୍+ସ୍ୱର )—ଅନୁସ୍ୱାର ( ଦେଖ )—
Anuswara — Anuswāra ( See ).

**ଅନୁସ୍ୱର୍ଗ**—ସଂ. ବି. ( ଅନୁ=ପଶ୍ଚାତ୍+ସ୍ୱର୍ଗ )—ତ୍ରିଶଙ୍କୁ ରାଜାଙ୍କ ପାଇଁ ବିଶ୍ୱାମିତ୍ର ସୃଷ୍ଟି କରିଥିବା ସ୍ୱର୍ଗ—
Anuswarga — The heaven Biswāmitra created for the King Triśaṅku.

ତ୍ରିଶଙ୍କୁଙ୍କ ପାଇଁ ସେ ଅନୁସ୍ୱର୍ଗ କଲେ ।
କୃଷ୍ଣସିଂହ. ମହାଭାରତ—ଶାନ୍ତି ।

**ଅନୁସ୍ୱାର**—ସଂ. ବି. ( ଅନୁ=ପଶ୍ଚାତ୍+ସ୍ୱାର )—ସ୍ୱରବର୍ଣ୍ଣ ପରେ ଥିବା 'ନ୍', ଅନୁନାସିକ ବିନ୍ଦୁଚିହ୍ନିତ ସ୍ୱର—'ං', ଅଯୋଗବାହ ବର୍ଣ୍ଣ—
Anuswāra — A point or circle showing a letter coming after vowels and expressing the nasal sound 'ṁ'.

**ଅନୁସ୍ୟୂତ**—ସଂ. ବିଣ. ( ଅନୁ+ସିବ ଧାତୁ=ସେଇଁବା+କର୍ମ. ତ )—
Anusyūta
୧ । ଗ୍ରଥିତ—1. Intertwined
୨ । ସତତ ସଂବଦ୍ଧ—2. Closely connected.
୩ । ଦୃଢ଼ରୂପେ ସିଆଁ ହୋଇଥିବା—3. Closely sewn.

**ଅନୁହରଣ**—ସଂ. ବି. ( ଅନୁ=ପଶ୍ଚାତ୍+ହୃ ଧାତୁ=ହରଣ କରିବା+ଭାବ. ଅନ )—
Anuharaṇa
୧ । ସଦୃଶୀକରଣ; ସମାନ କରିବା—1. Equalisation; making equal.
୨ । ( ବୀଜଗଣିତ ) ସମାନ ମୂଲ୍ୟ କଳ୍ପିତ ହୋଇଥିବା ଦୁଇ ରାଶିର ପ୍ରକାଶ କରିବା ରୀତି—2. Equalisation ( in Algebra ).

**ଅନୁହରତି**—ଦେ. ପଦ୍ୟ. କ୍ରି. ( ସଂ. ଅନୁହରଣ )—ସମାନ, ସଦୃଶ ବା ପରି ଦେଖାଯାଉଅଛି—
Anuharati — Looks like.

ବପୁ ଅନୁହରତି କନ୍ଦର୍ପ ରଣଭୁଇଁ ।
ପ୍ରାଚୀ—ରସିକହାରାବଳୀ ।

**ଅନୁହାର**—ସଂ. ବି. ( ଅନୁ+ହୃ ଧାତୁ+ଭାବ. ଅ )—
Anuhāra — ଅନୁହରଣ ( ଦେଖ ) Anuharaṇa ( See ).

**ଅନୁହାର୍ଯ୍ୟ**—ସଂ. ବି. ( ନାମ )—ହିରଣ୍ୟକଶିପୁର ପୁଅ ଓ ପ୍ରହ୍ଲାଦଙ୍କର ଭାଇ—
Anuhārjya — The son of Hiraṇyakaśipu and brother of Prahlāda.

**ଅନୂକ**—ସଂ. ବି. ( ଅନୁ=ପଶ୍ଚାତ୍+ଉଚ ଧାତୁ=ସମବେତ ବା ମିଳିତ କରିବା+ଅ )—
Anūka
୧ । କୁଳ; ବଂଶ—1. Race; family.
୨ । ଆଚରଣ; ଶୀଳ—2. Conduct.
୩ । ସ୍ୱଭାବ—3. Nature.
୪ । ଗତ ଜନ୍ମ—4. Former state of existence.
୫ । ଜୀବନର ପୂର୍ବ ଘଟଣାବଳୀ—5. Antecedents.

**ଅନୂଚାନ**—ସଂ. ବିଣ. ପୁଂ. ( ଅନୁ+ବଚ ଧାତୁ+କର୍ତ୍ତୃ. ଆନ )—
Anūchāna
୧ । ଶିକ୍ଷାଦି ଷଡ଼ଙ୍ଗର ଅଧ୍ୟୟନକାରୀ—1. Properly learned in Vedic lore.
୨ । ସୁବିଦ୍ୱାନ୍—2. Very learned.
୩ । ସୁଶିକ୍ଷିତ—3. Well-trained; polished.
୪ । ସୁସଭ୍ୟ—4. Civilised.
୫ । ବିନୀତ—5. Modest.

**ଅନୂଢ଼**—ସଂ. ବିଣ. ପୁଂ. ( ନ+ବହ ଧାତୁ+ତ )—ଅବିବାହିତ; ବାଡ଼ୁଅ (ପୁରୁଷ)—
Anūḍha — Unmarried (male); bachelor.
(ଅନୂଢ଼ା—ସ୍ତ୍ରୀ)

**ଅନୂଦିତ**—ସଂ. ବିଣ. ( ଅନୁ+ବଦ ଧାତୁ+କର୍ମ. ତ )—
Anūdita (ଅନୁବାଦ—ବି)
୧ । ପଶ୍ଚାତ୍‌କଥିତ—1. Spoken after.
୨ । ଭାଷାନ୍ତରିତ; ତର୍ଜମା କରାଯାଇଥିବା—2. Translated.

**ଅନୂଦ୍ୟ**—ସଂ. ବିଣ. ( ଅନୁ+ବଦ ଧାତୁ+କର୍ମ. ଯ )—
Anūdya
୧ । ଅନୁବାଦଯୋଗ୍ୟ; ଅନୁବାଦାର୍ହ—1. Fit to be translated.
୨ । ଅବକ୍ତବ୍ୟ—2. Unspeakable.
୩ । ଆତ୍ମାସମ୍ବନ୍ଧୀୟ—3. Pertaining to one's soul.
୪ । ଗୁରୁ; ଭାରି—4. Heavy.
୫ । ଅତିକୃପଣ—5. Miserly.
ସଂ. ବି. ଗୁରୁଜନ (ଯେଉଁମାନଙ୍କର ନାମ ଉଚ୍ଚାରଣ ଅକର୍ତ୍ତବ୍ୟ)—Superiors (whose names are unutterable.)

**ଅନୂନ**—ସଂ. ବି. ( ନ+ଊନ )—
Anūna
୧ । ଅଖଣ୍ଡ; ପୂର୍ଣ୍ଣ; ସମସ୍ତ—1. Whole; entire.
୨ । ଅହୀନ—2. Not less; not less than.
୩ । ଯାହା ଛୋଟ ବା ଅଳ୍ପ ନୁହେ—3. Not small; not little.
୪ । ଅତିରିକ୍ତ; ଅତ୍ୟଧିକ—4. Excessive

**ଅନୂନକ**—ସଂ. ବିଣ. ( ଅନୂନ+ସ୍ୱାର୍ଥେ. କ )—ଅନୂନ ( ଦେଖ )
Anūnaka — Anūna ( See ).

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର୍,ର୍ବ | ଝ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଞ୍ଚ | ଇଯ୍ | ଡ଼ଅ | ଘ |
| ୨ | ଈ | ଊ | ଋ | ଲ୍ଲ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଞ | ନ୍ତ |

**ଅନୂପ**—ସଂ. ବିଣ. ( ଅନୁ + ଅପ୍ = ଜଳ + ଅ )—
Anūpa ୧ । ଜଳପ୍ଲାବିତ (ସ୍ଥାନ)—1. Marshy (place)
(ଅନୂପା—ସ୍ତ୍ରୀ) ୨ । ଜଳଯୁକ୍ତ ବା ଜଳୀୟ ( ଦେଶ )—
2. Watery ( Country )
୩ । ଓଦା ସ୍ଥାନ—3. Moist ( Country ).
ସଂ. ବି. ପୁଂ.—୧ । ମହିଷ—1. Buffalo.
୨ । ( ନାମ ) ପୁଣ୍ୟଶ୍ଳୋକ ରାଜାବିଶେଷ—
2. Name of a king.

**ଅନୂରୁ**—ସଂ. ବିଣ. ( ବହୁବ୍ରୀହି; ନ + ଊରୁ )—ଊରୁ ବା ଜଙ୍ଘ ହୀନ—
Anūru Thighless.
ସଂ. ବି.—ଅରୁଣ; ସୂର୍ଯ୍ୟ ସାରଥି (ଏହାଙ୍କର ଊରୁ ନ ଥିବାରୁ )
The charioteer of the Sun God; the personification of dawn or the morning-glow before the Sun-rise.

**ଅନୂରୁସାରଥି**—ସଂ. ବି ( ବହୁବ୍ରୀହି; ଅନୂରୁ + ସାରଥି )—ସୂର୍ଯ୍ୟ—
Anūrusārathi The Sun.

**ଅନୂର୍ଦ୍ଧ୍ୱା**—ଦେ. ବି—ପ୍ରାଚୀନ ଅର୍ଣ୍ଣବପୋତବିଶେଷ—
Anūrddhwā The name of a ship or a boat.
[ ଦ୍ର—ଭୋଜରାଜବର୍ଣ୍ଣିତ ଯୁକ୍ତିକଳ୍ପତରୁ ନାମକ ଗ୍ରନ୍ଥରେ ଏ ପୋତର ବିଶେଷ ବିବରଣ ଅଛି । ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

**ଅନୃକ୍**—ସଂ ବି. ପୁଂ. ( ନ + ଋଚ୍ + କ୍ୱିପ୍ + ଅ )—ଅବ୍ରତୁଆ ପିଲା; ଯେଉଁ
Anṛuk ବାଳକର ଉପନୟନ ହୋଇ ନାହିଁ—A boy not initiated to the Upanayana ceremony.
ସଂ. ବିଣ. ପୁଂ.—ଅବ୍ରତୁଆ—Not yet invested with the sacred thread.

**ଅନୃଚ୍**—ସଂ. ବି. ଓ ବିଣ. ପୁଂ. ( ନ + ଋଚ ଧାତୁ + କ୍ୱିପ୍ )—
Anṛuch ଅନୃକ୍ ( ଦେଖ )
Anṛuk ( See )

**ଅନୃଜୁ**—ସଂ. ବିଣ. ( ନଞ୍ ତତ୍; ନ + ଋଜୁ )—୧ । ବକ୍ର; ଅସଳଖ—
Anṛuju 1. Not straight; curved; crooked; tortuous.
୨ । ଅସଳଖ; କପଟୀ—2. Insincere.

**ଅନୃଣୀ**—ସଂ. ବିଣ. ପୁଂ. ( ନଞ୍ ତତ୍; ନ + ଋଣୀ )—
Anṛuṇi ଅଋଣୀ; ଋଣମୁକ୍ତ—Not indebted; free from debts.

**ଅନୃତ**—ସଂ. ବିଣ ( ନ + ଋତ = ସତ୍ୟ )—ଅସତ୍ୟ; ମିଥ୍ୟା—
Anṛuta False; untrue.
ସଂ. ବି—୧ । ମିଥ୍ୟା କଥା—1. Falsehood; lie.
୨ । ( ନ + ଋ ଧାତୁ = ହିଂସା କରିବା + ତ )—ହିଂସା—
2. Jealousy.
୩ । କୃଷିକର୍ମ; ଶସ୍ୟୋତ୍ପାଦନ କ୍ରିୟା—
3. Cultivation for raising crops.

**ଅନେଇ**—ଗ୍ରା. ବି. ( ସଂ. ଅନ୍ୟାୟ )—ଅନ୍ୟାୟ—Wrong.
Anei ଅସମାପିକା କ୍ରିୟା—ଚାହିଁ କରି—Looking.
অন্যায় ଗ୍ରା. ଅ—ଅନୁସାରେ—According to.
( ଯଥା—ରୂପକୁ ଅନେଇ ଭେକ । )

**ଅନେଇବା**—ଗ୍ରା. କ୍ରି—ଅନାଇବା; ଚାହିଁବା; ଦେଖିବା—
Aneibā To look at.
চাওয়া
তকানা

**ଅନେକ**—ସଂ. ବିଣ. ( ନ + ଏକ )—୧ । ଏକାଧିକ—
Aneka 1. More than one.
(ଏକ—ବିପରୀତ) ୨ । ବହୁ; ନାନା; ପ୍ରଚୁର—
2. Much; many; various; abundant.

**ଅନେକ ଅନେକ**—ଦେ. ବି—ବହୁସଂଖ୍ୟକ ବ୍ୟକ୍ତି—
Aneka aneka Many people; many a man.

**ଅନେକଜ**—ସଂ. ବିଣ. ପୁଂ. [ ଅନେକ + ଜନ ଧାତୁ = ଜନ୍ମିବା + ଅ;
Anekaja ଏକରୁ ଅଧିକ ଥର ( ଅର୍ଥାତ୍ ପ୍ରଥମେ ଡିମ୍ବରୂପେ ମାତୃ ଗର୍ଭରୁ ଓ ପୁଣି ଛୁଆରୂପେ ଡିମ୍ବରୁ ) ଜାତ ହେବାରୁ ]—୧ । ପକ୍ଷୀ—1. Bird.
୨ । ସରୀସୃପ—2. Reptile.
୩ । ବିଷ୍ଣୁ (ପୃଥିବୀରେ ବହୁତ ବାର ଅବତାର ଧାରଣ କରି ଥିବାରୁ )—3. Bishṇu.

**ଅନେକତଃ**—ସଂ. କ୍ରି. ବିଣ. ( ଅନେକ + ପଞ୍ଚମୀ ଓ ୭ମୀ ବିଭକ୍ତି
Anekataḥ ଅର୍ଥରେ. ତଃ )—୧ । ଅନେକଙ୍କଠାରୁ—
1. From several persons.
୨ । ଅନେକଙ୍କଠାରେ—2. With several persons.

**ଅନେକଧା**—ସଂ. କ୍ରି. ବିଣ. ( ଅନେକ + ପ୍ରକାର ଅର୍ଥରେ. ଧା )—
Anekadhā ୧ । ବହୁବିଧ; ନାନାପ୍ରକାର—
1. In many different ways.
୨ । ଅନେକାଂଶରେ—2. Into many parts.
୩ । ଅନେକଶାଖାରେ—3. In many branches.

**ଅନେକପ**—ସଂ. ବି. ପୁଂ. (ଅନେକ + ପା ଧାତୁ = ପିଇବା + କର୍ତ୍ତୃ. ଅ) —
Anekapa [ ଅନେକ ବାଟରେ (ଯଥା; ମୁଖ, ଶୁଣ୍ଢ, ନାସିକା
(ଅନେକପୀ—ସ୍ତ୍ରୀ) ଆଦିରେ) ଜଳ ପିଉଥିବାରୁ ]
ହସ୍ତୀ—Elephant.

**ଅନେକବିଧ**—ସଂ. ବିଣ. ( ଅନେକ + ବିଧା = ପ୍ରକାର )—
Anekabidha ବହୁ ପ୍ରକାରର; ବହୁବିଧ—
Of many kinds.

**ଅନେକଶଃ**—ସଂ. କ୍ରି. ବିଣ. ଓ ଅ. ( ଅନେକ + ବାହୁଲ୍ୟାର୍ଥ. ଶଃ )—
Anekaśah ୧ । ଅନେକରୂପେ—1 In many ways.
୨ । ଅନେକ ବାର; ଅନେକ ଥର—2. Several times.
୩ । ବହୁ ପରିମାଣରେ ବା ବହୁ ସଂଖ୍ୟାରେ—
3. In large number or quantity.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅନେକାନେକ**— ଦେ. ବିଣ. ( ସ୍ୱାର୍ଥେ. ଦ୍ୱିତ୍ୱ; ଅନେକ + ଅନେକ )—
Anekāneka ବହୁ; ଅନେକ—Multitudinous.

**ଅନେକେ**—ଦେ. ସର୍ବନାମ ( ବହୁବଚନ )—
Aneke ଅନେକ ବ୍ୟକ୍ତି; ବହୁ ବ୍ୟକ୍ତି; ଏକାଧିକ ବ୍ୟକ୍ତି— Many persons; more than one person.

**ଅନେକେଇ**—ଗ୍ରା. ସର୍ବନାମ—ଅନେକେ ( ଦେଖ )
Anekei Aneke ( See )

**ଅନେକ୍ଷୁ**—ସଂ. ବି—ଅଣଖୁଆ ( ଦେଖ )
Anekshu Anakhuā ( See )
କବିରାଜ ହରେକୃଷ୍ଣ ମିଶ୍ର· ଦ୍ରବ୍ୟଗୁଣ ।

**ଅନେଡ଼ମୂକ**—ସଂ. ବିଣ. ପୁଂ. ( ଅନେଡ଼ = ବଧିର + ମୂକ = ବାକ୍‌ଶକ୍ତି
Anerdamūka ରହିତ )—୧ । ସମ୍ପୂର୍ଣ୍ଣ ରୂପେ ବଧିର ଓ ବାକ୍‌ଶକ୍ତିହୀନ—1. Entirely deaf and dumb.
୨ । ଶଠ ( ବ୍ୟକ୍ତି )—2. Cheat; deceitful ( person )

**ଅନେଶତ**—ଦେ. ବି. ( ସଂ. ଊନଶତ )—ଏକ ଊନ ଶତ; ଅନେଶ୍ୱତ—
Anesata The number Ninety-nine; 99.
ଅନେଶତ ଥର ଗଦାକୁ ସେ ବୁଲାଇ । କୃଷ୍ଣସିଂହ. ମହାଭାରତ. ସଭା ।

**ଅନେହାଃ**—ସଂ. ବି. ( ସଂ. ଅନେହସ୍; ଅନ୍ + ଏହସ୍ )—
Anehāh କାଳ; ସମୟ – Time.

**ଅନୈକାନ୍ତ**—ସଂ. ବିଣ. ପୁଂ. ( ନ + ଏକାନ୍ତ )—
Anaikānta ୧ । ବ୍ୟଭିଚାରିଣୀ—1. Not confined to a
( ଅନୈକାନ୍ତା—ସ୍ତ୍ରୀ ) single woman.
୨ । ଅସ୍ଥିର; ଚଞ୍ଚଳ—2. Changeful; fickle-minded.

**ଅନୈକାନ୍ତିକ**—ସଂ. ବିଣ. ପୁଂ. ( ଅନୈକାନ୍ତ + ଇକ )—
Anaikāntika ଅନୈକାନ୍ତ ( ଦେଖ )
(ଅନୈକାନ୍ତିକା—ସ୍ତ୍ରୀ) Anaikānta ( See )

**ଅନୈକ୍ୟ**—ସଂ. ବି. ( ନ + ଐକ୍ୟ )—
Anaikya ୧ । ଐକ୍ୟର ଅଭାବ—1. Want of unity.
୨ । ବିରୋଧ—2. Opposition.
୩ । ଅନେକତ୍ୱ—3. Multitude.

**ଅନୋକହ**—ସଂ. ବି. ( ଅନସ୍ = ଶକଟ + ଅକ ଧାତୁ = ଗମନ କରିବା +
Anokaha ଅ; ବା ହନ୍ ଧାତୁ = ନାଶ କରିବା + ଅ)—
( ଯେ ଶକଟର ଗତିକୁ ନାଶ ବା ବନ୍ଦ କରେ । )
ତରୁ ; ବୃକ୍ଷ—Tree.

**ଅନୋଦନ**—ସଂ. ବି. ( ବହୁବ୍ରୀହି; ନ+ଓଦନ )—
Anodana ଅନ୍ନବର୍ଜିତ ଖାଦ୍ୟ ଦ୍ରବ୍ୟ; ଅନାହୁଳ ସାମଗ୍ରୀ; ଶୀତଳ-ସାମଗ୍ରୀ—Food excepting boiled rice.

**ଅନୋମା**—ଦେ. ବି. ( ନାମ )—ନଦୀବିଶେଷ; ଏହା କପିଳବାସ୍ତୁର
Anomā ସୀମାନ୍ତରେ ଥିଲା; ଏହା କୂଳରେ ସିଦ୍ଧାର୍ଥ ସନ୍ନ୍ୟାସବ୍ରତ ଅବଲମ୍ବନ କରିଥିଲେ—The name of a river situated near Kapilabāstu. On the bank of this river Siddhārtha renounced the world.

**ଅନୋଲି**—ଗ୍ରା. ବି. ଓ ବିଣ—ଅନଉଳି ( ଦେଖ )
Anoli Anauli ( See )

**ଅନୌଚିତି**—ଗ୍ରା. ବି. ( ସଂ. ଅନୌଚିତ୍ୟ)—ଅନୌଚିତ୍ୟ (ଦେଖ)
Anauchiti Anauchitya (See)

**ଅନୌଚିତ୍ୟ**—ସଂ. ବି. ( ନ + ଉଚିତ + ଭାବ. ଯ. )—
Anauchitya ବେଠିକଣା; ମର୍ଯ୍ୟାଦାତିକ୍ରମ—Impropriety; improper conduct.

**ଅନୌପମ୍ୟ**—ସଂ. ବିଣ. ( ନ + ଉପମା + ଯ )—
Anaupamya ୧ । ଯାହାର ଅନ୍ୟ ଉପମା ନାହିଁ—
1. Incomparable.
୨ । ଆତ୍ମରୂପ—2. Resembling one's self only.
୩ । ଅନୁପମେୟ—3. Matchless.

**ଅନୌଲି**—ଦେ. ବି. ଓ ବିଣ—ଅନଉଳି ( ଦେଖ )
Anauli Anauli ( See )

**ଅନ୍ତ୍** (ଧାତୁ)—ସଂ—ବନ୍ଧନ କରିବା—
Ant (root) To bind.

**ଅନ୍ତ**—ସଂ. ବି. ( ଅମ ଧାତୁ + ଭାବ. ତ )—
Anta ୧ । ଶେଷ—1. The end.
୨ । ସୀମା—2. Limit.
୩ । ମୃତ୍ୟୁ; ନାଶ—3. Death; extinction.
୪ । ସ୍ୱଭାବ; ସ୍ୱରୂପ—4. Nature.
୫ । ନିଶ୍ଚୟ—5. Certainty.
୬ । ଗତିବିଧି—6. Where-abouts; movements.
ଦେ. ବି—୧ । ( ସଂ. ଅନ୍ତ୍ର )—ଉଦରର ନାଡ଼ୀ—
आँत 1. Entrails; bowels; viscera.
**आन्त; आन्तड़ि** ୨ । ( ସଂ. ଅନ୍ତଃ )—ଅନ୍ତର; ହୃଦୟ—
2. Heart; mind.
୩ । ( ସଂ. ଅନନ୍ତ ) ଅନନ୍ତ ( ଦେଖ )
3. Ananta ( See )
୪ । ଆନ୍ତରିକ ଭାବ—4. Mental condition.
ସଂ. ବିଣ—୧ । ସମୀପ; ନିକଟସ୍ଥ—1. Near; adjacent.
୨ । ସୁନ୍ଦର—2. Beautiful; pleasing.

**ଅନ୍ତଃ**—ସଂ. ବି. (ଅମ୍ ଧାତୁ+ତର୍)—୧ । ହୃଦୟ—
Antah 1. Heart.
୨ । ମନ—2. Mind.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ୱ | ହ୍ବ |

୩ । ଭିତରେ—3, Inside; inner part.

୪ । ମଧ୍ୟ—4. Middle,

[ଦ୍ର—ଅନ୍ୟ ଶବ୍ଦମାନଙ୍କର ପୂର୍ବରେ ଲାଗି ଏହି ଅର୍ଥମାନ ମଧ୍ୟ ବୁଝାଏ । ଯଥା—ଅନ୍ତଃକରଣ; ଅନ୍ତଃସ୍ଥ ଇତ୍ୟାଦି । ]

**ଅନ୍ତଃକରଣ**—ସଂ. ବି (ଅନ୍ତର୍ + କରଣ = ଇନ୍ଦ୍ରିୟ)—
Antaḥkaraṇa ୧ । ଅନ୍ତରିନ୍ଦ୍ରିୟ—1. Internal organ or sense.

୨ । ମନ—2. Mind.

୩ । ହୃଦୟ—3. Heart.

୪ । ମନ, ବୁଦ୍ଧି, ଅହଙ୍କାର ଓ ଚିତ୍ତର ମିଳନାବସ୍ଥା; ମାନସିକ ବୃତ୍ତିଚୟ—4. The faculty of intention, willing and volition.

**ଅନ୍ତଃକପଟୀ**—ସଂ. ବିଣ. ପୁଂ (ଅନ୍ତଃ+କପଟ+ଇନ୍ ୧ମା, ୧ବ. )—
Antaḥkapaṭi ଅନ୍ତଃକୁଟିଳ ( ଦେଖ ) Antaḥkuṭila (See)

**ଅନ୍ତଃକୁଟିଳ**—ସଂ. ବିଣ. ପୁଂ (ଅନ୍ତଃ + କୁଟିଳ)—୧ । କପଟୀ—
Antaḥkuṭila 1. Hypocritical.
( ଅନ୍ତଃକୁଟିଳା—ସ୍ତ୍ରୀ ) ୨ । ବକ୍ରାନ୍ତଃକରଣ—2. Crooked; of crooked mind.

୩ । ଅସରଳ—3. One who is not frank.

ସଂ. ବି—ଶଙ୍ଖ—Conch-shell (with convolution)

**ଅନ୍ତଃପାତୀ**—ସଂ. ବିଣ (ଅନ୍ତଃ+ପତ ଧାତୁ + ଇନ୍)—ମଧ୍ୟଗତ; ଅନ୍ତର୍ଗତ;
Antaḥpātī ଅନ୍ତର୍ବର୍ତ୍ତୀ—Falling under; situated in; comprised in.

**ଅନ୍ତଃପୁଟ**—ସଂ. ବି (ଅନ୍ତଃ + ପୁଟ)—ଅନ୍ତପୁଟି; ଉଦରସ୍ଥ ନାଡ଼ୀପଟଳ—
Antaḥpuṭa Entrails.

**ଅନ୍ତଃପୁର**—ସଂ. ବି. ( ଅନ୍ତଃ+ପୁର )—ଅବରୋଧ; ଅନ୍ଦରମହଲ; ସ୍ତ୍ରୀ
Antaḥpura ଲୋକଙ୍କ ଚଳାଚଳ ହେବା ଗୃହର ଅନ୍ତର୍ବର୍ତ୍ତୀ ଅଞ୍ଚଳ—Female apartment; harem; seraglio.

**ଅନ୍ତଃପୁରଚର**—ସଂ. ବି. ( ଅନ୍ତଃପୁର+ଚର ଧାତୁ+କର୍ତ୍ତୃ. ଅ )—
Antaḥpurachara କଞ୍ଚୁକୀ; ଅନ୍ତଃପୁରରକ୍ଷକ ଭୃତ୍ୟ—
(ଅନ୍ତଃପୁରଚାରିକା—ସ୍ତ୍ରୀ) A servant serving in the harem.

**ଅନ୍ତଃପୁରଚାରୀ**—ସଂ. ବି. ପୁଂ. (ଅନ୍ତଃପୁର + ଚର ଧାତୁ + ଇନ)—
Antaḥpurachārī ଅନ୍ତଃପୁରଚର ( ଦେଖ )
(ଅନ୍ତଃପୁରଚାରିଣୀ—ସ୍ତ୍ରୀ) Antaḥpurachara ( See )

**ଅନ୍ତଃପୁରିକ**—ସଂ. ବି. ପୁଂ. ( ଅନ୍ତଃପୁର + ଇକ )—
Antaḥpurika ଅନ୍ତଃପୁରରକ୍ଷକ ଭୃତ୍ୟ—A male servant; a keeper in charge of the harem.

**ଅନ୍ତଃସଂଜ୍ଞ**—ସଂ. ବିଣ (ବିଜ୍ଞାନପରିଭାଷା)—ଉପରେ ଜଣା ନ ପଡ଼ିଲେ ମଧ୍ୟ
Antaḥsamjña ଯାହାର ଅନ୍ତରରେ ଚୈତନ୍ୟ ବା ଜ୍ଞାନ ଥାଏ (ଯଥା—ବୃକ୍ଷ)—Having inner consciousness.

[ ଦ୍ର—ସାର୍ ଜଗଦୀଶଚନ୍ଦ୍ର ବୋଷ ପରୀକ୍ଷାଦ୍ୱାରା ଦେଖାଇଅଛନ୍ତି ଯେ ଉଦ୍ଭିଦମାନେ ଅନ୍ତଃସଂଜ୍ଞ । ମନୁ ମଧ୍ୟ ଏହା ସ୍ୱୀକାର କରିଅଛନ୍ତି । ]

**ଅନ୍ତଃସତ୍ତ୍ୱା**—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଅନ୍ତଃ + ସତ୍ତ୍ୱ = ଜୀବ + ସ୍ତ୍ରୀ. ଆ;
Antaḥsattwā ଯାହା ଅନ୍ତରରେ ପ୍ରାଣୀ ବିଦ୍ୟମାନ ଥାଏ )—ଗର୍ଭିଣୀ; ଗର୍ଭବତୀ—Big with child; pregnant.

**ଅନ୍ତଃସଲିଳ**—ସଂ. ବିଣ. ( ମଧ୍ୟପଦଲୋପୀ; ଅନ୍ତଃ + ସଲିଳ = ଜଳ )—
Antaḥsalila ଯାହାର ଭିତରେ ଜଳ ଥାଏ—Having
(ଅନ୍ତଃସଲିଳା—ସ୍ତ୍ରୀ) water under the surface.

**ଅନ୍ତଃସଲିଳବାହୀ**—ସଂ. ବିଣ. ପୁଂ. ( ଅନ୍ତଃସଲିଳ+ବହ ଧାତୁ+କର୍ତ୍ତୃ.
Antaḥsalilabāhī ଇନ୍ )—ଯାହାର ତଳରେ ଜଳଧାରା
(ଅନ୍ତଃସଲିଳବାହିନୀ—ସ୍ତ୍ରୀ) ବହୁଅଛି—Having a current flowing underneath

**ଅନ୍ତଃସଲିଳା**—ସଂ. ବିଣ. ସ୍ତ୍ରୀ. ( ଅନ୍ତଃସଲିଳ + ସ୍ତ୍ରୀ. ଆ )—ଅନ୍ତସଲିଳର
Antaḥsalilā ସ୍ତ୍ରୀଲିଙ୍ଗ—Feminine of Antaḥsalila.

ସଂ. ବି. ସ୍ତ୍ରୀ—ନଦୀ ( ଏହାର ଭୂପୃଷ୍ଠ ତଳରେ ଜଳସ୍ରୋତ ବହୁଥିବାରୁ )—( rivers ) Of subterraneon water flowing below the apparently dry surface

**ଅନ୍ତଃସାର**—ସଂ. ବି. ( ଅନ୍ତଃ + ସାର )—୧ । ଅନ୍ତର୍ନିହିତ ସାର—
Antaḥsāra 1. Internal substance.

୨ । ଦୃଢ଼ ପଦାର୍ଥ—2. Solid matter

**ଅନ୍ତଃସାରଶୂନ୍ୟ**—ସଂ. ବିଣ ( ୩ୟା ତତ୍; ଅନ୍ତଃସାର+ଶୂନ୍ୟ )—
Antaḥsāraśūnya ୧ । ଫମ୍ପା—1. Hollow within.

୨ । ଯାହା ଭିତରେ ସାର ପଦାର୍ଥ ନାହିଁ—2 Devoid of solid substance.

୩ । ହୃଦୟ ନ ଥିବା—3. Without heart.

୪ । ( ଲକ୍ଷଣାର୍ଥ ) କୌଣସି ପ୍ରକାର ଉପଯୋଗିତା ନ ଥିବା—4 Having no inner worth; worthless

**ଅନ୍ତଃସ୍ଥ**—ସଂ. ବିଣ. ( ବହୁବ୍ରୀହି; ଅନ୍ତଃ = ଭିତର + ସ୍ଥା ଧାତୁ = ରହିବା
Antaḥstha + ଅ)—ମଧ୍ୟସ୍ଥିତ—Standing or situated within.

**ଅନ୍ତଃସ୍ଥବର୍ଣ୍ଣ**—ସଂ. ବି. ( ବ୍ୟାକରଣ ପରିଭାଷା )—ମଧ୍ୟସ୍ଥ ବର୍ଣ୍ଣ ବା ଅକ୍ଷର;
Antaḥsthabarṇṇa ଯେଉଁ ବର୍ଣ୍ଣ ସ୍ପର୍ଶ ଓ ଉଷ୍ମ ବର୍ଣ୍ଣ ମଧ୍ୟରେ ଥାଏ ( ଯଥା; ଯ, ର, ଲ, ବ )—The letters Ja, Ra, La and Wa.

**ଅନ୍ତଃସ୍ଥ ଯ**—ସଂ. ବି. ( ବ୍ୟାକରଣ )—ଅବର୍ଗ୍ୟ 'ଯ'—The 'Ja'
Antaḥstha Ja sound and letter.

[ ଦ୍ର—ଏହାର ଉଚ୍ଚାରଣ ୟ; ଇ+ଅ ପରି ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅନ୍ତଃସ୍ଥ ବ**—ସଂ. ବି. ( ବ୍ୟାକରଣ )—ଅବର୍ଗୀୟ ବ—
Antaḥstha ba — The 'wa' sound and letter.
[ ଦ୍ର—ଏହାର ଉଚ୍ଚାରଣ 'ଓ୍ୱ' ପରି । ଅଶିକ୍ଷିତ ଲୋକେ ଏହାକୁ ଓ୍ୱ ବା ଓ୍ୟ ମଧ୍ୟ ଲେଖନ୍ତି । ]

**ଅନ୍ତଃସ୍ୱେଦ**—ସଂ. ବିଣ. ପୁଂ. ( ଅନ୍ତଃ+ସ୍ୱେଦ=ଝାଳ )—ଦେହ
Antaḥsweda ଭିତରେ ଯାହାର ମଦ ବା ସ୍ୱେଦ ଅଛି—
Having perspiration in the body.
ସଂ. ବି—ମଦସ୍ରାବୀ ହସ୍ତୀ—An Elephant in rut.

**ଅନ୍ତକ**—ସଂ. ବି. ପୁଂ. ( ଅନ୍ତ ଧାତୁ=ନାଶ କରିବା+ଣିଚ୍ କର୍ତ୍ତୃ.
Antaka ଅକ )—୧ । ଯମ; ମୃତ୍ୟୁଦେବତା—
1. Death; God of Death.
୨ । ଭରଣୀ ନକ୍ଷତ୍ର; ଦ୍ୱିତୀୟ ନକ୍ଷତ୍ର—
2. The second constellation (in Hindu astrology ).
ସଂ. ବିଣ—୧ । ବିନାଶକାରୀ—1. Destructive; destroying.
୨ । ମାରାତ୍ମକ—2. Deadly; mortal; fatal.

**ଅନ୍ତକପଟ**—ଗ୍ରା. ବି. ( ସଂ. ଅନ୍ତଃ+କପଟ )—
Antakapaṭa ହୃଦୟର କପଟତା ବା କୁଟିଳତା—
কপটহৃদয় Crookedness of the mind.

**ଅନ୍ତକପଟିଆ**—ଗ୍ରା. ବିଣ. ପୁଂ. ( ସଂ. ଅନ୍ତଃ+କପଟୀ )—
Antakapaṭiā ଅନ୍ତଃକୁଟିଳ ( ଦେଖ )
অন্তঃকুটিল Antaḥkuṭila ( See )
(ଅନ୍ତକପଟେଇ— ସ୍ତ୍ରୀ)

**ଅନ୍ତକପଟୀ**—ଗ୍ରା. ବିଣ. ପୁଂ—ଅନ୍ତକୁଟିଳ ( ଦେଖ )
Antakapaṭī Antakuṭila ( See )
(ଅନ୍ତକପଟେଇ—ସ୍ତ୍ରୀ)

**ଅନ୍ତକର**—ସଂ. ବିଣ. ( ଅନ୍ତ=ଶେଷ+କୃ=କରିବା+କର୍ତ୍ତୃ. ଅ )—
Antakara ବିନାଶକାରୀ—Causing death; bringing about destruction.

**ଅନ୍ତକାଳ**—ସଂ. ବି. ( ଅନ୍ତ=ଶେଷ+କାଳ=ସମୟ )—
Antakāla ୧ । ଚରମ ସମୟ; ମୃତ୍ୟୁର ଅବ୍ୟବହିତ ପୂର୍ବ ସମୟ—
1. Hour of death; the last moment.
୨ । ଜୀବର ମୃତ୍ୟୁ ସମୟ—2. Point of death.
ଅନ୍ତକାଳେ ବୈକୁଣ୍ଠ ଦିଅନ୍ତି ଚକ୍ରପାଣି—ସାରଳା. ମହାଭାରତ ।

**ଅନ୍ତକୁଟିଳ**—ଗ୍ରା. ବି (ସଂ. ଅନ୍ତକୁଟିଳ)—ଅନ୍ତଃ କୁଟିଳତା—
Antakuṭila Crookedness of mind.
ଅନ୍ତକୁଟିଳା / ଅନ୍ତକୁଟିଳୀ } ସ୍ତ୍ରୀ ଗ୍ରା. ବିଣ—କୁଟିଳମନା—
Of a crooked mind.

**ଅନ୍ତକୋଷ**—ଦେ. ବି (ସଂ. ଅନ୍ତ୍ର+କୋଷ)—ଅନ୍ତ୍ରବୃଦ୍ଧି ରୋଗ—
Antakosha Hernia.
অন্ত্রবৃদ্ধি

**ଅନ୍ତକୋଷିଆ**—ଗ୍ରା. ବିଣ. ପୁଂ—ଅନ୍ତକୋଷ ରୋଗାକ୍ରାନ୍ତ (ବ୍ୟକ୍ତି )—
Antakoshiā (a person) Suffering from hernia.

**ଅନ୍ତଗ**—ସଂ. ବିଣ (ବହୁବ୍ରୀହି; ଅନ୍ତ=ଶେଷ+ଗମ୍ ଧାତୁ=ଯିବା+ଅ)—
Antaga ୧ । ପାରଗ; ପାରଙ୍ଗମ; ପାରଗାମୀ—1. (one) Who has reached the end; well-versed in; deeply read.
୨ । ମୃତ—2. Dead.

**ଅନ୍ତଗୁଳି**—ଦେ. ବି. ( ସଂ; ଅନ୍ତଃ+ଗୋଲକ )—ପେଟ ବା ଅନ୍ତର
Antaguli ମଧ୍ୟରେ ହେବା ବ୍ରଣବିଶେଷ—Appendicites; boil in the entrails.
অন্তগুল্ম

**ଅନ୍ତଚିରା ( ବାରୁ )**—ଦେ. ବିଣ—( ଯେଉଁ ମାଈ ଘୋଡ଼ାର ଅନ୍ତପୁଟ
Antachirā (Bāru) ବାହାର କରି ଛୁଆକୁ ପେଟରୁ କଢ଼ା ଯାଇଥାଏ )—ଅତି ଦ୍ରୁତଗାମୀ ଅଶ୍ୱ—Very swift horse.
[ଦ୍ର—କାହାଣୀ ଆଦିରେ ଅତି ବେଗବାନ୍ ଅଶ୍ୱକୁ ଅନ୍ତଚିରା ବାରୁ ବୋଲି କହାଯାଏ । ଏହି ଘୋଡ଼ାକୁ ମାଆ ଜନ୍ମ କରି ନ ପାରିବାରୁ ଚିରି ଥାଇଁ ଥାଉଁ ମାଆର ପେଟକୁ ଚିରି ଏ ଘୋଡ଼ା ଛୁଆକୁ ବାହାର କରନ୍ତି । ଏଥିପାଇଁ ଏହି ନାମ । ]

**ଅନ୍ତଜଳିବା**—ଦେ. ବି—ପେଟ ଜଳିବା; ଅତି କ୍ଷୁଧାର୍ତ୍ତ ହେବା—
Antajalibā Being very hungry.
অঁতড়ী জলনা

**ଅନ୍ତତଃ**—ଦେ. କ୍ରି. ବିଣ. ( ଅନ୍ତ=ଶେଷ+ସପ୍ତମୀ ବିଭକ୍ତି ଅର୍ଥରେ.
Antataḥ ତସ୍ )—୧ । ନିତାନ୍ତ ପକ୍ଷରେ—
1. At any rate.
୨ । ଶେଷରେ—
2. At the end; in the extreme.

**ଅନ୍ତଦୁଲୁକିବା**—ଦେ. ବି—ଅନ୍ତଃସ୍ଥଳ ଥରିବା; ହୃଦୟ କମ୍ପିବା—
Antadulukibā Shaking of the heart.

**ଅନ୍ତପିତ୍ତ**—ଦେ. ବି. ( ଦ୍ୱନ୍ଦ୍ୱ; ଅନ୍ତ ଓ ପିତ୍ତ )—ଶରୀରାଭ୍ୟନ୍ତରସ୍ଥ ଅନ୍ତ ଓ
Antapitta ପିତ୍ତ—Entrails and bile in the body.
অন্তপিত্ত ଆଣିଲେ କଲିଜା ଅନ୍ତ ପିତ୍ତ ସବୁ ଛିଣ୍ଡି—ସାରଳା. ମହାଭାରତ ।

**ଅନ୍ତପିତ୍ତ ଦୁହିଁ ହେବା**—ଦେ. ବି—ଅତି କ୍ରୋଧରେ ଜର୍ଜରିତ ହେବା;
Antapitta duhiṅ hebā ରାଗରେ ଅସମ୍ଭାଳ ହେବା—
Being mad with anger.
(ଯଥା— ତା' କଥା ଶୁଣିଲେ ତୁମ ଅନ୍ତପିତ୍ତ ଦୁହିଁ ହୋଇଯିବ)

**ଅନ୍ତପୁଟା**—ଦେ. ବି. ( ସଂ. ଅନ୍ତଃପୁଟ )—ଉଦରର ନାଡ଼ୀପଟଳ; ପେଟ
Antapuṭā ଭିତରେ ଥିବା ନାଡ଼ି ଓ ପୁଣି ଆଦି ( ଏଥିରେ ଖାଣ୍ଟି
অন্ত;নড়িভুড়ীফোটা ହୋଇ ନ ଥିବା ଖାଦ୍ୟ ଆଦି ଥାଏ)—
Entrails; bowels.

**ଅନ୍ତପୁଟି**—ଗ୍ରା. ବି.—ଅନ୍ତପୁଟା ( ଦେଖ )
Antapuṭi Antapuṭā ( See ).

**ଅନ୍ତପୁଡ଼ା**—ଗ୍ରା. ବି.—ଅନ୍ତପୁଟା ( ଦେଖ )—
Antapurḍā Antapuṭā ( See ).

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଇଅ | ଭ | କୃ |

**ଅନ୍ତଃପୁର**—ଗ୍ରା. ପଦ୍ୟ. ବି.—ଅନ୍ତଃପୁର—Harem.
Antapura
ରବ ପବନ ଅଗମ୍ୟ ଅନ୍ତଃପୁରେ କାହ୍ନିଁ ପୁରୁଷେ କଲୁ ଆଣି—
ଶିଶୁଟଙ୍କର. ଉଷା ଅଭିଳାଷ ।

**ଅନ୍ତବରତ** (ଇତ୍ୟାଦି)—ଗ୍ରା. ବି.—ଅନନ୍ତବ୍ରତ (ଇତ୍ୟାଦି) (ଦେଖ)
Antabarata (etc) Anantabrata (etc) (See).
অনন্তব্রত

**ଅନ୍ତବର୍ଣ୍ଣ**—ଗ୍ରା. ବି. ( ସଂ. ଅନ୍ତ୍ୟବର୍ଣ୍ଣ )—ଅନ୍ତ୍ୟବର୍ଣ୍ଣ ( ଦେଖ )—
Antabarnna Antyabarnna (See).

**ଅନ୍ତବାଜି**—ଦେ. ବି.—ଅନନ୍ତବାଜି ( ଦେଖ )—
Antabāji Anantabāji ( See )

**ଅନ୍ତବାସୀ**—ସଂ. ବଣ. ପୁଂ. ( ଅନ୍ତ+ବସ୍ ଧାତୁ+ଇନ୍ )—
Antabāsi ୧ । ସମୀପବର୍ତ୍ତୀ—Adjoining.
୨ । ନିକଟରେ ବାସ କରୁଥିବା—2. Living near.
ସଂ. ବି.—୧ । [ଅନ୍ତ=( ଗୁରୁଙ୍କ ) ସମୀପ+ବସ୍ ଧାତୁ+ଇନ୍
୧ମା. ୧ବ ]—
ଶିଷ୍ୟ; ଛାତ୍ର—1. Student; pupil; disciple.
୨ । ( ଅନ୍ତ=ଶେଷ+ବସ୍ ଧାତୁ+ଇନ୍. ୧ମା. ୧ବ )—
ଚଣ୍ଡାଳ; ଅସ୍ପୃଶ୍ୟ ଜାତି—
2. The pariah.

**ଅନ୍ତବୁଜୁଳା**—ଦେ. ବି.—ଅନ୍ତପୁଟା ( ଦେଖ )
Antabujulā Antaputā ( See ).

**ଅନ୍ତବୁଜୁଳି**—ଗ୍ରା. ବି.—ଅନ୍ତପୁଟା ( ଦେଖ )
Antabujuli Antaputā ( See ).
অন্তভুঁড়ী
କାହାର ଅନ୍ତବୁଜୁଳି ଅଣ୍ଡେ ଚରି । ପୀତାମ୍ବର. ନୃସିଂହପୁରାଣ. ୫ମ ।

**ଅନ୍ତବ୍ରତ** (ଇତ୍ୟାଦି)—ଅନନ୍ତବ୍ରତ (ଇତ୍ୟାଦି) ( ଦେଖ )
Antabrata. (etc.) Anantabrata (etc) ( See ).
অনন্তব্রত

**ଅନ୍ତଭାଗ**—ସଂ. ବି. ( ଅନ୍ତ =ଶେଷ+ଭାଗ ) ଶେଷଭାଗ; ଶେଷାଂଶ—
Antabhāga The last part; the last portion.
ଦେ. ବି. ( ପାଦ୍ରୀଙ୍କ ଭାଷା )—ବାଇବଲ୍‌ର ଶେଷଗ୍ରନ୍ଥ—
The New Testament of the Bible.

**ଅନ୍ତମାଳା**—ଦେ. ବି. (ଚିଷ୍ଣୀ ଚଢ଼ )—ଅନ୍ତପୁଟା ( ଦେଖ )
Antamālā Antaputā ( See).
କାହା ଅନ୍ତମାଳା କାଢ଼ି ବୁକୁ ଦଏ ଚଢ଼ି ।
ପୀତାମ୍ବର. ନୃସିଂହପୁରାଣ. ୫ମ ।

**ଅନ୍ତମୁଣା**—ଗ୍ରା. ବି.—ଅନ୍ତପୁଟା ( ଦେଖ )
Antamunā Antaputā ( See ).

**ଅନ୍ତର୍**—ସଂ. ଅ. (ଅନ୍ତ=ଶେଷ+ର=ଗ୍ରହଣ କରିବା+କ୍ୱିପ୍ ) ଏହା
Antar ଅନ୍ୟ ଶବ୍ଦର ପୂର୍ବରେ ବ୍ୟବହୃତ ହୋଇ ନିମ୍ନଲିଖିତ ଅର୍ଥମାନ ବୁଝାଏ—
୧ । ମଧ୍ୟରେ (ଯଥା—ଅନ୍ତର୍ଭୁକ୍ତ; ଅନ୍ତର୍ଗତ )—
1. Within.
୨ । ଶେଷରେ ( ଯଥା—ଅନ୍ତଃସୀମା )—
2. At the end.
୩ । ଦୂର ( ଯଥା—ଅନ୍ତର୍ଜାତୀୟ )—3. Distant.
୪ । ବ୍ୟବଧାନ ( ଯଥା—ଅନ୍ତସ୍ଥଳ )—4. Space.
୫ । ମନଃସମ୍ବନ୍ଧୀୟ (ଯଥା—ଅନ୍ତର୍ବ୍ୟଥା )—5. Mental.
୬ । ହୃଦୟରେ ( ଯଥା—ଅନ୍ତର୍ଜ୍ୱାଳା )—5. Heart.

**ଅନ୍ତର**—ସଂ. ବି. ( ଅନ୍ତ+ର ଧାତୁ+ଅ )—
Antara ୧ । ଅବକାଶ—1. Interval.
୨ । ମଧ୍ୟ—2. Interior.
୩ । ରନ୍ଧ୍ର; ଛିଦ୍ର—3. Hole.
୪ । ଅବସର—4. Opportunity.
୫ । ସୀମା; ଅବଧି—5. Limit.
୬ । ବସ୍ତ୍ର; ପରିଧାନ—6. Cloth.
୭ । ଅନ୍ତର୍ଦ୍ଧାନ; ଅଦୃଶ୍ୟତା—7. Disappearance.
୮ । ଭେଦ—8. Disagreement.
୯ । ତାରତମ୍ୟ; ପ୍ରଭେଦ—9. Difference.
୧୦ । ଦୁଇ ବସ୍ତୁ ମଧ୍ୟରେ ଥିବା ସ୍ଥାନ—
10. Space left between two things.
୧୧ । ବ୍ୟବଧାନ; ଦୂରତ୍ୱ—11. Distance.
୧୨ । ବିନା; ବ୍ୟତିରେକ—12. Absense.
୧୩ । ବହିଃସ୍ଥାନ—13. Outside.
୧୪ । ତାଦର୍ଥ୍ୟ—14. Similar meaning.
୧୫ । ବିଶେଷ; ଆଧିକ୍ୟ—15. Excess.
ଦେ. ବି.—୧ । ଅନ୍ତରାୟ ସ୍ୱରୂପ ମଧ୍ୟରେ ଥିବା ବସ୍ତୁ—
1. Impediment.
୨ । ବିଚ୍ଛେଦ—2. Separation.
ଘଡ଼ିକ ଅନ୍ତର ମୋର ନ ହୁଅଇ ସହି । ନନ୍ଦକିଶୋର. ସୀତାବନବାସ ।
୩ । ମନ; ହୃଦୟ—3. Heart; mind.
ସପତ୍ନୀ ଦୁଃଖ ତୁ ନ ଜାଣୁ ଥିଲୁ ନାଥ ଅନ୍ତର ପ୍ରମାଣ ।
ଜଗନ୍ନାଥ. ଭାଗବତ. ୮ମ ।
୪ । ମଧ୍ୟସ୍ଥଳ—4. Middle.
୫ । ଭିତର; ଅନ୍ତଃସ୍ଥଳ—5 Inside.
୬ । ଅନ୍ତ—6. Entrails.
୭ । କପଟ—7. Hypocricy.
ଅନ୍ତର୍ଗତେ ଯେବେ ଅଛନ୍ତି ଅନ୍ତର, ତାଙ୍କ କର୍ମ ଜଳ ଗ୍ରେନ—ବିଦଗ୍ଧ ।
୮ । କଷ୍ଟ—8. Difficulty.
ମହର୍ଷି ଦର୍ଶାମିତ୍ର ଅଭ ନେନିକାର, ସଙ୍ଗମ ହୋଇବାକୁ ବହୁତ ଅନ୍ତର ।
କୃଷ୍ଣସିଂହ. ମହାଭାରତ. ଆଦି ।
୯ । ରାଜା ଓ କ୍ଷତ୍ରିୟମାନଙ୍କର ଦାସୀ ଗର୍ଭସମ୍ଭୂତ ପୁତ୍ର—
9. Illegitimate child of a Kshatriya-father through a concubine.

ଯାହାଙ୍କଣେ ଲୋକେ ଅପର ପୃଷ୍ଠାରେ ୨ ଚିହ୍ନିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବର୍ଧ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବିଣ—୧ । ଦାସୀଗର୍ଭଜାତ—
1. Born of a concubine.
୨ । ସଦୃଶ—2. Similar.
୩ । ଆତ୍ମୀୟ—3. Related.
୪ । ପୃଥକ୍; ଅପର; ଅନ୍ୟ—4. Different.
( ଯଥା—ଆଜି କଥା କାଲିକି ଅନ୍ତର । )
[ଦ୍ର—ଏ ଅର୍ଥରେ ସଂସ୍କୃତରେ 'ଅନ୍ତର' ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ଗ୍ରାମାନ୍ତର; ଦେଶାନ୍ତର—କାରଣ ସମାସରେ 'ଅନ୍ୟ' ଶବ୍ଦ ସ୍ଥଳରେ 'ଅନ୍ତର' ଆଦେଶ ହୁଏ । ]
୫ । ହୃଦ୍‌ଗତ—5. Mental.
୬ । ଅନ୍ତର୍ଗତ—6. Internal.
୭ । ମଧ୍ୟଗତ—7. Situated in the middle.
ଦେ. ବି. (ଜ୍ୟୋତିଷ ) (ସଂ. ଅନ୍ତର୍ଦଶା)—ଅନ୍ୟ ଗ୍ରହର ଦଶା-ଭୋଗ କାଳରେ ଏକ ଗ୍ରହର ଦୂରରେ ଅବସ୍ଥାନ—
( Astrology ) A state of one planet appearing at a distance during the ascendance of another planet.
ଦେ. ବିଣ—ଅନ୍ତରିତ; ପୃଥକ୍—Different.

ଆଜି କଥା କାଲି ଅନ୍ତର ତ ପୁଣି ମହର୍ତ୍ତେ ମୁହୂର୍ତ୍ତେ ଭେଦ ।
ନନ୍ଦକିଶୋର. ନର୍ମ୍ମଲହରୀ ।

**ଅନ୍ତରକଣ୍ଟା**—ଦେ. ବିଣ—ବିଶ୍ୱାସଘାତକ—
Antarakaṭā Faithless; perfidious.
ଅଁତଘାଇ

**ଅନ୍ତରକରଣ**—ଦେ. ପଦ୍ୟ. ବି. ( ସଂ. ଅନ୍ତଃକରଣ )—
Antarakaraṇa ହୃଦୟ; ଅନ୍ତଃକରଣ—Heart.

ସୁଶାନ୍ତ ଅଥା ମୁନିଗଣେ, ନିର୍ମଳ ଅନ୍ତରକରଣେ ।
ଜଗନ୍ନାଥ. ଭାଗବତ ।

**ଅନ୍ତର କରିବା**—ଦେ. କ୍ରି—୧ । ଦୂର କରିବା—
Antara karibā 1. To send away to a distance.
ଅন্তৰকরা ୨ । ତଡ଼ିଦେବା—To drive away.
অন্তরকরনা ୩ । ଭିନ୍ନ କରିଦେବା; ପୃଥକ୍ କରିଦେବା—
3. To separate (in mess or lodging).
୪ । ପାସୋରିବା; ହୃଦୟରୁ ଭୁଲିଯିବା; ମନରୁ ତ୍ୟାଗ କରିବା—
4. To forget; to shake off from the mind.

ଲୋକ ସନ୍ଦେହ କରିବ ଅନ୍ତର—ଉପେ. ପ୍ରେମସୁଧାନିଧି. ୧୬୧୯ ।

**ଅନ୍ତରଖିଆ**—ଗ୍ରା. ବିଣ—ଅନ୍ତରିଖିଆ ( ଦେଖ )
Antarakhiā Antarikhiā ( See )

**ଅନ୍ତରଗତ**—ଗ୍ରା. ପଦ୍ୟ. କ୍ରି.ବିଣ—ମନେ ମନେ—In mind.
Antaragata ବସୁରେ ଅନ୍ତରଗତେ ସେ ସୁନ୍ଦର—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ. ୨୪୮ ।

**ଅନ୍ତରଙ୍ଗ**—ସଂ. ବି. ( ଅନ୍ତର=ମଧ୍ୟ+ଗମ୍ ଧାତୁ+କର୍ତ୍ତୃ. ଅ )—
Antaraṅga ୧ । ଆତ୍ମୀୟ ସ୍ୱଜନ—1. Relative; kindred; kith and kin.
୨ । (ଅନ୍ତର୍+ଅଙ୍ଗ)—ଅନ୍ତଃକରଣ—2. Heart.
ସଂ. ବିଣ—ଯେଉଁ ବନ୍ଧୁ ସଙ୍ଗେ ଖୁବ୍ ମନ ମିଳିଥାଏ—A very intimate (friend); friend, of one's heart.

ଗୁରୁବେଶୀର ମୁହିଁ ଅନ୍ତରଙ୍ଗ—କବିସୂର୍ଯ୍ୟ. କବିତା ।

**ଅନ୍ତରଙ୍ଗତା**—ସଂ. ବି. (ଅନ୍ତରଙ୍ଗ=ଆତ୍ମୀୟ+ଭାବ. ତା)—
Antaraṅgatā ଆତ୍ମୀୟତା; ସୌହାର୍ଦ୍ଦ୍ୟ—Intimacy.

**ଅନ୍ତରଛୁହେବା**—ଗ୍ରା. କ୍ରି ( ସଂ. ଅନ୍ତର୍ଧାନ )—ଅଦୃଶ୍ୟ ହେବା; 
Antarachhuhebā ଉଭେଇ ଯିବା—To disappear.

**ଅନ୍ତରଜ୍ଞ**—ସଂ. ବିଣ. ପୁଂ (ଅନ୍ତର=ବିଶେଷ+ଜ୍ଞା ଧାତୁ=ଜାଣିବା
Antarajña +କର୍ତ୍ତୃ. ଅ)—ବିଶେଷଜ୍ଞ—Expert.
(ଅନ୍ତରଜ୍ଞା—ସ୍ତ୍ରୀ)

**ଅନ୍ତରଝିଅ**—ଦେ. ବି. ସ୍ତ୍ରୀ—ଦାସୀଗର୍ଭଜାତ କନ୍ୟା—Daughter of
Antarajhia one's concubine.
দাসীর কন্যা

**ଅନ୍ତରଧାନ**—ଗ୍ରା. ବି. (ସଂ. ଅନ୍ତର୍ଦ୍ଧାନ)—ଅନ୍ତର୍ଦ୍ଧାନ (ଦେଖ)
Antaradhāna Antardhāna (See)
ଗ୍ରା. ବିଣ—ଅନ୍ତର୍ହିତ—Antarhita (See)

**ଅନ୍ତରଧିଆନ**—ଗ୍ରା. ବିଣ (ସଂ. ଅନ୍ତର୍ଦ୍ଧାନ)—ଅନ୍ତର୍ଦ୍ଧାନ (ଦେଖ)
Antaradhiāna Antarddhāna (See)

**ଅନ୍ତରଧ୍ୟାନ**—ଗ୍ରା. ବି. (ସଂ. ଅନ୍ତର୍ଦ୍ଧାନ)—ଅନ୍ତର୍ଦ୍ଧାନ (ଦେଖ)
Antaradhyāna Antarddhāna (See)

**ଅନ୍ତରପୁଅ**—ଦେ. ବି. ପୁଂ—ଦାସୀଗର୍ଭଜାତ ପୁଅ—
Antarapua Illegitimate son; a son born of
দাসীপুত্র one's concubine.

**ଅନ୍ତରଭଉଣୀ**—ଦେ. ବି. ସ୍ତ୍ରୀ—( କ୍ଷତ୍ରିୟମାନଙ୍କର ) ପିତାଙ୍କ ରକ୍ଷିତା ସ୍ତ୍ରୀ-
Antarabhauṇi ଗର୍ଭଜାତ ଭଉଣୀ—One's sister born of father's concubine.

**ଅନ୍ତରଭାଇ**—ଦେ. ବି. (କ୍ଷତ୍ରିୟମାନଙ୍କର) ପିତାଙ୍କ ରକ୍ଷିତା ସ୍ତ୍ରୀଗର୍ଭଜାତ
Antarabhāi ଭାଇ—One's brother born of father's concubine.

**ଅନ୍ତରଭାଇଆ**—ଦେ. ବି.—ରକ୍ଷିତା ସ୍ତ୍ରୀ ଗର୍ଭଜାତ ବଂଶଧରଗଣ—
Antarabhāiā One's illegitimate agnatic relations.

**ଅନ୍ତରମାଧିଆ**—ଗ୍ରା. କ୍ରି. ବିଣ.—ତନ୍ତରମାଧିଆ; ( କୌଣସି କାର୍ଯ୍ୟକୁ )
Antaramādhiā ଅସମ୍ପୂର୍ଣ୍ଣ ବା ଅଯତ୍ନଭାବରେ କରିବା—
যাতাকরে Carelessly ( doing a work ); in a slip-shod fashion.
ଗ୍ରା. ବିଣ—ଅଯତ୍ନଭାବରେ ସମ୍ପାଦିତ—
Done carelessly.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଞ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଙଅ | ● | ନ୍ତ |

**ଅନ୍ତରଯାମୀ**—ଗ୍ରା. ବଣ.—( ସଂ. ଅନ୍ତର୍ଯାମୀ )—
Antarajāmī ଅନ୍ତର୍ଯାମୀ ( ଦେଖ )
Antarjāmī ( See ).

ଅନ୍ତରଯାମୀ ବ୍ରହ୍ମରାଶି—ଭୂପତି. ପ୍ରେମପଞ୍ଚାମୃତ ।

**ଅନ୍ତରସ୍ଥ**—ସଂ. ବି—(ଅନ୍ତର=ହୃଦୟ; ମଧ୍ୟ+ସ୍ଥା ଧାତୁ=ରହିବା+ କର୍ତ୍ତୃ. ଅ)—
Antarastha
୧ । ମଧ୍ୟସ୍ଥ; ଆନ୍ତରିକ—
1. Situated within; internal.
୨ । ହୃଦ୍‌ଗତ ( ଭାବ )—
2. Inward ( feeling ).

**ଅନ୍ତରହିତ**—ଗ୍ରା. ପଦ୍ୟ. ବଣ (ସଂ. ଅନ୍ତର୍ହିତ)—ଅନ୍ତର୍ହିତ (ଦେଖ)
Antarahita Antarhita (See)

ଏହା କହି ଜଳ ଅନ୍ତରହିତ ହେଲେ । କୃଷ୍ଣସିଂହ. ମହାଭାରତ. ସଭା ।

**ଅନ୍ତରା**—ସଂ. କ୍ରି. ବଣ (ଅନ୍ତର+ଆ)—୧ । ବ୍ୟତୀରେକେ—
Antarā 1. Without; except.
୨ । ମଧ୍ୟରେ—2. Between; among.
୩ । ସମୀପରେ; ନିକଟରେ—3. Near; at hand.
ପ୍ରାଦେ (ସମ୍ବଲପୁର) ବି—ନିଆଁ ଅଡ଼ା; ଗୃହଆଡ଼େ କାଠ ଗଦାଇ କରାଯିବା ନିଆଁର ଗଦା—
A heap of fire.
ଦେ. ବି—୧ । ( ସଂ. ଅନ୍ତରାୟ )—ବସ୍ତ୍ରର ମୁହଁଣ୍ଡାରେ ଥିବା ରଙ୍ଗିନ୍ ଅଂଶ—1. The coloured border at the end of a cloth
୨ । ବ୍ୟବଧାନ—2. Partition
୩ । ଜଳୁଥିବା ତେଲଦୀପରୁ ଘିଅବଳିତାରେ ନିଆଁ ଲଗାଇବାକୁ ହେଲେ ମଝିରେ ଧରାଯିବା ବ୍ୟବଧାନସୂଚକ କାଠି ବା କୁଟା—3. A twig held with the ghee-soaked wick while getting it lighted from an oil-lamp.
୪ । ସଙ୍ଗୀତରେ ବୋଲାଯିବା ମଧ୍ୟବର୍ତ୍ତୀ ପଦ (ଯେଉଁ ପଦମାନ ବୋଲା ସରିବା ପରେ ଘୋଷାକୁ ଆବୃତ୍ତ କରାଯାଏ ।)—
4. The intermediate passage of a song.

**ଅନ୍ତରାତ୍ମା**—ସଂ. ବି (ଅନ୍ତର+ଆତ୍ମା)—୧ । ଦେହ ମଧ୍ୟବର୍ତ୍ତୀ ଜୀବାତ୍ମା—
Antarātmā 1. The inner soul or life; the inward spirit; the soul.
୨ । ପରମାତ୍ମା—2. The Supreme Soul.
୩ । ଅନ୍ତଃକରଣ; ମନ—3. Heart; mind.
୪ । ବିବେକ; ହିତାହିତ ଜ୍ଞାନ—4. Conscience.

**ଅନ୍ତରାନ୍ତରା**—ସଂ. ଅ ( ଅନ୍ତର+ଅନ୍ତରା )—ମଧ୍ୟେ ମଧ୍ୟେ—
Antarāntarā At intervals.

ତାର ପ୍ରାନ୍ତେ ସେହି କମଳକୋଷରେ ଉଠିଛି ଅନ୍ତରାନ୍ତରା
ନାଳ କଢ଼ି ଶ୍ୱେତ କହ୍ଲାରଙ୍କଟି ହରିତ ବର୍ଣ୍ଣ ସନ୍ଧରା । ରାଧାନାଥ. ଯଯାତି ।

**ଅନ୍ତରାପତ୍ୟା**—ସଂ. ବଣ. ସ୍ତ୍ରୀ (ବହୁବ୍ରୀହି; ଅନ୍ତର୍=ମଧ୍ୟରେ+ଅପତ୍ୟ= ସନ୍ତାନ+ସ୍ତ୍ରୀ. ଆ )—ଗର୍ଭିଣୀ; ଗର୍ଭବତୀ—
Antarāpatyā Pregnant; quick with child

**ଅନ୍ତରାଭବଦେହ**—ସଂ. ବି (ଅନ୍ତର୍=ମଧ୍ୟରେ+ଭବ=ଥିବା+ଦେହ)
Antarābhabadeha ( ଦର୍ଶନ ) ପ୍ରାଣୀ ମରିବା ପରେ ଓ ପୁନର୍ଜନ୍ମ ଲାଭ କରିବା ପୂର୍ବରୁ ଯେଉଁ ଶରୀର ଧାରଣ କରେ—
(Philosophy) The spiritual existence after death and before rebirth

**ଅନ୍ତରାଭବ ସତ୍ତ୍ୱ**—ସଂ. ବି (ଅନ୍ତରାଭବ+ସତ୍ତ୍ୱ)—
Antarābhabasattwa ଅନ୍ତରାଭବଦେହ (ଦେଖ)
Antarābhabadeha (See)

**ଅନ୍ତରାୟ**—ସଂ. ବି. (ଅନ୍ତର୍+ଇ ଧାତୁ+ଭାବ. ଅ)—୧ । ପ୍ରତିବନ୍ଧକ; ବାଧା; ବିଘ୍ନ—1. Impediment, obstacle; hindrance; bar.
Antarāya
୨ । ବ୍ୟବଧାନ—2. Interval.
୩ । ଆଢ଼ୁଆଳ; ଉହାଡ଼, ଦୁଇ ବସ୍ତୁର ମଧ୍ୟବର୍ତ୍ତୀ ସ୍ଥାନ—
3. Intermediate space; space between two objects.

**ଅନ୍ତରାଳ**—ସଂ. ବି. (ଅନ୍ତର+ଇ ଧାତୁ+କର୍ତ୍ତୃ. ଅ)—
Antarāḻa ଅନ୍ତରାୟ ୨ ଓ ୩ (ଦେଖ)
Antarāya 2 and 3 (See)

**ଅନ୍ତରାଳେ**—ଦେ. କ୍ରି. ବଣ (ସଂ. ଅନ୍ତରାଳ)—ମଧ୍ୟରେ—
Antarāḻe Within.

ଶୁଣି କର୍ଣ୍ଣିଲେ ଦଇପାଳେ, ପୂରିଲା ମଣ୍ଡି ଅନ୍ତରାଳେ । ଜଗନ୍ନାଥ. ଭାଗବତ ।

**ଅନ୍ତରିକ୍ଷ**—ସଂ. ବି.—ଅନ୍ତରୀକ୍ଷ (ଦେଖ)
Antariksha ( See )

**ଅନ୍ତରିକ୍ଷ ମଣ୍ଡା**—ଦେ. ବି—ଏକ ପ୍ରକାର କ୍ଷୁଦ୍ର ଉଣ୍ଡୁରି ପିଠା—(ବଣ୍ଠା
Antariksha maṇḍā ବିରରେ ପୁର ଦିଆଯାଇ ଏହା ଅଥାଳରେ ସିଝା ହୁଏ ।)—A kind of steamed cake.

**ଅନ୍ତରିକ୍ଷ ହେବା** ଗ୍ରା. କ୍ରି—ଅଦୃଶ୍ୟ ହେବା—
Antriksha hebā To disappear.

**ଅନ୍ତରିଖିଆ**—ଗ୍ରା. ବଣ. ( ସଂ. ଉଚ୍ଛିଷ୍ଟ+ଖାଦକ )—ଗାଳିବିଶେଷ;
Antarikhiā (ଅଭକ୍ଷ୍ୟଭକ୍ଷକ)—A term of abuse
ଏଁଠେଖେକୋ (meaning an eater of uneatables)

**ଅନ୍ତରିତ**—ସଂ. ବଣ. ( ଅନ୍ତର=ଦୂର+ଇତ )—
Antarita ୧ । ବହିଷ୍କୃତ; ଦୂରୀକୃତ—
1. Removed; excluded.
୨ । ଅପହୃତ—2. Stolen.
୩ । ଆଚ୍ଛନ୍ନ—3. Covered.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଶୀ' ନ ପାଇଲେ 'ବଂଶି' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ' ଦେଖିବେ ।

୪ । ଅନ୍ତର୍ଗତ—4. Included.
୫ । ପୃଥକ୍‌ଭୂତ—5. Detached.
୬ । ବ୍ୟବହୃତ—6. Used.
୭ । ସ୍ଥାନାନ୍ତରିତ; ଯାହାକୁ ଏକ ସ୍ଥାନରୁ ଅନ୍ତର କରି ଯାଇଥାଏ—7. Transferred from one place.
ବି. (ଗଣିତ) ବିୟୋଗଫଳ— arith) The remainder after subtraction.

**ଅନ୍ତରିନ୍ଦ୍ରିୟ**—ସଂ. ବି. ( ଅନ୍ତର=ମଧ୍ୟ+ଇନ୍ଦ୍ରିୟ )—
Antarindriya ୧ । ଅନ୍ତଃକରଣ—1. Heart.
୨ । ମନ—2. Mind.
୩ । ମାନସିକବୃତ୍ତି—3. Mental faculty.
୪ । ହୃଦୟବୃତ୍ତି—4. Inner sense.
୫ । ଅନୁଭୂତି—5. Intuition.

**ଅନ୍ତରୀକ୍ଷ**—ସଂ. ବି. ( ଅନ୍ତର=ମଧ୍ୟ+ଋକ୍ଷ=ନକ୍ଷତ୍ର+ଅ; ଯାହା ମଧ୍ୟରେ
Antariksha ନକ୍ଷତ୍ର ଦେଖା ଯାଆନ୍ତି ବା ଅନ୍ତର=ମଧ୍ୟ+ଈକ୍ଷ ଧାତୁ=ଦେଖିବା+ଅ; ଯାହା ମଧ୍ୟ ଦେଇ ଦେଖାଯାଏ ।)—
୧ । ଆକାଶ; ଗଗନମଣ୍ଡଳ; ଶୂନ୍ୟ—
1. The sky; etherial space.
୨ । ଅଭ୍ରଧାତୁ; ମେଘନାଲ—2. Mica

**ଅନ୍ତରୀପ**—ସଂ. ବି. ( ଅନ୍ତର=ଶେଷ; ସୀମା+ଅପ=ଜଳ+ଅ;
Antaripa ଯହିଁର ଶେଷରେ ବା ସୀମାରେ ଜଳ ଥାଏ )—
୧ । (ଭୂଗୋଳ) ଉପକୂଳରେ ଜଳବେଷ୍ଟିତ ସରୁଆ ଭୂମିଖଣ୍ଡ—
1. Cape; promontory; headland.
୨ । ଦ୍ୱୀପ—2. Island.

**ଅନ୍ତରୀୟ**—ସଂ. ବି. ( ଅନ୍ତର=ବସ୍ତ୍ର+ଈୟ )—ଅଧୋବସ୍ତ୍ର; ଯେଉଁ
Antariya ଲୁଗାକୁ ଅଣ୍ଟା ତଳକୁ ପିନ୍ଧାଯାଏ—Under cloth; lower garment.

**ଅନ୍ତରେ**—ଦେ. କ୍ରି. ବିଣ—୧ । (ସମୟ ବା ସ୍ଥାନ) ମଧ୍ୟରେ; ଭିତରେ-
Antare 1. At the middle; within.
अन्तरे ୨ । ଶେଷରେ—2. At the end.
बीचमें ୩ । ହୃଦୟରେ—3. In the mind.
୪ । ବ୍ୟବଧାନରେ—4. At intervals of.
୫ । ଦୁଇ ବସ୍ତୁର ମଧ୍ୟରେ—5. Between; betwixt.
୬ । ବହୁ ଲୋକ ବା ବସ୍ତୁ ମଧ୍ୟରେ—6. Among.
୭ । ( ସମୟ ) ପରେ—7. After.
ଦିବ ଅନ୍ତରେ ରତ୍ନ ନ ଢଳାଇ—ଭକ୍ତ- ପ୍ରେମସୁଧାନିଧି- ୭୧୮ ।

**ଅନ୍ତରେଣ**—ସଂ. କ୍ରି. ବିଣ—୧ । ବିନା; ବ୍ୟତିରେକେ—
Antarena 1. Without
୨ । ମଧ୍ୟରେ—2. Inside.
୩ । ପ୍ରତି—3. Towards
୪ । ପରେ; ଅନନ୍ତର—4. After.

ସୁଧା ବଚନ ଅନ୍ତରେଣ ତୃଷିତା ଶ୍ରୀକୃଷ୍ଣ ଭୁଲେଣ ସ୍ୱାଦ ।
ପ୍ରାଚୀ—ରସବାରିଧି ।

**ଅନ୍ତର୍ଗତ**—ସଂ. ବିଣ. ପୁଂ. ( ଅନ୍ତର=ମଧ୍ୟ+ଗମ ଧାତୁ=ଯିବା+କର୍ମ.
Antargata ତ )—୧ । ମଧ୍ୟଗତ—1. Included in;
( ଅନ୍ତର୍ଗତା—ସ୍ତ୍ରୀ ) situated in the interior.
( ବହିର୍ଗତ—ବିପରୀତ ) ୨ । ସୀମାଭ୍ୟନ୍ତରୀ; ସୀମାର ଭିତରେ—
2 Situated inside the limit of.
୩ । ମାନସିକ; ହୃଦ୍‌ଗତ—3. Inward; mental.
୪ । ବିସ୍ମୃତ—4 Forgotten.
ଦେ. ବି—୧ । ହୃଦୟ; ମନ—1. Heart; mind.
ଶରବନଭବ ଦେବ ଜାଣି ଏହା ଜନ୍ମନ୍ତ୍ର ପ୍ରତି,
ବାହନବହ୍ନଲ ଅନ୍ତର୍ଗତେ ହେଲେ ପ୍ରସନ୍ନ ଅତି—ଦ୍ୱାରିକାନାଥ, ଉଷା ।
୨ । ମାନସିକ ଭାବ—2. Mental condition.

**ଅନ୍ତର୍ଗଲ**—ସଂ. ବି—ଗାଲ ଦାସକେରଣ୍ଡା; ପୁଷ୍ପଗୁଳ୍ମବିଶେଷ—A kind
Antargala of flowering plant.

**ଅନ୍ତର୍ଗୃହ**—ସଂ. ବି. ( ଅନ୍ତର=ମଧ୍ୟ+ଗୃହ )—ଗମ୍ଭୀର ଘର; ଘର
Antargruha ଭିତରର ଘର—Inner house; house within a house; cellar.

**ଅନ୍ତର୍ଜଳ**—ସଂ. ବି. ( ଅନ୍ତର=ମଧ୍ୟ+ଜଳ )
Antarjala ୧ । ଭୂଗର୍ଭସ୍ଥିତ ଜଳ—
1. Subterranean water.
୨ । ଜଳ ମଧ୍ୟରେ ସ୍ଥାପନ ବା ନିମଜ୍ଜନ ( ହିନ୍ଦୁମାନେ ମୃତ୍ୟୁ ପୂର୍ବରୁ ମୁମୂର୍ଷୁ ବ୍ୟକ୍ତିର ଶରୀରକୁ ଗଙ୍ଗା ଆଦି ନଦୀ ନିକଟକୁ ନେଇ ଦେହର ନିମ୍ନାଂଶକୁ ଜଳ ମଧ୍ୟରେ ବୁଡ଼ାଇ ରଖନ୍ତି । ଏହାର ନାମ 'ଅନ୍ତର୍ଜଳ' )—
2. The dipping into water; a ceremony with the Hindus performed with the dying body of a Hindu when it is taken to a sacred river and the lower limbs dipped into the water and the body laid on the bank till death.

**ଅନ୍ତର୍ଜଳା**—ସଂ. ବି—ଅନ୍ତର୍ଜଳ ୨ ( ଦେଖ )
Antarjalā Antarjala 2 ( See )

**ଅନ୍ତର୍ଜଳି**—ସଂ. ବି—ଅନ୍ତର୍ଜଳ ୨ ( ଦେଖ )
Antarjali Antarjala 2 ( See )

**ଅନ୍ତର୍ଜଳୀ**—ସଂ. ବିଣ. ପୁଂ. ( ଅନ୍ତର=ମଧ୍ୟ+ଜଳ+ଇନ୍. ୧ମା.
Antarjalī ୧ବ. )—ମୃତ୍ୟୁ ପୂର୍ବରୁ ଯାହାର ଶରୀରର ନିମ୍ନାଂଶ
(ଅନ୍ତର୍ଜଳିନୀ—ସ୍ତ୍ରୀ) ଜଳ ମଧ୍ୟରେ ନିମଜ୍ଜିତ କରାଯାଇଥାଏ—
(dying person ) Laid with the lower limbs dipped into water.

**ଅନ୍ତର୍ଜଳୋତ୍ସ**—ସଂ. ବି—( ଅନ୍ତର୍ଜଳ+ଉତ୍ସ )—
Antarjalotsa ଭୂଗର୍ଭୋତ୍ଥିତ ଜଳ ପ୍ରସ୍ରବଣ—
Artesan wells; subterranean springs.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଙ୍ଗ | ଢ଼ |

**ଅର୍ନ୍ତ୍ଜ୍ୱଳନ**—ସଂ. ବି. (ଅନ୍ତର=ମଧ୍ୟରେ+ଜ୍ୱଳନ)—
Antarjwaḷana ୧ । ( ବିଜ୍ଞାନପରିଭାଷା ) ଅଭ୍ୟନ୍ତରୀଣ ଦାହକ୍ରିୟା—1. Internal combustion.
୨ । ଦେହ ଭିତରେ ପୋଡ଼ା ଜଳା—2. Burning-sensation under the system; inward inflammation.

**ଅନ୍ତର୍ଜାତ**—ସଂ. ବିଣ (ଅନ୍ତର=ମଧ୍ୟରେ+ଜାତ)—ସହଜାତ;
Antarjāta ଦେହ ମଧ୍ୟରେ ଜାତ—Inborn; innate.

**ଅନ୍ତର୍ଜାତୀୟ**—ସଂ. ବିଣ. ( ଅନ୍ତର୍ଜାତ+ଈୟ)—୧ । ଭିନ୍ନ ଭିନ୍ନ ଜାତି
Antarjātiya ମଧ୍ୟରେ ଥିବା ସମ୍ବନ୍ଧବିଷୟକ—
1. International.
୨ । ବହୁଜାତିସମନ୍ୱିତ—2. Relating to many nations.

**ଅନ୍ତର୍ଜାତୀୟ ଆଇନ୍**—ଦେ. ବି—ଯେଉଁ ଆଇନ ଦ୍ୱାରା ଅନେକ ଜାତି
Antarjātiya āin ପରସ୍ପରର ସମ୍ପର୍କ ଓ କର୍ତ୍ତବ୍ୟକୁ ନିୟନ୍ତ୍ରିତ
অন্তর্জাতীয়আঈন କରନ୍ତି—International law.

**ଅନ୍ତର୍ଜାତୀୟ ମହାସଭା**—ସ. ବି. ( ଅନ୍ତର୍ଜାତୀୟ+ମହାସଭା )—ବହୁ
Antarjātiya mahāsabhā ଜାତିଙ୍କ ମଧ୍ୟରେ ବସିବା ସମ୍ମିଳନୀ;
অন্তর্জাতীয়মহাসভা ପରସ୍ପର ମଧ୍ୟରେ ସମ୍ପର୍କ ଓ କର୍ତ୍ତବ୍ୟକୁ ନିପିବଦ୍ଧ କରିବା ପାଇଁ ଗଠିତ ସଭା—League of nations; international Congress.

**ଅନ୍ତର୍ଜ୍ୟୋତିଃ**—ସ. ବି. (ଅନ୍ତର୍+ଜ୍ୟୋତିଃ)—୧ । ଆନ୍ତରିକ ତେଜ—
Antarjyotiḥ 1. The inward light.
୨ । ଅନ୍ତରାତ୍ମା – 2. The soul.

**ଅନ୍ତର୍ଦ୍ଦଶାହ**—ସ. ବି.—ସୂତକ ବା ମୃତକାଶୌଚର ଦଶ ଦିନ ଅତୀତ
Antarddaśāha ହୋଇ ନ ଥିବା ଅବସ୍ଥା—State of 10 days not having passed after a birth or death amogst agnates.

**ଅନ୍ତର୍ଦ୍ଦେଶ**—ସଂ. ବି. ( ଅନ୍ତର=ମଧ୍ୟରେ+ଦେଶ )—୧ । (ଭୂଗୋଳ)
Anterddeśa ଦୁଇ ପର୍ବତର ମଧ୍ୟବର୍ତ୍ତୀ ସ୍ଥାନ—
1. ( Geography ) Valley; a strip of land between two mountains.
୨ । ଅଭ୍ୟନ୍ତର ପ୍ରଦେଶ—2. Interior.

**ଅନ୍ତର୍ଦ୍ୱାର**—ସଂ. ବି. ( ଅନ୍ତର=ଭିତର+ଦ୍ୱାର )—
Antarddwāra ୧ । ଗୁପ୍ତ ଦ୍ୱାର; ଚୋର କବାଟ—
1. A secret door-way, a spring-door.
୨ । ଗଳିକବାଟ; ବାଡ଼ିଦୁଆର—
2. A private door.

**ଅନ୍ତର୍ଦ୍ଧା**—ସଂ. ବି. ( ଅନ୍ତଃ+ଧା ଧାତୁ+ଭାବ. ଅ ) –
Antarddhā ଅନ୍ତର୍ଦ୍ଧାନ ( ଦେଖ )
Antarddhāna ( See ).

**ଅନ୍ତର୍ଦ୍ଧାନ**– ସଂ. ବି. ( ଅନ୍ତଃ+ଧା ଧାତୁ+ଭାବ. ଅନ )—
Antarddhāna ୧ । ଅଦୃଶ୍ୟ ହେବା—
1. Disappearance.
୨ । ତିରୋଧାନ; ଲୁଚିଯିବା—
2. Concealment; hiding.
୩ । ବ୍ୟବଧାନ—3. Space between; interstic.

**ଅନ୍ତର୍ଦ୍ଧାନ ହେବା**—ଦେ. କ୍ରି. ( ସଂ. ଅନ୍ତର୍ଦ୍ଧାନ ) ଅଦୃଶ୍ୟ ହେବା —
Antarddhāna hebā To disappear; to vanish.

ବ୍ୟାସ ଅନ୍ତର୍ଦ୍ଧାନ ହୋଇ ତହୁଁ ଚଳଲେ ।
ସାରଳା· ମହାଭାରତ· ମଧ୍ୟ ।

**ଅନ୍ତର୍ଦ୍ଧ୍ୟାନ**—ସଂ. ବି. ( ଅନ୍ତର=ମଧ୍ୟରେ+ଧ୍ୟାନ )—ଗଭୀର ଆନ୍ତରିକ
Antarddhyāna ମନୋନିବେଶ; ଅଭିନିବେଶ—
Profound meditation; concentration.
ଗ୍ରା. ବି. ( ସଂ. ଅନ୍ତର୍ଦ୍ଧାନ )—ଅନ୍ତର୍ଦ୍ଧାନ ( ଦେଖ )
Antarddhāna ( See )

**ଅନ୍ତର୍ଧାନ** (ଇତ୍ୟାଦି)—ଅନ୍ତର୍ଦ୍ଧାନ ଇତ୍ୟାଦି ( ଦେଖ )
Antardhāna (etc) Antarddhāna etc ( See )

**ଅନ୍ତର୍ଧିଆନ** (ଇତ୍ୟାଦି)—ଗ୍ରା.—ଅନ୍ତର୍ଦ୍ଧାନ ଇତ୍ୟାଦି ( ଦେଖ )
Antardhiāna (etc) Antarddhāna etc. ( See )

**ଅନ୍ତର୍ଧ୍ୟାନ**—ସଂ. ବି. ( ଅନ୍ତର+ଧ୍ୟାନ )—ଅନ୍ତର୍ଦ୍ଧ୍ୟାନ ( ଦେଖ )
Antardhyāna Antarddhyāna ( See )
ଗ୍ରା. ବି. ( ସଂ. ଅନ୍ତର୍ଦ୍ଧାନ )—ଅନ୍ତର୍ଦ୍ଧାନ ( ଦେଖ )
Antarddhāna ( See )

**ଅନ୍ତର୍ନିହିତାନୁପ୍ରାସ**—ଦେ. ବି. ( ଅଳଙ୍କାର )—ଅନୁପ୍ରାସ ବିଶେଷ—
Antarnihitānuprāsa A sort of alliteration.

ନବୀନା ବନା ମୁହିଁ ସନ୍ନ୍ୟାସନିବାସ ବିହି ଧିଆନ ଆନ ନ କରିବ ।
ଅଭିମନ୍ୟୁ· ବିଦଗ୍ଧଚିନ୍ତାମଣି ।

**ଅନ୍ତର୍ବଂଶିକ**—ସଂ. ବିଣ. ପୁଂ ( ଅନ୍ତର+ବଂଶ+ଇକ )—
Antarbaṁśika ଅନ୍ତର୍ବେଶିକ ( ଦେଖ )
(ଅନ୍ତର୍ବଂଶିକା—ସ୍ତ୍ରୀ) Antarbeśika ( See )

**ଅନ୍ତର୍ବମନ**—ସ.ବି. (ଅନ୍ତର+ବମ ଧାତୁ=ବାନ୍ତି କରିବା+ଭାବ. ଅନ)—
Antarbamana ଅଜୀର୍ଣ୍ଣ—Indigestion.

**ଅନ୍ତର୍ବର୍ତ୍ତୀ**—ସଂ. ବିଣ. ପୁଂ. (ଅନ୍ତର+ବୃତ ଧାତୁ+ଇନ୍; ୧ମା. ୧ବ.)-
Antarbartti ୧ । ମଧ୍ୟବର୍ତ୍ତୀ; ମଧ୍ୟଗତ; ମଧ୍ୟରେ ଥିବା—
(ଅନ୍ତର୍ବର୍ତ୍ତିନୀ—ସ୍ତ୍ରୀ) 1 Existing within.
୨ । ଅନ୍ତର୍ଗତ—2. Comprised in.
୩ । ଭିତରେ ଥିବା—3. Internal.

**ଅନ୍ତର୍ବତ୍ନୀ**—ସଂ. ବିଣ. ସ୍ତ୍ରୀ. ( ଅନ୍ତର+ଅଛି ଅର୍ଥରେ. ବତ୍+ସ୍ତ୍ରୀ. ଈ.
Antarbartnī ନିପାତନ)—ଗର୍ଭବତୀ; ଅନ୍ତଃସତ୍ତ୍ୱା—
Quick with child; pregnant.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନ୍ତର୍ବର୍ତ୍ମ**—ସଂ. ବି. ( ଅନ୍ତଃ+ବର୍ତ୍ମ=ମାର୍ଗ )—ଭୂଗର୍ଭ ମଧ୍ୟରେ ଦୁଇ-
Antarbartma ସ୍ଥାନକୁ ଯୋଗ କରୁଥିବା ବାଟ—
Subterranean roads; under-ground roads.

**ଅନ୍ତର୍ବର୍ତ୍ମା**—ସଂ. ବିଣ. ( ବହୁବ୍ରୀହି; ଅନ୍ତଃ+ବର୍ତ୍ମ )—
Antarbartmā ଯହିଁରେ ଭୂଗର୍ଭସ୍ଥ ରାସ୍ତାମାନ ଥାଏ—
Having subterranean roads

**ଅନ୍ତର୍ବଳି ଅର୍ଶ**—ସଂ. ବି—ଗୁହ୍ୟଦ୍ୱାର ମଧ୍ୟ ସ୍ଥଳରେ ବଳି ବା କ୍ଷତ ଜନ୍ମିବା
Antarbali arśa ଅର୍ଶୋରୋଗବିଶେଷ—
Internal Piles.

**ଅନ୍ତର୍ବସ୍ତ୍ର**—ସଂ. ବି—ଅନ୍ତର୍ବାସ ( ଦେଖ )
Antarbastra Antarbāsa ( See )

**ଅନ୍ତର୍ବାଣି**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅନ୍ତର=ହୃଦୟ+ବାଣୀ=
Antarbāṇi ସରସ୍ୱତୀ; ଯାହାଙ୍କ ହୃଦୟରେ ବାଣୀ ଅଛନ୍ତି )—
ଶାସ୍ତ୍ରବେତ୍ତା; ପଣ୍ଡିତ—Learned.

**ଅନ୍ତର୍ବାଣିଜ୍ୟ**—ସଂ. ବି. ( ଅନ୍ତଃ+ବାଣିଜ୍ୟ )—ଦେଶୋତ୍ପନ୍ନ ପଣ୍ୟଦ୍ରବ୍ୟ-
Antarbāṇijya ମାନଙ୍କଦ୍ୱାରା ଦେଶ ମଧ୍ୟରେ କରାଯିବା ବାଣିଜ୍ୟ—
Inborne trade; trade inside the country.

**ଅନ୍ତର୍ବାସ**—ସଂ. ବି. ( ଅନ୍ତର୍=ମଧ୍ୟରେ+ବାସ=ବସ୍ତ୍ର )—
Antarbāsa ଯେଉଁ ବସ୍ତ୍ର ଭିତରେ ପରିଧାନ କରାଯାଏ—
Under-wear; under-garment.

**ଅନ୍ତର୍ବାହ**—ସଂ. ବି. ( ଅନ୍ତର୍=ଭିତରକୁ+ବହ ଧାତୁ=ବୋହିଯିବା+
Antarbāha ଭାବ. ଅ )—ସ୍ରୋତ ତଳେ ବା ଜଳ ଭିତରେ
ବହୁଥିବା ସ୍ରୋତ—The under-current; the current flowing inward.

**ଅନ୍ତର୍ବାହୀ ସ୍ନାୟୁ**—ସଂ. ବି. ( ଆଧୁନିକ ବୈଜ୍ଞାନିକପରିଭାଷା )—
Antarbāhī snāyu ଯେଉଁ ସ୍ନାୟୁର ସାହାଯ୍ୟରେ ବାହାରର
ଅନୁଭୂତି ମସ୍ତିଷ୍କରେ ଉପଲବ୍ଧି ହୁଏ—
Sensery nerves.

**ଅନ୍ତର୍ବିଭାଗ**—ସଂ. ବି. (ଅନ୍ତଃ+ବିଭାଗ)—ବିଭାଗ ମଧ୍ୟରେ ଥିବା ବିଭାଗ;
Antarbibhāga ଉପବିଭାଗ—Subdivision.

**ଅନ୍ତର୍ବେଦି**—ସଂ. ବି.(ଅନ୍ତର=ମଧ୍ୟସ୍ଥ+ବେଦି=ପୀଠସ୍ଥାନ)—୧ । ଦୁଇ
Antarbedi ନଦୀର ମଧ୍ୟବର୍ତ୍ତୀ ସ୍ଥାନ; ଦୋଆବ୍—
अन्तर्वेद 1. Land between two rivers.
दुआब;दुआबा ୨ । ବ୍ରହ୍ମାବର୍ତ୍ତ ଦେଶ;ପ୍ରୟାଗଠାରୁ ହରିଦ୍ୱାର ପର୍ଯ୍ୟନ୍ତ
ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ଦେଶ—
2. The country between the Ganges and the Jamunā (from Allahabad to Hardwar.)

**ଅନ୍ତର୍ବେଦୀ**—ସଂ. ବି—୧ । ଅନ୍ତର୍ବେଦି (ଦେଖ)
Antarbedī 1. Antarbedi (See)
୨ । ବ୍ରଜଭାଷା (ଦେଖ)
2. Brajabhāshā (See)

**ଅନ୍ତର୍ବୈଶିକ**—ସଂ. ବିଣ. ପୁଂ (ଅନ୍ତର+ବିଶ ଧାତୁ+ଇକ)—ଅନ୍ତଃପୁର-
Antarbeśika ରକ୍ଷକ; ଅନ୍ତଃପୁରରକ୍ଷୀ—
(ଅନ୍ତର୍ବୈଶିକା—ସ୍ତ୍ରୀ) Male-servant of the harem.

**ଅନ୍ତର୍ଭାବ**—ସଂ. ବି. (ଅନ୍ତର୍=ମଧ୍ୟରେ+ଭୂ ଧାତୁ+ଭାବ. ଅ)—
Antarbhāba ୧ । ଅନ୍ତରର ପ୍ରକୃତି ବା ଅବସ୍ଥା—
1. Internal nature.
୨ । ଅନ୍ତର୍ନିବେଶ—2. Inclusion.

**ଅନ୍ତର୍ଭୂତ**—ସଂ. ବିଣ. (ଅନ୍ତର+ଭୂ ଧାତୁ=ହେବା+କର୍ତ୍ତୃ. ତ)—
Antarbhūta ୧ । ଅନ୍ତର୍ଗତ; ମଧ୍ୟସ୍ଥିତ—1. Included in; comprised in; contained in.
୨ । ମାନସିକ; ହୃଦ୍‌ଗତ—2. Inner; mental
୩ । ଲୀନ—3. Disappeared.
ତୃଷ୍ଣରେ ସମସ୍ତେ ତୃଷ୍ଣା ଅନ୍ତର୍ଭୂତ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

**ଅନ୍ତର୍ମନାଃ**—ସଂ. ବିଣ. ( ବହୁବ୍ରୀହି; ଅନ୍ତର୍+ମନସ୍ )—
Antarmanāh ୧ । ସମାହିତ ଚିତ୍ତ—1. Contemplative.
୨ । ବିଷଣ୍ଣ—2. Melancholy.
୩ । ଉଦ୍‌ବିଗ୍ନ; ବ୍ୟାକୁଳ—3. Anxious.
୪ । ଗୂଢ଼ଚେତା; ଯାହାର ମନ ଜାଣି ହୁଏ ନାହିଁ—
4. Self-contained; reserved.

**ଅନ୍ତର୍ମାତୃକା**—ସଂ. ବି.(ଅନ୍ତଃ+ମାତୃ+କ+ଆ)—(ତନ୍ତ୍ର) ଅନ୍ତର୍ମଧ୍ୟରେ
Antarmātrukā ଥିବା ଷଟ୍‌ଚକ୍ରମଧ୍ୟସ୍ଥ ଅକାରାଦି ପଚାଶ
ବର୍ଣ୍ଣର ନାମ—Name of the 50 letters.

**ଅନ୍ତର୍ମୁଖ**—ସଂ. ବି. (ବହୁବ୍ରୀହି ; ଅନ୍ତର=ଅନ୍ତରକୁ+ମୁଖ=ଦୃଷ୍ଟି)—
Antarmukha ଅନ୍ତରକୁ ଚକ୍ଷୁଯୁକ୍ତ (ବ୍ୟକ୍ତି)—
Introspective; looking inward.

**ଅନ୍ତର୍ଯାମୀ**—ସଂ. ବିଣ. ପୁଂ (ଅନ୍ତର=ମଧ୍ୟରେ+ଯାମି=ଥିବା+କର୍ତ୍ତୃ.
Antarjāmi ଇନ୍. ୧ମା. ୧ବ. )—୧ । ହୃଦୟକୁ ଅଧିକାର
(ଅନ୍ତର୍ଯାମିନୀ—ସ୍ତ୍ରୀ) କରିଥିବା—1. Pervading the heart.
(ଅନ୍ତର୍ଯ୍ୟାମୀ-ଅନ୍ୟରୂପ) ୨ । ହୃଦୟର ଭାବକୁ ଜାଣି ପାରିବା (ବ୍ୟକ୍ତି)—
2. One who devines the inner feelings of another.
୩ । ହୃଦ୍‌ଗତ ଭାବକୁ ବଶ କରିବା (ବ୍ୟକ୍ତି)—
3. One who regulates the inner feelings of another.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—Name given to males.
ସଂ. ବି—୧ । ଈଶ୍ୱର—1. God.
୨ । ପରମାତ୍ମା—2. The Supreme Soul.
୩ । ଅନ୍ତରାତ୍ମା—3. The inner soul.
୪ । ବାୟୁ—4. The air.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ରୂ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଋ |
| ୨ | ଈ | ଊ | ରୁ | ଲୃ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଓ | ୠ |

**ଅନ୍ତର୍ଲିପି**—ସଂ. ବି. ( ଅନ୍ତଃ=ମଧ୍ୟ+ଲିପି=ଅକ୍ଷର )—ଶବ୍ଦାଳଙ୍କାର
Antarlipi ବିଶେଷ । [ଏହାର ଉଦାହରଣ—
ବଳି ମସ୍ତକେ ପ୍ରଭୁ ଦେଲେ କିସ (ପାଦ)
ହନୁ ବିଧ୍ୱଂସିଲେ କେଉଁଣ ଦେଶ (ଲ. ନ. ଙ୍କା)
ବାସୁକୀ ମସ୍ତକେ କି ଅଛି ଭାର ( କ୍ଷି. ତି. ଭ)
କି ଘେନି ଗୋପକୁ ଗଲା ଅକ୍ରୂର (ଲେଖା)
ରାଜା ପାଳେ କିସ (ଦେଶ)
କେଉଁ ଶବଦେ ଗୋପୀ ହେଲେ ବଶ (ବଂଶୀ)
ଏହାର ଉତ୍ତରରୂପେ ବାହାରିବା ପ୍ରତି ପାଦର ପ୍ରଥମ
ଅକ୍ଷରମାନଙ୍କୁ ମିଶାଇଲେ ହେବ —ପାନ ଖିଲେ ଦେବ ।]

**ଅନ୍ତର୍ହାସ**—ସଂ. ବି. (ଅନ୍ତର୍+ହାସ) —୧ । ଗୂଢ଼ହାସ୍ୟ—
Antarhāsa 1. Secret laughter.
୨ । ମନେ ମନେ ହସିବା—2. Suppressed laughter.

**ଅନ୍ତର୍ହିତ**—ସଂ. ବିଣ (ଅନ୍ତର୍=ମଧ୍ୟରେ + ଧା ଧାତୁ + କର୍ତ୍ତୃ. ତ)—
Antarhita ୧ । ତିରୋହିତ—1. Vanished
(ଅନ୍ତର୍ହିତା—ସ୍ତ୍ରୀ) ୨ । ଲୁକ୍କାୟିତ—2. Concealed.
୩ । (ଅନ୍ତଃ+ଧା+କର୍ମ. ତ)— ଆବୃତ—3. Covered.

**ଅନ୍ତଶଯ୍ୟା**— ସଂ. ବି. (ଅନ୍ତ=ଶେଷ + ଶଯ୍ୟା=ଶେଯ)—
Antaśajyā ୧ । ବାଲି ଶେଯ; ମୃତ୍ୟୁକାଳୀନ ଭୂମିଶଯ୍ୟା—
1. Death-bed.
୨ । ମୃତ୍ୟୁ—2. Death.
୩ । ଶ୍ମଶାନ—3. Grave.

**ଅନ୍ତସକରଣ**—ଗ୍ରା. ବି. (ସଂ. ଅନ୍ତଃକରଣ) ଅନ୍ତଃକରଣ (ଦେଖ)
Antasakaraṇa Antaḥkaraṇa (See)

**ଅନ୍ତାବସାୟୀ**—ସଂ. ବିଣ. ପୁଂ. ( ଅନ୍ତ=ଶେଷ+ଅବ+ସୋ ଧାତୁ
Antābasāyī =ନାଶ କରିବା+ଇନ୍. ୧ମା. ୧ବ. )—
(ଅନ୍ତାବସାୟିନୀ—ସ୍ତ୍ରୀ) ୧ । କ୍ଷୌରକାର; ଭଣ୍ଡାରି; ନାପିତ—
1. Barber.
୨ । ଚଣ୍ଡାଳ—2. A low caste man.
୩ । ଚଣ୍ଡାଳ ଔରସରେ ନିଷାଦୀ ଗର୍ଭଜାତ ନୀଚଜାତିବିଶେଷ—
3. A low caste born of a 'Chaṇḍāḷa' father and a 'Nishādī' mother.

**ଅନ୍ତି**—ଦେ. ବି. ( ସଂ. ଅନ୍ତ )—୧ । କଷାରୁ ପ୍ରଭୃତି ଫଳ ମଧ୍ୟସ୍ଥିତ
Anti ଅଖାଦ୍ୟ ଅଂଶ—1. The refuse matter
आँत्; आँति inside some fruits;the core of any fruit.
୨ । କୌଣସି ପଦାର୍ଥର ମଧ୍ୟସ୍ଥ ଅଂଶ—
2. The inside of any thing.

**ଅନ୍ତିକ**—ସଂ. ବିଣ. ( ଅନ୍ତ + ଇକ )—୧ । ସନ୍ନିହିତ—
Antika 1 Adjacent.
(ଅନ୍ତିକତା—ବି) ୨ । ନିକଟ—2. Near; nigh.
ସଂ. ବି—ନୈକଟ୍ୟ; ସନ୍ନିଧାନ—Proximity; nearness.
ଅନ୍ୟ ଦେଖିଲ ସମ ଭେଟେରେ ଅସିଲ ସ୍ୱର୍ଣୀ ଅନ୍ତିକେ—ରାଧାନାଥ, ଉଷା ।

**ଅନ୍ତିକଣ**—ଗ୍ରା. ବି. ( ସଂ. ଅନ୍ତ + ଓ. କଣ=କୋଣ )—ସର୍ବଶେଷ
Antikaṇa ପାଖର ଦୂରସ୍ଥ ଅଂଶ—The extremity.
ଅନ୍ତିକଣେ ନାହିଁ ଶ ବଣେ—ଉଗ ।

**ଅନ୍ତିକତା**—ସଂ. ବି. ( ଅନ୍ତିକ=ସମୀପ + ଭାବ. ତା )—
Antikatā ୧ । ସାମୀପ୍ୟ—1. Proximity.
୨ । ନୈକଟ୍ୟ—2. Nearness

**ଅନ୍ତିକା**—ସଂ. ବି. ସ୍ତ୍ରୀ. ( ଅନ୍ତିକ + ସ୍ତ୍ରୀ. ଆ )—
Antikā ୧ । ଜ୍ୟେଷ୍ଠ ଭଉଣୀ; ଅଗ୍ରଜା—
1. The elder sister.
୨ । ଚୁଲ୍ଲି—2. Oven.

**ଅନ୍ତିମ**—ସଂ. ବିଣ. ( ଅନ୍ତ=ଶେଷ + ଭବ. ଇମ )—ଶେଷ; ଚରମ;
Antima ଶେଷକାଳୀନ—Last; final.

**ଅନ୍ତିମକାଳ**—ସଂ. ବି. (ଅନ୍ତିମ=ଶେଷ + କାଳ=ସମୟ)—ଶେଷକାଳ;
Antimakāḷa ମୃତ୍ୟୁକାଳ—Last moment; moment of death

**ଅନ୍ତୁଡ଼ି**—ଦେ. ବି. ( ସଂ. ଅନ୍ଧ ବା ଆତୁର; ଭୁଲ ସଂ. ଅରିଷ୍ଟ )—
Anturḍi ପ୍ରସୂତିର ଗୃହରେ ଜଳିବା ଅଗ୍ନି ( ନବ ପ୍ରସୂତା ଓ ନବ ପ୍ରସୂତ ଶିଶୁକୁ ସେକିବା ପାଇଁ ଏହା ବ୍ୟବହୃତ ହୁଏ)—
The fire got up in the room where the new-born baby is kept.

**ଅନ୍ତୁଡ଼ିଉଠିଆରି**—ଦେ. ବି—ଉଠିଆରି ( ଦେଖ )
Anturḍiuṭhiāri Uṭhiāri ( See )
ଅନ୍ତୁଡ଼ିଉଠିଆରି ଦିନ, ଟେକି ଭାଙ୍ଗି ଖାଇ ଚୂର୍ଣ୍ଣ ।
ଜଗନ୍ନାଥ, ଭାଗବତ, ୧୦ମ ସ୍କନ୍ଧ ।

**ଅନ୍ତୁଡ଼ି ଉଠିବା**—ଦେ. ବି—ପ୍ରସବର ସାତ ଦିନ ପରେ ଅନ୍ତୁଡ଼ିଶାଳରୁ
Anturḍi uṭhibā ପାଉଁଶ ଆଦି କାଢ଼ା ଯାଇ ସଫା ହେବା—
আঁতুড়উঠা Act of removing the ashes on the 7th day of the birth.

**ଅନ୍ତୁଡ଼ିଛୁଆ**—ଦେ. ବି—ନବଜାତ ଶିଶୁ ( ଯେ ଅନ୍ତୁଡ଼ିଶାଳରୁ ବାହାରି
Anturḍichhuā ନାହିଁ )—A new born baby.
আঁতুড়ছেলে

**ଅନ୍ତୁଡ଼ିଛୁଆଁ**—ଦେ. ବି—ପ୍ରସୂତିର ଗୃହରେ ପଶିବା ବା ନବ ପ୍ରସୂତାକୁ
Anturḍichhuāṅ ଛୁଇଁବାଜନିତ ଅସ୍ପୃଶ୍ୟତା—Impurity
আঁতুড়ছুঁয়া due to having the articles inside a lying-in room.
ଦେ. ବିଣ—ଅନ୍ତୁଡ଼ିଶାଳରେ ପଶି ସ୍ନାନ କରି ନ ଥିବା ହେତୁରୁ
ଅସ୍ପୃଶ୍ୟ ( ବ୍ୟକ୍ତି )—( a person ) Who has been contaminated by contanct of a lying in room.

**ଅନ୍ତୁଡ଼ି ଜଳେଇବା**—ଦେ. କ୍ରି—ଅନ୍ତୁଡ଼ିଶାଳରେ ଅଗ୍ନି ସ୍ଥାପନ କରିବା—
Anturḍi jaḷeibā To set a fire in the new-born baby's room.
আঁতুড় জ্বালান

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନ୍ତୁଡ଼ି ଜାଳିବା**—ଦେ. କ୍ରି—ଅନ୍ତୁଡ଼ି ଜଳେଇବା ( ଦେଖ )
Anturdi jaliba — Anturdi jaleiba ( See )

**ଅନ୍ତୁଡ଼ିପାଉଁଶ**—ଗ୍ରା. ବି.— ଅନ୍ତୁଡ଼ିମୁଣ୍ଡା ଓ ଅନ୍ତୁଡ଼ିଶାଳ ନିଆଁର ପାଉଁଶ – The ashes of the lying-in room.
Anturdipāunsa
আঁতুড়ঘরের ছাই
[ ଦ୍ର—ପ୍ରବାଦ ଅଛି ଯେ ଏହି ପାଉଁଶ ମାଡ଼ିଲେ ଦେହ ଶୁଖିଯାଏ । ମନୁଷ୍ୟର ସ୍ୱାସ୍ଥ୍ୟ ନଷ୍ଟ ହୁଏ ଏବଂ ବୃଥୀ ତେଲିଉଁରିଆ ଅଦର ଗୁଣ ଲୋପ ହୁଏ । ]

**ଅନ୍ତୁଡ଼ିପିଲା**—ଗ୍ରା. ବି—ଅନ୍ତୁଡ଼ିଛୁଆ ( ଦେଖ )
Anturdipilā — Anturdichhuā ( See )

**ଅନ୍ତୁଡ଼ିମୁଣ୍ଡା**—ଦେ. ବି—ଅନ୍ତୁଡ଼ି ଜାଳିବା ପାଇଁ ବ୍ୟବହୃତ କାଠର ମୁଣ୍ଡା—A block of knotty wood used to lighten a fire in the lying-in room.
Anturdimundā

**ଅନ୍ତୁଡ଼ିମୁଣ୍ଡିଆ**—ଦେ. ବି—ଅନ୍ତୁଡ଼ିମୁଣ୍ଡା ( ଦେଖ )
Anturdimundiā — Anturdimundā ( See )

**ଅନ୍ତୁଡ଼ିଶାଳ**—ଦେ. ବି. ( ଅନ୍ତୁଡ଼ି + ଶାଳା = ଘର )—ସୂତିକାଗାର; ପ୍ରସୂତିର ଗୃହ—The room in which a baby is born and kept
Anturdisāla
আঁতুড়ঘর; আঁতুড়শাল
**जच्चाखाना; सौरी**

ଅନ୍ତୁଡ଼ିଶାଳେ ଯାଇଁ ମିଳି, ହାସ୍ୟ କେ କରନ୍ତି ବୋବାଳି ।
ଜଗନ୍ନାଥ, ଭାଗବତ, ୧୦ମ ଗୋପ ।

**ଅନ୍ତୁଡ଼ିହାଣ୍ଡି**—ଦେ. ବି—ଯେଉଁ ହାଣ୍ଡିରେ ଅନ୍ତୁଡ଼ି ପାଉଁଶ ଆଦି ପୂରିଯାଇ ଛଠିଅର ଦିନ ପାଣିକି ଫୋପାଡ଼ି ଦିଆଯାଏ—Pot in which the ashes of the lying-in room are gathered and thrown away.
Anturdihāndi

**ଅନ୍ତେ**—ଦେ. କ୍ରି. ବିଣ. ( ସଂ. ଅନ୍ତେ = ପରେ )—
Ante
অন্তে
୧ । ପରେ—1. After; afterwards.

କେତେକାଳ ଅନ୍ତେ ଯଯାତି ନୃପବର ।
କୃଷ୍ଣସିଂହ. ମହାଭାରତ. ଆଦି ।

୨ । ଶେଷରେ; ସର୍ବଶେଷରେ—
2. At last; finally; at the end.

୩ । ମଧ୍ୟରେ—3. In.

ସରସ ବସନ୍ତେ, ବିହରନ୍ତି ହରି ବୃନ୍ଦାବନାନ୍ତେ ।
ପ୍ରାଚୀ—ରସବାରିଧି ।

୪ । ପେଟ ଭିତରେ; ଅନ୍ତରରେ—4. In the belly.

ଅନ୍ତେ ଭକ୍ତି ଦନ୍ତେ ଲୁଣ୍, ପେଟ ପୂରିବ ତିନ ଗୁଣ୍
ମାଥେ କାପଡ଼୍ ପାଏ୍ ତେଲ; ବଇଦ ସଙ୍ଗରେ କଥିବ ଗେଲ୍—ଡାକ ।

୫ । ମୃତ୍ୟୁ ପରେ—5. After death.
( ଯଥା—ତାଙ୍କ ଅନ୍ତେ ତାଙ୍କର ସବୁ ସମ୍ପତ୍ତି ଏକାଦିନକେ ବୁଡ଼ିଯିବ । )

**ଅନ୍ତେବାସୀ**—ସଂ. ବି. ପୁଂ. ( ଅନ୍ତେ = ସମୀପରେ + ବସ୍ ଧାତୁ = ବାସ କରିବା + କର୍ତ୍ତୃ. ଇନ୍ ୧ମା. ୧ବ. )—
Antebāsi
୧ । ଯେ ପଠନାବସ୍ଥାରେ ଗୁରୁ ସମୀପରେ ବାସ କରେ; ଛାତ୍ର; ଶିଷ୍ୟ—
1. Disciple; student; pupil.
୨ । ଚଣ୍ଡାଳ—2. A low caste man; a person of the untouchable class.
ସଂ. ବିଣ—ସମୀପବର୍ତ୍ତୀ – Living near; situated near.

**ଅନ୍ତେଶ୍ୱରପୁର**—ଦେ. ବି.— ଉଆସ—Palace

ଅନ୍ତେଶ୍ୱର ପୁରେ ବିଜୟ କଲେ । ପ୍ରତାପ. ଶଶିସେଣା ।

**ଅନ୍ତେଷ୍ଟି**—ଗ୍ରା. ବି. ( ସଂ. ଅନ୍ତ୍ୟେଷ୍ଟି )—ଅନ୍ତ୍ୟେଷ୍ଟି (ଦେଖ)
Anteshti — Antyeshti ( See ).

**ଅନ୍ତେଷ୍ଠି**—ଗ୍ରା. ବି. ( ସଂ. ଅନ୍ତ୍ୟେଷ୍ଟି ) ଅନ୍ତ୍ୟେଷ୍ଟି (ଦେଖ)
Anteshthi — Antyesti (See)

**ଅନ୍ତ୍ୟ**—ସଂ. ବିଣ. ( ଅନ୍ତ = ଶେଷ + ଭବ. ଯ )—
Antya
୧ । ଅନ୍ତିମ; ଚରମ—1. Last.
୨ । ନୀଚ—2 Base; low.
୩ । ଅବଶିଷ୍ଟ—3. Remaining.
ସଂ. ବି—୧ । ଚଣ୍ଡାଳ; ନୀଚଜାତି—
1. Low caste man; of the low caste.
୨ । ୧୦୦୦୦୦୦୦୦୦୦୦୦୦ ଏକଲକ୍ଷ କୋଟି ସଂଖ୍ୟା—
2. The number 100000 bellions.

**ଅନ୍ତ୍ୟଜ**—ସଂ. ବି. ପୁଂ. ( ଅନ୍ତ୍ୟ = ନୀଚଜାତି + ଜନ୍ ଧାତୁ = ଜାତ ହେବା + କର୍ତ୍ତୃ. ଅ )—
Antyaja
(ଅନ୍ତ୍ୟଜା—ସ୍ତ୍ରୀ)
୧ । ଶୂଦ୍ର—1. The Śūdra.
୨ । ଚଣ୍ଡାଳାଦି ନୀଚଜାତି—
2. The low caste people.
୩ । ସର୍ବକନିଷ୍ଠ ସନ୍ତାନ—
3. The youngest child.
ସଂ. ବିଣ— ୧ । ନୀଚକୁଳଜାତ—1. Low-born.
୨ । ନୀଚ; ଅଧମ—2. Low; degraded.
୩ । ନୀଚାଶୟ—3. Mean-minded.
୪ । ସର୍ବକନିଷ୍ଠ—4. The youngest.

**ଅନ୍ତ୍ୟଜନ୍ମା**—ସଂ. ବି. ପୁଂ. ( ବହୁବ୍ରୀହି; ଅନ୍ତ୍ୟ = ନୀଚ + ଜନ୍ମ )—
Antyajanmā — ଅନ୍ତ୍ୟଜ ( ଦେଖ ) Antyaja ( See ).

**ଅନ୍ତ୍ୟଜପାଠଶାଳା**—ଦେ. ବି. (ମଧ୍ୟପଦଲୋପୀ; ଅନ୍ତ୍ୟଜ + ପାଠଶାଳା) । ନୀଚଜାତୀୟ ଲୋକଙ୍କର ଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ ପାଠଶାଳା—Schools established for the education of the untouchables.
Antyaja pathasālā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୂ | ଌୂ | ପ୍ରୈ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୠ | ନ୍ତ |

**ଅନ୍ତ୍ୟବର୍ଣ୍ଣ**—ସଂ. ବ—୧ । ନୀଚଜାତି—1. Low caste.
Antyabarṇṇa ୨ । ଶୂଦ୍ର—2. A Sūdra,
୩ । ସର୍ବଶେଷ ଅକ୍ଷର—3. The last letter.

**ଅନ୍ତ୍ୟଯମକ**—ସଂ. ବ. (ଶବ୍ଦାଲଙ୍କାରବିଶେଷ)—ପ୍ରାନ୍ତଯମକ (ଦେଖ)
Antyajamaka Prāntajamaka (See)

**ଅନ୍ତ୍ୟାନୁପ୍ରାସ**—ସଂ. ବ. ( ଅନ୍ତ୍ୟ+ଅନୁପ୍ରାସ ) ଅନୁପ୍ରାସବିଶେଷ—
Antyānuprāsa A sort of alliteration.
[ ଦ୍ର—ଉପାନ୍ତ୍ୟ ସ୍ୱର ସହିତ ଅନ୍ତ୍ୟ ବ୍ୟଞ୍ଜନବର୍ଣ୍ଣ ପଦପ୍ରାନ୍ତରେ ପୁନଃପୁନଃ ଉଚ୍ଚାରିତ ହେଲେ ଅନ୍ତ୍ୟାନୁପ୍ରାସ ହୁଏ । ପୂର୍ଣ୍ଣ ମିତ୍ରାକ୍ଷର କବିତା ମାନେ ଏହାର ଆଦର୍ଶ ।]

**ଅନ୍ତ୍ୟାବସାୟୀ**—ସଂ. ବ. ପୁଂ. ( ଅନ୍ତ୍ୟ+ଅବ+ସୋ ଧାତୁ=ନାଶ-
Antyābasāyi କରିବା+ଇନ୍ ୧ମା. ୧ବ. )—
(ଅନ୍ତ୍ୟାବସାୟିନୀ—ସ୍ତ୍ରୀ) ଅନ୍ତାବସାୟୀ ( ଦେଖ )
Antābasāyi ( See ).

**ଅନ୍ତ୍ୟେଣ**—ଗ୍ରା. ପଦ୍ୟ. କ୍ରି. ବିଣ—ଅନ୍ତେ ( ଦେଖ )
Antyeṇa Ante (See)
ଏଣୁ ସେ ଦୋଷ କହୁଥିବେ, ଅନ୍ତ୍ୟେଣ ନିନ୍ଦାକୁ ଚଳିବେ ।
ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

**ଅନ୍ତ୍ୟେଷ୍ଟି**—ସଂ. ବ. (ଅନ୍ତ୍ୟେ=ଶେଷ କାଳୀନ+ଯଜ୍ ଧାତୁ+ଭାବ. ତି)—
Antyeshṭi ଶେଷ ଯଜ୍ଞ; ଦୁର୍ବଳ କର୍ମ; ମୃତ ସଂସ୍କାରାଦି ପ୍ରେତକୃତ୍ୟ; ଶବଦାହାଦି କର୍ମ; ମନୁଷ୍ୟ ମରିବା ପରେ ମୃତ ବ୍ୟକ୍ତି ପ୍ରେତର ଉଦ୍ଧାର ନିମିତ୍ତ ଅନୁଷ୍ଠିତ ଶାସ୍ତ୍ରୋକ୍ତ କର୍ମ—
Final rites; funeral sacrifice; rites performed after the death of a person.

**ଅନ୍ତ୍ୟେଷ୍ଟିକ୍ରିୟା**—ସଂ. ବ—ଅନ୍ତ୍ୟେଷ୍ଟି ( ଦେଖ )
Antyeshṭi kriyā Antyeshṭi ( See )

**ଅନ୍ତ୍ର**—ସଂ. ବ. ( ଅନ୍ତ୍ ଧାତୁ=ବନ୍ଧନ କରିବା+ସଜ୍ଞାର୍ଥେ. ର )—
Antra ଅନ୍ତ୍ରବୁଜୁଳା; ଅନ୍ତ୍ରପୁଟା; ଉଦର ମଧ୍ୟସ୍ଥିତ ନାଡ଼ିଚୟ—
The entrails; bowels; viscera.

**ଅନ୍ତ୍ରଜ୍ୱର**—ଦେ. ବ—ଏକପ୍ରକାର ମାରାତ୍ମକ ଜ୍ୱର—
Antrajwara Typhoid fever.

**ଅନ୍ତ୍ରପାଚକ**—ସଂ. ବ—୧ । ବୃକ୍ଷବିଶେଷ—1. Æsehynomene
Antrapāchaka Grandiflora.
୨ । ଏକପ୍ରକାର ଦୁଃସାଧ୍ୟ ରୋଗ ( ଏ ରୋଗରେ ଉଦର ମଧ୍ୟସ୍ଥ ଅନ୍ତ୍ର ଜଳାପୋଡ଼ା କରେ )—
2. A sort of incurable disease.

**ଅନ୍ତ୍ରପ୍ରଦାହ**—ସଂ. ବ. ( ୭ମୀ ତତ୍; ଅନ୍ତ୍ର+ପ୍ରଦାହ )—
Antrapradāha ଅନ୍ତ୍ରରେ ଜନ୍ମିବା ଭୟଙ୍କର ପୋଡ଼ାଜଳା ରୋଗ—A disease causing burning sensation in the entrails.

**ଅନ୍ତ୍ରବାଡ଼**—ଦେ. ବ. ( ସଂ. ଅନ୍ତରାୟ )—ମଝିରେ ଦିଆଯିବା ପରଦା—
Antrabāṛḍa Partition wall.
ସହଦେବ ବୋଲେ ଦେବ ଅନ୍ତ୍ରବାଡ଼ ପଡ଼ୁ ।
ସ ରଳା. ମହାଭାରତ. ଉଦ୍ୟୋଗ ।

**ଅନ୍ତ୍ରବୃଦ୍ଧି**—ସଂ. ବ (୭ମୀ ତତ୍; ଅନ୍ତ୍ର+ବୃଦ୍ଧି)—ଅନ୍ତକୋଷ (ଦେଖ)
Antrabṛuddhi Antakōsha (See)

**ଅନ୍ତ୍ରିଛ**—ଗ୍ରା. ପଦ୍ୟ. ବ. (ସଂ. ଅନ୍ତରୀକ୍ଷ)—ଆକାଶ—The sky.
Antrichha
ଅନ୍ତ୍ରିଛଗତ ହାରବତୀ ମିଳିଲେ । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଅନ୍ଦ** (ଧାତୁ)—ସଂ. ବନ୍ଧନ କରିବା—To tie; to bind.
Anda (root)

**ଅନ୍ଦର୍**—ବୈଦେ. ବ (ଆ)—ନୀଚ—Low.
Andar

**ଅନ୍ଦରମହଲ**—ବୈଦେ. ବ (ଆ)—ଅନ୍ତଃପୁର; ଅବରୋଧ—
Andaramahala Female-apartment; seraglio.
অন্দরমহল
अन्दरमहल

**ଅନ୍ଦରମହଲା**—ବୈଦେ. ବ—ଅନ୍ଦରମହଲ (ଦେଖ)
Andaramahalā Andaramahala (See)

**ଅନ୍ଦାଚ୍**—ପ୍ରାଦେ. (ସମ୍ବଲପୁର) ବ. ଓ ବିଣ—ଅନ୍ଦାଜ (ଦେଖ)
Andāch Andāja (See)

**ଅନ୍ଦାଜ**—ବୈଦେ. ବ. ( ଫା. ଅନ୍ଦାଜ୍=ଅନୁମାନ )—
Andāja ୧ । ଆନୁମାନିକ ଗଣନା—1. Estimate.
আন্দাজ ୨ । ଅନୁମାନ—2. Guess; conjecture.
अन्दाज
ଦେ. ବିଣ—୧ । ଆନୁମାନିକ—1. Approximately.
୨ । ଆନୁମାନିକରୂପେ—2. Approximately; by guess.

**ଅନ୍ଦାଜକରିବା**—ଦେ. କ୍ରି ( ଫା. ଅନ୍ଦାଜ୍+ଓ. କରିବା)—ଅନୁମାନରେ ସ୍ଥିର କରିବା—
আন্দাজকরা To guess; to conjecture.
अन्दाजकरना

**ଅନ୍ଦାଜି**—ଦେ. ବିଣ—୧ । ଆନୁମାନିକ—1. Determined by conjecture.
Andāji
আন্দাজি ୨ । ପ୍ରାୟ—2. Nearly.
अटकली ୩ । ଅନୁମାନସିଦ୍ଧ—3. Conjectured; guessed, estimated.
ଦେ. କ୍ରି. ବିଣ—ଆନୁମାନିକରୂପେ—
By guess; approximately.

**ଅନ୍ଦାଜି ମାରିବା**—ଦେ.କ୍ରି—ନ ଜାଣି କେବଳ ଅନୁମାନ କରି କହିବା—
Andāji māribā To say a thing only by guess.
আন্দাজিমারা

**ଅନ୍ଦାଧୁନି**—ଦେ. ବିଣ (ସଂ. ଅନ୍ଧ)—୧ । ଅବୋଧ୍ୟ—
Andādhuni 1. Incomprehensible.
अन्धाधुन्ध ୨ । ଅମୂଳକ—2. Unfounded.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଗୋଳମାଳିଆ—3. Confused.
୪ । ଆଗପଛ ବିଚାର ନ ଥାଇ କରାଯିବା କର୍ମ—
4. Done without thinking (work).
୫ । ଅନ୍ୟାଯ୍ୟ—5. Wrong.
୬ । ବେଠିକଣା—6. Unsystematic.
୭ । ଅଖାଡ଼ୁଆ (କାର୍ଯ୍ୟ)—7. Difficult (work).
୮ । ଯାହାର କାରଣ ନାହିଁ—8. Unreasonable.
୯ । ନିଷ୍ଫଳ; ବୃଥା; ଅକାରଣ—9 Fruitless.
୧୦ । ଅନ୍ଦାଜି; ଆନୁମାନିକ—10. Dicided by guess.
୧୧ । ଅନୁମାନସିଦ୍ଧ—11. Arrived at by conjecture.
ଦେ. ବି—୧ । ଅନ୍ୟାଯ୍ୟ କାର୍ଯ୍ୟ—1. Wrong action.
୨ । ବେଠିକଣା—2. Want of method.
୩ । ଯଥେଚ୍ଛାଚାର—3. Despotism
୪ । କାରଣ ନ ଥିବା କାର୍ଯ୍ୟ—
4. Work without any cause.
୫ । ଅଯୌକ୍ତିକ କାର୍ଯ୍ୟ—5. Unreasonable act.
୬ । ଅଖାଡ଼ୁଆ କାମ—6. Unsystematic work.
୭ । ଅନୁମାନ—7. Guess
ଦେ. କ୍ରି. ବିଣ—୧ । ବୃଥାରେ—1. In vain.
୨ । ଅକାରଣରେ—2. For nothing.

**ଅନ୍ଦାଧୁନିଆଁ**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଗୋଳମାଳିଆ—
Andādhuniāṅ 1. Confused.
ଜାଗାନେ ୨ । ଯେ ଗୋଳମାଳ ଲଗାଏ—
अन्दाधुंध 2. One who confuses things.
୩ । ବେଠିକଣା—3. Unmethodical.
୪ । ଅଖାଡ଼ୁ; ଅଖାଡ଼ୁଆ—4. Unsystematic.
୫ । ଯେ ଆଗ ପଛ ବିଚାର ନ କରି କାମ କରେ—
5. (one) Who works thoughtlessly.
୬ । ଯଥେଚ୍ଛାଚାରୀ—6. Despotic.
୭ । ଯେ ଅନୁମାନ ଉପରେ ନିର୍ଭର କରି କାମ କରେ—
7. Acting on guess.
୮ । ଅନୁମାନଦ୍ୱାରା କରାଯିବା (କର୍ମ)—
8. (action) Done by guess

**ଅନ୍ଦାଧୁନ୍ଦି**—ଦେ. ବି. ଓ ବିଣ—ଅନ୍ଦାଧୁନି (ଦେଖ)
Andādhundi Andādhuni (See)

**ଅନ୍ଦାଧୁନ୍ଦିଆ**—ଦେ. ବିଣ—ଅନ୍ଦାଧୁନିଆଁ (ଦେଖ)
Andādhundiā Andādhuniāṅ (See)

**ଅନ୍ଦିକା**—ସଂ. ବି. (ଅନ୍ଦ ଧାତୁ+ଇକ+ଆ)—ଚୁଲ୍ଲୀ—
Andikā Oven; fire-place.

**ଅନ୍ଦିଶା**—ଗ୍ରା. ବି. ( ଫା. ଅନ୍ଦେଶା )—ଅନିଶା ( ଦେଖ )
Andiśā Aniśā ( See )
অপেক্ষা
अन्देशा

**ଅନ୍ଦିସନ୍ଦି**—ଦେ. ବି—ପ୍ରତ୍ୟେକ ଛୋଟ ଛୋଟ ଛିଦ୍ର ଓ କୋଣ—
Andisandi Every minute hole or corner.
অন্দিসন্দি

**ଅନ୍ଦୁ**—ସଂ. ବି. ( ଅନ୍ଦ ଧାତୁ=ବନ୍ଧନ କରିବା+ଉ )—
Andu ୧ । ହସ୍ତୀପଦ ବନ୍ଧନ ଶୃଙ୍ଖଳ; ହାତୀ-ଶିକୁଳି—
1 Foot-chain for the elephants.
୨ । ଶିକୁଳି ପରି ସ୍ତ୍ରୀ ପାଦଭୂଷଣବିଶେଷ—
2. A leg-ornament for females

**ଅନ୍ଦୁକ**—ସଂ. ବି. ( ଅନ୍ଦ+ଉକ )—ଅନ୍ଦୁ ( ଦେଖ )
Anduka Andu ( See )

**ଅନ୍ଦୂ**—ସଂ. ବି. ( ଅନ୍ଦ+ଊ )—ଅନ୍ଦୁ ( ଦେଖ )
Andū Andu ( See )

**ଅନ୍ଦୂକ**—ସଂ. ବି. ( ଅନ୍ଦ+ଊକ )—ଅନ୍ଦୁକ ( ଦେଖ )
Andūka Anduka ( See )

**ଅନ୍ଧ୍** ( ଧାତୁ )—ସ. ଦୃଷ୍ଟିଶକ୍ତିହୀନ ହେବା—
Andh ( root ) To be blind.

**ଅନ୍ଧ୍ରାଇବା**—ପ୍ରାଦେ. (ସମ୍ବଲପୁର) କ୍ରି. (ସ. ଅନ୍ଧ; ଅନ୍ଧପରି ହେବା)—
Andhrāibā କିଂକର୍ତ୍ତବ୍ୟବିମୂଢ଼ ହେବା—
To be bewildered.

**ଅନ୍ଧ**—ସଂ. ବିଣ. ( ଅନ୍ଧ୍ ଧାତୁ+ଅ )—
Andha ୧ । ଯାହାର ଦର୍ଶନ ଯାକ ଚକ୍ଷୁ ନାହିଁ; ଚକ୍ଷୁହୀନ; ଦୃଷ୍ଟିଶକ୍ତି-
अन्धा ହୀନ—1. Blind; stark-blind
୨ । ନିବିଡ଼—2. Dense.
୩ । ନିବିଡ଼ ଅନ୍ଧକାରମୟ—3. Dark; pitch dark.
୪ । ଯାହା ସ୍ପଷ୍ଟ ଦେଖାଯାଏ ନାହିଁ—4. Dim.
ସଂ. ବି—୧ । ଅନ୍ଧକାର—1. Darkness.
୨ । ଘନାନ୍ଧକାର—2. Pitch darkness.
୩ । ଜଳ—3. Water.
୪ । ପୁଂ. ଅନ୍ଧମନୁଷ୍ୟ—4. Blind man.
୫ । ପାର୍ବତ୍ୟ ଜାତିବିଶେଷ—
5. Name of a hilly tribe.
ଦେ. ବିଣ. ( ଗାଳି )—୧ । ଅବିବେଚକ; ଅବିଚାରକ—
1. Unjust.
୨ । (ଗାଳି) ଆଖି ଥାଉଁ ଥାଉଁ ଯେ ଅନ୍ଧପରି କାର୍ଯ୍ୟ କରେ—
2. (a person) Who acts as if he has no eyes.

**ଅନ୍ଧକ**—ସଂ. ବି. ପୁଂ. ( ଅନ୍ଧ+ସ୍ୱାର୍ଥେ କ )—୧ । ଅନ୍ଧ ଋଷିବିଶେଷ—
Andhaka 1. Name of a blind Sage.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | [illegible] | ନ୍ତ |

• [ ଦ୍ର—ଏହାଙ୍କ ପୁଅକୁ ଦଶରଥ ଶବ୍ଦଭେଦୀ ବାଣରେ ମାରି ପକାଇବାରୁ ଋଷିଙ୍କ ଅଭିଶାପ ଫଳରେ ଦଶରଥ ମୃତ୍ୟୁକାଳରେ ପୁଅମାନଙ୍କୁ ଦେଖି ପାରିଲେ ନାହିଁ । ]

୨ । ରାକ୍ଷସବିଶେଷ—2. A demon.

ସାତ ବର୍ଷେ ଅନ୍ଧକ ହୋଇଲା ସହାର
ତହୁଁ ହରଷରେ ହର ଆସନ୍ତେ ନଗର । ସାରଳା• ମହାଭାରତ• ମଧ୍ୟ• ।

[ ଦ୍ର—ମହାଦେବ ଏ ରାକ୍ଷସକୁ ମାରିଥିଲେ । ]

୩ । ଯଦୁବଂଶୀୟ ରାଜାବିଶେଷ—
3. Name of a king of the family of Jadu.

୪ । ଅନ୍ଧକାର—4. Darkness.

ସଂ. ବିଣ. ପୁଂ. ( ଅନ୍ଧ + ସ୍ୱାର୍ଥେ. କ )—ଅନ୍ଧ—Blind.

ଦେ. ବି. (ନାମ)— ମହିଷାସୁରର ମନ୍ତ୍ରୀ ରକ୍ଷ ଭକ୍ଷକର ପଣନାତି—
The name of a minister of Mahishāsura and the great-grandson of Raksha bhakshaka.

**ଅନ୍ଧକରିପୁ**—ସଂ. ବି. [୬ଷ୍ଠୀ ତତ୍; ଅନ୍ଧକ (ରାକ୍ଷସ)+ରିପୁ=ଶତ୍ରୁ]—
Andhakaripu ୧ । ( ଅନ୍ଧକ ରାକ୍ଷସର ବଧକର୍ତ୍ତା ) ଶିବ—
1. The God Śiba.

୨ । ( ଅନ୍ଧକ=ଅନ୍ଧକାର+ରିପୁ ) ସୂର୍ଯ୍ୟ—
2. The sun.

**ଅନ୍ଧକାନ୍ତକ**—ସଂ. ବି—(ଅନ୍ଧକ+ଅନ୍ତକ=ଶତ୍ରୁ ) ୧ । ଅନ୍ଧକରିପୁ (ଦେଖ)
Andhakāntaka 1. Andhakaripu ( See )

୨ । ତୀର୍ଥବିଶେଷ ( ଏଠାରେ ମହାଦେବ ଅନ୍ଧକ ନାମକ ଅସୁରକୁ ମାରିଥିଲେ)—2. Name of a sacred place where Mahādeba killed the demon Andhaka

ଅନ୍ଧକ ବନାଶି ତହିଁ ରହିଲେ ଧୂର୍ଜଟି
ଅନ୍ଧକ ଅନ୍ତକ ବୋଲି ହେଲା ତୀର୍ଥ ଗୋଟି । ମାର୍କଣ୍ଡେୟ ପୁରାଣ ।

**ଅନ୍ଧକାର**—ସଂ. ବି. ( ଅନ୍ଧ + କୃ ଧାତୁ=କରିବା+କର୍ତ୍ତୃ. ଅ )—
Andhakāra ତିମିର; ଅନ୍ଧାର—Darkness; gloom.

ଦେ. ବିଣ—ଅନ୍ଧାରୁଆ—Dark; gloomy.

**ଅନ୍ଧକାରି**—ସଂ. ବି. [ ୬ଷ୍ଠୀ ତତ୍; ଅନ୍ଧକ (ରାକ୍ଷସ) + ଅରି=ଶତ୍ରୁ ]—
Andhakāri ( ଅନ୍ଧକରିପୁ ) ଶିବ—Śiba.

**ଅନ୍ଧକୂପ**— ସଂ. ବି. ( ଅନ୍ଧ=ଅନ୍ଧକାରମୟ+କୂପ=କୂଅ )—
Andhakūpa ୧ । ଅନ୍ଧକାରମୟ କୂପ ବା ଗର୍ତ୍ତ—
अन्धकूआ 1. A dark pit or a black hole.
अन्धेरागड्ढा ୨ । ଅବ୍ୟବହୃତ ଅନ୍ଧାରିଆ କୂଅ—
2. A dark unused well.

୩ । ନରକ ବିଶେଷ—3. A dark part of hell.

୪ । ବାୟୁଚଳନଶୂନ୍ୟ ଅନ୍ଧକାର ଗୃହ—
4. Unventilated dungeon.

୫ । ଯେଉଁ ଗାତ ବା ଖଣିର ଉପରେ ପତ୍ର ଓ ଡାଳ ଘୋଡ଼ା ହୋଇଥାଏ; ଏଥିରେ ପ୍ରାଣୀମାନେ ଗଳି ପଡ଼ନ୍ତି—
5. A hidden well; a pit-fall.

**ଅନ୍ଧକୂପହତ୍ୟା**—ଦେ. ବି—୧୭୫୬ ସାଲରେ ବଙ୍ଗଦେଶର ନବାବ
Andhakūpahatyā ସିରାଜଉଦ୍ଦୌଲା ଶତାଧିକ ଇଂରାଜ ପୁରୁଷ ଓ ମହିଳାଙ୍କୁ କଲିକତାର ଯେଉଁ କୋଠରି ଘରେ ବନ୍ଦୀ କରି ରଖିଥିଲେ । (ପରଦିନ ସକାଳକୁ ବିଶୁଦ୍ଧ ବାୟୁର ଅଭାବରୁ ସେଥିରୁ ଅଧିକାଂଶ ଲୋକ ମରି ଯାଇଥିବାର ଦେଖାଗଲା । ଏ ଘଟନାକୁ କେହି କେହି ସତ୍ୟ ବୋଲି ବିଶ୍ୱାସ କରୁ ନାହାନ୍ତି । ଯେଉଁଠାରେ ଏହା ଘଟିଥିଲା ସେଠାରେ ସରକାରଙ୍କ ନିର୍ମିତ ଗୋଟିଏ ସ୍ମୃତିମନ୍ଦିର ଅଛି । )—The black hole-masacre.

**ଅନ୍ଧତ୍କାର**—ଗ୍ରା. ବି. ଓ ବିଣ—ଅନ୍ଧକାର ( ଦେଖ )
Andhatkāra Andhakāra (See)

**ଅନ୍ଧତମସ୍**—ସଂ. ବି. ( ଅନ୍ଧ=ନିବିଡ଼+ତମସ୍=ଅନ୍ଧକାର )—
Andhatamas ୧ । ନିବିଡ଼ ଅନ୍ଧକାର—
1. Blinding darkness.

୨ । କଟକଟିଆ ଅନ୍ଧାର; ଘୋର ଅନ୍ଧାର—
2. Utter gloom; pitch darkness.

**ଅନ୍ଧତମସ**—ଦେ. ବି. ( ସଂ. ଅନ୍ଧତମସ୍ )—ଅନ୍ଧତମସ୍ ( ଦେଖ )
Andhatamasa Andhatamas ( See )

**ଅନ୍ଧତାମିସ୍ର**—ସଂ. ବି. ( ଅନ୍ଧ=ନିବିଡ଼+ତାମିସ୍ର )—
Andhatamisra ୧ । ନିବିଡ଼ ଅନ୍ଧକାର—
1. Blinding darkness.

୨ । ନିବିଡ଼ ଅନ୍ଧକାରାଚ୍ଛନ୍ନ ନରକ ବିଶେଷ—
2. The second of the 21 Hells.

୩ । (ବେଦାନ୍ତ) ପଞ୍ଚବିଧ ଅଜ୍ଞାନରୁ ଏକତମ—
3. (Bedānta) One of the five states of ignorance.

**ଅନ୍ଧଦେଶ**—ଦେ. ବି—୧ । ଯେଉଁ ଦେଶର ଅଧିବାସୀମାନେ ଅନ୍ଧ ବା
Andhadesa ଚକ୍ଷୁହୀନ—1. A country of
অন্ধদেশ blind men.

୨ । ଯେଉଁ ଦେଶରେ ନ୍ୟାୟ ବିଚାର ନାହିଁ—
2. A country where there is no justice.

**ଅନ୍ଧନିଶାପ**—ଦେ. ବି—୧ । ଅନ୍ଧ ଦୁହାମଣି—
Andhaniśāpa 1. Injustice.
অবিচার ୨ । ପଞ୍ଚାଏତମାନଙ୍କର ଅବିଚାର—
1. The unjust decision of a Punchāyata.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଅନ୍ଧପଙ୍ଗୁନ୍ୟାୟ**— ସଂ. ବି. ( ଅନ୍ଧ + ପଙ୍ଗୁ + ନ୍ୟାୟ )—
Andhapaṅgunyāya ( ସାଙ୍ଖ୍ୟ ଦର୍ଶନ ) ଅନ୍ଧ ପଙ୍ଗୁ ସମ୍ବନ୍ଧୀୟ ନୈତିକ ଉଦାହରଣ—( Sāṅkhya philosophy) The allegory of the blind and the lame, the lame leading the blind

[ ଦ୍ର—ଅନ୍ଧ ଦେଖି ପାରେ ନାହିଁ, ଅଥଚ କାର୍ଯ୍ୟ କରି ପାରେ । ପଙ୍ଗୁ ଚାଲି ପାରେ ନାହିଁ, କିନ୍ତୁ ଦେଖି ପାରେ । ଏ ଦୁହେଁ ପୃଥକ୍ ପୃଥକ୍ କାର୍ଯ୍ୟ କରି ବସିଲେ କୌଣସି କାର୍ଯ୍ୟ ହୁଏ ନାହିଁ କିନ୍ତୁ ଯେବେ ଅନ୍ଧ ପଙ୍ଗୁକୁ କାନ୍ଧରେ ବହାଏ, ତେବେ ପଙ୍ଗୁର ଚକ୍ଷୁ ଅନ୍ଧକୁ ଚଳାଇଲେ ଉଭୟଙ୍କର ମିଳିତ ଶକ୍ତି ଦ୍ୱାରା ଅନେକ କାର୍ଯ୍ୟ କରାଯାଇ ପାରେ । ସାଙ୍ଖ୍ୟ ଶାସ୍ତ୍ରରେ ଏହାର ଉଦାହରଣଦ୍ୱାରା ପ୍ରକୃତି-ପୁରୁଷଙ୍କର ସମାହାରରେ ମୋକ୍ଷ ଓ ଭୋଗ ଉଭୟ ଲାଭ ହେବା ରୂପକଛଳରେ ବର୍ଣ୍ଣିତ ହୋଇଅଛି । ]

**ଅନ୍ଧପଟଳ**—ସଂ. ବି. ( ଅନ୍ଧ + ପଟଳ )—ମନୁଷ୍ୟ ବା ପଶୁ କିଛି ପଦାର୍ଥ
Andhapaṭaḻa ଦେଖି ପାରିବ ନାହିଁ, ଏଥିପାଇଁ ଆଖି ଉପରେ ବନ୍ଧା ଯିବା ପଟି—A band tied over the eye on account of which one cannot see any thing; a buffer over the eyes.

ଅନ୍ଧପଟଳ ବାନ୍ଧିଲି ସ୍ୱାମୀର ନିମନ୍ତେ । ସାରଳା· ମହାଭାରତ· ନାସି ।

**ଅନ୍ଧପଟି**— ଦେ. ବି. ( ସଂ. ଅନ୍ଧପଟଳ )—ଅନ୍ଧପଟଳ ( ଦେଖ )
Andhapaṭi Andhapaṭaḻa ( See )
আন্ধপটী

**ଅନ୍ଧପରମ୍ପରାନ୍ୟାୟ**—ସଂ.ବି—ଅନ୍ଧ ଅନ୍ଧକୁ ବାଟ କଢ଼ାଇବାର ଉଦାହରଣ
Andhaparamparānyāya (ଜଣେ ଅନ୍ଧ ଅନ୍ୟ ଅନ୍ଧକୁ ବାଟ କଢ଼ାଇଲେ, ଦୁହେଁଯାକ ଗାତରେ ପଡ଼ନ୍ତି ଏହି ନ୍ୟାୟ)— The allegory of a blind man leading another blind man, one stumbling the other stumbles.

**ଅନ୍ଧପୁଟଳା**—ଦେ. ବି. ସ୍ତ୍ରୀ. (ସଂ. ଅନ୍ଧପଟଳ)—ଅନ୍ଧପଟଳ (ଦେଖ)
Andhapuṭaḻā Andhapaṭaḻa (See)
আঁচৌতল

**ଅନ୍ଧପୁଟଳି**—ଗ୍ରା. ବି. ( ସଂ. ଅନ୍ଧପଟଳ )—ଅନ୍ଧପଟଳ ( ଦେଖ )
Andhapuṭaḻi Andhapaṭaḻa ( See )

**ଅନ୍ଧପୁଟିଲି**—ଗ୍ରା. ବି. ( ସଂ: ଅନ୍ଧପଟଳ )—ଅନ୍ଧପଟଳ ( ଦେଖ )
Andhapuṭiḻi Andhapaṭaḻa ( See )

**ଅନ୍ଧପୋଟଳି**—ଗ୍ରା. ବି. (ସଂ. ଅନ୍ଧପଟଳ)—ଅନ୍ଧପଟଳ ( ଦେଖ )
Andhapoṭaḻi Andhapaṭaḻa ( See )

**ଅନ୍ଧବୁଝାମଣା**—ଦେ. ବି—ଅନ୍ୟାୟ ବିଚାର; ଅବିଚାର—
Andhabujhāmaṇā Injustice.
অবিচার
अन्धेर.

**ଅନ୍ଧବେଭାର**—ଦେ. ବି. ( ସଂ ଅନ୍ଧବ୍ୟବହାର )—
Andhabebhāra ଆଖି ନ ଥିବା ଲୋକର ବ୍ୟବହାର ପରି
অন্ধেরমত ব্যবহার ଦେଖାଇବା ବ୍ୟବହାର ବା ଆଚରଣ—
An act resembling that of a blind man.

**ଅନ୍ଧର୍**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଅନ୍ଧ—Blind.
Andhar
( ଅନ୍ଧରୀ —ସ୍ତ୍ରୀ )

**ଅନ୍ଧର୍‌ଚୋଦ୍**—ପ୍ରାଦେ. ( ସମ୍ବଲପୁର ) ବିଣ—( ଗାଳିରେ ବ୍ୟବହୃତ )
Andharchod ମୂର୍ଖ; ନିର୍ବୋଧ—( a term of abuse ) Foolish; stupid.

**ଅନ୍ଧର ନଉଡ଼ି**—ଦେ. ବି. ଓ ବିଣ—ଅନ୍ଧର ଲଉଡ଼ି (ଦେଖ )
Andhara naurḍi Andhara laurḍi ( See)

**ଅନ୍ଧର ଲଉଡ଼ି**—ଦେ. ବି—ଅନ୍ଧ ଯେପରି ଯଷ୍ଟି ସାହାଯ୍ୟରେ ଚାଲେ
Andhara laurḍi ସେହିପରି କୌଣସି ବ୍ୟକ୍ତି ଯାହାକୁ ଆଶ୍ରୟ
অন্ধের লড়ি କରି ଚଳେ; ଏକମାତ୍ର ଆଶ୍ରୟ—
Sole support; sole help of a person.

ଅନ୍ଧର ଲଉଡ଼ି ମୋର ଦରିଦ୍ର ପସରା—ଅଭିମନ୍ୟୁ· ବିଦଗ୍ଧଚିନ୍ତାମଣି ।

**ଅନ୍ଧରାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଅନନ୍ୟଗତିକ ହେବା—
Andharāibā To be resourceless.

**ଅନ୍ଧଲା**—ପ୍ରାଦେ. ( ଗଡ଼ଜାତ; ସମ୍ବଲପୁର ) ବିଣ—
Andhalā ୧ । ଅନ୍ଧ—1. Blind.
୨ । ଅନ୍ଧାରମୟ—2. Dark.
୩ । ଯାହା ସ୍ପଷ୍ଟରୂପେ ଦେଖାଯାଏ ନାହିଁ—3. Dim.

**ଅନ୍ଧସ୍**—ସଂ. ବି. ( ଅଦ୍ ଧାତୁ = ଭୋଜନ କରିବା + ଅସ୍; ନିପାତନ)—
Andhas ଯାହା ଭୋଜନ କରାଯାଏ; ଅନ୍ନ; ପକ୍ୱାନ୍ନ; ଭାତ— Boiled rice.

**ଅନ୍ଧ ହାତୀ ଦେଖିବା ନ୍ୟାୟ**—(ସଂ. ବେଦାନ୍ତ ଦର୍ଶନ ଲକ୍ଷିତ ନ୍ୟାୟ)—
Andha hātī dekhibā nyāya ପାଞ୍ଚ ଜଣ ଅନ୍ଧ ହାତୀର ଭିନ୍ନ ଭିନ୍ନ ଅଙ୍ଗକୁ ହାତଦ୍ୱାରା ଛୁଇଁ ଯେଉଁ ଜ୍ଞାନ ଲାଭ କରନ୍ତି ତାହାର ସମଷ୍ଟିଦ୍ୱାରା ଜନ୍ମିବା ହାତୀ ସମ୍ବନ୍ଧେ ପୂର୍ଣ୍ଣ ଜ୍ଞାନ— ( Hindu philosophy ) The Vedântists maintain that if all the different conceptions of God arrived at by the 5 schools of the Hindu Philosophy be put together, then some rational idea of the Godhead can be arrired at; as the idea of a whole elephant can be arrived at if we add together the different tangible perceptions of the elephant arrived at by five blind persons.

[ ଦ୍ର—ପାଞ୍ଚ ଜଣ ଅନ୍ଧ ହାତୀ ଦେଖିବାକୁ ଗଲେ । ଜଣେ ଅନ୍ଧ ହାତୀର ଗୋଡ଼ ଧରି 'ହାତୀ ଖମ୍ବ ପରି' ବୋଲି କହିଲା । ଆଉ ଜଣେ କାନ ଅଁଉସି 'ହାତୀ କୁଲା ପରି' ବୋଲି ସ୍ଥିର କଲା

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୁ | ଌୁ | ଚ୍ଯ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | କୃ |

ତୃତୀୟ ଅନ୍ଧ ହାତୀର ପେଟ ଦର୍ଶି ତାକୁ 'କୋଠିମେଳ ଭଳି' ବୋଲି ମତ ଦେଲା। ଚତୁର୍ଥ ଅନ୍ଧ ହାତୀର ଲାଙ୍ଗୁଡ଼କୁ ଛୁଇଁ ତାକୁ 'ଗୋରୁ ଲାଙ୍ଗୁଡ଼ ପରି' ବୋଲି କହିଲା। ପଞ୍ଚମ ଅନ୍ଧ ହାତୀର ଶୁଣ୍ଢକୁ ଅନୁଭବ କରିବାରୁ 'ହାତୀ ସାପ ପରି' ବୋଲି ପ୍ରକାଶ କଲା। ତାହାର କଥା କାହାରି ସଙ୍ଗେ ମେଳ ନ ହେବାରୁ କଳି ହେଲା। ଜଣେ ଚକ୍ଷୁ ଥିବା ବ୍ୟକ୍ତି ଆସି ତାଙ୍କୁ ବୁଝାଇ କହିଲେ, "ତୁମ୍ଭେମାନେ ଯାହା ଦେଖିଲ ତାକୁ ସବୁ ଏକାଠେଇଁ ମିଶାଇ ଯେଉଁ ଜୀବ କଳ୍ପନା କରୁଛ, ତାହାହିଁ ହାତୀ।" ଏହି ଉଦାହରଣକୁ ଉପଲକ୍ଷ କରି ଦାର୍ଶନିକ ମତ ହୋଇଅଛି ଯେ, ବୈଶେଷିକ, ନୈୟାୟିକ, ମୀମାଂସକ, ସାଙ୍ଖ୍ୟ ଓ ପାତଞ୍ଜଳ—ଏହି ପାଞ୍ଚ ଦର୍ଶନ କର୍ତ୍ତୃକ ଈଶ୍ୱରଙ୍କର ଏକୈକ ଦେଶ କଳ୍ପନାକୁ ଏକତ୍ର କଲେ ଈଶ୍ୱରଙ୍କର ଅସ୍ତିତ୍ୱ କଳ୍ପିତ ଓ ଉପଲବ୍ଧ ହେବ।]

**ଅନ୍ଧା**—ଦେ. ବି. ( ସଂ. ଅନ୍ଧ )—୧। ଅନ୍ଧ ମନୁଷ୍ୟ—
Andhā 1. Blind man.
আঁধা ୨। ଅନ୍ଧାର—2. Darkness.
**अन्धा** ନେତ୍ର ପ୍ରାପ୍ତ ହୋଇଅଛ ନୋହେ ନେତ୍ର ଅନ୍ଧା—ପ୍ରାଚୀ. ଚନ୍ଦ୍ରନଖୁପଣଗୀତା।

**ଅନ୍ଧାଚୋଦା**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—( ଅଶ୍ଳୀଳ ଗାଳି )
Andhāchodā ମୂର୍ଖ; ନିର୍ବୋଧ—Foolish; dunce.
( ଅନ୍ଧାଚୋଦେଇ—ସ୍ତ୍ରୀ )

**ଅନ୍ଧାଧୁନି**—ଦେ. ବି. ଓ ବିଣ—ଅନ୍ଧାଧୁନି ( ଦେଖ )
Andhādhuni Andādhuni ( See )

**ଅନ୍ଧାଧୁନ୍ଦି**—ଦେ. ବି. ଓ ବିଣ—ଅନ୍ଧାଧୁନି ( ଦେଖ )
Andhādhundi Andhāhuni ( See )

**ଅନ୍ଧାର**—ଦେ. ବି. ଓ ବିଣ. ( ସଂ. ଅନ୍ଧକାର )—ଅନ୍ଧକାର ( ଦେଖ )
Andhāra Andhakāra ( See )
আঁধার; আন্ধার
**अन्धेरा**

**ଅନ୍ଧାରକଟ୍‌କଟ୍**—ଗ୍ରା. ବି—ଘନାନ୍ଧକାର; ଅତି ଅନ୍ଧକାର—
Andhārakaṭkaṭ Pitch darkness; gloom.
আন্ধারঘিট্‌ঘিটে ଗ୍ରା. ବିଣ—ଘନାନ୍ଧକାରମୟ—
কিটকিটে অন্ধকার Pitch dark; very dark; gloomy.
**अन्धेराघुप**

**ଅନ୍ଧାରକଣା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅନ୍ଧାର ବା ରାତ୍ରରେ କଣା
Andhārakaṇā ବା ଦୃଷ୍ଟିହୀନ—Night-blind; one
রাতকানা who can not see in the night.
**रतौन्धा**

ଦେ. ବି. ପୁଂ ଓ ସ୍ତ୍ରୀ—୧। ରାତ୍ର୍ୟନ୍ଧ ମନୁଷ୍ୟ—
1. Night-blind man
ଅଲ୍ଲା ! ବୋପା ବଡ଼େଇ ଦେଲି; ସେ ଅନ୍ଧାରକଣା ଆସି ପାରିଲା ନାହିଁ—
ଫକୀରମୋହନ. ଛମାଣ ଆଠଗୁଣ୍ଠ।

୨। ରାତିରେ ନ ଦିଶିବା ରୋଗ—2. The disease by which the eyes become dim in the night; night-blindness.

**ଅନ୍ଧାରକିଟ୍‌କିଟ୍**—ଦେ. ବି. ଓ ବିଣ - ଅନ୍ଧାରକଟ୍‌କଟ୍ ( ଦେଖ )
Andhārakiṭkiṭ Andhārakaṭkaṭ ( See )

**ଅନ୍ଧାରକିଟିକିଟି**—ଦେ. ବି. ଓ ବିଣ - ଅନ୍ଧାରକଟ୍‌କଟ୍ ( ଦେଖ )
Andhārakiṭikiṭi Andhārakaṭkaṭ ( See )

**ଅନ୍ଧାରକିଟିକିଟିଆ**—ଦେ. ବିଣ—ଘନାନ୍ଧକାରମୟ; ତମସାଚ୍ଛନ୍ନ—
Andhārakiṭikiṭiā Utterly dark; pitch dark

**ଅନ୍ଧାରଘିଟ୍‌ଘିଟ୍**—ପ୍ରାଦେ. (ମେଦନୀପୁର) ବି. ଓ ବିଣ.—
Andhāraghiṭghiṭ ଅନ୍ଧାରକିଟ୍‌କିଟ୍ ( ଦେଖ )
Andhārakiṭkiṭ ( See )

**ଅନ୍ଧାରପକ୍ଷ**—ଦେ. ବି. (ସଂ. ଅନ୍ଧକାର + ପକ୍ଷ)—
Andhārapaksha ଚାନ୍ଦ୍ରମାସର କୃଷ୍ଣପକ୍ଷ—The wane of
অন্ধকার পক্ষ the moon; the dark fortnight.
আঁধার পক্ষ of the lunar month.
**अन्धेरा पखवारा**
ଜହ୍ନପକ୍ଷ } ବିପରୀତ
ଜନ୍ମୁଅପକ୍ଷ }

**ଅନ୍ଧାରପଖ**—ଗ୍ରା. ବି—ଅନ୍ଧାରପକ୍ଷ (ଦେଖ )
Andhārapakha Andhārapaksha ( See )

**ଅନ୍ଧାରବିଜେ**—ଦେ. ବି. ( ସଂ. ଅନ୍ଧକାର + ବିଜୟ )—
Andhārabije ଅନ୍ଧାରିବିଜେ ( ଦେଖ )
Andhāribije ( See )

**ଅନ୍ଧାରି**—ଦେ. ବି—୧। ନାହାଣୀଆଘରର ହାତଅନ୍ଧରେ କାନ୍ଥର ଉପର
Andhāri ଓ ମଥାନ ମଧ୍ୟରେ ଥିବା ମେଲା ତ୍ରିକୋଣାକାର ଅଂଶ—
1. Gable
୨। ଘର ହାତଅନ୍ଧରେ ଯେଉଁ ପଟା ମାରିବା ଦ୍ୱାରା କାନ୍ଥ ଉପରେ ଥିବା ମେଲା ଅଂଶ ବନ୍ଦ କରାଯାଏ—
2 The planks put on the gable to shut the traingular opening below the roof and above the walls.
୩। ଅନ୍ଧକାର ସମୟ; ରାତ୍ରିକାଳ—3. Night time.
ଯୋଗୀ ଯେସନେ ଜାଗି ଥାଇ ଯେ ଅନ୍ଧାରି।
ସାରଳା. ମହାଭାରତ. ଉଦ୍ଯୋଗ।

ଦେ. ବିଣ—୧। ଅନ୍ଧକାରସମ୍ବନ୍ଧୀୟ—
1. Relating to darkness.
୨। ଅନ୍ଧକାରମୟ; ଅନ୍ଧାରିଆ—2. Dark.

**ଅନ୍ଧାରିଆ**—ଦେ. ବିଣ—୧। ଅନ୍ଧକାରମୟ—
Andhāriā 1. Dark; full of darkness.
অন্ধকার ୨। ( ଲକ୍ଷଣାର୍ଥ )—ଅଜ୍ଞାନ; ଜ୍ଞାନହୀନ—
**अन्धेरा** 2. Ignorant; dunce
ତୁମ୍ଭେ ତ ଅଳ୍ପଅପ୍ରାପ୍ତ ମୁହିଁ ଅନ୍ଧାରିଆ। ଫକୀରମୋହନ. ଉତ୍କଳ ଭ୍ରମଣ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଜାଲୁଜାଲୁଆ ( ଦେଖାଯିବା ); ଝାପସା—3. Dim.

**ଅନ୍ଧାରିତ**—ଦେ. ବିଣ. ( ଓ. ଅନ୍ଧାର + ସଂ. ଇତ )—ଅନ୍ଧକାରାଚ୍ଛନ୍ନ—
Andhārita Darkened.

ତରୁବୃନ୍ଦତର ପ୍ରେମେ ବନ୍ଧାବନ୍ଧ ଛନ୍ଦାଛନ୍ଦ ହୋଇଥିଲେ ।
ଯୋଗୁଁ କୁଞ୍ଜପୁଞ୍ଜ ଅନ୍ଧାରିତ ଯାର ଠାବେ ଠାବେ ଜାର ବେଣୀ ॥
ରାଧାନାଥ. ଯଯାତି ।

**ଅନ୍ଧାରିବା**—ଦେ. କ୍ରି. (ସଂ. ଅନ୍ଧକାର)—୧ । ଅନ୍ଧକାରମୟ କରିବା—
Andhāribā 1. To darken.
আঁধার করা. ୨ । ଆଚ୍ଛାଦିତ କରିବା—2. To cover.
अन्धेरा करना ଧୂଳିରେ ଅନ୍ଧାରି କରି । ରାଧାନାଥ. ମହାଯାତ୍ରା ।

**ଅନ୍ଧାରିବିଜେ**—ଦେ. ବି. ( ସଂ. ଅନ୍ଧକାର + ବିଜୟ )—
Andhāribije ରାଜା ଓ ରାଜକର୍ମଚାରୀମାନଙ୍କର ଅନ୍ଧାରରେ ବୁଲି
চোরাগস্ত ଯିବା କାର୍ଯ୍ୟ—Walking incognito in the
चोरीदगस्त dark; ( a custom with kings or high officers.)

[ ଦ୍ର—ରାଜା ଓ ରାଜକର୍ମଚାରୀମାନେ ରାଜ୍ୟର ପ୍ରକୃତ ଅବସ୍ଥା ବୁଝିବା ନିମନ୍ତେ ଆତ୍ମଗୋପନ କରି ଅର୍ଥାତ୍ ଚିହ୍ନା ନ ଦେଇ ଅନ୍ଧାରରେ ବୁଲି ବାହାରନ୍ତି ଏବଂ ଏହିପରି କରିବାଦ୍ୱାରା ଅନେକ ଅପ୍ରାପ୍ୟ ତଥ୍ୟ ସଂଗ୍ରହ କରିପାରନ୍ତି । ]

**ଅନ୍ଧାରିମାଛ**—ଦେ. ବି—ଯେଉଁ ମାଛ ନଦୀରୁ ଅନ୍ଧାର ପକ୍ଷରେ ବା
Andhārimāchha ଆକାଶରେ ଚନ୍ଦ୍ର ଉଦିତ ହେବା ଆଗରୁ ଜାଲରେ ଧରାଯାଆନ୍ତି—Fish caught in the rivers in the dark or before moon-rise.

[ ଦ୍ର—ଅନ୍ଧାର ପକ୍ଷରେ ବା ଚନ୍ଦ୍ରୋଦୟ ପୂର୍ବରୁ ନଦୀରେ ଜାଲ ପକାଇଲେ ଯେତେ ମାଛ ପଡ଼ନ୍ତି ଆଲୁଅ ପକ୍ଷରେ ବା ଚନ୍ଦ୍ରୋଦୟ ପରେ ସେତେ ମାଛ ପଡ଼ନ୍ତି ନାହିଁ, ଏହା କେଉଟଙ୍କର ଅନୁଭବସିଦ୍ଧ । ]

**ଅନ୍ଧାରିମୁଲକ**—ଦେ. ବି- ୧ । ଅସଭ୍ୟ ଦେଶ; ଯେଉଁ ଦେଶରେ ସଭ୍ୟତା
Andhārimulaka ପଶି ନାହିଁ—1. Uncivilised
অন্ধকার মুলুক্ country; benighted country.
अन्धेरामुल्क ୨ । ଅବୁଝାମଣା ରାଇଜ—2. A country where there is no justice.
୩ । ଗଡ଼ଜାତ ରାଜ୍ୟ ( ଯେଉଁଠାକୁ ଖାସ୍ ବ୍ରିଟିଶ ଶାସିତ ରାଜ୍ୟର ଆଇନ ଓ ସୁବିଚାରରୂପ ଆଲୋକ ପଶି ନାହିଁ ।)—
3. Native States.

**ଅନ୍ଧାରିଲଗା**—ଗ୍ରା. ଅ—ସବାରି ବେହେରାଙ୍କର ଡାକ । ଅନ୍ଧାରରେ
Andhārilagā ପଥ ଦେଖା ନ ଯାଉଥିଲେ ଗଉଡ଼ମାନେ ଏ ଡାକ ମାରନ୍ତି—A halloo of palki-bearers when the road in front is dark.

**ଅନ୍ଧାରୁଆ**—ଦେ. ବିଣ—ଅନ୍ଧାରିଆ ( ଦେଖ )
Andhāruā Andhāriā ( See )

ଚିଟ ବନେ ତାର ଘରେ ଅନ୍ଧାରୁଆ
ଜଳ ଦେବାଙ୍କର କେଳି ଯୋଗ୍ୟ ଗୁହା । ରାଧାନାଥ. ଚିଲିକା ।

ଦେ. ବି—ବଗଜାତୀୟ ପକ୍ଷୀବିଶେଷ ( ଏହାର ବର୍ଣ୍ଣ ମାଟିଆ; ଏ ପକ୍ଷୀ ବଗଠାରୁ ବଡ଼ )—A class of birds.

**ଅନ୍ଧିସନ୍ଧି**—ଦେ. ବି—୧ । କୌଣସି ବିଷୟର ସୂକ୍ଷ୍ମାଦପି ସୂକ୍ଷ୍ମ ଅଂଶ—
Andhisandhi 1. Slightest details of any
অন্ধিসন্ধি thing.
୨ । ପ୍ରତ୍ୟେକ ଗୁପ୍ତ ସ୍ଥାନ ଓ ଅନ୍ଧକାରମୟ ଅଂଶ—
2. Darkest holes and corners; every creek and corner; every clink and crevice.

**ଅନ୍ଧିସନ୍ଧିଖୋଜିବା**—ଦେ. କ୍ରି—୧ । ପ୍ରତ୍ୟେକ ସ୍ଥାନ ତନ୍ନ ତନ୍ନ କରି
Andhisandhikhojibā ଖୋଜିବା ଓ ଦେଖିବା—
1 To examine even the minutest clink and the darkest crevice.
୨ । ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା—2 To investigate into every detail.

**ଅନ୍ଧିସନ୍ଧିଖୋଲିବା**—ଦେ. କ୍ରି—ଗୁପ୍ତ ରହସ୍ୟମାନ ପ୍ରକାଶ କରିଦେବା—
Andhisandhikholibā To trumpet out every secret, defect and dark spot.

**ଅନ୍ଧୁ**—ସ. ବି. ( ଅନ୍ଧ୍ ଧାତୁ=ଯିବା + ଉ. କର୍ତ୍ତୃବାଚକ; ଯାହା ନିକଟକୁ
Andhu ଜଳାର୍ଥୀମାନେ ଯାଆନ୍ତି । )—କୂଅ; କୂପ—Well.

ସିନ୍ଧୁରେ ଅନାଦର ଇନ୍ଦ୍ର ଶ୍ୟାମ ସୁନ୍ଦର ଅନ୍ଧୁରେ ପଦ୍ମ ଭଙ୍ଗ ବାହୁଲେ ଗୋ ।
କବିସୂର୍ଯ୍ୟ. ସଙ୍ଗୀତ ।

ଦେ. ବି—ଅନ୍ଧପଟଳ ( ଦେଖ )
Andhapatala ( See )

**ଅନ୍ଧୁଣୀ**—ଦେ. ବି—୧ । ମାଛ ଧରିବାର ଯନ୍ତ୍ର ବିଶେଷ; ବଉଁଶ ବଜା—
Andhuṇī 1. A contrivance made of strips of
আঁধনী split bamboo strung together for catching fish.
୨ । ଅନ୍ଧପଟଳ ( ଦେଖ )
2. Andhapatala ( See )
ଦେ. ବିଣ. ସ୍ତ୍ରୀ—ଅନ୍ଧର ସ୍ତ୍ରୀଲିଙ୍ଗ—
চক্ষুহীনা স্ত্রী Feminine of Andha.

**ଅନ୍ଧୁଲ**—ସ. ବି—ଶିରୀଷ ବୃକ୍ଷ—Acacia Sirissa; a kind of
Andhula flowering tree.

**ଅନ୍ଧୁଲି**—ଦେ. ବି—ଅନ୍ଧୁଣୀ ( ଦେଖ )
Andhuli Andhuṇī ( See )
ଦେ. ବିଣ—୧ । ଅନ୍ଧସମ୍ବନ୍ଧୀୟ—1. Relating to a blind man.
୨ । ଅବୁଝାମଣା—2. Unjust.

**ଅନ୍ଧୋଟୀ**—ଦେ. ବିଣ—ଅନ୍ଧୁଲି ( ଦେଖ )
Andhoṭī Andhuli ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

**ଅନ୍ଧୋଟିବୁଝାମଣା**—ଦେ. ବି—ଅବୁଝାମଣା; ଅନ୍ୟାଯ୍ୟ ବିଚାର—
Andhoṭibujhāmaṇā Injustice.
अविचार
अन्धेरी विचार

**ଅନ୍ଧ୍ର**—ସଂ. ବି. ( ଅନ୍ଧ ଧାତୁ=ଦୃଷ୍ଟି ହୀନ ହେବା+ର )—
Andhra ୧ । ବ୍ୟାଧ—1. Hunter; fowler.
୨ । ଦାକ୍ଷିଣାତ୍ୟର ଦେଶବିଶେଷ—
2. Tailanga country in the S. India.
୩ । ତେଲଙ୍ଗା ଜାତି—3. The Telgus

**ଅନ୍ଧ୍ରଦେଶ**—ସଂ. ବି—ତୈଲଙ୍ଗ ଦେଶ; ଦାକ୍ଷିଣାତ୍ୟର ଦେଶବିଶେଷ—
Andhradeśa Telengana; the Telgu country.

**ଅନ୍ନ**—ସଂ. ବି. ( ଅଦ ଧାତୁ=ଭୋଜନ କରିବା+କ୍ତ. ଚ )—
Anna ୧ । ଯାହା ଖିଆଯାଏ; ଖାଦ୍ୟ—1 Food.
୨ । ଭାତ; ସିଦ୍ଧତଣ୍ଡୁଳ—2. Boiled rice.
ଦେ. ବି—ପୁରୀର ଶ୍ରୀ ଜଗନ୍ନାଥ ଓ ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ଭୋଗ କରାଯାଇଥିବା ସିଦ୍ଧ ତଣ୍ଡୁଳ—Boiled rice offered to Lord Jagannātha at Puri and to Lord Lingarāja at Bhubaneśwara.
[ ଦ୍ର—ମହାପ୍ରସାଦ ହୋଇଥିବା ଭାତ ପ୍ରତି ସାଧାରଣ ଭାତ ଶବ୍ଦ ପ୍ରଯୁକ୍ତ ହୁଏ ନାହିଁ । ]
ସଂ. ବିଣ. ( ଅଦ ଧାତୁ=ଭୋଜନ କରିବା+କର୍ମ. ଚ )—
ଭୁକ୍ତ; ଭକ୍ଷିତ—Eaten; partaken of.

**ଅନ୍ନକଷ୍ଟ**—ସଂ. ବି. (ମଧ୍ୟପଦଲୋପୀ; ଅନ୍ନ=ଖାଦ୍ୟ+କଷ୍ଟ=ଦୁଃଖ)—
Annakashṭa ୧ । ଖାଦ୍ୟବସ୍ତୁର ଅଭାବ; ଦୁର୍ଭିକ୍ଷ—
1. Scarcity.
୨ । ଉପବାସ—2. Fasting.

**ଅନ୍ନକଷ୍ଟିଆ**—ଦେ. ବିଣ. ( ସଂ. ଅନ୍ନକଷ୍ଟୀ )—ଅନ୍ନକଷ୍ଟୀ ( ଦେଖ )
Annakashṭiā Annakashṭi ( See )

**ଅନ୍ନକଷ୍ଟୀ**—ସଂ. ବିଣ. ପୁଂ: ( ଅନ୍ନ+କଷ୍ଟ+ଇନ୍; ୧ମା. ୧ବ )—
Annakashṭi ଖାଦ୍ୟଦ୍ରବ୍ୟରଅଭାବଗ୍ରସ୍ତ; ଅଭୁକ୍ତ; ଅନ୍ନକଷ୍ଟ-
(ଅନ୍ନକଷ୍ଟିନୀ—ସ୍ତ୍ରୀ) ଜର୍ଜରିତ—
Starving; badly wanting food.

**ଅନ୍ନକୁଡ଼ିଆ**—ଦେ. ବି—ଯେଉଁ ଶ୍ରେଷ୍ଠ ମାଟିପାତ୍ର ବା ହାଣ୍ଡିରେ ଜଗନ୍ନାଥ
Annakurḍiā ବା ଲିଙ୍ଗରାଜଙ୍କ ଅନ୍ନ ମହାପ୍ରସାଦ ରନ୍ଧା ହୁଏ
ବା ରଖା ହୁଏ—Earthen pots for cooking or keeping rice-offering at Puri or Bhubaneśwara.
[ ଦ୍ର—ପୁରୀ ଜଗନ୍ନାଥଙ୍କ ଅନ୍ନ ରାନ୍ଧିବା ଓ ରଖିବା ପାଇଁ ବ୍ୟବହୃତ କୁଡ଼ିଆ ବା ହାଣ୍ଡିର ଆକାର ଅନୁସାରେ ଭିନ୍ନ ଭିନ୍ନ ନାମ ଅଛି । ବଡ଼ ପାତ୍ରକୁ 'ହାଣ୍ଡି' ଓ ଛୋଟ ପାତ୍ରକୁ 'କୁଡ଼ିଆ' କହନ୍ତି । (କୁଡ଼ିଆ ତଳେ ନୋଟ ଦେଖ )]

**ଅନ୍ନକୂଟ**—ସଂ. ବି. ( ଅନ୍ନ+କୂଟ=ଅନ୍ନସ୍ତୂପ )—ବାଣ୍ଟିବା ପାଇଁ
Annakūṭa ରାଶୀକୃତ ସିଦ୍ଧତଣ୍ଡୁଳ ବା ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟ—
A vast gathering of boiled rice or prepared food in one place for distribution.

**ଅନ୍ନକୋଷ୍ଠକ**—ସଂ.ବି. (ଅନ୍ନ=ଧାନ୍ୟାଦି+କୋଷ୍ଠ=କୋଠରି+କ)—
Annakoshṭhaka ଧାନକୋଠି; ତଣ୍ଡୁଳାଦି ରଖିବାର ସ୍ଥାନ ବା କୋଠି; ଅମାର—Storage for rice.

**ଅନ୍ନକ୍ଷେତ୍ର**—ସଂ. ବି. ( ଅନ୍ନ+କ୍ଷେତ୍ର )—୧ । ଯେଉଁ ସ୍ଥାନରେ ସିଦ୍ଧ
Annakshetra ତଣ୍ଡୁଳ ରାଶୀକୃତ ହୋଇଥାଏ—
1. A place where boiled rice is heaped.
୨ । ଯେଉଁ କ୍ଷେତ୍ର ବା ତୀର୍ଥରେ ଦେବତାଙ୍କୁ ସିଦ୍ଧ ତଣ୍ଡୁଳ ଭୋଗ ଲାଗିଲା ପରେ ଜାତିନିର୍ବିଶେଷରେ ସମସ୍ତେ ଖାଆନ୍ତି—(ପୁରୀ ଓ ଭୁବନେଶ୍ୱର )—
2. Places (like Puri or Bhubaneśwara) where boiled rice is offered to the Deities and partaken indiscriminately by the Hindus.

**ଅନ୍ନଗନ୍ଧି**—ସଂ. ବି. ( ଅନ୍ନ+ଗନ୍ଧ+ଇ )—ଉଦରାମୟ ରୋଗ—
Annagandhi A disease of the bowels; indigestion.

**ଅନ୍ନଛତ୍ର**—ଦେ. ବି. ( ସଂ. ଅନ୍ନସତ୍ର )—ଅନ୍ନଦାନ କରାଯିବା ସ୍ଥାନ—
Annachhatra A place where prepared food is distributed amongst the poor.
अन्नछत्र
अन्नछत्तर

**ଅନ୍ନଛାଡ଼ିବା**—ଦେ. କ୍ରି—୧ । (କୌଣସି ବ୍ୟକ୍ତି ) ଅନ୍ନ ଭୋଜନ ତ୍ୟାଗ
Annachhārḍibā କରିବା—( ଯଥା—ସେ ଗୁରୁ ଦିନ ହେଲା ଅନ୍ନ ଛାଡ଼ିଲାଣି )—1. To give up taking rice or solid food.
अन्नछाड़ा
अनाजछोड़ना
୨ । ( କୌଣସି ବ୍ୟକ୍ତିର ) ଦାନା ପାଣି ଉଠିଯିବା—
2. Going ( or fated ) shortly to lose his means of livelihood or service.

**ଅନ୍ନଛୁଆଁ**—ଦେ. ବି. ( ଅନ୍ନ+ଛୁଆଁ=ସ୍ପର୍ଶ କରିବା )—ଅନ୍ନପ୍ରାଶନ;
Annachhuāṅ ଶିଶୁର ବୟସ ୬ ମାସଠାରୁ ୧ ବର୍ଷ ମଧ୍ୟରେ
अन्नप्राशन; भात ତାକୁ ପ୍ରଥମେ କ୍ଷୀର ବା ଅନ୍ନ ଖୁଆଇବାର ବିଧି-
अन्नप्राशन ବିଶେଷ—The rice-eating ceremony of a baby.

**ଅନ୍ନଜଳ**—ସଂ. ବି.(ଅନ୍ନ+ଜଳ; ସହଚର ଶବ୍ଦଦ୍ୱୟ)—୧ । ଖାଦ୍ୟପେୟ—
Annajaḷa 1. Food and drink.
୨ । ଦାନାପାଣି—2. Maintenance.

**ଅନ୍ନଜଳ ଛାଡ଼ିବା**—ଦେ. କ୍ରି.—୧ । ଖାଇବା ପିଇବା ଛାଡ଼ିଦେବା—
Annajaḷa chhārḍibā 1. To give up food and drink.
अन्नजलछाड़ा

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**अनाज छोड़देना** ୨ । (କୌଣସି ବ୍ୟକ୍ତିର) ଦାନାପାଣି ଛୁଟିଯିବା— 2. Going to give up one's maintenance.

**ଅନ୍ନଦ**—ସଂ. ବିଣ. ପୁଂ (ଅନ୍ନ=ଭୋଜନ+ଦା ଧାତୁ=ଦେବା+କର୍ତ୍ତୃ. ଅ)—ଯେ ଅନ୍ନଦାନ କରେ—Giving food to others.
Annada
(ଅନ୍ନଦା—ସ୍ତ୍ରୀ)

**ଅନ୍ନଦା**—ସଂ. ବି. ସ୍ତ୍ରୀ. (ଅନ୍ନଦ+ସ୍ତ୍ରୀ. ଆ)—ପାର୍ବତୀ; ବିଶେଷତଃ ଅନ୍ନପୂର୍ଣ୍ଣା—The Hindu Goddess of plenty, Pārbati wife of Śiba.
Annadā

ସଂ. ବିଣ. ସ୍ତ୍ରୀ.—ଅନ୍ନଦର ସ୍ତ୍ରୀଲିଙ୍ଗ—Feminine of Annada.

**ଅନ୍ନଦାତା**—ସଂ. ବିଣ. ପୁଂ (ଅନ୍ନ=ଭୋଜନ+ଦା ଧାତୁ=ଦେବା+କର୍ତ୍ତୃ. ତୃ. ୧ମା. ୧ବ.)—୧ । ଅନ୍ନଦାନକାରୀ—1. Giving food to others.
Annadātā
(ଅନ୍ନଦାତ୍ରୀ—ସ୍ତ୍ରୀ)

୨ । ଯେ ଆଶ୍ରିତ ବ୍ୟକ୍ତିର ଅନ୍ନସଂସ୍ଥାନ କରେ—2. Bread-giver; benefactor.

**ଅନ୍ନଦାନଏକାଦଶୀ**—ସଂ. ବି—ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ—The 11th day of the dark fortnight of the lunar month of Śrābaṇa.
Annadānaekādaśi

**ଅନ୍ନଦାସ**—ସଂ. ବି ପୁଂ. (ଅନ୍ନ=ଖାଦ୍ୟଦ୍ରବ୍ୟ+ଦାସ=ଭୃତ୍ୟ)—୧ । ଅନ୍ନପାଇଁ ଦାସ; ଯେ ଖାଦ୍ୟ ନିମନ୍ତେ ଅନ୍ୟ ଉପରେ ନିର୍ଭର କରେ—1. One who solely depends on another for maintenance; bread-eater.
Annadāsa

୨ । ଯେଉଁ ବ୍ୟକ୍ତି କେବଳ ମୁଠାଏ ଖାଇବା ପାଇଁ ପର ଉପରେ ନିର୍ଭର କରେ—2. A person who serves only for food.

୩ । ଯେଉଁ ଭୃତ୍ୟ ଆପଣାର ମୂଲ୍ୟ ଗଣ୍ଡାକ ପାଇବାର ଏକ ମାତ୍ର ଆଶା କରେ—3. A servant who only cares for his wages.

**ଅନ୍ନଧ୍ୱଂସ କରିବା**—ଦେ. କ୍ରି.—(ଲକ୍ଷଣାର୍ଥ)—କିଛି ଉପକାର ବା ପରିଶ୍ରମ ନ କରି ଅନ୍ୟ ବ୍ୟକ୍ତିର ଗଲଗ୍ରହ ହୋଇ କେବଳ ଭୋଜନ କରିବା—To eat a person's salt without rendering any service.
Annadhwamsakaribā
अन्नध्वंसकरना
अन्न ध्वंसकरना

**ଅନ୍ନନାଳିକା**—ସଂ. ବି. ସ୍ତ୍ରୀ. (ଅନ୍ନ+ନାଳିକା)—ଅନ୍ନବହା ନାଳୀ; ଯେଉଁ ପଥଦ୍ୱାରା ଭୁକ୍ତ ଦ୍ରବ୍ୟ ପାଟିରୁ ପେଟକୁ ଯାଏ—The alimentary tube conveying the food from the mouth to the belley.
Annanālikā

**ଅନ୍ନନାଳୀ**—ସଂ. ବି—ଅନ୍ନନାଳିକା (ଦେଖ)
Annanāli Annanālikā (See)

**ଅନ୍ନନିଷିଦ୍ଧକାଳ**—ସଂ. ବି.—ହିନ୍ଦୁଶାସ୍ତ୍ର ମତରେ ଯେଉଁ କାଳରେ ପକ୍ୱାନ୍ନ ଭୋଜନ ନିଷିଦ୍ଧ (ଯଥା—ଚନ୍ଦ୍ରଗ୍ରହଣ; ସୂର୍ଯ୍ୟୋପରାଗ; ଏକାଦଶୀ; ସଂକ୍ରାନ୍ତି; ଅମାବସ୍ୟାଦିର ପୂର୍ବ କାଳ; ପର୍ବଦିନ; ଶିବଚତୁର୍ଦ୍ଦଶୀ; ଜନ୍ମାଷ୍ଟମୀ ଇତ୍ୟାଦି ।)—The times specified in the Hindu Śāstras in which people are enjoined not to take boiled rice or food.
Annanishiddha kāla

**ଅନ୍ନପାଣି**—ଦେ. ବି (ସମାହାର)—୧ । ଖାଦ୍ୟପାନୀୟ—1. Food and drink.
Annapāni
अन्नजल
अनाजपानी

ଏହାକୁ କଷ୍ଟ ଭିଦେ ନଣି । ସନ୍ତୋଷେ ଦେବ ଅନ୍ନପାଣ ।
ଜଗନ୍ନାଥ. ଭାଗବତ. ୭ମ ।

**ଅନ୍ନପୁନ୍ନା**—ଗ୍ରା. ବି. ସ୍ତ୍ରୀ—ଅନ୍ନପୂର୍ଣ୍ଣା (ଦେଖ)
Annapunnā Annapurṇṇā (See)
अन्नपूर्णा
अन्नपूरना

**ଅନ୍ନପୂର୍ଣ୍ଣା**—ସଂ. ବି. ସ୍ତ୍ରୀ. (ଅନ୍ନ+ପୂର୍ଣ୍ଣ+ସ୍ତ୍ରୀ. ଆ)—୧ । ଅନ୍ନଦ୍ୱାରା ତୃପ୍ତି କାରିଣୀ; ବିଶେଷତଃ (ଏ ମୂର୍ତ୍ତି କାଶୀରେ ପ୍ରତିଷ୍ଠିତ); ପାର୍ବତୀଙ୍କ ଅବତାରବିଶେଷ—1. The Hindu Goddess said to feed the world; an incarnation of the Goddess Pārbati.
Annapūrṇṇā

୨ । କଅଁଳାଗାଈ ଏକ ପ୍ରକାର ଅତି କ୍ଷୁଦ୍ର କଣ୍ଟକ ଗୁଳ୍ମ (ଏହାର ପତ୍ର ସୁବାସଯୁକ୍ତ । ଭାତ ମଧ୍ୟରେ ଏ ପତ୍ରକୁ କିଛି କାଳ ପୋତି ରଖିଲେ ଭାତ ମଧୁରବାସଯୁକ୍ତ ହୁଏ ।)—2. Rice-scent grass, Pandanus.

ସଂ. ବିଣ. ସ୍ତ୍ରୀ (କର୍ମ୍ମଧା ତତ୍; ଅନ୍ନ+ପୂର୍ଣ୍ଣ+ଆ)—ଅନ୍ନଦ୍ୱାରା ପୂର୍ଣ୍ଣା (ପୃଥିବୀ)—Full of food-materials; brimming with plenty (the earth).

ଅନ୍ନପୂର୍ଣ୍ଣା ଦେଖି ମଞ୍ଜାଳି ରଖିଲେ ଅନ୍ନପୂର୍ଣ୍ଣା ମୋର ନାମ ।
ଭୂଧନାଥ. ପାର୍ବତୀ ।

ଦେ. ବି. ସ୍ତ୍ରୀ—ଉତ୍କଳର ଆଧୁନିକ କାରିକର । ଏହାଙ୍କ ରଚିତ କେତେକ ସରଳ ପଦ୍ୟ ପ୍ରକାଶିତ ହୋଇଅଛି ।
ତାରଣୀଚରଣ. ଭ. ସା. ଇତିହାସ ।
A modern female-composer of Oria poems.

**ଅନ୍ନପ୍ରାଶନ**—ସଂ. ବି. (ଅନ୍ନ+ପ୍ର+ଅଶ ଧାତୁ+ଭାବ. ଅନ)—ଶିଶୁର ପ୍ରଥମ ଅନ୍ନ ଭକ୍ଷଣରୂପ ସଂସ୍କାର ବିଶେଷ; ଅନ୍ନଛୁଆଁ—The ceremony of giving rice to the child for the first time.
Annaprāśana

**ଅନ୍ନବସ୍ତ୍ର**—ସଂ. ବି. (ସମାହାର)—୧ । ଖାଦ୍ୟ ଓ ପରିଧାନ—1 Food and raiment.
Annabastra

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଙ୍ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ୍ଜ | ନ୍ତ |

୨ । ଭାତଲୁଗା; ଖୋରାକପୋଷାକ; ଭରଣପୋଷଣ—
2. Maintenance.

**ଅନ୍ନବସ୍ତ୍ର**—ଗ୍ରା. ବି. ( ସଂ. ଅନ୍ନ+ବସ୍ତ୍ର )—ଅନ୍ନବସ୍ତ୍ର (ଦେଖ)
Annabasra Annabastra (See)

**ଅନ୍ନବହ**—ସଂ. ବିଣ. ପୁଂ. ( ଅନ୍ନ+ବହ ଧାତୁ+କର୍ତ୍ତୃ. ଅ )—
Annabaha ଯାହା ଖାଦ୍ୟ ଦ୍ରବ୍ୟକୁ ସ୍ଥାନାନ୍ତରକୁ ବହନ କରେ—
(ଅନ୍ନବହା—ସ୍ତ୍ରୀ) Carrying the food from one place to another.

**ଅନ୍ନବହାନାଳୀ**—ସଂ. ବି—ଅନ୍ନନାଳିକା ( ଦେଖ )
Annabahānāḻi Annanāḻikā ( See )

**ଅନ୍ନବିକାର**—ସଂ. ବି. ( ୬ଷ୍ଠୀ ତତ୍; ଅନ୍ନ+ବିକାର )—
Annabikāra ୧ । ଶୁକ୍ର ବା ରେତଃ—1. Semen.
୨ । ବିଷ୍ଠା ବା ମଳ—2. Fæcus.

**ଅନ୍ନବ୍ୟଞ୍ଜନ**—ସଂ. ବି. ( ଦ୍ୱନ୍ଦ୍ୱ; ଅନ୍ନ+ବ୍ୟଞ୍ଜନ )—ଭାତ ଓ ତିଅଣ—
Annabyañjana Cooked rice and curry.

**ଅନ୍ନବ୍ରହ୍ମ**—ସଂ. ବି. ( ଅନ୍ନ+ବ୍ରହ୍ମ )—ବ୍ରହ୍ମ ବା ଜୀବନ ରୂପେ କଳ୍ପିତ
Annabrahma ଅନ୍ନ ବା ଖାଦ୍ୟ ବସ୍ତୁ ( କାରଣ ପ୍ରାଣୀ ଖାଦ୍ୟ ବିନା ବଞ୍ଚି ପାରେ ନାହିଁ । )—
Brahma or the Universal Devine Spirit or life identified with the food we take.

**ଅନ୍ନଭେଦୀ**—ଦେ. ବି—କାଶୀଷ; ହୀରାକସ—
Annabhedī Coppersulphate; blue vitriol.
हिराकस
**मा गफुल**
ତେ. ଅନ୍ନଭେଦାମୁ

**ଅନ୍ନଭୋକ୍ତା**—ସଂ. ବିଣ. ପୁଂ. ( ଅନ୍ନ+ଭୁଜ ଧାତୁ+କର୍ତ୍ତୃ. ତୃ; ୧ମା.
Annabhoktā ୧ବ. )—ପକ୍ୱାନ୍ନଭୋଜୀ—
(ଅନ୍ନଭୋକ୍ତ୍ରୀ—ସ୍ତ୍ରୀ) Eating cooked food.
ସଂ. ବି—୧ । କୌଣସି ପରିବାରରେ ପରିଶ୍ରମ ନ କରି ଭୋଜନ କରିବା ବ୍ୟକ୍ତି—1. A member of the family who is maintained without doing any work.
୨ । ପରିବାରର ବ୍ୟକ୍ତି—
2. A member of the family.

**ଅନ୍ନମୟକୋଷ**—ସଂ.ବି.(ଅନ୍ନ+ବିକାରାର୍ଥରେ. ମୟ+କୋଷ=ଦେହ)—
Annamayakosha ଅନ୍ନଦ୍ୱାରା ଗଠିତ ଜୀବର ସ୍ଥୂଳ ଶରୀର—
The gross animal body made in flesh and blood as the result of food.

**ଅନ୍ନମୟପିଣ୍ଡ**—ସଂ. ବି. (ଅନ୍ନ+ବିକାରାର୍ଥରେ. ମୟ+ପିଣ୍ଡ=ଦେହ)—
Annamayapiṇḍa ଅନ୍ନମୟକୋଷ ( ଦେଖ )
Annamayakosha ( See )

**ଅନ୍ନମଳ**—ସଂ. ବି. ( ୬ଷ୍ଠୀ ତତ୍; ଅନ୍ନ=ଭାତ+ମଳ )—
Annamaḻa ମଦ; ମଦିରା—Liquor made from formented rice.

**ଅନ୍ନମେଢ଼**—ଦେ ( ? ). ବି—ଭୂଇଁରେ ମାଡ଼ିବା ଲତାବିଶେଷ—
Annamerḏha Atylosia Scarbæoides.

**ଅନ୍ନଯୋଗ**—ସଂ. ବି. ( ୬ଷ୍ଠୀ ତତ୍; ଅନ୍ନ+ଯୋଗ )—
Annajoga ଅନ୍ନସଂସ୍ଥାନ ( ଦେଖ )
Annasaṁsthāna ( See )

**ଅନ୍ନରସ**—ସଂ. ବି. ( ୬ଷ୍ଠୀ ତତ୍; ଅନ୍ନ+ରସ )—ପେଟରେ ଖାଦ୍ୟ
Annarasa ଦ୍ରବ୍ୟର ପରିପାକ ହେଉଥିବା ଅବସ୍ଥାରେ ତହିଁରୁ ନିର୍ଗତ ହେବା ଶୁକ୍ଳ ରସ ( ଏହା ଶରୀରସ୍ଥ ସପ୍ତ ଧାତୁ ମଧ୍ୟରୁ ଏକତମ । ରସଡଲେ ନୋଟ୍ ଦେଖ ।)—
The white fluid drawn from food while in the process of digestion in the stomach; chyle.

**ଅନ୍ନସଂସ୍ଥାନ**—ଦେ. ବି. ( ୬ଷ୍ଠୀ ତତ୍; ଅନ୍ନ+ସଂସ୍ଥାନ=ଉପାୟ )—
Annasaṁsthāna ୧ । କୌଣସି ବ୍ୟକ୍ତି ଯେଉଁପରି ମୁଠାଏ ଖାଇବାକୁ ପାଇବ, ତହିଁର ବ୍ୟବସ୍ଥା—
1. Provision for a person to get his bread.
୨ । ଜୀବନ-ଧାରଣୋପାୟ; ଜୀବିକା—
2. Livelihood; means of support.

**ଅନ୍ନସିଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍; ଅନ୍ନ+ସିଧ୍ ଧାତୁ+ତି )—
Annasiddhi ୧ । ଅନ୍ନପାକ; ରୁଷେଇ; ରନ୍ଧନ—
1. Cooking of rice.
ଅମେଧ ଗୃହରେ ନ କରିବ ଅନ୍ନସିଦ୍ଧି । ପ୍ରାଚୀ—ଗୁରୁଭକ୍ତି ଗୀତା ।

**ଅନ୍ନାଦ**—ସଂ. ବିଣ. ପୁଂ. ( ଅନ୍ନ+ଅଦ ଧାତୁ=ଭୋଜନ କରିବା+
Annāda କର୍ତ୍ତୃ. ଅ )—୧ । ପରାନ୍ନଭୋଜୀ; ପରଭାତୁଆ—
(ଅନ୍ନାଦା—ସ୍ତ୍ରୀ) 1. Subsisting on another's food.
୨ । ଅନ୍ନଭୋଜୀ; ଅନ୍ନାହାରୀ—
2. Rice-eating; subsisting on food.
ସଂ. ବି—ବିଷ୍ଣୁ ( ଯାହାଙ୍କୁ ଅନ୍ନଭୋଗ ଲଗାଯାଏ )—
The God Bishṇu (to whom cooked rice is offered.)

**ଅନ୍ନାର୍ଥ**—ଦେ. ଅ ( ନିତ୍ୟ ସମାସ ସଂ. ଅନ୍ନାର୍ଥଂ.)—
Annārtha ଅନ୍ନ ନିମନ୍ତେ; ମୁଠାଏ ଭାତ ପାଇବା ଆଶାରେ—
(ଅନ୍ନାର୍ଥା—ସ୍ତ୍ରୀ) For food; in hope of having a handful of rice.
ସଂ. ବିଣ. ପୁଂ. ( ଅନ୍ନ+ଅର୍ଥ )—
ଅନ୍ନାର୍ଥୀ ( ଦେଖ ) Annārthī ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅନ୍ନାର୍ଥୀ**—ସଂ. ବିଣ. ପୁଂ. ( ଅନ୍ନ+ଅର୍ଥ+କର୍ତ୍ତୃ. ଇନ୍ ୧ମା. ୧ବ. )—
Annārthi ୧ । କ୍ଷୁଧିତ ହୋଇ ଖାଇବାକୁ ଅନ୍ନ ପ୍ରାର୍ଥନା କରୁଥିବା
(ଅନ୍ନାର୍ଥିନୀ—ସ୍ତ୍ରୀ) ( ବ୍ୟକ୍ତି )—1. Desirous of food; solicitious of getting a meal
୨ । କ୍ଷୁଧିତ—2. Hungry.

**ଅନ୍ନାହାରୀ**—ସଂ. ବିଣ. ପୁଂ ( ବହୁବ୍ରୀହି, ଅନ୍ନ+ଆ+ହୃ ଧାତୁ+
Annāhāri କର୍ତ୍ତୃ. ଇନ୍ ୧ମା. ୧ବ. )—ଯେ ଭାତ ଖାଏ;
(ଅନ୍ନାହାରିଣୀ—ସ୍ତ୍ରୀ) ଅନ୍ନଭୋକ୍ତା—Eating boiled rice.

**ଅନ୍ୱକ୍**—ସଂ. ବିଣ. ପୁଂ. ( ଅନୁ+ଅନଚ୍ ଧାତୁ=ଗମନ କରିବା+
Anwak କର୍ତ୍ତୃ. କ୍ୱିପ୍. ୧ମା. ୧ବ. )—ଅନୁଗାମୀ—
Following.
ସଂ. କ୍ରି. ବିଣ—୧ । ପଶ୍ଚାତ୍—1. After.
୨ । ଅନୁପାଦ—2. Following the foot-steps.
୩ । ଅନୁସାରେ—3. According to.

**ଅନ୍ୱକ୍ଷ**—ସଂ. ବିଣ. ପୁଂ. ( ଅନୁ=ଅନୁଗତ+ଅକ୍ଷ=ଇନ୍ଦ୍ରିୟ )—
Anwaksha ଅନୁଗାମୀ—Following.
ସଂ. କ୍ରି. ବିଣ. ( ଅନୁ=ସମୀପରେ+ଅକ୍ଷି=ଆଖି )—
ଚକ୍ଷୁସମକ୍ଷରେ; ପ୍ରତ୍ୟକ୍ଷରେ—Before the very eyes; in the presence of.

**ଅନ୍ୱଞ୍ଚ୍**—ସଂ. ବି. ( ଅନୁ=ପଶ୍ଚାତ୍+ଅନଚ୍ ଧାତୁ=ଗମନ କରିବା+
Anwañch କର୍ତ୍ତୃ. କ୍ୱିପ୍ )—ଅନୁଗାମୀ—Following.

**ଅନ୍ୱବାୟ**—ସଂ. ବି. ( ଅନୁ=ପଶ୍ଚାତ୍+ଅବ+ଇ ଧାତୁ+ଭାବ. ଅ )—
Anwabāya ୧ । ବଂଶ—1. Family.
୨ । ଗୋତ୍ର—2. Pedigree; lineage.

**ଅନ୍ୱୟ**—ସଂ. ବି. ( ଅନୁ=ପଶ୍ଚାତ୍+ଇ ଧାତୁ=ଗମନ କରିବା+ଭାବ;
Anwaya ଅଧିକରଣ. ଅ )—
(ଅନ୍ୱିତ—ବିଣ) ୧ । ବଂଶ; କୁଳ—1. Lineage; race.
୨ । ସନ୍ତାନ—2 Progeny.
୩ । ପରିବାର—3. Family.
୪ । ବାକ୍ୟରେ ଭିନ୍ନ ଭିନ୍ନ ପଦମାନଙ୍କର ପରସ୍ପର ସଙ୍ଗେ ବୈୟାକରଣିକ ସମ୍ବନ୍ଧ—4. Grammatical connection of one part of speech with another in a sentence.
୫ । ( ଦର୍ଶନ ) କାର୍ଯ୍ୟ-କାରଣ ସମ୍ବନ୍ଧ—
5. ( Philosophy ) Causality.
୬ । ବିଦ୍ୟମାନତା—6. Presence.
୭ । ଅର୍ଥ—7. Meaning.

**ଅନ୍ୱୟ କରିବା**—ଦେ. କ୍ରି. (ବ୍ୟାକରଣ )—
Anwaya karibā ୧ । ବାକ୍ୟ ବା ପଦର ସମ୍ବନ୍ଧ ନିର୍ଣ୍ଣୟ କରିବା—
**अन्वय करा**
**अन्वय करना** 1. To ascertain the connection of one part of a sentence with another; to define the connection of one word with another in a sentence.
୨ । ପଦ୍ୟକୁ ଗଦ୍ୟରେ ପରିଣତ କରିବା—
2. To render poetry to prose; to give the prose-order of a poetry-passage.

**ଅନ୍ୱୟବ୍ୟତିରେକ**—ସଂ. ବି. ( ଦାର୍ଶନିକ ସଂଜ୍ଞା )—ତାହା ଥିଲେ ତାହା
Anwayabyatireka ଥିବା, ତାହା ନ ଥିଲେ ତାହା ନ ଥିବା, ଏହିପରି ସମ୍ବନ୍ଧ—( Logic ) Logical connection; species and differntia.
ଆତ୍ମା ସର୍ବଦା ସର୍ବ ଠାବେ, ଅନ୍ୱୟ ବ୍ୟତିରେକ ଭାବେ । ଜଗନ୍ନାଥ. ଭାଗବତ ।

**ଅନ୍ୱୟୀ**—ସଂ. ବିଣ. ପୁଂ. (ଅନ୍ୱୟ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ.)—
Anwayi ୧ । ଅନୁକୂଳ ସମ୍ବନ୍ଧୀ—1. Favourable to the
(ଅନ୍ୱୟିନୀ—ସ୍ତ୍ରୀ) case in hand; direct; agreeing.
୨ । (ନ୍ୟାୟ) ହେତୁବିଶେଷ; ସମ୍ପର୍କ; ସମ୍ବନ୍ଧ—
1. ( Logic ) Method of connection.

**ଅନ୍ୱର୍ଥ**—ସଂ. ବିଣ. ( ମଧ୍ୟପଦଲୋପୀ; ଅନୁ=ଅନୁଗତ+ଅର୍ଥ )—
Anwartha ୧ । ଯଥାର୍ଥ; ପ୍ରକୃତାର୍ଥ—1. True; real.
୨ । ସଙ୍ଗତ—2. Accurate.
୩ । କୃତାର୍ଥ—3. Just to the point.

**ଅନ୍ୱହ**—ସଂ. କ୍ରି. ବିଣ. ( ଅବ୍ୟୟୀଭାବ; ଅନୁ=ପ୍ରତ୍ୟେକ+ଅହନ୍
Anwaha =ଦିନ )—ପ୍ରତିଦିନ; ପ୍ରତ୍ୟହ—
Daily, every day.

**ଅନ୍ୱାଚୟ**—ସଂ. ବି. ( ଅନୁ=ସହିତ+ଆ+ଚି ଧାତୁ+ଭାବ. ଅ )—
Anwāchaya ୧ । ଅନୁସଙ୍ଗ—1. Concomitance.
୨ । ସହବାସ—2. Cohabitation.

**ଅନ୍ୱାଧି**—ସଂ. ବି (ଅନୁ=ସହିତ+ଆଧି=ଗଚ୍ଛିତ ବସ୍ତୁ)—ଅନ୍ୟ ବ୍ୟକ୍ତିକୁ
Anwādhi ଦେବା ଉଦ୍ଦେଶ୍ୟରେ ଜଣକ ପାଖରେ ରଖିବା ବା ଗଚ୍ଛିତ କରିବା ଧନ ବା ପଦାର୍ଥ—A deposite made with one with the purpose of giving it to another.

**ଅନ୍ୱାଧେୟ**—ସଂ. ବିଣ (ଅନୁ=ପଶ୍ଚାତ୍+ଅଧେୟ=ପ୍ରାପ୍ତ; ଲବ୍ଧ)—
Anwādheya ବିବାହ ପରେ ସ୍ୱାମୀକୁଳରୁ ଓ ବନ୍ଧୁକୁଳରୁ କନ୍ୟା ଯେଉଁ ସମ୍ପତ୍ତି ପାଏ; ଏକ ପ୍ରକାର ସ୍ତ୍ରୀଧନ—
(ବିବାହାତ୍ ପରତୋ ଯତ୍ ଲବ୍ଧଂ ଭର୍ତ୍ତୃକୁଳାତ୍ ସ୍ତ୍ରିୟା, ଅନ୍ୱାଧେୟଂ ତଦୁକ୍ତଂ ତୁ ଲବ୍ଧଂ ବନ୍ଧୁକୁଳାତ୍ ତଥା)—
A kind of woman's property given to her by the husband's or father's family after marriage.

**ଅନ୍ୱାସିତ**—ସଂ. ବିଣ (ଅନୁ=ପଶ୍ଚାତ୍+ଆସ ଧାତୁ+କର୍ମ. ତ)—ପଛରେ
Anwāsita ବସା ଯାଇଥିବା—Caused to sit afterwards.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଘ | ଙ୍ଖ | ଞ୍ଛ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଙଅ | ଞ | ନ୍ଥ |

**ଅନ୍ବାହାର୍ଯ୍ୟ**—ସଂ. ବ. (ଅନୁ=ପଶ୍ଚାତ୍+ଆ+ହୃ ଧାତୁ+କର୍ମ. ଯ)—
**Anwāhārjya** ପିତୃଲୋକଙ୍କର ମାସିକ ଶ୍ରାଦ୍ଧ; ଅମାବାସ୍ୟା ଶ୍ରାଦ୍ଧ—Monthly Śrāddha performed in honour of one's ancestors on the day of the new moon.

**ଅନ୍ୱିଚ୍ଛା**—ସଂ. ବ. (ଅନୁ+ଇଚ୍ଛା)—ଅନ୍ୱେଷଣ—Search.
**Anwichchhā**

**ଅନ୍ୱିତ**—ସଂ. ବଣ. (ଅନୁ=ସହିତ+ଇ ଧାତୁ+କର୍ତ୍ତୃ. ତ)—
**Anwita** ୧। ସଙ୍ଗରେ ଆଗତ—1. Accompanied by.
୨। ଯୁକ୍ତ—2. Connected with.
୩। ସନ୍ଧିଷ୍ଟ—3. Constructed with.
୪। ସମ୍ବନ୍ଧ—4. Related.

**ଅନ୍ୱିଷିତା**—ଦେ. ପଦ୍ୟ. ବଣ. ସ୍ତ୍ରୀ—(ସଂ. ଅନ୍ୱେଷିତାର ଅଶୁଦ୍ଧ
**Anwishitā** ପ୍ରୟୋଗ)—ଯାହାକୁ ଖୋଜା ଯାଇଅଛି; କୃତାନୁସନ୍ଧାନା—Searched after.

ଅନ୍ୱିଷିତ ଙ୍କ ପ୍ରାପ୍ତ ହୋଇ, ସୁରତ କରିବା ଇଚ୍ଛଇ ।
ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ଦେ.ବ. ସ୍ତ୍ରୀ (କୃଷ୍ଣ ଏହାଙ୍କୁ ଖୋଜୁଥିବାର ବର୍ଣ୍ଣିତ ହୋଇଥିବାରୁ)—ରାଧା—An epithet of Rādhā.

**ଅନ୍ୱିଷ୍ଟ**—ସଂ. ବଣ. (ଅନୁ+ଇଷ ଧାତୁ+କର୍ମ. ତ)—
**Anwishta** ୧। ଯାହା ଅନ୍ୱେଷଣ କରାଯାଇଅଛି—
(ଅନ୍ୱେଷଣ—ବ) 1. Sought for; required.
୨। ଆକାଙ୍କ୍ଷିତ—2. Wished for.

**ଅନ୍ୱୀକ୍ଷଣ**—ସଂ. ବ. (ଅନୁ=ପଶ୍ଚାତ୍+ଈକ୍ଷ+ଭାବ. ଅନ)—୧। ବେଦ
**Anwikshana** ବାକ୍ୟାଦି ଶ୍ରବଣ କରି ପରେ ତହିଁର ଅର୍ଥ ପର୍ଯ୍ୟାଲୋଚନା କରିବା—1. To revolve in mind the meaning of some passages heard or read.
୨। ଅନୁମାନ—2. Guessing.

**ଅନ୍ୱୀକ୍ଷା**—ସଂ. ବ. (ଅନୁ=ପଶ୍ଚାତ୍+ଈକ୍ଷ+ଭାବ. ଆ)—
**Anwikshyā** ୧। ଅନ୍ୱୀକ୍ଷଣ (ଦେଖ)
1. Anwikshana (See)
୨। ଉତ୍ତୋଳନ—2. Lifting up
୩। ଅନ୍ୱେଷଣ—3. Searching after.

**ଅନ୍ୱେଷକ**—ସଂ. ବଣ. ପୁଂ. (ଅନୁ=ପଶ୍ଚାତ୍+ଇଷ ଧାତୁ=ଇଚ୍ଛା କରିବା;
**Anweshaka** ଖୋଜିବା+କର୍ତ୍ତୃ. ଅକ)—
(ଅନ୍ୱେଷିକା—ସ୍ତ୍ରୀ) ଯେ ଅନ୍ୱେଷଣ କରେ ବା ଖୋଜେ; ଅନୁସନ୍ଧାୟୀ—One who seeks after, enquirer.

**ଅନ୍ୱେଷଣ**—ସଂ. ବ. (ଅନୁ+ପଶ୍ଚାତ୍+ଇଷ ଧାତୁ+ଭାବ. ଅନ)—
**Anweshana** ୧। ଅନୁସନ୍ଧାନ—1. Investigation; enquiry.
(ଅନ୍ୱେଷିତ—ବଣ)
୨। ଅଲକ୍ଷିତ ବା ଅପ୍ରାପ୍ତ ବସ୍ତୁକୁ ଖୋଜିବା; ଅନ୍ୱେଷା—2. Research; seeking after.
୩। ଆକାଂକ୍ଷା—3. Quest after a thing.

**ଅନ୍ୱେଷଣା**—ସଂ. ବ. ସ୍ତ୍ରୀ. (ଅନୁ+ଇଷ ଧାତୁ+ଅନ+ଭାବ. ଆ)—
**Anweshanā** ୧। ଅନ୍ୱେଷଣ (ଦେଖ)
1. Anweshana (See)
୨। ତର୍କାଦିଦ୍ୱାରା କୌଣସି ବସ୍ତୁର ମୂଳ କାରଣ ବା ସ୍ୱଭାବ ଅନ୍ୱେଷଣ କରିବା—2. Investigation into the cause of things.

**ଅନ୍ୱେଷଣୀୟ**—ସଂ. ବଣ. (ଅନୁ+ଇଷ ଧାତୁ+କର୍ମ. ଅନୀୟ)—
**Anweshaniya** ଯାହା ଅନ୍ୱେଷଣ କରିବା ଉଚିତ; ଅନୁସନ୍ଧେୟ—Requiring to be sought; fit to be enquired into.

**ଅନ୍ୱେଷିତ**—ସଂ. ବଣ. (ଅନୁ+ଇଷ୍ ଧାତୁ ଣିଚ୍+କର୍ମ. ତ)—
**Anweshita** ଗବେଷିତ; ଯାହାର ଅନ୍ୱେଷଣ କରାଯାଏ—
(ଅନ୍ୱେଷଣ—ବ) Searched for; sought after;
(ଅନ୍ୱେଷିତା—ସ୍ତ୍ରୀ) enquired into.

**ଅନ୍ୱେଷିବା**—ଦେ. ପଦ୍ୟ. କ୍ରି. (ସଂ. ଅନ୍ୱେଷଣ)—
**Anweshibā** ୧। ଖୋଜିବା; ଅନ୍ୱେଷଣ କରିବା—
ଅନ୍ୱେଷା 1. To seek; to search.

ପାନ୍ଥ ଅନ୍ୱେଷିଲେ ଉତ୍ପଥପଥ ନାହିଁ ଦେଖେ ପେଷି ଦୃଢ଼ ।
ରାଧାନାଥ- ପାବନୀ ।

**ଅନ୍ୱେଷ୍ଟବ୍ୟ**—ସଂ. ବଣ. (ଅନୁ+ଇଷ ଧାତୁ+କର୍ମ. ତବ୍ୟ)—
**Anweshtabya** ଅନ୍ୱେଷଣୀୟ (ଦେଖ)
Anweshaniya (See)

**ଅନ୍ୱେଷ୍ଟା**—ସଂ. ବଣ. ପୁଂ. (ଅନୁ+ଇଷ ଧାତୁ+କର୍ତ୍ତୃ. ତୃ; ୧ମା.
**Anweshtā** ୧ବ.)—ଅନୁସନ୍ଧାନକାରୀ—
(ଅନ୍ୱେଷ୍ଟ୍ରୀ—ସ୍ତ୍ରୀ) Seeker (after).

**ଅନ୍ୟ**—ସଂ. ବଣ. (ଅନ୍+କର୍ତ୍ତୃ. ଯ)—୧। ଅପର; ଅନ୍ୟ କେହି—
**Anya** 1. Another.
୨। ଅସଦୃଶ—2. Different.
୩। ପୃଥକ୍; ଭିନ୍ନ; ବଦଳ—3. Separate.
ସଂ. ସର୍ବନାମ—ଅପର ବ୍ୟକ୍ତି—Other; another person.

**ଅନ୍ୟଅନ**—ଦେ. ବଣ. (ସଂ=ଅନ୍ୟୋଽନ୍ୟ)—
**Anyaani** ୧। ପରସ୍ପର ମଧ୍ୟରେ—
ଅନ୍ୟୋନ୍ୟ 1. One another; each other.
୨। ସେ'ଥା; ଯେ ଯାହାର—
2. Reciprocal; mutual.

**ଅନ୍ୟଅନ୍ୟ**—ଅନ୍ୟଅନ (ଦେଖ)
**Anyaanya** Anyaani (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅନ୍ୟକୃତ**—ସଂ. ବିଣ. ( ୩ୟା ତତ୍; ଅନ୍ୟ+କୃତ )—ଅପରଦ୍ୱାରା
Anyakṛuta ସମ୍ପାଦିତ ବା କରାଯାଇଥିବା—
Done by another.

**ଅନ୍ୟଗାମୀ**—ସଂ. ବିଣ. ପୁଂ. ( ଅନ୍ୟ+ଗମ୍ ଧାତୁ=ଯିବା+କର୍ତ୍ତୃ. ଇନ୍; ୧ମା. ୧ବ. )—
Anyagāmī
(ଅନ୍ୟଗାମିନୀ—ସ୍ତ୍ରୀ) ୧ । ଯେ ଅପର ନିକଟକୁ ଯାଏ—
1. Going to another.
୨ । ବିଟପ୍ରକୃତିକ; ପରସ୍ତ୍ରୀରତ—
2. Adulterous ( male ).

**ଅନ୍ୟତଃ**—ସଂ. କ୍ରି. ବିଣ. ( ଅନ୍ୟ+ତସ୍ )—
Anyataḥ ୧ । ଅନ୍ୟଠାରୁ—1. From another.
୨ । ଅନ୍ୟଦ୍ୱାରା—2. By another.
୩ । ଅନ୍ୟପ୍ରକାରେ—3. In another way.

**ଅନ୍ୟତମ**—ସଂ. ବିଣ. ପୁଂ. ( ଅନ୍ୟ + ତମ )—
Anyatama ୧ । ଅନେକଙ୍କ ମଧ୍ୟରୁ ଏକ—
(ଅନ୍ୟତମା—ସ୍ତ୍ରୀ) 1. One of many.
(ଏକତମ—ବିପରୀତ) ୨ । ଅନ୍ୟମାନଙ୍କଠାରୁ ପୃଥକ୍—
2. Distinct from others; separate; specific; a particular ( person or thing).

**ଅନ୍ୟତର**—ସଂ. ବିଣ. (ଅନ୍ୟ+ତର)—୧ । ଦୁଇ ମଧ୍ୟରୁ ଗୋଟିଏ—
Anyatara 1. One of the two; either of the two.
( ଏକତର—ବିପରୀତ ) ୨ । ପୃଥକ୍; ଅନ୍ୟ ଗୋଟାଏ—
2. Another; distinct ( person or thing ).

**ଅନ୍ୟତରେଦ୍ୟୁଃ**—ସଂ. କ୍ରି. ବିଣ. ( ଅନ୍ୟତର + ଦିବସ ଅର୍ଥରେ. ଏଦ୍ୟୁସ୍ )—୧ । ଅନ୍ୟ ଦିନ—
Anyataredyuḥ
1. Any other day.
୨ । ଦୁଇ ଦିନ ମଧ୍ୟରୁ ଦିନେ—
2. On one of the two days.

**ଅନ୍ୟତ୍ର**—ସଂ. ଅ. ( ଅନ୍ୟ+ ସ୍ଥାନାଧିକରଣାର୍ଥେ. ତ୍ର )—
Anyatra ୧ । ଅନ୍ୟଠାରେ; ଭିନ୍ନ ସ୍ଥାନରେ—
1. Elsewhere; in or to another place; somewhere else
୨ । ଅପର ବିଷୟରେ – 2. In any other matter.
୩ । ପ୍ରକାରାନ୍ତରେ—3. On the other hand.

**ଅନ୍ୟଥା**—ସଂ. ଅ. (ଅନ୍ୟ+ପ୍ରକାରାର୍ଥେ. ଥା)—୧ । ଅନ୍ୟ ପ୍ରକାରେ—
Anyathā 1. Other-wise; in a different way; differently; in another manner.
୨ । ପକ୍ଷାନ୍ତରରେ—2. On the other hand.
୩ । ବିପରୀତ ରୂପେ—3. Contrary-wise.
ଗ୍ରା. ବିଣ. (ଅନାଥ ଶବ୍ଦ ସ୍ଥଳରେ ପ୍ରାମାଦିକ ପ୍ରୟୋଗ)—
ଆଶ୍ରୟହୀନ—Shelterless.

କାହାର ଦୁଆରେ ବସଇ ନାହିଁ
ଏକା ବୁଲୁଥାଇ ଅନ୍ୟଥା ହୋଇ—ପ୍ରାଚୀ. ପଲ୍ଲୀଗୀତ ।

**ଅନ୍ୟଥା କରିବା**—ଦେ. କ୍ରି.—୧ । ବିପରୀତାଚରଣ କରିବା—
Anyathā karibā 1. To act against;
অন্যথা করা to do other-wise.
୨ । ଅଦଲ୍ କରିବା—2. To disobey.
୩ । ପରିବର୍ତ୍ତନ କରିବା—3. To change.
୪ । ଅନ୍ୟ ପ୍ରକାର କାର୍ଯ୍ୟ କରିବା—4. To nullify; to undo.

**ଅନ୍ୟଥାକାରୀ**—ସଂ. ବିଣ. ପୁଂ =( ଅନ୍ୟଥା = ଅନ୍ୟ ପ୍ରକାର + କୃ ଧାତୁ + କର୍ତ୍ତୃ ଇନ୍. ୧ମା. ୧ବ)—ଅନ୍ୟ ପ୍ରକାର
Anyathākārī
(ଅନ୍ୟଥାକାରିଣୀ—ସ୍ତ୍ରୀ) କାର୍ଯ୍ୟକାରୀ; ବିରୁଦ୍ଧାଚାରୀ—One who acts otherwise; acting against.

**ଅନ୍ୟଥାକୃତ**—ସଂ. ବିଣ (ଅନ୍ୟଥା + କୃ ଧାତୁ + କର୍ମ. ତ)—
Anyathākṛuta ୧ । ଅନ୍ୟପ୍ରକାରେ କରାଯାଇଥିବା—
1. Done contrarily,
୨ । ଆଜ୍ଞାର ବହିର୍ଭୂତ କରାଯାଇଥିବା—2. Disobeyed.

**ଅନ୍ୟଥାଖ୍ୟାତି**—ସଂ. ବି—(ଅନ୍ୟଥା + ଖ୍ୟାତି)—
Anyathākhyāti ବିରୁଦ୍ଧଭାବ—Wrong idea.

**ଅନ୍ୟଥାଚରଣ**—ସଂ.ବି. (ଅନ୍ୟଥା=ଅନ୍ୟପ୍ରକାର;ବିରୁଦ୍ଧ+ଆଚରଣ)—
Anyathācharaṇa ୧ । ବିପରୀତାଚରଣ—
1. Contrary action or behaviour.
୨ । ବିରୁଦ୍ଧକାର୍ଯ୍ୟ; ଅବଜ୍ଞାକରଣ—
2. Disobedient conduct; disobedience.
୩ । ଆଜ୍ଞାଦିର ଅପାଳନ; ଲଙ୍ଘନ—3. Violation.

**ଅନ୍ୟଥାଚାର**—ସଂ. ବି. (ଅନ୍ୟଥା + ଆଚାର)—
Anyathāchār ଅନ୍ୟଥାଚରଣ (ଦେଖ)
Anyathācharaṇa (See)

**ଅନ୍ୟଥାଚାରୀ**—ସଂ.ବିଣ. ପୁଂ. (ଅନ୍ୟଥା + ଆ+ଚର ଧାତୁ+ଇନ୍ କର୍ତ୍ତୃ. ୧ମା. ୧ବ)—୧ । ଯେ ନିର୍ଦ୍ଦିଷ୍ଟ ଆଦେଶ ବା
Anyathāchārī
(ଅନ୍ୟଥାଚାରିଣୀ—ସ୍ତ୍ରୀ) ଇଚ୍ଛାର ବିରୁଦ୍ଧରେ କାର୍ଯ୍ୟ କରେ—
1. Acting contrary to a wish or order.
୨ । ନିୟମ ବା ଆଦେଶ ଆଦିର ଲଙ୍ଘନକାରୀ—
2. Disobedient; violating the rules.

**ଅନ୍ୟଥାବାଦୀ**—ସଂ. ବିଣ. (ପୁଂ) (ଅନ୍ୟଥା + ବଦ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ)—୧ । ଯେ ଅନ୍ୟ ପ୍ରକାର କହେ—
Anyathābādī
(ଅନ୍ୟଥାବାଦିନୀ—ସ୍ତ୍ରୀ) 1. Speaking otherwise.
୨ । ବିରୁଦ୍ଧବାଦୀ—2. One who maintains different or opposite opinion.

**ଅନ୍ୟଥାସିଦ୍ଧି**—ସଂ. ବି. (ଅନ୍ୟଥା =ଅନ୍ୟପ୍ରକାର + ସିଦ୍ଧି =ପ୍ରମାଣ)—
Anyathāsiddhi ( ନ୍ୟାୟଶାସ୍ତ୍ର ) ଅନ୍ୟରୂପେ ପ୍ରମାଣିତ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଚିଁ୍ୟ | ଇଥ | ଈ | ନ୍ତ |

ହେବା ଘଟନା–( Hindu logic ) Possibility of being proved otherwise; the state of being proved in any other way or by any other cause.

**ଅନ୍ୟଦା**—ସଂ. ଅ. (ଅନ୍ୟ+କାଳାର୍ଥେ. ଦା)—ଅନ୍ୟ ସମୟରେ—
Anyadā At another time.

**ଅନ୍ୟଦୀୟ**—ସଂ. ବଣ. (ଅନ୍ୟତ୍+ଈୟ)—
Anyadiya ୧ । ଅନ୍ୟ ସମ୍ବନ୍ଧୀୟ—
1. Belonging to another.
୨ । ଅପର ସଂକ୍ରାନ୍ତ—
2. Pertaining to another.

**ଅନ୍ୟନିରପେକ୍ଷ**—ସଂ. ବଣ. ପୁଂ. ( ୭ ମୀ ତତ୍; ଅନ୍ୟ+ନିରପେକ୍ଷ )—
Anyanirapeksha ଅନ୍ୟର ସାହାଯ୍ୟକୁ ଅପେକ୍ଷା ନ କରୁଥିବା
( ଅନ୍ୟନିରପେକ୍ଷା—ସ୍ତ୍ରୀ ) ( ବ୍ୟକ୍ତି )—Not looking for another's help.

**ଅନ୍ୟପୁଷ୍ଟ**—ସଂ. ବଣ. ପୁଂ. (୩ୟା ତତ୍; ଅନ୍ୟ+ପୁଷ୍ଟ)—
Anyapushta ୧ । ପରପାଳିତ—
(ଅନ୍ୟପୁଷ୍ଟା—ସ୍ତ୍ରୀ) 1. Brought up by strangers.
୨ । କୋକିଳ—2. The cuckoo ( whose egg is hatched and the young ones reared by the crow.)

[ ଦ୍ର—ଅନ୍ୟ ଅର୍ଥାତ୍ କାକଦ୍ୱାରା ପରପାଳିତ—କୋକିଳ ଡିମ୍ବ ଜନ୍ମ କରି ତାକୁ ଫୁଟାଇ ପାରେ ନାହିଁ ଓ ତାକୁ ଉଷୁମାଇ ଫୁଟାଇବା ନିମନ୍ତେ କୁଆ ବସାରେ କୁଆ ଡିମ୍ବ ସଙ୍ଗେ କୁଆର ଅଜ୍ଞାତରେ ରଖି ଦେଇ ଆସେ—କୁଆ ଆପଣା ଡିମ୍ବ ସଙ୍ଗେ ସେ ଡିମ୍ବକୁ ଉଷୁମାଇ, ଫୁଟାଇ, ଛୁଆକୁ ପାଳେ । ପରେ ଛୁଆ ଉଡ଼ିବାକୁ ସମର୍ଥ ହେଲେ କୋକିଳ ପାଖକୁ ଚାଲି ଆସେ । ]

**ଅନ୍ୟପୂର୍ବା**—ସଂ. ବଣ. ସ୍ତ୍ରୀ. (ଅନ୍ୟ+ପୂର୍ବ+ସ୍ତ୍ରୀ. ଆ. )—
Anyapūrbā ବିବାହ ପୂର୍ବରୁ ଯେଉଁ କନ୍ୟାର ଅନ୍ୟ ବର ସଙ୍ଗେ ବିବାହ ସମ୍ବନ୍ଧ ସ୍ଥିର ହୋଇ ( ବରର ମୃତ୍ୟୁ ବା ଅନ୍ୟ କାରଣରୁ ) ଭଙ୍ଗି ଯାଇଥାଏ—ବରପୂର୍ବା; କନ୍ୟାପୁନର୍ଭୂ— (girl) Previously betrothed to a person; (a girl) married to a person other than the bride-groom to whom she had been first betrothed (on account of the 1st chosen bride-groom's death or other causes )

**ଅନ୍ୟବିଧ**—ସଂ. ବଣ. ପୁଂ. (ବହୁବ୍ରୀହି ଅନ୍ୟ+ବିଧା=ପ୍ରକାର)=ଅନ୍ୟ
Anyabidha ପ୍ରକାରର; ଅନ୍ୟ ଶ୍ରେଣୀୟ—Of different
(ଅନ୍ୟବିଧା—ସ୍ତ୍ରୀ) kind; of another sort

**ଅନ୍ୟଭୃତ୍**—ସଂ. ବି. (ଅନ୍ୟ+ଭୃ=ପୋଷିବା+କର୍ତ୍ତୃ. କ୍ୱିପ୍)—
Anyabhrut ( ଯେ ଅନ୍ୟକୁ ପାଳେ । ଯେ କୋକିଳ ଡିମ୍ବ ଉଷୁମାଇ ଡିମ୍ବ ଫୁଟାଇ ଛୁଆ ଉଡ଼ିଯିବା ପର୍ଯ୍ୟନ୍ତ ପାଳି ରଖେ ); କାକ—
( Lit. rearing another ) Crow.

**ଅନ୍ୟଭୃତ**—ସଂ. ବି. ପୁଂ. (ଅନ୍ୟ+ଭୃ ଧାତୁ=ପୋଷିବା+କର୍ମ. ତ)—
Anyabhruta (ଯେ ଅନ୍ୟଦ୍ୱାରା ଅର୍ଥାତ୍ କାକଦ୍ୱାରା ପିଲାଦିନେ
(ଅନ୍ୟଭୃତା—ସ୍ତ୍ରୀ) ପୋଷା ଯାଏ; ଯାହାକୁ କାକ ପାଳେ);କୋକିଳ; କୋଇଲି— ( Lit. reared by another). Indian cuckoo (as it is brought up by the crow).

**ଅନ୍ୟମତ**—ସଂ. ବି. ( କର୍ମଧାରୟ; ଅନ୍ୟ+ମତ)—୧ । ଭିନ୍ନ ମତ—
Anyamata 1. Another opinion.
(ଅନ୍ୟମତା—ସ୍ତ୍ରୀ) ୨ । ପୃଥକ୍ ମତ—2. Separate opinion.
ସଂ. ବଣ ପୁଂ. ( ବହୁବ୍ରୀହି )—ବିଭିନ୍ନ ମତାନୁଗୃହୀ; ଅନ୍ୟମତାବଲମ୍ବୀ—Following another opinion.
ସଂ. କ୍ରି . ବଣ—ଅନ୍ୟପ୍ରକାରେ—Otherwise; in another way or mode.

**ଅନ୍ୟମତେ**—ଦେ. କ୍ରି. ବଣ = ଅନ୍ୟପ୍ରକାରେ—Otherwise; in
Anyamate another manner.
অন্যমতে

**ଅନ୍ୟମନସ୍କ**—ସଂ. ବଣ. ପୁଂ. ( ବହୁବ୍ରୀହି; ଅନ୍ୟ + ମନଃ + କ )—
Anyamanaska ୧ । ଅନ୍ୟ ବିଷୟରେ ନିବିଷ୍ଟଚିତ୍ତ; ଅନ୍ୟାସକ୍ତ-
(ଅନ୍ୟମନସ୍କା—ସ୍ତ୍ରୀ) ଚିତ୍ତ ( ବ୍ୟକ୍ତି )—1. Absorbed in another thought; thinking of something else.
୨ । ଅମନୋଯୋଗୀ—2 Inattentive (being in a brown study.)

**ଅନ୍ୟମନା**—ଦେ. ବଣ. ( ସଂ. ଅନ୍ୟମନାଃ )—ଅନ୍ୟମନସ୍କ; ଯାହାର ମନ
Anyamanā ଅନ୍ୟ ସ୍ଥାନରେ ନିବିଷ୍ଟ—Inattentive; intent on some thing else.

**ଅନ୍ୟମନାଃ**—ସଂ. ବଣ. ପୁଂ ଓ ସ୍ତ୍ରୀ. (ଅନ୍ୟ+ମନସ୍; ୧ମା. ୧ବ. )—
Anyamanāḥ ଅନ୍ୟମନା (ଦେଖ) Anyamanā (See)

**ଅନ୍ୟଲୋକ ସାଜିବା**—ଦେ. ବି =( କଚିରିଆଭାଷା );—
Anyaloka sājibā ଅନ୍ୟ ଜଣକର ବେଶ ଧରି (ଜଣେ) ଅନ୍ୟ ବୋଲି ନିଜକୁ କହିବା ଓ ପରିଚୟ ଦେବା ରୂପ ଦଣ୍ଡବିଧି ଆଇନର ଅପରାଧବିଶେଷ—
False personation an offence under the Indian Penal Code.

**ଅନ୍ୟାଏ**—ଗ୍ରା. ବି. ଓ ବଣ (ସଂ.=ଅନ୍ୟାୟ)—
Anyāe ଅନ୍ୟାୟ (ଦେଖ)
অন্যাএ Anyāya (See)
न्याय

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅନ୍ୟାଚାର**— ଗ୍ରା.ବି. (ସଂ=ଅନାଚାର) = ୧ । ଅନ୍ୟାୟାଚାର; କଦାଚାର; ଆଚାରବର୍ଜ୍ଜିତତା—1. State of being devoid of approved conduct
Anyāchāra
অনাচার
**अनाचार** ୨ । ଅଧର୍ମାଚରଣ; ଅସାଧୁ ଆଚରଣ—2. Improper conduct; doing of bad and immoral act.
୩ । ଅନ୍ୟାୟ ଆଚରଣ—3. Improper or unjust conduct.

**ଅନ୍ୟାଚାରୀ**—ସଂ. ବିଣ. ପୁଂ. ( ଅନ୍ୟ+ଆ+ଚର ଧାତୁ+କର୍ତ୍ତୃ. ଇନ୍. ୧ମା. ୧ବ. )—ଅନ୍ୟ ପ୍ରକାରରେ ଆଚରଣକାରୀ—Acting other-wise.
Anyāchāri
(ଅନ୍ୟାଚାରିଣୀ—ସ୍ତ୍ରୀ)
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଅନାଚାରୀ ( ଦେଖ ) 1. Anāchāri ( See )
୨ । ଅନ୍ୟାୟ ଆଚରଣକାରୀ; କଦାଚାରୀ—2. Acting unjustly.

**ଅନ୍ୟାଦୃକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ.(ଅନ୍ୟ+ଦୃଶ୍=ଦେଖିବା+କ୍ୱିପ୍)—
Anyādṛuk ୧ । ଯାହା ଅନ୍ୟପ୍ରକାର ଦେଖାଯାଏ; ଭିନ୍ନ ପ୍ରକାରର—1. Looking like another; different-looking.
୨ । ଅନ୍ୟ ପ୍ରକାରର—2. Of different kind.
ଦେ. କ୍ରି. ବିଣ —ଅନ୍ୟ ପ୍ରକାରେ— Otherwise; differently.

**ଅନ୍ୟାଦୃଶ**—ସଂ. ବିଣ. ପୁଂ. ( ଅନ୍ୟ+ଦୃଶ୍ ଧାତୁ=ଦେଖିବା+ଅ )—
Anyādṛusa ଅନ୍ୟାଦୃକ୍ ( ଦେଖ ) Anyādṛuk ( See )
(ଅନ୍ୟାଦୃଶୀ—ସ୍ତ୍ରୀ)

**ଅନ୍ୟାନ୍ୟ** – ସଂ. ବିଣ. ( ଦ୍ୱନ୍ଦ୍ୱ. ଅନ୍ୟ+ଅନ୍ୟ )—
Anyānya ଅପରାପର; ଆଉ ଆଉ; ଭିନ୍ନ ଭିନ୍ନ— Other; different.
ସଂ. ସର୍ବନାମ—ଅନ୍ୟ ବ୍ୟକ୍ତି ବା ବସ୍ତୁ ବା ବିଷୟମାନ — Others; other persons, things or matters.

**ଅନ୍ୟାୟ**—ସଂ. ବି. ( ଅ=ନୁହେ+ନ୍ୟାୟ=ଉଚିତ ବିଚାର )—
Anyāya ୧ । ନ୍ୟାୟବିରୁଦ୍ଧ ଆଚରଣ— 1. Unlawful conduct.
୨ । ଅବିଚାର—2. Injustice.
୩ । ଅନୌଚିତ୍ୟ—3. Impropriety.
୪ । ଉତ୍ପୀଡ଼ନ—4. Oppression.
ସଂ. ବିଣ—୧ । ବିବେକ ବିରୁଦ୍ଧ—1. Unconscionable.
୨ । ବେଆଇନ୍—2. Illegal.
୩ । ନ୍ୟାୟବିରୁଦ୍ଧ—3. Unjust.
୪ । ଅନୁଚିତ—4 Improper.
୫ । ଅସଙ୍ଗତ—5. Unfair; unreasonable.

**ଅନ୍ୟାୟ ଅଟକ**—ଦେ. ବି. (କଚେରୀ)—କୌଣସି ବ୍ୟକ୍ତିକୁ ବେଆଇନ୍ ରୂପେ ଅଟକାଇବା ରୂପ ଅପରାଧ—Wrongful restraint; an offence under the Indian Penal Code.
Anyāya aṭaka
অন্যায় আটক
बेआइन् अटक

**ଅନ୍ୟାୟୀ**—ସଂ. ବିଣ. ପୁଂ.( ଅନ୍ୟାୟ+ଇନ୍. ୧ମା. ୧ବ. )—
Anyāyi ୧ । ଅନ୍ୟାୟ ଆଚରଣକାରୀ—1. Unjust.
(ଅନ୍ୟାୟିନୀ—ସ୍ତ୍ରୀ) ୨ । ଉତ୍ପୀଡ଼କ—2 Oppressive.

**ଅନ୍ୟାଯ୍ୟ**—ସଂ. ବିଣ. ( ଅ=ନୁହେ+ନ୍ୟାଯ୍ୟ )—
Anyājya ୧ । ଅନୁଚିତ—1. Improper.
୨ । ଯାହା ନ୍ୟାୟସଙ୍ଗତ ନୁହେ—2. Unjust.
୩ । ବେଆଇନ—3. Illegal.
୪ । ଅଯୋଗ୍ୟ—4. Unfit.

**ଅନ୍ୟାର୍ଥ**—ସଂ. ବି. ( କର୍ମଧା )—୧ । ଅନ୍ୟ ବା ଅପର ଅର୍ଥ—
Anyārtha 1. Another meaning.
୨ । ଅନ୍ୟ ଉଦ୍ଦେଶ୍ୟ—2. Another object.
ସଂ. ବିଣ. ( ବହୁବ୍ରୀହି )—୧ । ଯାହାର ଅପର ଅର୍ଥ ଅଛି— 1. Having another meaning.
୨ । ଯାହାର ଅନ୍ୟ ଉଦ୍ଦେଶ୍ୟ ଅଛି ବା ଥାଏ— 2. Having another object.
ଦେ. କ୍ରି. ବିଣ —ଅନ୍ୟ ବ୍ୟକ୍ତି ବା ବିଷୟ ପାଇଁ— For another person or thing.

**ଅନ୍ୟାସକାରଣରେ**—ଗ୍ରା. କ୍ରି. ବିଣ.—ଅକାରଣରେ; ବିନା କାରଣରେ; ବୃଥା—In vain.
Anyāsakāraṇare

**ଅନ୍ୟାସକ୍ତ**—ସଂ.ବିଣ. ପୁଂ.(୭ମୀ ତତ୍ ;ଅନ୍ୟଠାରେ+ଆସକ୍ତ=ଲିପ୍ତ)—
Anyāsakta ଅନ୍ୟ ବ୍ୟକ୍ତିଠାରେ ମୋହିତ ବା ଲିପ୍ତ—
(ଅନ୍ୟାସକ୍ତା—ସ୍ତ୍ରୀ) Enamoured of some other person; attached to some other body.

**ଅନ୍ୟାସେ**—ଦେ. ପଦ୍ୟ. କ୍ରି. ବିଣ. —ଅନାୟାସେ—
Anyāse Easily.
ଚାଣାକ୍ୟାସେ କେ ଅନ୍ୟାସେ ସେ ଭାରତୀ ରଚି ଯେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

**ଅନ୍ୟୁଅନ୍ୟେ**—ଦେ. ପଦ୍ୟ. ଅ. ( ସଂ. ଅନ୍ୟୋନ୍ୟ )—
Anyuanye ଅନ୍ୟୋନ୍ୟରେ; ପରସ୍ପର—Mutually.
କୁରୁମଣ୍ଡଳ ବଧୂ ଜନେ । ଏମନ୍ତେ ବାଣୀ ଅନ୍ୟୁଅନ୍ୟେ ॥
ମୁଁ ତ ଚର୍ଚ୍ଚିତେ ତାହା ଲକ୍ଷି । ରଥେ ଚଢ଼ିଲେ ପଦ୍ମଆକ୍ଷି । ଜଗନ୍ନାଥ. ଭାଗବତ ।

**ଅପ୍**—ସ. ବି. ( ଅପ ଧାତୁ=ପାଇବା+କ୍ୱିପ୍. ନିପାତନ )—
Ap ଜଳ; ପାଣି—Water.
আপ্
अप्

**ଅପ୍‌ଗାଡ଼ି**— ବୈଦେ. ବି. (ଇଂ. ଅପ୍‌ଟ୍ରେନ୍)—ଅପ୍‌ଟ୍ରେନ୍ ( ଦେଖ )
Apgārdi Aptren ( See )
অপ্‌গাড়ি
अप्‌गाड़ि

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୬ | ଈ | ଊ | ରୁ | ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ୱ | ଜ୍ଞ |

**ଅପ୍‌ଟ୍ରେନ୍**—ଦେ. ବି. (ଇଂ ଅପ୍‌ଟ୍ରେନ୍)—ସେଉଁ ରେଲଗାଡ଼ି ଦୂରବର୍ତ୍ତୀ
Aptren ଷ୍ଟେସନରୁ ରେଲର କେନ୍ଦ୍ରିକ ବା ମୂଳ ଷ୍ଟେସନ
ଆପ୍‌ଟ୍ରେନ୍ ଆଡ଼କୁ ଯାଏ—Uptrain ( of railway ).
**ଅପ୍‌ଗାଡ଼ି**
(ଡାଉନ୍‌ଟ୍ରେନ୍—ବିପରୀତ )

**ଅପ**—ସଂ. ଉପସର୍ଗ. ( ଅ + ପା ଧାତୁ = ରକ୍ଷା କରିବା + ଅ )—
Apa ଶବ୍ଦର ପୂର୍ବରେ ଲାଗିଲେ ଏହା ନିମ୍ନଲିଖିତ ଅର୍ଥମାନ ବୁଝାଏ—
୧ । ନିକୃଷ୍ଟ; ଅଧମ; ନୀଚ ( ଯଥା—ଅପଘାତ; ଅପମୃତ୍ୟୁ )—
1. Curruption; badness.
୨ । ରହିତ; ବର୍ଜ୍ଜନ ( ଯଥା—ଅପମାନ )—
2. Separation; want.
୩ । ବିରୁଦ୍ଧ; ବିପରୀତ ( ଯଥା—ଅପଯଶ )—
3. Opposite,
୪ । କୁତ୍ସିତ ( ଯଥା—ଅପାଙ୍ଗ; ଅପାଙ୍ଗ; ଅପରୂପ )—
4. Deformed.
୫ । ଅନାଦର; ଅପକର୍ଷ ( ଯଥା—ଅପକର୍ମ )
5. Disrespect; undesirable.
୬ । ବିକୃତି ( ଯଥା—ଅପଚୟ )—
6. Curruption.
୭ । ନିର୍ଦ୍ଦେଶ ( ଯଥା—ଅପଦେଶ )—
7. Ascertainment.
୮ । ଚୌର୍ଯ୍ୟ ( ଯଥା—ଅପହରଣ )—8. Stealing.
୯ । ଅଧଃପ୍ରଦେଶ ( ଯଥା—ଅପାନ )—
9. Under; below; down-wards.
୧୦ । ଦୂରତ୍ୱ ( ଯଥା—ଅପଗତ )—
10. Away from; exclusion; distance.
୧୧ । ମିଥ୍ୟା ( ଯଥା—ଅପକଳଙ୍କ )—11. False.
୧୨ । ଅନିଷ୍ଟ ( ଯଥା—ଅପକାର )—12 Injury.
ଦେ. ବି. ପୁଂ—୧ । (ନାମ) ଅପର୍ତ୍ତିଆର ଡାକ ନାମ—
1. Name for calling Aparttiā.
୨ । ସ୍ତ୍ରୀ (ନାମ) ଅପ୍ସରାର ଡାକ ନାମ—
2. Name for calling Apsarā.
୩ । (ସଂ. ଅପ୍) ଜଳ; ପାଣି—3. Water.

ଅପ ବିକାରୁ ମହା ନାଦ, ସେ ପଞ୍ଚମାନ ସୁଣେ ଯୁତ ।
ଜଗନ୍ନାଥ. ଭାଗବତ ।

**ଅପକର୍ମ**—ସଂ. ବି ( ଅପ = ନିକୃଷ୍ଟ + କର୍ମ = କ୍ରିୟା )—
Apakarma ଦୁଷ୍କ୍ରିୟା; ଗର୍ହିତ କାର୍ଯ୍ୟ—Wicked act; unworthy action.

**ଅପକର୍ଷ**—ସଂ. ବି. ( ଅପ = ନୀଚ + କୃଷ ଧାତୁ = ଟାଣିବା + ଭାବ. ଅ)—
Apakarsha ୧ । ନିକୃଷ୍ଟତା; ନୀଚତା—1. Meanness.
୨ । ଅନ୍ୟାୟ୍ୟ ମତ—2. Wrong bias.
୩ । ଅବନତି, ବିଦ୍ୟମାନ ଧର୍ମର ଅପଚୟ—
3. Degeneration; deterioration.
୪ । ନୀଚବୃତ୍ତି—4. Evil tendency.

**ଅପକର୍ଷଣ**—ସଂ. ବି. ( ଅପ = ନିମ୍ନକୁ + କୃଷ ଧାତୁ = ଟାଣିବା + ଭାବ.
Apakarshaṇa ଅନ )—୧ । ମନ୍ଦ ଆଡ଼କୁ ଭୁଲାଇବା—
(ଆକର୍ଷଣ—ବିପରୀତ) 1. Enticing away from what is right.
୨ । ନିମ୍ନକୁ ଟାଣିବା—
2. The act of dragging down-wards.
୩ । ଅବନତି ଘଟାଇବା—
3. Degradation; seduction.

**ଅପକଳଙ୍କ**—ସଂ. ବି. ( ଅପ = ମିଥ୍ୟା + କଳଙ୍କ )—
Apakalaṅka ୧ । ମହାକଳଙ୍କ—
1. Deep strain; blot.
୨ । ବୃଥା ଅଭିଯୋଗ; ବୃଥା କଳଙ୍କାରୋପ—
False charge; gross libel.

**ଅପକାର**—ସଂ. ବି. ( ଅପ = ନିକୃଷ୍ଟ + କୃ ଧାତୁ = କରିବା + ଭାବ.
Apakāra ଅ )—୧ । ଅନିଷ୍ଟ; ହାନି—
1. Injury; mischief.
୨ । ଦ୍ୱେଷ; ଅମଙ୍ଗଳ—2. Evil; ill.

**ଅପକାରକ**—ସଂ. ବିଣ. ପୁଂ. (ଅପ = ଅନିଷ୍ଟ + କୃ ଧାତୁ = କରିବା +
Apakāraka କର୍ତ୍ତୃ. ଅକ)—ଅମଙ୍ଗଳକାରକ; ଅନିଷ୍ଟକାରୀ;
(ଅପକାରିକା—ସ୍ତ୍ରୀ) କ୍ଷତିକାରକ—Injurious; mischief-making; hurtful; mischievous.

**ଅପକାରୀ**—ସଂ. ବିଣ. ପୁଂ. ( ଅପ + କୃ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ. )—
Apakārī
( ଅପକାରିଣୀ—ସ୍ତ୍ରୀ ) ଅପକାରକ ( ଦେଖ )
( ଉପକାରୀ—ବିପରୀତ ) Apakāraka ( See )

**ଅପକୀରତି**—ଦେ. ପଦ୍ୟ. ବି—ଅପକୀର୍ତ୍ତି ( ଦେଖ )
Apakirati Apakirtti ( See )

ଅପକୀରତି ଭରୁ ଧ୍ରୁବଲୋକରେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଅପକୀର୍ତ୍ତି**—ସଂ. ବି. ( ଅପ = ବିରୁଦ୍ଧ; ବିପରୀତ + କୀର୍ତ୍ତି )—
Apakirtti ୧ । ଅପଯଶ—1. Ill fame.
୨ । ଦୁର୍ନାମ; ଅଖ୍ୟାତି—2. Bad name; infamy.

କିମ୍ପାଇଁ ନାମେ ସେ ହୋଇଲା ଅପଖ୍ୟାତି
ସାରଳା ମହାଭାରତ- ଦ୍ରୋଣ ।

୩ । କଳଙ୍କ—3. Disgrace.
୪ । ଅପବାଦ—4. Defamation.
୫ । ମନ୍ଦକର୍ମ; ଦୁଷ୍କର୍ମ—5 Bad activities.

**ଅପକୃତ**—ସଂ. ବିଣ. ( ଅପ = ନିକୃଷ୍ଟ + କୃ ଧାତୁ = କରିବା + କର୍ମ.
Apakṛuta ତ )—ଯାହାର ଅନିଷ୍ଟ କରାଯାଇଅଛି—
( ଅପକାର—ବି ) Harmed; injured; wronged.
ସଂ. ବି. ( ଅପ + କୃ ଧାତୁ + ଭାବ. ତ )—ଅପକାର—
Injury; mischief

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅପକୃତି**—ସଂ. ବି. (ଅପ=ଅନିଷ୍ଟ+କୃ ଧାତୁ=କରିବା+ଭାବ. ତି)—
Apakruti ୧ । ଅପକାର—1 Injury; harm.
୨ । ଅନିଷ୍ଟ—2. Mischief

**ଅପକୃଷ୍ଟ**—ସଂ. ବିଣ. (ଅପ=ନିମ୍ନକୁ+କୃଷ ଧାତୁ=ଟାଣିବା+କର୍ମ. ତ)—
Apakrushta ୧ । ଅଧମ—1. Bad.
(ଅପକୃଷ୍ଟତା—ବି) ୨ । ନିକୃଷ୍ଟ—2. Inferior.
୩ । ମାଠ—3. Course; gross; low.

**ଅପକୃଷ୍ଟତା**—ସଂ. ବି. (ଅପକୃଷ୍ଟ+ଭାବ. ତା)—
Apakrushtatā. ନିକୃଷ୍ଟତା—Inferiority; badness.

**ଅପକ୍ୱ**—ସଂ. ବିଣ (ଅ=ନୁହେ+ପକ୍ୱ)—
Apakwa ୧ । କଞ୍ଚା—1. Unripe.
୨ । ଅପରିଣତ—2. Immatured.
୩ । ଅରନ୍ଧା—3. Uncooked.
୪ । ଅସିଦ୍ଧ—4. Unboiled; badly cooked.

**ଅପକ୍ୱ (ଅନ୍ନ)**—ଦେ. ବି. (ଅପକ୍ୱ=ଅରନ୍ଧା+ଅନ୍ନ=ଖାଦ୍ୟ)—
Apakwa (anna) ୧ । ଯାହା ସିଝା ହୋଇ ନ ଥାଏ—
1. Unkooked.
୨ । ନିସଙ୍ଖୁଡ଼ି (ଖାଦ୍ୟ)—ଯାହା ପାଣିରେ ସିଝା ହୋଇ ନାହିଁ ଓ ଯହିଁରେ ଲୁଣ ପଡ଼ି ନାହିଁ—
"ବିନୋଦକେନ ଯତ୍ ପକ୍ୱଂ ଯତ୍ ପକ୍ୱଂ ଲବଣଂ ବିନା
ଅପକ୍ୱଂ ତତ୍ ବିଜାନୀୟାତ୍— କାଳସର୍ବସ୍ୱ,ତନ୍ତ୍ର ।
(ଯଥା—ଘୃତପକ୍ୱ; ତୈଳପକ୍ୱ; ମିଷ୍ଟାନ୍ନ ଓ ଭୁଗ ଅଦ)—
2. (the food) Cooked with water and unseasoned with salt.
୩ । ରନ୍ଧା ହୋଇ ନ ଥିବା (ଯଥା—ଚୂଡ଼ା)
3. Unboiled.

**ଅପକ୍ରମ**—ସଂ. ବି (ଅପ=ଦୂରକୁ+କ୍ରମ ଧାତୁ=ଯିବା+ଭାବ. ଅ)—
Apakrama ୧ । ପ୍ରସ୍ଥାନ—1. Retreat.
(ଆକ୍ରମଣ—ବିପରୀତ) ୨ । ପଳାୟନ—2. Flight.
(ଅପକ୍ରାନ୍ତ—ବିଣ)

**ଅପକ୍ରମଣ**—ସଂ. ବି (ଅପ+କ୍ରମ ଧାତୁ+ଭାବ. ଅନ)—
Apakramaṇa ଅପକ୍ରମ (ଦେଖ) Apakrama (See)

**ଅପକ୍ରାନ୍ତ**—ସଂ. ବିଣ (ଅପ=ଦୂରକୁ+କ୍ରମ ଧାତୁ ଯିବା+କର୍ତ୍ତୃ. ତ)—
Apakrānta ୧ । ଅପସୃତ—1. Removed.
(ଅପକ୍ରମ—ବି) ୨ । ପଳାୟିତ—2. Fled away.

**ଅପକିତି**—ଗ୍ରା. ବି. (ସଂ—ଅପକୀର୍ତ୍ତି)—
Apakriti ଅପକୀର୍ତ୍ତି (ଦେଖ)
অপকীর্ত্তি Apakirtti (See)
अपकीर्त्ति

**ଅପକ୍ରିୟା**—ସଂ. ବି. (ଅପ=ଅନିଷ୍ଟ+କ୍ରିୟା. କାର୍ଯ୍ୟ)—
Apakriyā ୧ । ଅପକାର—1. Injury.
୨ । ଦୁଷ୍କର୍ମ—2. Wicked act.
୩ । ନିଷିଦ୍ଧ କର୍ମ—3. Prohibited action.

**ଅପକ୍ରୋଶ**—ସଂ. ବି (ଅପ=ବିରୁଦ୍ଧାର୍ଥକ+କ୍ରୁଶ ଧାତୁ=କ୍ରୋଧ କରିବା
Apakrośa +ଭାବ. ଅ)—ନିନ୍ଦା; ଭର୍ତ୍ସନା—Censure.

**ଅପକ୍ଷ**—ସଂ. ବି (ବହୁବ୍ରୀହି; ନ+ପକ୍ଷ)—ପକ୍ଷହୀନ—
Apaksha Wingless.

**ଅପକ୍ଷପାତ**—ସଂ. ବି (ଅ=ନୁହେ+ପକ୍ଷପାତ)—
Apakshapāta କୌଣସି ପକ୍ଷ ନ ଧରିବା—Impartiality.
(ପକ୍ଷପାତ—ବିପରୀତ) ଦେ. ବିଣ—କୌଣସି ବ୍ୟକ୍ତିର ପକ୍ଷ ନେଇ ନ ଥିବା—Impartial; unbiased.

**ଅପକ୍ଷପାତିତା**—ସଂ. ବି (ଅପକ୍ଷପାତିନ୍+ଭାବ. ତା)—
Apakshapātitā କୌଣସି ପକ୍ଷ ଧରି ନ ଥିବା ଗୁଣ—Impartiality

**ଅପକ୍ଷପାତୀ**—ସଂ. ବିଣ. ପୁଂ (କ=ପକ୍ଷପାତିନ୍—୧ମା. ୧ବ)—
Apakshapātī ଯେ ଏକ ପକ୍ଷର ସହାୟତା କରେ ନାହିଁ;
(ଅପକ୍ଷପାତିନୀ—ସ୍ତ୍ରୀ) ଯଥାର୍ଥବାଦୀ—Impartial.

**ଅପକ୍ଷରା**—ଗ୍ରା. ବି. ସ୍ତ୍ରୀ (ସଂ—ଅପ୍ସରା)—
Apaksharā
অপ্সরা ଅପ୍ସରା (ଦେଖ)
अप्सरा Apsarā (See)

**ଅପକ୍ଷରୀ**—ଗ୍ରା. ବି—ସ୍ତ୍ରୀ. (ସଂ—ଅପ୍ସରା)—
Apksharī ଅପ୍ସରା (ଦେଖ)—
अप्सरी Apsarā (See).
অপ্সরী

**ଅପକ୍ଷା**—ଦେ. ପଦ୍ୟ. ବିଣ. (ସଂ. ଅପକ୍ଷପାତ)—ଅପକ୍ଷପାତ (ଦେଖ)
Apakshā Apakshapāta (See)
ଧର୍ମ ଅର୍ଥ ଦୁହିଁକର ଏ କଥା କକ୍ଷ
ମହୋଦଧି ମେଘ ପରାୟେ ଯେ ଅପକ୍ଷା ।
କୃଷ୍ଣସିଂହ. ମହାଭାରତ—ବନ ।

**ଅପକ୍ଷାତ**—ଗ୍ରା. ବିଣ. (ସଂ. ଅପଖ୍ୟାତ)—ଅପଖ୍ୟାତ (ଦେଖ)—
Apakshāta Apakhyāta (See).

**ଅପକ୍ଷାତି**—ଗ୍ରା. ବି (ସଂ.—ଅପଖ୍ୟାତି)—
Apakshāti ଅପଖ୍ୟାତି (ଦେଖ)—
অখ্যাতি Apakhyāti (See).

**ଅପଖା ( ଚୁଲି )**—ଦେ. ବିଣ. (ଯେଉଁ ଚୁଲିରେ ପଖା ବା ମୁହଁ ନାହିଁ)—
Apakhā ( chuli ) ୧ । ଅମୁହାଁ ( ଚୁଲି )—
1. (oven) Without a side-mouth.
୨ । ଏକମୁହାଁ ( ଚୁଲି )—
2. One-roomed ( oven ).

**ଅପଖ୍ୟାତ**—ସଂ. ବିଣ. ପୁଂ ( ଅପ+ଖ୍ୟା ଧାତୁ+କର୍ମ. ତ)—
Apakhyāta ୧ । ନିନ୍ଦିତ—1. Blamed.
(ଅପଖ୍ୟାତା—ସ୍ତ୍ରୀ) ୨ । ଅପବାଦଗ୍ରସ୍ତ—2. Defamed.
(ଅପଖ୍ୟାତି—ବି)

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତୁ |

**ଅପଖ୍ୟାତି**—ସଂ. ବି. ( ଅପ + ଖ୍ୟାତି )—
Apakhyāti ୧ । ନିନ୍ଦା—1. Blame.
୨ । ଅପବାଦ—2. Disrespect.
୩ । ଅଖ୍ୟାତି—3. Scandal.

**ଅପଗତ**—ସଂ. ବିଣ. (ଅପ=ଦୂରକୁ + ଗମ ଧାତୁ=ଯିବା + କର୍ତ୍ତୃ. ତ)—
Apagata ୧ । ପ୍ରସ୍ଥିତ—1. Gone away.
(ଉପଗତ—ବିପରୀତ ୨ । ପଳାୟିତ—2. Departed.
ଆଗମ—ବି) ୩ । ଅପସୃତ—3. Removed.
୪ । ଚଳିତ; ମୃତ—4. Disappeared; dead.

**ଅପଗମ**—ସଂ. ବି. ( ଅପ=ଦୂରକୁ + ଗମ ଧାତୁ=ଯିବା + ଭାବ. ଅ )
Apagama ୧ । ବିନାଶ—1. Destruction.
ଉପଗମ } ବିପରୀତ ୨ । ପ୍ରସ୍ଥାନ—2. Disappearance.
ଆଗମ } ୩ । ପଳାୟନ—3 Removal
୪ । ନିର୍ଗମ—4. Exit.
୫ । ମୃତ୍ୟୁ—5. Death.

**ଅପଗମନ**—ସଂ. ବି ( ଅପ + ଗମ ଧାତୁ + ଭାବ. ଅନ )—
Apagamana ଅପଗମ ( ଦେଖ )—
Apagama ( See ).

**ଅପଗା**—ସଂ. ବି. ସ୍ତ୍ରୀ. ( ଅପ=ନିମ୍ନକୁ + ଗମ ଧାତୁ=ଯିବା + ଅ + ସ୍ତ୍ରୀ.
Apagā ଆ )—ନିମ୍ନଗା; ନଦୀ—River.

**ଅପଗୁରୁ**—ସଂ. ବି. ( ଅପ=ନିନ୍ଦିତ + ଗୁରୁ )—କୁ ଗୁରୁ—
Apaguru Bad preceptor.
ଅପଗୁରୁ ଅବା ଅପଶିଷ୍ୟ ନ ଜାଣଇ ।
ପ୍ରାଚୀ—ଗୁରୁଭକ୍ତି ଗୀତା ।

**ଅପଘନ**—ସଂ. ବି. ( ଅପ=ନଷ୍ଟ ହେବା + ହନ ଧାତୁ + କର୍ମ. ଅ )—
Apaghana ୧ । ଦେହ; ଶରୀର—1. Body.
୨ । ( ଅପ=ଦୂରୀଭୂତ + ଘନ=ମେଘ )—ଶରତ୍‌କାଳ—
2. Autumn.
୩ । ସୀମା—3. Limit.
ସଂ. ବିଣ. ( ବହୁବ୍ରୀହି; ଅପ=ଅପଗତ ହୋଇଥିବା + ଘନ
=ମେଘ)—ମେଘହୀନ; ନିର୍ମେଘ—Cloudless.

**ଅପଘାତ**—ସଂ. ବି (ଅପ + ହନ ଧାତୁ=ବିନାଶ କରିବା + ଭାବ. ତ)—
Apaghāta ୧ । ଅକସ୍ମାତ୍ ମାରକ ଘଟଣା; ଅକାଳମୃତ୍ୟୁ ଘଟାଇବା
ଘଟନା—1. Fatal accident.
୨ । ଅକସ୍ମାତ୍ ମୃତ୍ୟୁ—2. Accidental death.
୩ । ମରିବା ସମୟ ପୂର୍ବରୁ ମରଣ—
3. Untimely death.
୪ । ହତ୍ୟା—4. Murder.
କ୍ରୋଧରେ ଅପଘାତ ଅପ୍ରୀତ ନ କରିବ । ସାରଳା ମହାଭାରତ. ଆଦି ।

**ଅପଘିଞ୍ଚା**—ପ୍ରାଦେ. (ଗଞ୍ଜାମ). ବି—କୌଣସି ବସ୍ତୁକୁ କାହାଠାରୁ ନେଇ
Apaghiñchā ପୁନର୍ବାର ଫେରାଇ ଦେବା—
The act of returning something received.

**ଅପଘୃଣ**—ସଂ. ବିଣ. ପୁଂ. ( ଅପ=ଦୂରୀକୃତ + ଘୃଣା=ଦୟା; ଲଜ୍ଜା;
Apaghruṇa ଘୃଣା )—୧ । ନିର୍ଦ୍ଦୟ—1. Unkind; cruel.
(ଅପଘୃଣା—ସ୍ତ୍ରୀ) ୨ । ନିର୍ଲଜ୍ଜ—2. Devoid of shame.
୩ । ନିର୍ଘୃଣ—3. Having no hatred.

**ଅପଚୟ**—ସଂ. ବି. (ଅପ=ବିକୃତାର୍ଥ + ଚି ଧାତୁ=ଚୟନ କରିବା + ଭାବ.
Apachaya ଅ )—୧ । ହାନି; କ୍ଷତି—1. Loss.
ବନକୁ ପେଶିଲ ବାଳୁଁ ଏଥି ବସା କଲୁ
କେବେହେଁ ଏଥିରେ ଅପଚୟ ନ ପାଇଲୁ । ସାରଳା ମହାଭାରତ. ମଧ୍ୟ ।
୨ । ନାଶ—2. Destruction.
(ସଞ୍ଚୟ—ବିପରୀତ) ୩ । କ୍ଷୟ; ବ୍ୟୟ; ବୃଥାବ୍ୟୟ—3. Waste.
ପୂର୍ବ କର୍ମ ବଶେ ମୋର ହୋଇଲା ଅପଚୟ । ସାରଳା ମହାଭାରତ. ବନ୍ଧ ।
୪ । ହ୍ରାସ; କମିଯିବା—4. Diminution; decrease.

**ଅପଚାୟିତ**—ସଂ. ବିଣ. (ଅପ + ଚାୟ ଧାତୁ=ପୂଜା କରିବା + କର୍ମ. ତ)—
Apachāyita ୧ । ପୂଜିତ—1. Worshipped.
୨ । ଶାଣିତ—2. Whetted.
୩ । ( ଅପ + ଚି ଧାତୁ. ଣିଚ୍ + ତ )—ଅପବ୍ୟୟିତ—
3. Wasted; dissipated.

**ଅପଚାର**—ସଂ. ବି. ( ଅପ + ଚର ଧାତୁ + ଭାବ. ଅ )—
Apachāra ୧ । ସ୍ୱଧର୍ମଲଙ୍ଘନ—1. Violation of one's
(ଉପଚାର—ବିପରୀତ) religious bents.
୨ । ଅତ୍ୟାଚାର; ଅତ୍ୟାଚାର—2. Oppression.
୩ । ଅପଥ୍ୟ ଗ୍ରହଣ—
3. Taking prohibited things.
୪ । ଅଜୀର୍ଣ୍ଣ ରୋଗ; ଭକ୍ଷିତ ବସ୍ତୁ ଜୀର୍ଣ୍ଣ ନ ହେଲେ ପାତଳା
ଝାଡ଼ା ହୋଇ ଉଦରରେ ଜନ୍ମିବା ରୋଗ—
4. Dyspepsia; indigestion; looseness of bowels.
୫ । ଅବିନୟ—5. Want of humility.

**ଅପଚିକୀର୍ଷା**—ସଂ. ବି. ( ଅପ=ଅନିଷ୍ଟ + କୃ ଧାତୁ=କରିବା + ଇଚ୍ଛାର୍ଥ.
Apachikīrshā ସନ୍; ଭାବ. ଆ)—ଅପକାର କରିବାର ଇଚ୍ଛା—
Desire to injure another person.

**ଅପଚିକୀର୍ଷୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ଅପ + କୃ ଧାତୁ + କର୍ତ୍ତୃ. ସନନ୍ତ. ଉ)—
Apachikīrshu ପରର ଅପକାର କରିବା ପାଇଁ ଇଚ୍ଛୁକ—
(ଉପଚିକୀର୍ଷୁ—ବିପରୀତ) Bent on injuring another person.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୂଚତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅପଚିତ**—ସଂ. ବିଣ. ( ଅପ=ବିକୃତ୍ୟର୍ଥକ+ଚି ଧାତୁ=ଚୟନ କରିବା
Apachita +କର୍ମ. ତ )—୧ । ବ୍ୟୟିତ; ଯେଉଁ ବସ୍ତୁର ହ୍ରାସ (ଅପଚିତି—ବି) ଘଟିଅଛି—1. Deteriorated.
୨ । କ୍ଷୀଣ—2. Spent up; thinned.
୩ । ( ଅପ+ଚାୟ୍ ଧାତୁ=ପୂଜା କରିବା+କର୍ମ. ତ )—
ପୂଜିତ—3. Worshipped.
୪ । ଅପବ୍ୟୟିତ—4. Wasted; squandered away.
୫ । ବିନଷ୍ଟ—5. Lost; destroyed.

**ଅପଚିତି**—ସଂ. ବି. ( ଅପ+ଚି ଧାତୁ=ଚୟନ କରିବା+ଭାବ. ତି )—
Apachiti ୧ । କ୍ଷୟ; ବ୍ୟୟ—1. Waste; dissipation.
୨ । ଅପବ୍ୟୟ ( ଦେଖ )
2. Apabyaya ( See )
୩ । ( ଅପ+ଚାୟ୍ ଧାତୁ=ପୂଜା କରିବା+ଭାବ. ତି )—
ପୂଜା—3. Worship.
୪ । ମରୀଚି ଋଷିଙ୍କ କନ୍ୟା—4. The daughter of the sage Marichi.

**ଅପଚ୍ଛାୟ**—ସଂ. ବିଣ. ( ବହୁବ୍ରୀହି; ଅପ=ଲୁପ୍ତ ହେବା+ଛାୟା )—
Apachchhāya ଛାୟାବିହୀନ—Shadowless.

**ଅପଚ୍ଛାୟା**—ସଂ. ବି. ( ଅପ=ହୀନ+ଛାୟା )—
Apachchhāyā ଛାୟାରୂପ; ଭୂତପ୍ରେତାଦି—
Apparition; phantom.

**ଅପଛ**—ଦେ. ବିଣ.—୧ । ଅତି ନଗଣ୍ୟ (ବସ୍ତୁ); ମୂଲ୍ୟହୀନ (ପଦାର୍ଥ)—
Apachha 1. Despicable or valueless. (things).
অচ্ছুৎ
अछूत (ଯଥା—ଅପଛକୁ ସୁନା, ନୂପଛକୁ କନା ମାଠିକୁ ଭଚ କଉଚ ।)
୨ । ଅତି ନୀଚ (ବ୍ୟକ୍ତି)—
2. Very low or mean ( person).

**ଅପଛ ଜାତି**—ଗ୍ରା. ବି—ଅସ୍ପୃଶ୍ୟ ଜାତି—
Apachha jāti Untouchable caste
অচ্ছুৎ জাতি
अछूत जात

**ଅପଛରା**—ଗ୍ରା. ବି. ସ୍ତ୍ରୀ. ( ସଂ. ଅପ୍ସରା )—ଅପ୍ସରା ( ଦେଖ )
Apachharā Apsarā ( See )
अपछरा ଅଣ୍ଟ ଅପଛରା ସେନ କ ନସବ। ମଦନପୂଜାକୁ ଜାଣେ ।
ଗ୍ରନ.ପ. ଷଷ୍ଠିସେଣ ।

**ଅପଛରି**—ଗ୍ରା. ବି. ସ୍ତ୍ରୀ. (ସଂ. ଅପ୍ସରା)—ଅପ୍ସରା ( ଦେଖ )
Apachhari Apsarā ( See )

**ଅପଛେରା**—ଗ୍ରା. ବି. ( ସଂ. ଅପ୍ସରା )—ଅପ୍ସରା ( ଦେଖ )
Apachherā Apsarā ( See )

**ଅପଛେରି**—ଗ୍ରା. ବି. ( ସଂ. ଅପ୍ସରା )—ଅପ୍ସରା ( ଦେଖ )
Apachheri Apsarā ( See )

**ଅପଜା**—ଦେ. ବିଣ—ପଜା ହୋଇ ନ ଥିବା—
Apajā Unwhetted.
যে অস্ত্রে সান দেওয়া হয় নাই
धारघरा नेइ हुआ

**ଅପଟ୍**—ପ୍ରାଦେ. (ସମ୍ବଲପୁର) ବିଣ—ନିପଟ; ନିତାନ୍ତ—Very.
Apaṭ ( ଯଥା—ଅପଟ୍ ଗଧା । )
আকাট্

**ଅପଟାନ୍ତର**—ସଂ.ବିଣ. (ଅ=ନୁହେ+ପଟ=ବସ୍ତ୍ର+ଅନ୍ତର=ବ୍ୟବଧାନ)—
Apaṭāntara ୧ । ସଂଲଗ୍ନ; ଅବ୍ୟବହିତ—1. Very near.
୨ । (ଅ=ନୁହେ+ପଟ=ଚିତ୍ରପଟ+ଅନ୍ତର=ବ୍ୟବଧାନ)—
ଯାହାର ପଟାନ୍ତର ବା ଉପମା ନାହିଁ; ନିରୁପମ—
2. Incomparable.

**ଅପଟୀ**—ସଂ. ବି. (ଅ=ନୁହେ+ପଟ୍ ଧାତୁ=ଗମନ କରିବା+ସ୍ତ୍ରୀ. ଈ)—
Apaṭī (ମଝିରେ ବ୍ୟବଧାନ ଥିବାରୁ)—ଯେ ଗମନ କରାଇ ଦିଏ ନାହିଁ; ବସ୍ତ୍ରାବରଣ; ପର୍ଦ୍ଦା; ଯବନିକା—Screen; wall of cloth; a cloth-partition.

**ଅପଟୀକ୍ଷେପ**—ସଂ. ବି. ( ଅ=ନୁହେ+ପଟୀ=ପର୍ଦ୍ଦା+କ୍ଷେପ=ପଡ଼ିବା
Apaṭikshepa ବା ଅପଟୀ=ପର୍ଦ୍ଦା+କ୍ଷେପ=ଅପସାରଣ )—
ପର୍ଦ୍ଦାକୁ ଅପେକ୍ଷା ନ କରି ରଙ୍ଗମଞ୍ଚରେ ଉପସ୍ଥିତି —
(Lit. The tossing aside of the curtains) Precipitate entrance of an actor on the stage without the fall of curtain or drop scene; a sudden appearance of an actor on the stage.

**ଅପଟୁ**—ସଂ. ବିଣ. ( ଅ=ନୁହେ+ପଟୁ=ସମର୍ଥ )—
Apaṭu ୧ । ଅସମର୍ଥ—
( ଅପଟୁତା—ବି ) 1. Unskilled; awkward.
( ସୁପଟୁ—ବିପରୀତ ) ୨ । ଅଶକ୍ତ; ଅକ୍ଷମ—2 Incapable.
୩ । ଅସୁସ୍ଥ—3. Sick.
୪ । ଅଯୋଗ୍ୟ—Incompetent;unfit.

**ଅପଡ଼**—ଦେ. ବି—୧ । ବିରୋଧ—1. Opposition.
Apaṛda ୨ । ଶତ୍ରୁତା—2. Enmity; bad terms ( between two persons ).
অপড়
अपड़ ଶୁଣାଯାଏ ପୁଅମାନେ ବହୁ ଉତ୍ପାତ ଦେବାରୁ ବାପ ପୁଅଙ୍କର ଅପଡ଼—
ଫକୀରମୋହନ- ଛମାଣ ଆଠଗୁଣ୍ଠ ।
ଦେ. ବିଣ—୧ । ବିରୋଧୀ—1. Inimical
୨ । ପତନରହିତ; ସ୍ଥାୟୀ—2. Not collapsing.
୩ । ଯାହା ପଡ଼ିଯିବାର ସମ୍ଭାବନା ନାହିଁ—
3. Not liable to fall down.

**ଅପଡ଼ାପୃଥିବୀ**—ଦେ. ବି—ଅପୋଡ଼ାପୃଥିବୀ ( ଦେଖ )
Apaṛdāpruthibi Aporḍāpruthibī ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | [illegible] | [illegible] | [illegible] |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ତଁ୍ୟ | ଇଅ | ● | ନ୍ତୁ |

**ଅପଢୁଆ**—ଗ୍ରା. ବିଣ—( ସଂ. ଅପଠିତ )—
Apardhuā ଅଶିକ୍ଷିତ; ଯେ କିଛି ପଢ଼ି ନାହିଁ—
মূর্খ Uneducated; unlettered.
अपढ़

**ଅପଣା**—ଦେ. ବିଣ—ଯାହା (ଶସ୍ୟାଦି) ଢିଙ୍କି ମୁହଁରେ ଗଦା କରାଯାଇ
Apaṇā ନ ଥାଏ—Not collected or heaped in the husking pit ( for being husked by the husking jack ).
( ଯଥା—ଅପଣା ଧାନ ।)

**ଅପଣ୍ଡିତ**—ସଂ. ବିଣ. ( ଅ=ନୁହେ+ପଣ୍ଡିତ=ବିଦ୍ୱାନ୍ )–ଅବିଦ୍ୱାନ୍;
Apaṇḍita ମୂର୍ଖ; ବିଦ୍ୟାଶୂନ୍ୟ—Not learned; ignorant; illiterate.
ମୂର୍ଖ ମୂଢ଼ ମୂର୍ଖ ଜନ ଶୂଦ୍ର ଅପଣ୍ଡିତ—ଜାଇକାମହାଭାରତ, ବନପର୍ବ ।

**ଅପତନ୍ତ୍ରକ**—ସଂ. ବି. ( ଅପ+ତନ୍ତ୍ର+କ )—ମୃଗୀ ରୋଗ; ମୂର୍ଚ୍ଛା ରୋଗ;
Apatantraka ବାତରୋଗବିଶେଷ; ଅପସ୍ମାର ରୋଗ—
Apoplectic fit; fit of apoplexy.

**ଅପତାନକ**—ସଂ. ବି. (ଅପ+ତନ+କର୍ତ୍ତୃ. ଅକ)—ବାତରୋଗବିଶେଷ—
Apatānaka Hysteric fit; hysteria.

**ଅପତିଆଣି**—ଗ୍ରା. ବିଣ—(ଯାହାର ଉପର ସ୍ୱାମୀ ବା ଭଉଣୀ ମରିଥାନ୍ତି)—
Apatiāṇi ଅପର୍ତ୍ତିଆଣୀ ( ଦେଖ )—Aparttiāṇi ( See ).

**ଅପତିଆନ**—ଗ୍ରା. ବି—ଅପତିଆରା ( ଦେଖ )
Apatiāna Apatiārā ( See )

**ଅପତିଆରା**—ଦେ. ବି. ( ସଂ. ଅପ୍ରତ୍ୟୟ )—ଅବିଶ୍ୱାସ—
Apatiārā Want of confidence or credit.
অপ্রত্যয়
बेपतियारा

**ଅପତିଷ୍ଠା**—ଗ୍ରା. ବିଣ. ( ସଂ. ଅପ୍ରତିଷ୍ଠା )—ଅପ୍ରତିଷ୍ଠା ( ଦେଖ )
Apatishṭhā Apratishṭhā ( See )
অপ্রতিষ্ঠা

**ଅପତ୍ୟ**—ସଂ. ବି. ( ଅ=ନୁହେ+ପତ ଧାତୁ=ପତିତ ହେବା+
Apatya କରଣ. ଯ )—୧ । ବଂଶଧର ( ଯାହା ଯୋଗୁଁ ବଂଶ ପତିତ ହୁଏ ନାହିଁ ବା ରକ୍ଷା ପାଏ)—1. Progeny
୨ । ସନ୍ତାନ; ସନ୍ତତି; ପୁଅଝିଅ—
2. Offspring; child.

**ଅପତ୍ୟଦା**—ସଂ. ବି. ସ୍ତ୍ରୀ. ( ଅପତ୍ୟ=ସନ୍ତାନ+ଦା ଧାତୁ=ଦେବା
Apatyadā +ଅ+ସ୍ତ୍ରୀ. ଆ )—
୧ । ( ଯେ ଅପତ୍ୟ ଦାନ କରେ ) ଗର୍ଭଧାରିଣୀ ସ୍ତ୍ରୀ—
1. Pregnant woman.
୨ । ବୃକ୍ଷବିଶେଷ—2. A tree.

**ଅପତ୍ୟାଣି**—ଗ୍ରା. ବିଣ—ଅପର୍ତ୍ତିଆଣି ( ଦେଖ )
Apatyāṇi Aparttiāṇi ( See )
ଅପତ୍ୟାଣି ବୋଲି ମୁଁ ବଞ୍ଚିଲି ନାକ କାନ—ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଅପତ୍ୟାରା**—ଗ୍ରା. ବି—ଅପତିଆରା ( ଦେଖ )
Apatyārā Apatiārā ( See )

**ଅପତ୍ରପ**—ସଂ. ବିଣ. ପୁଂ (ବହୁବ୍ରୀହି; ଅପ=ଅପଗତ ହୋଇଅଛି+ତ୍ରପା
Apatrapa =ଲଜ୍ଜା)—୧ । ଯାହାଠାରୁ ଲଜ୍ଜା ଦୂର ହୋଇଅଛି;
(ଅପତ୍ରପା—ସ୍ତ୍ରୀ) ନିର୍ଲ୍ଲଜ୍ଜ—1. Shameless; immodest.

**ଅପତ୍ରପା**—ସଂ. ବିଣ. ସ୍ତ୍ରୀ—ଅପତ୍ରପର ସ୍ତ୍ରୀଲିଙ୍ଗ—Feminine of
Apatrapā Apatrapa.
ସଂ. ବି (ଅପ=ଅନ୍ୟ ଠାରୁ ବା ଅନ୍ୟ ବ୍ୟକ୍ତିଙ୍କୁ ଅପେକ୍ଷା କରି+
ତ୍ରପା=ଲଜ୍ଜା)—୧ । ଅନ୍ୟଙ୍କୁ ଦେଖି ଲଜ୍ଜା—
1. Bashfulness; coyness.
୨ । ଧୃଷ୍ଟତା—2. Impertinence.

**ଅପତ୍ରପିଷ୍ଣୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ.(ଅପ+ତ୍ରପ ଧାତୁ+ଶୀଳାର୍ଥ. ଇଷ୍ଣୁ)-
Apatrapishṇu ସ୍ୱଭାବତଃ ଲଜ୍ଜାଶୀଳ—Bashful; coy.

**ଅପଥ**—ସଂ. ବି—୧ । ( ଅ=ମନ୍ଦ+ପଥ=ବାଟ )—କୁପଥ; ଅସତ୍
Apatha ମାର୍ଗ—1. Bad or evil path.
୨ । (ଅ=ନୁହେ+ପଥ)—ଯାହା ବାଟ ନୁହେ; ଅବାଟ—
2. No road; absence of path.
ସଂ. ବିଣ (ଅ=ନାହିଁ+ପଥ; ଯହିଁର ପଥ ନାହିଁ)—ପଥଶୂନ୍ୟ—
Pathless.

**ଅପଥି**—ଦେ. ବିଣ (ସଂ. ଅପଥ୍ୟ)—ଅସ୍ୱାସ୍ଥ୍ୟକର (ଖାଦ୍ୟ)—
Apathi Unwholesome (food)
অপথি; কুপথি ସଂ. ବି.—ଅସ୍ୱାସ୍ଥ୍ୟକର ଖାଦ୍ୟ—
बेपरहेज Unwholesome diet; unsuitable diet.

**ଅପଥୁକି**—ଦେ. ବିଣ—ଅନନୁଭବୀ—Inexperienced.
Apatnuki
অনভ্যস্ত
अनाड़ी

**ଅପଥି କରିବା**—ଦେ. କ୍ରି ( ସଂ. ଅପଥ୍ୟ)—ରୋଗ ସମୟରେ ବା ପରେ
Apathi karibā ଅପଥ୍ୟ ବା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା—
অপথ্য খাওয়া To take unwholesome diet
बेपरहेजकरना during or after illness.

**ଅପଥ୍ୟ**—ସଂ. ବିଣ ( ଅ=ନୁହେ+ପଥ୍ୟ=ଖାଦ୍ୟ )—୧ । ଅସ୍ୱାସ୍ଥ୍ୟକର
Apathya ଖାଦ୍ୟ—1. Unwholesome (diet)
୨ । ଯାହା ରୋଗୀର ଦେହରେ ଯାଏ ନାହିଁ (ଖାଦ୍ୟ)—
2 Unsuitable (diet)
ସଂ.ବି—ଅସ୍ୱାସ୍ଥ୍ୟକର ଖାଦ୍ୟ—1. Unwholesome diet.

**ଅପଦ**—ସଂ. ବିଣ (ବହୁବ୍ରୀହି; ଅ=ନାହିଁ+ପଦ=ଗୋଡ଼)—
Apada ୧ । ପଦ-ବିହୀନ—1. Footless; without legs.
୨ । ପଦବୀ-ବିହୀନ—2 Titleless.

**ଅପଦଛ**—ଗ୍ରା. ବି. (ସଂ. ଅପଯଶଃ)—ଅପଯଶ; ଦୁର୍ନାମ—
Apadachha Bad name; scandal.
অপযশ
अपजस

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅପଦସ୍ଥ**—ସଂ. ବିଣ. ପୁଂ (ଅ=ନୂହେ+ପଦସ୍ଥ=ପଦବୀଯୁକ୍ତ; ମର୍ଯ୍ୟାଦାଯୁକ୍ତ)—
Apadastha ୧ । କର୍ମଚ୍ୟୁତ—1. Out of one's
(ଅପଦସ୍ଥା—ସ୍ତ୍ରୀ) place; removed from one's office; deposed.
୨ । ଅସମ୍ମାନିତ—2. Insulted; dishonoured.
୩ । ପରାଜିତ—3. Vanquished. discomfited.
୪ । ଅନାଦୃତ—4 Slighted.

**ଅପଦାନ**—ସଂ. ବି (ଅପ+ଦା ଧାତୁ+କର୍ମ. ଅନ)—ଅନୁଷ୍ଠିତ କର୍ମ—
Apadāna Undertaken work.

**ଅପଦାନ୍ତର**—ସଂ. ବିଣ ( ଅ=ନୂହେ+ପଦ=ସ୍ଥାନ+ଅନ୍ତର=ବ୍ୟବଧାନ )—ଅବ୍ୟବହିତ; ସଂଯୁକ୍ତ—
Apadāntara Very closely connected.

**ଅପଦାର୍ଥ**—ସଂ. ବି. (ଅ=ହୀନ+ପଦାର୍ଥ=ବସ୍ତୁ)—ଅଯୋଗ୍ୟ ବସ୍ତୁ—
Apadārtha Nonentity; worthless thing.
ଦେ. ବି.—ଅମନୁଷ୍ୟ; ଅଯୋଗ୍ୟ—A worthless chap.
ସଂ. ବିଣ. (ବହୁବ୍ରୀହି; ଅ=ଅଭାବ+ପଦାର୍ଥ)—
୧ । ଅସାର—1. Unsubstantial.
୨ । ଅକର୍ମଣ୍ୟ; ନିକୃଷ୍ଟ—Worthless; good for nothing.

**ଅପଦିଶ**—ସଂ. ବି. (ଅପ=ମଧ୍ୟ+ଦିଶ=ଦିଗ)—ଦୁଇ ଦିଗର ମଧ୍ୟସ୍ଥଳ;
Apadisa ବିଦିକ୍; ବିକୋଣ (ଅଗ୍ନି, ଈଶାନ, ବାୟୁ, ନୈର୍ଋତ)—
Intermediate point of the compass. (e.g. South-east; South-west; North-east and North-west.)

**ଅପଦେବତା**—ସଂ. ବି. (ଅପ=ହୀନ+ଦେବତା)—
Apadebatā ୧ । ଭୂତପ୍ରେତାଦି; ଭୌତିକ ଜୀବ—
1. Ghost; apparition; goblin.
୨ । ଅପୂଜ୍ୟଦେବତା—Unworshipped idols; deities of the woods.

**ଅପଦେଶ**—ସଂ. ବି. (ଅପ=ଅପକୃଷ୍ଟ+ଦିଶ+କରଣ. ଅ)—
Apadesa ୧ । ବ୍ୟପଦେଶ; ଛଳ; ବ୍ୟାଜ—
1. Pretext; disguise.
୨ । ଚିହ୍ନ—2. Mark; sign
୩ । ନାମ—3. Name.
୪ । ନିମିତ୍ତ—4. Cause; occasion.
୫ । ଲକ୍ଷ—5. Aim.
୬ । ମନ୍ଦ ସ୍ଥାନ—6. Bad place.

**ଅପଦ୍ରବ୍ୟ**—ସଂ. ବି. (ଅପ=ନିକୃଷ୍ଟ+ଦ୍ରବ୍ୟ)—ଖରାପ ପଦାର୍ଥ—
Apadrabya Bad thing.

**ଅପଧ୍ୱଂସ**—ସଂ. ବି. ( ଅପ+ଧ୍ୱଂସ+ଭାବ. ଅ )—
Apadhwamsa ୧ । ଧିକ୍କାର—1. Reproach.
( ଅପଧ୍ୱସ୍ତ—ବିଣ ) ୨ । ସମ୍ପୂର୍ଣ୍ଣ ବିନାଶ—
2. Complete destruction.
୩ । ନିନ୍ଦା; ଅପମାନ—3. Disgrace.
୪ । ତ୍ୟାଗ—Desertion; abandonment.
୫ । ଅପଘାତ—5. Accident.

**ଅପଧ୍ୱସ୍ତ**—ସଂ. ବିଣ. ( ଅପ+ଧ୍ୱଂସ୍ ଧାତୁ+କର୍ମ. ତ )—
Apadhwasta ୧ । ଧିକ୍କୃତ; ନିନ୍ଦିତ—1. Disgraced; cursed.
( ଅପଧ୍ୱଂସ—ବି )
୨ । ତ୍ୟକ୍ତ—2. Abandoned.
୩ । ଚୂର୍ଣ୍ଣିତ—3. Completely destroyed; crushed.
୪ । ପତିତ—4. Fallen.

**ଅପଧ୍ୟାନ**—ସଂ. ବି. ( ଅପ=ଅମଙ୍ଗଳ+ଧ୍ୟାନ=ଚିନ୍ତା )—
Apadhyāna ୧ । ଅମଙ୍ଗଳ ଚିନ୍ତା—1. Bad thought.
୨ । ଦୁଷ୍ଟାଭିପ୍ରାୟ—2. Evil intention.

**ଅପନୟ**—ସଂ. ବି ( ଅପ+ନୀ ଧାତୁ+ଭାବ. ଅ )—
Apanaya ଅପନୟନ ( ଦେଖ )—
Apanayana ( See ).

**ଅପନୟନ**—ସଂ. ବି. ( ଅପ+ନୀ ଧାତୁ+ଭାବ. ଅନ )—
Apanayana ୧ । ଅପହରଣ; ଦୂରୀକରଣ—
(ଅପନୀତ—ବିଣ) 1. Expulsion; removal.
୨ । ପରିତ୍ୟାଗ—2. Abandonment.
୩ । ନିରାକରଣ—3. Obliteration,
୪ । ପ୍ରମାର୍ଜନ—4. Sweeping away.
୫ । ଅପହରଣ—5. Taking away.

**ଅପନୀତ**—ସଂ. ବିଣ. ( ଅପ+ନୀ ଧାତୁ+କର୍ମ. ତ )—
Apanīta ୧ । ତ୍ୟକ୍ତ; ଦୂରୀକୃତ; ଅପସାରିତ—
1 Removed; obliterated.
୨ । ଅପହୃତ—2. Stolen.
୩ । ଖଣ୍ଡିତ—3. Cut into pieces.
୪ । ନିରାକୃତ—4. Dispelled; refuted.
୫ । ନିବାରିତ—5. Prevented
୬ । ପ୍ରମାର୍ଜିତ—6. Swept away.

**ଅପନୋଦ**—ସଂ. ବି. (ଅପ+ନୁଦ ଧାତୁ+ଭାବ ଅ )—
Apanoda ଅପନୋଦନ ( ଦେଖ )—
Apanodana ( See ).

**ଅପନୋଦନ**—ସଂ. ବି. ( ଅପ+ନୁଦ ଧାତୁ+ଭାବ. ଅନ )—
Apanodana ୧ । ଖଣ୍ଡନ; ଦୂରୀକରଣ—1. Removal
୨ । ନିରାକରଣ; ନିବାରଣ—2. Obliteration.
୩ । ହରଣ—3. Alleviation.
୪ । ଉପଶମନ—4. Assuaging.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ଁ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଙ | ହ୍ନ |

**ଅପନ୍ତରା**—ଦେ ବଣ. ( ସଂ. ପ୍ରାନ୍ତର )—୧ । ଅତି ବିସ୍ତୃତ—
Apantarā Boundless ( waste )
কান্তার ୨ । ମରୁମୟ ପ୍ରଦେଶ—2. Deserted ( tract )
**उजड़ा**

**ଅପନ୍ତରାଗହୀର**—ଦେ. ବି. ( ସଂ. ପ୍ରାନ୍ତର ଓ. ଗମ୍ଭୀର )—
Apantarāgahīra ବିସ୍ତୃତ ମରୁମୟ ପ୍ରାନ୍ତର—
কান্তার Wilderness.
**उजाड़**

**ଅପନ୍ତ୍ରା**—ଗ୍ରା. ବଣ—ଅପନ୍ତରା ( ଦେଖ )—
Apantrā Apantarā ( See ).

**ଅପନ୍ଥ**—ଗ୍ରା ପଦ୍ୟ. ବି. ( ସଂ. ଅପନ୍ଥା )—
Apantna ଅପଥ ( ଦେଖ )—
অপথ Apatha ( See ).

ଏ ପନ୍ଥାଟିକୁ ଛାଡ଼ି, ଅପନ୍ଥରେ ପଡ଼ି
ଯାଉଅଛ ଭୁଛା ଶୋକଜଳରେ ବୁଡ଼ି ।
କୃଷ୍ଣସିଂହ. ମହାଭାରତ. ବନ ।

**ଅପନ୍ଥା**—ସଂ. ବି. ( ଅପଥିନ୍ ୧ମା. ୧ବ )—୧ । କୁପଥ—
Apanthā 1. Bad path.
୨ । ଅବାଟ—2. Bad ways.

**ଅପପ୍ରୟୋଗ**—ସଂ. ବି. ( ଅପ=ଅଶୁଦ୍ଧ+ପ୍ରୟୋଗ=ବ୍ୟବହାର )—
Apaprayoga ୧ । ଅଶୁଦ୍ଧ ପ୍ରୟୋଗ—
1. Wrong application.
୨ । ବ୍ୟାକରଣବିରୁଦ୍ଧ ପ୍ରୟୋଗ—2. Faulty use of grammatical rules.

**ଅପବର୍ଗ**—ସଂ. ବି. ( ଅପ+ବୃଜ ଧାତୁ=ତ୍ୟାଗ କରିବା+ଅ )—
Apabarga ୧ । ମୋକ୍ଷ; ମୁକ୍ତି; ଫଳସିଦ୍ଧି—
1. Emancipation

ଉତ୍ତର ଦକ୍ଷିଣ ଅୟନ. ଭୋଗାପବର୍ଗର ସାଧନ—ଜଗନ୍ନାଥ. ଭାଗବତ ।

୨ । ଜୀବାତ୍ମା ସଙ୍ଗେ ପରମାତ୍ମାର ମିଳନ; ନିର୍ବାଣ—
2. Liberation; extinction from worldly misery or bond.

ମନ୍ତ୍ର ବ୍ରତ ଶୌଚ ତପ, ପଠନ ସ୍ୱକର୍ମେ ନିରତ ।
ଏକାନ୍ତ ବାସ ଜପବିଧି, ନିର୍ମଳ ନିଶ୍ଚଳ ସମାଧି ।
ଏ ଦଶ ଅପବର୍ଗ ଅର୍ଥେ, ଅଜିତେନ୍ଦ୍ରିୟ ସାଧେ ଯେତେ ।
ଜଗନ୍ନାଥ. ଭାଗବତ. ୭ମ ।

୩ । ଶେଷ ମୀମାଂସା; ନିଷ୍ପତ୍ତି—3. Final settlement decision.

**ଅପବର୍ଗଗୁରୁ**—ସଂ. ବି. ( ୬ଷ୍ଠୀ ତତ୍; ଅପବର୍ଗ=ମୋକ୍ଷ+ଗୁରୁ )—
Apabargaguru ୧ । ମୋକ୍ଷକର୍ତ୍ତା; ହରି—1. Bishṇu.
୨ । ଶିବ—2. Śiba.

**ଅପବର୍ଗଦାତା**—ସଂ. ବି. ପୁଂ. ( ଅପବର୍ଗ=ମୋକ୍ଷ+ଦା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ. )—ମୋକ୍ଷଦାତା—
Apabargadātā
( ଅପବର୍ଗଦାତ୍ରୀ—ସ୍ତ୍ରୀ ) Redeemer; liberator; one who grants absolution

**ଅପବର୍ଜନ**—ସଂ. ବି. ( ଅପ+ବୃଜ ଧାତୁ+ଭାବ. ଅନ )—
Apabarjana ୧ । ଦାନ—1. Gift.
(ଅପବର୍ଜିତ—ବଣ) ୨ । ବିତରଣ—2. Distribution.
୩ । ପରିହାର—3. Giving up.

**ଅପବର୍ତ୍ତନ**—ସଂ. ବି. ( ଅପ+ବୃତ ଧାତୁ+ଭାବ. ଅନ )—
Apabarttana ୧ । ( ଗଣିତ ) ସଂକ୍ଷିପ୍ତ କରଣ—
(ଅପବର୍ତ୍ତିତ—ବଣ) 1. ( Mathematics ) Reduction to the lowest term.
୨ । ( ଗଣିତ ) କୌଣସି ଅଙ୍କକୁ କ୍ଷୁଦ୍ର ସଂଖ୍ୟାଦ୍ୱାରା ବିଭାଗ କରିବା—2. ( Mathematics ) Division of a quantity with smaller quantities.
୩ । ବିଚଳନ—3. Transfer; removal
୪ । ପରିବର୍ତ୍ତନ—4. Change.

**ଅପବାଦ**—ସଂ. ବି. (ଅପ=ଘୃଣିତ+ବଦ ଧାତୁ=କହିବା+ଭାବ. ଅ)—
Apabāda ୧ । ନିନ୍ଦା; ଅପଯଶ—
1. Scandal; reproach; defamation.
୨ । କଳଙ୍କ; ଦୁର୍ନାମ—2. Bad name; libel
୩ । ( ଦର୍ଶନ ) ଅବସ୍ତୁରେ ବସ୍ତୁଜ୍ଞାନ; ଅର୍ଥାତ୍ ପ୍ରକୃତି, ବୁଦ୍ଧି ଓ ପଞ୍ଚ ତନ୍ମାତ୍ରକୁ ପ୍ରକୃତ ଆତ୍ମତତ୍ତ୍ୱ ବୋଲି ଜାଣିବା—
3. ( Philosophy ) Mistaking the unreal for real.

**ଅପବାଦକ**—ସଂ. ବଣ. ପୁଂ ( ଅପ+ବଦ ଧାତୁ+କର୍ତ୍ତୃ. ଅକ )—
Apabādaka ଯେ ଅପବାଦ ଦିଏ—
(ଅପବାଦିକା—ସ୍ତ୍ରୀ) Accuser; defamer; libeller.

**ଅପବାଦ ଦଫା**—ଦେ. ବି—ଦଣ୍ଡବିଧି ଆଇନର ଯେଉଁ ଦଫାମାନଙ୍କରେ ଅନ୍ୟ ନାମରେ ପ୍ରଘଟ କରିବା ଅପବାଦର ପ୍ରକାର ଓ ଦଣ୍ଡ ବର୍ଣ୍ଣିତ ହୋଇଅଛି—
Apabāda daphā
অপবাদ দফা
The section of the Indian Penal Code defining the nature of and punishment for the offence of defamation.

[ ଦ୍ର—ଭାରତୀୟ ଦଣ୍ଡବିଧି ଆଇନ (Indian Penal Code) ର ୪୯୯ ଦଫାରେ 'ଅପବାଦ' ଅପରାଧର ସଂଜ୍ଞା ଦିଆ ଯାଇଅଛି ଏବଂ ୫୦୦-୫୦୧-୫୦୨ ଦଫାମାନଙ୍କର ଅପବାଦର ଦଣ୍ଡ ଓ ପ୍ରକାରମାନ ମଧ୍ୟ ନିର୍ଣ୍ଣୀତ ଅଛି । ]

**ଅପବାଦ ଦେବା**—ଦେ. କ୍ରି—ନିନ୍ଦା ରଟନା କରିବା—
Apabāda debā To give a bad name; to defame; to vilify.
অপবাদ দেওয়া
**अपवाद करना**

**ଅପବାରଣ**—ସଂ. ବି. ( ଅପ+ବୃ ଧାତୁ. ଣିଚ୍+ଭାବ. ଅନ )—
Apabāraṇa ୧ । ଅନ୍ତର୍ଦ୍ଧାନ; ବ୍ୟବଧାନ—1. Partition.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇଁ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଅପବାର୍ଯ୍ୟ } ବିଣ. ୨ । ବର୍ଜନ; ତ୍ୟାଗ—2. Giving up; desertion
ଅପବାରିତ }

**ଅପବାରିତ**—ସଂ. ବିଣ. ( ଅପ + ବୃ ଧାତୁ. ଣିଚ୍ + କର୍ମ. ତ )—
Apabārita ୧ । ଆଚ୍ଛାଦିତ—1. Covered.
(ଅପବାରଣ—ବି) ୨ । ବ୍ୟବହିତ; ଅନ୍ତର୍ହିତ—2. Partitioned.
୩ । ଗୋପିତ—3. Concealed.

**ଅପବାର୍ଯ୍ୟ**—ସଂ. ବିଣ. ( ଅପ + ବୃ ଧାତୁ + କର୍ମ. ଯ )—
Apabārjya ( ନାଟକରେ ) ଜନାନ୍ତିକେ ( ଯେଉଁ ବାକ୍ୟକୁ (ଅପବାରଣ—ବି) ମଞ୍ଚରେ ଉପସ୍ଥିତ ଅଭିନେତାମାନେ ଶୁଣି ପାରନ୍ତି ନାହିଁ )—( Drama ) Apart; aside ( a speech or remark made to the audience and meant not to be heard by the dramatic person on the stage. )

**ଅପବାହିତ**—ସଂ. ବିଣ. ( ଅପ + ବହ୍ ଧାତୁ. ଣିଚ୍ + କର୍ମ. ତ )—
Apabāhita ୧ । ତାଡ଼ିତ; ବହିଷ୍କୃତ—
1. Driven away; expelled
୨ । ଦୂରକୁ ନୀତ—2. Carried away.

**ଅପବିତ୍ର**—ସଂ. ବିଣ. ( ଅ = ନୁହେଁ + ପବିତ୍ର = ପରିଶୁଦ୍ଧ )—
Apabitra ୧ । ଅବିଶୁଦ୍ଧ—1. Unclean.
(ଅପବିତ୍ରତା—ବି) ୨ । ଅଶୁଦ୍ଧ—2. Unholy.
୩ । ମଳିନ—3. Polluted.

**ଅପବିତ୍ରତା**—ସଂ. ବି. ( ଅପବିତ୍ର = ଅଶୁଦ୍ଧ + ଭାବ. ତା )—
Apabitratā ୧ । ଅବିଶୁଦ୍ଧତା; ଅଶୁଦ୍ଧତା—
1. Unholiness.
୨ । ଅପରିଚ୍ଛନ୍ନତା—2. Uncleanliness.

**ଅପବିଦ୍ୟା**—ସଂ. ବି. ( ଅପ = ନିକୃଷ୍ଟ + ବିଦ୍ୟା )—
Apabidyā ୧ । ନିକୃଷ୍ଟ ବିଦ୍ୟା—1. Inferior learning.
୨ । ମନ୍ଦ ବିଦ୍ୟା—2. Bad learning.
୩ । ବୌଦ୍ଧ-ଧର୍ମ-ତତ୍ତ୍ୱାଦିବିଷୟକ ବିଦ୍ୟା—
3. Buddhistic learning.
୪ । ଅବିଦ୍ୟା ( ଦେଖ )
4. Abidyā ( See )

**ଅପବିଦ୍ଧ**—ସଂ. ବିଣ. ( ଅପ + ବ୍ୟଧ ଧାତୁ + କର୍ମ. ତ )—
Apabiddha ୧ । ଚୂର୍ଣ୍ଣିତ—1. Broken into small fragments.
୨ । ପରିତ୍ୟକ୍ତ—
2. Abandoned; rejected.
୩ । ପ୍ରକ୍ଷିପ୍ତ—3. Thrown away.
୪ । ପ୍ରେରିତ—4 Sent.

**ଅପବିଦ୍ଧଶିଶୁ**—ସଂ. ବି.—୧ । ପରିତ୍ୟକ୍ତ ଶିଶୁ—
Apabiddhaśiśu 1. Abandoned child.
୨ । ଯେଉଁ ଶିଶୁକୁ ପିତା ମାତା ପକାଇ ଦେବାରୁ ଅନ୍ୟ ଲୋକ ନେଇ ପୁଅ କରି ପାଳେ—
2. Child taken up or adopted by a stranger after it has been deserted by its parents.
[ ଦ୍ର—ହିନ୍ଦୁ ସ୍ମୃତିରେ ଅପବିଦ୍ଧ ପୁତ୍ର ପୁତ୍ରମାନଙ୍କ ମଧ୍ୟରେ ଏକତମ ।]

**ଅପବିଷା**—ସଂ. ବି.—ନିର୍ବିଷା ଘାସ; ତୃଣବିଶେଷ—A kind of
Apabishā non-poisonous grass.

**ଅପବୃତ୍ତ**—ସଂ. ବିଣ. (ଅପ = ପଛକୁ + ବୃତ ଧାତୁ + କର୍ତ୍ତୃ. ତ)—
Apabṛutta ପଶ୍ଚାଦ୍‌ମୁଖୀଭୂତ—Set back.

**ଅପବ୍ୟୟ**—ସଂ. ବି. ( ଅପ = ଅପକୃଷ୍ଟ + ବ୍ୟୟ )—
Apabyaya ୧ । କୁକାର୍ଯ୍ୟରେ ଧନର ବ୍ୟୟ—
(ସଦ୍‌ବ୍ୟୟ—ବିପରୀତ) 1. Prodigality.
(ଅପବ୍ୟୟିତ—ବିଣ) ୨ । (ଧନ ବା ସମୟର) ବୃଥା ବ୍ୟୟ—
2. Squandering; waste.

**ଅପବ୍ୟୟ କରିବା**—ଦେ. କ୍ରି.—ଅଯଥା ବ୍ୟୟ କରିବା—
Apabyaya karibā To waste.

**ଅପବ୍ୟୟିତ**—ସଂ. ବିଣ. ( ଅପ = ଅଯଥା + ବ୍ୟୟ = ଖର୍ଚ୍ଚ + କର୍ମ. ତ )—
Apabyayita ୧ । ବୃଥାରେ ବ୍ୟୟିତ ହୋଇଥିବା—1. Wasted.
୨ । କୁକାର୍ଯ୍ୟରେ ବ୍ୟୟ କରାଯାଇଥିବା—
2. Ill-spent.

**ଅପବ୍ୟୟୀ**—ସଂ. ବିଣ. ପୁଂ. ( ଅପବ୍ୟୟ + କର୍ତ୍ତୃ. ଇନ୍. ୧ମା. ୧ବ )—
Apabyayī ଯେ ଅପବ୍ୟୟ କରେ; ବଦଖରଚୀ; ସାହାଖରଚୀ—
(ଅପବ୍ୟୟିନୀ—ସ୍ତ୍ରୀ) Wasteful; extravagant; spendthrift.

**ଅପଭୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅପଗତ + ଭୟ )—ନିର୍ଭୟ—
Apabhaya Fearless.

**ଅପଭାଷା**—ସଂ. ବି. ( ଅପ = ନୀଚ; ଅସାଧୁ + ଭାଷା )—
Apabhāshā ୧ । ଅସାଧୁ ଭାଷା—1. Low or obscene language.
୨ । ନୀଚ ଭାଷା; କୁଭାଷା—2. Indecent words.
୩ । ଅପକୃଷ୍ଟ ଭାଷା—3. Vulgar talk.
୪ । ଇତର ଜନ ବ୍ୟବହୃତ ଭାଷା—
4. Common jargon.

**ଅପଭାଷିତ**—ସଂ. ବିଣ. ( ଅପ + ଭାଷ ଧାତୁ + କର୍ମ. ତ )—
Apabhāshita ୧ । କୁଭାଷିତ—1. Ill spoken.
୨ । ନୀଚ ଭାଷାରେ କଥିତ—
2. Spoken indecently.

**ଅପଭ୍ରଂଶ**—ସଂ. ବି. ( ଅପ + ଭ୍ରନ୍‌ଶ୍ ଧାତୁ + ଭାବ. ଅ )—
Apabhramsa ୧ । ବିନାଶ—1. Destruction.
( ଅପଭ୍ରଷ୍ଟ—ବିଣ ) ୨ । ଅବନତି—2. Deterioration.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଦ୍ରୁ | ହ୍ୟ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଁ୍ୟ | ଇଅ | ଷ୍ପ | ନ୍ତ |

୩ । ଇତରଜନକଥିତ ଭାଷା —3. Vulgar dialect.
୪ । ଲୁପ୍ତିତ ଭାଷା—
4. Degenerated form of a word.
୫ । ସାଧୁଭାଷାର ଅଶୁଦ୍ଧ ରୂପାନ୍ତର—
5. Vulgarised form of a word; current word derived from a Sanskrit word.

**ଅପଭ୍ରଷ୍ଟ**—ସଂ. ବିଣ. ( ଅପ + ଭ୍ରନ୍ଶ୍ ଧାତୁ + କର୍ମ. ତ )—
Apabhrashṭa ୧ । ରୂପାନ୍ତରପ୍ରାପ୍ତ ( ଶବ୍ଦ ବା ଭାଷା )—
1. Vulgarised (word or dialect).
୨ । ପତିତ—2. Fallen.
୩ । ମୂଳ ଶବ୍ଦରୁ ଆଗତ—
4. Derivative ( word ).

**ଅପମନ୍ତବ୍ୟ**—ସଂ. ବିଣ. ( ଅପ + ମନ୍ ଧାତୁ + କର୍ମ. ତବ୍ୟ )—
Apamantabya ୧ । ଅନାଦରଣୀୟ—
1. Fit to be insulted.
୨ । ଅବଜ୍ଞାତ; ହେୟ—2. Contemptible.

**ଅପମରଣ**—ସଂ. ବି. ( ଅପ + ମୃ ଧାତୁ + ଭାବ. ଅନ )—
Apamaraṇa ୧ । ଅପମୃତ୍ୟୁ—1 Untimely death.
୨ । ଅପଘାତ ମୃତ୍ୟୁ—2 Accidental death.
ସେ ଲୋକନ୍ତ ଜାଣ ଅପମରଣରେ ମରେ । ପୀତାମ୍ବର. ନୃସିଂହପୁରାଣ ।

**ଅପମାନ**—ସଂ. ବି. ( ଅପ = ବିପରୀତ + ମାନ = ମର୍ଯ୍ୟାଦା )—
Apamāna ୧ । ଅମର୍ଯ୍ୟାଦା—1. Dishonour.
୨ । ଅନାଦର—2. Contempt.
୩ । ଅବଜ୍ଞା—3. Insult; affront.
ଦେ. ବି.—ଅଭିମାନ—Sullenness due to displeasure.

**ଅପମାନଜନକ**—ସଂ. ବିଣ. ( ଅପମାନ + ଜନ ଧାତୁ + କର୍ତ୍ତୃ. ଅକ )—
Apamānajanaka ଯାହା ଅପମାନ ଜନ୍ମାଏ; ନିନ୍ଦାଦାୟକ—
Disgraceful; compromising one's dignity.

**ଅପମାନ ଦେବା**—ଦେ. କ୍ରି.—୧ । ଅନାଦର କରିବା—
Apamāna debā 1. To disregard.
অপমান দেওয়া ୨ । ଅବଜ୍ଞା କରିବା—2. To set aside.
**अपमान देना** ୩ । ହତାଦର କରିବା—3. To insult.

**ଅପମାନ ହେବା**—ଗ୍ରା. କ୍ରି.—୧ । ଅପମାନିତ ହେବା—
Apamāna hebā 1. To be insulted
୨ । ଅବଜ୍ଞାତ ହେବା—
2. To be disregarded.
୩ । ଅଭିମାନ କରିବା—3. To show sullenness; to give vent to displeasure.

**ଅପମାନିତ**—ସଂ. ବିଣ. ସ୍ତ୍ରୀ. ( ଅପମାନ + ସଂଜାତ ଅର୍ଥରେ; ଇତ )—
Apamānita ୧ । ଅପମାନଗ୍ରସ୍ତ; ଅନାଦୃତ—
(ଅପମାନିତା—ସ୍ତ୍ରୀ) 1. Slighted.
(ଅପମାନ—ବି) ୨ । ହତାଦରପ୍ରାପ୍ତ—
2. Dishonoured; disgraced.
୩ । ତିରସ୍କୃତ—3. Affronted; rebuked.

**ଅପମାରଗ**—ଗ୍ରା. ବି—( ସଂ. ଅପାମାର୍ଗ )—ଅପାମାର୍ଗ (ଦେଖ)
Apamāraga Apāmārga (See)

**ଅପମାରଙ୍ଗ**—ଗ୍ରା. ବି (ସଂ. ଅପାମାର୍ଗ)—ଅପାମାର୍ଗ (ଦେଖ)
Apamāraṅga Apāmārga (See)

**ଅପମାଲୁ**—ଗ୍ରା. ବି—ମିଷ୍ଟାନ୍ନବିଶେଷ; ଅମାଲୁ; ମାଲପୁଆ—
Apamālu A sort of sweet cake fried with ghee.
মালপুয়া
**मालपुआ**

**ଅପମୃତ୍ୟୁ**—ସଂ. ବି. (ଅପ = ଅପକୃଷ୍ଟ + ମୃତ୍ୟୁ = ମରଣ)—
Apamṛutyu ଅପମରଣ (ଦେଖ)
Apamaraṇa (See)

**ଅପଯଛ**—ଗ୍ରା. ବି. (ସଂ. ଅପଯଶଃ)—ଅପଯଶ (ଦେଖ)
Apajachha Apajaśa (See)

**ଅପଯଶ**—ଦେ. ବି. ( ଅପ = ବିପରୀତ + ଯଶଃ = କୀର୍ତ୍ତି )—୧ । ଅଯଶ;
Apajaśa ଅଖ୍ୟାତି—1 Infamy.
অপযশ ୨ । ଦୁର୍ନାମ—2. Ill name.
**अपयश** ୩ । କଳଙ୍କ—3. Disgrace; dishonour.
(ଯଶ—ବିପରୀତ)

**ଅପଯଶଃ**—ସଂ. ବି. (ଅପ = ବିପରୀତ + ଯଶଃ = କୀର୍ତ୍ତି)—
Apajaśaḥ ଅପଯଶ (ଦେଖ)
Apajaśa (See)

**ଅପଯାତ୍ରୀ**—ସଂ. ବିଣ. ପୁଂ (ଅପ = ପଛକୁ + ଯାତ୍ରୀ = ଗମନକାରୀ)—
pajātrī ପଳାତକ—Fugitive

**ଅପଯାନ**—ସଂ. ବି. (ଅପ = ପଛକୁ + ଯା ଧାତୁ = ଯିବା + ଭାବ. ଅନ)—
Apajāna ପଳାୟନ—Flight; running away.

**ଅପର୍ଚିତା**—ଗ୍ରା. ବି—ଅପରାଜିତା (ଦେଖ)
Aparchitā Aparājitā (See)
অপরাজিতা

**ଅପର**—ସଂ. ବିଣ, ପୁଂ (ଅ + ପୃ ଧାତୁ = ପାଳନ କରିବା + ଅ)—
Apara ୧ । ଅନ୍ୟ—1. Another; other
(ଅପରା—ସ୍ତ୍ରୀ) ୨ । ଭିନ୍ନ—2. Different.
ଶବ୍ଦମାନଙ୍କ ପୂର୍ବରେ ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହୁଏ :—
୧ । ପ୍ରତିକୂଳ (ଯଥା—ଅପର ଦଳ)—1. Hostile.
୨ । ବିପରୀତ (ଅପର କୂଳ)—2. Opposite.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗାଁ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ପଶ୍ଚାଦ୍‌ବର୍ତ୍ତୀ—(ଯଥା—ପୂର୍ବାପର)—
3. Preceding.

୪ । ଶେଷ—(ଅପରାହ୍ଣ)—4. Ending.

ସଂ. ବି—ହସ୍ତୀର ପଶ୍ଚାଦ୍‌ଭାଗ—The hind part of an elephant's body.

**ଅପରଂଚ** ସଂ. ଅ—ଅନନ୍ତର; ଅପିଚ—Besides; moreover; further.
Aparamcha

**ଅପରଂନ୍ତୁ**—ସଂ. ଅ—ଅପରଂଚ (ଦେଖ)
Aparamtu Aparamcha (See)

**ଅପରକ୍ତ**—ସଂ. ବିଣ ( ଅପ=ଭିନ୍ନାର୍ଥ+ରଞ୍ଜ୍=ତୋଷ କରିବା=କର୍ତ୍ତୃ. ତ)—ବିରକ୍ତ—Displeased.
Aparakta

**ଅପରଖ**—ଦେ. ବିଣ (ସଂ. ଅପରୀକ୍ଷିତ)—ଅପରୀକ୍ଷିତ—
Aparakha Not examined; not tested.
অপরখ
**जाँचनेहुआ**

**ଅପରଚ**—ଗ୍ରା. ବି (ସଂ. ଅପରିଚୟ)—ପରିଚୟର ଅଭାବ—
Aparacha Want of acquaintance.
অপরিচিত ଗ୍ରା. ବିଣ (ସଂ. ଅପରିଚିତ)—୧ । ଅପରିଚିତ—
**अनजान** 1. Unacquainted.
୨ । ଅଜ୍ଞାତ—2. Unknown.

**ଅପରଚେ**—ଗ୍ରା. ବି. (ସଂ. ଅପରିଚୟ)—ପରିଚୟର ଅଭାବ—
Aparache Want of acquaintance.

ଅପରଚେ ଅଙ୍ଗଚ୍ଛେଦ ତେଣୁ ତ ନ ଗାଦ୍—ସାରଳା ମହାଭାରତ. ବନ ।

**ଅପରଛନ**—ଗ୍ରା. ବିଣ—(ସଂ. ଅପ୍ରଚ୍ଛନ୍ନ)—ଅପ୍ରଚ୍ଛନ୍ନ (ଦେଖ)
Aparachhana Aprachchhanna (See)

**ଅପରଛନିଆଁ**—ଗ୍ରା. ବିଣ—କୁତ୍ସିତ—Ugly.
Aparachhaniāñ.
ଅପରଛନୀ } ସ୍ତ୍ରୀ
ଅପରଛନେଇ }

**ଅପରଜିତା**—ଗ୍ରା. ବି—ଅପରାଜିତା (ଦେଖ)
Aparajitā Aparājitā (See)

**ଅପରତି**—ସଂ. ବି. ( ଅପ=ପଶ୍ଚାତ୍+ରମ୍ ଧାତୁ=ପ୍ରବୃତ୍ତ ହେବା+ଭାବ. ତି)—ବିରତି; ନିବୃତ୍ତି—Cessation.
Aparati

**ଅପରତିଆଣି**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅପର୍ତ୍ତିଆଣି (ଦେଖ)
Aparatiāṇi Aparttiāṇi (See).

**ଅପରତିଷ୍ଠା**—ଗ୍ରା. ବିଣ. ପୁଂ (ସଂ. ଅପ୍ରତିଷ୍ଠା)—ଅପ୍ରତିଷ୍ଠା (ଦେଖ)
Aparatishṭā Apratishṭhā (See)

**ଅପରତେ ଯିବା**—ଗ୍ରା. ପଦ୍ୟ. କ୍ରି—ଅବିଶ୍ୱାସ କରିବା—
Aparate jibā To disbelieve.

ପୃଷ୍ଠିହିଁ ଉଷ୍ମାସନ୍ତି ମୋତେ । ତୁମ୍ଭେ ନ ଯାଅ ଅପରତେ ।
ଜଗନ୍ନାଥ. ଭାଗବତ ୧୦ମ ସ୍କନ୍ଧ ।

**ଅପରତ୍ୱ**—ସଂ. ବି. (ଅପର=ଅନ୍ୟ+ଭାବ. ତ୍ୱ)—ଅନ୍ୟର ଭାବ ବା ଧର୍ମ—
Aparatwa The state of being different.

**ଅପରତ୍ର**—ସଂ. କ୍ରି. ବିଣ (ଅପର=ଅନ୍ୟ+କାଳାର୍ଥ ବା ସ୍ଥାନାର୍ଥ. ତ୍ର)—
Aparatra
୧ । ପରକାଳରେ ବା ପରଲୋକରେ—
1 In the next world
୨ । ଅନ୍ୟ ସ୍ଥାନରେ—2. At another place,
୩ । ଅନ୍ୟ ସ୍ଥାନକୁ—3. To another place.

**ଅପରନ୍ତୁ**—ସଂ. ଅ—ଅପରଂଚ (ଦେଖ)
Aparantu Aparamcha (See)

**ଅପରପକ୍ଷ**—ସଂ. ବି. (ଅପର=ଶେଷ+ପକ୍ଷ=ମାସାର୍ଦ୍ଧ)—
Aparapaksha ୧ । କୃଷ୍ଣପକ୍ଷ—1. The dark fortnight of a month.
୨ । ପିତୃପକ୍ଷ ( ଆଶ୍ୱିନ-କୃଷ୍ଣପକ୍ଷ; ଏ ପକ୍ଷରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯାଏ । )—
2. Specially the dark fortnight of the month of Āświna in which ablutions are offered to the manes of the departed ancestors.

**ଅପରପଖ**—ଗ୍ରା. ବି—(ସଂ. ଅପରପକ୍ଷ)—ଅପରପକ୍ଷ (ଦେଖ)
Aparapakha Aparapaksha (See)
অপরপক্ষ

**ଅପରପର**—ଦେ. ବିଣ—ଭିନ୍ନ ଭିନ୍ନ—Different.
Aparapara

ଅପରପରଛନ୍ଦ ବଚନବନ୍ଧ—ଭଞ୍ଜ. ପ୍ରେମସୁଧାନିଧି ।

**ଅପରରାତ୍ର**—ସଂ. ବି. (ଅପର+ରାତ୍ରି)—୧ । ଶେଷରାତ୍ରି—
Apararātra 1. The time after mid-night; the close of the night.
୨ । ଅର୍ଦ୍ଧରାତ୍ରର ପରଭାଗ ସମୟ—
2. Short hours of the night.

ପୂର୍ବରାତ୍ରେ ଅପରରାତ୍ରେ ଜନମାନେ
ମନକୁ ସନ୍ତୁଷ୍ଟ କରନ୍ତି ପ୍ରବଚନେ—କୃଷ୍ଣସିଂହ. ମହାଭାରତ. ବନ ।

**ଅପରଲୋକ**—ସଂ. ବି. (ଅପର=ଅନ୍ୟ+ଲୋକ=ମନୁଷ୍ୟ; ସୃଷ୍ଟି)—
Aparaloka ୧ । ଅନ୍ୟ ବ୍ୟକ୍ତି—1. Another person.
୨ । ଅନ୍ୟ ସୃଷ୍ଟି—2. Another world.

**ଅପରସନ**—ଗ୍ରା. ବିଣ.—ଅପ୍ରସନ୍ନ; ନିରାନନ୍ଦ—
Aparasana Unhappy; cheerless.

**ଅପରସ୍ପର**—ସଂ. କ୍ରି. ବିଣ. (ଅ+ପରସ୍ପର)—୧ । ସର୍ବଦା; ସତତ—
Aparaspara 1. Continual.
୨ । ଯାହା ଅନ୍ୟୋନ୍ୟ ନୁହେ—2. Not mutual.
୩ । ସବୁବେଳେ—3. Continually.
୪ । ଏକାବେଳକେ—4. At a time.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | ଞ୍ଚ | ଇଯ୍ | ଉଥ | ଭ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଘ | ଇଅ | ଞ | ନ୍ତ |

**ଅପରା**—ସଂ. ବି. ସ୍ତ୍ରୀ.—୧ । ପଶ୍ଚିମ ଦିଗ—1. The West
Aparā ୨ । ଜରାୟୁ—2. Womb; uterus.
ସଂ. ବିଣ. ସ୍ତ୍ରୀ.—ଅପରର ସ୍ତ୍ରୀଲିଙ୍ଗ—Feminine of Apara.
ଦେ. ବିଣ—ଅନ୍ୟ; ପୃଥକ୍—Another; different
ପରାପର ସେ ମୋ ଭାର୍ଯ୍ୟା ପରା । ପରାକ୍ରମ ତାହିଁ ମୋ ଅପରା
ପରାଣ ଭଲେ ପ୍ରାଣୀ ପୁଣି ଜାଅଇଁ ଶୁଣି ନ ଥିଲଇଁ ପରମ୍ପରା ହେ କୋକିଳ—
ଭକ୍ତ. ପ୍ରେମସୁଧାନିଧି ।

**ଅପରାଗ**—ସଂ. ବି ( ଅପ+ରଞ୍ଜ ଧାତୁ+ଭାବ. ଅ )—
Aparāga ୧ । ବିରାଗ; ବିରକ୍ତି—1. Displeasure.
୨ । ଦ୍ୱେଷ; ଶତ୍ରୁତା—2. Enmity.

**ଅପରାଜିତ**—ସଂ. ବିଣ. ପୁଂ ( ଅ=ନୁହେ+ପରାଜିତ )—
Aparājita ୧ । ହାରି ନ ଥିବା; ଅପରାଭୂତ; ଯେ ଅନ୍ୟ ଦ୍ୱାରା
( ଅପରାଜିତା—ସ୍ତ୍ରୀ ) ପରାଜିତ ହୋଇ ନାହିଁ—
1. Unvanquished; unconquered.
୨ । ଅଜେୟ—2. Unconquerable
ସଂ. ବି. ପୁଂ—୧ । ବିଷ୍ଣୁ—1. The God Bishṇu,
୨ । ଶିବ—2. Śiba,
୩ । ଋଷିବିଶେଷ—3. A sage.
୪ । ବିଶ୍ୱ—4. The Universe.

**ଅପରାଜିତା**—ସଂ. ବିଣ. ସ୍ତ୍ରୀ—ଅପରାଜିତର ସ୍ତ୍ରୀଲିଙ୍ଗ—
Aparājitā The feminine of Aparājita.
ସଂ. ବି—୧ । ଲତାବିଶେଷ ( ଏହା ଦୁଇ ପ୍ରକାର ଫୁଲବିଶିଷ୍ଟ—ଧଳା ଓ ନେଳ । ନେଳ ଫୁଲ ଫୁଟିବା ଅପରାଜିତାକୁ କଳା ଅପରାଜିତା ଓ ଧଳା ଫୁଲ ଫୁଟିବା ଅପରାଜିତାକୁ ଧଳା ଅପରାଜିତା ବୋଲି କହନ୍ତି । )—
ଅନ୍ୟ ସଂ. ନାମ—ଗିରିକର୍ଣ୍ଣିକା; ଅଶ୍ୱଖୁରା । କଳା ଅପରାଜିତା—ନୀଳୀ; ବିଷ୍ଣୁକ୍ରାନ୍ତା; ଗିରିକର୍ଣ୍ଣିକା ।
कोयल; कालिञ्जर; कवाथेलिट
অপরাজিতা
ତେ—ଦନ୍ତେନ
1. A Creeper with pretty blue or white flowers; The mussel shell creeper; Clitoria Ternatia.
୨ । ଦୁର୍ଗା; ଗୌରୀ—
2. The Goddess Durga, wife of Śiba.
୩ । ଦୂବ; ଦୂର୍ବା—
3. Long creeping grass; Duba grass.
୪ । ସଂସ୍କୃତ ଶ୍ଲୋକର ଛନ୍ଦବିଶେଷ—
4. A Sanskrit metre.
୫ । ଜୟନ୍ତୀ ଗଛ—5. Name of a tree.
୬ । ଅଶନପର୍ଣ୍ଣୀ ଗୁଳ୍ମ—
6. Name of a plant.
୭ । ଗଙ୍ଗଶିଉଳି ( ଦେଖ )
7. Gangaśiuḻi ( See ).
୮ । ଏକପ୍ରକାର ଶମୀ ବା ସୁଆଁ ଲତା—
8. A kind of creeper.

**ଅପରାଜେୟ**—ସଂ. ବିଣ. ( ନ+ପରାଜେୟ )—
Aparājeya ଅଜେୟ; ଯାହାକୁ ପରାଜିତ କରାଯାଇ ନ ପାରେ—
Invincible; unconquerable.

**ଅପରାଦ୍ଧ**—ସଂ. ବିଣ. ( ଅପ=ଅପକୃଷ୍ଟ+ରାଧ୍ ଧାତୁ=ସିଦ୍ଧ କରିବା+କର୍ମ. ତ )—୧ । ଅପରାଧୀ—
Aparāddha 1. Guilty; criminal.
୨ । ସ୍ଖଳିତ—2. Slipped.
୩ । ଭ୍ରାନ୍ତ—3. Mistaken; erroneous.

**ଅପରାଧ**—ସଂ. ବି. ( ଅପ+ରାଧ ଧାତୁ=ସିଦ୍ଧ କରିବା+ଭାବ. ଅ )—
Aparādha ୧ । ଦୋଷ—1. Guilt.
୨ । ପାପ—2. Sin.
୩ । ବିଧିବ୍ୟତିକ୍ରମ—3. Infringement of a rule; transgression.
୪ । ତ୍ରୁଟି—4. Fault.
୫ । ଦଣ୍ଡାର୍ହ କାର୍ଯ୍ୟ—5. Offence.
[ ଦ୍ର—ହିନ୍ଦୁଶାସ୍ତ୍ରରେ ୩୨ ପ୍ରକାର ଗୁରୁତର ଅପରାଧ ବା ପାପର ଉଲ୍ଲେଖ ଅଛି । ଅଜ୍ଞାନକୃତ ପାପ ଠାରୁ ଜ୍ଞାନକୃତ ପାପର ଦଣ୍ଡ ବିଶେଷ ଗୁରୁତର ।
( ଆଜିକାଲି ) ଯେଉଁ କାର୍ଯ୍ୟଦ୍ୱାରା ସମାଜର, ରାଜ୍ୟର ବା ରାଜାଙ୍କର କ୍ଷତି ହୁଏ, ତହିଁରେ ଦେଶର ରାଜା ନିଜେ ମୁଦେଇ ହୋଇ ଫଉଜଦାରି ଅଦାଲତରେ ଅପରାଧ କରିଥିବା ବ୍ୟକ୍ତିକୁ ଦଣ୍ଡ ଦିଅନ୍ତି; ମାତ୍ର ଯେଉଁ କାର୍ଯ୍ୟରେ କେବଳ ବ୍ୟକ୍ତିବିଶେଷର କ୍ଷତି ହୁଏ ସେଥିରେ କ୍ଷତିଗ୍ରସ୍ତ ବ୍ୟକ୍ତି ନିଜେ ମୁଦେଇ ହୋଇ କ୍ଷତିର ପୂରଣ ପାଇଁ ଦେୱାନି ଅଦାଲତରେ ନାଲିସ୍ କରନ୍ତି । ]

**ଅପରାଧ କରିବା**—ଦେ. କ୍ରି—ଦୋଷ କରିବା; ଦଣ୍ଡାର୍ହ କାର୍ଯ୍ୟ କରିବା—
Aparādha karibā To commit an offence.
অপরাধ করা
अपराध करना
[ ଦ୍ର—ଭିନ୍ନ ଭିନ୍ନ ଅପରାଧର ଗୁରୁତା ଦୃଷ୍ଟିରେ ସରକାର ଭିନ୍ନ ଭିନ୍ନ ଦଣ୍ଡବିଧାୟକ ଆଇନ୍ କରିଅଛନ୍ତି । ]

**ଅପରାଧଜନକ**—ସଂ. ବିଣ. ( ଅପରାଧ+ଜନ ଧାତୁ+କର୍ତ୍ତୃ. ଅକ )—
Aparādhajanaka ୧ । ଦୋଷଜନକ—1. Criminal.
୨ । ଦଣ୍ଡାର୍ହ—2. Offensive.
୩ । ପାପଜନକ—3 Sinful.

**ଅପରାଧୀ**—ସଂ. ବିଣ. ପୁଂ. ( ଅପ+ରାଧ ଧାତୁ+କର୍ତ୍ତୃ. ଇନ୍ )—
Aparādhī ୧ । ଅପରାଧକାରୀ; ଦୋଷୀ—
(ଅପରାଧିନୀ—ସ୍ତ୍ରୀ) 1. Criminal; offender.
୨ । ଅଭିଯୁକ୍ତ ବ୍ୟକ୍ତି—2. An accused person.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅପରାନ୍ତ୍**—ଦେ. ବି—ଭବିଷ୍ୟତ୍—The future.
Aparānt ଦେ. ବିଣ—ଭବିଷ୍ୟତ୍—Future.
ভবিষ্যত্

**ଅପରାନ୍ତ**—ଦେ. ବି—୧ । ଅପରାନ୍ତ୍ ( ଦେଖ )
Aparānta 1. Aparānt ( See )
ସଂ. ବି. ( ଅପର=ପଶ୍ଚିମ ଦିଗ+ଅନ୍ତ )—ପଶ୍ଚିମ ଦିଗନ୍ତ—
The western point of the compass.
ସଂ. ବିଣ—ପଶ୍ଚିମ ଦେଶୀୟ; ପାଶ୍ଚାତ୍ୟ—
Western; occidental.

**ଅପରାପର**—ସଂ. ସର୍ବ. ଓ ବିଣ. (ବହୁବଚନ; ଅପର+ଅପର )—
Aparāpara ୧ । ଅନ୍ୟାନ୍ୟ; ଅନ୍ୟମାନେ—1. Others.
୨ । ଭିନ୍ନ ଭିନ୍ନ ବସ୍ତୁ—2. Different things.

ଅପରାପର ନ ଜାଣେ ଯେ ନର ବରଷେ ।
ସାରଳାମହାଭାରତ ଉଦ୍ୟୋଗ ।

**ଅପରାପ୍ରକୃତି**—ସଂ. ବି. ( ଅପରା+ପ୍ରକୃତି )—ପଞ୍ଚ ମହାଭୂତ, ବୁଦ୍ଧି,
Aparāprakṛuti. ଅହଙ୍କାର ଓ ମନ—ଏପରି ଆଠ ଗୋଟି ପଦାର୍ଥ
(ପରାପ୍ରକୃତି—ବିପରୀତ) ( ବେଦାନ୍ତ ଦର୍ଶନ )—(Bedānta philosophy) The five primary elements of nature, Buddhi, Ahaṁkāra and Mana.

ଭୂମି, ସଲିଳ, ପବନ, ଅନଳ, ଗଗନ,
ବୁଦ୍ଧି, ଅହଙ୍କାର ଆଦି ସହିତରେ ମନ ।
ଏ ଆଠହିଁ ଅଟେ ମୋର ଅପରା ପ୍ରକୃତି,
ଏହା ଭିନ୍ନ ଜୀବ ବୋଲିଏ ପରା ପ୍ରକୃତି—ସାରଳା. ମହାଭାରତ ।

**ଅପରାବିଦ୍ୟା**—ସଂ. ବି. ( ଅପରା+ବିଦ୍ୟା ) - ଋଗ୍ବେଦାଦି ବିଦ୍ୟା—
Aparābidyā Vedic lore.

**ଅପରାହ୍ଣ**—ସଂ. ବି. ( ଅପର=ଶେଷ+ଅହ; ନିପାତନସିଦ୍ଧ )—
Aparāhṇa ଦିନର ଶେଷ ଭାଗ; ଉପର ବେଳା—
Afternoon.

**ଅପରିଆର୍‌ବରସ୍**—ପ୍ରାଦେ. ( ସମ୍ବଲପୁର ) ବି—
Apariārbaras ଆଗାମୀ ବର୍ଷର ପରବର୍ତ୍ତୀବର୍ଷର ପରବର୍ତ୍ତୀ ବର୍ଷ—
Next year but two.

**ଅପରିକଳିତ**—ସଂ. ବିଣ. ( ଅ=ନୁହେଁ+ପରିକଳିତ=ଜ୍ଞାତ )—
Aparikaḻita ୧ । ଅଜ୍ଞାତ—1. Unknown.
୨ । ଅଦୃଷ୍ଟ—2. Unseen.

**ଅପରିକ୍ଳାନ୍ତ**—ସଂ. ବିଣ. ( ଅ+ପରିକ୍ଳାନ୍ତ )—ଅପରିକ୍ଳିଷ୍ଟ ( ଦେଖ )
Apariklānta Apariklishṭa (See).

**ଅପରିକ୍ଳିଷ୍ଟ**—ସଂ. ବିଣ. (ଅ+ପରିକ୍ଳିଷ୍ଟ)—ନୁହେଁ ପରିକ୍ଳିଷ୍ଟ—
Apariklishṭa Not tired out.

**ଅପରିଗତ**—ସଂ. ବିଣ. ( ଅ+ପରିଗତ )—ଅଜ୍ଞାତ—
Aparigata Unknown.

**ଅପରିଗ୍ରହ**—ସଂ. ବି. ( ଅ=ନୁହେଁ+ପରିଗ୍ରହ=ଦାନଗ୍ରହଣ )—
Aparigraha ୧ । ଦାନ ଗ୍ରହଣ ନ କରିବା; ଅସ୍ୱୀକାର—
1. Non-acceptance of a gift; refusal.
୨ । ପରିବ୍ରାଜକ—2. Traveller.
ସଂ. ବିଣ—୧ । ଅବିବାହିତ—1. Unmarried.
୨ । ଗରିବ—2. Poor

**ଅପରିଚିତ**—ସଂ. ବିଣ. ପୁଂ. (ଅ=ନୁହେଁ+ପରିଚିତ=ଚିହ୍ନିତ; ଜ୍ଞାତ)—
Aparichita ୧ । ଅଜଣା; ଅଜ୍ଞାତ—
(ଅପରିଚିତା—ସ୍ତ୍ରୀ) 1. Not known; strange.
୨ । ପରିଚୟହୀନ—2. Not familiar.
୩ । ଯାହା ସଙ୍ଗେ ପୂର୍ବରୁ ଜଣାଶୁଣା ନାହିଁ—
3. Unacquainted.

**ଅପରିଚ୍ଛଦ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ପରିଚ୍ଛଦ )—
Aparichchhada ୧ । ପରିଚ୍ଛଦହୀନ—1. Unclothed.
(ଅପରିଚ୍ଛଦା—ସ୍ତ୍ରୀ) ୨ । ଦରିଦ୍ର—2. Poor

**ଅପରିଚ୍ଛନ୍ନ**—ସଂ. ବି. ( ଅ+ପରିଚ୍ଛନ୍ନ )—
Aparichchhanna ୧ । ପରିଚ୍ଛଦରହିତ; ବସ୍ତ୍ରହୀନ—
1. Unclothed.
୨ । ଘୋଡ଼ିଆ ହୋଇ ନଥିବା; ଅନାବୃତ—2. Uncovered
୩ । ମଳିନ—3. Dirty; slovenly; not neat and clean.
୪ । ଅପରିଷ୍କୃତ—4. Unclean.

**ଅପରିଚ୍ଛିନ୍ନ**—ସଂ. ବିଣ. ( ଅ+ପରିଚ୍ଛିନ୍ନ )—
Aparichchhinna ୧ । ଯାହାର ବିଭାଗ କରାଯାଇ ନ ପାରେ—
1. Indivisible.
୨ । ସ୍ଥିରୀକୃତ କରାଯାଇ ନ ଥିବା—
2. Unsettled; undefined.
୩ । ଅସୀମ—3. Unlimited.

**ଅପରିଛିନ୍ନ**—ଦେ. ବିଣ ( ସଂ. ଅପରିଚ୍ଛିନ୍ନ )—ଅପରିଚ୍ଛିନ୍ନ ( ଦେଖ )
Aparichhinna Aparichchhinna ( See ).

ତୋର ସନ୍ଦେହ ନାହିଁ ପୁଣ, ଅପରିଛିନ୍ନ ତେ ର ଗୁଣ ।
ଜଗନ୍ନାଥ. ଭାଗବତ. ୭ସ୍କ ।

**ଅପରିଜ୍ଞାତ**—ସଂ. ବିଣ ( ଅ+ପରିଜ୍ଞାତ )—୧ । ଅଜ୍ଞାତ—
Aparijñāta 1. Unknown.
୨ । ଅଳ୍ପ ଜଣା ଥିବା—2. Not well known.

**ଅପରିଜ୍ଞାନ**—ସଂ. ବି. ( ଅ+ପରିଜ୍ଞାନ )—ମୂର୍ଖତା—
Aparijñāna Stupidity; ignorance.

**ଅପରିଣତ**—ସଂ. ବିଣ ( ଅ=ନୁହେଁ+ପରି=ସମ୍ୟକ୍‌ରୂପେ+ନମ୍
Apariṇata ଧାତୁ=ନଇଁବା+କର୍ତ୍ତୃ. ତ; ଯାହା ଫଳଭାରରେ ନଇଁ ନାହିଁ )—୧ । ଅପକ୍ୱ—1. Unripe.
୨ । ଅସମ୍ପୂର୍ଣ୍ଣ—2. Incomplete.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଞ୍ଚ | ଡ଼ିଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ● | ନୁ |

**ଅପରିଣତବୟସ୍କ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ+ପରିଣତ+ବୟସ୍.)—
Aparinatabayask ୧ । ଯାହାର ବେଶି ବୟସ ହୋଇ
(ଅପରିଣତବୟସ୍କା—ସ୍ତ୍ରୀ) ନାହିଁ—1. Not mature in years.
୨ । ତରୁଣବୟସ୍କ—2. Young.

**ଅପରିଣାମଦର୍ଶୀ**—ସଂ. ବିଣ. ପୁଂ (ଅ+ପରିଣାମ+ଦୃଶ ଧାତୁ=ଦେଖିବା
Aparināmadarsī +କର୍ତ୍ତୃ. ଇନ୍; ୧ମା. ୧ବ)—ଶେଷରେ
(ଅପରିଣାମଦର୍ଶିନୀ—ସ୍ତ୍ରୀ) କଅଣ ହେବ ତାହା ଯେ ଭାବେ ନାହିଁ ବା ଦେଖେ ନାହିଁ; ଅବିବେଚକ—Inconsiderate; improvident; thoughtless.

**ଅପରିଣାମଦର୍ଶିତା**—ସଂ. ବି. ( ଅପରିଣାମଦର୍ଶିନ୍+ଭାବ. ତା )—
Aparināmadarsitā ବିବେଚନାହୀନତା—
Short sightedness; improvidence; thoughtlessness as to the future

**ଅପରିଣୀତ**—ସଂ. ବିଣ. ପୁଂ ( ଅ=ନୁହେଁ+ପରିଣୀତ=ବିବାହିତ )—
Aparinita ଅବିବାହିତ ( ପୁରୁଷ )—
(ଅପରିଣୀତା—ସ୍ତ୍ରୀ) Unmarried ( male ).

**ଅପରିତୁଷ୍ଟ**—ସଂ.ବିଣ.(ଅ=ନୁହେଁ+ପରିତୁଷ୍ଟ=ସନ୍ତୁଷ୍ଟ —ଅସନ୍ତୁଷ୍ଟ—
Aparitushta Unsatisfied; discontented

**ଅପରିତୃପ୍ତ**—ସଂ. ବିଣ. ( ଅ=ନୁହେଁ+ପରିତୃପ୍ତ )—ଅସନ୍ତୁଷ୍ଟ—
Aparitrupta Not satisfied; not satiated.

**ଅପରିତୃପ୍ତି**—ସଂ. ବି ( ଅ=ନୁହେଁ+ପରିତୃପ୍ତି )—ଅସନ୍ତୋଷ—
Aparitrupti Discontent.

**ଅପରିତୋଷ**—ସଂ. ବି. ( ଅ=ନୁହେଁ+ପରିତୋଷ=ସନ୍ତୋଷ )—
Aparitosha ଅସନ୍ତୋଷ—Dissatisfaction;
(ଅପରିତୁଷ୍ଟ - ବିଣ) discontent.

**ଅପରିତ୍ୟାଜ୍ୟ**—ସଂ. ବିଣ. (ଅ=ନୁହେଁ+ପରିତ୍ୟାଜ୍ୟ=ତ୍ୟାଗ କରିବାର
Aparityājya ଯୋଗ୍ୟ )—ଅପରିହାର୍ଯ୍ୟ; ଯାହା ତ୍ୟାଗ କରି ଯାଇ ନ ପାରେ—Not to be given up or abandoned.

**ଅପରିଦନ**—ଗ୍ରା. ବି—ଅପରଦନ ( ଦେଖ )
Aparidina Aparadina ( See ).

**ଅପରିପକ୍ୱ**—ସଂ. ବିଣ. (ଅ=ନୁହେଁ+ପରିପକ୍ୱ=ଉତ୍ତମରୂପେ ପକ୍ୱ)—
Aparipakwa ୧ । ଅପକ୍ୱ—1. Not quite ripe.
( ଅପରିପକ୍ୱତା ବି ) ୨ । ଅପରିଣତ—2. Immature.
୩ । କୌଶଳହୀନ—3. Unskilful

**ଅପରିପକ୍ୱତା** ସଂ. ବି. ( ଅପରିପକ୍ୱ+ଭାବ. ତା )—
Aparipakwatā ୧ । ପାଚି ନ ଥିବା ଅବସ୍ଥା—
1. Unripeness
୨ । ଅପରିଣତି; ଅପକ୍ୱଭାବ—
2. State of immaturity.

**ଅପରିବର୍ତ୍ତନୀୟ**—ସଂ. ବିଣ (ଅ=ନୁହେଁ+ପରିବର୍ତ୍ତନୀୟ=ପରିବର୍ତ୍ତନ-
Aparibarttaniya ଯୋଗ୍ୟ)—ସ୍ଥିର; ଯାହା ବଦଳେ ନାହିଁ—
Unchangeable; unalterable.

**ଅପରିମାଣ**—ସଂ. ବିଣ ( ବହୁବ୍ରୀହି; ଅ=ନାହିଁ+ପରିମାଣ )—
Aparimāna ଅସୀମ; ଅପରିମିତ; ଅତ୍ୟନ୍ତ—
( ଅପରିମିତ—ବିଣ ) Without measure; immense.

**ଅପରିମିତ**—ସଂ. ବିଣ ( ଅ=ନୁହେଁ+ପରିମିତ )
Aparimita ୧ । ଅସଂଖ୍ୟ—1. Innumerable.
୨ । ପ୍ରଚୁର—2. Immense.
୩ । ଅସୀମ—3. Limitless.
୪ । ଅତ୍ୟଧିକ—4. Immoderate.

**ଅପରିମିତଭୋଜନ**—ସଂ. ବି ( କର୍ମଧା; ଅପରିମିତ+ଭୋଜନ )—
Aparimitabhojana ସୀମାତିରିକ୍ତ ଭୋଜନ—
Immoderate meal.

**ଅପରିମିତଭୋଜୀ**—ସଂ. ବିଣ ( ଅପରିମିତ+ଭୁଜ୍+କର୍ତ୍ତୃ. ଇନ୍ ୧ମା.
Aparimitabhoji ୧ବ. )—ଯେ ପ୍ରଚୁର ବା ସୀମାତୀତ ଖାଦ୍ୟ ଖାଏ—One who eats immoderately.

**ଅପରିମିତାଚାରୀ**—ସଂ. ବିଣ.ପୁଂ.(ଅପରିମିତ+ଆ+ଚର୍ ଧାତୁ+କର୍ତ୍ତୃ ଇନ୍)
Aparimitāchārī —ଯେ ଅନିୟମରେ ଚଳେ—
(ଅପରିମିତାଚାରିଣୀ—ସ୍ତ୍ରୀ) Of intemperate conduct.

**ଅପରିମେୟ**—ସଂ. ବିଣ ( ଅ=ନୁହେଁ+ପରିମେୟ )—
Aparimeya ୧ । ଯାହାର ପରିମାଣ ହୋଇ ନ ପାରେ; ଅସୀମ—
1. Illimitable.
୨ । ଅପରିମିତ; ଅତ୍ୟନ୍ତ—
2. Immeasurable; immense.

**ଅପରିଶୀଳନ**—ସଂ. ବି ( ଅ=ନୁହେଁ+ପରିଶୀଳନ=ବିଦ୍ୟାଭ୍ୟାସ )—
Aparisilana ବିଦ୍ୟାନୁଶୀଳନର ଅଭାବ—Want of study; want of cultivation.

**ଅପରିଷ୍କାର**—ସଂ. ବି ( ଅ=ନୁହେଁ+ପରିଷ୍କାର=ନିର୍ମଳତା )—
Aparishkāra ଅନିର୍ମଳତା—Impurity; uncleanness.
ଦେ. ବିଣ—୧ । ଅପରିଷ୍କୃତ; ମଳିନ;
( ଅପରିଷ୍କୃତ—ବିଣ ) ଅନିର୍ମଳ; ଅମାର୍ଜିତ—1. Unclean.
୨ । ଅଶୁଦ୍ଧ—2. Impure;.
୩ । ଅସ୍ପଷ୍ଟ—3. Indistinct; vague; indefinite.

**ଅପରିଷ୍କୃତ**—ସଂ. ବିଣ ( ଅ=ନୁହେଁ+ପରିଷ୍କୃତ=ମାର୍ଜିତ )—
Aparishkruta ୧ । ଅମାର୍ଜିତ—1. Not cleansed; not refined.
୨ । ମଳିନ—2. Dirty; slovenly.

**ଅପରିସର**—ସଂ. ବିଣ ( ବହୁବ୍ରୀହି; ଅ=ନାହିଁ+ପରିସର )—
Aparisara ୧ । ଦୂର; ଯାହା ନିକଟବର୍ତ୍ତୀ ନୁହେଁ; ଦୂରସ୍ଥ—
1. Not contiguous; distant.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସଂକୀର୍ଣ୍ଣ; ସରୁଆ; ଯାହା ଚଉଡ଼ା ନୁହେ—
2. Narrow; not wide.

**ଅପରିସୀମ**—ସଂ. ବିଣ (ବହୁବ୍ରୀହି; ଅ + ପରିସୀମା = ଶେଷସୀମା)—
Aparisima ଅସୀମ; ଯାହାର ସୀମା ନାହିଁ—
Boundless; limitless.

**ଅପରିସ୍ଫୁଟ**—ସଂ. ବିଣ (ଅ = ନୁହେ + ପରିସ୍ଫୁଟ = ସ୍ପଷ୍ଟ)—ଅସ୍ପଷ୍ଟ;
Aparisphuta ଗୋଳମାଳିଆ—Indistinct; confused.

**ଅପରିହାର୍ଯ୍ୟ**—ସଂ. ବିଣ. [ଅ = ନୁହେ + ପରିହାର୍ଯ୍ୟ = ତ୍ୟାଜ୍ୟ]—
Apariharjya ଅତ୍ୟାଜ୍ୟ; ଅବଶ୍ୟମ୍ଭାବୀ—Unavoidable; inevitable; incapable of being escaped from.

**ଅପରୀକ୍ଷିତ**—ସଂ. ବିଣ. (ଅ = ନୁହେ + ପରୀକ୍ଷିତ = ପ୍ରମାଣିତ)—ଯାହା
Apariksbita ପରୀକ୍ଷା କରାଯାଇ ନାହିଁ; ଅପ୍ରମାଣିତ—Untried; unproved; not tested or examined.

**ଅପରୂପ**—ସଂ. ବିଣ. (ଅପ = ନିକୃଷ୍ଟ + ରୂପ)—୧ । ଅସୁନ୍ଦର—
Aparupa 1. Ugly; deformed.
୨ । ଅଦ୍ଭୁତ; ବିସ୍ମୟକର—2. Wonderful.
୩ । ଅପ୍ରତିମ; ତୁଳନାରହିତ—3. Incomparable.
ସଂ. ବି—୧ । ଅଦ୍ଭୁତରୂପ—1. Wonderful appearance.
୨ । କୁରୂପ—2. Deformity.

**ଅପରେ**—ଦେ. ଅ—ଆଉ; ଏବଂ—And; moreover.
Apare
ତୁହିଁ ଦେବଗୁଣିରେ, ଅପରେ ନରଗୁଣିମାନେ ।
ନିକଟେ ଯାଇ କୁହନ୍ତେ, ତୁହ୍ମାକୁ ଦେଖିବାର ଅଥେ ।
କବୋଧ, ଭଗବତ ।

**ଅପରେ କିଂ ଭବିଷ୍ୟତି**—ଗ୍ରା. (ସଂସ୍କୃତ ଶ୍ଳୋକରୁ ଉଦ୍ଧୃତ ଓ ବିକୃତ)
Apare kim bhabishyati ପ୍ରବଚନ—
ପରେ କଅଣ ଘଟିବ ତାହା ଜଣା ନାହିଁ—
A phrase meaning—it is not known what will happen afterwards.

[ଦ୍ର—ଏ ସମ୍ବନ୍ଧରେ ଗୋଟିଏ କାହାଣୀ ଅଛି । ଜଣେ ପଣ୍ଡିତ ଯାଉଁ ଯାଉଁ ବାଟରେ ଗୋଟିଏ ମଣିଷ ମୁଣ୍ଡର ଖପୁରି ପାଇଲେ । ଦେଖିଲେ ସେ କପାଳରେ ଲେଖା ଅଛି, "ଜନ୍ମନଂ ଯତ୍ର କୁତ୍ରାପି ମରଣଂ ବଟୁମଣ୍ଡପେ । ମରଣଂ ଗୋମତୀତୀରେ ଅପରେ କିଂ ଭବିଷ୍ୟତି ।" ଏ ଲୋକ ମାଗି ଯାଚି ଖାଉଥିଲା; ଘର ଅଭାବରେ ବାଟମଣ୍ଡପରେ ଶୋଉଥିଲା; ଗୋମତୀତୀରରେ ମରିବାରୁ ଏହାର ଅସ୍ଥି ନଦୀଗାମୀ ହେଲା; ଏଥି ପରେ କଅଣ ହେବ ଏହା ଜାଣିବାରେ କୁତୂହଳୀ ହୋଇ ପଣ୍ଡିତେ ସେ ଖପୁରିକି ନେଇ ଘରେ ଠାଇଁ ଦେଲେ । ପଣ୍ଡିତଙ୍କର ଦୁଇଟି ସ୍ତ୍ରୀ ଥିଲେ; ଦୁଇ ସ୍ତ୍ରୀଯାକ ବିଚାରିଲେ ଯେ ସେ ଦୁଇ ଜଣଙ୍କର ଅମଙ୍ଗଳ ପାଇଁ ପଣ୍ଡିତେ ମଲା ମଣିଷର ଖପୁରିଟାକୁ ଆଣି ଘରେ ଠାଇଁଛନ୍ତି । ଏହା ବିଚାରି ତାକୁ ଏକାବେଳେ ଛେଚି, ଚୂନା କରି ପାଣିରେ ପକାଇ ଦେବେ ବୋଲି ଭାବି ଦୁଇ ସବତୁଣୀଯାକ ଚିକିରେ ଖପୁରିକି କୁଟୁଥିଲେ; ପଣ୍ଡିତେ ଆସି ଦେଖି ବିଚାରିଲେ; ମୃତ୍ୟୁ ପରେ ମଧ୍ୟ ଖପୁରିର ଏଇ ଦଶା ଭୋଗିବାକୁ ଥିଲା ।]

**ଅପରେଦ୍ୟୁଃ**—ସଂ. କ୍ରି.ବିଣ. (ଅପର + ଏଦ୍ୟୁସ୍ = ଦିବସାର୍ଥେ; ନିପାତନ)—
Aparedyuh ୧ । ଅପରଦିନ—1. Another day.
୨ । ପଅରଦିନ—2. The day after tomorrow.
୩ । ଅପରଦିନ—3. Two days after tomorrow.

**ଅପରେସନ୍**—ବୈଦେ. ବି. (ଇଂ. ଅପରେସନ୍) ଡାକ୍ତର ଅସ୍ତ୍ରପ୍ରୟୋଗ—
Aparesan Surgical operation.
अपरेशन्
चीरफाड़्

**ଅପରେସନ୍ ଟେବୁଲ୍**—ବୈଦେ. ବି. (ଇଂ. ଅପରେସନ୍ ଟେବୁଲ୍)—
Aparesan tebul ଯେଉଁ ଟେବୁଲ ଉପରେ ଡାକ୍ତର ଅସ୍ତ୍ର ପ୍ରୟୋଗ କରାଯାଏ—
अपरेशन टेबुल
चीरफाड़का मेज Operation table.

**ଅପରେସନ୍ ରୁମ୍**—ବୈଦେ. ବି. (ଇଂ. ଅପରେସନ୍ ରୁମ୍)—ଯେଉଁ
Aparesan rum ଘରେ ଡାକ୍ତର ଅସ୍ତ୍ରପ୍ରୟୋଗ କରାଯାଏ—
अपरेशन् रूम् Operation-room.
चीरफाड़का कमरा

**ଅପରୋକ୍ଷ**—ସଂ. ବିଣ (ଅ = ନୁହେ + ପରୋକ୍ଷ = ଚକ୍ଷୁ ବା ଇନ୍ଦ୍ରିୟର
Aparoksha ଅବହିର୍ଭୂତ) ପ୍ରତ୍ୟକ୍ଷ; ସାକ୍ଷାତ୍—Not out of sight; not beyond the reach of the senses.

**ଅପର୍ଣ୍ଣ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ = ନାହିଁ + ପର୍ଣ୍ଣ = ପତ୍ର.)—
Aparnna ଅପତ୍ର; ପତ୍ରହୀନ; ପତ୍ରଶୂନ୍ୟ—Leafless; bare of foliage.

**ଅପର୍ଣ୍ଣା**—ସଂ ବିଣ. ସ୍ତ୍ରୀ (ବହୁବ୍ରୀହି; ଅ = ଅଭାବ + ପର୍ଣ୍ଣ = ପତ୍ର)—
Aparnna ପାର୍ବତୀ; ଦୁର୍ଗା—The Goddess Parbati.
[ଦ୍ର—ମହାଦେବଙ୍କୁ ପତି କରି ପାଇବା ମାନସରେ ହିମାଳୟରେ କଠୋର ତପସ୍ୟା କରିବା ସମୟରେ ଗଛର ପତ୍ର ସୁଦ୍ଧା ପାର୍ବତୀ ଆହାର କରୁ ନ ଥିଲେ ।]

**ଅପର୍ତ୍ତିଆଣୀ**—ଦେ. ବି. ଓ ବିଣ. (ସଂ ଅପ୍ରତ୍ୟୟ; ଯାହାଠାରେ ବଞ୍ଚିବାର
Aparttiani ପ୍ରତ୍ୟୟ ବା ବିଶ୍ୱାସ ନ ଥାଏ)—ଯେଉଁ ପିଲାର ଉପର ଭାଇ ବା ଭଉଣୀ ମରିଯାଇଥାଆନ୍ତି—
A child whose elder brother or sister has died before its birth.
[ଦ୍ର—ଅପର୍ତ୍ତିଆଣୀ ପିଲାକୁ ଯମ ଘୃଣା କରି ଛାଡ଼ି ଯିବ ଏହି ଉଦ୍ଦେଶ୍ୟରେ ପିତା ମାତା ସେମାନଙ୍କର ଗୋଟିଏ ଗୋଟିଏ ଘୃଣ୍ୟ ନାମ (ଯଥା—ଅପର୍ତ୍ତିଆ, ଦାଢ଼ିଆ, ପାଣୁଆ, କେଳା, କଣ୍ଡୁଆ, ଲୁଲୁଆ, ଘଠାଣିଆ, ଦକଡ଼ୁଆ, ଛକଡ଼ିଆ, ଫକୀର, ଗୁହିଆ, କଣା, ବକା ଓ ବାଳିକାଙ୍କୁ କଣୀ, ବକା, ପାଲୁଣୀ, ଦାଢ଼ିଆଣୀ) ଦିଅନ୍ତି । କେହି

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ଂ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ପୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ନ୍ବ |

କେହି ଶିଶୁର ଜନ୍ମମାତ୍ରେ ତାହାକୁ କୌଣସି ଦେବତାଙ୍କୁ ଦାନ କରି ଦିଅନ୍ତି । ପରେ ପିଲା ନ ମରି ବଞ୍ଚି ଗଲେ ପିଲାର ବ୍ରତ ବା କାନ-ଫୋଡ଼ା ବେଳେ କିଛି ଧନ ଦେଇ ପୁଣି ପିଲାକୁ ଦେବତାଙ୍କଠାରୁ କିଣି ଆଣନ୍ତି । ଅପର୍ତ୍ତିଆଣୀ ପିଲାଙ୍କର ଜନ୍ମ ପରେ ନାକ ଫୋଡ଼ି ଦେବାର ପ୍ରଥା ଅଛି । ]

**ଅପର୍ତ୍ତିଷ୍ଟା**—ଗ୍ରା. ବିଣ—ଅପ୍ରତିଷ୍ଠା ( ଦେଖ )
Aparttishṭā Apratishṭha ( See )

**ଅପର୍ବ**—ସଂ. ବିଣ. ( ଅ+ପର୍ବ=ଗଣ୍ଠି )—ଯାହାର ଗଣ୍ଠି ବା ପର୍ବ ନାହିଁ—
Aparba Without joints.

**ଅପର୍ଯ୍ୟାପ୍ତ**—ସଂ. ବିଣ. ( ଅ=ନୁହେ+ପର୍ଯ୍ୟାପ୍ତ=ଯଥେଷ୍ଟ; ଅ+ପରି+ଆପ ଧାତୁ+ତ )—
Aparjyāpta
୧ । ଅଯଥେଷ୍ଟ—1. Insufficient.
୨ । ଅସମ୍ପୂର୍ଣ୍ଣ—2. Incomplete.
୩ । ଅସୀମ; ଅଗଣିତ; ଅସଂଖ୍ୟ—
3. Unlimited; endless
୪ । ପର୍ଯ୍ୟାପ୍ତ ଅପେକ୍ଷା ଅଧିକ—
4. More than sufficient.

**ଅପଲ**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ପଲ=ମାଂସ. )—
Apaḻa ମାଂସହୀନ—Fleshless.
ସଂ. ବି. ( ଅପ+ଲା ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ )—
କୀଲକ; କୀଲା; ଖୁଣ୍ଟି—Pin; peg.

**ଅପଲପିତ**—ସଂ. ବିଣ. (ଅପ+ଲପ ଧାତୁ=କହିବା. ଣିଚ+ତ)—
Apaḻapita ଯାହାର ଅପଲାପ କରାଯାଇଅଛି; ଅପହ୍ନୁତ—
( a matter ) Which has been belittled in discussion.

**ଅପଲାପ**—ସଂ. ବି. ( ଅପ=ବିରୁଦ୍ଧ+ଲପ ଧାତୁ=କହିବା+ଭାବ. ଅ )—
Apaḻāpa
୧ । ଲୁଣ୍ଡିବା—1. Concealment.
୨ । ଅସ୍ୱୀକାର—2. Denial.
୩ । ଅନ୍ୟଥାଚରଣ—3. Doing otherwise.
୪ । ବଡ଼ କଥାକୁ ସାନ କରି କହିବା—
4. Belittling.

**ଅପଲାପ କରିବା**—ଦେ. କ୍ରି—୧ । ଲୁଣ୍ଡିବା—1. To conceal.
Applāla karibā ୨ । ଅସ୍ୱୀକାର କରିବା—
2. To deny.
୩ । ଅନ୍ୟଥାଚରଣ କରିବା—3. Not to do something one was told to do.
୪ । ବଡ଼ କଥାକୁ ସାନ କରି କହିବା—
4. To belittle a matter.

**ଅପଶଙ୍କ**—ସଂ. ବି. ପୁଂ. (ବହୁବ୍ରୀହି; ଅପ=ଅପଗତ+ଶଙ୍କା=ଭୟ)—
Apaśaṅka ନିଃଶଙ୍କ; ନିର୍ଭୟ—Fearless.

**ଅପଶଙ୍କା**—ସଂ. ବି. ସ୍ତ୍ରୀ.—ଅପଶଙ୍କର ସ୍ତ୍ରୀ ଲିଙ୍ଗ—
Apaśaṅkā Feminine of Apaśaṅka.
ସଂ. ବି. ( ଅପ=ଅମଙ୍ଗଳ+ଶଙ୍କା=ଭୟ )—
୧ । ଦୁଃଶଙ୍କା—1. Extreme fear.
୨ । ଆଶଙ୍କା—2. Misgivings.
୩ । ଅମଙ୍ଗଳାଶଙ୍କା—3. Portents.

**ଅପଶଙ୍କିତ**—ସଂ. ବିଣ. (ଅପଶଙ୍କା=ଅମଙ୍ଗଳ+ଶଙ୍କା+ଇତ=ଯୁକ୍ତ)—
Apaśaṅkita ୧ । ଆଶଙ୍କାଯୁକ୍ତ—1. Full of misgivings or forebodings.
୨ । ଅମଙ୍ଗଳାଶଙ୍କାଯୁକ୍ତ—
2. Ominous; portentous.

**ଅପଶଦ**—ସଂ. ବିଣ. ପୁଂ. ( ଅପ=ନିମ୍ନରେ+ଶଦ ଧାତୁ=ବସିବା; ଗମନ କରିବା+କର୍ତ୍ତୃ. ଅ )—
Apaśada
(ଅପଶଦା—ସ୍ତ୍ରୀ) ଯେ ସମସ୍ତଙ୍କ ତଳେ ବା ନୀଚରେ ବସେ—
Sitting below others.
ସଂ. ବି. ପୁଂ—୧ । ଅଧମ ବ୍ୟକ୍ତି—
1. A mean person.
୨ । ସମାଜରୁ ବହିଷ୍କୃତ ବ୍ୟକ୍ତି—2. Outcaste.
୩ । ଅଛୁଆଁ ବା ନୀଚଜାତୀୟ ବ୍ୟକ୍ତି—
3. Untouchable caste.
୪ । ଜାରଜ ସନ୍ତାନ—4. Illegitimate child.

**ଅପଶବ୍ଦ**—ସଂ. ବି. ( ଅପ=ଅଧମ+ନିକୃଷ୍ଟ+ଶବ୍ଦ )—
Apaśabda ୧ । ବ୍ୟାକରଣବିରୁଦ୍ଧ ଶବ୍ଦ—
1. Ungrammatical word.
୨ । ଅପଭ୍ରଷ୍ଟ ଶବ୍ଦ—2. Vulgar word; slang.
୩ । କୁଶବ୍ଦ; ଅଶ୍ଳୀଳ ଶବ୍ଦ—
3. Indecent or obscene word.
୪ । ଇତର ଶବ୍ଦ—4. Low discourse.

**ଅପଶବ୍ଦାଭାସ**—ସଂ. ବି—କାବ୍ୟଦୋଷବିଶେଷ ( ଯହିଁରେ ଭଲ ଅର୍ଥରେ ପ୍ରଯୁକ୍ତ ଶବ୍ଦ ଅପଶବ୍ଦପରି ଶୁଣାଯାଏ )—
Apaśabdābhāsa
A defect in composition.
ଉଦାହରଣ—ସୁକରକା ଚନ୍ଦ୍ରଭେଗ ହରିଲ ତ ଦଧି
ସେ କୁକର ହୋଇ କସ ଏଡ଼େ ମଦକୁଛି ।
ଅଭିମନ୍ୟୁ. ବଦଚୁଡ଼ାମଣି ।

**ଅପଶା**—ଗ୍ରା. ବିଣ—ଯେଉଁ ନଦୀର ପାଣିରେ ପଶି କରି ଯାଇ ହୁଏ ନାହିଁ; ଯହିଁରେ ଏକ ପୁରୁଷରୁ ବେଶି ପାଣି ଥାଏ; ଅଥଳ—ଅପାର ଅଗାଧ
Apaśā Unfordable ( river ); more than a man's depth.

**ଅପଶିଖ**—ସଂ. ବିଣ.ପୁଂ. (ବହୁବ୍ରୀହି; ଅପ=ଅପଗତ+ଶିଖା=କେଶ)—
Apaśikha ଲଣ୍ଡାମୁଣ୍ଡିଆ—With cropped hair.

**ଅପଶିଷ୍ୟ**—ସଂ. ବି. ( ଅପ+ଶିଷ୍ୟ )—କୁଶିଷ୍ୟ—
Apaśishya Bad disciple.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଅପନ୍ତୁରୁ ଅବା ଅପଶିଷ୍ୟ ନ ଜାଣଇ । ପ୍ରାଚୀ. ଗୁରୁଭକ୍ତି ଗୀତା ।

**ଅପଶୋକ**—ସଂ. ବିଣ. ପୁ. ( ବହୁବ୍ରୀହି; ଅପ=ଅପଗତ+ଶୋକ )—
Apaśoka ୧ । ଶୋକରହିତ—Free from grief or sorrow.
(ଅପଶୋକା—ସ୍ତ୍ରୀ )
୨ । ଯାହାର ଶୋକର ପ୍ରଶମନ ହୋଇଅଛି—
2. One whose grief has been assuaged.
ସଂ. ବି—ଅଶୋକ ବୃକ୍ଷ—A flowering tree; Janisas Asoka.

**ଅପଷ୍ଟ**—ଗ୍ରା. ବିଣ. ( ସଂ. ଅସ୍ପଷ୍ଟ )—ଅସ୍ପଷ୍ଟ—
Apashṭa Unintelligible; not clear.
অস্পষ্ট

**ଅପଷ୍ଠୁ**—ସଂ. ବିଣ. ( ଅପ=ବିପରୀତ+ସ୍ଥା ଧାତୁ=ରହିବା+ଉ ପ୍ରତ୍ୟୟ )—
Apashṭhu
୧ । ପ୍ରତିକୂଳ—1. Not favourable.
୨ । ବିପରୀତ—2. Opposite.

**ଅପସନ୍ଦ**—ଦେ. ବିଣ. ( ସଂ. ଅ+ଅ. ପସନ୍ଦ୍ )—
Apasanda ୧ । ଗରପସନ୍ଦ; ନାପସନ୍ଦ; ଅମନୋନୀତ—1. Unapproved.
অপছন্দ, নাপছন্দ
गरपसन्द ୨ । ଅନାଦୃତ—2. Not respected.
नापसन्द
୩ । ଉପହସିତ—3. Jeered at.
୪ । ନିନ୍ଦିତ—4. Blamed.
୫ । ବିଶ୍ୱାସର ଅଯୋଗ୍ୟ—5 Unbelievable; unreliable.
୬ । ହୀନ—6. Wretched.
ଧିକ ଧିକ ମନ କଥ ଅପସନ୍ଦ ନାୟକଙ୍କୁ ନିନ୍ଦାଇବାର । ବିଦଗ୍ଧ ।
ଦେ. ବି—୧ । ନିନ୍ଦା—1. Blame.
୨ । ଅନନୁମୋଦନ—2. Disapproval.

**ଅପସବ୍ୟ**—ସଂ. ବିଣ ( ଅପ=ବିପରୀତ+ସବ୍ୟ=ବାମ )—
Apasabya ୧ । ଦକ୍ଷିଣ ଦିଗ ସମ୍ବନ୍ଧୀୟ—1. Southern.
(ସବ୍ୟ—ବିପରୀତ) ୨ । ଡାହାଣ—2. Right.
ମୋର ତନୁ ସବ୍ୟ ଅବା ଅପସବ୍ୟ ଭବେ,
ସମସ୍ତେ ରକ୍ଷା କର ନରସିଂହ ଦେବେ । ପୀତାମ୍ବର. ନୃସିଂହପୁରାଣ ।
ସଂ. ବି—ପିତୃତର୍ପଣ ବା ଶ୍ରାଦ୍ଧବେଳେ ପଇତାକୁ ଡାହାଣ କାନ୍ଧରେ ପକାଇବା—The act of putting the sacred thread on the right shoulder at the time of offering oblations to the manes of the ancestors.

**ଅପସ୍ମାରୁ**—ଗ୍ରା. ବି. (ସ. ଅପସ୍ମାର)—ଅପସ୍ମାର ( ଦେଖ )
Apasamāru Apasmāra ( See )

**ଅପସର**—ଦେ. ବି—ବଡ଼ ମାଣ୍ଡି; ବଡ଼ ତକିଆ—
Apasara A large cushioned pillow.
বড় তাকিয়া ଝୀନ ବସନ ଶେଯାଇ ରତ୍ନପଲଙ୍କେ ପୁଷ୍ପ ବସ୍ତ୍ର,
गाउतकिआ ଯୋଗାଇ ଶିରକୁ ଅପସର କର୍ପୂର ଥୂଳ ସିଷ୍ଟ । ଭକ୍ତଦାସ. ମଥୁରାମଙ୍ଗଳ ।

**ଅପସରଣ**—ସଂ. ବି. ( ଅପ=ଦୂରକୁ+ସୃ ଧାତୁ+ଘୁଞ୍ଚିବା+ଭାବ. ଅନ )—
Apasaraṇa ୧ । ସ୍ଥାନାନ୍ତରକୁ ଗମନ; ପଳାୟନ—
(ଅପସୃତ—ସ୍ତ୍ରୀ) 1. Going away to a distance.
୨ । ଘୁଞ୍ଚିଯିବା—2. Moving off.
୩ । ଦୂରକୁ ଯିବା—3. Withdrawal; removal.
୪ । ପଛକୁ ହଟି ଯିବା—4. Moving back.

**ଅପସରସା**—ଦେ. ପଦ୍ୟ. ବି. ( ସଂ. ଅପ୍ସରସଃ )—ଅପ୍ସରାଗଣ—
Apasarasā Heavenly nymphs.
ବଳା ତେଙ୍ଗୁ ଦେଇ କି ଅପସରସା, ବଳାତ୍କାରେ ଗୋପଗୁଣେ ଛଡ଼ାଇ ରସା ।
ଭଞ୍ଜ. ବୈଦେହୀଶବିଳାସ. ୨୩।୨୫ ।

**ଅପସରା**—ଦେ. ପଦ୍ୟ. ବି. ( ସଂ.=ଅପ୍ସରସ୍ ଶବ୍ଦଜ )—
Apasarā
অপ্সরা ୧ । ସ୍ୱର୍ଗବେଶ୍ୟା; ଅପ୍ସରା—
अपछरा
1. The heavenly nymphs.
ଯେବେ ବ୍ରହ୍ମା ଅପସରାକୁ ଶାପ ଦେଲେ—କୃଷ୍ଣସିଂହ ମହାଭାରତ ଆଦି ।
୨ । ଅପ୍ସରାର ଡାକ ନାମ—
2. The name for calling Apsarā

**ଅପସରାଇବା**—ଦେ. କ୍ରି—ଅପସରିବାର ଣିଜନ୍ତ ରୂପ—
Apasarāibā The causative form of Apasaribā.
अपसराना
हटाना

**ଅପସରିବା**—ଦେ. ପଦ୍ୟ. କ୍ରି. ( ଅପ=ସୃ ଧାତୁ )—
Apasaribā ୧ । ପଛକୁ ଘୁଞ୍ଚିବା—1. To move back.
হটেযাওয়া ୨ । ଦୂରକୁ ଘୁଞ୍ଚିବା—2. To go away.
हटना ୩ । ( ଲକ୍ଷଣାର୍ଥ ) ନିକୃଷ୍ଟତର ହେବା—
3. ( fig ) To be inferior.
ଅପସରିଯିବ ରୂପେ ରମ୍ଭା ଅପସରୀ—ଉଦ୍ଭରେଖା ।

**ଅପସରୀ**—ଗ୍ରା. ବି. ( ସଂ. ଅପ୍ସରସ୍ )—ସ୍ୱର୍ଗବେଶ୍ୟା; ଅପ୍ସରୀ ।
Apasarī The heavenly nymph.
ବାରବାର ବହନ୍ତି ନୃତ୍ୟ ଅପସରୀ । ଭଞ୍ଜ. ବୈଦେହୀଶବିଳାସ, ୪୨।୨ ।

**ଅପସର୍ଜନ**—ସଂ. ବି. (ଅପ+ସୃଜ=ତ୍ୟାଗ କରିବା+ଭାବ. ଅନ )—
Apasarjana
୧ । ଦାନ—1. Gift; giving away.
୨ । ପରିତ୍ୟାଗ; ବିସର୍ଜନ—2. Abandonment.
୩ । ଅପବର୍ଗ—3. Beatitude.
୪ । ମୁକ୍ତି—4. Release.
୫ । ମାରଣ; ହତ୍ୟା—4. Killing; murder.

**ଅପସର୍ପ**—ସଂ. ବି. ପୁଂ. ( ଅପ=ଗୋପନରେ+ସୃପ ଧାତୁ=ଗମନ କରିବା+କର୍ତ୍ତୃ. ଅ )—
Apasarpa

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଯ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ହ୍ନ |

୧ । ଯେ ଗୋପନରେ ଯିବା ଆସିବା କରେ; ଗୁପ୍ତଚର—
1. Spy; secret emissary.
୨ । ଗୋଇନ୍ଦା—2. A detective.

**ଅପସର୍ପଣ**—ସଂ. ବି—(ଅପ + ସୃପ ଧାତୁ + ଭାବେ ଅନ) ଅପସରଣ (ଦେଖ)
Apasarpaṇa Apasaraṇa ( See )

**ଅପସାର**—ସଂ. ବି· ( ଅପ = ନିମ୍ନ + ସୃ ଧାତୁ + ଭାବେ. ଅ )—
Apasāra ଅପସରଣ ( ଦେଖ )—Apasaraṇa ( See )

**ଅପସାରଣ**—ସଂ. ବି. ( ଅପ = ନିମ୍ନ + ସୃ ଧାତୁ + ଭାବେ ଅନ )—
Apasāraṇa ୧ । ଅପନୟନ; ତଳକୁ ଘୁଞ୍ଚାଇବା—
(ଅପସାରିତ—ବିଣ) Pushing down.
୨ । କାଢି ନେବା—2. Removal.

**ଅପସାରିତ**—ସଂ. ବିଣ. (ଅପ = ଦୂରକୁ + ସୃ ଧାତୁ ଣିଚ୍ = ସାର + କର୍ମ ତ)—
Apasārita ୧ । ଘୁଞ୍ଚାଇ ଦିଆଯାଇଥିବା—1. Removed.
୨ । ଦୂରୀକୃତ—2 Driven away.
୩ । ସ୍ଥାନାନ୍ତରକୁ ନୀତ—3. Withdrawn.

**ଅପସାରିବା**—ଦେ. କ୍ରି—ଅପସରିବାର ଣିଜନ୍ତରୂପ—
Apasāribā The causative of Apasaribā.
अपसरान
हटाना

**ଅପସୃତ**—ସଂ. ବିଣ. ( ଅପ = ଦୂରକୁ + ସୃ ଧାତୁ + କର୍ତ୍ତୃ. ତ )—
Apasṛuta ୧ । ଗତ—1. Gone away; departed.
୨ । ଚଳିତ; ଅପଗତ; ପଳାୟିତ—
2. Run away; slipped away.

**ଅପସ୍କର**—ସଂ. ବି. (ଅପ = ନିମ୍ନକୁ + କୃ ଧାତୁ + କର୍ମ. ଅ (ନିପାତନସିଦ୍ଧ)
Apaskara ୧ । ଗୁହ୍ୟଦ୍ୱାର—1. The anus.
୨ । ବିଷ୍ଠା—2 Excrement.
୩ । ରଥାବୟବ—
3. The component parts of a car.
୪ । ଅକ୍ଷଯୁଗ; ଅକ୍ଷ—4. Axle of a car.

**ଅପସ୍ତୁ**—ଗ୍ରା. ବି. (ସଂ. ଉପସ୍ଥ )—ଭଗ; ଲିଙ୍ଗ—
Apastu One's private parts.
(ଯଥା—ସେ ମୋତେ ଅପସ୍ତୁ ଦେଖାଇ ଗାଳି ଦେଲା )

**ଅପସ୍ନାତ**—ସଂ. ବିଣ (ଅପ = ଅମଙ୍ଗଳ + ସ୍ନା ଧାତୁ = ସ୍ନାନ କରିବା +
Apasnāta କର୍ତ୍ତୃ. ତ)—୧ । ମୃତ୍ୟୁ ପରେ ସ୍ନାତ; ସ୍ନାତ ହୋଇ-
(ଅପସ୍ନାନ—ବି) ଥିବା (ମୃତ ଦେହ)—1 ( dead body) Washed.
୨ । ଅଶୌଚ ପରେ ସ୍ନାତ—2. Bathed for the purpose of purification after funerals.

**ଅପସ୍ନାନ**—ସଂ. ବି (ଅପ + ସ୍ନା ଧାତୁ = ସ୍ନାନ କରିବା + ଭାବ. ଅନ)—
Apasnāna ୧ । ଅଶୌଚାନ୍ତେ ସ୍ନାନ—1. Bath for the
( ଅପସ୍ନାତ—ବିଣ ) purpose of purification after funerals.
୨ । ଦାହ ପୂର୍ବରୁ ଶବର ସ୍ନାନ—
2. Bath of a dead body before cremation.

**ଅପସ୍ମାର**—ସଂ. ବି—(ଅପ = ବିନଷ୍ଟ + ସ୍ମୃ ଧାତୁ + ଭାବ ଅ. ଯାହାଦ୍ୱାରା
Apasmāra ସ୍ମରଣଶକ୍ତି ଲୁପ୍ତ ହୁଏ)—୧ । ବାତଜନିତ ମୂର୍ଚ୍ଛା
ରୋଗ—1. Epilepsy.
୨ । (କାବ୍ୟାଳଙ୍କାର) ଭୂତାଦିର ଆବେଶଜନ୍ୟ ମନର ବିକଳତା; ମୂର୍ଚ୍ଛା; (କମ୍ପ, ଘର୍ମ, ଫେନ ଓ ଲାଳ ଏହାର ଜ୍ଞାପକ)—
2. Fit of a person possessed by a ghost.
୩ । ଯୋଷାପସ୍ମାର—3. Hysteria.
୪ । ନିର୍ବେଦ, ଜଡ଼ତା, ମୋହ ଆଦି ତେତିଶ ଗୋଟି ସଞ୍ଚାରୀ ଭାବରୁ ଏକତମ—4. One of the 33 mental conditions of sentiments.

**ଅପସ୍ମାରୁ**—ଗ୍ରା. ବି (ସଂ. ଅପସ୍ମାର)—ଅପସ୍ମାର (ଦେଖ)
Apasmāru Apasmāra (See)

**ଅପହଞ୍ଚ**—ଦେ. ବିଣ—୧ । ଦୁଷ୍ପ୍ରବେଶ୍ୟ—1. Impenetrable.
Apahañcha ୨ । ଦୁଷ୍ପ୍ରାପ୍ୟ—2. Unattainable.
୩ । (ଯାହା) ଦୂରରେ ବା ଉଚ୍ଚରେ ଥିବାରୁ ଯାହାକୁ ହାତ ପାଏ ନାହିଁ—3. Which cannot be reached; beyond the reach of one's hand.
୪ । ଯାହା ଲକ୍ଷ୍ୟ ସ୍ଥାନରେ ପହଞ୍ଚେ ନାହିଁ—
4. Not reaching the aim or target.

ଯେତେକ ନଳ ତା ସରିଲା, ସେ କାଣ୍ଡ ଅପହଞ୍ଚ ହେଲା ।
ପ୍ରାଚୀ—ନିର୍ଣ୍ଣମାହାତ୍ମ୍ୟ

ଦେ. ବି—ଦୁଷ୍ପ୍ରାପ୍ୟତା—The state of being unattainable.

**ଅପହଡ଼**—ଦେ. ବିଣ—୧ । ଉନ୍ନିଦ୍ର—1. Sleepless; wakeful.
Apaharḍa ୨ । ଉଦ୍‌ବୁଦ୍ଧ; ନିଦ୍ରାରୁ ଜାଗରିତ—
2. Awaken from sleep.
୩ । ଅନିଦ୍ରିତ—3. Not yet asleep.
ଦେ. ବି—୧ । ନିଦ୍ରାରାହିତ୍ୟ—1. Sleeplessness.
୨ । ଉନ୍ନିଦ୍ରତା—2. Wakefulness.

**ଅପହତ**—ସଂ. ବିଣ ( ଅପ + ହନ୍ ଧାତୁ + କର୍ମ. ତ )—୧ । ଅପନୀତ;
Apahata ଅପସାରିତ—1. Removed; taken away.
(ଅପହନନ—ବି.) ୨ । ବିନଷ୍ଟ—2. Distroyed.
୩ । ନିହତ—3. Murdered; killed.

**ଅପହନ୍ତା**—ସଂ. ବିଣ. ପୁଂ (ଅପ + ହନ୍ ଧାତୁ + କର୍ତ୍ତୃ. ତୃ. ୧ମା. ୧ବ.)—
Apahantā ୧ । ବିନାଶକାରୀ—1. Distroying;
(ଅପହନ୍ତ୍ରୀ—ସ୍ତ୍ରୀ) destructive; ruinous.
୨ । ଘାତକ; ହତ୍ୟାକାରୀ—2. Murderous.
ସଂ. ବି—୧ । ଘାତକ ବ୍ୟକ୍ତି—1. Murderer.
୨ । ବିନାଶକ—2. Destroyer.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଂଖ୍ୟାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଇଁ' ନ ମିଳିଲେ 'ଭୂଇଁ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କାଁ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବ୍ବତ୍' ଦେଖିବେ ।

**ଅପହରଣ**—ସଂ. ବି. ( ଅପ + ହୃ ଧାତୁ + ଭାବ. ଅନ )—ଚୌର୍ଯ୍ୟ; Apaharaṇa ଚୋରି—Theft; stealing.

(ଅପହୃତ—ବିଣ) ଦେ. ବିଣ (ସଂ. ଅ + ପରିହିତ)—୧ । ଅପରିହିତ; ଲୁଗା ପିନ୍ଧି ନ ଥିବା; ନଗ୍ନ—
2. Naked; undressed.
୨ । ଉତ୍ତମ ବସ୍ତ୍ର ବା ପୋଷାକ ପିନ୍ଧି ନ ଥିବା—
2. Not properly or well dressed.

**ଅପହରିବା**—ଦେ. ସଦ୍ୟ. କ୍ରି ( ସଂ. ଅପହରଣ )—ଅପହରଣ କରିବା; Apaharibā ଚୋରି କରିବା—To steal; to commit theft

**ଅପହର୍ତ୍ତା**—ସଂ. ବିଣ. ପୁଂ (ଅପ + ହୃ ଧାତୁ + କର୍ତ୍ତୃ. ତୃ. ୧ମା ୧ବ)—
Apahartha ୧ । ଅପହରଣଶୀଳ—1. Habituated to stealing.
(ଅପହର୍ତ୍ତ୍ରୀ—ସ୍ତ୍ରୀ)
୨ । ଅପହରଣକାରୀ; ଚୋରି କରିଥିବା (ବ୍ୟକ୍ତି)—
2. Stealing; plundering (person)
ସଂ. ବି—ଚୋର—Thief; robber.

**ଅପହସିତ**—ସଂ. ବି (ଅପ=କୁତ୍ସିତ + ହସିତ=ହାସ୍ୟ)—
Apahasita ୧ । ଉଚ୍ଚହାସ୍ୟ—1. Loud laughter.
୨ । ବିକଟହାସ୍ୟ—2. Fierce laughter.
(ହାସ୍ୟ ଶବ୍ଦେ ନୋଟ—ଦେଖ)
ସ. ବିଣ—ଉପହସିତ—Rediculed.

**ଅପହସ୍ତ**—ସଂ. ବିଣ. ପୁଂ ( ଅପ + ହସ୍ତ )—୧ । ଉଭୟହସ୍ତଦ୍ୱାରା
Apahasta ଅପସାରିତ—1. Pushed away or driven away by the hands.
(ଅପହସ୍ତା—ସ୍ତ୍ରୀ)
୨ । ଅପହୃତ—2. Stolen.

**ଅପହସ୍ତିତ**—ସଂ. ବିଣ. ପୁଂ ( ଅପ + ହସ୍ତ + ଇତ )—
Apahastita ୧ । ଅପହୃତ—1. Stolen
୨ । ଅପସାରିତ—2. Removed.
୩ । ସ୍ଥାନାନ୍ତରିତ—3. Transferred.
୪ । ପରିତ୍ୟକ୍ତ—4. Abandoned.
୫ । ହସ୍ତବହିର୍ଭୂତ—5. Out of the hands.
୬ । ଅପହସ୍ତ; ହାତ ପାଇବା ସ୍ଥାନ ଅପେକ୍ଷା ଅପେକ୍ଷାକୃତ ଦୂରରେ ସ୍ଥିତ—
6. Beyond the reach of one's hands.

**ଅପହା**—ସଂ. ବିଣ ପୁଂ. ଓ ସ୍ତ୍ରୀ. (ଅପ + ହନ୍ ଧାତୁ + କର୍ତ୍ତୃ. କ୍ୱିପ୍)—
Apahā ୧ । ହତ୍ୟାକାରୀ—Murdering.
୨ । ବିନାଶକ; ଉଚ୍ଛେଦକ—2. Destroying.

**ଅପହାର**—ସଂ. ବି ( ଅପ + ହୃ ଧାତୁ + ଭାବ. ଅ )—
Apahāra ୧ । ଅପହରଣ; ଚୌର୍ଯ୍ୟ, ଚୋରି—
1 Theft; stealing.
୨ । ଅପବ୍ୟୟ—2. Waste.
୩ । କ୍ଷତି—3. Loss.
୪ । ସଂଗୋପନ—4. Concealment; hiding.
୫ । ଧନସ୍ୱାମୀର ଅନୁପଯୋଗୀ ବ୍ୟୟ—
5. Unnecessary expenses.
ଗ୍ରା. ବିଣ—(ତୁଳନା କର ଓ. ହାରିବା)—ପରାଜିତ—Vanquished.
ଦେବତାଙ୍କ ସମରେ ସେ ହୋଏ ଅପହାର । ସାରଳା ମହାଭାରତ, ମଧ୍ୟ।

**ଅପହାରକ**—ସଂ. ବିଣ. ପୁଂ ( ଅପ + ହୃ ଧାତୁ + କର୍ତ୍ତୃ. ଣକ )—
Apahāraka ଅପହର୍ତ୍ତା ( ଦେଖ )
( ଅପହାରିକା—ସ୍ତ୍ରୀ ) Apahartta ( See )

**ଅପହାରୀ**—ସଂ. ବିଣ. ପୁଂ ( ଅପ + ହୃ ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ )
Apahāri ଅପହର୍ତ୍ତା ( ଦେଖ )
( ଅପହାରିଣୀ—ସ୍ତ୍ରୀ ) Apahartta ( See )

**ଅପହାସ**—ସଂ. ବି. ( ଅପ=ଉତ୍କୃଷ୍ଟ, ଗ୍ଳାନ + ହାସ )—
Apahāsa ୧ । ଅକାରଣରେ ହାସ୍ୟ—
1. Laughter without cause.
୨ । ଉପହାସ—2 Sneer.
୩ । ଉଚ୍ଚହାସ୍ୟ—3. Loud laughter.

**ଅପହୁଞ୍ଚ**—ଦେ. ବି. ଓ ବିଣ—ଅପହଞ୍ଚ ( ଦେଖ )
Apahuñcha Apahañcha ( See )

**ଅପହୁଡ଼**—ଦେ. ବିଣ. ଓ ବି—ଅପହଡ଼ ( ଦେଖ )
Apahuṛa Apahaṛa ( See )
ପ୍ରାତଃକାଳେ ପ୍ରକାଶକେ ଅପହୁଡ଼ ହୋଇ
ସେ ସାହାର ତଡ଼ଂକର୍ମ ସକଳେ ବହାଇ ।
ପ୍ରାଚୀ—ନଳଚରିତ ।

**ଅପହୃତ**—ସଂ. ବିଣ ( ଅପ + ହୃ ଧାତୁ + କର୍ମ. ତ )—
Apahṛuta ୧ । ଚୋରି କରାଯାଇଥିବା ( ବସ୍ତୁ )
( ଅପହୃତା—ସ୍ତ୍ରୀ ) 1. Stolen; robbed; plundered.
୨ । ଅପହରଣ ବା ଚୋରିଦ୍ୱାରା ପ୍ରାପ୍ତ—
2. Gained by theft or robbery.

**ଅପହ୍ନବ**—ସଂ. ବି ( ଅପ + ହ୍ନୁ ଧାତୁ=ଗୋପନ କରିବା + ଭାବ. ଅ)—
Apahnaba ୧ । କୌଣସି ବିଷୟକୁ ଜାଣିକରି ଗୋପନ କରିବା
( ଅପହ୍ନୁତ—ବିଣ ) ବା ଲୁଚାଇବା—
1. concealment; ignoring.
୨ । ଅସ୍ୱୀକାର—2. Denial.
୩ । ମିଥ୍ୟା—3. A lie; falsehood.
୪ । ସତ୍ୟର ଅପଲାପ—
4. Concealment of truth.

**ଅପ + ହ୍ନୁ** ( ଧାତୁ )—ସଂ.—ଗୋପନ କରିବା;
Apa+hnu (root) ଲୁଚାଇବା—1. To conceal.
୨ । ଜାଣି ନ ଜାଣିଲା ପରି କାର୍ଯ୍ୟ କରିବା—
2. To ignore.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇଅ | ଉଅ | ଞ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଈ | ନୃ |

୩ । ମିଥ୍ୟା କହିବା—3. To lie.

୪ । ଅସ୍ୱୀକାର କରିବା—4. To deny.

**ଅପହ୍ନୁତ**—ସଂ. ବିଣ. ( ଅପ + ହ୍ନୁ ଧାତୁ + କର୍ମ. ତ )—
Apahnuta ୧ । ଗୋପିତ; ଲୁକ୍କାୟିତ—1. Concealed.
ଅପହ୍ନୁତି } ବି. ୨ । ଅସ୍ୱୀକୃତ—2. Denied.
ଅପହ୍ନବ

**ଅପହ୍ନୁତି**—ସଂ. ବି. ( ଅପ + ହ୍ନୁ ଧାତୁ + ଭାବ. ତି )—
Apahnuti ଅପହ୍ନବ ( ଦେଖ )
(ଅପହ୍ନୁତ—ବିଣ) Apahnaba ( See )
୨ । (ଉପମାଲଙ୍କାର) ଉପମେୟକୁ ଗୋପନ କରି ଉପମାନର ସ୍ଥାପନ—2. A figure in Rhetoric.
[ ଏହାର ଉଦାହରଣ—
ଅବେଦ ଲଗାଇ ସିନ୍ଦୁର ବିନ୍ଦୁ ରମଣ
ନୁହଇ ସିନ୍ଦୁର ରହିଛି ସୁର ହୃଦୟ ଲାଗି । ରାଧାନାଥ. ଚନ୍ଦ୍ରଭାଗା । ]

**ଅପା**—ଦେ. ବି. ସ୍ତ୍ରୀ. ( ଦ୍ରା. ଅପା = ବଡ଼ ଭଉଣୀ; ତେ = ଅକ୍କା = ବଡ଼ ଭଉଣୀ )—
Apā
ଜିଦୀ ବଡ଼ ଭଉଣୀ—Elder sister.
**आपा**
ରେଣୁକା ବୋଇଲେ ବଦଳାଇ କରି ଅପା
ମୋହର ତନୁ ଭକ୍ଷଣ କଲ ତୁମ୍ଭେ କପି । ସାରଳା. ମହାଭାରତ ।
[ ଦ୍ର—କ୍ଷତ୍ରିୟ ଓ ଶୂଦ୍ରମାନଙ୍କ ମଧ୍ୟରେ ଏ ଶବ୍ଦ ଏ ଅର୍ଥରେ ବ୍ୟବହୃତ ହୁଏ । ]
ପୁଂ— ତେଲଙ୍ଗା ଶୂଦ୍ରମାନଙ୍କର ବଂଶୋପାଧିବିଶେଷ—
A family title among the Telgu—Sūdras.

**ଅପାଉତି**—ଗ୍ରା. ପଦ୍ୟ. ବିଣ. ( ସଂ. ଅପ୍ରାପ୍ତ )—
Apāuti ୧ । ଅପହଞ୍ଚ ( ଦେଖ )
1. Apahañcha ( See )
ଦୁଇ ସେନାପାଳ ସେ କାନ୍ତି ଅପାଉତି
ଗ୍ଲାନି ରହି ଦେଖିଲେ ଯୁଦ୍ଧେ ଦେଇ ମତି । କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।
୨ । ଅପ୍ରାପ୍ତ—2. Not received.

**ଅପାଂକ୍ତେୟ**—ସଂ. ବିଣ. (ଅ + ପଂକ୍ତି + ଅର୍ହାର୍ଥେ ଏୟ—ଯେ ପଂକ୍ତିରେ
Apāṁkteya ବସିବାର ଅଯୋଗ୍ୟ; ସମାଜରେ ଅନ୍ୟମାନଙ୍କ ସଙ୍ଗେ ଏକ ପଂକ୍ତିରେ ବସି ଭୋଜନ କରିବା ପାଇଁ ଯାହାକୁ ବାରଣ କରାଯାଏ )—
୧ । ଏକଘରିଆ; ସମାଜଚ୍ୟୁତ—
1. Excomminicated; outcasted.
୨ । ଅସାମାଜିକ—2. Unsocial.
୩ । ଅଶ୍ରେଣୀବଦ୍ଧ—3. Not formed into a line or series.

**ଅପାଂନିଧି**—ସଂ.ବି.(ଅପାଂ = ଜଳ ରାଶିର + ନିଧି = ସ୍ଥାନ;ଅଲୁକ୍ ସମାସ)—
Apāṁnidhi ୧ । ସମୁଦ୍ର—1. The sea.
୨ । ବିଷ୍ଣୁ—2. Bishṇu.

**ଅପାଂପତି**—ସଂ. ବି. ( ଅପାଂ = ଜଳରାଶିର + ପତି = ସ୍ୱାମୀ )—
Apāṁpati ୧ । ସମୁଦ୍ର—The sea.
୨ । ବରୁଣ—2. The Sea God.

**ଅପାକ**—ସଂ. ବି. ( ଅ + ପଚ ଧାତୁ + ଭାବ. ଅ )—
Apāka ୧ । ପାକର ଅଭାବ; ଅରନ୍ଧନ—
1. Absence of cooking.
୨ । ଅଜୀର୍ଣ୍ଣ—2. Indigestion.
ଙ୍. ବିଣ—୧ । ଜୀର୍ଣ୍ଣ ହୋଇ ନ ଥିବା—1. Undigested.
୨ । ଅପକ୍ୱ—2. Unripe.
୩ । ଅଜୀର୍ଣ୍ଣଜନିତ—3. Due to indigestion.

**ଅପାକଝାଡ଼ା**—ଦେ. ବି—ଅଜୀର୍ଣ୍ଣଜନିତ ଝାଡ଼ା—
Apākajhārḍā Diarrhoea.
অজীর্ণেরবাহ্যি
**पेटचलना**

**ଅପାକରଣ**—ସଂ. ବି. ( ଅପ + କୃ ଧାତୁ + ଅ = ସମ୍ୟକ୍ + କରଣ )—
Apākaraṇa ୧ । ଦୂରୀକରଣ; ଅପସାରଣ—
(ଅପାକୃତ—ବିଣ) 1. Removal.
୨ । ନିବାରଣ—2. Prevention.
୩ । ପରିଶୋଧ—3. Liquidation.
୪ । ପ୍ରଶମନ; ଶାନ୍ତିକରଣ—4. Assuaging.
୫ । ତ୍ୟାଗକରଣ—5. Abandonment.
୬ । ପ୍ରକୃତିର ବିରୁଦ୍ଧ ଆଚରଣ—
6. Acting against nature.
୭ । ବିକୃତି—7 Change of natural form.

**ଅପାକଳ**—ଦେ. ବିଣ. ( ସ. ଅପକ୍ୱ )—୧ । ଅପକ୍ୱ—1. Unripe.
Apākaḷa ୨ । ସମ୍ପୂର୍ଣ୍ଣରୂପେ ପରିପକ୍ୱ ହୋଇ ନ ଥିବା—
অপাকা 2. Not fully ripened.
**अधकचरा** ୩ । ଅପରିପୁଷ୍ଟ ( ଫଳାଦି )—3. Undeveloped.

**ଅପାକଲା**—ଗ୍ରା. ବିଣ. ( ସଂ. ଅପକ୍ୱ )—ଅପକ୍ୱ; କଞ୍ଚା ( ଫଳ )—
Apākalā Unripe; raw; green ( fruit )
অপাকা
**कच्चा**

**ଅପାକଳିଆ**—ଗ୍ରା. ବିଣ. ( ସଂ. ଅପକ୍ୱ )—ଅପାକଳ ( ଦେଖ )
Apākaḷiā Apākaḷa ( See )

**ଅପାକଶାକ**—ସଂ. ବି. ( ଅପାକ + ଶାକ; ଯାହାକୁ ପାକ ବା ସିଦ୍ଧ
Apākaśāka କରି ନ ଯାଇ ଖିଆଯାଏ )—ଅଦା—
Ginger.

**ଅପାକିଆ (ଇତ୍ୟାଦି)**—ଦେ. ବିଣ. ( ସଂ. ଅପକ୍ୱ )—
Apākiā (etc) ଅପାକ ଇତ୍ୟାଦି ( ଦେଖ )
অপাক Apāka etc ( See )
**अनपच्**

ଯାହାରଣେ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅପାକୃତ**—ସଂ. ବଣ. ( ଅପ + ଆ + କୃ ଧାତୁ + କର୍ମ. ତ )—
Apākṛuta ୧ । ଅପସାରିତ; ଦୂରୀକୃତ—
(ଅପାକୃତ—ବ) 1. Removed; driven away.
୨ । ନିବାରିତ—2. Prevented.
୩ । ପ୍ରଶମିତ—3. Subdued; assuaged.
୪ । ତ୍ୟକ୍ତ—4. Abandoned.
୫ । ପରିଶୋଧିତ—5. Liquidated.
୬ । ବିକାରପ୍ରାପ୍ତ—6. Changed from the natural state.

**ଅପାକୃତି**—ସଂ. ବ. ( ଅପ + ଆ + କୃ ଧାତୁ + ଭାବ. ତି )—
Apākṛuti ଅପାକରଣ ( ଦେଖ )
Apākaraṇa ( See )

**ଅପାକେଲା**—ଗ୍ରା. ବଣ—ଅପାକଲା ( ଦେଖ )
Apākelā Apākalā ( See )

**ଅପାକ୍ଷ**—ସଂ. ବଣ. ପୁଂ. (ଅପ=ସମ୍ମୁଖରେ; କୁତ୍ସିତ + ଅକ୍ଷ=ଚକ୍ଷୁ)—
Apāksha ୧ । ପ୍ରତ୍ୟକ୍ଷ—1. Direct; directly seen or felt.
(ଅପାକ୍ଷୀ—ସ୍ତ୍ରୀ)
୨ । ଇନ୍ଦ୍ରିୟ ଗ୍ରାହ୍ୟ—
2. Dircetly perceived by the senses.
୩ । କୁତ୍ସିତ ଚକ୍ଷୁବିଶିଷ୍ଟ—3. Having ugly eyes.
୪ । ( ବହୁବ୍ରୀହି, ଅପ=ଅପଗତ + ଅକ୍ଷ=ଅକ୍ଷି )—
ଲୋଚନହୀନ—4. Blind.

**ଅପାଙ୍ଗ**—ସଂ. ବ. (ଅପ + ଅଙ୍ଗ ଧାତୁ=ଯିବା + ସଂଜ୍ଞାର୍ଥ. ଅ )—
Apānga ୧ । ନେତ୍ରପ୍ରାନ୍ତ; ଆଖିର କୋଣ—
1. The outer corner of the eye.
୨ । କଟାକ୍ଷ; ନେତ୍ରଭଙ୍ଗି; ବାଙ୍କ ଚାହାଣୀ—
2. Sidelong look or glance.
ଅପାଙ୍ଗେ ଗ୍ରହିଁଲେ କାମ ହୋଇବଟି ଧ୍ୱଂସ । ସାରଳା. ମହାଭାରତ. ମଧ୍ୟ
ସଂ. ବଣ. ( ବହୁବ୍ରୀହି; ଅପ + ଅଙ୍ଗ )—୧ । ଅଙ୍ଗହୀନ—
1. Limbless.
୨ । ବିକଳାଙ୍ଗ—2. Mutilated; maimed.

**ଅପାଙ୍ଗକ**—ସଂ. ବ. ( ଅପାଙ୍ଗ + ସ୍ୱାର୍ଥେ କ )—୧ । ଅପାଙ୍ଗ ( ଦେଖ )
Apāngaka 1. Apānga ( See )
୨ । ଅପାମାର୍ଗ ( ଦେଖ )
2. Apāmārga ( See )

**ଅପାଙ୍ଗ ଚାହାଣି**—ଦେ. ବ—ଅପାଙ୍ଗଦର୍ଶନ ( ଦେଖ )
Apānga chāhāṇi Apāngadarśana ( See )

**ଅପାଙ୍ଗ ଦର୍ଶନ**—ସଂ. ବ. ( ଷଷ୍ଠୀ ତତ୍ )—
Apānga darśana ୧ । କଣେଇ କରି ଚାହିଁବା; କଟାକ୍ଷ; ବାଙ୍କଚାହାଣି—1. Side glance; furtive glance.
୨ । ଭ୍ରୂଭଙ୍ଗ—2. Scowling.

**ଅପାଙ୍ଗଦୃଷ୍ଟି**—ସଂ. ବ (ଅପାଙ୍ଗ + ଦୃଷ୍ଟି )—ଅପାଙ୍ଗଦର୍ଶନ (ଦେଖ)
Apāngadṛushti Apāngadarśana (See)

**ଅପାଙ୍ଗୁ**—ଗ୍ରା. ବଣ (ସଂ. ଅପାଙ୍ଗ)—୧ । ବିକଳାଙ୍ଗ—
Apānga 1 Crippled; maimed.
୨ । କୋଢିଆ—2. Crippled by leprosy.
ଦେ. ବ—୧ । ଅଙ୍ଗହାନି; ବିକଳାଙ୍ଗତା—
1. Mutilation.
୨ । କୁଷ୍ଠରୋଗ—2. Leprosy.
୩ । କୁଷ୍ଠରୋଗଜନିତ ଅଙ୍ଗବୈକଲ୍ୟ—
3. Mutilation due to leprosy.

**ଅପାଙ୍ଗୁବ୍ୟାଧି**—ଗ୍ରା. ବ (ସଂ. ଅପାଙ୍ଗୁ + ବ୍ୟାଧି)—ଗଳିତ କୁଷ୍ଠ—
Apāngu byādhi Leprosy.
କୁଷ୍ଠବ୍ୟାଧି
କୋଢ

**ଅପାଚଲା**—ଗ୍ରା. ବଣ (ସଂ. ଅପକ୍ୱ)—ଅପାକଲା (ଦେଖ)
Apāchalā Apākalā (See)

**ଅପାଚିଲା**—ଗ୍ରା. ବଣ—ଅପାକଲା (ଦେଖ)
Apāchilā Apākalā (See)

**ଅପାଚୀନ**—ସଂ. ବଣ (ଅପାଚ୍=ଦକ୍ଷିଣଦିଗ + ଈନ;)—ଅବାଚୀନ; ଦକ୍ଷିଣ
Apāchina ଦିଗରେ ଥିବା—Southern; of the south.

**ଅପାଚେଲା**—ଗ୍ରା. ବଣ—ଅପାକଲା (ଦେଖ)
Apāchelā Apākalā (See)

**ଅପାଚ୍ୟ**—ସଂ. ବଣ (ଅ + ପଚ ଧାତୁ=ପାକ କରିବା + କର୍ମ. ଯ)—
Apāchya ୧ । ଯାହା ପାକ କରି ଯାଇ ନ ପାରେ—
1. Not fit to be cooked.
୨ । ଯାହା ପାକଦ୍ୱାରା ସିଦ୍ଧ କରିଯାଇ ନ ପାରେ—
2. Not capable of being boiled or cooked.
୩ । ଯାହାକୁ ଜାର୍ଣ୍ଣ କରି ଯାଇ ନ ପାରେ—
3. Indigestible.
୪ । (ଅପାଚ୍=ଦକ୍ଷିଣଦିଗ + ଯ)—ଅପାଚୀନ (ଦେଖ)
4. Apāchina (See)

**ଅପାଟପ**—ଦେ. ବଣ.[ସଂ. ଅପାଟବ (?) ହେବୁ ଅର୍ଥ ହେବ]—୧ । ଅଯୌକ୍ତିକ;
Apātapa ଅସଙ୍ଗତ—1. Unreasonable.
୨ । ଅଟପା; ଅଶକ୍ତିଆ—2. Awkward.
୩ । ଅସଙ୍ଗତାର୍ଥକ; ପ୍ରସ୍ତାବ ପ୍ରତି ଅପ୍ରଯୁକ୍ତ—
3. Not to the point; irrelevant.
୪ । ଅସମ୍ଭବ—4. Improbable.
୫ । ମୂର୍ଖ—5. Illiterate.
୬ । ଅସଭ୍ୟ—6. Uncivilized.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇ୍ୟ | ଉ୍ଅ | ଭ୍ର |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ଊ | ନ୍ତ |

**ଅପାଟବ**—ସଂ. ବି (ଅ+ପାଟବ)—୧ । ଅପଟୁତା—
Apāṭaba 1. Unskilfulness.
୨ । ଅସୌନ୍ଦର୍ଯ୍ୟ—2. Inelegance; awkwardness.
୩ । ଜଡ଼ତା—3. Inaction; laziness.
୪ । ଅସୁସ୍ଥତା—4. Sickness.
ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ମୂର୍ଖ—1. Illiterate.
୨ । ଅସଭ୍ୟ—2. Uncivilized.

କହଇ ରଜକ ଜାତ ଗହଡ଼ ହେଲେ
କହ୍ନୁ ଏ ତ ଅପାଟବ ଦେଶେ ବଢିଲେ । ଗୋକୁଳାନନ୍ଦ—ରସକଲ୍ଲୋଳ ।

**ଅପାଠିଆ**—ଦେ.ବିଣ.ପୁଂ (ସଂ.ଅ+ପାଠକ)—୧ । ମୂର୍ଖ;ବିଦ୍ୟାହୀନ; ଯେ
Apāṭhiā ପାଠ ପଢ଼ି ନାହିଁ—1. Unlettered; illiterate.
(ଅପାଠେଈ—ସ୍ତ୍ରୀ) ୨ । ଅଶିକ୍ଷିତ—2. Uneducated.

**ଅପାଠୁଆ**—ଦେ. ବିଣ. ପୁଂ— ଅପାଠିଆ (ଦେଖ)
Apāṭhuā Apāṭhiā (See)
(ଅପାଠୋଈ—ସ୍ତ୍ରୀ) ହେଲେ ମୁଁ କ ଏମାନଙ୍କପରି ଅପାଠୁଆ କାଙ୍ଗାଳ ହୋଇଛି ।
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

**ଅପାଠ୍ୟ**—ସଂ. ବିଣ (ଅ+ପଠ ଧାତୁ+କର୍ମ. ଯ)—୧ । ଅପଠନୀୟ—
Apāṭhya 1. Unreadable.
୨ । ଯାହା ପଢ଼ି ହୁଏ ନାହିଁ—2. Illegible.
୩ । ଯାହା ଅଶ୍ଳୀଳ ଥିବାରୁ ପଠନର ଯୋଗ୍ୟ ନୁହେ—
3. Too obscene to be read.

**ଅପାଣିଆ**—ଦେ. ବିଣ (ଅ+ପାଣୀୟ)—୧ । (ଗଛ) ଯାହାର ମୂଳରେ ପାଣି
Apāṇiā ଦିଆଯାଇ ନାହିଁ—1. (plant) Unwatered.
୨ । ( ଗୋରୁ ) ଯେଉଁ ବଳଦ ହଳ ବୁଲି ନ ନ ଥାଏ—(bullock) Not yet broken or trained to the plough.
୩ । (ଲୁହା) ଯେଉଁ ଲୁହା ଜିନଷକୁ ଗଢ଼ିଲାବେଳେ କମାର ଠିକ୍ ମତେ ପାଗଯୋଗ କରି ପାଣି ଦେଇ ନ ଥାଏ—3. (iron) Which has not been tempered.
୪ । ( ଦେବତା ) ଯେଉଁ ଦେବତାଙ୍କୁ ନିତି ସେବକ ଠିକ୍‌ମତେ ପାଣି ନ ଦିଏ— 5. ( idol ) Not daily bathed by any Sebaka.
୫ । ଜଳବିହୀନ; ନିର୍ଜଳ—
5. Waterless ( country or place ).

**ଅପାଣ୍ଡ**—ଦେ. ବିଣ—ଅପାଣ୍ଡୁ ( ଦେଖ )
Apāṇḍa Apāṇḍu ( See )
ଅପାଣ୍ଡେଈ } ସ୍ତ୍ରୀ
ଅପାଣ୍ଡୋଈ }

**ଅପାଣ୍ଡକ**—ଦେ. ବିଣ. ପୁଂ.—ଅପାଣ୍ଡୁ ( ଦେଖ )
Apāṇḍaka Apāṇḍu ( See )
( ଅପାଣ୍ଡକୀ—ସ୍ତ୍ରୀ )

**ଅପାଣ୍ଡବ**—ସଂ. ବିଣ. ( ବହୁବ୍ରୀହି; ନ+ପାଣ୍ଡବ )—ପାଣ୍ଡବଶୂନ୍ୟ
Apāṇḍba ( ଦେଶ ); ଯେଉଁ ଦେଶରୁ ପାଣ୍ଡବମାନେ ତାଡ଼ିତ ବା ନିର୍ବାସିତ—Devoid of or freed from the Pāṇḍabas.
ଦେ. ବିଣ—ଅପାଣ୍ଡବା ( ଦେଖ )—Apāṇḍabā ( See )

**ଅପାଣ୍ଡବା**—ଦେ. ବିଣ. ( ସଂ. ଅପାଣ୍ଡବ; ଯେଉଁ ଦେଶକୁ ପାଣ୍ଡବମାନେ
Apāṇḍbā ଯାଇ ନାହାନ୍ତି )—୧ । ଯେଉଁ ଦେଶର ଅଧିବାସୀ
অপাণ্ডব ବ୍ୟବହାର ମାର୍ଜିତ ନୁହେ; ଅସଭ୍ୟ—
अपाण्डव 1. Uncivilized; benighted; backward ( country ).
୨ । ପାଣ୍ଡବଶୂନ୍ୟ (ଭୂମି); ଅପାଣ୍ଡବ—
2. Freed from the Pāṇḍabas.
ଯୁଦ୍ଧେ ସକଳ ବୀର ମାରି, ଏ ଭୂମି ଅପାଣ୍ଡବ କରି ।
ଜଗନ୍ନାଥ. ଭାଗବତ, ୧ମ ।

**ଅପାଣ୍ଡୁ**—ଦେ. ବିଣ. ପୁଂ—୧ । ଅଯୋଗ୍ୟ—
Apāṇḍu 1. Unworthy; worthless.
অনাড়ী ଏଡ଼େକ ସମ୍ଭବ କରି ହୋଇଲୁ ଅପାଣ୍ଡୁ—ପୀତାମ୍ବର. ନୃସିଂହପୁରାଣ ।
अनाड़ि ୨ । ଅଧମ—2. Mean.
୩ । ଅସଭ୍ୟ—3. Uncivilized.
୪ । ଯାହାର ବ୍ୟବହାର ମାର୍ଜିତ ନୁହେ—
4. Unmannered.
ଦେ. ବି—କୁଳାଙ୍ଗାର—Unworthy son of a family; a disgrace to the family.

**ଅପାଣ୍ଡୁକ**—ଦେ. ବିଣ. ପୁଂ—ଅପାଣ୍ଡୁ ( ଦେଖ )
Apāṇḍuka Apāṇḍu ( See )
( ଅପାଣ୍ଡୁକୀ—ସ୍ତ୍ରୀ )
ପ୍ରାଦେ. ( ସମ୍ବଲପୁର ) ବିଣ—ମୂର୍ଖ; ବୋକା—
Stupid; foolish.
ଝିଅ ବୋଧାରି ମାଇପୋ ଦଣ୍ଡ, ପୁଅ ଅପାଣ୍ଡୁକ ବାପର ଦଣ୍ଡ—ଢଗ ।

**ଅପାଣ୍ଡୁକା**—ଦେ. ବିଣ. ପୁଂ—ଅପାଣ୍ଡୁ ( ଦେଖ )
Apāṇḍukā Apāṇḍu ( See )

**ଅପାତ୍ର**—ସଂ. ବି. ( ଅ+ପାତ୍ର )—୧ । ଅଯୋଗ୍ୟ ପାତ୍ର ବା ବ୍ୟକ୍ତି—
Apātra 1. An undeserving or unfit person.
୨ । ଦାନ ବା ଅନୁଗ୍ରହର ଅଯୋଗ୍ୟ ଲୋକ—
2. A person not deserving a gift or favour; undeserving receipient.
୩ । ଅସତ୍ ଲୋକ—3. Bad person.
୪ । ନିକୃଷ୍ଟ ପାତ୍ର—4. An inferior receptacle.
ସଂ. ବିଣ—ଅଯୋଗ୍ୟ—Unfit; undeserving.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅପାତ୍ରକ**—ସଂ. ବିଣ. ପୁଂ—(ଅପାତ୍ର+କ) ଅପାତ୍ର ( ଦେଖ )
Apātraka Apātra ( See )

**ଅପାତ୍ରଦାନ**—ସଂ. ବି. ( ୭ମୀ ତତ୍; ଅ+ପାତ୍ର+ଦାନ )—
Apātradāna ଅଯୋଗ୍ୟ ବ୍ୟକ୍ତିଙ୍କୁ ଦାନ—Gift made to an undeserving person.

**ଅପାତ୍ରୀକରଣ**—ସଂ. ବି. ( ଅପାତ୍ର+ଅଭୂତ ତଦ୍ଭାବେ ଚ୍ବି+କୃ
Apātrīkaraṇa ଧାତୁ+ଭାବ. ଅନ )—ହିନ୍ଦୁ ସ୍ମୃତିବର୍ଣ୍ଣିତ ପାପବିଶେଷ—A class of sin.
( e. g. a Brāhmaṇa receiving gift from a person of low caste; a Brāhmaṇa earning his livelihood by following prohibited occupations. )
[ ଦ୍ର—ବ୍ରାହ୍ମଣ ପକ୍ଷରେ ନିନ୍ଦିତ ବ୍ୟକ୍ତିଠାରୁ ଧନଗ୍ରହଣ, ନିଷିଦ୍ଧ ବ୍ୟବସାୟ ( ଯଥା—ବାଣିଜ୍ୟଦ୍ୱାରା ଜୀବିକା ନିର୍ବାହ ), ଶୂଦ୍ର ସେବା, ମିଥ୍ୟାଭାଷଣ ଏହି ଚାରି ପ୍ରକାର ପାପ—
ନିନ୍ଦିତେଭ୍ୟୋ ଧନାଦାନଂ ବାଣିଜ୍ୟଂ ଶୂଦ୍ରସେବନଂ ।
ଅପାତ୍ରୀ କରଣଂ ଜ୍ଞେୟମସତ୍ୟସ୍ୟ ଚ ଭାଷଣଂ—ଘ୍ନମଶକ୍ତେ. ମନୁ ୧୧।୭୦ ।

**ଅପାଦାନ**—ସଂ. ବି. ( ଅପ+ଆ+ଦା ଧାତୁ+ଅପାଦାନ. ଅନ )—
Apādāna ୧ । ଯାହାଠାରୁ କୌଣସି ବସ୍ତୁ ଗୃହୀତ ହୁଏ—
1. The original source from which a thing is taken.
୨ । (ବ୍ୟାକରଣ) କାରକବିଶେଷ; ୫ମୀ ବିଭକ୍ତିର କାରକ; ଯେଉଁଠାରୁ କୌଣସି ବ୍ୟକ୍ତି, ବସ୍ତୁ ବା କାର୍ଯ୍ୟ ଚଳିତ, ଗୃହୀତ ପ୍ରାପ୍ତ ଆଦି ହୁଏ ।
2. (Grammar) Ablative case
[ଦ୍ର—ଏଥିର ଚିହ୍ନ ରୁ, ଠାରୁ, ଉ, ହୁଁ, ଠୁ, ଠୁଁ, ଥୁଁ, ଥିରୁ ଇତ୍ୟାଦି । ]

**ଅପାନ**—ସଂ. ବି (ଅପ+ଅନ୍ ଧାତୁ=ବଞ୍ଚିବା+କରଣ. ଅ)—
Apāna ୧ । ଶରୀର ମଧ୍ୟସ୍ଥ ପାଞ୍ଚ ପ୍ରାଣବାୟୁରୁ ଏକତମ—
1. One of the five vital airs inside the system.
[ଦ୍ର—ଏହା ଗୁହ୍ୟଦ୍ୱାରର ଚାରି ଅଙ୍ଗୁଳ ମଧ୍ୟରେ ଥାଏ; ଅନ୍ୟ ଚାରି ପ୍ରାଣବାୟୁର ନାମ—ପ୍ରାଣ, ବ୍ୟାନ, ଉଦାନ ଓ ସମାନ । ]
୨ । ଅଧୋବାୟୁ—
2. Wind passing through the anus.
୩ । ଗୁହ୍ୟଦ୍ୱାର—3. Anus.
ଦେ. ବି.—( ସଂ. ଆପାନ=ପିଇବା )—ପିଇବା, ପାନ—
Drinking.
ଚନ୍ଦନ ଅପାନ କଲେ ଦେବେ ଯାଏ ଦୂର—ପ୍ରାଚୀ. ଶିବସ୍ୱରୋଦୟ ।

**ଅପାନବାୟୁ**—ସଂ. ବି. (ଅପାନ+ବାୟୁ)—୧ । ଅଧୋବାୟୁ; ପାଦ—
Apānabāyu 1. Wind passed through the anus.
୨ । ଅପାନ—୧ (ଦେଖ)
2. Apāna—1 (See)

**ଅପାପ**—ସଂ. ବିଣ (ଅ+ପାପ)—ନିଷ୍ପାପ; ପାପଶୂନ୍ୟ—Sinless.
Apāpa
(ଅପାପା—ସ୍ତ୍ରୀ)

**ଅପାପବିଦ୍ଧ**—ସଂ. ବିଣ. ପୁଂ (ଅ+ପାପ+ବିଦ୍ଧ)—
Apāpabiddha ଯାହାକୁ ପାପ ସ୍ପର୍ଶ କରି ନାହିଁ—
( ଅପାପବିଦ୍ଧା । ସ୍ତ୍ରୀ ) Not stained with sin.

**ଅପାପୀ**—ଦେ. ବିଣ. ପୁଂ. (ସଂ. ଅ+ପାପିନ୍ ; ୧ମା ୧ବ)—
Apāpi ନିଷ୍ପାପ—Sinless
(ଅପାପିନୀ—ସ୍ତ୍ରୀ)

**ଅପାବରଣ**—ସଂ. ବି. (ଅପ+ଆ+ବୃ ଧାତୁ+ଭାବ. ଅନ)—
Apābaraṇa ୧ । ଅନାଚ୍ଛାଦନ—1. Want of covering; state of being uncovered.
୨ । ସ୍ୱେଚ୍ଛାପ୍ରବୃତ୍ତି—2. Volition; free will.

**ଅପାବର୍ତ୍ତନ**—ସଂ. ବି. (ଅପ+ଆବର୍ତ୍ତନ)—
Apābarttana ୧ । ପ୍ରତ୍ୟାବର୍ତ୍ତନ—1. Turning away.
ଅପାବୃତ୍ତ } ଅପାବର୍ତ୍ତିତ } ବିଣ. ୨ । ପଛକୁ ହଟି ଆସିବା—2. Retreating.

**ଅପାବୃତ**—ସଂ. ବି. (ଅପ+ଆବୃତ)—୧ । ଅନାଚ୍ଛାଦିତ; ମେଲା—
Apābruta 1. Uncovered; bared.
(ଅପାବୃତା—ସ୍ତ୍ରୀ) ୨ । ସ୍ୱେଚ୍ଛାପ୍ରବୃତ୍ତ—
2. Engaged of one's free will.
୩ । ଉଦ୍ଘାଟିତ—3 Opened; unclosed.
୪ । ସ୍ୱତନ୍ତ୍ର ବା ସ୍ୱାଧୀନ—4. Independent; free.

**ଅପାବୃତି**—ସଂ. ବି. (ଅପ+ଆବୃତି )—
Apābruti ୧ । ଉଦ୍ଘାଟନ—1. Opening.
୨ । ଅପାବରଣ—(ଦେଖ)
2. Apābaraṇa (See)
୩ । ପରିବେଷ୍ଟନ—3. Screening; enveloping.

**ଅପାବୃତ୍ତ**—ସଂ. ବିଣ. ପୁଂ. ( ଅପ+ଆ+ବୃତ+କର୍ତ୍ତୃ. ତ )—
Apābrutta ୧ । ପ୍ରତ୍ୟାବୃତ୍ତ—1. Returned.
( ଅପାବୃତ୍ତା—ସ୍ତ୍ରୀ ) ୨ । ପଛକୁ ଲେଉଟି ଆସିଥିବା—
2. Retreating.
୩ । ଭୂମିରେ ଲୁଣ୍ଠିତ—
3. Rolling on the ground.

**ଅପାବୃତ୍ତି**—ସଂ. ବି. ( ଅପ+ଆ+ବୃତ୍ତି )—ଅପାବର୍ତ୍ତନ ( ଦେଖ )
Apābrutti Apābarttana ( See )

**ଅପାମଗ୍**—ପ୍ରାଦେ (ସମ୍ବଲପୁର) ବି. ( ସଂ ଅପାମାର୍ଗ )—
Apāmag ଅପାମାର୍ଗ (ଦେଖ)
Apāmārga (See)

**ଅପାମର୍**—ପ୍ରାଦେ (ସମ୍ବଲପୁର)—ବି. ଅପାମାର୍ଗ (ଦେଖ)
Apāmarā Apāmārga (See)

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ୟ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଷ୍ଠ | ନ୍ତ |

**ଅପାମାରଗ**—ଗ୍ରା. ବି ( ସଂ. ଅପାମାର୍ଗ )—ଅପାମାର୍ଗ (ଦେଖ)
Apāmāraga Apāmārga (See)
অপাং; অপাঙ্গ

**ଅପାମାରଙ୍ଗ**—ଦେ. ବି. ( ସଂ. ଅପାମାର୍ଗ )—ଅପାମାର୍ଗ (ଦେଖ)
Apāmārańga Apāmārga (See)

**ଅପାମାର୍ଗ**—ସଂ. ବି. (ଅପ+ଆ+ମୃଜ୍ ଧାତୁ=ମାର୍ଜନ ବା ପରିଷ୍କାର କରିବା+କରଣ.ଅ; ଏହାର କ୍ଷାର ଦ୍ୱାରା ପୂର୍ବେ ଲୁଗା ସଫା କରାଯାଉଥିବାରୁ ଏହି ନାମ)—ମାରିଷାଦି ବର୍ଗର ବନ୍ୟ ଶାକ ବା ଗୁଳ୍ମ; ( ଏହାର ଫୁଲରେ ଗୁଡ଼ିଏ ମୁନିଆଁ କଣ୍ଟା ଥାଏ ଏ କଣ୍ଟାମାନ ଲୁଗାରେ ଲାଗିଯାଏ । ଏହାର ଭସ୍ମ ଔଷଧରେ ଲାଗେ । ଏହାର ଦାନ୍ତକାଠି ଘଷିଲେ ବାତରୋଗ ଭଲ ହୁଏ; ଏ ଗୁଳ୍ମ ଉଚ୍ଚରେ ୩ ଫୁଟ ବଢ଼େ )—
Apāmārga
ଓ. ଅପମାରଗ (ଙ୍ଗ); অপাং; অপাঙ্গ; আপাং **लाटजिरा; चिरचिरा** **चिचड़ी; चिरचिटा** ତେ. ଉତ୍ତରେଣୀ; ଅଣ୍ଡିସା; ଅପାମାର୍ଗମୁ ଅନ୍ୟ. ସଂ. ନାମ— ଅଘାଡ଼; ଶୈଖରିକ; ଶିଖରୀ; ଶିଖରୀ; ମୟୂରକ; ଖରମଞ୍ଜରୀ; ଅପାଙ୍ଗକ ।
A herbarious plant; Achyranthus aspera; the prickly chafflower.

**ଅପାମ୍ପତି**—ସଂ. ବି. (ଅଲୁକ୍ ସମାସ; ସଂ. ଅପାମ୍—ଜଳରାଶିର+ପତି)—
Apāmpati ୧ । ସରିତ୍‌ପତି; ସରିତାଂପତି; ସାଗର; ସମୁଦ୍ର—
1. The Sea; ocean.
୨ । ବରୁଣ ଦେବତା—
2 The God of the ocean; Baruṇa.

**ଅପାୟ**—ସଂ. ବି. (ଅପ=ସ୍ଥାନାନ୍ତର+ଇ ଧାତୁ=ଗମନ କରିବା+ଭାବ. ଅ )—୧ । ବିପଦ—1. Calamity.
Apāya
(ଉପାୟ—ବିପରୀତ) ୨ । କ୍ଷତି—2. Danger; loss
୩ । ସ୍ଥାନଭ୍ରଂଶ—3. Loss of position.
୪ । ଚଳନ—4. Movement.
୫ । ବିନାଶ—5 Destruction.
୬ । ଧ୍ୱଂସ—6. Ruin.
୭ । ବିଘ୍ନ; ପ୍ରତିବନ୍ଧକ—7. Obstacle; obstruction,
୮ । ପଳାୟନ—8. Fleeing away
୯ । ମୃତ୍ୟୁ—9. Death.
୧୦ । ସ୍ଥାନତ୍ୟାଗ—10. Leaving a place.

**ଅପାୟନ**—ସଂ. ବି. (ଅପ+ଇ ଧାତୁ=ଗମନ କରିବା+ଭାବ. ଅନ)—
Apāyana ପଳାୟନ—Fleeing away.

**ଅପାୟୀ**—ସଂ. ବିଣ. ( ଅପାୟ+ଅସ୍ତ୍ୟର୍ଥେ. ଇନ୍. ୧ମା. ୧ବ. )—
Apāyi ୧ । ଅପାୟଯୁକ୍ତ; ବିପନ୍ନ—1. Involved in danger.
୨ । ନଶ୍ୱର—2. Subject to decay.

**ଅପାର**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ପାର=ସୀମା )—
Apāra ୧ । ଅସୀମ—1. Unbounded; boundless; limitless.
୨ । ଅନନ୍ତ—2. Indefinite.
୩ । ଅକୂଳ—3. Shoreless.
୪ । ଅଗାଧ—4. Unfathomable.
୫ । ଅତ୍ୟଧିକ; ଅତି ବହୁତ ( ସମୟ )—
5. Very long ( time )
ଅପାର ବେଳେ ସଚେତ ହୋଇ ପୁଣି ଉଠେ । ପୀତାମ୍ବର. ନୃସିଂହପୁରାଣ ।
୬ । ଅକଳନ—6. Countless.
୭ । ଅତି ବଡ଼—7. Very big; very large.
ଅପାର କରି ତାକୁ ତୋଳଇ ଯୁବତୀ । ସାରଳା. ମହାଭାରତ. ବିରାଟ ।

**ଅପାରକ**—ସଂ. ବିଣ. ପୁଂ. ( ଅ+ପୃ ଧାତୁ+କର୍ତ୍ତୃ. ଅକ )—
Apāraka ଅପାରଗ ( ଦେଖ )
(ଅପାରକୀ—ସ୍ତ୍ରୀ) Apāraga ( See )

**ଅପାରକାଳ**—ସଂ. ବି. ( ଅପାର=ଅତ୍ୟଧିକ+କାଳ) ବହୁଦିନ—
Apārakāla Long time.
ଉଭା ତାଳ, ପୋତା ଶାଳ, ରୁଅ ହେନ୍ତାଳ, ଗଣ୍ଡି ବେତାଳ,
ଘରଣୀ ବେତାଳ, ତେବେ ସେ ଘର ଯାଏ ଅପାରକାଳ—ଡଗ ।
ଦେ. ଅ— ବହୁକାଳ ପାଇଁ—For a long time.
ଏବେ ସାଧୁଙ୍କୁ ସେବା କର; ଅପାରକାଳ ଦେହ ଧର ।
ଜଗନ୍ନାଥ. ଭାଗବତ ।

**ଅପାରଗ**—ସଂ. ବିଣ. ପୁଂ. ( ଅ+ପାରଗ )—
Apāraga ୧ । ଅସମର୍ଥ—1. Incapable.
( ଅପାରଗତା—ବି ) ୨ । ଅବ୍ୟୁତ୍ପନ୍ନ—2. Inefficient.
( ଅପାରଗା—ସ୍ତ୍ରୀ ) ୩ । ଅନଭିଜ୍ଞ—3. Ignorant.
୪ । ଅଯୋଗ୍ୟ—Incompetent.

**ଅପାରଣ**—ଦେ. ବି. ( ସଂ. ଅ+ପାରଣା )—ଯାହା ପାରଣା ନୁହେ—
Apāraṇa Non conclusion of a religious vow.
ଜଳ ପାରଣା ଅପାରଣ; ଏ ଅବ ନିଗମ ବଚନ ।
ଜଗନ୍ନାଥ. ଭାଗବତ. ୧ମ ।

**ଅପାରୁଅପାର**—ଦେ. ବିଣ. ( ସଂ. ଅପାରର ଦ୍ୱିତ୍ୱ; ଅପାର ଅପେକ୍ଷା ମଧ୍ୟ ବେଶି; ତୁଳନା କର—ହଜାରୁହଜାର )—
Apāruapāra
অনেকানেক ୧ । ଅସଂଖ୍ୟ; ବହୁତ—1. Uncountable.
**बहुतायत** ୨ । ଅନେକାନେକ; ଅତ୍ୟଧିକ—
2. Multitudinous; too numerous; too much.

**ଅପାରୁଁଅପାର**—ଦେ. ବିଣ—ଅପାରୁଅପାର ( ଦେଖ )
Apārunapāra Apāruapāra ( See )

**ଅପାର୍ଥ**—ସଂ. ବିଣ. (ବହୁବ୍ରୀହି; ଅପ=ଅପଗତ+ଅର୍ଥ )—
Apārtha ୧ । ବ୍ୟର୍ଥ; ବିଫଳ—1. Fruitless.
( ଅପାର୍ଥତା—ବି ) ୨ । ନିରର୍ଥକ—2. Meaningless.
୩ । ( ଅ+ପାର୍ଥ ) ପାର୍ଥ ବା ଅର୍ଜୁନ ଶୂନ୍ୟ ( ପୃଥିବୀ )—
3. Deprived of the warrior Arjuna.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅପାର୍ଥିବ**—ସଂ. ବିଣ. ( ଅ + ପାର୍ଥିବ )—୧ । ଯାହା ପାର୍ଥିବ ନୁହେ—
Apārthiba 1. Not worldly.
୨ । ସ୍ୱର୍ଗୀୟ—2. Heavenly.
୩ । ଐଶ୍ୱରିକ—3 Divine.
୪ । ବିଷୟସୁଖ ବା ବାସନାମୁକ୍ତ—
4. Free from worldly pleasures or desires.

**ଅପାଳକ**—ଦେ. ବି. ( ସଂ. ଅ + ପାଳ ଧାତୁ )—
Apālaka ୧ । ଅନାବୃଷ୍ଟି ଯୋଗୁଁ ଦେଶର ଶସ୍ୟହାନି—
1. Failure of crops due to drought.
ସାତ ବର୍ଷ ଯାଏ ପୃଥ୍ୱୀ ଇନ୍ଦ୍ର ନ ପାଳନ୍ତେ
ଅପାଳକ ସଙ୍କଟରୁ ଲୋକେ ଦୁଃଖ ପାନ୍ତେ—ପୀତାମ୍ବର. ନୃସିଂହପୁରାଣ ।
୨ । ଅନାବୃଷ୍ଟି ; ମରୁଡ଼ି—2. Drought.
ପାଞ୍ଚ ବର୍ଷ କାଳ ଅପାଳକେ ଦେଶ ହୋଇ ଗଲା ନାଇଖାର—
ଜଗନ୍ନାଥ. ଦାଣ୍ଡୀ ।
୩ । ଫସଲ ଉଠିବା ପାଇଁ ଯଥା ସମୟରେ ଯଥେଷ୍ଟ ବୃଷ୍ଟିର ଅଭାବ—3. Want of seasonable showers.
ଦେ. ବିଣ—୧ । ଯେଉଁ ରାଜ୍ୟ ବା ଦେଶରେ ଉପଯୁକ୍ତ ସମୟ କ୍ରମେ ବୃଷ୍ଟି ନ ହେବାରୁ ଫସଲ ହୁଏ ନାହିଁ—
1. ( a country ) Which does not get seasonable rain.
ବାର ବର୍ଷ ଯାଏ ରାଜ୍ୟ ହେବ ଅପାଳକ । ଜଗନ୍ନାଥ. ଦଶକ୍ରମାପୁରାଣ ।
୨ । ଯେଉଁ ଦେଶରେ ବହୁକାଳ ବର୍ଷା ହୋଇ ନ ଥାଏ—
2. Rainless ( country ).
ଅପାଳକ ରାଜ୍ୟରେ ବଳୁଛ ଲକ୍ଷେ ଝିଙ୍କା—ଚଉ ।
୩ । ବର୍ଷାର ଅଭାବ ଯୋଗୁଁ ଶସ୍ୟହୀନ ( ଦେଶ )—
3. ( a country ) Suffering from scarcity of food-grains owing to want of rain.

**ଅପାଳଙ୍କ**—ସଂ. ବି—ସୁବର୍ଣ୍ଣାଳୀଜାତୀୟ ବୃକ୍ଷବିଶେଷ—
Apālanka Cassia Fistula ( M. W. )

**ଅପାଲଟ**—ଦେ. ବିଣ. ( ସଂ. ଅ + ପ୍ରତ୍ୟାବୃତ୍ତ; ପ୍ରା. ପାଲଟ୍ଟ ) —
Apālata ୧ । ଅମୋଘ; ଅବ୍ୟର୍ଥ ( ଶର )—
1. Unerring.
অমোঘ
অচুক ୨ । ଅପରିବର୍ତ୍ତନୀୟ—2. Unchangeable.
ଲେଉଟ ନ ଯିବେ ସେ ସେ ଅପାଲଟ ନିଜ୍ଞ । ଗ୍ରାତୀ. ଚନ୍ଦ୍ରନକୃପଣଗୀତା ।
୩ । ଅବଦଳ; ଯାହାକୁ ଅନ୍ୟ ବସ୍ତୁ ସଙ୍ଗେ ବଦଳ କରାଯାଇ ନ ପାରେ—3. Unexchangeable.
୪ । ଅଣବାହୁଡ଼ା; ଯାହା ଲକ୍ଷ୍ୟ ଭେଦ ନ କରି କଦାପି ଫେରେ ନାହିଁ—4. Unreturning.
୫ । ଅପ୍ରତିକାର୍ଯ୍ୟ—
5. Irremediable; that which cannot be undone.

**ଅପାଲଟା**—ଦେ. ବିଣ. ( ସଂ. ଅପ୍ରତ୍ୟାବୃତ୍ତ. ପ୍ରା. ଅ + ପାଲଟ୍ଟ )—
Apālatā ୧ । ଅପାଲଟ ( ଦେଖ )—1. Apālata ( See )
୨ । ଯେଉଁ ଲୁଗାକୁ ପିନ୍ଧିଥିବା ବ୍ୟକ୍ତି ପାଲଟି ନାହିଁ; ଅର୍ଥାତ୍ ଯାହା ପିନ୍ଧା ଯିବା ପରେ ପାଲଟା ହୋଇ ନାହିଁ; ଯେଉଁ ଲୁଗାକୁ ଛାଡ଼ି ପିନ୍ଧିବା ଲୋକ ବସ୍ତ୍ରାନ୍ତର ଗ୍ରହଣ କରି ନାହିଁ—
2. Unchanged ( cloth ); ( cloth ) which has not been changed or put off by the wearer.

**ଅପାଳନ**—ସଂ. ବି. (ନ + ପାଳନ)—୧ । ପାଳନର ଅଭାବ—
Apālana 1. Want of breeding.
୨ । ଆଦେଶର ଲଙ୍ଘନ—
2. Disobedience or non-carrying out of orders.
୩ । ବ୍ରତାଦିର ନିୟମ ରକ୍ଷା ନ କରିବା—
3. Breach of religious vows.
୪ । ସତ୍ୟଭଙ୍ଗ—4. Breach of promise.

**ଅପାଲମ୍ବ**—ସଂ.ବି. (ଅପ + ଆ + ଲମ୍ବ ଧାତୁ + କର୍ତ୍ତୃ.ଅ; ଯାହା ପଛରେ ଲମ୍ବ
Apālamba ହୋଇଥାଏ)—୧ । ଶଗଡ଼ ବା ଗାଡ଼ିର ପଛଭାଗ—
1. The back side of a cart.
୨ । ଶଗଡ଼ର ଦଣ୍ଡା—2. The back side beam of a cart.

**ଅପାଶ୍ରୟ**—ସଂ. ବି. (ଅପ + ଆଶ୍ରୟ)—୧ । ଚନ୍ଦ୍ରାତପ; ଚାନ୍ଦୁଆ—
Apāśraya 1. Canopy; awning.
(ଅପାଶ୍ରୟା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି; ଅପଗତ ହୋଇ ଅଛି ଆଶ୍ରୟ ଯାହାର)—୧ । ନିରାଶ୍ରୟ—1. Helpless.
୨ । ଅଧୀନ; ଆଶ୍ରିତ—2 Dependent; subservient.

**ଅପାସଙ୍ଗ**—ସଂ. ବି. (ଅପ + ଆ + ସଙ୍ଗ)—୧ । ତୂଣୀର; ଶରଧ୍ୟା—
Apāsanga 1. Quiver.
୨ । ବିଷଲିପ୍ତ ଶର—2. Poisoned arrow.
ଦେ. ବିଣ—ଯେଉଁ ତରାଜୁର ଦୁଇ ପଲ୍ଲା ମଧ୍ୟରେ କିଛି ବୈଷମ୍ୟ ନାହିଁ; ଯେଉଁ ଓଜନ କରିବା ଯନ୍ତ୍ରରେ ପାସଙ୍ଗ ନାହିଁ—
A weighing scale which is free from any difference between the two scale-pans.

**ଅପାସନ**—ସଂ. ବି.(ଅପ + ଅସ ଧାତୁ = କ୍ଷେପଣ କରିବା + ଭାବ. ଅନ)—
Apāsana ୧ । ମରଣ; ମୃତ୍ୟୁ—1. Death.
(ଅପାସ୍ତ—ବିଣ) ୨ । ମାରଣ; ବଧ—2. Murder; killing.
୩ । ଅପକ୍ଷେପଣ; ଦୂରକୁ ଫିଙ୍ଗିବା—
3. Throwing.
୪ । ଦୂରୀକରଣ—4. Removal.
୫ । ପରାଜିତକରଣ—5. Vanquishing.
୬ । ଅବଜ୍ଞା—6. Disrespect.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | [illegible] | ନ୍ତ୍ର |

**ଅପାସରଣ**—ସଂ. ବି. ( ଅପ + ଆ + ସୃ ଧାତୁ = ଗତି କରିବା + ଭାବ. ଅନ)— ୧ । ପ୍ରସ୍ଥାନ—1. Departure.
Apāsaraṇa
(ଅପାସୃତ—ବିଣ) ୨ । ସ୍ଥାନାନ୍ତରକୁ ଗମନ—
2. Going to another place.

**ଅପାସ୍ତ**—ସଂ. ବିଣ. (ଅପ + ଅସ ଧାତୁ = କ୍ଷେପଣ କରିବା + କର୍ମ. ତ)—
Apāsta ୧ । ପରାଜିତ; ନିରସ୍ତ—1. Vanquished.
(ଅପାସ୍ତା—ସ୍ତ୍ରୀ) ୨ । ଅବଜ୍ଞାତ—2. Slighted.
(ଅପାସନ—ବି) ୩ । ମୃତ—3. Dead
୪ । ହତ—4. Killed.

**ଅପାହରଣ**—ସଂ. ବି (ଅପ + ଆ + ହୃ ଧାତୁ + ଭାବ. ଅନ)—
Apāharaṇa ୧ । ଆକର୍ଷଣ—1. Attracted.
( ଅପାହୃତ—ବିଣ ) ୨ । ବଳପୂର୍ବକ ଗ୍ରହଣ—2. Snatching away; taking by force.
୩ । ଅପନୋଦନ—3. Assuaging.

**ଅପି**—ସଂ. ଅ. (ଅ + ପି ଧାତୁ = ଗମନ କରିବା + କ୍ୱିପ୍ )—
Api ୧ । ମଧ୍ୟ; ବି—1. Even; too.
୨ । ଆହୁରି—2. Also.
୩ । ଏବଂ—3. And.
୪ । ପୁନଶ୍ଚ—4. Again.
[ଏହି ଶବ୍ଦ ଭାଷାରେ ସ୍ୱତନ୍ତ୍ର ବ୍ୟବହୃତ ହୁଏ ନାହିଁ; ଅନ୍ୟ ସଂସ୍କୃତ ଅବ୍ୟୟ ସଙ୍ଗେ ଲାଗି ଏହା ବ୍ୟବହୃତ ହୁଏ । ବଙ୍ଗଳାରେ ଏହି ଶବ୍ଦ 'ଓ', ହିନ୍ଦିରେ 'ଭି' ଓ ଓଡ଼ିଆରେ 'ବି' ଆକାର ଧାରଣ କରେ ଯଥା; 'ତା ପୁଅ ବି ତାର ଶତ୍ରୁ' । ଏହି 'ଅପି' ସଂସ୍କୃତରେ ନିମ୍ନ-ଲିଖିତ ଭାବରେ ଓ ଅର୍ଥରେ ବ୍ୟବହୃତ ହୁଏ—ସମ୍ଭାବନା, ନିଶ୍ଚୟ, ସନ୍ଦେହ, ପ୍ରଶ୍ନ, ତର୍କଣା, ସମୁଚ୍ଚୟ, ନିନ୍ଦା ଓ ଅନୁଜ୍ଞା । ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଏହାର ବ୍ୟବହାର ଯଥା—ଅପିଚ, ଅପିତୁ, ତଥାପି, ଯଦ୍ୟପି, ଅଦ୍ୟାପି, ତଦପି । ]
ଗ୍ରା. ବି. ପୁଂ—ଅପର୍ତ୍ତି ନାମକ ବ୍ୟକ୍ତିର ଡାକ ନାମ—
Name for calling Aparti.
ଗ୍ରା. ବି. ସ୍ତ୍ରୀ—ଅପ୍ସରାନାମ୍ନୀ ସ୍ତ୍ରୀର ଡାକ ନାମ—
Name for callIng Apsarā.

**ଅପିଆ**—ଦେ.ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅପୀତ)—୧ । ଯେ ଜଳ ପାନ କରି
Apiā ନାହିଁ—1. One who has not drunk water.
[ଦ୍ର—ଏହା ଅଖିଆ ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ । ]
୨ । ଯାହା ପାନ କରାଯାଇ ନାହିଁ—2. Undrunk.
ପ୍ରାଦେ. ( ସମ୍ବଲପୁର ) ବିଣ. ( ସଂ. ଅପେୟ )—
ଅପେୟ; ଯାହା ପିଇ ହୁଏ ନାହିଁ—Undrinkable.
ଦେ. ବି. ପୁଂ. ( ଅନାଦରାର୍ଥକ )—
ଅପର୍ତ୍ତି ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକ ନାମ—
A name for calling Aparti.

**ଅପିଆଅଖିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସହଚର) ( ସଂ. ଅପୀତ ଓ
Apiāakhiā ଅ + ଖାଦ ଧାତୁ )—ଅଖିଆଅପିଆ; ଯେ ଖିଆ
নাখেয়ে নাপিএ ପିଆ କରି ନାହିଁ; ଅଭୁକ୍ତ ଓ ଅପୀତ (ବ୍ୟକ୍ତି)—
नेह खापीकर ( a person ) Who has taken no food or drink.

**ଅପିଚ**—ସଂ. ଅ. ( ଅପି + ଚ )—୧ । ଏବଂ ମଧ୍ୟ; ଆହୁରି ମଧ୍ୟ—
Apicha 1. And also.
୨ । ଏବଂ ପୁନଶ୍ଚ—2. And again.

**ଅପିତୁ**—ସଂ. ଅ. ( ଅପି + ତୁ )—୧ । କିନ୍ତୁ ମଧ୍ୟ—1. But also.
Apitu ୨ । ପରନ୍ତୁ—2. On the other hand.
୩ । କିନ୍ତୁ—3. But.
୪ । ପୁନଶ୍ଚ ମଧ୍ୟ—4. And again.
୫ । ଏବଂ ମଧ୍ୟ—5. And also.
୬ । ଯଦି—6. If.
୭ । ଯଦି ସୁଦ୍ଧା; ଯେବେ ବି—7. Even if.
୮ । ଯଦି ମଧ୍ୟ—8. If also.
୯ । ଆହୁରି—9. Besides; moreover.

**ଅପିଧାନ**—ସଂ. ବି. ( ଅପି + ଧା ଧାତୁ + ଅନ )—
Apidhāna ୧ । ( + ଭାବ. ଅନ ) ତିରୋଧାନ—
(ଅପିହିତ—ବିଣ) 1. Disappearance.
୨ । ( + କରଣ. ଅନ) ସରପୋଷ୍—2. Lid.
୩ । ଆଚ୍ଛାଦନ; ଘୋଡ଼ଣୀ; ଆବରଣ—3. Covering.
[ ଦ୍ର—ଏହି 'ଅପି' ଉପସର୍ଗ ଯୁକ୍ତ ପଦର 'ଅପି' ସ୍ଥାନରେ ବିକଳ୍ପରେ 'ପି' ହୁଏ, ଅର୍ଥାତ୍ ଅପିର ଅ ଲୋପ ହୁଏ; ଅପିଧାନର ବିକଳ୍ପରୂପ 'ପିଧାନ' । ]

**ଅପିନଦ୍ଧ**—ସଂ. ବିଣ. (ଅପି + ନହ ଧାତୁ = ବାନ୍ଧିବା + କର୍ମ. ତ)—
Apinaddha ୧ । ପରିହିତ; ପିନ୍ଧାଯାଇ ଥିବା—
1. Worn; put on.
୨ । ଦେହରେ ବନ୍ଧା ହୋଇଥିବା ( ପୋଷାକ; ସାଙ୍ଗୁ; କୁର୍ତ୍ତି )—2. Tied to the body.
[ ଦ୍ର—ଏହି ଶବ୍ଦର ଅନ୍ୟ ରୂପ 'ପିନଦ୍ଧ'; 'ଅପି'ର ବିକଳ୍ପ ଆକାର ପି । ]

**ଅପିବା**—ପ୍ରାଦେ. ( ଗଞ୍ଜାମ ) କ୍ରି—୧ । ରାଜି ହେବା; ମଙ୍ଗିବା—
Apibā 1. To agree; to consent.
୨ । ନିଜର ଦୋଷ ବା ଅପରାଧକୁ ମାନିବା; ସ୍ୱୀକାର କରିବା ଏକରାର କରିବା—
2. To admit or confess one's guilt.

**ଅପିଲ୍**—ବୈଦେ. ବି. ( କଚେରୀ; ଇଂ. ଆପିଲ୍ )—
Apil ୧ । ନିମ୍ନ ଅଦାଲତ ବା ହାକିମଙ୍କ ରାୟ ବା ହୁକୁମ ବିରୋଧରେ
অপিল উପରସ୍ଥ ହାକିମଙ୍କଠାରେ ବିଚାର ପ୍ରାର୍ଥନା—
अपिल 1. Appeal to a higher court against the decision of a lower court.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ଯା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲବତ୍ତ' ଦେଖିବେ ।

୨ । ନିମ୍ନ ଅଦାଲତଙ୍କ ଫଏସଲ ବିରୋଧରେ ଉପରସ୍ଥ ଅଦାଲତଙ୍କଠାରେ ବିଗ୍ଭର ପ୍ରାର୍ଥନା ପାଇଁ ଦାଏର୍ କରାଯିବା ମକଦ୍ଦମା—
2. An appeal; a case in which an appeal has been made to a higher court.

**ଅପିଲ ଅଦାଲତ**—ବୈଦେ. ବି. ( କଚେରିଅ; ଇଂ. ଆପିଲ୍ + ଫା. ଅଦାଲତ୍ )—୧ । ଅପିଲ ମକଦ୍ଦମା ବିଗ୍ଭର କରିବା ହାକିମଙ୍କ କଚେରି—
Apil adālata
আপিল আদালত
अपिल अदालत
1. Court house of an appellate court
୨ । ଅପିଲ ବିଗ୍ଭର କରିବା ହାକିମ—
2. The court of appeal; a judge sitting in appeal; appellate court.

**ଅପିଲ ଉଜୁହାତ**—ବୈଦେ. ବି. ( କଚେରିଅ; ଇଂ. ଆପିଲ୍ ଓ ଫା. ଅଜୁହାତ୍ )—ଅପିଲ କରିବା ବ୍ୟକ୍ତି ତରଫରୁ ଅପିଲ ଦରଖାସ୍ତରେ ଲେଖାଥିବା ଦଫା ବା କାରଣମାନ—Memo of appeal; a statement containing the grounds of appeal.
Apil ujuhāt
আপিল অজুহাত্
अपिल अजुहात

**ଅପିଲ କରିବା**—ଦେ. କ୍ରି. ( ଇଂ. ଆପିଲ )—ନିମ୍ନ ଅଦାଲତଙ୍କ ଫଏସଲ ବିରୋଧରେ ତଦୁପରସ୍ଥ ଅଦାଲତଙ୍କ ଦ୍ୱାରା ମକଦ୍ଦମାର ପୁନର୍ବିଗ୍ଭର ପ୍ରାର୍ଥନା କରିବା—
Apil kariba
আপিলকরা
अपिलकरना
To appeal

**ଅପିଲକୋର୍ଟ**—ବୈଦେ. ବି. (କଚେରିଅ; ଇଂ. ଆପିଲ+କୋର୍ଟ )—ଅପିଲ ଅଦାଲତ ( ଦେଖ )
Apilkot
আপিলকোট
अपिलकोरट
Apila adālata ( See )

**ଅପିଲଖୁଲାସା**—ବୈଦେ. ବି. (କଚେରିଅ; ଇଂ. ଆପିଲ+ଫା. ଖୁଲାସା)—୧ । ଅପିଲ ଉଜୁହାତ୍ ( ଦେଖ )
Apilkhulāsā
আপিলখুলাসা
आपिलखुलासा
1. Apila ujuhāt ( See )
୨ । ଅପିଲ ଉଜୁହାତରେ ଦଫାୱାର ହୋଇ ଲେଖା ଥିବା କାରଣମାନ—2. Grounds of appeal.

**ଅପିଲଣ୍ଟ**—ବୈଦେ.ବି. (କଚେରିଅ; ଇଂ. ଆପେଲେଣ୍ଟ୍ )—ଅପିଲ କରିବା ପକ୍ଷ—Appellant.
Apilant
আপিলাণ্ট
आपिलांट
(ଉତ୍ତରଦାତା—ବିପରୀତ)

**ଅପିଲଦାଏର୍**—ବୈଦେ. ବି. (କଚେରିଅ;ଇଂ. ଆପିଲ୍+ଫା. ଦାଏର୍ )—ନିମ୍ନ ଅଦାଲତଙ୍କ ବିଗ୍ଭର ବିରୁଦ୍ଧରେ ଉପରସ୍ଥ ଅଦାଲତରେ ଅପିଲ ଉଜୁହାତର ଦାଖଲ—
Apildaer
আপিলদায়ের
अपिलदायॅर
Filing of an appeal

**ଅପିଲଫଇସଲ୍**—ବୈଦେ. ବି. (କଚେରିଅ; ଇଂ. ଆପିଲ୍+ଫା.ଫଇସଲ୍)—ଦାଏର୍ ହୋଇଥିବା ଅପିଲ ମକଦ୍ଦମାର ବିଗ୍ଭର ପରେ ଶେଷ ମୀମାଂସା —
Apilphaisal
আপিলফয়সল
अपिलफयसल
Disposal of an appeal

**ଅପିଲଫଇସଲା**—ବୈଦେ. ବି. (କଚେରିଅ; ଇଂ. ଆପିଲ୍+ଫା.ଫଇସଲା)—ଅପିଲ ଅଦାଲତଙ୍କ ବିଗ୍ଭର ମୀମାଂସାର ବିଷୟମାନଙ୍କର ବିଶଦ ବର୍ଣ୍ଣନ ବା ଲେଖ୍ୟ—
Apilphaisalā
আপিলফয়সলা
अपिलफयसला
Decree of the appellate court.

**ଅପିଲମିଆଦ୍**—ବୈଦେ. ବି. (କଚେରିଅ; ଇଂ. ଆପିଲ୍ + ଫା.ମିଯାଦ୍ )—ନିମ୍ନ ଅଦାଲତଙ୍କର ମୀମାଂସା ତାରିଖଠାରୁ ଗଣାଯିବା ନିର୍ଦ୍ଦିଷ୍ଟ ସମୟ, ଯେ ଯହିଁ ମଧ୍ୟରେ ଅପିଲ ଦାଏର୍ ନ ହେଲେ ପରେ ଅପିଲ ଗୃହୀତ ହେବ ନାହିଁ ବୋଲି ସରକାର ଆଇନ୍ କରିଅଛନ୍ତି-Limitation of time for filing an appeal.
Apilmiād
আপিলমেয়াদ
अपिलमियाद्

**ଅପିଲରାଏ**—ବୈଦେ. ବି. (କଚେରିଅ; ଇଂ. ଆପିଲ୍ + ଫା. ରାଏ )—ଅପିଲ ଅଦାଲତଙ୍କ ବିଗ୍ଭର ନିଷ୍ପତ୍ତି ଲେଖ୍ୟ—
Apilrāe
আপিলরাএ
अपिलरॉय
Appellate judgement.

**ଅପିଲଶୁଣାଣି**—ଦେ. ବି (କଚେରିଅ)—ଅପିଲ ଅଦାଲତଙ୍କ ଦ୍ୱାରା ଅପିଲର ଓ ଉତ୍ତରଦାତାଙ୍କଠାରୁ ଜବାବସୁଆଲ ଶୁଣିବା କ୍ରିୟା—
Apilsunāni
আপিলশুনানী
अपिलशुनानी
The hearing of an appeal.

**ଅପିହିତ**—ସଂ. ବିଣ. (ଅପି+ ଧା ଧାତୁ+କର୍ମ. ତ )—୧ । ଆଚ୍ଛାଦିତ; ଘୋଡ଼ଣା ହୋଇ ଥିବା—
Apihita
(ପିହିତ—ଅନ୍ୟରୂପ)
1. Covered
୨ । ତିରୋହିତ—2. Vanished; disappeared.

**ଅପୁଅ**—ଗ୍ରା. ବିଣ. ( ସଂ. ଅପୁତ୍ରକ )—ଅପୁତ୍ର; ପୁତ୍ରହୀନ—
Apua
अपुत्रक
निपुता; अपुत
Sonless.

**ଅପୁଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅପୁତ୍ରକ )—
Apuā
अपुत्रक
अपुत; निपुता
୧ । ଅପୁତ୍ରକ—1. Sonless,
୨ । ନିଃସନ୍ତାନ—2. Childless; issueless.

**ଅପୁଚ୍ଚ**—ପ୍ରାଦେ. (ଗଞ୍ଜାମ) ବି—ତେନ୍ତୁଳି ମଞ୍ଜି—
Apuchā
The seed of tamarind.

**ଅପୁଚ୍ଛ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ପୁଚ୍ଛ )—ପୁଚ୍ଛହୀନ; ଯାହାର ଲାଙ୍ଗୁଳ ନାହିଁ— Tailless.
Apuchchha
(ଅପୁଚ୍ଛା —ସ୍ତ୍ରୀ)

**ଅପୁଚ୍ଛକ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ପୁଚ୍ଛ + କ)—ଲାଙ୍ଗୁଳହୀନ—
Apuchchhaka
Tailless.
(ଅପୁଚ୍ଛିକା —ସ୍ତ୍ରୀ)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉ୍ଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ଓ | ନ୍ତ |

**ଅପୁଚ୍ଛା**—ସଂ. ବି. ସ୍ତ୍ରୀ. (ଅପୁଚ୍ଛ+ଆ)—ଶିଂଶପାବୃକ୍ଷ—
Apuchchhā ଶିଶୁଗଛ (ଦେଖ)
The Sisu tree (See)
ସଂ. ବିଣ. ସ୍ତ୍ରୀ—ଅପୁଚ୍ଛର ସ୍ତ୍ରୀଲିଙ୍ଗ—Feminine of Apuchchha.

**ଅପୁଚ୍ଛାଙ୍କୁର**—ସଂ. ବି. ( ବିଜ୍ଞାନପରିଭାଷା ) (ବହୁବ୍ରୀହି; ଅ + ପୁଚ୍ଛାଙ୍କୁର,
Apuchchhāṅkura ଯାହାର ପୁଚ୍ଛାଙ୍କୁର ନାହିଁ )—ପୁଚ୍ଛହୀନ ଉଭୟଚର ପ୍ରାଣୀ (ଯଥା—ବେଙ୍ଗ; କଇଁଛ)—
Tailless animals; Anura.
[ ଦ୍ର—ଏହି ଜାତୀୟ ଜୀବମାନଙ୍କର ମସ୍ତକ ପ୍ରଶସ୍ତ, ମୁଖବ୍ୟାଦାନ ବୃହତ୍; ପଛ ଗୋଡ଼ଠାରୁ ଆଗ ଗୋଡ଼ ସାନ ଓ ଉଲ୍ଲମ୍ଫନର ବିଶେଷ ଉପଯୋଗୀ—ପ୍ରକୃତିବାଦ ଅଭିଧାନ । ]
(ଅପୁଚ୍ଛାଙ୍କୁରା—ସ୍ତ୍ରୀ) ସଂ. ବିଣ. ପୁଂ—ପୁଚ୍ଛହୀନ—Tailless.

**ଅପୁଚ୍ଛୀ**—ସଂ. ବି. ( ବିଜ୍ଞାନପରିଭାଷା; ଅ+ପୁଚ୍ଛିନ୍ ୧ମା. ୧ବ. )—
Apuchchhī ଅପୁଚ୍ଛାଙ୍କୁର ( ଦେଖ )
(ଅପୁଚ୍ଛିନୀ—ସ୍ତ୍ରୀ) Apuchchhāṅkura ( See )
ସଂ. ବିଣ. ପୁଂ—ପୁଚ୍ଛହୀନ—Tailless.

**ଅପୁଛ**—ପ୍ରାଦେ. (ସମ୍ବଲପୁର)ବି – ୧ । ଅନାଦର—1. Disregard.
Apuchha ୨ । ଅସମ୍ମାନ—2. Disrespect.
ଯାକେ କେଉ ପୁଛେ ନା ଗ୍ରା. ବିଣ (ସଂ.ଅପୃଷ୍ଟ)—୧ । ଅପୃଷ୍ଟ; ଯାହାକୁ
(ଅପୁଛୀ—ସ୍ତ୍ରୀ) କେହି ପଚ୍ଚାରି ନ ଥାଏ—1. Unasked
୨ । ଅନାହୂତ—2. Uncalled.
୩ । ଅନନୁରୁଦ୍ଧ—3. Unrequested.
୪ । ଅଶଙ୍ଗ୍ଲା; ଅନିମନ୍ତ୍ରିତ—4. Uninvited.

**ଅପୁତ୍ର**—ସ. ବି. ପୁ. (ଅ=ହୀନ+ପୁତ୍ର)—କୁପୁତ୍ର; ଅଯୋଗ୍ୟ ପୁତ୍ର—
Aputra Unworthy son.
(ଅପୁତ୍ରା—ସ୍ତ୍ରୀ) ସ. ବିଣ. ପୁଂ (ବହୁବ୍ରୀହି)—ପୁତ୍ରହୀନ—Sonless.

**ଅପୁତ୍ରକ**—ସ. ବିଣ. ପୁଂ (ଅ+ପୁତ୍ର+କ)—
Aputraka ପୁତ୍ରହୀନ—Sonless.
(ଅପୁତ୍ରିକା—ସ୍ତ୍ରୀ)

**ଅପୁତ୍ରିକ**—ଦେ. ବିଣ. ପୁଂ. (ସ. ଅପୁତ୍ରକ)—ଅପୁତ୍ରକ (ଦେଖ)
Aputrika Aputraka (See)
କାହିଁକି ଅପୁତ୍ରିକ ହେବେ ସେ ମହାଭାଗ । କୃଷ୍ଣସିଂ. ମହାଭାରତ. ଅଦି ।
ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ପୁତ୍ରିକ )—
ଯେଉଁ ବ୍ୟକ୍ତିର ବଂଶରକ୍ଷାକାରୀ ପୁତ୍ର ଜନ୍ମାଇବାର ଉପଯୁକ୍ତା କନ୍ୟା ନାହିଁ—The father of a daughter not fit to be adopted for producing a son.

**ଅପୁନରାବୃତ୍ତି**—ସ. ବି. ( ଅ+ପୁନରାବୃତ୍ତ )—
Apunarābrutti ୧ । ପୁନର୍ବାର ଫେରି ନ ଆସିବା—
(ଅପୁନରାବୃତ୍ତ—ବିଣ) 1. Not coming back.
୨ । ନିର୍ବାଣ; ମୁକ୍ତି; ମୋକ୍ଷ—2. Salvation.
ସଂ. ବିଣ—ପୁନର୍ଜନ୍ମହୀନ—Free from rebirth.

**ଅପୁନର୍ଭବ**—ସ. ବିଣ. ପୁଂ. (ଅ+ପୁନର୍ଭବ)—୧ । ପୁନର୍ଜନ୍ମହୀନ—
Apunarbhaba 1. Exempt from rebirth.
(ଅପୁନର୍ଭବା—ସ୍ତ୍ରୀ) ୨ । ନିର୍ବାଣମୁକ୍ତିପ୍ରାପ୍ତ; ନିର୍ବାଣମୁକ୍ତ—
2. One who attains final salvation from the world.
ବି—ସଂସାରରେ ପୁନର୍ବାର ଜନ୍ମ ନ ହେବା—
Final salvation from the world.

**ଅପୁରିଦିନ**—ଦେ. ବି. ( ଅ+ପର+ଦିନ; ସ. ଅପରେଦ୍ୟୁସ୍ )—ପଅରି
Apuridina ଦିନର ପରବର୍ତ୍ତୀ ଦିବସ; ଆଜିଠାରୁ ଗଣିଲେ
अपरशू ଚତୁର୍ଥ ଦିବସ;ଅପରଶ୍ୱଃ; ଅପରେଦ୍ୟୁଃ—The 4th
अतरसौ day counting from today.

**ଅପୁରୁବ**—ଗ୍ରା. ବିଣ. (ସ. ଅପୂର୍ବ)—ଅପୂର୍ବ (ଦେଖ)
Apuruba Apūrba (See)
अपूर्व ଅପରୂପ ଅପୁରୁବ ରୂପ ଦମୋହନ । ମଧୁସୂଦନ, ବସନ୍ତଗାଥା ।
अपूरब

**ଅପୁରୁଷ**—ସ. ବି. (ଅ=କୁତ୍ସିତ+ପୁରୁଷ)—୧ । ଅମନୁଷ୍ୟ; ଅଯୋଗ୍ୟ
Apurusha ବ୍ୟକ୍ତି—1. An unworthy person.
୨ । କୁତ୍ସିତ ବ୍ୟକ୍ତି—2. An evil person.
୩ । ଭୀରୁ ବ୍ୟକ୍ତି - 3. A coward.
(ଅପୁରୁଷତା—ବି) ବିଣ—୧ । ଅମନୁଷ୍ୟ (ଦେଖ)
1. Amanushya (See).
୨ । ଭୀରୁ—2. Cowardly.
୩ । ଅଯୋଗ୍ୟ—3. Worthless.
୪ । କୁତ୍ସିତ (ବ୍ୟକ୍ତି)—4. Evil (person)
୫ । ଅଣପୁରୁଷା—5. Impotent.

**ଅପୁରୋଦନ୍ତୀ**—ଦେ. ବି. ( ବିଜ୍ଞାନପରିଭାଷା )—
Apurodantī ପୁରୋଦନ୍ତ ବା ଛେଦନଦାନ୍ତ ନ ଥିବା ପ୍ରାଣୀ
(ଯଥା—ପିମ୍ପୁଡ଼ିଖିଆ ଭାଲୁକ୍ ; ବଜ୍ରକାପଟା)—( Physiology ) Edentata.

**ଅପୁଷୀ**—ଦେ. ବିଣ. ସ୍ତ୍ରୀ (ଅ + ପୁଷ୍ପିତା)—୧ । ଅପୁଷ୍ପା ୨ (ଦେଖ)
Apushī 1. Apushpā 2 (See)
୨ । ଋତୁହୀନା ସ୍ତ୍ରୀ—
2. (a woman) In whom menses do not appear at all.
ଦେ. ବି. ସ୍ତ୍ରୀ—ଋତୁହୀନା ସ୍ତ୍ରୀ; ଯେଉଁ ସ୍ତ୍ରୀ ଆଦୌ ଋତୁମତୀ ହୁଏ ନାହିଁ—A woman in whom menses do not appear at all.

**ଅପୁଷ୍ଟ**—ସ. ବିଣ. ( ଅ+ପୁଷ୍ଟ )—
Apushṭa ୧ । କ୍ଷୀଣ—1. Lean.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

(ଅପୁଷ୍ଟା—ସ୍ତ୍ରୀ) ୨ । ଅପରିପୁଷ୍ଟ; ଯେ ପୂର୍ଣ୍ଣରୂପେ ବଢ଼ି ନାହିଁ—
2. Not fully developed; undeveloped.

**ଅପୁଷ୍ଟତା**—ସଂ. ବି—ଅର୍ଥଦୋଷବିଶେଷ—A defect in composi-
**Apushṭatā** tion when the word does not promote or support the sense.
[ମୁଖ୍ୟାର୍ଥର ଅନୁପଯୋଗୀ କୌଣସି ଶବ୍ଦ ପ୍ରୟୋଗ କଲେ ଅପୁଷ୍ଟତା ଦୋଷ ହୁଏ]
ଯଥା—ଅସ୍ତ ହେଲେ ରବି ଗ୍ରହଗଣ ଦିନମଣି, ତାରାମଣ୍ଡଳ ହ୍ରାସ ପିଣ୍ଡ ଅଧିପ ରଜନୀ ।
କୁଳମଣି. ଅଳଙ୍କାର ତରଙ୍ଗିଣୀ । ]

**ଅପୁଷ୍ପ**—ସଂ. ବିଣ. (ବହୁବ୍ରୀହି; ଅ+ପୁଷ୍ପ)—ଅପୁଷ୍ପକ (ଦେଖ)
**Apushpa** Apushpaka (See)
(ଅପୁଷ୍ପା—ସ୍ତ୍ରୀ)

**ଅପୁଷ୍ପକ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ପୁଷ୍ପ+କ, ବିଜ୍ଞାନପରିଭାଷା)—
**Apushpaka** (ଉଦ୍ଭିଦବିଜ୍ଞାନ) ଯେଉଁ ସକଳ ବୃକ୍ଷର ପୁଷ୍ପ ହୁଏ
(ଅପୁଷ୍ପିକା—ସ୍ତ୍ରୀ) ନାହିଁ—(Botany) Cryptogam.

**ଅପୁଷ୍ପଫଳ**—ସଂ. ବିଣ. (ବିଜ୍ଞାନପରିଭାଷା)—
**Apushpaphaḻa** ଫୁଲ ନ ହୋଇ ଫଳ ଧରିବା ଗଛ (ଯଥା—ପଣସ, ଡିମ୍ବିରି, ଉଦୁମ୍ବର)—Trees which bear fruits without flower.
ସ ବି—୧ । ପଣସ ଗଛ—1. Jack tree.
୨ । ଡିମ୍ବିରି ଗଛ—2 Fig tree.

**ଅପୁଷ୍ପଫଳଦ**—ସଂ. ବିଣ. (ବିଜ୍ଞାନପରିଭାଷା)—ଅପୁଷ୍ପଫଳ (ଦେଖ)
**Apushpaphaḻada** Apushpaphaḻa

**ଅପୁଷ୍ପା**—ସଂ. ବିଣ. ସ୍ତ୍ରୀ. (ଅ+ପୁଷ୍ପ+ସ୍ତ୍ରୀ. ଆ)—
**Apushpā** ୧ । ଅପୁଷ୍ପର ସ୍ତ୍ରୀଲିଙ୍ଗ—Feminine of Apushpa.
୨ । ଅରଜସ୍କା (ସ୍ତ୍ରୀ)—
2. (a woman) Without menses.

**ଅପୁଷ୍ପିକା**—ସଂ. ବିଣ. ସ୍ତ୍ରୀ—ଅପୁଷ୍ପା (ଦେଖ)
**Apushpikā** Apushpā (See)

**ଅପୁଷ୍ପିତ**—ସଂ. ବିଣ. ପୁଂ (ଅ+ପୁଷ୍ପିତ)—ଫୁଲ ଧରି ନ ଥିବା (ଗଛ)—
**Apushpita** Not flowering; (tree) which
(ଅପୁଷ୍ପିତା—ସ୍ତ୍ରୀ) does not bear flowers.

**ଅପୁଷ୍ପିତା**—ସଂ. ବିଣ. ସ୍ତ୍ରୀ.—୧ । ଅପୁଷ୍ପିତର ସ୍ତ୍ରୀଲିଙ୍ଗ—
**Apushpitā** 1. Feminine of Apushpita.
୨ । ଅରଜସ୍କା ( ବାଳିକା )—2. (a girl) In whom menses have not appeared

**ଅପୂଜକ**—ଗ୍ରା. ବିଣ. ( ସଂ. ଅପୂଜ୍ୟ )—୧ । ଅପୂଜ୍ୟ—
**Apūjaka** 1. Unadorable.
অপূজ্য ୨ । ଅପୂଜିତ—2. Unworshipped.
୩ । ଅସମ୍ମାନିତ—3. Not respected.
ତର୍କ ନ ଥିବାରୁ କଷ୍ଟେ ହୋଇ ଅପୂଜକ । ପୀତାମ୍ବର. ନୃସିଂହପୁରାଣ. ୨୩ ।

**ଅପୂଜନୀୟ**—ସଂ. ବିଣ. ପୁଂ.—ଅପୂଜ୍ୟ ( ଦେଖ )
**Apūjanīya** Apūjya ( See )
( ଅପୂଜନୀୟା—ସ୍ତ୍ରୀ )

**ଅପୂଜା**—ସଂ. ବି.—ପୂଜା ବା ସମ୍ମାନର ଅଭାବ; ଅସମ୍ମାନ—
**Apūjā** Disrespect.
ଗ୍ରା.ବି.—ଅପୂଜାଦେବତା (ଦେଖ)—Apūjādebatā (See)
ଦେ. ବିଣ. ( ସଂ. ଅପୂଜ୍ୟ )—୧ । ଅପୂଜ୍ୟ—
1. Unadorable; unhonoured.
୨ । ଅପୂଜିତ; ଯାହାକୁ କେହି ପୂଜା କରେ ନାହିଁ—
2. Not worshipped by any one.
ଏ ଦୁଃଖ ଦ୍ୱିଗୁଣ ଯୋଗ ହେଲା, ଅପୂଜା ହୋଇ ବନ ଯାଉ ।
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅପୂଜାଦେବତା**—ଦେ. ବି. ( ସଂ. ଅପୂଜ୍ୟ+ଦେବତା )—ବଣ ଦେବୀ;
**Apūjādebatā** ଯେଉଁ ଦେବତାଙ୍କୁ କେହି ନିୟମିତରୂପେ ପୂଜା
বনদেবতা କରେ ନାହିଁ—Sylvan Deities; Deities of the woods that receive no regular service or worship.

**ଅପୂଜିତ**—ସଂ. ବିଣ. ( ଅ+ପୂଜିତ )—୧ । ଅସମ୍ମାନିତ—
**Apūjita** 1. Unhonoured.
(ଅପୂଜିତା—ସ୍ତ୍ରୀ ) ୨ । ଯାହାକୁ ପୂଜା କରା ଯାଏ ନାହିଁ—
2. Unworshipped; unadored.

**ଅପୂଜ୍ୟ**—ସଂ. ବିଣ. (ଅ+ପୂଜ୍ୟ)—୧ । ପୂଜା ବା ସମ୍ମାନର ଅଯୋଗ୍ୟ—
**Apūjya** 1. Not fit to be honoured or respected.
(ଅପୂଜ୍ୟା—ସ୍ତ୍ରୀ) ୨ । ଅପୂଜିତ—2. Unworshipped.

**ଅପୂତ**—ସଂ. ବିଣ. ( ଅ+ପୂତ=ପବିତ୍ର )—୧ । ଅପବିତ୍ର—
**Aputa** 1. Unholy; impure.
୨ । ଅସଂସ୍କୃତ—2. Unconsecrated.

**ଅପୂପ**—ସଂ. ବି. ( ଅପ=ଜଳ+ବପ ଧାତୁ=ବୁଣିବା; ଛିଞ୍ଚିବା+
**Apūpa** କର୍ମ. ଅ)—୧ । ପିଠା—1 Cake; pudding.
୨ । ରୁଟି; ରୋଟିକା—2. Bread; loaf.

**ଅପୂରବ**—ଗ୍ରା. ପଦ୍ୟ. ବିଣ. ପୁଂ. ଓ ସ୍ତ୍ରୀ.—ଅପୂର୍ବ ( ଦେଖ )
**Apūraba** Apūrba ( See )

**ଅପୂରୁବ**—ଗ୍ରା. ପଦ୍ୟ. ବିଣ. ପୁଂ. ଓ ସ୍ତ୍ରୀ.—ଅପୂର୍ବ ( ଦେଖ )
**Apūruba** Apūrba ( See )
ଚହଟିବାରେ ଯେହ୍ନେ ଅପୁରୁବ ତହିଁରେ ବଳସି ସଘନ ।
ଶିଶୁଶଙ୍କର. ଉଷାଅଭିଳାଷ ।

**ଅପୂର୍ଣ୍ଣ**—ସଂ. ବିଣ. ( ଅ+ପୂର୍ଣ୍ଣ )—୧ । ଅସମ୍ପୂର୍ଣ୍ଣ—
**Apūrṇṇa** 1. Incomplete.
୨ । ଅସମାପ୍ତ—2. Unfinished.

| ୧ | ଇ | ଈ | ଋ,ଝ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଙ୍ଗ | ଞ୍ଚ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଉ | ରୁ | ଲୁ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୩ । ଯାହା ପୂରିତ ହୋଇ ନାହିଁ—
3. Not full; unfilled.

**ଅପୂର୍ଣ୍ଣ ମିତାକ୍ଷର**—ସଂ. ବି—ଯେଉଁ ପଦ୍ୟରେ ଉପାନ୍ତ ସ୍ୱରର ମିଳନ
Apūrnna mitrākshara ନ ଥାଇ କେବଳ ଅନ୍ତ୍ୟ ବର୍ଣ୍ଣର ମିଳନ ଥାଏ—Incomplete metre.
ବୋଲନ୍ତି ଲାବଣ୍ୟ ନଦୀ ରେ ପଡ଼ୁ ଭ୍ରୁହା । କି ଅମୃତେ ତୋ ତନୁ ଗଢ଼ିଲା କହ ।
ମଧୁସୂଦନ. ପଦ୍ୟ ।

**ଅପୂର୍ଣ୍ଣାଙ୍ଗ**—ସଂ. ବିଣ. ( ଅ+ପୂର୍ଣ୍ଣ+ଅଙ୍ଗ )—ଯାହାର ଅଙ୍ଗମାନ
Apūrnnānga ସମ୍ପୂର୍ଣ୍ଣରୂପେ ଗଠିତ ବା ସମାପ୍ତ ହୋଇ ନାହିଁ—
Having the parts or limbs not fully formed or developed.

**ଅପୂର୍ବ**—ସଂ. ବିଣ. ( ଅ+ପୂର୍ବ )—୧ । ଅଭୂତପୂର୍ବ—
Apūrba 1. Unprecedented
୨ । ଅଭିନବ; ନୂତନ—2. New; recent.
୩ । ଆଶ୍ଚର୍ଯ୍ୟଜନକ—3. Wonderful.
୪ । ଅତି ଉତ୍କୃଷ୍ଟ—4. Excellent.
୫ । ଅତି ଉପାଦେୟ—5. Very useful.
୬ । ଅତି ସୁନ୍ଦର—6. Very beautiful.
୭ । ଅତ୍ୟନ୍ତ ଆନନ୍ଦଜନକ—7. Very pleasing.
୮ । ଅଦୃଷ୍ଟପୂର୍ବ—8. Not seen before.
୯ । ଅସାଧାରଣ—9. Uncommon; extraordinary; rare.
୧୦ । 'ଅ' ଅକ୍ଷର ଯାହା ପୂର୍ବରେ ଯୁକ୍ତ ହୋଇଥାଏ (ଶବ୍ଦ)—
10. (word) Having the letter 'A' prefixed to it.
ଦେ. ବିଣ—ଦୁଷ୍ପ୍ରାପ୍ୟ—Difficult to get.
ଧର୍ମି ନ ଥିବାର ନ କଲେ ଲୋକ ଯାଗ
ଅପୂର୍ବ ହୋଇଲାଣି ଆମ୍ଭଙ୍କୁ ହବିର୍ଭାଗ ।
କୃଷ୍ଣସିଂହ. ମହାଭାରତ ।

**ଅପୂର୍ବପ୍ରବେଶ**—ସଂ. ବି. ( ଅପୂର୍ବ+ପ୍ରବେଶ )—
Apūrba prabesa ୧ । ପ୍ରଥମ ପ୍ରବେଶ—1. First entry.
୨ । ନୂତନଗୃହପ୍ରବେଶ—2. First ceremonial entry into a new-built house.

**ଅପୃକ୍ତ**—ସଂ. ବିଣ. ( ଅ+ପୃକ୍ତ ) ଅମିଶ୍ରିତ—
Aprukta Unmixed; unadulterated.

**ଅପୃଷ୍ଟ**—ସଂ. ବିଣ. (ଅ+ପ୍ରଚ୍ଛ ଧାତୁ+କର୍ମ. ତ)—ଅଜିଜ୍ଞାସିତ; ଅପୁଚ୍ଛା—
Aprushta Unasked

**ଅପୃଷ୍ଠବଂଶୀ**— ଦେ. ବିଣ. (ବିଜ୍ଞାନପରିଭାଷା; ଅ+ପୃଷ୍ଠବଂଶ+ଇନ୍ ୧ମା.
Aprushtabamsi (ବ)—(ଜୀବବିଜ୍ଞାନ) ମେରୁଦଣ୍ଡହୀନ (ପ୍ରାଣୀ)—
(Physiology) Invertibrata.

**ଅପେକ୍ଷକ**—ସଂ. ବିଣ. ପୁଂ. (ଅପ+ଈକ୍ଷ ଧାତୁ+ଅକ ) ଅପେକ୍ଷାକାରୀ;
Apekshaka ଯେ ଅପେକ୍ଷା କରେ—Waiting.
(ଅପେକ୍ଷିକା—ସ୍ତ୍ରୀ)

**ଅପେକ୍ଷଣୀୟ**—ସଂ. ବିଣ. ( ଅପ+ଈକ୍ଷ+ଅନୀୟ ) ଅପେକ୍ଷାଯୋଗ୍ୟ;
Apekshaniya ଯାହାକୁ ଅପେକ୍ଷା କରାଯାଇ ପାରେ—
Which can be awaited.

**ଅପେକ୍ଷା**—ସଂ. ବି. ( ଅପ+ଈକ୍ଷ ଧାତୁ+ଭାବ. ଅ+ଆ )—
Apekshā ୧ । ପ୍ରତୀକ୍ଷା—1. Awaiting; waiting.
୨ । ବାସନା; ଇଚ୍ଛା; ଆକାଂକ୍ଷା—
2 Desire; wish.
କ୍ଷୁଧା ପିପାସାର ସେ ଅପେକ୍ଷା ତେଜିବ । କୃଷ୍ଣସିଂହ. ମହାଭାରତ. ଆଦି ।
୩ । ଆଶା; ଭରସା—3. Hope; expectation.
୪ । ଅନୁରୋଧ—4. Request.
୫ । ସମ୍ଭ୍ରମ; ସମ୍ମାନ; ଖାତିର—5. Respect; regard.
୬ । ପ୍ରାର୍ଥନା—6. Prayer; solicitation.
୭ । ପର୍ଯ୍ୟବେକ୍ଷଣ —7. Observation.
୮ । ତୁଳନା—8. Comparison.
ଦେ. ଅ—( ପଞ୍ଚମୀ ବିଭକ୍ତିର ଚିହ୍ନ ସ୍ୱରୂପ ବ୍ୟବହୃତ )—
୧ । ( ତୁଳନାର୍ଥକ ) ଠାରୁ—1. Than
୨ । ତୁଳନାରେ—2. In comparison with.

**ଅପେକ୍ଷା କରିବା**—ଦେ. କ୍ରି—କୌଣସି କାର୍ଯ୍ୟ ବା ବ୍ୟକ୍ତି ପାଇଁ କିଛିକ୍ଷଣ
Apekshā karibā ରହିଁ ରହିବା—
To wait; to await.

**ଅପେକ୍ଷାକୃତ**—ସଂ. ବିଣର ବିଣ. ( ଅପେକ୍ଷା+କୃତ )—
Apekshākruta ୧ । ତୁଳନାରେ (ଅଧିକତର ବା ଅଳ୍ପତର)—
1. ( more or less ) In comparison; comparatively.
୨ । ପ୍ରଥମ ବସ୍ତୁ ବା ବ୍ୟକ୍ତି ସଙ୍ଗେ ଦ୍ୱିତୀୟ ବସ୍ତୁ ବା ବ୍ୟକ୍ତିର ତୁଳନା କରାଯିବାରେ—2 When compared to a thing or person previously mentioned.
[ଦୃ—କ ଖ ମଧ୍ୟରେ କ ଅପେକ୍ଷାକୃତ ସୁନ୍ଦର ଅର୍ଥାତ୍ ଖ ଅପେକ୍ଷା କ ସୁନ୍ଦରତର ।]

**ଅପେକ୍ଷାବୁଦ୍ଧି**—ଦେ. ବି. ୧ । ( ମନୋବିଜ୍ଞାନପରିଭାଷା )—
Apekshā buddhi ଅନେକ ବସ୍ତୁ ମଧ୍ୟରେ ପ୍ରତ୍ୟେକ ବସ୍ତୁକୁ ପୃଥକ୍‌ଭାବରେ ଚିନ୍ତା କରିବା ବା ଚିହ୍ନିବା ବୁଦ୍ଧି—
1. (Psychology) Mental discrimination of members.
୨ । ବୋଧଶକ୍ତିର ନିର୍ମଳତା—2. Clearness of understanding.

**ଅପେକ୍ଷିତ**—ସଂ. ବିଣ. ( ଅପ+ଈକ୍ଷିତ=ଦୃଷ୍ଟ )—
Apekshita ୧ । ପ୍ରତୀକ୍ଷିତ; ପ୍ରତୀକ୍ଷାକରାଯିବା—
1. Waited.
୨ । ଇପ୍ସିତ; ଆକାଂକ୍ଷିତ—
2. Desired; wished for.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗା' ଦେଖିବେ;'ଅଲବତ'ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଯାହାକୁ ଆଶା କରାଯାଇଥାଏ; ପ୍ରତ୍ୟାଶିତ—
3. Hoped for; expected.
୪ । ପର୍ଯ୍ୟବେକ୍ଷିତ—4. Observed.
୫ । ପୂଜିତ; ସମ୍ମାନିତ—
5. Respected; honoured; adored.
୬ । ତୁଳିତ—6 Compared.
୭ । ଅନୁରୁଦ୍ଧ—7. Requested
୮ । ବିବେଚିତ—8. Considered.

**ଅପେତ**—ସଂ. ବିଣ. (ଅପ = ସ୍ଥାନାନ୍ତର + ଇ ଧାତୁ = ଯିବା + କର୍ତ୍ତୃ. ତ)—
**Apeta** ୧ । ଅପଗତ—1 Gone away.
୨ । ନିର୍ଗତ—2. Issued.
୩ । ତ୍ୟକ୍ତ—3. Abandoned; deserted.
୪ । ପୃଥକ୍‌କୃତ—4. Separated.
୫ । ରହିତ—5. Prevented.

**ଅପେତଭଗ**—ସଂ. ବିଣ. ( ବହୁବ୍ରୀହି; ଅପେତ = ଦୂରୀଭୂତ + ଭଗ = ଐଶ୍ୱର୍ଯ୍ୟ )—ଯାହାର ସକଳ ଐଶ୍ୱର୍ଯ୍ୟ ନଷ୍ଟ ହୋଇଅଛି—Deprived of every thing.
**Apetabhaga**
ଅପେତଭଗ ସେ ହୋଇଲେ, ତେଣୁ ସଂସାର ନ ଛାଡ଼ନ୍ତି ।
ଜଗନ୍ନାଥ. ଭାଗବତ. ୧୦ମ. ଦ୍ୱାରକା ।

**ଅପେତରାକ୍ଷସୀ**—ସଂ. ବି. [ ବହୁବ୍ରୀହି; ଅପେତ = ଅପଗତ ହୋଇଅଛି + ରାକ୍ଷସୀ = ରାକ୍ଷସୀ ପ୍ରକୃତି (ଯାହାଠାରୁ)]—ତୁଳସୀଗଛ—The Holy Basil plant.
**Apetarakshasi**

**ଅପେୟ**—ସଂ. ବିଣ. ( ଅ + ପେୟ )—ପିଇବାର ଅଯୋଗ୍ୟ—Undrinkable.
**Apeya**

**ଅପେରା**—ବୈଦେ. ବି. ( ଇଂ. ଅପେରା )—ଏକପ୍ରକାର ପାଶ୍ଚାତ୍ୟ ନାଟକାଭିନୟ—Opera.
**Aperā**

**ଅପେରାଗ୍ଲାସ୍**—ବୈଦେ. ବି. ( ଇଂ. ଅପେରାଗ୍ଲାସ୍ )—ଦୁଇଚକ୍ଷୁଯୁକ୍ତ ଏକପ୍ରକାର ଦୂରବୀକ୍ଷଣ ଯନ୍ତ୍ର ( ଏହାକୁ ଧରି ଥିଏଟରକୁ ଯାଇ ରଙ୍ଗଭୂମିରୁ ଦୂରରେ ବସିଥିବା ବ୍ୟକ୍ତିମାନେ ରଙ୍ଗଭୂମିକୁ ଚାହିଁଲେ ରଙ୍ଗଭୂମିର ଅଭିନୟମାନ ନିକଟତର ଓ ସ୍ପଷ୍ଟତର ଦେଖାଯାଏ)—Opera-glass.
**Aperāglās**
অপেরাগ্লাস্
अपेराग्लास्

**ଅପୈଟ**—ଦେ. ବିଣ—(ଯେଉଁ ପାଠ) ପଢ଼ିଥି ନାହିଁ ବା ମୁଖସ୍ଥ କରାଯାଇ ନାହିଁ—Not learned by heart.
**Apaiṭa**
অমুখস্থ

**ଅପୈଠ**—ଦେ. ବିଣ. ( ସଂ. ଅପ୍ରବିଷ୍ଟ; ପ୍ରା., ଅପଇଟ୍ଠ )—
**Apaiṭha** ୧ । ଅପଇଠ ( ଦେଖ )—1. Apaiṭha ( See )
অপৌচ ୨ । ଅପହଞ୍ଚ—2. That which cannot be reached.
अपैठ
୩ । ଅପ୍ରାପ୍ୟ—3. Unattainable.
୪ । ଦୁର୍ଗମ—4. Impassable.

**ଅପୋକତ**—ଦେ. ବିଣ. ( ସଂ. ଅପକ୍ୱ )—ଅପୋଖତ ( ଦେଖ )
**Apokata** Apokhata ( See )

**ଅପୋକ୍ତା**—ଦେ. ବିଣ—ଅପୋଖତ ( ଦେଖ )
**Apoktā** Apokhata ( See )

**ଅପୋଖତ**—ଦେ. ବିଣ. ( ସଂ. ଅପକ୍ୱ )—୧ । ଅପକ୍ୱ—1. Unripe.
**Apokhata** ୨ । କଞ୍ଚା—2. Raw.
অপোখ্ত ୩ । ଅପରିପକ୍ୱ—3. Unmatured.
কঁচা

**ଅପୋଗଣ୍ଡ**—ସଂ. ବି. ( ଅ + ପୋଗଣ୍ଡ = ଯେ ପୋଗଣ୍ଡ ନୁହେଁ; କିମ୍ବା ଅପ = ଅପକୃଷ୍ଟ + ଗମ୍ ଧାତୁ + କର୍ତ୍ତୃ. ଡ; ନିପାତନ; ଯେ ଉତ୍ତମରୂପେ ବୃଦ୍ଧି ପାଇ ନାହିଁ )—
**Apogaṇḍa**
୧ । ଶିଶୁ—1. Child; infant.
୨ । ଯେଉଁ ବାଳକର ବୟସ ୧୬ ବର୍ଷରୁ କମ ନୁହେଁ—
2. A boy who is not under sixteen years of age.
୩ । ସାବାଳକ ବ୍ୟକ୍ତି—
3. One who has attained majority.

[ଦ୍ର—ଅପୋଗଣ୍ଡ ବସ୍ତୁ – ସ୍ୱାମୀର ସମକ୍ଷରେ ଯେବେ ତାଙ୍କ ବସ୍ତୁକୁ ଅନ୍ୟ ଲୋକ ଭୋଗକରେ ତେବେ ଆଇନ୍ ଅନୁସାରେ ବସ୍ତୁସ୍ୱାମୀର ଅଧିକାର ତହିଁରୁ ଲୋପଯାଏ ଓ ଭୋକ୍ତା ତାହା ପାଇବାକୁ ହକ୍‌ଦାର ହୁଏ । ରାମଶଙ୍କର ମନୁ ୮।୧୪୮ ]

ସଂ. ବିଣ—୧ । ସାବାଳକ—
1. Major; having attained majority.
୨ । ଯାହାକୁ ୧୬ ବର୍ଷ ବୟସ ଟପିଲାଣି—
2. Past the age of sixteen ( Apte ).
୩ । ଭୀରୁ—3. Timid.
୪ । ଶ୍ଳଥ; ଲୁଳିତ—4. Flaccid. ( M. W )
୫ । ଯାହାର ସାଧାରଣ ଅପେକ୍ଷା ଅଧିକା ବା କମ୍ ପ୍ରତ୍ୟଙ୍ଗ ଅଛି—5. ( a person ) Having a limb too many or too few ( M.W. )
୬ । ବିକଳାଙ୍ଗ—6. Maimed; deformed.
୭ । ୫ ବର୍ଷ ଠାରୁ ୧୦ ବର୍ଷ ବୟସ୍କ—
7. Aged between 5 & 10 years.

**ଅପୋଢ଼ା**—ଦେ. ବିଣ. ( ସଂ. ଅ + ପ୍ଲୁଷ୍ଟ )—୧ ଅଦଗ୍ଧ—1. Unburnt.
**Aporḍā**
୨ । ବହୁଦୂରସ୍ଥ—2. Very distant.
୩ । (ସଂ. ଅପୋଢ଼) ପରିତ୍ୟକ୍ତ—3. Abandoned.
ତନୁ ଦେବା ଅର୍ଥେ ଅପୋଢ଼ା ସେ ପୁଅ । ସାରଳା, ମହାଭାରତ ।
୪ । ଯେଉଁଠାରେ କେବେ କେହି ବାସ କରି ନାହିଁ—
4. Not yet inhabited.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଭ୍‌ଥ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଞ | ନ୍ଢ |

**ଅପୋଡ଼ା ପୃଥିବୀ**—ଦେ. ବ—ଯେଉଁ ସ୍ଥାନରେ ଅଦ୍ୟାବଧି କେବେ Aporḍā pruthibī ହେଲେ କେହି ନିଆଁ ଲଗାଇ ନାହିଁ ଅର୍ଥାତ୍ ଘର କରି ରହି ନାହିଁ—Uninhabited country.

ଭୂଥ ବାର ରହିବ ଝଙ୍କର ବନ ସେହି,
ଅପୋଡ଼ା ପୃଥିବୀ ତହିଁ ଗୁପତେ ଅଛଇ । ପ୍ରାଚୀ. ଗୁରୁଭକ୍ତିଗୀତା ।

**ଅପୋଢ଼**—ସଂ. ବିଣ. ( ଅପ=ବିରୁଦ୍ଧ + ଊହ ଧାତୁ=ତର୍କ କରିବା; Aporḍha ଊହ୍ୟ କରିବା + କର୍ମ. ତ )—
(ଅପୋହ—ବ) ୧ । ନିର୍ଣ୍ଣୀତ—1. Ascertained.
୨ । ନିରସ୍ତ—
2. Repudiated;set at rest by argument.
୩ । ( ଅପ+ବହ ଧାତୁ+କର୍ମ. ତ ) ସ୍ଥାନାନ୍ତରିତ; ନୀତ—
3. Removed; carried off; taken away ( M. W. )
୪ । ଅତିକ୍ରାନ୍ତ—4. Passed ( ପ୍ରକୃତିବାଦ )
୫ । ଉଦ୍ଘାଟିତ—5. Opened;laid bare (ପ୍ରକୃତିବାଦ)
୬ । ଭୀତ—6. Frightened ( ପ୍ରକୃତିବାଦ )
୭ । ପରିତ୍ୟକ୍ତ—7. Abandoned. ( ପ୍ରକୃତିବାଦ )
୮ । ବିତାଡ଼ିତ—8. Driven away ( Apte ).

**ଅପୋଦକ**—ସଂ. ବିଣ. ବୈଦିକ. ( ବହୁବ୍ରୀହି; ଅପ=ଅପଗତ+ଉଦକ Apodaka ଯହିଁରୁ )—୧ । ନିର୍ଜଳ; ଜଳହୀନ—
(ଅପୋଦକା—ସ୍ତ୍ରୀ) 1. Waterless ( Apte )
୨ । ଯାହା ପାଣିଆ ନୁହେଁ; କାଠୁଆ—
2. Not fluid ( Apte )

**ଅପୋଦିକା**—ସଂ. ବ. ( ଅପୋଦକ+ଆ )—ପୋଇଶାଗ—
Apodikā A pot herb; Basella rubra or lucida.

**ଅପୋଷା**—ଦେ. ବିଣ. ( ସଂ. ଅ+ପୋଷିତ )—ଅପୁଷ୍ଟ; ଅଭୃତ;
Aposhā ଯାହାକୁ ପୋଷା ନ ଯାଏ—Not maintained;
অপোষা unsupported.
বেপরবরিশ

( ଯଥା—ମୁଁ ଏକ କସ୍ତୁରରେ ଯେବେ ମୋ ମାଲିକଙ୍କ ପାଖରେ ପଡ଼ି ରହିଥିବି ତେବେ ମୋ ପେଟ କଅଣ ଅପୋଷା ରହିବ ? )

**ଅପୋଷୀ**—ଗ୍ରା. ବ. ଓ ବିଣ. ସ୍ତ୍ରୀ. ( ସଂ. ଅପୁଷ୍ଟିତା )—
Aposhī ଅପୁଷୀ ( ଦେଖ )—Apushī ( See )

**ଅପୋହ**—ସଂ. ବ. ( ଅପ=ବିରୁଦ୍ଧ+ଊହ ଧାତୁ=ତର୍କ କରିବା; Apoha ଊହ୍ୟ କରିବା+ଭାବ. ଅ; ଅପ+ବହ ଧାତୁ
ଅପୋଢ଼ } ବିଣ. +ଭାବ ଅ )—୧ । ତାଡ଼ନ; ତଡ଼ି ଦେବା—
ଅପୋହିତ } 1. Driving
୨ । ସ୍ଥାନାନ୍ତରିତକରଣ—2. Removal
୩ । ତର୍କକରଣ—3. Reasoning; arguing
୪ । ତର୍କର ଖଣ୍ଡନ ବା ନିରସନ—
4. Meeting an argument; repudiation.
୫ । ଅସ୍ୱୀକାରକରଣ—5. Denying.
୬ । ( ପାତଞ୍ଜଳଦର୍ଶନ ) ତର୍କଦ୍ୱାରା ଭ୍ରାନ୍ତ ଜ୍ଞାନର ନିରସନ—
6. ( Hindu philosophy ) Establishing the fallacy of certain mistaken notions by argument.
( ଏ ଶବ୍ଦର ଅନ୍ୟରୂପ ଅପୋହନ )—

**ଅପୋହିତ**—ସଂ. ବିଣ. ( ଅପ+ଊହ ବା ବହ ଧାତୁ+କର୍ମ. ତ )—
Apohita ୧ । ତର୍କଦ୍ୱାରା ନିରସିତ ବା ଖଣ୍ଡିତ—
1. Met or repudiated by argument.
୨ । ବିତାଡ଼ିତ—2. Driven away.
୩ । ସ୍ଥାନାନ୍ତରିତ—3. Removed.

**ଅପୌରଷ**—ଗ୍ରା. ବ. ( ସଂ. ଅପୌରୁଷ )—ଅପୌରୁଷ ( ଦେଖ )
Apaurasha Apaurusha ( See ).

**ଅପୌରୁଷ**—ସଂ. ବ. ( ଅ+ପୌରୁଷ )—୧ । ଅମନୁଷ୍ୟତା—
Apaurusha 1. Unmanliness.
୨ । ଅତିମାନୁଷ କ୍ଷମତା—
2. Superhuman power ( M. W.)
୩ । ଭୀରୁତା—3. Cowardice.
ସଂ. ବିଣ—୧ । ଅମାନୁଷ—1. Unmanly.
୨ । ଅତିମାନୁଷ—2. Superhuman.
ଗ୍ରା. ବ. ( ସଂ. ଅ+ଓ.ପୌରୁଷ )—୧ । ଅପ୍ରଶଂସା; ନିନ୍ଦା—
বদনাম; নিন্দা 1. Blame.
बदनाम ୨ । ଅପଯଶ; ଅପକୀର୍ତ୍ତି; ବଦନାମ—
2. Bad name; infamy

**ଅପୌରୁଷେୟ**—ସଂ. ବିଣ. ( ଅ+ପୌରୁଷେୟ )—୧ । ଅମାନୁଷିକ—
Apaurusheya 1 Unmanly; inhuman.
୨ । ଅତିମାନୁଷ; ଅଲୌକିକ—2. Superhuman.
୩ । ଅସାଧାରଣ—3. Extraordinary.
୪ । (ଅପୁରୁଷ+ଏୟ ) ଅପୁରୁଷ ବା ଭୀରୁ ଜନୋଚିତ—
4. Cowardly; dastardly.
୫ । ଅକୃତ୍ରିମ—5. Not artificial.
୬ । ପ୍ରାକୃତିକ—6. Natural.

**ଅପ୍ପତି**—ସଂ. ବ. ( ୬ଷ୍ଠୀ ତତ୍; ଅପ୍+ପତି )—
Appati ୧ । ସମୁଦ୍ର—1. The Sea.
୨ । ବରୁଣଦେବତା—2. The God of the waters.

**ଅପ୍ପା**—ଦେ. ବ. ସ୍ତ୍ରୀ ଓ ପୁଂ—ଅପା ( ଦେଖ )
Appā Apā ( See )

**ଅପ୍ପିତ୍ତ**—ସଂ. ବ. ( ଅପ=ଜଳ+ପିତ୍ତ=ଶରୀରସ୍ଥ ଧାତୁବିଶେଷ; ଜଳ Appitta ବିଷୟରେ ଯାହା ପିତ୍ତ; ପିତ୍ତ ଧାତୁର ଶୋଷଣ କରିବା ଗୁଣ ଥିବାରୁ, ଯାହା ଜଳକୁ ଶୋଷଣ କରେ ) —

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଦ୍ଧି' ନ ପାଇଲେ 'ବଢ଼ି' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୧ । ଅଗ୍ନି; ନିଆଁ—1. Fire.
୨ । ଚିତ୍ରକ; ଧଳାଚିତା ଗୁଳ୍ମ—2. A plant.

**ଅପ୍ୟୟ**—ସଂ. ବି. ( ଅପି + ଇ ଧାତୁ ଯିବା + ଭାବ. ଅ )—
Apyaya ୧ । ଅପଗମନ; ଚାଲିଯିବା; ପ୍ରସ୍ଥାନ—
1. Departure.
୨ । ମୃତ୍ୟୁ—2. Death.
୩ । ବିଲୟ; ବିନାଶ—3. Destruction.

**ଅପ୍ରକଟ**—ସଂ. ବିଣ. ( ଅ+ପ୍ରକଟ )—
Aprakaṭa ୧ । ଅପ୍ରକାଶିତ—1. Unpublished.
୨ । ସର୍ବସାଧାରଣରେ ଅପ୍ରକାଶିତ—
2. Not made public.
୩ । ବାହାରେ ଦେଖା ନ ଯିବା—
3. Latent; not patent
୪ । ଅସ୍ପଷ୍ଟ—4. Indistinct.
୫ । ଗୁପ୍ତ—5. Hidden; concealed.
ଦେ. ବିଣ—ପରଲୋକଗତ; ମୃତ—Dead; deceased.
अप्रकट [ ମହାତ୍ମା ଓ ସାଧୁ 'ମୃତ ହେଲେ' ବୋଲି ନ କହି ସମ୍ମାନାର୍ଥ
অপ্ৰকট ସେ 'ଅପ୍ରକଟ ହେଲେ' ବୋଲି ଲୋକେ କହୁଥାଆନ୍ତି ]

**ଅପ୍ରକାଣ୍ଡ**—ସଂ. ବିଣ. ( ଅ+ପ୍ରକାଣ୍ଡ —
Aprakāṇḍa ଅବୃହତ୍; ଅପ୍ରଶସ୍ତ—Not vast
ସଂ. ବି ( ବହୁବ୍ରୀହି; ଯାହାର ପ୍ରକାଣ୍ଡ ବା ଗଣ୍ଡି ନାହିଁ )—
୧ । ବୁଦାଳିଆ ଗୁଳ୍ମ—1. Bush.
୨ । ଗଣ୍ଡି ନ ଥିବା ଗଛ—2. Trunkless plant.
୩ । ଝିଣ୍ଟି; ଦାସକେରେଣ୍ଟା ( ଦେଖ )
3. A shrub; Dāsakerenṭā (See)

**ଅପ୍ରକାର**—ଦେ. ବିଣ—୧ । ଅସୁନ୍ଦର—1. Without beauty.
Aprakāra ୨ । କୁତ୍ସିତ—2. Ugly.
अस्सुन्दर; कुत्सित ( ମନ୍ଦ ଅର୍ଥରେ ) ୩ । ଅସାଧାରଣ—
बदसुरत 3. Extraordinary ( in a bad sense ).

**ଅପ୍ରକାରିଆ**—ଦେ. ବିଣ—ଅପ୍ରକାର (ଦେଖ)
Aprakāriā Aprakāra (See )

**ଅପ୍ରକାଶ**—ସଂ. ବି—( ଅ + ପ୍ରକାଶ )—୧ । ଅନଭିବ୍ୟକ୍ତି; ଦେଖା ନ
Aprakāsa ଯିବା—1. Non-appearance.
୨ । ଅପ୍ରକଟନ; ଗୋପନ—
2. Concealment, non-publication.
୩ । ଅନ୍ଧକାର—3. Darkness.
ସଂ. ବିଣ—୧ । ଅପ୍ରକାଶିତ; ପ୍ରକାଶରହିତ—
1. Not manifest.
୨ । ଅପ୍ରକଟ—2. Not published.
୩ । ସ୍ପଷ୍ଟ ଦେଖା ନ ଯିବା—3. Obscure.
୪ । ଗୁପ୍ତ—4. Concealed; hidden.
୫ । ଅନ୍ଧକାରଗ୍ରସ୍ତ—5. Dark

**ଅପ୍ରକାଶିତ**—ସଂ. ବିଣ. ( ଅ + ପ୍ରକାଶିତ )—୧। ଅପ୍ରକଟ ( ଦେଖ )
Aprakāśita 1. Aprakaṭa ( See )
୨ । ଅପ୍ରସ୍ଫୁଟିତ; ଫୁଟି ନ ଥିବା ( ଫୁଲ )—
2. ( flower ) Not in bloom.
୩ । ଯାହା ଅବଧି ଛପା ହୋଇ ପ୍ରକାଶ ହୋଇ ନାହିଁ
3. Not yet published.
୪ । ଅଦୃଶ୍ୟ—4. Invisible.

**ଅପ୍ରକାଶ୍ୟ**—ସଂ. ବିଣ. ( ଅ + ପ୍ରକାଶ୍ୟ )—
Aprakāśya ୧ । ପ୍ରକାଶିତ ହେବାର ଅଯୋଗ୍ୟ—
1 Not fit to be published.
୨ । ଗୋପନୀୟ;ସର୍ବସାଧାରଣରେ ପ୍ରକାଶିତ ହେବାର ଅଯୋଗ୍ୟ—
2. Private; confidential.
୩ । ସାଧାରଣଙ୍କ ଦୃଷ୍ଟିର ଅନ୍ତରାଳରେ ସ୍ଥିତ—
3. Situated out of sight.

**ଅପ୍ରକୃତ**—ସଂ. ବିଣ. ( ଅ+ପ୍ରକୃତ )—
Aprakṛuta ୧ । ଅଯଥାର୍ଥ—1. Incorrect.
୨ । ଅସତ୍ୟ; ମିଥ୍ୟା—2 False.
୩ । ଅସ୍ୱାଭାବିକ—3. Unnatural.
୪ । ଅବାସ୍ତବ; କଳ୍ପିତ—4. Imaginary.
୫ । ବେଠିକ୍—5. Not real.
୬ । କୃତ୍ରିମ; ଗଢ଼ା—6. Artificial.

**ଅପ୍ରଗଲ୍‌ଭ**—ସଂ. ବିଣ. ପୁଂ ( ଅ + ପ୍ରଗଲ୍‌ଭ )—
Apragalbha ୧ । ଯେ ଗୁଡ଼ାଏ ଗପି ପାରେ ନାହିଁ—
( ଅପ୍ରଗଲ୍‌ଭା—ସ୍ତ୍ରୀ ) 1. A person who does not talk
( ଅପ୍ରଗଲ୍‌ଭତା—ବି ) much.
୨ । ନିରହଙ୍କାର—2. Free from pride.
୩ । ଲଜ୍ଜାଶୀଳ; ସଲଜ୍ଜ—3. Modest.

**ଅପ୍ରଗୁଣ**—ସଂ. ବିଣ. (ବହୁବ୍ରୀହି; ଅ + ପ୍ରଗୁଣ, ଯାହାର ପ୍ରକୃଷ୍ଟ ଗୁଣ ନାହିଁ)
Apraguṇa ୧ । ଅପ୍ରକୃଷ୍ଟ; ନିକୃଷ୍ଟ—
1. Not excellent, inferior.
୨ । ବ୍ୟାକୁଳ—2. Agitated; troubled; disturbed.
୩ । ଚଞ୍ଚଳ—3. Restless.

**ଅପ୍ରଘଟ**—ଦେ. ବିଣ. (ସଂ. ଅ ପ୍ରକଟ)—
Apraghaṭa ଅପ୍ରକଟ (ଦେଖ)
अप्रकट Aprakaṭa (See)
অপ্ৰকট

**ଅପ୍ରଚଳ**—ସଂ. ବିଣ. (ଅ + ପ୍ର + ଚଳ ଧାତୁ + କର୍ତ୍ତୃ. ଅ)—
Aprachaḷa ଯାହା ଲୋକସମାଜରେ ଚଳେ ନାହିଁ—
(ଅପ୍ରଚଳତା—ବି) Not current.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ | ଛଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଜ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ଦ |

**ଅପ୍ରଚଳିତ**—ସଂ. ବିଣ. (ଅ + ପ୍ରଚଳିତ)—ଅପ୍ରଚଳ (ଦେଖ)
Aprachalita Aprachala (See)

**ଅପ୍ରଚାର**—ଦେ. ବିଣ. (ଅ+ପ୍ର+ଚର ଧାତୁ+ଅ); ଯହିଁରେ ଲୋକ
Aprachāra ବିଚରଣ କରି ନ ପାରେ)—ଅଗମ୍ୟ—
Inaccessible; impassable.
ବନ ମୁଖ ସ୍ଥଳେ ଯେଣୁ ଗିରି ଅପ୍ରଚାର । ଉଇ. ବୈଦେହୀଶବିଳାସ, ୨୭୮ ।

**ଅପ୍ରଚୁର**—ସଂ. ବିଣ. (ଅ + ପ୍ରଚୁର)—
Aprachura ଯାହା ପ୍ରଚୁର ବା ଯଥେଷ୍ଟ ନୁହେଁ—
(ଅପ୍ରାଚୁର୍ଯ୍ୟ—ବି) Insufficient

**ଅପ୍ରଚ୍ଛନ**—ଗ୍ରା. ବିଣ. (ସଂ. ଅପରିଚ୍ଛନ୍ନ)—
Aprachchhana ୧ । ଅପରିଷ୍କୃତ—1. Uncleansed; unclean.
ଅପରିଚ୍ଛନ ୨ । ମଳଅ; ମଳିନ—2 Dirty; foul.
गन्दा, मैला ୩ । ଯେଉଁ ଲୋକ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହେ ନାହିଁ—3. Of dirty habits.
୪ । ଅସୁନ୍ଦର—4. Not beautiful.
୫ । କୁତ୍ସିତ—5. Ugly.
୬ । ହୀନ—6. Low; mean; wretched.
ଅପ୍ରଚ୍ଛନ ହୋଇଣ ସେ ଯାଏ ଜାତ ଗୋତ୍ରୁଁ । ପୀତାମ୍ବର. ବୃହତ୍ ପୁରାଣ ।
ଦେ. ବିଣ. (ସଂ ଅପ୍ରଚ୍ଛନ୍ନ)—
अप्रच्छन्न ୧ । ସର୍ବତ୍ର ପ୍ରକାଶିତ—1. Made public
୨ । ଅନାବୃତ; ଖୋଲା—2. Open.

**ଅପ୍ରଚ୍ଛନିଆଁ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—
Aprachhaniañ ୧ । ଯେଉଁ ବ୍ୟକ୍ତି ସର୍ବଦା ପରିଷ୍କୃତ ପରିଚ୍ଛନ୍ନ
ଅପ୍ରଚ୍ଛନୀ } —ସ୍ତ୍ରୀ ରହେ ନାହିଁ—1. Of unclean habits.
ଅପ୍ରଚ୍ଛନେଇ } ୨ । କୁତ୍ସିତ; ଅସୁନ୍ଦର—2. Ugly.
ଅପରିଚ୍ଛନ୍ନ
गन्दा; मैला

**ଅପ୍ରଜ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ + ପ୍ରଜା)
Apraja ୧ । ନିଃସନ୍ତାନ; ଅଣ୍ଟକୁଡ଼ା—1. Childless
(ଅପ୍ରଜା—ସ୍ତ୍ରୀ) ୨ । ବନ୍ଧ୍ୟା—2. Barren; unproductive.

**ଅପ୍ରଜା**—ସଂ. ବିଣ ସ୍ତ୍ରୀ. (ଅପ୍ରଜ + ଆ)—୧ । ଅପ୍ରଜର ସ୍ତ୍ରୀଲିଙ୍ଗ—
Aprajā 1. Feminine of Apraja.
୨ । ବନ୍ଧ୍ୟା—2. Barren.
୩ । ଅଣ୍ଟକୁଡ଼ୀ—3. Childless.
ଦେ. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଅପ୍ରଜ ଶବ୍ଦର ବିକଳ୍ପରୂପ ଅପ୍ରଜସ୍ ଶବ୍ଦର ୧ମା. ୧ବ)—
ଅପ୍ରଜ; ନିଃସନ୍ତାନ—Childless.
ପୂର୍ବେ ଅସ୍ତ କୁଳରେ ପ୍ରଭଞ୍ଜନ ରଜା
ଥିଲେଟି ଅର୍ଜୁନ ସେ ହୋଇଲେ ଅପ୍ରଜା । କୃଷ୍ଣସିଂହ. ମହାଭାରତ. ଆଦ

**ଅପ୍ରଣୟ**—ସଂ. ବି. (ଅ + ପ୍ରଣୟ)—୧ । ଅପ୍ରୀତି; ଶତ୍ରୁତା—1. Enmity
Apranaya ୨ । ବିରୋଧ—2. Opposition.

**ଅପ୍ରଣୟୀ**—ସଂ. ବିଣ. ପୁଂ. ( ଅ+ପ୍ରଣୟିନ୍; ୧ମା. ୧ବ. )—
Apranayī ୧ । ଅସ୍ନେହୀ; ଯେ ସ୍ନେହଶୀଳ ନୁହେଁ—
(ଅପ୍ରଣୟିନୀ—ସ୍ତ୍ରୀ) 1. Not affable; not loving.
୨ । ଶତ୍ରୁଭାବାପନ୍ନ—2. Inimical.

**ଅପ୍ରଣିଧାନ**—ସଂ. ବି. (ଅ + ପ୍ରଣିଧାନ)—ଅମନୋଯୋଗ;
Apranidhāna ଅନବଧାନ—Inattention.
(ଅପ୍ରଣିଧାନା—ସ୍ତ୍ରୀ) ସଂ. ବିଣ. ପୁଂ—ଅମନୋଯୋଗୀ—
Inattentive.

**ଅପ୍ରଣିହିତ**—ସଂ. ବିଣ. ପୁଂ (ଅ+ପ୍ରଣିହିତ)—ଅମନୋଯୋଗୀ—
Apranihita Inattentive.
(ଅପ୍ରଣିହିତା—ସ୍ତ୍ରୀ)

**ଅପ୍ରତର୍କ୍ୟ**—ସଂ. ବିଣ. (ଅ + ପ୍ରତର୍କ୍ୟ)—୧ । ଯାହା ତର୍କ କରାଯାଇ
Apratarkya ନ ପାରେ—1. Unarguable.
୨ । ଯାହା ତର୍କଣା କରାଯାଇ ନ ପାରେ 2. Incomprehensible.

**ଅପ୍ରତଅ**—ଦେ. ବିଣ. (ସଂ. ଅ + ପ୍ରତ୍ୟୟ)—ପରତେ ଯାଉ ନ ଥିବା;
Apratia ବିଶ୍ୱାସ କରୁ ନ ଥିବା—Unbelieving.
ଅପ୍ରତଅ ମନେ ମୋର ଶୁଣି ପ୍ରତେ ଯିବ—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅପ୍ରତିକର**—ସଂ. ବିଣ. (ଅ + ପ୍ରତିକର)—ବିଶ୍ୱସ୍ତ—Trusted.
Apratikara

**ଅପ୍ରତିକରଣୀୟ**—ସଂ. ବିଣ. (ଅ + ପ୍ରତିକରଣୀୟ)—୧ । ଯାହାର ପ୍ରତିକାର
Apratikaraniya ବା ପ୍ରତିବିଧାନ କରାଯାଇ ନ ପାରେ;
ଅପ୍ରତିବିଧେୟ— 1. Irretrievable.
୨ । ଚିକିତ୍ସା ଦ୍ୱାରା ଯାହା ଶାନ୍ତ କରାଯାଇ ନ ପାରେ;
ଅଚିକିତ୍ସ୍ୟ—2. Irremediable.
(ଏହାର ଅନ୍ୟ ଆକାର ଅପ୍ରତୀକରଣୀୟ)

**ଅପ୍ରତିକାର**—ସଂ ବି. (ଅ + ପ୍ରତିକାର)—ପ୍ରତିକାର ବା ପ୍ରତିବିଧାନର
Apratikāra ଅଭାବ—Want of redress.
(ଏହାର ଅନ୍ୟ ଆକାର ଅପ୍ରତୀକାର)

**ଅପ୍ରତିକାର୍ଯ୍ୟ**—ସଂ. ବିଣ. (ଅ + ପ୍ରତିକାର୍ଯ୍ୟ)—ଅପ୍ରତିକରଣୀୟ (ଦେଖ)
Apratikārjya Apratikaraniya (See)
(ଏହାର ଅନ୍ୟ ରୂପ ଅପ୍ରତୀକାର୍ଯ୍ୟ)

**ଅପ୍ରତିଦ୍ୱନ୍ଦ୍ୱୀ**—ସଂ ବିଣ. (ବହୁବ୍ରୀହି; ଅ + ପ୍ରତିଦ୍ୱନ୍ଦ୍ୱୀ)—
Apratidwandwī ପ୍ରତିଦ୍ୱନ୍ଦ୍ୱୀହୀନ—Unrivalled;
having no rival.

**ଅପ୍ରତିପତ୍ତି** ସଂ. ବି. (ଅ+ପ୍ରତିପତ୍ତି)—
Apratipatti ୧ । ସ୍ଥିରୀକରଣର ଅଭାବ—
(ଅପ୍ରତିପନ୍ନ—ବିଣ) 1. Non-ascertainment.
୨ । ଅଗୌରବ—2. Want of reputation.
୩ । ବ୍ୟକ୍ତିଗତ କ୍ଷମତାର ଅଭାବ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

3. Want of personal influence or prestige.

୪ । ଅସ୍ୱୀକାର—4. Non-acceptance.

୫ । ସାଧାରଣଙ୍କ ଚକ୍ଷୁରେ ପ୍ରତିଅସ୍ଥର ଅଭାବ—
5. Want of credit in the eyes of the public.

୬ । ପ୍ରମାଣ ନ ହେବା ଅବସ୍ଥା—
6. State of not being proved.

**ଅପ୍ରତିପନ୍ନ**—ସଂ. ବିଣ. (ଅ+ପ୍ରତିପନ୍ନ)—୧ । ଅପ୍ରମାଣିତ—
Apratipanna 1. Unproved.
୨ । ସାଧାରଣଙ୍କ ଚକ୍ଷୁରେ ଯାହାର ପ୍ରତିଅସ୍ଥା ନାହିଁ—
2. Having no credit in the eyes of the public.
୩ । ଯାହାଠାରେ ଲୋକଙ୍କର ଖାତିର ନ ଥାଏ—
3. Having no personal influence or prestige.

**ଅପ୍ରତିପାଦିତ**—ସଂ. ବିଣ. (ଅ+ପ୍ରତିପାଦିତ)—ଅପ୍ରତିପନ୍ନ (ଦେଖ)
Apratipādita Apratipanna (See)

**ଅପ୍ରତିବଦ୍ଧ**—ସଂ. ବିଣ. (ଅ+ପ୍ରତିବଦ୍ଧ)—
Apratibaddha ୧ । ବାଧା ବା ବ୍ୟାଘାତ ରହିତ; ଅପ୍ରତିହତ—
1. Unobstructed; unhindered.
୨ । ସ୍ୱାଧୀନ—2. Free; independent

**ଅପ୍ରତିବନ୍ଧ**—ସଂ. ବି. (ଅ+ପ୍ରତିବନ୍ଧ)—ବିଘ୍ନ ବା ବ୍ୟାଘାତର ଅଭାବ—
Apratibandha Absence of obstacle or hindrance.
ସଂ. ବିଣ—ବିଘ୍ନରହିତ—Free from hindrance; unobstructed.

**ଅପ୍ରତିବନ୍ଧକ**—ସଂ. ବିଣ. (ବହୁବ୍ରୀହି; ଅ+ପ୍ରତିବନ୍ଧକ)—
Apratibandhaka ୧ । ବାଧାରହିତ—
1. Unobstructed.
୨ । (ନଞ୍ ତତ୍) ଯାହା ବିଘ୍ନକର ନୁହେଁ—
2. Unobstructive.

**ଅପ୍ରତିବିଧେୟ**—ସଂ. ବିଣ. (ଅ+ପ୍ରତିବିଧେୟ)—
Apratibidheya ଅପ୍ରତିକରଣୀୟ (ଦେଖ)
Apratikaraṇīya (See)

**ଅପ୍ରତିଭ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ପ୍ରତିଭା)—
Apratibha ୧ । ପ୍ରତିଭାଶୂନ୍ୟ—1. Lacking in genius.
(ଅପ୍ରତିଭା—ସ୍ତ୍ରୀ) ୨ । ଅପ୍ରତ୍ୟୁତ୍ପନ୍ନମତି—
2. Having no presence of mind.
୩ । ଅପ୍ରସ୍ତୁତ—3. Nonplussed; confounded.
୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered.

୫ । ପ୍ରଭାହୀନ; ତେଜୋହୀନ—
5. Shorn of lustre or brilliance.
୬ । ଅନ୍ୟର ବୁଦ୍ଧିବଳରେ ପରାଜିତ—
6. Outwitted by another.

**ଅପ୍ରତିମ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ପ୍ରତିମା; ଯାହାର ପ୍ରତିମା
Apratima ବା ସାଦୃଶ୍ୟ ନାହିଁ)—ଅନୁପମ; ନିରୁପମ; ଅତୁଳନୀୟ—
(ଅପ୍ରତିମା—ସ୍ତ୍ରୀ) Unique; matchless; incomparable.

**ଅପ୍ରତିରଥ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ=ନାହିଁ+ପ୍ରତିରଥ=
Apratiratha ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧା ଯାହାର)—
ପ୍ରତିଯୋଦ୍ଧହୀନ; ଯାହା ସଙ୍ଗେ ପ୍ରତିଦ୍ୱନ୍ଦ୍ୱୀ ହେବା ଭଳି କେହି ଯୋଦ୍ଧା ନାହିଁ—Having no warrior to rival him; unrivalled (warrior).
ସଂ. ବି—୧ । ଋଷିବିଶେଷ—
1. Name of a Sage.
୨ । ଯୁଦ୍ଧଯାତ୍ରା କାଳରେ ବୋଲାଯିବା ମଙ୍ଗଳାଚରଣ—
2. Benedictory song recited when a warrior starts for the fight.
୩ । ସାମବେଦୋକ୍ତ ପ୍ରାସ୍ଥାନିକ ମନ୍ତ୍ର (ଅପ୍ରତିରଥ ଋଷିଙ୍କର କୃତ)
3. Auspicious incantations of the Sāma Beda recited on the occasion of starting for a specific object.

**ଅପ୍ରତିରୁଦ୍ଧ**—ସଂ. ବିଣ. (ଅ+ପ୍ରତିରୁଦ୍ଧ)—ଅପ୍ରତିହତ; ଅନିବାରିତ—
Apratiruddha Unobstructed.
(ଅପ୍ରତିରୋଧ—ବି)

**ଅପ୍ରତିରୂପ**—ସଂ. ବିଣ. (ବହୁବ୍ରୀହି; ଅ+ପ୍ରତିରୂପ)—୧ । ଅନୁପମ—
Apratirūpa 1. Incomparable.
୨ । ଅଦ୍ୱିତୀୟ—2. Unique.
୩ । ଅପ୍ରତିଦ୍ୱନ୍ଦ୍ୱୀ—3. Unrivalled.

**ଅପ୍ରତିଷିଦ୍ଧ**—ସଂ. ବିଣ. (ଅ+ପ୍ରତିଷିଦ୍ଧ)—
Apratishiddha ଅନିଷିଦ୍ଧ; ଯାହାକୁ କେହି ମନା କରି ନାହିଁ—
(ଅପ୍ରତିଷେଧ—ବି) Not prevented.

**ଅପ୍ରତିଷେଧନୀୟ**—ସଂ. ବିଣ. (ଅ+ପ୍ରତିଷେଧନୀୟ)—ଅନିବାର୍ଯ୍ୟ—
Apratishedhanīya Unavoidable.

**ଅପ୍ରତିଷ୍ଠ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ପ୍ରତିଷ୍ଠା)—
Apratishṭha ୧ । ପ୍ରତିପତ୍ତି ରହିତ; ଯଶୋହୀନ—
(ଅପ୍ରତିଷ୍ଠା—ସ୍ତ୍ରୀ) 1. Having no reputation or credit or prestige.
୨ । ଅବିଖ୍ୟାତ—2. Not famous.
୩ । ସ୍ଥିତି ବିହୀନ; ଅସ୍ଥିର; ଟଳଟଳିଆ—
3. Unstable; fluctuating.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଙ୍ଗ | ଞ୍ଚ | ଞ୍ଜ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଙ୍ଅ | ● | ନ୍ତ |

୪ । ଭିତ୍ତିରହିତ—4. Unfounded; having no solid ground.

୫ । ଅନିର୍ଣ୍ଣୀତ—5. Unsettled.

୬ । ସ୍ଥାପିତ ହୋଇ ନ ଥିବା—6. Not established.

୭ । ବିନଶ୍ୱର—7. Perishable.

୮ । ପ୍ରତିଷ୍ଠା କରାଯାଇ ନ ଥିବା—
8. Not formally consecrated.

**ଅପ୍ରତିଷ୍ଠା**—ସଂ. ବିଣ. ସ୍ତ୍ରୀ. ( ଅପ୍ରତିଷ୍ଠ + ସ୍ତ୍ରୀ. ଆ )—
Apratishṭhā ଅପ୍ରତିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Apratishṭha.

ସଂ. ବି. ( ଅ + ପ୍ରତିଷ୍ଠା )—ଅସ୍ଥିରତା—
Instability ( M. W. )

ଦେ. ବିଣ. ( ସଂ. ଅ + ପ୍ରତିଷ୍ଠା )—୧ । ଅପବିତ୍ରୀକୃତ—
অপ্রতিষ্ঠা 1. Desecrated; soiled.
अप्रतिष्ठा ୨ । ଯେଉଁ ଗୃହ, ତଡ଼ାଗ ବା ଦେବମୂର୍ତ୍ତିର ପ୍ରତିଷ୍ଠା କାର୍ଯ୍ୟ ସମାହିତ ହୋଇ ନାହିଁ—
2. Not consecrated (house, tank, idol).

୩ । ଅଶୁଚି; ଅପବିତ୍ର—3. Unholy; impure.

**ଅପ୍ରତିଷ୍ଠାନ**—ସଂ. ବି. ( ଅ + ପ୍ରତିଷ୍ଠାନ )—ଅସ୍ଥୈର୍ଯ୍ୟ; ଅସ୍ଥିରତା—
Apratishṭhāna Instability.
(ଅପ୍ରତିଷ୍ଠିତ—ବିଣ)

**ଅପ୍ରତିଷ୍ଠିତ**—ସଂ. ବିଣ. ( ଅ + ପ୍ରତିଷ୍ଠିତ )—ଅପ୍ରତିଷ୍ଠ ( ଦେଖ )
Apratishṭhita Apratishṭha ( See )

**ଅପ୍ରତିହତ**—ସଂ. ବିଣ. ( ଅ + ପ୍ରତିହତ )—
Apratihata ଅବ୍ୟାହତ; ଅପ୍ରତିବଦ୍ଧ ( ଦେଖ )
Apratibaddha ( See )

**ଅପ୍ରତୀତ**—ସଂ. ବିଣ. (ଅ + ପ୍ରତୀତ)—ଯାହା ବିଶ୍ୱାସ କରାଯାଇ ନାହିଁ—
Apratīta Not relied on; not trusted.

**ଅପ୍ରତୀତତା**—ସଂ. ବି. ( ଅପ୍ରତୀତ + ଭାବ. ତା )—
Apratītatā ( ଅଳଙ୍କାର ଶାସ୍ତ୍ର ) ରଚନାର ଦୋଷ ବିଶେଷ—
( Rhetoric ) A defect in composition.
[ ଦ୍ର—କୌଣସି ବିଶେଷ ଶାସ୍ତ୍ରରେ ପ୍ରଯୁକ୍ତ ଶବ୍ଦକୁ ଯେବେ ଅନ୍ୟ ଶାସ୍ତ୍ର ବା ଗ୍ରନ୍ଥରେ ପ୍ରୟୋଗ କରାଯାଏ ତେବେ ତାହାକୁ ଅପ୍ରତୀତତା କହନ୍ତି । ଚୂଳାମଣି—ଅଳଙ୍କାରତରଙ୍ଗିଣୀ ]

**ଅପ୍ରତୀତି**—ସଂ. ବି. ( ଅ + ପ୍ରତୀତି )—
Apratīti ୧ । ଅବିଶ୍ୱାସ; ବିଶ୍ୱାସର ଅଭାବ; ଅନାସ୍ଥା—
1. Want of trust or reliance; incredulity; disbelief.

୨ । ସନ୍ଦେହ—2. Doubt.

୩ । ମନରେ ଦୃଢ଼ ଧାରଣାର ଅଭାବ—
3. Lack of a distinct notion.

**ଅପ୍ରତୀପ**—ସଂ. ବିଣ. ପୁଂ. ( ଅ + ପ୍ରତୀପ )—
Apratīpa ୧ । ଯେ ଜିଦଖୋର ନୁହେଁ—
(ଅପ୍ରତୀପା—ସ୍ତ୍ରୀ) 1. Not obstinate ( M. W. )

୨ । ପରସ୍ପର ବିରୋଧ ହୀନ—2. Not contradictory.

ସଂ. ବି. ( ନାମ ) ବିଷ୍ଣୁପୁରାଣୋକ୍ତ ମଗଧର ରାଜାବିଶେଷ—
Name of an ancient king of Magadha.

**ଅପ୍ରତୁଳ**—ସଂ. ବିଣ. ( ବହୁବ୍ରୀହି; ଅ = ନାହିଁ + ପ୍ର = ପ୍ରକୃଷ୍ଟ + ତୁଳା = ପରିମାଣ, ସାଦୃଶ୍ୟ ଯାହାର )—
Apratuḷa

୧ । ଅପ୍ରଚୁର—1. Insufficient.

୨ । ଅନୁପମ—2. Incomparable.

୩ । ନଅଣ୍ଟ—3. Inadequate.

୪ । ଅପରିମିତ; ବେହଦ୍—4. Immeasurable.

ସଂ. ବି—୧ । ଅପ୍ରଚୁରତା—1. Insufficiency.

୨ । ଅଭାବ—2. Want.

୩ । ଅନାଟନ—3. Inadequacy.

୪ । ଅସଙ୍ଗତି—4. Want of means.

୫ । ଓଜନର ଅଭାବ—
5. Want of weight ( M. W. )

**ଅପ୍ରତ୍ୟକ୍ଷ**—ସଂ. ବିଣ. ( ଅ + ପ୍ରତ୍ୟକ୍ଷ )—
Apratyaksha ୧ । ପରୋକ୍ଷ; ଇନ୍ଦ୍ରିୟର ଅଗୋଚର—
1. Imperceptible.

୨ । ଅତୀନ୍ଦ୍ରିୟ—
2. Beyond the ken of the senses.

୩ । ଅଦୃଶ୍ୟ—3. Invisible.

୪ । ଗୁପ୍ତ—4. Hidden.

ସଂ. ବି—ପ୍ରତ୍ୟକ୍ଷର ଅଭାବ —
Want of direct perception.

**ଅପ୍ରତ୍ୟୟ**—ସଂ. ବି. ( ଅ + ପ୍ରତ୍ୟୟ )—୧ । ଅବିଶ୍ୱାସ—
Apratyaya 1. Disbelief.

୨ । ସନ୍ଦେହ—2. Doubt,

୩ । ଅନାସ୍ଥା—3. Want of confidence.

ସଂ. ବିଣ—ଅସ୍ଥାବିହୀନ—Having no confidence.

**ଅପ୍ରତ୍ୟାଖ୍ୟେୟ**—ସଂ. ବିଣ. ( ଅ + ପ୍ରତ୍ୟାଖ୍ୟେୟ )—ଯାହାକୁ
Apratyākhyeya ପ୍ରତ୍ୟାଖ୍ୟାନ କରାଯାଇ ନ ପାରେ —Not fit to be disowned or withdrawn.

**ଅପ୍ରତ୍ୟାଣି**—ଦେ. ବିଣ—ଅପର୍ତ୍ତିଆଣି ( ଦେଖ )
Apratyāṇi Aparttiāṇi ( See )

**ଅପ୍ରଧାନ**—ସଂ. ବିଣ. ( ଅ + ପ୍ରଧାନ )—
Apradhāna ୧ । ଯାହା ମୁଖ୍ୟ ନୁହେଁ; ଗୌଣ—
1 Not principal; secondary.

୨ । ଅଧୀନସ୍ଥ—2. Subordinate.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୩ । ନିକୃଷ୍ଟ—3. Inferior.
୪ । ସାଧାରଣ—4. Ordinary.

**ଅପ୍ରଧୃଷ୍ୟ**—ସଂ. ବିଣ. ପୁଂ. ( ଅ+ପ୍ରଧୃଷ୍ୟ )—
Apradhṛushya (ଅପ୍ରଧୃଷ୍ୟା—ସ୍ତ୍ରୀ) (ଅପ୍ରଧୃଷ୍ୟତା—ବି) ଅପରାଜେୟ; ଅଜେୟ; ଯାହାକୁ କେହି ଜିତି ପାରେ ନାହିଁ—Invincible; redoubtable.

**ଅପ୍ରବର୍ତ୍ତକ**—ସଂ. ବିଣ. ପୁଂ—୧ । କାର୍ଯ୍ୟରୁ ନିବୃତ୍ତ—
Aprabarttaka (ଅପ୍ରବର୍ତ୍ତିକା—ସ୍ତ୍ରୀ) 1. Abstaining from action.
୨ । କାର୍ଯ୍ୟ କରିବାକୁ ଯେ ମତାଏ ନାହିଁ—2. Not exciting to action.
୩ । ମାନ୍ଦା; ଅଳସ; ଜଡ଼—3. Inert ( M W. )

**ଅପ୍ରବର୍ତ୍ତନ**—ସଂ. ବି. ( ଅ+ପ୍ରବର୍ତ୍ତନ )—୧ । ନିବୃତ୍ତି—
Aprabarttana 1. Abstention; cessation.
ଅପ୍ରବୃତ୍ତ, ଅପ୍ରବର୍ତ୍ତିତ } ବିଣ.
୨ । କୌଣସି କାର୍ଯ୍ୟରେ ନ ଲାଗିବା—2. Refraining from any action.
୩ । କୌଣସି କାର୍ଯ୍ୟରେ ଲାଗିବା ପାଇଁ ନ ମତାଇବା—3. Not exciting to any action.

**ଅପ୍ରବର୍ତ୍ତିତ**—ସଂ. ବିଣ. ( ଅ+ପ୍ରବର୍ତ୍ତିତ )—୧ । କାର୍ଯ୍ୟରେ ଲାଗିବା
Aprabarttita ପାଇଁ ଅନ୍ୟଦ୍ୱାରା ପ୍ରବର୍ତ୍ତିତ ହୋଇ ନ ଥିବା—
1. Not excited to action by some one.
୨ । କାର୍ଯ୍ୟରୁ ନିବର୍ତ୍ତିଥିବା—
2. Abstaining from any action.

**ଅପ୍ରବାହ**—ଦ. ବିଣ. ( ବହୁବ୍ରୀହି; ଅ+ପ୍ରବାହ )—
Aprabāha ସ୍ରୋତୋହୀନ; ଯହିଁରେ ସୁଅ ନ ଥାଏ—
Currentless; stagnant.
ଦ. ବି. ( ନଞତତ୍ )—ସ୍ରୋତ ନ ଥିବା ଅବସ୍ଥା—
State of being stagnant; stagnation.

**ଅପ୍ରବୀଣ**—ସଂ. ବିଣ. ପୁଂ. ( ଅ + ପ୍ରବୀଣ )—
Aprabiṇa (ଅପ୍ରବୀଣା—ସ୍ତ୍ରୀ) (ଅପ୍ରବୀଣତା — ବି)
୧ । ଅପଟୁ—1. Unskilful.
୨ । ଅନନୁଭବୀ; ଯେ ବୋଧା ନୁହେ—2. Inexperienced.

**ଅପ୍ରବୃତ୍ତ**—ସଂ. ବିଣ. ( ଅ + ପ୍ରବୃତ୍ତ )—
Aprabṛutta ୧ । ଅନାରବ୍ଧ—1. Not commenced
୨ । ଅନିଯୁକ୍ତ—2. Not engaged.
୩ । କାର୍ଯ୍ୟ କରୁ ନ ଥିବା—3. Not acting.
୪ । ଯାହାକୁ କେହି କୌଣସି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇ ନ ଥାଏ—4. Not instigated

**ଅପ୍ରବୃତ୍ତି**—ସଂ. ବି. ( ଅ+ପ୍ରବୃତ୍ତି )—
Aprabṛutti ୧ । ପ୍ରବୃତ୍ତିର ଅଭାବ; କୌଣସି ବିଷୟ ପ୍ରତି ମନ ଆକୃଷ୍ଟ ନ ହେବା—1. Want of hankering
୨ । ନିବୃତ୍ତି—2. Abstention; cessation.
୩ । କୌଣସି ଉପଦେଶ ବା ସୂକ୍ତ ବା ସିଦ୍ଧାନ୍ତ ଉପଯୋଗୀ ନ ହେବା ଅର୍ଥାତ୍ ନ ଖଟିବା ଅବସ୍ଥା—
3. Inapplicability of a precept or aphorism or decision to a case.
୪ । ମାତିବାର ଅଭାବ—4. Non-excitement.
୫ । (ବୈଦ୍ୟକ) କୋଷ୍ଠବଦ୍ଧତା; ଝାଡ଼ା ତଳକୁ ନ ହେବା—
5. ( medicine ) Suppression of the natural evacuation; constipation; ischury ( M. W. )
୬ । ଅପ୍ରଚାର ( ହିନ୍ଦି ଶବ୍ଦସାଗର )—
6. Non-publication.

**ଅପ୍ରଭ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ପ୍ରଭା )—
Aprabha (ଅପ୍ରଭା—ସ୍ତ୍ରୀ)
୧ । ଅସ୍ପଷ୍ଟ—1. Obscure.
୨ । ପ୍ରଭାହୀନ—2. Lustreless.
୩ । ମାନ୍ଦା—3. Dull.

**ଅପ୍ରମଇ**—ଗ୍ରା. ବି. ( ସଂ. ପ୍ରମାଦ )—
Apramai ୧ । ଅଶୁଭ; ଅମଙ୍ଗଳ—1. Evil.
୨ । ପ୍ରମାଦ; ବିପଦ—2. Calamity; danger.
ଧର୍ମ ଥିଲେ ପ୍ରାଣୀକି ନ ପଡ଼େ ଅପ୍ରମଇ । ଚଉତିଶାପଞ୍ଜୀ ଗୀତ ।
୩ । ବିନାଶ—3. Ruin; destruction.
ଗ୍ରା. ବିଣ. ( ସଂ. ଅପ୍ରମେୟ )—ଅପ୍ରମେୟ; ଅପରିମିତ—
Immeasurable.

**ଅପ୍ରମଏ**—ଗ୍ରା. ବି. ଓ ବିଣ—ଅପ୍ରମଇ ( ଦେଖ )
Apramae Apramai ( See )

**ଅପ୍ରମତ୍ତ**—ସଂ. ବିଣ. ପୁଂ. ( ଅ + ପ୍ରମତ୍ତ )—
Apramatta (ଅପ୍ରମତ୍ତା—ସ୍ତ୍ରୀ)
୧ । ପ୍ରମାଦ ଶୂନ୍ୟ—1. Free from error.
୨ । ଅବହିତ; ଦତ୍ତମନା—2. Attentive.
୩ । ସ୍ଥିରଚିତ୍ତ—3. Cool minded; calm.
୪ । ଶୃଙ୍ଖଳାରହିତ—4. Unruffled.
୫ । ସାବଧାନ; ଚେତାଳି; ହୁସିଆର—
5. Vigilant; careful.

**ଅପ୍ରମୟ**—ଗ୍ରା. ବିଣ. (ସଂ. ଅପ୍ରମେୟ)—୧ । ଅପ୍ରମେୟ; ଅପରିମିତ—
Apramaya 1. Immeasurable.
୨ । ଅସୀମ—2. Boundless.
ଗହନ ଘୋର ବନ ଅଟଇ ଅପ୍ରମୟ । ସାରଳା. ମହାଭାରତ. ଅଦି ।
୩ । ଅସଂଖ୍ୟ; ଅଗଣ୍ୟ—3. Countless.

**ଅପ୍ରମାଣ**—ସଂ. ବି. (ନଞତତ୍; ଅ + ପ୍ରମାଣ)—୧ । ପ୍ରମାଣର ଅଭାବ—
Apramāṇa 1. Want of proof.
୨ । ଅପ୍ରାମାଣିକ ନିୟମ—2. A rule which is no standard of action.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | କ୍କ | ଇଯ୍ | ଉଅ | ଙ୍ଗ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ୍ୟ | ଇଅ | ● | ନ୍ତ |

୩ । ଯେଉଁ ବିବରଣର କିଛି ମୂଲ୍ୟ ବା ବାଧକତା ନାହିଁ—
3. A statement of no importance or authority (M. W.)

ସଂ. ବିଣ. (ବହୁବ୍ରୀହି)—୧ । ଯାହାର ପ୍ରମାଣ ନାହିଁ—
1. Having no proof.

୨ । ଅପ୍ରମେୟ; ଯାହା ପ୍ରମାଣ କରାଯାଇ ନ ପାରେ—
2 Incapable of being proved.

୩ । ଅବିଶ୍ୱସନୀୟ—3. Unreliable.

୪ । ହେୟ—4. Contemptible.

୫ । ଅଶ୍ରଦ୍ଧେୟ—5. Not deserving of affection or devotion.

୬ । ଯେଉଁ ବିଷୟରେ ନଜୀର ନାହିଁ—
6. Not established or supported by authority

**ଅପ୍ରମାଣ** ଦେ. ବିଣ (ସଂ. ଅପ୍ରମାଣିତ)—୧ । ଅପ୍ରମାଣିତ—
**अप्रमाण** 1. Not proved.
(ଯଥା—ମୋ ନାଆଁରେ ସେ ଯେତେ କଥା ଦରଖାସ୍ତ ଦେଇଥିଲା ସବୁ ଯାକ ହାକିମଙ୍କ ପାଖରେ ଅପ୍ରମାଣ ହୋଇଗଲା ।)

୨ । ଅଗ୍ରାହ୍ୟ—2. Unacceptable.

୩ । ଅସ୍ୱୀକୃତ—3. Unaccepted; denied; not admitted.
(ଯଥା—ସେ ମୋ ବିଷୟରେ ଯେତେ କଥା କହିଗଲା, ସେ ସବୁ କଥା ମୋର ଅପ୍ରମାଣ)

(ସଂ. ଅପ୍ରମିତ)—୪ । ଅପରିମିତ; ଅମାପ—
4. Unmeasured; immeasurable.

ଦାନବର ଭୁଲେ ଦେବୀ କଲେ ବହୁ ରଣ ।
କେତେ କହିବ ତେବ ସଂଗ୍ରାମ ଅପ୍ରମାଣ । ସାରଳା. ମହାଭାରତ. ମଧ୍ୟ ।

**ଅପ୍ରମାଣ କରିବା**—ଦେ. କ୍ରି—ପ୍ରମାଣଦ୍ୱାରା କୌଣସି କଥାକୁ ମିଥ୍ୟା ପ୍ରତିପନ୍ନ କରିବା—To prove a thing false; to disprove a matter.
Apramāṇa karibā
**अप्रमाणकरा**
**अप्रमाणित करना**

**ଅପ୍ରମାଦ**—ସଂ. ବି (ଅ+ପ୍ରମାଦ)—୧ । ପ୍ରମାଦ ବା ଭ୍ରମର ଅଭାବ—
Apramāda Freedom from error.

(ଅପ୍ରମତ୍ତ—ବିଣ) ୨ । ମନୋଯୋଗ—2. Attention.

୩ । ହୁସିଆର; ସାବଧାନପଣ; ସତର୍କତା—3. Caution; vigilance.

୪ । ଯତ୍ନ—4. Case.

(ଅପ୍ରମାଦା—ସ୍ତ୍ରୀ) ସଂ. ବିଣ. ପୁଂ—୧ ସତର୍କ; ହୁସିଆର—
1. Cautious.

୨ । ସାବଧାନ—2. Careful

**ଅପ୍ରମାଦେ**—ଦେ. ପଦ୍ୟ. କ୍ରି . ବିଣ—ଅକ୍ଲେଶରେ; ସହଜରେ; ଅବଲୀଳାକ୍ରମେ—Easily
Apramāde

ଦୁଃଶାସନ ରକତ ପିଇ ଅପ୍ରମାଦେ,
ସୁଯୋଧନ ଶିରକୁ ମରଦିଲ ପାଦେ—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

୨ । ନିଃସନ୍ଦେହରେ—2. Undoubtedly.

ଭକ୍ତି ହୋଇବ ଅପ୍ରମାଦେ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

**ଅପ୍ରମିତ**—ସଂ. ବିଣ. (ଅ+ପ୍ର+ମା ଧାତୁ+କର୍ମ. ତ)—୧ । ଅସୀମ—
Apramita 1. Unbounded; limitless.

ଷଡ଼ ଦୁହିତା କଣ୍ଠ ଜାତ, ଏରୂପେ ବର୍ଣ ଅପ୍ରମିତ—ଭୂପତି. ପ୍ରେମପଞ୍ଚାମୃତ ।

୨ । ଅପରିମିତ; ଅମାପ—2. Unmeasured.

୩ । ଅସଂଖ୍ୟ—3. Countless.

୪ । ବହୁତ—4. Much.

ଭୀମସେନ ପ୍ରତଜ୍ଞା ଯେ କରଇ ଅପ୍ରମିତ । ସାରଳା. ମହାଭାରତ. ବିରାଟ ।

୫ । ଅପ୍ରମାଣିତ—5. Not proved. (M W.)

୬ । ନଜୀର ଦ୍ୱାରା ସିଦ୍ଧ ହୋଇ ନ ଥିବା—
6. Not established by authority (M.W.)

**ଅପ୍ରମେୟ**—ସଂ. ବିଣ—(ଅ+ପ୍ର+ମା ଧାତୁ+କର୍ମ ଯ)—
Aprameya ୧ । ଅମାପ—1. Immeasurable.

୨ । ଅପାର; ଅସୀମ—2 Unlimited.

୩ । ଅତଳସ୍ପର୍ଶ—3. Unfathomable; inscrutable

୪ । ଅସଂଖ୍ୟେୟ—4. Countless; incalculable.

୫ । ଯାହା ପ୍ରମାଣ କରାଯାଇ ନ ପାରେ—
5. That which cannot be proved.

୬ । ପ୍ରଚୁର; ଅପର୍ଯ୍ୟାପ୍ତ—6. Abundant.

୭ । ଅଜ୍ଞେୟ—7. Unknowable.

ସଂ. ବି.—ପରମେଶ୍ୱର—God

**ଅପ୍ରଯତ୍ନ**—ସଂ. ବି. ( ନଞ୍ ତତ୍; ଅ+ପ୍ରଯତ୍ନ)—
Aprajatna ୧ । ଚେଷ୍ଟା ବା ଯତ୍ନର ଅଭାବ—
I. Want of exertion; absence of effort.

୨ । ନିଶ୍ଚେଷ୍ଟତା; ଜଡ଼ତା—2. Inertness.

୩ । ବେପରୱାଇ; ଅପକ୍ଷପାତ—3. Indifference.

ସଂ. ବିଣ. ପୁଂ (ବହୁବ୍ରୀହି)—
(ଅପ୍ରଯତ୍ନା—ସ୍ତ୍ରୀ) ୧ । କୌଣସି ବିଷୟରେ ମମତା ବା ଆକାଂକ୍ଷାଶୂନ୍ୟ—
1. Apathetic or indifferent in any matter.

୨ । ନିଶ୍ଚେଷ୍ଟ—2. Not striving for.

**ଅପ୍ରଯୁକ୍ତ**—ସଂ. ବିଣ. (ଅ+ପ୍ରଯୁକ୍ତ)—
Aprajukta ୧ । ଅଯୋଗ୍ୟ; ଅସଙ୍ଗତ—1. Unsuitable.

୨ । ଅନ୍ୟାୟ—2. Illegal; unjust.

(ଅପ୍ରଯୁକ୍ତତା—ବି) ୩ । ଅବ୍ୟବହାର୍ଯ୍ୟ—3. Useless.

୪ । ଯାହା ସାଧାରଣତଃ ବ୍ୟବହୃତ ହୁଏ ନାହିଁ-4. Unusual.

୫ । ଅନାଚରିତ—5. Not practised.

୬ । ଅବ୍ୟବହୃତ—6. Not used or applied.

୭ । ଅପ୍ରଚଳିତ—7. Not in use.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥଖଣ୍ଡରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଆ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଅପ୍ରଯୁକ୍ତତା**—ସଂ. ବି. (ଅପ୍ରଯୁକ୍ତ + ତା)—
Aprajuktatā ୧ । ଅସଙ୍ଗତି—1. Unsuitability.
୨ । ଅଯୋଗ୍ୟତା—2. Unfitness; inapplicability.
୩ । ବ୍ୟବହାରାସଙ୍ଗତି; ଅସଙ୍ଗତ ବିଷୟର ପ୍ରୟୋଗ—
3. Application of unsuitable matters.
୪ । ଅସାଧାରଣତା—4. Unusualness.
୫ । ଅଳଙ୍କାର ଶାସ୍ତ୍ରୋକ୍ତ ଶବ୍ଦଦୋଷବିଶେଷ —
5. A faulty composition consisting of the use of unusual words.
[ଯେଉଁ ଶବ୍ଦ ଅଭିଧାନର ଅନ୍ତର୍ଗତ, କିନ୍ତୁ କବିମାନେ କେବେହେଁ ତାହା କାବ୍ୟାଦିରେ ବ୍ୟବହାର କରି ନାହାନ୍ତି ଏପରି ଶବ୍ଦର ପ୍ରୟୋଗ ହେଲେ ଅପ୍ରଯୁକ୍ତତା ଦୋଷ ହୁଏ । ଉପେନ୍ଦ୍ରଭଞ୍ଜଙ୍କ କବିତାରେ ଏହି ଦୋଷ ଭୂରି ଭୂରି ଦୃଷ୍ଟ ହୁଏ ।]

**ଅପ୍ରଯୋଗ**—ସଂ. ବି.—ଅପ୍ରୟୋଗ (ଦେଖ)
Aprajoga Aprayoga (See)

**ଅପ୍ରୟୋଗ**—ସଂ. ବି. (ଅ + ପ୍ରୟୋଗ)—
Aprayoga ୧ । ପ୍ରୟୋଗର ଅଭାବ—1. Non-application.
(ଅପ୍ରଯୁକ୍ତ—ବିଣ) ୨ । ବ୍ୟବହାରର ଅଭାବ—
2. Absence of use; the not being in use.
୩ । ଅପପ୍ରୟୋଗ; ଅପବ୍ୟବହାର—
3. Abuse; misuse.

**ଅପ୍ରୟୋଜକ**—ସଂ. ବିଣ ( ଅ + ପ୍ରୟୋଜକ )—
Aprayojaka ୧ । ଯାହା ଘଟାଏ ନାହିଁ—
( ଅପ୍ରୟୋଜକା—ସ୍ତ୍ରୀ ) 1. Not causing; not effecting (M. W.)

**ଅପ୍ରୟୋଜନ**—ସଂ. ବି. ( ଅ + ପ୍ରୟୋଜନ )—
Aprayojana ପ୍ରୟୋଜନର ଅଭାବ; ଆବଶ୍ୟକ ନ ହେବା—
Uselessness; no necessity
ସଂ. ବିଣ—୧ । ଯାହା ଦରକାରୀ ନୁହେଁ; ଅପ୍ରୟୋଜନୀୟ—
1. Not useful; not required; unnecessary.
୨ । ଅହେତୁକ—2. Having no ulterior motive.
୩ । ନିଷ୍କାମ; ନିଃସ୍ୱାର୍ଥ—
3. Disinterested, unselfish.
ଅପ୍ରୟୋଜନ ପ୍ରେମ ଯାର, ଜୋବନ ଅଧୀନ ତାହାର ।
ଭୂପତି. ପ୍ରେମପଞ୍ଚାମୃତ ।

**ଅପ୍ରୟୋଜନୀୟ**—ସଂ. ବିଣ ( ଅ + ପ୍ରୟୋଜନୀୟ )—
Aprayojanīya ଅଲୋଡ଼ା; ବେଦରକାରୀ—
( ଅପ୍ରୟୋଜନୀୟତା—ବି ) Unnecessary

**ଅପ୍ରଲଘୁ**—ସଂ. ବିଣ ( ଅ + ପ୍ରଲଘୁ )—
Apralaghu ଯାହା ଅତି ଲଘୁ ନୁହେଁ; ଅଧିକ—
Considerable.

ବିଦୋଷବାକ୍ୟାପ୍ରଳାପ ସ୍ୱନତ ହେବ ଯଶି ପ୍ରଶ୍ନ କର୍ଣ୍ଣ ।
ଉପେ. ବୈଦେହୀଶବିଳାସ ।

**ଅପ୍ରଶଂସା**—ସଂ. ବି ( ଅ + ପ୍ରଶଂସା )—
Apraśamsā ୧ । ପ୍ରଶଂସାର ଅଭାବ—
1. Absence of praise.
୨ । ନିନ୍ଦା—2. Blame.

**ଅପ୍ରଶଂସ୍ୟ**—ସଂ. ବିଣ. ( ଅ+ପ୍ରଶଂସ୍ୟ )—
Apraśamsya ୧ । ପ୍ରଶଂସା ପାଇବାର ଅଯୋଗ୍ୟ—
1. Not praiseworthy.
୨ । ନିନ୍ଦ୍ୟ; ନିନ୍ଦାର୍ହ—2. Blameworthy.

**ଅପ୍ରଶସ୍ତ**—ସଂ. ବିଣ ( ଅ + ପ୍ରଶସ୍ତ )—
Apraśasta ୧ । ( ବୈଦିକ ) ଅପ୍ରଶଂସିତ—
1. Not praised ( M. W. )
୨ । ନିକୃଷ୍ଟ—2. Inferior ( M. W. )
୩ । ଅକାମିକା; ନିକମ୍ମା—
3. Worthless ( M. W )
୪ । ଅବିସ୍ତୃତ; ଅଳ୍ପ ଚଉଡ଼ା—
4. Not wide; not extensive
୫ । ସଂକୀର୍ଣ୍ଣ—5. Narrow.
୬ । ଅପ୍ରଚଳିତ—
6. Not in use; not current; obsolete.
୭ । ନିନ୍ଦିତ—7. Blameworthy,
୮ । ପ୍ରତିକୂଳ—8. Unfavourable.
୯ । ଅଶୁଭକର—9. Inauspicious.
୧୦ । ଅଯଥେଷ୍ଟ—10. Insufficient
୧୧ । ଅସୁବିଧାଜନକ—11. Inconvenient.
୧୨ । ଜ୍ୟୋତିଷଶାସ୍ତ୍ର ମତରେ ଅଶୁଭଜନକ ବା ଅଶୁଚି (କାଳ)
12. Astronomically inauspicious or impure ( time )
ସଂ. ବି—୧ । ମଇଳା; ମଳ—1. Dirt.
୨ । ମନୁଷ୍ୟଦେହଜାତ ବିଷ୍ଠା ମୂତ୍ରାଦି; ମଳ—
2. Natural excretion ( M. W. )
[ ଦ୍ୱି—ଜଳରେ ଅପ୍ରଶସ୍ତ ଅର୍ଥାତ୍ ମଳମୂତ୍ରାଦି କଲେ ମାସେ କାଳ ଭିକ୍ଷାଭୋଜୀ ରହି ଏ ପାପର ପ୍ରାୟଶ୍ଚିତ୍ତ କରିବ ।
ଗ୍ରାମଶଙ୍କର. ମନୁସଂହିତା ୧୧—୨୫ । ]

**ଅପ୍ରସକ୍ତ**—ସଂ. ବିଣ. ( ଅ + ପ୍ରସକ୍ତ )—
Aprasakta ୧ । ଲାଗି ନ ଥିବା; ଲଗ୍ନ ହୋଇ ନ ଥିବା—
(ଅପ୍ରସକ୍ତି—ବି) 1. Not attached to.
୨ । ଅନାସକ୍ତ; ଆସକ୍ତ ହୋଇ ନ ଥିବା —
2. Not addicted to.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

**ଅପ୍ରସଙ୍ଗ**—ସଂ. ବି. ( ଅ + ପ୍ରସଙ୍ଗ )—୧ । ଆଲୋଚିତ ବିଷୟ ସହିତ
Aprasanga ପ୍ରସଙ୍ଗ ବା ସମ୍ପର୍କର ଅଭାବ 1. Irrelevance;
(ଅପ୍ରାସଙ୍ଗିକ—ବିଣ) want of relevance.
୨ । ( ନ୍ୟାୟ ଦର୍ଶନ ) ସମ୍ପର୍କର ଅଭାବ—
2. ( Nyāya philosophy ) Want of connection.
୩ । ମନ୍ଦ ପ୍ରସଙ୍ଗ—3. Bad point.
୪ । ନ ଖାଟିବା ଅବସ୍ଥା—
4. Non—applicability ( M. W. ).

**ଅପ୍ରସନ୍**—ଗ୍ରା. ବି. ( ଇଂ. ଅପରେସନ୍ )—ଅପରେସନ୍;
Aprasan ଚିକିତ୍ସାର୍ଥ ଦେହରେ ଅସ୍ତ୍ର ପ୍ରୟୋଗ—
অপারেসন Surgical operation.
चीरफाड़

**ଅପ୍ରସନ୍ନ**—ସଂ. ବିଣ. ପୁଂ. ( ଅ + ପ୍ରସନ୍ନ )—୧ । ଅସନ୍ତୁଷ୍ଟ; ବିରକ୍ତ—
Aprasanna 1. Dissatisfied; displeased
(ଅପ୍ରସନ୍ନା—ସ୍ତ୍ରୀ) ୨ । ବିରସ ( ମୁଖ )—
(ଅପ୍ରସନ୍ନତା—ବି) 2. Frowning (face); scowling.
୩ । ଅପ୍ରଫୁଲ୍ଲ; ମ୍ଳାନ—3. Faded.
୪ । ପ୍ରତିକୂଳ—4. Unfavourable.
୫ । ପ୍ରସାଦରହିତ—5. Not propitiated.
୬ । ଦୁଃଖିତ; ନିରାନନ୍ଦ—6. Joyless; grieved.
୭ । କ୍ଷୁବ୍ଧ—7. Agitated; perplexed.
୮ । ଗୋଳିଆ ( ପାଣି )—8. Muddy (water).
୯ । ଅନିର୍ମଳ—9. Not clear.

**ଅପ୍ରସହ୍ୟ**—ସଂ. ବିଣ. ( ଅ + ପ୍ରସହ୍ୟ )—୧ । ଅତି ଅସହ୍ୟ—
Aprasahya 1. Intolerable.
୨ । ଅବ୍ୟାହତ—2. Irresistible.

**ଅପ୍ରସାଦ**—ସଂ. ବି. ( ଅ + ପ୍ରସାଦ )—୧ । ବେଅନୁଗ୍ରହ—
Aprasāda 1. Disfavour.
୨ । ଅସନ୍ତୋଷ—2. Dissatisfaction.

**ଅପ୍ରସାଦୀ**—ସଂ. ବିଣ. ପୁଂ. (ଅ + ପ୍ର + ସଦ ଧାତୁ + ଇନ୍ ୧ମା. ୧ବ.)—
Aprasādi ଯେ ଅନୁଗ୍ରହ ବା ପ୍ରସାଦ ପ୍ରତ୍ୟାଶୀ ନୁହେ—
(ଅପ୍ରସାଦିନୀ—ସ୍ତ୍ରୀ) Not asking or expecting any favour.

**ଅପ୍ରସାଦ୍ୟ**—ସଂ. ବିଣ. ( ଅ + ପ୍ର + ସଦ ଧାତୁ + କର୍ମ. ଯ )
Aprasādya ଯାହାକୁ ପ୍ରସନ୍ନ କରାଯାଇ ନ ପାରେ—
Unappeasable; not to be propitiated; implacable.

**ଅପ୍ରସିଦ୍ଧ**—ସଂ. ବିଣ. ( ଅ + ପ୍ରସିଦ୍ଧ )—୧ । ଯେ ବା ଯାହା ବିଖ୍ୟାତ
Aprasiddha ନୁହେଁ—1. Uncelebrated.
୨ । ଅପ୍ରତିଷ୍ଠିତ—2. Not established.
୩ । ଅସାଧାରଣ—3. Unusual; uncommon.
୪ । ସାଧାରଣତଃ ଜଣା ନ ଥିବା—
4. Not generally known.
୫ । ଅସିଦ୍ଧ; ଅନିଷ୍ପନ୍ନ—5. Unaccomplished.
୬ । ଅପ୍ରମାଣିତ—6. Not proved.
୭ । ଅମୂଳକ—7. Baseless.
୮ । ଅପ୍ରଚଳିତ—8. Not current; obsolete; not in vogue.
( ଯଥା—ଅପ୍ରସିଦ୍ଧ ପଦ । )

**ଅପ୍ରସିଦ୍ଧି**—ସଂ. ବି. ( ଅ + ପ୍ରସିଦ୍ଧି )—
Aprasiddhi ୧ । ପ୍ରସିଦ୍ଧି ବା ଯଶର ଅଭାବ—
1. Absence of renown.
୨ । ମନ୍ଦଯଶଃ—2. Notoriety.

**ଅପ୍ରସୂତା**—ସଂ. ବି. ସ୍ତ୍ରୀ. ( ଅ + ପ୍ରସୂତା )—ବନ୍ଧ୍ୟା ସ୍ତ୍ରୀ—
Aprasūtā A barren woman ( M W. )

**ଅପ୍ରସ୍ତାବ** - ସଂ. ବି. ( ଅ + ପ୍ରସ୍ତାବ )—
Aprastāba ୧ । ପ୍ରସ୍ତାବ ବା ପ୍ରାର୍ଥନାର ଅଭାବ—
1. Non-proposal.
୨ । ମନ୍ଦ ପ୍ରସ୍ତାବ—2. Bad proposal.
ସଂ. ବିଣ—ଯାହା ପ୍ରସ୍ତାବିତ ବା ପ୍ରାର୍ଥିତ ହୋଇ ନାହିଁ—
Not prayed for.

**ଅପ୍ରସ୍ତାବପ୍ରତିଗ୍ରହ**—ସଂ. ବି—ବିନା ପ୍ରାର୍ଥନାରେ ଅନ୍ୟ ବ୍ୟକ୍ତିଠାରୁ କୌଣସି
Aprastābapratigraha ପଦାର୍ଥର ପ୍ରାପ୍ତି ବା ଗ୍ରହଣ—
Getting a thing without the asking.
କୃଷ୍ଣ ବୋଇଲେ ତୁ ଯେତେ ଶ୍ରେଷ୍ଠ ଅରଜିଲୁ
ଅପ୍ରସ୍ତାବ ପ୍ରତିଗ୍ରହେ ସମସ୍ତ ପାଇଲୁ । ସାରଳା, ମହାଭାରତ, ଦ୍ରୋଣ ।

**ଅପ୍ରସ୍ତାବିତ**—ସଂ. ବିଣ. ( ଅ + ପ୍ରସ୍ତାବିତ )—
Aprastābita ୧ । ଯାହା ପ୍ରସ୍ତାବିତ ହୋଇ ନାହିଁ—
1. Not proposed.
୨ । ଅପ୍ରାର୍ଥିତ—2. Not prayed for.

**ଅପ୍ରସ୍ତୁତ୍**—ଦେ. ବିଣ. ( ଗାଳିରେ ବ୍ୟବହୃତ; ସଂ. ଅପ୍ରସ୍ତୁତ )—
Aprastut ଅଭଦ୍ର; ଅଭବ୍ୟ—Impolite; rude; uncouth.

**ଅପ୍ରସ୍ତୁତ**—ସଂ. ବିଣ. ପୁଂ. ( ଅ + ପ୍ରସ୍ତୁତ )—
Aprastuta ୧ । ଅପ୍ରସ୍ତୁତ; ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ
(ଅପ୍ରସ୍ତୁତା—ସ୍ତ୍ରୀ) ବା ବିଷୟ ପାଇଁ ପୂର୍ବରୁ ପ୍ରସ୍ତୁତ ବା ତତ୍ପର ହୋଇ ନ ଥାଏ—1. Not ready; unprepared.
୨ । ଅପ୍ରତିଭ—2. Abashed; nonplussed; disconcerted.
୩ । ଲଜ୍ଜିତ—3. Ashamed.
୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered.

ସାଧାରଣ ଲୋକେ ଅପଭ୍ରଂଶ ଦୃଷ୍ଟାନ୍ତରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୫ । ଅନିଚ୍ଛୁକ—5. Unwilling; loath.

୬ । ଅପ୍ରକୃତ—6. Unreal; not actual.

୭ । ଅବର୍ତ୍ତମାନ—7. Not present; non-existent.

୮ । ଅନିର୍ମିତ—8. Not prepared or made.

୯ । ଅନିଷ୍ପନ୍ନ; ଅସମ୍ପନ୍ନ—9. Unfinished; unaccomplished.

**ଅପ୍ରସ୍ତୁତପ୍ରଶଂସା**—ସଂ. ବି—ଅର୍ଥାଲଙ୍କାରବିଶେଷ; ପ୍ରସ୍ତୁତ ବିଷୟର
Aprastutaprasamsā ଗୋପନପୂର୍ବକ ଅପ୍ରସ୍ତୁତ ବିଷୟର କଥନ—A figure in rhetoric.

[ ଉଦାହରଣ—

ଅଳିକିତ ଦ୍ରବ ନିଦ୍ରକେ ବୋଳ, ରସାଳ ଗହଳ ଶାଖାରେ ଖେଳ,
କବଳ କରୁ ଯା କଳ କଳାପ, ଭାବ କ ଜବବ ପଞ୍ଚମାଳାପ,
ଜଗତେ କେବଳ—କେ ହୁଇବେ ଏହୁ ବନ୍ଧୁ ପଣ । ବିଦଗ୍ଧଚି. ଭଞ୍ଜ ]

**ଅପ୍ରହତ**—ସଂ. ବିଣ. ( ଅ+ପ୍ରହତ )—
Aprahata ୧ । ଅକ୍ଷୁଣ୍ଣ; ଅନାହତ—1. Unhurt; unstruck.

୨ । ଅକର୍ଷିତ—2. Uncultivated.

୩ । ଗୋଡ଼ରେ ଦଳା ହୋଇ ନ ଥିବା—3. Untrodden.

୪ । ଅସ୍ପୃଷ୍ଟ—4. Untouched.

**ଅପ୍ରାକରଣିକ**—ସଂ. ବିଣ. (ଅ+ପ୍ରାକରଣିକ)—
Aprākaranika ୧ । ଅପ୍ରାସଙ୍ଗିକ; ଆଲୋଚିତ ବିଷୟ ସଙ୍ଗେ ସମ୍ବନ୍ଧ ହୀନ—1. Irrelevant; impertinent; not to the point.
(ଅପ୍ରାକରଣିକତା—ବି)

୨ । ଅପ୍ରସ୍ତାବିତ—2. Not proposed.

୩ । ପ୍ରସ୍ତାବର ବହିର୍ଭୂତ—3. Beyond the limit of a proposal.

**ଅପ୍ରାକୃତ**—ସଂ. ବିଣ. (ଅ+ପ୍ରାକୃତ)—
Aprākruta ୧ । ଅସାଧାରଣ; ଅସାମାନ୍ୟ—1. Uncommon; extraordinary.

ଅପ୍ରାକୃତ ପ୍ରେମମୂର୍ତ୍ତି କିସ୍ ଯାଅ ତୁହ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । ଅସ୍ୱାଭାବିକ; ଅନୈସର୍ଗିକ—2. Unnatural; artificial.

୩ । ଯାହା ସାଧାରଣ କଥିତ ଭାଷାର ଅନ୍ତର୍ଗତ ନୁହେଁ—3. Not appertaining to the spoken language or vernacular.

୪ । ଅପ୍ରକୃତ; ଅବାସ୍ତବ—4. Unreal; not actual.

**ଅପ୍ରାକୃତିକ**—ସଂ. ବିଣ. (ଅ+ପ୍ରାକୃତିକ)—
Aprākrutika ଅସ୍ୱାଭାବିକ—Unnatural.

**ଅପ୍ରାକୃତିକ ସହବାସ**—ସଂ. ବି. (ଆଧୁନିକ ପ୍ରୟୋଗ)—
Aprākrutika sahabāsa ଗୁହ୍ୟଦ୍ୱାର ବା ମୁଖଗହ୍ୱର ବା ପଶ୍ୱାଦି ଯୋନିରେ ସହବାସ ଆଦି ଅସ୍ୱାଭାବିକ ଉପାୟରେ କାମପ୍ରବୃତ୍ତି ଚରିତାର୍ଥକରଣ—Unnatural offence; sodomy.

[ଦ୍ର—ଏହା ଭାରତୀୟ ଦଣ୍ଡବିଧି ଆଇନର ବିଧାନ (୩୭୭ ଦଫା) ଅନୁସାରେ ଗୋଟିଏ ଗୁରୁତର ଅପରାଧ ଓ ଏଥିପାଇଁ ଦଣ୍ଡ ମଧ୍ୟ ଗୁରୁତର ।]

**ଅପ୍ରାଗ୍ର୍ୟ**—ସଂ. ବିଣ. (ଅ+ପ୍ରାଗ୍ର୍ୟ=ପ୍ରଧାନ)—
Aprāgrya ଅପ୍ରଧାନ; ଗୌଣ—Secondary.

**ଅପ୍ରାଧ**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବି (ସଂ. ଅପରାଧ)—
Aprādha ୧ । ଅପରାଧ—1. Offence.
अपराध ୨ । ଦୋଷ—2. Guilt.
अपराध ୩ । ପାପ—3. Sin

ତ କଟାରେ କର ନାହିଁ ମୁଁ ଅପ୍ରାଧକୁ । କୃଷ୍ଣସିଂହ. ମହାଭାରତ. ଆଦି ।

**ଅପ୍ରାଧୀ**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଅପରାଧୀ)—
Aprādhi ୧ । ଅପରାଧୀ—1. Offending.
अपराधी ୨ । ଦୋଷୀ—2. Guilty.
अपराधी ୩ । ପାପୀ—3. Sinful.

ନାହିଁ ମନ୍ତ୍ର ମଧ୍ୟେ ଅପ୍ରାଧୀ ଭୀମ ପୁର । କୃଷ୍ଣସିଂହ. ମହାଭାରତ. ସଭା ।

**ଅପ୍ରାପତ**—ଗ୍ରା. ଓ ପଦ୍ୟ. ବିଣ. (ସଂ. ଅପ୍ରାପ୍ତ)—
Aprāpata ୧ । ଅପ୍ରାପ୍ତ—1. Not received.
अप्राप्त ୨ । ଅଲଭ୍ୟ—2. Not available.
अप्राप्त ଗ୍ରା. ବି— ( ସଂ. ଅପ୍ରାପ୍ତି)—

୧ । ଅପ୍ରାପ୍ତି; ନ ପାଇବା; ଅଲାଭ—1. Non-receipt; not getting.

୨ । ଅଭାବ—2 Want.

ଏ ପ୍ରକା ପାଳିତ ଅଟନ୍ତେ ।
କ୍ଷୁଧିତ ଅନ୍ନ ଅପ୍ରାପତେ । ଜଗନ୍ନାଥ. ଭାଗବତ. ୧ମ ।

**ଅପ୍ରାପତି**—ଗ୍ରା. ଓ ପଦ୍ୟ. ବି (ସଂ. ଅପ୍ରାପ୍ତି)—ଅପ୍ରାପ୍ତି (ଦେଖ)
Aprāpati Aprāpti (See)
अप्राप्ति ଗୁରୁଜନ ଥିବାରେ ପ୍ରାପତ ଅପ୍ରାପତ ।
अप्राप्ति ପ୍ରାଚୀ. ଶିବସ୍ୱରୋଦୟ ।

**ଅପ୍ରାପ୍ତ**—ସଂ. ବିଣ. (ଅ+ପ୍ରାପ୍ତ)—୧ । ଅଲବ୍ଧ; ଯାହା ମିଳି ନାହିଁ—
Aprāpta 1. Not received; not attained.

୨ । ଅନଧିଗତ; ଯାହାର ନିକଟରେ ଲୋକ ପହଞ୍ଚ ପାରି ନାହିଁ—2 Unreached.

ବେ. ବିଣ—ଅଲଭ୍ୟ; ଯାହା ମିଳେ ନାହିଁ—Not to be got

**ଅପ୍ରାପ୍ତକାଳ**—ସଂ. ବିଣ. (ବହୁବ୍ରୀହି; ଅ+ପ୍ରାପ୍ତ+କାଳ)—
Aprāptakāla ୧ । ଅସମୟୋଚିତ—1. Inopportune.

୨ । ଅକାଳିକ—2. Untimely; unseasonable.

(ଅପ୍ରାପ୍ତକାଳା—ସ୍ତ୍ରୀ) ସଂ. ବିଣ. ପୁଂ—ଅପ୍ରାପ୍ତବୟସ୍କ; ନାବାଳକ—Minor.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ | ଡ଼ |

ଅପ୍ରାପ୍ତବୟସ୍କ—ସଂ. ବିଣ. ପୁଂ. ( ବହୁବ୍ରୀହି; ଅପ୍ରାପ୍ତ + ବୟସ୍ + କ )—
Aprāptabayaska ଯେ ଉପଯୁକ୍ତ ବୟସ ପ୍ରାପ୍ତ ହୋଇ ନାହିଁ;
(ଅପ୍ରାପ୍ତବୟସ୍କା—ସ୍ତ୍ରୀ) ନାବାଳଗ—Minor; not yet come of age.

ଅପ୍ରାପ୍ତବ୍ୟ—ସଂ. ବିଣ. (ଅ + ପ୍ରାପ୍ତବ୍ୟ)—ଅପ୍ରାପ୍ୟ (ଦେଖ)
Aprāptabya Aprāpya (See)

ଅପ୍ରାପ୍ତବ୍ୟବହାର—ସଂ. ବିଣ. ପୁଂ.(ନଞ୍ ତତ୍;ଅ + ପ୍ରାପ୍ତ ବ୍ୟବହାର;କମ୍ବା
Aprāptabyabahāra ବହୁବ୍ରୀହି; ଅପ୍ରାପ୍ତ + ବ୍ୟବହାର;)—
(ଅପ୍ରାପ୍ତବ୍ୟବହାରା—ସ୍ତ୍ରୀ) (ବ୍ୟବହାର ଶାସ୍ତ୍ର ବା ଆଇନର ବିଧାନ ଅନୁସାରେ ନିଜ ବିଷୟ ନିଜେ ବୁଝିବା ଉଳି ଜ୍ଞାନ ବା ଅଧିକାର ଯେ ପାଇ ନାହିଁ )—ନାବାଳଗ—Minor; not yet come of age.

ଅପ୍ରାପ୍ତଯୌବନ—ସଂ. ବିଣ. ପୁଂ. (ନଞ୍ ତତ୍; ଅ + ପ୍ରାପ୍ତଯୌବନ କମ୍ବା
Aprāptajaubana ବହୁବ୍ରୀହି, ଅପ୍ରାପ୍ତ+ଯୌବନ )—
(ଅପ୍ରାପ୍ତଯୌବନା—ସ୍ତ୍ରୀ) କିଶୋର; ଯେ ଅବଧି ଯୁବା ହୋଇ ନାହିଁ—
Adolescent; not yet become adult.

ଅପ୍ରାପ୍ତଯୌବନା—ସଂ. ବିଣ. ସ୍ତ୍ରୀ (ଅପ୍ରାପ୍ତଯୌବନ + ଆ)—
Aprāptajaubanā ୧ । ଅପ୍ରାପ୍ତଯୌବନର ସ୍ତ୍ରୀଲିଙ୍ଗ—
1. Feminine of Aprāptajaubana.
୨ । ଯେଉଁ ବାଳିକାର ଅବଧି ରଜୋଦର୍ଶନ ହୋଇନାହିଁ—
( girl ) Who has not yet attained maturity.

ଅପ୍ରାପ୍ତଲକ୍ଷଣ—ସଂ. ବିଣ ( ବହୁବ୍ରୀହି; ଅପ୍ରାପ୍ତ+ଲକ୍ଷଣ )—ଯାହାର
Aprāptalakshana କୌଣସି ଲକ୍ଷଣ ବା ଚିହ୍ନ ମିଳି ନାହିଁ—
Not yet traced.

ଅପ୍ରାପ୍ତି—ସଂ. ବିଣ. (ଅ + ପ୍ରାପ୍ତି) —୧ । ନ ମିଳିବା—
Aprāpti 1. Non-attainment; non receipt.
୨ । ଅଭାବ—2. Want.
୩ । ଅଲାଭ—3. Non-acquisition; absence of gain.
୪ । ଅସଙ୍ଗତି ( ଦେଖ )
4. Asangati ( See )
୫ । ଅପ୍ରାପ୍ୟତା; ଦୁର୍ଲଭତା—5. Scarcity.
ଦେ. ବିଣ. ( ସଂ. ଅପ୍ରାପ୍ତ ) ୧ । ଅପ୍ରାପ୍ତ—1. Not got.
୨ । ଯାହା ଖୋଜିଲେ ମିଳେ ନାହିଁ—ଦୁଷ୍ପ୍ରାପ୍ୟ—
2. Scarce; not to be had.

ଅପ୍ରାପ୍ୟ—ସଂ. ବିଣ. (ଅ + ପ୍ରାପ୍ୟ )—୧ । ଯାହା ପାଉଣା ନୁହେ—
Aprāpya 1. Not due.
( ଅପ୍ରାପ୍ୟତା—ବି ) ୨ । ଯାହା ପାଇବା ଅସାଧ୍ୟ—
2. Unattainable.
୩ । ଦୁଷ୍ପ୍ରାପ୍ୟ; ଦୁର୍ଲଭ—3. Scarce
୪ । ଯାହା ମିଳିବା ଅସମ୍ଭବ—4. Not to be had.

ଅପ୍ରାମାଣିକ—ସଂ. ବିଣ. ( ଅ + ପ୍ରାମାଣିକ )—
Aprāmānika ୧ । ଯାହା ପ୍ରମାଣସିଦ୍ଧ ନୁହେଁ—
(ଅପ୍ରାମାଣିକତା—ବି) 1. Unauthentic; not proved.
୨ । ପ୍ରମାଣାଭାବରୁ ଯାହା ଅଗ୍ରାହ୍ୟ—
2. Inacceptable for want of proof.
୩ । ଯାହାକୁ ପ୍ରମାଣସ୍ୱରୂପ ଗ୍ରହଣ କରି ଯାଇ ନ ପାରେ—
3. That which cannot be accepted as proof of any matter.
୪ । ଯାହା ନଜୀରରୂପେ ଗୃହୀତ ହୋଇ ନ ପାରେ—
4 Unauthoritative.
୫ । ଯାହା ଘଟିବା ଅସମ୍ଭବ—5. Improbable.
୬ । ଯାହାକୁ କେହି ନଜୀରରୂପେ ଗ୍ରହଣ ବା ସ୍ୱୀକାର କରନ୍ତି ନାହିଁ—
6. Not accepted by people as an authority.

ଅପ୍ରାମାଣ୍ୟ—ସଂ. ବିଣ. ( ଅ + ପ୍ରମାଣ + ଯ )—
Aprāmānya ୧ । ଅପ୍ରାମାଣିକ ( ଦେଖ )
1. Aprāmānika ( See )
୨ । ଯାହାକୁ ପ୍ରମାଣିତ କରି ଯାଇ ନ ପାରେ—
2. Unprovable.

ଅପ୍ରାସଙ୍ଗିକ—ସଂ. ବିଣ. ( ଅ + ପ୍ରାସଙ୍ଗିକ )—୧ । ପ୍ରସଙ୍ଗ ବହିର୍ଭୂତ—
Aprāsangika 1. Irrelevant.
( ଅପ୍ରାସଙ୍ଗିକତା—ବି ) ୨ । ଆଲୋଚିତ ପ୍ରସଙ୍ଗ ସଙ୍ଗେ ଯେଉଁ କଥାର ସମ୍ବନ୍ଧ ନାହିଁ—
2 Not touching the point at issue.

ଅପ୍ରିଅ—ଗ୍ରା. ବିଣ. ( ସଂ. ଅପ୍ରିୟର ଅଶୁଦ୍ଧ ଉଚ୍ଚାରଣ)—
Apria ଅପ୍ରିୟ ( ଦେଖ )
Apriya ( See )

ଅପ୍ରିଓଜନ—ଗ୍ରା. ବି. ( ସଂ. ଅପ୍ରୟୋଜନ )—
Apriojana ପ୍ରୟୋଜନର ଅଭାବ—
Absence of necessity.
ଗ୍ରା. ବିଣ—୧ । ଅପ୍ରୟୋଜନୀୟ; ଅନାବଶ୍ୟକ—
1. Unnecessary.
୨ । ନିଷ୍ଫଳ—2 Fruitless.
୩ । ବୃଥା—3. Vain.

ଅପ୍ରିତି—ଗ୍ରା. ବି. ( ସଂ. ଅପ୍ରୀତି )—
Apriti ଅପ୍ରୀତି ( ଦେଖ )
Apriti ( See )

ଅପ୍ରିୟ—ସଂ. ବିଣ. ( ଅ + ପ୍ରିୟ )—୧ । ଅପ୍ରୀତିକର; ( ମନ, ଚକ୍ଷୁ, କର୍ଣ୍ଣାଦିର ) ଅରୁଚିକର—
Apriya
( ଅପ୍ରିୟା—ସ୍ତ୍ରୀ ) 1. Unpleasant; disagreeable.
( ଅପ୍ରିୟତା—ବି ) ୨ । ଅନଭିଳଷିତ—2. Undesirable.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳବଟ' ନ ପାଇଲେ 'ଅଲବଟ୍' ଦେଖିବେ ।

୩ । ଅଶୁଭକର; ଅକଲ୍ୟାଣକର—**3. Inauspicious.**
୪ । ଅଶ୍ରେୟ—4. Not liked.
୫ । କର୍କଶ; କଠୋର—**5. Hard; harsh.**
୬ । ନିଷ୍ଠୁର—**6. Cruel.**
୭ । ଅସୁନ୍ଦର—**7. Not graceful.**
୮ । କୁତ୍ସିତ—**8. Ugly; nasty.**
ସଂ. ବି.—୧ । ଅଶୁଭ; ଅମଙ୍ଗଳ—**1. Evil.**
୨ । କ୍ଷତି—2. Harm; injury.
୩ । ନିନ୍ଦା—**3. Blame.**

**ଅପ୍ରିୟବାଦୀ**— ସଂ. ବିଣ. ପୁଂ ( ଅ+ପ୍ରିୟବାଦନ୍ ୧ମା. ୧ବ. )—ଅପ୍ରିୟ-
Apriyabādī ଭାଷୀ; କଟୁଭାଷୀ; ଯେ କଟୁ କଥା କହେ—
(ଅପ୍ରିୟବାଦିନୀ—ସ୍ତ୍ରୀ) **Speaking harsh words.**
(ଅପ୍ରିୟବାଦିତା—ବି)

**ଅପ୍ରିୟଭାଷ**—ସଂ. ବି. (କର୍ମଧା; ଅପ୍ରିୟ+ଭାଷ)—
Apriya bhāsha କଟୁକଥା କଠୋର ବାକ୍ୟ—
**Harsh speech**

**ଅପ୍ରିୟଭାଷଣ**—ସଂ. ବି. (କର୍ମଧା; ଅପ୍ରିୟ+ଭାଷଣ)
Apriyabhāshaṇa କଟୁକଥା କହିବା—
**The speaking of harsh words**

**ଅପ୍ରିୟଭାଷା**—ସଂ. ବି. (କର୍ମଧା; ଅପ୍ରିୟ+ଭାଷା)—
Apriya bhāshā କଠୋରବାକ୍ୟ; କଟୁକଥା—
**Harsh words.**

**ଅପ୍ରିୟଭାଷୀ**—ସଂ.ବିଣ.ପୁଂ. (ଅପ୍ରିୟ+ଭାଷ ଧାତୁ+ଇନ୍ ୧ମା. ୧ବ.)—
Apriyabhāshī ଅପ୍ରିୟବାଦୀ; ଯେ କଟୁ କଥା କହେ; କଟୁଭାଷୀ—
(ଅପ୍ରିୟଭାଷିଣୀ—ସ୍ତ୍ରୀ) **Speaking harsh words.**
(ଅପ୍ରିୟଭାଷିତା—ବି)

**ଅପ୍ରିୟା**—ସଂ. ବିଣ. ସ୍ତ୍ରୀ. ( ଅପ୍ରିୟ+ଆ )—ଅପ୍ରିୟର ସ୍ତ୍ରୀଲିଙ୍ଗ—
Apriyā **Feminine of Apriya.**
ସଂ. ବି. ସ୍ତ୍ରୀ—୧ । ଅପ୍ରିୟବାଦିନୀ ସ୍ତ୍ରୀ; କୁସ୍ତ୍ରୀ—
**1. A termagant; a shrew.**
୨ । ଶିଙ୍ଗୀମାଛ—**2. A kind of small fish with spikes at the neck**

**ଅପ୍ରିଲ୍**—ବୈଦେ. ବି. ( ଇଂ. ଏପ୍ରିଲ୍ )—ଇଂରାଜୀଗଣନାରେ ମାର୍ଚ୍ଚମାସର
April ପରବର୍ତ୍ତୀ ମାସ—**The month of April**
ଆପ୍ରିଲ
**अप्रैल**

**ଅପ୍ରୀତ**— ସଂ. ବିଣ. ପୁଂ. ( ଅ+ପ୍ରୀତ )—ଅସନ୍ତୁଷ୍ଟ; ବିରକ୍ତ—
Aprīta **Dissatisfied; displeased.**
(ଅପ୍ରୀତା—ସ୍ତ୍ରୀ)

**ଅପ୍ରୀତି**—ସଂ. ବି. ( ଅ+ପ୍ରୀତି )—୧ । ଅପଡ଼; ଅବନ; ଅସଦ୍ଭାବ —
Aprīti **1. Illfeeling; want of good feeling.**
୨ । ଅସନ୍ତୋଷ; ବିରକ୍ତି—
**2. Displeasure; discontent.**
୩ । ଅରୁଚି—**3. Dislike.**
୪ । ବିବାଦ—**4. Dispute.**
୫ । ଅରୁଚି; ଘୃଣା—**5. Aversion.**
୬ । ବିରୋଧ; ଶତ୍ରୁତା—**6. Enmity.**
ଯୋଦରେ ଅପରାଧ ଅପ୍ରୀତି ନ କରିବା । ସାରଳା. ମହାଭାରତ. ଅଦି ।

**ଅପ୍ରୀତିକର**—ସଂ., ବିଣ. ( ଅ+ପ୍ରୀତିକର )—
Aprītikara ୧ । ଯାହା ବିରକ୍ତି ବା ଅସନ୍ତୋଷ ଜନ୍ମାଏ—
**1. Unpleasant; disagreeable.**
୨ । କର୍କଶ; କଠୋର—**2. Harsh.**
୩ । ଯାହା ମନରେ ଅରୁଚି ଜନ୍ମାଏ; ଘୃଣାଜନକ—
**3. Disgusting.**
୪ । କଷ୍ଟଦାୟକ—**4. Painful.**

**ଅପ୍ରୀତିଭାଜନ**—ସଂ. ବିଣ. ପୁଂ. ( ୬ଷ୍ଠୀ ତତ୍; ଅପ୍ରୀତି+ଭାଜନ )—
Aprītibhājana ଅସନ୍ତୋଷର ପାତ୍ର; ଯାହାଙ୍କ ପ୍ରତି ଅନ୍ୟର
(ଅପ୍ରୀତିଭାଜନା—ସ୍ତ୍ରୀ) ମନରେ ଅସନ୍ତୋଷ ବା ବିରକ୍ତି ଜନ୍ମିଥାଏ—
**Under one's displeasure.**

**ଅପ୍ରେଲ**—ବୈଦେ. ବି. ( ଇଂ. ଏପ୍ରିଲ )—
Aprel ଇଂରାଜୀ ଗଣନାର ଚତୁର୍ଥ ମାସ—
আপ্রৌল **The month of April.**
**अप्रैल**

**ଅପ୍ରେସନ୍**—ବୈଦେ. ଗ୍ରା. ବି. ( ଇଂ. ଅପରେସନ )—
Apresan ଡାକ୍ତରଙ୍କ ଦ୍ୱାରା ଚିକିତ୍ସାର୍ଥ ଅସ୍ତ୍ର ପ୍ରୟୋଗ—
অপারেসন **Surgical operation.**
**चीरफाड़**
**अपरेशन**

**ଅପ୍ସରା**—ଦେ. ବି. ସ୍ତ୍ରୀ. [ ସଂ. ଅପ୍ସରସ୍ ଶବ୍ଦର ପ୍ରଥମା ବିଭକ୍ତି. ୧ ବଚନ
Apsarā ଅପ୍ସରାଃ; ବହୁବଚନ ଅପ୍ସରସଃ; ଅପ୍(ଜ)=ଜଳ+ସୃ ଧାତୁ
অপসরা =ଗମନ କରିବା+ସଜ୍ଞାର୍ଥେ. ଅସ୍; ଯେଉଁମାନେ
**अपछरा,** ବିହାରାର୍ଥ ଅଧିକାଂଶ ସମୟରେ ଜଳକୁ ଯାଆନ୍ତି; କିମ୍ବା
**अप्सरा** ଯେଉଁମାନେ ସମୁଦ୍ରମନ୍ଥନ କାଳରେ ଜଳରୁ
( ସମୁଦ୍ରରୁ ) ବାହାରିଥିଲେ
ରମ୍ଭା ସମୁଦ୍ରମନ୍ଥନରୁ ବାହାରିଥିବାର ପୁରାଣରେ ଅଛି । ]
୧ । ସ୍ୱର୍ଗବେଶ୍ୟା—ଇନ୍ଦ୍ରଙ୍କ ସଭାର ନର୍ତ୍ତକୀଗଣ—
**1. Heavenly nymphs; the dancing girls of Indra's court.**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଇଯ୍ୟ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ● | ନ୍ତୁ |

[ ଦ୍ର—ଏମାନେ ଗନ୍ଧର୍ବଙ୍କ ସ୍ତ୍ରୀ। ଏମାନେ ଇନ୍ଦ୍ରଙ୍କ ସଭାରେ ନାଚନ୍ତି। ଏମାନେ ଅତି ସୁନ୍ଦରୀ, ନର୍ତ୍ତନକୁଶଳା, ନାନାବିଧ କଳାକୁଶଳା ଓ ଚିରଯୁବତୀ ଅଟନ୍ତି। କୌଣସି ବ୍ୟକ୍ତି କଠୋର ତପସ୍ୟା ଦ୍ୱାରା ଇନ୍ଦ୍ରପଦ ଲାଭ କରିବ ଏପରି ଆଶଙ୍କା ହେଲେ ଇନ୍ଦ୍ର ଅପ୍ସରାଙ୍କୁ ପଠାଇ ଉକ୍ତ ସାଧକଙ୍କର ତପସ୍ୟା ଭଙ୍ଗାଇବାକୁ ଚେଷ୍ଟା କରନ୍ତି ଓ ସମୟ ସମୟରେ ଉକ୍ତ ବ୍ୟକ୍ତି ଅପ୍ସରାମାନଙ୍କ ରୂପରେ ମୁଗ୍ଧ ହୋଇ କାମକ୍ରୀଡ଼ାରତ ହୁଅନ୍ତି—ଫଳତଃ ତାଙ୍କର ତପସ୍ୟା ଭଙ୍ଗ ହୁଏ। ଏମାନେ ଆକାଶରେ ଓ ପୃଥିବୀରେ ବିଚରଣ କରନ୍ତି ଓ ମନ-ମୁତାବକ ରୂପ ବଦଳାଇ ପାରନ୍ତି। ଅପ୍ସରାମାନଙ୍କ ମଧ୍ୟରେ ଉର୍ବଶୀ, ମେନକା, ରମ୍ଭା, ମିଶ୍ରକେଶୀ, ତିଲୋତ୍ତମା, ଘୃତାଚୀ, ସୁକେଶୀ, ବିଶ୍ୱାଚୀ, ବିଦ୍ୟୁତ୍‌ପର୍ଣ୍ଣା, ପୁଣ୍ଡରୀକା, ସୁବାହୁ, ସୁରଥା, ପ୍ରମାଥିନୀ, ରୁଚିରା, ପୁଞ୍ଜିକାସ୍ଥଳା, ଅଲମ୍ବୁଷା, ସୁମଧ୍ୟା, ହେମା, ନାଗଦତ୍ତା, କ୍ଷେମା, ବାମନା ପ୍ରସିଦ୍ଧା। ସୁନ୍ଦରୀ ଯୁବତୀମାନଙ୍କୁ ଲୋକେ ଅପ୍ସରାମାନଙ୍କ ସଙ୍ଗେ ତୁଳନା କରନ୍ତି। ]

୨। ଅପ୍ସରାଙ୍କ ପରି ସୁନ୍ଦରୀ ସ୍ତ୍ରୀ—
2. A very graceful lady.

୩। ସ୍ତ୍ରୀମାନଙ୍କୁ ଦିଆଯିବା ନାମବିଶେଷ—
3. A name given to women.

୪। ବ୍ୟଙ୍ଗ୍ୟ ବିଦ୍ରୂପୋକ୍ତି—
4. Sarcasm; inuendo; gibe.

**ଅପ୍ସରାଇବା**—ଦେ. କ୍ରି. ( ସଂ. ଅପସାରଣ )—ଅପସାରିତ କରିବା—
Apsarāibā To remove; to cause to move.
সরান
**सरकाना**

**ଅପ୍ସରା ମାରିବା**—ଗ୍ରା. କ୍ରି—କୌଣସି ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ପରୋକ୍ଷ ଭାବରେ ବ୍ୟଙ୍ଗ୍ୟ ବିଦ୍ରୂପ କରିବା—
Apsarā māribā
**बोलीटोली मारना** To sneer or gibe at a person.
**तानामारना**

**ଅପ୍ସରିବା**—ଦେ. କ୍ରି. ( ସଂ. ଅପସରଣ )—ଅପସରିବା; ଘୁଞ୍ଚିଯିବା—
Apsaribā To move away.
সরেযাওয়া
**सरकना**

**ଅପ୍ସରୀ**—ଦେ. ବି. ସ୍ତ୍ରୀ. ( ସଂ. ଅପ୍ସରସ୍ )—ଅପ୍ସରା ( ଦେଖ )
Apsarī Apsarā ( See )
অপ্সরী
**अप्सरी**

**ଅପ୍ସରୋଗଣ**—ସଂ. ବି. ସ୍ତ୍ରୀ. ( ବହୁବଚନ; ଅପ୍ସରସ୍=ଅପ୍ସରଃ+ଗଣ )—
Apsarogaṇa ଅପ୍ସରାମାନେ—A number of heavenly nymphs.

**ଅଫ୍‌ସର୍**—ବୈଦେ. ବି. ( ଇଂ. ଅଫିସର୍ )—ଅଫିସର୍ ( ଦେଖ )
Aphsar Aphisar ( See )

**ଅଫଟା**—ଦେ. ବିଣ. ( ସ. ଅ+ସ୍ଫୁଟ୍ ଧାତୁ )—
Aphaṭā ୧। ଯାହା ଫଟା ବା ଚିରା ନୁହେ—
আফাটা 1. Not rent; unpunctured.
**फटा नहीं हुआ** ୨। ଯହିଁରେ ଫାଟ ନାହିଁ—
2. Having no fissure.

**ଅଫଡ଼ା**—ଦେ. ବିଣ. ( ସଂ. ଅ+ସ୍ଫୁଟ୍ ଧାତୁ )—
Apharḍā ୧। ଯାହାକୁ କେହି ଫାଡ଼ି ନାହିଁ, ଯାହା ଚିରା ହୋଇ ନାହିଁ—1. Not rent or split.
আফাড়া
**फाड़ा नहीं हुआ** ୨। ଅବିଭକ୍ତ—2. Undivided.

**ଅଫନ୍ଦ**—ଦେ. ବିଣ—୧। ଯେଉଁ କୂଅର ନଳ ବା ଫନ୍ଦ ନାହିଁ—
Aphanda ( well ) Having no earthen or stone rings round it.
୨। ଅଫନ୍ଦା ( ଦେଖ )
2 Aphandā ( See )
ଦେ. ବି—ଅସୁବିଧା; ବେଫିକର—
Inconvenience; resourcelessness.

**ଅଫନ୍ଦା**—ଦେ. ବିଣ—୧। ଜୀବିକାହୀନ—
Aphandā 1. Having no means of livelihood
୨। ବେକାର—2. Unemployed.
୩। ଦଉଡ଼ିରେ ଯାହା ଛନ୍ଦା ହୋଇ ନାହିଁ—
3. Not bound or knotted with a rope.
୪। ବେଫିକର—4. Resourceless.

**ଅଫନ୍ଦୀ**—ଦେ. ବିଣ—୧। ଜୀବିକାହୀନ; ବେକାର—
Aphandī 1. Unemployed.
୨। ବେଫିକର—2. Resourceless.

**ଅଫର୍**—ବୈଦେ. ବି. ( ଇଂ. ଅଫର୍ )—
Aphar କୌଣସି ବସ୍ତୁ ଖରିଦ କରିବା ପାଇଁ ଖରିଦଦାରଙ୍କଠାରୁ ମୂଲ୍ୟର ପ୍ରସ୍ତାବ—An offer of a certain price from a prospective purchaser.
অফর্
**अफर्**

**ଅଫଳ**—ସଂ. ବିଣ. ( ବହୁବ୍ରୀହି; ଅ+ଫଳ )—
Aphaḻa ୧। ଫଳହୀନ; ଯେଉଁ ବୃକ୍ଷରେ ଫଳ ନ ଥାଏ—
(ଅଫଳା—ସ୍ତ୍ରୀ) 1. Having no fruit.
(ଅଫଳତା—ବି) ୨। ବନ୍ଧ୍ୟ; ଯହିଁରେ ଫଳ ଧରେ ନାହିଁ—
2. Barren; not fruit-bearing; unproductive.
୩। ବିଫଳ; ନିଷ୍ଫଳ; ବ୍ୟର୍ଥ—3 Vain; fruitless.
୪। ଲାଭହୀନ—4. Unprofitable.
ସଂ. ବି. ( ନଞ୍ତତ୍ )—୧। ଫଳର ଅଭାବ—
1. Want of fruit.
୨। ଫଳହୀନତା—2. Fruitlessness.
୩। ମନ୍ଦ ବା ଅଖାଦ୍ୟ ଫଳ—
3. Inedible or bad fruit.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୪ । ଝାବୁକ; ଝାଉଗଛ—4. The Aspen ( tree ); Tamarisk Indica.

**ଅଫଳନ୍ତା**—ଦେ. ବଣ. ( ସଂ. ଅଫଳ )—ଅଫଳନ୍ତୀ ( ଦେଖ )
Aphalanta — Aphalanti ( See )

**ଅଫଳନ୍ତୀ**—ଦେ. ବଣ. ( ସଂ. ଅଫଳ )—
Aphalanti
ଅଫଲନ୍ତ; ଅଫଲା
ଅଫଲ

୧ । ଯେଉଁ ଗଛରେ ଫଳ ଧରେ ନାହିଁ; ଅଣ୍ଡିରା ବା ବାଞ୍ଝ ( ଗଛ )—1 ( a tree ) Which does not bear fruit.

୨ । ଯେଉଁ ଗଛରେ ଅଦ୍ୟାପି ଫଳ ଧରି ନାହିଁ—
2. ( a tree ) Which has not yet borne fruit.

ଅବସରେ ବହିଲା ଯେ ବସନ୍ତ ପବନ,
ଅଫଳନ୍ତ ବୃକ୍ଷମାନେ ଫଳିଲେ ତୋଷଣ । ପୀତାମ୍ବର. ନୃସିଂହ ପୁରାଣ ।

୩ । ସ୍ତ୍ରୀ. ବନ୍ଧ୍ୟା ( ସ୍ତ୍ରୀ ଓ ଗାଈ ); ବାଞ୍ଝୀ—
3 Barren ( woman and cow )

୪ । ସ୍ତ୍ରୀ. ଅଦ୍ୟାପି ପ୍ରସବ କରି ନ ଥିବା ( ସ୍ତ୍ରୀ )—
4. (a woman) Who has not yet given birth to a child.

**ଅଫଳା**—ସଂ. ବଣ. ସ୍ତ୍ରୀ. ( ଅଫଳ + ଆ )—ଅଫଳର ସ୍ତ୍ରୀଲିଙ୍ଗ—
Aphala — Feminine of Aphala.

ସଂ. ବି. ସ୍ତ୍ରୀ.—୧ । ଭୂଇଁ ଅଁଳା ଗୁଳ୍ମ—
1. A plant, Flacourtia Cataphracta.

୨ । ଘୃତକୁମାରୀ; ଘିକୁଆଁରୀ ଗୁଳ୍ମ—
2. Aloes perifoliata.

ଦେ. ବଣ. ସ୍ତ୍ରୀ.—ଅଫଳନ୍ତୀ ( ଦେଖ )
Aphalanti ( See )

**ଅଫଲ୍ଲା**—ପ୍ରାଦେ. ଗଡ଼ଜାତ. ବଣ. ପୁଂ. ଓ ସ୍ତ୍ରୀ—ଉଦାସିଆ (ବ୍ୟକ୍ତି)—
Aphala — Indifferent to wordly affairs.

**ଅଫଳାକାଂକ୍ଷୀ**—ସଂ. ବଣ. ପୁଂ.—୧ । ନିଷ୍କାମ; ଯେ କାର୍ଯ୍ୟ କରି ଫଳ ପାଇଁ ଆଶା ରଖେ ନାହିଁ—
Aphalakamkshi
(ଅଫଳାକାଂକ୍ଷିଣୀ—ସ୍ତ୍ରୀ)
(ଅଫଳାକାଂକ୍ଷିତା—ବି)

1. Not expecting or hoping for a result or for any beneficial consequence.

୨ । ଉଦାସୀନ—2. Indifferent ( M. W )

**ଅଫଳୀ**—ଦେ. ବଣ. ସ୍ତ୍ରୀ. ( ସଂ. ଅଫଳା )—୧ । ଅଫଳନ୍ତୀ (ଦେଖ)
Aphali — 1. Aphalanti ( See )

୨ । ଗର୍ଭଧାରଣ କରି ନ ଥିବା ( ଗାଈ )—
2. ( a cow ) Which has not yet conceived.

**ଅଫିକର**—ଦେ. ବି. ( ସଂ. ଅ+ଆ. ଫିକ୍ର )—ସୁବିଧାର ଅଭାବ—
Aphikara — Want of opportunity.

**ଅଫିକର** ଦେ. ବଣ.—ଅବକାଶହୀନ; ବେକାର—
Unemployed.

**ଅଫିଟା**—ଦେ. ବଣ.—ଫିଟି ନ ଥିବା—
Aphita — Not opened.

**ଅଫିଟାଖଣି**—ଦେ. ବି.—୧ । ଯେଉଁ ଧାନଖଣି ଫିଟାଯାଇ ସେଥିରୁ ଧାନ ବାହାର ନ ଥାଏ—
Aphitakhani

1. An under-ground storage of paddy which has not yet been opened up.

୨ । (ସ୍ନେହ ସମ୍ବୋଧନ; ଅଫିଟା ଖଣି ପରି) ଅତି ପ୍ରିୟଲୋକ—
2. One's dearest person.

ଜଗୁନିପିଭୁଲା ତୁମ୍ଭେ ମୋ ଅଫିଟା ଖଣି । ନନ୍ଦକିଶୋର. ଶୀତାବନବାସ ।

**ଅଫିମ**—ଦେ. ବି. (ସଂ. ଅହିଫେନ, ଅଫେନ; ଇଂ. ଓପିୟମ୍, ଆ. ଅଫୟୁନ୍)
Aphima
ସଂ. ଅହିଫେନ; ଅଫେନ; ସଫେନକ; ଅଫୁକ;
ଓ. ଅଫିମ; ଅଫୁ;
ଆଫି; আফিঙ্; আফিম
अफीम; आपु, अपु
ଗ୍ରୀକ୍. ଓପିଓନ୍
ଲା. ପୋସ୍ତକଟେଦ୍;
ପାପାଭେରାସୋମ୍ନିଫେରମ୍
ଫ୍ରେ. ପାପାଭେରାସୋମ୍ନିଫେରେ
ଆ. ଅଫୟୁନ୍
ଫା. କୋକ୍‌ନର

ସାଢ଼େ ତିନି ମାସ ମଧ୍ୟରେ ମରିଯିବା ଏକ ପ୍ରକାର ଶାକ ଗୁଳ୍ମ (ପୋସ୍ତ)ର ଫଳର କୋଷ ବା ବକଡ଼ାରୁ ବାହାରିବା କ୍ଷୀରକୁ ଶୁଖାଇ ରଖାଯିବା ଏକ ପ୍ରକାର ଅଠାଳିଆ କଳା ନିଶା ଦ୍ରବ୍ୟ—
Opium.

[ଦ୍ର—କଥିତ ଅଛି ଯେ,ପୂର୍ବେ ଭାରତରେ ଏ ପୋସ୍ତ ଗଛ ଥିଲା ( ସଂ. ନାମ ଖସତିଲ ) କିନ୍ତୁ ଏଥିରୁ ଅଫିମ ବାହାରିବା କଥା ହିନ୍ଦୁମାନଙ୍କୁ ଜଣା ନ ଥିଲା । ଗ୍ରୀକ୍‌ମାନେ ଅଫିମର ଆବିଷ୍କର୍ତ୍ତା । ଗ୍ରୀକ ଓପିଓନ୍ ଶବ୍ଦ ଗ୍ରୀକ୍ ଓପୋସ୍ = ସଂ. ଆପସ୍ = ରସରୁ ଉତ୍ପନ୍ନ । ଏହି ଗଛର ବୀଜ ( ପୋସ୍ତଦାନା ସଂ. ଖସତିଲ ) କୁ ହିନ୍ଦୁମାନେ ଔଷଧରେ ଲଗାଉଥିଲେ । ଏହି ଗୁଳ୍ମ ଉଚ୍ଚରେ ୧ ଠାରୁ ୧୨ ହାତ ପର୍ଯ୍ୟନ୍ତ ବଢ଼େ, ଫୁଲ ୪ ପାଖୁଡ଼ିଆ । କେଉଁ ଫୁଲ ନାଲି, କେହି ଧଳା, ବାହାରରେ ଧଳା ଫୁଲବିଶିଷ୍ଟ ଗୁଳ୍ମର ଚାଷ ହୋଇ ସେଥିରୁ ଅଫିମ ଆମଦାନୀ କରାଯାଏ । ଏହି ଗୁଳ୍ମର ଫଳର କୋଷ ବା ବକଡ଼ାକୁ ଛୁରିରେ ଖୁମ୍ପି ଖୁମ୍ପି ଦେଲେ କ୍ଷତ ସ୍ଥାନରୁ ଯେଉଁ ଧଳା ରସ ବାହାରେ ସେ ରସ ଶୁଖି ଗଲେ ତାକୁ ଚାଞ୍ଛି କରି ଏକଜ କରାଯାଏ । ଏହି ଶୁଖିଲା ରସ ଗାଢ଼ ନାଲିଆ, କିନ୍ତୁ କିଛି ଦିନ ରହି ଗଲେ କଳା ପାଲଟିଯାଏ । ଏହି ଶୁଖିଲା ରସ ଅଫିମ ଅଟେ । ଏହାକୁ କେହି ଖାଲି ଗିଳି କରି ଖାଆନ୍ତି, କେହି ପାଣିରେ ବତୁରାଇ କରି ସେ ପାଣି ଖାଆନ୍ତି, କେହି କେହି ଅଫିମକୁ ପୋଡ଼ା ପିଢ଼ୁଡ଼ପତ୍ର ସଙ୍ଗେ ମିଶ୍ର ଗୁଳା ତିଆରି କରି ଗୁଳି ବା ମଦତ୍ ରୂପେ ହୁକା ସାହାଯ୍ୟରେ ଏଥିର ଧୂଆଁ ଖାଆନ୍ତି । କେହି ଏଥିର ଅର୍କ ଖାଆନ୍ତି; କେହି ଏଥିରୁ ପ୍ରସ୍ତୁତ ରାସାୟନିକ ଚୂର୍ଣ୍ଣ (ମର୍ଫିଆ) ଖାଆନ୍ତି । ଏହା ଅଳ୍ପ ମାତ୍ରାରେ ଅବସାଦ ଓ ନିଦ୍ରା କାରକ; ବେଶିମାତ୍ରାରେ ପ୍ରାଣହାରକ ବିଷ । ଭାରତର ବିହାର ଓ ବମ୍ବେ ପ୍ରଦେଶରେ ଓ ମାଲୱାରେ ସରକାରଙ୍କ ତତ୍ତ୍ୱାବଧାନରେ ଏ ଗୁଳ୍ମର ଚାଷ ହୁଏ ଓ ଅଫିମ ଉତ୍ପାଦିତ ହୁଏ । ଏହି ଅଫିମ ପାରସ୍ୟ, ଚୀନ, ତିବ୍ବତ ଆଦି ଦେଶକୁ ପଠାଯାଏ । ଅଫିମ ଗୁଳ୍ମରୁ ଭାରତ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ. | ଖ୍ୟ | ଯ | ସ | ଗିଁ | ଇଅ | ୱ | ନ୍ତ |

ସରକାର ବିଦେଶରୁ ବହୁ ଲକ୍ଷ ଟଙ୍କା ଆୟ କରନ୍ତି । ଅଫିମ ଔଷଧରୂପେ ମଧ୍ୟ ବ୍ୟବହୃତ ହୁଏ । ଏହା ଖାଇଲେ କୋଷ୍ଠବଦ୍ଧ ହୁଏ । ଅଫିମର ଲେପଦ୍ୱାରା ଦେହର ପୀଡ଼ା ନାଶ ହୁଏ । ସଂଗ୍ରହଣୀ, ଅତିସାରାଦି ରୋଗରେ ଏହା ଧାରକ ଔଷଧରୂପେ ବ୍ୟବହୃତ ହୁଏ । ଏହା ମଧ୍ୟ ମୃଦୁ ଓ ବୀର୍ଯ୍ୟ ସ୍ତମ୍ଭକ । ଅଫିମ ଅଭ୍ୟାସ କରି ଖାଇବା ଲୋକ ଉକ୍ତ ଅଭ୍ୟାସକୁ ସହଜରେ ଛାଡି ପାରେ ନାହିଁ । ଶିଶୁ ଓ ଯୁବକମାନଙ୍କ ପକ୍ଷରେ ଅଫିମ ଅନିଷ୍ଟକର କିନ୍ତୁ ବାର୍ଦ୍ଧକ୍ୟରେ ଏହା ଉପକାରୀ ବୋଲି ବୈଦ୍ୟମାନେ ମତ ଦିଅନ୍ତି । ଚିନ୍ତାଶୀଳ ବ୍ୟକ୍ତିମାନେ ଅଫିମ ଅଭ୍ୟାସ କରିବାଦ୍ୱାରା ଚିନ୍ତା ଓ କଳ୍ପନା ଶକ୍ତିର ବିଶେଷ ସ୍ଫୁରଣ ହୁଏ ବୋଲି କହନ୍ତି । ଅଫିମଖୋର୍ ବ୍ୟକ୍ତି ଅଫିମର ମାତ୍ରାକୁ କ୍ରମଶଃ ବଢ଼ାଇବାର ଦେଖାଯାଏ । ଅଫିମ ଖାଇବାର ନିର୍ଦ୍ଦିଷ୍ଟ ସମୟ ଗଡ଼ି ଗଲେ କିମ୍ବା ଅଭ୍ୟସ୍ତ ମାତ୍ରାରୁ କିଛି କମି ହେଲେ ଅଫିମୀ ବ୍ୟକ୍ତିର ନାକରୁ କାନରୁ ପାଣି ବୁହେ, ଗୋଡ଼ ହାତ ଘୋଳେଇ ହୁଏ ଓ ଘନ ଘନ ହାଇ ଉଠେ । ଅଫିମ ଖାଇବା ଲୋକର ସୁନିଦ୍ରା ହୁଏ ନାହିଁ; ଏଥି ଯୋଗୁଁ ଅଧିକାଂଶ ସମୟରେ ସେ ଢୁଲାଇବାର ଦେଖାଯାଏ । ଅଫିମର ନିଶା ୧୨ ଘଣ୍ଟା ପର୍ଯ୍ୟନ୍ତ ଦେହରେ ରହେ । ଇଂରାଜ ସରକାର ଏହାକୁ ଗୋଟିଏ ଅବକାରୀ ଦ୍ରବ୍ୟରୂପେ ଗଣନା କରି ଏହାର ଖରିଦ ବିକ୍ରିରେ ଖୁବ କଟକଣା କରିଅଛନ୍ତି । ବାର୍ଦ୍ଧକ୍ୟରେ ଲୋକେ ଅଫିମ ସେବନ କରି ବେଶି ସହନଶୀଳ, କାର୍ଯ୍ୟକ୍ଷମ ଓ ଶକ୍ତିଶାଳୀ ହେବାର ଦେଖାଯାଇଅଛି । ଅନ୍ତର୍ଜାତୀୟ ସଂଘ ପୃଥିବୀରୁ ଓ ମହାତ୍ମା ଗାନ୍ଧୀ ଭାରତରୁ ଅଫିମ ସେବନର ପରିମାଣ କମାଇବାକୁ ବିଶେଷ ଯତ୍ନ କରୁଅଛନ୍ତି । ଏହି ଗଛର ଫଳ ମଧ୍ୟରେ ଥିବା ମଞ୍ଜିମାନ ଶ୍ୱେତ ଶ୍ୱେତ । ଏମାନ ପୋସ୍ତଦାନାରୂପେ ତିଅଣରେ ମସଲାରୂପେ ଦିଆଯାଏ ଓ ଔଷଧରୂପେ ବ୍ୟବହୃତ ହୁଏ । ]

**ଅଫିମଖୋର୍**—ଦେ. ବିଣ. ( ସଂ. ଅଫେନ + ଅ. ଖୋର୍ = ଖାଦକ)—
Aphimakhor    ୧ । ପ୍ରତିଦିନ ଅଫିମ ଖାଇବାରେ ଅଭ୍ୟସ୍ତ—
আফিংখোর    1. Addicted to the habit of
**अफिमची; अफिमी**    taking opium.
୨ । ଯେ ଅତିରିକ୍ତ ମାତ୍ରାରେ ଅଫିମ ଅଭ୍ୟାସ କରିଛି—
2. Addicted to the habit of taking large doses of opium

**ଅଫିମଖୋରୀ**—ଦେ. ବି. ( ଅଫିମ ଖୋର୍ + ଫା. ପ୍ରତ୍ୟୟ ଈ. )—
Aphimakhori    ଅଫିମ ଖାଇବାର ଅଭ୍ୟାସ—
আফিংখোরী    The habit of taking opium;
**अफिमखोरी**    opium habit.

**ଅଫିମା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଫିମଖୋର୍ ( ଦେଖ )
Aphimā    Aphimakhor ( See )

**ଅଫିମୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଫିମଖୋର୍ ( ଦେଖ )
Aphimi    Aphimakhor ( See )

**ଅଫିସ୍**—ବୈଦେ. ବି. (ଇଂ. ଅଫିସ୍)—କାର୍ଯ୍ୟାଳୟ; ମହକୁମା—
Aphis    Office.
আপিস; আফিস
**आफिस**

**ଅଫିସର୍**—ବୈଦେ. ବି. (ଇଂ. ଅଫିସର୍)—କାର୍ଯ୍ୟାଳୟର ଭାରପ୍ରାପ୍ତ କର୍ମଚାରୀ—Officer.
Aphisar
অফিসার    ୨ । ବଡ଼ ହାକିମ—2. High official.
**अफसर**

**ଅଫିସିଅଲ୍**—ବୈଦେ. ବିଣ. (ଇଂ. ଅଫିସିଅଲ)—୧ । ସରକାରୀ କାମ ସମ୍ବନ୍ଧୀୟ; ସରକାରୀ—Official.
Aphisial
অফিসিআল    ୨ । କୌଣସି କାର୍ଯ୍ୟାଳୟ ସମ୍ବନ୍ଧୀୟ—
**अफिसियाल**    2. Relating to any office.

**ଅଫିସିଏଲ୍**—ବୈଦେ. ବିଣ.—ଅଫିସିଅଲ୍ (ଦେଖ)
Aphisiel    Aphisial (See)

ବିବାହ ବ୍ୟୟ ସଂକ୍ଷେପିଣୀ ସଭାକୁ ଇଂରାଜୀ ଅଫିସିଏଲ୍ ଡାକି ଯାଇଛି ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ଅଫୁଟନ୍ତା**—ଦେ. ବିଣ. (ସଂ. ଅପ୍ରସ୍ଫୁଟିତ)—କଢ଼ ଧରି ଥିବା ଅଥଚ ଫୁଲ ହୋଇ ନ ଥିବା; ଅଫୁଟା; ଅପ୍ରସ୍ଫୁଟିତ (ଫୁଲ); ଅବିକଶିତ—Not in bloom ( flower ); in bud.
Aphuṭantā
আফুটন্ত
**बेखिला**

**ଅଫୁଟା**—ଦେ. ବିଣ—୧ । (ସଂ. ଅପ୍ରସ୍ଫୁଟିତ)—ଅପ୍ରସ୍ଫୁଟିତ; ଫୁଟି ନ ଥିବା (ଫୁଲ)—1. Not in bloom (flower).
Aphuṭā
অফুটা    ୨ । (ସଂ. ଅସ୍ଫୁଟ) ଯାହା ପ୍ରକାଶିତ ବା ବ୍ୟକ୍ତ ହୋଇ ନାହିଁ—
2. That which has not come out or appeared.
(ଯଥା—ଅଫୁଟା କଦଳୀ ମଞ୍ଜ)
୩ । (ସଂ. ଅସ୍ଫୁଟ)—ନିଆଁ ଉପରେ ବସି ଟକ୍ ଟକ୍ ହୋଇ ଫୁଟି ନ ଥିବା ( ପାଣି ବା ଭାତ )—( water or rice) Which has not yet boiled; not boiling.
୪ । ବଘାର ବା ଫୁଟଣ ହୋଇ ନ ଥିବା (ତିଅଣ)—4.(curry) Which has not been seasoned with boiling oi and spices.
୫ । ଫୁଟିଯାଇ ନ ଥିବା ବା ଛିଦ୍ର ହୋଇ ନ ଥିବା (ପାତ୍ରାଦି)—5. (pot) Which has got no hole.

**ଅଫୁଟିଲା**—ଦେ. ବିଣ—ଅଫୁଟନ୍ତା (ଦେଖ)
Aphuṭilā    Aphuṭantā (See)

**ଅଫୁଟୀ**—ଦେ. ବିଣ. ସ୍ତ୍ରୀ (ସଂ. ଅପ୍ରସ୍ଫୁଟିତ)—୧ । ଅଦୃଷ୍ଟରଜା; ଅରଜସ୍କା (ବାଳିକା)—1. Unmenstruated.
Aphuṭi
୨ । ଅପୁଷ୍ପୀ; ଅପୁଷ୍ପବତୀ (ନାରୀ)—a woman) Who never had her menses.

ସାଧାରଣ ଲୋକେ ଅପର ପୃଷ୍ଠାରେ ଚିହ୍ନିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚହ୍ନିତ ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଫୁଲା**—ଦେ. ବଣ—୧ । (ସଂ. ଅସ୍ଫୀତ)—ଫୁଲି ନ ଥିବା; ଅସ୍ଫୀତ—
Aphulā Not swollen.
আফোলা ୨ । (ସଂ. ଅଫୁଲ୍ଲ)—ଅପୁଷ୍ପିତ—
আফুলা 2. Not yet flowering.
(ଯଥା—ଅଫୁଲା ଗମ୍ବସ ଗଛ)
୩ । (ସଂ. ଅଫୁଲ୍ଲ)— ଅବିକସିତ; ଅଫୁଟନ୍ତା (ଦେଖ)
Aphuṭantā (See)

**ଅଫୁଲ୍ଲ**—ସଂ. ବଣ. (ଅ + ଫୁଲ୍ଲ)—ଅପ୍ରସ୍ଫୁଟିତ; ଅବିକଶିତ—
Aphulla Not in bloom.

**ଅଫେଣା**—ଦେ. ବଣ—(ସଂ. ଅ + ଫେନିଳ)—
Aphenā ୧ । ଫେଣା ହୋଇ ନ ଥିବା ବା ହାତରେ ମଥିତ
আফেন্নান ହୋଇ ନ ଥିବା (ବଟାବରି)—
1. (pasted pulse) Which has not been well agitated by the palm.

**ଅଫେଣିଆଁ**—ଦେ. ବଣ—ଅଫେଣା (ଦେଖ)
Apheṇiāṅ Aphenā (See)

**ଅଫେନ**—ସଂ. ବଣ. (ବହୁବ୍ରୀହି) ଫେନଶୂନ୍ୟ—Foamless.
Aphena ସଂ. ବ. (ଅ = କୁତ୍ସିତ + ଫେନ = ନିର୍ଯ୍ୟାସ)—
ଅହିଫେନ; ଅଫିମ—Opium.

**ଅବ୍‌ଉଆବ୍**—ବୈଦେ. ବ. [ ( ଫା. ଅବ୍‌ୱାବ୍ ) ଏହା ଫା. ବାବ୍ (= ଶୁଳ୍କ) ଶବ୍ଦର ବହୁବଚନ । ଏ ଶବ୍ଦ ଇଂରାଜୀରେ
Abuāb
আবওয়াব্ ଗୃହୀତ ହୋଇଅଛି ]—ସରକାରଙ୍କର ନିର୍ଦ୍ଧାରିତ ରାଜସ୍ୱ
आबवाब ବ୍ୟତୀତ ଜମିଦାର ପ୍ରଜାଠାରୁ ଅନ୍ୟ ଯେଉଁସବୁ କର ଆଦାୟ କରନ୍ତି; ଅତିରିକ୍ତ କର—
Illegal exactions by the Zamindar in addition to the fixed rent; Abwab.

**ଅବ୍‌ଖୁରା**—ବୈଦେ. ବ. ( ଫା. ଅବ୍‌ଖୋରା; ଆବ୍ = ଜଳ + ଖୋରା = ପାତ୍ର) ଛୋଟ ପାତ୍ର; ସାମସେଇ—
Abkhurā
আবখোরা A small water-pot.
आबखोरा

**ଅବ୍‌ଜର୍‌ଭେଟରୀ**—ବୈଦେ. ବ. ( ଇଂ. ଅବ୍‌ସର୍‌ଭେଟରୀ )—
Abjarbheṭarī ମାନମନ୍ଦିର; ଯେଉଁ କାର୍ଯ୍ୟାଳୟ ବା ଗୃହରେ
আবজরভোটরী ଗ୍ରହ ଓ ତାରା ଆଦିଙ୍କ ସମ୍ବନ୍ଧୀୟ ଖଗୋଳ
अबजरबैटरी ଘଟଣାମାନ ନିରୀକ୍ଷଣ କରାଯାଏ—
Observatory.

**ଅବ୍‌ତକ୍**— —ବୈଦେ. ଅ. ( ହି. ଅବ୍ + ଫା. ତକ୍ )—
Abtak ୧ । ଆଜି ପର୍ଯ୍ୟନ୍ତ—1. Till today.
অবতক ୨ । ଏତାବତ୍; ବର୍ତ୍ତମାନ ପର୍ଯ୍ୟନ୍ତ—2. Till now.
अबतक

**ଅବ୍‌ଦାର୍**—ବୈଦେ. ବ—ଆବ୍‌ଦାର୍ ( ଦେଖ )
Abdār Ābdār (See)

**ଅବ୍‌ଭି**—ବୈଦେ. ଅ —୧ । ବର୍ତ୍ତମାନ—1. At present.
Abbhi ୨ । ଏହିକ୍ଷଣି—2. Just now.
এখুনি
अबभि

**ଅବ୍‌ଭିକା**—ବୈଦେ. ଅ. ( ଅ. ଅବ୍‌ଭ )—ଏହିକ୍ଷଣି; ଏହି ଲାଗେ—
Abbhikā Just now.
এখুনি
अबभिका

**ଅବ୍‌ଭ୍ର**—ସଂ. ବ. ( ଅପ୍ = ଜଳ + ଭୃ ଧାତୁ = ଧାରଣ କରିବା + କର୍ତ୍ତୃ.
Abbhra ଅ; ଯାହା ଜଳକୁ ଧାରଣ କରେ )—ମେଘ—
Cloud.

**ଅବ୍‌ରକ୍**—ଦେ. ବ. ( ସଂ. ଅଭ୍ରକ )—ଅଭ୍ର; ମେଘନାଲ—
Abrak Mica; talc.
অভ্রক
अबरक

**ଅବ୍‌ରଖ୍**—ଦେ. ବ—ଅବ୍‌ରକ୍ ( ଦେଖ )
Abrakh Abrak ( See )

**ଅବ୍‌ଲଖ୍**—ବୈଦେ. ବ. ( ଅ ) – ୧ । ଅଭ୍ର; ମେଘନାଲ—1. Mica.
Ablakh ୨ । ଦେ. ବ. ( ସଂ. ଅଭ୍ର ) ମେଘର ରଙ୍ଗ—
অবলখ 2. Azure.
अबलख

**ଅବ୍‌ଲଖା**—ଦେ. ବଣ. ( ସଂ. ଅବଲକ୍ଷ )—୧ । ଦୋରଙ୍ଗା; ସଫେଦ ଓ
Ablakhā କଳା କିମ୍ବା ସଫେଦ ଓ ନାଲରଙ୍ଗ ମିଶା (ଘୋଡ଼ା)—
অবলখ 1. ( horse ) Of mixed colour ( white
अबलख and black or white and red ).
୨ । ବୈଦେ. ବଣ ( ଫା. ଅବ୍‌ଲୁକ୍ )—
আবলুক ଧଳା ଦେହରେ ଛୋପି ଛୋପି ନାଲିବର୍ଣ୍ଣବିଶିଷ୍ଟ(ଘୋଡ଼ା)—
आबलुक ( a horse ) White with red spots.
୩ । ବୈଦେ. ବଣ. ( ଅ ) ମେଘବର୍ଣ୍ଣବିଶିଷ୍ଟ—
অবলখ 3. Azure.
अबरस
୪ । ଦେ. ବଣ ( ସ. ଅବଲକ୍ଷ ) ମୁହଁ ନାଲି ଓ ଦେହ ଧଳା ହୋଇଥିବା (ପାରା)—
4. White bodied and red headed pigeon.

**ଅବ୍‌ଲା**—ପ୍ରାଦେ. ( ସମ୍ବଲପୁର ) ବଣ—୧ । ବଗୁଲିଆ; ଦୁଷ୍ଟ—
Ablā 1. Wicked; naughty.

**ଅବ୍‌ଲାବଟୁ**—ପ୍ରାଦେ. ( ସମ୍ବଲପୁର ) ବ—୧ । ଦୁଷ୍ଟ ପିଲା—
Ablābaṭu 1. Naughty boy
୨ । ଦୁଷ୍ଟ ବ୍ୟକ୍ତି—2. Wicked person.

**ଅବ୍‌ଲୁସ୍**—ବୈଦେ. ବ ( ଅ. ଅବ୍‌ନୂସ୍; ଭୂଲ. ଗ୍ରୀକ୍ ଏବନ୍ସ )—
Ablus ୧ । ମାକଡ଼ା କେନ୍ଦୁଗଛ; କଜ୍ଜଳ କଳାବର୍ଣ୍ଣର କଠିନ ଓ
আবলুশ ଭାରି କାଠବିଶେଷ—
आबनूस 1. Ebony wood and treeDiosp); yrus Eburnum ( Haines ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଣ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ଙ | ନ୍ତୁ |

ଅଫ୍‌ସୁସ୍—ବୈଦେ. ବି. (ଫା. ଅଫ୍‌ସୋସ୍)—୧ । ଶୋକ—
Absus 1. Grief.
আফসোস ୨ । ପରିତାପ; ମନସ୍ତାପ—2. Regret.
अफसोस ୩ । ଅନୁତାପ; ପଶ୍ଚାତ୍ତାପ—3. Repentance.
ବୈଦେ. ବିଣ—୧ । ମନସ୍ତାପଜନକ; ଦୁଃଖଜନକ—
1. Sorrowful; regrettable.
୨ । ଦୁଃଖିତ—2. Sorrowing.
୩ । ଅନୁତପ୍ତ—3. Repentant.

ଅଫ୍‌ସୋସ୍—ବୈଦେ. ବି. ଓ ବିଣ—ଅଫ୍‌ସୁସ୍ (ଦେଖ)
Absos Absus (See)

ଅବ୍‌ହାଉଆ—ବୈଦେ. ବି. (ଆଧୁନିକ ବ୍ୟବହାର) (ଫା. ଆବ=ଜଳ+
Abhāuā ହଓ୍ୱା=ବାୟୁ)—
আবহাওয়া ଜଳବାୟୁ; କୌଣସି ସ୍ଥାନର ଜଳ ଓ ବାୟୁ ଜନିତ
आबहवा ଶୀତ ଓ ତାପାଦିର ଅବସ୍ଥା—Climate.

ଅବ୍ (ଧାତୁ)—ସ—୧ । ରକ୍ଷା କରିବା—
Ab (root) 1. To save; to protect.
୨ । ପ୍ରୀତ ବା ତୃପ୍ତ କରିବା—2. To please.
୩ । ପ୍ରାର୍ଥନା କରିବା—3. To pray.
୪ । ପାଇବା—4. To get.
୫ । ଧରିବା; ଧାରଣ କରିବା—
5. To bear; to hold.
୬ । ସ୍ନେହ ଦେଖାଇବା—6. To show affection.
୭ । ଗତି କରିବା—7. To move.
୮ । ଗ୍ରହଣ କରିବା—8. To accept.
୯ । ହେବା—9. To be; to exist.
୧୦ । କରିବା—10. To do.
୧୧ । ଆଲିଙ୍ଗନ କରିବା—11. To embrace.
୧୨ । ବହନ କରିବା—12. To carry.
୧୩ । ଶୁଣିବା—13. To hear.
୧୪ । ହିଂସା କରିବା—14. To kill; to hurt.
(ଅନ୍ୟ ଅର୍ଥମାନଙ୍କ ପାଇଁ ସଂ. ଅବନ ଶବ୍ଦ ଦେଖ ।)

ଅବ—ସଂ. ଅ—ଉପସର୍ଗବିଶେଷ—A prefix; conveying the
Aba following senses.
[ଦ୍ର—ଏହି ଉପସର୍ଗ ନିମ୍ନଲିଖିତ ଅର୍ଥମାନଙ୍କରେ ଭିନ୍ନ ଭିନ୍ନ ଧାତୁ ପୂର୍ବରେ ଲାଗି ନିଷ୍ପନ୍ନ ହୁଏ ।]
୧ । ନିଶ୍ଚୟ—1. Certainty.
(ଯଥା—ଅବଧାରଣ ।)
୨ । ଘୃଣା; ଅବଜ୍ଞା; ହୀନତା; ତୁଚ୍ଛତା—
2. Slight; insult.
(ଯଥା—ଅବଗଣିତ; ଅବଜ୍ଞା ।)
୩ । ନିମ୍ନକୁ—3. Downwards.
(ଯଥା—ଅବରୋହଣ; ଅବରୋହ; ଅବତୀର୍ଣ୍ଣ ।)
୪ । ଭିତରେ—4. Within.
(ଯଥା—ଅବଗାହନ ।)
୫ । ନିନ୍ଦା—5. Blame.
(ଯଥା—ଅବଗୀତ ।)
୬ । ବିରୋଧରେ—6. Against.
(ଯଥା—ଅବଘୋରଣ ।)
୭ । ପଶ୍ଚାତ୍ ବା ପଛରୁ—7. Behind; backwards.
(ଯଥା—ଅବଗ୍ରହଣ ।)
୮ । ଅବସର—8. Leisure.
(ଯଥା—ଅବକାଶ ।)
୯ । ଅତ୍ୟନ୍ତ—9. Too much.
(ଯଥା—ଅବହେଳା; ଅବକ୍ରୋଶ; ଅବଜ୍ଞୁରିତ ।)
୧୦ । ବ୍ୟାପ୍ତି; ଏକତ୍ର—10. Diffusion; together.
(ଯଥା—ଅବତସ୍ଥ ।)
୧୧ । ସମ୍ପୂର୍ଣ୍ଣ ରୂପେ—11. Completely.
(ଯଥା—ଅବଚୂର୍ଣ୍ଣିତ; ଅବଧ୍ୱସ୍ତ; ଅବରୋଧ; ଅବଚ୍ଛେଦ ।)
୧୨ । ଅଳ୍ପ; ସାମାନ୍ୟରେ—12. Slightly.
ଯଥା—ଅବଗୁଣ୍ଠନ; ଅବତମସ ।)
୧୩ । କୁତ୍ସିତ; ମନ୍ଦ—13. Bad.
(ଯଥା—ଅବକ୍ରିୟା ।)
୧୪ । ହଠାତ୍—14. Suddenly.
(ଯଥା—ଅବପାତ ।)
୧୫ । ସ୍ଥାନାନ୍ତରକୁ; ଦୂରକୁ—15. Away.
(ଯଥା—ଅବକର୍ଷଣ; ଅବକର)
୧୬ । ଚାରିଆଡ଼େ; ଇତସ୍ତତଃ—16. On all sides; about.
(ଯଥା—ଅବଘଟ୍ଟ; ଅବକୀର୍ଣ୍ଣ ।)
୧୭ । ଅଭାବ—17. Want; absence.
(ଯଥା—ଅବଗୁଣ; ଅବକାଶ ।)
୧୮ । ବିପରୀତ—18. Opposite.
(ଯଥା—ଅବମାନନା; ଅବଜୟ; ଅବରୋପିତ ।)
୧୯ । ଶୁଦ୍ଧି ବା ପୂଜା—19. Consecration; adoration.
(ଯଥା—ଅବଦାନ ।)
୨୦ । ନିକୃଷ୍ଟ—20. Inferior.
(ଯଥା—ଅବମତ ।)
୨୧ । ଉଚ୍ଚ ଦେଶରୁ—21. From high.
(ଯଥା—ଅବତୟ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧି' ନ ପାଇଲେ 'ବଢ଼ି' ଦେଖିବେ; 'ଅଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅବଇଦ**—ଗ୍ରା. ବି. ( ସଂ. ଅବୈଦ୍ୟ )—କୁବୈଦ୍ୟ—
Abaida A quack.
কুবৈদ্য; হাতুড়েকবিরাজ
कठवैद्य

**ଅବଏ**—ଗ୍ରା. ପ୍ରାଚୀନ ପଦ୍ୟ. ବିଣ. ( ସଂ. ଅବ୍ୟୟ )—ଅବ୍ୟୟ ( ଦେଖ )
Abae Abyaya ( See )
ଅବଏ ବସ୍ତୁ ହେଲେ ରଜା, ସକଳ କର୍ମଜନ ପ୍ରଜା ।
ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

**ଅବଂଶ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ବଂଶ )—
Abamsa ନିର୍ବଂଶ; ଯାହା ବଂଶରେ ଆଉ କେହି ନାହିଁ—
(ଅବଂଶା—ସ୍ତ୍ରୀ) Having no family or progeny.
ସଂ. ବି. ( ନଞ୍ ତତ୍ ) —ଯାହା ବାଉଁଶ ନୁହେ—
A thing which is not bamboo.

**ଅବକବ**—ଗ୍ରା. ବି—୧ । ଅବ୍ୟକବ୍ୟ; ସାମର୍ଥ୍ୟ; ଶକ୍ତି—
Abakaba 1. Power,
୨ । ଅନ୍ୟଥାଚରଣ କରିବାର ଶକ୍ତି—
2. Power to do otherwise.
୩ । ହଲଚଲ; ଅନ୍ୟଥାଚରଣ—3 Doing otherwise; slight movement

**ଅବକର**—ସଂ. ବି. (ଅବ=ଦୂରକୁ + କୃ ଧାତୁ=ଫିଙ୍ଗି ଦେବା + କର୍ମ. ଅ;
Abakara ଯାହାକୁ ଓଲାଇ ପୋଛାଇ ଦୂରକୁ ଫିଙ୍ଗି ଦେବାକୁ ହୁଏ । )
୧ । ଆବର୍ଜନା; ଅଳିଆ; ଜଞ୍ଜାଳ—
1. Refuse; sweeping.
୨ । ସମ୍ମାର୍ଜନୀ ଦ୍ୱାରା ବିକ୍ଷିପ୍ତ ଧୂଳି—
2. Dust scattered by sweeping.
୩ । ଅତିବର୍ଷଣ—3. Excessive rain.
୪ । ବିକ୍ଷେପ; ଫିଙ୍ଗିବା—4. Throwing away.

**ଅବକର୍ଷଣ**—ସଂ. ବି. ( ଅବ=ସ୍ଥାନାନ୍ତରକୁ; କମ୍ନକୁ + କୃଷ ଧାତୁ=
Abakarshana ଟାଣିବା + ଭାବ. ଅନ )—
୧ । ବଳପୂର୍ବକ ଟାଣିନେବା—
1. Drawing with a pull.
୨ । ଛଡ଼ାଇ ନେବା—2. Snatching away.
୩ । ଅଧୋନୟନ; ତଳକୁ ଟାଣିବା—
3. Drawing down; pulling down.

**ଅବକଳ**— ଦେ. ବି. ( ସଂ. ଅବକଳନ )—
Abakala ୧ । ଭୁତ; ଅଟକଳ; ଆନୁମାନିକ ଗଣନା—
আটকল 1. Estimate,
आटकल ୨ । ଅନ୍ଦାଜ; ଅନୁମାନ— 2. Guess,
ଦେ. ବିଣ. ( ସଂ. ଅ + ବଲ୍କଳ )—ବଲ୍କଳହୀନ—
Barkless.

**ଅବକଳନ**—ସଂ. ବିଣ. ( ଅବ=ସମ୍ୟକ୍ + କଳ ଧାତୁ=ସଂଗ୍ରହ କରିବା
Abakalana ଇତ୍ୟାଦି + ଭାବ. ଅନ)—
(ଅବକଳିତ—ବିଣ) ୧ । ସଂକଳନ; ସଂଗ୍ରହକରଣ—
1. Compilation; collection.
୨ । ଜ୍ଞାନ—2. Knowledge.
୩ । ବନ୍ଧନ—3. Tying down.
୪ । ଆନୁମାନିକ ଗଣନା; ଭୁତ—4. Estimate.
୫ । ମାପ—5. Measure.
୬ । ଅନୁମାନ—6. Guess.
୭ । ନିର୍ଣ୍ଣୟ—7. Ascertainment.

**ଅବକଳନା**—ସଂ. ବି. ( ଅବ + କଳ ଧାତୁ + ଅନ + ଆ )—
Abakalanā ଅବକଳନ ( ଦେଖ )
Abakalana ( See )

**ଅବକଳିତ**—ସଂ. ବିଣ. ( ଅବ + କଳିତ ) — ୧ । ସଂକଳିତ—
Abakalita 1. Compiled.
୨ । ସଂଗୃହୀତ—2. Collected.
୩ । ଜ୍ଞାତ—3. Known.
୪ । ଅନୁମାନଦ୍ୱାରା ପୂର୍ବରୁ ନିର୍ଣ୍ଣୀତ; ଭୁତ କୋଇଥିବା—
4. Estimated; appraised.
୫ । ଇୟତ୍ତା କରାଯାଇ ଥିବା—5. Gauged.
୬ । ଦୃଷ୍ଟ—6. Seen.
୭ । ବଦ୍ଧ—7. Bound.

**ଅବକଳିବା**—ଦେ. ପଦ୍ୟ. କି. ( ସଂ. ଅବକଳନ )—
Abakalibā ୧ । ଭୁତ କରିବା; ଅଟକଳ କରିବା—
অবকলনাকরা 1. To estimate.
अटकलकरना ୨ । ଇୟତ୍ତା କରିବା—
2. To fathom; to gauge.
୩ । ଅନୁମାନ କରିବା—3. To guess.
୪ । ଗଣିବା—4. To count.

**ଅବକାରି**—ବୈଦେ. ବି. ( ଫା. ଅବକାର୍=ଯେ ମଦ ରଖେ; ଅବକାରି
Abakāri =ମଦଭାଟି; ମଦ ଉପରେ ଶୁଳ୍କ; ମଦ ରଖିବା)—
আবকারী ମାଦକଦ୍ରବ୍ୟ ପ୍ରସ୍ତୁତ କରିବା, ଆମଦାନି କରିବା ଓ
आबकारी ବିକ୍ରି କରିବା ପାଇଁ ସରକାରଙ୍କ ଧାର୍ଯ୍ୟ ଶୁଳ୍କ—
Excise-duty.
ବୈଦେ. ବିଣ—ମାଦକଦ୍ରବ୍ୟ ତିଆରି, ବ୍ୟବସାୟ ଓ ବିକ୍ରି ଆଦିର
କଟକଣା କରାଯିବା ( ନିୟମାଦି )—
Regulating the manufacture and trade in intoxicating drugs.
[ ଦ୍ର—ତାଡ଼ି, ମଦ, ଗଞ୍ଜେଇ, ପଚି, ଅଫିମ, ସସପ, କରଣ୍ଡି, କୋକେନ, ମର୍ଫିଆ ଆଦିକୁ ସରକାର ଅବକାରୀ ଜିନିଷ ରୂପେ ଗଣନା କରିଅଛନ୍ତି ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଙ | ଞ୍ଜ | ଇୟ | ଉଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ଙ୍କ | ହ୍ମ |

ଏହି ବୈଦେଶିକ ଅବକାର ଶବ୍ଦ ସଙ୍ଗେ ନିମ୍ନଲିଖିତ କେତେ ଗୁଡ଼ିଏ ଇଂରାଜି ଓ ଫାରସୀ ଶବ୍ଦ ଲାଗି ଭାଷାରେ ବ୍ୟବହୃତ ହେଉ ଅଛି—ଯଥା— ଦଫୋଗ୍ନି, ଦାରୋଗା, ସୁପରିଣ୍ଟେଣ୍ଡେଣ୍ଟ, ଇନ୍ସ୍-ପେକ୍ଟର, ପିଅନ୍, ମାଲ୍ । ]

**ଅବକାରି ଆଇନ**—ବୈଦେ. ବି (ଫା.ଅବକାରୀ+ଆଇନ୍)—ସରକାରଙ୍କ Abakāri āin ପ୍ରବର୍ତ୍ତିତ ମାଦକଦ୍ରବ୍ୟର ଉତ୍ପାଦ, ବିକ୍ରି ଓ आबकारी आईन କାରବାର ସମ୍ବନ୍ଧୀୟ କଟକଣା ବା ନିୟମାବଳୀ— **आबकारी आईन** The Excise Act; law regulating to excisable articles.

**ଅବକାରିଜିନିଷ**—ଦେ. ବି—ମାଦକ ଦ୍ରବ୍ୟ; ସରକାର ଯେଉଁ ମାଦକ Abakārijinisha ଦ୍ରବ୍ୟ ଉପରେ ମାସୁଲ ନିଅନ୍ତି— आबकारी माल Excisable article. **आबकारी माल**

(ଯଥା—ଭାଙ୍ଗ, ମଦ, ସରାପ, କସିଣ୍ଡି, ଅରଖ, ଗଞ୍ଜେଇ, ପଚ୍ଚ, ଚରସ୍, ଅଫିମ, ମଦକ୍, କୋକେନ୍, ମର୍ଫିଅ, ଚଣ୍ଡୁ । )

**ଅବକାରିବିଭାଗ**—ଦେ. ବି ( ଅ. ଅବକାରୀ+ସଂ. ବିଭାଗ )—ମାଦକ Abakāribibhāga ଦ୍ରବ୍ୟ କଟକଣା କରିବା ପାଇଁ ନିଯୁକ୍ତ आबकारी विभाग ସରକାରୀ ବିଭାଗ—The excise depart- **आबकारी मूहकमा** ment of the Government.

**ଅବକାରି ମହକୁମା**—ବୈଦେ. ବି (ଅ. ଅବକାରୀ+ଅ. ମୁହକମା)— Abakāri mahakumā ଅବକାରି ବିଭାଗ (ଦେଖ) आबकारी महकुमा Abakāri bibhāga (See) **आबकारी मूहकमा**

**ଅବକାରି ମାହାଲ୍**—ବୈଦେ. ବି (ଅ. ଅବକାରୀ+ଅ. ମାହାଲ୍)— Abakāri māhāl ଅବକାରିବିଭାଗ (ଦେଖ) आबकारी माहाल Abakāribibhāga (See) **आबकारी माहाल**

**ଅବକାଶ**—ସଂ. ବି (ଅବ+କାଶ ଧାତୁ=ଦେଖାଯିବା+କର୍ତ୍ତୃ. ଅ; ଜିମ୍ମା Abakāsa ଅବ=ନାହିଁ+କାଶ=ପ୍ରକାଶ; ଯେତେବେଳେ ମନୁଷ୍ୟର ସାଧାରଣଙ୍କଠାରେ ପ୍ରକାଶ ବା ଉପସ୍ଥିତି ନ ଥାଏ; ଅର୍ଥାତ୍ ଯେତେବେଳେ ମନୁଷ୍ୟ ସାଧାରଣଙ୍କ ଦୃଷ୍ଟିର ଅନ୍ତରାଳରେ ରହେ; ତୁଳ—ଏହାର ଇଂରାଜି ପ୍ରତିଶବ୍ଦ recess ରିସେସ୍=ଗୋପନସ୍ଥାନ;ଗୁପ୍ତସ୍ଥାନ)—

୧ । ଅବସର; ଫୁରସତ୍—1. Leisure.

୨ । କାର୍ଯ୍ୟରୁ ବିଶ୍ରାମ—2. Rest from work; recreation.

୩ । ଛୁଟି—3. Leave.

୪ । ଫାଙ୍କ;ମଧ୍ୟବର୍ତ୍ତୀ ସ୍ଥାନ—4. Intermediate space.

୫ । ଦୁଇ ଘଟଣାର ମଧ୍ୟବର୍ତ୍ତୀ କାଳ; ଅନ୍ତର—

5. Interval between two events; intermediate time; the mean time.

ଏ ଅବକାଶେ ଏବେ ଶୁଣ, ଚଳୟ ବ୍ୟାସଙ୍କ ନନ୍ଦନ । ଭୂପତି- ହେମପଞ୍ଚାମୃତ ।

୬ । ଦୁର୍ଗାପୂଜା, ଗ୍ରୀଷ୍ମକାଳ, ଖ୍ରୀଷ୍ଟମସ, ଇଦ, ସମ୍ରାଟଙ୍କ ଜନ୍ମଦିନ ଆଦି ପର୍ବ ବା ବିଶେଷକରଣ ଉପଲକ୍ଷରେ ଅଫିସ୍, କଚେରି ଓ ବିଦ୍ୟାଳୟ ଆଦିର କାର୍ଯ୍ୟର ବିରାମ ବା ବନ୍ଦ ହେବା—6. Vacation; holidays; recess.

୭ । ସ୍ଥାନ—7. Space; place (M. W.)

୮ । ସୁଯୋଗ—8. Opportunity (M. W.)

୯ । ଉପଲକ୍ଷ୍ୟ—9. Occasion (M. W.)

୧୦ । (ଅବ+କାଶ ଧାତୁ=ଦେଖିବା+ଭାବ. ଅ)—କୌଣସି ବସ୍ତୁ ପ୍ରତି ନିବଦ୍ଧ ଦୃଷ୍ଟି—10 A glance cast on any thing. (M W.)

୧୧ । କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଦୃଷ୍ଟି ନିବଦ୍ଧ କରାଯାଇ ବୋଲାଯିବା ଗାନ ବା ସ୍ତବବିଶେଷ—Name of certain verses during the recitation of which the eyes must be fixed on particular objects (M. W)

(ଯଥା—ପ୍ରଭାତ ଅବକାଶ)

ଦେ. ବି—୧ । ରାଜାଙ୍କର ବିଶିଷ୍ଟ ବା ନିର୍ଦ୍ଦିଷ୍ଟ ସମୟରେ ବସିବା ସ୍ଥାନ ବା କକ୍ଷ—1. A place or hall where a king sits at certain intervals.

କହୁଁ କହୁଁ ଛଅ ଘଡ଼ି ହେଲ ଦିନକର, ବାହାର ଅବକାଶରେ ବସେ ନୃପବର ।

କୃଷ୍ଣସିଂହ- ମହାଭାରତ ।

୨ । ରାଜାଙ୍କର ନିର୍ଦ୍ଦିଷ୍ଟ ଦୈନିକ 'ନୀତି' କରାଯିବାର ନିର୍ଦ୍ଦିଷ୍ଟ କାଳ—2 Fixed time for the performance of the daily routine of a Rājā.

ଦ୍ୱିତୀୟ ମାଳଣୀ ଅବକାଶ କଣ୍ଠ ହୋଏ ସେଉଣ୍ଡି ପରସୁରେ ।

କବିସୂର୍ଯ୍ୟ- ଚନ୍ଦ୍ରକଳା ।

୩ । ପୁରୀ ଜଗନ୍ନାଥ ଓ ଅନ୍ୟାନ୍ୟ ଦେବତାଙ୍କ ଦିବସର ଯେଉଁ ନିର୍ଦ୍ଦିଷ୍ଟ ସମୟରେ ନୀତି ( ଯଥା—ବେଶଲାଗି, ସ୍ନାନ, ) ହେଉଥିବାରୁ ତାଙ୍କୁ ଯାତ୍ରୀମାନେ ଦର୍ଶନ କରି ପାରନ୍ତି ନାହିଁ—3. The times or periods when an idol is not accessible to the pilgrims owing to certain operation ( e.g, dressing; washing ) being performed; recess of a Deity.

୪ । ଦେବତାଙ୍କ 'ଅବକାଶ' ବା ଯାତ୍ରୀଙ୍କୁ ସାକ୍ଷାତ୍ ଦର୍ଶନ ନ ମିଳିବା ସମୟରେ ଯାତ୍ରୀମାନେ ଦେଉଳର, ଜଗମୋହନ ବା ମୁକ୍ତିମଣ୍ଡପରେ ଥାଇ ଯେଉଁ ଭଜନମାନ ଗାଆନ୍ତି— 4. Psalms sung by pilgrims during the recess of a Deity.

[ଦ୍ର—ପୁରୀର ଜଗନ୍ନାଥଙ୍କର ପ୍ରତିଦିନ ୩ 'ଧୂପ' ଓ ୫ 'ଅବକାଶ' ହୁଏ । ଯଥା—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲିବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୧ମ ଅବକାଶ—ଅତି ପ୍ରତ୍ୟୁଷରେ ମଙ୍ଗଳ ଆଳତି ହେବା ପରେ ପ୍ରଭାତ ଅବକାଶ; (ଏ ସମୟରେ ଦାନ୍ତଘଷା, ସ୍ନାନ ଓ ବେଶଲାଗି ନୀତିମାନ ହୋଇଥାଏ]

୧ମ ଧୂପ— ସକାଳ ଧୂପ; ସକାଳେ ଦେବତାଙ୍କୁ ନୈବେଦ୍ୟ ଅର୍ପଣବିଧି ।

୨ୟ ଅବକାଶ—ସକାଳ ଧୂପ ପରେ ବେଶ ଛଡ଼ାଇ ହୋଇ ନୂଆ ବେଶ ପରିବର୍ତ୍ତନ ବେଳେ ଦ୍ୱିତୀୟ ଅବକାଶ—ତହିଁରେ 'ଖୀର କେଶରୀ ବଲ୍ଲଭ' ବା 'ଭୋଗମଣ୍ଡପ ଭୋଗ' ନୈବେଦ୍ୟ ଅର୍ପଣ ।

୩ୟ ଅବକାଶ—ତହିଁରେ ବେଶ ଉଲ୍ଲାଗି ହୋଇ ନୂଆ ବେଶ ପରିବର୍ତ୍ତନବେଳେ ତୃତୀୟ ଅବକାଶ ।

ଦ୍ୱିତୀୟ ଧୂପ—ତହିଁରେ 'ମଧ୍ୟାହ୍ନ ଧୂପ' ନୈବେଦ୍ୟ ଅର୍ପଣ; ମଧ୍ୟାହ୍ନ ଧୂପ ପରେ ଦିନ-ପହୁଡ଼; ଦିନ-ପହୁଡ଼ ପରେ ସନ୍ଧ୍ୟା ଆଳତି ।

୪ର୍ଥ ଅବକାଶ—ସନ୍ଧ୍ୟା ଆଳତି ପରେ ବେଶ ପରିବର୍ତ୍ତନ ସମୟରେ ଚତୁର୍ଥ ଅବକାଶ ।

ତୃତୀୟ ଧୂପ— ତହିଁରେ 'ସଞ୍ଜଧୂପ' ନୈବେଦ୍ୟ ଅର୍ପଣ ।

୫ମ ଅବକାଶ—ସଞ୍ଜଧୂପ ପରେ ବେଶ ପରିବର୍ତ୍ତନ ବା ବଡ଼ସିଂହାର ବେଶ ହେବା ସମୟରେ ପଞ୍ଚମ ଅବକାଶ, ତହିଁରେ 'ବଡ଼-ସିଂହାର ଭୋଗ' ନୈବେଦ୍ୟ ଅର୍ପଣ । ତାପରେ ରାତି-ପହୁଡ଼; ଦିନରେ ଦ୍ୱିତୀୟ ଧୂପ ପରେ ଓ ରାତିରେ ବଡ଼ସିଂହାର ଭୋଗ ପରେ ଦେବଙ୍କର ପହୁଡ଼ ବା ନିଦ୍ରା ହୁଏ । ସେହି ସମୟରେ ଯାତ୍ରୀମାନେ ଦେବଙ୍କୁ ଦର୍ଶନ କରି ପାରନ୍ତି ନାହିଁ; କିନ୍ତୁ ଏ ଦୁଇ ସମୟକୁ 'ଅବକାଶ' ବୋଲି ନ ଯାଇ 'ପହୁଡ଼' ବୋଲାଯାଏ । କେହି କେହି ଉପରଲିଖିତ ତିନି ଧୂପ ( ସକାଳଧୂପ, ମଧ୍ୟାହ୍ନଧୂପ ଓ ସଞ୍ଜଧୂପ ) ସଙ୍ଗେ ୨ୟ ଅବକାଶର ପରବର୍ତ୍ତୀ 'ଖୀରକେଶରୀବଲ୍ଲଭ ବା ଭୋଗ-ମଣ୍ଡପ ଭୋଗକୁ ଗୋଟିଏ ଧୂପ ଏବଂ ୫ମ ଅବକାଶର ପରବର୍ତ୍ତୀ 'ବଡ଼ସିଂହାର ଭୋଗ'କୁ ଗୋଟିଏ ଧୂପ ରୂପେ ଗଣି ୫ ଧୂପ ଏବଂ ଦିନ ଓ ରାତିର ଦୁଇ ପହୁଡ଼କୁ ଅବକାଶରୂପେ ଗଣି '୫ ଧୂପ ଓ ୭ ଅବକାଶ' ବୋଲି କହନ୍ତି । ପ୍ରତ୍ୟେକ ଧୂପ ପରେ ଥରେ ଲେଖାଏଁ 'ସାହାଣ ମେଲା' ହୁଏ; ଅର୍ଥାତ୍ ସେ ସମୟରେ ସାଧାରଣ ଯାତ୍ରୀମାନେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଯାଇଁ ଅବାଧରେ ଦର୍ଶନ କରନ୍ତି—'ଅବକାଶ' ସମୟରେ କେବଳ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବକଙ୍କ ଛଡ଼ା ଅନ୍ୟ କେହି ଜଗନ୍ନାଥଙ୍କ ଶ୍ରୀମୁଖକୁ ଯାଇ ପାରନ୍ତି ନାହିଁ ଓ ଏ ସମୟରେ ଦେଉଳର ଭିତର ଦ୍ୱାର ବନ୍ଦ ରହେ ।]

**ଅବକାଶନ**— ଦେ. ବି. ( ସଂ. ଅବକାଶ )—
Abakāśana ଅବକାଶ ( ଦେଖ )
Abakāśa ( See )

ନାହିଁ ସୂର୍ଯ୍ୟ, ନାହିଁ ଚନ୍ଦ୍ର, ନାହିଁ ଯେ ପବନ
ନାହିଁ ଦିବା, ରାତ୍ର, ସନ୍ଧ୍ୟା ଯେ ଅବକାଶନ । ସାରଳାମହାଭାରତ ।

**ଅବକାଶ ମେକାପ**—ଦେ. ବି.—ଦେବତାଙ୍କ "ଅବକାଶ" କାଳୀନ
Abakāśa mekāpa ବେଶଲାଗି ସମୟରେ ବେଶକାରୀ ପୁଷ୍ପ-ପାଳକ ସେବକଙ୍କୁ ଦେବତାଙ୍କ ବେଶଭୂଷା ଯୋଗାଇବା ସେବକବିଶେଷ—A class of Sebakas or Temple-servants who supply the materials for the dressing of a Deity during the recess periods.

**ଅବକାଶସେବକ**—ସଂ. ବି ( ୭ମୀ ତତ୍; ଅବକାଶ + ସେବକ )—
Abakāśasebaka ଜଗନ୍ନାଥଙ୍କ ଅଙ୍ଗସେବକ ବା ପଶୁପାଳକ ସେବକ, ଯେଉଁ ସେବକମାନେ 'ଅବକାଶ' ସମୟରେ ଦେବତାଙ୍କୁ ବେଶ ଆଦି କରନ୍ତି—A class of Sebakas who dress up the Deity Jagannātha during recesses.

**ଅବକୀର୍ଣ୍ଣ**—ସଂ. ବିଣ. ( ଅବ + କୃ ଧାତୁ + କର୍ମ. ତ )—
Abakirṇṇa ୧ । ଇତସ୍ତତଃ ବିକ୍ଷିପ୍ତ—1. Strewn here and there; scattered.
୨ । ବିଧ୍ୱସ୍ତ—2. Ruined.
୩ । ଖଣ୍ଡ ଖଣ୍ଡ କରାଯାଇ ଥିବା—
3 Shattered to pieces.
୪ । ଚୂର୍ଣ୍ଣିତ—4. Reduced to powder; pounded.
୫ । ନ୍ୟସ୍ତ—5 Deposited.
ସଂ. ବି—୧ । ଉଲ୍ଲଂଘନ—1. Transgression.
୨ । ନିୟମର ଅପାଳନ—2. Violation.

**ଅବକୀର୍ଣ୍ଣୀ**—ସଂ. ବି. ପୁଂ. (ଅବକୀର୍ଣ୍ଣ = ଉଲ୍ଲଙ୍ଘନ + ଇନ୍. ୧ମା. ୧ବ)—
Abakirṇṇi ଯେଉଁ ବ୍ରହ୍ମଚାରୀ ବ୍ରହ୍ମଚର୍ଯ୍ୟକୁ ଉଲ୍ଲଙ୍ଘନ କରିଅଛି ବା ନଷ୍ଟ କରିଅଛି—A Brahmachāri who has violated his vow of abstinance and continence.

**ଅବକୃଷ୍ଟ**— ସଂ. ବିଣ. ( ଅବ + କୃଷ ଧାତୁ + କର୍ମ. ତ )—
Abakrushṭa ୧ । ଆକୃଷ୍ଟ—1. Attracted.
୨ । ନିଷ୍କାଶିତ—2. Driven out.
୩ । ଅପସାରିତ; ବିତାଡ଼ିତ—
3. Driven away; removed.
୪ । ଜଘନ୍ୟ; ଅଧମ—4. Wretched; ugly.
୫ । ଅପକୃଷ୍ଟ—5. Inferior.
୬ । ଦ୍ୱେଷ୍ୟ; ଘୃଣ୍ୟ—6. Despicable.
ସଂ. ବି. ପୁଂ—୧ । ମେହେନ୍ତର; ଯେ ଝାଡ଼ୁ କରେ ଓ ପାଇଖାନା ସଫା, ପାଣି ବୁହା ଆଦି ନୀଚ କର୍ମମାନ କରେ—
1. A sweeper; a servant who does menial work ( e.g., cleansing the laterine, carrying water etc ).

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ● | ନ୍ତ |

୨ । ଭିସ୍ତି—2. A water-carrier.
୩ । ହୀନଜାତି; ଅସ୍ପୃଶ୍ୟ ଜାତି—
3. Untouchable or lower caste.

**ଅବକେଶୀ**—ସଂ. ବିଣ. ପୁଂ. (ଅବ=ତୁଚ୍ଛ+କେଶ+ଇନ୍. ୧ମା. ୧ବ)-
Abakeśī ୧ । ଅଳ୍ପକେଶଯୁକ୍ତ ( ବ୍ୟକ୍ତି )—
(ଅବକେଶିନୀ—ସ୍ତ୍ରୀ) 1. Scanty-haired; short-haired ( person ).
୨ । ବନ୍ଧ୍ୟା ବା ନିଷ୍ଫଳ ବୃକ୍ଷ—2. Fruitless; not fruit-bearing ( tree )
ସଂ. ବି. ପୁଂ—ଅଣ୍ଡିରା ଗଛ—A tree which does not bear fruit; a male tree.

**ଅବକ୍ତବ୍ୟ**—ସଂ. ବିଣ. ( ଅ+ବକ୍ତବ୍ୟ )—
Abaktabya ୧ । ଅକଥ୍ୟ; କହିବାର ଅଯୋଗ୍ୟ—
1. Unspeakable.
୨ । ଅଶ୍ଳୀଳ—2. Obscene.
୩ । ଅକଥନୀୟ; ଅନିର୍ବଚନୀୟ—
3. Indescribable; unutterable.

**ଅବକ୍ର**—ସଂ. ବିଣ. (ଅ+ବକ୍ର)—ଯାହା ବଙ୍କା ନୁହେଁ; ସିଧା; ସଳଖ—
Abakra Straight.

**ଅବକ୍ରୟ**—ସଂ. ବି. ( ଅବ+କ୍ରୟ )—
Abakraya ୧ । ମୂଲ୍ୟ; ଦାମ୍—1. Price.
୨ । ଭଡ଼ା—2. Rent; letting-price for use or hire.

**ଅବକ୍ରିୟା**—ସଂ. ବି. ( ଅବ=କୁତ୍ସିତ+କ୍ରିୟା )—
Abakriyā ୧ । ଅପକର୍ମ; କୁତ୍ସିତକର୍ମ; କୁକର୍ମ—
1. Bad act.
୨ । ଅନାଦର—2. Disregard; slight.
୩ । ଉଦାସୀନତା—3. Indifference.

**ଅବକୃଷ୍ଟ**—ସଂ. ବିଣ. (ଅବ=ଅପ୍ରିୟ+କୃଶ୍ ଧାତୁ=ଡାକିବା+କର୍ମ. ତ)-
Abakrushṭa ୧ । ଭର୍ତ୍ସିତ—1. Chidden; rebuked.
(ଅବକ୍ରୋଶ—ବି) ୨ । ଅଭିଶପ୍ତ—2. Cursed.
୩ । ନିନ୍ଦିତ—3. Blamed.

**ଅବକ୍ରୋଶ**—ସଂ. ବି. (ଅବ+କ୍ରୁଶ ଧାତୁ+ଭାବ. ଅ )—
Abakrośa ୧ । କ୍ରୋଧପୂର୍ବକ ଭର୍ତ୍ସନା; ତିରସ୍କାର; ଗାଳି—
(ଅବକୃଷ୍ଟ—ବିଣ) 1. Rebuke; censure.
୨ । ଅଭିଶାପ—2. Curse; imprecation.
୩ । ଚିତ୍କାର—3. Hallooing; declamation.
୪ । ନିନ୍ଦା—4. Blame; blasphemy.

**ଅବକ୍ଷିପ୍ତ**—ସଂ. ବିଣ. ( ଅବ+କ୍ଷିପ୍ତ )—
Abakshipta ୧ । ବିତାଡ଼ିତ—
(ଅବକ୍ଷେପ—ବି) 1. Driven away; removed.
୨ । ତଳକୁ ଫିଙ୍ଗା ଯାଇଥିବା—
2. Thrown down.
୩ । ଉପହସିତ—3. Jeered at.
୪ । ତିରସ୍କୃତ—4. Chidden; rebuked.
୫ । ବିକ୍ଷିପ୍ତ—5. Scattered.
୬ । ବ୍ୟଙ୍ଗ ବିଦ୍ରୂପ ଦ୍ୱାରା ଉପହସିତ—
6. Reviled; satirised.

**ଅବକ୍ଷେତ୍ର**—ସଂ. ବି. ( ବୈଜ୍ଞାନିକ ପରିଭାଷା )—
Abakshetra ବୃତ୍ତାଭାସ; ଅଣ୍ଡାକୃତି କ୍ଷେତ୍ର—Ellipse.

**ଅବକ୍ଷେପ**—ସଂ. ବି. (ଅବ+କ୍ଷେପ)—୧ । ଇତସ୍ତତଃ ଫୋପାଡ଼ିବା—
Abakshepa 1. Scattering.
(ଅବକ୍ଷିପ୍ତ—ବିଣ) ୨ । ଅଧୋନିକ୍ଷେପ—2. Throwing down.
(ଅବକ୍ଷେପକ—ବ୍ୟକ୍ତିବାଚକ ବିଣ) ୩ । ଶ୍ଳେଷୋକ୍ତି; ଥଟ୍ଟା; ବ୍ୟଙ୍ଗ-ବିଦ୍ରୂପ—3. Sarcasm; gibe; irony; satire
୪ । ଅପବାଦ—4. Slander.
୫ । ତିରସ୍କାର—5. Rebuke; reprimand.

**ଅବକ୍ଷେପକ**—ସଂ. ବିଣ. ପୁଂ. (ଅବ+କ୍ଷିପ ଧାତୁ+କର୍ତ୍ତୃ. ଅକ)—
Abakshepaka ୧ । ଯେ ଶ୍ଳେଷୋକ୍ତି କରେ ବା ଉପହାସେ—
(ଅବକ୍ଷେପିକା—ସ୍ତ୍ରୀ) 1. Gibing; jeering; sarcastic.
୨ । ନିମ୍ନକୁ କ୍ଷେପଣକାରୀ—2. Throwing down.
୩ । ତିରସ୍କାରକାରୀ—3. Rebuking

**ଅବକ୍ଷେପଣ**—ସଂ. ବି. (ଅବ+କ୍ଷେପଣ)—୧ । ତଳକୁ ଫିଙ୍ଗି ଦେବା—
Abakshepaṇa 1. Act of throwing down.
୨ । ବ୍ୟଙ୍ଗବିଦ୍ରୂପକରଣ—2. Satirising; sarcasm
୩ । ଅପବାଦରଟନା—3. Defamation.

**ଅବକ୍ଷେପଣୀ**—ସଂ. ବି. ସ୍ତ୍ରୀ. (ଅବ+କ୍ଷିପ ଧାତୁ+ଅନ୍+ସ୍ତ୍ରୀ. ଈ)—
Abakshepanī (ଘୋଡ଼ାର) ଲଗାମ—Briddle; reins.

**ଅବକ୍ଷେପିଣୀ**—ସଂ. ବି. ସ୍ତ୍ରୀ.—ଅବକ୍ଷେପଣୀ (ଦେଖ)
Abakshepiṇī Abakshepanī (See)

**ଅବଗଣନ**—ସଂ. ବି. (ଅବ=ହୀନ+ଗଣନ)—ଅବଗଣନା (ଦେଖ)
Abagaṇana Abagaṇanā (See).

**ଅବଗଣନା**—ସଂ. ବି. (ଅବ=ହୀନ+ଗଣନା)—୧ । ଅନାଦର; ଅବଜ୍ଞା
Abagaṇanā 1. Slight; disregard.
(ଅବଗଣିତ—ବିଣ) ୨ । ଉପେକ୍ଷା—2. Neglect.
୩ । ତିରସ୍କାର—3. Rebuke; censure.

**ଅବଗଣିତ**—ସଂ. ବିଣ. ପୁଂ. (ଅବ+ଗଣିତ)—୧ । ଅବଜ୍ଞାତ; ଉପେ-
Abagaṇita କ୍ଷିତ; ଅନାଦୃତ—1. Slighted;neglected.
(ଅବଗଣିତା—ସ୍ତ୍ରୀ) ୨ । ଅପମାନିତ—
2. Insulted; disgraced.
୩ । ତିରସ୍କୃତ—3. Rebuked.

ସାଧାରଣ ଲୋକେ ଅପର-ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବର୍ଧ୍ୟ' ନ ପାଇଲେ 'ବର୍ଦ୍ଧ୍ୟ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବଗଣ୍ଡ**—ସ.ବି. (ଅବ=କୁତ୍ସିତ+ଗଣ୍ଡ=ଗାଲ)— ୧ । ଗଣ୍ଡସ୍ଥ ବ୍ରଣ—
Abaganda 1. A carbuncle on the cheek.
୨ । କାଠ ବରୁଣ; ବୟସ ବ୍ରଣ—2.. Pimple on the face (which appears in young people).
ସ. ବଣ. ପୁଂ.—୧ । ଅତି ଶିଶୁ; ଅପୋଗଣ୍ଡ— 1. Very young.
୨ । ନିଜର ଜୀବିକା ନିର୍ବାହ କରିବାକୁ ଅକ୍ଷମ—
2. Not yet able to maintain one's self.

**ଅବଗତ**—ସ. ବଣ. [ଅବ=ସମ୍ୟକ୍+ଗତ (କର୍ତ୍ତୃ.)=ପ୍ରାପ୍ତ]—
Abagata ୧ । ପ୍ରସ୍ଥିତ; ଅପଗତ; ଅପସୃତ—1. Gone away; departed.
(ଅବଗତା—ସ୍ତ୍ରୀ)
(ଅବଗତି—ବି) ୨ । ଜ୍ଞାତ—2. Known.
୩ । ସମ୍ବାଦପ୍ରାପ୍ତ—3. Cognisant; informed.
୪ । ବିଦିତ; ଜ୍ଞାନପ୍ରାପ୍ତ—4. Knowing.

**ଅବଗତ କରାଇବା**—ଦେ. କ୍ରି—ଜଣାଇବା—To inform; to bring to one's notice.
Abagata karāibā
অবগত করান
अवगत करवाना

**ଅବଗତ କରିବା**—ଦେ. କ୍ରି—ଅବଗତ କରାଇବା (ଦେଖ)
Abagata karibā Abagata karāibā (See)
অবগতকরা
अवगत करना

**ଅବଗତ ହେବା**—ଦେ. କ୍ରି—ଜାଣିବା—
Abagata hebā To come to know.
অবগতহওয়া
अवगत होना

**ଅବଗତି**—ସଂ. ବି. (ଅବ+ଗମ ଧାତୁ+ଭାବ. ତି)—
Abagati ୧ । ଜ୍ଞାନ; ଜାଣିବା—1. Knowledge.
(ଅବଗତ—ବଣ)—୨ । ସମ୍ବାଦ ପ୍ରାପ୍ତି—2. State of being informed; information; notice.
୩ । ବୋଧ—3. Perception.

**ଅବଗନ୍ତବ୍ୟ**—ସଂ. ବଣ. (ଅବ+ଗମ ଧାତୁ+କର୍ମ. ତବ୍ୟ)—
Abagantabya ୧ । ଗମନଯୋଗ୍ୟ—1. Passable.
୨ । ଜ୍ଞାତବ୍ୟ; ଅବଗତ ହେବାର ଯୋଗ୍ୟ—2. Fit to be known; that which one ought to know.
୩ । ବୋଦ୍ଧବ୍ୟ—3. Fit to be understood.

**ଅବଗମ**—ସଂ. ବି. (ଅବ+ଗମ ଧାତୁ+ଭାବ. ଅ)—ଅବଗମନ (ଦେଖ)
Abagama Abagamana (See)

**ଅବଗମନ**—ସଂ.ବି. (ଅବ+ଗମ ଧାତୁ+ଭାବ. ଅନ)—୧ । ପ୍ରସ୍ଥାନ—
Abagamana 1. Going away; departure.
୨ । ଅବଗତି (ଦେଖ)
2. Abagati (See)

**ଅବଗାଢ଼**—ସଂ. ବଣ. (ଅବ+ଗାହ ଧାତୁ+କର୍ତ୍ତୃ. ଓ କର୍ମ. ତ)—
Abagārdha ୧ । ଅନ୍ତଃପ୍ରବିଷ୍ଟ; ଭିତରକୁ ପଶି ଯାଇଥିବା—
(ଅବଗାହ—ବି) 1. Thrust; piercing; which has entered inside.
୨ । ସ୍ନାତ; ଗାଧୋଇବା—2. Bathed; washed.
୩ । ଜଳମଗ୍ନ; ନିମଗ୍ନ—3. Sunk; immersed; plunged.
୪ । ଅଭିଭୂତ; ବିହ୍ୱଳ—4. Overwhelmed.

**ଅବଗାହ**—ସଂ. ବି. (ଅବ+ଗାହ ଧାତୁ+ଭାବ. ଅ)—
Abagāha ୧ । ଅବଗାହନ (ଦେଖ)
ଅବଗାଢ଼ / ଅବଗାହିତ } ବଣ 1. Abagāhana (See)
୨ । ବାଷ୍ପରୂପେ ଜଳ ଶୁଖିଯିବାର ଅବସ୍ଥା—
2. Evaporation.
୩ । ଗାଧୋଇବାର ସ୍ଥାନ; ଗାଧୁଆ ତୁଠ—
3. Bathing-ghat.
୪ । ଗାଧୁଅକୁଣ୍ଡ—4. Bath-tub.

**ଅବଗାହନ**—ସଂ. ବି. (ଅବ+ଗାହ ଧାତୁ+ଭାବ. ଅନ)—
Abagāhana ୧ । ଅନ୍ତଃପ୍ରବେଶ—1. Entering inside; piercing.
ଅବଗାଢ଼ / ଅବଗାହିତ } ବଣ ୨ । ଜଳ ଭିତରକୁ ପଶି ସ୍ନାନ; ମୁଣ୍ଡ ବୁଡ଼େଇ ଗାଧୋଇବା—2. Immersion; bathing entering water.
୩ । ନିମଜ୍ଜନ; ପାଣିରେ ବୁଡ଼ିବା—
3 Sinking; diving; immersion.
୪ । ସ୍ନାନ—4. Bathing; bath.

**ଅବଗାହିତ**—ସ. ବଣ. ପୁଂ (ଅବ+ଗାହ ଧାତୁ+କର୍ମ. ତ)—
Abagāhita ୧ । ସ୍ନାତ—1. Bathed.
(ଅବଗାହିତା—ସ୍ତ୍ରୀ) ୨ । ନିମଜ୍ଜନପୂର୍ବକ ସ୍ନାତ—
2. Bathed by immersion.
୩ । ନିମଜ୍ଜିତ—3. Immersed.

**ଅବଗାହିବା**—ଦେ ପଦ୍ୟ. କ୍ରି—୧ । ଅବଗାହନ କରିବା; ମୁଣ୍ଡ ବୁଡ଼ାଇ
Abagāhibā ଗାଧୋଇବା—1 To bathe by immersion.
অবগাহনকরা
ଯେବେ ମହୋଦଧି ଜଳେ ଦେହ ଅବଗାହି । ସ୍ୱର୍ଣ୍ଣନାଥ. ବେଣୀସଂହାର ।
୨ । ଗାଧୋଇବା—2. To have a bath.
୩ । ଅନୁଭବ କରିବା—3. To experience.
ଭୁ ତ ସ୍ୱଭାବେକୀ ଭୂଲ ମୁଁ କେବେ କ ତହିଁ ଥିବ ଅବଗାହି—କବିସୂର୍ଯ୍ୟ ।
୪ । ଅନୁଭବଦ୍ୱାରା କୌଣସି ବିଷୟକୁ ଉତ୍ତମରୂପେ ଜାଣିବା—
4. To know a thing very well by personal experience.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଏଂ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ଜ୍ଞ |

୫ । ସାଗର, ନଦୀ, ପୁଷ୍କରିଣୀ ଆଦିର ପାଣିରେ ବୁଡ଼ିବା—
5. To be immersed in the water.

ମହାର୍ଣ୍ଣବରେ ଅବଗାହିଲୁ ରେ । କବିସୂର୍ଯ୍ୟ. କଣୋୟକର୍ମ—ଙ୍କ. ଗୀତ ।

**ଅବଗାହୀ**—ସଂ. ବିଣ (ଅବ+ଗାହ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ)—
Abagāhī ୧ । ଅନୁଭବୀ—1. Experienced.
୨ । ମର୍ମଜ୍ଞ—2. Knowing the secrets of a thing.

ତହିଁରେ ମୁଁ ନୁହେ ଅବଗାହୀ ରେ ପ୍ରିୟସଖୀ ଏବେବେଳକୁ ଆଖ ମତେ କହି—
କବିସୂର୍ଯ୍ୟ. ସ. କ ।

**ଅବଗୀତ**—ସଂ. ବିଣ. ( ଅବ=କୁତ୍ସିତ + ଗୀତ )—
Abagīta ୧ । ନିନ୍ଦିତ; ଗର୍ହିତ —
1. Blamed; improper; bad.
୨ । ଅପବାଦପ୍ରାପ୍ତ—2. Slandered; defamed.
୩ । ଭର୍ତ୍ସିତ—3. Reproached.
୪ । ଖେଚେଡ଼ା; ଦୁଷ୍ଟ; ଖଳ—4. Wicked; wanton.
ସଂ. ବି—୧ । ଅପବାଦ—1. Slander; defamation.
୨ । କୁତ୍ସିତ ଗାନ—2. Obscene song.
୩ । ନିନ୍ଦା—3. Blame; slander.
୪ । ମନ୍ଦ ଗୀତ—4. Bad song.
୫ । ଗୀତଦ୍ୱାରା ନିନ୍ଦା ଗାନ—5. Satire or libel in rhyme.

**ଅବଗୁଣ**—ସଂ. ବି. ( ଅବ=ନିକୃଷ୍ଟ ବା ଅଭାବ + ଗୁଣ)—
Abaguṇa ୧ । ଗୁଣର ଅଭାବ; ଦୋଷ—1. Fault.
୨ । ଗୁଣରାହିତ୍ୟ—2. Want of good quality.
୩ । ଅବଗୁଣ; ଅପକାର—3. Injury.
ଦେ. ବି—୧ । ବିରକ୍ତି—1. Displeasure.
୨ । କ୍ରୋଧ—2. Anger.

**ଅବଗୁଣ୍ଠନ**—ସଂ. ବି ( ଅବ=ସାମାନ୍ୟରୂପେ ବା ଈଷତ୍ + ଗୁଣ୍ଠ ଧାତୁ= ବେଷ୍ଟନ କରିବା + ଭାବ. ଅନ; ଯାହା ଦ୍ୱାରା ସ୍ତ୍ରୀମାନଙ୍କର ମୁଖ ଈଷତ୍ ବେଷ୍ଟିତ ହୁଏ । )—
Abaguṇṭhana (ଅବଗୁଣ୍ଠିତ—ବିଣ)
୧ । ଓଢ଼ଣା; ସ୍ତ୍ରୀମାନଙ୍କର ମୁଖାବରଣ ବସ୍ତ୍ର—1. Veil.
୨ । ଆବରଣ; ଘୋଡ଼ଣୀ—2. Covering.
୩ । ମୁହଁରେ ଓଢ଼ଣା ପକାଇବା—3. Veiling.

**ଅବଗୁଣ୍ଠନବତୀ**—ସଂ. ବିଣ. ସ୍ତ୍ରୀ ( ଅବଗୁଣ୍ଠନ + ବତ୍ + ଈ )—
Abaguṇṭhanabatī ୧ । ଓଢ଼ଣା ପକାଇବା (ଯାହାର ମୁହଁ ଉପରେ ଓଢ଼ଣା ପଡ଼ିଥାଏ ) ବସନସଂବୃତାନନା ( ସ୍ତ୍ରୀ )—
1. Veiled (female)

**ଅବଗୁଣ୍ଠନମୁଦ୍ରା**—ସଂ. ବି. ( ତନ୍ତ୍ର )—ଅଙ୍ଗୁଳିମାନଙ୍କୁ ଅବଗୁଣ୍ଠନ ବା
Abaguṇṭhanamudrā ଓଢ଼ଣାପରି କରି ପୂଜା ସମୟରେ ଯେଉଁ ମୁଦ୍ରା ପ୍ରଦର୍ଶିତ ହୁଏ—A position of the fingers resembling a veil done during worship.

ସବ୍ୟହସ୍ତକୃତାମୁଷ୍ଟି ଦୀର୍ଘାଧୋମୁଖତର୍ଜନୀ
ଅବଗୁଣ୍ଠନମୁଦ୍ରେୟମଭିତୋ ଭ୍ରାମିତା ମତା ।

**ଅବଗୁଣ୍ଠିକା**—ସଂ. ବି. (ଅବ + ଗୁଣ୍ଠ ଧାତୁ + ଅକ + କର୍ତ୍ତୃ. ଆ) —
Abaguṇṭhikā ୧ । ଅବଗୁଣ୍ଠନ; ଓଢ଼ଣା—1. Veil.
୨ । ଘୋଡ଼ଣୀ—2. Covering.
୩ । ଯବନିକା; ପରଦା—3. A purda; a screen.

**ଅବଗୁଣ୍ଠିତ**—ସଂ. ବିଣ. ପୁଂ (ଅବ+ଗୁଣ୍ଠ=ଆବୃତ କରିବା + କର୍ମ. ତ)
Abaguṇṭhita —ଯାହାର ମୁହଁ ଓଢ଼ଣାଦ୍ୱାରା ଆବୃତ; କୃତାବ-
(ଅବଗୁଣ୍ଠିତା—ସ୍ତ୍ରୀ) ଗୁଣ୍ଠନ—Veiled.

**ଅବଗୋଚର**—ସଂ. ବି. (ଅବ+ଗୋଚର)—ଅବଗତି (ଦେଖ)
Abagochara Abagati (See)
ସଂ. ବିଣ—ଅସ୍ପଷ୍ଟରୂପେ ଦୃଷ୍ଟ ବା ଜ୍ଞାତ—Dimly seen or perceived; imperfectly known.

**ଅବଗୋରଣ**—ସଂ. ବି. ( ଅବ=ବଧୋଦ୍ଧରେ+ଗୁର ଧାତୁ =ଉତ୍ତୋଳନ କରିବା + ଭାବ. ଅନ )—ବଧାର୍ଥ ଅସ୍ତ୍ରାଦି
Abagoraṇa ଉତ୍ତୋଳନ; ଶସ୍ତ୍ରାଦି ଉଠାଇବା—The lifting of a weapon to kill or strike.

**ଅବଗ୍ୟାଁ**—ଗ୍ରା. ପଦ୍ୟ. ବି ( ସଂ. ଅବଜ୍ଞା )—ଅବଜ୍ଞା ( ଦେଖ )
Abagyāñ Abajñā ( See )

ଏ ଭାବ ମନରେ ବିଚାରି, ଭାଷାକୁ ଅବଗ୍ୟାଁ ନ କରି । ଭୂପତି. ପ୍ରେମପଞ୍ଚାମୃତ ।

**ଅବଗ୍ରହ** — ସଂ. ବି ( ଅବ=ପଶ୍ଚାତ୍ ବା ବିରୁଦ୍ଧ + ଗ୍ରହ ଧାତୁ+ଭାବ. ଅ)
Abagraha ୧ । ନିଗ୍ରହ—1. Disfavour.
୨ । ପଛକୁ ପେଲି ଦେବା—2. Pushing back.
୩ । ଅପସାରଣ—3. Removal.
୪ । ବୃଷ୍ଟିସ୍ତମ୍ଭ; ବୃଷ୍ଟିରୋଧ—4. The stoppage of rain.
୫ । ଅନାବୃଷ୍ଟି; ମରୁଡ଼ି—5. Drought; want of rain.

ଲକ୍ଷ୍ମୀଲାଭସ୍ୟ ଶୁଶ୍ରୂଷିବ ଅହୋ ଏହି ହୃଦୟର ଅବଗ୍ରହେ । ରାଧାନାଥ. ମହାଯାତ୍ରା ।

୬ । ଗ୍ରହଣ—6. Acceptance.
୭ । ଅନାଦର—7. Slight; disrespect.
୮ । ହରଣ—8. Taking away.
୯ । ଅପହରଣ—9. Stealing; theft.
୧୦ । ପ୍ରତିବନ୍ଧକ; ବାଧା—
10. Obstacle; impediment.
୧୧ । ମନର ଭ୍ରମ—11. Mistake.
୧୨ । ଶାପ; ଅଭିଶାପ—12. Curse; imprecation.
୧୩ । ନିନ୍ଦାବାଦ—13. Slander.
୧୪ । ତିରସ୍କାର—14. Rebuke.
୧୫ । ସ୍ୱଭାବ; ପ୍ରକୃତି—15. Nature; habit.
୧୬ । ଗଜସମୂହ—
16. A herd or collection of elephants.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଁଶୀ' ନ ପାଇଲେ 'ବଂଶୀ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

୧୭ । ହସ୍ତୀର ଲଲାଟ ଦେଶ—
17. The brow of an elephant.

୧୮ । ( ବ୍ୟାକରଣ ) ପାଠକାଳୀନ ବିଶ୍ରାମ; କୌଣସି ପଦ ବା ବାକ୍ୟ ପଢ଼ୁ ପଢ଼ୁ ମଝିରେ ସ୍ଥାନେ ସ୍ଥାନେ ଯେଉଁଠାରେ ରହିବାକୁ ପଡ଼େ—18. ( grammar ) Stops made during the reading of a passage.

**ଅବଗ୍ରହଣ**—ସଂ. ବି. ( ଅବ=ବିରୁଦ୍ଧ; ବିପରୀତ+ଗ୍ରହଣ )—
Abagrahaṇa ୧ । ବାଧା; ପ୍ରତିବନ୍ଧକ—1 Obstacle.
୨ । ଅନାଦର; ଅବଜ୍ଞା—
2. Slight; disregard.
୩ । ନିବାରଣ—3. Prevention; letting aside.

**ଅବଗ୍ରାହ**— ସଂ. ବି. ( ଅବ+ଗ୍ରହ ଧାତୁ+ଭାବ.ଅ )
Abagrāha ଅବଗ୍ରହ ( ଦେଖ )
Abagraha ( See )

**ଅବଘଟ**—ଦେ. ବିଣ.( ସଂ. ନ ଓ ଘଟ ଧାତୁ )—
Abaghaṭa ଅଘଟ; ନଅଣ୍ଟ—Inadequate.
ଅନାଟନ ଦେ. ବି—ଅଘଟ; ଅନଟନ—Inadequacy.

**ଅବଘଟ୍ଟ**—ସଂ.ବି.(ଅବ=ଇତସ୍ତତଃ+ଘଟ୍ଟ ଧାତୁ=ଚାଳନ କରିବା+ଅ)—
Abaghaṭṭa ୧ । ପେଷଣ ଯନ୍ତ୍ର; ପେଷଣୀ ଚକ—
1. Grind-stone; grinding mill.
୨ । ଗର୍ତ୍ତ; ଗାତ—2. Pit; hole.

**ଅବଘର୍‌**—ଦେ. ବିଣ. ( ଅ+ବଘର୍‌ )—
Abagharā ତେଲ ବା ଘିଅ ଏବଂ ମସଲା ଦ୍ୱାରା ବଘର୍‌ ହୋଇ
ଆଛୋଁକା ନଥିବା ( ବ୍ୟଞ୍ଜନ )—( curry ) Not seasoned with boiled oil or ghee.

**ଅବଘାତ**—ସଂ. ବି ( ଅବ+ହନ ଧାତୁ+ଭାବ. ଅ; ହନ ସ୍ଥାନରେ ଘାତ ଆଦେଶ )—
Abaghāta
୧ । ମାଡ଼ ଦେବା; ବାଡ଼େଇବା—1. Beating.
୨ । ସାଙ୍ଘାତିକ ପ୍ରହାର; ଦାରୁଣ ପ୍ରହାର—
2. Grievous or fatal blow; violent or sharp blow.
୩ । ଅପଘାତ ( ଦେଖ )
3. Apaghāta ( See )
୪ । ଅପମୃତ୍ୟୁ—4. Unnatural or accidental or violent death.
୫ । କଣ୍ଡନ; ଧାନ ଗୁଡ଼ିଆ ଆଦିକୁ ଢିଙ୍କି ବା ଉଦୂଖଳ ମୂଷଳ ଦ୍ୱାରା କାଣ୍ଡିବା—5. Husking of paddy etc.; threshing of corn by bruising.
( ଯଥା—ଏ ଶବ୍ଦର ଅନ୍ୟ ରୂପ ଅବହନନ; ଅବହତି । )

**ଅବଘାତକ**—ସଂ. ବିଣ. ପୁଂ. ( ଅବ+ହନ ଧାତୁ+କର୍ତ୍ତୃ. ଅକ )—
Abaghātaka ୧ । ଅବଘାତକାରୀ; ସାଙ୍ଘାତିକ ପ୍ରହାରକାରୀ—
(ଅବଘାତିକା—ସ୍ତ୍ରୀ) 1. Dealing a grievous or fatal blow.
୨ । ଯେ ଅପମୃତ୍ୟୁ ଘଟାଏ—2. Murdering.
୩ । ଯେ ଧାନ ଆଦିକୁ କାଣ୍ଡେ—
3. Husking or threshing grain.

**ଅବଘାତୀ**—ସଂ. ବିଣ. ପୁଂ. (ଅବ+ହନ ଧାତୁ+କର୍ତ୍ତୃ ଇନ୍.୧ମା.୧ବ)—
Abaghāti ଅବଘାତକ ( ଦେଖ )
(ଅବଘାତିନୀ—ସ୍ତ୍ରୀ) Abaghātaka ( See )

**ଅବଘ୍ରାଣ**—ସଂ. ବି. ( ଅବ+ଘ୍ରାଣ )—
Abaghrāṇa ଦୁର୍ଗନ୍ଧ—Bad smell.

**ଅବଚନ**—ସଂ. ବି. ( ଅ+ବଚନ )—
Abachana ୧ । କୁବାକ୍ୟ; ମନ୍ଦବଚନ—1. Bad words.
୨ । କଠୋର ବଚନ—2 Harsh words.

**ଅବଚନୀୟ**— ସଂ. ବିଣ. ( ଅ+ବଚନୀୟ )—
Abachaniya ୧ । ଅବକ୍ତବ୍ୟ—1. Unutterable.
୨ । ବାକ୍ୟାତୀତ; ଅନିର୍ବଚନୀୟ—1. Unspeakable.
୩ । ଅବର୍ଣ୍ଣନୀୟ—3. Undescribable.
୪ । ଅନିନ୍ଦ୍ୟ; ଅନିନ୍ଦନୀୟ—4. Blameless.
୫ । ନିର୍ଦ୍ଦୋଷ—5. Faultless

**ଅବଚୟ**—ସଂ. ବି ( ଅବ+ଚି ଧାତୁ=ତୋଳିବା+ଭାବ. ଅ )—
Abachaya ୧ । ଫୁଲ ଫଳ ଆଦି ଗଛରୁ ତୋଳିବା; ପାରିବା—
1. The picking of flowers and fruits.
କରଇ ମୁଁ କୁସୁମ ଅବଚୟ—ଦୀନକୃଷ୍ଣ, ରସକଲ୍ଲୋଳ ।
୨ । ଆହରଣ; ଏକତ୍ର ରଖିବା—
2. Collecting; gathering.
୩ । ସଞ୍ଚୟ—3. Storing.
୪ । ଅପଚୟ—4. Waste; squandering.

**ଅବଚୟନ**—ସଂ. ବି. ( ଅବ+ଚି ଧାତୁ+ଭାବ. ଅନ )—
Abachayana ଅବଚୟ ( ଦେଖ )
Abachaya ( See )

**ଅବଚୟନୀୟ**—ସଂ. ବିଣ ( ଅବ+ଚି ଧାତୁ+କର୍ମ. ଅନୀୟ )—
Abachayaniya ୧ । ଯାହାକୁ ଗଛରୁ ତୋଳା ଯାଇ ପାରେ—
1 Capable of being picked from a tree.

**ଅବଚସ୍କର**—ସଂ. ବିଣ. ପୁଂ. ( ଅ+ବଚସ୍କର )—
Abachaskara ଯେ କଥା କହୁ ନାହିଁ—
(ଅବଚସ୍କରୀ—ସ୍ତ୍ରୀ) Silent; not speaking.

**ଅବଚିତ**—ସଂ. ବିଣ. ( ଅବ+ଚି ଧାତୁ+କର୍ମ. ତ )—
Abachita ୧ । ଗଛରୁ ତୋଳାଯାଇଥିବା—
1. Picked from a tree.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଊ |
| ୨ | ଉ | ଊ | ରୁ | ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ଢ଼ |

୨ । ଅର୍ଜିତ; ସଂଗୃହୀତ—2. Collected; gathered.
୩ । ସଞ୍ଚିତ—3. Stored.
୪ । ଅପବ୍ୟୟିତ—4. Wasted; squandered.

**ଅବଚୂଡ଼**—ସ. ବି. ( ବହୁବ୍ରୀହି; ଅବ=ନିମ୍ନକୁ+ଚୂଡ଼ା=ଶିଖା ଯାହାର; ଅବ+ଚୂଡ଼ା )—୧ । ନେତ; ପତାକା; ଧ୍ୱଜାଗ୍ରଦଣ୍ଡ ଉପରୁ ତଳକୁ ଲମ୍ବିଥିବା ଲମ୍ବା ଓ ସରୁ ବସ୍ତ୍ରଖଣ୍ଡ—
Abachūrḍa
1. A long strip of cloth which flows down from the top of a flag-staff; pennon.
୨ । ମାଲ୍ୟ; ମାଳା—2. Garland.
୩ । ଚାମର; ଚାମର—3. A brush-shaped fan made of the long hair of the tails of yaks and horses; chowrie; a fly-brush.

**ଅବଚୂଡ଼ା**—ସ. ବି. ( ବହୁବ୍ରୀହି; ଅବ+ଚୂଡ଼ା )—ଅବଚୂଡ଼ ( ଦେଖ )
Abachūrḍā — Abachūrḍa ( See )

**ଅବଚୂର୍ଣ୍ଣିତ**—ସଂ. ବିଣ. ( ଅବ+ଚୂର୍ଣ୍ଣିତ )—
Abachūrṇṇita ୧ । ଉତ୍ତମ ରୂପେ ଚୂନା କରାଯାଇଥିବା—
(ଅବଚୂର୍ଣ୍ଣିନ—ବି) 1. Reduced into fine powder; pulverised.
୨ । ଯାହା ଉପରେ ଚୂନା ବା ଫୁଲ ଆଦି ଛିଞ୍ଚା ହୋଇଥାଏ—
2. Sprinkled with powder or flowers. ( M. W. )

**ଅବଚୂଳ**—ସ. ବି. ( ବହୁବ୍ରୀହି; ଅବ+ଚୂଳ )—ଅବଚୂଡ଼ ( ଦେଖ )
Abachūḻa — Abachūrḍa ( See )

**ଅବଚୂଳକ**—ସଂ. ବି. ( ଅବଚୂଳ+ସ୍ୱାର୍ଥେ. କ )—ଅବଚୂଡ଼ ( ଦେଖ )
Abachūḻaka — Abachūrḍa ( See )

**ଅବଚ୍ଛାତ**—ସ. ବିଣ. ( ଅବ+ଛୋ ଧାତୁ+କର୍ମ. ତ; ସନ୍ଧିଦ୍ୱାରା ଛ ସ୍ଥାନରେ ଚ୍ଛ )—
Abachchhāta
(ଅବଚ୍ଛାନ୍ତ—ବି) ୧ । ଛାଲ ଉତାରି ଯାଇଥିବା—
1. Skinned ( M. W. )
୨ । କଟା ଯାଇଥିବା (ଫସଲ)—2 Reaped (M. W.)
୩ । ଉପବାସାଦି ଦ୍ୱାରା କ୍ଷୀଣତାପ୍ରାପ୍ତ—
3. Emaciated by abstinance ( M.W. )
( ଏ ଶବ୍ଦର ଅନ୍ୟ ରୂପ ଅବଚ୍ଛିତ । )

**ଅବଚ୍ଛିନ୍ନ**—ସ. ବିଣ. ( ଅବ+ଛିଦ ଧାତୁ+କର୍ମ. ତ; ବ୍ୟଞ୍ଜନସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ )—
Abachchhinna
(ଅବଚ୍ଛେଦ—ବି) ୧ । ଯୁକ୍ତ; ସଂଯୁକ୍ତ—1. Joined.
୨ । ମିଳିତ; ମିଶ୍ରିତ—2, Mixed.
୩ । ବିଶିଷ୍ଟ—3. Consisting of
୪ । ବିଚ୍ଛିନ୍ନ—4, Cut off; separated.
୫ । ବିଭକ୍ତ; ଖଣ୍ଡିତ—5. Cut; divided.
୬ । ବିଶ୍ଳିଷ୍ଟ—6. Analysed,
୭ । ସୀମାବଦ୍ଧ—7. Limited; bounded.
୮ । ସଙ୍କୁଚିତ—8. Contracted
୯ । ନିର୍ଣ୍ଣୀତ—9. Ascertained.
୧୦ । ( ନ୍ୟାୟଶାସ୍ତ୍ର ) ବିଶିଷ୍ଟ ଗୁଣର ଉଲ୍ଲେଖଦ୍ୱାରା ଅନ୍ୟାନ୍ୟ ସମସ୍ତ ବସ୍ତୁଙ୍କଠାରୁ ପୃଥକ୍ କରାଯାଇଥିବା—
10. ( Logic ) Predicated; distinguished from all other things by the mention of particular properties

**ଅବଚ୍ଛୁରିତ**—ସ. ବିଣ. ( ଅବ+ଛୁର ଧାତୁ+କର୍ମ. ତ; ସନ୍ଧିଯୋଗୁ ଛ ସ୍ଥାନରେ ଚ୍ଛ )—୧ । ମିଶ୍ରିତ—
Abachchhurita
1. Mixed together.
୨ । (+କର୍ତ୍ତୃ. ତ) ବ୍ୟାପ୍ତ—2. Spread over.
ସ. ବି. ( ଅବ=ସ୍ଥାନ; ଉଚ୍ଚୈଃସ୍ୱରଯୁକ୍ତ+ଛୁରଣ=ଶବ୍ଦ )—
ଅଟ୍ଟହାସ; ଉଚ୍ଚହାସ୍ୟ; ଘୋଡ଼ା ପରି ହେଁ ହେଁ ହସ—
Horse-laugh,

**ଅବଚ୍ଛୁରିତକ**—ସ. ବି. ( ଅବଚ୍ଛୁରିତ+ସ୍ୱାର୍ଥେ. କ )—ହେଁ ହେଁ ହସ—
Abachhuritaka — Horse-laugh,

**ଅବଚ୍ଛେଦ**—ସ. ବି. ( ଅବ+ଛିଦ ଧାତୁ+ଭାବ. ଅ; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ ଆଦେଶ )—
Abachchheda
(ଅବଚ୍ଛିନ୍ନ—ବିଣ) ୧ । ଯୋଜନ; ସଂଯୋଜନ—1. Joining.
୨ । ମିଶ୍ରଣ—2. Mixing together.
୩ । ବିଚ୍ଛେଦ—3. Separation.
୪ । ପ୍ରଭେଦ—4. Distinction.
୫ । ବିରାମ; ନିବୃତ୍ତି—5. Cessation.
୬ । ଉଚ୍ଛେଦ; ବିନାଶ—6. Destruction.
୭ । ପରିଚ୍ଛେଦ—7. Chapter; section.
୮ । ଖଣ୍ଡ; କର୍ତ୍ତିତ ଅଂଶ—
8. Section; one of the portions cut,
୯ । ସୀମା—9. Limit; boundary.
୧୦ । ଏକଦେଶ; ଏକାଂଶ—10, Part.
୧୧ । ନିର୍ଣ୍ଣୟ—11. Ascertainment; determining.
୧୨ । (ନ୍ୟାୟଶାସ୍ତ୍ର) ବସ୍ତୁର ବୈଶିଷ୍ଟ୍ୟ; କୌଣସି ବସ୍ତୁର ବସ୍ତୁଠାରୁ ପ୍ରଭେଦଜ୍ଞାପକ ବିଶେଷତ୍ୱ—
12. ( Logic ) A predicate; the special property of a thing by which it is distinguishable from all other things.

ସାଧାରଣ ଲୋକେ ଉପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅଗ୍ଳା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୧୩ । ବୈଶିଷ୍ଟ୍ୟର ଉଲ୍ଲେଖ—
13. Particularising ( M. W. )

**ଅବଚ୍ଛେଦକ**—ସଂ. ବିଣ. ( ଅବ + ଛିଦ ଧାତୁ + କର୍ତ୍ତୃ. ଅକ; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ)—୧ । ସଂଯୋଜକ—
Abachchhedaka
1. Joining.
୨ । ବିଚ୍ଛେଦକାରକ—2. Separating.
୩ । ବିଭାଜକ—3. Dividing.
୪ । ବିନାଶକ—4. Destroying.
୫ । ପ୍ରଭେଦକାରୀ—5 Causing distinction.
୬ । ନିର୍ଣ୍ଣାୟକ—6. Determining.
୭ । ନିୟାମକ—7. Regulating.
ସଂ. ବି. (ଅବଚ୍ଛେଦ + ସ୍ୱାର୍ଥେ. କ)—୧ । ସୀମା—1. Limit.
୨ । ବୈଶିଷ୍ଟ୍ୟ; ବିଶେଷତ୍ୱ—2. Peculiarity.
୩ । (ନ୍ୟାୟ) କୌଣସି ବସ୍ତୁର ଅନନ୍ୟସାଧାରଣ ବା ବିଶିଷ୍ଟ ଗୁଣ—3. Characteristic of a thing.
୪ । (ନ୍ୟାୟ) କୌଣସି ବସ୍ତୁର ପ୍ରଧାନ ଗୁଣ—
4. ( Logic ) The chief or essential attribute of any thing; predicate.

**ଅବଚ୍ଛେଦନ**—ସଂ. ବି. ( ଅବ + ଛିଦ୍ ଧାତୁ + ଭାବ. ଅନ; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ ଆଦେଶ )—
Abachchhedana
୧ । କର୍ତ୍ତନ—1. Cutting.
୨ । ବିଭାଗକରଣ—2. Dividing.
୩ । ପ୍ରଭେଦକରଣ—
3 Distinguishing; discriminating.
୪ । ପୃଥକ୍‌କରଣ—4. Separation.

**ଅବଚ୍ଛେଦାବଚ୍ଛେଦ**—ସଂ. ବି. ( ୬ଷ୍ଠୀ ତତ୍; ଅବଚ୍ଛେଦ + ଅବଚ୍ଛେଦ; ପ୍ରଭେଦମାନଙ୍କର ବିନାଶକରଣ )—୧ । ବହୁ ବସ୍ତୁରେ ଲକ୍ଷିତ ପ୍ରଭେଦମାନଙ୍କୁ ଦୂର କରି ସେମାନଙ୍କୁ ଏକଶ୍ରେଣୀଭୁକ୍ତ କରିବା—
Abachchhedābachchheda
1. Generalisation by removing distinctions.
୨ । ପ୍ରଭେଦମାନଙ୍କର ଦୂରୀକରଣ—
2. Removing distinctions.

**ଅବଚ୍ଛେଦାବଚ୍ଛେଦରେ**— ଦେ. ଅ. ( ସଂ. ଅବଚ୍ଛେଦାବଚ୍ଛେଦେ )—
Abachchhedābachchhedare ୧ । ସର୍ବସାକଲ୍ୟରେ—
1 Throughout; universally.
୨ । ନିର୍ବିଶେଷରେ—
2. Indiscriminately; invariably.
( ଯଥା—ଅମୁକ ଦେଶର ଲୋକେ ଅବଚ୍ଛେଦାବଚ୍ଛେଦରେ ଧର୍ମଭୀରୁ ଅଟନ୍ତି । )
୩ । ସର୍ବତୋଭାବରେ; ସବୁ ପ୍ରକାରେ—
3. In all respects.
୪ । ସମ୍ପୂର୍ଣ୍ଣରୂପେ—4. Entirely; wholly.

**ଅବଚ୍ଛେଦାବଚ୍ଛେଦେ**—ସଂ. ଅ—ଅବଚ୍ଛେଦାବଚ୍ଛେଦରେ ( ଦେଖ )
Abachchhedābachchhede
Abachchhedābachchhedare ( See )

**ଅବଚ୍ଛେଦେ**—ଦେ. କ୍ରି. ବିଣ. ( ସଂ. ଅବଚ୍ଛେଦାବଚ୍ଛେଦେ )—
Abachchhede ଅବଚ୍ଛେଦାବଚ୍ଛେଦରେ ( ଦେଖ )
Abachchhedābachhedare (See)

**ଅବଛା**—ଦେ. ବିଣ ( ସଂ. ଅ + ଓ. ବାଛିବା )—
Abachhā
ଆବାছা
୧ । ଯେଉଁ ମାଛ, ଶାଗ, ଚାଉଳ, ଧାନ, ଡାଲି ଆଦିର ଅଗ୍ରାହ୍ୟ ଅଂଶମାନ ବଛା ହୋଇ ନ ଥାଏ—
1. (fish; pot-herb; rice; split peas etc) From which bad and undesirable parts have not been picked out.
୨ । ଯେଉଁ ଧାନ କିଆରିରୁ ବା ବଗିଚାରୁ ଘାସ ଆଦି ବଛା ହୋଇ ନ ଥାଏ—2. Unweeded ( paddy-fields or gardens)
୩ । ଭଲ ବା ମନ୍ଦଯାକ ପୃଥକ୍ କରାଯାଇ ନ ଥିବା (ବସ୍ତୁ)—
3. (things) Which have not been separated by selection.

**ଅବଜୟ**—ସଂ. ବି. ( ଅବ + ଜି ଧାତୁ + ଭାବ. ଅ )—୧ । ଯୁଦ୍ଧଦ୍ୱାରା ଜିତିବା—1. Winning by conquest.
Abajaya
( ଅବଜିତ—ବିଣ ) ୨ । ପରାଜିତକରଣ—2. Vanquishing; over-coming.
୩ । ଜୟ କରି ଛଡ଼ାଇ ନେବା—3. Spoliation.
୪ । ଯୁଦ୍ଧଜୟ—4 Victory; conquest.

**ଅବଜିତ**—ସଂ. ବିଣ (ଅବ + ଜି ଧାତୁ + କର୍ମ. ତ)—୧ । ଯୁଦ୍ଧରେ ଜିତା ଯାଇ ହସ୍ତଗତ—1. Won by conquest.
Abajita
ଅବଜିତି }
ଅବଜୟ } ବି
୨ । ଘୃଣିତ—2 Despised, condemned (M. W.)
୩ । ପରାଜିତ—3. Vanquished.

**ଅବ + ଜ୍ଞା** (ଧାତୁ)—ସ—ଅବଜ୍ଞାକରିବା (ଦେଖ)
Aba+Jnā (root) Abajnākaribā (See)

**ଅବଜ୍ଞା**—ସଂ. ବି. (ଅବ = ଅପକୃଷ୍ଟ; ହେୟ + ଜ୍ଞା ଧାତୁ = ଜାଣିବା + ଭାବ. ଅ + ଆ)—୧ । ଅବମାନନା; ଅପମାନ—
Abajnā
(ଅବଜ୍ଞାତ—ବିଣ)
1. Insult.
୨ । ବେଖାତିର; ଉପେକ୍ଷା; ଅନାଦର—
2. Disregard; slight; neglect.
୩ । ତାଚ୍ଛଲ୍ୟ—3. Contempt.
୪ । ତିରସ୍କାର—4. Reproach.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ଯ | ଉଅ | ଢ |
| ୨ | ଈ | ଊ | ରୂ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ଦ |

୫ । ଆଜ୍ଞାଦିର ଲଙ୍ଘନ; ନ ମାନିବା—
5. Disobedience of order.

ସେବକ ମାନଙ୍କ କରି ପାରେ କେ ଅବଜ୍ଞା । ସାରଳାମହାଭାରତ· ବସ୍ତ୍ର ।

୬ । ଅସମ୍ମାନ—6. Disesteem.

**ଅବଜ୍ଞାକରିବା**—ଦେ.କ୍ରି. (ସଂ. ଅବ + ଜ୍ଞା ଧାତୁ )— ୧ । ଅବମାନନା
Abajñā karibā କରିବା—1. To insult.
অবজ্ঞাকরা ୨ । ଅନାଦର କରିବା—2. To disesteem.
**अवज्ञाकरना** ୩ । ବେଖାତିର କରିବା—3. To disregard.
୪ । ତାଚ୍ଛଲ୍ୟ କରିବା—
4. To condemn; to despise.
୫ । ତିରସ୍କାର କରିବା—5. To reproach.
୬ । ଆଜ୍ଞା ଲଙ୍ଘନ କରିବା—
6. To disobey (an order)
୭ । ଘୃଣାଯୁକ୍ତ ବ୍ୟବହାର କରିବା—7. To treat with contempt; to look down upon.
୮ । (ଜଣକ ବିଷୟରେ) ନୀଚ ଭାବ ପୋଷଣ କରିବା—
8. To have a low opinion of.
୯ । (ଜଣଙ୍କୁ) ବଳିପଡ଼ିବା—9. To excel ( M. W. )

**ଅବଜ୍ଞାଚକ୍ଷୁରେ ଦେଖିବା**—ଦେ. କ୍ରି—ଅବଜ୍ଞା କରିବା (ଦେଖ)
Abajñāchakshure dekhibā
অবজ্ঞাচক্ষে দেখা Abajñā karibā (See)
**बेपरवाह करना**

**ଅବଜ୍ଞାତ**— ସଂ. ବିଣ.ପୁଂ. (ଅବ + ଜ୍ଞା ଧାତୁ+କର୍ମ. ତ)— ୧ । ଅନାଦୃତ;
Abajñāta ଅସମ୍ମାନିତ—1. Disesteemed.
(ଅବଜ୍ଞାତା—ସ୍ତ୍ରୀ)—୨ । ଅପମାନିତ—2. Insulted.
୩ । ଘୃଣିତ—3. Despised.
୪ । ତିରସ୍କୃତ—4. Rebuked.
୫ । ଲଙ୍ଘିତ—5. Disobeyed.

**ଅବଜ୍ଞାତା**—ସଂ. ବିଣ. ସ୍ତ୍ରୀ—୧ । ( ଅବଜ୍ଞାତ + ସ୍ତ୍ରୀ. ଆ )—ଅବଜ୍ଞାତର
Abajñātā ସ୍ତ୍ରୀଲିଙ୍ଗ—Feminine of Abajñāta.
୨ । ପୁଂ. ( ଅବ+ଜ୍ଞା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ. )—
ଅବଜ୍ଞାକାରୀ—2. Despising; insulting; disregarding; disobeying.

**ଅବଜ୍ଞାନ**—ସଂ. ବି (ଅବ+ଜ୍ଞା ଧାତୁ+ଭାବ. ଅନ)—
Abajñāna ୧ । ଅବଜ୍ଞା (ଦେଖ)
1 Abajñā (See)

ତୋର ମହିମା ଜଣେ ନ ଜାଣି କଲି ଅବଜ୍ଞାନ—ଜଗନ୍ନାଥ, ଭାଗବତ ୧୦ମ ।

୨ । ଅବଜ୍ଞାକରଣ—2. Disregarding; insulting; disobeying.

**ଅବଜ୍ଞେୟ**—ସଂ. ବିଣ (ଅବ + ଜ୍ଞା ଧାତୁ + କର୍ମ. ଯ)—୧ । ଅବଜ୍ଞାର
Abajñeya ପାତ୍ର; ଅନାଦରଣୀୟ—1. Fit to be disregarded or disesteemed.
୨ । ଉପେକ୍ଷଣୀୟ—2. Negligible.
୩ । ଘୃଣ୍ୟ—3. Centemptible; despicable.

**ଅବଜ୍ଞୋପହତ**—ସଂ. ବିଣ ( ୩ୟା ତତ୍; ଅବଜ୍ଞା + ଉପହତ )—ଘୃଣା
Abajñopahata ସହକାରେ ବ୍ୟବହୃତ; ଅବମାନିତ—
Treated with contempt; humiliated (M. W.)

**ଅବଞ୍ଚା**—ଦେ. ଓ ପ୍ରାଚୀନ ପଦ୍ୟ. ବି. (ସଂ.ଅ+ଓ. ବଞ୍ଚିବା)—ନ ବଞ୍ଚିବା;
Abañchā ମରଣ—Death.

ବଧିରେ ଶତ ପଞ୍ଚା ପଞ୍ଚାସ୍ୟଙ୍କୁ ଅବଞ୍ଚା
ଘଟେ ଘଟକର୍ଣ୍ଣର ପରି ସେ । ଭଞ୍ଜ—ବୈଦେହୀଶବିଳାସ ୪୨।୧୦ ।

**ଅବଟ**—ସଂ.ବି. (ଅବ ଧାତୁ = ରକ୍ଷା କରିବା + ଅଧିକରଣେ. ଅଟ; ଯହିଁରେ
Abaṭa ପକ୍ଷି ଶୃଗାଳାଦି ପ୍ରାଣୀ ନିଜକୁ ରକ୍ଷା କରନ୍ତି )—
୧ । ଭୂଗର୍ଭରେ ଥିବା ଗାତ—1. Pit in the ground.
୨ । ଗର୍ତ୍ତ; ଗାତ—2. Hole.
୩ । ଦେହରେ ଖାଲ ହୋଇଥିବା କୌଣସି ଅଂଶ—
3. Any depressed part of the body ( M. W. )
୪ । ଝରପୂଜା—4. Sinus ( M. W. )
୫ । ଦାନ୍ତରେ ହେବା ଗର୍ତ୍ତ—
5. A hole in a tooth ( M. W. )
୬ । କୂପ—6. Well.
୭ । ଅକୃତ୍ରିମ ଗର୍ତ୍ତ—7. A natural pit.
୮ । କୃତ୍ରିମ ଗାତ—8. A pit dug by man.

କେତେ ଲଙ୍କା ଭୁଞ୍ଜିଲେ, ଅବଟେ ଲଙ୍କା ଭଲେ ଜାତ ଜାତବେଦର ହୋମ—
ଭଞ୍ଜ. ବୈଦେହୀଶବିଳାସ ୪୭ । ୭

୯ । ଶରୀରରେ ବ୍ରଣ ବା କ୍ଷତାଦିଜନିତ ଦାଗ—
9. A scar or sore on the body.
୧୦ । ଐନ୍ଦ୍ରଜାଲିକ; କୁହୁକୀ—
10. A sorcerer; magician.

**ଅବଟକଚ୍ଛପ**—ସ. ବି ( ମଧ୍ୟପଦଲୋପୀ; ଅବଟରେ ବାସ କରୁଥିବା କଚ୍ଛପ)
Abaṭakachchhapa ୧ । ଗାତରେ ଥିବା କଇଁଛ; ସଂସାର ବିଷୟରେ ଅନଭିଜ୍ଞ ବ୍ୟକ୍ତି (ତୁଲ—କୂପମଣ୍ଡୂକ)—
1. A tortoise in a hole ( said of an inexperienced man who has seen nothing of the world.) (M.W )

**ଅବଟା**—ଦେ. ବିଣ ( ସ—ଅ+ପିଷ୍ଟ )—
Abaṭā ୧ । ଯାହା ବଟା ହୋଇ ନାହିଁ; ଅପିଷ୍ଟ—
আবাটা 1. Unbruised; unpestled.
**पिसानेहुआ**

**ଅବଟି**—ସଂ. ବି ( ଅବ ଧାତୁ + ସଂଜ୍ଞାର୍ଥେ. ଅଧିକରଣ. ଅଟି )—
Abaṭi ଅବଟ ( ଦେଖ )—Abaṭa (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଷ' ନ ପାଇଲେ 'ବଷ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**ଅବଟୀ**—ସଂ. ବି ( ଅବ ଧାତୁ+ସଂଜ୍ଞାର୍ଥେ; ଅଧିକରଣ. ଅଟୀ )—
Abṭi ଅବଟ ( ଦେଖ )—Abaṭa ( See)

**ଅବଟୀଟ**—ସଂ. ବିଣ. ପୁଂ (ବହୁବ୍ରୀହି;ଅବ=ଅବନତ ହୋଇଅଛି ନାସିକା
Abaṭiṭa ଯାହାର; ଅବ+ନାସିକା; ନାସିକା ସ୍ଥାନରେ ଟୀଟ
( ଅବଟୀଟା—ସ୍ତ୍ରୀ ) ଆଦେଶ )—ଅବନତନାସିକ;
ଚେପ୍ଟାନାକା—Flat-nosed.

ସଂ. ବି—ନାସିକା ଅବନତ ହେବା ଅବସ୍ଥା—
The condition of having a flat nose ( M. W )

( ଏ ଶବ୍ଦର ଅନ୍ୟରୂପ ଅବନାଟ; ଅବଭ୍ରଟ )

**ଅବଟୁ**—ସଂ.ବି—(ଅବ ଧାତୁ=ରକ୍ଷା କରିବା+ସଂଜ୍ଞାର୍ଥେ. ଅଟୁ; ମନୁଷ୍ୟ
Abaṭu ଆଘାତରୁ ରକ୍ଷା ପାଇବାପାଇଁ ଯହାର ବେକମୁଣ୍ଡାକୁ ଦେଖାଇଦେବାରୁ )—

୧ । ବେକମୁଣ୍ଡା; ମସ୍ତକ ଓ ଦେହର ପଛଆଡ଼ର ସନ୍ଧିସ୍ଥାନ—
1. The nape of the neck.

୨ । କୂଅ—2. Well.

୩ । ଗାତ—3. Hole in the ground.

୪ । ଏକପ୍ରକାର ବୃକ୍ଷ—4. A kind of tree.

**ଅବଡଙ୍ଗ**—ସଂ. ବି—୧ । ହାଟ—1. Market.
Abadanga ୨ । ଗଞ୍ଜ; ଅଡ଼ଙ୍ଗ—2. Mart.

**ଅବଡ଼ା**—ପ୍ରାଦେ ( ମେଦନୀପୁର ) ବିଣ—୧ । ହାଣ୍ଡିରେ ରହିଥିବା
Abarḍā ଅବଢ଼ା ରନ୍ଧା ଭାତ—
ଆବାଡ଼ା 1. (cooked rice) Which has not yet been served and which remains in the boiling pot.

**ଅବଡ୍ଡୀନ**—ସଂ.ବି (ଅବ=ନିମ୍ନକୁ+ଡୀ ଧାତୁ=ଉଡ଼ିବା+ଭାବ.ତ)—
Abaḍina ତଳଆଡ଼କୁ ଉଡ଼ିବା; ପକ୍ଷୀର ଅଧୋଗମନ—
Flying downwards.

ସଂ. ବିଣ ( ଅବ=ନିମ୍ନରୁ+ଡୀ ଧାତୁ+କର୍ମ. ତ ); ଉଡ୍ଡୀନ;
ଉପରରୁ ଉଡ଼ୁଥିବା ( ପକ୍ଷୀ )—
Flying upwards.

**ଅବଢ଼ା**—ଦେ. ବିଣ—୧ । ବଢ଼ା ହୋଇ ନ ଥିବା ଖାଦ୍ୟ—
Abarḍhā 1. (food) Which has not been served or dealt out.

ବି—ଅଭଡ଼ା ( ଦେଖ )—Abharḍā ( See )

[ ଦ୍ର—ଲୋକେ ସାଧାରଣତଃ ଅନ୍ନକୁ ହାଣ୍ଡିରୁ ପତ୍ର ବା ଥାଳ ଆଦିରେ ବାଢ଼ି ଖାଆନ୍ତି । ମାତ୍ର ଜଗନ୍ନାଥଙ୍କ ମହାପ୍ରସାଦକୁ ସେହି ହାଣ୍ଡିରେ,କୁଡ଼ୁଅରେ ଅଥବା ଚେଲୁଅରେ ଖାଆନ୍ତି ବୋଲି ତାହାକୁ ଅବଢ଼ା କୁହାଯାଏ ]

**ଅବଣ୍ଟା**—ଦେ. ବିଣ ( ସଂ. ଅ+ଓ. ବଣ୍ଟା )—
Abanṭā ୧ । ଅବଣ୍ଟିତ; ଯାହା ବଣ୍ଟା ହୋଇ ନାହିଁ—
ଯାହା বাঁটা হয় নাই 1. Undistributed.
ଅନ୍‌ବଁଟା ୨ । ଅବିଭକ୍ତ; ଯାହା ବିଭକ୍ତ ହୋଇ ନାହିଁ—
2. Unpartitioned.
୩ । ଇଜମାଲି—3. Undivided; joint.

**ଅବତଂସ**—ସଂ. ବି (ଅବ+ତନ୍ସ ଧାତୁ=ଭୂଷିତକରିବା+କରଣ. ଅ)—
Abatamsa ୧ । ଭୂଷଣ; ଅଳଙ୍କାର—1. Ornament.
୨ । କର୍ଣ୍ଣଭୂଷଣ—2. Ear-ornament.
୩ । ଶିରୋଭୂଷଣ; କିରୀଟ—3. Diadem; crown.
୪ । ( ସମାସରେ ବଂଶବାଚକ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ରଘୁବଂଶାବତଂସ )—ଭୂଷଣସ୍ୱରୂପ ବଂଶର ଯୋଗ୍ୟ ବ୍ୟକ୍ତି—4. ( a person who is ) The glory of a race or family.

**ଅବତନ୍ୟ**—ଗ୍ରା. ପଦ୍ୟ. ବିଣ—( ସଂ. ଅବତୀର୍ଣ୍ଣ )—
Abatanya ଅବତୀର୍ଣ୍ଣ ( ଦେଖ )—
Abatirnna ( See )

ସ୍ୱଗୃହରେ ରବି ଚଳେ ହୋଇ ଅବତନ୍ୟ—ପ୍ରାଚୀ—କୃଷ୍ଣଲୀଳାମୃତଗୀତା ।

**ଅବତବ**—ଦେ. ବିଣ.—୧ । ଉବୁଟୁବୁ; ଉବେଇଟୁବେଇ—
Abataba 1. About to be drowned.
ଜବୁଥବୁ ୨ । ବ୍ୟତିବ୍ୟସ୍ତ; ବିପନ୍ନ—
ଅବତବ୍ 2. Overwhelmed with calamity.
୩ । ମୁମୂର୍ଷୁ—Dying; about to die.
୪ । ଅତ୍ୟନ୍ତ ଅବସାଦଯୁକ୍ତ; ଜର୍ଜ୍ଜରୀଭୂତ—
4. Much pulled down; worn out; spent.

ଦେ. ବି—୧ । ମୁମୂର୍ଷୁ ଅବସ୍ଥା—1. Dying condition.
୨ । ଉବେଇ ଟୁବେଇ ଅବସ୍ଥା—
2. Drowning condition.

**ଅବତବ ହେବା**—ଦେ. କ୍ରି—ମୁମୂର୍ଷୁ ଅବସ୍ଥାପନ୍ନ ହେବା—
Abataba hebā To be on the point of death; to be dying.
ଜବୁଥବୁ ହଓଆ
अबतब होना

**ଅବତମସ**—ସଂ. ବି. ( ଅବ=ଅଳ୍ପ+ତମସ୍=ଅନ୍ଧକାର+ଅ )—
Abatamasa ଅଳ୍ପ ଅନ୍ଧକାର—Faint darkness.

**ଅବତର**—ସଂ. ବି. (ଅବ=ନିମ୍ନକୁ+ତୃ ଧାତୁ=ପାର ହେବା; ଯିବା+
Abatara ଭାବ. ଅ )—ଅବତରଣ ( ଦେଖ )
Abataraṇa ( See )

ଦେ. ବି.—ଭୂମି ବତର ବା ଓଦା ନ ଥିବା ଅବସ୍ଥା—
Dry condition of the soil.

ଦେ. ବିଣ—ବର୍ଷା ପରେ ଓଦା ନ ଥିବା ବା ଶୁଖି ଯାଇଥିବା ( ଭୂମି )—( land ) From which the moisture has dried up after rain.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ୍ଞ | ଶ,ଷ | ଙ୍କ୍ଷ | ଇଯ୍ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

**ଅବତରଣ**—ସଂ. ବି. ( ଅବ=ନିମ୍ନକୁ+ତୃ ଧାତୁ+ଭାବ. ଅନ )—
Abatarana ୧ । ଅବରୋହଣ; ତଳକୁ ଓହ୍ଲାଇବା—
1. Getting down; alighting; descent; descending.
୨ । ନଦ୍ୟାଦି ପାର ହେବା—
2. Crossing ( a river ).
୩ । ଦେବତାଙ୍କର ଭୂତଳରେ ଜନ୍ମଗ୍ରହଣ; ଅବତାର—
3. Incarnation; advent.
୪ । ଜନ୍ମ ଗ୍ରହଣ—4. Being born.
୫ । ଯାନାଦିରୁ ଓହ୍ଲାଇ ଭୂମିରେ ପାଦ ପକାଇବା—
5. To alight from a conveyance.

**ଅବତରଣିକା**—ସଂ. ବି. ( ଅବତରଣ+ଇକ=ଆ )—
Abataranikā ୧ । ସୋପାନ; ପାହାଚ—
1. Flight of steps.
୨ । ଗ୍ରନ୍ଥର ଭୂମିକା; ଉପକ୍ରମଣିକା; ଗ୍ରନ୍ଥର ପୂର୍ବାଭାଷ—
2. Introduction to a book.

**ଅବତରା**—ଦେ. ବି—ଅବତରିବା କର୍ମ—
Abatarā The act of Abataribā.

ଆଭିଜାନ ଦେ. ବିଣ—ଯାହା ବତୁର ନାହିଁ; ଯାହା ପାଣିରେ ପଡ଼ି ସମ୍ପୂର୍ଣ୍ଣରୂପେ ନରମ ବା ଓଦା ହୋଇ ନାହିଁ—
Not fully moistened with water.

**ଅବତରିବା**—ଦେ. କ୍ରି—୧ । ଅବତାର ଗ୍ରହଣ କରିବା; ଅବତାର
Abataribā ଗ୍ରହଣ କରି ପୃଥିବୀରେ ଜନ୍ମ ହେବା—
1. To be incarnated in the world.
ବିଶ୍ୱାମିତ୍ର ମହିମା ବୋଲେ ବଶିଷ୍ଠ ମୁନି
ଦ୍ୱିତୀୟ ବ୍ରହ୍ମା ଅବତରିଛନ୍ତି ମେଦିନୀ । ବିଶ୍ୱନାଥ, ବିଚିତ୍ର ରାମାୟଣ ।
୨ । ଅବତୀର୍ଣ୍ଣ ହେବା; ଅବତରଣ କରିବା; ଓହ୍ଲାଇବା—
2. To descend; to get down; to alight.
ଧବଳ ଗଙ୍ଗା ସ୍ରୋତ ଅବତରଇ । ରାଧାନାଥ, ନେଦିଦୂତ ।
୩ । ( ଦେବତା ) ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇ ଆସିବା—
3. To descend from the heavens.
୪ । ଦେବତାବିଷ୍ଟ ବ୍ୟକ୍ତି ( କାଳସୀ ) ଦେବାଦେଶକୁ ପ୍ରକାଶ କରିବା—4. To declare the commands of a Deity ( said of a person said to be possessed of the spirit of a Deity ).
୫ । ( ଲକ୍ଷଣାର୍ଥ ) କ୍ରୋଧରେ ଉନ୍ମତ୍ତ ବା ଜ୍ଞାନଶୂନ୍ୟ ହୋଇ ଗାଳି ମନ୍ଦ କରିବା—5. To rave in anger.
୬ । ଜନ୍ମଲଭିବା; ଜନ୍ମିବା—6. To be born.
ମନେ କଲି ମୋ ପରି ଅଭାଗିନୀ ନାରୀ
ଏ ମର୍ତ୍ତ୍ୟରେ ଆଉ ନ ଥିବ ଅବତରି । କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

**ଅବତଲକ୍**—ଆ. ଅ—ଅବ୍ତକ୍ ( ଦେଖ )
Abatalak Abtak ( See )

**ଅବତାନ**—ସଂ.ବିଣ. ( ଅବ+ତନ ଧାତୁ=ବିସ୍ତାର କରିବା+ଭାବ. ଅ)—
Abatāna ୧ । ବିସ୍ତାର—1. Spreading; extension.
୨ । ଆବରଣ; ଆଚ୍ଛାଦନ—2. Covering.
୩ । ଚନ୍ଦ୍ରାତପ—3. Awning.
୪ । ଅଟମଣ୍ଡପ—4. An open tent.

**ଅବତାର**—ସଂ. ବି. ( ଅବ=ନିମ୍ନକୁ+ତୃ ଧାତୁ=ଗମନ କରିବା+
Abatāra ଭାବ. ଅ )—୧ । ଅବତରଣ; ତଳକୁ ଓହ୍ଲାଇବା—
1. Descending.
୨ । ପାର ହେବା—2. Crossing ( Apte ).
୩ । ମନୁଷ୍ୟ ଓ ଜୀବାଦିର ମୂର୍ତ୍ତିଧାରଣ କରି ଦୁଷ୍ଟଦଳନ ଓ ଶିଷ୍ଟପାଳନାର୍ଥ ଦେବତାଙ୍କର ପୃଥିବୀରେ ଜନ୍ମଗ୍ରହଣ କରିବା; ଦେବତାଙ୍କର ପୃଥିବୀରେ ଅଭିବ୍ୟକ୍ତି—
3. Incarnation; appearance of a Deity on earth in shape of men or other animals.
[ ଦ୍ର—ବିଷ୍ଣୁ ନାନା ଅବତାର ଗ୍ରହଣ କରି ପୃଥିବୀରୁ ଦୁଷ୍ଟ ଓ ରାକ୍ଷସମାନଙ୍କୁ ଦମନ କରିଅଛନ୍ତି ଓ ଭବିଷ୍ୟତରେ କରିବେ ବୋଲି ପୁରାଣରେ ଲେଖା ଅଛି । ବିଷ୍ଣୁଙ୍କର ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ଓ କଳ୍କୀ—ଏହି ଦଶ ଗୋଟି ଅବତାର ପ୍ରଧାନ । ବର୍ତ୍ତମାନ ବିଷ୍ଣୁଙ୍କର ବୁଦ୍ଧ ଅବତାର । ପୁରୀରେ ଜଗନ୍ନାଥ ସେହି ଅବତାର ବୋଲି ପଣ୍ଡିତମାନେ କହନ୍ତି । ପୃଥିବୀରେ ଅଧର୍ମ ଅତି ବେଶି ହେଲେ, ପରେ ବିଷ୍ଣୁ କଳ୍କି ଅବତାର ଗ୍ରହଣ କରି ମ୍ଳେଚ୍ଛସଂହାରାର୍ଥ ଖଡ୍ଗଧାରଣ କରିବେ—ଏହା ପଣ୍ଡିତମାନଙ୍କର ବିଶ୍ୱାସ । ]
୪ । କୌଣସି ବସ୍ତୁ ପ୍ରତି ଲକ୍ଷ୍ୟ କରିବା—
4. Aiming at an object.
୫ । ଅଭିବ୍ୟକ୍ତି; ପ୍ରାଦୁର୍ଭାବ; ବିକାଶ; ପ୍ରକାଶ—
5. Coming to existence.
୬ । ପୁଷ୍କରିଣୀ ଆଦିର ଘାଟ—6. Bathing-ghat.
୭ । ପାର ହେବା ଘାଟ—7. Ferry; landing place.
୮ । ସୋପାନ; ସିଡ଼ି; ପାହାଚ—
8. Flight of steps; ladder.
୯ । ତୀର୍ଥ—9. Sacred bathing-place. (Apte)
୧୦ । ପୁଷ୍କରିଣୀ—10. Tank (Apte)
୧୧ । ଜନ୍ମ—11. Birth; advent; growth.
୧୨ । ଅବତରଣିକା—12. Introduction; preface ( Apte )
ଦେ. ବି—କୌଣସି ବ୍ୟକ୍ତିଠାରେ ବସନ୍ତ (ଠାକୁରାଣୀ) ବାହାରିବା ପରେ ଦିବସର ସଂଖ୍ୟାପୂରଣ—
The days counted from the beginning of a person being attacked by small-pox.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

( ଯଥା—ବସନ୍ତ ବାହାରବାର ଚତୁର୍ଥ ଦିନକୁ ଲୋକେ ଗୃହ ଅବତାର ବୋଲି କହନ୍ତି । )

ଦେ. ବିଣ—ଜାତ; ଜନ୍ମଗ୍ରହଣ କରିଥିବା—Born.

ମସ୍ତିଷ୍କ ଦୃଢ଼ିକ ଦେବ ବେନି ବାର,
ଅଶ୍ୱିନୀକୁମାରଠାରୁ ଅବତାର—ବିଶ୍ୱନାଥ କବିଙ୍କ ରାମାୟଣ ।

**ଅବତାରଣ**—ସଂ. ବି. ( ଅବ + ତୃ ଧାତୁ, ଣିଜନ୍ତ + ଭାବ. ଅନ )—
Abatāraṇa
୧ । ଊର୍ଦ୍ଧ୍ୱରୁ ନିମ୍ନକୁ ଆନୟନ—
1. Bringing down.
୨ । ଅବରୋହଣ; ତଳକୁ ଓହ୍ଲାଇବା—
2. Descending
୩ । ପ୍ରସ୍ତାବନା—3. Preface.
୪ । ଅପସାରଣ—4. Removal.
୫ । ଅବତାର ଗ୍ରହଣ—
5. Assumption of an incarnation.
୬ । ଉତ୍ପତ୍ତି; ଜନ୍ମ—6. Birth.
୭ । ଅଭିବ୍ୟକ୍ତି—7. Manifestation.

**ଅବତାରଣା**—ସଂ. ବି. ( ଅବତାରଣ + ଆ )—ଅବତରଣିକା ( ଦେଖ )
Abatāraṇā Abataraṇikā ( See )

**ଅବତାରଣିକା**—ସଂ. ବି. ( ଅବତାରଣ + କ + ଆ)—
Abatāraṇikā ଅବତରଣିକା ( ଦେଖ )
Abataraṇikā ( See )

**ଅବତାରଣୀ**—ସଂ. ବି. ସ୍ତ୍ରୀ. ( ଅବତାରଣ + ଈ )—
Abatāraṇī ଅବତରଣିକା ( ଦେଖ )
Abataraṇikā ( See )

**ଅବତାରବାଦ**—ସଂ. ବି—ପୃଥିବୀରୁ ପାପଭାର ଲଘୁ କରିବା ପାଇଁ
Abatārabāda ଦେବତା ମର୍ତ୍ତ୍ୟରେ ଜନ୍ମଗ୍ରହଣ କରନ୍ତି—ଏହି ଲୋକ ବିଶ୍ୱାସ—Theory of the Deities advent into the world as incarnation; Incarnation Theory.

**ଅବତାରବାଦୀ**—ସଂ. ବିଣ. ପୁଂ—ଯେଉଁ ବ୍ୟକ୍ତି ଅବତାରବାଦରେ
Abatārabādī ବିଶ୍ୱାସ କରନ୍ତି—Belonging to the
( ଅବତାରବାଦିନୀ—ସ୍ତ୍ରୀ ) Theory of Incarnation.

**ଅବତାରଭେଦ**—ସଂ. ବି—ଦେବତାଙ୍କର ଭିନ୍ନ ଭିନ୍ନ ଅବତାର—
Abatārabheda Different incarnations of a Deity.

**ଅବତାରିତ**—ସଂ. ବିଣ. ( ଅବ + ତୃ ଧାତୁ ଣିଚ; ତାରି ଧାତୁ + କର୍ମ.
Abatārita ତ )—୧ । ଅବରୋପିତ; ଯାହାକୁ ଉପରୁ ତଳକୁ ଅଣାଯାଇଅଛି—1. Got down.
୨ । ପ୍ରସ୍ତାବିତ—2. Proposed.

**ଅବତାରିବା** – ଦେ. କ୍ରି. ( ସଂ. ଅବତାର )—୧ । ଅବତରିବା (ଦେଖ)
Abatāribā 1. Abataribā ( See )
୨ । ଓହ୍ଲାଇଦେବା; କୌଣସି ବସ୍ତୁ ବା ବ୍ୟକ୍ତିକୁ ଉପରୁ ତଳକୁ ଓହ୍ଲାଇ ଦେବା—
2. To cause to get down; to let down; to bring down.

**ଅବତାରୀ**—ସଂ. ବିଣ. ( ଅବତାର + ଇନ୍; ୧ମା. ୧ବ. )—ଯେ
Abatārī ଅବତାର ଗ୍ରହଣ କରନ୍ତି; ଈଶ୍ୱର—Incarnate.

ପୂର୍ଣ୍ଣ ଅବତାରୀ ଅଟନ୍ତି ପୀତାପତି—କୃଷ୍ଣସିଂହ. ମହାଭାରତ. ସଭା ।

**ଅବତିନ୍ୟ**—ଗ୍ରା. ବିଣ. ( ସଂ. ଅବତୀର୍ଣ୍ଣ )—ଅବତୀର୍ଣ୍ଣ ( ଦେଖ )
Abatinya Abatirṇṇa ( See )

**ଅବତୀର୍ଣ୍ଣ**—ସଂ. ବିଣ. ( ଅବ + ତୃ ଧାତୁ + କର୍ତ୍ତୃ. ତ )—
Abatirṇṇa ୧ । ଓହ୍ଲାଇଥିବା—1. Descended.
୨ । ତଳକୁ ଉତୁରି ଥିବା; ନିମ୍ନକୁ ଆଗତ—
2. Got down; alighted.
୩ । ଆବିର୍ଭୂତ; ଉପସ୍ଥିତ—3. Appeared.
୪ । ଗୃହୀତାବତାର; ଅବତାର ଗ୍ରହଣ କରିଥିବା—
4. Incarnate.
୫ । ଉତ୍ପନ୍ନ; ଜାତ—5. Born.
୬ । ଉତ୍ତୀର୍ଣ୍ଣ; ପାରି ହୋଇଥିବା—
6. Having crossed.
୭ । ଅତିକ୍ରାନ୍ତ—7. Passed over or by.

**ଅବତୋକା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅବ = ଅପଗତ + ତୋକ =
Abatokā ଅପତ୍ୟ )—ସ୍ରବଦ୍ଗର୍ଭା ଗାଈ; ଯେଉଁ ଗାଈ ଅସମୟରେ ଗୋବର ପକାଇଅଛି—A cow which has miscarried from accident.

**ଅବଦ**—ଦେ. ପଦ୍ୟ. ବି. ( ସଂ. ଅବ୍ଦ )—ବର୍ଷ—Year.
Abada ସ୍ୱଭାବେ ଷୋଡ଼ଶ ଅବଦ, ସୁନ୍ଦର ସୁକୁମାର ଗାତ୍ର ।
ଜଗନ୍ନାଥ. ଭାଗବତ ।

**ଅବଦଂଶ**—ସଂ. ବି. ( ଅବ + ଦନ୍ଶ ଧାତୁ = ଖାଇବା + କର୍ମ. ଅ )—
Abadaṁśa ମଦ୍ୟପାନ କାଳରେ ରୁଚି ଜନ୍ମିବା ପାଇଁ ଖିଆଯିବା ଚର୍ବଣ ଦ୍ରବ୍ୟ; ଚାଟ୍—Things eaten to give relish to drinkers of wine.

**ଅବଦକେ**—ଦେ. ପଦ୍ୟ. ବି. (ସଂ. ଅବ୍ଦକ)—କାଳଜ୍ଞାପକ ଶାସ୍ତ୍ରବିଶେଷ—
Abadake A Śāstra dealing with years.

ଫାଲ୍ଗୁନକୁ ପକ୍ଷେ ଚୈତ୍ର ବୈଶାଖକୁ ପକ୍ଷେ,
ବର୍ଷଭିତ୍ତିରୁ ଏହାକୁ ଅବଦକେ ଲେଖେ—ସାରଳାମହାଭାରତ. ଭୀଷ୍ମ ।

**ଅବଦନ**—ସଂ. ବି. ( ଅ = ମ୍ଳାନ + ବଦନ )—ଅସୁନ୍ଦର ମୁହଁ—
Abadana Ugly face.

**ଅବଦାତ**—ସଂ. ବି ( ଅବ + ଦୈ ଧାତୁ = ଶୁଦ୍ଧ ହେବା + କର୍ମ. ତ )—
Abadāta ୧ । ଶ୍ୱେତବର୍ଣ୍ଣ—1. White colour.
୨ । ପୀତବର୍ଣ୍ଣ—2. Yellow colour.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋ | ଌ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ତଦ୍ବର୍ଗୀୟ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତ |

ସ. ବିଣ—୧ । ଶ୍ୱେତ—1. White.
୨ । ନିର୍ମଳ—2. Clean; spotless.
୩ । ସୁନ୍ଦର; ମନୋଜ୍ଞ—3. Beautiful.
୪ । ବିଶୁଦ୍ଧ—4. Pure.

**ଅବଦାନ**—ସ. ବି (ଅବ=ଶୁଦ୍ଧି ବା ପୂଜାର୍ଥ+ଦା ଧାତୁ+ଭାବ. ଅନ)-
Abadāna ୧ । ପୂଜା ବା ଅର୍ଚ୍ଚନାର୍ଥ ଦାନ; ଅର୍ଘ୍ୟ—1. Oblation.
୨ । ଦାନ—2. Gift.
୩ । ସମ୍ପାଦିତ କର୍ମ—3. Accomplished work.
୪ । ବିକ୍ରମପ୍ରକାଶ; ପରାକ୍ରମ—4. Exhibition of prowess.
୫ । କୀର୍ତ୍ତି—5. Fame.
୬ । ପ୍ରଶଂସିତ କର୍ମ—6. praise-worthy action.
୭ । ଯଜ୍ଞକର୍ମ—7. Vedic sacrifice.
୮ । (ଅବ+ଦୋ ଧାତୁ=ଛେଦନ କରିବା+ଅନ)—ଖଣ୍ଡ; ଛିନ୍ନାଂଶ—8. Portion cut.
୯ । (ଅବ+ଦୈ ଧାତୁ=ଶୁଦ୍ଧ କରିବା)—ଶୋଧନ; ଶୁଦ୍ଧିକରଣ—9. Purification.
୧୦ । (ଅବ+ଦେ ଧାତୁ=ପାଳନ)—ପାଳନ—10. Bringing up; tending.
୧୧ । ଉଶୀର (ଦେଖ) 11. Ushira (See)

**ଅବଦାରକ**—ସ. ବିଣ. ପୁଂ (ଅବ+ଦାର ଧାତୁ+କର୍ତ୍ତୃ. ଅକ)—
Abadāraka ୧ । ବିଦାରକ—1. Piercing.
(ଅବଦାରିକା—ସ୍ତ୍ରୀ) ୨ । ଛେଦକ—2. Cutting.
୩ । ଭୂମିଖନନାସ୍ତ୍ର; ଖଣତି—3. A pick for digging earth.

**ଅବଦାରଣ**—ସ. ବି. (ଅବ+ଦାର ଧାତୁ+ଭାବ. ଅନ)—
Abadārana ୧ । ବିଦାରଣ—1. Piercing.
୨ । ଖନନ—2. Digging.
୩ । ଫାଟ—3. A rent.
୪ । ଖନନାସ୍ତ୍ର; ଖଣତି; ସାବଳ—4. A pick used in digging.

**ଅବଦାହ**—ସ. ବିଣ ( ଅବ=ନ୍ୟୂନ+ଦାହ; ଯାହାଦ୍ୱାରା ଦାହ କମି
Abadāha ଯାଏ । )—ପ୍ରଦାହନାଶକ—Assuaging the burning sensation of the body.
ସ. ବି—୧ । ବେଣାମୂଳ—1. The root of Benā grass.
୨ । ଜ୍ୱରଜନ୍ୟ ଦାହ—2. High temperature due to fever.

**ଅବଦାହେଷ୍ଟ**—ସ. ବି ( ଅବଦାହ=ଦେହପ୍ରଦାହ+ଇଷ୍ଟ=ମଙ୍ଗଳ-
Abadāheshta କର )—ବେଣାମୂଳ—The root of Benā grass.

**ଅବଦୀର୍ଣ୍ଣ**—ସ. ବିଣ (ଅବ+ଦୃ ଧାତୁ+କର୍ତ୍ତୃ. ତ)—୧ । ଗଳିତ; ଦ୍ରବୀଭୂତ
Abadirnna 1. Melted.
୨ । ବିଦୀର୍ଣ୍ଣ—2. Pierced.
୩ । ବିଦଳିତ—3. Trodden.
୪ । ଚୂର୍ଣ୍ଣୀଭୂତ—4. Reduced to powder or dust.

**ଅବଦ୍ଧ**—ସ. ବିଣ—(ଅ+ବନ୍ଧ ଧାତୁ+କର୍ମ. ତ)—୧ । ଯାହା ବନ୍ଧ ବା
Abaddha ବନ୍ଧା ହୋଇ ନାହିଁ—1. Unbound; untied.
୨ । ଅସଂଯତ—2. Unregulated; unrestrained.
୩ । ଅସମ୍ବଦ୍ଧ—3. Incoherent; unconnected.
ବି—ଅସମ୍ବଦ୍ଧ ବାକ୍ୟ; ପ୍ରଳାପ—Incoherent words; ravings.

**ଅବଦ୍ଧମୁଖ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବଦ୍ଧ ଅଟେ ମୁଖ ଯାହାର)—
Abaddhamukha ୧ । ଯାହା ମୁହଁରେ ବାଡ଼ବତା ନାହିଁ—
(ଅବଦ୍ଧମୁଖୀ—ସ୍ତ୍ରୀ) 1. ( a person ) Who says whatever comes to his lips
୨ । ଅସଂଯତମୁଖ—2. Talking in an unrestrained manner.
୩ । ଦୁର୍ମୁଖ; ଅପ୍ରିୟବାଦୀ—3. Foul-tongued.
୪ । ମୁଖର—4. Talkative.

**ଅବଦ୍ୟ**—ସଂ. ବିଣ (ଅ+ବଦ ଧାତୁ+କର୍ମ. ଯ)—୧ । ଅକଥ୍ୟ—
Abadya 1. Unspeakable.
(ଅନବଦ୍ୟ—ବିପରୀତ) ୨ । ନିନ୍ଦନୀୟ—2. Blame-worthy.
୩ । ନୀଚ; ଅଧମ; ହୀନ—3. Low; mean.
୪ । ମନ୍ଦ—4. Bad.
ସଂ. ବି.—୧ । ଅନିଷ୍ଟ—1. Injury.
୨ । ପାପ—2. Sin.
୩ । ଦୋଷ—3. Fault.
୪ । ନିନ୍ଦା—4. Blame.
ଦେ. ବି—ଅବୈଦ୍ୟ; କୁବୈଦ୍ୟ—A quack.

**ଅବଧ**—ଦେ. ବିଣ (ସଂ. ଅବଧ୍ୟ)—୧ । ଅବଧ୍ୟ; ବଧର ଅଯୋଗ୍ୟ—
Abadha 1. Not fit to be killed.
୨ । ଯାହାକୁ କେହି ମାରି ପାରେ ନାହିଁ—2 Whom none is capable of killing.
ମୁହିଁ ଅବଧ ଅଟଇ ତୋହର ପ୍ରସାଦେ—ସାରଳାମହାଭାରତ. ଦଣ୍ଡ ।

**ଅବଧ** ଦେ. ବି. ( ହିନ୍ଦି. ଅଉଧ—ଭୂଲ. ଇଂ. ଅଉଧ୍ )—ଅଯୋଧ୍ୟା ପ୍ରଦେଶ ଓ ନଗର—The province and the town of Oudh, Ajodhyā.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ମୁହିଁ କୁରୁବର୍ଷେ ପାଞ୍ଚାଲେ ଅବଧେ—ସ୍ୱାଧୀନାଥ, ମହାଯାତ୍ରା ।

**ଅବଧପୁରୀ**—ଦେ. ବି ( ହି. ଅୱଧ; ଭୁଲ—ଇଂ. ଆଉଧ୍ )—
Abadhapuri ୧ । ଅଯୋଧ୍ୟାନଗର—
**অযোধ্যাপুরী** 1. The town of Ajodhyā.

**ଅବଧରିବା**—ଦେ. କ୍ରି—୧ । ( ଆଦେଶ ) ପାଳନ କରିବା—
অবধারণকরা 1. To obey.

ଅବଧରି ତୋ ଆଜ୍ଞାକୁ—କବିସୂର୍ଯ୍ୟ. ଚମ୍ପୂଗୀତ ।

**ଅବଧାନ୍**—ଦେ. ଅ (ସଂ. ଅବଧାନ = ମନୋଯୋଗ; ସମ୍ବୋଧିତ ବ୍ୟକ୍ତିଙ୍କର
Abadhān ମନୋଯୋଗ ଆକର୍ଷଣ କରିବାରେ ବ୍ୟବହୃତ ଶବ୍ଦ)—

୧ । ମାନ୍ୟ ବ୍ୟକ୍ତିଙ୍କୁ ସମ୍ବୋଧନ କରିବାରେ ବ୍ୟବହୃତ ହେ ମହାଶୟ !—1. (Interjection) Sir.

୨ । ଶୁଣିବାକୁ ଆଜ୍ଞା ଦେଉ; ଅବଧାନକୁ ଆସୁ—
2. May it please you; may you be pleased to hear.

୩ । ହେ ମହାଶୟ ! ଶୁଣ—3. Please hear, Sir.

[ ଅବଧାନ୍ଙ୍କୁ, ଆଗ ମାଇପକୁ ତଡ଼୍ ଗୁପଡ଼ ପଛ ମାଇପକୁ ସାବଧାନ୍—ଢଗ । ]

୪ । ( ଶୂଦ୍ରମାନେ ବ୍ରାହ୍ମଣଙ୍କୁ ବା ସମ୍ମାନନୀୟ ବ୍ୟକ୍ତିଙ୍କୁ ନମସ୍କାର କରିବାବେଳେ ଉଚ୍ଚାରିତ ) ନମସ୍କାର—
4. (uttered by a Śūdra while bowing to a Brāhmaṇa ) Good morning.

୫ । ( ମାନନୀୟ ବ୍ୟକ୍ତିଙ୍କ ପ୍ରଦତ୍ତ ଆଦେଶକୁ ଶିରୋଧାର୍ଯ୍ୟ କରିବାପାଇଁ ନିମ୍ନତର ବ୍ୟକ୍ତିର ପ୍ରତିଶ୍ରୁତି)—ଯେ ଆଜ୍ଞା—
5 ( used by a person promising to carry out the order given by his superior ) Yes sir.

୬ । (ମାନ୍ୟ ବ୍ୟକ୍ତି ବା ପ୍ରଭୁ ଭୃତ୍ୟକୁ ଡାକିଲେ ଭୃତ୍ୟ ଦେବା ପ୍ରତ୍ୟୁତ୍ତର; ଆଜ୍ଞା ! ମୁଁ ସାବଧାନ ଅଛି; ଆପଣ କଅଣ ଆଜ୍ଞା କରିବେ କରନ୍ତୁ—
6. ( Used by a servant in responding to the call of the master) Yes, Sir !

**ଅବଧାନ**—ସଂ. ବି ( ଅବ = ସମ୍ୟକ୍ + ଧା ଧାତୁ = ଧାରଣକରିବା + ଭାବ.
Abadhāna ଅନ )—୧ । ଅଭିନିବେଶ; ମନୋଯୋଗ—
1. Attention.

ଚିନ୍ତୁ କ ବଚନ ଭାବ, ଚକିତ ନୋ ଶତ୍ରୁଶ୍ରବ. ଚିତ୍ତକୁ ଘଟନ୍ତେ, ଅବଧାନ ବିନା ହସିଲ ।
କବିସୂର୍ଯ୍ୟ. କିଶୋରଚନ୍ଦ୍ର. ଚ.ଗୀତ ।

୨ । ଚିତ୍ତର ଏକାଗ୍ରତା—
2. Concentration of mind.

ଦେ. ବି—( ସଂ. ଅବଧାନ ) ୧ । ମନୋଯୋଗପୂର୍ବକ ଶ୍ରବଣ—
2. Hearing with attention

୩ । ଅନୁଗ୍ରହ—3. Favour.

ଭଗାରିଜନ୍ନ ବଦନ ମ୍ଳାନ ହୁଏ ତା ଅବଧାନେ—
କବିସୂର୍ଯ୍ୟ. ରତ୍ନାକର ଚମ୍ପୂ. ଚ.ଗୀତ ।

୪ । ଚାଟଶାଳୀର ଶିକ୍ଷକ—
5. Teacher of a primary school.

ମୁଁ ଜଗତକରତା ହୋଇଛି ଅବଧାନ
ପଢ଼ାଉଛି ନିତି ତାର ବାଳୁତ ସନ୍ତାନ ।
ବିଶ୍ୱନାଥ, ବଡ଼ଚିତ୍ରମାୟଣ ।

୬ । ଦୃଷ୍ଟି; ଦର୍ଶନ—6. Seeing; viewing.

ବାଡ଼େ ସ୍ତନେ ତିନ ଶ୍ଲୋକେ ଅବଧାନ ନୋହୁଛି କାହିଁକି ।
ଭଞ୍ଜ. ବୈଦେହୀଶବିଳାସ ।

୭ । ( ଏହି ଜାତିର ଲୋକେ ଚାଟଶାଳୀର ଶିକ୍ଷକତା କରୁଥିବାରୁ ) ମାଷ୍ଟବଂଶ ନାମକ ଜାତି—
7. A caste of village school master.

୮ । ଜ୍ୟୋତିଷ ବା ଖଡ଼ିବଂଶ ନାମକ (ଏମାନେ ଜ୍ୟୋତିଃଶାସ୍ତ୍ର-ଗଣନା ବ୍ୟବସାୟ କରନ୍ତି)—9. A caste of astrologers.

୧୦ । ସମ୍ମାନ; ମର୍ଯ୍ୟାଦା—10. Honour; respect.

ଦେ. ବିଣ ( ସଂ. ଅବଧାନପର )—୧ । ସାବଧାନ; ହୁସିଆର—
1. Cautious.

୨ । ମନୋଯୋଗୀ—2. Attentive.

**ଅବଧାନ କରିବା**—ଦେ. କ୍ରି—୧ । ମନୋଯୋଗପୂର୍ବକ ଶୁଣିବା—
Abadhāna karibā 1. To hear with attention.
অবধানকরা

ସଂସାର ଜନେ କର ଅବଧାନ । ମଧୁସୂଦନ. ସଙ୍ଗୀତମାଳା ।

୨ । ( ଶିଷ୍ଟତାମୂଳକ ବ୍ୟବହାର; ମାନ୍ୟ ବ୍ୟକ୍ତିଙ୍କ ପ୍ରତି ) ଅନୁଗ୍ରହପୂର୍ବକ କୌଣସି କାର୍ଯ୍ୟ କରିବା—
( ଯଥା—ଦେବା; ନେବା; ଯିବା; ଆସିବା; କହିବା ଇତ୍ୟାଦି । )
2. ( a term of civility) To do a thing as a favour; to be pleased to do a thing; to be kind enough to do a thing.

କମଳ ନୟନ କରୁଣା ନିଧାନ
କଷ୍ଟ କଲେ ଅବଧାନ । ( = ମତେ ଦୁଃଖ ଦେଲେ )
ଦୀନକୃଷ୍ଣ, ରସକଲ୍ଲୋଳ ।

[ ଦ୍ର—ରାଜା ବର୍ତ୍ତମାନ ମୂର୍ଚ୍ଛୋହିକୁ ଅବଧାନ କରିଛନ୍ତି = ଯାଇ ଅଛନ୍ତି; ଆପଣ କ ସକାଶେ ଏଠାକୁ ଅବଧାନ କରିବା ହେଲେ = ଆସିଲେ; ରାଜା ମତେ ଏ ଟଙ୍କା ଖଣ୍ଡି ଅବଧାନ କଲେ = ଦେଲେ । ]

୩ । ଅନୁଗ୍ରହ ଦେଖାଇବା—3. To show favour.

୪ । ଅନୁଗ୍ରହଣ ପୂର୍ବକ ଶୁଣିବା—
4. To condescend to hear.

୫ । ଆଜ୍ଞା କରିବା; କହିବା—
5. To order; to speak out.

ବୋଲେ ରାମ ବହନି, ବର୍ଣ୍ଣସୁ କ କର ଅବଧାନ ।
ଭଞ୍ଜ. ବୈଦେହୀଶବିଳାସ ।

**ଅବଧାନକାଶୁ**—ଦେ. ଅ—ଅବଧାନକୁ ଆସୁ ( ଦେଖ )
Abadhānakāsu Abadhānaku āsu ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଢ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଢ଼ |

**ଅବଧାନକୁ ଆସିବା**—ଦେ. କ୍ରି—୧ । ( କୌଣସି ବିଷୟ ) ଶୁଣାଯିବା;
Abadhānaku āsibā ବିବେଚିତ ହେବା—
1. To be heard or attended to.

ବଧି ବବେକେ ଅଛି ପଚ୍ଛେ ପଁହାଇ ଅବଧାନକୁ ନ ଆସିଲା ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ମଞ୍ଜୁର ହେବା—2. To be granted.
( ଯଥା—ମୋ ଗୁହାରି ସେମାନଙ୍କ ଅବଧାନକୁ ଆସିଲା ନାହିଁ । )

**ଅବଧାନକୁ ଆସୁ**—( ଆପଣଙ୍କ; ସେମାନଙ୍କ; ହଜୁରଙ୍କ)—ଦେ. ଅ. ( ମାନ୍ୟ
Abadhānaku āsu ବ୍ୟକ୍ତିଙ୍କ ପ୍ରତି ବ୍ୟବହୃତ; ଏଥିର ମର୍ମ ଏ ବିଷୟ ଆପଣଙ୍କର ଦିବ୍ୟ ଅବଧାନକୁ ଆସୁ )—
( ଏ ବିଷୟ ) ଆପଣ ଶୁଣି ଆଜ୍ଞା ହୁଅନ୍ତୁ; ଶୁଣିବାକୁ ସାବଧାନ ମଣିମା—Be pleased to hear ( this ); deign to hear.

**ଅବଧାନପର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବଧାନ+ପର )—
Abadhānapara ୧ । ସାବଧାନ—1. Careful.
(ଅବଧାନପରା—ସ୍ତ୍ରୀ) ୨ । ମନୋଯୋଗୀ—2. Attentive.
୩ । ଦତ୍ତାବଧାନ— 3. Attending to.

**ଅବଧାନପିଣ୍ଡି**—ଦେ. ବି. ( ତ. ଅବଧାନ+ଦେ. ପୀଠ )—
Abadhānapiṇḍi ଚାଟଶାଳୀରେ ପଢ଼ାଇଲା ବେଳେ ଅବଧାନ ବା ଶିକ୍ଷକ ମହାଶୟ ବସିବା ପାଇଁ ନିର୍ମିତ ମାଟିର ଉଚ୍ଚ ବେଦିକା ବା ପୀଠ—The raised seat made of earth on which a village-teacher sits while teaching.

**ଅବଧାନ ହେଉ**—ଦେ. ( ଅନୁଜ୍ଞା ବା ପ୍ରାର୍ଥନାତ୍ମକ କ୍ରିୟାପ୍ରୟୋଗ )—
Abadhāna heu ୧ । ( ଗୁହାରି; ପ୍ରାର୍ଥନା ) ଶୁଣାଯାଉ—
1. Let the prayer be heard.

ଅବଧାନ ହେଉ ଛାମୁରେ ଆରତ କରୁଛି ଦୁଃଖୀ ଗୋଚର ।
ଜଗନ୍ନାଥ. ପ.ବଙ୍ଗ ।

୨ । ( ପ୍ରାର୍ଥନା ) ମଞ୍ଜୁର କରାଯାଉ—
2. Let the prayer be granted.
୩ । ( ପ୍ରାର୍ଥିତ ବସ୍ତୁ ) ପ୍ରଦତ୍ତ ହେଉ—
3. Let the prayed for thing be given.
୪ । ଆପଣ ଅନୁଗ୍ରହପୂର୍ବକ (ଅମୁକ ସ୍ଥାନକୁ) ଆସିବା ହୁଅନ୍ତୁ—
4. Be pleased to come (to such or such a place.)

[ ଯଥା—ନୀଳକଣ୍ଠ ଦାସେ ଆପଣେ ! ମାଧ ମିଶ୍ରଙ୍କ ପୁଅ ବ୍ରତ ଷଣ୍ଢୁଡ଼ି ସଭାକୁ ଗଡ଼ୁ ପୀଢ଼ା ଯୋକ ଅବଧାନ ହେଉ । ପୁରୀ ରାଜାଙ୍କ ବ୍ରାହ୍ମଣ ଶାସନରେ ବ୍ରତ, ବିବାହାଦିର ଅଳପଣା, ଫୁଲସଭା, ଷଣ୍ଢୁଡ଼ି ସଭା ଓ ଗଙ୍ଗାପୂର୍ଣ୍ଣିମା ହବିଷ୍ୟାଦିରେ ଉପସ୍ଥିତ ହେବା ପାଇଁ ଗ୍ରାମ ସେବକବ୍ରାହ୍ମଣର ପ୍ରତ୍ୟେକ ଗୃହସ୍ଥଙ୍କ ଘର ସାମନା ଦାଣ୍ଡରେ ଡାକ । ]

**ଅବଧାନ ହେବା**—ଦେ. କ୍ରି—ଅବଧାନ କରିବା (ଦେଖ)
Abadhāna hebā Abadhāna karibā (See)

**ଅବଧାନିଆଁ**—ଦେ. ବିଣ—ଅବଧାନ ବା ଚାଟଶାଳୀର ପୁରୁଣାକାଳିଆ ଶିକ୍ଷକ
Abadhāniān̐ ସମ୍ବନ୍ଧୀୟ—Relating to village-teachers.
(ଯଥା—ଆଜିକାଲି ଇସ୍କୁଲରୁ ଆଗକାର ଅବଧାନିଆଁ ଯାଉଁଳି ବେତ, ମଙ୍କୁଆ ଖାଙ୍କୁଳି, ନାଲିବାଳି ଆଦି ଉଠି ଗଲାଣି ।)

**ଅବଧାନୀ**—ସଂ. ବିଣ. ପୁଂ. (ଅବଧାନ+ଇନ୍ ୧ମା. ୧ବ )—
Abadhānī ଦତ୍ତାବଧାନ; ମନୋଯୋଗୀ—
Attentive to; intent on.

ଶାଖୀ ସାକ୍ଷୀ ପଦ ପୁଷ୍ପ ହାସ ଧରି କହିଲୁ ଅବଧାନୀ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଅବଧାନେ**—ଦେ. କ୍ରି. ବିଣ—୧ । ମନୋଯୋଗ ସହକାରେ—
Abadhāne 1 Attentively.
ସାବଧାନେ ୨ । ଏକାଗ୍ର ଚିତ୍ତରେ—2. With concentrated or undivided attention.

କେତେହେଁ କାଳ ସେ ଭୁବନେ, ଥାଇ ତନ୍ତ୍ରଇ ଅବଧାନେ ।
ଜଗନ୍ନାଥ, ଭାଗବତ ।

୩ । ସାବଧାନତା ସହକାରେ—
3. Carefully; cautiously

ଦେବ କମ୍ପା କର କ୍ରୋଧ ମନେ, ଆଜ୍ଞା ଦେଲେ ସିନ୍ଧୁ ଅନ୍ୟେମାନେ,
ଶତ୍ରୁ ମାରନ୍ତୁ ଏ ଅବଧାନେ—ବିଶ୍ୱନାଥ. ବିଚିତ୍ର ରାମାୟଣ ।

ଦେ. ବି. ସମ୍ମାନାର୍ଥରେ ଶବ୍ଦଶେଷରେ ଏ ଶବ୍ଦ ଯୁକ୍ତ ହୁଏ )—
ଗୁରୁ ମହାଶୟ—The teacher.
ଦେ. ସମ୍ବୋଧନ—ହେ ଅବଧାନ୍ ! ହେ ମହାଶୟ—Oh Sir.

**ଅବଧାରଣ**—ସଂ. ବି (ଅବ+ଧାର ଧାତୁ+ଭାବ. ଅନ)—
Abadhāraṇa ୧ । ନିରୂପଣ; ସ୍ଥିରୀକରଣ—
1. Ascertainment.
୨ । କଥାବିଶେଷ ଉପରେ ଦିଆଯିବା ବିଶେଷ ଯୋର—
2. Emphasis.
୩ । ଦୃଢ଼ତା ସହିତ କୌଣସି ମତର ଘୋଷଣ ବା ପ୍ରକାଶ—
3. Stating or holding an opinion with positive assurance.
୪ । ଶବ୍ଦମାନଙ୍କ ଅର୍ଥକୁ ସୀମାବଦ୍ଧ କରିବା—
4. Limitation (of the sense of words).
୫ । କେବଳ ମାତ୍ର କୌଣସି ବିଶିଷ୍ଟ ଉଦାହରଣ ପ୍ରତି କୌଣସି ବିଷୟ ଖଟାଇବା—5. Restriction to a certain instance with exclusion of any other.
୬ । ଉତ୍ତମରୂପେ ବୁଝିବା—6. Understanding.
ସଂ. ବିଣ—ଅବଧାରିତ (ଦେଖ)
Abadhāritā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବଧାରଣୀୟ**—ସଂ. ବିଣ (ଅବ + ଧାର ଧାତୁ + କର୍ମ. ଅନୀୟ)—
Abadhāraṇīya ୧ । ନିରୂପିତହେବାର ଯୋଗ୍ୟ—
1. Fit to be ascertained.
୨ । ଯାହା ନିର୍ଣ୍ଣୀତ ହୋଇ ପାରେ—2. Capable of being determined; determinable; ascertainable.

**ଅବଧାରିତ**—ସଂ. ବିଣ (ଅବ + ଧୃ ଧାତୁ, ଣିଚ୍ + କର୍ମ. ତ)—
Abadhārita ୧ । ସ୍ଥିରୀକୃତ; ନିର୍ଣ୍ଣୀତ—
(ଅବଧାରଣ—ଦ୍ର) 1. Ascertained; stated.
୨ । ସୁନିଶ୍ଚିତ; ନିଶ୍ଚିତ—2. Certain.
୩ । ନିରୂପିତ—3. Fixed.

**ଅବଧାରିବା**—ଦେ. ପଦ୍ୟ. କ୍ରି—( ସଂ. ଅବଧାରଣ )—୧ । ନିର୍ଣ୍ଣୟ
Abadhāribā କରିବା—1. To ascertain.
অবধারণ করা

ସମସ୍ତ ଅବଧାରିଲା, ନଳ ଶବ୍ଦାରେ ପଶିଲା ।
ପ୍ରାଚୀ—ନଳଚରିତ ।

୨ । (ଆଦେଶାଦି) ପାଳନ କରିବା—
2. To obey; to carry out.

ମନେ ମୁହିଁ ସୁଦେଷ୍ଣା ଯେ ଲେଖା ଅବଧାରି । ସାରଳାମହାଭାରତ. ବିରାଟ ।

୩ । ମନ ମଧ୍ୟରେ ଦୃଢ଼ଭାବରେ ଅଙ୍କିତ କରିବା—
3. To fix steadily in the mind.

ଏ ବିଧିମତେ ପୂଜା କର । ମୋ ରୂପେ ମନ ଅବଧାର ।
ଜଗନ୍ନାଥ. ଭାଗବତ. ୧୧ଶ ।

**ଅବଧାରୀ**—ସଂ. ବିଣ (ଅବ + ଧୃ ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ.)—
Abadhārī ନିର୍ଣ୍ଣୟକାରୀ—Ascertaining.

କହେ ଦେଶାଭର ଦେବ ହେବା ଅବଧାରୀ ।
ସାରଳାମହାଭାରତ. ବିରାଟ ।

**ଅବଧାର୍ଯ୍ୟ**—ସଂ. ବିଣ (ଅବ + ଧୃ ଧାତୁ + କର୍ମ. ଯ)—
Abadhārjya ଅବଧାରଣୀୟ (ଦେଖ)
Abadhāraṇīya (See)

**ଅବଧି**—ସଂ. ବି. (ଅବ = ନିମ୍ନ + ଧା ଧାତୁ = ଧାରଣ କରିବା + ଇ )—
Abadhi ୧ । ସୀମା—1 Limit; boundary.
୨ । ଆରମ୍ଭ—2. Beginning.
୩ । ଅବସାନ; ଅନ୍ତ; ଶେଷ—3. End; extremity.

ସେ ଯାଗର ଅବଧି ବାରଷ୍ଟ ବରଷ,
ତହିଁ ହେଲେ ସେ ଲୋମହର୍ଷଣ ପ୍ରବେଶ—କୃଷ୍ଣସିଂହ. ମହାଭାରତ. ଆଦି ।

୪ । ନିୟମ—4. Rule.
୫ । ବିଲ; ଗର୍ତ୍ତ—5. Hole.
୬ । ଆଧାର—6. Receptacle.
୭ । ମିଆଦ; ନିରୂପିତ ଶେଷ ସମୟ—
7. Fixed time; time-limit.

ନରଖେ ପଦ୍ମପତ୍ରେ ଅବଧିକ କରି,
ଭୁଞ୍ଜଇ ସେ ନର ସୁଖରେ ସବୁ ଗିରି ।

ଦେ. ଅ. (ସଂ. ଅବଧି = ସୀମା)—୧ । ସମୟ ବା ସ୍ଥାନଠାରୁ—
1. From certain place or time.
୨ । ( ସ୍ଥାନ ବା ସମୟ ) ପର୍ଯ୍ୟନ୍ତ—2. Till; upto.
୩ । ଆଜିଠାରୁ—3. From to-day.

ଏଠାରେ ଜନ ମୋତେ ପୂଜିଲେ ଅବଧି,
କହୁଛି ସିଦ୍ଧି ପାଇଁ ହେବେ ସେ ପ୍ରସିଦ୍ଧି—କୃଷ୍ଣସିଂହ. ମହାଭାରତ. ବନ ।

୪ । ଆଜି ପର୍ଯ୍ୟନ୍ତ; ବର୍ତ୍ତମାନ ପର୍ଯ୍ୟନ୍ତ—
4. Upto now; till to-day.

ସେ ସଭାରେ ରହିଣ ଅଛନ୍ତି ଅବଧି—କୃଷ୍ଣସିଂହ, ମହାଭାରତ, ସଭା ।

୫ । ନିଶ୍ଚେ—5. Certainly.

ପୁତ୍ର କଣ୍ଠେ ଶୂଳବୁଲ ମାରିବ ଅବଧି—ସାରଳାମହାଭାରତ, ଦ୍ରୋଣ ।

ଗ୍ରା. ପଦ୍ୟ. ବି. ( ସଂ. ଅବ୍ଧି )—ସମୁଦ୍ର—The sea.

ବନ୍ଦନ୍ତିଲେ ଅବଧିରେ ଶୀବ ତ୍ରାସେ ତଟପରେ ରହେ ଦେଖି ଗଡ଼ ଦ୍ୱାର ସ୍ଥଳେ ।
ଭଞ୍ଜ. ବୈଦେହୀଶବିଳାସ ।

**ଅବଧୀରଣ**—ସଂ.ବି.(ଅବ + ଧୀର ଧାତୁ = ଅବଜ୍ଞା କରିବା + ଭାବ.ଅନ)—
Abadhīraṇa ୧ । ଅବଜ୍ଞା; ଅବମାନନା; ଉପେକ୍ଷା; ଅନାଦର—
ଅବଧୀରଣୀୟ, ଅବଧୀରିତ, ଅବଧୀର୍ଯ୍ୟ } ବିଣ. 1. Disrespect; disregard; slight; disdain.
୨ । ଘୃଣା—2. Contempt.
୩ । ଅପମାନ—3. Insult.

**ଅବଧୀରଣା**—ସଂ. ବି. ( ଅବଧୀର + ଅନ + ଆ )—
Abadhīraṇā ଅବଧୀରଣ (ଦେଖ)—Abadhīraṇa (See)

**ଅବଧୀରିତ**—ସଂ. ବିଣ. ( ଅବଧୀର + କର୍ମ. ତ )—
Abadhīrita ୧ । ଅନାଦୃତ; ଉପେକ୍ଷିତ—
1. Disregarded; disdained.
୨ । ଅବମାନିତ—2. Insulted.
୩ । ଘୃଣିତ—3. Despised.

**ଅବଧୂତ**—ସଂ. ବିଣ. ( ଅବ + ଧୂ ଧାତୁ = କମ୍ପିବା + କର୍ମ. ତ )—
Abadhūta ୧ । ଆନ୍ଦୋଳିତ; କମ୍ପିତ—1. Shaken.
୨ । ଉଦ୍ବେଳିତ—2. Agitated
୩ । ଚଳିତ—3. Moved.
୪ । ପ୍ରସାରିତ—4. Extended.
୫ । ପରିତ୍ୟକ୍ତ—5. Forsaken; abandoned.
୬ । ଆବୃତ—6. Pervaded.
୭ । ଆହତ; ଆହିତ—7. Struck.
୮ । ପଦଦଳିତ—8. Trodden.
୯ । ଅବମାନିତ—9. Insulted.
୧୦ । ତିରସ୍କୃତ—10. Chidden.
୧୧ । ଅନାଦୃତ; ଉପେକ୍ଷିତ—
11. Disregarded.
୧୨ । ସଂସାରମାୟାମୁକ୍ତ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଋ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇଯ୍ୟ | ହ୍ଅ | ଈ |
| ୨ | ଈ | ଊ | ଋ | ଳୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନୃ |

1୪. Freed from worldly ties.

ଏଭବେ ହେଲେ ଅବଧୂତ, ନିଷ୍କାମ ପ୍ରେମଭକ୍ତି ଯୁତ । ଭୂପତି. ପ୍ରେମପଞ୍ଚାମୃତ ।

ସଂ. ବି. ପୁଂ — ୧ । ଶୈବ ସନ୍ନ୍ୟାସୀସମ୍ପ୍ରଦାୟବିଶେଷ—

1. A sect of Śiba-worshippers.

ଅବଧୂତା } ସ୍ତ୍ରୀ
ଅବଧୂତୀ }
[ ଦ୍ର—ଏମାନେ ସଂସାରତ୍ୟାଗୀ;ଜଟା ଓ ଶ୍ମଶ୍ରୁ ଧାରଣ କରନ୍ତି; ଦେହରେ ବିଭୂତି ବୋଳନ୍ତି ଓ ରୁଦ୍ରାକ୍ଷମାଳା ଧାରଣ କରନ୍ତି । ଏମାନେ କୌଣସି ଆଶ୍ରମ ମାନନ୍ତି ନାହିଁ । ତନ୍ତ୍ରମତରେ ଅବଧୂତଙ୍କର ଚାରି ଶ୍ରେଣୀ, ଯଥା—୧. ବ୍ରହ୍ମାବଧୂତ, ୨.ଶୈବାବଧୂତ, ୩.ଭକ୍ତାବଧୂତ ଓ ୪. ହଂସାବଧୂତ । ]

୨ । କପିଳ ମୁନିଙ୍କର ପୁତ୍ର—

2. The son of the sage Kapila.

କପିଳ ମୁନିଙ୍କର ସୁତ, ନାମ ତାହାଙ୍କ ଅବଧୂତ । ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ ।

**ଅବଧୂତା**—ସଂ. ବି. ସ୍ତ୍ରୀ. ( ଅବଧୂତ+ସ୍ତ୍ରୀ. ଆ )—
Abadhūtā ଅବଧୂତାନୀ ୧ ଓ ୨ ( ଦେଖ )
Abadhūtāni 1 & 2 ( See )

**ଅବଧୂତାନୀ**—ସଂ. ବି. ସ୍ତ୍ରୀ. ( ଅବଧୂତ + ସ୍ତ୍ରୀ. ଆନୀ )—
Abadhūtāni ୧ । ଅବଧୂତଦୀକ୍ଷା ଗ୍ରହଣକାରିଣୀ ସନ୍ନ୍ୟାସିନୀ—
1. A female anchorite of the Abadhūta sect.

[ ଦ୍ର—ଅବଧୂତମାନେ ପୁରୁଷମାନଙ୍କୁ ଦୀକ୍ଷା ଦିଅନ୍ତି ଓ ଅବଧୂତାମାନେ ସ୍ତ୍ରୀମାନଙ୍କୁ ଦୀକ୍ଷା ଦିଅନ୍ତି । ]

୨ । ଭବାନୀ; ଦୁର୍ଗା—2. Goddess Durgā.

୩ । ଅବଧୂତ ସନ୍ନ୍ୟାସୀଙ୍କର ବୃତ୍ତି—

3. The following of the teachings of the Abadhūta sect.

**ଅବଧୂତିଆ**—ଦେ. ବିଣ. ( ସଂ. ଅବଧୌତିକ )—ଅବଧୌତିକ (ଦେଖ)
Abadhutiā Abadhautika ( See )

**ଅବଧୂତିଆଣୀ**—ଦେ. ବି. ସ୍ତ୍ରୀ ( ସଂ. ଅବଧୂତାନୀ )—
Abadhūtiāni ଅବଧୂତାନୀ ( ଦେଖ )
Abadhūtāni ( See )

**ଅବଧୂତୀ**—ସଂ. ବି. ସ୍ତ୍ରୀ ( ଅବଧୂତ + ଈ )—
Abadhūti ଅବଧୂତାନୀ ( ଦେଖ )
Abadhūtāni ( See )

**ଅବଧୃତ**—ସଂ. ବିଣ ( ଅବ + ଧୃ ଧାତୁ + କର୍ମ. ତ )—
Abadhṛuta ୧ । ନିଶ୍ଚିତକୃତ—1. Ascertained.
୨ । ସଙ୍କଳ୍ପିତ—2. Determined.
୩ । ନିଶ୍ଚିତ—3. Certain.
୪ । ଶ୍ରୁତ—4. Heard.
୫ । ଶିକ୍ଷିତ—5. Learnt.
୬ । ବୁଝା ଯାଇଥିବା—6. Understood.

ସଂ. ବି—( ସାଙ୍ଖ୍ୟଦର୍ଶନ ) ଜ୍ଞାନେନ୍ଦ୍ରିୟଗଣ—
( Sānkhya philosophy ) The organs of sense.

**ଅବଧେୟ**—ସଂ. ବିଣ ( ଅବ + ଧା ଧାତୁ + କର୍ମ. ଯ )—
Abadheya ୧ । ଅବଧାନଯୋଗ୍ୟ; ପ୍ରଣିଧାନଯୋଗ୍ୟ—
1. Fit to be attended to.

**ଅବଧୌତ**—ସଂ. ବିଣ — ୧ । ( ଅବ=ସମ୍ୟକ୍ + ଧୌତ )—
Abadhauta ଉତ୍ତମରୂପେ ଧୂଆ ହୋଇଥିବା—
1. Well washed.
୨ । ( ଅବଧୂତ + ଅ )—ଅବଧୌତିକ ( ଦେଖ )
2. Abadhautika ( See )

**ଅବଧୌତିକ**—ସଂ. ବିଣ ( ଅବଧୂତ+ଇକ )—
Abadhautika ।ଅବଧୂତସମ୍ବନ୍ଧୀୟ—
1. Relating to Abadhūta.
୨ । ଅବଧୂତ ସନ୍ନ୍ୟାସୀପ୍ରଦତ୍ତ ( ଔଷଧାଦି )—
2. Given or prescribed by an Abadhūta.

**ଅବଧ୍ୱଂସ**—ସଂ. ବି ( ଅବ=ସମ୍ପୂର୍ଣ୍ଣ+ଧ୍ୱଂସ )—
Abadhwamsa ୧ । ବିଧ୍ୱଂସ; ବିନାଶ—
( ଅବଧ୍ୱସ୍ତ—ବିଣ ) 1. Destruction; extinction.
୨ । ତ୍ୟାଗ; ପରିହାର—
2. Abandonment; forsaking.
୩ । ନିନ୍ଦା; ପରିବାଦ—
3. Blame; condemnation.
୪ । ପ୍ରସ୍ଥାନ; ଗମନ—4. Going away.

**ଅବଧ୍ୱସ୍ତ**—ସଂ. ବିଣ ( ଅବ + ଧ୍ୱନ୍ସ ଧାତୁ + କର୍ମ. ତ )—
Abadhwasta ୧ । ବିଧ୍ୱସ୍ତ; ବିନଷ୍ଟ—1. Destroyed.
(ଅବଧ୍ୱଂସ—ବି) ୨ । ତ୍ୟକ୍ତ—2. Forsaken; abandoned.
୩ । ନିନ୍ଦିତ—3. Condemned.
୪ । ପ୍ରସ୍ଥିତ—4. Gone away.

**ଅବଧ୍ୟ**—ସଂ. ବିଣ ପୁଂ ( ଅ + ବଧ )—
Abadhya ୧ । ଶାସ୍ତ୍ର ଓ ବ୍ୟବସ୍ଥା ଅନୁସାରେ ଯାହାକୁ ବଧ କରିବା ଉଚିତ ନୁହେଁ—
( ଅବଧତା—ବି )
( ଅବଧ୍ୟା—ସ୍ତ୍ରୀ ) 1 Not deserving to be killed.

[ ଦ୍ର—ଶାସ୍ତ୍ର ଅନୁସାରେ ଗୋ, ବ୍ରାହ୍ମଣ, ଗୁରୁଜନ, ଶିଶୁ, ସ୍ତ୍ରୀ, ଦୂତ, ରାଜା, ଶରଣାଗତ, ବନ୍ଦୀ, ପଳାୟମାନ, ମୂର୍ଚ୍ଛିତ, ଶସ୍ତ୍ରତ୍ୟାଗୀ, ଯୋଗୀ, ଅତିଥି—ଏମାନେ ଅବଧ ଅଟନ୍ତି । ]

**ଅବନ୍**—ଗ୍ରା. ବି—୧ । ଅପଡ଼; ମନରଅମେଳ—1. Disagreement; want of concord.
Aban
अवनिबनाव ୨ । ବନ୍ଧୁଭାବ ଅଭାବ; ଅସୌହାର୍ଦ୍ଦ୍ୟ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

अनुबन ; 2. Want of friendship or good
अनबानत feeling.

୩ । ମନୋମାଳିନ୍ୟ—3. Ill feeling.

୪ । ଶତ୍ରୁତା—4. Enmity.

୫ । ବିବାଦ— 5. Dispute.

ଦେ. ବିଣ. ( ସଂ. ଅବର୍ଣ୍ଣ )—ବର୍ଣ୍ଣହୀନ—Colourless; having no colour.

**ଅବନ**—ସଂ. ବି. (ଅବ ଧାତୁ + ଭାବ. ଅନ)—୧ । ରକ୍ଷଣ; ରକ୍ଷାକରଣ—
Abana 1. Saving; protection.

୨ । ପ୍ରୀଣନ; ଖୁସି କରିବା—2. Pleasing.

୩ । ସ୍ନେହପ୍ରକାଶକରଣ—3. Showing of affection.

୪ । ପ୍ରାପ୍ତି—4. Attainment; receipt.

୫ । ଗମନ; ଗତି—5. Motion; movement.

୬ । ଗ୍ରହଣ—6. Acceptance.

୭ । ଧାରଣ—7. Holding.

୮ । ବୃଦ୍ଧି—8. Increase.

୯ । ସତ୍ତା—9. Being; existence.

୧୦ । କ୍ରିୟା; କରଣ—10. Action; act; doing.

୧୧ । ଜ୍ଞାନ—11. Knowledge.

୧୨ । ଆଲିଙ୍ଗନ—12. Hugging; embracing.

୧୩ । ବହନ—13. Conveying; carrying; bearing.

୧୪ । ଶ୍ରବଣ—14. Hearing.

୧୫ । ତୃପ୍ତି—15. Satisfaction.

୧୬ । ସ୍ପୃହା—16. Desire; hankering.

୧୭ । ଶୋଭନ—17. Shining.

୧୮ । ହିଂସନ—18. Vengeance; killing; hurting.

ଗ୍ରା. ବିଣ. (ସଂ. ଅବର୍ଣ୍ଣ)—ବର୍ଣ୍ଣହୀନ—
অবর্ণ Colourless; having no colour.

ଗ୍ରା. ବି—ଅବନ୍ (ଦେଖ)
Aban (See)

**ଅବନତ**—ସଂ. ବିଣ ( ଅବ=ନିମ୍ନ+ନମ ଧାତୁ+କର୍ତ୍ତୃ. ତ )—
Abanata ୧ । ତଳ ଆଡ଼କୁ ନଇଁଥିବା—
1. Bent downwards; drooping.

୨ । ଅବନତିପ୍ରାପ୍ତ—2. Deteriorated.

୩ । ତଳ ଆଡ଼କୁ ଲମ୍ବମାନ ବା ଝୁଲୁଥିବା—
3. Hanging down.

୪ । ପ୍ରଣତ; ନମସ୍କାର କଲାବେଳେ ତଳଆଡ଼କୁ ନଇଁଥିବା ( ମସ୍ତକ )—4. (head) Bent down; bowing.

୫ । ବିନୀତ; ବିନମ୍ର—5. Humble.

ସ. ବି (ଅବ + ନମ୍ + ଭାବ. ତ)—ଅବନତି (ଦେଖ)—
Abanati (See)

**ଅବନତନାସିକ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବନତ+ନାସିକା )—
Abanatanāsika ଯାହାର ନାକ ଚେପ୍ଟା; ଚେପ୍ଟାନାକା—
(ଅବନତନାସିକା—ସ୍ତ୍ରୀ ) Flat-nosed.

**ଅବନତମସ୍ତକରେ**—ଦେ. କ୍ରି. ବିଣ—ବିନୀତଭାବରେ (କୌଣସି
Abanatamastakare ଆଦେଶ ବା ଉପଦେଶ ଗ୍ରହଣ କରିବା)—
অবনত মস্তকে Humbly ( to accept any thing).

**ଅବନତି**—ସଂ. ବି. (ଅବ + ନମ ଧାତୁ+ଭାବ. ତି)—୧ । ତଳଆଡ଼କୁ
Abanati ନଇଁ ପଡ଼ିବା—1. Bending down.
(ଉନ୍ନତି—ବିପରୀତ) ୨ । ଅଧୋଗମନ; ଅଧୋଗତି— 2. Going downwards; downward motion.

୩ । ପତନ; ତଳକୁ ସ୍ଖଳନ—3. Fall; down-fall.

୪ । ଅନୁନ୍ନତି—4. Deterioration.

୫ । ପ୍ରଣତି; ବିନମ୍ର—5 Humbleness.

୬ । ଅନୌଦ୍ଧତ୍ୟ—6. Humility.

୭ । ( ଜ୍ୟୋତିଷ ) ଜ୍ୟୋତିଷ୍କମାନଙ୍କର ଅସ୍ତଗମନ—
7. Setting of planets and stars.

**ଅବନଦ୍ଧ**—ସ. ବିଣ. ( ଅବ + ନହ ଧାତୁ=ବାନ୍ଧିବା + କର୍ମ. ତ )—
Abanaddha ୧ । ଯାହାକୁ ବନ୍ଧା ଯାଇଅଛି; ଅବଦ୍ଧ; ଆବଦ୍ଧ—
(ଅବନାଦ୍ଧ—ବି) 1. Tied; bound.

୨ । ଦଉଡ଼ିରେ ବନ୍ଧା ହୋଇଥିବା—
2. Tied with strings.

୩ । ପରିହିତ—3. Worn; put on.

ସଂ. ବି—ଯେଉଁ ବାଦ୍ୟର ମୁହଁରେ ଚମ ଓ ଦଉଡ଼ି ବନ୍ଧା ହୋଇଥାଏ । ( ଯଥା—ଢୋଲ; ମୃଦଙ୍ଗ; ପଖୋଜ )—
Musical instruments of which the mouths are bound with leather and strings

**ଅବନବନ**—ଦେ. ବି—ଅବନ୍ ( ଦେଖ )
Abanabana Aban ( See )

**ଅବନମିତ**—ସ. ବିଣ. ( ଅବ+ନମ ଧାତୁ, ଣିଚ+କର୍ମ. ତ )—
Abanamita ନୁଆଁ ହୋଇ ଥିବା; ବକ୍ରୀକୃତ—
Bent down.

**ଅବନୟ**—ସ. ବି. (ଅବ=ନିମ୍ନକୁ+ନୀ ଧାତୁ=ନେବା+ଭାବ. ଅ)—
Abanaya ୧ । ଅଧୋନୟନ; ଅବନତି; ତଳକୁ ନୁଆଁଇବା—
1. Bending down; drawing downwards.

୨ । ଅଧଃପାତନ—2. Causing downfall.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ର | ଉ୍ଅ | ଢ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙିଂ୍ୟ | ଇଅ | ଢ଼ | ନ୍ତ |

**ଅବନୟନ**—ସଂ. ବି. ( ଅବ+ନୀ ଧାତୁ+ଭାବ. ଅନ )—
Abanayana ଅବନୟ ( ଦେଖ )
Abanaya ( See )

**ଅବନା**—ଦେ. ବିଣ. ( ସଂ. ଅ+ଓ. ବର୍ଣ୍ଣ )—
Abanā ୧ । ଯେଉଁ ରଚନାରେ ବନା ହୋଇଥିବା ଅକ୍ଷର ନାହିଁ; ଅର୍ଥାତ୍ ଯେଉଁ ରଚନାର ଅକ୍ଷରମାନଙ୍କରେ 'ଅ' ଛଡ଼ା ଅନ୍ୟ ସ୍ୱରଯୁକ୍ତ ଅକ୍ଷର ବ୍ୟବହୃତ ହୋଇ ନାହିଁ । (ଯଥା—କର ଚରଣ ନ ଚଳଇ—ଜଗନ୍ନାଥ. ଭାଗବତ ।)
1. A composition in which single letters only are used; no diphthongs or triphthongs are used.
[ ଦ୍ର—ଉପେନ୍ଦ୍ର ଭଞ୍ଜ ଅବନାରସତରଙ୍ଗ ନାମରେ ଖଣ୍ଡିଏ ପଦ୍ୟଗ୍ରନ୍ଥ ରଚନା କରିଅଛନ୍ତି । ଭଞ୍ଜଯୁଗର କବିମାନେ ମଧ୍ୟ ଅନେକ ଅବନା ଛାନ୍ଦମାନ ରଚନା କରିଥିଲେ । ]
୨ । ଅନିର୍ମିତ—2. Unbuilt.
୩ । ଅବର୍ଣ୍ଣନୀୟ—3. Indescribable.
୪ । ବର୍ଣ୍ଣହୀନ—4. Colourless.
( ଯଥା—ପେଲି ପକ୍ଷିକି ବୋଲୁଛି ଅବନା ମନ୍ଦରେ । )
୫ । ଅକଟା ଓ ଅବଛା ( ପରିବା ଆଦି )—
5. Unchopped (kitchen vegetables etc)

**ଅବନାଟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବ=ନମ୍ରୀଭୂ+ନାସା; ନାସା-
Abanāṭa ସ୍ଥଳରେ ନାଟ ଆଦେଶ. ନିପାତନ )—
(ଅବନାଟୀ—ସ୍ତ୍ରୀ) ଚେପଟାନାକୀ—Flat-nosed.

**ଅବନାବନି**—ଗ୍ରା. ବି—ଅବନି ( ଦେଖ )
Abanābani Aban ( See )

**ଅବନାବନିବା**—ଦେ. କ୍ରି—୧ । ( ଶରୀରଭେଦ ଭଜନ ) ଯୋଗସାଧନ
Abanābanibā ବା ପ୍ରାଣାୟାମଦ୍ୱାରା କୂଟସ୍ଥ ଚୈତନ୍ୟଙ୍କ ସାକ୍ଷାତ୍କାର ଲାଭ କରିବା—1. To devote one's self to the practice of Joga.
ବାଇମନ ହୋ ! ଭୁ ତ ଅବନାବନ, ଅବନା ବନିଲେ ଅମପା ମାପିଲେ
ଅଜପାରେ ଜପ ହୋଇବ ଧନ । ଶରୀରଭେଦଭଜନ ।
ଅକଥ୍ୟ ଗାଳାଗାଳିଦେଓୟା ୨ । ଅକଥ୍ୟ ବା ଅଶ୍ଳୀଳ ଭାଷାରେ ଗାଳି ଦେବା—2. To call another indecent names.

**ଅବନାବନ୍ଧ ଶୃଙ୍ଖଳା**—ସଂ. ବି—ଅବନା ଅକ୍ଷରରେ ରଚିତ କାବ୍ୟାଲଙ୍କାର
Abanābandha śṛuṅkhaḻā ବିଶେଷ—
A composition with single letters and without any diphthong or triphthong.
ହରଷ ରସର ସର ଜଳଜ ନୟନ
ନୟନ ନ ପର ପରନର ବଳଘନ । ପ୍ରେମମଞ୍ଜରୀ. ୧୨।୪୪ ।

**ଅବନାୟ**—ସଂ. ବି. ( ଅବ+ନୀ ଧାତୁ+ଭାବ. ଅ )—
Abanāya ଅବନୟ ( ଦେଖ )
Abanaya ( See )

**ଅବନାହ**—ସଂ. ବି. (ଅବ+ନହ୍ ଧାତୁ+ଭାବ. ଅ )—
Abanāha ୧ । ବନ୍ଧନ—1. Binding; bond.
(ଅବନଦ୍ଧ—ବିଣ) ୨ । ପରିଧାନ—
1. Wearing; putting on.

**ଅବନି**—ସଂ. ବି. ( ଅବ ଧାତୁ=ରକ୍ଷା କରିବା; ଧାରଣ କରିବା+
Abani ସଂଜ୍ଞାର୍ଥ. କର୍ତ୍ତୃ. ଅନି; ଯାହା ସମସ୍ତଙ୍କୁ ଧାରଣ କରେ ବା
(ଅବନୀ—ଅନ୍ୟରୂପ) ଯାହା ଭୂପାଳ କର୍ତ୍ତୃକ ରକ୍ଷିତ ହୁଏ । )—
୧ । ପୃଥିବୀ—1. World.
୨ । ଭୂମି—2. The earth.
୩ । ଦେଶ; ଭୂଭାଗ—3. Country; the land.

**ଅବନିତଳ**—ସଂ. ବି. ( ୬ଷ୍ଠୀ ତତ୍; ଅବନି+ତଳ )—ଭୂତଳ; ଧରାତଳ;
Abanitaḻa ଭୂପୃଷ୍ଠ—The face of the earth; the earth's surface.

**ଅବନିପତି**—ସଂ. ବି. ( ୬ଷ୍ଠୀ ତତ୍; ଅବନି+ପତି )—ରାଜା; ଭୂପତି—
Abanipati King.

**ଅବନିପାଳ**—ସଂ. ବି. ( ଅବନି+ପାଳ ଧାତୁ+କର୍ତ୍ତୃ. ଅ )—
Abanipāḻa ଅବନିପତି ( ଦେଖ )—Abanipati ( See )

**ଅବନିବନାଉ**—ଦେ. ବି—ଅବନି ( ଦେଖ )
Abanibanāu Aban ( See )

**ଅବନିମଣ୍ଡଳ**—ସଂ. ବି. ( ୬ଷ୍ଠୀ ତତ୍; ଅବନି+ମଣ୍ଡଳ )—
Abanimaṇḍaḻa ୧ । ଭୂମଣ୍ଡଳ—1. The globe.
୨ । ଇହଜଗତ—2. The terrestrial world.

**ଅବନୀ**—ସଂ. ବି. ( ଅବ ଧାତୁ=ଧାରଣ କରିବା+ସଂଜ୍ଞାର୍ଥ. କର୍ତ୍ତୃ.
Abanī ଅନୀ )—ଅବନି ( ଦେଖ )—Abani ( See )

**ଅବନ୍ତି**—ସଂ. ବି. ( ନାମ ) ( ଅବ ଧାତୁ=ରକ୍ଷା କରିବା; ପାଳିବା+
Abanti ସଂଜ୍ଞାର୍ଥ ଅଧିକରଣ. ଅନ୍ତି; ଯେଉଁ ସ୍ଥାନରେ ପ୍ରଜାମାନେ ସୁଖରେ ପାଳିତ ହୁଅନ୍ତି )—
୧ । ଭାରତର ପଶ୍ଚିମଭାରତର ମାଳବ ଦେଶ—
1. The Māḻaba country; Malwa.
୨ । ରାଜା ବିକ୍ରମାଦିତ୍ୟଙ୍କର ରାଜଧାନୀ; ଉଜ୍ଜୟିନୀ ( ବର୍ତ୍ତମାନ ଜୟପୁର ରାଜ୍ୟର ଅନ୍ତର୍ଗତ )—
2. The town of Ujjayinī in Joypur State.
୩ । ଅବନ୍ତି ଦେଶବାହିନୀ ନଦୀବିଶେଷ—
3. Name of a river in Ujjayinī.
[ ଦ୍ର—କେହି କେହି କହନ୍ତି 'ଅବନ୍ତି' ଶିପ୍ରାର ଅନ୍ୟ ନାମ, ମାତ୍ର ଅନ୍ୟମାନେ ଅବନ୍ତି ଓ ଶିପ୍ରା ଦୁହିଙ୍କୁ ଭିନ୍ନ ଭିନ୍ନ ନଦୀ ବୋଲି କହନ୍ତି । ]

**ଅବନ୍ତିକା**—ସଂ. ବି. ( ନାମ ) (ଅବନ୍ତି+କ+ସ୍ତ୍ରୀ. ଆ )—
Abantikā ଅବନ୍ତି ( ଦେଖ )—Abanti ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବନ୍ତିସୋମ**—ସଂ. ବି. ( ଅବନ୍ତି=ଦେଶ+ସୋମ=ସୋମରସ; ସମ୍ଭବତଃ ଏହା ଅବନ୍ତିବାସିମାନଙ୍କର ସୋମରସ ପରି ପ୍ରିୟ ଥିବାରୁ ଏହି ନାମ )—କାଞ୍ଜି—
Abantisoma — Fermanted rice-water.

**ଅବନ୍ତୀ**—ସଂ. ବି. ( ନାମ )—ଅବନ୍ତି ( ଦେଖ )
Abanti — Abanti ( See

**ଅବନ୍ଦ୍ୟ**—ସଂ. ବିଣ. ( ଅ+ବନ୍ଦ୍ୟ )—ଅପୂଜ୍ୟ; ଯାହା ପୂଜନୀୟ ନୁହେ—
Abandya — Not fit to be worshipped.
(ଅବନ୍ଦ୍ୟା—ସ୍ତ୍ରୀ)

**ଅବନ୍ଧନ**—ସଂ. ବି. ( ଅ+ବନ୍ଧନ )—ବନ୍ଧନର ଅଭାବ; ମୁକ୍ତାବସ୍ଥା—
Abandhana — Freedom from bonds.
ଦେ. ବିଣ—ଅବଦ୍ଧ; ଯାହା ବନ୍ଧା ହୋଇ ନାହିଁ; ମୁକୁଳା—
Untied; loosened.
ସେହି ଦିନୁ ଦ୍ରୌପଦୀଙ୍କ କେଶ ଅବନ୍ଧନ—ସାରଳା ମହାଭାରତ, ବସନ୍ତ ।

**ଅବନ୍ଧା**—ଦେ. ବିଣ. ( ସଂ. ଅବଦ୍ଧ )—ଅନାବଦ୍ଧ; ମୁକୁଳା—
Abandhā — ୧ । ବନ୍ଧା ହୋଇ ନ ଥିବା—
1. Untied; unbound.
୨ । ଯାହା ବନ୍ଧକ ଦିଆ ଯାଇ ନାହିଁ—2. Unpledged.

**ଅବନ୍ଧ୍ୟ**—ସଂ. ବିଣ. ( ଅ+ବନ୍ଧ୍ୟ )—୧ । ଫଳବାନ୍; ଫଳନ୍ତି—
Abandhya — 1 Fruitful.
(ଅବନ୍ଧ୍ୟା—ସ୍ତ୍ରୀ) ୨ । ସଫଳ; ସାର୍ଥକ—2. Successful.

**ଅବପତନ**—ସଂ. ବି. ( ଅବ+ପତ ଧାତୁ+ଭାବ. ଅନ )—
Abapatana — ଅଧଃପତନ; ତଳକୁ ପଡ଼ିଯିବା—
Falling down; downfall.

**ଅବପନ୍ନ**—ସଂ. ବିଣ. ( ଅବ=ନିମ୍ନକୁ+ପଦ ଧାତୁ=ଗମନ କରିବା
Abapanna — +କର୍ତ୍ତୃ. ତ; ଯାହା ନିମ୍ନକୁ ଗମନ କରିଅଛି )—
୧ । ଅଧଃପତିତ; ଅଧୋଗତ—1. Gone down.
୨ । ( ଅବ+ପଦଧାତୁ+କର୍ମ. ତ )—ଅଧଃପାତିତ; ଯାହାକୁ ତଳକୁ ପକା ଯାଇଅଛି—
2. Thrown down; pulled down.

**ଅବପାତ**—ସଂ. ବି. ( ଅବ+ପତ୍ ଧାତୁ=ପଡ଼ିବା=ଭାବ. ଅ )—
Abapāta — ୧ । ଅଧଃପତନ; ଅଧୋଗମନ—
1. Going down.
୨ । ଅବତରଣ—2. Descending
୩ । ତଳେ ପଡ଼ିଯିବା—3. Falling down.
୪ । ( ନାଟକ ) ଭୟାଦି ହେତୁ ରଙ୍ଗଭୂମିରୁ ପଳାୟନାଦିଦ୍ୱାରା ପ୍ରସ୍ତୁତ ବିଷୟର ପରିବର୍ତ୍ତନ—
4. ( drama ) Change of action or plot of a play when an actor flees from the stage in terror.
୫ । ( ଅବ+ପତ୍ ଧାତୁ+ଅଧିକରଣ. ଅ)—ହାତୀ ଧରିବାପାଇଁ ଖୋଳାଯାଇଥିବା ତୃଣାଦିଦ୍ୱାରା ଆଚ୍ଛନ୍ନ ଗର୍ତ୍ତ; ଖଣି—5. A pit in the ground covered over with leaves etc. to catch elephants.

**ଅବପ୍ଳୁତ**—ସଂ. ବି. ( ଅବ+ପ୍ଳୁ ଧାତୁ=ଲମ୍ଫ ଦେବା+ଭାବ. ତ)—
Abapluta — ଉଲ୍ଲମ୍ଫନଗତି; ଲମ୍ଫ ଦେଇ ଗମନ—Jumping motion; overleaping.
ସଂ. ବିଣ—ସହସା ଅବତୀର୍ଣ୍ଣ—Suddenly appearing.

**ଅବବାଦ**—ସଂ. ବି. ( ଅବ=ଅପକୃଷ୍ଟ+ବଦ ଧାତୁ=କହିବା+
Ababāda — ଭାବ. ଅ )—୧ । ଅପବାଦ—
1. Defamation; libel.
୨ । ନିନ୍ଦା—2. Blame.
୩ । ଶାସନ; ଭର୍ତ୍ସନା—3. Reproach; censure.
୪ । ଆଦେଶ; ଅନୁଜ୍ଞା—4. Order.
୫ । ବିଶ୍ୱାସ—5. Belief

**ଅବବାହିକା**—ସଂ. ବି. ( ଭୂଗୋଳ ପରିଭାଷା) (ଅବ=ନିମ୍ନକୁ+ବହ ଧାତୁ
Ababāhikā — =ବହନ କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଆ) —
ଦେଶର ଯେଉଁ ଗଡ଼ାଣିଆ ଅଂଶରୁ ବର୍ଷାପାଣି ଗଡ଼ିଆସି କୌଣସି ନିର୍ଦ୍ଦିଷ୍ଟ ନଦୀରେ ପଡ଼େ—
(Geography) The basin of a river.

**ଅବବୁଦ୍ଧ**—ସଂ. ବିଣ—୧ । (ଅବ+ବୁଧ ଧାତୁ=ଜାଣିବା+କର୍ମ. ତ)—
Ababuddha — ଯେଉଁ ବିଷୟ ଜଣା ଯାଇ ଅଛି; ପରିଜ୍ଞାତ—
1. Known.
୨ । ଅନୁଭୂତ—2. Experienced; felt.
୩ । (ଅବ+ବୁଧ୍ ଧାତୁ+କର୍ତ୍ତୃ. ତ)—ଜ୍ଞାନୀ; ଜାଣିଥିବା—
3. Knowing; wise.
୪ । ପ୍ରବୁଦ୍ଧ; ଜାଗରିତ—4. Waking.

**ଅବବୋଧ**—ସଂ. ବି.—୧ । (ଅବ+ବୁଧ ଧାତୁ=ଜାଣିବା+ଭାବ. ଅ)—
Ababodha — ବିଶେଷଜ୍ଞାନ—1. Special knowledge.
୨ । ତତ୍ତ୍ୱଜ୍ଞାନ—2. Knowledge of essential matter.
୩ । ବିବେକ—3 Conscience.
୪ । ଅନୁଭୂତି—4. Experience; perception.
୫ । ଉପଲବ୍ଧି—5 Realisation.
୬ । ଉପଦେଶ—6. Advice.
୭ । ଶିକ୍ଷା—7. Learning.
୮ । ଜାଗରଣ—8. Waking.
୯ । ଭ୍ରାନ୍ତଧାରଣା—9 Wrong conception.
୧୦ । ( ଅବ+ବୁଧ ଧାତୁ. ଣିଚ; ବୋଧି ଧାତୁ+ଅ )—ଉଦ୍‌ବୋଧନ; ନିଦ୍ରାରୁ ଉଠାଇବା—10. Rousing from sleep.
୧୧ । ଜ୍ଞାପନ; ଜଣାଇବା—11. Informing.

**ଅବବୋଧିବା**—ଦେ. ପଦ୍ୟ, କ୍ରି. (ସଂ. ଅବବୋଧ)—ଜଣାଇବା—
Ababodhibā — To let know.
ଅବବୋଧ ହୁଇ ନଳ ଗଲେଣିଲ ପ୍ରେ—ପ୍ରାଚୀ, ରସବାରିଧି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ୱ | ଉଥ | ଛ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ |

**ଅବଭାସ**—ସଂ. ବି. ( ଅବ + ଭାସ୍ ଧାତୁ = ଦୀପ୍ତି ପାଇବା + ଭାବ. ଅ ) =
Ababhāsa ୧ । ଦୀପ୍ତି—1. Splendour; lustre.
୨ । ପ୍ରକାଶ; ସ୍ଫୁରଣ—2. Manifestation.
୩ । ସାକ୍ଷାତକାର—3. Interview.
୪ । ଆରୋପ—4. Attributing a different quality to a thing.
୫ । ଛଳ; ଭାନ—5. Feigning.
୬ । ମିଥ୍ୟାଜ୍ଞାନ—6. False knowledge; elusive knowledge.

**ଅବଭୃଥ**—ସଂ. ବି (ଅବ + ଭୃ. ଧାତୁ = ଭରଣ ବା ପୋଷଣ କରିବା +
Ababhṛutha ସଂଜ୍ଞାର୍ଥେ. କର୍ତ୍ତୃ. ଥ; ଯାହା ପ୍ରାଣିଗଣଙ୍କୁ ପୋଷଣ କରେ; କାରଣ ଯଜ୍ଞ ଯୋଗୁଁ ବୃଷ୍ଟି ହୁଏ; ବୃଷ୍ଟିରୁ ଶସ୍ୟ ଉତ୍ପନ୍ନ ହୁଏ; ଶସ୍ୟରୁ ଅନ୍ନ ହୁଏ ଓ ଅନ୍ନରୁ ପ୍ରାଣିମାନେ ପୋଷି ହୁଅନ୍ତି )—
୧ । ଯଜ୍ଞ—1 Vedic sacrifice.
୨ । ପ୍ରଧାନ ଯଜ୍ଞର ଅଙ୍ଗୀଭୂତ ଯଜ୍ଞବିଶେଷ; ଯଜ୍ଞ ସମ୍ବନ୍ଧରେ କୌଣସି ଅଙ୍ଗହାନି ବା ନ୍ୟୂନତା ବା ତ୍ରୁଟିପୂରଣାର୍ଥ ପ୍ରଧାନ ଯଜ୍ଞ ଶେଷରେ ଅନୁଷ୍ଠିତ ଯଜ୍ଞ—
2. A supplementary sacrifice performed to compensate for all the shortcomings of the primary sacrifice.
୩ । ଯଜ୍ଞ ଶେଷରେ କରାଯିବା ସ୍ନାନ—3. Bath at the completion of a sacrifice.
ବଧମତ କର୍ମରେ ଅବଭୃଥ ସ୍ନାନ । କୃଷ୍ଣସିଂହ. ମହାଭାରତ. ଆଦ ।

**ଅବଭୃଥସ୍ନାନ**—ସଂ. ବି. ( ମଧ୍ୟପଦଲୋପୀ; ଅବଭୃଥ ସମ୍ପର୍କୀୟ ସ୍ନାନ )—
Ababhṛutha snāna ଯଜ୍ଞାନ୍ତସ୍ନାନ; ଯଜ୍ଞଶେଷରେ ଯାଜ୍ଞିକର ସ୍ନାନ; ଦୀକ୍ଷାନ୍ତ ସ୍ନାନ—Purificatory bath performed after a sacrifice.

**ଅବଭ୍ରଟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅବ = ଅବନତ + ନାସା; ନାସା
Ābabhraṭa ସ୍ଥାନରେ ଭ୍ରଟ ଆଦେଶ)—ଚେପ୍ଟାନାକୀ—
(ଅବଭ୍ରଟୀ—ସ୍ତ୍ରୀ) Flat-nosed.
ସଂ. ବି.—ଚେପ୍ଟା ନାକ ଥିବା ଅବସ୍ଥା—The state of being flat-nosed (Apte)

**ଅବମ**—ସଂ. ବିଣ. (ଅବ ଧାତୁ = ରକ୍ଷା କରିବା + କର୍ମ. ଅମ; ଯାହାଠାରୁ
Abama ଆପଣାକୁ ରକ୍ଷା କରାଯାଏ)—୧ । ଅଧମ—
1. Wretched.
୨ । ନିକୃଷ୍ଟ; ନ୍ୟୂନ—2. Degraded; inferior.
୩ । ଘୃଣିତ—3. Despised.
ସଂ. ବି. (ଜ୍ୟୋତିଷ) (ଏହା ଅଶୁଭ ଦିବସ ଥିବାରୁ)—ତ୍ର୍ୟହସ୍ପର୍ଶ-ଦିବସ—A day in which three lunnar days combine.

**ଅବମତ**—ସଂ. ବିଣ ( ଅବ = ଅପକୃଷ୍ଟ + ମନ ଧାତୁ = ବୋଧ କରିବା +
Abamata କର୍ମ. ତ; ଯାହାକୁ ଅପକୃଷ୍ଟ ମନେ କରାଯାଏ )—
( ଅବମତା—ସ୍ତ୍ରୀ ) ୧ । ଅନାଦୃତ; ଅବଜ୍ଞାତ—
( ଅବମତ—ବି ) 1. Disregarded; neglected.
୨ । ଘୃଣିତ—2. Despised.
୩ । ତିରସ୍କୃତ—3. Condemned.

**ଅବମତି**—ସଂ. ବି ( ଅବ = ଅପକୃଷ୍ଟ + ମନ. ଧାତୁ + ଭାବ. ତି)—
Abamati ୧ । ଅନାଦର; ଅବଜ୍ଞା—1. Disregard.
୨ । ଅପମାନ—2. Insult.
୩ । ତିରସ୍କାର—3. Condemnation.

**ଅବମନ୍ତା**—ସଂ. ବିଣ. ପୁଂ ( ଅବ = ଅପକୃଷ୍ଟ + ମନ ଧାତୁ = ବୋଧ
Abamantā କରିବା + କର୍ତ୍ତୃ. ତୃ; ଅବମନ୍ତୃ ୧ ମା. ୧ ବ.)—
( ଅବମନ୍ତ୍ରୀ—ସ୍ତ୍ରୀ ) ୧ । ଅବମାନକାରୀ—1. Insulting.
୨ । ଅବଜ୍ଞାକାରୀ—
2. Disregarding; slighting; neglecting.
୩ । ତିରସ୍କାରକାରୀ—
3. Censuring; reprimanding; condemning.

**ଅବମର୍ଦ୍ଦ**—ସଂ. ବି ( ଅବ + ମୃଦ ଧାତୁ = ମର୍ଦ୍ଦନକରିବା + ଭାବ. ଅ)—
Abamardda ୧ । ଶତ୍ରୁକୃତ ନିର୍ଦ୍ଦୟ ପ୍ରହାର—
1. Cruel beating by the enemy.
୨ । ଦଳନ; ଉତ୍ପୀଡ଼ନ—2, Oppression.
୩ । ଉଚ୍ଛେଦ; ଧ୍ୱଂସ—3. Destruction.
୪ । ଶତ୍ରୁ ନଗରାଦିର ଧ୍ୱଂସ—
4. Destruction or razing to the ground of the enemy's town.
୫ । ଭିଡ଼—5. Crowd; press.

**ଅବମର୍ଦ୍ଦକ**—ସଂ. ବିଣ. ପୁଂ ( ଅବ + ମୃଦ୍ ଧାତୁ + କର୍ତ୍ତୃ. ଅକ )—
Abamarddaka ୧ । ଦଳନକାରୀ; ଉତ୍ପୀଡ଼କ—
( ଅବମର୍ଦ୍ଦିକା—ସ୍ତ୍ରୀ ) 1. Oppressing.
୨ । ଅବମାନକାରୀ—
2. Disregarding; neglecting.
୩ । ଉଚ୍ଛେଦକାରୀ—3. Destroying.

**ଅବମର୍ଦ୍ଦନ**—ସଂ. ବି. ( ଅବ + ମୃଦ୍ ଧାତୁ + କର୍ତ୍ତୃ. ଅନ )—
Abamarddana ଅବମର୍ଦ୍ଦ ( ଦେଖ )
Abamardda ( See )
ସଂ. ବିଣ—ଅବମର୍ଦ୍ଦକ ( ଦେଖ )
Abamarddaka ( See )

**ଅବମର୍ଷ**—ସଂ. ବି ( ଅବ + ମୃଷ ଧାତୁ + ଭାବ. ଅ )—
Abamarṣa ୧ । ସ୍ପର୍ଶ—1. Touch.
୨ । ପ୍ରଣିଧାନ; ଚିନ୍ତା—2. Contemplation.
୩ । ପର୍ଯ୍ୟାଲୋଚନା—

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

3. Careful consideration; reflection.
୪ । ପରାମର୍ଶ—4. Consultation.

**ଅବମର୍ଶନ**—ସଂ. ବି ( ଅବ + ମୃଶ ଧାତୁ + ଭାବ. ଅନ )—
Abamarśana ୧ । ଅବମର୍ଶ ( ଦେଖ )
1. Abamarśa ( See )
୨ । ବିଲୁପ୍ତି; ବିଲୋପ—
2. Disappearance; extinction.
୩ । ବିସ୍ମୃତି—3. Forgetfulness; oblivion.
୪ । ( ନାଟକ ) ସନ୍ଧିର ଅଂଶବିଶେଷ—
4. ( drama ) Part of a drama.

**ଅବମର୍ଷ**—ସଂ. ବି ( ଅବ+ମୃଷ୍ ଧାତୁ + ଭାବ. ଅ )—
Abamarsha ଅବମର୍ଶନ ( ଦେଖ )
Abamarśana ( See )

**ଅବମର୍ଷଣ**—ସଂ. ବି ( ଅବ + ମୃଷ୍ ଧାତୁ + ଭାବ. ଅନ )—
Abamarshaṇa ଅବମର୍ଶନ ( ଦେଖ )
Abamarśana ( See )

**ଅବମାନ**—ସଂ. ବି ( ଅବ = ବିପରୀତ + ମାନ ଧାତୁ = ପୂଜା କରିବା + ଭାବ. ଅ )— ୧ । ଅପମାନ—
Abamāna
(ଅବମାନିତ—ବିଣ) 1. Insult; disgrace.
୨ । ଅନାଦର; ଅବଜ୍ଞା; ହତାଦର—
2. Disregard; slight; neglect.
୩ । ଘୃଣା—3. Contempt.

**ଅବମାନନା**—ସଂ. ବି ( ଅବ+ମାନ ଧାତୁ+ଭାବ. ଅନ + ଆ )—
Abamānanā ଅବମାନ ( ଦେଖ )
Abamāna ( See )

**ଅବମାନୟିତା**—ସଂ. ବିଣ. ପୁଂ ( ଅବ+ମାନ ଧାତୁ ଣିଚ୍; ମାନି+ କର୍ତ୍ତୃ. ତୃ = ଅବମାନୟିତୃ. ୧ମା. ୧ବ. )—
Abamānayitā
( ଅବମାନୟିତ୍ରୀ—ସ୍ତ୍ରୀ ) ଅବମନ୍ତା ( ଦେଖ )
Abamantā ( See )

**ଅବମାନିତ**—ସଂ. ବିଣ. ପୁଂ ( ଅବ + ମାନ ଧାତୁ + କର୍ମ. ତ )—
Abamānita ୧ । ଅପମାନିତ; ଲାଞ୍ଛିତ—
( ଅବମାନିତା — ସ୍ତ୍ରୀ ) 1. Insulted; disgraced.
୨ । ଅବଜ୍ଞାତ; ଅନାଦୃତ—
2. Slighted; neglected.

**ଅବମିଶ୍ର**—ସଂ. ବି ( ଅବ = ନିକୃଷ୍ଟ + ମିଶ୍ର ଧାତୁ = ମିଶାଇବା + ଭାବ. ଅ)
Abamiśra ୧ । ଦୁଇ ପଦାର୍ଥର ନିକୃଷ୍ଟ ବା ଅନୁଚିତରୂପେ
( ଅବମିଶ୍ରିତ—ବିଣ ) ମିଶ୍ରଣ—
1. Adulteration; improper admixture.

**ଅବମିଶ୍ରଣ**—ସଂ. ବି ( ଅବ + ମିଶ୍ର ଧାତୁ + ଭାବ. ଅନ )—
Abamiśraṇa ଅବମିଶ୍ର ( ଦେଖ )
Abamiśra ( See )

**ଅବମୋଚନ**—ସଂ. ବି. (ଅବ + ମୁଚ ଧାତୁ = ମୁକ୍ତ କରିବା + ଭାବ. ଅନ)—
Abamochana ୧ । ମୁକ୍ତ କରାଇବା; ମୁକ୍ତିଦାନ—
(ଅବମୁକ୍ତ—ବିଣ) 1. Releasing.
୨ । ଖଲାସି—2. Release.
୩ । ପରିତ୍ୟାଗ—3. Abandonment.

**ଅବମୋଟନ**—ସଂ. ବି. (ଅବ + ମୁଟ ଧାତୁ = ଫୁଟାଇବା + ଭାବ. ଅନ)—
Abamoṭana ୧ । ଶରୀର ମର୍ଦ୍ଦନ—
1. Massage of the limbs.
୨ । ଆକ୍ଷେପ; ହାତଗୋଡ଼ ବାଡ଼େଇ କଚଡ଼ି ହେବା—
2. Spasmodic movement of the limbs.

**ଅବୟ**—ଗ୍ରା. ବିଣ. ( ସ. ଅବ୍ୟୟ )—ଅବ୍ୟୟ; ଅକ୍ଷୟ—
Abaya Inexhaustible.
অব্যয়

**ଅବୟବ**—ସ. ବି. ( ଅବ + ଯୁ ଧାତୁ = ଯୁକ୍ତ ହେବା + କର୍ତ୍ତୃ. ଅ; ଯାହା ଅଙ୍ଗୀ ବା ଦେହୀର ସଙ୍ଗେ ଯୁକ୍ତ ହୁଏ । )—
Abayaba
୧ । ଶରୀରର ଅଙ୍ଗ ପ୍ରତ୍ୟଙ୍ଗ—
1. Limbs; members of the body.
୨ । ଉପାଦାନ; ଉପକରଣ—2. Material; component part; constituent.
୩ । ଅଂଶ—3. Part; portion.
୪ । ଆକାର; ରୂପ; ଆକୃତି—4. Form.
୫ । ଚେହେରା—5. Appearance.
୬ । ( ନ୍ୟାୟ ) ତର୍କ ବା ଯୁକ୍ତିର ଭିନ୍ନ ଭିନ୍ନ ଅଂଶ; ପ୍ରତିଜ୍ଞାଦି ପଞ୍ଚକ—6. ( Logic ) The component parts of a syllogism or logical proposition.

**ଅବୟବାର୍ଥ**—ସ. ବି. ( ମଧ୍ୟପଦଲୋପୀ; ଅବୟବର ବୋଧ ଅର୍ଥ )—
Abayabārtha ଶବ୍ଦର ପ୍ରକୃତି ପ୍ରତ୍ୟୟରୁ ସମ୍ଭୂତ ଅର୍ଥ—
Etymological meaning of a word.

**ଅବୟବୀ**—ସଂ. ବିଣ. ପୁଂ. (ଅବୟବ + ଅସ୍ତ୍ୟର୍ଥେ. ଇନ ୧ମା. ୧ବ.)—
Abayabī ୧ । ଅଙ୍ଗଯୁକ୍ତ; ଯାହାର ଅଙ୍ଗ ଅଛି—
(ଅବୟବିନୀ—ସ୍ତ୍ରୀ) 1. Having limbs.
୨ । ଶରୀର ବା ଆକାରଧାରୀ—2. Corporeal.
୩ । ଅଂଶବିଶିଷ୍ଟ—3. Having parts.
୪ । ଉପକରଣବିଶିଷ୍ଟ—
4. Consisting of component parts.
୫ । ( ନ୍ୟାୟ ) ପ୍ରତିଜ୍ଞାଦି ପଞ୍ଚାଙ୍ଗବିଶିଷ୍ଟ—
5. ( Logic ) Syllogistic.
ସ. ବି—୧ । ଅଙ୍ଗଧାରୀ ଶରୀର—1. Corporeal body.
୨ । ଯୁକ୍ତି ମୀମାଂସାସମ୍ବନ୍ଧିତ ପ୍ରତିଜ୍ଞା—
2. ( Logic ) Syllogism.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଈ | ନ୍ତ |

**ଅବୟେ**—ଗ୍ରା. ବଣ. ( ସଂ. ଅବ୍ୟୟ )—ଅବ୍ୟୟ ( ଦେଖ )
Abaye Abyaya ( See )
ଅସ୍ଥାଧାନରେ ଚକ୍ର ଦେଲେ, ଅବୟେ ମୁକତକ୍ତ ଗଲେ ।
ପ୍ରାଚୀ—ନଗୁଣମାହାତ୍ମ୍ୟ ।

**ଅବର୍‌ଜିଆ**—ଗ୍ରା. ବଣ—ଅବରଜିଆ ( ଦେଖ )
Abarjiā Abarajiā ( See )

**ଅବର୍ନି**—ପ୍ରାଦେ. ( ସମ୍ବଲପୁର ) ବଣ—ଅବରଣି; ଅନିମନ୍ତ୍ରିତ—
Abarni Uninvited

**ଅବର**—ସଂ. ବଣ. ( ଅ=ନୁହେ+ବର=ଶ୍ରେଷ୍ଠ )—
Abara ୧ । ଅଶ୍ରେଷ୍ଠ; ନିକୃଷ୍ଟ; ଅପକୃଷ୍ଟ; ଅଧମ—
1. Inferior.
୨ । ପଶ୍ଚାଜ୍ଜାତ; କନିଷ୍ଠ—2. Younger; born after
୩ । ନିମ୍ନତର—3. Lower.
୪ । ପଶ୍ଚାଦ୍‌ବର୍ତ୍ତୀ; ପଛଆଡ଼ର—4. Posterior; hind.
୫ । ପରବର୍ତ୍ତୀ; ଚରମ—5. Later.
୬ । ଅପର—6. Another.
ପର ଅବର ଜ୍ଞାନ ଜାଣେ, ସକଳ ଶାସ୍ତ୍ର ପରମାଣେ ।
ଜଗନ୍ନାଥ. ଭାଗବତ ।
୭ । ହୀନକୁଳଜାତ—7. Baseborn; lowborn.
ସଂ. ବି—୧ । ଶୂଦ୍ର—1. A Śūdra.
୨ । ହସ୍ତୀଜଙ୍ଘାର ପଛଭାଗ—2. The hind part of the thigh of an elephant.

**ଅବରଗ**—ଗ୍ରା.ବଣ. ପୁଂ. (ସଂ. ଅ+ଓ. ବର୍ଗ;ଯାହାର ବାଗବର୍ଗ ନାହିଁ)—
Abaraga ୧ । ଯେ ନିୟମାଧୀନ ନୁହେ; ଅବାଗିଆ; ଅଖାଡ଼ୁଆ—
ଅସুন্দর 1. Irregular; unsystematic.
ବେଢଙ୍ଗ ୨ । ଯାହାର ସଜ୍ଜା ନାହିଁ—2. Unmethodical.
୩ । ଅସୁନ୍ଦର—3. Ungraceful; unsymmetrical.

**ଅବରଗା**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ବର୍ଗ )—
Abaragā ଅବରଗ ( ଦେଖ )
Abaraga ( See )

**ଅବରଗିଆ**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ବର୍ଗ )—
Abaragiā ଅବରଗ ( ଦେଖ )
Abaraga ( See )

**ଅବରଜ**—ସଂ. ବଣ. ପୁଂ. ( ଅବର=ପରବର୍ତ୍ତୀ+ଜନ ଧାତୁ+କର୍ତ୍ତୃ. ଅ )—୧ । ଯେ ପରେ ଜନ୍ମିଅଛି; କନିଷ୍ଠ; ଅନୁଜ;
Abaraja
(ଅବରଜା—ସ୍ତ୍ରୀ) ପଶ୍ଚାଜ୍ଜାତ—1. Younger; born later.
୨ । ନିକୃଷ୍ଟ—2. Inferior.
୩ । ହୀନକୁଳଜାତ—3. Low-born.
ସଂ. ବି. ପୁଂ—୧ । କନିଷ୍ଠ ଭାଇ—
1. Younger brother.
୨ । ଶୂଦ୍ର—2. A Śūdra.

**ଅବରଜା**—ସଂ. ବଣ. ସ୍ତ୍ରୀ. ( ଅବରଜ+ସ୍ତ୍ରୀ. ଆ )—
Abarajā ଅବରଜର ସ୍ତ୍ରୀଲିଙ୍ଗ—
Feminine of Abaraja.
ବି. ସ୍ତ୍ରୀ—କନିଷ୍ଠା ଭଗିନୀ—Younger sister.

**ଅବରଜିଆ**—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବରଜ )—
Abarajiā ୧ । ନିକୃଷ୍ଟ—1. Inferior.
(ଅବରଜିଆଣୀ—ସ୍ତ୍ରୀ) ୨ । ହୀନ—2. Wretched.
୩ । ତୁଚ୍ଛ; ହେୟ—3. Despicable.
୪ । କୁତ୍ସିତ—4. Nasty.
୫ । ଅପରିଷ୍କୃତ; ଅସନା—5. Unclean.
୬ । ଯେ ସର୍ବଦା ଅପରିଚ୍ଛନ୍ନ ରହେ—
6. Of unclean habits.
୭ । ମଇଳାପୂର୍ଣ୍ଣ—7. Dirty.

**ଅବରଣ**—ଦେ. ବି. (ସ. ଅ+ବରଣ)—ନିମନ୍ତ୍ରଣର ଅଭାବ; ଅନିମନ୍ତ୍ରଣ—
Abaraṇa Absence of invitation
ପିଣ୍ଡା ଭକ୍ତି ଗୁରୁ ସଦନେ । ଯୋଗାଇ ଯିବା ଅବରଣେ ॥
ଜଗନ୍ନାଥ, ଭାଗବତ, ୪ର୍ଥ ।
ଦେ. ବଣ—ଅବରଣିଆଁ ( ଦେଖ )
Abaraṇiāñ ( See )

**ଅବରଣିଆଁ**—ଦେ. ବଣ. (ସଂ. ଅ+ବରଣ )—
Abaraṇiāñ ୧ । ଅନିମନ୍ତ୍ରିତ—1. Uninvited.
অনিমন্ত্রিত ୨ । ବିନା ନିମନ୍ତ୍ରଣରେ ଉପସ୍ଥିତ—2. Who has
बेबुलाया come without invitation.

**ଅବରଣି**—ଦେ. ବଣ. ( ସଂ. ଅ+ବରଣ )—ଅବରଣିଆଁ ( ଦେଖ )
Abaraṇi Abaraṇiāñ ( See )

**ଅବରଣୀୟ**—ସଂ. ବଣ. ପୁଂ. ( ଅ+ବୃ ଧାତୁ+କର୍ମ. ଅନୀୟ )—
Abaraṇiya ଅପୂଜ୍ୟ; ଯାହାଙ୍କୁ ମାନ୍ୟ କରିବା ଉଚିତ ନୁହେ—
(ଅବରଣୀୟା—ସ୍ତ୍ରୀ) Unadorable; not deserving to get homage.

**ଅବରତି**—ସଂ. ବି. ( ଅବ+ରମ୍ ଧାତୁ+ଭାବ. ତି )—
Abarati ୧ । ବିରତି; ନିବୃତ୍ତି—
1. Cessation; stoppage.
୨ । ବିଶ୍ରାମ—2 Rest.
୩ । ତ୍ୟାଗ—3. Forsaking; abandonment.

**ଅବରତଆ**—ଗ୍ରା. ବଣ. ( ସଂ. ଅ+ବ୍ରତ )—
Abaratiā ୧ । ଯେଉଁ ବାଳକର ବ୍ରତ ହୋଇ ନାହିଁ—
1. ( a boy ) Not initiated or vested with the sacred thread.
୨ । ଯେଉଁ ବ୍ୟକ୍ତି କୌଣସି ବ୍ରତ ପାଳନ କରି ନ ଥାଏ—
2. ( a person ) Who does not observe a certain religious vow

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ଚଙ୍କିତ ବଦଳରେ ୨ ବା ୧ ଚଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜିତ' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଯେଉଁ ବାଛୁରୀ ଖାସି ହୋଇ ନ ଥାଏ—
3. ( a calf ) Not yet castrated.

**ଅବରତୁଆ**—ଗ୍ରା. ବିଣ. ପୁଂ. ( ସଂ. ଅ + କୃତ )—ଅବରଣିଆ ( ଦେଖ )
Abaratuā Abaratiā ( See )

**ଅବରବର୍ଣ୍ଣ**—ସଂ. ବି. ( କର୍ମଧା; ଅବର + ବର୍ଣ୍ଣ )—
Abarabarnna ୧ । ନିକୃଷ୍ଟ ଜାତି—1. Inferior caste.
୨ । ନୀଚଜାତି—2. Low caste.
୩ । ଶୂଦ୍ର—3. A Śūdra.

**ଅବରଷା**—ଦେ. ବି. ( ସଂ. ଅ + ବର୍ଷା )—ଅନାବୃଷ୍ଟି—
Abarashā Want of rain.
**ଅନାବୃଷ୍ଟି** ବୃତ୍ତାନ୍ତର ଅଙ୍କରେ ଶୁକ ମହାସଇ,
**ସୁଖା** ଦେଖିଆ ଅବରଷା ହେବାକୁ ବୁଲନ୍ତି । କୃଷ୍ଣସିଂହ. ମହାଭାରତ. ଆଦି ।

**ଅବରା**—ସଂ. ବିଣ. ସ୍ତ୍ରୀ ( ଅବର + ସ୍ତ୍ରୀ. ଆ )—ଅବରର ସ୍ତ୍ରୀ ଲିଙ୍ଗ—
Abarā Feminine of Abara.
ସଂ. ବି. ସ୍ତ୍ରୀ ( ବହୁବ୍ରୀହି; ଅ = ନାହିଁ + ବରା = ଶ୍ରେଷ୍ଠା, ଯାହାଙ୍କ ଅପେକ୍ଷା )—ଦୁର୍ଗା—Goddess Durgā.

**ଅବରୀଣ**—ସଂ. ବିଣ. ପୁଂ. ( ଅବ = ଅନାଦରାର୍ଥ + ରୀ ଧାତୁ = ଗମନ
Abarīna କରିବା + କର୍ମ. ତ )—
୧ । ଧିକ୍କୃତ; ଅନାଦୃତ; ଅବଜ୍ଞାତ—1. Slighted.
୨ । ନିନ୍ଦିତ—2. Blamed; condemned.
୩ । ତିରସ୍କୃତ—3. Chastised; abused

**ଅବରୁଗ୍ଣ**—ସଂ. ବିଣ. (ଅବ + ରୁଜ୍ ଧାତୁ = ପୀଡ଼ା ଦେବା + କର୍ମ. ତ)—
Abarugna ୧ । ରୋଗଗ୍ରସ୍ତ; ପୀଡ଼ିତ; ବ୍ୟାଧିଗ୍ରସ୍ତ—1. Sick.
(ଅବରୁଗ୍ଣା—ସ୍ତ୍ରୀ) ୨ । ଭଗ୍ନ—2. Broken.

**ଅବରୁଦ୍ଧ**—ସଂ. ବିଣ. ପୁଂ. ( ଅବ + ରୁଧ ଧାତୁ = ରୋଧ କରିବା,
Abaruddha ଅଟକାଇବା + କର୍ମ. ତ )—
(ଅବରୁଦ୍ଧା—ସ୍ତ୍ରୀ) ୧ । ଯାହାକୁ ବନ୍ଦୀ କରାଯାଇଅଛି; ବନ୍ଦୀକୃତ;
(ଅବରୋଧ—ବି) କାରାରୁଦ୍ଧ—1. Confined; imprisoned; shut up.
୨ । ଯାହାକୁ ଅଟକାଯାଇଅଛି; ଯାହାର ଗତିରେ ବାଧା ଦିଆଯାଇ ଅଛି—
2. Restrained; obstructed.
୩ । ଆବଦ୍ଧ; ଦଉଡ଼ିଦ୍ୱାରା ଘେରାଯାଇଥିବା—
3. Bound down.
୪ । ପରିବୃତ; ବେଷ୍ଟିତ—4. Surrounded.
୫ । ଆବୃତ; ଆଚ୍ଛାଦିତ—
5. Covered; enveloped.
୬ । ଯେ ସର୍ବଦା ଅନ୍ତଃପୁର ମଧ୍ୟରେ ଥାଏ—
6. Always shut up in the harem.
୭ । ସୈନ୍ୟଦ୍ୱାରା ନଗର ବା ଦୁର୍ଗ ମଧ୍ୟରେ ଆବଦ୍ଧ—
7. Besieged by the enemy.
୮ । ଶତ୍ରୁଅଡ଼େ ଶତ୍ରୁସୈନ୍ୟ ଦ୍ୱାରା ବେଷ୍ଟିତ—
8. Surrounded by the enemy.

**ଅବରୁଦ୍ଧା**—ସଂ. ବିଣ. ସ୍ତ୍ରୀ. ( ଅବରୁଦ୍ଧ + ସ୍ତ୍ରୀ. ଆ )—ଅବରୁଦ୍ଧର
Abaruddhā ସ୍ତ୍ରୀଲିଙ୍ଗ—Feminine of Abaruddha.
ସଂ. ବି. ସ୍ତ୍ରୀ—୧ । ବନ୍ଦିନୀ—1. A female-prisoner.
୨ । ରାଜାନ୍ତଃପୁରବାସିନୀ ସ୍ତ୍ରୀ—
2. A woman of the king's seraglio.

**ଅବରୂଢ଼**—ସଂ. ବିଣ. ପୁଂ ( ଅବ = ନିମ୍ନକୁ + ରୁହ ଧାତୁ = ଗମନ
Abarurdha କରିବା + କର୍ତ୍ତୃ. ତ )—ଉର୍ଦ୍ଧ୍ୱରୁ ନିମ୍ନକୁ ଓହ୍ଲାଇବା;
(ଅବରୂଢ଼ା—ସ୍ତ୍ରୀ) ଅବତୀର୍ଣ୍ଣ—Alighted; got down; descended.
ଅବରୋହ } ବି
ଅବରୋହଣ }

**ଅବରୋଧ**—ସଂ. ବି (ଅବ + ରୁଧ ଧାତୁ = ଅଟକାଇବା + ଅଧିକରଣ. ଅ)—
Abarodha ୧ । ରାଜାଆଦିଙ୍କ ଅନ୍ତଃପୁର; ଅନ୍ଦରମହଲ;
(ଅବରୁଦ୍ଧ—ବିଣ) ଜନାନା—1 Seraglio; the zenānā harem; the private apartments exclusively used by women.
୨ । (+ ଭାବ. ଅ) ପ୍ରତିବନ୍ଧକ; ବାଧା—2. Obstacle.
୩ । ଅଟକ; ଗତିରୋଧ—
3. Obstruction; restraint.
୪ । ବେଢ଼ିବା; ଘେରିବା—
4. Enveloping; surrounding.
୫ । ଆବରଣ—5. Covering.
୬ । ନଗର ବା ଦୁର୍ଗର ଚାରିପାଖରୁ ସୈନ୍ୟଦ୍ୱାରା ବେଷ୍ଟନ କରିବାଦ୍ୱାରା ଦୁର୍ଗବାସୀଙ୍କୁ ବାହାରକୁ ନ ଛାଡ଼ିବା ଅବସ୍ଥା; ଘେରାଉ—6. A siege of a town or fort.
୭ । (+ କର୍ମ. ଅ; ଯେଉଁମାନଙ୍କୁ ଅବରୁଦ୍ଧ କରି ରଖା ହୁଏ)—ରାଜାନ୍ତଃପୁରସ୍ଥ ସ୍ତ୍ରୀସମୂହ—
7. All the women of a Rājā's seraglio.

**ଅବରୋଧକ**—ସଂ. ବିଣ. ପୁଂ ( ଅବ + ରୁଧ ଧାତୁ + କର୍ତ୍ତୃ. ଅକ )—
Abarodhaka ୧ । ଯାହା ବା ଯେ ଅବରୋଧ କରେ;
(ଅବରୋଧିକା—ସ୍ତ୍ରୀ) ଅବରୋଧକାରୀ—
1. Restraining; obstructing.
୨ । ଶତ୍ରୁ ନଗର ବା ଦୁର୍ଗକୁ ବେଷ୍ଟନକାରୀ—
2. Besieging.
୩ । ଘେରୁଥିବା—3 Surrounding.

**ଅବରୋଧନ**—ସଂ. ବି. ( ଅବ + ରୁଧ ଧାତୁ + ଭାବ. ଅନ )—
Abarodhana ଅବରୋଧ (ଦେଖ)—Abarodha (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ଥ |

**ଅବରୋଧପ୍ରଥା**—ସଂ. ବି. ( ଅବରୋଧ + ପ୍ରଥା )—ଯେଉଁ ପ୍ରଥା ବା
Abarodhaprathā ରୀତି ଯୋଗୁଁ ରାଜା ଓ ଭଦ୍ରଲୋକଙ୍କ ପରିବାରରେ ସ୍ତ୍ରୀମାନେ ଅନ୍ଦରମହଲରେ ରହନ୍ତି ଏବଂ ବିନା ପରଦାରେ ବାହାରକୁ ଯିବା ଆସିବା କରନ୍ତି ନାହିଁ ଏବଂ ନିଜର ସ୍ୱାମୀ ଓ ପରିବାରର ବାଳକ ଓ ଦାସୀ ଆଦିଙ୍କ ଛଡ଼ା ଅନ୍ୟ ଲୋକଙ୍କୁ ଦେଖା ଦିଅନ୍ତି ନାହିଁ—The zenānā or purdā system; the system by which women are kept within the four walls of their apartments and are not free to go out.

[ ଦ୍ର—ଏ ପ୍ରଥା ମୁସଲମାନସମାଜରେ ବିଶେଷରୂପରେ ପ୍ରଚଳିତ ହୁଏ । ପୂର୍ବେ ଆର୍ଯ୍ୟମାନଙ୍କ ମଧ୍ୟରେ ଏ ପ୍ରଥା ନ ଥିଲା ଓ ବର୍ତ୍ତମାନ ଦାକ୍ଷିଣାତ୍ୟ, ହିନ୍ଦୁପ୍ରଦେଶ, ମହାରାଷ୍ଟ୍ର ଓ ବୋମ୍ବେ ପ୍ରଦେଶରେ ଏବଂ ଭାରତର ନୀଚଜାତିମାନଙ୍କ ମଧ୍ୟରେ ଏହା ପାଳିତ ହୁଏ ନାହିଁ । ସୁଖର ବିଷୟ ଏହି ଯେ ଏ ପ୍ରଥା ସମାଜରୁ କ୍ରମଶଃ ଶିଥିଳ ହେଉଅଛି । ]

**ଅବରୋଧିକ**—ସଂ. ବି. ପୁଂ. ( ଅବରୋଧ + ଇକ )—ଅନ୍ତଃପୁରଚର-
Abarodhika ଭୃତ୍ୟ; ରାଜାଦିଙ୍କ ଅନ୍ତଃପୁରରକ୍ଷକ ଭୃତ୍ୟ;
( ଅବରୋଧିକା-ସ୍ତ୍ରୀ ) କଞ୍ଚୁକୀ—A servant who guards the seraglio of a Rājā

**ଅବରୋଧିକା**—ସଂ. ବିଣ. ସ୍ତ୍ରୀ ( ଅବରୋଧକ + ସ୍ତ୍ରୀ. ଆ )—
Abarodhikā ଅବରୋଧକର ସ୍ତ୍ରୀଲିଙ୍ଗ—
Feminine of Abarodhakā
ସଂ. ବି. ସ୍ତ୍ରୀ—(ଅବରୋଧକ + ସ୍ତ୍ରୀ. ଆ)—ଅନ୍ତଃପୁରରକ୍ଷିକା ସ୍ତ୍ରୀ—
A female in charge of the harem.

**ଅବରୋଧୀ**—ସଂ. ବିଣ. ପୁଂ ( ଅବ + ରୁଧ ଧାତୁ + କର୍ତ୍ତୃ. ଇନ୍; ୧ମା.
Abarodhī ୧ବ. )—ଅବରୋଧକ ( ଦେଖ )
(ଅବରୋଧିନୀ—ସ୍ତ୍ରୀ) Abarodhaka ( See )

**ଅବରୋପଣ**—ସଂ. ବି (ଅବ = ବିପରୀତ + ରୁହ ଧାତୁ ଣିଚ୍, ରୋପି ଧାତୁ
Abaropaṇa = ଚଢ଼ାଇବା; ରୋପଣ କରିବା + ଭାବ. ଅନ)—
(ଅବରୋପିତ—ବିଣ) ୧ । ଉପାଡ଼ିବା; ଉତ୍ପାଟନ—
1. Uprooting; eradication.
୨ । ଅବରୋହଣ କରାଇବା—2. Bringing down; causing to dismount.
୩ । ଅପସାରଣ; ଅପନୟନ—3. Removing.
୪ । ଅସ୍ତଗମନ—4. Setting.

**ଅବରୋପିତ**—ସଂ. ବିଣ (ଅବ = ବିପରୀତ + ରୋପି ଧାତୁ + କର୍ମ. ତ)—
Abaropita ୧ । ଅସ୍ତଗତ—1. Set.
୨ । ଉତ୍ପାଟିତ—2 Uprooted.
୩ । ଅପସାରିତ—3. Removed.

**ଅବରୋହ**—ସଂ. ବି. ( ଅବ = ବିପରୀତ + ରୁହ ଧାତୁ = ଉପରକୁ ଚଢ଼ିବା
Abaroha + ଭାବ. ଅ)—୧ । ଅବତରଣ; ଓହ୍ଲାଇବା—
1. Alighting; descent.
୨ । ପ୍ରାଦୁର୍ଭାବ—2. Prevalence.
୩ । ଉତ୍ପତ୍ତି—3. Birth.
୪ । ( + କର୍ତ୍ତୃ. ଅ; ଯାହା ତଳକୁ ଓହ୍ଲାଏ )—ବର ଆଦି ଗଛର ଓହଳ—4. Aerial roots of banyan and other trees.
୫ । ଗୁଳୁଚ ଆଦି ଲତା; ଯେଉଁ ଲତାମାନ ଉପର ଆଡ଼ୁ ତଳକୁ ଲଟାଏ—5. Creepers which climb down-wards.
୬ । ( + ଅପାଦାନେ. ଅ;) ପୁଣ୍ୟଭୋଗାବସାନରେ ମନୁଷ୍ୟମାନେ ଯେଉଁ ସ୍ଥାନରୁ ତଳକୁ ଓହ୍ଲାଇ ଆସନ୍ତି ); ସ୍ୱର୍ଗ; 6. Heaven.
୭ । ( + କର୍ମ. ତ); ଯେଉଁ ପ୍ରଣାଳୀଦ୍ୱାରା କାରଣରୁ କାର୍ଯ୍ୟକୁ ବା ନିଦାନରୁ ଫଳକୁ ଅବତରଣ କରାଯାଏ)—(ନ୍ୟାୟଦର୍ଶନ) ଯେଉଁ ଯୁକ୍ତିର ପନ୍ଥା ବା ପ୍ରଣାଳୀଦ୍ୱାରା କାରଣରୁ କାର୍ଯ୍ୟ ବା ନିଦାନରୁ ଫଳ ସ୍ଥିର କରାଯାଏ—7. ( Logic ) A priori argument or inference from cause to effect.

**ଅବରୋହଣ**—ସଂ. ବି (ଅବ + ରୁହ ଧାତୁ + ଭାବ. ଅନ)—
Abarohaṇa ଅବରୋହ (ଦେଖ)
Abaroha (See)

**ଅବରୋହଶାଖୀ**—ସଂ. ବି. ( ଅବରୋହ = ତଳ ଆଡ଼କୁ ଓହ୍ଲାଇବା +
Abarohaśākhī ଶାଖା + ଇନ୍. ୧ମା. ୧ବ. )—ବଟବୃକ୍ଷ—
Banyan tree.

**ଅବରୋହୀ**—ସଂ. ବିଣ. ପୁଂ. (ଅବ + ରୁହ ଧାତୁ + ଅସ୍ତ୍ୟର୍ଥେ. ଇନ୍ ୧ମା.
Abarohī ୧ବ. )—ଅବରୋହଣକାରୀ; ତଳକୁ ଓହ୍ଲାଉଥିବା—
(ଅବରୋହିଣୀ—ସ୍ତ୍ରୀ) Descending.

କୃଷ୍ଣଙ୍କ କରି ଅବରୋହୀ, କୋପରେ ସେ ତଟିନୀ ଅରୋହୀ ।
ଦୀନକୃଷ୍ଣ - ରସକଲ୍ଲୋଳ

**ଅବର୍ଗ**—ସଂ. ବି. ( ଅ + ବର୍ଗ )—ବର୍ଗର ଅଭାବ—
Abarga Want of 'Barga' (Barga—See)
ଦେ. ବି—ଅବାଗ; ନିୟମ ବା କ୍ରମର ଅଭାବ—
Want or absence of method.
ଦେ. ବିଣ (ସଂ. ଅବର୍ଗ)—ଅବର୍ଗା (ଦେଖ)
Abargā (See)

**ଅବର୍ଗା**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅବର୍ଗ )—୧ । ଅସାମାଜିକ—
Abargā 1. Unsocial.
ଅସୁନ୍ଦର ୨ । ଅଚପା; ଅସୁନ୍ଦର—2. Unsymmetrical.
ବେବୁଝ ୩ । ନିୟମ ବା କ୍ରମରହିତ—3. Unmethodical.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୪ । ଅବାଗିଆ; ଅଖାଡୁଆ—4. Uncouth; rough.

୫ । ଯେ ଭଦ୍ର ସମାଜର ନିୟମ ଜାଣେ ନାହିଁ—
5. Ignorant of etiquette or rules of politeness.

**ଅବର୍ଗିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଅବର୍ଗା (ଦେଖ)
Abargiā — Abargā (See)

**ଅବର୍ଗୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅବର୍ଗା (ଦେଖ)
Abargi — Abargā (See)

**ଅବର୍ଗ୍ୟ**—ସଂ. ବିଣ (ଅ + ବର୍ଗ୍ୟ)—(ବ୍ୟାକରଣ) ଯେଉଁ ବର୍ଣ୍ଣ ବ୍ୟଞ୍ଜନ-
Abargya — ବର୍ଣ୍ଣମାନଙ୍କର ପାଞ୍ଚ ବର୍ଗର ଅନ୍ତର୍ଗତ ନୁହେଁ—
(Grammar) (letters) Which are not included in the five groups of consonants.

**ଅବର୍ଗ୍ୟୱ**—ସଂ. ବି—ଅବର୍ଗ୍ୟ ବର୍ଣ୍ଣମାଳାର ଅନ୍ତର୍ଗତ ଅନ୍ତଃସ୍ଥ 'ୱ'—
The letter representing the 'wa' sound which comes after the five groups of consonants.
[ଦ୍ର—ଏହାର ଉଚ୍ଚାରଣ ବର୍ଗ୍ୟ ବ (ଇଂରାଜି B) ପରି ନ ହୋଇ ଉ+ଅ ବା ଉ୍ୱ (ଇଂରାଜି v ବା w) ପରି ହୁଏ । ସଂସ୍କୃତରେ ବର୍ଗ୍ୟ ବ ଓ ଅବର୍ଗ୍ୟ ୱର ଉଚ୍ଚାରଣ ସ୍ୱତନ୍ତ୍ର ଥିଲା; କିନ୍ତୁ ଓଡ଼ିଆରେ ଏ ଦୁଇଟି ବ=ଯୁକ୍ତ ସଂସ୍କୃତ ଶବ୍ଦମାନ ବର୍ଗ୍ୟ ବ ପରି ଆମ୍ଭେମାନେ ଉଚ୍ଚାରଣ କରୁଁ । ବର୍ଗ୍ୟ ବ ଉଚ୍ଚାରଣ କଲାବେଳେ ଦୁଇ ଓଠକୁ ଏକାଠି ଲଗାଇ ଦେଇ ଛାଡ଼ିଦେବାକୁ ହୁଏ; କିନ୍ତୁ ଅବର୍ଗ୍ୟ 'ୱ' ଉଚ୍ଚାରଣ କଲାବେଳେ ଦୁଇ ଓଷ୍ଠ ମଝିରେ ଫାଙ୍କ ରହିଥାଏ । ଅବର୍ଗ୍ୟ ୱ ର ଉଚ୍ଚାରଣକୁ ସ୍ୱତନ୍ତ୍ର ଦେଖାଇବା ପାଇଁ ଲୋକେ ଅବର୍ଗ୍ୟ ବ ସ୍ଥାନରେ ଉ୍ୱ, ଓ୍ୱ, ଓ୍ୱ ଲେଖନ୍ତି; ଯଥା—ବେଉ୍ୱା; ଓ୍ୱାଇଣ୍ଡ; ଓ୍ୱାର୍ ଇତ୍ୟାଦି । ଏ ଅଭିଧାନରେ ଏଥିପାଇଁ ନୂଆ ଅକ୍ଷର 'ୱ' ହୋଇଅଛି ।]

**ଅବର୍ଜିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅବରଜିଆ (ଦେଖ)
Abarjiā — Abarajiā (See)
(ଅବର୍ଜିଆଣୀ—ସ୍ତ୍ରୀ)

**ଅବର୍ଣ୍ଣ**—ସଂ. ବି—୧ । ବର୍ଣ୍ଣମାଳାର ପ୍ରଥମ ସ୍ୱରବର୍ଣ୍ଣ 'ଅ'—
Abarnna. 1. The first letter 'A' of the alphabet.

୨ । (ଅ=ନିକୃଷ୍ଟ + ବର୍ଣ୍ଣ; ଯେଉଁ ବର୍ଣ୍ଣ ବ୍ରାହ୍ମଣାଦି ଉଚ୍ଚ ଜାତିଠାରୁ ନିକୃଷ୍ଟତର)—ନୀଚଜାତି—
2. Low caste.

୩ । (ଅ=କୁତ୍ସିତ + ବର୍ଣ୍ଣ=ଅକ୍ଷର) ନିନ୍ଦା—
3. Blame.

୪ । ଅପବାଦ—4. Libel; defamation.

୫ । ଅଶ୍ଳୀଳ ବାକ୍ୟରେ ଗାଳି—
5. Bad name; indecent rebuke.

୬ । ଅପଯଶ—6. Ill fame; evil repute.

ସଂ. ବିଣ—(ଅ=ନାହିଁ + ବର୍ଣ୍ଣ; ଯାହାର)—ବର୍ଣ୍ଣହୀନ—
Colourless.

ସର୍ବଦା ଅଟନ୍ତି ଅବର୍ଣ୍ଣ, ଶୋମିଳ ଉକ୍ତାଙ୍କ ଗୋଚର ।
ପ୍ରାଚୀ—ପୂର୍ଣ୍ଣିମଚନ୍ଦ୍ରୋଦୟ ।

ଦେ. ବିଣ—୧ । କୁତ୍ସିତ ବର୍ଣ୍ଣବିଶିଷ୍ଟ—
1. Of bad colour.

ଏତେକ ଅବର୍ଣ୍ଣ ଦିଶୁଅଛି ତୁମ୍ଭ ଗାତ୍ର ।
ପୀତାମ୍ବର. ନୃସିଂହପୁରାଣ ।

୨ । ଅବର୍ଣ୍ଣନୀୟ—2. Indescribable.

ଅବର୍ଣ୍ଣ ଅବନୀଶ ଧନ, କର୍ଣ୍ଣ ନୃପଲେହେଁ ତା ଶୁଣି ।
ଭୂପତି—ପ୍ରେମପଞ୍ଚାମୃତ ।

**ଅବର୍ଣ୍ଣନ**—ଦେ. ବିଣ (ସଂ. ଅବର୍ଣ୍ଣନୀୟ)—
Abarnnana — ଅବର୍ଣ୍ଣନୀୟ (ଦେଖ)
Abarnnaniya (See)

**ଅବର୍ଣ୍ଣନୀୟ**—ସଂ. ବିଣ (ଅ + ବର୍ଣ୍ଣନୀୟ)—
Abarnnaniya — ୧ । ବର୍ଣ୍ଣନାତୀତ—1. Indescribable.
୨ । ଅନିର୍ବଚନୀୟ—2. Unspeakable.

**ଅବର୍ଣ୍ଣି**—ପ୍ରାଦେ (ସମ୍ବଲପୁର) ବିଣ—ଅବର୍ନି (ଦେଖ)
Abarnni — Abarni (See)

**ଅବର୍ତ୍ତମାନ**—ସଂ. ବିଣ. ପୁଂ (ଅ + ବର୍ତ୍ତମାନ)—
Abarttamāna — ୧ । ଅନୁପସ୍ଥିତ—1. Absent
(ଅବର୍ତ୍ତମାନା—ସ୍ତ୍ରୀ) — ୨ । ମୃତ—2. Deceased
(ଅବର୍ତ୍ତମାନତା—ବି) — ୩ । ଅସ୍ତିତ୍ୱରହିତ; ସତ୍ତାରହିତ—
3. Having no entity or being

୪ । ଅସ୍ଥିତ; ଅବିଦ୍ୟମାନ—
4. Non-existent; not existing.

**ଅବର୍ତ୍ତମାନରେ**—ଦେ. କ୍ରି. ବିଣ—୧ । (ଅମୁକ ଲୋକ) ଉପସ୍ଥିତ
Abarttamānare — ନ ଥିବା ଅବସ୍ଥାରେ—
ଅବର୍ତ୍ତମାନେ — 1. In one's absence.
अवर्त्तमानमे — ୨ । (ଅମୁକ) ମୃତ ହେବା ପରେ—
2. After one's death.

**ଅବର୍ତ୍ତିଆ**—ଗ୍ରା. ବିଣ—ଅବରତିଆ (ଦେଖ)
Abarttiā — Abaratiā (See)

**ଅବର୍ତ୍ତୁଆ**—ଗ୍ରା. ବିଣ—ଅବରତିଆ (ଦେଖ)
Abarttuā — Abaratiā (See)

**ଅବଳ**—ସଂ. ବିଣ. ପୁଂ (ଅ=ନାହିଁ + ବଳ; ଯାହାର)—
Abala — ୧ । ବଳହୀନ; ଦୁର୍ବଳ; ନିର୍ବଳ—
(ଅବଳା—ସ୍ତ୍ରୀ) 1. Not strong; powerless; weak

୨ । ପ୍ରତିକୂଳ; ବାମ—
2. Unfavourable; not propitious.

କଥାଏ ମାତ୍ର ଅଛଇ ଏହାର ଅବଳ ।
ସରଳାମହାଭାରତ, ବନ ।

ସଂ. ବି—ବରୁଣ ଗଛ (ଦେଖ)
Baruna tree (See)

ଦେ. ବି—ପ୍ରତିକୂଳତା—Unfavourable attitude or state.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ୍ର,ଷ | ଙ୍କ | ଙ୍ଘ | ଞ୍ଜ | ଣ୍ଡ |
| ୨ | ଈ | ଊ | ଋୂ | ଌ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ୍ୱ | ଗ୍ଁ୍ୟ | ଙ୍ଅ | ● | ନ୍ତ୍ର |

କର୍ମ ବାମ ବେଳକୁ ବଧାଇ। ଅବଲକୁ ଚନ୍ଦ୍ର ଉପୁଜେ ସୁଧା ବୃକ୍ଷ ।
ଭଞ୍ଜ—ପ୍ରେମସୁଧାନିଧି ।

**ଅବଲକ୍ଷ**—ସଂ. ବି. ( ଅବ+ଲକ୍ଷ ଧାତୁ+ଭାବ. ଅ )—
Abaḻaksha ଶୁକ୍ଳବର୍ଣ୍ଣ—1. White colour.
ସଂ. ବିଣ. ( ଅ+ବଳକ୍ଷ )—
୧ । ଶୁକ୍ଳ; ଧଳା—1. White.
୨ । ମୂର୍ଖ—2. Illiterate.

**ଅବଲକ୍ଷ**—ସଂ. ବି. ଓ ବିଣ—ଅବଳକ୍ଷ ( ଦେଖ )
Abalaksha Abaḻaksha ( See )
ଦେ. ବି—ଉପଲକ୍ଷ ( ଦେଖ )
Upalaksha ( See )

**ଅବଲକ୍ଷିତ**—ସଂ. ବିଣ ( ଅବ+ଲକ୍ଷିତ )—ଚକ୍ଷିତ; ଅବେକ୍ଷିତ—
Abalakshita Seen; observed.

**ଅବଲଖ୍**—ଦେ. ବି. ( ସଂ. ଅଭ୍ରକ )—ଅଭ୍ର; ମେଘଜାଲ—
Abalakh Talc; mica.
ଦେ. ବିଣ—ଅବଲଖା ( ଦେଖ )
Abalakhā ( See )

**ଅବଲଖା**—ଦେ. ବିଣ—୧ । ଅବ୍‌ଲଖା ( ଦେଖ )
Abalakhā 1. Ablakhā ( See )
অবলখা ୨ । ଯେଉଁ ଘୋଡ଼ା ଚାଲିଲାବେଳେ ଆଗ ଗୋଡ଼
**অবলখা** ଦୁହିଁଙ୍କୁ ଏକାବେଳେକେ ଉଠାଇବାକୁ ଶିକ୍ଷିତ ହୋଇଥାଏ—2. (a horse) Which has been trained to lift its front legs simultaneously while walking.
୩ । ( ସଂ. ଅଭ୍ରକ ) ଅଭ୍ରବର୍ଣ୍ଣବିଶିଷ୍ଟ—
3. Of the colour of mica.
୪ । ( ସଂ. ଅଭ୍ର ) ମେଘବର୍ଣ୍ଣବିଶିଷ୍ଟ—4. Azure.
୫ । ( ସଂ. ଅବଳକ୍ଷ ) ଯେଉଁ ଧଳା ଘୋଡ଼ା ଦେହରେ ନାଲି ଛୋପି ଛୋପି ଦାଗ ଥାଏ—
5. Red spotted ( horse ).

**ଅବଲଗିତ**—ସଂ. ବିଣ. ( ଅବ+ଲଗ୍ ଧାତୁ=ଲାଗିବା+କର୍ମ. ତ )—
Abalagita ସଂଲଗ୍ନ; ସଂଯୁକ୍ତ—Attached: joined
ସଂ. ବି. (ନାଟ୍ୟ ଶାସ୍ତ୍ରରେ) ଦୃଶ୍ୟ କାବ୍ୟର ପ୍ରସ୍ତାବନା ବିଶେଷ—
A kind of prologue to a drama.
[ ଦ୍ର— ଏକ ବସ୍ତୁର ଅନୁରୋଧରେ ଅପରର ସମାବେଶ ହୋଇ କାର୍ଯ୍ୟ ସମାହିତ ହେଲେ ଅର୍ଥାତ୍ ସଦୃଶୋଦ୍ଭାବନ ହେତୁ ପାତ୍ରର ପ୍ରବେଶ ସମାହିତ ହେଲେ ଅବଲଗିତ ନାମକ ପ୍ରସ୍ତାବନା ହୁଏ; ଯଥା—ସୂତ୍ରଧାର, ଭଲ ମନେ ପକାଇଦେଲ; ମୁଁ ବିସ୍ମିତ ହୋଇ ଯାଇଥିଲି । ଦୁଷ୍ମନ୍ତ ମହାରାଜ ହରିଣ ଶିକାରରେ ଆକୃଷ୍ଟ ହୋଇ ଏଣିକି ଆସିଲା ପରି ମୋ ମନ ତୁମ୍ଭ ଗୀତରାଗରେ ଆକୃଷ୍ଟ ହୋଇ ଯାଇଥିଲା । ଚୂଳାମଣି. ଅଳଙ୍କାର ତରଙ୍ଗିଣୀ । ]

**ଅବଲଗ୍ନ**—ସଂ. ବିଣ. ( ଅବ+ଲଗ ଧାତୁ=ଲାଗିବା+କର୍ତ୍ତୃ. ତ )—
Abalagna ୧ । ଦୃଢ଼ସଂଲଗ୍ନ—1. Firmly attached.
୨ । ଯାହା ଲାଗିଥାଏ—2. Sticking to.
ସଂ. ବି. ( ସଂଜ୍ଞାର୍ଥେ. ଅଧିକରଣେ. ତ; ଯହିଁରେ ପିନ୍ଧିବା ବସ୍ତ୍ର ଲାଗି ରହିଥାଏ )—କଟିଦେଶ—
Loins; waist.

**ଅବଲଙ୍ଘନ**—ସଂ. ବି (ଅବ+ଲଙ୍ଘନ)—ଉପରକୁ ଡେଇଁବା; ଲୁଦିବା—
Abalaṅghana Jumping over.

**ଅବଲତା**—ସଂ. ବି. ( ଅବଲ+ଭାବ. ତା )—
Abaḻatā ୧ । ନିର୍ବଳତା; ବଳହୀନତା—
1. Powerlessness; want of strength.
୨ । ପ୍ରତିକୂଳତା—2. Unfavourableness.

**ଅବଲମ୍ବ**—ସଂ. ବି. ୧ । (ଅବ+ଲମ୍ବ ଧାତୁ=ଲମ୍ବିବା+ଭାବ. ଅ)—
Abalamba ଅବଲମ୍ବନ; ଆଶ୍ରୟ—1. Prop; shelter.
୨ । ( +ଅଧିକରଣ. ଅ ) ଆଶ୍ରୟ ସ୍ଥାନ—
2. Place or shelter; refuge.
ବାସନା ଅବଲମ୍ବେ ଥାଇ, ପବନ ସଙ୍ଗତେ ଚଳଇ ।
ଭୂପତି—ପ୍ରେମପଞ୍ଚାମୃତ ।
୩ । (+କରଣ. ଅ; ଯାହାଦ୍ୱାରା ଲମ୍ବିତ ହୁଏ ) ଆଶ୍ରୟସାଧନ; ଲାଠି; ଯଷ୍ଟି—3 Stick.
ସଂ. ବିଣ. ( +କର୍ତ୍ତୃ. ଅ )—ଅବଲମ୍ବୀ ( ଦେଖ )
Abalambī ( See )
ଦେ. ବି—୧ । ( କୌଣସି ବିଷୟର ) ତତ୍ତ୍ୱାବଧାନ—
1. Supervision of a work.
୨ । ( କୌଣସି ବିଷୟର ) ଭାର ବା କାର୍ଯ୍ୟଚାଳନା—
2. Responsibility for a work.
ଯାକ କଲେ ଆରମ୍ଭ, ବାଲମୀକ ଋଷିଙ୍କି ଦେଲେ ଅବଲମ୍ବ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଅବଲମ୍ବନ**—ସଂ.ବି—୧ ।(ଅବ+ଲମ୍ବ ଧାତୁ=ଲମ୍ବିବା+ଭାବ.ଅନ)—
Abalambana ଆଶ୍ରିତ ହେବା—1. Dependence.
୨ । ନିର୍ଭର କରିବା—2. Reliance.
୩ । ଆଶ୍ରୟକରିବା; ଆଶ୍ରୟଗ୍ରହଣ—
3. Having resort to.
୪ । ଧାରଣ—4. Holding.
୫ । ( +କର୍ମ. ଅନ ) ଆଶ୍ରୟ—5. Refuge; shelter.
୬ । ଉପାୟ; ଗତି—6. Resource.
୭ । ଜୀବିକାନିର୍ବାହର ଉପାୟ ବା ପେଶା—
7. Means of livelihood.
୮ । ଠିଆ—8. Prop; support.
୯ । ଉପଲକ୍ଷ—9. Occasion.

**ଅବଲମ୍ବନା**—ଗ୍ରା. ବି. ( ସଂ. ଅବଲମ୍ବନ )—
Abalambanā ଆଶ୍ରୟ; ଅବଲମ୍ବନ—Shelter.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ପରବକୁ ଅବଲମ୍ବନା କରି ଲୋକ
ଯେ ତୁମ୍ଭ ହେଉଛ ସେ ବଡ଼ ଅବିବେକ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

**ଅବଲମ୍ବିତ**—ସଂ. ବିଣ (ଅବ+ଲମ୍ବ ଧାତୁ+କର୍ତ୍ତୃ. ତ)—
Abalambita ୧ । ଶରଣାଗତ; ଆଶ୍ରିତ—
1 Taking refuge or shelter.
୨ । ରକ୍ଷିତ—2. Protected.
୩ । (+କର୍ମ. ତ) ଧୃତ—3. Held.
୪ । ଗୃହୀତ—4. Accepted; taken.
୫ । ପ୍ରାପ୍ତ—5. Attained; got.
୬ । (ଅବ=ନିମ୍ନକୁ+ଲମ୍ବିତ)—ତଳକୁ ଲମ୍ବିଥିବା—
6. Hanging down.
୭ । ଅବନତ—7. Bent down.
୮ । ଅଧୋଗତ—8. Gone down.

**ଅବଲମ୍ବିବା**—ଗ୍ରା ପଦ୍ୟ. କ୍ରି. (ସଂ. ଅବଲମ୍ବନ)—
Abalambibā ଅବଲମ୍ବନ କରିବା—
To have recourse to.
ତୁମ୍ଭେ ସେ ଉପାୟ ଅବଲମ୍ବି ପାରିବ ନାହିଁ । ରାଧାନାଥ. ବଟେଶ୍ୱରୀ ।

**ଅବଲମ୍ବୀ**—ସଂ. ବିଣ. ପୁଂ. (ଅବ+ଲମ୍ବ ଧାତୁ+ଇନ୍; ଅବଲମ୍ବିନ୍
Abalambī ୧ମା. ୧ବ.)—୧ । ଅବଲମ୍ବନକାରୀ; ଆଶ୍ରୟକାରୀ—
(ଅବଲମ୍ବିନୀ—ସ୍ତ୍ରୀ) 1. Resorting to; depending on; holding; taking shelter or refuge under.
୨ । ଯେ ଆଶ୍ରୟପାଇଁ ଅନ୍ୟକୁ ଧରେ—2. Holding another for support; depending on another.
୩ । ଧର୍ମମତକୁ ଅନୁସରଣକାରୀ—3 Following the tenets of certain religion.

**ଅବଲୟ**—ଦେ. ବି (ସ. ଅଭିନୟ; ହାବ ଓ ଲୟ)—ଗାନ କରି ଯାଉ-
Abalaya ଥିବା ସଙ୍ଗୀତର ଭାବ ଶ୍ରୋତାକୁ ବୁଝାଇବା ପାଇଁ ନର୍ତ୍ତକ ହସ୍ତପଦାଦି ଦ୍ୱାରା ଯେଉଁ ସଙ୍କେତ କରେ; ପାରିନା; ରୂପ ଦେଖା—Signs made by the hands and limbs of the dancer to express the meaning of a song.

**ଅବଲା**—ସ. ବିଣ. ସ୍ତ୍ରୀ. (ଅବଳ+ସ୍ତ୍ରୀ. ଆ)—ଅବଳର ସ୍ତ୍ରୀଲିଙ୍ଗ—
Abaḻā Feminine of Abaḻa.
ସଂ. ବି. ସ୍ତ୍ରୀ—ସ୍ତ୍ରୀଲୋକ; ନାରୀ; ଲଳନା—Woman.
ଦେ. ବିଣ —୧ । ବଳା ହୋଇ ନ ଥିବା ବା ବଳିତ୍ୱରେ ପରି-
ଣତ ହୋଇ ନ ଥିବା (ଲୋଟ ଆଦି)—
1. Untwisted; unrolled.
୨ । ଯାହା ଗୁଡ଼ିଆ ହୋଇ ନ ଥାଏ—
2. Unwound.
୩ । ଯାହା ବଳ ନ ପଡ଼େ—3. Of which nothing is left out.
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମବିଶେଷ—
A name given to females.

**ଅବଲିପ୍ତ**—ସଂ. ବିଣ (ଅବ+ଲିପ ଧାତୁ=ଲେପିବା+କର୍ମ. ତ)—
Abalipta ୧ । ଯେଉଁ ଜିଭରେ ହଳଦିଆ ବୋଳା ହେବା ଭଳି
(ଅବଲିପ୍ତା—ସ୍ତ୍ରୀ) ଛତିଆ ବସି ଥାଏ (ସୁଶ୍ରୁତ)—
(ଅବଲେପ—ବି) 1. Furred (tongue).
୨ । ଯେଉଁ ଦ୍ରବ୍ୟର ସର୍ବାଂଶରେ କିଛି ଲେପ ବୋଳା ଯାଇ-
ଥାଏ—2 Pasted over.
୩ । କୃତଲେପନ—3. Smeared over.
୪ । ଯାହା ଅନ୍ୟ ବସ୍ତୁ ଉପରେ ବୋଳା ଯାଇ ଥାଏ—
4. Anointed.
୫ । (ଅବ+ଲିପ ଧାତୁ=ଗର୍ବିତ ହେବା+କର୍ତ୍ତୃ.
ତ)—ଗର୍ବିତ; ଦୃପ୍ତ; ଅହଂକୃତ—
5. Arrogant; proud.
୬ । ଆସକ୍ତ—6. Attached.

**ଅବଲୀ**—ଦେ. ବି. ସ୍ତ୍ରୀ—ଅବଲା ନାମ୍ନୀ ସ୍ତ୍ରୀର ଡାକ ନାମ—
Abaḻī Name for calling a woman named Abaḻā.
ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀଲୋକ ଗୋଡ଼ରେ ବଳା ପିନ୍ଧେ ନାହିଁ—
(a woman) Not habitituated to wearing anklets.
ଅବଲୀ ଗୋଡ଼ରେ ବଳା. ତାକୁ ଗୋଡ଼େଇ ଗୋଡ଼େଇ ଚଳା—ଢଗ ।

**ଅବଲୀଢ଼**—ସଂ. ବିଣ. ଅବ+ଲିହ ଧାତୁ=ଚାଟିବା+କର୍ମ. ତ)—
Abalīṛha ୧ । ଚଟା ହୋଇଥିବା; ଆସ୍ୱାଦିତ—
1. Licked; tasted.
୨ । ଭକ୍ଷିତ—2. Eaten.
(ଅବଲୀଢ଼ା—ସ୍ତ୍ରୀ) ୩ । ବ୍ୟାପ୍ତ—3. Spread.
(ଅବଲେହ—ବି) ୪ । ଦଗ୍ଧ—4. Burnt.
ସଂ. ବିଣ. ପୁଂ—(ଅବ+ଲିହ ଧାତୁ+କର୍ତ୍ତୃ. ତ)—
ଯେ ଚାଟେ—Licking.

**ଅବଲୀଳା**—ସଂ. ଅ. (ଅବ+ଲୀଳା)—୧ । ଅନାୟାସ; ଅକ୍ଲେଶ—
Abalīḻā 1. Ease.
୨ । ଅସଙ୍କୋଚ—2. Absence of hesitation.
୩ । କୌତୁକ; ପରିହାସ—3. Sport; jest; mirth.
୪ । କ୍ରୀଡ଼ା—4. Play.

**ଅବଲୀଳାକ୍ରମେ**—ଦେ. କ୍ରି. ବିଣ—ସହଜରେ; ଅନାୟାସରେ—
Abalīḻākrame Easily; with ease.

**ଅବଳୁଆ**—ଦେ. ବିଣ. (ସ. ଅବଳ)—ଅବଳ; ନିର୍ବଳ; ଦୁର୍ବଳ—
Abaḻuā Powerless; weak.
निर्बल
दुर्बल

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଶ,ଷ | ଙ୍ଘ | ଈଯ୍ | ଉଅ | ୱ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଈଅ | ୱ | ନୃ |

**ଅବଲୁଣ୍ଠନ**—ସଂ. ବି. ( ଅବ=ନିମ୍ନରେ+ଲୁଣ୍ଠ ଧାତୁ=ଗଡ଼ିବା; ଲୋଟିବା + ଭାବ ଅନ )—ଭୂଇଁରେ ଗଡ଼ିବା—
**Abalunṭhana**
( ଅବଲୁଣ୍ଠିତ—ବିଣ ) Rolling on the ground.

**ଅବଲୁଣ୍ଠିତ**—ସଂ. ବିଣ. ( ଅବ+ଲୁଣ୍ଠ ଧାତୁ+କର୍ତ୍ତୃ. ତ )—
**Abalunṭhita** ଭୂଇଁରେ ଗଡ଼ୁଥିବା—Rolling on the ground; wallowing

**ଅବଲେଖନ**—ସଂ. ବି—( ଅବ+ଲେଖନ )—୧ । ଦାଗ କରିବା—
**Abalekhana** 1. Marking.
୨ । ଖୋଦନ—2. Engraving.

**ଅବଲେପ**—ସଂ. ବି. ( ଅବ+ଲିପ ଧାତୁ=ଲେପିବା + ଭାବ. ଅ )—
**Abalepa** ୧ । ଗୃହର ଚଳ ଓ କାନ୍ଥ ଆଦି ଲେପିବା—
1 Plastering; smearing ( of the walls and floor of a house ).
୨ । ଅହଂକାର; ଦର୍ପ; ଗର୍ବ—
2. Pride; arrogance.
୩ । ଆକ୍ରୋଶ; ହିଂସା; ଦ୍ୱେଷ—
3. Spite; malice; vengeance.
୪ । ଆକ୍ଷେପ—4. Regret.
୫ । ସମ୍ବନ୍ଧ; ସଂସର୍ଗ—
5 Connection; regulation.
୬ । ପରିବାଦ—6. Libel; scandal.
୭ । ଭୂଷଣ—7. Ornament
୮ । କ୍ଷେପଣ—8. Throwing.
୯ । ( +କରଣ. ଅ )—ପ୍ରଲେପ; ମଲମ—
9. Paste; ointment
୧୦ । ପୁଲ୍‌ଟିସ୍—10. Plaster; poultice.

**ଅବଲେପନ**—ସଂ. ବି. ( ଅବ+ଲିପ ଧାତୁ+ଭାବ. ଅନ )—
**Abalepana** ୧ । ବିଲେପନ; ଲିପିବା—1 Smearing.
୨ । ମ୍ରକ୍ଷଣ; ବୋଳିବା—2. Anointing.
୩ । ଅହଂକାର ବା ଦର୍ପ ପ୍ରକାଶ—3. Arrogance.

**ଅବଲେହ**—ସଂ. ବି—୧ । (ଅବ+ଲିହ ଧାତୁ=ଚାଟିବା + ଭାବ. ଅ)—
**Abaleha** ଚାଟିବା—1. Licking; lapping.
୨ । ( +କର୍ମ. ଅ )—ଯାହାକୁ ଚାଟି କରି ଖିଆଯାଏ—
2. Anything which is lapped or licked.
୩ । ଚାଟି ଖାଇବା ଔଷଧ—
3. Medicine which has to be lapped or licked
୪ । ଚଟଣୀ—4. Sauce.

**ଅବଲେହନ**—ସଂ. ବି. ( ଅବ+ଲିହ ଧାତୁ+ଭାବ. ଅନ )—ଜିହ୍ୱାଦ୍ୱାରା
**Abalehana** ଚାଟିବା—Licking; lapping.

**ଅବଲେହ୍ୟ**—ସଂ. ବିଣ. ( ଅବ+ଲିହ ଧାତୁ+କର୍ମ. ଯ )—ଚାଟିବା-
**Abalehya** ଯୋଗ୍ୟ—Capable of being licked.

**ଅବଲୋକ**—ସଂ. ବି. ( ଅବ+ଲୋକ ଧାତୁ=ଚାହିଁବା+ଭାବ. ଅ )—
**Abaloka** ଅବଲୋକନ ( ଦେଖ )—Abalokana ( See )
ବଧିରେ ତ ବେନି ମହୋତ୍ସବ ଅବଲୋକ,
ବୃନ୍ଦାରକେ ଏହା ମିନ୍ତ କରଣେ ଭବେକ । ଉପେ. ବୈଦେହୀଶ ବିଳାସ ।

**ଅବଲୋକନ**—ସଂ. ବି. ( ଅବ+ଲୋକ ଧାତୁ=ଚାହିଁବା+ଭାବ. ଅନ )
**Abalokana** ୧ । ଦୃଷ୍ଟି; ଦର୍ଶନ; ଦେଖିବା—
( ଅବଲୋକିତ—ବିଣ ) 1. Sight; seeing; viewing.
୨ । ଅନୁସନ୍ଧାନ—2. Investigation
୩ । ମନୋଯୋଗପୂର୍ବକ ଦେଖିବା; ପର୍ଯ୍ୟବେକ୍ଷଣ—
3. Review; observation.
୪ । (+କର୍ମ.ଅ)—ଯାହାଦ୍ୱାରା ଦେଖାଯାଏ)—ନୟନ;ନେତ୍ର—
4. Eye.

**ଅବଲୋକନୀୟ**—ସଂ. ବିଣ ( ଅବ+ଲୋକ ଧାତୁ+କର୍ମ. ଅନୀୟ)—
**Abalokaniya** ୧ । ଦର୍ଶନୀୟ; ଦେଖିବାର ଯୋଗ୍ୟ—
1. Fit to be seen.

**ଅବଲୋକିତ**—ସଂ. ବିଣ ( ଅବ+ଲୋକ ଧାତୁ+କର୍ମ. ତ )—
**Abalokita** ୧ । ଦୃଷ୍ଟ; ନିରୀକ୍ଷିତ—
I. Seen; viewed; perceived.
୨ । ପରିଦୃଷ୍ଟ—2. Observed; surveyed.
ସଂ. ବି—( +ଭାବ. ତ ) ଦର୍ଶନ; ଦୃଷ୍ଟି—
Sight; view.

**ଅବଲୋକିବା**—ଦେ. ପଦ୍ୟ. କ୍ରି (ସଂ. ଅବଲୋକନ)—ଚାହିଁବା;ଦେଖିବା—
**Abalokibā** To See.
अवलोका ଏଣେ ସେ ଦମ୍ପତି ସଦା ଅବଲୋକୁଥିଲେ,
**अवलोकना** ପରସ୍ପର ସୌନ୍ଦର୍ଯ୍ୟରେ ଅନନ୍ତ ଦର୍ଶନ—
ଚନ୍ଦ୍ରମଣି, ଲକ୍ଷ୍ମୀମାଧବ୍ୟ ।

**ଅବଲ୍‌ଗୁଜା**—ସଂ. ବି ( ବୈଦ୍ୟକ )—
**Abalgujā** ବାକୁଚି ( ଦେଖ ) ( ବରେକୃଷ୍ଣ—ଦ୍ରବ୍ୟଗୁଣ )—
ākuchi See )

**ଅବଶ**—ସଂ. ବିଣ. ୧ । ( ଅ=ନୁହେଁ+ବଶ=ଅଧୀନ)—
**Abaśa** ଅନାୟତ୍ତ; ଅବଶୀଭୂତ—
(ଅବଶା—ସ୍ତ୍ରୀ) 1. Uncontrolled; ungovernable.
୨ । ଅବାଧ୍ୟ—2. Disobedient.
୩ । ଅପରାଧୀନ; ସ୍ୱାଧୀନ—3. Independent.
୪ । ( ଅ=ନାହିଁ+ବଶ=ସ୍ୱାଧୀନତା, ଯାହାର ) ଅସ୍ୱାଧୀନ; ପରାଧୀନ; ପରତନ୍ତ୍ର; ପରବଶ—
4 Dependent; not free; subservient.
୫ । ଦୁର୍ବଳ—5. Weak.
୬ । ଚଳିବା ଶକ୍ତିରହିତ; ଅଚଳ—
6. Unmoving; having no power of movement.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କ୍ଷୁଅ' ନ ମିଳିଲେ 'କ୍ଷୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଁଧ' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୭ । କର୍ମଶକ୍ତିହୀନ; ନିସ୍ତେଜ—
7. Impotent; powerless.
୮ । ଶିଥିଳ—8. Benumbed; paralysed; slackened.
୯ । ନାଚାର; ଉପାୟାନ୍ତରହୀନ—9. Helpless

**ଅବଶିଷ୍ଟ**—ସଂ. ବିଣ (ଅବ + ଶିଷ ଧାତୁ = ଶେଷ ରହିବା + କର୍ମ. ତ)—
Abaśishṭa  ୧ । ଯାହା ଶେଷକୁ ବାକି ଥାଏ; ବାକି—
( ଅବଶେଷ—ବି )  1. Left; remaining.
୨ । ବଳପଡ଼ିଥିବା; ଉଦ୍‌ବୃତ୍ତ—
2. Residual.
୩ । ଅତିରିକ୍ତ—3. Redundant.

**ଅବଶୀଭାବ**—ସଂ. ବି (ଅବଶ + ଅଭୂତ, ତଭାବେ ଚ୍ୱି + ଭାବ)—
Abaśībhāba  ବଶ୍ୟତାର ଅଭାବ; ଅବାଧ୍ୟତା—
(ଅବଶୀଭୂତ—ବିଣ)  Disobedience.

**ଅବଶେ**—ଦେ. କ୍ରି. ବିଣ—( ସଂ. ଅବଶ )—
Abaśe  ୧ । ଅନାୟତ୍ତରେ—
অবশে  1. Without one's own controle.
লাচারীমে  ୨ । ନାଚାର ହୋଇ—
2. Having no other alternative.

ନାନରେ ଅବଶେ ବସେ ସୁରସ କୂପ ସେ ପଶେ
କୋଳେ ଅନଙ୍ଗପ୍ରଦା ସେ ଦାସେ
ଉପେନ୍ଦ୍ର. ପ୍ରେମସୁଧାନିଧି ।

**ଅବଶେନ୍ଦ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବଶ ଅଟେ ଇନ୍ଦ୍ରିୟ
Abaśendriya  ଯାହାର )—
୧ । ଅଜିତେନ୍ଦ୍ରିୟ; ଯାହାର ଇନ୍ଦ୍ରିୟମାନ ବଶୀଭୂତ ନୁହେଁ; ଇନ୍ଦ୍ରିୟପରାୟଣ—1. Not having one's organs of sense under control; sensual; indulgent.
୨ । ଯାହାର ଇନ୍ଦ୍ରିୟମାନ ଅସମର୍ଥ ହୋଇଅଛନ୍ତି—
2. Having one's organs paralysed.

**ଅବଶେଷ**—ସଂ. ବି. (ଅବ + ଶିଷ ଧାତୁ = ଶେଷ କରିବା + ଭାବ. ଅ)—
Abaśesha  ୧ । ଉଦ୍‌ବୃତ୍ତ ବା ବାକି ରହିଥିବା ଅଂଶ—
(ଅବଶିଷ୍ଟ—ବିଣ)  1. Remnant; remainder; remains; residue.
୨ । ଅନ୍ତ; ପରିଶେଷ; ସମାପ୍ତି—
2. End; finish; completion.
୩ । ନିଃଶେଷ—3. Extinction; cessation.
୪ । ଖାଦ୍ୟାବଶେଷ—4. Orts.
୫ । ସୀମା; ପରସୀମା—5. Limit.
ଦେ. ବିଣ—୧ । ଶେଷ ପାଇଥିବା; ସମାପ୍ତ—
1. Ended; expired.

ଏ ସମସ୍ତେ ଭଜ ହୋଇଲେ ଅବଶେଷ । କୃଷ୍ଣସିଂହ. ମହାଭାରତ. ଅଦି ।
୨ । ଉଚ୍ଛିଷ୍ଟ—2. Left after meals.
ଦେବତା ପିତୃ ଅର୍ଥେ ମାଂସ
କେମନ୍ତେ ଦେବ ଅବଶେଷ । ଜଗନ୍ନାଥ. ଭାଗବତ. ୯ମ ।
୩ । ବାକି ରହିଥିବା; ଅବଶିଷ୍ଟ—3. Remaining.
ଭୂମିର ଅବଶେଷ ପୁଣି ତାହା ଦେଖି
ବଳିଲେ ଧୃଷ୍ଟଦ୍ୟୁମ୍ନଙ୍କ ଶର ଯୋଖି । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଅବଶେଷକୁ**—ଦେ. କ୍ରି. ବିଣ—ସର୍ବଶେଷରେ; ସମସ୍ତଙ୍କ ପରେ—
Abaśeshaku  At last; finally.

**ଅବଶେଷରେ**—ଦେ. କ୍ରି. ବିଣ—ଅବଶେଷକୁ ( ଦେଖ )
Abaśeshare  Abaśeshaku ( See )

**ଅବଶୋଶ୍**—ବୈଦେ. ବି—ଅବ୍‌ସୁସ୍ ( ଦେଖ )
Abaśoś  Absus ( See )

ନଜରସ ଅବଶୋଶରେ ମରି ପଡ଼ିଥିଲା, ମଙ୍ଗରାଜଙ୍କ ଝଙ୍କାରି ଝଣ ଝଣ
ଶବ୍ଦରେ ବସି ଉଠିଲା ।—
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

**ଅବଶ୍ୟ**—ସଂ. ବିଣ. ( ଅ + ବଶ୍ୟ )—
Abaśya  ୧ । ଅବଶୀଭୂତ; ଅବଶ; ଅନାୟତ୍ତ—
(ଅବଶ୍ୟା—ସ୍ତ୍ରୀ)  1. Untamed; uncontrolled.
୨ । ନିଶ୍ଚୟ; ନିଃସନ୍ଦେହ—2. Certain.
ଦେ. କ୍ରି. ବିଣ—୧ । ନିଶ୍ଚେ; ଅଲବତ୍—
অবশ্য  1. Certainly; without fail.
অলবত  ୨ । ନିଃସନ୍ଦେହରେ—2. Surely.

**ଅବଶ୍ୟ ଅବଶ୍ୟ**—ଦେ.ଅ. (କଥିତ ଅନୁରୋଧକୁ ଦୃଢ଼ୀକରଣାର୍ଥ ଦ୍ୱିତ୍ୱ)—
Abaśya abaśya  ନିଶ୍ଚେ—Certainly.
অবশ্য অবশ্য
অলবত

**ଅବଶ୍ୟମ୍ଭାବିତା**—ସଂ. ବି. ( ଅବଶ୍ୟମ୍ଭାବିନ୍ + ଭାବ. ତା )—
Abaśyaṁbhābitā  ୧ । ନିଶ୍ଚୟତା—1. Certainty; state of being inevitable.
୨ । ଭବିତବ୍ୟତା—2. Inevitability.

**ଅବଶ୍ୟମ୍ଭାବିଭାବ**—ସଂ. ବି. (କର୍ମଧା)—ଅବଶ୍ୟ ଘଟିବା ବିଷୟ—
Abaśyaṁbhābibhāba  Inevitable things.

**ଅବଶ୍ୟମ୍ଭାବୀ**—ସଂ. ବିଣ. ( ଅବଶ୍ୟମ୍ = ନିଶ୍ଚୟ + ଭୂ ଧାତୁ = ହେବା + କର୍ତ୍ତୃ. ଇନ୍. ୧ମା. ୧ବ. )—
Abaśyaṁbhābī
(ଅବଶ୍ୟମ୍ଭାବିନୀ—ସ୍ତ୍ରୀ)  ଯାହା ଅବଶ୍ୟ ଘଟିବ—That which must take place or happen; inevitable; sure to take place.

**ଅବଶ୍ୟ କରଣୀୟ**—ସଂ. ବିଣ. (ସୁପ୍‌ସୁପ; ଅବଶ୍ୟ + କରଣୀୟ )—
Abaśya karaṇīya  ଯାହା ନିଶ୍ଚେ କରିବାକୁ ହେବ—
That which must needs be done; indispensable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ତ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

**ଅବଶ୍ୟା**—ସଂ. ବଣ. ସ୍ତ୍ରୀ. ( ଅବଶ୍ୟ + ସ୍ତ୍ରୀ. ଆ )—
Abaśyā ୧ । ଅବଶ୍ୟର ସ୍ତ୍ରୀଲିଙ୍ଗ—
1. Feminine of Abaśya.
୨ । ଅନାୟତ୍ତା (ସ୍ତ୍ରୀ); ସ୍ୱୈରିଣୀ—2. (a woman) Who is not under control of any guardian.

**ଅବଶ୍ୟାମ**—ସଂ. ବ. ( ଅବ + ଶ୍ୟୈ ଧାତୁ = ଶୀତ ବୋଧ ହେବା + ଭାବ. ମ; ଯାହା ଯୋଗୁଁ ଶୀତ ଘଟେ ।)—
Abaśyāma
୧ । କୁହୁଡ଼ି; କୁଜ୍ଝଟିକା—1. Fog; mist.
୨ । ହିମ; ଶିଶିର—2. Dew.
୩ । ଅହଙ୍କାର; ଅଭିମାନ; ଗର୍ବ —
3. Pride; arrogance.

**ଅବଶ୍ୟାୟ**—ସଂ. ବ. ( ଅବ + ଶ୍ୟୈ ଧାତୁ + ଭାବ. ଅ )—
Abaśyāya ଅବଶ୍ୟାମ ( ଦେଖ )
Abaśyāma ( See )

**ଅବଶ୍ରୟଣ**—ସଂ. ବ. ( ଅବ = ତଳକୁ + ଶ୍ରି ଧାତୁ = ପାକ କରିବା + ଭାବ. ଅନ )—ପାକାନ୍ତେ ପାକଦ୍ରବ୍ୟ ସହିତ
Abaśrayaṇa
ପାକପାତ୍ରକୁ ଚୂଲି ଉପରୁ ତଳକୁ ଓହ୍ଲାଇନେବା ବା ଓହ୍ଲାଇବା—Taking down of the cooking-pot from the grate after cooking.

**ଅବଷ୍ଟବ୍ଧ**—ସଂ. ବଣ. (ଅବ + ସ୍ତନ୍ଭ ଧାତୁ = ସ୍ତବ୍ଧ ହେବା + କର୍ମ. ତ) -
Abashṭabdha ୧ । ସ୍ତମ୍ଭୀଭୂତ; ସ୍ତବ୍ଧ; ସ୍ତମ୍ଭନ କରାଯାଇ ଥିବା—
1. Stopped; ceased; calmed.
୨ । ଆବଦ୍ଧ; ବଦ୍ଧ—2. Bound.
୩ । ସଂଯତ—3. Controlled; restrained.
୪ । ରୁଦ୍ଧ; ଅବରୁଦ୍ଧ—4. Confined; obstructed.
୫ । ପରିବେଷ୍ଟିତ—5. Surrounded.
୬ । ଅଭିଭୂତ; ଆକ୍ରାନ୍ତ—
6. Overwhelmed; attacked.
୭ । ଆରବ୍ଧ—7. Commenced.
୮ । ରକ୍ଷିତ—8. Preserved; protected.
୯ । ( + କର୍ତ୍ତୃ. ତ ) ଅବଲମ୍ବିତ—9. Held.
୧୦ । ଆସନ୍ନ—10. Adjacent.
୧୧ । ସୂଚିତ—11. Indicated.
୧୨ । ଥମ୍ଭିଯାଇ ଥିବା—12. Ceased; stopped.
୧୩ । ଜଡ଼ୀଭୂତ—13. Paralysed.
୧୪ । ଯାହାକୁ ଆଶ୍ରୟ ମିଳିଅଛି—14 Supported.

**ଅବଷ୍ଟମ୍ଭ**—ସଂ. ବ. ( ଅବ + ସ୍ତନ୍ଭ ଧାତୁ + ଭାବ. ଅ )—
Abashṭambha ୧ । ସ୍ତମ୍ଭ; ସ୍ତବ୍ଧୀଭାବ; ରୋଧ; ଠିଆହୋଇ-ରହିବା—1. Cessation; stoppage; restraint.
୨ । ବାଧା—2. Obstruction; impediment.
୩ । ସୂଚନା—3. Indication.
୪ । ଆକ୍ରମଣ—4. Assault; attack.
୫ । ଆରମ୍ଭ—5. Commencement.
୬ । ଉତ୍କର୍ଷ—6. Excellence.
୭ । ଅବଲମ୍ବନ—7. Support.
୮ । ସୁବର୍ଣ୍ଣ—8. Gold.
୯ । ସୌଷ୍ଠବ—9. Symmetry.
୧୦ । ଅହଂକାର—10. Pride.
୧୧ । ବେଷ୍ଟନ—11. Surrounding.
୧୨ । ଅଭିମାନ—12. Sullenness.
୧୩ । ସାମୀପ୍ୟ—13 Vicinity.

**ଅବସ**—ସଂ. ବ. ( ଅବ୍ ଧାତୁ = ରକ୍ଷା କରିବା + କର୍ତ୍ତୃ. ଅସ )—
Abasa ୧ । ରାଜା—1. The king.
୨ । ସୂର୍ଯ୍ୟ—2. The sun.
୩ । (+ଭାବ. ଅସ) ରକ୍ଷଣ—3. Protection.

**ଅବସକ୍ତ**—ସଂ. ବଣ ( ଅବ + ସନ୍ଜ ଧାତୁ = ଲାଗିବା + କର୍ମ. ତ )—
Abasakta ସବଦ୍ଧ; ସଂଯୁକ୍ତ—Connected with; attached to.

**ଅବସକ୍‌ଥିକା**—ସଂ. ବ. (ଅବ = ନୀଚଆଡ଼େ + ସକ୍‌ଥି = ଊରୁଦେଶ + କ + ସ୍ତ୍ରୀ.ଆ)—ବସ୍ତ୍ରାଦିଦ୍ୱାରା ଜାନୁ ଓ ଜଙ୍ଘ ବାନ୍ଧି
Abasakthikā
ଉପବେଶନ କରିବା; ପର୍ଯ୍ୟଙ୍କ ବନ୍ଧ ବସ୍ତ୍ର—Squatting on the buttocks by tying the knees and the back with a piece of cloth.

**ଅବସଥ**—ସଂ. ବ. ( ଅବ + ସୋ ଧାତୁ = ସୁସ୍ଥ ହେବା + ସଂଜ୍ଞାର୍ଥ. ଅଧିକରଣ. ଥ; ଯେଉଁଠାରେ ଲୋକେ ସମ୍ୟକ୍ ପରିତୃପ୍ତ ହୁଅନ୍ତି )—
Abasatha
୧ । ବାସଭୂମି; ଆବାସ—1. Residence; house.
୨ । ଗ୍ରାମ—2. Village.
୩ । ଛତ୍ର; ପଥିକମାନଙ୍କ ବିଶ୍ରାମ ସ୍ଥାନ—3. Rest-house.
୪ । ପାଠଶାଳା—4. School.
୫ । ଖଟ; ଅଡ୍ଡା—5. Place of gathering.
୬ । ଅଖଡ଼ା—
6. Gymnasium; training house.

**ଅବସଥ୍ୟ**—ସଂ. ବ ( ଅବ + ସୋ ଧାତୁ + ଥ୍ୟ )—ଅବସଥ ( ଦେଖ )
Abasathya Abasatha ( See )

**ଅବସନ୍ଧି**—ଗ୍ରା. ବ ( ସଂ. ଅଭିସନ୍ଧି )—୧ । ଅଭିସନ୍ଧି; ଗୂଢ଼ ଉଦ୍ଦେଶ୍ୟ—
Abasandhi 1. Secret aim.
୨ । ଗୁପ୍ତକଥା—2. Secret.
୩ । ଗୁପ୍ତସ୍ଥାନ—3. Secret place.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବସନ୍ନ**—ସଂ. ବିଣ ( ଅବ + ସଦ୍ ଧାତୁ + କର୍ତ୍ତୃ. ତ )—
Abasanna ୧ । ଅବସାଦପ୍ରାପ୍ତ; ବିଷଣ୍ଣ; ବିମର୍ଷ; ମ୍ଳାନ; ନିସ୍ତେଜ—
(ଅବସନ୍ନା—ସ୍ତ୍ରୀ) 1. Drooping; dejected.
(ଅବସାଦ; ଅବସନ୍ନତା—ବି) ୨ । ସ୍ଫୂର୍ତ୍ତିରହିତ—
2. Languid; shorn of vigour; relaxed
୩ । ଶ୍ରାନ୍ତ; କ୍ଳାନ୍ତ—3. Fatigued; tired out.
୪ । ଦୁର୍ବଳୀକୃତ—4. Weakened.
୫ । ଅସ୍ତଗତ—5. Set.
୬ । ଅବସାନ ପ୍ରାପ୍ତ; କ୍ଷୟ ପ୍ରାପ୍ତ—
6. Exhausted; decayed.

**ଅବସନ୍ନତା**—ସଂ. ବି ( ଅବସନ୍ନ + ଭାବ. ତା )—ଅବସାଦ (ଦେଖ)
Abasannatā Abasāda ( See )

**ଅବସବ୍ୟ**—ସଂ. ବି (ଅବ = ବିପରୀତ + ସବ୍ୟ = ବାମ)—ବାମେତରଦିଗ;
Abasabya ଡାହାଣ ପାଖ—Right side.
ସଂ. ବିଣ—ଅପସବ୍ୟ; ବାମେତର; ଦକ୍ଷିଣ; ଡାହାଣ—
Right ( side )
ଗ୍ରା. ବିଣ. ( ସଂ. ଅସଭ୍ୟ )—ଅବସଭ୍ୟ ( ଦେଖ )
Abasabhya ( See )

**ଅବସଭ୍ୟ**—ଗ୍ରା. ବିଣ ( ସଂ. ଅସଭ୍ୟ )—୧ । ଅସଭ୍ୟ; ବର୍ବର—
Abasabhya 1. Uncivilised; rude.
অসভ্য ୨ । ଅଶ୍ଳୀଳ—2. Indecent.
असभ्य

**ଅବସର**—ସଂ. ବି ( ଅବ + ସୃ ଧାତୁ = ଗମନ କରିବା + ଭାବ. ଅ )—
Abasara ୧ । ଫୁର୍‌ସତ୍; ଅବକାଶ; କାର୍ଯ୍ୟରୁ ଛୁଟି ବା
(ଅନବସର—ବିପରୀତ) ବିଶ୍ରାମ—1. Leave; leisure or rest from work.
୨ । ସୁବିଧା; ସୁଯୋଗ; ସୁସମୟ—
2. Opportunity; opportune time.
ଠିକ୍‌ଥିଲା ଅବସର, କଲେ ତୁ ପ୍ରସଙ୍ଗ ମୋର, ରଜ ରାଜାବଳେନ୍ଦ୍ରାକୁ ଜଣାଉଛରେ—
କବିସୂର୍ଯ୍ୟ. ବଳରାମଦେବ୍, ଠ. ଗୀତ ।
୩ । ଉପଲକ୍ଷ—3. Occasion.
୪ । ପ୍ରସ୍ତାବ—4. Proposal.
୫ । ପ୍ରସଙ୍ଗ—5. Connection; context.
୬ । ପ୍ରାରମ୍ଭ—6. Beginning; commencement.
୭ । କାର୍ଯ୍ୟର ସୀମା—7. Scope.
୮ । ଶୂନ୍ୟସ୍ଥାନ; ଫାଙ୍କ—
8. Space; vacant space.
୯ । ବୃଷ୍ଟି—9. Rain.
୧୦ । ବର୍ଷ—10. Year.

**ଅବସରକ୍ରମେ**—ଦେ. କ୍ରି. ବିଣ—୧ । ସୁବିଧା ବା ସୁଯୋଗ ଅନୁସାରେ—
Abasarakrame 1. According to suitable time
অবসরক্রমে or opportunity; when opportunity
मौकापर or occasion arises.
୨ । ଫୁର୍‌ସତ୍ ଥିବା ସମୟରେ—2. At leisure.

**ଅବସରପ୍ରାପ୍ତ**—ଦେ. ବିଣ—୧ । ଯାହାକୁ କାର୍ଯ୍ୟରୁ ଛୁଟି ମିଳିଥାଏ—
Abasaraprāpta 1. ( a person ) On leave; on holidays.
অবসরপ্রাপ্ত
୨ । ପେନ୍‌ସନ୍ ପାଇ କାମ ଛାଡ଼ିଥିବା—2. Retired.

**ଅବସର୍ପ**—ସଂ. ବି. ୧ । (ଅବ + ସୃପ. ଧାତୁ = ଗମନ କରିବା + ଭାବ. ଅ)—ଗମନ—1. Going.
Abasarpa
( ଅବସର୍ପିଣୀ—ସ୍ତ୍ରୀ ) ୨ । ଗତି—2. Motion.
( ଅବସର୍ପିତ—ବିଣ ) ୩ । (+ କର୍ତ୍ତୃ. ଅ) ଦୂତ; ପ୍ରଣିଧି—
3. Emissary.
୪ । ଗୁପ୍ତଚର—4. Spy.

**ଅବସର୍ପଣ**—ସଂ. ବି. ( ଅବ + ସୃପ. ଧାତୁ + ଭାବ. ଅନ ) = ଅବସର୍ପ;
Abasarpaṇa ସ୍ଥାନାନ୍ତରକୁ ଗମନ—Going to another place.

**ଅବସର୍ପିଣୀ**—ସଂ. ବି. ସ୍ତ୍ରୀ (ଅବସର୍ପ + ଇନ୍ + ସ୍ତ୍ରୀ. ଈ)—
Abasarpinī ୧ । ଦୂତିକା ବା ସ୍ତ୍ରୀ-ଦୂତ—
1. A female-emissary.
୨ । ଜୈନମାନଙ୍କ ଗଣନାରେ କାଳ ସଂଖ୍ୟା ବିଶେଷ (ଏହା ଦଶ କୋଟି କୋଟି ସାଗର ବର୍ଷରେ ସମାପ୍ତ ହୁଏ )—
2. A unit of time—(millions of millions of years) according to the calculation of the Jainas.
ସଂ. ବିଣ. ସ୍ତ୍ରୀ (ଅବସର୍ପିନ୍ + ସ୍ତ୍ରୀ. ଈ )—ଅବସର୍ପୀର ସ୍ତ୍ରୀଲିଙ୍ଗ—
Feminine of Abasarpi.

**ଅବସର୍ପୀ**—ସଂ. ବିଣ. ପୁଂ (ଅବ + ସୃପ ଧାତୁ + କର୍ତ୍ତୃ. ଇନ୍; ୧ମା· ୧ବ)—
Abasarpī ସ୍ଥାନାନ୍ତରକୁ ଗତ—Gone to another
(ଅବସର୍ପିଣୀ—ସ୍ତ୍ରୀ) place; removed to another place
ସଂ. ବି. ପୁଂ—୧ । ଦୂତ—1. Emissary.
୨ । ଗୁପ୍ତଚର—2. Spy.

**ଅବସାଦ**—ସଂ. ବି (ଅବ + ସଦ ଧାତୁ = କ୍ଳାନ୍ତ ହେବା + ଭାବ. ଅ)—
Abasāda ୧ । ଅବସନ୍ନତା; ଜଡ଼ତା; ଶିଥିଳତା—
ଅବସନ୍ନ | ବିଣ 1. Languor; exhaustion; lethargy.
ଅବସାଦିତ |
୨ । କ୍ଳାନ୍ତି; ଶ୍ରାନ୍ତି—2. Fatigue; weariness.
୩ । ସ୍ଫୂର୍ତ୍ତିହୀନତା; ଉତ୍ସାହହୀନତା—3. Want of vigour; dullness; depression.
୪ । ନୈରାଶ୍ୟ—4. Despair.
୫ । ଦୈନ୍ୟ—5. Poorness.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନୁ |

୬ । ନାଶ; କ୍ଷୟ—6. Decay; exhaustion.
୭ । ଖେଦ; ବିଷାଦ—7. Dejection; sorrow; grief.
୮ । ବିରାମ; ଶେଷ—8. End; cessation.
୯ । ପରାଜୟ—9. Defeat.

**ଅବସାଦକ**—ସଂ. ବିଣ (ଅବ+ସଦ ଧାତୁ. ଣିଚ, ସାଦ ଧାତୁ=କ୍ଳାନ୍ତ କରିବା+କର୍ତ୍ତୃ. ଅକ)—୧ । ଯେ କର୍ମ୍ମ ଯାହା ଜଡ଼ତା ଉତ୍ପାଦନ କରେ—1. Paralysing; producing languor or lassitude.
Abasādaka
(ଅବସାଦକା—ସ୍ତ୍ରୀ)
୨ । ଯାହା ବିଷାଦ ଉତ୍ପାଦନ କରେ—2. Depressing.
୩ । କ୍ଳାନ୍ତିଜନକ—Tiresome.

**ଅବସାଦନ**—ସଂ. ବି. (ଅବ+ସଦ ଧାତୁ ଣିଚ୍ ସାଦ. ଧାତୁ+ଭାବ. ଅନ)—
Abasādana ୧ । ଅବସନ୍ନ କରାଇବା—1. Causing of languor or exhaustion.
୨ । ବିନାଶନ—2. Destroying.
୩ । କ୍ଳାନ୍ତି ଉତ୍ପାଦନ—3. Causing or producing weariness.
୪ । ବଳହାନି କରଣ—4. Making powerless.
୫ । ଜଡ଼ୀକରଣ—5. Paralysing.
୬ । ନିଃଶେଷକରଣ—6. Exhaustion.
୭ । ବିନାଶ—7. Destruction.
୮ । କ୍ଷୟ—8. Decay

**ଅବସାଦିତ**—ସଂ. ବିଣ (ଅବ+ସଦ ଧାତୁ. ଣିଚ୍, ସ.ଦ. ଧାତୁ+କର୍ମ୍ମ.
Abasādita ତ)—୧ । ଅବସାଦପ୍ରାପ୍ତ; ଅବସନ୍ନ—1. Depressed.
୨ । କ୍ଳାନ୍ତ—2. Worn out.
୩ । ବିନଷ୍ଟ—3. Destroyed.
୪ । ବିଷାଦିତ; ଖିନ୍ନ—4. Dejected.
୫ । ନିଃଶେଷିତ—5. Exhausted.

**ଅବସାନ**—ସଂ. ବି (ଅବ+ସୋ ଧାତୁ=ଶେଷ କରିବା+ଭାବ. ଅନ)—
Abasāna ୧ । ଶେଷ—1. End; termination; conclusion
୨ । ସମାପ୍ତି—2. Completion.
୩ । ମୃତ୍ୟୁ—3. Death.
୪ । ବିରାମ—4. Cessation.
୫ । ସୀମା; ପର୍ଯ୍ୟନ୍ତ—5. Limit.
୬ । ନିଶ୍ଚୟ; ନିର୍ଦ୍ଧାରଣ—6. Ascertainment; certainty.
୭ । ଅବସାଦ—7. Languor; lassitude.
୮ । ଅବସ୍ଥାନ; ସ୍ଥିତି—8. Existence.
୯ । କ୍ଷୟ—9. Decline; decay.

**ଅବସାୟ**—ସଂ. ବି. (ଅବ+ସୋ ଧାତୁ=ସମାପନ କରିବା+ଭାବ.ଅ)—
Abasāya ଅବସାନ ( ଦେଖ )—Abasāna ( See )
( ଅବସିତ—ବିଣ )

**ଅବସାରଣ**—ସଂ ବି. ( ଅବ+ସୃ ଧାତୁ ଣିଚ, ସାର. ଧାତୁ=ଘୁଞ୍ଚାଇବା
Abasāraṇa +ଭାବ. ଅନ )—ଅପସାରଣ; ସ୍ଥାନାନ୍ତରକୁ
(ଅବସାରିତ—ବିଣ) ଘୁଞ୍ଚାଇଦେବା—Removal of a thing.

**ଅବସିତ**—ସଂ. ବିଣ. (ଅବ+ସୋ ଧାତୁ=ଶେଷ କରିବା+କର୍ମ୍ମ. ତ)—
Abasita ୧ । ସମାପ୍ତ; ସମାପିତ—1. Finished; completed.
୨ । ସ୍ଥିରୀକୃତ; ନିଶ୍ଚିତ—2. Ascertained; settled.
୩ । ଅବସାନ ପ୍ରାପ୍ତ—3. Ended.
୪ । ବୋଧିତ—4. Comprehended; understood.
୫ । ବିଗତ; ଗତ—5. Gone.
୬ । ଅତୀତ—6. Past.
୭ । ପରିଣତ; ପରିଣତିପ୍ରାପ୍ତ—7. Developed.
୮ । ବିଦିତ; ଜ୍ଞାତ - 8. Known.
୯ । ସଞ୍ଚିତ—9. Stored.
୧୦ । (ଅବ+ସି ଧାତୁ=ବନ୍ଧନ କରିବା+କର୍ମ୍ମ. ତ)—ବଦ୍ଧ—10. Tied.
ସଂ. ବି. (ଅବ+ସୋ ଧାତୁ+ଭାବ. ତ)—
୧ । ଅବସାନ; ଶେଷ ହେବା ଅବସ୍ଥା; ସମାପ୍ତି—1. Completion; end.
୨ । ଅପସାରଣ; ଦୂରୀକରଣ—2. Removal.

**ଅବସୃତ**—ସଂ. ବି. (ଅବ+ସୃ ଧାତୁ+କର୍ମ୍ମ. ତ)—୧ । ଅପସୃତ
Abasṛuta 1. Removed.
(ଅବସାରଣ—ବି) ୨ ।(+କର୍ତ୍ତୃ. ତ)ଅବସରପ୍ରାପ୍ତ—2. At leisure.

**ଅବସ୍କନ୍ଦ**—ସଂ. ବି. (ଅବ=ବହିର୍+ସ୍କନ୍ଦ ଧାତୁ=ଗମନ କରିବା+
Abaskanda ଭାବ. ଅ) ୧ । ଯାତ୍ରା; ଗମନ—1. Going; starting.
୨ । ଅବରୋଧ—2. Siege; encompassing.
୩ । ଆକ୍ରମଣ—3. Attack.
୪ । ନିରୋଧ; ରୋଧ—4. Obstruction.
୫ । ଅବରୋହଣ; ଅବତରଣ—5. Descending; alighting.
୬ । ଅବଗାହନ—6. Bathing; immersion
୭ । (+ଅଧିକରଣ. ଅ; ଯେଉଁଠାରେ ସୈନ୍ୟମାନେ ବିଶ୍ରାମ କରନ୍ତି)—ଶିବିର; ଛାଉଣି; ସେନାନିବାସ; ସ୍କନ୍ଧାବାର—7. Military camp; encampment; barracks.
୮ । ତମ୍ବୁ; ଖଟୁଟ—8. Tent.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବସ୍କନ୍ଦନ**—ସଂ. ବି. (ଅବ + ସ୍କନ୍ଦ ଧାତୁ + ଭାବ.ଓ ଅଧିକରଣ.ଅନ)—
Abaskandana ଅବସ୍କନ୍ଦ (ଦେଖ)
Abaskanda (See)

**ଅବସ୍କର**—ସଂ.ବି.(ଅବ=ନିମ୍ନକୁ + କୃ ଧାତୁ=ବିକ୍ଷିପ୍ତ କରିବା + କର୍ମ. ଅ; ଯାହା ଝାଡ଼ୁଣୀ ଦ୍ୱାରା ଫୋପଡ଼ା ଯାଏ)—
Abaskara
୧ । ଆବର୍ଜନା; ଝାଟିଆ; ଅଳିଆ—1. Sweepings; refuse.
୨ । ସମ୍ମାର୍ଜନୀ ଦ୍ୱାରା ନିକ୍ଷିପ୍ତ ଧୂଳି—2. Dust scattered by the broom.
୩ । ମଳ; ବିଷ୍ଠା—3. Ordure.
୪ । ମଇଳା—4. Dirt
୫ । (+ଅପାଦାନ. ଅ; ଯେଉଁ ଠାରୁ ମଳ ନିର୍ଗତ ହୁଏ)—ଗୁହ୍ୟଦ୍ୱାର; ମଳଦ୍ୱାର—5. Anus.
୬ । ( +ଅଧିକରଣ. ଅ )—ଅଳିଆଗଦା; ଖତଖୁଡ଼ି; ମଇଳା ରଖିବାର ପାତ୍ର—6. Dust-bin.
୭ । ପାଇଖାନା—7. Latrine

**ଅବସ୍କରକ**—ସଂ ବି. ପୁଂ (ଅବ+କୃ ଧାତୁ +କର୍ତ୍ତୃ. ଅକ)—
Abaskaraka ୧ । ଝାଡ଼ୁଦାର; ମେହେନ୍ତର—
(ଅବସ୍କରିକା-ସ୍ତ୍ରୀ) 1. A sweeper.
୨ । ଝାଡ଼ୁ; ଝାଡ଼ୁଣୀ—2. Broom.

**ଅବସ୍କରା**—ଦେ. ବି. ( ସଂ. ଅବସ୍କର )—ଆବର୍ଜନା; ଝାଟିଆ—
Abaskarā Sweepings.
অবস্করা; আস্কারা ଦେ. ବିଣ. ୧ । ଆବର୍ଜନାମୟ; ଅସାର—
कुड़ाकरकट 1. Full of refuse or dirt.
୨ । ଅପରିଷ୍କୃତ—2. Uncleansed.
୩ । ଓଳିଆ ହୋଇ ନ ଥିବା—3. Unswept.
୪ । ମଇଳାପୂର୍ଣ୍ଣ—4. Dirty.
୫ । ଧୂଳିମୟ—5. Full of dust

**ଅବସ୍ତରଣ**—ସଂ. ବି. (ଅବ+ସ୍ତୃ ଧାତୁ + ଭାବ. ଅନ)—ବିସ୍ତାରିବା—
Abastarana Spreading out (Apte)

**ଅବସ୍ତା**—ଗ୍ରା. ବି ( ସଂ. ଅବସ୍ଥା )—୧ । ଅବସ୍ଥା ( ଦେଖ )
Abastā 1. Abasthā ( See )
୨ । ଦୁରବସ୍ଥା; ମନ୍ଦ ଅବସ୍ଥା—2. Bad condition.
୩ । ଦୁର୍ଦ୍ଦଶା—3. Misfortune; evil.
୪ । କ୍ଷୀଣଦେହତା—4. Leanness.
୫ । ସାଂସାରିକ ଅବସ୍ଥା—5 Worldly condition.
୬ । ଦୁର୍ବଳତା—6. Weakness
୭ । ବୈଷୟିକ ଅବସ୍ଥା—7. Material condition.
୮ । କ୍ଳେଶ; ଦୁଃଖଭୋଗ—8. Misery; suffering.
୯ । ଦୈହିକ ଅବସ୍ଥା—9. Bodily condition.
୧୦ । ଚେହେରା—10. Appearance.
୧୧ । ଅତି ଦୈନ୍ୟାବସ୍ଥା—11. Utter poverty.
ଗ୍ରା. ବିଣ—୧ । କ୍ଷୀଣ—1. Weak; emaciated
୨ । ଦୁର୍ବଳ—2. Weak.
୩ । ଦୁର୍ଦ୍ଦଶାଗ୍ରସ୍ତ—3. Suffering from misfortune.

**ଅବସ୍ତା ଦେବା**—ଗ୍ରା. କ୍ରି—ଅନ୍ୟକୁ ଦୁଃଖ, କଷ୍ଟ ବା ପୀଡ଼ା ଦେବା—
Abastā debā To oppress or harass another.
অবস্তা করা
बेहाल करना

**ଅବସ୍ତା ପାଇବା**—ଦେ. କ୍ରି—ଦୁଃଖ ବା କଷ୍ଟ ଭୋଗ କରିବା—
Abastā pāibā To suffer misery.

**ଅବସ୍ତାର**—ସଂ. ବି ( ଅବ + ସ୍ତୃ ଧାତୁ + କର୍ମ. ଅ; ଯାହାକୁ ମେଲାଇ ଦିଆଯାଏ )—
Abastāra
୧ । ପରଦା—1. Screen; curtain.
୨ । ମୁନ୍ଦୁରା; ମସିଣା—2. Mat.
୩ । ତମ୍ବୁର କନାନ୍ତ ବାଡ଼—
3 Wall of cloth round a tent.
୪ । ଘୋଡ଼ଣି; ଘଟାଟୋପ—4. Covering ( Apte )

**ଅବସ୍ତା ହେବା**—ଗ୍ରା. କ୍ରି ( ସଂ. ଅବସ୍ଥା )—
Abastā hebā ୧ । ଅତି କ୍ଷୀଣ ବା ଦୁର୍ବଳ ହେବା—
অবস্থা হওয়া 1. To be very weak or lean.
बेहाल होना ୨ । ଦୁର୍ଦ୍ଦଶାଗ୍ରସ୍ତ ହେବା—
2. To suffer misfortune.

**ଅବସ୍ତୁ**—ସଂ. ବି ( ଅ+ବସ୍ତୁ )—୧ । ଅକିଞ୍ଚିତ୍କର ପଦାର୍ଥ—
Abastu 1. Insignificant thing.
୨ । ନିକୃଷ୍ଟ ବସ୍ତୁ—2. Inferior thing
୩ । ନିନ୍ଦ୍ୟ ବିଷୟ—
3. A blameworthy matter.
୪ । ( ବେଦାନ୍ତ ) ବ୍ରହ୍ମାତିରିକ୍ତ ଜଗତର ଅନ୍ୟ ସମସ୍ତ ପଦାର୍ଥ—
4. All things in the world except the universal Divine Spark.
୫ । ସାଂସାରିକ ବିଷୟ—
5. Worldly or mundane matters.
୬ । ଅବାସ୍ତବତା—6. Unreality.
୭ । ଅସତ୍ତା; ଅବିଦ୍ୟମାନତା—7. Non-entity.
୮ । କିଛି ନୁହେଁ—8. Nothing.
ସଂ. ବିଣ—( ବହୁବ୍ରୀହି; ଅ=ନାହିଁ + ବସ୍ତୁ=ସାର, ଯହିଁରେ );
୧ । ଅସାର—1. Unsubstantial.
୨ । ଅବିଦ୍ୟମାନ; ଅସତ୍—2. Non-existing.
୩ । ଅବାସ୍ତବ—3 Unreal.
୪ । ଗୁଣହୀନ—4. Worthless.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଙ୍ଗ୍ୟ | ଙ୍କ୍ଷ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଙ୍କ୍ଷ | ଞ୍ଚ | କ୍ଟ |

**ଅବସ୍ତୁନିର୍ବନ୍ଧପର**—ସଂ. ବଣ. ପୁଂ ( ୭ମୀ ତତ୍; ବହୁବ୍ରୀହି; ଅବସ୍ତୁରେ ନିର୍ବନ୍ଧ ଅଟେ ସକଳ ଆଶୟ ଯାହାର)—
Abastunirbandhapara
( ଅବସ୍ତୁନିର୍ବନ୍ଧପରା—ସ୍ତ୍ରୀ )

୧ । ନିନ୍ଦିତ ବା ନିକୃଷ୍ଟ ବସ୍ତୁ ପ୍ରତି ଆକାଂକ୍ଷାଯୁକ୍ତ (ବ୍ୟକ୍ତି)—
1. Aiming at or hankering after an unworthy object; intent on a bad object.

୨ । ଅବାସ୍ତବ ବସ୍ତୁକୁ ଗ୍ରହଣ କରିବାକୁ ଉଦ୍ୟମ କରୁଥିବା ( ବ୍ୟକ୍ତି )—2. Running after an unreality.

**ଅବସ୍ତ୍ର**—ସଂ. ବଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+ବସ୍ତ୍ର, ଯାହାର )—
Abastra ବସ୍ତ୍ରହୀନ; ଯେ ଲୁଗା ପିନ୍ଧି ନାହିଁ; ନଗ୍ନ; ଉଲଗ୍ନ—
(ଅବସ୍ତ୍ରା—ସ୍ତ୍ରୀ) Clothless; nacked; unclothed.

ସଂ. ବି. ( ଅ=ନିକୃଷ୍ଟ+ବସ୍ତ୍ର )—ମନ୍ଦ ବସ୍ତ୍ର—
Bad or wretched cloth.

**ଅବସ୍ଥା**—ସଂ. ବି. ( ଅବ+ସ୍ଥା ଧାତୁ=ଥିବା+ଭାବ. ଅ )—
Abasthā ୧ । ସ୍ଥିତି—1. Position.
(ଅବସ୍ଥିତ—ବଣ) ୨ । ଦଶା—2. Condition.
୩ । ଭାବ—3. State.
୪ । କାଳ ଅନୁସାରେ ଘଟୁଥିବା ଦଶା ବା ପ୍ରକାର—
4. Condition or circumstance arising in course of time.
୫ । ପ୍ରକାର—5. Manner; mode
୬ । ଭାଗ୍ୟ—6. Destiny; luck; lot.
୭ । ପରିମାଣ—7. Quantity; measure.
୮ । ସାଂସାରିକ ବା ବୈଷୟିକ ଭାବ—
8. Worldly or material condition.
୯ । ସଙ୍ଗତି; ସମୃଦ୍ଧି—9. Affluency; riches.
୧୦ । ସୌଭାଗ୍ୟ 10. Good luck; fortune.
୧୧ । ସୁଯୋଗ; ସୁବିଧା—11. Opportunity.
୧୨ । ଲକ୍ଷଣ—12. Sign.
୧୩ । ଗୁରୁତ୍ୱ ଅବସ୍ଥା—13. Critical state; crisis.
୧୪ । ଜୀବନର ଭିନ୍ନ ଭିନ୍ନ ସମୟ—
14. Stage or period of life
୧୫ । ଜୀବନର ଭିନ୍ନ ଭିନ୍ନ ସମୟରେ ଘଟୁଥିବା ଅବସ୍ଥା ବା ଦଶା—
15. Successive stages of a person's life.
୧୬ । ରୂପ; ଚେହେରା—16. Form; appearance.
୧୭ । ସ୍ଥାୟୀଭାବ—17. Fixity; stability.
୧୮ । କଚେରୀରେ ମକଦ୍ଦମା ସମ୍ପର୍କରେ ପକ୍ଷୀଦଙ୍କର ଉପସ୍ଥିତି—
18. Appearance in a court of law. ( Apte )
୧୯ । ସ୍ତ୍ରୀ ଜନନେନ୍ଦ୍ରିୟ; ଯୋନି—
19. The female-organ of generation ( Apte )

ଦେ. ବି—ଅବସ୍ତା ( ଦେଖ )
Abastā ( See )

**ଅବସ୍ଥାଚତୁଷ୍ଟୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା+ଚତୁଷ୍ଟୟ )—
Abasthāchatushṭaya ୧ । ଜୀବନର ଚାରିଗୋଟି ବୟୋଦଶା-
1. The four stages of life.

[ ଯଥା—ବାଲ୍ୟ-ଜନ୍ମଠାରୁ ପାଞ୍ଚବର୍ଷ ଯାଏ; କୌମାର—୫ବର୍ଷଠାରୁ ୧୬ ବର୍ଷ ଯାଏ; ଯୌବନ—୧୬ ବର୍ଷଠାରୁ ୬୦ବର୍ଷ ପର୍ଯ୍ୟନ୍ତ ଓ ଜରା ବା ବାର୍ଦ୍ଧକ୍ୟ—୬୦ ବର୍ଷ ଠାରୁ ଊର୍ଦ୍ଧ୍ୱ । ମତାନ୍ତରରେ କେହି ଏହି ବୟୋଦଶାକୁ ୩, କେହି ୫, କେହି ୬, କେହି ଅବା ୧୦ ଭାଗ କରନ୍ତି । ଉଦାହରଣ ସ୍ୱରୂପ ( ୧ ) ଜନ୍ମାବଧି ୫ ବର୍ଷ=ପୌଗଣ୍ଡ ( ୨ ) ୫ ଠାରୁ ୧୦ ବର୍ଷ=ବାଲ୍ୟ ( ୩ ) ୧୦ ଠାରୁ ୧୬ ବର୍ଷ ପର୍ଯ୍ୟନ୍ତ=କୌମାର ( ୪ ) ୧୬ ଠାରୁ ୩୦ ପର୍ଯ୍ୟନ୍ତ=ଯୌବନ । ବୈଦ୍ୟଶାସ୍ତ୍ର ମତରେ—ପନ୍ଦର ବର୍ଷ ଯାଏ ବାଲ୍ୟ; ତିରିଶ ବର୍ଷ ଯାଏ କୌମାର; ପଚାଶ ବର୍ଷ ଯାଏ ଯୌବନ ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ବାର୍ଦ୍ଧକ୍ୟ । ସ୍ମୃତି ମତରେ ଜନ୍ମ ଠାରୁ ୫ ବର୍ଷ ଯାଏ କୌମାର; ୬ ବର୍ଷ ଠାରୁ ୧୦ ବର୍ଷ ଯାଏ ପୌଗଣ୍ଡ; ୧୧ ବର୍ଷ ଠାରୁ ୧୫ ବର୍ଷ ଯାଏ କୈଶୋର; ୧୬ ବର୍ଷ ପର୍ଯ୍ୟନ୍ତ ବାଲ୍ୟ; ୧୭ ବର୍ଷ ଠାରୁ ୭୦ ବର୍ଷ ପର୍ଯ୍ୟନ୍ତ ଯୌବନ; ୭୦ ବର୍ଷ ଠାରୁ ୯୦ ବର୍ଷ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ । ]

୨ । ଦ୍ୱିଜାତିମାନଙ୍କର ଜୀବନର ଚାରିଗୋଟି ଆଶ୍ରମ ( ଯଥା—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଭିକ୍ଷୁ )—
2. The four stages of the life of a man of a regenerate caste.

**ଅବସ୍ଥାତ୍ରୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା+ତ୍ରୟ )—
Abasthātraya ୧ । ପଦାର୍ଥର ତିନି ଗୋଟି ଅବସ୍ଥା—
( ଯଥା—ଘନ, ତରଳ ଓ ବାଷ୍ପୀୟ )—
1. The three states of natural things.

୨ । ପ୍ରାଣୀର ଜୀବିତ ଥିବା ସମୟରେ ଘଟୁଥିବା ତିନିଗୋଟି ଅବସ୍ଥା—( ଯଥା—ଜାଗରଣ, ସ୍ୱପ୍ନ ଓ ସୁଷୁପ୍ତି )—
2. The three states of living beings.

୩ । ଜୀବିତ କାଳର ତିନୋଟି ଶ୍ରେଣୀବିଭାଗ—
( ଯଥା—କୌମାର, ଯୌବନ ଓ ଜରା )—
3. The three periods of life.

**ଅବସ୍ଥା ଦଶକ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା+ଦଶକ )—
Abasthā daśaka ୧ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦଶଗୋଟି ଅବସ୍ଥା—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା—୧. ଶୈଶବ, ୨. ବାଲ୍ୟ, ୩. କୌମାର, ୪. କୈଶୋର, ୫. ଯୌବନ, ୬. ପ୍ରୌଢ଼ାବସ୍ଥା, ୭. ବାର୍ଦ୍ଧକ୍ୟ, ୮. ବର୍ଷୀୟାନ୍ ଅବସ୍ଥା, ୯. ମୁମୂର୍ଷୁ ଅବସ୍ଥା ଓ ୧୦. ମୃତ୍ୟୁ । )
1. The ten stages of a man's life.
୨ । ଅନଙ୍ଗଦଶା; କାମଶାସ୍ତ୍ରାନୁସାରେ ପରସ୍ପର ସଙ୍ଗପ୍ରାପ୍ତ ନ ହେବା ପ୍ରେମିକ ପ୍ରେମିକାଙ୍କ ଦ୍ୱାରା ଅନୁଭୂତ ୧୦ ଗୋଟି ଅବସ୍ଥା—( ଯଥା—ଦୃଷ୍ଟି, ମନ, ସଙ୍ଗସଙ୍କଳ୍ପ, ଜାଗରଣ, କୃଶତା, ଅରତି, ହ୍ରୀତ୍ୟାଗ, ଉନ୍ମାଦ, ମୂର୍ଚ୍ଛା ଓ ମୃତ୍ୟୁ )—
2. The ten states of unsatiated lovers

**ଅବସ୍ଥାଦ୍ୱୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା + ଦ୍ୱୟ )—
Abasthādwaya ଜଗତରେ ଦୁଇପ୍ରକାରର ବିପରୀତ ଅନୁଭୂତି—( ଯଥା—ସୁଖ ଓ ଦୁଃଖ; ଭାବ ଓ ଅଭାବ; ଜୀବନ ଓ ମରଣ; ହିଁ ଓ ନାହିଁ; ଥିବା ଓ ନ ଥିବା; ଗତି ଓ ସ୍ଥିତି; ମାନ ଓ ଅପମାନ; ଶୀତ ଓ ଉଷ୍ଣ; ନିନ୍ଦା ଓ ସ୍ତୁତି ଇତ୍ୟାଦି । )
The two contradictory feelings or experiences.

**ଅବସ୍ଥାନ**—ସଂ. ବି. ( ଅବ + ସ୍ଥା ଧାତୁ + ଭାବ. ଅନ )—୧ । ସ୍ଥିତି—
Abasthāna 1. Position; situation.
(ଅବସ୍ଥିତ—ବିଣ) ୨ । ସ୍ଥିତ ହେବା; ରହିବା—2. Staying
୩ । ହେବା—3. Being.
୪ । ବାସ କରିବା—4. Residing; abiding in.
୫ । ( + ଅଧିକରଣ. ଅନ )—ଘର; ବାସସ୍ଥାନ—
5. Habitation; house; residence; quarters.
୬ । ସ୍ଥାନ—6. Place.
୭ । ଗତି ଅଟକିବା ସ୍ଥାନ—
7. Station; halting place.
୮ । ଅବସ୍ଥା—8. Condition.
୯ । ନିର୍ଦ୍ଦିଷ୍ଟ ସ୍ଥାନରେ ରହିବା—
9. Staying at a certain place.
୧୦ । କୌଣସି ସ୍ଥାନରେ ରହିବାର କାଳ—
10. Period of staying at a place.
୧୧ । (ଜ୍ୟୋତିଷ) ପୃଥିବୀ ପୃଷ୍ଠରେ ଅନୁମିତ ହେବା ସୂର୍ଯ୍ୟଙ୍କର ଗତିପଥର ତିନି ଗୋଟି ବିଭିନ୍ନ ଅବସ୍ଥା ( ଯଥା; ଉତ୍ତର-ଅବସ୍ଥାନ ବା ଐରାବତ; ମଧ୍ୟମ ଅବସ୍ଥାନ ବା ଜାରଦ୍ଗବ; ଦକ୍ଷିଣ ଅବସ୍ଥାନ ବା ବୈଶ୍ୱାନର । )—
11. ( astronomy ) The different methods or positions of the sun's orbit during the year.

**ଅବସ୍ଥାନ୍ତର**—ସଂ. ବି. ( କର୍ମଧାରୟ ବା ନିତ୍ୟସମାସ; ଅନ୍ୟ + 
Abasthāntara ଅବସ୍ଥା; ଅନ୍ୟ ଶବ୍ଦ ସ୍ଥଳରେ ଅନ୍ତର ଆଦେଶ )—୧ । ଅନ୍ୟ ଅବସ୍ଥା; ଭିନ୍ନ ଅବସ୍ଥା—
1. Another condition or state.
୨ । ଅବସ୍ଥାର ପରିବର୍ତ୍ତନ—
2. Change of circumstance or condition.
୩ । ଭାବାନ୍ତର—3. Different state.
୪ । ରୂପାନ୍ତର—4. Different shape.

**ଅବସ୍ଥାପନ**—ସଂ. ବି. (ଅବ + ସ୍ଥା ଧାତୁ ଣିଚ, ସ୍ଥାପି ଧାତୁ + ଭାବ. ଅନ)—
Abasthāpana ୧ । ସ୍ଥାପିତ କରଣ; ରଖିବା; ଥାପିବା—
1. Placing; putting.
୨ । ସନ୍ନିବେଶନ; ସଂସ୍ଥାପନ—2. Fixing.
୩ । ସଜାଡ଼ି ରଖିବା; ସଜାଇବା—3. Arranging.
୪ । ସ୍ଥିରୀକରଣ—4. Settling.
୫ । ( + ଅଧିକରଣ. ଅନ ) ବାସସ୍ଥାନ—Abode.

**ଅବସ୍ଥାପନ୍ନ**—ସଂ. ବିଣ ( ୨ୟା ତତ୍; ଅବସ୍ଥାକୁ ଆପନ୍ନ )—
Abasthāpanna କୌଣସି ଅବସ୍ଥାକୁ ପ୍ରାପ୍ତ—
Having attained any condition
ଦେ. ବିଣ—ଧନୀ; ଯାହାର ସାଂସାରିକ ଅବସ୍ଥା ଭଲ; ସଙ୍ଗତିସମ୍ପନ୍ନ—Well-conditioned; well-to-do; well off.

**ଅବସ୍ଥାପିତ**—ସଂ. ବିଣ. ( ଅବ + ସ୍ଥା ଧାତୁ ଣିଚ. ସ୍ଥାପି ଧାତୁ + କର୍ମ.
Abasthāpita ତ )— ୧ । ସଜ୍ଜିତ; ସନ୍ନିବେଶିତ—
1. Arranged.
୨ । ରଖା ଯାଇଥିବା—2. Placed.
୩ । ସ୍ଥିରୀକୃତ—3. Settled.

**ଅବସ୍ଥାବିପର୍ଯ୍ୟୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା + ବିପର୍ଯ୍ୟୟ )—
Abasthābiparjyaya ୧ । ବିପରୀତଦଶା; ଭାଗ୍ୟର ପରିବର୍ତ୍ତନ—1. Change of condition; change of fortune.
୨ । ସୁଦଶା ପରେ ଘଟିବା ଦୁର୍ଦ୍ଦଶା—
2. Irony of fate.

**ଅବସ୍ଥାୟୀ**—ସଂ. ବିଣ. ପୁଂ ( ଅବ + ସ୍ଥା ଧାତୁ + ଇନ୍. ୧ମା. ୧ବ. )—
Abasthāyi ୧ । ଯେ ଅବସ୍ଥାନ କରେ ବା ରହେ—
( ଅବସ୍ଥାୟିନୀ—ସ୍ତ୍ରୀ ) 1. Staying.
୨ । ଚିରସ୍ଥାୟୀ—2. Permanent.
୩ । ବାସକାରୀ—3. Residing; dwelling.

**ଅବସ୍ଥାଷଟ୍କ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା + ଷଟ୍ + କ )—(ନ୍ୟାୟ
Abasthāshaṭka ଦର୍ଶନ ) ଯାସ୍କଙ୍କ ମତାନୁସାରେ କାର୍ଯ୍ୟର ୬ ଗୋଟି ଅବସ୍ଥା ( ଯଥା—୧. ଜନ୍ମ ବା ଆରମ୍ଭ, ୨. ଅସ୍ତିତ୍ୱ ବା ହେବା, ୩. ବର୍ଦ୍ଧନ, ୪. ବିପରିଣାମ, ୫. ଅପକ୍ଷୟ ଓ ୬. ନାଶ)—( Logic ) The six stages of an action mentioned by Jāska.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇ୍ୟ | ହ୍ଅ | ୱ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ॰ |

**ଅବସ୍ଥିତ**—ସଂ. ବିଣ. ( ଅବ+ସ୍ଥା ଧାତୁ+କର୍ତ୍ତୃ. ତ )—
Abasthita ୧ । ଯେ ଅବସ୍ଥାନ କରଅଛି; କୃତାବସ୍ଥାନ;
( ଅବସ୍ଥିତି—ବି ) ରହିଥିବା—1. Stayed; remained.
୨ । ସ୍ଥିର; ଅବିଚଳିତ—2. Steady; firm.
୩ । ବାସ କରୁଥିବା—3. Residing at.
୪ । ରହୁଥିବା—4. Staying; remaining.
୫ । ଅନ୍ୟକୁ ଆଶ୍ରୟ କରଥିବା—5. Following.
୬ । କାର୍ଯ୍ୟରେ ବ୍ୟାପୃତ; ନିବିଷ୍ଟ—
6. Engaged in.
୭ । (+କର୍ମ. ତ)—ପ୍ରତିଷ୍ଠିତ; ସ୍ଥିତ—7. Situated.
୮ । ସ୍ଥାପିତ—8. Placed.
୯ । ପ୍ରତିଜ୍ଞା କରା ଯାଇଥିବା—9 Resolved.
୧୦ । ସ୍ଥିରୀକୃତ—10. Settled; fixed.
୧୧ । ନିଯୁକ୍ତ—11. Employed.

**ଅବସ୍ଥିତଚିତ୍ତ**—ସଂ. ବିଣ. ପୁଂ (ବହୁବ୍ରୀହି; ଅବସ୍ଥିତ=ସ୍ଥିରୀଭୂତ+ଚିତ୍ତ,
Abasthitachitta ଯାହାର)—୧ । ସ୍ଥିରଚିତ୍ତ; ସ୍ଥିରମତି—
(ଅବସ୍ଥିତ ଚିତ୍ତା—ସ୍ତ୍ରୀ) 1. Of stable character.
୨ । ପ୍ରଶାନ୍ତଚେତା—2. Calm.

**ଅବସ୍ଥିତି**—ସଂ. ବି ( ଅବ+ସ୍ଥା ଧାତୁ+ଭାବ. ତି )—୧ । ରହିବା;
Abasthiti ଅବସ୍ଥାନ—1. Staying.
(ଅବସ୍ଥିତ—ବିଣ)—୨ । ଧର୍ମାଦି ମାର୍ଗରେ ଚଳିବା—
2. Following or practising religious tenets.
୩ । ବାସ—3. Residing.
୪ । ଆବାସ—4. Residence; abode.
୫ । (ଜଡ଼ବିଜ୍ଞାନ) କୌଣସି ପଦାର୍ଥ କୌଣସି ସ୍ଥାନରେ ଅଧିକାର କରି ରହିବା—5. ( Physics ) The occupying of a place by any thing; position of a thing.

**ଅବସ୍ୟନ୍ଦନ**—ସଂ. ବି (ଅବ+ସ୍ୟନ୍ଦ ଧାତୁ=କ୍ଷରିତ ହେବା+ଭାବ.
Abasyandana ଅନ)—୧ । କ୍ଷରଣ; ତରଳ ପଦାର୍ଥ ଛିଦ୍ର ଆଦି ଦେଇ ଝରିବା—1. Oozing; trickling down; leaking.
୨ । ହିଂସା; ହିଂସନ—2. Envying.

**ଅବସ୍ର**—ଗ୍ରା. ବିଣ (ସଂ. ଅବସ୍ତ୍ର)—ଅବସ୍ତ୍ର (ଦେଖ)
Abasra Abastra (See)
অবস্ত্র
নগ্না

**ଅବସ୍ରଂସନ**—ସଂ. ବି (ଅବ+ସ୍ରନ୍ସ ଧାତୁ=ଖସି ପଡ଼ିବା+ଭାବ.
Abasramsana ଅନ)—୧ । ଅଧଃପତନ; ତଳକୁ ଖସିପଡ଼ିବା—
ଅବସ୍ରସ୍ତ } ବିଣ 1. Falling down.
ଅବସ୍ରଂସିତ }
୨ । କ୍ଷରଣ; ଝରିବା—
2. Dropping; oozing down.
୩ । ପତନ—3. Fall.

**ଅବହତି**—ସଂ. ବି ( ଅବ+ହନ ଧାତୁ+ଭାବ. ତି )—୧ । ପ୍ରହାର
Abahati କରିବା—1. Beating.
୨ । ଅବଘାତ (ଦେଖ)
2. Abaghāta (See)

**ଅବହନନ**—ସଂ. ବି (ଅବ+ହନ ଧାତୁ+ଭାବ. ଅନ)—
Abahanana ୧ । ଅବହତି; ପ୍ରହାର—1. Beating.
୨ । ଚାଉଳଆଦିକୁ ଢିଙ୍କି ବା ପାହୁରାଣୀଦ୍ୱାରା କାଣ୍ଡିବା—
2. Threshing or husking of corn by pestle or mortar.

**ଅବହସିତ**—ସଂ. ବି. ( ଅବ=ହସ ଧାତୁ=ହସିବା+ଭାବ. ତ )—
Abahasita ୧ । ଉଚ୍ଚହାସ—1. Loud laughter.
( ହାସ୍ୟ ତଳେ ନୋଟ ଦେଖ । )
ସଂ. ବିଣ. (+କର୍ମ. ତ)—ଅନ୍ୟମାନଙ୍କ ଦ୍ୱାରା ଉପହସିତ—
Ridiculed; laughed at; scoffed

**ଅବହସ୍ତ**—ସଂ. ବି. ( ଅବ=ବିପରୀତ+ହସ୍ତ )—
Abahasta ହାତର ପାପୁଲି; କରପୃଷ୍ଠ; ହାତର ପଛ ପାଖ—
The back of the hand.

**ଅବହାର**—ସଂ. ବି. ( ଅବ=ହୃ ଧାତୁ=ହରଣ କରିବା+ଭାବ. ଅ)—
Abahāra ୧ । ବିରତି; ବିରାମ—1. Cessation.
ଅବହୃତ } ବିଣ ୨ । ଅପହରଣ; ଚୋରି—3. Theft.
ଅବହାରିତ }
୩ । ନିମନ୍ତ୍ରିତ ବ୍ରାହ୍ମଣମାନଙ୍କର ଧନାପହରଣ—
3. Taking away the wealth of invited Brāhmaṇas.
୪ । ଯୁଦ୍ଧାଦିର ସାମୟିକ ବିରାମ—
4. Temporary cessation of hostilities.
୫ । ସ୍ୱଧର୍ମତ୍ୟାଗପୂର୍ବକ ଧର୍ମାନ୍ତର ଗ୍ରହଣ—
5. Expousing another religion; apostacy.
୬ । ଯୁଦ୍ଧବିରତ ସୈନ୍ୟମାନଙ୍କର ଶିବିରକୁ ପ୍ରତ୍ୟାଗମନ—
6. Return of soldiers from the battle-field to the camp after cessation of hostilities.
୭ । ବନ୍ଧକ ଦିଆଯାଇ ଥିବା ବସ୍ତୁକୁ ଋଣ ଶେଷରେ ଖାତକକୁ ପ୍ରତ୍ୟର୍ପଣ କରିବା—7 Redemption; redelivery of pledged articles to the debtor.
୮ । ( +କର୍ମ. ଅ )—ଯୁଦ୍ଧବିରତ ସୈନ୍ୟମାନଙ୍କୁ ଶିବିରକୁ ଲେଉଟାଇ ଆଣିବା—8. Conducting the soldiers back to the camp after cessation of hostilities.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ଉପହାର—9. Present.
୧୦ । ଅର୍ଥ ଦଣ୍ଡ—10. Fine.
୧୧ । (+କର୍ତ୍ତୃ. ଅ) ଚୋର—11. Thief.
୧୨ । ( ଯେ ଜଳଜନ୍ତୁମାନଙ୍କୁ ହରଣ କରେ )—ଜଳହସ୍ତୀ; ହାଙ୍ଗର—12. Shark.

**ଅବହାରକ**—ସଂ. ବିଣ. ପୁଂ—( ଅବ+ହୃ ଧାତୁ+ଅକ )—
Abahāraka ୧ । ଅପହାରକ—1. Stealing.
(ଅବହାରିକା—ସ୍ତ୍ରୀ) ୨ । ନିବାରକ—2. Preventing.
୩ । ନିବୃତ୍ତ କରାଇବା—3. Stopping.
ସଂ. ବି—୧ । ଜଳହସ୍ତୀ—1. Shark.
୨ । ଶୁଶୁକ; ଶିଶୁମାର ( ହିନ୍ଦି. ଶବ୍ଦସାଗର )—
2. Portpoise.
୩ । ଯୁଦ୍ଧରୁ ନିବୃତ୍ତ ହେବା ବ୍ୟକ୍ତି—
3. Person desisting from fighting.
୪ । ନିମନ୍ତ୍ରିତ ବ୍ରାହ୍ମଣମାନଙ୍କର ଧନାପହାରକ ବ୍ୟକ୍ତି—
4. Person taking away the riches from invited Brāhmaṇas.

**ଅବହାସ**—ସଂ. ବି. ( ଅବ+ହସ ଧାତୁ+ଭାବ. ଅ )—
Abahāsa ୧ । ଉଚ୍ଚୈଃହାସ୍ୟ—1. A loud laugh.
(ଅବହସିତ—ବିଣ) [ ଦ୍ର—ଯେଉଁ ହାସ୍ୟରେ ସ୍କନ୍ଧ ଓ ମସ୍ତକାଦି କମ୍ପିତ ହୁଏ ତାହାକୁ ଅବହାସ ବୋଲାଯାଏ ।
କୁଳମଣି. ଅଳଙ୍କାରତରଙ୍ଗିଣୀ । ]
୨ । ଉପହାସ—2. Ridicule; scoffing.
୩ । ପରିହାସ; ଥଟ୍ଟା—3. Joke; jest.

**ଅବହିତ**—ସଂ. ବିଣ. ପୁଂ. ( ଅବ + ଧା ଧାତୁ + କର୍ତ୍ତୃ. ତ )—
Abahita ୧ । ସତର୍କ; ସାବଧାନ—1. Careful.
(ଅବହିତା—ସ୍ତ୍ରୀ) ୨ । ମନୋଯୋଗୀ—2. Attentive.
୩ । ପ୍ରଶାନ୍ତ; ଧୀର; ସ୍ଥିର—
3. Calm; steady; serene.
୪ । ପରିଚିତ—4, Acquainted with.
୫ । ଅପ୍ରମତ୍ତ—5. Not agitated.
୬ । ( +କର୍ମ. ତ ) ଜ୍ଞାତ; ବିଦିତ—6. Known.

**ଅବହିତଚିତ୍ତ**—ସଂ. ବିଣ. ପୁ ° (ବହୁବ୍ରୀହି, ଅବହିତ+ଚିତ୍ତ)—
Abahitachitta ଯାହାର ମନ ପ୍ରଶାନ୍ତ ବା ସ୍ଥିର—
(ଅବହିତଚିତ୍ତା—ସ୍ତ୍ରୀ) Calm-minded; cool-minded.

**ଅବହିତ୍ଥ**—ସଂ. କ୍ଳୀ. ( ଅ+ବହିସ୍=ବାହାରେ+ସ୍ଥା ଧାତୁ=ଥିବା+ଭାବ. ଅ; ଯାହା ବାହାରେ ରହେ ନାହିଁ ଅର୍ଥାତ୍ ଅଦର୍ଶିତ )—
Abahittha
୧ । ଆକାରଗୁପ୍ତି; ମନର ଭାବ ବାହାରେ ପ୍ରକାଶ ନ କରି ଲୁଚାଇ ରଖିବା; ମନର ଭାବକୁ ଗୋପନ କରିବା—
1. Dissimulation; concealment of one's inward feelings by a different outward expression; hyphocrisy.
୨ । ( ଅଳଙ୍କାର ଶାସ୍ତ୍ର ) ୩୩ଟି ବ୍ୟଭିଚାରୀ ଭାବ ମଧ୍ୟରୁ ଏକତମ । ମନରେ ଜନ୍ମିବା ଭୟ, ଗୌରବ ଓ ଲଜ୍ଜାଦିକୁ ହର୍ଷ, ପରିହାସ ଓ ପ୍ରସଙ୍ଗାନ୍ତର ଦ୍ୱାରା ଉପସ୍ଥିତ ବ୍ୟକ୍ତିମାନଙ୍କ ନିକଟରେ ଗୋପନ କରିବା—
2. Concealment of one's genuine feelings by outward expressions of different feelings.
[ ଦ୍ର—କୌଣସି ବାଳିକାର ଉପସ୍ଥିତିରେ ତାହାର ଗୁରୁଜନମାନେ ବିବାହବିଷୟ ପ୍ରସଙ୍ଗ କଲାବେଳେ ବାଳିକାର ମନରେ ଲଜ୍ଜାର ଉଦୟ ହେଲା । ସେ ତାହା ଗୋପନ କରିବା ଉଦ୍ଦେଶ୍ୟରେ ଗୁରୁଜନଙ୍କୁ କୌଣସି ତୀର୍ଥ ବା ପାଠ କଥା ପଚାରି ତାହାର ଆନ୍ତରିକ ସଙ୍କୋଚ ଭାବକୁ ଗୋପନ କରିବାକୁ ଚେଷ୍ଟା କଲା; ଏହାକୁ ଅବହିତ୍ଥ ବୋଲାଯିବ; କୁମାରସମ୍ଭବ ୬ଷ୍ଠ ସର୍ଗ ୮୪ ଶ୍ଲୋକରେ ପିତା ହିମାଳୟଙ୍କ ନିକଟରେ ପାର୍ବତୀ ଠିଆ ହୋଇଥିଲେ । ଏହି ସମୟରେ ନାରଦ ପହଞ୍ଚି ହିମାଳୟଙ୍କ ନିକଟରେ ପାର୍ବତୀଙ୍କର ମହାଦେବଙ୍କ ସଙ୍ଗେ ବିବାହର ପ୍ରସ୍ତାବ ଉତ୍ଥାପନ କଲେ । ପାର୍ବତୀ ଅବଶ୍ୟ ଏହା ଶୁଣି ଆନନ୍ଦିତା ଓ ଲଜ୍ଜିତା ହେଲେ କିନ୍ତୁ ମନର ଭାବ ଗୋପନ କରିବା ଉଦ୍ଦେଶ୍ୟରେ ନିକଟରେ ଥିବା ପଦ୍ମଫୁଲର ପାଖୁଡ଼ାମାନଙ୍କୁ ଗଣିବାକୁ ଲାଗିଲେ, ଯେପରି କି ନାରଦଙ୍କ କଥାରେ ପାର୍ବତୀଙ୍କର ମନୋଯୋଗ ନ ଥିଲା ବୋଲି ପିତା ମାତା ବୁଝିବେ । ଏହି ଭାବ ଗୋପନହିଁ ଅବହିତ୍ଥ ବା ଅବହିତ୍ଥା । ]

**ଅବହିତ୍ଥା**—ସଂ. ବି. ( ଅ+ବହିସ୍+ସ୍ଥା ଧାତୁ+ଅ+ଆ )—
Abahitthā ଅବହିତ୍ଥ ( ଦେଖ )
Abahittha ( See )

**ଅବହୃତ**—ସଂ. ବିଣ. ( ଅବ + ହୃ ଧାତୁ+କର୍ମ. ତ )—
Abahṛuta ୧ । ଅପହୃତ—1. Stolen.
୨ । ବଳପୂର୍ବକ ନିଆଯିବା—2. Seized.
୩ । ଯୁଦ୍ଧଭୂମିରୁ ପ୍ରତିନିବୃତ୍ତ—
3. Returned from the battle-field.
୪ । ଅର୍ଥ ଦଣ୍ଡରେ ଦଣ୍ଡିତ—4. Fined.
୫ । (ଦିଆ ଯାଇଥିବା ବସ୍ତୁ) ଫେରାଇ ନିଆ ଯାଇଥିବା—
5. Taken back.
୬ । ମୁକୁଳାଇ ନିଆ ଯିବା ( ବନ୍ଧକ ବସ୍ତୁ )—
6. Redeemed ( pledge )

**ଅବହେଳ**—ସଂ. ବି. (ଅବ+ହେଡ ଧାତୁ=ଅବଜ୍ଞା କରିବା+ଭାବ.ଅ)—
Abahela ୧ । ହେଳା; ଅମନୋଯୋଗ; ଅଯତ୍ନ—
(ଅବହେଳିତ—ବିଣ) 1. Neglect; want of care.
୨ । ଉପେକ୍ଷା; ଅନାଦର; ଅବଜ୍ଞା—2, Slight.
୩ । ବେଖାତିର—3. Disregard.
୪ । ଅବଲୀଳା; ଅନାୟାସ—4. Ease.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ୍ର | ଉଅ | ୠ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ୱ | ହ୍ବ |

**ଅବହେଳନ**—ସଂ. ବି. ( ଅବ + ହେଡ଼ୃ ଧାତୁ + ଭାବ. ଅନ)—
Abahelana ଅବହେଳ ( ଦେଖ )
Abahela ( See )

**ଅବହେଳା**—ସଂ. ବି. ( ଅବ + ହେଡ଼ୃ ଧାତୁ = ଅବଜ୍ଞା କରିବା + ଭାବ.
Abahelā ଅ + ଆ )—ଅବହେଳ ( ଦେଖ )
Abahela ( See )

**ଅବହେଳାକ୍ରମେ**—ଦେ. କ୍ରି. ବିଣ—ଅବହେଳେ ( ଦେଖ )
Abahelākrame Abahele ( See )

**ଅବହେଳିବା**—ଦେ. ପଦ୍ୟ କ୍ରି. ( ସଂ. ଅବହେଳ )—
Abahelibā ଅବଜ୍ଞା କରିବା—
অবহেলাকরা To disregard; to disdain.
**अवहेलाकरना**

**ଅବହେଳେ**—ଦେ. ପଦ୍ୟ. କ୍ରି. ବିଣ—
Abahele ଅବଲୀଳାକ୍ରମେ; ଅନାୟାସରେ—
অবহেলে Easily; with ease.
**हालेहाले**

**ଅବା**—ଦେ. ଅ. ( ସଂ. ବା )—୧ । କିମ୍ବା; ଅଥବା—
Abā 1. Or; whether; either.
বা ୨ । ଅନ୍ୟଥା; ପ୍ରକାରାନ୍ତରେ—2. Otherwise.
**या** ୩ । ( ପ୍ରଶ୍ନାର୍ଥକ ) କି; କି ଅବା—3. What

କାହିଁରେ ମୋତେ ହରବର୍‌ଅ କରିବେ ଯେବେ କି କରିଅ
କରିବ ଅବା ତାଙ୍କ ସଙ୍ଗେ ନୁହେଁ ମୁଁ ବଳିଅ ।
ଉପେନ୍ଦ୍ରଭଞ୍ଜ. ଗୀତଲହରୀ ।

୪ । ( ତର୍କଣାର୍ଥ ) ସମ୍ଭବତଃ; କେଜାଣି; କଦବା—
4. Perhaps.

ଛବଲ ବୃକ୍ଷଲୋକେ ଆସିଲ ଅବା ନୁହଁ । କୃଷ୍ଣସିଂହ. ମହାଭାରତ, ଆଦି ।

**ଅବାଇ**—ଗ୍ରା. ବିଣ. ( ସଂ. ଅବାତ )—ବାୟୁ ଶୂନ୍ୟ—
Abāi Airless
অবায়ু ଅବାଇ ଘରେ ବାଇ ଗଲେ, ଜ୍ୟୋତି ପ୍ରକାଶିବ ନସେଲେ ।
**अबाती** ପ୍ରାଚୀ—ନର୍ଗୁଣ ମାହାତ୍ମ୍ୟ ।

**ଅବାଇଜ**—ଗ୍ରା. ବିଣ. ( ଗାଳିରେ ବ୍ୟବହୃତ; ସଂ. ଅ + ବାର୍ଯ୍ୟ )—
Abāija ୧ । ଜାରଜ; ବେଧପିଣ୍ଡ—1. Bastard.
বেজন্মা ୨ । ଦୁଷ୍ଟ—2. Wicked.
**आवारा**

**ଅବାଇମଣ୍ଡଳ**—ଗ୍ରା. ବି. ( ସଂ. ଅବାତ + ମଣ୍ଡଳ )—
Abāimaṇḍala ୧ । ବାୟୁଶୂନ୍ୟ ପ୍ରଦେଶ—
1. Airless tract.
୨ । ଆକାଶ; ଶୂନ୍ୟମଣ୍ଡଳ—2. The void.

ଗାଇବୀ ଛନ୍ଦ ପିଟାଇବ, ଅବାଇମଣ୍ଡଳ ଭେଦିବ ।
ପ୍ରାଚୀ—ନର୍ଗୁଣମାହାତ୍ମ୍ୟ ।

**ଅବାଏବସ୍ତ**—ଦେ. ବି—ଅବାବସ୍ତ ( ଦେଖ )
Abāebast Ababast ( See )

**ଅବାକ୍**—ସଂ. ବିଣ. ( ବହୁବ୍ରୀହି; ଅ = ନାହିଁ + ବାକ୍ = ବାକ୍ୟ )—
Abāk ୧ । ନିର୍ବାକ୍; ବାକ୍ୟହୀନ; ମୂକ—1 Mute; dumb.
୨ । ବାକ୍‌ଶକ୍ତିରହିତ; ଯାହା ମୁହଁରୁ କଥା ବାହାରେ ନାହିଁ—
2. Speechless.
୩ । ( ଆଶ୍ଚର୍ଯ୍ୟାନ୍ୱିତ ହେଲେ ମନୁଷ୍ୟ ମୁହଁରୁ କ
ବାହାରେ ବୋଲି )—ବିସ୍ମିତ; ଆଶ୍ଚର୍ଯ୍ୟାନ୍ୱିତ—
3. Astonished.
୪ । କିଂକର୍ତ୍ତବ୍ୟବିମୂଢ଼—
4. Dumbfounded; struck dumb.
ସଂ. କ୍ରି. ବିଣ—୧ । ଅଧୋମୁଖ ହୋଇ—
1. With face downwards.
୨ । ତଳଆଡ଼କୁ—2. Downwards.
୩ । ଅଧଃ—3. Down.
୪ । ନିମ୍ନକୁ—4. Low.
୫ । ଦକ୍ଷିଣଦିଗକୁ—5. Towards the south.

**ଅବାକ୍‌ଜ୍ଞାନ**—ସଂ. ବି. ( ଅବାକ୍ + ଜ୍ଞାନ )—ଅବଜ୍ଞା—
Abākjñāna Disrespect.

**ଅବାକ୍‌ପୁଷ୍ପ**—ସଂ. ବି. ( ଅବାକ୍ = ତଳ ଆଡ଼କୁ + ପୁଷ୍ପ; ଯାହାର )—
Abākpushpa (ଏଥିର ଫୁଲ ତଳକୁ ମୁହଁ କରି ଫୁଟିବାରୁ )—
୧ । ପାନମହୁରି ( ଦେଖ )
1. Pānamahuri ( See )
୨ । ସଉପ ( ଦେଖ )
2. Saupa ( See )
୩ । ଗୁଗୁଚିଆ ( ଦେଖ )
3. Guguchiā ( See )
୪ । ହେମପୁଷ୍ପୀ ( ଦେଖ )
4. Hemapushpī ( See )

**ଅବାକ୍‌ପୁଷ୍ପୀ**—ସଂ. ବି. ( ଅବାକ୍ ପୁଷ୍ପ + ଈ )—ଅବାକ୍‌ପୁଷ୍ପ ( ଦେଖ )
Abākpushpī Abākpushpa ( See )

**ଅବାକ୍‌ଶାଖ**—ସଂ. ବିଣ. ( ବହୁବ୍ରୀହି; ଅବାକ୍ = ତଳକୁ + ଶାଖା )—
Abākśākha ଯାହାର ଡାଳ ତଳକୁ ଓହଳି ଥାଏ—
With drooping boughs.
ସଂ. ବି.—ଅଶ୍ୱତ୍ଥ ଗଛ—The sacred fig tree.

**ଅବାକ୍‌ଶିରଃ**—ସଂ. ବିଣ. (ବହୁବ୍ରୀହି; ଅବାକ୍ = ତଳକୁ + ଶିରସ = ମୁଣ୍ଡ,
Abākśirāḥ —ଅବାକ୍ ଶିରସ୍; ୧ମା. ୧ବ. )—
୧ । ଅବାଙ୍‌ମୁଖ; ପୋଡାମୁହାଁ; ଲଜ୍ଜାରେ ନତମସ୍ତକ; ଲଜ୍ଜା-
ଯୋଗୁଁ ଯେ ତଳକୁ ଚାହିଁରହେ—
1. Looking downwards; with the head drooping; crestfallen.
୨ । ଦକ୍ଷିଣଆଡ଼କୁ ମୁଣ୍ଡ କରିକରି ଥିବା—
2. With head turned southwards.

**ଅବାକର**—ସଂ. ବି. ( ଅବ + ଆକର )—ମୁଦ୍ରାଶାଳା—
Abākara Mint ( Apte ).

**ଅବାକ୍ଷ**—ସଂ. ବି. ପୁଂ. (ବହୁବ୍ରୀହି; ଅବ = ଅବନତ + ଅକ୍ଷ = ଇନ୍ଦ୍ରିୟ)—
Abāksha ଅଭିଭାବକ; ରକ୍ଷକ—
A guardian; keeper ( Apte )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଷ' ନ ପାଇଲେ 'ବର୍ଷ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅବାଗ**—ଦେ. ବି—୧ । ଅସୁବିଧା; ଅଢଙ୍ଗ—
Abāga 1. Inconvenient position.
অসুবিধা ୨ । ବେବାଗ; ବେକଦର; ଅନାୟତ୍ତ ଅବସ୍ଥା—
**बेबाग** 2. A state over which a person has no control.
୩ । ଅନିୟମ; ଅଶୃଙ୍ଖଳା—
3. Want of system or method.

**ଅବାଗି**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଅଶାଢ଼ୁଆ ( ବ୍ୟକ୍ତି )
Abāgi 1. Clumsy (person.)
আককুটে ୨ । ଅଶୃଙ୍ଖଳ ( ବ୍ୟକ୍ତି )—
**अडियल** 2. Unsystematic; unmethodical.
୩ । ଏକବାଗିଆ; ଏକଜିଦିଆ—
3. Headstrong; obstinate.
୪ । ଯାହାକୁ ବାଗ ବା ବଶରେ ଅଣା ଯାଇ ନ ପାରେ—
4. Uncontrollable.
୫ । ଅସୁବିଧାଜନକ (ବିଷୟ)—5 Inconvenient.
୬ । ଗୋଲମାଲିଆ ( ବିଷୟ )—6. Confused.

**ଅବାଗିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଅବାଗି ( ଦେଖ )
Abāgiā Abāgi ( See )

**ଅବାଗେଇ**—ଦେ. ବିଣ. ସ୍ତ୍ରୀ—ଅବାଗି ( ଦେଖ )
Abāgei Abāgi ( See )

**ଅବାଗେ**—ଦେ. କ୍ରି. ବିଣ—୧ । ଅଢଙ୍ଗରେ; ଅସୁବିଧାରେ ପଡ଼ି—
Abāge 1 Under queer circumstances.
বাগেপড়ে ୨ । ଅନନ୍ୟୋପାୟ ଅବସ୍ଥାରେ—
**अकड़मे** 2. Having no other alternative.

**ଅବାଗ୍ର**—ସଂ. ବିଣ ( ବହୁବ୍ରୀହି; ଅବ=ଅବନତ; ନମ୍ର+ଅଗ୍ର=ମସ୍ତକ; ଯାହାର )—ଅବନତ ମସ୍ତକ; ଅଧୋମୁଖ—With head bent down; stooping.
Abāgra
(ଅବାଗ୍ରା—ସ୍ତ୍ରୀ)

**ଅବାଙ୍ମୁଖ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବାକ୍=ନମ୍ରକୁ; ଦକ୍ଷିଣକୁ+ମୁଖ )—୧ । ଅଧୋମୁଖ—
Abāṅmukha
( ଅବାଙ୍ମୁଖୀ—ସ୍ତ୍ରୀ ) 1. With the head drooping
୨ । ଦକ୍ଷିଣଆଡ଼କୁ ମୁହଁ ବୁଲାଇଥିବା—2. Facing south

**ଅବାଚ୍**—ସଂ. ଅ ( ଅବ+ଅଚ୍ ଧାତୁ+କ୍ୱିପ୍ )—୧ । ତଳଆଡ଼କୁ—
Abāch 1. Downwards.
୨ । ଦକ୍ଷିଣଦିଗକୁ—2. Southwards.
୩ । ତଳଆଡ଼କୁ ମୁହଁ କରି—3. Headlong.

**ଅବାଚିକା**—ଦେ. ବି. ( ଅଧୁନିକ ଭୂଗୋଳପରିଭାଷା )—(ଅବାଚ୍=ଦକ୍ଷିଣଦିଗ+ଇକ+ଆ )—କୁମେରୁ ପ୍ରଦେଶ; ଦକ୍ଷିଣମେରୁର ଚତୁଃପାର୍ଶ୍ୱସ୍ଥ ଦେଶ—
Abāchikā Antarctica.
অবাচিকা
**अबाचिका**
ଉଦୀଚିକା } ବିପରୀତ
Arctica }

**ଅବାଚୀ**—ସଂ. ବି ( ଅବାଚ୍=ଦକ୍ଷିଣଦିଗ+ଈ )—୧ । ଦକ୍ଷିଣଦିଗ—
Abāchī 1 The south.
୨ । ଅଧୋଦିଗ—2. The antipodes.

**ଅବାଚୀନ**—ସଂ. ବିଣ ( ଅବାଚ୍+ଈନ )—୧ । ଦକ୍ଷିଣଦିଗସ୍ଥ—
Abāchīna 1. Southern.
( ଅବାଚୀନା—ସ୍ତ୍ରୀ ) ୨ । ନିମ୍ନଦିଗର—2. Downward.
୩ । ନିମ୍ନଆଡ଼କୁ ଗତି କରୁଥିବା—
3 Downward; headlong.
୪ । ନିମ୍ନଦିଗକୁ ଯାଇଥିବା—4. Gone down.

**ଅବାଚ୍ୟ**—ସଂ. ବିଣ. ୧ । (ଅ+ବଚ ଧାତୁ=କହିବା+କର୍ମ. ଯ )—
Abāchya ଅକଥ୍ୟ; ଅବକ୍ତବ୍ୟ—
1. Unspeakable; unutterable.
୨ । (ଅବାଚ୍=ଦକ୍ଷିଣଦିଗ+ସମ୍ବ. ଯ)—ଦକ୍ଷିଣଦେଶୀୟ—
2. Southern.
ସଂ. ବି—୧ । ଦୁର୍ବାକ୍ୟ—1 Bad words.
୨ । ଅଶ୍ଳୀଳ ବାକ୍ୟ—2. Obscene speech.
୩ । ନିନ୍ଦା—3. Blame.

**ଅବାଚ୍ୟବାଦ**—ସଂ. ବି. ( ଅବାଚ୍ୟ+ବାଦ )—ନିନ୍ଦାବାଦ; ଗାଳି—
Abāchyabāda Libel; calling of names; slander

**ଅବାଜ୍**—ବୈଦେ. ବି. ( ପା. ଆୱାଜ୍ )—ଶବ୍ଦ; ଧ୍ୱନି; ନାଦ—
Abāj Sound.
আবাজ [ ମୂଳ ସଂ. ଅବାଦ୍ୟ=ପ୍ରା.ଅବାଜ୍ଜ ]
**आवाज**

**ଅବାଟ**—ଦେ. ବି—ଅପଥ ( ଦେଖ )
Abāṭa Apatha ( See )
বেপথ
**बेरास्ता**

**ଅବାଡ଼**—ଗ୍ରା. ବିଣ. ( ସଂ. ଅବାଚ୍ୟ )—୧ । ଅପରୋକ୍ଷ; ପ୍ରତ୍ୟକ୍ଷ—
Abārda 1. Perceptible; visible.
୨ । ଅବକ୍ତବ୍ୟ—
2. Unspeakable; inexpressible.
ଜ୍ୟୋତିର ଜ୍ୟୋତି ଅଛି ସତ୍ୟ ସେ ଅବାଡ଼—ପ୍ରାଚୀ. ଗୁରୁଭକ୍ତିଗୀତା ।
ପ୍ରାଦେ. ( ଗଡ଼ଜାତ ) ବିଣ—ଅବୁଝ ହୋଇ କିଛି କଥା ନ କହି କାନ୍ଦୁଥିବା ( ପିଲା )—( child ) Crying crossly.

**ଅବାଡ଼ଜ୍ୟୋତି**—ଗ୍ରା. ବିଣ—ଶୂନ୍ୟ ଭଜନ କରିବା ବ୍ୟକ୍ତିମାନେ ସାଧନ କରିବା ଜ୍ୟୋତି—An invisible light which mystics strive to see.
Abārdajyoti
ଜଣା ସେ ଅବାଡ଼ଜ୍ୟୋତି କରନ୍ତି ସାଧନ—ପ୍ରାଚୀ. ଗୁରୁଭକ୍ତିଗୀତା ।

**ଅବାଡ଼ିଆ**—ଦେ. ବିଣ—ବାଡ଼ିଆ ବା ପିଟା ହୋଇ ନ ଥିବା—
Abārdiā Unbeaten.

| ୧ | ଇ | ଉ | ଋ,ଞ୍ଚ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଋଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ୠ | ନ୍ତ |

ଅବାଡୁଅ—ଦେ. ଵଣ. ପୁଂ ଓ ସ୍ତ୍ରୀ ( ସଂ. ଅବିବାହିତ )—ଅବିବାହିତ—
Abārdua Unmarried.
अविवाहित
अनब्याहा

ଅବାଡୁଆ—ଦେ. ଵଣ. ପୁଂ. ଓ ସ୍ତ୍ରୀ—ଅବାଡୁଅ ( ଦେଖ )
Abārdua Abārdua ( See )

ଅବାଣୀ—ଦେ. ଵଣ—୧ । ଯେଉଁ ବ୍ୟକ୍ତି ବାଣି ବା ସୂତା କାଟିବାରେ ଅଭ୍ୟସ୍ତ ନୁହେ—
Abāni
1. (a person) Not accustomed to spinning thread.

ଅବାଣି କାଟଇ ଝୋଟ, ଠାଏ ସରୁ ଠାଏ ମୋଟ—ଋଗ ।

୨ । ଯେଉଁ ବାଛୁର ଠାରେ ବାଣି ବା ତାତିଲା ଲୁହାର ଦାଗ ଦିଆ ଯାଇ ନାହିଁ—2. (a calf) Which has not been marked or seared with hot iron.

ଅବାଣିଆଁ—ଦେ. ଵଣ.—ଅବାଣି (ଦେଖ)
Abāniān Abāni (See)

ଅବାତ—ସଂ. ଵଣ (ଅ=ନାହିଁ+ବାତ=ବାୟୁ, ଯହିଁରେ)—
Abāta ୧ । ନିର୍ବାତ; ବାୟୁଶୂନ୍ୟ—
1. Windless; airless.

୨ । ଯାହା ବାୟୁଦ୍ୱାରା ବିକମ୍ପିତ ନୁହେ—
2. Not shaken by the wind.

ଅବାଦ୍—ଦେ. ବି—ଆବାଦ୍ (ଦେଖ)
Abād Ābād (See)

ଅବାଦ—ସଂ. ବି (ଅ+ବାଦ)—୧ । ଅପାଳନୀୟ ବାକ୍ୟ—
Abāda 1. Order which need not be carried out.

୨ । ଅପ୍ରାମାଣ୍ୟ ବାକ୍ୟ—2. Unauthoritative saying.

ଅବାଧ—ସଂ. ଵଣ ( ବହୁବ୍ରୀହି; ଅ=ନାହିଁ+ବାଧା; ଯହିଁରେ ବା
Abādha ଯାହାର)—୧ । ବାଧାହୀନ; ପ୍ରତିବନ୍ଧକ ଶୂନ୍ୟ—
1. Unobstructed; unimpeded.

୨ । ସ୍ୱାଧୀନ—2. Free.

୩ । ଅନାୟାସ; ସହଜ—3. Easy.

୪ । ପୀଡ଼ାଶୂନ୍ୟ—4. Free from oppression.

ଅବାଧଗତି—ସଂ. ବି (କର୍ମଧା)—ଯେଉଁ ଗତିକୁ କେହି ବାଧା ଦିଏ
Abādhagati ନାହିଁ—Unobstructed motion; free passage.

ସଂ. ଵଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଯାହାର ଗତିକୁ କେହି ବାଧା ଦିଏ ନାହିଁ—Free to come and go.

ଅବାଧପ୍ରବେଶ—ସଂ. ବି (କର୍ମଧା)—କୌଣସି ସ୍ଥାନକୁ ବିନା ବାଧାରେ
Abādhaprabesa ପଶିବା—Free access; free admission to a place.

ଅବାଧବାଣିଜ୍ୟ—ଦେ. ବି ( କର୍ମଧା; ଅବାଧ+ବାଣିଜ୍ୟ; ଅଧୁନିକ
Abādhabānijya ପ୍ରୟୋଗ)—ବିନା ଶୁଳ୍କରେ ବାଣିଜ୍ୟ
अवाधवणिज्य କରିବାର ପ୍ରଥା—Free trade; freedom of
अबाधवाणिज्य merchandise from duty.

ଅବାଧରେ—ଦେ. କ୍ରି.ଵଣ—୧ । ଅନାୟାସରେ; ସହଜରେ—
Abādhare 1. Easily.
अवाधे ୨ । ନିର୍ବିଘ୍ନରେ—2. Without impediment or
आजादी से obstruction.

୩ । ସ୍ୱାଧୀନଭାବରେ—3. Freely.

ଅବାଧ୍ୟ—ସଂ. ଵଣ (ଅ+ବାଧ)—୧ । ଅବଶୀଭୂତ—
Abādhya 1. Uncontrolled.
(ଅବାଧ୍ୟା—ସ୍ତ୍ରୀ) ୨ । ଅମାନିଆଁ, ଢେଡ଼ା—
(ଅବାଧ୍ୟତା—ବି) 2. Insubordinate.

୩ । ଅବଜ୍ଞାକାରୀ; ଆଜ୍ଞାଲଙ୍ଘନକାରୀ—
3. Recalcitrant; disobedient.

ଅବାଧ୍ୟତା—ସଂ. ବି ( ଅବାଧ୍ୟ+ଭାବ. ତା )—୧ । ଅମାନିଆଁପଣ—
Abādhyata 1. Insubordination.

୨ । ଆଜ୍ଞାଲଙ୍ଘନ—2. Disobedience

ଅବାନ୍ତର—ସଂ. ଵଣ ( ଅବ୍ୟୟୀଭାବ; ଅବ=ଗତ+ଅନ୍ତର=ମଧ୍ୟ,
Abāntara ଯାହାର)—୧ । ଦୁଇ ବସ୍ତୁର ଅନ୍ତର୍ଗତ ବା ମଧ୍ୟସ୍ଥିତ—
1 Intermediate; situated between two things.

୨ । ଅନ୍ତଃପାତୀ—2. Included in.

୩ । ଅପ୍ରଧାନ—3. Secondary.

୪ । ପ୍ରଧାନ ବସ୍ତୁର ଅଙ୍ଗୀଭୂତ—
4. Subsidiary; subordinate.

୫ । ସମ୍ପର୍କରହିତ—5. Unconnected.

୬ । ଆନୁସଙ୍ଗିକ—6. Concomitant; incidental.

୭ । ଅଧିକା—7. Supernumerary.

୮ । ଅପ୍ରାସଙ୍ଗିକ; ମୂଳ ପ୍ରସଙ୍ଗର ବହିର୍ଭୂତ—
8. Irrelevant; having no direct bearing on the original topic.

ଦେ. କ୍ରି.ଵଣ—୧ । ପ୍ରସଙ୍ଗର ବହିର୍ଭୂତରୂପେ—
1 Incidentally; by the bye.

ଏରୂପ ଚର ପ୍ରାଣ ହରେ, କୈବଲ୍ୟ ଲଭେ ଅବାନ୍ତରେ ।
ଜଗନ୍ନାଥ. ଭାଗବତ—ଏସ୍କ

अवान्तर ୨ । ଅଧିକନ୍ତୁ—2. Moreover.
बेलगाव ଦେ. ବି.—୧ । ଅପ୍ରାସଙ୍ଗିକ ଗପ, ବାଜେ କଥା—
. Irrelevant talk.

୨ । ଅସମ୍ବଦ୍ଧ ପ୍ରଳାପ—2 Raving.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବାନ୍ଧବ**—ସଂ.ବିଣ.ପୁଂ (ଅ=ନାହିଁ+ବାନ୍ଧବ; ଯାହାର)—ବନ୍ଧୁହୀନ୍—
Abāndhaba ମିତ୍ରହୀନ—Friendless.
(ଅବାନ୍ଧବା—ସ୍ତ୍ରୀ)

**ଅବାପିତ**—ସଂ.ବିଣ—୧ । (ଅ+ବପ୍.ଧାତୁ ଣିଚ.ବାପିଧାତୁ+କର୍ମ.ତ)-
Abāpita. ବୁଣା ଯାଇ ନ ଥିବା—1. Not sown.
୨ । କଟା ଯାଇ ନ ଥିବା (କେଶ)—
2. Uncut; unshorn (hair)
୩ । (ଅବ+ଆପଧାତୁ ଣିଚ, ଆପିଧାତୁ+କର୍ମ. ତ)—
ପୁନଃ ପ୍ରାପିତ—3. Caused to be recovered or regained.
୪ । ଅଧିଗମିତ—4. Caused to be attained.

**ଅବାପ୍ତ**—ସଂ. ବିଣ ( ଅବ+ଆପ୍ ଧାତୁ=ପାଇବା+କର୍ମ. ତ )—
Abāpta ୧ । ପ୍ରାପ୍ତ—1. Got; obtained.
( ଅବାପ୍ତି—ବି ) ୨ । ପୁନଃପ୍ରାପ୍ତ—
2. Recovered; regained.

**ଅବାବ୍**—ପ୍ରାଦେ (ସମ୍ବଲପୁର)ବି.—ଗଉଡ଼ମାନଙ୍କ ଶ୍ରେଣୀବିଶେଷ—
Abāb A sect of cowherds in Sambalpur.

**ଅବାବଟ**—ସଂ. ବି.ପୁଂ—୧ । ଶୂଦ୍ରା ସ୍ତ୍ରୀର ପରବର୍ତ୍ତୀ ସ୍ୱାମୀ ଔରସରେ
Abābaṭa ଜାତ ସନ୍ତାନ—1. The son of a Śūdra woman by any man of the same caste other than her first husband ( Apte )

**ଅବାବସ୍ତ**—ଦେ. ବି— ଚଳନ୍ତି ସମ୍ପତ୍ତିମାନ ଚଳନ୍ତି ଜାଏଦାଦ୍—
Abābast The movables.
যাকিছু
उठाउधन

**ଅବାଭି**—ଦେ. ବିଣ—୧ । ହଠାତ୍; ହଠାତ୍ ଉପସ୍ଥିତ—
Abābi 1. Sudden.
হঠাত ୨ । ଅପ୍ରତ୍ୟାଶିତ—
अचानक 2. Unexpected.
ଦେ. କ୍ରି. ବିଣ—୧ । ହଠାତ୍—1. Suddenly.
୨ । ଅପ୍ରତ୍ୟାଶିତରୂପେ—
2. Unexpectedly.

**ଅବାଭିମଣ୍ଡଳ**—ଦେ. ପଦ୍ୟ.ବି. ( ସ. ଅବାତମଣ୍ଡଳ )—
Abābimaṇḍaḷa ୧ । ଅବାୟୁମଣ୍ଡଳ; ବାୟୁବିହୀନ ମଣ୍ଡଳ—
2. Airless region.

ଅବାଭିମଣ୍ଡଳ ଅନ୍ତର, ସେ ମିଶା ଥାପନ ଓଁକାର ।
ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅବାବୁଆ**—ଦେ. ବିଣ. ପୁଂ—ଅନିର୍ଦ୍ଦିଷ୍ଟ ପିତୃକ; ଅଣବାବୁଆ; ଯାହାର
Ababuā ପିତା ଅନିଶ୍ଚିତ; ଜାରଜ—
বেধো Bastard.
হাগলা

**ଅବାୟେ**—ଦେ. କ୍ରି.ବିଣ—୧ । ପବନ ନ ଥିଲାବେଳେ;
Abāye ବିନା ବାୟୁରେ—
1. Without any wind

ସୂର୍ଯ୍ୟକାନ୍ତପୁର— ବିକସ୍ୱି ନଗର
ଅବାୟେ ପଡ଼ନ୍ତି ଧ୍ୱଜ ।
ପ୍ରାଚୀ, ଇନ୍ଦ୍ରସ୍ୟମନ୍ତକ—

**ଅବାର**—ସଂ. ବି ( ଅ+ବୃ ଧାତୁ=ବାରଣକରିବା+ଅ )—
Abāra ୧ । ( କଥକର ) ନଦୀର ନିକଟବର୍ତ୍ତୀ ତୀର; ନଦୀର ଏହି ପାଖ—
1. This side of the river; the nearer shore of a river ( with reference to the speaker )
୨ । ନଦୀର ଅପର ତଟ—
2. The other or opposite shore of a river,
ସଂ. ବିଣ—ଅବାରଣୀୟ, ଅବାର୍ଯ୍ୟ—
Inevitable; unavoidable.
ଦେ.ବି—(ସଂ.ଅବାରଣ)—୧ । ବାରଣ ବା ନିଷେଧର ଅଭାବ—
1. Not preventing or warding off.
୨ । ( ଅ+ବାର )—ଅଶୁଭ ବାର ବା ଦିନ—( ଯଥା— ଯେଉଁ ବାରରେ ଝିଅର ଅଢ଼ ହେବା ନିଷିଦ୍ଧ । )
2. Inauspicious week day.
୩ । ଯେଉଁ ବାରରେ ନିର୍ଦ୍ଦିଷ୍ଟ ହାଟ ଅଦର ପାଳ ନଥାଏ—
3. Not a market-day; a wrong week-day (e.g. when there is no market)
ଦେ. ବିଣ. ( ସଂ. ଅବାରିତ )
୧ । ଅବାରିତ—1. Unprevented.
୨ । ଅବାଧ—2. Free; unrestricted.

**ଅବାରକ**—ଦେ. ବିଣ. ( ସଂ. ଅବାରଣୀୟ )—
Abāraka ଅବାରଣୀୟ; ଅବାର୍ଯ୍ୟ—
That which can not be prevented or withheld.
( ଯଥା—ଅବାରକ ଶର । )

**ଅବାରଜ**—ଦେ. ବି. ( ସଂ. ଅବାରଣ )—
Abāraja ୧ । ଅବାରଣ ( ଦେଖ )
একাকার 1. Abāraṇa ( See )
अवारज ୨ । ( ଜାତି ବା ବର୍ଣ୍ଣାଦିର ) ପ୍ରଭେଦରାହିତ୍ୟ—
2. Want of distinction. ( e.g. of caste )
ଦେ. ବିଣ—୧ । ପ୍ରଭେଦରହିତ—
1. Observing no distinction.
୨ । ( ସ. ଅବାର୍ଯ୍ୟ ) ଅବାରଣୀୟ; ଅବାର୍ଯ୍ୟ—
2. Unavoidable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ୍ | ଉଅ | ଲ୍ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ୱ | ନ |

**ଅବାରଣ**—ସଂ. ବି. ( ଅ+ବାରଣ )—
Abārana ବାରଣର ଅଭାବ; ନିଷେଧର ଅଭାବ—
ଅବାରଣୀୟ, ଅବାର୍ଯ୍ୟ } ବିଣ — Not warding off; not preventing; absence of prohibition.
ଦେ. ବିଣ—୧ । ( ସଂ. ଅବାରଣୀୟ )—ଅବାରଣୀୟ; ଯାହାକୁ ବାରଣ କରି ଯାଇ ନ ପାରେ—
1. Irremediable; unpreventible.
୨ । ଅବାଧ—2. Unrestricted; free.

**ଅବାରଣୀୟ**—ସଂ. ବିଣ. ( ଅ+ବାରଣୀୟ )—
Abāraniya ୧ । ଯାହାକୁ ବାରଣ କରି ଯାଇ ନ ପାରେ—
1. Unpreventible; irresistible.
୨ । ଅନିବାର୍ଯ୍ୟ—
2. Unavoidable; irremediable.
୩ । ଯାହାକୁ ବାଧା ଦିଆ ଯାଇ ନ ପାରେ ( ଯଥା—ପ୍ରବଳ ଶତ୍ରୁ; ମହାମାରୀ ରୋଗ )—
3. That which can not be warded off.
୪ । ( ବୈଦ୍ୟକ ) ଅସାଧ୍ୟ ( ରୋଗ )—
4. Incurable ( disease ).
ସଂ. ବି—ଅସାଧ୍ୟ ରୋଗ ( ହିନ୍ଦି. ଶବ୍ଦସାଗର )—
Incurable disease.
[ ଦ୍ର—ସୁଶ୍ରୁତ ଅନୁସାରେ ବାତ, ପ୍ରମେହ, କୁଷ୍ଠ, ଅର୍ଶ, ଭଗନ୍ଦର, ଅଶ୍ମରୀ, ମୂଢ଼ଗର୍ଭ ଓ ଉଦରରୋଗ ଏହି ଆଠଗୋଟି ରୋଗ ଅବାରଣୀୟ । ହିନ୍ଦି. ଶବ୍ଦସାଗର । ]

**ଅବାରିତ**—ସଂ. ବିଣ ( ଅ+ବାରିତ )—
Abārita ୧ । ଅନିବାରିତ; ଯାହାକୁ ବାରଣ କରି ଯାଇ ନାହିଁ—
1. Not prevented.
୨ । ଅପ୍ରତିଷିଦ୍ଧ; ମୁକ୍ତ—2. Open.
୩ । ବାଧାଶୂନ୍ୟ; ଅବାଧ—3. Free; unobstructed.
୪ । ଅରୁଦ୍ଧ—4. Unrestrained.
୫ । ଯେଉଁଠାକୁ ଯିବାକୁ କାହାକୁ ବାରଣ ନାହିଁ—
5. Open to all and sundry; to which all are freely admitted.

**ଅବାରିତଦ୍ୱାର**—ସଂ. ବି. ( କର୍ମଧା; ଅବାରିତ+ଦ୍ୱାର )—ମୁକ୍ତଦ୍ୱାର;
Abāritadwāra ମେଲାଦୁଆର—Open door.
ସଂ. ବିଣ. ( ବହୁବ୍ରୀହି )—୧ । ଯେଉଁ ଘରର ଦ୍ୱାର ବନ୍ଦ ନ ଥାଏ—1. ( a house ) Having the doors open.
୨ । ଯେଉଁ ସ୍ଥାନକୁ ସର୍ବସାଧାରଣଙ୍କର ଅବାଧ ଗତି ଅଛି—
2. Freely accessible to the public; free of admission.

**ଅବାର୍ଯ୍ୟ**—ସଂ. ବିଣ. ( ଅ+ବୃ ଧାତୁ. ଣିଚ, ବାର୍ ଧାତୁ+କର୍ମ. ଯ )—
Abārjya ଅବାରଣୀୟ (ଦେଖ)—Abāraniya ( See )

**ଅବାର୍ଯ୍ୟଗତି**—ସଂ. ବି. ( କର୍ମଧା; ଅବାର୍ଯ୍ୟ+ଗତି )—ଯେଉଁ ଗତିକୁ
Abārjyagati କେହି ବାଧା ଦେଇ ନ ପାରେ—
Irresistible motion.
ସଂ.ବିଣ.ପୁଂ. ଓ ସ୍ତ୍ରୀ.(ବହୁବ୍ରୀହି)—ଯାହାର ଗତିକୁ କେହି ବାଧା ଦେଇ ନ ପାରେ—Irresistible in motion.

**ଅବାଳୁଆ**—ଦେ. ବିଣ. ପୁଂ. ( ସଂ. ଅ+ବାଳ )—
Abālua ୧ । କେଶଶୂନ୍ୟ—1 Hairless.
କେଶହୀନ ୨ । ଠାଙ୍ଗରା—2. Bald.
କେଶହୀନ ୩ । ଲୋମଶୂନ୍ୟ—3. Having no fur.

**ଅବାସ**—ସଂ ବିଣ. ( ବହୁବ୍ରୀହି; ଅ+ବାସ )—ବାସଶୂନ୍ୟ; ଯାହାର ବାସ-
Abāsa ଗୃହ ନାହିଁ—Homeless.
ଦେ. ବିଣ. ( ସଂ. ଅ+ବାସସ୍;ଅବାସଃ )—ବସ୍ତ୍ରଶୂନ୍ୟ—
Naked; unclothed.

**ଅବାସା**—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ଅ+ବାସସ୍ ୧ମା. ୧ବ.)—
Abāsā ୧ । ବସ୍ତ୍ରଶୂନ୍ୟ—1. Unclothed.
୨ । ନଗ୍ନ—2. Naked.
ସଂ. ବି. ପୁଂ—ବୁଦ୍ଧ ଦେବ—A name of the Buddha.

**ଅବାସ୍ତବ**—ସଂ. ବିଣ (ଅ+ବାସ୍ତବ)—୧ । ଅପ୍ରକୃତ—
Abāstaba 1. Not genuine; unreal; not actual.
୨ । ଅମୂଳକ—2. Having no foundation.
୩ । ଅସତ୍ୟ—3. Not true.
୪ । ଅଯଥାର୍ଥ—4. Not correct.
୫ । କାଳ୍ପନିକ—5. Imaginary.
୬ । ଭ୍ରମାତ୍ମକ—6. Mistaken.
୭ । ଅଯୌକ୍ତିକ—7. Unreasonable.
୮ । (ଅ+ବସ୍ତୁ+ଅ)—ଅବସ୍ତୁସମ୍ବନ୍ଧୀୟ—
8. Relating to non-entity.

**ଅବାସ୍ତବିକ**—ସଂ. ବିଣ (ଅ+ବାସ୍ତବିକ)—ଅବାସ୍ତବ (ଦେଖ)
Abāstabika Abāstaba (See)

**ଅବାହନ**—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. ଅ+ଓ. ବହ ଧାତୁ )—
Abāhan ଅମଣିଆଁ (ପଶୁ)—Unbroken; untrained.

**ଅବାହନ୍ ବଛା**—ପ୍ରାଦେ. (ସମ୍ବଲପୁର) ବି—ଅମଣିଆଁ ବାଛୁରୀ—
Abāhan bachhā Unbroken steer.

**ଅବାହନ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ+ବାହନ)—ଯାହାର ବାହନ
Abāhana ନାହିଁ—Having no conveyance.

**ଅବି**—ସଂ. ବି. (ଅବ ଧାତୁ=ପାଳନ କରିବା+ଇ)—୧ । ସୂର୍ଯ୍ୟ—
Abi 1. The sun.
୨ । ଅର୍କଗଛ (ଦେଖ)
2. (a plant) Arka (See)
୩ । ମେଷ; ମେଣ୍ଢା—3. Sheep.

ଦଳନତ କରି ସ୍ଥାନ ଅବରତେ ଚମକ ରଚନ୍ତି ଶରରେ
ଭଞ୍ଜ, ବୈଦେହୀଶବିଳାସ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଆ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଛେଳି—4. Goat.
୫ । ପର୍ବତ—5. Mountain.
୬ । ମୂଷିକ—6. Mouse.

**ଅବିଆଜରେ**—ଗ୍ରା. କ୍ରି. ବିଣ (ସଂ. ଅବ୍ୟାଜ)—୧ । ବିନା କାରଣରେ—
Abiājare 1. Without any reason.
অব্যাজেতে ୨ । ବୃଥାରେ—2. In vain.
নাহক

**ଅବିଆଣ**—ଗ୍ରା. ବି.—ହୀନଜନ୍ମ; ନିନ୍ଦିତ ଜନ୍ମ—
Abiāna Low or mean birth.
हीनजन्म

**ଅବିଆଣୀ**—ଗ୍ରା. ବିଣ. ସ୍ତ୍ରୀ. ( ବିଶେଷତଃ ଗାଇ ଶବ୍ଦ ସଙ୍ଗେ ବିଶେଷଣ-
Abiāni ରୂପେ ବ୍ୟବହୃତ)—୧ । ଫଳ ଯାଇ ନଥିବା; ପ୍ରସବ କରି ନ ଥିବା ( ଗାଈ )—1. (a cow) Which has not yet borne young.
୨ । ଅଫଳନ୍ତି; ଯେଉଁ ବୃକ୍ଷରେ ଫଳ ଧରି ନାହିଁ—
2. ( a tree ) Which has not yet borne fruit.
୩ । ବନ୍ଧ୍ୟା; ବାଞ୍ଝ—3. Barren.

**ଅବିକତ୍ଥନ**—ସଂ. ବିଣ. ପୁଂ. ( ଅ=ନାହିଁ+ବିକତ୍ଥନ=ଆତ୍ମଶ୍ଳାଘା
Abikatthana ଯାହାର )—୧ । ଆତ୍ମଶ୍ଳାଘାରହିତ—
(ଅବିକତ୍ଥନା—ସ୍ତ୍ରୀ) 1. Not boastful.
୨ । ନିରହଙ୍କାର—2. Free from pride.

**ଅବିକଳ**—ସଂ. ବିଣ. ( ଅ+ବିକଳ=ଅସଂପୂର୍ଣ୍ଣ )—
Abikala ୧ । ଅଖଣ୍ଡିତ—1. Unmutilated.
অবিকল ୨ । ଯାହା ଅଙ୍ଗହୀନ ନୁହେଁ; ସମ୍ପୂର୍ଣ୍ଣ—2. Whole.
अविकल ୩ । ଅବିକୃତ—3. Genuine; true.
୪ । ଠିକ୍‌ଠିକ୍; ଯେପରି ଥିଲା ସେହିପରି—4. Exact
୫ । ଅବ୍ୟାକୁଳ; ଶାନ୍ତ—5. Not agitated; calm.
୬ । ପୂର୍ଣ୍ଣ—6. Full; complete.
୭ । ଅପରିବର୍ତ୍ତିତ—7. Unmodified.
୮ । ସର୍ବାଙ୍ଗରୂପେ ମେଳ ହୋଇଥିବା—
8. Tallying in all respects.
ଦେ. ବିଣ—ଅଭୀତ—Not frightened.
ଅଶ୍ୱର ଘୋଡ଼ାମାନେ ହେବାରୁ ଯୁଦ୍ଧକୃତ
ଗଗନରୁ ସିଂହ ହୋଇ ଅବିକଳ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
ଦେ. କ୍ରି.ବିଣ—୧ । ଅବିକୃତ ଭାବରେ; ଠିକ୍‌ଠିକ୍—
1. Exactly.
୨ । ସମ୍ପୂର୍ଣ୍ଣରୂପେ—2. In all respects.
ଅନୁକରେ ବିନ୍ଧୁଣ୍ଟ ଅବିକଳ । ଜଗନ୍ନାଥ ।

**ଅବିକଳ ନକଲ**—ଦେ. ବି. ( ଓ. ଅବିକଳ+ଆ. ନକ୍‌ଲ )—
Abikala nakala ୧ । ଅବିକୃତ ଅନୁକୃତ—
অবিকল নকল 1. Exact or true copy.
अविकल नकल ୨ । ଠିକ୍‌ଠିକ୍ ପ୍ରତିଲିପି—2. Word for word copy; verbatim copy.

**ଅବିକଳ୍ପ**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ବିକଳ୍ପ )—
Abikalpa ୧ । ଯାହାର ବିକଳ୍ପ ବା ଅନ୍ୟ ରୂପ ନାହିଁ—
1. Having no alternative; not optional.
୨ । ନିଃସନ୍ଦେହ—2. Doubtless.
୩ । ନିଶ୍ଚିତ—3. Certain.

**ଅବିକଳ୍ପ ସମାଧି**—ସଂ. ବି. ( ଯୋଗଶାସ୍ତ୍ର )—ଭେଦଜ୍ଞାନରହିତ ସମାଧି;
Abikalpa samādhi ଜ୍ଞାତୃଜ୍ଞେୟଯୁକ୍ତ ଭେଦଶୂନ୍ୟ ଧ୍ୟାନ; ଏକାନ୍ତ; ଯୋଗଧ୍ୟାନ; ନିର୍ବିକଳ୍ପ ସମାଧି—
Absorption; concentrated meditation.

**ଅବିକା**—ଗ୍ରାଦେ. ( କଟକ ) ଅ. ( ଆ. ଅବ୍‌ର )—୧ । ବର୍ତ୍ତମାନ—
Abikā 1. Now; at present.
୨ । ଏହିକ୍ଷଣେ—2. Just now; immediately.
ଦେ. ବିଣ. ( ସଂ. ଅବିକ୍ରୀତ )—ଅବିକ୍ରୀତ—Unsold.
(ଯଥା—ତୁମେ ନ ନେଲେ ମୋ ଜିନିଷ ଅବିକା ରହିବ ନାହିଁ ।)

**ଅବିକାର**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ବିକାର )—
Abikāra ୧ । ନିର୍ବିକାର; ଘୃଣାରହିତ—
(ଅବିକାରା—ସ୍ତ୍ରୀ) 1. Having no aversion.
୨ । ଅବିକୃତ; ଅପରିବର୍ତ୍ତିତ; ସ୍ଥିର—2. Unchanged.
୩ । ନିର୍ଦ୍ଦୋଷ—3. Faultless.
୪ । ଯାହାର ବିକାର ବା ପରିବର୍ତ୍ତନ ନାହିଁ—
4. Changeless.
ସଂ. ବି—୧ । ପ୍ରାକୃତିକ ଅବସ୍ଥା—
1 Natural condition.
୨ । ବିକାର ବା ପରିବର୍ତ୍ତନର ଅଭାବ—
2. Absence of change.
୩ । ଅପରିବର୍ତ୍ତିତ ଅବସ୍ଥା—3. Unchanged state.
୪ । ଘୃଣାରାହିତ୍ୟ—4. Freedom from abhorrence.

**ଅବିକାରିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସ. ଅବିକାର )—
Abikāriā ଯାହାର ଘୃଣା ନାହିଁ; ନିର୍ବିକାର—
বিকারহীন Free from abhorrence or aversion.
विकारहीन

**ଅବିକାରୀ**—ସଂ. ବିଣ. ପୁଂ. ( ସ. ଅବିକାର+ଇନ୍. ୧ମା. ୧ବ.)—
Abikāri ନିର୍ବିକାର; ଘୃଣାରହିତ—
(ଅବିକାରିଣୀ—ସ୍ତ୍ରୀ) Free from aversion.

**ଅବିକାର୍ଯ୍ୟ**—ସଂ. ବିଣ. ( ଅ+ବିକାର୍ଯ୍ୟ )—
Abikārjya ୧ । ଅପରିବର୍ତ୍ତନୀୟ—1. Unchangeable.
୨ । ଚିରସ୍ଥାୟୀ—2 Permanent; constant.

**ଅବିକୃତ**—ସଂ. ବିଣ. ( ଅ+ବିକୃତ )—
Abikruta ୧ । ଅପରିବର୍ତ୍ତିତ—1. Unchanged.
(ଅବିକୃତି—ବି) ୨ । ଅବିକାର ( ଦେଖ )
2 Abikāra ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ● | ନ୍ତୁ |

୩ । ଅମିଶ୍ର; ଖାଣ୍ଟି—3. Unadulterated; unalloyed
୪ । ଅରୁଗ୍ଣ—4. Not diseased.
୫ । ଚାଞ୍ଚଲ୍ୟରହିତ—5. Calm; unmoving.
୬ । ଯାହା ନଷ୍ଟ ବା ଖରାପ ହୋଇ ନାହିଁ—
6. Not deteriorated.

**ଅବିକୃତି**—ସଂ. ବି. ( ଅ + ବିକୃତି=ବିକାର )—
Abikruti ୧ । ଅପରିବର୍ତ୍ତିତ ଅବସ୍ଥା—
1. Unchanged condition.
୨ । ରୋଗଶୂନ୍ୟତା—2. Freedom from disease.
୩ । ( ସାଙ୍ଖ୍ୟ ଦର୍ଶନ ) ସତ୍ତ୍ୱ, ରଜ ଓ ତମ ଗୁଣମାନଙ୍କର ସମୀକରଣ ବା ସମତା—3. ( Sankhya philosophy) Equipollence or equilibrium of all passions or feelings.

**ଅବିକ୍ରାନ୍ତ**—ସଂ. ବିଣ. ପୁଂ. ( ଅ + ବିକ୍ରାନ୍ତ )—
Abikranta ୧ । ଅତୁଳନୀୟ; ( ହିନ୍ଦି. ଶବ୍ଦସାଗର )—
(ଅବିକ୍ରାନ୍ତା—ସ୍ତ୍ରୀ) 1 Matchless.
୨ । ଦୁର୍ବଳ; କମ୍‌ଜୋର ( ହିନ୍ଦି. ଶବ୍ଦସାଗର )—
2. Weak.

**ଅବିକ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ବିକ୍ରିୟ )—
Abikriya ଅବିକୃତ ( ଦେଖ )
(ଅବିକ୍ରିୟା—ସ୍ତ୍ରୀ ) Abikruta ( See )

**ଅବିକ୍ରେୟ**—ସଂ. ବିଣ. ( ଅ + ବିକ୍ରେୟ )—
Abikreya ୧ । ଯାହାକୁ ବିକି କରାଯାଇ ନ ପାରେ—
1. Unsalable.
୨ । ଯାହା ବିକ୍ରୟ ପାଇଁ ଅଭିପ୍ରେତ ନୁହେ—
2. Not intended to be sold.

**ଅବିକ୍ଳବ**—ସଂ. ବିଣ. ପୁଂ. ( ଅ + ବିକ୍ଳବ )—
Abiklaba ୧ । ବୈକ୍ଳବ୍ୟରହିତ; ଅବ୍ୟାକୁଳିତ—
(ଅବିକ୍ଳବା—ସ୍ତ୍ରୀ) 1. Not agitated; not bewildered.
୨ । ପ୍ରଶାନ୍ତ; ସ୍ଥିର—2. Calm; serene.

**ଅବିକ୍ଷତ**—ସଂ. ବିଣ. ( ଅ + ବିକ୍ଷତ )—
Abikshata ୧ । ଅକ୍ଷତ—1. Unwounded.
୨ । ଅନାହତ—2. Unhurt.
୩ । ଅଖଣ୍ଡିତ; ପୂର୍ଣ୍ଣ—3. Whole; not mutilated.

**ଅବିକ୍ଷିପ୍ତ**—ସଂ. ବିଣ. ( ଅ + ବିକ୍ଷିପ୍ତ )—
Abikshipta ୧ । ଅଚଞ୍ଚଳ; ସ୍ଥିର—
(ଅବିକ୍ଷେପ—ବି) 1. Calm; not agitated.
୨ । ଅବିସ୍ତୃତ—2. Not spread.
୩ । ଯାହା ଇତସ୍ତତଃ ବୁଣି ହୋଇ ଯାଇ ନାହିଁ—
3. Not scattered.
୪ । ଅନିକ୍ଷିପ୍ତ; ଯାହା ଫିଙ୍ଗା ହୋଇ ନାହିଁ—
4. Not thrown away.

**ଅବିଗର୍ହିତ**—ସଂ. ବିଣ. ( ଅ + ବିଗର୍ହିତ )—
Abigarhita ୧ । ଅନିନ୍ଦିତ; ଅନିନ୍ଦ୍ୟ—
1. Not blame-worthy
୨ । ଅଦୂଷିତ—2. Not fouled; not spoiled.
୩ । ସାଧୁସମ୍ମତ—
3. Approved by honest people.
୪ । ପ୍ରଶଂସିତ—4. Praised.

**ଅବିଗୀତ**—ସ. ବିଣ ( ଅ + ବିଗୀତ )—
Abigita ଅବିଗର୍ହିତ ( ଦେଖ )
Abigarhita ( See )

**ଅବିଗୁଣ**—ଦେ. ବି ( ସ. ଅବଗୁଣ )—୧ । ଦୁର୍ଗୁଣ; ମନ୍ଦଗୁଣ—
Abiguna 1. Bad quality.
अवगुण; অবগুণ ଯଦେ ଅବିଗୁଣ କ ବହିବା ଭୁମ୍ଭେହିଁ ।
औगुन; अवगुण ସାରଳାମହାଭାରତ. ବନ୍ତ ।
୨ । ଦୋଷ—2. Fault.
୩ । ଅନିଷ୍ଟ; ଅହିତ—3. Injury; harm.
୪ । ଅଭିମାନ—
4. Sullenness due to displeasure
ଶକୁନି ବୋଇଲେ ହେ ଦୁର୍ଯୋଧନ ଶୁଣ
ପୃଥ୍ୱିବୀରଙ୍କର ଯେ ଅଛି ଅବିଗୁଣ ।
କୃଷ୍ଣସିଂହ. ମହାଭାରତ. ସଭା ।
୫ । ରୋଗ—5. Disease.
୬ । ଭଲ ଉଦ୍ଦେଶ୍ୟକୁ ମନ୍ଦ ବୁଝିବା; ଶଙ୍କା—
6. Misunderstanding;
୭ । ଅସନ୍ତୋଷ—
7. Dissatisfaction; discontent.
୮ । ଅବୁଝାପଣ—8. Stubbornness.

**ଅବିଗୁଣ କରିବା**—ଦେ. କ୍ରି—୧ । ଅନିଷ୍ଟ କରିବା; ଅହିତ କରିବା—
Abiguna kariba 1. To injure; to harm;
अवगुनकरना } ୨ । ଅବିଗୁଣପାଇବା ( ଦେଖ )
आगुनकरना } 2. Abiguna paiba ( See )

**ଅବିଗୁଣ ପାଇବା**—ଦେ. କ୍ରି.—୧ । ଅସନ୍ତୁଷ୍ଟ ହେବା—
Abiguna paiba 1. To be dissatisfied.
मानकरना, } ୨ । ଅଭିମାନ କରିବା—
अभिमानकरना } 2. To take offence.
୩ । ଶଙ୍କାପାଇବା; ଭଲ ଉଦ୍ଦେଶ୍ୟକୁ ମନ୍ଦ ବୁଝିବା—
3. To misunderstand.
୪ । ବିରକ୍ତ ହେବା—4. To be displeased.

**ଅବିଗୁଣ ବହିବା**—ଦେ. କ୍ରି—ଅବିଗୁଣ ପାଇବା ( ଦେଖ )
Abiguna bahiba Abiguna paiba ( See )

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗଁଧା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବିଗୁଣ ବିଚାରିବା**—ଦେ. କ୍ରି.—ଅବିଗୁଣ ପାଇବା ( ଦେଖ )
Abiguṇa bichāribā — Abiguṇa pāibā ( See )

ତୁ ତାହାଙ୍କ ଅବିଗୁଣ ବିଚାରୁଛୁ ଏବେ ।
ସାରଳାମହାଭାରତ, ଉଦ୍‌ଯୋଗ ।

**ଅବିଗୁଣ ବୁଝିବା**—ଦେ. କ୍ରି.—ଅବିଗୁଣପାଇବା ( ଦେଖ )
Abiguṇa bujhibā — Abiguṇa pāibā (See)

**ଅବିଗୁଣ ହେବା**—ଦେ. କ୍ରି.—ଅବିଗୁଣ ପାଇବା ( ଦେଖ )
Abiguṇa hebā — Abiguṇa pāibā ( See )

**ଅବିଗୁଣିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—
Abiguṇiān ୧ । ଅନିଷ୍ଟକାରୀ; ଅହିତକର—
**অবগুনী** 5. Injurious.
**आगुनी** ୨ । ଅଭିମାନୀ; ଯେ ସାମାନ୍ୟ କଥାରେ ଅଭିମାନ କରେ—
2. Prone to take offence.
୩ । ଯେ ଭଲ କଥାକୁ ମନ୍ଦ ବୁଝେ—
3. Prone to misunderstand.
୪ । ଅବୁଝ; ଏକଜିଦିଆ—
4 Obstinate; stubborn.
୫ । ଦୋଷଯୁକ୍ତ; ଅବଗ୍ରା—
5. Having some fault or defect.

**ଅବିଗୁଣୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅବିଗୁଣିଆଁ (ଦେଖ)
Abiguṇi — Abiguṇiān (See)

**ଅବିଗ୍ରହ**—ସଂ. ବିଣ (ଅ+ବିଗ୍ରହ)—୧ । ଅବିଜ୍ଞାତ; ଯାହା ସ୍ପଷ୍ଟରୂପେ
Abigraha ଜଣା ଯାଏ ନାହିଁ (ହିନ୍ଦ. ଶବ୍ଦସାଗର)—
1. Not well known.
୨ । ଅଶରୀର; ନିରାକାର ( ହିନ୍ଦ ଶବ୍ଦସାଗର)—
2. Incorporeal.
ସଂ. ବି. (ବ୍ୟାକରଣ)—ନିତ୍ୟ ସମାସ (ହିନ୍ଦ. ଶବ୍ଦସାଗର)—
(grammar) A class of compounds in which the component words do not undergo any change.

**ଅବିଘ୍ନ**—ସଂ. ବି. ( ଅ+ବିଘ୍ନ )—୧ । ବିଘ୍ନ ବା ବାଧାର ଅଭାବ—
Abighna 1. Absence of obstacle.
୨ । ଶୁଭ—2. Bliss.
ସଂ. ବିଣ—ନିର୍ବିଘ୍ନ; ଅବାଧ—
Free from obstacle or hindrance.

**ଅବିଘ୍ନମସ୍ତୁ**—ସଂ. ବାକ୍ୟ. ( ଅବିଘ୍ନଂ+ଅସ୍ତୁ; ଆଶୀର୍ବଚନ )—
Abighnamastu ଆରବ୍ଧ କାର୍ଯ୍ୟରେ କୌଣସି ବିଘ୍ନ ନ ଘଟୁ—
অবিঘ্নমস্ত Let no impediment happen.
**अविघ्नमस्तु**
[ ଦ୍ର—ପୋଥି ଲେଖିବା ବା ବୋଲିବା ଆରମ୍ଭରେ ଶ୍ରୀ ଗଣେଶାୟ ନମଃ, ଅବିଘ୍ନମସ୍ତୁ ଇତ୍ୟାଦି ଲେଖାଯାଏ ବା ବୋଲାଯାଏ । ]

**ଅବିଚଳ**—ସଂ. ବିଣ. ପୁଂ. (ଅ+ବିଚଳ)—୧ । ଅବିଚଳିତ; ଅଚଞ୍ଚଳ—
Abichaḷa 1. Unmoved; unshaken.
୨ । ଗତିଶୂନ୍ୟ—2. Motionless.
୩ । ପ୍ରଶାନ୍ତ; ସ୍ଥିର—3. Calm.
୪ । ଅଟଳ; ଦୃଢ଼—4. Firm.
୫ । ଅବ୍ୟାକୁଳ—
5. Not agitated; undisturbed.

**ଅବିଚଳିତ**—ସଂ. ବିଣ. ( ଅ+ବିଚଳିତ )—ଅବିଚଳ ( ଦେଖ )
Abichaḷita — Abichaḷa ( See )

**ଅବିଚାର**—ସଂ. ବି. ( ଅ+ବିଚାର )—୧ । ବିଚାରର ଅଭାବ—
Abichāra 1. Want of consideration or judgement.
(ସୁବିଚାର—ବିପରୀତ)
୨ । ଅବିବେଚନା—2. Want of reflection.
୩ । ଅନ୍ୟାୟ ବିଚାର—3. Injustice.
୪ । ଅତ୍ୟାଚାର—4. Oppression.

**ଅବିଚାରକ**—ସଂ. ବିଣ. ପୁଂ. ( ଅ+ବିଚାରକ )—
Abichāraka ୧ । ନ୍ୟାୟାନ୍ୟାୟବିଚାରଜ୍ଞାନ—
(ଅବିଚାରିକା—ସ୍ତ୍ରୀ) 1. Indiscriminate; inconsiderate.
୨ । ଅତ୍ୟାଚାରୀ—2. Oppressive.
୩ । ଅନ୍ୟାୟ ବିଚାରକାରୀ—3. Unjust.
୪ । ଅବୁଝା—4. Obstinate; stubborn.

**ଅବିଚାରୀ**—ସଂ. ବିଣ. ( ଅ+ବିଚାର+ଇନ୍; ୧ମା. ୧ବ. )—
Abichāri ଅବିଚାରକ ( ଦେଖ )
(ଅବିଚାରିଣୀ—ସ୍ତ୍ରୀ) Abichāraka ( See ).

**ଅବିଚାର୍ଯ୍ୟ**—ସଂ. ବିଣ. ( ଅ+ବିଚାର୍ଯ୍ୟ )—
Abichārjya ବିଚାର କରାଯିବାର ଅଯୋଗ୍ୟ—
Unfit to be judged; incapable of being considered.

**ଅବିଚିନ୍ତ୍ୟ**—ସଂ. ବିଣ. ( ଅ+ବିଚିନ୍ତ୍ୟ )—ଅଚିନ୍ତନୀୟ—
Abichintya Unthinkable.

ରୂପକ ଗୁଣ ସ୍ଥାପିତ, ସେ ଅବିଚିନ୍ତ୍ୟ ମହାଶକ୍ତି ।
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

**ଅବିଚ୍ଛିନ୍ନ**—ସଂ. ବିଣ. ( ଅ+ବିଚ୍ଛିନ୍ନ )—୧ । ଅବିରାମ—
Abichchhinna 1. Constant; uninterrupted.
(ଅବିଚ୍ଛେଦ—ବି) ୨ । ଧାରାବାହିକ—
2. Continuous; successive.
୩ । ଛିନ୍ନ ହୋଇ ନ ଥିବା—3. Unsevered.
୪ । ପୃଥକ୍ କରାଯାଇ ନ ଥିବା—4. Not separated.
୫ । ଅଖଣ୍ଡ—5. Unbroken.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଊ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

ଅବିଚ୍ଛିନ୍ନେ—ଦେ. କ୍ରି. ବିଣ—ଅବିରତ; ସର୍ବଦା—
Abichchhinne Constantly; uninterruptedly.
अविच्छिन्ने ଅବିଚ୍ଛିନ୍ନେ ଶୃଙ୍ଗାର କରଇ ବନେ ହେଳ ।
लगातार ସାରଳାମହାଭାରତ. ବନ ।

ଅବିଚ୍ଛେଦ—ସଂ. ବି. ( ଅ+ବିଚ୍ଛେଦ )—
Abichchheda ୧ । ଅବିରହ; ବିଚ୍ଛେଦାଭାବ—
(ଅବିଚ୍ଛିନ୍ନ—ବିଣ) 1. Absence of separation.
୨ । ସଂଲଗ୍ନତା—2. Attachment.
୩ । ଅଖଣ୍ଡତା—3. Entirety; wholeness.
୪ । ମିଳନ—4. Union.
୫ । କ୍ରମାନୁଯୃତା—5. Continuity.
୬ । ଧାରାବାହିକତା—6. Sequence.
୭ । ସଂଯୋଗ—7. Junction; union.
ସ. ବିଣ—୧ । ଅଖଣ୍ଡ; ଅବିଭକ୍ତ—
1. Undivided; whole.
୨ । ପୂର୍ଣ୍ଣ—2. Entire.
୩ । ଧାରାବାହିକ—3. Continuous; successive.
୪ । ଅବିଶ୍ରମ—4. Constant; uninterrupted.

ଅବିଜା—ଦେ. ବିଣ. (ଗାଳିରେ ବ୍ୟବହୃତ) (ସଂ. ଅ+ବୀଜ)—
Abijā ୧ । ବେଟୁଆ; ଜାରଜ—1. Bastard; illegitimate.
বেধো ୨ । ଅନିର୍ଦ୍ଦିଷ୍ଟପିତୃକ—2. ( a child ) Whose
पापजातक father can not be traced.

ଅବିଜ୍ଞ—ସଂ. ବିଣ. ପୁଂ. ( ନଞ୍ ତତ୍; ଅ+ବିଜ୍ଞ )—
Abijña ୧ । ଅଜ୍ଞ; ଅନଭିଜ୍ଞ—1. Ignorant.
(ଅବିଜ୍ଞା—ସ୍ତ୍ରୀ) ୨ । ଜ୍ଞାନହୀନ—2. Unwise.
(ଅବିଜ୍ଞତା—ବି) ୩ । ଯାହାର ବିଜ୍ଞତା ଜନ୍ମି ନାହିଁ; ଅପ୍ରବୀଣ—
3. Inexperienced.
୪ । ଅଦୂରଦର୍ଶୀ—4. Imprudent; undiscerning.
୫ । ଯେ ବିଶେଷଜ୍ଞ ନୁହେ—5. Not expert.

ଅବିଜ୍ଞତା—ସଂ. ବି. ( ଅବିଜ୍ଞ+ଭାବ. ତା )—
Abijñatā ୧ । ଅନଭିଜ୍ଞତା; ବିଜ୍ଞତାର ଅଭାବ—
1. Ignorance.
୨ । ଜ୍ଞାନର ଅଭାବ—2. Unwisdom.
୩ । ଅପ୍ରବୀଣତା—3. Inexperience.
୪ । ଅଦୂରଦର୍ଶିତା—4. Imprudence.
ସ. ବିଣ. ପୁଂ (ଅ+ବିଜ୍ଞତୃ; ୧ମା. ୧ବ. )—ଅଜ୍ଞ—
( ଅବିଜ୍ଞାତ୍ରୀ—ସ୍ତ୍ରୀ ) Ignorant.

ଅବିଜ୍ଞାତ—ସଂ. ବିଣ. ( ଅ+ବିଜ୍ଞାତ )—ଅଜଣା; ଅଜ୍ଞାତ—
Abijñāta Unknown.
ସ. ବି. ( ଯେ ସାକ୍ଷାତ୍ ଭାବରେ ଜ୍ଞାନଗମ୍ୟ ନୁହନ୍ତି )—
ପରବ୍ରହ୍ମ; ପରମାତ୍ମା—The Universal Soul.

ଅବିଜ୍ଞେୟ—ସଂ. ବିଣ. ( ନଞ୍ ତତ୍; ଅ+ବିଜ୍ଞେୟ )—
Abijñeya ଅପରିଜ୍ଞେୟ; ଜ୍ଞାନାତୀତ—Incomprehensible; inscrutable; unknowable.

ଅବିତ—ସଂ. ବିଣ. (ଅବ ଧାତୁ=ରକ୍ଷା କରିବା; ପାଳିବା+କର୍ମ. ତ)—
Abita ୧ । ରକ୍ଷିତ—1. Saved; preserved; protected.
୨ । ପାଳିତ—2. Brought up; maintained.
ସଂ. ବି (+ଭାବ. ତ)—୧ । ରକ୍ଷଣ—
1. Protection; custody.
୨ । ପାଳନ—2. Maintenance.

ଅବିତଥ—ସଂ. ବିଣ. ( ଅ+ବିତଥ=ମିଥ୍ୟା)—
Abitatha ୧ । ସତ୍ୟ—1. True.
୨ । ଯଥାର୍ଥ—2. Actual; real.

ଅବିତଥ୍ୟ—ସଂ. ବି. ( ଅବିତଥ+ଭାବ. ଯ )—
Abitathya ୧ । ସତ୍ୟତା—1. Truth.
୨ । ଯାଥାର୍ଥ୍ୟ—2. Reality.
ଦେ. ବି—୧ । ତଥ୍ୟସନ୍ଧାନ—1. Trace; clue.
୨ । ସଂବାଦ—2. News; intelligence.

ଅବିତୃଷ୍ଣ—ସ. ବିଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+ବିତୃଷ୍ଣା;ଯାହାର )—
Abitṛushṇa ୧ । ତୃଷ୍ଣାଯୁକ୍ତ; ସତୃଷ୍ଣ—1. Thirsty.
(ଅବିତୃଷ୍ଣା—ସ୍ତ୍ରୀ) ୨ । ସାଭିଳାଷ—2. Hankering.
( ଅବିତୃଷ୍ଣତା—ବି)
୩ । ପ୍ରବୃତ୍ତ—Engaged in.

ଅବିଦିତ—ସ. ବିଣ. ( ଅ+ବିଦିତ )—୧ । ଅଜ୍ଞାତ—
Abidita 1. Unknown.
୨ । ଅପରିଚିତ—2. Unacquainted.

ଅବିଦୁଷ—ଦେ. ବିଣ. ( ସ. ଅ+ବିଦ୍ୱାନ୍ )—ମୂର୍ଖ—
Abidusha Illiterate.
ବିଂଶାଧୁରଭି ପ୍ରେତସ୍ତୃ, ଅବିଦୁଷଙ୍କୁ ସେ ବସ୍ତୃ ।
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଅବିଦୂର—ସ. ବିଣ. (ଅ+ବିଦୂର)—ଅଦୂରସ୍ଥ; ନିକଟସ୍ଥ; ସମୀପବର୍ତ୍ତୀ—
Abidūra Adjacent; near by.

ଅବିଦ୍ୟ—ସ. ବିଣ. ପୁଂ. ( ବହୁବ୍ରୀହି; ଅ+ବିଦ୍ୟା )—
Abidya ୧ । ଅବିଦ୍ୱାନ୍; ଅପଣ୍ଡିତ—1. Not learned.
(ଅବିଦ୍ୟା—ସ୍ତ୍ରୀ) ୨ । ଅଶିକ୍ଷିତ; ମୂର୍ଖ—2. Unlettered
(ଅବିଦ୍ୟତା—ବି) ୩ । ଅଜ୍ଞ—3. Ignorant.
୪ । ଜ୍ୟୋତିଷ ଶାସ୍ତ୍ରୋକ୍ତ ସମ୍ବତ୍ସର ବିଶେଷର ନାମ—
4. (astrology) Name of a particular year.
ଅବିଦ୍ୟ ନାମେ ତହିଁ ସମ୍ବତ୍ସର ଭୋଗ—ମାର୍କଣ୍ଡେୟପୁରାଣ ।
୫ । ଯାହା ବିଦ୍ୟାର ବିଷୟୀଭୂତ ନୁହେ—
5. Not forming the subject of learning.
୬ । ଯାହା ଜ୍ଞାନର ବିଷୟୀଭୂତ ନୁହେ—
6. Not within the purview of knowledge.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବିଧି' ନ ପାଇଲେ 'ବିଧି' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବିଦ୍ୟମାନ**—ସଂ. ବିଣ. ପୁଂ. ( ଅ+ବିଦ୍ୟମାନ )—
Abidyamāna ଅବର୍ତ୍ତମାନ ( ଦେଖ )
( ଅବିଦ୍ୟମାନା—ସ୍ତ୍ରୀ ) Abarttamāna ( See )
( ଅବିଦ୍ୟମାନତା—ବି )

**ଅବିଦ୍ୟା**—ସଂ. ବିଣ. ସ୍ତ୍ରୀ. ( ଅବିଦ୍ୟ+ସ୍ତ୍ରୀ. ଆ )—ଅବିଦ୍ୟର ସ୍ତ୍ରୀଲିଙ୍ଗ—
Abidyā Feminine of Abidya.
ସଂ. ବି. ସ୍ତ୍ରୀ. ( ଅ+ବିଦ୍ୟା )—୧ । ଅଜ୍ଞତା; ମୂର୍ଖତା—
1. Ignorance.
୨ । ଅଜ୍ଞାନ—
2. Unwisdom; want of knowledge.
୩ । ( ଦର୍ଶନ ) ସଂସାର ମାୟା—
3. ( philosophy ) Illusion.
[ ଦ୍ର—ଅବିଦ୍ୟା ପଞ୍ଚବିଧ; ଯଥା—ତମ, ମୋହ, ମହାମୋହ, ତାମିସ୍ର ଓ ଅନ୍ଧତାମିସ୍ର । ଭାଗବତ. ୩ୟ ସ୍କନ୍ଧ. ୧୨ଶ ଅଧ୍ୟାୟ. ୨ ଶ୍ଳୋକ ।]
୪ । ( ଦର୍ଶନ ) ଅହଂଭାବ—
4. (philosophy) Egotism; selfconceit.
୫ । ଏହି ପାର୍ଥିବ ଶରୀର ଆତ୍ମା ଅଟେ, ଏହିଭଳି ଧାରଣା—
5. The notion that the soul is nothing but one's body.
୬ । ମାୟାଚ୍ଛନ୍ନ ଜ୍ଞାନ (ବିଦ୍ୟା ତଳେ ନୋଟ୍ ଦେଖ )—
6. Knowledge clouded by delusion.
୭ । ( ଦର୍ଶନ ) ପ୍ରକୃତି; ଜଡ଼ପ୍ରକୃତି—7. Nature.
[ ଦ୍ର—ଏହି ଅବିଦ୍ୟାଦ୍ୱାରା ପୁରୁଷ ବା ଈଶ୍ୱର ଏ ଜଗତକୁ ସୃଷ୍ଟି କରିଅଛନ୍ତି । ]
୮ । ଯୁଦ୍ଧାସ୍ତ୍ରବିଶେଷ—8. A kind of weapon.
ଦେ. ବି. ସ୍ତ୍ରୀ—୧ । ବେଶ୍ୟା—1. Prostitute.
୨ । ରକ୍ଷିତା ସ୍ତ୍ରୀ; ଉପପତ୍ନୀ—2. Concubine.

**ଅବିଦ୍ୟାନାଗରୀ**—ସଂ. ବି—ସଂକଳ୍ପ ନାୟିକା—Ideal sweetheart.
Abidyānāgari ନବ-ପ୍ରେମିକର ଅବିଦ୍ୟା-ନାଗରୀ ଶରତ୍ପିକରୀ ମତ ।
ରାଧାନାଥ. ଯଯାତି ।

**ଅବିଧା**—ସଂ. ବି. ( ଅ+ବିଧା=ସୁଯୋଗ )—୧ । ଅସୁବିଧା—
Abidhā 1. Inconvenience.
୨ । ସୁଯୋଗର ଅଭାବ—
2. Want of opportunity.

**ଅବିଧାନ**—ସଂ. ବି. ( ଅ+ବିଧାନ )—
Abidhāna ୧ । ଅବିଧି; ନିୟମର ଅଭାବ; ବେନିୟମ—
ଅବିଧେୟ } ବିଣ 1. Want of rule; irregularity.
ଅବିହିତ }
୨ । ଅବ୍ୟବସ୍ଥା—
2. Want of method or discipline.
୩ । ଅନୁଚିତ କର୍ମ—3. Improper act.
୪ । ଅନ୍ୟାୟ ବିଧି—4. Illegal or unjust rule.
୫ । କୁବିଧି; ମନ୍ଦବିଧାନ—5 Bad rule.
୬ । ଅକରଣୀୟତା—6. Impropriety.
୭ । ଅଶାସ୍ତ୍ରୀୟ ବ୍ୟବସ୍ଥା—
7. Prescription not approved by the law-books.
ଗ୍ରା. ବି. ( ସଂ. ଅଭିଧାନର ଅଶୁଦ୍ଧ ଉଚ୍ଚାରଣ )—
ଅଭିଧାନ; ଶବ୍ଦକୋଷ—Dictionary.

**ଅବିଧି**—ସଂ. ବି. ( ଅ+ବିଧି )—ଅବିଧାନ ( ଦେଖ )
Abidhi Abidhāna ( See )
ଅବିଧେୟ } ବିଣ ସଂ. ବିଣ—୧ । ଅବୈଧ; ବେଆଇନ୍—
ଅବିହିତ } 1. Illegal.
୨ । ନିୟମବିରୁଦ୍ଧ—2. Contrary to rules.
୩ । ଅଶାସ୍ତ୍ରୀୟ; ଶାସ୍ତ୍ରବିରୁଦ୍ଧ—
3. Contrary to the law-books.
୪ । ବିଧିବିରୁଦ୍ଧ—4. Not customary.
୫ । ଅକରଣୀୟ—5. Improper.
୬ । ଅନ୍ୟାୟ—6. Unjust.

**ଅବିଧିରେ**—ଦେ. କ୍ରି. ବିଣ—ଅଯଥା—
Abidhire Unjustly; improperly.
ବୈକୁଣ୍ଠ ଶ୍ରୀକ ଏ କଷ୍ଟେ ମାର୍କଣ୍ଡେୟ ଭାଲେ,
ବହ୍ନିଲ ମୁଁ ପୂର୍ବେ ଅବିଧିରେ ଦେଖି ଭୋଳେ ।
ଭଞ୍ଜ. ବୈଦେହୀଶବିଳାସ ।

**ଅବିଧେୟ**—ସ. ବିଣ (ଅ+ବିଧେୟ)—୧ । ଅକରଣୀୟ; ଯାହା କରିବା
Abidheya ଉଚିତ ନୁହେଁ; ଅନୁଚିତ—1. Improper;
(ଅବିଧେୟତା—ବି) that which should not be done.
୨ । ଅଯୋଗ୍ୟ—2 Unfit.
୩ । ଅପାଳନୀୟ—3. Unfit to be carried out.

**ଅବିଧ୍ୱଂସୀ**—ସ. ବିଣ ( ଅ+ବିଧ୍ୱଂସିନ୍; ୧ମା. ୧ବ )—୧ । ଅବିନାଶୀ;
Abidhwamsi ଯାହା ବିନାଶ ପାଏ ନାହିଁ—
(ଅବିଧ୍ୱଂସିତା—ବି) 1. Indestructible; imperishable.
୨ । ଚିରସ୍ଥାୟୀ—2. Permanent.
୩ । ଅସରନ୍ତି; ଅକ୍ଷୟ—3. Inexhaustible.
୪ । ଅମର—4. Immortal; deathless.

**ଅବିନତ**—ସ. ବିଣ (ଅ+ବିନତ)—୧ । ଯେ ବିନୟୀ ନୁହେଁ; ଅବିନୟୀ—
Abinata 1. Not humble.
(ଅବିନତା—ସ୍ତ୍ରୀ), ଅନମ୍ର; ଅନତ—2. Unbent

**ଅବିନୟ**—ସଂ. ବି (ଅ+ବିନୟ)—୧ । ବିନୟର ଅଭାବ—
Abinaya 1. Want of humility; want of good manners.
୨ । ଔଦ୍ଧତ୍ୟ; ଧୃଷ୍ଟତା—2. Arrogance; rudeness.
୩ । ଅଶିଷ୍ଟ ବ୍ୟବହାର—3. Bad manners; want of civility; incivility.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ● | ନ୍ତ |

୪ । ଅପରାଧ—4. Guilt.

ସଂ. ବିଣ. ପୁଂ (ବହୁବ୍ରୀହି)—ଅବିନୀତ; ଅଶିଷ୍ଟ; ଉଦ୍ଧତ—
(ଅବିନୟା—ସ୍ତ୍ରୀ) Rude; discourteous; overbearing.

**ଅବିନଶ୍ୱର**—ସଂ. ବିଣ (ଅ + ବିନଶ୍ୱର)—ଅବିଧ୍ୱଂସୀ (ଦେଖ)
Abinaśwara Abidhwaṁsī (See)
(ଅବିନଶ୍ୱରତା—ବି)

**ଅବିନଷ୍ଟବ୍ରହ୍ମଚର୍ଯ୍ୟ**—ସଂ. ବିଣ. ପୁଂ—ଅବିପ୍ଳୁତ ବ୍ରହ୍ମଚର୍ଯ୍ୟ (ଦେଖ)
Abinashṭabrahamacharjya Abipḻuta brahmacharjya (See)

**ଅବିନଷ୍ଟବ୍ରହ୍ମଚାରୀ**—ସଂ. ବିଣ. ପୁଂ—ଅବିପ୍ଳୁତ ବ୍ରହ୍ମଚର୍ଯ୍ୟ (ଦେଖ)
Abinashṭabrahmachārī Abipḻuta brahmacharjya (See)

**ଅବିନାଭାବ**—ସଂ.ବି (ନଞ୍ ତତ୍; ଅ=ନାହିଁ + ବିନା=ବ୍ୟତିରେକେ + ଭାବ=ବିଦ୍ୟମାନତା)—
Abinābhāba
( ନ୍ୟାୟ ଦର୍ଶନ ) ନିତ୍ୟସମ୍ବନ୍ଧ; କାର୍ଯ୍ୟ ଓ କାରଣର ଅବଶ୍ୟଂଭାବୀ ସମ୍ବନ୍ଧ; କାରଣର ଉପସ୍ଥିତିରୁ କାର୍ଯ୍ୟର ଉପସ୍ଥିତି ଏବଂ କାର୍ଯ୍ୟର ଉପସ୍ଥିତିରୁ କାରଣର ଉପସ୍ଥିତି ଅନୁମାନ କରାଯିବା ଅବସ୍ଥା—(philosophy) Relationship between cause and effect.
[ଦ୍ର—ନ୍ୟାୟ ଦର୍ଶନରେ ଅବିନାଭାବର ଉଦାହରଣ;ପର୍ବତୋ ବହ୍ନିମାନ୍ ଧୂମାତ୍; ଅର୍ଥାତ୍ ପର୍ବତରୁ ଧୂଆଁ ଉଠୁଥିବା ଦେଖି ପର୍ବତରେ ନିଆଁ ଥିବା ଅନୁମାନ କରିବା ସ୍ୱାଭାବିକ । ନିଆଁ ସଙ୍ଗେ ଧୂଆଁର ସମ୍ବନ୍ଧକୁ ଅବିନାଭାବ କୁହାଯାଏ । ]

**ଅବିନାଶ**—ସଂ. ବି (ଅ + ବିନାଶ)—ବିନାଶ ନ ହେବା—
Abināśa Indestructibility.

ସଂ. ବିଣ—ଚିରନ୍ତନ—Constant.

ଅବର୍ଣ୍ଣ ଅବିନାଶ ଥିନ, କର୍ଣ୍ଣ ନୁହିଲେ ହେଁ ତା ଶୁଣି ।

ଭୂପତି, ପ୍ରେମପଞ୍ଚାମୃତ ।

**ଅବିନାଶୀ**—ସଂ. ବିଣ. (ଅ+ବିନାଶିନ୍; ୧ମା.୧ବ)—ଅବିନଶ୍ୱର (ଦେଖ)
Abināśī Abinaśwara (See)
(ଅବିନାଶିନୀ—ସ୍ତ୍ରୀ)

**ଅବିନୀତ**—ସଂ. ବିଣ. ପୁଂ (ନଞ୍ ତତ୍; ଅ + ବିନୀତ )—୧ । ଯେ ବିନୟୀ
Abinīta ନୁହେଁ; ଅଶିଷ୍ଟ—1. Not civil; rude.
(ଅବିନୟ—ବି) ୨ । ଦୁର୍ବିନୀତ; ଧୃଷ୍ଟ; ଉଦ୍ଧତ—
(ଅବିନୀତା—ସ୍ତ୍ରୀ) 2. Arrogant.
୩ । ଦୁଷ୍ଟ—3. Wicked.
୪ । ଅସତ୍—4. Dishonest.
୫ । ଅଶିକ୍ଷିତ—5. Unlettered

**ଅବିନୀତା**—ସଂ. ବିଣ. ସ୍ତ୍ରୀ—( ଅବିନୀତ + ସ୍ତ୍ରୀ. ଆ )—୧ । ଅବିନୀତର
Abinītā ସ୍ତ୍ରୀଲିଙ୍ଗ—1. Feminine of Abinita.
୨ । ଅସତୀ; କୁଳଟା—2. Unchaste; adulterous (woman)

ସଂ. ବି. ସ୍ତ୍ରୀ—୧ । ଦୁଷ୍ଟା ସ୍ତ୍ରୀ—1. Wicked woman.
୨ । କୋପନା ସ୍ତ୍ରୀ—2. A shrew; vixen; virago.

**ଅବିନ୍ଧନ**—ସଂ. ବି. (ବହୁବ୍ରୀହି; ଅପ୍+ଇନ୍ଧନ; ଅପ୍=ଜଳ ଅଟେ ଇନ୍ଧନ
Abindhana =ଜାଳକାଠ ସ୍ୱରୂପ ଯାହାର)—
୧ । ବଡ଼ବାନଳ 1. Submarine fire.
୨ । ବଜ୍ରାଗ୍ନି—2. Lightning.

**ଅବିପ୍ରିୟ**—ସଂ. ବିଣ ( ଅ=ନୁହେ + ବିପ୍ରିୟ=ଅପ୍ରିୟ )—୧ । ଯାହା
Abipriya ବିରକ୍ତିକର ନୁହେଁ; ଆନନ୍ଦଜନକ—1. Pleasant;
(ଅବିପ୍ରିୟା—ସ୍ତ୍ରୀ) pleasing; not unpleasant.
୨ । ଅପ୍ରତିକୂଳ; ଅନୁକୂଳ—
2. Favourable; propitious.
୩ । ଇଷ୍ଟ; ପ୍ରିୟ—3. Dear; beloved.
୪ । ଯାହାକୁ ପାଇବାକୁ ମନୁଷ୍ୟ ଇଚ୍ଛାକରେ—
4 Coveted; wished for.
୫ । ଅନବଜ୍ଞାତ—
5 Not slighted; not disregarded.

ସଂ. ବି ( ୬ଷ୍ଠୀ ତତ୍; ଅବି=ମେଷର + ପ୍ରିୟ )—
ଶ୍ୟାମାକ ତୃଣ, ଶୁଆଁ—A kind of grass

**ଅବିପ୍ଳୁତ**—ସଂ. ବିଣ ( ଅ + ବି+ପ୍ଳୁ ଧାତୁ + କର୍ତ୍ତୃ. ତ )—
Abipḻuta ୧ । ଯେ ଅଶ୍ୱ ପରି ପ୍ଳୁତ ଗତି କରି ବା ଲମ୍ଫଦେଇ ଯାଏନାହିଁ—
1. Not galloping like a horse.
୨ । ଅକ୍ଷତ; ଅବିନଷ୍ଟ—2. Unhurt; unspoiled.
୩ । ଅବିଧ୍ୱଂସୀ—3. Indestructible.
୪ । ଅବାଧରେ ପ୍ରବର୍ତ୍ତିତ—
4. Promulgated without obstacle.
୫ । ( +କର୍ମ. ତ ) ଆଚରିତ—
5 Followed; pursued.
୬ । ଅନୁପଦ୍ରୁତ—6. Unoppressed.
୭ । ଅବିପର୍ଯ୍ୟସ୍ତ—7. Not overturned.
୮ । ଅଦୂଷିତ—8. Not soiled.
୯ । ଯାହା ଜଳ ଦ୍ୱାରା ପ୍ଳାବିତ ହୋଇ ନାହିଁ—
9. Not inundated; not flooded.
୧୦ । (+କର୍ତ୍ତୃ. ତ)ଯେ କୌଣସି ବ୍ରତରୁ ସ୍ଖଳିତ ହୋଇ ନାହିଁ—
10. Not deviating from a vow.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଧ୍' ଦେଖିବେ; 'ଅଇଁଠା' ନ ପାଇଲେ 'ଅଇଁଠା' ଦେଖିବେ; 'ଅଲଚଳ' ନ ପାଇଲେ 'ଅଲଚଳ' ଦେଖିବେ ।

**ଅବିପ୍ଳୁତବ୍ରହ୍ମଚର୍ଯ୍ୟ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବିପ୍ଳୁତ + ବ୍ରହ୍ମଚର୍ଯ୍ୟ )—୧ । ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ବ୍ରତରୁ ଆଦୌ ସ୍ଖଳିତ ବା ଭ୍ରଷ୍ଟ ହୋଇ ନାହିଁ; ଯେ ଆଦୌ ବୀର୍ଯ୍ୟପାତ କରି ନାହିଁ—
Abiplutabrahmacharjya
1. ( a person ) Who has never deviated from the vow of continence.

**ଅବିପ୍ଳୁତବ୍ରହ୍ମଚାରୀ**—ସଂ. ବିଣ. ପୁଂ ( କର୍ମଧା; ଅବିପ୍ଳୁତ + ବ୍ରହ୍ମଚାରୀ )—
Abiplutabrahmachāri ଅବିପ୍ଳୁତବ୍ରହ୍ମଚର୍ଯ୍ୟ ( ଦେଖ )
Abiplutabrahmacharjya ( See )

**ଅବିବକ**—ଗ୍ରା. ବିଣ ( ସଂ. ଅବିବେକର ଅଶୁଦ୍ଧ ଉଚ୍ଚାରଣ )—
Abibaka ଅବିବେକ ( ଦେଖ )
অবিবেক Abibeka ( See )
अविवेक

**ଅବିବକ୍ଷିତ**—ସଂ. ବିଣ (ଅ+ବି+ବଚ ଧାତୁ+ଇଚ୍ଛାର୍ଥ. ସନ୍+କର୍ମ.ତ)—
Abibakshita ୧ । ଯାହା କହିବାକୁ ଇଚ୍ଛା ନ ଥାଏ—
1. Not intended to be spoken.
୨ । ଅନଭିପ୍ରେତ—2. Not intended.
୩ । ଅନୁପଲକ୍ଷିତ; ତାତ୍ପର୍ଯ୍ୟ ଦ୍ୱାରା ଅନୁପଲବ୍ଧ—
3. Not implied; not signified.

**ଅବିବାଦ**—ସଂ. ବି—( ଅ + ବିବାଦ )—
Abibāda ୧ । ଅବିରୋଧ; ବିବାଦର ଅଭାବ—
1. Absence of opposition or dispute.

**ଅବିବାଦରେ**—ଦେ. କ୍ରି. ବିଣ—ଅବିବାଦେ ( ଦେଖ )—
Abibādare Abibāde ( See )

**ଅବିବାଦିଆ**—ଗ୍ରା. ( କଟକିଆ ଭାଷା ). ବିଣ ( ସଂ. ଅ + ବିବାଦୀୟ )—
Abibādia
অবিবাদীয় ୧ । ଯେଉଁ ସମ୍ପତ୍ତି ମକଦ୍ଦମାର ବିଷୟୀଭୂତ ନୁହେ—
निर्विवाद 1. Undisputed ( property )

**ଅବିବାଦୀ**—ଗ୍ରା. ବି ( କଟକିଆ ଭାଷା )—ଅବିବାଦିଆ ( ଦେଖ )
Abibādi Abibādia ( See )

**ଅବିବାଦେ**—ଦେ. କ୍ରି. ବିଣ—ନିର୍ବିବାଦେ; ବିନା ବିବାଦରେ—
Abibāde Unopposed; undisputedly.
অবিবাদে

**ଅବିବାହି**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିବାହିତ )—
Abibāhi ଅବିବାହିତ—Unmarried.
অবিবাহি କନ୍ୟା ଦୁହିତା ରଖିଲେ ଅବିବାହି କାଳେ
अनव्याहा ଦ୍ୱାଦଶ ବରଷ ସେବ ଥିଲା ପିତା ଘରେ ।—ସାରଳା, ମହାଭାରତ- ବନ ।

**ଅବିବାହିତ**—ସଂ. ବିଣ. ପୁଂ. ( ଅ + ବିବାହିତ )—
Abibāhita ଅନୂଢ଼; ଅପରିଣୀତ; ଯାହାର ବିବାହ ହୋଇ
(ଅବିବାହିତା—ସ୍ତ୍ରୀ) ନାହିଁ—Unmarried; bachelor.

**ଅବିବେକ**—ସଂ. ବି ( ନଞ୍ ତତ୍; ଅ + ବିବେକ )—
Abibeka ୧ । ବିବେଚନାର ଅଭାବ; ସଦସତ୍ ବିଚାରଶୂନ୍ୟତା—
(ଅବିବେକା—ସ୍ତ୍ରୀ) 1. Want of discrimination;
୨ । ଅବିମୃଶ୍ୟକାରିତା—
2. Indiscrimination or rashness.
ଯଉ ଯୁବତୀ ବାଳକ କି ପାରିଅଛ ଲୋକ
ଏ ଗୁରୁ କଥାରେଟି ପଡ଼େ ଅବିବେକ । ପୀତାମ୍ବର. ନୃସିଂହପୁରାଣ ।
୩ । ମୂର୍ଖତା; ଅଜ୍ଞାନ—3. Ignorance.
୪ । ମୂଢ଼ତା—4. Foolishness; folly.
୫ । ଭ୍ରମ; ବ୍ୟାକୁଳତାଜନିତ ମୋହ—5. Error of judgment; error; delusion due to mental agitation.
୬ । ଅଯୁକ୍ତାମଣା; ଅନ୍ୟାଯ୍ୟ ବିବେଚନା; ଅବିଚାର—
6. Injustice.
ସଂ. ବିଣ. ପୁଂ ( ବହୁବ୍ରୀହି; ନାହିଁ ବିବେକ ଯାହାର )—
୧ । ବିବେକହୀନ—1. Wanting in judgment; indiscriminating; unconscientious.
୨ । ଗୁଆଁର; ମୂଢ଼; ଅଜ୍ଞ—2. Ignorant; foolish
୩ । ନ୍ୟାଯ୍ୟାନ୍ୟାଯ୍ୟବିଚାରହୀନ—
3. Unscrupulous.
୪ । ଅବିମୃଶ୍ୟକାରୀ—4. Indiscreet; rash.
୫ । ଅନ୍ୟାୟକାରୀ; ଅବିଚାରକ—
5. Unjust.

**ଅବିବେକୀ**—ସଂ. ବିଣ. ପୁଂ. ( ଅବିବେକ + ଇନ୍; ୧ମା. ୧ବ. )—
Abibeki ୧ । ଅବିବେଚକ; ବିବେକଶୂନ୍ୟ—
(ଅବିବେକିନୀ—ସ୍ତ୍ରୀ) 1. Wanting in judgment; indiscriminate.
୨ । ଅଜ୍ଞ; ମୂଢ଼—2. Ignorant.
୩ । ଅଗାଡ଼ୁଆ; ଅବିମୃଶ୍ୟକାରୀ—3. Rash.
୪ । ଚିନ୍ତାହୀନ—4. Thoughtless.
୫ । ଶାସ୍ତ୍ରାଦିଜ୍ଞାନଶୂନ୍ୟ—
5. Ignorant of legal lore.
୬ । ( ସାଂଖ୍ୟଦର୍ଶନ ) ପ୍ରଧାନ—
6. ( Sāṅkhya philosophy ) Chief; principal.
୭ । ଅଯୁକ୍ତାମଣା—7. Unjust.

**ଅବିବେଚକ**—ସଂ. ବିଣ. ପୁଂ. ( ଅ + ବିବେଚକ )—
Abibechaka ଅବିବେକ (ଦେଖ)
(ଅବିବେଚିକା—ସ୍ତ୍ରୀ) Abibeka ( See )
(ଅବିବେଚକତା—ବି)

**ଅବିବେଚନା**—ସଂ. ବି. ( ଅ + ବିବେଚନା )—ଅବିବେକ ( ଦେଖ )
Abibechanā Abibeka ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଙ୍ଗ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ◉ | ନ୍ତ |

**ଅବିଭକ୍ତ**—ସଂ. ବିଣ. (ଅ + ବି + ଭଞ୍ଜ ଧାତୁ = ଭାଗିବା + କର୍ମ. ତ)—
Abibhakta ୧ । ଅଖଣ୍ଡିତ; ଯାହାକୁ ବିଭାଗ କରାଯାଇ ନାହିଁ—
1. Undivided.
୨ । ଅପୃଥକ୍‌କୃତ—2. Not separated.
୩ । ବଣ୍ଟା ହୋଇ ନ ଥିବା—3. Not partitioned.
୪ । ଇଜମାଲ; ଯାହାକୁ ଏକାଧିକ ମାଲିକ ଏକତ୍ର ଭୋଗ କରନ୍ତି—4. Joint.
୫ । ( + କର୍ତ୍ତୃ. ତ ) ଯେଉଁ ଅଂଶୀଦାରମାନେ ଆପଣା ମଧ୍ୟରେ ସମ୍ପତ୍ତିକୁ ବାଣ୍ଟି ନେଇ ନାହାନ୍ତି; ଯେଉଁମାନେ ଭିନ୍ନ ହୋଇ ନାହାନ୍ତି—
5. Not separated ( cosharers ).
୬ । ଏକାନ୍ନବାସରେ ରହିଥିବା—6 Living in the same mess or board

**ଅବିଭକ୍ତ ହିନ୍ଦୁପରିବାର**—ଦେ. ବି.—ଯେଉଁ ହିନ୍ଦୁପରିବାରରେ ଅଂଶୀଦାରମାନେ ଏକାନ୍ନବାସରେ
Abibhakta hinduparibāra
ଥାଇ ଇଜମାଲ ପରିବାରସ୍ଥ ସମ୍ପତ୍ତିକୁ ଏକତ୍ର ଭୋଗ କରନ୍ତି—A joint Hindu-family.
[ ଦ୍ର—ମିତାକ୍ଷରା ଶାସ୍ତ୍ର ଅନୁସାରେ ଓଡ଼ିଆମାନଙ୍କର ସମ୍ପତ୍ତି ବିଭକ୍ତ ହୁଏ । ଏଥିରେ ପୈତୃକ ସମ୍ପତ୍ତିରେ ପିତା ଓ ପୁତ୍ରର ସମାନ ଅଧିକାର । ଏକାଧିକ ଭାଇ ଥିବା ଅବସ୍ଥାରେ ଜଣେ ଭାଇ ଅପୁତ୍ରକ ହୋଇ ମଲେ ଅନ୍ୟ ଭାଇମାନେ ତାହାର ହିସ୍ସାକୁ 'ସର୍ଭାଇଭର୍' ସୂତ୍ରରେ ଦଖଲ କରନ୍ତି । ]

**ଅବିଭାଇ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିବାହିତ )—
Abibhāi ଅବିବାହିତ ( ଦେଖ )
Abibāhita ( See )

**ଅବିଭାଗ**—ସଂ. ବି. ( ଅ + ବିଭାଗ )—ବିଭକ୍ତ ହୋଇ ନ ଥିବା ଅବସ୍ଥା;
Abibhāga ଇଜମାଲ ଅବସ୍ଥା—Union; undivided state

**ଅବିଭାଜ୍ୟ**—ସଂ. ବିଣ. ( ଅ + ବିଭାଜ୍ୟ )—
Abibhājya ୧ । ଯାହାକୁ ବିଭାଗ କରାଯାଇ ନ ପାରେ—
(ଅବିଭାଜ୍ୟତା—ବି) 1. Indivisible.
୨ । ଯାହାକୁ ବିଭାଗ ବା ବଣ୍ଟନ କରିବା ଉଚିତ ନୁହେ—
2. Not proper to be divided.
[ ଦ୍ର—ଶାସ୍ତ୍ରଅନୁସାରେ ବଣ୍ଟାରୁ ବାଦ ପଡ଼ିବା ଦାସ, ଦାସୀ, ଗୋରୁ, ଘୋଡ଼ାଆଦି ଜୀବ, ଠାକୁର ଓ ଦେବୋତ୍ତର ସମ୍ପତ୍ତି 'ଅବିଭାଜ୍ୟ' ଓ ଅଂଶୀଦାରମାନଙ୍କ ମଧ୍ୟରେ ସମଗ୍ର ସମ୍ପତ୍ତି ବଣ୍ଟା ହେଲାବେଳେ ଏମାନ ଅଂଶୀଦାରମାନଙ୍କ ପ୍ରାପ୍ୟ ହିସ୍ସାର ମୁତାବକ ବଣ୍ଟା ହୁଅନ୍ତି ନାହିଁ; ଜଣେ ବା ଦୁଇ ଜଣ ସେମାନ ନିଅନ୍ତି ଓ ଅନ୍ୟ ଅଂଶୀଦାରମାନେ ତହିଁର କ୍ଷତିପୂରଣ ସ୍ୱରୂପ ଇଜମାଲ ପଣ୍ଡରୁ ସେହି ମୂଲ୍ୟାପକଳ୍ପିତ ଧନ ପାଆନ୍ତି । ]

୩ । ( ଗଣିତ ) ଯେଉଁ ରାଶିକୁ ଅନ୍ୟ ରାଶିଦ୍ୱାରା ହରଣ କରାଯାଇ ନ ପାରେ—
3. ( Mathematics ) ( number ) Which is not divisible by any other number; prime.

**ଅବିଭୁକ୍ତ**—ଗ୍ରା. ବିଣ. (କଥିତଆ ଭାଷା; ସଂ. ଅବିଭକ୍ତର ଅଶୁଦ୍ଧ ଉଚ୍ଚାରଣ)—
Abibhukta ୧ । ଅବିଭକ୍ତ—1. Undivided.
୨ । ବଣ୍ଟା ହୋଇ ନ ଥିବା—2. Unpartitioned.
୩ । ଇଜମାଲ—3. Joint.

**ଅବିମୁକ୍ତ**—ସଂ. ବିଣ. ( ଅ + ବିମୁକ୍ତ )—
Abimukta ୧ । ଯାହା ବିମୁକ୍ତ ହୋଇ ନାହିଁ—
1. Not released.
୨ । ଅପରିତ୍ୟକ୍ତ—2. Not forsaken.
୩ । ବଦ୍ଧ—3. Confined.
ସଂ. ବି—୧ । ( ଜାବାଲ ଉପନିଷଦ ମତରେ ଏହା ବ୍ରହ୍ମଙ୍କ-ସ୍ଥାନ ଥିବାରୁ )—ଆଖିମୂଳର; କାନମୂଳ—
1. The temples; ( space between the end of the eye and the ear.)
୨ । ( ଯେଉଁ ତୀର୍ଥକୁ ମୁମୁକ୍ଷୁ ବ୍ୟକ୍ତି ବା ହରଗୌରୀ ତ୍ୟାଗ କରନ୍ତି ନାହିଁ )—ବାରାଣସୀ; କାଶୀ—
A name of Benares.

**ଅବିମୁକ୍ତେଶ୍ୱର**—ସଂ. ବି. ( ୬ଷ୍ଠୀ ତତ୍; ଅବିମୁକ୍ତ + ଈଶ୍ୱର )—
Abimukteswara କାଶୀ ବିଶ୍ୱନାଥ ନାମକ ଶିବଲିଙ୍ଗ—
Name of the phallic emblem of Śiba at Benares.

**ଅବିମୃଷ୍ୟ**—ସଂ. ବିଣ. ( ସଂ. ଅ = ନ + ବିମୃଷ୍ୟ = ବି + ମୃଷ ଧାତୁ +
Abimṛushya ଅସମାପିକା ପ୍ରତ୍ୟୟ. ଯ = ସମ୍ୟକ୍ ବିଚାର କରି; ଅବିମୃଷ୍ୟ = ସମ୍ୟକ୍ ବିଚାର ନ କରି ସଂ. ରେ ବିମୃଷ୍ୟର ଅର୍ଥ ବିବେଚ୍ୟ )—
୧ । ଅବିବେଚକ—1. Inconsiderate.
୨ । ନିଃସନ୍ଦିଗ୍ଧ—2. Free from doubt

**ଅବିମୃଷ୍ୟକାରିତା**—ସଂ. ବି. ( ଅବିମୃଷ୍ୟକାରିନ୍ + ଭାବ. ତା )—
Abimṛushyakāritā ୧ । ଅବିବେକତା; ଅଖାଡ଼ୁପଣ—
1. Rashness; indiscretion.
୨ । ଅବିବେଚକତା—2. Lack of discrimination.

**ଅବିମୃଷ୍ୟକାରୀ**—ସଂ. ବିଣ. ପୁଂ. ( ଅବିମୃଷ୍ୟ = ସମ୍ୟକ୍ ବିବେଚନା ନ
Abimṛushyakārī କରି + କୃ ଧାତୁ + କର୍ତ୍ତୃ. ଇନ୍.୧ମା.୧ବ)—
(ଅବିମୃଷ୍ୟକାରିଣୀ—ସ୍ତ୍ରୀ) ୧ । ଯେ ଆଗ ପଛ ନ ବିଚାରି କାର୍ଯ୍ୟ
(ଅବିମୃଷ୍ୟକାରିତା—ବି) କରେ—1. Indiscrete; thoughtless.

| ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ । |
|---|

୨ । ଅଖାଡୁଆ—2. Rash.
୩ । ଅଦୂରଦର୍ଶୀ—3. Short-sighted.
୪ । ଅବିବେଚକ—4. Indiscriminate

**ଅବିମୃଷ୍ୟବାଦୀ**— ସଂ. ବିଣ. ପୁଂ. (ଅବିମୃଷ୍ୟ=ସମ୍ୟକ୍ ବିବେଚନା ନ କରି +ବଦ ଧାତୁ+କର୍ତ୍ତୃ. ଇନ୍.୧ମା,୧ବ)—
Abimṛushyabādī
(ଅବିମୃଷ୍ୟବାଦିନୀ—ସ୍ତ୍ରୀ) ଯେ ଆଗ ପଛ ନ ବିଚାରି କଥା କହେ—
(ଅବିମୃଷ୍ୟବାଦିତା—ବି) Indiscrete in utterance

**ଅବିମୃଷ୍ୟଭାଷୀ** - ସଂ. ବିଣ. ପୁଂ. ( ଅବିମୃଷ୍ୟ=ସମ୍ୟକ୍ ବିବେଚନା ନ କରି+ଭାଷ ଧାତୁ+କର୍ତ୍ତୃ.ଇନ୍.୧ମା.୧ବ)
Abimṛushyabhāshī
(ଅବିମୃଷ୍ୟଭାଷିଣୀ—ସ୍ତ୍ରୀ) ଯେ ଆଗ ପଛ ନ ବିଚାରି କଥା କହେ—
(ଅବିମୃଷ୍ୟଭାଷିତା—ବି) Indiscrete in utterance.

**ଅବିୟୋଗ**—ସଂ. ବି. ( ଅ+ବିୟୋଗ )—
Abiyoga ୧ । ବିୟୋଗ ବା ବିଚ୍ଛେଦର ଅଭାବ—
1. Want of Separation.
୨ । ମେଳାପ; ମେଳ—2. Concord.
୩ । ସଂଯୋଗ—3. Union.
ସଂ. ବିଣ—୧ । ବିୟୋଗଶୂନ୍ୟ—
1. Having no separation.
୨ । ସଂଯୁକ୍ତ; ସଂମିଳିତ—2. Joined together.
୩ । ଏକୀଭୂତ—3. United.

**ଅବିୟୋଗବ୍ରତ** — ସଂ. ବି — କଳ୍କିପୁରାଣୋକ୍ତ ସ୍ତ୍ରୀମାନଙ୍କ ଆଚରିତ ସୌଭାଗ୍ୟପ୍ରଦ ବ୍ରତବିଶେଷ-(ଏହା ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ଦିନ କରାଯାଏ । ଏଥିରେ ବ୍ରତଧାରିଣୀ ସ୍ନାନ କରି ଚନ୍ଦ୍ରଦର୍ଶନ କରି ରାତିରେ କେବଳ ଦୁଧ ପିଇ ରହନ୍ତି)—A religious vow observed by females
Abiyogabrata

**ଅବିର**—ଦେ. ବି. ( ଅ. ଅବୀର୍, କିମ୍ବା ସଂ. ଅଭ୍ର; ଏଥିରେ ଅଭ୍ର ଚୂର୍ଣ୍ଣ ମିଶି ଥିବାରୁ; ଅଧୁନିକ ସଂସ୍କୃତ ଗ୍ରନ୍ଥମାନଙ୍କରେ ଅବୀର ଶବ୍ଦର ଏହି ଅର୍ଥରେ ବ୍ୟବହାର ଦୃଷ୍ଟିଗୋଚର ହୁଏ ।)—
Abira
आबीर
अबीर

ଫଗୁ; ଆରାରୁଟ ଓ ସିଙ୍ଘଡ଼ା ଆଦିର ଚୂନାକୁ ରଙ୍ଗ କରି ହୋଲି ଉତ୍ସବରେ ଆମୋଦାର୍ଥ ଲୋକେ ପରସ୍ପର ଉପରକୁ ଫିଙ୍ଗିବା ନାଲି ଚୂନା—A kind of red powder which people throw over each other during the Holi festival.

ବଭ ରଙ୍ଗ ଅବିରେ ପିଚକା କରି ମାରେ ବିଳାସ ସମ୍ଭବ ଥିରି ।
ଉପ. ବୈଦେହୀଶବିଳାସ ।

[ ଦ୍ର—ଏହା ଚକ୍ ଚକ୍ ଦିଶିବ ବୋଲି ଏଥିରେ ଅଭ୍ର ଚୂନା ମଧ୍ୟ ମିଶାଯାଏ ଓ କେହି କେହି କେବଳ ଅଭ୍ର ଚୂନାକୁ ଧଳା ଅବିର ରୂପେ ଓ କେଳ, ହଳଦିଆ ରଙ୍ଗ ମିଶା ଚୂନାକୁ କେଳ ଓ ହଳଦିଆ ଅବିର ରୂପେ ବ୍ୟବହାର କରନ୍ତି । ଅବିର ବସନ୍ତରୋଗର ପ୍ରତିଷେଧକ ବୋଲି କଥିତ । ନାଲି ଅବିର ସାଧାରଣତଃ ଫିକ୍କା ଓ ଗାଢ଼ା ଏହି ଦୁଇ ପ୍ରକାରର ହୁଏ । ]

**ଅବିରକ୍ତ**—ସଂ. ବିଣ. ପୁଂ ( ଅ+ବିରକ୍ତ )—
Abirakta ୧ । ବିରକ୍ତ ହୋଇ ନ ଥିବା—
(ଅବିରକ୍ତା—ସ୍ତ୍ରୀ 1. Not displeased.
(ଅବିରକ୍ତି—ବି) ୨ । ବିରକ୍ତିହୀନ—2. Free from displeasure.
୩ । ଯେ ଉଦାସୀନ ବା ସଂସାରବିରାଗୀ ନୁହେ—
3. One who has not relinquished worldly affairs.
୪ । ଅନୁରକ୍ତ; ଆସକ୍ତ—4. Attached to; fond of.

**ଅବିରତ**—ସଂ. ବିଣ ( ନଞ୍ ତତ୍ ବା ବହୁବ୍ରୀହି; ଅ+ବିରତ, କିମ୍ବା ନାହିଁ ବିରତି ଯାହାର)—୧ । ଅବିଶ୍ରାନ୍ତ; ଅବିରାମ; ଯାହା ବନ୍ଦ ହୁଏ ନାହିଁ—1. Unceasing; incessant; constant
Abirata
୨ । ଧାରାବାହିକ; ଲଗାଲଗି; ଲଗ୍ ଲଗ୍—
2. Continuous.
୩ । ଅବାଧ—3. Uninterrupted.
ସଂ. କ୍ରି. ବିଣ—୧ । ନିରନ୍ତର; ସର୍ବଦା; ସତତ—
1. Constantly; always.
୨ । ବିରାମରହିତରୂପେ; ଲାଗେ ଲାଗେ—
2. Uninterruptedly continuously.
ସଂ. ବି—ବିରାମର ଅଭାବ; ନୈରନ୍ତର୍ଯ୍ୟ ( ହିନ୍ଦି. ଶବ୍ଦସାଗର)—
Continuity.

**ଅବିରତି**—ସଂ. ବି (ଅ+ବିରତି)—୧ । ଅନିବୃତ୍ତି; ବିଶ୍ରାମର ଅଭାବ—
Abirati Absence of intermission.
୨ । ବିଷୟାସକ୍ତି—2. Attachment to worldly affairs.
ସଂ. ବିଣ—ଅବିରତ (ଦେଖ)
Abirata (See)

**ଅବିରତେ**—ଦେ. କ୍ରି. ବିଣ—(ସଂ. ଅବିରତ)—୧ । ସତତ; ସର୍ବଦା=
Abirate 1. Always.
୨ । ଅବିଶ୍ରାନ୍ତ ଭାବରେ—2. Incessantly.

ବଜନଡ କରି ସ୍ନାନ ଅବିରତେ ବମକ ରଚଇ ଶରୀରେ ।
ଉପ. ବୈଦେହୀଶବିଳାସ ।

**ଅବିରଳ**—ସଂ. ବିଣ (ଅ+ବିରଳ)—୧ । ଘନ; ନିବିଡ଼—1. Dense.
Abiraḻa ୨ । ଦୃଢ଼—2 Firm.
(ଅବିରଳତା—ବି) ୩ । ଧାରାବାହିକ—3. Continuous.
୪ । ନିରନ୍ତର—4. Incessant.
(ଯଥା—ଅବିରଳ ଅଶ୍ରୁ ଧାରା ।)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଙ୍ଗ | ଞ୍ଚ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଞ୍ଚ | ଡ଼ | ଢ଼ |

୫ । ଯାହା ବିରଳ ବା ଦୁଷ୍ପ୍ରାପ୍ୟ ନୁହେ—
5. Not scarce; abounding.

**ଅବିରାମ**—ସଂ. ବିଣ (ବହୁବ୍ରୀହି; ଅ + ବିରାମ)—ଅବିରତ (ଦେଖ)
Abirāma — Abirata (See)
(ଅବିରାମ—ବିପରୀତ)

**ଅବିରାମଜ୍ୱର**—ସଂ. ବି ( କର୍ମଧା; ଅବିରାମ + ଜ୍ୱର )—ଯେଉଁ ଜ୍ୱରରେ
Abirāmajwara — ମନୁଷ୍ୟର ଦେହରୁ ତାପ ଆଦୌ ଓହ୍ଲାଏ ନାହିଁ—Fever in which the patient's high temperature does not come down

**ଅବିରୁଦ୍ଧ**—ସଂ. ବିଣ ( ଅ+ବିରୁଦ୍ଧ )—୧ । ଯାହା ପ୍ରତିକୂଳ ନୁହେ—
Abiruddha — 1. Unopposed.
ଅବିରୁଦ୍ଧତା } ବି
ଅବିରୋଧ }
୨ । ଅନୁକୂଳ—2. Favourable; propitious
୩ । ଅନୁଯାୟୀ—Conformable to.
୪ । ଯେ ବିରୋଧୀ ନୁହେ—4. Not opposing.
୫ । ନିର୍ଦ୍ଦୋଷ—5. Faultless.
୬ । ପ୍ରାସଙ୍ଗିକ—6. Relevant.
୭ । ନ୍ୟାଯ୍ୟ; ସୁସଙ୍ଗତ—7. Just; reasonable.
୮ । ଅନିବାରିତ; ଅପ୍ରତିହତ; ଅବାଧ—
8. Unobstructed

**ଅବିରୋଧ**—ସଂ. ବି. ( ଅ+ବିରୋଧ )—୧ । ବିରୋଧ ବା ବିବାଦର
Abirodha — ଅଭାବ—1. Absence of dispute or discord.
୨ । ମେଳ; ସଖ୍ୟ—2. Amity, friendship.
୩ । ସମ୍ମତି—3. Agreement.
୪ । ବାଧାର ଅଭାବ—4. Absence of obstruction.
୫ । ସମନ୍ୱୟ—5. Aggregation.
୬ । ସମ୍ପର୍କ; ସମ୍ବନ୍ଧ—6. Connection.
୭ । ସାଧର୍ମ୍ୟ; ସମାନତା—7. Equality; similarity.
ସ. ବିଣ—ବିରୋଧରହିତ—Free from opposition.
ସ. କ୍ରି. ବିଣ—୧ । ନିର୍ବିବାଦରେ—1. Undisputedly.
୨ । ବିନା ବାଧାରେ—2. Unopposed.

**ଅବିରୋଧରେ**—ଦେ. କ୍ରି. ବିଣ. ( ସ. ଅବିରୋଧ )—
Abirodhare — ୧ । ନିର୍ବିବାଦରେ—1. Undisputedly.
୨ । ଅବାଧରେ—2 Without hindrance.
୩ । କେହି ବାଧା ଦେବାକୁ ନ ଥିବା ଅବସ୍ଥାରେ—
3. Unopposed.

**ଅବିରୋଧିଅ**—ଗ୍ରା. କଟକିଆ ଭାଷା; ବିଣ. ( ସଂ. ଅ+ବିରୋଧୀୟ )—
Abirodhia — ଯେଉଁ ସମ୍ପତ୍ତି ବା ବିଷୟ ସମ୍ବନ୍ଧରେ ପକ୍ଷମାନଙ୍କ ମଧ୍ୟରେ ବିବାଦ ଲାଗି ନାହିଁ—Not in dispute; undisputed.

**ଅବିରୋଧୀ**—ସଂ. ବିଣ. ପୁଂ. ( ଅ + ବିରୋଧୀ )—
Abirodhi — ୧ । ଯେ ବିରୋଧୀ ନୁହେ—1. Not opposed.
(ଅବିରୋଧିନୀ—ସ୍ତ୍ରୀ) ୨ । ଅନୁକୂଳ—2 Favourable
(ଅବିରୋଧିତା—ବି) ୩ । ଯେ ବାଧା ଦିଏ ନାହିଁ—
3. Not obstructing or opposing
୪ । ଯାହାଙ୍କ ସଙ୍ଗେ ବିବାଦ ନାହିଁ—
4. With whom one has no dispute.
୫ । ଯେ ବିରୋଧ ବା ବିବାଦ କରେ ନାହିଁ—
5. Not disputing.
୬ । ଶାନ୍ତସ୍ୱଭାବ; ନିରୀହ—6. Calm; quiet.
୭ । ସୁସଙ୍ଗତ—7. Reasonable.
୮ । ଅବିରୁଦ୍ଧ ( ଦେଖ )—8. Abiruddha ( See )
ଗ୍ରା. କଟକିଆ ଭାଷା. ବିଣ—ଅବିରୋଧିଅ ( ଦେଖ )
Abirodhia ( See )

**ଅବିରୋଧୀୟ**—ସଂ. ବିଣ—ଯାହା ସମ୍ବନ୍ଧେ ବିରୋଧ ବା ବିବାଦ ନାହିଁ—
Abirodhiya — Undisputed.

**ଅବିଳ**—ଗ୍ରା. ବି—ଅଶୁଭ; ଅମଙ୍ଗଳ; ମନ୍ଦ—Evil; woe.
Abiḻa — ଗ୍ରା. ବିଣ—ଅମଙ୍ଗଳ; ମନ୍ଦ—Evil.
অমঙ্গল
বুরা

**ଅବିଳ ପାଞ୍ଚିବା**—ଗ୍ରା. କ୍ରି—କୌଣସି ବ୍ୟକ୍ତିର ଅମଙ୍ଗଳ ବାଞ୍ଛା କରିବା—
Abiḻa pāñchibā — To wish evil to another.
অমঙ্গলভাবা

**ଅବିଳମ୍ବ**—ସଂ. ବି. ( ଅ + ବିଳମ୍ବ )—ତ୍ୱରା—Swiftnees.
Abiḻamba — ସଂ. ବିଣ—ବିଳମ୍ବହୀନ; ତ୍ୱରିତ—Swift.

**ଅବିଳମ୍ବନ**—ସଂ. ବି ( ଅ + ବିଳମ୍ବନ )—୧ । ଡେରି ନ କରିବା—
Abiḻambana — 1. Swiftness.

**ଅବିଳମ୍ବିତ**—ସଂ. ବିଣ ( ଅ + ବିଳମ୍ବିତ )—
Abiḻambita — ଶୀଘ୍ର; ତ୍ୱରିତ; ସତ୍ୱର—
Swift; without delay.

**ଅବିଳମ୍ବେ**—ଦେ. କ୍ରି. ବିଣ ( ସଂ. ଅବିଳମ୍ବ )—
Abiḻambe — ୧ । ଅନତିବିଳମ୍ବେ; ତ୍ୱରିତ; ବିଳମ୍ବ ନ କରି—
অবিলম্বে — 1 Without delay; sharp; swiftly.
ফোরন — ୨ । ତତ୍କ୍ଷଣାତ୍—2. At once.

**ଅବିଳା**—ଗ୍ରା. ବି. ସ୍ତ୍ରୀ ( ସଂ. ଅବାଳା )—୧ । ବାଳୁତ ବିଧବା; ଯେଉଁ ସ୍ତ୍ରୀ
Abiḻā — ସ୍ୱାମୀ ଘରକୁ ପହିଲି ପାଳି ଯିବା ପୂର୍ବରୁ ବିଧବା ହୋଇଥାଏ; ଅକ୍ଷତଯୋନି ବିଧବା—
1. A child-widow.

**ଅବିଶଙ୍କ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ + ବିଶଙ୍କା )—
Abiśaṅka — ୧ । ନିଃଶଙ୍କ—Intrepid; fearless.
( ଅବିଶଙ୍କା—ସ୍ତ୍ରୀ )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବିଶଙ୍କା**—ସଂ. ବିଣ. ସ୍ତ୍ରୀ. ( ଅବିଶଙ୍କ + ଆ )—
Abiśankā ଅବିଶଙ୍କର ସ୍ତ୍ରୀଲିଙ୍ଗ—
Feminine of Abiśanka.

ସଂ. ବି (ଅ + ବିଶଙ୍କା)—
ଅବିଶଙ୍କ, ଅବିଶଙ୍କିତ } ବିଣ. ୧ । ଶଙ୍କା ବା ଭୟର ଅଭାବ—
1. Want of fear.
୨ । ଦୁର୍ଭାବନାର ଅଭାବ—
2. Absence of anxiety.
୩ । ବିଶ୍ୱାସ—3. Confidence.
୪ । ସନ୍ଦେହର ଅଭାବ—
4. Absence of suspicion.

**ଅବିଶଙ୍କିତ**—ସଂ. ବିଣ. ପୁଂ. ( ଅ + ବିଶଙ୍କିତ— )
Abiśankita ୧ । ଯାହା ମନରେ ଶଙ୍କା ନାହିଁ; ଅଶଙ୍କିତ; ନିର୍ଭୟ—
( ଅବିଶଙ୍କିତା—ସ୍ତ୍ରୀ ) 1. Intrepid; fearless; not afraid or alarmed.
୨ । ଦୁର୍ଭାବନାରହିତ—
2. Free from anxiety.
୩ । ସନ୍ଦେହଶୂନ୍ୟ—
3. Free from suspicion.
୪ । ବିଶ୍ୱାସକାରୀ—4. Confident; relying.

**ଅବିଶନ୍ଧି**—ଗ୍ରା. ବି ( ସଂ. ଅଭିସନ୍ଧି )—
Abiśandi ଅଭିସନ୍ଧି ( ଦେଖ )—
Abhisandhi ( See )

**ଅବିଶାପ୍ୟ**—ଗ୍ରା. ବି. ( ସଂ. ଅଭିଶାପ )—
Abiśāpya ଅଭିଶାପ—Curse.

**ଅବିଶୁଆସ**—ଗ୍ରା.ବି. ( ସଂ. ଅବିଶ୍ୱାସ )—
Abisuāsa ଅବିଶ୍ୱା ( ଦେଖ )
Abiśwāsa ( See )

**ଅବିଶୁଆସୀ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିଶ୍ୱାସୀ )—
Abiśuāsi ଅବିଶ୍ୱାସୀ ( ଦେଖ )
Abiśwāsi ( See )

**ଅବିଶୁଦ୍ଧ**—ସଂ. ବିଣ. ( ଅ + ବିଶୁଦ୍ଧ )—
Abiśuddha ୧ । ଯାହା ବିଶୁଦ୍ଧ ନୁହେ; ଯାହା ଖାଣ୍ଟି ବା ନିର୍ମଳ ନୁହେ—
ଅବିଶୁଦ୍ଧତା, ଅବିଶୁଦ୍ଧି } ବି. 1. Impure
୨ । ମିଶ୍ରିତ—2. Adulterated.
୩ । ଦୋଷଦୁଷ୍ଟ—3. Faulty.
୪ । ଅଶୁଦ୍ଧ; ଅପବିତ୍ର—4. Unclean.
୫ । ଭ୍ରାନ୍ତିଯୁକ୍ତ—Full of error; erroneous.
୬ । ଅଶାସ୍ତ୍ରୀୟ—6. Not approved by law.
୭ । ଅବ୍ୟବହାରିକ—7. Not conformable to usage.

**ଅବିଶେଷ**—ସଂ. ବି. ( ଅ + ବିଶେଷ )—୧ । ଅଭେଦ; ଭେଦରହିତ—
Abiśesha 1. Want of distinction.
୨ । ବିଶିଷ୍ଟତାର ଅଭାବ—
2. Absence of individuality.
ସଂ. ବିଣ—୧ । ଅଭିନ୍ନ; ସମାନ—
1. Similar; without any difference.
୨ । ନିର୍ବିଶେଷ—2. Same.

**ଅବିଶ୍ୱସ୍ତ**—ସଂ. ବିଣ. ( ଅ + ବିଶ୍ୱସ୍ତ )—
Abiśwasta ୧ । ଯାହାକୁ ବିଶ୍ୱାସ କରାଯାଇ ନାହିଁ—
1. Not trusted.
୨ । ବିଶ୍ୱାସଘାତକ—2. Faithless.

**ଅବିଶ୍ୱାସ**—ସଂ. ବି. ( ଅ + ବିଶ୍ୱାସ )—ବିଶ୍ୱାସ ବା ଆସ୍ଥାର ଅଭାବ;
Abiśwāsa ଅପ୍ରତ୍ୟୟ—Want of trust or confidence.

**ଅବିଶ୍ୱାସିଆ**—ଗ୍ରା. ବିଣ. ( ସଂ. ଅବିଶ୍ୱାସୀ )—ବିଶ୍ୱାସଘାତକ—
Abiśwāsia Faithless.
अविश्वासी
अविश्वासी

**ଅବିଶ୍ୱାସୀ**—ସଂ. ବିଣ. ପୁଂ (ଅ + ବିଶ୍ୱାସିନ୍; ୧ମା. ୧ବ.)—
Abiśwāsi ୧ । ଯାହାର କାହା ଉପରେ ବିଶ୍ୱାସ ବା ଆସ୍ଥା ନାହିଁ—
(ଅବିଶ୍ୱାସିନୀ—ସ୍ତ୍ରୀ) 1. Unbelieving,
୨ । ସନ୍ଦେହଯୁକ୍ତ—2. Sceptical.
୩ । ଯାହାକୁ କେହି ବିଶ୍ୱାସ କରନ୍ତି ନାହିଁ—
3 Untrustworthy
୪ । ବିଶ୍ୱାସଘାତକ—4. Faithless.

**ଅବିଶ୍ରାନ୍ତ**—ସଂ. ବିଣ. (ଅ + ବିଶ୍ରାନ୍ତ)—୧ । ଶାନ୍ତିରହିତ; କ୍ଳାନ୍ତିରହିତ;
Abiśrānta ଅକ୍ଳାନ୍ତ—1. Fireless; unwearied.
୨ । ଅନବରତ—2. Constant.
୩ । ଅବିରାମ; ଅବିରତ; ଅଜସ୍ର—3. Incessant.
୪ । ନିବୃତ୍ତିରହିତ—4. Unceasing

**ଅବିଶ୍ରାମ**—ସଂ.ବି. (ଅ + ବିଶ୍ରାମ)—୧ । ବିଶ୍ରାମର ଅଭାବ; ବିଶ୍ରାମରହିତ—
Abiśrāma 1. Want of rest.
୨ । ଅବିରାମ—2. Absence of stoppage.
ସଂ. ବିଣ—୧ । ବିଶ୍ରାମରହିତ—1 Restless; having no rest.
୨ । ଅବିରତ—2. Incessant; unceasing.
ଦେ. କ୍ରି. ବିଣ—ବିଶ୍ରାମରହିତ ଭାବରେ—
Unceasingly.
(ଯଥା — ସେ ଅବିଶ୍ରାମ କାମ କରୁଅଛନ୍ତି ।)

**ଅବିଷ**—ସଂ.ବି (ଅ + ବିଷ)—୧ । କୁତ୍ସିତ ବିଷ—1. Bad poison
Abisha ୨ । ଯତ୍‌ସାମାନ୍ୟ ବିଷ—2. Slight poison.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | କ୍ୱ |

୩ । ବିଷର ପ୍ରତିକାରକ ବା ପ୍ରତିଷେଧକ ବସ୍ତୁ—
3. Antidote.
ସଂ. ବିଣ—୧ । ନିର୍ବିଷ; ବିଷହୀନ—1. Not-poisonous.
୨ । ବିଷର ପ୍ରତିଷେଧକ—2. Antivenomous.
(Apte)

**ଅବିଷୟ**—ସଂ. ବି. (ଅ+ବିଷୟ)—୧ । ଅସ୍ଥିତି—
Abishaya 1. Non-existence.
୨ । ଯାହା ଇନ୍ଦ୍ରିୟଗ୍ରାହ୍ୟ ବିଷୟ ନୁହେ—
2. (a thing or matter) Which is not perceptible by the senses.
୩ । ଅନୁପସ୍ଥିତି—3. Absence.
୪ । ଅଦର୍ଶନ—4. Non-appearance.
ସଂ. ବିଣ—ଇନ୍ଦ୍ରିୟାତୀତ; ଇନ୍ଦ୍ରିୟର ଅଗୋଚର—
1. Not cognisable by the senses; imperceptible by the senses
୨ । ଅଜ୍ଞାତ—2. Unknown; unperceived.
୩ । ଇନ୍ଦ୍ରିୟଜ୍ଞାନରହିତ—3. Having no sense-perception.
୪ । ଅଚେତ; ବେହୋସ୍—4. Insensible ( Apte )
୫ । ଅପ୍ରାସଙ୍ଗିକ—5. Irrelevant; not included in the subject of discussion.

**ଅବିଷୟୀଭୂତ**—ସଂ. ବିଣ (ଅ+ବିଷୟ+ଅଭୂତ ତଦ୍ଭାବେ.ଚ୍ୱି+ଭୂତ)—
Abiśayībhūta ଯାହା ପୂର୍ବେ ଇନ୍ଦ୍ରିୟର ଗୋଚର ଥିଲା କିନ୍ତୁ ବର୍ତ୍ତମାନ ଅଗୋଚର ହୋଇଅଛି—That which was formerly perceptible but has now become imperceptible.

**ଅବିଷା**—ସଂ. ବି (ଅବିଷ+ଆ)—୧ । ପୃଥିବୀ—1. The earth.
Abishā ୨ । ସ୍ୱର୍ଗ—2. Heaven.
୩ । ନିର୍ବିଷାତୃଣ—3. A kind of non-poisonous grass.
୪ । ନଦୀ—4. River (Apte)

**ଅବିଷୀ**—ସଂ. ବି (ଅବିଷ+ସ୍ତ୍ରୀ. ଈ)—ଅବିଷା (ଦେଖ)
Abishī Abishā (See)

**ଅବିସନ୍ଧି**—ଗ୍ରା. ବି (ସଂ. ଅଭିସନ୍ଧି)—ଅଭିସନ୍ଧି (ଦେଖ)
Abisandhi Abhisandhi (See)

**ଅବିସମ୍ପାତ**—ଗ୍ରା. ବି (ସଂ. ଅଭିସମ୍ପାତ)—ଅଭିଶାପ—Curse.
Abisampāta

**ଅବିସମ୍ବାଦ**—ସଂ. ବି ( ଅ + ବିସମ୍ବାଦ )— ୧ । ଅବିରୋଧ; ବିରୋଧର
Abisambāda ଅଭାବ—1. Absence of disagreement or opposition.
୨ । ମିଳନ—2. Union; agreement; tallying.
୩ । ସମତା—3. Similarity.

**ଅବିସମ୍ବାଦୀ**—ସଂ. ବିଣ. ପୁଂ (ଅ+ବିସମ୍ବାଦିନ୍. ୧ମା. ୧ବ.)—
Abisambādī ନିର୍ବିରୋଧ; ଅବିରୋଧୀ—
(ଅବିସମ୍ବାଦିନୀ—ସ୍ତ୍ରୀ) 1. Not opposing.
୨ । ମେଳ ହେଉଥିବା—2. Agreeing; tallying.

**ଅବିସମ୍ବାଦେ**—ଦେ. କ୍ରି. ବିଣ—ଅବାଧରେ; ନିର୍ବିରୋଧରେ—
Abisambāde Unopposed; without hindrance.
অবিসম্বাদে
बेरोक

**ଅବିହଡ଼ା**—ଦେ. ବିଣ—ଅବିହୁଡ଼ା (ଦେଖ)
Abihar̲ḍa Abihur̲ḍā (See)
ଗ୍ରା. ବିଣ. ପୁଂ—ଅବିବାହିତ—Unmarried.

**ଅବିହାଡ଼ା**—ଗ୍ରା. ବିଣ. ପୁଂ (ସଂ. ଅବିବାହିତ)—ଅବିବାହିତ—
Abihār̲ḍa Unmarried.
(ଅବିହାଡ଼ୀ—ସ୍ତ୍ରୀ)
অবিভাতি; আইবুড়ো
अनब्याहा

**ଅବିହାଡ଼ୀ**—ଗ୍ରା. ବିଣ. ସ୍ତ୍ରୀ—ଅବିବାହିତା (କନ୍ୟା)
Abihār̲ḍī Unmarried (girl)
আইবুড়ো
अनब्याही

**ଅବିହାରା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଅବିବାହିତ—
Abihārā Unmarried.
(ଅବିହାରୀ—ସ୍ତ୍ରୀ)

**ଅବିହିତ**—ସଂ. ବିଣ (ଅ+ବିହିତ)—୧ । ଅନୁଚିତ—1. Improper.
Abihita ୨ । ଅଶାସ୍ତ୍ରୀୟ—2. Not approved by the
(ଅବିଧାନ—ବି) precepts of religious books.
୩ । ବିଧିବହିର୍ଭୂତ; ନିୟମବିରୁଦ୍ଧ—3. Against rule.
୪ । ଅସଙ୍ଗତ—4. Inconsistent.
୫ । ଅପ୍ରାସଙ୍ଗିକ—5. Irrelevant.
୬ । ନିଷିଦ୍ଧ—6. Prohibited.
୭ । ପ୍ରଥାର ବିରୁଦ୍ଧ—7. Against custom.
୮ । ଅସମ୍ପାଦିତ—8. Not accomplished.
୯ । ଅକୃତ—9. Undone.
୧୦ । ବେଆଇନ୍—10. Illegal.

**ଅବିହୁଡ଼ା**—ଦେ. ବିଣ—ବିହୁଡ଼ା ବା ବେଉସଣ ହୋଇ ନ ଥିବା
Abihur̲ḍā ( ଧାନ କିଆରି )—
Unpuddled ( paddy-field).

**ଅବୀ**—ସଂ. ବି. ସ୍ତ୍ରୀ. ( ଅବ ଧାତୁ=ଗୋପନ କରିବା; ରକ୍ଷାକରିବା+ଈ;
Abī ଯେ ଲଜ୍ଜା ଯୋଗୁଁ ଆପଣାକୁ ଲୋକଙ୍କ ଦୃଷ୍ଟିରୁ ଲୁଚାଏ । )
ଋତୁମତୀ ସ୍ତ୍ରୀ; ରଜସ୍ୱଳା ସ୍ତ୍ରୀ—
A woman in her menses ( Apte ).

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଭିବାଦ' ନ ପାଇଲେ 'ଅଭିବାଦ' ଦେଖିବେ ।

**ଅବୀଚି**—ସଂ. ବିଣ. ( ବହୁବ୍ରୀହି; ଅ + ବୀଚି )—ତରଙ୍ଗହୀନ—
Abichi — Waveless.
ସଂ. ବି—ନରକବିଶେଷ ( ଏ ନରକରେ ଯମଦୂତମାନେ ମିଥ୍ୟାବାଦୀ ଲୋକଙ୍କୁ ପକାନ୍ତି )—
Name of a hell.

**ଅବୀଜ**—ସଂ. ବିଣ. ( ବହୁବ୍ରୀହି; ଅ + ବୀଜ )—ଅବୀଜକ ( ଦେଖ )
Abija — Abijaka ( See )
ସଂ. ବି—୧ । ନିକୃଷ୍ଟ ମଞ୍ଜି; ଯେଉଁ ମଞ୍ଜିରୁ ଗଛ ଉଠେ ନାହିଁ—1. Bad seed.
୨ । ବୀଜର ଅଭାବ—2. Want of seed.
୩ । ଶାରୀରିକ ରିପୁଦମନ—
3. Controlling the passions; self-restraint ( Apte ).

**ଅବୀଜକ**—ସଂ. ବିଣ. ( ବହୁବ୍ରୀହି; ଅ + ବୀଜ + କ )—
Abijaka ୧ । ଯାହାର ମଞ୍ଜି ନାହିଁ—1. Seedless.
୨ । ଅଣପୁରୁଷା; ସହବାସ ଶକ୍ତି ରହିତ ( ପୁରୁଷ )—
2. Impotent ( person )
୩ । ମୂଳକାରଣହୀନ—3. Having no prime cause.

**ଅବୀଜା**—ସଂ. ବି. ସ୍ତ୍ରୀ. ( ଅବୀଜ + ଆ )—ଦ୍ରାକ୍ଷାଲତା—
Abijā — The vine ( Apte )
ଦେ. ବିଣ—ଅବଜା ( ଦେଖ )
Abijā ( See )

**ଅବୀତ**—ସଂ. ବି. ( ନ୍ୟାୟଦର୍ଶନ )—ଅନୁମାନବିଶେଷ—
Abita — (Logic) A variety of inference.

**ଅବୀର**—ସଂ. ବିଣ. (ବହୁବ୍ରୀହି; ଅ + ବୀର )—ବୀରଶୂନ୍ୟ—
Abira — Devoid of warriors or valiant men.
(ଅବୀରା—ସ୍ତ୍ରୀ) ( ଯଥା—ମହାଭାରତ ଯୁଦ୍ଧରେ ଭାରତବର୍ଷ ଅବୀର ହେଲା । )
୨ । ସନ୍ତାନହୀନ—2. Issueless.
୩ । ଅନାଥ—3. Having no master or protector.
୪ । ଅରକ୍ଷିତ; ନିଃସହାୟ—4. Helpless.
୫ । ( ନିନ୍ଦା ଅର୍ଥ ) ଅମନୁଷ୍ୟ—5. Unmanly.
୬ । ଭୀରୁ—6. Cowardly.
୭ । ନିର୍ବୀର୍ଯ୍ୟ; ଦୁର୍ବଳ—7. Powerless; weak.
ବନ୍ଧୌକା ଖେଳିବେ ରଣ ଅବୀର କରିଣ । ଭଞ୍ଜ. ବୈଦେହୀଶବିଳାସ ।

**ଅବୀରା**—ସଂ. ବିଣ. ସ୍ତ୍ରୀ. ( ଅବୀର + ଆ; କିମ୍ବା ଅ + ବୀର ପତି ପୁତ୍ର ଯୁକ୍ତା
Abirā — ନାରୀ=ବୀରା; ଯେ ବୀରା ନୁହେ )—ଅବୀରର ସ୍ତ୍ରୀଲିଙ୍ଗ—
(ବୀରା—ବିପରୀତ) Feminine of Abira.
ଦସ୍ୟୁକ୍ଷମା ଭୂମେ ଏବେ ହେଲନ୍ତି ଅବୀରା । ରାଧାନାଥ, ମହାଯାତ୍ରା ।
ସଂ. ବି. ସ୍ତ୍ରୀ. ( ଯାହାର ପତି ବା ପୁତ୍ରରୂପ ବୀର ନାହିଁ )—
ଅଜାତପୁତ୍ରା ବିଧବା—A childless widow.

ଅବୀରା ମା ବସୁନ୍ଧରା; ଅବୀରା ସନ୍ତତି
ହେଲେହିଁ ଏତେ ଦିନେ ସାନସ୍ଥାନ ପ୍ରଜା । ରାଧାନାଥ, ମହାଯାତ୍ରା ।
[ ଦ୍ର—ଅବୀରା ସ୍ତ୍ରୀର ଅନ୍ନ ଖାଇବା ଶାସ୍ତ୍ରରେ ନିଷିଦ୍ଧ ।
ରାମଶଙ୍କର ମନୁ ୪।୨୧୪ । ]

**ଅବୀରୋଚିତ**—ସଂ. ବିଣ. ( ଅ + ବୀରୋଚିତ )—ବୀରର ଅଯୋଗ୍ୟ ବା
Abirochita — ଅକରଣୀୟ ( କର୍ମ ); ଯେଉଁ କର୍ମ କରିବା ବୀରପକ୍ଷରେ ଅଶୋଭନୀୟ—( act ) Not worthy of or befitting a hero.

**ଅବୁଆବ୍**—ବୈଦେ. ବି. ( ଆ. ଅବ୍ୱାବ୍ )—ଅବୁଆବ୍; ପ୍ରଜାଠାରୁ
Abuāb — ଜମିଦାର ସରକାରଙ୍କ ନିର୍ଦ୍ଧାରିତ ଓ ଆଇନସଙ୍ଗତ କର
অবওয়াব — ଉପରେ ଯେଉଁ ଅଧିକା ଓ ବେଆଇନ୍ କର ଆଦାୟ
आबवाब — କରନ୍ତି—Illegal and additional realisations made by the jamidar over and above the rent fixed and recognised by the government.

**ଅବୁଝ**—ଦେ. ବିଣ. ପୁଂ. ( ସଂ. ଅବୁଦ୍ଧ; ପ୍ରା. ଅବୁଜ୍ଝ )—
Abujha — ୧ । ଅବୋଧ; ନିର୍ବୋଧ—1. Foolish.
অবুঝ — ୨ । ଏକଜିଦିଆ; ଜିଦଖୋର—2. Obstinate.
अबुझ — ୩ । ଅବୁଝାମଣା ( ଦେଖ )
(ଅବୁଝୀ—ସ୍ତ୍ରୀ) 3. Abujhāmaṇā ( See )
ସଂ. ବିଣ. ( ସଂ. ଅବୋଧ )—ଅବୋଧ—
Not capable of being understood; incomprehensible.

**ଅବୁଝତ**—ଦେ. ବି. ( ସଂ. ଅବୋଧତା )—୧ । ଅବୋଧତା—
Abujhaṭa — 1. Incomprehensibility.
୨ । କୌଣସି ବିଷୟ ତଦନ୍ତଦ୍ୱାରା ବୁଝାଯାଇ ନ ଥିବା ଅବସ୍ଥା—
2. The state of a matter not having been enquired into or investigated.
୩ । ତଦନ୍ତର ଅଭାବ—
3. Want of investigation.
ଦେ. ବିଣ. ( ସଂ. ଅବୋଧ )—ଅବୋଧ—
Incomprehensible.

**ଅବୁଝା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବୁଦ୍ଧ; ପ୍ରା. ଅବୁଜ୍ଝ )—
Abujhā — ୧ । ଅବୁଝ ( ଦେଖ )—
অবুঝ — 1. Abujha ( See )
अबुझ — ୨ । ଅବୁଝାମଣା ( ଦେଖ )
(ଅବୁଝୀ—ସ୍ତ୍ରୀ) 2. Abujhāmaṇā ( See )
ଅବୁଝା ରଜା ଭଜିବ ଯଥା ପଣ୍ଡିତେ । ରାଧାନାଥ—ତୁଳସୀସ୍ତବକ ।

**ଅବୁଝାଣ**—ଦେ. ବି—୧ । ଅବୁଝାମଣା ( ଦେଖ )
Abujhāṇa — Abujhāmaṇā ( See )
ଶ୍ୟାମ କେତେ ଅବୁଝାଣି, ଯା ଲାଗି ଯିବ ଏ ପ୍ରାଣ । କବିସୂର୍ଯ୍ୟ, ସଙ୍ଗୀତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତୁ |

**ଅବୁଝାବଣା**—ଗ୍ରା. ବି. ଓ ବିଣ—ଅବୁଝାମଣା ( ଦେଖ )
Abujhābaṇā — Abujhāmaṇā ( See )

**ଅବୁଝାମଣା**—ଦେ. ବି. ( ସଂ. ଅ + ଓ. ବୁଝାମଣା )—
Abujhāmaṇā ୧ । ଅବିଚାର; ଅନ୍ୟାୟ ବିଚାର—1. Injustice.
୨ । ଜିଦଖୋର୍—2. Obstinacy; obduracy.
୩ । ଭଲ ମନ୍ଦ ବିବେଚନାର ଅଭାବ—3. Absence of discrimination.
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଅବିଚାରକ—1. Unjust.
अबुझा ୨ । ଅବିବେଚକ—2. Indiscriminate;
अनसमझ inconsiderate,
୩ । ଜିଦଖୋର୍—3. Obstinate.
୪ । ଯେ ଯୁକ୍ତି ଶୁଣେ ନାହିଁ—4. Not listening to reason or argument.
୫ । ଅଯୌକ୍ତିକ (ବିଷୟ)—5. Unreasonable.
୬ । ଯେଉଁ ରାଜ୍ୟ ବା ସ୍ଥାନ ବା ଦେଶରେ ଅବିଚାର ହୁଏ—6. (a place) Where there is no justice.

**ଅବୁଦ୍ଧି**—ସଂ. ବି. ( ଅ + ବୁଦ୍ଧି )—ମନ୍ଦବୁଦ୍ଧି; ଦୁର୍ବୁଦ୍ଧି—
Abuddhi — Bad idea; evil thought.
ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି)—ନିର୍ବୁଦ୍ଧିଆ; ନିର୍ବୋଧ—Foolish; stupid.

**ଅବୁଦ୍ଧିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବୁଦ୍ଧି )—
Abuddhiā ୧ । ନିର୍ବୁଦ୍ଧିଆ; ନିର୍ବୋଧ—1. Foolish; stupid.
୨ । ଯାହାର ବୁଦ୍ଧିବୃତ୍ତି ତୀକ୍ଷ୍ଣ ନୁହେ—2. Not intelligent

**ଅବୁଧ**—ସଂ. ବିଣ. ପୁଂ. ( ଅ + ବୁଧ )—
Abudha ୧ । ଅପଣ୍ଡିତ—1. Not learned.
୨ । ଅଶିକ୍ଷିତ—2. Uneducated.
୩ । ଅଜ୍ଞ—3. Ignorant.
୪ । ନିର୍ବୋଧ—4. Foolish.

**ଅବୁଧି**—ଗ୍ରା. ବି. ଓ ବିଣ. ( ସଂ. ଅବୁଦ୍ଧି )—ଅବୁଦ୍ଧି ( ଦେଖ )
Abudhi — Abuddhi ( See )

**ଅବୁଧିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବୁଦ୍ଧି )—ଅବୁଦ୍ଧିଆ (ଦେଖ)
Abudhiā — Abuddhiā ( See )

**ଅବୁରୁଜିଆ**—ଗ୍ରା ବିଣ. ପୁଂ—ଅବରଜିଆ ( ଦେଖ )
Aburujiā — Abarajiā ( See )
(ଅବୁରୁଜିଆଣୀ—ସ୍ତ୍ରୀ)

**ଅବୃତ**—ସଂ. ବିଣ. ( ଅ + ବୃତ )—
Abṛuta ୧ । ଅନାଚ୍ଛାଦିତ—1. Uncovered.
୨ । ବାଧା ଦିଆଯାଇ ନଥିବା; ଅବାଧ—2. Unchecked.
୩ । ଅନିମନ୍ତ୍ରିତ—3. Uninvited.
୪ । ଅନିର୍ବାଚିତ—4. Not selected.
୫ । ଅପରାଭୂତ—5. Uusubdued.
ଗ୍ରା. ବିଣ. ( ସଂ. ଅ + ବୃତ୍ତ )—କୌଣସି ଗୀତ ଯେଉଁ ରାଗ ବା ବୃତ୍ତରେ ବୋଲାଯିବା ଉଚିତ ତାହା ଛଡ଼ା ଅନ୍ୟ ରାଗ—A wrong strain for singing a song.

**ଅବୃତ୍ତ**—ସଂ. ବିଣ. ( ଅ + ବୃତ୍ତ )—
Abṛutta ୧ । ଅସ୍ତିତ୍ୱରହିତ—1. Not existent.
୨ । ଗତିରହିତ—2. Motionless.
୩ । ଘଟି ନ ଥିବା—3. Not happened ( M. W. )
୪ । ଉପଯୁକ୍ତ ରାଗ ବା ଛନ୍ଦ ବା ଯତିହୀନ (ପଦ୍ୟ)—4. ( poem ) Without proper metre or rythm.
୫ । ଉପଯୁକ୍ତ ରାଗରେ ବୋଲାଯାଉ ନ ଥିବା ( ଗୀତ )—5. ( song ) Not sung in its proper strain.
୬ । ଅବିସ୍ତୃତ—6. Not extensive,
୭ । (ବୈଦିକ) ମରି ନ ଥିବା; ଅବଶ୍ୟ ଜୀଇଁ ଥିବା—7. Not dead; still living.

**ଅବୃତ୍ତି**—ସଂ. ବି. ( ଅ + ବୃତ୍ତି )—
Abṛutti ୧ । ଅବିସ୍ତୃତି—1. Non-extension.
୨ । ଜୀବିକାର ଅଭାବ—2. Absence of livelihood or occupation,
୩ । ବେକାର୍ ଅବସ୍ଥା—3. Unemployment.
୪ । ନୀଚ ବୃତ୍ତି; ଅଧମ ବ୍ୟବସାୟ—4. Mean or low occupation.
୫ । ଅଯଥେଷ୍ଟ ସାହାଯ୍ୟ—5. Inadequate support ( M. W. )
ସଂ. ବିଣ—୧ । ଜୀବିକାହୀନ ( ବ୍ୟକ୍ତି ); ବେକାର୍—
ଅବୃତ୍ତିକା } ବି 1 Having no occupation;unemployed
ଅବୃତ୍ତିକ୍ } ୨ । ଘଟୁ ନ ଥିବା—2.Not occuring (M. W.)

**ଅବୃତ୍ତିଆ**—ଦେ. ବିଣ. ( ଅ + ବୃତ୍ତି )—
Abṛuttiā . ୧ । ଅବୃତ୍ତି; ଜୀବିକାହୀନ; ବେକାର୍—1. Unemployed.
୨ । ଯେଉଁ ଛାତ୍ର ବୃତ୍ତି ପାଇ ନାହିଁ—2. ( student ) Who has not secured a scholarship.

**ଅବୃତ୍ତିକ**—ସଂ. ବିଣ. ( ବହୁବ୍ରୀହି; ଅ + ବୃତ୍ତିକ )—
Abṛuttika ୧ । ଜୀବିକାହୀନ; ବେକାର୍—1. Having no occupation; unemployed.
୨ । ଯେଉଁ ଦେଶରେ ଜୀବିକା ଜୁଟେ ନାହିଁ—2. ( country ) Not yielding a livelihood ( M. W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଋଅ' ନ ମିଳିଲେ 'କ୍ଷଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅବୃଥାର୍ଥତା**—ସଂ. ବ. ( ଅ+ବୃଥା+ଅର୍ଥ+ତା )—
Abrutharthata ୧ । ସ୍ୱାର୍ଥସିଦ୍ଧି ବିଷୟରେ ସଫଳତା; ଉଦ୍ଦେଶ୍ୟ ଲାଭରେ ସଫଳତା—
1. Successfulness in gaining one's object ( M. W. )
୨ । ଅର୍ଥ ଠିକ୍ ଥିବା ଅବସ୍ଥା; ଯଥାର୍ଥତା—
2 Correctness of meaning ( M. W. )

**ଅବୃଦ**—ଗ୍ରା. ବ. ଓ ବଣ. ( ସଂ. ଅର୍ବୁଦ )—ଅର୍ବୁଦ ( ସଂଖ୍ୟା )—
Abruda One hundred million.

**ଅବୃଦ୍ଧ**—ସଂ. ବଣ. ପୁଂ—୧ । ବୁଢ଼ା ହୋଇ ନ ଥିବା—
Abruddha 1. Not grown old.
( ଅବୃଦ୍ଧା—ସ୍ତ୍ରୀ ) ୨ । ଅବର୍ଦ୍ଧିତ; ବଢ଼ି ନ ଥିବା—
2. Not increased; not grown.

**ଅବୃଦ୍ଧିକ**—ସଂ. ବଣ. ( ବହୁବ୍ରୀହି; ଅ+ବୃଦ୍ଧି+କ )—
Abruddhika ୧ । ଯେଉଁ ମୂଳଧନ ଉପରେ ସୁଧ ହିସାବ ହୁଏ ନାହିଁ—( capital ) Not bearing any interest.
୨ । ଯାହାର ବୃଦ୍ଧି ନାହିଁ—
2. Having no increase or growth.
ସଂ. ବ—କରଜ ଲାଗିଥିବା ଅସଲ ବା ମୂଳ ( ଧନ )—
Capital or principal of an investment.

**ଅବୃନ୍ତ**—ସଂ. ବଣ. ( ବହୁବ୍ରୀହି; ଅ+ବୃନ୍ତ )—ଯେଉଁ ଫଳ ବା ପୁଷ୍ପର
Abrunta ଡେମ୍ଫ ନ ଥାଏ—Sessile; ( flower or fruit ) having no stalk or peduncle.

**ଅବୃନ୍ତକ**—ସଂ. ବ. ( ବହୁବ୍ରୀହି; ଅ+ବୃନ୍ତ+କ ) ଅବୃନ୍ତ ( ଦେଖ )
Abruntaka Abrunta ( See )

**ଅବୃଷ୍ଟି**—ସଂ. ବ. ( ଅ+ବୃଷ୍ଟି )—୧ । ବୃଷ୍ଟିର ଅଭାବ—
Abrushti 1. Want of rain.
୨ । ମରୁଡ଼ି—2. Drought.
୩ । ଦୁର୍ଭିକ୍ଷ—3. Famine.
ସଂ. ବଣ—ଅବୃଷ୍ଟିକ ( ଦେଖ )—Abrushtika (See)

**ଅବୃଷ୍ଟିକ**—ସଂ. ବଣ. ( ବହୁବ୍ରୀହି; ଅ+ବୃଷ୍ଟି+କ )—
Abrushtika ୧ । ଯେଉଁ ସ୍ଥାନ ବା ଦେଶରେ ବର୍ଷା ହୁଏ ନାହିଁ—1. Rainless ( country ).
୨ । ଯେଉଁ ସମୟରେ ବର୍ଷା ହୁଏ ନାହିଁ—
2. ( time ) When there is no rain.
୩ । ବର୍ଷାଋତୁ ଛଡ଼ା ଅନ୍ୟ ( ଋତୁ )—
3. ( season) Which is not the rainy season.
୪ । ଯେଉଁ ମେଘ ବର୍ଷା କରେ ନାହିଁ—
4. ( cloud ) Not giving rain.

**ଅବେ**—ଦେ. ଅ. (ସଂ. ଅରେ; ବ୍ୟକ୍ତି ପ୍ରତି ଅବଜ୍ଞାସୂଚକ ସଂବୋଧନ)—
Abe ଅବେ; ହାଁବେ—
ହାଁରେ Hallo ! (a term of disdainful address)
ଅବେ

**ଅବେଇଛତ୍ର**—ଗ୍ରା. ବ. ଓ ବଣ—କବେଇଛତ୍ର ( ଦେଖ )
Abeichhatra Kabeichhatra ( See )

**ଅବେଇଜ**—ଗ୍ରା. ବଣ—ଅବାଇଜ ( ଦେଖ )
Abeija Abāija ( See )

**ଅବେଉଡ଼ା**—ଦେ. ବଣ—ଅବିହୁଡ଼ା ( ଦେଖ )
Abeurda Abihurda ( See )

**ଅବେଉଣ୍ଟ**—ଦେ. ବଣ. ( ସଂ. ଅ+ଓ. ବେଉଣ୍ଟ )—
Abeunta ୧ । ବହୁ ଲୋକଙ୍କ ମଧ୍ୟରେ ବେଉଣ୍ଟ ବା ବଣ୍ଟନ ହୋଇ ନ ଥିବା ( ପଦାର୍ଥ )—
1. ( thing ) Not distributed amongst many.
୨ । ବହୁ ଲୋକଙ୍କ ମଧ୍ୟରେ କାର୍ଯ୍ୟକ୍ରମ ବଣ୍ଟା ହୋଇ ନ ଥିବା ( କାର୍ଯ୍ୟ )—2. ( work ) Which has not been distributed amongst the workers; without any division of labour.

**ଅବେଉସା**—ଗ୍ରା. ବ. (ସଂ. ଅ+ବ୍ୟବସାୟ)—୧ । ନୀଚ ବ୍ୟବସାୟ—
Abeusā 1. Mean or low occupation.
୨ । ବ୍ୟବସାୟର ଅଭାବ; ଅବୃତ୍ତି—
2. Want of occupation.

**ଅବେକ୍ଷକ**—ସଂ. ବଣ. ପୁଂ. ( ଅବ+ଈକ୍ଷ ଧାତୁ+କର୍ତ୍ତୃ. ଅକ )—
Abekshaka ୧ । ପରିଦର୍ଶକ—1. Inspecting.
( ଅବେକ୍ଷିକା—ସ୍ତ୍ରୀ ) ୨ । ତତ୍ତ୍ୱାବଧାରକ; ତାଞ୍ଚ ପ୍ରତାଳ କଲାବାଲା; ଜଗୁଥିବା ( ବ୍ୟକ୍ତି )—
2. Supervising; checking.
୩ । ପର୍ଯ୍ୟବେକ୍ଷଣକାରୀ—
3. Observing minutely.
୪ । ପରୀକ୍ଷାକାରୀ—4. Examining.
୫ । ତଦାରଖ ବା ତଦନ୍ତ କଲାବାଲା—
5. Investigating.
୬ । ବିବେଚନାକାରୀ—6 Considering; taking into consideration.
୭ । ଅନାଉଥିବା—7. Looking at; beholding.
ସଂ. ବ. ପୁଂ—୧ । ପରିଦର୍ଶନକାରୀ କର୍ମଚାରୀ—
1. Inspector.
୨ । ତଦାରଖ କରିବା ବ୍ୟକ୍ତି—2. Investigator.
୩ । ଜଗୁଥିବା ବ୍ୟକ୍ତି—3. Supervisor.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ସ | କ୍ଷ | ୟ | ଢ଼ | ଞ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ୍ୱ | କ୍ଟ |

୪ । ପରୀକ୍ଷକ ବ୍ୟକ୍ତି—4. Examiner.
୫ । ତନ୍ନତନ୍ନ କରି କରେଖିବା ଲୋକ; ପର୍ଯ୍ୟବେକ୍ଷକ—
5. Observer.
। ଦର୍ଶକ—6. Spectator.

**ଅବେକ୍ଷଣ**—ସଂ. ବି ( ଅବ + ଈକ୍ଷ ଧାତୁ + ଭାବ. ଅନ )—
Abekshaṇa ୧ । ଅବଲୋକନ—
( ଅବେକ୍ଷିତ—ବିଣ ) 1. Viewing; surveying
୨ । ପର୍ଯ୍ୟବେକ୍ଷଣ—2. Observation.
୩ । ପରିଦର୍ଶନ—3. Inspection.
୪ । ତତ୍ତ୍ୱାବଧାରଣ—4. Supervision.
୫ । ପରୀକ୍ଷା—5. Examination.
୬ । ତଦନ୍ତ; ତଦାରଖ—
6 Enquiry; investigation,
୭ । ସମ୍ୟକ୍ ବିବେଚନା—
7. Careful consideration,
୮ । ଅନୁସନ୍ଧାନ; ମାଇନା—8. Scrutiny.
୯ । କାର୍ଯ୍ୟରେ ନିଯୁକ୍ତି—9. Engagement.
୧୦ । ପ୍ରତୀକ୍ଷା—10. Waiting.
୧୧ । ଯତ୍ନ—11. Care.
୧୨ । ମନୋଯୋଗ—12. Attention.
୧୩ । ଅନୁରୋଧ—13. Request; solicitation.
୧୪ । ( ଜ୍ୟୋତିଷ ) ଗ୍ରହମାନଙ୍କର ଦୃଶ୍ୟ ହେବା ଅବସ୍ଥା—
14. The being in sight of planets (M.W.)

**ଅବେକ୍ଷଣୀୟ**—ସଂ. ବିଣ ( ଅବ = ଈକ୍ଷ ଧାତୁ + କର୍ମ. ଅନୀୟ )—
Abekshaṇiya ୧ । ଯାହା ଅବେକ୍ଷିତ ହେବାର ଯୋଗ୍ୟ—
1. Fit to be considered, viewed;observed, inspected etc.

**ଅବେକ୍ଷମାଣ**—ସଂ. ବିଣ. ପୁଂ ( ଅବ + ଈକ୍ଷ ଧାତୁ + କର୍ତ୍ତୃ. ମାନ )—
Abekshamāṇa ଅବେକ୍ଷଣ କରୁଥିବା (ଲୋକ) ପରିଦର୍ଶନପର; ନିରୀକ୍ଷମାଣ—Observing; supervising.

**ଅବେକ୍ଷା**—ସଂ. ବି ( ଅବ + ଈକ୍ଷ ଧାତୁ + ଅ + ଆ )—
Abekshā ଅବେକ୍ଷଣ ( ଦେଖ )
Abekshaṇa ( See )

**ଅବେକ୍ଷିତ**—ସଂ. ବିଣ. ପୁଂ ( ଅବ + ଈକ୍ଷ ଧାତୁ + କର୍ମ. ତ )—
Abekshita ୧ । ପରିଦୃଷ୍ଟ—1. Viewed; inspected.
(ଅବେକ୍ଷିତା—ସ୍ତ୍ରୀ) ୨ । ପର୍ଯ୍ୟବେକ୍ଷିତ—2. Observed.

**ଅବେକ୍ଷିତା**—ସଂ. ବିଣ. ସ୍ତ୍ରୀ (ଅବ+ଈକ୍ଷ ଧାତୁ+କର୍ତ୍ତୃ.ତୃ. ୧ମା. ୧ବ)—
Abekshitā ଅବେକ୍ଷକ ( ଦେଖ )
Abekshaka ( See )
ସଂ. ବିଣ. ସ୍ତ୍ରୀ—ଅବେକ୍ଷିତର ସ୍ତ୍ରୀ ଲିଙ୍ଗ—
Feminine of Abekshita.
ସଂ. ବି ( ଅବେକ୍ଷିନ୍+ଭାବ. ତା ) ଅବେକ୍ଷଣକରିବାର ଭାବ—
Act of observing or regarding.

**ଅବେକ୍ଷୀ**—ସଂ.ବିଣ.ପୁଂ (ଅବ+ଈକ୍ଷ ଧାତୁ + କର୍ତ୍ତୃ. ଇନ୍. ୧ମା. ୧ବ)—
Abekshī ଅବେକ୍ଷକ ( ଦେଖ )
(ଅବେକ୍ଷିଣୀ—ସ୍ତ୍ରୀ ) Abekshaka ( See )

**ଅବେଣି**—ସଂ. ବିଣ ( ବହୁବ୍ରୀହି; ଅ + ବେଣି )—
Abeṇi ୧ । ବେଣୀ ବନ୍ଧା ହୋଇ ନ ଥିବା (କେଶ)—
1. Not braided or plaited (hair).
୨ । ଯାହାର କେଶ ବେଣି ରୂପେ ବନ୍ଧା ଯାଇ ନାହିଁ—
2. Having no braided hair.
୩ । ଏକତ୍ର ସଂଗମ ହୋଇ ବହୁ ନ ଥିବା ( ନଦୀଦ୍ୱୟ )—
3. (rivers) Not flowing together or commingled.

**ଅବେଣିଆଁ**—ଦେ. ବିଣ ( ସଂ. ଅବେଣି )—
Abeṇiāṅ ଅବେଣି ( ଦେଖ )
Abeṇi ( See )

**ଅବେଣିବଦ୍ଧ**—ସଂ. ବିଣ ( ଅ + ବେଣିବଦ୍ଧ )—
Abeṇibaddha ୧ । ଯାହା ବେଣି ବନ୍ଧା ହୋଇ ନାହିଁ (କେଶ)
1. Not plaited (hair)
୨ । ଅଲୁଲାୟିତ—2. Dishevelled (hair).

**ଅବେଣୀ (ଇତ୍ୟାଦି)**—ସଂ. ବିଣ—ଅବେଣି ଇତ୍ୟାଦି ( ଦେଖ )
Abeṇī etc. Abeṇi etc. ( See )

**ଅବେଣ୍ଟ**—ଦେ. ବିଣ ( ସଂ. ଅବୃନ୍ତ )—
Abeṇṭa ୧ । ଅବୃନ୍ତ ( ପୁଷ୍ପ ବା ଫଳ ); ନାଡ଼ ନ ଥିବା—
আবে'টা 1. Sessile, having no stalk.
डाठलरहित
ଗୋଲକ୍ରେ ଚରଣେ ଯେ ଅବେଣ୍ଟ ପଦ୍ମ ଫୁଟି—ସାରଳାମହାଭାରତ. ବନ ।
୨ । ଯେଉଁ ଶସ୍ତ୍ର ( କଟୁରି ଆଦି )ର ବେଣ୍ଟ ନାହିଁ—
2. Having no handle.

**ଅବେଣ୍ଟିଆ**—ଦେ. ବିଣ—ଯେଉଁ ବ୍ୟକ୍ତିର ମୁଣ୍ଡରେ କ୍ଷୌର ହେବା ପରେ
Abeṇṭiā ବେଣ୍ଟି ରଖାଯାଇ ନ ଥାଏ—Having no fringe or border of hair on the skull left after shaving.

**ଅବେଦନୀୟ**—ସଂ. ବିଣ. ( ଅ + ବେଦନୀୟ )—୧ । ଅଜ୍ଞେୟ—
Abedanīya 1. Unknowable.
୨ । ଗୁପ୍ତ—2. Secret.
୩ । ଅପ୍ରାପ୍ୟ—3. Unattainable.
୪ । ଅବୋଧ—
4. Not capable of being understood.

**ଅବେଦ୍ୟ**—ସଂ. ବିଣ. ( ଅ + ବେଦ୍ୟ )—ଅଜ୍ଞାତବ୍ୟ—
Abedya Unknowable.
ସଂ. ବି—ବାଛୁରି—A calf ( Apte ).

**ଅବେଧ୍ୟ**—ସଂ. ବିଣ. ( ଅ + ବିଧ ଧାତୁ + କର୍ମ. ଯ )—
Abedhya ୧ । ବିଦ୍ଧ ହେବାର ଅଯୋଗ୍ୟ—
1. Not capable of being pierced.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗାଁ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (ଜ୍ୟୋତିଷ) ବିବାହାଦି ନିଷେଧକ ଗ୍ରହସଂସ୍ଥାନର ଅଯୋଗ୍ୟ—
2. ( astrology ) Unfit through the conjunction of inauspicious planets for a social ceremony.

**ଅବେପାର**—ଦେ. ବି. ( ସଂ. ଅବ୍ୟାପାର )—ଅବ୍ୟାପାର ( ଦେଖ )
Abepārā Abyāpāra ( See )

**ଅବେପାରି**—ଦେ. ବିଣ. ( ସଂ. ଅ + ବ୍ୟାପାରୀ )—
Abepāri ୧ । ବାଣିଜ୍ୟ ବା ବ୍ୟବସାୟରେ ଅନଭିଜ୍ଞ—
অবিষয়ী 1. Not experienced in trade or business.
ଅବେପାରିକ ବାଣିଜ ଅଡ଼ ଅ—ତଗ ।
୨ । ଅବିଷୟୀ—2. Not worldlywise.

**ଅବେଭାର**—ଦେ. ବି. ( ସଂ. ଅବ୍ୟବହାର )—୧ । ମନ୍ଦବ୍ୟବହାର—
Abebhāra 1. Bad conduct.
ଏ ଯେ ଭୂମିର ଅବେଭାର, ବଧିରେ ନୋହେ କ ଅସାର ।
ଭୂପତି. ପ୍ରେମପଞ୍ଚାମୃତ ।
୨ । ବ୍ୟବହାରର ଅଭାବ—2. Want of use.
ବିଣ—୧ । ଅବ୍ୟବହୃତ—1 Unused.
୨ । ଅନୁଚିତ—2. Improper.
ମହାଖଳକୁ ଦୂର କରିବାର ଅବେଭାର—ଭଞ୍ଜ. ପ୍ରେମସୁଧାନିଧି ।

**ଅବେଭାରି**—ଦେ. ବିଣ. ( ସଂ. ଅବ୍ୟବହାରୀ )—
Abebhāri ୧ । ଅବେପାରି ( ଦେଖ )
অবিষয়ী 1. Abepāri ( See )
୨ । ଅବିଷୟୀ; ସଂସାରାନଭିଜ୍ଞ—
2. Unbusinesslike; unworldly.
୩ । ଯେଉଁ ବ୍ୟକ୍ତି ଅନ୍ୟର ବିଷୟକର୍ମ ବୁଝିବାର ଭାର ପ୍ରାପ୍ତ ହୋଇ ନ ଥାଏ—3. Not entrusted with the duty of looking after another person's business.
୪ । ମନ୍ଦବ୍ୟବହାର ବା ଆଚରଣକାରୀ—
4. Giving improper treatment.
କାହାର ଠାରେ ସଜ୍ଜ ନୋହେ ଅବେଭାରି—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅବେଳ୍**—ପ୍ରାଦେ. ( ସମ୍ବଲପୁର ) ବି—ଅବେଳା ( ଦେଖ )
Abel Abelā ( See )

**ଅବେଳ**—ଦେ. ବି. ( ସଂ. ଅବେଳ —ଅବେଳା ( ଦେଖ )
Abela Abelā ( See )
অবেলা
अबेर

**ଅବେଳା**—ସଂ. ବି. ( ଅ+ବେଳା )—୧ । ଅସମୟ—
Abelā 1 Bad time; evil days.
୨ । ଅନୁଚିତ ସମୟ—2. Improper time.
୩ । ଅନୁପଯୁକ୍ତ ସମୟ—3. Unsuitable time.
୪ । ନିର୍ଦ୍ଦିଷ୍ଟ ସମୟକୁ ଟପି ଯାଇଥିବା ସମୟ—
4. Time after the due time is passed.
୫ । ଦିବାବସାନ କାଳ—5 End of the day.

**ଅବୈତନିକ**—ସଂ. ବିଣ ( ଅ+ବେତନ+ଇକ )—
Abaitanika ୧ । ଯେଉଁ ବ୍ୟକ୍ତି ବେତନ ଗ୍ରହଣ ନ କରି କାର୍ଯ୍ୟ କରେ; ଯେଉଁ ବ୍ୟକ୍ତି ଘରୁ ଖାଇ ପରର କାର୍ଯ୍ୟ କରେ—1. Honorary (person)
୨ । ମାଗଣା; ଯେଉଁ କାର୍ଯ୍ୟରେ ବେତନ ଗ୍ରହଣ କରାଯାଏ ନାହିଁ—2. Honorary (work)

**ଅବୈଦ୍ୟ**—ସ. ବି ( ଅ + ବୈଦ୍ୟ )—
Aaidya ୧ । କୁବୈଦ୍ୟ; ଅଶିକ୍ଷିତ ଚିକିତ୍ସକ—
1. A quack.
୨ । ଅପଟୁ ଚିକିତ୍ସକ—
2. An unskilful physician.

**ଅବୈଧ**—ସ. ବିଣ ( ଅ+ବୈଧ )—
Abaidha ୧ । ଯାହା ବିଧିସଙ୍ଗତ ନୁହେ—
( ଅବୈଧତା—ବି ) 1. Contrary to rules; illicit
୨ । ବେଆଇନ୍—2. Illegal; unlawful.
୩ । ଧର୍ମ ଓ ନୀତିଶାସ୍ତ୍ରବିରୁଦ୍ଧ—
3. Contrary to the precepts of religious or moral code.
୪ । ଅନ୍ୟାୟ—4. Unjust.
୫ । ଅବିହିତ; ଅନୁଚିତ—5. Improper.
୬ । ଜାରଜ—6. Illegitimate.
୭ । ଅଯୌକ୍ତିକ—7. Unreasonable.

**ଅବୈଧଜନତା**—ସ. ବି ( ଅବୈଧ+ଜନତା=ଜନସମୂହ; କଚିରିଆ ଭାଷା )—
Abaidhajanatā
অবৈধজনতা ୧ । ଜମାଇତବସ୍ତ୍ର; କୌଣସି ବେଆଇନ କାର୍ଯ୍ୟ ବା
अवैधजनता ଅପରାଧ ବା ବିଧିନଷିଦ୍ଧ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଉପସ୍ଥିତ ଦଳବଦ୍ଧ ୫ କିମ୍ବା ତତୋଽଧିକ ବ୍ୟକ୍ତି—
1. An unlawful assembly ( of five or more persons for an unlawful purpose).
[ ଦ୍ର—ଭାରତୀୟ ଦଣ୍ଡ ବିଧି ଆଇନ (Indian Penal Code) ର ୧୪୧ ଦଫାରେ ଅବୈଧଜନତା (Unlawful Assembly) ର ସଂଜ୍ଞା ପ୍ରଦତ୍ତ ହୋଇଅଛି ଏବଂ ୧୪୩ ଦଫାରେ ଏଥିର ଦଣ୍ଡ ପ୍ରଦତ୍ତ ହୋଇଅଛି । ଅବୈଧ ଜନତାକାରୀ ବ୍ୟକ୍ତିମାନେ ଯେବେ ବଳ ପ୍ରୟୋଗପୂର୍ବକ ଅତ୍ୟାଚାର କରନ୍ତି ତେବେ ଉକ୍ତ ଅପରାଧକୁ ବେ-ଆଇନ ଗୋଲମାଲ (Rioting) ବୋଲାଯାଏ । ଏଥିର ଦଣ୍ଡ ୧୪୭ ଦଫାରେ ଲିପିବଦ୍ଧ ହୋଇଅଛି । ]

**ଅବୈଧପ୍ରଣୟ**—ସଂ. ବି. ( କର୍ମଧା; ଅବୈଧ+ପ୍ରଣୟ )—
Abaidhapraṇaya ବିନା ବିବାହରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପ୍ରେମ—Illicit love.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଙ | ଷ,ଶ | ଞ | ଇଏ | ଉଅ | ଢ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତ |

**ଅବୈଧସନ୍ତାନ**—ସଂ. ବି. ( ଅବୈଧ + ସନ୍ତାନ )—
Abaidhasantāna ୧ । ଯେଉଁ ସନ୍ତାନ ବିବାହିତ ଦମ୍ପତି ଠାରୁ ଉତ୍ପନ୍ନ ନୁହେ—1. Illegitimate child.
୨ । ଜାରଜ ସନ୍ତାନ—2. Bastard child.

**ଅବୈମତ୍ୟ**—ସଂ. ବି. ( ଅ + ବିମତ + ଭାବ. ଯ )—
Abaimatya ବିମତ ହେବାର ଅଭାବ; ସମସ୍ତଙ୍କର ଏକମତ ହେବାର ଭାବ—Unanimity.

**ଅବୋଦ**—ସଂ. ବିଣ. ( ଅବ + ଉଦ୍ ଧାତୁ + ଭାବ. ଅ )—ଓଦା—
Aboda Wet; moist.
ସଂ. ବି—୧ । ଓଦା କରିବା; ଭିଜାଇବା—
1 Moistening.
୨ । ଜଳ ଆଦି ଛିଞ୍ଚିବା—2. Sprinkling (Apte)

**ଅବୋଧ**—ସଂ. ବି. ( ଅ + ବୋଧ )—
Abodha ବୋଧ ବା ଜ୍ଞାନର ଅଭାବ; ବୋଧହୀନତା—
(ଅବୋଧତା—ବି) Want of understanding or wisdom.
ସଂ. ବିଣ—୧ । ନିର୍ବୋଧ; ବୁଦ୍ଧିହୀନ—
1. Foolish; stupid.
୨ । ବୋଧହୀନ—2. Lacking in understanding.
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଯାହାର ସମ୍ୟକ୍ ବିଚାର ବା ବୋଧ
অবোধ;অবোধিআ ଶକ୍ତି ଜନ୍ମି ନାହିଁ—1 Of undeveloped
अबोध intellect.
ଅବୋଧପଣ
ଅବୋଧପଣିଆ } ବି
ଅବୋଧ ଅବଳା କୁମାରୀ, ଅଟେ ତ ଜାଣୁଁ ତୋ ବଇରୀ ।
ଭୂପତି. ପ୍ରେମପଞ୍ଚାମୃତ ।
୨ । ଅଧୀର; ଧୈର୍ଯ୍ୟହୀନ—2. Impatient.
ତପସ୍ୱୀ ଲୋକ କେବେ ନ କରିବ କୋଧ
ଯେ ଯାହା ବୋଲୁଥିବେ ନୋହିବ ଅବୋଧ । କୃଷ୍ଣସିଂହ. ମହାଭାରତ. ବନ ।
୩ । ଅସନ୍ତୁଷ୍ଟ—3 Dissatisfied; discontented.
ଗ୍ରାମ ଅରଜନଙ୍କର ନାହିଁ କିଛି ବୋଧ
ଦେଶ ଦେହ ନୃପ ହେଉ ଥିଲେ ଯେ ଅବୋଧ । କୃଷ୍ଣସିଂହ. ମହାଭାରତ ସଭା ।
୪ । ଯେଉଁ ବ୍ୟକ୍ତିକୁ ଯେତେ ଦେଲେ ମଧ୍ୟ ସେ ସନ୍ତୁଷ୍ଟ ହୁଏ ନାହିଁ—4. Unsatisfied.
୫ । ଅବୋଧ୍ୟ—5. Not capable of being understood,
୬ । ଅବୁଝ; ଜ୍ଞାନହୀନ; ଅଜ୍ଞ—6. Incapable of understanding ( anything )
ଅବୋଧ ବାଳା ତୁ ନାହିଁ ବୋଧ ହେଉ ।
ଶିଶୁଶଙ୍କର—ଉଷା ଅଭିଳାଷ ।

**ଅବୋଧଗମ୍ୟ**—ସଂ. ବିଣ. ( ଅ + ବୋଧଗମ୍ୟ )—
Abodhagamya ୧ । ଯାହା ବୋଧଗମ୍ୟ ନୁହେ ବା ବୁଝାଯାଇ ନ ପାରେ—1. Not capable of being understood; incomprehensible.
୨ । ଅଜ୍ଞାତବ୍ୟ—2. Unknowable.

**ଅବୋଧନୀୟ**—ସଂ. ବିଣ. ( ଅ + ବୋଧନୀୟ )—ଅବୋଧ୍ୟ ( ଦେଖ )
Abodhaniya Abodhya ( See )

**ଅବୋଧିଆ**—ଗ୍ରା. ବିଣ. ପୁଂ—ଅବୋଧ (ଦେଖ)
Abodhiā Abodha (See)

**ଅବୋଧ୍ୟ**—ସ. ବିଣ (ଅ + ବୋଧ୍ୟ)—ଅବୋଧଗମ୍ୟ; ଯାହା ବୁଝା ଯାଇ
Abodhya ନ ପାରେ—Not capable of being
(ଅବୋଧ୍ୟତା—ବି) understood; incomprehensible.

**ଅବୋଲକରା**—ଦେ. ବିଣ. ପୁଂ—୧ । ଯେଉଁ ଲୋକ ବୋଲ ବା
Abolakarā ଆଦେଶ ପାଳେ ନାହିଁ—1. (a person) Who
(ଅବୋଲକରୀ—ସ୍ତ୍ରୀ) does not carry out the master's
अबोला; अनबोला orders (to the spirit though sticking to the letter)
ଅବୋଲକରା ଉଣ୍ଡାଳିକ ପଙ୍ଗା ଭଙ୍ଗା ସାଆନ୍ତ—ତଗ ।
୨ । ଆଦେଶ ଲଙ୍ଘନକାରୀ; ଅମାନିଆଁ—
2. Disobedient.

**ଅବ୍ଜ**—ସ. ବି (ଅପ୍ = ଜଳ + ଜନ୍ ଧାତୁ + କର୍ତ୍ତୃ. ଅ)—ଯାହା ଜଳରେ
Abja ଜନ୍ମେ—୧ । ପଦ୍ମ; କମଳ—1. Lotus.
୨ । ଶଙ୍ଖ—2. Conch.
୩ । ଚନ୍ଦ୍ର (ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିବାରୁ)—
3. The moon.
୪ । କର୍ପୂର—4. Camphor.
୫ । ଧନ୍ୱନ୍ତରି—5. The heavenly physician.
୬ । ଶତକୋଟି ସଂଖ୍ୟା; ଏକବୃନ୍ଦ (ସଂଖ୍ୟା)—
6. One billion.
୭ । ନିଚୁଳ (ବୃକ୍ଷ) (ଦେଖ)
7. Nichula (tree) (See)
ସଂ. ବିଣ—ଜଳଜ; ଜଳରୁ ଜାତ—Born of water.

**ଅବ୍ଜଜାତ**—ସଂ. ବି (୫ମୀ ତତ୍; ଅବ୍ଜରୁ ଜାତ; ଶେଷଶାୟୀ ବିଷ୍ଣୁଙ୍କ ନାଭି-
Abjajāta କମଳରୁ ଉଠିଥିବା ପଦ୍ମରୁ ଏ ଜାତ ହୋଇଥିବାରୁ)
ବ୍ରହ୍ମା—A name of Brahmā the Creator.

**ଅବ୍ଜବାହନ**—ସଂ. ବି. ପୁଂ (ବହୁବ୍ରୀହି; ଅବ୍ଜ = ଚନ୍ଦ୍ରଙ୍କୁ ବହନ କରନ୍ତି
Abjabāhana ଯେ )—ମହାଦେବ; ଶିବ—
A name of Śiba.

**ଅବ୍ଜବାହନା**—ସଂ. ବି. ସ୍ତ୍ରୀ (ଅବ୍ଜ = ପଦ୍ମକୁ ଧାରଣ କରନ୍ତି ଯେ)—
Abjabāhanā ଲକ୍ଷ୍ମୀ—A name of Lakshmī.

**ଅବ୍ଜଭବ**—ସଂ. ବି (ବହୁବ୍ରୀହି; ଅବ୍ଜ = ପଦ୍ମ + ଭବ = ଉତ୍ପତ୍ତିସ୍ଥାନ)—
Abjabhaba ଅବ୍ଜଜାତ (ଦେଖ)
Abjajāta (See)

**ଅବ୍ଜଯୋନି**—ସଂ. ବି ( ବହୁବ୍ରୀହି; ଅବ୍ଜ + ଯୋନି = ଉତ୍ପତ୍ତିସ୍ଥାନ )—
Abjajoni ଅବ୍ଜଜାତ (ଦେଖ)
Abjajāta (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବ୍ଜହସ୍ତ**—ସଂ. ବଣ. ପୁଂ (ବହୁବ୍ରୀହି)—ହାତରେ ପଦ୍ମଫୁଲ ଧରିଥିବା—
Abjahasta Holding a lotus in the hand.
(**ଅବ୍ଜହସ୍ତା**—ସ୍ତ୍ରୀ) ସଂ. ବ. ପୁଂ ( ହାତରେ ପଦ୍ମ ଧରିଥିବାରୁ )—
ସୂର୍ଯ୍ୟ—A name of the sun.

**ଅବ୍ଜାକବ୍ଜା**—ଦେ. ବ—କଳ ବା ଯନ୍ତ୍ରର ଭିନ୍ନ ଭିନ୍ନ କ୍ଷୁଦ୍ର ଅଂଶମାନ—
Abjākabjā Different parts of a machine.
**ଅବ୍ଜାକବ୍ଜା**
**କଳକବ୍ଜା**

**ଅବ୍ଜିନୀ**—ସଂ. ବ. ( ଅବ୍ଜ + ଇନ୍ + ଈ )—୧ । ପଦ୍ମିନୀ; ପଦ୍ମସମୂହ—
Abjini 1. A cluster of lotuses
୨ । ପଦ୍ମବନ—2 A group of lotuses growing together.
୩ । ପଦ୍ମଲତା—3. The lotus plant.

**ଅବ୍ଜିନୀପତି**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଜିନୀ + ପତି )—ସୂର୍ଯ୍ୟ—
Abjinipati The sun.

**ଅବ୍ଦ**—ସଂ. ବ. ( ଅବ୍ ଧାତୁ = ରକ୍ଷା କରିବା + ସଂଜ୍ଞାର୍ଥ. ଦ; ତ୍ରିଜଗତକୁ
Abda ଯେଉଁ ଦ୍ୱାଦଶମାସାତ୍ମକ କାଳ ରକ୍ଷା କରେ )—
୧ । ବର୍ଷ; ବତ୍ସର ( ସନ ତଳେ ନୋଟ ଦେଖ )—
1. Year.
୨ । ( ଅପ୍ = ଜଳ + ଦା. ଧାତୁ = ଦାନ କରିବା + କର୍ତ୍ତୃ. ଅ; ଯାହା ଜଳଦାନ କରେ )—ମେଘ—2. Cloud.
୩ । ପର୍ବତବିଶେଷ—3. Name of a mountain.
୪ । ମୁଥା ( ଦେଖ )—4. Muthā (See)

**ଅବ୍ଦପର୍ଯ୍ୟାୟ**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଦ = ପର୍ଯ୍ୟାୟ )—
Abdaparjyāya ବର୍ଷମାନଙ୍କର ଧାରାବାହିକ କ୍ରମ—
Succession or course of years.

**ଅବ୍ଦଶତ**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଦ + ଶତ )—
Abdaśata ଶତାବ୍ଦୀ; ଏକଶତ ବର୍ଷ—Century.

**ଅବ୍ଦସାର**—ସଂ. ବ—ଏକପ୍ରକାର କର୍ପୂର—
Abdasāra A kind of camphor.

**ଅବ୍ଦିକ**—ସଂ. ବଣ. ( ଅବ୍ଦ + ସମ୍ବ. ଇକ )—
Abdika ୧ । ଅବ୍ଦ ବା ସନ ସମ୍ବନ୍ଧୀୟ—
1. Relating to years.
୨ । ବାର୍ଷିକ—2. Annual.

**ଅବ୍ଦୁର୍ଗ**—ସଂ ବ.(ମଧ୍ୟପଦଲୋପୀ;ଅପ୍ = ଜଳ + ଦୁର୍ଗ )—ଜଳ ପରିବେଷ୍ଟିତ
Abdurga ଦୁର୍ଗ—A fortress surrounded by a moat or lake.

**ଅବ୍ଧି**—ସଂ. ବ. (ଅପ୍ = ଜଳ + ଧା ଧାତୁ = ଧାରଣ କରିବା + କର୍ତ୍ତୃ. ଇ)—
Abdhi ୧ । ସମୁଦ୍ର—1. The ocean.
୨ । ଜଳଭାଣ୍ଡ—2. Receptacle of water.
୩ । ଜଳାଶୟ—3. A lake.
୪ । ( ସମୁଦ୍ର ସଂଖ୍ୟାରେ ସାତ ଗୋଟି ଥିବାରୁ )—
ସାତ ସଂଖ୍ୟାର ବାଚକ ଶବ୍ଦ—
4. A symbolical expression for the number 7.

**ଅବ୍ଧିକଫ**—ସଂ. ବ ( ୬ଷ୍ଠୀ ତତ୍; ଅବ୍ଧି + କଫ )—
Abdhikapha ଅବ୍ଧିଫେନ ( ଦେଖ )
Abdhiphena (See)

**ଅବ୍ଧିଜ**—ସଂ. ବଣ ( ଅବ୍ଧି + ଜନ ଧାତୁ + ଅ )—
Abdhija ୧ । ସମୁଦ୍ରରୁ ଜାତ—
( ଅବ୍ଧିଜା—ସ୍ତ୍ରୀ ) 1. Born of the ocean.
ସଂ. ବ—୧ । ଚନ୍ଦ୍ର—1. The moon.
୨ । ଶଙ୍ଖ—2. Conch.

**ଅବ୍ଧିଜା**—ସଂ. ବ. ସ୍ତ୍ରୀ ( ଅବ୍ଧି + ଜନ୍ ଧାତୁ + ଅ + ସ୍ତ୍ରୀ. ଆ )—
Abdhijā ୧ । ଲକ୍ଷ୍ମୀ—1. Goddess Lakshmi.
୨ । ମଦ; ମଦ୍ୟ—
2 Wine; spirituous liquor.
ସଂ. ବଣ. ସ୍ତ୍ରୀ ( ଅବ୍ଧିଜ + ଆ )—
୧ । ଅବ୍ଧିଜର ସ୍ତ୍ରୀଲିଙ୍ଗ—
1. Feminine of Abdhija.

**ଅବ୍ଧିଦ୍ୱୀପା**—ସଂ. ବଣ. ସ୍ତ୍ରୀ ( ଅବ୍ଧି + ଦ୍ୱୀପ + ଆ; ଅବ୍ଧି ମଧ୍ୟରେ
Abdhidwipā ଦ୍ୱୀପରୂପେ ପ୍ରତିଷ୍ଠିତ )—
୧ । ଚତୁର୍ଦ୍ଦିଗରେ ସମୁଦ୍ର ବେଷ୍ଟିଥିବା—
1. Sea-girt; surrounded by the ocean.
ସଂ. ବ—ବସୁନ୍ଧରା; ପୃଥିବୀ—The earth.

**ଅବ୍ଧିନଗରୀ**—ସଂ. ବ. ( ମଧ୍ୟପଦଲୋପୀ; ଅବ୍ଧି + ନଗରୀ )—
Abdhinagari ୧ । ଶ୍ରୀକୃଷ୍ଣଙ୍କ ରାଜଧାନୀ ଦ୍ୱାରକା—
1. The town of Dwārakā

**ଅବ୍ଧିନବନୀତକ**—ସଂ. ବ ( ଅବ୍ଧି + ନବନୀତ + କ )—
Abdhinabanitaka ଚନ୍ଦ୍ର—The moon.

**ଅବ୍ଧିଫେନ**—ସଂ. ବ ( ୬ଷ୍ଠୀ ତତ୍ )—୧ । ସମୁଦ୍ର ଫେଣ—
Abdhiphena 1. The foam of the sea.
୨ । ଏକପ୍ରକାର ସାମୁଦ୍ରିକ ଜୀବର ହାଡ଼ ( ଏହା ପାଲିସ କରିବାରେ ବ୍ୟବହୃତ ହୁଏ )—
2. The bone of cuttle-fish.

**ଅବ୍ଧିମଣ୍ଡୁକୀ**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଧି + ମଣ୍ଡୁକୀ )—
Abdhimanduki ଶୁକ୍ତି; ଯେଉଁ ଶାମୁକାରୁ ମୁକ୍ତା ବାହାରେ—
The pearl-oyster.

**ଅବ୍ଧିଶୟନ**—ସଂ. ବ. ପୁଂ. ( ବହୁବ୍ରୀହି; ଅବ୍ଧି + ଶୟନ; ଏ ପ୍ରଳୟ
Abdhiśayana କାଳରେ ସମୁଦ୍ରରେ ଶୟନ କରନ୍ତି )—
ବିଷ୍ଣୁ—A name of Bishnu.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଲ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ତ |

**ଅବ୍ଧିସାର**—ସଂ. ବି. ( ୬ଷ୍ଠୀ ତତ୍; ଅବ୍ଧି+ସାର) —ରତ୍ନ—A gem.
Abdhisāra

**ଅବ୍ଧୂତ**—ଗ୍ରା. ( ପ୍ରାଚୀନ ପଦ୍ୟ ) ବି.—ଅବଧୂତ ( ଦେଖ )
Abdhūta ʼ Abadhūta ( See )

ଅବ୍ଧୂତ ଶିରେ କର ଦେଲ, ଶ୍ରୀମଖ ଅନାଇଁ ବୋଇଲ ।
ପ୍ରାଚୀ—ନର୍ଗୁଣମାହାତ୍ମ୍ୟ ।

**ଅବ୍ଭିକା**—ଗ୍ରାଦେ. ( କଟକ ) ଅ—ଅବ୍ଭ ( ଦେଖ )
Abbikā Abbhi ( See )

**ଅବ୍ଭକ୍ଷ**— ସଂ. ବିଣ. ପୁଂ. ( ଅପ୍=ଜଳ+ଭକ୍ଷ ଧାତୁ+ଅ)—
Abbhaksha ଯେ ଜଳମାତ୍ର ଖାଇ ବଞ୍ଚେ—
(ଅବ୍ଭକ୍ଷା—ସ୍ତ୍ରୀ) Living upon water.

**ଅବ୍ଭି**—ଗ୍ରାଦେ. (କଟକ) ଅ. (ଆ. ଅବ୍ଭ)—୧ । ବର୍ତ୍ତମାନ—
Abbhi 1. Now.
ଏଖୁନି ୨ । ଏହିକ୍ଷଣରେ—2. At present; just now.
অব্‌ভি ୩ । ଏହି ସମୟ ପର୍ଯ୍ୟନ୍ତ—3. Yet; still; as yet.

**ଅବ୍ଭିକା**—ଗ୍ରାଦେ. (କଟକ) ଅ.—ଅବ୍ଭି (ଦେଖ)
Abbhikā Abbhi (See)

**ଅବ୍ଭ୍ର**—ସ. ବି. ( ଅପ୍+ଭୃ ଧାତୁ+ଅ )—୧ । ଅଭ୍ର; ମେଘକାଳ—
Abbhra 1 Mica.
୨ । ମେଘ—2. Cloud.

**ଅବ୍ୟ**—ସ. ବିଣ. ( ଅବି=ମେଣ୍ଢା+ଯ )—ମେଣ୍ଢାସମ୍ବନ୍ଧୀୟ—
Abya Relating to sheep.
ঘেন্না ଗ୍ରା. ବି. ( ଆ. ଅଯୂବ୍ )—ଘୃଣା—
অয়ব্ Disgust; aversion.

**ଅବ୍ୟଏ**—ଗ୍ରା. ବି—ଅବ୍ୟ; ଘୃଣା—Aversion; disgust.
Abyae

**ଅବ୍ୟକତ**—ଗ୍ରା. ପଦ୍ୟ. ବିଣ. ( ସ. ଅବ୍ୟକ୍ତ ) —
Abyakata ଅବ୍ୟକ୍ତ ( ଦେଖ )
অব্যকত Abyakta ( See )
অব্যকত ଅବ୍ୟକତ ହୋଇ ଯେତେ ଦ୍ରବ୍ୟ ଛନ୍ତି
ତହିଁରୁ ପୃଥକ ସେ ବେଦେ ବର୍ଣ୍ଣିଛନ୍ତି । କୃଷ୍ଣସିଂ. ମହାଭାରତ. ଅଦ ।

**ଅବ୍ୟକବ୍ୟ**—ଦେ. ବି—୧ । ଅବୁକାବୁ; ଶକ୍ତି; କ୍ଷମତା; ପରାକ୍ରମ—
Abyakabya 1. Power; might.
উঁচু করিবার উপায় ୨ । ଇତସ୍ତତଃ ଚଳିବାର ଶକ୍ତି—
কাবু 2. Power of movement.

**ଅବ୍ୟକ୍ତ**—ସଂ. ବିଣ. ( ଅ+ବ୍ୟକ୍ତ )—୧ । ଅପ୍ରକାଶିତ—
Abyakta 1. Not manifest.
(ଅବ୍ୟକ୍ତା—ସ୍ତ୍ରୀ) ୨ । ଅଦୃଶ୍ୟ—2. Invisible.
୩ । ଅସ୍ଫୁଟ; ଅସ୍ପଷ୍ଟ—3 Indistinct.
୪ । ଯାହା ସ୍ପଷ୍ଟରୂପେ ଉଚ୍ଚାରିତ ନୁହେ—
4. Inarticulate.
୫ । ଯାହା ଇନ୍ଦ୍ରିୟଦ୍ୱାରା ବୋଧଗମ୍ୟ ନୁହେ—
5. Imperceptible; inscrutable.

୬ । ସ୍ଥିରୀକୃତ ହୋଇ ନ ଥିବା; ଅନିଶ୍ଚିତ—
6. Undetermined; unsettled.
୭ । ପ୍ରଚ୍ଛନ୍ନ; ଗୁପ୍ତ; ବାହାରେ ଦେଖାଯାଉ ନ ଥିବା—
7. Latent; mysterious; concealed.
୮ । ( ବୀଜଗଣିତ ) ଅଜ୍ଞାତ ( ରାଶି ବା ପରିମାଣ )—
8. ( algebra ) Unknown ( number or quantity ).

ସଂ. ବି—୧ । ବିଷ୍ଣୁ—1. An epithet of Bishṇu
୨ । ଶିବ—2. An epithet of Śiba.
୩ । ପରବ୍ରହ୍ମ;ପରମାତ୍ମା—3. The Supreme Spirit.
୪ । ଆତ୍ମା—4. The soul.
୫ । କାମ; କନ୍ଦର୍ପ—5. An epithet of Cupid.
୬ । ନିର୍ବୋଧ ବ୍ୟକ୍ତି—6 A fool.
୭ । ( ବେଦାନ୍ତ ) ସୁଷୁପ୍ତି ଅବସ୍ଥା—
7. (Bedānta) The state of sleep.
୮ । ( ଦର୍ଶନ ) ସୂକ୍ଷ୍ମ ଶରୀର—
8. ( philosophy ) The subtle body.
୯ । ( ସାଂଖ୍ୟ ) ସର୍ବକାରଣ; ପ୍ରକୃତି—
9. ( Sānkhya philosophy ) Nature; the primordeal element or productive principle from which all the phenomena of the world are developed.

**ଅବ୍ୟକ୍ତ କ୍ରିୟା**—ସଂ. ବି. ( କର୍ମଧା; ଅବ୍ୟକ୍ତା+କ୍ରିୟା )—
Abyakta kriyā ବୀଜଗଣିତସମ୍ବନ୍ଧୀୟ ଗଣନା—
Algebrical calculation ( M.W. )

**ଅବ୍ୟକ୍ତଗଣିତ**—ସଂ. ବି. ( କର୍ମଧା )—ବୀଜଗଣିତ—
Abyakta gaṇita Algebra.

**ଅବ୍ୟକ୍ତପଦ**—ସଂ. ବିଣ. ( ବହୁବ୍ରୀହି; ଅବ୍ୟକ୍ତ+ପଦ )—
Abyaktapada ଯାହା ବାହାରକୁ ଶୁଣାଯାଏ ନାହିଁ; ଯାହା ଧ୍ୱନି ରୂପେ ପ୍ରକାଶିତ ହୁଏ ନାହିଁ—
Inarticulate ( M. W. )

**ଅବ୍ୟକ୍ତପୁଷ୍ପକ**—ସଂ. ବିଣ. ( ବଜ୍ଞାନପରିଭାଷା; ବହୁବ୍ରୀହି; ଅବ୍ୟକ୍ତ+
Abyakta pushpaka ପୁଷ୍ପ+କ )—ଯେଉଁ ଗଛରେ ଫୁଲ ଫୁଟିବାର ଦେଖାଯାଏ ନାହିଁ—
( ଯଥା—ଡିମ୍ବିରି; ବର; ଅଶ୍ୱତ୍ଥ )
Cryptogamous ( trees )
ସଂ. ବି - ପରବ୍ରହ୍ମ—The Supreme Spirit.

**ଅବ୍ୟକ୍ତବର୍ତ୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅବ୍ୟକ୍ତ+
Abyaktabarttmā ବର୍ତ୍ମନ୍ ୧ମା. ୧ବ. )—
ଯାହାର ମାର୍ଗ ବା ଗତି ପ୍ରଚ୍ଛନ୍ନ ଅଟେ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଢ଼' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

Whose ways or movements are inscrutable or mysterious.

**ଅବ୍ୟକ୍ତରାଗ**—ସଂ. ବି. (କର୍ମଧା; ଅବ୍ୟକ୍ତ + ରାଗ)—୧ । ଅରୁଣବର୍ଣ୍ଣ-
Abyaktarāga 1. Dark-red colour (the colour of the dawn)
୨ । (ବହୁବ୍ରୀହି) ସନ୍ନ୍ୟାସୀ—2. An ascetic.
୩ । ଋଷି—3. A sage.
ସଂ. ବିଣ—୧ । ଅରୁଣବର୍ଣ୍ଣବିଶିଷ୍ଟ—1. Dark-red.
(ଅବ୍ୟକ୍ତରାଗା—ସ୍ତ୍ରୀ) ୨ । ପୁଂ— ଯାହାର ଚିତ୍ତବୃତ୍ତି ବାହାରେ ପ୍ରକାଶିତ ହୁଏ ନାହିଁ—2. One whose mental passions are not manifest.

**ଅବ୍ୟକ୍ତରାଶି**—ସଂ. ବି. (ବୀଜଗଣିତପରିଭାଷା)—ଅଜ୍ଞାତରାଶି; ଯେଉଁ
Abyaktarāśi ରାଶି ସଂଖ୍ୟାଦ୍ୱାରା ଅବ୍ୟକ୍ତ—
(Algebra) An unknown number.

**ଅବ୍ୟକ୍ତଲକ୍ଷଣ**—ସଂ. ବି. ପୁଂ. (ବହୁବ୍ରୀହି; ଅବ୍ୟକ୍ତ + ଲକ୍ଷଣ; ଯାହାଙ୍କ
Abyaktalakshaṇa ଲକ୍ଷଣମାନ ଅବ୍ୟକ୍ତ)—
ମହାଦେବ; ଶିବ—An epithet of Śiba.

**ଅବ୍ୟକ୍ତଶକ୍ତି**—ସଂ. ବି. ବିଜ୍ଞାନପରିଭାଷା (କର୍ମଧା; ଅବ୍ୟକ୍ତ + ଶକ୍ତି)—
Abyaktaśakti ଜଡ଼ ବା ଜୀବରେ ଯେଉଁ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଥାଏ ଏବଂ ଯାହା ସୁଯୋଗ ବା ଅନୁକୂଳ ଅବସ୍ଥା ପାଇଲେ ପ୍ରକାଶିତ ହୁଏ—
(Physics) Potential or latent energy.

**ଅବ୍ୟକ୍ତଶିରସ୍କ**—ସଂ. ବିଣ—(ବିଜ୍ଞାନପରିଭାଷା; ବହୁବ୍ରୀହି; ଅବ୍ୟକ୍ତ+ଶିରସ୍
Abyaktaśiraska +କ)—ଯେଉଁ ଜୀବମାନଙ୍କର ମୁଣ୍ଡ ସ୍ପଷ୍ଟରୂପେ ବାରି ହୁଏ ନାହିଁ (ଯଥା ଶାମୁକା)—
(science) Acephala.

**ଅବ୍ୟକ୍ତଶୀର୍ଷ**—ସଂ. ବିଣ (ବହୁବ୍ରୀହି; ଅବ୍ୟକ୍ତ+ଶୀର୍ଷ)—
Abyaktaśīrsha ଅବ୍ୟକ୍ତଶିରସ୍କ (ଦେଖ)
Abyaktaśiraska (See)

**ଅବ୍ୟକ୍ତସାମ୍ୟ**—ସଂ.ବି.(ବୀଜଗଣିତପରିଭାଷା; କର୍ମଧା. ଅବ୍ୟକ୍ତ+ସାମ୍ୟ)—
Abyaktasāmya ଅବ୍ୟକ୍ତ ରାଶିମାନଙ୍କର ସମୀକରଣ—
(Algebra) Equation of unknown quantities.

**ଅବ୍ୟକ୍ତାନୁକରଣ**—ସଂ.ବି.(୬ଷ୍ଠୀ ତତ୍; ଅବ୍ୟକ୍ତ + ଅନୁକରଣ)—ଅବ୍ୟକ୍ତ
Abyaktānukaraṇa ଧ୍ୱନି (ଯଥା—ପଶୁ ପକ୍ଷୀ ଆଦିଙ୍କ ରବ)ର ଅନୁକରଣ—The imitating of inarticulated sound (M.W.)

**ଅବ୍ୟଗତ**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବିଣ (ସଂ ଅବ୍ୟକ୍ତ)—
Abyagata ଅବ୍ୟକ୍ତ (ଦେଖ)
Abyakta (See)

ଅରୂପ ଅବ୍ୟଗତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ—
ଚାଟୀ—ପରଦେଶୀଭା ।

**ଅବ୍ୟଗ୍ର**—ସଂ. ବିଣ. ପୁଂ (ଅ + ବ୍ୟଗ୍ର)—୧ । ଅନୁଦ୍ୱିଗ୍ନ—
Abyagra 1. Not agitated; undisturbed; unruffled.
(ଅବ୍ୟଗ୍ରା—ସ୍ତ୍ରୀ)
(ଅବ୍ୟଗ୍ରତା—ବି) ୨ । ଯେ ହତବୁଦ୍ଧି ହୁଏ ନାହିଁ—
2. Unconfused.
୩ । କାର୍ଯ୍ୟରେ ଅନିଯୁକ୍ତ; ବେକାର—3. Not engaged or occupied with business.
୪ । ସ୍ଥିର; ପ୍ରଶାନ୍ତ—4. Calm; cool; steady.
୫ । ଅବିପନ୍ନ—5. Not in danger (M. W.)
୬ । ସୁବିବେଚକ; ଯେ ଆଗ ପଛ ବୁଝି ବିଚାରି କାମ କରେ—
6 Deliberate (M. W.)

**ଅବ୍ୟଙ୍ଗ**—ସଂ. ବିଣ (ଅ+ବ୍ୟଙ୍ଗ)—୧ । ଯାହା ଅବିକଳାଙ୍ଗ (ଅଙ୍ଗହୀନ
Abyaṅga ବା ଖଣ୍ଡିଆ ନୁହେ)—1. Not mutilated or defective.
(ଅବ୍ୟଙ୍ଗା—ସ୍ତ୍ରୀ)
(ଅବ୍ୟଙ୍ଗତା—ବି) ୨ । ପୂର୍ଣ୍ଣାଙ୍ଗ—2. Perfect.
୩ । ସୁନିର୍ମିତ—3. Well-made.
୪ । ଅନବଦ୍ୟ—4 Faultless.
୫ । ବ୍ୟକ୍ତ (ଅର୍ଥ); ଯାହା ଲକ୍ଷଣାଯୁକ୍ତ ନୁହେ—
5. Plain (meaning); not figurative.
ସଂ. ବି—ମଗ ପୁରୋହିତଙ୍କ ମେଖଳା—The girdle of the Maga priests (M. W.)

**ଅବ୍ୟଙ୍ଗା**—ସଂ. ବିଣ. ସ୍ତ୍ରୀ (ଅବ୍ୟଙ୍ଗ+ଆ)—ଅବ୍ୟଙ୍ଗର ସ୍ତ୍ରୀଲିଙ୍ଗ—
Abyaṅgā Feminine of Abyaṅga.
ସଂ. ବି. ସ୍ତ୍ରୀ—ଅବ୍ୟଣ୍ଡା; ବାଇଡଙ୍କ—Cowhage (plant) Carpopogon pruriens.

**ଅବ୍ୟଙ୍ଗାଙ୍ଗ**—ସଂ.ବିଣ.ପୁଂ.(ବହୁବ୍ରୀହି; ଅବି + ଅଙ୍ଗ+ଅଙ୍ଗ)—
Abyaṅgāṅga ୧ । ଅବିକଳାଙ୍ଗ—
(ଅବ୍ୟଙ୍ଗାଙ୍ଗୀ—ସ୍ତ୍ରୀ) 1. Not deformed or mutilated.
୨ । ପୂର୍ଣ୍ଣାଙ୍ଗ; ସମ୍ପୂର୍ଣ୍ଣ—2. Perfect; entire.

ଅବ୍ୟଙ୍ଗାଙ୍ଗୀ, ସୌମ୍ୟନାମ୍ନୀ, ହଂସବାରଣଗାମିନୀ, ତନଲୋମ ଦଶନା ଓ ମୃଦ୍ୱଙ୍ଗୀ
ସ୍ତ୍ରୀକୁ ବିବାହ କରିବ । ସନାତନ—ମନୁ । ୩ । ୧୦ ।

**ଅବ୍ୟଞ୍ଜନ**—ସଂ.ବିଣ. ପୁଂ (ବହୁବ୍ରୀହି;ଅ+ବ୍ୟଞ୍ଜନ=ଲିଙ୍ଗ ବା ଯୌବନ-
Abyañjana ଜ୍ଞାପକ ଚିହ୍ନ)—୧ । ଯେଉଁ ବ୍ୟକ୍ତି ବା ପ୍ରାଣୀର ଲିଙ୍ଗ
(ଅବ୍ୟଞ୍ଜନା—ସ୍ତ୍ରୀ) ବା ଯୌବନଜ୍ଞାପକ ଚିହ୍ନ ନାହିଁ; ହେଙ୍ଗେଡ଼ା;
(ଅବ୍ୟଞ୍ଜନତା—ବି) ମାଖୁନା—1. (person or animal) Having no characterestic marks of sex; without the; marks of puberty.
(ଯଥା—ହେଙ୍ଗେଡ଼ା ମନୁଷ୍ୟ; ହେଙ୍ଗେଡ଼ୀ ସ୍ତ୍ରୀ; ଅପୁଷୀ ସ୍ତ୍ରୀ;ମାଖୁନା ମନୁଷ୍ୟ; ମାଖୁନା ହାତୀ)—
୨ । ଅବ୍ୟକ୍ତ—2. Indistinct.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | ଜ୍ଞ | ଇସ୍ତ | ଡ଼ଥ | ଢ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୩ । ବ୍ୟଞ୍ଜନବର୍ଣ୍ଣରହିତ (ଶବ୍ଦ;ଧ୍ୱନି)—
3 Without consonants.
୪ । ବ୍ୟଞ୍ଜନାର୍ଥରହିତ—4. Not figurative; plain (in meaning)
୫ । ଉତ୍ତମ ଚିହ୍ନରହିତ—5. Having no good marks.
ସଂ. ବି.—ଯେଉଁ ଶୃଙ୍ଗୀ ଜୀବର ଶୃଙ୍ଗ ଉଠିବାର ବୟସ ହୋଇ ଥିଲେହେଁ ଶିଙ୍ଗ ଉଠି ନାହିଁ—
An animal without horns (though of age to have them) (M.. W.)

**ଅବ୍ୟଣ୍ଡା**—ସଂ. ବି. ସ୍ତ୍ରୀ. (ଅ+ବି+ଅଣ୍ଡ+ଆ)—୧ । ବାଇଡଙ୍କ—
Abyaṇḍā 1. Cowitch; cowhage; Carpopogon pruriens (plant)
୨ । ଯବଧାନ ଶିଂଷାର ଛୁଇଁ—2. A legume or pod of the awn of barley. (Apte)

**ଅବ୍ୟତିକୀର୍ଣ୍ଣ**—ସଂ. ବିଣ.—୧ । ଅମିଶ୍ରିତ—1. Unmixed,
Abyatikirṇṇa ୨ । ପୃଥକ୍—2. Separate; distinct (M W.)

**ଅବ୍ୟଥ**—ସଂ. ବିଣ.ପୁଂ. (ବହୁବ୍ରୀହି; ଅ+ବ୍ୟଥା)—୧ । ବ୍ୟଥାରହିତ-
Abyatha 1. Painless.
(ଅବ୍ୟଥା—ସ୍ତ୍ରୀ) ୨ । ବ୍ୟଥିତ ହୋଇ ନ ଥିବା—
(ଅବ୍ୟଥତ୍ୱ—ବି) 2. Untroubled.
୩ । ଯାହା ବ୍ୟଥା ଦିଏ ନାହିଁ—
3 Not inflicting pain.
୪ । ନିର୍ଭୟ; ନିଡର—4. Intrepid.
୫ । ପରପୀଡ଼ାବିମୁଖ; ସକରୁଣ; ସଦୟ—
5. Kind; merciful; not oppressive.
ସଂ. ବି—ସର୍ପ—Serpent

**ଅବ୍ୟଥା**—ସଂ. ବିଣ. ସ୍ତ୍ରୀ. ( ଅବ୍ୟଥ+ଆ )—ଅବ୍ୟଥର ସ୍ତ୍ରୀ ଲିଙ୍ଗ—
Abyathā Feminine of Abyatha.
ସଂ. ବି.—୧ । ଶୁଣ୍ଠି—1. Dry ginger
୨ । ହରିତକୀ; ହରିଡ଼ା—2. Myrobalan.
୩ । ସ୍ଥଳପଥ—3. Land route; passage over land.
୪ । (ଅ+ବ୍ୟଥା) ବ୍ୟଥା ବା କଷ୍ଟର ଅଭାବ—
4. Want of pain.
୫ । (ବୈଦିକ) କମ୍ପର ଅଭାବ; ଦୃଢ଼ତା—
5. Absence of tremour; firmness.
୬ । ଗୁଳ୍ମବିଶେଷ—6. The plant Hibiscus. Mutabilis ( M. W. )
୭ । ଗୁଳ୍ମବିଶେଷ—7. The plant Terminalia Citrina Roxb ( M.W. )

**ଅବ୍ୟଥିଷ**—ସଂ. ବି. ( ଅ+ବ୍ୟଥ ଧାତୁ+ଇଷ )—
Abyathisha ୧ । ସୂର୍ଯ୍ୟ—1. The sun (Apte)
୨ । ସମୁଦ୍ର—2. The ocean (Apte)

**ଅବ୍ୟଥିଷୀ**—ସଂ. ବି. ସ୍ତ୍ରୀ. ( ଅବ୍ୟଥିଷ+ଈ )—
Abyathishī ୧ । ପୃଥିବୀ—1. The earth.
୨ । ରାତ୍ରି—2. Night.
୩ । ଅର୍ଦ୍ଧରାତ୍ର—3. Midnight (Apte)

**ଅବ୍ୟଥୀ**—ସଂ. ବିଣ. ପୁଂ (ଅ+ବ୍ୟଥା+ଇନ୍. ୧ମା. ୧ବ.)—
Abyathī ୧ । ବ୍ୟଥା ଭୋଗ କରୁ ନ ଥିବା—
(ଅବ୍ୟଥିନୀ—ସ୍ତ୍ରୀ) 1. Not ailing.
୨ । ନିର୍ଭୀକ; ନିଡର—2. Undaunted; fearless.
୩ । ଯେ ଅନ୍ୟକୁ ବ୍ୟଥା ନ ଦିଏ—
3. Not inflcting pain.

**ଅବ୍ୟଥ୍ୟ**—ସଂ. ବିଣ. ପୁଂ. ( ଅ+ବ୍ୟଥ ଧାତୁ+ଯ )—
Abyathya ୧ । ବ୍ୟଥାଶୂନ୍ୟ—1. Free from pain.
(ଅବ୍ୟଥା—ସ୍ତ୍ରୀ) ୨ । ଯେ ଅନ୍ୟକୁ ବ୍ୟଥା ନ ଦିଏ—
2. Not inflicting pain.

**ଅବ୍ୟପେକ୍ଷା**—ସଂ. ବି. ( ଅ+ବି+ଅପେକ୍ଷା )—ବେଖାତିର—
Abyapekshā Carelessness (Apte)

**ଅବ୍ୟପେତ**—ସଂ. ବିଣ. ( ଅ+ବି+ଅପେତ )—
Abyapeta ୧ । ଅଭିନ୍ନ; ଅବିଚ୍ଛିନ୍ନ—1. Not separated.
୨ । ସଲଗ୍ନ—2. Contiguous (M. W. )

**ଅବ୍ୟବଧାନ**—ସଂ. ବିଣ. (ବହୁବ୍ରୀହି; ଅ+ବ୍ୟବଧାନ)—
Abyabadhāna ୧ । ଯାହା ମଧ୍ୟରେ କୌଣସି ବ୍ୟବଧାନ ବା
(ଅବ୍ୟବଧାନତା—ବି) ଅନ୍ତର ନ ଥାଏ—1. Without any
(ଅବ୍ୟବହିତ—ବିଣ) intervening object.
୨ । ଲାଗିଥିବା—2. Contiguous; adjoining.
୩ । ପ୍ରକାଶ୍ୟ; ଖୋଲା—3. Open; not concealed or screened.
୪ । ଅନାବୃତ—4. Uncovered; bare.
୫ । ମନଯୋଗରହିତ—5. Inattentive.
ସଂ. ବି—୧ । ଅମନୋଯୋଗ—1. Carelessness.
୨ । ଦୁଇ ବସ୍ତୁ ମଧ୍ୟରେ ଫାଙ୍କ ନ ଥିବା—
2 Absence of intervening space.

**ଅବ୍ୟବସାୟ**—ସଂ. ବି. ( ଅ+ବ୍ୟବସାୟ )—
Abyabasāya ୧ । ନୀଚ ବା ମନ୍ଦ ବ୍ୟବସାୟ—
1. Mean occupation.
୨ । ବ୍ୟବସାୟର ଅଭାବ—2 Want of employment
୩ । ଅପରିଶୀଳନ—3. Want of discussion.
୪ । ଅନୁଶୀଳନ—4. Want of exercise.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲ୍‌ବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଉଦ୍ଯୋଗର ଅଭାବ—5. Want of effort.

**ଅବ୍ୟବସାୟୀ**—ଦେ. ବିଣ—ବ୍ୟବସାୟ ବା ବେପାରରେ ଅନଭିଜ୍ଞ—
Abyabasāyi Ignorant of business or trade.
(ଅବ୍ୟବସାୟିନୀ—ସ୍ତ୍ରୀ) ସଂ. ବିଣ. ( ଅବ୍ୟବସାୟିନ୍ ୧ମା. ୧ବ. )—
୧ । ସୁସ୍ତି—1. Inactive.
୨ । ହେଳାଦସ୍ତ ( ଲୋକ )—2. Negligent.

**ଅବ୍ୟବସ୍ଥ**— ସଂ. ବିଣ. ( ବହୁବ୍ରୀହି; ଅ+ବ୍ୟବସ୍ଥା )—
Abyabastha ୧ । ବିଶୃଙ୍ଖଳ—1. Unmethodical.
(ଅବ୍ୟବସ୍ଥା—ସ୍ତ୍ରୀ) ୨ । ଯାହାର କାର୍ଯ୍ୟରେ ବ୍ୟବସ୍ଥା ବା ଶୃଙ୍ଖଳା ନାହିଁ—2. Having no system in work.
୩ । ଅନିଶ୍ଚିତ—3. Unsettled.
୪ । ଅସ୍ଥିର; ଚଞ୍ଚଳ—4. Not fixed; fickle; unstable.
୫ । ଅନିୟମିତ—5. Disorderly; undisciplined; irregular.

**ଅବ୍ୟବସ୍ଥା**—ସଂ. ବି. ( ଅ+ବ୍ୟବସ୍ଥା )—
Abyabasthā ୧ । ବ୍ୟବସ୍ଥାର ଅଭାବ—
1. Want of system or method.
୨ । ଅନିୟମ—2. Irregularity.
୩ । ଆଇନ ସମ୍ବନ୍ଧେ ଦିଆ ଯିବା ଭ୍ରାନ୍ତ ମତ—
3. Incorrect legal opinion.
ଦେ. ବି— ଆଇନ ବିରୁଦ୍ଧ କାର୍ଯ୍ୟ—Illegal action.
ରଜା ସଙ୍ଗେ ବୃଷ୍ଣମାନଙ୍କ ଅବ୍ୟବସ୍ଥା । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**ଅବ୍ୟବସ୍ଥିତ**—ସଂ. ବିଣ. ( ଅ+ବ୍ୟବସ୍ଥିତ )—
Abyabasthita ୧ । ଅବ୍ୟବସ୍ଥ ( ଦେଖ )
1. Abyabastha ( See )
୨ । ବ୍ୟବସ୍ଥା ବା ରୀତିବିରୁଦ୍ଧ—
2. Not conformable to law or practice.
ସଂ. ବି. (କର୍ମଧା)—ଅସ୍ଥିରମତି—
Fickle or unstable mind.

**ଅବ୍ୟବସ୍ଥିତଚିତ୍ତ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅବ୍ୟବସ୍ଥିତ+ଚିତ୍ତ)—
Abyabasthitachitta ଅସ୍ଥିରଚିତ୍ତ; ଯାହାର ମନ ଚଞ୍ଚଳ—
(ଅବ୍ୟବସ୍ଥିତଚିତ୍ତା—ସ୍ତ୍ରୀ) Fickle-minded; of unsettled mind

**ଅବ୍ୟବସ୍ଥିତଚେତା**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ବହୁବ୍ରୀହି; ଅବ୍ୟବସ୍ଥିତ+
Abyabasthitachetā ଚେତସ୍; ୧ମା. ୧ବ )—ଅସ୍ଥିରମତି; ଯାହାର ମନ ଚଞ୍ଚଳ—Fickle minded.

**ଅବ୍ୟବହାର୍ଯ୍ୟ**—ସଂ. ବିଣ. ( ଅ+ବି+ଅବ+ହୃ ଧାତୁ+କର୍ମ. ଯ )—
Abyabahāya ୧ । ସମାଜଚ୍ୟୁତ; ଜାତିଭାଇଙ୍କ ସଙ୍ଗେ ଏକ ପଙ୍କ୍ତିରେ ଖାଇ ନ ପାରିବା ( ବ୍ୟକ୍ତି )—
1. Excommunicated, not entitled to dine with people of the same community.
୨ । ମକଦ୍ଦମାରେ ଦାବୀର ଅନ୍ତର୍ଭୁକ୍ତ ହେବାର ଅଯୋଗ୍ୟ—
2. Not fit to be included in the claim of a case.

**ଅବ୍ୟବହାର**—ସଂ. ବି. (ଅ+ବ୍ୟବହାର)—୧ । ବ୍ୟବହାରର ଅଭାବ—
Abyabahāra 1. Want of use; nonuser.
( ଅବ୍ୟବହୃତ—ବିଣ ) ୨ । ପ୍ରଥା ବା ରୀତିର ଅଭାବ—
2. Want of rule or custom.
୩ । ଆଇନବିରୁଦ୍ଧ କାର୍ଯ୍ୟ—3. Illegal act.
୪ । ମନ୍ଦ ପ୍ରଥା—4. Evil custom.

**ଅବ୍ୟବହାର୍ଯ୍ୟ**—ସଂ. ବିଣ. ( ଅ+ବ୍ୟବହାର୍ଯ୍ୟ )—
Abyabahārjya ୧ । ବ୍ୟବହୃତ ହେବାର ଅଯୋଗ୍ୟ—
1. Unfit for use.
୨ । ଅକର୍ମଣ୍ୟ; ବେକାମିକା—2. Useless.

**ଅବ୍ୟବହିତ**—ସଂ. ବିଣ. ( ଅ+ବ୍ୟବହିତ )—୧ । ବ୍ୟବଧାନରହିତ—
Abyabahita 1. Without any space between.
୨ । ସନ୍ନିହିତ—2. Adjoining; adjacent
୩ । ସଂଲଗ୍ନ; ଲାଗିଥିବା—3. Contiguous.
୪ । ଅତି ନିକଟବର୍ତ୍ତୀ ( ସ୍ଥାନ ବା ସମୟ )—
4. Immediate.

**ଅବ୍ୟବହିତପରେ**—ଦେ. କ୍ରି. ବିଣ. ( ସଂ. ଅବ୍ୟବହିତ+ପର )—
Abyabahitapare ୧ । ଠିକ୍ ପରକ୍ଷଣରେ—
অব্যবহিতপরে 1. Immediately after; just after.
पीछेपीछे ୨ । ତତ୍ପରେ—2. Next after.
୩ । ( ତାହାର ) ଠିକ୍ ପରବର୍ତ୍ତୀ ସ୍ଥାନରେ—
3. Next to (a place).
୪ । ଲାଗିକରି—4. Contiguously.

**ଅବ୍ୟବହୃତ**—ସଂ. ବିଣ ( ଅ+ବ୍ୟବହୃତ )—
Abyabahṛuta ୧ । ବ୍ୟବହାର କରାଯାଇ ନ ଥିବା; ବ୍ୟବହାରରେ ଲଗାଯାଇ ନ ଥିବା—1. Not used.
୨ । ଅପ୍ରଚଳିତ—2. Not current.
୩ । ଅନୁପଭୁକ୍ତ—3. Unenjoyed.

**ଅବ୍ୟଭିଚାର**—ସଂ. ବି. (ଅ+ବ୍ୟଭିଚାର )—୧ । ବ୍ୟଭିଚାରର ଅଭାବ—
Abyabhichāra 1 Absence of adultery.
୨ । ଅବାଧ; ଅନାୟାସ—
2. Absence of impediment; ease.
୩ । ନିଜର ସ୍ୱାମୀ ବା ସ୍ତ୍ରୀ ପ୍ରତି ଏକାନ୍ତ ଆସକ୍ତି—
3. Constancy; fidelity; conjugal fidelity
ମରଣ ପର୍ଯ୍ୟନ୍ତ ଅନ୍ୟୋନ୍ୟର ଅବ୍ୟଭିଚାର ସ୍ତ୍ରୀ ଓ ପୁରୁଷର ପରମ ଧର୍ମ ଅଟେ—
ରାମଶଙ୍କର. ମନ. ୯।୧୦୧ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଛେ଼ | ଡ଼ଅ | ଢ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | କ୍ନ |

୪ । ପରସ୍ପର ଠାରୁ ପୃଥକ୍ ନ ହେବା ଅବସ୍ଥା; ଅବିଚ୍ଛେଦ—
4. Non-separation.

୫ । ( ନିୟମାଦିର ) ଅଲଙ୍ଘନ—
5. Non-transgression ( M. W. )

ଧର୍ମର ଅବ୍ୟଭିଚାର ଓ ଅଧର୍ମର ଦୂରୀକରଣ ପାଇଁ ମିଥ୍ୟା ସାକ୍ଷ୍ୟର ଦଣ୍ଡବିଧାନ କରାଯାଇ ଅଛି—ଭବନଶଙ୍କର, ମନୁ. ୮।୧୨୨ ।

ସଂ. ବିଣ. ( ବହୁବ୍ରୀହି )—ଅବ୍ୟଭିଚାରୀ ( ଦେଖ )
Abyabhichārī ( See )

ଅବ୍ୟଭିଚାରୀ—ସଂ. ବିଣ. ପୁଂ (ଅ+ବ୍ୟଭିଚାର+ଇନ୍; ୧ମା.୧ବ.)—
Abyabhichārī ( ଅବ୍ୟଭିଚାରିଣୀ—ସ୍ତ୍ରୀ ) ( ଅବ୍ୟଭିଚାରିତା—ବି )
୧ । ବ୍ୟଭିଚାର-ଦୋଷରହିତ; ନିଜର ସ୍ତ୍ରୀ ଛଡ଼ା ଅନ୍ୟ ସ୍ତ୍ରୀ ପ୍ରତି ଅନାସକ୍ତ—
1 Chaste; constant; faithful to one's wife.

୨ । ନିଜର ପ୍ରଭୁ ପ୍ରତି ଏକାନ୍ତ ଭକ୍ତିଯୁକ୍ତ—
2. Faithful to one's master.

୩ । ଅନୁକୂଳ; ଯାହା ପ୍ରତିକୂଳ ନୁହେ—
3 Favourable.

୪ । ଯାହାର ନିପାତନ ବା ବ୍ୟତିକ୍ରମ ନାହିଁ—
4. Not subject to exception; true in all cases; without any instance to the contrary.

୫ । ଅଟଳ; ସ୍ଥିର; ଦୃଢ଼—5. Steady; firm.

୬ । ସ୍ଥାୟୀ; ନିତ୍ୟ—6. Permanent; constant.

୭ । ଅଭନ୍ନ; ଅବିକଳ —7. Exact.

୮ । ଅପରିବର୍ତ୍ତନଶୀଳ—
8. Invariable; unchangeable.

୯ । ଧାର୍ମିକ—9. Pious; religious.

୧୦ । ଧର୍ମ ଓ ନ୍ୟାୟ ପଥରୁ ଅବିଚଳିତ—
10. Not deviating from rectitude or righteousness; moral.

୧୧ । ଅବିସମ୍ବାଦୀ—11. Not opposing; tallying.

୧୨ । ( ନ୍ୟାୟ ଦର୍ଶନ ) ପ୍ରତିକୂଳ କାରଣଦ୍ୱାରା ଯାହା ବାଧିତ ହୋଇ ନ ପାରେ—
12. Not preventible by any untoward cause.

୧୩ । ଅଲକ୍ଷରେ ଯାହାର ସମନ୍ୱୟ ହୁଏ ନାହିଁ—
13. Not reconcilable in secret.

ଅବ୍ୟୟ—ସଂ. ବିଣ ( ବହୁବ୍ରୀହି; ଅ+ବ୍ୟୟ )—
Abyaya ( ଅବ୍ୟୟା—ସ୍ତ୍ରୀ ) ଅବ୍ୟୟିତା ଅବ୍ୟୟିତ୍ୱ }
୧ । ଅବିନାଶୀ; ଅକ୍ଷୟ—1. Imperishable.

୨ । ଅପରିବର୍ତ୍ତନଶୀଳ—2. Immutable; not liable to change.

୩ ଅନନ୍ତ; ଚିରସ୍ଥାୟୀ—3. Everlasting; eternal.

୪ । ବ୍ୟୟବିଷୟରେ ସାବଧାନ; ଯେ ଅପବ୍ୟୟୀ ନୁହେ—
4. Economical; parsimonious.

୫ । ବ୍ୟୟିତ ହୋଇ ନ ଥିବା—5. Unexpended.

୬ । ଅପବ୍ୟୟିତ ହୋଇ ନ ଥିବା; ଅପଚୟରହିତ—
6. Unwasted (Apte)

୭ । ଯେଉଁ ବୃକ୍ଷ ଅବିନାଶୀ ଫଳ ପ୍ରଦାନ କରେ—
7. Giving imperishable fruit (Apte )

୮ । ବ୍ୟୟକୁଣ୍ଠ; କୃପଣ—8. Miserly.

ସଂ. ବି—୧ । ବ୍ୟୟର ଅଭାବ—
1. Absence of expenditure.

୨ । ବ୍ୟୟକୁଣ୍ଠା—2. Miserliness.

୩ । ବ୍ୟୟ ବିଷୟରେ ସାବଧାନତା—
3. Economy; parsimony

୪ । ( ବେଦାନ୍ତ ) କୌଣସି ସୁଗଠିତ ପୂର୍ଣ୍ଣ ବସ୍ତୁର ଅଙ୍ଗ ବା ଅବୟବ—
4. ( Bedānta ) A member or corporeal part of an organised body ( M. W)

୫ । ବିଷ୍ଣୁ—5. A name of Bishṇu.

୬ । ଶିବ—6. A name of Siba.

୭ । ପରବ୍ରହ୍ମ—7. The Supreme Soul,

୮ । ରୈବତ ମନୁଙ୍କ ପୁତ୍ର—
8. Name of the son of Raibata Manu.

୯ । ନାଗବିଶେଷ—Name of a Nāga-demon,

୧୦ । (ବ୍ୟାକରଣ)—ସବୁ ଲିଙ୍ଗ, ସବୁ ବଚନ, ସବୁ କାରକ ଓ ସବୁ ବିଭକ୍ତିରେ ଏକରୂପ ଧାରଣ କରିବା ପଦ ବା ପଦାଂଶ; କାରକ, ଲିଙ୍ଗ ଓ ବଚନ ଭେଦରେ ଯେଉଁ ପଦ ବା ପଦାଂଶମାନଙ୍କ ରୂପାନ୍ତର ବା ହ୍ରାସବୃଦ୍ଧି ଘଟେ ନାହିଁ—
( grammar) Indeclinable particle or word.

[ ଏଥିର ସ୍ପଷ୍ଟ ସଂଜ୍ଞା—
ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ,
ବଚନେଷୁ ଚ ସର୍ବେଷ ଯନ୍ନବ୍ୟେତି ତଦବ୍ୟୟଂ ,

ଅବ୍ୟୟର ଉଦାହରଣ—ଅତି, ପର, ପାଇଁ, କି, କେବଳ, ଏବଂ, ସବୁ ଉପସର୍ଗ, ସମ୍ବୋଧନ, ଆହ୍ୱାନାଦିରେ ବ୍ୟବହୃତ ଶବ୍ଦମାନ, ଧ୍ୱନ୍ୟାତ୍ମକ ଶବ୍ଦମାନ ]

ଦେଶୀ. ବି. (ଅ ଅସ୍ୟ)—
ଘୃଣା—Aversion.

ଦେଶୀ. ବି. (କନ୍ଧଭାଷା)—କନ୍ଧ ଜାତିର ସର୍ଦ୍ଦାରର ଉପାଧି—
Title of a Kandha patriarch.

ଅବ୍ୟୟା—ସଂ. ବିଣ. ସ୍ତ୍ରୀ. (ଅବ୍ୟୟ+ଆ)—ଅବ୍ୟୟର ସ୍ତ୍ରୀଲିଙ୍ଗ—
Abyayā Feminine of Abyaya.

ସଂ. ବି ସ୍ତ୍ରୀ. ଦୁର୍ଗା—An epithet of Durgā.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

**ଅବ୍ୟୟୀ**—ସଂ. ବିଣ. ପୁଂ. ( ଅ+ ବ୍ୟୟିନ୍; ୧ମା. ୧ବ )—
Abyayī ୧ । କୃପଣ—1. Miserly.
(ଅବ୍ୟୟିନୀ—ସ୍ତ୍ରୀ) ୨ । ଯେ ବ୍ୟୟଶୀଳ ନୁହେ; ମିତବ୍ୟୟୀ—
Economical; parsimonious.

**ଅବ୍ୟୟୀଭାବ**—ସଂ. ବି. (ଅବ୍ୟୟ + ଅଭୂତତଦ୍ଭାବେ. ଚ୍ୱି + ଭାବ )—
Abyayībhāba
୧ । (ବ୍ୟାକରଣ ) ସମାସବିଶେଷ (ଯେଉଁ ସମାସରେ ପୂର୍ବପଦସ୍ଥ ଅବ୍ୟୟ ଓ ପରପଦସ୍ଥ ବିଶେଷ୍ୟ ଓ ସମସ୍ତପଦ ଅବ୍ୟୟରୂପ ଧାରଣ କରେ ।)—
1. (grammar) A kind of compound formation ( in which a declinable word is changed into an indeclinable form by prefixing or adding an indeclinable word to it.)
[ଅବ୍ୟୟୀଭାବର ଉଦାହରଣ ଯଥା—ସମୁଦ୍ର ପର୍ଯ୍ୟନ୍ତ=ଆସମୁଦ୍ର; ଶକ୍ତିକୁ ଅତିକ୍ରମ ନ କରି=ଯଥାଶକ୍ତି; ଆତ୍ମାକୁ ଅଧିକାର କରି= ଅଧ୍ୟାତ୍ମ; ଅହନ୍ ବା ଦିବସର ପ୍ରତ୍ୟେକ=ପ୍ରତ୍ୟହ; ତୃଷ୍ଣାର ସହିତ =ସତୃଷ୍ଣ । ]
୨ । ବ୍ୟୟ ନ କରିବା ଅବସ୍ଥା—
2 The state of not spending.
୩ । ନିର୍ଦ୍ଧନତା ଯୋଗୁଁ ବ୍ୟୟାଭାବ—3. Absence of expenditure due to poverty (Apte)
୪ । ଅପରିବର୍ତ୍ତନୀୟ ଅବସ୍ଥା—4. Unchangeable state; imperishability.

**ଅବ୍ୟୟେ**—ଗ୍ରା. ବି—ଅବ୍ୟ; ଘୃଣା—
Abyaye Aversion.

**ଅବ୍ୟର୍ଣ୍ଣ**—ସଂ. ବିଣ. ( ଅ+ ବ୍ୟର୍ଣ୍ଣ )—ଅତ୍ୟାଚାରିତ ହୋଇ ନ ଥିବା—
Abyarṇṇa Unoppressed ( M. W. )

**ଅବ୍ୟର୍ଥ**—ସଂ. ବିଣ. ( ଅ + ବ୍ୟର୍ଥ )— ୧ । ଅମୋଘ; ଯାହା କଦାପି
Abyartha ନିଷ୍ଫଳ ହୁଏ ନାହିଁ—1. Unfailing.
(ଅବ୍ୟର୍ଥା—ସ୍ତ୍ରୀ) ୨ । ସଫଳ; ଫଳପ୍ରଦ—2. Efficacious;
(ଅବ୍ୟର୍ଥତା—ବି) successful; fruitful.
୩ । ଲାଭଜନକ—3. Profitable.
୪ । ଯାହା ବେଦରକାରୀ ନୁହେ—
4. Not useless.

**ଅବ୍ୟର୍ଥଲକ୍ଷ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅବ୍ୟର୍ଥ + ଲକ୍ଷ୍ୟ )—
Abyarthalakshya ଯାହାର ଶର ବା ଗୁଳି ଆଦି ଲକ୍ଷ୍ୟ
(ଅବ୍ୟର୍ଥଲକ୍ଷ୍ୟା—ସ୍ତ୍ରୀ) ସ୍ଥାନରେ ନିଶ୍ଚେ ବାଜିବ; ଯାହାର ଲକ୍ଷ୍ୟ ଅମୋଘ ଅଟେ—Of sure aim.
ସଂ. ବି. (କର୍ମଧା)—ଶର ବା ଗୁଳି ଆଦି ଲକ୍ଷିତ ସ୍ଥାନରେ ବାଜିବା—Sureaim.

**ଅବ୍ୟର୍ଥସନ୍ଧାନ**—ସଂ. ବିଣ. ଓ ବି.—ଅବ୍ୟର୍ଥଲକ୍ଷ୍ୟ ( ଦେଖ )
Abyarthasandhāna Abyarthalakshya (See)

**ଅବ୍ୟଳୀକ**—ସଂ. ବିଣ. ( ଅ+ବ୍ୟଳୀକ )—
Abyalīka ୧ । ଯାହା ମିଥ୍ୟା ନୁହେ; ସତ୍ୟ—
1. Not false; true.
୨ । ଅପ୍ରୀତିକରଭାବହୀନ—2. Having no unpleasantness or uneasiness ( M.W. )

**ଅବ୍ୟସ୍ତ**—ସଂ. ବିଣ. ( ଅ + ବ୍ୟସ୍ତ )—
Abyasta ୧ । ଯାହା ପଚିଯାଇ ନ ଥାଏ—
1. Undecomposed.
୨ । ପୃଥକ୍ କରାଯାଇ ନ ଥିବା—
2. Not separated; not split up.
୩ । ସଂଗୃହୀତ—3. Collected..
୪ । ଯାହାର ଉପାଦାନଗୁଡ଼ିକ ପୃଥକ୍ କରାଯାଇ ନାହିଁ—
4. Unanalysed.

**ଅବ୍ୟାକୁଳ**—ସଂ. ବିଣ. ପୁଂ. ( ଅ + ବ୍ୟାକୁଳ )—
Abyākuḻa ୧ । ଅନାକୁଳ; ଚିତ୍ତଚାଞ୍ଚଲ୍ୟରହିତ—
(ଅବ୍ୟାକୁଳା—ସ୍ତ୍ରୀ) 1. Not agitated; unperturbed.
(ଅବ୍ୟାକୁଳତା—ବି) ୨ । ପ୍ରଶାନ୍ତ—2. Calm.

**ଅବ୍ୟାକୁଳିତ**—ସଂ. ବିଣ. ପୁଂ—ଅବ୍ୟାକୁଳ ( ଦେଖ )—
Abyākuḻita Abyākuḻa (See)
(ଅବ୍ୟାକୁଳିତା—ସ୍ତ୍ରୀ)

**ଅବ୍ୟାକୃତ**—ସଂ. ବିଣ. ( ଅ + ବ୍ୟାକୃତ )—
Abyākṛuta ୧ । ଅପରିବର୍ତ୍ତିତ—1. Unchanged.
(ଅବ୍ୟାକୃତି—ବି) ୨ । ଅଖଣ୍ଡିତ—2. Whole; uncut.
୩ । ଅବିଭକ୍ତ—3. Undivided.
୪ । ଅଦୃଶ୍ୟ; ଅବ୍ୟକ୍ତ—4. Not manifest.
୫ । ଅପରିଣତ—5. Not developed.
ସଂ. ବି. ( ବେଦାନ୍ତ )—୧ । ପ୍ରକୃତିର ମୂଳ ବୀଜ; ବ୍ରହ୍ମ ଓ ଏହି ଜଗତର ଉତ୍ପାଦକ ବୀଜ ପଦାର୍ଥ—
1. ( Bedānta ) Elementary substance from which all things were created, considered as one with the substance of Brahma ( M. W. )
୨ । ( ସାଂଖ୍ୟ ) ପରମାତ୍ମାଠାରୁ ସ୍ୱତନ୍ତ୍ର ପ୍ରକୃତିର ମୂଳବୀଜାତ୍ମକ ବସ୍ତୁ—1. (Sāṁkhya philosophy) The primordial germ of nature; the seed of creation ( distinct from the Supreme Soul (Apte ).

**ଅବ୍ୟାକ୍ଷେପ**—ସଂ. ବି. ( ଅ + ବ୍ୟାକ୍ଷେପ )—
Abyākshepa ୧ । ମାନସିକ ଚଞ୍ଚଳତାର ଅଭାବ—
1. Absence of unsteadiness of mind.
୨ । ଦୃଢ଼ସଙ୍କଳ୍ପ—2. Resolution ( M. W. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର୍, ଋ | ଝ | ଏ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ, ଷ | ଙ୍କ | ଇଯ୍ | ଢ଼ଅ | ଭ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷଂ | ଯ | ସ | ଙ୍ଗ | ଇଅ | ଓ | କ୍ଟ |

ଅବ୍ୟାଖ୍ୟା—ସଂ. ବି. ( ଅ + ବ୍ୟାଖ୍ୟା )—୧ । ବ୍ୟାଖ୍ୟାର ଅଭାବ—
Abyākhyā 1. Want of explanation.
( ଅବ୍ୟାଖ୍ୟାତ—ବିଣ ) ୨ । ଅବ୍ୟକ୍ତତା—
2. Want of clearness.
୩ । ଅବୋଧତା—3. Obscurity.

ଅବ୍ୟାଖ୍ୟାନ—ସଂ. ବି. ( ଅ + ବ୍ୟାଖ୍ୟାନ )—ଅବ୍ୟାଖ୍ୟା ( ଦେଖ )
Abyākhyāna Abyākhyā ( See )

ଅବ୍ୟାଖ୍ୟେୟ—ସଂ. ବିଣ. ( ଅ + ବ୍ୟାଖ୍ୟେୟ )—
Abyākhyeya ୧ । ଯାହାକୁ ବ୍ୟାଖ୍ୟା କରାଯାଇ ନ ପାରେ—
1. Inexplicable.
୨ । ଦୁର୍ବୋଧ—2. Not capable of being understood; obscure; unintelligible.
୩ । ଯାହା ଏତେ ସହଜ ଯେ ତାର ବ୍ୟାଖ୍ୟା ଲୋଡ଼ା ନାହିଁ—
3. Easy; not requiring explanation.

ଅବ୍ୟାଘାତ—ସଂ. ବି. (ଅ + ବ୍ୟାଘାତ)—ବ୍ୟାଘାତ ବା ବାଧାର ଅଭାବ—
Abyāghāta Absence of restraint or obstruction
ସଂ. ବିଣ—୧ । ଅପ୍ରତିବନ୍ଧକ; ଅବାଧ—
1. Unobstructed.
୨ । ଲଗାଲଗି—2. Continuous.

ଅବ୍ୟାଜ—ସଂ. ବି. ( ଅ + ବ୍ୟାଜ )—
Abyāja ୧ । ଛଳର ଅଭାବ; ସରଳତା; ଅକପଟତା—
1. Absence of guile; artlessness; frankness; simplicity.
୨ । ସଚ୍ଚୋଟପଣ—2. Honesty.
୩ । ଅବିଳମ୍ବ—3. Absence of delay.
ସଂ. ବିଣ.—୧ । ସ୍ୱାଭାବିକ—1. Natural.
୨ । ଯାହା ଲୋକ ଦେଖାଣିଆଁ ନୁହେ—
2. Not pretended or assumed.
୩ । ଅକୃତ୍ରିମ—3. Not artificial.
୪ । ଅକପଟ—4. Guileless; artless.
[ ଦ୍ର—ଏହି ଅବ୍ୟାଜ ଶବ୍ଦ ସମାସରେ ବ୍ୟବହୃତ ହୋଇ ବିଶେଷଣର ବିଶେଷଣ ଅର୍ଥ ମଧ୍ୟ ହୁଏ; ଯଥା—ଅବ୍ୟାଜ ସୁନ୍ଦର; ଅବ୍ୟାଜ ମନୋହର = ଅକୃତ୍ରିମରୂପେ ସୁନ୍ଦର । ]

ଅବ୍ୟାଜମନୋହର—ଯୌ. ବିଣ. ( ଅବ୍ୟାଜ = ସ୍ୱାଭାବିକରୂପେ + ମନୋହର )—୧ । ସ୍ୱାଭାବିକ ସୌନ୍ଦର୍ଯ୍ୟ ଯୋଗୁଁ ସୁନ୍ଦର—1. Artlessly beautiful; possessing beauty or grace which is not assumed.
Abyājamanohara
( ଅବ୍ୟାଜମନୋହରା—ସ୍ତ୍ରୀ )
( ଅବ୍ୟାଜମନୋହରତା—ବି )
୨ । ସ୍ୱଭାବତଃ ସୁନ୍ଦର—2. Naturally beautiful.
[ ଦ୍ର—ଏହିପରି ଅବ୍ୟାଜମଧୁର, ଅବ୍ୟାଜରମଣୀୟ, ଅବ୍ୟାଜସୁନ୍ଦର ପଦ ହୁଏ । ]

ଅବ୍ୟାଜରେ—ଦେ. କ୍ରି. ବିଣ. (ସଂ. ଅବ୍ୟାଜ)—୧ । ଅକପଟଭାବରେ—
Abyājare 1. Artlessly; frankly.
অব্যাজেতে ୨ । ଅକାରଣରେ; ବୃଥାରେ—2. In vain.
बेफायदा

ଅବ୍ୟାପକ—ସଂ. ବିଣ. (ଅ + ବ୍ୟାପକ)—୧ । ଯାହା ସର୍ବବ୍ୟାପୀ ନୁହେ-
Abyāpaka 1. Not extensive; not comprehensive.
(ଅବ୍ୟାପକତା—ବି)
୨ । ଆଂଶିକ—2. Partial.
୩ । ସୀମାବଦ୍ଧ; ସସୀମ—3. Limited.
୪ । ବିଶିଷ୍ଟ—4. Peculiar; special.
୫ । ଯାହା ସର୍ବଦା ବସ୍ତୁରେ ଉପସ୍ଥିତ ବା ବ୍ୟାପ୍ତ ହୋଇ ନ ଥାଏ—5. Not an invariable concomitant (Apte).

ଅବ୍ୟାପାର—ସଂ. ବି. (ଅ + ବ୍ୟାପାର)—୧ । କାର୍ଯ୍ୟରୁ ନିବୃତ୍ତି—
Abyāpāra 1. Cessation from work.
୨ । କାର୍ଯ୍ୟରେ ନ ଲାଗିବା ଅବସ୍ଥା; ବେକାର୍ ପଣ—
2. Unemployment.
୩ । ଯାହା ନିଜର ବ୍ୟାପାର ବା କାର୍ଯ୍ୟ ନୁହେ—
3. That which is not one's business or concern.
୪ । ଉତ୍ତମରୂପେ ବୁଝାଯାଇ ନ ଥିବା ବ୍ୟବସାୟ—
4. A business or trade which is not well understood.
୫ । ମନ୍ଦକାର୍ଯ୍ୟ—5. Bad act.
(ଅବ୍ୟାପାରୀ—ସ୍ତ୍ରୀ) ସଂ. ବି. ପୁଂ.—ବ୍ୟାପାର ବା କର୍ମରହିତ—
Unemployed.

ଅବ୍ୟାପାରେଷୁବ୍ୟାପାର—ଦେ. ପ୍ରବଚନ ବା ନ୍ୟାୟ—
Abyāpāresubyāpāra
অব্যাপারে ব্যাপার (ସ.ଅବ୍ୟାପାରେଷୁ ବ୍ୟାପାରଂ ଯୋ ନରଃ କର୍ତ୍ତୁମିଚ୍ଛତି,
अव्यापारमे व्यापार ସ ଏବ ନିଧନଂ ଯାତି କୀଲୋତ୍ପାଟୀବ ବାନରଃ"
• ଶ୍ଲୋକର ୧ମ ଚରଣର ଅଶୁଦ୍ଧ ଉଚ୍ଚାରଣ )—
ଯାହା ନିଜର କାର୍ଯ୍ୟ ନୁହେ ସେଥିରେ ହାତ ଦେବା—
Meddling with affairs which are not one's own.

ଅବ୍ୟାପୀ—ସଂ. ବିଣ. (ଅ + ବ୍ୟାପିନ୍; ୧ମା. ୧ବ.)—ଅବ୍ୟାପକ (ଦେଖ)
Abyāpī Abyāpaka (See)

ଅବ୍ୟାପ୍ତ—ସଂ. ବିଣ. (ଅ + ବ୍ୟାପ୍ତ)—୧ । ଯାହା ବ୍ୟାପ୍ତ ନୁହେ—
Abyāpta 1. Not pervaded.
(ଅବ୍ୟାପ୍ତି—ବି) ୨ । ସସୀମ—2. Limited.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଲାଗି ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଢ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅବ୍ୟାପ୍ତି—ସଂ. ବି (ଅ + ବ୍ୟାପ୍ତି)—୧ । ବ୍ୟାପ୍ତି ବା ବ୍ୟାପିବାର ଅଭାବ—
A byāpti 1. Nonextension.
(ଅବ୍ୟାପ୍ତ—ବିଣ) ୨ । (ନ୍ୟାୟ) ସଂଜ୍ଞାର ଦୋଷବିଶେଷ, ଯହିଁରେ ସଂଜ୍ଞାର ବିଷୟୀଭୂତ ବସ୍ତୁର ଏକାଂଶ ଛାଡ଼ି ଦିଆ ଯାଇ ଥାଏ—
2. One of the faults of definition in which a part of the thing defined is excluded.

ଅବ୍ୟାପ୍ୟ—ସଂ. ବିଣ (ଅ + ବ୍ୟାପ୍ୟ)—ସମୁଦାୟ ଘଟଣାକୁ ବ୍ୟାପି ନ
Abyāpya ଥିବା—Not extending to the whole circumstance; not pervading the whole extent.

ଅବ୍ୟାପ୍ୟବୃତ୍ତି—ସଂ. ବି. ( ବୈଶେଷିକ ଦର୍ଶନ )—
Abyāpyabrutti ଆଂଶିକ ଖଣ୍ଡବୃତ୍ତି ବା ସଂଜ୍ଞା – ( ଯଥା— ସୁଖ; ଦୁଃଖ )
( Hindu philosophy ) A category of limited application; partial inherence with regard to time and space ( Eg. pleasure and pain )
ସଂ. ବିଣ. ( ବହୁବ୍ରୀହି )—ଏକାଂଶରେ ସ୍ଥିତ —
Partial; placed in one part

ଅବ୍ୟାହତ—ସଂ. ବିଣ. (ଅ + ବ୍ୟାହତ)—୧ । ବାଧାରହିତ; ଅବାଧ—
Abyāhata 1. Unobstructed.
୨ । ଅପ୍ରତିହତ—2. Unhurt; uninterrupted.
୩ । ପାଳିତ—3. Obeyed.
୪ । ଅବ୍ୟର୍ଥ; ଅମୋଘ—4. Unfailing.
୫ । ମୁକ୍ତ—5. Freed; released; exempted.
ସଂ. ବି—ଯେଉଁ ପ୍ରତିଜ୍ଞାକୁ କେହି ଖଣ୍ଡନ କରି ନାହିଁ—
Uncontradicted or unopposed statement.

ଅବ୍ୟାହତଗତି —ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି; ଅବ୍ୟାହତ+ଗତି)—
Abyāhatagati ଯାହାର ଗତିକୁ କେହି ବାଧା ଦିଏ ନାହିଁ; ଅବାଧଗତି—Of unobstructed motion.

ଅବ୍ୟାହତାଜ୍ଞ—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବ୍ୟାହତ+ଆଜ୍ଞା )—
Abyāhatājna ଯାହାର ହୁକୁମକୁ କେହି ବାଧା ଦିଏ ନାହିଁ—
(ଅବ୍ୟାହତାଜ୍ଞା—ସ୍ତ୍ରୀ) (one) Whose order is obeyed.

ଅବ୍ୟାହତି—ସଂ. ବି. ( ଅ + ବ୍ୟାହତି ) — ୧ । ଅବ୍ୟାହତ ( ଦେଖ )
Abyāhati 1. Abyāhata ( See )
୨ । ହିଂସାର ଅଭାବ—2. Absence of spite.
୩ । ମୁକ୍ତି; ପରିତ୍ରାଣ—3. Release; liberation.
୪ । ରେହାଇ; କୌଣସି ଦାୟିତ୍ୱରୁ ଛାଡ଼ ପାଇବା—
4. Exemption.

ଅବ୍ୟୁତ୍ପନ୍ନ—ସଂ. ବିଣ. ପୁଂ ( ଅ + ବ୍ୟୁତ୍ପନ୍ନ )—୧ । ବ୍ୟୁତ୍ପତ୍ତିହୀନ—
Abyutpanna 1. Having no derivation.
(ଅବ୍ୟୁତ୍ପନ୍ନା — ସ୍ତ୍ରୀ) ୨ । ଅଶିକ୍ଷିତ—
(ଅବ୍ୟୁତ୍ପନ୍ନତା—ବି) 2. Uneducated.
୩ । ପଦାର୍ଥାନଭିଜ୍ଞ—3. Not versed in the meanings of words.
୪ । ଅପାରଦର୍ଶୀ; ଅପାରଙ୍ଗମ—4. Not proficient.
୫ । ଅଜ୍ଞ—5. Ignorant.
୬ । ବ୍ୟାକରଣ ଅନଭିଜ୍ଞ —
6. Not versed in grammar.

ଅବ୍ୟୂଢ଼—ସଂ. ବିଣ ( ଅ + ବ୍ୟୂଢ଼ )—
Abyurdha ୧ । ଅବିବାହିତ; ଅଭିଆଡ଼ି; ଅନୂଢ଼—
( ଅବ୍ୟୂଢ଼ା—ସ୍ତ୍ରୀ ) 1. Unmarried.
୨ । ଅସଜ୍ଜିତ; ଅବିନ୍ୟସ୍ତ—
2. Not set or fixed; not arranged.
୩ । ଅପ୍ରଶସ୍ତ—3. Narrow; not spacious.

ଅବ୍ୟୂଢ଼ାନ୍ନ—ସଂ ବି.—ଦଇବଡ଼ୁ ଭାତ; ବିବାହ ପୂର୍ବରୁ ବର ଓ
Abyurdhānna କନ୍ୟାଙ୍କର ନିଜ ନିଜ ଘରେ ଅନ୍ନ ଭୋଜନ ରୂପ
ଆଇବୁଡ଼ୋଭାତ ଉତ୍ସବବିଶେଷ ( ଏହା ମଙ୍ଗଳକୃତ୍ୟ ଦିନ ସ୍ୱାତରେ ହୁଏ ।)
The ceremony of a bride and bride-groom taking rice at their respective houses before marriage.

ଅବେ୍ୟ—ଗ୍ରା. ବି.—ଘୃଣା—Hatred; dislike.
Abye

ଅବ୍ରକ୍—ଦେ.ବି. (ସଂ.ଅଭ୍ରକ)—ଅଭ୍ରକ; ମେଘନାଳ —Talc; mica.
অভ্রক
अभ्रक

ଅବ୍ରଖ୍—ଦେ. ବି. (ସଂ. ଅଭ୍ରକ)—ଅବ୍ରକ୍ ( ଦେଖ )
Abrakh Abrak (See)

ଅବ୍ରଣ—ସଂ. ବିଣ. ପୁଂ (ଅ + ବ୍ରଣ)—୧ । ବ୍ରଣରହିତ—
Abrana 1. Having no scar.
(ଅବ୍ରଣା—ସ୍ତ୍ରୀ)
୨ । ଅକ୍ଷତ—2. Unhurt; unwounded.
୩ । ଯାହା ଅଙ୍ଗହୀନ ନୁହେଁ; ପୂର୍ଣ୍ଣ—3. Perfect.

ଅବ୍ରତ—ସଂ. ବିଣ. ପୁଂ (ଅ=ନାହିଁ + ବ୍ରତ; ଯାହାର)—
Abrata ଯେ ବ୍ରତ ଅବଲମ୍ବନ କରି ନାହିଁ —
(ଅବ୍ରତା—ସ୍ତ୍ରୀ) Not observing any vow.

ଅବ୍ରତିଆ—ଦେ. ବିଣ ( ସଂ. ଅବ୍ରତ )—
Abratia ୧ । ( ପୁଂ. ଓ ସ୍ତ୍ରୀ ) ଯେ ବ୍ରତାଚରଣ କରି ନାହିଁ —
যার পইতে হয় নাই 1. One who has not observed a vow.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | · ଅନୁନାସିକ ଯୁକ୍ତାକ୍ଷର | ଛ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଔ | ନ୍ତ |

୨ । ( ପୁଂ ) ଯେଉଁ ଦ୍ୱିଜବାଳକର ଉପନୟନ ହୋଇ ନାହିଁ—
2. ( a Brāhmaṇa boy ) Not yet invested with the sacred thread.

**ଅବ୍ରତୀ**— ସଂ. ବିଣ. ପୁଂ. (ଅ+ବ୍ରତିନ୍; ୧ମା. ୧ବ)—
Abratī ୧ । ଯେ ବ୍ରତାଚରଣ କରେ ନାହିଁ—
( ଅବ୍ରତିନୀ—ସ୍ତ୍ରୀ ) 1. Not observing a sacred vow.
୨ । ବ୍ରତାଚରଣପରାଙ୍ମୁଖ—
2. Backward in observing sacred vows.
୩ । ଅପ୍ରବୃତ୍ତ—3. Unengaged.
୪ । ଅନିଯୋଜିତ—4. Unemployed.

**ଅବ୍ରତୁଆ**—ଗ୍ରା. ବିଣ ( ସଂ. ଅବ୍ରତ )—ଅବ୍ରତିଆ ( ଦେଖ )
Abratuā Abratiā ( See )

**ଅବ୍ରହ୍ମଣ୍ୟ**—ସଂ. ବିଣ ( ଅ+ବ୍ରହ୍ମଣ୍ୟ )—
Abrahmaṇya ୧ । ବ୍ରାହ୍ମଣର ଅନାଚରଣୀୟ ବା ଅନୁଚିତ—
1. Improper for a Brāhmaṇa; not befitting a Brāhmaṇa.
୨ । ବ୍ରାହ୍ମଣଧର୍ମବହିର୍ଭୂତ—
2. Beyond the pale of the Brāhmaṇa-religion; unbrāhmaṇical.
୩ । ବ୍ରାହ୍ମଣମାନଙ୍କର ବିରୋଧୀ—
3. Inimical to Brāhmaṇas.
ସଂ. ବି—ବ୍ରାହ୍ମଣର ଅଯୋଗ୍ୟ କାର୍ଯ୍ୟ—
An act not befitting a Brāhmaṇa.
ସଂ. ଅ (ନାଟକ)—'ଅବଧ୍ୟ'; 'ବଧ କର ନା' ଏହି ଉକ୍ତି—
( drama ) An exclamation meaning 'Do not kill.'

**ଅବ୍ରାହ୍ମଣ**—ସଂ.ବି (ଅ+ବ୍ରାହ୍ମଣ)—୧ । କୁତ୍ସିତ ବା କଦାଚାରୀ ବ୍ରାହ୍ମଣ-
Abrāhmaṇa 1. A Brāhmaṇa doing mean acts.
୨ । ନିକୃଷ୍ଟ ବା ହୀନ ବ୍ରାହ୍ମଣ—
2. An unworthy Brāhmaṇa.
୩ । ବ୍ରାହ୍ମଣେତର ଜାତି ବ୍ରାହ୍ମଣପରି ପଇତାଧାରୀ ଜାତି—
3. A non-brāhmaṇa wearing a thread.
( ଯଥା—ଜ୍ୟୋତିଷ; ଖଣ୍ଡାଏତ; ରଜପୁତ୍ )
୪ । ଶୂଦ୍ର—4. A Śūdra.
୫ । ବ୍ରାହ୍ମଣେତର ବ୍ୟକ୍ତି—5. A non-brāhmaṇa.

**ଅବ୍ରାହ୍ମଣ୍ୟ**—ସଂ. ବି (ଅ+ବ୍ରାହ୍ମଣ୍ୟ)—୧ । ବ୍ରାହ୍ମଣର କର୍ତ୍ତବ୍ୟ ଲଙ୍ଘନ-
Abrāhmaṇya 1. Voilation of the duties of a Brāhmaṇa.
୨ । ବ୍ରାହ୍ମଣର ଅଯୋଗ୍ୟ କର୍ମ—2. An act not befitting a Brāhmaṇa.

**ଅବ୍ରୁବାଣ**—ସଂ. ବିଣ. ପୁଂ ( ଅ+ବ୍ରୂ ଧାତୁ+କର୍ତ୍ତୃ. ଅନ )—ଯାହାର
Abrubāṇa କଥା କହିବାର ଶକ୍ତି ନାହିଁ—
(ଅବ୍ରୁବାଣା—ସ୍ତ୍ରୀ) Having no power of speech.
ସଂ. ବି—ଅତି ଶିଶୁ; ଯେଉଁ ଶିଶୁର ପାଟି ଫିଟି ନାହିଁ—
A child who has not yet learnt to speak.

**ଅଭ**—ଦେ. ବି. ( ସଂ. ଅଭ୍ର; ଅଭ୍ରକ)—ମେଘନାଳ—
Abha Talc; mica.
অভ্রক
आभ

**ଅଭଏ**—ଗ୍ରା. ବି (ସଂ. ଅଭୟ)—ଅଭୟ (ଦେଖ)
Abhae Abhaya (See)

**ଅଭଏବର**—ଗ୍ରା. ବି (ସଂ. ଅଭୟବର)—ଅଭୟବର (ଦେଖ)
Abhaebara Abhayabara (See)
অভএবর
अभेबर

**ଅଭକତ**—ଗ୍ରା. ପଦ୍ୟ. ବିଣ (ସଂ. ଅଭକ୍ତ)—ଅଭକ୍ତ; ଭକ୍ତିହୀନ—
Abhakata Not devoted.
ଅଧବା ହୋଇ ଜନ୍ମ ସାତ, ଯେ ନାସ ସ୍ୱାମୀ ଅଭକତ । ଜଗନ୍ନାଥ. ଭାଗବତ. ୧୦ମ.

**ଅଭକତି**—ଗ୍ରା. ପଦ୍ୟ. ବି (ସଂ. ଅଭକ୍ତି)—ଅଭକ୍ତି (ଦେଖ)
Abhakati Abhakti (See)
ଗ୍ରା. ପଦ୍ୟ. ବିଣ (ସଂ. ଅଭକ୍ତ)—ଅଭକ୍ତ (ଦେଖ)
Abhakta (See)

**ଅଭକତିଆ**—ଗ୍ରା. ପଦ୍ୟ. ବିଣ. ( ସଂ. ଅଭକ୍ତ )—ଅଭକ୍ତ ( ଦେଖ )
Abhakatiā Abhakta ( See )

**ଅଭକ୍ତ**—ସଂ. ବିଣ. ପୁଂ. ( ଅ+ଭକ୍ତ )—୧ । ଯେ ଭକ୍ତ ନୁହେ—
Abhakta 1. Not devoted.
(ଅଭକ୍ତା—ସ୍ତ୍ରୀ) ୨ । ଦେବତା, ବ୍ରାହ୍ମଣ, ଗୁରୁ ଆଦିଙ୍କ ପ୍ରତି ଭକ୍ତିହୀନ-
2. Devoid of devotion to Deities, elders etc.
୩ । ଅଶ୍ରଦ୍ଧ—3. Not affectionate.
୪ । ପୂଜା କରୁ ନ ଥିବା—4. Not worshipping.
୫ । ଅସଂଯୁକ୍ତ—
5. Not attached; not connected with.
୬ । ପୃଥକ୍‌କୃତ; ବିଚ୍ଛିନ୍ନ—6. Detached.
୭ । ଅଭୁକ୍ତ; ଖିଆ ହୋଇ ନ ଥିବା—7. Not eaten.
୮ । ଅଖଣ୍ଡିତ; ସମଗ୍ର—8. Whole; entire.
ସଂ. ବି—ଯାହା ଖାଦ୍ୟଦ୍ରବ୍ୟ ନୁହେ—Not food (Apte ).

**ଅଭକ୍ତଛନ୍ଦ**—ସଂ. ବି—ଅକ୍ଷୁଧା; କ୍ଷୁଧାର ଅଭାବ—Want of appetite
Abhaktachchhanda ( M. W. )

**ଅଭକ୍ତରୁଚି**—ସଂ. ବି—ଅକ୍ଷୁଧା—
Abhaktaruchi Want of appetite ( M. W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭକ୍ତି**—ସଂ. ବି. ( ଅ+ଭକ୍ତି )—୧ । ଭକ୍ତିର ଅଭାବ—
Abhakti 1. Want of devotion.
୨ । ନିଷ୍ଠାପର ବିଶ୍ୱାସର ଅଭାବ; ଅନାସ୍ଥା—
2. Want of faith.
୩ । ଅଶ୍ରଦ୍ଧା—3. Want of affection.
୪ । ଘୃଣା—4. Aversion.
୫ । ଅବିଶ୍ୱାସ; ଅପ୍ରତ୍ୟୟ—
5. Incredulity ( Apte ).
ଦେ. ବିଣ—ଅଭକ୍ତ; ଭକ୍ତିହୀନ—
Not Undevoted to; unbelieving.

**ଅଭକ୍ତିଆ**—ଦେ. ବିଣ. ( ସଂ. ଅଭକ୍ତିମାନ୍ )—ଅଭକ୍ତ; ଭକ୍ତିହୀନ—
Abhaktiā Not devoted to; unbelieving
भक्तिहीन
अभगत

**ଅଭକ୍ଷ**—ସଂ. ବିଣ. ( ଅ+ଭକ୍ଷ ଧାତୁ+ଭାବ. ଅ )—ଅଭୋଜନ;
Abhaksha ଅନଶନ; ଉପବାସ; କିଛି ମାତ୍ର ନ ଖାଇବା—
Not eating anything; fasting.
अभक्ष ଦେ. ବିଣ. ( ସଂ. ଅଭକ୍ଷ୍ୟ )—ଅଭକ୍ଷ୍ୟ ( ଦେଖ )
अभक्ष Abhakshya ( See )
ଦେ. ବି—ନିଷିଦ୍ଧ ଖାଦ୍ୟ—Prohibited food.

**ଅଭକ୍ଷଣ**—ସଂ. ବି. (ଅ+ଭକ୍ଷଣ)—କିଛି ମାତ୍ର ନ ଖାଇବା; ଉପବାସ—
Abhakshaṇa Not eating anything; fasting
ଦେ. ବିଣ. ( ସଂ. ଅଭକ୍ଷ୍ୟ )—ଅଭକ୍ଷ୍ୟ ( ଦେଖ )
Abhakshya ( See )
ଦେ. ବି—ନିଷିଦ୍ଧ ଖାଦ୍ୟ—
Forbidden or prohibited food.

**ଅଭକ୍ଷଭକ୍ଷ**—ଦେ. ବି. ( ସଂ. ଅଭକ୍ଷ୍ୟଭକ୍ଷଣ )—ଅଭକ୍ଷ୍ୟଭକ୍ଷଣ; ନିଷିଦ୍ଧ
Abhakshabhaksha ଖାଦ୍ୟ ଖାଇବା—Eating of
अभक्षभक्ष prohibited food.
अभक्षभक्ष ଦେ. ବିଣ ( ସଂ. ଅଭକ୍ଷ୍ୟଭକ୍ଷକ )—ନିଷିଦ୍ଧ ଖାଦ୍ୟ
ଭୋଜନକାରୀ—Taking prohibited food.

**ଅଭକ୍ଷଭକ୍ଷଣ**—ଦେ. ବି. ( ସଂ. ଅଭକ୍ଷ୍ୟଭକ୍ଷଣ )—
Abhakshabhakshaṇa ଅଭକ୍ଷ୍ୟଭକ୍ଷଣ ( ଦେଖ )
अभक्षभक्ष Abhakshyabhakshaṇa ( See )
अभक्षभक्ष ଦେ. ବିଣ. ( ସଂ. ଅଭକ୍ଷ୍ୟଭକ୍ଷକ )—
ଅଭକ୍ଷ୍ୟଭକ୍ଷକ ( ଦେଖ )
Abhakshyabhakshaka ( See )

**ଅଭକ୍ଷ୍ୟ**—ସଂ. ବିଣ. ( ଅ+ଭକ୍ଷ ଧାତୁ+କର୍ମ. ଯ )—
Abhakshya ୧ । ଯାହା ଖାଇ ହୁଏ ନାହିଁ; ଅଖାଦ୍ୟ—
2. Uneatable.
୨ । ଯାହା ଖାଇବା ଶାସ୍ତ୍ରାଦିରେ ନିଷିଦ୍ଧ—
2. Prohibited (food); not to be eaten.
[ ଦ୍ର—ମନୁସଂହିତା ୫ମ ଅଧ୍ୟାୟ ୫-୯; ୧୧-୧୫;୧୭-୨୧ରେ ଅଭକ୍ଷ୍ୟ ଦ୍ରବ୍ୟମାନଙ୍କର ଉଲ୍ଲେଖ ଅଛି । ]
ସଂ. ବି—ନିଷିଦ୍ଧ ଖାଦ୍ୟ ବସ୍ତୁ—
A prohibited article of food (Apte)

**ଅଭକ୍ଷ୍ୟଭକ୍ଷକ**—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଅଭକ୍ଷ୍ୟ+ଭକ୍ଷକ)—
Abhakshyabhakshaka ନିଷିଦ୍ଧ ଖାଦ୍ୟ ଭୋଜନକାରୀ—
(ଅଭକ୍ଷ୍ୟଭକ୍ଷିକା—ସ୍ତ୍ରୀ) Taking prohibited food.

**ଅଭକ୍ଷ୍ୟଭକ୍ଷଣ**—ସଂ. ବି. (୬ଷ୍ଠୀ ତତ୍; ଅଭକ୍ଷ୍ୟ+ଭକ୍ଷଣ)—
Abhakshyabhakshaṇa ନିଷିଦ୍ଧ ଦ୍ରବ୍ୟ ଭୋଜନ—
Eating of prohibited food.
[ ଦ୍ର—ସ୍ମୃତି ଅନୁସାରେ ଅଭକ୍ଷ୍ୟଭକ୍ଷଣ ପାପଜନକ ଏବଂ ଭିନ୍ନ ଭିନ୍ନ ଅଭକ୍ଷ୍ୟ ଦ୍ରବ୍ୟର ଭକ୍ଷଣଜନିତ ପାପ ପାଇଁ ଭିନ୍ନ ଭିନ୍ନ ପ୍ରାୟଶ୍ଚିତ୍ତ ଓ ପ୍ରକ୍ରିୟା ସ୍ମୃତିରେ ବର୍ଣ୍ଣିତ ହୋଇଅଛି—ସ୍ୱମଶଙ୍କର. ମନୁ ୧୧ଶ ଅଧ୍ୟାୟ ୧୪୭-୧୫୧ ଓ ୧୫୩-୧୬୨ । ]

**ଅଭକ୍ଷ୍ୟଭକ୍ଷୀ**—ସଂ. ବିଣ. ( ଅଭକ୍ଷ୍ୟ+ଭକ୍ଷ ଧାତୁ+କର୍ତ୍ତୃ. ଇନ୍.
Abhakshyabhakshī ୧ମା. ୧ବ. )—
(ଅଭକ୍ଷ୍ୟଭକ୍ଷିଣୀ—ସ୍ତ୍ରୀ) ନିଷିଦ୍ଧ ଖାଦ୍ୟ ଖାଇବା ବ୍ୟକ୍ତି—
Eating prohibited food.
[ ଦ୍ର—ଅଭକ୍ଷ୍ୟଭକ୍ଷିମାନେ ମୃତ୍ୟୁ ପରେ କୃମିଯୋନିରେ ଜନ୍ମନ୍ତି—ସ୍ୱମଶଙ୍କର. ମନୁ ୧୨।୫୯ । ]

**ଅଭଗ**—ସଂ. (ବୈଦିକ) ବିଣ. ( ବହୁବ୍ରୀହି; ଅ+ଭଗ )—
Abhaga ହତଭାଗ୍ୟ—Unfortunate; ill-fated (Apte)

**ଅଭଗତ**—ଗ୍ରା. ପଦ୍ୟ. ବିଣ. (ସଂ. ଅଭକ୍ତ)—
Abhagata ୧ । ଅଭକ୍ତ; ଭକ୍ତିହୀନ—
अभक्त 1. Not devoted to.
अभगत ୨ । ଅଶ୍ରଦ୍ଧ—2. Not loving.
କେବଳ ବାଗେ ଅଭଗତ ହୁଅ ଅସ୍ତ୍ରେ । ସାରଳାମହାଭାରତ ।

**ଅଭଗତି**—ଗ୍ରା. ପଦ୍ୟ. ବି. (ସଂ. ଅଭକ୍ତି)—ଅଭକ୍ତି (ଦେଖ)
Abhagati Abhakti ( See )
ବିଣ—ଅଭକ୍ତ ( ଦେଖ )
Abhakta ( See )

**ଅଭଗତିଆ**—ଗ୍ରା. ପଦ୍ୟ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅଭକ୍ତିମାନ)—
Abhagatiā ଅଭକ୍ତିଆ ( ଦେଖ )
Abhaktiā (See)

**ଅଭଗ୍ନ**—ସଂ. ବିଣ. ( ଅ+ଭଗ୍ନ )—
Abhagna ୧ । ଯାହା ଭଙ୍ଗା ଯାଇ ନାହିଁ—1. Unbroken.
୨ । ଅଖଣ୍ଡିତ—2. Uncut.
୩ । ପୂର୍ଣ୍ଣାବୟବଯୁକ୍ତ; ପୂର୍ଣ୍ଣାଙ୍ଗ; ଅବିକଳାଙ୍ଗ—
3. Entire; whole.
୪ । ଅବିଚ୍ଛିନ୍ନ; ଅବିଶ୍ରାନ୍ତ—4. Uninterrupted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଞ୍ଜ | ଇସ୍ପ | ଉଥ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଓ | ନ୍ତ |

**ଅଭଙ୍ଗ**—ସଂ. ବଣ. ( ଅ + ଭଞ୍ଜ ଧାତୁ + କର୍ମ. ଅ )—ଅଭଗ୍ନ (ଦେଖ)
Abhaṅga Abhagna ( See )

ସଂ. ବି—୧ । ଭାଙ୍ଗି ଯାଇ ନ ଥିବା ଅବସ୍ଥା—1. Absence of fracture.

୨ । ପରାଜୟର ଅଭାବ—2. Absence of defeat.

୩ । ଅଭଙ୍ଗଶ୍ଳେଷ ( ଦେଖ ) 3. Abhaṅgaslesha ( See )

**ଅଭଙ୍ଗପ୍ରବଣ**—ସଂ. ବଣ. ( ଅ + ଭଙ୍ଗପ୍ରବଣ )—
Abhaṅgaprabaṇa ଯାହା ଭଙ୍ଗପ୍ରବଣ ନୁହେଁ; ଟେମଡ଼ା—Not brittle; tenacious.

**ଅଭଙ୍ଗଶ୍ଳେଷ**—ସଂ. ବି. ( କର୍ମଧା )—ଅର୍ଥାଲଙ୍କାରବିଶେଷ; ଏଥିରେ
Abhaṅgaslesha ଶବ୍ଦମାନଙ୍କୁ ନ ଭାଙ୍ଗି ଏକାଧିକ ଅର୍ଥ କରାଯାଇ ପାରେ—A figure in Rhetoric where various meanings are obtained without dividing the words

( ଯଥା—ଶ୍ଳେଷ ତଳେ ନୋଟ ଓ ଉଦାହରଣ ଦେଖ । )

**ଅଭଙ୍ଗୁର**—ସଂ. ବଣ. ( ଅ + ଭଙ୍ଗୁର )—୧ । ଯାହା ଭାଙ୍ଗିଯାଏ ନାହିଁ—
Abhaṅgura 1. Not breakable; not fragile.

୨ । ଟେମଡ଼ା—2. Tenacious

୩ । ଚିରସ୍ଥାୟୀ—3. Permanent.

୪ । ଅନୁପଦ୍ରୁତ—4. Undisturbed.

୫ । ଦୃଢ଼—5. Firm.

**ଅଭଡ଼ା**—ଦେ. ବି—୧ । [ ସଂ. ଅବଣ୍ଟନ ବା ଅ ( ପର ) ବେଷଣ;
Abharḍā ଅଭଡ଼ାର ଅନ୍ୟରୂପ ଅବଢ଼ା = ଯାହା ବଢ଼ାଯାଏ ନାହିଁ;
অন্নমহাপ্রসাদ ଯାହାକୁ ଖାଇବା ଲୋକ ପାକପାତ୍ରରୁ ନିଜେ ବାହାର କରି ଆଣି ଖାଏ ଓ ଯାହାକୁ ଅନ୍ୟ କେହି ବ୍ୟକ୍ତି ପାକପାତ୍ରରୁ ଆଣି ଖାଦ୍ୟପାତ୍ରରେ ବାଢ଼ି ଦିଏ ନାହିଁ; କାରଣ ଏଥିରେ ଅଇଣ୍ଠା ବା ଛୁଆଁ ଦୋଷ ନ ଥାଏ । ]
ପୁରୀର ଜଗନ୍ନାଥ ମହାପ୍ରଭୁଙ୍କୁ ଭୋଗ ଦିଆଯାଇଥିବା ଅନ୍ନମହାପ୍ରସାଦ—1. Boiled rice offered to the Deity Jagannātha at Puri.

ପଣ୍ଡା ପଡ଼ି ଅଭଡ଼ାମାନେ ଭୋଗ ଲାଗି କରି
ରଥକୁ ଅଭଡ଼ାମାନ ସଙ୍ଗେ ଗଲେ ଧରି । ଚିତ୍ରୋତ୍ପଳା. କୃଷ୍ଣ ହରିବଂଶ ।

୨ । ପରସ୍ପର ମହାପ୍ରସାଦ ଖୁଆଖୋଇ ହୋଇ ଯେଉଁମାନେ ନିଜ ନିଜ ମଧ୍ୟରେ ବନ୍ଧୁତା ସ୍ଥାପନ କରିଥାନ୍ତି—
2. Mutual friends between whom God-relationship has been started by putting a morsel of Abharḍā into each other's mouth.

ପ୍ରାଦେ. (ବାଲେଶ୍ୱର) ବଣ. ( ସଂ. ଅବ୍ୟୂଢ଼ )—
(ଅଭଡ଼ୀ—ସ୍ତ୍ରୀ) ଅବିବାହିତ—Unmarried.

ଅଜି ଅଭଡ଼ା ମଙ୍ଗଳ, କାଲି ଅଭ ଦୁଇ ଦିନ ଅଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ପ୍ରାଦେ. ( ସିଂହଭୂମ ) ବି—ବିବାହ ବା ବ୍ରତର ପୂର୍ବଦିନ ବନ୍ଧୁମାନଙ୍କ ଦ୍ୱାରା ପଠାଯିବା ଭେଟି—Presents sent before the day of marriage or sacred-thread-ceremony by relatives

**ଅଭଡ଼ାକୁଡ଼ୁଆ**—ଦେ. ବି—ଯେଉଁ ଛୋଟ ମାଟି ହାଣ୍ଡିରେ ଅନ୍ନ
Abharḍākurḍuā ମହାପ୍ରସାଦ ରନ୍ଧାହୁଏ ବା ରଖାଯାଏ—
মহাপ্রসাদের কুঁড়ি The small earthen pot in which Abharḍā is cooked or stored.

**ଅଭଦ୍ର**—ସଂ. ବଣ. ( ଅ + ଭଦ୍ର )—୧ । ଅମାର୍ଜିତ—
Abhadra 1. Unpolished; ungentle-manly.
(ଅଭଦ୍ରତା—ବି) ୨ । ବର୍ବର—2. Barbarious; unmannerly.

୩ । ଅସଭ୍ୟ—3. Uncivilised; uncivil.

୪ । ସୁରୁଚିହୀନ—4. Wanting in good taste.

୫ । ରୂଢ଼ ବ୍ୟବହାରକାରୀ—5. Rude; impolite.

**ଅଭଦ୍ରତା**—ସଂ. ବି. ( ଅଭଦ୍ର + ଭାବ. ତା )—୧ । ଅସଭ୍ୟତା—
Abhadratā 1. Ungentle-manliness.

୨ । ରୂଢ଼ତା—2. Rudeness; incivility.

୩ । କୁରୁଚି—3. Bad taste.

୪ । ବର୍ବରତା—4. Barbarity.

**ଅଭଦ୍ରାମି**—ଦେ. ବି. ( ବଙ୍ଗଳା ଅନୁକରଣରେ )—ଅଭଦ୍ରତା ( ଦେଖ )
Abhadrāmi Abhadratā ( See )
অভদ্রামি

**ଅଭବ**—ସଂ. ବି. ( ଅ + ଭୂ ଧାତୁ + ଅ; ଅ + ଭବ = ଜନ୍ମ )—
Abhaba ୧ । ଅପୁନର୍ଜନ୍ମ; ସଂସାରରେ ପୁନର୍ବାର ଜନ୍ମଲାଭ ନ କରିବା—1. Freedom from rebirth after death.

୨ । ମୋକ୍ଷ; ନିର୍ବାଣ—
2. Final salvation from the world.

**ଅଭବ୍ୟ**—ସଂ. ବଣ. ( ଅ + ଭବ୍ୟ = ପ୍ରଶସ୍ତ )—୧ । ଅକର୍ତ୍ତବ୍ୟ—
Abhabya I. Improper.
(ଅଭବ୍ୟତା—ବି) ୨ । ଅଭଦ୍ର—2. Uncivil; rude.

୩ । ଅସଭ୍ୟ—3. Uncivilised.

୪ । ଅନୁଚିତ—4. Unbecoming.

୫ । ମନ୍ଦ—5. Wretched; bad.

ସଂ. ବି—୧ । ନ ହେବାର ଅବସ୍ଥା—
1. Non-being; non-existence.

୨ । ଅନୌଚିତ୍ୟ—2. Impropriety.

**ଅଭବ୍ୟତା**—ସଂ. ବି. ( ଅ + ଭବ୍ୟତା )—ଅଭଦ୍ରତା; ଅସଭ୍ୟତା—
Abhabyatā Rudeness; incivility; bad manners

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ୍' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭୟ**—ସଂ. ବି. ( ଅ + ଭୟ )—୧ । ଭୟର ଅଭାବ—
Abhaya 1. Absence of fear.
(ଅଭୟା—ସ୍ତ୍ରୀ) ୨ । ସାହସ—2. Courage.
୩ । ବେଣାମୂଳ—3 Root of Beṇā grass.
କେତେ ରକ୍ଷା ଯେ ଅଭୟବାଡ଼ କରିଥିବେ
ବନ୍ଧନରୁ ଯଶୋବନ୍ତ ଉତ୍ତର ଏ ଭାବେ । ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୪ । ଶିବ—4. God Śiba.

**ଅଭୟଚରଣ**—ଦେ.ବି.ପୁଂ (ବହୁବ୍ରୀହି; ଅଭୟ + ଚରଣ)—ବ୍ୟକ୍ତିବିଶେଷଙ୍କ
Abhayacharaṇa ଡାକ ନାମ—Name given to
অভয়চরণ males.
ସଂ. ବି (ମଧ୍ୟପଦଲୋପୀ; ଅଭୟପ୍ରଦ ଚରଣ )—ଯେଉଁ ବ୍ୟକ୍ତିଙ୍କ ଚରଣକୁ ଆଶ୍ରା କଲେ ଆଶ୍ରିତ ବ୍ୟକ୍ତି ଭୟଶୂନ୍ୟ ହୁଏ; ଆଶ୍ରିତ-ବ୍ୟକ୍ତିକୁ ଅଭୟ ଦେବା ବ୍ୟକ୍ତି—A person who protects his protege from fear.

**ଅଭୟଡିଣ୍ଡିମ**—ସଂ. ବି (୪ର୍ଥୀ ତତ୍; ଅଭୟ ଡିଣ୍ଡିମ, କିମ୍ବା ମଧ୍ୟପଦଲୋପୀ
Abhayaḍiṇḍima ଅଭୟପ୍ରଦାନାର୍ଥ ବାଦିତ ଡିଣ୍ଡିମ; ସ୍ୱସୈନ୍ୟଙ୍କୁ ଉତ୍ସାହିତ କରି ଅଭୟ ପ୍ରଦାନ କରିବା ପାଇଁ ଯାହା ବାଦିତ ହୁଏ ।)—
୧ । ଯୁଦ୍ଧଡିଣ୍ଡିମ—1. War-drum.
୨ । ଜୟଢକ୍କା—2. Drum beaten by a victor after victory.

**ଅଭୟଦକ୍ଷିଣା**—ସଂ. ବି. (ରୂପକ; ଅଭୟ+ଦକ୍ଷିଣା)—
Abhayadakshiṇā ଅଭୟଦାନ (ଦେଖ)
Abhayadāna (See)

**ଅଭୟଦାନ**—ସଂ. ବି (୬ଷ୍ଠୀ ତତ୍; ଅଭୟ + ଦାନ)—କୌଣସି ବ୍ୟକ୍ତିକୁ
Abhayadāna ଭୟରୁ ଉଦ୍ଧାର କରିବାପାଇଁ ସାହସ ବା ହେମତ୍ ଦେବା—Assurance of safety; safe conduct.

**ଅଭୟ ଦେବା**—ଦେ.କ୍ରି.(ସଂ.ଅଭୟ+ଦା ଧାତୁ)—୧ । ହେମତ୍ ଦେବା;
Abhaya debā କୌଣସି ବ୍ୟକ୍ତିକୁ ଆପଦ ପଡ଼ିଲେ ତହିଁରୁ ତାକୁ
অভয় দেওয়া ଉଦ୍ଧାର କରିବାପାଇଁ ଆଶ୍ୱାସ କରିବା;ସାହସ ଦେବା—
**अभय देना** 1. To give any person assurance of safety or safe conduct.
୨ । ଭୟତ୍ରସ୍ତ ବ୍ୟକ୍ତି ମନରୁ ଭୟ ଛଡ଼ାଇ ତାକୁ ନିଶ୍ଚିନ୍ତ କରିବା—2. To drive away fear from the mind of a frightened persons.
ସମସ୍ତେ ଅଭୟ ଦେଇ ମହନ୍ତଙ୍କ ଗୋଡ଼ତଳେ ପଡ଼ିବାକୁ ଉପଦେଶ ଦେଲେ—
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଅଭୟପତ୍ର**— ସଂ. ବି. ( ମଧ୍ୟପଦଲୋପୀ; ଅଭୟ + ପତ୍ର; କିମ୍ବା ୪ର୍ଥୀ ତତ୍;
Abhayapatra ଅଭୟ ପାଇଁ ପତ୍ର )—
୧ । ରାଜକୀୟ ଛାଡ଼ ଚିଠି—1. A royal pass-port.
୨ । ଯେଉଁ ଚିଠି ଦେଖାଇଲେ ପଥିକକୁ ବାଟରେ କେହି ହଇରାଣ କରେ ନାହିଁ—
2. A letter which enables the traveller to travel safely; a safe conduct.

**ଅଭୟପଦ**—ସଂ. ବି. ( ମଧ୍ୟପଦଲୋପୀ; ଅଭୟପ୍ରଦ ପଦ )—
Abhayapada ୧ । ଯେଉଁ ପଦର ଆଶ୍ରା ନେଲେ ଅଭୟ ହୁଏ; ଯେଉଁ ବ୍ୟକ୍ତିଙ୍କ ପଦରେ ଶରଣ ପଶିଥିବା ବ୍ୟକ୍ତି ନିରାପଦ ହୁଏ—1. A person whose dependants are safe from any danger.
୨ । ଈଶ୍ୱରଙ୍କ ଆଶ୍ରା—2. God's protection.
୩ । ପରମେଶ୍ୱର—3. God

**ଅଭୟପାଦପଦ୍ମ**—ସଂ. ବି. ( ରୂପକ; ମଧ୍ୟପଦଲୋପୀ; ଅଭୟ+ପାଦପଦ୍ମ;
Abhayapādapadma ପାଦରୂପ ପଦ୍ମ; ଅଭୟପ୍ରଦ ପାଦପଦ୍ମ)—
ସ୍ୱୟଂ ପରମେଶ୍ୱର—God Himself.

**ଅଭୟପ୍ରଦ**—ସଂ. ବିଣ. ପୁଂ. (ଅଭୟ+ପ୍ର+ଦା ଧାତୁ+କର୍ତ୍ତୃ. ଅ)—
Abhayaprada ୧ । ଯେ ଅନ୍ୟକୁ ଅଭୟ ଦିଏ—
(ଅଭୟପ୍ରଦା—ସ୍ତ୍ରୀ) 1. Giving another safety.
୨ । ଯେ ଅଭୟ ବାଣୀ ଦିଏ—
2. Giving another assurance of safety

**ଅଭୟପ୍ରଦାୟକ**— ସଂ.ବିଣ.ପୁଂ. (ଅଭୟ+ପ୍ର+ଦା ଧାତୁ+କର୍ତ୍ତୃ.ଅକ)—
Abhayapradāyaka ଅଭୟପ୍ରଦ ( ଦେଖ )—
(ଅଭୟପ୍ରଦାୟିକା—ସ୍ତ୍ରୀ) Abhayaprada (See)

**ଅଭୟବଚନ**—ସଂ. ବି. (ମଧ୍ୟପଦଲୋପୀ; ଅଭୟପ୍ରଦ ବଚନ)—
Abhayabachana ଅଭୟବାଣୀ (ଦେଖ)
Ahhayabāṇī (See)

**ଅଭୟବର**—ସଂ. ବି. (ରୂପକ; ଅଭୟ ରୂପକ ବର)—କୌଣସି ଆଶ୍ରିତ
Abhayabara ବ୍ୟକ୍ତିକୁ ଉପସ୍ଥିତ ବା ଭବିଷ୍ୟତ ବିପଦରୁ ରକ୍ଷା କରିବାପାଇଁ ରକ୍ଷକଙ୍କଦ୍ୱାରା ପ୍ରଦତ୍ତ ବଚନ—
Assurance of safety given to a person.

**ଅଭୟବାଣୀ**—ସଂ. ବି. ( ମଧ୍ୟପଦଲୋପୀ; ଅଭୟପ୍ରଦ ବାଣୀ)—
Abhayabāṇī କୌଣସି ବିପନ୍ନ ବା ଆତୁର ବ୍ୟକ୍ତିଙ୍କୁ ତୁମ୍ଭର କିଛି ଭୟର ଆଶଙ୍କା ନାହିଁ ବୋଲି ରକ୍ଷକ ବ୍ୟକ୍ତି କହିବା ବଚନ—
Assurance or promise of safety.

**ଅଭୟବିଭୂତି**—ଦେ. ବି. ( ଅଭୟ + ବିଭୂତି )—
Abhayabibhūti ୧ । ଅଭୟ ବର ପାଇଥିବା ବ୍ୟକ୍ତିର ଐଶ୍ୱର୍ଯ୍ୟ ବା ନିରାପଦ ଅବସ୍ଥା—1. A state of safety or impunity from danger.
୨ । ଅଭୟବର—2. Assurance of safety.
ଦୁର୍ଗାଙ୍କୁ ମାଗିଲେ ଯାଇ ଅଭୟ ବିଭୂତି
ଯେଉଁ ବିଭୂତି ଲଭିଲେ ଶସ୍ତ୍ର ନ ଭେଦନ୍ତି । ସାରଳାମହାଭାରତ. ମଧ୍ୟ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଅଭୟଯାଚନା**—ସଂ. ବି ( ୬ଷ୍ଠୀ ତତ୍; ଅଭୟ + ଯାଚନା )—
Abhayajāchanā ୧ । ଅଭୟ ବା ବିପଦରୁ ରକ୍ଷା ପାଇବାପାଇଁ ଦେବତା ବା ମହତ୍ ବ୍ୟକ୍ତିଙ୍କଠାରେ ବିପନ୍ନ ବ୍ୟକ୍ତିର ପ୍ରାର୍ଥନା—
1. Asking for safety ( M. W. )

**ଅଭୟା**—ସଂ. ବିଣ. ସ୍ତ୍ରୀ ( ଅଭୟ + ସ୍ତ୍ରୀ. ଆ )—୧ । ଅଭୟର ସ୍ତ୍ରୀଲିଙ୍ଗ—
Abhayā 1. Feminine of Abhaya.
ସଂ. ବି. ସ୍ତ୍ରୀ ( ଯାହାକୁ ସେବା କଲେ ଅଭୟ ମିଳେ )—
୧ । ଦୁର୍ଗା—1. A name of Goddess Durgā.
୨ । ହରଡ଼ା—2. Myrabolan.
୩ । ଚକିକା; ଶୁଖିଲା ହରିଡ଼ା—
3. Terminalia Chebula ( M. W. )

**ଅଭୟାଲବଣ**—ସଂ. ବି.—ବୈଦ୍ୟଶାସ୍ତ୍ରୋକ୍ତ ଲବଣଘଟିତ ଔଷଧ-
Abhayālabaṇa ବିଶେଷ, ଏହା ଶୂଳ ଓ ଅଜୀର୍ଣ୍ଣ ରୋଗରେ ଉପକାରକ—
1. A medicinal preparation of salt used as an antidote to colic and dyspepsia.

**ଅଭର**—ଗ୍ରା. ବି ( ସଂ. ଅଭ୍ର )—୧ । ଅଭ୍ର; ମେଘନାଲ—
Abhara 1. Talc; mica.
আব্‌ভর
**आम; अबरक**

**ଅଭରକ୍**—ଦେ. ବି ( ସଂ. ଅଭ୍ରକ )—୧ । ଅଭ୍ର; ମେଘନାଲ—
Abharak 1. Talc; mica.

**ଅଭରଖ୍**—ଦେ. ବି. ( ସଂ. ଅଭ୍ରକ )—୧ । ଅଭ୍ର; ମେଘନାଲ—
Abharakh 1. Talc; mica.

**ଅଭରଟିକିଲି**—ଗ୍ରା. ବି. ( ସଂ. ଅଭ୍ର+ତିଲକ )—
Abharaṭikili ଅଗରଟିକିଲି—ସ୍ତ୍ରୀମାନଙ୍କର ବେଶ ହେବା
আভরটীপ ଉପଲକ୍ଷରେ କପାଳ ମଝିରେ ମାରିବା କୃଷ୍ଣାଭ୍ରର
**आबरकटिकली** ଚୋପା—-Circular bit of black mica put by females on the forehead.

**ଅଭରଟୋକଲ**—ପ୍ରାଦେ. ( ପୁରୀ ଓ ଗଡ଼ଜାତ ) ବି—
Abharaṭokala ଅଭରଟିକିଲି ( ଦେଖ )
Abharaṭikili ( See )

**ଅଭରଟୋପି**—ପ୍ରାଦେ. ( ପୁରୀ ଓ କଟକ ) ବି—
Abharaṭopi ଅଭରଟିକିଲି ( ଦେଖ )
Abharaṭikili ( See )

**ଅଭରସା**—ଦେ. ବି (ସଂ. ଅ+ଓ. ଭରସା)—୧ । ନୈରାଶ୍ୟ—
Abharasā 1. Despair; hopelessness.
নির্ভরসা
**निभरोस**
ସେ ଭରଭ ବଳ ଭାଙ୍ଗର ଭାର ଅଭରସାରୁ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ । ୨
୨ । ଅନାସ୍ଥା; ନିର୍ଭରଶୀଳତାର ଅଭାବ—
2. Want of reliance.
ଦେ. ବିଣ—୧ । ନିରାଶ; ହତାଶ—
1. Hopeless; desperate.
୨ । ଅନିର୍ଭରଶୀଳ—2. Unrelying.
୩ । ନିରାଶ୍ରୟ—Helpless.

**ଅଭର୍ତ୍ତୃକା**—ସଂ. ବିଣ. ସ୍ତ୍ରୀ ( ବହୁବ୍ରୀହି; ଅ+ଭର୍ତ୍ତୃ+କ+ଆ )—
Abharttṛukā ୧ । ବିଧବା—1. Widowe .
୧ । ସ୍ୱାମିବିହୀନା—Having no husband.
୨ । ଅବିବାହିତା—2. Unmarried.

**ଅଭଲ**—ଗ୍ରା. ବିଣ—୧ । ମନ୍ଦ—1. Bad.
Abhala
ପ୍ରାଣେ ଏବେ ଅଭଲ ଦଶାକୁ ପାଇବ—କୃଷ୍ଣସିଂହ. ମହାଭାରତ. ବନ ।
मन्द ୨ । ଅନୁତ୍ତମ—2. Not good.
**अनभल; अनभला** ୩ । ହେୟ—3. Despicable.
ଦେ. ବି.—୧ । ମନ୍ଦ କଥା—1. Bad thing.
୨ । ଦୁର୍ନାମ; ନିନ୍ଦା; ଅକୀର୍ତ୍ତି; ବଦ୍‌ନାମ—
2. Evil repute; blame.
କୁପୁତେ ଶୁଣାନ୍ତି ପିତା ମାତାଙ୍କ ଅଭଲ—ପୀତାମ୍ବର. ନୃସିଂହପୁରାଣ ।
୩ । ଅପବାଦ—3. Defamation.
୪ । କୁବାକ୍ୟ—4. Bad words.
୫ । ଅମଙ୍ଗଳ; ଅଶୁଭ—5. Evil.

**ଅଭାଗ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+ଭାଗ )—
Abhāga ଅଭାଗ୍ୟ; ଭାଗ୍ୟହୀନ—
(ଅଭାଗା—ସ୍ତ୍ରୀ ) Unfortunate.
ସଂ. ବି—ଭାଗ ବା ବଣ୍ଟାର ଅଭାବ—
Absence of division.

**ଅଭାଗା**—ଦେ. ବିଣ. ପୁଂ ( ସଂ. ଅଭାଗ୍ୟ )—
Abhāgā ୧ । ହତଭାଗ୍ୟ—1. Unfortunate.
অভাগা ୨ । ଦୁଃଖଗ୍ରସ୍ତ—2. Miserable.
**अभागा,; कमबख्त्**
ଅଭାଗା ସୁତଙ୍କ ମୁଖକୁ ଚାହିଁ—ଭକାରି, ଗୀତଲହରୀ ।
ଅଭାଗୀ } ସ୍ତ୍ରୀ
ଅଭାଗିନୀ }
ସଂ. ବିଣ. ସ୍ତ୍ରୀ ( ଅଭାଗ+ଈ )—ଅଭାଗର ସ୍ତ୍ରୀଲିଙ୍ଗ—
Feminine of Abhāga.

**ଅଭାଗୀନ**—ଦେ. ବିଣ ( ସ. ଅଭାଗ )—ଅଭାଗା; ହତଭାଗ୍ୟ—
Abhāgina Unfortunate.
ଘରେ ଦରିଦ୍ର ବର୍ତ୍ତମାନ; କୁଟୁମ୍ବ ଅର୍ଥେ ଅଭାଗୀନ । ଜଗନ୍ନାଥ. ଭାଗବତ. ୩ସ୍କ ।

**ଅଭାଗ୍ୟ**—ସଂ. ବି ( ଅ + ଭାଗ୍ୟ )—୧ । ଦୁର୍ଭାଗ୍ୟ, ମନ୍ଦଭାଗ୍ୟ—
Abhāgya 1. Misfortune; bad luck.
୨ । ଦୁର୍ଦ୍ଦଶା—Misery.
ସଂ. ବିଣ—୧ । ଭାଗ୍ୟହୀନ; ହତଭାଗ୍ୟ—
1. Unfortunate; luckless.
୨ । ଦୁର୍ଦ୍ଦଶାଗ୍ରସ୍ତ—2. Miserable.
୩ । ଦୁଃଖୀ—3. Unhappy.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପ୍ରଭ ପଦ୍ମଯୁଗେ ଅମ୍ଭଙ୍କ ଅଳ୍ପ ଜାଣ ପାଳ,
ଅଭାଗ୍ୟ କାଳକୁ ଏବେ ସର୍ବେ ଗଲୁ ତଳ ।
ପୀତାମ୍ବର. ନୃସିଂହପୁରାଣ ।

**ଅଭାଗ୍ୟକାଳ**—ସଂ. ବି ( ମଧ୍ୟପଦଲୋପୀ; ଅଭାଗ୍ୟ ଯୁକ୍ତ କାଳ )—
Abhāgyakāḷa ଦୁର୍ଦ୍ଦଶା ପଡ଼ିବା ସମୟ—
Time of misfortune.
ଅଭାଗ୍ୟେ କାଳେ ବିପରୀତ ବୁଦ୍ଧି । ପ୍ରବଚନ

**ଅଭାଗ୍ୟବନ୍ତ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅଭାଗ୍ୟବାନ୍ )—
Abhāgyabanta ଅଭାଗ୍ୟବାନ୍; ମନ୍ଦଭାଗ୍ୟ—
Unfortunate.
ଅଭାଗ୍ୟବନ୍ତ ପ୍ରାଣୀ ଯେହୁ, ଭୁଷ୍ଟ ଦର୍ଶନେ ଯୋଗ୍ୟ ନାହିଁ ।
ଜଗନ୍ନାଥ. ଭାଗବତ ୪।୨୨।୧ ।

**ଅଭାଜନ**—ସଂ. ବି. ( ଅ + ଭାଜନ )—
Abhājana ୧ । ଅପାତ୍ର; ଅସତ୍‌ପାତ୍ର—
1. Not a worthy recipient.
୨ । ଅଯୋଗ୍ୟ ବ୍ୟକ୍ତି—2. Undeserving person.
ମାନ ଅଭିଦ୍ରୋହ ବିନା କ୍ଷମା ଅଭାଜନେ । ଜଗନ୍ନାଥ. ମହାଯାତ୍ରା ।
ସଂ. ବିଣ—୧ । ଅକ୍ଷମ—1. Incapable;incompetent.
୨ । ଅଯୋଗ୍ୟ—2. Unworthy; undeserving.
ରାଜାକୁ ଅଭାଜନ ଦେଖି, ପ୍ରଜାଏ ଛନ୍ତି ହୋଇ ଦୁଃଖୀ ।
ଜଗନ୍ନାଥ. ଭାଗବତ. ୧୦ମ ।

**ଅଭାବ**—ସଂ. ବି. ( ଅ = ନୁହେ + ଭାବ = ସତ୍ତା )—
Abhāba ୧ । ଅସତ୍ତା; ଅବିଦ୍ୟମାନତା; ନ ଥିବା ଅବସ୍ଥା—
1. Non-existence.
୨ । ଅନୁପସ୍ଥିତି—2. Absence.
୩ । ବିତ୍ତହୀନତା—3 Pecuniary want.
୪ । ଅମେଳ; ଅସଦ୍ଭାବ—
4. Enmity; want of good feeling.
ତୋର ଶିବଙ୍କର କର୍ପି ଏତେକ ଅଭାବ । ଶାରଳାମହାଭାରତ. ମଧ୍ୟ ।
୫ । ମୃତ୍ୟୁ—5. Death.
ତୁମ୍ଭେ ସେନାପତି ହୋଇଲେ ସବୁ ସବ
କରି ଯୁଧିଷ୍ଠିରଙ୍କ କରିବ ଅଭାବ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।
୬ । ବିନାଶ—6. Extinction; annihilation.
ତିନି ଲୋକ ହୁତେଶୀ ହୋଇ ରୁଦ୍ର ଭେଦିବ
ଏ ରୂପରେ କଲେହେଁ ତ୍ରିପୁର ଅଭାବ । କୃଷ୍ଣସିଂହ. ମହାଭାରତ; କର୍ଣ୍ଣ ।
୭ । (ନ୍ୟାୟ ଶାସ୍ତ୍ର) ଅସ୍ତିତ୍ୱକୁ ନ ମାନିବା—
7. (logic) Negation of existence.
[ ଦ୍ର—ଏହା ଦୁଇ ପ୍ରକାର, ଯଥା—
୧ । ସଂସର୍ଗାଭାବ—1. Universal negation.
୨ । ଅନ୍ୟୋଽନ୍ୟାଭାବ—2. Relative negation.]
ଦେ. ବି—୧ । ରୋଗ—1. Disease; sickness.
( ଯଥା—ତାଙ୍କ ଦେହର ଅଭାବ ହୋଇଅଛି । )
୨ । ଦୁଃଖ—2. Grief; sorrow.
ଉର୍ବଶୀ ଶାପ ଭ୍ରଷ୍ଟ କାର୍ଯ୍ୟକୁ ଆସିବ,
ଏଥିକି ମନେ କିଛି ନ ଧର ଅଭାବ । କୃଷ୍ଣସିଂହ; ମହାଭାରତ. ବନ ।
୩ । ଦୁର୍ଦ୍ଦଶା—3. Misfortune.
ଯୁଧିଷ୍ଠିର ତା ଦେଖି ଡାକ ସହଦେବ
ବୋଇଲେ ଦେଖ କିଛି ଆସିଲା ଅଭାବ । କୃଷ୍ଣସିଂହ; ମହାଭାରତ; ଶଲ୍ୟ ।
ଦେ. ବିଣ—ଭାବ ବା ସ୍ନେହବିହୀନ—
Loveless; void of affection.
ଅଭାବ ଦୁର୍ବଳ ସଙ୍ଗେ ଭାବ ବଢ଼ାଇଲେ । ବ୍ରଜ—ରହସ୍ୟମଞ୍ଜରୀ ।

**ଅଭାବନୀୟ**—ସଂ. ବିଣ. ( ଅ = ନୁହେ + ଭାବନୀୟ )—
**Abhābaniya** ୧ । ଅଚିନ୍ତନୀୟ; ଅଚିନ୍ତ୍ୟ—
1. Unthinkable; inconceivable
୨ । ଅସମ୍ଭାବନୀୟ—2. Improbable.

**ଅଭାବପକ୍ଷରେ**—ଦେ. କ୍ରି. ବିଣ—
Abhābapakshare ୧ । ଅନ୍ତତଃ—1. At least.
অভাবপক্ষে ୨ । ( କୌଣସି ବିଷୟର) ଅନୁପସ୍ଥିତି ଘଟିଲେ—
2. In the absence (of anything)
୩ । ( କୌଣସି ପଦାର୍ଥ ) ନ ମିଳିଲେ—
3. In case a thing is not available.

**ଅଭାବେ**—ଦେ. ଅ—୧ । ଅଭାବପକ୍ଷରେ ( ଦେଖ )
Abhābe 1. Abhābapakshare ( See )
অভাবে ୨ । ପୂର୍ବକଥିତ ବିଷୟ ନ ଘଟିଲେ; ନୋଚେତ୍—
2. In the case of the said event not happening.
ଅଦୃଷ୍ଟଙ୍କୁ ବିଶେଷ: ଅଙ୍ଗୀକାର କଲେ ସିଦ୍ଧ,
ଅଭାବେ ଉଚ୍ଛନ୍ନ ହେବ ଏ ବିକଳ୍ପ ପଙ୍କ୍ତି—
କବିସୂର୍ଯ୍ୟ. ବିଶୋକଚିନ୍ତାମଣି. ୧. ଗୀତ ।

**ଅଭାବ୍ୟ**—ସଂ. ବିଣ ( ଅ + ଭାବ୍ୟ )—ଅଭାବନୀୟ ( ଦେଖ )
Abhābya Abhābaniya ( See )

**ଅଭାରଜନ**—ଗ୍ରା. ବିଣ ( ସଂ. ଅଭାଜନ )—ଅଭାଜନ ( ଦେଖ )
Abhārajana Abhājana ( See )

**ଅଭାର୍ଜନ**—ଗ୍ରା. ବିଣ—ଅଭାଜନ ( ଦେଖ )
Abhārjana Abhājana ( See )

**ଅଭାର୍ଯ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଭାର୍ଯ୍ୟା )—
Abhārjya ୧ । ସ୍ତ୍ରୀହୀନ—1. Wifeless.
୨ । ଅବିବାହିତ—2 Unmarried.
୩ । ମୃତଦାର—3. Widower.

**ଅଭାଷଣ**—ସଂ. ବି. ( ଅ = ନୁହେ + ଭାଷଣ )—ମୌନ—
Abhāshaṇa Silence.

**ଅଭାଷା**—ଦେ. ବି. ( ସଂ. ଅ + ଭାଷା )—୧ । କୁବାକ୍ୟ—
Abhāshā 1. Bad words.
୨ । ଅଶ୍ଳୀଳ ଭାଷା—2. Obscene language.
୩ । ଗାଳି—3. Abuse; evil names.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଓ | ନ୍ତ |

**ଅଭି**—ପ୍ରାଦେ. (କଟକସଦର) ଅ. (ସଂ. ଅଦ୍ୟ)—ବର୍ତ୍ତମାନ; ଏହିକ୍ଷଣି; ବର୍ତ୍ତମାନହିଁ—Now; just now.
Abhi
ଏଖନି ଦେ. ବ—ଅଭିରାମ, ଅଭିମନ୍ୟୁ ବା ଅଭୟଚରଣର ଡାକ
**अब्भि** ନାମ—Name for calling a person named Abhirāma, Abhimanyu or Abhayacharaṇa.

**ଅଭିଅଡ଼ା**—ପ୍ରାଦେ. (ବାଲେଶ୍ୱର) ବିଣ. ପୁଂ. (ସଂ. ଅବ୍ୟୂଢ଼)—
Abhiarḍā ଅବିବାହିତ (ପୁରୁଷ)—
(ଅଭିଅଡ଼ୀ—ସ୍ତ୍ରୀ) Unmarried (male).
ଆଈବୁଡ଼
**अनब्याहा**

**ଅଭିଅଡ଼ା**—ପ୍ରାଦେ. (ବାଲେଶ୍ୱର) ବିଣ—ଅଭିଅଡ଼ା (ଦେଖ)
Abhiarḍā Abhiarḍā (See)

ହାୟ ! ହାୟ ! ବୁଝଅ ଅଭିଅଡ଼ା ଥିଲ ତ ଥିଲ; ସବୁଁ ବାଇ ଖାଉ ପୁରୁଷକୁ ନଜନକୁ ଦେଖ । ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଅଭିଅଡ଼ୀ**—ଦେ. ବିଣ. ସ୍ତ୍ରୀ (ସଂ. ଅବୋଢ଼ା ବା ଅବ୍ୟୂଢ଼ା)—
Abhiarḍi ଅବିବାହିତା; ଅନୂଢ଼ା—
ଆଈବୁଡ଼ା Unmarried.

ବୋଇଲେ ରହିବା କେତେ ହୋଇ ଅଭିଅଡ଼ୀ—ପୀତାମ୍ବର. ନୃସିଂହପୁରାଣ ।

**ଅଭିଅଡ଼ୀପଦା**—ଦେ. ବି.—ପୂର୍ବେ ଯେଉଁ ସମାଜରେ (ଯଥା—ବ୍ରାହ୍ମଣ;
Abhiarḍipadā ବଣିଆ) ବାଳିକା-ବିବାହ ପ୍ରଥା ଚଳୁଥିଲା ସେ ସମାଜର କୌଣସି କନ୍ୟା ଅବିବାହିତା ଥାଇ ରଜସ୍ୱଳା ହେଲେ ତାକୁ ସମାଜଚ୍ୟୁତ କରି ଗ୍ରାମମୁଣ୍ଡର କିଛି ଦୂରରେ ଯେଉଁ ନିର୍ଜନ ପ୍ରାନ୍ତରକୁ ନିର୍ବାସିତ କରାଯାଉଥିଲା—
A solitary place or wilderness away from the village to which was banished a Brāhmaṇa girl who attained puberty before marriage.

**ଅଭିଅଡ଼ୀସୂତା**—ଦେ.ବି.(ସଂ. ଅବ୍ୟୂଢ଼ା+ଓ. ସୂତ)—ଯେଉଁ ସୂତାକୁ
Abhiarḍisutā ଅବିବାହିତା କନ୍ୟାମାନେ କାଟନ୍ତି ବା ବଳନ୍ତି—
ଆଈବୁଡ଼ୋସୂତୋ Thread woven by maids.
[ ଦ୍ର—ଏହା ବିବାହାଦି କର୍ମରେ ଲାଗେ । ]

**ଅଭିଆଣ**—ଦେ. ବି. (ସଂ. ଅବଧାନ)—ବିଧି ବା ଶାସ୍ତ୍ର ବହିର୍ଭୂତ
Abhiāṇa ମନ୍ଦକାର୍ଯ୍ୟ—Any uncommon bad act.
ଅସୈରଣ

ଅଭିଆଣରେ ଭିଆଣ ଦେଖ; ପେଳ ପିଅଠେଇଁ ବାଜିବ ଶଙ୍ଖ—ଡଗ ।

**ଅଭିକ**—ସଂ. ବିଣ. ପୁଂ. (ଅଭି+କମ ଧାତୁ=ଅଭିଳାଷ କରିବା+ଅ)—
Abhika ୧ । କାମୁକ—1. Licentious.
(ଅଭିକା—ସ୍ତ୍ରୀ) ୨ । ଲମ୍ପଟ—2. Wanton.

**ଅଭିକା**—ପ୍ରାଦେ. (କଟକ) ଅ—ବର୍ତ୍ତମାନ; ଏହିକ୍ଷଣି—
Abhikā Just now, at present.
ଏଖନି
**अब्भि**

**ଅଭିକାଙ୍‌କ୍ଷା**—ସଂ. ବି. (ଅଭି=ବିଶେଷ ରୂପେ+କାଙ୍‌କ୍ଷ ଧାତୁ=ଇଚ୍ଛା କରିବା+ଭାବ. ଅ+ଆ)—
Abhikāṅkshā
(ଅଭିକାଙ୍‌କ୍ଷିତ—ବିଣ) ୧ । ପ୍ରବଳ ବାସନା; ଆକାଂକ୍ଷା—
1. Strong desire; hankering.
୨ । ଇଚ୍ଛା—2. Wish; desire.

**ଅଭିକ୍ରମ**—ସଂ. ବି. (ଅଭି=ସମ୍ମୁଖରେ+କ୍ରମ ଧାତୁ=ଯିବା+ଭାବ. ଅ)—
Abhikrama ୧ । ଯୁଦ୍ଧାର୍ଥ ଶତ୍ରୁ ସମ୍ମୁଖକୁ ଗମନ—
(ଅଭିକ୍ରାନ୍ତ—ବିଣ) 1. Advancing to the front of the enemy to fight.
୨ । ଆରୋହଣ—2. Ascending.
୩ । ଆକ୍ରମଣ—3. Attack; onslaught.
୪ । ଆରମ୍ଭ—4. Beginning.

**ଅଭିକ୍ରମଣ**—ସଂ. ବି. (ଅଭି+କ୍ରମ ଧାତୁ+ଭାବ. ଅନ)—
Abhikramaṇa ଅଭିକ୍ରମ (ଦେଖ)
Abhikrama (See)

**ଅଭିଖ୍ୟା**—ସଂ. ବି. (ଅଭି=ବିଶେଷରୂପେ+ଖ୍ୟା ଧାତୁ=ପ୍ରକାଶ କରିବା +ଭାବ. ଅ+ଆ)—୧ । ଖ୍ୟାତି—
Abhikhyā
(ଅଭିଖ୍ୟାତ—ବିଣ) 1. Fame; reputation.
୨ । ଉପାଧି—2. Title.
୩ । ନାମ—3. Name.
୪ । ଶୋଭା—4. Beauty; grace.

ଲଭିଛି ଅଭିଖ୍ୟା ଯେହ୍ନେ କାମାଖ୍ୟା ପ୍ରଖ୍ୟାତେ । ରଘୁନାଥ. ମହାଯାତ୍ରା ।

**ଅଭିଗମ**—ସଂ. ବି. (ଅଭି=ବିଶେଷରୂପେ+ଗମ ଧାତୁ=ଯିବା+ଭାବ.
Abhigama ଅ)—୧ । ଆଶ୍ରୟ—1. Shelter; recourse.
(ଅଭିଗତ—ବିଣ) ୨ । ପ୍ରାପ୍ତି—2. Attainment.
୩ । ସେବା—3. Attendance; tending.
୪ । ପ୍ରତ୍ୟୁଦ୍‌ଗମନ; ପାଛୋଟି ଯିବା—
4. Going to see a person off.
୫ । ନିକଟକୁ ଯିବା—5. Going near; approach.
୬ । ସଙ୍ଗରେ ମିଶିବା—6. Joining the company of; accompanying.
୭ । ସଙ୍ଗମ—8. Union; cohabitation.

**ଅଭିଗମନ**—ସଂ. ବି. (ଅଭି+ଗମ ଧାତୁ+ଭାବ. ଅନ)—
Abhigamana ଅଭିଗମ (ଦେଖ)
Abhigama (See)

ଅଭିଗମନ ମଞ୍ଜୁ ବାଣୀ; ପଳିବ ନିଜ ଘରେ ଅଣି ।
ଜଗନ୍ନାଥ. ଭାଗବତ. ୪ଥ

**ଅଭିଗ୍ରହ**—ସଂ. ବି. (ଅଭି=ସମ୍ମୁଖ+ଗ୍ରହ ଧାତୁ+ଭାବ. ଅ)—
Abhigraha ୧ । ଆକ୍ରମଣ—1. Attack.
୨ । ଯୁଦ୍ଧାର୍ଥ ଶତ୍ରୁର ସମ୍ମୁଖକୁ ଗମନ—
2. Advancing to the front of an enemy to fight.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଲୁଟ୍‌ତରାଜୁ; ଡକାଇତି—3. Robbery; dacoity.
୪ । ସ୍ପର୍ଦ୍ଧା; ଗୌରବ—4. Challenge.
୫ । ଜବରଦସ୍ତି ଛଡ଼ାଇ ନେବା—
5. Snatching away by force; extortion.

**ଅଭିଗ୍ରହଣ**—ସଂ. ବି. ( ଅଭି + ଗ୍ରହ ଧାତୁ + ଭାବ. ଅନ)—
**Abhigrahaṇa** ଅଭିଗ୍ରହ ( ଦେଖ )
Abhigraha ( See )

**ଅଭିଘାତ**—ସଂ. ବି. (ଅଭି + ହନ ଧାତୁ + ଭାବ.ଅ; ହନ ସ୍ଥାନରେ ଘାତ)—
**Abhighāta** ୧ । ପ୍ରହାର—1. Beating, striking
୨ । ଆଘାତ—2. Stroke.
୩ । ଦଣ୍ଡଦ୍ୱାରା ମାଡ଼—3. Striking with a stick
୪ । ହତ୍ୟା—4. Murder; slaughter.
୫ । ଯାତନା—5. Pain.
୬ । ଆକ୍ରମଣ—6. Attack; onslaught.

**ଅଭିଘାତୀ**—ସଂ. ବିଣ. ପୁଂ (ଅଭି + ହନ ଧାତୁ + କର୍ତ୍ତୃ. ଇନ୍; ହନ ସ୍ଥାନରେ ଘାତ; ୧ମା. ୧ବ)—୧ । ଆଘାତକାରୀ—
**Abhighāti**
(ଅଭିଘାତିନୀ—ସ୍ତ୍ରୀ) 1. Striking.
୨ । ଆକ୍ରମଣକାରୀ—2. Attacking.
୩ । ଶତ୍ରୁଭାବପନ୍ନ—3. Inimical.
୪ । ନାଶକ—4. Destroying.
୫ । (ଅମୁକ) ନାମଧାରୀ—5. Styled; named (so and so)
୬ । ଘାତକ; ହନ୍ତା—6. Killing; murderous.
ସଂ. ବି. ପୁଂ—୧ । ଶତ୍ରୁ—1. Enemy.
୨ । ହତ୍ୟାକାରୀ ବ୍ୟକ୍ତି—2. Murderer.
୩ । ବିନାଶକ ବ୍ୟକ୍ତି—3. Destroyer.

**ଅଭିଚର**—ସଂ. ବି. ପୁଂ (ଅଭି + ଚର ଧାତୁ + କର୍ତ୍ତୃ. ଅ)—
**Abhichara** ୧ । ଅନୁଚର—1. Companion.
୨ । ସହାୟକ—2. Help.
୩ । ସହକର୍ମୀ—3. Colleague.
୪ । ଭୃତ୍ୟ; ଚାକର—4. Servant; follower;

**ଅଭିଚାର**—ସଂ. ବି (ଅଭି = ବିପରୀତ + ଚର ଧାତୁ + ଭାବ. ଅ)—
**Abhichāra** ୧ । ପରହିଂସା କର୍ମ; ପରର ଅନିଷ୍ଟ ଘଟାଇବାପାଇଁ ଅନୁଷ୍ଠିତ ତାନ୍ତ୍ରିକ କର୍ମ ( ଏହା ଷଡ଼ବିଧ—ମାରଣ; ମୋହନ; ସ୍ତମ୍ଭନ; ବିଦ୍ୱେଷଣ; ଉଚ୍ଚାଟନ ଓ ବଶୀକରଣ) ଗୁଣିଗାରେଡ଼ି—1. Employment of spells for malevolent purposes; black art.
ଅଭିଚାର କର୍ମ ପାଇଁକି ହୋମ କଲ । କୃଷ୍ଣସିଂହ. ମହାଭାରତ. ଆଦି ।
୨ । ଉପପାତକବିଶେଷ—2. A class of petty sin or transgression.
[ ଦ୍ର—ଗୁଣି ବିଦ୍ୟା ଉପପାତକ ରୂପେ ଗଣ୍ୟ—ମନୁ ୧୧।୬୪ ଓ ଏଥି ପାଇଁ ସ୍ମୃତିରେ ଦଣ୍ଡ ବିଧାନ ଅଛି—ମନୁ ୯।୨୯୦ ଏବଂ ଏଥିପାଇଁ ପ୍ରାୟଶ୍ଚିତ୍ତ ବିଧେୟ—ମନୁ ୧୧।୧୯୮]

**ଅଭିଚାର ଜ୍ୱର**—ସଂ. ବି ( ମଧ୍ୟପଦଲୋପୀ )—ଅଭିଚାରପ୍ରୟୋଗଜନିତ
**Abhichāra jwara** ଜ୍ୱର; ମନ୍ତ୍ର ଯନ୍ତ୍ର ପ୍ରୟୋଗଜନିତ ଜ୍ୱର—
Fever caused by magic spells.

**ଅଭିଚାରିତ**—ସଂ. ବିଣ. ପୁଂ (ଅଭିଚାର + ଇତ)—ଯାହା ପ୍ରତି ଗୁଣିଗାରେଡ଼ି
**Abhichārita** ପ୍ରୟୋଗ କରି ଯାଇ ଅଛି—Enchanted,
**(ଅଭିଚାରିତା—ସ୍ତ୍ରୀ)** (a person) against whom black magic has been applied.

**ଅଭିଚାରୀ**—ସଂ. ବିଣ.ପୁଂ (ଅଭି + ଚର ଧାତୁ + କର୍ତ୍ତୃ.ଇନ୍. ୧ମା ୧ବ)—
**Abhichāri** ୧ । ଅଭିଚାର ନାମକ ଉପପାତକକାରୀ—
(ଅଭିଚାରିଣୀ—ସ୍ତ୍ରୀ) 1. Committing petty sins.
୨ । ଗୁଣିଆ; ଯେ ପରର ଅନିଷ୍ଟ ନେଇଁ ତନ୍ତ୍ର ମନ୍ତ୍ର ପ୍ରୟୋଗ କରେ—Enchanting; conjuring; practising black art,
ସଂ. ବି—ଗୁଣିଆବ୍ୟକ୍ତି—A conjurer; a magician.
(ଯଥା—ଏହାର ଅନ୍ୟରୂପ ଅଭିଚାରକ ପୁଂ. ଓ ଅଭିଚାରିକା—ସ୍ତ୍ରୀ)

**ଅଭିଜନ**—ସଂ. ବି (ଅଭି + ଜନ ଧାତୁ + ଅଧିକରଣ. ଅ)—
**Abhijana** ୧ । ପ୍ରସିଦ୍ଧ ବଂଶ—1. A renowned family.
୨ । କୁଳ; ବଂଶ—2. Family; race.
୩ । ବଂଶଧରଗଣ—3. Descendants.
୪ । ପୂର୍ବପୁରୁଷଗଣ—4. Ancestors.
୫ । ଆଭିଜାତ୍ୟ; ଉଚ୍ଚବଂଶରେ ଜନ୍ମ—5. Noble descent.
୬ । କୁଳଶ୍ରେଷ୍ଠ ବ୍ୟକ୍ତି; ବଂଶଗୌରବ ବ୍ୟକ୍ତି—
6. The renowned person or ornament of a family.
୭ । ଜନ୍ମଭୂମି—7. Motherland, native country.
୮ । ପ୍ରସିଦ୍ଧି; ଖ୍ୟାତି—8. Fame ( M. W. )
୯ । ବଦନାମ—9. Natoriety ( M. W. )
୧୦ । ପରିଜନବର୍ଗ—10. Attendants; retinue ( Apte )

**ଅଭିଜନବାନ୍**—ସଂ. ବିଣ. ପୁଂ ( ଅଭିଜାତ + ବତ୍; ୧ମା. ୧ବ )—
**Abhijanabān** ଉଚ୍ଚକୁଳୋଦ୍ଭବ—Of noble descent
(ଅଭିଜନବତୀ—ସ୍ତ୍ରୀ) ( M. W. )

**ଅଭିଜୟ**—ସଂ. ବି. ( ଅଭି + ଜୟ )—୧ । ସମ୍ପୂର୍ଣ୍ଣ ଜୟ—
**Abhijaya** 1 Complete victory.
୨ । ଦେଶଜୟ—2. Conquest.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଁ | ଉଅ | ଡ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଘ | ଇଅ | ଓ | ନ୍ତ |

**ଅଭିଜାତ**—ସଂ. ବିଣ. ( ଅଭି+ଜନ ଧାତୁ+କର୍ତ୍ତୃ. ତ )—
Abhijāta ୧ । ସଦ୍‌ବଂଶଜାତ—1. Well-born.
(ଅଭିଜାତା—ସ୍ତ୍ରୀ) ୨ । କୁଳୀନ—2. Of noble birth.
୩ । ଭଦ୍ରବଂଶଧର; ଖାନ୍ଦାନ୍—3. Aristocratic.
୪ । ଜ୍ଞାନୀ; ପଣ୍ଡିତ—4. Wise; learned.
୫ । ଯୋଗ୍ୟ—5. Worthy; fit.
୬ । ନ୍ୟାଯ୍ୟ—6. Rightful.
୭ । ମଧୁର—7. Sweet.
୮ । ସୁଶ୍ରୀ—8. Fair.

**ଅଭିଜାତତନ୍ତ୍ର**—ଦେ. ବି. ( ଆଧୁନିକ ନୀତିବିଜ୍ଞାନପରିଭାଷା )—ରାଜ୍ୟର କୁଳୀନ ବ୍ୟକ୍ତିମାନଙ୍କଦ୍ୱାରା ରାଜ୍ୟଶାସନ ପ୍ରଣାଳୀ—Oligarchy; government of a country by the aristocracy.
Abhijātatantra
অভিজাততন্ত্র
**अभिजाततन्त्र**

**ଅଭିଜାତ୍ୟ**—ଦେ. ବି. ( ସଂ. ଆଭିଜାତ୍ୟର ଅଶୁଦ୍ଧ ଉଚ୍ଚାରଣ)—
Abhijātya ଆଭିଜାତ୍ୟ (ଦେଖ)—Ābhijātya ( See )
অভিজাত্য
**अभिजात्य**

**ଅଭିଜିତ୍**—ସଂ. ବି. ( ଅଭି+ଜି ଧାତୁ+କର୍ତ୍ତୃ. କ୍ୱିପ୍ )—
Abhijit ୧ । ଉତ୍ତରାଷାଢ଼ା ଓ ଶ୍ରବଣାର ମଧ୍ୟବର୍ତ୍ତୀ ନକ୍ଷତ୍ର—
1. An asterism; Vega.
[ ଦ୍ର—ହିନ୍ଦୁଜ୍ୟୋତିଷ ମତରେ ୨୭ ନକ୍ଷତ୍ର ଛଡ଼ା ଏ ଗୋଟିଏ ଅଧିକା ନକ୍ଷତ୍ର; ନକ୍ଷତ୍ର ତଳେ କୋଷ୍ଠ ଦେଖ । ]
୨ । ଜ୍ୟୋତିଷ ଶାସ୍ତ୍ରୋକ୍ତ ଲଗ୍ନବିଶେଷ—
2. Name of an astrological conjunction.
୩ । ଦିବସର ପନ୍ଦର ଭାଗର ଅଷ୍ଟମ ଭାଗ ବା ମୁହୂର୍ତ୍ତ—
3. The 8th of the 15 parts of a day.
ସଂ. ବିଣ.—୧ । ଅଭିଜିତ୍ ନକ୍ଷତ୍ରରେ ଜାତ—
1. Born under the constellation of Vega.
୨ । ଜୟକାରୀ; ଜେତା—2. Victorious.

**ଅଭିଜିତ**—ସଂ. ବି. ( ଅଭି+ଜି ଧାତୁ+ତ )—ଅଭିଜିତ୍ ( ଦେଖ )
Abhijita Abhijit ( See )

**ଅଭିଜିତି**—ସଂ. ବି. ( ଅଭି+ଜି ଧାତୁ+ଭାବ. ତି)—ସମ୍ପୂର୍ଣ୍ଣ ଜୟ—
Abhijiti Complete victory.

**ଅଭିଜ୍ଞ**—ସଂ. ବିଣ. ପୁଂ. ( ଅଭି=ସର୍ବତୋଭାବରେ+ଜ୍ଞା ଧାତୁ+କର୍ତ୍ତୃ. ଅ )—୧ । ବିଜ୍ଞ—1. Knowing.
Abhijña
( ଅଭିଜ୍ଞା—ସ୍ତ୍ରୀ ) ୨ । ଚତୁର—2. Skilful; clever.
(ଅଭିଜ୍ଞତା—ବି) ୩ । କୌଣସି ବିଷୟରେ ପାରଙ୍ଗମ—
3. Understanding or conversant with a matter.
୪ । ବହୁଦର୍ଶୀ;ଅନୁଭବୀ—4. Experienced; prudent.

**ଅଭିଜ୍ଞତା**—ସଂ. ବି. ( ଅଭିଜ୍ଞ+ଭାବ. ତା )—୧ । ବହୁଦର୍ଶିତା—
Abhijñatā 1. Experience.
୨ । ଦୂରଦର୍ଶିତା; ସାଂସାରିକ ବିଷୟବୁଦ୍ଧି—
2. Prudence
୩ । ଜ୍ଞାନପଣ—
3. State of being wise; wisdom.

**ଅଭିଜ୍ଞା**—ସଂ. ବିଣ. ସ୍ତ୍ରୀ. ( ଅଭିଜ୍ଞ+ସ୍ତ୍ରୀ. ଆ )—ଜ୍ଞାନବତୀ ବା ପ୍ରବୀଣ
Abhijñā ( ସ୍ତ୍ରୀ )—Feminine of Abhijña.
( ଅଭିଜ୍ଞାତ—ବିଣ ) ସଂ. ବି. ( ଅଭି+ଜ୍ଞା ଧାତୁ+ଅ+ଆ )—
୧ । ପ୍ରଥମଜାତ ଜ୍ଞାନ; ଆଦ୍ୟ ଜ୍ଞାନ—
1. Primary knowledge or intelligence, intuition; discretion.
୨ । ସ୍ମରଣ; ସ୍ମୃତି—
2 Remembrance; recollection
୩ । ଦୂର ଶବ୍ଦ ଶୁଣିବାର ଶକ୍ତି—
3. Hearing to a distance; clairaudience ( M. W. )
୪ । ଦୂର ବସ୍ତୁ ଦେଖି ପାରିବାର ଶକ୍ତି—
4. Seeing to a distance; clairvoyance ( M. W. )
୫ । ପରର ମାନସିକ ଭାବ ବୁଝିପାରିବାର ଶକ୍ତି—
5. Penetrating men's thoughts; mind-reading ( M. W. )
୬ । ମନୁଷ୍ୟମାନଙ୍କ ଜୀବନର ପୂର୍ବଘଟଣା ଓ ଭବିଷ୍ୟତ-ଘଟଣାମାନ ବିଦ୍ୟାବଳରେ ଜାଣିବାର ଶକ୍ତି—
6. The art of knowing other people's states and antecedents ( M. W. )

**ଅଭିଜ୍ଞାତ**—ସଂ ବିଣ. ( ଅଭି+ଜ୍ଞା ଧାତୁ+କର୍ମ. ତ )—
Abhijñāta ୧ । ଅନୁଭବଦ୍ୱାରା ଜଣା ଯାଇଥିବା—
1 Known by experience; realised;
୨ । ଅନୁଭୂତ—2. Experienced.

**ଅଭିଜ୍ଞାତା**—ସଂ. ବିଣ. ପୁଂ. (ଅଭି+ଜ୍ଞା ଧାତୁ+କର୍ତ୍ତୃ. ତୃ; ୧ମା.୧ବ)—
Abhijñātā ଅଭିଜ୍ଞ ( ଦେଖ )—Abhijña ( See )
( ଅଭିଜ୍ଞାତ୍ରୀ—ସ୍ତ୍ରୀ )

**ଅଭିଜ୍ଞାନ**—ସଂ. ବି. ( ଅଭି+ଜ୍ଞା ଧାତୁ+କରଣ. ଅନ; ଯାହାଦ୍ୱାରା ମନୁଷ୍ୟ ଜାଣି ପାରେ )—
Abhijñāna
୧ । ପୂର୍ବସ୍ମୃତି—1. Remembrance; recollection.
୨ । ଜ୍ଞାନ—2. Knowledge
୪ । ପୂର୍ବସ୍ମୃତି ଉଦ୍ରେକକାରୀ ବସ୍ତୁ—4. A sign or token of remembrance; memento.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଗିଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଏ ଅଭିଜ୍ଞାନ ଲଭି ଏ ଶୁଭ ମାଧ, ଗମିବୁ ନ ହୋଇବୁ ଖେଦେ ହତାଶ ।
ରାଧାନାଥ—ମେଘଦୂତ ।

୫ । କୌଣସି ବିଷୟର ପ୍ରମାଣରୂପେ ଉପସ୍ଥାପିତ ବସ୍ତୁ— 5. Any sign or token serving as a proof for.

୬ । ଯାଦଦାସ୍ତ—6. Memorandum.

୭ । ସଙ୍କେତ—7. Token; mark.

**ଅଭିଜ୍ଞାନଗ୍ରନ୍ଥ**—ସଂ. ବି (ଆଧୁନିକ ବ୍ୟବହାର)—ଯେଉଁ ଗ୍ରନ୍ଥରୁ ଲୋକ **Abhijn̄ānagrantha** ଲୋଡ଼ିବା ବିଷୟ ପାଏ ( ଯଥା— ଅଭିଧାନ)—A book of reference.

**ଅଭିଜ୍ଞାନପତ୍ର**—ସଂ. ବି (ଆଧୁନିକ ପ୍ରୟୋଗ)—୧ । ସାର୍ଟିଫିକେଟ— **Abhijn̄ānapatra** 1 Certificate.

୨ । ପରିଚୟ ପତ୍ର—2. Letter of introduction.

୩ । ଯେଉଁ ପତ୍ର ବା ଲେଖାଦ୍ୱାରା କୌଣସି ବିଷୟ ବା ବ୍ୟକ୍ତି ସ୍ମରଣ କରା ଯାଇ ପାରେ; ସ୍ମାରକଲିପି— A memo; memorandum.

**ଅଭିଜ୍ଞାନପୁସ୍ତକ**—ସଂ. ବି. (ଆଧୁନିକ ପ୍ରୟୋଗ)— **Abhijn̄ānapustaka** ୧ । ଅଭିଜ୍ଞାନଗ୍ରନ୍ଥ (ଦେଖ) Abhijn̄ānagrantha (See)

୨ । ପକେଟ୍ ବହି; ଟିପା ବହି— 2. Note book; pocket-book.

**ଅଭିଜ୍ଞାନଶକୁନ୍ତଳ**—ସଂ. ବି. (ନାମ) ବହୁବ୍ରୀହି; [ ଅଭିଜ୍ଞାନ=ସ୍ମାରକବସ୍ତୁ **Abhijn̄ānaśakuntaḻa** +ଶକୁନ୍ତଳା; ଯେଉଁ ନାଟକରେ ତନ୍ନାମ୍ନୀ ବାଳିକା ଶକୁନ୍ତଳାଙ୍କ ସମ୍ବନ୍ଧେ ପୂର୍ବ ସ୍ମୃତିର ଅଭିଜ୍ଞାନ ବା ସ୍ମାରକ ବସ୍ତୁର ବର୍ଣ୍ଣନା ଅଛି ।]

କାଳିଦାସଙ୍କ ରଚିତ ସଂସ୍କୃତ ନାଟକର ନାମ— Title of a Sanscrit drama by poet Kāḻidāsa.

[ ଦ୍ର—ରାଜା ଦୁଷ୍ମନ୍ତ କଣ୍ୱ ଋଷିଙ୍କଦ୍ୱାରା ବାଲ୍ୟକାଳରୁ ପାଳିତା ବିଶ୍ୱାମିତ୍ର-ମେନକା-କନ୍ୟା ଶକୁନ୍ତଳାଙ୍କୁ କଣ୍ୱାଶ୍ରମରେ ଦୈବାତ୍ ଭେଟି ତାଙ୍କୁ ଗାନ୍ଧର୍ବ ବିଧିରେ ବିବାହ କରିଥିଲେ ଓ ତାଙ୍କୁ ସଙ୍କେତ ସ୍ୱରୂପ ନିଜର ଛାପାମୁଦିଟି ଦେଇଥିଲେ । ଦୁର୍ବାସାଙ୍କ ଅଭିଶାପରୁ ଶକୁନ୍ତଳାଙ୍କ ହାତରୁ ସେ ମୁଦିଟି ନଈରେ ହଜିବାରୁ ଦୁଷ୍ମନ୍ତ ଗର୍ଭିଣୀ ଶକୁନ୍ତଳାଙ୍କୁ ଚିହ୍ନି ପାରିଲେ ନାହିଁ । ଶକୁନ୍ତଳା ସ୍ୱାମୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତା ହୋଇ ରୋଦନ କରିବା ବେଳେ ତାଙ୍କ ମାତା ମେନକା ଶୂନ୍ୟରୁ ଆସି ଶକୁନ୍ତଳାଙ୍କୁ ଶୂନ୍ୟେଶୂନ୍ୟେ ଉଠାଇ ନେଇ ସ୍ୱର୍ଗରେ ରଖିଲେ ଓ ସେହିଠାରେ ଶକୁନ୍ତଳାଙ୍କର ଭରତ ନାମକ ପ୍ରତାପଶାଳୀ କୁମାର ଜନ୍ମ ହେଲେ । ଶକୁନ୍ତଳାଙ୍କ ହାତରୁ ପାଣିରେ ଖସିପଡ଼ିଥିବା ମୁଦିଟିକୁ ଗୋଟିଏ ମାଛ ଗିଳିଥିଲା । ଦୈବକ୍ରମେ ଜଣେ କେଉଟ ସେ ମାଛକୁ ଜାଲରେ ଧରି ଆଣିବାରୁ ସେ ମାଛ କଟା ହେଲା ବେଳେ, ତା ପେଟରୁ ଉକ୍ତ ମୁଦିଟି ମିଳିଲା । ସେ ମୁଦି ରଜାଙ୍କ ଛାପା ମୁଦି ଥିବା ଦେଖି ରାଜକର୍ମଚାରୀମାନେ ତାକୁ ଦୁଷ୍ମନ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ସେହି ଅଭିଜ୍ଞାନ—ମୁଦ୍ରିକାକୁ ଦେଖିଲା କ୍ଷଣି ଦୁଷ୍ମନ୍ତଙ୍କଠାରେ ଶକୁନ୍ତଳାଙ୍କ ପୂର୍ବସ୍ମୃତି ଜାଗରିତ ହେଲା ଓ ସେ ଶକୁନ୍ତଳାଙ୍କୁ ଅନ୍ୟାୟକ୍ରମେ ପ୍ରତ୍ୟାଖ୍ୟାନ କରିଥିବାର ଉପଲବ୍ଧି କରି ମର୍ମାହତ ହେଲେ । ପରେ ସେ ଦାନବଜୟ କରିବା ପାଇଁ ଇନ୍ଦ୍ରଙ୍କ ଆହ୍ୱାନକ୍ରମେ ସ୍ୱର୍ଗକୁ ଯାଇ ସେଠାରେ ନିଜ ପୁତ୍ର ଭରତଙ୍କୁ ଦୈବାତ୍ ଭେଟିଲେ ଓ ସେହିଠାରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ଭେଟ ଓ ମିଳନ ହେଲା । କାଳିଦାସଙ୍କର ଏ ନାଟକକୁ ଗେଟେ ପ୍ରମୁଖ ପାଶ୍ଚାତ୍ୟ ମହାପଣ୍ଡିତମାନେ ପୃଥିବୀର ଓ ବିଶ୍ୱସାହିତ୍ୟର ଉଜ୍ଜ୍ୱଳତମ ଓ ସରସ ଗ୍ରନ୍ଥ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରି ଅଛନ୍ତି । ]

**ଅଭିଜ୍ଞାନଶକୁନ୍ତଳା**—ଦେ. ବି. (ସଂ. ଅଭିଜ୍ଞାନଶକୁନ୍ତଳ)— **Abhijn̄ānaśakuntaḻā** ଅଭିଜ୍ଞାନଶକୁନ୍ତଳ (ଦେଖ) Abhijn̄āna śankuntaḻa (See)

**ଅଭିଜ୍ଞାପକ**—ସଂ. ବିଣ. ପୁଂ. (ଅଭି+ଜ୍ଞା ଧାତୁ; ଣିଚ୍+କର୍ତ୍ତୃ. ଅକ)— **Abhijn̄āpaka** ୧ । ବୋଧକ—1. Memorial.

(ଅଭିଜ୍ଞାପିକା—ସ୍ତ୍ରୀ) ୨ । ସ୍ମାରକ; ଯାହା ପୂର୍ବସ୍ମୃତି ଜାଗରିତ କରାଏ— 2. Reminding.

**ଅଭିଜ୍ଞାପନ**—ସଂ. ବି. ( ଅଭି+ଜ୍ଞା ଧାତୁ. ଣିଚ+ଭାବ. ଅନ )—ସ୍ମରଣ **Abhijn̄āpana** କରାଇବା—Reminding.

**ଅଭିଜ୍ଞାପିତ**—ସଂ. ବିଣ. (ଅଭି+ଜ୍ଞାପିତ)—ଯେଉଁ ବିଷୟ କୌଣସି ବ୍ୟକ୍ତି **Abhijn̄āpita** ଦ୍ୱାରା ଅନ୍ୟର ସ୍ମରଣ ପଥକୁ ଅଣାଯାଏ— Reminded.

**ଅଭିଜ୍ଞେୟ**—ସଂ. ବିଣ. ( ଅଭି+ଜ୍ଞେୟ )—ଯାହା ଚେତାଇ ଦିଆଯିବାର **Abhijn̄eya** ଯୋଗ୍ୟ—Fit tc be reminded.

**ଅଭିତ**—ଦେ. କ୍ରି. ବିଣ. (ସଂ. ଅଭିତଃ)—ଅଭିତଃ (ଦେଖ) **Abhita** Abhitaḥ (See)

କାଶ୍ମୀର ଶଗଡ଼ର କାନ୍ତ ବପୁ ଅବସାଦ ଗନ୍ଧ
ଆବଦ୍ଧ ରେଖ ଅଭିତ (ଉଭୟ ଦିଗରେ) କୁଟ ମଣ୍ଡଳେ । ପ୍ରାଚୀ. ରସବାରିଧି ।

**ଅଭିତଃ**—ସଂ କ୍ରି. ବିଣ. (ଅଭି=ସମ୍ମୁଖରେ ବା ଉଭୟ ଦିଗରେ+୭ମୀ **Abhitaḥ** ଅର୍ଥରେ. ତସ୍ )—୧ । ସମ୍ମୁଖରେ— 1. Before; in front.

୨ । ଉଭୟଦିଗରେ—2. On both sides.

୩ । ସର୍ବତଃ; ସର୍ବଦିଗରେ— 3 On all sides; all round.

୪ । ନିକଟରେ—4. Near; at hand.

୫ । ଶୀଘ୍ର—5 Soon.

୬ । ସର୍ବଥା; ସବୁ ପ୍ରକାରେ— 6 In all ways; entirely.

**ଅଭିଦ୍ରୋହ**—ସଂ. ବି. ( ଅଭି+ଦ୍ରୁହ ଧାତୁ+ଭାବ. ଅ )—ଅକ୍ରୋଶ— **Abhidroha** Grudge; spite.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଓ | ଢ଼ |

**ଅଭିଧର୍ମ ପିଟକ**—ସଂ. ବି—ବୌଦ୍ଧଧର୍ମର ଗ୍ରନ୍ଥବିଶେଷ—
Abhidharma piṭaka A treatise on Buddhism.

**ଅଭିଧା**—ସଂ. ବି. ( ଅଭି+ଧା ଧାତୁ+ଭାବ. ଅ+ସ୍ତ୍ରୀ. ଆ )—
Abhidhā ୧ । ନାମ—1. Name; appellation.
୨ । ସଂଜ୍ଞା—2. Definition.
୩ । ( ନ୍ୟାୟ ) ଶବ୍ଦର ଯେଉଁ ଶକ୍ତିଦ୍ୱାରା ଶବ୍ଦର ପ୍ରସିଦ୍ଧ ଅର୍ଥ ଜଣାଯାଏ—3. ( Logic ) The power of a word to denote a meaning

**ଅଭିଧାନ**—ସଂ. ବି. ( ଅଭି+ଧା ଧାତୁ+ଭାବ. ଅନ )—୧ । କଥନ—
Abhidhāna 1. Speaking.
୨ । ( +କରଣ. ଅ )—2. Name.
ପୁତ୍ରଙ୍କର ଅଭିଧାନ ବିଧାନ କରିବେ । ଆନନ୍ଦଚନ୍ଦ୍ର. ଭକ୍ତ ପ୍ରହ୍ଲାଦ ।
୩ । ( +ଅଧିକରଣ. ଅନ )—ଯେଉଁ ପୁସ୍ତକରେ ଶବ୍ଦର ଅର୍ଥ ଥାଏ; ଶବ୍ଦାର୍ଥକୋଷ; ଡିକ୍ସନାରି—
3. Vocabulary; dictionary; lexicon.

**ଅଭିଧାନଚିନ୍ତାମଣି**—ସଂ. ବି. ( ନାମ )—ହେମଚନ୍ଦ୍ରଙ୍କ କୃତ ସଂସ୍କୃତ
Abhidhānachintāmaṇi ଶବ୍ଦାର୍ଥ କୋଷ—
The title of a Sanscrit dictionary by Hemachandra

**ଅଭିଧାନରତ୍ନମାଳା**—ସଂ. ବି. (ନାମ)—ହଳାୟୁଧକୃତ ଶବ୍ଦକୋଷ—
Abhidhānaratnamāḻā The title of a Sanscrit dictionary by Haḻāyudha.

**ଅଭିଧେୟ**—ସଂ. ବି ( ଅଭି+ଧା ଧାତୁ+କର୍ମ. ଯ )—
Abhidheya ଶବ୍ଦର ଅର୍ଥ; ସଂଜ୍ଞା—
Significance of a word; the object signified by a word; definition.
ସଂ. ବିଣ. ପୁଂ—୧ । ( ଅମୁକ ) ନାମକ ( ଅନ୍ୟଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ରାମାଭିଧେୟ ପୁରୁଷ । )—
1. Named.
୨ । ବକ୍ତବ୍ୟ—2 Expressible.

**ଅଭିଧ୍ୟା**—ସଂ. ବି. ( ଅଭି+ଧ୍ୟୈ ଧାତୁ=ଚିନ୍ତା କରିବା+ଭାବ. ଅ+
Abhidhyā ସ୍ତ୍ରୀ. ଆ )—୧ । ଇଚ୍ଛା—1 Desire.
୨ । ଅନ୍ୟ ପଦାର୍ଥ ପ୍ରତି ଲୋଭ—
2. Coveting another's property.
୩ । ଲାଲସା—3 Hankering.

**ଅଭିଧ୍ୟାନ**—ସଂ. ବି. ( ଅଭି+ଧ୍ୟୈ ଧାତୁ+ଭାବ. ଅନ )—
Abhidhyāna ୧ । ପ୍ରଗାଢ଼ ଚିନ୍ତା—1. Meditation.
୨ । ଅଭିନିବେଶପୂର୍ବକ ଚିନ୍ତା—2 Contemplation.

**ଅଭିନ**—ଗ୍ରା. ବି. ( ନାମ )—ଅଭିନ୍ନର ଡାକ ନାମ—
Abhina A name for calling Abhinna.
ଗ୍ରା. ବିଣ. ( ସଂ. ଅଭିନ୍ନ )—ଅଭିନ୍ନ ( ଦେଖ )
Abhinna ( See )

**ଅଭିନଦ୍ଧ**—ସଂ. ବିଣ. ( ଅଭି+ନହ ଧାତୁ+କର୍ମ. ତ )—ଆବଦ୍ଧ—
Abhinaddha Tied with strings; bound.

**ଅଭିନନ୍ଦ**—ସଂ. ବି. ( ଅଭି+ନନ୍ଦ ଧାତୁ+ଭାବ. ଅ )—ଆନନ୍ଦ—
Abhinanda Delight; pleasure.

**ଅଭିନନ୍ଦନ**—ସଂ. ବି. ( ଅଭି+ନନ୍ଦ ଧାତୁ+ଭାବ. ଅନ )—
Abhinandana ୧ । ଅନୁମୋଦନ; ସାଦର ଅଭ୍ୟର୍ଥନା—
1. Congratulation; welcome.
୨ । ସନ୍ତୋଷପୂର୍ବକ ପ୍ରଶଂସା—
2. Praise; laudation.
୩ । ଆହ୍ଲାଦ ପ୍ରକାଶ—3. Rejoicing.
୪ । ସ୍ତୁତି—4. Prayer.
୫ । ବୁଦ୍ଧବିଶେଷ—5. A previous incarnation of the Buddha.

**ଅଭିନନ୍ଦନପତ୍ର**—ଦେ. ବି. ( ସଂ. ଅଭିନନ୍ଦନ=ପ୍ରଶଂସା+ପତ୍ର=ଚିଠି
Abhinandanapatra ବା ଲେଖା)—ଯେଉଁ ପତ୍ରଦ୍ୱାରା ସ୍ୱାଗତ-
अभिनन्दनपत्र ସମ୍ଭାଷଣ ବା ପ୍ରଶଂସା ଘୋଷଣା କରାଯାଏ—
**अभिनन्दनपत्र** A valedictory address; an address of welcome.

**ଅଭିନନ୍ଦା**—ସଂ. ବି. (ଅଭି+ନନ୍ଦ ଧାତୁ+ଭାବ. ଅ+ସ୍ତ୍ରୀ. ଆ )—
Abhinandā ୧ । ଇଚ୍ଛା—1. Wish.
୨ । ଆଶା—2. Hope.

**ଅଭିନନ୍ଦିତ**—ସଂ. ବିଣ. ( ଅଭି+ନନ୍ଦ ଧାତୁ+କର୍ମ. ତ )—
Abhinandita ୧ । ପ୍ରଶଂସିତ; ସ୍ତୁତ—
1 Praised; applauded.
୨ । ଅଭ୍ୟର୍ଥିତ—2. Welcomed.

**ଅଭିନବ**—ସଂ. ବିଣ. ( ଅଭି+ନୁ ଧାତୁ+ଭାବ. ଅ )—
Abhinaba ୧ । ନୂତନ; ନବ୍ୟ—1. New.
୨ । ଅଦୃଷ୍ଟପୂର୍ବ—2. Not seen before.
୩ । ଟଟକା; ସଜ—3. Fresh.
୪ । ବିସ୍ମୟଜନକ—4. Wonderful.
ସଂ. ବି—ସ୍ତବ—Prayer.

**ଅଭିନବଚିନ୍ତାମଣି**—ସଂ.ବି.(ନାମ)—ଚକ୍ରପାଣି କୃତ ସଂସ୍କୃତ ବୈଦ୍ୟଗ୍ରନ୍ଥ-
Abhinabachintāmaṇi ବିଶେଷ—A sanskrit treatise on medicine by Chakrapāṇi.

**ଅଭିନବଜ୍ୱର**—ସଂ. ବି—ଅଳ୍ପଦିନ ହେଲା ଆକ୍ରମଣ କରିଥିବା ଜ୍ୱରରୋଗ—
Abhinabajwara Acute or new fever.

**ଅଭିନବାଭିନବ**—ସଂ. ବିଣ. (ଅତ୍ୟନ୍ତାର୍ଥେ. ଦ୍ୱିତ୍ୱ)—
Abhinabābhinaba ୧ । ଅତ୍ୟନ୍ତ ନୂତନ—
1. Quite new; very fresh.
୨ । ଅତ୍ୟାଶ୍ଚର୍ଯ୍ୟ—2. Very wonderful.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଣ୍ଠି' ନ ମିଳିଲେ 'ଗାଣ୍ଠି' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଭିନୟ**—ସଂ. ବି. ( ଅଭି+ନୀ ଧାତୁ+ଭାବ. ଅ )—
Abhinaya ୧ । ନାଟକ ପ୍ରଦର୍ଶନ—1. A dramatic performance
(ଅଭିନୀତ—ବିଣ)
୨ । ଅଙ୍ଗଚାଳନାଦି ଦ୍ୱାରା ମନୋଭାବ ବ୍ୟକ୍ତ କରିବା—
2 Representation; expression of the inner thoughts by bodily action.
୩ । ରସ ଭାବାଦିବ୍ୟଞ୍ଜକ ଚେଷ୍ଟାବିଶେଷ—
3. Indication of passions or feelings by look, gesture, etc.
[ ଦ୍ର—ଏହା ୪ ପ୍ରକାର—ଆଙ୍ଗିକ, ବାଚିକ, ସାତ୍ତ୍ୱିକ ଓ ଆହାର୍ଯ୍ୟ । ]

**ଅଭିନୟକରିବା**—ଦେ. କ୍ରି—୧ । ନାଟକ ପ୍ରଦର୍ଶନ କରିବା—
Abhinayakaribā 1. To act; to play on the stage.
অভিনয়করা
**अभिनयकरना**
୨ । ଅନ୍ୟର ଅନୁକରଣ କରିବା—
2 To copy or ape aperson.

**ଅଭିନହନ**—ସଂ. ବି (ଅଭି+ନହ ଧାତୁ+ଭାବ· ଅନ)—ଦୃଢ଼ ବନ୍ଧନ—
Abhinahana Tight binding; tying.
(ଅଭିନଦ୍ଧ—ବିଣ)

**ଅଭିନିବିଷ୍ଟ**—ସଂ. ବିଣ. ( ଅଭି+ନି+ବିଶ୍ ଧାତୁ+କର୍ତ୍ତୃ. ତ )—
Abhinibishṭa ୧ । ଅତ୍ୟନ୍ତ ମନୋଯୋଗୀ—
(ଅଭିନିବେଶ—ବି) 1. Attentive.
୨ । ଆଗ୍ରହାନ୍ୱିତ—2. Deeply interested; engrossed in.
୩ । ଭିତରକୁ ପ୍ରବିଷ୍ଟ—
3. Penetrated or thrust into.

**ଅଭିନିବେଶ**—ସଂ ବି (ଅଭି+ନି+ବିଶ ଧାତୁ+ଭାବ. ଅ)—
Abhinibeśa ୧ । ଆଗ୍ରହ—1. Deep interest,
୨ । ମନୋଯୋଗ—2. Close application; attention.
୩ । ଶାସ୍ତ୍ରାଦିରେ ପ୍ରବେଶ—3. Proficiency; study; mastery of a subject.
୪ । ସବିଶେଷ ଯତ୍ନ— 4. Tenacity; deep application to a subject.
୫ । (ଯୋଗଶାସ୍ତ୍ର) ମରଣହେତୁ ଭୟଜନକ ଅବିଦ୍ୟାବିଶେଷ-
5 (philosophy) Fear or apprehension of death

**ଅଭିନିର୍ମ୍ମୁକ୍ତ**—ସଂ. ବିଣ. ( ଅଭି=ସବୁ ପ୍ରକାରରେ+ନିର୍=ନିଶ୍ଚୟରେ+ ମୁଚ ଧାତୁ+ତ )—
Abhinirmmukta
୧ । ପରିତ୍ୟକ୍ତ; ମୁକ୍ତ—1. Freed.
୨ । ସୂର୍ଯ୍ୟାସ୍ତକାଳ ପର୍ଯ୍ୟନ୍ତ ଶୟନକାରୀ; ସାୟଂକାଳ ପର୍ଯ୍ୟନ୍ତ ନିଦ୍ରିତ (ବ୍ୟକ୍ତି)—2. Sleeping till after sunset.

**ଅଭିନିର୍ଯାଣ**—ସଂ. ବି. (ଅଭି+ନିର୍ + ଯା ଧାତୁ+ଭାବ. ଅନ)—
Abhinirjāṇa ଯୁଦ୍ଧାର୍ଥ ଅଭିଯାନ; ଯୁଦ୍ଧଯାତ୍ରା; ସୈନ୍ୟଯାତ୍ରା—
Advance to war; march to battle

**ଅଭିନିଷ୍ପତ୍ତି**—ସ. ବି. ( ଅଭି+ନିର୍+ପଦ୍ ଧାତୁ+ଭାବ. ତି )—
Abhinishpatti ୧ । ସିଦ୍ଧି—1. Completion.
୨ । ଉତ୍ପତ୍ତି—2. Birth.

**ଅଭିନୀତ**—ସଂ. ବିଣ. (ଅଭି+ନୀ ଧାତୁ+କର୍ମ. ତ)—
Abhinīta ୧ । ଭୂଷିତ—1 Ornamented.
୨ । ସଜ୍ଜିତ—2. Highly furnished.
୩ । ଅଭିନୟ କରି ଯାଇଥିବା—
3. Acted; represented on the stage; performed.
୪ । ନ୍ୟାଯ୍ୟ; ଯୁକ୍ତ—4. Fit; reasonable.
୫ । ବିନୀତ—5. Obedient.
୬ । କଷ୍ଟସହିଷ୍ଣୁ—6. Patient.
୭ । ଯେଉଁ ନାଟକର ଅଭିନୟ କରାଯାଇ ଥାଏ—
7. Acted played or performed (drama); represented.

**ଅଭିନୀତି**— ସଂ. ବି. ( ଅଭି+ନୀ ଧାତୁ+ଭାବ. ତି )—ଅଭିନୟ—
Abhinīti Performance on the stage.

**ଅଭିନୀବା**—ଦେ. କ୍ରି. ପଦ୍ୟ (ସଂ. ଅଭିନୟ )—ଅଭିନୟ କରିବା—
Abhinība To play on the stage.
ଅଭିନୀବା ପାଇଁ ସୂର୍ଯ୍ୟସୁତ ସଖା—
ଅନେକ ମହାନାଟକ— ରାଧାନାଥ—ଯଯାତି ।

**ଅଭିନେତା**— ସଂ. ବିଣ. ପୁଂ. (ଅଭି+ନୀ ଧାତୁ+ତୃ ୧ମା. ୧ବ.)—
Abhinetā ୧ । ଅଭିନୟକର୍ତ୍ତା; ଯେ ପୁରୁଷ ଅଭିନୟ କରେ—
(ଅଭିନେତ୍ରୀ—ସ୍ତ୍ରୀ) 1. Representing a dramatic character in a play.
୨ । ଅନ୍ୟର ଅନୁରୂପ କାର୍ଯ୍ୟ କରିବା (ବ୍ୟକ୍ତି)—
2. Imitating another's actions.
ସଂ. ବି. ପୁଂ—ନଟ—An actor.

**ଅଭିନେତୃବର୍ଗ**— ସଂ. ବି. ( ୬ଷ୍ଠୀ ତତ୍; ଅଭିନେତୃ+ବର୍ଗ )—
Abhinetrubarga ଅଭିନେତାମାନେ - All the actors; the cast.

**ଅଭିନେତ୍ରୀ**—ସଂ. ବିଣ. ସ୍ତ୍ରୀ. ( ଅଭିନେତୃ+ଈ )—
Abhinetrī ଅଭିନୟକାରିଣୀ (ସ୍ତ୍ରୀ)—(woman) Acting on the stage.
ସଂ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅଭିନୟ କରେ; ନଟୀ—An actress.

**ଅଭିନେୟ**—ସଂ. ବିଣ. (ଅଭି+ନୀ ଧାତୁ+କର୍ମ. ଯ)—
Abhineya ୧ । ଯାହା ଅଭିନୟ କରିବା ଉଚିତ—
1. That which ought to be acted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଜ୍ଞ | ଡ଼ଅ | ଛ |
| ୨ | ଈ | ଊ | ୠ | ୡ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍ଗ | ନ୍ନ |

୨ । ଅଭିନୟର ବିଷୟ—2 The subject of acting.
୩ । ଯାହା ଅଭିନୀତ ହେବ—
3. To be performed on the stage.

**ଅଭିନ୍ନ**—ସଂ. ବିଣ (ଅ = ନୁହେଁ + ଭିନ୍ନ = ଛିନ୍ନ)—
Abhinna ୧ । ଅଚ୍ଛିନ୍ନ—
1. Not broken; entire; not separated.
୨ । ପ୍ରଭେଦରହିତ—
2. Not different; self-same.
ଏହି ଗୃହ ଜଣ ଅଟନ୍ତି ଅଭିନ୍ନ ।
ସାରଳାମହାଭାରତ—ଉଦ୍ଯୋଗ ।
ଦେ. ବି. ପୁଂ.— ଲୋକଙ୍କ ନାମ—A name given to males.

**ଅଭିନ୍ନହୃଦୟ**—ସଂ. ବିଣ. ପୁଂ (ବହୁବ୍ରୀହି; ଅଭିନ୍ନ = ପ୍ରଭେଦରହିତ + ହୃଦୟ)—
Abhinnahṛudaya
( ଅଭିନ୍ନହୃଦୟା—ସ୍ତ୍ରୀ ) ୧ । ଏକ ପ୍ରକାର ମନର ଭାବ ଥିବା ବ୍ୟକ୍ତି; ସହୃଦୟ—
1. Having the same heart; of identical feelings.

**ଅଭିପନ୍ନ**—ସଂ. ବିଣ ( ଅଭି + ପଦ୍ ଧାତୁ + କର୍ତ୍ତୃ. ତ )
Abhipanna ୧ । ଶରଣାଗତ—1. Seeking refuge.
୨ । ବିପନ୍ନ; ବିପଦଗ୍ରସ୍ତ—
2. Involved in difficulties.
୩ । ଶତ୍ରୁଦ୍ୱାରା ଆକ୍ରାନ୍ତ—
3. Overpowered by enemies.
୪ । ଅପରାଧୀ; ଅପରାଦ୍ଧ—4. Guilty.
୫ । ସ୍ୱୀକୃତ—5. Agreed upon; consented.
୬ । ପଳାୟିତ—6. Fugitive.
୭ । ପରାଜିତ—7. Subdued.
ସଂ. ବି—ଅଭିମୁଖରେ ଧାବନ—Running towards.

**ଅଭିପ୍ରଣୟ**—ସଂ. ବି ( ଅଭି + ପ୍ରଣୟ )—୧ । ସ୍ନେହ—
Abhipraṇaya 1. Affection.
୩ । ଅନୁଗ୍ରହ—3. Favour.

**ଅଭିପ୍ରାୟ**—ସଂ. ବି. ( ଅଭି + ପ୍ର + ଇ ଧାତୁ + ଭାବ. ଅ )—
Abhiprāya ୧ । ଉଦ୍ଦେଶ୍ୟ—
1. View; intention; object.
୨ । ଆଶୟ—2. Wish.
୩ । ଭାବ; ଅର୍ଥ—3. Meaning.
୪ । ତାତ୍ପର୍ଯ୍ୟ—4. Purport.
୫ । ମତ—5. Opinion.
୬ । ମନୋଗତଭାବ—7. Purpose; design.

**ଅଭିପ୍ରାୟଣ**—ଦେ. ବି ( ସଂସ୍କୃତ. ଆଧୁନିକ ପ୍ରୟୋଗ; ଓଡ଼ିଶା-ସ୍କୁଲ-ସମୂହର ଇନ୍‌ସ୍‌ପେକ୍ଟର ଶ୍ରୀ ଭବନାଥ ମୁଖର୍ଯ୍ୟାଙ୍କ ଦ୍ୱାରା ପ୍ରୟୋଗ)—
Abhiprāyaṇa
ଅଭିପ୍ରାୟନ
୧ । ଉଦ୍ଦେଶ୍ୟକୁ କାର୍ଯ୍ୟରେ ଲଗାଇବାର ଇଚ୍ଛା—
1. Motivation; resolution to act upto a motive.
( ଯଥା—ଶିକ୍ଷକ ଛାତ୍ରର ଅଭିପ୍ରାୟ ପ୍ରତି ଲକ୍ଷ୍ୟ ରଖି ତାହାର ଅଭିପ୍ରାୟଣ କରିବେ ଅର୍ଥାତ୍ ଛାତ୍ରର ଅଭିପ୍ରାୟ ଅନୁସାରେ କାର୍ଯ୍ୟ କର ଆପଣାର ଅଭିପ୍ରାୟ ସିଦ୍ଧ କରିବେ )

**ଅଭିପ୍ରେତ**—ସଂ. ବିଣ ( ଅଭି + ପ୍ର + ଇ ଧାତୁ + କର୍ମ. ତ )—
Abhipreta ୧ । ବାଞ୍ଛିତ; ଅଭିଲଷିତ—
1 Meant; intended.
୨ । ଅଭୀଷ୍ଟ—2. Designed; aimed at.
ସଂ. ବି.—ଉଦ୍ଦେଶ୍ୟ—Aim; object.

**ଅଭିପ୍ରେତାର୍ଥ**—ସଂ. ବି ( ଅଭିପ୍ରେତ + ଅର୍ଥ )—
Abhipretārtha ୧ । ବାଞ୍ଛିତ ଉଦ୍ଦେଶ୍ୟ—
1. Object aimed at.
୨ । କଥକ ବା ଲେଖକର ଅଭିପ୍ରାୟ—
2. The intended meaning.

**ଅଭିପ୍ରେତାର୍ଥସିଦ୍ଧି**—ସଂ. ବି ( ଅଭିପ୍ରେତ = ବାଞ୍ଛିତ + ଅର୍ଥ = କାମନା + ସିଦ୍ଧି = ସଫଳତା )—
Abhipretārthasiddhi
ବାଞ୍ଛାସିଦ୍ଧି; ଇପ୍ସିତବସ୍ତୁର ପ୍ରାପ୍ତି; ମନୋବାଞ୍ଛାପୂରଣ—
The fulfilment of one's desire.

**ଅଭିବନ୍ଦନ**—ସଂ. ବି ( ଅଭି + ବନ୍ଦନ )—ସମ୍ମାନସୂଚକ ନମସ୍କାର—
Abhibandana Respectful salutation.
( ଅଭିବନ୍ଦିତ—ବିଣ )

**ଅଭିବାଦ**—ସଂ. ବି. ( ଅଭି + ବଦ ଧାତୁ + ଭାବ. ଅ )—
Abhibāda ୧ । ଅପ୍ରିୟବାକ୍ୟ—1. Unsavoury words.
୨ । ବିରୁଦ୍ଧବାଦ—
2 Opposing speech.
୩ । ଅପବାଦ—3. Defamation
୪ । ଅଖ୍ୟାତି—4. Libel
୫ । ବନ୍ଦନା; ପ୍ରଣାମ—
5 Obeisance; salutation.

**ଅଭିବାଦକ**—ସଂ. ବିଣ. ପୁଂ. (ଅଭି + ବଦ୍ ଧାତୁ ଣିଚ୍, ବାଦ ଧାତୁ + କର୍ତ୍ତୃ. ଅକ)—
Abhibādaka
(ଅଭିବାଦିକା—ସ୍ତ୍ରୀ) ୧ । ଅଭିବାଦନକାରୀ; ଯେ ବନ୍ଦନା କରେ; ବନ୍ଦନଶୀଳ—1. One who makes obeisance.
୨ । ଅପବାଦ କରୁଥିବା—2. Defaming; libelling.

ସାଧାରଣ ଲୋକେ ଅନେକ ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବିଣ. ପୁଂ—୧ । ଅପବାଦ କରୁଥିବା—
1. Defamer; libeller.
୨ । ଅପ୍ରିୟବକ୍ତା—2 Unpleasant speaker.

**ଅଭିବାଦନ**—ସଂ. ବି. ( ଅଭି + ବଦ୍ ଧାତୁ. ଣିଚ; ବାଦ ଧାତୁ + ଭାବ. ଅନ)—
**Abhibādana**
୧ । ସମ୍ବୋଧନପୂର୍ବକ ପ୍ରଣାମ କରିବା; ବନ୍ଦନା; ନମସ୍କାର -
1. Respectful salutation accompanied by some words.
୨ । ପାଦସ୍ପର୍ଶପୂର୍ବକ ନମସ୍କାର—
2 Salutation by touching the feet.

**ଅଭିବାଦନୀୟ**—ସଂ. ବିଣ. ପୁଂ. (ଅଭି+ବାଦ ଧାତୁ + କର୍ମ. ଅନୀୟ)—
**Abhibādaniya** ଯାହାକୁ ନମସ୍କାର କରିବା ଉଚିତ; ଅଭିବାଦନ-ଯୋଗ୍ୟ—Fit to be saluted, respectable.
(ଅଭିବାଦନୀୟା—ସ୍ତ୍ରୀ)

**ଅଭିବାଦ୍ୟ**—ସଂ. ବିଣ. ପୁଂ ( ଅଭି+ବାଦ ଧାତୁ+କର୍ମ. ଅନୀୟ )—
**Abhibādya** ଅଭିବାଦନୀୟ ( ଦେଖ )
(ଅଭିବାଦ୍ୟା—ସ୍ତ୍ରୀ) Abhibādaniya (See)

**ଅଭିବିଧି**—ସଂ. ବି. ( ଅଭି+ବିଧି )—ସର୍ବତୋଭାବରେ ବ୍ୟାପ୍ତି—
**Abhibidhi** Diffusion

**ଅଭିବିନୀତ**—ସଂ. ବିଣ. ପୁଂ (ଅଭି + ବି+ନୀ ଧାତୁ + କର୍ତ୍ତୃ. ତ)—
**Abhibinita** ୧ । ସର୍ବତୋଭାବରେ ଶିକ୍ଷିତ—
(ଅଭିବିନୀତା—ସ୍ତ୍ରୀ) 1. Well-versed; well-trained; learned in all the arts.
୨ । ସୁଶିକ୍ଷିତ—2. well-educated; well-trained.

**ଅଭିବ୍ୟକ୍ତ**—ସଂ. ବିଣ. (ଅଭି = ସର୍ବତୋଭାବରେ + ବ୍ୟକ୍ତ = ପ୍ରକାଶିତ)—
**Abhibyakta** ୧ । ସୁପ୍ରକାଶିତ—1. Distinct.
୨ । ସୁପ୍ରକଟିତ—2. Plain; evident; patent.
୩ । ସୁସ୍ପଷ୍ଟ—3. Ardent.
୪ । ସୁପ୍ରମାଣିତ—4. Declared; well proved.

**ଅଭିବ୍ୟକ୍ତି**—ସଂ. ବି. (ଅଭି = ସର୍ବତୋଭାବରେ + ବ୍ୟକ୍ତି = ପ୍ରକାଶ)—
**Abhibyakti** ୧ । ପ୍ରତ୍ୟକ୍ଷ ଜ୍ଞାନ—1 Clear or distinct impression.
୨ । ବାହାରେ ପ୍ରକାଶ; ବହିଃ ପ୍ରକାଶ—
2. Outward expression.

**ଅଭିବ୍ୟାପ୍ତ**—ସଂ. ବିଣ. ( ଅଭି = ସର୍ବତ୍ର + ବ୍ୟାପ୍ତ )—
**Abhibyāpta** ସବୁଆଡ଼େ ବ୍ୟାପି ଥିବା—
(ଅଭିବ୍ୟାପ୍ତି—ବି) All pervading; diffused; spreading everywhere

**ଅଭିବ୍ୟାପ୍ତି**—ସଂ. ବି. ( ଅଭି = ସର୍ବତୋଭାବରେ + ବି + ଆପ୍ ଧାତୁ + ଭାବ. ତି )—
**Abhibyāpti**
(ଅଭିବ୍ୟାପ୍ତ—ବିଣ) ସର୍ବତୋଭାବରେ ବ୍ୟାପ୍ତି—
Diffusion; extension.

**ଅଭିଭବ**—ସଂ. ବି. ( ଅଭି + ଭୂ ଧାତୁ + ଭାବ. ଅ )—
**Abhibhaba** ୧ । ପରାଭବ—2 Subjugation; defeat.
(ଅଭିଭୂତ—ବିଣ) ୨ । ତିରସ୍କାର—2. Censure.
୩ । ଅପମାନ; ଅବମାନନା—
3. Insult; disgrace; humiliation.
୪ । ଅନାଦର—4. Slighting.

**ଅଭିଭବନ**—ସଂ. ବି. (ଅଭି + ଭୂ ଧାତୁ + ଭାବ. ଅନ)—ପରାଜୟ—
**Abhibhabana** Defeat.

**ଅଭିଭବନୀୟ**—ସଂ. ବିଣ. ( ଅଭି + ଭୂ ଧାତୁ + କର୍ମ. ଅନୀୟ )—
**Abhibhabaniya** ପରାଭବନୀୟ; ପରାଜିତ ହେବାର ଯୋଗ୍ୟ—
(ଅଭିଭବନୀୟା—ସ୍ତ୍ରୀ) Liable to be defeated.

**ଅଭିଭାବ**—ସଂ. ବି—ଅଭିଭବ ( ଦେଖ )
**Abhibhāba** Abhibhaba ( See )

**ଅଭିଭାବକ**—ସଂ. ବିଣ. ପୁଂ. ( ଅଭି+ଭୂ ଧାତୁ + କର୍ତ୍ତୃ. ଅକ )—
**Abhibhābaka** ୧ । ରକ୍ଷକ—1. Protecting.
( ଅଭିଭାବିକା—ସ୍ତ୍ରୀ ) ୨ । ଆଶ୍ରୟଦାତା—
2. Patronising; giving shelter.
୩ । ମୁରବି—3. Guardian.
୪ । ତତ୍ତ୍ୱାବଧାରକ—4. Supervising.
ସଂ. ବି. ପୁଂ—୧ । ମୁରବି ବ୍ୟକ୍ତି—1. A guardian.
୨ । ତତ୍ତ୍ୱାବଧାରକ ବ୍ୟକ୍ତି—
2. A supervisor.
୩ । ଗୃହକର୍ତ୍ତା—3. The head of a family.
୦ । ଆଶ୍ରୟଦାତା ବ୍ୟକ୍ତି—4. A patron.

**ଅଭିଭାବନୀୟ**—ସଂ. ବିଣ. ପୁଂ. (ଅଭି+ଭୂ ଧାତୁ ଣିଚ + କର୍ମ. ଅନୀୟ)—
**Abhibhābaniya** ପରାଭବନୀୟ—
( ଅଭିଭାବନୀୟା—ସ୍ତ୍ରୀ ) Liable to be defeated.

**ଅଭିଭାବିକା**—ସଂ. ବି. ସ୍ତ୍ରୀ. ( ଅଭିଭାବକ + ସ୍ତ୍ରୀ. ଆ )—ଅଭିଭାବକର
**Abhibhābikā** ସ୍ତ୍ରୀଲିଙ୍ଗ—Feminine of Abhibhābaka.

**ଅଭିଭାଷଣ**—ସଂ. ବି. ( ଅଭି + ଭାଷ ଧାତୁ + ଭାବ. ଅନ )—
**Abhibhāshaṇa** ୧ । ଅନେକ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କହିବା କଥା ବା ବକ୍ତୃତା; ବହୁ ଲୋକଙ୍କ ନିମନ୍ତେ ଅଭିପ୍ରେତ ରଚନା—
1. Address ( intended for many ).
୨ । ସାଧାରଣ ବକ୍ତୃତା—2. A public speech.
( ଯଥା—ସଭାରେ ସଭାପତିଙ୍କ ଅଭିଭାଷଣ । )

**ଅଭିଭୂତ**—ସଂ. ବିଣ. ( ଅଭି + ଭୂ ଧାତୁ + କର୍ତ୍ତୃ. ତ )—
**Abhibhūta** ୧ । ପରାଭୂତ; ପରାଜିତ—
1. Overcome; vanquished; subdued; humiliated.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଥ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗିଁ୍ୟ | ଇଥ | ଓ | ନ୍ତ |

୨ । ଆକ୍ରାନ୍ତ—2. Attacked; overtaken.
୩ । ଅବଶ; ଅତି କ୍ଳାନ୍ତ—
3. Too tired; benumbed.
୪ । ବିହ୍ୱଳ—4. Involved in difficulties.
୫ । କିଂକର୍ତ୍ତବ୍ୟବିମୂଢ଼—5. Bewildered.
୬ । ଅଧୀନୀକୃତ—
6. Brought under control; subjugated.
୭ । ଆବୃତ—7. Covered.
୮ । ତିରସ୍କୃତ—8. Censured.
୯ । ଅଜ୍ଞାନ; ବେହୋସ୍—
9. Made senseless or unconscious

**ଅଭିଭୂତି**—ସଂ. ବି. (ଅଭି + ଭୂ ଧାତୁ + ଭାବ. ତି)—ଅଭିଭବ (ଦେଖ)
Abhibhūti Abhibhaba ( See )

**ଅଭିମତ**—ସଂ. ବିଣ. ( ଅଭି + ମନ ଧାତୁ + କର୍ମ. ତ )—
Abhimata ୧ । ସମ୍ମତ; ଅନୁମତ; ଅନୁମୋଦିତ—
1. Approved; agreed to; accepted.
୨ । ପ୍ରିୟ—2. Beloved; cherished.
୩ । ଇଷ୍ଟ—3. Wished for; desired.
୪ । ଅଭିପ୍ରେତ—4. Intended.
ସଂ. ବି.—୧ । ଅଭିପ୍ରାୟ—1. Intention.
୨ । ଇଚ୍ଛା—2 Wish; desire.
୩ । ମତ—3. Opinion.
୪ । ସମ୍ମତି—4 . Consent; approval.
୫ । ନିଶ୍ଚିତମତ—5. Decided opinion.

**ଅଭିମତାନୁଗାମୀ**—ସ. ବିଣ. ପୁଂ. (୬ଷ୍ଠୀ ତତ୍; ଅଭିମତ + ଅନୁଗାମିନ୍; ୧ମା. ୧ବ.)—ଇଚ୍ଛାନୁସାରେ କାର୍ଯ୍ୟକାରୀ (ବ୍ୟକ୍ତି)—Acting in obedience to the wish of another.
Abhimatānugāmi
(ଅଭିମତାନୁଗାମିନୀ—ସ୍ତ୍ରୀ)

**ଅଭିମତାନୁସାରୀ**—ସ. ବିଣ. (୬ଷ୍ଠୀ ତତ୍; ଅଭିମତ + ଅନୁସାରିନ୍ + ୧ମା. ୧ବ )—ଇଚ୍ଛାନୁସାରେ କାର୍ଯ୍ୟକାରୀ— Following the wish of another.
Abhimatānusāri
(ଅଭିମତାନୁସାରିଣୀ—ସ୍ତ୍ରୀ)

**ଅଭିମନୁ**—ଗ୍ରା. ବି.—ଅଭିମନ୍ୟୁର ଡାକ ନାମ—
Abhimanu Popular pronunciation of the name Abhimanyu.

**ଅଭିମନ୍ତା**—ସଂ. ବି. ପୁଂ. (ଅଭି + ମନ ଧାତୁ + କର୍ତ୍ତୃ. ତୃ; ୧ମା ୧ବ)—
Abhimantā ୧ । ମନ୍ତ୍ରଣାଦାତା—1. Counsellor.
(ଅଭିମନ୍ତ୍ରୀ—ସ୍ତ୍ରୀ) ୨ । ଉପଦେଷ୍ଟା—2. Advisor.

**ଅଭିମନ୍ତ୍ରଣ**—ସଂ. ବି. ( ଅଭି = ବିଶେଷଭାବରେ + ମନ୍ତ୍ର ଧାତୁ + ଭାବ. ଅନ)—୧ । ମନ୍ତ୍ରୋଚ୍ଚାରଣପୂର୍ବକ କୌଣସି ଦ୍ରବ୍ୟର ଶୁଦ୍ଧିକରଣ; ମନ୍ତ୍ରଦ୍ୱାରା ପବିତ୍ରକରଣ—
Abhimantraṇa
(ଅଭିମନ୍ତ୍ରିତ—ବିଣ)
1. Consecration by means of incantations.
୨ । ମନ୍ତ୍ରୋଚ୍ଚାରଣପୂର୍ବକ ନିମନ୍ତ୍ରଣ—2. Invocation.
୩ । ଆହ୍ୱାନ—3. Calling.
୪ । ସମ୍ବୋଧନ—4. Addressing.
୫ । ନିମନ୍ତ୍ରଣ; ଆମନ୍ତ୍ରଣ—Invitation.

**ଅଭିମନ୍ତ୍ରିତ**—ସଂ. ବିଣ. (ଅଭି + ମନ୍ତ୍ର ଧାତୁ + କର୍ମ. ତ)—
Abhimantrita ୧ । ମନ୍ତ୍ରଦ୍ୱାରା ଶୁଦ୍ଧିକୃତ—.
1. Consecrated by means of incantations
୨ । ଆମନ୍ତ୍ରିତ—2. Invoked; invited

**ଅଭିମନ୍ଥ**—ସଂ. ବି. (ଅଭି + ମନ୍ଥ ଧାତୁ + କର୍ତ୍ତୃ. ଅ)—ଚକ୍ଷୁରୋଗବିଶେଷ; ଆଖିଥିବା ରୋଗ—Opthalmia; a disease of the eye
Abhimantha

**ଅଭିମନ୍ଥନ**—ସଂ. ବି.—୧ । (ଅଭି + ମନ୍ଥ ଧାତୁ + କରଣ. ଅନ; ଯାହାଦ୍ୱାରା ଅଭିମନ୍ଥନ କରାଯାଏ)—ଅରଣି, ଯେଉଁ କାଠି ଖଣ୍ଡକୁ ଧରି ତଳର କାଠ ଉପରେ ମନ୍ଥିଲେ ନିଆଁ ବାହାରେ—1. The upper piece of wood which is churned in the lower one for kindling the fire. (M. W.)
Abhimanthana
୨ । (+ଭାବ. ଅନ)—ନିଆଁ ବାହାର କରିବା ପାଇଁ ଖଣ୍ଡେ କାଠ ନେଇ ଆଉ ଖଣ୍ଡିଏ କାଠରେ ମନ୍ଥିବା—
Churning or rubbing two pieces of wood for eliciting fire

**ଅଭିମନ୍ୟୁ**—ସଂ. ବି. (ନାମ)—୧ । ଚାକ୍ଷୁଷ ମନୁଙ୍କ ପୁତ୍ରବିଶେଷ—
Abhimanyu 1. Name of a son of Chākshusha Manu.
୨ । ଅର୍ଜ୍ଜୁନଙ୍କ ଔରସରେ ସୁଭଦ୍ରାଙ୍କ ଗର୍ଭଜାତ ସନ୍ତାନ—
2. Name of the son of Arjuna and Subhadrā.
[ ଦ୍ର—ଏ କୃଷ୍ଣଙ୍କ ଭଣଜା ଓ ପରୀକ୍ଷିତ ମହାରାଜାଙ୍କ ପିତା; ମହାଭାରତ ଯୁଦ୍ଧରେ ଏ କୁରୁସେନାଙ୍କର ବ୍ୟୂହ ମଧ୍ୟକୁ ଏକାକୀ ପ୍ରବେଶ କରି ହତ ହୋଇଥିଲେ । ]
୩ । ରାଜତରଙ୍ଗିଣୀ ଲିଖିତ କାଶ୍ମୀରର ଦୁଇଟି ରାଜାଙ୍କ ନାମ—
3. Name of two kings of Kashmere inentened in the Rājataraṅgiṇi (M W)
ଦେ. ବି. ପୁଂ—ପୁରୁଷଙ୍କ ନାମବିଶେଷ—
A Name given to males

**ଅଭିମନ୍ୟୁ ସାମନ୍ତସିଂହାର**—ଦେ. ବି. ( ନାମ )—ଉତ୍କଳର ଜଣେ ପ୍ରସିଦ୍ଧ କବି—
Abhimanyu Sāmantasimhāra; Name of a celebrated Ordiā poet.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼ୀ' ନ ମିଳିଲେ 'ଶାଢ଼ି' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

[ ଦ୍ର—ଜନ୍ମ ୧୭୫୭, ମୃତ୍ୟୁ ୧୮୦୬; ଏ କଟକ ଜିଲ୍ଲାର ବାଲିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ରଚିତ କାବ୍ୟ ମଧ୍ୟରେ 'ବିଦଗ୍ଧଚିନ୍ତାମଣି' ପ୍ରସିଦ୍ଧ; ଏହା ଛଡ଼ା ଏ ପ୍ରୀତିଚିନ୍ତାମଣି, ସୁଲକ୍ଷଣା, ରସବତୀ, ପ୍ରେମକଳା, ପ୍ରେମତରଙ୍ଗିଣୀ କାବ୍ୟମାନ ରଚନା କରିଥିଲେ । ସେ ଜାତିରେ କ୍ଷତ୍ରିୟ ଥିଲେ । ତାଙ୍କ ପିତାଙ୍କ ନାମ ଇନ୍ଦ୍ରଜିତ ସାମନ୍ତସିଂହାର । ଏ ଜଣେ ନିଷ୍ଠାପର ବୈଷ୍ଣବ ଥିଲେ । ]

**ଅଭିମର**—ସଂ. ବି. ( ଅଭି+ମୃ ଧାତୁ=ମରିବା+ଅଧିକରଣ. ଅ—
Abhimara ଯହିଁରେ ବହୁଲୋକ ମରନ୍ତି )—
୧ । ଯୁଦ୍ଧ—1. Battle.
୨ । ବଧ; ମରଣବ୍ୟାପାର—2. Slaughter
୩ । ବନ୍ଧନ—3. Binding in fetters; confinement.
୪ । ମୃତ୍ୟୁକୁ ଭ୍ରୂକ୍ଷେପ ନ କରି ଯୁଦ୍ଧରେ ଉତ୍ସାହ—
4 Courage to fight without fear of death.
୫ । ପ୍ରତାରଣ—5. Cheating; deception
୬ । ସ୍ୱସୈନ୍ୟଙ୍କଠାରୁ ଭୟ—
6. Fear of one's own army.
୭ । ଅବିଶ୍ୱାସ; ବିଶ୍ୱାସଘାତକତା—7. Treachery
୮ । ସିପାହୀବିଦ୍ରୋହ—8. Mutiny.

**ଅଭିମର୍ଦ୍ଦ**— ସଂ. ବି. ( ଅଭି+ମୃଦ ଧାତୁ+ଭାବ. ଅ )—
Abhimardda ୧ । ଯୁଦ୍ଧ—1 Fight; battle.
(ଅଭିମର୍ଦ୍ଦିତ—ବିଣ) ୨ । ମର୍ଦ୍ଦନ—2. Pounding; rubbing.
୩ । ଚୂରିବା—3. Pulverising.
୪ । ଦଳନ; ନାଶକରଣ—4. Crushing.
୫ । ନିଷ୍ପୀଡ଼ନ; ଉତ୍ପୀଡ଼ନ—
5. Devastation; oppression.
୬ । ଫଳ ଚିପୁଡ଼ି ପ୍ରସ୍ତୁତ କରାଯିବା ମଦ—
6 Wine pressed from fruits.
୭ । ଚିପୁଡ଼ିବା—7. Pressing.
୮ । ବାଟିବା—8. Bruising.
୯ । ସଂଘର୍ଷଣ—9. Friction.
୧୦ । ଶତ୍ରୁଦ୍ୱାରା ଦେଶର ଛାରଖାର ଅବସ୍ଥା ଘଟିବା—
10. Devastation of a country by an enemy ( M. W. )

**ଅଭିମର୍ଦ୍ଦି**—ସଂ. ବିଣ. ପୁଂ. (ଅଭି+ମୃଦ ଧାତୁ+କର୍ତ୍ତୃ. ଇନ୍ ୧ମା.୧ବ.)—
Abhimarddi ୧ । ମର୍ଦ୍ଦନକାରୀ—1. Pounding.
(ଅଭିମର୍ଦ୍ଦିନୀ—ସ୍ତ୍ରୀ) ୨ । ବିନାଶକାରୀ—
2. Crushing; destroying.
୩ । ନିଷ୍ପୀଡ଼କ—3. Pressing.
୪ । ଉତ୍ପୀଡ଼କ—4. Oppressive.
୫ । ଚିପୁଡ଼ୁଥିବା—5. Pressing.
୬ । ବାଟୁଥିବା—6. Bruising.

**ଅଭିମର୍ଷ**—ସଂ. ବି. ( ଅଭି+ମୃଷ ଧାତୁ+ଭାବ. ଅ )—
Abhimarsha ୧ । ଛୁଇଁବା; ସ୍ପର୍ଶ—1. Touch; contact.
୨ । (ଜୋରଜବରଦସ୍ତ) ଧରିବା—2. Seizing; grasping.

**ଅଭିମାନ**—ସଂ. ବି. ( ଅଭି+ମନ ଧାତୁ+ଭାବ. ଅ )—
Abhimāna ୧ । ପରର ଅନିଷ୍ଟ କାମନା; ହିଂସା—
1 Intention to injure; insediousness ( M. W. )
୨ । ଆପଣା ବଡ଼ିମା; ଆତ୍ମଗରିମା—
2. Self-conceit; high opinion of one's self.
୩ । ଅହଙ୍କାର; ଗର୍ବ—
3, Haughtiness; arrogance.
୪ । ( ସାଙ୍ଖ୍ୟଦର୍ଶନ ) ଅହଂଭାବ—
(Sāṁkhya philosophy) Self-reference; refering all objects to self as the act of ahaṁkāra or personality (M W)
୫ । ପ୍ରଣୟ—5. Love.
୬ । ସ୍ନେହ—6. Affection (M. W.)
୭ । ଇଚ୍ଛା—7. Desire (M. W.)
୮ । ଷଷ୍ଠ ମନ୍ୱନ୍ତରର ଋଷିବିଶେଷ—8. Name of the sixth Manwantara.
୯ । ପ୍ରତୀତି—9. Belief
୧୦ । ଜ୍ଞାନ—10. Knowledge
୧୧ । ଅସନ୍ତୋଷ—11. Discontent.
୧୨ । ସାମାନ୍ୟ କଥାରେ ମନୋଦୁଃଖ—12. Sensitiveness; proneness to take offence in slight matters.
ଦେ. ବି. (ସ. ମାନ)—୧ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପ୍ରଣୟ ସମ୍ପର୍କରେ ନୀରବ ମନୋମାଳିନ୍ୟ—1. Conjugal sulks; silent conjugal displeasure due to jealousy; wounded love or wounded vanity.
୨ । ଗୁପ୍ତ ବିରକ୍ତି—2. Secret dissatisfaction.
୩ । ସମ୍ମାନ; ମର୍ଯ୍ୟାଦା; ସମ୍ଭ୍ରମ—3. Prestige; honour.
ମାର ଭଙ୍ଗି ପାରୁ ମୋହର ଅଭିମାନ । କୃଷ୍ଣସିଂହ. ମହାଭାରତ, ବନ ।

**ଅଭିମାନିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅଭିମାନୀ)—
Abhimāniāṅ ଅଭିମାନୀ (ଦେଖ) Abhimāni (See)
অভিমানী
**अभिमानी**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇସ୍ | ଋଅ | ଓ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଔ | ନ୍ନ |

**ଅଭିମାନିତ**—ସଂ. ବିଣ. (ଅଭିମାନ + ଇତ)—
Abhimānita ଅଭିମାନଯୁକ୍ତ—Offended.
ସଂ. ବି.—ସୁରତ; ରତିକ୍ରୀଡ଼ା—Copulation; sexual embrace.

**ଅଭିମାନୀ**—ସଂ. ବିଣ. ପୁଂ. (ଅଭିମାନ + ଇନ୍; ୧ମା. ୧ବ.)—
Abhimānī ୧। ଗର୍ବୀ—1. Arrogant; proud.
(ଅଭିମାନିନୀ—ସ୍ତ୍ରୀ) ୨। ଅହଂକାରୀ—2 Self-conceited.
୩। ଅସନ୍ତୁଷ୍ଟ; ବିରକ୍ତ—3. Discontented; offended; displeased.
୪। ସାମାନ୍ୟ କଥାରେ ଯେ ଦୁଃଖିତ ହୁଏ—4. Prone to take offence in slight matters.
ଦେ. ବିଣ.—ଏକାନ୍ତ ଇଚ୍ଛୁକ—Bent upon.
କାର୍ତ୍ତିକେୟ ଦେବସୈନ୍ୟ ସଙ୍ଗରେ ଯେତେ।
ବାହାରିଲେ ହୋଇ ଯୁଦ୍ଧରେ ଅଭିମାନୀ। କୃଷ୍ଣସିଂହ. ମହାଭାରତ. ବନ।

**ଅଭିମାରୁତ**—ସଂ. କ୍ରି. ବିଣ—( ଅଭି + ମରୁତ; ଅଭିମାରୁତଂ )—ପବନ-
Abhimāruta ବିରୁଦ୍ଧ; ବାୟୁର ବିପରୀତ ଦିଗରେ; ପବନ ଗତିର ଉଜାଣି—Against the wind (M.W)

**ଅଭିମୁଖ**—ସଂ. ବିଣ. (ଅଭି = ସମୀପ; ସମ୍ମୁଖ + ମୁଖ)—୧। ସମୀପବର୍ତ୍ତୀ-
Abhimukha 1. Adjoining; proximate.
୨। ସମ୍ମୁଖବର୍ତ୍ତୀ—2. Situated in front of.
୩। (ଅମୁକ) ଆଡ଼କୁ ମୁହଁ ବୁଲାଇଥିବା—3. Facing; with the face directed towards.
୪। ଆସନ୍ନ—4. Imminent.

**ଅଭିମୁଖତା**—ସଂ. ବି. (ଅଭିମୁଖ + ଭାବ. ତା )—
Abhimukhatā ୧। ଉପସ୍ଥିତି—1. Presence.
୨। ସାମୀପ୍ୟ—2. Proximity.

**ଅଭିମୁଖରେ**—ଦେ. କ୍ରି. ବିଣ. ( ସଂ. ଅଭିମୁଖେ )—
Abhimnkhare ୧। ( ଅମୁକର) ଆଡ଼କୁ; ଦିଗକୁ; ନିକଟକୁ—
अभिमुखे 1. Towards; in the direction of.
अभिमुख ୨। ସମ୍ମୁଖରେ—In front of.
୩। ଅମୁକ ଆଡ଼କୁ ମୁହଁ କରି—
3. Facing; with face turned towards.
୪। (ଅମୁକର) ଉପସ୍ଥିତିରେ—
4. In the presence.

**ଅଭିମୁଖୀ**—ସଂ. ବିଣ. ପୁଂ. (ଅଭି = ସମୀପ; ସମ୍ମୁଖ + ମୁଖ + ଇନ୍. ୧ମା.
Abhimukhī ୧ବ. )—୧। ସମ୍ମୁଖୀନ—
( ଅଭିମୁଖୀ—ସ୍ତ୍ରୀ ) 1. Facing; over-looking.
୨। (ଅମୁକର) ଆଡ଼କୁ ଅଗ୍ରସର—2. Advancing or moving towards.
୩। ସମୀପବର୍ତ୍ତୀ ହେଉଥିବା—
3. Nearing; approaching.

(ଯଥା—ଯୌବନାଭିମୁଖୀ; ଗ୍ରାମାଭିମୁଖୀ)
ସଂ. ବିଣ. ସ୍ତ୍ରୀ. (ଅଭିମୁଖ + ଈ)—ଅଭିମୁଖର ସ୍ତ୍ରୀଲିଙ୍ଗ—
Feminine of Abhimukha (M. W.)

**ଅଭିମୁଖୀନ**—ସଂ. ବିଣ. ପୁଂ. (ଅଭି + ମୁଖ + ଈନ୍)—୧। ସମ୍ମୁଖସ୍ଥ—
Abhimukhīna 1. Facing; situated in front.
(ଅଭିମୁଖୀନା—ସ୍ତ୍ରୀ) ୨। ପରସ୍ପରର ସାମନା ସାମନି ଥିବା—
2. Opposite to each other.

**ଅଭିମୁଖେ**—ଦେ. କ୍ରି. ବିଣ.—ଅଭିମୁଖରେ (ଦେଖ)
Abhimukhe Abhimukhare (See)

**ଅଭିମୂର୍ଚ୍ଛିତ**—ସଂ. ବିଣ. ( ଅଭି + ମୂର୍ଚ୍ଛିତ )—୧। (ସ୍ଫୀତ) ବର୍ଦ୍ଧିତ—
Abhimūrchchhita 1 Augmented; intensified (M. W.)
୨। ଉତ୍ତେଜିତ ( ଯଥା—କାମକ୍ରୋଧାଦିଦ୍ୱାରା )—
2, Stirred up; excited (e.g. as by passion) (M. W.)

**ଅଭିମୃଷ୍ଟ**—ସଂ. ବିଣ. ( ଅଭି + ମୃଶ ଧାତୁ + କର୍ମ. ତ )—
Abhimṛushṭa ୧। ସ୍ପୃଷ୍ଟ—1. Touched.
(ଅଭିମୃଷ୍ଟା—ସ୍ତ୍ରୀ) ୨। (ଶସ୍ତ୍ରାଦିଦ୍ୱାରା) ଆହତ—
ଅଭିମର୍ଶ; ଅଭିମର୍ଷ } ବି. 2. Struck (e. g. as by a weapon) (M. W.)
ଅଭିମର୍ଶଣ; ଅଭିମର୍ଷଣ }
୩। ଧୃତ—3. Seized; grasped.
୪। ସମ୍ବଦ୍ଧ—4. Connected; tied together.
୫। ସଂଘୃଷ୍ଟ—5. Pounded.
୬। ମିଳିତ—6. Mixed.
୭। ଘର୍ଷିତ—7. Rubbed.
୮। ଆହୂତ; ନିମନ୍ତ୍ରିତ—
8. Summoned; invited (M. W.)

**ଅଭିମୃଷ୍ଟଜ**—ସଂ. ବିଣ. ପୁଂ. ( ଅଭିମୃଷ୍ଟା ଠାରୁ ଜାତ )—
Abhimṛushṭaja ପରପୁରୁଷଦ୍ୱାରା ସ୍ପୃଷ୍ଟା ସ୍ତ୍ରୀଠାରୁ ଉତ୍ପନ୍ନ(ସନ୍ତାନ); (ଅଭିମୃଷ୍ଟଜା—ସ୍ତ୍ରୀ) ଜାରଜ—Illegitimate (M. W.)

**ଅଭିଯାଚନ**—ସଂ. ବି. (ଅଭି = ସମ୍ମୁଖରେ + ଯାଚ ଧାତୁ + ଭାବ. ଅନ)—
Abhijāchana ୧। କୌଣସି ବସ୍ତୁ ପାଇଁ ପ୍ରାର୍ଥନା—
(ଅଭିଯାଚିତ—ବିଣ) 1. Prayer for anything.
୨। ମାଗିବା—2. Begging; asking.
୩। ଅନୁରୋଧ—3. Request.

**ଅଭିଯାଚିତ**—ସଂ. ବିଣ. ( ଅଭି + ଯାଚିତ )—
Abhijāchita ୧। ଆଗରେ ଠିଆ ହୋଇ ମଗା ଯାଇ ଥିବା ( ପଦାର୍ଥ ); ସମ୍ମୁଖରେ ପ୍ରାର୍ଥିତ—
1. Asked for in person; begged for.
୨। ପ୍ରାର୍ଥିତ—2. Asked for; prayed for.
୩। ଅନୁରୁଦ୍ଧ—3. Requested.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭିଯାତ**—ସଂ. ବି. ( ଅଭି + ଯା ଧାତୁ + କର୍ମ. ତ )—
Abhijāta ୧ । ଶତ୍ରୁ ଦ୍ୱାରା ଆକ୍ରାନ୍ତ—
(ଅଭିଯାତା—ସ୍ତ୍ରୀ) 1. Assailed by an enemy.
୨ । ଶତ୍ରୁ ଦ୍ୱାରା ଅବରୁଦ୍ଧ—
2. Besieged by an enemy.
୩ । ଭର୍ତ୍ସିତ—3. Censured.
୪ । ପ୍ରବିଷ୍ଟ; ଆବିଷ୍ଟ—4. Entered into; thrust into.
୫ । ସ୍ୱୟଂ ପ୍ରାପ୍ତ—5. Got without the asking.
୬ । ଅଭିଯୁକ୍ତ; ଯାହା ବିରୁଦ୍ଧରେ କୌଣସି ଅପରାଧ ବା ଅଭିଯୋଗ ଆକ୍ଷେପ କରାଯାଏ—
6. Arraigned; charged.

**ଅଭିଯାତି**—ସଂ. ବି. ( ଅଭି + ଯା ଧାତୁ + କର୍ତ୍ତୃ. ତି )—
Abhijāti ୧ । ଶତ୍ରୁ—1. Enemy.
୨ । ଆକ୍ରମଣକାରୀ—2. Assailant ( M. W. )
( ଦ୍ର—ଏହାର ଅନ୍ୟରୂପ ଅଭିଯାତୀ )—

**ଅଭିଯାନ**—ସଂ. ବି. (ଅଭି = ସମ୍ମୁଖକୁ + ଯା ଧାତୁ = ଯିବା + ଭାବ. ଅନ)-
Abhijāna ୧ । ଯୁଦ୍ଧାର୍ଥ ଯାତ୍ରା—
(ଅଭିଯାତ—ବିଣ) 1. Military expedition.
୨ । ଆକ୍ରମଣ—2. Attacking.
୩ । ନିକଟକୁ ଯିବା—
3 Coming near; approaching.
୪ । ଯାତ୍ରାକରଣ—4. Starting.

**ଅଭିଯାୟୀ**—ସଂ. ବିଣ. ପୁଂ. ( ଅଭି + ଯା ଧାତୁ + କର୍ତ୍ତୃ. ଇନ୍.
Abhijāyi ୧ମା. ୧ବ. )—୧ । ଆକ୍ରମଣକାରୀ—
(ଅଭିଯାୟିନୀ—ସ୍ତ୍ରୀ) 1. Attacking.
୨ । ନିକଟକୁ ଅଗ୍ରସର ହେଉଥିବା—
2. Going towards; approaching.

**ଅଭିଯୁକ୍ତ**—ସଂ. ବିଣ. (ଅଭି = ସମ୍ମୁଖରେ + ଯୁଜ ଧାତୁ + କର୍ମ ତ )—
Abhijukta ୧ । ଆରୋପିତାପରାଧ—
(ଅଭିଯୋଗ—ବି) 1 Charged with an offence.
୨ । ଅଦାଲତରେ ମୁଦାଲା ବା ପ୍ରତିବାଦୀରୂପେ ଉପସ୍ଥିତ—
2. Accused or prosecuted for an offence brought to court as a defendant.
୩ । ଭର୍ତ୍ସିତ—3. Rebuked; censured.
୪ । ନିନ୍ଦିତ—4. Blamed.
୫ । ( ଅମୁକ ବିଦ୍ୟାରେ ) ପାରଙ୍ଗମ—
5. Delegent; versed in ( M. W. )
୬ । ଶତ୍ରୁ ଦ୍ୱାରା ଆକ୍ରାନ୍ତ—
6. Assailed by an enemy.
୭ । ଶତ୍ରୁ ଦ୍ୱାରା ଅବରୁଦ୍ଧ—
7. Surrounded or besieged by an enemy.
୮ । ( ଅମୁକ ବିଷୟରେ ) କୃତସଂକଳ୍ପ—
8. Applied; intent on ( M. W. )

**ଅଭିଯୁକ୍ତବ୍ୟକ୍ତି**—ସଂ. ବି—୧ । ମୁଦାଲା—1. An accused.
Abhijuktabyakti ୨ । ପ୍ରତିବାଦୀ—2. A defendant.

**ଅଭିଯୋକ୍ତା**—ସଂ. ବିଣ. ପୁଂ—୧ । କଚେରୀରେ ବା ରାଜଦ୍ୱାରରେ ଅନ୍ୟ
Abhijoktā ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗକାରୀ—
(ଅଭିଯୋକ୍ତ୍ରୀ—ସ୍ତ୍ରୀ) 1. Complaining; accusing another person in court.
୨ । ଭର୍ତ୍ସନାକାରୀ—2. Censuring.
୩ । ଆକ୍ରମଣକାରୀ—3. Attacking.
ସଂ. ବି—୧ । ଦେୱାନୀ ଅଦାଲତରେ ବାଦୀ ( ଅର୍ଥୀ )
1. A plaintiff in a civil suit.
୨ । ଫଉଜଦାରୀ ଅଦାଲତରେ ମୁଦେଇ—
2. A complainant in a criminal case.
୩ । ଅଭିଯୋଗକାରୀ ବ୍ୟକ୍ତି—3. An accuser.
୪ । ମୁଦାଲା ବିରୁଦ୍ଧରେ ମକଦ୍ଦମା ଚଳାଇବା ବ୍ୟକ୍ତି—
4. A prosecutor.
୫ । ଶତ୍ରୁ—5. Enemy ( M. W. )
[ ଦ୍ର—ମନୁସଂହିତାର ଅଷ୍ଟମ ଅଧ୍ୟାୟରେ ମକଦ୍ଦମା ( ବ୍ୟବହାର ) ଚଳାଇବା ବିଷୟକ ବିଧି ଓ ଉପଦେଶମାନ ଲିପିବଦ୍ଧ ହୋଇଅଛି । ]

**ଅଭିଯୋଗ**—ସଂ. ବି. ( ଅଭି + ଯୁଜ ଧାତୁ + ଅ)—
Abhijoga ୧ । କୌଣସି ବ୍ୟକ୍ତି ନାମରେ ହାକିମଙ୍କ ନିକଟ
(ଅଭିଯୁକ୍ତ—ବିଣ) ନାଲିସ—1. Accusation against a person; complaint against a person.
୨ । ମୁଦାଲା ପ୍ରତି ଅପରାଧର ଆକ୍ଷେପ—
2. Charge against an accused person.
୩ । ମୁଦାଲା ସଫେଇ ଦେବା ପୂର୍ବରୁ ମୁଦେଇ ତରଫରୁ ଆଗତ ପ୍ରମାଣ ଦ୍ୱାରା ମୁଦାଲା ବିରୁଦ୍ଧରେ ସାବ୍ୟସ୍ତ ହେବା ଅପରାଧର ଲକ୍ଷଣ—3. Framing of a charge against an accused.
୪ । ଉଦ୍‌ଯୋଗ—4. Endeavour; exertion.
୫ । ଆକ୍ରମଣ—5. Attack; assault.
୬ । ଶପଥ—6. Solemn affirmation.
୭ । ଯୁଦ୍ଧାର୍ଥ ଆହ୍ୱାନ—7. A call to fight.
୮ । ଅଧ୍ୟବସାୟ—
8. Perseverance; constant practice. ( M. W. )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଢ |
| ୨ | ଝ | ଊ | ରୁ | ଲୁ | ସ୍ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଗ | ଇଅ | ଓ | ଚ୍ଚ |

**ଅଭିଯୋଗପତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଭିଯୋଗ ଲିଖିତ ଥିବା ପତ୍ର )—ମୁଦେଇର ଦରଖାସ୍ତ—
**Abhijogapatra**
A petition of complaint.

**ଅଭିଯୋଗୀ**—ସଂ. ବିଣ. ପୁଂ. ( ଅଭିଯୋଗ+ଇନ୍; ୧ମା. ୧ବ )—
**Abhijogī** ୧ । ନିବିଷ୍ଟମନା—
(ଅଭିଯୋଗିନୀ—ସ୍ତ୍ରୀ) 1. Intent upon ( M.W. )
୨ । ଆକ୍ରମଣ କରିବାରେ ରତ—
2. Absorbed in attacking ( M. W. )
୩ । (ଆଇନ୍) ଅନ୍ୟ ବିରୁଦ୍ଧରେ ଅପରାଧ ଆରୋପକାରୀ—
3. ( law ) Accusing.
ସଂ. ବି—୧ । ମୁଦେଇ—1. Complainant.
୨ । ବାଦୀ—2. Plaintiff.

**ଅଭିରକ୍ତ**—ସଂ. ବିଣ. ( ଅଭି+ରଞ୍ଜ ଧାତୁ+କର୍ତ୍ତୃ. ତ )—ଅନୁରକ୍ତ; ଆସକ୍ତ—Attached to; devoted to
**Abhirakta**

**ଅଭିରକ୍ଷା**—ସଂ. ବି. ( ଅଭି=ସର୍ବତୋଭାବରେ+ରକ୍ଷା )—ସର୍ବତୋଭାବରେ କୌଣସି ବ୍ୟକ୍ତିକୁ ବିପଦରୁ ରକ୍ଷା କରିବା; ପଣ୍ଝ ଘୋଡ଼େଇ ରଖିବା—
**Abhirakshā**
(ଅଭିରକ୍ଷଣ—ଅନ୍ୟରୂପ)
(ଅଭିରକ୍ଷିତ—ବିଣ.) Protection from all dangers.

**ଅଭିରକ୍ଷିତା**—ସଂ. ବିଣ. ୧ । ସ୍ତ୍ରୀ. ( ଅଭିରକ୍ଷିତ+ଆ )—ସର୍ବତୋଭାବରେ ବିପଦାଦିରୁ ରକ୍ଷିତା—
**Abhirakshitā**
1. Protected.
(ଅଭିରକ୍ଷିଣୀ—ସ୍ତ୍ରୀ) ୨ । ପୁଂ. (ଅଭି+ରକ୍ଷ ଧାତୁ+କର୍ତ୍ତୃ.ତୃ; ୧ମା.୧ବ.)-
ରକ୍ଷାକାରୀ—2. Protecting; preserving.
ସଂ. ବି. ପୁଂ—ରକ୍ଷକ—Preserver; protector.
ସ୍ୱ ସ୍ୱ ଧର୍ମ ନୁଷ୍ଠାନନିରତ ବ୍ରାହ୍ମଣାଦି ସକଳ ବର୍ଣ୍ଣ ଓ ସକଳ ଆଶ୍ରମର ଅଭିରକ୍ଷିତା ରୂପେ ପରମେଶ୍ୱର ରାଜାଙ୍କୁ ସୃଷ୍ଟି କରିଅଛନ୍ତି—
ଚମଣଙ୍କର. ମନୁ ୭ । ୩୫ ।

**ଅଭିରଙ୍ଗୀ**—ଦେ. ବିଣ. ସ୍ତ୍ରୀ—( ଅଭି+ରଞ୍ଜ ଧାତୁ=ଅନୁରକ୍ତ ହେବା; ରଞ୍ଜିତ କରିବା +ଇନ୍; ୧ମା. ୧ବ.)—
**Abhirangī**
୧ । ନାୟକ ପ୍ରତି ଅନୁରକ୍ତା; ସ୍ନେହମୟୀ—
1. Affectionate, attached to; devoted to the lover.
୨ । ବିଳାସମୟୀ—2. Sportive.
ଯୂଥ ଯୂଥ ଅଭିରଙ୍ଗୀ ପ୍ରଧାନ ନାୟିକା—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅଭିରତ**—ସଂ. ବିଣ. ପୁଂ. ( ଅଭି+ରମ ଧାତୁ+କର୍ତ୍ତୃ. ତ )—
**Abhirata** ୧ । ( ଅମୁକ କାର୍ଯ୍ୟରେ ) ଏକାନ୍ତ ଆସକ୍ତ;
(ଅଭିରତା—ସ୍ତ୍ରୀ) ଅନୁରକ୍ତ—1. Attached to.
(ଅଭିରତି—ବି) ୨ । ନିରତ; କାର୍ଯ୍ୟରେ ଲାଗିଥିବା; ନିଯୁକ୍ତ—
2. Engaged in.
(ପ୍ରଥା—କର୍ମ୍ମନିରତ ।)
୩ । ଅନନ୍ୟମନା ହୋଇ ଲାଗିଥିବା—
3. Absorved in.
୪ । ପ୍ରୀତ—4. Pleased or contented with.
୫ । ଦତ୍ତମନା—5. Attentive to.
୬ । ବିଶ୍ରାନ୍ତ—6. Reposing ( M. W.
୭ । ଅମୁକ କାର୍ଯ୍ୟ କରୁଥିବା—
7. Performing; practising.

**ଅଭିରତି**—ସଂ. ବି. ( ଅଭି+ରମ ଧାତୁ+ଭାବ. ତି )—
**Abhirati** ୧ । ଆସକ୍ତି— 1. Absurption.
୨ । ଅନୁରକ୍ତି—2. Attachment.
୩ । ସନ୍ତୋଷ—3. Pleasure

**ଅଭିରାଦ୍ଧ**—ସଂ. ବିଣ. (ଅଭି+ରାଧ ଧାତୁ=ଆରାଧନା କରିବା+କର୍ମ. ତ)—
**Abhirāddha** ୧ । ଆରାଧିତ—1. Entreated.
୨ । ପୂଜିତ—2. Adored.
୩ । ପ୍ରସାଦିତ—3. Favoured.
୪ । ସେବିତ—4. Attended; looked after.

**ଅଭିରାମ**—ସଂ. ବିଣ. ( ଅଭି+ରମ ଧାତୁ=ଅନୁରକ୍ତ ହେବା+ଅଧିକରଣ. ଅ )—୧ । ସୁନ୍ଦର—1. Beautiful; fair.
**Abhirāma**
୨ । ମନୋହର; ପ୍ରୀତିକର—
2. Handsome; pleasing.
୩ । ପ୍ରିୟ—3. Dear.
୪ । ମନୋଜ୍ଞ—4. Charming; lovely.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
Name given to males.

**ଅଭିରୁଚି**—ସଂ. ବି. ( ଅଭି+ରୁଚ୍ ଧାତୁ+ଭାବ. ଇ )—
**Abhiruchi** ୧ । ସ୍ପୃହା; ରୁଚି-1. Liking: taste.
୨ । ଅଭିଳାଷ—2. Wish.
୩ । ଇଚ୍ଛା—3 Desire.
୪ । ପ୍ରବୃତ୍ତି—4. Inclination.
୫ । ଦୀପ୍ତି—5. Glamour.

**ଅଭିରୂପ**—ସଂ. ବି. ( ଅଭି+ରୂପ+କର୍ମ. ଅ )—
**Abhirūpa** ୧ । ବିଷ୍ଣୁ—1. Bishnu
୨ । କାମ—2. Cupid.
୩ । ଚନ୍ଦ୍ର—3, The moon
୪ । ମହାଦେବ; ଶିବ-4. Śiba.
ସଂ. ବିଣ-୧ । ମନୋହର—
1, Of inaffable beauty; charming.
୨ । ପ୍ରିୟ—2, Dear to the heart.
୩ । ଅନୁରୂପ—3, Suitable; suiting to.
୪ । ବିଦ୍ୱାନ୍; ପଣ୍ଡିତ—4, Learned.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧ' ନ ପାଇଲେ 'ବଧ୍' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

**ଅଭିରୋଧ**—ସଂ. ବି. ( ଅଭି+ରୁଧ ଧାତୁ+ଅ )—
Abhirodha ପୀଡ଼ନ—Oppression

**ଅଭିଳଷଣୀୟ**—ସଂ. ବିଣ. ( ଅଭି+ଲଷ ଧାତୁ+କର୍ମ. ଅନୀୟ )—
Abhilashaniya ବାଞ୍ଛନୀୟ—Desirable.

**ଅଭିଳଷିତ**—ସଂ. ବିଣ. ( ଅଭି+ଲଷ ଧାତୁ+କର୍ମ. ତ )—
Abhilashita ୧ । ବାଞ୍ଛିତ—1. Longed for; desired.
୨ । ସଂକଳ୍ପିତ—2. Resolved.
ସଂ. ବି. ( +ଭାବ. ତ )—
୧ । ଅଭିଳାଷ; ଇଚ୍ଛା—1. Wish; longing
୨ । ସଂକଳ୍ପ—2. Resolve

**ଅଭିଲା**—ଦେ. ବି—୧ । ଛଳ—1. Jest.
Abhilā ୨ । ବାହାର ଢଙ୍ଗ—2. Outward show.
୩ । ତାମସା—3. Fun.
୪ । ସ୍ତ୍ରୀ. (ସଂ. ଅବୀର ? ) ବାଳବିଧବା—
4. A child-widow.
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ନିର୍ଲଜ୍ଜ—1. Shameless.
୨ । ଦେଢ଼େଲ—2. Fond of jesting.
୩ । ଖେଳିଅ—3. Jokular; humourous
୪ । ନିଷ୍କର୍ମା—4. Iddle
ଦେ. ବି—ଅଘଟନ ବା ଅସମ୍ଭବ ( କଥା )—
Improbable ( matter )

**ଅଭିଳାପ**—ସଂ. ବି. ( ଅଭି+ଲପ ଧାତୁ=ଭାବ. ଅ )—
Abhilāpa ୧ । ସଂକଳ୍ପର ଅଙ୍ଗୀଭୂତ ବାକ୍ୟ—
1. Word expressing the inmost sense; words forming part of a resolve.
୨ । ଶବ୍ଦ—2. Expression

**ଅଭିଲାବ**—ସଂ. ବି. (ଅଭି+ଲୂ ଧାତୁ=ଛେଦନ କରିବା+ଭାବ. ଅ)—
Abhilāba ୧ । ଛେଦନ—1. Act of cutting.
୨ । ଧ୍ୱଂସ—2. Destruction.
୩ । ବିନାଶ—3. Annihilation.

**ଅଭିଲାଭିଲା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—
Abhilābhilā ୧ । ଅତି ନିର୍ଲଜ୍ଜ—1. Very immodest.
୨ । ନିର୍ଲଜ୍ଜ; ଉପହାସଯୋଗ୍ୟ—2. Shameless.
ଅଭିଲାଭିଲା, ଅଭିଲା ବେଙ୍ଗଠ ମାଙ୍କଡ଼ ପିଲା—ଛଳ ।

**ଅଭିଳାଷ**—ସଂ. ବି. ( ଅଭି+ଲଷ ଧାତୁ+ଭାବ. ଅ )—
Abhilāsha ୧ । ବାଞ୍ଛା; ଇଚ୍ଛା—1. Wish; desire.
୨ । ସ୍ପୃହା—2. Longing.
୩ । ଲୋଭ—3. Lust; avarice.
୪ । ଅନୁରାଗ—4. Love; affection.
୫ । କୌଣସି କାର୍ଯ୍ୟ ପ୍ରତି ଆଗ୍ରହ—
5. Eagerness for any work.

**ଅଭିଳାଷୀ**—ସଂ. ବିଣ. ପୁଂ (ଅଭି+ଲଷ ଧାତୁ+ଇନ୍. ୧ମା. ୧ବ.)—
Abhilāshi ୧ । ଅଭିଳାଷଯୁକ୍ତ; ଇଚ୍ଛୁକ—1. Desirous,
୨ । ସ୍ପୃହ—2 Eager; longing for.
୩ । ଲୋଭୀ—3. Covetous.
୪ । ଅନୁରାଗୀ—4. Having attachment to; attached to; fond of.
୫ । ଆଶାଯୁକ୍ତ—5. Ambitious

**ଅଭିଳାଷୁକ**—ସଂ. ବିଣ. ପୁଂ (ଅଭି+ଲଷ ଧାତୁ+କର୍ତ୍ତୃ. ଉକ)—
Abhilāshuka ଅଭିଳାଷୀ ( ଦେଖ )
(ଅଭିଳାଷୁକା—ସ୍ତ୍ରୀ) Abhilāshi (See)

**ଅଭିଶପନ**—ସଂ. ବି. ( ଅଭି=ବିରୁଦ୍ଧ+ଶପ ଧାତୁ=ଶାପ ଦେବା+ଭାବ. ଅନ )—
Abhiśapana
୧ । ଅଭିଶାପ—1 Curse; imprecation.
୨ । ଅଭିଶାପ ଦେବା—
2. Cursing.

**ଅଭିଶପ୍ତ**—ସଂ. ବିଣ. ପୁଂ (ଅଭି=ବିରୁଦ୍ଧ+ଶପ ଧାତୁ=ଶାପ ଦେବା+କର୍ମ. ତ)—ଅଭିଶାପଗ୍ରସ୍ତ—Cursed.
Abhiśapta

**ଅଭିଶପ୍ତା**—ସଂ. ବିଣ. ପୁଂ. ( ଅଭି=ଶପ ଧାତୁ=ଶାପ ଦେବା+କର୍ତ୍ତୃ. ତୃ. ୧ମା. ୧ବ )—
Abhiśaptā
(ଅଭିଶପ୍ତ୍ରୀ—ସ୍ତ୍ରୀ) ଯେ ଅଭିଶାପ ଦିଏ—
One who curses.
ସଂ. ବିଣ. ସ୍ତ୍ରୀ—ଅଭିଶପ୍ତର ସ୍ତ୍ରୀଲିଙ୍ଗ—
Feminine of Abhiśapta.

**ଅଭିଶସ୍ତ**—ସଂ. ବିଣ (ଅଭି=ବିରୁଦ୍ଧ+ଶଂସ ଧାତୁ+କର୍ମ. ତ )—
Abhiśasta ୧ । ପର ପୁରୁଷ ବା ପର ସ୍ତ୍ରୀଠାରେ ଆସକ୍ତ ବୋଲି ଅପବାଦଗ୍ରସ୍ତ—1. Falsely accused of adultery.
୨ । ଅପବାଦିତ; କଳଙ୍କିତ—2. Libelled; defamed.
୩ । ଆକ୍ରାନ୍ତ—3. Overpowered (by enemies)
୪ । ହିଂସିତ—4. Envied.

**ଅଭିଶସ୍ତି**—ସଂ. ବି. (ଅଭି+ଶସ୍ ଧାତୁ+ଭାବ. ତି)—
Abhiśasti ୧ । ପ୍ରଣୟବିଷୟକ ମିଥ୍ୟା କଳଙ୍କ—
1. False imputation of adultery.
୨ । ମିଥ୍ୟା ଅପବାଦ—2 Defamation; libel
୩ । ହିଂସା—3. Envy.
୪ । ପ୍ରାର୍ଥନା—4. Prayer.
୫ । ଯାଚ୍ଞା—5. Entreaty.

**ଅଭିଶାପ**—ସଂ. ବି. (ଅଭି+ଶପ ଧାତୁ+ଭାବ. ଅ )—
Abhiśāpa ୧ । ଅଭିସମ୍ପାତ—1. Curse.
୨ । ଶାପ ଦେବା; ଅନ୍ୟର ଅମଙ୍ଗଳ ଇଚ୍ଛା ବା ପ୍ରାର୍ଥନା—
2. Imprecation.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଉତ୍ସୃ | ଉଅ | ଷ୍ମ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ଓ | ନ୍ନ |

୩ । ମିଥ୍ୟା ଦୋଷାରୋପ—
3. False accusation.

ଅଭିଶାପ କରିବା—ଦେ. କ୍ରି—ଅନ୍ୟର ଅମଙ୍ଗଳ ଇଚ୍ଛା ପ୍ରକାଶ କରିବା;
Abhiśāpa karibā ଅଭିସମ୍ପାତ କରିବା; ସମ୍ପିବା—
অভিশাপকরা To imprecate; to curse.
अभिशापकरना

ଅଭିଶାପଗ୍ରସ୍ତ—ସଂ. ବିଣ. ପୁଂ (୭ମୀ ତତ୍; ଅଭିଶାପ+ଗ୍ରସ୍ତ)—
Abhiśāpagrasta ଅଭିଶାପଜର୍ଜରିତ; ଶାପଦ୍ୱାରା ଅଭିଭୂତ—
(ଅଭିଶାପଗ୍ରସ୍ତା—ସ୍ତ୍ରୀ) Under the influence of a curse; overpowered by imprecation.

ଅଭିଶାପ ଦେବା—ଦେ. କ୍ରି—କୌଣସି ବ୍ୟକ୍ତିର ଅମଙ୍ଗଳକାମନାପୂର୍ବକ
Abhiśāpa debā ଭର୍ତ୍ସନା କରିବା—To imprecate; to
অভিশাপ দেওয়া curse; to pronounce a curse.
अभिशाप देना

ଅଭିଶାପ୍ୟ—ଗ୍ରା. ବି. ( ସଂ. ଅଭିଶାପର ଅଶୁଦ୍ଧ ଉଚ୍ଚାରଣ )—
Abhiśāpya ଅଭିଶାପ ( ଦେଖ )—Abhiśāpa (See)

ଅଭିଷଙ୍ଗ—ସଂ. ବି. ( ଅଭି+ସନଜ୍ ଧାତୁ+ଭାବ. ଅ )—
Abhishanga ୧ । ଆକ୍ରୋଶ—1. Grudge.
୨ । ଅପବାଦ—2. Defamation.
୩ । ଶପଥ—3. Oath.
୪ । ଶାପ; ଅଭିଶାପ—4. Curse.
୫ । ଆଲିଙ୍ଗନ—5 Embrace.
୬ । ଶୋକ—6. Grief.
୭ । ଦୁଃଖ—7. Misery.
୮ । ପରାଭବ—8. Defeat.
୯ । ବ୍ୟସନ—9. Being addicted to bad habits or acts.
୧୦ । ତିରସ୍କାର—10. Censure.
୧୧ । ସମ୍ବନ୍ଧ; ସମ୍ପର୍କ—11. Connection.
୧୨ । ଅନୁରାଗ; ଆସକ୍ତି—
12. Attachment; affection.
[ ଦ୍ର—ଏହାର ଅନ୍ୟ ରୂପ ଅଭିଷ୍ୱଙ୍ଗ । ]

ଅଭିଷବ—ସଂ. ବି. ୧ । (ଅଭି+ସୁ ଧାତୁ=ସ୍ନାନ କରିବା+ଭାବ. ଅ)—
Abhishaba ଯଜ୍ଞପୂର୍ବରୁ ସ୍ନାନ—
1. Religious ablution preparatory to the performance of a sacrifice.
୨ । ଯଜ୍ଞାନ୍ତ ସ୍ନାନ ଓ ସୋମରସାଦି ପାନ—2. Ablution after sacrificial rite.
୩ । ମଦ୍ୟଶୋଧନ—3. Distillation of soma juice.
୪ । କାଞ୍ଜୀ; କଞ୍ଜିକା—4. Fermented or sour gruel.
୫ । (+ସମ୍ପ୍ରଦାନ. ଅ)—ଯଜ୍ଞ—5. Vedic sacrifice.

ଅଭିଷବଣ—ସଂ. ବି. (ଅଭି+ସୁ ଧାତୁ+ଭାବ. ଅନ)—
Abhishabaṇa ଅଭିଷବ (ଦେଖ)—Abhishaba (See)

ଅଭିଷିକ୍ତ—ସଂ. ବିଣ. ପୁଂ. (ଅଭି+ସିଚ୍ ଧାତୁ=ଜଳ ଛିଞ୍ଚିବା+ତ )—
Abhishikta ୧ । ସ୍ନାତ—1. Bathed.
(ଅଭିଷିକ୍ତା—ସ୍ତ୍ରୀ) ୨ । ପବିତ୍ର ଜଳରେ ବିଧିପୂର୍ବକ ସ୍ନାପିତ—
2. Sprinkled; anointed.
୩ । କୌଣସି କାର୍ଯ୍ୟରେ ନିଯୁକ୍ତ—
3. Installed; inaugurated.
୪ । କୌଣସି ପଦରେ ଆରୂଢ଼—4. Enthroned.

ଅଭିଷୁତ—ସଂ. ବି. (ଅଭି+ସୁ ଧାତୁ+ଭାବ. ତ)—୧ । ସୋମରସ—
Abhishuta 1. Fermented soma-juice.
୨ । କାଞ୍ଜୀ—2. Sour gruel.

ଅଭିଷେକ—ସଂ. ବି (ଅଭି+ସିଚ ଧାତୁ+ଭାବ. ଅ )—
Abhisheka ୧ । ମନ୍ତ୍ରପୂତ ଜଳରେ ସ୍ନାନ—
1. Bath with consecrated water.
୨ । ଜଳସେଚନ—2. Sprinkling with water.
୩ । ରାଜପଦରେ ଆରୋହଣ କ୍ରିୟା—3. Installation.

ଅଭିଷେକୀ—ଦେ. ବିଣ.—୧ । ରାଜାରୂପେ ଅଭିଷିକ୍ତ—
Abhisheki 1. Enthroned as a king.

କଶନ ଭଦ୍ରାସନ ସେନ ହେଲ କ ବଳବନ୍ତେ ଅଭିଷେକୀ ସେ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ବରଣକାରିଣୀ—2. Having made a choice.

ମୁଁ ପ୍ରିୟ ବନ୍ଧୁ ଅଭିଷେକୀ. ତୁ ପୁଣି ହୁଅ ନପୁଂସକୀ ।
ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।

ଅଭିଷେଣନ—ସଂ. ବି. (ଅଭି+ସେନ ଧାତୁ=ସେନା ଗ୍ରହଣ କରିବା+
Abhisheṇana ଭାବ. ଅନ )—ଯୁଦ୍ଧଯାତ୍ରା; ଶତ୍ରୁ ବିରୁଦ୍ଧରେ ସସୈନ୍ୟ ଅଭିଯାନ—March to fight.

ଅଭିଷ୍ଟକ—ଗ୍ରା. ବି. (ସଂ. ଅଭ୍ୟାସ)—ଅଭ୍ୟାସ—Habit.
Abhishṭaka (ଯଥା—ପାନଖିଆ ତାର ଅଭିଷ୍ଟକ ହୋଇଗଲାଣି)

ଅଭିଷ୍ଟୁତ—ସଂ. ବିଣ (ଅଭି+ସ୍ତୁ ଧାତୁ+କର୍ମ. ତ)—୧ । ପ୍ରଶଂସିତ—
Abhishṭuta 1. Eulogised
୨ । ସ୍ତୁତ ବା ଯାହାକୁ ସ୍ତବ କରାଯାଏ—2. Entreated.
୩ । ବର୍ଣ୍ଣିତ—3. Described.
ସଂ. ବି. (+ଭାବ. ତ)—ସ୍ତବ; ସ୍ତୁତି—Panegyric; prayer.

ଅଭିଷ୍ୱଙ୍ଗ—ସଂ. ବି. ( ଅଭି+ସ୍ୱନଜ୍ ଧାତୁ+ଭାବ. ଅ )—
Abhishwanga ୧ । ଅନୁରାଗ; ଆସକ୍ତି—
1. Affection; attachment
୨ । ଆଲିଙ୍ଗନ—2. Embrace.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭିଷ୍ୱାଙ୍ଗ**—ସଂ. ବି. ( ଅଭି + ସ୍ୱନଜ୍ ଧାତୁ + ଭାବ. ଅ )—
Abhishwāṅga ଅଭିଷ୍ୱଙ୍ଗ ( ଦେଖ )—
Abhishwaṅga ( See )

**ଅଭିଷ୍ୟନ୍ଦ**—ସଂ. ବି. ( ଅଭି + ସ୍ୟନ୍ଦ୍ ଧାତୁ + ଭାବ. ଅ )—
Abhishyanda ୧ । ଅତି ସ୍ଫୀତତା—1. Great swelling.
୨ । ସ୍ଫୁରଣ—2. Throbbing.
୩ । ଜଳାଦି କ୍ଷରଣ—3. Oozing.
୪ । ଅଧିକ୍ୟ; ଅତିଶୟ ବୃଦ୍ଧି—4. Excess.
୫ । ଚକ୍ଷୁପୂଲା ରୋଗବିଶେଷ—5. Opthalmia.
ସଂ. ବିଣ—୧ । ଉଦ୍‌ବୃତ୍ତ; ଅଧିକ—
1. Excessive; overflowing.
୨ । ସ୍ଫୀତ—2. Swollen.

**ଅଭିସଙ୍ଗ**—ସଂ. ବି. ( ଅଭି + ସନଜ୍ ଧାତୁ + ଭାବ. ଅ )—
Abhisaṅga ଅଭିଷଙ୍ଗ (ଦେଖ)—Abhisaṅga ( See )

**ଅଭିସନ୍ତାପ**—ସଂ. ବି. ( ଅଭି + ସମ୍ + ତପ୍ ଧାତୁ + ଅଧିକରଣ. ଅ )—
Abhisantāpa ୧ । ଯୁଦ୍ଧ—1. Fight.
୨ । ଅଭିଶାପ—2. Curse.
୩ । ତାପ—3. Heat.

**ଅଭିସନ୍ଧାନ**—ସଂ. ବି. ( ଅଭି + ସମ୍ + ଧା ଧାତୁ + ଭାବ. ଅନ )—
Abhisandhāna ଅଭିସନ୍ଧି ( ଦେଖ )
Abhisandhi ( See )

**ଅଭିସନ୍ଧି**—ସଂ. ବି. ( ଅଭି + ସମ୍ + ଧା ଧାତୁ + ଇ )—
Abhisandhi ୧ । ଅଭିପ୍ରାୟ—1. Wish; intention.
୨ । ଗୂଢ଼ ଉଦ୍ଦେଶ୍ୟ—2. Secret desire.
୩ । ବଞ୍ଚନା; ପ୍ରତାରଣା—3. Cheating.
୪ । ସମୁଦ୍‌ଯୋଗ—4. Canvassing.
୫ । ସନ୍ଧି ବା ଅଳ୍ପମାତ୍ର ବ୍ୟବଧାନ—
5. Little space.
୬ । ଅବସ୍ଥା—6. Condition.
୭ । ଅଗତି ପାଞ୍ଚ; ଉପାୟ ପାଞ୍ଚ—
7. Scheme; project.

**ଅଭିସମ୍ପାତ**—ସଂ. ବି. ( ଅଭି + ସମ୍ + ପତ ଧାତୁ + ଅ )—ଅଭିଶାପ;
Abhisampāta ଅନିଷ୍ଟକାମନା; ଈଶ୍ୱରଙ୍କଠାରେ ପରର ଅନିଷ୍ଟ ପ୍ରାର୍ଥନା—Imprecation; curse,

**ଅଭିସମ୍ପାଦ**—ଗ୍ରା. ବି. ( ସଂ ଅଭିସମ୍ପାତ )—ଅଭିସମ୍ପାତ ( ଦେଖ )
Abhisampāda Abhisampāta ( See )

**ଅଭିସର**—ସଂ. ବି. ( ଅଭି = ପଶ୍ଚାତ୍ ବା ସମୀପ + ସୃ ଧାତୁ = ଗମନ କରିବା + କର୍ତ୍ତୃ. ଅ )—
Abhisara
୧ । ସହାୟ; ସହଚର—1. Comrade.
୨ । ପାର୍ଶ୍ୱଚର ଭୃତ୍ୟ—2. Servant; follower.
୩ । ଅନୁଚର—3. Attendant.

**ଅଭିସରଣ**—ସଂ. ବି. ( ଅଭି = ସନ୍ମୁଖ + ସୃ ଧାତୁ = ଗମନ କରିବା + ଭାବ. ଅନ )—
Abhisaraṇa
୧ । ଅନୁସରଣ—1. Attendance.
୨ । ଅଭିସାର—2. Going to an appointed place to meet the lover.

**ଅଭିସରିବା**—ଦେ. କ୍ରି.—ଅଭିସାର କରିବା—To go to an
Abhisaribā appointed place to meet the lover.

ତଳ ଇନ୍ଦୁମୁଖୀମାରେ ଅଭିସର ବନ ଘୋରେ
କାମମନୋହର ବେଶେ ତଳ ଭୁ ସହି । ପ୍ରାଚୀ—ରସବାରିଧି ।

**ଅଭିସର୍ଜ୍ଜନ**—ସଂ. ବି. (ଅଭି + ସୃଜ୍ ଧାତୁ = ତ୍ୟାଗ କରିବା + ଭାବ. ଅନ)—
Abhisarjjana ୧ । ଦାନ; ତ୍ୟାଗ—1. Abandonment.
୨ । ବଧ—2. Killing

**ଅଭିସାର**—ସଂ. ବି. ( ଅଭି = ସନ୍ମୁଖ ବା ପଶ୍ଚାତ୍ + ସୃ. ଧାତୁ = ଗମନ
Abhisāra କରିବା + ଭାବ. ଅ )—୧ । ସମ୍ଭୋଗାଭିଳାଷରେ ନାୟକ ନାୟିକାଙ୍କର ପରସ୍ପର ସଙ୍କେତ-ସ୍ଥାନକୁ ଗମନ—
1. Meeting of lovers by appointment.

ବାର ବାର ଅଭିସାର ମୋ ପାଶେ ପଣ୍ଡିତା । ଭଞ୍ଜ. ବୈଦେହୀଶବିଳାସ ।

୨ । ଯୁଦ୍ଧ—2. Fight.
୩ । (+କରଣ. ଅ)—ବଳ; ଅନୁଚର—3. Attendant; follower; suite of attendants.
୪ । ( + ଅଧିକରଣ. ଅ )—ନାୟକ ନାୟିକାଙ୍କର ମିଳନ ସ୍ଥାନ ବା ସଙ୍କେତ ସ୍ଥାନ—
4. Appointed place for meeting a lover; a trysting place.
୫ । ( + କର୍ତ୍ତୃ. ଅ )—ସେନା; ଯୋଦ୍ଧା—5. Soldier.

ଚନ୍ଦ୍ରସେନ ମରଣ ଦେଖି ଅଭିସାର ।
ମାନେ ଶ୍ରୁତ କର୍ମିକୁ କଲେଟ ସମର । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଅଭିସାରକ**—ସଂ. ବି. ପୁଂ. (ଅଭି + ସୃ. ଧାତୁ + କର୍ତ୍ତୃ. ଅକ )—
Abhisāraka କାନ୍ତା ସଙ୍ଗେ ମିଳନାର୍ଥ ସଙ୍କେତସ୍ଥାନକୁ ଯିବା
(ଅଭିସାରିକା—ସ୍ତ୍ରୀ) ପୁରୁଷ—A man going to an assigned place to meet his love.

**ଅଭିସାରୀ**—ସଂ. ବି. ପୁଂ ଓ ସ୍ତ୍ରୀ. ( ଅଭି + ସୃ. ଧାତୁ + କର୍ତ୍ତୃ. ଇନ୍; ୧ମା.
Abhisāri ୧ବ.)—କାନ୍ତା ସଙ୍ଗେ ମିଳିବା ପାଇଁ ସଙ୍କେତ
(ଅଭିସାରିଣୀ—ସ୍ତ୍ରୀ) ସ୍ଥାନକୁ ଯିବା ବ୍ୟକ୍ତି—A person going to a trysting place to meet his love by assignation.

ସଙ୍କେତ ସଦନେ କାମୀ ଅଭୂରେ ଭାସେ
ପାଉଁଶ ଅଭିସାରୀ ଅନ୍ଧକାରେ ନ ବଶେ । ଚିଶ୍ରୁଗଙ୍କର—ଉଷାଅଭିଳାଷ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇଯ୍ୟ | ଉଅ | ଢ |
| ୨ | ଈ | ଊ | ୠ | ଌ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ଦ |

**ଅଭିସୃଷ୍ଟ**—ସଂ. ବିଣ. (ଅଭି+ସୃଜ୍ ଧାତୁ=ତ୍ୟାଗ କରିବା+କର୍ମ. ତ)—
Abhisrushta ୧ । ଦତ୍ତ—1. Given away.
୨ । ପରିତ୍ୟକ୍ତ; ବିସୃଷ୍ଟ—2. Abandoned.

**ଅଭିହତ**—ସଂ. ବିଣ. (ଅଭି+ହନ ଧାତୁ+କର୍ମ. ତ)—
Abhihata ୧ । ଆହତ—1. Struck.
୨ । ପତିତ—2. Driven.
୩ । ପରାଜିତ—3. Subdued.
୪ । ନଷ୍ଟ—4. Killed.
୫ । ଭଗ୍ନ—5. Broken.
୬ । ଅପମାନିତ—6. Humbled.
୭ । ଗୁଣିତ—7. Multiplied.

**ଅଭିହରଣ**—ସଂ. ବି. (ଅଭି+ହୃ ଧାତୁ+ଭାବ. ଅନ)—
Abhiharana ୧ । ଆହରଣ—1. Bringing; collecting.
୨ । ଆନୟନ—2. Fetching.
୩ । ଅପହରଣ—3. Stealing.
୪ । ଚୌର୍ଯ୍ୟ— 4. Theft.
୫ । ବରକୁ ବିବାହକାଳୀନ ଯୌତୁକ ପ୍ରଦାନ—
5. Giving of a presents to the bridegroom at marriage.

**ଅଭିହାର**—ସଂ. ବି ( ଅଭି+ ହୃ ଧାତୁ+ଭାବ. ଅ )—
Abhihāra ୧ । ଚୋରି; ଲୁଟ—1. Robbery; loot.
୨ । ଆକ୍ରମଣ—2. Attack.
୩ । ବର୍ମାଦି ଧାରଣ—3. Wearing of armour.
୪ । ଅଭିଯୋଗ—4. Accusation; charge.

**ଅଭିହିତ**—ସଂ. ବିଣ ( ଅଭି+ଧା ଧାତୁ+କର୍ମ. ତ )—
Abhihita ୧ । କଥିତ—1. Spoken; named.
୨ । ନିର୍ଦ୍ଦିଷ୍ଟ—2. Pointed out; defined.
୩ । ଉଲ୍ଲିଖିତ—3. Stated.

**ଅଭୀ**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅ=ନାହିଁ+ଭୀ=ଭୟ )—
Abhī ନିର୍ଭୟ; ଭୟଶୂନ୍ୟ—Fearless.

**ଅଭୀକ**—ସଂ. ବିଣ ( ଅଭି+କମ୍ ଧାତୁ+କର୍ତ୍ତୃ. ଅ )—
Abhīka ୧ । କାମୁକ; ଲମ୍ପଟ—
( ଅଭୀକା—ସ୍ତ୍ରୀ ) 1. Lascivious; libidinous.
୨ । ନିର୍ଭୟ—2. Fearless.
୩ । କ୍ରୂର—3 Cruel.
୪ । ଇଚ୍ଛୁକ; ଉତ୍ସୁକ—4. Desirous.
ସଂ. ବି—୧ । କବି—1. Poet.
୨ । ସ୍ୱାମୀ—2. Husband; lord.

**ଅଭୀକ୍ଷ୍ଣ**—ସଂ. କ୍ରି. ବିଣ ( ଅଭି+କ୍ଷ୍ଣୁ ଧାତୁ+କର୍ତ୍ତୃ. ଅ )—
Abhīkshna ପୁନଃପୁନଃ; ସତତ—Repeatedly.
ସଂ. ବିଣ—୧ । ସାର୍ବକାଳିକ—1. Constant.
୨ । ଅତିଶୟ—2. Excessiv .

**ଅଭୀତ**—ସଂ. ବିଣ. ତ୍ରି ( ଅ=ନୁହେଁ+ଭୀତ )—
Abhīta ଭୟହୀନ; ନିର୍ଭୟ—Fearless.
( ଅଭୀତା—ସ୍ତ୍ରୀ )

**ଅଭୀତି**—ସଂ. ବି ( ଅ=ନୁହେଁ+ଭୀତି=ଭୟ )—
Abhīti ଭୟଶୂନ୍ୟତା—Fearlessness.

**ଅଭୀପ୍ସା**—ସଂ. ବି (ଅଭି+ଆପ ଧାତୁ+ସନନ୍ତ. ଅ+ଆ )—
Abhīpsā ଇଚ୍ଛା—Desire.

**ଅଭୀପ୍ସିତ**—ସଂ. ବିଣ ( ଅଭି+ଆପ ଧାତୁ, ସନନ୍ତ+କର୍ମ. ତ )—
Abhīpsita ଅଭିଲଷିତ; ବାଞ୍ଛିତ; ଇଷ୍ଟ—
Desired; wished for.

**ଅଭୀପ୍ସୁ**—ସଂ. ବିଣ ( ଅଭି+ଆପ ଧାତୁ ସନନ୍ତ+ଉ )—
Abhīpsu ପାଇବାକୁ ଇଚ୍ଛୁକ; ଅଭିଳାଷୀ—
Desirous of getting; longing for.

**ଅଭୀର**—ସଂ. ବି (ଅଭି+ଈର ଧାତୁ=ଗମନ କରିବା+କର୍ତ୍ତୃ. ଅ )—
Abhīra ଗଉଡ଼; ଆଭୀର—Cowherd.

**ଅଭୀରୁ**—ସଂ. ବିଣ ( ଅ=ନୁହେଁ+ଭୀରୁ )—ଭୟଶୂନ୍ୟ—
Abhīru Fearless.
ସଂ. ବି—୧ । ଶତମୂଳୀ; ଶତାବରୀ; ଛତାଉରି—
1. Asparagus
୨ । ଭୈରବ—2. An attendant of Śiba.

**ଅଭୀରୁପତ୍ରୀ**—ସଂ. ବି ( ଅଭୀରୁ+ପତ୍ର+ଈ )—
Abhīrupatri ଶତାବରୀ; ଛତାଉରି—
Asparagus.

**ଅଭୀଶୁ**—ସଂ ବି (ଅଭି=ସମ୍ୟକ୍+ଅଶ ଧାତୁ=ବ୍ୟାପିବା+କର୍ତ୍ତୃ. ଉ)—
Abhīsu ୧ । କିରଣ—1. Ray.
୨ । ଲଗାମ—2. Bridle; reins.
୩ । କାମ—3. Cupid.
୪ । ଅନୁରାଗ—4. Attachment.
ସଂ. ବିଣ—ଇଚ୍ଛୁକ—Willing; desirous.

**ଅଭୀଷଙ୍ଗ**—ସଂ. ବି. (ଅଭି+ସନଜ୍ ଧାତୁ=ଲାଗିବା+ଭାବ. ଅ )—
Abhīshanga ଅଭିଷଙ୍ଗ ( ଦେଖ )
Abhishanga ( See.)

**ଅଭୀଷ୍ଟ**—ସଂ. ବିଣ ( ଅଭି+ଇଷ ଧାତୁ=ଇଚ୍ଛା କରିବା+କର୍ମ. ତ )—
Abhīshta ୧ । ବାଞ୍ଛିତ;ଇପ୍ସିତ—1. Desired; wished for.
(ଅଭୀଷ୍ଟା—ସ୍ତ୍ରୀ) ୨ । ପ୍ରିୟ—2. Beloved.
ସଂ. ବି—୧ । ବାଞ୍ଛିତ ବସ୍ତୁ—1. Desired object.
୨ । ପ୍ରିୟ ବସ୍ତୁ—2. Favourite object.
୩ । ରେଣୁକା ନାମ ଗନ୍ଧ ଦ୍ରବ୍ୟ—
3. A medicinal scent.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବର୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗ୍ରା. ବ ( ସଂ. ଅଭ୍ୟାସ )—ଅଭ୍ୟାସ—Habit.
( ଯଥା—ପାନ ଖାଇବା ତାର ଅଭୀଷ୍ଟ ହୋଇଗଲାଣି । )

**ଅଭୀଷ୍ଟଦେବତା**—ସଂ. ବ ( କର୍ମଧା. ଅଭୀଷ୍ଟ+ଦେବତା )—
Abhīshṭadebatā ୧ । ପ୍ରିୟ ଦେବତା—
1. One's favourite Deity.
୨ । ଇଷ୍ଟଦେବତା; ଅଧିଷ୍ଠିତ ଦେବତା—
2. Deity worshipped by a particular person or family.

**ଅଭୀଷ୍ଟପ୍ରଦ**—ସଂ. ବଣ. ପୁଂ (ଅଭୀଷ୍ଟ+ପ୍ର+ଦା ଧାତୁ+କର୍ତ୍ତୃ. ଅ )—
Abhīshṭaprada ଯେ ବା ଯାହା ବାଞ୍ଛିତ ଫଳ ପ୍ରଦାନ କରେ—
(ଅଭୀଷ୍ଟପ୍ରଦା—ସ୍ତ୍ରୀ) Fulfilling one's will; giving one's desire.

**ଅଭୀଷ୍ଟଫଳପ୍ରାପ୍ତି**—ସଂ. ବ ( କର୍ମଧା; ୬ଷ୍ଠୀ ତତ୍; ଅଭୀଷ୍ଟ+ଫଳ +ପ୍ରାପ୍ତି )—
Abhīshṭaphalaprāpti
ମନୁଷ୍ୟଙ୍କୁ ବାଞ୍ଛିତ ଫଳ ମିଳିବା—
Attainment of one's desire.

**ଅଭୀଷ୍ଟମନ୍ତ୍ର**—ସଂ. ବ. ( କର୍ମଧା; ଅଭୀଷ୍ଟ+ମନ୍ତ୍ର )—
Abhīshṭamantra ୧ । ଆପଣାର ପ୍ରିୟ ମନ୍ତ୍ର—
1. One's favourite incantation.
୨ । ନିଜର ଇଷ୍ଟ ଦେବତାଙ୍କ ମନ୍ତ୍ର—
2. Mystic formula for invoking one's Guardian Deity.
୩ । ଯେଉଁ ମନ୍ତ୍ରକୁ ମନୁଷ୍ୟ ଇଷ୍ଟସିଦ୍ଧି ପାଇଁ ଜପେ—
3. Favourite formula which a person chants to get his desire fulfilled.

**ଅଭୀଷ୍ଟଲାଭ**—ସଂ. ବ. ( ୬ଷ୍ଠୀ ତତ୍; ଅଭୀଷ୍ଟ+ଲାଭ )—
Abhīshṭalābha ବାଞ୍ଛିତ ଫଳ ପାଇବା—
Attainment of desire.

**ଅଭୁକ୍ତ**—ସଂ. ବଣ (ଅ+ଭୁକ୍ତ) ପୁଂ.—୧ । ଅଖିଆ; ଯେ ଖାଇ ନ ଥାଏ—
Abhukta 1. Not having taken meals; without food.
(ଅଭୁକ୍ତା—ସ୍ତ୍ରୀ)
୨ । ଖିଆ ନ ହୋଇଥିବା ( ବସ୍ତୁ )—
2. Uneaten; not partaken.
୩ । ଯାହା ଅନ୍ତର୍ଗତ ନୁହେ—
3. Not included in.

**ଅଭୁଗ୍ନ**—ସଂ. ବଣ ( ଅ+ଭୁଗ୍ନ )—
Abhugna ୧ । ଅବକ୍ର—1. Unbent
୨ । ସରଳ; ସିଧା—2. Straight.

**ଅଭୁତ**—ଗ୍ରା. ବଣ.—୧ । (ସଂ. ଅଦ୍ଭୁତ)—ଅଦ୍ଭୁତ—
Abhuta 1. Wonderful.
୨ । (ସଂ. ଅଭୂତପୂର୍ବ)—ଅଭୂତପୂର୍ବ—
2. Unprecedented.

**ଅଭୂତ**—ସଂ. ବଣ (ଅ+ଭୂତ)—୧ । ପୂର୍ବେ ଘଟି ନ ଥିବା—
Abhūta 1. That which has not happened or taken place before.
୨ । ଯାହା ଅତୀତ ହୋଇ ନାହିଁ—2. Not past.
୩ । ବର୍ତ୍ତମାନ ବା ଭବିଷ୍ୟତ୍—3. Present or future.

**ଅଭୂତତଦ୍‌ଭାବ**—ସଂ. ବ. (କର୍ମଧା; ଅଭୂତ+ତତ୍+ଭାବ)—ଯାହା ପୂର୍ବେ
Abhūtatadbhāba ଘଟି ନ ଥିଲା ତାହା ବର୍ତ୍ତମାନ ଘଟିବା—
The happening of a thing which has not taken place before.

**ଅଭୂତତଦ୍‌ଭାବେ ଚ୍ୱି**—ସଂ. ପ୍ରତ୍ୟୟ—ଯାହା ପୂର୍ବେ ଘଟି ନ ଥିଲା, ତାହା
Abhūta tadbhābe chwi ବର୍ତ୍ତମାନ ଘଟିଲା—ଏହି ଅର୍ଥରେ
ଶବ୍ଦ ଶେଷରେ ଈ ଯୋଗ କମ୍ବା ସ୍ୱରବର୍ଣ୍ଣର ଦୀର୍ଘତା—
The addition of long 'i' to indicate the happening of a thing which has not happened previously.
(ଯଥା ଶୁକ୍ଳ+ଅଭୂତ ତଦ୍‌ଭାବେ ଚ୍ୱି+କୃତ=ଶୁକ୍ଳୀକୃତ; ସମୀକରଣ; ବାଙ୍ମୀକରଣ)

**ଅଭୂତପୂର୍ବ**—ସଂ. ବଣ. ( ଅ+ଭୂତପୂର୍ବ )—ଯାହା ପୂର୍ବେ ଘଟି ନାହିଁ—
Abhūtapūrba Unprecedented

**ଅଭୂତବିଗ୍ରହ**—ସଂ. ବଣ. ପୁଂ. (ବହୁବ୍ରୀହି; ଅଭୂତ+ବିଗ୍ରହ)—ଯାହା
Abhūtabigraha ସଙ୍ଗେ ଯୁଦ୍ଧ କରିବାକୁ କେହି ସାହସ କରେ ନାହିଁ ବା ଅଗ୍ରସର ହୁଏ ନାହିଁ—(a person)
With whom no one dares to fight.
ସଂଗ୍ରାମେ ଯିଣ ତଗ ବାହୁ, ଅଭୂତବିଗ୍ରହ ବୋଲାଇ । ଜଗନ୍ନାଥ, ଭାଗବତ ।

**ଅଭୂତଭାବ**—ସଂ. ବ. (ଅ=ନୁହେ+ଭୂତ+ଭାବ; ପୂର୍ବେ ହୋଇ ନ
Abhūtabhāba ଥିବା ଭାବ)—ଯାହା ପୂର୍ବେ ହୋଇ ନ ଥିଲା ତାହା ହେବା—Happening of a thing which had not happened before.

**ଅଭୂମି**—ସଂ. ବ. (ଅ+ଭୂମି)—୧ । ମନ୍ଦଭୂମି—1. Bad soil.
Abhūmi ୨ । ଅପାତ୍ର—2. Unfit object.
୩ । ଅନୁପଯୋଗୀ ସ୍ଥାନ—3. Unfit place.

**ଅଭେଇବର**—ଗ୍ରା. ବ. ( ସଂ. ଅଭୟବର )—୧ । ଆଶ୍ରିତ ବ୍ୟକ୍ତିକୁ
Abheibara ବିପଦରୁ ରକ୍ଷା କରିବା ପାଇଁ ଅଭୟଦାନ—
অভয়বর 1. Assurance of safety or protection.
अभयबर ୨ । ଆଶ୍ରିତବାତ୍ସଲ୍ୟ—2. Patronage.

**ଅଭେକ**—ଦେ. ବଣ. ପୁଂ. ଓ ସ୍ତ୍ରୀ.—୧ । ଭେକହୀନ—1 Ragged.
Abheka ୨ । ବସ୍ତ୍ରହୀନ—2. Without proper clothes.
୩ । ଦରିଦ୍ର—3. Poor; destitute.
୪ । ନିଷ୍କର୍ମା—4. Unemployed.
୫ । ଅନ୍ନବସ୍ତ୍ରହୀନ—5. Destitute of clothing or food.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ୍ଚ | ଜ | ଷ,ଷ | ଙ୍କ | ଇଯ୍ | ଡ୍ଅ | ଢ |
| ୨ | ଉ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ଢ଼ | ଦ୍ଧ |

ଅଭେକା—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଭେକ (ଦେଖ)
Abhekā Abheka (See)

ଅଭେଖ—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅଭେକ (ଦେଖ)
Abhekha Abheka (See)

ଅଭେଖା—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅଭେକ (ଦେଖ)
Abhekhā Abheka (See)

ଅଭେଦ—ସଂ. ବି. (ଅ+ଭେଦ)—୧ । ପ୍ରଭେଦର ଅଭାବ—
Abheda 1. Absence of difference.
୨ । ସାମ୍ୟ; ସମତା—2. Similarity.
୩ । ଏକତା—3. Identity.
୪ । ଦୃଢ଼ ସମ୍ବନ୍ଧ—4. Close relation.
ସଂ. ବିଣ. (ଅ+ଭେଦ)—୧ । ପାର୍ଥକ୍ୟରହିତ; ଭେଦରହିତ—
1. Having no difference.
ଧୃତରାଷ୍ଟ୍ର ପୁଅ ଗୋ ଅଟଇ ଦୁର୍ଯ୍ୟୋଧନ,
ଅନେକ ପ୍ରୀତ ତାର ମୋର ଅଭେଦ ମନ । କୃଷ୍ଣସିଂହ ମହାଭାରତ ।
୨ । ସମାନ—2. Similar.
୩ । ଏକ; ସମ—3. Identical
ଦେ. ବିଣ. (ସଂ. ଅଭେଦ୍ୟ)—୧ । ଯହିଁରେ ବିଚ୍ଛେଦ ନାହିଁ—
1. Having no separation.
ପ୍ରୀତ ଅଭେଦ ତାଙ୍କର; ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର ।
ଭକ୍ତ ପ୍ରେମସୁଧାନିଧି ।
୨ । ଦୃଢ଼; ଅଭେଦ୍ୟ; ଯାହା ଭେଦ କରି ଯାଇ ନ ପାରେ—
2. That which can not be broken open; invulnerable.
ସେ ଦୁର୍ଗ ରକ୍ଷା ଦ୍ୱାରେ ପୁଣି, ଲଗିଛି ଅଭେଦ କବାଟ ।
ପ୍ରାଚୀ; ନିର୍ଗୁଣ ମାହାତ୍ମ୍ୟ ।

ଅଭେଦକବଚ—ଦେ. ବି. ( ସଂ. ଅଭେଦ୍ୟକବଚ )—ଯେଉଁ କବଚ
Abhedakabacha ପିନ୍ଧିଲେ ଶରୀରରେ ଅସ୍ତ୍ର ଗଳେ ନାହିଁ—
Impenetrable armour; invulnerable coat of mail,

ଅଭେଦାତ୍ମା—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅଭେଦ+ଆତ୍ମନ୍;
Abhedātmā ୧ମା. ୧ବ. )—ଯେଉଁ ଦୁଇ ଜଣଙ୍କ ମଧ୍ୟରେ
ଘନିଷ୍ଠ ବା ଅବିଚ୍ଛେଦ୍ୟ ପ୍ରୀତି ଥାଏ—
Very intimate ( friends ); having inseparable friendship with each other
ଜୟଘୋଷ ସାରଥି ସେ ଅଭେଦାତ୍ମା ଜାଣି । ସାରଳାମହାଭାରତ ।

ଅଭେଦ୍ୟ—ସଂ. ବିଣ. ( ଅ+ଭେଦ୍ୟ )—
Abhedya ୧ । ଯାହା ଭେଦ କରି ଯାଇ ନ ପାରେ—
1. Impenetrable; that which can not be pierced through.
୨ । ଦୃଢ଼—2. Tough.
୩ । କଠିନ—3. Hard.
୪ । ଅଭିନ୍ନ; ଯାହା ପୃଥକ୍ କରି ଯାଇ ନ ପାରେ—
4. That which can not be divided; inseparable.
୫ । ଅତି ଘନ—5. Very dense.
୬ । ଅକାଟ୍ଯ—6. Invulnerable.

ଅଭେଦ୍ୟପ୍ରୀତି—ସଂ. ବି. ( କର୍ମଧା; ଅଭେଦ୍ୟ+ପ୍ରୀତି )—
Abhedyapriti ୧ । ଘନିଷ୍ଠ ପ୍ରେମ—
1. Very intimate friendship.
୨ । ଯେଉଁ ପ୍ରୀତିରେ ବିଚ୍ଛେଦ ଘଟି ନ ପାରେ—
2. Inseparable friendship.

ଅଭେବର—ଗ୍ରା. ବି. ( ସଂ. ଅଭୟବର )—ଅଭଇବର ( ଦେଖ )
Abhebara Abhaibara ( See )

ଅଭୋକ—ଦେ. ବି. ( ସଂ. ଅ+ଆ. ଭୁଖ୍ )—
Abhoka ୧ । ଅକ୍ଷୁଧା; କ୍ଷୁଧା ନ ଥିବା ଅବସ୍ଥା—
1. State of not feeling hungry.
୨ । କ୍ଷୁଧାର ଅଭାବ—2. Absense of hunger.
ଦେ. ବିଣ—ଅକ୍ଷୁଧିତ; କ୍ଷୁଧାରହିତ—Not hungry.
ଭୋକର ବେଳରେ ଅନ୍ନ ନ ଖଟଇ ପାଶ ।
ଅଭୋକ ବେଳରେ ସେ ଅବେଳ କରି ଯାଇ । ସାରଳାମହାଭାରତ ।

ଅଭୋକିଲା—ଦେ ବିଣ. ( ସଂ. ଅ+ଆ. ଭୁଖା )—୧ । ଅକ୍ଷୁଧିତ—
Abhokilā 1. Not feeling hungry.
୨ । କ୍ଷୁଧାରହିତ—2. Having no hunger.

ଅଭୋଗ—ସଂ. ବି. ( ଅ+ଭୋଗ )—୧ । ଭୋଗର ଅଭାବ—
Abhoga 1. Non-enjoyment.
୨ । ଭୋଗ ନ ହେବା ଅବସ୍ଥା—
2. Unenjoyed condition.
ମହତ ନ ଯିବା ଜବା ଅଧମକୁ ଅଭୋଗରେ କେ ତେଜିବ । କବିସୂର୍ଯ୍ୟ ସଙ୍ଗୀତ ।
୩ । ଅପ୍ରାପ୍ତି—3. Non-attainment.
୪ । ସମ୍ପତ୍ତିରେ ଦଖଲର ଅଭାବ—
4. Want of possession.
୫ । ସୁଖ ବା ଦୁଃଖ ଭୋଗ କରି ନ ଥିବା ଅବସ୍ଥା—
5. Want of experience of pleasure or pain.
୬ । ବେଦଖଲ—6. Dispossession.
ସଂ. ବିଣ—୧ । ଅଭୁକ୍ତ; ଭୋଗ କରାଯାଇ ନ ଥିବା—
1. Unenjoyed.
୨ । ଅପ୍ରାପ୍ତ—2. Unattained.
୩ । ଅନନୁଭୂତ—3. Not experienced.
୪ । ଭୋଗରହିତ—4. Devoid of enjoyment

ଅଭୋଗଲିଙ୍ଗ—ସଂ. ବିଣ. ( ବହୁବ୍ରୀହି; ଅଭୋଗ+ଲିଙ୍ଗ )—
Abhogalinga ଅଯୋନି; କ୍ଲୀବ; ସ୍ତ୍ରୀ ବା ପୁଂ ଚିହ୍ନରହିତ—,

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ;'ଅଲବତ' ନ ପାଇଲେ'ଅଲ୍‌ବତ୍' ଦେଖିବେ ।

Having no male or female organ; eunuch

ବାଳ କାଳରୁ ଏହାର ଅଟଇ ମନ୍ଦ କର୍ମ ।
ଅଭୋଗଲିଙ୍ଗ ହୋଇ ଅଟେ ହେଲୁ ଜନମ । ସାରଳାମହାଭାରତ. ଆଦି ।

**ଅଭୋଗ୍ୟ**— ସଂ. ବିଣ. (ଅ + ଭୋଗ୍ୟ)—ଯାହା ଭୋଗ ଯୋଗ୍ୟ ନୁହେ—
Abhogya Not enjoyable; not fit for enjoyment.
(ଅଭୋଗ୍ୟା— ସ୍ତ୍ରୀ)

**ଅଭୋଜନ**— ସଂ. ବି (ଅ+ଭୋଜନ)— ୧ । ଭୋଜନର ଅଭାବ—
Abhojana 1. Want of meal.
୨ । ଉପବାସ—2. Fasting.
୩ । ଭୋଜନରୁ ନିବୃତ୍ତି— 3. Abstinence from food.
୪ । ଖାଦ୍ୟାଭାବ—4. Want of food.
ଦେ. ବିଣ—୧ । ଅଭୁକ୍ତ; ଅଖିଆ—1. Not having taken meals; going without food.
ଅଭୁକ୍ତ
୨ । ଉପବାସୀ—2. Fasting.

**ଅଭୋଜନିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଭୁକ୍ତ; ଖାଇ ନ ଥିବା—
Abhojaniañ Not having taken meals.

**ଅଭୋଜ୍ୟ**—ସଂ. ବିଣ. (ଅ + ଭୋଜ୍ୟ)—
Abhojya ୧ । ନିଷିଦ୍ଧ ଖାଦ୍ୟ (ଦ୍ରବ୍ୟ); ଅଖାଦ୍ୟ— 1. Prohibited (food)
୨ । ଅଶୁଦ୍ଧ ଖାଦ୍ୟ (ଦ୍ରବ୍ୟ)— 2. Impure or unclean (food)
୩ । ଯେଉଁ ଦ୍ରବ୍ୟ ଖିଆ ଯାଇ ନ ପାରେ— 3. Uneatable.

**ଅଭ୍ୟକ୍ତ**— ସଂ. ବିଣ. (ଅଭି + ଅନଜ୍ ଧାତୁ = ବୋଳିବା + କର୍ମ. ତ)—
Abhyakta ଆପାଦମସ୍ତକ ତୈଳାକ୍ତ—
(ଅଭ୍ୟଙ୍ଗ— ବି) Anointed with oil from head to foot.

**ଅଭ୍ୟଗ୍ର**— ସଂ. ବିଣ. (ଅଭି+ଅଗ୍ର)—
Abhyagra ୧ । ନବୀନ; ଅଭିନବ—1. New.
୨ । ଅଗ୍ରବର୍ତ୍ତୀ—2. In front; frontal.
୩ । ନିକଟ; ସମୀପ—3. Near; adjoining.

**ଅଭ୍ୟଙ୍ଗ**—ସଂ. ବି. (ଅଭି + ଅନଜ ଧାତୁ = ବୋଳିବା + ଭାବ. ଅ)—
Abhyanga ୧ । ତୈଳଦ୍ୱାରା ଶରୀର ମର୍ଦ୍ଦନ— 1. Rubbing the body with oil; anointing.
୨ । (+କରଣ. ଅ)—୧ । ତୈଳ—2. Oil;unguent.
୩ । ଲେପ—3. Ointment.
୪ । (+ଭାବ. ଅ)—ଚକ୍ଷୁରେ ଅଞ୍ଜନପ୍ରଦାନ; ଆଖିରେ କଜ୍ଜ୍ୱଳ ଲଗାଇବା—4 Applying collyrium to the eye-lashes.

**ଅଭ୍ୟଞ୍ଜନ**—ସଂ. ବି. (ଅଭି + ଅନଜ୍ ଧାତୁ + ଭାବ. ଅନ)—
Abhyañjana ଅଭ୍ୟଙ୍ଗ (ଦେଖ) Abhyanga (See)

**ଅଭ୍ୟଧିକ**—ସଂ. ବିଣ. (ଅଭି + ଅଧିକ)—୧ । ଅତ୍ୟଧିକ—
Abhyadhika 1. Too much; excessive.
୨ । ସର୍ବୋତ୍କୃଷ୍ଟ—2. Most excellent.
୩ । ସର୍ବୋତ୍ତମ—3. Best.

**ଅଭ୍ୟନୁଜ୍ଞା**—ସଂ. ବି. (ଅଭି + ଅନୁଜ୍ଞା)— ଆଦେଶ; ହୁକୁମ—
Abhyanujñā Order.
(ଅଭ୍ୟନୁଜ୍ଞାତ — ବିଣ)

**ଅଭ୍ୟନୁଜ୍ଞାତ**—ସଂ. ବିଣ. (ଅଭି + ଅନୁଜ୍ଞାତ)—ଆଦିଷ୍ଟ—
Abhyanujñāta Ordered.

**ଅଭ୍ୟନ୍ତର**—ସଂ. ବି. (ଅଭି + ଅନ୍ତର)—ମଧ୍ୟ; ଅନ୍ତସ୍ଥଳ; ଭିତର—
Abhyantara Inside.
ସଂ. ବିଣ—ମଧ୍ୟବର୍ତ୍ତୀ; ଅନ୍ତର୍ଗତ—Situated in; included within
ଦେ. ବି —୧ । ପ୍ରଭେଦ—1 Difference.
୨ । ପରିବର୍ତ୍ତନ—2 Change.
୩ । ଅନ୍ତରାୟ; ବାଧା— 3. Impediment; obstacle.
୪ । ଆପତ୍ତି—4. Objection.
୫ । ମତଭେଦ—5. Difference of opinion.
୬ । କପଟ—6. Hypocrisy.
ଦେ. ବିଣ—୧ । ପୃଥକ୍—1. Separate.
୨ । ଅନ୍ୟଥାକୃତ—2. Done otherwise; disregarded.
୩ । ଭିନ୍ନ—3. Different.

ତୋ ବର୍ଣ୍ଣି ବେଦରୁ ବାହାର; ଠୁଳ ଶୂନ୍ୟରୁ ଅଭ୍ୟନ୍ତର ।
ଭୂପତି—ପ୍ରେମପଞ୍ଚାମୃତ ।

**ଅଭ୍ୟନ୍ତରୀଣ**—ସଂ. ବିଣ. (ଅଭ୍ୟନ୍ତର = ମଧ୍ୟ + ଈନ)—
Abhyantarīṇa ୧ । ମଧ୍ୟବର୍ତ୍ତୀ; ଆନ୍ତରିକ—1. Internal; not seen outside; not external.
୨ । ଦୁଇଟିର ମଧ୍ୟବର୍ତ୍ତୀ—2. Intermediate.
୩ । ଅନ୍ତର୍ବର୍ତ୍ତୀ—3. Inner.

**ଅଭ୍ୟବକର୍ଷଣ**—ସଂ. ବି. (ଅଭି + ଅବ + କୃଷ ଧାତୁ + ଭାବ. ଅନ)—
Abhyabakarshaṇa ୧ । ଆକର୍ଷଣ—1. Attraction.
ଅଭ୍ୟବକର୍ଷିତ } ବିଣ.
ଅଭ୍ୟବକୃଷ୍ଟ }
୨ । ଦେହରେ ପଶି ଯାଇଥିବା କଣ୍ଟା, ଶର ବା ଗୁଳି ଆଦିକୁ ବାହାର କରି ଆଣିବା— 2. Extraction of arrow,nail or bullet from the body.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ମ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ତ |

୩ । ଉଦ୍ଧାରଣ; ଉପରକୁ ଟାଣି ଆଣିବା—
3. Extraction; drawing out.

**ଅଭ୍ୟବସ୍କନ୍ଦ**—ସଂ. ବି. (ଅଭି + ଅବ + ସ୍କନ୍ଦ ଧାତୁ + ଭାବ. ଅ)—
Abhyabaskanda ୧ । ଆକ୍ରମଣ—1. Attack.
୨ । ଅବରୋଧ—2. Seige.
୩ । ଶତ୍ରୁ ପ୍ରତି ପ୍ରହାର—
3. Beating or striking an enemy.

**ଅଭ୍ୟବସ୍କନ୍ଦନ**—ସଂ. ବି. (ଅଭି + ଅବ + ସ୍କନ୍ଦ ଧାତୁ + ଭାବ. ଅନ)—
Abhyabaskandana ଅଭ୍ୟବସ୍କନ୍ଦ (ଦେଖ)
Abhyabaskanda (See)

**ଅଭ୍ୟବହରଣ**—ସଂ. ବି. (ଅଭି + ଅବ + ହୃ ଧାତୁ + ଭାବ. ଅନ)—
Abhyabaharaṇa ଭକ୍ଷଣ; ଭୋଜନ—
Eating; consumption.

**ଅଭ୍ୟବହାର**—ସଂ. ବି. (ଅଭି + ଅବ + ହୃ ଧାତୁ + ଭାବ. ଅ)—
Abhyabahāra ଅଭ୍ୟବହରଣ (ଦେଖ)
Abhyabaharaṇa (See)

**ଅଭ୍ୟମିତ**—ସଂ. ବିଣ. (ଅଭି + ଅମ ଧାତୁ = ରୁଗ୍ଣ ହେବା + କର୍ତ୍ତୃ. ତ)—
Abhyamita ୧ । ରୋଗପୀଡ଼ିତ—1. Ailing; sick.
୨ । ଅଭିଗତ; ଆଶ୍ରିତ—2. Taking shelter.

**ଅଭ୍ୟର୍ଣ୍ଣ**—ସଂ. ବିଣ. (ଅଭି + ଅର୍ଦ୍ଦ ଧାତୁ = ଗମନ କରିବା + କର୍ମ. ତ)—
Abhyarṇṇa ୧ । ଯାହା ନିକଟକୁ ଗମନ କରାଯାଇ ଥାଏ—
1. Approached.
୨ । ନିକଟବର୍ତ୍ତୀ; ସମୀପ—
2. Proximate; adjoining.

**ଅଭ୍ୟର୍ଥନ**—ସଂ. ବି. (ଅଭି + ଅର୍ଥ ଧାତୁ = ପ୍ରାର୍ଥନା କରିବା + ଭାବ. ଅନ)—
Abhyarthana ଅଭ୍ୟର୍ଥନା (ଦେଖ)
Abhyarthanā (See)

**ଅଭ୍ୟର୍ଥନା**—ସଂ. ବି. (ଅଭ୍ୟର୍ଥନ + ଆ)—
Abhyarthanā ୧ । ପ୍ରାର୍ଥନା—1. Prayer; solicitation.
୨ । ସମ୍ବର୍ଦ୍ଧନା; ସମ୍ଭାଷା—
2. Adoration; reverence; homage.
୩ । ଅଭ୍ୟାଗତ ବ୍ୟକ୍ତିଙ୍କ ସତ୍କାର ଓ ସମାଦର—
3. Cordial reception of a guest.
୪ । ନିବେଦନପତ୍ର; ଦରଖାସ୍ତ—4. Petition.
୫ । ସ୍ୱାଗତସମ୍ଭାଷଣ—5. Welcome.

**ଅଭ୍ୟର୍ଥନାକମିଟି**—ଦେ. ବି. (ସଂ. ଅଭ୍ୟର୍ଥନା + ଇଂ. କମିଟୀ)—
Abhyrthanākamiṭi କୌଣସି ସଭାର ବିଶିଷ୍ଟ ଅଧିବେଶନ
অভ্যর্থনাকমিটী ବା ସମ୍ମିଳନୀକୁ ନିମନ୍ତ୍ରିତ ବ୍ୟକ୍ତି-
अभ्यर्थनाकमेटि ମାନଙ୍କ ଅଭ୍ୟର୍ଥନା ପାଇଁ ଗଠିତ ସମିତି
—Reception committee.

**ଅଭ୍ୟର୍ଥନାଭଙ୍ଗ**—ସଂ. ବି. (୬ଷ୍ଠୀ ତତ୍; ଅଭ୍ୟର୍ଥନା + ଭଙ୍ଗ)—ପ୍ରାର୍ଥନା
Abhyarthanābhaṅga ବା ଅନୁରୋଧ ରକ୍ଷା ନ ହେବା;
ଦରଖାସ୍ତ ନାମଞ୍ଜୁର—Rejcetion of a prayer.

**ଅଭ୍ୟର୍ଥନାସମିତି**—ଦେ. ବି. (ଆଧୁନିକ ପ୍ରୟୋଗ)—
Abhyarthanāsamiti ଅଭ୍ୟର୍ଥନାକମିଟି (ଦେଖ)
Abhyarthanākamiṭi (See)

**ଅଭ୍ୟର୍ଥିତ**—ସଂ. ବିଣ. (ଅଭି + ଅର୍ଥ ଧାତୁ + କର୍ମ. ତ)—
Abhyarthita ୧ । ସମ୍ବର୍ଦ୍ଧିତ (ବ୍ୟକ୍ତି)—
1. Welcomed; cordially received.
୨ । ପୂଜିତ—2. Worshipped; adored.
୩ । ସତ୍କୃତ—3. Entertained.
୪ । ସମ୍ମାନିତ—4. Honoured.
୫ । ପ୍ରାର୍ଥିତ (ବସ୍ତୁ)—5. Prayed for; asked.

**ଅଭ୍ୟସନ**—ସଂ. ବି. (ଅଭି + ଅସ ଧାତୁ + ଭାବ. ଅନ)—
Abhyasana ୧ । ଆଲୋଚନା; ଅଭ୍ୟାସ—
(ଅଭ୍ୟସ୍ତ—ବିଣ) 1. Exercise; practice.
୨ । ପାଠାଭ୍ୟାସ—2. Study; application.

**ଅଭ୍ୟସୂୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଭି + ଅସୂୟା)—ଈର୍ଷାନ୍ୱିତ—
Abhyasūya Envious; malicious.
(ଅଭ୍ୟସୂୟା—ସ୍ତ୍ରୀ)

**ଅଭ୍ୟସୂୟା**—ସଂ. ବି. (ଅଭି + ଅସୂୟା)— ୧ । ଗୁଣରେ ଦୋଷାରୋପ—
Abhyasūyā 1. Slander.
୨ । ଈର୍ଷା; ଦ୍ୱେଷ—2. Malice.

**ଅଭ୍ୟସ୍ତ**—ସଂ. ବିଣ. (ଅଭି + ଅସ ଧାତୁ + କର୍ମ. ତ)—
Abhyasta ୧ । ଯାହା ଅଭ୍ୟାସ କରାଯାଇ ଥାଏ—
1. Practised.
ଅଭ୍ୟସନ } ବି
ଅଭ୍ୟାସ }
୨ । ଅଭ୍ୟାସଦ୍ୱାରା ଯାହା ଶିକ୍ଷା କରାଯାଇ ଥାଏ—
2 Learnt by practice.
୩ । ଶିକ୍ଷା କରା ଯାଇଥିବା—3. Learnt; studied.
୪ । ଘୋଷା ଯାଇଥିବା—
4. Practised; learnt by heart.
୫ । (+ କର୍ତ୍ତୃ. ତ)—ଯେ ଅଭ୍ୟାସ କରିଥାଏ—
5. Accustomed to.

**ଅଭ୍ୟସ୍ତବିଦ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଭ୍ୟସ୍ତ + ବିଦ୍ୟା)—
Abhyastabidya ଯେଉଁ ଲୋକ କୌଣସି ବିଦ୍ୟାକୁ ଅଭ୍ୟାସ
(ଅଭ୍ୟସ୍ତବିଦ୍ୟା—ସ୍ତ୍ରୀ) ଦ୍ୱାରା ସିଦ୍ଧ କରିଥାଏ—
Trained in an art.

**ଅଭ୍ୟସ୍ୟ**—ସଂ. ବିଣ. (ଅଭି + ଅସ ଧାତୁ + କର୍ମ. ଯ)—
Abhyasya ୧ । ଅଭ୍ୟାସଯୋଗ୍ୟ; ପୁନଃ ପୁନଃ ଆଲୋଚନୀୟ—
1. To be studied or learnt by practice.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାବୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'ଭୃଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବେଲ' ନ ପାଇଲେ 'ଅଲ୍‌ବେଲ୍' ଦେଖିବେ ।

୨ । ଯାହା ଘୋଷାଯିବ—
2. To be got by heart; to be committed to memory.

୩ । ଅଭ୍ୟାସଦ୍ୱାରା ସାଧନୀୟ—
3. Attainable by practice.

**ଅଭ୍ୟାକାଙ୍କ୍ଷିତ**—ସଂ. ବି. ( ଅଭି+ଆ+କାଙ୍କ୍ଷ ଧାତୁ+ଭାବ. ତ )—
Abhyākāṅkshita ୧ । ମିଥ୍ୟା ଅଭିଯୋଗ—
1. False accusation; groundless complaint.
୨ । ମିଥ୍ୟାପବାଦ—2. Defamation; libel.

**ଅଭ୍ୟାଖ୍ୟାତ**—ସଂ. ବିଣ. ପୁଂ. (ଅଭି+ଆ+ଖ୍ୟା ଧାତୁ+କର୍ମ. ତ)—
Abhyākhyāta ୧ । ମିଥ୍ୟାରେ ଅଭିଯୁକ୍ତ—
( ଅଭ୍ୟାଖ୍ୟାତା—ସ୍ତ୍ରୀ ) 1. Falsely accused.
୨ । ମିଥ୍ୟାପବାଦଗ୍ରସ୍ତ—
2. Calumniated; defamed.

**ଅଭ୍ୟାଖ୍ୟାନ**—ସଂ. ବି. ( ଅଭି+ଆ+ଖ୍ୟା ଧାତୁ+ଭାବ. ଅନ )—
Abhyākhyāna ୧ । ମିଥ୍ୟା ଅଭିଯୋଗ—1. False charge.
୨ । ମିଥ୍ୟାପବାଦ—2. Calumny; defamation.

**ଅଭ୍ୟାଗତ**—ସଂ. ବିଣ. ପୁଂ. ( ଅଭି=ସମ୍ମୁଖକୁ ; ନିକଟକୁ+ଆଗତ)—
Abhyāgata ୧ । ସମ୍ମୁଖାଗତ; ସମ୍ମୁଖରେ ଉପସ୍ଥିତ—
( ଅଭ୍ୟାଗତା—ସ୍ତ୍ରୀ ) 1. Arrived in front of a person appeareing before a person.
୨ । ହଠାତ୍ ଉପସ୍ଥିତ—Appearing suddenly.
୩ । ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ—
3. Inherited ( M. W. )
ସଂ. ବି. ପୁଂ—୧ । ବିନା ନିମନ୍ତ୍ରଣରେ ଉପସ୍ଥିତ ଅତିଥି—
1. An uninvited guest.
୨ । ଅତିଥି—2. A guest.
ଅଭ୍ୟାଗତ ପ୍ରତ୍ୟର୍ଥି ସାଧୁଙ୍କର—କୃଷ୍ଣସିଂହ. ମହାଭାରତ. ଅଦ ।
୩ । ଆଗନ୍ତୁକ—3. A newcomer.

**ଅଭ୍ୟାଗମ**—ସଂ. ବି. ( ଅଭି+ଆ+ଗମ ଧାତୁ+ଭାବ. ଅ )—
Abhyāgama ୧ । ଉପସ୍ଥିତି; ପହଞ୍ଚିବା—1. Arrival.
୨ । ସମ୍ମୁଖକୁ ଆସିବା—
2. Appearance in front of a person.
୩ । ଦର୍ଶନ; ମୁଲାକାତ୍—3. Visit.
୪ । ( ନ୍ୟାୟଦର୍ଶନ ) ଫଳଭୋଗ—
4. (Logic) Enjoying a result ( M. W. )
୫ । ନୈକଟ୍ୟ—5. Neighbourhood (M. W)
୬ । ଅତିଥିଙ୍କୁ ସମ୍ବର୍ଦ୍ଧନା କରିବାପାଇଁ ବସିବା ସ୍ଥାନରୁ ଉଠିବା—6. Rising to receive a guest. (M. W.)
୭ । ଯୁଦ୍ଧ—7. War; battle.
୮ । ଆଘାତ—8. Striking.
୯ । ମାରଣ; ବଧ—9. Killing.
୧୦ । ବିରୋଧ—10. Opposition.
୧୧ । ବାଧାପ୍ରାପ୍ତ; ସାମନାରେ ପଡ଼ିଯିବା—
11. Encountering (M. W.)

**ଅଭ୍ୟାଗାରିକ**—ସଂ. ବିଣ. ପୁଂ ( ଅଭି+ଆଗାର+ଇକ )—
Abhyāgārika ୧ । ପରିବାର ପୋଷଣରେ ମନୋଯୋଗୀ—
( ଅଭ୍ୟାଗାରିକା—ସ୍ତ୍ରୀ ) 1. Diligent in supporting a family.

**ଅଭ୍ୟାଘାତ**—ସଂ. ବି—( ଅଭି+ଆଘାତ )—
Abhyāghāta ୧ । ଆକ୍ରମଣ; ଚଢ଼ାଉ—1. Assault;
୨ । ରୋକ୍—2. Interruption.

**ଅଭ୍ୟାଦାନ**—ସଂ. ବି ( ଅଭି+ଆଦାନ )—
Abhyādāna ୧ । ପ୍ରାରମ୍ଭ—1. Beginning; commencement.
୨ । ସମ୍ମୁଖବର୍ତ୍ତୀ ହୋଇ କୌଣସି ବସ୍ତୁର ଗ୍ରହଣ—
2. Personal acceptance; acceptance in person.

**ଅଭ୍ୟାନ୍ତ**—ସଂ. ବିଣ. ପୁଂ ( ଅଭି+ଅମ ଧାତୁ=ରୁଗ୍ଣ ହେବା+କର୍ତ୍ତୃ. ତ )—
Abhyānta
( ଅଭ୍ୟାନ୍ତା—ସ୍ତ୍ରୀ ) ରୁଗ୍ଣ; ପୀଡ଼ିତ—Sick; ill.
ସଂ. ବି. ପୁଂ—ମନ୍ଦ; ରୋଗୀବ୍ୟକ୍ତି—
An invalid; a patient.

**ଅଭ୍ୟାପାତ**—ସଂ. ବି—( ଅଭି+ଆପାତ )—
Abhyāpāta ୧ । ବିପଦ; ଦୁର୍ଘଟଣା—1 Calamity.
୨ । ଦୁର୍ଭାଗ୍ୟ; ଦୁର୍ଦ୍ଦଶା—2 Misfortune.
୩ । ସର୍ବନାଶ—3. Ruin.
୪ । ଆଶାଲୋପ—5. Disappointment.

**ଅଭ୍ୟାମର୍ଦ୍ଦ**—ସଂ. ବି ( ଅଭି+ଆ+ମୃଦ ଧାତୁ+ଅଧିକରଣ. ଅ; ଯହିଁରେ ଶତ୍ରୁଙ୍କୁ ମର୍ଦ୍ଦନ କରାଯାଏ )—
Abhyāmarda
ଯୁଦ୍ଧ; ଲଢ଼େଇ—War; battle.

**ଅଭ୍ୟାରମ୍ଭ**—ସଂ. ବି ( ଅଭି+ଆରମ୍ଭ )—
Abhyārambha ୧ । ଆରମ୍ଭ—1. Beginning.
୨ । ଥରେ ଆରବ୍ଧ କର୍ମର ପୁନରାରମ୍ଭ; ଦୋହୋରେଇବା—
1. Repetition; rebeginning

**ଅଭ୍ୟାଶ**—ସଂ. ବି. ଓ ବିଣ ( ଅଭି+ଅସ ଧାତୁ+କର୍ତ୍ତୃ. ଅ )—
Abhyāś ଅଭ୍ୟାସ ( ଦେଖ )
Abhyāsa ( See )

**ଅଭ୍ୟାସ**—ସଂ. ବିଣ. ( ଅଭି+ଅସ ଧାତୁ=ବ୍ୟାପିବା; ବିଦ୍ୟମାନ ରହିବା+କର୍ତ୍ତୃ. ଅ )—
Abhyāsa
୧ । ନିକଟ—1. Near.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଖ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଣ | ଜ୍ଞ | ଞ୍ଚ | ନ୍ଥ | ଢ |
| ୨ | ଈ | ଊ | ରୁ | ଲୁ | ମ୍ଭ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଉଅ | ଙ୍ଗ | ନ୍ତ୍ର |

୨ । ନିକଟବର୍ତ୍ତୀ—2. Proximate; adjacent.
ସଂ. ବି.—୧ । ଖୋଇ—1. Habit.
୨ । ନୈକଟ୍ୟ—2. Vicinity; proximity.
( ଅଭ୍ୟସ୍ତ—ବିଣ ) ୩ । ଆବୃତ୍ତି; ଘୋଷିବା—
3. Learning by heart.
୪ । ପଦ୍ୟାବୃତ୍ତି—4 Recitation.
୫ । ପୁନରାବୃତ୍ତି; ପୁନଃ ପୁନଃ ପଠନ—
5. Repeated reading; revision.
୬ । ପୁନଃ ପୁନଃ ବ୍ୟବହାର—6. Repeated use.
୭ । ( ବ୍ୟାକରଣ ) ଅକ୍ଷରାଦିର ଦ୍ୱିତ୍ୱ—
7. (Grammar) Duplication of letters.
୮ । (ବ୍ୟାକରଣ) ଦ୍ୱିରୁକ୍ତିସୂଚକ କ୍ରିୟାବାଚକ ଧାତୁର ଦ୍ୱିତ୍ୱ—
8. (Grammar) Reduplication of a root of a verb indicating repetition,
( ଯଥା—ଗମ ଧାତୁରୁ-ଜଙ୍ଗମ )
୯ । ( ଗଣିତ ) ଗୁଣନ—
9 (Mathematics) Multiplication.

**ଅଭ୍ୟାସସିଦ୍ଧ** - ସଂ. ବିଣ ( ୩ୟା ତତ୍; ଅଭ୍ୟାସ + ସିଦ୍ଧ )—
Abhyāsasiddha ୧ । ଅଭ୍ୟାସ ବା ସାଧନାଦ୍ୱାରା ଅଭ୍ୟସ୍ତ—
1 Habitual; fully learnt by exercise.
୨ । ମୁଖସ୍ଥ କରାଯାଇଥିବା – 2. Got by heart.

**ଅଭ୍ୟାସାଦନ**—ସଂ. ବି ( ଅଭି+ଆ+ସଦ ଧାତୁ ଣିଚ୍, ସାଦ ଧାତୁ=ଯିବା + ଭାବ. ଅନ )—
Abhyāsādana
୧ । ଶତ୍ରୁପ୍ରତି ଆକ୍ରମଣ; ଚଢ଼ାଉ; ଧାଡ଼ ଦେବା—
1. Charging an enemy.
୨ । ଆକ୍ରମଣ—2. Attack.
୩ । ଆକ୍ରମଣାର୍ଥ ଶତ୍ରୁ ସମ୍ମୁଖକୁ ଗମନ—
3. Onslaught.

**ଅଭ୍ୟାସିବା**—ଦେ. ପଦ୍ୟ. କ୍ରି (ସଂ. ଅଭ୍ୟାସ)—
Abhyāsibā ଅଭ୍ୟାସ କରିବା—To practice.
অভ্যাসা
আমরাসনা
ସ୍ତୁତି କ ଆସନେ ବସିବ,
ଆନନ୍ଦେ ଯୋଗ ଅଭ୍ୟାସିବ ।
ଜଗନ୍ନାଥ. ଭାଗବତ. ୩ୟ ।

**ଅଭ୍ୟାସୀ**—ସଂ. ବିଣ. ପୁଂ. ( ଅଭ୍ୟାସ+ଇନ୍; ୧ମା. ୧ବ )—
Abhyāsi ୧ । ଅଭ୍ୟାସଶକ୍ତିସମ୍ପନ୍ନ—1. Studious.
( ଅଭ୍ୟାସିନୀ—ସ୍ତ୍ରୀ ) ୨ । ଘୋଷିବାରେ ନିଯୁକ୍ତ—
2 Engaged in learning by rote.
୩ । ଯେ କୌଣସି ବିଷୟକୁ ଅଭ୍ୟାସ କରିଥାଏ—
3. Accustomed; inured; practiced.
୪ । ପୁନଃପୁନଃ ସାଧନ କରୁଥିବା—
4. Engaged in repeated exercise or practice.

**ଅଭ୍ୟାହତ**—ସଂ. ବି ( ଅଭି + ଆ + ହନ ଧାତୁ + କର୍ମ. ତ )—
Abhyāhata ୧ । ଆହତ—1. Struck; wounded.
୨ । ଆକ୍ରାନ୍ତ—2. Seized by; afflicted with.
୩ । ବାଧାପ୍ରାପ୍ତ—3. Impeded.

**ଅଭ୍ୟାହାର**—ସଂ. ବି ( ଅଭି+ଆ+ହୃ ଧାତୁ+ଭାବ. ଅ )—
Abhyāhāra ୧ । ଚୋରି—1. Theft.
୨ । ଡକାଇତି; ଲୁଣ୍ଠନକାର୍ଯ୍ୟ—
2. Dacoity; looting
୩ । ଆକ୍ରମଣ; ଚଢ଼ାଉ—
3. Attack; onslaught.
୪ । ଭୋଜନ—4. Eating; meals.
୫ । ନିକଟକୁ ଆଣିବା; ହାଜର କରାଇବା—
5. Bringing near.
୬ । ବୁହାଇନେବା—6. Carrying away.

**ଅଭ୍ୟୁକ୍ଷଣ**—ସଂ. ବି ( ଅଭି + ଉକ୍ଷ ଧାତୁ+ଭାବ. ଅନ )—
Abhyukshaṇa ୧ । ଜଳସେଚନ; ପାଣି ଛିଞ୍ଚିବା—
(ଅଭ୍ୟୁକ୍ଷିତ—ବିଣ) 1. Sprinkling with water.
୨ । ବତୁରାଇବା; ଓଦାଇବା—
2 Moistening.
( ଯଥା—ବୈଶ୍ୱଦେବ, ଯଜ୍ଞ ବା ହୋମ ଆରମ୍ଭ କରିବା ପୂର୍ବରୁ କର୍ତ୍ତା ମନ୍ତ୍ରପାଠପୂର୍ବକ ହୋମବେଦିରେ ଅଭ୍ୟୁକ୍ଷଣ କରନ୍ତି । )

**ଅଭ୍ୟୁଚ୍ଚ**—ସଂ. ବିଣ ( ଅତି + ଉଚ୍ଚ )—
Abhyuchcha ଅତି ଉଚ୍ଚ—Very high.

**ଅଭ୍ୟୁଚ୍ଚଗାମୀ**—ସଂ. ବିଣ. ପୁଂ—ଯେ ଖୁବ୍ ଉପରକୁ ଉଠେ—
Abhyuchchagāmi Soaring to a very great height.
( ଅଭ୍ୟୁଚ୍ଚଗାମିନୀ—ସ୍ତ୍ରୀ )
ସଂ. ବି. ପୁଂ—ବୁଦ୍ଧବିଶେଷ—Name of a previous incarnation of the Buddha.

**ଅଭ୍ୟୁଚ୍ଚୟ**—ସଂ. ବି ( ଅଭି + ଉତ୍ + ଚି ଧାତୁ + ଭାବ. ଅ )—
Abhyuchchaya ୧ । ବୃଦ୍ଧି—1. Increase.
(ଅଭ୍ୟୁଚ୍ଚିତ—ବିଣ ) ୨ । ଗଦା; ରାଶି—2. Heap.
୩ । ସମୂହ—3. Multitude.
୪ । ସମୁଚ୍ଚୟ; ସମାହାର—
4. Aggregate; collection.
୫ । ସଂଗ୍ରହ—5. Gathering.
ସଂ. ବିଣ ( ଅତି + ଉଚ୍ଚୟ )—ଅତି ଉଚ୍ଚ—
Very high.

**ଅଭ୍ୟୁଚ୍ଛ୍ରିତ**—ସଂ. ବିଣ ( ଅଭି+ଉତ୍ +ଶ୍ରି ଧାତୁ+କର୍ତ୍ତୃ. ତ )—
Abhyuchchhrita ୧ । ଖୁବ୍ ଉଚ୍ଚ କରା ଯାଇଥିବା—
(ଅଭ୍ୟୁଚ୍ଛ୍ରୟ—ବି ) 1. Raised aloft; elevated.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୨ । ଅଭ୍ୟୁନ୍ନତ—2. Exalted; very high.
୩ । ସମର୍ଥ—3. Able.
୪ । ଉଚ୍ଚପଦପ୍ରାପ୍ତ—4. One who has attained a high position.

**ଅଭ୍ୟୁତ୍‌କ୍ରୋଶନ**—ସଂ. ବି ( ଅଭି+ଉତ୍+କ୍ରୁଶ ଧାତୁ+ଭାବ. ଅନ)—
Abhyutkrosana (ଅଭ୍ୟୁତ୍‌କ୍ରୁଷ୍ଟ—ବିଣ) ଜେଜେକାର; ଉଚ୍ଚୈଃସ୍ୱରରେ ପ୍ରଶଂସା—
1. oud acclamation.

**ଅଭ୍ୟୁତ୍ଥାନ**—ସଂ: ବି ( ଅଭି+ଉତ୍+ସ୍ଥା ଧାତୁ+ଭାବ.ଅନ)—
Abhyutthāna (ଅଭ୍ୟୁତ୍ଥିତ—ବିଣ) ୧ । ଅଭ୍ୟାଗତ ବ୍ୟକ୍ତିଙ୍କୁ ସମ୍ମାନ ଦେଖାଇବା ପାଇଁ ଆସନରୁ ଉଠିବା—
1. Rising from one's seat to show respect to a guest.
୨ । ଉଦୟ; ଉଇଁବା—2. Rising.
୩ । ପ୍ରଜାବିଦ୍ରୋହ—3. Rebellion (M. W)
୪ । ଉଚ୍ଚତା—4. Elevation.
୫ । ଉଚ୍ଚପଦଲାଭ—5. Gaining a high position.
୬ । ଅଧିକାରଲାଭ—6. Gaining authority.
୭ । ମାନ୍ୟ; ସମ୍ମାନ—7. Respectability.
୮ । ବଳ ବା ପ୍ରଭାବଲାଭ—8. Gaining afficacy.
୯ । କ୍ଷମତା—9. Power.
୧୦ । ଜନ୍ମ; ଆରମ୍ଭ—10. Origin; birth.
୧୧ । ଉନ୍ନତି—11. Improvement.
୧୨ । କ୍ଷମତାର ବୃଦ୍ଧି—12 Increase of power.
୧୩ । ସୁଖ୍ୟାତି—13. Reputation.
୧୪ । ବୈଷୟିକ ଉନ୍ନତି;ସମ୍ପଦ;ବଢ଼ନ୍ତି—14.Prosperity.
୧୫ । ଉଚ୍ଛୁଳିବା —15. Overflowing.
୧୬ । ଉଦ୍ୟମ—16. Endeavour; striving after.
୧୭ । ଅନୁକୂଳ; ଅଭିଷ୍ଟ ଉଦ୍ଦେଶ୍ୟରେ ଯାତ୍ରା—
17. Setting out (M. W.)

**ଅଭ୍ୟୁତ୍ଥିତ**—ସ. ବିଣ ( ଅଭି+ଉତ୍ଥିତ )—
Abhyutthita ୧ । ଉଦିତ—1. Risen.
୨ । ଆଗନ୍ତୁକଙ୍କୁ ସମ୍ମାନ ଦେଖାଇବା ପାଇଁ ଆସନରୁ ଉଠିଥିବା·
2. Rising from one's seat to do any one honour.
୩ । ପ୍ରବୃତ୍ତ—3. Engaged.
୪ । ଅଭ୍ୟୁନ୍ନତ—4. Elevated; very high.
୫ । ଦୃଷ୍ଟ; ଦୃଶ୍ୟ—5. Appeared; visible.
୬ । ନିଜକୁ ପ୍ରସ୍ତୁତ କରୁଥିବା—
6. Making one's self ready.
୭ । ସମ୍ପଦଯୁକ୍ତ—7 Prosperous.
ସଂ. ବି—୧ । ଉନ୍ନତି—1. Improvement.
୨ । ସମ୍ପଦ; ବୈଷୟିକ ଉନ୍ନତି—2. Prosperity.

**ଅଭ୍ୟୁଦୟ**—ସଂ. ବି ( ଅଭି+ଉଦୟ )—
Abhyudaya ୧ । ସୂର୍ଯ୍ୟୋଦୟ—1. Sun-rise.
୨ । ଗ୍ରହ ତାରାଙ୍କର ଉଦୟ—
2 Rise of luminaries.
୩ । ଆରମ୍ଭ—3 Beginning; commencing.
୪ । ଉଚ୍ଚତା—4. Elevation.
୫ । ବୃଦ୍ଧି—5 Increase.
୬ । ଶ୍ରୀବୃଦ୍ଧି; ସମ୍ପଦ; ବଢ଼ନ୍ତି—6. Prosperity.
୭ । ସୁଖ—7. Happiness ( M. W. )
୮ । ସୁଫଳ—8. Good result.
୯ । ଧର୍ମ; ଉତ୍ସବ; ଯାତ୍ରା; ପର୍ବ—
9. A religious celebration; festival.
୧୦ । ଉତ୍ଥାନ—10. Uprising; rise.
୧୧ । ଉନ୍ନତି—11 Improvement.
୧୨ । ମଙ୍ଗଳ; ଶୁଭ—12. Weal.

**ଅଭ୍ୟୁଦୟଶ୍ରାଦ୍ଧ**—ସଂ. ବି ( ମଧ୍ୟପଦଲୋପୀ; ଅଭ୍ୟୁଦୟ=ମଙ୍ଗଳ+ଶ୍ରାଦ୍ଧ;
Abhyudayaśrāddha ଆଭ୍ୟୁଦୟିକ ଶ୍ରାଦ୍ଧ; ବୃଦ୍ଧିଶ୍ରାଦ୍ଧ)—
୧ । ବିବାହାଦିର ଆରମ୍ଭରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ କରାଯିବା ଶ୍ରାଦ୍ଧ—1. An offering to the manes before the commencement of marriage and other ceremonies.
୨ । ବୈଦିକ ଅନୁଷ୍ଠାନ (ହୋମାଦି) ଆରମ୍ଭରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରାଦ୍ଧ—2. An offering to the manes preliminary to the performance of vedic rites.

**ଅଭ୍ୟୁଦୟେଷ୍ଟି**—ସଂ. ବି.—(ମଧ୍ୟପଦଲୋପୀ; ଅଭ୍ୟୁଦୟକାରିଣୀ ଇଷ୍ଟି ବା
Abhyudayeshṭi ଅଭ୍ୟୁଦୟାର୍ଥ ଅନୁଷ୍ଠିତ ଇଷ୍ଟି) —
୧ । ପ୍ରାୟଶ୍ଚିତ୍ତାର୍ଥ ଯଜ୍ଞ—
1. An expiatory sacrifice ( M. W. )

**ଅଭ୍ୟୁଦିତ**—ସ. ବିଣ ( ଅଭି+ଉଦିତ )—
Abhyudita ୧ । ଉତ୍ଥିତ; ଆକାଶରେ ଉଇଁଥିବା (ସୂର୍ଯ୍ୟ; ଗ୍ରହାଦି)—
1. Risen ( sun or luminaries )
୨ । ପୁଂ. ଯେ ନିଦ୍ରାତ୍ୟାଗ କରିବା ପୂର୍ବରୁ ସୂର୍ଯ୍ୟ ଉଇଁଆସନ୍ତି (ଯେଉଁ ଲୋକ ସୂର୍ଯ୍ୟ ଉଦୟ ପରେ ନିଦରୁ ଉଠେ ସେ ପ୍ରାୟଶ୍ଚିତ୍ତ କରିବା ଉଚିତ ।)
2. One over whom (while sleeping) the sun has risen ( M. W. )
accustomed to sleep till after sunrise.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

୩ । ଯୁଦ୍ଧରେ ପ୍ରବୃତ୍ତ—
3. Engaged in combat ( M. W. )
୪ । ଘଟିଥିବା—4. Happened.
୫ । ଶ୍ରୀବୃଦ୍ଧି ସମ୍ପନ୍ନ—5. Prosperous.
୬ । ପ୍ରକାଶିତ—6. Appearing; visible.
୭ । ଉନ୍ନତ—7. Elevated.
୮ । ବାକ୍ୟଦ୍ୱାରା ପ୍ରକାଶିତ—
8. Expressed in words ( M, W. )

**ଅଭ୍ୟୁଦିତଶାୟିତା**—ସଂ. ବି ( ଅଭ୍ୟୁଦିତ+ଶାୟିନ୍+ତା )—
Abhyuditaśāyitā ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଶୋଇବା ଅବସ୍ଥା—
The state of lying asleep while the sun has risen.

**ଅଭ୍ୟୁଦୀରିତ**—ସଂ. ବିଣ ( ଅଭି+ଉତ୍+ଈର ଧାତୁ+କର୍ମ. ତ )—
Abhyudirita ୧ । ଅକ୍ଷିପ୍ତ; ଫିଙ୍ଗା ଯାଇଥିବା—
1. Cast; thrown down.
୨ । ଆଖ୍ୟାତ; କଥିତ—2. Narrated; spoken.
୩ । ବର୍ଣ୍ଣିତ—3. Described.

**ଅଭ୍ୟୁଦ୍ୟତ**—ସଂ. ବିଣ ( ଅଭି+ଉଦ୍ୟତ )—୧ । ଉତ୍ତୋଳିତ—
Abhyudyata 1. Raised; lifted up.
୨ । ସମର୍ପିତ—2. Offered.
୩ । କାର୍ଯ୍ୟ ପାଇଁ ପ୍ରସ୍ତୁତ—
3. Prepared for; ready for.
୪ । ଆଦର ସତ୍କାରରେ ସତ୍କୃତ—
4. Received kindly; welcomed.
୫ । କାର୍ଯ୍ୟରେ ପ୍ରବୃତ୍ତ—5. Engaged in.
୬ । ଉଦିତ—6. Risen.

**ଅଭ୍ୟୁପଗତ**—ସଂ. ବିଣ. ପୁଂ ( ଅଭି+ଉପଗତ )—୧ । ସ୍ୱୀକୃତ—
Abhyupagata
(ଅଭ୍ୟୁପଗତା—ସ୍ତ୍ରୀ) 1. Acknowledged; agreed.
( ଅଭ୍ୟୁପଗମ—ବି ) ୨ । ପ୍ରାପ୍ତ—2. Got; achieved.
୩ । ନିକଟକୁ ଆସିଥିବା—3. Arrived near.
୪ । ଉପସ୍ଥିତ—4. Arrived; reached.

**ଅଭ୍ୟୁପଗମ**—ସଂ. ବି ( ଅଭି+ଉପଗମ )—
Abhyupagama ୧ । ନିକଟକୁ ଆସିବା; ପହଞ୍ଚିବା—
1. Arriving;at; going near to.
୨ । ଚୁକ୍ତି—2. Contract; an agreement ( M. W. )
୩ । ସ୍ୱୀକାର; ରାଜି—3 Assenting to; admitting; consent.
୪ । ପ୍ରତିଜ୍ଞା—4. Promise.
୫ । ପ୍ରାପ୍ତି—5. Attainment.
୬ । ଉପସ୍ଥିତି—6. Presence.
୭ । ଆସକ୍ତି—7. Attachment.
୮ । ନିର୍ଣ୍ଣୟ—8. Ascertainment.
୯ । କଳ୍ପନା—9. Imagination.
୧୦ । ମତ—10. Opinion.

**ଅଭ୍ୟୁପଗମସିଦ୍ଧାନ୍ତ**—ସଂ ବି. ( ମଧ୍ୟପଦଲୋପୀ; ଅଭ୍ୟୁପଗମଦ୍ୱାରା ଉପନୀତ
Abhyupagamasiddhānta ହେବା ସିଦ୍ଧାନ୍ତ)—୧ । ସ୍ୱୀକୃତ-ପ୍ରତିଜ୍ଞା—1. An admitted axiom (M. W. )
୨ । (ନ୍ୟାୟ) ପ୍ରଥମେ ତର୍କାନୁରୋଧରେ ଗୋଟିଏ ପ୍ରତିଜ୍ଞାକୁ ସତ୍ୟ ବୋଲି ସ୍ୱୀକାର କରି ପରେ ତାହା ପ୍ରମାଣଦ୍ୱାରା ମିଥ୍ୟା ବୋଲି ପ୍ରତିପାଦନ କରିବା—
2. ( logic ) 'Reductio-ad-absurdum'; assuming a proposition as true and then showing the absurdity of an inference based on it.

**ଅଭ୍ୟୁପପତ୍ତି**—ସଂ. ବି ( ଅଭି+ଉପପତ୍ତି )—୧ । ସାହାଯ୍ୟ କରିବା
Abhyupapatti ଉଦ୍ଦେଶ୍ୟରେ ନିକଟକୁ ଯିବା—
1. Approaching in order to assist
୨ । ରକ୍ଷା—2. Protection
୩ । ଦଣ୍ଡ; ଅପରାଧ;ଅଭିଯୋଗରୁ ନିଜକୁ ରକ୍ଷା କରିବା—
3. Defence.
୪ । ଅନୁଗ୍ରହ—4. Favour.
୫ । ଉପକାର—5 The conferring of a benefit or kindness.
୬ । ସ୍ୱୀକୃତି; ସ୍ୱୀକାର—6. Agreement; assent.
୭ । କୁଳରକ୍ଷା ପାଇଁ କର୍ତ୍ତବ୍ୟାନୁରୋଧରେ ମୃତ ଭାଇଙ୍କ ପତ୍ନୀଙ୍କ ଗର୍ଭରେ ବୀର୍ଯ୍ୟପାତନରୂପ କର୍ମ—
7. Impregnation of a brother's wife (especially of a brother's widow as an act of duty) (M. W)
୮ । ସାନ୍ତ୍ୱନା—8. Consolation.

**ଅଭ୍ୟୁପପନ୍ନ**—ସଂ. ବିଣ. ( ଅଭି+ଉପପନ୍ନ )—୧ । ରକ୍ଷିତ—
Abhyupapanna 1. Protected; rescued.
୨ । ସ୍ୱୀକୃତ ( ବିଷୟ )—2. Agreed to; assented.
୩ । ସ୍ୱୀକାର କରିଥିବା—3. Agreeing to.
୪ । ଶରଣାର୍ଥୀ—4. Asking for protection,

**ଅଭ୍ୟୁପାୟ**—ସଂ. ବି. ( ଅଭି+ଉପାୟ )—୧ । ସ୍ୱୀକାର—
Abhyupāya 1. Acknowledgement; agreement.
୨ । ସଦୁପାୟ—2. Expedient; means

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚହ୍ନର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭ୍ୟୁପାୟନ**—ସଂ. ବି. ( ଅଭି+ଉପାୟନ )—
Abhyupāyana ୧ । ଉପଢୌକନ; ଭେଟି; ଦର୍ଶନୀ—
1. A complimentary gift.
୨ । ପ୍ରବର୍ତ୍ତନ—2. An inducement ( M. W. )

**ଅଭ୍ୟୁପେତ**—ସଂ. ବିଣ. ( ଅଭି+ଉପ+ଇ ଧାତୁ+କର୍ମ. ତ )—
Abhyupeta ୧ । ସ୍ୱୀକୃତ—1. Agreed to.
୨ । ଅଙ୍ଗୀକୃତ—2. Promised.
୩ । ପ୍ରାପ୍ତ—3. Received.
୪ । ( +କର୍ତ୍ତୃ. ତ ) ଉପାଗତ; ଉପସ୍ଥିତ—
4. Arrived at.

**ଅଭ୍ୟୁପେତ୍ୟଶୁଶ୍ରୂଷା**—ସଂ. ବି ( ଅଭ୍ୟୁପେତ୍ୟ+ଶୁଶ୍ରୂଷା )—
Abhyupetyaśuśrūshā ୧ । ଚାକର ରହିବାର ଚୁକ୍ତି—
1. A contract of personal service between master and servant.
୨ । ଚାକର ରହିବାର ଚୁକ୍ତିଭଙ୍ଗ—
2. A breach of contracted service(M. W.)
୩ । ( ହିନ୍ଦୁ ସ୍ମୃତି ) ଭୃତ୍ୟଦ୍ୱାରା ଚାକର ଚୁକ୍ତିଭଙ୍ଗ ଯୋଗୁଁ ଘଟିବା ମକଦ୍ଦମାବିଷୟକ ଆଇନର ଉପାଧି—
3. A title of Law treating of dispute between master and servant who has broken his agreement.

**ଅଭ୍ୟୁପେତ୍ୟାଶୁଶ୍ରୂଷା**—ସଂ. ବି. ( ଅଭ୍ୟୁପେତ୍ୟ+ଅଶୁଶ୍ରୂଷା )—
Abhyupetyāśuśrūshā ହିନ୍ଦୁ ଆଇନର ୧୮ ବିଭାଗ ମଧ୍ୟରୁ ଚାକର ଚୁକ୍ତିଭଙ୍ଗ ଆଇନ—One of the 18 titles of Hindu Law dealing with breach of contract between master and servant ( Apte )

**ଅଭ୍ୟୁଷ**—ସଂ. ବି. (ଅଭି+ଉଷ ଧାତୁ=ପୋଡ଼ିବା+କର୍ମ. ଅ )—
Abhyusha ୧ । ଈଷତ୍ ଭୃଷ୍ଟ ଶସ୍ୟାଦି; ଶସ୍ୟଭଜା—
1. Slightly parched corn.
୨ । ରୁଟି—2. Bread; loaf.

**ଅଭ୍ୟୂଷ**—ସଂ. ବି. ( ଅଭି+ଊଷ ଧାତୁ+କର୍ମ. ଅ )—
Abhyūsha ଅଭ୍ୟୁଷ ( ଦେଖ )
Abhyusha ( See )

**ଅଭ୍ୟେଷ**—ସଂ. ବି. ( ଅଭି+ଉଷ ଧାତୁ+କର୍ମ. ଅ )—
Abbyesha ଅଭ୍ୟୁଷ ( ଦେଖ )
Abhyusha ( See )

**ଅଭ୍ର (ଧାତୁ)**—ସଂ—୧ । ଗମନ କରିବା—1. To go.
Abhra (root) ୨ । ଗତି କରିବା—2. To move.

**ଅଭ୍ର**—ସଂ. ବି. ( ଅ+ଭ୍ରମ ଧାତୁ=ଯିବା+କର୍ତ୍ତୃ. ଅ; କିମ୍ବା ଅପ୍= ଜଳ+ଭୃ ଧାତୁ+କର୍ତ୍ତୃ. ଅ; କିମ୍ବା ଅଭ୍ର ଧାତୁ=ଗମନ କରିବା+କର୍ତ୍ତୃ. ଅ )—୧ । ଆକାଶ—1. Sky.
Abhra
୨ । ମେଘ—2. Clouds.
୩ । ମେଘଜାଲ; ଅବରଖ—3. Mica; talc.
୪ । ମୁଥା—4. Root of Duba grass.
[ ଦ୍ର—ଅଭ୍ର ଚାରିପ୍ରକାର ଯଥା—କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତ । କବିରାଜ. ହରେକୃଷ୍ଣ—ଦ୍ରବ୍ୟଗୁଣ । ]

**ଅଭ୍ରଂକଷ**—ସଂ. ବିଣ. (ଅଭ୍ରଂ=ଆକାଶକୁ+କଷ ଧାତୁ=ଘର୍ଷଣ କରିବା ବା ସ୍ପର୍ଶ କରିବା+କର୍ତ୍ତୃ. ଅ )—
Abhraṁkasha
ଗଗନସ୍ପର୍ଶୀ—Rising to the skies.
ସଂ. ବି—ବାୟୁ—Air.

**ଅଭ୍ରଂଲିହ**—ସଂ. ବିଣ (ଅଭ୍ରଂ=ଆକାଶକୁ+ଲିହ ଧାତୁ=ଚାଟିବା+କର୍ତ୍ତୃ. ଅ)—୧ । ଗଗନସ୍ପର୍ଶୀ—1. Rising to the skies.
Abhraṁliha
୨ । ଅତ୍ୟୁଚ୍ଚ—2. Very high.
ସଂ. ବି—୧ । ମେଘ—1. Clouds.
୨ । ବାୟୁ—2 Air.

**ଅଭ୍ରକ**—ଦେ. ବି. (ସଂ. ଅଭ୍ର)—
Abhraka ଅଭ; ଅଭ୍ର—Mica; tale.
অভ্রক
অক

**ଅଭ୍ରପିଶାଚ**—ସଂ. ବି. (ଉପମିତ କର୍ମଧା; ଅଭ୍ର=ମେଘ ପରି ନୀଳବର୍ଣ୍ଣ+ପିଶାଚ )—ରାହୁଗ୍ରହ—The Dragon's head; the ascending node.
Abhrapiśācha

**ଅଭ୍ରପୁଷ୍ପ**—ସଂ. ବି.—୧ । (୬ଷ୍ଠୀ ତତ୍; ଅଭ୍ର=ମେଘ+ପୁଷ୍ପ=ଫୁଲ)—
Abhrapushpa ( ମେଘର ଫୁଲ; ଗଛର ଫୁଲ ଯେପରି, ଜଳ ଆକାଶର ସେହିପରି ଫୁଲ ଅଟେ )—
ଜଳ—1. Water.
୨ । ( ବହୁବ୍ରୀହି; ମେଘାଗମରେ ଯେ ଫୁଲ ଧରେ ) ବେତଗଛ—
2. The Ratan plant.
୩ । କଦମ୍ବଗଛ—3. The Kadamba-tree.

**ଅଭ୍ରଭସ୍ମ**—ସଂ. ବି. (୬ଷ୍ଠୀ ତତ୍; ଅଭ୍ର+ଭସ୍ମ)—ଆୟୁର୍ବେଦାନୁ ବିଧିରେ ମାରିତ ଅଭ୍ର—Oxide of mica prepared according to Ayurveda.
Abhrabhasma

**ଅଭ୍ରମାଂସୀ**—ସଂ. ବି.—୧ । ଜଟାମାଂସୀ—1. Valeriana Jatāmāṁsi.
Abhramaṁsi
୨ । ଆକାଶମାଂସୀ—2. A kind of medicinal plant.
(କବିରାଜ. ହରେକୃଷ୍ଣ-ଦ୍ରବ୍ୟଗୁଣ)

**ଅଭ୍ରମାତଙ୍ଗ**—ସଂ. ବି (୬ଷ୍ଠୀ ତତ୍; ଅଭ୍ର=ମେଘ+ମାତଙ୍ଗ=ହାତୀ)—
Abhramātaṅga ଆକାଶହସ୍ତୀ; ଐରାବତ ହସ୍ତୀ; ଇନ୍ଦ୍ରଙ୍କ ବାହନ—
The heavenly elephant driven by Indra.
[ ଦ୍ର—ଏହା ପୂର୍ବ ଦିଗର ହସ୍ତୀ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ୟ | ଡ଼ଅ | ଢ଼ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ହ |

**ଅଭ୍ରମୁ**—ସଂ. ବି. ସ୍ତ୍ରୀ. (ଅ + ଭ୍ରମ ଧାତୁ = ଭ୍ରମଣ କରିବା + କର୍ତ୍ତୃ. ଉ)—
Abhramu ପୂର୍ବଦିଗର ହସ୍ତିନୀ; ଐରାବତ ହସ୍ତୀର ସ୍ତ୍ରୀ—
The she-elephant guarding the East.

**ଅଭ୍ରମୁପତି**—ସଂ. ବି. (୬ଷ୍ଠୀ ତତ୍; ଅଭ୍ରମୁ + ପତି)—ଐରାବତହସ୍ତୀ—
Abhramupati Indra's elephant.

ବଢେ ଅଭ୍ରମୁପତି ଗ୍ରାଭ, ତାର ତାର ଅର୍ଣ୍ଣବେ ତଳ ।
ଭଞ୍ଜ · ବୈଦେହୀଶବିଳାସ ।

**ଅଭ୍ରମୁବଲ୍ଲଭ**—ସଂ. ବି. ପୁଂ. (୬ଷ୍ଠୀ ତତ୍; ଅଭ୍ରମୁ = ପୂର୍ବଦିଗର ହସ୍ତିନୀ + ବଲ୍ଲଭ = ସ୍ୱାମୀ)—ଐରାବତହସ୍ତୀ—
Abhramuballabha Indra's elephant.

**ଅଭ୍ରାନ୍ତ**—ସଂ. ବିଣ. (ଅ + ଭ୍ରାନ୍ତ)—୧ । ଭ୍ରମଶୂନ୍ୟ, ପ୍ରମାଦଶୂନ୍ୟ—
Abhrānta 1. Not in error; not mistaken; infallible; unerring.
୨ । ସ୍ଥିର—2. Composed.

**ଅଭ୍ରି**—ସଂ. ବି. ସ୍ତ୍ରୀ. (ଅଭ୍ର ଧାତୁ = ଗମନ କରିବା + ଇ)—
Abhri ୧ । ନୌକାରୁ ପାଣି ବାହାର କରିବାକୁ ଯେଉଁ ପାତ୍ର ବ୍ୟବହୃତ ହୁଏ; ସେଣ୍ଟୁଅ—1. A vessel to throw out water from a boat.
୨ । ମଳପରିଷ୍କାରକ କାଠର କୋଡ଼—
2. Wooden spade to throw away refuse.

**ଅଭ୍ରିୟ**—ସଂ. ବିଣ. (ଅଭ୍ର + ଇୟ)—୧ । ଆକାଶସମ୍ବନ୍ଧୀୟ—
Abhriya 1. Pertaining to the sky.
୨ । ମେଘସମ୍ବନ୍ଧୀୟ—2. Relating to the clouds.
୩ । ମେଘୁଆ—3. Cloudy.

**ଅଭ୍ରୀ**—ସଂ. ବି. ସ୍ତ୍ରୀ. (ଅଭ୍ର ଧାତୁ + ଈ)—ଅଭ୍ରି (ଦେଖ)
Abhrī Abhri (See)

**ଅଭ୍ରେଷ**—ସଂ. ବି. (ଅ + ଭ୍ରେଷ ଧାତୁ = ଗମନ କରିବା + ଅ)—
Abhresha ୧ । ଔଚିତ୍ୟ—1. Unerring justice; propriety.
୨ । ନ୍ୟାୟ—2. Justice.
ସଂ. ବିଣ—୧ । ଗମନଶୂନ୍ୟ; ଗତିଶୂନ୍ୟ—
1. Unmoving; motionless.
୨ । ଉଚିତ—2. Right.
୩ । ନ୍ୟାଯ୍ୟ—3. Just.
୪ । ଆଇନବିହିତ—4. Statutory.

**ଅଭ୍ରୋତ୍ଥ**—ସଂ. ବି. [୫ମୀ ତତ୍; ଅଭ୍ର = ମେଘ + ଉତ୍ଥ (= ସ୍ଥା ଧାତୁ + ଅ)]—ଯେ ମେଘରୁ ବାହାରେ—
Abhrottha ୧ । ବଜ୍ର—1. Thunder.
୨ । ବିଦ୍ୟୁତ୍—2. Lightning.

**ଅମ୍ (ଧାତୁ)**—ସଂ.—୧ । ରୁଗ୍ଣ ହେବା—
Am (root) 1. To be ailing.
୨ । ଭୋଜନ କରିବା—2. To eat.

**ଅମ**—ସଂ. ବି (ଅମ୍ ଧାତୁ = ରୁଗ୍ଣ ହେବା + କରଣ. ଅ)—
Ama ରୋଗ—Disease.

**ଅମଙ୍ଗ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅନିଚ୍ଛୁକ; ଅସମ୍ମତ; ନାରାଜ; ନାମଙ୍ଗ—
Amaṅga Unwilling; reluctant.
नाराज ହରିବନିରି—ଅର୍ଘ୍ୟଙ୍କି ହ ଔରସେ ଜନମି ।
नाराज ହେଲ କ ଅମଙ୍ଗ ଅହା ନନ୍ଦ-ରକ୍ଷଣେ ? ଜଗନ୍ନାଥ—ମହାଯାତ୍ରା ।

**ଅମଙ୍ଗଳ**—ସଂ. ବି. ( ଅ = ନୁହେ + ମଙ୍ଗଳ = ଶୁଭ )—
Amaṅgaḷa ୧ । ଅଶୁଭ—1. Evil.
୨ । ଦୁର୍ଘଟଣା—2. Disaster.
୩ । ଦୁର୍ଭାଗ୍ୟ—3. Ill-luck.
ସଂ. ବିଣ—୧ । ଅଶୁଭସୂଚକ—1. Inauspicious.
୨ । ଦୁର୍ଭାଗ୍ୟଯୁକ୍ତ—2. Unfortunate.

**ଅମଙ୍ଗଳକର**—ସଂ. ବିଣ—ଯାହା ଅଶୁଭ ଘଟାଏ—
Amaṅgaḷakara Inauspicious; calamitous.

**ଅମଙ୍ଗଳପଟକା**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ଗାଳିରେ ବ୍ୟବହୃତ )—
Amaṅgaḷapatakā ଅଶୁଭ ଦର୍ଶନ; ଯାହାକୁ ଦେଖିଲେ ଅଶୁଭ ଘଟେ—Inauspicious to look at.

**ଅମଙ୍ଗଳବିରାଡ଼ି**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅମଙ୍ଗଳପଟକା ( ଦେଖ )
Amangaḷabirāṛi Amaṅgaḷapatakā ( See )

**ଅମଙ୍ଗଳିଆ**—ଦେ. ବିଣ. ପୁଂ—ଅଶୁଭ ଦର୍ଶନ—
Amaṅgaḷiā Inauspicious to look at.
অমঙ্গলে
ଅମଙ୍ଗଳୀ } ସ୍ତ୍ରୀ.
ଅମଙ୍ଗଳେଇ

**ଅମଙ୍ଗୁଳା**—ଦେ. ବିଣ.ପୁଂ. ଓ ସ୍ତ୍ରୀ—୧ । ବିବାହର ପୂର୍ବଦିନ ଯେଉଁ ବର କନ୍ୟାଙ୍କର ମଙ୍ଗଳ ବା ଅଧିବାସବିଧି ହୋଇ ନ ଥାଏ—1. ( a bride or bride-groom) Who has not yet undergone the ceremony of consecration on the eve of marriage.
Amaṅguḷā
୨ । ବିବାହାଦି ପୂର୍ବରୁ ମଙ୍ଗୁଳା ବା ଅର୍ଚ୍ଚିତ ହୋଇ ନ ଥିବା ( ଗ୍ରାମଦେବତା )—2. ( deity ) Not worshipped on the eve of a social ceremony.

**ଅମଙ୍ଗୁଳିଆ**—ଦେ. ବିଣ. ପୁଂ—୧ । ଅମଙ୍ଗଳିଆ (ଦେଖ)
Amaṅguḷiā 1. Amaṅgaḷiā (See)
ଅମଙ୍ଗୁଳୀ } ସ୍ତ୍ରୀ. ୨ । ଅମଙ୍ଗୁଳା ( ଦେଖ )
ଅମଙ୍ଗୁଳେଇ 2. Amaṅguḷā (See)

**ଅମଛା**—ଦେ. ବି. ( ଅ = ନିକୃଷ୍ଟ + ମଛ = ମତ୍ସ୍ୟ )—
Amachhā ୧ । ଖାଦ୍ୟ ମତ୍ସ୍ୟବିଶେଷ—
1. A kind of inediable fish.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଜୂଅ' ନ ମିଳିଲେ 'ଜୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । କଣମଛ ( ଦେଖ )
2. Kaṇamachhā (See)
୩ । ଅଣମଛ; ନିକୃଷ୍ଟ ମତ୍ସ୍ୟ—
3. Inferior fish.
୪ । ନିକୃଷ୍ଟ ଜାତି—4. Low caste,

ଅମଜା—ଦେ. ବିଣ. ( ସ. ଅମାର୍ଜିତ )—
Amāja ୧ । ଯାହା ମଜା ହୋଇ ନାହିଁ; ଅମାର୍ଜିତ—
অমাজা 1. Unpolished.
अनरगड़ ୨ । ଅପରିଷ୍କୃତ ( ବାସନ )—
2. Unscoured; uncleansed (utensil)

ଅମଟାଳ—ଦେ. ବିଣ. (ଯେଉଁସ୍ଥାନର ମାଟି ଅମଟାଳ ବା ଟାଣୁଆ ନୁହେଁ)—
Amaṭāḻa ୧ । ବାଲିଆ ମାଟି—
বালি (মাটি) 1. Sandy loam ( soil )
୨ । ଫସଫସ (ମାଟି)—2. Not clayey (soil)

ଅମଟାଳିଆ—ଦେ. ବିଣ—ଅମଟାଳ ( ଦେଖ )
Amaṭāḻiā Amaṭāḻa (See)

ଅମଠ—ଦେ. ବିଣ—କର୍ମପଟୁ; ଯେ ମଠ ବା ଅଳସୁଆ ନୁହେଁ—
Amaṭha Brisk; of active habits; not idle.
চঞ্চল

ଅମଠା—ଦେ.ବିଣ—ଯାହା ମଠୁଆ ବା ମାର୍ଜିତ ହୋଇନାହିଁ (ବାସନଆଦି)—
Amaṭhā Unpolished (utensils)
যা পালিস হয় নাই

ଅମଠୁଆ—ଦେ. ବିଣ.ପୁଂ—୧ । ନିରଳସ-- 1. Active;energetic.
Amaṭhuā ୨ । ଯେ କାର୍ଯ୍ୟରେ ହେଳା ବା ବିଳମ୍ବ କରେ ନାହିଁ—
চঞ্চল 2. Not dilatory.
(ଅମଠେଇ—ସ୍ତ୍ରୀ)

ଅମଡ଼ା—ଦେ. ବିଣ—୧ । ଯେଉଁ ବାଟ କେହି ବ୍ୟବହାର କରନ୍ତି ନାହିଁ—
Amaṛā 1. Unused; unfrequented ( path)
আমাড়া
୨ । ପାଣି ନ ମାଡ଼ିଥିବା (ସ୍ଥାନ)—2. (place) Not watered; not irrigated.
୩ । ଅମର୍ଦ୍ଦିତ—3. Not pressed.
ଦେ. ବି—ଅବ୍ୟବହୃତ ପଥ—Unfrequented path.

ଅମଡ଼ାମଡ଼ା—ଦେ. ବି. (ବିପରୀତାର୍ଥ ସହଚର)—ଅବାଟ ଓ ବାଟ—
Amaṛāmaṛā Track which is used as road and which is not.
আমাড়া
( ଯଥା—ତାକୁ ଗୋଡ଼େଇଲାରୁ ସେ ଅମଡ଼ାମଡ଼ା ନ ବାରି ପଳେଇ ଗଲା । )
ଦେ. କ୍ରି. ବିଣ—ଅବାଟରେ; ବାଟ ଛାଡ଼ି (ଯିବା)—
(going) In a manner without minding whether there is a way; wanderingly.
( ଯଥା—ଲୋକେ ମାଡ଼ ଖାଇ ଛାଟିପିଟି ହୋଇ ଅମଡ଼ାମଡ଼ା ପଳାଇ ଗଲେ । )

ଅମଡ଼ାମାଡ଼ିବା—ଦେ. କ୍ରି—ଅବାଟରେ ଯିବା—
Amaṛāmāṛibā To use an unfrequented path-way; to wander over waste land.
বেরাস্তায় যাওয়া

ଅମଣ—ଦେ. ବିଣ—୧ । ଯେଉଁ ପଶୁ ମଣ ହୋଇ ନ ଥାଏ—
Amaṇa 1. Not broken to obedience ( beast )
୨ । ଅଶିକ୍ଷିତ—2. Untrained.
୩ । ଅବାଧ୍ୟ—3. Disobedient.

ଅମଣଖମଣ—ଦେ. ବିଣ—୧ । ଉଚ୍ଚନୀଚ; ଅସମାନ—
Amaṇakhamaṇa 1. Not level; undulating.
আবড়াখাবড়া ୨ । ଅସମତଳ ଭୂମି—2. Rough land)
अवड़ाखवड़ा ଦେ. ବି—ଅସମତଳ ଭୂମି—
Uneven ground.

ଅମଣଷ—ଗ୍ରା. ବି. ଓ ବିଣ. (ସ. ଅମନୁଷ୍ୟ)—ଅମନୁଷ୍ୟ (ଦେଖ)
Amaṇasha Amanushya ( See )
মনুষ্যত্বহীন

ଅମଣଷା—ଗ୍ରା. ବିଣ—ଅମନୁଷ୍ୟ ( ଦେଖ )
Amaṇashā Amanushya (See)

ଅମଣା—ଦେ. ବିଣ—ଅମଣ ( ଦେଖ )
Amaṇā Amaṇa ( See )

ଅମଣିଆଁ—ଦେ. ବି.—ଦେବତାଙ୍କ ପାଇଁ ଅଭିପ୍ରେତ ଅଥଚ ଭୋଗ ଲାଗି ନ ଥିବା ଦ୍ରବ୍ୟ—
Amaṇiān
Any food not yet offered to a Deity.
( ତୁଳନାକର—ଓଡ଼ିଆ—ମୁଣୋହି, ମଣୋହି=ରାଜାଆଦିଙ୍କ ଭୋଜନ )
ଦେ. ବିଣ—୧ । ଦେବତାଙ୍କୁ ଭୋଗ ଲାଗି ନ ଥିବା ( ଭକ୍ଷ୍ୟଦ୍ରବ୍ୟ )—
অনিবেদিত 1. Not yet offered to a Deity.
୨ । ଅମଣ ( ଦେଖ )
2. Amaṇa ( See )

ଅମଣିଷ—ଗ୍ରା. ବି. ଓ ବିଣ ( ସ. ଅମନୁଷ୍ୟ )—ଅମନୁଷ୍ୟ ( ଦେଖ )
Amaṇisha Amanushya ( See )

ଅମଣିଷା—ଗ୍ରା. ବିଣ ( ସଂ. ଅମନୁଷ୍ୟ )—ଅମନୁଷ୍ୟ ( ଦେଖ )
Amaṇishā Amanushya ( See )

ଅମତ—ସଂ. ବିଣ ( ଅ=ନୁହେଁ+ମତ=ସମ୍ମତ )—
Amata ଅସମ୍ମତ; ବେରାଜି—Unwilling.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯୃ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ଓ | ନ୍ତ |

ସଂ. ବ ( ଅମ୍ ଧାତୁ=ରୁଗ୍‌ଣହେବା+ଭାବ. ତ) —
୧ । ରୋଗ—1. Illness; disease.
୨ । ମୃତ୍ୟୁ—2. Death.
୩ । କାଳ—3. Death personified.
୪ । ( ଅ=ନୁହେ+ମତ=ଇଚ୍ଛା ) ଅନିଚ୍ଛା—
4. Unwillingness.
୫ । ଅସମ୍ମତି—
5. Disagreement; disapproval.

**ଅମତ୍ର**—ସଂ. ବ. (ଅମଧାତୁ=ଭୋଜନ କରିବା+ଅତ୍ର)—
Amatra ୧ । ଭୋଜନ ପାତ୍ର—1. Plate.
୨ । ଜଳ ପାତ୍ର—2. Water pot.

**ଅମଦାନି**—ଦେ. ବ ( ଆ ଆମଦାନି )—୧ । ଆୟ; ଆଦାୟ—
Amadāni 1. Income.
আমদানি ୨ । ବିଦେଶରୁ ଆଗତ ପଣ୍ୟଦ୍ରବ୍ୟ—2. Import.
आमदानि ୩ । ପ୍ରାପ୍ତି—3. Receipt.

**ଅମଧ୍ୟ**—ଗ୍ରା. ବିଣ ( ସଂ. ଅ. ଓ. ମଧ୍ୟମ; ଭୁଲ—ଅମେଧ୍ୟ )—
Amadhya ୧ । ମନ୍ଦ—1. Bad.
অমন্দ ୨ । ଅସଙ୍ଗତ—2. Unreasonable.
୩ । ଅନୁଚିତ—3. Improper.
୪ । ଅମେଧ୍ୟ ( ଖାଦ୍ୟ ଦ୍ରବ୍ୟ )—4. Prohibited (food)

**ଅମନ**—ଦେ. ବିଣ (ଶରୀରଭେଦ ଗ୍ରନ୍ଥରେ ବ୍ୟବହୃତ ଶବ୍ଦ)—ଯେଉଁଠାକୁ
Amana ମନ ପ୍ରବେଶ କରି ପାରେ ନାହିଁ; ଅଚିନ୍ତନୀୟ—
Incomprehensible; beyond the reach of mind.

ଅମନ ମନ୍ଦିର ସେ ଯେ ନ ଗଳଇ ମନ—ବ୍ରହ୍ମନିରୂପଣଗୀତା ।

**ଅମନଯୋଗ**—ଗ୍ରା. ବ ( ସଂ. ଅମନୋଯୋଗ )—
Amanajoga ଅମନୋଯୋଗ; ମନୋଯୋଗ ବା ଚିତ୍ତ ନିବେଶର
অমনোযোগ ଅଭାବ—Inattention; inadvertence.

**ଅମନଯୋଗୀ**—ଗ୍ରା. ବିଣ ( ସଂ. ଅମନୋଯୋଗୀ )—ଅମନୋଯୋଗୀ;
Amanajogi ଯେ କୌଣସି କାର୍ଯ୍ୟରେ ମନୋଯୋଗ ଦିଏ ନାହିଁ—
অমনযোগী Inattentive; unmindful; careless.
अमृचत्

**ଅମନସ୍ୟ**—ସଂ. ବ ( ଅ+ମନସ୍ ଧାତୁ+କର୍ମ. ଯ )—
Amanasya ମନୋଦୁଃଖ; ବୈମନସ୍ୟ; ମନୋବେଦନା—
Mental agony; grief.

**ଅମନାତ୍ୟ**—ଗ୍ରା. ପ୍ରାଚୀନ ପଦ୍ୟ. ବ ( ସଂ. ଅମାତ୍ୟ )—ଅମାତ୍ୟ;
Amanātya ମନ୍ତ୍ରୀ; ସଚିବ—Minister.
অমাত্য

ପାତ୍ର ମନ୍ତ୍ରୀ ଅମନାତ୍ୟେ ଦର୍ଶନ କଲେ—ପ୍ରାଚୀ—ନଳଚରିତ ।

**ଅମନୀ**—ଗ୍ରା. ବିଣ. ସ୍ତ୍ରୀ (ସଂ. ଅ. ଓ ମନସ୍)—୧ । ସ୍ୱେଚ୍ଛାଚାରିଣୀ—
Amani 1. Self-willed.
୨ । କୌଣସି କାର୍ଯ୍ୟ କରିବାକୁ ଯେ ସବୁ ଦିନ ମନେ କରେ ନାହିଁ—
2. One who does not ordinarily intend to do a work.

ଅମନୀ ମାଧବ ମନ କରୁଛ—ଚଗ ।

**ଅମନୁ**—ଗ୍ରା. ବ ( ଭୁଲ—ସଂ. ମନ୍ୟୁ=କ୍ରୋଧ )—
Amanu ୧ । ଅବନ; ଅପଡ଼—1. Enmity.
୨ । ମତଭେଦ—
2. Difference of opinion.

**ଅମନୁଷ୍ୟ**—ସଂ. ବ ( ସଂ. ନ+ମନୁଷ୍ୟ )—
Amanushya ୧ । ମନୁଷ୍ୟତାହୀନ ବ୍ୟକ୍ତି—
1. A person devoid of manliness.
୨ । ପଶ୍ୱାଚାର ବ୍ୟକ୍ତି—2. A bestial person.
୩ । ନୀଚମନା ବ୍ୟକ୍ତି—3. A mean person.
୪ । କ୍ରୂର ବା ଅସୁରସ୍ୱଭାବବିଶିଷ୍ଟ ବ୍ୟକ୍ତି—
4. Cruel or inhumane person.
୫ । ରାକ୍ଷସ—5. Demon.
୬ । ମନୁଷ୍ୟ ଛଡ଼ା ଅନ୍ୟ ଜୀବ—
6. Any other being but man.
ସଂ. ବିଣ—୧ । ନିର୍ବୋଧ—1. Stupid.
অমনুষ্যাত্ম ୨ । ନୀଚ; ହୀନ—2. Low; mean; vile.
୩ । ନିଷ୍ଠୁର—3. Cruel; inhumane.
୪ । ମନୁଷ୍ୟତାହୀନ—4. Unmanly

**ଅମନୁଷ୍ୟତା**—ସ. ବ. ( ଅ+ମନୁଷ୍ୟତା )—
Amanushyatā ୧ । ମନୁଷ୍ୟତାର ଅଭାବ; ଅମଣିଷ ପଣ—
1. Want of humanity; want of manliness.
୨ । ନିଷ୍ଠୁରତା—2. Cruelty
୩ । ପାଶବିକତା—3. Bestiality.
୪ । ପୈଶାଚିକତା—4. State of being devilish.
୫ । ନିର୍ବୋଧତା—5. Folly; foolishness.

**ଅମନୋଯୋଗ**—ସ. ବ. ( ଅ+ମନୋଯୋଗ )—ମନୋଯୋଗ ବା
Amanojoga ଚିତ୍ତନିବେଶର ଅଭାବ—Inattention.

**ଅମନୋଯୋଗୀ**—ସ. ବିଣ. ପୁଂ. ( ଅ+ମନୋଯୋଗିନ୍; ୧ମା. ୧ବ. )—
Amanojogi ଯେ କୌଣସି କର୍ମରେ ଚିତ୍ତନିବେଶ କରେ
(ଅମନୋଯୋଗିନୀ—ସ୍ତ୍ରୀ) ନାହିଁ—Inattentive.
(ଅମନୋଯୋଗିତା—ବ)

**ଅମନ୍ତବ୍ୟ**—ସ. ବିଣ. ( ଅ=ନୁହେ+ମନ୍ତବ୍ୟ=ଗ୍ରହଣୀୟ )—
Amantabya ଅଗ୍ରହଣୀୟ—Inadmissible; not recognisable.

**ଅମପା**—ଦେ. ବିଣ. ( ଅ=ନୁହେ+ମପା=ପରିମିତ )—
Amapā ୧ । ଯାହା ମାପ ହୋଇ ନ ଥାଏ—
আমাপা 1. Unmeasured.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ନ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ସନ୍ନ୍ୟାସୀ ଦେଇ ଅମାପ ଅପୋଷ୍ଟ ଗୃହକଥା ଏ ଗହଳ ଆଣି ହାଣ୍ଡିରେ
ଢାଳି ଦେଲେ—ଫକୀରମୋହନ· ଗଳ୍ପସ୍ୱଳ୍ପ ।

୨ । ଅମାପ ( ଦେଖ )—2. Amāpa ( See )

କେଉଁଠି ସେ ଅମାପ ମାପିବୁ ବୋଲୁ—ପ୍ରାଚୀ· ପଦ୍ମବେଣୀ ।

**ଅମମ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+ମମ=ମୋହର—
Amama　ଏପରି ମନୋଭାବ ଯାହାର )—୧ । ମମତାଶୂନ୍ୟ—
1. Unsympathetic; indifferent.
୨ । ନିର୍ଦ୍ଦୟ; ନିର୍ମମ—2. Unkind.

**ଅମର୍ବା**—ପ୍ରାଦେ. ( ଭଞ୍ଜ ) କ୍ରି.—ଅସିବା; ପହଞ୍ଚିବା—
Amarbā　To approach.

**ଅମର**—ସଂ. ବିଣ. ପୁଂ. ( ଅ=ନୁହେଁ+ମର=ମରଣଶୀଳ )—
Amara　୧ । ମରଣଶୂନ୍ୟ—1. Undying; immortal.
(ଅମରୀ—ସ୍ତ୍ରୀ)　୨ । ବିନାଶରହିତ—2. Indestructible;
(ଅମରତା—ବି)　not subject to death.
୩ । ଚିରସ୍ମରଣୀୟ—
3. Ever to be remembered; memorable.
ସଂ. ବି.—୧ । ଦେବତା—1. Gods; the immortals.

ଅମର ସମସ୍ତଙ୍କ ନାଥ ଅଟେ ବସୁନାଗ
ଆମ୍ଭେ କପି ନାଶ ଦିବା ଶଙ୍କ ଦୋଷ ଧରି—ସାରଳାମହାଭାରତ·ମଧ୍ୟ ।

୨ । ବିକ୍ରମାଦିତ୍ୟଙ୍କ ନବରତ୍ନ ମଧ୍ୟରୁ ଏକତମ—ଅମରସିଂହ
କବି—2. A poet of that name.
[ ଦ୍ର—ଏ ବୌଦ୍ଧ ଥିଲେ ଏବଂ ସଂସ୍କୃତ ପଦ୍ୟରେ ଅଭିଧାନ
ରଚନା କରିଅଛନ୍ତି । ତାଙ୍କ ଗ୍ରନ୍ଥର ନାମ—ଅମରକୋଷ । ]
୩ । ପାରଦ—3. Mercury.

**ଅମରଅଶନ**—ଦେ. ବି. ( ସଂ. ଅମରାଶନ=ଦେବତାଙ୍କ ଭୋଜନ;
Amaraasana　୬ଷ୍ଠୀ ତତ୍ ) —ଅମୃତ; ସୁଧା—Nectar.

ଅମରଅଶନ ମଧ୍ୟ ମଣ୍ଡନ ଟେରଲ ଉଚଳ କରଇ ମନ—
କଣ୍ଣ ପ୍ରେମସୁଧାନିଧି ।

**ଅମରକଣ୍ଟକ**—ସଂ. ବି. ( ନାମ )—ବିନ୍ଧ୍ୟପର୍ବତମାଳାର ଏକାଂଶ—
Amarakantaka　A portion of the Bindhya range.

**ଅମରକୋଷ**—ସଂ. ବି. ( ମଧ୍ୟପଦଲୋପୀ; ଅମରକୃତ କୋଷ )—କବି
Amarakosha　ଅମରସିଂହଙ୍କ କୃତ ସଂସ୍କୃତ ଅଭିଧାନ—The Sanskrit glossary ( dictionary ) of Amara.

**ଅମରଗୁରୁ**—ସଂ. ବି. ( ୬ଷ୍ଠୀ ତତ୍; ଅମର+ଗୁରୁ )—ଦେବଗୁରୁ-
Amaraguru　ବୃହସ୍ପତି—Sage Bruhaspati, the preceptor of the gods.

ଅମର ଗୁରୁମାନେ ନେଇ,ସୁରଭୂପତି କଣ୍ଠେ ଦେଇ—
ଭୂପତି—ପ୍ରେମପଞ୍ଚାମୃତ ।

**ଅମରଜଡ଼ା**—ପ୍ରାଦେ. ( ଅଳ ) ବି—ବାଇଗଣ ( ଦେଖ )
Amarajarḍā　Bāigaṇa ( See )

**ଅମରଜାଦା**—ଗ୍ରା. ବି. ( ସଂ. ଅମର୍ଯ୍ୟାଦା )—ମର୍ଯ୍ୟାଦା ବା ସମ୍ମାନର
Amarajādā　ଅଭାବ—Want of respect.
ଅମର୍ଯ୍ୟାଦା　ଗ୍ରା. ବିଣ—ମର୍ଯ୍ୟାଦାହୀନ—Honourless.

**ଅମରଜେଦା**—ଗ୍ରା. ବି. ଓ ବିଣ—ଅମରଜାଦା ( ଦେଖ )
Amarajedā　Amarajādā ( See )

**ଅମରତା**—ସଂ. ବି. ( ଅମର+ତା )—ମରଣଶୂନ୍ୟତା—
Amaratā　Immortality.

**ଅମରଦାରୁ**—ସଂ. ବି. ( ବୈଦ୍ୟକ )—ଦେବଦାରୁ ( ଦେଖ )
Amaradāru　Debadāru ( See )

**ଅମରଦୃଷ୍ଟି**—ସଂ. ବି. ( ଅମର=ଦେବତା+ଦୃଷ୍ଟି; ଦେବତାଙ୍କ ଦୃଷ୍ଟି
Amaradrushṭi　ପଲକହୀନ ଅଟେ)—ପଲକହୀନ ବା ନିର୍ନିମେଷ
ଦୃଷ୍ଟି—Steady gaze.

**ଅମରଦ୍ୱିଜ**—ସଂ. ବି· ( ମଧ୍ୟପଦଲୋପୀ; ଅମରପୂଜକ ଦ୍ୱିଜ )—ପୂଜାହାରୀ
Amaradwija　ବ୍ରାହ୍ମଣ; ସେବକ ବ୍ରାହ୍ମଣ—Temple-priest; a Brāhmaṇa of the paṇḍā class.

**ଅମରପାଟନା**—ପ୍ରାଦେ ( ପୁରୀ; କଟକ ) ବି.—ପ୍ରସବ ପରେ ପ୍ରସୂତିର
Amarapātanā　ଫୁଲ ନ ପଡ଼ିବା—Delay in the placenta coming out of the womb after delivery.

**ଅମରପୁର**—ସଂ. ବି.—ସ୍ୱର୍ଗ—Heaven.
Amarapura　ଦେ. ବି.—ଆକାଶ—Sky; firmament.

ଏଥୁ ଅନନ୍ତରେ ହୋଏ ଦିବସ ଶେଷ
ଲେଉଟି ଅମରପୁର ସକଳ ଦେଶ—ଶିଶୁଶଙ୍କର·ଉଷାଭିଳାଷ· ୪।୭ ।

**ଅମରପୁରୀ**—ସଂ. ବି. ( ୬ଷ୍ଠୀ ତତ୍ )—ଅମରାବତୀ ( ଦେଖ )
Amarapurī　Amarābatī ( See )

**ଅମରପୁଷ୍ପକ**—ସଂ. ବି. ( ବହୁବ୍ରୀହି; ଅମର=ଅବଶୀର୍ଣ୍ଣ+ପୁଷ୍ପ=ଫୁଲ
Amarapushpaka　+କ )—୧ । କଳ୍ପବୃକ୍ଷ—
1. The everlasting tree of Heaven.
୨ । କାଶତୃଣ (ଦେଖ)—2. The kāsa-grass(See).

**ଅମରପୋଇ**—ଦେ ବି. ( ସଂ. ଅମର+ପୂତିକା )—
Amarapoi　୧ । ସିଜୁଜାତୀୟ ଏକପ୍ରକାର ଗୁଳ୍ମ—
1. A kind of Cactus.
୨ । ଫୁଟିଫୁଟିକା ( ଦେଖ )—
2. Phuṭiphuṭikā ( See )

**ଅମରବର**—ଦେ. ବି. ( ଅମର=ଚିରଜୀବୀ+ବର )—ମୃତ୍ୟୁ ହେବ
Amarabara　ନାହିଁ ବୋଲି କୌଣସି ବ୍ୟକ୍ତି ଦେବତାଙ୍କ ଠାରୁ
ପାଇଥିବା ବର—The boon of immortality granted by the gods to a person.

**ଅମରବଲ୍ଲରୀ**—ସଂ. ବି.—ଆକାଶବଲ୍ଲୀ ( ଦେଖ )
Amaraballarī　Ākāsaballī ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋୃ | ଌୢ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

ଅମରବଲ୍ଲୀ—ସଂ. ବ.- ଆକାଶବଲ୍ଲୀ ( ଦେଖ )
Amaraballī Ākāsaballī ( See )

ଅମରବେଲ—ଦେ. ବ.—( ସଂ. ଅମରବଲ୍ଲୀ )—
Amarabela ଆକାଶବଲ୍ଲୀ ( ଦେଖ )
অমরবেল Ākāsaball ( See )
अमरबेल

ଅମରମଉଷଧି—ଗ୍ରା. ବ.—ଅମରମହୌଷଧି ( ଦେଖ )
Amaramaushadhi Amaramahaushadhi (See)

ଅମରମତା—ଗ୍ରା. ବଣ. ( ଅମଳ = ମତ୍ତ )—
Amaramatā ୧ । ନିଶା ଖାଇଲା ପରି ଉନ୍ମତ୍ତ—
1. Maddened as if by drink; intoxicated
୨ । କାମୋନ୍ମତ୍ତ—2. Maddened with lust.
୩ । ଅତି ଦୁର୍ଦ୍ଦାନ୍ତ—
3 Very wicked; wanton.
ଗ୍ରା. ବ—ଦୁର୍ଦ୍ଦାନ୍ତପଣ—Wantonness.

ଅମରମହୌଷଧି—ସଂ. ବ. ( ମଧ୍ୟପଦଲୋପୀ )—୧ । ଅମୃତ—
Amaramahaushadhi 1. Nectar; the elixir of life.
୨ । ମୃତ ବ୍ୟକ୍ତିକୁ ବଞ୍ଚାଇପାରିବା ଔଷଧିବୃକ୍ଷବିଶେଷ; ବିଶଲ୍ୟକରଣୀ—1. A plant said to revive a dead person.

[ ଦ୍ର—୧ । ଲଙ୍କାରେ ଲକ୍ଷ୍ମଣଙ୍କର ଶକ୍ତିଭେଦ ହେବାରୁ ହନୁମାନ ଭାରତର ଗନ୍ଧମାଦନ ପର୍ବତକୁ ମୁଣ୍ଡରେ ବୋହି ଲଙ୍କାକୁ ନେଇ ଆସିଲା । ନଳ କପି ଉକ୍ତ ପର୍ବତରେ ଥିବା ଅମରମହୌଷଧି ବାଛି ଆଣି ଲକ୍ଷ୍ମଣଙ୍କଠାରେ ପ୍ରୟୋଗ କରିବାରୁ ଲକ୍ଷ୍ମଣ ବଞ୍ଚି ଉଠିଲେ ।
୨ । ଲୋକବିଶ୍ୱାସ ଯେ ନେଉଳ ସାପକୁ ତିନି ଗଡ଼ କରି କାଟି ମଝିଗଡ଼କୁ ଖାଇ ବାକି ଦୁଇଗଡ଼କୁ ଯୋଡ଼ି ଦେଇ ଯୋଡ଼ସ୍ଥାନରେ ଅମରମହୌଷଧି ଆଣି ଲଗାଇ ଦିଏ ଏବଂ ସାପ ଜୀଇ ଉଠେ । ]

ଅମରମୌଷଧି—ଗ୍ରା. ବ—ଅମରମହୌଷଧି ( ଦେଖ )
Amaramaushadhi Amaramahaushadhi (See)
अमियमुरि

ଅର୍ଜୁନ ବୋଇଲେ ଦେବ କ୍ରୋଧ କର ସ୍ଥିର
ଅମରମୌଷଧି ଅଛି ଜାଣ ମୋହଠାର ।
ସାରଳା ମହାଭାରତ. ମଧ୍ୟ ।

ଅମରଷ—ଗ୍ରା. ପଦ୍ୟ. ବ. ( ସ. ଅମର୍ଷ )—ଅମର୍ଷ ( ଦେଖ )
Amarasha Amarsha ( See )

ରତ୍ନ ରତ୍ନ ଭଣ୍ଡାରକୁ ଜୂର ନାହିଁ ବାଳା
ଚହିଁ ଅମରଷ ଅଙ୍କ କିବା ଉପୁଜିଲା ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ୩୩।୨୭ ।

ଅମରସ୍ତ୍ରୀ—ସ. ବ. ( ୬ଷ୍ଠୀ ତତ୍; ଅମର + ସ୍ତ୍ରୀ )—ଦେବସ୍ତ୍ରୀ; ଅପ୍ସରା—
Amarastrī A celestial nymph.

ଅମରା—ସ. ବଣ. ସ୍ତ୍ରୀ. ( ଅମର + ସ୍ତ୍ରୀ. ଆ )—'ଅମର'ର ସ୍ତ୍ରୀଲିଙ୍ଗ—
Amarā Feminine of Amara.
ସ. ବ. ସ୍ତ୍ରୀ—୧ । ଦେବପୁରୀ; ଇନ୍ଦ୍ରପୁରୀ—
1. The place of Indra.
୨ । ( ବୈଦ୍ୟକ ) ଦୂବ—2. Dūba grass
୩ । ଗୁଳୁଚ—3. A creeper.
୪ । ବରଗଛ—4. Banian tree.
୫ । ଘିଙ୍କୁଆରି—5. A bush.
୬ । ବିଛୁଆତି—6. The stinging nettle.
୭ । ଜରାୟୁ—7. Uterus.
ଦେ. ବ. ସ୍ତ୍ରୀ—ଦେବତା—Deity.

ପ୍ରଥମେ ଅମରାଗଣରେ—ହିଁ ଗଲେ ଅବତାରଙ୍କର ।
ପ୍ରାଚୀ—ପୂର୍ଣ୍ଣତମଚନ୍ଦ୍ରୋଦୟ ।

ଅମରାଙ୍ଗନା—ସଂ. ବ. ( ମଧ୍ୟପଦଲୋପୀ; ଅମରା + ଅଙ୍ଗନା )—
Amarāṅganā ଇନ୍ଦ୍ରପୁରୀରେ ଥିବା ସ୍ତ୍ରୀ; ଅପ୍ସରା—
Heavenly nymph.

ଅମରାଦ୍ରି—ସଂ. ବ. ( ମଧ୍ୟପଦଲୋପୀ; ଅମର = ଦେବତା + ଅଦ୍ରି = ପର୍ବତ )—ଅମରମାନଙ୍କ ଅଧ୍ୟୁଷିତ ପର୍ବତ; ସୁମେରୁ ପର୍ବତ—The Sumeru mountain of Hindu mythology
Amarādri

ଅମରାପୁରୀ—ଦେ. ବ. ( ସଂ. ଅମରପୁରୀ )—ଅମରାବତୀ ( ଦେଖ )
Amarāpurī Amarābatī ( See )

ଅମରାବତୀ—ସଂ. ବ. ( ଅମର + ଅସ୍ତି ଅର୍ଥରେ; ବତ୍ + ସ୍ତ୍ରୀ. ଈ )—
Amarābatī ସ୍ୱର୍ଗର ରାଜଧାନୀ; ଇନ୍ଦ୍ରପୁରୀ; ବୈଜୟନ୍ତପୁରୀ—
The place of Indra; the place of the gods in heaven.

ଅମରାବତୀକଟକ—ଦେ. ବ. (ନାମ)—କଟକ ଜିଲ୍ଲାର ଦର୍ପଣୀ ଥାନା ଅନ୍ତର୍ଗତ ଛତିଆ ଗ୍ରାମ ନିକଟବର୍ତ୍ତୀ ପାହାଡ଼—A hill near village Chhatia, Cuttack district.
Amarābatikaṭaka

[ ଦ୍ର—ଏହି ପାହାଡ଼ ଉପରେ ଅଷ୍ଟପ୍ରାସ ଗୁମ୍ଫା ଅଛି ଓ ପାହାଡ଼ତଳ ସ୍ଥାନର ନାମ ଅମରାବତୀକଟକ । ଏ ପାହାଡ଼ରେ ପ୍ରାଚୀନ ବୌଦ୍ଧ କୀର୍ତ୍ତିର କେତେକ ଭଗ୍ନାବଶେଷ ଅଛି । ]

ଅମରାଳୟ—ସ. ବ. ( ୬ଷ୍ଠୀ ତତ୍; ଅମର + ଆଳୟ )—ସ୍ୱର୍ଗ—
Amarālaya Heaven; the abode of the gods.

ଅମରିବା—ପ୍ରାଦେ. (ସମ୍ବଲପୁର) କ୍ରି.—ପହଞ୍ଚିବା—
Amaribā To reach; to arrive at.

ଅମରିଷ—ଗ୍ରା. ପ୍ରାଚୀନ ପଦ୍ୟ. ବ. (ସଂ. ଅମର୍ଷ)—
Amarisha ୧ । କ୍ରୋଧ—1. Anger.
୨ । ଅଧୈର୍ଯ୍ୟ—2. Impatience.
୩ । ପରଶ୍ରୀକାତରତା—3. Envy.
୪ । ଅସହିଷ୍ଣୁତା; ଈର୍ଷା—4. Malice; spite.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଜାଇ' ନ ମିଳିଲେ 'ଯାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖୋ' ନ ପାଇଲେ 'ଅକ୍ଷୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗ୍ରା. ବିଣ.—୧ । କ୍ରୁଦ୍ଧ—1. Angry.

ଏବେ ଶୁଣିବା କରେ ଅପୂର୍ବ ରସ ।
ଏକଦିନେ ଭୀମ ବସି ଅମରଷ । ପ୍ରାଚୀ; ନଳଚରିତ ।

୨ । ଅସହିଷ୍ଣୁ; ଅଧୀର—2. Impatient.

ବିଷ୍ଣୁ କହନ୍ତି ଅମରଷ; ଯାହାର ମନ ନୁହେ ବଶ ।
ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

୩ । ପରଶ୍ରୀକାତର—3. Envious.

ପାଣ୍ଡବେ ଦୁର୍ଯ୍ୟୋଧନ ବଢ଼ିଲା ଅମରଷ । ସାରଳାମହାଭାରତ ।

୪ । ଈର୍ଷାପର—4. Spiteful; malicious.

୫ । ଅସହ୍ୟ—5. Unbearable.

**ଅମରୀ**—ସଂ. ବି. (ଅମର+ସ୍ତ୍ରୀ. ଈ.)=ଅମରା (ଦେଖ)
Amari Amarā (See)

ଦେ. ବି.—୧ । ଅପ୍ସରା; ସ୍ୱର୍ଗବେଶ୍ୟା—
1. Heavenly nymph.

୨ । ଦେବୀ; ସ୍ତ୍ରୀ ଦେବତା—2. Goddess.

[ ଦ୍ର—ସଂସ୍କୃତରେ 'ଅମର' ଶବ୍ଦର ସ୍ତ୍ରୀଲିଙ୍ଗ 'ଅମରା'ର ଅର୍ଥ ଇନ୍ଦ୍ରସଭା; 'ଅମର' ଶବ୍ଦର ସ୍ତ୍ରୀଲିଙ୍ଗ ଆକାର 'ଅମରୀ'ର ଅର୍ଥ 'ଦେବୀ' ବା 'ଦେବ ସ୍ତ୍ରୀ' ବୋଲି ଆପ୍ଟେ, ମନଅର୍ ଉଇଲିୟମ୍ସ, ପ୍ରକୃତିବାଦ-ଆଦି ଅଭିଧାନରେ ମିଳୁ ନାହିଁ; କିନ୍ତୁ ଭାଷାରେ 'ଦେବୀ' ଓ 'ଅପ୍ସରା' ଅର୍ଥରେ 'ଅମରୀ' ଶବ୍ଦର ବ୍ୟବହାର ଦେଖାଯାଏ—

"ଭ୍ରମୀକର ଗୁରୁ ଶିକ୍ଷାମଣି ସେ କେଉଁ ଅମରୀ—ଶୁଣି ନାହିଁ ଦିନେ ମୋ ଜନ୍ମକ ।
କବିସୂର୍ଯ୍ୟ—କଳାଶୋଭାଚମ୍ପୂ ଚ ଗୀତ ।

ସଂସ୍କୃତରେ ମଧ୍ୟ ଗୋଟିଏ ସ୍ତୋତ୍ରରେ "ଅମରୀ କବରୀଭାର-ଭ୍ରମରୀମୁଖରୀକୃତଂ । ଦୂରୀକରୋତୁ ଦୁଷ୍କୃତଂ ଦୁର୍ଗାଚରଣପଙ୍କଜଂ" 'ଅମରୀ' ଏହି ଅର୍ଥରେ ବ୍ୟବହୃତ ହୋଇଅଛି ।]

୩ । ଅମାରୀ (ଦେଖ)
3. Amāri (See)

**ଅମରୀନାରୀ**—ଦେ. ବି. (ସଂ. ଅମର+ନାରୀ)—ଅପ୍ସରା—
Amarinārī A heavenly nymph.

**ଅମରେନ୍ଦ୍ର**—ସଂ. ବି. (୬ଷ୍ଠୀ ତତ୍; ଅମର+ଇନ୍ଦ୍ର=ରାଜା)—
Amarendra ଦେବରାଜ ଇନ୍ଦ୍ର—Indra; the king of the gods.

ଦେ. ବି. ପୁଂ.—ପୁରୁଷଙ୍କ ନାମବିଶେଷ—
A name given to males.

**ଅମରେଶ**—ସଂ. ବି. (ଅମର+ଈଶ=ଈଶ୍ୱର)—୧ । ଶିବ—
Amaresa 1. God Śiba.

୨ । ଦେବରାଜ; ଅମରେନ୍ଦ୍ର—2. Indra.

ଦେ. ବି—ଶିବବିଗ୍ରହବିଶେଷ—
Name of an idol of Śiba.

**ଅମରେଶ୍ୱର**—ସଂ. ବି. ( ଅମର+ଈଶ୍ୱର )—ଅମରେଶ ( ଦେଖ )
Amareśwara Amaresa (See)

**ଅମର୍କ**—ସଂ. ବି. ( ନାମ )—ଶୁକ୍ରାଚାର୍ଯ୍ୟଙ୍କର ପୁତ୍ର—
Amarka Name of a son of Śukra.

ଶୁକ୍ରର ସୁତବେନି ଭିଡ଼; ଷଣ୍ଡ ଅମର୍କ ନାମ ଦୁଇ । ଜଗନ୍ନାଥ- ଭାଗବତ ।

**ଅମର୍ତ୍ତ୍ୟ**—ସଂ. ବି. ( ଅ+ମର୍ତ୍ତ୍ୟ; ଯେ ମର୍ତ୍ତ୍ୟ ବା ମରଣଶୀଳ ନୁହନ୍ତି;
Amarttya ତୁଳ; ଲାଟିନ୍-ଇମର୍ଟାଲିସ୍; ଗ୍ରୀକ—ଆମ୍ବ୍ରୋଟସ୍; ଇଂ ଇମ୍ମର୍ଟାଲସ୍ )—
ଦେବ—Deity; a god.

ସଂ. ବିଣ—୧ । ଅମର—1. Immortal.

୨ । ସ୍ୱର୍ଗୀୟ—2. Heavenly.

**ଅମର୍ଯ୍ୟାଦ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+ମର୍ଯ୍ୟାଦା )—
Amarjyāda ୧ । ମର୍ଯ୍ୟାଦାହୀନ—
(ଅମର୍ଯ୍ୟାଦା—ସ୍ତ୍ରୀ) 1. Having no respect.

୨ । ଯେ ଗୁରୁ ଆଦିଙ୍କୁ ସମ୍ମାନ ଦିଏ ନାହିଁ—
2. Not showing respect to one's elders.

ନାସ୍ତିକ କ୍ରୂର ପାପୀ ଅମର୍ଯ୍ୟାଦଙ୍କର
ସଙ୍ଗ ଛାଡ଼ି ଦେବ ଯେ ହେବ ସାଧୁ ନର । କୃଷ୍ଣସିଂହ. ମହାଭାରତ. ବନ ।

୩ । ଅସମ୍ମାନିତ—3. Unhonoured.

୪ । ଅପମାନିତ—4. Dishonoured; insulted.

**ଅମର୍ଯ୍ୟାଦା**—ସଂ. ବି. ( ଅ+ମର୍ଯ୍ୟାଦା )—
Amarjyādā ୧ । ମର୍ଯ୍ୟାଦାର ଅଭାବ—
1. Want of respect.

୨ । ଅନାଦର—2. Disregard.

୩ । ଅପମାନ—3. Insult.

ସଂ. ବିଣ. ସ୍ତ୍ରୀ—'ଅମର୍ଯ୍ୟାଦ'ର ସ୍ତ୍ରୀ ଲିଙ୍ଗ—
Feminine of Amarjyāda.

ଦେ. ବିଣ. ( ସଂ. ଅମର୍ଯ୍ୟାଦ )—୧ । ମର୍ଯ୍ୟାଦାଶୂନ୍ୟ—
1. Dishonoured.

୨ । ହୀନ; ନୀଚ—2. Low; mean.

ଏଣୁ ଅମର୍ଯ୍ୟାଦା କଥା ତୁ କହୁଛୁ । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅମର୍ଷ**—ସଂ. ବି. ( ଅ+ମୃଷ ଧାତୁ=କ୍ଷମା କରିବା+ଭାବ. ଅ )—
Amarsha ୧ । କ୍ଷମାର ଅଭାବ—
1. Want of forgiveness.

୨ । କ୍ରୋଧ; ରାଗ—2. Anger.

୩ । ଅସହିଷ୍ଣୁତା—3. Want of forbearance.

୪ । ଅଧୈର୍ଯ୍ୟ—4. Impatience.

**ଅମର୍ଷଣ**—ସଂ. ବି. ( ଅ+ମୃଷ ଧାତୁ=କ୍ଷମା କରିବା+ଭାବ. ଅନ )—
Amarshana ଅମର୍ଷ ( ଦେଖ )
(ଅମର୍ଷଣା—ସ୍ତ୍ରୀ) Amarsha ( See )

ସଂ. ବିଣ. ପୁଂ—୧ । କ୍ରୋଧନସ୍ୱଭାବ—
1. Of an angry temperament.

୨ । କ୍ଷମାହୀନ; ଅକ୍ଷମ—2. Unforgiving.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଛ୍ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଈଅ | ଊଅ | ନ୍ |

**ଅମର୍ଷପରାୟଣ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅମର୍ଷ+ପର+ଅୟନ )—
Amarshaparāyaṇa କୋପନସ୍ୱଭାବ—Irritable.
( ଅମର୍ଷପରାୟଣା—ସ୍ତ୍ରୀ )

**ଅମର୍ଷିତ**—ସଂ. ବିଣ. ପୁଂ. ( ଅମର୍ଷ+ଯୁକ୍ତ ଅର୍ଥରେ. ଇତ )—
Amarshita କ୍ରୁଦ୍ଧ—Angry.
( ଅମର୍ଷିତା—ସ୍ତ୍ରୀ )

**ଅମର୍ଷୀ**—ସଂ. ବିଣ. ପୁଂ. ( ଅମର୍ଷ+ଅସ୍ତ୍ୟର୍ଥରେ. ଇନ୍; ୧ମା. ୧ବ.)—
Amarshī କୋପନସ୍ୱଭାବ; ଚଞ୍ଚଳ—Irritable.
(ଅମର୍ଷିଣୀ—ସ୍ତ୍ରୀ) ଦେ. ବିଣ. ପୁଂ—ରାଧାନାଥଙ୍କ ମହାଯାତ୍ରା ବର୍ଣ୍ଣିତ ଆର୍ଯ୍ୟଯୋଦ୍ଧାବିଶେଷ—Name of a warrior described by the poet Rādhanātha

ଏ ସ୍ଥାନ ମନ୍ତ୍ରଣା ଶୁଣି ବୋଲେ ଆର୍ଯ୍ୟମଣି,
ଅମର୍ଷୀ ସବୋଧ ତାଙ୍କୁ ସବୋଧ ବାହିନୀ
କହିଲେ ଏସନ ବୀର ବାରେଣ୍ଡ ବିରେ ।
ରାଧାନାଥ. ମହାଯାତ୍ରା ।

**ଅମଳ**—ସଂ. ବିଣ ( ବହୁବ୍ରୀହି; ଅ=ନାହିଁ+ମଳ=ମଇଳା )—
Amaḻa ନିର୍ମଳ; ନିଷ୍କଳଙ୍କ—Stainless; clean; pure; spotless.
(ଅମଳା—ସ୍ତ୍ରୀ)
ସଂ. ବି—ମେଘନାଲ; ଅଭ୍ର—Mica; talc.
ବୈଦେ. ( ଆ. ଅମଲ୍ ) ବି—୧ । ଜୀବିତକାଳ—
আমল 1. Time; life-time
অমল ୨ । ରାଜତ୍ୱକାଳ—2. Reign.
୩ । ନିଶା; ମାଦକଦ୍ରବ୍ୟ—3. Intoxicating drug.

ଖାଇ ଦେଇ କି ଅମଳ ଅଚେତା ହୋଇଲୁ ରେ
କବିସୂର୍ଯ୍ୟ ବଳଦେବ ଚମ୍ପୂ. ଖ ଗୀତ ।

୪ । ମାଦକ ଦ୍ରବ୍ୟ ସେବନ କରିବା ଅଭ୍ୟାସ—
4. Drug-habit.
୫ । ଅଭ୍ୟାସ—5. Habit.
୬ । ଅଧିକାର—6. Authority.
୭ । ଆଧିପତ୍ୟ—7 Supremacy.
୮ । ସମୟ—8. Time
୯ । ( ରାଜ୍ୟାଦି ) ଦଖଲ—
9. Taking possession (of a country)

ବରଗୀ ଓଡ଼ିଶା କଲେ ଅମଳ; ସରବରା ଦେଉଥିଲେ ଭୂପାଳ ।
ବ୍ରଜନାଥ—ସମରତରଙ୍ଗ ।

ଦେ. ବି—ଧାନ ଆଦି ଶସ୍ୟକୁ କେଣ୍ଡାରୁ ( ବେଙ୍ଗଲା ପକାଇ ବା ବାଡ଼େଇ ) ପୃଥକ୍ କରିବା କର୍ମ—
Garnering of grain.
ଗ୍ରା. ବି ( ସଂ. ଅମ୍ଳ )—ଅମ୍ଳ; ଅଜୀର୍ଣ୍ଣ ଯୋଗୁଁ ଶରୀରରେ
অম্বল ଅମ୍ଳାଧିକ୍ୟ—Acidity in the system.

**ଅମଳକରିବା**—ଦେ. କ୍ରି—୧ । କ୍ଷେତରୁ କଟା ହୋଇ ଆସିଥିବା ଧାନ-
Amaḻakaribā ହଳାରୁ ବେଙ୍ଗଲା ପକାଇବା ବା ଗୋଡ଼ରେ
আমলকরা ମର୍ଦ୍ଦିବା ଦ୍ୱାରା ଶସ୍ୟ ପୃଥକ୍ କରିବା—1, To garner
अमलकरना corn from sheaves.

ଖଳା କରି ଗ୍ରାମ ସୀମାରେ ଧାନ ଅମଳ କରି—
ମଧୁସୂଦନ .ଛନ୍ଦମାଳା. ୧ମ

୨ । ଭୋଗ କରିବା; ରାଜତ୍ୱ କାଳରେ ବଞ୍ଚିବା—
2. To live during the reign of.
(ଯଥା—ମୁଁ ପୁଣି ରାଜାଙ୍କ ତିନି ପୁରୁଷ ଅମଳ କଲି ।)
୩ । ଅଙ୍ଗେ ନିଭାଇବା; ଅନୁଭବ କରିବା—
3. To enjoy; to experience.
୪ । ନିଶାକୁ ଅଭ୍ୟାସରେ ପରିଣତ କରିବା—
4. To form a drug-habit.
(ଯଥା—ସେ ଅଫିମ ଭାଙ୍ଗ ଅମଳ କଲା ଦିନୁଁ ଅସ୍ତେ ଅସ୍ତେ ବଳ ବାଡ଼ି ବଳିଲା ।)

**ଅମଳକଶିଳା**—ଦେ. ବି. ( ଆମଳକ+ଶିଳା )—
Amaḻakaśiḻā ଅଁଳା ୩. ( ଦେଖ )
Aa͂ḻā. 3. ( See)

**ଅମଳଖିଆ**—ଦେ. ବି ( ଆ. ଅମଲ୍+ସଂ. ଖାଦ ଧାତୁ )—
Amaḻakhiā ନିଶା ଖାଇବା—
নেশাখাওয়া Taking of intoxicating drugs.
ଦେ. ବିଣ—ଯେ ନିଶା ଖାଏ; ନିଶାଖୋର୍—
Addicted to intoxicating drugs.
নেশাখোর

ନିୟମ କରି ନ ପାଳଇ ଯାହା କି ଅମଳଖିଆ କରଇ ତାହା ।
କବିସୂର୍ଯ୍ୟ—ସଙ୍ଗୀତ ।

**ଅମଳଣ**—ଗ୍ରା. ବିଣ ( ସଂ. ଅମ୍ଳାନ; ଅମଳିନ )—
Amaḻaṇa ୧ । ଅମ୍ଳାନ—1. Stainless.
୨ । ଅମଳିନ—2. Clean; untarnished.
୩ । ସର୍ବଦା ଶୁଦ୍ଧ—3. Ever pure.
୪ । ଯେ ମଉଳେ ନାହିଁ—4. Never-fading.
୫ । ନିଷ୍ପାପ—5. Sinless.

**ଅମଳଣବସ୍ତ୍ର**—ଗ୍ରା. ବି ( ସଂ. ଅମ୍ଳାନବସ୍ତ୍ର )—ପଟ୍ଟବସ୍ତ୍ର; ପାଟଲୁଗା; ମଠା,
Amaḻaṇabastra ମକୁଟା ପ୍ରଭୃତି ଲୁଗା—Silk-cloth.

**ଅମଳଦାମଳ**—ଦେ. ବି ( ସହଚର; ୨ୟ ଶବ୍ଦ ନିରର୍ଥକ )—
Amaḻadāmaḻa ଧାନ ଆଦି ଅମଳ କରିବାର ବିବିଧ ପ୍ରକ୍ରିୟା—
अमलदामल Various processes of garnering grain.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜଲେ ଯେବେ ଏ ସ୍ଥାନକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଖା' ନ ପାଇଲେ 'ଅଖା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମଲଦାରୀ**— ବୈଦେ ( ଅ ) ବି—
maladāri ୧ । ରାଜତ୍ୱକାଳ—1. Reign.
আমলদারী ୨ । ଜୀବିତକାଳ—2. Life-time.
अमलदारी ୩ । ସମୟ—3. Time.
୪ । ଅଧିକାର ସମୟ—
4. Time of exercise of authority.

**ଅମଲନ**(ଇତ୍ୟାଦି)—ଗ୍ରା. ବି.—ଅମଲଣ ଇତ୍ୟାଦି (ଦେଖ)—
Amalana etc. Amalana etc ( See )

**ଅମଲନାମା**—ବୈଦେ. ବି (ଅ. ଅମଲ୍=ଅଧିକାର+ଫା. ନାମା=ପତ୍ର; ଲେଖ)—
Amalanāmā
আমলনামা ଆଦେଶପତ୍ର—
अमलनामा A written order.

**ଅମଲପାଣି**—ଦେ. ବି ( ସଦର )—
Amalapāni ନିଶାପାଣି—
আমলপানি Intoxicating drink; toddy;
अमलपानि brandy; liquor.

**ଅମଲପିତ**—ଗ୍ରା. ବି ( ସଂ. ଅମ୍ଳପିତ୍ତ)—
Amalapita ଚର୍ମରୋଗବିଶେଷ; ଗରମି ରୋଗର
অম্লপিত্ত; আমবাত ମଧ୍ୟମାବସ୍ଥା—A kind of skin eruption; secondary syphilis.

**ଅମଲପିତି**—ଗ୍ରା. ବି.—ଅମଲପିତ ( ଦେଖ )
Amalapiti Amalapita ( See )

**ଅମଲଲାଗି**—ଦେ. ବି—ନିଶାର ଆକ୍ରମଣ ବା ଉଦ୍ରେକ—
Amalalāgi Intoxication; state of being intoxicated.

ଚଳାଇବ ପଦ କାମ, ଅମଲଲାଗିରୁ ଶ୍ୟାମ କଳକଣ୍ଠସ୍ୱରେ ଗଲା ବହୁଳ ରେ ।
କବିସୂର୍ଯ୍ୟ—ଉପାକର ଚମ୍ପୁ—ତ ଗୀତ ।

**ଅମଲା**—ସଂ. ବି. ସ୍ତ୍ରୀ( ଅମଲ+ସ୍ତ୍ରୀ. ଆ )—
Amalā ୧ । ଲକ୍ଷ୍ମୀ—
আমলা 1. Goddess Lakshmi
୨ । ଭୁଇଁଅଁଳା—
2. A medicinal plant.
ସଂ. ବିଣ. ସ୍ତ୍ରୀ—ଅମଲର ସ୍ତ୍ରୀଲିଙ୍ଗ—
Feminine of Amala.
ପ୍ରାଦେ. ( ସିଂହଭୂମ ) ବି—ଅମଲା—
Official staff; ministerial officers

**ଅମଲା**—ବୈଦେ. ବି (ଫା. ଅମଲା)—ନିମ୍ନଶ୍ରେଣୀର କର୍ମଚାରୀ—
Amalā Amlah; one of the clerical or
আমলা ministerial staff of a court; clerk.
अमला [ଦ୍ର—ଏହି ଫାରସି ଶବ୍ଦ ଇଂରେଜିରେ ମଧ୍ୟ ବ୍ୟବହୃତ ହୋଇ ଅଛି । ]

ଦେ. ବିଣ ( ସଂ. ଅମ୍ଳାନ )—ଯେ ମରେ ନାହିଁ; ଅମ୍ଳାନ—
ଅମରା Not dead or withered.

**ଅମଲାଣ** (ଇତ୍ୟାଦି)—ଗ୍ରା. ବିଣ ( ସଂ. ଅମଳିନ; ଅମ୍ଳାନ )—
Amalāna etc. ଅମଳଣ ଇତ୍ୟାଦି ( ଦେଖ )
Amalana etc. ( See )

ସେହି ପଦ୍ମ ଗୋଟି ଅମଲାଣ ସବୁକାଳେ—
ସାରଳାମହାଭାରତ. ଉଦ୍ଯୋଗ ।

**ଅମଲାତନ୍ତ୍ର**—ଦେ. ବି ( ପ୍ରଜାତନ୍ତ୍ର, ରାଜତନ୍ତ୍ର ଆଦି ଶବ୍ଦର ଅନୁକରଣରେ
Amalātantra ଏହା ଆଧୁନିକ ଯୁଗରେ ବ୍ୟବହୃତ ।)—
আমলাতন্ত্র ଅମଲାମାନଙ୍କଦ୍ୱାରା ପରିଚାଳିତ ଶାସନପ୍ରଣାଳୀ—
अमलातंत्र Bureaucracy.

**ଅମଲାନ** (ଇତ୍ୟାଦି)—ଗ୍ରା. ବିଣ ( ସଂ. ଅମ୍ଳାନ )—
Amalāna etc ଅମଲଣ ଇତ୍ୟାଦି (ଦେଖ)
Amalana etc. ( See )

ବଦସୂର୍ଯ୍ୟେ ବଡସୂର୍ଯ୍ୟେ ବଧ ବନ୍ଧୁଇଲେ
ଅମାଲନ ବସ୍ତ୍ର ବୃକ୍ଷ ଶଙ୍ଖରୁ ପାଇଲେ ।
ଭଞ୍ଜ—ଲାବଣ୍ୟବତୀ ୧୪ ।

**ଅମଲାପାଉଣା**—ଦେ. ବି—ଅମଲାଙ୍କୁ ଦିଆଯିବା ବକ୍‌ସିସ୍ ବା
Amalāpaunā ଉତ୍କୋଚ—Illegal gratification
আমলা পাওনা or gift paid to the clerical staff of an office.

**ଅମଲାଫଇଲା**—ଦେ. ବି. (ସଦର)—୧ । ନାନା ଶ୍ରେଣୀର କର୍ମଚାରୀଗଣ-
Amalāphailā 1. Clerks of different grades.
আমলা ফওলা ୨ । ଅମଲା ଇତ୍ୟାଦି—
अमलाफयला 2. Ministerial officers etc

**ଅମଲାଫମଲା**—ଦେ. ବି ( ସଦର )—ଅମଲାଫଇଲା ( ଦେଖ )—
Amalāphamalā Amalāphailā ( See )

**ଅମଲିଆ**—ଦେ ବିଣ—୧ । ନିଶାବାଜ୍—
Amaliā 1. Given to the use of intoxicating
আমলের drugs
अमलका ୨ । (ଅମୁକ) ଅମଲର ବା କାଳର—
2. Of or pertaining to the time (of so and so.)
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ମରହଟ୍ଟା ଅମଲିଆ ।]

**ଅମଲିକମଲି**—ଦେ. ବି ( ସଦର )—୧ । ଘରର ଯାବତୀୟ ଚଳନ୍ତି ସମ୍ପତ୍ତି—
Amalikamali
তলপিতলপা 1. The movable property.
अमलिकमलि ୨ । ଅଦାବସ୍ତୁ—2. All and sundry.

**ଅମଲିକା**—ପ୍ରାଦେ. ( ବାଲେଶ୍ୱର ) ବିଣ—ଅମଲର; ସମୟର—
Amalikā Of or pertaining to the time (of so and so.)

ବର୍ଗି ମରହଟ୍ଟା ରାଜତ୍ୱରେ ଆଗରେ ବାପ ଅମଲିକା ଘର ଛାଡ଼ି କରି ଦେଇଛି ।
ଫକୀର ମୋହନ ଗଳ୍ପ-ସ୍ୱଳ୍ପ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଓ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଂ୍ୟ | ଇଅ | ଔ | ନ୍ତ |

**ଅମଲୀ**—ବୈଦେ ( ଅ ) ବିଣ—ନିଶାବାନ୍; ନିଶାଖୋର—
Amali Given to the use of intoxicating drugs.
আমলী ହେଲ ଭୃଷ୍ଣପୃଷ୍ଣ ସେହୁ ବୁ ଅମଲ ଉଧାରେ
अमली ଅମଲୀ ଶବର ଯଥା— ଚିନ୍ତାମଣି ବନ୍ଧନାଦୟ ।
ପ୍ରାଦେ. ( ବାଲେଶ୍ୱର ) ବି—ଅମଲ; ସମୟ—Time.

**ଅମଲେଗାନ୍**—ବୈଦେ. ( ଅ. ଅମଲ୍ଲ ଶବ୍ଦର ବହୁବଚନ ରୂପ;
Amalegān ଭୁଲ. ସଂ. ଗଣ=ସମୂହ ) ବି—ଅମଲାଗଣ;
আমলাগণ ଅମଲାମାନେ—Officers; clerks; the body of
अमलेगान ministerial officers.

**ଅମା**—ସଂ. ଅ.ବୈଦିକ (ଅ + ମା ଧାତୁ=ପରିମାଣ କରିବା + କର୍ମ କ୍ୱିପ୍)
Amā ୧ । ସହିତ—1. With.
୨ । ନିକଟ—2. Near.
୩ । ଏକତ୍ର—3. Together.
୪ । ଘରେ—4. At home.
[ଦ୍ର—ଏହିସବୁ ଅର୍ଥରେ ଭାଷାରେ ଏହାର ବ୍ୟବହାର ନାହିଁ ।]
ସଂ. ବି—୧ । ଅମାବାସ୍ୟା—
1. The day of the new-moon.
ଅମା ଅନ୍ଧକାରେ ପୂରିଲ୍ଲ ସେ ପୁର ଦାରୁଣ ଶୋକ ନିର୍ଯାତେ—
ମଧୁସୂଦନ ଶ୍ରୀରାମ ବନବାସ ।
୨ । ଚନ୍ଦ୍ରମଣ୍ଡଳର ସବୁ ତିଥିରେ ବିରାଜିତ ସାଧାରଣ କଳା—
2. A common part of the moon's disc.
[ ଦ୍ର—ଚନ୍ଦ୍ରମଣ୍ଡଳରେ ଷୋଳଟି କଳା ଅଛି । ତନ୍ମଧ୍ୟରେ 'ଅମା କଳାଟି 'ମହାକଳା' ନାମରେ ଅଭିହିତ । ମାଳାର ସୂତ୍ରପରି ଏହି କଳାଟି ଅନ୍ୟ ସକଳ କଳାରେ ବିଦ୍ଧ । ତାହା ନିତ୍ୟ, ଅର୍ଥାତ୍ ତାହାର କ୍ଷୟ ବୃଦ୍ଧି ନାହିଁ । ଏହି କଳାକୁ ଅପର ସମସ୍ତ କଳା ଆଶ୍ରୟ କରିଥାଏ । ଅମାବାସ୍ୟାଦିନ କେବଳ ଏହି 'ଅମା' କଳାଟି ଚନ୍ଦ୍ରଙ୍କଠାରେ ଥାଏ ।]
ସ. ବି.—ଯାହା ପ୍ରାମାଣିକ ବା ନଜୀର୍ ନୁହେ—
Not an authority; not a standard of action. (M W.)

**ଅମାଇ**—ଗ୍ରା. ବି.—ଅମାଇସା (ଦେଖ)
Amāi Amāisā (See)

**ଅମାଇନ**—ଗ୍ରା. ବି. (ସଂ. ଅମାନ୍ୟ)—୧ । ଅମାନ୍ୟ (ଦେଖ)
Amāina 1. Amānya (See)
অমান ୨ । ଗୁରୁଜନ ଓ ମାନନୀୟ ପୁରୁଷଙ୍କ ଆଗରେ (ସ୍ତ୍ରୀ ବ୍ୟକ୍ତିର)
अमानत ନିର୍ଲଜ୍ଜ ବା ଅଭଦ୍ରୋଚିତ ବ୍ୟବହାର—2 Immodest or shameless conduct of a woman before superiors.

**ଅମାଇସା**—ଗ୍ରା. ବି. (ସ. ଅମାବସ୍ୟା)—ଅମାସ୍ୟା—
Amāisā The day of the new-moon.
অমাবস্যা
अमावस

**ଅମାଇସିଆ**—ଗ୍ରା. ବି.—ଅମାଇସା (ଦେଖ)
Amāisiā Amāisā (See)

**ଅମାଂସ**—ସ. ବି. (ନଞ୍ତତ୍; ଅ + ମାଂସ)—ମାଂସ ଛଡ଼ା ଅନ୍ୟ ବସ୍ତୁ—
Amāmsa Anything but flesh.
ସ. ବିଣ. (ବହୁବ୍ରୀହି) ୧ । —ମାଂସହୀନ—1. Fleshless.
୨ । ଅମାଂସଳ; ଅତି କ୍ଷୀଣ—2. Feeble; thin (M.W)

**ଅମାଂସଭକ୍ଷ**—ସ. ବିଣ. ପୁଂ. (ଅ + ମାଂସ + ଭକ୍ଷ ଧାତୁ + କର୍ତ୍ତ୍ରି. ଅ)—
Amāmsabhaksha ଯେ ମାଂସାଶୀ ନୁହେ—Not eating flesh; not carnivorous.
(ଅମାଂସଭକ୍ଷୀ—ସ୍ତ୍ରୀ)

**ଅମାତୃକ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ମାତୃ + କ )—ଯାହାର ମା
Amātṛuka ନାହିଁ—Motherless.
(ଅମାତୃକା—ସ୍ତ୍ରୀ)

**ଅମାତ୍ୟ**—ସଂ. ବି. ପୁଂ. ( ଅମା = ନିକଟ + ହେବା ଅର୍ଥରେ ତ୍ୟ କିମ୍ବା
Amātya ଅମା = ସହିତ + ଅତ୍ ଧାତୁ = ସର୍ବଦା ଗମନ କରିବା + ସଂଜ୍ଞାର୍ଥେ; ଯ—ଯେ ରାଜାଙ୍କ ସଙ୍ଗରେ ଦଣ୍ଡ ଓ ନୀତି ବିଷୟକ ମନ୍ତ୍ରଣା ପାଇଁ ସର୍ବଦା ଗମନ କରନ୍ତି ।)—
୧ । ମନ୍ତ୍ରୀ—1. Minister.
୨ । ସହଚର—2. Companion.
ସଂ. ବିଣ. ପୁଂ. (ବୈଦିକ) (ଅମା=ଘରେ + ତ୍ୟ)—
ଏକ ଘର ବା ପରିବାରରେ ରହୁଥିବା—
Inmate of the same house; belonging to the same family.

**ଅମାଦାନି**—ଗ୍ରା. ବି. (ଅ. ଆମଦାନି)—ଆମଦାନି (ଦେଖ)
Amādāni Āmadāni (See)
ଦେ. ବିଣ.—ସମଧିକ (ଗୋପୀନାଥ ନନ୍ଦ)—Too much.

**ଅମାନତ୍**—ବୈଦେ. (ଅ) ବି—୧ । କିଛିକାଳ ପାଇଁ ଗଚ୍ଛିତ ଧନ ବା
Amānat ବସ୍ତୁ—1. Article or money deposited for a time.
আমানত
अमानत ୨ । ଗଚ୍ଛିତକରଣ; ଉପାର୍ଜନ୍ କରିବା; ନ୍ୟାସ—
2 Depositing; entrusting.
୩ । କୌଣସି ବିଶିଷ୍ଟ ଉଦ୍ଦେଶ୍ୟ ପାଇଁ ଅସ୍ଥାୟୀଭାବରେ ଗଚ୍ଛିତ ଧନ—3. Money temporarily deposited on trust.
୪ । ହିସାବନିକାଶ ପୂର୍ବରୁ ହିସାବ ବାବତରେ ଜମା ଦିଆ ଯିବା ଧନ—4. Money paid towards an account before it is finally settled.
ବୈଦେ. ବିଣ.—ଅସ୍ଥାୟୀଭାବରେ ଗଚ୍ଛିତ—Deposited; kept in trust.
ଗ୍ରା. ବି. (ସଂ. ଅମାନ୍ୟ)—୧ । ଅମାନ୍ୟ; ଆଦେଶର ଅବଜ୍ଞା—
1. Disobedience of order.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅବାଧ୍ୟତା—2. Insubordination.

୩ । ଅପରାଧର ଅସ୍ୱୀକାର—3. Denial of guilts.

ଗ୍ରା. ବିଣ.—୧ । ଆଦେଶ ଅମାନ୍ୟକାରୀ—
1. Disobedient.

୨ । ଅବାଧ୍ୟ —2. Insubordinate.

୩ । ଅପରାଧ ଅସ୍ୱୀକାର କରୁଥିବା—
3. Denying guilt; not confessing.

୪ । (ସଂ. ଅମାନିତ) —ଅପାଳିତ (ଆଦେଶ)—
4. Disobeyed or disregarded (order)

୫ । ଯେ ମାନ୍ୟ ମଣଷ ନୁହେ; ଯେଉଁ ଲୋକ ଅପଣାର ମାନ୍ୟସମ୍ପର୍କୀୟ ବା ଗୁରୁଜନସ୍ଥାନୀୟ ନୁହେ—
5. a person) Not standing in the relationship of an elder to a person.

**ଅମାନତ୍‌କାରୀ**—ଦେ. ବି. ( ଆ. ଅମାନତ୍ + ସଂ. କାରୀ)—ଯେ ଅନ୍ୟ ବ୍ୟକ୍ତି ପାଖେ ଧନ ନ୍ୟାସ ବା ଗଚ୍ଛିତ କରେ—
Amānatkāri
আমানতকারী
**अमानतकरनेवाला**
A depositor.

**ଅମାନତ୍‌ଖାନା**—ବୈଦେ. ବି. ( ଆ —ଯେଉଁ ଘରେ ବା କାର୍ଯ୍ୟାଳୟରେ ଧନ ଅମାନତ ରଖାଯାଏ—
Amānatkhānā
আমানতখানা
**अमानतखाना**
A depository.

**ଅମାନତ୍‌ଦାର**—ବୈଦେ. ବି. ( ଅ )—ଯେଉଁ ଲୋକ ଉପାଖରେ ଧନ ଜମାରେ ଥାଏ—A person with whom a deposit is made.
Amānatdāra
আমানতদার
**अमानतदार**

**ଅମାନତ୍‌ନାମା**—ବୈଦେ. ବି. ( ଆ. ଅମାନତନାମାହ୍ )—
Amānatnāmā ୧ । ଧନ ଉପାଖରେ କରିବାର ନିଦର୍ଶନରୂପେ ଉପାଖରେ କରିବା ବ୍ୟକ୍ତିକୁ ଅମାନତ୍‌ଦାର ଯେଉଁ ଦଲିଲ୍ ଲେଖି ଦିଏ—
আমানতনামা
**अमानतनामा**
1. A document proving a deposit.

୨ । ଯେଉଁ ଦଲିଲରେ ଅମାନତ୍‌କାରୀ ନ୍ୟାସର ସର୍ତ୍ତମାନ ଲିପିବଦ୍ଧ କରିଥାଏ; ଟ୍ରଷ୍ଟ୍ ଡୀଡ୍—
2. A deed of trust.

**ଅମାନତି** —ବୈଦେ. ବିଣ. ( ଅ )—
Amānati ୧ । ବହୁକାଳ ପାଇଁ ଗଚ୍ଛିତ ବା ନ୍ୟସ୍ତ ( ଧନ )—
অমানতী
**अमानती**
1. Money deposited or placed in trust.

୨ । ଅମାନତ ସମ୍ବନ୍ଧୀୟ—
2. Relating to a deposit or trust.

ଗ୍ରା. ବିଣ. ( ସଂ. ଅମାନିତ)—ଅମାନତ୍ ( ଦେଖ )
Amānat ( See )

ତେବେ ବଚନ ହୋଇଲା ଅମାନତଭାବ—ସାରଳାମହାଭାରତ. ମଧ୍ୟ ।

ଗ୍ରା. ବି. ( ସଂ. ଅମାନ୍ୟ )—ଅମାନତ୍ ( ଦେଖ )
Amānat ( See )

**ଅମାନତିଆ** — ଦେ. ବିଣ. ( ସଂ. ଅମାନ୍ୟ )—ଅମାନତ୍ ( ଦେଖ )
Amānatiā
Amānat ( See )

ପ୍ରାଦେ. ( ଜୟପୁର ) ବି—ବିଶାଖାପଟ୍ଟଣା ନବରଙ୍ଗପୁର ଅଞ୍ଚଳର ଓଡ଼ିଆ କୃଷକ ଜାତିବିଶେଷ—Name of a class of Ordiā cultivators in the district of Vizag.

**ଅମାନନ**—ସଂ. ବି. ( ଅ + ମାନନ )—ଅମାନନା ( ଦେଖ )
Amānana
Amānanā (See)

**ଅମାନନା**—ସଂ. ବି. ( ଅ + ମାନନା )—୧ । ଅବମାନନା—
Amānanā 1. Disrespect; lack of esteem.

ଅମାନନା କଲେ ହୋଇବ ଅସନ୍ତୋଷ—କୃଷ୍ଣସିଂହ. ମହାଭାରତ. ଆଦି ।

୨ । ଅପମାନ—2. Insult.

କେବେହେଁ ତାହାକୁ ନ ଦେଲା, ଅନେକ ଅମାନନା କଲା ।
ଜଗନ୍ନାଥ. ଭାଗବତ. ୧୨ ।

୩ । ଆଦେଶକୁ ନ ମାନିବା—
3. Disregard or disobedience of order.

**ଅମାନବ**—ସଂ. ବିଣ. ( ଅ + ମାନବ )—୧ । ଅଲୌକିକ; ଅତିମାନୁଷ—
Amānaba
1. Superhuman.

୨ । ଯେ ମନୁଙ୍କ ବଂଶଧର ନୁହେ—
2. Not a descendant of Manu.

**ଅମାନସ୍ୟ**—ସଂ. ବି. (ଅମନସ୍ୟର ବିକଳ୍ପ ରୂପ )—ଅମନସ୍ୟ ( ଦେଖ )
Amānasya
Amanasya (See)

**ଅମାନିଆଁ** —ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅମାନ୍ୟ )—
Amāniān ୧ । ଯେ କୌଣସି କଥାକୁ ମାନେ ନାହିଁ ବା ଭ୍ରୂକ୍ଷେପ କରେ ନାହିଁ—1. Not caring for anything.
**अमानी**

୨ । ଯେ ଗୁରୁଜନଙ୍କୁ ମାନ୍ୟ କରେ ନାହିଁ—
2. Not showing proper respect to one's elders.

୩ । ଯାହାର ମାନସମ୍ଭ୍ରମର ଜ୍ଞାନ ନାହିଁ—
3. Having no sense of honour.

୪ । ବେଇଜ୍ଜତ୍; ମର୍ଯ୍ୟାଦାହୀନ—4. Disrespectful.

୫ । ନିର୍ଲଜ୍ଜ—5. Immodest.

୬ । ଅବାଧ୍ୟ—6. Insubordinate.

୭ । ଯେ ଆଜ୍ଞାକୁ ଖାତିର କରେ ନାହିଁ —
7. Disregarding an order.

୮ । ଯେ ଆଜ୍ଞା ପାଳେ ନାହିଁ—8. Disobedient.

ହର ଅମାନିଆଁ ଅଛି—ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୯ । ନିଜର ଦୋଷ ବା ଅପରାଧକୁ ମାନୁ ନ ଥିବା; ଦୋଷ ସ୍ୱୀକାର କରୁ ନ ଥିବା—9. Not admitting one's guilt; not confessing.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇଯ୍ଯ | ଉଅ | ଧ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଗ | ଇଅ | ଔ | ନ୍ଧ |

୧୦ । ( ସ୍ତ୍ରୀ )-ଦାଣ୍ଡେଈ; ଯେଉଁ ସ୍ତ୍ରୀ ଅବରୋଧ ପ୍ରଥାକୁ ନ ମାନି ବାହାରେ ବୁଲେ—
10. Not observing the rules of purdah.

୧୧ । (ପୁଂ. ଓ ସ୍ତ୍ରୀ) ମନମୁଖିଆ; ସ୍ବେଚ୍ଛାଚାରୀ—
11. Wayward; self-willed.

ଦେ. ବି. ( ସଂ. ଅମାନନା )—୧ । ଅମର୍ଯ୍ୟାଦା; ଅଗୌରବ; ଅସମ୍ମାନ—1. Want of respect or honour; dishonour.

୨ । ଆଜ୍ଞାର ଲଙ୍ଘନ ବା ଅପାଳନ—
2. Disobedience of order.

**ଅମାନତା**—ସଂ. ବି. (ସଂ. ଅମାନିନ୍ + ଭାବ. ତା)—୧ । ଗର୍ବହୀନତା—
Amānitā 1. Freedom from pride or arrogance.

୨ । ନମ୍ରତା; ବିନୟ—2. Modesty; humility.

**ଅମାନିନୀ**—ସଂ. ବିଣ. ସ୍ତ୍ରୀ ( ଅମାନିନ୍ + ସ୍ତ୍ରୀ. ଈ )—
Amānini ୧ । ଅମାନୀର ସ୍ତ୍ରୀଲିଙ୍ଗ—
1. Feminine of Amānī.

୨ । ଅଭିମାନରହିତା—
2. Freed from sullen displeasure.

ହର ଗୃହ ଯେନ ହେଲେ ଅମାନିନୀ ପରଣତ ଚନ୍ଦ୍ରାନନା—
କବିସୂର୍ଯ୍ୟ. ସଙ୍ଗୀତ ।

୩ । ଗର୍ବହୀନା— . Free from pride (woman)

**ଅମାନିଶା**—ସଂ. ବି. ( ୬ଷ୍ଠୀ ତତ୍; ଅମା + ନିଶା )—
Amāniśā ୧ । ଅମାବାସ୍ୟାର ଅନ୍ଧକାରମୟ ରାତ୍ରି—
1. The darknight of the new moon.

୨ । ( ଲକ୍ଷଣାର୍ଥ ) ଘୋର ଅନ୍ଧକାର—
2. Utter darkness.

**ଅମାନୀ**—ସଂ. ବିଣ. ପୁଂ. ( ଅ + ମାନିନ୍; ୧ମା. ୧ବ. )—
Amāni ୧ । ଗର୍ବଶୂନ୍ୟ; ନିରହଂକାର—
(ଅମାନିନୀ—ସ୍ତ୍ରୀ) 1 Free from pride or arrogance.

ଅମାନିତା } ବି.
ଅମାନିତ୍ବ }

୨ । ନମ୍ର; ବିନୀତ—
2. Humble; modest.

୩ । ସ୍ବସମ୍ମାନର ଅନଭିଲାଷୀ; ଯେ ଅନ୍ୟଠାରୁ ସମ୍ମାନ ପାଇବାକୁ ଲାଳାୟିତ ନୁହେ—
3. Not hankering after respect; not wishing to be honoured by others.

ସୁକଲ୍ୟ ଅମାନୀ ମାନବ; ଜବ ମଉନ ଶୁଦ୍ଧବୋଧ ।
ଜଗନ୍ନାଥ. ଭାଗବତ· ୧୧ଶ ।

**ଅମାନୁଷ**—ସଂ. ବିଣ. ( ନଞ୍ ତତ୍; ଅ + ମାନୁଷ )—
Amānusha ୧ । ଅତିମାନୁଷ; ଯାହା ସାଧାରଣ ମନୁଷ୍ୟର ଶକ୍ତିର
(ଅମାନୁଷୀ—ସ୍ତ୍ରୀ) ଅତୀତ—1. Superhuman.
(ଅମାନୁଷତା—ବି) ୨ । ଅଲୌକିକ; ଅସାଧାରଣ—
2. Uncommon; extraordinary.

୩ । ନିର୍ଦ୍ଦୟ; ନିଷ୍ଠୁର—3. Cruel; inhuman.

୪ । ଅମନୁଷ୍ୟତାପୂର୍ଣ୍ଣ; କାପୁରୁଷ—4. Unmanly.

୫ । ଯେ ବା ଯାହା ମନୁଷ୍ୟୋଚିତ ନୁହେ; ପାଶବିକ; ପୈଶାଚିକ—5. Beastly; demoniac; brutal.

୬ । ସ୍ବର୍ଗୀୟ—6. Divine; heavenly.

୭ । ଯାହା ମନୁଷ୍ୟ ସମ୍ବନ୍ଧୀୟ ନୁହେ—7. Not human.

(ଅମାନୁଷା—ସ୍ତ୍ରୀ) ୮ । ( ବହୁବ୍ରୀହି ) ଯେଉଁଠାରେ ଲୋକେ ବାସ କରନ୍ତି ନାହିଁ—8. Not inhabited by man (M. W.)

(ଅମାନୁଷୀ—ସ୍ତ୍ରୀ) ସଂ. ବି. ପୁଂ—୧ । ଯେ ମନୁଷ୍ୟ ନୁହେ—
1. Not a man.

୨ । ମନୁଷ୍ୟ ଛଡ଼ା ଅନ୍ୟ ଜୀବ—
2. A being other than man.

[ ଦ୍ର—ଯେଉଁ କୁଟକର୍ଷକମାନେ ଅମାନୁଷ ଅର୍ଥାତ୍ ମନୁଷ୍ୟ ଛଡ଼ା ଅନ୍ୟ ପ୍ରାଣୀଙ୍କୁ ମିଥ୍ୟା ଚିକିତ୍ସା କରନ୍ତି ତାଙ୍କୁ ଦଣ୍ଡ ଦେବା ରାଜାଙ୍କ କର୍ତ୍ତବ୍ୟ । ରାମଶଙ୍କର: ମନୁ ୯—୨୮୪ । ]

୩ । ଅମନୁଷ୍ୟ; ରାକ୍ଷସ—3. Demon.

ଅମାନୁଷର କାର୍ଯ୍ୟ କି କଲୁ ବୃକୋଦର । ସାରଳାମହାଭାରତ. ବନ ।

**ଅମାନୁଷଲୋକ**—ସଂ. ବି. ( କର୍ମଧା; ଅମାନୁଷ + ଲୋକ )—ସ୍ବର୍ଗ—
Amānushaloka Heaven; the celestial world (M. W.)

**ଅମାନୁଷିକ**—ସଂ. ବିଣ. ( ଅ + ମାନୁଷିକ )—ଅମାନୁଷ ( ଦେଖ )
Amānushika Amānusha ( See )

**ଅମାନୁଷ୍ୟ**—ସଂ. ବି. ( ଅ + ମାନୁଷ୍ୟ )—ଅମାନୁଷ ( ଦେଖ )
Amānushya Amānusha ( See )

**ଅମାନ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ମାନ + ଯ )—
Amānya ୧ । ଅମାନନୀୟ; ଯେ ପୂଜ୍ୟ ନୁହେ—
অমান্য 1. Not fit to be honoured or
**असम्मान** respected.

(ଅମାନ୍ୟା—ସ୍ତ୍ରୀ) ୨ । (ନଞ୍ ତତ୍; ଅ + ମାନ୍ୟ ) ଯାହା (ଯେଉଁ ଆଦେଶ ବା ନିୟମାଦି) ମାନିବା ଉଚିତ ନୁହେ; ଅପାଳନୀୟ—
2. ( rule or order ) Which ought not to be obeyed.

ଦେ. ବିଣ. ( ସଂ. ଅମାନିତ )—ଅସ୍ବୀକାରକାରୀ; ଯେ ନିଜର ଦୋଷକୁ ମାନେ ନାହିଁ; ଅମାନିଆ—
Not coufessing one's guilt.

ଦେ. ବି. ( ସଂ. ଅମାନନ )—
୧ । ଅସମ୍ମାନ; ସମ୍ମାନର ଅଭାବ—1. Want of respect; disrespect; dishonour.

୨ । ଅପମାନ—2. Insult.

୩ । ଅନାଦର; ଅବଜ୍ଞା—3. Disregard; slight.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ' ଦେଖିବେ ।

୪ । ଆଜ୍ଞାର ଅବଜ୍ଞା—4. Disregard of an order.
୫ । ଆଦେଶ ଲଂଘନ—
5. Disobedience to an order.

**ଅମାନ୍ୟ କରିବା**— ଦେ. କ୍ରି. ( ସଂ. ଅ + ମାନ୍ୟ )—
Amānya karibā ଆଜ୍ଞା ନ ମାନିବା; ଖାତିର ନ କରିବା—
অমান্যকরা 1. To disregard.
**নমানা** ୨ । (ଆଦେଶ) ଲଂଘନ କରିବା—2. To disobey.
୩ । ଅନାଦର କରିବା; ଅନାସ୍ଥା କରିବା—
3. To slight.
୪ । ଭକ୍ତି ନ କରିବା; ଉଚିତ ସମ୍ମାନ ନ ଦେଖାଇବା—
4. Not to show proper devotion.
ପିତାକୁ ଅମାନ୍ୟ କରି ଓଲଗୁ ମହଣା । ସାରଳାମହାଭାରତ. ବଣ ।
୫ । ଅପମାନ ଦେବା—5. To insult.

**ଅମାପ**— ଦେ. ବିଣ. ( ସଂ. ଅ + ମା ଧାତୁ; ସଂ. ଅମାପ୍ୟ )—
Amāpa ୧ । ଅପରିମେୟ; ଅପରିମିତ—
অমাপ 1. Immeasurable; unfathomable.
**অমেড়ো; বেহদ্** ୨ । ଅସଂଖ୍ୟ—2. Countless.
ଅମାପ ସୈନ୍ୟ ପଣ୍ଡବେ ଗଦାପଙ୍କ ଯୁଦ୍ଧେ
ଅଠରଅକ୍ଷୌହିଣୀ ଅଷ୍ଟାଦଶ ଦଳ ମଧ୍ୟେ । ସାରଳାମହାଭାରତ, ଉଦ୍ୟୋଗ ।
୩ । ବହୁତ; ଅତିବେଶି—3. Immence; vast.
ଜନ୍ମ ଫଳେ ଲଭି ସମ୍ପଦ ଅମାପ । ରାଧାନାଥ, ଦରବାର ।
୪ । ଅକଥନୀୟ; ଅବର୍ଣ୍ଣନୀୟ—4. Indescribable.
ଇନ୍ଦ୍ରାଦି ଦେବତାଏ ଯାଙ୍କୁ ସ୍ତୁତିଯୁତ
କେତେ ସନ୍ତୋଷିତ ହୋଇଣ ଅମାପ । କୃଷ୍ଣସିଂହ, ମହାଭାରତ. ବନ ।

**ଅମାବଇ**—ଗ୍ରା. ପ୍ରାଚୀନ ପଦ୍ୟ. ବି. ( ସଂ. ଅମାବସ୍ୟା )—
Amābai ଅମାବସ୍ୟା; କୃଷ୍ଣ ପକ୍ଷର ଅନ୍ତିମ ତିଥି—
অমাবোস্যি The day of the new-moon.
**অমাবস** ପିତୃଗଣେ ତୋଷି ଅମାବଇ କାର୍ଯ୍ୟ କିଦ୍ଧେ । ସାରଳା ମହାଭାରତ. ଉଦ୍ୟୋଗ ।

**ଅମାବସୀ**—ସଂ. ବି. (ଅମା = ସହିତ + ବସ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଈ—
Amābasī ଯେଉଁ ତିଥିରେ ସୂର୍ଯ୍ୟ ଓ ଚନ୍ଦ୍ର ସମ୍ମୁଖ ଭାବରେ ଅବସ୍ଥାନ କରନ୍ତି )—
ଅମାବସ୍ୟା; କୃଷ୍ଣ ପକ୍ଷର ଶେଷ ତିଥି—
The new-moon day.

[ ଦ୍ର—କେହି କେହି କହନ୍ତି—ଚନ୍ଦ୍ରର ଦ୍ୱିଭୁଜକଳାତ୍ମକ କିରଣ ସୂର୍ଯ୍ୟମଣ୍ଡଳରେ ପ୍ରବିଷ୍ଟ ହୋଇ ଅମାନାମ୍ନୀ କଳା ସଙ୍ଗେ ବାସ କରେ ବୋଲି ଏହାର ନାମ ଅମାବାସ୍ୟା ଅଥବା ଅମା = ସୂର୍ଯ୍ୟକିରଣ; ( ଅମାନାମରବେରଶ୍ମି ସ୍ତନ୍ଦ୍ରଲୋକେ ପ୍ରତିଷ୍ଠିତଃ ) ଚନ୍ଦ୍ର ଯେଉଁ ତିଥିରେ ସୂର୍ଯ୍ୟକିରଣ ସଙ୍ଗେ ବାସ କରେ କିମ୍ବା ଅମା କଳା ସଙ୍ଗେ ଚନ୍ଦ୍ର ସୂର୍ଯ୍ୟ ଏକତ୍ର ବାସ କରନ୍ତି ତାହା ଅମାବାସ୍ୟା । ବ୍ରହ୍ମ-ପୁରାଣରେ କଥିତ ଅଛି ଯେ, ପିତୃଗଣ ଯେଉଁ ସମୟରେ ପଞ୍ଚଦଶ କଳାତ୍ମକ ଚନ୍ଦ୍ରର ସୁଧା ପାନ କରନ୍ତି ତାହା ଅମାବସ୍ୟା । ସ୍କନ୍ଦରେ ଉକ୍ତ ଅଛି ଯେ, ଏହି ତିଥିରେ ଚନ୍ଦ୍ରର ପଞ୍ଚଦଶ କଳାର କ୍ଷୟ ହୁଏ; କେବଳ 'ଅମା' କଳା ରହେ ।

ବର୍ଷକର ୧୨ ମାସର ଅଧିକାଂଶ ଅମାବାସ୍ୟା ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଏ । ଯଥା— ମାର୍ଗଶିର— ଦୀପାବଳୀ ଅମାବାସ୍ୟା । ପୁଷ— ବଉଳ ( ସଂ. ବକୁଳ ) ଅମାବାସ୍ୟା । ମାଘ— ତିରବେଣୀ ( ସଂ. ତ୍ରିବେଣୀ ) ଅମାବାସ୍ୟା । ଫାଲ୍ଗୁନ—ଜାଗର ( ସଂ. ଉଜ୍ଜାଗରଣ ) ଅମାବାସ୍ୟା । ଚୈତ୍ର—ନମକୋଳ. ଅମାବାସ୍ୟା । ଜ୍ୟେଷ୍ଠ— ସାବିତ୍ରୀ ଅମାବାସ୍ୟା । ଆଷାଢ଼—ବିଜୟା ଅମାବାସ୍ୟା । ଶ୍ରାବଣ—ଚିତଉ ବା ଚିତାଲାଗି ( ସଂ. ଚିତ୍ରକ ) ଅମାବାସ୍ୟା । ଭାଦ୍ର—ସାତପୁର ( ସଂ. ସପ୍ତପୁରୀ ) ଅମାବାସ୍ୟା ଆଶ୍ୱିନ—ଫୁଲୁର ( ସଂ. ଫୁଲ୍ଲୋର ) ବା ମହାଳୟା ଅମାବାସ୍ୟା । କାର୍ତ୍ତିକ—ପୟା ( ସଂ. ପ୍ରଦୀପ ) ବା ଦେବାଲି ଅମାବାସ୍ୟା । ]

**ଅମାବସ୍ୟା**—ସଂ. ବି. ( ଅମା + ବସ ଧାତୁ + ଯ + ସ୍ତ୍ରୀ. ଆ )—
Amābasyā ଅମାବସୀ ( ଦେଖ )
Amābasi See

**ଅମାବାସୀ**—ସଂ. ବି. ( ଅମା + ବସ ଧାତୁ + ଅ + ସ୍ତ୍ରୀ. ଈ )—
Amābāsī ଅମାବସୀ ( ଦେଖ )—Amābasī (See)

**ଅମାବାସ୍ୟା**—ସଂ. ବି. ( ଅମା + ବସ ଧାତୁ + ଯ + ସ୍ତ୍ରୀ. ଆ )—
Amābāsyā ଅମାବସୀ (ଦେଖ )—Amābasī (See)

**ଅମାବୈ**—ଗ୍ରା. ବି. ( ପ୍ରାଚୀନ ଉତ୍କଳ ରାଜାଙ୍କ ସନନ୍ଦରେ ବ୍ୟବହୃତ)—
Amābai ଅମାବାସ୍ୟା—New-moon

**ଅମାମସୀ**—ସଂ. ବି. ( ଅମ = ସହିତ + ମସ ଧାତୁ = ପରିଣାମ କରିବା
Amāmasī ଅ + ସ୍ତ୍ରୀ. ଈ )—
ଅମାବସୀ ( ଦେଖ )
Amābasī ( See )

**ଅମାମାସୀ**—ସଂ. ବି. (ଅମା = ସହିତ + ମସ ଧାତୁ = ପରିମାଣ କରିବା +
Amāmāsī ଅ + ସ୍ତ୍ରୀ. ଈ )—
ଅମାବସୀ ( ଦେଖ )—Amābasī ( See )

**ଅମାୟ**— ସଂ. ବିଣ ପୁଂ. (ବହୁବ୍ରୀହି; ଅ + ମାୟା)—
Amāya ଅକପଟ; ସରଳ—Frank.
( ଅମାୟା— ସ୍ତ୍ରୀ )

**ଅମାୟା**—ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଅମାୟ )—
Amāyā ଅମାୟ; ଅକପଟ; ସରଳ—Frank.
ଦେ. ବିଣ. ସ୍ତ୍ରୀ—ଅମାୟର ସ୍ତ୍ରୀ ଲିଙ୍ଗ—
Feminine of Amāya.

**ଅମାୟିକ**—ସଂ. ବିଣ. ( ଅ + ମାୟିକ )—
Amāyika ୧ । ଅକପଟ; ସରଳ—1. Frank.
(ଅମାୟିକା — ସ୍ତ୍ରୀ) ୨ । ସରଳତାମୟ—
2. Full of frankness.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଵ | ନ୍ତ୍ର |

**ଅମାୟିକତା**—ସଂ. ବି. ( ଅମାୟିକ=ନିଷ୍କପଟ + ଭାବ. ତା )—
Amāyikatā ନିଷ୍କପଟତା—Frankness; candour.

**ଅମାର**—ବୈଦେ ବି. ( ଫା. ଅଁବାର; ସଂ. ମନ୍ଦିର )—
Amāra ଶସ୍ୟାଗାର; ଧାନକୋଠି; ଭଣ୍ଡାର—
হমার; আমার Granary; store-house for paddy
अमार; अंबार or grain.

**ଅମାରଗ**—ଗ୍ରା. ପଦ୍ୟ. ବି. ( ସଂ. ଅମାର୍ଗ )—ଅମାର୍ଗ ( ଦେଖ )
Amāraga Amārga ( See )
ଗ୍ରା. ବିଣ—ଅସୁସ୍ଥ (ଦେହ)—Sick
( ଯଥା—କାଲି ବହୁତ ରାତିରେ ଖାଇବାରୁ ଆଜି ସକାଳୁ ମୋ ଦେହ ଅମାରଗ ହୋଇଛି । )

**ଅମାରଗତ**—ଦେ. ବିଣ—୧ । ଭଣ୍ଡାରସ୍ଥିତ—1. Brought to the
Amāragata store-room; stored.
আমারগত ୨ । ଅମାରସଞ୍ଚିତ—
अमारसामिल 2 Stored in granary.

**ଅମାରଶତ୍ରୁ**—ଦେ. ବି. ( ଅମାର=ଅମର+ଶତ୍ରୁ )—
Amāraśatru ୧ । ଯାହାକୁ ମାରିବାକୁ କେହି ଶତ୍ରୁ ଜନ୍ମ ହୋଇ ନାହିଁ—1. A person whose killer has not yet been born
୨ । ଯେଉଁ ଶତ୍ରୁକୁ ମାରି ଯୋଗାଏ ନାହିଁ; ଯେଉଁ ଶତ୍ରୁକୁ ମାରିବାର ନୁହେ—2. An enemy who is not fit to be killed.
୩ । ପୋଷ୍ୟ ଶତ୍ରୁ; ଶତ୍ରୁଆଚରଣକାରୀ ପୋଷ୍ୟ ବ୍ୟକ୍ତି—
3. A dependant who turns out to be an enemy.

**ଅମାରି**—ବୈଦେ. ( ଅ ) ବି—ହାତୀ ଉପରେ ମନୁଷ୍ୟ ବସିବା ପାଇଁ
Amāri କସା ହେବା ଆବରଣଯୁକ୍ତ ଆସନ—
আমারী A covered saddle for an elephant.
अमारि
[ଦ୍ର—ଉପରେ ଆବରଣ ବା ଛାତ ନ ଥିବା ଆସନକୁ ହାଉଦା ବୋଲାଯାଏ ।]
ପାଉଥିଲେ ବଳେ ହେଲେ ନରବର ଆରୋହି ଦନ୍ତୀ
କୁମାରଙ୍କ ସଙ୍ଗେ ଅମାରିରେ ଯେଜ ବଳେ ହୁଅନ୍ତି ।
ରାଧାନାଥ—ଉଷା ।

**ଅମାରି କସିବା**—ଦେ. କ୍ରି—ହାତୀ ଉପରେ ମନୁଷ୍ୟ ବସିବା ପାଇଁ
Amāri kasibā ଆବରଣଯୁକ୍ତ ହାଉଦାକୁ ବାନ୍ଧିବା—
আমারী বাঁধা To put a covered saddle on an
अमारी कसना elephant.

**ଅମାଲୁ**—ଦେ. ବି.—ଅପମାଲୁ; ମାଲପୁଆ; ଘୃତପକ୍ୱ ପିଷ୍ଟକବିଶେଷ—
Amālu A kind of sweet cake boiled in
মালপুআ; গুড়পিঠা ghee.
मालपुवा
[ଦ୍ର—ଅଟା ଓ ଗୁଡ଼କୁ ଏକତ୍ର ଗୋଳି ପାଣିଆ କରି ଉକ୍ତ ପାଣିଆ ପିଠଉ(ଲଇ)କୁ ତଇ ବା ତଟ୍ଟକାତଳ ଥିବା କରେଇରେ ଫୁଟୁଥିବା ଘିଅରେ ଛାଣିଲେ ଏ ପିଠା ହୁଏ । ଅମାଲୁ ପାଇଁ ଅଟା ସଙ୍ଗେ ଚୁଟାରୁ ଚାରି ଓଜନର ଗୁଡ଼ ମିଶାଯାଇ ଗୋଳା ଯାଇଥିବା ପିଠଉକୁ ନଇ ବା ଲଇ ବୋଲାଯାଏ ।]

**ଅମାସିଆ**—ଗ୍ରା. ବି ( ସଂ. ଅମାବସ୍ୟା )—ଅମାବସୀ ( ଦେଖ )
Amāsiā Amābasī (See)

**ଅମାସ୍ୟା**—ଗ୍ରା. ବି ( ସଂ. ଅମାବସ୍ୟା )—ଅମାବସୀ ( ଦେଖ )—
Amāsyā Amābasī ( See )
ତେଣୁ ଅମାସ୍ୟା ନଶିଦିନ, ସେ ଦିନ ଦେହ କଲେ କ୍ଷୀଣ ।
ପ୍ରାଚୀ—ନିର୍ଗୁଣ ମାହାତ୍ମ୍ୟ ।

**ଅମି**—ପ୍ରାଦେ. ( ଉତ୍ତରଭାଷା ). ସର୍ବନାମ—ଆମ୍ଭେମାନେ—We,
Ami

**ଅମିଅ**—ଗ୍ରା. ବିଣ. ( ସଂ. ଅମୃତମୟ )—ଅମିୟ; ଅମୃତମୟ—Sweet.
Amia ଶୁଣି ତା ଅମିଅ ବଚନ । ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।
ଗ୍ରା. ବି—ଅମୃତ—Nectar.

**ଅମିତ**—ସଂ. ବିଣ. ( ଅ + ମିତ )—୧ । ଅପରିମିତ—
Amita 1 Unmeasured; intemperate.
୨ । ଅସୀମ—2. Boundless.
୩ । ( ଅମ୍ ଧାତୁ + କର୍ତ୍ତୃ. ତ )—ରୁଗ୍ଣ—3. Sick.
୪ । ଗତ—4. Gone.

**ଅମିତତେଜାଃ**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ବହୁବ୍ରୀହି; ଅମିତ + ତେଜସ୍;
Amitatejāḥ ୧ମା. ୧ବ. )—୧ । ଅତିଶୟ ବଳଶାଳୀ—
1. Very powerful.
୨ । ଅତ୍ୟନ୍ତ ଦୀପ୍ତିଶୀଳ—
2. Very luminous or brilliant.

**ଅମିତବିକ୍ରମ**—ସଂ. ବି. ( କର୍ମଧା; ଅମିତ + ବିକ୍ରମ )—
Amitabikrama ୧ । ଅସୀମ ବଳ ବା ପରାକ୍ରମ—
(ଅମିତବିକ୍ରମା—ସ୍ତ୍ରୀ ) 1. Boundless strength.
୨ । (ବହୁବ୍ରୀହି)—ବିଷ୍ଣୁଙ୍କ ନାମାନ୍ତର—
2. A name of Bishṇu.
ସଂ. ବିଣ. ପୁଂ (ବହୁବ୍ରୀହି)—ଯାହାର ପରାକ୍ରମ ଅସୀମ ଅଟେ—
Of boundless strength.

**ଅମିତବିକ୍ରମୀ**—ସଂ. ବିଣ. ପୁଂ. ( ଅମିତବିକ୍ରମ + ଅଛି ଅର୍ଥରେ; ଇନ୍.
Amitabikramī ୧ମା. ୧ବ. )—ଅସୀମ ବଳଶାଳୀ—
Of unbounded strength.

**ଅମିତବ୍ୟୟ**—ସଂ. ବି. ( କର୍ମଧା; ଅମିତ=ଅସୀମ + ବ୍ୟୟ=ଖର୍ଚ୍ଚ )—
Amitabyaya ବୃଥା ଖରଚ; ଅପବ୍ୟୟ; ବାହାଖରଚ—
Extravagance; prodigality.

**ଅମିତବ୍ୟୟିତା**—ସଂ. ବି. ( ଅମିତବ୍ୟୟିନ୍ + ଭାବ. ତା )—
Amitabyayitā ଅପବ୍ୟୟ କରିବାର ଅଭ୍ୟାସ—
Habit of spending too much; prodigality.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଠ' ନ ମିଳିଲେ 'ଗାଣ୍ଠି' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମିତବ୍ୟୟୀ**—ସଂ. ବିଣ. ପୁଂ. (ଅମିତବ୍ୟୟ + ଇନ୍; ୧ମା. ୧ବ.)— Amitabyayi ଯାହାଖରଚୀ; ଅପବ୍ୟୟୀ—Extravagant; (ଅମିତବ୍ୟୟିନୀ—ସ୍ତ୍ରୀ) spend-thrift; prodigal. (ଅମିତବ୍ୟୟିତା—ଭ୍ଭ)

**ଅମିତୌଜାଃ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅମିତ=ଅସୀମ + Amitaujāh ଓଜସ୍=ବଳ; ୧ମା. ୧ବ.)— ଯାହାର ଅସୀମ ବଳ ଅଛି—Of immense strength.

**ଅମିତ୍ର**—ସଂ. ବିଣ. (ଅ=ନୁହେଁ + ମିତ୍ର=ବନ୍ଧୁ)—୧ । ଶତ୍ରୁଭାବଯୁକ୍ତ— Amitra 1. Inimical. (ଅମିତ୍ରତା—ଭ) ୨ । ମିତ୍ରହୀନ—2. Friendless. ଦେ. ବି—ଶତ୍ରୁ—Enemy.

ଅଳପ ଧନରେ ହୁଅଇ ସେ ଅମିତ୍ର । କୃଷ୍ଣସିଂହ. ମହାଭାରତ ।

**ଅମିତ୍ରାକ୍ଷର**—ସଂ. ବି. (ଅ + ମିତ୍ରାକ୍ଷର)—ପଦ୍ୟରେ ପ୍ରଥମ ଧାଡ଼ିର Amitrākshara ଶେଷାକ୍ଷର ସଙ୍ଗେ ପରବର୍ତ୍ତୀ ଧାଡ଼ିର ଶେଷାକ୍ଷର ନ ମିଳିବା—Want of rhyme in poetry.

ସଂ. ବିଣ—ମିତ୍ରାକ୍ଷରବିରହିତ (ପଦ୍ୟ)— Blank (verse)

**ଅମିତ୍ରାକ୍ଷରଛନ୍ଦ**—ସଂ. ବି—ମିତ୍ରାକ୍ଷରବିରହିତ ପଦ୍ୟ; ଯେଉଁ ପଦ୍ୟର Amitrāksharachhanda ପ୍ରଥମ ଧାଡ଼ିର ଶେଷ ଅକ୍ଷର ସଙ୍ଗେ ପରବର୍ତ୍ତୀ ଧାଡ଼ିର ଶେଷ ଅକ୍ଷର ମିଳେ ନାହିଁ— Blank verse.

ପଙ୍କଜବାସିନ ଦେବ ଉତ୍କଳଭାରତ,
ସାରଳେ କି କଲେ, କହ; କୁରୁଚୂଡ଼ାମଣି—ରାଧାନାଥ. ମହାଯାତ୍ରା ।

[ଦ୍ର—ଉତ୍କଳରେ ପ୍ରଥମେ ରାୟ ବାହାଦୁର ରାମଶଙ୍କର ରାୟ ଅମିତ୍ରାକ୍ଷରଛନ୍ଦ ରଚନା କରନ୍ତି ଓ ପରେ କବିବର ରାଧାନାଥ ଅମିତ୍ରାକ୍ଷରଛନ୍ଦ ବ୍ୟବହାର କରି ଅନେକ କବିତା ଲେଖିଅଛନ୍ତି ।]

**ଅମିନ**—ବୈଦେ. (ଅ) ବି—ଭୂମି ମାପ କରିବା ଅଧସ୍ତନ କର୍ମଚାରୀ— Amina A subordinate surveyor; ameen; আমিন [ଦ୍ର—ଏ ଶବ୍ଦ ଇଂରାଜୀରେ ଚଳେ ।] **अमीन**

**ଅମିନଆଲ୍ଲା**—ବୈଦେ. (ଅ) ବି—ଇଂରାଜମାନେ ବଙ୍ଗଦେଶକୁ ଅଧିକାର Aminaālla କରିବାର ପ୍ରଥମ ଅବସ୍ଥାରେ ଦେବାନି ବିଚାର আমিনালা କରିବାରେ ନିଯୁକ୍ତ ଅଧସ୍ତନ କର୍ମଚାରୀବିଶେଷ— **अमिनाल्ला** A class of subordinate judicial officers employed by the British government when they first occupied Bengal.

**ଅମିନୀ**—ଦେ. ବି. (ଅ)—ଅମିନର କାର୍ଯ୍ୟ—Ameenship; the Amini post of an ameen. আমিনী **अमीनी**

**ଅମିୟ**—ଦେ. ବିଣ. (ସଂ. ଅମୃତମୟ)—୧ । ଅମୃତମୟ— Amiya 1. Full of nectar. অমিয় ୨ । ସୁମଧୁର—2. Very sweet.

ତାହା ଶୁଣିଲେ ସେ ହୋଇବ ଅମିୟ ଭଷ;
ସମଦର୍ଶୀ ସୈନ୍ୟଙ୍କୁ ତୋ ଇଚ୍ଛାରେ ପରଶ—ସାରଳାମହାଭାରତ. ଅ. ।

ଦେ. ବି. ଅମୃତ—Nectar; elixir of life.

**ଅମିୟପଥ**—ଦେ. ବି.—(ବଙ୍ଗଳାଭାଷାରେ ହୋମିଓପାଥିର ଅନୁବାଦ)— Amiyapatha Homeopathy. [ଦ୍ର—ବଙ୍ଗୀୟ ଡାକ୍ତର ଶ୍ରୀଚନ୍ଦ୍ରଶେଖର କାଳଙ୍କଦ୍ୱାରା ବ୍ୟବହୃତ]

**ଅମିର୍**—ବୈଦେ (ଆ) ବି. ପୁଂ.—୧ । ଉଚ୍ଚକୁଳୋଦ୍ଭବ ବ୍ୟକ୍ତି— Amir 1. A noble person. আমীর ୨ । ଧନୀବ୍ୟକ୍ତି—2. A rich man. **अमीर** ୩ । ଅଫଗାନିସ୍ଥାନର ରାଜାଙ୍କ ଉପାଧି— (ଫକୀର୍—ବିପରୀତ) 3. Title of the king of Afganistan ୪ । ମୁସଲମାନଙ୍କ ନାମ— 4. A name amongst Mahomedans [ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ଚଳୁଛି ।]

**ଅମିର୍‌ଉମ୍‌ରା**—ବୈଦେ. ବି. ସମ୍ବନ୍ଧ. (ଆ=ଅମୀର୍ + ଉମରାଓ; ବହୁ- Amirumrā ବଚନ)—ରାଜ୍ୟର ବା ଦେଶର ଧନୀ ଓ ସମ୍ଭ୍ରାନ୍ତ আমীরউমরা ବ୍ୟକ୍ତିଗଣ—The gentry and nobility **अमीरउमराओ** of a country

**ଅମିରମିଜାଜ୍**—ବୈଦେ. ବି. (ଆ. ଅମୀର୍ + ମେଜାଜ୍)— Amirmijāj ୧ । ବଡ଼ଲୋକଙ୍କ ପରି ବେଖାତିରଥ ମନ ବା ପ୍ରକୃତି— আমীরমেজাজ 1. Careless disposition like **अमीरमेजाज** that of a rich man. ୨ । ଉଦାର ପ୍ରକୃତି—2. Liberal mind. ୩ । ଦାନଶୀଳ ପ୍ରକୃତି— 3. Generous disposition.

**ଅମିରମିଜାଜିଆ**—ଦେ. ବିଣ. (ଆ. ଅମୀରମେଜାଜୀ)— Amirmijājiā ଅମିରମିଜାଜୀ (ଦେଖ) Amirmijāji (See)

**ଅମିରମିଜାଜୀ**—ବୈଦେ ବିଣ. (ଆ. ଅମୀର ମେଜାଜୀ)—୧ । ଯାହାର Amirmijāji ମନ ଅମିରଙ୍କ ମନ ପରି ଉଦାର— আমীরমেজাজী 1. Liberal-minded. **आमीरमेजाजी** ୨ । ବଡ଼ଲୋକଙ୍କ ପରି ଯେ ଧନ ବ୍ୟୟ ପ୍ରତି ଖାତିର କରେ ନାହିଁ—2. Not careful in money-matters like a rich man.

**ଅମିରୀ**—ବୈଦେ. (ଆ) ବି.—ଅମିର୍‌ପଣ—The state of being Amiri an Amir. আমীরী ବୈଦେ. (ଆ) ବିଣ.—ଅମିର୍‌ସମ୍ବନ୍ଧୀୟ— **अमीरी** Relating to an Amir.

**ଅମିଲ୍**—ବୈଦେ. (ଆ) ବି.—ସୁବାଦାର ୧ (ଦେଖ) Amil Subādār 1. (See) আমীল **अमील**

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଷ୍ମ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଔ | କୃ |

**ଅମିଶା**—ଦେ. ବଣ.—୧ । ( ସଂ. ଅମିଶ୍ରିତ )—ଅମିଶ୍ରିତ; ଯାହା ଏକତ୍ର
**Amiśā** ମିଶ୍ରିତ ହୋଇ ନାହିଁ—1. Unmixed.
অমেশা ୨ । ବିଶୁଦ୍ଧ; ଯହିଁରେ ବାଜେ ପଦାର୍ଥ ମିଶା ଯାଇ ନାହିଁ—
**निराला** 2. Unadulterated.
୩ । ଯେଉଁ ରାଶିମାନଙ୍କର ମିଶାଣ ବା ଯୋଗ କରା ଯାଇ ନାହିଁ-
3. Not added together.
ଗ୍ରା. ବି. ( ସଂ. ଅମାବସ୍ୟା )—ଅମାବସ୍ୟା—The day of the new moon.

**ଅମିଶାଣ**—ଦେ. ବଣ. (ସଂ. ଅ+ମିଶ୍ରଣ)—ଯେଉଁ ରାଶି ସବୁର ମିଶାଣ
**Amiśāṇa** ବା ଯୋଗକ୍ରିୟା କରା ଯାଇ ନାହିଁ—
1. Not added together.
୨ । ଯେଉଁ ଲୋକ ଅନ୍ୟ ଲୋକଙ୍କ ସଙ୍ଗେ ମିଳାମିଶା କରିବାକୁ ସୁଖ ପାଏ ନାହିଁ; ଏକୁଟିଆବାଟିଆ; ଅମିଶୁଆ—
2. (a person) Who does not like to mix with others on equal terms in society; unsociable.

**ଅମିଶୁଆ**—ଦେ. ବଣ. ପୁଂ. ( ସଂ. ଅ+ମିଶ୍ରଣ )—ଯେଉଁ ଲୋକ ଅନ୍ୟ
**Amiśuā** ଲୋକଙ୍କ ସଙ୍ଗେ ମିଳା ମିଶା କରିବାକୁ ସୁଖ ପାଏ ନାହିଁ;
অমিশুক ଏକୁଟିଆବାଟିଆ; ଅମିଶାଣ—(a person) Who does
**अनमेल** not like to mix with others on equal
(ଅମିଶୋଇ—ସ୍ତ୍ରୀ) terms in society; unsociable.

**ଅମିଶ୍ର**—ସଂ. ବଣ. (ଅ+ମିଶ୍ର)—୧ । ଅମିଶ୍ରିତ; ଅନ୍ୟ ପଦାର୍ଥ ସଙ୍ଗେ
**Amiśra** ମିଶି ନ ଥିବା—1. Unmixed.
୨ । ବିଶୁଦ୍ଧ; ଖାଣ୍ଟି; ଯହିଁରେ ବାଜେ ଜିନଷ ମିଶି ନ ଥାଏ—
2. Unadulterated; pure.
୩ । (ଗଣିତ) ଯେଉଁ ରାଶିରେ ଅନ୍ୟ ବିଜାତୀୟ ସଂଖ୍ୟା ମିଶି-ନାହିଁ—3. (Mathematics) Simple (number).

**ଅମିଶ୍ରଗଣିତ**—ସଂ. ବି ( ସଂ. ଅମିଶ୍ର+ଗଣିତ )—
**Amiśragaṇita** ଯେଉଁ ଗଣିତ ଶାସ୍ତ୍ରରେ ଅମିଶ୍ର ରାଶି ବିଷୟ ଆଲୋଚିତ ହୁଏ—
Arithmetic dealing with simple numbers.

**ଅମିଶ୍ରଗୁଣନ**—ସଂ. ବି ( ୬ଷ୍ଠୀ ତତ୍; ଅମିଶ୍ର+ଗୁଣନ)—
**Amiśraguṇana** ( ଗଣିତ ) ଏକ ଅମିଶ୍ର ରାଶି ସଙ୍ଗେ ଅନ୍ୟ ଅମିଶ୍ର ରାଶିର ଗୁଣନ—
( Arithmetic ) Simple multiplication.
[ଦ୍ର—ଏହିପରି ଗଣିତଶାସ୍ତ୍ରରେ ଅମିଶ୍ର ଯୋଗ ବା ସଂକଳନ, ଅମିଶ୍ର ବିଯୋଗ ବା ବ୍ୟକଳନ, ଅମିଶ୍ର ହରଣ ଶବ୍ଦମାନ ବ୍ୟବହୃତ ହୁଏ । ]

**ଅମିଶ୍ରରାଶି**—ସଂ. ବି ( କର୍ମଧା; ଅମିଶ୍ର+ରାଶି )—
**Amiśrarāśi** ( ଗଣିତ ) ଯେଉଁ ରାଶିରେ ଅନ୍ୟ ବିଜାତୀୟରାଶି ମିଶି ନ ଥାଏ; ପୂର୍ଣ୍ଣସଂଖ୍ୟା—
( Arithmetic ) Simple numbers.
[ ଦ୍ର—ଅମିଶ୍ର ରାଶି ଯଥା—ଟ ୫୧ ପାଞ୍ଚଟଙ୍କା; ମିଶ୍ରରାଶି ଯଥା—ଟ ୫।/୫ ପାଞ୍ଚ ଟଙ୍କା, ପାଞ୍ଚ ଅଣା, ପାଞ୍ଚ ପାହୁଲା ]

**ଅମିଶ୍ରିତ**—ସଂ. ବଣ ( ଅ+ମିଶ୍ରିତ )—
**Amiśrita** ଅମିଶ୍ର (ଦେଖ )—Amiśra ( See )

**ଅମୀ**—ସଂ. ବଣ. ପୁଂ ( ଅମ=ରୋଗ+ଇନ୍; ୧ମା. ୧ବ )—
**Amī** ପୀଡ଼ିତ; ରୁଗ୍ଣ—Ailing; sick.
( ଅମିନୀ—ସ୍ତ୍ରୀ ) ସଂ. ବି. ପୁଂ.—ରୋଗୀ; ରୁଗ୍ଣବ୍ୟକ୍ତି—
Invalid.

**ଅମୁକ**—ସଂ. ସର୍ବନାମ. ପୁଂ ( ସଂ. ଅଦସ୍=ଏହି+କଣ୍; ନିପାତନ
**Amuka** ଅନିର୍ଦ୍ଦିଷ୍ଟନାମା ବା ଉଦ୍ଦିଷ୍ଟନାମା କୌଣସି ବ୍ୟକ୍ତି ବା
( ଅମୁକା—ସ୍ତ୍ରୀ ) ବସ୍ତୁର ନାମ ନ ଧରି ତାକୁ ଲକ୍ଷ୍ୟ କରି ବ୍ୟବହୃତଶବ୍ଦ)—
ଫଲଣା; ସେ, ସେହି (ବ୍ୟକ୍ତି ବା ବସ୍ତୁ )—
Such or such a person or thing; a thing or person referred to without mention of the name.
[ଦ୍ର—ଭାଷାରେ ଅମୁକ ଶବ୍ଦ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ମଧ୍ୟ ବ୍ୟବହୃତ ହୁଏ]
অমুক ଦେ. ବଣ. ପୁଂ—କୌଣସି ନିର୍ଦ୍ଦିଷ୍ଟ (ବ୍ୟକ୍ତି ବା ବସ୍ତୁ )
**अमुक; फलाना** A certain person or thing.

**ଅମୁକଇ**—ଗ୍ରା. ସର୍ବନାମ ( ସଂ. ଅମୁକ )—
**Amukai** ଅମୁକ ( ଦେଖ )—Amuka ( See )
অমুক
**अमुक**

**ଅମୁକଢମୁକ**—ଦେ. ସର୍ବନାମ (ସଂ. ଅମୁକ+୨ୟ ଶବ୍ଦ ଅନର୍ଥକ ସହଚର, ବହୁବଚନ )—
**Amukaḍhamuka**
অমুকটমুক; অমকতুস্মুক ୧ । ସେ ଏବଂ ସେ—
**अमका ढमका** 1. That and that.
୨ । ଅମୁକ ଓ ଅମୁକ ଲୋକ ବା ବସ୍ତୁଗଣ—
2. Such and such persons or things.

**ଅମୁକତମୁକ**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ (ସହଚର ବହୁବଚନ)
**Amukatamuka** ( ସଂ. ଅମୁକ+ଅନର୍ଥକ ସହଚର )—
ଅମୁକଢମୁକ ( ଦେଖ ) Amukaḍhamuka ( See )

**ଅମୁକସମୁକ**—ଦେ. ସର୍ବ ( ସହଚର )—ଅମୁକଢମୁକ ( ଦେଖ )
**Amukasamuka** Amukaḍhamuka ( See )

**ଅମୁକାଇ**—ଗ୍ରା. ସର୍ବ. ( ସଂ. ଅମୁକ )—ଅମୁକ ( ଦେଖ )
**Amukāi** Amuka ( See ).

**ଅମୁକେଇ**—ଗ୍ରା. ସର୍ବ. ( ସଂ. ଅମୁକ )—ଅମୁକ ( ଦେଖ )
**Amukei** Amuka ( See )

**ଅମୁକ୍ତ**—ସଂ. ବଣ. ( ଅ+ମୁକ୍ତ )—୧ । ଯେ ବନ୍ଧନରୁ ମୁକ୍ତ ହୋଇନାହିଁ—
**Amukta**
1. Not yet released from captivity; not at liberty.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼ି' ନ ମିଳିଲେ 'ଶାଢ଼ୀ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୀ' ନ ପାଇଲେ 'ଅଙ୍କି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯେ ମୁକ୍ତି ବା ମୋକ୍ଷ ଲାଭ କରି ନାହିଁ—
2. One who has not yet attainded salvation.

୩ । ଆବଦ୍ଧ—3. Confined.

୪ । ଅପରିତ୍ୟକ୍ତ—4. Not abandoned.

୫ । ଅପରିଷ୍କୃତ—5. Not clean.

୬ । ଆବୃତ; ଯାହା ଖୋଲା ନୁହେଁ—
6. Covered; not bare.

ସଂ. ବି. କ୍ଲୀ—ହସ୍ତ ଧୃତ ଛୁରିକାଦି ଅସ୍ତ୍ର ।
( ଜ୍ଞାନେନ୍ଦ୍ର ଅଭିଧାନ । )
Weapon held in the hand.

**ଅମୁଣିଆଁ**—ଦେ. ବି. ଓ ବିଣ —ଅମଣିଆଁ (ଦେଖ)
Amuṇiān̄ — Amaṇiān̄ (See)

**ଅମୁତ୍ର**—ସଂ. ଅ. (ସଂ. ଅଦସ୍ = ଏହି + ୭ମୀ ବିଭକ୍ତି ସ୍ଥାନରେ. ତ୍ର)—
Amutra ୧ । ପରକାଳରେ—1. In the life after death.
(ଅନ୍ୟ; ଇହ—ବିପରୀତ)

୨ । ଜନ୍ମାନ୍ତରରେ—2. In the next life on earth.

**ଅମୁଦ**—ସଂ. ବିଣ. ( ଅ + ମୁଦ ଧାତୁ + ଅ )—
Amuda ଆମୋଦଶୂନ୍ୟ; ହର୍ଷରହିତ—Joyless.

ସଂ. ବି—ଆମୋଦର ଅଭାବ—Joylessness.

ଦେ. ବିଣ (ସଂ. ଅମୁଦ୍ରିତ)—ଅମୁଦା ( ଦେଖ )
Amudā ( See )

**ଅମୁଦା**—ଦେ. ବିଣ. ( ସଂ. ଅମୁଦ୍ରିତ )—
Amudā ୧ । ଅମୁଦ୍ରିତ; ମୋହର ମରା ଯାଇ ନଥିବା; ମୁଦ ଦିଆ ଯାଇ ନ ଥିବା—
आमुदा
**बेमुहर; खुला** 1. Unsealed; having no seal on it.

୨ । ଖୋଲା; ଯାହା ବୁଜା ହୋଇ ନାହିଁ—
2. Open; not shut up.
( ଯଥା—ଅମୁଦା ଘର; ଅମୁଦା ଫୁଲ ।)

୩ । ବନ୍ଦ କରା ଯାଇ ନ ଥିବା—3. Not closed
( ଯଥା—ଅମୁଦା ଦୁଆର । )

୪ । ଜଉମୁଦ କରା ଯାଇ ନ ଥିବା—
4. Not sealed with lac.
( ଯଥା—ଅମୁଦା ଲଫାପା । )

୫ । ଯେଉଁ ଦେଉଳର ମୁଣ୍ଡି ମରା ଯାଇ ନାହିଁ; ଲଣ୍ଡା (ଦେଉଳ)—5. (temple) Of which the hole at the top has not yet been closed; unclosed at the top.

୬ । ଯହିଁରେ କୌଣସି ସଙ୍କେତ ବା ଜ୍ଞାପକଚିହ୍ନ ନାହିଁ—
6. Having no distinctive mark on it.

**ଅମୁଦ୍ରା**—ଦେ. ବିଣ. ( ସଂ. ଅ+ମୁଦ୍ରା )—
Amudrā ୧ । ଯେଉଁ ଦ୍ରବ୍ୟରେ କୌଣସି ଚିହ୍ନ ବା ସଙ୍କେତ ନାହିଁ-
1. (thing) Having no distinctive mark on it.

ବୈଦେହୀ ତାହା ଲୋପ କରାଏ; ବାଛି ଅମୁଦ୍ରା ଦ୍ରବ୍ୟ ପଠାଏ।
ଉପେନ୍ଦ୍ର. ବୈଦେହୀଶବିଳାସ ୨୨।୩୮ ।

୨ । ଯେଉଁ ଟଙ୍କାରେ ସିକା ବା ମୋହର ନାହିଁ—
2. (coin) Bearing no seal.

**ଅମୁଦ୍ରିତ**—ସଂ. ବିଣ. ( ଅ+ମୁଦ୍ରିତ )—
Amudrita ୧ । ଛପା ହୋଇ ନ ଥିବା—1. Not printed.

୨ । ଅପ୍ରକାଶିତ (ପୁସ୍ତକ)—2. Unpublished.

୩ । ଅମୁଦା ( ଦେଖ )—3. Amudā ( See )

**ଅମୁରା**—ଦେ. (ପ୍ରାଚୀନ; ମାଦଳା ପାଞ୍ଜିବ୍ୟବହୃତ) ବି. (ମୂଳ ସଂ. ଚମୂପତି)—
Amurā ସେନାପତି—General

**ଅମୁରୁଚ୍ଛିକ**—ଗ୍ରା. ବିଣ—ଅମୁରୁଚ୍ଛୁକ ( ଦେଖ )
Amuruchhika — Amuruchhuka ( See )

**ଅମୁରୁଚ୍ଛିକା**—ଗ୍ରା. ବିଣ—ଅମୁରୁଚ୍ଛୁକା ( ଦେଖ )
Amuruchhikā — Amuruchhukā ( See )

**ଅମୁରୁଚ୍ଛିକୀ**—ଗ୍ରା. ବିଣ—ଅମୁରୁଚ୍ଛୁକୀ ( ଦେଖ )
Amuruchhikī — Amuruchhukī ( See )

**ଅମୁରୁଚ୍ଛୁକ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—
Amuruchhuka ୧ । ହାଇଁପାଇଁ; ପ୍ରିୟ ବା ଇପ୍ସିତ ବା ଦୁଷ୍ପ୍ରାପ୍ୟ ପଦାର୍ଥ ପାଇବା ପାଇଁ ଲାଳାୟିତ ବା ବ୍ୟଗ୍ର-
উৎসুক, লালচে
**ललचायाहुआ; लालची**
1. Hankering after a dearly loved or rare thing; yearning.

୨ । ପ୍ରିୟ ବା ଇପ୍ସିତ ବସ୍ତୁର ଅପ୍ରାପ୍ତି ଯୋଗୁଁ ଦୁଃଖିତ—
2. Sorry at not getting a coveted thing.

**ଅମୁରୁଚ୍ଛୁକା**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅମୁରୁଚ୍ଛୁକ (ଦେଖ)
Amuruchhukā — Amuruchhuka ( See )

**ଅମୁରୁଚ୍ଛୁକୀ**—ଗ୍ରା. ବିଣ. ସ୍ତ୍ରୀ—ଅମୁରୁଚ୍ଛୁକର ସ୍ତ୍ରୀଲିଙ୍ଗ
Amuruchhukī Feminine of Amuruchhuka.

**ଅମୁରୁଚ୍ଛୁକୁ**—ଗ୍ରା. ବିଣ. ପୁ. ଓ ସ୍ତ୍ରୀ—ଅମୁରୁଚ୍ଛୁକ ( ଦେଖ )
Amuruchhuku — Amuruchhuka ( See )

**ଅମୁର୍ଚ୍ଛିକ**—ଗ୍ରା. ବିଣ.— ଅମୁରୁଚ୍ଛୁକ ( ଦେଖ )
Amurchhika — Amuruchhuka ( See )

**ଅମୁର୍ଚ୍ଛୁକ**—ଗ୍ରା. ବିଣ.— ଅମୁରୁଚ୍ଛୁକ ( ଦେଖ )
Amurchhuka — Amuruchhuka ( See )

**ଅମୁର୍ଚ୍ଛୁକା**—ଗ୍ରା. ବିଣ.— ଅମୁରୁଚ୍ଛୁକ ( ଦେଖ )
Amuruchhukā — Amuruchhuka ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଙ୍କଅ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଂ୍ୟ | ଇଅ | ଙ୍କ | ନ୍ତ |

**ଅମୁର୍ଛୁକୀ**—ଗ୍ରା. ବିଣ.—ଅମୁରୁଛୁକୀ ( ଦେଖ )
Amurchhuki — Amuruchhukī ( See )

**ଅମୁଲ**—ଦେ. ବିଣ. ( ସଂ. ଅମୂଲ୍ୟ )—
Amula — ୧ । ଅମୂଲ୍ୟ; ଯାହାର ମୂଲ୍ୟ ନିରୂପିତ ହୋଇ ନପାରେ—
अमूल्य — 1. Priceless; invaluable.
अनमोल — ୨ । ବହୁମୂଲ୍ୟ—2. Very valuable.
୩ । ମହର୍ଘ—3. Dear.
ଦେ. ବି. ୧ । ଅତି ଉଚ୍ଚ ମୂଲ୍ୟ—1. Very high price; exorbitant price.
୨ । ଯେଉଁ ମୂଲ୍ୟ ଦେଇ କୌଣସି ବସ୍ତୁ କିଣିବା ଅସମ୍ଭବ—2. Prohibitive price.

**ଅମୁଲମୁଲ**—ଦେ. ବିଣ ( ସଂ. ଅମୂଲ୍ୟ+ମୂଲ୍ୟ )—
Amulamula — ୧ । ଅତି ଅଧିକ ମୂଲ୍ୟର—
अमूल्य — 1. Of very high price;
अनमोल — very valuable.
୨ । ଅତି ମହର୍ଘ—2. Very very dear.
୩ । ଅମୂଲ୍ୟ—3. Invaluable, priceless
କାଲି ହେବ ପସ ଶହେ ଖାଡିଏ, ଗୋଷ ଠ ଅମୁଲମୁଲ—ଚଉ।
୪ । ପ୍ରକୃତ ମୂଲ୍ୟଠାରୁ ବେକାୟୁ ବେଶି ମୂଲ୍ୟର—4. Exorbitant in price; of much more than the proper price.
୫ । ଲୋକେ କିଣି ନ ପାରିବା ଭଳି ମୂଲ୍ୟର—5. Of prohibitive price.
ଦେ. ବି.—୧ । ପ୍ରକୃତ ମୂଲ୍ୟଠାରୁ ଅତି ବେଶି ମୂଲ୍ୟ—1. Exorbitant price.
୨ । ଲୋକେ କିଣି ନ ପାରିବା ଭଳି ଦାମ୍—2. Prohibitive price.
୩ । ଉଚିତ ମୂଲ୍ୟ ଅପେକ୍ଷା ଢେର୍ କମି ଦାମ୍—3. Much less than the proper price.
୪ । ଅତି ଅଧିକ ମୂଲ୍ୟ—4. Very high price.

**ଅମୁଲମୁଲ କହିବା**—ଦେ. କ୍ରି—୧ । ବହୁମୂଲ୍ୟ ବସ୍ତୁକୁ ଅଳ୍ପ ମୂଲ୍ୟର
Amulamula kahibā — ବୋଲି କହିବା—
अनमोल करना — 1. To undervalue a thing.
୨ । କୌଣସି ବସ୍ତୁ ପାଇଁ ଉଚିତ ମୂଲ୍ୟ ଅପେକ୍ଷା ଅତ୍ୟଧିକ ମୂଲ୍ୟ ହାକିବା—2. To charge a very exorbitant price for a thing; to charge much more than the proper price.

**ଅମୁଲମୁଲେଇବା**—ଦେ. କ୍ରି—ଅମୁଲମୁଲ କହିବା (ଦେଖ)
Amulamuleibā — Amulamula kahibā (See)

**ଅମୁଷ୍ୟ**—ସଂ. ବିଣ. ପୁଂ. (ଅଦସ୍ ଶବ୍ଦ+ଯ)—୧ । ଅମୁକର—
Amushya — 1. Of such a one.
୨ । ପ୍ରସିଦ୍ଧ; ଖ୍ୟାତ—2. Famous.

**ଅମୁଷ୍ୟପୁତ୍ର**—ସଂ. ବି. ପୁଂ. ( ଅମୁଷ୍ୟ=ଅମୁକ ବଂଶର+ପୁତ୍ର )—ପ୍ରସିଦ୍ଧ-
Amushyaputra — ବଂଶଜାତ ପୁତ୍ର—The son of a famous family.

**ଅମୁହାଁ**—ଦେ. ବିଣ.—(ସଂ. ଅ+ମୁଖ )—ଯେଉଁ ଦେଉଳ, ଗଳି, ଘର
Amuhā̃ — ଆଦିର ପ୍ରବେଶଦ୍ବାର ନାହିଁ—1. ( temple or room ) Having no inlet or entrance.
୨ । ଦ୍ବାରହୀନ (ଗୃହ)—2. Doorless (house).
୩ । ଯେଉଁ ଗଳିରେ ପଶିବା ବାଟର ବିପରୀତ ଦିଗରେ ବାହାରି ଯିବାକୁ ବାଟ ନାହିଁ—3. Blind (alley); having no outlet.
୪ । (ସଂ. ଅ+ମନ୍ଥିତ)—ଯେଉଁ ଦହି ମନ୍ଥିତ ହୋଇ ନାହିଁ—4. Unchurned (curd).
୫ । ଯେଉଁ ଚୂଲିରେ କାଳକାଠ ମୁହାଁ ହୋଇ ନ ଥାଏ—5. ( grate ) Into which fuel has not been pushed.
୬ । ଯେଉଁ ଗୋରୁ ମୁହାଁ ହୋଇ ନ ଥାଏ ଅର୍ଥାତ୍, ଯାହାକୁ କୁଣ୍ଡା ପାଣି, ତୋରାଣି, ଜାଉ ଆଦି ପିଇବାକୁ ଦିଆ ହୋଇ ନ ଥାଏ—6. ( cattle ) Which has not yet been given drink or liquid food.

**ଅମୂର୍ତ୍ତ**—ସଂ. ବିଣ. (ବହୁବ୍ରୀହି;ଅ+ମୂର୍ତ୍ତି)—୧ । ନିରାକାର;ଆକାରହୀନ—
Amūrtta — 1. Shapeless.
୨ । ଅଶରୀର—2. Incorporeal.
ସଂ. ବି.—୧ । ( ନ୍ୟାୟ ଦର୍ଶନ )—( ଏମାନଙ୍କର ଆକାର ନ ଥିବାରୁ ) କାଳ; ଆକାଶ; ଆତ୍ମା; ଦିକ୍—1 (Nyāya philosophy) Time; sky; soul; points of the compass.
୨ । (ବେଦାନ୍ତ ଦର୍ଶନ)—ବାୟୁ; ଆକାଶ—2. (Bedānta philosophy)—Air; ether.
୩ । ଶିବ; ମହାଦେବ—3. God Siba.
୪ । ପରମେଶ୍ବର—4. God.

**ଅମୂର୍ତ୍ତି**—ସଂ. ବିଣ. (ବହୁବ୍ରୀହି; ଅ+ମୂର୍ତ୍ତି)—ଅମୂର୍ତ୍ତ (ଦେଖ)
Amūrtti — Amūrtta (See)
ସଂ. ବି. (ନଞ୍ ତତ୍)—୧ । ଆକାରର ଅଭାବ—1. Absence of shape or form.
୨ । ମୂର୍ତ୍ତିହୀନତା; ଆକାରହୀନତା—2. Shapelessness.
୩ । ମହାଭାରତୋକ୍ତ ବିଷ୍ଣୁଙ୍କ ନାମ—3. A name of Bishṇu.
୪ । (ବହୁବଚନ)—ପିତୃଲୋକବିଶେଷ—4. Name of a class of manes (M. W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' କୁ ମିଳିଲେ 'ଗାଢ' ଖୋଜିବେ; 'କୁଥ' କୁ ମିଳିଲେ 'କଥ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମୂଳ**—ସଂ. ବଣ. (ବହୁବ୍ରୀହି; ଅ+ମୂଳ)—୧ । ନିର୍ମୂଳ; ଯେଉଁ ଗଛର ମୂଳ ନାହିଁ—1. Rootless.
Amūla
୨ । ଯାହାର ମୂଳଦେଶ ବା ବଇଠି ନାହିଁ—2. Baseless.
୩ । ଭିତ୍ତିହୀନ; ଅମୂଳକ—3. Unfounded; having no basis.
୪ । ଅକାରଣ—4. Groundless.
୫ । ଅସତ୍ୟ; ମିଥ୍ୟା—5. False; untrue.
୬ । ଅବାସ୍ତବ; କାଳ୍ପନିକ—6. Imaginary; fanciful; not real or actual.
୭ । କଳ୍ପିତ—7. Fancied.
୮ । ଅପ୍ରାମାଣିକ—8. Without authority; not resting on authority (M. W.)
ସଂ. ବି. (ସାଂଖ୍ୟ ଦର୍ଶନ)—ପ୍ରକୃତି ( ହିନ୍ଦି ଶବ୍ଦସାଗର)—(Sāmkhya philosophy) Nature.

**ଅମୂଲ** (ଇତ୍ୟାଦି)—ଦେ. ବଣ—ଅମୂଳ ଇତ୍ୟାଦି ( ଦେଖ )
Amūla etc. Amula etc ( See )

**ଅମୂଳକ**—ସଂ. ବଣ. (ଅମୂଳ+କ)—ଅମୂଳ ( ଦେଖ )
Amūlaka Amūla ( See )

**ଅମୂଳା**—ସଂ. ବି. ( ଅମୂଳ+ଆ )—ଗୁଳ୍ମବିଶେଷ—
Amūlā The plant Methonica Superba (M.W.)

**ଅମୂଲ୍ୟ**—ସଂ. ବଣ. ( ବହୁବ୍ରୀହି; ଅ+ମୂଲ୍ୟ )—୧ । ଯାହାର ଉପଯୁକ୍ତ ମୂଲ୍ୟ ନିରୂପିତ ହୋଇ ନ ପାରେ; ଅମୂଲ—
Amūlya
1. Priceless; invaluable
୨ । ବହୁ ମୂଲ୍ୟବାନ୍—2. Very valuable
[ ଦ୍ର—'ଅମୂଲ୍ୟ' ଓ 'ନିର୍ମୂଲ୍ୟ' ଶବ୍ଦର ବ୍ୟୁତ୍ପତ୍ତି ଏକପ୍ରକାରର ହେଲେହେଁ 'ଅମୂଲ୍ୟ'ର ଅର୍ଥ ଯେଉଁ ବସ୍ତୁର ମୂଲ୍ୟ ଏତେ ବେଶି ଯେ ତାକୁ କେହି ମୂଲ୍ୟଇ ପାରେ ନାହିଁ; 'ନିର୍ମୂଲ୍ୟ'ର ଅର୍ଥ—ଯେଉଁ ବସ୍ତୁର କଉଡ଼ାଏ ସୁଦ୍ଧା ମୂଲ୍ୟ ନ ଥିବାରୁ ତାକୁ କେହି ମୂଲ୍ୟାଇବ ନାହିଁ । ବସ୍ତୁତଃ ଏ ଦୁଇ ଶବ୍ଦର ମର୍ମ ବିପରୀତ ଅଟେ । ]

**ଅମୂଲ୍ୟ ଧନ**—ସଂ. ବି. ( କର୍ମଧା; ଅମୂଲ୍ୟ+ଧନ )—
Amūlya dhana ୧ । ଅତି ମୂଲ୍ୟବାନ ଧନ—
1. Very valuable property.
୨ । (ଲକ୍ଷଣାର୍ଥ) ମନୁଷ୍ୟର ପ୍ରିୟତମ ବସ୍ତୁ ବା ବ୍ୟକ୍ତି—
2. ( Figurative One's dearest person or thing.

**ଅମୂଲ୍ୟାଣ**—ଗ୍ରା. ( ପ୍ରାଚୀନ ) ବଣ. ( ସଂ. ଅମୂଲ୍ୟ )—
Amūlyāna ୧ । ଅମୂଲ୍ୟ—1. Very valuable.
ଅଭରଣ କରନ୍ତି ଅମୂଲ୍ୟାଣ ଶାଢ଼ୀ । ପ୍ରାଚି—ବହ୍ନିନନ୍ଦନଦର୍ଶୀଦା ।
୨ । ( ସଂ. ଅମ୍ଳାନ ) ଅମଲାଣ ( ଦେଖ )
2. Amalāna ( See )

**ଅମୃଛୁକ** (ଇତ୍ୟାଦି)—ଗ୍ରା. ବଣ—ଅମୁଛୁକ ଇତ୍ୟାଦି ( ଦେଖ )
Amruchhuka etc. Amuruchhuka etc ( See )

**ଅମୃଣାଳ**—ସଂ. ବଣ. ( ବହୁବ୍ରୀହି; ଅ+ମୃଣାଳ )—
Amrunāla ମୃଣାଳ ବା ପଦ୍ମନାଡ଼ା ନ ଥିବା ( ଜଳାଶୟ )—( a tank ) Devoid of lotus stalks.
ସଂ. ବି. ବେଣାମୂଳ—The root of the Benā grass or Andropogen Muricatus ( M. W.)

**ଅମୃତ**—. ସଂ. ବି. ( ବହୁବ୍ରୀହି; ଅ=ନାହିଁ+ମୃତ=ମରଣ ଯହିଁରୁ;
Amruta ଯାହା ପାନ କଲେ ପ୍ରାଣୀ ମରେ ନାହିଁ; ଗ୍ରୀକ୍ ଅମ୍ବ୍ରୋସିଆ; ଇଂ. ଅମ୍ବ୍ରୋସିଆ )—୧ । ( ପୁରାଣୋକ୍ତ ) ସୁଧା; ପୀୟୂଷ; ଯେଉଁ ବସ୍ତୁକୁ ପାନ କରିବା ପ୍ରାଣୀର ମୃତ୍ୟୁ ନାହିଁ—1. The mythological nectar; Ambrosia.
[ ଦ୍ର—ଦେବାସୁର ମାନେ ସମୁଦ୍ରମନ୍ଥନ କଲାବେଳେ ଏହା ସମୁଦ୍ରଗର୍ଭରୁ ବାହାରିଥିଲା ଓ କୌଶଳପୂର୍ବକ ଦେବତାମାନେ ଏହା ପାନକରି ଅମର ହେଲେ । ]
୨ । (ଅମୃତ ପାନ କରି ଅମର ହୋଇ ଥିବାରୁ) ଦେବତାଗଣ—2. The Deities; the gods.
୩ । ( ସମୁଦ୍ରମନ୍ଥନବେଳେ ହାତରେ ଅମୃତଭାଣ୍ଡ ଧରି ସମୁଦ୍ର ଗର୍ଭରୁ ଉଠିଥିବାରୁ )—ଧନ୍ୱନ୍ତରୀ—
3. The physician of the gods.
୪ । ଜଳ—4. Water.
୫ । ଦୁଗ୍ଧ; କ୍ଷୀର—5. Milk.
୬ । ଘୃତ; ଘିଅ—6. Ghee.
୭ । ନବନୀତ; ନହୁଣୀ—7. Butter.
୮ । ତକ୍ର—8. Whey.
୯ । ଅନ୍ନ—9. Food.
୧୦ । ଔଷଧ—10. Medicine.
୧୧ । ହରିଡ଼ା—11. Myrabolan.
୧୨ । ଗୁଳୁଚିଲତା—12. A medicinal creeper.
୧୩ । ପାରଦ; ପାରା—13. Mercury.
୧୪ । ସ୍ୱର୍ଣ୍ଣ; ସୁନା—14. Gold.
୧୫ । ବିଷ—15. Poison.
୧୬ । ସୁରା; ମଦ—16. Wine.
୧୭ । ବନ୍ୟମୁଗ୍ଧ—17. A wild corn.
୧୮ । ବାରାହୀକନ୍ଦ—18. A bulbous root.
୧୯ । ମୋକ୍ଷ; ମୁକ୍ତି—19. Spiritual emancipation.
୨୦ । ଜ୍ୟୋତିଷୋକ୍ତ ଶୁଭଯୋଗ ବିଶେଷ; ଅମୃତଯୋଗ (ଦେଖ)
20. Some auspicious astrological combination; Amruta joga ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ହ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଁ୍ୟ | ଇଅ | ଓ | ହ୍ନ |

୨୧ । ସ୍ୱର୍ଗ; ପରମ ଧାମ—21. Heaven

୨୨ । ଧନ—22. Riches

୨୩ । (ଅମୃତ ପରି) ରସନାତୃପ୍ତିକର ବସ୍ତୁ; ସୁସ୍ୱାଦୁ ପଦାର୍ଥ—23. Any sweet thing.

୨୪ । ବ୍ରହ୍ମ; ପରବ୍ରହ୍ମ—24. The Divine Soul or essence pervading the Universe.

୨୫ । ଯଜ୍ଞଶେଷ ଦ୍ରବ୍ୟ—25. The remains of a sacrificial rite.

୨୬ । ପ୍ରାଚୀନ ବାଦ୍ୟଯନ୍ତ୍ରବିଶେଷ (କ୍ଷୀରେନ୍ଦ୍ର—ଅଭିଧାନ)—26. An ancient musical instrument.

ସଂ. ବିଣ—୧ । ଜୀବିତ; ମରି ନ ଥିବା—1. Not dead; living; alive.

(ଅମୃତା—ସ୍ତ୍ରୀ) ୨ । ମରଣରହିତ; ଅମର—
(ଅମୃତତ୍ୱ—ବି) 2. Imperishable; deathless.

୩ । ( ଅମୃତ ତୁଲ୍ୟ ) ସୁମଧୁର—3. Very sweet.

୪ । ଆନନ୍ଦପ୍ରଦ—4. Delightful.

୫ । ପ୍ରିୟ—5. Dear; beloved.

୬ । ସୁନ୍ଦର—6. Beautiful.

**ଅମୃତକର**—ସଂ. ବି. ( ବହୁବ୍ରୀହି; ଅମୃତ=ଆନନ୍ଦକର+କର=
Amrutakara କିରଣ )—ସୁଧାକର; ଚନ୍ଦ୍ର—The moon.

**ଅମୃତକୁଣ୍ଡ**—ସଂ. ବି. (୬ଷ୍ଠୀ ତତ୍; ଅମୃତ+କୁଣ୍ଡ )—
Amrutakunda ୧ । ଅମୃତକୂପ; ଯେଉଁ କୂପରେ ସ୍ନାନ କଲେ ଜୀବ ଅମର ହୁଏ—1. The well of imortality; spring of eternal life

୨ । ଅମୃତଭାଣ୍ଡ; ସୁଧାକଳସ—2. A pitcher containing nectar.

ଏ ଗ୍ରନ୍ଥ ଅଟଇ ଅମୃତକୁଣ୍ଡ—ପ୍ରାଚୀ· ଶ୍ରୀଗୁରୁଭକ୍ତିଗୀତା ।

ଦେ. ବି.—ସତ୍ୟନାରାୟଣ ବା ସତ୍ୟପୀରଙ୍କୁ ଭୋଗ ଲଗା ଯିବା ପାଚିଲାକଦଳୀ, ଦୁଧ, ଶର୍କରା, ଗୋଧୂମ ବା ଶାଳିତଣ୍ଡୁଳଚୂର୍ଣ୍ଣ ଓ ଘୃତ ଏକତ୍ର ଚକଟା ହୋଇଥିବା ନୈବେଦ୍ୟ—A liquid or gruelly mixture consisting of ripe plantains pressed with milk, sugar, ghee and wheat or rice-flour offered to the Deity Satyanārāyana.

[ ଦ୍ର—ପାଚିଲା କଦଳୀ ସଙ୍ଗେ ଉପରୋକ୍ତ ଅନ୍ୟ ଗୁରୁତ୍ୱ ଦ୍ରବ୍ୟ ଚକଟି ଏହା ସତ୍ୟନାରାୟଣଙ୍କୁ ଭୋଗ ଦେବାର ବିଧି ସ୍କନ୍ଦପୁରାଣରେ ଅଛି ଓ ଆଧୁନିକ କାଳର 'ସତ୍ୟପୀର' ଦେବତାଙ୍କୁ ଏହା ଭୋଗ ଦିଆଯାଏ । ଏହି ଭୋଗକୁ ଅମୃତକୁଣ୍ଡ ବା କଦଳୀ ଚକଟା ବା ଶିରଣୀ କହନ୍ତି । ]

**ଅମୃତଘଷା**—ଦେ. ବି. ( ସଂ. ଅମୃତ=ପ୍ରାଚୀନ ବାଦ୍ୟ ଯନ୍ତ୍ରବିଶେଷ+
Amrutaghashā ଘର୍ଷଣ )—ବାଦ୍ୟଯନ୍ତ୍ରବିଶେଷ—A kind of musical instrument.

ମୃଦ ଲଗାଇଛି ଘନ ଘନ ପ୍ରପଦରେ,
ଧରିଛି ଅମୃତଘଷା ଧନ ବେନକରେ—ଭଞ୍ଜ· ଲବଣ୍ୟବତୀ ।

**ଅମୃତଜଟା**—ସଂ. ବି.—ଜଟାମାଂସୀ ଗୁଳ୍ମ ( ଦେଖ )
Amrutajatā Valerianā Jatāmāmsi plant (See)

**ଅମୃତଜଡ଼ା**—ପ୍ରାଦେ. ( ସିଂହଭୂମ ) ବି. ( ଏହି ଗଛର ପତ୍ର ଜଡ଼ା ବା
Amrutajardā ଗବ ଗଛର ପତ୍ର ପରି ଆକାରବିଶିଷ୍ଟ ଥିବାରୁ ଓ ଏହା ସୁମଧୁର ଥିବାରୁ )—ଅମୃତଭଣ୍ଡା; ପପସ୍ତା (ଦେଖ) Papayā ( See )

**ଅମୃତତରଙ୍ଗିଣୀ**—ସଂ. ବି. ( ଅମୃତତରଙ୍ଗ+ଇନ୍+ଈ )—ଜ୍ୟୋତ୍ସ୍ନା;
Amrutatarangini ଚନ୍ଦ୍ରକିରଣ—Moonlight.

**ଅମୃତତ୍ୱ**—ସଂ ବି. ( ଅମୃତ+ତ୍ୱ ) )—ଅମରତ୍ୱ—
Amrutatwa Immortality.

**ଅମୃତଦୀଧିତି**—ସଂ. ବି. ( ବହୁବ୍ରୀହି; ଅମୃତ+ଦୀଧିତି )—ଚନ୍ଦ୍ର—
Amrutadidhiti The moon.

**ଅମୃତଦୃଷ୍ଟି**—ସଂ. ବି. ( ମଧ୍ୟପଦଲୋପୀ; ଅମୃତମୟ ଦୃଷ୍ଟି )—ସୁଦୃଷ୍ଟି;
Amrutadrushti ଅନୁଗ୍ରହପୂର୍ଣ୍ଣ ଦୃଷ୍ଟି—Favourable look.

କମ ଅମୃତଦୃଷ୍ଟିରେ ଗୃହ୍ଣିଲେ ଅନାଇ,
ପଞ୍ଚଦଶ ବ୍ରହ୍ମା ଜଳରୁ ହୋଇଲେ ଯେବେ—ସାରଳା ମହାଭାରତ· ଆଦି ।

**ଅମୃତଧାରୀ**—ସଂ. ବିଣ. ପୁଂ. ( ଅମୃତ+ଧୃ ଧାତୁ+କର୍ତ୍ତୃ. ଇନ୍. ୧ମା.
Amrutadhāri ୧ବ. )—ଯେ ଅମୃତ ଧରିଥାଏ—Holding nectar.

ସଂ. ବି.—୧ । ମେଘ—1. Cloud.

୨ । ଚନ୍ଦ୍ର—2. Moon.

ବୈଦେହୀ ଅମୃତଧାରୀ ଗୃହକ ଚକୋର ପରି କରିହଟ୍ଟିରରେ ଧାଇ ସେହି ବଧାନ—ଭଞ୍ଜ· ବୈଦେହୀଶବିଳାସ ।

**ଅମୃତପ**—ସଂ. ବିଣ. ପୁଂ. ( ଅମୃତ+ପା ଧାତୁ=ପିଇବା; ରକ୍ଷା କରିବା
Amrutapa +କର୍ତ୍ତୃ. ଅ )—ଅମୃତପାନକାରୀ—
(ଅମୃତପା—ସ୍ତ୍ରୀ) Drinking nectar.

ସଂ. ବି.—୧ । ଦେବତାଗଣ—1. The gods.

[ ଦ୍ର—ଏମାନେ ସମୁଦ୍ରମନ୍ଥନୋଦ୍ଭୂତ ଅମୃତ ପାନ କରିଥିଲେ । ]

୨ । ବିଷ୍ଣୁ—2. Bishnu.

[ ଦ୍ର—ଏ ଅସୁରମାନଙ୍କଠାରୁ ମୋହିନୀରୂପ ଧାରଣ କରି ଅମୃତକୁ ରକ୍ଷା କରିଥିଲେ । ]

**ଅମୃତପାଣିକଦଳୀ**—ଦେ. ବି. (ଇଉରୋପ ଗ୍ରୀକ୍‌ଦେଶର ଦକ୍ଷିଣସ୍ଥ ଅନ୍ତରୀପ-
Amrutapānikadali ମାର୍ଟାବାନ୍ ନାମକ ସ୍ଥାନରୁ ଏ ଜାତିର
ମର୍ତ୍ତମାନକଳା କଦଳୀ ପ୍ରଥମେ ଏ ଦେଶକୁ ଆସିଥିବାରୁ ସମ୍ଭବତଃ ଏ ନାମ;
अमृतबान ଭୁଲ. ସଂ. ଅମୃତବାନ୍ )—ଏକପ୍ରକାର ପାଚିଲାକଦଳୀ—A kind of plantain which is edible when ripe.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଇଁଆ' ନ ପାଇଲେ 'ଅଇଁଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ପାଚିଗଲେ ଏ କଦଳୀ ଏପରି ନରମ ହୁଏ ଯେ ଏହାକୁ ପାଣିରେ ପକାଇ ଦେଲା ମାତ୍ରେ ଏହା ମିଳାଇ ଯାଏ । ]

**ଅମୃତଫଳ**—ସଂ. ବି. ( କର୍ମଧା; ଅମୃତ + ଫଳ; ଅମୃତ ପରି ସ୍ୱାଦୁ ଫଳ ) ୧ ।— ଅମ୍ବଫଳ ( କ୍ଷୀରୋଦ—ଅଭିଧାନ)—1. Mango.
Amrutaphala
୨ । ଆତ; ବଢ଼ିଅଳ—2. Custard apple.
୩ । ନାସପାତି—3. Pear; pyrus communis.
୪ । ପାରେଡ଼ଗ ଫଳ; ପିଜୁଳି—4. Guava.
୫ । ପାରଦ—5. Mercury.
୬ । ପଟୋଳ – 6. An edible kitchen-fruit.
୭ । ବୁଦ୍ଧିନାମକ ଔଷଧ—7. A medicine.
୮ । ଅଁଳା ୧. (ଦେଖ)
8. Aañlā 1. ( See ).

**ଅମୃତଫଳା**—ସଂ. ବି. ( ଅମୃତଫଳ + ଆ )— ୧ । ଦ୍ରାକ୍ଷା—1. Grapes.
Amrutaphalā
୨ । ଅମଳକୀ—2. Embellic Myrabolan.
୩ । ହରୀତକୀ—3. Myrabolan.

**ଅମୃତବଲ୍ଲୀ**—ସଂ. ବି. ( ଅମୃତ = ଗୁଳୁଚ + ବଲ୍ଲୀ = ଲତା )— ଗୁଳୁଚ ଲତା—A medicinal creeper.
Amrutaballī

**ଅମୃତବାର** —ସଂ. ବି. (କର୍ମଧା; ଅମୃତ + ବାର)— ଶୁଭବାର; ସପ୍ତାହର ଯେଉଁ ବାର ଶୁଭ—An auspicious week-day.
Amrutabāra

ଅମୃତବାର ହେବ ଯେ ବୁଧବାର ବୋଲି । ସାରଳାମହାଭାରତ. ବନ୍ଦ୍ଧ ।

**ଅମୃତଭଣ୍ଡା**—ଦେ ବି. ( ଏହା ସୁମଧୁର ଓ କଦଳୀ ଭଣ୍ଡା ଆକୃତି ସଦୃଶ ଥିବାରୁ )—ପଜସ୍ସା ( ଦେଖ ) Papayā ( See )
Amrutabhandā

**ଅମୃତଭାଷୀ**—ସଂ. ବିଣ. (ଅମୃତ + ଭାଷ ଧାତୁ + କର୍ତ୍ତୃ. ଇନ୍. ୧ମା. ୧ବ)— ୧ । ଯେ ସୁମଧୁର କଥା କହେ—1. Fair-spoken
Amrutabhāshi
(ଅମୃତଭାଷିଣୀ—ସ୍ତ୍ରୀ)
୨ । ଯାହାର ସ୍ୱର ମଧୁର—2. Sweet-toned.

**ଅମୃତମଣେଇଁ**—ଦେ. ବି—ଅମୃତମୁଣୋହିଁ ( ଦେଖ ) Amrutamunohiñ (See)
Amrutamaneiñ

**ଅମୃତମଣୋହିଁ**—ଦେ. ବି—ଅମୃତମୁଣୋହିଁ ( ଦେଖ ) Amrutamunohiñ (See)
Amrutamanohiñ

**ଅମୃତମଣ୍ଡା**—ପ୍ରାଦେ. ( ଗଡ଼ଜାତ; ସମ୍ବଲପୁର )— ପଜସ୍ସା (ଦେଖ)—Papayā ( See )
Amrutamandā

**ଅମୃତମୁଣେଇଁ**—ଦେ. ବି—ଅମୃତମୁଣୋହିଁ ( ଦେଖ ) Amrutamunohiñ (See)
Amrutamuneiñ

**ଅମୃତମୁଣୋଇଁ**—ଦେ. ବି—ଅମୃତମୁଣୋହିଁ ( ଦେଖ )— Amrutamunohiñ ( See)
Amrutamunoiñ

**ଅମୃତମୁଣୋହିଁ**—ଦେ. ବି. ( ସଂ. ଅମୃତ + ଓ. ମୁଣୋହିଁ = ଦେବତା ଓ ରାଜାଙ୍କ ଭୋଜନ )—
Amrutamunohiñ
ଅମୃତମନହିଁ
୧ । ଦେବଦେବୀଙ୍କ ଭୋଗ—1. Food offered to a Deity.
୨ । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ—2. Food offered to the Deity Jagannātha at Puri.

ଅମୃତମୁଣୋହିଁ ଗନ୍ଧିକ୍ର, ପରଶେ ଖ୍ରୀଷ୍ଟକଦୁହିତା ।
ସଂଗୋବିନ୍ଦ. ପ୍ରେମଭକ୍ତି ଗୀତା ।

୩ । ପୁରୀ ଜଗନ୍ନାଥଙ୍କ ଭୋଗ ପାଇଁ ଭୂସମ୍ପତ୍ତି ବା ଖଞ୍ଜାସମ୍ପତ୍ତି—3. Endowment for the worship of the Deity Jagannātha at Puri; property bequeathed for offering food to the Deity Jagannātha at Puri out of its income.

**ଅମୃତଯଉବନୀ** ଗ୍ରା. ବିଣ. ସ୍ତ୍ରୀ. ( ସଂ. ଅମୃତଯୌବନା )— ଚିରଯୁବତୀ; ଅମୃତଯୌବନା; ଯେଉଁ ସ୍ତ୍ରୀର ଯୌବନ ଚିରକାଳ ଥାଏ—( a woman ) Of unfading youth.
Amrutajaubanī
ଚିରଯୌବନ

ତ୍ରିଭୁବନର ମଧ୍ୟେ ମୁହିଁ ଅମୃତଯୌବନୀ । ପୀତାମ୍ବର. କୃଷ୍ଣ ହରଣ ।

**ଅମୃତଯୋଗ**—ସଂ. ବି—୧ । ଜ୍ୟୋତିଷୋକ୍ତ ଶୁଭ ଯୋଗବିଶେଷ—1. An auspicious combination of planets at certain times.
Amrutajoga

କୃଷ୍ଣ ପକ୍ଷ ଭୃଗୁବାର ରୋହିଣୀ ପଡ଼ିଲେ
ଅମୃତଯୋଗରେ କାର୍ଯ୍ୟ ସିଦ୍ଧ ହୁଏ ଭଲେ । ସାରଳାମହାଭାରତ. ଉଦ୍ଯୋଗ

[ ଦ୍ର—ଅମୃତଯୋଗ ଦୁଇ ପ୍ରକାରର—ନକ୍ଷତ୍ରାମୃତଯୋଗ; ତିଥ୍ୟମୃତ ଯୋଗ । ୧—ରବିବାର ଦିନ ଉତ୍ତରଫାଲ୍ଗୁନୀ, ଉତ୍ତରାଷାଢ଼ା, ଉତ୍ତରଭାଦ୍ରପଦ, ରୋହିଣୀ, ପୁଷ୍ୟା, ହସ୍ତା, ମୂଳା, ରେବତୀ ନକ୍ଷତ୍ରମାନ; ସୋମବାର ଦିନ ଶ୍ରବଣା, ଧନିଷ୍ଠା, ରୋହିଣୀ, ମୃଗଶିରା, ପୂର୍ବାଫାଲ୍ଗୁନୀ, ଉତ୍ତରଫାଲ୍ଗୁନୀ, ପୂର୍ବାଭାଦ୍ରପଦ, ଉତ୍ତରଭାଦ୍ରପଦ, ହସ୍ତା, ଅଶ୍ୱିନୀ ନକ୍ଷତ୍ରମାନ; ମଙ୍ଗଳବାର ପୁଷ୍ୟା, ଅଶ୍ଳେଷା, କୃତ୍ତିକା, ସ୍ୱାତୀ, ଉତ୍ତରଭାଦ୍ରପଦ, ରେବତୀ; ବୁଧବାର କୃତ୍ତିକା, ରୋହିଣୀ, ଶତଭିଷା, ଅନୁରାଧା; ବୃହସ୍ପତିବାର ସ୍ୱାତି, ପୁନର୍ବସୁ, ପୁଷ୍ୟା, ଅନୁରାଧା, ପୂର୍ବାଫାଲ୍ଗୁନୀ, ଉତ୍ତରଫାଲ୍ଗୁନୀ, ପୂର୍ବାଭାଦ୍ରପଦ, ଉତ୍ତରଭାଦ୍ରପଦ, ଅଶ୍ୱିନୀ, ଶ୍ରବଣା, ଅନୁରାଧା ଓ ଶନିବାର ଦିନ ସ୍ୱାତୀ ଓ ରୋହିଣୀ ନକ୍ଷତ୍ରପଡ଼ିଲେ ନକ୍ଷତ୍ରାମୃତ ଯୋଗ ହୁଏ । ୨—ରବି ଓ ସୋମବାରରେ ପୂର୍ଣ୍ଣାତିଥି; ମଙ୍ଗଳବାରରେ ଭଦ୍ରା; ବୁଧବାର ଓ ଶନିବାରରେ ନନ୍ଦା; ବୃହସ୍ପତି ବାରରେ ଜୟା ଓ ଶୁକ୍ରବାରରେ ରିକ୍ତା ତିଥି ହେଲେ ତିଥ୍ୟମୃତଯୋଗ ହୁଏ ।

କ୍ଷୀରୋଦ—ଅଭିଧାନ ]

୨ । ଶୁଭ ସମୟ—2. Auspicious time.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଂ୍ୟ | ଇଅ | ଓ | ହ୍ମ |

**ଅମୃତଯୌବନ**—ସଂ.ବିଣ.ପୁଂ (ବହୁବ୍ରୀହି;ଅମୃତ=ଅବିନାଶୀ+ଯୌବନ)-
Amrutajaubana ଚିରଯୁବକ—Of unfading youth.
(ଅମୃତଯୌବନା—ସ୍ତ୍ରୀ)

**ଅମୃତଯୌବନୀ**—ଦେ. ବିଣ. ସ୍ତ୍ରୀ. ( ସଂ. ଅମୃତଯୌବନା )—
Amrutajaubani ଅମୃତଯଉବନୀ ( ଦେଖ )
Amrutajaubani (See)

**ଅମୃତରସାବଳି**—ସଂ. ବି—ଅମୃତ ବା ସୁମଧୁର ରସସମୂହ—
Amrutarasābali A collection of very sweet juices.

ଦେ. ବି—ଏକ ପ୍ରକାର ମିଷ୍ଟାନ୍ନ—
A kind of sweetmeat.

[ ଦ୍ର—କେନ୍ଦ୍ରାପଡ଼ା ବଳଦେବ ଜୀଉଙ୍କଠାରେ ଭୋଗ ଲାଗିବା ଅମୃତରସାବଳି ଉତ୍କଳପ୍ରସିଦ୍ଧ ଓ ସେଠା ଦେଖାଦେଖି ସତ୍ୟବାଦୀ, ଆଠଗଡ଼ ଆଦି ଅନେକ ସ୍ଥାନରେ ଏ ଭୋଗ ପ୍ରସ୍ତୁତ ହେଉଅଛି । ଦୁଧଛେନାରେ ମିଠା ମିଶାଯାଇ ଏହା ବଳାଯାଇ ଘିଅରେ ଛଣା ହେଲା ପରେ ଦୁଧରେ ବୁଡ଼ାଯାଏ । ]

**ଅମୃତସହର**—ଦେ. ବି—ପଞ୍ଜାବ ପ୍ରଦେଶର ଅନ୍ତର୍ଗତ ନଗରବିଶେଷ—
Amrutasahara Amritsar; a town in the Punjab
অমৃতসর
अमृतसर

**ଅମୃତହସ୍ତା**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅମୃତହସ୍ତ; ଯାହା ହସ୍ତରେ
Amrutahastā ଅମୃତ ଅଛି ବୋଲି କଳ୍ପନା କରାଯାଏ )—

୧ । ସିଦ୍ଧହସ୍ତ; ଯଶସ୍ୱୀ ( ବିଶେଷତଃ ବୈଦ୍ୟମାନଙ୍କର ବିଶେଷଣ ରୂପେ ବ୍ୟବହୃତ ହୁଏ )—
1. ( A physician ) Whose treatment is reputed to end in cure.

୨ । ଯେଉଁ ବ୍ୟକ୍ତିର ହାତର ରୋଷାଇ ବା ପରଷା ସୁଆଦିଆ ଲାଗେ ବୋଲି ଲୋକେ ବିଶ୍ୱାସ କରନ୍ତି—
2. (a person) Whose cooking or serving of food is believed to be very tasteful.

ଅମୃତହସ୍ତା ଲୋକେ ପରଶୁ ଥିଲେ ଜାଣ
ଭୁଞ୍ଜିଲେ ସନ୍ତୋଷ ହେବେ ସନ୍ତେ ଲୋକ ପୁଣ । ପୀତାମ୍ବର.ନୃସିଂହପୁରାଣ ।

୩ । ଯେଉଁ ଲୋକ କୌଣସି କାର୍ଯ୍ୟରେ ହାତ ଲଗାଇଲେ ସେ କାର୍ଯ୍ୟ ସଫଳ ହେବ ବୋଲି ଲୋକେ ବିଶ୍ୱାସ କରନ୍ତି—3. (a person) Who has the reputation of succeeding in any undertaking to which he puts his hand.

**ଅମୃତା**—ସଂ. ବିଣ. ସ୍ତ୍ରୀ. ( ଅମୃତ+ସ୍ତ୍ରୀ ଆ )—ଅମୃତର ସ୍ତ୍ରୀଲିଙ୍ଗ—
Amrutā Feminine of Amruta.

ସଂ. ବି—୧ । ଦୂବ ( ଦେଖ )
1. Duba ( See )

୨ । ତୁଳସୀ—
2. Tulasi; holy basil (plant)

୩ । ଗୁଳୁଚି ( ଦେଖ )
3. Guluchi ( See )

୪ । ଅଁଳା (ଦେଖ)—4. Añalā (See)

୫ । ହରିଡ଼ା—5. The yellow myrobolan.

୬ । ସୁରା; ମଦିରା—6. Wine.

୭ । ପିପ୍ପଳି—7. Long pepper.

୮ । ଅତୁସୀ ( ଦେଖ )
8. Atusi ( See )

୯ । ସୂର୍ଯ୍ୟରଶ୍ମି—9. Sun's ray

[ ଦ୍ର—ଜଳବାହୀ ସୂର୍ଯ୍ୟରଶ୍ମି ସଂଖ୍ୟାରେ ଚାରିଟି; ଯଥା—ଅନନ୍ଦା, ମେଧା, ଭୂତନା ଓ ପୂତନା । ]

**ଅମୃତାକ୍ଷ**—ସଂ. ବି. ( ବହୁବ୍ରୀହି )—୧ । ହସ୍ତୀର ନାମବିଶେଷ;
Amrutākshya ପୁଷ୍ପଦନ୍ତ ହସ୍ତୀର ପୁତ୍ର—
1. Name of a mythological elephant.

୨ । କାଳଦେବତାଙ୍କ ନାମବିଶେଷ—
2. A name of Time personified.

ଅମୃତାକ୍ଷ ନାମେ କାଳ ଉତ୍ତରେ ସ୍ଥିତ ।
ଅଇଶାନ୍ୟରେ ଯୋଗିନୀ ମହାମାୟା ମୂର୍ତ୍ତି । କୃଷ୍ଣସିଂହ. ମହାଭାରତ ।

**ଅମୃତାନ୍ଧସ୍**—ସଂ. ବି. ( ବହୁବ୍ରୀହି; ଅମୃତ+ଅନ୍ଧସ୍=ଅନ୍ନ; ଖାଦ୍ୟ )—
Amrutāndhas ଦେବତା—Deity; God-head

**ଅମୃତାୟମାନ**—ସଂ. ବିଣ. [ଅମୃତ+ପରି ଅର୍ଥରେ. ଯ (କ୍ୟଙ୍)=ଅମୃତାୟ
Amrutāyamāna ନାମ ଧାତୁ+କର୍ମ.ଆନ (ଶାନଚ୍)]—

୧ । ଅମୃତୋପମ; ଅମୃତ ପରି ଲାଗୁଥିବା; ଅମୃତ ପରି ମଧୁର—1. Tasting sweet as nectar

୨ । ଅମୃତ ପାଲଟି ଯିବା—
2. Turned to nectar; nectarised.

**ଅମୃତାଶନ**—ସଂ. ବି. ( ବହୁବ୍ରୀହି; ଅମୃତ+ଅଶନ=ଭୋଜନ )—
Amrutāsana ଦେବତା—A god; deity.

**ଅମୃତି**—ଦେ. ବି—୧ । ଛୋଟ ଗାଲ ବା ଜଳପାତ୍ର—
Amruti 1. A small drinking pot.
आब्‌खोरा
୨ । ସ୍ୱରବାଦ୍ୟବିଶେଷ—
इमरती 2. A kind of musical instrument.

ପିନାକୀ ଅମୃତି ରବାବ ଡମ୍ଫ ଯେ ଢୋଲକ । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଅମେଇସା**—ଗ୍ରା. ବି. (ସଂ. ଅମାବସ୍ୟା)—ଅମାବାସ୍ୟା; ଅମାବଶି—
Ameisā The day of the new moon.

**ଅମେଇସିଆ**—ଗ୍ରା. ବି. ( ସଂ. ଅମାବସ୍ୟା )—ଅମାବସି; ଅମାବସ୍ୟା—
Ameisiā The day of the new moon.

**ଅମେଣ୍ଟ**—ଦେ. ବିଣ. (ସଂ. ଅ+ଅ. ମିନ୍ନା)—
Amenta ୧ । ଅମୋଘ—1. Unerring.
অমোঘ ୨ । ଅଲଂଘ୍ୟ; ଅକାଟ୍ଟ; ଅପ୍ରତିକାର୍ଯ୍ୟ—
अचूक 2. Irremediable.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୁଥ' ନ ମିଳିଲେ 'କୂଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ;'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୩ । ଅବାଧ—3. Irresistible.

୪ । ଅଖଣ୍ଡନୀୟ—4. Which cannot be undone.

ତା ଶୁଣି କନ୍ୟା କୋପ କଲା, ତାଙ୍କୁ ଅମେଣ୍ଟ ଶାପ ଦେଲା ।
ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅମେଣ୍ଟଣ**—ଦେ. ବିଣ—ଅମେଣ୍ଟ (ଦେଖ)
**Amenṭaṇa** Amenṭa (See)
ଦେ. ବି.—ଦଶା ଆଦିର ଖଣ୍ଡନ ନ ହେବା ଅବସ୍ଥା—
The non-passing away of any crisis evil luck.

**ଅମେଧ**—ଦେ. ବିଣ. (ସଂ. ଅମେଧ୍ୟ)—୧ । ଅମେଧ୍ୟ; ଅପବିତ୍ର (ଖାଦ୍ୟ)
**Amedha** 1. Impure (food)
୨ । ଅପବିତ୍ର—2. Impure; unholy.
ଅମେଧ ଗୃହରେ ନ କରିବ ଅନ୍ନ ବିକ୍ରି । ପ୍ରାଚୀ—ଶ୍ରୀଗୁରୁଭକ୍ତି ଗୀତା ।
୩ । ନିଷିଦ୍ଧ (ଖାଦ୍ୟ)—3. Prohibited (food)
ଦେ. ବି.—୧ । ଅପବିତ୍ର ସ୍ଥାନ—1. Impure place.
୨ । ବିଷ୍ଠା ଆଦି ଅପବିତ୍ର ବସ୍ତୁ—2 Impure or unholy articles.

ଅମେଧରେ ପୂଜା ପଡ଼ି ଥିଲେକ ଅଣି
ଘରେ ସମ୍ପାଦଣ ରଖିବ ନଚମଣି । କୃଷ୍ଣସିଂହ. ମହାଭାରତ- ଶାନ୍ତି ।

**ଅମେଧାଃ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅ=ନାହିଁ+ମେଧସ୍=ଧାରଣାବତୀ ବୁଦ୍ଧି; ଅମେଧସ୍; ୧ମା. ୧ବ.)—ନିର୍ବୋଧ—Foolish; idiotic.
**Amedhāḥ**

**ଅମେଧାବୀ**—ସଂ. ବିଣ. ପୁଂ. (ଅ=ନୁହେଁ+ମେଧାବିନ୍=ବୁଦ୍ଧିମାନ୍ ୧ମା. ୧ବ.)—ବୁଦ୍ଧିଶକ୍ତିରହିତ; ଗଧା; ଗମାର୍—
**Amedhābi**
(ଅମେଧାବିନୀ—ସ୍ତ୍ରୀ) Dunce; stupid.

**ଅମେଧ୍ୟ**—ସଂ. ବିଣ. (ଅ+ମେଧ)—୧ । ଅପବିତ୍ର; ଅଶୁଦ୍ଧ—
**Amedhya** 1. Impure.
୨ । ନିଷିଦ୍ଧ (ଖାଦ୍ୟ)—2 Prohibited (food)
ସଂ. ବି.—୧ । ଅପବିତ୍ର ବସ୍ତୁ—1. Impure articles.
୨ । ବିଷ୍ଠା ଆଦି ଅଖାଦ୍ୟ ବସ୍ତୁ—2. Eæces etc.

ବିରଜାବ ରସେ ଦେଇ ମାଂସ । ବିରକ୍ତ ବିରଷେ ଅମେଧ ଗ୍ରାସ ।
କବିସୂର୍ଯ୍ୟ—କବିତା ।

**ଅମେୟ**—ସଂ. ବିଣ. ( ଅ=ନୁହେଁ+ମେୟ=ପରିମାଣଯୋଗ୍ୟ )—
**Ameya** ୧ । ଅମାପ; ଅପରିମେୟ—
1. Immeasurable; unfathomable.
୨ । ଅସୀମ—2 Boundless.
୩ । ବହୁ—3. Immense.

**ଅମେରା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଆମ୍ରାତକ; ଅମ୍ବର )—
**Amerā** ଆମ୍ବଡ଼ା (ଫଳ ଓ ଗଛ)—Hogplum.

**ଅମେଳ**—ଦେ. ବିଣ. ( ସଂ. ଅ+ମିଳନ )—
**Amela** ୧ । ପରସ୍ପର ସଙ୍ଗେ ମେଳ ଖାଉ ନ ଥିବା—
অমিল; গরমিল 1. Not tallying with each other.
अनमिल; बेमेल ୨ । ପରସ୍ପରର ମତଭେଦ ଘଟିଥିବା—
2. Disagreeing with each other.
୩ । ପରସ୍ପର ବିରୋଧୀ—3. Contradictory.
୪ । ଅସମାନ—4. Dissimilar; unequal.
୫ । ଅଘଟଣ—5. Unsymmetrical.
୬ । ବେଜୋଡ଼—6 Not in pairs; not suiting each other.
୭ । ଅପ୍ରାସଙ୍ଗିକ—7. Irrelevant.
୮ । ପରସ୍ପର ସହିତ ଅପଡ଼ ଥିବା—
8. Not on good terms with each other.
অমেল ଦେ. ବି—୧ । ମିଳନର ଅଭାବ—
अनमेल 1. Want of union; disunion.
୨ । ପ୍ରଭେଦ—2. Difference.
୩ । ବିବାଦ; କଳହ—3. Dissension; dispute.
୪ । ଅପଡ଼; ଅବନ—4. Disagreement.
୫ । ଶତ୍ରୁତା—5. Enmity.
୬ । ବିରୋଧ—6. Opposition
୭ । ଅପ୍ରାସଙ୍ଗିକତା—7. Irrelevancy.
୮ । ଅଘଟଣପଣ—8. Want of symmetry.
୯ । ଅସମତା; ସମତାର ଅଭାବ—
9. Want of similarity.

**ଅମେଳକ**—ଦେ. ବିଣ. ( ସଂ. ଅ+ମିଳନ )—ପରସ୍ପର ବିରୋଧୀ—
**Amelaka** Contradictory; discordant.
অমিল ଦେ. ବି—ଜ୍ୟୋତିଷଶାସ୍ତ୍ର ଅନୁସାରେ ବରପାତ୍ର ଓ କନ୍ୟା-
बेमेल ପାତ୍ରର କୋଷ୍ଠୀଗତ ମିଳନର ଅଭାବ—
State of the horoscopes of the bride and the bride-groom elect not tallying with each other.

**ଅମୋକ୍ଷ**—ସଂ. ବି. (ନଞ୍ ତତ୍; ଅ+ମୋକ୍ଷ)—୧ । ମୁକ୍ତିର ଅଭାବ—
**Amoksha** 1. Want of freedom or salvation
୨ । ପୁନର୍ଜନ୍ମରୁ ଅମୁକ୍ତି—
2. Non-liberation from mundane existence.
୩ । ବନ୍ଧନରୁ ମୁକ୍ତ ନ ହେବା ଅବସ୍ଥା—
3. The state of not being released from bondage.
୪ । ବନ୍ଧନ—4. Confinement.
୫ । ସଂସାରବନ୍ଧନରୁ ଅମୁକ୍ତି—
5. Non-liberation from worldly bonds.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଞ୍ଜ | ଙ୍ଗ | ଚ୍ଛ |

ସଂ. ବଣ. ( ବହୁବ୍ରୀହି )—୧ । ଅମୁକ୍ତ—
1. Not freed; not liberated.

୨ । ମୁକ୍ତି ବା ମୋକ୍ଷରହିତ—
2. Devoid of salvation.

ବଶୁରଙ୍କ ଛାଡ଼କେନ୍ତ; ଏ ମାଇଲେ ହୋଇବ ଅମୋକ୍ଷ ।
ଉପେ. ବୈଦେହୀଶବିଳାସ ।

୩ । ବନ୍ଧନରୁ ଅମୁକ୍ତ—
3. Not freed from bondage.

**ଅମୋକ୍ଷପ୍ରେତ**—ସଂ. ବି. ( କର୍ମଧା; ଅମୋକ୍ଷ+ପ୍ରେତ )—ଯେଉଁ ମୃତ
Amokshapreta ବ୍ୟକ୍ତିର ଆତ୍ମା ପ୍ରେତତ୍ୱରୁ ମୁକ୍ତିଲାଭ କରି ନାହିଁ—The soul of a departed person which has not yet been liberated from spiritual bondage.

[ଦ୍ର—ହିନ୍ଦୁମାନଙ୍କର ବିଶ୍ୱାସ ଯେ ମୃତ ବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ଦଶାହ କର୍ମାନ୍ତ ଶୁଦ୍ଧିକ୍ରିୟା ଓ ଶ୍ରାଦ୍ଧ ସମ୍ପାଦିତ ହେଲେ ଓ ଗୟାରେ ପିଣ୍ଡ ଦାନ କରା ଗଲେ, ମୃତ ବ୍ୟକ୍ତିର ଆତ୍ମା ପ୍ରେତତ୍ୱରୁ ମୋକ୍ଷ ଲାଭ କରି ପିତୃଲୋକକୁ ଯାଏ । ]

**ଅମୋକ୍ଷା**—ଗ୍ରା. ବଣ ( ସଂ. ଅମୋକ୍ଷ )—ଅମୋକ୍ଷ ( ଦେଖ )
Amokshā Amoksha ( See )

ଅମୋକ୍ଷା ପିଣ୍ଡକୁ ସ୍ୱାମୀ ମୋକ୍ଷା କରାଇଛ ।
ପ୍ରାଚୀ—ବହ୍ନିରୂପଣଗୀତା ।

**ଅମୋଘ**—ସଂ. ବଣ ( ଅ+ମୋଘ )—
Amogha ୧ । ଅବ୍ୟର୍ଥ; ଯାହା ଲକ୍ଷ୍ୟକୁ ନିଶ୍ଚେ ଭେଦ କରିବ—
( ଅମୋଘତ୍ୱ—ବି ) 1. Infallible; unerring; sure to hit the aim.

ବାମେ ଥାଇ ବାମ ହୋଇ ଇନ୍ଦ୍ରଜିତ ପ୍ରହାରେ ଅମୋଘ ଶକ୍ତି ।
ଉପେ. ବୈଦେହୀଶବିଳାସ ।

୨ । ଅବନ୍ଧ୍ୟ; ଫଳପ୍ରଦ—
2. Fruitful; effectual.

୩ । ଯାହା ଅଭିପ୍ସିତଫଳ ପ୍ରଦାନ କରେ—
3. Sure to produce the desired effect; effective.

୪ । ଯାହା କେବେହେଁ ବିଫଳ ବା ବୃଥା ହେବ ନାହିଁ—
4. Unfailing.

ସଂ. ବି—୧ । ପରମେଶ୍ୱର—God, The Infallible.

୨ । ବିଷ୍ଣୁଙ୍କର ନାମ—2. A name of Bishṇu.

୩ । ଶିବ—3. God Siba.

**ଅମୋଘା**—ସଂ. ବଣ. ସ୍ତ୍ରୀ. ( ଅମୋଘ+ଆ )—ଅମୋଘର ସ୍ତ୍ରୀଲିଙ୍ଗ—
Amoghā Feminine of Amogha.

ସଂ. ବି—୧ । ଦେବମାତା—1. The mother of the gods.

୨ । ବିଡ଼ଙ୍ଗ ( ଦେଖ )
Birdanga ( See )

୩ । ପୁଷ୍ପବିଶେଷ —
3. Trumpet flower; Bignonia suaveolens ( M. W. )

୪ । ହରିଡ଼ା—4. Myrobolan.

୫ । ଦୁର୍ଗା—5. Goddess Durgā.

୬ । ରାତ୍ରି—6. Night.

୭ । ପାଟଳୀ ଗଛ ( ଦେଖ )
7. Pāṭali tree ( See )

୮ । ନଦୀବିଶେଷ—8. Name of a river.

୯ । ଶାନ୍ତନୁ ଋଷିଙ୍କ ପତ୍ନୀ—
9 Name of the wife of the Sage Śantanu.

୧୦ । ଶକ୍ତି ବା ଅସ୍ତ୍ରବିଶେଷ—10 Name of a weapon.

[ଦ୍ର—ତାଡ଼କାବଧାର୍ଥ ରାମଚନ୍ଦ୍ରଙ୍କୁ ବିଶ୍ୱାମିତ୍ର ଅମୋଘା ଓ ବିଜୟା ନାମକ ଦୁଇଟି ଶକ୍ତି ପ୍ରଦାନ କରିଥିଲେ । ]

**ଅମୋଚନ**—ସଂ. ବି ( ଅ+ମୋଚନ )—
Amochana ୧ । ବନ୍ଧନରୁ ମୁକୁଳାଇ ନ ଦେବା—
1. Not loosening or letting go.

ଅମୋଚନୀୟ, ଅମୋଚିତ, ଅମୋଚ୍ୟ, ଅମୋକ୍ୟ } ବଣ.

**ଅମୋଛ**—ଗ୍ରା. ପ୍ରାଚୀନ ପଦ୍ୟ. ବଣ ( ସଂ. ଅମୋକ୍ଷ )—
Amochha ଅମୋକ୍ଷ ( ଦେଖ )
Amoksha ( See )

ହରିଲୁ ଯେ ମୋର ବସ୍ତ୍ର କୃଅ ଅମୋଛ ଯେ ।
ପ୍ରାଚୀ—ଶଶିସେଣା ।

**ଅମୋହ**—ସଂ. ବି ( ନଞ ତତ୍; ଅ+ମୋହ )—
Amoha ୧ । ମୋହର ଅଭାବ—1. Absence of delusion.

୨ । ଭ୍ରାନ୍ତିର ଅଭାବ – 2. Freedom from error.

ସଂ. ବଣ ( ବହୁବ୍ରୀହି ). ୧ । ମୋହଶୂନ୍ୟ—1. Free from delusion.

୨ । ଭ୍ରାନ୍ତିଶୂନ୍ୟ—2. Unerring.

ଦେ. ବଣ. ( ସଂ. ଅମୋଘ )—୧ । ଅମୋଘ; ଅବ୍ୟର୍ଥ—
1. Unerring.

ଲୋଚନ ଅମୋହ ଶର ବିନ୍ଧୁଲେ ବଶାଇ । ଶିଶୁଶଙ୍କର ଉଷାଅଭିଳାଷ ।

୨ । ଅପ୍ରତିକାର୍ଯ୍ୟ—2. Irremediable.

ଏମୋହ ଦଶ ବହିଲୁ କର୍ପାଇ, ସବୁ ତା ବୁଝାଇ କହ ଗୋସାଇଁ ।
ପ୍ରାଚୀ—କଳାବତୀ ।

**ଅମୋହମଣି**—ସଂ. ବି. ( ମଧ୍ୟପଦଲୋପୀ; ଅମୋହ ଜନ୍ମାଇବା ମଣି )
Amohamaṇi ମଣିବିଶେଷ ( ଏ ମଣି ଧାରଣ କରିବା ବ୍ୟକ୍ତିର ମୋହ ବା ଭ୍ରାନ୍ତି ଜନ୍ମେ ନାହିଁ ବୋଲି କଥିତ ଅଛି )—
A kind of wonderful gem said to make the wearer free from committing errors.

ବହୁବାରେ ଅମୋହ ମଣି କରି ତୋଷ । ଉପେ. ବୈଦେହୀଶବିଳାସ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପର୍ଯ୍ୟାୟକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମୋହଶକ୍ତି**—ଦେ. ବି. ( ସଂ. ଅମୋଘ + ଶକ୍ତି )—
Amohaśakti ୧ । ଶକ୍ତିବିଶେଷ; ଅମୋଘ ୧୦ ( ଦେଖ )
1. A kind of weapon. Amoghā 10. ( See )
୨ । ଦେବଶସ୍ତ୍ର ବିଶେଷ—2. A kind of divine weapon.
[ ଦ୍ର—ଏହି ଶସ୍ତ୍ରକୁ ଅଗ୍ନି ବରୁଣଦେବାଙ୍କଠାରୁ ଆଣି ଅର୍ଜୁନଙ୍କୁ ଦେଇଥିଲେ—ମହାଭାରତ । ]

**ଅମୌନ**—ସଂ. ବି. ( ଅ + ମୁନି + ଅ )—
Amauna ୧ । ମୁନିବ୍ରତ ପାଳନ ନ କରିବା ଅବସ୍ଥା—
1. The state of not keeping the vows of a sage ( M. W. )
୨ । ମୁନି ନ ହେବା ଅବସ୍ଥା—2 The state of not being a Muni or sage (M. W.)

**ଅମ୍ବ (ଧାତୁ)**—ସଂ.—୧ । ଗମନ କରିବା—1. To go.
Amba (root) ୨ । ଶବ୍ଦ କରିବା—2. To make a sound.
୩ । ଚାଲିବା—3. To walk.

**ଅମ୍ବ**—ସଂ. ବି. ପୁଂ ( ଅମ୍ବ ଧାତୁ + କର୍ତ୍ତୃ. ଅ )—
Amba ପିତା; ବାପ—Father.
(ଅମ୍ବା-ସ୍ତ୍ରୀ)

**ଅମ୍ବକ**—ସଂ. ବି—୧ । ( ଅମ୍ବ ଧାତୁ = ଚାଲିବା + କରଣ. ଅକ; ଯାହା
Ambaka ସାହାଯ୍ୟରେ ପ୍ରାଣୀ ବାଟ ଦେଖି ଚାଲିପାରେ )—
୧ । ନେତ୍ର; ଆଖି—1. Eye
ଅନ୍ୟପରସନ, ଅନ୍ୟ ଅମ୍ବକ ହରଷ ସଦନ—ଭକ୍ତ. ପ୍ରେମସୁଧାନିଧି ।
[ ଦ୍ର—ଏହି ଶବ୍ଦ ଯୋଗେ ତ୍ରିଯମ୍ବକ ବା ତ୍ର୍ୟମ୍ବକ ଶବ୍ଦ ନିଷ୍ପନ୍ନ ହୋଇଅଛି । ]
୨ । ତାମ୍ର; ତମ୍ବା—2. Copper.
ସଂ. ବି. ( ଅମ୍ବ + ସ୍ୱାର୍ଥେ. କ )—ପିତା—Father.

**ଅମ୍ବର**—ସଂ. ବି. ପୁ. ୧ । ( ଅମ୍ବ ଧାତୁ = ଗନ୍ଧ କରିବା + କର୍ତ୍ତୃ. ର; ଏହା
Ambara ଦୂରରୁ ଭାସି ଆସି, ସମୁଦ୍ର ଉପକୂଳରେ ଲାଗିବାରୁ )—
ଅମ୍ବରୀ ଧୂପ ଦିଆ ଯିବା ସୁଗନ୍ଧ ଦ୍ରବ୍ୟବିଶେଷ—1. Ambergris.
ଆ. ଅମ୍ବର; ଅମ୍ବରୀ
ଅମ୍ବର
[ ଦ୍ର—ସମୁଦ୍ରର ତିମିବିଶେଷଙ୍କ ଅନ୍ତ୍ରରେ ଏହା ଜନ୍ମେ । ସମୁଦ୍ରରେ ତିମିମାନେ ଏହାକୁ କାଢ଼ନ୍ତି । ଏହା ଭାସି ଆସି ଭାରତର ଓ ଆଫ୍ରିକାର ଉପକୂଳରେ ଲାଗେ ଓ ବ୍ୟବସାୟୀମାନେ ଏହାକୁ ସଂଗ୍ରହ କରି ଆଣନ୍ତି । ଆଉ ଏକ ପ୍ରକାର ଅମ୍ବର ଖଣିରୁ ମିଳେ । ଏହା ପାଂଶୁବର୍ଣ୍ଣ ଓ ଲଘୁ ଏବଂ ଖୁବ୍ ଦାହ୍ୟ; ନିଆଁରେ ପକାଇଲେ ଏଥିରୁ ସୁଗନ୍ଧ ବାଷ୍ପ ବାହାରେ । ]
୨ । ( ଅମ୍ବ ଧାତୁ = ଶବ୍ଦ କରିବା + ଅର; ଏହା ସମସ୍ତ ଶବ୍ଦର ଆଧାର ଥିବାରୁ ) ଶୂନ୍ୟ; ଆକାଶ—2. The sky; ether.
୩ । ବସ୍ତ୍ର—3. Cloth.
୪ । ପୋଷାକ—4. Garment; apparel.
୫ । କପା—5. Cotton.
୬ । ଶୂନ୍ୟସଂଖ୍ୟା—6. Cypher ( M. W. )
୭ । ଓଷ୍ଠ; ଓଠ—7. Lip ( M. W. )
୮ । ଅଭ୍ର; ମେଘନାଲ—8. Talc
୯ । ପଞ୍ଜାବର ଦେଶବିଶେଷ —
9. Name of a part in Panjāba.
( ଯଥା—ରାଜା ମାନସିଂହ ଅମ୍ବରର ରାଜା ହୋଇଥିଲେ । )

**ଅମ୍ବରପୁଷ୍ପ**—ସଂ. ବି. (୬ଷ୍ଠୀ ତତ୍; ଅମ୍ବର + ପୁଷ୍ପ)—ଅଭ୍ରପୁଷ୍ପ; ଅସମ୍ଭବ—
Ambarapushpa ବିଷୟ—Anything impossible ( M. W. )

**ଅମ୍ବରମଣି**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବର + ମଣି )—ସୂର୍ଯ୍ୟ—
Ambaramaṇi The sun.

**ଅମ୍ବରିଗୁଡ଼ାଖୁ**—ଦେ. ବି. ( ସଂ ଅମ୍ବର + ଦେ. ଗୁଡ଼ାଖୁ )—ଅମ୍ବର-
Ambarigurḍākhu ନାମକ ସୁଗନ୍ଧ ଦ୍ରବ୍ୟଦ୍ୱାରା ସୁଗନ୍ଧୀକୃତ
ଅମ୍ବରୀତାମାକ ଗୁଡ଼ାଖୁ—Sweet tobacco; smoking mixture mixed with ambergris.
[ ଦ୍ର—ଏ ଗୁଡ଼ାଖୁରୁ ଧୂଆଁ ଅମ୍ବର ହେଉ ଖୁବ ବାସେ; ଏ ଗୁଡ଼ାଖୁକୁ ବଡ଼ ଲୋକେ ବ୍ୟବହାର କରନ୍ତି । ]

**ଅମ୍ବରିଷ**—ସଂ. ବି. ନାମ. ( ଅମ୍ବ ଧାତୁ + କର୍ତ୍ତୃ. ଇଷ )—
Ambarisha ୧ । ଶିବ—1. Śiba.
୨ । ବିଷ୍ଣୁ—2. Bishṇu.
୩ । ଆକାଶ—3. Sky.
୪ । ଅମ୍ବଡ଼ା—4. Hogplum.
୫ । ଭଜାଭଜି ହାଣ୍ଡି; କରେଇ—5. Frying pan.
୬ । ସୂର୍ଯ୍ୟ—6 The sun.
୭ । ବାଳକ—7 Boy.
୮ । ପିତା—8. Father.
୯ । ଯୁଦ୍ଧ—9. War.
୧୦ । ଅନୁତାପ—10. Remorse.
୧୧ । ରାଜର୍ଷିବିଶେଷ; ଋଗ୍‌ବେଦର କେତେକ ସୂକ୍ତର ଦ୍ରଷ୍ଟା—
11. Name of a sage who composed some hymns of the Rugbeda.
୧୨ । ସଗରଙ୍କ ବଂଶଧର ଓ ଦଶରଥଙ୍କ ପୂର୍ବପୁରୁଷ ସୂର୍ଯ୍ୟବଂଶର ରାଜାବିଶେଷ—
12. Name of a king of the solar dynasty.
୧୩ । ପୁଲହଙ୍କ ପୁତ୍ରବିଶେଷ—13. Name of a son of the patriarch Pulaha.
୧୪ । ଗଣେଶ—14. God Gaṇeśa.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | କ୍ଷ | ଇଯ୍ଯ | ଋଅ | ଭ |
| ୨ | ଇ | ଈ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଷ | କ୍ସ |

୧୫ । ବୈବସ୍ୱତମନୁଙ୍କ ବଂଶଧର, ନାଭାଗଙ୍କ ପୁତ୍ର—
15 Name of the son of Nābhāga
[ ଦ୍ର—ଏ ଜଣେ ନିଷ୍ଠାପର ବୈଷ୍ଣବ ଥିଲେ । ଏକଦା ଦୁର୍ବାସା ଏହାଙ୍କ ଉପରେ କ୍ରୁଦ୍ଧ ହେବାରୁ ଭଗବାନ ଏହାଙ୍କୁ ସୁଦର୍ଶନ-ଚକ୍ରଦ୍ୱାରା ଦୁର୍ବାସାଙ୍କ କୋପାନଳରୁ ରକ୍ଷା କରିଥିଲେ । ସୁଦର୍ଶନ-ଚକ୍ର ଦୁର୍ବାସାଙ୍କୁ ଗୋଡ଼ାଇବାରୁ ଦୁର୍ବାସା ବିଧିବଡ଼ମ୍ବନାକ୍ରମେ ସେହି ଅମ୍ବରୀଷଙ୍କ ଶରଣାପନ୍ନ ହେଲେ—ଭାଗବତ ୯ । ୪ । ଏ ରାଜା ବ୍ରାହ୍ମଣମାନଙ୍କୁ ଦଶ ପଦ୍ମ ଗାଈ ଦାନ କରିଥିଲେ—ମହାଭାରତ । ]

**ଅମ୍ବରୀଷ**—ସଂ. ବି. ନାମ. ( ଅମ୍ବ ଧାତୁ + କର୍ତ୍ତୃ. ଈଷ; ଅମ୍ବରିଷର-ଅନ୍ୟ-
Ambarīsha ରୂପ )—ଅମ୍ବରିଷ ( ଦେଖ )
Ambarisha ( See )

ଅମ୍ବରୀଷ ରଜା ଯମୁନାଙ୍କର କୂଳେ,
ଦଶପଦ୍ମ ଗାଈ ସେ ବ୍ରାହ୍ମଣଙ୍କୁ ଦେଲେ—କୃଷ୍ଣସିଂହ. ମହାଭାରତ ବନ ।

**ଅମ୍ବଷ୍ଠ**—ସଂ. ବି. ପୁଂ (ଅମ୍ବ =ପିତା ବା ଅମ୍ବା=ମାତା+ସ୍ଥା ଧାତୁ + କର୍ତ୍ତୃ.
Ambashtha ଅ; ଯେ ରୋଗୀ ପାଖେ ବାପ ମା ପରି ରହି ସେବା କରନ୍ତି )—
ଅମ୍ବଷ୍ଠା } ସ୍ତ୍ରୀ.
ଅମ୍ବଷ୍ଠୀ }
୧ । ବୈଦ୍ୟ ବା ଚିକିତ୍ସକ ଜାତିର ଲୋକ; (ବ୍ରାହ୍ମଣ ଔରସରେ ବୈଶ୍ୟା ଗର୍ଭଜାତ ସନ୍ତାନ ଜାତି ମନୁ । ୧୦।୮) —
1. A man of the medical caste.
୨ । ମହାଭାରତୋକ୍ତ ଦେଶବିଶେଷ—
2. Name of an ancient country
୩ । ଉକ୍ତ ଦେଶବାସୀ ବ୍ୟକ୍ତି—3. An inhabitant of the country Ambashtha.
୪ । ଅମ୍ବଷ୍ଠ ଦେଶର ରାଜାବିଶେଷ—4. Name of the king of the country Ambashtha.
୫ । ମାହୁନ୍ତ—5. An elephant-driver.
୬ । ଯୂଇଗଛ ଓ ଫୁଲ—6. Jasminum Auriculatum (plant and flower)
୭ । ଅକାନବିନ୍ଧ (ଦେଖ)—
7. Stephania Hernandifolia (creeper)
୮ । ଅମ୍ବିଲତି ଶାଗ
8. Oxalis Corniculata (pot-herb)

**ଅମ୍ବଷ୍ଠା**—ସଂ. ବି. ସ୍ତ୍ରୀ. ( ଅମ୍ବଷ୍ଠ + ସ୍ତ୍ରୀ. ଆ )—୧ । ଅମ୍ବଷ୍ଠଜାତୀୟା ସ୍ତ୍ରୀ—
Ambashthā 1. A woman of the Ambashtha caste
୨ । ଗଣିକା; ବେଶ୍ୟା—2. Prostitute.
୩ । ଯୂଇଗଛ ଓ ଫୁଲ—3. Jasminum Auriculatum (flower and plant)
୪ । ଅକାନବିନ୍ଧ—
4. Stephania Hernandi folia (creeper)
୫ । ଅମ୍ବିଲତିଶାଗ—
5. Oxalis Corniculata (pot-herb)

**ଅମ୍ବଷ୍ଠୀ**—ସଂ. ବି. ସ୍ତ୍ରୀ. (ଅମ୍ବଷ୍ଠ + ଈ)—ଅମ୍ବଷ୍ଠଜାତୀୟା ସ୍ତ୍ରୀ—
Ambashthī A female of the Ambashtha caste.
[ଦ୍ର—ମନୁସଂହିତାରେ ଅମ୍ବଷ୍ଠର ସ୍ତ୍ରୀଲିଙ୍ଗ ଅମ୍ବଷ୍ଠୀ ଶବ୍ଦର ପ୍ରୟୋଗ ଅଛି । ମନୁ ୧୦।୧୯ । ]

**ଅମ୍ବା**—ସଂ. ବି. ସ୍ତ୍ରୀ. (ଅମ୍ବ + ସ୍ତ୍ରୀ. ଆ)—୧ । ମାତା—
Ambā 1. Mother.
୨ । ଦୁର୍ଗା—2. Goddess Durgā.
୩ । କାଶୀରାଜାଙ୍କ ଜ୍ୟେଷ୍ଠାକନ୍ୟା, ବିଚିତ୍ରବୀର୍ଯ୍ୟଙ୍କର ଏକତମା ପତ୍ନୀ ଓ ପାଣ୍ଡୁଙ୍କ ବିମାତା—3. Name of the step-mother of king Pāṇḍu and wife of king Bichitrabīrjya.
[ ଦ୍ର—ତେଲଗୁ ଓ ତାମିଲଭାଷାରେ ମାତାଙ୍କୁ ସମ୍ବୋଧନରେ ଓ ସ୍ତ୍ରୀଲୋକ ଓ ଦେବୀଙ୍କ ନାମ ପରେ ବ୍ୟବହୃତ 'ଅମ୍ମା' ଶବ୍ଦ ଏହି 'ଅମ୍ବା' ଶବ୍ଦର ରୂପାନ୍ତର ବୋଲି ପଣ୍ଡିତମାନେ କହନ୍ତି । ତୁଳନା କର ଜର୍ମାନୀ ଅମ୍ମେ=ଧାଈ । ]

**ଅମ୍ବାରି**—ବୈଦେ. ବି. (ଆ. ଅମାରୀ)—ଅମାରି (ଦେଖ)
Ambāri Amāri (See)

**ଅମ୍ବାଲା**—ସଂ. ବି. ସ୍ତ୍ରୀ. (ଅମ୍ବା=ମାତା + ଲା ଧାତୁ + କର୍ତ୍ତୃ. ଅ+ସ୍ତ୍ରୀ. ଆ;
Ambālā ଯେ ମାତା ନାମକୁ ଗ୍ରହଣ କରନ୍ତି)—
୧ । ମାତା—1. Mother.
୨ । ଦୁର୍ଗା—2. Goddess Durgā.
ଦେ. ବି—ପଞ୍ଜାବର ଜିଲ୍ଲା ଓ ନଗରବିଶେଷ—
Name of a district and town in Pañjāba.
[ ଦ୍ର—ଏ ନଗର ଦିଲ୍ଲୀ ନଗରର ଉତ୍ତର ପଶ୍ଚିମରେ ପ୍ରାୟ ୧୫୦ ମାଇଲ ଦୂରରେ ଇ. ଆଇ. ଆର. ରେଲ୍‌ବାଇ ଲାଇନ୍‌ର ଗୋଟିଏ ବଡ଼ ଷ୍ଟେସନ୍ ଓ ସେନାନିବାସ । ]

**ଅମ୍ବାଲିକା**—ସଂ. ବି. ସ୍ତ୍ରୀ. (ଅମ୍ବାଲା + ସ୍ୱାର୍ଥେ.କ + ସ୍ତ୍ରୀ.ଆ)—
Ambālikā ୧ । ମାତା—1. Mother.
୨ । ଦୁର୍ଗା—2. Goddess Durgā.
୩ । କାଶୀରାଜାଙ୍କ କନିଷ୍ଠା କନ୍ୟା, ବିଚିତ୍ରବୀର୍ଯ୍ୟଙ୍କର ଏକତମା ପତ୍ନୀ ଓ ପାଣ୍ଡୁମାତା—
Name of the mother of Pāṇḍu.

**ଅମ୍ବାଲୀ**—ସଂ. ବି. ସ୍ତ୍ରୀ. (ଅମ୍ବାଲ + ଈ)—
Ambālī ମାତା—Mother.

**ଅମ୍ବିକା**—ସଂ. ବି. ସ୍ତ୍ରୀ. (ଅମ୍ବା + ସ୍ୱାର୍ଥେ.କ+ଆ)—
Ambikā ୧ । ମାତା—1. Mother.
୨ । ଦୁର୍ଗା—2. Goddess Durgā.
୩ । ପାର୍ବତୀ—3. Goddess Pārbatī.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଢ଼ତ ୯ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚ୍ଚ ର ଯେପରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଲୁଣ' ନ ମିଳିଲେ 'ଲୂଣ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜି' ନ ପାଇଲେ 'ଅର୍ଜି' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । କାଶୀରାଜାଙ୍କ ମଧ୍ୟମା କନ୍ୟା; ବିଚିତ୍ରବୀର୍ଯ୍ୟଙ୍କର ଏକତମା ପତ୍ନୀ ଓ ଧୃତରାଷ୍ଟ୍ରଙ୍କ ଜନନୀ—4. Name of the mother of Dhrutarāshṭra.

୫ । ଦେବମାତା—5. The mother of the gods.

୬ । ଜୈନମାନଙ୍କ ପୂଜିତ ଦେବୀବିଶେଷ—6. A female Deity worshipped by the Jainas.

୭ । କୁଳୁଚି ଲତା—7. A medicinal creeper; Wrightea Antidysenterica.

ଦେ. ବି. ସ୍ତ୍ରୀ.—ସ୍ତ୍ରୀଲୋକମାନଙ୍କ ନାମ—A name given to females.

**ଅମ୍ବିକେୟ**—ସଂ. ବି. ପୁଂ. (ଅମ୍ବିକା+ଅପତ୍ୟାର୍ଥେ. ଏୟ)—
Ambikeya ୧ । ଧୃତରାଷ୍ଟ୍ର—1. King Dhrutarāshṭra.
୨ । କାର୍ତ୍ତିକେୟ—2. God Kārtikeya.
୩ । ଗଣେଶ—3 God Gaṇesa.

**ଅମ୍ବୁ**—ସଂ. ବି. ( ଅମ୍ବ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଉ )—
Ambu ୧ । ଜଳ;ପାଣି—1. Water.
୨ । ସ୍ୱମାୟୁର୍ବର୍ଣ୍ଣିତ ଅସୁରବିଶେଷ—2 Name of a demon.

କମ୍ବୁ ଅମ୍ବୁ ନାମେ ଯେ ବେନି ଅସୁର
ପାଞ୍ଚଲକ୍ଷ ରଥ ସେନି ହେଲେ ଅଗୁସାର । ଦଶ୍ରୁନାଥ. ବିଚିତ୍ରରାମାୟଣ ।

୩ । ନବେ ଅକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—3. Name of a metre of 90 syllables. (M. W.)

**ଅମ୍ବୁକଣ**—ସଂ. ବି. (ବହୁବ୍ରୀହି; ଅମ୍ବୁ+କଣ)—
Ambukaṇa ମେଘଅସାର—Shower ( M. W. )

**ଅମ୍ବୁକଣା**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+କଣା )—
Ambukaṇā ୧ । ଜଳବିନ୍ଦୁ; ଶୀକର—1. Drop or particle of water.
୨ । ବର୍ଷାର ଜଳବିନ୍ଦୁ—2. Rain-drop.

**ଅମ୍ବୁଘନ**—ସଂ. ବି. ( କର୍ମଧା; ଘନ+ଅମ୍ବୁ )—କରକା; ଲୁଆ ପଥର—
Ambughana Hail.

**ଅମ୍ବୁଚାମର**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+ଚାମର )—
Ambuchāmara ୧ । ଶିଉଳି—1. Moss.
୨ । ପାଣିଶିଉଳି ନାମକ ଜଳଜ ଗୁଳ୍ମ—2. An aquatic plant; Water Valisneria.

**ଅମ୍ବୁଜ**—ସଂ. ବି. ( ଅମ୍ବୁ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ ଅ; ଯାହା
Ambuja ଜଳରୁ ଜନ୍ମେ ବା ଜନ୍ମିଛି )—
୧ । ପଦ୍ମ—1. Lotus.
୨ । ଚନ୍ଦ୍ର—2. Moon.
୩ । ଶଙ୍ଖ—3. Conch.
୪ । ବଜ୍ର—4. Thunder.
୫ । ହିଞ୍ଜଳ (ଦେଖ)—5. Hiñjaḷa ( See )
୬ । ଜଳବେତସ—6. A kind of ratan.

ସଂ. ବିଣ—ଜଳଜ; ଜଳରୁ ଜାତ—Aquatic.

**ଅମ୍ବୁଜନିଧି**—ସଂ. ବି. ( ମଧ୍ୟପଦଲୋପୀ; ଅମ୍ବୁଜ ପରି ବର୍ଣ୍ଣବିଶିଷ୍ଟ ନିଧି)—
Ambujanidhi ପଦ୍ମରାଗ ମଣି—Ruby.

**ଅମ୍ବୁଜନେତ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅମ୍ବୁଜ+ନେତ୍ର )—
Ambujanetra ପଦ୍ମ ପରି ସୁନ୍ଦର ଚକ୍ଷୁବିଶିଷ୍ଟ—
(ଅମ୍ବୁଜନେତ୍ରା—ସ୍ତ୍ରୀ) Lotus-eyed.

ସଂ. ବି—ବିଷ୍ଣୁଙ୍କ ନାମବିଶେଷ—A name of Bishṇu.

**ଅମ୍ବୁଜମଣି**—ସଂ. ବି. (ମଧ୍ୟପଦଲୋପୀ; ଅମ୍ବୁଜ ପରି ବର୍ଣ୍ଣବିଶିଷ୍ଟ ମଣି)—
Ambujamaṇi ପଦ୍ମରାଗ ମଣି—Ruby.

**ଅମ୍ବୁଜାକ୍ଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅମ୍ବୁଜ+ଅକ୍ଷ )—
Ambujāksha ଅମ୍ବୁଜନେତ୍ର ( ଦେଖ )
(ଅମ୍ବୁଜାକ୍ଷୀ—ସ୍ତ୍ରୀ) Ambujanetra ( See )

**ଅମ୍ବୁଜିନୀ**—ସଂ. ବି. ସ୍ତ୍ରୀ. (ଅମ୍ବୁଜ+ଇନ୍+ଈ )—ପଦ୍ମିନୀ—
Ambujinī The lotus.

**ଅମ୍ବୁତସ୍କର**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+ତସ୍କର )—
Ambutaskara ସୂର୍ଯ୍ୟ—The sun.

**ଅମ୍ବୁଦ**—ସଂ. ବି. ( ଅମ୍ବୁ+ଦା ଧାତୁ+କର୍ତ୍ତୃ. ଅ; ଯେ ଜଳ ଦିଏ )—
Ambuda ୧ । ମେଘ—1. Cloud.
୨ । ଗୁଳ୍ମବିଶେଷ; ନାଗର ମୁଥା—2. The plant Cyperus Hexastychius Communis.

**ଅମ୍ବୁଧର**—ସଂ. ବି. (ଅମ୍ବୁ+ଧୃ ଧାତୁ+କର୍ତ୍ତୃ. ଅ; ଯେ ଜଳକୁ ଧାରଣ
Ambudhara କରେ )—ମେଘ—Cloud.

**ଅମ୍ବୁଧି**—ସଂ. ବି. ( ଅମ୍ବୁ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ —
Ambudhi ୧ । ସମୁଦ୍ର—1. The ocean.
୨ । ଚାରି ସଂଖ୍ୟା—2. The number four (M.W.)

**ଅମ୍ବୁଧିସ୍ରବା**—ସଂ. ବି. ( ଅମ୍ବୁଧି+ସ୍ରୁ ଧାତୁ+ଅ+ଆ )—
Ambudhisrabā ଘୃତକୁମାରୀ—Aloes Perfoliata.

**ଅମ୍ବୁନିଧି**—ସଂ. ବି. ( ଅମ୍ବୁ+ନି+ଧା ଧାତୁ=ଧାରଣ କରିବା+କର୍ତ୍ତୃ.
Ambunidhi ଇ )—ସମୁଦ୍ର—The ocean.

**ଅମ୍ବୁପ୍ରସାଦ**—ସଂ. ବି. ( ବହୁବ୍ରୀହି; ଅମ୍ବୁର ପ୍ରସାଦ ହୁଏ ଯାହାଦ୍ୱାରା;
Ambuprasāda ଏହାକୁ ଘୋରି ଗୋଳାଅ ପାଣିରେ ପକାଇଲେ ପାଣିର ମଇଳାଯାକ ତଳେ ବସିଯାଏ ଓ ପାଣି ନିର୍ମଳ ହୁଏ )—୧ । ନିର୍ମଳୀ ଫଳ—1. The clearing nut.
୨ । ( ୬ଷ୍ଠୀ ତତ୍; ଅମ୍ବୁ+ପ୍ରସାଦ )—ଜଳର ନିର୍ମଳତା—2. The clearness or transparency of water.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇଯ୍ | ଞ୍ଚ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଅମ୍ବୁବାଚ**—ସଂ. ବି. ( ଅମ୍ବୁ+ବଚ ଧାତୁ+କର୍ତ୍ତୃ. ଇ )—
Ambubāchi ମିଥୁନ ରାଶିସ୍ଥ ସୂର୍ଯ୍ୟଙ୍କର ଆର୍ଦ୍ରାନକ୍ଷତ୍ରର ପ୍ରଥମ-ପାଦଭୋଗ କାଳ; ରଜସଂକ୍ରାନ୍ତି ଓ ତତ୍ ପରବର୍ତ୍ତୀ ତିନି ଦିନ; ଆଷାଢ଼ମାସରେ ଆର୍ଦ୍ରା ନକ୍ଷତ୍ରର ପ୍ରଥମ ଚରଣ; ଅର୍ଥାତ୍ ଆଷାଢ଼ମାସର ଆରମ୍ଭରେ ତିନିଦିନ ଓ ୨୦ ଘଡ଼ି ସମୟ—The $3\frac{1}{2}$ days in the beginning of the month of Āshārdha.

[ ଦ୍ର—ଏହି ସମୟରେ ପୃଥିବୀ ରଜସ୍ୱଳା ହୁଏ । ଏହି ସମୟରେ ଭୂପୃଷ୍ଠ-ଖନନ, ବୀଜବପନ ଓ ବେଦାଧ୍ୟୟନ ନିଷିଦ୍ଧ । ଏହି ସମୟରେ ଯତି, ବ୍ରାହ୍ମଣ, ବିଧବା ଓ ବ୍ରହ୍ମଚାରୀ ପକ୍ଷରେ ସ୍ୱପାକ ବା ପରପାକର ଅନ୍ନ ଚଣ୍ଡାଳାନ୍ନ ତୁଲ୍ୟ । ଏହି ସମୟରେ ଦୁଗ୍ଧ ପାନ କଲେ ସର୍ପଭୟ ରହେ ନାହିଁ । ]

**ଅମ୍ବୁବାଚୀ**—ସଂ. ବି. ( ଅମ୍ବୁ+ବଚ ଧାତୁ+କର୍ତ୍ତୃ. ଈ )—
Ambubāchī ଅମ୍ବୁବାଚ ( ଦେଖ )
Ambubāchi ( See )

**ଅମ୍ବୁବାହ**—ସଂ. ବି. ( ଅମ୍ବୁ+ବହ ଧାତୁ+କର୍ତ୍ତୃ. ଅ )—
Ambubāha ୧ । ମେଘ—1. Cloud.
୨ । ମୁଥା—2. Bulbous root of Duba grass.
୩ । ନାଗର ମୁଥା ( ଦେଖ )—
3. Nāgara muthā ( See )
୪ । ଅଭ୍ର; ମେଘନାଲ—4. Talc; mica.

**ଅମ୍ବୁବାହନୀ**—ସଂ. ବି. (ଅମ୍ବୁ+ବହ ଧାତୁ ଣିଚ୍=ବାହି ଧାତୁ+କରଣ.
Ambubāhanī ଅନ+ସ୍ତ୍ରୀ. ଈ; ଯାହାଦ୍ୱାରା ପାଣି ବୁହାଯାଏ)—
୧ । ଜଳସେଚନୀ; ସେଣା, ସେତୁଅ, ଯନ୍ତ୍ର ପ୍ରଭୃତି ଜଳ ବୁହାଇବା ଯନ୍ତ୍ର—1. A contrivance for lifting up water from tanks to irrigate fields; water-baling contrivance.
୨ । ଡଙ୍ଗା ତଳରେ ଝରି ପଶିଥିବା ପାଣିକୁ ବାହାରକୁ ପିଙ୍ଗିବାର ପାତ୍ର—2. A cup for baling out water from the bottom of a boat.

**ଅମ୍ବୁବାହିନୀ**—ସଂ. ବି. (ଅମ୍ବୁ+ବହ ଧାତୁ+ଣିଚ=ବାହି ଧାତୁ+କରଣ.
Ambubāhinī ଅନ+ସ୍ତ୍ରୀ. ଈ )—ଅମ୍ବୁବାହନୀ ( ଦେଖ )
Ambubāhanī ( See )
ସଂ. ବିଣ. ପୁଂ. (ଅମ୍ବୁବାହିନ୍+ସ୍ତ୍ରୀ.ଈ)—ଅମ୍ବୁବାହୀର ସ୍ତ୍ରୀଲିଙ୍ଗ—
Feminine of Ambubāhī.

**ଅମ୍ବୁବାହୀ**—ସଂ. ବିଣ. ପୁଂ. ( ଅମ୍ବୁ+ବହ ଧାତୁ+କର୍ତ୍ତୃ. ଇନ୍; ୧ମା.
Ambubāhī ୧ବ. )—ଜଳବହନକାରୀ; ପାଣିବୁହାଳୀ—
(ଅମ୍ବୁବାହିନୀ—ସ୍ତ୍ରୀ) Carrying water.

**ଅମ୍ବୁବେତସ**—ସଂ.ବି.(ମଧ୍ୟପଦଲୋପୀ କର୍ମଧା;ଅମ୍ବୁକୂଳରେ ଜାତ ବେତସ)—
Ambubetasa ଜଳବେତ; ପାଣିବେତ; ଏକପ୍ରକାର ବେତ—
A kind of ratan growing near water.

[ ଦ୍ର—ଏ ବେତ ସାଧାରଣ ବେତ ଠାରୁ ପତଳା ଓ ଦୃଢ଼ ହୁଏ । ଏହା ବଙ୍ଗ, ଓଡ଼ିଶା, କର୍ଣ୍ଣାଟକ, ଚଟ୍ଟଗ୍ରାମ, ବ୍ରହ୍ମଦେଶ ଆଦିରେ ପାଣିକୂଳରେ ଜନ୍ମେ । ]

**ଅମ୍ବୁଭୃତ୍**—ସଂ. ବି.(ଅମ୍ବୁ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ.କ୍ୱିପ୍)—
Ambubhrut ୧ । ମେଘ—1. Cloud.
୨ । ସମୁଦ୍ର—2. The ocean.
୩ । ମୁଥା—3. Bulbous root of Dūba grass.

**ଅମ୍ବୁମୁକ୍**—ସଂ. ବି. ( ଅମ୍ବୁ+ମୁଚ ଧାତୁ=ତ୍ୟାଗ କରିବା+କର୍ତ୍ତୃ. କ୍ୱିପ୍;
Ambumuk ଅମ୍ବୁମୁଚ୍ ଶବ୍ଦ ୧ମା. ୧ବ. )—ମେଘ—Cloud.

**ଅମ୍ବୁରାଶି**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+ରାଶି )—
Amburāsi ୧ । ଜଳସମୂହ; ପ୍ରକାଣ୍ଡ ବିସ୍ତୃତ ଜଳ—
1. A vast expanse of water.
୨ । ସମୁଦ୍ର—2. The sea.

**ଅମ୍ବୁରି**—ଦେ. ବି. ( ସଂ. ଅମ୍ବର )—ଅମ୍ବର ନାମକ ସୁଗନ୍ଧ ଧୂପଦ୍ରବ୍ୟ—
Amburi Ambergris.
अम्बरी
अम्बरि

**ଅମ୍ବୁରୁହ**—ସଂ. ବି. (ଅମ୍ବୁ=ଜଳ+ରୁହ ଧାତୁ=ଜନ୍ମିବା+କର୍ତ୍ତୃ. ଅ)—
Amburuha ଅମ୍ବୁଜ; ପଦ୍ମ—Lotus.

**ଅମ୍ବୁରୁହା**—ସଂ. ବି. ସ୍ତ୍ରୀ. ( ଅମ୍ବୁରୁହ+ସ୍ତ୍ରୀ. ଆ )—
Amburuhā ୧ । ପଦ୍ମିନୀ—1. Lotus.
୨ । ସ୍ଥଳପଦ୍ମିନୀ—2. A flower plant.

**ଅମ୍ବୁଶାୟୀ**—ସଂ. ବି. ପୁଂ. ( ଅମ୍ବୁ+ଶୀ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.
Ambuśāyī ଯେ ପ୍ରଳୟପୟୋଧିଜଳ ଉପରେ ଶୟନ କରନ୍ତି )—
ଜଳଶାୟୀ, ବିଷ୍ଣୁ—An epithet of Bishṇu.

**ଅମ୍ବୁସରଣ**—ସଂ. ବି. (ଅମ୍ବୁ+ସୃ ଧାତୁ=ଗତି କରିବା+ଭାବ. ଅନ)—
Ambusaraṇa ସ୍ୱତଃ ବହିବା ଜଳଧାରା; ଜଳସ୍ରୋତ—
Current of water.

**ଅମ୍ବୁସର୍ପିଣୀ**—ସଂ. ବି. (ଅମ୍ବୁ+ସୃ ଧାତୁ ଣିଚ୍=ସର୍ପିଧାତୁ+କର୍ତ୍ତୃ. ଇନ୍+
Ambusarpiṇī ସ୍ତ୍ରୀ.ଈ; କର୍ମ୍ମ ମଧ୍ୟପଦଲୋପୀ; ଅମ୍ବୁରେ ବିଚରଣ-କାରିଣୀ ସର୍ପିଣୀ )—ଜଳୌକା; ଜୋକ—Leech.

**ଅମ୍ବୂକୃତ**—ସଂ. ବିଣ. ( ଅମ୍ବୁ+ଅଭୂତତଦ୍ଭାବେ. ଚ୍ୱି+କୃ ଧାତୁ+
Ambūkruta କର୍ମ. ତ )—ଛେପ ମିଶା ( କଥା ); ନିଷ୍ଠୀବନ-ଯୁକ୍ତ ( ବାକ୍ୟ )—( words ) Mixed with the saliva of the mouth of the speaker.

**ଅମ୍ବୃତ**—ଗ୍ରା. ବି. ( ସଂ. ଅମୃତ )—ଅମୃତ ( ଦେଖ )
Ambruta Amruta ( See )

**ଅମ୍ଭ (ଧାତୁ)**—ସଂ. ( ଅନ୍ତ ଧାତୁ )—ଶବ୍ଦ କରିବା—
Ambha (root) To make a sound.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଉ' ନ ମିଳିଲେ 'ଖାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଟ୍' ନ ପାଇଲେ 'ବଟ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମ୍ଭ**—ଦେ. ବି. ( ସଂ. ଅମ୍ଭଃ )—ଅମ୍ଭଃ ୧. ( ଦେଖ )
**Ambha** Ambhaḥ 1. ( See )

**ଅମ୍ଭଃ**—ସଂ. ବି. ( ଅମ୍ଭ ବା ଅନ୍‌ଭ ଧାତୁ+କର୍ତ୍ତୃ. ଅସ୍; ୧ମା. ୧ବ. )—
**Ambhaḥ** ୧ । ଜଳ—1. Water.
୨ । ( ଗଣିତ ) ଚାରି ସଂଖ୍ୟା—
2. ( mathematics ) The number four.
୩ । ( ଜ୍ୟୋତିଷ ) ଲଗ୍ନଠାରୁ ଚତୁର୍ଥ ରାଶି—
3. ( astrology ) The fourth sign from the Lagna.
୪ । ( ସାଂଖ୍ୟ ) ଅମ୍ଭସ୍ତୁଷ୍ଟି (ଦେଖ)—
4. Ambhastushṭi ( See )
୫ । ବୈଦିକ ଛନ୍ଦୋବିଶେଷ—
5. Name of a Vedic metre.
୬ । ଦେବ—6. Deity. ( ହିନ୍ଦି. ଶବ୍ଦସାଗର)
୭ । ପିତୃଗଣ—7. The manes. ( ହିନ୍ଦି. ଶବ୍ଦସାଗର )
୮ । ଅସୁର—8. Demon. ( ହିନ୍ଦି. ଶବ୍ଦସାଗର )

**ଅମ୍ଭସାର**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ଭସ୍+ସାର )—ମୁକ୍ତା; ମୋତି—
**Ambhasāra** Pearl.

**ଅମ୍ଭସୂ**—ସଂ. ବି. ( ଅମ୍ଭସ୍+ସୂ ଧାତୁ=ଜନ୍ମ କରିବା + କର୍ମ. ଅ; ଯାହାକୁ ଜଳ ଜନ୍ମ କରେ )—
**Ambhasū**
୧ । ବାଷ୍ପ; ବାମ୍ଫ—1. Vapour.
୨ । ଧୂଆଁ—2. Smoke.

**ଅମ୍ଭସ୍ତୁଷ୍ଟି**—ସଂ. ବି. ( ଅମ୍ଭସ୍+ତୁଷ୍ଟି )—(ସାଂଖ୍ୟ ଦର୍ଶନ ) ପ୍ରକୃତ୍ୟାଖ୍ୟା ଆଧ୍ୟାତ୍ମିକା ତୁଷ୍ଟି— Sāṁkhya
**Ambhastushṭi** (philosophy ) A kind of spiritual satisfaction

[ ଦ୍ର—ସାଂଖ୍ୟଦର୍ଶନରେ ତୁଷ୍ଟି ୯ ପ୍ରକାରର; ତହିଁ ମଧ୍ୟରୁ ଆଧ୍ୟାତ୍ମିକତୁଷ୍ଟି ୪ ପ୍ରକାରର; ଯେବେ କେହି ମାୟା ପ୍ରପଞ୍ଚରେ ପଡ଼ି ସୁଦ୍ଧା ନିଜର ପ୍ରକୃତିର ଗତି ଅନୁସାରେ, ବିବେକ ଲାଭ କରେ ତେବେ ଏହାକୁ 'ଅମ୍ଭସ୍ତୁଷ୍ଟି' ବୋଲାଯାଏ—ହି. ଶବ୍ଦସାଗର ।]

**ଅମ୍ଭାଳି**—ଦେ. ବି. ( ସଂ. ଅମ୍ଭ+ଆଳି )—ଜଳରାଶି; ସମୁଦ୍ର—
**Ambhāli** • The ocean.
ବୈଦେହୀ ରହିଁ ଧାର କାହିଁ ଥିଲେ ଅମ୍ଭାଳି, ଅମ୍ଭାଳି ପ୍ରଳୟ ଉଦେ ।
ଉଦ୍ଧ. ବୈଦେହୀଶବିଳାସ ।

**ଅମ୍ଭୋଜ**—ସଂ. ବିଣ. ( ଅମ୍ଭଃ+ଜନ ଧାତୁ+କର୍ତ୍ତୃ. ଅ )—
**Ambhoja** ଜଳଜ; ଜଳଜାତ—Aquatic
ସଂ. ବି—୧ । ପଦ୍ମ—1. Lotus.
୨ । ଚନ୍ଦ୍ର—2. Moon.
୩ । ଶଙ୍ଖ—3. Conch.
୪ । କର୍ପୂର—4. Camphor. (ହି. ଶବ୍ଦସାଗର)
୫ । ସାରସପକ୍ଷୀ—5. Crane. (ହି. ଶବ୍ଦସାଗର)

**ଅମ୍ଭୋଜିନୀ**—ସଂ. ବି. ସ୍ତ୍ରୀ. ( ଅମ୍ଭୋଜ+ଇନ୍+ସ୍ତ୍ରୀ. ଈ )—
**Ambhojinī** ୧ । ପଦ୍ମିନୀ—1. Lotus.
୨ । ପଦ୍ମଲତା—2. Lotus plant.
୩ । ପଦ୍ମସମୂହ—3. A collection of lotuses.
୪ । ବହୁତ ପଦ୍ମ ଜନ୍ମିବା ସ୍ଥାନ—4. A place growing numerous lotus flowers.

**ଅମ୍ଭୋଦ**—ସଂ. ବି. ( ଅମ୍ଭଃ=ଜଳ+ଦା ଧାତୁ+କର୍ତ୍ତୃ. ଅ)—
**Ambhoda** ୧ । ମେଘ—1. Cloud.
୨ । ମୁଥା—2. The bulbous root of Dūb grass.

**ଅମ୍ଭୋଦାନୀ**—ଦେ. ବିଣ. ( ସଂ. ଅମ୍ଭୋଦ+ଦାନୀ; ଯେ ମେଘ ପରି ଅଜସ୍ର ଦାନ କରେ )—
**Ambhodānī**
ଦାତାକର୍ଣ୍ଣ ବଡ଼ ଦାନୀ; ଯେ ଧନକୁ ପାଣି ଚାଳନ୍ତି ଭଳି ଦାନ କରେ—
**पानकदरिया** Very liberal; giving away riches like water

**ଅମ୍ଭୋଧର**—ସଂ. ବି. (ଅମ୍ଭଃ=ଜଳ+ଧୃ ଧାତୁ+କର୍ତ୍ତୃ. ଅ)—
**Ambhodhara** ୧ । ମେଘ—1. Cloud.
୨ । ମୁଥା—2. Bulbous root of Dūba grass.

**ଅମ୍ଭୋଧି**—ସଂ. ବି. (ଅମ୍ଭଃ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)—
**Ambhodhi** ସମୁଦ୍ର; ସାଗର—Ocean.

**ଅମ୍ଭୋନିଧି**—ସଂ. ବି. (ଅମ୍ଭଃ+ନି+ଧା ଧାତୁ+କର୍ତ୍ତୃ. ଇ )—
**Ambhonidhi** ସମୁଦ୍ର; ସାଗର—Ocean;

**ଅମ୍ଭୋରାଶି**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ଭଃ+ରାଶି )—
**Ambhorāsi** ସମୁଦ୍ର—Ocean;

**ଅମ୍ଭୋରୁହ**—ସଂ. ବି. (ଅମ୍ଭଃ+ରୁହ ଧାତୁ=ଜନ୍ମିବା, ମାଡ଼ିବା+କର୍ତ୍ତୃ. ଅ)—
**Ambhoruha** ୧ । ପଦ୍ମ—1. Lotus;
୨ । ସାରସ—2. Crane.

**ଅମ୍ମୟ**—ସଂ. ବିଣ. ( ଅପ୍+ମୟ )—
**Ammaya** ୧ । ଜଳମୟ—1. Watery.
୨ । ଜଳଜାତ—2. Aquatic.
୩ । ଜଳପୂର୍ଣ୍ଣ—3. Full of water.

**ଅମ୍ମରସ**—ଦେ. ବି. ( ଏହା ଅମୃତ ସହରରୁ ପ୍ରଥମେ ଅନ୍ୟ ଦେଶକୁ ଆଣା ହୋଇ ଥିବାରୁ )—
**Ammarasa**
अम्मरस ଦେହ ଧଳା ଓ କଣ୍ଠ କଳା ହୋଇଥିବା ପାରା—
**अम्मरस** A pigeon with white body and black neck.

**ଅମ୍ର**—ସଂ. ବି. ( ଅମ ଧାତୁ=ଭୋଜନ କରିବା+କର୍ମ. ର )—
**Amra** ଆମ୍ବ ( ଫଳ ଓ ଗଛ )—
Mango ( fruit and tree )

**ଅମ୍ରାତ**—ସଂ. ବି. ( ଅମ୍ର=ଆମ୍ବ+ଅତ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯାହା ଆମ୍ବ ପରି )—
**Amrāta**
ଅମ୍ବଡ଼ା ( ଗଛ ଓ ଫଳ )—Hogplum.

| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ | ଇଅ | ଓ | ଳ |

**ଅମ୍ରାତକ**—ସଂ. ବ. (ଅମ୍ରାତ + ସ୍ୱାର୍ଥେ. କ)—ଅମ୍ବଡ଼ା (ଗଛ ଓ ଫଳ)—
Amrātaka Hogplum.

**ଅମ୍ଳ**—ସଂ. ବଣ. ( ଅମ ଧାତୁ = ରୁଗ୍ଣ ହେବା + କରଣ. ଲ; ଯାହାକୁ ଖାଇଲେ ମନୁଷ୍ୟ ରୁଗ୍ଣ ହୁଏ )—
Amla
ଅମ୍ଳିଆ; ଖଟା—Sour; acid.
ସଂ. ବ—ଖଟାରସ; ଖଟାପଣ—
Sourness, acid-taste.
୨ । ତେନ୍ତୁଳ ( ଗଛ ଓ ଫଳ )—
2. Tamarind ( tree and fruit ).

**ଅମ୍ଳକ**—ସଂ. ବ. ( ଅମ୍ଳ + କ ) ଲକୁଚ; ଜେଉଟ ( ଦେଖ )
Amlaka Jeuṭa ( See )

**ଅମ୍ଳଜନ**—ସଂ. ବ. (ବିଜ୍ଞାନପରିଭାଷା; ଅମ୍ଳ + ଜନ ଧାତୁ + ଅ )—
Amlajana ଅକ୍ସିଜେନ୍ ବାଷ୍ପ—Oxygen
[ ଦ୍ର—ଏହା ବାୟୁ ଓ ଜଳର ମୌଳିକଉପାଦାନବିଶେଷ । ଏହା ଜ୍ୱଳନକ୍ରିୟାର ପରିପୋଷକ ଓ ପ୍ରାଣୀମାନଙ୍କର ଜୀବନରକ୍ଷା ପାଇଁ ନିଶ୍ୱାସ ସଙ୍ଗେ ଦେହକୁ ନିଅ ଯିବା ଏକାନ୍ତ ପ୍ରୟୋଜନୀୟ । ଏହା ବର୍ଣ୍ଣହୀନ ଓ ଅଦୃଶ୍ୟ । ]

**ଅମ୍ଳଜାନ**—ସଂ. ବ. ( ବିଜ୍ଞାନପରିଭାଷା; ଅମ୍ଳ + ଜନ ଧାତୁ + ଅ )—
Amlajāna ଅମ୍ଳଜନ ( ଦେଖ )
Amlajana ( See )

**ଅମ୍ଳତା**—ସଂ. ବ (ଅମ୍ଳ + ଭାବ. ତା )—
Amlatā ଖଟାପଣ—Sourness.

**ଅମ୍ଳପଞ୍ଚକ**—ସଂ. ବ ( ଷଷ୍ଠୀ ତତ୍; ଅମ୍ଳ + ପଞ୍ଚକ )—
Amlapañchaka ପାଞ୍ଚପ୍ରକାରର ଖଟା ଫଳ ( ଯଥା—ଜମ୍ବୀର, ଲେମ୍ବୁ, ଖଟାଡାଳିମ୍ବ, ତେନ୍ତୁଳ, ନାରଙ୍ଗ ଓ ଅମ୍ଳବେତସ )—
Five kinds of sour fruits.

**ଅମ୍ଳପିତ୍ତ**—ସଂ. ବ.—ଅଜୀର୍ଣ୍ଣ ରୋଗବିଶେଷ—
Amlapitta A sickness due to acidity.
[ ଦ୍ର—ଏ ରୋଗରେ ଯାହା କିଛି ଖିଆଯାଏ ତାହା ସବୁ ପିତ୍ତଦୋଷରୁ ପେଟରେ ଖଟା ପାଲଟିଯାଏ । ବହୁତ ରୁକ୍ଷ, ଖଟା, ଗୁରୁ ଓ ଗରମ ବସ୍ତୁ ଖାଇଲେ ଏ ରୋଗ ହୁଏ । ଏଥିର ଲକ୍ଷଣ ଘନ ଘନ ବର୍ଣ୍ଣର ମଳନିଃସରଣ, ଦାହ, ବମନ, ମୂର୍ଚ୍ଛା, ହୃଦୟରେ ପୀଡ଼ା, ଜ୍ୱର, ଅରୁଚି ଓ ଆମ୍ଳୋଦ୍ଗାର—ହ. ଶବ୍ଦସାଗର । ]
ଦେ. ବ.—ଉପଦଂଶରୋଗ Syphilis.

**ଅମ୍ଳପୂର**—ସଂ. ବ ( ଅମ୍ଳ + ପୂର ଧାତୁ + ଅ )—
Amlapūra ତେନ୍ତୁଳ ( ଗଛ ଓ ଫଳ )—
Tamarind ( tree and fruit )

**ଅମ୍ଳଫଳ**—ସଂ. ବ ( ବହୁବ୍ରୀହି; ଅମ୍ଳ + ଫଳ )—
Amlaphala ୧ । ତେନ୍ତୁଳଗଛ—1. *Tamarind tree.*
୨ । ( କର୍ମଧା ) ଖଟା ଫଳ—2. Sour fruit

**ଅମ୍ଳବେତସ**—ସଂ. ବ.—୧ । ଏକପ୍ରକାର ପାହାଡ଼ିଆ ଲତା; ଏହାର ଡାଙ୍ଗ
Amlabetasa ଖଟା ଓ ଔଷଧରୂପରେ ପଡ଼େ—
1. A kind of sour hilly creeper.
୨ । ଏକପ୍ରକାର ଗଛ; ଏଥିର ଫୁଲ ଧଳା ଓ ଫଳ ତରଭୁଜ ଭଳି ଗୋଲ ଏବଂ ଖୁବ୍ ଖଟା; ଏହା ଔଷଧରେ ଲାଗେ । ଏହା ଏକପ୍ରକାର ଲେମ୍ବୁ—
2. A kind of tree with sour fruits.
୩ । ଖଟାପାଳଙ୍ଗ ଶାଗ ( ଦେଖ )
3. Khaṭāpālaṅga ( See )

**ଅମ୍ଳଲୋଣିକା**—ସଂ. ବ—ଅମ୍ଳଲୋଣୀ ( ଦେଖ )
Amlaloṇikā Amlaloṇī ( See )

**ଅମ୍ଳଲୋଣୀ**—ସଂ. ବ.—ଅମ୍ଳିଆ ଶାଗ—
Amlaloṇī A kind of wild sour potherb.

**ଅମ୍ଳଲୋଳିକା**—ସଂ. ବ—ଅମ୍ଳଲୋଣୀ ( ଦେଖ )
Amlaloḷikā Amlaloṇī ( See )

**ଅମ୍ଳଶୂଳ**—ସଂ. ବ ( ମଧ୍ୟପଦଲୋପୀ; ଅମ୍ଳଜନିତ ଶୂଳ )—
Amlaśūla ଅଜୀର୍ଣ୍ଣ ଯୋଗୁଁ ପେଟ ଓ ଛାତିକୁ ଶଳ ମାରିବା ରୋଗ—
Colic.

**ଅମ୍ଳସାର**—ସଂ. ବ ( ବହୁବ୍ରୀହି; ଅମ୍ଳ + ସାର )—
Amlasāra ୧ । କାଞ୍ଜି—
1. Fermented ricewater.
୨ । ହିନ୍ତାଳ ( ଦେଖ )
2. Hintāla ( See )
୩ । ଅମ୍ଳବେତସ ( ଦେଖ )—
3. Amlabetasa ( See )
୪ । ବିଶୁଦ୍ଧ ଗନ୍ଧକ—
4. Purified sulphur.
ଦେ. ବ ( ବିଜ୍ଞାନପରିଭାଷା )—
**आवलासार** ଏସିଡ୍, ଅମ୍ଳରସବିଶିଷ୍ଟ ରାସାୟନିକ ସାର—
एसीड्, অম্লসার Acid

**ଅମ୍ଳହରିଦ୍ରା**—ସଂ. ବ.—ଆମ୍ବହଳଦ ( ଦେଖ )
Amlaharidrā Āmbahaḷadi ( See )

**ଅମ୍ଳାନ**—ସଂ. ବଣ ( ଅ + ମ୍ଳାନ )—
Amlāna ୧ । ଯାହା ଝାଉଁଳେ ନାହିଁ—1. Not fading.
୨ । ତେଜସ୍ୱର; ତେଜୀୟାନ—2. Fresh.
୩ । ଉଜ୍ଜ୍ୱଳ—3. Bright.
୪ । ହୃଷ୍ଟ; ପ୍ରଫୁଲ୍ଲ—4. Delighted.
୫ । ଯାହା ମଇଳା ହୁଏ ନାହିଁ—
5. That which does not become *dirty.*

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୬ । ନିର୍ମଳ—6. Clear.

**ଅମ୍ଳାନବଦନରେ**—ଦେ. କ୍ରି. ବିଣ—୧ । ହୃଷ୍ଟମୁଖରେ; ପ୍ରଫୁଲ୍ଲିତ ହୋଇ—
Amlānabadanare
ଅମ୍ଲানবদনে 1. With delight.
୨ । ଦ୍ୱିଧା ନ କରି—2. Without hesitancy.

**ଅମ୍ଳାନବସ୍ତ୍ର**—ସଂ. ବି—ଅମଲାଣବସ୍ତ୍ର ( ଦେଖ )
Amlānabastra Amalāṇabastra ( See )

**ଅମ୍ଳିକା**—ସଂ. ବି ( ଅମ୍ଳ+ସ୍ୱାର୍ଥେ. କ+ଆ )—
Amlikā ତେନ୍ତୁଳି—Tamarind.

**ଅମ୍ଳୀ**—ସଂ. ବି. ( ଅମ୍ଳ+ଈ )—ତେନ୍ତୁଳି ( ଗଛ ଓ ଫଳ )—
Amlī Tamarind (tree and fruit)

**ଅମ୍ଳୀକା**—ସଂ. ବି. ( ଅମ୍ଳ+ଈକ+ଆ )—ତେନ୍ତୁଳି ( ଗଛ ଓ ଫଳ )—
Amlikā Tamarind ( tree & fruit. )

**ଅମ୍ଳୋଦ୍ଗାର**—ସଂ. ବି. ( କର୍ମଧା ଅମ୍ଳ+ଉଦ୍ଗାର )—ଖଟାଢେକୁ; ଅଜୀର୍ଣ୍ଣଜନିତ ଅମ୍ଳିଆ ଢେକୁ—
Amlodgāra
Acid-belching due to acidity.

**ଅମ୍ହଣିଆଁ**—ଦେ.ବି. ଓ ବିଣ.— ଅମଣିଆଁ ( ଦେଖ )—
Amhaṇiañ Amaṇiañ ( See )

**ଅମ୍ହୁଣିଆଁ**—ଦେବି. ଓ ବିଣ—ଅମଣିଆଁ ( ଦେଖ )
Amhuṇiañ Amaṇiañ ( See )

**ଅୟ**(ଧାତୁ)—ଗତିକରିବା—To move.
Aya (root)

**ଅୟ**—ସଂ. ବି. ( ଇ ଧାତୁ=ଗତିକରିବା+କରଣ. ଅ )—
Aya ୧ । ସୌଭାଗ୍ୟ; ଶୁଭାଦୃଷ୍ଟ—1. Good fortune.
୨ । ଶୁଭଦାୟକ ବିଧି—2. Auspicious rule.
୩ । ଦ୍ୟୂତକ୍ରୀଡ଼ାରେ ପଶାର ଦାନବିଶେଷ—
3. A particular turn of the dice.
୪ । ନରକବିଶେଷ—4. Name of a hell.
୫ । ବ୍ୟବସାୟରେ ଲାଭ—5. Profit in business.

**ଅୟଃ**—ସଂ. ବି —ଅୟସ୍ ( ଦେଖ )
Ayaḥ Ayas ( See )

**ଅଯକ୍ଷ୍ମ**—ସଂ. ବି. ( ବହୁବ୍ରୀହି; ଅ+ଯକ୍ଷ୍ମା )—
Ajakshma ୧ । ନୀରୋଗ —1. Free from sickness
୨ । ନିରୁପଦ୍ରବ—3. Free from any mishap.

**ଅଯଛ**—ଗ୍ରା. ବି. ( ସଂ. ଅଯଶଃ )—ଅଯଶଃ ( ଦେଖ )
Ajachha Ajaśaḥ ( See )

**ଅଯଜନୀୟ**—ସ. ବିଣ. ( ଅ+ଯଜନୀୟ )—
Ajajaniya ୧ । ଯେ ଯଜ୍ଞରେ ପୂଜା ପାଇବାର ଅଯୋଗ୍ୟ—
1. Not deserving to be worshipped in a Vedic sacrifice.
୨ । ଅପୂଜ୍ୟ—2. Not adorable.
୩ । ନିନ୍ଦ୍ୟ—3. Blameworthy.

**ଅଯଜ୍ଞିୟ**—ସ. ବିଣ. ( ଅ+ଯଜ୍ଞିୟ )—୧ । ଯାହା ଯଜ୍ଞକାର୍ଯ୍ୟରେ ଲାଗେ ନାହିଁ—1. Not used in sacrifice.
Ajajñiya
୨ । ଯାହା ଯଜ୍ଞରେ ଦିଆଯାଏ ନାହିଁ—
2. Not given in sacrifice.
୩ । ଯେ ଶାସ୍ତ୍ରଅନୁସାରେ ଯଜ୍ଞ କରିବାକୁ ଅଧିକାରୀ ନୁହେ—
3. Not entitled to perform a Vedic sacrifice.

**ଅଯତ**—ସ. ବିଣ. ( ଅ+ଯତ )—ଅସଂଯତ—Uncontrolled.
Ajata ଦେ. ବିଣ—ଅସୁନ୍ଦର—Ugly.
ଦେ. ବି. ( ସଂ. ଅଯତ୍ନ )—ଅଯତ୍ନ—
Want of care; neglect.

**ଅଯତନ**—ଦେ. ବି. ( ସଂ. ଅଯତ୍ନ )—ଅଯତ୍ନ—Neglect.
Ajatana ଦେ. ବିଣ—ଅସୁନ୍ଦର—Ugly.

**ଅଯତେନ୍ଦ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଯତ+ଇନ୍ଦ୍ରିୟ )—
Ajatendriya ୧ । ଯେ ଇନ୍ଦ୍ରିୟସଂଯମ କରେ ନାହିଁ—
1. Having no self-control.
୨ । ଇନ୍ଦ୍ରିୟାସକ୍ତ—2. Sensual.

**ଅଯତ୍ନ**—ସଂ. ବି. ( ନଞତତ୍; ଅ+ଯତ୍ନ )—
Ajatna ୧ । ଅନାଦର; ଅନାସ୍ଥା; ଅବହେଳା—
1. Want of care; neglect.
୨ । କର୍ତ୍ତବ୍ୟରେ ତ୍ରୁଟି—2. Negligence.
୩ । ଉଦ୍‌ଯୋଗଶୂନ୍ୟତା—3. Want of exertion.
ଦେ. ବିଣ—ଅସୁନ୍ଦର—Ugly.
ଦେ. ବି—ଲାଳନପାଳନର ଅଭାବ—
Neglect; want of proper care.

**ଅଯତ୍ନବର୍ଦ୍ଧିତ**—ସଂ. ବିଣ. ( ଅ+ଯତ୍ନବର୍ଦ୍ଧିତ )—
Ajatnabarddhita ୧ । ଯାହା ମନୁଷ୍ୟର ଯତ୍ନଦ୍ୱାରା ବଢ଼ି ନାହିଁ—1. Not reared by the hand of man.
୨ । ବନ୍ୟ; ଯାହା ମନକୁ ଉଠି ବଢ଼ିଥାଏ; ବନାକୁଲିରେ ଜାତ ( ଯଥା—ଗଛ )—2. Growing wild.

**ଅଯତ୍ନସମ୍ଭୂତ**—ସଂ. ବିଣ. ( ଅ+ଯତ୍ନସଂଭୂତ )—
Ajatnasambhuta ୧ । ବନ୍ୟ; ମନକୁ ଉଠିଥିବା (ଗଛ)—
1. Growing wild.
୨ । ଅଯତ୍ନସିଦ୍ଧ ( ଦେଖ )
2 Ajatnasiddha ( See )

**ଅଯତ୍ନସିଦ୍ଧ**—ସଂ. ବିଣ. ( ଅ+ଯତ୍ନସିଦ୍ଧ )—ଅନାୟାସସିଦ୍ଧ; ବିନା—
Ajatnasiddha ପରିଶ୍ରମରେ ସମ୍ପାଦିତ—
Accomplished without any effort.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ଷ | ଙ୍କ | ଇୟ | ଉଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଢ଼ |

**ଅଯଥା**—ସଂ. ବିଣ. ( ଅ + ଯଥା )—୧ । ଅଯୌକ୍ତିକ—
Ajathā — 1. Unreasonable.
୨ । ଅନୁପଯୁକ୍ତ—2. Unfit.
୩ । ଅନୁଚିତ—3. Improper.
୪ । ଅନୁପଯୋଗୀ—4. Unsuitable.
୫ । ଅପ୍ରାମାଣିକ—5. Unauthoritative.
୬ । ମିଥ୍ୟା; ଅସତ୍ୟ—6. Untrue.
୭ । ଅସଙ୍ଗତ; ଅମେଳ—7. Inconsistent.
୮ । ଅନ୍ୟାୟ—8. Unjust.
୯ । ଅତ୍ୟଧିକ; ବେଜାୟ—
9. Immoderate; excessive.

ଅଯଥା ଦେ. ବିଣର ବିଣ. ଓ କ୍ରି. ବିଣ—୧ । ଅତ୍ୟଧିକରୂପେ—
1. Excessively.
୨ । ଅନ୍ୟାୟରୂପେ—2. Unjustly.
୩ । ଅନୁପଯୁକ୍ତରୂପେ—3. Unfitly.
୪ । ଅନୁଚିତରୂପେ—4. Improperly.
୫ । ଅଯୌକ୍ତିକରୂପେ—5. Unreasonably.

**ଅଯଥାତଥ**—ସଂ. ବିଣ. (ବହୁବ୍ରୀହି; ଅ+ଯଥାତଥା)—
Ajathātatha ୧ । ଅଯଥାର୍ଥ (ଦେଖ)
1. Ajathārtha (See)
୨ । ବିପରୀତ—2. Opposite.
୩ । ବିରୁଦ୍ଧ—3. Opposing.

**ଅଯଥାର୍ଥ**—ସଂ. ବିଣ. (ଅ + ଯଥାର୍ଥ)—୧ । ମିଥ୍ୟା; ଅସତ୍ୟ—
Ajathārtha — 1 Not true.
୨ । ଅପ୍ରକୃତ; ଅବାସ୍ତବ—2 Not real, unreal.
୩ । ଅନୁଚିତ—3. Improper.
୪ । ଅଯୋଗ୍ୟ—4. Unfitting.

**ଅଯଥେଷ୍ଟ**—ସଂ. ବିଣ. (ଅ+ଯଥେଷ୍ଟ)—ନଅଣ୍ଟ—
Ajatheshṭa — Inadequate.

**ଅୟନ**—ସଂ. ବି. ୧ । (ଇ ଧାତୁ=ଯିବା+ଅଧିକରଣ. ଅନ; ଯହିଁରେ
Ayana ଲୋକେ ଯିବା ଆସିବା କରନ୍ତି)—ପଥ; ମାର୍ଗ—
1. Path; road.

ଅୟନେ ଦେଖିଲେ ନୟନେ ନବ ଚନ୍ଦ୍ରିକ ଶୋଭେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ (+ଭାବ. ଅନ) ଗତି—2. Motion.
୩ । (+କରଣ. ଅନ) ଶାସ୍ତ୍ର—3. Gospel; religious treatise.
୪ । (+କର୍ମ. ଅନ) ଆଶ୍ରୟସ୍ଥାନ; ବାସସ୍ଥାନ—
4. Place of shelter; abode.
୫ । (+କର୍ମ. ଅନ) ଆଶ୍ରମ—5. Hermitage.
୬ । (+ଅଧିକରଣ. ଅନ) ସମୟ—6 Time.
୭ । (+ଭାବ. ଅନ) ଜନ୍ମ—7. Birth.
୮ । ( ଲକ୍ଷଣାର୍ଥ ) କର୍ତ୍ତବ୍ୟପଥ; ଅନୁଧାବିତ ମାର୍ଗ—
8. (Figurative) Ways; mode of conduct.

କହୁଥିବା କଥା କରିବା ଅନ୍ୟଥା ପ୍ରଭୁଙ୍କର ଏ ନୋହେ ଅୟନ ।
ଯାଦୁମଣି. ରସକଲ୍ଲୋଳ ।

୯ । (ଭୂଗୋଳ ପରିଭାଷା) ସୂର୍ଯ୍ୟଙ୍କର ପୃଥିବୀ ଚାରିପାଖରେ କଳ୍ପିତ ଗତି ରେଖା—ଅୟନମଣ୍ଡଳ (ଦେଖ)
9. Ayanamaṇḍaḻa (See)
୧୦ । (ଜ୍ୟୋତିଷ)—ସୂର୍ଯ୍ୟଙ୍କର ଷାଣ୍ମାସିକ ଗତି—
10. (Astronomy) The sun's half-yearly motion; solstice.
[ଦ୍ର—ଏହି ଗତି ୨ଟି; ଯଥା—ଉତ୍ତରାୟଣ ଓ ଦକ୍ଷିଣାୟନ । ଏହି ଅୟନ ବାର ରାଶିଚକ୍ରର ଅର୍ଦ୍ଧେ; ମକରସଂକ୍ରାନ୍ତି ଠାରୁ ମିଥୁନସଂକ୍ରାନ୍ତି ପର୍ଯ୍ୟନ୍ତ ଛଅ ରାଶିରେ ଥିଲାବେଳେ ସୂର୍ଯ୍ୟ ବିଷୁବରେଖାର ଉତ୍ତର-ଆଡ଼କୁ ଗତି କରୁଥାନ୍ତି; ଏହାକୁ ଉତ୍ତରାୟଣ; କର୍କଟଠାରୁ ଧନୁ ପର୍ଯ୍ୟନ୍ତ ୬ ରାଶିରେ ଥିଲା ବେଳେ ସୂର୍ଯ୍ୟ ବିଷୁବରେଖାର ଦକ୍ଷିଣ-ଆଡ଼କୁ ଗତି କରୁ ଥାଆନ୍ତି; ଏହାକୁ ଦକ୍ଷିଣାୟନ କହନ୍ତି । ]
୧୧ । ସୂର୍ଯ୍ୟଙ୍କ ଗତି ଅନୁସାରେ ଗଣିତ ବର୍ଷାର୍ଦ୍ଧ; ଷଣ୍ମାସ—ଉତ୍ତରାୟଣ ଓ ଦକ୍ଷିଣାୟନ—11. Half-year counted according to the sun's motion.
୧୨ । (ଜ୍ୟୋତିଷ) ରାଶିଚକ୍ରର ଗତି—
12. The motion of the Zodiac.
[ଦ୍ର—ଜ୍ୟୋତିଷମତରେ ରାଶିଚକ୍ର ପ୍ରତିଦିନ ୯ ଅନୁକଳା ଲେଖାଏଁ, ଅର୍ଥାତ୍ ପ୍ରତି ମାସରେ ୪ ବିକଳା ୩୦ ଅନୁକଳା; ପ୍ରତି ବର୍ଷ ୫୪ ବିକଳା ଲେଖାଏଁ ଖସି ଯାଉଅଛି; ଏବଂ ୬୬ ବର୍ଷ ୮ ମାସରେ ରାଶିଚକ୍ର ବିଷୁବରେଖାକୁ ୧ ଅଂଶ ଘୁଞ୍ଚି ଯାଉଛି ଓ ୩୬୦୦ ବର୍ଷରେ ବିଷୁବରେଖାର ଚାରି ପାଖେ ଥରେ ବୁଲି ଆସେ । ରାଶିଚକ୍ରର ଏହି ଗତି ଦୁଇଭାଗରେ ବିଭକ୍ତ—ପ୍ରାଗୟନ ଓ ପଶ୍ଚାଦୟନ । ହିନ୍ଦି. ଶବ୍ଦସାଗର । ]
୧୩ । (ଯେଉଁ ଶାସ୍ତ୍ରରେ ଗ୍ରହତାରାଦିଙ୍କ ଗତିର ଜ୍ଞାନ ଜନ୍ମେ) ଜ୍ୟୋତିଃଶାସ୍ତ୍ର—13. Astronomy.
୧୪ । ସେନାର ଗତି—14. Movement of an army.

**ଅୟନମଣ୍ଡଳ**—ସଂ. ବି. ( ମଧ୍ୟପଦଲୋପୀ; ଅୟନ ଦ୍ୱାରା ଅଙ୍କିତ ମଣ୍ଡଳ )
Ayanamaṇḍaḻa ୧ । (ଭୂଗୋଳପରିଭାଷା)—ସୂର୍ଯ୍ୟଙ୍କର ବାର୍ଷିକ ଗତି ଦ୍ୱାରା ପୃଥିବୀ ପୃଷ୍ଠରେ କଳ୍ପିତ ଅଣ୍ଡାକାର ରେଖା; ରବିମାର୍ଗ—
1 ( geography ) The Ecliptic; the sun's or bit.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (ଭୂଗୋଳପରିଭାଷା) ଗ୍ରୀଷ୍ମକଟିବନ୍ଧ—
2. (geography) The torrid zone.

**ଅୟନସଂକ୍ରମ**—ସଂ. ବି. ୧ । ( ୬ଷ୍ଠୀ ତତ୍; ଅୟନ+ସଂକ୍ରମ )—
**Ayanasaṁkrama** ମକର ଓ କର୍କଟ ସଂକ୍ରାନ୍ତି—
1. The conjunction of the sun with the sign of capricorn or of cancer; the winter or the summer solstice

୨ । ପ୍ରତ୍ୟେକ ସଂକ୍ରାନ୍ତିର ୨୦ ଦିନ ପୂର୍ବର କାଳ— (ହି. ଶବ୍ଦସାଗର)
2. The time which is 20 days previous to a solar conjunction.

**ଅୟନାଂଶ**—ସଂ. ବି. ( ୬ଷ୍ଠୀ ତତ୍; ଅୟନ+ଅଂଶ )—
**Ayanāṁśa** ୧ । ସୂର୍ଯ୍ୟଙ୍କ ଗତିବିଶେଷର କାଳର ଭାଗ—
1. Division of the sun's motion.

୨ । ସୂର୍ଯ୍ୟଙ୍କ ଗତିବିଶେଷ ବା ଅବସ୍ଥାନ—
2. The arc between the vernal equinox and the beginning of Aries

**ଅୟନାନ୍ତ**—ସଂ. ବି. ( ୬ଷ୍ଠୀ ତତ୍; ଅୟନ+ଅନ୍ତ )—
**Ayanānta** ୧ । (ଜ୍ୟୋତିଷ) ଏକ ଅୟନର ଶେଷ ଓ ପରବର୍ତ୍ତୀ ଅୟନର ଆରମ୍ଭ; ଉତ୍ତରାୟଣର ଶେଷ ଓ ଦକ୍ଷିଣାୟନର ଆରମ୍ଭ; ଏବଂ ଦକ୍ଷିଣାୟନର ଶେଷ ଓ ଉତ୍ତରାୟଣର ଆରମ୍ଭ; ସନ୍ଧିକାଳ—1. ( Astronomy ) The time of the passing of one Ayana and the beginning of the next Ayana; solstice.

୨ । ବିଷୁବରେଖାଠାରୁ ରବି ଉତ୍ତରକୁ ବା ଦକ୍ଷିଣକୁ ଯିବା ପଥର ଶେଷ ସୀମା—2. The extreme limits of the sun's northern and southern advance.

**ଅୟନାନ୍ତବୃତ୍ତ**—ସଂ. ବି. ( ଭୂଗୋଳପରିଭାଷା )—କର୍କଟ କ୍ରାନ୍ତି ଓ ମକର
**Ayanāntabṛutta** କ୍ରାନ୍ତି; ସୂର୍ଯ୍ୟଙ୍କ ଦକ୍ଷିଣାୟନ ଓ ଉତ୍ତରାୟଣର ଶେଷ ସୀମାନିରୂପକ କଳ୍ପିତ ବୃତ୍ତଦ୍ୱୟ—
( geography ) The tropics; The tropics of Cancer and of Capricorn.

**ଅଯବ**—ସଂ. ବି. ( ଅ+ଯବ )—
**Ajaba** ୧ । ପୁରୀଷରେ ଥିବା ଅତି କ୍ଷୁଦ୍ର କୃମି (ହିନ୍ଦି. ଶବ୍ଦସାଗର)-
1. Tiny worms found in fœces.

୨ । ( ଏଥିରେ ଯବଧାନ୍ୟ କାର୍ଯ୍ୟରେ ଲାଗୁ ନ ଥିବାରୁ; ଏଥିରେ ତିଳ ବ୍ୟବହୃତ ହୁଏ )—ପିତୃକର୍ମ—
2. Ritual in connection with the offerings to the manes.

୩ । ଶୁକ୍ର—3. Venus.

୪ । କୃଷ୍ଣପକ୍ଷ—4. The dark lunar fortnight.

**ଅୟାରଙ୍ଗସୁତ୍ତ**—ଦେ. ବି. (ନାମ) ପାଲୀ ଭାଷାରେ ଲିଖିତ ଜୈନ ଧର୍ମଶାସ୍ତ୍ର-
**Ayaṛaṅgaswattwa** The title of the religious book of the Jainas written in the Pāli language.

**ଅଯଶ**—ଦେ. ବି. ( ସଂ. ଅଯଶଃ )—
**Ajaśa** ୧ । ଅଯଶଃ; ଅକୀର୍ତ୍ତି; ବଦନାମ—
অযশ 1. Infamy; discredit.
अयश ଉତ୍ତୁଙ୍ଗ ଅଯଶ ଆଉ ରସାରେ ରସାଉଛନ୍ତୁ ଲତାକୁ ଜସ.ରେ—
କବିସୂର୍ଯ୍ୟ, କଣୋଉଖଣ୍ଡ, ର ଗୀତ ।

୨ । ନିନ୍ଦା—2. Blame.

ବଡ଼ ଉତ୍ୟବସ୍ଥଳ, ଅଯଶେ କାହିଁ ଛଳ, ଅନ୍ତର୍ଗତ ଜାଣିଲ—
ଉପେ. ବୈଦେହୀଶବିଳାସ ।

ଦେ. ବିଣ—୧ । ଅଯଶସ୍କର—1. Infamous.
୨ । ଲୋକନିନ୍ଦିତ—2. Disgraceful.

**ଅଯଶଃ**—ସଂ. ବି. ( ଅ+ଯଶସ୍ )—ଅଯଶ ( ଦେଖ )
**Ajaśaḥ** Ajaśa ( See )
ସଂ. ବିଣ. ( ବହୁବ୍ରୀହି )—ଅଯଶସ୍କର ( ଦେଖ )
Ajaśaskara ( See )

**ଅଯଶସ୍କର**—ସଂ. ବିଣ. ( ଅ+ଯଶସ୍କର; ଅଯଶଃ+କୃ ଧାତୁ+କର୍ତ୍ତୃ.
**Ajaśaskara** ଅ )—୧ । ଅକୀର୍ତ୍ତିକର; ଯାହା ହେତୁ କର୍ତ୍ତା
(ଅଯଶସ୍କରୀ—ସ୍ତ୍ରୀ) ଅକୀର୍ତ୍ତି ଲଭେ—1. Infamous.
୨ । ଲୋକନିନ୍ଦିତ—2. Disgraceful; disreputable.
୩ । ନିନ୍ଦ୍ୟ; ଗର୍ହିତ—3. Blameworthy.

**ଅଯଶସ୍ୟ**—ସଂ. ବିଣ. ( ଅ+ଯଶସ୍ୟ )—ଯାହା ଯୋଗୁଁ ମନୁଷ୍ୟର
**Ajaśasya** ବଦନାମ ହୁଏ—Causing discredit; resulting in disrepute.

**ଅଯଶସ୍ୱୀ**—ସଂ. ବିଣ. ପୁଂ. ( ଅ+ଯଶସ୍ୱିନ୍; ୧ମା. ୧ବ. )—
**Ajaśaswī** ବଦନାମିଆଁ—Infamous; notorious.
(ଅଯଶସ୍ୱିନୀ—ସ୍ତ୍ରୀ)

**ଅୟସ୍**—ସଂ. ବି. ( ଅୟ ଧାତୁ=ଗମନ କରିବା+କର୍ତ୍ତୃ. ଅସ୍; ତୁଳ—
**Ayas** ଲାଟିନ୍ ଅଏସ୍=ଲୁହା )—
୧ । ଲୌହ; ଲୁହା—1. Iron.
୨ । ଅଗ୍ନି; ନିଆଁ—2. Fire
୩ । ଅଗୁରୁ—3. Agalochium
୪ । ଲୌହନିର୍ମିତ ଅସ୍ତ୍ରଶସ୍ତ୍ରାଦି—
4. Weapon or instrument made of iron,
୫ । ଲୌହ ଘଟିତ ଔଷଧ—5. Medicinal preparation containing iron.

| ୧ | ଇ | ଉ | ଋ,ଌ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଡ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | କ୍ଷ |

ବୈଦେ. ବି. ( ଆ. ଏଶ୍ )—
আয়েস ୧ । ଭୋଗବିଳାସ—1. Luxury.
ऐश, ୨ । ଭୋଗ—2. Enjoyment.
ऐशइशरत ୩ । ସୁଖସ୍ୱାଚ୍ଛନ୍ଦ୍ୟ—3 Comforts.
୪ । ମଉଜ—4. Amenities of life.
୫ । ଆରାମ—5. Rest; refreshment.

**ଅୟସ୍କରିବା**—ଦେ. କ୍ରି—୧ । ବିଳାସରେ ମାତିବା—
Ayaskaribā 1. To live in luxury.
আয়েসকরা ୨ । ମଉଜରେ ରହିବା—2. To enjoy the amenities of life.
ऐशकरना
୩ । ଆରାମ କରିବା—3. To enjoy rest

**ଅୟସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅୟସୀ ( ଦେଖ )
Ayasiā Ayasī ( See )

**ଅୟସୀ**—ବୈଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଆ. ଏଶୀ )—
Ayasī ୧ । ବିଳାସପ୍ରିୟ—1. Fond of luxury.
আয়েসী ୨ । ମଉଜିଆ—2 Living in luxury and comforts.
ऐयाश; ऐशी

**ଅୟସ୍କାନ୍ତ**—ସଂ. ବି. ( ଅୟଃ + କାନ୍ତ=କମନୀୟ ରତ୍ନ )—
Ayaskānta ୧ । ଚୁମ୍ବକ ପଥର; ଲୌହାକର୍ଷକ ମଣି—
1. Lodestone; magnet.
୨ । କାନ୍ତଲୌହ; ଇସ୍ପାତ—
2. Cast-steel.

**ଅୟସ୍କାର**—ସଂ. ବି. ( ଅୟଃ + କୃ ଧାତୁ + କର୍ତ୍ତୃ. ଅ )—
Ayaskāra ୧ । ଯେ ଲୁହାକାମ କରେ; କମାର; ଲୋହାର—
1. Blacksmith.
୨ । ଜଳର ଉର୍ଦ୍ଧ୍ୱଭାଗ ( ଶବ୍ଦକଳ୍ପଦ୍ରୁମ )—
2. The upper part of water.

**ଅଯାଚକ**—ସଂ. ବିଣ. ପୁଂ. ( ଅ + ଯାଚକ )—
Ajāchaka ୧ । ଯେ ଅନୁଗ୍ରହପ୍ରାର୍ଥୀ ନୁହେ—
(ଅଯାଚକା—ସ୍ତ୍ରୀ) 1. Not asking for a favour.
୨ । ଯେ ମାଗେ ନାହିଁ—2. One who does not beg.
୩ । ଯେ ମାଗୁ ନାହିଁ—3. Not begging for a thing.

**ଅଯାଚିତ**—ସଂ. ବିଣ. ( ଅ + ଯାଚିତ )—
Ajāchita ୧ । ଅପ୍ରାର୍ଥିତ; ଯାହା ପ୍ରାର୍ଥିତ ହୋଇ ନ ଥାଏ—
(ଅଯାଚିତା—ସ୍ତ୍ରୀ) 1. Unasked; not prayed for.
୨ । ଯାହା ମଗାଯାଇ ନ ଥାଏ—
2. Unsought; not begged for.
୩ । ଯେଉଁ ବ୍ୟକ୍ତିକୁ କେହି କିଛି ପ୍ରାର୍ଥନା କରୁ ନ ଥାଏ—
3. Unsolicited; one who has not been approached with any prayer.

ସଂ. ବି—୧ । ଅପ୍ରାର୍ଥିତ ଭକ୍ଷ୍ୟ ଦ୍ରବ୍ୟ—
1. Unsolicited food.
୨ । ମୁନିବିଶେଷ—2. Name of a sage.

**ଅଯାଚିତୋପସ୍ଥିତ**—ସଂ. ବିଣ. ( ଅଯାଚିତ + ଉପସ୍ଥିତ )—
Ajāchitopasthita ଯେଉଁ ପଦାର୍ଥ ବା ବ୍ୟକ୍ତି ଲୋଡ଼ା ନ ହୋଇ ବା ପ୍ରାର୍ଥିତ ନ ହୋଇ ପହଞ୍ଚି ଥାଏ—
1. Which comes unasked.
୨ । ଯାହା ମାଗଣା ମିଳେ—2 Got gratis.

**ଅଯାଚୀ**—ସଂ. ବିଣ. ପୁଂ. (ଅ + ଯାଚ ଧାତୁ + କର୍ତ୍ତୃ. ଇନ୍. ୧ମା. ୧ବ)—
Ajāchī ୧ । ଅଯାଚକ; ନ ମାଗିବାବାଲା—
(ଅଯାଚିନୀ—ସ୍ତ୍ରୀ) 1. Not begging.
୨ । ପ୍ରାର୍ଥନା ନ କରି ଯାହାର କାମନା ପୂର୍ଣ୍ଣ ହୋଇ ଥାଏ—
2 One who gets his wish fulfilled without the asking.
୩ । ( ଯାହାକୁ ଅନ୍ୟ ବ୍ୟକ୍ତି ଠାରେ ମାଗନ୍ତା ହେବାକୁ ପଡ଼େ ନାହିଁ ) ସମୃଦ୍ଧ; ଧନୀ—3. Rich; above want.

**ଅଯାଚ୍ୟ**—ସଂ. ବିଣ. ପୁଂ—୧ । ସନ୍ତୁଷ୍ଟ; ତୃପ୍ତ (ହିନ୍ଦି. ଶବ୍ଦସାଗର)—
Ajāchya 1. Satisfied.
୨ । ପୂର୍ଣ୍ଣ କାମ—2. One who has his wishes fulfilled.
୩ । ଯାହାକୁ କୌଣସି ପଦାର୍ଥ ମାଗିବାକୁ ଆବଶ୍ୟକ ହୁଏ ନାହିଁ; ଅର୍ଥାତ୍ ଯେ ମାଗିବା ପୂର୍ବରୁ ଦେଇ ପକାଏ—
3. (a person) Who bestows unasked.

**ଅଯାଜ୍ୟ**—ସଂ. ବିଣ. ( ଅ + ଯଜ ଧାତୁ + କର୍ତ୍ତୃ. ଯ )—
Ajājya ୧ । ଯାହାର ଯଜ୍ଞ କରିବାର ଅଧିକାର ନାହିଁ; ଯେ ଶାସ୍ତ୍ର ଅନୁସାରେ ଯଜ୍ଞ କରିବାକୁ ଅଧିକାରୀ ନୁହେ—
1. Not competent or qualified to offer Vedic sacrifice.
୨ । ପତିତ; ଅଜାତିଆ—2. Outcasted; fallen; excommunicated.
୩ । ଚଣ୍ଡାଳ—3. (a person) Of the lowest untouchable caste.

**ଅଯାଜ୍ୟଯାଜକ**—ସଂ. ବି. ପୁଂ. (୬ଷ୍ଠୀ ତତ୍; ଅଯାଜ୍ୟ + ଯାଜକ)—
Ajājyajājaka ଯଜ୍ଞ କରିବାକୁ ଅଧିକାର ନ ଥିବା ବ୍ୟକ୍ତିର ପୌରୋହିତ୍ୟ କରିବା ବ୍ରାହ୍ମଣ—A person who officiates as a priest for an outcaste or low caste person.

**ଅଯାଜ୍ୟଯାଜନ**—ସଂ. ବି. (୬ଷ୍ଠୀ ତତ୍; ଅଯାଜ୍ୟ + ଯାଜନ)—ପତିତ ବା
Ajājyajājana ନୀଚ ଜାତୀୟ ବ୍ୟକ୍ତିର ଧର୍ମକାର୍ଯ୍ୟରେ ପୌରୋହିତ୍ୟ—Officiating as priest for an outcaste or low caste person.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଯାତ**—ସଂ. ବିଣ. (ଅ+ଯାତ)—ଯାଇ ନ ଥିବା—
Ajāta — Not gone.

**ଅଯାତଯାମ**—ସଂ. ବିଣ. ( ଅ+ଯାତଯାମ )—୧ । ଯେଉଁ ପଦାର୍ଥର
Ajātajāma — ଏକ ପ୍ରହର ବିତି ନାହିଁ—1. That which has not yet passed one prahara or three hours.
୨ । ଯାହା ବାସୀ ନୁହେ; ଟାଟକା—
2. Fresh; not stale.
୩ । ବିଗତଦୋଷ; ଶୁଦ୍ଧ—3. Purified.
୪ । ଯାହାର ଉଚିତ କାଳ ବିତି ଯାଇ ନାହିଁ—
4. That for which the proper time has not yet expired.

**ଅଯାତ୍ରା**—ଦେ. ବିଣ. (ସଂ. ଅଯାତ୍ରିକ)—ଅଯାତ୍ରିକ (ଦେଖ)
Ajātrā — Ajātrika (See)
ଦେ. ବି.—୧ । କୌଣସି କାର୍ଯ୍ୟପାଇଁ ଶୁଭଯାତ୍ରା କରିବାର ଅନୁପଯୁକ୍ତ ସମୟ—1. Inauspicious time for setting out on a journey or mission.
୨ । (ଜଗନ୍ନାଥ, ଲିଙ୍ଗରାଜ ଆଦି ) ଦେବତାଙ୍କର ଯାତ ହେଉ ନ ଥିବା ସମୟ—2. Time or day where there is no festival of a Deity.

**ଅଯାତ୍ରିକ**—ସଂ. ବିଣ. ପୁଂ. (ଅ+ଯାତ୍ରା+ଇକ)—୧ । ଯାତ୍ରା ସମୟରେ
Ajātrika — ଯାହାକୁ ଦେଖିବା ଅଶୁଭସୂଚକ—1. Inauspicious
(ଅଯାତ୍ରିକା—ସ୍ତ୍ରୀ) to be seen or met at the time of setting out on a journey or mission.
୨ । ଅମଙ୍ଗଳିଆ—2. Inauspicious.
ଯାତ୍ରା ଅର୍ଥେ ଗଲେ ଅଯାତ୍ରିକକୁ ନ ବର । ସାରଳାମହାଭାରତ. ଭୀଷ୍ମ ।
୩ । କୌଣସି କାର୍ଯ୍ୟ ବା ଯାତ୍ରା ବା ଅନୁକୂଳ କରିବାର ଯାହା ଶୁଭ ବା ପ୍ରଶସ୍ତ କାଳ ନୁହେ—
3. (time) Inauspicious for setting out on a journey or mission.

**ଅଯାଦବ**—ସଂ. ବିଣ. ( ବହୁବ୍ରୀହି; ଅ+ଯାଦବ )—ଯାଦବବଂଶ ଶୂନ୍ୟ
Ajādaba (ପୃଥିବୀ)—Void of all the members of the Jādaba family.
ରାମଗୋବିନ୍ଦ ଅନ୍ତ ମାତ୍ର
ଏ ଭୂମି ଅଯାଦବ କର । ଜଗନ୍ନାଥ. ଭାଗବତ ୧୦ମ ।

**ଅଯାନ**—ସଂ. ବି. (ଅ+ଯା ଧାତୁ=ଚଳିବା+ଅନ)—
Ajāna ୧ । ସ୍ୱଭାବ; ନିସର୍ଗ—1. Nature.
୨ । ଅଚଞ୍ଚଳତା; ସ୍ଥିରତା—2. Certainty.
(ବୃହତ୍ ଶବ୍ଦସାଗର)

**ଅୟାନତ୍**—ବୈଦେ. ବି. ( ଅ )—୧ । ସହାୟତା; ମଦଦ୍—
Ayānat — 1. Support; help.
୨ । ମୁରବିପଣ—2. Patronage

**ଅୟାଲ୍**—ବୈଦେ. ବି. (ଆ)—୧ । ଘୋଡ଼ା ଓ ସିଂହଙ୍କ ବେକ ଉପରେ
Ayāl — ଉଠିଥିବା ଲମ୍ବ ବାଳ; କେଶର—
ଅୟାଲ — 1. The mane ( of lion or horse ).
୨ । ବାଲବଚ୍ଚା; ସନ୍ତାନସନ୍ତତି—
2. Children; issue.

**ଅୟାସ୍ୟ**—ସଂ. ବି.—୧ । ଶତ୍ରୁ—1. Enemy.
Ayāsya ୨ । ପ୍ରାଣବାୟୁ—2. The vital breath.
୩ । ଅଙ୍ଗିରାଋଷି—3 The sage Angirā.
ସଂ. ବିଣ—ନିଶ୍ଚଳ; ଅଟଳ—Not moving; motionless.

**ଅୟି**—ସଂ. ଅ. ( ସମ୍ବୋଧନସୂଚକ; କୋମଳ ସ୍ନେହସମ୍ବୋଧନ; ତୁଳ
Ayi — ସଂ. ହେ )—ହେ; ଅଲୋ; ଅହେ; ହେ—Oh; ho !
ଅୟି ରୁକ୍ମିଣୀଲୋ ରୁକ୍ମିଣୀ କମ୍ପୁଛ, ହୋଇ ସହଚର କଲ୍ପନାର ନେନେ ।
ଧାରଣୀ. ରୁକ୍ମିଣୀ ।
[ ଦ୍ର—ଏହା ସ୍ନେହରେ ସ୍ତ୍ରୀଲୋକଙ୍କ ପ୍ରତି ବ୍ୟବହୃତ ହୁଏ । ସ୍ମରଣ, ଶ୍ରମ, କ୍ରୋଧ, ବିଷାଦ ଓ ସମ୍ଭ୍ରମ ଉପଲକ୍ଷ୍ୟରେ ମଧ ଏହା ବ୍ୟବହୃତ ହୁଏ । ]

**ଅୟିସୁଲକ୍ଷଣୀ** ( ଇତ୍ୟାଦି )—ଦେ. ବିଣ. ସ୍ତ୍ରୀ—
Ayisulakshaṇi etc ଅଇସୁଲକ୍ଷଣୀ ଇତ୍ୟାଦି ( ଦେଖ )
Aisulakshaṇi etc ( See )
ସୁକଲ୍ୟାଣ ବାଞ୍ଛା କଲେ ଭଦ୍ର ଶଙ୍ଖବତୀ,
ଅୟିସୁଲକ୍ଷଣୀ ହୁଅ ଅଇ ପୁତ୍ରବତୀ—ସାରଳାମହାଭାରତ. ମଧ ।

**ଅଯୁକ୍‌ଛଦ**—ସଂ. ବି. ( ଅ+ଯୁଜ୍ ଧାତୁ+କ୍ୱିପ୍=ଅଯୁକ୍+ଛଦ )—
Ajukchhada ଅଯୁଗ୍‌ଛଦ; ଛତିଆନା; ସପ୍ତପର୍ଣ୍ଣୀ—A tree.

**ଅଯୁକତ**—ଗ୍ରା. ପଦ୍ୟ. ବିଣ. ( ସଂ. ଅଯୌକ୍ତିକ; ଅଯୁକ୍ତ )—
Ajukata ଅଯୁକ୍ତ ( ଦେଖ )—Ajukta ( See )
ଅଯୁକତ ନୁହେ ଏ କଥା ତୁମ୍ଭଠାରେ—କୃଷ୍ଣସିଂହ. ମହାଭାରତ. ବନ ।

**ଅଯୁକତି**—ଗ୍ରା. ପଦ୍ୟ ବିଣ. ( ସଂ. ଅଯୁକ୍ତି )—ଅଯୌକ୍ତିକ—
Ajukati — Unreasonable.
ଗ୍ରା. ପଦ୍ୟ. ବି—ଅଯୌକ୍ତିକ ବା ଅସଙ୍ଗତ କର୍ମ—
Improper act.
କାଳିକର କରୁଛ କର୍ମା ଅଯୁକତି—କୃଷ୍ଣସିଂହ. ମହାଭାରତ. ବନ ।

**ଅଯୁକ୍ତ**—ସଂ. ବିଣ. ( ଅ+ଯୁକ୍ତ )—୧ । ଯୁଆଳିରେ ଯୋଗ ହୋଇ ନ ଥିବା—1. Unyoked.
Ajukta
ଅଯୁକ୍ତତା, ଅଯୁକ୍ତି } ବି ୨ । ଯୋଗ ବା ମିଶାଣ କରାଯାଇ ନ ଥିବା—
2. Not added together.
୩ । ଅସଂଯୁକ୍ତ; ଅସମ୍ବଦ୍ଧ—
3. Unconnected; not joined.
୪ । ଅଯୋଗ୍ୟ—4. Unfit.
୫ । ଅନୁଚିତ—5. Improper.
୬ । ଅଯୌକ୍ତିକ—6. Unreasonable.
୭ । ଅଲଗା; ସ୍ୱତନ୍ତ୍ର—7. Separate.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ଋୂ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଖ | ନ୍ତ |

୮ । ଅନୁପଯୁକ୍ତ—8. Unsuitable.
୯ । ଅନ୍ୟମନସ୍କ—9. Inattentive.
୧୦ । ଆପଦଗ୍ରସ୍ତ—( ହିନ୍ଦି. ଶବ୍ଦସାଗର ) 10. Involved in danger.
୧୧ । ଅମିଶ୍ରିତ( ହିନ୍ଦି. ଶବ୍ଦସାଗର )—11. Unmixed.
୧୨ । ବେଜୋଡ଼—12. Not in pairs.
୧୩ । ଅଲଗା ବା ପୃଥକ୍ କରାଯାଇଥିବା—
13. Detached; separated; disjoined.

**ଅଯୁକ୍ତି**—ସଂ. ବି. ( ଅ+ଯୁକ୍ତି )—୧ । ଅସତ୍ ବା ମନ୍ଦଯୁକ୍ତି—
Ajukti 1. Bad reasoning.
୨ । କୁପରାମର୍ଶ—2. Bad advice.
୩ । ଯୁକ୍ତିର ଅଭାବ—
3. Want of reasoning or argument.
୪ । ଅନୌଚିତ୍ୟ—4 Impropriety.
୫ । ଗଡ଼ବଡ଼; ଗୋଳମାଳ—5. Confusion.
୬ । ଅନୁପଯୋଗିତା—6. Unfitness.
୭ । ଅସମ୍ବନ୍ଧ—7. Want of connection.
୮ । ଯୋଗ ନ ଦେବା—8. Not joining.
୯ । ବଂଶୀ ବଜାଇବା ବେଳେ ଏଥିରୁ ଭିନ୍ନ ଭିନ୍ନ ସ୍ୱର ବାହାରିବା ପାଇଁ ବଂଶୀ ପାଖରେ ଥିବା ଛିଦ୍ରମାନଙ୍କୁ ଅଙ୍ଗୁଠି ଅଗ୍ରଦ୍ୱାରା ବନ୍ଦ ରଖିବା କ୍ରିୟା । (ହିନ୍ଦି.ଶବ୍ଦସାଗର)
9. The act of stopping the orifices at the sides of a flute with the finger-tips.

**ଅଯୁକ୍ତିଯୁକ୍ତ**—ସଂ. ବିଣ. ( ଅ+ଯୁକ୍ତିଯୁକ୍ତ )—୧ । ଅଯୌକ୍ତିକ—
Ajuktijukta. 1. Unreasonable.
୨ । ଅନୁଚିତ—2. Improper.

**ଅଯୁଗ**—ସଂ. ବିଣ. ( ଅ+ଯୁଜ ଧାତୁ=ଯୋଡ଼ିବା+କର୍ମ. ଅ ) —
Ajuga ୧ । ବିଷମ; ବିଯୋଡ଼ ( ସଂଖ୍ୟା )—ଯେଉଁ ସଂଖ୍ୟା ଦୁଇରେ ହରିଲେ ଛିଣ୍ଡିବ ନାହିଁ—
1. Uneven ( number ).
୨ । ବେଯୋଡ଼; ଯୋଡ଼ା ବା ଯୁଗ୍ମ ହୋଇ ନ ଥିବା—
2. Not in pairs.
୩ । ଏକାକୀ; ଏକୁଟିଆ—3. Single; solitary.

**ଅଯୁଗ୍ମ**—ସଂ. ବିଣ. ( ଅ+ଯୁଜ ଧାତୁ=ଯୋଡ଼ିବା+କର୍ମ. ମନ୍; ଯାହାକୁ
Ajugma ଯୋଡ଼ା ଯାଇ ନ ପାରେ )—
୧ । ଯାହା ଯୋଡ଼ାଯୋଡ଼ା ହୋଇ ନ ଥାଏ; ବେଯୋଡ଼—
1. Not in pairs.
୨ । ବିଷମ; ବିଯୋଡ଼ ( ସଂଖ୍ୟା )—
2. Odd; even ( number )
୩ । ପୃଥକ୍—3. Separate.
୪ । ଏକାକୀ; ଏକଲା—4. Single; solitary.

**ଅଯୁଗ୍ମଛଦ**—ସଂ. ବି. ୧ । [ ବହୁବ୍ରୀହି; ଅଯୁଗ୍ମ+ଛଦ; ସନ୍ଧି ଯୋଗୁ ଛ
Ajugmachchhada ସ୍ଥାନରେ ଚ୍ଛ; ଏହାର ପତ୍ରମାନ ଯୋଡ଼ା ଯୋଡ଼ା ନ ଥିବାରୁ କମ୍ବା ପ୍ରତି ପଲ୍ଲବରେ ଅଯୁଗ୍ମ ଅର୍ଥାତ୍ ୭ ସଂଖ୍ୟକ ପତ୍ର ଥିବାରୁ] ସପ୍ତପର୍ଣ୍ଣି ( ବୃକ୍ଷ );
ଛତିଅନା ( ଦେଖ )
1. Chhatiana ( See )
୨ । ଯେଉଁ ବୃକ୍ଷାଦିର ପତ୍ର ପରସ୍ପର ବିପରୀତଦିଗରେ ଯୋଡ଼ା ଯୋଡ଼ା ହୋଇ ନ ଥାଏ—
2. ( trees and plants ) Which have not the foliages bifurcating evenly; not bifoliate.
[ ଦ୍ର—ଯେଉଁ ଗଛର ଡ଼ାଳ ବା ବାହୁଙ୍ଗାର ଡେଙ୍ଗରୁ ପରସ୍ପର ବିପରୀତ ଦିଗରେ ସରସାରେ ୨ଟି ଲେଖାଏଁ ପତ୍ର ବାହାରି ଥାଏ ତାକୁ ଯୁଗ୍ମଚ୍ଛଦ କହନ୍ତି; ଯଥା—କଇଆ, ଗୁଆ, କୁନ୍ଦଗଛ, ନିମ, ମାହାଲ ଇତ୍ୟାଦି ଯେଉଁ ଡେଙ୍ଗରୁ ଏକୁଟିଆ ପତ୍ରଟିମାନ ବାହାରି ଥାଏ ଓ ପତ୍ରମାନ ଯୋଡ଼ ଯୋଡ଼ ହୋଇ ନ ଥାଏ ତାକୁ 'ଅଯୁଗ୍ମ' କହନ୍ତି ।
ଯଥା—ଆମ୍ବ, ପଣସ, ମନ୍ଦାର, ପିଜୁଳି ଇତ୍ୟାଦି ।]

**ଅଯୁଗ୍ମନେତ୍ର**—ସଂ. ବି. ପୁଂ ( ବହୁବ୍ରୀହି; ଅଯୁଗ୍ମ ସଂଖ୍ୟକ ନେତ୍ର
Ajugmanetra ଯାହାଙ୍କର; ମହାଦେବଙ୍କର ତିନି ଆଖି ଥିବାରୁ)-
ମହାଦେବ; ଶିବ—God Siba.

**ଅଯୁଗ୍ମବାଣ**—ସଂ. ବି. ପୁଂ. (ବହୁବ୍ରୀହି; ଅଯୁଗ୍ମସଂଖ୍ୟକ ଅର୍ଥାତ୍ ପାଞ୍ଚଟି ବାଣ
Ajugmabāna ଯାହାର )—ପଞ୍ଚଶର; କାମଦେବ—
The God Cupid.

**ଅଯୁଗ୍ମବାହ**—ସଂ. ବି. ପୁଂ. ( ବହୁବ୍ରୀହି; ଅଯୁଗ୍ମ=ବିଷମ ବା ସାତଟି+
Ajugmabāha ବାହ=ବାହନ ଯାହାର )—
ସପ୍ତାଶ୍ୱବାହନ; ସୂର୍ଯ୍ୟ—The Sun-god.

**ଅଯୁଗ୍ମରାଶି**—ସଂ. ବି. (କର୍ମଧା)—( ଗଣିତ ) ବିଯୋଡ଼ସଂଖ୍ୟା; ଯେଉଁ
Ajugmarāsi ସଂଖ୍ୟାକୁ ଦୁଇରେ ହରିଲେ ଛିଣ୍ଡେ ନାହିଁ; ଯେଉଁ ସଂଖ୍ୟା '୨'ର ଗୁଣିତକ ନୁହେ (ଯଥା—୧,୩,୫,୭,୯ ଇତ୍ୟାଦ)—
(Mathematics) Odd number.

**ଅଯୁତ** - ସଂ. ବିଣ ( ଅ+ଯୁତ )—ଅଯୁକ୍ତ ( ଦେଖ )
Ajuta Ajukta ( See )
ବିଣ ଓ ବି.—ଅଯୁତ ( ଦେଖ )—Ayuta ( See )

**ଅୟୁତ**—ସଂ. ବିଣ ( ଅ+ଯୁତ; ସଂଖ୍ୟାବାଚକ )—ଦଶ ହଜାର—
Ayuta ସଂଖ୍ୟକ—1. Numbering ten thousand.
ସଂ. ବି.—ଦଶ ହଜାର ସଂଖ୍ୟା—
Ten thousand

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଞ' ନ ମିଳିଲେ 'କୁଞ୍ଜ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଯୁତାଯୁତ**—ସଂ. ବିଣ ( ଅଯୁତ + ଅଯୁତ; ବହୁ ଅର୍ଥରେ ସଂଖ୍ୟାବାଚକ
Ayutāyuta ଶବ୍ଦର ଦ୍ୱିପ୍ରୟୋଗ; ଯଥା—ଶତଶତ, ଲକ୍ଷଲକ୍ଷ ଇତ୍ୟାଦି )—
୧ । ବହୁ ଅଯୁତ—1. Many thousands of.
୨ । ଅସଂଖ୍ୟ; ଅଗଣିତ—2. Innumerable.
[ ଦ୍ର—ଅଗଣିତ ବା ବହୁ ଅର୍ଥ ବୁଝାଇବାପାଇଁ ଶତଶତ, ସହସ୍ରସହସ୍ର, ଲକ୍ଷଲକ୍ଷ, କୋଟିକୋଟି ଇତ୍ୟାଦି ଶବ୍ଦମାନ ବ୍ୟବହୃତ ହୁଏ । ]

**ଅଯୁତ୍ର**—ଗ୍ରା. ବିଣ ( ସଂ ଅ + ଓ. ଯୁତ୍ର )—
Ajutra ୧ । ଜୀବିକା ନିର୍ବାହର ଉପାୟହୀନ—
যোত্রহীন 1. Destitute of the means of livelihood.
**निस्तत** ୨ । ନିଃସ୍ୱ; କଙ୍ଗାଳ—3, Pauper.
୩ । ଯାହାର ଚାଷ କରିବା ଉପକରଣ ବା ଯନ୍ତ୍ରାଦି ନାହିଁ—
3. Not possessing the necessary implements of husbandry.

**ଅୟେ**—ସଂ. ଅ ( କ୍ରୋଧ, ବିଷାଦ, ଭୟଦ୍ୟୋତକ ସମ୍ବୋଧନ; ତୁଳନାକର
Aye ଓ. ହେଇହେ )—
ଅୟି; ହେ — Oh.

**ଅଯୋଗ**—ସଂ. ବି ( ଅ+ଯୋଗ )—
Ajoga ୧ । ଯୋଗର ଅଭାବ—1. Want of connection,
୨ । ଅନୁପଯୁକ୍ତତା—
2. Unfitness; inappropriateness.
୩ । ଅନୁପଯୋଗିତା—3. Unsuitability.
୪ । ଅପ୍ରାପ୍ତି—4. Non-attainment.
୫ । ସଙ୍କଟ; ବିପଦ—5. Danger.
୬ । ବିଚ୍ଛେଦ—6. Separation.
୭ । ବିଶ୍ଳେଷଣ—7. Analysis.
୮ । ଦୁର୍ଯୋଗ—
8. Unfavourable combination of circumstances.
୯ । ଜ୍ୟୋତିଷ ଶାସ୍ତ୍ର ଗଣନା ଅନୁସାରେ କୌଣସି କର୍ମ ପାଇଁ ଅପ୍ରଶସ୍ତ କାଳ—
9. Inauspicious time according to astrological calculations for doing any work.
୧୦ । କୂଟ; ଯେଉଁ ବାକ୍ୟର ଅର୍ଥ ସୁଗମତାସହ ବୋଧ ନ ହୁଏ—
10. Riddle.
୧୧ । କୁସମୟ; କୁକାଳ—11. Bad times.
୧୨ । ନିହାଇ; ସୁନାରିବଣିଆଁ ଯେଉଁ ଲୌହପିଣ୍ଡ ଉପରେ ଧାତୁ ରଖି ଧାତୁକୁ ହାତୁଡ଼ିରେ ପିଟେ—
12. A goldsmith's anvil.
୧୩ । ଦୁଷ୍ଟ ସଂଯୋଗ—
13. Very bad union.
ସଂ. ବିଣ. ୧ । ଅପ୍ରଶସ୍ତ (କାଳ)—1. Improper (time)
୨ । ଅନୁକୂଳ ପକ୍ଷରେ ଅଶୁଭଙ୍କର—2. Inauspicious.
ଦେ. ବିଣ. ( ସଂ. ଅଯୋଗ୍ୟ )— ଅଯୋଗ୍ୟ ( ଦେଖ )
অযোগ Ajogya (See)
**अयोग**

**ଅୟୋଗବ**—ସଂ. ବି. ( ଅଯୋଗ = ହୀନଯୋଗ + ଜାତାର୍ଥେ ବ )—
Ayogaba ବୈଶ୍ୟା ସ୍ତ୍ରୀ ଓ ଶୂଦ୍ର ପୁରୁଷଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତି—
A hybrid caste.
( ଦ୍ର—ଏମାନଙ୍କ ଜାତିଗତ ବ୍ୟବସାୟ ବଢ଼େଇ ଓ କମାର କାମ; ତୁଳ—ଓ. ବଢ଼େଇ କମାରଙ୍କ ବଂଶୋତ୍ପତ୍ତି ଉକ୍ତି । )

**ଅଯୋଗବାହ**—ସଂ. ବିଣ. ( ଅ + ଯୋଗ + ବହ ଧାତୁ + ଅ ) ଯେଉଁ
Ajogabāha ବର୍ଣ୍ଣମାନ ଅନ୍ୟ ବର୍ଣ୍ଣର ଯୋଗ ବା ଆଶ୍ରୟ ବିନା ଉଚ୍ଚାରିତ ବା ବ୍ୟବହୃତ ହୋଇ ପାରନ୍ତି ନାହିଁ (ଯଥା— ଅନୁସ୍ୱାର, ବିସର୍ଗ; ଚନ୍ଦ୍ରବିନ୍ଦୁ)—
( letters ) Which can not be used without being joined to another letter.

**ଅଯୋଗା**—ଦେ. ବିଣ. ( ସଂ. ଅଯୋଗ୍ୟ )—ଅଯୋଗ୍ୟ ( ବ୍ୟକ୍ତି )
Ajogā ନାଲାଏକ (ବ୍ୟକ୍ତି)—
অযোগ্য Unfit ( person ).
**अयोग; अयोगी**

**ଅଯୋଗୀ**—ସଂ. ବିଣ. ( ଅ+ଯୋଗିନ୍. ୧ମା.୧ବ. )— ଯେ ଯୋଗାଙ୍ଗ
Ajogī ଅନୁଷ୍ଠାନରେ ଅସମର୍ଥ—Not able to follow the practises laid down for Joga-Sādhana.

**ଅୟୋଗୋଲକ**—ସଂ. ବି. ( ୬ଷ୍ଠୀ ତତ୍; ଅୟଃ + ଗୋଲକ )—ଲୁହାର
Ayogolaka ଗୋଲ ପିଣ୍ଡୁଳା; ଲୁହାଗୁଳା—Iron-ball.

**ଅଯୋଗ୍ୟ**—ସଂ. ବିଣ. ପୁଂ ( ଅ + ଯୋଗ୍ୟ )—
Ajogya ୧ । ନାଲାଏକ୍—1. Not able or
(ଅଯୋଗ୍ୟା—ସ୍ତ୍ରୀ) accomplished.
(ଅଯୋଗ୍ୟତା—ବି.) ୨ । ଅନୁପଯୁକ୍ତ—2. Unfit; unsuitable.
୩ । ନିଷ୍କର୍ମା; ଅକର୍ମଣ୍ୟ—3. Worthless; useless.
୪ । ବେଜାୟ; ଅନୁଚିତ—4. Improper.
୫ । ଅପଟୁ—5. Unskilful.
୬ । ଅପ୍ରତ୍ୟକ୍ଷ—6. Unperceived.
୭ । ଅକ୍ଷମ—7. Incompetent.

**ଅଯୋଗ୍ୟମୂଳା**—ପ୍ରାଦେ. ( କଟକ; ପୁରୀ ). ବିଣ. ପୁଂ ଓ ସ୍ତ୍ରୀ (ଗାଳିରେ
Ajogyamūlā ବ୍ୟବହୃତ)—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ତ |

୧ । ଅଯୋଗ୍ୟ ବା ନିକମ୍ମା (ଲୋକ)—
1. Worthless; good for nothing.
୨ । କୋଢ଼ିଆ; ଅଳସସ୍ୱଭାବଯୁକ୍ତ—2. Lazy; idle.

**ଅଯୋଗ୍ୟମ୍ମନ୍ୟ**—ସଂ. ବଣ. ପୁଂ (ସଂ. ଅଯୋଗ୍ୟଂ+ମନ ଧାତୁ+କର୍ତ୍ତୃ.ଯ)
Ajogyammanya ଯେ ଯୋଗ୍ୟ ହୋଇ ସୁଦ୍ଧା ଆପଣାକୁ
(ଅଯୋଗ୍ୟମ୍ମନ୍ୟା—ସ୍ତ୍ରୀ) ଅଯୋଗ୍ୟ ବୋଲି ମନେ କରେ—
Diffident; thinking one's self incompetent.

**ଅଯୋଗ୍ୟର**—ଗ୍ରା. ବଣ. ( ସଂ. ଅଯୋଗ୍ୟ )—
Ajogyara ଅଯୋଗ୍ୟ; ନାଲାଏକ୍ ( ବ୍ୟକ୍ତି )—
(ଯୋଗ୍ୟର—ବିପରୀତ) Unfit (person)
[ଯଥା—ମୁଁ ତାହା ପିଛା ହଜାର ହଜାର ଟଙ୍କା ଖରଚ କରି ତାକୁ ପାଠ ପଢ଼ାଇଲି କିନ୍ତୁ ସେ ଅଯୋଗ୍ୟର ହେଲା । ]

**ଅୟୋଗ୍ର**—ସଂ. ବଣ ( ବହୁବ୍ରୀହି; ଅୟଃ=ଲୌହ, ଅଛି ଅଗ୍ର ଭାଗରେ
Ayogra ଯାହାର )—
ଅଗରେ ଲୁହା ଲାଗିଥିବା—Iron tipped.
ସଂ. ବି—ସମାଲଗା ମୂଷଳ ବା ଢିଙ୍କି ପାହାର—
Irontipped pestle.
୨ । ଯେଉଁ ଯଷ୍ଟି ଅଗରେ ଲୁହାସମା ଥାଏ—
2. A stick having ironring at the top.
୩ । ହାତୁଡ଼ି—3 Hammer.

**ଅୟୋଘନ**—ସଂ. ବି. ( ଅୟସ୍—ଲୌହ+ହନ ଧାତୁ=ଆଘାତ
Ayoghana କରିବା+କରଣ.ଅ;ଯାହା ଦ୍ୱାରା ଲୁହା ପିଟାଯାଏ)--
ହାତୁଡ଼ି—Hammer.

**ଅଯୋତ୍ର**—ଦେ. ବଣ—ଅଯୁତ୍ର ( ଦେଖ )
Ajotra Ajutra ( See )

**ଅଯୋଧନ**—ସଂ. ବି —ଦୁର୍ଯ୍ୟୋଧନର ନାମାନ୍ତର—
Ajodhana A name of Durjyodhana

**ଅଯୋଧ୍ୟ**—ସଂ. ବଣ. ପୁଂ ( ଅ+ଯୁଧ ଧାତୁ+କର୍ମ. ଯ )—
Ajodhya ୧ । ଯାହା ସଙ୍ଗେ ଯୁଦ୍ଧ କରିବା ଅନୁଚିତ; ଯୁଦ୍ଧାନର୍ହ-
(ଅଯୋଧ୍ୟା—ସ୍ତ୍ରୀ) 1. Unfit to be fought with
(ଯଥା—ଯେଉଁ ଶତ୍ରୁ ଅସ୍ତ୍ର ପକାଇ ଦେଇଛି, ଯେ ଶରଣ ପଶିଛି, ଯେ ଯୁଦ୍ଧଭୂମିରୁ ପଳାଇ ଯାଉଛି ଇତ୍ୟାଦି । )
୨ । ଅଜେୟ; ଦୁର୍ଦ୍ଧର୍ଷ—2. Invincible
ସଂ. ବି—୧ । ମୁଦ୍ଗର; ମୁଗୁର—1 Dumb-bell.
୨ । ଗଦା—2. Club; mace.

**ଅଯୋଧ୍ୟା**—ସଂ. ବଣ. ସ୍ତ୍ରୀ ( ଅଯୋଧ୍ୟ+ଆ )ଅଯୋଧ୍ୟର ସ୍ତ୍ରୀଲିଙ୍ଗ—
Ajodhyā Feminine of Ajodhya.
ସଂ. ବି.—୧ । ସୂର୍ଯ୍ୟବଂଶୀୟ ରାଜାମାନଙ୍କ ରାଜଧାନୀ—
1. The ancient capital of the solar line of kings of India.
୨ । ଉତ୍ତର ଭାରତର ତନ୍ନାମ ନଗର ଓ ପ୍ରଦେଶ—
2. The town and province of Oudh in N. India.
[ ଦ୍ର—ପ୍ରାଚୀନ ଅଯୋଧ୍ୟା ନଗରୀ ବିଶେଷ ସମୃଦ୍ଧିଶାଳିନୀ ଥିଲା । ଏହା ସରଯୂନଦୀ କୂଳରେ ଅବସ୍ଥିତ । ଏହାକୁ ବୈବସ୍ୱତ ମନୁ ବସାଇଥିଲେ । ଏହା ରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଓ ରାଜଧାନୀ । ପୁରାଣ ଅନୁସାରେ ଏହା ହିନ୍ଦୁମାନଙ୍କ ସପ୍ତପୁରୀ ମଧ୍ୟରୁ ଏକ । ଇଂରାଜମାନେ ଏ ଦେଶକୁ ଆସିବା ପୂର୍ବରୁ ଏହା ଜଣେ ନବାବଙ୍କଦ୍ୱାରା ପରିଚାଳିତ ହେଉଥିଲା, ତତ୍ପରେ ଖାସ୍ ସରକାରଙ୍କ ରାଜ୍ୟଭୁକ୍ତ ହେଲା । ]

**ଅଯୋନି**—ସଂ. ବି. ( ଅ+ଯୋନି )--ସ୍ତ୍ରୀ ଜନନେନ୍ଦ୍ରିୟ ଛଡ଼ା ଅନ୍ୟ ଅଙ୍ଗ--
Ajoni Limbs other than the female organ.
ସଂ. ବଣ. ( ବହୁବ୍ରୀହି; ଅ+ଯୋନି )—୧ । ଜନ୍ମରହିତ—
1 Birthless.
୨ । ଆଦିରହିତ; ଅନାଦି—
2. Having no beginning

**ଅଯୋନିଜ**—ସଂ. ବଣ. ପୁଂ ( ଅ+ଯୋନିଜ )—
Ajonija ୧ । ଅଗର୍ଭଜାତ—(ଯଥା—ସ୍ୱେଦଜ; ଅଣ୍ଡଜ )
(ଅଯୋନିଜା—ସ୍ତ୍ରୀ) 1. Not born in the usual way of generation.
୨ । ସ୍ୱୟମ୍ଭୂ—2. Self-born.
୩ । ଯେ ମାତୃଗର୍ଭରୁ ଜନ୍ମି ନାହିଁ )—
3. Not born of the womb of a mother.
୪ । ଅଦେହ; ଅଶରୀର ( ହି. ଶବ୍ଦସାଗର)—
4. Incorporeal.
ସଂ. ବି.—୧ । ବିଷ୍ଣୁ—1. God Bishnu.
୨ । ବ୍ରହ୍ମା—2. God, the Creator.
୩ । ଈଶ୍ୱର—3. God.
୪ । ଶିବ; ମହାଦେବ—4. God Siba.

**ଅଯୋନିଜନ୍ମା**—ସଂ. ବଣ. ପୁଂ ଓ ସ୍ତ୍ରୀ—( ବହୁବ୍ରୀହି; ଅ=ନାହିଁ+
Ajonijanmā ଯୋନିରୁ ଜନ୍ମ ଯାହାର; ଅ+ଯୋନି+ଜନ୍ମନ୍
ସମା. ୧୬. )—
୧ । ଯେ ମାତୃ ଗର୍ଭରୁ ମାତୃ ଯୋନି ବାଟେ ଜନ୍ମି ନାହିଁ—
1. Not born of the mother's womb in the ordinary way.
୨ । ଅଯୋନିଜ ( ଦେଖ )
2. Ajonija ( See )

**ଅଯୋନିଜା**—ସଂ. ବଣ. ସ୍ତ୍ରୀ ( ଅଯୋନିଜ+ଆ )—
Ajonijā ଅଯୋନିଜର ସ୍ତ୍ରୀଲିଙ୍ଗ—
Feminine of Ajonija.
ସଂ. ବି. ସ୍ତ୍ରୀ ( ଏମାନେ ମାତୃ ଗର୍ଭରୁ ଜନ୍ମଲାଭ କରି ନ ଥିବାରୁ )—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧ । ସୀତା—1. The queen of Rama.
୨ । ଦ୍ରୌପଦୀ—2. The wife of the Pāṇḍaba brothers.
୩ । ଲକ୍ଷ୍ମୀ—3. Goddess Lakshmī.

**ଅଯୋନିସମ୍ଭବ**— ସଂ. ବିଣ. ଓ ବି ( ବହୁବ୍ରୀହି; ଅ=ନୁହେଁ, ଯୋନିରୁ ସମ୍ଭବ ଯାହାର )—
Ajonisambhaba
( ଅଯୋନିସମ୍ଭବା—ସ୍ତ୍ରୀ ) ଅଯୋନିଜ ( ଦେଖ ) Ajonija ( See )

**ଅଯୋନିସମ୍ଭବା**— ସଂ. ବିଣ. ଓ ବି. ସ୍ତ୍ରୀ ( ଅଯୋନିସମ୍ଭବ + ସ୍ତ୍ରୀ. ଆ )—
Ajonisambhabā ଅଯୋନିଜା ( ଦେଖ ) Ajonijā ( See )

**ଅୟୋମଳ**— ସଂ. ବି ( ୬ଷ୍ଠୀ ତତ୍; ଅୟଃ + ମଳ )—
Ayomaḷa ୧ । ଲୁହାଗୁହ; ଲୁହା ନିଆଁରେ ଅଉଟା ବା ପୋଡ଼ା ହେବା ସମୟରେ ତହିଁରୁ ବାହାରିଯିବା ମଇଳା—1. Refuse from iron-ore when milled.
୨ । ଲୁହାର କଳଙ୍କି; ମୁରୁଚି—2. Rust of iron.

**ଅୟୋମୁଖ**— ସଂ. ବିଣ ( ବହୁବ୍ରୀହି; ଅୟଃ + ମୁଖରେ ଯାହାର )—
Ayomukha ୧ । ଲୌହାଗ୍ରବିଶିଷ୍ଟ—1. Iron-topped.
୨ । ଲୁହାସମାଲଗା — 2. Capped with iron rings.
୩ । କଠିନ ମୁଖବିଶିଷ୍ଟ— 3. Hard mouthed; hard muzzled.
୪ । କଠିନଥଣ୍ଟଯୁକ୍ତ —4. With hard beaks
ସଂ. ବି ( ମଧ୍ୟପଦଲୋପୀ, ଅୟୋମୟ+ମୁଖ )—
୧ । ହତିଆର ଆଦିର ଲୌହନିର୍ମିତ ଅଗ୍ରଭାଗ— 1. Iron points of instruments or weapons.
୨ । ( ବହୁବ୍ରୀହି ) ବାଣ—2. Arrow.
୩ । ଲଙ୍ଗଳାଦି; ଲଙ୍ଗଳମୁଣ୍ଡା—3. Plough-share.
୪ । କଠିନ ଥଣ୍ଟ ଥିବା ପକ୍ଷୀ— 4. A bird with hard beaks.
୫ । ଅସୁରବିଶେଷ—5. Name of a demon.
୬ । ପର୍ବତ—6. Mountain.

**ଅର୍‌ଗାନ୍**— ବୈଦେ. ବି ( ଇଂ. ଅର୍‌ଗାନ୍ )—
Argān ୧ । ଗିରିଜାରେ ବଜାଯିବା ଉଚ୍ଚସ୍ୱରବିଶିଷ୍ଟ ବଡ଼ ପିଆନୋ ବାଜା—
अर्गान्
अरगन 1. Organ ( musical instrument )

**ଅରଡା**— ସ୍ଥାଦେ ( ସମ୍ବଲପୁର ) ବିଣ.—
Ardā ଅମହିଆଁ ( ପଶୁ )— Untrained beast)

**ଅର୍‌ର ମେଁ**—ଦେ. ଅ ( ଛେଳି ବୋବାଳିର ଧ୍ୱନ୍ୟନୁକରଣ )—
Arra meṅ ୧ । ଛେଳିକୁ ପାଖକୁ ଡାକିବାର ଧ୍ୱନି—
অর্‌র্ 1. A halloo for calling a goat.

**ଅର୍‌ୱିନ୍**—ବୈଦେ. ଇଂ. (ନାମ)—ଲର୍ଡ଼ଅର୍‌ୱିନ୍; ଭାରତର ବଡ଼ଲାଟ
Arwin ( ୧୯୨୬—୧୯୩୧ )—ଏହାଙ୍କ ଅମଳରେ ମହାତ୍ମା ଗାନ୍ଧୀଙ୍କର ଆଇନ ଅମାନ୍ୟ ଆନ୍ଦୋଳନ ପ୍ରବଳ ରୂପ ଧାରଣ କରି ଶେଷରେ ବିଲାତରେ ଗୋଲଟେବୁଲ ବୈଠକ ପରେ ମହାତ୍ମା ଗାନ୍ଧୀଙ୍କ ସଙ୍ଗେ ଭାରତର ରାଜନୀତିକ ପରିସ୍ଥିତି ସମ୍ବନ୍ଧରେ ଏହାଙ୍କର ସମାଧାନ ପ୍ରସ୍ତାବ ହୋଇଥିଲା । ଏ ଭାରତବାସୀଙ୍କର ସ୍ୱାୟତ୍ତଶାସନ ଦାବୀର ପକ୍ଷପାତୀ ଥାଇ ବିଲାତ ସରକାରଙ୍କ ସଙ୍ଗେ ଭାରତବାସୀଙ୍କ ନ୍ୟାଯ୍ୟ ଦାବୀ ପୂରଣ ପାଇଁ ବରାବର ଅଳି କରୁଥିଲେ—Lord Irwin the Viceroy of India. (1926—1931).

**ଅର**—ସଂ. ବି. ( ଋ ଧାତୁ + କରଣ. ଅ )—
Ara ଚକର ହାଣ୍ଡି ( ତୁମ୍ବ; ଲାହୁଆ ) ଓ ପୁଟ୍ଟି (ପଇ) କୁ ଯୋଗ କରିଥିବା କାଠ; ଚକର ବ୍ୟାସାର୍ଦ୍ଧ—
The spoke or radius of a wheel.
ହିରଣ୍ୟନିର୍ମିତ ଅଟେ ଅରଗୁଡ଼ିକ କାଣ୍ଡ । ସାରଳା. ମହାଭାରତ. ବନ ।
ସଂ. ବିଣ— ଶୀଘ୍ରଗାମୀ—Swift; fleet of foot.
ସଂ. କ୍ରି. ବିଣ—ଶୀଘ୍ର; ଚଞ୍ଚଳ—Quickly.
ଦେ. ବି. ( ସଂ. ଅର୍ଗଳ )—କବାଟର ଅର୍ଗଳ ବା ଖିଳଣି— A bar for shutting the door.
ଅରସିକ କରି ହୃଦୟ କପାଟ ଫାଟ ନହବାକୁ ଅର ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଅରକ୍**—ଦେ. କ୍ରି. ବିଣ. ଓ ବିଶେ. ବିଣ—ଅରକ ( ଦେଖ )
Arak Araka ( See )

**ଅରକ**—ଦେ. ବି. ( ସଂ. ଅର୍କ ) —ଆକନ୍ଦଗଛ; ଅର୍କଗଛ—
Araka The plant Swallowort; Calotropis Gigantea.
ସଂ. ନାମ— ଅର୍କ; କ୍ଷୀରଦଳ; ଅର୍ଜୁଘ୍ନ; ବୃତ୍ତମଲ୍ଲିକା; ସୁପୁଷ୍ପ; କ୍ଷୀରକାଣ୍ଡକ; ଓ.ଅରକ; ଅରଖ ।
আকন্দ
मदार; आक;
আকন্দ; আকল
ତେ. ଜିଲ୍ଲେଡ଼
[ ଦ୍ର—ଏ ଏକ ପ୍ରକାରର କ୍ଷୀରଗଛ; ଏହା ବୃକ୍ଷରେ ୪।୫ ହାତ ବଢ଼େ ଓ ଶାଖାମାନ ଗଛ-ମୂଳରୁ କୁଆଁ ଦେଇ ବାହାରେ; ଅରଖ ଫଳ ଦୁଇ ଚରୁଡ଼ିଆ; ଫଳ ଫାଟି ଗଲେ ଫଳ ମଧ୍ୟରୁ ଶିମିଳି ତୁଳାପରି ତୁଳା ବାହାରେ । ଏହାର ଫୁଲ ପାଞ୍ଚ ପାଖୁଡ଼ିଆ; ଏ ଗଛ ଧଳା ଓ ନାଲି ଫୁଲ ଭେଦରେ ଦୁଇ ପ୍ରକାରର । ଶୁକ୍ଳ ଅରକ ଫୁଲର ବର୍ଣ୍ଣ ନନ୍ଦୁଣୀ ପରି ଓ ରକ୍ତ ଅରକର ଫୁଲ ବାଇଗଣ ଫୁଲ ପରି ଫିକା ନାଲି; ଏହାର ଶୁଖିଲା ଡାଳକୁ ପୋଡ଼ି ବାରୁଦ ପାଇଁ କୋଇଲା କରାଯାଏ । ଶରଦ ହେଲେ ଏହାର ପାଚିଲା ପତ୍ରକୁ ସେକି ମୁଣ୍ଡରେ ବାନ୍ଧିଲେ ଉପକାର ହୁଏ । ଏଥିର କ୍ଷୀର ଚର୍ମରୋଗର ଔଷଧରେ ଲାଗେ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଜ୍ଞ | ଢ଼ | ଙ୍କ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତ |

୨ । ( ପଦ୍ୟରେ ) ଅର୍କ; ସୂର୍ଯ୍ୟ—2. The sun.

ତେଜରେ ଜନ୍ମା କର କୋଟିଏ ଅରକ । କୃଷ୍ଣସିଂହ. ମହାଭାରତ. ବନ ।

୩ । ( ଫା. ଅରକ୍ଷ )—ବୈଜ୍ଞାନିକ ପ୍ରକ୍ରିୟାରେ ବସ୍ତୁରୁ କଢ଼ାଯିବା ତରଳସାର—3. Chemically extracted essence; extract.

ଦେ. ବିଶେ. ବିଣ. ( କେବଳ 'ନୂଆ' ଶବ୍ଦପୂର୍ବେ ଯୁକ୍ତ ହୁଏ ଯଥା—ଅରକ୍ ନୂଆ )—ସମ୍ପୂର୍ଣ୍ଣରୂପେ ( ନୂଆ )—Completely ( new ).

**ଅରକନୂଆ**—ଦେ. ବିଣ. ( ଫା. ଅରଖ୍ + ସଂ.ନବ )—
Arakanuā ୧ । ସମ୍ପୂର୍ଣ୍ଣରୂପେ ନୂଆ—
আনকোরানূতন 1. Brand new; completely new.
अरखनया ୨ । ଯାହା ଆଦୌ ବ୍ୟବହାରରେ ଲାଗି ନାହିଁ—
2. Which has not been used at all.

**ଅରକଲା**—ପ୍ରାଦେ. ( ଗଡ଼ଜାତ ) ବି—ବଡ଼ ଗୁଳ୍ମବିଶେଷ [ ଏହାର
Arakaḷā ଡେରକୁ ଛେଚି ଜଳାଶୟରେ ପକାଇଲେ ମାଛଯାକ ଦରମରା ହୋଇ ଭାସି ଉଠନ୍ତି । ଏଥିର ଚୂର୍ଣ୍ଣ ଗୋରୁ ଓ ମନୁଷ୍ୟଙ୍କ ଘାଆରେ ପଡ଼ୁଥିବା ଅଁଶେଇ ମାରିବାରେ ବ୍ୟବହୃତ ହୁଏ ]—A tree, Millettia Auriculata ( Haines ).

**ଅରକି**—ବୈଦେ. ବି. ( ଫା. ଅରକୀ )—୧ । ଗୁଡ଼ଜୁଲସାର; ଶସ୍ୟ;
Araki ଭାତ ବା ଅନ୍ୟ ଶସ୍ୟ ସିଝାଇ ସଢ଼ାଇ ତହିଁରୁ ବକଯନ୍ତ୍ର
ধেনো ସାହାଯ୍ୟରେ ଚୁଆଁ ଯିବା ମଦ—
दारू 1 Country spirit.
୨ । ମଦ—2. Wine.
୩ । ଆସବ—3. Spirit.

ଦେ. ବି.—ଖଦି; ଖୁବ୍ ମୋଟା ସୂତାରେ ବୁଣା ଲୁଗା—Coarse cloth.

**ଅରକ୍ଷ**—ଦେ. ବିଣ. ( ସଂ ଅରକ୍ଷିତ )—ଅରକ୍ଷିତ; ନିରାଶ୍ରୟ—
Araksha Helpless; having no shelter.

ଅରକ୍ଷ ପ୍ରାଣୀ ବୃକ୍ଷ ପାଦେ, ବଜ୍ର ପ୍ରହାରରେ ଭୋଗନାଦେ— ଜଗନ୍ନାଥ. ଭାଗବତ ।

**ଅରକ୍ଷରକ୍ଷଣ**—ଦେ. ବି.—ନିରାଶ୍ରୟଙ୍କୁ ରକ୍ଷା କରିବା—
Araksharakshaṇa Protecting the shelterless.

ଦେ. ବିଣ—ନିରାଶ୍ରୟର ଆଶ୍ରୟଦାତା—
Protector of the shelterless

**ଅରକ୍ଷିତ**—ସଂ. ବିଣ—୧ । ଆଶ୍ରୟହୀନ; ନିରାଶ୍ରୟ—
Arakshita 1. Helpless; shelterless.
(ଅରକ୍ଷିତା—ସ୍ତ୍ରୀ) ୨ । ଯାହା ଯତ୍ନସହକାରେ ରକ୍ଷିତ ନୁହେ—
অরক্ষিত 2. Not preserved with care.
बेचारा ୩ । ଅସ୍ୱାମିକ; ଅନାଥ—3. Masterless
୪ । ଅତି ଗରିବ—4. Very poor.
୫ । ଯାହାର କେହି ରକ୍ଷକ ନାହିଁ—
5, Having none to look after,

ଦେ. ବିଣ.—ଯେଉଁ ଜଙ୍ଗଲ ରକ୍ଷିତ ଜଙ୍ଗଲ ନୁହେ—
Jungle which is not a protected forest.

ଦେ. ବିଣ.—ନିରାଶ୍ରୟ ଲୋକ—Helpless person.

ଅରକ୍ଷିତଙ୍କୁ ଦଇବ ସାହା—ଢଗ ।

ବଧାବଧାନେ ଅରକ୍ଷିତ ପଦ୍ମସ୍ତେ ମୂର୍ଚ୍ଛିତ ହୋଇଲା ଷଣେ— ଉପେ. ବୈଦେହୀଶବିଳାସ ।

**ଅରକ୍ଷିତଦାସ**—ଦେ. (ନାମ)—ଶଙ୍ଖରେଭେଦ ନାମକ ଓଡ଼ିଆ ଯୋଗସାଧନ-
Arakshitadāsa ପଦ୍ୟ ଗ୍ରନ୍ଥର ରଚୟିତା ଓ ସାଧକ ( ଭାରଣୀ. ଉତ୍କଳ ସାହିତ୍ୟ ଇତିହାସ )—Name of the author of some mystic poems.

**ଅରଖ**—ଦେ. ବି. ଓ ବିଣର ବିଣ.—ଅରକ ( ଦେଖ )
Arakha Araka ( See )

**ଅରଖନୁଆ**—ଦେ. ବିଣ.—ଅରକନୂଆ ( ଦେଖ )
Arakhanuā Arakanuā ( See )

ଅରଖନୁଆ ଗୋଟାଏ, ପୂରା ବୋଝେଇ, ଧରନ୍ତୁ ନାଁ କେତେ ଟଙ୍କା ଗଣ୍ଡା— ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଅରଖଫୁଲିଆଖଡ଼ୁ**—ଦେ. ବି. (ବଣିଆଙ୍କ ଶବ୍ଦ)—
Arakhaphuliākhaṛu ଏକ ପ୍ରକାରର ହାତଖଡ଼ୁ; ଏଥିର ଉପରେ ଅରଖ ଫୁଲ ପରି ଗୋଟି ଗୋଟି ଗୋଡ ବସାଯାଇ ଥାଏ—A kind of bracelet.

**ଅରଖି**—ବୈଦେ. ବି. ( ଫା. ଅରକୀ )—ଅରକି ( ଦେଖ )
Arakhi Araki ( See )

**ଅରଖିତ**—ଗ୍ରା. ବିଣ. ଓ ବି. ( ସଂ. ଅରକ୍ଷିତ )—ଅରକ୍ଷିତ ( ଦେଖ )
Arakhita Arakshita ( See )

**ଅରଖିତିଆ**—ଗ୍ରା. ବିଣ. ପୁଂ. ( ସଂ. ଅରକ୍ଷିତ )—ଗାଳିରେ ବ୍ୟବହୃତ
Arakhitiā ଅରକ୍ଷିତ ( ଦେଖ )
(ଅରଖିତିଆଣୀ—ସ୍ତ୍ରୀ) 1. Arakshita ( See )
୨ । ଅତି ଗରିବ ବ୍ୟକ୍ତିର ସୁଲଭ ( କର୍ମ )—
2. (act) Becoming or befitting a very poor person.

**ଅରଖିମଦ**—ପ୍ରାଦେ. ( ସିଂହଭୂମ ) ବି—ମହୁଲରୁ ପ୍ରସ୍ତୁତ ମଦ ବା ଆସବ
Arakhimada Spirit made from mahua flowers.

**ଅରଗଡ଼**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅର୍ଗଳ )—ଅର୍ଗଳ (ଦେଖ)
Aragarda Argala ( See )

**ଅରଗଡ଼ଭୁସ୍ ଠେଙ୍ଗ୍ ଠୁସ୍**—ପ୍ରାଦେ. (ସମ୍ବଲପୁର) ଅ—
Aragardabhusthengthus ଦୁଡୁ ଖେଳବାପିଲାଙ୍କ ପୁନଃ ପୁନଃ ଉଚ୍ଚାରିତ ପଦ—A sentence repeatedly uttered by boys playing at dhudhu.

**ଅରଗଡ଼ା**—ଦେ. ବି. (ସଂ. ଅର୍ଗଳ)—ଅଲଗଡ଼ା; ଘୋଡ଼ା ଗୋରୁ ଆଦିଙ୍କ
Aragardā ରଖିବା ପାଇଁ ବଇଣୀ ଦିଆ ଯାଇଥିବା ସ୍ଥାନ—
আড়গড়া Stall for keeping horses and
अड़गड़ा cattle.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଜ୍ଜା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

**ଅରଗଲ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅର୍ଗଲ)—ଅର୍ଗଲ (ଦେଖ)
Aragal — Argala (See)

**ଅରଗଳ**—ଗ୍ରା. ପଦ୍ୟ. ବି. (ସଂ. ଅର୍ଗଲ)—
Aragala ୧ । ଅର୍ଗଲ; କବାଟକିଳଣି—
अरगल — I. Bar of a door.
अरगला ୨ । ବାଟ ଅବା ବନ୍ଦ କରିବା ପାଇଁ ଦିଆଯାଇ ଥିବା କାଠ ବା ବାଉଁଶର ଧଡ଼ା—
2. Wooden or bamboo bar.
ମରକତ ଅରଗଳ କଳସ ବାହୁ ଯୁଗଳ । ବଳଦୃର୍ଯ୍ୟ—ସଙ୍ଗୀତ ।

**ଅରଗଳା**—ଗ୍ରା. ବି. (ସଂ. ଅର୍ଗଲ)—ଅର୍ଗଲ (ଦେଖ)
Aragalā — Argala (See)

**ଅରଗଲ୍ଲା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅର୍ଗଲ)—ଅର୍ଗଲ (ଦେଖ)
Aragalā — Argala (See)

**ଅରଗଳି**—ଗ୍ରା. ପଦ୍ୟ. ବି. (ସଂ. ଅର୍ଗଲ)—
Aragali ୧ । ପଶୁ ବଧ କରିବା ପାଇଁ ଖିଲ ଦିଆ ଯାଇଥିବା ଅର୍ଦ୍ଧଚନ୍ଦ୍ରାକୃତ କାଷ୍ଠ ଯନ୍ତ୍ର । (ଏହାର ମୂଳ ଭୂଇଁରେ ପୋତା ଥାଏ । ଏଥିର କନାରେ ପଶୁର ବେକକୁ ପୂରାଇ ବେକ ଉପରେ ଗୋଟାଏ ଖିଲା ଦେଲେ ପଶୁ ସେଥିରୁ ବେକ କାଢ଼ି ପାରେ ନାହିଁ)—
1. Shambles; a cartrivance with a semicircular opening for locking the neck of beasts when they are butchered.
୨ । ସଙ୍କୀର୍ଣ୍ଣ ଗଳି—2. Narrow lane.
କୃଷ୍ଣ ରଥ ଉଦ୍ଧ ତଳର ପଣ୍ଡିତ. ଉଦ୍ଧ ଅରଗଳି ସୁସନ୍ଧାନ—ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।
୩ । ଚନ୍ଦନଅର୍ଗଳି (ଦେଖ)
3. Chandanaargali (See)
କଳାପାବଳୁ ଅରଗଳି, ଏଠାରୁ ମହାନନ୍ଦସ୍ଥଳୀ ।
ଯଗୋବନ୍ତ. ପ୍ରେମଭକ୍ତି ଗୀତା ।

**ଅରଗ୍ୱଧ**—ସଂ. ବି.—ସୁନାରିଗଛ (ଦେଖ)
Aragbadha — A tree; Sunāri (See)

**ଅରଘ**—ଗ୍ରା. ପଦ୍ୟ ବି. (ସଂ. ଅର୍ଘ)—ଅର୍ଘ (ଦେଖ)
Aragha — Argha (See)
अरघ
अरघ

**ଅରଘଟ୍ଟ**—ସଂ. ବି. (ଅର=ଶୀଘ୍ର+ଘଟ୍ଟ ଧାତୁ=ଚଳିତକରିବା+କର୍ମ ଅ
Araghatta ଯାହାକୁ ଶୀଘ୍ର ଶୀଘ୍ର ଚଳିତ କରା ଯାଏ)—
୧ । କୂଅରୁ ପାଣି ଉଠାଇବା ପାଇଁ ଘଟ ଓ ଚକ୍ରଯୁକ୍ତ ଯନ୍ତ୍ର—
1. A contrivance (consisting of a wheel and buckets) for lifting water from a well.
୨ । ବାଙ୍ଗି; ବଡ଼ କୂଅ—2. Big well.

**ଅରଘଟ୍ଟଘଟିକା**—ସଂ. ବି.—୧ । କୂଅ ଭିତରକୁ ଯିବାପାଇଁ ବୃତ୍ତାକାର
Araghattaghatikā ପାହାଚ—1. Spiral steps in a well
୨ । କୂଅକାନ୍ଥରେ ଖୋଳା ହୋଇଥିବା ଗାତ (ଏହି ଗାତରେ ଗୋଡ଼କୁ ରଖି କୂଅରେ ଲୋକେ ପଶନ୍ତି)—Niches for foot-hold in the wall of a well

**ଅରଚନ**—ଗ୍ରା. ପଦ୍ୟ. ବି. (ସଂ. ଅର୍ଚ୍ଚନ)—ଅର୍ଚ୍ଚନ (ଦେଖ)
Arachana — Archchana (See)

**ଅରଚନା**—ଗ୍ରା. ପଦ୍ୟ. ବି. (ସଂ. ଅର୍ଚ୍ଚନା)—୧ । ଅର୍ଚ୍ଚନା; ପୂଜା—
Arachanā — 1. Worship.
ତେବେ ମଧ୍ୟ ତାହାଙ୍କ ଅରଚନା କଲେ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଭୋଜନାର୍ଥ ନିମନ୍ତ୍ରଣ—2 Invitation to dinner.

**ଅରଚିବା**—ଗ୍ରା. ପଦ୍ୟ. (ସଂ. ଅର୍ଚ୍ଚ ଧାତୁ)—ଅର୍ଚ୍ଚନାକରିବା; ପୂଜା-
Arachibā କରିବା—To worship.
अरचा
अरचना

**ଅରଜ**—ବୈଦେ. ବି. (ଅ. ଅର୍ଜ୍)—୧ । ନିବେଦନ; ପ୍ରାର୍ଥନା—
Araja — 1. Prayer.
आरज ଭକ୍ତେ ବିଜ ପୀତାମ୍ବର ଅରଜ ଶୁନ—ସଙ୍ଗୀତ ।
अरज
୨ । ବିନତି—2. Solicitation.

**ଅରଜଃ**—ସଂ. ବିଣ. (ବହୁବ୍ରୀହି; ଅ+ରଜସ୍; ୧ମା. ୧ବ.)—
Arajah ୧ । ରଜୋରହିତ; ଧୂଳିଶୂନ୍ୟ—1. Dustless; free from dust
୨ । ରଜୋଗୁଣରହିତ; କାମକ୍ରୋଧାଦିବର୍ଜିତ—
2. Free from passions or worldliness.

**ଅରଜନ**—ଗ୍ରା. ପଦ୍ୟ. (ସଂ. ଅର୍ଜନ)—୧ । ଅର୍ଜନ—
Arajana — 1. Earning.
अरजन ୨ । ଆୟ—2. Income.
अरजन

**ଅରଜନକାରିଆ**—ଗ୍ରା. ବିଣ. (ସଂ. ଅର୍ଜନ+କାରକ)—ଅର୍ଜନକାରୀ;
Arajanakāriā ଧନ ଉପାର୍ଜନକରୁଥିବା—
রোজগেরে — Earning.
अरजमन्द

**ଅରଜନକାରୁଆ**—ଗ୍ରା. ବିଣ—ଅରଜନକାରିଆ (ଦେଖ)
Arajanakārua — Arajanakāriā (See)

**ଅରଜସ୍କ**—ସଂ. ବିଣ. ପୁଂ. (ଅ+ରଜସ୍)—୧ । ଯାହା ଧୂଳିମୟ ନୁହେ—
Arajaska — 1. Not dusty.
(ଅରଜସ୍କା—ସ୍ତ୍ରୀ) ୨ । ରଜୋଗୁଣରହିତ—
2 Free from worldly passions.

**ଅରଜସ୍କା**—ସଂ. ବିଣ. ସ୍ତ୍ରୀ. (ଅରଜସ୍କ+ସ୍ତ୍ରୀ. ଆ)—
Arajaskā ୧ । ଅରଜସ୍କର ସ୍ତ୍ରୀଲିଙ୍ଗ—
1. Feminine of Arajaska.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଡ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ୍ତ | ଜ | ଶ,ଷ | ଙ୍କ | ଇଏ | ଡ଼ଥ | ଘ |
| ୨ | ଈ | ଢ଼ | ର୍ବ | ଲ୍ଲ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ର୍ଗ୍ୟ | ଇଥ | ❀ | ନୃ |

୨ । ଯେଉଁ ବାଳିକାର ପ୍ରଥମ ରଜୋଦର୍ଶନ ହୋଇ ନାହିଁ—
2. (a girl) Whose menses have not yet appeared.

୩ । ଯେଉଁ ସ୍ତ୍ରୀର ଜନ୍ମାରୁ ରଜୋଦର୍ଶନ ଘଟିନାହିଁ; ଅପୁଷ୍ପୀ—
3. (a woman) Who has never had her menses.

**ଅରଜା**—ଗ୍ରା. ପଦ୍ୟ. ବି. ( ସଂ. ଅର୍ଜନ )—ଅର୍ଜନ—Earning
Arajā ବିଣ.—ଅର୍ଜିତ—Earned.

ସଂ. ବି. ସ୍ତ୍ରୀ. ( ଅ + ରଜସ୍ )—ଭାର୍ଗବଋଷିଙ୍କ କନ୍ୟା—
Name of the daughter of sage Bhārgaba.

**ଅରଜି**—ବୈଦେ. ବି. ( ଆ. ଅର୍ଜୀ )—୧ । ଆବେଦନ ପତ୍ର;
Araji ଦରଖାସ୍ତ; ପ୍ରାର୍ଥନା ପତ୍ର—1. Petition.
আর্জী
अर्जी

ଅମ୍ଭାନ୍ତି କେତେଥର କଲେ, ଅରଜି ବଜାଇ ବନ୍ଧୁ ଗଲେ—
କବିସୂର୍ଯ୍ୟ. ରତ୍ନାକରଚମ୍ପୂ ।

୨ । ଅଦାଲତରେ ବାଦୀ ପ୍ରତିବାଦୀ ବିରୁଦ୍ଧରେ ଉପସ୍ଥାପିତ କରିବା ଦାବୀର ବିବରଣପତ୍ର—
2. Plaint in a civil suit.

୩ । ନିବେଦନ; ପ୍ରାର୍ଥନା—3. Prayer; solicitation.

**ଅରଜିଆ**—ଦେ. ବିଣ—୧ । ( ସଂ. ଅର୍ଜକ )—ଅର୍ଜନକାରୀ—
Arajiā 1. Earning.

୨ । ( ଆ. ଅର୍ଜୀ )—ପ୍ରାର୍ଥନାକାରୀ—
2. Petitioning.

**ଅରଜିନବିସ୍**—ବୈଦେ. ବି. ( ଆ. ଅର୍ଜୀ + ନବିସ୍ = ଲେଖକ )—
Arajinabis ଦରଖାସ୍ତ ଲେଖକ; ଅରଜିର ନବିସିନ୍ଦା—
আর্জীনবিস Petition-writer; the scribe of a plaint.
अर्जीनबीस

**ଅରଜିବା**—ଗ୍ରା. ପଦ୍ୟ. କି. ( ସଂ. ଅର୍ଜ ଧାତୁ )—
Arajibā ୧ । ଅର୍ଜନ କରିବା—1. To earn.
অরজা ୨ । ଲାଭ କରିବା; ପାଇବା—
अरजना 2. To get.

କି କରି ଅରଜିବ, କି କରି ବରଜିବ, ସେ ଶ୍ୟାମସୁନ୍ଦର ପ୍ରୀତିକି ଗୋ ।
କବିସୂର୍ଯ୍ୟ. ସଙ୍ଗୀତ ।

୩ । ସ୍ଥାପନ କରିବା—3. To establish.
ପାଣ୍ଡବଙ୍କ ସଙ୍ଗେ ପୀରତି ଅରଜି—କୃଷ୍ଣସିଂହ. ମହାଭାରତ. ବନ ।

୪ । ନିନ୍ଦା, ଅପକୀର୍ତ୍ତିଆଦିରେ ଭାଗୀ ହେବା—
4. To be the object of blame or discredit.
( ଯଥା—ଏ କାମ କରି ପଛକୁ ଗୋଟିଏ ନିନ୍ଦା ଅରଜିବ । )

**ଅରଜୁନ**—ଗ୍ରା. ପଦ୍ୟ. ବି. ( ସଂ. ଅର୍ଜୁନ )—
Arajuna ୧ । ଅର୍ଜୁନ; ମଧ୍ୟମ ପାଣ୍ଡବ—
1. The third of the Pāndaba-brothers.
ହବ୍ୟ କାଣ୍ଡ କଣ୍ଡ ତା ବୁଝିଲେ ଅରଜୁନ—କୃଷ୍ଣସିଂହ. ମହାଭାରତ. ଆଦି

୨ । ଅର୍ଜୁନ (ଗଛ) ( ଦେଖ )
2. Arjuna (tree) (See)

୩ । ଅର୍ଜୁନନାମକ ବ୍ୟକ୍ତିର ଡାକନାମ—
3. Name for calling Arjuna.

**ଅରଟ**—ଦେ. ବି. ( ସଂ. ଅରଘଟ୍ଟ—Beams )—ଚରଖା; କପାରୁ
Arata ସୂତା କାଟିବା ପାଇଁ ବ୍ୟବହୃତ ଚକଯୁକ୍ତ ଯନ୍ତ୍ର—
চরখা Spinning wheel.
चरखा

ଅରଟ ଗୁଣିଗାଇଁ ଲୋ ବୁଢ଼ୀ ! ତୋ ସୂତା କଟେଇ କାହିଁ ?—
ଅରଟଗୀତ ।

**ଅରଟଗୀତ**—ଦେ. ବି.—୧ । ଅରଟ ସମ୍ବନ୍ଧୀୟ ଗୀତ—
Aratagita 1. Songs relating to the
সুতোকাটাগান spinning wheel.
सूतकातनेकोगान

୨ । ଅରଟବୁଲାଇବାଲୋକ କ୍ଳାନ୍ତିର କ୍ଳାନ୍ତି ଅପନୋଦନାର୍ଥ ବୋଲିବା ଗାନ—
2 Songs recited by persons while turning the spinning wheel.

[ ଦ୍ର—ଗୋଟିଏ ଅରଟ ଗୀତ—
"ଅରଟ ଗୁଣି ଗାଇଁ ଲୋ ବୁଢ଼ି ! ତୋ ସୂତା କଟେଇ କାହିଁ ?
ସୂତା କଟେଇ ନାହିଁ ରେ ବୁଢ଼ା ! କଣ୍ଢ ଦାଣ୍ଡକୁ ଯାଇଁ ।
କଣ୍ଢ ଦାଣ୍ଡକୁ ଯାଉ ଲୋ ବୁଢ଼ି ! ତୋ କଉଡ଼ିବୁଜୁଳି କାହିଁ ?
କଉଡ଼ିବୁଜୁଳି ନାହିଁ ରେ ବୁଢ଼ା ! ବଙ୍ଗଳାପାନ ଖାଇ ।
ବଙ୍ଗଳାପାନ ଖାଉ ଲୋ ବୁଢ଼ୀ ! ତୋ ପାଟ ନାଲି ନାହିଁ ।
ପାଟ ନାଲି ନାହିଁ ରେ ବୁଢ଼ା ! ପାହାନ୍ତି ପଖାଳ ଖାଇ ।
ପାହାନ୍ତି ପଖାଳ ଖାଉ ଲୋ ବୁଢ଼ି ! ତୋ ପେଟ ଉଣ୍ଡ ନାହିଁ !
ପେଟ ଉଣ୍ଡ ନାହିଁ ରେ ବୁଢ଼ା ! ସକାଳୁ ବାଡ଼ିକି ଯାଇଁ ।
ସକାଳୁ ବାଡ଼ିକି ଯାଉ ଲୋ ବୁଢ଼ି ! ତୋ ଗୋଡ଼ ତ ଓଦା ନାହିଁ ।
ଗୋଡ଼ ଓଦା ନାହିଁ ରେ ବୁଢ଼ା ! କଅଁଳୁ ଦେଖେଇ ଥାଇଁ ।
କଅଁଳୁ ଦେଖେଇ ଥାଉ ଲୋ ବୁଢ଼ି ! ଗୋଡ଼ ତ କୁସୁମ ନାହିଁ ।
ଗୋଡ଼ କୁସୁମ ନାହିଁ ରେ ବୁଢ଼ା ! ଦହରେ ବାଂଧ କାହିଁ" ।

ବଙ୍ଗଳାରେ ମଧ୍ୟ—
'ଚରଖା ଆମାର ଭାତାର ପୁତ, ଚରଖା ଆମାର ହିୟା
ଚରଖା ଦଉଲତେ ଆମି ଦ୍ୱାର ଛେଲେର ବିୟା' ଆଦି ଅରଟଗୀତ ଅଛି ।
ପୂର୍ବେ ଘରେ ଘରେ ଆବାଲବୃଦ୍ଧବନିତା କପାରୁ ସୂତା କାଟୁଥିଲେ ଓ ସୂତାଯାକ ତନ୍ତୀକୁ ଦେଇ ତନ୍ତୀକୁ ବାଣ (ମଜୁରି) ଦେଇ ପରିବାରର ଆବଶ୍ୟକୀୟ ଲୁଗା ପାଉଥିଲେ । ]

**ଅରଣ୍ଠା**—ଦେ. ବି.—ଘଟ ବହୁ ନାଚିବା ନର୍ତ୍ତକ (ବା ଘଣ୍ଟପାଟୁଆ)ମାନେ
Araṭhā ନାଚିଲାବେଳେ ଧାରଣ କରିବା କାଠଯନ୍ତ୍ରବିଶେଷ—
A wooden contrivance carried by dancers dancing on high wooden stilts.

ବହୁତନ୍ତ୍ର ସେ ସର୍ପ ଶଳାକା ଅଛି ତୋଳ
ଘଟ ନାଟ ଅରଣ୍ଠା ଲଗାଯେ ମଙ୍ଗଳ । ଉକ୍ତ. ଘଟଶ୍ୟବଂଶୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅରଟି**—ଦେ. ବି.—୧ । ବାଦ୍ୟଯନ୍ତ୍ରବିଶେଷ—
**Arati** ( ) 1. A kind of drum.
୨ । ଅରଠି (ଦେଖ) 2. Arathi (See)

**ଅରଟୁ**—ସଂ. ବି. (ବୈଦିକ)—ଫଣଫଣାଗୁଳ୍ମ (ଦେଖ)
**Aratu** Phanaphanā (See)

**ଅରଠି**—ଦେ. ବି.—୧ । ଜଳବଢ଼ିରେ ଭାସି ଯାଉଥିବା କାଠଖଣ୍ଡମାନଙ୍କୁ
**Arathi** ଧରି କୂଳକୁ ଟାଣି ଆଣିବା ପାଇଁ ବ୍ୟବହୃତ ଲମ୍ବ ଦଉଡ଼ି- ଲଗା ଅଙ୍କୁଶା—1. Fork attached to the end of a very long string used in catching and hauling stray wood etc. floating on the water during floods.
[ଦ୍ର—ଭାସିଯାଉଥିବା କାଠକୁ ଲକ୍ଷ୍ୟ କରି ସୂତୁଲିର ଗୋଟିଏ ମୁଣ୍ଡ ହାତରେ ରଖି ଅଙ୍କୁଶା ଲାଗିଥିବା ମୁଣ୍ଡକୁ ଫିଙ୍ଗିଲେ ଅରଠିର ହୁକ ଯାଇ କାଠରେ ଲାଗେ; ତା ପରେ ଅରଠି ଫିଙ୍ଗିବା ଲୋକ ସୂତାକୁ ଟାଣି ଆଣିଲାରୁ କାଠ ତା ନିକଟକୁ ଚାଲି ଆସେ । ]
୨ । (ସଂ. ଅରିଷ୍ଟ)—ବିପଦ—2. Danger.
୩ । ବିଷମସମସ୍ୟା—3. Dilemma.
୪ । ଦୁସ୍ତର କଷ୍ଟ—4. Inextricable difficulty.

**ଅରଡ଼**—୧ । ପ୍ରାଦେ. (ଗଡ଼ଜାତ) ବି. (ସଂ. ଅରଣ୍ୟ)—
**Ararda** ଅରଣାମଇଁଷି—1. Bison; wild-buffalo.
আড়র ୨ । ଗ୍ରା. ବୈଦେ. (ଇଂ 'ଅର୍ଡ଼ର' ଶବ୍ଦର ବିପର୍ଯ୍ୟସ୍ତ
अडर ଉଚ୍ଚାରଣ )—ଅର୍ଡ଼ର୍; ଆଦେଶ—2. Order.

**ଅରଡ଼ଙ୍ଗା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ବଳିଷ୍ଠ; ବଳୁଆ—
**Aradanga** 1. Strong; mighty.
अरडिङ्ग ୨ । ବିଶାଳକାୟ—2. Big-bodied.
୩ । ଡେଙ୍ଗା ଓ ମୋଟା—3. Stout and tall.

**ଅରଣ**—ଦେ. ବି. ଓ ବିଣ. ( ସଂ. ଅରଣ୍ୟ ) —ଅରଣା ( ଦେଖ )
**Arana** Aranā ( See )
ପ୍ରାଦେ. ( ଗଞ୍ଜାମ ) ବି—ଅର୍ନ ( ଦେଖ )—Arna ( See )

**ଅରଣା**—ଦେ. ବି. ( ସଂ. ଅରଣ୍ୟ )—୧ । ଅରଣ୍ୟ; ବନ—
**Aranā** 1. Forest.
অর্ণা; বুনো ୨ । ବନ୍ୟମହିଷ—2. Bison.
अरना ପ୍ରଖର ଅରଣା ବେଣାବଣେ ଯହିଁ ମହା ବିଷମ
ଯମଙ୍କ ବାହନ ବୋଲନ୍ତି ଯେ ଘନେ; ସେହି ସେ ଯମ ।
ରାଧାନାଥ. ଉଷା ।
ଦେ. ବିଣ—୧ । ବଣୁଆ; ବନ୍ୟ—1. Wild.
ଅରଣା ମଇଁଷି ଉଛୁଳ୍ଲ ଅନାଇ;
ମଇଷିର ପାଶ ନ ଯିବୁ ଦନାଇ । ମଧୁସୂଦନ. ବର୍ଣ୍ଣବୋଧକ ।
୨ । ଦୁଷ୍ଟ; ଖଳ—2. Wicked; naughty.
୩ । ଉନ୍ମତ୍ତ—3. Maddened; infuriated.
ଏକକୁ ଅନେକ ଦେଖେ ଅଟନ୍ତି ଅଗଣା;
ଅଗେ ପଛେ ଗୃଢ଼ହନ୍ତି ହୋଇଣ ଅରଣା । ପୀତାମ୍ବର. ନୃସିଂହପୁରାଣ ।

**ଅରଣାମଇଁଷି**—ଦେ. ବି. ( ସଂ. ଅରଣ୍ୟ + ମହିଷ )—ବନ୍ୟ ମହିଷ—
**Aranāmainshi** Wild buffalo; bison.
অরনা: ভোঁস [ଦ୍ର—ଏମାନେ ଜଙ୍ଗଲରେ ପଲ ପଲ ହୋଇ ରହନ୍ତି;
अरना भैंसा ଏମାନେ ସାଧାରଣ ମଇଁଷିଠାରୁ ବଡ଼ ଓ ହୃଷ୍ଟପୁଷ୍ଟ ଏ ମଇଁଷି ଦେହରେ ବଡ଼ ବଡ଼ ବାଳ ଓ ବିଶେଷତଃ ବେକ ଓ ମୁହଁ ଚାରିପାଖ ଯାକ ଗୋଛ ଗୋଛ ହୋଇ ପଡ଼ିଥାଏ—ଏହାର ଶିଙ୍ଗ ମୋଟା ଓ ଗୋଲ । ଏମାନେ ସିଂହ ଓ ବାଘଙ୍କ ସଙ୍ଗେ ଲଢ଼ନ୍ତି । ]

**ଅରଣି**—ସଂ. ବି. ( ଋ ଧାତୁ = ଗମନ କରିବା; ପାଇବା + କର୍ମ. ଅଣି)—
**Arani** ୧ । ଅଗ୍ନିମନ୍ଥନ କାଷ୍ଠ; ଯେଉଁ କାଠ ଦୁଇ ଖଣ୍ଡ ଘଷିଲେ ନିଆଁ ବାହାରେ—1. Tinder-sticks; two pieces of wood which produce fire by friction
ପିପ୍ପଳ ବୃକ୍ଷରୁ କାଷ୍ଠ ଖଣ୍ଡେ ହାଣି ଆଣି;
କରାଇଲା ନୃପତି ସେ ଯଜ୍ଞର ଅରଣି । ପୀତାମ୍ବର. ନୃସିଂହପୁରାଣ ।
୨ । ସୂର୍ଯ୍ୟ—2. The sun.
୩ । ଅଗ୍ନି—3. Fire.
୪ । ଚକମକିପଥର—4. Flint for kindling fire.
୫ । ଅଗ୍ନିମନ୍ଥ ( ଦେଖ )
5. Agnimantha ( See )
୬ । ଦୁର୍ଲଭା ( ଦେଖ )
6. Durlabhā ( See )
[ ଦ୍ର— ଅରଣି ଯନ୍ତ୍ର ଦୁଇ ଖଣ୍ଡି କାଠ ଅଟେ । ତଳେ ଖଣ୍ଡିଏ ବଡ଼ କାଠ ରଖାଯାଏ ତାକୁ ଅଧରାରଣି କହନ୍ତି । ସେ କାଠରେ ଗୋଟିଏ ଫୋଡ଼ ବା ଘାଟ ଥାଏ; ଆଉ ଖଣ୍ଡିଏ ବାଡ଼ି ଭଳି ଲମ୍ବ କାଠ ( ଉତ୍ତରାରଣି ) କୁ ଧରି ଅଧରାରଣିର ଫୋଡ଼ ଉପରେ ତାକୁ ଦହି ମୋହିଲା ପରି ବା ବଢ଼େଇ ଭଅଁରକଲା ଭଳି ଜୋର କରି ଘୂରାଇବାକୁ ହୁଏ । କିଛିକ୍ଷଣ ଏପରି ମନ୍ଥିଲେ ନିଆଁ ବାହାରେ । ଅଧରାରଣୀର ଫୋଡ଼ ତଳେ କୁଶ ବା ତୁଳା ରଖାଯାଇ ଥାଏ । ଅରଣିରୁ ନିଆଁ ବାହାରିଲାରୁ ସେ କୁଶ ବା ତୁଳା ସେ ନିଆଁକୁ ଧରି ରଖେ । ଯଜ୍ଞରେ ଅରଣି ଜାତ ଅଗ୍ନି ବ୍ୟବହୃତ ହେଉଥିଲା । ଅଗବଥ୍, ଅଶ୍ୱତ୍ଥ; ଶମୀ ଆଦି ଟାଣ କାଠରେ ଅରଣି ତିଆରି ହେଉଥିଲା । ଅରଣି ଘଷିଲା ବେଳେ ବୈଦିକ ମନ୍ତ୍ର ବୋଲା ଯାଉଥିଲା । ]

**ଅରଣୀ**—ସଂ. ବି ( ଋ ଧାତୁ + ଅଣୀ )—ଅରଣି ( ଦେଖ )
**Arani** Arani ( See )

**ଅରଣୀଦଣ୍ଡ**—ସଂ. ବି—ଯେଉଁ ବାଡ଼ିକୁ ଅନ୍ୟ କାଠ ମୁଣ୍ଡାରେ ଘଷିଲେ
**Aranidanda** ନିଆଁ ବାହାରେ; ଉତ୍ତରାରଣୀ;—A stick which produces fire when churned over another slab of wood.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ଇସ୍ମ | ଡ୍ଢ | ଢ |
| ୨ | ଈ | ଊ | ରୁ | ଲୃ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗିଂ | ଇଅ | ● | ନ୍ତୁ |

**ଅରଣୀସୁତ**—ସଂ. ବ. ( ମଧ୍ୟପଦଲୋପୀ; ଅରଣୀ ଗର୍ଭରେ ଉତ୍ପନ୍ନ ସୁତ )
Aranisuta ୧ । ଶୁକଦେବ—1. The sage Śuka.
[ ଦ୍ର—ବ୍ୟାସଦେବ ଯଜ୍ଞାଗ୍ନି ଉତ୍ପାଦନାର୍ଥ ଅରଣି ଘଷୁଥିବାବେଳେ ସେ ବାଟେ ଘୃତାଚୀ ନାମ୍ନୀ ଅପ୍ସରା ଗଲା । ବ୍ୟାସ ଘୃତାଚୀ ରୂପରେ ମୋହିତ ହେବାରୁ ତାଙ୍କ ରେତଃପାତ ହେଲା । ଉକ୍ତ ରେତଃ ଅରଣୀ ଗର୍ଭସ୍ଥ ଛିଦ୍ରରେ ପଡ଼ିଲା ଓ ସେଥିରୁ ଶୁକଦେବ ଜନ୍ମିଲେ । ]

**ଅରଣ୍ଡା**—ଦେ. ବ. ( ସଂ. ଅଳନ୍ଦ ) ଗୃହର ପିଣ୍ଡା; ବାରଣ୍ଡା—
Aranda Veranda.
বারন্দা
बरामदा

**ଅରଣ୍ୟ**—ସଂ. ବ.(ଋ ଧାତୁ=ଗତି କରିବା +ଅଧିକରଣେ ଅନ; ଯେଉଁଠାରେ
Aranya ଗତି କରାଯାଏ; କର୍ମ୍ମ ଅରଣି + ଯ; ଯେଉଁଠାରେ ଅରଣି ମିଳେ)—
୧ । ବନ; ଜଙ୍ଗଲ—1. Forest; the woods.
୨ । କଣ୍ଟଫଳ; କାଁଫଡ଼ (ଦେଖ)—Kapharda (See)
୩ । ସନ୍ନ୍ୟାସୀମାନଙ୍କ ଦଶ ନାମଯୁକ୍ତ ଶ୍ରେଣୀର ଏକତମ (ଦଶନାମୀ ସନ୍ନ୍ୟାସୀ ତଳେ କୋଷ୍ଠ ଦେଖ )—
3. One of the 10 classes of Sannyāsis.
୪ । ରାମାୟଣର କାଣ୍ଡବିଶେଷ; ଅରଣ୍ୟକାଣ୍ଡ—
4. Title of one of the seven Cantos of the Rāmāyaṇa

**ଅରଣ୍ୟକ**—ଦେ. ବ. (ଅରଣ୍ୟ+କ — ୧ । ବନ—1. Forest.
Aranyaka ୨ । ଗୁଳ୍ମବିଶେଷ—2. A plant.
Melia sempervirens (M. W.)
ଦେ. ବ.— ଅନରଣ୍ୟ ( ଦେଖ )
Anaranya ( See)

**ଅରଣ୍ୟକାଣ୍ଡ**—ସଂ. ବ. ୧ । ରାମାୟଣର ସପ୍ତକାଣ୍ଡ ମଧ୍ୟରୁ ଏକତମ—
Aranyakānda 1. Title of one of the seven books or cantos of the Rāmāyaṇa.
( ରାମାୟଣ ତଳେ କୋଷ୍ଠ ଦେଖ )

**ଅରଣ୍ୟକାର୍ପାସିକା**—ସଂ. ବ. (ଅରଣ୍ୟ+କାର୍ପାସ+କ+ଆ) ବଣକପା=
Aranyākarpāsikā Wild cotton plant.

**ଅରଣ୍ୟଗାନ**—ସଂ. ବ. ( ମଧ୍ୟପଦଲୋପୀ; ଅରଣ୍ୟରେ ଗେୟଗାନ )—
Aranyagāna ସାମବେଦର ଅନ୍ତର୍ଗତ ଗାନବିଶେଷ, ଯାହା ଅରଣ୍ୟରେ ଗୀତ ହୁଏ—
Title of a song of the Sāma Veda which is sung in the forest.

**ଅରଣ୍ୟଚର**—ସଂ. ବଣ. ପୁଂ ( ଅରଣ୍ୟ+ଚର ଧାତୁ+କର୍ତ୍ତୃ. ଅ )—
Aranyachara ୧ । ବନଚର—
ଅରଣ୍ୟଚରୀ—ସ୍ତ୍ରୀ 1. Wandering in the forest.
୨ । ଯେ ବଣରେ ବଢ଼େ—2 Living in the forest
୩ । ବଣୁଆ—3. Wild.

**ଅରଣ୍ୟଚାରୀ**—ସଂ. ବଣ. ପୁଂ ( ଅରଣ୍ୟ+ଚର ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ.)—
Aranyachāri
(ଅରଣ୍ୟଚାରିଣୀ—ସ୍ତ୍ରୀ) ଅରଣ୍ୟଚର ( ଦେଖ )
Aranyachara ( See )

**ଅରଣ୍ୟପର୍ବ**—ସଂ. ବ. (ନାମ)—ଅରଣ୍ୟକ ପର୍ବ; ମହାଭାରତର ପର୍ବ-
Aranyaparba ବିଶେଷ (ମହାଭାରତ ତଳେ କୋଷ୍ଠ ଦେଖ)—
Title of a canto or book of the Mahābhārata.

**ଅରଣ୍ୟବାସ**—ସଂ. ବ. ( ୭ମୀ ତତ୍ ; ଅରଣ୍ୟ+ବାସ )—
Aranyabāsa ୧ । ବନବାସ; ବଣରେ ରହିବା—
1. Residence in the forest.
୨ । ବଣରେ ଥିବା ଆଶ୍ରମ; ବନ୍ୟଆବାସ—
2. A sylvan retreat; hermitage.

**ଅରଣ୍ୟବାସିନୀ**—ସଂ. ବଣ. ସ୍ତ୍ରୀ. (ଅରଣ୍ୟବାସିନ୍ + ସ୍ତ୍ରୀ. ଈ)—
Aranyabāsini ଅରଣ୍ୟବାସୀର ସ୍ତ୍ରୀଲିଙ୍ଗ—
Feminine of Aranyabāsi
ସଂ. ବ—ଅତ୍ୟମ୍ଳପର୍ଣ୍ଣୀଲତା —A kind of wild creeper with very sour taste.

**ଅରଣ୍ୟବାସୀ** ସଂ. ବଣ. ପୁଂ (ଅରଣ୍ୟ+ବାସ+ଇନ୍ ୧ମା. ୧ବ.)—
Aranyabāsi ଯେ ବଣରେ ବାସ କରେ—
(ଅରଣ୍ୟବାସିନୀ—ସ୍ତ୍ରୀ) Living in the forest.

**ଅରଣ୍ୟରୋଦନ**—ସଂ. ବ. (୭ମୀ ତତ୍) (ନିର୍ଜନ ଜଙ୍ଗଲରେ କାନ୍ଦିଲେ
Aranyarodana ଯେ କାନ୍ଦକୁ କେହି ଶୁଣି ନପାରନ୍ତି ତାହା)—
୧ । ନିଷ୍ଫଳ କ୍ରନ୍ଦନ—
1. Fruitless lamentation.
୨ । ଯେଉଁ ବକ୍ତୃତା ବା କଥା ଶୁଣିବାକୁ କେହି ଶ୍ରୋତା ବା ରସଗ୍ରାହକ ନ ଥାନ୍ତି—2. Speech which there is no one to hear or appreciate.

**ଅରଣ୍ୟଶାଳି**—ସଂ. ବ. (ମଧ୍ୟପଦଲୋପୀ; ଅରଣ୍ୟଜାତ ଶାଳି)—
Aranyasāli ବନଧାନ୍ୟ; ନୀବାର; ଅଯତ୍ନବର୍ଦ୍ଧିତ ଧାନ—
Wild paddy.

**ଅରଣ୍ୟଷଷ୍ଠୀ**—ସଂ. ବ—ଜ୍ୟୈଷ୍ଠ ମାସ ଶୁକ୍ଳଷଷ୍ଠୀ—
Aranyashashthi The 6th day of the bright fortnight of the month of Jyaishtha.
[ ଦ୍ର—ଏ ଦିନ ସ୍ତ୍ରୀମାନେ ସନ୍ତାନବୃଦ୍ଧ୍ୟର୍ଥ ଫଳାହାର ଭିନ୍ନ ଦେବପୂଜା କରନ୍ତି । ଏ ଦିନ ସ୍ତ୍ରୀମାନେ ହାତରେ କେବଏ ବେଣା ଧରି ବଣରେ ବୁଲନ୍ତି—ଏପରି ବିଧି ଅଛି । ]

**ଅରଣ୍ୟା**—ସଂ. ବ. ( ଅରଣ୍ୟ+ଆ )—
Aranyā ଔଷଧବିଶେଷ ( ହିନ୍ଦ. ଶବ୍ଦସାଗର )—
Name of a herb.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଢୂଅ' ନ ମିଳିଲେ 'ଢୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

**ଅରଣ୍ୟାଣୀ**—ସଂ. ବି. ସ୍ତ୍ରୀ. (ଅରଣ୍ୟ+ବୃହତ୍ ଅର୍ଥରେ. ଆନ+ସ୍ତ୍ରୀ. ଈ)—
Araṇyānī ମହାବନ; ଘୋର ଜଙ୍ଗଲ; ଅଗମ୍ୟ ବନସ୍ଥଳ—
Dense or extensive forest.

**ଅରଣ୍ୟେଚର**—ସଂ. ବିଣ. ପୁଂ. (ଅଲୁକ୍‌ସମାସ ଅରଣ୍ୟେ=ଅରଣ୍ୟରେ+ଚର ଧାତୁ+କର୍ତ୍ତୃ. ଅ )—
Araṇyechara
(ଅରଣ୍ୟେଚରୀ—ସ୍ତ୍ରୀ) ଅରଣ୍ୟଚର ( ଦେଖ )
Araṇyachara ( See )

**ଅରତ**—ସଂ. ବିଣ. ( ଅ + ରତ )—
Arata ୧ । ଅନାସକ୍ତ—1. Not addicted or attached to.
(ଅରତା—ସ୍ତ୍ରୀ)
୨ । ବିରତ—2. Ceased
୩ । ବିରକ୍ତ—3. Not attached to the world.

**ଅରତକ**—ଦେ. ବି. (ନାମ)—ସର୍ପବିଶେଷ—
Arataka ଅରତକ ରହିଲ ଯେ ପ୍ରାଚୀ କୂଳେ ଯେନ । ସାରଳାମହାଭାରତ ।

**ଅରତତ୍ରପ**—ସଂ. ବି. ପୁଂ ( ବହୁବ୍ରୀହି; ଅ + ରତ=ରମଣ + ତ୍ରପା=ଲଜ୍ଜା )—କୁକ୍କୁର—The dog.
Aratatrapa

**ଅରତି**—ସଂ. ବି. ( ଅ + ରତି )—
Arati ୧ । ଅସନ୍ତୋଷ—1. Dissatisfaction; discontent.
୨ । ଅପ୍ରୀତି—2. Disaffection.
୩ । ବିରକ୍ତି; ବୈରାଗ୍ୟ—
3. Indifference to worldly affairs.
୪ । ନିର୍ମମତା—4. Indifference.
୫ । ଜଡ଼ତା—5. Inertness.
୬ । ସୁଖାଭାବ—6. Want of happiness.
୭ । ଉଦ୍‌ବେଗ; ଔତ୍ସୁକ୍ୟ; ଇଷ୍ଟବିୟୋଗାଦି ହେତୁ ଚିତ୍ତର ବୈକଲ୍ୟ—
7. Mental agitation or anxiety due to loss of beloved things.
୮ । ସୁସ୍ଥତାର ଅଭାବ—8. Want of health.
୯ । ଏକପ୍ରକାର ପିତ୍ତରୋଗ—
9. A kind of bilious disease.
୧୦ । କ୍ରୋଧ—10. Anger.
ସଂ. ବିଣ. ପୁଂ. ଓ ସ୍ତ୍ରୀ—( ବହୁବ୍ରୀହି )—
୧ । ରତିହୀନ; ରମଣହୀନ—
1. Without cohabitation.
୨ । ସର୍ବଜ୍ଞ—2. Omniscient.
୩ । ନିରୁତ୍ସାହ—3. Discouraged.

**ଅରତ୍ନି**—ସଂ. ବି ( ଅ+ର ଧାତୁ + କର୍ତ୍ତୃ. ଅତ୍ନି )—
Aratni ୧ । କହୁଣୀଠାରୁ କନିଷ୍ଠା ଅଙ୍ଗୁଳିଅଗ୍ରପରିମିତ ହାତ ମାପ—
1. A cubit measured from the elbow to the tip of the little finger.
[ ଦ୍ର—ପୂର୍ବେ ଏହି ମାପ ଦ୍ୱାରା ଯଜ୍ଞବେଦୀମାନଙ୍କର ମାପ ହେଉଥିଲା]
୨ । ୨୧ ଅଙ୍ଗୁଳି ପରିମାଣ—
2. A lineal measure of 21 digits.
୩ । କହୁଣୀ—3. Elbow.
୪ । ବାହୁ; ହାତ—4. Arm; hand.
ଅରତ୍ନିରେ ଅରତ୍ନି ଜାନୁରେ ଜାନୁକୁ
ମୁଣ୍ଡରେ ମୁଣ୍ଡ ଉରଦେଶରେ ଉରକୁ ।
କୃଷ୍ଣସିଂହ ମହାଭାରତ ।
୫ । ମୁଠାବନ୍ଧା ହାତ—5. Clenchedhand.

**ଅରଥ**—ଗ୍ରା. ପଦ୍ୟ. ବି ( ସଂ. ଅର୍ଥ )—
Aratha ୧ । ଅର୍ଥ; ଧନ—1. Riches; wealth.
अरथ
ଅରଥର ପୁରୁଷ ଅଟେ ସିନା ଦାସ
ଅରଥ ତ ନୋହେ ଯେ ପୁରୁଷର ଦାସ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୨ । ମାନେ; ତାତ୍ପର୍ଯ୍ୟ—
2. Meaning; purport.
ନିର୍ଣ୍ଣୟ କରଣ କହ ଏଥିର ଅରଥ ।
ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

**ଅରଦଳି**—ବୈଦେ. ବି ( ଇଂ. ଅର୍ଡ଼ର୍ଲି )—
Aradaḷi ୧ । ଆଦେଶବାହୀ ଚପରାସୀ—
आर्दली 1. An orderly peon.
अर्द्ली
କେ ଜାଣି ବସିବ ତୋଟେ ପାଦେ ତତ
ତୋହର ଉପରେ ତୋର ଅରଦଳି ।
ରାଧାନାଥ. ଦରବାର ।
ଦେ. ବି ( ସଂ. ଅର୍ଦ୍ଦନ=ପୀଡ଼ନ )—
୧ । କଠୋର ବ୍ୟବହାର—
1. Rude treatment.
୨ । କଠୋର ବ୍ୟବହାରଜନିତ ବାଧା—
2. Mortification due to rude treatment.
୩ । ଆବଦାର; ଅଳି—
3. Importunity.
୪ । ଅତ୍ୟାଚାର; ଉତ୍ପୀଡ଼ନ—
4. Oppression.

**ଅରଧ**—ଗ୍ରା. ପଦ୍ୟ. ବି. ଓ ବିଣ (ସଂ. ଅର୍ଦ୍ଧ )—
Aradha ଅର୍ଦ୍ଧ; ଅଧ—Half.

**ଅରନ୍**—ପ୍ରାଦେ ( ସମ୍ବଲପୁର ). ବି. ( ସଂ. ଅନ୍ନ )
Aran ୧ । ଅନ୍ନ; ଭାତ—1. Boiled-rice.
୨ । ଖାଦ୍ୟଦ୍ରବ୍ୟ—2. Food.

**ଅରନ୍‌ବସ୍ତର**—ପ୍ରାଦେ ( ସମ୍ବଲପୁର ) ବି. ( ସଂ. ଅନ୍ନବସ୍ତ୍ର )—
Aranbastar

| ୧ | ଲ | ଢ଼ | ଋ,ଝ | ଓ | ଏଁ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇମ୍ଭ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଲ | ଢ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

ଅନ୍ନବସ୍ତ୍ର; ଖୋରାକପୋଷାକ—
Food and raiment.

**ଅରନଳ**—ପ୍ରାଦେ ( ବାଲେଶ୍ୱର ) ବି. ( ସଂ. ନଳ )—
Aranali ନଳଗଛ—A kind of reed.
খাঁকড়া [ଦ୍ର—ଏହାର ନଳ ବା ଛଡ଼ରେ କାଠିକଲମ ହୁଏ ।]
नरकट

**ଅରନ୍ଧନ**—ସଂ. ବି ( ଅ+ରନ୍ଧନ )—
Arandhana ୧ । ରନ୍ଧନର ଅଭାବ; ଖାଦ୍ୟ ନ ରାନ୍ଧିବା—
1. Abstention from cooking.
୨ । ସିଂହ ଓ କନ୍ୟା ସଂକ୍ରାନ୍ତି ଦିନ ପାଳିତ ବ୍ରତ ( ଅଗ୍ନିରମାର୍ତ୍ତଣ୍ଡ ଗ୍ରନ୍ଥ ଅନୁସାରେ ଏ ଦିନ ପାକ ନିଷିଦ୍ଧ—ହିନ୍ଦି ଶବ୍ଦସାଗର )—
2. A vow practised on the Samkrānti days of Simha and Kanya.
୩ । ଭାଦ୍ରମାସର ଶେଷ ଦିନ, ଯେଉଁ ଦିନ ପାକ କରିବା ନିଷିଦ୍ଧ—
3. The last day of the month of Bhādra in which cooking is prohibited.

**ଅରନ୍ଧ୍ର**—ସଂ. ବିଣ ( ବହୁବ୍ରୀହି; ଅ+ରନ୍ଧ୍ର )—
Arandhra ୧ । ଛିଦ୍ରରହିତ—1 Having no hole.
୨ । ଚିନ୍ତାରହିତ ( କାଳ )—
1. Free from anxiety.

**ଅରନ୍ଧ୍ର କାଳ**—ସଂ. ବି—୧ । ଯେତେବେଳେ ମନୁଷ୍ୟ ନିଶ୍ଚିନ୍ତ ଥାଏ—
Arandhrakāla 1. A time when a person is free from anxiety.
ଚପଳପଣ ଲଭୁ ଭୁ ଯେ ଅରନ୍ଧ୍ର କାଳେ
ଶିଶୁଶଙ୍କର. ଉଷାଅଭିଳାଷ ।

**ଅରପଣ**—ଗ୍ରା । ପଦ୍ୟ. ବି ( ସଂ. ଅର୍ପଣ )—
Arapaṇa ଅର୍ପଣ; ଦେବା—
অরপণ Entrusting; giving.
अरपन

**ଅରପିତ**—ଗ୍ରା. ପଦ୍ୟ. ବିଣ ( ସଂ. ଅର୍ପିତ )—
Arapita ଅର୍ପିତ; ଦତ୍ତ—
অরপিত Entrusted; given.
अरपित

**ଅରପିବା**—ଗ୍ରା. ପଦ୍ୟ. କ୍ରି ( ସଂ. ଅର୍ପି ଧାତୁ )—
Arapibā ୧ । ଅର୍ପଣ କରିବା—1. To entrust.
অরপবা ୨ । ଦେବା—2. To give; to make over.
अरपना ଅରପି ଯବନେ ନଜର ଏ ସ୍ୱର୍ଣ୍ଣପ୍ରସୂ ଭୂମି ସନାତନେ ।
ରାଧାନାଥ. ମହାଯାତ୍ରା ।

**ଅରବ**—ସଂ. ବିଣ ( ବହୁବ୍ରୀହି. ଅ+ରବ )—
Araba ୧ । ରବହୀନ; ଶବ୍ଦହୀନ—
1. Soundless; quiet.
୨ । ତୁନ୍‌ତୁନ୍—2. Silent.
୩ । ମୂକ—3. Mute; dumb.
আরব ବୈଦେ. ବି ( ଆ=ଅରବ୍ )—
अरब ଆରବଦେଶ—Arabia ( country )

**ଅରବି**—ବୈଦେ. ବିଣ ( ଆ—ଅରବୀ )—
Arabi ଆରବଦେଶୀୟ—Arabian.
আরবী ବୈଦେ. ବି.—୧ । ଆରବଦେଶବାସି ବ୍ୟକ୍ତି—
अरबी 1. An Arabian.
୨ । ଆରବୀ ଘୋଡ଼ା; ଆରବଦେଶୀୟ ଉତ୍କୃଷ୍ଟ ଘୋଡ଼ା—
2. An Arabian horse.
୩ । ଆରବଦେଶପ୍ରଚଳିତ ଭାଷା—
3. The Arabian language.

**ଅରବିନ୍ଦ**—ସଂ. ବି. (ଅର=ଶୀଘ୍ର+ବିନ୍ଦଧାତୁ=ଲାଭକରିବା+କର୍ମ.ଅ;
Arabinda ଭ୍ରମର କର୍ତ୍ତୃକ ଯାହା ଶୀଘ୍ର ଲବ୍ଧ ହୁଏ)
୧ । ପଦ୍ମ; କମଳ—1. Lotus.
୨ । ନୀଳପଦ୍ମ—2. Blue lotus.
୩ । ରକ୍ତକଇଁ—3. Red water-lily.
୪ । ସାରସପକ୍ଷୀ—4. Crane (bird).
୫ । ତାମ୍ର—5. Copper.
ଦେ. ବି. ୧ । ଜଳ; ପାଣି—1. Water.
ଧର ପ୍ରାୟେ ଦିଶୁଅଛ କୋହେ ଅରବିନ୍ଦ
ସୁଧା ପ୍ରାୟେ ଦିଶେ କୋହେ ସୁଧା ମକରନ୍ଦ ।
ପ୍ରାଚୀ—ବ୍ରହ୍ମନିରୂପଣଗୀତା ।
୨ । ଦେଶବିଶେଷ—2. Name of a country.
ସୁବର୍ଣ୍ଣରେଖା ନଦୀର ଉତ୍ତର ଦିଗରେ
ଅରବିନ୍ଦରାଜ୍ୟ ବୋଲି ବିଖ୍ୟାତ ସଂସାରେ ।
ସାରଳାମହାଭାରତ. ଦ୍ରୋଣ ।

**ଅରବିବର**—ସଂ. ବି. ( ୬ଷ୍ଠୀ ତତ୍; ଅର+ବିବର )—ଅରସନ୍ଧି; ଚକ୍ରର
Arabibara ଅରମାନଙ୍କ ମଧ୍ୟସ୍ଥ ଖୋଲା ଯାଗା—
The spaces between the spokes of a wheel.

**ଅରବୁଦ**—ଗ୍ରା. ପଦ୍ୟ. ବି. ଓ ବିଣ. ( ସଂଖ୍ୟାବାଚକ )( ସଂ ଅର୍ବୁଦ )—
Arabuda ଅର୍ବୁଦ; ଅଯୁତ; ଦଶକୋଟି—
অরবুদ A hundred million.
अरबुद ଥୁରବୁଦ ଅରିବୁଦ ଅଯୁତ ଅଯୁତ । କୃଷ୍ଣସିଂହ. ମହାଭାରତ. ଆ ।

**ଅରବି**—ବୈଦେ. ବିଣ. ବି. ( ଆ )—ଅରବ ( ଦେଖ )
Arabbi Arabi ( See )

**ଅରଭୁତ**—ଗ୍ରା. ପଦ୍ୟ. ( ସଂ. ଅର୍ବୁଦ )—ଅରବୁଦ ( ଦେଖ )
Arabhuta Arabuda ( See )

**ଅରମା**—ଦେ. ବିଣ. ( ସଂ. ଅରଣ୍ୟ; ଅରମ୍ୟ )
Aramā ୧ । ଅପରିଷ୍କୃତ—1. Uncleansed.
ময়লা ୨ । ଘାସଗୁଳ୍ମାଦିପୂର୍ଣ୍ଣ (ସ୍ଥାନ )—
मैला 2. Overgrown with weeds or rank vegetation.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଜଙ୍ଗଲିଆ—3. Jungly.
୪ । ମଇଳାପୂର୍ଣ୍ଣ—4. Full of refuse.
ଦେ. ବି.—୧ । କୁତ୍ସିତ ବା ଅପରିଷ୍କୃତ ସ୍ଥାନ—1. Ugly or unclean place.
୨ । ବଣୁଆ ସ୍ଥାନ—2. Jungly place.
୩ । ଘାସଗୁଳ୍ମାଦିପୂର୍ଣ୍ଣ ସ୍ଥାନ—3. A place overgrown with rank vegetation.

**ଅରମାନ୍**—ବୈଦେ. ବି (ତୁରସ୍କ-ଅର୍‌ମାନ୍)—
Aramān ୧ । ଇଚ୍ଛା—1. Desire; wish.
সাধ; মনেরঝাল ୨ । ସାଧ, ଲାଳସା—2. Hankering.
अरमान ୩ । ଚିରପୋଷିତ ଆଶା—3. Long cherished hope.
୪ । ଅପକାରର ପ୍ରତିଶୋଧବୃତ୍ତି; ପ୍ରତିହିଂସା—4. Revenge.

**ଅରମାନ୍‌ମେଣ୍ଟାଇବା**—ଦେ. କ୍ରି—୧ । ନିଜର ବହୁକାଳପୋଷିତ ବାସନା ପୂର୍ଣ୍ଣ କରିବା—
Aramānmeṇṭāibā
সাধমেটান 1. To fulfil one's long-cherished desire.
अरमान निकालना
୨ । ପ୍ରତିହିଂସା ନେବା; ଅପକାର ପରିଶୋଧ କରିବା—2. To be avenged.

**ଅରମାନ୍‌ମେଣ୍ଟିବା**—ଦେ. ବି—୧ । ବହୁକାଳ ପୋଷିତ ବାସନାର ପୂରଣ—
Aramānmeṇṭibā 1. Fulfilment of one's long-cherished desire.
সাধমিটা
अरमानमिटना ୨ । ପ୍ରତିହିଂସାର ଚରିତାର୍ଥତା—2. Being avenged.

**ଅରମାନ୍‌ରହିଯିବା**—ଦେ. ବି—ଇଚ୍ଛା ପୂରଣ ନ ହେବା—
Aramānrahijibā Non-fulfilment of one's desire.
সাধথেকেযাওয়া
अरमानरहयाना

**ଅରମାନା**—ବୈଦେ. ବି. (ତୁରସ୍କ—ଅର୍‌ମାନ୍)—ଅରମାନ୍ (ଦେଖ)
Aramānā Aramān (See)

**ଅରର**—ସଂ. ବି. (ଋ ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ଅର)—
Arara ୧ । କବାଟ—1. Door.
୨ । ବଂଶକୋଷ; ବାଉଁଶନଳ—2. Bamboo-tube.
୩ । ଆବରଣ—3. Covering.
୪ । ଖାପ; ଖୋଳ—4. Sheath.
୫ । ଚମଡ଼ା କାଟିବା ଛୁରୀ—5. A knife for cutting hide.
୬ । ଯଜ୍ଞାଙ୍ଗ—6. A ceremony in a Vedic sacrifice.
୭ । ଯୁଦ୍ଧ—7. Battle.

**ଅରରି**—ଦେ. ବି. (ସଂ. ଅବର)—ଛୋଟ କବାଟ—
Arari Small door.

**ଅରରୁ**—ସଂ. ବି. (ଋ ଧାତୁ=ଗମନ; ବଧ+କର୍ତ୍ତୃ. ଅରୁ)—
Araru ୧ । ଶତ୍ରୁ—1. Enemy.
୨ । ଅସ୍ତ୍ରବିଶେଷ—2. A kind of weapon.
୩ । ଅସୁର ବିଶେଷ—3. Name of a demon.
ସଂ. ବିଣ—ଗମନଶୀଳ—Moving.

**ଅରରେ**—ସଂ. ଅ (ସଂ. ଅ=ଶୀଘ୍ର+ରେ)—
Arare ବ୍ୟଗ୍ରତାସୂଚକ ସମ୍ବୋଧନ; ଆରେ;ହଇରେ;ହୋଇରେ—Hallo ! Ho !

**ଅରଲୁ**—ସଂ. ବି. (ଋ ଧାତୁ+ସଂଜ୍ଞାର୍ଥେ. ଅଲୁ)—
Aralu ୧ । ଫଣଫଣା (ଦେଖ)—1. Phaṇaphaṇā (See)
୨ । ଅଲାବୁ; ଲାଉ—2. White pumpkin.
୩ । ପିତାଲାଉ—3. Bottle gourd.

**ଅରଶ**—ଗ୍ରା. ବି. (ସଂ. ଅର୍ଶଃ)—ଅର୍ଶଃ ରୋଗ—
Araśa Piles.
অর্শ ଗୁଳ୍ମ ଉଦର ବଣ ଅରଶ ହୃଦ ରୋଗ । ପୀତାମ୍ବର କୃଷ୍ଣ ହୃପୁରାଣ ।
आर्शा

**ଅରଷ୍ଟି**—ଦେ. ବି. (ସଂ. ଅରିଷ୍ଟ)—
Arashṭi ୧ । ବିବାଦ; ବିସମ୍ବାଦ—1. Dissension.
অনিষ্ট; অরিষ্ট ୨ । କଷ୍ଟ; ଦୁଃଖ—2. Trouble; difficulty.
बखेड़ा ତେବେ କରନ୍ତି ପୁଷ୍ପ ବୃଷ୍ଟି; ଖଣ୍ଡିବେ ଗୋବିନ୍ଦ ଅରଷ୍ଟି ।
ଜଗନ୍ନାଥ: ଭାଗବତ ।
୩ । ଅନିଷ୍ଟ; ଅମଙ୍ଗଳ— Woe; evil.
ତୁ ଯେ ଦଣ୍ଡଥାସି ତନୁ ଅରଷ୍ଟିମାନ । ସାରଳାମହାଭାରତ. ବିରାଟ ।
୪ । ବିପଦ—4. Danger; calamity.
ମହା ଅରଷ୍ଟି ପଡ଼ଇ ଦେଖୁ ଦେଖୁ । ଦାଶରଥି: ବ୍ରଜବିହାର ।
ଦେ. ବିଣ. ପୁଂ—୧ । ଅନିଷ୍ଟ ଘଟାଇବା (ବ୍ୟକ୍ତି)—1. Causing or bringing about evil or woe.
୨ । ଅମଙ୍ଗଳିଆ—2. Inauspicious.
ତୁହି ମୋତି ଅରଷ୍ଟି ଯେ ପାଣ୍ଡୁ କୋଡ଼ ଅଟୁ । ସାରଳାମହାଭାରତ. ଶଲ୍ୟ ।

**ଅରସଜ୍ଞ**—ସଂ. ବିଣ. ପୁଂ (ଅ+ରସଜ୍ଞ)—
Arasajña ୧ । ରସଜ୍ଞାନରହିତ—1. Devoid of taste.
(ଅରସଜ୍ଞା—ସ୍ତ୍ରୀ) ୨ । ଯେ ରସ ଆସ୍ୱାଦନ କରିନାହିଁ—1. One who has not tasted the sweets of something.

**ଅରସିଆ**—ଦେ. ବିଣ. (ସଂ. ଅରସିକ)—ଅରସିକ (ଦେଖ)
Arasiā Arasika (See)
অরসিক
अरसिक

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉଁ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଉଅ | ଊ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂ୍ୟ | ଇଅ | ଔ | ହ୍ନ |

**ଅରସିକ**—ସଂ. ବିଣ. ପୁଂ. ( ଅ + ରସିକ )—
Arasika ୧ । ଯେ ରସିକ ବା ରସଜ୍ଞ ନୁହେ; ଅରସଜ୍ଞ—
(ଅରସିକା—ସ୍ତ୍ରୀ) 1. Incapable of appreciating.
(ଅରସିକତା—ବି) ୨ । ବଦରସିକ; ବେରସିକ—
2. Devoid of good taste.

**ଅରସୁଆଳ**—ଦେ. ବିଣ. ( ସଂ. ଅ + ରସାଳ )—
Arasuāḷa ୧ । ଯେ ରସପୂର୍ଣ୍ଣ ନୁହେ—
রসহীন; নীরস 1. Not juicy; not full of juice.
**बेरसदार** ୨ । ଅସୁଆଦିଆ—
2. Not sweet or flavoured.
୩ । ନୀରସ—3. Juiceless.
୪ । ଅରସିକ ( ଦେଖ )
4. Arasika ( See )

**ଅର୍ହଣ**—ଗ୍ରା. ପଦ୍ୟ. ବି. ( ସଂ. ଅର୍ହଣ )—୧ । ପୂଜା—
Arahaṇa 1. Worship; adoration.
অরহন ୨ । ସମ୍ମାନପ୍ରଦର୍ଶନ—2. Honour; respect.
**अरहना** ଅଷ୍ଟ ବସୁ ରୁଦ୍ରଙ୍କି ବେଢ଼ି ଋଷିଗଣ
ଆଦରରେ ବନ୍ଦନା କଲେ ଅର୍ହଣ । କୃଷ୍ଣସିଂହ. ମହାଭାରତ. ବନ ।

**ଅରା**—ଦେ. ବିଣ. ( ସଂ. ଆରାତ୍ )—ନିକଟ; ସମୀପ—
Arā Near; adjacent.
ପ୍ରାଦେ. ( ଗଡ଼ଜାତ ) ବି—୧ । ଛୋଟ ଆମ୍ବ, ପଣସ ଆଦି ଗଛ ଚାରି ପାଖେ ବୁଜାଯିବା ବାଡ଼—
1. Fencing put round young mango and other trees.
୨ । ବାଟ; ରାସ୍ତା—2. Road; way.
( ଯଥା—ଅଧ ଅରା = ଅଧବାଟ । )
ଦେ. ବି—୧ । କ୍ଷୁଦ୍ର ସ୍ଥାନ—
1. A small bit of land; a patch of land.
(ଯଥା-ମୁଁ ଏ ବରଷ ଦୁଇ ଅରା ଚାଷ କରି ସାରୁ ଫସଲ କରିଥିଲି ।)
୨ । ସୀମାନିର୍ଦ୍ଦିଷ୍ଟ ଅଳ୍ପସ୍ଥାନ; ଛୋଟ ଖଣ୍ଡ—
2. A limited patch.
( ଯଥା—ମୋ ବାଡ଼ିରେ ତିନି ଅରା ଯାଏ ମାଡ଼ି ଯାଇଛି । )
୩ । ଓଳି; ଭେରି; ଥର—3. Time.
( ଯଥା—ଏ ଜମିକୁ ମୁଁ ତିନି ଅରା ହଳ କଲିଣି । )

**ଅରାଅରା**—ଦେ. କ୍ରି. ବିଣ—୧ । ଛୋଟ ଛୋଟ ଖଣ୍ଡରେ—
Arāarā 1. By patches.
চেকাচেকা; একটুএকটু ୨ । ଅଳ୍ପ ଅଳ୍ପ କରି—
**टुकड़ा टुकड़ा; टीपटाप** 2. Bit by bit; little by little.

**ଅରାଇବା**—ପ୍ରାଦେ. ( ଗଡ଼ଜାତ ) କ୍ରି—ଛୋଟ ଗଛର ଚାରିପାଖେ ବାଡ଼
Arāibā ଘେରାଇବା—To put fencing round a young tree.

**ଅରାଏ**—ଦେ. ବି.—୧ । କ୍ଷୁଦ୍ର ଭୂମିଖଣ୍ଡ—
Arāe 1. A little bit of land.
( ଯଥା—ମୁଁ ଏ ବର୍ଷ ଅରାଏ ମାତ୍ର ଅଳ୍ପ ଫସଲ କରିଥିଲି । )
একটু ୨ । କ୍ଷୁଦ୍ରାଂଶ ମାତ୍ର; ଏକଖଣ୍ଡ ମାତ୍ର—
**एकटुकड़ा** 2. A patch only; a bit only.
ଦେ. ବିଣ.—କ୍ଷୁଦ୍ର—Very small
( ଯଥା—ଆକାଶରେ ଅରାଏ ଯାଗାରେ ମେଘ ଉଠାଇଛି । )
একবার; বারেক ଦେ. କ୍ରି. ବିଣ—ଥରେମାତ୍ର; ଭେରିଏ—
**एकबार; दफे** Once only; one trip only.
( ଯଥା—ମୁଁ ଅରାଏ ବୁଲି ଅଇଲି । )

**ଅରାଗୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ + ଓ. ରାଗୀ )—ଅକ୍ରୋଧନ;
Arāgī ଯେ ରାଗୀ ନୁହେ—Not resentful.
অরাগী
**ठंडा**

**ଅରାଜକ**—ସଂ. ବିଣ. ( ବହୁବ୍ରୀହି; ଅ + ରାଜନ୍ + କ )—
Arājaka ୧ । ରାଜାଶୂନ୍ୟ; ଯେଉଁ ଦେଶରେ ରାଜା ନାହିଁ—
(ଅରାଜକତା—ସ୍ତ୍ରୀ) 1. Kingless ( country ), having no king.
୨ । ଯେଉଁ ଦେଶରେ ପ୍ରଜା ମେଳ ହୋଇ ରାଜାଙ୍କୁ ସିଂହାସନଚ୍ୟୁତ କରିଅଛନ୍ତି—2. Anarchical.
୩ । ଅଶାସିତ—3. Unsettled.
୪ । ଅବୁଝାମଣା ରାଜ୍ୟ—
4. ( a place ) Where there is no justice.

**ଅରାଜକତା**—ସଂ. ବି. ( ଅରାଜକ + ଭାବ. ତା )—
Arājakatā ୧ । ଦେଶରେ ରାଜା ନ ଥିବା ଅବସ୍ଥା—
1. Kingless state of a country.
୨ । ଦେଶରେ କେହି ଶାସନ କରୁ ନ ଥିବା ଅବସ୍ଥା—
2. Unsettled or ungoverned state of a country; anarchy.
୩ । ପ୍ରଜାମେଳି; ପ୍ରଜାବିଦ୍ରୋହ—
3. Revolution; mutiny.
୪ । ଦେଶରେ ଅଶାନ୍ତି—
4. Want of peace in a country.

**ଅରାଜକପୁରୀ**—ଦେ. ବି. ( ସଂ. ଅରାଜକ + ପୁରୀ )—
Arājakapurī ୧ । ଅରାଜକ ଦେଶ—
1. A kingless country.
୨ । ଯେଉଁ ସ୍ଥାନରେ ସୁବିଚାର ନ ଥାଏ; ଅବୁଝାମଣା ରାଜ୍ୟ—
2 A place where people do not get justice.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୃଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅରାଜତ୍ୱ**—ଦେ. ବି. ( ସଂ. ଅରାଜକତା )—ଅରାଜକତା ( ଦେଖ )
**Arājatwa** Arājakatā ( See )

ତହିଁର ଏମନ୍ତ ଅରାଜତ୍ୱେ ଉତ୍କଣ୍ଠ୍ୟ ସଙ୍କର ଆସନ୍ତେ ।
କ୍ଷୀଣ କଳେବର ଦେଖି ମୁହିଁ ଭକ୍ଷିଲି ଯେମନ୍ତ ହୋଇ—
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅରାଜା**—ଦେ. ବି. ( ସଂ. ଅରାଜକତା )—ଅରାଜକତା ( ଦେଖ )
**Arājā** Arājakatā ( See )

ଯେତେ ଔଷଧୀମାନ ଥିଲେ; ଅରାଜା ଯୋଗେ ନାଶ ଗଲେ—
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅରାଜ୍ୟ**—ଦେ. ବିଣ. ( ସଂ. ଅରାଜକ )—ଅରାଜକ ( ଦେଖ )
**Arājya** Arājaka ( See )
ସଂ. ବି. ( ସଂ. ଅ+ରାଜ୍ୟ )—ମନ୍ଦରାଜ୍ୟ; କୁଦେଶ—
A bad country.

**ଅରାତି**—ସଂ. ବି. (ଅ+ରା ଧାତୁ=ଦାନ କରିବା+କର୍ତ୍ତୃ. ତି; ଯେ ସୁଖ ଦିଏ ନାହିଁ)—
**Arāti**
୧ । ଶତ୍ରୁ—1. Enemy; antagonist.
୨ । (ଫଳିତ ଜ୍ୟୋତିଷ) ଲଗ୍ନର ଷଷ୍ଠ ସ୍ଥାନ—
2. (Astrology) The 6th mansion from the Lagna.
୩ । କାମ କ୍ରୋଧାଦି ଷଡ଼୍‌ରିପୁ—3. Human passions.
୪ । ଛଅ ସଂଖ୍ୟା—4. The number six.

**ଅରାତିଭଙ୍ଗ**—ସ. ବି. (୬ଷ୍ଠୀ ତତ୍; ଅରାତି+ଭଙ୍ଗ)—ଶତ୍ରୁର ପରାଜୟ—
**Arātibhanga** The defeat of a foe.

**ଅରାଫୁଟିବା**—ପ୍ରାଦେ. (ଗଡ଼ଜାତ) କ୍ରି. (ସ. ଅରାର୍=ନିକଟରେ)—
**Arāphuṭibā** ନିକଟରେ ଆସି ପହଞ୍ଚିବା—To reach the vicinity of a place; to approach.

ଅରା ଫୁଟିଲେ ଦରିଜି ନହିମା । କେତେ ପଲକ କି ଅବା ଗଣିମା ।
ବ୍ରଜନାଥ ସମରତରଙ୍ଗ ।

**ଅରାବଳି**—ସ. ବି. (୬ଷ୍ଠୀ ତତ୍; ଅର+ଅବଳି)—ଅରାବଳୀ (ଦେଖ)
**Arābaḻi** Arābaḻī (See)

**ଅରାବଳୀ**—ସଂ. ବି. (୬ଷ୍ଠୀ ତତ୍; ଅର+ଅବଳୀ)—ଚକ୍ରର ଅର ସମୂହ—
**Arābaḻī** All the spokes of a wheel (collectively)

ଜଳ କାନ୍ତି-ବ୍ୟୋମ-ଅନ୍ତରାଳେ ଝଳ;
କରାଳସ୍ୱ ବାଣ ଯେଷ୍ଟେ ଅଶ୍ୱବଳୀ—ରାଧାନାଥ. ନନ୍ଦକେଶ୍ୱରୀ ।

ଦେ. ବି. (ସଂ. ଆର୍ଦ୍ରାବଳି)—ଆର୍ଦ୍ରାବଳି; କାଳପୁରୁଷ ନକ୍ଷତ୍ରପୁଞ୍ଜ—
The constellation of Orion.

**ଅରାମୁଣ୍ଡି**—ଦେ. ବି. (ସଂ. ଉଦୂଖଳ)—ଉରାଣ୍ଡି; ଉରାମୁଣ୍ଡି; ଢିଙ୍କିମୁଣ୍ଡ
**Arāmuṇḍi** ଅଗ୍ରେ ହୋଇଥିବା ଉଦୂଖଳ ଆକାରର ଗର୍ତ୍ତ; ଯହିଁରେ
**ଢେଙ୍କିରଗର୍ତ୍ତ** କୁଟାହେବା ଜିନିଷ ରଖାଯାଏ ଓ ଯହିଁରେ ଢିଙ୍କି
**ଓଖଳୀ** ପାହାର ପଡ଼େ—The receptacle hole in which the pestle of the Dhenki falls and pounds the contents.

**ଅରାଳ**—ସଂ. ବିଣ ( ଅର+ଆ+ଲା ଧାତୁ+କର୍ତ୍ତୃ. ଅ )—
**Arāḻa** ୧ । ନତ; ବକ୍ର—1. Bent.
(ଅରାଳା—ସ୍ତ୍ରୀ) ୨ । ନମ୍ର—2. Mild.
୩ । କୁଟିଳ—3. Curved.
୪ । ବେଙ୍କା; ତେରଛା—4. Crooked.
୫ । କଣିଆ; ଏକପାର୍ଶ୍ୱିଆ—5. Side-long.
ସଂ. ବି.— ୧ । ଝୁଣା—1. Reisin.
୨ । ମତ୍ତହସ୍ତୀ—2. An elephant in rut; an infuriated elephant.
୩ । ବନ୍ୟହସ୍ତୀ—3. Wild elephant.

**ଅରାଳଭ୍ରୂତତି**—ଦେ. ବି. (ସଂ. ଅରାଳ+ଭ୍ରୂ+ତତି)+ଅପାଙ୍ଗ; ବାଙ୍କ-
**Arāḻabhurutati** ଚାହାଣି—Sidelong glance.

ଅରାଳ ଭ୍ରୂତତି ଝର ସୂଚିତ ରେ—କବିସୂର୍ଯ୍ୟ—ସଙ୍ଗୀତ ।

**ଅରାଳା**—ସଂ. ବିଣ. ସ୍ତ୍ରୀ. (ଅରାଳ+ସ୍ତ୍ରୀ. ଆ)—ଅରାଳର ସ୍ତ୍ରୀଲିଙ୍ଗ—
**Arāḻā** Feminine of Arāḻa.
ସଂ. ବି. ସ୍ତ୍ରୀ.—୧ । ନମ୍ରସ୍ୱଭାବା ସ୍ତ୍ରୀ—
A mild natured lady.
୨ । କୁଳଟା—2. An adulteress; a woman of loose character.
୩ । ବେଶ୍ୟା—3. A prostitute.

**ଅରି**—ସଂ. ବି. (ଋ ଧାତୁ=ଗମନକରିବା; ବଧକରିବା+କର୍ତ୍ତୃ. ବା କର୍ମ. ଇ; ଯେ ବଧ କରେ; ଯାହାକୁ ବଧ କରାଯାଏ)—୧ । ଶତ୍ରୁ—
**Ari** 1. Enemy.
୨ । ଚକ୍ର—2. Wheel.
୩ । ବିଷ୍ଣୁଙ୍କର ଚକ୍ରାୟୁଧ—3. The discus; the circular weapon of Bishṇu.

ବହିବ ନାହିଁ ମୁଁ ଅରି (୩) ଅରି (୧) ମାରଣରେ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

୪ । କାମାଦି ଷଡ଼ରିପୁ—4. The human passions ( six in number )
୫ । ( ଗଣିତ ) ଛଅ ସଂଖ୍ୟା—5. ( Mathematics ) the number six.
୬ । (ଜ୍ୟୋତିଷ) ଲଗ୍ନଠାରୁ ଷଷ୍ଠ ସ୍ଥାନ—
6. (Astrology) The sixth mansion from the Lagna.
୭ । ବିଟଖଦିର—7 Brown catechu.

**ଅରିତା**—ସ. ବି. (ଅରି+ଭାବ. ତା)—
**Aritā** ୧ । ଶତ୍ରୁତା—1. Enmity.
୨ । ବିରୋଧ—2. Antagonism.

**ଅରିତ୍ର**—ସ. ବି. ( ଋ ଧାତୁ=ଗମନ କରିବା; ଗତି କରିବା+କରଣ. ଇତ୍ର; ଯାହା ସାହାଯ୍ୟରେ ନୌକା ଗତି କରେ)—
**Aritra**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୃ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ୟ | ଇଅ | ୱ | କୃ |

୧ । ନୌକାଚାଳନଦଣ୍ଡ; କାତ—1. The pole used in propelling boats.

୨ । କ୍ଷେପଣୀ; ଅହ୍ଲା—2. Oar.

୩ । ନୌକାର ମଙ୍ଗଧରା—3. Rudder; helm.

୪ । ପାଣିର ଗଭୀରତା କଳିବାର ଡୋରି(ହିନ୍ଦ. ଶବ୍ଦସାଗର)— 4. A string or tape for fathoming water.

୫ । ରଥର ଅଗ ଚକ—5. The front wheel of a car.

୬ । ଲଙ୍ଗର —6. Anchor.

( ହିନ୍ଦ. ଶବ୍ଦସାଗର

**ଅରିତ୍ରକ**—ସଂ. ବି. (ଅରିତ୍ର + ସ୍ୱାର୍ଥ. କ)—ଅରିତ୍ର (ଦେଖ)
Aritraka — Aritra (See)

**ଅରିଦମନ**—ସଂ. ବିଣ. ପୁଂ. (ବହୁବ୍ରୀହି)—ଶତ୍ରୁର ଦମନକାରୀ—
Aridamana — Vanquishing the foe.

ସଂ. ବି. ପୁଂ.—ଶତ୍ରୁଘ୍ନଙ୍କ ନାମ— A name of Śatrughna.

**ଅରିନ୍ଦମ**—ସଂ. ବିଣ. ପୁଂ.—(ଅଲୁକ୍ ସମାସ; ଅରିଂ = ଅରିକୁ + ଦମ ଧାତୁ = ଦମନ କରିବା + କର୍ତ୍ତୃ. ଅ )—
Arindama

୧ । ଶତ୍ରୁଦମନକାରୀ—1. Vanquisher of one's foes.

୨ । ଶତ୍ରୁଜୟୀ—2. Subduing the enemy.

୩ । ବିଜେତା—3. Conqueror.

**ଅରିମର୍ଦ୍ଦନ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅରି + ମର୍ଦ୍ଦନ)—ଶତ୍ରୁବିନାଶକ—
Arimarddana — Destroying one's foes.

ସଂ. ବି. ପୁଂ.—୧ । କେକୟରାଜା ଭାନୁପ୍ରତାପଙ୍କ ଭାଇ, ଯେ ଶାପବଶରୁ କୁମ୍ଭକର୍ଣ୍ଣ ହୋଇଥିଲେ— 1. Name of a king's brother who was born as Kumbhakarṇṇa

୨ । ଅକ୍ରୂରର ଭାଇ—2. Name of the brother of Akrūra.

**ଅରିମାନ** (ଇତ୍ୟାଦି) ବୈଦେ. ବି.—ଅରମାନ୍ ଇତ୍ୟାଦି (ଦେଖ)
Arimāna (etc,) — Aramān etc. (See)

**ଅରିମାନା** (ଇତ୍ୟାଦି)—ବୈଦେ. ବି. ଅରମାନ୍ ଇତ୍ୟାଦି ଦେଖ
Arimānā etc. — Aramān etc (See)

**ଅରିମେଦ**—ସଂ. ବି.—୧ । ବିଟଖଇର—1. Brown catechu.
Arimeda

୨ । ପାରୁଡ଼ାପୋକ—2 A kind of insect emitting a very offensive smell.

**ଅରିଷ୍ଟ**—ସଂ. ବି. (ଅ + ରିଷ୍ଟ = ମଙ୍ଗଳ)—୧ । ଅମଙ୍ଗଳ; ମନ୍ଦ, ଅଶୁଭ—
Arishṭa — 1. Weal; woe; evil.

୨ । ଦୁର୍ଭାଗ୍ୟ—2. Misfortune; ill-luck.

୩ । କ୍ଳେଶ; ଦୁଃଖ—3 Trouble; sorrow.

୪ । ବିପତ୍ତି; ଆପଦ—4. Calamity; danger.

୫ । ଅପଶକୁନ—5. Bad omen.

୬ । ମୃତ୍ୟୁର ପୂର୍ବଲକ୍ଷଣ—6. Symptoms of impending death.

୭ । ଜ୍ୟୋତିଷ ଗଣନା ମତରେ ଦୁଷ୍ଟଗ୍ରହମାନଙ୍କର ମରଣ-ବିଧାୟକ ଯୋଗ—7. Astrological combination of planets portending death.

୮ । ଅନୁଡ଼ିଶାଳ; ସୂତିକାଗାର— 8. The lying-in room.

ଶୁଣିଅଛୁ ନୂତନା ଗରଭିନୀ ପ୍ରସୂତା ଲଭିଲା ଅରିଷ୍ଟରେ ସୁଖ ସେବେ ।
—କବିସୂର୍ଯ୍ୟ- ସଙ୍ଗୀତ ।

୯ । ଅନ୍ତଃପୁର; ଅବରୋଧ—9. Zenana; the female compartments of a Rājā's premises.

୧୦ । ଘୋଳଦହି; ତକ୍ର— 10. Churned curd; whey.

୧୧ । ରସୁଣ—11. Garlic.

୧୨ । ନିମଗଛ ( ଦେଖ ) 12. The Nima tree ( See )

୧୩ । ରିଠାଫଳ ଓ ଗଛ— 13. The soapnut tree and fruit.

୧୪ । ମଦ୍ୟ; ମଦ—14. Wine; spirit.

୧୫ । କାକ; କୁଆ—15. The crow.

୧୬ । କଙ୍କ(ପକ୍ଷୀ) ( ଦେଖ ) 16. Kaṅka (bird) ( See )

୧୭ । ବୃଷାସୁର; ଏହାକୁ ଶ୍ରୀକୃଷ୍ଣ ବାଲ୍ୟକାଳରେ ବଧ କରିଥିଲେ—17. Name of a demon killed by Śrikṛushṇa while a boy.

୧୮ । ବଳିପୁତ୍ର ଦୈତ୍ୟବିଶେଷ— 18. Name of a son of the demon Baḻi.

୧୯ । ଆୟୁର୍ବେଦୋକ୍ତ ନିର୍ଯ୍ୟାସ; ଅରକ— 19. Extract made from herbs.

୨୦ । ଅଦୃଷ୍ଟ; ଭାଗ୍ୟ— 20. Fortune; ( good or bad ) luck.

୨୧ । ଋଷିବିଶେଷ—21. Name of a Sage.

( ହିନ୍ଦ. ଶବ୍ଦସାଗର )

୨୨ । ଅନିଷ୍ଟସୂଚକ ଉତ୍ପାତ; (ଭୂକମ୍ପ ଦି)— 22. Portentous calamity; divine visitation.

(ଅରିଷ୍ଟା—ସ୍ତ୍ରୀ) ସଂ. ବିଣ—୧ । ଦୃଢ଼— 1. Firm; steady; fixed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଋଷି' ନ ମିଳିଲେ 'ରିଷି' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅବିନାଶୀ—2. Indestructible.
୩ । ମୃତ୍ୟୁହୀନ; ଅମର—3. Undying; deathless.
୪ । ଅକ୍ଷତ—4. Unhurt; undamaged.
୫ । ଅଶୁଭ—5. Ominous; inauspicious; evil ( ହିନ୍ଦି ଶବ୍ଦସାଗର )
୬ । ଶୁଭ—6. Auspicious ( ହିନ୍ଦି ଶବ୍ଦସାଗର )
ଦେ. ବି—୧ । କଳିକଜିଆ; ବିବାଦ — 1. Quarrel; dispute.
୨ । ମାଡ଼ପିଟ୍; ଫଉଜଦାରି—2. Affray; riot.

**ଅରିଷ୍ଟକ**—ସଂ. ବି. ( ଅରିଷ୍ଟ + ସ୍ୱାର୍ଥ. କ )—ରିଠାଫଳ ଓ ଗଛ—
Arishṭaka, Soapnut ( tree and fruit ).

**ଅରିଷ୍ଟନେମି**—ସଂ. ବି. ( ନାମ )— ୧ । କଶ୍ୟପ ପ୍ରଜାପତି—
Arishṭanemi 1. A name of sage Kaśyapa.
୨ । ରାଜା ସଗରଙ୍କ ଶ୍ୱଶୁର—2. Name of the father-in-law of king Sagara.
୩ । ରାଜା ବୃଷ୍ଣିଙ୍କ ପ୍ରପୌତ୍ର ଓ ଚିତ୍ରକଙ୍କ ପୁତ୍ର—
3. Name of the son of king Chitraka.
୪ । ଷୋଡ଼ଶ ପ୍ରଜାପତି—4. Name of the 16th progenitor of created beings.
୫ । ଜୈନମାନଙ୍କର ୨୪ ତୀର୍ଥଙ୍କରଙ୍କ ମଧ୍ୟରୁ ଦ୍ୱାବିଂଶ ତୀର୍ଥଙ୍କର
5. Name of the 22nd of the 24 sages of the Jainas.

**ଅରିଷ୍ଟସୂଦନ**—ସଂ. ବି. (ବହୁବ୍ରୀହି; ଅରିଷ୍ଟ + ସୂଦନ; ଅରିଷ୍ଟ ନାମକ ଅସୁରର ବିନାଶକ )—
Arishṭasūdana
୧ । ବିଷ୍ଣୁ—1. An epithet of Bishṇu
୨ । ଶ୍ରୀକୃଷ୍ଣ—2. Śrikṛushṇa.

**ଅରିଷ୍ଟା**—ସଂ. ବି. ସ୍ତ୍ରୀ (ନାମ)—
Arishṭā ୧ । ଦକ୍ଷକନ୍ୟା ଓ କଶ୍ୟପଙ୍କ ଚତୁର୍ଥୀ ସ୍ତ୍ରୀ ଓ ଗନ୍ଧର୍ବମାନଙ୍କର ମାତା—1. Name of the mother of the gandharbas.
୨ । କଟୁକୀ (ଦେଖ)—2. Kaṭukī (See)

**ଅରିଷ୍ଟି**—ଦେ. ବି. ( ସଂ. ଅରିଷ୍ଟ )—
Arishṭi ୧ । ଅମଙ୍ଗଳ; ଅଶୁଭ—1. Woe, evil.

ଅଥବା ଅବ୍ୟର୍ଥ ମାଗିବାନ୍ତି ପଞ୍ଚଗ୍ରାମ, ଅରିଷ୍ଟି ହୋଇବ ତେବେ ହେ ପୁରୁଷୋତ୍ତମ ।
ସାରଳାମହାଭାରତ. ଉଦ୍ୟୋଗ ।

୨ । ଅନିଷ୍ଟ—2. Injury.
୩ । କଳି; କଳହ—3. Quarrel.
୪ । ଫଉଜଦାରି; ମାରପିଟ୍—4. Affray; riot.
୫ । ବିବାଦ—5. Dispute.
ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅରଷ୍ଟି ( ଦେଖ Arashṭi ( See )

**ଅରିଷ୍ଟିକା**—ସଂ. ବି. ( ଅରିଷ୍ଟ + କ + ଆ )—
Arishṭikā ୧ । ରିଠା ( ଫଳ ଓ ଗଛ )—
1. The soapnut.
୨ । କଟୁକୀ (ଦେଖ) (ହିନ୍ଦି. ଶବ୍ଦସାଗର)—
2. Kaṭukī ( See )

**ଅରିହା**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଅରି + ହନ ଧାତୁ + କ୍ୱିପ୍)—
Arihā ଶତ୍ରୁବିନାଶକ—Destroyer of one's foes.
ସଂ. ବି—ଶତ୍ରୁଘ୍ନ—A name of Śatrughna.

**ଅରୀତି**—ସଂ. ବି. ( ଅ + ରୀତି )—
Arīti ୧ । ମନ୍ଦରୀତି—1. Bad custom.
୨ । ମନ୍ଦ ଆଚରଣ—2. Bad conduct.
୩ । ଅନୁଚିତ ଆଚରଣ—3. Improper behaviour.
ସଂ. ବିଣ. ( ବହୁବ୍ରୀହି )—୧ । ରୀତିବିରୁଦ୍ଧ—
1. Against custom.
୨ । ବ୍ୟବହାରବିରୁଦ୍ଧ—
2. Not sanctioned by usage.
୩ । ସଦାଚାରବିରୁଦ୍ଧ—3. Against the recognised practice of polished society.

**ଅରୁଆ**—ଦେ. ବିଣ ( ସଂ. ଆତପାନ୍ନ; ଭୁଲ—ସଂ. ରୌଦ୍ର=ଖରା; ଯାହା ଖରାରେ ଶୁଖି ଚାଉଳ କରାଯାଇ ଥାଏ; ଯାହା ଉଷୁଆ ଧାନରୁ ବାହାର ନ ଥାଏ )—
Aruā
আতপ; আলো
अरवा
୧ । ଆତପ (ତଣ୍ଡୁଳ); ଉଆ; ଅସିଦ୍ଧ ବା ଅସ୍ୱିନ୍ନ (ଉଷୁନା—ବିପରୀତ) ଧାନକୁ ଖରାରେ ଶୁଖାଇ କୁଟି ତହିଁରୁ ବାହାର କରାଯିବା ( ଚାଉଳ )—
1. (rice) Which has been prepared without being parboiled.
୨ । (ସଂ. ଅ + ରୋପିତ)—ଯେଉଁ ଜମିରେ ଧାନ ତଳ ଅଣି ରୁଆ ହୋଇ ନ ଥାଏ—2. (paddy field) Which has not yet been transplanted with seedlings.

ସରଦାର ହଳିଆ ସକାଳେ ଆସି ଜଣାଇଲା "ଆଜ୍ଞା ଦେଢ଼ ମାଣ ବିଲ ଅରୁଆ ରହିଲା; ତଳ ନଅଣ୍ଟ"
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଅରୁଆଅନ୍ନ**—ଦେ. ବି—ଅରୁଆ ଚାଉଳର ଭାତ—
Aruāanna Boiled rice from aruā (rice)
আলোভাত
अरवा अन्न
ତହିଁ ଅରୁଆ ଅନ୍ନମାନ, ବହନ କଲେକ ରନ୍ଧନ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

**ଅରୁଆଖିଆ**—ଦେ. ବି.—ଅରୁଆ ଚାଉଳର ଭାତ ଭୋଜନ—
Aruākhiā The eating of boiled aruā rice.
( ଯଥା—ଅରୁଆଖିଆ ମୋ ଦେହରେ ଚଳିଲା ନାହିଁ । )
ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଯେଉଁ ଲୋକ ଅରୁଆ ଚାଉଳର ଅନ୍ନ ଖାଏ—
1. Accustomed to eat aruā rice.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଡ଼ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ପ | ଉଥ | ଛ |
| ୨ | ଈ | ଊ | ଋ | ଳ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

୨ । ଓଗ୍ରଖିଆ; ଯେଉଁ ନଡ଼ିଆର ଭିତର ଶସଯାକ ରୋଗ ଦ୍ୱାରା ବିକୃତ ଓ ନୀରସ ହୋଇଥାଏ—
2. (cocoanut) The pulp of which has been damaged and made sapless.

**ଅରୁଆଚାଉଳ**—ଦେ. ବି.—ଧାନ ଉଷୁଆଁ ନ ହୋଇ କେବଳ ଖରାରେ Aruāchāula ଶୁଖା ହୋଇ କୁଟା ହୋଇ ଚହିଁରୁ ବାହାରିବା আতপচাল ଚାଉଳ—Rice prepared without being **अरवाचावल** parboiled.

**ଅରୁଆଚୂଡ଼ା**—ଦେ. ବି.—ଧାନ ଉଷୁଆଁ ନ ହୋଇ କେବଳ ଥଣ୍ଡା ପାଣିରେ Aruāchurdā ବତୁରା ହୋଇ କୁଟା ହୋଇ ତହିଁରୁ ପ୍ରସ୍ତୁତ আলোধানেরচীড়া ହେବା ଚୂଡ଼ା—
**अरवाधानकाभूजा** Flattened flakes prepared from unboiled paddy.

**ଅରୁଆପକ୍ଷିଆ**—ଦେ. ବିଣ.—ଉଆପକ୍ଷିଆ; ଧାନକୁ ସିଝିବା ପର୍ଯ୍ୟନ୍ତ ନଆଁରେ Aruāpakhiā ନ ଉଷାଇଁ କେବଳ ପାଣି ଗରମ ହୋଇ ବାମ୍ଫ ବାହାରିବା ପର୍ଯ୍ୟନ୍ତ ଚୁଲି ଉପରେ ରଖି ତା ପରେ ତାକୁ ଓହ୍ଲାଇ ଆଣି ଖରାରେ ଶୁଖାଇ କୁଟି ଉଆର କରାଯିବା (ଚାଉଳ)—
(rice) Prepared from paddy which has been nominally boiled by being immersed in hot water but not in boiling water.

**ଅରୁଂଷିକା**—ସଂ. ବି.—କ୍ଷୁଦ୍ର ରୋଗବିଶେଷ; ( କଫ ଓ ରକ୍ତର ବିକାରରୁ Arumshikā ବା କୃମିଙ୍କ ପ୍ରକୋପରୁ ଏ ରୋଗରେ ମୁଣ୍ଡଯାକ ଗୁଡ଼ାଏ ବଥ ବାହାରିଯାଏ); ବଡ଼ା ରୋଗ (ହୃଦ. ଶବ୍ଦସାଗର)—
A kind of skin disease with eruptions on the head.

**ଅରୁକ୍**—ସଂ. ବିଣ. ( ଅ+ରୁଜ ଧାତୁ=ରୁଗ୍ଣହେବା+କ୍ୱିପ୍ )—
Aruk ୧ । ଅରୁଗ୍ଣ; ନୀରୋଗ—1. Not sick.
୨ । ସୁସ୍ଥ—2. Healthy.

**ଅରୁଗୁଆଁ**—ଦେ. ବି—୧ । ଖଜୁରିଜାତୀୟ ବନ୍ୟ ବୃକ୍ଷବିଶେଷ—
Aruguān 1. A wild tree; Cycas Circinallis (Haines)

[ ଦ୍ର—ଏ ଗଛ ୬ଫୁଟ ଠାରୁ ୧୫ଫୁଟ ପର୍ଯ୍ୟନ୍ତ ଉଚ୍ଚତାରେ ବଢ଼େ । ଏଥିର କୋଳ ଖଜୁରି କୋଳପରି ପେନ୍ଥା ପେନ୍ଥା ଫଳେ; କିନ୍ତୁ ଲମ୍ବାଳିଆ ନ ହୋଇ ଗୋଲାକାର; ଲୋକେ ଏ କୋଳକୁ ଶୁଖାଇ ତା ଭିତର ଶସକୁ ଖୋଳ ନାସଦାନୀ କରନ୍ତି । ଗରିବ ଲୋକେ ଏ କୋଳକୁ ଛେଚି ଖୋଳପାକୁ ବାହାର କରି ଭିତରର ଶସକୁ ଖାଇ, କୁଟି, ଚୂନାକରି ପିଠା ଓ ଯାଉ କରି ଖାଆନ୍ତି । ଏହାର ପତ୍ର ବା ଡାଳ ୫ଠାରୁ ୯ ଫୁଟ ପର୍ଯ୍ୟନ୍ତ ବଢ଼େ । ]

**ଅରୁଗୁଣା**—ଦେ. ବି.—ଅରୁଗୁଆଁ ( ଦେଖ )
Arugunā Aruguān ( See )

**ଅରୁଙ୍ଗା**—ଦେ. ବି.—ଅରୁଗୁଆଁ ( ଦେଖ )
Arugnā Aruguān ( See )

**ଅରୁଚକ**—ଦେ. ବିଣ. ୧ । ( ସଂ. ଅରୋଚକ; ଅରୁଚକର )—
Aruchaka ଅରୋଚକ; ଅପ୍ରୀତିକର—
অরুচক 1. Disagreeable.
**बेस्वाद; सीठा** ୨ । ଯାହା ଖାଇବାକୁ ଅସୁଆଦିଆ ଲାଗେ—
2. Distasteful.
ଦେ. ବି. ( ସଂ. ଅରୁଚି )—ଅରୁଚି ( ଦେଖ )
Aruchi ( See )

**ଅରୁଚା**—ଦେ. ବିଣ. ( ସଂ. ଅରୁଚକର )—
Aruchā ୧ । ଯାହା ରୁଚେ ନାହିଁ; ଅସୁଆଦିଆ; ଅରୋଚକ—
1. Distasteful.
୨ । ଅସୁନ୍ଦର—3. Ungraceful.
୩ । ସୁରୁଚିହୀନ—
3. Wanting in grace or good taste.
୪ । କୁତ୍ସିତ—4. Ugly; nasty.
ଦେ. ବି. ୧ । ( ସଂ. ଅରୁଚି )—ଅରୁଚି ( ଦେଖ )
1. Aruchi ( See )
୨ । ପୁଂ.—ଅପର୍ତ୍ତିଆଣିର ନାମ—
2. A name given to Aparttiāni boys.

**ଅରୁଚି**—ସଂ. ବି. ( ଅ+ରୁଚି )—୧ । ରୁଚିର ଅଭାବ; ଅନିଚ୍ଛା—
Aruchi 1. Dislike; want of taste.
୨ । ଭୋଜନ ଦ୍ରବ୍ୟ ପ୍ରତି ଅନିଚ୍ଛା—
2. Aversion to food; distaste.
୩ । ଅକ୍ଷୁଧା—3. Want of a appetite.
୪ । ଖାଇବାଦ୍ରବ୍ୟ ମୁହଁକୁ ସୁଆଦିଆ ନ ଲାଗିବା—
4. Lack of relish; disrelish.
୫ । ବିରାଗ; ଅପ୍ରୀତି—5. Dislike.
୬ । ଅପ୍ରବୃତ୍ତି—
6. Antipathy; unwillingness.

ନିବେଦନ କରୁଛି କର କଞ୍ଜ ଧରୁଛି ହେଲେ ହେଉ ଅରୁଚି ନଦ୍ରାହାରେ ।
କବିସୂର୍ଯ୍ୟ, କଳେବରଚକ୍ଷ, ନ ଗୀତ

୭ । ଅସୂୟା ଘୃଣା—
7. Aversion; loathing.
୮ । ରୋଗବିଶେଷ; ଅରୋଚକ ( ଦେଖ )
8. Arochaka ( See )

**ଅରୁଚିକର**—ସଂ. ବିଣ. ( ଅ+ରୁଚିକର )—
Aruchikara ୧ । ଯାହା ରୁଚିକର ନୁହେଁ; ଯାହା ଭଲ ଲାଗେ ନାହିଁ—1. Not tasteful.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅପ୍ରୀତିକର—2. Unpleasant.
୩ । ଘୃଣାଜନକ—3. Loathsome.
୪ । ଅସୁନ୍ଦର—4. Not graceful.

**ଅରୁଜ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ରୁଜ )—
**Aruja** ୧ । ନୀରୋଗ; ରୋଗରହିତ—
(ଅରୁଜା—ସ୍ତ୍ରୀ) 1. Free from sickness.
୨ । ସୁସ୍ଥ—2. Healthy.

**ଅରୁଣ**—ସଂ. ବି ( ଋ ଧାତୁ=ଗତି କରିବା + କର୍ତ୍ତୃ. ଉନ )—
**Aruṇa** ୧ । ସୂର୍ଯ୍ୟ ସାରଥି, କାଶ୍ୟପପତ୍ନୀ ବିନତାଙ୍କ ଜ୍ୟେଷ୍ଠ ପୁତ୍ର ଓ ଗରୁଡ଼ର ବଡ଼ ଭାଇ; ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବ ଆକାଶରେ ଘୋଟିବା ରକ୍ତିମା—
1. The red glow on the east before sunrise; dawn ( personified )
୨ । ସୂର୍ଯ୍ୟ—2. The sun.
୩ । ବାଲସୂର୍ଯ୍ୟ—3. The rising-sun.
୪ । ଈଷତ୍ ରକ୍ତବର୍ଣ୍ଣ—4. Light-red colour.
୫ । କୃଷ୍ଣମିଶ୍ରିତ ରକ୍ତବର୍ଣ୍ଣ—5. Dark-red colour.
୬ । ଗାଢ଼ ନାଲି ରଙ୍ଗ—6. Deep-red colour.
୭ । ସନ୍ଧ୍ୟାରାଗ; ସକାଳେ ଉଇଁବା ସୂର୍ଯ୍ୟ ଓ ସନ୍ଧ୍ୟାବେଳେ ବୁଡ଼ିବା ସୂର୍ଯ୍ୟଙ୍କ ରାଗ ବା ରକ୍ତିମା—
7. The glow of the rising or the setting sun.
୮ । ପୁନ୍ନାଗ (ବୃକ୍ଷ) ( ଦେଖ )—
8. Punnāga (tree) ( See )
୯ । କୁଙ୍କୁମ ( ଦେଖ )—
9. Kuṅkuma ( See )
୧୦ । ସିନ୍ଦୂର—10. Vermillion.
୧୧ । ଗୁଡ଼—11. Molasses.
୧୨ । ଦାନବବିଶେଷ—12. Name of a demon.
୧୩ । ଏକପ୍ରକାରର କୁଷ୍ଠରୋଗ—
13. A kind of leprosy.
୧୪ । ବାର ମାସର ୧୨ ସୂର୍ଯ୍ୟଙ୍କ ମଧ୍ୟରୁ ମାଘ ମାସର ସୂର୍ଯ୍ୟ—
14. Name of the sun rising in the month of Māgha.
୧୫ । ଉଦ୍ଦାଲକ ଋଷିଙ୍କ ପିତା—
15. Name of a sage.
୧୬ । ଦେଶବିଶେଷ—16. Name of a country.
ଦେ. ବି.—୧ । ଅରୁଣଗିରି; ପର୍ବତବିଶେଷ—
1. Name of a mountain.
୨ । ବିରାଟରାଜାଙ୍କ ରଥୀବିଶେଷ—
2. Name of a warrior of king Birāṭa.
ଅରୁଣ କିରଣ ବିରାଟର ବେନି ରଥୀ—ସାରଳାମହାଭାରତ. ବିରାଟ ।

(ଅରୁଣା—ସ୍ତ୍ରୀ) ସଂ. ବିଣ.—୧ । ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ; ଆରକ୍ତ—
(ଅରୁଣିମା—ବି) 1. Reddish; of light-red colour.
ଅରୁଣଅଧରେ ଅରୁଣଅଧର ଜବା ସଙ୍ଗ ଭଲେ ରହୁ—
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । କୃଷ୍ଣ ମିଶ୍ରିତ ରକ୍ତ ( ବର୍ଣ୍ଣ )—2. Dark-red.
୩ । ଗାଢ଼ରକ୍ତ ( ବର୍ଣ୍ଣ )—3. Deep-red.

**ଅରୁଣଉଦୟ**—ଦେ. ବି ( ସ. ଅରୁଣୋଦୟ )—
**Aruṇaudaya** ୧ । ସୂର୍ଯ୍ୟୋଦୟର ପ୍ରାକ୍‌କାଳ; ବଡ଼ଭୋର୍—
1. Break of day; dawn.
୨ । ବିରାଟଦେଶସ୍ଥ ପର୍ବତବିଶେଷ—
2. Name of a mountain.
ଅରୁଣଉଦୟ ବୋଲି ଏକଇ ପର୍ବତ
କୀଚକର ଭୟେ ତହିଁ ଲୁଚନ୍ତି ନିର୍ଗନ୍ଥି ।
ସାରଳା. ମହାଭାରତ. ଉଦ୍ଯୋଗ ।

**ଅରୁଣଚୂଡ଼**—ସଂ. ବି (ବହୁବ୍ରୀହି; ଅରୁଣ + ଚୂଡ଼ା; ଯାହାର ଚୂଳ ଅରୁଣ-
**Aruṇachūṟḍa** ବର୍ଣ୍ଣ)—କୁକ୍କୁଟ; କୁକୁଡ଼ା—The cock.

**ଅରୁଣତେଜ**—ଦେ. ବି.—ଓଡ଼ିଆବିଷ୍ଣୁଗର୍ଭପୁରାଣୋକ୍ତ ବିଷ୍ଣୁଭଦ୍ରବଂଶୀ
**Aruṇateja** ଋଷିଗଣ; ଏମାନଙ୍କ ବଂଶରେ ବିଶ୍ୱାମିତ୍ର ଜନ୍ମିଥିଲେ—
Name of a sect of sages.

**ଅରୁଣପ୍ରିୟା**—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍ )—
**Aruṇapriyā** ୧ । ସୂର୍ଯ୍ୟଙ୍କର ପତ୍ନୀଦ୍ୱୟ ଛାୟା ଓ ସଂଜ୍ଞା—
1. The two wives of the Sun-God.
୨ । ଅପ୍‌ସରା—2. Heavenly nymph.

**ଅରୁଣମଲ୍ଲାର**—ସଂ. ବି.—୧ । ମଲ୍ଲାର ରାଗର ଏକଭେଦ—ଏଥିରେ ସବୁ ଶୁଦ୍ଧ ସ୍ୱରଯାକ ଲାଗେ—
**Aruṇamallāra**
1. Name of a musical note.

**ଅରୁଣଶିଖା**—ସଂ. ବି ( ବହୁବ୍ରୀହି; ଅରୁଣ + ଶିଖା )—
**Aruṇaśikhā** କୁକ୍କୁଟ; କୁକୁଡ଼ା ( ହିନ୍ଦି. ଶବ୍ଦସାଗର )—
The cock.

**ଅରୁଣା**—ସଂ. ବିଣ. ସ୍ତ୍ରୀ ( ଅରୁଣ+ସ୍ତ୍ରୀ.ଆ )—ଅରୁଣର ସ୍ତ୍ରୀଲିଙ୍ଗ—
**Aruṇā** Feminine of Aruṇa.
ସଂ. ବି.—୧ । ମଞ୍ଜିଷ୍ଠା—1. Indian madder.
୨ । ଅତିବିଷା; ଅତୁଷି—2. Aconite.
୩ । ତିହୁଡ଼ି; ତିହୁଡ଼ (ଦେଖ)—3. Tihuṟḍi ( See)
୪ । କାଇଞ୍ଚ ( ଦେଖ )—4. Kāiñcha ( See )
୫ । ଉଷା—5. Dawn.
୬ । ନାଲିଗାଈ—6. A red cow.
୭ । ମହାକାଳ ଫଳ (ଦେଖ)—7. Mahākāḻa phala (See)
୮ । କୋଦୁଅ—8. A wild grain.
୯ । ମୁଣ୍ଡିରିକା ( ଦେଖ )
9. A herbarious plant ( See ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

**ଅରୁଣାନୁଜ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଅନୁଜ )—
Aruṇānuja ଅରୁଣର ସାନ ଭାଇ ଗରୁଡ଼—
Garurda, the king of birds.

**ଅରୁଣାବରଜ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଅବରଜ )—
Aruṇābaraja ଗରୁଡ଼; (ଅରୁଣର ସାନ ଭାଇ)—
Garurda the king of birds.

**ଅରୁଣାତ୍ମଜ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଆତ୍ମଜ )—
Aruṇātmaja ଜଟାୟୁପକ୍ଷୀ—The mythological vulture who fought with Rābaṇa in vain to rescue Sītā.

**ଅରୁଣି**—ପ୍ରାଦେ. ( ମେଦିନୀପୁର ) ବି—ମାଛ ମାରିବା ପାଇଁ ନାଳର
Aruṇi ମଝିରେ ପକାଯିବା ଅଡ଼ବନ୍ଧ—A dam put across a canal to catch fish.

**ଅରୁଣିତ**—ସଂ. ବିଣ. ( ଅରୁଣ+ଇତ )—ଲାଲରଙ୍ଗରେ ରଞ୍ଜିତ—
Aruṇita Painted red; reddened.

**ଅରୁଣିମା**—ସଂ. ବି. ( ଅରୁଣ+ଭାବ. ଇମନ୍; ୧ମା. ୧ବ)—
Aruṇimā ଭୁଲ—ରକ୍ତିମା, ଗରିମା, ଲଘିମା )—
୧ । ରକ୍ତିମା; ରକ୍ତବର୍ଣ୍ଣ—1. Redness; red colour.
୨ । ଈଷତ୍ ରକ୍ତବର୍ଣ୍ଣ—
2. Ruddiness; reddish colour.

**ଅରୁଣୀ**—ଦେ. ବିଣ. ( ସଂ. ଅଋଣୀ )—୧ । ଅଋଣୀ; ଅନୃଣ—
Aruṇi 1. Not indebted; free from debt.
୨ । ( ସଂ. ଅରୁଣିତ ) ଅରୁଣିତ; ରକ୍ତାକ୍ତ—
2. Reddened.

ବାରୁଣୀ ସନ୍ଧ୍ୟା ଅରୁଣୀ ପ୍ରାପ୍ତେ କେଉଁ ମାର୍ଗ । ଉଷ୍ଣ• ବୈଦେହୀଶବିଳାସ ।

**ଅରୁଣୋଦ**—ଦେ. ବି. ( ସଂ. ଅରୁଣୋଦଧି )—
Aruṇoda ୧ । ଜୈନଶାସ୍ତ୍ରଅନୁସାରେ ପୃଥିବୀକୁ ବେଢ଼ିଥିବା ସମୁଦ୍ର—1. Name of an ocean surrounding the earth according to the Jainas.
୨ । ଲୋହିତ ସାଗର—ଆରବ ଓ ମିଶର ଦେଶ ମଧ୍ୟରେ ଥିବା ସମୁଦ୍ର—2. The Red Sea.

**ଅରୁଣୋଦଧି**—ସଂ. ବି. ( କର୍ମଧା; ଅରୁଣ+ଉଦଧି )—
Aruṇodadhi ଲୋହିତ ସାଗର—( ଆରବ ଓ ମିଶର ଦେଶ ମଧ୍ୟରେ ଥିବା ସାଗର; ଏହାର ଉତ୍ତରରେ ସୁଏଜ ନାଲ । ଏ ନାଲ ସମୁଦ୍ରକୁ ଭୂମଧ୍ୟସାଗରସଙ୍ଗେ ଯୋଗ କରିବାରୁ ବିଲାତରୁ ଓ ଇଉରୋପରୁ ଭାରତବର୍ଷକୁ ଜାହାଜମାନ ଏବେ ଏହି ବାଟେ ଯା ଆସ କରୁଛି )—
The Red Sea.

**ଅରୁଣୋଦୟ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଉଦୟ )—
Aruṇodaya ୧ । ସୂର୍ଯ୍ୟୋଦୟର ଦୁଇ ମୁହୂର୍ତ୍ତ ବା ଚାରି ଦଣ୍ଡ ପୂର୍ବବର୍ତ୍ତୀ କାଳ; ଉଷା କାଳ; ବଡ଼ଭୋର୍—
1. Dawn; early morning.
୨ । ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବଦିଗରେ ଦିଗ୍‌ବଳୟରେ ବିଚ୍ଛୁରିତ ରକ୍ତାଭା—2. The redness diffused in the east just before sunrise.

**ଅରୁଣୋଦୟସପ୍ତମୀ**—ସଂ. ବି—ମାଘଶୁକ୍ଳସପ୍ତମୀ—( ଏ ଦିନ ଅରୁଣୋ-
Aruṇodayasaptamī ଦୟରେ ସ୍ନାନ କରିବା ପୁଣ୍ୟ-ଜନକ )—The 7th day of the bright fortnight of the month of Māgha.

**ଅରୁଣୋପଳ**—ସଂ. ବି. ( କର୍ମଧା; ଅରୁଣ+ଉପଲ )—
Aruṇopaḷa ପଦ୍ମରାଗମଣି—Ruby.

**ଅରୁଧ**—ଦେ. ବି. (ନାମ)—ସୁରଥ ରାଜାଙ୍କ ମନ୍ତ୍ରୀ, ଜୟଦ୍ରଥଙ୍କ ପିତା—
Arudha Name of a minister of king Suratha.

ସୁରଥର ମନ୍ତ୍ରୀ ନାମ ଅଟଇ ଅରୁଧ
ଭୂତ ଭବିଷ୍ୟ ସେ ଜାଣେ ତାର ସର୍ବସ୍ୱ ଧ୍ୟ । ସାରଳା ମହାଭାରତ. ଶଲ୍ୟ

**ଅରୁନ୍ତୁଦ**—ସଂ. ବିଣ (ଅରୁସ୍=ମର୍ମସ୍ଥାନ+ତୁଦ ଧାତୁ=ପୀଡ଼ା କରିବା+
Aruntuda ଅ; ନିପାତନ)—
୧ । ମର୍ମଭେଦୀ; ଯାହା ଜୀବର ମର୍ମସ୍ଥାନରେ ପୀଡ଼ା ଦିଏ; ଯାହା ଜୀବନକୁ ବା ଆତ୍ମାକୁ ବିନ୍ଧିଯାଏ—
1. Caustic; cutting to the quick.
୨ । ନିଷ୍ଠୁର (ବାକ୍ୟ)—2. Cruel (words)
୩ । ଅତ୍ୟନ୍ତ ପୀଡ଼ାଦାୟକ—3. Extremely painful.
୪ । କଠୋର—4. Harsh.
୫ । କଠୋର ବାକ୍ୟ ପ୍ରୟୋଗଦ୍ୱାରା ପୀଡ଼ାଦାୟକ (ବ୍ୟକ୍ତି)—
5. Giving pain by sharp words.
ସଂ. ବି.—ବୈରୀ; ଶତ୍ରୁ—Foe; enemy

**ଅରୁନ୍ଧତୀ**—ସଂ. ବି. ସ୍ତ୍ରୀ (ନାମ)—୧ । ବଶିଷ୍ଠଋଷିଙ୍କ ସ୍ତ୍ରୀ ( ଏ ଅତ୍ୟନ୍ତ
Arundhatī ପତିଭକ୍ତା ଥିଲେ)—
1. Name of the wife of sage Basishṭha.
୨ । ଦକ୍ଷଙ୍କର ଏକକନ୍ୟା ଯେ ଧର୍ମଙ୍କୁ ବିବାହ କରିଥିଲେ ( ହିନ୍ଦି. ଶବ୍ଦସାଗର )—
2. Name of a daughter of Daksha who married Dharma.
୩ । (ତନ୍ତ୍ରପରିଭାଷା) ଜିହ୍ୱା—
3. The tongue (according to the phraseology of the Tantras.)
୪ । ଉତ୍ତରାକାଶରେ ସପ୍ତର୍ଷିମଣ୍ଡଳର ନିକଟରେ ଥିବା ୬ଷ୍ଠ ତାରା (ବଶିଷ୍ଠ) ପାଖରେ ଥିବା କ୍ଷୁଦ୍ରତାରା—(ନକ୍ଷତ୍ର ତଳେ ନୋଟ (ଦେଖ)
1. A small star by the side of the 6th star of the constellation Great Bear; Alkor.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଁଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏ ନକ୍ଷତ୍ର ପତି ପ୍ରତି ପତ୍ନୀର ନିଷ୍ଠାପର ଅଟଳ ଅଚଳ ପ୍ରେମର ପରିଚାୟକ ଥିବାରୁ ବିବାହବେଳେ ବରକନ୍ୟାଙ୍କୁ ଏ ନକ୍ଷତ୍ର ଦେଖାଇବାର ବିଧି ଶାସ୍ତ୍ରରେ ଅଛି । ଯାହାର ମୃତ୍ୟୁ ୬ମାସ ମଧ୍ୟରେ ଘଟିବ ତାକୁ ଏ ତାରା ଦେଖାଯିବ ନାହିଁ ବୋଲି ପୁରାଣରେ ଲେଖା ଅଛି । ]

**ଅରୁଷ୍କ**—ସଂ. ବି. (ଅରୁସ୍=ମର୍ମସ୍ଥାନ+କୈ ଧାତୁ=ପୀଡ଼ାଦେବା+କର୍ତ୍ତୃ. ଅ; ସ୍ପର୍ଶ ମାତ୍ରେ ଯେ ମର୍ମସ୍ଥାନକୁ ପୀଡ଼ା ଦିଏ)—ଭଲିଆ (ଫଳ ଓ ଗଛ)—The marking nut (tree and nut)
Arushka

ସଂ. ବିଣ. ୧ । ମର୍ମଚ୍ଛେଦ—1. Cutting to the quick.
(ଅରୁଷ୍କା—ସ୍ତ୍ରୀ) ୨ । କ୍ଷତକାରକ—2. Causing eruptions

**ଅରୁଷ୍କର**—ସଂ. ବିଣ (ଅରୁସ୍=କ୍ଷତ+କୃ ଧାତୁ=କରିବା+କର୍ତ୍ତୃ. ଅ)—ଯାହା ଘାଆ କରେ; କ୍ଷତ ଉତ୍ପାଦକ—
Arushkara
(ଅରୁଷ୍କରା—ସ୍ତ୍ରୀ) Causing sores or eruptions.

ସଂ. ବି.—ଭଲିଆ (ଗଛ ଓ ଫଳ)—
The marking nut (tree and fruit).

**ଅରୁସ୍**—ସଂ. ବି. (ଋ ଧାତୁ=ପୀଡ଼ାଦେବା+ସଂଜ୍ଞାର୍ଥେ କର୍ତ୍ତୃ. ଉସ୍; ଯାହା ପୀଡ଼ା ଦିଏ)—୧ । କ୍ଷତ; ଘା—1. Sore; wound.
Arus
୨ । ବ୍ରଣ—2. Pimple.
୩ । ମର୍ମସ୍ଥାନ—3. Vital part of the body.
୪ । ସୂର୍ଯ୍ୟ—4. The sun.
୫ । ରକ୍ତଖଦିର—5. Catechu.

**ଅରୁସା**—ପ୍ରାଦେ. ବି.—ଉରୁସା ( ଦେଖ ) (ଗଡ଼ଜାତ)
Arusā Urusā ( See )

**ଅରୁହା**—ସଂ. ବି. ( ବୈଦ୍ୟକ )—ଭୂଇଁ ଅଁଳା ( ଦେଖ )
Aruhā (ହିନ୍ଦି. ଶବ୍ଦସାଗର)
Bhūiñ aañlā ( See )

**ଅରୂପ**—ସଂ. ବି ( ଅ+ରୂପ )—୧ । ରୂପହୀନତା—
Arūpa 1. Want of shape.
୨ । ଅସୁନ୍ଦରରୂପ—2. Ugly form.

ସଂ. ବିଣ. ପୁଂ ( ବହୁବ୍ରୀହି )—୧ । ନିରାକାର; ରୂପହୀନ—
( ଅରୂପା—ସ୍ତ୍ରୀ ) 1. Formless; shapelesss.

ଅରୂପ ଅବ୍ୟକ୍ତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ ।
ପ୍ରାଚୀ—ପରଦେଶୀଗୀତା ।

ଦେ. ବିଣ.—୧ । କୁତ୍ସିତରୂପଧାରୀ—
1. Of ugly Shape.

ଅରୂପ ହୋଇ କହୁ ଧନ ଥାଅ—ପ୍ରାଚୀ. ନଳଚରିତ ।

**ଅରୂପକ**—ସଂ. ବି. —୧ । ବୌଦ୍ଧଦର୍ଶନ ଅନୁସାରେ ଯୋଗୀର ଅବସ୍ଥା-ବିଶେଷ; ନିର୍ବୀଜ ସମାଧି—1. A state of concentration attained by a Jogi.
Arūpaka

[ ଦ୍ର—ଏହା ଚାରିପ୍ରକାରର ଯଥା—୧ । ଆକାଶାୟତନ; ୨ । ବିଜ୍ଞାନାୟତନ; ୩ । ଅକିଞ୍ଚନାୟତନ; ୪ । ନୈବସଂଜ୍ଞାସଂଜ୍ଞାୟତନ
ହିନ୍ଦି. ଶବ୍ଦସାଗର । ]

**ଅରୂପା**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅ+ରୂପ )—
Arūpā ଅସୁନ୍ଦର ବା କୁତ୍ସିତରୂପବିଶିଷ୍ଟ—
Of ugly shape or form.

**ଅରୂପାନନ୍ଦ**—ଦେ. ବି ( ସଂ. ଅରୂପ+ଆନନ୍ଦ ; ଯେ ରୂପବିଶିଷ୍ଟ ନୁହନ୍ତି ଓ ସର୍ବଦା ଆନନ୍ଦମୟ )—
Arūpānanda
ନିରାକାର; ପରମେଶ୍ୱର; ଅଲେଖସ୍ୱାମୀ—
The Formless; God.

ଅରୂପ ଅବ୍ୟକ୍ତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ ।
ପ୍ରାଚୀ—ପରଦେଶୀଗୀତା ।

**ଅରୂପାବଚର**—ସଂ. ବି.—ବୌଦ୍ଧଦର୍ଶନ ଅନୁସାରେ ଚିତ୍ତବୃତ୍ତିର ଏକଭେଦ; ( ଯହିଁରେ ସାଧକ ଅରୂପ ଲୋକ ସମ୍ବନ୍ଧେ ଜ୍ଞାନଲାଭ କରେ )—
Arūpābachara
A kind of omniscience attained by Jogis.

[ ଦ୍ର—ଏହା ୧୨ ପ୍ରକାରର; ୪ ପ୍ରକାରର କୁଶଳବୃତ୍ତି ଓ ୪ ପ୍ରକାରର ବିପାକ ବୃତ୍ତି ଓ ଚାରିପ୍ରକାରର କ୍ରିୟାବୃତ୍ତି
ହିନ୍ଦି. ଶବ୍ଦସାଗର । ]

**ଅରେ**—ସଂ. ଅ.—୧ । କ୍ରୋଧ ଓ ଅବଜ୍ଞାସୂଚକ ସମ୍ବୋଧନ--ଆରେ, ରେ !
Are 1 Hallo! An exclamation or address indicating anger or disregard.
୨ । ଆପଣାଠାରୁ ନିକୃଷ୍ଟତର ବ୍ୟକ୍ତିଙ୍କୁ ସମ୍ବୋଧନ—ହଇ ରେ; ଇରେ !
2. Ho ! an exclamation used in addressing one's inferior.
୩ । ଆଶ୍ଚର୍ଯ୍ୟ ଓ ବିସ୍ମୟସୂଚକ ଅବ୍ୟୟ—ଆରେ !
3. An exclamation indicating astonishment; Oh ! Oho !

**ଅରେଖ**—ସଂ. ବିଣ ( ବହୁବ୍ରୀହି; ଅ+ରେଖା )—
Arekha ରେଖାହୀନ—Having no lines.
ଦେ. ବିଣ—୧ । ଅରୂପ—1. Formless.
୨ । ଅସ୍ପଷ୍ଟ—2. Indistinct.
୩ । ଅଦୃଶ୍ୟ—3. Invisible.

ଅରୂପ ଅରେଖ ଅଟଇ, ଶୂନ୍ୟକୁ ଦାଳ ନ ଯୋଟଇ ।
ଭୂପତି. ପ୍ରେମପଞ୍ଚାମୃତ ।

**ଅରେରେ**—ସଂ. ଅ—ଅରେ ( ଦେଖ )
Arere Are ( See )

**ଅରୋକ୍**—ଦେ. ବିଣ—୧ । ଅବାଧ; ଯାହାକୁ କେହି ଅଟକାଏ ନାହିଁ—
Arok 1. Unobstructed.
ବେରୋକ ୨ । ଯେ ଅଟକାଏ ନାହିଁ—
অরোক; বেরোক 2. Not obstructing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଢ଼ |

**ଅରୋକ**—ସଂ. ବଣ. (ଅ + ରୁଚ ଧାତୁ = ଦୀପ୍ତି ପାଇବା + କର୍ତ୍ତୃ. ଅ)—
Aroka ୧ । ନିଷ୍ପ୍ରଭ; ଦୀପ୍ତିହୀନ—1. Lustreless.
୨ । ଛିଦ୍ରଶୂନ୍ୟ—2. Having no hole.

**ଅରୋଗ**—ସଂ. ବି. ( ଅ + ରୋଗ )—
Aroga ୧ । ରୋଗଶୂନ୍ୟତା—1. Freedom from
(ଅରୋଗା — ସ୍ତ୍ରୀ) sickness; absence of disease.
(ଅରୋଗତା—ବି) ୨ । ଆରୋଗ୍ୟ—2. Healthiness.
୩ । ସ୍ୱାସ୍ଥ୍ୟ—2. Health.
ସଂ. ବଣ. ପୁଂ—୧ । ନୀରୋଗ; ରୋଗହୀନ—
1. Free from disease
୨ । ସୁସ୍ଥ—2. Healthy.

**ଅରୋଗିତା**—ସଂ. ବି. ( ଅରୋଗିନ୍ + ଭାବ. ତା )—
Arogitā ୧ । ରୋଗହୀନତା—2. Freedom from disease.
୨ । ସୁସ୍ଥତା—2. Healthiness.

**ଅରୋଗୀ**—ସଂ. ବଣ. ପୁଂ. ( ଅ + ରୋଗୀ )—
Arogi ୧ । ନୀରୋଗ; ରୋଗଶୂନ୍ୟ—
(ଅରୋଗିଣୀ—ସ୍ତ୍ରୀ) 1. Free from disease.
(ଅରୋଗିତା — ବି) ୨ । ସୁସ୍ଥ; ଦୃଢ଼ାଙ୍ଗ—2 Healthy.

**ଅରୋଚକ**—ସଂ. ବଣ. ( ଅ + ରୋଚକ )—
Arochaka ୧ । ଅରୁଚିକର; ଅପ୍ରୀତିକର—
1. Not pleasing; unpleasant.
୨ । ଯାହା ଖାଇବାକୁ ରୁଚିକର ନୁହେଁ—
2. Distasteful; not agreeable to taste.
୩ । ଅସ୍ୱାଦନୀୟ—3 Unsavoury.
୪ । ଯାହା ଖାଇବାକୁ ଅସୁନ୍ଦର ଲାଗେ—
4 Disgusting; that which is not relished.
ସଂ. ବି—୧ । ରୋଗବିଶେଷ; ଏଥିରେ ଖାଦ୍ୟ ଦ୍ରବ୍ୟ ପ୍ରତି ଅରୁଚି ଜନ୍ମେ—1. A disease which causes a person to have no relish for food.
[ ଦ୍ର—ଦୁର୍ଗନ୍ଧଯୁକ୍ତ ବା ଘୃଣାଜନକ ଚଜ ଖାଇଲେ ବା ଘୃଣାଜନକ ରୂପ ବା ଦୃଶ୍ୟ ଦେଖିଲେ, ଶୋକର ଆବେଗ ହେଲେ, ବରିହ ହେଲେ ଅନୁରାଗ-ପାତ୍ର ସଙ୍ଗେ ମିଳନ ନ ହେଲେ, ତ୍ରିଦୋଷର ପ୍ରକୋପ ହେଲେ ଏ ରୋଗ ଜନ୍ମେ; ଖାଇବା ଦ୍ରବ୍ୟକୁ ଦେଖିଲେ ଖାଇବାକୁ ଅପ୍ରବୃତ୍ତି ଜନ୍ମେ ଓ ନିତାନ୍ତ ଜଗର କରି ଖାଇବା ଦ୍ରବ୍ୟ ଭୁଣ୍ଡକୁ ନେଲାକ୍ଷଣି ଗୋଟାଏ ଦୁର୍ଗନ୍ଧ ଜଣାଯାଏ, ତଥାପି ଜଗର କରି ତାହା ଖାଇଲେ ବାନ୍ତି ହୁଏ । ]
୨ । ଗର୍ଭିଣୀର ଗର୍ଭର ପ୍ରଥମ ୩।୪ ମାସ ମଧ୍ୟରେ ଖାଦ୍ୟ ଦ୍ରବ୍ୟ ପ୍ରତି ଅରୁଚି—1.Distaste for food experienced by a pregnant woman during the first few months of pregnancy.

**ଅରୋଷଣ**—ଦେ. ବଣ. ( ସଂ. ଅ+ରୋଷ )—
Aroshaṇa ଅକ୍ରୋଧନ; ଶାନ୍ତସ୍ୱଭାବ—Not irritable; of calm temper.
କୃଷ୍ଣ ବୋଇଲେ ହେ ତୁମ୍ଭେ ତ ଅରୋଷଣ ।
ରୋଷ କଲେ ତୁମ୍ଭଙ୍କୁ ହୋଇବ ଦୂଷଣ । କୃଷ୍ଣସିଂହ, ମହାଭାରତ, ଶଲ୍ୟ ।

**ଅର୍କ (ଧାତୁ)**—ସଂ—ତାପ ଦେବା—
Arka (root) To give heat.

**ଅର୍କ**—ସଂ. ବି. ( ଅର୍କ ଧାତୁ + କର୍ତ୍ତୃ. ଅ )—
Arka ୧ । ସୂର୍ଯ୍ୟ—1. The sun.
୨ । ଇନ୍ଦ୍ର—2. Indra, the king of the gods.
୩ । ବିଷ୍ଣୁ—3 Bishṇu.
୪ । ପଣ୍ଡିତ—4. Learned person.
୫ । ବଡ଼ଭାଇ; ଜ୍ୟେଷ୍ଠଭାଇ—5. Elder brother.
୬ । ଅରକ (୧) ଗୁଳ୍ମ ( ଦେଖ )
6. A plant Araka 1. ( See )
୭ । ରବିବାର—7. Sunday.
୮ । କିରଣ—8 Ray
୯ । ଆଲୋକ—9 Light
୧୦ । ତମ୍ବା—10. Copper,
୧୧ । ସ୍ଫଟିକ—11. Crystal.
୧୨ । କାର୍ଯ୍ୟାସ୍ତ; ଚିପୁଡ଼ା ରସ—12. Pressed juice.
୧୩ । ଉତ୍ତରଫାଲ୍ଗୁନୀ ନକ୍ଷତ୍ର—
13. The 12th asterism
୧୪ । ଦ୍ୱାଦଶ ସଂଖ୍ୟା—14. The number twelve.
ବୈଦେ. ବି. ( ଫା. ଅରକ୍ଷୀ )—ବୈଜ୍ଞାନିକ ପ୍ରଣାଳୀରେ ଦ୍ରବ୍ୟରୁ କଢ଼ା ଯିବା ତରଳସାର; ଅରକ—Extract; chemically extracted essence.
ସଂ. ବଣ—ପୂଜନୀୟ—Adorable.

**ଅର୍କକ୍ଷେତ୍ର**—ସଂ. ବି. ( ୬ଷ୍ଠୀ ତତ୍ )—୧ । (ଜ୍ୟୋତିଷ) ସିଂହ ରାଶି—
Arkakshetra 1. (astronomy) The sign of Leo
୨ । ପୁରୀଜିଲ୍ଲାର କୋଣାର୍କ—2. Title of Koṇārak. in the district of Puri.

**ଅର୍କଚନ୍ଦନ**—ସଂ. ବି. (ମଧ୍ୟପଦଲୋପୀ; ଅର୍କ ବା ସୂର୍ଯ୍ୟଙ୍କ ପ୍ରିୟ ଚନ୍ଦନ)—
Arkachandana ରକ୍ତଚନ୍ଦନ ( ଦେଖ )
Raktachandana ( See ).

**ଅର୍କଜ**—ସଂ. ବି. ପୁଂ. ( ଅର୍କ+ଜନ ଧାତୁ + ଅ )—ଅର୍କତନୟ (ଦେଖ)
Arkaja Arkatanaya ( See )

**ଅର୍କଜା**—ସଂ. ବି. ସ୍ତ୍ରୀ—( ଅର୍କଜ + ଆ )—ଅର୍କତନୟା ( ଦେଖ )
Arkajā Arkatanayā ( See )

**ଅର୍କତନୟ**—ସଂ. ବି. ( ୬ଷ୍ଠୀ ତତ୍; ଅର୍କ+ତନୟ; ସୂର୍ଯ୍ୟପୁତ୍ର)—
Arkatanaya ୧ । କର୍ଣ୍ଣରାଜା—
1. An epithet of king Karṇṇa

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୨ । ଶନି—2. The planet Saturn.

୩ । ସୁଗ୍ରୀବ—3. An epithet of the monkey-king Sugriba.

୪ । ଯମ—4. An epithet of the God of Death.

୫ । ଅଶ୍ୱିନୀକୁମାର ଦ୍ୱୟ—
5. The twin heavenly physicians.

**ଅର୍କତନୟା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଅର୍କ+ତନୟା; ସୂର୍ଯ୍ୟଙ୍କ କନ୍ୟା )—୧ । ଯମୁନା—
Arkatanayā 1. The river Jamunā.

୨ । ତାପ୍ତୀ; ତପତୀନଦୀ—2. The river Tāpti.

**ଅର୍କନୟନ**—ସଂ. ବି. ( ବହୁବ୍ରୀହି; ଅର୍କ ଅଛନ୍ତି ନୟନ ଯାହାଙ୍କର )—
Arkanayana ବିରାଟପୁରୁଷ—The Almighty Being.

**ଅର୍କପତ୍ର**—ସଂ. ବି.—ଅର୍କପର୍ଣ୍ଣୀ ( ଦେଖ )
Arkapatrā Arkaparnnā ( See )

**ଅର୍କପର୍ଣ୍ଣ**—ସଂ. ବି.—ଅରକଗୁଳ୍ମ—The Swallow wort
Arkaparnna plant.

**ଅର୍କପର୍ଣ୍ଣୀ**—ସଂ. ବି.—୧ । ପାନଅଇଡ଼ ( ଦେଖ )
Arkaparnnā 1. Pāna aird ( See )

୨ । ଅକାନବନ୍ଧି ( ଦେଖ )
2. Akānabindhi ( See )

**ଅର୍କପାଦପ**—ସଂ. ବି—୧ । ଅରକ ଗୁଳ୍ମ—
Arkapādapa 1. The Swallow wort.

୨ । ନିମଗଛ ( ପ୍ରକୃତିବାଦ )—
2. The Nima tree.

**ଅର୍କପୁଷ୍ପୀ**—ସଂ. ବି. (ବହୁବ୍ରୀହି; ଅର୍କ+ପୁଷ୍ପ+ଈ)—ସୂର୍ଯ୍ୟମୁଖୀ (ଦେଖ)
Arkapushpi Sūrjyamukhi (See)

**ଅର୍କପ୍ରିୟା**—ସଂ. ବି. ( ୬ଷ୍ଠୀ ତତ୍; ଅର୍କ+ପ୍ରିୟା; ଏ ପୁଷ୍ପରେ ସୂର୍ଯ୍ୟଙ୍କର
Arkapriyā ପୂଜା ହେଉଥିବାରୁ )—ଜବାପୁଷ୍ପ; ମନ୍ଦାର—
The China rose.

**ଅର୍କବନ୍ଧୁ**—ସଂ. ବି. (୬ଷ୍ଠୀ ତତ୍; ଅର୍କ=ସୂର୍ଯ୍ୟ+ବନ୍ଧୁ=ଜ୍ଞାତି, ମିତ୍ର; ଏ
Arkabandhu ସୂର୍ଯ୍ୟବଂଶୀୟ ଥିବାରୁ)—ଗୌତମବୁଦ୍ଧ—
A name of the Buddha.

ଅର୍କବଲ୍ଲଭ—ସଂ. ବି. (୬ଷ୍ଠୀ ତତ୍; ଅର୍କ+ବଲ୍ଲଭା)—ମନ୍ଦାର; ଜବା—
Arkaballabhā The China rose.

ଅର୍କବାର—ସଂ. ବି.—ରବିବାର—Sunday.
Aakabāra

**ଅର୍କବେଧ**—ସଂ. ବି.—ତାଲିଶପତ୍ର (ଦେଖ)
Arkabedha Tālisapatra (See)

**ଅର୍କବ୍ରତ**—ସଂ. ବି. (ମଧ୍ୟପଦଲୋପୀ; ଅର୍କଙ୍କ ଆରାଧନାର୍ଥ ବ୍ରତ)—
Arkabrata ୧ । ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟପୂଜା ବ୍ରତ—
A religious vow observed on the 7th day of bright fortnight of the month of Māgha.

୨ । (ସୂର୍ଯ୍ୟ ଯେପରି ପୃଥିବୀରୁ ଜଳଶୋଷଣ କରି ପୁନର୍ବାର ପ୍ରଜାଙ୍କ ଉପକାରାର୍ଥ ଉକ୍ତ ଶୋଷିତ ଜଳ ବର୍ଷାରୂପରେ ପୃଥିବୀକୁ ଦିଅନ୍ତି ସେହିପରି )—ପ୍ରଜାଙ୍କଠାରୁ କର ଆଦାୟ କରି ପୁଣି ତାହା ପ୍ରଜାଙ୍କ ହିତରେ ବ୍ୟୟ କରିବା ରୂପ ରାଜାଙ୍କ ବ୍ରତ—2. The practice or vow of a king to take revenue from the subjects and apply the same for their benifit (compared to the practice of the sun.)

**ଅର୍କଭ**—ସଂ. ବି. ( ମଧ୍ୟପଦଲୋପୀ; ଅର୍କ ଅବସ୍ଥାନ କରୁଥିବା. ଭ= ନକ୍ଷତ୍ର)—୧ । ସୂର୍ଯ୍ୟକାନ୍ତନକ୍ଷତ୍ର; ଯେଉଁ ନକ୍ଷତ୍ରରେ ସୂର୍ଯ୍ୟ
Arkabha ଅବସ୍ଥାନ କରୁଅଛନ୍ତି—1. Asterism through which the sun is passing.

୨ । ସିଂହରାଶି—2. The sign Leo.

୩ । ଉତ୍ତରଫାଲ୍ଗୁନୀ ନକ୍ଷତ୍ର—3. The 12th asterism.

**ଅର୍କଭକ୍ତା**—ସଂ. ବି—ଆଦିତ୍ୟଭକ୍ତା; ଅଣସୋରିଷ (ଦେଖ)
Arkabhaktā Anasorisha (See)

**ଅର୍କମୂଳ**—ସଂ. ବି.—ପାନଅଇଡ଼ (ଦେଖ)
Arkamūla Panaairda (See)

**ଅର୍କସିଦ୍ଧାନ୍ତ**—ସଂ. ବି.—ସୂର୍ଯ୍ୟସିଦ୍ଧାନ୍ତ ନାମକ ଜ୍ୟୋତିଷଗ୍ରନ୍ଥ—
Arkasiddhānta A name of the astronomical treatise Surjyayasiddhānta.

**ଅର୍କାଶ୍ମା**—ସଂ. ବି.—(ଅର୍କ+ଅଶ୍ମନ୍; ୧ମା. ୧ବ.)—ସୂର୍ଯ୍ୟକାନ୍ତ ମଣି—
Arkāsmā 1. The sunstone.

୨ । ଅରୁଣୋପଲ; ପଦ୍ମରାଗମଣି—2. Ruby.

**ଅର୍କାହ୍ୱ**—ସଂ. ବି. ( ବହୁବ୍ରୀହି; ଅର୍କ+ଆହ୍ୱ=ନାମ ଯାହାର )—ଅରକ
Arkāhwa ଗୁଳ୍ମ—The swallow wort (plant)

**ଅର୍କି**—ଦେ. ବି.—ଅରକ (ଦେଖ)
Arki Araki (See)

**ଅର୍କେଷ୍ଟ୍ରା**—ବୈଦେ. ବି. ( ଇଂ. ଅର୍କେସ୍ଟ୍ରା )—ରଙ୍ଗମଞ୍ଚରେ ଅଭିନୟ
Arkeshtrā ହେବା ପୂର୍ବରୁ ପଟକ୍ଷେପଣ ପରେ ରଙ୍ଗଭୂମିର
ଅର୍କେଷ୍ଟ୍ରୀ ଅନ୍ତରାଳରେ ବଜାଯିବା ଐକତାନିକ ବାଦ୍ୟଯନ୍ତ୍ର—
ଅର୍କେଷ୍ଟ୍ରା Orchestra; concert played by a band in a theatre.

ଅର୍କୋପଲ—ସଂ. ବି—ଅର୍କାଶ୍ମା ( ଦେଖ )
Arkopala Arkāsmā ( See )

**ଅର୍କ୍ଷିତ**—ଗ୍ରା. ବିଣ. ପୁଂ. ( ସଂ. ଅରକ୍ଷିତ )—ଅରକ୍ଷିତ ( ଦେଖ )
Arkshita Arakshita ( See )

ଅର୍କ୍ଷିତ ପ୍ରାୟେ କଷ୍ଟେ ନୁହଇ ଅର୍ପିତ—ପ୍ରାଚୀ—ଦ୍ୱିଜନରସିଂହଗୀତା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ | ଦ୍ଧ | ଞ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ୟ | ଇଅ | ଓ | ଦ୍ଧ |

**ଅର୍କ୍ଷିତିଆ**—ଗ୍ରା. ବଣ.—ଅରଖିତିଆ (ଦେଖ)
Arkshitiā Arakhitiā (See)

**ଅର୍କ୍ଷିତିଆଣୀ**—ଗ୍ରା. ବଣ. ସ୍ତ୍ରୀ.—**ଅରଖିତିଆଣୀ** (ଦେଖ)
Arkshitiāṇī Arakhitiāṇī (See)

**ଅର୍କ୍ଷ୍ୟ**—ସ. ବି. (ବୈଦ୍ୟକ)—ସିଆଳିଲଟା (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)
Arkshya Siāḷi creeper (See)

**ଅର୍ଖ**—ଦେ. ବି.—ଅରକ (**ଦେଖ**)
Arkha Araka (See)

ଦେ. କ୍ରି. ବଣ.—**ଅରଖ** (ଦେଖ)
**Araka (See)**

**ଅର୍ଖି**—ବୈଦେ. ବି.—ଅରଖି (**ଦେଖ**)
Arkhi Arakhi (See)

**ଅର୍ଖିତ**—ଗ୍ରା. ବଣ. (ସ. ଅରକ୍ଷିତ)—ଅରକ୍ଷିତ (ଦେଖ)
Arkhita Arakshita (See)

ଅର୍ଖିତଲୋକ ପ୍ରାପ୍ତ ହୋଇ ନିକଟ ଶ୍ରୀକ୍ଷେତ୍ରରେ ଯାଇ ।
ରାମଦାସ, ଦାର୍ଢ୍ୟତାଭକ୍ତି ।

**ଅର୍ଖିତିଆ**—ଦେ. ବଣ.—ଅରଖିତିଆ (ଦେଖ)
Arkhitiā Arakshitiā (See)

**ଅର୍ଖିତିଆଣୀ**—ଦେ. ବଣ. ସ୍ତ୍ରୀ—ଅରକ୍ଷିତଆଣୀ (ଦେଖ)
Arkhitiāṇī Arakhitiāṇī (See)

**ଅର୍ଗଳ**—ସ. ବି. (ଋଜ ଧାତୁ=ସରଳହେବା+କର୍ତ୍ତୃ. ଅଳ)—
Argaḷa ୧ । କବାଟର କିଳଣୀ—1. Bar; bolt.
୨ । କାଠର ଗୋଜା; ଖିଲା—2 Wooden pin.
୩ । ପ୍ରତିବନ୍ଧକ; ବାଧା—
3. Obstacle; impediment
୪ । କଲ୍ଲୋଳ; ଢେଉ—4. Wave.
୫ । ଅବରୋଧ—5. Obstruction; check.
୬ । ପଦ୍ମପୁରାଣୋକ୍ତ ନରକବିଶେଷ—
6. Name of a hell.
୭ । ଉଦ୍ଧଉଦ୍ଧ ରଙ୍ଗର ମେଘ, ଯହିଁ ଭିତର ଦେଇ ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି—7. Clouds of different colours surrounding the rising and the setting sun.
୮ । ଦେବୀପୁରାଣ ବା ସପ୍ତଶତୀ ଚଣ୍ଡୀ ପାଠ ପୂର୍ବରୁ ପଢ଼ାଯିବା ଦେବୀ ସ୍ତୋତ୍ରବିଶେଷ;
[ଏଥିରେ ଥିବା ଶ୍ଳୋକମାନଙ୍କରେ ଶେଷ ଧାଡ଼ିରେ— 'ରୂପଂଦେହି ଜୟଂଦେହି ଯଶୋଦେହି ଦ୍ୱିଷୋଜହି' (=ମତେ ରୂପ ଦିଅ, ଜୟ ଦିଅ, ଯଶଃ ଦିଅ ଓ ମୋ ଶତ୍ରୁମାନଙ୍କୁ ନାଶ କର) ବୋଲିବାକୁ ହୁଏ]—
8. Title of an introductory hymn addressed to goddess Durgā before reciting the main Chandī or the Debī purāṇa.
[ ଦ୍ର—ଅନ୍ୟାନ୍ୟ ଦେବତାଙ୍କ ସ୍ତୋତ୍ରପାଠ ପୂର୍ବରୁ **ସେହି** ଦେବତାଙ୍କର ଅର୍ଗଳ ସ୍ତୋତ୍ର ମଧ୍ୟ ପାଠ କରାଯାଏ ।]
୯ । କବାଟ (ହିନ୍ଦ. ଶବ୍ଦସାଗର)—9. Door.

**ଅର୍ଗଳା**—ସଂ. ବି. (ଅର୍ଗଳ+ଆ)—୧ । ଅର୍ଗଳ (ଦେଖ)
Argaḷā 1. Argaḷa (See)

କି ବୁଦ୍ଧି କରିବ ସହଜେ ଅବଳା, କଳ୍ପିଛି ହୃଦୟେ ଦେବାକୁ ଅର୍ଗଳା ।
ରାଧାନାଥ. ଚନ୍ଦ୍ରଭାଗା ।

୨ । କବାଟର ଛିଟିକିଣି ବା ଠିଙ୍କିଆ; ହୁଡ଼ୁକା—
2. A hook or trigger for shutting a door or window.
୩ । ହାତିବନ୍ଧା ଶିକୁଳି—
3. Chain for tying an elephant.
୪ । ଅବରୋଧ—4. Obstruction.

ଗ୍ରା. ବଣ. ( ସ. ଅନର୍ଗଳା )—୧ । ସ୍ୱଚ୍ଛନ୍ଦଗାମୀ—
1. Acting unrestrained.
୨ । ଅନୁପମ—2. Incomparable.

କାଣନ୍ତି ଏ ରସକଳା, ସକଳର ସେ ଅର୍ଗଳା
ତୁଳଣ ଦେବାକୁ ତୁଲ୍ୟ ତୁଲଇ ନାହିଁ । ପ୍ରାଚୀ—ରସବାରିଧି ।

ସଂ. ବଣ—ଅବରୋଧକ; ବାଧକ—Obstructing.

**ଅର୍ଗଳି**—ଦେ. ବି. ( ସ. ଅର୍ଗଳ )—ଅରଗଳି ( ଦେଖ )
Argaḷi Aragaḷi ( See )
ଅର୍ଗଳ

**ଅର୍ଗଳିକା**—ସ. ବି. ( ଅର୍ଗଳ+କ+ଆ )—
Argaḷikā ୧ । ଛୋଟକିଳଣି; ହୁଡ଼ୁକା; କବାଟର ହୁକ—
1. A small door-pin; small bolt for doors.
୨ । କବାଟର ଠିଙ୍କିଆ—2. Triggerlike-contrivance for shutting a door.

**ଅର୍ଗଳିତ**—ସ. ବି. ( ଅର୍ଗଳ+ଇତ )—କିଳାଯାଇଥିବା—
Argaḷita Fastened by a bolt.

**ଅର୍ଗାନ୍**—ବୈଦେ. ବି. ( ଇଂ. ଅର୍ଗାନ୍ )—
Argān ଗିରିଜାରେ ବଜାଯିବା ବଡ଼ ପିଆନୋ—
Organ; big piaono.

**ଅର୍ଘ** (ଧାତୁ)—ସଂ —କିଣିବା—To purchase.
Argha ( root )

**ଅର୍ଘ**—ସଂ. ବି. ( ଅର୍ହ=ପୂଜା କରିବା+ଭାବ. ଅ )—୧ । ପୂଜା—
Argha 1. Offering.
୨ । ( ଅର୍ଘ ଧାତୁ=କିଣିବା+ଅ )—ମୂଲ୍ୟ—
2. Value; price; cost; worth.
୩ । ( ଅର୍ହ+କରଣ. ଅ )—ପୂଜାଦ୍ରବ୍ୟବିଶେଷ—
3. Materials for worship.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଢ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ବ୍ରାହ୍ମଣ ବା ଦେବତାଙ୍କୁ ଦିଆଯିବା ଭୋଗ ଦ୍ରବ୍ୟ—
4. Gift to a Deity or a Brāhmaṇa.

୫ । ଅକ୍ଷତ, ଦୂବ ଓ ସାଧାରଣତଃ ଜଳ ଅର୍ପଣପୂର୍ବକ ସମାଗତ ଅତିଥିଙ୍କର ସତ୍କାର—
5. Respectful reception of a guest by the offering of rice, dūrbā grass, flowers and often only water.

୬ । ଏକ ଧରଣ ଓଜନର ୨୦ ଗୋଟି ମୁକ୍ତାର ସମାହାର—
6. Collection of twenty pearls having the weight of a 'Dharaṇa'

**ଅର୍ଘପାତ୍ର**—ସଂ. ବି—ଅର୍ଘ୍ୟପାତ୍ର ( ଦେଖ )
Arghapātra Arghyapātra ( See )

**ଅର୍ଘବଲାବଲ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଘ+ବଲାବଲ )—
୧ । ମୂଲ୍ୟର ହ୍ରାସବୃଦ୍ଧି—
1. Cheapness or dearness of price.
୨ । ବଜାରଭାଉ; ପଣ୍ୟଦ୍ରବ୍ୟମାନଙ୍କର ଦାଣ୍ଡଭାଉ—
2. Rate or price; market rate of commodities.

ବୈଶ୍ୟମାନେ ମଣି, ମୁକ୍ତା, ପ୍ରବାଳ ଓ ପଣ୍ୟ ଦ୍ରବ୍ୟର ଅର୍ଘବଲାବଲ ଜାଣିବା ଉଚିତ ।
ରାମଶଙ୍କର-ମନୁସଂହିତା- ୯।୩।୨୯ ।

**ଅର୍ଘସଂସ୍ଥାପନ**— ସଂ. ବି. ( ୬ଷ୍ଠୀ ତତ୍; ଅର୍ଘ+ସଂସ୍ଥାପନ ) —
Arghasaṁsthāpana ପଣ୍ୟଦ୍ରବ୍ୟର ମୂଲ୍ୟ ନିରୂପଣ—
Fixing the price of commodities.
[ ଦ୍ର—ରାଜା ସପ୍ତାହରେ ବା ପକ୍ଷରେ ଥରେ ବଣିକମାନଙ୍କ ସଙ୍ଗେ ପରାମର୍ଶ କରି ପଣ୍ୟ ଦ୍ରବ୍ୟର ମୂଲ୍ୟ ନିରୂପଣ କରିବେ—
ରାମଶଙ୍କର. ମନୁସଂହିତା. ୮।୪୦୨ । ]

**ଅର୍ଘାଡିଆ**—ଗ୍ରା. ବିଣ ( ସଂ. ଅଘାସୁର )—ଅତି ବିରାଟକାୟ—
Arghātiā Very big or tall.
ଅଘା

**ଅର୍ଘାସୁର**—ଗ୍ରା. ବି. ( ସଂ. ଅଘାସୁର )—ଅଘାସୁର; କଂସାନୁଚର ରାକ୍ଷସ-
Arghāsura ବିଶେଷ (ଶ୍ରୀକୃଷ୍ଣ ଯାହାଙ୍କୁ ବଧ କରିଥିଲେ)—
Name of the demon, attendant of Kaṁsa king of Dwārakā ( killed by Śrikṛushṇa ).
ଗ୍ରା. ବି. ( ଲକ୍ଷଣାର୍ଥ )—ଅତିଶୟ ଡେଙ୍ଗା, ମୋଟା ଓ ହୃଷ୍ଟପୁଷ୍ଟ ବ୍ୟକ୍ତି—A tall and stout person.

**ଅର୍ଘ୍ୟ**— ସଂ. ବିଣ—( ଅର୍ଘ=ପୂଜା କରିବା+ଯୋଗ୍ୟାର୍ଥେ. ଯ )—ପୂଜ୍ୟ;
Arghya ମାନ୍ୟ; ପୂଜନୀୟ—Venerable; deserving worship.
ସଂ. ବି—୧ । ପୂଜାସାମଗ୍ରୀ—1. Offerings.
୨ । ପୂଜ୍ୟବ୍ୟକ୍ତିଙ୍କ ପାଇଁ ଅରୁଆଚାଉଳ, ଦୂବ, ଫୁଲ ଓ ଚନ୍ଦନ ମିଶ୍ରିତ ଜଳ—
2. Water and other articles used in offering homage to a distinguished guest.
୩ । ଦେବତାଙ୍କର ପୂଜାରେ ବ୍ୟବହୃତ ମନ୍ତ୍ରଶୋଧିତ ଜଳ—
3. Consecrated water offered to a Deity during worship.
୪ । ବନମଧୁ—4. Wild honey.

**ଅର୍ଘ୍ୟଦାନ**—ସଂ. ବି—ପୂଜାର୍ଥ ଆବାହନକାଳୀନ ଅତିଥିଙ୍କୁ ଜଳାଦି
Arghyadāna ପ୍ରଦାନରୂପ ସତ୍କାର—Offering of water to show respect to a guest.

**ଅର୍ଘ୍ୟପାତ୍ର**—ସଂ. ବି.—ଯେଉଁ ଥାଳରେ ପୂଜୋପକରଣ ସଜ୍ଜିତ ହୋଇ-
Arghyapātra ଥାଏ—Plate containing the essentials of worship ( e.g. flowers, sandal paste, rice duba grass etc ).

**ଅର୍ଘ୍ୟସ୍ଥାଳି**— ସଂ. ବି—ଅର୍ଘ୍ୟପାତ୍ର ( ଦେଖ )
Arghyasthāḻi Arghyapātra ( See )

**ଅର୍ଘ୍ୟାଞ୍ଜଳି**—ସଂ.ବି. (୬ଷ୍ଠୀ ତତ୍; ଅର୍ଘ୍ୟ+ଅଞ୍ଜଳି)—ପୂଜାର୍ଥ ଜଳାଞ୍ଜଳି—
Arghyāñjaḻi Handful of water offered in worship to guests.

**ଅର୍ଚ୍ଚ** ( ଧାତୁ )—ସଂ. ବି.—୧ । ପୂଜା କରିବା—
Archcha ( root ) 1. To worship.
୨ । ଦୀପ୍ତି ପାଇବା –2. To shine.

**ଅର୍ଚ୍ଚକ**—ସଂ. ବି. ପୁଂ. ( ଅର୍ଚ୍ଚ ଧାତୁ=ପୂଜା କରିବା+କର୍ତ୍ତୃ. ଅକ )—
Archchaka ପୂଜକ—Worshipper.
(ଅର୍ଚ୍ଚିକା—ସ୍ତ୍ରୀ) ସଂ. ବିଣ—ପୂଜାକାରୀ— doring.

**ଅର୍ଚ୍ଚନ**—ସଂ. ବି. ( ଅର୍ଚ୍ଚ ଧାତୁ=ପୂଜା କରିବା+ଭାବ ଅନ )—
Archchana ୧ । ପୂଜା; ବନ୍ଦନା—
1. Worship; homage.
୨ । ସମ୍ମାନ—2. Respect.

**ଅର୍ଚ୍ଚନା**—ସଂ. ବି. ( ଅର୍ଚ୍ଚନ+ଆ )—୧ । ପୂଜା—
Archchanā 1. Worship.
୨ । ଭୋଜନ ନିମନ୍ତେ ନିମନ୍ତ୍ରଣ—
2. Invitation to a dinner.

**ଅର୍ଚ୍ଚନୀୟ**—ସଂ. ବିଣ. ( ଅର୍ଚ୍ଚ ଧାତୁ+କର୍ମ. ଅନୀୟ)—ପୂଜନୀୟ; ପୂଜ୍ୟ—
Archchaniya Adorable.

**ଅର୍ଚ୍ଚା**—ସଂ. ବି. ସ୍ତ୍ରୀ. (ଅର୍ଚ୍ଚ ଧାତୁ+ଭାବ. ଅ+ସ୍ତ୍ରୀ. ଆ )—
Archchā ୧ । ପୂଜା—1. Worship.
୨ । ପ୍ରତିମା—2. Idol.
୩ । ପ୍ରତିକୃତି—3. Image
ଗ୍ରା. ବିଣ—ଅରୁଚ୍ ( ଦେଖ )—Aruchā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ | ଶ,ଷ | କ୍ଷ | ଇସ୍ତ | ଡ଼ଅ | ଢ଼ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନୃ |

**ଅର୍ଚ୍ଚି**—ସଂ. ବି. ( ଅର୍ଚ୍ଚ ଧାତୁ + କର୍ତ୍ତୃ. ଅ )—
Archchi ୧ । ଅଗ୍ନିଶିଖା; ତେଜଃପିଣ୍ଡର ଶିଖା—
1. The flame of a light.
୨ । ଜ୍ୱାଳା—2. Blaze.
୩ । ତେଜ; ପ୍ରଭା—3. Glamour.
୪ । ଅଂଶୁ; ରଶ୍ମି; କିରଣ—4. Ray of light.
୫ । କୃଶାଶ୍ୱଙ୍କ ପତ୍ନୀ—
5. Name of the wife of Kruśāśwa.
ଅରୁଚି ଗ୍ରା. ବି ( ସଂ. ଅରୁଚ )—ଅରୁଚ ( ଦେଖ )
ଅବୋଚ Aruchi ( See )

**ଅର୍ଚ୍ଚିଃ**—ସଂ. ବି—ଅର୍ଚ୍ଚିସ୍ ( ଦେଖ )
Archchih Archchis ( See )

**ଅର୍ଚ୍ଚିତ**—ସଂ. ବିଣ. ( ଅର୍ଚ୍ଚ ଧାତୁ + କର୍ମ. ତ )—
Archchita ପୂଜିତ—Worshipped.

**ଅର୍ଚ୍ଚିଷ୍ମାନ୍**—ସଂ. ବିଣ. ପୁଂ ( ଅର୍ଚ୍ଚିସ୍+ମତ୍; ୧ମା. ୧ବ )—
Archchishmān ୧ । ଦୀପ୍ତିମାନ୍—1. Glittering; shining.
(ଅର୍ଚ୍ଚିଷ୍ମତୀ—ସ୍ତ୍ରୀ) ୨ । ପ୍ରଜ୍ୱଳିତ—2. Blazing.
ସଂ. ବି—୧ । ସୂର୍ଯ୍ୟ—1. The sun.
୨ । ଅଗ୍ନି—2. Fire.
୩ । ଦେବର୍ଷିବିଶେଷ—3. Name of a sage.

**ଅର୍ଚ୍ଚିସ୍**—ସଂ. ବି. ( ଅର୍ଚ୍ଚ ଧାତୁ+କର୍ତ୍ତୃ. ଇସ୍ )—ଅର୍ଚ୍ଚି ( ଦେଖ )
Archchis Archchi ( See )

**ଅର୍ଚ୍ଚ୍ୟ**—ସଂ. ବିଣ. ପୁଂ. ( ଅର୍ଚ୍ଚ ଧାତୁ + କର୍ମ. ଯ )—
Archchya ପୂଜ୍ୟ; ପୂଜାର୍ହ—Adorable.
(ଅର୍ଚ୍ଚ୍ୟା—ସ୍ତ୍ରୀ)

**ଅର୍ଜ୍ଜ (ଧାତୁ)**—ସଂ—ଉପାର୍ଜ୍ଜନ କରିବା; ରୋଜଗାର କରିବା—
Arja (root) To earn.

**ଅର୍ଜ୍ଜକ**—ସଂ. ବିଣ. ( ଅର୍ଜ୍ଜ ଧାତୁ + କର୍ତ୍ତୃ. ଅକ )—
Arjaka ଉପାର୍ଜ୍ଜକ; ରୋଜଗାରୀ—Earning; acquiring.
(ଅର୍ଜ୍ଜିକା—ସ୍ତ୍ରୀ)

**ଅର୍ଜ୍ଜନ**—ସଂ. ବି. ( ଅର୍ଜ୍ଜ ଧାତୁ+ଭାବ. ଅନ )—
Arjana ୧ । ଉପାର୍ଜ୍ଜନ; ରୋଜଗାର—1. Earning.
ଅର୍ଜ୍ଜନ ନମଲେ ଯେତ୍ତ ଦୂରେ ଯାନ୍ତୁ ଏକା । ମାର୍କଣ୍ଡେୟପୁରାଣ ।
୨ । ଲାଭ—2. Gain.
୩ । ପ୍ରାପ୍ତି—3. Acquisition.

**ଅର୍ଜ୍ଜନକାରିଆ**—ଦେ. ବିଣ. ( ସଂ. ଅର୍ଜ୍ଜନକାରୀ )—
Arjanakāriā ଅରଜନକାରିଆ ( ଦେଖ )
Arajanakāriā ( See )

**ଅର୍ଜ୍ଜନକାରୁଆ**—ଦେ. ବିଣ. ( ସଂ. ଅର୍ଜ୍ଜନକାରୀ )—
Arjanakārua ଅରଜନକାରୁଆ ( ଦେଖ )
Arajanakārua ( See )

**ଅର୍ଜ୍ଜୟିତା**—ସଂ. ବିଣ. ପୁଂ ( ଅର୍ଜ୍ଜ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ. )—
Arjayitā ଅର୍ଜ୍ଜକ; ଉପାର୍ଜ୍ଜନକାରୀ—Earning.
(ଅର୍ଜ୍ଜୟିତ୍ରୀ—ସ୍ତ୍ରୀ)

**ଅର୍ଜ୍ଜି**—ବୈଦେ. ବି. ( ଫା. ଅର୍ଜୀ )—ଅରଜି ( ଦେଖ )
Arji Araji ( See )

**ଅର୍ଜ୍ଜିତ**—ସଂ. ବିଣ. ( ଅର୍ଜ୍ଜ ଧାତୁ + କର୍ମ. ତ )—ଉପାର୍ଜ୍ଜିତ—
Arjita Earned; acquired.

**ଅର୍ଜ୍ଜିନବିସ୍**—ବୈଦେ. ବି. ( ଫା. ଅର୍ଜୀନବିସ୍ )—
Arjinabis ଅରଜିନବିସ୍ ( ଦେଖ )
Arajinabis ( See )

**ଅର୍ଜ୍ଜିବା**—ଦେ. କ୍ରି ( ସଂ ଅର୍ଜ୍ଜ ଧାତୁ ) ୧ । ଅର୍ଜ୍ଜନ କରିବା—
Arjibā 1. To earn.
अर्जनकरना ୨ । ନିଜକୃତ କର୍ମର ଫଳରୂପେ ଲାଭ କରିବା—
कमाना; अर्जनकरना 2. To reap the fruits of one's actions.
ଆପଣେ ଅର୍ଜିଛ ଅନର୍ଥ; ସକଳ ଭୁଞ୍ଜ ଏତ୍ତ ମତ ।
ଜଗନ୍ନାଥ. ଭାଗବତ ।

**ଅର୍ଜ୍ଜୁନ**—ସଂ ବି. ( ଅର୍ଜ୍ଜ ଧାତୁ=ଉପାର୍ଜ୍ଜନ କରିବା + କର୍ତ୍ତୃ ଉନ; ଯେ
Arjuna କୁବେର ଆଦିଙ୍କୁ ଜୟ କରି ଧନାଦି ଉପାର୍ଜ୍ଜନ କରିଥିଲେ; ମହାଭାରତରେ ବିରାଟପୁତ୍ର ଉତ୍ତରଙ୍କୁ ଅର୍ଜ୍ଜୁନ ନିଜ ନାମ ସମ୍ବନ୍ଧେ କହିଅଛନ୍ତି ଯେ ମୁଁ ଏହି ସସାଗରାଧରାରେ ନିର୍ମଳ ବା ଶୁକ୍ଳକର୍ମ କରେ ବୋଲି ଲୋକେ ମତେ ଅର୍ଜ୍ଜୁନ ବୋଲି ଡାକନ୍ତି )
୧ । ତୃତୀୟ ପାଣ୍ଡବ—1. The name of the third Pāṇḍaba.
୨ । କାର୍ତ୍ତବୀର୍ଯ୍ୟାର୍ଜ୍ଜୁନ; ସହସ୍ରାର୍ଜ୍ଜୁନ—
2. Name of a valiant conqueror.
ଧନ ଅଇଙ୍ଗଙ୍କେ ମନେ ଜେତୁଥାଇ କ ତପ ବାଣ ଅର୍ଜ୍ଜୁନ ।
ଭଞ୍ଜ. ପ୍ରେମସୁଧାନିଧି ।
୩ । ଶ୍ୱେତବର୍ଣ୍ଣ; ଧବଳ—3. White colour.
୪ । ଚକ୍ଷୁରୋଗବିଶେଷ; ଅଲୁଅ; ଅକ୍ଷି ପତାରେ ଉଠିବା ବ୍ରଣ (ଅଞ୍ଜନୀ)—4. A boil on the eyelid.
୫ । ଅକ୍ଷିର ଧଳା ଡୋଳାର ଫୁଲା ରୋଗ; ଅକ୍ଷିରେ ଫୁଲା ପଡ଼ିବା—5. A slight inflammation of the conjunctiva or white of the eye ( M. W. )
୬ । ଏକଜାତୀୟ ଧଳା ତୃଣ—
6. A species of white grass.
୭ । କର୍ପୂର—7. Camphor.
୮ । ରୌପ୍ୟ—8. Silver.
୯ । ଚନ୍ଦ୍ରକିରଣ—9. Moon-light.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଦୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅଗିଁ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧୦ । ସୁନା—10. Gold.
୧୧ । ମୟୂର—11. Peacock (M. W.)
୧୨ । ମାଆଙ୍କର ଏକମାତ୍ର ପୁତ୍ର—
12. The only son of his mother (M. W.)
୧୩ । ଚର୍ମରୋଗବିଶେଷ—13. A cutaneous disease (M. W.)
୧୪ । ବୃକ୍ଷବିଶେଷ—14. A flowring tree
ସଂ ନାମ. ଅର୍ଜ୍ଜୁନ; ଧବଳଦ୍ରୁମ Lager Stræmia flos Reiginae (Kirtikar)
ଜାରୁଲ
ଅଜ୍ରୁନ; ଜାରୁଲ; [ ଦ୍ର—ଧାତକ୍ୟାଦିବର୍ଗର ପୁଷ୍ପତରୁ; ଫୁଲ ବଡ଼
ତେ. ମରତମାଟ୍ଟି ବଡ଼; ପ୍ରାୟ ତିନିଅଙ୍ଗୁଳ ଚଉଡ଼ା; କାଠରେ ଚକଚକ ମେଳା ଆଦି ହୁଏ । କାଠ ଧଳା; ଆସାମ, ବ୍ରହ୍ମଦେଶ ଓ ଚଟ୍ଟଗ୍ରାମରେ ଏହି ଗଛ ଜନ୍ମେ (ଯୋଗେଶ୍ଚନ୍ଦ୍ର )]
୧୫ । ବୃକ୍ଷବିଶେଷ—15. A tree.
ସଂ. ନାମ—ଅର୍ଜ୍ଜୁନ; ନଦୀସର୍ଜ୍ଜ; ବୀର- Terminalia Arjuna.
ବୃକ୍ଷ; ଧବଳ; ଇନ୍ଦ୍ରଦ୍ରୁ; [ଦ୍ର—ହରିତକ୍ୟାଦି ବର୍ଗର ତରୁ ବିଶେଷ ।
କକୁଭ, ଶକ୍ରଭେଦ । ଅଶ୍ୱନଗଛ ପରି, ଜଳୁ କାଠ ଧଳା;
ଅର୍ଜୁନ ଅର୍ଜ୍ଜୁନ ଗଛର ଛାଲରେ ଧଳା ଧଳା
କୋହ, କୈହ ଚୂନର କଣା ଦେଖାଯାଏ । ଏ ଗଛ
ତେ. ମଟ୍ଟି ତେଟ୍ଟୁ ପ୍ରାୟ ନଦୀ ଓ ଜଳକୂଳରେ ଜନ୍ମେ । ଫଳରେ ୫ଟା ପକ୍ଷ ଥାଏ । ଅର୍ଜ୍ଜୁନକାଠ ଶକ୍ତ ହେଲୁ ଫାଟିଯାଏ (ଯୋଗେଶ୍ଚନ୍ଦ୍ର ) । ବୈଦ୍ୟ ଶାସ୍ତ୍ର ଅନୁସାରେ ଏହା ଶୀତବୀର୍ଯ୍ୟ, ହୃଦ୍ୟ, ଓ କଷାୟ; ଏହା କ୍ଷତ, କ୍ଷୟ, ବିଷ, ରକ୍ତଦୋଷ, ମେଦୋଦୋଷ, ପ୍ରମେହ, ବ୍ରଣ, କଫ ଓ ପିତ୍ତନାଶକ ।]
ଦେ. ବି. ପୁଂ—ଲୋକଙ୍କ ନାମ—Name of persons.
ସଂ. ବିଣ.—୧ । ଶୁକ୍ଳ; ଧଳା—1. White.
ବହାର ବହାସ୍ୱେ ଅର୍ଜ୍ଜୁନ ପାଗବଣେ ବଣେ ଗଜଡ ସେ ତରଳ ।
ଉଞ୍ଜ. ବୈଦେହୀଶବିଳାସ ।
୨ । ଉଜ୍ଜ୍ୱଳ—2. Bright.
୩ । ନିର୍ମ୍ମଳ—3. Clear; pure.
୪ । ରୌପ୍ୟନିର୍ମ୍ମିତ—4. Made of silver.

**ଅର୍ଜ୍ଜୁନ ଦାସ**—ଦେ. ବି. ନାମ—'ରାମ ବିଭା' ନାମକ ପଦ୍ୟ ଗ୍ରନ୍ଥ ରଚୟିତା ଓଡ଼ିଆ କବି ।
Arjūna dāsa
(ଜଗବନ୍ଧୁ—ପ୍ରାଚୀନ ଉତ୍କଳ)
Name of an Ordiā poet.

**ଅର୍ଜ୍ଜୁନ ମିଶ୍ର**—ଦେ. ବି.—ମୂଳ ମହାଭାରତର ସଂସ୍କୃତ ଟୀକାକାର-ବିଶେଷ—
Arjuna misra
Name of a commentator on the Mahābhārata.

**ଅର୍ଜ୍ଜୁନାରି**—ସଂ. ବି (୬ଷ୍ଠୀ ତତ୍; ଅର୍ଜ୍ଜୁନ ବା କାର୍ତ୍ତବୀର୍ଯ୍ୟଙ୍କର ଅରି)—
Arjunāri ୧ । ପରଶୁରାମ—
1. An epithet of Parasurāma.
ବଡ଼ରିହ ଡାକିଲା ସ୍ଥାନେ କମର୍ଥେ ରୂପ ଏମନେ
ଶୋଭି ଅର୍ଜ୍ଜୁନାରି ମୃଗ କେ ଦେ ନେ ।
ଉଞ୍ଜ. ବୈଦେହୀଶବିଳାସ ।

**ଅର୍ଜ୍ଜୁନୀ**—ସଂ. ବି. ସ୍ତ୍ରୀ (ଅର୍ଜ୍ଜୁନ+ଈ)—
Arjuni ୧ । ଗାଈ—1. Cow.
୨ । କୁଟ୍ଟିନୀ—2. Procuress; bawd.
୩ । ସର୍ପବିଶେଷ—3. A kind of serpent.
୪ । ଅନିରୁଦ୍ଧର ସ୍ତ୍ରୀ ଉଷା—
4. A name of the wife of Aniruddha.
୫ । ବାହୁଦା ବା କରତୋୟା ନଦୀ—
5. The river Karatoyā.

**ଅର୍ଣ୍ଣ**—ସଂ. ବି (ଋ ଧାତୁ ଗମନ କରିବା+କର୍ତ୍ତୃ. ନ)—
Arnna ୧ । ଅକାରାଦି ଅକ୍ଷର—1. Alphabet.
୨ । ଜଳ—2. Water.
୩ । ଶାଗୁଆନ ଗଛ—3. Teak tree.
୪ । ତରଙ୍ଗ—4. Wave.
୫ । ଛନ୍ଦୋବିଶେଷ—5. Name of a metre
ସଂ. ବିଣ. ପୁଂ.—ପୀଡ଼ିତ—Sick.
ଗ୍ରା. ବି—(ଅନ୍ନର ଅଶୁଦ୍ଧ ଉଚ୍ଚାରଣ)—
୧ । ଅନ୍ନ; ଭାତ—1. Boiled rice.
ବଂସ ଦେଲେ ମୋର ପଦ୍ମାଙ୍କ ତଲୁ ଅର୍ଣ୍ଣ ।
ପୀତାମ୍ବର. ନୃସିଂହପୁରାଣ ।
୨ । ପୁରୀ ଜଗନ୍ନାଥଙ୍କୁ ଅର୍ପିତ ଅନ୍ନ ମହାପ୍ରସାଦ—
2. Boiled rice offered to Jagannātha of Puri.
ପ୍ରାଦେ (ଗଞ୍ଜାମ)—ଅର୍ନ (ଦେଖ)
Arna (See)

**ଅର୍ଣ୍ଣପୂର୍ଣ୍ଣା**—ଗ୍ରା. ବି—(ସଂ. ଅନ୍ନପୂର୍ଣ୍ଣାର ଅଶୁଦ୍ଧ ଉଚ୍ଚାରଣ)—
Arnnapurnā ଅନ୍ନପୂର୍ଣ୍ଣା (ଦେଖ)
Annapūrnnā (See)

**ଅର୍ଣ୍ଣବ**—ସଂ. ବି (ଅର୍ଣ୍ଣ=ଜଳ+ଅଛି ଯହିଁରେ ଅର୍ଥରେ. ବ)—
Arnnaba ୧ । ସମୁଦ୍ର; ସାଗର—1. The sea.
୨ । ନଦୀ—2. Stream.
୩ । ତରଙ୍ଗ—3. Wave.
୪ । ନଈବଢ଼ି; ଜଳବୃଦ୍ଧି—4. Flood.
୫ । ଗୁରୁ ସଂଖ୍ୟା – 5. The number four.
୬ । ବାୟୁରାଶି—6. The ocean of air.
ସଂ. ବିଣ.—୧ । ଆନ୍ଦୋଳିତ—1. Agitated.
୨ । ଅସ୍ଥିର—2. Restless.
୩ । ଫେଣଯୁକ୍ତ—3. Foaming.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଡ଼ | ଢ଼ | ଛ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଢ଼ | ୱ | ତୃ |

ଅର୍ଣ୍ଣବତରୀ—ସଂ. ବି ( ୬ଷ୍ଠୀ ତତ୍; ଅର୍ଣ୍ଣବ + ତରୀ )—
Arṇṇabatarī ୧ । ନୌକା—1. Boat.
୨ । ଜାହାଜ—2. Ship.

ଅର୍ଣ୍ଣବପୋତ—ସଂ. ବି ( ୬ଷ୍ଠୀ ତତ୍; ଅର୍ଣ୍ଣବ+ପୋତ )—
Arṇṇabapota ଅର୍ଣ୍ଣବତରୀ ( ଦେଖ )
Arṇṇabatarī (See)

ଅର୍ଣ୍ଣବଫଳ—ସଂ. ବି ( ୬ଷ୍ଠୀ ତତ୍; ଅର୍ଣ୍ଣବ + ଫଳ )—
Arṇṇabaphaḻa ମୁକ୍ତା; ମୋତି—Pearl.
ପବନ ସହ ସର ସଂଗ୍ରହ ସହ ଅର୍ଣ୍ଣବଫଳ ।
ଅଭିମନ୍ୟୁ· ବିଦଗ୍ଧଚିନ୍ତାମଣି ।

ଅର୍ଣ୍ଣବମଳ—ସଂ. ବି. (୬ଷ୍ଠୀ ତତ୍; ଅର୍ଣ୍ଣବ+ମଳ)—
Arṇṇabamaḻa ସମୁଦ୍ରଫେଣ—Cuttlefish.

ଅର୍ଣ୍ଣବଯାନ—ସଂ. ବି. (୬ଷ୍ଠୀ ତତ୍; ଅର୍ଣ୍ଣବ+ଯାନ)—ଅର୍ଣ୍ଣବତରୀ(ଦେଖ)
Arṇṇabajāna Arṇṇabatarī (See)

ଅର୍ଣ୍ଣବସରିଦାଶ୍ରିତ—ସଂ.ବିଣ( ୬ଷ୍ଠୀ ତତ୍;ଅର୍ଣ୍ଣବ + ସରିତ୍ + ଆଶ୍ରିତ)—
Arṇṇabasaridāśrita ୧ । ନଦୀ ବା ସମୁଦ୍ର କୂଳରେ ବାସ କରୁଥିବା—1 Living the bank of the sea or of a river ( M. W. )

ଅର୍ଣ୍ଣବୋଦ୍ଭବ—ସଂ. ବିଣ ( ବହୁବ୍ରୀହି; ଅର୍ଣ୍ଣବ + ଉଦ୍ଭବ )—
Arṇṇabodbhaba ସମୁଦ୍ରରୁ ଜାତ—
Produced from the sea.
ସଂ. ବି.—ଅଗ୍ନିଜାର ( ଦେଖ )—
Agnijāra ( See )

ଅର୍ଣ୍ଣସ୍—ସଂ. ବି. ( ଋ ଧାତୁ=ଗମନକରିବା + କର୍ତ୍ତୃ. ଅସ୍ )—
Arṇṇas ୧ । ତେଉ—1. Wave.
୨ । ଜଳବୃଦ୍ଧି—2. Flood.
୩ । ଫେନଯୁକ୍ତ ସମୁଦ୍ର—3. The foaming sea.
୪ । ବାୟୁରାଶି—4. The ocean of air.
୫ । ନଦୀ—5. River.
୬ । ଜଳ—6. Water.

ଅର୍ଣ୍ଣୋଦ—ସଂ. ବି ( ଅର୍ଣ୍ଣସ୍=ଜଳ + ଦା ଧାତୁ + କର୍ତ୍ତୃ. ଅ )—
Arṇṇoda ୧ । ମେଘ—1. Cloud.
୨ । ଗୁଳ୍ମବିଶେଷ—
2. The plant Cyperus rotundus ( M W.)
୩ । ମାତା ( ପ୍ରକୃତିବାଦ )—3. Mother.

ଅର୍ଣ୍ଣୋଭବ—ସଂ. ବିଣ ( ଅର୍ଣ୍ଣସ୍+ଭୂ ଧାତୁ + କର୍ତ୍ତୃ. ଅ )—
Arṇṇobhaba ଜଳୋଦ୍ଭବ—Born of water.
ସଂ.—ଶଙ୍ଖ ( ପ୍ରକୃତିବାଦ )—Conch.

ଅର୍ତ୍ତନ—ସଂ. ବି ( ଋତ ଧାତୁ=ନିନ୍ଦାକରିବା + ଭାବ. ଅନ )—
Artana ୧ । ନିନ୍ଦା—1, Blame.
୨ । ଅପବାଦ—2 Libel; scandal.

ଅର୍ତ୍ତି—ସଂ. ବି ( ଅର୍ଦ୍ଦ ଧାତୁ=ପୀଡ଼ାଦେବା + ଭାବ. ଇ )—
Arti ୧ । ପୀଡ଼ା; ଯାତନା—1. Pain; suffering.
୨ । ( + କର୍ମ. ଅ ) ଅର୍ତ୍ନୀ; ଧନୁର କୋଟି ବା ଅଗ୍ରଭାଗ—
2. The end of a bow.

ଅର୍ତ୍ତିକା—ସଂ. ବି. ସ୍ତ୍ରୀ.—୧ । ( ନାଟକୀୟ ଭାଷା ) ବଡ଼ ଭଉଣୀ—
Artikā 1. ( Theatrical language) Elder sister.

ଅର୍ଥ (ଧାତୁ)—ସଂ.—୧ । ପ୍ରାର୍ଥନା କରିବା—
Artha (root) 1. To pray for; to entreat
୨ । ଯାଚଣା କରିବା— · To beg for.
୩ । ମାଗିବା—3. To ask for.
୪ । ବ୍ୟାଖ୍ୟାକରିବା—4. To comment upon.
୫ । ତାତ୍ପର୍ଯ୍ୟ ବତାଇବା—5. To point out the sense of.

ଅର୍ଥ—ସଂ. ବି ( ଅର୍ଥ ଧାତୁ+ଅ )—
Artha ୧ । ( + ଭାବ. ଅ ) ପ୍ରାର୍ଥନା—1. Prayer.
୨ । (+ କର୍ମ. ଅ ) ଧନ—2. Wealth; money.
୩ । ଐଶ୍ୱର୍ଯ୍ୟ—3. Affluence; opulence.
୪ । ପ୍ରୟୋଜନ—4. Necessity.
୫ । ତାତ୍ପର୍ଯ୍ୟ; ଶବ୍ଦର ପ୍ରତିପାଦ୍ୟ ବିଷୟ; ମାନେ—
5 Meaning; sense.
୬ । ଉଦ୍ଦେଶ୍ୟ—6. Aim; object; motive.
୭ । କାରଣ—7. Cause; reason.
୮ । ବିଷୟ—8. Matter; affair; concer .
୯ । ସମ୍ପତ୍ତି—9. Property.
୧୦ । ଇନ୍ଦ୍ରିୟଭୋଗ୍ୟ ବିଷୟ—10. Object of the senses.
୧୧ । ( ଜ୍ୟୋତିଷ ) ଲଗ୍ନର ଦ୍ୱିତୀୟ ବା ଧନସ୍ଥାନ—
11. (Astrology) The second mansion from the Lagna.
୧୨ । ମକଦ୍ଦମା; ମାମଲା—12. Lawsuit; action.
୧୩ । ପ୍ରକାର—13. Manner; kind.
୧୪ । ନିଷେଧ—14. Prohibition. ( M. W. )
୧୫ । ଅର୍ଘ୍ୟ; ମୂଲ୍ୟ—15. Price.
ଦେ. ଅ. ( ସଂ. ଅର୍ଥେ )—ପାଇଁ; ସକାଶେ—For.
ବୋଲେ କେମାନ୍ତୁ ଅଣ ଦେଖିଣି ଅର୍ଥେ ।
ଉପେନ୍ଦ୍ର· ବୈଦେହୀଶବିଳାସ ।

ଅର୍ଥକର—ସଂ. ବିଣ. ପୁଂ ( ଅର୍ଥ + କୃ ଧାତୁ + କର୍ତ୍ତୃ. ଅ )
Arthakara ୧ । ଯହିଁରୁ ଅର୍ଥ ଲାଭ ହୁଏ—
(ଅର୍ଥକରୀ—ସ୍ତ୍ରୀ) 1. Yielding riches.
୨ । ଦରକାରୀ; ପ୍ରୟୋଜନୋପଯୋଗୀ—2. Useful.
୩ । ସୁବିଧାଜନକ—3. Producing advantage ( M. W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଲିତ ଅକ୍ଷର ଓ ମାତ୍ରା ଏବ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'କନ୍ଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

**ଅର୍ଥକାମ**— ସଂ. ବି. ( ୬ଷ୍ଠୀ ତତ୍ ) ଧନ ଲାଭ କରିବା ଇଚ୍ଛା—
Arthakāma Desire for wealth.
ସଂ. ବିଣ. ପୁଂ (ବହୁବ୍ରୀହି; ଅର୍ଥ + କାମ )—୧। ଅର୍ଥ ପାଇବା ପାଇଁ
(ଅର୍ଥକାମା—ସ୍ତ୍ରୀ) ଇଚ୍ଛୁକ—1. Desirous for wealth.
୨। ଲୋଭୀ—2 Avaricious.

**ଅର୍ଥକାମୀ**—ସଂ. ବିଣ. ପୁଂ. ( ଉପପଦତତ୍ପୁରୁଷ; ଅର୍ଥ+କାମିନ୍
Arthakāmi ୧ମା. ୧ବ. )—ଅର୍ଥକାମ ( ଦେଖ )
(ଅର୍ଥକାମିନୀ—ସ୍ତ୍ରୀ) Arthakāma ( See )

**ଅର୍ଥକାର୍ଶ୍ୟ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+କାର୍ଶ୍ୟ )
Arthakārsya ୧। ନିର୍ଧନତା—1. Poverty.
୨। ଧନାଭାବ—2. Paucity of funds

**ଅର୍ଥକିଲ୍ବିଷୀ**—ସଂ. ବିଣ.ପୁଂ (୭ମୀ ତତ୍;ଅର୍ଥ + କିଲ୍ବିଷିନ୍; ୧ମା.୧ବ.)-
Arthakilwishi ଧନ ସମ୍ବନ୍ଧରେ ଅସତ୍ ( ବ୍ୟକ୍ତି )—
(ଅର୍ଥକିଲ୍ବିଷିଣୀ—ସ୍ତ୍ରୀ) Dishonest in money-matters.

**ଅର୍ଥକୃଚ୍ଛ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥଜନିତ କୃଚ୍ଛ୍ର ) -
Arthakruchchhra ଅର୍ଥାଭାବଜନିତ କଷ୍ଟ, ଅର୍ଥକଷ୍ଟ—
Want; hardship caused by want.

**ଅର୍ଥକୃତ୍ୟ**— ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+କୃତ୍ୟ )—
Arthakrutya କୌଣସି ବିଷୟର ମୀମାଂସା —
The settling of a matter. (M. W.)

**ଅର୍ଥକୋବିଦ**— ସଂ. ବିଣ. ପୁଂ. ( ୭ମୀ ତତ୍; ଅର୍ଥ+କୋବିଦ )—
Arthakobida କୌଣସି ବିଷୟରେ ବିଶେଷଜ୍ଞ—
Expert in any matter.

**ଅର୍ଥକ୍ରିୟା**— ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ସାଧନାର୍ଥ କୃତ କ୍ରିୟା )—
Arthakriyā ୧। ବିଶିଷ୍ଟ ଉଦ୍ଦେଶ୍ୟରେ କରାଯିବା କର୍ମ—
1. Action performed with a special purpose.
୨। ଅନ୍ୟମାନଙ୍କ ଉପକାରରେ ଲାଗିବା—
2. The being useful to others.

**ଅର୍ଥଗୃଧ୍ନା**—ଦେ. ବି. ସଂ (ଅର୍ଥଗୃଧ୍ନୁ ବିଶେଷଣ ଶବ୍ଦର ଅନୁକରଣରେ
Arthagrudhnā ଅବିଶୁଦ୍ଧ ଶବ୍ଦ; ଏ ପ୍ରୟୋଗ ପ୍ରାମାଦିକ)—
ଅର୍ଥଲାଲସା, ଅର୍ଥଲୋଭ—Avarice for wealth.

ଅର୍ଥଗୃଧ୍ନା ଅର୍ଥ ଗୃଧ୍ନୁ ଦସ୍ୟୁଙ୍କର ଚରିତାର୍ଥ ହୋଇ ନାହିଁ ତଥାପି ।
ଚନ୍ଦ୍ରଭାଗା; କୃଷ୍ଣକୁମାରୀ ।

**ଅର୍ଥଗୃଧ୍ନୁ**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ଅର୍ଥ+ଗୃଧ ଧାତୁ =ଲୋଭକରିବା+
Arthagrudhnu କର୍ତ୍ତ୍ରି. ନୁ )—ଅର୍ଥଲୋଭୀ; ଧନଲୋଲୁପ—
Avaricious; greedy of gain.

**ଅର୍ଥଗୌରବ**—ସଂ. ବି. (ମଧ୍ୟପଦଲୋପୀ; ଅର୍ଥଜନିତ ଗୌରବ)—
Arthagauraba ୧। ଗୂଢ଼ାର୍ଥତା—
1 Depth of meaning.
୨। ଧନଯୋଗୁଁ ପୂଜା ବା ମାନ୍ୟ—
2 Respect due to riches.

**ଅର୍ଥଗ୍ରାହୀ**—ସଂ. ବିଣ. (ଅର୍ଥ+ଗ୍ରହ ଧାତୁ+କର୍ତ୍ତ୍ରି. ଇନ୍. ୧ମା. ୧ବ.)-
Arthagrāhi ୧। ଯେ ଧନ ଗ୍ରହଣ କରେ—1. Taking
(ଅର୍ଥଗ୍ରାହିଣୀ—ସ୍ତ୍ରୀ) money; abstracting money.
୨। ଯେ ଶବ୍ଦାଦିର ତାତ୍ପର୍ଯ୍ୟ ଗ୍ରହଣ କରେ—
2. Understanding the meaning of words and expressions.
୩। ଅର୍ଥଲୋଭୀ—3. Avaricious.
(ଯଥା—ଅର୍ଥଗ୍ରାହୀ ସନ୍ନ୍ୟାସୀ ଦଣ୍ଡ ପ୍ରଣାମରେ ସନ୍ତୁଷ୍ଟ ନୁହନ୍ତି ।)

**ଅର୍ଥଘ୍ନ**—ସଂ. ବିଣ. ପୁଂ. (ଅର୍ଥ+ହନ ଧାତୁ+କର୍ତ୍ତ୍ରି. ଅ) —
Arthaghna ୧। ସାହାଖରଚୀ; ଅମିତବ୍ୟୟୀ—
(ଅର୍ଥଘ୍ନୀ—ସ୍ତ୍ରୀ) 1. Extravagant, wasteful.
୨। କ୍ଷତିକାରକ—2. Causing loss or damage.
୩। ସୁବିଧା ନଷ୍ଟକାରକ—
3. Destroying advantage.

**ଅର୍ଥଜ୍ଞ**—ସଂ. ବିଣ. ପୁଂ. ( ଅର୍ଥ+ଜ୍ଞା ଧାତୁ+କର୍ତ୍ତ୍ରି. ଅ )—
Arthajña ୧। ଶବ୍ଦାର୍ଥ ଜାଣିବା (ବ୍ୟକ୍ତି)—1. Conversant
(ଅର୍ଥଜ୍ଞା—ସ୍ତ୍ରୀ) with meanings of words
୨। ଅର୍ଥଶାସ୍ତ୍ର ପାରଦର୍ଶୀ—2. Versed in Economics.

**ଅର୍ଥତଃ**—ସଂ. ଅ. (ଅର୍ଥ+ତସ୍)—୧। ଫଳତଃ—
Arthataḥ 1. Consequently.
୨। ଅର୍ଥାତ୍—2. Namely; that is.
୩। ବସ୍ତୁତଃ—3. Indeed.

**ଅର୍ଥଦଣ୍ଡ**—ସଂ. ବି. (ମଧ୍ୟପଦଲୋପୀ; ଅର୍ଥ ଆକାରରେ ଦଣ୍ଡ)—
Arthadaṇḍa ଯୋରିମାନା—Fine.

**ଅର୍ଥଦୋଷ**—ସଂ. ବି.—ଅଳଙ୍କାରଶାସ୍ତ୍ରୋକ୍ତ ଦୋଷ; ଯେଉଁ ଦୋଷ
Arthadosha କାର୍ଯ୍ୟର ତାତ୍ପର୍ଯ୍ୟ ବା ଅର୍ଥକୁ ଅଶୁଦ୍ଧ କରିଥାଏ ।
( ଯଥା—ଅପୁଷ୍ଟତା, ଦୁଷ୍କ୍ରମତା, ଗ୍ରାମ୍ୟତା, ବ୍ୟାହତତ୍ୱ, ଅଶ୍ଳୀଳତା, କଷ୍ଟାର୍ଥତା, ପୁନରୁକ୍ତତା, ବିରୁଦ୍ଧତା, ଅଭିମତବିରୁଦ୍ଧତା ଓ ବିଦ୍ୟାବିରୁଦ୍ଧତା)—
A fault in rhetoric.

**ଅର୍ଥନ**—ସଂ. ବି. (ଅର୍ଥ ଧାତୁ+ଭାବ. ଅନ)—ପ୍ରାର୍ଥନା, ଯାଚ୍ଞା—
Arthana Solicitation.

**ଅର୍ଥନା**—ସଂ. ବି. (ଅର୍ଥନ+ଆ)—ଅର୍ଥନ (ଦେଖ)
Arthanā Arthana (See)

**ଅର୍ଥନୀତି**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ବିଷୟକ ନୀତି )—ଯେଉଁ
Arthaniti ବିଜ୍ଞାନରେ ଧନୋପାର୍ଜନାଦି ବିଷୟର ଚର୍ଚ୍ଚା ହୁଏ—
The science of Economics; the science of wealth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଡ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଢ଼ |

ଅର୍ଥପତି—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ପତି)—୧ । ଧନୀ ବ୍ୟକ୍ତି—
Arthapati 1. A rich man.
୨ । ରଜା—2. A king.
୩ । କୁବେର—3. The Hindu God of wealth.

ଅର୍ଥ ପିଶାଚ—ସଂ. ବିଣ. (ମଧ୍ୟପଦଲୋପୀ; ଅର୍ଥ ସମ୍ବନ୍ଧେ ପିଶାଚ)—
Arthapiśācha ଅତିଶୟ ଧନଲୋଲୁପ—
Very avaricious.

ଅର୍ଥପ୍ରୟୋଗ—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ପ୍ରୟୋଗ=ଲାଭାର୍ଥ ବ୍ୟବହାର )—
Arthaprayoga
୧ । ଋଣରେ ଟଙ୍କା ଖଟାଇବା; ମହାଜନୀ—
1. Investment of money in loan; usury.
୨ । ଲାଭ ପାଇଁ ବାଣିଜ୍ୟାଦିରେ ଟଙ୍କା ଲଗାଇବା—
2. Investment of money in trade etc for profit.

ଅର୍ଥବଳ—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥଜନିତବଳ )—
Arthabala ୧ । ଧନବଳ; ପାଖରେ ଧନ ଥିବାରୁ ମନୁଷ୍ୟର ଯେଉଁ ଶକ୍ତି ବା ସାମର୍ଥ୍ୟ ହୁଏ—
1. Power derived from riches.
୨ । ଅର୍ଥସଙ୍ଗତି—
2. Sufficience in money-matters.
୩ । ସମ୍ପଦ—3. Affluence.

ଅର୍ଥବାଦ—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ=ବସ୍ତୁ ବା ସ୍ୱରୂପ ବା ଉଦ୍ଦେଶ୍ୟ+
Arthabāda ବାଦ=କଥନ )—୧ । ପ୍ରଶଂସା—
1, Praise; eulogy.
୨ । ଉଦ୍ଦେଶ୍ୟକଥନ—
2. Declaration of purpose.
୩ । ଆଇନ୍ ଆଦିର ଅବତରଣିକାରେ ଆଇନର ପ୍ରୟୋଜନର କଥନ—
3. Preamble to an act of legislature.
୪ । ପ୍ରାର୍ଥନାପତ୍ର—4. Petition.
୫ । ସ୍ୱାଭିପ୍ରାୟୋକ୍ତି—5. Giving vent to one's thought or opinion.
[ ଦ୍ର—ଏହା ଦୁଇପ୍ରକାର; ୧.ସ୍ତୁତ୍ୟର୍ଥବାଦ; ୨. ନିନ୍ଦାର୍ଥବାଦ । ]

ଅର୍ଥବାନ୍—ସଂ. ବିଣ. ପୁଂ. ( ଅର୍ଥ+ଅସ୍ତି ଅର୍ଥରେ. ବତ୍ )—
Arthabān ୧ । ଅର୍ଥଯୁକ୍ତ; ଧନୀ—
( ଅର୍ଥବତୀ—ସ୍ତ୍ରୀ ) 1. Rich; substantial.
୨ । ସାର୍ଥକ—2. Significant.
୩ । ସଫଳ—3. Successful.
୪ । ସାଭିପ୍ରାୟ—
4. Having some purpose or intention.
୫ । ଉଦ୍ଦେଶ୍ୟ ବିଶିଷ୍ଟ—
5. Having some end in view.

ଅର୍ଥବିଜ୍ଞାନ—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ସମ୍ବନ୍ଧୀୟ ବିଜ୍ଞାନ )—
Arthabijnāna ୧ । ଅର୍ଥବୋଧ—( ବୁଦ୍ଧିଗୁଣବାଚକ ଆଠ ଗୋଟି କର୍ମ ମଧ୍ୟରୁ ଏକତମ । )
1. Comprehension of meaning ( M.W. )
୨ । ଶବ୍ଦଶକ୍ତି ଗ୍ରହଣ—
2. Assimilation of the power of words.
ଦେ. ବି.—ଅର୍ଥନୀତି—Economics.

ଅର୍ଥବିଦ୍—ସଂ. ବିଣ. ( ଅର୍ଥ+ବିଦ ଧାତୁ+କ୍ୱିପ୍; ୧ମା. ୧ବ. )—
Arthabid ୧ । ଶବ୍ଦାର୍ଥଜ୍ଞ—1. Conversant with the meaning of words.
୨ । ଅର୍ଥଶାସ୍ତ୍ରଜ୍ଞ—2. Versed in Economics.
୩ । ଜ୍ଞାନୀ—3. Wise.
୪ । ମର୍ମଜ୍ଞ - 4. Knowing the sense.

ଅର୍ଥବିନିଯୋଗ—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ ବିନିଯୋଗ )—
Arthabinijoga ଅର୍ଥପ୍ରୟୋଗ ( ଦେଖ )
Arthaprayoga ( See )

ଅର୍ଥବୋଧ—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ବୋଧ )—ପଦର ଅର୍ଥ ବା
Arthabodha ମର୍ମ ବିଷୟରେ ପ୍ରବେଶ—Comprehension of the meaning of an expression or sentence.

ଅର୍ଥବ୍ୟବହାର—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ବ୍ୟବହାର=ବ୍ୟବସାୟ)—
Arthabyabahāra ଅର୍ଥପ୍ରୟୋଗ ( ଦେଖ )—
Arthaprayoga ( See )

ଅର୍ଥଭାକ୍—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅର୍ଥ+ଭଜ ଧାତୁ+କ୍ୱିପ୍; ୧ମା.
Arthabhāk ୧ବ. )—ସମ୍ପତ୍ତି ବିଭାଗ ହେଲାବେଳେ ଯେ ହିଂସା ପାଇବାର ହକ୍‌ଦାର୍ ଅଟେ—Entitled to have a share in the division of property.

ଅର୍ଥଭାଗୀ—ସଂ. ବି. ପୁଂ. (ଅର୍ଥ+ଭଜ ଧାତୁ+ଇନ୍; ୧ମା. ୧ବ.)—
Arthabhāgi ଅର୍ଥଭାକ୍ ( ଦେଖ )
Arthabhāk ( See )

ଅର୍ଥଭେଦ—ସଂ. ବି. (୬ଷ୍ଠୀ ତତ; ଅର୍ଥର ଭେଦ ବା ପାର୍ଥକ୍ୟ)—
Arthabheda କୌଣସି ଶବ୍ଦର ବା ବାକ୍ୟର ଅର୍ଥର ବିଭିନ୍ନତା—
The distinction or difference of meaning.

ଅର୍ଥଭ୍ରଂଶ—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଭ୍ରଂଶ )—
Arthabhramśa ୧ । ସମ୍ପତ୍ତି କ୍ଷୟ—1. Loss of fortune.
୨ । ବିନାଶ; ସର୍ବନାଶ—2. Ruin.
୩ । ଉଦ୍ଦେଶ୍ୟର ବ୍ୟର୍ଥତା—
3. Failing of an aim or intention.

ଅର୍ଥଲୋଭ—ସଂ.ବି. (୬ଷ୍ଠୀ ତତ୍; ଅର୍ଥ+ଲୋଭ)—ଧନ ଲୋଭ—
Arthalobha Avarice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଁା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅର୍ଥଲୋଭୀ**—ସଂ. ବିଣ. ପୁଂ—ଧନ ଲୋଭୀ—
Arthalobhi Avaricious.

**ଅର୍ଥଲୋଲୁପ**—ସଂ. ବିଣ. ପୁଂ (୭ମୀ ତତ୍; ଅର୍ଥ=ଧନ+ଲୋଲୁପ=ଲୋଭୀ)—
Arthalolupa ଅତିଶୟ ଧନଲୋଭୀ—Very avaricious.
(ଅର୍ଥଲୋଲୁପା—ସ୍ତ୍ରୀ)

**ଅର୍ଥଶାଳୀ**—ସଂ. ବିଣ. ପୁଂ. (ଅର୍ଥ+ଅସ୍ତ୍ୟର୍ଥେ. ଶାଳିନ୍)—
Arthaśāli ୧ । ଧନଶାଳୀ; ଧନୀ—1. Rich.
(ଅର୍ଥଶାଳିନୀ—ସ୍ତ୍ରୀ) ୨ । ଅର୍ଥଯୁକ୍ତ—2. Having proper meaning.

**ଅର୍ଥଶାସ୍ତ୍ର**—ସଂ. ବି. (ଅର୍ଥ=ଭୂମି ଧନାଦି ପ୍ରାପକ ଧନ+ଶାସ୍ତ୍ର)—
Arthaśāstra ୧ । ଶବ୍ଦାର୍ଥବିଷୟକ ବିଦ୍ୟା; ଅଭିଧାନ—
1. Vocabulary; dictionary; lexicography.
୨ । ଅର୍ଥୋତ୍ପାଦକ ଶାସ୍ତ୍ର ( ବୃହସ୍ପତି, ଶୁକ୍ରାଚାର୍ଯ୍ୟ ପ୍ରଭୃତିଙ୍କ ପ୍ରଣୀତ ଅର୍ଥ-ନୀତିସମ୍ବଳିତ ଶାସ୍ତ୍ର )—
2. Economics.
୩ । କୃଷିଶାସ୍ତ୍ର—3 The science of agriculture.
୪ । ରାଜ୍ୟ ଶାସନ ଓ ସାଂସାରିକ ବ୍ୟବହାର ସମ୍ବନ୍ଧରେ ଯେଉଁ ପୁସ୍ତକରୁ ଜ୍ଞାନ ଜନ୍ମେ—
4. Book treating of practical life and political government.

**ଅର୍ଥଶୂନ୍ୟ**—ସଂ. ବି. ( ୩ୟା ତତ୍; ଅର୍ଥ+ଶୂନ୍ୟ )—
Arthaśūnya ୧ । ଶବ୍ଦାର୍ଥହୀନ—1. Meaningless; unmeaning.
୨ । ଧନହୀନ—2. Poor.

**ଅର୍ଥସଂସ୍ଥାନ**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ସଂସ୍ଥାନ)—
Arthasamsthāna ୧ । ଅର୍ଥ ସଞ୍ଚୟ—
1. Accumulation of wealth.
୨ । ଅର୍ଥ ସଙ୍ଗତି—2. Competence.
୩ । ପ୍ରୟୋଜନୀୟ ଅର୍ଥର ବନ୍ଦୋବସ୍ତ—
3. Arrangement for getting required funds.
୪ । ଧନାଗାର—4. Treasury (M. W.)

**ଅର୍ଥସାଧନ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ସାଧନ )—
Arthasādhana ୧ । ଉଦ୍ଦେଶ୍ୟସିଦ୍ଧି—1. Accomplishment of a design; success.
୨ । ଧନଉପାର୍ଜନ—2. Acquisition of wealth.
୩ । ଗୁଣିବିଦ୍ୟାରେ ସିଦ୍ଧି ବିଶେଷ—3. Name of a particular faculty in magic.

**ଅର୍ଥହୀନ**—ସଂ. ବି. ( ୩ୟା ତତ୍; ଅର୍ଥ+ହୀନ )—
Arthahina ୧ । ଧନହୀନ; ଦରିଦ୍ର—1. Poor.
୨ । ଅନର୍ଥକ—2. Without meaning.

**ଅର୍ଥାଗମ**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ଆଗମ)—
Arthāgama ୧ । ଧନ ଲାଭ—
1. Influx of wealth.
୨ । ଆୟ—2. Income.
୩ । ଧନପ୍ରାପ୍ତି—3. Acquisition of wealth,

**ଅର୍ଥାତ୍**—ସଂ. ଅ (ଅର୍ଥ=ବସ୍ତୁ;. ଫଳ+୫ମୀ ବିଭକ୍ତି ତସ୍ଥ ଆତ୍)—
Arthāt ୧ । ବସ୍ତୁତଃ—
1. That is; i.e.; namely; meaning.
୨ । ତାତ୍ପର୍ଯ୍ୟ ଏହି ଯେ—2. That is to say.
୩ । ଫଳତଃ—3. As a matter of fact.

**ଅର୍ଥାନ୍ତର**—ସଂ. ବି. ( ଅନ୍ୟ+ଅର୍ଥ; କର୍ମଧା; ପରନିପାତ )—
Arthāntara ୧ । ଅନ୍ୟ ଅର୍ଥ—1. Different meaning; another meaning.
୨ । ଅର୍ଥଭେଦ ( ଦେଖ )
2. Arthabheda ( See )
୩ । ବିରୁଦ୍ଧାର୍ଥ—3. Opposite or antithetical meaning.
୪ । ପ୍ରକୃତ ବିଷୟର ଅନାକାଙ୍କ୍ଷିତ ଅର୍ଥ—
4. Meaning which was not intended.

**ଅର୍ଥାନ୍ତରନ୍ୟାସ**—ସଂ. ବି—କାବ୍ୟାଲଙ୍କାରବିଶେଷ ( ଯେଉଁ
Arthāntaranyāsa ଅଲଙ୍କାରରେ ଗୋଟିଏ ବିଶିଷ୍ଟ ଘଟଣାରୁ ସାଧାରଣ ନିୟମର ଅବତାରଣା କିମ୍ବା ସାଧାରଣ ନିୟମରୁ କୌଣସି ବିଶିଷ୍ଟ ଘଟଣାର ଅବତାରଣା କରାଯାଏ )—
A figure in rhetoric; introduction of some other matter ( an illustration of a particular case by a general truth or of a general truth by a particular case )
[ ଦ୍ର—ବିଶିଷ୍ଟ ଘଟଣାରୁ ସାଧାରଣ ନିୟମର ଉଦାହରଣ—
ବରଷାକାଳ ଅଟେ ଉଦ୍ଭିଦମିତ୍ର, ମାତ୍ର ପଙ୍କଜ ମନ୍ଦ ନୋହେ ବଢନ୍ତ ।
ଜଳ ଗହଳ ହେଲା ତା ପକ୍ଷେ ଯମ
ଅତି ସମ୍ପଦ ବାଢ଼ ମହାବିଷମ । ରାଧାନାଥ. ତୁଳସୀସ୍ତବକ ।]

**ଅର୍ଥାନ୍ତରେ**—ଦେ. ଅ—୧ । ଅନ୍ୟପ୍ରକାରରେ; ଅନ୍ୟଭାବରେ—
Arthāntare 1. Otherwise.
अर्थान्तरे ୨ । ଅନ୍ୟ ଅର୍ଥରେ—
औरतरह 2. In another sense.

**ଅର୍ଥାପତ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଆପତ୍ତି=ପ୍ରାପ୍ତି )—
Arthāpatti ୧ । ଅର୍ଥର ପ୍ରାପ୍ତି—
1. Acquisition of riches.
୨ । ଅର୍ଥାଲଙ୍କାରବିଶେଷ—
2. ( a rhetorical figure ) Metonymy.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଶ,ଷ | ଙ୍କ | ଇଦ୍ଧ | ଉଥ | ଷ୍ଟ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଙ୍ଗ୍ୟ | ଇଥ | ଔ | କ୍ଟ |

[ ଦ୍ର—ଏକ ବିଷୟର କଥନଦ୍ୱାରା ବିଷୟାନ୍ତରର କଥନ ସହଜରେ ନିଷ୍ପନ୍ନ ହେଲେ ଅର୍ଥାପତ୍ତି ଅଳଙ୍କାର ହୁଏ—ଯଥା—

ଥାଉ ଆନ କଥା ଯୋଗୀ ଜନମନ ହୋଇଛି ଆଜ ଅଧୟ
ଦେଖୁଥିଲେ ଯେହୁ ବ୍ରହ୍ମମୟ ବିଶ୍ୱ ଦେଖନ୍ତି ସେ ନାରୀମୟ ।
ରାଧାନାଥ—ପାର୍ବତୀ.
ଭୂଲଦଣ. ଅଳଙ୍କାରତରଙ୍ଗିଣୀ ।

୩ । ପାରିପାର୍ଶ୍ୱିକଘଟନାରୁ ଅର୍ଥର ଅନୁମାନ—
3. Inference from circumstances.

୪ । ( ନ୍ୟାୟ ) ଅନୁମାନର ପ୍ରସ୍ତାବନାବିଶେଷ—
4. ( Logic ) A disjunctive hypothetical syllogism ( M. W )

**ଅର୍ଥାବମର୍ଦ୍ଦ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଅବମର୍ଦ୍ଦ )—
**Arthābamardda** ବ୍ୟୟଶୀଳତା—
Prodigality ( M. W.)

**ଅର୍ଥାର୍ଥ**—ସଂ. ବିଣ. ( ବହୁବ୍ରୀହି; ଅର୍ଥ+ଅର୍ଥ )—
**Arthārtha** ଉଦ୍ଦେଶ୍ୟ ସାଧନ ପାଇଁ ଉପଯୋଗୀ—
Effective for the accomplishment of the aim in view.

ସଂ. କ୍ରି. ବିଣ—ଅର୍ଥ ବା ଧନ ନିମନ୍ତେ—
On account of money.

**ଅର୍ଥାର୍ଥୀ**—ସଂ. ବିଣ. ପୁଂ. ( ଅର୍ଥ+ଅର୍ଥ+ଇନ୍. ୧ମା. ୧ବ. )—
**Arthārthī** ୧ । ଧନ ପାଇବା ପାଇଁ ପ୍ରୟାସୀ—
(ଅର୍ଥାର୍ଥିନୀ—ସ୍ତ୍ରୀ) 1. Desirous of gaining wealth.

୨ । ଉଦ୍ଦେଶ୍ୟ ଲାଭ କରିବାକୁ ଇଚ୍ଛୁକ—
2. Desirous of gaining ones' object.

୩ । ଲାଭ କରିବାକୁ ଇଚ୍ଛୁକ—
3. Desrrous of making a profit

୪ । ସ୍ୱାର୍ଥାନ୍ୱେଷୀ; ଆପସୁଆର୍ଥୀ—
4. Selfish ( M. W. )

**ଅର୍ଥାଲଙ୍କାର**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ସମ୍ବନ୍ଧୀୟ ଅଳଙ୍କାର)—
**Arthālankāra** ସାହିତ୍ୟରେ ଅଳଙ୍କାରବିଶେଷ ( ବ୍ୟବହୃତ ଶବ୍ଦର ଅର୍ଥ ବିଷୟରେ ଶୋଭା ଏ ଅଳଙ୍କାରର ଉଦ୍ଦେଶ୍ୟ । ଏଥିରେ ଶବ୍ଦର ଶୋଭା ନ ଥାଇ ଅର୍ଥର ଶୋଭା ଥାଏ; ଉପମା, ରୂପକ ଆଦି ଅର୍ଥାଲଙ୍କାର; ଯହିଁରେ ଶବ୍ଦର ଶୋଭା ଥାଏ ତାକୁ ଶବ୍ଦାଲଙ୍କାର ବୋଲାଯାଏ; ଯଥା—ଯମକ, ଅନୁପ୍ରାସ )—Embellishment of the sense by poetical figures

**ଅର୍ଥିକ**—ସଂ. ବିଣ. ପୁଂ. ( ଅର୍ଥ+ଇକ )—
**Arthika** ୧ । ଯେ କୌଣସି ବିଷୟ ଲୋଡ଼ୁଥାଏ—
(ଅର୍ଥିକା—ସ୍ତ୍ରୀ) 1. Wanting anything

୨ । ଯାଚକ—2. Begging for anything.

ସଂ. ବି.—୧ । ଭିକ୍ଷୁକ—1. Beggar.

୨ । ରାଜାମାନଙ୍କୁ ନିଦରୁ ଉଠାଇବା ପାଇଁ ସ୍ତୁତିପାଠକ ବ୍ୟକ୍ତି—2. Herald whose duty is to sing songs to awaken a Rājā from his sleep.

୩ । ରାଜାଙ୍କ ପ୍ରହରୀବିଶେଷ ( ଦିବସର ସମୟ ଗୀତ ବା ଘଣ୍ଟା ଦ୍ୱାରା ଜଣାଇବା ଓ ରାଜାଙ୍କୁ ଶୋଇବାକୁ ଯିବା ଓ ଶଯ୍ୟା ତ୍ୟାଗ କରିବାର ସମୟ ଜଣାଇବା ଏମାନଙ୍କ କାର୍ଯ୍ୟ )—
3. A prince's watchman ( announcing by song or music the hours of the day, specially those for rising and going to rest) ( M. W. )

**ଅର୍ଥିତ**—ସଂ. ବିଣ. ପୁଂ. ( ଅର୍ଥ ଧାତୁ=ପ୍ରାର୍ଥନା କରିବା+କର୍ମ. ତ )—
**Arthita** ୧ । ଯାହାକୁ କେହି କିଛି ପ୍ରାର୍ଥନା କରୁଥାଏ—
(ଅର୍ଥିତା—ସ୍ତ୍ରୀ) 1. One who has been approached with any prayer.

୨ । ପୃଷ୍ଟ; ଜିଜ୍ଞାସିତ—2. Asked.

୩ । ବାଞ୍ଛିତ—3. Desired; wished for.

୪ । ଅନୁରୁଦ୍ଧ—4. Requested.

୫ । ପ୍ରାର୍ଥିତ—5. Prayed for; solicited.

ସଂ. ବି.—ବାଞ୍ଛା; ଇଚ୍ଛା—Desire; wish.

**ଅର୍ଥିତା**—ସଂ. ବିଣ. ସ୍ତ୍ରୀ. ( ଅର୍ଥିତ+ଆ )—ଅର୍ଥିତର ସ୍ତ୍ରୀଲିଙ୍ଗ—
**Arthitā** Feminine of Arthita.

ସଂ. ବି. ( ଅର୍ଥିନ୍+ତା )—୧ । ଅର୍ଥୀ ବା ପ୍ରାର୍ଥୀର ଅବସ୍ଥା—
1. The condition of a suppliant.

୨ । ଇଚ୍ଛା; ବାଞ୍ଛା—2 Wish; desire.

୩ । ପ୍ରାର୍ଥନା; ଅନୁରୋଧ—3. Asking; request.

**ଅର୍ଥୀ**—ସଂ. ବିଣ. ପୁଂ. ( ଅର୍ଥ ଧାତୁ+ଇନ୍. ୧ମା. ୧ବ. )—
**Arthī** ୧ । (ଅମୁକ ବସ୍ତୁ ପାଇଁ) ପ୍ରାର୍ଥନାକାରୀ; ପ୍ରାର୍ଥୀ—
(ଅର୍ଥିନୀ—ସ୍ତ୍ରୀ) 1. Praying or craving for
(ଅର୍ଥିତା—ବି) anything.

୨ । ଇଚ୍ଛୁକ—2 Desirous.

୩ । ଯାଚକ—3. Soliciting.

୪ । ଦରଖାସ୍ତକାରୀ—4. Petitioning.

୫ । ଲାଳାୟିତ—5. Longing for.

୬ । ଉଦ୍ଦେଶ୍ୟ ସାଧନେଚ୍ଛୁ—
6. Desirous of fulfilment of aim.

୭ । ଧନୀ—7. Rich.

୮ । କାମୁକ—8. Libidinous ( M. W. )

୯ । ଯେ ଅର୍ଥ ବ୍ୟାଖ୍ୟା କରେ—
9. Explaining the meaning.

ସଂ. ବି—୧ । ମକଦ୍ଦମାରେ ବାଦୀ; ମୁଦେଇ—
1. Plaintiff; complainant.

( ପ୍ରତ୍ୟର୍ଥୀ—ବିପରୀତ )

୨ । ଭିକ୍ଷୁକ—2. Beggar.

୩ । ଉମେଦ୍ୱାର—3. Suitor.

ସାଧାରଣ ଲୋକେ ଅପର ପୃଷ୍ଠାରେ ଯତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାହ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

୪ । ସେବକ; ଭୃତ୍ୟ—4. Servant.
୫ । ବିବାହ ପାଇଁ କନ୍ୟା ପ୍ରାର୍ଥୀ ବ୍ୟକ୍ତି—
5. One who asks for a girl in marriage; wooer ( M. W. )
୬ । ସଙ୍ଗୀ—6. Companion.

**ଅର୍ଥେ**—ସଂ. ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା; ଭୋଜନାର୍ଥେ)—
Arthe ୧ । (ଅମୁକ) ପାଇଁ; ନିମିତ୍ତ—1. For.
୨ । (ଅମୁକ) ପ୍ରୟୋଜନ ପାଇଁ—2. With a view to; with the object of.
୩ । (ଅମୁକ)ଉଦ୍ଦେଶ୍ୟରେ—3. For the purpose of
ମିଳିଲେ ଯାଇଁ ଲୁଚୁଥିବେ । ସ୍ୱଚ୍ଛନ୍ଦ ଦେଖିବାର ଅର୍ଥେ ।
ଜଗନ୍ନାଥ. ଭାଗବତ ।

**ଅର୍ଥୋତ୍ସର୍ଗ**—ସଂ. ବି ( ୬ଷ୍ଠୀ ତତ୍, ଅର୍ଥ+ଉତ୍ସର୍ଗ )—ଧନବ୍ୟୟ—
Arthotsarga Expenditure of money.

**ଅର୍ଥୋପମା**—ସଂ. ବି—ଉପମାଲଙ୍କାରବିଶେଷ ( ଏଥିରେ ଉପମେୟ
Arthopamā ବିଷୟର ଉଲ୍ଲେଖ ଥାଏ ଏବଂ ଉପମାର ଅଙ୍ଗମାନ ନ ଥାଏ; ଯଥା—ରାମ ପୁରୁଷସିଂହ ଅଟନ୍ତି )—
A simile which merely states the object of comparison without mentioning any particle thereof.

**ଅର୍ଥୋପାର୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଉପାର୍ଜନ )—
Arthopārjana ୧ । ଧନ କମେଇବା; ଧନଅର୍ଜନ—
1. Acquisition or earning of wealth.
୨ । ଧନସଂଗ୍ରହ—2. Collection of riches.

**ଅର୍ଥୋଷ୍ମା**—ସଂ. ବି. (ମଧ୍ୟପଦଲୋପୀ; ଅର୍ଥ+ଉଷ୍ମନ୍; ୧ମା. ୧ବ)—
Arthoshmā ୧ । ଧନଗର୍ବ; ବେଶି ଧନ ହେବାରୁ ମନୁଷ୍ୟ ମନରେ ଉପୁଜିବା ଗରମୀ—
1. Glow or pride of wealth.
୨ । ଧନଶାଳିତ୍ୱ—2. Condition of being wealthy.

**ଅର୍ଥ୍ୟ**—ସଂ. ବିଣ. ( ଅର୍ଥ ଧାତୁ+କର୍ମ. ଯ )—
Arthya ୧ । ଉଚିତ—1. Proper.
୨ । ପ୍ରାର୍ଥିତ ହେବାର ଯୋଗ୍ୟ—
2. Fit to be prayed for.
୩ । ନ୍ୟାଯ୍ୟ; ଉପଯୋଗୀ—3. Fit.
୪ । ଯୁକ୍ତିଯୁକ୍ତ—4. Reasonable.
୫ । ଅର୍ଥ ବା ତାତ୍ପର୍ଯ୍ୟଯୁକ୍ତ—
5. Full of meaning; significant.
୬ । ଧନୀ—6. Rich. (M. W)
୭ । ଜ୍ଞାନୀ—7. Wise.
୮ । ବୁଦ୍ଧିମାନ—8. Intelligent.
୯ । ପଣ୍ଡିତ—9. Learned.

ସଂ. ବି—୧ । ଗେରୁ—1. Red chalk.
୨ । ଶିଳାଜତୁ ( ଦେଖ )
2. Śilājatu ( See )

**ଅର୍ଦ୍ଦ** (ଧାତୁ)—୧ । ପୀଡ଼ା ଦେବା—1. To torment.
Arda (root) ୨ । ଆଘାତ କରିବା—2. To hurt.
୩ । ହତ୍ୟା କରିବା—3. to kill.
୪ । ପ୍ରାର୍ଥନା କରିବା; ମାଗିବା—
4. To ask; To beg for.
୫ । କଷ୍ଟ ଦେବା—5. To distress.
୬ । କ୍ଷତି କରିବା—6. To do harm.

**ଅର୍ଦ୍ଦଉଳି**—ଗ୍ରା. ବି. (ସଂ. ଅର୍ଦ୍ଦ ଧାତୁ=ପୀଡ଼ା ଦେବା, କଷ୍ଟ ଦେବା)—
Ardauḻi ୧ । ଅର୍ଦ୍ଦୋଳି; ଅଳି—1. Importunity; pressing and repeated requests.
୨ । ଗୋଲମାଲ; ଜଞ୍ଜାଳ—2. Confusion.
୩ । ଗୁରୁଦାୟିତ୍ୱ—3. Heavy responsibility.
୪ । କର୍ମବ୍ୟସ୍ତତା—4. State of being busy with work.
୫ । ଧୁମ୍‌ଧଡ଼ାକା; ଚପଟ—5. Trouble; pressure.

**ଅର୍ଦ୍ଦଉଳିଆ**—ଗ୍ରା. ବିଣ—ଅର୍ଦ୍ଦାଉଳିଆ ( ଦେଖ )
Ardauḻiā Ardāuḻiā ( See )

**ଅର୍ଦ୍ଦଖଲ୍ୱଯନ୍ତ୍ର**—ସ. ବି—ଖଲ ଏବଂ ପୁଆ—
Ardakhalwajantra Pestle and mortar.

**ଅର୍ଦ୍ଦନ**—ସ. ବି. ( ଅର୍ଦ୍ଦ ଧାତୁ+ଭାବ. ଅନ )—
Ardana ୧ । ଉତ୍ପୀଡ଼ନ—1. Oppression.
(ଅର୍ଦ୍ଦିତ—ବିଣ) ୨ । ପୀଡ଼ା—2. Pain.
୩ । ରଣ—3. Fight.
୪ । ହିଂସା—4. Envy; spite.
୫ । ହନନ; ମାରଣ—5. Killing.
୬ । ଅନୁରୋଧ; ପ୍ରାର୍ଥନା—6 Request.
୭ । ବିନାଶନ—7. Destroying; annihilating.
୮ । ଦୁଃଖ—8. Trouble.
୯ । ଉତ୍ତେଜନା—9. Excitement.
୧୦ । ଶିବ—10. A name of Śiba.
ସଂ. ବିଣ—୧ । ଚଞ୍ଚଳ; ଗମନଶୀଳ—
1. Moving; restless.
୨ । ଉତ୍ପୀଡ଼କ—2. Tormenting; oppressive.
୩ । ବିନାଶକ—3. Destroying.

**ଅର୍ଦ୍ଦନା**—ସଂ. ବି. ( ଅର୍ଦ୍ଦ ଧାତୁ+ଭାବ. ଅନ+ଆ )—
Ardanā ଅର୍ଦ୍ଦନ ( ଦେଖ )
Ardana ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ଥ |

**ଅର୍ଦ୍ଦନି**—ସଂ. ବି. (ଅର୍ଦ୍ଦ ଧାତୁ + କର୍ତ୍ତୃ. ଅନ + ଇ )—
Ardani ୧ । ରୋଗ—1. Sickness; disease.
୨ । (+ଭାବ. ଅନ+ଇ) ପ୍ରାର୍ଥନା କରିବା; ମାଗିବା—2. Asking; begging.
୩ । (+କର୍ତ୍ତୃ. ଅନ+ଇ) ଅଗ୍ନି—3. Fire (M.W.)

**ଅର୍ଦ୍ଦଲି**—ବୈଦେ. ବି. ( ଇଂ. ଅର୍ଡ଼ର୍ଲି )—
Ardali ଅର୍ଡ଼ର୍ଲି; ଆଜ୍ଞାବାହକ ଭୃତ୍ୟ; ଯେଉଁ ଚାକର ବା
आर्दाली ଚପରାସୀ ହାକିମଙ୍କ ଡାକହାକ ଶୁଣିବାକୁ ପାଖରେ
अर्दली ଥାଏ; ବୋଲକରା ଚାକର—
An orderly peon.
ଦେ. ବି. ( ସଂ. ଅର୍ଦ୍ଦ ଧାତୁ )—ଅର୍ଦ୍ଦଉଳି ( ଦେଖ )
Ardauli ( See )

ଘାର ସବୁ ଅର୍ଦ୍ଦଳି ସେ ସହୁଛ । ଭୃଲଳା—ଜଅଭୁଣୀ ।

**ଅର୍ଦ୍ଦା**—ପ୍ରାଦେ. ( ସମ୍ବଲପୁର ) ବିଣ—ଅମଣିଆଁ ( ପଶୁ )—
Ardā Untrained ( beast )

**ଅର୍ଦ୍ଦାଉଳି**—ଦେ. ବି—ଅର୍ଦ୍ଦଉଳି ( ଦେଖ )
Ardāuli Ardauli ( See )

**ଅର୍ଦ୍ଦାଉଳିଆ**—ଗ୍ରା. ବିଣ. ( ସଂ. ଅର୍ଦ୍ଧ ? )—୧ । ଅନିୟମିତ—
Ardāuliā 1. Irregular; unsystematic.
आधामाधा ୨ । ଗୋଲମାଳିଆ—2. Confused.
बेढ़ङ्ग ୩ । ଅଖାଡ଼ୁଆ—3. Odd.
୪ । ଅଧୀର—4. Restless.
୫ । ଅସ୍ତବ୍ୟସ୍ତ—5. Disordered.

**ଅର୍ଦ୍ଦାଳିଆ**—ଦେ. ବିଣ—ଅର୍ଦ୍ଦାଉଳିଆ ( ଦେଖ )
Ardāliā Ardāuliā ( See )

**ଅର୍ଦ୍ଦାଳୁଆ**—ଦେ. ବିଣ—ଅର୍ଦ୍ଦାଉଳିଆ ( ଦେଖ )
Ardāluā Ardāuliā ( See )

**ଅର୍ଦ୍ଦିତ**—ସଂ. ବିଣ. ( ଅର୍ଦ୍ଦ ଧାତୁ + କର୍ମ. ତ )—
Ardita ୧ । ଅନୁରୁଦ୍ଧ; ପ୍ରାର୍ଥିତ—1. Asked; begged.
୨ । ପୀଡ଼ିତ—2 Tormented.
୩ । ଆହତ—3. Wounded.
୪ । ହତ—4. Killed.
୫ । ବିନଷ୍ଟ—5. Destroyed.
ସଂ. ବି—୧ । ଦାନ୍ତପାଟିର ଯାକ ପଡ଼ିଯିବା ରୋଗ—
1. Spasm of jawbones.
୨ । ବେକ ଓ ମୁହଁର ଏକ ପାଖ ନ ଚଳିବା;ଏକାଙ୍ଗୀ ବାତ—
2. Paralysis of the muscles of one side of the neck and face; hemiplegia.
୩ । ଧନୁଷ୍ଟଙ୍କାର ରୋଗ—3. Tetanus.

**ଅର୍ଦ୍ଦୋଳି**—ଦେ. ବି.-ଅର୍ଦ୍ଦଉଳି ( ଦେଖ )
Ardoli Ardauli ( See )

**ଅର୍ଦ୍ଧ**—ସଂ. ବି ( ଋଧ ଧାତୁ=ବୃଦ୍ଧି ପାଇବା + କରଣ. ଅ; ଯାହାଦ୍ୱାରା
Arddha ସମୁଦାୟ ବସ୍ତୁ ବୃଦ୍ଧି ପାଏ )—
୧ । ଅଂଶ; ଏକଦେଶ—1. Part.
୨ । କୌଣସି ବସ୍ତୁର ଦୁଇ ସମାନ ଅଂଶ ମଧ୍ୟରୁ ଏକତର; ଅଧେ—2. Half portion.
୩ । ସମାନ ଅଂଶ—3. Equal part.
ସଂ. ବିଣ—୧ । ଦ୍ୱିଭାଗୀକୃତ—1. Divided into two.
୨ । ( ଅମୁକର ) ଅଧେ ପରିମିତ—2. Half of.

**ଅର୍ଦ୍ଧଅର୍ଗ**—ପ୍ରାଦେ. ( ଗଡ଼ଜାତ ) ବି.—( ସଂ. ଅର୍ଦ୍ଧ + ସଂ. ଅର୍ଗଳ )
Arddhaarā ୧ । ଅଧବାଟ—1. Half the way.

ଚେଣେ ଚେଲଙ୍ଗା ବଳଙ୍କ ସଙ୍ଗରେ
ବଇତରଣୀଦାସ ପ୍ରଭୁ ଲକ୍ଷରେ ।
ଅର୍ଦ୍ଧଅର୍ଗରେ ହେଲେକ ବାହାର,
ଏହୁକାଳେ ସେ ହୋଇଲ ଗୋଚର । ବ୍ରଜନାଥ—ସମରତରଙ୍ଗ ।

**ଅର୍ଦ୍ଧକ**—ସଂ. ବି. ( ଅର୍ଦ୍ଧ + ସ୍ୱାର୍ଥେ. କ )—ଅର୍ଦ୍ଧ ( ଦେଖ )
Arddhaka Arddha ( See )

**ଅର୍ଦ୍ଧକୁମ୍ଭମେଳା**—ସଂ. ବି.—ପ୍ରତିବର୍ଷ କୁମ୍ଭ ମାସରେ ପ୍ରୟାଗରେ ପଡ଼ୁଥିବା
Arddhakumbhamelā ସ୍ନାନଯୋଗ—
Auspicious time for bath at Allahabad occuring every year in the month of Kumbha.

**ଅର୍ଦ୍ଧଚନ୍ଦ୍ର**—ସଂ. ବି. ( ୬ଷ୍ଠୀ ତତ୍; ଚନ୍ଦ୍ର + ଅର୍ଦ୍ଧ; ପୂର୍ବନିପାତ )—
Arddhachandra ୧ । ଚନ୍ଦ୍ରର ଫାଳେ—
1. Half of the moon.
୨ । ଅର୍ଦ୍ଧଚନ୍ଦ୍ରଠାରୁ ଷ୍ଟେ ଅଂଶ; ଚନ୍ଦ୍ରର ଚନ୍ଦ୍ରକଳା—
2. Crescent.
୩ । ଅର୍ଦ୍ଧଚନ୍ଦ୍ରାକୃତି ଶର—3. An arrow with a crescent-shaped head.
୪ । ଅର୍ଦ୍ଧଚନ୍ଦ୍ରାକୃତି ଅସ୍ତ୍ର—
4. A crescent-shaped weapon.
୫ । ଅନ୍ୟର ଗଳାରେ ଧକ୍କା ଦେବାପାଇଁ ଅର୍ଦ୍ଧଚନ୍ଦ୍ରାକୃତି ପ୍ରସାରିତ କରତଳ—5. The hand bent in shape of a claw or crescent ( as for the purpose of seizing or pushing anybody by the neck. )
୬ । ଅର୍ଦ୍ଧଚନ୍ଦ୍ରାକୃତି କରତଳଦ୍ୱାରା ଗଳାଧକ୍କା—
6. Pushing a man by the neck.
୭ । ମୟୂରଚନ୍ଦ୍ରିକା—
7. Circular marks on a peacock's tail.
୮ । ଅର୍ଦ୍ଧଚନ୍ଦ୍ରାକୃତି ନଖକ୍ଷତ—8. The semicircular scratch of a finger-nail

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଷ୍' ନ ମିଳିଲେ 'କ୍ରୂଷ୍' ଦେଖିବେ; 'ବର୍ଷ' ନ ପାଇଲେ 'ବର୍ଷ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ଅର୍ଦ୍ଧଚନ୍ଦ୍ରାକୃତି ଗଜର ଆଭରଣବିଶେଷ—
9. A half-moon shaped trapping for an elephant.

୧୦ । ସ୍ତ୍ରୀମାନଙ୍କ ଲଲାଟରେ ଅଙ୍କିତ ଅର୍ଦ୍ଧଚନ୍ଦ୍ରାକୃତି ତିଳକ ବା ଚିତ୍ର—10. Crescent-shaped figure pained on the brow of females.

୧୧ । ଅର୍ଦ୍ଧରୌପ୍ୟ ମୁଦ୍ରା—An eight-anna bit.

୧୨ । ଅଷ୍ଟମୀଚନ୍ଦ୍ର—12. The semicircular crescent on the 8th day of the moon

୧୩ । ଅନୁସ୍ୱାର—13. The letter or sign of Anuswāra.

**ଅର୍ଦ୍ଧଚନ୍ଦ୍ରକ**—ସଂ ବି. ( ଅର୍ଦ୍ଧଚନ୍ଦ୍ର + ସ୍ୱାର୍ଥେ. କ )—
**Ardhachandraka** ୧ । ଅର୍ଦ୍ଧଚନ୍ଦ୍ରାକୃତି ବାଣାଗ୍ର—
1. The semilunar point of an arrow.
୨ । ଅର୍ଦ୍ଧଚନ୍ଦ୍ରାକୃତି କରତଳ—
2. The hand bent in the shape of a claw or crescent.

**ଅର୍ଦ୍ଧଚନ୍ଦ୍ରା**—ସଂ. ବି ( ଅର୍ଦ୍ଧଚନ୍ଦ୍ର + ଆ )—କଳାତିଅଡ଼ି—
**Arddhachandrā** A medicinal herb; Convolvulus Turpethum.

**ଅର୍ଦ୍ଧଜରତୀୟନ୍ୟାୟ**—ସଂ. ବି—ଜଣେ ଉଦାରସ୍ୱଭାବ ବୃଦ୍ଧ ବ୍ରାହ୍ମଣ
**Arddhajaratiyanyāya** ଦୁରବସ୍ଥାପନ୍ନ ହୋଇ ନିଜର ଗୋଟିଏ ଗାଈକୁ ପ୍ରତି ହାଟପାଳରେ ବିକ୍ରୟ କରିବାକୁ ନେଇ ଯାଆନ୍ତି । ଯେପରି ମନୁଷ୍ୟର ବୟସ ଅଧିକ ହେଲେ ଲୋକରେ ତାହାର ଆଦର ହୁଏ ସେହିପରି ଗାଈର ବୟସ ଅଧିକ କହିଲେ ଲୋକେ ଆଗ୍ରହରେ ତାକୁ କିଣିବେ ଏହା ଭାବି ବୃଦ୍ଧ କ୍ରେତାମାନଙ୍କୁ କହନ୍ତି ଏ ଗାଈଟି ଆମ୍ଭର ପୈତୃକ ଗୋରୁ ଓ ଅତି ପ୍ରାଚୀନା; ବ୍ରାହ୍ମଣଙ୍କର ଏହି କଥା ଶୁଣି କ୍ରେତାମାନେ ଫେରି ଯାଆନ୍ତି ଓ ବ୍ରାହ୍ମଣ ପ୍ରତି ହାଟପାଳରେ ଗୋରୁଟିକୁ ହାଟକୁ ନିଅନ୍ତି । ଦିନେ ଜଣେ ଲୋକ ବ୍ରାହ୍ମଣଙ୍କୁ ପଚାରିଲେ, ଆପଣ ତ ପ୍ରତି ହାଟକୁ ଗୋରୁ ଆଣନ୍ତି, ବିକନ୍ତି ନାହିଁ କାହିଁକି ? ବ୍ରାହ୍ମଣ ତାଙ୍କ ମନୋଗତ ଭାବ ବ୍ୟକ୍ତ କରିବାରୁ ସେହି ଲୋକ କହିଲେ, ଆପଣ ଏହାକୁ ପୁରୁଣା ଗୋରୁ ନ କହି, ଏକ ଫଳର ଗାଈ ଓ ବହୁତ ଦୁଧ ଦିଏ, କହିଲେ ଲୋକେ ଆଗ୍ରହରେ କିଣି ନେବେ । ଏହା ଶୁଣି ବ୍ରାହ୍ମଣ ଭାବିଲେ, ମୁଁ ତ ପ୍ରଥମେ ଏହାକୁ ପ୍ରାଚୀନା କହିଅଛି, ବର୍ତ୍ତମାନ କିପରି ତରୁଣୀ କହିବି ? ଏପରି ହୋଇ ପାରେ ଯେ ଏ ଗାଈଟି ଅସ୍ଥାଂଶରେ ପ୍ରାଚୀନ ଓ ଶରୀରାଂଶରେ ତରୁଣୀ; ଅତଏବ ମୁଁ ଏହାକୁ ଅର୍ଦ୍ଧଜରତୀ କହି ପାରେ । ପରେ ଜଣେ କ୍ରେତା ଆସିବାରୁ ବ୍ରାହ୍ମଣ କହିଲେ 'ଏ ଗାଈଟି ଅର୍ଦ୍ଧ ଜରତୀ' ଓ ଅର୍ଦ୍ଧ ତରୁଣୀ । କ୍ରେତା ବ୍ରାହ୍ମଣଙ୍କୁ ଜ୍ଞାନଶୂନ୍ୟ ମନେ କରି ହସି ହସି ଗାଈଟି କିଣି ନେଲେ ।

ଯେତେବେଳେ ବକ୍ତାଙ୍କ ବାଦୀ ଓ ପ୍ରତିବାଦୀର କଥାରୁ କିଛି କିଛି ଅଂଶ ଗ୍ରହଣ କରି ଅନ୍ୟ ଅଂଶ ପରିତ୍ୟାଗ କରନ୍ତି ପଣ୍ଡିତମାନେ ସେତେବେଳେ ଏହି ନ୍ୟାୟର ଉଦାହରଣ ଦିଅନ୍ତି—
Incompatibility in argument

**ଅର୍ଦ୍ଧନାରୀଶ**—ସଂ. ବି. ପୁଂ ( ମଧ୍ୟପଦଲୋପୀ ଅର୍ଦ୍ଧ ନାରୀ ସହିତ ଈଶ )—
**Arddhanārīśa** ହରଗୌରୀ ରୂପରେ ଶିବଙ୍କର ମୂର୍ତ୍ତିଭେଦ; ମହାଦେବ—
Śiba assuming half female and half male form.

**ଅର୍ଦ୍ଧନାରୀଶ୍ୱର**—ସଂ. ବି. ପୁଂ ( ଅର୍ଦ୍ଧ ନାରୀ ସହିତ ଈଶ୍ୱର )—
**Arddhanārīśwara** ଅର୍ଦ୍ଧନାରୀଶ ( ଦେଖ ) Arddhanārīśa ( See )

**ଅର୍ଦ୍ଧପଥପିଣ୍ଡ**—ଦେ. ବି.—ଅର୍ଦ୍ଧପଥଶ୍ରାଦ୍ଧବେଳେ ମୃତ ବ୍ୟକ୍ତିର ପ୍ରେତ
**Arddhapathapiṇḍa** ଉଦ୍ଦେଶ୍ୟରେ ଦିଆଯିବା ପିଣ୍ଡ—
Oblation of boiled rice given to the ghost of a deceased before cremation.

**ଅର୍ଦ୍ଧପଥଶ୍ରାଦ୍ଧ**—ଦେ. ବି.—ମୃତ ବ୍ୟକ୍ତିର ଶବ ଦାହ ପୂର୍ବରୁ ଶ୍ମଶାନରେ
**Arddhapatha Śrāddha** ଶବକୁ ସ୍ନାନ କରାଇ ତେରକରି ବସାଇ ମୁଖାଗ୍ନିଦେବା ବ୍ୟକ୍ତି ଯେଉଁ ଶ୍ରାଦ୍ଧ କରନ୍ତି ।
Śrāddha done after setting the dead-body in a sitting posture after washing it before it is cremated.

**ଅର୍ଦ୍ଧବିନ୍ଦୁ**—ଦେ. ବି.—ଚନ୍ଦ୍ରବିନ୍ଦୁର ତଳେ ଥିବା ଖଣ୍ଡ ଚନ୍ଦ୍ର ଚିହ୍ନ—
**Arddhabindu** The sign of crescent below the Chandrabindu.

> ଅର୍ଦ୍ଧବିନ୍ଦୁ ଉପରେ ତିଳକ ବିନ୍ଦୁ ଦେଇ,
> ଅର୍ଦ୍ଧବିନ୍ଦୁ କଣ୍ଠେ ଦିଅ ଷୋଳାକ୍ଷର ଧ୍ୟାଇ ।
>
> ଅଚ୍ୟୁତାନନ୍ଦ—ଶ୍ରୀ ଗୁରୁଭକ୍ତିଗୀତା ।

**ଅର୍ଦ୍ଧମାତ୍ରା**—ସଂ. ବି. (ଅର୍ଦ୍ଧ + ମାତ୍ରା = ପରିମାଣ)—୧ । ଅର୍ଦ୍ଧପରିମାଣ-
**Arddhamātrā** Half quantity.
୨ । ଅର୍ଦ୍ଧଚନ୍ଦ୍ରାକୃତି ବ୍ରହ୍ମରୂପିଣୀ ମହେଶ୍ୱରୀ (ଯେପରି 'ଓଁ' ଶବ୍ଦରେ ଁ ଚିହ୍ନ)—The crescent sign in 'Om'
୩ । (ସଙ୍ଗୀତରେ) ମାତ୍ରାର ମଧ୍ୟଭାଗ—
3. The middle of a measure in music.

**ଅର୍ଦ୍ଧମାନ**—ସଂ. ବି. (ଅର୍ଦ୍ଧ + ମାନ)—ଅଧା; ଅର୍ଦ୍ଧ ପରିମାଣ (କାଳ)
**Arddhamāna** Half (time)

> ନଣ୍ଡ ଅର୍ଦ୍ଧମାନେ କରୁଛ ରୋଦନ ଏବେ କହ ତୋ କେଶବ ଚନ୍ଦ୍ରା ଗୋ ସୁନ୍ଦରୀ ।
>
> ପ୍ରଭାତ, ଶଚୀସେଣା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଔ | ନ୍ଥ |

ଅର୍ଦ୍ଧମାନେ—ଦେ. ଅ.—ଅର୍ଦ୍ଧ ପରିମାଣରେ; ଅଧେ ପର୍ଯ୍ୟନ୍ତ—
Arddhamāne By half; up to half.

ବୁଡ଼ିଗଲା ଘରେ ନାବ ସେହେଁ, ନମଗ୍ନ ହୋଇ ଅର୍ଦ୍ଧମାନେ । ଜଗନ୍ନାଥ—ସ୍ୱର୍ଗଚନ୍ଦ୍ର ।

ଅର୍ଦ୍ଧରଥ—ସଂ. ବି.—ଯେଉଁ ଯୋଦ୍ଧା ରଥୀଙ୍କଠାରୁ ଅଳ୍ପତର ଯୋଦ୍ଧା—
Arddharatha A warrior lesser than the Rathī.

ଅର୍ଦ୍ଧରାତ୍ର—ସଂ. ବି. (ରାତ୍ରିର ଅର୍ଦ୍ଧ; ସମାସରେ ରାତ୍ରି ଶବ୍ଦର 'ରାତ୍ର' ଆକାର)
Arddharātra ଅଧରାତ୍ରି; ନିଶାରାତ୍ରି; ନିଶୀଥ—
Midnight; dead of night.

ଅର୍ଦ୍ଧଶରୀର—ସଂ. ବି. (ଶରୀରର ଅର୍ଦ୍ଧ)—
Arddhaśarira ୧ । ପତ୍ନୀ; ସ୍ତ୍ରୀ—1. Wife.
୨ । ଶରୀରର ଅଧେ— 2. Half of the body.
୩ । ଏକାଙ୍ଗୀବାତ—3. Paralysis affecting one side of the body; hemiplegia.

ଅର୍ଦ୍ଧସ୍ଫୁଟ—ସଂ. ବିଣ. (ଅର୍ଦ୍ଧ+ସ୍ଫୁଟ=ପ୍ରସ୍ଫୁଟିତ; ଉଚ୍ଚାରିତ)—
Arddhasphuṭa ୧ । ଅପରିସ୍ଫୁଟ—1. Half articulate.
୨ । ଅସ୍ପଷ୍ଟ—2. Indistinct.

ଅର୍ଦ୍ଧାଂଶ—ସଂ. ବି.—ଏକଭାଗରୁ ଅଧେ—Half a share.
Arddhāṁsa

ଅର୍ଦ୍ଧାଙ୍ଗ—ସଂ. ବି. (ଅର୍ଦ୍ଧ+ଅଙ୍ଗ)—ଅର୍ଦ୍ଧଶରୀର (ଦେଖ)
Arddhāṅga Arddhaśarīra (See)

ଅର୍ଦ୍ଧାଙ୍ଗୀ—ଦେ. ବି. ସ୍ତ୍ରୀ. (ଅର୍ଦ୍ଧାଙ୍ଗ+ଈ)— ପତ୍ନୀ; ସ୍ତ୍ରୀ—
Arddhāṅgī Wife.
ଅର୍ଯ୍ୟ ସ୍ତ୍ରୀ

ଅର୍ଦ୍ଧାବଭେଦକ—ସଂ. ବି. (ବୈଦ୍ୟକ) (ଅର୍ଦ୍ଧ+ଅବଭେଦକ)—
Arddhābabhedaka ଅଧାକପାଳି ବଥା (ଦେଖ)
Adhākapāḷi batha (See)

ଅର୍ଦ୍ଧାବଶିଷ୍ଟ—ସଂ. ବିଣ—ଅର୍ଦ୍ଧାଂଶ ବାକି ଥିବା—Half left;
Arddhābaśishṭa having half only left behind.

ଅର୍ଦ୍ଧାଶନ—ସଂ. ବି. (ଅର୍ଦ୍ଧ+ଅଶନ=ଭୋଜନ)—୧ । ଅର୍ଦ୍ଧଭୋଜନ—
Arddhāśana 1. Half a meal.
୨ । ଅତ୍ୟଳ୍ପ ଭୋଜନ—2. Scanty meal.

ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ; ପ୍ରତିଭାର ସିନା ଲଲାଟଲେଖନ ।
ରାଧାନାଥ—ଦରବାର ।

ସଂ. ବିଣ.—ଅଧାପେଟଖିଆ; ଦରଖିଆ (ବ୍ୟକ୍ତି)--
Half-fed (person)

ଅର୍ଦ୍ଧେକ—ଦେ. ବି.—(ସଂ. ଅର୍ଦ୍ଧକ)—ଅର୍ଦ୍ଧ; ଦୁଇଭାଗରୁ ଏକଭାଗ—
Arddheka One half; moiety.
ଦେ. ବିଣ.—ଅର୍ଦ୍ଧପରିମିତ—Half of.

ଅର୍ଦ୍ଧେନ୍ଦୁ—ସଂ.ବି. (କର୍ମଧା; ଅର୍ଦ୍ଧ+ଇନ୍ଦୁ=ଚନ୍ଦ୍ର)—୧ । ଅର୍ଦ୍ଧଚନ୍ଦ୍ର—
Arddhendu 1. Half-moon; crescent
୨ । ଅର୍ଦ୍ଧଚନ୍ଦ୍ରାକୃତି ନଖଚିହ୍ନ—2. Semicircular impresssion of a fingernail.
୩ । ଗଳହସ୍ତ—3 Pushing a man by the neck.
୪ । ଅର୍ଦ୍ଧଚନ୍ଦ୍ରାକୃତି ବାଣ—
4. Crescent-shaped dart.
୫ । କାମୋଦ୍ରେକାର୍ଥ ପ୍ରୌଢ଼ା ସ୍ତ୍ରୀର ଯୋନିଦେଶରେ ଅର୍ଦ୍ଧଚନ୍ଦ୍ରାକାର ଅଙ୍ଗୁଳି ସଂଯୋଗ (ପ୍ରକୃତିବାଦ)—5. The application of fingers joined together in the shape of 2 simple brackets or 2 crescents, to the private parts of a middle aged female to excite her passion.

ଅର୍ଦ୍ଧୋକ୍ତି—ସଂ. ବି. ( କର୍ମଧା; ଅର୍ଦ୍ଧ+ଉକ୍ତି )—୧ । ଅର୍ଦ୍ଧକଥନ
Arddhokti ସମୁଦାୟ କଥା ନ କହିବା—
1. Broken speech.
୨ । ଦନ୍ତୋଷ୍ଠ କଥା—2. Half lisped speech.

ଅର୍ଦ୍ଧୋଦୟ—ସଂ. ବି. (କର୍ମଧା; ଅର୍ଦ୍ଧ+ଉଦୟ)—୧ । ଯୋଗବିଶେଷ;
Arddhodaya ମାଘ ମାସ ରବିବାରରେ ନିର୍ଦ୍ଧାରିତ ଯୋଗ; ସୂର୍ଯ୍ୟ ଅଧେ ଉଦୟ ହେବା ସମୟରେ ଗଙ୍ଗା ଆଦି ତୀର୍ଥରେ ସ୍ନାନ କରିବା ଯୋଗ—1. Astrologically sacred time when people are freed from sins by bathing in sacred rivers when the sun is half risen on a sunday of the month of Māgha.
୨ । ସୂର୍ଯ୍ୟ ଅଧେ ଉଦୟ ହେବା ବା ପୂର୍ବଦିଗ୍‌ବଳୟରେ ଦେଖାଯିବା ଅବସ୍ଥା—2. Half rising of the sun above the eastern horizon.

ଅର୍ଦ୍ଧୋରୁକ—ସଂ. ବି. ( ଅର୍ଦ୍ଧ+ଊରୁ=ବକ୍ଷସ୍ଥଳ+କ )—ସ୍ତ୍ରୀଲୋକମାନଙ୍କର ସ୍ତନ ଅଧ ପର୍ଯ୍ୟନ୍ତ ପିନ୍ଧିବା କାଞ୍ଚୁଳିବିଶେଷ—
Arddhoruka A half jacket for females covering half of the breast.

ଅର୍ନ—ପ୍ରାଦେ. ଗଞ୍ଜାମ ବି.—ଯେଉଁ ପୋଷା ଗୋବସ୍ତ ଚଢ଼େଇ
Arna ଏକାଦିକ୍ରମେ ୧୦।୧୨ଟା ଗୋବସ୍ତ ଚଢ଼େଇଙ୍କୁ ଜିତି ଥାଏ—
A bulbul which has defeated 10 or 12 birds in fight.

ଗ୍ରା. ବି.—ଅନ୍ନ—Boiled rice.

ଅର୍ପଣ—ସଂ. ବି. (ଋ ଧାତୁ ଣିଚ୍=ଅର୍ପି ଧାତୁ+ଭାବ. ଅନ)—
Arpaṇa ୧ । ପ୍ରାପଣ—1. Procuring.
୨ । ପ୍ରଦାନ—2. Bestowing.
୩ । ସ୍ଥାପନ—3. Placing.
୪ । ନ୍ୟାସ; ନ୍ୟସ୍ତକରଣ—4. Committing to charge; entrusting.
୫ । ଯାଚିବା—5. Offering.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଂଶୁ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଗ୍ଘା' ନ ପାଇଲେ 'ଅର୍ଘା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୬ । ଅନ୍ୟକୁ ଦେବା; ଅନ୍ୟର ହାତରେ ଦେବା— 6. Handing over; delivery.
୭ । ଆଗରେ ଥୋଇବା—7. Placing before.

**ଅର୍ପଣ କରିବା**—ଦେ. କ୍ରି—୧ । ଦେବା—
Arpaṇa karibā 1. To give.
୨ । ନ୍ୟସ୍ତ କରିବା—2. To commit to the charge of; to handover.
୩ । ଜିମା କରିବା—3. To entrust.

**ଅର୍ପଣା**—ସଂ. ବି. (ଅର୍ପଣ + ଆ)—ଅର୍ପଣ (ଦେଖ)
Arpaṇā Arpaṇa (See

**ଅର୍ପଣୀୟ**—ସଂ. ବଣ. (ଅର୍ପି ଧାତୁ + କର୍ମ. ଅନୀୟ)—ଦେୟ—
Arpaṇiya To be delivered or entrusted.

**ଅର୍ପୟିତା**—ସଂ. ବଣ. (ଋ ଧାତୁ ଣିଚ୍=ଅର୍ପି ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—ଯେ ଅର୍ପଣ କରେ—Delivering; entrusting; consigning.
Arpayitā
(ଅର୍ପୟିତ୍ରୀ—ସ୍ତ୍ରୀ)

**ଅର୍ପି** (ଧାତୁ)—ସଂ. (ଋ ଧାତୁ ଣିଚ)—ଅର୍ପଣ କରିବା—(ଦେଖ)
Arpi (root) Arpaṇa karibā (See )

**ଅର୍ପିତ**—ସଂ. ବଣ. ( ଋ. ଧାତୁ ଣିଚ୍=ଅର୍ପି ଧାତୁ + କର୍ମ. ତ )—
Arpita ୧ । ନ୍ୟସ୍ତ—1. Entrusted.
୨ । ପ୍ରଦତ୍ତ—2. Given; delivered.
୩ । ଗଚ୍ଛିତ—3. Placed with; kept with.

**ଅର୍ପିବା**—ଦେ. କ୍ରି. ( ପଦ୍ୟ ) ( ସଂ. ଅର୍ପଣ )—ଅର୍ପଣ କରିବା ( ଦେଖ )
Arpibā Arpaṇa karibā ( See )

ଅମୃତମୟ ଅଶ୍ୱ ଅର୍ଣ, ଦମନ ଅର୍ପେ ନଶାମଣି । ଜଗନ୍ନାଥ—ଭାଗବତ ।

**ଅର୍ଫାନ୍**—ବୈଦେ. ( ଇଂ ) ବି—ପିତୃମାତୃହୀନ ଶିଶୁ—
Arphān Orphan.

**ଅର୍ଫାନେଜ୍**—ବୈଦେ. ( ଇଂ ) ବି—ପିତୃମାତୃହୀନ ବାଳକ ବାଳିକାଙ୍କୁ ଶିକ୍ଷା ଓ ଆଶ୍ରୟ ଦେବାର ସ୍ଥାନ—Orphanage.
Arphānej

**ଅର୍ବ୍** (ଧାତୁ)—ସଂ.—୧ । ହିଂସା କରିବା—1. To hurt
Arb ( root ) ୨ । ପୀଡ଼ା ଦେବା—2. To give pain.

**ଅର୍ବ**—ଦେ. ବି. ( ସଂ. ଅର୍ବନ୍ )—ଘୋଟକ—Horse.
Arba

ବାଜୁଅଛି ଏବେ ଖର ଅର୍ବ ବଇର ଗର୍ବ—ଖର୍ବରେ ପରିକ୍ଷ ସେ । ଭଞ୍ଜ—ବୈଦେହୀଶବିଳାସ ।

**ଅର୍ବତୀ**—ସଂ. ବି. ସ୍ତ୍ରୀ. ( ଅର୍ବନ୍ + ସ୍ତ୍ରୀ. ଈ )—
Arbati ୧ । ଘୋଟକୀ—1. Mare.
୨ । କୁଟ୍ଟିନୀ—2. A female go-between.

**ଅର୍ବନ୍**—ସଂ. ବି. ( ଋ. ଧାତୁ=ଗତି କରିବା + କର୍ତ୍ତୃ. ବନ୍ )—
Arban ୧ । ଘୋଡ଼ା—1. Horse.
୨ । ଇନ୍ଦ୍ର—2. Indra.
୩ । ଗୋକର୍ଣ୍ଣ ( ଦେଖ ). 3. Gokarṇṇa ( See )

ସଂ. ବଣ—୧ । ନୀଚ; ଅଧମ—1. Low; mean.
୨ । ନିକୃଷ୍ଟ—2. Inferior.

**ଅର୍ବାଙ୍**—ସଂ. ବଣ. (ଅର୍ବାର୍=ଲୁପ୍ତିତ + ଅନର୍ ଧାତୁ + କର୍ତ୍ତୃ. କ୍ୱିପ୍)—
Arbāṅ ୧ । ନିକୃଷ୍ଟ; ନୀଚ—1. Inferior.
୨ । ବକ୍ର—2. Bent.
୩ । କନିଷ୍ଠ—3. Younger.
୪ । କ୍ଷୁଦ୍ର—4. Small.
[ ଦ୍ର—ଏହାର ବ୍ୟବହାର ଓଡ଼ିଆରେ ନାହିଁ । ]

**ଅର୍ବାଚୀନ**—ସଂ. ବଣ. ପୁଂ. ( ଅର୍ବାର୍=ନିକୃଷ୍ଟ + ଈନ )—
Arbāchina ୧ । ବିରୁଦ୍ଧ—1. Opposite.
(ଅର୍ବାଚୀନା—ସ୍ତ୍ରୀ) ୨ । ବିପରୀତ—2. Contrary.
୩ । ପଶ୍ଚାଦ୍‌ବର୍ତ୍ତୀ—3. Posterior.
୪ । ନୂତନ—4. New.
୫ । ଆଧୁନିକ—5. Modern.
୬ । ଅଧମ; ନୀଚ—6. Low.
୭ । ହିତାହିତ ଜ୍ଞାନଶୂନ୍ୟ—7. Indiscriminating.
୮ । ନିକୃଷ୍ଟ—8. Inferior.
୯ । ପରବର୍ତ୍ତୀ—9. Later.

**ଅର୍ବୁଦ**—ସଂ. ବି. ( ଅର୍ବ. ଧାତୁ=ହିଂସା କରିବା + ଉଦ )—
Arbuda ୧ । ଦଶ କୋଟି ସଂଖ୍ୟା— 1. One hundred million.
୨ । ଆବୁ—2. Tumour; wen.
୩ । ମଧ୍ୟପ୍ରଦେଶର ପର୍ବତବିଶେଷ; ଆବୁ— 3. The Aravali hills; the mount Abu.

**ଅର୍ବୁଦତୀର୍ଥ**—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Arbudatirtha Name of a sacred place.

ଅର୍ବୁଦତୀର୍ଥେ ଅଛି ବଶିଷ୍ଠ ଆଶ୍ରମ
ତା ଦେଖିବା ଲୋକେ ଲଭନ୍ତି ସ୍ୱର୍ଗଗ୍ରାମ । କୃଷ୍ଣସିଂହ. ମହାଭାରତ. ବନ ।

**ଅର୍ବ୍ବାକ୍**—ସଂ. ଅ. ( ଅବର=ପୂର୍ବକାଳ + ଅନର୍ ଧାତୁ=ଯିବା + କର୍ତ୍ତୃ. କ୍ୱିପ୍=ଅର୍ବାର୍. ୧ମା. ୧ବ. )—
Arbbāk
୧ । ପଶ୍ଚାତ୍ ( କାଳ )—1. Previous ( time )
୨ । ମଧ୍ୟ ( କାଳ )—2. Middle ( time )
୩ । ପୂର୍ବ; ଆଦିମ (କାଳ )—3. Ancient ( time )

**ଅର୍ଭ**—ସଂ. ବି. ( ଋ ଧାତୁ=ବୃଦ୍ଧି ପାଇବା + କର୍ତ୍ତୃ. ଭ )—
Arbha ୧ । ଶିଶୁ—1. Child.
୨ । ଶିଷ୍ୟ—2. Disciple.
୩ । ଛାତ୍ର—3. Student.
୪ । ଶିଶିର—4. Dew.
୫ । ଶାକ ଶସ୍ୟାଦି ଔଷଧି— 5. Medicinal herbs; herbs and corn.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଷ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | କ୍ଷ |

ସଂ. ବଣ—ପ୍ରଭାହୀନ; ମଳିନ—
Dimmed; lustreless.

**ଅର୍ଭକ**—ସଂ. ବ. ପୁଂ ( ଅର୍ଭ + ସ୍ୱାର୍ଥରେ. କ )—
Arbhaka ୧ । ବାଳକ—1. Boy.
(ଅର୍ଭିକା—ସ୍ତ୍ରୀ) ୨ । ପଶୁଶାବକ—
2 The young of a beast,
୩ । ମୂର୍ଖ—3. Dunce,
ସଂ. ବଣ—୧ । କ୍ଷୁଦ୍ର—1. Small
୨ । କ୍ଷୀଣ—2. Weak.
୩ । ସଦୃଶ—3. Similar.

**ଅର୍ମ**—ସଂ. ବ. (ଋ ଧାତୁ=ଗମନ କରିବା+କର୍ତ୍ତୃ. ମନ୍ ୧ମା. ୧ବ.)—
Arma ଚକ୍ଷୁରୋଗବିଶେଷ—A disease of the eye

**ଅର୍ମା**—ଗ୍ରା. ବଣ—ଅରମା ( ଦେଖ )
Armā Aramā ( See )

**ଅର୍ମାନ୍** (ଇତ୍ୟାଦି)—ଦେ ବଣ—ଅରମାନ୍ ଇତ୍ୟାଦି (ଦେଖ)
Armān (etc) Aramān etc (See)

**ଅର୍ମାନା**—ଅରମାନା ( ଦେଖ )
Armānā Aramānā ( See )

**ଅର୍ମାଣି**—ଦେ. ବ. ଓ ବଣ—ଆର୍ମାଣି ( ଦେଖ )
Armānī Ārmānī ( See )

**ଅର୍ମାଣିଘାଟ**—ଦେ. ବ—କଲିକତାର ଗଙ୍ଗାନଦୀକୂଳରେ ଜାହାଜରୁ
Armānighāṭa ଓହ୍ଲାଇବାର ଗୋଟିଏ ପ୍ରଧାନ ଘାଟ—
Armenian ghat at Calcutta.

**ଅର୍ଯ୍ୟ**—ସଂ. ବ. ପୁଂ. ( ଋ. ଧାତୁ+କର୍ତ୍ତୃ. ଯ )—
Arjya ୧ । ବୈଶ୍ୟ—1. A Baisya.
(ଅର୍ଯ୍ୟା—ସ୍ତ୍ରୀ) ୨ । ସ୍ୱାମୀ—2. Husband.
ସଂ. ବଣ. ପୁଂ.—୧ । ଶ୍ରେଷ୍ଠ—1. Chief.
୨ । ଭକ୍ତିମାନ୍—2. Devoted.
୩ । ଧାର୍ମିକ—3 Pious.

**ଅର୍ଯ୍ୟମା**—ସଂ. ବ. ( ଋ. ଧାତୁ+ମନ୍; ୧ମା. ୧ବ. )—
Arjyamā ୧ । ସୂର୍ଯ୍ୟ—1. The sun.
୨ । ଅର୍କବୃକ୍ଷ—2. Calotropis Gigantea.
୩ । ଉତ୍ତରଫାଲ୍‌ଗୁନୀ ନକ୍ଷତ୍ର—3. The 12th lunar mansion or constellation.
୪ । ଋଷିବିଶେଷ—4. A sage.

**ଅର୍ଯ୍ୟା**—ସଂ. ବ. ସ୍ତ୍ରୀ—୧ । ବୈଶ୍ୟପତ୍ନୀ—
Arjyā 1. The wife of a Baisya.
୨ । ବୈଶ୍ୟଜାତୀୟା ସ୍ତ୍ରୀ—2. A Baisya woman.

**ଅର୍ଯ୍ୟାଣୀ**—ସଂ. ବ. ସ୍ତ୍ରୀ—ଅର୍ଯ୍ୟା ( ଦେଖ )
Arjyāṇī Arjyā ( See )

**ଅର୍ଯ୍ୟୀ**—ସଂ. ବ. ସ୍ତ୍ରୀ—ଅର୍ଯ୍ୟ ( ଦେଖ )
Arjyī Arjyā ( See )

**ଅର୍ଶ**—ସଂ. ବ. ( ଋ ଧାତୁ + କର୍ତ୍ତୃ. ଅ )—ଗୁହ୍ୟସ୍ଥ ରୋଗବିଶେଷ—
Arśa Haemorrhoids; piles.
ଏହା ଦୁଇ ପ୍ରକାର, ଯଥା—
୧ । ଅନ୍ତର୍ବଳି—1. Internal.
୨ । ବହିର୍ବଳି—2, Protruding.

**ଅର୍ଶଃ**—ସଂ. ବ. ( ଋ. ଧାତୁ+କର୍ତ୍ତୃ. ଅସ୍ )—
Arśah ଅର୍ଶ ( ଦେଖ )—Arśa ( See )

**ଅର୍ଶସ**—ସଂ. ବଣ. ପୁଂ—(ଅର୍ଶସ୍ + ଅ) ଅର୍ଶୀ ( ଦେଖ )
Arśasa Arśī ( See )

**ଅର୍ଶୀ**—ସଂ. ବଣ.ପୁଂ. ( ଅର୍ଶସ୍ + ଅସ୍ତି ଅର୍ଥରେ. ଇନ୍ )—ଅର୍ଶରୋଗୀ—
Arśī Suffering from piles.
(ଅର୍ଶିନୀ—ସ୍ତ୍ରୀ)

**ଅର୍ଶୋଘ୍ନ**—ସଂ. ବ. (ଅର୍ଶସ୍ + ହନ ଧାତୁ=ନାଶ କରିବା+କର୍ତ୍ତୃ. ଅ)—
Arśoghna ୧ । ଓଲୁଅ—1. Wild arum.
୨ । ଭଲିଅ—2. Marking nut.
ସଂ. ବଣ—ଅର୍ଶରୋଗନାଶକ—Curing piles.

**ଅର୍ଶୋଘ୍ନୀ**—ସଂ. ବ—(ଅର୍ଶୋଘ୍ନ + ଈ)—ତାଳମୂଳୀ ( ଦେଖ )
Arśoghnī Tālamūlī (See)

**ଅଷ୍ଟି**—ଦେ. ବ—ବୀଜ; ଟାଙ୍କୁଆ—
Arshṭi Hard seed; stone of certain fruits.
ପ୍ରକାଶ ସ୍ଥିତ ଅନ୍ତସ୍ଥି, ଚରୁ ପଲ୍ଲବ ଯେସନ୍ତେ ଅଷ୍ଟି ।
ଜଗନ୍ନାଥ. ଭାଗବତ ।

**ଅର୍ହ୍** ( ଧାତୁ )—ସଂ.—୧ । ଯୋଗ୍ୟ ହେବା—
Arh ( root ) 1. To deserve.
୨ । ପୂଜା କରିବା—2. To worship.

**ଅର୍ହ**—ସଂ. ବଣ. ପୁଂ.(ଅର୍ହ ଧାତୁ=ଯୋଗ୍ୟ ହେବା + କର୍ତ୍ତୃ. ଅ)—
Arha ୧ । ଯୋଗ୍ୟ—1. Fit; worthy; deserving.
(ଅର୍ହା—ସ୍ତ୍ରୀ) ୨ । (ଅର୍ହ ଧାତୁ=ପୂଜା କରିବା + କର୍ମ.ଅ)—
ପୂଜ୍ୟ—2. Venerable; adorable.
ସଂ. ବ—୧ । ଇନ୍ଦ୍ର—1. Indra.
୨ । ପରମେଶ୍ୱର—2. God.

**ଅର୍ହଣ**—ସଂ. ବ. ( ଅର୍ହ ଧାତୁ+ଭାବ. ଅନ )—
Arhaṇa ୧ । ପୂଜା—1. Worship
୨ । ସମ୍ମାନ—2 Respect,
୩ । ଯୋଗ୍ୟତା—3. Fitness; worthiness.
୪ । ପୂଜାସାମଗ୍ରୀ—4. Materials for worship.

**ଅର୍ହଣା**—ସଂ. ବ (ଅର୍ହଣ + ଆ)—ଅର୍ହଣ ( ଦେଖ )
Arhaṇā Arhaṇa ( See )

**ଅର୍ହତ୍**—ସଂ.ବ. (ଅର୍ହ ଧାତୁ=ପୂଜା କରିବା + କର୍ତ୍ତୃ. ଅତ୍ ଚ. ଶତୃ )—
Arhat ୧ । ବୁଦ୍ଧଦେବ—1 The Buddha.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

୨ । ଜୈନସନ୍ନ୍ୟାସୀ—
2. A Jaina anchorite.

ସଂ. ବିଣ. ପୁ.—୧ । ବୌଦ୍ଧ ଓ ଜୈନ ମତାବଲମ୍ବୀ—
1. Professing the Buddhistic or Jaina faith.
୨ । ପୂଜାର୍ହ—2. Respectable; adorable.
୩ । ପ୍ରଶଂସାର୍ହ—3. Praiseworthy.
୪ । ଯୋଗ୍ୟ; ପ୍ରଶସ୍ତ—4. Fit.

**ଅର୍ହା**—ସଂ. ବି—(ଅର୍ହ ଧାତୁ + ଅ + ଆ)—ଅର୍ହଣ ( ଦେଖ )
Arhā — Arhaṇa ( See )

**ଅର୍ହାମୁଣ୍ଡି**—ଦେ. ବି—ଅରାମୁଣ୍ଡି (ଦେଖ )
Arhāmuṇḍi — Arāmuṇḍi ( See )

**ଅର୍ହିତ**—ସଂ. ବିଣ. ( ଅର୍ହ ଧାତୁ + କର୍ମ. ତ )—ପୂଜିତ; ସମ୍ମାନିତ—
Arhita — Held in esteem; respected; honoured; venerated.

**ଅଲ୍‌ଗୁନି**—ପ୍ରାଦେ. ( ବସ୍ତର ) ବି.—ଅଲଗୁଣି ( ଦେଖ )
Alguni — Alaguṇi ( See )

**ଅଲ୍‌ଝାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Aljhāibā
୧ । ଅଟକାଇବା—1. To restrain.
୨ । ବାଧାଦେବା—2. To check.

**ଅଲ୍‌ଝିବା**—ପ୍ରା.ଦେ. (ସମ୍ବଲପୁର) କ୍ରି—ଯାଉଁ ଯାଉଁ କାଟରେ ଅଟକିବା—
Aljhibā — To stop at a place.

**ଅଲ୍‌ହେଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଲାଖିଯିବା—
Aljheibā — To stick.

**ଅଲ୍‌ବତ୍**—ଦେ. ଅ. ( ଆ. ଅଲ୍‌ବତ୍ତା )—୧ । ଅବଶ୍ୟ; ନିଶ୍ଚୟ—
Albat — Certainly.
୨ । ନିଃସନ୍ଦେହରେ—2. Doubtlessly.

**ଅଲ୍‌ବିଦା**—ବୈଦେ. ( ଫା. ) ବି.—୧ । ରମ୍‌ଜାନ୍ ମାସର ଶେଷ ଶୁକ୍ରବାର—1. The last friday of the month of Ramjān.
Albidā
୨ । ମୁସଲମାନଙ୍କ ମହରମ ମାସର ୧୦ ତାରିଖ ରାତ୍ରିରେ କରାଯିବା ଉପବାସ—2. The fast which is observed in the night of the tenth day of the month of Mohurrum.

**ଅଲ (ଧାତୁ)**—ସଂ—ଭୂଷିତ କରିବା—
Ala (root) — To adorn.

**ଅଲ**—ସଂ. ବି. ( ଅଲ ଧାତୁ = ଭୂଷିତ କରିବା + କର୍ତ୍ତୃ. ଅ )—
Ala ୧ । ବିଛାଲୁ କିଟଙ୍କ ନାଡ଼ୁଡ଼—1. The sting in the tail of a scorpion or a bee.
୨ । ହରିତାଳ—2. Yellow orpiment.

**ଅଲଂ**—ସଂ. ଅ. ( ଅଲ ଧାତୁ = ଭୂଷିତ କରିବା + କର୍ତ୍ତୃ. ଅମ୍ )—
Alam ୧ । ଭୂଷଣ; ଅଳଙ୍କାର—1. Ornament.
୨ । ସମର୍ଥ—2. Able.
୩ । ସମ୍ପୂର୍ଣ୍ଣତା—3. Completeness.
୪ । ପ୍ରାଚୁର୍ଯ୍ୟ—4. Sufficience.
୫ । ନିଷେଧ; ବାରଣ—5. Prohibition.
୬ । ବ୍ୟର୍ଥ—6. Vain.
୭ । ଅବଧାରଣ—7. Acertainment.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ସଂଯୁକ୍ତ ହୋଇ ବ୍ୟବହୃତ ହୁଏ । ]

**ଅଲକ୍‌ଡିଡି**—ପ୍ରାଦେ. (ସମ୍ବଲପୁର) ଅ—୧ । ( ଶିଶୁରଞ୍ଜନ ଭାଷା ) ଯେ
Alakḍiḍi ହିନା ଆଶ୍ରାରେ ଚାଲି ପାରେ—( ୯ । ୧୦ ମାସର ଶିଶୁକୁ ଚାଲିବାକୁ ଉତ୍ତେଜିତ କଲାବେଳେ ସ୍ତ୍ରୀମାନେ ଏହି କଥା କହନ୍ତି )—1. A phrase used by women while teaching infants to walk.

ଅଲକ୍‌ଡିଡ଼ି ପପା ( ପିଠା ) ଖାଏ,
ପରମରଟଲ୍ ଦାଦ ( ଗୁଡ଼ ) ଖାଏ—ଶିଶୁଗୀତ ।

**ଅଲକ**—ସଂ. ବି ( ଅଲ ଧାତୁ = ଭୂଷିତ କରିବା + କର୍ତ୍ତୃ. ଅକ )—
Alaka ୧ । ଚୂର୍ଣ୍ଣକୁନ୍ତଳ—1. Ringlet of hair; curl of hair.

ଅଳକତଳ ଅଖଣ୍ଡିତ ଗୋରଚନା ରେଖା—କବିସୂର୍ଯ୍ୟ ବଳଦେବ ରଥ. ଇ. ଗୀତ ।

୨ । ଅଙ୍ଗଲିପ୍ତ କୁଙ୍କୁମ—
2. Red paste for the body.
୩ । ମେଘବିଶେଷ; ଭୂମିଠାରୁ ଅନେକ ଉପର ଆକାଶରେ ଭାସୁଥିବା ମେଘ—
3. The cirrus or fleecy cloud.
୪ । ବାଯ୍ଯା କୁକୁର—4. Rabid dog.

**ଅଲକ**—ପ୍ରାଦେ. ( ସମ୍ବଲପୁର ) ବି.—୧ । ଅଣକ; ଡଙ୍କା—
Alaka 1. Wooden spoon used in cooking.

**ଅଲକତ**—ପ୍ରା. ଓ ପଦ୍ୟ ବି—( ସଂ. ଅଲକ୍ତକ )—
Alakata ୧ । ଅଲକ୍ତକ; ଅଲତା—1. Lac-dye.

ଅଲକତ ଦ୍ରବ ନୟନେ ବୋଳି—କବିସୂର୍ଯ୍ୟ କବିତା ।

**ଅଲକନନ୍ଦା**—ସଂ. ବି (ନାମ) (ଅଲକ + ନନ୍ଦ ଧାତୁ + କର୍ତ୍ତୃ. ଅ + ଆ)—
Alakanandā ୧ । ଗଙ୍ଗାନଦୀ—
1. The river Ganges.
୨ । ଆଠ ଦଶ ବର୍ଷବୟସ୍କା ବାଳିକା—
2. A girl aged 8 to 10 years.

**ଅଲକବନ୍ଧ**—ସଂ. ବି.—୧ । କପୋଳର ଉପରଭାଗ—
Alakabandha 1. The upper part of the brow.

ତାହାଙ୍କ ଚରଣ ସଲିଳେ,
ଅଲକବନ୍ଧ ସମ୍ମାର୍ଜିଲେ—ଜଗନ୍ନାଥ. ଭାଗବତ ।

**ଅଲକା**—ସଂ. ବି. ସ୍ତ୍ରୀ ( ଅଲକ + ଆ )—୧ । ଚୂର୍ଣ୍ଣକୁନ୍ତଳ—
Alakā 1. Ringlet of hair.
୨ । କୁବେରପୁରୀ—
2. The town or palace of Kubera.
୩ । ଆଠ ଦଶ ବର୍ଷବୟସ୍କା ବାଳିକା—
3. A girl 8 to 10 years of age.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ଌ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଦ୍ୱ |

୪ । ସ୍ତ୍ରୀମାନେ କପାଳ ଉପରେ ପିନ୍ଧିବା ଅଳଙ୍କାରବିଶେଷ—
4. An ornament worn over the forehead.

**ଅଲକାଧିପ**—ସଂ. ବି ( ୬ଷ୍ଠୀ ତତ୍; ଅଲକା=ଅଲକାପୁରୀ+ଅଧିପ=ରାଜା)—କୁବେର—
Alakādhipa
Kubera; the God of riches.

**ଅଲକାପନ୍ତି**—ଦେ. ବି.—୧ । ଅଲକାସମୂହ; ଚୂର୍ଣ୍ଣକୁନ୍ତଳସମୂହ—
Alakāpanti 1. The collection of ringlets of hair over the brow.
୨ । ଅଳଙ୍କାରବିଶେଷ; ସିଁଥୀ—
2. An ornament worn over the forehead.

**ଅଲକାପାଟି**—ଦେ. ବି. ( ସଂ. ଅଲକା ଓ ପଟ୍ଟ )—
Alakāpāṭi ୧ । ଅଲକାନାମକ ଅଳଙ୍କାର—1. An ornament worn over the forehead.
୨ । କପାଳର ଯେଉଁ ସ୍ଥାନରେ ଅଲକା ପିନ୍ଧାଯାଏ—
2. That part of the forehead over which the alakā is worn.

**ଅଲକାପୁର**—ସଂ. ବି.—କୁବେରପୁରୀ—
Alakāpura The palace of Kubera in heaven.

**ଅଲକାପୁରୀ**—ସଂ. ବି.—ଅଲକାପୁର—
Alakāpurī Alakāpura.

**ଅଲକ୍ତ**—ସଂ. ବି. ( ବହୁବ୍ରୀହି; ଅ=ନାହିଁ+ରକ୍ତ; ଯାହାଠାରୁ ଅନ୍ୟ କୌଣସି ପଦାର୍ଥ ବେଶି ରକ୍ତବର୍ଣ୍ଣ ନୁହେ)—
Alakt
ଲାକ୍ଷାରସ; ଅଲତା—Lac-dye.

**ଅଲକ୍ତକ**—ସଂ. ବି. (ଅଲକ୍ତ+କ)—ଅଲକ୍ତ ( ଦେଖ )
Alaktaka Alakta ( See )

**ଅଲକ୍ଷ**—ଦେ. ବିଣ. ( ସଂ. ଅଲକ୍ଷ୍ୟ )—୧ । ଅଲକ୍ଷିତ; ଅଜ୍ଞାତ—
Alaksha 1. Unmarked; unknown.
୨ । ଅସମକକ୍ଷ—2. Unequal.
୩ । ଅତୁଲନୀୟ—3. Incomparable.

**ଅଲକ୍ଷଣ**—ସଂ. ବି. ( ଅ=ମନ୍ଦ+ଲକ୍ଷଣ=ଚିହ୍ନ )—
Aalkshaṇa ୧ । କୁଲକ୍ଷଣ; ଅଶୁଭ ଚିହ୍ନ—
1. In auspicious sign.
୨ । ଦୁର୍ଭାଗ୍ୟ—2. Misfortune.
୩ । ମୃତ୍ୟୁର ପୂର୍ବ ଲକ୍ଷଣ—
3. Premonitory symptoms of death.
ସଂ. ବିଣ—କୁଲକ୍ଷଣାକ୍ରାନ୍ତ; ସୁଲକ୍ଷଣହୀନ; ଶୁଭଚିହ୍ନ ବର୍ଜିତ—
Inauspicious; with inauspicious signs or marks or traits on the person.

**ଅଲକ୍ଷଣା**—ଦେ. ବିଣ. ପୁଂ. ( ସଂ. ଅଲକ୍ଷଣ; ଗାଳିରେ ବ୍ୟବହୃତ )—
Alakshaṇā ୧ । ଅଲକ୍ଷଣ ( ପୁରୁଷ )—
অলক্ষণা 1. Inauspicious ( person )
अलक्षण ୨ । ଦୁର୍ଭାଗ୍ୟ—2. Unfortunate; having no auspicious sign or trait on the person.
୩ । ଅସୁନ୍ଦର—3. Graceless.

**ଅଲକ୍ଷଣୀ**—ଦେ. ବିଣ. ସ୍ତ୍ରୀ—ଅଲକ୍ଷଣାର ସ୍ତ୍ରୀଲିଙ୍ଗ—
Alakshaṇī Feminine of Alakshaṇā.
অলক্ষণী କୃଷଣେ କନକ-ଜଠରୁ ମସ୍ତରେ ପଡ଼ ମୁହିଁ ଅଲକ୍ଷଣୀ ।
अलक्षणी ରାଧାନାଥ—ପାର୍ବତୀ ।

**ଅଲକ୍ଷମା**—ଗ୍ରା. ବି. ( ସଂ. ଅଲକ୍ଷ୍ମୀ )—ଲକ୍ଷ୍ମୀଙ୍କ ବଡ଼ଭଉଣୀ; ଅଲକ୍ଷ୍ମୀ—
Alakshamā The Goddess of misfortune.
হতলক্ষী ଗ୍ରା. ବିଣ—୧ । କୁଲକ୍ଷଣା ( ସ୍ତ୍ରୀ )—
अलछमा 1. Inauspicious ( woman )
୨ । ହତଭାଗିନୀ ( ସ୍ତ୍ରୀ )—
2. Unfortunate ( female ).

**ଅଲକ୍ଷିତ**—ସଂ. ବିଣ. (ଅ=ନୁହେ+ଲକ୍ଷିତ=ଜ୍ଞାତ)—୧ । ଅଜ୍ଞାତ—
Alakshita 1. Unseen; unobserved.
୨ । ଅଦୃଷ୍ଟ—2. Unperceived.
୩ । ଅତର୍କିତ—3. Unnoticed

**ଅଲକ୍ଷିତଭାବରେ**—ଦେ. କ୍ରି. ବିଣ—୧ । ଅତର୍କିତଭାବରେ—
Alakshitabhābare 1. Without being
অলক্ষিতভাবে observed or noticed.
୨ । ଗୁପ୍ତଭାବରେ—2 Secretly; by stealth.

**ଅଲକ୍ଷିତେ**—ଦେ. କ୍ରି. ବିଣ. ( ପଦ୍ୟ )—ଅଲକ୍ଷିତଭାବରେ ( ଦେଖ )
Alakhite Alakshitabhābare ( See )
ଶୋଷିନିଏ ଧନ-ଧନ. ଅଳ୍ପ ଦରିଦ୍ରର ଅଲକ୍ଷିତେ । ରାଧାନାଥ. ମହାଯାତ୍ରା ।

**ଅଲକ୍ଷ୍ମା**—ଦେ. ବି. ( ସଂ. ଅଲକ୍ଷ୍ମୀ )—ଅଲକ୍ଷ୍ମୀ ( ଦେଖ )
Alakshmā Alakshmi ( See )

**ଅଲକ୍ଷ୍ମୀ**—ସଂ. ବି. ସ୍ତ୍ରୀ. ( ନାମ ) ( ଅ=ବିରୁଦ୍ଧ+ଲକ୍ଷ୍ମୀ )—
Alakshmī ୧ । ଲକ୍ଷ୍ମୀଙ୍କ ବଡ଼ଭଉଣୀ—1. Name of the elder sister of Lakshmī.
୨ । ଭାଗ୍ୟବିପର୍ଯ୍ୟୟର ଦେବତା—
2. The Goddess of ill luck.
୩ । ଦୁର୍ଭାଗ୍ୟ; ଦୁର୍ଦ୍ଦଶା—
3. Ill luck; calamity; misery.
ଦେ. ବି. ପୁଂ—ଲକ୍ଷ୍ମୀହୀନ ପୁରୁଷ; ହତଭାଗ୍ୟ ବ୍ୟକ୍ତି—
Unfortunate person.

**ଅଲକ୍ଷ୍ୟ**—ସଂ. ବିଣ. (ଅ=ନୁହେ+ଲକ୍ଷ୍ୟ)—୧ । ସମକକ୍ଷ; ଅସମାନ—
Alakshya 1. Unequal.
(ଅଲକ୍ଷ୍ୟା—ସ୍ତ୍ରୀ) ୨ । ଅତୁଲନୀୟ—2. Incomparable.

ସାଧାରଣ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଅଦୃଶ୍ୟ—3. Invisible.
୪ । ଅନନ୍ବେଷ୍ୟ—4. Unascertainable; undistinguishable.
୫ । ଉଦ୍ଦେଶ୍ୟହୀନ—5. Without aim.
୬ । ଅଚହ୍ନିତ—6. Unmarked.
୭ । ଯାହାର କୌଣସି ବିଶିଷ୍ଟ ଚିହ୍ନ ନାହିଁ—7. Having no particular mark.
୮ । ସାମାନ୍ୟ; ତୁଚ୍ଛ—8. Insignificant in appearance.

**ଅଲକ୍ଷ୍ୟଗତ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅଲକ୍ଷ୍ୟ+ଗତ)— Alakshyagati ଯାହାର ଗତି କେହି ଦେଖି ପାରେ ନାହିଁ—Moving invisibly.

**ଅଲକ୍ଷ୍ୟଜନ୍ମତା**—ସଂ. ବି. (ଅଲକ୍ଷ୍ୟଜନ୍ମନ୍+ତା)—ଜନ୍ମ ହେୟ ହେବା Alakshyajanmatā ଅବସ୍ଥା—Being of insignificant birth or origin.

**ଅଲକ୍ଷ୍ୟଜନ୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅଲକ୍ଷ୍ୟ+ଜନ୍ମନ୍; ୧ମା. Alakshyajanmā ୧ବ.)—ଯାହାର ଜନ୍ମ ହେୟ ବା ତୁଚ୍ଛ ଅଟେ—Of insignificant birth or origin

**ଅଲକ୍ଷ୍ୟଲିଙ୍ଗ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଲକ୍ଷ୍ୟ+ଲିଙ୍ଗ)—ନିଜର Alakshyalinga ପ୍ରକୃତ ବେଶ ବଦଳାଇଥିବା; ଯେ ବେଶଦ୍ୱାରା (ଅଲକ୍ଷ୍ୟଲିଙ୍ଗା—ସ୍ତ୍ରୀ) ଆପଣାର ସ୍ୱରୂପକୁ ଲୁଚାଏ—Disguised.

**ଅଲଖଣ**—ଗ୍ରା. ବି. (ସଂ. ଅଲକ୍ଷଣ)—ଅଲକ୍ଷଣ (ଦେଖ)
Alakhana Alakshana (See)
অলক্ষন
अवगुन; कुलुगन

**ଅଲଖଣା**—ଗ୍ରା. ବିଣ. ପୁଂ.—ଅଲକ୍ଷଣା (ଦେଖ)
Alakhanā Alakshanā (See)

**ଅଲଖଣୀ**—ଗ୍ରା. ବିଣ. ସ୍ତ୍ରୀ—ଅଲଖଣାର ସ୍ତ୍ରୀଲିଙ୍ଗ—
Alakhani Feminine of Alakhanā.

**ଅଲଖମା**—ଗ୍ରା. ବି. ଓ ବିଣ.—ଅଲକ୍ଷମା (ଦେଖ)
Alakhamā Alakshamā (See)

**ଅଲଖମୀ**—ଗ୍ରା. ବି.—ଅଲକ୍ଷ୍ମୀ (ଦେଖ)
Alakhimi Alakshmi (See)

**ଅଲଖିମୀ**—ଗ୍ରା. ବି.—ଅଲକ୍ଷ୍ମୀ (ଦେଖ)
Alakhami Alakshmi (See)
হতলক্ষী
अलछमी

**ଅଲଖେଣା**—ଗ୍ରା. ବିଣ. ପୁଂ.—ଅଲକ୍ଷଣା (ଦେଖ)
Alakhenā Alakshanā (See)

**ଅଲଖେଣୀ**—ଗ୍ରା. ବିଣ. ସ୍ତ୍ରୀ—ଅଲକ୍ଷଣୀ (ଦେଖ)
Alakheni Alakshani (See)

**ଅଲଗ**—ଦେ. ବିଣ. (ସଂ. ଅଲକ୍, ଅଲଗ୍ନ; ପ୍ରା. ଅଲଗ୍ଗ; ତୁଳ.—ଅ. Alaga ଅଲ୍ହଦା) ୧ । ଅଲଗା; ଅସଂଲଗ୍ନ—
1. Unconnected; separate; aloof.
আলগা ୨ । ଶ୍ରୀହୀନ; ଅସୁନ୍ଦର—
अलग 2. Shorn of beauty.
ଅଲଗ ସେବକା ଅଙ୍ଗେ ବଳଗେ ସେବକୁ ହେ । ପ୍ରାଚୀ, ଉତ୍ସଷ୍ୟନଙ୍କସ ।
୩ । ନିସ୍ସଙ୍ଗ—3. Solitary.
୪ । ଋତୁମତୀ—4. Menstruated.

**ଅଲଗ କରିବା**—ଦେ. କ୍ରି.—ଅଲଗ କରିବା; ପୃଥକ୍ କରିବା—
Alaga kariba To separate.
আলগা করা
अलग करना

**ଅଲଗଛ**—ପ୍ରାଦେ. (କଟକ) କ୍ରି. ବିଣ—୧ । ଅଦ୍ଭୁତଭାବରେ—
Alagachha 1. Wonderfully.
আলগোছে ୨ । ଶୂନ୍ୟେ ଶୂନ୍ୟେ—2. In the air.
[ଯଥା—ସେ ମୋତେ ଅଲଗଛ ଟେକି ନେଇ ଗଲା ।]

**ଅଲଗଛେ**—ପ୍ରାଦେ. (କଟକ) କ୍ରି. ବିଣ—ଅଲଗଛ (ଦେଖ)
Alagachhe Alagachha (See)

**ଅଲଗଡ଼**—ଦେ. ବିଣ.—୧ । ବିଷମ—1. Complicated.
Alagarda ୨ । ଗୋଲମାଳିଆ—2. Confused; not clear.
अलघूस ୩ । ଅଖଡ଼ିଆ—3. Awkward.
औघड़ ୪ । ଅପରିଷ୍କୃତ—4. Unclean.
୫ । ଅସୁନ୍ଦର—5. Ugly.
୬ । ଅସଙ୍ଗତ—6. Unreasonable.
୭ । ଅସଂଲଗ୍ନ; ଯେଉଁ କଥାର ଗାଣ୍ଡି ମୁଣ୍ଡ ନ ଥାଏ; ଅସମ୍ବନ୍ଧ; ଅବ୍ୟବସ୍ଥିତ—
7. Unconnected; unmethodical.
୮ । ଅଖାଡ଼ୁଆ—8. Awkward.
୯ । ଯାଇଚ୍ଛାତା—9. Very bad.
୧୦ । ଅଯୋଗ୍ୟ—10. Unfit.
ଦେବାଙ୍କେକେ ସେନର୍ବା ଲୋକ ଅଲଗଡ଼,
ହେଲେ ଚହୁଁ ଇସ୍ତୁକେ ପାଉକଷ୍ଟ ବଡ଼—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅଲଗଡ଼ା**—ଦେ. ବି. (ସଂ. ଅର୍ଗଳ)—ଘୋଡ଼ାମାନଙ୍କ ରହିବା ସକାଶେ Alagardā ଅର୍ଗଳ ଦିଆ ଯାଇଥିବା ସ୍ଥାନ—
আড়গড়া Enclosure for horses.
अस्तगाढ़ा ଦେ. ବିଣ.—ଅଲଗଡ଼ (ଦେଖ)
Alagarda (See)

**ଅଲଗଡ଼ିଆ**—ଦେ. ବିଣ—ଅଲଗଡ଼ (ଦେଖ)
Alagardiā Alagarda (See)

**ଅଲଗଣା**—ଗ୍ରା. ବିଣ. ପୁଂ.—୧ । ଯାହାର କିଛି ଠିକଣା ନାହିଁ;
Alaganā ଅଲୁରୁବାଲୁରୁ—
গোমেলো 1. Unmethodical.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

(ଅଲଗଣି—ସ୍ତ୍ରୀ) ୨ । ଅପରିଷ୍କୃତ ( ବ୍ୟକ୍ତି )—
2. Unclean; dirty ( person ).

**ଅଲଗପୋଇ**—ପ୍ରାଦେ. ( ସିଂହଭୂମ ) ବି—ପର୍ଣ୍ଣକ ଲତା—A species
Alagapoi of parasite creeper.

**ଅଲଗବିଲଗ**—ଗ୍ରା. ବିଣ. (ଏକାର୍ଥକ ସହଚର)—ଅମେଳ; ଅସଂଲଗ୍ନ—
Alagabilaga Unconnected.

**ଅଲଗର୍ଦ୍ଦ**—ସଂ. ବି. (ଅଲକ୍=ଅସଂଲଗ୍ନ+ଅର୍ଦ୍ଦ ଧାତୁ=ଗମନ କରିବା
A̱lagardda +କର୍ତ୍ତୃ. ଅ; ଚାଲିଲାବେଳେ ଯାହା ଦେହ ସମ୍ପୂର୍ଣ୍ଣ ରୂପେ ଭୂମିରେ ଲାଗେ ନାହିଁ )—
୧ । ପାଣିଧଣ୍ଡ; ଧଣ୍ଡସାପ—1. Water-snake.
୨ । ଡମ୍ଫସାପ—2. Brown cobra

**ଅଲଗର୍ଦ୍ଧ**—ସଂ. ବି. (ଅଲକ୍=ଅଲଗ୍ନ+ଅର୍ଦ୍ଧ; ଫଣାଥିବାରୁ ଯାହା ଦେହର
A̱lagarddha ଅର୍ଦ୍ଧେ ଭୂମିରେ ଲାଗେ ନାହିଁ )—
ଅଲଗର୍ଦ୍ଦ ( ଦେଖ )—A̱lagardda ( See )

**ଅଲଗହେବା**—ଦେ. କ୍ରି—୧ । ଅଲଗା ହେବା; ପୃଥକ୍ ହେବା—
Alagahebā 1. To be separated.
আলগাহওয়া ୨ । ପୃଥକାନ୍ନ ପୃଥକ ବାସ ହେବା—
**अलगहोना;** 2. To live separately.
**अलगरहना** ୩ । ରଜସ୍ୱଳା ହେବା—
3. To be menstruated ( and to live separate from others for 4 days till purified).

**ଅଲଗା**—ଦେ. ବିଣ. ( ସଂ. ଅଲଗ୍ନ )—
Alagā ୧ । ଅନ୍ୟ; ଅପର; ନିଃସମ୍ପର୍କୀୟ—
আলগা 1. Outsider; unconnected.
**अलग; जुदा** ଯେତେ ବେଳରେ କାର୍ଯ୍ୟ ଥିବ, ଅଲଗା ଲୋକ ନ ରହିବ—
ଭୂପତି. ପ୍ରେମପଞ୍ଚାମୃତ ।
୨ । ପୃଥକାନ୍ନବାସ—
2. Separate in board and mess.
୩ । ପୃଥକ୍—3. Separate.
ଖୁଦୁରୁ ଚମ୍ପକ ଝଡ଼ି ଅଲଗା ହୋଇ ଗଲେ ଯଥା ବଣେ—
ରାଧାନାଥ. ପାର୍ବତୀ ।
୪ । ପାକାସ୍ପୃଶ୍ୟା; ରଜସ୍ୱଳା—4. Menstruated.
୫ । କିଛିଦୂରକୁ ଗତ—
5. Gone to some distance.
ଏହା ଶୁଣି କର୍ଣ୍ଣେ ହେବା ଲୁଚା,
ପିଛିଲେ କଳ ଯାଇ ହୋଇଣ ଅଲଗା—କୃଷ୍ଣସିଂହ. ମହାଭାରତ. ବନ ।

**ଅଲଗାଇବା**—ଦେ. କ୍ରି—ଅଲଗା ବା ପୃଥକ କରିବା—
Alagāibā To separate.
আলগাকরান
**अलग कराना**

**ଅଲଗୁଣି**—ଦେ. ବି. ( ସଂ. ଅଲଗ୍ନ —ଲୁଗା ରଖିବା ସକାଶେ ଚାଳରୁ
Alaguṇi ଝୁଲି ଯାଇଥିବା ଦଉଡ଼ି ବା ଦୁଇ ମୁଣ୍ଡରେ ଦଉଡ଼ିରେ
আল্না ଝୁଲା ହେବା ବାଉଁଶ—A rope or stick
**अलगनी,** suspended from the thatch to hang
**अरगनी** clothes.

**ଅଲଗୁଣିଆ**—ଦେ. ବି—ଅଲନା—
Alaguṇiā Clothes-rack.

**ଅଲଗେ**—ପ୍ରାଦେ. (ସମ୍ବଲ) କ୍ରି. ବିଣ—ଅନ୍ୟତ୍ର—
Alage Elsewhere.

**ଅଲଘଞ୍ଚାଲ**—ଦେ. ବି—୧ । ଅଳି; ଜଞ୍ଜାଳ—
A̱laghañchā̱la 1. Importunity.
ବଳେ କର ଉଠି କୁଞ୍ଚେ କରିବା କେଳ
ବଳ୍ପା ହେଲେ ସ୍ୱାମ ଅଲଘଞ୍ଚାଲ ବାଳୀ । ଉପେନ୍ଦ୍ର. ବୈଦେହୀଶବିଳାସ ।
୨ । ନିଷେଧ—2. Refusal.

**ଅଲଘୁ**—ସ. ବିଣ. ( ଅ+ଲଘୁ )—
Alaghu ୧ । ଯାହା ସାମାନ୍ୟ ନୁହେ—1. Not slight.
୨ । ଯାହା ହାଲୁକା ନୁହେ—
2. Heavy; not light.

**ଅଲଙ୍କରଣ**—ସଂ. ବି. (ଅଲଂ=ଭୂଷିତ କରିବା+କୃ ଧାତୁ+କରଣ.ଅନ)—
A̱laṅkaraṇa ୧ । ଭୂଷଣ; ଅଳଙ୍କାର; ଗହଣା—
1. Ornaments.
୨ । (+ଭାବ. ଅନ) ଅଳଙ୍କାରଦ୍ୱାରା ଭୂଷିତ କରିବା—
2. Bedecking with ornaments.

**ଅଲଙ୍କରିଷ୍ଣୁ**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଅଲଂ+କୃ ଧାତୁ+କର୍ତ୍ତୃ. ଇଷ୍ଣୁ)—
A̱laṅkarishṇu ୧ । ଅଲଙ୍କରଣଶୀଳ—Decorative.
୨ । ଭୂଷକ—Decorating.

**ଅଲଙ୍ଗ**—ପ୍ରାଦେ ( ବାଲେଶ୍ୱର ) ବି.—ଚାଳଘର—
Alaṅga A lean-to.

**ଅଲଙ୍ଘନ**—ସ. ବି ( ଅ+ଲଙ୍ଘନ )—
Alaṅghana ୧ । ଲଙ୍ଘନର ଅଭାବ—
1. Freedom from transgression.
ଅଲଙ୍ଘିତ } ଅଲଙ୍ଘନୀୟ } ବିଣ. ୨ । ଜ୍ୱରରୋଗରେ ଉପବାସ ନ କରିବା—
2. Want of fasting during fever.
୩ । ଅନୁଲ୍ଲଙ୍ଘନ—3. Not overstepping.
୪ । ଅନତିକ୍ରମ—4. Non-violation.

**ଅଲଙ୍ଘନୀୟ**—ସ. ବିଣ ( ଅ+ଲଙ୍ଘନୀୟ )—
Alaṅghanīya ଯାହାକୁ ଲଙ୍ଘନ କରି ଯାଇ ନ ପାରେ—
Inviolable.

**ଅଲଙ୍ଘା**—ପ୍ରାଦେ ( ସମ୍ବଲପୁର ) ବିଣ. ସ୍ତ୍ରୀ—
Alaṅghā ଅଲଗା; ପାକାସ୍ପୃଶ୍ୟା; ରଜସ୍ୱଳା—
Menstruated.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଢ' ନ ମିଳିଲେ 'ଶାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଲଙ୍ଘିତ**—ସଂ. ବିଣ (ଅ + ଲଙ୍ଘିତ)—ଲଙ୍ଘିତ ହୋଇ ନ ଥିବା—
Alanghita — Not transgressed.
ଦେ. ବିଣ.—ଯେ ଲଙ୍ଘନ ନ କରେ; ଅଲଙ୍ଘନକାରୀ—
Not transgressing.

ମୁହିଁ ଅଲଙ୍ଘିତ ହେବି ତାର ବଚନକୁ ।
ସାରଳା. ମହାଭାରତ, ବନ୍ଧ ।

**ଅଲଙ୍ଘ୍ୟ**—ସଂ. ବିଣ (ଅ + ଲଙ୍ଘ୍ୟ)—
Alanghya — ଯାହାକୁ ଲଙ୍ଘନ କରି ଯାଇ ନ ପାରେ—
Inviolable.

ଅଲଙ୍ଘ୍ୟ ହେବାରୁ ମୋ ଗୁଣ ପରିଣବନ୍ତି ଯାହା ଯେତେ ଯେତେ ।
କବିସୂର୍ଯ୍ୟ—ସଙ୍ଗୀତ ।

**ଅଲଙ୍କର୍ତ୍ତା**—ସଂ. ବି. ପୁଂ (ଅଲଂ = ଭୂଷଣ + କର୍ତ୍ତା = କରିବା ଲୋକ, ଅଲଂକର୍ତ୍ତୃ, ୧ମା ୧ବ.)—
Alankarttā
(ଅଲଙ୍କର୍ତ୍ତ୍ରୀ—ସ୍ତ୍ରୀ) ପ୍ରସାଧକ; ଭୂଷଣକାରୀ; ଯେ ଅଲଙ୍କାର ପିନ୍ଧାଇ ଦିଏ—One who furnishes or adorns another with ornaments.

**ଅଲଙ୍କର୍ମୀଣ**—ସଂ. ବିଣ. ପୁଂ. (ଅଲଂ = ପାରଗ + କର୍ମନ୍ = କ୍ରିୟା + ଭାବାର୍ଥେ. ଇନ୍)—
Alankarmīṇa
(ଅଲଙ୍କର୍ମୀଣା—ସ୍ତ୍ରୀ) ୧ । କାର୍ଯ୍ୟଦକ୍ଷ; କାର୍ଯ୍ୟକୁଶଳ—
1. Expert.
୨ । କର୍ମକ୍ଷମ—2. Able to work.

**ଅଲଙ୍କା**—ଗ୍ରା. ବି—ଅଳକାପୁର (ଦେଖ)
Alankā — Alakāpura (See)

**ଅଲଙ୍କାର**—ସଂ. ବି. (ଅଲଂ = ଭୂଷିତ + କୃ ଧାତୁ + କରଣ. ଅ)—
Alankāra ୧ । ଭୂଷଣ; ଆଭରଣ—
1. Ornament; decoration
୨ । ସାହିତ୍ୟର ଶାସ୍ତ୍ରବିଶେଷ—
(ଶବ୍ଦାଳଙ୍କାର ତଳେ ନୋଟ ଦେଖ ।)
2. Science of figurative speech.
୩ । ଶବ୍ଦାର୍ଥର ଭୂଷଣ—3. Figure of speech.
୪ । ଭୂଷିତ କରିବା—4. Bedecking; adornment.

**ଅଲଙ୍କାରଶାସ୍ତ୍ର**—ସଂ. ବି—ବାକ୍ୟାର୍ଥ ବିବୃତ୍ତି ସଙ୍ଗେ କାବ୍ୟସ୍ୱରୂପ ରସ, ଭାବ, ଦୋଷ, ଗୁଣ, ରୀତି ଓ ଅଲଙ୍କାର ପ୍ରଭୃତି ବିଷୟ ଯହିଁରେ ଆଲୋଚନା କରାଯାଏ—
Alankāraśāstra
The science of figures of speech

**ଅଲଙ୍କୃତ**—ସଂ. ବିଣ. ପୁଂ. (ଅଲଂ = ଭୂଷିତ + କୃ ଧାତୁ + କର୍ମ. ତ)—
Alankṛuta ଅଲଙ୍କାରଦ୍ୱାରା ଭୂଷିତ; ସଜ୍ଜିତ—
(ଅଲଙ୍କୃତା—ସ୍ତ୍ରୀ) Adorned; ornamented; bedecked with ornaments

**ଅଲଙ୍କ୍ରିୟା**—ସଂ. ବି. (ଅଲଂ = ଭୂଷଣ + କ୍ରିୟା = କାର୍ଯ୍ୟ)—
Alankriyā ଭୂଷିତ କରିବା କାର୍ଯ୍ୟ—Decoration.

**ଅଲଚି**—ପ୍ରାଦେ (ବସ୍ତର) ବି.—ଅଲତି (ଦେଖ)
Alachi — Alati (See)

**ଅଲଜିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ.—ନିର୍ଲଜ୍ଜ—
Alajiā — Shameless.
অলজ্জ
अलज

**ଅଲଜ୍ଜ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ = ନାହିଁ + ଲଜ୍ଜା)—
Alajja ନିର୍ଲଜ୍ଜ—Shameless,

**ଅଲଜ୍ଜା**—ସଂ. ବି (ନଞ୍ ତତ୍; ଅ + ଲଜ୍ଜା)—ନିର୍ଲଜ୍ଜତା—
Alajjā — Shamelessness; impudence.
অলজ্জ ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଅଲଜ୍ଜ)—
अलज — ନିର୍ଲଜ୍ଜ—Shameless

**ଅଲଜ୍ୟା**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଅଲଜ୍ଜ (ଦେଖ)
Alajja (See)
অলজ্জ
अलज

**ଅଲଞ୍ଜର**—ସଂ. ବି (ଅଲଂ = ଶୀଘ୍ର + ଜୃ ଧାତୁ = ଜୀର୍ଣ୍ଣହେବା + କର୍ତ୍ତୃ. ଅ)—
Alañjara
୧ । ମୃଣ୍ମୟ ପାତ୍ର—1. Earthen pot.
୨ । ମାଟି କଳସ; ମାଠିଆ—2. Earthen pitcher.

**ଅଲଣା**—ଦେ. ବିଣ (ସଂ. ଅଲବଣାକ୍ତ)—
Alaṇā ୧ । ଯହିଁରେ ଲୁଣ ପଡ଼ି ନାହିଁ—
আলোনা 1. Not seasoned with salt.
अलोना ୨ । ଅସାର (କଥା)—
2. Profitless; worthless (talk)
୩ । ନିକୃଷ୍ଟ—3. Inferior.

ଇନ୍ଦ୍ରାସୁଖେ ତାର ଅଧୋବଦନେ ନବେ ଯେହ୍ନେ ତୁଳନା ।
ତହୁଁ ବଳ ଇନ୍ଦୁ ସଙ୍ଗେ ସୁନ୍ଦରର ତୁଳା ଅଲଣା ।
ରାଧାନାଥ—ଉଷା ।

**ଅଲଣାକଥା**—ଦେ. ବି.—୧ । ନିଷ୍ପ୍ରୟୋଜନ କଥା—
Alaṇākathā — 1. Useless matter.
বাজেকথা ୨ । ଅସାର କଥା—
बेफायदाबात — 2. Worthless matter.

**ଅଲଣାସୁଆଗ**—ଦେ. ବି—ଶୁଖିଲାସୁଆଗ; ଯେଉଁ ସୁଆଗ ବା ଗେଲରେ ଆନ୍ତରିକତା ନ ଥାଏ—Fondness devoid of sincerity.
Alaṇāsuāga

**ଅଲତା**—ଦେ. ବି. (ସଂ. ଅଲକ୍ତ)—ଅଲକ୍ତ; ଲାକ୍ଷାରସ—
Alatā — Lac-dye,
আল্তা
अलता — ଲେଖିଛି ଅଳତା ଚିତ୍ର ତୋ କଳକ ପାରେ—କବିସୂର୍ଯ୍ୟ. ସଙ୍ଗୀତ ।

**ଅଲତାପାଟୀ**—ଦେ. ବି.—୧ । ଅଲତାଶିରା (ଦେଖ)
Alatapāti — 1. Alatāsirā (See)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଅ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଳ |

୨ । ତଳପା ଧଡ଼ରେ ଦିଆଯିବା ଅଲତା ରଙ୍ଗର ଚିତ୍ର ବା ପଟ୍ଟୀ—2. A strip of painting of lac-dye on the sides of the sole of the foot.

**ଅଲତାବୋଲ**—ଦେ. ବି.—ଅଲତା ରସର ଲେପ—
Alatābola — A layer of lac-dye.
আলতারলেপ
ଚରଣ ଚରଣ ଅଲତା ବୋଲେ । — ବଇଦେହୀଶବିଳାସ ।

**ଅଲତାଶିରା**—ଦେ. ବି.—ତଳପାର ଧାର, ଯେଉଁଠାରେ ସ୍ତ୍ରୀଲୋକେ ଅଲତା
Alatāsirā ଲଗାନ୍ତି; ଗୋଡ଼ର ପାପୁଲି ଓ ତଳପା ମଧ୍ୟରେ
আলতাপাটী ପାଦ ଚାରିପାଖ ଘେରିଥିବା ପଟ୍ଟୀ; ପାର୍ଷ୍ଣି—
The edge of the sole of the foot.

**ଅଲତାସିନ୍ଦୂର**—ଦେ. ବି.—୧ । ସ୍ତ୍ରୀମାନଙ୍କର ଓ ବରକନ୍ୟାଙ୍କ
Alatāsindūra ପ୍ରସାଧନର ଦୁଇଟି ଉପକରଣ; ଅଲକ୍ତକ ଓ
পেয়েকামান ସିନ୍ଦୂର—1. Two articles of toilet of Indian wives.

୨ । ବିବାହ ସମୟରେ କୁଳକର୍ମ ବେଦୀରେ ହେବା ସ୍ତ୍ରୀ ଆଚାର ବିଶେଷ (ସ୍ତ୍ରୀମାନେ ଏ ବେଦୀରେ ଜ୍ୱାଇଁଙ୍କୁ ଅଲତାସିନ୍ଦୂର ଦିଅନ୍ତି)—2 The ceremony of females anointing lac-dye and vermillion on the bridegroom on a separate platform during marriage ceremony.

**ଅଲତିଗିରି**—ଦେ. ବି. ( ନାମ ) ପାହାଡ଼ବିଶେଷ—
Alatigiri — Name of a hill.

[ ଦ୍ର—ଏହା ଯାଜପୁର ସବଡ଼ିଭିଜନ ଧାନମଣ୍ଡଳ ଷ୍ଟେସନରୁ ପୂର୍ବରେ ୧୦ ମାଇଲ ଦୂରରେ ଅବସ୍ଥିତ । ଏହା ଉପରେ ବଙ୍ଗଳା ନବାବଙ୍କ ସେନାପତି ସୁଜାଉଦ୍ଦିନଙ୍କ ନିର୍ମିତ ଗୋଟିଏ ମସଜିଦ୍ ଅଛି । କବି ରାଧାନାଥ 'ନନ୍ଦିକେଶ୍ୱରୀରେ' "ଚନ୍ଦନ-ନିକୁଞ୍ଜ-ମଞ୍ଜୁଳ ଅଲତି" ଦ୍ୱାରା ସମ୍ଭବତଃ ନଳତିଗିରିକୁ ଲକ୍ଷ୍ୟ କରିଅଛନ୍ତି; କାରଣ ଅଲତିଗିରିରେ ଚନ୍ଦନଗଛ ଅଦ୍ୟାପି ନ ଥିବାର ଦେଖା ଯାଇଅଛି ।]

**ଅଲତୀ**—ଦେ. ବି. ୧ । ( ସଂ. ଅଲକ୍ତକ )—ଶିଶୁମାନଙ୍କ ଚର୍ମରୋଗ
Alati ବିଶେଷ—( ଏ ରୋଗରେ ଅଲତାପରି ନାଲି ଦାଗମାନ
রঙ্গ; রং ଦେହର ସ୍ଥାନେ ସ୍ଥାନେ ଦେଖାଯାଏ )—1. A kind of skin disease (red patches) of infants.

୨ । ଅଲତିଗିରି—( ଦେଖ )
2. Alatigiri ( See )

ଚନ୍ଦନ ନିକୁଞ୍ଜ ମଞ୍ଜୁଳ ଅଲତୀ—ରାଧାନାଥ, ନନ୍ଦିକେଶରୀ ।

**ଅଲନ୍ଦୁ**—ଦେ. ବି. (ସଂ. ଅଲଂଧୂମ)—ଧୂଆଁ ବାଙ୍କ ଚାଳରେ ଓହଳିଥିବା
Alandu ବୁଢ଼ିଆଣୀ ଜାଲ ମିଶ୍ରିତ କଳା; ଗୃହଧୂମ—
ঝুল Soot formed under the roof or thatch.
**धुआँसा, कालख**

**ଅଲନ୍ଧୁ**—ଦେ. ବି—ଅଲନ୍ଦୁ ( ଦେଖ )
Alandhu — Alandu ( See )
ମଧ୍ୟାହ୍ନେ ଅନ୍ଧାର ହୋଇ ଅଲନ୍ଧୁ
ଝଡ଼ବିମଣ୍ଡଳୀ ବର୍ଣ୍ଣିଲ ବନ୍ଧୁ । —ରାଧାନାଥ—ଚିଲିକା ।

**ଅଲନ୍ଧୂମ**—ସଂ. ବି. ( ଅଲଂ=ଅତି+ଧୂମ=ଧୂଆଁ )—
Alandhūma ୧ । ଅତ୍ୟଧିକ ଧୂମ; ଧୂମ ସମୂହ—
1. Excessive smoke
୨ । ଅଲନ୍ଦୁ ( ଦେଖ )
2. Alandu ( See )

**ଅଲପ**—ଗ୍ରା. ବିଣ. (ପ୍ରଦ୍ୟ) ( ସଂ. ଅଳ୍ପ )—
Alapa ୧ । ଅଳ୍ପ—1 Little; small.
অল্প ୨ । ହୀନ; ଅଧମ—2. Mean; wretched.
**थोड़ा**
ଜଗତମୋହନ ତୋ ରୂପ, ସ୍ୱଭାବେ ମୁହିଁ ଯେ ଅଲପ ।
—ଜଗନ୍ନାଥ—ଭାଗବତ ।
୩ । ସାମାନ୍ୟ—3. Slight.
ଶେଷ ଅଙ୍ଗୀକାର କରି କି ତାହାର ଅଲପ କଥା ପଚାରୁ ।
—କବିସୂର୍ଯ୍ୟ—ସଙ୍ଗୀତ ।
୪ । ସଂଖ୍ୟାରେ କମ୍—4. Small in number.
ଅଲପବୟସୀ ଅଲପକେ ହସି, ଗଳପ କରନ୍ତି ବସି ।
—ନନ୍ଦକିଶୋର—ଶର୍ମିଷ୍ଠା ।

**ଅଲପ**—ପ୍ରାଦେ. (ସମ୍ବଲ) ବିଣ—ଅଳ୍ପ—
Alapa — Little; small.

**ଅଲପ ଆୟୁଷ**—ଗ୍ରା. ବିଣ. ( ସଂ. ଅଳ୍ପାୟୁଃ ) ଅଳ୍ପାୟୁଃ ( ବ୍ୟକ୍ତି )—
Alapa āyusha — Short lived ( person )
ଦ୍ରୌପଦୀ କେଶ ସ୍ପର୍ଶ ଦୋଷେ, ସ୍ୱଭାବେ ଅଲପ ଆୟୁଷେ ।
ତାହାଙ୍କୁ ପ୍ରଭୁ ମାୟା କରି, ଅର୍ଜୁନ ଗାଣ୍ଡିବେ ସଂହରି ।
—ଜଗନ୍ନାଥ—ଭାଗବତ ।

**ଅଲପକ**—ଦେ. ବିଣ ( ସଂ. ଅଳ୍ପକ )—୧ । ଅଳ୍ପମାତ୍ର—
Alapaka — 1. Only a little.
୨ । ଅଳ୍ପପରିମିତ—2. Little; trivial.
୩ । ନିକୃଷ୍ଟ—3. Inferior.
( ଯଥା—ସେତ ଅଲପକ ଲୋକ, ଆଉ କଅଣ କହନ୍ତା । )
୪ । ସାମାନ୍ୟ—4. Insignificant.
( ଯଥା—ଅଲପକି କଥାରେ ଏତେ ରାଗିଲେ ଚଳିବ ନାହିଁ । )

**ଅଲପକିଆ**—ଦେ. କ୍ରି. ବିଣ.—ସାମାନ୍ୟରେ—
Alapakiā — Very little.
সামান্য (time, manner, quantity and quality).
ଦେ. ବିଣ.—୧ । ନିକୃଷ୍ଟ—1. Inferior.
୨ । ଅଳ୍ପ ପରିମିତ—2. Small in quantity.

**ଅଲପକେ**—ଦେ. କ୍ରି. ବିଣ—୧ । ମୃଦୁଭାବରେ—
Alapake — 1. Slightly.
অল্পে ଅଲପ ବୟସୀ ଅଲପକେ ହସି, ଗଳପ କରନ୍ତି ବସି ।
—ନନ୍ଦକିଶୋର, ଶର୍ମିଷ୍ଠା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ଚଂଦ୍ର' ନ ପାଇଲେ 'ଚନ୍ଦ୍ର' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଅସ୍ତେ ଅସ୍ତେ; ଧୀରେ ଧୀରେ—2. Slowly.

୩ । ସହଜରେ; ଅନାୟାସରେ—3. Easily.

ଅଳପକେ ଏ ଯୋଗ ନବାହ ପଡ଼ିବ,
ଯୁଧିଷ୍ଠିରଙ୍କ ଯାଗ ସମାନ ସେ ହେବ । କୃଷ୍ଣସିଂହ. ମହାଭାରତ ।

**ଅଲପାଅଲପି**—ଗ୍ରା. କ୍ରି. ବିଣ. (ସଂ. ଅଳ୍ପାଳ୍ପ)—ଅତି ଅଳ୍ପ ପରିମାଣରେ—
Alapāalāpi — In small quantities.
অল্প অল্প

**ଅଲପାଇଷ**—ଗ୍ରା. ବିଣ (ସଂ. ଅଳ୍ପାୟୁଃ)—ଅଳ୍ପକାଳଜୀବୀ; ଅଳ୍ପାୟୁଷ; ଅଳ୍ପାୟୁଃ—
Alapāisha — Short lived.
অপ্পেয়ে, অল্পেয়ে
অল্পায়ু

**ଅଲପାଇଷିଆ**—ଗ୍ରା. ବିଣ.—ଅଲପାଇଷ (ଦେଖ)
Alapāishiā — Alapāisha (See)

ଅଲପାଇଷିଆ, ଖଣ୍ଡିଆ, କଲଶୁଆ !
ସାଆନ୍ତେ ! ମୁଁ କ ଛାଡ଼ିବା ଲୋକ— ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଅଲପାୟୁଷ**—ଗ୍ରା. ବିଣ.—ଅଲପାଇଷ (ଦେଖ)
Alapāyusha — Alapāisha (See)

**ଅଲପିନା**—ପ୍ରାଦେ. (ସମ୍ବଲପୁର) (ସଂ. ଆଲ୍ପନ)—ଝୋଟି (ଦେଖ)
Alapinā — Jhoti (See)

**ଅଲପେଇଷ**—ଗ୍ରା. ବିଣ. ପୁଂ. (ଗାଳିରେ ବ୍ୟବହୃତ)—ଅଲପାଇଷ (ଦେଖ)
Alapeisha — Alapāisha (See)

**ଅଲପେଇଷା**—ଗ୍ରା. ବିଣ. ପୁଂ.—ଅଲପାଇଷ (ଦେଖ)
Alapeishā — Alapāisha (See)

**ଅଲପେଇଷିଆ**—ଗ୍ରା. ବିଣ. ପୁଂ.—ଅଲପାଇଷ (ଦେଖ)
Alapeishiā — Alapāisha (See)

**ଅଲପେଇଷି ଯା**—ଗ୍ରା. ଅ—(ଅଭିଶାପ) ତୁ ଅଳ୍ପାୟୁ ହୋଇ ମର—
Alapeishi jā — (a curse) You meet with an untimely death.
অল্পায়ুষ যা

**ଅଲପେଇଷି ଯିବା**—ଗ୍ରା. କ୍ରି.—ଅଳ୍ପାୟୁଃ ହେବା; ଅଳ୍ପ ଆୟୁଷରେ ମରିବା—
Alapeishi jibā — To die before time; to be short-lived.

**ଅଲଫା**—ଦେ. ବିଣ. (ସ. ନଷ୍ଟାର୍ଥକ. ଅ + ଫା. ନଫ୍ଲା)—ଲାଭହୀନ—
Alaphā — Profitless.
অলাভ

ବୈଦେ. (ଅ) ବି—ବାବାଜୀ ଓ ଫକୀରମାନେ ମୁଣ୍ଡବାଟେ ଗଳାଇ ପିନ୍ଧିବା ହାତ ନ ଥିବା ଏକପ୍ରକାର ଢିଲା କୁରୁତା—A loose coat without sleeves worn by asceties and fakirs

**ଅଲବତ୍**—ଦେ. କ୍ରି. ବିଣ. (ଅ. ଅଲ୍‌ବତ୍ତା)—ନିଶ୍ଚୟ; ଜରୁରି; ଅବଶ୍ୟ—
Alabat — Certainly.
আলবাত
অলবত্তা.

ଏ କଥା ଶୁଣି ପାଠ କରି ଏକାବେଳେକେ କହିଲେ; ଅଲବତ୍; ଅଲବତ୍—
ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଅଲବଲା**—ଦେ. ବି—ଏକପ୍ରକାର ଦୀର୍ଘ ନଳୀଯୁକ୍ତ ହୁକା ବା ଧୂମପାନ ପାତ୍ର—A hooka with a long pipe for smoking tobacco.
Alabalā
আলবল্লা
अलबल्ला

**ଅଲବଲିଆ**—ଗ୍ରା. ବିଣ. ପୁଂ—ବେଢଙ୍ଗିଆ; ଅଠିକଣା (ଲୋକ)—
Alabaliā — Unmethodical (person)
উদাসী

ପ୍ରାଦେ. (ଗଡ଼) ବିଣ—ଉଦାସିଆ (ଲୋକ)—
(ଅଲବଲି—ସ୍ତ୍ରୀ) — Indifferent (person)

**ଅଲଭ୍ୟ**—ସ. ବିଣ. (ଅ + ଲଭ୍ୟ)—ଅପ୍ରାପ୍ୟ—
Alabhya — Unattainable.

**ଅଲଭ୍ୟରେ**—ଦେ. କ୍ରି. ବିଣ. (ସଂ. ଅଲଭ୍ୟ)—
Alabhyare — ୧ । ପ୍ରାର୍ଥନା ନ କରି ମଧ୍ୟ; ନ ଲୋଡ଼ି କରି—
1. Without asking for.
অলভ্যে

ଏଥିରୁ ଇନ୍ଦ୍ରପଦ ଅଲଭ୍ୟରେ ହୋଏ—କୃଷ୍ଣସିଂହ. ମହାଭାରତ, ସଭା ।

୨ । ସହଜରେ—2. Easily.

**ଅଲଭ୍ୟେ**—ଦେ. କ୍ରି. ବିଣ—ଅଲଭ୍ୟରେ (ଦେଖ)
Alabhye — Alabhyare (See)

ଏକା ନଗ୍ନନନ୍ଦକୁ ଦେବ ଯେବେ ମାତ୍ର,
ଅଲଭ୍ୟେ ହେବ ଚକ୍ରବର୍ତ୍ତୀ ଦଣ୍ଡଧାରୀ—କୃଷ୍ଣସିଂହ. ମହାଭାରତ, ସଭା ।

**ଅଲମତିବିସ୍ତରେଣ**—ସଂ. ବାକ୍ୟ. (ପତ୍ରଶେଷରେ ଲେଖାଯିବା ବାକ୍ୟ)—
Alamatibistareṇa — ଅତି ଅଧିକ ଲେଖିବା ବାହୁଲ୍ୟ ମାତ୍ର—It is redundant to write anything further.

**ଅଲମବିଲମ**—ଗ୍ରା. ବି. (ସଂ. ଅନୁଲୋମବିଲୋମ)—
Alamabilama — ଅଲୋମବିଲୋମ (ଦେଖ)
Alomabiloma (See)

**ଅଲମ୍ବୁଶା**—ସଂ. ବି—ପୋକଶୁଙ୍ଘା (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Alambuśā — Pokaśunghā (See)

**ଅଲମ୍ବୁଷ**—ସଂ. ବି. (ଅଲଂ + ବୁଷ୍ ଧାତୁ = ଘାତ କରିବା + କର୍ତ୍ତୃ. କପାତନ. ଅ)—
Alambusha

୧ । ରାକ୍ଷସବିଶେଷ—
1. Name of a demon.

[ ଦ୍ର—କୁରୁକ୍ଷେତ୍ର ଯୁଦ୍ଧରେ ଏହି ରାକ୍ଷସ ଅଭିମନ୍ୟୁଙ୍କ ସଙ୍ଗେ ଅନେକ ମାୟାଯୁଦ୍ଧ କରିଥିଲା । ]

୨ । ପ୍ରହସ୍ତ, ରାବଣର ସେନାପତିବିଶେଷ—
2. Name of a general of Rābaṇa.

୩ । ବାମନ (ଦେଖ)
3. Bāmana (See)

ଦେ. ବିଣ—ଅଲମ୍ବୁଷା (ଦେଖ)
Alambushā (See)

**ଅଲମ୍ବୁଷା**—ସ. ବି. ସ୍ତ୍ରୀ—୧ । ସ୍ୱର୍ଗ ବେଶ୍ୟାବିଶେଷ—
Alambushā — 1 Name of a heavenly nymph.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଘ | ଙ୍ଖ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଂଘ | ଙ୍ଖ | ଞ | ଞ୍ଚ |

୨ । ଶରୀରସ୍ଥ ପ୍ରଧାନ ଦଶ ନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ ( ଦଶ ନାଡ଼ୀ ତଳେ ନୋଟ ଦେଖ )—
2. Name of a blood vessel.

୩ । ଲମ୍ବାବଣ ଲତା—3. A creeper.

୪ । ମୁଣ୍ଡୀରୀ; ଭୂଇଁ କଦମ୍ବ—4. A tree.

ଦେ. ବିଣ—୧ । ଅଖାଡୁଆ ( କଥା )—
1. Queer ( words )

୨ । ଅଡ଼ମୁଷା; ହୁଣ୍ଡା—
2. Awkward; fool hardy (person)

**ଅଲମ୍ବୁଷା**— ଦେ. ବିଣ— ଅଲମ୍ବୁଷା ( ଦେଖ )
Alambhushā Alambushā ( See

**ଅଲରା**—ଦେ. ବିଣ—୧ । ଅସ୍ତବ୍ୟସ୍ତ; ବିଶୃଙ୍ଖଳ; ଅଡ଼ୁଆ—
Alarā 1. Confused; disorderly.
এলোমেলো ୨ । ଯେଉଁ ବ୍ୟକ୍ତିର କଥା ଓ କାର୍ଯ୍ୟର ଠିକଣା ନଥାଏ—
**गड़बड़** 2. Unmethodical; clumsy.
(ଅଲରୀ—ସ୍ତ୍ରୀ) ଦେ. ବି— ଆବର୍ଜନା; ଅଳଆ—Refuse.
নোংরা ସେ ବାହର ମୁହଁରେ ଧୂଳିକ ପକାଇ
**तलछट** ଘୋଡାଇବ ଥିବା ଅଲର ମୁଁ ଛଡାଇ । କୃଷ୍ଣସିଂହ,ମହାଭାରତ, ଅଦ ।

**ଅଲରୀ**—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ କାମସବୁ ଶୃଙ୍ଖଳାରେ କରେ ନାହିଁ—
Alari ( woman) Who does works clumsily; unmethodical.

**ଅଲର୍କ**—ସଂ. ବି. ( ଅଲଂ=ଅତ୍ୟର୍ଥ+ଅର୍କ ଧାତୁ+କର୍ମ. ଅ)—
Alarka ୧ । କ୍ଷିପ୍ତ କୁକୁର—1. Rabid dog.

୨ । ଶ୍ୱେତ ଅର୍କବୃକ୍ଷ—
2. White species of Arka plant.

୩ । ଅସୁରବିଶେଷ—3. A demon.

୪ । କଳ୍ପିତ ଶୂକରାକାର ଜନ୍ତୁ—
4. A kind of mythological beast.

[ ଦ୍ର--ଏହା ଅଷ୍ଟପଦ, ତୀକ୍ଷ୍ଣଦନ୍ତ ଓ ସୂଚ୍ୟାକୃତି ଲୋମବିଶିଷ୍ଟ ।]

୫ । ଯେ କୌଣସି କାର୍ଯ୍ୟରେ ଲାଗେ ନାହିଁ—
5. Not useful for any work.

**ଅଲସ**—ସଂ. ବିଣ. ପୁଂ. ( ଅ=ନୁହେଁ+ଲସ୍ ଧାତୁ=ଲାଗିବା+କର୍ତ୍ତୃ.
Alasa ଅ )—୧ । ଶ୍ରମବିମୁଖ; ଅଲସୁଆ—
(ଅଲସା—ସ୍ତ୍ରୀ) 1. Idle; lazy; indolent; languid; inactive.
ଅଲସତା; } —ବି.
ଆଲସ୍ୟ }

୨ । ରୁଗ୍ଣ—2 Sickly.

୩ । କ୍ଳାନ୍ତ—3. Tired.

ସଂ. ବି—୧ । ବିଳମ୍ବ—1. Delay.

୨ । ବାଲିଜନ୍ମା ରୋଗ—2. Chilblain.

୩ । ଅଜୀର୍ଣ୍ଣ ରୋଗବିଶେଷ—
3. Indigestion; flatulence;tympanites.

୪ । ଗୋଦର ( ରୋଗ )—
4. Elephantasis of the leg.

ଦେ. ବି—ଆଲସ୍ୟ—Idleness; languor.

**ଅଲସକ**—ସଂ. ବି. ଓ ବିଣ. ପୁଂ ( ଅଲସ+କ )—ଅଲସ ( ଦେଖ )
Alasaka Alasa ( See )

**ଅଲସ ନାୟିକା**—ସଂ. ବି. ( ଶିଳ୍ପଶାସ୍ତ୍ର )—ମନ୍ଦିରର କାନ୍ଥ ଓ ସ୍ତମ୍ଭରେ
Alasa nāyikā ଚିତ୍ରିତ ବିବୃତଯୌବନା ଓ ଅଲସଭଙ୍ଗୀଥିବା ଭଙ୍ଗିଯୁକ୍ତ ମୂର୍ତ୍ତି—A figure of a young languid woman wrought on walls and pillars.

**ଅଲସ ପିତୁଳା**—ଦେ. ବି—ଓଡ଼ିଶାର ଅନେକ ମନ୍ଦିରର ପ୍ରଥମ ଭରଣ୍ଡିରେ
Alasa pitulā ଖୋଦିତ ପଥରର ସ୍ତ୍ରୀମୂର୍ତ୍ତି, ଏ ଦୁଇହାତରେ ଏବଂ ମୁଣ୍ଡରେ ପଥରକୁ ଟେକି ଧରିଥାଏ—
A figure of a woman supporting a stone with the hands and head, wrought on the lower portions of walls in temples.

**ଅଲସ ଭାଙ୍ଗିବା**—ଦେ. କ୍ରି. ( ସଂ. ଆଲସ୍ୟ+ଭଞ୍ଜନ )—
Alasa bhāngibā ଅଙ୍ଗଭଙ୍ଗିଦ୍ୱାରା ଦେହର ଆଲସ୍ୟ ଦୂର
আড়ামোড়া; আড়াভাঙ্গা; କରିବା—To throw out one's
আলিস্যিভাঙ্গা arms and legs to drive away
**अलकसाना** languor.

**ଅଲସ ମେଣ୍ଟାଇବା**—ଦେ. କ୍ରି—ଦେହର ଆଲସ୍ୟକୁ ବିଶ୍ରାମଦ୍ୱାରା ଦୂର
Alasa mentāibā କରିବା—To refresh one's self
শ্রান্তিমেটান by rest.

**ଅଲସା**—ଦେ. ବି. (ଅଲସ+ସ୍ତ୍ରୀ. ଆ)— ହଂସପଦୀ ଲତା—
Alasā A creeper; Vitis Pedata.

ସଂ. ବିଣ. ସ୍ତ୍ରୀ (ଅଲସ+ଆ.)—ଆଲସ୍ୟଯୁକ୍ତା —
Lazy; languid.

ସେ ଯୋଷା, ଶ୍ରମଜଳ କଣେ ଅଙ୍ଗଭୂଷା, ଶୃଙ୍ଗାରେ ରତି ଅଲସା ।
ପ୍ରାଚୀ ରସବାରିଧି ।

**ଅଲସିତ**—ଗ୍ରା. ବିଣ. (ପ୍ରାଚୀନ ପଦ୍ୟ)—ଆଲସ୍ୟଯୁକ୍ତ—
Alasita Languid; showing signs of languor.

ବୁଲନ୍ତି ନୃପଙ୍କ ସଙ୍ଗ—ବିଶେଷତ ଅଲସିତ । ଭଞ୍ଜ- ବୈଦେହୀଶବିଳାସ ।

**ଅଲସିରା**- ପ୍ରାଦେ. (ପୁରୀ) ବି—ବାହାଲ; ଟେଣ୍ଡା ବା ଯନ୍ତ୍ରରେ ବ୍ୟବହୃତ
Alasirā ଲମ୍ବ ବାଉଁଶ (ଯାହାର ଗୋଟିଏ ଅଗରେ କୋଲୁଅ ବନ୍ଧା ଥାଏ
তেওারবাংস ଓ ଅନ୍ୟ ଅଗରେ ପାଣି ଉଠାଇବାର ପାତ୍ର ଝୁଲୁଥାଏ)--
The long bamboo pole used in a water-lifting contrivance.

**ଅଲସୀ**—ଦେ. ବିଣ. ସ୍ତ୍ରୀ (ସଂ. ଅଲସା)—୧ । ଆଲସ୍ୟଯୁକ୍ତା (ସ୍ତ୍ରୀ)—
Alasi Lazy (woman)
আলসে ୨ । ଧୀରଗତିବିଶିଷ୍ଟା—2. Moving slowly.

ମୋତେ ଜଳକେଳି ଅଲସୀ ମରାଳୀଗମନା ବୋଲନ୍ତି କେଣେ—କବିସୂର୍ଯ୍ୟ ସଙ୍ଗୀତ

ସାଧାରଣ ଲୋକେ ଅତର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଋଷି' ନ ମିଳିଲେ 'ରୁଷି' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ

ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ରାଜାଙ୍କ ପ୍ରତି ପ୍ରଯୁଜ୍ୟ ବାକ୍ୟ )—
ପୀଡ଼ିତ—Sick.

**ଅଲସୁଆ**—ଦେ. ବିଣ.ପୁଂ. (ସଂ. ଅଲସ)—୧ । ଆଲସ୍ୟଯୁକ୍ତ (ବ୍ୟକ୍ତି)—
Alasuā 1. Lazy (man)
আলস্যে; আলস্যা ୨ । ଅଲସସ୍ୱଭାବଯୁକ୍ତ—
**आलसी; अंरसीला; आलकसा** 2. Idle by habit.
ଅଲସୁଆ କାହ୍ନୁ ଭାବନା ଯେଣ ପଦ୍ଧ ମନ୍ଦା ବାରୁ ଅବେ ଜନନ୍ମ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
ଦେ. ବି.—ଆମ୍ବୁଲବିଶେଷ—A kind of mango pickle.

**ଅଲସୁଆପଣ**—ଦେ. ବି. (ସଂ. ଅଲସ + ଓ. ପଣ = ଭାବ)—
Alasuāpaṇa ୧ । ଆଲସ୍ୟ—1. Laziness.
আলিস্যিপনা ୨ । ଗତିର ଶୈଥିଲ୍ୟ —
**सुसती** 2. Languor.

**ଅଲସୁଆପଣିଆ**—ଦେ. ବି.—ଅଲସୁଆପଣ (ଦେଖ)
Alasuāpaniā Alasuāpaṇa (See)

**ଅଲସୁଆମି**—ଦେ. ବି. (ବଙ୍ଗଳା ଅନୁକରଣ)—ଅଲସୁଆପଣ (ଦେଖ)
Alasuāmi Alasuāpaṇa (See)

**ଅଲସେଇ**—ଦେ. ବିଣ. ସ୍ତ୍ରୀ. ( ସଂ. ଅଲସା )—
Alasei ଅଲସୁଆର ସ୍ତ୍ରୀଲିଙ୍ଗ—Feminine of Alasuā.
আলসে
**सुस्त**

**ଅଲସୋଇ**—ଦେ. ବିଣ. ସ୍ତ୍ରୀ.—ଅଲସେଇ ( ଦେଖ )
Alasoi Alasei ( See )

**ଅଲା**—ଗ୍ରା. ବି ( ସଂ. ଆମଲକ )—ଅଁଳା ( ଦେଖ )
Alā Aan̐lā ( See )

**ଅଲାଇଚ**—ଦେ. ବି ( ସଂ. ଏଳା; ଭୁଲ. ଫା. ଏଲାଚ୍ଚି )—
Alāicha ୧ । ଅଲେଇଚ; ସୁଗନ୍ଧ ମସଲାବିଶେଷ—
এলাচ, এলাচি, ইলাইচ 1. Cardamom; Ellettaria
**बड़िइलायची; एलाइचि** Cardamomum.
ତେ—ଏଲାକ୍କୁଳ [ ଦ୍ର—ଭାରତର ଦକ୍ଷିଣ ପଶ୍ଚିମ (ଅନ୍ୟ ସଂ. ନାମ—ଉପକୁଞ୍ଚିକା) (ବମ୍ବେ, ମାନ୍ଦ୍ରାଜ) ଅଞ୍ଚଳରେ ଜନ୍ମିବା ହାଲପାଳାଜାତୀୟ ସ୍ଥାୟୀ ଶାକଗୁଳ୍ମ; ଏହା ବହୁ ପତ୍ରମୟ; ଗଛ ୪।୫ ହାତ ବଢ଼େ; ଔଷଧରେ ଓ ମସଲାରେ ଲାଗେ ]
୨ । ବଡ଼ ଅଲେଇଚ; ନେପାଳୀ ଅଲେଇଚ—
2. Nepal cardamom; Amomum Subulatum.
[ ଦ୍ର—ହରଦ୍ରାଦିବର୍ଗର ପତ୍ରମୟ ଶାକଗୁଳ୍ମ, ନେପାଳରେ ଜନ୍ମେ। ବଙ୍ଗଦେଶରେ ଏହାର ମୂଳରୁ ଲୋକେ ବଗିଚାରେ ଗଛ ଲଗାନ୍ତି କିନ୍ତୁ ଫଳ ଫଳେ ନାହିଁ ।]
୩ । ଗୁଜୁରାଟି ( ଦେଖ )—3. Gujurāti ( See )

**ଅଲାଇଚ ଅର୍କ**—ଦେ. ବି.—ଅଲାଇଚରୁ ବୈଜ୍ଞାନିକ ପ୍ରକ୍ରିୟାରେ
Alāicha arka ପ୍ରସ୍ତୁତ ନିର୍ଯ୍ୟାସ ବା ସାର—
এলাচের আরক Essence of cardamom.

**ଅଲାଇଦା**—ବୈଦେ. ବିଣ ( ଆ. ଅଲାହିଦା, ଅଲହଦା )—
Alāidā ୧ । ଅଲଗା; ସ୍ୱତନ୍ତ୍ର; ପୃଥକ୍—
আলাদা 1. Separate.
**अलाहिदा; अलहदा** ୨ । ସମ୍ପର୍କରହିତ—2 Unconnected.
ବୈଦେ. କ୍ରି. ବିଂ.—ପୃଥକ୍‌ରୂପେ—Separately,

**ଅଲାଇବଲାଇ**—ଦେ. ବି.—୧ । ଅଲେଇବଲେଇ; ସବୁପ୍ରକାରର ଆପଦ
Alāibalāi ବିପଦ—1. All kinds of
আলাইবালাই misfortune or danger.
**अलेयावलेया**
୨ । ନିନ୍ଦା; ଦୁର୍ନାମ—
2. Blame; evil repute.
୩ । ଅମଙ୍ଗଳ—3. Evil,
୪ । ଦାୟିତ୍ୱ—4. Responsibility.

**ଅଲାଉଡିଆ**—ଗ୍ରାଦେ ( ଗଡ଼ ) ବିଣ.—
Alāudiā ୧ । ଯେଉଁ ବ୍ୟକ୍ତି କାର୍ଯ୍ୟରେ ଢିଲା କରେ—
**अलसेटिया** 1. A person who works haphazardly.
୨ । ହେଳାଦସ୍ତୀ ( ଲୋକ )—
2. Negligent.

**ଅଲ୍ଗି**—ଦେ. ବିଣ ( ଗାଳ ) [ ସଂ. ଅ + ଲଗ୍ନ; ଯେ ଲାଗେ ନାହିଁ ବା
Alāgi ପରିଶ୍ରମ କରେ ନାହିଁ )—
୧ । ଅଲସୁଆ; ପରିଶ୍ରମକାତର—
1. Idle; lazy.
୨ । ନିଛାଟିଆ—2. Solitary; lonely.
୩ । ନିକମା; ଅକାମିକା ( ଲୋକ )—
3. Worthless ( fellow )
୪ । ଅସୁନ୍ଦର—
4. Graceless; shorn of beauty; ugly.
କେତେ ଦିନ ହେଲା ମୋତେ ଛାଡ଼ିଥିଲ ବାବୁ,
ଅଲଗି ଦିଶୁଅଛ ମୋ ଦେଖ ଯୋଷ ସବୁ ।
ପୀତାମ୍ବର—କୃଷ୍ଣ ହରିପୁରାଣ ।
୫ । ଅଲଗା; ପୃଥକ୍—5. Separate.
୬ । ବ୍ୟବହାରର ଅଯୋଗ୍ୟ—6. Unfit for use.
ଅମ୍ଭର ସବୁଅ ଭର ସେ କାହିଁ ଲାଗିବ କର
ଦେଣ୍ଟକିବି ସଖି ଆମ୍ଭେ ତାଙ୍କ ଅଲଗି ।
ପ୍ରାଚୀ. ରହସ୍ୟମଞ୍ଜରୀ ।
୭ । ଅସ୍ପୃଶ୍ୟ—7. Untouchable.
ଗ୍ରା. ବିଣ. ସ୍ତ୍ରୀ—ରଜସ୍ୱଳା-ଅସ୍ପୃଶ୍ୟା (ସ୍ତ୍ରୀ)—
Menstruated.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ | ନ୍ତ୍ର |

ଦେ. ବି—ଅସାର ପଦାର୍ଥ—Unsubstantial or worthless matter.

ଗୁଲୁଣୀ ଜଳାର ପ୍ରାୟେ ଅନ୍ତରର ଗର୍ଭ
ଫୁଲଗି ପକାଇ ସେ ଅଲଗି ରଖେ ସବ । ପ୍ରାଚୀ ରହସ୍ୟମଞ୍ଜରୀ ।

**ଅଲାଜୁକ**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସ. ଅଲଜ୍ଜ )—
Alājuka ଲଜ୍ଜାହୀନ; ବେହୟା; ନିଲଜ୍ଜ—
লজ্জাহীন, বেহায়া Shameless; immodest.
**बेहाया**
(ଅଲାଜୁକୀ—ସ୍ତ୍ରୀ)

ଏହାଙ୍କ ପରି ଆଉ ଅଲାଜୁକ ନାହିଁ
ମାଇପକୁ ପରେ କେ ଦେବ ଖେଳେ କେଉ ।
କୃଷ୍ଣସିଂହ. ମହାଭାରତ—ସଭା ।

**ଅଲାଜୁକା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଲାଜୁକ ( ଦେଖ )
Alājukā Alājuka ( See )

**ଅଲାଣ୍ଡି**—ଦେ. ବିଣ. ସ୍ତ୍ରୀ.—୧ । ଯେଉଁ ସ୍ତ୍ରୀ ଅସୁନ୍ଦର କରି କାମ କରେ;
Alāṇḍi ଯାହାର କାର୍ଯ୍ୟରେ ଶୃଙ୍ଖଳା ନାହିଁ; ଅଶୃଙ୍ଖଳାଯୁକ୍ତ—
এলোমেলো, আলাইবুড়ী 1. ( A woman ) Who does
**चिलबिल्ला** her duties in an ugly manner; clumsy; unmethodical.
୨ । ଅସୁନ୍ଦରୀ—2. Ugly.
୩ । ( ପୁଂ. ଓ ସ୍ତ୍ରୀ. ) ମୂର୍ଖ—3. Dunce.
୪ । ( ପୁଂ. ଓ ସ୍ତ୍ରୀ. ) ନିର୍ବୋଧ—4. Foolish.
୫ । ( ପୁଂ. ଓ ସ୍ତ୍ରୀ. ) ଅସଭ୍ୟ—5. Uncivilized.

**ଅଲାତ**—ସଂ. ବି (ଅ + ଲା. ଧାତୁ = ଗ୍ରହଣ କରିବା + କର୍ମ. ତ; ଯାହା ଗ୍ରହଣ କରି ଯାଏ ନାହିଁ )—
Alāta
ଅର୍ଦ୍ଧଦଗ୍ଧ କାଷ୍ଠ; ଦରପୋଡ଼ା ନିଆଁ ଖୁଣ୍ଟା—
Firebrand.

**ଅଲାତଚକ୍ର**—ସଂ. ବି.—୧ । ଅଗ୍ନିଯୁକ୍ତ ବନୋଠି; ଚକ୍ରାକାର ଅଗ୍ନି;
Alātachakra ଚକ୍ରାକାର ଜଳନ୍ତା ନିଆଁ—
1. A fiery circle made by a firebrand being waved quickly in the air in a circle.

ଅଲାତ ଚକ୍ର ପରି ଗାଣ୍ଡୀବ ଧନୁବର
ହେଲା ସବୁ ଶତ୍ରୁଙ୍କ ନେତ୍ରକୁ ଗୋଚର—କୃଷ୍ଣସିଂହ ମହାଭାରତ. ବନ ।

୨ । ଚକ୍ରିବାଣ—
2. A firework which describes a fiery circle in the air.

**ଅଲାଦୁରା**—ପ୍ରାଦେ ( ସମ୍ବଲ ) ବିଣ. ପୁଂ—ଅଲାଜୁକ—
Alādurā Shameless; immodest.
( ଅଲାଦୁରୀ—ସ୍ତ୍ରୀ )

**ଅଲାବଲା**—ଦେ. ବିଣ—( ସଂ. ଅଲୁଲାୟିତ )—ଅଲରା; ଅଡୁଆ—
Alābalā Disorderly.
নোঙরা
**गड़बड़**

ଅଲାବଲାମୂର୍ତ୍ତି ପାଷାଣରୂପିଣୀ,
କବ ଉପମା ତା ଶିରି କେଉଁଠନ୍ତି—ଅଜସ୍ରଚନ୍ଦ୍ର. ଶେଷବନ୍ଦୀଭାରତୀ ।

ପ୍ରାଦେ ( ବାଲେଶ୍ବର ) ବି—ଅଳିଅ; ଅଲେଇବଲେଇ—
Refuse; sweepings.

**ଅଲାବସାଣ**—ଗ୍ରା. ବି. ( ମାଦଳାପାଞ୍ଜିରେ ବ୍ୟବହୃତ )—
Al̲ābasāṇa କରବିଶେଷ—
A kind of cess.

**ଅଲାବୁ**—ସଂ. ବି. ସ୍ତ୍ରୀ ( ଅ + ଲବ ଧାତୁ = ମଗ୍ନ ହେବା + କର୍ତ୍ତୃ. ଉ; ଯାହା ଜଳରେ ମଗ୍ନ ହୁଏ ନାହିଁ )—
Alābu
୧ । ଲାଉ—1. White pumpkin.
୨ । ପିତା ଲାଉ—2. Bottle-gourd.

**ଅଲାବୂ**—ସଂ. ବି. ସ୍ତ୍ରୀ—ଅଲାବୁ ( ଦେଖ )
Alābū Alābu ( See )

**ଅଲାବେଣୀ**—ଦେ. ବି. ସ୍ତ୍ରୀ ( ସଂ. ଅଲାବୁ )—ଲାଉନିର୍ମିତ ଏକତାରଯୁକ୍ତ
Alābeṇi ବାଦ୍ୟଯନ୍ତ୍ର—A stringed musicial instrument made with the bottle-gourd.

ଝଞ୍ଜାଳ, ମୃଦଙ୍ଗ, କରତାଳ, ଅଲାବେଣୀ—ସାରଳାମହାଭାରତ—ମଧ୍ୟ ।

**ଅଲାଭ**—ସଂ. ବି. ( ନ + ଲାଭ )—
Alābha ୧ । ଅପ୍ରାପ୍ତି—1. Non attainment.
୨ । କ୍ଷତି—2. Loss.

ଲାଭ ଅଲାଭ ଏଥିରେ କେନ କାର୍ଯ୍ୟ ଅଛି । ସାରଳାମହାଭାରତ. ମଧ୍ୟ ।

**ଅଲାୟୁଧ**—ସଂ. ବି.—ରାବଣର ସହଚର ରାକ୍ଷସବିଶେଷ—
Al̲āyudha Name of a demon companion of Rābaṇa.

ଅଲମ୍ବୁଷ ବୀରପୁତ୍ର ଅଲାୟୁଧ ବୋଲି । ସାରଳା-ମହାଭାରତ—ବ. ।

**ଅଲାରନାଥ**—ଦେ. ବି.—ଶିବମୂର୍ତ୍ତି; ପ୍ରଗନା ଓ ଗ୍ରାମବିଶେଷ—
Alāranātha Name of a Śiba image; perganna
আলালনাথ and village in Puri District.
[ ଦ୍ର—ଏହା ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନାର ଅନ୍ତର୍ଗତ । ଏଠାରେ ବୈଷ୍ଣବଶିରୋମଣି ରାମାନନ୍ଦ ଜନ୍ମଗ୍ରହଣ କରିଥିଲେ । ]

**ଅଲାଶିରି**—ଦେ. ବି. ସ୍ତ୍ରୀ ( ସଂ. ଆମଳକ )—ଅଁଲାଶାଳ; ଦେଉଳ
Al̲āśiri ଉପରେ ଥିବା ଦଧିନଉତି ତଳର ଗୋଲ ପିଣ୍ଡ—
আমলক The circular pot shaped dome on the top of a temple below the Dadhinauti.

**ଅଲାହିଦା**—ବୈଦେ. ବିଣ. ଓ କ୍ରି. ବିଣ—ଅଲାଇଦା ( ଦେଖ )
Alāhidā Alāidā ( See )

ସେଥିର ଇନାମ୍ ଅଲାହିଦା ପାଇବ—ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଅଲାହେଦା**—ବୈଦେ. ବିଣ ଓ କ୍ରି. ବିଣ—ଅଲାଇଦା ( ଦେଖ )
Alāhedā Alāidā ( See )

**ଅଳି**—ସଂ. ବି.—( ଅଲଧାତୁ = ଭୂଷିତ କରିବା + କର୍ତ୍ତୃ. ଇ; ଯେ ଫୁଲକୁ ଶୋଭିତ କରେ )—୧ । ଭ୍ରମର; କଳାଭଅଁର—
Al̲i
1. The black-bee.
୨ । କୋକିଳ—2. Cuckoo.
୩ । କାକ—3. Crow.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୪ । (ଅଳ=ବିଛାର ନାହୁଡ଼+ଇ)—କଳା ବିଛା—
4. The black centiped.

ଭୁଲା କଳାସିଆ ବର୍ଗେ ଅଳିବୃନ୍ଦେ ସଙ୍ଗମ କାରଣ । ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । କଙ୍କଡ଼ାବିଛା—5. Scorpion.

୬ । ବିଛାରାଶି—6. The sign Scorpion.

୭ । ମଦ୍ୟ—7. Wine; spirituous liquor.

ଦେ. ବି. ( ସଂ. ଅର୍ଦ୍ଦ ଧାତୁ=କଷ୍ଟଦେବା )—୧ । ବାଞ୍ଛିତ ପଦାର୍ଥ ପାଇଁ ଅନ୍ୟ ବ୍ୟକ୍ତି ନିକଟରେ ବାରମ୍ବାର ସନିର୍ବନ୍ଧ ପ୍ରାର୍ଥନା—1. Repeated pressing requests for anything; importunity.

আবদার
हठ

ଲୁଠି ଅଳି କରି କୋଳ ପାଇଁ ଯଶୋଦାଙ୍କୁ । ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।

୨ । ହଠ; ଜିଦ; ଜିଗର—2. Obstinacy; tenacity; insistence.

ଜଳ ଯାଇଥିବା ଦେବତାଙ୍କ ଅବା ଅଳି କରୁଥାଇ କେତେ । କବିସୂର୍ଯ୍ୟ ସଙ୍ଗୀତ ।

୩ । ଗୋଳ; ହଟ୍ଟା—3. Noise; scandal.

୪ । ପ୍ରାର୍ଥନା; ଅନୁରୋଧ—
4. Request; solicitation.

ଅମ୍ଳାନ ଶ୍ରୀମୁଖ ସରୋଜରେ ମତେ ଅଳିକର ବୋଲି ଅଳୀକରେ ।
କବିସୂର୍ଯ୍ୟ—ସଙ୍ଗୀତ ।

**ଅଲି**—ଦେ. ବି—୧ । ଅଲେଖର ଡାକନାମ—
Ali 1. Name for calling Alekha.

আলী ୨ । ଶିଶୁ ବାଳକ ବାଳିକାଙ୍କର ଗେହ୍ଲା ନାମ—
अलि 2. A fond name by which pet children are accosted.

୩ । ( ଆ. ନାମ ) ମୁସଲମାନଙ୍କ ବଂଶୋପାଧିବିଶେଷ—
3. A family title amongst Mahomedans.

୪ । (ଆ. ନାମ) ମୁସଲମାନ ଧର୍ମପ୍ରବର୍ତ୍ତକ ହଜ୍‌ରତ୍ ମହମ୍ମଦଙ୍କର ଜ୍ୱାଇଁ; ଏ ମହମ୍ମଦଙ୍କ କନ୍ୟା ଫତେମାବିବିଙ୍କୁ ବିବାହ କରିଥିଲେ । ହଜ୍‌ରତ୍ ମହମ୍ମଦ ଏହାଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ଏହାଙ୍କର ପ୍ରଥମାପତ୍ନୀ ଫତେମାଙ୍କ ଗର୍ଭରୁ ଜନ୍ମିଥିବା ପୁତ୍ରଦ୍ୱୟ ହୁସେନ୍ ଓ ହାସାନ । ଏହାଙ୍କ ମୁଖରୁ କୋରାନର ବ୍ୟାଖ୍ୟା ଶୁଣି ଲୋକେ ମୋହିତ ହୋଇ ମୁସଲମାନ ଧର୍ମ ଗ୍ରହଣ କରୁଥିଲେ । ଏ ଦିନାକେତେ ଖଲିଫା ପଦରେ ପ୍ରତିଷ୍ଠିତ ହୋଇ ପରେ ତାହା ତ୍ୟାଗ କଲେ । ଜଣେ ଘାତକର ଆଘାତରେ ଏ ମୃତ ହେଲେ । ( ଜନ୍ମ ଖ୍ରୀ. ୫୯୯—ମୃତ ୬୬୧ ଖ୍ରୀ. )
4. Name of a famous follower of Mahommad.

**ଅଲିଅର**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସ. ଅତି+ଆଦର )—
Aliara ୧ । ଅତ୍ୟଧିକ ଆଦରରେ ପାଳିତ ଓ ବର୍ଦ୍ଧିତ; ଯତ୍ନପାଳିତ—
আদুরে গোপাল 1. Brought up with too much fondling.
আলালের ঘরের দুলাল

अलेल बछेड़ा; ୨ । ଗେହ୍ଲା; ଗେହ୍ଲବସର—
लाड़; अलेल 2. Brought up loosely or without restraint.

୩ । ଅତ୍ୟଧିକ ମୁହଁ ପାଇବା ହେତୁ ଯେଉଁ ପିଲା ଖରାପ ହୋଇଥାଏ—3. Spoiled by excessive fondling.

୪ । ଯେ ପିଲାଦିନୁ ଅଯତ୍ନରେ ବଢ଼ିଅଛି—
4. Brought up amidst affection, plenty and comforts.

ବଡ଼ ଅଲିଅର କନ୍ୟା ପିତୃ ସ୍ନେହ ଲଭି
ଶିଶୁକାଳୁଁ ବଢ଼ୁଥିଲା ସୁଖେ ସୁକୁମାରୀ । ରାଧାନାଥ. ଚନ୍ଦ୍ରଭାଗା ।

**ଅଲିଅଳ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଲିଅର ( ଦେଖ )
Aliaḻa Aliara ( See )

ରାଜପୁତ୍ରମାନେ ଅଲିଅଳ ଗର୍ବେଶ୍ୱର । ସାରଳାମହାଭାରତ. ସଭା ।

**ଅଲିଅଳା**—ଦେ. ବିଣ. ସ୍ତ୍ରୀ—ଅଲିଅଳର ସ୍ତ୍ରୀଲିଙ୍ଗ—
Aliaḻā Feminine of Aliaḻa.

ସୁନ୍ଦରୀ ଯେ ସୁକୁମାରୀ ଅଲିଅଳା କେମା । ସାରଳାମହାଭାରତ. ମଧ୍ୟ ।

ଦେ. ବି—ଗେହ୍ଲାପଣ; ପିଲାଦିନୁଁ ଅତି ଯତ୍ନରେ ବର୍ଦ୍ଧିତ ହେବା ଅବସ୍ଥା—The state of being brought up with too much fondling from childhood.

ନକୁଳ ସହଦେବ ଅଟନ୍ତି ତ ପିଲା
ଭଜସିବ ମୁଁ ମନେ ତାଙ୍କ ଅଲିଅଳା । କୃଷ୍ଣସିଂହ. ମହାଭାରତ, ବନ ।

**ଅଲିଅଳୀ**—ଦେ. ବିଣ. ସ୍ତ୍ରୀ—ଅଲିଅଳର ସ୍ତ୍ରୀଲିଙ୍ଗ ( ଦେଖ )
Aliaḻī Feminine of Aliaḻa ( See )

**ଅଳିଆ**—ଦେ. ବି. ( ସଂ. ଆବର୍ଜନା )—୧ । ଆବର୍ଜନା; ଝାଟିଆ—
Aḻiā Refuse matter; sweepings.
जञ्जाल ରତ୍ନଯାକ ଲାଗିପାଗି ପାଞ୍ଚିଲି ଅଳିଆ । ଭକ୍ତକବିଚରଣ. ଗୀତଲହରୀ ।
कुड़ाकरकट; बुहारन

୨ । ଗୋଳମାଳ—2. Confusion; complication.

୩ । ଅଡୁଆ; ହିସାବପତ୍ର ମୀମାଂସା ହୋଇ ନ ଥିବା ଅବସ୍ଥା—
3. The state of accounts not being settled.

୪ । ଗୋଳମାଳିଆ ବିଷୟ—4. Knotty matter.

গোলমেলে ଦେ. ବିଣ—୧ । ଆବର୍ଜନାମୟ—
आखोर 1. Full of refuse.

୨ । ଅପରିଷ୍କୃତ—2. Untidy.

୩ । ଓଳିଆ ହୋଇ ନ ଥିବା—3. Unswept.

୪ । ଗୋଳମାଳିଆ—4. Confused.

୫ । ଅମୀମାଂସିତ—5. Unsettled.

ପ୍ରାଦେ ( ଗଞ୍ଜାମ ) ବି—ଗଞ୍ଜାମ ଜିଲ୍ଲାର ଓଡ଼ିଆ ଶୂଦ୍ରକ ଜାତିବିଶେଷ—Name of a class of sudras in Ganjam.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ୱ | ନ୍ତ |

ଅଲିଆ ଛିଣ୍ଡେଇବା—ଦେ. କ୍ରି—୧ । ବିବାଦ ମୀମାଂସା କରିବା—
Aliā chhinḍeibā 1. To settle a dispute.
জংজাল মেটান ୨ । କୌଣସି ଗୋଳମାଳିଆ ପ୍ରଶ୍ନ ବା ବିଷୟ ବା
बुहारन साफकरना ହିସାବ ମୀମାଂସା କରିବା—
2. To settle any knotty question or account.

ଅଲିଆ ଝାଡ଼ିବା—ଦେ. କ୍ରି—କୌଣସି ସ୍ଥାନ ଓଳାଇବା—
Aliā jhārḍibā To sweep or cleanse a place.
ঝাঁটি দেওয়া
बुहारना

ଅଲିଅଡ଼ି—ପ୍ରାଦେ ( ବାଲେଶ୍ବର ) ବି—ନଦୀମୁହାଣରେ ଧରାଯିବା
Aliārḍi ଏକପ୍ରକାର ଲୁଣି ମାଛ—A species of sea-fish caught in the mouth of rivers.

ଅଲିଆତଲିଆ—ଦେ. ବିଣ. ( ଅନର୍ଥକ ଦ୍ବିରୁକ୍ତି ସହଚର; ଅଲିଆ+
Aliātaliā ତଲିଆ; ସଂ. ଅଲୁଲାୟିତ )—୧ । ଅଡ଼ୁଆତଡ଼ୁଆ;
আলুথালু ଅଲୁଲାୟିତ ( କେଶ; ସୂତା )—
आखोरपाखार 1 Tangled, confused.
୨ । ଆବର୍ଜନାମୟ—2. Full of refuse.
ଦେ. ବି. ( ସହଚର )—୧ । ବହୁ ଗୋଳମାଳ—
1. A number of knotty matters.
୨ । ଟିକିଏ ମାତ୍ର ସନ୍ଦେହ—
2. The slightest doubt.

ଅଲିଆଥଲିଆ—ଦେ. ବିଣ. ଓ ବି.—ଅଲିଆତଲିଆ (ଦେଖ)
Aliāthaliā Aliātaliā (See)

ଅଲିଆବଲିଆ—ଦେ. ବିଣ. ପୁଂ. ( ପୁରୁଷଲୋକଙ୍କୁ ଗାଳି )—ଯେଉଁ
Aliābaliā ଲୋକର କାର୍ଯ୍ୟ ଅସୁନ୍ଦର ଓ ଅଶୃଙ୍ଖଳ—
अलसेटिआ Unmethodical;doing work clumsily.

ଅଲିଆମଲିଆ—ଦେ. ବିଣ. ଓ ବି.—ଅଲିଆତଲିଆ (ଦେଖ)
Aliāmaliā Aliātaliā (See)

ଅଲିକ—ସଂ. ବି. (ଅଲ ଧାତୁ=ଭୂଷିତ କରିବା+କର୍ମ ଇକ; ଯାହାକୁ
Alika ଭୂଷିତ କରାଯାଏ )—ଲଲାଟଦେଶ
Brow; forehead.
ଯେନ ଭୃଙ୍ଗକେ ଛାପ ଜାଳକେ ଲଭେ ଅଳକେ ଲଚ୍ଛି । ଉଞ୍ଜ. ପ୍ରେମସୁଧାନିଧି ।

ଅଲିକା—ସଂ. ବି. (ଅଲିକ+ଆ)—ଲଲାଟଦେଶ—
Alikā Forehead; brow.
ବ୍ୟାକୁଳ ବନାରେ ନକାନା ମଣି ବଭ୍ରାଜ ଚନ୍ଦ୍ରଭାଗାଳିକା ପୁଣି ।
ଉଞ୍ଜ. ବୈଦେହୀଶବିଳାସ ।

ଅଲିଖା—ଗ୍ରା. ବିଣ. (ସଂ. ଅରକ୍ଷ)—୧ । ଅରକ୍ଷିତ—
Alikhā Shelterless.
୨ । ତୁଚ୍ଛ; ହୀନ—2. Despicable; mean.
୩ । (ସଂ. ଅଲେଖ) ନଗଣ୍ୟ; ଯାହାକୁ ମନୁଷ୍ୟ ବୋଲି କେହି ଗଣେ ନାହିଁ—3. Negligible; (man) of straw.

୪ । ଅତି ଗରିବ—4. Indigent; very poor.

ଅଲିଗର୍ଦ୍ଦ—ସଂ. ବି. (ଅଲକ୍+ଅର୍ଦ୍ଦ; ନିପାତନ)—ଅଲଗର୍ଦ୍ଦ (ଦେଖ)
Aligardda Alagardda (See)

ଅଲିଜିହ୍ବା—ସଂ.ବି. (ଅଲି+ଜିହ୍ବା; ଅଲିପରି ଜିହ୍ବା; ତୁଳ.ବ.ଆଲ୍‌ଜିଭ୍)—
Alijihwā ଘଣ୍ଟିକା—Uvula.

ଅଲିଜିହ୍ବିକା—ସଂ. ବି. (ଅଲି+ଜିହ୍ବା+କ+ଆ)—ଘଣ୍ଟିକା—
Alijihwikā Uvula.

ଅଲିଞ୍ଜର—ସଂ. ବି. (ଅଲଂ+ଜୃ ଧାତୁ+କର୍ତ୍ତୃ. ଅ)—ଅଳିଞ୍ଜର (ଦେଖ)
Aliñjara Alañjara (See)

ଅଲିଦଲି—ଗ୍ରା. ବି (ଅନର୍ଥକ ଦ୍ବିରୁକ୍ତି ସହଚର)—
Alidali ପୁନଃ ପୁନଃ ସନିର୍ବନ୍ଧ ପ୍ରାର୍ଥନା—
অলি ওজর Importunity.
हठ

ଅଲିନ୍ଦ—ସଂ. ବି. (ଅଲ ଧାତୁ=ଭୂଷିତ କରିବା+କର୍ତ୍ତୃ. ଇନ୍ଦ; ଯେ
Alinda ଘରକୁ ଭୂଷିତ କରେ)—ଅଗଣା; ଘର ବାହାରେ ଥିବା ପିଣ୍ଡା; ବରଣ୍ଡା—Outer varanda of a house.
ବକ୍ଷେ କର ମାରି ଉଚ୍ଚେ କାନ୍ଦିଲେ ଅଙ୍ଗନା,
ଅଲିନ୍ଦେ ଗବାକ୍ଷେ ଦ୍ବାରେ ପ୍ରାସାଦଶିଖରେ । ରାଧାନାଥ. ମହାଯାତ୍ରା ।
୨ । ଘରର ଦାଣ୍ଡଦୁଆର ସାମନାରେ ଥିବା ବେଦୀ—
2. Terrace in front of a house-door.

ଅଲିପକ—ସଂ. ବି. (ଅ+ଲିପ ଧାତୁ+କର୍ତ୍ତୃ. ଅକ)—
Alipaka ୧ । ଭ୍ରମର—1. Black-bee.
୨ । କୋକିଳ—2. Cuckoo.
୩ । କୁକୁର—3. Dog.

ଅଲିପା—ଦେ. ବିଣ. (ସଂ. ଅଲିପ୍ତ)—ଲିପା ପୋଛା ହୋଇ ନ ଥିବା
Alipā ( ଘର, ଭୂମି )— Unwashed; not smeared
আলেপা with water.

ଅଲିପାଳିକା—ସଂ. ବି. (ଷଷ୍ଠୀ ତତ୍, ଅଲି+ପାଳିକା)—ଭ୍ରମରଶ୍ରେଣୀ
Alipālikā A group of black-bees.
ବଳସେ ଅଲିପାଳିକା ବାଣ ମେଳକା କି । ଉଞ୍ଜ. ବୈଦେହୀଶବିଳାସ ।

ଅଲିମଲି—ଦେ. ବି.—ଅଲିଆତଲିଆ (ଦେଖ)
Alimali Aliātaliā (See)
( ଯଥା—ମୋ ଜବାବରେ ଟିକିଏ ଅଲିମଲି ନାହିଁ । )

ଅଲିମଲିଆ—ଦେ. ବିଣ—୧ । ଅଲିଆତଲିଆ (ଦେଖ)
Alimaliā 1. Aliātaliā (See)
୨ । ଅଲୁରିବାଲୁରିଆ; ଅସଙ୍ଗତ (ଲୋକ)—
2. Unmethodical.

ଅଲିମ୍ପକ—ସଂ. ବି. (ଅ+ଲିପ ଧାତୁ+କର୍ତ୍ତୃ. ଅକ)—ଅଲିପକ (ଦେଖ)—
Alimpaka Alipaka (See)

ଅଲୀ—ସଂ. ବି.—ଅଲିର ଅନ୍ୟ ଆକାର—
Alī Another form of Ali.

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଲୀକ**—ସଂ. ବି. (ଅଲ ଧାତୁ = ନିବାରଣ କରିବା + କର୍ମ ଈକ)—
Alika ୧ । ମିଥ୍ୟା; ଅସତ୍ୟ—1. Falsehood.
୨ । ଅପ୍ରିୟତା—2. Disagreeableness
୩ । (ଅଲ ଧାତୁ = ଭୂଷିତ କରିବା + କର୍ମ ଈକ)—ଲଲାଟ—
3. Forehead.
୪ । (ଅଲ ଧାତୁ + କର୍ତ୍ତୃ. ଈକ)—ସ୍ୱର୍ଗ—4. Heaven.
୫ ଆକାଶ—5. The sky.
ସଂ. ବିଣ.—୧ । ମିଥ୍ୟା—1. False.
୨ । କ୍ଷଣସ୍ଥାୟୀ—2. Shortlived.
୩ । ଅମୂଳକ—3. Baseless.
୪ । ଅପ୍ରିୟ; ଅସୁଖକର—
4. Unpleasant; disagreeable.
୫ । କ୍ଷୁଦ୍ର; ଅଳ୍ପ—5. Small; little.

**ଅଲୀକସୁପ୍ତ**—ସଂ. ବି. ( ଅଲୀକ[illegible] ସୁପ୍ତ )—
Alikasupta ଛଳିଁ ଶୋଇବା; ଗାଲି ପାଡ଼ି ଶୋଇବା —
Pretended sleep ( M. W. )

**ଅଲୀଗର୍ଦ୍ଦ**—ସଂ. ବି—ଅଳଗର୍ଦ୍ଦର ଅନ୍ୟ ରୂପ—
Aligardda Another form of Aligardda

**ଅଲୁ**—ସଂ. ବି ( ଭୂଇ. ଗଡ଼ୁ )—ଛୋଟ ଜଳପାତ୍ର—
Alu A small water-pot ( M. W. )

**ଅଲୁଅ**—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—ଅରୁଅ (ଦେଖ)
Aluā Aruā (See

**ଅଲୁକ୍**—ସଂ. ବି. ( ବହୁବ୍ରୀହି; ଅ = ନାହିଁ + ଲୁକ୍ = ବିଭକ୍ତି ଲୋପ ଯହିଁରେ )—
Aluk
(ବ୍ୟାକରଣ) ଯେଉଁ ସମାସରେ ପୂର୍ବ ପଦର ବିଭକ୍ତିର ଲୋପ ହୁଏ ନାହିଁ—(grammar) Name of a grammatical compound where the 1st component does not drop its inflectional ending
( ଯଥା—ବଳେଶୟ; ଯୁଧିଷ୍ଠିର; ବନେଚର; ଅରିନ୍ଦମ । )

**ଅଲେଇଚ**—ଦେ. ବି. ( ସଂ. ଏଲା )—ଅଲାଇଚ ( ଦେଖ )
Aleicha Alāicha ( See )

**ଅଲେଇଦା**—ଦେ. ବିଣ ଓ କ୍ରି. ବିଣ—ଅଲାଇଦା ( ଦେଖ )
Aleidā Alāidā ( See )

**ଅଲେଇବଲେଇ**—ଦେ. ବି—ଅଲାଇବଲାଇ ( ଦେଖ )
Aleibalei Alāibalāi ( See )

**ଅଲେଈ**—ଗ୍ରା. ବିଣ. ସ୍ତ୍ରୀ ( ଗାଳିରେ ବ୍ୟବହୃତ )—
Alei ୧ । ଓଲମ୍ବୀ; ଓଲେଈ ( ସ୍ତ୍ରୀ )—
আলাইবুড়ী 1. Stupid ( woman )
୨ । ଅତିରିକ୍ତ ଖାଦ୍ୟଲୋଭନୀ ( ସ୍ତ୍ରୀ )—
2. Gluttonous.

୩ । ଛାଡ଼ାଣୀ—3. Avaricious; casting sinful eyes on dainties and children.
আলাই ଦେ. ବି—୧ । ବିପଦ—1. Danger.
୨ । ଅଶୁଭ; ମନ୍ଦ—2. Evil; woe.
୩ । ଗ୍ରାମଦେବତା—3. Name of a popular Goddess.

**ଅଲେଖ**—ସଂ. ବି. (ବହୁବ୍ରୀହି; ଅ + ଲେଖା = ଚିହ୍ନ)—
Alekha ନିରାକାର ଭଗବାନ—God, the shapeless.
ଦେ. ବି. ( ନାମ )—୧ । ଋଷିବିଶେଷ—
1. Name of a sage.
ଅଲେଖ ନାମରେ ଋଷି ବ୍ରହ୍ମାପାଦୁ ଜାତ
ମସାଚ ନାମରେ ଅଟେ ତାହାଙ୍କର ସୁତ । ସାରଳାମହାଭାରତ ।
୨ । (ନାମ) ପୁଂ—ପୁରୁଷଙ୍କ ନାମବିଶେଷ—
2. A name given to males.
୩ । ଅଲେଖସ୍ୱାମୀ ( ଦେଖ )
3. Alekhaswāmi ( See )
ସଂ. ବିଣ—୧ । ଅନିର୍ବଚନୀୟ—1. Unspeakable.
ଅଲେଖ ସୁଖ ଆସ୍ୱାଦନେ କମ୍ପାଇ ଦେଲା ବେଳେ ଚନ୍ଦ୍ରମୁଖ ରେ ।
କବିସୂର୍ଯ୍ୟ ସଙ୍ଗୀତ ।
୨ । ନିରାକାର—2. Shapeless; immaterial.
୩ । ଅବର୍ଣ୍ଣନୀୟ—3. Indescribable.
୪ । ଅଗଣିତ—4. Countless.
୫ । ବିଚିତ୍ର—5. Wonderful.
ଅଲେଖ ମଣ୍ଡରେ ବନେ ସୈନ୍ଧବୀ ଚଉତ । ସାରଳା ମହାଭାରତ.ବ ।
୬ । ଅଲିଖିତ—6. Unwritten.
୭ । ନଗଣ୍ୟ; ଯାହା ଉଲ୍ଲେଖଯୋଗ୍ୟ ନୁହେ—
7. Not deserving mention;despicable.
ଦେ. ବିଣ. (ସଂ. ଅଲକ୍ଷ୍ୟ)—ଅଦୃଶ୍ୟ—
অলেখ Invisible

**ଅଲେଖଧର୍ମ**—ଦେ. ବି—ମହିମାଧର୍ମ; ଓଡ଼ିଶାରେ ପ୍ରଚଳିତ ନିରାକାର ବା
Alekhadharma ଶୂନ୍ୟଭଜନାକାରୀ ହିନ୍ଦୁସମ୍ପ୍ରଦାୟବିଶେଷ ।
A sect of Hindus worshiping the Formlesss God.

**ଅଲେଖଧର୍ମୀ**—ଦେ. ବି—କୁମ୍ଭୀପାଟିଆ ସମ୍ପ୍ରଦାୟର ବ୍ୟକ୍ତି—
Alekhadharmi Follower of the Alekha sect.
[ ଦ୍ର—ଏମାନେ କୁମ୍ଭୀପଟ ପିନ୍ଧନ୍ତି । ସକାଳେ ଓ ସନ୍ଧ୍ୟାବେଳେ ଯଥାକ୍ରମେ ପୂର୍ବ ଓ ପଶ୍ଚିମକୁ ମୁହଁ କରାଇ ବହୁବାର ଦଣ୍ଡପ୍ରଣାମ କରନ୍ତି । ଏମାନେ ନିରାକାର ପରବ୍ରହ୍ମ ବା ଅଲେଖଙ୍କୁ ସୂର୍ଯ୍ୟରୂପେ ପୂଜା କରନ୍ତି । ଏମାନେ ବ୍ରାହ୍ମଣ, ରଜା, ଧୋବା ଓ ବେଶ୍ୟା ଘରେ ଅନ୍ନ ଗ୍ରହଣ କରନ୍ତି ନାହିଁ । ଢେଙ୍କାନାଳ ଜୋରନ୍ଦାଠାରେ ଏମାନଙ୍କର ପ୍ରଧାନ ମଠ ଅଛି । ଏ ମଠର ସ୍ଥାପୟିତା କନ୍ଧ ଭୀମାଭୋଇ । ଏମାନେ ଛତା ଗରବର୍ତ୍ତିରେ ତାଳପତ୍ର ପଙ୍ଖା ବ୍ୟବହାର କରନ୍ତି ଓ ସଙ୍ଗରେ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତୁ |

ନାଆଁ ବଢ଼ଅ ବହନ କରନ୍ତି । ଏମାନେ ଘରକେ ଥରେ ଭୋଜନ ଓ ଗ୍ରାମକେ ଗ୍ରାମଏ ରହିବା ଛଡ଼ା ଅଧିକ ରହନ୍ତି ନାହିଁ ।

**ଅଲେଖପୁର**—ଦେ. ବି—ମହାଶୂନ୍ୟ—
Alekhapura — The great void.
ଅଲେଖ ପୁରରେ କର ଘର, କେବେହେଁ ନୋହଇ ବାହାର ।
ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

**ଅଲେଖବିଷ୍ଣୁ**—ଦେ. ବି—ନିରାକାର ପରବ୍ରହ୍ମ—
Alekhabishṇu — The Formless Spirit.
ପିଣ୍ଡାହିଁ ନ ଜାଣଇଁ ତାହା; ଅଲେଖ ବିଷ୍ଣୁର ଏ ମାୟା ।
ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**ଅଲେଖସ୍ୱାମୀ**—ଦେ.ବି—୧ । ଅଲେଖଧର୍ମାବଲମ୍ବୀମାନଙ୍କ ପୂଜିତ ନିରାକାର
Alekhaswāmī — ଈଶ୍ୱର—1. The Shapeless God.
୨ । ସୂର୍ଯ୍ୟ—2 The Sun God.
୩ । ଭୀମ ଭୋଇଙ୍କ ଗୁରୁ ଓ ମହିମାଧର୍ମ ପ୍ରବର୍ତ୍ତକ—
3. Name of the founder of Mahimādharma.

**ଅଲେଖା**—ଦେ. ବିଣ ( ସଂ. ଅଲିଖିତ )—
Alekhā — ୧ । ଲେଖା ହୋଇ ନ ଥିବା ( ବିଷୟ )—
অলেখা — 1. Unwritten.
अलखा — ୨ । ଯେଉଁ କାଗଜ ଆଦି ଉପରେ ଲେଖା ହୋଇ ନାହିଁ; ସାଦା ( କାଗଜ )—2. Blank.
୩ । ଅକଥନୀୟ—3. Unspeakable.
ସ୍ନାନ କରୁ ପାଣିରେ ଋଷି ସଙ୍ଗେ ଦେଖା
ହୋଇକରି ଲଭିଲେ ସୁଖକୁ ଅଲେଖା—କୃଷ୍ଣସିଂହ ମହାଭାରତ. ବନ ।
୪ । ଯାହା ଉଲ୍ଲେଖଯୋଗ୍ୟ ନୁହେଁ—
4. Not worth mentioning.
୫ । ତୁଚ୍ଛ; ହେୟ—5. Despicable; mean.
୬ । ଅଗଣିତ; ବହୁ—6. Countless.
୭ । ( ଅନାଦରାର୍ଥକ ) ଅଲେଖର ଡାକ ନାମ—7. A name for calling Alekha in contempt.

**ଅଲେଖାରେ**—ଦେ. କ୍ରି. ବିଣ—ବହୁ ପରିମାଣରେ; ବହୁ ସଙ୍ଖ୍ୟାରେ—
Alekhāre — In large quantities or numbers.
ଗଜ ଗୋଷ୍ଠକରେ ଯେ ସହସ୍ରେ ଲେଖାରେ,
ଗାଈ ଥିଲେ ମେଷ ତ ଦେଖିଲେ ଅଲେଖାରେ । କୃଷ୍ଣସିଂହ ମହାଭାରତ ।

**ଅଲେଖେଣା**—ଗ୍ରା. ବିଣ. ପୁଂ. ( ଗାଳିରେ ବ୍ୟବହୃତ )—
Alekheṇā — ଅଲକ୍ଷଣା ( ଦେଖ )
(ଅଲେଖେଣୀ—ସ୍ତ୍ରୀ) — Alakshaṇā ( See )

**ଅଲେଖ୍ୟ**—ସଂ. ବିଣ. (ଅ+ଲେଖ୍ୟ)—୧ । ଯାହା ଲେଖିବାର ଯୋଗ୍ୟ
Alekhya — ନୁହେଁ—1 Not worth mention.
୨ । ଅଗଣିତ—2 Countless.
ଅଲେଖ୍ୟରେ ଷାଠି ସହସ୍ର ବର୍ଷ ଆଗେ । ସାରଳା ମହାଭାରତ ।

**ଅଲେପକ**—ସଂ. ବିଣ. ( ଅ+ଲେପ+କ )—ନିର୍ଦ୍ଦାଗ; ଅକଳଙ୍କ—
Alepaka — Stainless ( M. W. )

**ଅଲେଲ**—ଗ୍ରା. ( ପ୍ରାଚୀନ ) ବିଣ. ଓ ବି.—ଅଲଅଲ ( ଦେଖ )
Alela — Aliala ( See )
ବିଶେଷ ଅଲେଲ ଭାବ, ମନ ହରିବ ଏ । ପ୍ରାଚୀ. ଶଶିସେଣା ।

**ଅଲେହିଦା**—ବୈଦେ. ବିଣ. ଓ କ୍ରି. ବିଣ.—ଅଲ୍ଗାଇଦା ( ଦେଖ )
Alehidā — Alāidā ( See )

**ଅଲୋକନୀୟ**—ସଂ. ବିଣ. ( ଅ+ଲୋକନୀୟ ) ଅଦୃଶ୍ୟ—
Alokanīya — Invisible; imperceptible.

**ଅଲୋକସାଧାରଣ**—ସଂ. ବିଣ. ( ଅ+ଲୋକସାଧାରଣ )—
Alokasādhāraṇa — ଅଲୋକସାମାନ୍ୟ ( ଦେଖ )
Alokasāmānya ( See )

**ଅଲୋକସାମାନ୍ୟ**—ସଂ. ବିଣ. ( ଅ+ଲୋକସାମାନ୍ୟ )—
Alokasāmānya — ୧ । ଅଲୌକିକ; ଅସାଧାରଣ—
1. Extraordinary; uncommon.
୨ । ବିଶିଷ୍ଟ—2. Special; peculiar.
୩ । ସାଧାରଣ ଲୋକଙ୍କ ମଧ୍ୟରେ ଦେଖାଯାଉ ନ ଥିବା—
3. Not common amongst ordinary people.

**ଅଲୋକିକ**—ଗ୍ରା. ବିଣ. ( ସଂ. ଅଲୌକିକ )—ଅଲୌକିକ ( ଦେଖ )
Alokika — Alaukika ( See )

**ଅଲୋକିତ**—ସଂ. ବିଣ. ( ଅ+ଲୋକିତ )—
Alokita — ଅଦୃଷ୍ଟ—Unseen.
ଗ୍ରା. ବିଣ. ( ସଂ. ଅଲୌକିକ )—୧ । ଅଦୃଷ୍ଟପୂର୍ବ—
আলৌকিক — 1. Unprecedented.
अलौकिक — ବିଲୋକ ସେ ଅଲୋକିତ ସୁନ୍ଦର ରୂପ,
अनोखा — ବେଗେ ଯାଇ କାମୁକୀ ଲକ୍ଷଣ ସମୀପ—ଭଞ୍ଜ. ବୈଦେହୀଶବିଳାସ ।
୨ । ଅତି ଆଶ୍ଚର୍ଯ୍ୟ; ବିସ୍ମୟକର—2. Very wonderful.
ଏହା ପାଶରେ କୃଷ୍ଣ ଅଲୋକିତ,
ତା କର୍ମ କେତି ଅଛନ୍ତି ଲକ୍ଷ ଲକ୍ଷ । ବିଶ୍ୱନାଥ. ବିଚିତ୍ରରାମାୟଣ ।
୩ । ଅପାର; ଅତ୍ୟଧିକ—3. Much; very great
କୃଷ୍ଣଙ୍କ ବାପ ନନ୍ଦସୁତ,
ତୋର ମହିମା ଅଲୋକିତ—ଭୂପତି. ପ୍ରେମପଞ୍ଚାମୃତ ।

**ଅଲୋକ୍ୟ**—ସଂ. ବିଣ—୧ । ଅସାଧାରଣ—
Alokya — 1. Uncommon.
ଅଲୋକ୍ୟ ମହାଗ୍ରନ୍ଥ ଏ ନୃସିଂହପୁରାଣ—ପୀତାମ୍ବର. ନୃସିଂହପୁରାଣ ।
୨ । ଅନନୁମତ—2. Unallowed ( M. W. )

**ଅଲୋଚନ**—ସ. ବିଣ. ( ବହୁବ୍ରୀହି; ଅ+ଲୋଚନ )—
Alochana — ୧ । ଲୋଚନହୀନ—1. Without eyes.
୨ । ଯେଉଁ ଘରେ ଝରକା ନ ଥାଏ—
2. Without windows to look through.

**ଅଲୋଡ଼ା**—ଦେ. ବିଣ.—୧ । ଅଯାଚିତ; ଅପ୍ରାର୍ଥିତ—
Alorḍā — 1. Unasked; not called for.
অযাচা — ୨ । ଅନିମନ୍ତ୍ରିତ—2. Uninvited.
अनपुछा — ୩ । ନିଷ୍ପ୍ରୟୋଜନ—3. Unnecessary.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତଳ୍ପିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଖିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଅଲୋଡ଼ାରେ ପିତ୍ତଅନ୍ଧ ଦେଖ ସ୍ୱର୍ଗଦ୍ୱାର—ସାରଳା ମହାଭାରତ. ଉଦ୍ୟୋଗ ।

୪ । ନଗଣ୍ୟ; ତୁଚ୍ଛ—4. Insignificant; trifling.

( ଯଥା—ଏ ଅଲୋଡ଼ା ଜୀବନରେ କେବଳ ଦୁଃଖ ଭୋଗଇ ସାର )

**ଅଲୋଡ଼ାରେ**—ଦେ. କ୍ରି. ବିଣ.—ଅପ୍ରାର୍ଥିତଭାବରେ—
Alordāre 1. Unasked.

ତନ ପୁରେ ଯେତେକ ରଜ ରହୁ ଅଛ
ଅଲୋଡ଼ାରେ ସେ ନୃପ ପାଶକୁ ଆସିଲା—କୃଷ୍ଣସିଂହ ମହାଭାରତ. ବନ ।

**ଅଲୋପୀ**—ଦେ. ବି. ନାମ—ରାମାୟଣୋକ୍ତ ରାକ୍ଷସବିଶେଷ —
Alopi Name of a demon.

ବେଢ଼ରେ ସେ ଅଲୋପୀ ସେ ବର୍ଣ୍ଣଗୁ ପ୍ରରୂପୀ ସଲୋପୀ ସଲେପୀ ସଦୃଶ ।
ଉପେ. ବୈଦେହୀଶବିଳାସ ।

**ଅଲୋଭ**—ସଂ. ବି ( ଅ+ଲୋଭ ) ୧ । ଲୋଭଶୂନ୍ୟତା—
Alobha 1. Absence of cupidity.
୨ । ଅନାସ୍ଥା—2. Indifference; want of keenness for a matter.
ସଂ. ବିଣ.—ନିର୍ଲୋଭ— Unavaricious

**ଅଲୋମ ବିଲୋମ**—ଦେ. ବିଣ ( ସଂ. ଅନୁଲୋମ ବିଲୋମ )—ଆଗ ପଛର
Aloma biloma ସମ୍ପର୍କ ରକ୍ଷା ନ କରି କୁହାଯିବା ବା ଲେଖାଯିବା ( ବିଷୟ )—(matter) Written or spoken with out observing sequence.

**ଅଲୋଳ**—ସଂ. ବିଣ ( ଅ+ଲୋଳ )— ଅଚଞ୍ଚଳ; ସ୍ଥିର—
Alola Firm.

ବାଳିଶଣ୍ଠୀ ସନ୍ଧ୍ୟାକାଳେ ଯେସନେ ଅଲୋଳ—ପ୍ରାଚୀ ଉପହାରିଥ ।

**ଅଲୌକିକ**—ସଂ. ବିଣ ( ଅ+ଲୌକିକ )—
Alaukika ୧ । ଅସାମାନ୍ୟ; ଅସାଧାରଣ—
( ଅଲୌକିକତା—ବି ) 1. Uncommon; extraordinary.
୨ । ଅଦୃଷ୍ଟପୂର୍ବ—2. Unprecedented
୩ । ଲୋକାତୀତ; ଅପାର୍ଥିବ—3. Supernatural; unworldly; transcendental.
୪ । ଚମତ୍କାର—4. Wonderful,
୫ । ଅପାର—5. Excessive.
୬। ଲୋକ ବ୍ୟବହାରରେ ଅନଭିଜ୍ଞ—
5. Ignorant of the ways of the world.

**ଅଲୌକିତ**—ଗ୍ରା. ବିଣ ( ସ. ଅଲୌକିକ )—ଅଲୌକିକ ( ଦେଖ )
Alaukita Alaukika ( See )

**ଅଳ୍ପ**—ସଂ. ବିଣ ( ଅଲ ଧାତୁ=ନିବାରଣ କରିବା+କର୍ତ୍ତୃ. ପ )—
Alpa ୧ । ସାମାନ୍ୟ; ଈଷତ୍—1. Slight.
ଅଳ୍ପତା, ଅଳ୍ପତ୍ୱ } ବି. ୨ । କିଛି—2. Some.
୩ । ଅତି କମସଂଖ୍ୟକ—3. A few.
୪ । କ୍ଷୁଦ୍ର; ଛୋଟ—4. Small; little.
୫ । ନୀଚ—5. Mean; low.

ହଂସୁର ଭୁଲାଇକୁ ପାଖୋଳୁଦେଇ ଅଳ୍ପ ଲୋକଙ୍କ ପରି ଚଳେ ଗଉର ରେ ।
କବିସୂର୍ଯ୍ୟ ସଙ୍ଗୀତ ।

୬ । ନଗଣ୍ୟ—6. Negligible; insignificant.
୭ । ହେୟ; ତୁଚ୍ଛ—7. Despicable.

ଦେ. ବି —୧ । ଅଳ୍ପତା—1. Smallness.
୨ । କ୍ଷୁଦ୍ରତା—2. Littleness.

ଦେ. କ୍ରି. ବିଣ—୧ । ସାମାନ୍ୟରେ; ଈଷତ୍—1. Slightly,
ଅଲ୍ପ ୨ । ଅଳ୍ପମାତ୍ର—2. Very little.

**ଅଳ୍ପ ଅଳ୍ପ**—ଦେ.କ୍ରି. ବିଣ.—୧ । ଅଳ୍ପମାତ୍ରାରେ ବହୁଥର—
Alpa alpa 1. In little quantities.
ଅଲ୍ପଅଲ୍ପ ୨ । ସାମାନ୍ୟ ପରିମାଣରେ କ୍ରମଶଃ—
**हौलेहाले; थाड़ाथोड़ा** 2. Little by little.
୩ । ଆସ୍ତେ ଆସ୍ତେ; ଧୀରେ ଧୀରେ—3. Slowly.
୪ । ଥିର ଥିର; ଅତି ସ୍ଥିର ଭାବରେ ବା ନମ୍ରଭାବରେ—
4. Gently; softly.
୫ । ଥରକେ ପାଦେ ପାଦେ ଅଗ୍ରସର ହୋଇ; ପାହାଞ୍ଚ ପାହାଞ୍ଚ କରି—5. Step by step.

**ଅଳ୍ପ ଅଳ୍ପ କରି**—ଦେ. କ୍ରି. ବିଣ.—ଅଳ୍ପ ଅଳ୍ପ ( ଦେଖ )
Alpa alpa kari Alpa alpa ( See )

**ଅଳ୍ପ ଆସିଆ**—ଦେ. ବିଣ—୧ । ଅତି ସାମାନ୍ୟ—1. Very slight.
Alpa āsiā ୨ । ଅତି ଅଳ୍ପ—2. A very little.
सामान्य
**थोड़ासा**

**ଅଳ୍ପଂପଚ**—ସ. ବିଣ. ପୁଂ. ( ଅଲୁକ୍ ସମାସ; ଅଳ୍ପଂ+ପଚ ଧାତୁ+କର୍ତ୍ତୃ. 
Alpampacha ଅ; ଯେ ସାମାନ୍ୟ ରାନ୍ଧେ )—
କୃପଣ; ଖଣ୍ଡିଗଣିଆ—Stingy; miserly.

**ଅଳ୍ପକ**—ସ. ବିଣ. ( ଅଳ୍ପ+କ )—ଅଳପକ ( ଦେଖ )
Alpaka Alapaka ( See )

**ଅଳ୍ପକରେ**—ଦେ କ୍ରି. ବିଣ. ( ସଂ. ଅଳ୍ପ )—୧ । ସାମାନ୍ୟରେ—
Alpakare 1. Slightly.
**सहजे** ୨ । ସହଜରେ; ଅନାୟାସରେ—2. Easily.
**सहजमे** ୩ । ଅଳ୍ପ ଆୟାସରେ—
3. With very little exertion.

ଜାଣିଲେ ଧନୁ ଦଉଧା ସେ ପୁଣେ ଅଳ୍ପକରେ । କୃଷ୍ଣସିଂହ. ମହାଭାରତ. ଅଦ ।

**ଅଳ୍ପକେ**—ଦେ. କ୍ରି. ବିଣ—୧ । ଅଳ୍ପ ଅଳ୍ପ ( ଦେଖ )
Alpake 1. Alpa alpa ( See )
**अल्पे** ୨ । ସହଜରେ—2. Easily.
**थोड़ासा**

ସେ ଅଷ୍ଟକ ଅସ୍ତ୍ର କଲ ସେ ଅଳ୍ପକେ ।
କୃଷ୍ଣସିଂହ. ମହାଭାରତ. ବନ ।

୩ । ଅଳ୍ପମାତ୍ରରେ—3. In little quantity.
୪ । ସାମାନ୍ୟ କଥାରେ—
4. In small or slight things.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଅ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଖ | ଇଅ | ୱ | ନ୍ତ |

ଅଳ୍ପଛଦ—ସଂ. ବ. ପୁଂ. ( ଅଳ୍ପ+ଛଦ )—
Alpachchhada ଯେ ଅତିଅଳ୍ପ ଲୁଗା ପିନ୍ଧି ଥାଏ—
(ଅଳ୍ପଛଦା—ସ୍ତ୍ରୀ) Scantily clad ( M. W. )

ଅଳ୍ପଣା—ଦେ. ବି. ( ସଂ ଅଲେପନ )—ଝୋଟି; କାନ୍ଥରେ ଉତ୍ସବ
Alpanā ଉପଲକ୍ଷରେ ପିଠଉରେ ଅଙ୍କିତ ଭିନ୍ନ ଭିନ୍ନ ପ୍ରକାରର
ଆଲିପନା; ଆଲପନା ଚିତ୍ର—Paintings done on the wall on festive occasions.
ସର୍ଜିନା କଳ୍ପଣା ଝୁଣ୍ଟିଅ ଅଳ୍ପଣା ହୋଇଛି । ପ୍ରାଚୀ. ବୃନ୍ଦାବନପ୍ରଦେଶଶୋଭା ।

ଅଳ୍ପତର—ସଂ. ବିଣ. ( ଅଳ୍ପ+ତର )—ଅପେକ୍ଷାକୃତ ଅଳ୍ପ—
Alpatara Smaller; slighter.

ଅଳ୍ପଦୃଷ୍ଟି—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି, ଅଳ୍ପ+ଦୃଷ୍ଟି )—
Alpadrushti ଅଦୂରଦର୍ଶୀ; ସଙ୍କୀର୍ଣ୍ଣମନା—
Narrow minded ( M. W. )

ଅଳ୍ପପଦ୍ମ—ସଂ. ବି—ରକ୍ତପଦ୍ମ—Red lotus.
Alpapadma

ଅଳ୍ପପ୍ରାଣ—ସଂ. ବିଣ. ( ବହୁବ୍ରୀହି; ଅଳ୍ପ=ଅସ୍ଥାୟୀ+ପ୍ରାଣ) —
Alpaprāṇa ୧ । କ୍ଷଣଜୀବୀ—1. Short lived.
(ମହାପ୍ରାଣ—ବିପରୀତ) ୨ । ( ବ୍ୟାକରଣ ) ଯେଉଁ ବର୍ଣ୍ଣମାନଙ୍କର ଉଚ୍ଚାରଣରେ କମ୍ ଜୋର ବା ନିଃଶ୍ୱାସ ଦରକାର ହୁଏ ( ଯଥା—ଯ, ର, ଲ, ୱ, ସ୍ୱରବର୍ଣ୍ଣ, କ, ଚ, ଟ, ତ, ପ; ଗ, ଜ, ଡ଼, ଦ, ବ )—2. Unaspirated; ( letters ) pronounced with slight breathing.
୩ । ( ଗୁଣ୍ଠିତ ) ଟିକିଏ କାମ କଲେ; ଯେ ଅଳ୍ପକେ କ୍ଳାନ୍ତ ହୁଏ—
3. Soon tired; without any power of endurance.
୪ । ଦୁର୍ବଳ—4. Weak.

ଅଳ୍ପବୟସିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ବାଲ୍ୟ—
Alpabayasiā 1. Of tender age.
অল্পবয়সে ୨ । ଯୁବା—2. Young; youthful.
थोड़ाउमरका
(ଅଳ୍ପବୟସୀ—ସ୍ତ୍ରୀ)

ଅଳ୍ପବୟସ୍କ—ସଂ. ବିଣ. ପୁଂ (ବହୁବ୍ରୀହି; ଅଳ୍ପ+ବୟସ୍; କ. ଆଗମ)—
Alpabayaska ଯାହାର ବୟସ କମ—Young.
(ଅଳ୍ପବୟସ୍କା—ସ୍ତ୍ରୀ)

ଅଳ୍ପବିଦ୍ୟ—ସଂ. ବିଣ. ପୁଂ. (ବହୁବ୍ରୀହି; ଅଳ୍ପ+ବିଦ୍ୟା)—ଯେ ସାମାନ୍ୟ
Alpabidya ପାଠ ପଢ଼ିଅଛି—Of little learning.
(ଅଳ୍ପବିଦ୍ୟା—ସ୍ତ୍ରୀ)

ଅଳ୍ପବୁଦ୍ଧି—ସଂ. ବିଣ. ପୁଂ. ଓ ସ୍ତ୍ରୀ—୧ । ସାମାନ୍ୟ ବୁଦ୍ଧିଥିବା ଲୋକ—
Alpabuddhi 1. Unintelligent.
୨ । ନିର୍ବୁଦ୍ଧିଆ—2. Foolish.
୩ । ହୀନବୁଦ୍ଧିଆ—3. Silly; unwise.

ଅଳ୍ପବୁଦ୍ଧିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଅଳ୍ପବୁଦ୍ଧି)—
Alpabuddhiā ଅଳ୍ପବୁଦ୍ଧି (ଦେଖ)
Alpabuddhi (See)

ଅଳ୍ପମଧ୍ୟମ—ସଂ. ବିଣ. ପୁଂ. (ବହୁବ୍ରୀହି; ଅଳ୍ପ+ମଧ୍ୟମ)—କ୍ଷୀଣକଟି—
Alpamadhyama Thin waisted.
(ଅଳ୍ପମଧ୍ୟମା—ସ୍ତ୍ରୀ)

ଅଳ୍ପମାତ୍ର—ସଂ. ବି.—୧ । ସାମାନ୍ୟ—1. A little.
Alpamātra ୨ । କ୍ଷଣକାଳ—2. A short time; a few moments.
୩ । ଅଳ୍ପ ପରିମାଣ—3. Very small quantity.
ଦେ. କ୍ରି. ବିଣ.—ସାମାନ୍ୟ ପରିମାଣରେ—Slightly.

ଅଳ୍ପମାତ୍ରା—ସଂ. ବି.—ଅଳ୍ପମାତ୍ର (ଦେଖ)
Alpamātrā Alpamātra (See)

ଅଳ୍ପମାରିଷ—ସଂ. ବି. —କାଣିଲେଉଟିଆ ଶାଗ; କଣ୍ଟାଲେଉଟିଆ ଶାଗ;
Alpamārisha କଣ୍ଟାମାରିଷ— A kind of pot-herb used for salad; Amaranthus Polygamus.

ଅଳ୍ପମୂଲ୍ୟ—ସଂ. ବି. (କର୍ମଧା)—କମ୍ ଦାମ—Little price.
Alpamūlya
ସଂ. ବିଣ. (ବହୁବ୍ରୀହି)—୧ । କମ୍ ଦାମର—
1. Of small price.
୨ । ଶସ୍ତା—2. Cheap.

ଅଳ୍ପଶଃ—ସଂ. କ୍ରି. ବିଣ. (ଅଳ୍ପ+ଶସ୍)—୧ । ଅଳ୍ପ ଅଳ୍ପ କରି; ଅଳ୍ପ ଅଳ୍ପ
Alpaśaḥ ପରିମାଣରେ—1. In driblets; little by little.
୨ । ଧୀରେ ଧୀରେ—2. Slowly.
୩ । କ୍ରମେ କ୍ରମେ—3. Step by step.

ଅଳ୍ପସରଃ—ସଂ. ବି. (କର୍ମଧା; ଅଳ୍ପ=କ୍ଷୁଦ୍ର+ସରଃ=ପୋଖରୀ )—
Alpasaraḥ କ୍ଷୁଦ୍ର ସରୋବର; ପଲ୍ୱଳ—A small tank.

ଅଳ୍ପସତ୍ତ୍ୱ—ସଂ. ବିଣ. (ବହୁବ୍ରୀହି; ଅଳ୍ପ+ସତ୍ତ୍ୱ=ଶକ୍ତି; ବଳ)—
Alpasatwa ୧ । କ୍ଷମତାହୀନ; ସାରଶୂନ୍ୟ—
1. Unsubstantial.
ସମସ୍ତେ ଅଳ୍ପସତ୍ତ୍ୱ ଅଳ୍ପବଳ ହେବେ;
ଯେ ଯାହା କରମ ଧରମେ ନ ରହିବେ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଦୁର୍ବଳ—2. Weak.

ଅଳ୍ପସଳ୍ପ—ଦେ. ବିଣ. ( ସଂ. ଅଳ୍ପ+ସ୍ୱଳ୍ପ )—
Alpasalpa ଅତିଅଳ୍ପ; ଖୁବ୍ କମ୍—Very little;
অল্পস্বল্প of small quantity.
अल्पस्वल्प, थोड़ा ଦେ. ବି—ଅଳ୍ପ ପରିମାଣ—
Small quantity.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଶ' ନ ପାଇଲେ 'ଅଂଶ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅଳ୍ପସ୍ୱଳ୍ପ—ଦେ. ବି. ଓ ବିଣ (ଏକାର୍ଥକ ସହଚର)—ଅଳ୍ପସଳ୍ପ ( ଦେଖ )
Alpaswalpa Alpasalpa (See)

ଅଳ୍ପାଅଳ୍ପି—ଦେ. ଗ୍ରା. ବିଣ ( ସଂ. ଅଳ୍ପାଅଳ୍ପି )—ଅଳ୍ପ ଅଳ୍ପ; ଅତି ଅଳ୍ପ
Alpāalpi ମାତ୍ରାରେ—Very little.
অল্প অল্প
थोड़ाथा

ଅଳ୍ପାଇଷ (ଇତ୍ୟାଦି)—ଅଳପାଇଷ ଇତ୍ୟାଦି (ଦେଖ)
Alpāisha (etc.) Alapāisha etc, (See)

ଅଳ୍ପାଇଷି (ଇତ୍ୟାଦି)—ଅଳପାଇଷି (ଇତ୍ୟାଦି) (ଦେଖ)
Alpāishi (etc.) Alapāishi etc. (See)

ଅଳ୍ପାଧିକ—ଦେ. କ୍ରି. ବିଣ. ( ଅଳ୍ପ+ଅଧିକ )—
Alpādhika ୧ । କମ୍ ବେଶୀ—1. More or less.
୨ । ଯାହା ତାହା; ଯାଇ ତାଇ—2. Whatever.

ଅଳ୍ପାୟୁ—ଦେ. ବିଣ—ଅଳପାଇଷ ( ଦେଖ )
Alpāyu Alapāisha (See)

ଅଳ୍ପାୟୁଃ—ସଂ. ବିଣ. ( ବହୁବ୍ରୀହି; ଅଳ୍ପ+ଆୟୁଃ )—
Alpāyuḥ ଅଳ୍ପକାଳଜୀବୀ; ଅଳପାଇଷ—Short-lived.
ସଂ. ବି—ଛେଳି—Goat.

ଅଳ୍ପାୟୁଷ—ଦେ. ବିଣ—ଅଳପାଇଷ (ଦେଖ)
Alpāyusha Alapāisha (See)

ବୃଦ୍ଧି ହୋଇବ ଲୋଭବନ, ଲୋକେ ହୋଇବେ ଅଳ୍ପାୟୁଷ ।
ଜଗନ୍ନାଥ, ଭାଗବତ ।

ଅଳ୍ପାହାର—ସଂ. ବି. (କର୍ମଧା; ଅଳ୍ପ=ପରିମିତ+ଆହାର=ଭୋଜନ)—
Alpāhāra ସାମାନ୍ୟ ଭୋଜନ; ଲଘୁ ଆହାର—Light food.
ସଂ. ବିଣ. ପୁଂ—( ବହୁବ୍ରୀହି ) ପରିମିତଭୋଜୀ—
Temperate in meals.

ଅଳ୍ପାହାରୀ—ସଂ. ବିଣ. ପୁଂ ( ଅଳ୍ପ+ଆହାରିନ୍; ୧ମା. ୧ବ )—
Alpāhārī ଯେ ସାମାନ୍ୟ ଭୋଜନ କରେ; ମିତାଶୀ; ମିତଭୋଜୀ—
(ଅଳ୍ପାହାରିଣୀ—ସ୍ତ୍ରୀ) Abstemious; moderate in eating.

ଅଳ୍ପିଷ୍ଠ—ସଂ. ବିଣ. ( ଅଳ୍ପ+ଇଷ୍ଠ )—
Alpishṭha ୧ । ଅତି ଅଳ୍ପ—1. Very little; of very small quantity.
(ଅଳ୍ପିଷ୍ଠା—ସ୍ତ୍ରୀ)
୨ । ଅତି କ୍ଷୁଦ୍ର—2. Very small.

ଅଳ୍ପୀୟାନ୍—ସଂ. ବିଣ. (ଅଳ୍ପ+ଈୟସ୍)—ଅଳ୍ପିଷ୍ଠ (ଦେଖ)
Alpīyān Alpishṭha (See)
(ଅଳ୍ପୀୟସୀ—ସ୍ତ୍ରୀ)

ଅଳ୍ପେଅଳ୍ପେ—ଦେ. କ୍ରି. ବିଣ—୧ । ଧୀରେ ଧୀରେ—1. Slowly.
Alpealpe ୨ । ଅଳ୍ପ ପରିମାଣରେ—
অল্পঅল্প 2. In small quantities.
थोड़ा थोड़ा

ଅଳ୍ପେଇଷ—ଦେ. ବିଣ—ଅଳପାଇଷ ( ଦେଖ )
Alpeisha Alapāisha (See)

ଅଳ୍ପେଇଷା—ଦେ. ବିଣ—ଅଳପାଇଷ ( ଦେଖ )
Alpeishā Alapāisha (See)

ଅଳ୍ପେଇଷିଆ—ଦେ. ବିଣ. ପୁଂ—ଅଳପାଇଷ (ଦେଖ )
Alpeishiā Alapāisha (See)

ଭର୍ତ୍ସି ଜନନୀଙ୍କୁ ଅଳ୍ପେଇଷିଆ ବର—ତଗ ;

ଅଳ୍ପେଇଷୀ—ଦେ. ବିଣ—ଅଳପାଇଷ ( ଦେଖ )
Alpeishī Alapāisha (See)

ଅଳ୍ପେକେ—ଗ୍ରା. କ୍ରି. ବିଣ—ଅଳ୍ପକେ ( ଦେଖ )
Alpeke Alpake (See)

ଅଳ୍ପେସ୍ୱଳ୍ପେ—ଦେ. କ୍ରି. ବିଣ.—ଅଳ୍ପସ୍ୱଳ୍ପ (ଦେଖ)
Alpeswalpe Alpaswalpa (See)

ଅଳ୍ପୋଦରୀ—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଅଳ୍ପ+ଉଦର+ସ୍ତ୍ରୀ. ଈ)—
Alpodarī କୃଶୋଦରୀ; ସୁନ୍ଦରୀ—Graceful ( lady ); lit; having a small abdomen.

ସକଳେ ଅଳ୍ପୋଦରୀ, ତୁଲେ ସେ ଥାଇ ।
ଲଭେ ସଙ୍ଗ ତୋ ଅଙ୍ଗେ ଅଙ୍ଗ ମିଶାଇ । ରାଧାନାଥ—ମେଘଦୂତ ।

ଅଳ୍ୟଳ—ଦେ. ବିଣ ଓ ବି. ପୁଂ. ଓ ସ୍ତ୍ରୀ—ଅଳିଅର (ଦେଖ)
Alyala Aliara (See)

ବାଳକ ସ୍ୱଭାବେ ଅଳ୍ୟଳ, କହଇ ବଚନ କୋମଳ । ଜଗନ୍ନାଥ, ଭାଗବତ ।

ଅଳ୍ୟଳା—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଳିଅର ( ଦେଖ )
Alyalā Aliara ( See )

ସେ ତ ଅଳ୍ୟଳା ହଇଲା କେହିଁ କଥାରୁ କ ଭଙ୍ଗୀ କାହିଁକି ଅଣିଲୁ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଅଳ୍ୟୋଳ—ଦେ. ବିଣ. ପୁଂ. ଓ ସ୍ତ୍ରୀ.—
Alyol ଅଳିଅର ( ଦେଖ )
Aliara ( See )

ଅଲ୍ଲା—ସଂ. ବି. ( ଅଥର୍ବବେଦରେ ବ୍ୟବହୃତ )—
Allā ( ମୁସଲମାନମାନଙ୍କ ) ଈଶ୍ୱର; ଆଲ୍ଲା—
Name of God invoked by the Mahomedans.
[ ଦ୍ର—ଅଥର୍ବବେଦରେ ଅଲ୍ଲୋପନିଷଦ ନାମରେ ଗୋଟିଏ ସୂକ୍ତ ଅଛି । ]
ସଂ. ବି. ସ୍ତ୍ରୀ.—ମାତା—Mother ( M W. )

ଅଲ୍ଲାଉପନିଷଦ୍—ଦେ. ବି.—ଅଲ୍ଲୋପନିଷଦ୍ ( ଦେଖ )
Allāupanishad Allopanishad ( See )

ଅଲ୍ଲି—ଗ୍ରା. ବି. ( ନାମ ) ପୁରୁଷ ଓ ସ୍ତ୍ରୀମାନଙ୍କର ଡାକନାମ—
Alli A name given to males and females.

ଅଲ୍ଲୋପନିଷଦ — ସଂ. ବି. — ଅଥର୍ବ ବେଦରେ 'ଅଲ୍ଲା' ଶବ୍ଦଦ୍ୱାରା
Allopanishada ପରମେଶ୍ୱରଙ୍କୁ ନିର୍ଦ୍ଦେଶ କରି ଲେଖା ଥିବା ନିମ୍ନଲିଖିତ ସୂକ୍ତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଓ |
| ୨ | ଈ | ଊ | ଋ | ଌ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ନ |

ଅସ୍ମିଂ ଇଲ୍ଲେ ମିତ୍ରାବରୁଣା ଦିବ୍ୟାନି ଧତ୍ତେ
ଇଲ୍ଲଲ୍ଲେ ବରୁଣୋ ରାଜା ପୁନର୍ଦଦୁଃ.
ହୟାମିତ୍ରୋ ଇଲ୍ଲାଂ ଇଲ୍ଲଲ୍ଲେ ଇଲ୍ଲାଂ
ବରୁଣୋ ମିତ୍ର ସ୍ତେଜସ୍କାମଃ
ହୋତାରମିନ୍ଦ୍ରୋ ହବତାରମିନ୍ଦ୍ରୋ ମହାସୁରିନ୍ଦ୍ରାଃ
ଅଲ୍ଲୋ ଜ୍ୟେଷ୍ଠଂ ଶ୍ରେଷ୍ଠଂ ପରମଂ ପୂର୍ଣ୍ଣଂ ବ୍ରହ୍ମାଣଂ ଅଲ୍ଲାମ୍ ॥
ଅଲ୍ଲୋରସୁଲ ମହାମଦରକଂ ବରସ୍ୟ ଅଲ୍ଲୋ ଅଲ୍ଲାଂ
ଅଦଲ୍ଲାବୁକମେକକଂ, ଅଲ୍ଲାବୁକ ନିଖାତକଂ । ୧ ।
ଅଲ୍ଲୋ ଯଜ୍ଞେନ ହୁତହୁତ୍ୱା ଅଲ୍ଲା ସୂର୍ଯ୍ୟଚନ୍ଦ୍ର ସର୍ବନକ୍ଷତ୍ରାଂ
ଅଲ୍ଲା ଋଷିଣାଂ ସର୍ବଦିବ୍ୟା ଇନ୍ଦ୍ରାୟ ପୂର୍ବଂମାୟା ପରମଅନ୍ତରୀକ୍ଷାଂ
ଅଲ୍ଲା ପୃଥିବ୍ୟା ଅନ୍ତରୀକ୍ଷଂ ବିଶ୍ୱରୂପଂ
ଇଲ୍ଲାକବର ଇଲ୍ଲାକବର ଇଲ୍ଲା ଇଲ୍ଲା ଇଲ୍ଲଲ୍ଲେତି ଇଲ୍ଲଲ୍ଲାଂ
ଓଁ ଅଲ୍ଲା ଇଲ୍ଲଲ୍ଲା ଅନାଦିସ୍ୱରୂପାୟ
ଅଥର୍ବାଣଂ ଶ୍ୟାମାହ୍ନଂ ହ୍ରୀଂ.
ଜନାନ୍ ପଶୂନ୍ ସିଦ୍ଧାନ୍ ଜଳଚରାନ୍ ଅଦୃଷ୍ଟଂକୁରୁଫଟ
ଅସୁର ସଂହାରିଣୀ ହ୍ରୁଂ ହ୍ରାଂ ଅଲ୍ଲୋ
ରସୁଲ ମହମ୍ମଦରକଂ ବରସ୍ୟ
ଅଲ୍ଲୋ ଅଲ୍ଲାମ୍ ଇଲ୍ଲଲ୍ଲେତି ଇଲ୍ଲଲ୍ଲ । ୧୦ ।

ଉତ୍କଳ ସାହିତ୍ୟ ୩୩।୮
ଓ ଭାଗବତଟୁଙ୍ଗୀରେ ସନ୍ଧ୍ୟା ।

ଅଶ୍କତ—ଗ୍ରା. ବିଣ ( ସଂ. ଅଶକ୍ତ )—
Aśkata ୧ । କ୍ଳାନ୍ତ—1. Tired.
কাএল ୨ । ଅକ୍ଷମ—2. Unable; disabled.
अशक्ति ୩ । ଅସମର୍ଥ—3. Powerless; not strong enough.
୪ । ଅଟାଣୁଆ—4. Not hard.
୫ । ଅଶକ୍ତ—5. Not strong.
୬ । ଦୁର୍ବଳ—6. Weak.
୭ । ଗର୍ମଜ୍ବୁତ୍; ଅଦମ୍—
7. Not securely set or constructed.

ଅଶ୍କତି—ଗ୍ରା. ବି. ( ସଂ. ଅଶକ୍ତି )—୧ । ଅସାମର୍ଥ୍ୟ; ଅକ୍ଷମତା—
Aśkati 1. Impotence.
୨ । କ୍ଳାନ୍ତ—2. Weariness.

ଅଶ୍କତିଆ—ଗ୍ରା. ବିଣ. ( ସଂ. ଅଶକ୍ତ )—ଅଶ୍କତ ( ଦେଖ )
Aśkatiā Aśkata ( See )

ଅଶ୍କତେଇବା—ଦେ. କ୍ରି. ( ସଂ. ଅଶକ୍ତ )—
Aśkateibā ୧ । କ୍ଳାନ୍ତ ବୋଧକରିବା—
अशकताना 1. To feel tired.
୨ । କାମ କରିବାକୁ ଇଚ୍ଛା ନ କରିବା—
2. Not to feel disposed to work.

ଅଶ୍ଗୁନ୍—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ. ( ସଂ. ଅପଶକୁନ )—
Aśgun ଅମଙ୍ଗଳିଆ (ବ୍ୟକ୍ତି)—Inauspicious ( person)

ଅଶ୍ଗୁନିଆଁ—ପ୍ରାଦେ ( ସମ୍ବଲପୁର ) ବିଣ. ପୁଂ—ଅଶ୍ଗୁନ୍ ( ଦେଖ )
Aśguniāṅ Aśgun ( See )
(ଅଶ୍ଗୁନିଏନ୍—ସ୍ତ୍ରୀ)

ଅଶ୍ଥଲ୍—ପ୍ରାଦେ ( ସମ୍ବଲପୁର ) ବି—ଶେଯ ବା ଲେପର ତୁଳା ଉପରେ
Aśthal ଦିଆ ଯାଇଥିବା କନା—The cloth put on
अस्तर the cotton pad of a quilt.

ଅଶ୍ନଟ—ଗ୍ରା. ବି.—ଅଡୁଆ—Complication
Aśnaṭa ଗ୍ରା. ବିଣ—ଗୋଳମାଳିଆ—Complicated.
গোলমাল
उलझाव

ଅଶ୍ନଟି—ଗ୍ରା. ବି.—ଅଡୁଆ—
Aśnaṭi Complication.

ଅଶ୍ମାନ୍—ବୈଦେ. ବି. ( ଅ. ଅସ୍ମାନ୍ )—
Aśmān ୧ । ଆକାଶ—1. Sky.
আস্মান ୨ । ନୀଳବର୍ଣ୍ଣ—2. Azure.
असमान

ଅଶ୍ମାନି—ବୈଦେ. ବିଣ.—୧ । ଆକାଶସମ୍ବନ୍ଧୀୟ—
Aśmāni 1. Relating to the sky.
আশ্মানি ୨ । ନୀଳବର୍ଣ୍ଣ—2. Azure.
असमानी ୩ । ମିଥ୍ୟାକଥା—3. False (words)

ଅଶ୍ମାନିଆଁ—ଗ୍ରା. ବିଣ—ଅଶ୍ମାନି (ଦେଖ)
Aśmāniāṅ Aśmāni (See)

ଅଶ୍ଲଟ—ଗ୍ରା. ବି. ଓ ବିଣ—ଅଶ୍ନଟ (ଦେଖ)
Aślaṭa Aśnaṭa (See)

ଅଶ୍ଲଟି—ଗ୍ରା. ବି.—ଅଶ୍ନଟି (ଦେଖ)
Aślaṭi Aśnaṭi (See)

ଅଶଉଚ—ଗ୍ରା. ବି ( ସ. ଅଶୌଚ )—ଅଶୌଚ (ଦେଖ)
Aśaucha Aśaucha (See)

ଅଶଉଚିଆ—ଗ୍ରା.ବି. ଓ ବିଣ. ( ସ. ଅଶୌଚ )—ଅଶୌଚ (ଦେଖ)
Aśauchiā Aśaucha (See)

ଅଶକତ—ଗ୍ରା. ପଦ୍ୟ. ବିଣ. ( ସଂ. ଅଶକ୍ତ )—
Aśakata ୧ । ଅଶକ୍ତ; ଅକ୍ଷମ—1. Powerless.
কাএল ୨ । କ୍ଳାନ୍ତ—2. Tired.
अशक्ति
ଯୁଧିଷ୍ଠିର ରଜା ଯୁଦ୍ଧରେ ଅଶକତ ହୋଇଣ ରହିଥିଲେ ଉପଧିର ତିର ।

ଅଶକ୍ତ—ସ. ବିଣ ( ଅ=ନୁହେ+ଶକ୍ତ )—୧ । ଅସମର୍ଥ—
Aśakta 1. Unable.
୨ । ବଳହୀନ—2. Powerless.
ଦେ. ବିଣ—ଅଶ୍କତ (ଦେଖ)
Aśkata (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅଶକ୍ତି**—ସଂ. ବି ( ଅ—ନଞର୍ଥେ + ଶକ୍ତି )—୧ । ଶକ୍ତିର ଅଭାବ—
Asakti 1. Absence of power.
୨ । ଅପଟୁତା—2. Absence of skill.
୩ । ଅସାମର୍ଥ୍ୟ—3. Inability.

**ଅଶକ୍ତିଆ**—ଦେ. ବିଣ—ଅଶ୍କତିଆ (ଦେଖ)
Asaktiā Askatiā (See)

**ଅଶକ୍ୟ**—ସଂ. ବିଣ ( ଅ + ଶକ୍ୟ ) ୧ । ଅସମ୍ଭବ; ଅସାଧ୍ୟ—
Asakya 1. Improbable.
୨ । ଶକ୍ତିବହିର୍ଭୂତ; ସାଧାତୀତ—
2. Beyond one's power.
ଅଶକ୍ୟ ଅଗୋଚର କଥା
ତୋହର ପ୍ରଗଳ ବ୍ୟବସ୍ଥା—ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅଶଙ୍କ**—ସଂ. ବିଣ. ପୁଂ (ବହୁବ୍ରୀହି); (ଅ + ଶଙ୍କା)—
Asanka ୧ । ସାହସୀ—1. Bold
(ଅଶଙ୍କା—ସ୍ତ୍ରୀ) ୨ । ନିର୍ଭୟ—2. Fearless.

**ଅଶଙ୍କନୀୟ**—ସଂ. ବିଣ ( ଅ + ଶଙ୍କନୀୟ )—
Asankaniya ଯାହାକୁ ଭୟ କରା ନ ଯାଏ—
Not to be feared.

**ଅଶଙ୍କିତ**—ସଂ. ବିଣ ( ଅ + ଶଙ୍କିତ )—
Asankita ୧ । ଅଭୀତ; ଅତ୍ରସ୍ତ—
1. Not afraid, not alarmed; undaunted.
୨ । ନିର୍ଭୟ—2. Fearless.
୩ । ନିଶ୍ଚିନ୍ତ; ନିରୁଦ୍ବେଗ—
3. Free from anxiety.

**ଅଶନ**—ସଂ. ବି ( ଅଶ୍ ଧାତୁ = ଖାଇବା + ଭାବ. ଅନ )—
Asana ୧ । ଭକ୍ଷଣ; ଭୋଜନ—
1. Act of taking food; eating.
୨ । ( + କର୍ମ. ଅନ ) ଭକ୍ଷ୍ୟବସ୍ତୁ—2. Food.
୩ । ( + କର୍ତ୍ତୃ. ଅନ ) ଭକ୍ଷକ—3. Eater.
୪ । ଅସନ ଗଛ ( ଦେଖ )—
4. Asana tree ( See ).

**ଅଶନନାଳୀ**—ସଂ. ବି. ( ବଙ୍ଗଳାପଦଭାଷା )—ଅନ୍ନନାଳୀ ( ଦେଖ )
Asananāli Annanāli ( See )

**ଅଶନି**—ସଂ. ବି. ( ଅଶ ଧାତୁ = ଖାଇବା + କର୍ତ୍ତୃ. ଅନି; ଯେ ପର୍ବତ ପ୍ରଭୃତିଙ୍କୁ ଖାଏ ବା ନାଶ କରେ )—୧ । ବିଦ୍ୟୁତ୍—
Asani 1. Lightning.
୨ । ବଜ୍ର—2. Thunder.
୩ । ପ୍ରସ୍ତରବର୍ଷୀ ଉଲ୍କାବିଶେଷ—3. A kind of shooting star emitting stones.

**ଅଶରଣ**—ସଂ. ବିଣ. ( ବହୁବ୍ରୀହି; ଅ + ଶରଣ )—
Asarana ନିରାଶ୍ରୟ—Helpless.
(ଅଶରଣୀ—ସ୍ତ୍ରୀ)

**ଅଶରଣିଆଁ**—ଦେ. ବିଣ. ପୁଂ. ( ସଂ. ଅଶରଣ )—୧ । ଉପାୟହୀନ—
Asaraniāñ 1. Having no means of livelihood.
(ଅଶରଣୀ—ସ୍ତ୍ରୀ) ୨ । ଅନନ୍ୟୋପାୟ—
2. Having no other alternative.
୩ । ନିରାଶ୍ରୟ—3. Helpless.
୪ । ଅରକ୍ଷିତ—4. Patronless.

**ଅଶରଧା**—ଗ୍ରା. ପଦ୍ୟ. ବି. ( ସଂ. ଅଶ୍ରଦ୍ଧା )—ଅଶ୍ରଦ୍ଧା ( ଦେଖ )
Asaradhā Asraddhā ( See )

**ଅଶରମ**—ଦେ. ବିଣ. ପୁଂ(ସଂ. ନଞର୍ଥକ; ଅ + ଆ. ଶରମ୍ = ଲଜ୍ଜା; ଭୁଲ —ଆ. ବେଶରମ୍ )—ନିର୍ଲଜ୍ଜ; ବେଶରମା—
Asarama Shameless.
अशैरन
बेशरम
(ଅଶରମୀ—ସ୍ତ୍ରୀ)

**ଅଶରମା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଆ. ବେଶରମ୍ )—
Asaramā ଅଶରମ ( ଦେଖ )
Asarama ( See )

**ଅଶରମିଆଁ**—ଦେ. ବିଣ. ପୁଂ—ଅଶରମ ( ଦେଖ )
Asaramiāñ Asarama ( See )

**ଅଶରୀର**—ସଂ. ବିଣ. ପୁଂ. ( ଅ + ଶରୀର ବହୁବ୍ରୀହି )—ଦେହହୀନ—
Asarira Without a visible body; incorporeal.
(ଅଶରୀରା—ସ୍ତ୍ରୀ) ସଂ. ବି—୧ । କାମଦେବ—1. God Cupid.
୨ । (ଶରୀର-ଅଭିମାନଶୂନ୍ୟ) ପରମାତ୍ମା—
2. The Supreme Soul.
୩ । ଯାହା କୌଣସି ବ୍ୟକ୍ତି ବା ଜୀବଠାରୁ ଆସୁଥିବାର ଦେଖାଯାଏ ନାହିଁ—( ଯଥା— ଶବ୍ଦ; ସ୍ୱର )—
3. Not coming from a visible body ( as sound ).

**ଅଶରୀରୀ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + ଶରୀରନ୍ ୧ମା. ୧ବ.)—
Asariri ୧ । ଅଙ୍ଗହୀନ; ନିରାକାର; ଆକାରଶୂନ୍ୟ—
(ଅଶରୀରଣୀ—ସ୍ତ୍ରୀ) 1. Bodiless; not corporeal.
୨ । ଦୈବିକ—2. Spiritual.
୩ । ଯେଉଁ ସ୍ୱର ବା ଶବ୍ଦ କୌଣସି ପ୍ରକାଶ୍ୟ ଜୀବ ବା ବସ୍ତୁରୁ ଆସୁ ନାହିଁ—3. ( voice ) Not coming from a visible body.

**ଅଶର୍ମ**—ସଂ. ବି. ( ଅ + ଶର୍ମନ୍ = ସୁଖ; ୧ମା. ୧ବ. )—
Asarma ୧ । ଅସୁଖ—1. Unhappiness.
୨ । ଦୁଃଖ; କ୍ଳେଶ—2. Pain; trouble.
ସଂ. ବିଣ—୧ । ଦୁଃଖିତ; ପୀଡ଼ାଯୁକ୍ତ—
1. Troubled; pained.
୨ । ପୀଡ଼ିତ—2. Sick; ailing.
ଦେ. ବିଣ. ପୁଂ—ଅଶରମ ( ଦେଖ )
(ଅଶର୍ମୀ—ସ୍ତ୍ରୀ) Asarama ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ସ | କ୍ଷ | ଇଯୁ | ଉଥ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଥ | ● | ନ୍ତ |

**ଅଶର୍ମୀ**—ଦେ. ବଣ—ଅଶରମା ( ଦେଖ )
Aśarmā  Aśaramā ( See )

**ଅଶର୍ମିଆ**—ଦେ. ବଣ—ଅଶରମା ( ଦେଖ )
Aśarmiā  Aśaramā ( See )

**ଅଶସ୍ତ୍ର**—ସଂ. ବଣ. ପୁଂ. ( ବହୁବ୍ରୀହି; ଅ + ଶସ୍ତ୍ର )—ଶସ୍ତ୍ରହୀନ—
Aśastra  Unarmed; disarmed; devoid of weapons.
(ଅଶସ୍ତ୍ରା—ସ୍ତ୍ରୀ)
ଦେ. ବଣ—ଉପାୟାନ୍ତରହୀନ—
Having no other alternative.

**ଅଶସ୍ର**—ଗ୍ରା. ବଣ. ( ସଂ. ଅଶସ୍ତ୍ର )—୧ । ଅଶସ୍ତ୍ର ( ଦେଖ )
Aśasra  1. Aśastra ( See ).
୨ । କାର୍ଯ୍ୟ ସାଧନୋପାୟରହିତ—
2. Having no means at one's command.

**ଅଶାଖ**—ସଂ. ବଣ ( ବହୁବ୍ରୀହି; ଅ + ଶାଖା )—ଶାଖାହୀନ (ବୃକ୍ଷାଦ)—
Aśākha  Branchless; devoid of branches.
(ଅଶାଖା—ସ୍ତ୍ରୀ)

**ଅଶାଖା**—ଗ୍ରା. ବଣ ( ସଂ. ଅଶାଖା )—୧ । ଅଶାଖ ( ଦେଖ )
Aśākhā  1. Aśākha ( See )
୨ । (ସଂ. ଅ + ଶାଖା) ଶାକ ବ୍ୟଞ୍ଜନାଦ ରହିତ ( ଅନ୍ନ )—
2. ( rice ) Without curry.
୩ । ( ସଂ. ଅସଖା ) ଅସଖା; ବନ୍ଧୁହୀନ—
3. Friendless.
୪ । ସଂ. ( ଅସଖା ) ନିରାଶ୍ରୟ—4. Helpless.
ସ. ବି.—ତୃଣବିଶେଷ—Name of a grass (M. W.)
ସ. ବଣ. ସ୍ତ୍ରୀ. (ଅଶାଖ + ଆ)—ଅଶାଖର ସ୍ତ୍ରୀଲିଙ୍ଗ—
Feminine of Aśākha.

**ଅଶାନ୍ତ**—ସ. ବଣ. (ଅ + ଶାନ୍ତ = ଶମିତ)—୧ । ଅସ୍ଥିର—
Aśānta  1. Not tranquil; restless.
(ଅଶାନ୍ତା—ସ୍ତ୍ରୀ)  ୨ । ଅତୃପ୍ତ—2. Not appeased; insatiate.
(ଅଶାନ୍ତତା—ବ)  ୩ । ଧୃଷ୍ଟ; ଅଶିଷ୍ଟ—
3. Arrogant; uncivil.
୪ । ଅଜେୟ; ଅଶାମ୍ୟ; ଅଦମ୍ୟ—4. Indomitable
୫ । କ୍ରୂର; ଭୟଙ୍କର—5. Violent; wild.
୬ । ଅପବିତ୍ରୀକୃତ—6. Unconsecrated
୭ । ଅପବିତ୍ର—7. Not sacred.
୮ । ଉନ୍ମତ୍ତ—8. Maddened.
୯ । ଯାହାକୁ ତୃପ୍ତ କରିଯାଇ ନ ପାରେ—
9. Insatiable.
୧୦ । ଶାନ୍ତିରହିତ—10. Devoid of peace.
୧୧ । ଆନ୍ଦୋଳିତ—11. Agitated.

**ଅଶାନ୍ତି**—ସଂ. ବ. (ଅ + ଶାନ୍ତି = ତୃପ୍ତି)—୧ । ମାନସିକ ଉଦ୍ବେଗ—
Aśānti  1. Anxiety.
୨ । ଅସ୍ଥିରତା—2. Restlessness.
୩ । ଶାନ୍ତିହୀନତା—3. Want of peace; want of tranquility.
୪ । ଅତୃପ୍ତି—4. Insatiety.
୫ । ଅନିବୃତ୍ତି—5. Non-cessation.
୬ । ଗୋଳମାଳ; ଗଣ୍ଡଗୋଳ—
6. Disturbance; turbulence.
୭ । ରୋଗ ଆଦି ଉପଶମ ନ ହେବା—
7. Non-alleviation.
୮ । କଷ୍ଟ—8. Pain; trouble.
୯ । ଅସନ୍ତୋଷ—9. Discontent.
ଗ୍ରା. ବଣ—୧ । ଅସନ୍ତୁଷ୍ଟ—1. Unpropitiated; discontented.
୨ । ଅପରିତୃପ୍ତ—2. Unappeased.

**ଅଶାବରୀ**—ସଂ. ବ.—ଆଶାବରୀ (ଦେଖ)
Aśābarī  Āśābarī (See)

**ଅଶାମ୍ୟ**—ସଂ. ବଣ. (ଅ + ଶାମ୍ୟ)—ଯାହା ଉପଶାନ୍ତ ହୋଇ ନ ପାରେ;
Aśāmya  ଅଶମନୀୟ—Unappeaseable.

**ଅଶାସନ**—ସଂ. ବ. (ଅ + ଶାସନ = ନିୟମ)—୧ । ଶାସନର ଅଭାବ—
Aśāsana  1. Want of control.
(ଅଶାସିତ—ବଣ)  ୨ । ଅରାଜକତା—2. Mis-government; anarchy.
୩ । ନିୟମଶୂନ୍ୟତା—3. Want of regulation.
୪ । କଡ଼ା ନିୟମର ଅଭାବ—
4. Want of discipline.

**ଅଶାସନୀୟ**—ସଂ. ବଣ. ପୁଂ. (ଅ + ଶାସନୀୟ)—
Aśāsanīya  ୧ । ଶାସନର ଅଯୋଗ୍ୟ—
(ଅଶାସନୀୟା—ସ୍ତ୍ରୀ)  1. Uncontrollable
୨ । ଦୁର୍ଦ୍ଦାନ୍ତ; ଅଦମ୍ୟ; ଅଦମନୀୟ—
2. Ungovernable.

**ଅଶାସିତ**—ସଂ. ବଣ. (ଅ + ଶାସିତ)—୧ । ଅଦମିତ—
Aśāsita  1. Uncontrolled.
(ଅଶାସିତା—ସ୍ତ୍ରୀ)  ୨ । ଯାହାକୁ ଶାସନ କରି ଯାଇ ନ ଥାଏ—
2. Not governed.
୩ । ଯାହାକୁ ନିୟମାଧୀନ କରି ରଖା ଯାଏ ନାହିଁ—
3. Undisciplined.

**ଅଶାସ୍ତ୍ର**—ସଂ. ବ. (ଅ + ଶାସ୍ତ୍ର)—୧ । ବେଦାଦି ବିରୁଦ୍ଧ ଶାସ୍ତ୍ର—
Aśāstra  1. Books which are against the sacred Scriptures.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଜ୍ଜୁନ' ନ ପାଇଲେ 'ଅର୍ଜୁନ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ଅବିଧି—2. Want of rules or percepts.
୩ । ଲୋକାଚାର ବିରୁଦ୍ଧ ଶାସ୍ତ୍ର—3. A book which does not conform to the established usage.

**ଅଶାସ୍ତ୍ର** ଦେ. ବିଣ. (ସଂ. ଅଶାସ୍ତ୍ରୀୟ)—୧ । ଅଶାସ୍ତ୍ରୀୟ (ଦେଖ)
Asāstriya (See)
अशास्त्र
**अशास्त्र**
୨ । ଲୋକାଚାର ବିରୁଦ୍ଧ—2. Not conforming to established usage.

**ଅଶାସ୍ତ୍ରୀୟ**—ଦେ. ବିଣ. (ଅ+ଶାସ୍ତ୍ରୀୟ)—୧ । ଅଉନ୍ଧବିରୁଦ୍ଧ—
Asāstriya 1. Not conforming to the śāstras or sacred books; not according to śāstric rules; illegal.
୨ । ଶାସ୍ତ୍ରବିରୁଦ୍ଧ—2. Unscriptural,
୩ । ଯାହା ଶାସ୍ତ୍ରବିହିତ ନୁହେ—
3. Not prescribed by the śāstras.

**ଅଶାସ୍ୟ**—ସଂ. ବିଣ (ଅ+ଶାସ ଧାତୁ+କର୍ମ. ଯ)—
Aśāsya ଅଶାସନୀୟ (ଦେଖ)
(ଅଶାସ୍ୟା — ସ୍ତ୍ରୀ) Aśāsaniya (See)

**ଅଶାସ୍ତ୍ର**—ଗ୍ରା. ବିଣ. (ସଂ. ଅଶାସ୍ତ୍ର)—ଅଶାସ୍ତ୍ର (ଦେଖ)
Aśāsra Aśāstra (See)

**ଅଶାହାସ୍ର**—ଗ୍ରା. ବି. (ସଂ. ଅଶାସ୍ତ୍ର)—ଅଶାସ୍ତ୍ର (ଦେଖ)
Aśāhasra Aśāstra (See)

**ଅଶି**—ଦେ. ବି. ( ସ. ଅଶୀତି; ପ୍ରା. ଅସୀଇ )—୮୦ ସଂଖ୍ୟା—
Aśi The number eighty.
आशी ଦେ. ବିଣ—୮୦ ସଂଖ୍ୟକ—80 in number.
**अस्सी** ଅଶି ଡେଉଡ଼େ ନବ ବାଉଣା—ଢଗ ।

**ଅଶିଆଦୁଇଶ**—ଗ୍ରା. ବି. (ସ. ଅଶୀତ୍ୟୁତ୍ତର ଦ୍ୱିଶତ)—ଦୁଇଶ ଅଶି ସଂଖ୍ୟା—
Aśiāduiśa The number 280.
आशीउत्तर् द्विश
**अस्सीउत्तरदोसौ**

**ଅଶିଆଶହେ**—ଗ୍ରା. ବି. ( ସ. ଅଶୀତ୍ୟୁତ୍ତର ଶତ )—ଏକଶ ଅଶି ସଂଖ୍ୟା—
Aśiāśahe The number 180.

**ଅଶିଏ**—ଦେ. ବି. ଓ ବିଣ. ( ସ. ଅଶୀତି )—ଅଶି ( ଦେଖ )
Aśie Eighty ( See )

**ଅଶିକ**—ସଂ. ବି—ଅସିକର ଅନ୍ୟରୂପ—Another form of Asika.
Aśika

**ଅଶିକ୍ଷା**—ସଂ. ବି. ( ଅ+ଶିକ୍ଷା )—୧ । ଶିକ୍ଷାର ଅଭାବ—
Aśikshā 1. Want of education or training.
୨ । କୁଶିକ୍ଷା—2. Bad training.

**ଅଶିକ୍ଷିତ**—ସଂ. ବିଣ. ପୁଂ. ( ଅ+ଶିକ୍ଷିତ )—
Aśikshita ୧ । ଶିକ୍ଷା ପାଇ ନ ଥିବା—
(ଅଶିକ୍ଷିତା—ସ୍ତ୍ରୀ) 1. Uneducated; untaught.

୨ । ଅଲୋକବିଦ୍ୟ—2. Illiterate.
୩ । ମୂର୍ଖ—3. Unlettered.
୪ । କୌଣସି ବିଷୟରେ ତାଲିମ ହୋଇ ନ ଥିବା—
4. Untrained.
୫ । ଅନଭିଜ୍ଞ—5. Ignorant,

**ଅଶିଣ**—ଗ୍ରା. ବିଣ. ( ସଂ. ଆଶ୍ୱିନ )—କାର୍ତ୍ତିକର ପୂର୍ବବର୍ତ୍ତୀ ଓ ଭାଦ୍ରବର
Aśiṇa ପରବର୍ତ୍ତୀ ଚାନ୍ଦ୍ରମାସ; ଆଶ୍ୱିନମାସ—The lunar
आश्विन month of Āświna.
**आश्विन** ଭାଦ୍ରବର ଅନ୍ତେ ସଶୀ ଅଶିଣ ପଶନ୍ତେ—ପ୍ରାଚୀ. ଉତ୍ତରସଂମ୍ପ୍ରଦ ।

**ଅଶିଣପରବ**—ଗ୍ରା. ବି. ( ସଂ. ଆଶ୍ୱିନପର୍ବ )—ଆଶ୍ୱିନ ମାସରେ
Aśiṇaparaba ହେଉଥିବା ପର୍ବ; ଦୁର୍ଗାପୂଜା—
आश्विनपर्व The worship of Goddesss Durgā
**कुआरकोपरब** held in the month of Āświna.

**ଅଶିଣା**—ଦେ. ବି—ଆଶ୍ୱିନ ମାସରେ ଘଟୁଥିବା ବା ପାଚିବା—
Aśiṇā Happening or ripening in the month
आश्विने of Āświna.
**कुआरा** ( ଯଥା—ଅଶିଣା ଧାନ । )

**ଅଶିଣି**—ଗ୍ରା. ବି—ଆଶ୍ୱିନ ମାସ—
Aśiṇi Month of Āświna.
आश्विन
**कुआर; क्वार**

**ଅଶିଣିପରବ**—ଗ୍ରା. ବି—ଅଶିଣପରବ ( ଦେଖ )
Aśiṇiparaba Aśiṇaparaba ( See )

**ଅଶିତ**—ସଂ. ବିଣ. ୧ । (ଅଶ୍ ଧାତୁ=ଭୋଜନ କରିବା+କର୍ମ. ତ)—
Aśita ଭକ୍ଷିତ; ଖାଦିତ—1. Eaten; partaken.
୨ । ( ଅ=ନୁହେ+ଶିତ=ଶାଣିତ )—ଶାଣ ଦିଆଯାଇ ନ ଥିବା; ଦନ୍ତୁରା—
2. Unsharpened; blunt.
୩ । ( ଅ+ଶିତ=ଶୁକ୍ଳ )—କଳା—3. White.
ତା ଭୁଜ, ଖୈର୍ଯ୍ୟ କରୁଣ କରୁଣାରୁ, ଜାତପଙ୍କ ଅଶିତ ଗାଳରୁ—
ଅଭିମନ୍ୟୁ. ବଦଗୁପରନ୍ତାମଣି ।
୪ । ( ଅଶ୍ ଧାତୁ+କର୍ତ୍ତୃ. ତ )—ତୃପ୍ତ; ପ୍ରୀତ—
4. Pleased; satisfied.

**ଅଶିଥିଳ**—ସଂ. ବିଣ. ( ଅ=ନୁହେ+ଶିଥିଳ )—୧ । ଦୃଢ଼; ଦୃଢ଼—
Aśithila Tight; firm.
୨ । ଯେ ଢିଲା ନୁହେ; ଅଶ୍ଳଥ—2. Not loose.
[ ଦ୍ର—ଏଥିର ଅନ୍ୟ ଅର୍ଥ ଅଶିଥିଳ M. W. ]

**ଅଶିଥିଳମ୍ଭାବ**—ସଂ. ବି. ( ଅଶିଥିଳଂ+ଭାବ )—ଦୃଢ଼ ବା କଷି ହୋଇ
Aśithilambhāba ଯିବା—The becoming tight or firm ( M. W. )

**ଅଶିବ**—ସଂ. ବିଣ. ( ଅ=ନୁହେ+ଶିବ=ମଙ୍ଗଳ )—୧ । ଅଶୁଭ—
Aśiba 1. Inauspicious.

| ୧ | ଇ | ଉ | ରୁ,ଋ | ଋ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୂ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ଲୃ |

୨ । ଅମଙ୍ଗଳକର—
2. Harmful; pernicions.
ସଂ. ବ—ଅମଙ୍ଗଳ; ଅନଷ୍ଟ—Misfortune; an evil.

**ଅଶିର**—ସଂ. ବି. ( ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଇର; ଯେ ସମସ୍ତଙ୍କୁ ଭୋଜନ କରେ )—
Asira
୧ । ଅଗ୍ନି—1. Fire
୨ । ସୂର୍ଯ୍ୟ—2. The sun.
୩ । ରାକ୍ଷସ—3. Man-eating demon.

**ଅଶିଶ୍ୱିକା**—ସଂ. ବଣ. ସ୍ତ୍ରୀ. ( ଅ=ନାହିଁ+ଶିଶୁ+ଇକ+ସ୍ତ୍ରୀ. ଆ )—
Asiswika ଶିଶୁହୀନା; ଅଣ୍ଟକୁଡ଼ୀ—Childless (woman)

**ଅଶିଶ୍ୱୀ**—ସଂ. ବଣ. ସ୍ତ୍ରୀ. ( ଅ+ଶିଶୁ+ଈ )—ଶିଶୁହୀନା—
Asiswi Childless ( woman )

**ଅଶିଷ୍ଟ**—ସଂ. ବଣ. ( ଅ+ନୁହେଁ+ଶିଷ୍ଟ=ଭଦ୍ର )—
Asishta ୧ । ଅଭଦ୍ର—
( ଅଶିଷ୍ଟା—ସ୍ତ୍ରୀ ) 1. Rude; ill-behaved.
( ଅଶିଷ୍ଟତା—ବ ) ୨ । ଶିଷ୍ଟାଚାରବିରୁଦ୍ଧ—
2. Not sanctioned by etiquette.
୩ । ଗର୍ହିତ—3. Improper.
୪ । ଅଶିକ୍ଷିତ—4. Untrained.
୫ । ଅସଭ୍ୟ—5. Barbarous.

**ଅଶଷ୍ୟ**—ସଂ. ବଣ. ( ଅ+ଶିଷ୍ୟ )—
Asishya ୧ । ଯାହାକୁ ଶିକ୍ଷା ଦେବା ଉଚିତ ନୁହେଁ—
1. Not deserving to be instructed.
୨ । ଯେ ଶିକ୍ଷା ଗ୍ରହଣ କରି ନ ପାରେ—
2. Not capable of being instructed.
୩ । ଯାହା ଶିକ୍ଷା ଦେବା ଆବଶ୍ୟକ ନୁହେଁ—
3. That need not be taught; which it is not necessary to teach.

**ଅଶୀତି**—ସଂ. ବ. ( ଅଷ୍ଟ+ଦଶନ୍+ତି; ନପାତନ )—
Asiti ଅଶୀ ସଂଖ୍ୟା—Number 80.
ସଂ. ବଣ—ଅଶୀ ସଂଖ୍ୟକ—Numbering 80.

**ଅଶୀତିକ**—ସଂ. ବଣ. ( ଅଶୀତି+କ )—
Asitika ୧ । ଅଶୀତି ପରିମିତ—1. Measuring 80.
(ଅଶୀତିକା—ସ୍ତ୍ରୀ) ୨ । ପୁଂ.—ଅଶୀତି ବୟସ୍କ—2. Aged 80 years.

**ଅଶୀତିତମ**—ସଂ. ବଣ. ( ଅଶୀତି+ତମ )—
Asititama ୮୦ ସଂଖ୍ୟାର ପୂରଣ—Eightieth.

**ଅଶୀତିପର**—ସଂ. ବଣ. ପୁଂ. ( ଅଶୀତି+ପର )—
Asitipara ଯାହାର ବୟସ ଅଶୀ ବର୍ଷରୁ ବେଶି—
(ଅଶୀତିପରା—ସ୍ତ୍ରୀ) Aged more than 80 years; octogenarian.

**ଅଶୀଳ**—ସଂ. ବଣ. ପୁଂ. ( ବହୁବ୍ରୀହି. ଅ+ଶୀଳ )—
Asila ୧ । ଅଭଦ୍ର—1. Ill-behaved.
(ଅଶୀଳା—ସ୍ତ୍ରୀ) ୨ । ଇତର—2. Vulgar.
(ଅଶୀଳତା—ବ) ସଂ. ବ—୧ । ଅଭଦ୍ରତା—
1. Bad manners.
୨ । ଆଚରଣର ନୀଚତା—2. Depravity of conduct.

**ଅଶୁ**—ଦେ. ବ. ( ସଂ. ଅସୁ )—ପ୍ରାଣ; ଜୀବନ—
Asu Life.
ଅଶୀ ନଗର ହେଲା ତୁମ୍ଭ ବଚନ, ଅଶୁ ଧରିବ କରିବ ନାଶନ ।
ଅଜ୍ଞାନନ୍ଦ—ବଡଚମ୍ପୂଚନ୍ଦ୍ରମଣି ।

**ଅଶୁଅ**—ଗ୍ରା. ବ—ଅସୁଅ ( ଦେଖ )—
Asua Asua (See)

**ଅଶୁଆର**—ଦେ. ବ. ( ସଂ. ଅଶ୍ୱବର )—
Asuara ୧ । ଉତ୍କୃଷ୍ଟ ଘୋଡ଼ା—1. Steed
ଶଙ୍ଖ ଅନୁକ୍ରମେ ପୁଣି ଦେଲେ ଜଳଭୂକ
ସହସ୍ରେ ଅଶୁଆର ମାତଙ୍ଗ ସହସ୍ରେକ । ପୀତାମ୍ବର, କୃଷ୍ଣ ହରିପୁରାଣ
୨ । ( ସଂ. ଅଶ୍ୱବାର; ଫା. ସୱାର )—
ଅଶ୍ୱାରୋହୀ ସେନା—2. Cavalry.
ଏକଶତ ମତ୍ତଗଜ ସଙ୍ଗେ ଅଶୁଆର
ବେନି ସହସ୍ର ପଦାତି ନଡ଼ିବେ ନଗର । ପୀତାମ୍ବର, କୃଷ୍ଣ ହରିପୁରାଣ
୩ । ଘୋଡ଼ାସୁଆର—3. Jockey.

**ଅଶୁଚି**—ବେ. ବଣ. ( ଅ+ଶୁଚି=ଶୁଦ୍ଧ )—
Asuchi ୧ । ଅଶୁଦ୍ଧ ଅପବିତ୍ର—1. Impure; unclean; unholy.
ଅଶୁଚିତା, ଅଶୁଚିତ୍ୱ } ବ. ୨ । ମଇଳା—2. Dirty; foul.

**ଅଶୁଚିବନ୍ତ**—ଦେ. ବଣ. ( ଅ+ଶୁଚିମତ୍ )—
Asuchibanta ୧ । ଅପବିତ୍ର—1. Impure; unclean.
୨ । ଯେଉଁ ବ୍ୟକ୍ତି ସର୍ବଦା ପବିତ୍ର ରହେ ନାହିଁ—
2. Uncleanly; of impure habits.

**ଅଶୁଚିମନ୍ତ**—ଦେ. ବଣ. ପୁଂ. ଓ ସ୍ତ୍ରୀ. ( ଅ+ଶୁଚିମତ୍ )—
Asuchimanta ଅଶୁଚିବନ୍ତ ( ଦେଖ )
Asuchibanta (See)

**ଅଶୁଦ୍ଧ**—ସଂ. ବଣ. ( ଅ=ନୁହେଁ+ଶୁଦ୍ଧ=ପବିତ୍ର )—
Asuddha ୧ । ଅପବିତ୍ର—1. Impure; unclean.
(ଅଶୁଦ୍ଧତା—ବ) ୨ । ଭ୍ରମପୂର୍ଣ୍ଣ—2. Incorrect; inaccurate; wrong.
୩ । ଯେ ମୃତ କୁଟୁମ୍ବାଦିଙ୍କର ଶୁଦ୍ଧିକ୍ରିୟା ବିଧିମତେ କରି ନ ଥାଏ—3. One who has not duly performed the obsequal rites of a dead agnate.
୪ । ଅଜ୍ଞାତ—4. Unknown ( M. W. )
୫ । ଅନିର୍ଦ୍ଧାରିତ—5. Unascertained ( M.W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ପାଢ' ନ ମିଳିଲେ 'ଷାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଶୁଦ୍ଧବାସକ**—ସଂ. ବି—୧ । ଯେଉଁ ବ୍ୟକ୍ତିର ଘରଦ୍ୱାର ନାହିଁ; ବାରବୁଲା—
Aśuddhabāsaka 1. A vagabond; a vagrant (M. W.)
୨ । ସନ୍ଦିଗ୍ଧ ଚରିତ୍ର ବ୍ୟକ୍ତି—
2. A suspicious character (M. W.)

**ଅଶୁଦ୍ଧସଂଶୋଧନ**—ଦେ.ବି (ସଂ. ଅଶୁଦ୍ଧିସଂଶୋଧନ; ଛାପାଖାନାର ଶବ୍ଦ)—
Aśuddhasaṁśodhana ଶୁଦ୍ଧିପତ୍ର ଦ୍ୱାରା ଛପା ବହିରେ ଭୁଲ ରହି ଯାଇଥିବା ଅକ୍ଷର ଆଦିର ସଂଶୋଧନ—
Correction of printing mistakes by an erratum.

**ଅଶୁଦ୍ଧି**—ସଂ. ବି. ( ଅ + ଶୁଧ୍ ଧାତୁ + ତି )—
Aśuddhi ୧ । ଅପବିତ୍ରତା—1. Impurity; uncleanliness.
୨ । ଭୁଲ—2. Mistake; incorrectness.
୩ । ଅଶୌଚ ( ଦେଖ )
3. Aśaucha ( See )
ସଂ. ବିଣ—ଅପବିତ୍ର—Impure.

**ଅଶୁଦ୍ଧିଅ**—ଗ୍ରା. ବିଣ. ( ସଂ. ଅଶୁଦ୍ଧ )—ଅଶୁଦ୍ଧ ( ଦେଖ )
Aśuddhia Aśuddha ( See )

**ଅଶୁଦ୍ଧିଆ**—ଗ୍ରା. ବିଣ. ( ସଂ. ଅଶୁଦ୍ଧ )—ଅଶଉଚିଆ; ଯେ କୌଣସି ମୃତ
Aśuddhiā ଅଗ୍ନାତି ବ୍ୟକ୍ତିର ଶୁଦ୍ଧକ୍ରିୟା କରି ନାହିଁ—
One who has not performed the obsequal rites of a deceased agnate.

**ଅଶୁଦ୍ଧିସଂଶୋଧନ**—ସଂ. ବି. ( ୬ଷ୍ଠୀ ତତ୍; ଅଶୁଦ୍ଧି + ସଂଶୋଧନ )—
Aśuddhisaṁśodhana ଭ୍ରମସଂଶୋଧନ—Correction of mistakes.

**ଅଶୁଧ**—ଗ୍ରା. ବିଣ.—ଅଶୁଦ୍ଧ (ଦେଖ)
Aśudha Aśuddha (See)

**ଅଶୁଧି**—ଗ୍ରା. ବି.—ଅଶୁଦ୍ଧି (ଦେଖ)
Aśudhi Aśuddhi (See)

**ଅଶୁଧିଆ**—ଗ୍ରା. ବିଣ—ଅଶୁଦ୍ଧିଆ ( ଦେଖ )
Aśudhiā Aśuddhia ( See )

**ଅଶୁଧ୍ୟ**—ଗ୍ରା. ବିଣ—ଅଶୁଦ୍ଧ ( ଦେଖ )
Aśudhya Aśuddha ( See )

**ଅଶୁନା**—ପ୍ରାଦେ. (ସମ୍ବଲପୁର) ବିଣ—ଅନ୍ୟମନସ୍କ ଥିବାରୁ ଯେ କଥା
Aśunā ଶୁଣେ ନାହିଁ—Not hearing anything said owing to inattention.

**ଅଶୁଭ**—ସଂ. ବି. ( ଅ + ଶୁଭ )—
Aśubha ୧ । ଅମଙ୍ଗଳ—1. Misfortune; evil.
୨ । ଅନିଷ୍ଟ—2. Harm; mischief.
୩ । ପାପ—3. Sin.
୪ । ଲଜ୍ଜାଜନକ କାର୍ଯ୍ୟ—4. Shameful deed.
ସଂ. ବିଣ—୧ । ଅମଙ୍ଗଳସୂଚକ—1. Inauspicious; ominous.
୨ । ଅସୁନ୍ଦର—2. Not beautiful.
୩ । ଯାହା ମନୋରମ ନୁହେ—3. Not agreeable.
୪ । ମନ୍ଦ—4. Bad.
୫ । ଦୁଷ୍ଟ; ଦୋଷଯୁକ୍ତ—5. Vicious.

**ଅଶୁଭଦର୍ଶନ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଅଶୁଭ + ଦର୍ଶନ )—
Aśubhadarśana ଅଶକୁନ ଦେଖିବା—
Seeing of omens.
ସଂ. ବିଣ. ( ବହୁବ୍ରୀହି )—୧ । ଅସୁନ୍ଦର—1 Ugly.
(ଅଶୁଭଦର୍ଶନା—ସ୍ତ୍ରୀ) ୨ । ଯାହାକୁ ଦେଖିବା ଅଶୁଭସୂଚକ—
2. Inauspicious to look at.

**ଅଶୁଭଲକ୍ଷଣ**—ସଂ. ବି—ପୂର୍ବରୁ ଦେଖାଯିବା ଅମଙ୍ଗଳସୂଚକ ଚିହ୍ନ;
Aśubhalakshaṇa ଅଶୁଭ ଶକୁନ—Evil women.
ସଂ. ବିଣ—ଯାହାଠାରେ ଅଶୁଭ ଲକ୍ଷଣ ଥାଏ—
(ଅଶୁଭଲକ୍ଷଣା—ସ୍ତ୍ରୀ) Having inauspicious marks.

**ଅଶୁଲ୍କ**—ସଂ. ବିଣ. ( ବହୁବ୍ରୀହି; ଅ = ନାହିଁ + ଶୁଲ୍କ = କର; ମୂଲ୍ୟ )—
Aśulka ୧ । କରରହିତ—1. Rent-free.
୨ । ମାଗଣା; ମୂଲ୍ୟରହିତ—
2. Without pay; got gratis.

**ଅଶୁଶ୍ରୂଷୁ**—ସଂ. ବିଣ. ( ଅ + ଶୁଶ୍ରୂଷୁ )—
Aśuśrūshu ୧ । ଯେ ଶୁଣିବାକୁ ବା ଶିଖିବାକୁ ଇଚ୍ଛୁକ ନୁହେ—
1. Not desirous of hearing or learning.
୨ । ( ଗୁରୁଜନଙ୍କଠାରେ ) ଅବାଧ୍ୟ—
2. Disobedient towards ( M. W. )

**ଅଶୂନ୍ୟ**—ସଂ. ବିଣ. ( ଅ + ଶୂନ୍ୟ = ଖାଲି )—୧ । ପୂର୍ଣ୍ଣ—
Aśūnya 1. Full; not empty.
୨ । ଯାହା ଖାଲି ନୁହେ—2. Not vacant.
୩ । ଯାହା ବୃଥା ନୁହେ—
3. Not vain or useless.

**ଅଶୂର**—ସଂ. ବିଣ. ପୁଂ. ( ଅ + ଶୂର = ବୀର )—ଅବୀର; ସାହସହୀନ—
Aśūra Not valiant.

**ଅଶୃତ**—ସଂ. ବିଣ. ( ଅ + ଶୃତ )—୧ । ଅପକ୍ୱ; କଞ୍ଚା—
Aśruta 1. Unripe; green.
୨ । ଯାହା ରନ୍ଧା ହୋଇ ନାହିଁ—2. Uncooked.

**ଅଶେଇ**—ପ୍ରାଦେ. ( ସମ୍ବଲ ) ବି—ଅଂଶେଇ ( ଦେଖ )
Aśei Aṁśei ( See )

**ଅଶେଶର**—ବୈଦେ. ( ଇଂ. ଅସେସର୍ ) ବି.—
Aśeśara ଅସେସର୍ ( ଦେଖ )—Āsesar ( See )

| ୧ | ଇ | ଊ | ର୍,ର୍ୱ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଷ | ଜ୍ଞ | ଇଏ | ଢ଼ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ପ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଂ୍ୟ | ଇଅ | ● | ନ୍ଦ |

**ଅଶେଷ**—ସଂ. ବିଣ. ( ଅ=ନାହିଁ+ଶେଷ=ଅନ୍ତ; ଯାହାର ଅନ୍ତ
Aśesha ନାହିଁ )—୧ । ବହୁ; ଅନେକ—1. Many.
୨ । ଅସୀମ—2. Boundless; endless.
୩ । ଅନନ୍ତ—3. Infinite.
୪ । ସମୁଦାୟ; ପୂର୍ଣ୍ଣ—4. Entire.
୫ । ସବୁ; ସମସ୍ତ—5 All; whole.
୬ । ଅପରିମେୟ—6. Immeasurable.
ସଂ. ବି.—ଶେଷାଭାବ;ବଳି ନ ପଡ଼ିବା- Non-remainder.

**ଅଶେଷଜ୍ଞ**—ସଂ. ବିଣ. ପୁଂ. ( ଅଶେଷ+ଜ୍ଞା ଧାତୁ+କର୍ତ୍ତୃ. ଅ )—
Aśeshajña ସର୍ବଜ୍ଞ—Allwise; all knowing.
( ଅଶେଷଜ୍ଞା—ସ୍ତ୍ରୀ )

**ଅଶେଷତଃ**—ସଂ. ଅ ( ଅଶେଷ+ବିଭକ୍ତ୍ୟର୍ଥରେ. ତସ୍ )—୧ । ବହୁଧା;
Aśeshataḥ ବହୁପ୍ରକାରେ—1. In many ways.
୨ । ପୂର୍ଣ୍ଣରୂପେ—2. Completely.
୩ । ଅଗଣିତରୂପେ—
3. Innumerably; countlessly.

**ଅଶେଷବିଧ**—ସଂ. ବିଣ. ( ବହୁବ୍ରୀହି; ଅଶେଷ+ବିଧା )—
Aśeshabidha ୧ । ବହୁପ୍ରକାରର, ନାନାପ୍ରକାରର—
1. Of many kinds; of many ways.
୨ । ସବୁ ପ୍ରକାରର—2. Of all sorts.
୩ । ଅସଂଖ୍ୟ ପ୍ରକାରର—3. Of infinite ways.

**ଅଶେଷିତ**—ସଂ. ବିଣ. (ଅ+ଶେଷିତ )—ସମ୍ପୂର୍ଣ୍ଣରୂପେ ବିଧ୍ୱସ୍ତ—
Aśeshita Completely annihilated ( M. W. )

**ଅଶେଷେ**—ଦେ. ଅ. ( ସଂ. ଅଶେଷେଣ )—୧ । ସମ୍ପୂର୍ଣ୍ଣରୂପେ—
Aśeshe 1. Fully.
୨ । ଅନେକ ବ୍ୟକ୍ତିଙ୍କୁ—2. To many.
ବାଣୀ ବାଦ୍ୟ ଶିକ୍ଷା ଦେଇ ଅଶେଷେ, ଅଭାଳକ୍ଷାମା ବୋଲାଇଲେ ଶେଷେ ।
କବିସୂର୍ଯ୍ୟ, କବିତା ।

**ଅଶୋକ**—ସଂ. ବିଣ. ପୁଂ ( ବହୁବ୍ରୀହି, ଅ+ଶୋକ )—
Aśoka ୧ । ଶୋକରହିତ—1. Free from grief.
(ଅଶୋକା—ସ୍ତ୍ରୀ) ୨ । ଯେ ଶୋକାକୁଳିତ ନୁହେ—
2. Not feeling sorrowful.
୩ । ଯାହା ଶୋକଜନକ ନୁହେ—
3. Not causing grief.
୪ । ସୁଖୀ—4. Happy.
ସଂ. ବି. ୧. ( ଅ=ଅପଗତ ହୁଏ ଶୋକ ଯାହାଦ୍ୱାରା; ପାର୍ବତୀ ଅଶୋକବୃକ୍ଷ ମୂଳରେ ତପସ୍ୟା କରି ଶିବଙ୍କୁ ପତିରୂପେ ପାଇ ସିଦ୍ଧମନୋରଥା ଓ ଅଶୋକା ହୋଇଥିଲେ, ଏଥିପାଇଁ ଏହି ନାମ; ଅଶୋକାଷ୍ଟମୀ ତଳେ ନୋଟ ଦେଖ )
ବୃକ୍ଷବିଶେଷ; ଓଷଧି—A tree; Janesia Asoka; Saraca Indica.

ସଂ ରକ୍ତପଲ୍ଲବ, ହେମପୁଷ୍ପ, ମଧୁପୁଷ୍ପ, ପିଣ୍ଡୀପୁଷ୍ପ, ତାମ୍ରପଲ୍ଲବ, ଦୋହଲୀକ, ରୋଗୀତରୁ, ବିମ, ଶ୍ମାନଠ, ପଲ୍ଲବଦ୍ରୁମ, ବଞ୍ଜୁଳ, ସୁଭଗ, ବାମାଂଘ୍ରିଘାତନ, ରାଗପଲ୍ଲବ, କେଳକ ।
অশোক
अशोक

[ ବୃ—ଶିମ୍ବାଦିବର୍ଗର ଶ୍ରେଷ୍ଠ ପୁଷ୍ପତରୁ, ଉଚ୍ଚରେ ବଡ଼େ ୨୦ହାତ; ପତ୍ର ଶ୍ୟାମଳ; ନୂତନ ପତ୍ର ତାମ୍ର ବର୍ଣ୍ଣ; ଅଶୋକ ଗଛ ଦୁଇ ପ୍ରକାରର । ୧—ପତ୍ର ଆମ୍ବ ପତ୍ରପରି ଲମ୍ବା ଓ ଫୁଲ ଇଟାଳିଆ ନାଲି, ଏ ଫୁଲ ବସନ୍ତରେ କଢ଼ି ଧରେ ଓ ଗ୍ରୀଷ୍ମ ଏବଂ ବର୍ଷାଋତୁ ସାରା ଫୁଟୁଥାଏ । ଦ୍ୱିତୀୟ ପ୍ରକାରର ପତ୍ର ଆତପତ୍ର ପରି ଅର୍ଥାତ୍ ପ୍ରଥମ ଜାତୀୟ ପତ୍ରଠାରୁ ଶ୍ରେଷ୍ଠ ଓ ଏଥିର ଫୁଲ ଫିକା ହଳଦିଆ, ଏହା ବର୍ଷାଦିନେ କଢ଼ି ଧରେ ଓ ଶରତ୍‌କାଳରେ ଫୁଟେ । ଦୁଇ ଜାତିର ଫୁଲ ପେନ୍ଥା ପେନ୍ଥା । ଏହାର ଛାଲ ବାଧକ ଓ ପ୍ରଦର ଆଦି ସ୍ତ୍ରୀରୋଗରେ ଉପକାରୀ; ଏହା ଶୀତଳ, କଷାୟ, ମଳରୋଧକ, ରକ୍ତଦୋଷ ଓ କ୍ରିମିନାଶକ; ଏହାର ବୀଜ ମୂତ୍ରାଘାତ ଓ ଅଶ୍ମରୀ ରୋଗରେ ଉପକାରୀ । କବି ପ୍ରସିଦ୍ଧି ଅଛି ଯେ ଯୁବତୀମାନେ ଗୋଡ଼ରେ ଅଳତା ପିନ୍ଧି ଏ ଗଛକୁ ଗୋଇଠା ମାଇଲେ ଏ ଗଛ ଫୁଲ ଧରେ । "ପାଦାଘାତାଦଶୋକଂ ବିକଶତି" ସାହିତ୍ୟଦର୍ପଣ । ]

୨ । ବୌଦ୍ଧଧର୍ମାବଲମ୍ବୀ ପାଟଳିପୁତ୍ରର ପ୍ରସିଦ୍ଧ ସମ୍ରାଟ—
2. Name of a celebrated Emperor of Pāṭaliputra.

[ଏ ଚନ୍ଦ୍ରଗୁପ୍ତଙ୍କ ନାତି ଓ ବିନ୍ଦୁସାରଙ୍କ ପୁତ୍ର ଥିଲେ । ଜଣେ ବ୍ରାହ୍ମଣ ନିଜ କନ୍ୟା ସମ୍ରାଟଙ୍କ ଜନ୍ମଦାତ୍ରୀ ହେବ ବୋଲି ଶକୁନ ଜାଣି କନ୍ୟାକୁ ଆଣି ରାଜା ବିନ୍ଦୁସାରଙ୍କ ହସ୍ତରେ ପ୍ରଦାନ କରିବାରୁ ରାଜା ଉକ୍ତ କନ୍ୟାକୁ ବିବାହ କଲେ ଓ ତାଙ୍କ ଗର୍ଭରୁ ଅଶୋକ ଜନ୍ମିଲେ; ଏ ବାଲ୍ୟକାଳରେ ଅତ୍ୟନ୍ତ ଅତ୍ୟାଚାରୀ ଥିଲେ ଏବଂ ଆପଣା ଭାଇମାନଙ୍କୁ ହତ୍ୟା କରି ଖ୍ରୀ. ପୂ. ୨୬୩ ଅବ୍ଦରେ ସିଂହାସନରେ ବସିଲେ । ଏହାଙ୍କ ଅତ୍ୟାଚାର ଯୋଗୁଁ ଏହାଙ୍କୁ ଲୋକେ 'ଚଣ୍ଡାଶୋକ' ନାମ ଦେଇଥିଲେ । ସିଂହାସନ ଆରୋହଣ କରିବାର ୫ ବର୍ଷ ପରେ ଜଣେକ ବୌଦ୍ଧସନ୍ନ୍ୟାସୀଙ୍କ ପ୍ରଭାବରେ ମୁଗ୍ଧ ହୋଇ ଏ ହିନ୍ଦୁଧର୍ମ ତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ । ଏ ଭାରତର ଚାରିଆଡ଼େ ସାମ୍ରାଜ୍ୟ ବିସ୍ତାର କରି ଗିରିଗୁହା, ସ୍ତୂପ ଓ ସ୍ତମ୍ଭମାନଙ୍କରେ ବୌଦ୍ଧଧର୍ମର ଅହିଂସା ଆଦି ପାଳନକରିବା ସମ୍ବନ୍ଧେ ଅନୁଶାସନମାନ ଖୋଳାଇ ଯାଇଅଛନ୍ତି । ପୃଥିବୀରେ ବୌଦ୍ଧଧର୍ମପ୍ରଚାର ଏହାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା ଓ ଏ ସର୍ବସମେତ ଚଉରାଅଶି ହଜାର ବୁଦ୍ଧଚୈତ୍ୟ ନିର୍ମାଣ କରାଇ ଥିଲେ ଓ ଅନେକ ସ୍ଥାନରେ ଲକ୍ଷ ଲକ୍ଷ କୂପ ପୁଷ୍କରଣୀ, ପାନ୍ଥଶାଳା, ପଶୁ ଓ ମନୁଷ୍ୟଙ୍କ ପାଇଁ ଚିକିତ୍ସାଳୟ ସ୍ଥାପନ କରିଥିଲେ; ଏହାଙ୍କର ମଗଧ ସାମ୍ରାଜ୍ୟ ହିମାଳୟଠାରୁ କୁମାରିକା ଓ ଓଡ଼ିଶାରୁ କାବୁଲ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏ ୩୬ ବର୍ଷ ରାଜତ୍ୱ କରି ଖ୍ରୀ. ପୂ. ୨୨୬ ଅବ୍ଦରେ ଦେହ ତ୍ୟାଗ କଲେ । ଶେଷରେ ଏ ଧର୍ମାଶୋକ' ବୋଲି ଜନସମାଜରେ ବିଖ୍ୟାତ ହେଲେ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ମଗଧର ଆଉ ଜଣେ ରାଜା—
3. Name of another king of Magadha.
[ ଦ୍ର—ଏ ମଗଧର ପ୍ରଥମ ରାଜା ଥିଲେ । ଏହାଙ୍କ ପିତା ଶିଶୁନାଗ ମୌର୍ଯ୍ୟବଂଶୀୟ ରାଜାଙ୍କର ସେନାପତି ଥିଲେ ଓ ପରେ ରାଜାଙ୍କୁ ବିନଷ୍ଟ କରି ନିଜେ ରାଜା ହେଲେ । ଅଶୋକଙ୍କ ମାତା ଶିଶୁନାଗଙ୍କ ନର୍ତ୍ତକୀ ଥିଲେ ପରେ ଶିଶୁନାଗ ତାଙ୍କୁ ବିବାହ କଲେ । ]
୪ । ପାରଦ—4. Mercury.
୫ । ଦଶରଥ ରାଜାଙ୍କ ମନ୍ତ୍ରୀବିଶେଷ—
5. Name of a minister of king Dasaratha.

**ଅଶୋକକଢ଼ି**—ଦେ. ବି ( ସଂ. ଅଶୋକକଳିକା )—ଓଷାକଢ଼ି—
Aśokakardhi ଅଶୋକକଳିକା (ଦେଖ)
Aśokakalikā (See)

**ଅଶୋକକଳିକା**—ସଂ. ବି ( ୬ଷ୍ଠୀ ତତ୍; ଅଶୋକ + କଳିକା )—
Aśokakalikā ଅଶୋକ ବୃକ୍ଷର କଢ଼ି—
Bud of the Aśoka tree
[ ଦ୍ର—ଲିଙ୍ଗପୁରାଣରେ ଉକ୍ତ ଅଛି "ଚୈତ୍ରେ ମାସେ ଶୁକ୍ଲପକ୍ଷେ ଅଶୋକାଖ୍ୟାଂ ତଥାଷ୍ଟମୀମ୍; ପିବେଦଶୋକକଳିକାଂ ସ୍ନାତ୍ୱା-ଲୌହିତ୍ୟବାରଣି" ଅର୍ଥାତ୍ ଅଶୋକାଷ୍ଟମୀ ଦିନ ଅଶୋକକଢ଼ି ଜଳ ସଙ୍ଗେ ପିଇ ବ୍ରହ୍ମପୁତ୍ରର ଉତ୍ପତ୍ତିସ୍ଥଳ ଲୌହିତ୍ୟ ସରୋବରରେ ସ୍ନାନ କରିବ । ଅନ୍ୟତ୍ର ଲେଖା ଅଛି ଯେ, ଅଶୋକାଷ୍ଟମୀ ପୁନର୍ବସୁ ନକ୍ଷତ୍ରରେ ଆଠଗୋଟି ଅଶୋକକଳି ଜଳ ସହିତ ପାନ କଲେ ଲୋକ ଅଶୋକ ହୁଏ । ତ୍ରେତା ଯୁଗରେ ରାବଣ ସୀତାଙ୍କୁ ହରଣ କରି ନେଇ ଲଙ୍କାର ଅଶୋକବନରେ ରଖିଥିଲା, ସୀତାଦେବୀ ବନ୍ଧନରୁ ମୁକ୍ତ ହେବା ବାଞ୍ଛାରେ ଶ୍ରୀରାମଚନ୍ଦ୍ରଙ୍କ ପାଦପଦ୍ମ ଧ୍ୟାନ କରି ଆଠଗୋଟି ଅଶୋକକଳି ଅଣି ଜଳ ସହିତ ସେବନ କରିଥିଲେ । ତଦବଧି ହିନ୍ଦୁମାନେ ସଂସାରବନ୍ଧନରୁ ମୁକ୍ତ ହେବା ବାସନାରେ ଅଶୋକାଷ୍ଟମୀ ଦିନ ଆଠଗୋଟି ଅଶୋକକଳି ଜଳ ସଙ୍ଗେ ସେବନ କରନ୍ତି—(ମଦନମୋହନ-ତୀର୍ଥଦର୍ଶନ ୫) । ସ୍ତ୍ରୀ ଓ ବାଳକବାଳିକାମାନେ ପରସ୍ପରଙ୍କ ମୁଖରେ ଅଶୋକାଷ୍ଟମୀ ଦିନ ଅଶୋକକଢ଼ି ଦିଅ ଦେଇ ହୋଇ 'ଓଷକା, ଓଷକାକଢ଼ି' ବୋଲନ୍ତି ଓ ପରସ୍ପରକୁ ଏହି ନାମରେ ଡାକନ୍ତି । ]

**ଅଶୋକବନ**—ସଂ. ବି—(ଅଶୋକ + ବନ)—
Aśokabana ୧ । ଅଶୋକ ବୃକ୍ଷର ଉଦ୍ୟାନ—
1. A grove of Aśoka trees.
୨ । ରାବଣର ଲଙ୍କାସ୍ଥ ବିହାରକାନନ ( ଏହି କାନନକୁ ଦେଖିବା ଲୋକର ଶୋକ ଦୂରୀଭୂତ ହେଉଥିବାରୁ ଏହି ନାମ )—
2. Name of Rābaṇa's pleasure-garden.
୩ । ରାମଚନ୍ଦ୍ରଙ୍କର ଅଯୋଧ୍ୟାରେ ଥିବା ପ୍ରମୋଦକାନନ ( ଲଙ୍କାରୁ ଫେରି ସେ ଅଧିକାଂଶ ସମୟ ସୀତାଙ୍କ ସଙ୍ଗେ ଏହି ଉଦ୍ୟାନରେ ଯାପନ କରୁଥିଲେ )—
3. Name of Rāmachandra's pleasure-garden at Ajodhyā.
୪ । ଶୋକଦୂରକାରୀ ରମ୍ୟ ଉଦ୍ୟାନ—
4. A pleasure-garden which banishes grief.

**ଅଶୋକବନିକା**—ସଂ. ବି.—ଅଶୋକବନ ( ଦେଖ )
Aśokabanikā Aśokabana ( See )

**ଅଶୋକଷଷ୍ଠୀ**—ସଂ. ବି ( କର୍ମଧା; ଅଶୋକା+ଷଷ୍ଠୀ )—
Aśokashashṭhī ଚୈତ୍ର ଶୁକ୍ଳ ଷଷ୍ଠୀ—
The 6th day of the lunar fortnight of the month of Chaitra.
[ ଦ୍ର—ଏଦିନ କାମାଖ୍ୟାତନ୍ତ୍ର ମତ ଅନୁସାରେ ପୁତ୍ରବତୀ ସ୍ତ୍ରୀମାନେ ପୁତ୍ରଙ୍କ ମଙ୍ଗଳକାମନାରେ ଷଷ୍ଠୀଦେବୀ ପୂଜା କରନ୍ତି ଓ ଛଅଟି ଅଶୋକ କଳିକା ଜଳସହିତ ପାନ କରନ୍ତି । ଏ ବ୍ରତ କଲେ ପୁତ୍ରବିୟୋଗଜନିତ ଶୋକ ଭୋଗ କରିବାକୁ ପଡ଼େ ନାହିଁ । ବଙ୍ଗଦେଶରେ ସ୍ତ୍ରୀମାନେ ଏ ବ୍ରତ କରନ୍ତି । ]

**ଅଶୋକ ସୁନ୍ଦରୀ**—ସଂ. ବି. ( ନାମ )—ପାର୍ବତୀଙ୍କ କନ୍ୟା; ନହୁଷଙ୍କ
Aśoka sundarī ପତ୍ନୀ ଓ ଯଯାତିଙ୍କ ଜନନୀ—
Name of a daughter of Pārbatī.

**ଅଶୋକା**—ସଂ. ବଣ. ସ୍ତ୍ରୀ. ( ଅଶୋକ + ଆ )—୧ । ଶୋକହୀନା—
Aśokā 1. Sorrowless (woman).
୨ । ଆହ୍ଲାଦିତା—2. Merry.
ମନ ଫୁଲିଣା ଗୀତ ଗାଏ, ଅଶୋକା ନାରୀ ବାପଘର ଯାଏ ! ଚଗ ।
ସଂ. ବି—୧ । କଟୁକାନାମକ ହିମାଳୟର ଔଷଧମୂଳବିଶେଷ—
1. A medicinal root; Black Hellebore.
୨ । ଜୈନମାନଙ୍କର ଗୃହଦେବତାବିଶେଷ—
2. A domestic deity amongst the Jainas.

**ଅଶୋକାଷ୍ଟମୀ**—ସଂ. ବି—ଚୈତ୍ରମାସର ଶୁକ୍ଲାଷ୍ଟମୀ—
Aśokāshṭamī The 8th day of the white fortnight of the lunar month of Chaitra.
[ ଦ୍ର—ଏହି ଅଷ୍ଟମୀରେ ଆଠଟି ଅଶୋକକଳିକା ଜଳ ସହିତ ପାନ କଲେ ମନୁଷ୍ୟ ଅଶୋକ ହୁଅନ୍ତି ବୋଲି ପୁରାଣରେ ଉକ୍ତ ଅଛି । ଏ ଦିନ ଭୁବନେଶ୍ୱରରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମାଙ୍କୁ ରଥରେ ବିଜେ କରାଯାଇ ରଥଟି ଲିଙ୍ଗରାଜଙ୍କ ବେଢ଼ାର ଉତ୍ତରପୂର୍ବ କୋଣଠାରୁ ରାମେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ଏ ରଥର ନାମ ରୁକୁଣା ରଥ । ଅଶୋକାଷ୍ଟମୀ ଦିନ ସକାଳୁ ଭୁବନେଶ୍ୱର କେଦାରଗୌରୀ ମନ୍ଦିର ନିକଟସ୍ଥ ମରିଚକୁଣ୍ଡର ଜଳରେ ପ୍ରଥମେ ସ୍ନାନ କରିବା ବନ୍ଧ୍ୟା ସ୍ତ୍ରୀ ପୁତ୍ରବତୀ ହୁଏ ବୋଲି ଲୋକବିଶ୍ୱାସ ଅଛି; ଅଶୋକକଳିକା ତଳେ ନୋଟ ଦେଖ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | କ୍ଷ | ଶ,ଷ | ଙ୍କ | ଇଂ | ଡ଼ଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ |

**ଅଶୋଚନୀୟ**—ସଂ. ବିଣ. ( ଅ=ନୁହେ+ଶୋଚନୀୟ )—
Asochaniya ୧ । ଶୋକର ଅଯୋଗ୍ୟ—
1. Not to be regretted; not worth grieving for.
୨ । ଯାହା ପାଇଁ କେହି ଶୋକ କରିବ ନାହିଁ—
2. Not to be lamented.

**ଅଶୋଚ୍ୟ**—ସଂ. ବିଣ ( ଅ=ନୁହେ+ଶୋଚ୍ୟ )—
Asochya ଅଶୋଚନୀୟ ( ଦେଖ ) .
Asochaniya ( See )

**ଅଶୋଧନ**—ସଂ. ବି (ଅ+ଶୋଧନ)—୧ । ଶୋଧନର ଅଭାବ; ଅଶୁଦ୍ଧି—
Asodhana 1. Want of purification or correction or cleaning.
୨ । ଋଣର ଅପରିଶୋଧ—
2. Non-repayment of a debt.

**ଅଶୋଧନୀୟ**—ସଂ. ବିଣ (ଅ+ଶୋଧନୀୟ)—୧ । ଅଶୋଧ୍ୟ; ପରିଶୁଦ୍ଧିର
Asodhaniya ଅଯୋଗ୍ୟ—1. Incapable of being purified or cleaned.
୨ । ପରିଶୋଧିତ ହେବାର ଅଯୋଗ୍ୟ—2. Incapable of being repaid or cleared off.

**ଅଶୋଧ୍ୟ**—ସଂ. ବିଣ ( ଅ+ଶୋଧ୍ୟ )—ଅଶୋଧନୀୟ (ଦେଖ)
Asodhya Asodhaniya (See)

**ଅଶୋଭନ**—ସଂ. ବିଣ ( ଅ=ନୁହେ+ଶୋଭନ=ଶୋଭା )—
Asobhana ଅସୁନ୍ଦର—Ugly; inelegant.
( ଅଶୋଭନା—ସ୍ତ୍ରୀ ) ସଂ. ବି—ଅସୌନ୍ଦର୍ଯ୍ୟ—
Want of elegance.

**ଅଶୋଭା**—ଦେ. ବିଣ ( ଅ+ଶୋଭା )—ଅସୁନ୍ଦର; ଅଶୋଭନ—
Asobha Ungraceful

ଦଶରଥ ଅଇଲେ ବିଭା,
ନ ଜଣାଇ କଲେ ତ ଦିଶିବ ଅଶୋଭା—ବିଶ୍ୱନାଥ· ବିଚିତ୍ରରାମାୟଣ ।

ସଂ. ବି—ଶୋଭାର ଅଭାବ —
Want of splendour

ନାଥସ୍ଥାନ ଗୃହ ଯେହ୍ନେ ଅଶୋଭାକୁ ପାଏ—ପ୍ରାଚୀ· ଶିବସ୍ୱରୋଦୟ ।

**ଅଶୋଷଣୀୟ**—ସଂ. ବିଣ ( ଅ+ଶୋଷଣୀୟ )—୧ । ଅଶୋଷ୍ୟ; ଯାହା
Asoshaniya ଶୋଷଣ କରି ଯାଇ ନ ପାରେ—
1. That which can not be sucked up.
୨ । ଯାହା ଶୁଖି ଯାଇ ନ ପାରେ—
2. Incapable of being dried.

**ଅଶୋଷ୍ୟ**—ସଂ. ବିଣ ( ଅ+ଶୋଷ୍ୟ )—ଅଶୋଷଣୀୟ (ଦେଖ)
Asoshya Asoshaniya (See)

**ଅଶୌଚ**—ସଂ. ବି (ଅ=ନୁହେ+ଶୌଚ=ଶୁଦ୍ଧି)—
Asaucha ୧ । ଅଶୁଦ୍ଧି—1. Uncleanness.
୨ । କୁଟୁମ୍ବରେ ଜନ୍ମ ବା ମରଣ ଘଟିବାରୁ ୧୦ ଦିନ ପର୍ଯ୍ୟନ୍ତ ପାଳିତ ଅଶୁଦ୍ଧି—2. Impure state due to a birth or death among one's agnates.
[ ଦ୍ର—ଅଶୌଚ ଦୁଇ ପ୍ରକାର । ଯଥା—ମୃତକାଶୌଚ ଓ ସୂତକାଶୌଚ । ବିଭିନ୍ନ ଦେଶ ଓ ଅଞ୍ଚଳରେ ଅଶୌଚର ସମୟର ସୀମା ଭିନ୍ନ ଭିନ୍ନ ଅଟେ । ଯଥା—ବଙ୍ଗଦେଶରେ ବ୍ରାହ୍ମଣଙ୍କର ମୃତକାଶୌଚ ଓ ସୂତକାଶୌଚ—୧୦ ଦିନ । ଶୂଦ୍ରମାନଙ୍କର—ମୃତକାଶୌଚ—୧ ମାସ; ସୂତକାଶୌଚ—୨୧ ଦିନ । ଓଡ଼ିଶାରେ ସମସ୍ତଙ୍କର ମୃତକାଶୌଚ ଓ ସୂତକାଶୌଚ—୧୦ ଦିନ । ଶିଶୁର ମୃତ୍ୟୁରେ ଅଶୌଚ—୩ ଦିନ । ଅସପିଣ୍ଡ ଓ ଅସଗୋତ୍ରଙ୍କ ମୃତ୍ୟୁରେ ଅଶୌଚ—୪ ଦିନ । ]
୩ । ସ୍ତ୍ରୀ ରଜସ୍ୱଳା ହେବା ଯୋଗୁଁ ପ୍ରଥମ ୩ ଦିନ କାଳରେ ଘଟିବା ଅଶୁଦ୍ଧି—3. Personal uncleanness for 3 days due to menstruation.
୪ । ମଳମୂତ୍ରାଦି ନ ଧୋଇବା ଯୋଗୁଁ ଅଶୁଚିତା—
4. Uncleanliness due to not having washed after calls of nature.

**ଅଶୌଚପାଳିବା**—ଦେ. କ୍ରି.—ମୃତବ୍ୟକ୍ତିର ଶୁଦ୍ଧିକ୍ରିୟା ଶେଷ ହେବା
Asauchapaliba ପର୍ଯ୍ୟନ୍ତ ଅଶୁଦ୍ଧ ରହି ପରେ ତାଙ୍କୁ ବିଧିମତେ
ଅଶୌଚ ଧାରଣକରା, ଶୁଦ୍ଧ ହେବା; ଅଶୌଚ ପାଳନ କରି
ଅଶୌଚ ପାଳନକରା ରହିବା—To observe the period of impurity for a dead relative.

**ଅଶୌଚାନ୍ତ**—ସଂ. ବି. ( ୬ଷ୍ଠୀ ତତ୍ )—ଅଶୌଚ ସମୟର ଶେଷ—
Asauchanta End or expiry of the period of defilement.

**ଅଶୌଚିଆ**—ଦେ. ବିଣ. ( ସଂ. ଅଶୁଚି )—ଅଶୌଚଯୁକ୍ତ; ଯେଉଁ ବ୍ୟକ୍ତି
Asauchia ଅଶୌଚ ଯୋଗୁଁ ଅଶୁଚି ଅବସ୍ଥାରେ ଥାଏ—
Unclean; defiled.
ଦେ. ବି.—ଅଶୌଚ ( ଦେଖ )—Asaucha ( See )

**ଅଶୌଚୀ**—ଦେ. ବିଣ.—ଯେଉଁ ବ୍ୟକ୍ତିର ଅଶୌଚ ହୋଇଥାଏ—
Asauchi One who has become unclean on
ଅଶୁଚି account of a birth or death amongst his kinsmen.

**ଅଶ୍ନୀତପିବତା**—ସଂ. ବି. ( ଅଶ୍ନୀତ=ତୁମ୍ଭେମାନେ ଖାଅ+ପିବତ=
Asnitapibata ତୁମ୍ଭେମାନେ ପିଅ+ଅ )—
୧ । ଖିଆପିଆ ନିମନ୍ତ୍ରଣ; ଖାଇବାକୁ ଓ ପିଇବାକୁ ନିମନ୍ତ୍ରଣ—
1. Invitation to eat and drink.
୨ । ଖାଇ ପିଇ ମଉଜ କରିବାକୁ ଡାକରା—2. A call to people to eat, drink and be merry.

**ଅଶ୍ୱ**—ସଂ. ବି. ପୁଂ. (ଅଶ୍ ଧାତୁ=ବ୍ୟାପିବା+ବ; ଯେ ବେଗରେ ପଥକୁ
Aswa ବ୍ୟାପିଯାଏ )—୧ । ଘୋଟକ; ଘୋଡ଼ା—1. Horse.
(·ଅଶ୍ୱା, ଅଶ୍ୱୀ—ସ୍ତ୍ରୀ ) ୨ । କାମଶାସ୍ତ୍ରବର୍ଣ୍ଣିତ ଗୁରୁଜାତି ପୁରୁଷଙ୍କ

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ୍' ନ ପାଇଲେ 'ବଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ମଧ୍ୟରୁ ଏକ—2. One of the four classes of males described in erotic books.

କାମ୍ବୁଲିଙ୍ଗ ବପୁର୍ଯ୍ୟସ୍ତୋ ମିଥ୍ୟାସ୍ୱରଶ୍ଚ ନିର୍ଭୟଃ,
ଦ୍ୱାଦଶାଙ୍ଗୁଳ ମେଢ୍ରଶ୍ଚ ତରସ୍ତୁ ହ୍ୟୋମତଃ । ରତିମଞ୍ଜରୀ ।

୩ । ଦାନବିଶେଷ; ଯହିଁରେ ଘୋଡ଼ା ଦାନ ଦିଆଯାଏ—
3. A religious gift of a horse to a Brāhmaṇa.

୪ । ବୃଷ୍ଣି ବଂଶୀୟ ନୃପବିଶେଷ—
4. Name of a king of Bṛushṇi race.

**ଅଶ୍ୱକର୍ଣ୍ଣ**—ସଂ. ବି.— ୧ । ଯାହାର ପତ୍ର ଘୋଡ଼ା କାନ ପରି; ଶାଳଗଛ—
Aśwakarṇṇa 1. The Śāḻa tree.
୨ । ଘୋଡ଼ାକାନ—2. The ear of a horse.
୩ । କୁଆମଇତା ( ଦେଖ ) ( ହରେକୃଷ୍ଣ-ଦ୍ରବ୍ୟଗୁଣ )
3. Kuāmaitā ( See )

**ଅଶ୍ୱକର୍ଣ୍ଣକ**—ସଂ. ବି. ( ଅଶ୍ୱକର୍ଣ୍ଣ + ସ୍ୱାର୍ଥେ କ )—ଅଶ୍ୱକର୍ଣ୍ଣ (ଦେଖ)
Aśwakarṇṇaka Aśwakarṇṇa ( See )

**ଅଶ୍ୱକୋବିଦ**—ସଂ. ବିଣ. ପୁଂ.—( ମଧ୍ୟପଦଲୋପୀ; ଅଶ୍ୱାରୋହଣରେ
Aśwakobida କୋବିଦ)—୧ । ଅଶ୍ୱାରୋହଣରେ ପଣ୍ଡିତ—
1. Skilful in horsemanship.
୨ । ଅଶ୍ୱତତ୍ତ୍ୱଜ୍ଞ—2. Skilled in the science of horses

ସଂ. ବି. ପୁଂ.—ଅଶ୍ୱାରୋହଣରେ ପଣ୍ଡିତ ବ୍ୟକ୍ତି—
A skilful horseman; an expert rider.

**ଅଶ୍ୱକ୍ରାନ୍ତ**—ସଂ. ବି. ନାମ—ଇଉରୋପର ପୌରାଣିକ ନାମ; ଅନ୍ୟ ନାମ
Aśwakrānta ଇକ୍ଷ୍ୱାକୁ (ଷ୍ଟେନେକ୍)—
The Paurānic name for Europe.

**ଅଶ୍ୱଗତି**—ସଂ.ବି. (୬ଷ୍ଠୀ ତତ୍; ଅଶ୍ୱ + ଗତି)—ଘୋଡ଼ାର ଚାଲି, ଧାଇଁ—
Aśwagati The movement of a horse.
[ଦ୍ର—ଅଶ୍ୱର ଭିନ୍ନ ଭିନ୍ନ ପ୍ରକାର ଗତିର ଭିନ୍ନ ଭିନ୍ନ ନାମ, ଯଥା:—
୧ । ମୃଦୁମନ୍ଦ ନୃତ୍ୟଗତି = ସଂ. ଆସ୍କନ୍ଦିତ = ଓ. ଢଦମ—
1. Slow canter.
୨ । ଗୋଡ଼ ଟେକି ଟେକି ବେଗଗତି = ସଂ. ଧୌରିତକ = ଓ. ଦୁଲକି—2. Trot.
୩ । ଧୌରିତକ ଅପେକ୍ଷା ଦ୍ରୁତ କିନ୍ତୁ ବଲ୍‌ଗିତ ଅପେକ୍ଷା ଧୀର = ସଂ. ରେଚିତ = ଓ. ଜୋର୍‌ଦୁଲକି ବା ଚଉଟ—
3. Easy gallop; canter.
୪ । ଗୋଡ଼କୁ ଯୋଡ଼ ଯୋଡ଼ ଟେକି କୁଦି ଚାଲିବା = ସଂ. ବଲ୍‌ଗିତ = ଓ. ଛପ୍ପଟକ—4. Gallop.
୫ । ଏକଦମ୍ ଖୁର ଟାପୁ ଲମ୍ବାଇ ଦ୍ରୁତ ଶ୍ୱାସରେ ଦଉଡ଼ } = ସଂ. ପ୍ଳୁତ = ଓ. ଘୋଡ଼ଦଉଡ଼—
5. Racing.]

ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି)—ଅଶ୍ୱପରି ଦ୍ରୁତଗାମୀ—
Fleet like a horse.

**ଅଶ୍ୱଗନ୍ଧା**—ସଂ. ବି. (ଘୋଡ଼ା ଦେହ ଭଳି ଗନ୍ଧ ଯାହାର)—
Aśwagandhā ଏକଜାତୀୟ ଗୁଳ୍ମ; ଅସ୍ୱନ—
A medicinal wild plant; Withania Somnifera; Physalis fleinissa.

ସଂ. ପର୍ଯ୍ୟାୟ— ବାଜୀକରୀ, ହୟଗନ୍ଧା, ହୟା, ବଲଦା, ଶ୍ୟାମଲା କାମରୂପିଣୀ, କାଲା, ବାଜିନା, ତୁରଗା, ପୁଷ୍ଟିଦା, ବାତଘ୍ନୀ, ବଲ୍ୟା, ଗନ୍ଧପତ୍ରୀ, ବାରାହ-କର୍ଣ୍ଣୀ, ବାରାହପତ୍ରୀ, ବନଜା, ପୀବରା, ହରପ୍ରିୟା, ପଲାଶ-ପର୍ଣ୍ଣୀ, କମ୍ବୁକା, ପ୍ରିୟକରୀ, ଅବରୋହା, ରସାୟନୀ, କୁଷ୍ଠଘାତିନୀ, ଚଳ୍ପା । ଓ. ଅସ୍ୱନ ।
ଅଶ୍ୱଗନ୍ଧା
ଅସାନ୍ଧ, ଅସଗନ୍ଧ
ତେ. ପେନ୍ନେରୁ; ପିଲ୍ଲିଅଙ୍ଗା
ଫା. ମେହେମନବରଧା

[ ଦ୍ର—ଏହା ବର୍ଗନାଦ ବର୍ଗର ଅକଣ୍ଟକ କ୍ଷୁପ; ଏ ଗଛ ଗ୍ରୀଷ୍ମପ୍ରଧାନ ଦେଶରେ ହୁଏ । ଏହା ତେଙ୍ଗା ହୋଇ ବଢ଼ି ୩।୪ ହାତ ଉଚ୍ଚ ହୁଏ । ପତ୍ର ଯୋଡ଼ ଯୋଡ଼; ପତ୍ରରେ ଘୋଡ଼ାର ଗନ୍ଧ ଜଣା ପଡ଼େ; ମୂଳରେ ଘୋଡ଼ା ମୂତର ଗନ୍ଧ ଜଣା ପଡ଼େ; ଫୁଲ ଆପୀତ ଓ ପେନ୍ଥା ପେନ୍ଥା; ଫଳ ଛୋଟ ଓ ଗୋଲ; ଫଳର ବହିରାବରଣ ଫଳକୁ ଘୋଡ଼ାଇ ଥାଏ—(ଯୋଗେଶ୍ଚନ୍ଦ୍ର) ଏହା ବାୟୁ, କଫ, ଶ୍ୱିତ୍ର, ଶୋଥ ଓ କ୍ଷୟନାଶକ, ବଳକାରକ, ରସାୟନ ଓ ଶୁକ୍ରବର୍ଦ୍ଧକ ଓ ଜନ୍ମଶାର୍ଯ୍ୟ; ବାଜୀ-କରଣରେ ଏହାର ମୂଳ, ପତ୍ର ଓ ତେଲ ପ୍ରସ୍ତୁତ ଘୃତ ଓ ଅରିଷ୍ଟାଦି ବିଶେଷ ଫଳଦାୟକ । ]

**ଅଶ୍ୱଗାମୀ**—ସଂ. ବିଣ. ପୁଂ.—ଅଶ୍ୱଦ୍ୱାରା ଗମନକାରୀ—One who
Aśwagāmi travels by riding; rider.
(ଅଶ୍ୱଗାମିନୀ—ସ୍ତ୍ରୀ)

**ଅଶ୍ୱଗୋଯୁଗ**—ସଂ. ବି. (୬ଷ୍ଠୀ ତତ୍; ଅଶ୍ୱ + ଗୋଯୁଗ)—ହଳେ ଘୋଡ଼ା
Aśwagojuga ଯୋଡ଼ ଘୋଡ଼ା—A pair of horses.

**ଅଶ୍ୱଘ୍ନ**—ସଂ.ବି. (ଅଶ୍ୱ + ହନ ଧାତୁ + କର୍ତ୍ତୃ. ଅ)—ଶ୍ୱେତକରବୀ ଗଛ—
Aśwaghna The white oleander tree.

**ଅଶ୍ୱଜାତୀୟ ପୁରୁଷ**—ସଂ.ବି.—ହିନ୍ଦୁଶାସ୍ତ୍ରରେ ଚାରି ଜାତୀୟ ପୁରୁଷ ମଧ୍ୟରୁ
Aśwajātiya purusha ଏକ ଜାତୀୟ—The Ist. of the 4 classes of males described in Hindu-sāstra.
[ଦ୍ର—ଏହି ଜାତୀୟ ପୁରୁଷମାନଙ୍କର ଶରୀର କାଷ୍ଠ ପରି ଦୃଢ଼; ଏମାନେ ଧୃଷ୍ଟ, ମିଥ୍ୟାବାଦୀ, ନିର୍ଭୟ ଓ ଦରିଦ୍ର ହୁଅନ୍ତି । ଏମାନଙ୍କ ମେଢ୍ର ଅର୍ଥାତ୍ ଲିଙ୍ଗର ଦୈର୍ଘ୍ୟ ୧୨ ଅଙ୍ଗୁଳ, ଏମାନେ ହସ୍ତିନୀ ଜାତୀୟା ରମଣୀଙ୍କର ଉପଯୋଗୀ ପୁରୁଷ ଅଟନ୍ତି । ]

**ଅଶ୍ୱଡିମ୍ବ**—ଦେ. ବି. ( ମୂଳ—ଅକାଶ କୁସୁମ )—
Aśwaḍimba ଘୋଡ଼ାଡିମ୍ବ, ଭଳି ଅବିଶ୍ୱାସଯୋଗ୍ୟ, ହାସ୍ୟାସ୍ପଦ ଘୋଡ଼ାରଡ଼ିମ୍ବ ଓ ଅସମ୍ଭବ ବସ୍ତୁ—A hoax; an imaginary thing; a non-existent thing.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ରୁ | ଲୃ | ଙ୍ଘ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଇଅ | ଔ | ହ୍ନ |

**ଅଶ୍ୱତର**—ସଂ. ବି. ପୁଂ. ( ଅଶ୍ୱ + ତୃ ଧାତୁ=ପରାଭବ କରିବା + ଅ;
**Aśwatara** ଯେ ବେଗ ଗମନରେ ଘୋଡ଼ାକୁ ପରାଭବ କରେ;
(ଅଶ୍ୱତରୀ; ଅଶ୍ୱତରୀ—ସ୍ତ୍ରୀ) କିମ୍ବା ଅଶ୍ୱ + କ୍ଷୁଦ୍ରାର୍ଥେ. ତର)—
୧ । ଘୋଡ଼ା ଔରସରେ ଗଧଠାରୁ ଓ ଗଧ ଔରସରେ ଘୋଡ଼ାଠାରୁ ଜାତ ପଶୁ; ଖଚର—1. Mule.
(ଏମାନେ ଘୋଡ଼ାଙ୍କଠାରୁ ଅଧିକ ଶ୍ରମଶୀଳ ଓ କଷ୍ଟସହ ।)
୨ । ନାଗବିଶେଷ—2. A name of a serpent.
୩ । ପୁଂବତ୍ସ; ଅଣ୍ଡିରା ବାଛୁରି ( କ୍ଷାନେନ୍ ) —
3. A male calf.
୪ । ଗନ୍ଧର୍ବବିଶେଷ—4. Name of a Gandharba.
୫ । ଅପେକ୍ଷାକୃତ ଉତ୍ତମ ଘୋଡ଼ା—
5. A better horse ( M. W. )
ସଂ. ବିଣ. ପୁଂ—ବେଗଗାମୀ—Fleet; swift.

**ଅଶ୍ୱତରୀ**—ସଂ. ବି. ସ୍ତ୍ରୀ. ( ଅଶ୍ୱତର + ସ୍ତ୍ରୀ. ଈ )—
**Aśwatarī** ୧ । ସ୍ତ୍ରୀଜାତୀୟ ଖଚର—1. A female mule.
୨ । ପ୍ରାଚୀନ ଭାରତର ଧୂଆଁକଳ ଜାହାଜ; ବାଷ୍ପୀୟପୋତ—
2. Steamship of ancient India.
[ ଦ୍ର—ଯୁଧିଷ୍ଠିରଙ୍କ ଯଜ୍ଞକୁ ଉଦ୍ଦାଳକ ଋଷିଙ୍କୁ ଆଣିବା ପାଇଁ ଶ୍ରୀକୃଷ୍ଣ ଓ ଅର୍ଜୁନ 'ଅଶ୍ୱତରୀ' ଯାନରେ ପାତାଳପୁରୀ (ଆମେରିକା)କୁ ଯାଇଥିଲେ । ଦୟାନନ୍ଦ—ସତ୍ୟାର୍ଥପ୍ରକାଶ···ବଙ୍ଗଳା ୩୮୫ ପୃଷ୍ଠା ।]

**ଅଶ୍ୱତ୍ଥ**—ସଂ. ବି. ( ଅ + ଶ୍ୱଃ=କାଲି + ସ୍ଥା ଧାତୁ=ରହିବା + ଅ;
**Aśwattha** ଯେ କାଲି ବା ଅଳ୍ପସମୟ ରହିବାର ଗଛ ନୁହେ, ଅର୍ଥାତ୍ ବହୁଦିନ ରହେ; କିମ୍ବା ଅଶ୍ୱ=ଘୋଡ଼ା + ସ୍ଥା ଧାତୁ + ଅ; ଯାହାର ପତ୍ର ଘୋଡ଼ା କାନ ଭଳି ସର୍ବଦା ହଲଚଲ ହେଉଥାଏ; କିମ୍ବା ଅଶ୍ୱତ୍ଥା=ଜଳ; ଏହା ମୂଳରେ ଲୋକେ ଜଳ ସେଚନ କରନ୍ତି ବୋଲି )—
୧ । ଓସ୍ତଗଛ—
1. The pipal tree; the Holy fig tree.
୨ । ସୂର୍ଯ୍ୟ—2. The sun.
୩ । ଜଳ—3. Water.
୪ । ପୂର୍ଣ୍ଣିମା ତିଥି—4. The fullmoon day

**ଅଶ୍ୱତ୍ଥାମ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଶ୍ୱ + ଥାମ=ବଳ )—
**Aśwatthāma** ଘୋଡ଼ାପରି ବଳୁଆ—
(ଅଶ୍ୱତ୍ଥାମା—ସ୍ତ୍ରୀ) Having the strength of a horse.

**ଅଶ୍ୱତ୍ଥାମା**—ସଂ. ବି. ( ନାମ ) ( ଅଶ୍ୱ + ସ୍ଥା ଧାତୁ + ମନ୍; ୧ମା. ୧ବ.
**Aśwatthāmā** ଯେ ଜନ୍ମ ହେବା ମାତ୍ରେ ଉଚ୍ଚୈଃଶ୍ରବା ଘୋଡ଼ା ପରି ଶବ୍ଦ କରିଥିଲେ)—
୧ । ଦ୍ରୋଣାଚାର୍ଯ୍ୟ ଓ କୃପୀଙ୍କ ପୁତ୍ର—
1. The son of Droṇa, who was a great warrior.
୨ । ମହାଭାରତ ଯୁଦ୍ଧରେ ହତ ଗୋଟିଏ ହାତୀର ନାମ—
2. Name of an elephant killed in the Kurukshetra war.
(ନରେ ବା କୁଞ୍ଜରେ ବା ଅଶ୍ୱତ୍ଥାମା ହତ—ତଳେ ନୋଟ ଦେଖ )
୩ । ସାବର୍ଣ୍ଣି ମନୁଙ୍କ ପୁତ୍ର—
3. Name of the son of Sābarṇṇi Manu.

**ଅଶ୍ୱଥି**—ଗ୍ରା. ବି. ( ସଂ. ଅଶ୍ୱତ୍ଥ )—ଓସ୍ତ ଗଛ—
**Aśwathi** The pipal tree.

**ଅଶ୍ୱପଞ୍ଚମୀ**—ସଂ. ବି—ଆଶ୍ୱିନ କୃଷ୍ଣପଞ୍ଚମୀ—The 5th day of the
**Aśwapañchamī** dark fortnight of Āświna.

**ଅଶ୍ୱପତି**—ଦେ. ବି. ( ନାମ )—୧ । କେକୟ ଦେଶର ଜନୈକ ପ୍ରଧାନ
**Aśwapati** କ୍ଷତ୍ରିୟ ରାଜା ( ଏ ବଡ଼ ପଣ୍ଡିତ ଥିଲେ; ଏ କୈକେୟୀଙ୍କ ପିତା )—
1. Name of a Kshatriya king of the country of Kekaya.
୨ । ମଦ୍ରରାଜ; ସାବିତ୍ରୀଙ୍କ ପିତା—
2 Name of the father of Sābitrī.

**ଅଶ୍ୱପାଳ**—ସଂ. ବି. (ଅଶ୍ୱ + ପାଳ ଧାତୁ=ପାଳନ କରିବା + କର୍ତ୍ତୃ. ଅ)—
**Aśwapāḻa** ଅଶ୍ୱରକ୍ଷକ; ସଇସ—Groom; syce.

**ଅଶ୍ୱପାଳକ**—ସଂ. ବି. ( ଅଶ୍ୱ + ପାଳ ଧାତୁ + କର୍ତ୍ତୃ. ଅକ )—
**Aśwapāḻaka** ଘୋଡ଼ା ସଇସ—Groom; syce.

**ଅଶ୍ୱବନ୍ଧ**—ସଂ. ବି—କାମଶାସ୍ତ୍ର ବର୍ଣ୍ଣିତ ରତିବନ୍ଧବିଶେଷ—A sort of
**Aśwabandha** embrace or posture during coition, described in erotic books.

**ଅଶ୍ୱବାର**—ସଂ. ବି. ( ଅଶ୍ୱ + ବୃ ଧାତୁ=ବରଣ କରିବା + ଅ )—
**Aśwabāra** ଅଶ୍ୱାରୋହଣ କରିବା ବ୍ୟକ୍ତି; ଘୋଡ଼ସବାର—
Horse-rider; a cavalier.

**ଅଶ୍ୱବାଳ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ୱ + ବାଳ )—
**Aśwabāḻa** ୧ । ଅଶ୍ୱର କେଶର—
1. The mane of a horse.
୨ । କାଶ ପୁଷ୍ପ—2. A kind of white flowered reed.

**ଅଶ୍ୱବାହ**—ସଂ. ବି. ( ଅଶ୍ୱ + ବହ ଧାତୁ=ବହନ କରିବା + ଅ )—
**Aśwabāha** ଅଶ୍ୱବାର ( ଦେଖ ;
Aswabāra , See )

**ଅଶ୍ୱମଇଁଷି**—ଦେ. ବିଣ. ( ସଂ. ଅଶ୍ୱ ମହିଷିକା )—
**Aśwamaiñshi** ପରସ୍ପର ପ୍ରତି ନିତ୍ୟ ବୈରଯୁକ୍ତ—
ষাঁড়ে ষাঁড়ে যুদ্ধ Constantly inimical to each other.
( ଯଥା—ସେ ଦୁଇଜଣଯାକ ଅଶ୍ୱମଇଁଷି ହେଲେଣି । )
ଦେ. ବି—ଅଶ୍ୱମହିଷିକା ( ଦେଖ )
Aśwamahishikā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଢ଼' ନ ମିଳିଲେ 'ଶାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିର୍ଯ୍ୟା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଅଶ୍ୱମହିଷିକା**—ସଂ. ବି. ( ଅଶ୍ୱ + ମହିଷ + ନିତ୍ୟବିରୋଧାର୍ଥେ. ଇକ + ଅ )—ଘୋଡ଼ା ଓ ମଇଁଷିଙ୍କ ମଧ୍ୟରେ ଥିବା ବୈରଭାବ ପରି ଦୁଇ ଜଣଙ୍କ ମଧ୍ୟରେ ନିତ୍ୟ ବିରୋଧଭାବ ଓ ସର୍ବଦା ବୈରତା—
Aśwamahishikā
Constant enmity between two persons.

**ଅଶ୍ୱମୁଖ**—ସଂ. ବି. ପୁଂ. ( ବହୁବ୍ରୀହି; ଅଶ୍ୱ + ମୁଖ )—କିଂପୁରୁଷ; କିନ୍ନର; ଦେବଯୋନିବିଶେଷ—(ଏମାନେ ଗାନ କରିବା ବିଷୟରେ ପ୍ରସିଦ୍ଧ ।)—A demi-god with the head of the horse; a heavenly chorister.
Aśwamukha
( ଅଶ୍ୱମୁଖୀ—ସ୍ତ୍ରୀ )

ସଂ. ବିଣ—ଅଶ୍ୱ ପରି ମୁଖବିଶିଷ୍ଟ—
Having a long face like the horse.

**ଅଶ୍ୱମୁଖା**—ଦେ. ବିଣ. ପୁଂ. ( ସଂ. ଅଶ୍ୱମୁଖ )—ଘୋଡ଼ାମୁହାଁ; ଯାହାର ମୁହଁ ଘୋଡ଼ାମୁହଁ ପରି ଲମ୍ବା—Having a long face like that of a horse.
Aśwamukhā
( ଅଶ୍ୱମୁଖୀ—ସ୍ତ୍ରୀ )

**ଅଶ୍ୱମୁହାଁ**—ଦେ. ବିଣ. ପୁଂ. ( ସଂ. ଅଶ୍ୱମୁଖ )—
Aśwamuhāṅ ଅଶ୍ୱମୁଖା ( ଦେଖ )
( ଅଶ୍ୱମୁହାଁ—ସ୍ତ୍ରୀ ) Aśwamukhā ( See )

**ଅଶ୍ୱମେଧ**—ସଂ. ବି. ( ଅଶ୍ୱ + ମେଧ = ବଳି )—ଯଜ୍ଞବିଶେଷ—
Aśwamedha Horse sacrifice; a ceremony which was performed by Emperors in ancient India.

[ ଦ୍ର—ଏ ଯଜ୍ଞ କରିବା ପୂର୍ବରୁ ବିଶେଷ ଲକ୍ଷଣଯୁକ୍ତ ଶ୍ୟାମଳ ବା ଶୁକ୍ଳ ଅଶ୍ୱକୁ ସଂପ୍ରୋକ୍ଷଣ କରି ତା କପାଳରେ ଜୟପତ୍ର ବାନ୍ଧି ଅବାଧରେ ତାକୁ ମନଇଚ୍ଛା ଭ୍ରମଣ କରିବାକୁ ଛାଡ଼ି ଦିଆଯାଏ । ବର୍ଷକ ପରେ ଘୋଡ଼ା ଫେରି ଆସିଲେ କିମ୍ବା ତାକୁ କେହି ବୀର ଧରି ରଖିଲେ ସେ ବୀରକୁ ଜୟ କରି ଯଜ୍ଞକର୍ତ୍ତା ସେ ଘୋଡ଼ାକୁ ତାଠାରୁ ଆଣି ପାରିଲେ ସେହି ଘୋଡ଼ାକୁ ବଧ କରି ହୋମ କରାଯାଏ । ପୂର୍ବକାଳରେ ହିନ୍ଦୁଚକ୍ରବର୍ତ୍ତୀମାନେ ଏହି ଯଜ୍ଞ କରୁଥିଲେ । ]

**ଅଶ୍ୱମେଧି**—ଦେ. ବି. ( ସଂ. ଅଶ୍ୱମେଧ )—ଅଶ୍ୱମେଧ ( ଦେଖ )
Aśwamedhi Āśwamedha ( See )

ଉତ୍ତମ କଲେ ସ୍ୱସମ୍ପାଦ, କରିଲେ ଶତ ଅଶ୍ୱମେଧ ।
ପ୍ରଜାର ଯଶ ମହୀତଳେ, ଇନ୍ଦ୍ରର ପ୍ରାପ୍ୟ ସଭାତଳେ—
ଜଗନ୍ନାଥ—ଭାଗବତ ।

**ଅଶ୍ୱମେଧୀ**—ସଂ. ବିଣ. ( ଅଶ୍ୱମେଧ + ଇନ୍; ୧ମା. ୧ବ. )—ଅଶ୍ୱମେଧ-ଯଜ୍ଞକାରୀ ( ବ୍ୟକ୍ତି )—( a person ) Performing horse sacrifice.
Aśwamedhī

**ଅଶ୍ୱମେଧୀୟ**—ସଂ. ବିଣ. ( ଅଶ୍ୱମେଧ + ଈୟ )—ଅଶ୍ୱମେଧ ଯଜ୍ଞ-ସମ୍ବନ୍ଧୀୟ—Pertaining to horse-sacrifice ceremony.
Aśwamedhiya

ସଂ. ବି—ଅଶ୍ୱମେଧ ସମ୍ବନ୍ଧୀୟ ଅଶ୍ୱ (ପ୍ରକୃତିବାଦ)—A horse intended for horse-sacrifice ceremony.

**ଅଶ୍ୱଯୁକ୍**—ସଂ. ବି. (ଅଶ୍ୱ + ଯୁଜ ଧାତୁ + କର୍ତ୍ତୃ. କ୍ୱିପ୍; ୧ମା. ୧ବ.)—
Aśwajuk ୧ । ଅଶ୍ୱିନୀନକ୍ଷତ୍ର (ଏ ନକ୍ଷତ୍ରପୁଞ୍ଜ ଅଶ୍ୱମୁଖାକାରବିଶିଷ୍ଟ; ନକ୍ଷତ୍ର ତଳେ ନୋଟ ଦେଖ )—
1. The 1st of the 27 lunar constellations in the Hindu Astronomy.

୨ । ଆଶ୍ୱିନ ମାସ—
2. The month of Āświna.

**ଅଶ୍ୱଯୁଜ**—ସଂ. ବି. ( ଅଶ୍ୱ + ଯୁଜ ଧାତୁ + କର୍ତ୍ତୃ. ଅ; ୧ମା. ୧ବ. )—
Aśwajuja ଅଶ୍ୱଯୁକ୍ ( ଦେଖ )—Aswajuk ( See )

**ଅଶ୍ୱଯୋଧୀ**—ସଂ ବି. ( ଅଶ୍ୱ + ଯୁଧ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ. )—ଅଶ୍ୱାରୋହୀ ସୈନ୍ୟ; ଯେ ଘୋଡ଼ା ଚଢ଼ି ଯୁଦ୍ଧ କରେ—Cavalry soldier.
Aśwajodhī

ସଂ. ବିଣ—ଯେ ଘୋଡ଼ା ଉପରେ ଚଢ଼ି ଯୁଦ୍ଧ କରେ—
Fighting on horse-back.

**ଅଶ୍ୱଲିଙ୍ଗା**—ଦେ. ବିଣ. ( ସଂ. ଅଶ୍ୱ + ଲିଙ୍ଗ )—ଅଶ୍ୱ ପରି ବୃହତ୍ ଲିଙ୍ଗ-ବିଶିଷ୍ଟ ( ବ୍ୟକ୍ତି )—(a person) Having a very big penis.
Aśwalingā

**ଅଶ୍ୱଶାଳା**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ୱ + ଶାଳା = ଗୃହ )—ଘୋଡ଼ାଶାଳ; ଅଶ୍ୱ ରହିବା ଘର; ଅସ୍ତାବଲ—Stable.
Aśwaśāḻā

**ଅଶ୍ୱଶାସ୍ତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଶ୍ୱ + ଶାସ୍ତ୍ର )—ଅଶ୍ୱ ଚିକିତ୍ସା ସମ୍ବନ୍ଧୀୟ ଶାସ୍ତ୍ର—( ଶାଳିହୋତ୍ର ଅଶ୍ୱଶାସ୍ତ୍ର ପ୍ରଣେତା ଥିଲେ )—A areatise on the treatment of horses; the veterinary art.
Aśwaśāstra

**ଅଶ୍ୱଶୃଗାଳିକା**—ସଂ. ବି. ( ଅଶ୍ୱ + ଶୃଗାଳ + ସ୍ୱଭାବର ବିରୋଧାର୍ଥ. ଇକ + ଅ )—ଘୋଡ଼ା ଓ ବିଲୁଆ ମଧ୍ୟରେ ଥିବା ଚିର ବୈର—The natural enmity between the horse and the jackal.
Aśwaśrugāḻikā

**ଅଶ୍ୱସାଦୀ**—ସଂ. ବି. ( ଅଶ୍ୱ + ସଦ୍ ଧାତୁ + କର୍ତ୍ତୃ. ଇନ୍, ୧ମା. ୧ବ )—
Aśwasādī ଅଶ୍ୱବାର ( ଦେଖ )
Aśwabāra ( See )

**ଅଶ୍ୱସେନ**—ସଂ. ବି. ନାମ—୧ । ସନତ୍କୁମାରଙ୍କ ପିତା—
Aśwasena 1. The name of the father of Sanatkumāra.

୨ । ଦ୍ରୋଣାଚାର୍ଯ୍ୟଙ୍କ ସାରଥି—
2. The name of the charioteer of Drona.

୩ । ନାଗରାଜ ତକ୍ଷକଙ୍କ ପୁତ୍ର—
3. Name of the son of Takshaka.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

**ଅଶ୍ୱସ୍ତନ**—ସଂ. ବିଣ. ( ଅ+ଶ୍ୱଃ=ଆଗାମୀ କାଲି + ସ୍ତନ=ବା ଅର୍ଥରେ ତନ; ଯେ କାଲିକି ରହିବ ନାହିଁ )—
Aśwastana

୧ । ଯାହା ଆଗାମୀ କାଲି ପାଇଁ ନୁହେ—
1. Not for tomorrow.

୨ । ଆଜିର; ଆଜିକାର—
2. Of today; relating to today.

୩ । ଯେଉଁ ବିଷୟରେ ଆଗାମୀ କାଲି ପାଇଁ ବ୍ୟବସ୍ଥା ନଥାଏ—
3. Not provided for tomorrow.

ପ୍ରତି ଦିନ ଉଠାଇ ଯେଉଁ ଲୋକ ଖାଏ
ଅଶ୍ୱସ୍ତନ ବୃତ୍ତି ତାହାର ବୋଲାଏ । କୃଷ୍ଣସିଂ. ମହାଭାରତ. ଶାନ୍ତି ।

୪ । ଯେ ଆଗାମୀ କାଲିକି ବ୍ୟବସ୍ଥା କରି ନ ଥାଏ—
4. Not providing for tomorrow.

**ଅଶ୍ୱସ୍ତନବିଧାନ**—ସଂ.ବି—୧ । ଆଗାମୀ କାଲିପାଇଁ ବ୍ୟବସ୍ଥାର ଅଭାବ—
Aśwastanabidhāna
(ଅଶ୍ୱସ୍ତନବିଧାତୃ—ବିଣ)
1. Non-provision for tomorrow.

୨ । ଭବିଷ୍ୟତ୍ ନିମନ୍ତେ ବ୍ୟବସ୍ଥାର ଅଭାବ—
2. Non-provision for future.

[ ଦ୍ର—ସକାଳେ ଓ ସନ୍ଧ୍ୟାରେ ୬ ଥର ଉପବାସ ରହିଥିବା ଲୋକ ଅର୍ଥାତ୍ ୩ ଦିନ ଖାଇ ନ ଥିବା ଲୋକ କ୍ଷୁଧା ଶାନ୍ତି ପାଇଁ ଅଶ୍ୱସ୍ତନ ବିଧାନରେ ଅର୍ଥାତ୍ ଆଗାମୀ କାଲି ପାଇଁ ବ୍ୟବସ୍ଥା ନ କରି ଅର୍ଥାତ୍ କେବଳ ଥରେ ମାତ୍ର ଖାଇବା ପାଇଁ ଯଥେଷ୍ଟ ଖାଦ୍ୟବସ୍ତୁ ହୀନକର୍ମୀ ଲୋକଠାରୁ ଅପହରଣ କରି ନେଇ ପାରେ ।
ଗ୍ରମଶଙ୍କର. ମନୁ. ୧୧।୧୬ । ]

**ଅଶ୍ୱହସ**—ଦେ. ବି. ( ସଂ. ଅଶ୍ୱ + ହାସ; ଇଂରାଜି Horse laugh ର ଅନୁକରଣ )—
Aśwahasa

ଘୋଡ଼ା ହସ ପରି ଉଚ୍ଚ ହାସ୍ୟ; ହେଁ ହେଁ ହସ—
Horse-laugh; loud laughter.

**ଅଶ୍ୱହସା**—ଦେ. ( ସଂ. ଅଶ୍ୱ+ହାସ )—ଅଶ୍ୱହସ (ଦେଖ)
Aśwahasā Horse laugh ( See )

ଦେ. ବିଣ. ପୁଂ ଓ ସ୍ତ୍ରୀ—ଘୋଡ଼ା ପରି ହେଁ ହେଁ ହସିବା ଲୋକ—
Laughing loudly like the neighing of a horse.

**ଅଶ୍ୱହସୁରା**—ଦେ. ବିଣ. ପୁଂ ( ସଂ. ଅଶ୍ୱ+ହାସ୍ୟକାରୀ )—
Aśwahasurā
(ଅଶ୍ୱହସୁରୀ—ସ୍ତ୍ରୀ)
ଅଶ୍ୱହସା ( ଦେଖ )
Aśwahasā ( See )

**ଅଶ୍ୱହାଡ଼**—ଦେ. ବି. ( ସଂ. ଅଶ୍ୱ ଓ ଫା. ହଡ୍ଡ )—
Aśwahārda ୧ । ଘୋଡ଼ାର ହାଡ଼—1. Horse-bone.
অশ্বের হাড়
घोडेका हड्डि

୨ । ଅଶ୍ୱର ଅସ୍ଥି ପରି ଖୁବ୍ ଶ୍ରମସହ ଅସ୍ଥି—
2. A very hard-working bone ( like that of a horse )

( ଖୁବ୍ ପରିଶ୍ରମୀ ଲୋକକୁ ଲକ୍ଷ୍ୟ କରି ବୋଲଯାଏ "ସେ ଲୋକ ଅଶ୍ୱହାଡ଼ ପାଇଛି । )

**ଅଶ୍ୱହୃତବିଦ୍ୟା**—ଦେ. ବି ( ସଂ. ଅଶ୍ୱ ହୃଦୟ )—
Aśwahrutabidyā ଅଶ୍ୱଚାଳନ ବିଦ୍ୟା—
The art of horsemanship.

ଅଶ୍ୱହୃତ ବିଦ୍ୟା ଭୁଲି, ଅଶ୍ୱ ଭୁ ସେ ପୁଣ ପାଇ । ପ୍ରାଚୀ. ନଳଚରିତ ।

**ଅଶ୍ୱହୃଦୟ**—ସଂ. ବି—ଅଶ୍ୱଚାଳନ ବିଦ୍ୟା—
Aśwahrudaya Horsemanship.( M. W. )

**ଅଶ୍ୱା**—ସଂ. ବି. ସ୍ତ୍ରୀ ( ଅଶ୍ୱ+ସ୍ତ୍ରୀ. ଆ )—ଘୋଟକୀ; ଘୋଡ଼ୀ—
Aśwā Mare.

**ଅଶ୍ୱାବରୋହିକା**—ସଂ. ବି. ( ଅଶ୍ୱାବରୋହକ+ଆ )—
Aśwābarohikā ଅଶ୍ୱଗନ୍ଧା ( ଦେଖ )
A wagandhā (See) (M. W.)

**ଅଶ୍ୱାବରୋହଣ**—ସଂ. ବି. ( ୫ମୀ ତତ୍; ଅଶ୍ୱ+ଅବରୋହଣ )—
Aśwābarohaṇa ଘୋଡ଼ାରୁ ଓହ୍ଲାଇବା—
(ଅଶ୍ୱାବରୋହକ—ବିଣ) Dismounting from a horse.

**ଅଶ୍ୱାୟୁର୍ବେଦ**—ସଂ. ବି. ( ମଧ୍ୟପଦଲୋପୀ; ଅଶ୍ୱସମ୍ବନ୍ଧୀୟ ଆୟୁର୍ବେଦ) —
Aśwāyurbeda ଅଶ୍ୱଚିକିତ୍ସା ଶାସ୍ତ୍ର—
The veterinary science.

**ଅଶ୍ୱାର**—ଦେ. ବି—ଅଶୁଆର ( ଦେଖ )
Aśwāra Aśuāra ( See ).

**ଅଶ୍ୱାରି**—ସଂ ବି. ( ୬ଷ୍ଠୀ ତତ୍; ଅଶ୍ୱ+ଅରି; ଘୋଡ଼ା ଓ ମଇଁଷିଙ୍କ ଚିରବୈରି ପ୍ରସିଦ୍ଧ )—
Aśwāri
ମହିଷ; ମଇଁଷି—Buffalo.

**ଅଶ୍ୱାରୂଢ଼**—ସଂ. ବିଣ. ପୁଂ (୭ମୀ ତତ୍; ଅଶ୍ୱ+ଆରୂଢ଼ )—
Aśwārurdha ଘୋଡ଼ା ଉପରେ ଚଢ଼ିଥିବା—Mounted
(ଅଶ୍ୱାରୂଢ଼ା—ସ୍ତ୍ରୀ) on a horse; riding a horse.

**ଅଶ୍ୱାରୋହ**—ସଂ. ବିଣ. ° (ଅଶ୍ୱ+ଆ+ରୁହ ଧାତୁ କର୍ତ୍ତୃ. ଅ)—
Aśwāroha ଅଶ୍ୱାରୂଢ଼—Riding a horse.
(ଅଶ୍ୱାରୋହା—ସ୍ତ୍ରୀ) ସଂ. ବି—୧ । ଅଶ୍ୱାରୋହୀ ସିପାହି—
1. Cavalry soldier.

୨ । ଘୋଡ଼ସବାର—2. A horseman.

**ଅଶ୍ୱାରୋହଣ**—ସଂ. ବି. ( ୭ମୀ ତତ୍; ଅଶ୍ୱ+ଆରୋହଣ )—
Aśwārohaṇa ୧। ଘୋଡ଼ାରେ ଚଢ଼ିବା—
1. Riding on a horse.

୨ । ଘୋଡ଼ା ଚଢ଼ିବାରେ ବୁଦ୍ଧିତ୍ୱ—
2. Horsemanship.

**ଅଶ୍ୱାରୋହୀ**—ସଂ. ବିଣ. ପୁଂ. ( ଅଶ୍ୱ+ଆ+ରୁହ ଧାତୁ+ଇନ୍; ୧ମା. ୧ବ. )—
Aśwārohī
( ଅଶ୍ୱାରୋହଣୀ—ସ୍ତ୍ରୀ ) ୧ । ଘୋଡ଼ାରେ ଚଢ଼ିଥିବା—
1. Mounted on a horse.

୨ । ଅଶ୍ୱାରୋହଣରେ ନିପୁଣ—
2. Skilled in horsemanship.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଇଁଠା' ନ ପାଇଲେ 'ଅଇଁଠା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସଂ. ବି. ପୁଂ.—୧ । ଘୋଡ଼ସବାର—
1. Horseman.
୨ । ଅଶ୍ୱାରୋହଣ କରି ଯୁଦ୍ଧ କରିବା ସିପାହି —
2. Cavalry soldier.

**ଅଶ୍ୱିନ**—ଦେ. ବି. ( ସଂ. ଆଶ୍ୱିନ )—ଆଶ୍ୱିନ ମାସ—
Aświna . The lunar month of Āświna.
ସଂ. ବି.—୧ । ଅଶ୍ୱିନୀକୁମାର—1. The twin sons of Aświni.
[ ଦ୍ର—ଏହି ଶବ୍ଦ ସଂସ୍କୃତରେ ଦ୍ୱିବଚନରେ ଅଶ୍ୱିନୌ ରୂପରେ ବ୍ୟବହୃତ ହୁଏ; ଏମାନେ ଦେବତାମାନଙ୍କର ବୈଦ୍ୟ । ସୂର୍ଯ୍ୟୋଦୟ ବା ଅରୁଣୋଦୟ ପୂର୍ବରୁ ଏ ଦୁହେଁ ଆକାଶରେ ପୂର୍ବଦିଗରେ ଦେଖାଦିଅନ୍ତି । ଏମାନଙ୍କ ସ୍ୱର୍ଣ୍ଣମୟ ରଥକୁ ଘୋଡ଼ା ବା ପକ୍ଷୀ ଟାଣନ୍ତି । ଏମାନେ ଋଗ୍ବେଦ ବର୍ଣ୍ଣିତ ଦେବ । ଏମାନେ ଲୋକଙ୍କୁ ଧନ ଓ ଆରୋଗ୍ୟ ପ୍ରଦାନ କରନ୍ତି ]
୨ । ନକୁଳ ସହଦେବ—2. The twin sons of Mādri.
୩ । (ଜ୍ୟୋତିଷ) ଦୁଇ ସଂଖ୍ୟା — 3. (Astronomy) The number two.

**ଅଶ୍ୱିନା**— ଦେ. ବିଣ. (ସଂ. ଆଶ୍ୱିନ)—୧ । ଆଶ୍ୱିନମାସ ସମ୍ବନ୍ଧୀୟ—
Aświnā 1. Relating to the month of Āświna.
୨ । ଆଶ୍ୱିନମାସରେ ଘଟିବା—2. Happening or taking place in the month of Āświna.

**ଅଶ୍ୱିନାପରବ** — ଦେ. ବି.—(ସଂ. ଆଶ୍ୱିନ + ପର୍ବ)—ଆଶ୍ୱିନପର୍ବ; ଶାରଦୀୟ
Aśwināparaba ଦୁର୍ଗୋତ୍ସବ—The Durgāpuja festival in the month of Āświna

**ଅଶ୍ୱିନି**—ସଂ. ବି. ( ଜ୍ୟୋତିଷ )—ଅଶ୍ୱିନୀ ନକ୍ଷତ୍ର—The first
Aświni asterism ( M. W. )

**ଅଶ୍ୱିନୀ**—ସଂ. ବିଣ ସ୍ତ୍ରୀ.—(ଅଶ୍ୱନ୍+ଈ)—ଅଶ୍ୱର ସ୍ତ୍ରୀଲିଙ୍ଗ—
Aświni Feminine af Aśwa.
(ଅଶ୍ୱ—ପୁଂ) ସଂ. ବି. ସ୍ତ୍ରୀ—୧ । ଘୋଟକୀ; ଘୋଡ଼ୀ—
1. Mare.
୨ । ସୂର୍ଯ୍ୟପତ୍ନୀ ସଂଜ୍ଞା—2. The wife of the Sun-god.
[ଦ୍ର—ସୂର୍ଯ୍ୟଙ୍କ ତେଜ ସହି ନ ପାରି ସଂଜ୍ଞା ଘୋଟକୀ ବେଶ ଧାରଣ କରି ଅରଣ୍ୟବାସ କଲେ; କିନ୍ତୁ ସୂର୍ଯ୍ୟ ତାଙ୍କୁ ଠଉରି କରି ଅଶ୍ୱ ବେଶ ଧରି ତାଙ୍କ ସଙ୍ଗେ ମିଳିତ ହେଲେ ଓ ତାଙ୍କଠାରୁ ଯମଜ ଅଶ୍ୱିନୀ କୁମାର ଦ୍ୱୟ ଜାତ ହେଲେ । ]
୩ । ଜ୍ୟୋତିଷୋକ୍ତ ପ୍ରଥମ ନକ୍ଷତ୍ର ବା ତାରାପୁଞ୍ଜ—
3. The first asterism.
[ ଏହି ୩ଟି ତାରାଙ୍କୁ ରେଖାଦ୍ୱାରା ମିଳିତ କଲେ ଗୋଟିଏ ସ୍ଥୂଳକୋଣୀ ତ୍ରିଭୁଜ ବା ଅଶ୍ୱମୁଣ୍ଡର ଆକାର ହୁଏ । ନକ୍ଷତ୍ର ତଳେ ନୋଟ ଦେଖ ]—

ପ୍ରାଦେ. (ବାଲେଶ୍ୱର) ବି—ବାଲେଶ୍ୱରର ତନ୍ତୁଶ୍ରେଣୀବିଶେଷ—
A class of weavers in Balasore district.

**ଅଶ୍ୱିନୀକୁମାର**—ସଂ. ବି—୧ । ଅଶ୍ୱରୂପଧାରିଣୀ ସୂର୍ଯ୍ୟ ପତ୍ନୀ ସଂଜ୍ଞାଙ୍କ
Aświnikumāra ଗର୍ଭରୁ ଜାତ ଯମଜ କୁମାର ଦ୍ୱୟ—
The twin sons of the Sun-god's wife Samjñā.
୨ । ତୀର୍ଥବିଶେଷ—
2. Name of a sacred place.
ଅଶ୍ୱିନୀକୁମାର ତୀର୍ଥଙ୍କର ଏ ମହିମା
ଗାଧୋଇଲେ କାମକୁ ହୁଏ ସେ ଉପମା । କୃଷ୍ଣସିଂ. ମହାଭାରତ. ବନ ।

**ଅଶ୍ୱିନୀକୁମାରସୁତ**—ସଂ. ବି. (୬ଷ୍ଠୀ ତତ୍; ଅଶ୍ୱିନୀକୁମାର + ସୁତ)—
Aświnikumārasuta ସୁଷେଣ ବାନର—
The monkey named Sushena.
ବ୍ରହ୍ମାପୁତ୍ର ଅଶ୍ୱିନୀକୁମାର ସୁତଶ୍ରିତା ଭଞ୍ଜ. ବୈଦେହୀଶବିଳାସ ।

**ଅଶ୍ୱିସୁତ**—ଦେ. ବି—ଅଶ୍ୱିନୀକୁମାର ( ଦେଖ )
Aświsuta Aświnikumāra ( See )
ସାଧୁଙ୍କୁ ପୂଜି ପ୍ରଜା ହୁଡେ; ଅପୁଷ କାମେ ଅଶ୍ୱିସୁତେ ।
ଜଗନ୍ନାଥ. ଭାଗବତ ।

**ଅଶ୍ୱୀ**—ସଂ. ବି. ( ଅଶ୍ୱ + ସ୍ତ୍ରୀ. ଈ )—ଘୋଟକୀ—Mare.
Aświ

**ଅଶ୍ୱୀନ**—ସଂ. ବିଣ. (ଅଶ୍ୱ + ଈନ)—ଦିନକରେ ଗୋଟିଏ ଘୋଡ଼ାରେ
Aświna ଚଢ଼ି ଯାଇ ପାରିବା ଭଳି ( ଦୂରତ୍ୱ )—(distance)
Requiring a day's travel on horseback.

**ଅଶ୍ୱୀୟ**—ସଂ. ବିଣ. (ଅଶ୍ୱ+ଈୟ)—୧ । ଅଶ୍ୱ ସମ୍ବନ୍ଧୀୟ—
Aswiya 1. Relating to the horse.
୨ । ଅଶ୍ୱ ହିତକାରୀ— 2. Useful to the horse.
ସଂ. ବି.—ଅଶ୍ୱସମୂହ—Horses.

**ଅଶ୍ମ** — ସଂ. ବି. (ଅଶ୍ ଧାତୁ = ବ୍ୟାପିବା + ସଂଜ୍ଞାର୍ଥେ ମନ୍; ୧ମା. ୧ବ.)—
Aśma ୧ । ପ୍ରସ୍ତର; ପଥର—1. Stone.
୨ । ମେଘ—2. Cloud.
୩ । ପର୍ବତ—3. Mountain.

**ଅଶ୍ମକ**—ସଂ. ବି. ( ନାମ )—ଇକ୍ଷ୍ୱାକୁବଂଶୀୟ ଅଯୋଧ୍ୟାପତି ସୌଦାସ
Aśmaka ରାଜାଙ୍କ ପୁତ୍ର—The son of Saudāsa, king of Oudh belonging to the family Ikshwāku.
[ଦ୍ର—ସୌଦାସ ରାଜା ଅଭିଶାପ ପାଇ ଅପୁତ୍ରକ ହେବାରୁ ବଶିଷ୍ଠଙ୍କ ଔରସରେ ରାଣୀଙ୍କ ଗର୍ଭରେ ଅଶ୍ମକଙ୍କୁ ଜନ୍ମାଇ ଥିଲେ । ଭାଗବତ. ୯ । ]

**ଅଶ୍ମକୁଟ୍ଟ**—ସଂ. ବିଣ— ୧ । ପ୍ରସ୍ତରଦ୍ୱାରା ଛେଚି ହୋଇଥିବା—
Aśmakuṭṭa 1. Bruised or broken by stone.
୨ । ଯେ ପ୍ରସ୍ତରଦ୍ୱାରା ଧାନ ପେଷଣ କରେ—
2 One who grinds paddy with stone

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଥ | ଓ | ହ୍ମ |

ଅଶ୍ମକୁଟ୍ଟିତ—ସଂ. ବଣ—ଅଶ୍ମକୁଟ୍ଟ (୧) (ଦେଖ)
Aśmakuṭṭita Aśmakuṭṭa (1) (See)

ଅଶ୍ମଗର୍ଭ—ସଂ. ବି. ( ଅଶ୍ମନ୍=ପ୍ରସ୍ତର+ଗର୍ଭ=ଭ୍ରୂଣ )—
Aśmagarbha ୧ । ଶ୍ୟାମବର୍ଣ୍ଣ ମଣି—1. Emerald stone.
୨ । ମରକତ ମଣି—2. A green gem.

ଅଶ୍ମଗର୍ଭକ—ସଂ. ବି—ଅଶ୍ମଗର୍ଭ ( ଦେଖ )
Aśmagarbhaka Aśmagarbha (See)

ଅଶ୍ମଘ୍ନ—ସଂ. ବି—ରୁକୁଣୀହାଟପୋଛ ( ଦେଖ )
Aśmaghna Rukuṇihātapochhā (See)
ସଂ. ବଣ—ଯାହା ପଥରକୁ ନାଶ କରେ—
Destroying stone.

ଅଶ୍ମଜ—ସଂ. ବି. ( ଅଶ୍ମନ୍+ଜନ୍ ଧାତୁ+କର୍ତ୍ତୃ. ଅ )—
Aśmaja ୧ । ଶିଳାଜତୁ—1. Bitumen.
୨ । ଗେରୁ ମାଟି—2. Red chalk.
୩ । ଲୌହ—3. Iron.
ସଂ. ବଣ—ଶିଳାରୁ ଜାତ—Produced from stone.

ଅଶ୍ମଦାରଣ—ସଂ.ବି. (ଅଶ୍ମନ୍+ଦୃ ଧାତୁ ଣିଚ୍; ଦାର ଧାତୁ+କରଣ.ଅନ) —
Aśmadāraṇa ପାଷାଣ ଭେଦକ ଅସ୍ତ୍ର;ଠାଙ୍ଗିଆ; ଟଙ୍କ—
A mattock for chipping stones.

ଅଶ୍ମନ୍ତ—ସଂ. ବି. ( ଅଶ୍ମନ୍+ଅନ୍ତ; ଯହିଁରେ ପାଷାଣର ମଧ୍ୟ ଶେଷ
Aśmanta ହୁଏ )—
୧ । ଚୁଲି—1. Oven; fire; place.
୨ । ମୃତ୍ୟୁ—2. Death; grate.
୩ । ପଡ଼ିଆ—3 A field.
ସଂ. ବଣ—୧ । ଅଶୁଭ—1. Inauspicious.
୨ । ଅସୀମ—2 Unbounded

ଅଶ୍ମପୁଷ୍ପ—ସଂ. ବି—୧ । ଶିଳାଜତୁ—
Aśmapushpa 1. Bitumen.
୨ । ଲୋବାନ୍—2. Olibanum.

ଅଶ୍ମଭିଦ୍—ସଂ. ବି. ( ଅଶ୍ମ+ଭିଦ୍ ଧାତୁ+କ୍ୱିପ୍ )—
Aśmabhid ରୁକୁଣୀହାଟପୋଛ ( ଦେଖ )
Rukuṇihātapochhā ( See )

ଅଶ୍ମଭେଦ—ସଂ. ବି. ( ଅଶ୍ମ+ଭିଦ୍ ଧାତୁ+କର୍ତ୍ତୃ. ଅ, ଏହା
Aśmabheda ମୂତ୍ରାଶୟରେ ଥିବା ପଥରକୁ ମିଳାଇ ଦିଏ )—
ରୁକୁଣୀହାଟପୋଛ ( ଦେଖ )
Rukuṇihātapochhā ( See )

ଅଶ୍ମଭେଦକ—ସଂ. ବି. ( ଅଶ୍ମ+ଭିଦ୍ ଧାତୁ+କର୍ତ୍ତୃ. ଅକ; ଏହା
Aśmabhedaka ମୂତ୍ରାଶୟରେ ଥିବା ପଥରକୁ ମିଳାଇ ଦିଏ )—
ରୁକୁଣୀହାଟପୋଛ ( ଦେଖ )
Rukuṇihātapochhā ( See )

ଅଶ୍ମମୟ—ସଂ. ବଣ—୧ । ପ୍ରସ୍ତରମୟ—1. Stony; rocky.
Aśmamaya ୨ । ପ୍ରସ୍ତର ନିର୍ମିତ—2. Made of stone.

ଅଶ୍ମର—ସଂ. ବଣ. ( ଅଶ୍ମନ୍+ର )—ଅଶ୍ମମୟ ( ଦେଖ )
Aśmara Aśmamaya ( See )

ଅଶ୍ମରୀ—ସଂ. ବି. ( ଅଶ୍ମର=ପ୍ରସ୍ତରମୟ+ଈ )—ପଥୁରିଆ ରୋଗ—
Aśmarī A disease; stone in the bladder.

ଅଶ୍ମରୀଘ୍ନ—ସଂ. ବି.—ରୁକୁଣୀହାଟପୋଛ ( ଦେଖ )
Aśmarīghna Rukuṇihātapochhā ( See )

ଅଶ୍ମରୀହର—ସଂ. ବି.—ଅର୍ଜୁନ ( ଗଛ ) ( ଦେଖ )
Aśmarīhara Arjuna (tree) (See )

ଅଶ୍ମସାର—ସଂ. ବି ( ଅଶ୍ମନ୍=ପଥର+ସାର=ସ୍ଥିରାଂଶ )—
Aśmasāra ୧ । ଲୌହ—1. Iron.
୨ । ଲୌହ ମଳ—2. Rust of iron.
ସଂ. ବଣ—ଲୌହନିର୍ମିତ—Made of iron.
ତୀର ଲୁଚୟ ଅଶ୍ମସାର, ବହଇ ଲୌହମୟ ଶର । ଜଗନ୍ନାଥ—ଭାଗବତ ।

ଅଶ୍ର—ସଂ. ବି. ( ଅଶ୍ ଧାତୁ+କର୍ତ୍ତୃ. ର )—୧ । କୋଣ—
Aśra 1. Angle.
୨ । ଅଶ୍ରୁ—2. Tear.
୩ । ରକ୍ତ—3. Blood.
[ ଦ୍ର—ଏହାର ଅନ୍ୟ ଆକାର ଅସ୍ର ]

ଅଶ୍ରଦ୍ଧାନ—ସଂ. ବଣ. ପୁଂ ( ଅ+ଶ୍ରଦ୍ଧାନ )—୧ । ଶ୍ରଦ୍ଧାହୀନ—
Aśraddadhāna 1. Having no affection
(ଅଶ୍ରଦ୍ଧାନା—ସ୍ତ୍ରୀ) ୨ । ଅବିଶ୍ୱାସୀ—2. Unbelieving.
୩ । ଭକ୍ତିହୀନ—3. Undevoted.

ଅଶ୍ରଦ୍ଧ—ସଂ. ବଣ. ପୁଂ ( ବହୁବ୍ରୀହି; ଅ+ଶ୍ରଦ୍ଧା )—
Aśraddha ଅଶ୍ରଦ୍ଧାନ ( ଦେଖ )
(ଅଶ୍ରଦ୍ଧା—ସ୍ତ୍ରୀ) Aśraddadhāna ( See )

ଅଶ୍ରଦ୍ଧା—ସଂ. ବଣ. ସ୍ତ୍ରୀ ( ଅଶ୍ରଦ୍ଧ+ଆ )—ଅଶ୍ରଦ୍ଧର ସ୍ତ୍ରୀଲିଙ୍ଗ—
Aśraddhā Feminine of Aśraddha.
ସଂ. ବି. ( ଅ+ଶ୍ରଦ୍ଧା )—୧ । ଅସ୍ନେହ—
1. Lack of affection.
୨ । ଅଭକ୍ତି—2. Disrespect; lack of devotion.
୩ । ଅବିଶ୍ୱାସ—3 Unbelief; incredulity.
୪ । ଅନାଦର—4. Disregard.
୫ । ଘୃଣା—5. Contempt.

ଅଶ୍ରଦ୍ଧେୟ—ସଂ. ବଣ. ପୁଂ ( ଅ+ଶ୍ରଦ୍ଧେୟ )—୧ । ଯେ ସ୍ନେହ-
Aśraddheya ବ୍ୟବହାର ପାଇବା ଅନୁପଯୁକ୍ତ—1. Not fit
(ଅଶ୍ରଦ୍ଧେୟା—ସ୍ତ୍ରୀ) to be treated with affection.
୨ । ବିଶ୍ୱାସର ଅଯୋଗ୍ୟ—2. Incredible.
୩ । ଘୃଣ୍ୟ—3. To be looked down upon with contempt.

ସାଧାରଣ ଲେକେ ଅପର ପୃଷ୍ଠାରେ ସୂଚିତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଶ୍ରପ**—ସଂ. ବି. ପୁଂ. ( ଅଶ୍ର + ରକ୍ତ + ପା ଧାତୁ + କର୍ତ୍ତୃ. ଅ )—
**Aśrapa** ୧ । ରକ୍ତପାୟୀ ଜୀବ—1. The blood eater.
(ଅଶ୍ରପା—ସ୍ତ୍ରୀ) ୨ । ରାକ୍ଷସ; ନିଶାଚର—2. Demon

**ଅଶ୍ରାନ୍ତ**—ସଂ. ବିଣ. ( ଅ + ଶ୍ରାନ୍ତ )—୧ । ଅକ୍ଳାନ୍ତ—1. Untired.
**Aśrānta** ୨ । ଅବିରତ—2 Uninterrupted; continued.
୩ । ଅନବରତ—3. Constant.

**ଅଶ୍ରାବ୍ୟ**—ସଂ. ବିଣ. ( ଅ + ଶ୍ରାବ୍ୟ )—୧ । ଅଶ୍ଳୀଳ—1. Obscene.
**Aśrābya** ୨ । ଯାହା ଶୁଣିବାର ଅଯୋଗ୍ୟ—2 Unfit to be heard,
୩ । ଅସ୍ପଷ୍ଟ—3. Indistinct.
୪ । ଯାହା ଶୁଭେ ନାହିଁ—4. Inaudible.

**ଅଶ୍ରି**—ସଂ. ବି.—( ଅଶ୍ ଧାତୁ = ଭୋଜନ କରିବା + କର୍ତ୍ତୃ. ରି )—
**Aśri** ୧ । ଖଡ୍ଗାଦିର ଧାର—1. The edge of sharp weapons.
୨ । ( ଅଶ ଧାତୁ = ବ୍ୟାପିବା + କର୍ତ୍ତୃ. ରି ) ଗୃହାଦିର କୋଣ—2. The corner of buildings.

**ଅଶ୍ରୀ**—ସଂ. ବି ( ଅଶ ଧାତୁ + ସ୍ତ୍ରୀ )—ଅଶ୍ରିର ଅନ୍ୟ ରୂପ—
**Aśrī** Another form of Aśri.

**ଅଶ୍ରୀକ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ + ଶ୍ରୀ; କ ଆଗମ )—
**Aśrīka** ଶ୍ରୀହୀନ—Shorn of or devoid of grace or beauty.
( ଅଶ୍ରୀକା—ସ୍ତ୍ରୀ )

**ଅଶ୍ରୁ**—ସଂ. ବି ( ଅଶ ଧାତୁ = ବ୍ୟାପିବା + କର୍ତ୍ତୃ. ରୁ )—
**Aśru** ଲୋତକ; ଚକ୍ଷୁଜଳ—Tear.
[ ଦ୍ର—କ୍ରୋଧ, ଦ୍ୱେଷ, ହର୍ଷ, ଭକ୍ତି, ମନୋଦୁଃଖ ଓ ପୀଡ଼ାରୁ ଅଶ୍ରୁ ଜାତ ହୁଏ । ଉଲ୍ଲିଖିତ ପ୍ରେମିକ ପ୍ରେମିକାଙ୍କର ଅଷ୍ଟ ଦଶା ମଧ୍ୟରୁ ଏହା ଏକ । ]

**ଅଶ୍ରୁଆଖି**—ଦେ. ବି.—ଅଶ୍ରୁପୂର୍ଣ୍ଣ ଚକ୍ଷୁ—Eyes full of tears
**Aśruākhi**

କୃଷ୍ଣ କଥନେ ଅଶ୍ରୁଆଖି—ଭୂପତି. ପ୍ରେମପଞ୍ଚାମୃତ ।

**ଅଶ୍ରୁକ**—ଦେ. ବିଣ ( ସଂ. ଅଶ୍ରୁଯୁକ୍ତ )—
**Aśruka** ଅଶ୍ରୁଯୁକ୍ତ; ଅଶ୍ରୁପୂର୍ଣ୍ଣ—Tearful.

ପ୍ରଶଂସି ଦେଖି ଜଣେ ଜଣେ
ଆନନ୍ଦେ ଅଶ୍ରୁକ ଲୋଚନେ—ଜଗନ୍ନାଥ. ଭାଗବତ ।

**ଅଶ୍ରୁକଣ**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + କଣ )—
**Aśrukaṇa** ଲୁହଟୋପା—Drop of tear.

ଶୁଣି କେହୁ ତେଜଇ ବହୁ ଅଶ୍ରୁକଣ—କୃଷ୍ଣସିଂହ. ମହାଭାରତ. ବନ ।

**ଅଶ୍ରୁଜଳ**—ସଂ. ବି.—ଲୁହ—Tears.
**Aśrujala** ଆନନ୍ଦରେ ଅଶ୍ରୁଜଳ ବହେ ବେନି ଅକ୍ଷି—ସାରଳା ମହାଭାରତ. ଉ ।

**ଅଶ୍ରୁତ**—ସଂ. ବିଣ ( ଅଶ୍ରୁ + ତ )—
**Aśruta** ୧ । ଶୁଣା ଯାଇ ନ ଥିବା—1. Unheard.
୨ । ଅଶ୍ରୁତପୂର୍ବ—2 Unheard of.

**ଅଶ୍ରୁତଚର**—ସଂ. ବିଣ ( ଅ + ଶ୍ରୁତଚର )—ଅଶ୍ରୁତପୂର୍ବ (ଦେଖ)
**Aśrutachara** Aśrutapūrba (See)

**ଅଶ୍ରୁତପୂର୍ବ**—ସଂ. ବିଣ ( ଅ + ଶ୍ରୁତପୂର୍ବ ତୁଲ. ଅଦୃଷ୍ଟପୂର୍ବ )—
**Aśrutapūrba** ଯାହା କେବେ ପୂର୍ବେ ଶୁଣା ନ ଥିଲା—Not heard of before.

**ଅଶ୍ରୁତି**—ଦେ. ବିଣ ( ସଂ. ଅଶ୍ରୁତ )—
**Aśruti** ୧ । ଅଶ୍ରୁତପୂର୍ବ—1. Unheard of.

ବଦୃଷ୍ଟି ଅଶ୍ରୁତ କଥା ଶ୍ରୁତ କଥା ପରି—ଭଞ୍ଜ. ବୈଦେହୀଶବିଳାସ ।

୨ । ( ଅ + ଶ୍ରୁତି ) କର୍ଣ୍ଣହୀନ—2. Without ears.

ଅଶ୍ରୁତି ନୁହନ୍ତି ସେ ଯେ ଅଛି ତାଙ୍କ ଶ୍ରୁତି—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅଶ୍ରୁତ୍ୟାଗ**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + ତ୍ୟାଗ )—
**Aśrutyāga** ଆଖିରୁ ଲୁହ ଗଡ଼ାଇବା; କାନ୍ଦିବା—Shedding of tears, crying.

**ଅଶ୍ରୁଧାର**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + ଧାର )—
**Aśrudhāra** ଲୁହର ପ୍ରବାହ; ଆଖିରୁ ଅବିରତ ଲୁହ ଗଡ଼ିବା—Flow of tears; tears trickling down the cheeks.

**ଅଶ୍ରୁପାତ**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + ପାତ )—
**Aśrupāta** ଆଖିରୁ ଲୁହ ବୋହିବା; କ୍ରନ୍ଦନ—The shedding of tears; crying.

**ଅଶ୍ରୁପୂର୍ଣ୍ଣ**—ସଂ. ବିଣ ( ୩ୟା ତତ୍; ଅଶ୍ରୁ + ପୂର୍ଣ୍ଣ )—
**Aśrupūrṇṇa** ଲୋତକପୂର୍ଣ୍ଣ—Full of tears; overflowing with tears.

**ଅଶ୍ରୁବିସର୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ରୁ + ବିସର୍ଜନ )—
**Aśrubisarjana** ଅଶ୍ରୁତ୍ୟାଗ ( ଦେଖ ) Aśrutyāga ( See )

**ଅଶ୍ରୁମୁଖ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଶ୍ରୁ + ମୁଖ )
**Aśrumukha** ୧ । ଯାହାର ମୁହଁରୁ ଅଶ୍ରୁ ପଡ଼ୁଅଛି—
( ଅଶ୍ରୁମୁଖୀ—ସ୍ତ୍ରୀ ) 1 ( man ) With a tearful face.
୨ । କାନ୍ଦୁରାମୁହାଁ—2. Having a face looking as if crying.

**ଅଶ୍ରୁମୋଚନ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ରୁ + ମୋଚନ )—
**Aśrumochana** ଅଶ୍ରୁତ୍ୟାଗ ( ଦେଖ ) Aśrutyāga ( See )

**ଅଶ୍ରୁସମ୍ବରଣ**—ସଂ. ବି. ( ୬ଷ୍ଠୀ ତତ; ଅଶ୍ରୁ + ସମ୍ବରଣ )—ଚକ୍ଷୁରୁ
**Aśrusambaraṇa** ଲୋତକଧାର ଗଡ଼ିବାର ନିରୋଧକରଣ; କାନ୍ଦ ସମ୍ଭାଳିବା—The suppression of tears.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ | ର,ର | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଉଅ | ଢ |
| ୨ | ଈ | ଢ଼ | ଋ | ଲ | ସ୍ତେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଷ | ନୃ |

**ଅଶ୍ରୁସିକ୍ତ**—ସଂ. ବଣ. ( ଅଶ୍ରୁ ତତ୍; ଅଶ୍ରୁ+ସିକ୍ତ )—ଲୁହରେ ଓଦା ହୋଇଥିବା ( ଅଖି; ଲୁଗା )—Wet with tears.
**Aśrusikta**

**ଅଶ୍ରେୟଃ**—ସଂ. ବ. ( ଅ+ଶ୍ରେୟସ୍=ମଙ୍ଗଳ )—୧ । ଅମଙ୍ଗଳ; ଅନିଷ୍ଟ; ଅପକାର—1. No good; evil.
**Aśreyaḥ**
୨ । ଅପ୍ରୟୋଜନ—2. Uselessness.
ସଂ. ବଣ—୧ । ଅପ୍ରଶଂସାର୍ହ—
1. Not entitled to praise.
୨ । ଅପକାରକ; ଅନିଷ୍ଟଜନକ—2. Injurious.
୩ । ଅପ୍ରୟୋଜନୀୟ—3. Useless.
୪ । ନିକୃଷ୍ଟ—4. Inferior.
୫ । ମନ୍ଦ—5. Bad.

**ଅଶ୍ରେଷ୍ଠ**—ସଂ. ବଣ. ( ଅ+ଶ୍ରେଷ୍ଠ )—
**Aśreshṭha** ନିକୃଷ୍ଟ—Inferior.

**ଅଶ୍ଳୀଳ**—ସଂ. ବଣ ( ଅ+ଶ୍ରୀଳ=ଶ୍ରୀଯୁକ୍ତ; ର ସ୍ଥାନରେ ଳ )—
**Aślīla** ୧ । ଯାହା ଶ୍ରୀଯୁକ୍ତ ବା ସୁନ୍ଦର ନୁହେଁ; ଅସୁନ୍ଦର—
1. Ungraceful.
୨ । ଲଜ୍ଜାଜନକ—2. Shameful.
୩ । ଘୃଣ୍ୟ; କୁତ୍ସିତ—3. Ugly; filthy.
୪ । ନିର୍ଲଜ୍ଜ—4. Obscene; indecent.
୫ । ଅଭଦ୍ର—5. Rude; coarse; uncivil.
୬ । ଇତରଜନୋଚିତ—6. Vulgar; slang.

**ଅଶ୍ଳୀଳତା**—ସଂ. ବ ( ଅଶ୍ଳୀଳ+ଭାବ. ତା )—୧ । କୁତ୍ସିତତା—
**Aślīlatā** 1. Obscenity; ugliness; indecency.
୨ । ଶବ୍ଦଦୋଷବିଶେଷ ( ଯେଉଁ ସ୍ଥଳରେ ଘୃଣାଜନକ, ଲଜ୍ଜାଜନକ ବା ଅମଙ୍ଗଳଜନକ ପଦର ପ୍ରୟୋଗ ଦେଖାଯାଏ ସେଠାରେ ଅଶ୍ଳୀଳତା ଦୋଷ ହୁଏ । )—
2. A defect in composition; use of slang or vulgar expression.

ଯେ ଧନ ହୃଦ୍ ଏ ଏକତା ଗହ୍ୱରେ
ପ୍ରମାଦ ପାଇଲେ ବୃଷ୍ଣ ସବନେ—ଲେଖାନାଥ, ବଦଭାବନ ।

୩ । ଅର୍ଥଦୋଷବିଶେଷ—
3. A defect in composition; obscenity.

(ଲଜ୍ଜାଜନକ) ଜନେ ବହୁଥିଲ ଖଣ୍ଡା ପବନ
ଉତ୍ତରୀୟ ବାଲା ଜାନୁ ବସନ—ଭଞ୍ଜ, ଲାବଣ୍ୟବତୀ ।
(ଘୃଣାଜନକ) ଉଦ୍ଗାରବେଳେ ମୁହଁ ହସିଦେବା ଷଣେ
ଗ୍ରାମ ତାତ ( ବାୟୁ ) ଜାତ ହେଲେ ସଘନେ ।
—କୃଷ୍ଣମଣି, ଅଳଙ୍କାରତରଙ୍ଗିଣୀ ।

**ଅଶ୍ଳେଷା**—ସଂ. ବ ( ଅ+ଶ୍ଳେଷ=ଆଲିଙ୍ଗନ+ସ୍ତ୍ରୀ. ଆ )—
**Aśleshā** ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ରପୁଞ୍ଜ ମଧ୍ୟରୁ ୯ମ ନକ୍ଷତ୍ର-ପୁଞ୍ଜ ( ଏହାର ଆକାର ବଳୟି କଣ୍ଠା ପରି । ଏ ନକ୍ଷତ୍ରରେ ଯାତ୍ରା ଅଶୁଭ । ନକ୍ଷତ୍ର ଭଲେ ଜୋଡ଼ ଦେଖ )—
(Hindu astronomy) The ninth lunar constellation (5 stars) considered inauspicious for starting on a mission.

**ଅଷାଢ଼**—ଗ୍ରା. ବ ( ସଂ. ଆଷାଢ଼ )—
**Ashārḍha** ଆଷାଢ଼ ମାସ; ସୌର ମିଥୁନ ମାସ—
आषाढ़ The month of Āshārḍha.
असाढ़

**ଅଷାଢ଼ୁଆ**—ଦେ. ବ ( ସଂ. ଆଷାଢ଼ଫଳ; ଅର୍ଣ୍ଣିଗଳ; ଅର୍ଣ୍ଣଷ୍ଠା )—
**Ashārḍhuā** ଆଷାଢ଼ ମାସରେ ଫଳିବା ଏକପ୍ରକାର ବନ୍ୟ
आषाढ़े ଖାଦ୍ୟ ଛୋଟ ଲତାଫଳ ଓ ତାହାର ଲତା—
असाढ़ो A kind of edible wild fruit and its
(ତେ—ଅଦୋଣ୍ଡା; ଅରୁଦୋଣ୍ଡା) creeper; Capparis Acumenata.

[ ଦ୍ର—ଏହାକୁ ଲୋକେ ରାନ୍ଧିକରି ଖାଆନ୍ତି । ଏହା ଫଳରୁ ମହୁଆ ଗନ୍ଧ ବାହାରେ ଓ ତାହା ପିଲୁଳିଆ ଲାଗେ । ବୈଦ୍ୟଶାସ୍ତ୍ରମତରେ ଏହା ବାତ, କଫ, ବିଷଦୋଷ, ଗଳରୋଗ ଓ ନେତ୍ରରୋଗ ହରଣ କରେ । ଏହାର ମୂଳ ବିରେଚକ ଓ ଦାରୁଣ ବାତବିକାରନାଶକ ।]

ଦେ. ବଣ.— ଯାହା ଆଷାଢ଼ ମାସରେ ଫଳେ ବା ପାଚେ—
That which bears fruit or ripens in the month of Āshārḍha.
( ଯଥା—ଅଷାଢ଼ୁଆ ଆମ୍ବ; ଅଷାଢ଼ୁଆ ପଣସ । )

**ଅଷାଢ଼ୁଆସୂତା**—ଦେ. ବ ( ସଂ. ଅଭ୍ୟୁତ+ସୂତ୍ର )—
**Ashārḍhuāsutā** କୌତୁକସୂତ୍ର; ବିବାହ ଦିବସ ବରକନ୍ୟାଙ୍କ
আইবুড়ো স্থত ହାତରେ ବନ୍ଧାହେବା ସୂତା; ଅଉଆଁଡ଼ ସୂତା—
कौतुक A string put round the wrists of the bride and bride-groom on the day of marriage.

**ଅଷ୍ଟ**—ସଂ. ବ. ( ଅଶ ଧାତୁ=ବ୍ୟାପିବା+ଅନ; ତ ଆଗମ; ଅଷ୍ଟନ୍.
**Ashṭa** ୧ମା. ୧ବ )—ଆଠ ସଂଖ୍ୟା—The number 8.
ସ. ବଣ.—ଆଠସଂଖ୍ୟକ—Eight in number.

**ଅଷ୍ଟଅବଧାନ**—ଦେ.ବ.—୧ । ଅଷ୍ଟାବଧାନ—1. Simultaneous
**Ashṭaabadhāna.** attention to 8 things.
୨ । ବିଶେଷ ମନୋଯୋଗ ଓ ଯତ୍ନ—2. Much care and attention.

ଅଷ୍ଟ ଅବଧାନରେ ସେ ଶତ୍ରୁକୁ ସମ୍ଭାଳ । ସାରଳାମହାଭାରତ, ଉଦ୍ଯୋଗ ।

**ଅଷ୍ଟ ଅବଧାନୀ**—ଦେ. ବଣ. ( ସ. ଅଷ୍ଟାବଧାନୀ )—ଯେଉଁ ବ୍ୟକ୍ତି
**Ashṭa abadhānī** ଅଭ୍ୟାସ ଯୋଗୁ ଆଠଗୋଟି କାର୍ଯ୍ୟରେ ଏକସମୟରେ ମନୋନିବେଶ କରିପାରେ—A person who can simultaneously attend to 8 things.

ସାଧାରଣ ପାଠକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଶାଢ଼ି' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅଷ୍ଟ ଆଖି**—ଦେ. ବି.—ବ୍ରହ୍ମା—
Ashta ākhi Brahmā, the Creator.

ଅପୂର୍ବ ରୂପକେ ସ୍ୱହସ୍ତେ ଲେଖି, ସମେ ଥୋଇଅଛି ତା ଅଷ୍ଟ ଆଖି ।
ଭଞ୍ଜ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ୬।୨୮ ।

**ଅଷ୍ଟକ**—ସ. ବିଣ. ( ଅଷ୍ଟନ୍ + କ )—୧ । ଅଷ୍ଟସଂଖ୍ୟକ—
Ashtaka 1. Numbering eight.
୨ । ଅଠ ପରସ୍ତ ହୋଇଥିବା; ଅଠଗୁଣ କରା ଯାଇଥିବା—
2. Eightfold.
୩ । ଯେଉଁ ବ୍ୟକ୍ତି ପାଣିନିକୃତବ୍ୟାକରଣର ଅଠଭାଗଯାକ ପଢ଼ିଅଛି—3. One who is acquainted with the eight books of Pānini's Sanscrit grammar.
ସଂ ବି.—୧ । ଅଠଗୋଟି ଅଧ୍ୟାୟ ବା ଶ୍ଳୋକ ବା ଗ୍ରନ୍ଥ ବା ସ୍ତୋତ୍ର—1. A hymn or work containing 8 slokas or chapters.
୨ । ପାଣିନିମୁନିକୃତ ଅଷ୍ଟାଧ୍ୟାୟାତ୍ମକ ଋଗ୍ବେଦାଂଶ—
2. Name of a Vedic treatise by Pāṇini.
୩ । ଦୃଷଦ୍ବତୀଙ୍କ ଗର୍ଭଜାତ ବିଶ୍ୱାମିତ୍ରଙ୍କ ପୁତ୍ର—3. The son of Biśwāmitra by Dṛushadbatī.
୪ । ପାଣିନିକୃତ ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣ, ଏଥିରେ ଅଠ ଅଧ୍ୟାୟ ଥିବାରୁ—4 Title of the celebrated Sanskrit grammar by Pāṇini.
୫ । ସୂର୍ଯ୍ୟବଂଶୀୟ ରାଜା ବିକୁକ୍ଷିଙ୍କ ପୁତ୍ର—5. The son of Bikukshi, a king of the Solar dynasty of India.
୬ । ସଙ୍ଗୀତର ଅଠଟି ସ୍ୱରଗ୍ରାମ—6. Octavo in music.

**ଅଷ୍ଟକଙ୍କାଳ**—ଦେ. ବି.—ଦେହର ସମସ୍ତ କଙ୍କାଳ; ପଞ୍ଜରା ହାଡ଼—
Ashtakankāla The whole skeleton or all bones of the body.
অষ্টকঙ্কাল
হাড়পাঞ্জরা
ঠঠরী
( ଯଥା—ତାର ଅଷ୍ଟକଙ୍କାଳ ବାହାରିଲାଣି )

**ଅଷ୍ଟକଙ୍କାଳିଆ**—ଦେ. ବିଣ.—ଦେହର ସମସ୍ତ ପଞ୍ଜରାହାଡ଼ ଦେଖା ଯାଉଥିବା ( ବ୍ୟକ୍ତି )—( a person )
Ashtakankālia Reduced to skeleton.
কঙ্কালসার
ঠঠরী

**ଅଷ୍ଟକଙ୍କାଳି**—ଦେ. ବିଣ.—ଅଷ୍ଟକଙ୍କାଳିଆ ( ଦେଖ )
Ashtakankāli Ashtakankālia (See)

**ଅଷ୍ଟକଙ୍ଗାଳ**—ଦେ. ବିଣ. ପୁଂ ( ଅଷ୍ଟର ଅର୍ଥ ଏଠାରେ ଅତ୍ୟନ୍ତ )—
Ashtakangāla ୧ । ଅତି ଦରିଦ୍ର—1. Very poor.
(ଅଷ୍ଟକଙ୍ଗାଳୁଣୀ—ସ୍ତ୍ରୀ) ୨ । ଅତି କୃପଣ—2. Very stingy.

**ଅଷ୍ଟକଙ୍ଗାଳି**—ଦେ. ବିଣ. ପୁଂ—ଅଷ୍ଟକଙ୍ଗାଳ ( ଦେଖ )
Ashtakangāli Ashtakangāla (See)

**ଅଷ୍ଟକଙ୍ଗାଳିଆ**—ଦେ. ବିଣ. ପୁଂ.—ଅଷ୍ଟକଙ୍ଗାଳ ( ଦେଖ )
Ashtakangālia Ashtakangāla (See)

**ଅଷ୍ଟକା**—ସ. ବି. ( ଅଶ୍ ଧାତୁ = ଭୋଜନ କରିବା + ଅଧିକରଣ. ତକ + ସ୍ତ୍ରୀ.ଆ.)—୧ । ଅଷ୍ଟମୀତିଥି—1. The eighth day of the lunar fortnight.
Ashtakā
୨ । ଶ୍ରାଦ୍ଧବିଶେଷ—2. A sacrifice performed to the manes of ancestors.
[ ଦ୍ର—ପୌଷ, ମାଘ ଓ ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଅଷ୍ଟମୀରେ ଏ ଶ୍ରାଦ୍ଧ ହୁଏ । ]

**ଅଷ୍ଟକାଳ**—ସ. ବି ( ଅଷ୍ଟ + କାଳ )—ଦିନ ରାତି ଅଠପ୍ରହର; ଦିନ ରାତି ସର୍ବଦା—The whole day and night.
Ashtakāla

ପବିତ୍ର ଅଷ୍ଟକାଳେ କଷ୍ଟଘେନ୍ତ୍ର ଶୁଅ;
ଜଗନ୍ନାଥନାଥ, ଶ୍ୟାମ, ସାଇ, ଡଗାସୁଏ—ଚୈତାବାଠ· ମହାଯାତ୍ରା ।

**ଅଷ୍ଟକାଳି**—ଦେ. ଅ. ( ସ. ଅଷ୍ଟକାଳ )—ଅଠକାଳ ବାରମାସୀ; ବର୍ଷଯାକ—Throughout the year.
Ashtakāli

**ଅଷ୍ଟକିଲାପ୍ରାପ୍ତିରସ୍ତୁ**—ଗ୍ରା. ବ ( ଅଶ୍ଳୀଳ ପରିହାସରେ ବ୍ୟବହୃତ )—
Ashtakilāprāptirastu ତୋତେ ଅଠ ଗୋଟି କିଲା ମିଳୁ—( slang ) Do you get 8 pins.

**ଅଷ୍ଟକିଲା**—ସଂ. ବି—ଅଷ୍ଟକୁଳାଚଳ ( ଦେଖ )
Ashtakilā Ashtakulāchala ( See )

**ଅଷ୍ଟକୁଳ**—ସଂ. ବି—୧ । ଅଷ୍ଟନାଗ ( ଦେଖ )
Ashtakula 1. Ashtanāga ( See )
୨ । ଅଷ୍ଟଦିଗ ଓ କୋଣ—
2. All the 8 points of the compass.

**ଅଷ୍ଟକୁଳା**—ଦେ. ବି ( ସଂ. ଅଷ୍ଟକୁଳ )—ଅଷ୍ଟନାଗ ( ଦେଖ )
Ashtakulā Ashtanāga ( See )

ଅଷ୍ଟକୁଳାଙ୍କର ମଧ୍ୟରେ ମୁହିଁ, ଦେବତାଙ୍କ ସଙ୍ଗେ ସ୍ୱର୍ଗରେ ଥାଇ—
ପ୍ରାଚୀ. ନଳଚରିତ ।

**ଅଷ୍ଟକୁଳାଚଳ**—ସଂ. ବି. ( ଅଷ୍ଟକୁଳ = ଅଷ୍ଟଦିଗ ଓ କୋଣ + ଅଚଳ = ପର୍ବତ )—ହିନ୍ଦୁ ପୁରାଣ ମତରେ ଯେଉଁ ଅଠଗୋଟି ପର୍ବତ ପୃଥିବୀକୁ ଅଠ ଦିଗରେ ସମ୍ଭାଳି ଧରିଅଛି—The eight mythological mountains sustaining the earth on the 8 points of the compass.
Ashtakulāchala

[ ଦ୍ର—୧. ମହେନ୍ଦ୍ର, ୨. ମଳୟ, ୩. ସହ୍ୟ, ୪. ଶୁକ୍ତିମାନ୍, ୫. ଋକ୍ଷ, ୬ ବିନ୍ଧ୍ୟ, ୭. ପାରିଯାତ୍ର ଓ ୮. ହିମାଳୟ ଏହି ଅଠ ପର୍ବତକୁ ଅଷ୍ଟକୁଳାଚଳ ବୋଲାଯାଏ । କାହାରି କାହାରି ମତରେ କୁଳାଚଳ ସାତ ଗୋଟି । ସେମାନେ କହନ୍ତି ହିମାଳୟ କୁଳାଚଳର ଅନ୍ତର୍ଗତ ନୁହେ । ]

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଜ | ଣ୍ଟ,ଣ୍ଡ | ନ୍ତ | ଇପ୍ସ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଗ୍ୟ | ଇଅ |

**ଅଷ୍ଟକ୍ଷୀର**—ସଂ. ବି—ଛାଗୀ, ମେଷୀ, ଗାଭୀ, ମାନୁଷୀ, ହସ୍ତିନୀ, ଘୋଟକୀ, **Ashtakshira** ଉଷ୍ଟ୍ରୀ ଓ ମହିଷୀ ଏହି ଅଷ୍ଟ ଜୀବର ଦୁଗ୍ଧ (ଔଷଧରେ ବ୍ୟବହୃତ)—The milk of eight animals whose milk is used as medicine.

**ଅଷ୍ଟଗିରି**—ସଂ. ବି—ଅଷ୍ଟକୁଳାଚଳ ( ଦେଖ ) **Ashtagiri** Ashtakulāchala ( See )

**ଅଷ୍ଟଚତ୍ୱାରିଂଶତ୍**—ସଂ. ବି. (ମଧ୍ୟପଦଲୋପୀ; କର୍ମଧା.; ଅଷ୍ଟ + ଚତ୍ୱାରିଂଶତ୍ = ୪୦ )—୪୮ ସଂଖ୍ୟା— **Ashtachatwārimśat** The number 48.

**ଅଷ୍ଟଦଣ୍ଡପାଟ**—ଦେ. ବିଣ—ଛତର; ଯେ ଘର ଅଡ଼େ ବିନା କାମରେ **Ashtadandapāta** ବୁଲୁ ଥାଏ—Loafer. ( ଯଥା—ସେ ଅଷ୍ଟଦଣ୍ଡପାଟ ହୋଇ ବୁଲୁଛି । )

**ଅଷ୍ଟଦଳ**—ସ. ବିଣ. ( ଅଷ୍ଟ + ଦଳ = ପାଖୁଡ଼ା; ପତ୍ର )— **Ashtadala** ୧ । ଅଠଟି ପାଖୁଡ଼ା ଥିବା ( ଫୁଲ )— 1. Eight petalled ( flower ) ୨ । ଅଠ ପହଲିଆ—2 Octangular; having eight faces

**ଅଷ୍ଟଦଳବନ୍ଧ**—ଦେ. ବି—କାବ୍ୟାଲଙ୍କାରବିଶେଷ— **Ashtadalabandha** A pictural literary composition

[ ଦ୍ର—ଏଥିର କେନ୍ଦ୍ରରେ ଥିବା ଅକ୍ଷରରୁ ଆରମ୍ଭ କରି କଳ୍ପିତ ପଦ୍ମ ଫୁଲର ୮ଟି ପାଖୁଡ଼ାରେ ୮ଟି ଅକ୍ଷର ବସାଇ ପଦ ପଢ଼ିବାକୁ ହୁଏ । ଯଥା—

ହବ ଯବ ଛବ ତ୍ରବବ—ବଖ୍ ବଖି ବରବ । ଗୋପେକ. ଇନ୍ଦୁରେଖା ।

ଏଠାରେ 'ବ' ଅକ୍ଷରକୁ ମଝିରେ ରଖି ତହିଁରୁ ପଦ ଆରମ୍ଭ କରାଯିବ ଓ ସେହି ଅକ୍ଷରରେ ପୁଣି ଆସି ପଦ ଶେଷ କରାଯିବ । ]

**ଅଷ୍ଟଦଶା**—ସ.ବି—ଅଷ୍ଟସାତ୍ତ୍ୱିକ ବିକାର; ଅତୃପ୍ତ ପ୍ରେମର ଅଠଗୋଟି **Ashtadaśā** ଲକ୍ଷଣ—The eight stages through which unsatiated lovers pass.

[ ଦ୍ର— ପ୍ରେମିକ ପ୍ରେମିକାଙ୍କଠାରେ କ୍ରମଶଃ ଲକ୍ଷିତ ଅଠ ଗୋଟି ଅବସ୍ଥା ଯଥା— ସ୍ତମ୍ଭ, ବୈବର୍ଣ୍ଣ୍ୟ. ରୋମାଞ୍ଚ, କମ୍ପ, ସ୍ୱେଦ, ଅଶ୍ରୁ, ସ୍ୱରଭଙ୍ଗ, ପ୍ରଳୟ ବା ମୂର୍ଚ୍ଛା ବା ମୃତ୍ୟୁ । ଏହି ଅଷ୍ଟ ଦଶା ଭଞ୍ଜଙ୍କ କୋଟି-ବ୍ରହ୍ମାଣ୍ଡସୁନ୍ଦରୀର ୧୮ଶ ଛାନ୍ଦ ୨୦ ପଦଠାରୁ ୨୯ ପଦ ମଧ୍ୟରେ ବର୍ଣ୍ଣିତ ହୋଇଅଛି । )

**ଅଷ୍ଟଦିକ୍**—ସ. ବି ପୃଥିବୀର ୮ଟି ଦିଗ ବା ଅଡ଼—The eight **Ashtadik** cardinal points of the compass,

**ଅଷ୍ଟଦିକ**— ସ. ବି—ଅଷ୍ଟଦିକ୍ ( ଦେଖ ) **Ashtadika** Ashtadik ( See )

**ଅଷ୍ଟଦିକ୍ପାଳ**—ସ. ବି. ( ଅଷ୍ଟଦିକ୍ + ପାଳ; ଯେ ଅଷ୍ଟଦିଗକୁ ପାଳନ **Ashtadikpāla** କରନ୍ତି )—ଅଠଦିଗକୁ ପାଳିବା ଅଠ ଗୋଟି ଦେବତା; ଯଥା— ଇନ୍ଦ୍ର— ପୂର୍ବଦିଗ, ଅଗ୍ନି—ଅଗ୍ନି କୋଣ, ଯମ—ଦକ୍ଷିଣ ଦିଗ, ନୈର୍ଋତ— ନୈର୍ଋତକୋଣ, ବରୁଣ— ପଶ୍ଚିମଦିଗ, ମରୁତ୍—ବାୟୁକୋଣ; କୁବେର— ଉତ୍ତର ଓ ଈଶ—ଈଶାନ କୋଣ ପାଳନ କରନ୍ତି ।— The eight Gods guarding the 8 points of the compass.

**ଅଷ୍ଟଦିଗପାଳ**—ଦେ. ବି—ଅଷ୍ଟଦିକ୍ପାଳ ( ଦେଖ ) **Ashtadigapāla** Ashtadikpāla ( See.)

**ଅଷ୍ଟଦିଗ୍ଗଜ** – ସ. ବି—ଅଠ ଦିଗରେ ଜଗିଥିବା ଅଠଗୋଟି ହାତୀ— **Ashtadiggaja** ( ଯଥା—ଐରାବତ, ପୁଣ୍ଡରୀକ, ବାମନ, କୁମୁଦ ଅଞ୍ଜନ, ପୁଷ୍ପଦନ୍ତ, ସାର୍ବଭୌମ ଓ ସୁପ୍ରତୀକ ଏମାନେ ପୂର୍ବାଦି କ୍ରମରେ ଅଠ ଦିଗରେ ଅଛନ୍ତି । )— The eight mythological elephants guarding the 8 points of the compass

**ଅଷ୍ଟଦୁର୍ଗ**— ସଂ. ବି — ୧ । ଅଠଗଡ଼—ଓଡ଼ିଶାର ଗଡ଼ଜାତବିଶେଷ— **Ashtadurga** 1. One of the feudatory states of Orissa,

[ ଦ୍ର—ଏହାକୁ ସାଧାରଣତଃ କାଳିଅଠଗଡ଼ କହନ୍ତି । ]

୨ । ଗଞ୍ଜାମ ଜିଲ୍ଲାର ଗୋଟିଏ ତାଲୁକା—ବୋଦଲା ଅଠଗଡ଼; (ଏହା ବର୍ତ୍ତମାନ ଖଲ୍ଲିକୋଟ ରାଜାଙ୍କଦ୍ୱାରା କ୍ରୟ-ସୂତ୍ରେ ଅଧିକୃତ ।) 2. An estate of Ganjām which has now been amalgamated with the estate of Khallikota.

**ଅଷ୍ଟଧା** —ସଂ. କ୍ରି. ବିଣ. ( ଅଷ୍ଟ + ପ୍ରକାରାର୍ଥେ. ଧା )— **Ashtadhā** ୧ । ଅଠ ପ୍ରକାରରେ—1. In eight ways, ୨ । ଅଠ ପରସ୍ତ—2. Eight fold

**ଅଷ୍ଟଧାତୁ**—ସଂ. ବି—୧ । ଅଠଗୋଟି ଧାତୁ— **Ashtadhātu** 1. The eight metals.

ଯଥା—(ସ୍ୱର୍ଣ୍ଣ—Gold.
ରୌପ୍ୟ—Silver.
ତାମ୍ର—Copper.
ସୀସକ—Lead.
ଲୌହ—Iron.
ରଙ୍ଗ—Tin.
କାନ୍ତଲୌହ—Cast steel.
ଇସ୍ପାତ—Steel.)

**ଅଷ୍ଟନବତି**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଷ୍ଟ + ନବତି — **Ashtanabati** ଅଠାନବେ ସଂଖ୍ୟା—Number 98.

**ଅଷ୍ଟନାଗ**—ସଂ. ବି—୧ । ହିନ୍ଦୁ ପୁରାଣ ମତରେ ପୃଥିବୀକୁ ଅଠ ଦିଗରେ **Ashtanāga** ଧରିଥିବା ଅଠଗୋଟି ନାଗ; ଯଥା—ଅନନ୍ତ, ବାସୁକୀ, ପଦ୍ମ, ମହାପଦ୍ମ, ତକ୍ଷକ, କୁଳିକ, କର୍କୋଟକ, ଶଙ୍ଖ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଇଁଷ' ନ ପାଇଲେ 'ଅଁଷ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

1. ( Hindu mythology ) The eight fabulous serpents sustaining the earth on the eight points.

୨ । ଅଷ୍ଟଦିଗ୍ଗଜ ( ଦେଖ )
2. Ashṭadiggaja ( See )

**ଅଷ୍ଟନାୟିକା**—ସଂ. ବି.—୧ । ହିନ୍ଦୁପୁରାଣୋକ୍ତ ଅଠଗୋଟି ଦେବୀ;
Ashṭanāyikā ଯଥା—ମଙ୍ଗଳା, ବିଜୟା, ଭଦ୍ରା, ଜୟନ୍ତୀ, ଅପରାଜିତା, ନନ୍ଦିନୀ, ନାରସିଂହୀ ଓ କୌମାରୀ—
1. Eight Goddesses of Hindu mythology.

୨ । କାବ୍ୟବର୍ଣ୍ଣିତ ୮ ଶ୍ରେଣୀର ନାୟିକା; ଯଥା—ଖଣ୍ଡିତା, ବିପ୍ରଲବ୍ଧା, ସ୍ୱାଧୀନଭର୍ତ୍ତୃକା, ବାସକସଜ୍ଜା, କଳହାନ୍ତରିତା, ପ୍ରୋଷିତଭର୍ତ୍ତୃକା, ବିରହୋତ୍କଣ୍ଠିତା ଓ ଅଭିସାରିକା । (ନାୟିକା ତଳେ ନୋଟ ଦେଖ)—Eight classes of heroines in Indian Momance.

**ଅଷ୍ଟପଞ୍ଚାଶତ୍**—ସଂ.ବି. (ମଧ୍ୟପଦଲୋପୀ କର୍ମଧା; ଅଷ୍ଟ + ପଞ୍ଚାଶତ୍ = ପଚାଶ)
Ashṭapañchāśat ଅଠାବନ ସଂଖ୍ୟା—Number 58.

**ଅଷ୍ଟପଞ୍ଚାଶତ୍ତମ**—ସଂ. ବି.—୫୮ ସଂଖ୍ୟାର ପୂରଣ; ଅଠାବନ ସ୍ଥାନରେ
Ashṭapañchāśattama ଥିବା—Fifty-eighth.

**ଅଷ୍ଟପଟ୍ଟମହିଷୀ**—ସଂ. ବି. ସ୍ତ୍ରୀ.—ଦ୍ୱାରକାରେ ରାଜା ହୋଇଥିବା ସମୟରେ
Ashṭapaṭṭamahishi ଶ୍ରୀକୃଷ୍ଣଙ୍କର ଅଠଗୋଟି ପାଟରାଣୀ; ଯଥା—ରୁକ୍ମିଣୀ, ସତ୍ୟଭାମା, କାଳନ୍ଦୀ, ସୁଚନ୍ଦ୍ରିତା, ମିତ୍ରବିନ୍ଦା, ଜାମ୍ବବତୀ, ନାଗ୍ନଜିତୀ ଓ ସୁଲକ୍ଷଣା ବା ସୁଶୀଳା—
The eight chief queens of Śrikṛushṇa.

**ଅଷ୍ଟପଦୀ**—ସଂ. ବିଣ.—୧ । ଅଠଗୋଟି ପଦବିଶିଷ୍ଟ (କବିତା); ଅଠପୋଇ—
Ashṭapadī 1. (a poem) Having 8 lines.

୨ । ଅଠ ପଦବିଶିଷ୍ଟ (ଜନ୍ତୁ) (ଯଥା—ବୁଢିଅଣୀ)—
(animals) Having eight legs; eight-legged.

**ଅଷ୍ଟପାଟକ**—ଦେ. ବି. ( ସଂ. ଅଷ୍ଟପଟ୍ଟମହିଷୀ )—ଶ୍ରୀକୃଷ୍ଣଙ୍କର ଅଷ୍ଟ
Ashṭapāṭaka ପଟ୍ଟମହିଷୀ—The eight chief queens of Śṛikṛushṇa.

ଏମାନଙ୍କ ସଙ୍ଗରେ ଅଷ୍ଟ ପାଟକଙ୍କ
ଘେନଣ ବାହାରିଲେ ହଳଧରଙ୍କୁ. କୃଷ୍ଣସିଂହ. ମହାଭାରତ. ବନ ।

**ଅଷ୍ଟପାଟବଂଶୀ**—ଦେ. ବି. ( ସଂ. ଅଷ୍ଟପଟ୍ଟମହିଷୀ )—ଦ୍ୱାରକାରେ
Ashṭapāṭabaṁśī ଶ୍ରୀକୃଷ୍ଣଙ୍କର ମନୋହାରିଣୀ ଅଷ୍ଟପ୍ରିୟା—
The eight charming sweet-hearts of Srikṛushṇa.

ରୁକ୍ମିଣୀ ସତ୍ୟଭାମା ସତୀ, ଭଦ୍ରା କାଳନ୍ଦୀ ଜାମ୍ବବତୀ ।
ଲକ୍ଷଣା ସତ୍ୟା ମିତ୍ରବିନ୍ଦା; ଶ୍ରୀକୃଷ୍ଣଙ୍କ ଅଷ୍ଟ ପ୍ରମଦା । ଜଗନ୍ନାଥ. ଭାଗବତ ।

[ ଦ୍ର—ଗୋପରେ ଲଳିତା, ବିମଳା, ଶ୍ୟାମଳା, ଶ୍ରୀମତୀ, ହରିପ୍ରିୟା, ଚନ୍ଦ୍ରା, ସୁଚଳାଯୁବତୀ ଓ ପଦ୍ମା ଏହି ଅଷ୍ଟନାରୀ ଶ୍ରୀକୃଷ୍ଣଙ୍କର ଅଷ୍ଟ ପାଟବଂଶୀ ବୋଲି ମତାନ୍ତରରେ ପ୍ରକାଶ । ]

**ଅଷ୍ଟପାଟୁଳି ବାତ**—ପ୍ରାଦେ. (ଗଞ୍ଜାମ) ବି.— ଆମବାତ ପରି ଏକପ୍ରକାର
Ashṭapāṭuḻi bāta ବାତ—A disease as painful as gout.

**ଅଷ୍ଟପାତ୍**— ସଂ. ବି.— ଅଷ୍ଟପାଦ (ଦେଖ)
Ashṭapāt Ashṭapāda (See)

**ଅଷ୍ଟପାଦ**—ସଂ.ବି. (ବହୁବ୍ରୀହି; ଅଷ୍ଟ + ପାଦ; ଯାହାର ୮ଟି ପାଦ ଅଛି)—
Ashṭapāda ୧ । ବୁଢିଅଣୀ; ମାକଡ଼ସା; ଊର୍ଣ୍ଣନାଭ—
1. Spider.

୨ । ମାକଡ଼ବିଛା; କଙ୍କଡ଼ାବିଛା —2. Scorpion

୩ । ପଶାରଛକ—3. The crossed board of dice.

୪ । ଶରଭ—4. A mythological wild beast.

**ଅଷ୍ଟପାଦିକା**—ସଂ.ବି.—ଭଦ୍ରବଲ୍ଲୀ— ତଗରାଦିବର୍ଗର ଏକ ପ୍ରକାର ଲତାଜାତ
Ashṭapādikā ଶୁକ୍ଳ ଓ ତହିଁର ସୁଗନ୍ଧ ଫୁଲ—
Vallaris Heynei.

[ ଦ୍ର—ଏହା ଯେଣ୍ଠା ଯେଣ୍ଠା ହୋଇ ଶୀତ ଓ ଗ୍ରୀଷ୍ମକାଳରେ ଫୁଟେ । ଏହାର ଫଳ ଲମ୍ବା । ]

**ଅଷ୍ଟପ୍ରହର**—ସଂ. ବି. (ଅଷ୍ଟ + ପ୍ରହର)—ଦିନ ଚାରି ପ୍ରହର ଓ ରାତି ଚାରି
Ashṭaprahara ପ୍ରହର ଏପରି ଅଠ ପ୍ରହର; ଦିନରାତି—
The whole day and night.

**ଅଷ୍ଟପ୍ରହରୀ**—ଦେ. ବିଣ. ( ଅଷ୍ଟପ୍ରହର + ଈ )—ଅହୋରାତ୍ରବ୍ୟାପୀ; ଦିନ
Ashṭaprahari ରାତି ସବୁଦା ହେଉଥିବା—Extending over the whole day and night.

( ଯଥା—ଅଷ୍ଟପ୍ରହରୀ ସଂକୀର୍ତ୍ତନ )

**ଅଷ୍ଟବକ୍ର**—ଦେ. ବିଣ. ( ସଂ. ଅଷ୍ଟାବକ୍ର )—
Ashṭabakra ୧ । ଶରୀରର ଅଷ୍ଟ ସ୍ଥାନରେ ବକ୍ର ହୋଇଥିବା ( ବ୍ୟକ୍ତି )—1. ( a person ) Deformed at 8 parts of the body.

୨ । ଅତିଦୁର୍ବୋଧ—2. Very intricate.

ଦେ. ବି—ଅଷ୍ଟାବକ୍ର ଋଷି ( ଦେଖ )
Ashṭābakra ṛushi (See)

**ଅଷ୍ଟବକ୍ରପୋହଳା**—ଦେ. ବି. ( ସଂ. ଅଷ୍ଟାବକ୍ର ଓ ପ୍ରବାଳ )—
Ashṭabakrapohaḻā ୧ । କାହାଣୀରେ ବର୍ଣ୍ଣିତ ଅଠଗୋଟି ବାଙ୍କ ଥିବା ଛିଦ୍ରବିଶିଷ୍ଟ ପ୍ରବାଳ—1. A coral ball of a bead with a meandering hole.

[ ଦ୍ର—ଜଣେ ରାଜାଝିଅ ପଣ କରିଥିଲା ଯେ, ତା ନିକଟରେ ଥିବା ଅଷ୍ଟବକ୍ର ପୋହଳାର ଛିଦ୍ରରେ ଯେ ସୂତା ଗଳାଇ ଦେବ ସେ ତାକୁ ବିବାହ କରିବ । ଅନେକ ରାଜକୁମାର ଆସି ଅକୃତକାର୍ଯ୍ୟ ହୋଇ ଫେରି ଗଲେ । ପଛକୁ ଜଣେ ବୁଦ୍ଧିଆ ଲୋକ ଆସି ଗୋଟିଏ ପିମ୍ପୁଡ଼ି

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ରୃ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଙ୍ଗ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍ଦ |

ଅଣ୍ଟାରେ ସୂତା ଖଣ୍ଡିଏ ବାନ୍ଧି ଦେଇ ପୋହଳାର ଗୋଟିଏ ମୁହଁରେ ଟୋପାଏ ମହୁ ଲଗାଇ ପୋହଳାଟିକୁ ଏପରି ଜଖୁକ କରି ରଖିଲ ଯେ ପୋହଳାର ଛିଦ୍ର ବାଟ ଛଡ଼ା ଅନ୍ୟ ବାଟେ ଯାଇ ପିମ୍ପୁଡ଼ି ସେ ମହୁକୁ ଖାଇ ପାରିବ ନାହିଁ । ତା ପରେ ପିମ୍ପୁଡ଼ିଟିକୁ ପୋହଳାର ଅନ୍ୟ ମୁହଁ ପାଖେ ଛାଡ଼ି ଦେଲାରୁ ପିମ୍ପୁଡ଼ି ସେ ଅଷ୍ଟବକ୍ର ଛିଦ୍ର ବାଟେ ଯାଇ ମହୁ ପାଖେ ପହଞ୍ଚିଲା ଓ ସଙ୍ଗେ ସଙ୍ଗେ ତା ଅଣ୍ଟାରେ ଲାଗି-ଥିବା ସୂତାଟି ପୋହଳାର ଏ ମୁହଁରୁ ସେ ମୁହଁକୁ ଗଳିଗଲା ଏବଂ ରଜାଙ୍କର ପଣ ଅନୁସାରେ ସେ ବ୍ୟକ୍ତିଟି ରଜାଝିଅକୁ ବିଭା ହେଲା । ]

୨ । (ଲକ୍ଷଣାର୍ଥ) ଅତି କୁଟିଳହୃଦୟ ବ୍ୟକ୍ତି—
2. A person of very crooked heart.

**ଅଷ୍ଟବଟ**—ଦେ. ବି—ଅଲେଖଧର୍ମୀଙ୍କ କଳ୍ପିତ ୮ଟି ବଟ ଗଛ, ଯଥା—
Ashṭabaṭa ହେତୁବଟ, ଯୋଗବଟ, କର୍ମବଟ, କାମନାବଟ, ଵିଷ୍ଣୁବଟ, ଦେବବଟ, ଅନନ୍ତବଟ ଓ ମହିମାପ୍ରକାଶବଟ —
(ଭୀମ ଭୋଇ—ବ୍ରହ୍ମନିରୂପଣ ଗୀତା ୬ଷ୍ଠ ଅଧ୍ୟାୟ) —
The 8 fabulous banyan trees of Alekhadharmies.

**ଅଷ୍ଟବର୍ଗ**—ସଂ. ବି. ( ସମାହାର; ଅଷ୍ଟ + ବର୍ଗ )—
Ashṭabarga ୧ । ଜ୍ୟୋତିଷୋକ୍ତ ଜନ୍ମକାଳୀନ ଶୁଭାଶୁଭ ଫଳ-ଜ୍ଞାପକ ଅଷ୍ଟଗ୍ରହଚକ୍ର—1. Astronomical circle of ones nativity

୨ । ଅଷ୍ଟ ଐଶ୍ୱର୍ଯ୍ୟ ( ଐଶ୍ୱର୍ଯ୍ୟ ତଳେ ନୋଟ ଦେଖ )—
2. Eight divine qualities.

୩ । ଆୟୁର୍ବେଦୋକ୍ତ ଆଠ ଗୋଟି ଔଷଧ—
3. A collection of eight special medicines mentioned in the Āyurbeda.

( ଯଥା—ଜୀବକ, ଋଷଭକ, ମେଦା, ମହାମେଦା, କାକୋଳି, କ୍ଷୀରକାକୋଳି, ଋଦ୍ଧି ଓ ବୃଦ୍ଧି । ଏଥି ମଧ୍ୟରୁ ୫ମ ଓ ୬ଷ୍ଠ ବସ୍ତୁ ଛଡ଼ା ଅନ୍ୟ ବସ୍ତୁମାନ ବର୍ତ୍ତମାନ ସମୟରେ ବିରଳ । ଏହା ଶୀତଳ, ମଧୁର, ପୁଷ୍ଟିକାରକ, ଶୁକ୍ରଜନକ, ଗୁରୁ, ଭଗ୍ନସନ୍ଧାନ କାରକ, କାମ-ବର୍ଦ୍ଧକ, କଫଜନକ ଓ ବଳକର । ଏହା ବାତ, ରକ୍ତପିତ୍ତ, ପିପାସା, ଦାହ, ଜ୍ୱର, ମେହ ଓ କ୍ଷୟ ରୋଗନାଶକ । ଏଥି ମଧ୍ୟରୁ ୬ ଗୋଟି ବସ୍ତୁ ଅପ୍ରାପ୍ୟ ହେବାରୁ ବୈଦ୍ୟମାନେ ତତ୍ପରିବର୍ତ୍ତେ ଅନ୍ୟ ଦ୍ରବ୍ୟ ବ୍ୟବସ୍ଥା କରନ୍ତି । )

୪ । (ଗଣିତ ଜ୍ୟୋତିଷ) ଜାତକରେ ଜନ୍ମକାଳୀନ ଗ୍ରହମାନଙ୍କ ସ୍ଥିତି ଅନୁସାରେ ମନୁଷ୍ୟର ଶୁଭାଶୁଭ ଗଣନା ପ୍ରଣାଳୀ—
4. (Astrology) The mode of computing the future of a man's life according to the position of the planets in a person's horoscope.

[ ଦ୍ର—ମନୁଷ୍ୟର ଜନ୍ମ କାଳରେ ଯେଉଁ ରାଶିରେ ଚନ୍ଦ୍ର ଅବସ୍ଥାନ କରୁ ଥାଆନ୍ତି ତାହା ଜାତକର ଜନ୍ମ ରାଶି । ଏହିପରି ରବି ଛଡ଼ା ଅନ୍ୟ ଗ୍ରହମାନେ ଜନ୍ମ କାଳରେ ଭିନ୍ନ ଭିନ୍ନ ରାଶିରେ ଓ ଭିନ୍ନ ଭିନ୍ନ ନକ୍ଷତ୍ରରେ ଅବସ୍ଥାନ କରୁ ଥାଆନ୍ତି । ସୁତରାଂ ଗ୍ରହ ଓ ଲଗ୍ନଦ୍ୱାରା ଜାତକରେ ଆଠ ଗୋଟି ଜନ୍ମ ରାଶି କଳ୍ପିତ ହୁଏ ଓ ତହିଁରୁ ଜ୍ୟୋତିଷ ଗଣନାକ୍ରମେ ଉକ୍ତ ବ୍ୟକ୍ତିର ଶୁଭାଶୁଭ ଓ ପରମାୟୁ ନିର୍ଦ୍ଧାରିତ ହୁଏ; ଏ ନିର୍ଦ୍ଧାରଣ ପ୍ରଣାଳୀକୁ ଅଷ୍ଟବର୍ଗ ବୋଲାଯାଏ । ]

**ଅଷ୍ଟବସୁ**—ସଂ. ବି—ଗଙ୍ଗାଙ୍କର ଆଠ ଗୋଟି ପୁତ୍ର; ଆଠ ସଂଖ୍ୟକ ବସୁ
Ashṭabasu ଦେବତା—The eight demigods, sons of the Ganges.

( ଅଷ୍ଟବସୁ—ଯଥା—ଅପ, ଧ୍ରୁବ, ସୋମ, ଅନଳ, ଅନିଳ, ଧର ପ୍ରତ୍ୟୁଷ ଓ ପ୍ରଭାବ । )

**ଅଷ୍ଟବାଙ୍କି**— ଦେ. ବି. (ବଣିଆ ଶବ୍ଦ)—ଅଠବାଙ୍କି ( ଦେଖ )
Ashṭabāṅki Āṭhabāṅki ( See )

**ଅଷ୍ଟବିଧ**—ସଂ. ବିଣ. ( ବହୁବ୍ରୀହି; ଅଷ୍ଟ + ବିଧା )—
Ashṭabidha ଆଠ ପ୍ରକାରର—Of eight kinds.

**ଅଷ୍ଟଭୁଜା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅଷ୍ଟନ୍ + ଭୁଜ + ସ୍ତ୍ରୀ ଆ; ଆଠ
Ashṭabhujā ଗୋଟି ହସ୍ତ ବିଶିଷ୍ଟା )—ଦୁର୍ଗା—
Goddess Durgā.

**ଅଷ୍ଟଭୁଜୀ**—ଦେ. ବି. ସ୍ତ୍ରୀ. ( ସଂ. ଅଷ୍ଟଭୁଜା )—ଅଷ୍ଟଭୁଜା ( ଦେଖ )
Ashṭabhujī Ashṭabhujā ( See )
अष्टभुजी
अष्टभुजी

**ଅଷ୍ଟଭୈରବ**—ସଂ. ବି.—ଶିବଙ୍କର ଆଠଜଣ ସହଚର —
Ashṭabhairaba Eight attendants of Śiba
(ଯଥା—ଏମାନଙ୍କ ନାମ ଅସିତାଙ୍ଗ, ଚଣ୍ଡ, ରୁରୁ, କ୍ରୋଧୋନ୍ମତ୍ତ, ଭୟଙ୍କର, କପାଳୀ, ଭୀଷଣ ଓ ସଂହାର । )

**ଅଷ୍ଟମ**—ସଂ. ବିଣ. (ଅଷ୍ଟନ + ପୂରଣାର୍ଥ; ମ)—ଆଠ ସ୍ଥାନୀୟ; ଆଠର-
Ashṭama ପୂରକ—Eighth.

ତାହାକୁ ଯାମ ବୋଲି କହି; ଅଷ୍ଟମେ ଅହୋରାତ୍ର ହୋଇ ।
ଜଗନ୍ନାଥ—ଭାଗବତ ।

**ଅଷ୍ଟମଙ୍ଗଳ**—ସଂ. ବି. (ସମାହାର ଦ୍ୱନ୍ଦ୍ୱ; ଅଷ୍ଟ + ମଙ୍ଗଳ)—
Ashṭamaṅgaḻa ୧ । ଆଠଗୋଟି ଶୁଭସୂଚକ ବସ୍ତୁ ଯାହା ଦେଖି ଯାତ୍ରା କରିବା ଶୁଭ—A collection of eight auspicious objects which one should look at while starting on a mission.
(ଯଥା—ବ୍ରାହ୍ମଣ, ଗାଈ, ଅଗ୍ନି, ସୁନା, ଘିଅ, ସୂର୍ଯ୍ୟ, ଜଳ ଓ ରାଜା)

୨ । ଆଠଗୋଟି ମଙ୍ଗଳସୂଚକ ବସ୍ତୁ—
2. A collection of eight auspicious. objects

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା—ସିଂହ, ବୃଷ, ହସ୍ତୀ, ଜଳକୁମ୍ଭ, ବ୍ୟଜନ, ଧ୍ୱଜ, ଶଙ୍ଖ ଓ ଦୀପ । )

୩ । (ବହୁବ୍ରୀହି; ଅଷ୍ଟମଙ୍ଗଳସୂଚକ ଚିହ୍ନ ଅଛି ଯାହାଠାରେ) ଯେଉଁ ଘୋଡ଼ାର ଚାରିଖୁରା, ପୁଚ୍ଛ, ମୁଖ, ବକ୍ଷ ଓ ପୃଷ୍ଠଦେଶ ଧଳା (ଏ ଘୋଡ଼ା ସ୍ୱାମୀର ମଙ୍ଗଳକର)—
3. A horse having its 4 legs, tail, face, breast and back white ( considered as very anspicious for its owner ).

**ଅଷ୍ଟମଙ୍ଗଳା**—ସଂ. ବି. ( ଅଷ୍ଟ + ମଙ୍ଗଳ + ଆ; ମଙ୍ଗଳ କର୍ମର ଅଷ୍ଟମ ଦିବସ )—ଆଠମଙ୍ଗଳା; ବିବାହର ଅଷ୍ଟମ ଦିବସ—The eighth day after marriage.
Ashṭamaṅgaḻā

**ଅଷ୍ଟମାନ**—ସଂ. ବି. ( ଅଷ୍ଟ + ମାନ )—ଆଠ ମୁଠା ବସ୍ତୁର ପରିମାଣ ବିଶେଷ—A measure of eight closed handfuls of anything.
Ashṭamāna

**ଅଷ୍ଟମିକା**—ସଂ. ବି. ( ଅଷ୍ଟମ + କ + ଆ )—
Ashṭamikā ୧ । ଅର୍ଦ୍ଧପଳ ବା ଦୁଇ କଉଡ଼ି ପରିମାଣ— ( ହିନ୍ଦି ଶବ୍ଦସାଗର )
1. A measure of half a Paḻa.
୨ । ଚାରିତୋଳା ପରିମାଣ—( ହିନ୍ଦି ଶବ୍ଦସାଗର )
2. A measure of 4 toḻās.

**ଅଷ୍ଟମୀ**—ସଂ. ବି. ସ୍ତ୍ରୀ. ( ଅଷ୍ଟମ + ଈ )—୧ । ଅମାବାସ୍ୟା ବା ପୂର୍ଣ୍ଣିମାର ପରଦିନଠାରୁ ଗଣାଯିବା ଅଷ୍ଟମ ଦିବସ—
Ashṭamī
1. The eigth day of a lunar fortnight.
୨ । କ୍ଷୀରକାକୋଳି ( ଦେଖ )
2. Kshirakākoḻi ( See )

[ଦ୍ର—ନିମ୍ନ ଲିଖିତ ଅଷ୍ଟମୀମାନ ହିନ୍ଦୁମାନଙ୍କର ଉତ୍ସବ ଦିବସ—୧ । ଚୈତ୍ର ଶୁକ୍ଳ ଅଷ୍ଟମୀ—ଅଶୋକାଷ୍ଟମୀ ( ଭୁବନେଶ୍ୱର ରଥଯାତ୍ରା) ୨ । ଆଷାଢ଼ ଶୁକ୍ଳାଷ୍ଟମୀ—ପରଶୁରାମାଷ୍ଟମୀ (ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରା ) ୩ । ଭାଦ୍ରବ କୃଷ୍ଣାଷ୍ଟମୀ—ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ଦୁର୍ଗାଜନ୍ମାଷ୍ଟମୀ; ୪ । ଭାଦ୍ରବଶୁକ୍ଳାଷ୍ଟମୀ—ରାଧାଜନ୍ମାଷ୍ଟମୀ ୫ । ଆଶ୍ୱିନ ଶୁକ୍ଳାଷ୍ଟମୀ—ମହାଷ୍ଟମୀ, ଦୁର୍ଗାପୂଜା; ୬ । କାର୍ତ୍ତିକ ଶୁକ୍ଳାଷ୍ଟମୀ—ଗୋଷ୍ଠାଷ୍ଟମୀ ବା ଗୋପାଷ୍ଟମୀ, ଗୋସେବା ଉତ୍ସବ; ୭ । ମାର୍ଗଶିର କୃଷ୍ଣାଷ୍ଟମୀ—ପ୍ରଥମାଷ୍ଟମୀ; ଉତ୍କଳରେ ପୋଢ଼ୁଅଁ ଅଷ୍ଟମୀ; ଜ୍ୟେଷ୍ଠପୁତ୍ରର ନବବସ୍ତ୍ର ପରିଧାନାଦି ଉତ୍ସବ ଓ ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରା; ୮ । ମାଘ ଶୁକ୍ଳାଷ୍ଟମୀ—ଭୀଷ୍ମାଷ୍ଟମୀ; ଅପୁତ୍ରଭୀଷ୍ମଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଗୃହସ୍ଥଙ୍କ ଅନୁଷ୍ଠିତ ଶ୍ରାଦ୍ଧ ।

**ଅଷ୍ଟମୂର୍ତ୍ତି**—ସଂ. ବି. ( ସମାହାର ଦ୍ୱନ୍ଦ୍ୱ; ଅଷ୍ଟନ୍ + ମୂର୍ତ୍ତି )—
Ashṭamūrtti ୧ । ମହାଦେବଙ୍କର ସ୍ୱୀକୃତ ଆଠ ଗୋଟି ମୂର୍ତ୍ତି ବା ଅବତାର—
1. The eight incarnations of Ṡiba.

[ ଦ୍ର—ଅଷ୍ଟମୂର୍ତ୍ତି ଧାରଣ କଲାବେଳେ ମହାଦେବଙ୍କର ନାମ ଭିନ୍ନ ଭିନ୍ନ ହୁଏ; ଯଥା—କ୍ଷିତିମୂର୍ତ୍ତି—ସର୍ବ; ଜଳମୂର୍ତ୍ତି—ଭବ; ଅଗ୍ନିମୂର୍ତ୍ତି—ରୁଦ୍ର; ବାୟୁମୂର୍ତ୍ତି—ଉଗ୍ର, ଆକାଶମୂର୍ତ୍ତି—ଭୀମ; ଯଜମାନମୂର୍ତ୍ତି—ପଶୁପତି; ଚନ୍ଦ୍ରମୂର୍ତ୍ତି—ମହାଦେବ; ସୂର୍ଯ୍ୟମୂର୍ତ୍ତି—ଈଶାନ । ]

୨ । (ବହୁବ୍ରୀହି; ଅଷ୍ଟମୂର୍ତ୍ତିଧାରୀ)—ଶିବ; ମହାଦେବ—
2. God Ṡiba.
୩ । ପୃଥିବୀ—3 The earth.

**ଅଷ୍ଟଲୌହକ**—ସଂ. ବି. ( ଅଷ୍ଟ + ଲୌହ + କ )—ଅଷ୍ଟ ଧାତୁ (ଦେଖ)
Ashṭalohaka Ashṭadhātu (See)

**ଅଷ୍ଟଲୋହି**—ଦ. ବିଣ. (ଅଷ୍ଟନ୍ + ଲୋହ + ଈ)—
Ashṭalohī ଅଷ୍ଟଧାତୁରେ ନିର୍ମିତ; ଯେଉଁବସ୍ତୁରେ ଅଷ୍ଟଧାତୁ ମିଶି ଥାଏ ( ଯଥା—ତେଲିଉଁଆ)—
Made of the eight metals.

**ଅଷ୍ଟଶମ୍ଭୁ**—ସଂ. ବି. (ମଧ୍ୟପଦଲୋପୀ, ଅଷ୍ଟରୂପଧାରୀ ଶମ୍ଭୁ )—
Ashṭaṡambhu ୧ । ଶିବ; ମହାଦେବ—1 God Ṡiba.
୨ । (ଦ୍ୱିଗୁ) ଏକ ସ୍ଥାନରେ ସ୍ଥାପିତ ଆଠ ଗୋଟି ଶିବଲିଙ୍ଗ—
2. Ten phallic images of Ṡiba set up at one place close to each other.
( ଯଥା—ଅଷ୍ଟଶମ୍ଭୁ ପୂଜା କରିବା ମହା ପୁଣ୍ୟପ୍ରଦ ଅଟେ । )

**ଅଷ୍ଟଶ୍ରୁତି**—ସଂ. ବି. (ବହୁବ୍ରୀହି; ଅଷ୍ଟ + ଶ୍ରୁତି = କର୍ଣ୍ଣ; ପ୍ରତି ମୁହଁରେ ଦୁଇଟି ଲେଖାଏଁ କାନ ଥିବାରୁ )—
Ashṭaṡruti
ଚତୁର୍ମୁଖ ବ୍ରହ୍ମା; ପ୍ରଜାପତି—The Creator.
ଯେତିକ୍ଷଣି ତୋ କଣ୍ଠ ସୁଖ ଦେଇ ଅଷ୍ଟ ଶ୍ରୁତି ଏ ଅଙ୍ଗ ବାଞ୍ଛିତ ।
କବିସୂର୍ଯ୍ୟ. କଳୋଲବତୀ. ଫ. ଗୀତ

**ଅଷ୍ଟଷଷ୍ଟି**—ସଂ. ବି ଓ ବିଣ ( ଅଷ୍ଟ ଅଧିକ ଷଷ୍ଟି )—
Ashṭashashṭi ଅଠଷଠି; ଷାଠିଏରୁ ଆଠ ଅଧିକ—
Sixtyeight.

**ଅଷ୍ଟସଖା**—ସଂ. ବି—ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ସଙ୍ଗୀ ଆଠ ଜଣ ବାଳକ—Eight young companions of Ṡrikṛushṇa during his boyhood at Bṛundābana.
Ashṭasakhā
( ଯଥା—ଶ୍ରୀଦାମ ସୁଦାମ ସୁବଳ; ବସୁଦାମ ମଧୁମଙ୍ଗଳ ।
ଅର୍ଜ୍ଜୁନ ଅବ ବରୂଥପ; ସ୍ତୋକକୃଷ୍ଣ ଏ ସଖା ଅଷ୍ଟ—
ପ୍ରାଚୀ—ପୂର୍ଣ୍ଣଚନ୍ଦ୍ରୋଦୟ ।

**ଅଷ୍ଟସଖୀ**—ସଂ. ବି. ( ଅଷ୍ଟନ + ସଖୀ )—
Ashṭasakhī ୧ । ଭାଗବତୋକ୍ତ ରାଧାଙ୍କର ଆଠ ଜଣ ସଖୀ—
1. Name of eight companions of Rādhā.
[ ଦ୍ର—ଏମାନଙ୍କ ନାମ—ଲଳିତା, ବିଶାଖା, ଚିତ୍ରା, ଚମ୍ପକଲତା, ତୁଙ୍ଗଭଦ୍ରା, ଇନ୍ଦୁରେଖା, ରଙ୍ଗଦେବୀ ଓ ସୁଦେବୀ—ମତାନ୍ତରେ;
ଲଳିତା ସବ୍ୟା ଯେ ଶ୍ୟାମଳା; ଶ୍ରୀମତୀ ହରିପ୍ରିୟା ବାଳା;
ବିଶାଖା ଅବ ଚନ୍ଦ୍ରମୁଖୀ; ପଦ୍ମାବତୀ ଏ ଅଷ୍ଟସଖୀ—
ପ୍ରାଚୀ—ପୂର୍ଣ୍ଣଚନ୍ଦ୍ରୋଦୟ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

୨ । (କାମଶାସ୍ତ୍ରୋକ୍ତ) ଅଷ୍ଟନାୟିକା ( ଦେଖ )
2. Ashtanāyikā ( See )

୩ । ମନ୍ଦିର ଗାତ୍ରରେ ଚିତ୍ରିତ ଅଷ୍ଟଦିଗଙ୍ଗନା ବା ଅଷ୍ଟଦିକ୍‌ପାଳଙ୍କ ସ୍ତ୍ରୀ—3. The images of females carved on the wall of temples representing the consorts of the eight Quarter-Deities.

**ଅଷ୍ଟସପ୍ତତି**—ସ. ବି. ଓ ବିଣ. ( ସଂଖ୍ୟାବାଚକ. ଅଷ୍ଟନ୍ + ସପ୍ତତି )—
Ashtasaptati ଅଠସ୍ତରି; ସତୁରିରୁ ଅାଠ ଅଧିକ—Seventyeight.

**ଅଷ୍ଟସିଦ୍ଧି**—ସଂ. ବି.—ଅଷ୍ଟୈଶ୍ୱର୍ଯ୍ୟ ( ଦେଖ )
Ashtasiddhi Ashtaiswarjya ( See )

**ଅଷ୍ଟାଂଶିତ**—ସଂ. ବିଣ. ( ଅଷ୍ଟ + ଅଂଶ + ଇତ )—
Ashtamsita ୧ । ଅାଠ ଅଂଶରେ ବିଭକ୍ତ—1. Divided into eight parts.
୨ । ( ଆଧୁନିକ ପ୍ରୟୋଗ )—ଅାଠପେଜି; ଫର୍ଦ୍ଦକ ଅାଠ ପୃଷ୍ଠାରେ ଭଙ୍ଗା ହୋଇ ଛପା ହେବା ( କାଗଜ )—2. Octavo.

**ଅଷ୍ଟାକ୍ଷର**—ସଂ. ବିଣ. ( ବହୁବ୍ରୀହି; ଅଷ୍ଟନ୍ + ଅକ୍ଷର )—ଅାଠ ଅକ୍ଷର
Ashtākshara ଯୁକ୍ତ ମନ୍ତ୍ର—A formula consisting of eight letters.
( ଯଥା—ଅଷ୍ଟାକ୍ଷର ବିଷ୍ଣୁମନ୍ତ୍ର—ଓଁ ନମୋ ନାରାୟଣାୟ । )

**ଅଷ୍ଟାଙ୍ଗ**—ସଂ.ବି. (ଅଷ୍ଟନ୍ + ଅଙ୍ଗ )—
Ashtānga ୧ । ଦେହର ଅାଠ ଗୋଟି ଅଙ୍ଗ ବା ଅଂଶ—( ଯଥା—ହାତ, ଛାତି, କପାଳ, ଆଖି, ହୃଦୟ, ଚଣ୍ଡି, ବେକ ଓ ପିଠିର ପଛ । ଶରୀରର ଏହି ଅଙ୍ଗମାନଙ୍କରେ ତିଳକ ଧାରଣ କରାଯାଏ )—
1. The eight parts of the body on which religious marks are put.
୨ । ଯେଉଁ ଅାଠ ଗୋଟି ଅଙ୍ଗଦ୍ୱାରା ସାଷ୍ଟାଙ୍ଗ ପ୍ରଣାମ କରାଯାଏ—( ଯଥା—ହାତ, ପାଦ, ଜାନୁ, ଛାତି, ଚକ୍ଷୁ, ମସ୍ତକ, ବାକ୍ୟ ଓ ମନ )—
2. The eight parts ( of the body and the mind ) used during obeisance.
୩ । ରାଜ୍ୟ ଶାସନର ଅାଠ ଗୋଟି ଅଙ୍ଗ ବା ଉପାଦାନ—( ରାଜ୍ୟାଙ୍ଗ ଦେଖ )—
3. The eight elements or component parts of a kingdom or administration.
୪ । ଯୋଗର ଅାଠଟି ଅଙ୍ଗ ବା କ୍ରିୟା—( ଯଥା—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । )—
4. The eight exercises of Joga.
୫ । ଆୟୁର୍ବେଦର ୮ ଟି ଶାଖା —( ଯଥା—ଶଲ୍ୟ, ଶାଲାକ୍ୟ; କାୟଚିକିତ୍ସା, ଭୂତବିଦ୍ୟା, କୌମାର ଭୃତ୍ୟା, ଅଗଦତନ୍ତ୍ର; ରସାୟନତନ୍ତ୍ର ଓ ବାଜୀକରଣ । )—5. The eight branches of ancient Hindu medicine.
୬ । ସୂର୍ଯ୍ୟଙ୍କୁ ଦିଆଯିବା ଅର୍ଘ୍ୟବିଶେଷ— (ଯଥା—ଜଳ, କ୍ଷୀର କୁଶାଗ୍ର, ଘୃତ, ମଧୁ, ଦଧି, ରକ୍ତଚନ୍ଦନ ଓ କରବୀର)—
6. The eight materials offered to the Sun god.
ସ. ବିଣ.—ଅାଠଗୋଟି ଅଙ୍ଗଯୁକ୍ତ—Having eight component parts.

**ଅଷ୍ଟାଙ୍ଗଚିକିତ୍ସା**—ସଂ.ବି.—ଆୟୁର୍ବେଦୋକ୍ତ ଅଷ୍ଟାଙ୍ଗ ଅନୁସାରେ ଚିକିତ୍ସା—
Ashtāngachikitsā Treatment according to the eight branches of Hindu medical science
ଅଷ୍ଟାଙ୍ଗ ଚିକିତ୍ସା ଜାଣିମା ବୈଦ୍ୟଜନ । କୃଷ୍ଣସିଂହ. ମହାଭାରତ. ସଭା ।

**ଅଷ୍ଟାଙ୍ଗତେ**—ଦେ. କ୍ରି. ବିଣ—(ସଂ. ଅଷ୍ଟାଙ୍ଗ)—ସାଷ୍ଟାଙ୍ଗେ; ଦେହର
Ashtāngate ସମସ୍ତ ଅଙ୍ଗ ଭୂମିରେ ଲାଗିଲା ପ୍ରକାରେ (ପ୍ରଣାମ କରିବା; ପଡ଼ିବା )—With all the eight limbs touching the ground.
ଦ୍ରୋଣଙ୍କ ପଦତ ପଡ଼ିଲେ ଅଷ୍ଟାଙ୍ଗତେ । ସାରଳା. ମହାଭାରତ. ଦ୍ରୋଣ ।

**ଅଷ୍ଟାଙ୍ଗଧୂପ**—ସଂ.ବି.—(କର୍ମଧା; ଅଷ୍ଟାଙ୍ଗ + ଧୂପ)—ଅାଠ ଉପାଦାନଯୁକ୍ତ
Ashtāngadhūpa ଧୂପ—A kind of incense or fumigation.

**ଅଷ୍ଟାଙ୍ଗପ୍ରଣାମ**—ସଂ. ବି. ( ମଧ୍ୟପଦଲୋପୀ; ଅଷ୍ଟାଙ୍ଗ + ପ୍ରଣାମ )—
Ashtāngapranāma ସାଷ୍ଟାଙ୍ଗ ପ୍ରଣିପାତ; ଅାଠଗୋଟି ଅଙ୍ଗ ଭୂମିରେ ଲଗାଇ କରାଯିବାର ପ୍ରଣାମ; ଭୂମିଷ୍ଠ ପ୍ରଣାମ—Obeisance with the eight parts of the body touching the ground.

**ଅଷ୍ଟାଙ୍ଗପ୍ରଣିପାତ**—ସଂ. ବି. ( ଅଷ୍ଟାଙ୍ଗ + ପ୍ରଣିପାତ )—
Ashtāngapranipāta ଅଷ୍ଟାଙ୍ଗପ୍ରଣାମ ( ଦେଖ )
Ashtāngapranāma ( See )

**ଅଷ୍ଟାଙ୍ଗଯୋଗ**—ସଂ. ବି. ( ଅଷ୍ଟାଙ୍ଗ + ଯୋଗ )—ଯୋଗର ଅାଠପ୍ରକାର
Ashtāngajoga ସାଧନା ( ଅଷ୍ଟାଙ୍ଗ ଦେଖ )—The eight component parts of Joga or meditation described in the Sastras.

**ଅଷ୍ଟାଙ୍ଗହେବା**—ଦେ. କ୍ରି.—( ରୋଗ ) ଅସାଧ୍ୟ ହୋଇଯିବା—
Ashtāngaheba (a disease) Becoming serious or incurable.

**ଅଷ୍ଟାତ୍ରିଂଶ**—ସଂ. ବିଣ. ଓ ବି (ଅଷ୍ଟନ୍ + ତ୍ରିଂଶତ୍)—ଅଠତିରିଶି ସଂଖ୍ୟାର—
Ashtātrimsa Thirty eight.

**ଅଷ୍ଟାତ୍ରିଂଶତ୍**—ସଂ.ବିଣ.ବି (ଅଷ୍ଟନ୍ + ତ୍ରିଂଶତ୍ )—ଅଠତିରିଶି ସଂଖ୍ୟକ—
Ashtātrimsat 38 in number.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଦୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳିବଡ଼' ନ ପାଇଲେ 'ଅଳିବଡ଼' ଦେଖିବେ ।

**ଅଷ୍ଟାଦଶ**—ସଂ. ବି. ( ଅଷ୍ଟନ୍ + ଦଶ )—ଅଠର ସଂଖ୍ୟା—
Ashṭādaśa The number 18.
ସଂ. ବିଣ.—୧ । ଅଠର ସଂଖ୍ୟାର ପୂରକ -1. Eighteenth.
୨ । ଅଠର ସଂଖ୍ୟକ—2. Numbering eighteen.

**ଅଷ୍ଟାଦଶଚିହ୍ନ**—ସଂ.ବି—ଭଗବାନ ଶ୍ରୀକୃଷ୍ଣଙ୍କ ପାଦରେ ଥିବା ଅଠରଟି ଚିହ୍ନ
Ashṭādaśachihna ବା ଲକ୍ଷଣ ( ଯଥା—ଜମ୍ବୁ, ଚକ୍ର, ପଦ୍ମ, କୁଳିଶ, ଅଷ୍ଟକୋଣ, ଊର୍ଦ୍ଧ୍ୱରେଖା, ତ୍ରିକୋଣ, ଧନୁ, ଧ୍ୱଜ, ସ୍ୱସ୍ତିକ, ମୀନ, କଳଶ, ଯବ, ବିନ୍ଦୁ, ଅଙ୍କୁଶ, ଅର୍ଦ୍ଧଚନ୍ଦ୍ର, ଗୋଷ୍ପଦ ଓ ଅମ୍ବର )—The eighteen marks or indications found on the sole of Śrikṛushṇa.

ଅରୁଣ ଅମ୍ବୁଜ ଚରଣ, ଶୋଭିତ ଅଷ୍ଟାଦଶ ଚିହ୍ନ । ଭୂପତି—ପ୍ରେମପଞ୍ଚାମୃତ ।

**ଅଷ୍ଟାଦଶଦୋଷ**—ସଂ. ବି.—ମନୁଷ୍ୟମାନଙ୍କଠାରେ ଦେଖାଯିବା ଅଠରଟି
Ashṭādaśadosha ଦୋଷ—
( ମୋହସ୍ତନ୍ଦ୍ରା ଭ୍ରମୋ ରୂକ୍ଷରସତା କାମ ଉଲ୍ବଣଃ
ଲୋଲତା ମଦମାତ୍ସର୍ଯ୍ୟେ ହିଂସା ଖେଦ ପରିଶ୍ରମୌ
ଅସତ୍ୟଂ କ୍ରୋଧ ଆକାଙ୍କ୍ଷା ଆଶଙ୍କା ବିଶ୍ୱବିଭ୍ରମଃ
ବିଷମତ୍ୱଂ ପରାପେକ୍ଷା ଦୋଷା ଅଷ୍ଟାଦଶୋଦିତାଃ —
ବିଷ୍ଣୁଯାମଳତନ୍ତ୍ର)—
Eighteen defects found in human beings.

**ଅଷ୍ଟାଦଶପୁରାଣ**—ସଂ. ବି.—ହିନ୍ଦୁଙ୍କର ଅଠରଟି ମହାପୁରାଣ ( ପୁରାଣ
Ashṭādaśapurāṇa ତଳେ ନୋଟ ଦେଖ )—The eighteen mythological works of the ancient Hindus.

**ଅଷ୍ଟାଦଶସିଦ୍ଧି**—ସଂ. ବି.—ଯୋଗ ବା ତପସ୍ୟାସାଧନବଳରେ ଲବ୍ଧ
Ashṭādaśasiddhi ଅଠର ପ୍ରକାରର ଅସାଧାରଣ କ୍ଷମତା—
(ଯଥା—ଅଣିମା, ଲଘିମା, ମହିମା, ବ୍ୟାପ୍ତି, ପ୍ରାକାମ୍ୟ, ଈଶିତା, ବଶିତା, କାମାବସାୟିତା, ଅନୂର୍ମି, ଦୂରଶ୍ରବଣ, ଦୂରଦର୍ଶନ, ମନୋଜବ, କାମରୂପ, ପରକାୟପ୍ରବେଶନ, ସ୍ୱଚ୍ଛନ୍ଦମୃତ୍ୟୁ, ଅମରସିଦ୍ଧି, ସଙ୍କଳ୍ପସିଦ୍ଧି ଓ ବଚନସିଦ୍ଧି. )
18 kinds of extraordinary potence arrived at by Joga.

**ଅଷ୍ଟାଧ୍ୟାୟୀ**—ସଂ. ବିଣ ( ଅଷ୍ଟନ୍ + ଅଧ୍ୟାୟ + ଇନ୍; ଯାହାର ଅଠ ଅଧ୍ୟାୟ
Ashṭādhyāyi ଅଛି )—ଅଠଅଧ୍ୟାୟଯୁକ୍ତ—
Having eight chapters.
ସଂ. ବି.— ପାଣିନିଙ୍କ ସଂସ୍କୃତ ବ୍ୟାକରଣ—
The grammar of Panini consisting of eight chapters.

**ଅଷ୍ଟାପଦ**—ସଂ. ବି ( ଅଷ୍ଟନ୍ + ପଦ )—
Ashṭāpada ୧ । ବୁଢ଼ିଆଣୀ—1. Spider.
୨ । ପଶାର ଘର—2. The figure on the dice-board.
୩ । ଚିତ୍ରିତ ବସ୍ତ୍ର—3, Coloured cloth
୪ । ସ୍ୱର୍ଣ୍ଣ—4. Gold.
୫ । କୈଳାସ ପର୍ବତ—
5. The Kaiḻāsa mountain.
୬ । ମୃଗବିଶେଷ—6. A kind of deer.

**ଅଷ୍ଟାବକ୍ର**—ସଂ. ବିଣ ( ଅଷ୍ଟ + ବକ୍ର; ନିପାତନ )—
Ashṭābakra ଯାହାର ଶରୀର ୮ ଯାଗାରେ ବଙ୍କା—
Deformed at eight parts of the body.
ସଂ. ବି.—ମୁନିବିଶେଷ ( ଏହାଙ୍କ ଦେହ ଅଠ ଯାଗାରେ ବଙ୍କା ଥିବାରୁ )—Name of a sage.
[ ଦ୍ର—ଏ ଉଦ୍ଦାଳକ ତନୟା ସୁଜାତାଙ୍କ ଗର୍ଭରେ କାହୋଡ଼ ମୁନିଙ୍କ ଔରସରେ ଜନ୍ମିଥିଲେ । ଏ ମାତୃଗର୍ଭରେ ଥିବା ଅବସ୍ଥାରେ ସମୁଦାୟ ବେଦ ବେଦାଙ୍ଗ ଅଧ୍ୟୟନ କରିଥିଲେ । ସେ ଗର୍ଭରେ ଥାଇ ଥରେ ପିତାଙ୍କୁ ତାଙ୍କ ଶିଷ୍ୟମାନଙ୍କ ଉପସ୍ଥିତିରେ ସମ୍ବୋଧନ କରି କହିଲେ "ଆପଣଙ୍କର ବେଦାଧ୍ୟୟନ ଭଲ ହେଉ ନାହିଁ ।" ପିତା ଏଥିରେ କ୍ରୁଦ୍ଧ ହୋଇ ଅଭିଶାପ ଦେଲେ ଓ ସେହି ଅଭିଶାପ ଫଳରେ ଏହାଙ୍କ ଦେହର ଅଠ ସ୍ଥାନ ବଙ୍କା ହୋଇ ଏ ଜନ୍ମ ହେଲେ । ଏକଦା ଏହାଙ୍କ ପିତା ଜନକ ରାଜସଭାରେ ଜଣେ ତାର୍କିକଙ୍କ ସହିତ ଯୁକ୍ତିରେ ପରାସ୍ତ ହୋଇ ଜଳରେ ବନ୍ଦୀ ହୋଇଥିଲେ । ଅଷ୍ଟାବକ୍ର ଏହା ଶୁଣି ଜନକ ସଭାକୁ ଯାଇ ତାର୍କିକଙ୍କୁ ପରାସ୍ତ କରି ପିତାଙ୍କୁ ବନ୍ଧନମୁକ୍ତ କଲେ । ପିତାଙ୍କ ବର ଅନୁସାରେ ଏ ସମଙ୍ଗ ନଦୀରେ ସ୍ନାନ କରିବାରୁ ଏହାଙ୍କର ଅଙ୍ଗବିକଳତା ଦୂର ହେଲା । ଏ ଅଷ୍ଟାବକ୍ର ସଂହିତା ନାମକ ଯୋଗଶାସ୍ତ୍ରର ରଚୟିତା ଥିଲେ । ]

**ଅଷ୍ଟାବଧାନ**—ସଂ. ବି ( ଅଷ୍ଟ + ଅବଧାନ )—ଅଭ୍ୟାସ ଯୋଗୁଁ ଏକ-
Ashṭābadhāna ସମୟରେ ଅଠ ପ୍ରକାର ଭିନ୍ନ ଭିନ୍ନ ବିଷୟରେ ମନୋନିବେଶ—Simultaneous attention given to eight things.

**ଅଷ୍ଟାବଧାନୀ**—ସଂ. ବିଣ. ପୁଂ ( ଅଷ୍ଟ + ଅବଧାନ = ମନୋଯୋଗ +
Ashṭābadhāni ଇନ୍ )—ଯେଉଁ ବ୍ୟକ୍ତି ଅଭ୍ୟାସ ଯୋଗୁଁ ଏକସମୟରେ ଅଠ ଗୋଟି କଥାରେ ମନୋନିବେଶ କରିପାରେ—One who by constant practice can concentrate his attention to eight different things at one and the same time.

**ଅଷ୍ଟାବସୁ**—ସଂ. ବି ( ଅଷ୍ଟନ୍ + ବସୁ )—ଅଷ୍ଟବସୁ ( ଦେଖ )
Ashṭābasu Ashṭabasu ( See )

**ଅଷ୍ଟାବିଂଶ**—ସଂ. ବିଣ (ଅଷ୍ଟନ୍ + ବିଂଶ)—ଅଠେଇଶି ସଂଖ୍ୟାର ପୂରକ—
Ashṭābimśa Twenty eight.

**ଅଷ୍ଟାବିଂଶତି**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଷ୍ଟ + ବିଂଶତି)—
Ashṭābimśati ଅଠେଇଶି ସଂଖ୍ୟା—The number 28.
ସଂ. ବିଣ—୨୮ ସଂଖ୍ୟକ—Numbering 28.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଳ | ଶ,ଷ | କ୍ଷ | ଇଯ଼ | ଉଅ | ଘ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଂ୍ୟ | ଇଥ | ୱ | ନ୍ତ |

**ଅଷ୍ଟାବିଂଶତିତମ**—ସଂ. ବଣ. ( ଅଷ୍ଟାବିଂଶତି + ତମ ) – ୨୮ ସଂଖ୍ୟାର ପୂରକ—Twenty eighth.
Ashṭābiṁsatitama

**ଅଷ୍ଟାଶୀତି**—ସଂ. ବି. ଓ ବଣ ( ସଂଖ୍ୟାବାଚକ; ଅଷ୍ଟନ୍ + ଅଶୀତି )—
Ashṭāsiti ଅଠାଅଶି—Eighty-eight.

**ଅଷ୍ଟାଶୀତିତମ**—ସଂ. ବଣ.—ଅଠାଅଶି ସଂଖ୍ୟାର ପୂରକ—
Ashṭāsititama Eighty-eighth.

**ଅଷ୍ଟାଶ୍ରୀ**—ସଂ. ବଣ. ( ଅଷ୍ଟ + ଅଶ୍ର + ଇନ୍. ୧ମା. ୧ବ. )—
Ashṭāsri ଆଠକୋଣିଆ—Octangular.

**ଅଷ୍ଟାସ୍ର**—ସଂ. ବଣ.—ବହୁବ୍ରୀହି ( ଅଷ୍ଟ + ଅସ୍ର )—
Ashṭāsra ୧ । ଆଠକୋଣିଆ—1. Octangular.
୨ । ଆଠପହଲିଆ—2. Having eight faces.

**ଅଷ୍ଟାହ**—ସଂ. ବି ( ଅଷ୍ଟ + ଅହନ୍ )—ଆଠ ଦିନର ସମାହାର—
Ashṭāha A unit of time extending over eight days.

**ଅଷ୍ଟି**—ସଂ.ବି (ଅସ ଧାତୁ = କ୍ଷେପଣ କରିବା + କର୍ମ. ତି; ଫଳରୁ ଖାଇସାର ଯାହାକୁ ଫିଙ୍ଗିଦିଅନ୍ତି; ତୁଲ. ବ; ଆଁଟି = ଟାକୁଆ)—
Ashṭi
୧ । ଫଳ ଭିତରର ଟାଣ ମଞ୍ଜି ବା ଟାକୁଆ—
1. Hard seed or stone inside a fruit.
୨ । ଷୋଳଅକ୍ଷରର ଛନ୍ଦୋବିଶେଷ—
2. A Sanscirt metre of sixteen syllables.

**ଅଷ୍ଟୈଶ୍ୱର୍ଯ୍ୟ**—ସଂ. ବି ( ଦ୍ୱିଗୁ; ଅଷ୍ଟ + ଐଶ୍ୱର୍ଯ୍ୟ )—
Ashṭaiswarjya ଦେବତା ଓ ଯୋଗସିଦ୍ଧ ପୁରୁଷମାନଙ୍କର ସାଧନଲବ୍ଧ ଆଠଗୋଟି ଅନନ୍ୟସୁଲଭ ସିଦ୍ଧି ବା ବିଶେଷତ୍ୱ—
Eight supernatural powers possessed by Gods and spiritually great men.
[ ଦ୍ର—ଅଷ୍ଟୈଶ୍ୱର୍ଯ୍ୟ, ଯଥା—୧ । ଅଣିମା—ଅତି ସୂକ୍ଷ୍ମ ଆକାର ଧାରଣ କରିବାର ସିଦ୍ଧି । ୨ । ଲଘିମା—ଅତି ଲଘୁ ବା ହାଲୁକା ହୋଇ ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ଉଠିଯିବାର କ୍ଷମତା । ୩ । ମହିମା—ଅତି ବୃହତ ଆକାର ଧାରଣକରିବା କ୍ଷମତା । ୪ । ବ୍ୟାପ୍ତି—ସବୁଆଡ଼େ ବ୍ୟାପିଯିବାର ଶକ୍ତି । ୫ । ପ୍ରାକାମ୍ୟ—ଯଥେଚ୍ଛାଗାମିତା । ୬ । ଈଶିତା—ସମସ୍ତଙ୍କ ଉପରେ ଆଧିପତ୍ୟ କରିବା ଶକ୍ତି । ୭ । ବଶିତା—ସମସ୍ତ ପ୍ରାଣୀଙ୍କୁ ବଶ କରିବାର ଶକ୍ତି । ୮ । କାମାବସାୟିତା—ଯେଉଁ ସୁଖଭୋଗ କରିବାକୁ ଇଚ୍ଛାକରିବ ତାହାର ପ୍ରାପ୍ତି ।
ଅଷ୍ଟୈଶ୍ୱର୍ଯ୍ୟର ଶ୍ଲୋକ—
ଅଣିମା ଲଘିମା ବ୍ୟାପ୍ତିଃ ପ୍ରାକାମ୍ୟଂ ମହିମା ତଥା
ଈଶିତ୍ୱଂ ଚ ବଶିତ୍ୱଂ ଚ ତଥା କାମାବସାୟିତା ।
ଏହା ଛଡ଼ା ଆଉ ୧୦ଟି ସିଦ୍ଧି ଅଛି; ଅଷ୍ଟାଦଶ ସିଦ୍ଧି ତଳେ ଦେଖ ।]

**ଅଷ୍ଟ୍ରିୟ**—ଦେ. ବଣ ( ଇଂ. ଅଷ୍ଟ୍ରିୟାନ୍ )—
Ashtriya ଅଷ୍ଟ୍ରିୟାଦେଶୀୟ—Austrian.
ଅଷ୍ଟ୍ରିୟ

**ଅଷ୍ଟ୍ରିୟା**—ବୈଦେ. ବି ( ନାମ )—ୟୁରୋପର ରାଜ୍ୟବିଶେଷ—
Ashṭriyā ustria.
[ଦ୍ର—ଏହା ହଙ୍ଗାରୀ ରାଜ୍ୟ ସଙ୍ଗେ ମିଶି ଅଷ୍ଟ୍ରୋହଙ୍ଗାରୀ ନାମରେ ବିଖ୍ୟାତ । ଏହାର ଉତ୍ତରରେ ଜର୍ମାନୀ ଓ ରୁଷିଆ; ଦକ୍ଷିଣରେ ରୁମାନିଆ, ସର୍ବିଆ, ଆଡ୍ରିଆଟିକ୍ ସାଗର ଓ ଇଟାଲୀ; ପୂର୍ବରେ ରୁମାନିଆ ଓ ରୁଷିଆ; ପଶ୍ଚିମରେ ଜର୍ମାନୀ ଓ ସ୍ୱିଜରଲାଣ୍ଡ୍ । ଏହା ପୂର୍ବେ ରାଜାଙ୍କ ଶାସିତ ଥିଲା; ବର୍ତ୍ତମାନ ଏହା ପ୍ରଜାତନ୍ତ୍ର ପ୍ରଣାଳୀରେ ଶାସିତ । ]

**ଅଷ୍ଟ୍ରେଲିୟା**—ବୈଦେ. ବି. (ନାମ)—ଏସିଆର ଦକ୍ଷିଣରେ ଥିବା ବୃହତ୍ ଦ୍ୱୀପ—Australia.
Ashṭreliyā
[ଦ୍ର—ଏହା ଇଂରାଜମାନଙ୍କର ଗୋଟିଏ ଉପନିବେଶ ଅଟେ ଓ ଏହା ବ୍ରିଟିଶ ସାମ୍ରାଜ୍ୟର ଅଙ୍ଗ ଅଟେ । ]

**ଅଷ୍ଟ୍ରେଲେସିଆ**—ବୈଦେ. ବି—ପ୍ରଶାନ୍ତମହାସାଗରର ଦକ୍ଷିଣାଂଶରେ ଓ ଏସିଆଖଣ୍ଡର ଦକ୍ଷିଣରେ ଥିବା ଅଷ୍ଟ୍ରେଲିଆ ଓ ତନ୍ନିକଟବର୍ତ୍ତୀ ନିଉଗିନି, ନିଉଜିଲାଣ୍ଡ, ଟାସ୍ମାନିଆ ଆଦି ଦ୍ୱୀପସମୂହ—Australasia.
Ashṭrelesiā

**ଅଷ୍ଠି**—ସଂ. ବି. (ଅ + ସ୍ଥା ଧାତୁ + ଇ; ଫଳର ଯାହା ଶେଷ ରହେ, କିମ୍ବା ଅସ ଧାତୁ = କ୍ଷେପଣ କରିବା + କର୍ମ. ଠି )—
Ashṭhi
୧ । ଅଷ୍ଟି ( ଦେଖ )
1. Ashṭi ( See )
୨ । ସାପକ ରାଗର ରାଗିଣୀବିଶେଷ—
2. Name of a musical tone.

**ଅଷ୍ଠୀ**—ସଂ. ବି. ( ଅସ୍ ଧାତୁ + କର୍ମ. ଠୀ )—ଅଷ୍ଠି ( ଦେଖ )
Ashṭhi Ashṭhi ( See )

**ଅଷ୍ଠୀବାନ୍**—ସଂ. ବି. (ଅସ୍ଥି = ହାଡ଼ + ଅଛି ଅର୍ଥରେ. ବତ୍—ଗୋଠାଳିଆ ହାଡ଼ଯୁକ୍ତ ଅଙ୍ଗ )—
Ashṭhibān
ଆଣ୍ଠୁ—Knee-joint.

**ଅଷ୍ଠୀଲା**—ସଂ. ବି. ( ଅସ୍ଥି = ହାଡ଼ + ଲା ଧାତୁ = ଗ୍ରହଣ କରିବା + କର୍ତ୍ତୃ.ଅ + ସ୍ତ୍ରୀ. ଆ; ଯାହା ହାଡ଼ର ଗୁଣ ଗ୍ରହଣ କରେ ଅର୍ଥାତ୍ ଯାହା ହାଡ଼ ପରି ଟାଣ )—୧ । ବର୍ତ୍ତୁଳାକାର ପାଷାଣଖଣ୍ଡ; ବାଲ୍ଗରଡ଼ା—1. Pebble; a ball of stone.
Ashṭhilā
୨ । ଫଳର ଟାକୁଆ—2. Hard seed or stone of fruits.
୩ । ନାଭି ତଳେ ବାୟୁ ଜନିତ ଟାଣୁଆ ଅବୁ ରୋଗ— (ଏଥିରେ ମଳ ଓ ମୂତ୍ର ରୋଧ ହୁଏ ଓ ବସ୍ତିରେ ପୀଡ଼ା ହୁଏ ।)
3. A globular and very hard tumour below the naval; a disease.
୪ । ଦେହରୁ ଦେହର ଶିରା ଓ ଗିଲିଟିମାନ ଗଣ୍ଠିପରି ଗୋଠାଳିଆ ହେବା—5. Knotting of glands and veins in the body.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । କୋଷ୍ଠବଦ୍ଧତା ( ଯହିଁରୁ ଗୋଟାଳିଆ ମଳ ଜାତ ହୁଏ)— 5. Costiveness causing hard globular excretion.

**ଅସ୍କଟ୍**— ପ୍ରାଦେ. ( ସମ୍ବଲପୁର. ) ବି.— ୧ । ବିରକ୍ତି— Askaṭ 1. Displeasure.
୨ । ଆବର୍ଜନା; ଅଳିଆ—2. Refuse.
ପ୍ରାଦେ. (ସମ୍ବଲପୁର) ବିଣ.— ୧ । କୁତ୍ସିତ—1. Ugly.
୨ । ଆବର୍ଜନାମୟ—2. Full of refuse.
୩ । ମଇଳା; ମଳଯୁକ୍ତ—3 Dirty.

**ଅସ୍କଟିଆ**—ପ୍ରାଦେ. ( ସମ୍ବଲପୁର. ) ବିଣ. ପୁଂ.—ଯେଉଁ ବ୍ୟକ୍ତି Askaṭiā ପରିଷ୍କାର ପରିଚ୍ଛନ୍ନ ରହେ ନାହିଁ; ମଇଳା— Untidy; slovenly.
(ଅସ୍କଟିଏନ୍—ସ୍ତ୍ରୀ)

**ଅସଂଖ୍ୟ**—ସଂ. ବିଣ. ( ଅ + ସଂଖ୍ୟା )—ଅସୁମାର; ସଂଖ୍ୟାତୀତ; ଅଗଣ୍ୟ— Asaṁkhya Innumerable; countless

**ଅସଂଖ୍ୟକ**— ସଂ. ବିଣ (ବହୁବ୍ରୀହି;ଅ+ସଂଖ୍ୟା;କ ଆଗମ)—ଅସଂଖ୍ୟ (ଦେଖ) Asaṁkhyaka Asaṁkhya ( See )

**ଅସଂଖ୍ୟା**— ଗ୍ରା. ବିଣ ( ସଂ. ଅସଂଖ୍ୟ )—ଅସଂଖ୍ୟ ( ଦେଖ ) Asaṁkhyā Asaṁkhya (See)
ଗମନ କରୁଛନ୍ତି ରଥ ଅସଂଖ୍ୟାରେ—କୃଷ୍ଣସିଂହ. ମହାଭାରତ. ଆଦି ।

**ଅସଂଖ୍ୟାତ**—ସଂ. ବିଣ. ( ଅ = ନୁହେଁ + ସଂଖ୍ୟା = ଗଣନା + ତ )— Asaṁkhyāta ଅଗଣିତ—Unnumbered

**ଅସଂଖ୍ୟେୟ**—ସଂ. ବିଣ. ( ଅ+ସଂଖ୍ୟେୟ )—ଅସଂଖ୍ୟ; ଅଗଣନ— Asaṁkhyeya Countless.
ଅସଂଖ୍ୟେୟ ପାରିବ ଏହାଙ୍କ ସଙ୍ଗତେ
ଯୁଝିବାକୁ ବାହାରିଲେ ହେ ମହାମତେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଅସଂଯତ**—ସଂ. ବିଣ. ( ଅ + ସଂଯତ ) – ୧ । ସଂଯମହୀନ; ଅକୃତସଂଯମ— Asaṁjata 1. Having no self control.
(ଅସଂଯତା—ସ୍ତ୍ରୀ) ୨ । ଅନିୟମିତ—2. Irregular.
୩ । ବନ୍ଧନଶୂନ୍ୟ—3. Unrestrained.

**ଅସଂଯମ**—ସଂ. ବି. ( ଅ + ସଂଯମ )—ଇନ୍ଦ୍ରିୟନିଗ୍ରହର ଅଭାବ; Asaṁjama କାମକ୍ରୋଧାଦିକୁ ବଶ ନ କରିବା— Want of self-control.

**ଅସଂଯୁକ୍ତ**—ସଂ. ବିଣ. ( ଅ + ସଂଯୁକ୍ତ )—ଯାହା ମିଳିତ ନୁହେ— Asaṁjukta Not joined together.
(ଅସଂଯୋଗ—ବି)

**ଅସଂଲଗ୍ନ**—ସଂ. ବିଣ. ( ଅ + ସଂଲଗ୍ନ )—୧ । ଯାହା ଲାଗି ନାହିଁ— Asaṁlagna 1. Not attached.
୨ । ଅସଙ୍ଗତ; ପୂର୍ବାପର ବିରୁଦ୍ଧ—2. Incoherent.

**ଅସଂଶୟନୀୟ**—ସଂ. ବିଣ. (ଅ + ସଂଶୟନୀୟ)—ଯହିଁରେ ସନ୍ଦେହ ହୋଇ ନ Asaṁśaniya ପାରେ—Undoubted.

**ଅସଂଶୟ**—ସଂ. ବି. ( ଅ + ସଂଶୟ )—ସନ୍ଦେହର ଅଭାବ— Asaṁśaya Absence of doubt.
ସଂ. ବିଣ—ସନ୍ଦେହଶୂନ୍ୟ; ନିଃସନ୍ଦେହ— Doubtless; free from doubt.
କ୍ରି. ବିଣ—ନିଃସନ୍ଦେହରେ; ନିଶ୍ଚୟ— Undoubtedly; certainly.

**ଅସଂଶୟାନ**—ସଂ. ବିଣ. ପୁଂ. ( ଅ + ସଂଶୟାନ )— Asaṁśayāna ଯେ ସନ୍ଦିହାନ ନୁହେ— Unsuspecting.
(ଅସଂଶୟାନା—ସ୍ତ୍ରୀ)

**ଅସଂଶ୍ଳିଷ୍ଟ**—ସଂ. ବିଣ. ( ଅ + ସଂଶ୍ଳିଷ୍ଟ )— Asaṁśḻishṭa ୧ । ଅସଂଯୁକ୍ତ—1. Not connected.
୨ । ପୃଥକ୍—2. Isolated.

**ଅସଂଶ୍ଳିଷ୍ଟପର୍ବତ**—ସଂ. ବି. ( ବିଜ୍ଞାନପରିଭାଷା )— Asaṁśḻishṭaparbata ଭୂଗର୍ଭସ୍ଥ ଯୁଦ୍ଧରତ୍ନକ୍ଷେପକ ଶକ୍ତି ପୃଥିବୀର ଏକସ୍ଥାନରେ ବଳପ୍ରୟୋଗ କଲେ ଯେଉଁ ଲୁଦ୍ରାକାର ପର୍ବତ ଖଣ୍ଡ ବାହାରକୁ କ୍ଷିପ୍ତ ହୁଏ— ( ପ୍ରକୃତିବାଦ ) Isolated rock.

**ଅସଂସାହସ**—ସଂ. ବି. ( ଅ + ସଂ. ସାହସ )—ଅସମସାହସ; ଦୁଃସାହସ— Asaṁsāhasa Rashness; bravado.

**ଅସଂସାହସିକ**—ସଂ. ବିଣ. ପୁଂ. ( ଅ+ସମ୍+ସାହସିକ )— Asaṁsāhasika ଦୁଃସାହସିକ; ହାଇଁସାହାସିଆ— Rash; foolhardy.
(ଅସଂସାହସିକା—ସ୍ତ୍ରୀ)
(ଅସଂସାହସିକତା—ବି)

**ଅସଂସ୍କାର**—ସଂ. ବି. ( ଅ + ସଂସ୍କାର )—୧ । ସଂସ୍କାରର ଅଭାବ— Asaṁskāra 1. Want of reform.
୨ । ପରିଷ୍କାର ନ କରିବା—2. Want of cleansing.
ସଂ. ବିଣ—ସଂସ୍କାରହୀନ—Having no Saṁskāra.

**ଅସଂସ୍କୃତ**—ସଂ. ବିଣ. (ଅ + ସଂସ୍କୃତ)—୧ । ଯାହାର ସଂସ୍କାର ହୋଇ Asaṁskṛuta ନାହିଁ; ଅଜାତସଂସ୍କାର— 1. One who has not undergone purificatory ceremonies
୨ । ଅପରିଷ୍କୃତ—2. Uncleansed.
୩ । ସଂସ୍କୃତଭାଷା ବହିର୍ଭୂତ; ପ୍ରାକୃତ— 3. Vernacular ( language )
୪ । ଗର୍ଭାଧାନାଦି ସଂସ୍କାର ରହିତ— 4. Not having the purificatory ceremonies of a Brāhmaṇa.

**ଅସଂସ୍ଥାନ**—ସଂ. ବି. ( ଅ + ସଂସ୍ଥାନ )— Asaṁsthāna ୧ । ଅସଂଗତି; ବନ୍ଦୋବସ୍ତର ଅଭାବ— 1. Want of provision or arrangement.

| ୧ | ଌ | ଋ | ୠ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଙ୍ଗ | ଞ୍ଚ | ଙ୍କ |
|---|---|---|---|---|---|---|---|---|---|---|---|---|---|---|
| ୨ | ଌ | ଌ | ଋ | ଌ | ପ୍ଯ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଙ୍ଖ | ଞ୍ଜ | ନ୍ତ |

୨ । ପ୍ରଣାଳୀର ଅଭାବ; ଅସଶୃଙ୍ଖଳ—
2. Want of method.

**ଅସଂହତ**—ସଂ. ବଣ. (ଅ+ସଂହତ)—
Asamhata ୧ । ଅସଂଲଗ୍ନ—1. Unconnected.
୨ । ଇତସ୍ତତଃ ବିକ୍ଷିପ୍ତ—2. Strewn here and there.
ସଂ. ବି.—ବ୍ୟୂହବିଶେଷ—A tactical arrangement of soldiers.

**ଅସକଟିଆ**—ଦେ. ବି.—ଅସ୍କଟି (ଦେଖ)
Asakatiā Aśkati (See)
ଦେ. ବଣ.—ଅସ୍କଟ୍ (ଦେଖ)
Aśkat (See)

**ଅସକନ୍ଦ**—ଦେ. ବି. (ସଂ. ଅଶ୍ୱକନ୍ଦ)—ଅଶ୍ୱଗନ୍ଧା (ଦେଖ)
Asakanda Aśwagandhā (See)

**ଅସକନ୍ଦା**—ଦେ. ବଣ.—୧ । ମଇଳା; ମଳଯୁକ୍ତ—
Asakandā 1. Dirty.
অন্দিসন্দি ୨ । ଅଶଙ୍କିଆ—2. Inconvenient; awkward.
୩ । ଅଡୁଆ; ଗୋଲମାଳିଆ—
3. Complicated; complex.
୪ । ଜଞ୍ଜାଳମୟ—4. Full of refuse.
ଦେ. ବି.—ଅଶଙ୍କିଆ ଅବସ୍ଥା—Awkward position.

**ଅସକନ୍ଦି**—ଦେ. ବି. ଓ ବଣ—ଅସକନ୍ଦା (ଦେଖ)
Asakandi Asakandā (See)

**ଅସକନ୍ଦିଆ**—ଦେ. ବଣ.—ଅସଜିଆ; ଅଶଙ୍କିଆ—
Asakandiā Inconvenient; awkward.

**ଅସକରା**—ପ୍ରାଦେ. (କଟକ) ବି. (ସଂ. ଅବସ୍କର)—ଅଳିଆ; ଝାଡୁଆ—
Asakarā Refuse; sweepings.
ପ୍ରାଦେ. (ମେଦନୀପୁର) ବି.—କଳିକତରା (ଦେଖ)
Kaḻikatarā (See)
ଦେ. ବଣ.—୧ । ଅଳିଆ ବା ଝାଡୁଆପୂର୍ଣ୍ଣ; ମଇଳା—
1. Unswept; dirty.
୨ । ଅଶ୍ଳୀଳ—2. Obscene.

**ଅସକୃତ୍**—ସଂ. କି. ବଣ. ( ଅ=ନୁହେଁ+ସକୃତ୍=ଏକାଥରକେ )—
Asakṛut ୧ । ବାରମ୍ବାର—1. Repeatedly.
୨ । ଅନେକଥର—2. Several times.

**ଅସକ୍ତ**—ସଂ. ବଣ. (ଅ+ସଞ୍ଜ୍ ଧାତୁ+ତ)—୧ । ଅନାସକ୍ତ—
Asakta 1. Unattached.
୨ । ଅସଂଲଗ୍ନ—2. Unconnected.
୩ । ଅପ୍ରତିବନ୍ଧ—3. Unrestrained.
୪ । ବିଷୟବିରାଗୀ—4. Indifferent to worldly affairs.
୫ । ଫଳାଭିଳାଷଶୂନ୍ୟ—5. Having no desire for gain or benefit.

**ଅସଗୋତ୍ର**—ସଂ. ବଣ. ପୁଂ. (ଅ+ସଗୋତ୍ର)—ଯେ ଆପଣାର ଗୋତ୍ରର
Asagotra ନୁହେଁ—Not of the same gotra or
(ଅସଗୋତ୍ରା—ସ୍ତ୍ରୀ) clan.

**ଅସଙ୍ଖଳା**—ଦେ. ବଣ. (ସଂ. ଅସଂଖ୍ୟ)—
Asaṅkhaḻā ୧ । ଅସଂଖ୍ୟ—Countless.
୨ । ନିରାଶ୍ରୟ; ଅନାଥ—2. Helpless; having no one to protect.
୩ । ଦୀନ—3. Destitute.

**ଅସଙ୍ଖୁଳା**—ଦେ. ବଣ.—୧ । ଅନିମନ୍ତ୍ରିତ—1. Uninvited.
Asaṅkhuḻā ୨ । ଅଜିଜ୍ଞାସିତ—2. Unasked.
୩ । ଅନାଦୃତ—3. Disregarded.
୪ । ଯାହାର କେହି ଯତ୍ନ ନିଏ ନାହିଁ—
4. Uncared for.
୫ । ଘୃଣିତ—5. Hated
୬ । ନିଷ୍ଫଳ; ବ୍ୟର୍ଥ—6. Fruitless; vain.
୭ । ଯାହା ବିଷୟରେ କେହି ତତ୍ତ୍ୱ ନେଇ ନାହିଁ—
7. Not enquired after.
ଦେ. ବି.—୧ । ଅନାଦର—1. Disregard.
୨ । ଅଯତ୍ନ—2. Want of care.

**ଅସଙ୍ଖୋଳା**—ଦେ. ବଣ. ଓ ବି.—ଅସଙ୍ଖୁଳା (ଦେଖ)
Asaṅkhoḻā Asaṅkhuḻā (See)

**ଅସଙ୍କ୍ଷେପ**—ଦେ. ବଣ. (ସଂ. ଅସଂଖ୍ୟେୟ)—
Asaṅkshepa ଅଗଣିତ; ବହୁ—Countless; many.
ଏଥିରୁ ଆନ ତାଙ୍କ କୁଳର ଅସଙ୍କ୍ଷେପ । କୃଷ୍ଣସିଂହ. ମହାଭାରତ. ଆଦି ।

**ଅସଙ୍ଗ**—ସଂ. ବି. ( ଅ + ସଙ୍ଗ )—ବୈରାଗ୍ୟ; ଅନାସକ୍ତି—
Asaṅga Non attachment to the mundane affairs.
ଯେତେ ବିଷୟ ଅଛି ଭେଦ, ଅସଙ୍ଗ ଶସ୍ତ୍ରେ ତାହା ଛେଦ—
ଜଗନ୍ନାଥ—ଭାଗବତ ।
ସଂ. ବଣ—୧ । ଅନାସକ୍ତ—1. Not attached to.
ଆତ୍ମା ପ୍ରବଳ ସୁଦବେକେ, ଗୁଣେ ଅସଙ୍ଗ ବେନି ଲେକେ—
ଜଗନ୍ନାଥ—ଭାଗବତ
୨ । ନିଃସଙ୍ଗ—2. Having no companion.
୩ । ସଂସାରବନ୍ଧନରହିତ—
3. Free from worldly ties.
ଦେ. ବି—୧ । ମନ୍ଦସଙ୍ଗୀ—1. Bad companion.
ଅସଙ୍ଗ ସଙ୍ଗରେ ଯଶ ମ୍ଳାନ—ପ୍ରାଚୀ. ଉଦ୍ଧବସଂବାଦ ।
୨ । ମନ୍ଦ ସଙ୍ଗୀଙ୍କ ସାହଚର୍ଯ୍ୟ—
2. Bad company.
ଅସଙ୍ଗରେ ସଙ୍ଗ ଚା; ଅସଙ୍ଗରେ ସଙ୍ଗ ହେଲେ କାଠ ପଣ ଲମ୍ବିବା—ଢଗ ।

**ଅସଙ୍ଗତ**—ସଂ. ବଣ. ( ଅ + ସଙ୍ଗତ )—୧ । ଅଯୌକ୍ତିକ—
Asaṅgata 1. Unreasonable.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୨ । ପୂର୍ବ ଭାଷଣ ସଙ୍ଗେ ମେଳ ନ ଥିବା—
2 Incongruous; inconsistent.
୩ । ଅସମ୍ଭବ—3. Improbable.
୪ । ଅନୁଚିତ—4. Improper.
୫ । ପରସ୍ପର ସହିତ ମିଳୁ ନ ଥିବା—
5. Not tallying with each other.
୬ । ଅଯୁକ୍ତ—6. Inappropriate.

**ଅସଙ୍ଗତି**—ସଂ. ବି. ( ଅ + ସଙ୍ଗତି )—
Asangati ୧ । ସାମଞ୍ଜସ୍ୟର ଅଭାବ; ଅମେଳ—
1. Incongruity; inconsistence.
୨ । ସାଂସାରିକ ବା ଆର୍ଥିକ ସଙ୍ଗତି ବା ଧନ ନ ଥିବା ଅବସ୍ଥା—
2. Financial or material incompetence.
୩ । ଅସମ୍ବନ୍ଧ—3. Want of connection.
୪ । ଅଯୌକ୍ତିକତା—4. Unreasonableness.
୫ । ଉପାୟହୀନତା—5. Want of resources.
୬ । ଅମେଳ—6. Disagreement.
୭ । ଅର୍ଥାଲଙ୍କାରବିଶେଷ—7. A figure of speech.
[ଦ୍ର—ଯେଉଁ ସ୍ଥାନରେ କାରଣ ଥାଏ ସେହି ସ୍ଥାନରେହିଁ କାର୍ଯ୍ୟ ଜନ୍ମେ । ଏହି ନିୟମର ଅନ୍ୟଥା ଘଟିଲେ ଅର୍ଥାତ୍ ଭିନ୍ନ ଭିନ୍ନ ଦେଶରେ କାର୍ଯ୍ୟ ଓ କାରଣର ସ୍ଥିତି ବର୍ଣ୍ଣିତ ହେଲେ ଅସଙ୍ଗତି ଅଲଙ୍କାର ହୁଏ । ଯଥା—
ଜୀବନ ହରିଲେ ଚକ୍ଷୁ ଦେହରୁ ଜୀବନମଣି ଶୁନ୍ଦୋ ଆର ।
ଫାର୍ଶ ଦେଉଛନ୍ତି ଧାଁଇରେ ମୀନକୁ ବନ୍ଧୁଜନଙ୍କୁ ପକାଇ ।
ଯୁଗଳଦେବ. ଚକୋରକଳା—ଭୁଲମଣି ଅଲଙ୍କାରତରଙ୍ଗିଣୀ । ]
ସଂ. ବିଣ—ସଙ୍ଗତିରହିତ—
Not well-to-do; resourceless.

**ଅସଙ୍ଘା**—ଗ୍ରା. ବିଣ.—ଅସଙ୍ଘା ( ଦେଖ )
Asanga Asangha ( See )
ଅସଙ୍ଘା ଗାଈ ଉପରେ ପଡ଼ାଇବ ଷାଣ୍ଢ—
ଗ୍ରାଚୀ—ନୃତ୍ୟକୃଷ୍ଣଗୀତା ।

**ଅସଙ୍ଗୀ**—ସଂ. ବିଣ. ( ଅ + ସଙ୍ଗ + ଇନ୍; ୧ମା. ୧ବ. )—ଅନାସକ୍ତ—
Asangi Unattached.
ପ୍ରଥମେ ବୟସ ଅସଙ୍ଗୀ; ପ୍ରେମମୂଳକ ଉଦ୍ବେଗୀ—
କବିସୂର୍ଯ୍ୟ—ରାଗକଳ୍ପ ।
ସଂ. ବି.—କୁସଙ୍ଗୀ; ମନ୍ଦ ସହଚର—
Bad companion.

**ଅସଙ୍ଘଡ଼ା**—ଗ୍ରା. ବିଣ—ଯେଉଁ ଚାଉଳରେ ପରିବାଯାକ ଭାତମଣ୍ଡପେ ସିଝି
Asangharda ଏକଦମ ମିଶି ଯାଇ ନ ଥାଏ; ଅର୍ଦ୍ଧସିଦ୍ଧ—
আধসিদ্ধ Half boiled; not well boiled.

**ଅସଙ୍ଘା**—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସ. ଅସଙ୍ଗମ,—ଯେଉଁ ବୃଷ ବା ଗାଈ
Asangha ଅବଧି ସଙ୍ଗମ କରି ନାହିଁ — a cow or bull )
Which has not yet copulated.

**ଅସଚ୍ଚରିତ୍ର**—ସଂ. ବି. ( କର୍ମଧା. ଅସତ୍ + ଚରିତ୍ର )—ମନ୍ଦ ଆଚରଣ—
Asachcharitra Bad or immoral character.
(ଅସଚ୍ଚରିତ୍ରା—ସ୍ତ୍ରୀ) ସ. ବିଣ. ପୁଂ (ବହୁବ୍ରୀହି)—ମନ୍ଦଚରିତ୍ରଶାଳୀ—
Immoral; of bad character.

**ଅସଚ୍ଛଳ**—ଦେ. ବିଣ. ( ସ. ଅ + ସଚଳ; କିମ୍ବା ଅ + ସଚ୍ଛଳ )—
Asachchhala ୧ । ଅସଙ୍ଗତିପନ୍ନ—1 Not well to-do.
অসচ্ছল ୨ । ଅଭାବଗ୍ରସ୍ତ—2. Being in want.
(ଅସଚ୍ଛଳତା—ବି) ୩ । ନିର୍ଧନ—3. Poor.

**ଅସଜ୍**—ପ୍ରାଦେ. (ସମ୍ବଲପୁର) ବି ଓ ବିଣ—ଅସଜ ( ଦେଖ )
Asaj Asaja ( See )

**ଅସଜ୍ଠାନ୍**—ପ୍ରାଦେ. (ସମ୍ବଲପୁର) ବି—ଅସଜଥାନ ( ଦେଖ )
Asajṭhān Asajathāna ( See )

**ଅସଜ୍ଥାନ୍**—ପ୍ରାଦେ. (ସମ୍ବଲପୁର) ବି—ଅସଜଥାନ ( ଦେଖ )
Asajṭhān Asajathāna ( See )

**ଅସଜ**—ଦେ. ବି. ( ସ. ଅ + ସଜ = ସଜ୍ଜିତ; କିମ୍ବା ଅ + ସହଜ )—
Asaja ୧ । ଅସୁଖ; ଅସୁବିଧା—1. Inconvenience.
୨ । ଅକଳ; ଅସୁବିଧାମୟ ଅବସ୍ଥା—2. Inconvenient condition; awkward position.
୩ । ଉପାୟାନ୍ତରହୀନତା—3. Resourcelessness.
୪ । ଯନ୍ତ୍ର ଆଦି ବିଗିଡ଼ିଯିବା ଅବସ୍ଥା—
4. Being out of order; derangement.
୫ । ଗୋଳମାଳ—5. Confusion; complication.
୬ । ସ୍ତ୍ରୀର ଗର୍ଭାବସ୍ଥା—6. Pregnancy.
( ଯଥା—ତାଙ୍କ ଘରେ ବର୍ତ୍ତମାନ ଅସଜ ଥିବାରୁ ସେ ମଙ୍ଗଳ କାମେଇବେ ନାହିଁ । )
୭ । ସ୍ତ୍ରୀର ଋତୁମତୀ ଅବସ୍ଥା—
7. State of being in her menses.
ଦେ. ବିଣ—୧ । ଅସୁବିଧାଜନକ; ଅକଳିଆ—
1. Inconvenient; awkward.
୨ । ଅକଳ ହୋଇଥିବା; ବିଗିଡ଼ିଥିବା—
2. Out of order; deranged.
୩ । ଗୁପ୍ତ (ଅଙ୍ଗ)—3. Private ( limb or part of body).
୪ । ଅସହଜ; କଷ୍ଟକର—4. Difficult.
୫ । ଅସଜ୍ଜିତ—5. Unfurnished.
୬ । ଦେହର ଯେଉଁ ଅଂଶ ଅତି ସୁକୁମାର—
6. Vital ( part of the body ); very tender.
୭ । ଅପ୍ରସ୍ତୁତ—7. Unprepared; not ready.
୮ । ଅସୁନ୍ଦର—8. Ungraceful.
୯ । ( ସ. ଅ + ସଦ୍ୟଃ )—ପର୍ଯ୍ୟୁଷିତ; ବାସୀ—
9. Stale; not fresh.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଧ୍ୱ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ନ |

**ଅସଜଥାନ**—ଦେ. ବି—୧ । ଅସୁବିଧାଜନକ ସ୍ଥାନ—
Asajathāna 1. Inconvenient place.
୨ । ଦେହର ମର୍ମସ୍ଥାନ—2. Vital or vulnerable part of the body.
୩ । ଦେହର ଗୁପ୍ତ ସ୍ଥାନ—3. The privities; private parts of the body.

**ଅସଜସଜ**—ଦେ.ବି—୧ । ଅସୁବିଧା ଓ ସୁବିଧା—1 Inconvenience and convenience.
Asajasaja

**ଅସଜା**—ଦେ. ବି. ( ସଂ. ଅସଜ୍ଜିତ )—
Asajā ୧ । ଅସଜ୍ଜିତ—1. Unfurnished.
অসাজান ୨ । ଅନଲଙ୍କୃତ—2. Unadorned.
**बेसामान**

**ଅସଜାଡ଼**—ଦେ. ବିଣ(ସଂ. ଅ + ସଜ୍ଜା) —୧ । ବିଗିଡ଼ିଥିବା—
Asajārda 1 Disordered; out of order.
বিগড়ান ୨ । ସଜଡ଼ା ହୋଇ ନ ଥିବା—
**अंडबंड** 2. Not set right.
୩ । ଅସଜ୍ଜିତ—3. Not arranged or furnished.
୪ । ଅସୁବିଧାଜନକ—4. Inconvenient.
ବନ କଣ୍ଟା ଝୁଣ୍ଟା ଖାଲ ଅସଜାଡ଼ ଭୂମି । ସାରଳାମହାଭାରତ· ଆଦି ।
୫ । ଅପରିଷ୍କୃତ—5. Uncleansed.
୬ । ପୀଡ଼ିତ—6. Sick.
୭ । ଯାହାର ଧାରା ବିଗିଡ଼ି ଯାଇଥାଏ—7. Disorganised.
୮ । ଅସୁସଜ୍ଜିତ—8. Not properly arranged.

**ଅସଜିଆ**—ଦେ. ବିଣ—ଅସଜ ( ଦେଖ )
Asajiā Asaja ( See )

**ଅସଜିଲ୍**—ଦେ. ବିଣ. ( ସଂ. ଅ + ସଜ୍ଜିତ )—
Asajil ୧ । ଅପ୍ରସ୍ତୁତ—1. Unprepared.
বেসজিল ୨ । ଅସଜ୍ଜିତ—2. Unfurnished.
**बेसजिल** ୩ । ଅସୁବିଧାଜନକ—3. Inconvenient.
ଦେ ବି—୧ । ଅସୁବିଧା—1. Inconvenience.
୨ । ଅପ୍ରସ୍ତୁତ ଅବସ୍ଥା—2 Unpreparedness.

**ଅସଞ୍ଚା**—ଦେ. ବିଣ. ( ସଂ.ଅ+ସଞ୍ଚିତ )—୧ । ସଞ୍ଚିତ ହୋଇ ନ ଥିବା; ଅପୁଞ୍ଜୀକୃତ—1. Unstored; unhoarded.
Asañchā
୨ । ସାଇତା ହୋଇ ନ ଥିବା—2. Not preserved.

**ଅସଡ଼**—ଦେ. ବିଣ. (ସଂ. ଅଶ୍ଳୀଳ; ଅଶିଷ୍ଟ)—୧ । ଅଶିଷ୍ଟ; ଅଭଦ୍ର—
Asarda 1. Rude; uncivil.
୨ । ଅଶ୍ଳୀଳଭାଷୀ—2. Of vile tongue; obscene.
୩ । ଅବାଧ୍ୟ—3. Disobedient
୪ । ଅଶିକ୍ଷିତ—4 Uneducated

୫ । ଯେଉଁ ହାଣ୍ଡି ବା ମୃତ୍‌ପାତ୍ରରେ ବହିଦିନ ଘିଅ ତେଲ ଆଦି ରଖା ଯାଇ ତାକୁ ସଡ଼ା କରାଯାଇ ନ ଥାଏ—(earthen pot) The pores of which have not become sufficiently saturated with milk or ghee by use, so as not to suck any further article kept in them.

**ଅସଡ଼ସଡ଼**—ଗ୍ରା. ବିଣ. (ସଂ. ଅଶ୍ଳୀଳ)—୧ । ଅଶ୍ଳୀଳ (ବାକ୍ୟ)—
Asardasarda 1. Obscene (language)
୨ । ଅଶିଷ୍ଟ (ବାକ୍ୟ)—2. Rude (words)
ଗ୍ରା. ବି—୧ । ଅଶ୍ଳୀଳ କଥା—1. Obscene language.
୨ । ଅଶିଷ୍ଟବାକ୍ୟ—2. Rude words

**ଅସଡ଼ା**—ଦେ. ବିଣ.—ଅସଢ଼ା (ଦେଖ)
Asardā Asardhā (See).

**ଅସଢ଼ା**—ଦେ. ବିଣ.—୧ । ଯାହା ସଢ଼ି ନ ଥାଏ—
Asardhā 1. Not rotten.
୨ । ଯାହା ପାଚି କରି ଢୋଳ ଯାଇ ନ ଥାଏ—
2. Not softened after being fully ripe.

**ଅସଣା**—ଗ୍ରା. ବି. ଓ ବିଣ.—ଅସନା ( ଦେଖ )
Asaṇā Asanā ( See )

**ଅସଣ୍ଠଣ**—ଗ୍ରା. ବି. ( ଅ + ସଂସ୍ଥାନ )—ଶୃଙ୍ଖଳାର ଅଭାବ—
Asanṭhaṇa Want of method.
ଗ୍ରା. ବିଣ.—୧ । ଶୃଙ୍ଖଳାହୀନ—
বেঢঙ্গ; বেডৌল 1. Unmethodical.
**बेढ़ंग** ୨ । ଅଠିକଣା—2. Clumsy; awkward
୩ । ଅସୁନ୍ଦର—3. Ungraceful.
ପୁ.—୧ । ଯେଉଁ ବ୍ୟକ୍ତିର କାର୍ଯ୍ୟରେ ଠିକଣା ବା ଶୃଙ୍ଖଳା ନ ଥାଏ—1. Unmethodical or clumsy in work.
(ଅସଣ୍ଠଣୀ—ସ୍ତ୍ରୀ)
୨ । ଯେଉଁ ବ୍ୟକ୍ତିର ଚାଲିଚଳନ, ଲୁଗାପିନ୍ଧା, ଖିଆପିଆରେ ଢଙ୍ଗ ବା ସୌନ୍ଦର୍ଯ୍ୟ ନ ଥାଏ—2. Of awkward movements.

**ଅସଣ୍ଠଣା**—ଗ୍ରା. ବି.—ଅସଣ୍ଠଣ ( ଦେଖ )
Asanṭhaṇā Asanṭhaṇa ( See )
(ଅସଣ୍ଠଣୀ—ସ୍ତ୍ରୀ) ଗ୍ରା. ବିଣ.—ଅସଣ୍ଠଣ ( ଦେଖ )
Asanṭhaṇa ( See )

**ଅସଣ୍ଠଣିଆଁ**—ଗ୍ରା. ବିଣ. ପୁଂ.—ଅସଣ୍ଠଣା ( ଦେଖ )
Asanṭhaṇiāñ Asanṭhaṇā ( See )
(ଅସଣ୍ଠଣେଇ—ସ୍ତ୍ରୀ)

**ଅସଣ୍ଡବା**—ଗ୍ରା. ବିଣ.—ଅସଣ୍ଢବା ( ଦେଖ )
Asaṇḍabā Asaṇḍhabā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୁଈଁ' ନ ମିଳିଲେ 'ଭୂଇଁ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସଣ୍ଢବା**—ଗ୍ରା. ବିଣ.—୧ । ଅସଙ୍ଗତ ( କଥା )—
Asaṇḍhabā 1. Unreasonable.
୨ । ଅଶାଡୁଆ ( ବ୍ୟକ୍ତି )—2. Awkward; queer.
୩ । ଭୁସିଁଭ; ଅସୁନ୍ଦର—3. Ungraceful; ugly.

**ଅସତ୍**—ସଂ. ବିଣ.—( ଅ+ସତ୍ )—୧ । ମିଥ୍ୟା; ମିଛ—
Asat 1. False; untrue.
୨ । ଅସ୍ତିତ୍ୱବିହୀନ; ସତ୍ତାରହିତ—2. Non-existent.
୩ । ମନ୍ଦ; ଖରାପ—3. Bad.
୪ । ଖଳ; ଦୁଷ୍ଟ—4. Wicked; wanton.
୫ । ଅଧାର୍ମିକ—5. Impious; irreligious.
୬ । ଅସାଧୁ; ଅସଜ୍ଜନ—6. Dishonest.
୭ । ପରର ଧନ ବା ସମ୍ପତ୍ତି ପ୍ରତି ଅନ୍ୟାୟ କ୍ରମେ ଲୁବ୍ଧ—
7. Unlawfully covetuous after others' property.
୮ । ଅସଚ୍ଚରିତ୍ର—8. Immoral;of bad character.

**ଅସତ**—ଦେ. ବିଣ. ୧ । ( ସଂ. ଅସତ୍ )—ଅସତ୍ ( ଦେଖ )
Asata Asat ( See )
୨ । ( ସଂ. ଅସତ୍ୟ )—ମିଥ୍ୟା—2. False.
ମୋର ବଚନ ହେ ନାରଦ, କେବେହେଁ ନୁହଇ ଅସତ । ଜଗନ୍ନାଥ- ଭାଗବତ ।
ଦେ. ବି.—ଅସତ୍ୟ; ମିଥ୍ୟା ବାକ୍ୟ—A lie; falsehood.

**ଅସତିଆ**—ଦେ. ବିଣ. ପୁଂ ( ସଂ. ଅ+ସତ୍ୟ ) ୧ । ମିଥ୍ୟାବାଦୀ—
Asatiā 1. Untruthful
(ଅସତେଇ—ସ୍ତ୍ରୀ) ୨ । ଅଙ୍ଗୀକାର ଲଂଘନକାରୀ—2. False to one's promise.

**ଅସତୀ**—ସଂ. ବିଣ. ସ୍ତ୍ରୀ ( ଅ+ସତୀ)— ଦୁଶ୍ଚରିତ୍ରା; ପୁଂଶ୍ଚଳୀ—
Asatī Unchaste
ଦେ. ବିଣ. ସ୍ତ୍ରୀ ( ସଂ. ଅ+ସତ୍ୟବାଦିନୀ )—ମିଥ୍ୟାବାଦିନୀ—Untruthful.
ସଂ. ବି. ସ୍ତ୍ରୀ—ପୁଂଶ୍ଚଳୀ ସ୍ତ୍ରୀ—Adulteress

**ଅସତେଇ**—ଦେ. ବିଣ. ସ୍ତ୍ରୀ (ସଂ. ଅସତ୍ୟ)-୧ । ମିଛୁଆଇ; ମିଥ୍ୟାବାଦିନୀ—
Asatei 1. Lying; untruthful.
୨ । (ସଂ. ଅସତୀ) ଅସତୀ; କଷ୍ଟଚରିତ୍ରା—2. Unchaste.

**ଅସତ୍ତା**—ସଂ. ବି. ( ଅ+ସତ୍ତା )—୧ । ଅବିଦ୍ୟମାନତା—
Asattā 1. Non-existence.
୨ । ଅନୁପସ୍ଥିତି—2. Absence.

**ଅସତ୍ୟ**—ସଂ. ବି ( ଅ+ସତ୍ୟ )—୧ । ମିଥ୍ୟା; ମିଛବାକ୍ୟ—
Asatya 1. Falsehood; a lie.
୨ । ପ୍ରତିଜ୍ଞାଲଙ୍ଘନ—2. Breach of promise.
ସଂ. ବିଣ.—ମିଥ୍ୟା—False.

**ଅସଦାଚରଣ**—ସଂ. ବି ( କର୍ମଧା )—୧ । ମନ୍ଦ ଆଚରଣ—
Asadācharaṇa 1. Bad conduct.
୨ । ଦୁଷ୍ଟ ଆଚରଣ—2. Wicked conduct.
୩ । ଅଭଦ୍ର ବ୍ୟବହାର—3. Rude treatment.

**ଅସଦାଚରଣଜାମିନ**—ଦେ. ବି.—ଫାଇଲ୍‌ଜାମିନ୍ ( ଦେଖ )—
Asadācharaṇajāmin Phāiljāmin ( see )

**ଅସଦାଚରଣମୁଚ୍ଲିକା**—ଦେ. ବି.—ଫାଇଲ୍‌ଜାମିନ୍ ( ଦେଖ )
Asadācharaṇa muchālikā Phāiljāmin ( See )

**ଅସଦାଚାର**—ସଂ. ବି ( କର୍ମଧା; ଅସତ୍+ଆଚାର )—
Asadāchāra ୧ । ମନ୍ଦ ଆଚରଣ—1. Bad conduct.
୨ । ଦୁଷ୍ଟ ଆଚରଣ—2. Wicked conduct
୩ । ଯାହା ସଦାଚାର ବା ଶିଷ୍ଟାଚାର ନୁହେ—
3. Not approved wsage.

**ଅସଦାଚାରୀ**—ସଂ. ବିଣ ( ଅସଦାଚାର+ଇନ୍. ୧ମା. ୧ବ )—
Asadāchārī ମନ୍ଦ ଆଚରଣବିଶିଷ୍ଟ; ଦୁଷ୍ଟ—
(ଅସଦାଚାରିଣୀ—ସ୍ତ୍ରୀ) Of wicked behaviour; wicked.

**ଅସଦୁପଦେଶ**—ସଂ. ବି ( କର୍ମଧା )—
Asadupadeśa ମନ୍ଦ ପରାମର୍ଶ—Bad advice.

**ଅସଦୃଶ**—ସଂ. ବିଣ( ଅ+ସଦୃଶ )—୧ । ଅସମାନ—
Asadṛuśa 1. Unequal; dissimilar.
୨ । ଅନୈକ୍ୟ—2 Not resembling.
ଅସାଦୃଶ୍ୟ } ବି ୩ । ପରସ୍ପର ସହିତ ମିଳୁ ନ ଥିବା—
ଅସଦୃଶତା } Not tallying with each other.

**ଅସଦ୍‌ବ୍ୟବହାର**—ସଂ.ବି.—୧ । ମନ୍ଦ ଆଚରଣ—1. Bad conduct.
Asadbyabahāra ୨ । ଅଭଦ୍ର ଆଚରଣ—
2. Uncivil treatment.
୩ । ଅପବ୍ୟବହାର—3. Misuse; abuse.

**ଅସଦ୍ଭାବ**—ସଂ. ବି ( ଅସତ୍=ଅବିଦ୍ୟମାନ+ଭାବ )—
Asadbhāba ୧ । ଅସତ୍ତା; ଅବିଦ୍ୟମାନତା—
1. Non-existence.
୨ । ଅଭାବ—2. Want.
୩ । ( ଅ+ସଦ୍ଭାବ ) ଅପ୍ରୀତି; ଅପ୍ରଣୟ—
3 Want of cordiality.
୪ । ମିତ୍ରଭାବ ଅଭାବ—4 Want of friendliness.
୫ । ଶତ୍ରୁତା—5. Enmity.

**ଅସନ**—ସଂ. ବି (ଅସ ଧାତୁ=କ୍ଷେପଣ କରିବା+ଭାବ. ଅନ )—
Asana ୧ । କ୍ଷେପଣ—1. Throwing.
ଅନ୍ୟ ସଂ. ନାମ—**असन** ୨ । ପୀତଶାଳ; ପିଅଶାଳ (ଗଛ)—
अनन 2. A timber tree; Pterocarpus marsupium
**असना; असैन** ୩ । ଶାଳଜାତୀୟ ଏକପ୍ରକାର ଗଛ—
3 A timber tree, Buchanania Latifolia.
[ଦ୍ର- ହରୀତକ୍ୟାଦିବର୍ଗର ବନ୍ୟ ତରୁ । ଏହା ଅର୍ଜୁନ ଗଛ ପରି; ଏଥିର ଛାଲ ଓ ଫଳରୁ ଚମଡ଼ା କଷିବାର ମସଲା (tannin) ବାହାରେ । ଫୁଲ ହଳଦିଆ, ଫଳ ପକ୍ଷିପକ୍ଷ, ଗଛରୁ ଅଠା ବାହାରେ, କାଠ ଶକ୍ତ ଓ ମାଟିଆ, ମଞ୍ଜ ଶକ୍ତ; ଏ ଗଛ ୨ ଜାତିର; ୧ ପର୍ଣ୍ଣହିଁଥିବା ଅସନ—

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଢ଼ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ୱ | ନ୍ତ |

କାଠ ଗାଡ଼ି ଖଇର ରଙ୍ଗର । ୨ । ଅମୂଖ ଅସନ—କାଠ ମାନ୍ଥଅ ଓ ମଞ୍ଜ ଖଇରୁ । ]

**ଅସନଟ**—ଦେ. ବି—୧ । ଗୋଲମାଲ —1. Confusion.
Asanaṭa ୨ । ଅବର୍ଜନା; ଅଳଅ—2 Refuse.
ଦେ. ବିଣ—୧ । ଗୋଲମାଲଅ—1. Complicated.
୨ । ଅବର୍ଜନାମୟ—2. Full of refuse.
୩ । ମଳଅ; ମଇଲା—3. Dirty; foul.
୪ । ଅଖଣ୍ଡିଅ—4. Inconvenient; awkward.

**ଅସନଟିଆ**—ଦେ. ବିଣ—ଅସନଟ ( ଦେଖ )
Asanaṭiā Asanaṭa (See)

**ଅସନପର୍ଣ୍ଣୀ**—ସଂ. ବି—ଶୁନ୍ସୁନିଆ ଶାଗ—
Asanaparṇṇī A pot-herb; Marselia Quadrifolia.

**ଅସନା**—ଦେ. ବିଣ—୧ । ମଇଲା; ଅପରିଷ୍କୃତ —1. Unclean; filthy; dirty.
Asanā
ନୋଙ୍ଗରା ୨ । ଯେ ଦାନ୍ତ ଓ ଲୁଗା ଆଦିକୁ ମଇଲା ବା କୋଚଟ ରଖେ—
ମୈଲା 2. Of unclean habits; dirty.
(ଅସନୀ—ସ୍ତ୍ରୀ) ଦେ. ବି—୧ । ମଇଲା; ମଳ—1. Filth; dirt.
୨ । ଅଳଅ; ଝାଡୁଆ—2. Sweepings.

**ଅସନ୍ତୁଷ୍ଟ**—ସଂ. ବିଣ. ପୁଂ. (ଅ + ସନ୍ତୁଷ୍ଟ)— ଅତୃପ୍ତ—
Asantushṭa Dissatisfied; discontended.
(ଅସନ୍ତୁଷ୍ଟା—ସ୍ତ୍ରୀ)

**ଅସନ୍ତୋଷ**—ସଂ. ବି. ( ଅ + ସନ୍ତୋଷ )—
Asantosha ସନ୍ତୋଷର ଅଭାବ; ଅତୃପ୍ତି—
Discontent; dissatisfaction.
ଦେ. ବିଣ—ଅସନ୍ତୁଷ୍ଟ—Dissatisfied.

**ଅସନ୍ଦିଗ୍ଧ**—ସଂ. ବିଣ. ( ଅ + ସନ୍ଦିଗ୍ଧ )—
Asandigdha ୧ । ସନ୍ଦେହ ଶୂନ୍ୟ—1. Unsuspicious; unsuspecting.
୨ । ନିଃସନ୍ଦେହ; ନିଶ୍ଚିତ—2. Sure; certain; undoubted.

**ଅସନ୍ଦେହ**—ସଂ. ବି. ( ଅ + ସନ୍ଦେହ )—
Asandeha ୧ । ସନ୍ଦେହର ଅଭାବ—1. Absence of doubt.
୨ । ସ୍ଥିରତା—2. Certainty

**ଅସନ୍ଦେହୀ**—ଦେ. ବିଣ.—୧ । ଯେ କାହାରି ଉପରେ ସନ୍ଦେହ କରେ
Asandehī ନାହିଁ; ଯେ ସମସ୍ତଙ୍କୁ ବିଶ୍ୱାସ କରେ—
অসন্দেহী 1. Confiding in every one.
୨ । ଯାହା ଉପରେ କୌଣସି ଅପରାଧ ପାଇଁ ସନ୍ଦେହ କରା ଯାଏ ନାହିଁ—2. Not suspected of any offence.

**ଅସନ୍ଧି**—ଦେ. ବି.—୧ । ସଙ୍କୀର୍ଣ୍ଣ ସ୍ଥାନ—1. Narrow place.
Asandhi ୨ । ଅସଂଯୋଗ—2. Want of connection.
୩ । ଅଶାନ୍ତି; ଶାନ୍ତିସ୍ଥାପନର ଅଭାବ—3. Want of peace; want of binding by treaty.
୪ । ନିରୁପାୟ ଅବସ୍ଥା—4. Helpless condition.
୫ । ସନ୍ଦେହ—5. Doubt.
ଦେ. ବିଣ.—୧ । ଘନ; ସାନ୍ଦ୍ର—1. Dense; thickly set.
୨ । ସନ୍ଦେହଜନକ—2. Doubtful.

**ଅସନ୍ଧିଆ**—ଦେ. ବି. ଓ ବିଣ.—ଅସନ୍ଧି (ଦେଖ)
Asandhiā Asandhi (See)

**ଅସନ୍ଧିସନ୍ଧି**—ଦେ. ବି.—କନ୍ଦିବକନ୍ଦି; ପ୍ରକାଶ୍ୟ ଓ ଗୁପ୍ତ ସବୁସ୍ଥାନ—
Asandhisandhi Every nook and corner; every conceivable place.
(ଯଥା—ମୁଁ ତାଙ୍କୁ ସବୁ ଅସନ୍ଧିସନ୍ଧିରେ ଖୋଜିଲି)

**ଅସନ୍ନିହିତ**—ସଂ. ବିଣ. (ଅ + ସନ୍ନିହିତ)—ଦୂରସ୍ଥ—
Asannihita Distant.

**ଅସପତ୍ନ**—ସଂ. ବିଣ. (ଅ+ସପତ୍ନ=ଶତ୍ରୁ; ପ୍ରତିଦ୍ୱନ୍ଦ୍ୱୀ)—
Asapatna ୧ । ପ୍ରତିଦ୍ୱନ୍ଦ୍ୱୀରହିତ —1 Having no rival.
(ଅସପତ୍ନା—ସ୍ତ୍ରୀ) ୨ । ନିଷ୍କଣ୍ଟକ—2. Undisturbed.

**ଅସପିଣ୍ଡ**—ସଂ. ବିଣ. ପୁଂ. ( ଅ + ସପିଣ୍ଡ; ଯେ ପିଣ୍ଡ ସମ୍ପର୍କଦ୍ୱାରା ସଂବନ୍ଧ
Asapiṇḍa ନୁହେ )—ସପିଣ୍ଡ ସମ୍ପର୍କରୁ ଦୂରତର; ଆପଣାଠାରୁ ସାତ ପୁରୁଷ ଛଡ଼ା ( ବ୍ୟକ୍ତି )—( ସପିଣ୍ଡ ଶବ୍ଦେ ନୋଟ ଦେଖ )—( agnate ) Not connected by common funeral oblation; beyond the seventh degree of kinship related to a person more distantly than a Sapiṇḍa.

**ଅସଫା**—ଦେ. ବିଣ. ( ସଂ. ଅ + ଆ. ସଫା )—
Asaphā ୧ । ଅନିର୍ମଳ—1. Not clear.
୨ । ଅପରିଷ୍କୃତ—2. Uncleansed.

**ଅସବର୍ଣ୍ଣ**—ସଂ. ବିଣ. ପୁଂ. ( ଅ+ସବର୍ଣ୍ଣ )—
Asabarṇṇa ୧ । ଭିନ୍ନ ଜାତୀୟ; ଯେ ଆପଣାର ବର୍ଣ୍ଣର ବା
( ଅସବର୍ଣ୍ଣା—ସ୍ତ୍ରୀ ) ଜାତିର ନୁହେ—
1. Of a different caste.
୨ । (ବ୍ୟାକରଣ) ଯେଉଁ ବର୍ଣ୍ଣ ବା ଧ୍ୱନି ବା ଅକ୍ଷରମାନଙ୍କର ଉଚ୍ଚାରଣ ସ୍ଥାନ ଭିନ୍ନ ଭିନ୍ନ ଅଟେ—
2 (grammar) (letters or sounds) Which do not issue from the same organ of pronunciation.
୩ । (ସଙ୍ଗୀତ) ଯେଉଁ ଧ୍ୱନିମାନ ଏକସ୍ୱରର ଅନ୍ତର୍ଗତ ନୁହେ—
3 Not homogeneous (as sound) (M.W.)

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଅସବର୍ଣ୍ଣବିବାହ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା ) —ଏକ ଜାତିର ବର୍ଣ୍ଣ ସଙ୍ଗେ ଅନ୍ୟ ଜାତିର କନ୍ୟାର ବିବାହ—
Asabarnnabibāha — Intermarriage between people of different caste.
[ଦ୍ର—ଅନୁଲୋମ ପ୍ରତିଲୋମ ବିବାହ ତଳେ ନୋଟ ଦେଖ ]

**ଅସବାବ**—ବୈଦେ. ବି. ( ଆ. ଅସ୍‌ବାବ୍ )—୧ । ଗୃହର ଚଳନ୍ତି ପ୍ରୟୋଜନୀୟ ଜିନିଷପତ୍ର; ମାଲ୍—
Asabāb — 1. Domestic movable property.
আসবাব
अस्बाब ୨ । ଚଳନ୍ତି ସମ୍ପତ୍ତି—2 Movables.
୩ । ଗୃହର ସାଜସଜ୍ଜା; ଉପକରଣ—3. Furniture.

**ଅସବାବ୍‌ପତ୍ର**—ଦେ. ବି. ( ଅନର୍ଥକ ଦ୍ୱିତୀୟ ସହଚର; ଭୁଲାବାବ ଦରମାପତ୍ର; ବଟାପତ୍ର; ପଇସାପତ୍ର )—
Asabābpatra
আসবাবপত্র ୧ । ଗୃହର ନାନାଦି ବସ୍ତୁ—
सामान 1 Various household articles.
୨ । ଯାବତୀୟ ଚଳନ୍ତି ସମ୍ପତ୍ତି—
2. All the movables.
୩ । ସାମାନ; ଭ୍ରମଣକାରୀ ବ୍ୟକ୍ତିର ସାଙ୍ଗରେ ନିଆ ଯିବା ଆବଶ୍ୟକୀୟ ପଦାର୍ଥଗୁଡ଼ିକ ଓ ବିଛଣା ଆଦି—
3. Bag and baggage of a traveller.

**ଅସବ୍ୟ**—ସଂ. ବିଣ. ( ଅ+ସବ୍ୟ )—ବାମ; ବାଆଁ—Left.
Asabya — ଦେ. ବି—ବାମପାର୍ଶ୍ୱ—Left side.
ସବ୍ୟେ ଅସବ୍ୟେ ଯେତୁ କେଶରେ ଗୁରୁ ବଇଳ,
ଏହା କ ଚିହ୍ନିଲେ ବନାଶ ଯାଉ ସେ ଜନ—ସାରଳା• ମହାଭାରତ• ଆଦ ।

**ଅସଭାବ ( ଇତ୍ୟାଦି )**—ବୈଦେ. ବି—ଅସବାବ୍ ଇତ୍ୟାଦି ( ଦେଖ )
Asabhāba etc — Asabāb etc ( See )
ଧାନ ଭଣ୍ଡାର ଦର ମୁନ୍ଦ ଅବ ବଦ,
ସେତେକ ଅସଭବ ଅସବ ସେହି ପୁରେ—ସାରଳା• ମହାଭାରତ• ଆଦ ।

**ଅସଭ୍ୟ**—ସଂ. ବିଣ. ( ଅ+ସଭ୍ୟ; ଯେ ସଭାରେ ବସିବାର ଉପଯୁକ୍ତ ନୁହେ )—୧ । ସଭାରେ ବସିବାର ଅନୁପଯୁକ୍ତ—
Asabhya — 1. Not fit for an assembly.
(ଅସଭ୍ୟା—ସ୍ତ୍ରୀ)
(ଅସଭ୍ୟତା—ବି) ୨ । ସମାଜରେ ଚଳିବାକୁ ଅଯୋଗ୍ୟ—
2 Unfit for society.
୩ । ଅଶିକ୍ଷିତ—3. Uneducated.
୪ । ବର୍ବର; ଯେ ସଭ୍ୟ ନୁହେ—
4. Barbarous; uncivilized.
୫ । ଅନୁନ୍ନତ; ସାମାଜିକ ଉନ୍ନତିହୀନ—5. Backward.
୬ । ଅଭଦ୍ର—6. Impolite.
୭ । ଇତର—7. Vulgar.
୮ । ନୀଚ; ଅଧମ—8. Mean; low.
ଦେ. ବିଣ—ଅଶ୍ଳୀଳ; ଅଶିଷ୍ଟ—Indecent; obscene.

**ଅସଭ୍ୟତା**—ସଂ. ବି. ( ଅସଭ୍ୟ+ଭାବ. ତା )—୧ । ଅଭଦ୍ରତା—
Asabhyatā — 1. Impoliteness; indecency.
୨ । ଅଶିକ୍ଷିତପଣ—2. Want of education.
୩ । ଅସଭ୍ୟହେବା ଅବସ୍ଥା—
3. Want of civilised condition.

**ଅସମ**—ସଂ. ବିଣ. ( ନଞ୍ତତ୍; ଅ+ସମ )—୧ । ଅତୁଲ୍ୟ; ଅସମାନ; ଯାହା ଅନ୍ୟ ପରି ନୁହେ; ଅସଦୃଶ—
Asama
(ଅସମତା—ବି) 1. Dissimilar; unequal.
(ଅସମା—ସ୍ତ୍ରୀ) ୨ । ଅସମତଳ—2 Uneven; not level.
୩ । ( ବହୁବ୍ରୀହି ) ଅନୁପମ—3 Incomparable.
୪ । ଅଦ୍ୱିତୀୟ; ଯାହାକୁ କେହି ସରି ନୁହେ—
4. Matchless; peerless.
୫ । ଅସାଧାରଣ—5. Extraordinary.
୬ । ବିଷମ; ଯାହା ଦୁଇରେ ହରଲେ ଛିଣ୍ଡେ ନାହିଁ (ସଂଖ୍ୟା)—
6. Odd ( number ).

**ଅସମକକ୍ଷ**—ସଂ. ବିଣ. ( ନଞ୍ ତତ୍. ଅ+ସମକକ୍ଷ )—
Asamakaksha — ଯେ ଅନ୍ୟ ସଙ୍ଗେ ସରି ହେବାର ବା ଯୁଝି ପାରିବାର ଉପଯୋଗୀ ନୁହେ —
1. Not a match for any one else.
୨ । ଯେ ଅନ୍ୟର ସମାନପଦ ନୁହେ—
2. Not of the same or similar status.

**ଅସମକ୍ଷ**—ସଂ. ବିଣ. ( ଅ+ସମକ୍ଷ )—୧ । ଅସାକ୍ଷାତ୍; ଚକ୍ଷୁର ଅଗୋଚର; ଆଖି ଆଗରେ ନ ଘଟିବା—
Asamaksha — 1. Not happening before one's eyes; behind one's back.
୨ । ଅନୁପସ୍ଥିତିରେ ଘଟିବା—
2. Happening in one's absence.
ସଂ. ବି—୧ । ଦୃଷ୍ଟିର ପଛ—1. Background.
୨ । ପଛଆଡ଼—2. Back side.

**ଅସମଗ୍ର**—ସଂ. ବିଣ. ( ନଞ୍ ତତ୍; ଅ+ସମଗ୍ର )—୧ । ଅସମ୍ପୂର୍ଣ୍ଣ—
Asamagra — 1. Incomplete
୨ । ଆଂଶିକ—2. Partial.
୩ । ଯାହା ପୂରା ନୁହେଁ—3 Not entire.

**ଅସମଞ୍ଜସ**—ସଂ. ବିଣ (ନଞ୍ ତତ୍; ଅ+ସମଞ୍ଜସ)—୧ । ଅସଙ୍ଗତ; ଅନୁଚିତ—
Asamañjasa — 1. Improper.
(ଅସାମଞ୍ଜସ୍ୟ—ବି) ୨ । ଅନୁପଯୁକ୍ତ—2 Unfit; unbecoming.
୩ । ଅମେଳ; ବିଷମ—3. Incongruous.
୪ । ଅସମ୍ଭବ—4. Absurd.
ସଂ. ବି.—୧ । ଅଯୋଗ୍ୟ ଓ ନିକମ୍ମା ବ୍ୟକ୍ତି—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଗ,ଶ | ଙ୍କ | ଇଯ଼ | ଉଅ | ଘ |
| ୨ | ଋ | ଊ | ଲୁ | ଲୂ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ନୃ |

1. A good for nothing fellow. (M. W.)
୨ । ଅନୌଚିତ୍ୟ—2. Impropriety.
୩ । ଅନୁପଯୁକ୍ତତା—3. Unbecomingness.
୪ । (ନାମ) ମୟଦାନବର ପୁତ୍ର—
4. Name of the son of the demon Maya,

**ଅସମତଳ**—ସଂ. ବଣ. ( ନଞ୍ ତତ୍; ଅ + ସମତଳ )—
Asamatala ୧ । ଯାହାର ପୃଷ୍ଠଦେଶ ସମତଳ ନୁହେଁ; ଉଚ୍ଚା-ନୀଚ; ଅବଡ଼ାଖାବଡ଼ା—
1. Uneven; not smooth.
୨ । ଅଚିକ୍କଣ—2. Rough.
୩ । ଯାହା ଅନ୍ୟ ବସ୍ତୁର ତୁଳନାରେ ସମାନ ଉଚ୍ଚତାରେ ନ ଥାଏ—3. Not of the same level ( with another thing ).

**ଅସମଭାବ**—ସଂ. ବି. ( ନଞ୍ ତତ୍; ଅ + ସମଭାବ )—
Asamabhāba ୧ । ଅସମାନତା—1. Inequality.
୨ । ଯାହାର ଦୁଇ ପାଖ ଓଜନରେ ସମାନ ନ ଥାଏ—
2. Want of equilibrium.

**ଅସମୟ**—ସଂ. ବି. ( ଅ + ସମୟ )—୧ । ଅନୁପଯୋଗୀ ସମୟ—
Asamaya 1. Inopportune time.
୨ । ବେଋତୁ; ଋତୁବହିର୍ଭୂତ ସମୟ—
2. Unseasonable time.
୩ । ଦୁଃସମୟ; ମନ୍ଦସମୟ; ଅଶୁଭକାଳ—
3. Bad or evil time.
୪ । ବିପଦର ସମୟ—
4. Time of danger or distress.
୫ । ଅକାଳ; ଦୁର୍ଭିକ୍ଷାଦିର କାଳ—
5. Famine; time of calamity.
୬ । ଚୁକ୍ତି ବା ବାଧ୍ୟତାର ଅଭାବ—
6. Non-obligation; absence of contract.
୭ । ଉପଯୁକ୍ତ ସମୟର ପୂର୍ବକାଳ—
7. Time before the due time.
ସଂ.ବଣ. (ବହୁବ୍ରୀହି)—୧ । ନିରୂପିତ ସମୟର ପୂର୍ବେ ଘଟିବା—
1. Appearing or happening too early.
୨ । ଅନୁପଯୋଗୀ ସମୟରେ ଘଟିବା—
2. Inopportune.
ଦେ. ବଣ—ବିପଦଯୁକ୍ତ ( ସମୟ )—
( time ) Of distress or danger.
ଅସମୟ କାଳେ ପୁଣ ଦୋଷ ନାହିଁ ଲେଖି
ଜୀବକୁ ହେଲେହେଁ ସେବା କର ପ୍ରାଣ ରଖି । ପୀତାମ୍ବର. ନୃସିଂହପୁରାଣ

**ଅସମୟସମୟ**—ଦେ. ବି. ( ସଂ. ଅସମୟ ଓ ସମୟ )—
Asamayasamaya ୧ । ମନ୍ଦ ଓ ଭଲ ସମୟ—
অসময় সময় 1. Bad and good time.
অকাল ও কাল ୨ । ଭବିଷ୍ୟତ—2. Future.

୩ । ଦରକାରହେବାବେଳ—3. Time of necessity.
(ଯଥା—ସଞ୍ଚିତ ଧନ ଅସମୟ ସମୟକୁ ବଡ଼ କାମରେ ଆସେ ।)

**ଅସମର୍ଥ**—ସଂ. ବଣ. ପୁଂ. ( ଅ + ସମର୍ଥ )—
Asamartha ୧ । ଅକ୍ଷମ; ଅଶକ୍ତ; ଅପାରଗ—
(ଅସମର୍ଥା—ସ୍ତ୍ରୀ) 1. Incapable; unable.
ଅସମର୍ଥତା } ବି. ୨ । ସାମର୍ଥ୍ୟହୀନ; ଅଯୋଗ୍ୟ—
ଅସାମର୍ଥ୍ୟ } 2. Incompetent
୩ । ଦୁର୍ବଳ—3. Weak.
୪ । କ୍ଷମତାହୀନ—4. Powerless.

**ଅସମସାହସ**—ସଂ. ବି. (କର୍ମଧା: ଅସମ+ସାହସ)—ଅସାଧାରଣ ବିକ୍ରମ—
Asamasāhasa Extraordinary courage.

**ଅସମସାହସିକ**—ସଂ. ବଣ. ପୁଂ. ( ଅସମସାହସ + ଇକ )—
Asamasāhasika ୧ । ଯାହାର ଅସାଧାରଣ ସାହସ ଥାଏ—
(ଅସମସାହସିକା – ସ୍ତ୍ରୀ) 1. ( person ) Possessed of
(ଅସମସାହସିକତା—ବି) an extraordinary amount of courage.
୨ । ଯେଉଁ କାର୍ଯ୍ୟ କରିବାକୁ ଅସାଧାରଣ ଉତ୍ସାହ ଲୋଡ଼ା ହୁଏ—2. (work) Requiring the exercise of extraordinary courage.

**ଅସମସାହସିକତା**—ସଂ. ବି. (ଅସମ ସାହସିକ + ଭାବ. ତା)—
Asamasāhasikatā ୧ । ଅସମସାହସିକର ଭାବ—
1. Fooll-hardiness.
୨ । ଅସାଧାରଣ ସାହସ ଥିବାର ଅବସ୍ଥା—
2. The state of having extraordinary courage.

**ଅସମସ୍ତ**—ସଂ. ବଣ. ( ଅ + ସମସ୍ତ )—୧ । (ବ୍ୟାକରଣ) ସମାସ ହୋଇ
Asamasta ନ ଥିବା (ପଦ); ସମାସଦ୍ୱାରା ଯୁକ୍ତ ହୋଇ ନ ଥିବା; ବ୍ୟସ୍ତ—1. ( Grammar ) Not formed into a compound; (words) not joined into a compound.
୨ । ଅସମାପ୍ତ—2. Unfinished.
୩ । ଭିନ୍ନ—3. Separated.
୪ । ଅସମ୍ପୂର୍ଣ୍ଣ—4. Incomplete.

**ଅସମାନ**—ସଂ. ବଣ. ( ଅ+ସମାନ )—
Asamāna ୧ । ଅସମ; ବିଷମ; ଯାହା ସମାନ ବା ତୁଲ୍ୟ ନୁହେଁ—
(ଅସମାନତା—ବି) 1. Not similar; unequal.
୨ । ଅସମତଳ—2. Not plane; rough.
୩ । ବିଜାତୀୟ—3. Of different caste.

**ଅସମାନକର୍ତ୍ତୃତ୍ୱ**—ସଂ. ବି—ବାକ୍ୟଦୋଷବିଶେଷ—A defect
Asamānakarttṛutwa in composition.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଁଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏକ ବାକ୍ୟରେ ସମାପିକାକ୍ରିୟା ସଙ୍ଗେ ଅସମାପିକାର କର୍ତ୍ତା ଏକ ନ ହେଲେ ଏହି ଦୋଷ ହୁଏ; ଯଥା—ମଧୁସୂଦନ ସୀତା ବନବାସରେ— ଘନ ଘନ ଲୋତକଧାର ବର୍ଷନ୍ତୁ
ଝରି ଚନ୍ଦ୍ରମା ବକ୍ଷ ଉଜ୍ଜ୍ୱଳ ଧନୁ
କୁଳମଣି ଅଳଙ୍କାରଚଙ୍ଗିଣୀ ।]

**ଅସମାନଗ୍ରାମ**—ସଂ. ବିଣ. ପୁଂ (ବହୁବ୍ରୀହି; ଅସମାନ+ଗ୍ରାମ )— Asamānagrāma ଯେ ଏକ ଗ୍ରାମରେ ଜନ୍ମି ନାହିଁ ବା ଏକ (ଅସମାନଗ୍ରାମା—ସ୍ତ୍ରୀ) ଗ୍ରାମବାସୀ ନୁହେ—Not belonging to or being born in the same village.

**ଅସମାପିକାକ୍ରିୟା**—ସଂ. ବି (ଅସମାପିକା + କ୍ରିୟା )— Asamāpikākriyā (ବ୍ୟାକରଣ) ଯେଉଁ କ୍ରିୟାର ପ୍ରୟୋଗରେ ବାକ୍ୟ ସମାପ୍ତି ହୁଏ ନାହିଁ, ଅଥବା ବାକ୍ୟ ସମାପ୍ତି ପାଇଁ ଅନ୍ୟ କ୍ରିୟା ଲୋଡ଼ା ହୁଏ—
( ଯଥା—ଖାଇ, ଶୋଇ, ଖାଅନ୍ତେ, ଯାଅନ୍ତେ, ଖାଇକରି, ଶୋଇକରି ଇତ୍ୟାଦି )
(grammar) Present participle of verbs.

**ଅସମାପ୍ତ**—ସଂ. ବିଣ. (ଅ + ସମାପ୍ତ)—୧ । ଅପୂର୍ଣ୍ଣ— Asamāpta 1. Incomplete.
(ଅସମାପ୍ତି—ବି) ୨ । ଅସମ୍ପୂର୍ଣ୍ଣ—2. Unfinished.
୩ । ଅନିଷ୍ପନ୍ନ—3. Unaccomplished.

**ଅସମୀକ୍ଷ୍ୟକାରିତା**—ସଂ. ବି. ( ଅସମୀକ୍ଷ୍ୟକାରିନ୍ + ଭାବ. ତା )— Asamikshyakāritā ଆଗପଛ ନ ବୁଝି କାମ କରିବା— Inconsiderateness.

**ଅସମୀକ୍ଷ୍ୟକାରୀ**—ସଂ. ବିଣ. ପୁଂ. ( ଅ + ସମୀକ୍ଷ୍ୟ=ଭଲକରି ଦେଖି+କୃ Asamikshyakāri ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ.)—
(ଅସମୀକ୍ଷ୍ୟକାରିଣୀ—ସ୍ତ୍ରୀ) ୧ । ଯେଉଁ ଲୋକ ଭଲ କରି ନ ଦେଖି
(ଅସମୀକ୍ଷ୍ୟକାରିତା—ବି) କାର୍ଯ୍ୟ କରେ; ଅବିବେଚକ— 1. Inconsiderate.
୨ । ଯେଉଁ ବ୍ୟକ୍ତି ଦୋଷଗୁଣ ବା ଆଗପଛ ଉତ୍ତମରୂପେ ନ ବୁଝି କାର୍ଯ୍ୟ କରେ—2. Acting without proper fore-sight.
୩ । ଯେ କେବଳ ଅନ୍ୟର ଦେଖାଦେଖି କାର୍ଯ୍ୟ କରେ ବା ଅନ୍ୟର ଅନୁକରଣ କରେ—3. Imitating another blindly.
୪ । ମୂର୍ଖ—4. Illiterate.

**ଅସମୀକ୍ଷ୍ୟଭାଷିତା**—ସଂ. ବି. (ଅସମୀକ୍ଷ୍ୟଭାଷିନ୍ + ଭାବ. ତା )—ଆଗପଛ ନ Asamikshyabhāshitā ବୁଝି ନ କରି କଥା କହିବା— Speaking without proper consideration.

**ଅସମୀକ୍ଷ୍ୟଭାଷୀ**—ସଂ. ବିଣ. ପୁଂ. (ଅସମୀକ୍ଷ୍ୟ—ଉତ୍ତମରୂପେ ନ ଦେଖି Asamikshyabhāshi ନ ବୁଝି+ଭାଷ ଧାତୁ+କର୍ତ୍ତୃ. ଇନ୍. ୧ମା. ୧ବ. )—ଯେ ଆଗ ପଛ ନ ବୁଝି
(ଅସମୀକ୍ଷ୍ୟଭାଷିଣୀ—ସ୍ତ୍ରୀ)
(ଅସମୀକ୍ଷ୍ୟଭାଷିତା—ବି) କଥା କହେ—Speaking without proper consideration.

**ଅସମୀଚୀନ**—ସଂ. ବିଣ. (ଅ+ସମୀଚୀନ)—୧ । ଅଯଥାର୍ଥ; ବେଠିକ୍— Asamichina 1. Not right
(ଅସମୀଚୀନତା—ବି) ୨ । ଅନୁଚିତ; ଅନୁପଯୁକ୍ତ— 2. Improper.
୩ । ଅଯୌକ୍ତିକ—3. Unreasonable.
୪ । ଅନୁପଯୋଗୀ—4. Unfit.

**ଅସମ୍ପନ୍ନ**—ସଂ. ବିଣ. (ଅ + ସମ୍ପନ୍ନ)— Asampanna ୧ । ଅପୂର୍ଣ୍ଣ—1. Incomplete.
୨ । ଅସମ୍ପାଦିତ; ଅକୃତ—2. Unaccomplished.
୩ । ସମ୍ପଦହୀନ; ବିଭବହୀନ; ଗରିବ— 3. Poor; indigent.

**ଅସମ୍ପର୍କ**—ସଂ. ବି. ( ଅ + ସମ୍ପର୍କ )—ଅସମ୍ବନ୍ଧ; ସମ୍ବନ୍ଧର ଅଭାବ— Asamparka Want or absence of connection.
ସଂ. ବିଣ.—ନିଃସମ୍ପର୍କୀୟ; ଯାହା ସଙ୍ଗେ କୌଣସି ସମ୍ବନ୍ଧ ନାହିଁ— Unconnected.

**ଅସମ୍ପର୍କୀୟ**—ସଂ. ବି. ( ଅ+ସମ୍ପର୍କୀୟ )—୧ । ଯେ ଆପଣା ସମ୍ପର୍କୀୟ Asamparkiya ନୁହେ; ରକ୍ତସମ୍ବନ୍ଧଦ୍ୱାରା ଆବଦ୍ଧ ହୋଇ ନ ଥିବା—1. Not related by any blood-relationship.
୨ । ଅସମ୍ପର୍କ; ନିଃସମ୍ପର୍କୀୟ—2. Unconnected.

**ଅସମ୍ପୂର୍ଣ୍ଣ**—ସଂ. ବିଣ (ଅ+ସମ୍ପୂର୍ଣ୍ଣ)—୧ । ଅସମାପ୍ତ— Asampūrnna 1. Unfinished.
(ଅସମ୍ପୂର୍ଣ୍ଣତା—ବି) ୨ । ଅପୂର୍ଣ୍ଣ—2. Incomplete.
୩ । ଅଙ୍ଗହୀନ—3. Devoid of certain component part.

**ଅସମ୍ବଦ୍ଧ**—ସଂ. ବିଣ. (ଅ+ସମ୍ବଦ୍ଧ)—୧ । ସମ୍ବନ୍ଧଶୂନ୍ୟ— Asambaddha 1. Not related.
୨ । ଅସଂଲଗ୍ନ—2. Unconnected.
୩ । ପରସ୍ପର ସମ୍ବନ୍ଧରହିତ—3. Incoherent; disjointed.
୪ । ନିରର୍ଥକ; ଅର୍ଥରହିତ—4. Meaningless; absurd (Apte)
ସଂ. ବି.—ଅର୍ଥରହିତ ବା ଅସମ୍ଭବ ବାକ୍ୟ— An absurd sentence. (Apte)

**ଅସମ୍ବନ୍ଧ**—ସଂ. ବି. (ଅ+ସମ୍ବନ୍ଧ)—ସମ୍ବନ୍ଧ ବା ସମ୍ପର୍କର ଅଭାବ— Asambandha Absence of connection
ସଂ. ବିଣ.—ଅସମ୍ବଦ୍ଧ (ଦେଖ) Asambaddha (See).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଙ୍ଘ | ଜ୍ଞ | ଘ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଖ | ଜ୍ଞ | ଓ | ନ୍ତ |

୨ । ଅସଙ୍ଗତ—2. Unreasonable.
୩ । ଅନୁଚିତ—3. Not proper; improper.
୪ । ଅନ୍ୟାଯ୍ୟ—4. Illegitimate.

**ଅସମ୍ବନ୍ଧାତିଶୟୋକ୍ତି**—ସଂ. ବି.—ଅର୍ଥାଲଙ୍କାରବିଶେଷ—
Asambandhātiśayokti A figure in rhetoric.
[ ଯଥା: ଭଞ୍ଜଙ୍କ ସୁଭଦ୍ରାପରିଣୟରେ
ସ୍ୱୟମ୍ଭୂ ବାଣ ଠାବରୁ ଉର ଋଣ କର ସ୍ୱାରୁ
ମଣିର ନର୍ମ୍ମଣି ସଂସ୍ର ଗର୍ବ ଚଳୁର
ବିଷ୍ଣୁଙ୍କ ତେଲେ ଯେ ପାଣି; ଶେଷ କଲା ପଦ୍ମ ଶ୍ରେଣୀ
ଭୂତେ ରହି ବନ୍ଦୁ ବନ୍ଦୁ ହୋଇ ସୁନ୍ଦର
ସୁବର୍ଣ୍ଣ ଏରୂପେ ହୁଅଇ
ସୁମନ୍ତ ଚୂର୍ଣ୍ଣକୁନ୍ତଳ ବୋଲି ନ କହି ।
ଏଠାରେ ସୁଭଦ୍ରାଙ୍କ କେଶକଲାପ ଓ ଚୂର୍ଣ୍ଣକୁନ୍ତଳ ନିର୍ମାଣରେ ବ୍ରହ୍ମାଙ୍କର ଭୂଜ ଚତୁଷ୍ଟୟର ସମ୍ବନ୍ଧ ଥିଲେ ସୁଦ୍ଧା ତାହା ଅସମ୍ବନ୍ଧ ବର୍ଣ୍ଣନାଦ୍ୱାରା ଅସମ୍ବନ୍ଧାତିଶୟୋକ୍ତି ହେଲା ।
କୁଳମଣି, ଅଲଙ୍କାରତରଙ୍ଗିଣୀ । ]

**ଅସମ୍ବାଧ**—ସଂ. ବି. (ବହୁବ୍ରୀହି; ଅ+ସମ୍+ବାଧା)—୧ । ବାଧାଶୂନ୍ୟ—
Asambādha 1. Unimpeded.
୨ । ପରସ୍ପର ସଂଘର୍ଷଣରୂପ ପୀଡ଼ାରହିତ—
2 Free from mutual pressure or friction.
୩ । ବିରଳ—3. Scarce; sparse.
୪ । ଜନତାରହିତ—4. Crowdless.
୫ । ଅଧିଗମ୍ୟ—5. Attainable
୬ । ଅସଙ୍କୀର୍ଣ୍ଣ—6. Not narrow; spacious.
୭ । ନିର୍ଜନ—7. Lonely; solitary.
୮ । ଖୋଲା; ମେଲା—8. Open; accessible.
୯ । କଷ୍ଟହୀନ—9. Painless.
୧୦ । ମଝିରେ ଯାହାର ଫାଙ୍କ ବା ବ୍ୟବଧାନ ଥାଏ; ବ୍ୟବଧାନ ଯୋଗୁଁ ପୃଥକ୍—
10. Separated by an interval ( Apte ).

**ଅସମ୍ଭବ**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ସମ୍ଭବ=ଉତ୍ପତ୍ତି ଯାହାର; ଯାହାର ଉତ୍ପତ୍ତି ହୋଇ ନ ପାରେ )—
Asambhaba
୧ । ଯାହା ସମ୍ଭବେ ନାହିଁ; ଯାହା ଘଟି ନ ପାରେ—
1. Improbable.
୨ । ଅସାଧ୍ୟ; ଯାହା କରାଯାଇ ନ ପାରେ—
2. Impossible; impracticable.
୩ । ଅଲୌକିକ; ଅସାଧାରଣ—3. Extraordinary.
ବେଳକୁ ବେଳ ସମର ହେଲା ଅସମ୍ଭବ—ସାରଳା, ମହାଭାରତ, ଉଦ୍ୟୋଗ ।
୪ । ଅନନୁମେୟ—4. Unimaginable.
ନୃସିଂହରୂପେ ଅସମ୍ଭବ, ଚଉଦ ଭୁବନ ଧାଇଲେ—
ଭୂପତି, ପ୍ରେମପଞ୍ଚାମୃତ ।
୫ । ଯାହା ଘଟିବାର ସମ୍ଭାବନା ନାହିଁ—5. Unlikely.
୬ । ବିଶ୍ୱାସର ଅଯୋଗ୍ୟ—6. Unbelievable.
କଲେ ଗୋପୀଙ୍କି ଯେତେ ଉପଦେଶ ଭାବ, କହିବାକୁ ସେ କଥା ଅସମ୍ଭବ ।
ଗୋପୀକୃଷ୍ଣ, ଉଦବଗ୍ଦୋଳ ।
ସଂ. ବି.—୧ । ନ ଘଟିବାର ଭାବ; ସମ୍ଭବରହିତତା—
1. Improbability; impossibility.
୨ । ଅଭାବ; ନାସ୍ତିତ୍ୱ—2. Non-existence.
୩ । ଅଲୌକିକ ଘଟନା—
3. An extraordinary event ( M. W. )

**ଅସମ୍ଭବକରିବା**—ଦେ. କ୍ରି.—କୌଣସି କଥା ଘଟିଛି ବୋଲି କେହି
Asambhabakariba କହିଲେ ତାହା ବିଶ୍ୱାସ ନ କରିବା—
অসম্ভব মনে করা Not to believe that a thing has
ঐপত করনা happened; to discredit; to disbelieve.

**ଅସମ୍ଭବା**—ସଂ. ବି. ( ଅସମ୍ଭବ+ଆ )—ଅଲୌକିକ ଘଟନା—
Asambhabā An extraordinary event.

**ଅସମ୍ଭବ୍ୟ**—ସଂ. ବିଣ. ( ଅ+ସମ୍ଭବ+ଯ )—୧ । ଅସମ୍ଭବ—
Asambhabya 1. Impossible ( Apte )
୨ । ଅବୋଧ୍ୟ—2. Incomprehensible ( Apte )
ସଂ. କ୍ରି. ବିଣ—୧ । ଅସାଧାରଣରୂପେ—
1. In an extraordinary manner ( Apte )
୨ । ଅବୋଧ୍ୟରୂପେ—2 In an incomprehensible manner ( Apte )

**ଅସମ୍ଭଳା**—ଦେ. ବିଣ—ଅସମ୍ଭାଳ ( ଦେଖ )
Asambhaḷā Asambhāḷa ( See )

**ଅସମ୍ଭାବନା**—ସଂ. ବି. ( ଅ=ନୁହେଁ+ସମ୍ଭାବନା)—
Asambhābanā ୧ । ଅସମ୍ମାନ; ଅମର୍ଯ୍ୟାଦା—
1. Disrespect.
ଯୋଗୀ ସମ୍ଭାବନା ଅସମ୍ଭାବନା ହୁଇ;
ପାଇ ଅସନ୍ତୋଷ ସନ୍ତୋଷ ହେଉ ନାହିଁ—କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।
୨ । ସମ୍ଭାବନାର ଅଭାବ—2. Improbability.
୩ । ଅଖ୍ୟାତି; ଅଯଶଃ —3. Disrepute.
୪ । ଅନନୁଗ୍ରହ—4. Want of favour.

**ଅସମ୍ଭାବିତ**—ସଂ. ବିଣ. ( ଅ=ନୁହେଁ+ସମ୍ଭାବିତ )—
Asambhābita ୧ । ସମ୍ଭବ ବୋଲି ବିବେଚିତ ହୋଇ ନ ଥିବା—
1. Thought improbable.
୨ । ଯାହାକୁ ଲୋକେ ଭଲ ବୋଲି ବିଚାର ନ କରନ୍ତି—
2. That which is not thought good by people.
୩ । ଯାହାକୁ ଲୋକେ ସୁଖ୍ୟାତି ନ ଦିଅନ୍ତି—
3. Not reputed.
୪ । ଅଭାବିତ; ଅତର୍କିତ —4. Unthought of.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅସମ୍ଭାବୀ**—ସଂ. ବିଣ. ( ଅ + ସମ୍ + ଭୂ ଧାତୁ + ଇନ୍ ୧ମା. ୧ବ. )—
Asambhābī ଅସମ୍ଭବ—Impossible ( Apte ).

**ଅସମ୍ଭାବ୍ୟ**—ସଂ. ବିଣ. ( ଅ+ସମ୍ଭାବ୍ୟ )—୧ । ଅସମ୍ଭବ—
Asambhābya 1. Impossible; improbable.
୨ । ଅଲୌକିକ—2. Extraordinary.
୩ । ଯାହା ନିର୍ଣ୍ଣୟ କରାଯାଇ ନ ପାରେ—
3. Unascertainable.

**ଅସମ୍ଭାଳ**—ଦେ. ବିଣ. ( ସ. ଅ + ସଂବୃତ )—୧ । ଅସଂବୃତ—
Asambhāḻa 1. Uncovered; exposed.
অসামাল ୨ । ଅଧୀର—Impatient.
বেসাল; বেসামাল ( ଯଥା—ମୋ ପ୍ରଶ୍ନ ଶେଷ ନ ହେଉଣୁ ତୁ ଉତ୍ତର ଦେବାକୁ ଏଡ଼େ ଅସମ୍ଭାଳ ହେଉଛୁ କାହିଁକି ? )
୩ । ଅସ୍ଥିର; ଅସ୍ତବ୍ୟସ୍ତ; ଅଥୟ—3. Restless.
ତା ଶୁଣି ପାଃ ମହାଦେବ; ଧାଇଁଲ ଅସମ୍ଭାଳ ହୋଇ—
ଜଗନ୍ନାଥ—ଭାଗବତ ।
୪ । ଉଦ୍ବିଗ୍ନ—4. Anxious.
୫ । ଅତିଶୟ ବ୍ୟାକୁଳ; ଅଧୈର୍ଯ୍ୟ—
5. Agitated; flurried.
୬ । ଅସଂଯତ; ଅନିରୁଦ୍ଧ; ଅବାରିତ—
6. Unrestrained; uncontrolled.
କେଶ ବସନ ଅସମ୍ଭାଳ, ନୟନୁ ବହେ ଅଶ୍ରୁଜଳ । ଜଗନ୍ନାଥ- ଭାଗବତ ।
୭ । ଯାହାକୁ କେହି ଅଟକାଇ ନ ପାରେ—
7. Uncontrollable; ungovernable.
ଦାରୁଣ ବାନ୍ଧବୁ ଅନୁକ୍ଷଣ ଶାପ ଦେଲ ପ୍ରେମ ଅସମ୍ଭାଳ—ଗୋପୀନାଥ ।
୮ । ଅସାବଧାନ—8. Careless.
୯ । ଅସହ୍ୟ—9. Unbearable.
ଦୁଃଖ ଅସମ୍ଭାଳ ହୁଲ ହୁଡ ନ ଶୁଣିଲ ଶିଳ ହେଲ ଅଛ କୋହ, ଗୀତ ଗାଇ ହେ ।
ଭକ୍ତ. ପ୍ରେମସୁଧାନିଧି ।
୧୦ । ଯେ ସହି ନ ପାରେ; ଯେ ଦାଉ ସହି ନ ପାରେ—
10. Not enduring; not capable of enduring.
୧୧ । ଯେ ସମ୍ଭାଳି ନ ପାରେ ବା ପ୍ରତିରୋଧ କରି ନ ପାରେ—
11. Not able to restrain.
୧୨ । ଯାହା ଡେରି ସହେ ନାହିଁ; ଯେ ଅପେକ୍ଷା ନ କରେ—
12. Not brooking of any delay; one who does not wait.
୧୩ । ଅଠାଠିକ୍; ଅତି ବିପଦ୍ ( ଅବସ୍ଥା )—
13. Critical; precarious.
( ଯଥା—ତାକୁ ଟାଇଫଏଡ୍ ଜ୍ୱର ଧରି କାଲିଠାରୁ ତା କଥା ଅସମ୍ଭାଳ ହେଲାଣି । )
ଦେ. ବି—୧ । ଉଦ୍‌ବେଗ—1. Anxiety.
୨ । ଅଧୈର୍ଯ୍ୟ—2. Impatience.
୩ । ଅତି ବିପଦ୍ ଅବସ୍ଥା—
3. Very critical condition.
୪ । ଅସ୍ଥିରତା—4. Restlessness
ଦେ. କ୍ରି. ବିଣ—୧ । ଅସହ୍ୟରୂପେ—1. Unbearably.
୨ । ଅନିରୁଦ୍ଧ ରୂପେ; ବେଗ ସହି ନ ହେବା ପ୍ରକାରେ—
2. In an uncontrolled or unrestrained manner.
(ଯଥା—ମତେ ଅସମ୍ଭାଳ ଘୋଷର ମାଡ଼ୁଛି । )

**ଅସମ୍ଭାଳିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅସମ୍ଭାଳ ( ଦେଖ )
Asambhāḻiā Asambhāḻa (See )

**ଅସମ୍ଭାଳେ**—ଗ୍ରା. ଓ ପଦ୍ୟ କ୍ରି. ବିଣ—୧ । ଅତି ଅଥୟ ହୋଇ—
Asambhāḻe 1. Restlessly.
୨ । ଅଧୀର ହୋଇ—2. Impatiently.
ଅସମ୍ଭାଳେ ଛୁଟୁଁ ପୂର ପ୍ରବାହକୁ
ଚେନ କୂଳେ ବଂଧ ତାଡ଼ି । ରାଧାନାଥ. ପାର୍ବତୀ ।

**ଅସମ୍ଭୂତ**—ସଂ. ବିଣ. ( ଅ + ସମ୍ଭୂତ )—
Asambhūta ୧ । ଯାହା ଜାତ ହୋଇ ନାହିଁ—
1 Not born.
୨ । ଅସାଧାରଣ—2. Extraordinary.

**ଅସମ୍ଭ୍ରମ**—ସଂ. ବି. ( ଅ + ସମ୍ଭ୍ରମ )—
Asambhrama ୧ । ଅନାଦର—1. Disregard; slight.
୨ । ଅସମ୍ମାନ—2. Dishonour
୩ । ଅପମାନ—3. Insult
୪ । ବ୍ୟସ୍ତତାଭାବ—4. Want of restlessness.
୫ । କାତରଭାବ ଅଭାବ—5. Want of perplexity.
୬ । ସ୍ଥୈର୍ଯ୍ୟ; ସ୍ଥିରତା—5. Calmness.
ସଂ. ବିଣ. ପୁଂ—୧ । ଅଚଞ୍ଚଳ; ସ୍ଥିର—1. Calm.
(ଅସମ୍ଭ୍ରମା—ସ୍ତ୍ରୀ) ୨ । ଅବ୍ୟାକୁଳ—2. Unperturbed.

**ଅସମ୍ଭ୍ରାନ୍ତ**—ସଂ. ବିଣ. ( ଅ + ସମ୍ଭ୍ରାନ୍ତ )—
Asambhrānta ୧ । ଅଭଦ୍ର—1 Ungentlemanly; uncivil.
୨ । ଯେ ଉଚ୍ଚବଂଶୀୟ ନୁହେ—
2. Not of a noble family.
୩ । ଯେ ସମ୍ମାନନୀୟ ନୁହେ—3. Not honorable.
୪ । ଅସମ୍ମାନିତ—4. Dishonoured.
୫ । ଅଚଞ୍ଚଳ—5. Not restless.
୬ । ସ୍ଥିର ପ୍ରକୃତିକ—6. Calm.
୭ । ଧୀର—7. Patient.
୮ । ଅବ୍ୟାକୁଳ—8. Not agitated.
ଦେ. ବିଣ—ସମ୍ଭ୍ରମ ବା ଉଚ୍ଚକୁଳଶୂନ୍ୟ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁୟ | ଇଅ | ଓ | ଙ୍କ |

Devoid of personal regard; regardless of personal consideration.

ମାଦ୍ରୀ ସୁତ ନକୁଳ ହୋଇ ଅସମ୍ଭ୍ରାନ୍ତ
ସେ ଦୁହିଙ୍କି ପୁଚ୍ଛିଲେ ଅତି କୋପଚିତ୍ତ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଅସମ୍ମତ**—ସଂ. ବିଣ. ପୁଂ. ( ଅ+ସମ୍ମତ )—
**Asammata** ୧ । ଅନିଚ୍ଛୁକ—1. Averse; reluctant.
(ଅସମ୍ମତା—ସ୍ତ୍ରୀ) ୨ । ଅସ୍ୱୀକୃତ; ବେରାଜି—2. Not agreeing; not consenting.
(ଅସମ୍ମତି—ବି)
୩ । ପ୍ରତିକୂଳ—3. Unfavourable.
୪ । ଶତ୍ରୁଭାପନ୍ନ—4. Inimical.
୫ । ପ୍ରଣୟୀ ( ପ୍ରକୃତିବାଦ ଅଭିଧାନ )—
5. Attached to; loving.
୬ । ଅନଭିମତ; ଅନନୁମତ ( ବିଷୟ )—
6. Not according to one's wish
୭ । ବିରୋଧୀ—7. Opposite to; contrary to.

**ଅସମ୍ମତି**—ସଂ. ବି. (ଅ+ସମ୍ମତି )—୧ । ଅସ୍ୱୀକାର—
**Asammati** 1. Want of consent.
୨ । ଅନିଚ୍ଛା—2. Unwillingness.
୩ । ମତର ପାର୍ଥକ୍ୟ; ମତ ନ ମିଳିବା—
3. Disagreement.

**ଅସମ୍ମାନ**—ସଂ. ବି. ( ଅ+ସମ୍ମାନ )—୧ । ଅମର୍ଯ୍ୟାଦା—
**Asammāna** 1. Disrespect.
(ଅସମ୍ମାନିତ—ବିଣ) ୨ । ଅନାଦର—2. Slight; disregard.
୩ । ଅବମାନନା—3. Dishonour.
୪ । ଅପମାନ—4. Disgrace; insult.

**ଅସମ୍ୟକ୍**—ସଂ. ବିଣ. ( ଅ+ସମ୍ୟକ୍ )—୧ । ଅଯଥେଷ୍ଟ—
**Asamyak** 1. Not sufficient.
୨ । ଯାହା ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଯାଇନାହିଁ—
2. Not upto the mark.
୩ । ବେଜାୟ; ଅଯଥା; ଅନୁଚିତ—3. Improper.
ସଂ. କ୍ରି. ବିଣ.—୧ । ଅଯଥେଷ୍ଟରୂପେ—1. Insufficiently.
୨ । ଖୁବ୍ ସାମାନ୍ୟ ପରିମାଣରେ—2. Scantily.
୩ । ଅଯଥାରୂପେ—3. Improperly
୪ । ଅନ୍ୟାୟକ୍ରମେ—4. Wrongly

**ଅସମ୍ୟକ୍କାରୀ**—ସଂ.ବିଣ.ପୁଂ. (ଅସମ୍ୟକ୍+କୃ ଧାତୁ+ଇନ୍ ୧ମା.୧ବ.)—
**Asamyakkāri** ୧ । ଅନ୍ୟାୟ କର୍ମ କରିବା (ବ୍ୟକ୍ତି)—
(ଅସମ୍ୟକ୍କାରିଣୀ—ସ୍ତ୍ରୀ) 1 Acting improperly.
୨ । ନିଜର କର୍ତ୍ତବ୍ୟକର୍ମ ଉତ୍ତମରୂପେ କରୁ ନ ଥିବା—
2. Not doing one's duty properly.

ଅସମ୍ୟକ୍କାରୀ ମହାମାତ୍ର ଓ ଚିକିତ୍ସକମାନଙ୍କୁ ଲୋକକଣ୍ଟକ ବୋଲି ଜାଣିବ ।
ମନୁ. ୯।୨୫୯ ।

**ଅସମ୍ୟକ୍ବ୍ୟୟଶୀଳ**—ସଂ. ବିଣ. ପୁଂ.—୧ । ଅଯଥାବ୍ୟୟୀ—
**Asamyakbyayaśila** 1. Spending improperly.
(ଅସମ୍ୟକ୍ବ୍ୟୟଶୀଳା—ସ୍ତ୍ରୀ) ୨ । ବହୁବ୍ୟୟୀ—2. Spend-thrift.

**ଅସର**—ଦେ. ବି. ( ସଂ. ଅବସର )—୧ । ଅବସର; ଫୁରୁସତ୍—
**Asara** 1. Leisure.
অবসর
अवसर

ଜଳ ଅଣ୍ଟୁ ନେ ହେମ କୁମ୍ଭରେ,
ନାହିଁ ଅସର ଏହୁ ଆରମ୍ଭରେ । ଉପେ. ଲାବଣ୍ୟବତୀ ।

୨ । ବିଶ୍ରାମ—2. Rest.

ସେ ଦୁହିଁଙ୍କ ଅସର ସେ କାଳେ ସୁଜନ,
ଦେଖିଣ ନ ପାରନ୍ତି କାହାର ନୟନ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

୩ । ସମୟ—3. Time.
୪ । ସୁବିଧା; ସୁଯୋଗ—4. Opportunity.
୫ । ଅପସର; ବଡ଼ତକିଆ—5. Big pillow.

ଅଙ୍ଗଦ ବସିବାପାଇଁ ମୂଳା ଅସର । ପୀତାମ୍ବର. ନୃସିଂହପୁରାଣ ।

ଦେ. ବିଣ.—ଅସରନ୍ତି; ଅଶେଷ; ବହୁ; ଅତ୍ୟଧିକ—
Inexhaustible; too much; excessive.

ତହିଁରୁ ଯେଉଁ ଫଳ ପାଇବ ନୃପବର, ଜାଣିବ ନେତ୍ର ଜଳ ହୋଇବ ଅସର ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅସରଡ଼ା**—ଗ୍ରା. ବି.— ଅସରପା (ଦେଖ)
**Asararḍā** Asarapā ( See )

**ଅସରନ୍ତି**—ଦେ. ବିଣ.—୧ । ଯାହା ଶେଷ ହୁଏ ନାହିଁ; ଯାହାର ଶେଷ
**Asaranti** ନାହିଁ—1. Endless.
অসরন্ত; অফুরন্ত
बेहद

ଜଗତରେ ଯେଉଁ ରତ୍ନ ଅସରନ୍ତି ଜଣା ଯାଉଥିଲା ।
ରାଧାନାଥ—ଉର୍ବଶୀ ।

୨ । ଅକ୍ଷୟ—2. Inexhaustible.
( ଯଥା—ଅସରନ୍ତି ଭଣ୍ଡାର । )
୩ । ଅସଂଖ୍ୟ; ଅଶେଷ; ବହୁ—
3. Many; innumerable; countless.

ବଣାରୁ ଦମ୍ଭ ତ୍ରାତ ଠଣାରୁ ପଳାୟିତ ଅସର କପି ଇତସ୍ତତ ।
ଉପେ. ବୈଦେହୀଶବିଳାସ ।

**ଅସରନ୍ତିଭଣ୍ଡାର**—ଦେ. ବି.—ଅକ୍ଷୟ ଭଣ୍ଡାର; ଯେଉଁ ଭଣ୍ଡାରରୁ ଯେତେ
**Asarantibhaṇḍāra** ବ୍ୟୟ କଲେ ମଧ୍ୟ ତାହା ନିଃଶେଷିତ
অসরন্তভাঁডার ହୁଏ ନାହିଁ—Inexhaustible store.

**ଅସରପା**—ଦେ. ବି. ( ସଂ. ଅସ୍ରପା=ରକ୍ତପାୟିନୀ; ରାକ୍ଷସୀ; ଜୋକ )—
**Asarapā** ଅନ୍ଧକାରଅ ଗୃହରେ ଓ ଅନ୍ଧକାରମୟ ସିନ୍ଦୁକ ଅବର
আরসুলা ସନ୍ଧିରେ ରହୁଥିବା ଗାଢ଼ରକ୍ତ ପତଙ୍ଗବିଶେଷ; ତେଲପାୟିକା—
झींगुर; चपड़ा Cockroach; Blatta Orientalis.
( ଅସରପୀ—ସ୍ତ୍ରୀ ) ଦେ. ବିଣ.—୧ । ମନ୍ଦବୁଦ୍ଧି—1. Foolish.
୨ । ଅପ୍ରତିଭ (ଗୋପୀନାଥ ନନ୍ଦ)—2. Out witted.
୩ । ମୂର୍ଖ (ଗୋପୀନାଥ ନନ୍ଦ)—3. Dunce.
୪ । (ସଂ. ଅଷ୍ଟରପାଦ)—ଅଥରପା (ଦେଖ)
Atharapā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅସରପି**— ବୈଦେ. ବି ( ଅ. ଅଶ୍ରଫୀ )—
Asarapi ୧ । ସୁନା ମୋହର; ସ୍ୱର୍ଣ୍ଣମୁଦ୍ରା—1. Gold coin.
आस्रफी — ଘରେ ଅସରପା ଥିଲେ ଅସରପି ଅଛେ—
असरफी — ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଷୋଳ ଟଙ୍କା ମୂଲ୍ୟର ସୁନା ମୋହର—
2. Gold mohur worth sixteen rupees.
ଦେ. ବି. ସ୍ତ୍ରୀ—୧ । ମାଈ ଅସରପା—
1. A female-cockroach.
୨ । ଛୋଟ ଅସରପା; କଳା ଅସରପା—2. A small cockroach; the black beetle.

**ଅସରଫି**—ବୈଦେ. ବି.—ଅସରପି (ଦେଖ)
Asaraphi — Asarapi (See)

**ଅସରମ**— ଦେ. ବିଣ. ଓ ବି.—ଅସ୍ତରମ (ଦେଖ)
Asarama — Asarama (See)

**ଅସରଳ**— ସଂ. ବିଣ ( ଅ+ସରଳ )—
Asara<u>l</u>a ୧ । ଯାହା ସିଧା ନୁହେଁ; ବଙ୍କା; କୁଟିଳ—
(ଅସରଳା—ସ୍ତ୍ରୀ) 1. Not straight; crooked.
ଅସରଳତା } ବି. ୨ । କୁଟିଳମନା—2, Not frank.
ଅସାରଲ୍ୟ }
୩ । ଅସତ୍— 3. Dishonest; not upright.

**ଅସରଳା**—ସଂ. ବିଣ. ସ୍ତ୍ରୀ ( ଅ+ସରଳା )—ଅସରଳର ସ୍ତ୍ରୀଲିଙ୍ଗ—
Asara<u>l</u>ā — Feminine of Asara<u>l</u>a.
ଦେ. ବି.—ଅସରଲା (ଦେଖ)
Asaralā (See)

**ଅସରଲା**—ପ୍ରାଦେ. ( ସମ୍ବଲପୁର, ଗଡ଼ଜାତ, ମେଦିନୀପୁର, ବସ୍ତର, ବାଲେଶ୍ୱର, ଗଞ୍ଜାମ) ବି—ଅସରପା (ଦେଖ)
Asaralā — Asarapā (See)

**ଅସରଳାସୂତା**—( ସଂ. ଅସରଳ+ସୂତ୍ର )— ଅଷାଢ଼ୁଅସୂତା; ବିବାହ-ଉପଲକ୍ଷରେ ବରକନ୍ୟାଙ୍କ ହାତରେ ଯେଉଁ ସୂତ୍ର ବନ୍ଧାଯାଏ ।
Asara<u>l</u>āsūtā
ଅଶ୍ରୁତ ବଗୁଣ ଶୋଭାସଦନ
ଅସରଳା ସୂତା ହେଲା ବନ୍ଧନ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଅସରା**—ଦେ. ବିଣ.—୧ । ଅସରନ୍ତି—1. Endless.
Asarā — ଅସରା ଏ ବିଭବଗ୍ର ଅଛି ଘରପୁରେ—ଭକ୍ତାକାଥ. ଦଶରଥବିଯୋଗ ।
୨ । ଯେଉଁ କୂଅକୁ କେହି ଜଳ ବ୍ୟବହାର କରନ୍ତି ନାହିଁ; ଅବ୍ୟବହୃତ ( କୂପ )—2. Unused (well)
୩ । ଗୃହର ଯେଉଁ ବାସନ ବା ଉପକରଣାଦିକୁ କେହି ବ୍ୟବହାର କରି ନ ଥାଏ—
3. Not yet used (article or utensil)
पसला — ଦେ. ବି. ( ସଂ. ଆସାର )—ବର୍ଷା ବର୍ଷିବାର ଏକ ଥର; ଧାରା ବୃଷ୍ଟି—Shower (of rain).
चौहार
ଆଠ ଦୁମୁଦାଣି ଷୋଳ ଅସରା
ବତଶି ଲଫିଲଫି ଚଉଷଠି କୁଣ୍ଡା ଝରା । କୃଷିବଚନ ।

**ଅସର୍ପା**—ଦେ. ବି—ଅସରପା ( ଦେଖ )
Asarpā — Asarapā ( See )
ଦେ. ବିଣ—ଅସରପା ( ଦେଖ )
Asarapā ( See )
ଅସର୍ପା ପୁରୁଷ ପ୍ରାୟେ ଅଟେ ମୋର ବୁଦ୍ଧି
ଚଦେ କରୁ କରୁ ଅର ପଦ ନୋହେ ସିଦ୍ଧି । ପୀତାମ୍ବର. ନୃସିଂହପୁରାଣ ।

**ଅସର୍ପି**—ବୈଦେ. ବି—ଅସରପି ( ଦେଖ )
Asarpi — Asarapi ( See )

**ଅସର୍ଫି**—ବୈଦେ. ବି—ଅସରପି ( ଦେଖ )
Asarphi — Asarapi ( See )

**ଅସର୍ଲା**—ପ୍ରାଦେ. ବି—ଅସରଲା ( ଦେଖ )
Asarlā — Asaralā ( See )

**ଅସଲ**—ବୈଦେ. ବିଣ. ( ଅ. ଅସ୍ଲ୍ )—
Asala ୧ । ଯଥାର୍ଥ; ପ୍ରକୃତ—1. Actual.
आसल — ( ଯଥା—ଅସଲ ଘଟଣା । )
असल — ୨ । ଅବିମିଶ୍ରିତ - 2. Unmixed; unadulterated.
୩ । ବିଶୁଦ୍ଧ—3. Pure.
୪ । ଖାଣ୍ଟି—4. Genuine. ( ଯଥା—ଅସଲ ସୁନା । )
୫ । ପ୍ରଧାନ—5. Principal. (ଯଥା—ଅସଲ ହାକିମ ।)
୬ । ମୌଳିକ—6. Primary; original.
( ଯଥା—ଅସଲ ଉଦ୍ଦେଶ୍ୟ । )
୭ । ମୂଳ ଧନ ସମ୍ବନ୍ଧୀୟ—7. Relating to the capital of a trade or loan.
(କିମସଲ—ବିପର୍ଯ୍ୟତ)
( ଯଥା—ଖାତକ ଉପରେ ଅସଲ ଟଙ୍କା ବାକି ଅଛି । )
୮ । ଅତି ଉତ୍କୃଷ୍ଟ—8. Very excellent.
୯ । ସଦ୍‌ବଂଶଜାତ—
9. Noble born.
ଦେ. ବି—୧ । ବ୍ୟବସାୟ ବା ମହାଜନୀର ମୂଳଧନ—
1. The capital of a trade or loan.
୨ । ମୂଳ; ଜଡ଼—2 Root.
୩ । ମୂଳକାରଣ—3. Origin.
ପ୍ରାଦେ. (ସମ୍ବଲପୁର) ବି—୧ । ଉତ୍ତମ ବା ଭଲ କାର୍ଯ୍ୟ—
1. Good deed.
୨ । ଉଚିତ କର୍ମ—2. Proper act; right thing.
( ଯଥା—ତୁ ଅସଲ କଲୁ, ଅଚ୍ଛା କଲୁ, ଭଲ କାମ କଲୁ । )

**ଅସଲଟ**—ଦେ. ବିଣ. ଓ ବି—ଅସନଟ ( ଦେଖ )
Asalaṭa — Asanaṭa ( See )
କାଳକପାଳକେ ବାଣ୍ଡି ହେଉଥିବ ଏ ଅସଲଟ କଥାରେ—
ପ୍ରାଚୀନ ସଙ୍ଗୀତ ।

**ଅସଲଟିଆ**—ଦେ. ବିଣ—ଅସନଟିଆ ( ଦେଖ )
Asalaṭiā — Asanaṭiā ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

**ଅସଲତନାମା**—ଦେ. ବି. ( କଚେରିଆ ଭାଷା; ଆ. ଅସଲ୍‌ସୃତ୍=ମୂଳ +ନାମାହ୍=ଲେଖ )—ଯେଉଁ ଦରଖାସ୍ତ ବା ଅରଜ ବା ଜବାବ ଅଦରେ ପକ୍ଷ ତରଫରୁ ଓକିଲ ମୁକ୍ତାର ନିଯୁକ୍ତ ହୋଇ ନ ଥିବାରୁ ଦସ୍ତଖତ୍ କର ନ ଥାନ୍ତି ଓ ଯହିଁରେ ପକ୍ଷ ସ୍ୱୟଂ ଦସ୍ତଖତ୍ କରି ମିସଲରେ ଦାଖଲ କରନ୍ତି—Any petition, plaint or written statement signed by the party himself and not by his pleader as no pleader has been engaged by the party.

Asalatanāmā

আসলতনামা

असलियतनामा

**ଅସଲସୁଧ**—ବୈଦେ. ବି. ( ଆ. ଅସ୍ଲ୍+ପା. ସୁଦ୍ )—ମହାଜନର ମୂଳଧନ ଓ ମୂଳଧନ ଉପରେ ପାଇବା କଳନ୍ତର—Capital and interest occuring thereon.

Asalasudha

আসলসুদ

असलसूद

**ଅସଲା**—ଗ୍ରା. ବି.— ଅସରା ( ଦେଖ ) Asarā ( See )

Asalā

**ଅସଲା**—ଦେ. ବି.—ଅସରପା; ତେଲପାଚିକା ପତଙ୍ଗ (ଗୋପୀନାଥ ନନ୍ଦ)—Cockroach.

Asalā

**ଅସଲାତ୍‌ନାମା**—ଦେ. ବି. ( କଚେରିଆଭାଷା )—ଅସଲତନାମା ( ଦେଖ ) Asalatanamā ( See )

Asalātnāmā

**ଅସଲି**—ଦେ. ବଣ. ( ଆ. ଅସ୍ଲ୍ )—ଅସଲ ( ଦେଖ ) Asala ( See )

Asali

আসল

असली

**ଅସହ**—ସଂ. ବଣ. ( ଅ+ସହ ଧାତୁ+କର୍ତ୍ତୃ. ଅ )—

Asaha

(ଅସହତ୍ୱ—ବି)

୧ । ଅସହିଷ୍ଣୁ; ଯେ ସହି ନ ପାରେ—1. Unable to bear or endure.

୨ । ଅକ୍ଷମାଶୀଳ—2. Unforgiving; intolerant.

୩ । ଅଧୀର; ଅମର୍ଷଣ—3. Impatient.

୪ । କୌଣସି କାର୍ଯ୍ୟ କରିବାକୁ ଅକ୍ଷମ—4. Not capable of; not able to (M.W.)

ସଂ. ବି—ଛାତିର ମଧ୍ୟଭାଗ—The middle of the breast ( M. W. )

**ଅସହଣ**—ଦେ. ବଣ. ପୁଂ. ଓ ସ୍ତ୍ରୀ ( ସଂ. ଅସହନ )—ଅସହନ ( ଦେଖ )—Asahana ( See)

Asahaṇa

অসহণ

असही

ଘୁଞ୍ଚଇ ଅନ୍ନପୂର୍ଣ୍ଣା ଶୃଙ୍ଗାରେ ଅସହଣ—ସାରଳା. ମହାଭାରତ. ମଧ୍ୟ ।

ଗ୍ରା. ବଣ. ୧ । ( ସଂ. ଅସହନୀୟ )—ଅସହ୍ୟ—1. Unbearable.

ବଷାଦ ଅସହଣି ନିଶେ ହସ୍ତ ଭରଣ ଶଙ୍କାର ଝମକ କୃପାଣ ।
ଭଞ୍ଜ, ବୈଦେହୀଶବିଳାସ ।

୨ । ଯେଉଁ ଲୁଗା ସହଣ ନୁହେଁ ଅର୍ଥାତ୍ ବିଦେଶୀ କଳ ତିଆରି ନୁହେଁ—(cloth) Not of foreign mill-manufacture.

**ଅସହଣି**—ଦେ. ବଣ. ପୁଂ. ଓ ସ୍ତ୍ରୀ. (ସଂ. ଅସହନ)—

Asahaṇi

অসহণ

असही

୧ । ଅସହନ (ଦେଖ) Asahana (See)

କଳଙ୍କ ଚନ୍ଦ୍ରମୁଖେ ଜାଣି, ଭୁଜଙ୍ଗେ ଯେଉଁ ଅସହଣି । ଭୂପତି. ପ୍ରେମପଞ୍ଚାମୃତ ।
ସମସ୍ତେ ଅସହଣି ହୁ ସକଳ ସହନ୍ତି । ପୀତାମ୍ବର. ନୃସିଂହପୁରାଣ ।

୨ । ଅସହିଷ୍ଣୁ—2. Intolerant.

ଦେ. ବି.—ଅସହିଷ୍ଣୁତା (ଦେଖ) Asahishṇutā (See)

ଅସାଧୁଜନଙ୍କ ସ୍ୱଭାବ, ନିରତେ ଅସହଣି ଭାବ । ଜଗନ୍ନାଥ—ଭାଗବତ ।

**ଅସହଣିକ**—ଦେ. ବଣ. ପୁଂ. ଓ ସ୍ତ୍ରୀ. (ସଂ. ଅସହନ)—

Asahaṇika

ଅସହନ (ଦେଖ) Asahana (See)

**ଅସହନ**—ସଂ. ବଣ. ( ଅ+ସହ ଧାତୁ+କର୍ତ୍ତୃ. ଅନ)—୧ । ଅସହିଷ୍ଣୁ; ଯେ ସହନଶୀଳ ନୁହେଁ—1. Unenduring; ot able to endure; intolerant.

Asahana

(ଅସହନା—ସ୍ତ୍ରୀ)

(ଅସହନତା—ବି)

୨ । ଈର୍ଷାପର—2. Envious; jealous malicious.

୩ । ଅଧୀର; ଧୈର୍ଯ୍ୟହୀନ—3. Impatient.

୪ । ପରଶ୍ରୀକାତର—4. Unable to endure another's prosperity; pained at another's weal.

ସଂ. ବି.—୧ । ଶତ୍ରୁ—1. An enemy.

୨ । ଅସହିଷ୍ଣୁତା—2. Impatience.

୩ । ନ ସହିବା—3. Not tolerating; intolerance

ସହନକୁ ଅସହନ ଯେ ଅଟେ ଗୁଣୀ । କୃଷ୍ଣସିଂହ. ମହାଭାରତ. ଆଦି ।

**ଅସହନକରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି.—କୌଣସି ବ୍ୟକ୍ତିକୁ ଲାଞ୍ଛନା ବା ଅପମାନ ଦେବା—To insult a person.

Asahanikaribā

**ଅସହନୀୟ**—ସଂ. ବଣ ( ଅ+ସହ ଧାତୁ+କର୍ମ. ଅନୀୟ )—ଅସହ୍ୟ; ଯାହା ସହି ହୁଏ ନାହିଁ—Unbearable.

Asahaniya

(ଅସହନୀୟତା—ବି)

**ଅସହମାନ**—ସଂ. ବଣ. ପୁଂ [ଅ+ସହ ଧାତୁ+କର୍ତ୍ତୃ ଅନ (ଶାନଚ୍)]—ଅସହ ( ଦେଖ ) Asaha ( See )

Asahamāṇa

(ଅସହମାନା—ସ୍ତ୍ରୀ)

**ଅସହଯୋଗ**—ସଂ. ବି. ( ଅ+ସହଯୋଗ )—୧ । ଅସମ୍ପର୍କ; ସମ୍ବନ୍ଧର ଅଭାବ—1. Absence of connection.

Asahajoga

୨ । ମିଳି ମିଶି କାମ କରିବାର ଅଭାବ—2. Non-co-operation; absence of Co-operation.

**ଅସହଯୋଗ ଆନ୍ଦୋଳନ**—ସଂ. ବି. ( ଆଧୁନିକ ପ୍ରୟୋଗ )—ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ସ୍ୱରାଜ ନୀତିକ ଅଧିକାର ଲାଭ କରିବା ଉଦ୍ଦେଶ୍ୟରେ ପ୍ରଜାମାନେ

Asahajoga āndoḷana

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଆର୍ଯ୍ୟା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସରକାରଙ୍କ ସଙ୍ଗେ ସମ୍ପର୍କ ନ ରଖିବାରୂପ ଭାରତ-ବ୍ୟାପି **ଆନ୍ଦୋଳନ**—The non-co-operation movement started by Mahātmā Gāndhi.

[ ଦ୍ର—ମହାତ୍ମାଗାନ୍ଧୀ ଉଦାହରଣ ଓ ଅନୁଭବଦ୍ୱାରା ତାଙ୍କ ପ୍ରବର୍ତ୍ତିତ 'ଅସହଯୋଗ'ର ସଫଳତା ଅଫ୍ରିକାରେ ଓ ଭାରତରେ ପ୍ରମାଣିତ କରିଅଛନ୍ତି । 'ମୋ ଠାରୁ ଯେ ବଳୁଆ ତାକୁ ମୁଁ ବଳରେ ପାରିବି ନାହିଁ, ଯାହାଠାରେ ଅସ୍ତ୍ରଶସ୍ତ୍ର ଅଛି ତାକୁ ଅସ୍ତ୍ରଶସ୍ତ୍ରହୀନ ବ୍ୟକ୍ତି ଯୁଦ୍ଧରେ ପାରିବ ନାହିଁ, କିନ୍ତୁ ଦୁର୍ବଳ ବ୍ୟକ୍ତି 'ଅସହଯୋଗ' ଅବଲମ୍ବନପୂର୍ବକ ବଳୁଆ ବ୍ୟକ୍ତିଙ୍କୁ ହତବୁଦ୍ଧି ଓ ପରାସ୍ତ କରି ପାରେ । ଭାରତର ୩୫ କୋଟି ପ୍ରଜାଙ୍କୁ ବ୍ରିଟିଶ ସରକାର କେବଳ ପ୍ରଜାଙ୍କ ସହଯୋଗ ଯୋଗୁଁ ଶାନ୍ତିରେ ନିର୍ଦ୍ଦ୍ୱନ୍ଦ୍ୱରେ ଶାସନ କରିବାକୁ ସମର୍ଥ ହୋଇଅଛନ୍ତି; କିନ୍ତୁ ପ୍ରଜାମାନେ ଦଳବଦ୍ଧ ଓ ଏକମନ ହୋଇ 'ଅସହଯୋଗ' ନୀତି ଅବଲମ୍ବନ କଲେ ସରକାର ପ୍ରଜାମାନଙ୍କଠାରେ ନତମସ୍ତକ ହେବେ ଓ ପ୍ରଜାମାନଙ୍କ ମନକୁ ଜଗି କାମ କରିବେ ।' ଏହାହିଁ ଅସହଯୋଗ ଆନ୍ଦୋଳନଦ୍ୱାରା ଗାନ୍ଧିଜୀ ଜଗତକୁ ଦେଖାଇବାକୁ ଚେଷ୍ଟା କରିଅଛନ୍ତି । ]

**ଅସହଯୋଗୀ**—ସଂ. ବିଣ. ପୁଂ—ଯେ ଅସହଯୋଗ କରେ—
**Asahajogī** Non-co-operating.
(ଅସହଯୋଗିନୀ—ସ୍ତ୍ରୀ) ଦେ. ବିଣ. ପୁଂ—ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ
(ଅସହଯୋଗିତା—ବି) ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା (ବ୍ୟକ୍ତି)—A non-co-operator.

**ଅସହାୟ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ + ସହାୟ )—୧ । ନିଃସହାୟ;
**Asahāya** ଯାହାର କେହି ସାହା ଭରସା ନାହିଁ—
(ଅସହାୟା—ସ୍ତ୍ରୀ) 1. Helpless.
(ଅସହାୟତା—ବି) ୨ । ବନ୍ଧୁହୀନ—2. Friendless.
୩ । ଯାହାକୁ ସାହାଯ୍ୟ କରିବାକୁ କେହି ନାହିଁ; ଏକାକୀ—
3. Single-handed,
୪ । ନିଃସଙ୍ଗ; ନିର୍ଜନ—4. Solitary ( M. W. )
୫ । ଯାହାର କେହି ସଙ୍ଗୀ ନାହିଁ—
5. Without companions.
ସଂ. ବି.—ନିଃସହାୟତା; ସାହାଯ୍ୟହୀନତା—Helplessness.

**ଅସହାୟତା**—ସଂ. ବି. (ଅସହାୟ + ଭାବ. ତା)—୧ । ଅସହାୟର ଅବସ୍ଥା—
**Asahāyata** 1. Helplessness.
୨ । ବନ୍ଧୁହୀନ ଅବସ୍ଥା—2. Friendlessness.
୩ । ନିର୍ଜନତା— 3. Loneliness; solitude.
୪ । ମୁନିର ଜୀବନ ବା ବୃତ୍ତି—
4. The life of a hermit ( M. W. )

**ଅସହିଷ୍ଣୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ଅ + ସହିଷ୍ଣୁ )—୧ । ଯେ ସହି
**Asahishṇu** ନ ପାରେ—1. Unable to endure.
(ଅସହିଷ୍ଣୁତା—ବି) ୨ । ଅଧୀର; ଅସମ୍ଭାଳ—2. Impatient.
୩ । ଯେ ଦୁଃଖ ସହି ନ ପାରେ—
3 Unable to bear distress.
୪ । ଈର୍ଷାପର—4. Envious.
୫ । କଳହପ୍ରିୟ—5. Quarrelsome ( M. W. )
୬ । ଯେ କ୍ଷମାଶୀଳ ନୁହେ—6. Not forgiving.

**ଅସହ୍ୟ**—ସଂ. ବିଣ ( ଅ + ସହ ଧାତୁ + କର୍ମ. ଯ )—
**Asahya** ୧ । ଯାହା ସହି ହୁଏ ନାହିଁ—
( ଅସହ୍ୟତା—ବି ) 1. Intolerable; unbearable.
୨ । ଅସମ୍ଭବ—2. Impossible; impracticable ( M. W. )

**ଅସହ୍ୟପୀଡ଼**—ସଂ. ବିଣ ( ବହୁବ୍ରୀହି; ଅସହ୍ୟ + ପୀଡ଼ା )—
**Asahyapīrda** ଯାହା ଅସହ୍ୟ ପୀଡ଼ା ଦିଏ—
Causing intolerable pain ( M. W )

**ଅସାକ୍ଷାତ୍**—ସଂ. ଅ ( ଅ + ସାକ୍ଷାତ୍ )—୧ । ( ଅମୁକର ) ପରୋକ୍ଷରେ;
**Asākshāt** ଇନ୍ଦ୍ରିୟର ଅଗୋଚରରେ—1. Imperceptibly.
୨ । ଅମୁକର ଅନୁପସ୍ଥିତିରେ—2. In one's absence.
୩ । (ଅମୁକର) ପଛରେ—3. Behind one's back
ସଂ. ବିଣ.—୧ । ପରୋକ୍ଷ—1. Indirect.
୨ । ଯାହା ନିଜ ଆଖି ଆଗରେ ଘଟେ ନାହିଁ; ଅଦୃଶ୍ୟ; ଅଗୋଚର—2. Happening behind one's back invisible.
୩ । ଇନ୍ଦ୍ରିୟର ଅଗୋଚର—3. Imperceptible.

**ଅସାକ୍ଷାତ**—ଦେ. ବିଣ ( ସଂ. ଅସାକ୍ଷାତ୍ )—ଅସାକ୍ଷାତ୍ ( ଦେଖ )
**Asākshāta** Asākshāt (See)
ଦେ. ବି ( ସଂ. ଅ + ସାକ୍ଷାତ୍କାର)—
୧ । ଅଦର୍ଶନ—1. Not seeing.
୨ । ଦେଖା ନ ମିଳିବା—2. Failing to meet a person.

**ଅସାକ୍ଷାତରେ**—ଦେ. ଅ. ( ସଂ. ଅସାକ୍ଷାତ୍ )—
**Asākshātare** ୧ । ଅସାକ୍ଷାତ୍ (ଦେଖ)—
অসাক্ষাতে 1. Asākshāt (See)
**बे मालूम** ୨ । ଅଜ୍ଞାତରେ—2. Without (one's) knowledge.

**ଅସାକ୍ଷିକ**—ସଂ. ବିଣ (ବହୁବ୍ରୀହି; ଅ + ସାକ୍ଷିନ୍ + କ) —
**Asākshika** ୧ । (ହିନ୍ଦୁ ସ୍ମୃତି) ଯେଉଁ ଘଟଣାର କେହି ସାକ୍ଷୀ ନ ଥାଏ—1. ( Hindu law ) Having no witness; unwitnessed.
୨ । ( ହିନ୍ଦୁ ସ୍ମୃତି) ଯେଉଁ ଦଲିଲରେ କେହି ହାଁସିଅ ସାକ୍ଷୀ ପଡ଼ି ନ ଥାଏ—2. (Hindu law) unattested (document)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଚ | ଶ,ଷ | କ୍ଷ | ଇଯ୍ | ଉଅ | ଘ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଓ | ନ୍ତ |

୩ । ( ହିନ୍ଦୁ ସ୍ମୃତି ) ମକଦ୍ଦମା ଉପଲକ୍ଷରେ ଅଦାଲତରେ ଉପସ୍ଥିତ ଯେଉଁ ପକ୍ଷର ସମର୍ଥନ କରିବା ପାଇଁ କେହି ସାକ୍ଷୀ ନ ଥାଏ—3. (Hindu law) (a party in a suit) Who has got no witness to support him.

ଅନାଥ ଅସାକ୍ଷିକ ଲୋକ କଥାଯାକ
ଭଲକରି ବୁଝିବ ଅବଜ୍ଞାନାଯୁକ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

[ ଦ୍ର—ପରସ୍ପର ବିବଦମାନ ଦୁଇ ପକ୍ଷର ଯେବେ ସାକ୍ଷୀ ନ ଥାଏ ତେବେ ବିଚାରପତି ଉଭୟପକ୍ଷଙ୍କ ହଲପ ଗ୍ରହଣ କରି ସତ୍ୟନିର୍ଣ୍ଣୟ କରିବେ—ରାମଶଙ୍କର ମନୁ ୮।୧୦୯ । ]

**ଅସାକ୍ଷିକହତ**—ସଂ. ବିଣ. ପୁଂ. ( ଅସାକ୍ଷିକ + ହତ )—
Asākshikahata (ଅସାକ୍ଷିକହତା—ସ୍ତ୍ରୀ) (ହିନ୍ଦୁ ସ୍ମୃତି) ଆପଣାର କଥାକୁ ସମର୍ଥନ କରିବାକୁ କେହି ସାକ୍ଷୀ ନ ଥିବାରୁ ଯେଉଁ ପକ୍ଷ ମକଦ୍ଦମାରେ ହାରିଯାଏ—
(Hindu law) Beaten (in law) without witnesses ( M W. )

**ଅସାକ୍ଷୀ**—ସଂ. ବିଣ. ପୁଂ. ( ଅ + ସାକ୍ଷିନ୍; ୧ମା. ୧ବ. )—
Asākshi (ଅସାକ୍ଷିଣୀ—ସ୍ତ୍ରୀ) ୧ । ( ହିନ୍ଦୁ ସ୍ମୃତି ) ଅଦାଲତରେ ସାକ୍ଷୀରୂପେ ଗୃହୀତ ହେବା ପାଇଁ ଅନୁପଯୁକ୍ତ ( ବ୍ୟକ୍ତି )—
ଅସାକ୍ଷିତା } ବି. 1. ( Hindu law ) ( persons ) Who
ଅସାକ୍ଷିତ୍ୱ } are incompetent to give evidence in court.

[ ଦ୍ର—ଚୋର, ଜୁଆଡ଼ି, ମଦ୍ୟପ, ପାଗଳ, ସ୍ତ୍ରୀ, ବାଳକ, ଅତିବୃଦ୍ଧ, ହତ୍ୟାକାରୀ, ଭାଟ, ଜାଲିଆ, ବିକଳେନ୍ଦ୍ରିୟ ( ଯଥା ବହିରା, ଅନ୍ଧ, କଣା, ଛୋଟା, କେମ୍ପା, କୁଜା ) ଶତ୍ରୁ ଓ ମିତ୍ର ଏମାନେ ଧର୍ମଶାସ୍ତ୍ର-ଅନୁସାରେ କୌଣସି ମକଦ୍ଦମାରେ ସାକ୍ଷୀରୂପେ ଗୃହୀତ ହୋଇ ନ ପାରନ୍ତି—ଯାଜ୍ଞବଲ୍କ୍ୟ ୨।୭୧ ।

ଋଣାଦି ଅର୍ଥସମ୍ବନ୍ଧୀ, ଅସତ୍ୟବାଦୀ, ଭୃତ୍ୟାଦି ସହାୟକ, ଶତ୍ରୁ, ଯେ ଥରେ ମିଛସାକ୍ଷୀ ଦେଇଥିବାର ଜଣାଯାଇଛି, ବ୍ୟାଧ୍ୟାର୍ତ୍ତ, ମହାପାତକ ଦୋଷରେ ଦୂଷିତ, ରାଜା, କାରିଗର, ନଟ, ଶ୍ରୋତ୍ରିୟ, ବ୍ରହ୍ମଚାରୀ, ସନ୍ନ୍ୟାସୀ, ପରାଧୀନ, ଲୋକନିନ୍ଦିତ, ଦସ୍ୟୁ, ନିଷିଦ୍ଧକର୍ମକାରୀ, ବୃଦ୍ଧ, ପିଲା, ଚଣ୍ଡାଳ, ବିକଳେନ୍ଦ୍ରିୟ, ଯେଉଁ ବ୍ୟକ୍ତି ବଂଶହୀନ ବା ଏକାକୀ, ଆର୍ତ୍ତ, ମତ୍ତ, ଉନ୍ମତ୍ତ, କ୍ଷୁତ୍ତୃଷ୍ଣୋପପୀଡ଼ିତ, ଶ୍ରମାର୍ତ୍ତ, କାମାର୍ତ୍ତ, କ୍ରୁଦ୍ଧ ଓ ତସ୍କର ଏପରି ବ୍ୟକ୍ତିମାନଙ୍କୁ ପକ୍ଷମାନେ ଅଦାଲତରେ ସାକ୍ଷୀ କରିବେ ନାହିଁ—

ରାମଶଙ୍କର ମନୁ ୮।୬୪—୬୭ । ]

୨ । ( ହିନ୍ଦୁ ସ୍ମୃତି ) ଯେ କୌଣସି ଘଟଣାକୁ ସ୍ୱଚକ୍ଷୁରେ ଦେଖି ନ ଥାଏ—2. ( Hindu law ) Not an eye-witness.

ସାକ୍ଷୀ ହୋଇ ଅସାକ୍ଷୀ ପରି ଯେ କହଇ । କୃଷ୍ଣସିଂହ. ମହାଭାରତ. ସଭା ।

**ଅସାକ୍ଷ୍ୟ**—ସଂ. ବି. ( ଅ + ସାକ୍ଷ + ଯ )—ପ୍ରମାଣର ଅଭାବ—
Asākshya Want of evidence ( M. W. )

**ଅସାଙ୍ଗ୍**—ପ୍ରାଦେ. ( ସମ୍ବଲପୁର ) ବିଣ. ସ୍ତ୍ରୀ—ଗର୍ଭବତୀ—
Asāṅg Pregnant.

**ଅସାଡ଼**—ଦେ. ବିଣ. ( ସଂ. ଅସାର )—
Asārda ୧ । ଚଳିବା ଶକ୍ତିରହିତ ( ଅଙ୍ଗ ); ଅଚଳ—
অসাড় 1. Benumbed; torpid.
ठिठुरा ୨ । ବିଗିଡ଼ିଥିବା—2. Disordered; out of order.
୩ । ସଂଜ୍ଞାହୀନ—3. Insensible; stupified.

**ଅସାଢ଼ୁଆ**—ଦେ. ବି—ଅଷାଢ଼ୁଆ ( ଦେଖ )
Asārdhuā Ashārdhuā ( See )

**ଅସାଢ଼**—ଦେ. ବି. ( ସଂ. ଆଷାଢ଼ )—
Asārdha ଅଷାଢ଼ମାସ—ସୌର ମିଥୁନ ମାସ—
আষাঢ় The lunar month of Ashārdha
असाढ़ ( June-July )

**ଅସାତ୍ମ୍ୟ**—ସଂ. ବି. ( ଅ + ସ + ଆତ୍ମନ୍ + ଯ )—
Asātmya ୧ । ଅସ୍ୱାସ୍ଥ୍ୟକର ( ଖାଦ୍ୟ )—
1. Unwholesome ( as food )
୨ । ଯାହା ଦେହରେ ଯାଏ ନାହିଁ—
2. Disagreeing ( as food ) ( M. W. )

**ଅସାଦ**—ସଂ. ବିଣ. ( ଅ + ସଦ ଧାତୁ + ଣିଚ ସାଦ ଧାତୁ + କ )—
Asāda ଅକ୍ଳାନ୍ତ; କ୍ଳାନ୍ତିରହିତ—Not becoming tired; unwearied ( M. W )

**ଅସାଧନ**—ସଂ. ବି. ( ଅ + ସାଧନ )—ଯାହା ଫଳପ୍ରଦ ଉପାୟ ନୁହେ—
Asādhana Not a means; anything not effective of an object.
ସଂ. ବିଣ. ( ବହୁବ୍ରୀହି )—୧ । ଉପାୟବିରହିତ—
1. Without means; destitute of resources.
୨ । କାର୍ଯ୍ୟ ସାଧନର ଉପକରଣ ବା ଯନ୍ତ୍ରାଦି ବିରହିତ—
2. Destitute of materials or implements.

**ଅସାଧାରଣ**—ସଂ. ବିଣ. ( ଅ + ସାଧାରଣ )—୧ । ଅସାମାନ୍ୟ—
Asādhāraṇa 1. Uncommon.
ଅସାଧାରଣତା } ବି. ୨ । ଯାହା ସବୁଠାରେ ବା ସମସ୍ତଙ୍କଠାରେ ନାହିଁ—
ଅସାଧାରଣତ୍ୱ } 2. Extraordinary.
୩ । ବିଶିଷ୍ଟ—3. Specifical; special.
୪ । ଯାହା ସମସ୍ତଙ୍କର ନୁହେ—
4. Not common; private.

**ଅସାଧି**—ଗ୍ରା. ବିଣ. ( ସଂ. ଅସାଧ୍ୟ )—୧ । ଅସାଧ୍ୟ ( ଦେଖ )
Asādhi 1. Asādhya ( See )
অসাধ্য ୨ । ଅବାଧ୍ୟ—2. Insubordinate.
असाध्य

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଯେଉଁ ଯେଉଁ ରାଜା ହୁଅନ୍ତି ଅସାଧ୍ୟ
ସନ୍ଧାନ କରି ଆଣିବୁ ତାଙ୍କ ସବୁ ବାନ୍ଧି । ସାରଳା. ମହାଭାରତ. ସଭା ।'

**ଅସାଧିତ**—ସଂ. ବିଣ. ( ଅ + ସାଧିତ )—୧ । ଅସମ୍ପାଦିତ; ଅକୃତ—
Asādhita 1. Unaccomplished.
୨ । ଅସମାହିତ; ଅନିଷ୍ପନ୍ନ—2. Unsolved.

**ଅସାଧୁ**—ସଂ. ବିଣ.—(ଅ + ସାଧୁ)—୧ । ଅସତ୍—
Asādhu 1. Dishonest.
(ଅସାଧୁତା—ବି) ୨ । ଅଭଦ୍ର—2. Uncivil.
୩ । ଅଧାର୍ମିକ—3. Unrighteous; irriligious.
୪ । ଅନୈତିକ—4. Immoral.
୫ । ଯାହା ସାଧୁଜନୋଚିତ ନୁହେ—
5. Not befitting a good person

**ଅସାଧୁତା**—ସଂ. ବି. (ଅସାଧୁ + ଭାବ. ତା)—୧ । ଅସତ୍‌ପଣ—
Asādhutā 1. Dishonesty.
୨ । ଅଭଦ୍ରତା—2. Incivility.
୩ । ରଚନାର ଦୋଷବିଶେଷ; ବ୍ୟାକରଣଦୋଷଦୂଷିତ ପଦର ବ୍ୟବହାର—3. A defect in composition; ungrammatical construction.

( ଯଥା—ବାଟରେ ଅନୁଜ ଭେଟ ମତି ତରସିତା
ବୋଲେ ରାମ ସୀତା କାହିଁ କଲୁ ତୁ ଏକତା
କିମ୍ପାଁ ହୋଇଲେ ଅନ୍ତର
କହିଲ ସେ ଅର ଭୟେ ହୃଦୟ ଥରର ।
ଭଞ୍ଜ. ବୈଦେହୀଶବିଳାସ ।

ଏଠାରେ 'ଏକତା' ବିଶେଷ୍ୟପଦର 'ଏକାକିନୀ' ବିଶେଷଣ ବ୍ୟବହାର ଅସାଧୁତା ଦୋଷ ।]

**ଅସାଧ୍ୟ**—ସଂ. ବିଣ. (ଅ + ସାଧ୍ୟ)—୧ । ଯାହା ସାଧିତ ହୋଇ ନ ପାରେ—
Asādhya 1. Impracticable; incapable of being accomplished.
୨ । ଅସମ୍ଭବ—2. Impossible.
୩ । ଅଚିକିତ୍ସ୍ୟ; ଦୁଶ୍ଚିକିତ୍ସ୍ୟ—3. Incurable.
୪ । ଅଶାସନୀୟ— Uncontrollable.
୫ । ଯାହାକୁ ଅଧୀନ କରାଯାଇଁ ନ ପାରେ—
5. Unmanagable.
୬ । ଯେଉଁ ସମସ୍ୟାକୁ ସାଧନ କରାଯାଇ ନ ପାରେ—
6. Insoluble.

**ଅସାଧ୍ୟଭୂଇଁ**—ଦେ. ବି. ( ସଂ. ଅସାଧ୍ୟ + ଭୂମି )—ଯେଉଁ ଜମିକୁ କୃଷି ଅବାଦ କରାଯାଇ ନ ପାରେ—
Asādhyabhūiñ
অসাধ্যভূমি
**असाध्य जमीन** Unreclaimable land; unculturable land.

**ଅସାଧ୍ୟସାଧନ**—ସଂ. ବି. ( ୬ଷ୍ଠୀ ତତ୍; ଅସାଧ୍ୟ + ସାଧନ )—ସାଧ୍ୟ ନ ହେବା ବିଷୟକୁ ସାଧନ କରିବା—
Asādhya sādhana Accomplishment of the impossible.

**ଅସାବଧାନ**—ସଂ. ବିଣ. (ଅ = ନୁହେ + ସାବଧାନ = ସତର୍କ)—
Asābadhāna ୧ । ଅସତର୍କ; ଗରହୁସିଆର—
(ଅସାବଧାନତା—ବି) 1. Unguarded; not cautious; careless.
୨ । ଯାହାର କର୍ତ୍ତବ୍ୟ ବିଷୟରେ ମନୋଯୋଗ ନାହିଁ—
2. Unmindful of one's duties.
୩ । ଅନବହିତ—3. Inadvertent.
୪ । ଅନ୍ୟମନସ୍କ—4. Heedless.
୫ । ଅମନୋଯୋଗୀ—5. Inattentive.

**ଅସାବଧାନତା**—ସଂ. ବି. (ଅ = ନୁହେ + ସାବଧାନ + ଭାବ. ତା)—
Asābadhānatā ୧ । ଅସତର୍କତା—1. Want of caution.
୨ । ଅମନୋଯୋଗିତା—2 Carelessness.
୩ । ଗରହୁସିଆର—3. Oversight.

**ଅସାମର୍ଥ୍ୟ**—ସଂ. ବି. (ଅ = ନୁହେ + ସାମର୍ଥ୍ୟ = ବଳ)—
Asāmarthya ୧ । ଅସମର୍ଥତା—1. Inability.
୨ । କାର୍ଯ୍ୟ କରିବାରେ ଅଶକ୍ତି—2. Incapacity.
୩ । ଶକ୍ତିହୀନତା—3. Want of power.
୪ । ଦୁର୍ବଳତା—4. Want of strength.

**ଅସାମୟିକ**—ସଂ. ବିଣ. (ଅ + ସାମୟିକ)—୧ । ଯାହା ସମୟୋଚିତ ନୁହେ—
Asāmayika 1. Untimely; importune.
୨ । ଋତୁବହିର୍ଭୂତ—2. Unseasonable; not periodical.

**ଅସାମାନ୍ୟ**—ସଂ. ବିଣ. (ଅ = ନୁହେ + ସାମାନ୍ୟ)—୧ । ଅସାଧାରଣ—
Asāmānya 1. Uncommon; extraordinary.
୨ । ଯାହା ସବୁଠାରେ ମିଳେ ନାହିଁ ବା ନ ଥାଏ—
2. Not general or common.
୩ । ବିଶିଷ୍ଟ—3. Peculiar.

**ଅସାମ୍ପ୍ରତ**—ସଂ. ବିଣ. (ଅ + ସାମ୍ପ୍ରତ)—୧ । ଅନୁଚିତ—
Asāmprata Improper.
୨ । ଅସାମୟିକ—2. Unseasonable. (M. W.)
ସଂ. ବିଣ. ଓ. ଅ.—ଅନୁଚିତରୂପେ—Unfitly.

**ଅସାମ୍ପ୍ରତଂ**—ସଂ. ବିଣ. ଓ ଅ. (ଅ + ସାମ୍ପ୍ରତଂ)—ଅସାମ୍ପ୍ରତ (ଦେଖ)
Asāmpratam Asāmprata (See)

**ଅସାମ୍ପ୍ରତିକତା**—ସଂ. ବି. (ଅ + ସାମ୍ପ୍ରତ + ଇକ + ଭାବ. ତା)—
Asāmpratikatā ଅନୁଚିତ ବ୍ୟବହାର—Improper behaviour (M. W.)

**ଅସାମ୍ପ୍ରଦାୟିକ**—ସଂ. ବିଣ. (ଅ = ନୁହେ + ସାମ୍ପ୍ରଦାୟିକ = ସମ୍ପ୍ରଦାୟ ବା ଦଳଗତ)—କୌଣସି ସମ୍ପ୍ରଦାୟର ଅନ୍ତର୍ଗତ ହୋଇ ନ ଥିବା—
Asāmpradāyika Not connected with any particular sect; unsectarian; catholic.

| ୧ | ଉ | ଊ | ର୍‌,ର୍ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଙ୍ଘ | ଞ୍ଚ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଌ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଘ | ଇଅ | ଔ | କୃ |

**ଅସାମ୍ୟ**—ସଂ. ବି. (ଅ + ସାମ୍ୟ = ସମତା)—୧ । ଅସାଦୃଶ୍ୟ—
Asāmya 1. Dissimilarity.
୨ । ଅସମାନତା—2. Want of equality or likeness.
୩ । ବୈଷମ୍ୟ—3. Want of equilibrium or evenness.

**ଅସାର**—ସଂ. ବି. ( ବହୁବ୍ରୀହି; ଅ = ନାହିଁ + ସାର = ମଞ୍ଜି; ମଧ୍ୟସ୍ଥ ଦୃଢ଼ ଅଂଶ )—
Asāra
(ଅସାରା—ସ୍ତ୍ରୀ) ୧ । ଗବ ଗଛ—1. Caster oil tree; Ricinus Communis.
ଅସାରତା } ବି. ୨ । ଅଗୁରୁ ଚନ୍ଦନ (ହିନ୍ଦି. ଶବ୍ଦସାଗର)—
ଅସାରତ୍ୱ } 2. Agallochium; Aloe wood.
ଦେ. ବି—୧ । ପଶା ଖେଳବାରେ ପଶା କାଠିରେ ପଡ଼ିବା ଅନାବଶ୍ୟକ ବା ବେଦରକାରୀ ବା ଅଲୋଡ଼ା (ଦାନ)—
1. A throw of the dice which is not appropriate or suitable for the occasion.
୨ । ମନ୍ଦ କର୍ମ; ଅନ୍ୟାୟ—2. Bad act; wrong.
ଭଲ ଅସାର ମୁହିଁ କରଇଁ ଯେବେ
ତୁମ୍ଭେ ମୋତେ ବାରଣ ନ କରିବ ତେବେ । କୃଷ୍ଣସିଂହ. ମହାଭାରତ. ଅଦି ।
୩ । ଅନୁଚିତ କର୍ମ—3. Improper act
କରିବେ ଏ ଯୁବା ହେଲେ ଅସାର । ଦୀନକୃଷ୍ଣ . ରସକଲ୍ଲୋଳ ।
ସଂ. ବିଣ—୧ । ସାରବସ୍ତୁ ବିହୀନ—1, Unsubstantial.
୨ । ମଞ୍ଜିହୀନ—2. Pithless.
୩ । ବଳହୀନ; ଦୁର୍ବଳ—3. Weak.
୪ । ମୂଲ୍ୟହୀନ—4. Valueless.
୫ । ଫମ୍ପା—5. Empty; hollow.
୬ । ବୃଥା—6. Vain.
୭ । ନୀରସ—7. Sapless
୮ । ଅନୁପଯୋଗୀ—8. Unfit.
୯ । ଯାହା ଲାଭଜନକ ନୁହେ—
9. Unprofitable ( M. W. )
୧୦ । ଯେଉଁ ଦ୍ରବ୍ୟ ଖାଣ୍ଟି ନୁହେ; ମିଶା—
10. Not genuine; adulterated.
[ ଦ୍ର—ଅସାର ପଣ୍ୟ ଦ୍ରବ୍ୟକୁ ସାର ବୋଲି କେହିକୁ ବିକେତା ବିକିବ ନାହିଁ । ରାମଶଙ୍କର ମନୁ. ୮।୨୦୩ । ]
୧୧ । ଅକାମିକା—11. Worthless.
୧୨ । ମନ୍ଦ—12. Bad.
୧୩ । ଭଙ୍ଗପ୍ରବଣ; ମସକା—13. Fragile.

**ଅସାରଥ**—ଗ୍ରା. ବିଣ ( ସଂ. ଅସାର୍ଥ )—ଅସାର୍ଥକ ( ଦେଖ )
Asāratha Asārthaka ( See )

**ଅସାରଥକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ );
Asārathaka Asārthaka ( See )

**ଅସାରଥକା**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathakā Asārthaka ( See )

**ଅସାରଥିକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathika Asārthaka ( See )

**ଅସାରଥୁକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathuka Asārthaka ( See )

**ଅସାରଥୁକା**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathukā Asārthaka ( See )

**ଅସାରସପନ**—ଗ୍ରା. ବି. ( ସଂ. ଅସାରସ୍ୱପ୍ନ )—୧ । ଅସାରସ୍ୱପ୍ନ (ଦେଖ)
Asārasapana 1. Asāraswapna (See)
অসারস্বপ্ন ୨ । ଦୁଃସ୍ୱପ୍ନ—2. Bad dreams.
असारस्वप्न ୩ । ଅଶୁଭସୂଚକ ସ୍ୱପ୍ନ ( ଯଥା—ସ୍ୱପ୍ନାଧ୍ୟାୟ ବର୍ଣ୍ଣିତ କଳେ ତେଲ ବୋଳ ହେବା, ମଇଁଷି ଚଢ଼ିବା; ସୁଅର ହେବା ଆଦି ସ୍ୱପ୍ନ ଦେଖା )—3. Portentious dearms.
୪ । ଆପଣାର କେହି ବ୍ୟକ୍ତି ମରଯିବା ଆଦି ସ୍ୱପ୍ନରେ ଦେଖିବା—
4. Dreaming of death or danger befalling one's beloved or dear person

**ଅସାରସ୍ୱପ୍ନ**—ସଂ. ବି. ( କର୍ମଧା; ଅସାର + ସ୍ୱପ୍ନ )—
Asāraswapna ନିଷ୍ଫଳ ବା ଅବାସ୍ତବ ସ୍ୱପ୍ନ—
Empty or unreal dream.

**ଅସାରା**—ସଂ. ବିଣ. ସ୍ତ୍ରୀ. ( ଅସାର + ଆ )—ଅସାରର ସ୍ତ୍ରୀଲିଙ୍ଗ—
Asārā Feminine of Asāra.
ସଂ. ବି—କୁଳକବିଶେଷ—The plant Musa Paradisiaca ( M. W. )

**ଅସାରି**—ଗ୍ରା. ବି—ତନ୍ତୀଙ୍କ ବ୍ୟବହୃତ ବାଉଁଶ କାଠିର ନଟେଇ—
Asāri Weaver's reel made of bamboo-twigs.

**ଅସାର୍ଥ**—ସଂ. ବିଣ. ( ଅ + ସାର୍ଥ )—ଅସାର୍ଥକ ( ଦେଖ )
Asārtha Asārthaka ( See )

**ଅସାର୍ଥକ**—ସଂ. ବିଣ. ( ଅ + ସାର୍ଥକ )—
Asārthaka ୧ । ଯାହା ସାର୍ଥକ ବା ସଫଳ ନୁହେ; ନିଷ୍ଫଳ—
1. Fruitless.
୨ । ନିଷ୍ପ୍ରୟୋଜନ—2. Useless.
୩ । ବିଫଳ—3 Ineffectual.
୪ । ଅକୃତାର୍ଥ; ଅଚରିତାର୍ଥ—
4. Not successful; unfulfilled.
୫ । ଉଦ୍ଦେଶ୍ୟବିହୀନ; ବ୍ୟର୍ଥ—5. Purposeless; aimless.
୬ । ବୃଥା—6. Vain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଅ' ନ ମିଳିଲେ 'ବୃଥ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୭ । ମୂଲ୍ୟହୀନ—7. Valueless.

୮ । ଅକାମିକା—8. Worthless.

୯ । ନିରର୍ଥକ—9. Meaningless.

୧୦ । ପଣ୍ଡ—10. Nullified; done in vain.

**ଅସାର୍ଥି**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଅସାର୍ଥକ)—ଅସାର୍ଥକ (ଦେଖ)
Asārthi — Asārthaka ( See )

**ଅସାର୍ଥିକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthika — Asārthaka ( See )

**ଅସାର୍ଥିକା**—ଗ୍ରା. ବିଣ (ସଂ. ଅସାର୍ଥକ)—ଅସାର୍ଥକ ( ଦେଖ )
sārthikā — Asārthaka ( See )

**ଅସାର୍ଥୁକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthuka — Asārthaka (See)

**ାର୍ଥୁକା**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthukā — Asārthaka ( See )

**ଅସାଷ୍ଟମ**—ଦେ. ବିଣ.(ସଂ. ଅ+ସଂ. ସାଷ୍ଟାଙ୍ଗ ନମ୍ରା ଅସୁସ୍ଥ=ପୀଡ଼ିତ)—
Asāshṭama ୧ । ବେହୋସ; ସଂଜ୍ଞାହରହିତ—
अज्ञान — 1. Unconscious.
अचेत, बेचैन — ୨ । ମୋହଗ୍ରସ୍ତ; ମୂର୍ଚ୍ଛିତ—2. Fainted; tranced.

ହନେ ହିଟ୍ଟପିଟ୍ଟଏ ଗଛରୁ ପଡ଼ନ୍ତି;
ପର୍ବତରେ ପଡ଼ି ସେ ଅସାଷ୍ଟମ ହୋଇଲା । ସାରଳା ମହାଭାରତ ।

୩ । ଉନ୍ମତ୍ତ—3. Maddened.

୪ । ଉଦ୍ବିଗ୍ନ; ବ୍ୟସ୍ତ—4. Anxious.

୫ । ଅଧୀର—5. Impatient.

୬ । ଅଥୟ; ଅସ୍ଥିର—6. Restless.

ଦେ. ବି.—୧ । ସଂଜ୍ଞାହୀନତା—1. Unconsciousness.

୨ । ମୂର୍ଚ୍ଛା—2. Trance; fainting.

୩ । ଅସ୍ଥିରତା—3. Restlessness.

ପଳାଇ ପଶଇ ସେ ବନ୍ଧୁଙ୍କ ମେଳେ.
କାମ ଅସାଷ୍ଟମେ ମନ ବନ୍ଧୁକ ତଳେ । ସାରଳା ମହାଭାରତ ଆଦି ।

୪ । ଅଧୈର୍ଯ୍ୟ—4. Impatience.

୫ । ଉଦ୍ବେଗ—5. Anxiety.

୬ । ଉନ୍ମାଦ—6. Madness.

**ଅସାଷ୍ଟାମ**—ଗ୍ରା. ବିଣ.—ଅସାଷ୍ଟମ ( ଦେଖ )
Asāshṭāma — āshṭama ( See )

ଅଧୀର ଚେଳ ଉପ ମୃକ ମଡନରେ ଅସାଷ୍ଟମ ସାରଳା ମହାଭାରତ. ବନ୍ଦଃ ।
( ମୂର୍ଚ୍ଛିତ ) ପଡ଼ିଲେ ଯେଣେ ଧନ୍ୟ ହୋଇ ଅସାଷ୍ଟାମ । ଚନ୍ଦ୍ରାମଣି. ମହୋଦଧି ।

ଦେ. ବି.—ଅସାଷ୍ଟମ ( ଦେଖ )
Asāshtma ( See )

**ଅସାହସିକ**—ସଂ. ବିଣ. ପୁଂ ( ଅ+ସାହସିକ )—୧ । ଯେ ସାହସସହିତ
Asāhasika କାମ କରେ ନାହିଁ—6. Not acting boldly.
(ଅସାହସିକା—ସ୍ତ୍ରୀ) ୨ । ଯେ ଅଣାବୁଝା ନୁହେ—
2. Not acting inconsiderately (M. W.)

**ଅସାହା**—ଦେ. ବିଣ.—(ସଂ. ଅସହାୟ)—୧ । ଅସହାୟ; ନିଃସହାୟ—
Asāhā — 1. Helpless.
असहाय — ଅନୁବରତେ ଯେ ପାପ ପାଞ୍ଚିଲ ଅସାହା—ସାରଳା. ମହାଭାରତ—ଉଦ୍ଯୋଗ ।
असहाय — ୨ । ଯାହାର କେହି ସଙ୍ଗୀ ନାହିଁ; ଏକାକୀ—
2. Single handed; companionless.

ଅନ ଲୋକ ଠାରେ ନ ସମ୍ଭବେ ଏହା,
ତା ହନାକେ ଅସିବ ହୋଇଣ ଅସାହା । କୃଷ୍ଣସିଂହ ମହାଭାରତ. ବନ୍ଦଃ ।

**ଅସି**—ସଂ. ବି. ( ଅସ ଧାତୁ=ଫିଙ୍ଗିବା+କର୍ମ ଅ; ତୁଳନାକର
Asi ଲାଟିନ୍—ଏନ୍‌ସିସ୍ )—୧ । ଖଡ୍ଗ; ଖଣ୍ଡା—
1. Sword; scimitar.

୨ । ଜୀବ ବଧ କରିବା କଟୁରୀ—
2. A knife for killing animals.

୩ । ବାରାଣସୀ ନିକଟସ୍ଥ ନଦୀବିଶେଷ—
3. Name of a river near Benaras.

**ଅସିଅ**—ଦେ. ବିଣ.—ଯେଉଁ ବରଗଛର ଶିଅ ବା ଯାଖଡେର ମାଡ଼
Asiā ନ ଥାଏ—(banian tree) Which has not yet spread its roots.

**ଅସିଆଁ**—ଦେ. ବିଣ. ( ସଂ. ଅ+ସ୍ୟୂତ )—ସିଆଁ ହୋଇ ନ ଥିବା;
Asiān ଅସ୍ୟୂତ; ଯାହା ସିଲେଇ ହୋଇନାହିଁ—Unsewn.
আসেলাই
सोनानेईहुआ

**ଅସିଆଣା**—ଦେ. ବିଣ.—ପୁଂ. ଓ ସ୍ତ୍ରୀ ( ସଂ. ଅ+ସଜ୍ଞାନ )—
Asiāṇā ୧ । ଯେ ସିଆଣା ବା ଚତୁର ନୁହେ; ଅଚତୁର—
(ଅସିଆଣୀ—ସ୍ତ୍ରୀ) 1. Not clever.
অসেয়ানা ୨ । ନିର୍ବୁଦ୍ଧି; ନିର୍ବୋଧ; ଓଲୁ—
बेसयाना 2. Unintelligent; stupid; foolish.

ଗ୍ରା. ବିଣ ( ସ୍ତ୍ରୀ )—ଅପ୍ରାପ୍ତରଜସ୍କା; ଅପ୍ରାପ୍ତ ଯୌବନା (ବାଳିକା); ଯାହାର ପ୍ରଥମ ରଜୋଦର୍ଶନ ହୋଇ ନାହିଁ—Not yet menstruated.

**ଅସିଆଣିଆଁ**—ଦେ. ବିଣ.—ପୁଂ. ଓ ସ୍ତ୍ରୀ—ଅସିଆଣା (ଦେଖ)
Asiāṇiān — Asiāṇā (See)

**ଅସିଉକାର**—ଗ୍ରା. ବି ( ସଂ. ଅସ୍ୱୀକାର )—ଅସ୍ୱୀକାର—
Asiukāra — Want of consent; dissent.
অস্বীকার ଗ୍ରା. ବିଣ ( ସଂ. ଅସ୍ୱୀକୃତ )—ଅସ୍ୱୀକୃତ—
इनकार — Dissenting.

**ଅସିଉକାରଯିବା**—ଗ୍ରା. କ୍ରି ( ବଚରଅ ଭାଷା; ସଂ. ଅସ୍ୱୀକାର )—
Asiukārajiba ଅପରାଧ ବା ଦୋଷକୁ ନ ମାନିବା—
অস্বীকারকরা — Not to admit (one's guilt)
इनकारकरना

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଡ | ଙ୍କ | ଇସ୍ପ | ଞ୍ଝ | ଞ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ | ଇଥ | ୱ | ଙ୍କ |

**ଅଶିକ**—ସଂ. ବି. (ଅସ ଧାତୁ + ଇକ)—ତଳପାଟି ଓ ଥୋଡ଼ିମଧ୍ୟସ୍ଥ ଅଂଶ; ଅଧର ଓ ଚିବୁକର ମଧ୍ୟଭାଗ—
Asika — The part of the body between lower lip and the chin.

**ଅସିକାର**—ଗ୍ରା. ବି. ଓ ବିଣ. ( ସଂ. ଅ+ସ୍ୱୀକାର )—ଅସିଉକାର (ଦେଖ)
Asikār — Asiukāra (See)

**ଅସିକାର୍ଯ୍ୟ**—ସଂ. ବି.( ମଧ୍ୟପଦଲୋପୀ )—ଅସ୍ତ୍ର ଶସ୍ତ୍ର ଓ ଖଣ୍ଡା ଚଳାଇବାର ସାଧନା— The exercise or practice of arms ( M. W. )
Asikārjya

**ଅସିକାଳିକା**—ଦେ. ବି. ସ୍ତ୍ରୀ ( ସଂ. ଅସି+କାଳିକା )—ଖଡ଼୍ଗଧାରିଣୀ କାଳିକା ବା ଚଣ୍ଡୀ ଠାକୁରାଣୀ— The sword-handed Goddess Kāli.
Asikālikā

ପାପିଙ୍କର ଅଙ୍ଗ ଯେଣୁ କାଟେ ଅସିଧାରେ
ତେଣୁ ଅସିକାଳିକା ଯେ ବୋଲନ୍ତି ଏଠାରେ—ସାରଳା ମହାଭାରତ, ମଧ୍ୟ ।

**ଅସିକ୍ନୀ**—ସଂ. ବି. ( ଅ+ସିତ=ଶୁକ୍ଳ+ସ୍ତ୍ରୀ. ଈ: ନିପାତନସିଦ୍ଧ; ଯାହାର କେଶ ଶୁକ୍ଳ ହୋଇ ନାହିଁ )—
Asikni

୧ । ଅନ୍ତଃପୁରଚାରିଣୀ ଅବୃଦ୍ଧା ଦାସୀ; ଯୁବତୀ ଦାସୀ—
1. A girl maid-servant attending in the women's apartments.

୨ । ଯେଉଁ ଅନ୍ତଃପୁରଚାରିଣୀ ଦାସୀ ବୁଢ଼ୀ ହେଲେ ସୁଦ୍ଧା ତା କାଳ ପାଚେ ନାହିଁ ଓ ସେ ବୁଢ଼ୀ ଦେଖା ଯାଏ ନାହିଁ—
2. A maid-servant who looks young even when she becomes old.

୩ । ପଞ୍ଜାବର ନଦୀବିଶେଷ; ଚନାବ ନଦୀ—
3. The river Chinab in Pañjāba.

୪ । ଦକ୍ଷପ୍ରଜାପତିଙ୍କ ପତ୍ନୀ—
4. Name of the wife of Daksha Prajāpati.

**ଅସିଝା**—ଦେ. ବିଣ ( ସଂ. ଅସିଦ୍ଧ )—
Asijhā ୧ । ଅସିଦ୍ଧ—1. Unboiled.
আসিজা ୨ । ଅର୍ଦ୍ଧସିଦ୍ଧ; ଦରସିଝା—2. Half-boiled.
অসিদ্ধ

**ଅସିତ**—ସଂ. ବିଣ. ( ଅ+ସିତ=ଶୁକ୍ଳ )—
Asita ୧ । କୃଷ୍ଣବର୍ଣ୍ଣବିଶିଷ୍ଟ; କଳା—
( ଅସିତା—ସ୍ତ୍ରୀ ) 1. Black; dark coloured.
୨ । ନୀଳ—2. Blue.

ସଂ. ବି—୧ । କଳାରଙ୍ଗ—1. Black colour.
୨ । ଶନିଗ୍ରହ—2. The planet Saturn.
୩ । ଏକପ୍ରକାର ବିଷଧର ମୂଷିକ—
3. A kind of poisonous mouse ( M. W. )
୪ । ବ୍ୟାସଙ୍କ ଶିଷ୍ୟ ଓ କଶ୍ୟପଙ୍କ ବଂଶଧର ମୁନିବିଶେଷ—
4. Name of a sage.
୫ । ଭରତଙ୍କ ପୁତ୍ରବିଶେଷ—
5. Name of a son of king Bharata.
୬ । ପର୍ବତବିଶେଷ—6. Name of a mountain.
୭ । କୃଷ୍ଣସର୍ପ—7. Black snake.
୮ । ସର୍ପଭୟ ନିବାରକ ମନ୍ତ୍ରବିଶେଷ—
8. A sacred formula used for being saved from snake-bite.
୯ । କୃଷ୍ଣପକ୍ଷ—9. The dark lunar fortnight.

**ଅସିତବର୍ତ୍ମା**—ସଂ. ବି. ( ବହୁବ୍ରୀହି; ଅସିତ=କଳା+ବର୍ତ୍ମନ୍=ରାସ୍ତା ଯାହାର; ଯାହାର ମାର୍ଗ ଧୂମ ହେତୁ କୃଷ୍ଣବର୍ଣ୍ଣ)—
Asitabartmā — ଅଗ୍ନି; ନିଆଁ—Fire.

**ଅସିତା**—ସଂ. ବିଣ. ସ୍ତ୍ରୀ. ( ଅସିତ+ଆ )—ଅସିତର ସ୍ତ୍ରୀଲିଙ୍ଗ—.
Asitā — Feminine of Asita.

ସଂ. ବି. ସ୍ତ୍ରୀ—୧ । ଅନ୍ତଃପୁରଚାରିଣୀ ଯୁବତୀ ଦାସୀ—
1. A young maid-servant attending in the female apartment.
୨ । ଅନ୍ତଃପୁରଚାରିଣୀ ଦାସୀ ଯେ ବୁଢ଼ୀ ହେଲେ ସୁଦ୍ଧା ବୁଢ଼ୀ ଦେଖାଯାଏ ନାହିଁ—
2. A maid-servant who looks quite young though grown old.
୩ । ନୀଳୀଗୁଳ୍ମ—3. Indigo plant.
୪ । ଅପ୍ସରାବିଶେଷ—
4. Name of a heavenly nymph.
୫ । ପଞ୍ଜାବର ଚନ୍ଦ୍ରଭାଗା ନଦୀ—
5. The river Chandrabhāgā in Pañjāba.

**ଅସିତାର୍ଚ୍ଚିଃ**—ସଂ. ବି. ( ବହୁବ୍ରୀହି: ଅସିତ+ଅର୍ଚ୍ଚିସ୍; ୧ମା. ୧ବ. ଯାହାର କିରଣ ଅସିତ ବା ଅନୁଜ୍ଜ୍ୱଳ )—
Asitārchchih
୧ । ଚନ୍ଦ୍ର—1. The moon.
୨ । ଅଗ୍ନି—2. Fire.

**ଅସିଦ୍ଧ**—ସଂ. ବିଣ. ( ଅ+ସିଦ୍ଧ )—
Asiddha ୧ । ଅସିଝା—1. Unboiled.
( ଅସିଦ୍ଧତା—ବି ) ୨ । ଅରନ୍ଧିତ—2. Uncooked.
୩ । ଅନିଷ୍ପନ୍ନ; ଅସମ୍ପାଦିତ—
3. Unaccomplished.
୪ । ଅପ୍ରମାଣିତ—
4. Not proved; not established by proof.
୫ । ଅପକ୍ୱ—5. Unripe.
୬ । ଯେ ସାଧନାଦ୍ୱାରା ସିଦ୍ଧି ଲାଭ କରି ନାହିଁ—
6. (a person) Who has not attained prefection.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଚିହ୍ନ ର ବଦଳତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଉ' ନ ମିଳିଲେ 'ଗାଉ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୭ । ଅପୂର୍ଣ୍ଣ — 7. Imperfect.

**ଅସିଦ୍ଧାର୍ଥ**— ସଂ. ବିଣ. ପୁଂ. ( ଅ + ସିଦ୍ଧାର୍ଥ )—ଅକୃତକାର୍ଯ୍ୟ; ଯେ ନିଜର ଉଦ୍ଦେଶ୍ୟ ସାଧନ କରି ନାହିଁ—One who has not effected his aim.
Asiddhārtha

**ଅସିଦ୍ଧି**—ସଂ. ବି. ( ଅ + ସିଦ୍ଧି )—୧ । ନିଷ୍ଫଳତା—1. Failure.
Asiddhi
୨ । ( ସାଂଖ୍ୟ ) ଅପୂର୍ଣ୍ଣତା—2. ( Sāmkhya philosophy ) Incompleteness
୩ । ( ନ୍ୟାୟ ) ପ୍ରମାଣର ଅଭାବ— 3. ( logic ) Want of proof.
୪ । ( ନ୍ୟାୟ ) ଅସମ୍ବନ୍ଧ ପ୍ରତିଜ୍ଞା— 4. ( logic ) Conclusion not warranted by premises.
-ଦେ. ବି—ଅକର୍ତ୍ତବ୍ୟ କାର୍ଯ୍ୟ—An improper act.

**ଅସିଧାବ**—ସଂ. ବି. ( ଅସି + ଧାବ ଧାତୁ = ମାଜିବା + କର୍ତ୍ତୃ. ଅ; ଯେ ଖଡ୍‌ଗକୁ ମାଜେ )—
Asidhāba
୧ । ଖଡ୍‌ଗ ଆଦି ଶସ୍ତ୍ରକୁ ଶାଣ ଦେଇ ଜୀବିକା ନିର୍ବାହ କରିବା ଜାତିବିଶେଷ—
1. A caste who cleanse weapons.
୨ । ଅସ୍ତ୍ର ଶସ୍ତ୍ର ପରିଷ୍କାର କରିବା ବ୍ୟକ୍ତି—
2. A tool cleaner; armourer.

**ଅସିଧାବକ**— ସଂ. ବି. ( ଅସି + ଧାବ ଧାତୁ + କର୍ତ୍ତୃ. ଅକ )—
Asidhābaka ଅସିଧାବ ( ଦେଖ )
Asidhāba ( See );

**ଅସିଧାରା**—ସଂ. ବି. ( ୬ଷ୍ଠୀ ତତ୍; ଅସି + ଧାରା )—
Asidhārā ୧ । ଖଣ୍ଡାର ଧାର—
1. The sharp edge of a sword.
୨ । ଖଣ୍ଡାର ପାତ—2. Sword-blade.

**ଅସିଧାରାବ୍ରତ**— ସଂ. ବି. ( ମଧ୍ୟପଦଲୋପୀ; ଅସିଧାରା ପରି ଚାଲିବାକୁ କଷ୍ଟକର ବ୍ରତ)—
Asidhārābrata
ଯୁବକ ସ୍ୱାମୀ ଓ ଯୁବତୀ ସ୍ତ୍ରୀଙ୍କର ଅବକୃତ ଚରିତ୍ରରେ ( ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଏକତ୍ର ଅବସ୍ଥାନରୂପ କଠୋର ବ୍ରତ)—
The very difficult vow ( compared to walking on the blade of sword ) of a young husband living with the young wife with perfect self-control and self-restraint

**ଅସିଧେନୁ**—ସଂ. ବି. ( ଅସି + ଧେନୁ; ଜପାଚନ )—
Asidhenu ଧନୁକାକୃତ ଅସି;ବାଙ୍କଛୁରୀ; ଗୁର୍ଖାମାନଙ୍କ କୁକୁରୀ—
Semicircular bladed knife; the Gurkhās', kukri.

**ଅସିଧେନୁକା**—ସଂ. ବି. ( ଅସିଧେନୁ + କ + ଆ )—
Asidhenukā ଅସିଧେନୁ ( ଦେଖ )
Asidhenu ( See )

**ଅସିପତ୍ର**— ସଂ. ବି. ( ୬ଷ୍ଠୀ ତତ୍; ଅସି + ପତ୍ର )—
Asipatra ୧ । ଖଣ୍ଡାର ପାତ ବା ଚଉଡ଼ା ଅଂଶ—
1. Sword-blade.
୨ । ଖଡ୍‌ଗକୋଷ; ଖଣ୍ଡାର ଖୋଳ—2. Scabbard.
୩ । ଉଭୟ ପାଖରେ ଧାର ଥିବା ଖଡ୍‌ଗ—
3. A double-edged sword.
ବୁଲଇଛ ଚକ୍ର ପ୍ରଦ୍ୟୁମ୍ନ କେନ୍ଦ୍ର; ବହୁ ଶଲ ଗଦା ଅସିପତ୍ର ।
ଉନ୍ତ. ବୈଦେହୀଶବିଳାସ ।
୪ । (ଖଣ୍ଡା ପରି ପତ୍ର ଯାହାର) ଅଖୁ—4. The sugar-cane; Scirpus Kysoor Roxb.
୫ । (ଯହିଁରେ ଖଣ୍ଡା ବିଦ୍ଧ ହୋଇଅଛି) ନରକବିଶେଷ—
5. Name of a hell.

**ଅସିପତ୍ରି**—ଗ୍ରା.ବୈଦେ. ପ୍ରାଦେ. (ଗଞ୍ଜାମ) ବି.—(ଇଂ. ହସ୍ପିଟାଲ୍‌ର ଅଶୁଦ୍ଧ ଉଚ୍ଚାରଣ)—ହସ୍ପିଟାଲ; ଡାକ୍ତରଖାନା—Hospital.
Asipatri

**ଅସିପତ୍ରିକା**—ସଂ. ବି. ( ଅସିପତ୍ର + କ + ଆ )—ଅସିପତ୍ର ( ଦେଖ )
Asipatrikā Asipatra ( See )

**ଅସିପାଣିକ**—ସଂ. ବିଣ. ( ବହୁବ୍ରୀହି; ଅସି + ପାଣି + କ )—
Asipānika ଖଡ୍‌ଗଧାରୀ—Holding a sword.
ବାଣ କମାଣ ତୂଣ ଅସିପାଣିକ ଧାପନ୍ତି ସର୍ବ କାମଠୀ ।
ଉନ୍ତ. ବୈଦେହୀଶବିଳାସ ।

**ଅସିପୁଚ୍ଛ**—ସଂ. ବି. ( ବହୁବ୍ରୀହି; ଅସି+ପୁଚ୍ଛ; ଖଣ୍ଡା ପରି ଦାଢ଼ୁଆ ପୁଚ୍ଛ ଯାହାର ) ଶିଶୁମାର—The gangetic porpoise; dolphin.
Asipuchchha

**ଅସିପୁଚ୍ଛକ**—ସଂ. ବି. (ଅସିପୁଚ୍ଛ + ସ୍ୱାର୍ଥେ. କ)—ଅସିପୁଚ୍ଛ (ଦେଖ)
Asipuchchhaka Asipuchchha (See)

**ଅସିପୁତ୍ରିକା**—ସଂ. ବି. (ଅସି+କ୍ଷୁଦ୍ରାର୍ଥେ. ପୁତ୍ରିକା; ଛୋଟ ଖଣ୍ଡା)—ଛୁରୀ—knife.
Asiputrikā

**ଅସିପୁତ୍ରୀ**—ସଂ. ବି. (ଅସି + କ୍ଷୁଦ୍ରାର୍ଥେ. ପୁତ୍ରୀ; ଛୋଟ ଅସି)—ଛୁରୀ—Knife.
Asiputri

**ଅସିଫଳକ**—ସଂ. ବି. ( ୬ଷ୍ଠୀ ତତ୍; ଅସି+ଫଳକ )—ଖଣ୍ଡାର ଫଳା, ଅସିପତ୍ର—The blade of sword.
Asiphalaka

**ଅସିମେଦ**—ସଂ. ବି.—(ଦୁର୍ଗନ୍ଧ) ବିଟ ଖଇର—The Fœted Mimosa; Vachellia Farnesiana.
Asimeda

**ଅସିଲତା**—ସଂ. ବି. (୬ଷ୍ଠୀ ତତ୍; ଅସିଲତା)—ଖଣ୍ଡାର ଫଳା—
Asilata Sword-blade

**ଅସିହେତି**—ସଂ. ବି. (ବହୁବ୍ରୀହି; ଅସି + ହେତି = ଢାଲ; ଯାହାର ଖଣ୍ଡା ଓ ଢାଲ ଅଛି )—ଖଡ୍‌ଗ ଓ ଢାଲଧାରୀ ଯୋଦ୍ଧା—
Asiheti
A swordsman; a warrior armed with sword and shield.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଣ,ଷ | ଙ୍କ | ଇଯ଼ | ଉଥ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଓ | ଢ଼ |

**ଅସୀମ**—ସଂ. ବି. (ବହୁବ୍ରୀହି; ଅ+ସୀମନ୍; ୧ମା. ୧ବ.)—
Asima ୧ । ସୀମାରହିତ—1. Boundless; unlimited.
(ଅସୀମତା—ବି)
୨ । ଅନନ୍ତ—2. Eternal.

**ଅସୁ ( ଧାତୁ )**—ସଂ.—ଅନାଦର କରିବା—
Asu (root) To disregard; to slight.

**ଅସୁ**—ସଂ. ବି. (ଅସ ଧାତୁ=ହେବା+କରଣ. ଉ)—
Asu ପ୍ରାଣ—Life.
ତେଜିଛ ହୃଦୟରେ ଧୂଳି ଧୂଳି ଅସୁ । . କୃଷ୍ଣସିଂହ ମହାଭାରତ. ସଭା ।
୨ । ପ୍ରାଣବାୟୁ—2. The vital airs.
[ ଦ—ଏହା ସଂଖ୍ୟାରେ ପାଞ୍ଚଟି—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ । ]
୩ । ଦୁଃଖ; ଶୋକ—3. Grief (M. W.)
୪ । ( ଜ୍ୟୋତିଷ ) ଏକ ନିଃଶ୍ୱାସ ମାରିବାକୁ ଯେତେ ସମୟ ଲାଗେ; ତାହାର ଗଣନାନୁସାରେ ଗଣିତ ଚାରି ସେକେଣ୍ଡ କାଳ—
4. Four seconds of sidereal time or one minute of arc ( M. W. )

**ଅସୁଅ**—ଗ୍ରା. ବି. ( ସଂ. ଅଶ୍ୱ ଅଶୁଦ୍ଧ ଉଚ୍ଚାରଣ )—
Asua ୧ । ଅଶ୍ୱ; ଘୋଡ଼ା—1. Horse
୨ । ( ସଂ. ଔଷଧ ) ଔଷଧ—2 Medicine.
୩ । ( ସଂ. ଅ+ସ୍ରୋତଃ )—ସ୍ରୋତର ଅଭାବ—
3. Absence of current.

**ଅସୁଆ**—ଗ୍ରା. ବିଣ. ( ସଂ. ଅ+ସ୍ରୋତସ୍ )—ସ୍ରୋତହୀନ—
Asuā Currentless.
স্রোতহীন

**ଅସୁଆଦ**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuāda Aswādu ( See )
অসোয়াদ ଗ୍ରା. ବି. ( ସଂ. ଅସ୍ୱାଦ )—
বেমজা ୧ । ସ୍ୱାଦହୀନତା; ଅସ୍ୱାଦୁତା—
1. Tastelessness; insipidity.
୨ । ଅରୁଚି—2. Distaste; disrelish for food

**ଅସୁଆଦି**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuādi Aswādu ( See )

**ଅସୁଆଦିଆ**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuādia Aswādu ( see )

**ଅସୁଆଦୁ**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuādu Aswādu ( See )
ଗ୍ରା. ବିଣ. ( ସଂ. ଅସ୍ୱାଦ )—ଅସ୍ୱାଦ ( ଦେଖ )
Aswāda ( See )

**ଅସୁଅର୍ଥ**—ଗ୍ରା. ବି ଓ ବିଣ ( ସଂ. ଅସ୍ୱାର୍ଥ )—ଅସ୍ୱାର୍ଥ ( ଦେଖ )
Asuārtha Aswārtha ( See )

**ଅସୁକ**—ଦେ. ବି. ( ସଂ. ଅସୁଖ ) ଅରୁଚି; ଘୃଣା—
Asuka Aversion; loathing.
ঘেন্না
ঘৃণা
ଦେ. ବିଣ.—ଘୃଣାଯୁକ୍ତ—Full of aversion.

**ଅସୁକପାଇବା**—ଦେ. କ୍ରି—କୌଣସି ପଦାର୍ଥକୁ ଘୃଣା କରିବା—
Asukapāiba To feel aversion for a thing; to loathe.
ঘেন্নাকরা
নকরসকরমা

**ଅସୁକମାଡ଼ିବା**—ଦେ. ବି.—ଘୃଣାବୋଧ—A feeling of
Asukamāṛiba aversion or loathing.
ঘেন্নাহওয়া

**ଅସୁକର**—ସଂ. ବିଣ. ( ଅ+ସୁକର )—ଦୁଷ୍କର; କଷ୍ଟସାଧ୍ୟ—
Asukara Difficult; arduous.

**ଅସୁକା**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଘୃଣ୍ୟ (ବିଷୟ)—
Asukā 1. Hateful; detestable.
(ଅସୁକୀ—ସ୍ତ୍ରୀ) ୨ । ଘୃଣୀ (ବ୍ୟକ୍ତି)—2. Hating; loathing.
ঘিনঘিনে

**ଅସୁକୁ (ଇତ୍ୟାଦି)**—ଦେ. ବି. ଓ ବିଣ. ଅସୁକ ଇତ୍ୟାଦି ( ଦେଖ )
Asuku etc. Asuka etc. ( See )

**ଅସୁକୁଟା**—ଗ୍ରା. ବିଣ. ( ସଂ. ଅ+ଶୁଷ୍କ )—ଯେ ଶୁଖି ଯାଇ ନ ଥାଏ—
Asukutā Not dried.
আশুকনো

**ଅସୁକେଇବା**—ପ୍ରାଦେ. (ପୁରୀ) କ୍ରି. (ସଂ ଅସୁଖ)—ଅସୁକପାଇବା (ଦେଖ)—
Asukeiba Asukapāiba (See)

**ଅସୁଖ**—ସଂ. ବି. ( ଅ+ସୁଖ )—
Asukha ୧ । ବିରକ୍ତି—1. Displeasure.
୨ । ଘୃଣା—2. Aversion.
୩ । ମନୋଦୁଃଖ—3. Sorrow; grief.
୪ । ଦୁଃଖ; କଷ୍ଟ—4. Pain; afliction.
୫ । ରୋଗ; ପୀଡ଼ା—5. Disease.
୬ । ଅସନ୍ତୋଷ—6. Discontent.
୭ । ବେଦନା—7. Pang.
ସଂ. ବିଣ.—୧ । ଅସୁଖୀ—1. Unhappy.
୨ । ଦୁଃଖିତ—2. Sorrowful.
୩ । ଦୁଃଖଜନକ—3. Painful.

**ଅସୁଖକରିବା**—ଦେ. କ୍ରି.—୧ । ସ୍ନେହ ନ କରିବା—
Asukhakariba 1. Not to like; to dislike.
ভাল না পাওয়া ୨ । ବିରକ୍ତ ହେବା—2. To be displeased.
না চাহনা

**ଅସୁଖପାଇବା**—ଦେ. କ୍ରି—୧ । ବିରକ୍ତ ହେବା—1. To be displeased.
Asukhapāiba ୨ । ଭଲ ଉଦ୍ଦେଶ୍ୟରେ କହାଯିବା କଥାକୁ
মনেকিছুকরা ମନ୍ଦ ବୁଝିବା—2. To misunderstand.
কুভাবাক ত সমজনা ଅସୁଖ ପାଇଲୁ ଭୋର ମନେ ଚାହା ଶୁଣି ।
ସାରଳା ମହାଭାରତ ।

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ସାଡ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅସୁଖପୀଡ଼ିତ**—ସଂ. ବିଣ. ପୁଂ—ଶୋକତପ୍ତ—
Asukhapir̤dita — Pained with grief.

**ଅସୁଖବିଚାରିବା**—ଦେ. କ୍ରି—ଖରାପ ବିଚାରିବା; ଭଲ ଉଦ୍ଦେଶ୍ୟରେ
Asukhabichāribā — କହାଯିବା କଥାକୁ ମନ୍ଦ ବୁଝିବା—
To misunderstand.

**ଅସୁଖବିସୁଖ**—ଦେ. ବି. (ଏକାର୍ଥକ ସହଚର ଶବ୍ଦ; ଅସୁଖ + ବିସୁଖ)—
Asukhabisukha — ରୋଗ ଶୋକ; ଦୁଃଖ ଶୋକ—
অসুখবিসুখ — Illness and misery.

**ଅସୁଖୀ**—ସଂ. ବିଣ. ପୁଂ (ଅ + ସୁଖିନ୍; ୧ମା. ୧ବ.)—
Asukhi — ୧ । ଦୁଃଖ ଭୋଗ କରୁଥିବା—1. Suffering.
(ଅସୁଖିନୀ—ସ୍ତ୍ରୀ) ୨ । ଦୁଃଖୀ—2. Unhappy.
୩ । ଶୋକତପ୍ତ—3. Sorrowful.
୪ । ଅସନ୍ତୁଷ୍ଟ—4. Dissatisfied.
୫ । ରୋଗାକ୍ରାନ୍ତ; ରୁଗ୍ଣ—5. Ailing; sick.

ଜାତକ ଦ୍ରୌପଦୀଙ୍କ କଥାରେ ଅବୋଧ
ହୋଇଲା ଅସୁଖୀ ନ ପେଶଲେ ଔଷଧ—କୃଷ୍ଣସିଂ. ମହାଭାରତ. ବଣ ।

**ଅସୁଖୋଦୟ**—ସଂ. ବିଣ. (ବହୁବ୍ରୀହି; ଅସୁଖ + ଉଦୟ)—
Asukhodaya — ୧ । ଦୁଃଖଜନକ—
1. Causing unhappiness (M. W.)
୨ । ଯାହାର ଶେଷ ଫଳ ଦୁଃଖ—
2. Ending in unhappiness (M. W.)

**ଅସୁଖୋଦର୍କ**—ସଂ. ବିଣ. (ବହୁବ୍ରୀହି; ଅସୁଖ + ଉଦର୍କ)—
Asukhodarka — ଅସୁଖୋଦୟ (ଦେଖ)
Asukhodaya (See) (M. W.)

**ଅସୁତର**—ସଂ. ବିଣ. (ଅ + ସୁ + ତୃ ଧାତୁ + କର୍ମ. ଅ)—ଯାହାକୁ
Asutara — ସହଜରେ ଅତିକ୍ରମ କରିଯାଇ ନ ପାରେ—
Not to be easily passed (M. W.)
ଗ୍ରା. ବି. ଓ ବିଣ. (ଅ + ସୂତ୍ର)—ଅସୂତ୍ର (ଦେଖ)
Asutra (See)

**ଅସୁତୁର**—ଗ୍ରା. ବି. ଓ ବିଣ.—ଅସୂତ୍ର (ଦେଖ)
Asutura — Asutra (See)

**ଅସୁତୁରା**—ଗ୍ରା. ବିଣ.—ଅସୂତ୍ର (ଦେଖ)
Asuturā — Asutra (See)

**ଅସୂତ୍ର**—ଦେ. ବି. (ସଂ. ଅ + ସୂତ୍ର = ନିୟମ; ବ୍ୟବସ୍ଥା)—
Asutra — ୧ । ବିଗିଡ଼ିଯିବା ଅବସ୍ଥା (ଯଥା; ପେଟ ଅସୂତ୍ର)—
গোলমাল — 1. Being out of order.
গড়বড় — ୨ । ଗୋଳମାଳ—2. Confusion.
୩ । ଅସୁବିଧା—3. Inconvenience.
୪ । ରୋଗ; ପୀଡ଼ା—4. Sickness.
୫ । ଅସୁନ୍ଦରପଣ—5. Ugliness.
୬ । ଅପରିଷ୍କୃତ ଅବସ୍ଥା—
6. Untidiness; uncleanness.
୭ । ଅଖର୍ଚ୍ଚ—7. Awkward condition.
ଦେ. ବିଣ.—୧ । ଅଖାଡ଼ିଆ—Awkward.
୨ । ବିଗିଡ଼ିଯାଇଥିବା—2. Disordered; out of order.
୩ । ଅପରିଷ୍କୃତ—3. Untidy; uncleanly.
୪ । ଅସୁବିଧାମୟ—4. Inconvenient.
୫ । ଅସୁନ୍ଦର—5. Ugly.
୬ । ଗୋଳମାଳିଆ—6. Confused.

**ଅସୁନ୍ଦର**—ସଂ. ବିଣ (ଅ + ସୁନ୍ଦର)—
Asundar — ୧ । ଶୋଭାହୀନ—1. Not graceful.
(ଅସୁନ୍ଦରୀ—ସ୍ତ୍ରୀ) ୨ । କୁତ୍ସିତ—2 Ugly.
ଅସୌନ୍ଦର୍ଯ୍ୟ, ଅସୁନ୍ଦରତା } ବି. ୩ । ଅନୁଚିତ—3 Improper.
୪ । ଅନ୍ୟାୟ—4. Not right; wrong.
୫ । ଅଯୌକ୍ତିକ—5 Unreasonable.
୬ । ଅନୁପଯୁକ୍ତ—6. Unfit; inappropriate.

**ଅସୁବିତା**—ଗ୍ରା. ବି. ଓ ବିଣ.—ଅସୁବିଧା (ଦେଖ)
Asubitā — Asubidhā (See)
অসুবিধা

**ଅସୁବିଧା**—ସଂ. ବି (ଅ = ନୁହେଁ + ସୁବିଧା = ସୁଯୋଗ)—
Asubidhā — ୧ । ସୁବିଧାର ଅଭାବ—1. Inconvenience.
୨ । ସୁଯୋଗର ଅଭାବ—
2 Want of opportunity or advantage.
୩ । ସ୍ୱଚ୍ଛନ୍ଦତାର ଅଭାବ—
3. Want of comfort; discomfort.
ଦେ ବିଣ.—୧ । ଅସୁବିଧାଜନକ—1. Inconvenient.
୨ । ଅଖାଡ଼ିଆ—2. Awkward.
୩ । ଅସୁବିଧାଜନକ—3. Disadvantagious.

**ଅସୁବିଧାଜନକ**—ସଂ. ବିଣ (ଅସୁବିଧା + ଜନ ଧାତୁ + ଅକ)—
Asubidhājanaka — ଯାହା ଅସୁବିଧା ଜନ୍ମାଏ—
Inconvenient; awkward.

**ଅସୋଭିତା**—ଗ୍ରା. ବି. ଓ ବିଣ.—ଅସୁବିଧା (ଦେଖ)
Asobhitā — Asubidhā (See)

**ଅସୁମାର**—ଦେ. ବିଣ.—ଅସୁମାରି (ଦେଖ)
Asumāra — Asumāri (See)

**ଅସୁମାରି**—ଦେ. ବିଣ (ଅ + ସୁମାର = ଗଣନା; ଯାହା ସୁମାର ହୋଇ ନାହିଁ)—
Asumāri
অশুমার — ୧ । ଅସଂଖ୍ୟ; ଅଗଣିତ; ବହୁ; ଅପ୍ରମେୟ—
1. Innumerable; countless.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଈ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ଋ |

୨ । ଯାହା ସୁମାର କରାଯାଇ ନାହିଁ; ଅଗଣିତ—
2. Uncounted.
୩ । ଅସୀମ—3. Boundless.
୪ । ଅପାର; ଅତ୍ୟଧିକ; ଅତ୍ୟନ୍ତ—
4. Much; excessive.
ସାତ୍ୟକିର ସମର ସେ ଅଟେ ଅସୁମାର—ସାରଳା ମହାଭାରତ, ଶଲ୍ୟ ।

**ଅସୁର**—ସଂ. ବି. ( ଅ=ବିପରୀତ+ସୁର=ଦେବତା; ସୁରବିରୋଧୀ )—
Asura ୧ । ଦୈତ୍ୟ; ଦାନବ; ରାକ୍ଷସ—
1. Demon; giant.
୨ । ( ଋଗ୍‌ବେଦ )—ଦେବତା—
2. ( Rugbeda ) God.
ଦେ. ବିଣ—୧ । ପେଟୁ—1. Greedy; gluttonous.
୨ । ଦୁଷ୍ଟ ( ଲୋକ )—2. Wicked ( person )
୩ । ଅସୁର ପରି ଦୀର୍ଘକାୟ—
3. A giant like big-bodied fellow.
୪ । ଛୋଟନାଗପୁରର ଅସଭ୍ୟଜାତିବିଶେଷ—
4. A caste of aborigines in Chhotanāgapura.
[ ଦ୍ର—ଏମାନଙ୍କର ଭାଷାକୁ 'ଅସୁରୀ' ଭାଷା ବୋଲାଯାଏ । ]

**ଅସୁରକ୍ଷ**—ସଂ. ବିଣ. ( ଅ+ସୁ+ରକ୍ଷ ଧାତୁ+କର୍ମ. ଅ )—
Asuraksha ୧ । ଯାହାକୁ ସୁରକ୍ଷା କରିବା କଠିନ; ଯାହାକୁ
( ଅସୁରକ୍ଷା—ସ୍ତ୍ରୀ ) ଜଗି ରଖିବା କଷ୍ଟକର—
1. Difficult to guard or preserve.
୨ । ବିନାଶୀ—2. Perishable.

**ଅସୁରଗିଳା**—ଗ୍ରା. ବି—ଅସୁରଭୋଜନ ( ଦେଖ )
Asuragilā Asurabhojana ( See ).

**ଅସୁରଭାଗ**—ଦେ. ବି. ( ଜ୍ୟୋତିଷପରିଭାଷା )—ଦକ୍ଷିଣ ଭୂଗୋଲାର୍ଦ୍ଧ—
Asurabhāga Southern celestial hemisphere.

**ଅସୁରଭୋଜନ**—ଦେ. ବି—୧ । ଅସୁରଙ୍କ ପରି ବହୁତ ଗୁଡ଼ାଏ ଖାଇବା—
Asurabhojana 1. Gluttony; eating too much like a giant.
আসুরিক ভোজন
୨ । ନ ଚୋବାଇ ଅସୁରଙ୍କ ପରି ଏକାଥରକେ ଗୁଡ଼ାଏ ଗିଳିଦେବା—2. Eating without chewing like a giant.

**ଅସୁରୀ**—ସଂ. ବି. ( ଅସୁର=ରାକ୍ଷସ+ସ୍ତ୍ରୀ. ଈ )—
Asurī ୧ । ଅସୁରୁଣୀ; ରାକ୍ଷସୀ—
1. Giantess; she-demon.
୨ । ରାକ୍ଷସୀ ପରି ବଡ଼ ବା ପେଟୁ ସ୍ତ୍ରୀ—2. Demonlike woman; gluttonous woman.
ଲକ୍ଷ୍ମୀପାଳୀ ଅସୁରୀ ଧାଇଁ ଧାଇଁ ଖାଏ ଶଶୁରୀ—ଢଗ ।
୩ । ଅଲକ୍ଷଣୀ ଓ କୁତ୍ସିତା ସ୍ତ୍ରୀ—
3. An ugly woman.

୪ । ଛୋଟନାଗପୁର ଅଞ୍ଚଳର ଅନାର୍ଯ୍ୟ ଅସୁରଜାତୀୟ ଲୋକଙ୍କ ଭାଷା—4. A dialect of the Asura class of Chhoṭanāgapura.
୫ । ବୃକ୍ଷବିଶେଷ—
5. Sinapis Racemosa ( Roxb )

**ଅସୁରୁଣୀ**—ଦେ. ବି. ସ୍ତ୍ରୀ. ( ସଂ. ଅସୁର+ଓ. ଉଣୀ )—
Asuruṇī ଅସୁରୀ ( ଦେଖ )—Asurī ( See )

**ଅସୁରୁପି**—ପ୍ରାଦେ. ( ଗଡ଼ଜାତ ) ବି.—ଅସରପି; ସୁନା ମୋହର—
Asurupi Gold-mohur.

**ଅସୁର୍କ୍ଷଣ**—ସଂ. ବି. ( ଅ+ସୂର୍କ୍ଷ ଧାତୁ=ନ ମାନିବା+ଭାବ. ଅନ )—
Asurkshaṇa ଅସୂର୍କ୍ଷଣ (ଦେଖ)—Asūrkshaṇa ( See )

**ଅସୁଲ**—ବୈଦେ. ବି. ( ଅ. ଓସୁଲ୍ )—
Asula ୧ । ଧନ ଆଦି ଆଦାୟ କରିବା; ଅନ୍ୟଠାରୁ ଧନ ଆଦି ଗ୍ରହଣ—
উশুল
वसूल; असुल 1. Realisation or collection ( of money etc).
ସବେ କରୁଥିଲେ ବେନଠାରୁ ଭାଡ଼ା ନକଲେ ବେନ ଅସୁଲ ।
ସଧାନାଥ—ସଯାତ ।
୨ । ଆଦାୟ ହୋଇଥିବା ଧନାଦି—2. Money etc. which has been actually realised.
୩ । ଆଦାୟ ହୋଇଥିବା ଧନାଦିର ପରିମାଣ—
3. Amount of collection.
୪ । ଧନାଦି ନେବା—4. Taking of money etc.
୫ । ଧନାଦି ଦେବା—5. Payment.
୬ । ଦେଣା ଆଦିର ପରିଶୋଧ—
6. Liquidation of debt.

**ଅସୁଲଆପତ୍ତି**—ଦେ. (କଚେରୀ ଭାଷା) ବି. (ଅ. ଓସୁଲ+ସଂ. ଆପତ୍ତି)—
Asulaāpatti ମକଦ୍ଦମାରେ ବାଦୀ ପ୍ରତିବାଦୀ ଉପରେ ଦାବି
উশুলআপত্তি କରିଥିବା ଧନ ଆଦି ପ୍ରତିବାଦୀ ବାଦୀକୁ ମକଦ୍ଦମା
वसुलबयान ପୂର୍ବରୁ ଦେଇଥିବା ବିଷୟରେ ଅଦାଲତରେ ଦର୍ଶାଇବା ଆପତ୍ତି—Plea of payment pleaded by a defendant in a suit

**ଅସୁଲକାରୀ**—ଦେ. ବିଣ. ( ଅ. ଓସୁଲ+ସଂ. କାରିନ୍ )—ଯେ ଆଦାୟ
Asulakārī କରେ; ଆଦାୟକାରୀ—Collector; one who realises anything from others.

**ଅସୁଲକାରୀ ପଞ୍ଚାଏତ**—ଦେ. ବି—ତହସିଲ ପଞ୍ଚାଏତ; ଯେଉଁ ପଞ୍ଚାଏତ
Asulakārī pañchāet ଇଲାକାଅନର ପ୍ରଜାଙ୍କଠାରୁ ଟିକସ
উশুলিপঞ্চায়ত ଅସୁଲ କରେ—Tax-collecting
वसुलिपञ्च Pañchāet of a chaukidārī Union.

**ଅସୁଲଭ**—ସଂ. ବିଣ. ( ଅ+ସୁଲଭ )—୧ । ଦୁର୍ଲଭ; ଦୁଷ୍ପ୍ରାପ୍ୟ—
Asulabha 1. Rare; not available.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଳବଳ' ନ ପାଇଲେ 'ଅଲବଲ' ଦେଖିବେ ।

୨ । ଯାହା ଲାଭ କରିବା କଷ୍ଟକର—
2. Difficult of attainment.
୩ । ମହର୍ଘ—3. Dear.
ଦେ. ବିଣ—୧ । ଅସୁନ୍ଦର—1. Ungraceful.
୨ । ଅପ୍ରଶଂସାର୍ହ; ନିନ୍ଦ୍ୟ—2. Blameworthy.

**ଅସୁଲି**—ଦେ. ବିଣ—୧ । ଅସୁଲସମ୍ବନ୍ଧୀୟ—
**Asuli** 1. Relating to collections or realisations.
ଉସুলী (ଯଥା—ଅସୁଲି ଜମା)
ବସুলী ୨ । ଅସୁଲକାରୀ—2. Realising; collecting.
(ଯଥା—ଅସୁଲିପଞ୍ଚ)

**ଅସୁଲିପଞ୍ଚ**—ଦେ. ବି—ଅସୁଲକାରୀ ପଞ୍ଚାଏତ୍ (ଦେଖ)
**Asulipañcha** Asulakārī pañchāet (See)

**ଅସୁସାର**—ଦେ. ବିଣ. (ସଂ. ଅ+ଓ. ସୁସାର)—୧ । ଅସୁବିଧାମୟ; ଅଶୃଙ୍ଖଳ—1. Inconvenient.
**Asusāra**
গোলমাল ୨ । ଅସୁସ୍ଥ—2. Sick; ailing.
গড়বড় (ଯଥା—ମୋ ଦେହ ଜ୍ୱର ଦିନ ହେଲା ଅସୁସାର ହେଲା।)
୩ । ବିଗିଡ଼ିଥିବା; ଅସୁନ୍ଦର—3. Out of order; disordered.
୪ । ଅଶୋଭନୀୟ—4. Inelegant; that which looks odd.
୫ । ଅସଜାଡ଼; ଯାହା ସୁଧୁରି ନାହିଁ; ଯାହା ସଜାଡ଼ ବା ସୁସ୍ଥାବସ୍ଥାକୁ ଆସି ନ ଥାଏ—5. Not restored to healthy or normal condition.
୬ । ଅନୁପଯୁକ୍ତ—6. Unfit.
୭ । ଅସାଧ୍ୟ—7. Intractable; unmanagable.
(ଯଥା—ଅସୁସାର ଜମି ।)
ଦେ. ବି.—୧ । ଅସୁବିଧା—1. Inconvenience.
୨ । ବିଗିଡ଼ା ଅବସ୍ଥା—2. Being out of order.

**ଅସୁସାରିଆ**—ଦେ. ବିଣ—ଅସୁସାର (ଦେଖ)
**Asusāriā** Asusāra (See)

**ଅସୁସ୍ତ**—ଗ୍ରା. ବିଣ.—(ସଂ. ଅସୁସ୍ଥର ଅଶୁଦ୍ଧ ଉଚ୍ଚାରଣ) ଅସୁସ୍ଥ; ରୁଗ୍ଣ; ପୀଡ଼ିତ—Ailing; sick.
**Asusta**

**ଅସୁସ୍ତି**—ଦେ. ବିଣ. (ସଂ. ଅ+ଆ. ସୁସ୍ତ)—୧ । ଯେ ଶ୍ରମକାତର ନୁହେ—
**Asusti** 1. One who does not shrink to work.
ফুর্তীবাজ ୨ । ଫୂର୍ତ୍ତିବାଜ; ଅନଳସ—2. Active; brisk.
ফুরতিলা

**ଅସୁସ୍ଥ**—ସଂ. ବିଣ. ପୁଂ. (ଅ+ସୁସ୍ଥ)—୧ । ପୀଡ଼ିତ; ରୁଗ୍ଣ—
**Asustha** 1. Ailing; sick.
(ଅସୁସ୍ଥା—ସ୍ତ୍ରୀ) ୨ । ଅସୁଖୀ—2. Unhappy.
(ଅସୁସ୍ଥତା—ବି)

**ଅସୁସ୍ଥି**—ଦେ. ବିଣ.—ଅସୁସ୍ତି (ଦେଖ)
**Asusthi** Asusti (See)

**ଅସୂତଜରତୀ**—ସଂ. ବି. ସ୍ତ୍ରୀ (ଅ+ସୂ ଧାତୁ=ଜନ୍ମ କରିବା+କର୍ତ୍ତୃ. ତ;
**Asūtajaratī** ଅସୂତା+ଜରତୀ)—ଯେଉଁ ସ୍ତ୍ରୀ ପିଲା ଜନ୍ମ ନ କରି ବୁଢ଼ୀ ହୋଇଥାଏ—A woman who grows old without having brought forth a child (M. W.)

**ଅସୂତି**—ସଂ. ବି. (ଅ+ସୂ ଧାତୁ+ଭାବ. ତି)—୧ । ଜନ୍ମ ନ କରିବା—
**Asūti** 1. Non-production (M. W.)
୨ । ବାଧା—2. Obstruction.
୩ । ବହିଷ୍କରଣ; ସ୍ଥାନାନ୍ତରୀକରଣ—
3. Removal (M. W.)

**ଅସୂୟୁ**—ସଂ. ବିଣ. ପୁଂ. (ଅସୂ ଧାତୁ+କର୍ତ୍ତୃ. ଉ)—୧ । ଅସୂୟାଯୁକ୍ତ—
**Asūyu** ପରଶ୍ରୀକାତର—1 Indignant at the happiness of another.
(ଅସୂୟୁ—ସ୍ତ୍ରୀ)
୨ । ଗୁପ୍ତ ଅସନ୍ତୋଷପୀଡ଼ିତ; ଯେ ଅସନ୍ତୋଷରେ ଗାଇଁ ଗାଇଁ ହୁଏ—2. Grumbling.
୩ । ଅସନ୍ତୁଷ୍ଟ—3 Displeased.

**ଅସୂୟକ**—ସଂ. ବିଣ. ପୁଂ. (ଅସୂ ଧାତୁ+କର୍ତ୍ତୃ. ଅକ)—ଅସୂୟୁ (ଦେଖ)
**Asūyaka** Asūya (See)
ସଂ. ବି.—୧ । ନିନ୍ଦୁକ ବ୍ୟକ୍ତି—1. A detracter (Apte)
୨ । ଅସନ୍ତୁଷ୍ଟ ବ୍ୟକ୍ତି—2. A grumbling or discontented (person) (Apte)

**ଅସୂୟନ**—ସଂ. ବି. (ଅସୂ ଧାତୁ+ଭାବ. ଅନ)—୧ । ନିନ୍ଦନ—
**Asūyana** 1 Detraction (Apte)
୨ । ଅପବାଦ—2 Calumny (Apte)
୩ । ଦ୍ୱେଷ; ଈର୍ଷା—3. Envy; jealousy (Apte)

**ଅସୂୟା**—ସଂ. ବିଣ. ସ୍ତ୍ରୀ.(ଅସୂୟ+ଆ)—୧ । ଅସୂୟୁର ସ୍ତ୍ରୀଲିଙ୍ଗ—
**Asūyā** 1. Feminine of Asūya.
୨ । ପରର କାର୍ଯ୍ୟରେ ଦୋଷାରୋପଣ; ପର ଗୁଣରେ ଦୋଷାବିଷ୍କାର; ଈର୍ଷା; ଦ୍ୱେଷ—2 Jealousy.
୩ । ରାଗ; କ୍ରୋଧ—3. Indignation.
୪ । ଅସନ୍ତୋଷପୂର୍ବକ ଗାଇଁ ଗାଇଁ ହେବା—
4. Grumbling.
୫ । ନିନ୍ଦା; ଦୁର୍ନାମ—5 Calumny; detraction
୬ । ଅଦୟିତ—6. Malice; spite.
୭ । ପରଶ୍ରୀକାତରତା; ପରର ସୁଖ ଦେଖି ନ ପାରିବା—
7. Indignation at the merit or happiness of another.

**ଅସୂୟିତା**—ସଂ. ବିଣ. ପୁଂ. (ଅସୂ ଧାତୁ+ତୃ; ୧ମା. ୧ବ.)—
**Asūyitā** ଅସୂୟୁ (ଦେଖ)
(ଅସୂୟିତ୍ରୀ—ସ୍ତ୍ରୀ) Asūya (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଙ୍ଗ | ଞ୍ଚ | ଋ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ୍ୟ | ଈଅ | ଢ଼ | କୃ |

**ଅସୂୟୁ**—ସଂ. ବଣ. ପୁଂ. ଓ ସ୍ତ୍ରୀ (ଅସୂୟା+ଉ)—ଅସୂୟ (ଦେଖ)
Asūyu — Asuya (See)

**ଅସୂର୍ଯ୍ୟଂପଶ୍ୟ**—ସଂ. ବଣ. ପୁଂ. ( ଅଲୁକ୍ ସମାସ; ଅ=ନୁହେ+ସୂର୍ଯ୍ୟଂ=ସୂର୍ଯ୍ୟଙ୍କୁ+ଦୃଶ ଧାତୁ=ଦେଖିବା+ଯ)-
Asūrjyampaśya (ଅସୂର୍ଯ୍ୟଂପଶ୍ୟା—ସ୍ତ୍ରୀ) ଯେ ସୂର୍ଯ୍ୟଙ୍କୁ ଦେଖି ନାହିଁ ବା ଯାହାଠାରେ ସୂର୍ଯ୍ୟକିରଣ ବାଜି ନାହିଁ—
Which has not been touched or visited by the rays of the sun; inaccessible to the rays of the sun.

**ଅସୂର୍ଯ୍ୟଂପଶ୍ୟରୂପା**—ସଂ. ବଣ. ସ୍ତ୍ରୀ. ( ଅସୂର୍ଯ୍ୟଂ ପଶ୍ୟ=ସୂର୍ଯ୍ୟଙ୍କଦ୍ୱାର ଅଦୃଷ୍ଟ+ରୂପ+ସ୍ତ୍ରୀ. ଆ )—
Asūrjyampaśyarūpā ଯାହାର ରୂପକୁ ସୂର୍ଯ୍ୟ ସୁଦ୍ଧା ଦେଖି ନାହାନ୍ତି; ଅତ୍ୟନ୍ତ ସୁନ୍ଦରୀ—Of unmatchable beauty.

**ଅସୂର୍ଯ୍ୟଂପଶ୍ୟା**—ସଂ. ବଣ. ସ୍ତ୍ରୀ. ( ଅସୂର୍ଯ୍ୟଂପଶ୍ୟ+ସ୍ତ୍ରୀ. ଆ )—
Asūrjyampaśyā ୧ । ସତତ ଅନ୍ତଃପୁରରେ ଆବଦ୍ଧ—
1. Always confined to the harem.
୨ । ଅତି କୋମଳଦେହା—
2. Of very delicate physique.
୩ । ଅତି ଲାବଣ୍ୟମୟୀ—3. Very graceful.

**ଅସୃକ୍**—ସଂ. ବି. ( ଅସ୍ ଧାତୁ=ବ୍ୟାପିବା+ଋକ୍ )—
Asṛuk ୧ । ରୁଧିର; ରକ୍ତ—1. Blood.
୨ । କୁଙ୍କୁମ ( ଯାହା ଶରୀରଯାକ ବୋଲାଯାଏ )—
2. A red-coloured pigment of the body.
୩ । ଯୋଗବିଶେଷ—3. A sort of Joga.

**ଅସୃକ୍ଧରା**—ସଂ. ବି. ସ୍ତ୍ରୀ. ( ଅସୃକ୍=ରକ୍ତ+ଧୃ ଧାତୁ=ଧାରଣକରିବା+ଅ+ସ୍ତ୍ରୀ. ଆ; ଯାହା ରକ୍ତକୁ ଧାରଣ କରେ)—
Asṛukdharā ତ୍ୱକ୍; ଚର୍ମ—Skin.

**ଅସୃକ୍କର**—ସଂ. ବି. ( ଅସୃକ୍=ରକ୍ତ+କୃ ଧାତୁ=କରିବା+ଅ; ଯାହା ରକ୍ତ କରେ; ଯହିଁରୁ ରକ୍ତ ଉତ୍ପନ୍ନ ହୁଏ )—
Asṛukkara ଶରୀରର ରସ ଧାତୁ—Serum; juice of the body;

**ଅସୃଗ୍ଧରା**—ସଂ. ବି. ( ଅସୃକ୍ଧର+ଆ )—ଅସୃଗ୍ଧର (ଦେଖ)
Asṛugdharā — Asṛugdharā (See)

**ଅସୃଗ୍ଧାର**—ସଂ. ବି. ( ଅସୃକ୍+ଧୃ ଧାତୁ+ଅ )—
Asṛugdhāra ଅନିୟମିତ ଓ ଅତିରକ୍ତ ଋତୁସ୍ରାବରୂପ ରୋଗ—
Moenorrhagia; irregular or excessive menstrual discharge ( a disease )

**ଅସୃଗ୍ବିମୋକ୍ଷଣ**—ସଂ. ବି. ( ଅସୃକ୍+ବିମୋକ୍ଷଣ )—
Asṛugbimokshaṇa ଅସୃଗ୍ଧାର ( ଦେଖ )
Asṛugdhāra ( See )

**ଅସୃଜ୍**—ସଂ. ବି. ( ଅସ୍ ଧାତୁ=ବ୍ୟାପିବା+ଋକ୍ )—ଅସୃକ୍ ( ଦେଖ )
Asṛuj — Asṛuk ( See )

**ଅସୃଜ୍ଗର**—ସଂ. ବି. ( ଅସୃଜ୍=ରକ୍ତ+ଗୃ ଧାତୁ+ଅ; ଯାହାଦ୍ୱାରା ରକ୍ତସ୍ରାବ ହୁଏ )—ଅସୃଗ୍ଧାର (ଦେଖ)
Asṛujgara — Asṛugdhār (See)

**ଅସେଇ**—ପ୍ରାଦେ. ( ସମ୍ବଲପୁର ) ବି—ଅଂଶେଇ ( ଦେଖ )
Asei — Aṁśei ( See )

**ଅସେଖ**—ପ୍ରାଦେ ( କୋରାପୁଟ ) ବଣ—ଅଗନାଗ୍ନି ( ଦେଖ )
Asekha — Aganāgni ( See )

**ଅସେଚନ**—ସଂ ବଣ. ( ଅ=ନୁହେ+ସେଚନ=କ୍ଷରଣ+ସ୍ୱାର୍ଥେ. ଅ; ଯାହାଠାରେ ଚକ୍ଷୁ ଓ ମନର କ୍ଷରଣ ହୁଏ ନାହିଁ; ଯାହାକୁ ଦେଖିଲେ ତାହାଠାରେ ଆଖି ଓ ମନ ଲାଗି ରହେ, ଦେଖିବାର ଆକାଂକ୍ଷା ନିବୃତ୍ତି ହୁଏ ନାହିଁ )—
Asechana ଅତି ସୁନ୍ଦର; ଅତି ପ୍ରିୟଦର୍ଶନ—
Very beautiful; heart-enchanting.

**ଅସେଚନକ**—ସଂ. ବଣ. (ଅ=ନୁହେ+ସେଚନ=କ୍ଷରଣ+ଅ+ସ୍ୱାର୍ଥେ. କ)—
Asechanaka ଅସେଚନ ( ଦେଖ )
Asechana ( See )

**ଅସୋବିଧା**—ଗ୍ରା. ବି. ଓ ବଣ—ଅସୁବିଧା ( ଦେଖ )
Asobidhā — Asubidhā ( See )

**ଅସ୍କଟ୍**—ପ୍ରାଦେ. ( ସମ୍ବଲପୁର ) ବଣ—ଅଚଛା ( ଶସ୍ୟ )—
Askaṭ — Unhusked ( grain )
অস্করা ଦେ. ବଣ—୧ । ଆବର୍ଜନାମୟ—1. Dirty.
তলছট ୨ । ଅସୁନ୍ଦର; କୁତ୍ସିତ—2. Ugly.

**ଅସ୍କନ୍ଦ**—ଦେ. ବି—୧ । ଅଡ଼ୁଆ—
Askanda 1. Awkward predicament.
୨ । ଅସୁବିଧା—2. Inconvenience.
୩ । ଅଶ୍ୱଗନ୍ଧା ( ଦେଖ )
3. Aśwagandhā ( See )
ଦେ. ବି—୧ । ଅସୁବିଧାମୟ—1. Inconvenient
୨ । ଅସ୍କନ୍ଦି ( ଦେଖ )
2. Askandi ( See )

**ଅସ୍କନ୍ଦ ହେବା**—ଦେ. କ୍ରି. ( ସ୍ତ୍ରୀଲୋକ )—ଗର୍ଭବତୀ ହେବା—
Askanda heba — To be pregnant.

**ଅସ୍କନ୍ଦା**—ଦେ. ବଣ—ଅସକନ୍ଦା ( ଦେଖ )
Askandā — Asakandā ( See )
ସଂ. ବି. ସ୍ତ୍ରୀ. ( ନାମ )—ଅପ୍ସରାବିଶେଷ—
Name of a heavenly nymph.
ଅସ୍କନ୍ଦା ନାମେଣ ଯେ ଏକଇ ଅପସରା । ସାରଳା ମହାଭାରତ. ସଭା ।

**ଅସ୍କନ୍ଦି**—ପ୍ରାଦେ ( ଗଡ଼ଜାତ ) ବଣ.—ଅଶ୍ଳୀଳ—Obscene.
Askandi ଦେ. ବଣ.—୧ । ମଇଳା; ମଳଯୁକ୍ତ—1. Dirty.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଯାଇ' ନ ମିଳିଲେ 'ଜାଇ' ଖୋଜିବେ; 'ଭୃଙ୍ଗ' ନ ମିଳିଲେ 'ବୃଙ୍ଗ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

अखिसंधि, ୨ । ଅଶଙ୍କିଆ—2. Inconvenient.
घुमघुमैया ୩ । ଅଳିଆପୂର୍ଣ୍ଣ—3. Full of refuse.

ଦେ. ବି.—୧ । ଯେଉଁ ସ୍ଥାନକୁ ସହଜେ କେହି ଯାଇ ପାରେ ନାହିଁ—1. Unapproachable place.
୨ । ଅଶଙ୍କିଆ ଅବସ୍ଥା—2. Awkward position or predicament.
୩ । ଜଟିଳ ପରିସ୍ଥିତି—3. Naughty state.
୪ । ବିଷମ ସମସ୍ୟା—4. Dillema.
୫ । ଅନେକ ବନ୍ଦ ଥିବା ସ୍ଥାନ—5. A place full of labyrinths.

**ଅସ୍କନ୍ଦିଆ**—ଗ୍ରା. ବିଣ.—ଅସକନ୍ଦିଆ ( ଦେଖ )
Askandiā Asakandiā ( See )

**ଅସ୍କନ୍ଧ**—ଦେ. ବି ( ସ. ଅଶ୍ୱଗନ୍ଧ )—ଗୁଳ୍ମବିଶେଷ—A medicinal
Askandha plant; Physalis flexuosa
असगन्ध [ ଦ୍ର—ଏହାର ପତ୍ର କୋମଳ, ଘାଆ ଉପରେ ପକାଇଲେ ଘାଆରୁ ପୂଜ ପାଣି ବାହାରିଯାଇ ଘାଆ ଶୁଖିଯାଏ । ଏହାର ଫଳ କାଗଜ ପରି ଲେପାବିଶିଷ୍ଟ ଓ ନାଲି । ଏହାର ମଞ୍ଜି ଖାଇବା ମଞ୍ଜି ପତ । ]

**ଅସ୍କର**—ଗ୍ରା. ବିଣ. ଓ ବି.—ଅସକରା ( ଦେଖ )
Askara Asakarā ( See )

**ଅସ୍କରା**—ଗ୍ରା. ବି.—୧ । ଅଳିଆ; ଆବର୍ଜନା—1. Rubbish; refuse
Askarā ୨ । ମଇଳା—2. Dirt
आखारा ବିଣ.—୧ । ଆବର୍ଜନାମୟ—1. Full of refuse.
कुड़ाकर्कट ୨ । ମଇଳାପୂର୍ଣ୍ଣ—2. Dirty.
୩ । ଓଳିଆ ହୋଇ ନ ଥିବା—3. Unswept
୪ । ଅପରିଷ୍କୃତ—4. Unclean.

**ଅସ୍କରିଆ**—ପ୍ରାଦେ ( ଗଡ଼ଜାତ ) ବିଣ. ପୁଂ.—ବେଠିକଣା;
Askariā ଅଲୁରୁବାଲୁରିଆ—Unmethodical.
( ଅସ୍କରେଇ—ସ୍ତ୍ରୀ° )

**ଅସ୍ତ**—ସ. ବିଣ ( ଅସ ଧାତୁ = କ୍ଷେପଣ କରିବା + କର୍ମ. ତ )—
Asta ୧ । କ୍ଷିପ୍ତ—1. Thrown.
୨ । ପ୍ରେରିତ—2. Sent.
୩ । ତ୍ୟକ୍ତ—3. Abandoned; forsaken.
୪ । ଅବସାନପ୍ରାପ୍ତ—4. Finished
୫ । ବିନାଶପ୍ରାପ୍ତ—5. Destroyed; ruined.
୬ । ଅସ୍ତମିତ ( ସୂର୍ଯ୍ୟ, ତାରା, ଗ୍ରହାଦି ) ପଶ୍ଚିମ ଦିଗ୍‌ବଳୟର ତଳକୁ ଗତ—6. Set; sunk down below the western horizon.
୭ । ପତିତ—7. Fallen.

ସ. ବି ( + ଭାବ. ତ ) ୧ । ସୂର୍ଯ୍ୟ ଓ ତାରାଦିଙ୍କର ଅଦର୍ଶନ ବା ଅସ୍ତଗମନ—1. Setting or sinking down of stars and planets.
୨ । ଅସ୍ତଗିରି (ଦେଖ)—2. Astagiri (See)
୩ । ମୃତ୍ୟୁ—3. Death.
୪ । ଶେଷ; ଅବସାନ—4. End.
୫ । ଅଦର୍ଶନ—5. Disappearance.
୬ । (ଜ୍ୟୋତିଷ ) ଲଗ୍ନର ସପ୍ତମ ସ୍ଥାନ—6 (Astrology) The 7th place from the Lagna.
୭ । କ୍ଷୟ—7. Decline.
୮ । ବିନାଶ—8. Ruin.
୯ । ଭ୍ରମଣର ଶେଷ—9. Journey's end.

ଦେ. ବି ୧ । ସମ୍ପତ୍ତିକ୍ଷୟ—1. Destitution.
୨ । ଅବନତି—2. Downfall; deterioration.
୩ । ଦୁର୍ଦ୍ଦଶା—3. Misfortune

ଦେ. ବିଣ.—ପରାସ୍ତ—Defeated; vanquished.
ବାଳିଠାରୁ ସୁଗ୍ରୀବ ଯୁଦ୍ଧେ ହୋଇ ଅସ୍ତ,
ପଳାଇଲେ ପର୍ବତକୁ ହୋଇଣ ତ୍ରସ୍ତ । କୃଷ୍ଣସିଂହ ମହାଭାରତ. ବନ

**ଅସ୍ତଂ**—ସ. ଅ. ( ଅସ ଧାତୁ = କ୍ଷେପଣ କରିବା + ଭାବ. ତ )—
Astam ୧ । ଅଦର୍ଶନ—1. Disappearance.
୨ । ନାଶ—2 Ruin.

**ଅସ୍ତଂଗତ**—ସ. ବିଣ.—(ଅଲୁକ୍ ସମାସ; ଅସ୍ତଂ = ଅସ୍ତକୁ + ଗତ = ପ୍ରାପ୍ତ)
Astamgata ଅସ୍ତଗତ ( ଦେଖ )
Astagata ( See )

**ଅସ୍ତକରିବା**—ଦେ. କ୍ରି. ( ସ. ଅସ୍ତ )—୧ । ପାସୋରିବା—
Astakaribā 1 To forget.
ତର ଅରଣ୍ୟ ଅସ୍ତ, ସ୍ମୃତ କର ଅସ୍ତ,
ବସି ଗୋଷ୍ଠିରୁ ଶଶିଠାରକୁ ରେ—କବିସୂର୍ଯ୍ୟ. ସଙ୍ଗୀତ ।
୨ । ନାଶ କରିବା—2. To ruin.

**ଅସ୍ତକାଳ**—ସ. ବି. (୬ଷ୍ଠୀ ତତ୍; ଅସ୍ତ = ଗ୍ରହାସ୍ତ + କାଳ = ସମୟ )—
Astakāla ୧ । ଗ୍ରହ ନକ୍ଷତ୍ରାଦିଙ୍କ ବୁଡ଼ିଯିବା ସମୟ—1. The time of the setting of luminaries.
୨ । ସୂର୍ଯ୍ୟାସ୍ତ ସମୟ; ବେଳବୁଡ଼—2. The time of sun-set.
୩ । ମନୁଷ୍ୟର ସମ୍ପତ୍ତି କ୍ଷୟ ହେବା ସମୟ—3. The time of a person's adversity.
୪ । ବିପଦକାଳ—4. Time of danger.
୫ । ଅବନତିର ସମୟ—5. Time of deterioration.

**ଅସ୍ତଗମନ**—ସ. ବି.—ବୁଡ଼ିଯିବା ଅବସ୍ଥା—Setting.
Astagamana

**ଅସ୍ତଗତ**—ସ. ବିଣ ( ୨ୟା ତତ୍; ଅସ୍ତ + ଗତ ) ୧ । ଅସ୍ତ ହୋଇଥିବା;
Astagata ଦିଙ୍ମଣ୍ଡଳର ତଳକୁ ଖସିଥିବା; ବୁଡ଼ି ଯାଇଥିବା ( ଗ୍ରହ ନକ୍ଷତ୍ରାଦି)—1. Set; gone below the horizon.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | [illegible] | ଇୟ | ଉଥ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | [illegible] | କୃ |

୨ । ଅଦୃଶ୍ୟହୋଇଥିବା—2. Disappeared.
୩ । ନଷ୍ଟ; ବିଲୁପ୍ତ—
3. Destroyed.
୪ । ମୃତ—4. Dead; deceased.

**ଅସ୍ତଗିରି**—ସଂ. ବି. ( ମଧ୍ୟପଦଲୋପୀ; ଅସ୍ତନାମକ ଗିରି )—ପୁରାଣ ମତରେ
**Astagiri** ପଶ୍ଚିମଦିଗର ଯେଉଁ ପର୍ବତର ଅପର ପାର୍ଶ୍ୱକୁ ଯାଇ (ଉଦୟଗିରି—ବିପରୀତ) ସୂର୍ଯ୍ୟ ଓ ଚନ୍ଦ୍ର ଦୃଷ୍ଟିରୁ ବହିର୍ଭୂତ ହୁଅନ୍ତି; ପଶ୍ଚିମାଚଳ—The mythological mountain on the west beyond which the sun sets.

**ଅସ୍ତଦଶା**—ସଂ. ବି.—ଦୁର୍ଦ୍ଦଶା; ସର୍ବନାଶ; ଅବନତି —
**Astadaśā** Ruin; downfall.
ସାକ୍ଷାତେ ଦେଖୁଥାଇଁ ପାପେ ଲୋକମାନେ
ଅସ୍ତଦଶା ଗୋଷ୍ଠୀକୁ ଭଜନ୍ତି ବହନେ । କୃଷ୍ଣସିଂହ. ମହାଭାରତ ।

**ଅସ୍ତବଲ୍**—ବୈଦେ. ବି. ( ଆ. ଇସ୍ତବଲ୍ ମୂଳ. ଇଂ.—ଷ୍ଟେବଲ୍; ଲା.—
**Astabal** ଷ୍ଟାବୁ୍ୟଲମ୍; ଫ୍ରେ. ଏଟେବଲ୍)—ଘୋଡ଼ାଶାଳ; ଘୋଡ଼ା
আস্তাবল ଯେଉଁ ଘରେ ରଖାଯାଏ—Stable.
अस्तबल

**ଅସ୍ତବେଳ**—ଦେ.ବି. ( ସଂ. ଅସ୍ତବେଳା )—ଅସ୍ତକାଳ ( ଦେଖ )
**Astabeḻa** Astakāḻa ( See )
ଅସ୍ତବେଳେ ଉଦୟ ନାହିଁ, ଉଦୟବେଳେ ଅସ୍ତ ନାହିଁ—ଢଗ ।

**ଅସ୍ତବେଳା**—ସଂ. ବି. ( ଅସ୍ତ + ବେଳା )—ଅସ୍ତକାଳ ( ଦେଖ )
**Astabeḻā** Astakāḻa (See)

**ଅସ୍ତବ୍ୟସ୍ତ**—ସଂ. ବିଣ. ( ଅସ୍ତ + ବ୍ୟସ୍ତ )—
**Astabyasta** ୧ । ଅସ୍ଥିର—1. Restless.
୨ । ବ୍ୟାକୁଳିତ; ବ୍ୟତିବ୍ୟସ୍ତ—2 Disturbed; agitated; flurried.
୩ । ଧ୍ୱଂସପ୍ରାପ୍ତ; ବିନଷ୍ଟ—3. Devastated.
ସନ୍ଧୁ ଗଲେ ପଡ଼ିଛନ୍ତି ଅସ୍ତବ୍ୟସ୍ତେ । କୃଷ୍ଣସିଂହ. ମହାଭାରତ. ବିରାଟ ।
୪ । ଉଦ୍‌ବେଜିତ—4 Oppressed.
ଅସ୍ତବ୍ୟସ୍ତ କରିବ ଯେ ମେରୁ କୋଟେ ପୁଣି । ପାଞ୍ଚାମ୍ବର. ନୃସିଂହପୁରାଣ ।
୫ । ଇତସ୍ତତଃବିକ୍ଷିପ୍ତ; ଛନ୍ଦଭନ୍ଦ—5. Strewn here and there; jumbled up.
୬ । ଅସ୍ତାଚଳରେ ନିକ୍ଷିପ୍ତ (ଗୋପୀନାଥ ନନ୍ଦ)—
6. Sunk below the western horizon.
୭ । ଗୋଲମାଲିଆ; ଅଳିଆ ଝଳିଆ; ଅଡ଼ୁଆଝଡ଼ୁଆ—
7. Confused; disordered.
ନୀଳ କୁଞ୍ଚିତ କୁନ୍ତଳ ତତି; ଭଜୁଥିଲା ଅସ୍ତବ୍ୟସ୍ତ ରୀତି । କବିସୂର୍ଯ୍ୟ. ସଙ୍ଗୀତ ।
୮ । ଲେଉଟପାଉଟ; ଓଲଟାପୋଲଟା—
8. Tupsy turvy.

**ଅସ୍ତମନ**—ସଂ. ବି. ( ଅସ୍ତ+ମନ ଧାତୁ + ଭାବେ. ଅ )—
**Astamana** ୧ । ଅସ୍ତାଚଳଗମନ; ଅସ୍ତଗମନ—1. Setting.
୨ । ତିରୋଧାନ; ଅଦୃଶ୍ୟ ହେବା—2 Disappearance.
୩ । (ଜ୍ୟୋତିଷପରିଭାଷା)—ସୂର୍ଯ୍ୟ ସହିତ ଏକ ଧ୍ରୁବକରେ ଥାଇ କୌଣସି ତାରାର ଉଦୟ ହେବା ଅବସ୍ଥା—
3. Cosmical rising of a star.

**ଅସ୍ତମନନକ୍ଷତ୍ର**—ସଂ. ବି—କୌଣସି ଗ୍ରହ ଯେଉଁ ନକ୍ଷତ୍ରରେ ଅସ୍ତ ହୁଏ
**Astamananakshatra** ( ହିନ୍ଦି. ଶବ୍ଦସାଗର )—
The asterism in which a planet sets.

**ଅସ୍ତମୟ**—ସଂ. ବି. ( ଅସ୍ତଂ=ଅସ୍ତକୁ + ଇ ଧାତୁ=ଗତି କରିବା +
**Astamaya** ଭାବ. ଅ )—
୧ । ଅସ୍ତାଚଳଗମନ—1. Setting.
୨ । ବିନାଶ—2. Ruin.
୩ । କ୍ଷୟ—3. Downfall.
୪ । ଅବସାନ—4. End.
୫ । ମହାପ୍ରଳୟ—5 The Great Deluge.

**ଅସ୍ତମିତ**—ସଂ. ବିଣ. ( ଅସ୍ତଂ=ଅସ୍ତକୁ+ଇ ଧାତୁ=ଗତି କରିବା +
**Astamita** କର୍ତ୍ତୃ. ତ )—ଅସ୍ତଗତ ( ଦେଖ )
Astagata (See)

**ଅସ୍ତର**—ବୈଦେ. ବି. ( ଆ. ଅସ୍ତର୍, ମୂଳ. ସଂ. ସ୍ତୃ ଧାତୁ ରୁ ସ୍ତର )—
**Astara** ୧ । କୁର୍ତ୍ତିର ବାହାର କନା ତଳେ ଯେଉଁ ପ୍ରସ୍ଥେ କରସା
অস্তর ଓ ମଜବୁତିଆ କନା ଦିଆ ଯାଏ—
अस्तर 1. Lining of a coat.
୨ । କନ୍ଥ, କବାଟ ଇତ୍ୟାଦିକୁ ରଙ୍ଗକରିବା ପୂର୍ବରୁ ପ୍ରଥମେ ନଯୁକ୍ତ ତେଲ ସଙ୍ଗେ ଚକ୍ ଖଡ଼ି ଗୋଳି ଯେଉଁ ପୋଚିକ ଧଳା ରଙ୍ଗ ବୋଲାଯାଏ—
2. Ground colour in painting.
୩ । ତୁଳେଇ ଇତ୍ୟାଦିର ତଳପ୍ରସ୍ଥ ଲୁଗା—
3. The lower layer of cloth in a quilt.
୪ । ଜମୀନ; ଯେଉଁ ଚନ୍ଦନତେଲ ବା ରାଶିତେଲକୁ ମୂଳ କରି ତହିଁରେ ଭିନ୍ନଭିନ୍ନ ସୁଗନ୍ଧ ମିଶାଇ ଭିନ୍ନ ଭିନ୍ନ ବାସନା ଅତର ଓ ତେଲ ତିଆରି କରାଯାଏ—4. Sandal oil etc which is made the base in the preparation of ottos and scented oils.
୫ । ଅନ୍ତରପଟ; ସ୍ତ୍ରୀମାନେ ବାରିକ୍ ଲୁଗା ତଳେ ପିନ୍ଧିବା ଲୁଗା—
5. Inner cloth which females wear below very fine cloth; under-wear

ଦେ. ବି. ( ସଂ. ଅସ୍ତ୍ର )—୧ । ଅସ୍ତ୍ରଶସ୍ତ୍ର—1. Weapon.
୨ । ଡାକ୍ତରଙ୍କ ଅସ୍ତ୍ର—2. Surgical instrument.
୩ । ଚିକିତ୍ସାର୍ଥ ଅସ୍ତ୍ର ପ୍ରୟୋଗ; ଅପରେସନ୍—
3. Surgical operation.
୪ । ଉପାୟ—4. Means; expedient.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସ୍ତା**—ଦେ. ବି—୧ । ପାଣି ଝରିବା ବନ୍ଦ କରିବା ପାଇଁ ଡଙ୍ଗାର ପଟାର
**Astā** ସନ୍ଧି ମେଳରେ ଖୁନ୍ଦା ଯିବା କୁମ୍ଭୀ ଗଛର ଛେଲି—
1. The bark of Kumbhī tree which is pushed into the chinks of boats to stop leaking.
୨ । ଯେଉଁ ଗଛର ଛାଲିରୁ ଅସ୍ତା ହୁଏ; କୁମ୍ଭୀ ଗଛ—
2. A tree producing fibrous bark.

**ଅସ୍ତାଚଳ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା )—ଅସ୍ତଗିରି (ଦେଖ)
**Astāchaḻa** Astagiri (See)

**ଅସ୍ତାଚଳନି**—ଗ୍ରା. ପ୍ରାଚୀନ ପ୍ରୟୋଗ ( ଅସ୍ତାଚଳର ୭ମୀ ବିଭକ୍ତି )—
**Astāchaḻani** ଅସ୍ତାଚଳରେ—In the western mountains.

ଚୋର ସଙ୍ଗ ଅଣ ପାଇଁ ଅନେକ ଚେଷ୍ଟା କଲାଇ
ଆଉ ସୂର୍ଯ୍ୟ ଅସ୍ତ ଗଲେ ଅସ୍ତାଚଳନି । ପ୍ରାଚୀ. ରସକାରିଷ ।

**ଅସ୍ତାଚଳୋନ୍ମୁଖ**— ସଂ. ବି. ( ୨ୟା ତତ୍; ଅସ୍ତାଚଳ+ଉନ୍ମୁଖ; ଅସ୍ତାଚଳ
**Astāchaḻonmukha** ଆଡ଼କୁ ମୁହାଇଁ ଥିବା )—
(ଅସ୍ତାଚଳୋନ୍ମୁଖା—ସ୍ତ୍ରୀ) ଅସ୍ତୋନ୍ମୁଖ; ଅସ୍ତହେଉଥିବା—
Going to set; setting.

**ଅସ୍ତାତା**—ପ୍ରାଦେ. ( ପୁରୀ ଜିଲ୍ଲା. ବ୍ରାହ୍ମଣ ଶାସନ ); ବି. ( ସଂ. ଅସ୍ତାତୃ;
**Astātā** କମ୍ପା ଅସ୍ତ+ତା )—
୧ । ଶାସନମାନଙ୍କର ପର୍ବଦିନ ( ଯଥା—ଗମ୍ଭାପୂର୍ଣ୍ଣିମା ) ମାନଙ୍କରେ ଗ୍ରାମଠାକୁରଙ୍କ ଭୋଗର ହାବସ୍ ବଣ୍ଟା ହେଲା ବେଳେ ଜଣେ ଜଣେ ମହାଜନଙ୍କ ନାମ ଡାକସି ହେଉ ଥାଏ । ସେ ମହାଜନ ଉପସ୍ଥିତ ହେଲାରୁ ସେବକ ତାଙ୍କ ହାତରୁ ତାଙ୍କ ପ୍ରାପ୍ୟ ହବସ୍‌ର ଅଂଶ ଟେକି ଦିଏ । ହବସ୍ ଡାକସି ହୋଇ ବଣ୍ଟାଗଲାବେଳେ କୌଣସି ମହାଜନ ଉପସ୍ଥିତ ନ ଥିଲେ, ତାଙ୍କ ହବସ୍ ରହିତ କରାଯାଇ ତାଙ୍କୁ କିଛି ଅର୍ଥଦଣ୍ଡରେ ଦଣ୍ଡିତ କରାଯାଏ । ସେ ସେ ଅର୍ଥଦଣ୍ଡ ନ ଦେଲେ ତାଙ୍କର ପାରମ୍ପରିକ ହବସ୍ ପାଇବା ସ୍ୱତ୍ୱରୁ ସେ ବଞ୍ଚିତ ହୁଅନ୍ତି । ସେହି ଅର୍ଥଦଣ୍ଡକୁ ଅସ୍ତାତା କହନ୍ତି ।
1. Fine imposed on a Brāhmaṇa villager of Purī Śāsana-villages who does not attend in time to take delivery of his share of the common offering to the village-deity.
୨ । ବ୍ରାହ୍ମଣଶାସନରେ ସ୍ଥାୟୀ ଭାବରେ ବାସ କରୁ ନ ଥିବା ଟଙ୍କିଦାରମାନଙ୍କ ନିକଟକୁ ପ୍ରେରିତ ହେଉଥିବା ହବସ୍—2. The allotment of a share of the common offering to the village-deity which is sent to non-resident Taṅkidārs of a Śāsana-village.

**ଅସ୍ତାତାରିବା** – ଗ୍ରା. କ୍ରି. ( ନାଉରିଙ୍କ ବ୍ୟବହୃତ ଶବ୍ଦ ) ଡଙ୍ଗାର ପଟା-
**Astātāribā** ଫାଟରେ ଅସ୍ତା ବାଡ଼େଇ ସେ ଫାଟକୁ ନିରୁଜ କରିବା—To press fibrous barks into the chinks of boats to make them impervious to water.

**ଅସ୍ତାବଲ୍**—ବୈଦେ. ବି.—ଅସ୍ତବଲ୍ ( ଦେଖ )
**Astābal** Astabal ( See )

**ଅସ୍ତାବଲମ୍ବୀ**—ସଂ. ବି. ( ୨ୟା ତତ୍; ଅସ୍ତ=ଅସ୍ତାଚଳ+ଅବଲମ୍ବିନ୍
**Astābalambī** ୧ମା. ୧ବ. )—
(ଅସ୍ତାବଲମ୍ବିନୀ—ସ୍ତ୍ରୀ) ଅସ୍ତଗତ—Set.

**ଅସ୍ତାମାରିବା**—ଗ୍ରା. କ୍ରି. ( ନାଉରିଙ୍କ ବ୍ୟବହୃତ ଶବ୍ଦ )—
**Astāmāribā** ଅସ୍ତାତାରିବା ( ଦେଖ )
Astātāribā ( See )

**ଅସ୍ତି**—ସଂ. ବି. ( ଅସ ଧାତୁ+ତି )—
**Asti** ୧ । ଭାବ; ସତ୍ତା—1. Existence.
୨ । ବିଦ୍ୟମାନତା; ବର୍ତ୍ତମାନତା—2. Presence.
୩ । ( ନାମ ) ଜରାସନ୍ଧର କନ୍ୟା, କଂସର ଏକ ସ୍ତ୍ରୀ—
3. A wife of Kaṁsa.
୪ । ଥିବା ବା ହେବା ଅବସ୍ଥା—
4. The State of being
ଦେ. ଅ. ( ସଂ. ଅସ୍ତି )—ହଁ—Yes.

ନାସ୍ତି ନୋହିବଟ ଅସ୍ତି ସଦା କୃପା ପଣ । ପ୍ରାଚୀ. ଶିବସ୍ୱରୋଦୟ ।

[ ଦ୍ର—ଅସ୍ତି ଶବ୍ଦ ସଂ. କ୍ରିୟା ଅସ୍ ଧାତୁ ୧ମ ପୁରୁଷ ଏକବଚନ ( ସେ ) ଅଛି; ଅସ୍ତି ଶବ୍ଦ କେବଳ ହଁ ଅର୍ଥରେ ନାସ୍ତି ଶବ୍ଦ ପୂର୍ବେ ସହଚରରୂପେ ବ୍ୟବହୃତ ହୁଏ । ଏକାକୀ ବ୍ୟବହାର ବିରଳ । ]
ଗ୍ରା. ବି. ( ସଂ. ଅସ୍ଥି )—ମୃତ ବ୍ୟକ୍ତିର ଦାହ କ୍ରିୟା ପରେ ଚିତା ଭସ୍ମରୁ ସଂଗୃହୀତ ଅସ୍ଥି ଖଣ୍ଡ, ଯାହା ଗଙ୍ଗାଦି ତୀର୍ଥରେ ପକାଇବା ପାଇଁ ପୁତ୍ରାଦି ସଞ୍ଚୟ କରନ୍ତି—A bit of bone of a cremated person which is kept out of the cremated ashes to be consigned to some sacred river.

**ଅସ୍ତି କି ନାସ୍ତି**—ଦେ. ବି. ( ସଂ. ଅସ୍ତି=ଅଛି ଓ ନାସ୍ତି=ନାହିଁ )—
**Asti ki nāsti** ହଁ କି ନାହିଁ ବୋଲି ଜବାବ; କୌଣସି କାର୍ଯ୍ୟ
अस्तिनास्ति ହେବାର ବା ନ ହେବାର ଦୃଢ଼ ଜବାବ—
A definite reply; yes or no.
(ଯଥା—ମୁଁ ତାଙ୍କୁ ବିବାହ ପ୍ରସଙ୍ଗ ପଚାରିଲି, ସେ ମତେ ଅସ୍ତି କି ନାସ୍ତି କିଛି କହିଲେ ନାହିଁ । )

**ଅସ୍ତିତ୍ୱ**—ସଂ. ବି. (ଅସ୍ତି+ଭାବ. ତ୍ୱ )—୧ । ସତ୍ତା; ବିଦ୍ୟମାନତା—
**Astitwa** 1. Being; existence.
୨ । ସ୍ଥାୟିତ୍ୱ—2. Permanence.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଋଅ | ଞ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ● | ନ୍ |

**ଅସ୍ତିନ୍**—ବୈଦେ. ବି. (ଫା—ଆସ୍ତୀନ)—କୁର୍ତ୍ତାର ହାତ ଅଂଶ—
Astin — Sleeve of a coat
आस्तीन
**अस्तीन; आस्तान**

**ଅସ୍ତିନାସ୍ତି**—ଦେ. ବି.—ଅସ୍ତି କି ନାସ୍ତି (ଦେଖ)
Astināsti — Asti ki nāsti (See)

**ଅସ୍ତୁ**—ସଂ. ଅ.—ଅନୁଜ୍ଞା ଓ ସ୍ୱୀକାରାର୍ଥକ—(ଅସ୍ ଧାତୁ=ହେବା; ଅନୁଜ୍ଞା
Astu ଅନ୍ୟ ପୁରୁଷ ଏକବଚନରୂପ=ହେଉ; ଯଥା )—କୌଣସି
अस्तु ହଇକ ଲୋକ କୌଣସି ବର ମାଗିଲେ ବରଦାତା ତାହା
ମଞ୍ଜୁର କଲେ କହନ୍ତି "ଅସ୍ତୁ" ।)—୧ । ଏହା ହେଉ; ହଁ
ଏଥିରେ ମୋର ସମ୍ମତି ଅଛି—1. Let it be so; be it so; I agree to it.

ଦେଇ ଜୀବଦାନ ରଖ ମୋର ମାନ ଅସ୍ତୁବୋଲେ ତପଧନ ଯେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

୨ । ହଁ; **ଅଚ୍ଛା**—2. Yes; allright; very well.

**ଅସ୍ତୁକରିବା**—ଦେ. କ୍ରି—କୌଣସି ବ୍ୟକ୍ତିର ପ୍ରାର୍ଥିତବର ଦେବାକୁ ହଁ
Astukaribā ଭରିବା—To assent to a person's prayer.
हाँकरा
**अस्तुकरना**    ତା ଶୁଣି ଦେବୀ **ଅସ୍ତୁ** କଲେ ।
ଯଶୋବନ୍ତ; ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅସ୍ତୁକାର**—ଦେ. ବି. ( ଯେ ଦାନ ବା ଦକ୍ଷିଣା ଗ୍ରହଣ ବେଳେ ଦାତାର
Astukāra ମଙ୍ଗଳଂ ଅସ୍ତୁ ଦୀର୍ଘାୟୁରସ୍ତୁ; ସିଦ୍ଧିରସ୍ତୁ; ଆଦି ପଦ
ଉଚ୍ଚାରଣ କରନ୍ତି )—ବ୍ରାହ୍ମଣ—
A Brāhmaṇa.

ଅସ୍ତୁକାର ପୁରୁଷେ କରନ୍ତି ବେଦ ଧ୍ୱନି ।    ସାରଳା ମହାଭାରତ. ମଧ୍ୟ ।

**ଅସ୍ତୁରା**—ବୈଦେ. ବି. ( ଫା. ଉସ୍ତୁରା; ସଂ. ଅସ୍ତ୍ର )—ଭଣ୍ଡାରିର କଇଁଚି—
Asturā — Barber's scissors.
अस्तरा
**अस्तुरा**

**ଅସ୍ତୁହେଉ**—ଗ୍ରା. ଅ. ( ସଂ. ଅସ୍ତୁ ସଙ୍ଗେ ତାହାର ଓଡ଼ିଆ ଅର୍ଥ 'ହେଉ' ର
Astuheu ବୃଥା ବ୍ୟବହାର )—ଅସ୍ତୁ ( ଦେଖ )
अस्तु — Astu ( See )
**अस्तु**

**ଅସ୍ତେବ୍ୟସ୍ତେ**—ଦେ. ପଦ୍ୟ କ୍ରି. ବିଣ. ( ସଂ. ଅସ୍ତବ୍ୟସ୍ତ )—
Astebyaste ବିଶୃଙ୍ଖଳ ଭାବରେ—Disorderly.
अस्तेव्यास्ते    ତହୁଁ ଜଡ଼ିଥିଲା ଅସ୍ତେବ୍ୟସ୍ତେ ନୀଳ ବନ୍ଧେଲ ଅଳକ ଲତା ।
**तितरबितर**    ରାଧାନାଥ—ପାର୍ବତୀ ।

**ଅସ୍ତେୟ**—ସଂ. ବି. (ଅ+ସ୍ତେୟ)—୧ । ଅଚୌର୍ଯ୍ୟ; ଚୋରି ନ କରିବା—
Asteya — 1. Non-stealing.
୨ । ସାଧୁତା—2. Honesty.
୩ । ଯୋଗସାଧନର ଆଠଗୋଟି ଅଙ୍ଗମଧ୍ୟରୁ ଯମ ନାମକ ଅଙ୍ଗର ତୃତୀୟ ଭେଦ; ବଳପୂର୍ବକ ବା ଅଜ୍ଞାତରେ ପରଦ୍ରବ୍ୟସ୍ୱାମୀଠାରୁ ଧନ ଅପହରଣ ନ କରିବା; ( ଏଥିରେ ସିଦ୍ଧ ହେବା ବ୍ୟକ୍ତିଙ୍କୁ ଅଜସ୍ର ଧନରତ୍ନ ଅଯାଚିତରୂପେ ମିଳେ ); ଚୋରି ନ କରିବା ବ୍ରତ—
3. A practice of not coveting to take another's property by force or stealthily, practised by a Jogī; the vow of honesty.

**ଅସ୍ତୋଦୟ**—ସଂ. ବି. ( ଅସ୍ତ+ଉଦୟ )—
Astodaya ୧ । ସୂର୍ଯ୍ୟ ଓ ଗ୍ରହାଦିଙ୍କର ଅସ୍ତଗମନ ଓ ଉଦୟ—
1. The rising and setting of heavenly bodies.
୨ । ସୂର୍ଯ୍ୟାସ୍ତଠାରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ କାଳ—
2. The time between sunset and sunrise.

**ଅସ୍ତ୍ୟାନ**—ସଂ. ବି. ( ଅ=କୁତ୍ସିତ+ସ୍ତ୍ୟୈ ଧାତୁ+ଭାବ. ଅନ )—
Astyāna ୧ । ଭର୍ତ୍ସନା; ଗାଳି—1. Abuse; censure.
୨ । ନିନ୍ଦା—2 Blame.
୩ । ବେଖାତିର—3. Disregard.

**ଅସ୍ତ୍ର**—ସଂ. ବି. ( ଅସ୍ ଧାତୁ=କ୍ଷେପଣ କରିବା+କର୍ମ.ତ୍ର; ଯାହାକୁ
Astra ଫିଙ୍ଗି କରି ଶତ୍ରୁ ପ୍ରତି ପ୍ରୟୋଗ କରାଯାଏ )—
୧ । ଯେଉଁ ବସ୍ତୁ ଶତ୍ରୁ ଉପରକୁ ଫିଙ୍ଗା ଯାଏ—
1. A missile.
( ଯଥା—ବାଣ, ଶର, ଶୂଳ, ଗୋଳା, ଶକ୍ତି, ବାଟୁଳି । )
୨ । ଯେଉଁ ହତିଆରଦ୍ୱାରା କୌଣସି ବସ୍ତୁ ଶତ୍ରୁ ଉପରକୁ ଫିଙ୍ଗା ଯାଏ—
2. A weapon for throwing missiles.
( ଯଥା—ଧନୁ, ବନ୍ଧୁକ, ବାଟୁଳିଖଡ଼ା ) ।
୩ । ଶତ୍ରୁକୁ ଆଘାତ କରିବା ବା ଆତ୍ମରକ୍ଷା କରିବା ପାଇଁ ବ୍ୟବହୃତ ସବୁ ପ୍ରକାର ଯନ୍ତ୍ର—3. All kinds of weapons of offence and defence.
୪ । ଯେଉଁ ହତିଆରଦ୍ୱାରା ଶତ୍ରୁପ୍ରେରିତ ଅସ୍ତ୍ରଶସ୍ତ୍ରାଦିକୁ ଅଟକାଯାଏ; (ଯଥା—ଢାଲ)—
4. A weapon of defence.
୫ । ଚିକିତ୍ସକଙ୍କଦ୍ୱାରା ବ୍ୟବହୃତ ଶସ୍ତ୍ର—
5. Surgical instruments.
୬ । ମନ୍ତ୍ର ଦ୍ୱାରା ଶତ୍ରୁପ୍ରତି ପ୍ରୟୋଜିତ ଯନ୍ତ୍ର—
6. A weapon applied against a foe with the help of mystic formula.
୭ । କେତେକ ମନ୍ତ୍ର ( ଯଥା—ଅଙ୍ଗନ୍ୟାସ, କରନ୍ୟାସ ) ପାଠବେଳେ ଫଟ୍ ଶବ୍ଦ ପୂର୍ବେ ଉଚ୍ଚାରିତ ମନ୍ତ୍ର (ଯଥା—କରତଳକରପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍ )—
7. A mystical syllable uttered during certain rites.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଦେ. ବି.—ଅସ୍ତର—Astara (See)

[ ଦ୍ର—ଅସ୍ତ୍ରର ଅର୍ଥ ଶତ୍ରୁ ପ୍ରତି ଫିଙ୍ଗାଯିବା ବସ୍ତୁ ବା ହତିଆର (ଯଥା—ଶର, ବନ୍ଧୁକ ) । ଶସ୍ତ୍ରର ଅର୍ଥ (ଶସ ଧାତୁ=ବଧ କରିବା) ଯାହାକୁ ଶତ୍ରୁକୁ ବଧ କରିବା ପାଇଁ ଶତ୍ରୁ ଦେହରେ ପ୍ରୟୋଗ କରାଯାଏ ( ଯଥା—ଖଣ୍ଡା, ବର୍ଚ୍ଛା, ଛୁରି); କିନ୍ତୁ ସାଧାରଣ ଭାଷାରେ ଅସ୍ତ୍ର ଶବ୍ଦ ଉଭୟ ଅର୍ଥରେ ବ୍ୟବହୃତ ହୁଏ । ]

**ଅସ୍ତ୍ରକଣ୍ଟକ**— ସଂ. ବି ( ଅସ୍ତ୍ର + କଣ୍ଟକ )—
Astrakaṇṭaka ଶର; ତୀର—Arrow (M. W.)

**ଅସ୍ତ୍ରଗ୍ରାମ**—ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ଗ୍ରାମ )—
Astragrāma ନାନାବିଧ ଅସ୍ତ୍ରର ସଂଗ୍ରହ—
Collection of many kinds of weapons.

**ଅସ୍ତ୍ରଚାଳନ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ଚାଳନ )—
Astrachālana ୧ । ହତିଆରକୁ ଚଳାଇବା—
1. The playing or using of a weapon.
୨ । ରୋଗୀପ୍ରତି ଚିକିତ୍ସାର୍ଥ ଅସ୍ତ୍ରପ୍ରୟୋଗ—
2. Application of surgical weapons to a patient.

**ଅସ୍ତ୍ରଚିକିତ୍ସକ**— ସଂ. ବି ( ୩ୟା ତତ୍; ଅସ୍ତ୍ର + ଚିକିତ୍ସକ )—
Astrachikitsaka ହତିଆର ଦ୍ୱାରା ଚିକିତ୍ସା କରିବା ଡାକ୍ତର—
A surgeon.

**ଅସ୍ତ୍ରଚିକିତ୍ସା**—ସଂ. ବି ( ୩ୟା ତତ୍; ଅସ୍ତ୍ର + ଚିକିତ୍ସା )—
Astrachikitsā ହତିଆର ପ୍ରୟୋଗପୂର୍ବକ ରୋଗ ଭଲ କରିବା—
Surgery; surgical operation.
[ଦ୍ର—ଚରକ ଓ ସୁଶ୍ରୁତରେ ନାନାବିଧ ଅସ୍ତ୍ର ଓ ଅସ୍ତ୍ରଚିକିତ୍ସାର ବିବରଣ ବିଶଦରୂପେ ବର୍ଣ୍ଣିତ ହୋଇଅଛି । ]

**ଅସ୍ତ୍ରଜୀବ**—ସଂ. ତ ( ଅସ୍ତ୍ର+ଜୀବ ଧାତୁ+କର୍ତ୍ତୃ. ଅ; ଅସ୍ତ୍ର ଦ୍ୱାରା ଯେ
Astrajība ଜୀବିକା ନିର୍ବାହ କରେ—ସେନା; ସିପାହି ) —
A soldier ( M. W. )

**ଅସ୍ତ୍ରଧାରଣ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର+ଧାରଣ )—
Astradhāraṇa ୧ । ଯୁଦ୍ଧ ଇତ୍ୟାଦି କରିବା ପାଇଁ ହତିଆର ଧରିବା —1. Bearing of arms.
୨ । ଶତ୍ରୁ ବିରୁଦ୍ଧରେ ହତିଆର ଧରି ଯୁଦ୍ଧ କରିବାକୁ ଉଠିବା—
2. Rising up in arms.

**ଅସ୍ତ୍ରନିବାରଣ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ନିବାରଣ )—
Astranibāraṇa ଶତ୍ରୁପ୍ରେରିତ ଅସ୍ତ୍ରକୁ ଅଟକିବା—
Warding off a blow from the enemy.

**ଅସ୍ତ୍ରପଟ୍ଟା**— ପ୍ରାଦେ ( ସିଂହଭୂମ; କେନ୍ଦୁଝର ) ବି.—
Astrapaṭṭā ହାତ ମୁଠା ଆବୃତ ହୋଇ ରହିବା ପାଇଁ ବେଣ୍ଟ-ଯୁକ୍ତ ଫମ୍ପା ବାଡ଼ି; ଯହିଁରେ ଭୂୟାଁମାନେ ଯୁଦ୍ଧ ଓ ମଲ୍ଲ-ଯୁଦ୍ଧ କରନ୍ତି—A stick with a hollow handle to cover the fist while holding it.

**ଅସ୍ତ୍ରବନ୍ଧ**—ସଂ. ବି ( ଷଷ୍ଠୀ ତତ୍; ଅସ୍ତ୍ର + ବନ୍ଧ )—ଶରବର୍ଷଣ; ଅବିଶ୍ରାନ୍ତ-
Astrabandha ଶରଧାରା—An uninterrupted series of arrows ( M. W.)

**ଅସ୍ତ୍ରବର୍ଷ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ବର୍ଷ )— ଅସ୍ତ୍ରବନ୍ଧ (ଦେଖ)
Astrabarsha Astrabandha (See)

**ଅସ୍ତ୍ରବିଦ୍ୟା**—ସଂ. ବି. ( ମଧ୍ୟପଦଲୋପୀ; ଅସ୍ତ୍ରଚାଳନସମ୍ବନ୍ଧୀୟ ବିଦ୍ୟା )—
Astrabidyā ୧ । ଅସ୍ତ୍ରଚାଳନସମ୍ବନ୍ଧୀୟ ବିଦ୍ୟା ବା କୌଶଳ—
1. The art of fencing.
୨ । ଅସ୍ତ୍ରଚିକିତ୍ସାଶାସ୍ତ୍ର—2. The science of surgery.
୩ । ଯୁଦ୍ଧବିଦ୍ୟା—3. The military Science.

**ଅସ୍ତ୍ରବେଦ**—ସଂ. ବି. ( ମଧ୍ୟପଦଲୋପୀ: ଅସ୍ତ୍ର + ବେଦ )—
Astrabeda ଅସ୍ତ୍ରବିଦ୍ୟା ( ଦେଖ )
Astrabidyā (See)

**ଅସ୍ତ୍ରବେଧ**—ସଂ. ବି. ( ୩ୟା ତତ୍; ଅସ୍ତ୍ର + ବେଧ )—
Astrabedha ଦେହରେ ଅସ୍ତ୍ର ଗଳି ଯିବା—Deep wound made by a weapon.

**ଅସ୍ତ୍ରଭେଦ**—ସଂ. ବି. ( ୩ୟା ତତ୍; ଅସ୍ତ୍ର+ଭେଦ)—
Astrabheda ୧ । ଅସ୍ତ୍ରବେଧ ( ଦେଖ )
1. Astrabedha ( See )
୨ । ଅସ୍ତ୍ରର ପ୍ରକାର; ଏକ ପ୍ରକାରର ଅସ୍ତ୍ର—
2. A kind of weapon.

**ଅସ୍ତ୍ରମନ୍ତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅସ୍ତ୍ର+ମନ୍ତ୍ର )—
Astramantra ଅସ୍ତ୍ରକୁ ବିଶିଷ୍ଟ ଶକ୍ତି ଦେବା ପାଇଁ ବ୍ୟବହୃତ ମନ୍ତ୍ର—Mystic formula used to charm arrows and weapons.

**ଅସ୍ତ୍ରମାର୍ଜ**—ସଂ. ବି. ( ଅସ୍ତ୍ର + ମୃଜ ଧାତୁ + କର୍ତ୍ତୃ. ଅ )—
Astramārja ଯେଉଁ ବ୍ୟକ୍ତି ଅସ୍ତ୍ରଶସ୍ତ୍ରାଦି ମାଜେ ବା ପରିଷ୍କାର କରେ—An armourer; a tool-cleaner.

**ଅସ୍ତ୍ରଶସ୍ତ୍ର**—ସଂ. ବି. ( ଦ୍ୱନ୍ଦ୍ୱ; ଅସ୍ତ୍ର + ଶସ୍ତ୍ର )—ସବୁ ପ୍ରକାରର ହତିଆର—
Astraśastra All sorts of weapons.

**ଅସ୍ତ୍ରଶିକ୍ଷା**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ତ୍ର+ଶିକ୍ଷା )—
Astraśikshā ଯୁଦ୍ଧାର୍ଥ ଅସ୍ତ୍ରଚାଳନ ଶିକ୍ଷା—
Military training or exercise.

**ଅସ୍ତ୍ରସାୟକ**—ସଂ. ବି. ( ଅସ୍ତ୍ର + ସାୟକ )—ଲୁହାର ଶର—
Astrasāyaka An iron-arrow. ( M. W. )

**ଅସ୍ତ୍ରହୀନ**—ସଂ. ବିଣ. (୩ୟା ତତ୍; ଅସ୍ତ୍ର + ହୀନ)—ନିରସ୍ତ୍ର —
Astrahīna Unarmed.

**ଅସ୍ତ୍ରାଗାର**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ତ୍ର + ଅଗାର )—ଅସ୍ତ୍ରଶସ୍ତ୍ରାଦି ଜମା ରଖାହେବାର ଗୃହ—Arsenals; armoury.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଉ୍ଥ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ଓ୍ୱ | ନ୍ତ |

ଅସ୍ତ୍ରାଘାତ—ସଂ. ବି. (୬ଷ୍ଠୀ ତତ୍; ଅସ୍ତ୍ର+ଆଘାତ)—
Astrāghāta ୧ । ହତିଆରର ଚୋଟ—
1. Stroke or blow of a weapon.
୨ । ହତିଆରଦ୍ୱାରା ହେବା କ୍ଷତ—2. A wound; cut.

ଅସ୍ତ୍ରାହତ—ସଂ. ବିଣ. ପୁଂ. (୩ୟା ତତ୍; ଅସ୍ତ୍ର+ଆହତ)—
Astrāhata ୧ । ଅସ୍ତ୍ରଦ୍ୱାରା ଆଘାତପ୍ରାପ୍ତ—1. Wounded.
୨ । ଅସ୍ତ୍ରଦ୍ୱାରା ମାରିତ—2. Killed (M. W.)

ଅସ୍ତ୍ରୀ—ସଂ. ବିଣ. ପୁଂ. (ଅସ୍ତ୍ର+ଇନ୍ ୧ମା. ୧ବ.)—ଅସ୍ତ୍ରସଜ୍ଜିତ; ଅସ୍ତ୍ର-
Astrī ଧାରୀ—Armed with a weapon.
(ଅସ୍ତ୍ରିଣୀ—ସ୍ତ୍ରୀ) ସଂ. ବି.—୧ । ଧନୁର୍ଦ୍ଧାରୀ ବ୍ୟକ୍ତି—
1. An archer (M. W.)
୨ । ଯେ ସ୍ତ୍ରୀ ନୁହେ—2. Not a woman (M. W.)

ଅସ୍ତ୍ରୀକ—ସଂ. ବିଣ. ପୁଂ. (ବହୁବ୍ରୀହି; ଅ+ସ୍ତ୍ରୀ)—୧ । ବିପତ୍ନୀକ; ଯାହାର
Astrīka ସ୍ତ୍ରୀ ମୃତା—1. Widowed; destitute of a wife.
୨ । ଅବିବାହିତ—2. Unmarried.
୩ । ଯାହା ସଙ୍ଗେ ସ୍ତ୍ରୀ ନାହିଁ—3. Not accompanied by one's wife.

ଅସ୍ଥଲ୍—ପ୍ରାଦେ. (ସମ୍ବଲପୁର) ବି—ଅସ୍ଥଲ୍ (ଦେଖ)
Asthal Asthal (See)

ଅସ୍ଥାତା—ପ୍ରାଦେ. (ପୁରୀ) ବି—ଅସ୍ତାତା (ଦେଖ)
Asthātā Astātā (See)
ଦେ. ବିଣ.—ଅଥାତା (ଦେଖ)
Athātā (See)

ଅସ୍ଥାନ—ସଂ. ବି. (ଅ+ସ୍ଥାନ)—୧ । ମନ୍ଦସ୍ଥାନ—1. Bad place.
Asthāna ୨ । ଅନୁପଯୁକ୍ତ ସ୍ଥାନ—2. Unfit place; wrong place.
୩ । ଅଯୋଗ୍ୟ ସ୍ଥାନ—3. Improper place
୪ । ଅପବିତ୍ରସ୍ଥାନ—4. Unholy place.
୫ । ଶରୀରର ଗୁପ୍ତାଙ୍ଗ—5. The private part of the body.
୬ । ଶରୀରର ମର୍ମସ୍ଥାନ; ଅଥାନ—
6. Vital or vulnerable part of the body.
୭ । ଅସ୍ଥାୟିତ୍ୱ—7. Non-permanency (M. W.)
ସଂ. ବିଣ.—ସ୍ଥାନରହିତ—Having no place or footing.

ଅସ୍ଥାନସ୍ଥ—ସଂ. ବିଣ. ପୁଂ. (ଅସ୍ଥାନ+ସ୍ଥା ଧାତୁ+କର୍ତ୍ତୃ. ଅ)—
Asthānastha ଅନୁଚିତ ବା ଅନୁପଯୁକ୍ତ ସ୍ଥାନରେ ଥିବା—
(ଅସ୍ଥାନସ୍ଥା—ସ୍ତ୍ରୀ) Mis-placed; consigned to a wrong place

ଅସ୍ଥାବର—ସଂ. ବିଣ. (ଅ+ସ୍ଥାବର)—୧ । ଯାହା ସ୍ଥିର ବା ଦୃଢ଼ସ୍ଥିତ
Asthābara ନୁହେ—1. Not fixed.
୨ । ଚଳୁଥିବା; ଗତିଶୀଳ—2. Moving.
୩ । ଅଚିରସ୍ଥାୟୀ—3. Not permanent.
୪ । (ଆଇନ) ଚଳନ୍ତି (ସମ୍ପତ୍ତି)—
4. (law) Movable (property).
୫ । ଜମି ଛଡ଼ା ଅନ୍ୟ (ସମ୍ପତ୍ତି)—
5. (property) Other than land.
(ଯଥା—ଟଙ୍କା; ଜିନିଷପତ୍ର)
୬ । ଯାହାକୁ ସ୍ଥାନାନ୍ତରକୁ ନିଆଯାଇ ନ ପାରେ—
6. Incapable of being removed to another place.

ଅସ୍ଥାୟୀ—ସଂ. ବିଣ. (ଅ+ସ୍ଥାୟିନ୍; ୧ମା. ୧ବ.)—୧ । ଅଚିରସ୍ଥାୟୀ;
Asthāyī ଯାହା ଚିରସ୍ଥାୟୀ ନୁହେ—1. Not permanent; not lasting.
(ଅସ୍ଥାୟିନୀ—ସ୍ତ୍ରୀ)
(ଅସ୍ଥାୟିତ୍ୱ—ବି) ୨ । କ୍ଷଣସ୍ଥାୟୀ—2. Transient.
୩ । ପରିବର୍ତ୍ତନଶୀଳ—3. Changeable.

ଅସ୍ଥାୟୀଭାବ—ସଂ. ବି. (କର୍ମଧା)—୧ । ଅଚିରସ୍ଥାୟୀ ହେବାର ଅବସ୍ଥା—
Asthāyībhāba 1. Non-permanency.
୨ । ଯେଉଁ ଅବସ୍ଥା ଚିରସ୍ଥାୟୀ ନୁହେ—
2. Temporary state
୩ । ଯେଉଁ ମନୋଭାବ ବେଶିକାଳ ରହେ ନାହିଁ—
3. Transient feeling.

ଅସ୍ଥି—ସଂ. ବି. (ଅସ ଧାତୁ=କ୍ଷେପଣ କରିବା+କର୍ମ. ଥି)—୧ । ଶରୀର-
Asthi ଦେହ ମଧ୍ୟସ୍ଥ ଟାଣୁଆ ଉପାଦାନ ହାଡ଼—1. Bone.
୨ । ଫଳର ଟାକୁଆ ବା ଟାଣ ମଞ୍ଜି—2. The hard seed or stone inside a fruit (M. W.)

ଅସ୍ଥିକଙ୍କାଳମାଳ—ଦେ. ବି.—ବାହାରକୁ ଦେଖାଯିବା ମାଂସହୀନ ଦେହର
Asthikankālamāla ହାଡ଼ ଓ କଙ୍କାଳ—Bones and skeleton of a fleshless body.
ଦେ. ବିଣ.—କଙ୍କାଳମାତ୍ରାବଶିଷ୍ଟ (ବ୍ୟକ୍ତି)—
(person) Reduced to skeleton.

ଅସ୍ଥିକଙ୍କାଳମାଳା—ଦେ. ବି. ଓ ବିଣ.—ଅସ୍ଥିକଙ୍କାଳମାଳ (ଦେଖ)
Asthikankālamālā Asthikankālamāla (See)

ଅସ୍ଥିକୃତ୍—ସଂ. ବି. (ଅସ୍ଥି+କୃ ଧାତୁ+କର୍ତ୍ତୃ. କ୍ୱିପ୍; ଯହିଁରୁ ହାଡ଼ ଉତ୍ପନ୍ନ ହୁଏ)—ହାଡ଼ରସା; ମଜ୍ଜା—
Asthikṛut Marrow (M. W.)

ଅସ୍ଥିଚୟନ—ସଂ. ବି. (୬ଷ୍ଠୀ ତତ୍; ଅସ୍ଥି+ଚୟନ)—ପରେ ଗଙ୍ଗାଦି
Asthichayana ତୀର୍ଥରେ ପକାଇବା ପାଇଁ ମୃତବ୍ୟକ୍ତିର ଶବ-
ଦାହ ଭସ୍ମରୁ ସଂଗୃହୀତ ଦଗ୍ଧ ଅସ୍ଥିଖଣ୍ଡ—A bit of charred bone of a person gathered from the ashes of cremation for being consigned in future to some sacred river.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଅ' ନ ମିଳିଲେ 'ବୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସ୍ଥିଚର୍ମସାର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅସ୍ଥି ଓ ଚର୍ମ ମାତ୍ର ସାର
**Asthicharmasāra** ରହିଅଛି ଯାହାର )—
(ଅସ୍ଥିଚର୍ମସାରା—ସ୍ତ୍ରୀ) ରୋଗ ବା ଅନାହାର ଯୋଗୁଁ ଯେଉଁ ବ୍ୟକ୍ତିର ଚମ ଘେରିଥିବା କଙ୍କାଳମାତ୍ର ବାକି ରହିଥାଏ—
(person) Reduced to skeleton covered over with skin.

**ଅସ୍ଥିଚର୍ମାବଶିଷ୍ଟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅସ୍ଥି ଓ ଚର୍ମ ମାତ୍ର
**Asthicharmābaśishṭa** ଅବଶିଷ୍ଟ ଅଛି ଯାହାର )—
(ଅସ୍ଥିଚର୍ମାବଶିଷ୍ଟା—ସ୍ତ୍ରୀ) ଅସ୍ଥିଚର୍ମସାର ( ଦେଖ )
Asthicharmasāra ( See )

**ଅସ୍ଥିଚ୍ଛଳିତ**—ସଂ. ବି—ସୁଶ୍ରୁତୋକ୍ତ କାଣ୍ଡଭଗ୍ନ ନାମକ ହାଡ଼ଭଙ୍ଗିବା—
**Asthichchhaḻita** A kind of fracture of the bone.

**ଅସ୍ଥିଜ**—ସଂ. ବି. ( ଅସ୍ଥି + ଜନ ଧାତୁ + ଅ )—ମଜ୍ଜା; ହାଡ଼ରସା—
**Asthija** Marrow.

**ଅସ୍ଥିତ**—ସଂ. ବିଣ. ( ଅ + ସ୍ଥିତ )—୧ । ଅସ୍ଥିର—1. Restless.
**Asthita** ୨ । ଉପାୟରହିତ—2. Devoid of means.
(ଅସ୍ଥିତା—ସ୍ତ୍ରୀ)
(ଅସ୍ଥିତି—ବି)

**ଅସ୍ଥିତପଞ୍ଚକ**—ସଂ. ବି. ( ଗଣିତପରିଭାଷା )—ଯେଉଁ ଧାରାଦ୍ୱାରା
**Asthitapañchaka** ପାଞ୍ଚଗୋଟି ଦତ୍ତରାଶିରୁ ଗୋଟିଏ ଅଜ୍ଞାତ ରାଶି ବାହାର କରିବାକୁ ହୁଏ; ମିଶ୍ର ତ୍ରୈରାଶିକ ଧାରା—
(Arithmetic) The compound Rule of Three.

**ଅସ୍ଥିତୁଣ୍ଡ**—ସଂ. ବି ( ବହୁବ୍ରୀହି; ଅସ୍ଥିମୟ ତୁଣ୍ଡ ଯାହାର; ଏମାନଙ୍କର
**Asthituṇḍa** ଥଣ୍ଟ ଥିବାରୁ )—୧ । ପକ୍ଷୀ—1. Bird.
୨ । କାଠହଣା ଚଢ଼େଇ—
2. The wood-pecker bird.

**ଅସ୍ଥିତ୍ୱ**—ସଂ. ବି. ( ଅସ୍ଥି + ତ୍ୱ )—ହାଡ଼ ପାଲଟିବା—
**Asthitwa** Ossification.

**ଅସ୍ଥିଦଣ୍ଡ**—ସଂ. ବି—ମେରୁଦଣ୍ଡ—Back-bone
**Asthidaṇḍa**

ବାମ ଚରଣ ମୂଳଦ୍ୱାରେ, ଦକ୍ଷିଣ ଜାନୁର ଉପରେ ।
ଦେଇ ଠେକିବ ଅସ୍ଥିଦଣ୍ଡ, ଭୁଜେ ଅମୃତ ଜାନୁରେ । ଜଗନ୍ନାଥ. ଭାଗବତ ।

**ଅସ୍ଥିଦେବା**—ଦେ. କ୍ରି—ଅସ୍ଥି ପକାଇବା ( ଦେଖ )
**Asthidebā** Asthipakāibā ( See )

**ଅସ୍ଥିପକାଇବା**—ଦେ. କ୍ରି—ମୃତବ୍ୟକ୍ତିର ଅସ୍ଥିକୁ ନେଇ ଗଙ୍ଗାଦି ତୀର୍ଥରେ
**Asthipakāibā** ପକାଇବା—To consign the bone
ଅস্থিফেলা of a dead person to some sacred
अस्थिफेंकना water.

**ଅସ୍ଥିପଞ୍ଜର**—ସଂ. ବି. ( ଅସ୍ଥି + ପଞ୍ଜର, ଯେଉଁ ହାଡ଼ ପଞ୍ଜୁରୀ ପରି ଦିଶୁ-
**Asthipañjara** ଥାଏ )—କଙ୍କାଳ—Skeleton.

**ଅସ୍ଥିବିଜ୍ଞାନ**—ସଂ. ବି. ( ମଧ୍ୟପଦଲୋପୀ; ଅସ୍ଥି + ବିଜ୍ଞାନ )—
**Asthibijñāna** ଯେଉଁ ବିଜ୍ଞାନଦ୍ୱାରା ଅସ୍ଥିମାନଙ୍କ ବିଷୟ ଜଣାଯାଏ
The science treating of bones; osteology.

**ଅସ୍ଥିଭକ୍ଷ**—ସଂ. ବିଣ. ପୁଂ. ( ଅସ୍ଥି + ଭକ୍ଷ ଧାତୁ + କର୍ତ୍ତୃ. ଅ )—
**Asthibhaksha** ଯେ ହାଡ଼ ଖାଏ—Eating bones
(ଅସ୍ଥିଭକ୍ଷା—ସ୍ତ୍ରୀ) ସଂ. ବି—୧ । ହାଡ଼ ଗିଳା ପକ୍ଷୀ—
1. The adjutant crane.
୨ । କୁକୁର—2. Dog.

**ଅସ୍ଥିଭଙ୍ଗ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି + ଭଙ୍ଗ )—
**Asthibhaṅga** ୧ । ହାଡ଼ ଭାଙ୍ଗିଯିବା—
1. Fracture of bone.
୨ । ହାଡ଼ଭଙ୍ଗା ଲତା—2. A creeper Vitis Quadrangularis.

**ଅସ୍ଥିଭେଦ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି + ଭେଦ )—
**Asthibheda** ଆଘାତଦ୍ୱାରା ହାଡ଼ କଟିଯିବା—
Bone-breaking; wounding of a bone; fracture due to a blow.

**ଅସ୍ଥିମୟ**—ସଂ. ବିଣ. ( ଅସ୍ଥି + ମୟ )—
**Asthimaya** ୧ । ଅସ୍ଥିଗଠିତ; ଯାହାର ପ୍ରଧାନ ଉପାଦାନ ଅସ୍ଥି—
(ଅସ୍ଥିମୟୀ—ସ୍ତ୍ରୀ) 1. Consisting of bones.
୨ । ହାଡ଼ୁଆ —2. Bony.

**ଅସ୍ଥିମାଳ**—ଦେ. ବି. ( ସଂ. ଅସ୍ଥିମାଳା )—ଅସ୍ଥିମାଳା ( ଦେଖ )
**Asthimāḻa** Asthimāḻā ( See )

**ଅସ୍ଥିମାଳା**—ସଂ. ବି. (୬ଷ୍ଠୀ ତତ୍; ଅସ୍ଥି + ମାଳା)—୧ । ହାଡ଼ରମାଳ—
**Asthimāḻā** 1. A necklace of bones.
୨ । ହାଡ଼ସମୂହ—2. A collection of bones

**ଅସ୍ଥିମାଳିନୀ**—ସଂ. ବିଣ. ସ୍ତ୍ରୀ. ( ଅସ୍ଥିମାଳିନ୍ + ସ୍ତ୍ରୀ. ଈ )—
**Asthimāḻinī** ଅସ୍ଥିମାଳୀର ସ୍ତ୍ରୀଲିଙ୍ଗ—
Feminine of Asthimāḻī.
ସଂ. ବି. ସ୍ତ୍ରୀ—କାଳୀ; ଚଣ୍ଡୀ—A name of Kāḻī.

**ଅସ୍ଥିମାଳୀ**—ସଂ. ବିଣ. ପୁଂ. ( ଅସ୍ଥିମାଳ + ଇନ୍; ୧ମା. ୧ବ. )—
**Asthimāḻī** ଯେ ହାଡ଼ର ମାଳି ପିନ୍ଧିଅଛି—
(ଅସ୍ଥିମାଳିନୀ—ସ୍ତ୍ରୀ) Wearing a necklace of bones.
ସଂ. ବି. ପୁଂ—ମହାଦେବ—God Śiba.

**ଅସ୍ଥିର**—ସଂ. ବିଣ. ପୁଂ. ( ଅ = ନୁହେ + ସ୍ଥିର = ନିଶ୍ଚିତ )—
**Asthira** ୧ । ଯାହା ସ୍ଥିରୀକୃତ ନୁହେ—
(ଅସ୍ଥିରା—ସ୍ତ୍ରୀ) 1. Unsettled.
(ଅସ୍ଥିରତା—ବି) ୨ । ଅନିଶ୍ଚିତ—2. Not sure.
୩ । ଅଥୟ; ଚଞ୍ଚଳ; ଅଧୀର—
3. Restless; unsteady.
୪ । ଅବ୍ୟବସ୍ଥିତ—4. Changing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଘ,ଷ | ଙ୍କ | ଉପ୍ | ତ୍ଥ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ୍ | ଗିଁ | ଇଅ | ଙ୍ଗ | ହ୍ନ |

୫ । ଚଚଳନ୍ତ—5. Moving.

୬ । ଟଳଟଳିଆ—6. Tottering; unstable.

୭ । ପରିବର୍ତ୍ତନଶୀଳ—7. Changeable.

ଅସ୍ଥିରକ୍ଷଣ—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ରକ୍ଷଣ )—
Asthirakshaṇa ଅସ୍ଥିଚୟନ ( ଦେଖ )
Asthichayana ( See ).

ଅସ୍ଥିରକ୍ଷା—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ରକ୍ଷା )—
Asthirakshā ଅସ୍ଥିଚୟନ ( ଦେଖ )
Asthichayana ( See )

ଅସ୍ଥିରଚେତା—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅସ୍ଥିର+ଚେତସ୍;
Asthiracheta ୧ମା. ୧ବ. )—୧ । ଚଞ୍ଚଳମନ; ଯାହାର ମନ ବେଳକୁବେଳ ବଦଳେ; ଅବ୍ୟବସ୍ଥିତ ଚିତ୍ତ—
1. Fickle-minded; irresolute.
୨ । ବ୍ୟାକୁଳ ଚିତ୍ତ—
2. Restless; mentally agitated.
ସ. ବି—( କର୍ମଧା )—୧ । ପରିବର୍ତ୍ତନଶୀଳ ମନ; ଯେଉଁ ମନର ସ୍ଥିରତା ନାହିଁ; ଅବ୍ୟବସ୍ଥିତ ମନ—
1. Fickle mind.
୨ । ବ୍ୟାକୁଳଚିତ୍ତ—2. Agitated mind.

ଅସ୍ଥିରତା—ସଂ. ବି. ( ଅ=ନାହିଁ+ସ୍ଥିରତା=ସ୍ଥିରଭାବ )—
Asthiratā ୧ । ସ୍ଥିରତାର ଅଭାବ—
1. Want of steadiness.
୨ । ଅନିଶ୍ଚୟତା—
2. Want of certainty.
୩ । ଅଧୀରତା—3. Restlessness.
୪ । ଚଳତା—4. State of moving.
୫ । ଅଧୈର୍ଯ୍ୟ—5. Impatience.
୬ । ଅଶାନ୍ତି—
6. Want of peace or calmness.

ଅସ୍ଥିରତ୍ୱ ସଂ. ବି. ( ଅ=ନାହିଁ+ସ୍ଥିରତ୍ୱ=ସ୍ଥିରଭାବ )—
AsthiratWa ଅସ୍ଥିରତା ( ଦେଖ )
Asthiratā ( See )

ଅସ୍ଥିରଧୀ—ସଂ. ବି. ଓ ବିଣ. ( ଅସ୍ଥିର+ଧୀ=ବୁଦ୍ଧି; ମତି )—
Asthiradhi ଅସ୍ଥିରଚେତା ( ଦେଖ )
Asthiracheta ( See )

ଅସ୍ଥିରବୁଦ୍ଧି—ସଂ. ବି. ଓ ବିଣ. ( ଅସ୍ଥିର+ବୁଦ୍ଧି )—
Asthirabuddhi ଅସ୍ଥିରଚେତା ( ଦେଖ )
Asthiracheta ( See )

ଅସ୍ଥିରମତି—ସଂ. ବି. ଓ ବିଣ. ( ଅସ୍ଥିର+ମତି )—
Asthiramati ଅସ୍ଥିରଚେତା ( ଦେଖ )
Asthiracheta ( See )

ଅସ୍ଥିରମନା—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅସ୍ଥିର+ମନସ୍;
Asthiramanā ୧ମା. ୧ବ. )—ଅସ୍ଥିରଚେତା ( ଦେଖ )
Asthiracheta ( See )

ଅସ୍ଥିଶେଷ—ସଂ. ବିଣ. ପୁଂ. ( ବହୁବ୍ରୀହି; ଅସ୍ଥି+ଶେଷ )—ଯେଉଁ
Asthiśesha ଜୀବର ଅସ୍ଥିମାତ୍ର ଅବଶିଷ୍ଟ ରହିଅଛି—
( ଅସ୍ଥିଶେଷା—ସ୍ତ୍ରୀ ) ( animal or body ) Of which bone is only left

ଅସ୍ଥିଶୃଙ୍ଖଳ—ସଂ. ବି—ହାଡ଼ଭଙ୍ଗା ( ଗଛ ) ( ଦେଖ )
Asthiśruṅkhaḻa Hāṛdabhaṅgā ( tree ) ( See )

ଅସ୍ଥିସଂଗ୍ରହ—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ସଂଗ୍ରହ )—
Asthisaṁgraha ଅସ୍ଥିଚୟନ ( ଦେଖ )
Asthichayana ( See )

ଅସ୍ଥିସଞ୍ଚୟ—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ସଞ୍ଚୟ )—
Asthisaṁchaya ଅସ୍ଥିଚୟନ ( ଦେଖ )
Asthichayana ( See )

ଅସ୍ଥିସଂହାର—ସଂ. ବି—ଅସ୍ଥିଶୃଙ୍ଖଳା ( ଦେଖ )
Asthisaṁhāra Asthiśruṅkhaḻā ( See )

ଅସ୍ଥିସାର—ସଂ. ବିଣ. ପୁଂ. ( ବହୁବ୍ରୀହି; ଅସ୍ଥି+ସାର )—
Asthisāra ଅସ୍ଥିଶେଷ ( ଦେଖ )
( ଅସ୍ଥିସାରା—ସ୍ତ୍ରୀ ) Asthiśesha ( See )

ଅସ୍ଥୈର୍ଯ୍ୟ—ସଂ. ବି. ( ଅ=ନୁହେ+ସ୍ଥୈର୍ଯ୍ୟ+ସ୍ଥିରଭାବ; ଧୀରତା)—
Asthairjya ଅସ୍ଥିରତା ( ଦେଖ )—Asthiratā ( See )

ଅସ୍ନା—ଗ୍ରା. ବି. ଓ ବିଣ—ଅସନା ( ଦେଖ )
Asnā Asanā ( See )

ଅସ୍ନାତ—ସଂ. ବିଣ. ପୁଂ. ( ଅ=ନୁହେ+ସ୍ନାତ=ଧୌତ )—
Asnāta ଅଧୌତ; ଅଗାଧୁଆ; ଅସ୍ନାନଆ; ଯେ ଗାଧୋଇ
( ଅସ୍ନାତା—ସ୍ତ୍ରୀ ) ନାହିଁ—Unwashed; unbathed.

ଅସ୍ନାନ—ସଂ. ବି. ( ଅ+ସ୍ନାନ )—୧ । ସ୍ନାନର ଅଭାବ—
Asnāna 1. Want of bathing.
୨ । ସ୍ନାନ ପ୍ରତି ଅନାଦର—
2. Neglect of washing.

ଅସ୍ନାନଆ—ଦେ. ବିଣ. (ସ. ଅସ୍ନାତ )—ଅସ୍ନାତ ( ଦେଖ )
Asnānia Asnāta ( See )

ଅସ୍ନାହାନିଆ—ଦେ. ବିଣ—ଅସ୍ନାତ ( ଦେଖ )
Asnāhania Asnāta ( See )

ଅସ୍ପରଶ—ଦେ. ବିଣ. ( ସ. ଅସ୍ପୃଶ୍ୟ )—ଅସ୍ପୃଶ୍ୟ; ଅଛୁଆଁ; ଯାହାକୁ
Asparaśa ଛୁଇଁବାର ନୁହେଁ—Untouchable.
ଅସ୍ପର୍ଶ ବାର ବରବ କେତେକେ ଅସ୍ପୃଶ୍ୟ ଅସ୍ପରଶ ହେଲା ମତ ।
अस्पर्श ଭକ୍ତ—ବେଦେଶ୍ୱରବଳାସ ।
(ଅସ୍ପରଶୀ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳନ୍ତି, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସ୍ପରଶୀ**—ଦେ. ବିଣ. ସ୍ତ୍ରୀ ( ସଂ. ଅସ୍ପୃଶ୍ୟା )—ଯେଉଁ ସ୍ତ୍ରୀକୁ ଛୁଇଁ Asparaśi ଯୋଗାଏ ନାହିଁ । ଅସ୍ପୃଶ୍ୟା, ଋତୁମତୀ— ଅସ୍ପୃଶ୍ୟା Menstruated; in her menses

କେମନ୍ତେ କହନ୍ତୀ ଅଛି, ସ୍ୱର୍ଣ୍ଣୀ କି ଅସ୍ପରଶୀ, ମନ୍ଦ ଭାନ୍ତି ତୁମ୍ଭେ ମୋହର । ପାଲ—ଚନ୍ଦ୍ରପଞ୍ଚ ।

[ ଦ୍ର—ଶାସ୍ତ୍ରମତେ ଋତୁମତୀ ସ୍ତ୍ରୀ ପ୍ରଥମ ତିନି ଦିବସ କାହାକୁ ଛୁଅନ୍ତି ନାହିଁ ଓ ତାଙ୍କୁ ଅନ୍ୟ କେହି ଛୁଇଁଲେ ସେ ସ୍ନାନ କରି ଶୁଦ୍ଧ ହୁଏ । ]

**ଅସ୍ପର୍ଶ**—ସଂ. ବି. (ଅ+ସ୍ପର୍ଶ) ସ୍ପର୍ଶର ଅଭାବ—Absence of touch. Asparśa ଗ୍ରା. ବିଣ. ( ଅଶୁଦ୍ଧ )—
୧ । ଅସ୍ପୃଶ୍ୟ—1. Untouchable.
୨ । ଅସ୍ପୃଶ୍ୟା ( ଦେଖ )—2. Aspruśyā ( See )

**ଅସ୍ପର୍ଶନୀୟ**—ସଂ. ବିଣ. ପୁଂ (ଅ+ସ୍ପର୍ଶନୀୟ) ଯାହାକୁ ଛୁଇଁବା ଉଚିତ Asparśaniya ନୁହେଁ; ଛୁଇଁବାର ଅଯୋଗ୍ୟ— (ଅସ୍ପର୍ଶନୀୟା—ସ୍ତ୍ରୀ) Untouchable.

**ଅସ୍ପର୍ଶ୍ୟ**—ସଂ. ବିଣ. ପୁଂ ( ଅ+ସ୍ପର୍ଶ୍ୟ ) ଅସ୍ପର୍ଶନୀୟ ( ଦେଖ ) Asparśya Asparśaniya ( See ) (ଅସ୍ପର୍ଶ୍ୟା—ସ୍ତ୍ରୀ)

**ଅସ୍ପଷ୍ଟ**—ସ., ବିଣ ( ନଞତତ୍; ଅ + ସ୍ପଷ୍ଟ ) ୧ । ଅସ୍ଫୁଟ; ଅବ୍ୟକ୍ତ— Aspashta 1. Obscure; indistinct. (ଅସ୍ପଷ୍ଟତା—ବି)
୨ । ଇନ୍ଦ୍ରିୟମାନଙ୍କଦ୍ୱାରା ସ୍ପଷ୍ଟରୂପେ ଗୋଚର ନ ହେବା— 2. Imperceptible
୩ । ଯାହା ସ୍ପଷ୍ଟରୂପେ ଦେଖାଯାଏ ନାହିଁ—3 Dim.
୪ । ଯାହା ସ୍ପଷ୍ଟରୂପେ ଶୁଣାଯାଏ ନାହିଁ— 4 Not clearly audible.
୫ । ଯାହା ସ୍ପଷ୍ଟରୂପେ ପଢ଼ି ହୁଏ ନାହିଁ—5. Illegible
୬ । ଯାହା ସ୍ପଷ୍ଟରୂପେ ବୁଝାଯାଏ ନାହିଁ— 6. Which can not be well understood.
୭ । ଯାହା ସ୍ପଷ୍ଟରୂପେ ଉଚ୍ଚାରିତ ହୁଏ ନାହିଁ— 7. Indistinctly uttered; inarticulate.

**ଅସ୍ପଷ୍ଟତାଦୋଷ**—ସଂ. ବି.—ବାକ୍ୟ ବା ରଚନାର ଦୋଷବିଶେଷ— Aspashtatādosha A fault in composition.
ଦେ. ବି. ( କଚେରିଆ ଭାଷା ) ଆରଜିରେ ପ୍ରାର୍ଥିତ ପ୍ରତିକାରର ଭାଷା ବୁଝି ନ ହେବା ଦୋଷ—A defect in pleadings; indistinctness of the reliefs prayed for in the plaint.

[ ଦ୍ର—ଯେଉଁ ଆରଜି ବା ଯବାବରେ ଅସ୍ପଷ୍ଟତା ଦୋଷ ଥାଏ ତାହା କୋର୍ଟ ଗ୍ରହଣ ନ କରି ଫେରାଇ ଦିଏ । ]

**ଅସ୍ପଷ୍ଟବାଦୀ**—ସଂ. ବିଣ ( ଅ+ସ୍ପଷ୍ଟବାଦୀ ) ୧ । ଯେ ସ୍ପଷ୍ଟରୂପେ କଥା Aspashtabādi କହେ ନାହିଁ—1 Not speaking (ଅସ୍ପଷ୍ଟବାଦିନୀ—ସ୍ତ୍ରୀ) distinctly.
୨ । ଯେ ସ୍ପଷ୍ଟବାଦୀ ନୁହେ—2. Not plain-spoken.

**ଅସ୍ପୃଶ୍ୟ**—ସଂ. ବିଣ ( ଅ+ସ୍ପୃଶ୍ୟ )—ଅସ୍ପର୍ଶନୀୟ (ଦେଖ) Aspruśya Asparśaniya (See) (ଅସ୍ପୃଶ୍ୟା—ସ୍ତ୍ରୀ)

**ଅସ୍ପୃଶ୍ୟଜାତି**—ସଂ. ଚ.—୧ । ହିନ୍ଦୁସମାଜର ନୀଚତମ ଜାତି ( ଯଥା— Aspruśyajāti ପାଣ, ହାଡ଼ି, ଚମାର; ଯାହାଙ୍କୁ ଉଚ୍ଚବର୍ଣ୍ଣ ଜାତି-ମାନଙ୍କର ଛୁଇଁବା ନିଷିଦ୍ଧ )— 1. Uutouchable caste.
୨ । ଯେଉଁ ଜାତିଧର୍ମାବଲମ୍ବୀ ( ଯଥା ମ୍ଳେଚ୍ଛ, ଯବନ ) ଜାତିଙ୍କୁ ହିନ୍ଦୁମାନେ ଛୁଅନ୍ତି ନାହିଁ— 2. Those whom the Hindus consider polluted.

**ଅସ୍ପୃଷ୍ଟ**—ସଂ. ବିଣ (ଅ=ନୁହେଁ+ସ୍ପୃଷ୍ଟ)—ଯାହାକୁ କେହି ଛୁଇଁ ନାହିଁ— Aspṛushta Untouched. (ଅସ୍ପୃଷ୍ଟା—ସ୍ତ୍ରୀ)

**ଅସ୍ପୃହ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ=ନାହିଁ+ସ୍ପୃହା; ଇଚ୍ଛା ଯାହାର)— Aspṛuha ୧ । ସ୍ପୃହାହୀନ; କୌଣସି ବିଷୟ ପ୍ରତି ଶ୍ରଦ୍ଧାବିହୀନ— (ଅସ୍ପୃହା—ସ୍ତ୍ରୀ) 1. Not keen over a matter.
(ଅସ୍ପୃହା—ବି) ୨ । ନିର୍ମମ; ମମତାଶୂନ୍ୟ—2. Indifferent.

**ଅସ୍ପୃହା**—ସଂ. ବି (ଅ=ନୁହେଁ+ସ୍ପୃହା=ବଳବତ୍ ଇଚ୍ଛା)— Aspṛuhā ୧ । ସ୍ପୃହାଶୂନ୍ୟତା—1. Want of keenness.
୨ । ମମତାର ଅଭାବ—2. Indifference.
୩ । ଘୃଣା—3. Aversion.

**ଅସ୍ଫୁଟ**—ସଂ. ବିଣ (ଅ=ନୁହେଁ+ସ୍ଫୁଟ) (ବାକ୍ୟ ବା ସ୍ୱର)— Asphuta ୧ । ଅବ୍ୟକ୍ତ—1. Indistinct.
(ଅସ୍ଫୁଟତା—ବି) ୨ । ଦନ୍ତୋଷ୍ଠ—2. Inarticulate.

**ଅସ୍ଫୁଟବାକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅସ୍ଫୁଟ+ବାକ୍)— Asphuṭabāk ୧ । ଯେ ଅସ୍ଫୁଟବାକ୍ୟ କହେ; ଅସ୍ପଷ୍ଟଭାଷୀ— 1. Speaking indistinctly.
୨ । ଦନ୍ତୋଷ୍ଠ କଥା କହୁଥିବା—2. Lisping.

**ଅସ୍ୱଚ୍ଛ**—ସଂ. ବିଣ. ପୁଂ (ଅ=ନୁହେଁ+ସ୍ୱଚ୍ଛ=ନିର୍ମଳ)— Aswachchha ୧ । ଅନିର୍ମଳ—1. Not clear.
(ଅସ୍ୱଚ୍ଛତା—ବି) ୨ । ଯାହା ଭିତରଦେଇ ଦେଖା ଯାଏ ନାହିଁ— 2. Not transparent; opaque.
୩ । ଅସରଳ—3. Not frank.
ଦେ. ବିଣ.—ସନ୍ଦିଗ୍ଧଚେତା—Suspicious; doubtful.
ଦେ. ବି.—୧ । ଅନିଚ୍ଛା—1. Unwillingness.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ଦ୍ବ |

୨ । ନାନାଦି ବିଷୟରେ ଦ୍ବିଧା—
2. Hesitation.
୩ । ମାନସିକ ଅସ୍ଥିରତା—
3. Uneasiness of mind.

ଅସ୍ବଚ୍ଛନ୍ଦ—ସଂ. ବିଣ (ଅ=ନୁହେଁ+ସ୍ବଚ୍ଛନ୍ଦ =ଆପଣାର ଇଚ୍ଛାଧୀନ)—
Aswachchhanda ଅନାୟତ୍ତ—
(ଅସ୍ବଚ୍ଛନ୍ଦା—ସ୍ତ୍ରୀ) Not free; subservient.
(ଅସ୍ବଚ୍ଛନ୍ଦତା; ଅସ୍ବାଚ୍ଛନ୍ଦ୍ୟ—ବି)

ଅସ୍ବଚ୍ଛନ୍ଦତା—ସଂ. ବି ( ଅ = ନୁହେଁ+ସ୍ବଚ୍ଛନ୍ଦ = ସ୍ବେଚ୍ଛାଧୀନ + ଭାବ. ତା )—
Aswachchhandatā
୧ । ଅସ୍ବାଚ୍ଛନ୍ଦ୍ୟ—
1. Want of ease or comfort.
୨ । ମାନସିକ ଅଶାନ୍ତି—
2. Absence of mental peace.

ଅସ୍ବତନ୍ତ୍ର— ସଂ. ବିଣ ( ଅ=ନୁହେଁ+ସ୍ବତନ୍ତ୍ର=ସ୍ବାଧୀନ )—
Aswatantra ୧ । ଅସ୍ବାଧୀନ—1. Not free; not independent.
(ଅସ୍ବତନ୍ତ୍ରା—ସ୍ତ୍ରୀ)
ଅସ୍ବତନ୍ତ୍ରତା } ବି. ୨ । ପରାଧୀନ—2. Subservient.
ଅସ୍ବାତନ୍ତ୍ର୍ୟ } ୩ । ଅବିଭକ୍ତ; ଅପୃଥକ୍—
3. Not separate.

ଅସ୍ବନ୍ତ—ସଂ. ବି. ( ବହୁବ୍ରୀହି; ଅ=ନୁହେଁ+ସୁ=ସୁନ୍ଦର+ଅନ୍ତ=ଶେଷ
Aswanta ମୁଣ୍ଡ; ଯାହାର ମୁଣ୍ଡ ବା ମୁହଁ ସୁନ୍ଦର ନୁହେଁ )—
୧ । ଚୂଲ୍ଲୀ—1. Oven; grate.
୨ । ଅମଙ୍ଗଳ; ଅଶୁଭ—2. Adversity; evil.
୩ । ( ୬ଷ୍ଠୀ ତତ୍; ଅସୁ+ଅନ୍ତ=ଶେଷ )—ମରଣ—
3. Death
ସଂ. ବିଣ—୧ । ସୀମାରହିତ—1. Boundless.
୨ । ଅଦମ୍ୟ; ଅତିଦୁରନ୍ତ—2. Uncontrollable.
୩ । କ୍ଷୟରହିତ—3. Inexhaustible.
୪ । ପରିଣାମବିରସ; ଯାହାର ପରିଣାମ ଅସୁଖକର—
4. Of unhappy ending; tragic.

ଅସ୍ବପ୍ନ—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ସ୍ବପ୍ନ=ନିଦ୍ରା )—
Aswapna ନିଦ୍ରାରହିତ—Sleepless.
ସଂ. ବି. ( ବହୁବ୍ରୀହି; ଯାହାଙ୍କର ନିଦ୍ରା ନାହିଁ )—
୧ । ଦେବତା—1. Deity; gods.
୨ । (ନିଦ୍ରାର) ଜାଗରଣ—2. Waking.
୩ । ନିଦ୍ରାରହିତ ଅବସ୍ଥା—3. Wakefulness; want of sleep.
୪ । ଦୁଃସ୍ବପ୍ନ; ମନ୍ଦସ୍ବପ୍ନ—4. Evil dream.

ଅସ୍ବରଶ—ଗ୍ରା. ବିଣ. ପୁଂ. ( ସଂ. ଅସ୍ପୃଶ୍ୟ )—ଅସ୍ପୃଶ୍ୟ—
Aswaraśa Untouchable

ଅସ୍ବରଶୀ—ଗ୍ରା. ବିଣ. ସ୍ତ୍ରୀ. ( ସଂ. ଅସ୍ପୃଶ୍ୟା )—ଋତୁମତୀ—
Aswaraśi Menstruated; in her menses.

ଅସ୍ବରସ—ଗ୍ରା. ବି—୧ । ବିବାଦ—1. Quarrel.
Aswerasa ୨ । ଅମେଳ—2, Disagreement.

ଅସ୍ବର୍ଗ୍ୟ—ସଂ. ବିଣ. ( ଅ+ସ୍ବର୍ଗ+ଯ )—
Aswargya ଯେଉଁ କର୍ମ ଦ୍ବାରା ସ୍ବର୍ଗ ଲାଭ ହୁଏ ନାହିଁ—
( work ) Not leading to heavens; sinful.

ଅସ୍ବାତନ୍ତ୍ର୍ୟ—ସଂ. ବି. ( ଅ+ସ୍ବାତନ୍ତ୍ର୍ୟ )—
Aswātantrya ୧ । ଅସ୍ବାଧୀନତା—1. Want of freedom.
୨ । ପରାଧୀନତା—2. Dependence.
୩ । ବିଶେଷତ୍ବ ନ ଥିବା ଅବସ୍ଥା ବା ଭାବ—
3. Want of individuality or peculiarity.

ଅସ୍ବାଦ—ସଂ. ବି. ( ଅ+ସ୍ବାଦ )—
Aswāda ୧ । ମନ୍ଦ ସ୍ବାଦ—1. Bad taste.
୨ । ଅରୁଚି—2. Distaste.
ସଂ. ବିଣ—ଅସ୍ବାଦୁ ( ଦେଖ )
Aswādu ( See )

ଅସ୍ବାଦୁ—ସଂ. ବିଣ. ( ଅ+ସ୍ବାଦୁ )—
Aswādu ୧ । ଯାହା ପାଟିକୁ ଭଲ ଲାଗେ ନାହିଁ—
(ଅସ୍ବାଦୁତା—ବି) 1. Insipid; disgusting to the taste.
୨ । ସ୍ବାଦହୀନ—2 Tasteless

ଅସ୍ବାଧ୍ୟାୟ—ସଂ. ବି. ( ବହୁବ୍ରୀହି; ଅ+ସ୍ବାଧ୍ୟାୟ )—
Aswādhyāya ଅନଧ୍ୟୟନ କାଳ—The time during which study is prohibited.
ସଂ. ବିଣ. ପୁଂ—ବିଧିପୂର୍ବକ ବେଦାଧ୍ୟୟନ ହୀନ—
Not properly studying the vedas.

ଅସ୍ବାଭାବିକ—ସଂ. ବିଣ. ( ଅ+ସ୍ବାଭାବିକ )—
Aswābhābika ୧ । ଅପ୍ରାକୃତିକ—1. Unnatural.
(ଅସ୍ବାଭାବିକତା—ବି) ୨ । କୃତ୍ରିମ—2. Artificial.
୩ । ବେଜାୟ—3. Inordinate.

ଅସ୍ବାମିକ—ସଂ. ବିଣ. (ବହୁବ୍ରୀହି; ଅ+ସ୍ବାମୀନ୍+କ. ଆଦେଶ )—
Aswāmika ୧ । ଯାହାର କେହି ମାଲିକ ନାହିଁ;
(ଅସ୍ବାମିକା—ସ୍ତ୍ରୀ) ନିଗୋସେଇଁଆ—1. Masterless; having no owner.
୨ । ନାୱାରସ; ଯେଉଁ ସମ୍ପତ୍ତିର କେହି ଦାବିଦାର ନୁହେଁ—
1. Unclaimed.

ଅସ୍ବାମିକା—ସଂ. ବିଣ ସ୍ତ୍ରୀ—୧ । ଅସ୍ବାମିକର ସ୍ତ୍ରୀ ଲିଙ୍ଗ—
Aswāmikā 1. Feminine of Aswāmika.
୨ । ବିଧବା—2. Widowed; (woman) having lost her husband.
୩ । ଅବିବାହିତ—3. Unmarried.

ଅସ୍ବାରଥ—ଗ୍ରା. ବି. ଓ ବିଣ. (ସଂ. ଅସ୍ବାର୍ଥ)—ଅସ୍ବାର୍ଥ (ଦେଖ)
Aswāratha Aswārtha ( See )

ସାଧାରଣ ଲୋକେ ଶବ୍ଦ ଉଚ୍ଚାରଣରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ରୂପ' ନ ମିଳିଲେ 'ରୂପ' ଦେଖିବେ; 'ବଟ' ନ ପାଇଲେ 'ବଟ୍ଟ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସ୍ୱାର୍ଥ**—ସଂ. ବିଣ. ( ବହୁବ୍ରୀହି; ଅ+ସ୍ୱାର୍ଥ )—
Aswārtha ୧ । ସ୍ୱାର୍ଥହୀନ; ନିଃସ୍ୱାର୍ଥ—
1. Disinterested; selfless.
୨ । ଅସ୍ୱାର୍ଥପର—2. Unselfish.
ସଂ. ବି—୧ । ସ୍ୱାର୍ଥହୀନତା—1. Disinterestedness.
୨ । ସ୍ୱାର୍ଥପରତାର ଅଭାବ—2. Selflessness.
ଦେ. ବି—୧ । ଅଲାଭ—1. Want of gain.
୨ । କ୍ଷତି—2. Loss.
ଦେ. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthaka ( See )

**ଅସ୍ୱାର୍ଥକ**—ଦେ. ବିଣ. ( ସଂ ଅସାର୍ଥକ )—ଅସାର୍ଥକ ( ଦେଖ )
Aswārthaka Asārthaka ( See )

**ଅସ୍ୱାର୍ଥପର**—ସଂ. ବିଣ.—୧ । ଯେ ସ୍ୱାର୍ଥପର ନୁହେ; ନିଃସ୍ୱାର୍ଥ—
Aswārthapara 1. Unselfish.
(ଅସ୍ୱାର୍ଥପରା—ସ୍ତ୍ରୀ) ୨ । ଯାହାର କୌଣସି ବିଷୟରେ ସ୍ୱାର୍ଥ ନାହିଁ—
(ଅସ୍ୱାର୍ଥପରତା—ବି) 2 Disinterested

**ଅସ୍ୱାର୍ଥୀ**—ଦେ. ବି.—ଅସ୍ୱାର୍ଥପର ( ଦେଖ )
Aswārthi Aswārthapara ( See )

**ଅସ୍ୱାର୍ଥୁକ**—ଦେ. ବିଣ (ସଂ. ଅସାର୍ଥକ)—ଅସାର୍ଥକ (ଦେଖ)
Aswārthuka Asārthaka (See)

**ଅସ୍ୱାର୍ଥୁକି**—ଦେ. ବିଣ—ଅସାର୍ଥକ (ଦେଖ)
Aswārthuki Asārthaka (See)

**ଅସ୍ୱାସ୍ଥ୍ୟ**—ସଂ. ବି. (ଅ=ନୁହେ+ସ୍ୱାସ୍ଥ୍ୟ=ସୁସ୍ଥଭାବ)—
Aswāsthya ୧ । ଅସୁସ୍ଥତା—1. Indisposition.
୨ । ପୀଡ଼ା; ରୋଗ—2 Sickness.
୩ । ସ୍ୱାସ୍ଥ୍ୟର ଅଭାବ—3. Ill health.

**ଅସ୍ୱାସ୍ଥ୍ୟକର**—ସ. ବିଣ (ଅ=ନୁହେ+ସ୍ୱାସ୍ଥ୍ୟକର=ସ୍ୱାସ୍ଥ୍ୟଜନକ)—
Aswāsthyakara ୧ । ଅସ୍ୱାସ୍ଥ୍ୟଜନକ—1. Unhealthy.
(ଅସ୍ୱାସ୍ଥ୍ୟକରତା—ବି) ୨ । ରୋଗଜନକ—2 Causing disease.

**ଅସ୍ୱୀକାର**—ସ. ବି (ଅ=ନୁହେ+ସ୍ୱୀକାର=ସମ୍ମତି)—
Aswikāra ୧ । ନାରାଜ; ଅସମ୍ମତି—1. Non-admission; denial
(ଅସ୍ୱୀକୃତ—ବିଣ)
୨ । ଅମତପ୍ରକାଶ—2. Dissent.
୩ । ଇନ୍‌କାର—3. Disavowal.
୪ । ନାମଞ୍ଜୁର—4. Refusal; rejection.

**ଅସ୍ୱୀକୃତ**—ସଂ. ବିଣ. ପୁଂ (ଅ=ନୁହେ+ସ୍ୱୀକୃତ=ସମ୍ମତ)—
Aswikṛuta ୧ । ଅନନୁମୋଦିତ—1. Not approved.
(ଅସ୍ୱୀକୃତା—ସ୍ତ୍ରୀ) ୨ । ଅସମ୍ମତ; ଅମତ (ବ୍ୟକ୍ତି)—
2. Not consenting.
୩ । ଯେ ଅସ୍ୱୀକାର କରେ (ବ୍ୟକ୍ତି)—2. Dissenting.
୪ । ନାରାଜ—4. Disagreeing.

**ଅସ୍ମଦ୍**—ସଂ. ସର୍ବନାମ. ମୂଳ ଶବ୍ଦ ( ଅସ୍ ଧାତୁ=ହେବା+କର୍ତ୍ତୃ. ମଦ୍;
Asmad ହେବାରେ ମାନୀ ଜୀବ—ମୁଁ; ଏ ଶବ୍ଦରୁ ଅହଂ ( ଅମ୍ଭେ ), ବୟଂ (ଅମ୍ଭେମାନେ) ପଦ ହୁଏ । ଓଡ଼ିଆରେ ଏ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ, କିନ୍ତୁ ଅନ୍ୟ ଶବ୍ଦ ପୂର୍ବରେ ଯୁକ୍ତ ହୋଇଥିବା ସଂସ୍କୃତ ଶବ୍ଦମାନ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା—ଅସ୍ମଦୀୟ; ଅସ୍ମଦାଦି)—
ମୁଁ ଓ ଅମ୍ଭେ ଶବ୍ଦର ମୂଳସଂସ୍କୃତଶବ୍ଦ—
The Sanskrit base word denoting 'I'.

**ଅସ୍ମଦାଦି**—ସଂ. ସର୍ବନାମ (ଅସ୍ମଦ୍=ମୁଁ+ଆଦି=ଇତ୍ୟାଦି; ମୁଁ ଓ ମୋହ
Asmadādi ପର ଅନ୍ୟମାନେ—ପଣ୍ଡିତିଆ ଶବ୍ଦ)—
୧ । ମୋ ଭଳି ବ୍ୟକ୍ତି—1. People like me.
୨ । ମୁଁ ଏବଂ ଅନ୍ୟମାନେ—2. I and others.
୩ । ଅମ୍ଭେମାନେ—3. We.
(ଯଥା—ଅସ୍ମଦାଦି ସେ ସ୍ଥାନକୁ ଗମନ କରି ଦେବତାଙ୍କ ଦର୍ଶନ ଲାଭ କଲୁଁ । )

**ଅସ୍ମଦୀୟ**—ସଂ. ବିଣ. ପୁଂ (ଅସ୍ମଦ୍=ମୁଁ+ଇଦମର୍ଥେ; ଈୟ)—
Asmadiya ୧ । ଆମ୍ଭସମ୍ବନ୍ଧୀୟ—1. Relating to me.
(ଅସ୍ମଦୀୟା—ସ୍ତ୍ରୀ) ୨ । ଆମ୍ଭମାନଙ୍କସମ୍ବନ୍ଧୀୟ—
2 Relating to us.
୩ । ଯାହା ଆମ୍ଭର—3 Belonging to me.
୪ । ଯାହା ଆମ୍ଭମାନଙ୍କର—4 Belonging to us.
୫ । ଆମ୍ଭର—5. My; mine.
୬ । ଆମ୍ଭମାନଙ୍କର—6. Our; ours

**ଅସ୍ମାନ୍**—ବୈଦେ. ବି (ଅ. ଅସ୍‌ମାନ)—ଅଶ୍‌ମାନ (ଦେଖ)
Asmān Aśmān (See)

**ଅସ୍ମାନ୍‌ଗୋଲା**—ଦେ. ବି (ଅ. ଅସ୍‌ମାନ୍+ସଂ. ଗୋଲକ)—
Asmāngolā ଅକାଶମଲ୍ଲୀ ୨ (ଦେଖ)
অস্মানগোলা Ākāśamalli. 2 (See)
आस्मानगोला

**ଅସ୍ମାନି**—ବୈଦେ. ବିଣ.—ଅଶ୍‌ମାନି (ଦେଖ)
Asmāni Aśmāni (See)

**ଅସ୍ମାନିଆଁ**—ବୈଦେ. ବିଣ.—ଅଶ୍‌ମାନିଆଁ (ଦେଖ)
Asmāniān̄ Aśmāniān̄ (See)

**ଅସ୍ମାର୍ତ୍ତ**—ସଂ. ବିଣ. ( ଅସ୍ମାର୍ତ୍ତ=ସ୍ମୃତି ସମ୍ବନ୍ଧୀୟ )—୧ । ସ୍ମୃତିବହିର୍ଭୂତ;
Asmārtta ସ୍ମରଣାତୀତ—1. Immemorial.
୨ । ସ୍ମୃତିଶାସ୍ତ୍ର ବା ବ୍ୟବସ୍ଥା ଶାସ୍ତ୍ର ବହିର୍ଭୂତ—2. Illegal.
୩ । ଯେଉଁ ବ୍ୟକ୍ତି ସ୍ମାର୍ତ୍ତ ବ୍ରାହ୍ମଣ ନୁହେ—
3. Not belonging to the Smārtta sect of Brāhmaṇas.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଝ |
| ୨ | ଈ | ଊ | ରୁ | ଳ୍ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

**ଅସ୍ମିତା**—ସଂ. ବି. ( ସଂ. ଅସ୍ମି=ମୁଁ ଅଛି+ଭାବ. ତା )—
Asmitā ୧ । ଅହଙ୍କାର; ଅହଂଜ୍ଞାନ—
1. Self-conecit; egotism.
୨ । 'ମୁଁ ଅଛି' ଏହି ଜ୍ଞାନର—2. Self-consciousness.
ଅସ୍ମିତା ବସ୍ତୁଯେ ହେଲ ନିମଗନ । ରଘୁନାଥ ଚଉଦା ।
୩ । ( ବେଦାନ୍ତ ଦର୍ଶନ ) ମୋହ, ଓ 'ସୋଽହଂ' ମଧ୍ୟରେ ପ୍ରଭେଦ ଜ୍ଞାନର ଅଭାବ—3. ( Bedānta philosophy ) Want of discrimination between the Ego and Non-ego.

**ଅସ୍ମୃତି**—ଗ୍ରା. ବିଣ. ( ସଂ. ଅ+ସ୍ମୃତି )—ସ୍ମୃତି ବା ଧର୍ମଶାସ୍ତ୍ର ବହିର୍ଭୂତ;
Asmruti ଅଶାସ୍ତ୍ରୀୟ—Not prescribed by scriptures or the codes of law.

**ଅସ୍ମେର**—ସଂ. ବି. ( ଅ=ନୁହେ+ସ୍ମେର=ଲଜ୍ଜିତ )—ଅଲଜ୍ଜିତ—
Asmera Unashamed

**ଅସ୍ର**—ସଂ. ବି. ( ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ର; ଯାହା ଶରୀର
Asra ଯାକ ବ୍ୟାପି ଅଛି—ଅନ୍ୟରୂପ ଅଶ୍ର )—୧ । ଅସ୍ର (ଦେଖ)
1. Asra ( See )
୨ । କେଶ—2 Hair.

**ଅସ୍ରଖଦିର**—ସଂ. ବି. ( ଅସ୍ର=ରକ୍ତର ବର୍ଣ୍ଣ ପରି ବର୍ଣ୍ଣବିଶିଷ୍ଟ )—
Asrakhadira ପାକଡ଼ା ଖଇର; ବଡ଼ ଖଇର—
Brown or red catechu.

**ଅସ୍ରପ**—ସଂ. ବି. ( ଅସ୍ର=ରକ୍ତ+ପା ଧାତୁ=ପିଇବା+କର୍ତ୍ତୃ. ଅ )—
Asrapa ୧ । ଯେ ରକ୍ତ ପିଏ; ରାକ୍ଷସ—
(ଅସ୍ରପା—ସ୍ତ୍ରୀ) 1. Blood-sucking; demon.
୨ । ଜୋକ—2. Leech.
[ ଦ୍ର—ଏହାର ଅନ୍ୟରୂପ ଅଶ୍ରପ । ]

**ଅସ୍ରପତ୍ରକ**—ସଂ. ବି. ( ବହୁବ୍ରୀହି, ଅସ୍ର ବା ରକ୍ତପରି ପତ୍ର ଯାହାର )—
Asrapatraka ବୃକ୍ଷବିଶେଷ—
A tree; Rubia Corditolia.

**ଅସ୍ରଫଳା**—ସଂ. ବି. ( ବହୁବ୍ରୀହି; ଅସ୍ର=ରକ୍ତବର୍ଣ୍ଣ ଫଳ ଯାହାର,
Asraphalā ଏହାର କୋଳ ନାଲି ) ସଲ୍ଲକୀ ବୃକ୍ଷ; ଶାଳଗଛ—
A tree; Boswellia Thurifera.

**ଅସ୍ରମାତୃକା**— ( ୬ଷ୍ଠୀ ତତ୍; ଅସ୍ର+ମାତୃକା ( ଏଥିରୁ ରକ୍ତ ହୁଏ
Asramātrukā ବୋଲି )—ଶରୀରସ୍ଥ ରସ; ଧାତୁ—
Chyle; chyne.

**ଅସ୍ରରୋଧିନୀ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ର+ରୋଧିନୀ )—
Asrarodhinī ଲାଜକୋଳି ଲତା—A thormy creeper; Memosa Pudica.
[ ଦ୍ର—ଏହାର ପତ୍ର ବାଟିକରି ଦେଲେ କ୍ଷତାଦିର ରକ୍ତସ୍ରାବ ବନ୍ଦ ହୁଏ । ]

**ଅସ୍ରା**—ଗ୍ରା. ବି. ( ସଂ. ଆସାର )—ଅସରା ( ଦେଖ )
Asrā Asarā ( See )

**ଅସ୍ରାଜିକ**—ସଂ. ବି.—ଧଳା ତୁଳସୀ ଗୁଳ୍ମ—The brown leaved
Asrājika Holy Basil plant.

**ଅସ୍ରୁ**—ସଂ. ବି. ( ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ରୁ; ଏହାର
Asru ଅନ୍ୟରୂପ ଅଶ୍ରୁ )—ଲୋତକ—Tear.

**ଅହ**—ସଂ. ଅ—୧ । ଅହା; ଆଃ—
Aha 1. ( Interjection ) aha; ah.
[ ଦ୍ର—ଏହା ସମ୍ବୋଧନ, ଆନନ୍ଦ, ଦୁଃଖ, କ୍ଲାନ୍ତି ଓ ବିସ୍ମୟ ଜ୍ଞାପନାର୍ଥ ବ୍ୟବହୃତ ହୁଏ । ]
୨ । ଅହହ ( ଦେଖ )—Ahaha ( See )
ସଂ. ବି ( ଅହନ୍ )—ଦିବସ—Day.
[ ଦ୍ର—ସମାସରେ ଅହନ୍ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ମିଶି ଏହି ଆକାର ଧାରଣ କରେ । ଯଥା—ଦଶାହ, ପୁଣ୍ୟାହ, ସପ୍ତାହ । ]
ଦେ. ଅ. (ଅବଜ୍ଞାର୍ଥକ; ଏଠାରେ ହ ର ଉଚ୍ଚାରଣ ଦୀର୍ଘସ୍ଥାୟୀ )—
୧ । ନାଁ; ନାହିଁ; ହୁଁହୁଁ; ଏଁହେଁ—
1. ( interjiction ) No.
୨ । କେବେହେଁ ନୁହେ—2 Never; not at all.

**ଅହଂ**—ଦେ. ବି. ( ସଂ. ଅହଂ=ମୁଁ; ଆମ୍ଭେ )—
Ahaṁ ୧ । ଅହଂଭାବ; ଆତ୍ମାଭିମାନ—
1. Egotism; self-conceit.
୨ । ଅହଂଗୁଣ—2. Self-sufficiency.
୩ । ଅହମିକା, ଅହଂକାର; ଗର୍ବ—
3. Pride; vanity; haughtiness.

**ଅହଂପରାୟଣ**—ସଂ. ବିଣ. ପୁଂ. ( ଅହଂ+ପରାୟଣ )—ଆତ୍ମନିର୍ଭର-
Ahaṁparāyaṇa ଶୀଳ—Self-confident.
( ଅହଂପରାୟଣା—ସ୍ତ୍ରୀ ) ବ୍ରହ୍ମଚର୍ଯ୍ୟେ ରହିଣ ଅହଂପରାୟଣ
(ଅହଂପରାୟଣତା—ବି) ହୋଇଣ ମୋହଠାରେ ସମର୍ପିବ ମନ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅହଂପୂର୍ବ**—ସଂ. ବି. ( ବହୁବ୍ରୀହି; ଅହଂ+ପୂର୍ବ; ମୁଁ ଆଗ, ଏହିପରି
Ahaṁpūrba ଭାବ )—
୧ । ମୁଁ ଆଗେ ଯିବି; ମୁଁ ଆଗେ କଥା କହିବି—ଏହିପରି ଭାବ—
1. Self-advertisement.
୨ । ଆଗତଲ୍ଲା ଭାବ; ଆଗବୋଲା ଭାବ—
2. Forwardness; pertness.
୩ । ବାଲୁଙ୍ଗି—3. Self-aggrandisement.
୪ । ଗର୍ବ ପ୍ରକାଶ—4. Vanity.

**ଅହଂବୁଦ୍ଧି**—ସଂ. ବି. ( ମଧ୍ୟପଦଲୋପୀ; ଅହଂ+ବୁଦ୍ଧି; ଅହଂ, ଏହି
Ahaṁbuddhi ଭାବମୟୀ ବୁଦ୍ଧି )—
ଅହଙ୍କାର ( ଦେଖ )
Ahaṅkāra ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅହଂଭାବ**—ସଂ. ବି. ( ମଧ୍ୟପଦଲୋପୀ; ଅହଂ + ଭାବ )—
Ahambhāba — ଅହଙ୍କାର ( ଦେଖ ) Ahankāra ( See )

ଦେ. ବି—ଅହଂଗୁଣ ( ଦେଖ ) Ahamguṇa ( See )

**ଅହଂୟୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ଅହଂ = ମୁଁ + ଅଛି ଅର୍ଥରେ. ୟୁ;
Ahamju — ଯାହାର 'ମୁଁ' 'ମୁଁ' ବୋଲି ଅହଂକାର ଅଛି )—

୧ । ଅହଙ୍କାରୀ—1. Proud.

୨ । ଆତ୍ମଗର୍ବୀ—2. Self-important.

ସଂ. ବି—ଯୋଦ୍ଧା—A warrior.

**ଅହଃ**—ସଂ. ଅ—ଅହହ ( ଦେଖ )
Ahaḥ — Ahaha ( See )

ଦେ. ଅ. ( ଅବଜ୍ଞା ଓ ଅସମ୍ମତି ସୂଚକ ଅବ୍ୟୟ )—
ନାଁ; କଦାପି ନୁହେ—Interjection—no; not at all.

**ଅହଃପତି**—ସଂ. ବି. ( ୬ଷ୍ଠୀ ତତ୍; ଅହନ୍ + ପତି )—ଅହର୍ପତି; ସୂର୍ଯ୍ୟ—
Ahaḥpati — The sun.

**ଅହଙ୍କାର**—ସଂ. ବି. ( ଅହଂ = ମୁଁ + କୃ ଧାତୁ = କରିବା + କର୍ତ୍ତୃ. ଅ;
Ahankāra — 'ମୁଁ'; 'ମୁଁ'; ମୋ'ଠାରୁ ବଳି କେହି ନାହିଁ, ଏହିପରି କରିବା ବା କହିବାର ଭାବ )—

୧ । ଗର୍ବ; ଅହମିକା—1. Vanity; pride.

୨ । ଆତ୍ମାଭିମାନ—2. Self-sufficience; egotism.

୩ । ଅବିଦ୍ୟା; ଅଜ୍ଞାନ—
3. Spiritual ignorance; folly.

୪ । ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ସମ୍ବନ୍ଧରେ ଧାରଣା—
4. Self-consciousness; consciousness of one's individual and separate existence apart from the whole world.

[ ଦ୍ର—ସାଂଖ୍ୟ ଦର୍ଶନ ଅନୁସାରେ ବୁଦ୍ଧିରୁ ଅହଙ୍କାର ଜାତ ହୁଏ । ]

**ଅହଙ୍କାରୀ**—ସଂ. ବିଣ. ପୁଂ. ( ଅହଙ୍କାର = ଗର୍ବ + ଅଛି ଅର୍ଥରେ; ଇନ୍.
Ahankāri — ୧ମା. ୧ବ. )—ଗର୍ବୀ—Proud; vain.
(ଅହଙ୍କାରିଣୀ—ସ୍ତ୍ରୀ) — ଦେ. ବିଣ.—ହାମ୍‌ବଡ଼ା—
Self-sufficient; arrogant.

**ଅହଙ୍କୃତ**—ସଂ. ବିଣ. ( ଅହଂ = ମୁଁ + କୃ ଧାତୁ = କରିବା + କର୍ତ୍ତୃ. ତ;
Ahankṛuta — ଯେ ମୁଁ; ମୁଁ କରୁଥାଏ )—

୧ । ଗର୍ବିତ; ଅହଙ୍କାରଯୁକ୍ତ—1. Proud; conceited.

୨ । ହାମ୍‌ବଡ଼ା—2. Self-conceited.

**ଅହଙ୍କୃତି**—ସଂ. ବି. (ଅହଂ = ମୁଁ + କୃ ଧାତୁ = କରିବା + ଭାବ. ତି)—
Ahankṛuti — ୧ । ମୁଁ; ମୁଁ କରିବାର କାର୍ଯ୍ୟ—
1. Pride; vanity.

୨ । ହାମ୍‌ବଡ଼ା ପଣିଆଁ—2 Self-sufficience

**ଅହଗୁଣ**—ଦେ. ବି.—୧ । ଅବଗୁଣ; ଅଭିମାନ—
Ahanguṇa — 1. The habit of taking offence in insignificant matters.
অবুঝ
बेबुझ — ୨ । ଅବୁଝପଣ—2. Misunderstanding.

୩ । ଜିଗରଦସ୍ତି—3. Obstinacy.

**ଅହଗୁଣିଆଁ**—ଦେ. ବି. ପୁଂ. ଓ ସ୍ତ୍ରୀ. ( ଗାଳି )—
Ahanguṇiān — ୧ । ବେଜାୟ ଅଭିମାନୀ; ଅବଗୁଣିଆ—
(ଅହଗୁଣୀ—ସ୍ତ୍ରୀ) — 1. Prone to take offence at little things.
অবুঝ
अबोध — ୨ । ଅବୁଝା—2 Prone to misunderstand.

୩ । ଜିଗରିଆ——3. Obstinate

**ଅହଣ୍ଡି**—ଗ୍ରା. ବି. ଓ ବିଣ.—ଅଇଣ୍ଡିଆ (ଦେଖ)
Ahanḍi — Ainḍiā (See)

**ଅହଣ୍ଡିଆ**—ଗ୍ରା. ବି. ଓ ବିଣ—ଅଇଣ୍ଡିଆ (ଦେଖ)
Ahanḍiā — Ainḍiā (See)

**ଅହତ**—ସଂ. ବିଣ. ( ଅ = ନୁହେ + ହତ )—୧ । ଅକ୍ଷତ; ଅନାହତ—
Ahata — 1. Unhurt.
(ଅହତା—ସ୍ତ୍ରୀ) — ୨ । ଦଶିକଟା ହୋଇ ନ ଥିବା ନୂଆ ( ଲୁଗା )—
2 New (cloth)

ଅହତ ବସ୍ତ୍ର ଯୁଗ ପିନ୍ଧି, ଶୋଭନ ଗନ୍ଧେ ନାନାବିଧି । ଜଗନ୍ନାଥ. ଭାଗବତ. ୮ମ ।

ସଂ. ବି. (ଯାହା ଧୂତ ହୋଇ ନାହିଁ ବା ଚିରି ଯାଇ ନାହିଁ—
ନୂଆଲୁଗା—New cloth.

**ଅହନିଶ**—ଗ୍ରା. କ୍ରି. ବିଣ.—(ସଂ. ଅହର୍ନିଶ)—ଅହନିଶି (ଦେଖ)
Ahanisa — Ahanisi (See)

**ଅହନିଶି**—ଗ୍ରା. କ୍ରି. ବିଣ. (ସଂ. ଅହର୍ନିଶ)—ରାତିଦିନ; ଅହର୍ନିଶ; ଦିନ ଓ ରାତି; ସର୍ବଦା—Day and night;
Ahanisi — always; constantly.

ରାମ ସଙ୍ଗେ ଅହନିଶି ସମର କରିବ ବସି
କଣ ବୋଲେ ଗଲେ ତୁ ଜାଣିବୁ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଅହନ୍ତା**—ଦେ. ବି.—୧ । ଶତ୍ରୁତା—1. Enmity.
Ahantā

କପି ରଖିବ କାମ ଅହନ୍ତା—ଦୀନକୃଷ୍ଣ. ରସକଲ୍ଲୋଳ ।

୨ । ପୂର୍ବକୃତ ଅନିଷ୍ଟ ଯୋଗୁଁ ଆକ୍ରୋଶ; ଅଦଭୁତ—
Spite; grudge.

ସକଳ ରାକ୍ଷସ ରାଜ; ଅନ୍ତର ଅହନ୍ତା ବ୍ୟାଜ । ମଧୁସୂଦନ. ଭକ୍ତିଗାଥା ।

୩ । ପ୍ରତିହିଂସା—3. Revenge.

ଅହନ୍ତାରେ ଦହନ କରେ ଯେ ପରବାସ ।
ସାରଳାମହାଭାରତ. ଶଲ୍ୟ ।

୪ । କ୍ରୋଧ—4. Anger.

ଶାନ୍ତୁଠାରୁ ଏବେ ଛାଡ଼ ଏହି ଅହନ୍ତା । କୃଷ୍ଣସିଂହ. ମହାଭାରତ. ବନ ।

୫ । ଅନିଷ୍ଟ କାମନା—5. Malice.

| ୧ | ଇ | ଋ | ର୍,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ୟ | ଇଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ରୁ | ଲୁ | ଙ୍ଗ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

**ଅହନ୍ତା କରିବା**—ଦେ. କ୍ରି.—ପୂର୍ବକୃତ ଅନିଷ୍ଟଯୋଗୁଁ ଅନିଷ୍ଟକାରୀ
Ahantā karibā ଉପରେ ମନରେ ଅଦଉଡ଼ ରଖିବା—
আক্রোশকরা To have a grudge against a person.
লাগরাখনা

**ଅହନ୍ତା ନେବା**—ଦେ. କ୍ରି—୧ । ଅହନ୍ତା କରିବା ( ଦେଖ )
Ahantā nebā 1. Ahantā karibā ( See )
আক্রোশ মিটান ୨ । ଅଦଉଡ଼ ସାଧିବା—
আক্রোশ সাধা 2. To be avenged.
বদলালেনা

**ଅହନ୍ତା ରଖିବା**—ଦେ. କ୍ରି—ପ୍ରତିହିଂସା ନେବାପାଇଁ ସଂକଳ୍ପ କରିବା—
Ahantā rakhibā To have a grudge against a person.

**ଅହନ୍ତା ସାଧିବା**—ଦେ. କ୍ରି—ଅହନ୍ତା ନେବା ( ଦେଖ )
Ahantā sādhibā Ahantā nebā ( See )

**ଅହନ୍ତିଆ**—ଗ୍ରା. ବିଣ—୧ । ପୂର୍ବକୃତ ଦୋଷ ପାଇଁ ପ୍ରତିହିଂସାପରାୟଣ
Ahantiā ହୋଇ ପରେ ଦାଉ ସାଧିବା ( ବ୍ୟକ୍ତି )—
আক্রোশী 1. Revengeful; spiteful; malicious.
ডাহী ୨ । ପ୍ରତିହିଂସାପୂର୍ଣ୍ଣ ( ବିଷୟ )—
(ଅହନ୍ତେଇ—ସ୍ତ୍ରୀ) 2. Malicious ( matter )
୩ । ଅହନ୍ତାରୁ ଉତ୍ପନ୍ନ ( ବିଷୟ )—
3. Arising from vengeance or spite.

**ଅହନ୍ତିକା**—ଗ୍ରା. ବିଣ. ପୁଂ—ଅହନ୍ତିଆ ( ଦେଖ )
Ahantikā Ahantiā ( See )
(ଅହନ୍ତିକୀ—ସ୍ତ୍ରୀ)

**ଅହବ୍ୟ**—ସଂ. ବିଣ. (ଅ=ନୁହେ+ହବ୍ୟ=ହୋମ କରିବାର ଯୋଗ୍ୟ)—
Ahabya ଅଯାଜ୍ୟ; ଯାଗର ଅଯୋଗ୍ୟ—Not fit or proper for a vedic sacrifice.

**ଅହମକ୍**—ବୈଦେ. ବିଣ. ( ଆ. ଅହ୍‌ମକ୍. ଭୁଲ—ସଂ. ଅହମିକ )—
Ahamak ୧ । ଓଲୁ; ବେଲୁବ୍—1. Stupid.
ଆ. ଅହମ୍ମକ୍ ୨ । ନିର୍ବୋଧ—2. Foolish.
আহাম্মক

**ଅହମକୀ**—ବୈଦେ. ବି. ( ଆ. ଅହ୍‌ମକୀ. ଭୁଲ—ସଂ. ଅହମିକା;
Ahamakī ଅହମ୍ମତି )—ବେଲୁବ; ବେଲୁବ୍‌ପଣିଆ; ନିର୍ବୁଦ୍ଧିପଣ—
Stupidity; folly.

**ଅହମହମିକା**—ସଂ. ବି. ସ୍ତ୍ରୀ. ( ଅହଂ=ମୁଁ+ଇକ+ସ୍ତ୍ରୀ. ଆ; ଜଣେ
Ahamahamikā କହୁଛି 'ମୁଁ ବଡ଼', ଆଉ ଜଣେ କହୁଛି 'ମୁଁ ବଡ଼' ଏହିପରି ଭାବ )—
୧ । ପରସ୍ପର ମଧ୍ୟରେ ବଡ଼େଇ କରିବା; ମୁହଁବାଲିଙ୍ଗି; ପରସ୍ପର ଗର୍ବ ବା ଅହଙ୍କାର କରିବା—
1. Vaunting; bragging; amongst many people.
୨ । ନିଜର ବଡ଼ପଣ ଦେଖାଇ ହେବା—
2. Self-aggrandisement.

**ଅହମିକ**—ସଂ. ବିଣ. ପୁଂ. (ଅହଂ=ମୁଁ+ଇକ; ମୁଁ; ମୁଁ ବୋଲି କହିବା
Ahamika ଲୋକ)—ଗର୍ବୀ; ଆପଣା ବଡ଼େଇ କରିବା ଲୋକ—
(ଅହମିକା—ସ୍ତ୍ରୀ) Bragging; vaunting; boastful; self-important.

**ଅହମିକା**—ସଂ. ବିଣ. ସ୍ତ୍ରୀ. (ଅହମିକ+ସ୍ତ୍ରୀ. ଆ)—ଅହମିକର ସ୍ତ୍ରୀଲିଙ୍ଗ—
Ahamikā Feminine of Ahamika.
ସଂ. ବି. ( ଅହଂ=ମୁଁ+କ+ସ୍ତ୍ରୀ. ଆ )—
୧ । ଅହଙ୍କାର ( ଦେଖ )
1. Ahankāra ( See )
୨ । ମୁହଁବାଲିଙ୍ଗି କରିବା—
2. Boasting; bragging.

**ଅହମୁକ୍**—ଗ୍ରା. ବିଣ—ଅହମକ୍ ( ଦେଖ )
Ahamuk Ahamak ( See )

**ଅହମୁକୀ**—ଗ୍ରା. ବି—ଅହମକୀ ( ଦେଖ )
Ahamukī Ahamaki ( See )

**ଅହମ୍ମକ୍**—ବୈଦେ. ବିଣ—ଅହମକ୍ ( ଦେଖ )
Ahammak Ahamak ( See )

**ଅହମ୍ମକୀ**—ବୈଦେ. ବିଣ—ଅହମକୀ ( ଦେଖ )
Ahammakī Ahamaki ( See )

**ଅହମ୍ମତି**—ସଂ. ବି. ( ଅହଂ+ମତି )—ଅହମ୍ବୁଦ୍ଧି ( ଦେଖ )
Ahammati Ahambuddhi ( See )

**ଅହମ୍ମଦାବାଦ**—ଦେ. ବି. (ନାମ) ବମ୍ବେଇ ପ୍ରଦେଶରେ ପଶ୍ଚିମ ଭାରତର
Ahammadābāda ନଗରବିଶେଷ—Ahammedabad.
[ ଦ୍ର—ଏହି ନଗର ସାବରମତୀ ନଦୀକୂଳରେ ଅବସ୍ଥିତ । ପୂର୍ବକାଳରେ ଦମୟନ୍ତୀଙ୍କର ପିତା ବିଦର୍ଭରାଜ ଭୀମସେନଙ୍କର ଏହା ରାଜଧାନୀ ଥିଲା । ତତ୍ପରେ ଏହା ବନାକୀର୍ଣ୍ଣ ହୋଇ ଅନାର୍ଯ୍ୟଜାତି-ମାନଙ୍କର ବାସଭୂମି ହୋଇଥିଲା । ୧୦୭୨ ଖ୍ରୀଷ୍ଟାବ୍ଦରେ ଅନହଲ୍ ବାଡ଼ାର ରାଜା ଏହାର ଶାସନକର୍ତ୍ତାଙ୍କୁ ପରାସ୍ତ ଓ ନିହତ କରି ଏଠାରେ କର୍ଣ୍ଣାବତୀ ନଗରୀ ସ୍ଥାପନ କରିଥିଲେ । ଅନହଲ୍‌ବାଡ଼ା ରାଜ୍ୟ ମୁସଲମାନମାନଙ୍କର ହସ୍ତଗତ ହେଲାପରେ ୧୪୧୨ ଖ୍ରୀଷ୍ଟାବ୍ଦରେ ଗୁଜରାଟର ମୁସଲମାନଶାସନକର୍ତ୍ତା ସୁଲତାନ ଅହମ୍ମଦ ଅନହଲ୍ ବାଡ଼ାରୁ ଏଠାକୁ ରାଜଧାନୀ ଉଠାଇ ଆଣିଥିଲେ । ସୁଲତାନ୍ ଅହମ୍ମଦଙ୍କ ନାମାନୁସାରେ କର୍ଣ୍ଣାବତୀ ନାମ ପରିବର୍ତ୍ତିତ ହେବ ଅହମ୍ମଦାବାଦ ନାମ ହୋଇଅଛି । ଏହା ବର୍ତ୍ତମାନ ଇଂରେଜମାନଙ୍କର ଶାସନାଧୀନରେ ରହିଅଛି । ମଦନମୋହନ. ତୀର୍ଥଦର୍ଶନ ।
ଏଠାରେ ମହାତ୍ମା ଗାନ୍ଧିଙ୍କର 'ଉଦ୍ୟୋଗ ଆଶ୍ରମ' ନାମକ ବିଶ୍ୱବିଶ୍ରୁତ-ସାଧନାଶ୍ରମ ଅଛି । ]

**ଅହମ୍ମୁକ୍**—ଦେ. ବିଣ—ଅହମକ୍ ( ଦେଖ )
Ahammuk Ahamak ( See )

ସାଧାରଣ ଲେକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅହରହ**—ଦେ. କ୍ରି. ବିଣ. ( ସଂ. ଅହରହଃ )—ଅହରହଃ ( ଦେଖ )
Aharaha Aharahaḥ ( See )

**ଅହରହଃ**—ସଂ. କ୍ରି. ବିଣ. ( ଦ୍ୱନ୍ଦ୍ୱ; ଅହନ୍=ଦିନ+ଅହନ୍=ଦିନ; ଅହଃ ସ୍ଥାନରେ. ଅହ )—୧ । ପ୍ରତିଦିନ—
Aharahaḥ 1. Every day; daily.
୨ । ସର୍ବଦା—2. Constantly.

**ଅହରା**—ପ୍ରାଦେ. ( ସମ୍ବଲପୁର ) ବି—ଶିଶୁରୋଗବିଶେଷ; ଡିହୁଲା-ରୋଗ—A child-disease.
Aharā
[ ଦ୍ର—ଏ ରୋଗରେ ଶିଶୁମାନେ ଆଖି ଖୋସିଦେଇ ମୂର୍ଚ୍ଛା ଯାଆନ୍ତି । ମାଆମାନେ ହାତର ଶଙ୍ଖା ବାଡ଼େଇ ଭାଙ୍ଗି ତହିଁରେ ଶିଶୁମାନଙ୍କର କପାଳ ଚିରି, ସେଥିରୁ ରକ୍ତ ନେଇ ଶିଶୁର ଜିଭରେ ଲଗାନ୍ତି ।]

**ଅହରାବାଜିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ପିଲାକୁ ଅହରାରୋଗ ଆକ୍ରମଣ କରିବା—Being attacked with the infantile fit.
Aharābājibā

**ଅହର୍ଗଣ**—ସଂ. ବି. ( ଅହନ୍+ଗଣ )—( ଜ୍ୟୋତିଷ ) ମାସର ଗତ ଦିବସମାନଙ୍କର ସଂଖ୍ୟା—The number of the days of the month which have already passed.
Ahargaṇa

**ଅହର୍ନିଶ**—ସଂ. କ୍ରି. ବିଣ—( ଦ୍ୱନ୍ଦ୍ୱ; ଅହନ୍=ଦିନ+ନିଶା=ରାତ୍ରି )—
Aharniśa ଅହର୍ନିଶି ( ଦେଖ ) Ahaniśi ( See )

**ଅହର୍ନିଶି**—ଦେ. କ୍ରି. ବିଣ—ଅହର୍ନିଶି ( ଦେଖ )
Aharniśi Ahaniśi ( See )

**ଅହର୍ପତି**—ସଂ. ବି. ( ୬ଷ୍ଠୀତତ୍; ଅହନ୍+ପତି )—ସୂର୍ଯ୍ୟ—
Aharpati The sun.

**ଅହର୍ମୁଖ**—ସଂ.ବି. (୬ଷ୍ଠୀ ତତ୍; ଅହନ୍+ମୁଖ; ଦିବସର ପ୍ରଥମ ସମୟ)—
Aharmukha ୧ । ପ୍ରତ୍ୟୂଷ; ବଡ଼ଭୋର—1. Early morning.
୨ । ସକାଳ—2. Dawn; morn.

**ଅହଲ୍ୟ**—ସଂ. ବିଣ ( ଅ+ହଲ୍ୟ=ହଲଦ୍ୱାରା କୃଷ୍ଟ )—
Ahalya ୧ । ହଳଦ୍ୱାରା ଚଷ ହୋଇ ନ ଥିବା ( ଭୂମି )—
1. Uncultivated (land).
୨ । ପଡ଼ିଆ ( ଜମି )—2. Waste ( land ).

**ଅହଲ୍ୟା**—ସଂ. ବି. ସ୍ତ୍ରୀ—୧ । ( ଅ+ହଲ=ବୈରୂପ୍ୟ+ଯ+ଅ; ଯାହା ଦେହରେ କିଛିମାତ୍ର ବୈରୂପ୍ୟ ନାହିଁ । ରାମାୟଣର ଉତ୍ତର କାଣ୍ଡରେ ପ୍ରଦତ୍ତ ପ୍ରକୃତ ପ୍ରତ୍ୟୟ )—
Ahalyā ଗୌତମପତ୍ନୀ—1. The wife of sage Gautama
[ ଦ୍ର—ପୁରାଣ ମତରେ ଯେଉଁ ପଞ୍ଚକନ୍ୟା (ଅହଲ୍ୟା, ଦ୍ରୌପଦୀ, ତାରା, ଶଚୀ, ମନ୍ଦୋଦରୀ )ଙ୍କ ନାମ ସ୍ମରଣ କରିବାର ଉପଦେଶ ଅଛି, ଏ ସେମାନଙ୍କ ମଧ୍ୟରୁ ଜଣେ । ଏ ପଞ୍ଚକନ୍ୟା ସମସ୍ତେ ଏକାଧିକ ପୁରୁଷଙ୍କର ଭୋଗ୍ୟା ହୋଇଥିଲେ । ଅହଲ୍ୟାଙ୍କୁ ଛଳକ୍ରମେ ଇନ୍ଦ୍ର ଭୋଗ କରିବାରୁ, ଗୌତମଙ୍କ ଅଭିଶାପରେ ଗୌତମଶାପବଶରୁ ଅହଲ୍ୟା ନିର୍ଜୀବ ହୋଇ ପଡ଼ି ରହିଥିଲେ । ଅଭିଶାପ ଦେବା ପରେ ସ୍ୱାମୀ ଅହଲ୍ୟାଙ୍କର ନିର୍ଦ୍ଦୋଷତା ଜାଣି ପାରି, ଅହଲ୍ୟାଙ୍କୁ କହିଥିଲେ "ତ୍ରେତାଯୁଗରେ ରାମ ଏ ବାଟରେ ଗଲାବେଳେ ତୋ ନିର୍ଜୀବ ମୂର୍ତ୍ତିରେ ତାଙ୍କ ପାଦ ଲାଗିଗଲେ, ତୁ ପୁଣି ନିଜ ରୂପ ଫେରି ପାଇ, ମୋ ସଙ୍ଗରେ ମିଳିତ ହେବୁ ।" ତଦନୁସାରେ ରାମ ବିଶ୍ୱାମିତ୍ର ଆଶ୍ରମକୁ ଯାଗରକ୍ଷା କରିବାକୁ ଯିବା ସମୟରେ ଗୌତମଆଶ୍ରମବାଟେ ଗଲାବେଳେ ଏ ପାଷାଣ ରୂପ ଉପରେ ତାଙ୍କ ପାଦ ଲାଗିବାରୁ ଅହଲ୍ୟା ନିଜ ରୂପ ପାଇ ରାମଙ୍କୁ ଅଭିବାଦନ କରି, ସ୍ୱାମୀଙ୍କ ସଙ୍ଗେ ମିଳିତ ହେଲେ । ]
୨ । ସଂ ( ନାମ ) ଜଣେ ଅପ୍ସରା; ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀ—2. A heavenly nymph; the wife of the great king Indradyumna.
୩ । ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
3. A name given to females.

**ଅହଲ୍ୟାବାଇ**—ଦେ. ବି. ( ନାମ )—ମାଳବର ସ୍ୱନାମଧନ୍ୟା ରାଣୀ—
Ahalyābāi A celebrated queen of Malwa.
[ ଦ୍ର—ଏ ମାଳବରାଜ ମଲ୍ହର୍ ରାଓଙ୍କର ପୁତ୍ରବଧୂ । ମଲ୍ହର ରାଓଙ୍କର ଜୀବଦ୍ଦଶାରେ ତାଙ୍କର ପୁତ୍ରଙ୍କର ମୃତ୍ୟୁ ହେବାରୁ ଏବଂ ପରେ ୧୭୬୫ ଖ୍ରୀଷ୍ଟାବ୍ଦରେ ମଲ୍ହର୍ ରାଓ ନିଜେ ମରିଯିବାରୁ ବିଧବା ଅହଲ୍ୟାବାଇ ନିଜେ ସିଂହାସନାରୋହଣ କରି, ପ୍ରକାଶ୍ୟରେ ରାଜକାର୍ଯ୍ୟ ଚଳାଇବାକୁ ଲାଗିଲେ । ଏ ବିଶେଷ ବିଦୂଷୀ, ଧର୍ମପ୍ରାଣା ଓ ରାଜନୀତିବିଶାରଦା ଥାଇ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ । ଏ ବହୁ ଦେବାଳୟ, ରାଜପଥ ଓ ଧର୍ମଶାଳା ବସାଇଥିଲେ । ଗୟାରେ ବିଷ୍ଣୁପଦ ମନ୍ଦିର ଏବଂ କାଶୀରେ ବିଶ୍ୱନାଥମନ୍ଦିର ଏହାଙ୍କର କୀର୍ତ୍ତି । ଏହାଙ୍କ ରାଜକାର୍ଯ୍ୟ ପରିଚାଳନା ଦେଖି ବହୁଲାଟ ଆଦି ସାହେବମାନେ ମୁଗ୍ଧ ହୋଇଥିଲେ । ୩୦ବର୍ଷ ଶୃଙ୍ଖଳାର ସହିତ ରାଜକାର୍ଯ୍ୟ ଚଳାଇ ରାଣୀ ଅହଲ୍ୟାବାଇ ୧୭୯୫ ଖ୍ରୀଷ୍ଟାବ୍ଦରେ ଲୋକାନ୍ତର ପ୍ରାପ୍ତ ହେଲେ । ]

**ଅହସ୍କର**—ସଂ. ବି (ଅହନ୍=ଦିବସ+କୃ ଧାତୁ+ଅ; ଯେ ଦିବସ କରନ୍ତି ବା ଯାହାଙ୍କ ଯୋଗୁଁ ଦିବସ ହୁଏ)—
Ahaskara ଦିନକର; ସୂର୍ଯ୍ୟ—The sun.

**ଅହହ**—ସଂ. (ଅହ, ଅହଂ ଶବ୍ଦ+ହା ଧାତୁ+କର୍ତ୍ତୃ. ଅ; ଆନନ୍ଦ, ସମ୍ବୋଧନ, ବିସ୍ମୟ, କଷ୍ଟ ଓ କ୍ଲାନ୍ତିସୂଚକ)—
Ahaha ଆଃ, ଅହା, ଅହେ, ଅହୋ—
Interjection—Ah, Aha, Oh !

**ଅହହା**—ସଂ. ଅ (ଅହହ+ଆ)—ଅହହ (ଦେଖ)
Ahahā Ahaha (See)

**ଅହାର୍ଯ୍ୟ**—ସଂ. ବିଣ (ଅ=ନାହିଁ+ହାର୍ଯ୍ୟ)—
Ahārjya ୧ । ଯାହା ସ୍ଥାନାନ୍ତରିତ ହୋଇ ନ ପାରେ—
(ଅହାର୍ଯ୍ୟତା—ବି) 1. Not removable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଏ | ଉଅ | ଓ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଔ | ନୃ |

୨ । ଯାହାକୁ କେହି ଉଠାଇ ନେଇ ନ ପାରେ—
2. That which can not be carried away.

ସଂ. ବି.—ପର୍ବତ—Mountain.

**ଅହି**—ସଂ. ବି (ଅ+ହନ୍ ଧାତୁ=ବଧ କରିବା+କର୍ତ୍ତୃ. ଇ)—
**Ahi** ୧ । ସର୍ପ; ସାପ—1. Serpent.
୨ । ବୃତ୍ରାସୁର—2. The demon named Bṛutrāsura.
୩ । (ଅହ=ବ୍ୟାପିବା+ଇ)—ସୂର୍ଯ୍ୟ—3. The sun.
୪ । ପଥିକ—4. Traveller.
୫ । ରାହୁ—5. Demon imagined by the Hindu-śāstras as the author of the eclipse.
୬ । ( ଜ୍ୟୋତିଷ ) ଅଶ୍ଳେଷା ନକ୍ଷତ୍ର—
6. The seventh of the 27 constellations.
[ ଦ୍ର—ଏହା ଶାନପୁଛ ବା ସର୍ପାକୃତି ବା କନସୀକଣ୍ଠା ପରି ଦେଖାଯାଏ । ]

**ଅହିଅ**—ଦେ. ବିଣ. ସ୍ତ୍ରୀ (ସଂ. ଅଭିବାଦ୍ୟ=ସଧବା ଯୋଗ୍ୟ ବନ୍ଦନୀୟା—
**Ahia** ପ୍ରା. ଅହିବାଦ୍ ବା ସଂ. ଅଭିବନ୍ଦ୍ୟା=ପ୍ରଶଂସନୀୟା; ପ୍ରା—
ଏୟୋ ଅହିବଦ୍ )—
अहिबातिन अहिबाती ସଧବା ସ୍ତ୍ରୀ—A woman having her husband living or alive; ;the wife of a living husband.

**ଅହିଅ କଉଡ଼ି**—ଦେ.ବି—ସଧବା ସ୍ତ୍ରୀର ଶବ ଶ୍ମଶାନକୁ ନିଆହେଲାବେଳେ
**Ahia kauṟḏi** ଶବ ଅଗେ ଅଗେ ସ୍ୱାମୀ ଯେଉଁ ଖଇମିଶା କଉଡ଼ି ବୁଣେ—
Small kauṟḏis strewn by the living husband before the funeral procession which carries his wife's corpse to the cremation ground.

**ଅହିଅ କାଚ**—ଦେ. ବି.—୧ । ହିନ୍ଦୁମାନଙ୍କ ମଧ୍ୟରେ ସଧବାର ଚିହ୍ନ;
**Ahia kācha** ହାତରେ ଥିବା ଶଙ୍ଖା, କାଚ ବା ଖଡ଼ୁ—
1. The sign (eg, bracelet, bangle of glass or coanch-shell) worn by females on the hand to indicate that the husband is alive.
୨ । ସଧବାପଣ; ସୌଭାଗ୍ୟ—2. Wifehood.

**ଅହିଅ ଖଇ**—ଦେ. ବି—ସଧବା ସ୍ତ୍ରୀର ଶବ ଶ୍ମଶାନକୁ ନିଆହେଲାବେଳେ
**Ahiakhai** ଶବ ଅଗରେ ସ୍ୱାମୀ ଯେଉଁ କଉଡ଼ିମିଶା ଖଇ ବୁଣେ—
Fried-rice strewn by the living husband before the funeral procession which carries his wife's corpse to the cremation ground.

**ଅହିଅ ଖଡ଼ୁ**—ଦେ.ବି.—ହିନ୍ଦୁମାନଙ୍କ ମଧ୍ୟରେ ସଧବାର ଚିହ୍ନ—ହାତରେ
**Ahia khaṟḏu** ପିନ୍ଧିବା ଖଡ଼ୁ—
Bracelet worn on hand of females to indicate their wifehood.

**ଅହିଅ ଟମକ**—ଦେ. ବି. (ଅହିଅ+ଟମକ)—ଅହିଅ ନାଗରା (ଦେଖ)
**Ahia ṭamaka** Ahia nāgarā (See)

**ଅହିଅ ଡେଙ୍ଗୁରା**—ଦେ.ବି.(ଅହିଅ+ଡେଙ୍ଗୁରା)—ଅହିଅ ନାଗରା (ଦେଖ)
**Ahia ḏeṅgurā** Ahia nāgarā (See)

**ଅହିଅ ନରକ**—ଦେ. ବି. (ସଂ. ଅହି ଓ ନରକ; ଯହିଁରେ ବିଷଧର ସର୍ପମାନେ ପାପୀକୁ ଦଣ୍ଡ ଦିଅନ୍ତି )—୧ । ନରକ-
**Ahia naraka** ବିଶେଷ—A part of the hell of the Hindus (infested by snakes)
୨ । ଅସତୀ ଅହ୍ୟ ସ୍ତ୍ରୀମାନଙ୍କନିମନ୍ତେ ନିରୂପିତ ନରକ—
2. A part of the hell for the unchaste wives whose husbands are alive.

**ଅହିଅ ନାଗରା**—ଦେ. ବି. ( ଅହିଅ+ନାଗରା, ଢୋଲ ବା ଡାମା )—
**Ahia nāgarā** (ସଧବା ସ୍ତ୍ରୀ ମରି ଗଲେ ତାହାର ଶବକୁ ସହାସ୍ଥଳରୁ ଶ୍ମଶାନକୁ ନେଲାବେଳେ ସଙ୍ଗେ ସଙ୍ଗେ ଶ୍ମଶାନଯାଏ ଗୋଟିଏ ନାଗରା ବାଜିବାର ବିଧି ଅଛି । ) ମୃତ ସଧବା ସ୍ତ୍ରୀର ଶବ ସଙ୍ଗେ ଶ୍ମଶାନଯାଏ ବଜାଯିବା ନାଗରା ବା ଢୋଲ—Kettle-shaped drum sounded on the death of a wife ( whose husband is living ) when her dead body is carried to the cremation ground.
(ଯଥା—ଏତିକି ଦେଲୁ, ଦେବଦୁନ୍ଦୁଭି ଅହିଅ ନାଗରା ବାଜିଲାଣି)

**ଅହିଅ ବାଇଦ**—ଦେ. ବି.—ଅହିଅ ନାଗରା (ଦେଖ)
**Ahia bāida** Ahia nāgarā (See)

**ଅହିଅମଣ୍ଡଳ**—ଦେ. ବି.—୧ । ଅହ୍ୟ ସ୍ତ୍ରୀମାନେ ମଲା ପରେ ବୈକୁଣ୍ଠର
**Ahiamaṇḏāḻa** ଯେଉଁ ସ୍ଥଳ ବା ଲୋକକୁ ଯାଆନ୍ତି—
ଏୟୋମଣ୍ଡଳି 1. The part of B<u>ai</u>kuṇṭha or heaven which wives (whose husbands survive them) attend on death.
୨ । ମଙ୍ଗଳକାର୍ଯ୍ୟରେ ସଧବା ସ୍ତ୍ରୀମାନଙ୍କଦ୍ୱାରା କଟା ହୋଇ ଥିବା ଚିତା ବା ମୁରୁଜର ମଣ୍ଡଳ ବା ପଦ୍ମାକାର ଚକ୍ର—
2. The circular figures in rice-dust or rice-water drawn by wives on auspicious ceremonial occasions (eg. for putting offerings there on )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

**ଅହିଅମଣ୍ଡଳା**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamaṇḍalā — Ahiamaṇḍala (See)

**ଅହିଅମଣ୍ଡଳି**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamaṇḍali — Ahiamaṇḍala (See)

**ଅହିଅମଣ୍ଡଳିରେ ଯିବା**—ଦେ. କ୍ରି.—ସଧବା ହୋଇ ମରିବା—
Ahiamaṇḍalire jibā — To die with one's husband still living.
ଏୟୋମণ্ডଲে যাওয়া
[ଦ୍ର—ହିନ୍ଦୁ ସ୍ତ୍ରୀପକ୍ଷରେ ଏପରି ମରିବା ଅତି ସୌଭାଗ୍ୟର ଚିହ୍ନ; ଏହାଦ୍ୱାରା ଅହିଅମଣ୍ଡଳ ପ୍ରାପ୍ତି ହୁଏ । ]

**ଅହିଅମୁଣ୍ଡଳା**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamuṇḍalā — Ahiamaṇḍala (See)

**ଅହିଅମୁଣ୍ଡଳି**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamuṇḍali — Ahiamaṇḍala (See)

**ଅହିଅ ଶଙ୍ଖା**—ଦେ. ବି.—ହିନ୍ଦୁମାନଙ୍କ ମଧ୍ୟରେ ସଧବା ଚିହ୍ନସ୍ୱରୂପ ହାତର ଶଙ୍ଖା—
Ahia śaṅkhā — The sign worn by females on the hand (bracelet) indicating that the husband is alive.

**ଅହିଅ ସିନ୍ଦୂର**—ଦେ. ବି—ହିନ୍ଦୁମାନଙ୍କ ମଧ୍ୟରେ ସଧବା ଚିହ୍ନସ୍ୱରୂପ କପାଳରେ ଦିଆଯିବା ସିନ୍ଦୂର—
Ahiasindura — The sign worn by females amongst the Hindus on the forehead ( a tip of vermillion ) indicating that the husband is living.
এয়ো সিংদূর
( ଯଥା—ତୋ'ର ଅହିଅ ସିନ୍ଦୂର ନ ଲିଭୁ । )
[ ଦ୍ର—ହିନ୍ଦୁ ସ୍ତ୍ରୀର ଏହା ସର୍ବ ପ୍ରଧାନ ପ୍ରାର୍ଥନୀୟ ବିଷୟ । ]

**ଅହିଅହିତ**—ସଂ. ବି. ( ଅହି—ସୂର୍ଯ୍ୟ+ଅହିତ=ଶତ୍ରୁ )—ଇନ୍ଦ୍ର—
Ahiahita — The God Indra.
ବନ୍ଧ୍ୟତ ବେଶ ବନ୍ଧରେ ନାଭି, ସୁମାଳୀ ମାଳୀ ଯେ ମଲ୍ଲବନ୍ଧ
ସ୍ୱର୍ଗ ଲୁଣ୍ଠନେ ଅହିଅହିତ ଧ୍ୟାନକର । ଭକ୍ତ. ବୈଦେହୀଶବିଳାସ ।

**ଅହିଆ**—ଦେ. ବି—ସାମୟିକ ରନ୍ଧନ ( ଭୋଜି, ବିଦେଶ ବାସ ସମୟରେ ) ନିମନ୍ତେ କରାଯିବା ଅସ୍ଥାୟୀ ଲମ୍ବ ଚୁଲ୍ଲୀ ( ଏଥିରେ ଏକ ସମୟରେ ଏକାଧିକ ହାଣ୍ଡି ବସାଯାଇ ପାରେ )—
Ahiā — Improvised oven dug on the ground for temporary cooking.
চুলী

**ଅହିଂସକ**—ସଂ. ବିଣ. ( ଅ=ନୁହେଁ+ହିଂସ ଧାତୁ=ଅନିଷ୍ଟ କରିବା+ଅକ, ଯେ ହିଂସା କରେ ନାହିଁ )—
Ahiṁsaka
୧ । ଯେ ଅନିଷ୍ଟକାରକ ନୁହେଁ—
1. Not injurious; not hurtful.
କର୍ମରେ ମନରେ ଯେ ପ୍ରାଣିଦ୍ରୋହ କଥା
ଛାଡ଼ନ୍ତି ଅହିଂସ୍ରକ ସେହି ମହାରଥୀ । କୃଷ୍ଣସିଂ. ମହାଭାରତ. ଶାନ୍ତି ।
୨ । ଜିତେନ୍ଦ୍ରିୟ—2. Self-controlled.

**ଅହିଂସା**—ସଂ. ବି. ( ଅ=ନୁହେଁ+ହିଂସା+ଦ୍ୱେଷ )—
Ahiṁsā
୧ । ପ୍ରାଣିବଧ ପ୍ରତି ଅନିଚ୍ଛା—
1. Aversion to slaughter.
୨ । କାୟ, ମନ ଓ ବାକ୍ୟରେ ପରର ଅନିଷ୍ଟ କରିବା ବିଷୟରେ ଅନିଚ୍ଛା—2. Inoffensiveness.

**ଅହିଂସ୍ୟ**—ସଂ. ବିଣ. ( ଅ=ନୁହେଁ+ହିଂସ୍ୟ=ହିଂସା ବା ଅନିଷ୍ଟର ଯୋଗ୍ୟ )—
Ahiṁsya
୧ । ଅବଧ୍ୟ; ବଧର ଅଯୋଗ୍ୟ; ଯାହାକୁ ବଧ କରିବା ଉଚିତ ନୁହେଁ—1. Not fit or deserving to be killed.
୨ । ଯାହାର ଅନିଷ୍ଟ କରିବା ଉଚିତ ନୁହେଁ—
2. Not deserving to be injured.

**ଅହିଂସ୍ର**—ସଂ. ବିଣ. ( ଅ=ନୁହେଁ+ହିଂସ୍ର=ହିଂସାସ୍ୱଭାବଯୁକ୍ତ )—
Ahiṁsra
୧ । ଯେ ହିଂସାସ୍ୱଭାବର ନୁହେଁ—
1. Not hurtful by nature or habit.
୨ । ଯେ ଅନିଷ୍ଟକାରୀ ନୁହେଁ—
2. Not injurious by nature or habit

**ଅହିଂସ୍ରକ**—ସଂ. ବିଣ. ( ଅହିଂସ୍ର+କ )—ଅହିଂସ୍ର ( ଦେଖ )
Ahiṁsraka — Ahiṁsra ( See )

**ଅହିଜିତ୍**—ସଂ. ବି. (ଅହି=ସର୍ପ+ଜି ଧାତୁ=ଜୟ କରିବା+କ୍ୱିପ୍; ଯେ ସର୍ପକୁ ଜୟ କରେ ବା ସର୍ପ ସଙ୍ଗେ ଶତ୍ରୁତା କରେ )—
Ahijit
୧ । ବିଷ୍ଣୁ—1. Bishṇu.
୨ । ଇନ୍ଦ୍ର—2. Indra.
୩ । ଗରୁଡ଼—3. Garurḍa.
୪ । ମୟୂର—4. Peacock.
୫ । ନେଉଳ—5. Mongoose

**ଅହିତ**—ସଂ. ବି. ( ଅ=ନୁହେଁ+ହିତ=ମଙ୍ଗଳ; ଯାହାଠାରୁ ମଙ୍ଗଳ ଘଟେ ନାହିଁ ବା ଆଶା କରାଯାଏ ନାହିଁ )—
Ahita
୧ । ଶତ୍ରୁ—1. Enemy; adversary.
୨ । ଅନିଷ୍ଟ;ଅମଙ୍ଗଳ—2. Injury;disadvantage.
ସଂ. ବିଣ—୧ । ଅମଙ୍ଗଳକର—1. Injurious;harmful.
୨ । ଅଶୁଭକର—2. Not beneficial or favourable.

**ଅହିତକର**—ସଂ. ବିଣ. ପୁଂ. ( ଅହିତ+କୃ ଧାତୁ+ଅ )—
Ahitakara — ଯାହା ହିତକର ନୁହେଁ—Not beneficial; not favourable.
(ଅହିତକରୀ—ସ୍ତ୍ରୀ)

**ଅହିତ ବିଚାରିବା**—ଦେ. କ୍ରି—ଅହିତ ମଣିବା ( ଦେଖ )
Ahita bichāribā — Ahita maṇibā ( See )

**ଅହିତ ମଣିବା**—ଦେ କ୍ରି—ଓଲଟା ବୁଝିବା; ଖରାପ ବିଚାରିବା—
Ahita maṇibā — To misunderstand; to take (a thing) in a wrong light.
অহিত ভাবা

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଷ୍ପ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ତ୍ନ |

**ଅହିତୁଣ୍ଡିକ**—ସଂ. ବି. ( ଅହି=ସର୍ପ+ତୁଣ୍ଡ=ମୁହଁ+ଇକ; ଯେ ସାପର ମୁହଁକୁ ଧରେ )—
Ahitundika
ସାପୁଆକେଳା—Snake-charmer.

**ଅହିଦ୍ୱିଟ୍**—ସଂ. ବି. ( ଅହି=ସର୍ପ+ଦ୍ୱିଷ୍ ଧାତୁ=ଶତ୍ରୁତା କରିବା+କ୍ୱିପ୍=ଅହିଦ୍ୱିଷ୍ ୧ମା. ୧ବ. )—
Ahidwit
ଅହିଜିତ୍ ( ଦେଖ )
Ahijit ( See )

**ଅହିନକୁଳତା**—ସଂ. ବି. ( ଅହି=ସର୍ପ+ନକୁଳ=ନେଉଳ+ଭାବ. ତା )—
Ahinakulatā
ସାପ ନେଉଳଙ୍କ ମଧ୍ୟରେ ଥିବା ଚିରସ୍ଥାୟୀ ବିରୋଧଭାବ—Mortal enmity; perpitual enmity ( like that subsisting between the serpents and the mongoose )

**ଅହିନକୁଳଭାବ**—ସଂ. ବି—ଅହିନକୁଳତା ( ଦେଖ )
Ahinakulabhāba — Ahinakulatā (See)

**ଅହିନକୁଳସମ୍ବନ୍ଧ**—ସଂ. ବି—ଅହିନକୁଳତା ( ଦେଖ )
Ahinakulasambandha — Ahinakulatā (See)

**ଅହିନରକ**—ଦେ. ବି.—ଅହିଅନରକ ( ଦେଖ )
Ahinaraka — Ahianaraka ( See )

**ଅହିନାଗରା**—ଦେ. ବି—ଅହିଅନାଗରା ( ଦେଖ )
Ahināgarā — Ahianāgarā ( See )

**ଅହିଫେଣ**—ଦେ. ବି—ଅହିଫେନ ( ଦେଖ )
Ahiphena — Ahiphena ( See )

**ଅହିଫେନ**—ସଂ. ବି. ( ଅହି=ସର୍ପ+ଫେନ=ଫେଣ. ଗରଳ )—
Ahiphena ୧ । ( ଯାହା ସର୍ପଗରଳ ପରି ତୀବ୍ର ) ଅଫିମ—1. Opium.
୨ । ସାପଗରଳ—2. The snake-venom
[ ଦ୍ର—ଏହା ଔଷଧ ଓ ମାରକ ଦ୍ରବ୍ୟରୂପେ ବ୍ୟବହୃତ ହୁଏ । ]
୩ । ସାପର ଫଣା—3. The hood of a snake.

**ଅହିବଳିତା**—ଦେ. ବି—ଅହିବ୍ୟ ମାଇପେ ବଳିଥିବା ବଳିତା ( ଏହା ମଙ୍ଗଳ କାର୍ଯ୍ୟରେ ଲାଗେ )—The wicks prepared or woven by wives to be lighted on auspicious occasions.
Ahibalitā

**ଅହିବ୍ରତ**—ଗ୍ରା. ବି. ଓ ବିଣ. ( ସଂ. ଅୟୁତ )—ଅୟୁତ—
Ahibrata — The number 10,000.

**ଅହିଭୟ**—ସଂ. ବି. ( ଅହି=ସର୍ପ+ଭୟ )—୧ । ସର୍ପଭୟ—
Ahibhaya 1. Dread of serpents; fear of a snake.
୨ । ସର୍ପଦଂଶନ ଭୟ—
2. Dread of serpent- bite.
୩ । ସ୍ୱପକ୍ଷୀୟ ବ୍ୟକ୍ତି ଦ୍ରୋହ ବା ଅନିଷ୍ଟ କରିବାର ଭୟ ( ପ୍ରକାଶ୍ୟରେ ମିତ୍ରତା ଓ ଗୋପନରେ ଶତ୍ରୁତା କରିବା ବ୍ୟକ୍ତି ସମ୍ବନ୍ଧରେ ଡର )—
3. Fear of treachery in one's own camp or party.

**ଅହିଭୁକ୍**—ସଂ. ବି. ( ଅହି=ସର୍ପ+ଭୁଜ ଧାତୁ=ଖାଇବା+କ୍ୱିପ୍; ଯେ ସାପକୁ ଖାଏ )—୧ । ନେଉଳ—
Ahibhuk
1. Mongoose.
୨ । ମୟୂର— . Peacock.
୩ । ଗରୁଡ଼—3. The Garurda; the ever constant servant of Bishnu.
[ ଦ୍ର—ପୁରାଣ ଅନୁସାରେ ନାଗବଂଶର ବିନାଶକ । ]

**ଅହିଭୁଜ**—ସଂ. ବି—ଅହିଭୁକ୍ ( ଦେଖ )
Ahibhuja — Ahibhuk ( See )

**ଅହିମକର**—ସଂ. ବି. ୧ । ( ଅ=ନୁହେ+ହିମ=ଶୀତଳ+କର=କିରଣ; ଯାହାର କିରଣ ଶୀତଳ ନୁହେ=ହିମ୍ବା ଅ=ବିପରୀତ+ହିମକର=ଚନ୍ଦ୍ର; ଚନ୍ଦ୍ରଙ୍କର ବିପରୀତ)—
Ahimakara
ଅହିମକର ତାପ ନାଶେ ଶୋଭିସାରସ ଚକ୍ଷେ—ଭଞ୍ଜ, ଲାବଣ୍ୟବତୀ ।
ସୂର୍ଯ୍ୟ—1. The sun.
୨ । ( ଦ୍ୱନ୍ଦ୍ୱ; ସର୍ପ ଓ ମଗର ) ସର୍ପ ଓ ମଗର—
2. Serpent; shark.
ଅହିମ କର ତାପ ନାଶେ ଶୋଭିସାରସ ଚକ୍ଷେ—ଭଞ୍ଜ, ଲାବଣ୍ୟବତୀ ।

**ଅହିମତେଜା**—ସଂ. ବି. ( ବହୁବ୍ରୀହି, ଅହିମ=ଶୀତଳ ନୁହେ+ତେଜସ୍. ୧ମା. ୧ବ. )—ଅହିମକର ୧. ( ଦେଖ )
Ahimatejā — Ahimakara 1. ( See )

**ଅହିରା**—ପ୍ରାଦେ. ( ସମ୍ବଲପୁର ) ବି—ଅଗାଣ୍ଡିଆ ହାଣ୍ଡି ମାଟିଆକୁ ଭୂମିରେ ଥୟ କରି ରଖିବା ପାଇଁ ନଡ଼ା ପାଳମୁଣ୍ଡଳା—Straw cushions used to put unstable and round bottomed pots on the ground.
Ahirā

**ଅହିରାଜ**—ସଂ. ବି. ( ଅହି=ସର୍ପ+ରାଜନ୍, ୧ମା. ୧ବ. )—
Ahirāja ୧ । ସର୍ପରାଜ; ସବୁଠାରୁ ବଡ଼ ଏକଜାତୀୟ ସର୍ପ—
1. Boa constructor; python; the largest serpent; a class of big serpents.
୨ । ମଥାରେ ମଣି ଥିବା ବଡ଼ ସର୍ପ—2. A serpent which has a gem on its fore-head.
୩ । ଅନନ୍ତ; ସହସ୍ରଫଣାଧାରୀ ନାଗ—
3. The thousand hooded serpent.
୪ । ପୁରାଣୋକ୍ତ ପାତାଳରେ ନାଗମାନଙ୍କର ରାଜା; ବାସୁକୀ—
4. ( Hindu mythology) The king of the Nāgas; Bāsukī.

**ଅହିରିଗଉଡ଼**—ଗ୍ରା. ବି—ଅଇରିଗଉଡ଼ ( ଦେଖ )
Ahirigaurda — Airigaurda ( See )
( ଅହିରିଗଉଡ଼ୁଣୀ—ସ୍ତ୍ରୀ )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଦ୍ୱିତୀୟ ବା ପ୍ରଥମ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅହୀଶ୍ୱର**—ସଂ. ବି. ( ୬ଷ୍ଠୀ ତତ୍; ଅହି=ସାପ+ଈଶ୍ୱର=ରାଜା )—
Ahiśwara ଅହିରାଜ ୩. ଓ ୪. ( ଦେଖ )
Ahirāja 3. and 4. (See)

**ଅହୃଦ୍ୟ**—ସଂ. ବିଣ. ( ଅ=ନୁହେଁ+ହୃଦ୍ୟ=ହୃଦୟଗ୍ରାହୀ )—ଯାହା
Ahṛudya ହୃଦୟଗ୍ରାହୀ ବା ପ୍ରୀତିକର ନୁହେଁ; ଅପ୍ରୀତିକର—
Not liked; not pleasant.

**ଅହୃଷ୍ଟ**—ସଂ. ବିଣ. ( ଅ=ନୁହେଁ+ହୃଷ୍ଟ=ହର୍ଷପ୍ରାପ୍ତ )—
Ahṛushṭa ୧ । ଅସନ୍ତୁଷ୍ଟ—1. Not pleased.
୨ । ଆନନ୍ଦିତ ହୋଇ ନ ଥିବା—
2. Not cheerful; not merry.

**ଅହେଜା**—ଦେ. ବି—ଅବିଚାର—Injustice.
Ahejā ବନଲ ଛୁଦସ୍ୱା ଭଳି କଲ ଅହେଜା—ଉଦ୍ଧ. ବୈଦେହୀଶବିଳାସ ।

**ଅହେତୁ**—ଦେ. ବି. ( ସଂ. ଅ+ଓ. ହେତୁ )—
Ahetu ୧ । ଅଣହେତୁ; ମନେ ନ ରଖି ପାରିବା ଅବସ୍ଥା—
1. Forgetfulness.
୨ । ହେତୁ କରି ନପାରିବା ଅବସ୍ଥା—
2. Unmindfulness.
୩ । ଅମନୋଯୋଗ—3. Inattention.
ଦେ. ବିଣ.—୧ । ଅମନୋଯୋଗୀ—1. Inattentive-
୨ । ଯେ ଶୀଘ୍ର ଭୁଲି ଯାଏ—2. Forgetful.

**ଅହେତୁକ**—ସଂ. ବିଣ. (ଅ=ନୁହେଁ+ହେତୁ=କାରଣ+କ; ଯାହାର
Ahetuka କାରଣ ନାହିଁ )—୧ । ଅକାରଣ; କାରଣରହିତ—
(ଅହେତୁକା—ସ୍ତ୍ରୀ) 1. Without a cause or reason.
୨ । ଅମୂଳକ—2. Groundless.
୩ । ଆକସ୍ମିକ—3. Accidental.
୪ । ନିରର୍ଥକ; ନିଷ୍ପ୍ରୟୋଜନ—4. Useless.
ଦେ. ବିଣ.—ଅଜ୍ଞାନ—Ignorant.
ଏରୂପେ ଲୋକ ଯିବା ଆସିବା ନ ଜାଣି ।
ମୃତ୍ୟୁ ବୋଲୁଛନ୍ତି ଯେ ଅହେତୁକ ପ୍ରାଣି । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅହେତୁ କରିବା**—ଦେ. କ୍ରି.—୧ । ମନେ ନ ରଖିବା—
Ahetu kariba 1. Not to remember; to forget.
ମନେ না হওয়া ୨ । ମନୋଯୋଗ ନ ଦେବା—
2. Not to attend to.

**ଅହେୟ**—ସଂ. ବି. ( ଅ=ନୁହେଁ+ହେୟ=ଘୃଣ୍ୟ )—୧ । ଅଘୃଣ୍ୟ—
Aheya 1. Not contemptible.
୨ । ଅତ୍ୟାଜ୍ୟ—2. Not inacceptable;
rather acceptable; not to be forsaken.

**ଅହେରା**—ପ୍ରାଦେ. (ସମ୍ବଲପୁର) ବି—୧ । ଅହରା (ଦେଖ)
Aherā 1. Aharā (See)
୨ । ଅହିରା (ଦେଖ)
2. Ahirā (See)

**ଅହୈତୁକ**—ସଂ. ବିଣ. (ଅ+ହେତୁ+କ)—୧ । କାରଣରହିତ;
Ahaituka ଅକାରଣ—1. Groundless; ill founded.
(ଅହୈତୁକୀ—ସ୍ତ୍ରୀ) ୨ । କାମନାବିରହିତ; ନିଷ୍କାମ—
2. Free fromdesire.

**ଅହୈତୁକପ୍ରେମ**—ସ. ବି. (ଅହୈତୁକ+ପ୍ରେମ)—
Ahaitukaprema ୧ । ଯେଉଁ ପ୍ରେମରେ ପ୍ରତିଦାନର ଆଶା
ନାହିଁ—1. Love hoping no return.
୨ । କାରଣରହିତ ପ୍ରେମ—2. Groundless love.

**ଅହୈତୁକୀଭକ୍ତି**—ସ. ବି. (ଅହୈତୁକୀ+ଭକ୍ତି)—
Ahaitukibhakti ନିଷ୍କାମଭକ୍ତି; ଯେଉଁ ଭକ୍ତିରେ ଭକ୍ତ କୌଣସି
କାମନା ବା ବାଞ୍ଛା କରେ ନାହିଁ—
Devotion hoping no return.
[ ଦ୍ର—ଗୋପିମାନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଅହୈତୁକୀ ଥିଲା । ]

**ଅହୋ**—ସ. ଅ.—ଆଶ୍ଚର୍ଯ୍ୟ, ପ୍ରଶଂସା, ବିତର୍କ ଅର୍ଥରେ ପ୍ରଯୁକ୍ତ
Aho ସମ୍ବୋଧନ—ହଇହେ; ହେ; ଓହୋ ଇତ୍ୟାଦି—
Interjection Oh. Oho, Ah!
(Indicating addressing; wonder; praise; supposition)

**ଅହୋବତ**—ସ. ଅ.—ଅହୋ (ଦେଖ)
Ahobata Aho (See)

**ଅହୋରାତ୍ର**—ସ. କ୍ରି. ବିଣ. (ଦ୍ୱନ୍ଦ୍ୱ; ଅହଃ=ଦିବସ+ରାତ୍ରି+ଅ)—
Ahorātra ଅହର୍ନିଶ; ଦିବାନିଶି; ଅବିରତ; ସର୍ବଦା—
Day and night; always; incessantly; uninterruptedly.
ବି.—ଦିବା ଓ ରାତ୍ରି ଏକତ୍ରିତ ସମୟ; ୨୪ ଘଣ୍ଟା ସମୟ; ସମସ୍ତ
ଆଠ ପ୍ରହର—
24 hours; one full day and night.

**ଅହୋରୂପ**—ଦେ. ବିଣ (ସ. ଆଶ୍ଚର୍ଯ୍ୟଜନକ ବସ୍ତୁପ୍ରତି ସମ୍ବୋଧନ)—
Ahorūpa ଆଶ୍ଚର୍ଯ୍ୟଜନକ—Wonderful.

**ଅହୋରୂପମହୋଧ୍ୱନି** ଦେ. ବିଣ.—ଅହୋରୂପ (ଦେଖ)
Ahorūpamahodhwani Ahorūpa (See)

**ଅହ୍ମଣିଆ**—ଦେ. ବି. ବିଣ.—ଅମଣିଆ (ଦେଖ)
Ahmaniāñ Amaniāñ (See)
ଦେବ ଅହ୍ମଣିଆ ସଙ୍ଗେ ମିଶି ହାନରୂପେ ଏ ଉଚ୍ଛିଷ୍ଟ—ଚନ୍ଦ୍ରାମଣି. ଚକ୍ରମାଦତ୍ୟ ।

**ଅହ୍ମଣିଆ କୂଅ**—ଦେ. ବି.—ଯେଉଁ କୂଅରେ ମାଣ୍ଡ ହୋଇଥିବା ଅହ୍ମଣିଆ
Ahmaniāñ kūa ନିକ୍ଷେପ କରାଯାଏ—
The well into which intended offerings (when spoiled by touch or otherwise turned unfit for the deities consumption) are thrown.
[ଦ୍ର—ଦେବତାଙ୍କ ପାଇଁ ପ୍ରସ୍ତୁତ ସାମଗ୍ରୀ ଭୋଗ ଲାଗିବା ଅଗରୁ
କୌଣସି କାରଣରୁ (ଯଥା—ଅଛୁଆଁ ଲୋକ ଛୁଇଁଲେ ବା ଦେଖିଲେ,

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଊ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

କୁକୁର ଛୁଇଁଲେ ଇତ୍ୟାଦି) ମାଟି ହୋଇଯାଏ । ତାହା ଦେବତାଙ୍କଠାରେ ଆଉ ଭୋଗ ଲାଗେ ନାହିଁ । ଅନ୍ୟ କେହି ମଧ୍ୟ ତାକୁ ଖାନ୍ତି ନାହିଁ । ଏଥିପାଇଁ ତାକୁ ନେଇ ଗୋଟିଏ ଅବ୍ୟବହୃତ କୂଅରେ ପକାଇ ଦିଆଯାଏ । ]

**ଅହ୍ମୁଣିଆ**—ଦେ. ବି. ଓ ବିଣ.—ଅମଣିଆଁ (ଦେଖ)
Ahmuṇiā Amaṇiāñ (See)

**ଅହ୍ମୁଣିଆକୂଅ**—ଦେ. ବି.—ଅହ୍ମଣିଆଁକୂଅ (ଦେଖ)
Ahmuṇiākūa Ahmaṇiāñkūa (See)

**ଅହ୍ୟ** (ଇତ୍ୟାଦି)—ଦେ. ବିଣ. ସ୍ତ୍ରୀ.—ଅହିଅ (ଦେଖ)
Ahya etc. Ahia (See)

ଅହ୍ୟରୂପେ ବଳେ ହେଲେ ଏ ଭଣ୍ଡବେ ନଳେ ବାମ ସୀମନ୍ତିନୀ—ରାଧାନାଥ. ଯଯାତି ।

# ଆ

**ଆ**—ଦ୍ୱିତୀୟ ସ୍ୱରବର୍ଣ୍ଣ ( ଏହାର ଉଚ୍ଚାରଣ ସ୍ଥାନ କଣ୍ଠ; ଏହା ଦୀର୍ଘସ୍ୱର)—
Ā The second vowel of Orḍiā Alphabet corresponding to the long 'A' as in 'card.'

ସଂ. ବି. ( ଆପ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଅ )—୧ । ବ୍ରହ୍ମା—
1. God Brahmā, the Creator.

୨ । ଶିବ—2. God Śiba

ସଂ. ଉପସର୍ଗ—( ନିମ୍ନଲିଖିତ ଅର୍ଥରେ ବ୍ୟବହୃତ )—
A prefix used to denote.

( ଯଥା—ଆଦାନ; ଆଗମନ । )

୧ । ବିପରୀତ—1. Opposite.

୨ । ଈଷତ୍ ( ଯଥା—ଆକୁଞ୍ଚିତ; ଆପୀତ; ଆଭୁଗ୍ନ)—
2. Slightly.

୩ । ସୀମା; ପର୍ଯ୍ୟନ୍ତ (ଆସମୁଦ୍ର; ଆମରଣ )—3. Upto.

୪ । ସମ୍ୟକ୍ ( ଯଥା—ଆକୃଷ୍ଟ )—4. Special.

୫ । ଅଭିବ୍ୟାପ୍ତି; ବିସ୍ତୃତି ( ଯଥା—ଆକାଳ; ଆହାର )—
5. Extent.

୬ । ମନ୍ଦ ( ଯଥା—ଆକାଳ )—6. Bad.

ଦେ. ଅ—୧ । (ଧ୍ୱନ୍ୟାତ୍ମକ )—ବାଜା ବଜାଇ ଗୀତ ବୋଲିବା କିମ୍ବା କେବଳ ଗୀତ ବୋଲିବା ପୂର୍ବରୁ ଗାୟକ ଉଚ୍ଚାରଣ କରିବା ଦୀର୍ଘଧ୍ୱନି ( ଏହା ମାନର ଆଦି ଧ୍ୱନି )—1. Long sound of 'Ā' uttered by a singer before beginning to sing with or without music.

୨ । ( ବିସ୍ମୟସୂଚକ )—( Interjection of wonder)
ଏଁ ! ହା ! ଆଃ ! ଓହୋ !—2. Eh; Oh.

୩ । ( ଆଳସ୍ୟବ୍ୟଞ୍ଜକ ) ହୋଇ—
3. idle exclamation) Ah.

୪ । ( ଅନାଦରାର୍ଥକ )—ଯା—ମଁ—
4. ( denoting disregard ) Ah.

୫ । ( ନିଶ୍ଚୟାର୍ଥକ ) ନିଶ୍ଚେ—5. Certainly; verily.

୬ । ( ନୀଚ ବ୍ୟକ୍ତିକୁ ଉତ୍ତର ଦେବାରେ ) ମଁ, ଓ—
6. ( Responding to a person of lower status ) Oh !

୭ । ( ବାକ୍ୟପୂରଣରେ )—ହିଁତ—
7. ( filling up a sentence ) Verily; too.

୮ । (ସ୍ମରଣାର୍ଥ) ହୋଇ—8. (remembrance) Oh !

୯ । (ଅନୁକମ୍ପାର୍ଥ) ଆହା !—9. compassion) Ah !

୧୦ । ( ଭୟସୂଚକ ) ଓହ୍ୱେ—10 ( fear ) Oh !

୧୧ । (ପ୍ରଶ୍ନାର୍ଥକ) ଏଁ—(interjection) What ! Oh !

୧୨ । ( ସ୍ୱୀକାରାର୍ଥକ ) ହଁ—12. ( assert ) Yes.

ଦେ. କ୍ରି.—( 'ଆସିବା' କ୍ରିୟାର ଅନୁଜ୍ଞା, ମଧ୍ୟମ ପୁରୁଷ, ୧ବଚନ; ଅନାଦରାର୍ଥକ ରୂପ, 'ତୁ' କର୍ତ୍ତା ସଙ୍ଗେ ପ୍ରଯୁକ୍ତ ହୁଏ )
ତୁ ଆ; ତୁ ଆଗମନ କର—( you ) Do come.

**ଆଇଆ**—ଦେ. ବି. ସ୍ତ୍ରୀ—ଆୟା ( ଦେଖ )
Āiā Āyā ( See )

**ଆଇ.ଇ.ଏସ୍**—ବୈଦେ. ( ଇଂ. ) ବିଣ—( ଭାରତୀୟ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ଶିକ୍ଷାବିଭାଗୀୟ ଉଚ୍ଚ କର୍ମଚାରୀଙ୍କ ପରେ ଲାଗିବା ସାଙ୍କେତିକ ଚିହ୍ନ ) ନାମ ଭାରତୀୟ ଶିକ୍ଷା ବିଭାଗର ଉଚ୍ଚ କର୍ମଚାରୀ—Belonging to the Indian Education Higher service.
Āi.I.Es.

**ଆଇ. ଏ**—ବୈଦେ. ( ଇଂ ) ବି—ମାଟ୍ରିକୁଲେସନ୍ ଓ ବି. ଏ. ର ମଧ୍ୟବର୍ତ୍ତୀ ପରୀକ୍ଷା—Intermediate.
Āi. E.

**ଆଇ. ଏମ୍. ଏସ୍**—ବୈଦେ. (ଇଂ) ବି—ଭାରତୀୟ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ଡାକ୍ତର ବିଭାଗର ଉଚ୍ଚକର୍ମଚାରୀଙ୍କ ନାମରେ ଲାଗିବା ପଦବୀ—I. M. S. ( Indian medical service )
Āi. Em. Es.

**ଆଇ. ଏସ୍. ସି**—ବୈଦେ. ( ଇଂ ) ବି—ଭାରତୀୟ ବିଶ୍ୱବିଦ୍ୟାଳୟ ମାଟ୍ରିକୁଲେସନ୍ ଓ ବି. ଏସ୍. ସି. ପରୀକ୍ଷାର ମଧ୍ୟବର୍ତ୍ତୀ ପରୀକ୍ଷା—I. Sc.
Āi. Es. Si.

**ଆଇଁଗିଣିଆଁ**—ଦେ. ବିଣ.—ବିକାଦୋଷରୁ ବା ଫଳର ବିକୃତିହେତୁ ଯୋଗୁଁ ବିସ୍ୱାଦ ଲାଗୁଥିବା ( ବାଇଗଣ )—( cooked brinjal ) Having a bad or disgraceful taste.
Āiṅgiṇiāñ
କଚ୍‌କଚେ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ଶାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଇଁଷ**—ଦେ. ବି. ( ସଂ. ଆମିଷ )—୧ । ମାଛ ମାଂସ—
Āiñsha 1. Fish and meat.
আমিশ্য, আমিশ, ଚମ୍ପ ଚଅଣକ ଅଇଁଷକୁ ଲେଖା—ଚଗ ।
আইঁশ ୨ । ମାଛ—2 Fish.
(ନିରାଇଁଷ—ବିପରୀତ) ପ୍ରାଦେ. ( ମେଦିନୀପୁର ) ବି—ମାଛକାତି—
Scale of fish.
[ ଦ୍ର—ଏହି ଅର୍ଥରେ ବଙ୍ଗଳାରେ ବ୍ୟବହୃତ ହୁଏ । ]
ଦେ. ବିଣ—ଆମିଷସମ୍ବନ୍ଧୀୟ—Relating to fish.
ଚଟୁ ଅଇଁଷ ବେଣ୍ଟ ନିରାଇଁଷ—ଚଗ ।
[ଦ୍ର—ହିନ୍ଦୁ ଗୃହରେ ଦୁର୍ଗାଙ୍କ ଛଡ଼ା ଅନ୍ୟ ଦେବତାଙ୍କ ନିକଟରେ ଆମିଷ ଭୋଗ ଲାଗେ ନାହିଁ ଏବଂ ବିଧବା, ବୈଷ୍ଣବ ଓ ବ୍ରହ୍ମଚାରୀମାନେ ଆମିଷ ଭୋଜନ କରନ୍ତି ନାହିଁ । ଏଥିପାଇଁ ଯେଉଁ ଅମିଷାଶୀ ପରିବାରରେ ବିଧବା ଥାଆନ୍ତି ସେ ପରିବାରରେ ଆମିଷ ପାଇଁ ସ୍ୱତନ୍ତ୍ର ଚୁଲି, ହାଣ୍ଡି, ପାତିଆ, ଅଣଟ ଓ ପଣତ ବ୍ୟବହାର କରାଯାଏ ଓ ପାଗ ହାଣ୍ଡି ସାଙ୍ଗେ ଏଗୁଡ଼ିକ ମିଶେ ନାହିଁ । ]

**ଅଇଁଷକାତି**—ଦେ. ବି.—୧ । ମାଛର ଛି—
Āiñshakāti 1. Scale of fish.
୨ । ସଦାବିହାରୀ (ଫୁଲ ଓ ଗଛ)—A kind of plant and its flower.

**ଅଇଁଷଣିଆଁ**—ଦେ. ବିଣ—୧ । ଆମିଷସମ୍ବନ୍ଧୀୟ—
Āiñshaniāñ 1. Fishy; relating to fish.
আঁষ্টে আঁইষ্টিয়া আঁষ্টিয়া ୨ । ଆମିଷପରି ଗନ୍ଧବିଶିଷ୍ଟ—
2 Smelling like fish.
ପ୍ରାଦେ. (ଗଡ଼ଜାତ) ବିଣ—ପଙ୍କ, ଭାଲ, ବଣା ଓ ବୁଦା ଦ୍ୱାରା ଆବୃତ ସନ୍ତସନ୍ତିଆ ସ୍ଥାନ (ଏପରି ସ୍ଥାନରେ ବାଘ ରହୁଥିବାରୁ ଏ ଅଇଁଷଣିଆ ଗନ୍ଧାଏ । )

**ଅଇଁଷଧୁଆ**—ଦେ. ବି.—ତଳେ ରନ୍ଧ୍ର ଥିବା ପାଚିଆ, ଯେଉଁ ପାଚିଆରେ
Āiñshadhuā ମାଛ ଧୁଆ ଯାଏ—Perforated basket for washing fish.

**ଅଇଁଷିଆ**—ଦେ. ବିଣ.—ଅଇଁଷଣିଆଁ (ଦେଖ)
Āiñshiā Āiñshaniāñ (See)

**ଅଇଁଷିକାତି**—ଦେ. ବି.—ସଦାବିହାରୀ (ଦେଖ)
Āiñshikāti Sadābihārī (See)

**ଅଇଁଷିଣିଆଁ**—ଦେ. ବିଣ—ଅଇଁଷଣିଆଁ ( ଦେଖ )
Āiñshiniāñ Āiñshaniāñ ( See )

**ଅଇଖାଡ଼ି**—ପ୍ରାଦେ. (ଗଡ଼ଜାତ) ବି.—ଦହି ମନ୍ଥନ ହେବାପାଇଁ ବ୍ୟବହୃତ
Āikhārdi (ଉପରେ ଛକ ଥିବା) କାଠି—
A stick for churning curd.

**ଅଇଙ୍ଗାହେବା**—ଗ୍ରା. କ୍ରି. ( ପ୍ରାଚୀନ)—ଅଜ୍ଞାହେବା (ଦେଖ)
Āiṅgāhebā Ājñāhebā (See)
[ ଦ୍ର—ଓଡ଼ିଶା ରାଜାଙ୍କ ସନନ୍ଦରେ ଏହି ଶବ୍ଦର ବ୍ୟବହାର ଦେଖାଯାଏ । ]

**ଅଇତ୍‌ସିଂ**—ଦେ.ବି. ( ନାମ )—ହୁଏନ୍‌ସାଙ୍କ ପରବର୍ତ୍ତୀ ଚୀନପରିବ୍ରାଜକ
Āit siṁ (ଏ ନାଳନ୍ଦ ବିଶ୍ୱବିଦ୍ୟାଳୟରେ ୧୦ ବର୍ଷ ବିଦ୍ୟାଧ୍ୟୟନ କରିଥିଲେ )—Āit siṁ, a Chinese traveller.

**ଅଇତିସାଇତି**—ଦେ. ଅ—ଜଗିରଖି; ଯତ୍ନସହକାରେ—Carefully.
Āitisāiti ଅଇତି ସାଇତି ଖରଚ କରିବାକୁ ଏଇ ହଳଦୀ ତେଲ ଯେମନ୍ତ ପଖ ମାସେ ଯାଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଅଇନ୍**—ବୈଦେ. ( ଅ. ଅଇନ୍ ) ବି—୧ । ରାଜକୀୟ ବିଧି—
Āin 1. Law; statute
୨ । ବ୍ୟବସ୍ଥା—2. Legislature.
୩ । ବିଧି—3. Rule; regulation.
୪ । ନିୟମ—4. Ordinance.
[ ଦ୍ର—ଯେଉଁ ଅଇନ ଯେଉଁ ବିଷୟକୁ ଅଧିକାର କରି ପ୍ରଣୀତ ହୋଇଥାଏ ସେହି ବିଷୟର ନାମରେ ଲୋକେ ଉକ୍ତ ଅଇନକୁ ଡାକନ୍ତି । ଯଥା; ଦଣ୍ଡବିଧି ଅଇନ୍; ସ୍ୱାୟତ୍ତଶାସନ ଅଇନ୍ । କୌଣସି ସାଲରେ କ୍ରମ ଅନୁସାରେ ଗଣନା କରାଯିବା ଅଇନକୁ ସେହି ସାଲର ଏତେ ସଂଖ୍ୟକ ଅଇନ ବୋଲାଯାଏ । ଯଥା; ୧୮୬୩ ସାଲର ୨୦ ଅଇନ ବା ୧୯୧୪ ସାଲର ୩ ଅଇନ । କେତେସ୍ଥଳେ ସବୁଠୁ ପ୍ରଚଳିତ ଅଇନର ସାଲ ନ କହି ଲୋକେ କହିଥାନ୍ତି ୫ ଅଇନ ( ଏତେ ସାଲର ୫ ଅଇନ ) ୭ ଅଇନ ଓ ୧୦ ଅଇନ ଇତ୍ୟାଦି । ]

**ଅଇନ୍‌କଟ୍**—ବୈଦେ. ବି—ଅନିକଟ୍ ( ଦେଖ )
Āinkaṭ Ānikaṭ ( See )

**ଅଇନ୍ କରିବା**—ଦେ.କ୍ରି—ରାଜକୀୟ ବିଧି ପ୍ରଣୟନ ବା ଲିପିବଦ୍ଧ କରିବା—
Āin karibā To legislate; to enact a law.
আইনকরা

**ଅଇନ୍ କାଢ଼ିବା**—ଦେ.କ୍ରି—୧ । କୌଣସି ମକଦ୍ଦମାରେ ପ୍ରଯୁଜ୍ୟ ରାଜକୀୟ
Āin kārdhibā ବିଧି ଦର୍ଶାଇବା—1 To point out an act or law suiting a case.
୨ । କୌଣସି ନିର୍ଦ୍ଦିଷ୍ଟ ନିୟମର ବଶବର୍ତ୍ତୀ ହେବାକୁ ଆଦେଶ ଦେବା—2. To order to abide by a particular rule.

**ଅଇନ୍ କାନୁନ୍**—ବୈଦେ. (ଅ. ଅଇନ୍. କାନୁନ୍. ସହିତର) ବି—
Āin kānun ୧ । ରାଜକୀୟ ବିଧି ବ୍ୟବସ୍ଥା ସମୂହ—
1. Acts and regulations.
୨ । ନିୟମମାନ—2. Rules and regulations.

**ଅଇନ୍‌ଘଟିତ**—ଦେ. ବିଣ—ଅଇନ ସମ୍ପର୍କୀୟ—
Āinghaṭita Relating to law.

**ଅଇନ୍‌ଜାରି**—ବୈଦେ.ବି—୧ । କୌଣସି ରାଜକୀୟ ବ୍ୟବସ୍ଥାର ପ୍ରବର୍ତ୍ତନ—
Āinjāri 1. Enforcement of a law.
୨ । କୌଣସି ବ୍ୟବସ୍ଥାର ପ୍ରଚାର—
2. Publication of an act or statute.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ତ |

୩ । କୌଣସି ଅଞ୍ଚଳରେ ପୂର୍ବରୁ ପ୍ରଚଳିତ କୌଣସି ଅଇନ୍ ଚଳିବା ପାଇଁ ରାଜକୀୟ ଆଦେଶ ପ୍ରଚାର—
3. Extension of the working of a statute to a certain tract or country.

**ଅଇନ୍ ନଜିର୍**—ବୈଦେ. ବି—୧ । କୌଣସି ଅଇନ୍ ସମ୍ବନ୍ଧରେ
Āin najir ହାଇକୋର୍ଟ ପୂର୍ବରୁ ନିଷ୍ପତ୍ତି କରିଥିବା ମକଦ୍ଦମା—
1. Authority or ruling regarding an act.

[ ଦ୍ର—ଉକ୍ତ ମକଦ୍ଦମାରେ ହାଇକୋର୍ଟ କୌଣସି ଅଇନ୍‌ର ଯେଉଁ ଅର୍ଥ କରି ଥାଆନ୍ତି ନିମ୍ନ ଅଦାଲତରେ ପରବର୍ତ୍ତୀ ମକଦ୍ଦମାରେ ସେହି ନଜିରର ଗ୍ରାହ୍ୟ ଦିଆଯାଏ । ]

୨ । କୌଣସି ଅଇନ ଓ ତଦନୁଯାୟୀ ମୀମାଂସିତ ହୋଇଥିବା ମକଦ୍ଦମା—2. Law and Ruling.

[ ଦ୍ର—ହାଇକୋର୍ଟ ଓ ପ୍ରିଭିକାଉନ୍‌ସିଲ୍‌ରେ ନିମ୍ନ ଅଦାଲତରେ ନିଷ୍ପତ୍ତି କରାଯାଇଥିବା ମକଦ୍ଦମାମାନଙ୍କର ଅପିଲ ଦାଏର ହୁଏ ଓ ଉକ୍ତ ହାଇକୋର୍ଟ ଆଦି କୌଣସି ଅଇନର ବିଶେଷ ଅର୍ଥ କରି ଉକ୍ତ ମକଦ୍ଦମାକୁ ନିଷ୍ପତ୍ତି କରନ୍ତି । ହାଇକୋର୍ଟ ଆଦିଙ୍କର ଉକ୍ତ ନିଷ୍ପତ୍ତିମାନ ସର୍ବସାଧାରଣଙ୍କ ଅବଗତି ପାଇଁ ପୁସ୍ତକାକାରରେ ( Law Report ) ଛପା ହୁଏ । ପରେ ସେହିଜାତୀୟ କୌଣସି ମକଦ୍ଦମା ନିମ୍ନ ଅଦାଲତରେ ପଡ଼ିଲେ ଓକିଲମାନେ ହାଇକୋର୍ଟ ଆଦିର ପୂର୍ବ ନିଷ୍ପତ୍ତିମାନଙ୍କୁ 'ନଜିର୍' ରୂପେ ନିମ୍ନ ଅଦାଲତଙ୍କୁ ଦେଖାନ୍ତି ଓ ଉକ୍ତ ନଜିର୍ ଅନୁସାରେ ନିମ୍ନ ଅଦାଲତମାନେ ମକଦ୍ଦମା ନିଷ୍ପତ୍ତି କରିବାକୁ ବାଧ୍ୟ ହୁଅନ୍ତି । ]

**ଅଇନ୍ ପଏଣ୍ଟ୍**—ବୈଦେ. ବି. (ଅ. ଅଇନ୍ ଓ ଇଂ. Point) କୌଣସି
Āin paent ମକଦ୍ଦମାରେ ଅଇନ୍ ସମ୍ବନ୍ଧରେ ତର୍କ କରାଯିବା ସୂକ୍ଷ୍ମ ବିଷୟ—A point of law; law point.

[ଦ୍ର—ମକଦ୍ଦମାରେ ପକ୍ଷମାନଙ୍କ ମଧ୍ୟରେ ଅଇନ୍ ସମ୍ବନ୍ଧରେ ତର୍କ ବା ବିବାଦ ଉଠେ ଓ ଘଟନା ସମ୍ବନ୍ଧରେ ମଧ୍ୟ ତର୍କ ହୁଏ । କୌଣସି ମକଦ୍ଦମାରେ ଯେବେ ଏକ ପକ୍ଷ କହେ ଯେ ଅମୁକ ଘଟନା ସତ୍ୟ ଅଟେ ଓ ଅପର ପକ୍ଷ କହେ ଯେ ଉକ୍ତ ଘଟନା ସତ୍ୟ ନୁହେ, ତେବେ ଏହାକୁ ଘଟନାଘଟିତ ପଏଣ୍ଟ୍ (Point of fact) ବୋଲାଯାଏ । ଯେବେ କୌଣସି ମକଦ୍ଦମାରେ ଉଭୟ ପକ୍ଷ ସ୍ୱୀକାର କରନ୍ତି ଯେ ଅମୁକ ଘଟନା ଘଟିଛି କିନ୍ତୁ ଉକ୍ତ ଘଟନା ପ୍ରତି ଅମୁକ ଅଇନ ଖଟିବ କି ନାହିଁ ଏପରି ତର୍କ ଉଠେ ତେବେ ତାକୁ ଅଇନ୍ ପଏଣ୍ଟ୍ (Point of law) ବୋଲାଯାଏ । ]

**ଅଇନ୍ ବିଭାଗ**—ଦେ. ବି.—୧ । ଗଭର୍ଣ୍ଣମେଣ୍ଟଙ୍କର ଯେଉଁ ବିଭାଗଦ୍ୱାରା
Āin bibhāga ଅଇନ୍‌ସମ୍ବନ୍ଧୀୟ ( ବିଚାରସମ୍ବନ୍ଧୀୟ ) ବିଷୟମାନ ପରିଚାଳିତ ହୁଏ—1. Department of law (and justice) under a Government.

୨ । ଗଭର୍ଣ୍ଣମେଣ୍ଟଙ୍କର ଯେଉଁ ବିଭାଗର ତତ୍ତ୍ୱାବଧାନରେ ଅଇନ୍‌ମାନ ପ୍ରଣୀତ ହୁଏ—
2. Legislative department.

**ଅଇନ୍ ମେମ୍ବର**—ବୈଦେ. ବି—ଗଭର୍ଣ୍ଣମେଣ୍ଟଙ୍କର ଯେଉଁ ମେମ୍ବରଙ୍କଠାରେ
Āin membara ଅଇନ ପ୍ରଣୟନର ଭାର ଓ ତତ୍ତ୍ୱାବଧାରଣ ନିହିତ ଥାଏ—Law-member under a Government.

**ଅଇନ ସଦସ୍ୟ**—ଦେ. ବି.—ଅଇନ୍ ମେମ୍ବର (ଦେଖ)
Āin sadasya Āin membara (See)

**ଅଇନଆକବରୀ**—ବୈଦେ. ବି—ପାର୍ସିଭାଷାରେ ଆକବରଙ୍କ ମନ୍ତ୍ରୀ
Āinaākabarī ଆବୁଲଫଜଲଙ୍କ ଲିଖିତ ଭାରତର ତଦାନୀନ୍ତନ ବିବରଣସଙ୍କଳିତ ଗ୍ରନ୍ଥବିଶେଷ ।

**ଅଇନା**—ଦେ. ବି. (ଅ. ଅୟନା)—୧ । ଦର୍ପଣ; ମୁକୁର—
Ainā 1. Looking-glass; mirror
আয়না ୨ । କାଚର ବଡ଼ ଫଳକ—2. Glasspane.
**आइना**

**ଅଇନ୍ଦା**—ଦେ. ବିଣ. (ଅ. ଆଏନ୍ଦା)—୧ । ଆଗାମୀ (ବର୍ଷ ବା ସମୟ)—
Āindā 1. Next; coming (year)
আসছে (বৎসর, সময়) ୨ । ଭବିଷ୍ୟତ୍—2. Future.
**आइन्दा** ଦେ. ବି.—୧ । ଭବିଷ୍ୟତ୍ ସମୟ—1. The future.
୨ । ଆଗାମୀ ବର୍ଷ—2 Next year.

**ଅଇବା**—ଗ୍ରା. କି. ଓ ପ୍ରାଦେ. (ସମ୍ବଲପୁର ଓ ଗଞ୍ଜାମ) କି. ( ସଂ. ଆ+
Aibā ଯା ବା ଗମ ଧାତୁ; ଭୂଲ. ହିନ୍ଦି. ଅୟା=ଆସିଅଛି)—
ଆସିବା; ଆଗମନ କରିବା—To come.

[ ଦ୍ର—ଓଡ଼ିଶାରେ ଆଗମନ ଅର୍ଥରେ 'ଆସିବା' ବ୍ୟବହୃତ ହୁଏ । କେବଳ 'ଆସିଲା' ଇତ୍ୟାଦି ସ୍ଥଳରେ ବ୍ରାହ୍ମଣ କରଣ ଆଦି 'ଅଇଲା' ଓ ଶୂଦ୍ର ଆଦି 'ଅଇଲା' ବ୍ୟବହାର କରନ୍ତି ଏବଂ 'ଆସିଛି' ଇତ୍ୟାଦି ସ୍ଥଳରେ ଶୂଦ୍ରମାନେ 'ଅଇଛି' ବ୍ୟବହାର କରନ୍ତି । କିନ୍ତୁ ଗଞ୍ଜାମ ଓ ସମ୍ବଲପୁରରେ 'ଆସିବା' ଇତ୍ୟାଦି ସ୍ଥଳରେ 'ଅଇବା' ଇତ୍ୟାଦି ବ୍ୟବହାର କରନ୍ତି । ]

**ଅଇବୁଢ଼ା**—ପ୍ରାଦେ. ( ମେଦିନୀପୁର ) ବିଣ. ପୁଂ ( ସଂ. ଅବିବାହିତ )—
Aiburdhā *ଅବିବାହିତ—Unmarried.
(ଅଇବୁଢ଼ୀ—ସ୍ତ୍ରୀ)
আইবুড়ো

**ଅଇରିଶ୍**—ବୈଦେ. ( ଇଂ ) ବିଣ—ଆୟର୍ଲଣ୍ଡଦେଶୀୟ—
Airis Irish.

**ଅଇଶିଙ୍ଗ୍**—ବୈଦେ. ( ଚୀନଦେଶୀୟ ନାମ ) ବି. ପୁଂ.—ଖ୍ରୀଷ୍ଟ ୭ମ
Aising ଶତାବ୍ଦୀରେ ଭାରତପର୍ଯ୍ୟଟନ କରିଥିବା ଚୀନପରିବ୍ରାଜକ—Name of a Chinese traveller who visited India in the 7th Century A. D.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

[ ଦ୍ର—ଏ ଖ୍ରୀଷ୍ଟପୂର୍ବ ୬୨୦ରେ ଚୀନରୁ ଯାତ୍ରା କରି ଖ୍ରୀଷ୍ଟପୂର୍ବ ୬୧୫ରେ ସ୍ୱଦେଶକୁ ଫେରିଥିଲେ । ଏ ଭାରତରୁ ଧର୍ମସମ୍ବନ୍ଧୀୟ ୪୦୦ ଗ୍ରନ୍ଥ ଓ କେତେଗୁଡ଼ିଏ ଚିତ୍ର ସଂଗ୍ରହ କରିନେଇ ଯାଇଥିଲେ ଏବଂ ତହିଁ ମଧ୍ୟରୁ ୭୬ ଖଣ୍ଡ ଗ୍ରନ୍ଥ ଚୀନଭାଷାରେ ଅନୁବାଦ କରିଥିଲେ । ]

**ଆଇଷ**—ଗ୍ରା. ବି. ( ସଂ. ଆୟୁଷ୍ )—ଆୟୁ; ପରମାୟୁ—
Āisha — Age-limit of a person

**ଆଇସ୍**—ବୈଦେ. ବି ( ଇଂ. )—ଜଳରୁ ପ୍ରସ୍ତୁତ କୃତ୍ରିମ ବରଫ—
Āis — Ice

**ଆଇସ୍କ୍ରିମ୍**—ବୈଦେ. ବି ( ଇଂ.)—କୃତ୍ରିମ ଉପାୟରେ ବରଫ ପରି ଥଣ୍ଡା କରାଯାଇଥିବା ମିଠାମିଶା ଦୁଧ ଓ ସର—Icecream.
Āiskrim

**ଆଇସ୍ ବ୍ୟାଗ୍**—ବୈଦେ. ବି ( ଇଂ. )—ରୋଗୀର ମୁଣ୍ଡରେ ବରଫ ଲଦି ରଖିବାପାଇଁ ବ୍ୟବହୃତ ଥଳି—Ice bag.
Āis byāg

**ଆଇ. ସି. ଏସ୍**—ବୈଦେ. ( ଇଂ. Indian Civil Service ) ଭାରତର ଇଂରାଜ ସରକାରଙ୍କ ଅଧୀନରେ ଥିବା ଉଚ୍ଚପଦସ୍ଥ ରାଜକର୍ମଚାରୀଙ୍କ ନାମ ପରେ ଲେଖାଯିବା ସାଙ୍କେତିକ ଇଂରାଜୀ ଅକ୍ଷରତ୍ରୟ—I. C. S.
Āi. Si. Es.

**ଆଈ**—ଦେ. ବି. ସ୍ତ୍ରୀ ( ସଂ. ଆର୍ଯ୍ୟା )—୧ । ପିତାମହୀ—Paternal grandmother.
Āi
(ଅଜା—ପୁଂ)
ଠাকুরমা; দিদিমা;
আঙ্গি; আয়ী
**आजी; नानी**
୨ । ମାତାମହୀ—2. Maternal grandmother.
୩ । (ପ୍ରାଚୀନ) ମାତା; ମା—Mother.

ଦଶରଥ ସୁତ, କଲେ ବଚନ, କୈକେୟୀ ମୋହର ଆଈ ।
ବଳରାମ—ବଟକୃଷ୍ଣମଙ୍ଗଳ ।

**ଆଇଆଇ** ଦେ. ଅ. ( ଧ୍ୱନ୍ୟାତ୍ମକ )—ନୃତ୍ୟ ସମୟର ଚାଳୀବିଶେଷ—
Āiāi
ଭୂତ ପ୍ରେତ ପିଶାଚ ରକ୍ତ ମାଂସ ଖାଇ,
ନାଚିଲେ ରଣଭାଣ୍ଡେ ବୋଲି ଆଇଆଇ । କୃଷ୍ଣସିଂହ—ମହାଭାରତ- କର୍ଣ୍ଣ ।

**ଆଈମା**—ଗ୍ରା. ବି.—ପିତାମହୀ—
Āimā — Paternal grandmother.
দিদীমা

**ଆଈଶାଶୁ**—ଦେ. ବି. ସ୍ତ୍ରୀ—ସ୍ୱାମୀ ବା ସ୍ତ୍ରୀଙ୍କ ଆଈ; ଶାଶୁଙ୍କ ମା—
Āiśāśu — Maternal great grand-mother of one's husband or wife.
আঈশাশ
(ଅଜାଶୁର—ପୁଂ)

**ଆଉ**—ଦେ. ସର୍ବନାମ (ସଂ. ଅନ୍ୟତ)—ଅନ୍ୟ—
Āu — Others.
আর

ଶୁଣିଲେ ଆଉ କେ ବୁଝେ । ବନପର୍ବ—ଚମ୍ପୂ ।

ଦେ. ବିଣ.—ଅଧିକ—More; additional
ଦେ. ଅ.—୧ । ଓ; ଏବଂ—1. And.
୨ । ଅଧିକନ୍ତୁ; ମଧ୍ୟ—2. Also.
୩ । ଆହୁରି ମଧ୍ୟ—3. And also.
୪ । ପୁନଶ୍ଚ—4. Again.

ଆଉ ଯାଇ ଆସି ରସାଇବା ସ୍ୱଗ୍ନେ ଚଲେ କରମରେ ନାହିଁ ।
ଭଞ୍ଜ. ପ୍ରେମସୁଧାନିଧି. ୮୩

୫ । ଏହା ପରେ—5. After this.
୬ । ତତ୍ପରେ—6. Then; after that.
୭ । କେବେହେଁ; କେବେ—
7. At any time whatever; ever.
ଦେ. କ୍ରି. ବିଣ—୧ । ଅନ୍ୟ କୌଣସି କାଳରେ—
1. Any longer.
୨ । ଆହୁରି ଅଧିକ—2. Any more.

**ଆଉଁର୍**—ପ୍ରାଦେ. (ସମ୍ବଲପୁର)—ସର୍ବ. ବିଣ. ଓ ଅ. (ତୁଳ. ହି. ଔର ବଂ. ଆର)—ଆଉ—And; more-over.
Āuñr

**ଆଉଁରିଆ**—ଦେ. ବି.—ବାତରୋଗବିଶେଷ—
Āuñriā — A kind of rheumatism.
ଦେ. ବିଣ.—ଆଉଁରିଆ ରୋଗପୀଡ଼ିତ—Suffering from a kind of rheumatism.

**ଆଉଁଳପାଉଁଳ**—ଦେ. ବିଣ.—ଆଉଳ ପାଉଳ (ଦେଖ)
Āuñḻapāuñḻa — Āuḻapāuḻa (See)

**ଆଉଁଳବାଉଁଳ**—ଦେ. ବିଣ.—ଆଉଳବାଉଳ (ଦେଖ)
Āuñḻabāuñḻa — Āuḻabāuḻa (See)

**ଆଉଁଶା ଝାଡ଼ା**—ପ୍ରାଦେ. (ବସ୍ତର) ବି—ନାଳରକ୍ତ ଝାଡ଼ା—
Āuñśa jhārḍa — Dysentery.

**ଆଉଁଷା**—ଦେ. ବି. (ସଂ. ଆମର୍ଷ)—ସମ୍ବାହନ; ଦେହ ଉପରେ କୋମଳ ଭାବରେ ହାତ ବୁଲାଇବା—To pat over the body softly.
Āuñshā
ঘষা

**ଆଉଁଷାଇବା**—ଦେ. କ୍ରି.—'ଆଉଁଷିବା'ର ପ୍ରୟୋଜକରୂପ—
Āuñshāibā — The causative form of Āuñshibā.

**ଆଉଁଷାଘଷା**—ଦେ. ବି.—ଦେହକୁ କୋମଳଭାବରେ ଆଉଁଷିବା ଓ ଜୋରରେ ଘଷିବା କର୍ମ—Act of patting or rubbing the body; massage.
Āuñshāghashā

**ଆଉଁଷାପାଉଁଷା**—ଦେ. ବି.—ଆଉଁଷାଘଷା (ଦେଖ)
Āuñshāpāuñshā — Āuñshāghashā (See)

**ଆଉଁଷିବା**—ଦେ. କ୍ରି.—ଦେହ ଉପରେ ଧୀରଭାବରେ ହାତ ବୁଲାଇବା—
Āuñshibā — To pat the body softly.

ସନ୍ତୋଷ ହୋଇ ମୁଖର ଆଉଁଷେ ପିଠି । ପ୍ରାଚୀ. ଉଦ୍ଧବମଙ୍ଗଳ ।

**ଆଉଜା**—ଦେ. ବି—୧ । ଆଉଜିବା କର୍ମ; ଅଢେଇ ହେବା—
Āujā — 1. Act of leaning to; reclining.
আউজা
୨ । କବାଟ ଆଦିକୁ ଆଉଜାଇବା କର୍ମ—
2. Act of shutting up a door.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇସ୍ତ | ଉଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଞ୍ଚ | ନ୍ତ |

ଦେ. ବିଣ—୧ । ବନ୍ଦ କରାଯାଇଥିବା ( ଦ୍ୱାର )—
1. ( a door ) Shut up.
୨ । ଅଣାଇ ହୋଇଥିବା—
2. Leaning to one side; reclining.

**ଅଉଜାଇବା**—ଦେ. କ୍ରି—୧ । ଅଉଜିବାର ଣିଜନ୍ତ ରୂପ—
Āujāibā 1. The causative form of Āujibā
୨ । ମେଲା ଥିବା କବାଟକୁ ନ କିଳି ବନ୍ଦ କରି ଦେବା—
2 To shut ( a door ).
୩ । କୌଣସି ପଦାର୍ଥକୁ ଏକପାଖକୁ ଆଡ଼େଇ ଦେବା—
3. To puss ( a thing ) to one side.
୪ । କୌଣସି ପଦାର୍ଥକୁ ଅନ୍ୟ ଆଶ୍ରୟ ଉପରକୁ ଡେରି ଦେବା-
4. To set a thing leaning to another.
ବକ୍ଷକୁ ଉରେ ଅଉଜାଇ ଶାରଦା । ଉପେ. ବୈଦେହୀଶବିଳାସ ।

**ଅଉଜି ପଡ଼ିବା**—ଦେ. କ୍ରି—ଢଳେ ଏକ ପାଖକୁ ଅଉଜିବା—
Āuji pardibā To lean to one side.
ঠেঁসদেওয়া

**ଅଉଜିବା**—ଦେ. କ୍ରି—୧ । ଏକଅଡ଼କୁ ଢଳିବା—
Āujibā 1. To lean to one side.
ଗୁଣନିଧି ପୁରି ମଦନ ମନ୍ଦିର କେବଳ ଅଛି ଆଉଜି ।
ପ୍ରାଚୀ. ରହସ୍ୟମଞ୍ଜରୀ ।
আউজা; আওজা ୨ । କାନ୍ଥ ଆଦିକୁ ଲାଗିଯିବା—
उठँग्ना 2. To lean to a wall.
ବଟପୀଳ ମୂଳଗଣ ଆଉଜି ଯେ ଥିଲେ । ଉପେ. ବୈଦେହୀଶବିଳାସ
୩ । ଏକ ଆଡ଼କୁ ବା ଦିଗକୁ ଘୁଞ୍ଚିଯିବା—
3. To move to one side.
( ଯଥା—ପବନରେ ଦଲଯାକ ଗୋଟିଏ ପାଖକୁ ଅଉଜିଗଲା । )
୪ । ତକିଆ ଆଦିରେ ଠେସ ଦେବା—
4 To lean over a cushion.
ଘୋଡ଼ା ହାତୀମାନଙ୍କୁ ଅଉଜିତ କରି
ଶୁଅନ୍ତେ ହେଲେ ଜନପଟର ଆକାର । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
୫ । ( ଲକ୍ଷଣାର୍ଥ ) ପକ୍ଷ ଅବଲମ୍ବନ କରିବା—
5. To espouse a party.
( ଯଥା—ସେମାନେ କଂଗ୍ରେସକୁ ଅଉଜି ଅଛନ୍ତି । )
୬ । ( ଲକ୍ଷଣାର୍ଥ ) ପକ୍ଷପାତ କରିବା—
6. To be partial to one party.
( ଯଥା—ହାକିମ ବାଦୀ ଅଡ଼କୁ ଅଉଜିଛନ୍ତି । )
୭ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିର ଆଶ୍ରା ନେବା—
7. To take shelter under a person.

**ଅଉଟ୍**—ବୈଦେ. ବିଣ. ( ଇଂ. ଅଉଟ୍ )—୧ । କ୍ରିକେଟ୍; ଫୁଟ୍‌ବଲ୍ ଓ
Āuṭ ଟେନିସ୍ ଖେଳରେ ଯେଉଁ ପକ୍ଷର ଗେଣ୍ଡୁ ନିର୍ଦ୍ଦିଷ୍ଟ ସୀମାକୁ ଟପି ବାହାରି ପଡ଼େ—1. A party whose ball falls beyond the goal or wicket or field ( in cricket; foot-ball or lawn-tennis )
୨ । କ୍ରିକେଟ୍ ଖେଳରେ ବ୍ୟାଟ୍ ( ପଟା ) ଧରିବା ଖେଳାଳି; କ୍ରିକେଟ୍ କାଠିକୁ ନ ଛୁଇଁଣୁ ବିପକ୍ଷ ପକ୍ଷୀୟ ଖେଳାଳି ଉକ୍ତ କାଠିକୁ ନିଜ ହାତର ବଲ୍‌ଦ୍ୱାରା ଛୁଇଁ ଦେବା ଯୋଗୁଁ ପରାସ୍ତ ହେବା ବ୍ୟାଟଧରା ଖେଳାଳି—
2. A player whose wicket is touched by a player of the opposite party with the ball before the former is able to touch the wicket.
ବୈଦେ. ବି.—କ୍ରିକେଟ ଆଦି ଖେଳରେ ଗେଣ୍ଡୁ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରିବା ଅବସ୍ଥା—
The state of a ball being out in a game of cricket, football or tennis.

**ଅଉଟ୍ ଡୋର୍ ( ମକ୍ତ )**—ବୈଦେ. ( ଇଂ. ) ବିଣ—ଯେଉଁ ମକ୍ତମାନେ
Āuṭḍor (patient) ଡ଼ାକ୍ତରଖାନାକୁ ପ୍ରତିଦିନ ଆସି ଡାକ୍ତରଙ୍କଠାରୁ
(ଇନ୍ ଡୋର୍—ବିପରୀତ) ଔଷଧ ନେଇ ଯେଝା ଘରକୁ ଯାଆନ୍ତି—
Out door ( patient ).

**ଅଉଟ୍ ପୋଷ୍ଟ୍**—ବୈଦେ.ବି. (ଇଂ)—ସ୍ୱଳ୍ପସଂଖ୍ୟକ ସିପାହୀ ଥିବା ପୁଲିସ
Āuṭ posṭ ଅଡ଼ା; ଫାଣ୍ଡି—Out post.

**ଅଉଟ୍ ଷ୍ଟୁଡେଣ୍ଟ**—ବୈଦେ. (ଇଂ) ବି—ଯେଉଁ ପରୀକ୍ଷାର୍ଥୀ କୌଣସି ସ୍କୁଲ
Āuṭ shṭudenṭ ବା କଲେଜରେ ପାଠ ନ ପଢ଼ି ପରୀକ୍ଷା ଦିଏ; ବାହାର ଛାତ୍ର—Out student.

**ଅଉଟଣ**—ଦେ. ବି. ( ସଂ. ଆବର୍ତ୍ତନ )—
Āuṭaṇa ୧ । ଦୁଧ ଆଦିର ଆବର୍ତ୍ତନ; ଅଉଟା—
আউটা 1. Stirring of milk over fire.
୨ । (ଲକ୍ଷଣାର୍ଥ) ଅତି ଗ୍ରୀଷ୍ମ ବା ଜ୍ୱରାଦିରେ ଦଗ୍ଧ ହେବା ଅବସ୍ଥା—2 State of being burnt with excessive heat.
୩ । (ଲକ୍ଷଣାର୍ଥ) ଦହଗଞ୍ଜ ହେବା; ଅତ୍ୟନ୍ତ ସନ୍ତପ୍ତ ହେବା ଅବସ୍ଥା—3. State of being excessively troubled

**ଅଉଟପାଉଟ**—ଦେ. ବିଣ—୧ । ସନ୍ତାପରେ ଅସ୍ଥିର; ଅତି ସନ୍ତପ୍ତ—
Āuṭapāuṭa 1. Restless through trouble or heat.
ছটপট
୨ । ଦହଗଞ୍ଜ—2. Much troubled.
୩ । ଓଲଟପାଲଟ—3. Tupsy turvy.
୪ । ଇତସ୍ତତଃ ସଞ୍ଚାଳିତ—
4. Restless; moving to and fro.
ଦେ. ବି—ଅତିଶୟ ସନ୍ତାପଜନିତ ବ୍ୟସ୍ତତା ବା ଅସ୍ଥିରତା—
Restlessness through heat or trouble.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**ଆଉଟା**—ଦେ. ବ. ( ସ. ଅବର୍ତ୍ତନ; ପ୍ରାକୃତ. ଅବଟ୍ଟଣ )—
Āuṭā ୧ । ସିଝାଇବା ପାଇଁ ଦୁଧକୁ ଚୁଲି ଉପରେ ବସାଇ ଘାଣ୍ଟିବା—
ଆଉଟা 1. To stir milk over fire for boiling.
୨ । ସୁନା ଆଦିକୁ ନିଆଁ ଉପରେ ବସାଇ ତରଳାଇବା—
2. To melt gold etc. over fire.
ଦେ. ବଣ—୧ । ନିଆଁ ଉପରେ ଘଣ୍ଟା ହୋଇଥିବା—
1. Stirred over fire.
୨ । ତରଳା ଯାଇଥିବା ( ଧାତୁ )—
2. Molten ( metal )
ଦେ. ସର୍ବ. ( ଅନ୍ୟାଦ୍ୟର୍ଥ )—ଅନ୍ୟ ଗୋଟାକ—
The other one.

**ଆଉଟାଇବା**—ଦେ. କ୍ରି—ଆଉଟିବା କ୍ରିୟାର ଣିଜନ୍ତ ରୂପ—
Āuṭāibā The causative form of Āuṭibā.
ଆউটান

**ଆଉଟି**—ଦେ. ଅ. ( ଆଉ+ଇଷ୍ଟସ୍ୱାର୍ଥେ. ଟି )—
Āuṭi ୧ । ଅଧିକ ମଧ୍ୟ—1. And also.
আর্‌টি ୨ । ଆଉ ( ଦେଖ )—2. Āu ( See )
୩ । କେବେହେଁ; କେବେଁ—
3. Any longer; certainly ever
ମୁକୁନ୍ଦ ସେ ଆଉଟି କେବେହେଁ ନ ଯାଏଁ । କୃଷ୍ଣ ଦ୍ୱି. ମହାଭାରତ. ଆଦି ।
ଦେ. ସର୍ବ. ( ଅଦସର୍ଥକ )—ଅନ୍ୟ ଗୋଟିକ—
The other one.

**ଆଉଟିପାଉଟି**—ଦେ. ବ ଓ ବଣ—ଆଉଟପାଉଟ ( ଦେଖ )
Āuṭipāuṭi Āuṭapāuṭa ( See )

**ଆଉଟିବା**—ଦେ. କ୍ରି. ( ସ. ଅ+ବୃତ୍ ଧାତୁ ; ପ୍ରା. ଅବଟ୍ଟନ )—
Āuṭibā ୧ । ଚୁଲି ଉପରେ ବସିଥିବା ଦୁଧ ଆଦିକୁ ଘାଣ୍ଟିବା—
আউটা 1. To stir milk etc. over fire.
औटना; अवटना, आँटना
କାହିଁ ଦୁଧମାନଙ୍କୁ ଆଉଟନ୍ତି ।
ପ୍ରାଚୀ—ଦରବେଗୀତା ।
୨ । ସୁନା ଆଦି ଧାତୁକୁ ନିଆଁ ଉପରେ ବସାଇ ତରଳ କରିବା—2. To melt metals over fire.
୩ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ସନ୍ତପ୍ତ ବା ଦନ୍ଦଗନ୍ଧ କରିବା—3. To harass a person grievously.

**ଆଉଡ଼**—ଦେ. ବ. ( ଯାଜବର୍ଗୀ ଭାଷା )—
Āuṛd ୧ । 'ଦୁଆଁକ' ଠାରୁ 'ଦୁଆଁକ' ପର୍ଯ୍ୟନ୍ତ ଦୂରତା—
1. Distance from one 'Duāka'to another.
୨ । 'ଦୁଆଁକ' ଠାରୁ ଦୁଆଁକ' ପର୍ଯ୍ୟନ୍ତ ଖାଲି ସ୍ଥାନ—
2. Space between two 'Duākas.

**ଆଉଡ଼ା**—ଦେ. ବଣ. ପୁଂ—ହାବୁଡ଼ା; ଓଳୁ—Stupid; dull.
Āurḍā ଦେ. ବ. ( ସ. ଆବୃତ୍ତ )—
୧ । ପାଠ ଆଦି ଆବୃତ୍ତି କରିବା—
( ଆବୃତ୍ତି—ସ୍ତ୍ରୀ ) 1. Recital; reading out; persual.
বোবা; আড়ো ୨ । ପୁନରାବୃତ୍ତି—2. Rehearsing.
ପ୍ରାଦେ. (ମେଦନୀପୁର)ବଣ—ଅଡୁଆଳଡୁଆ; ଗୋଲମାଳିଆ—
Disordered.
ପ୍ରାଦେ. ( ମେଦନୀପୁର )ବ—କୁଟା ହୋଇଥିବା ଚାଉଳର ଅଚାଣ୍ଡିଆ ଅବସ୍ଥା ବା ପାଛୁଡ଼ା ହୋଇ ନ ଥିବା ଅବସ୍ଥା—
Uncleansed state of husked rice.

**ଆଉଡ଼ାଇବା**—ଦେ. କ୍ରି. ( ସ. ଆବୃତ୍ତ )—
Āurḍāibā ୧ । ପାଠ ଆଦିକୁ ଆବୃତ୍ତି କରିବା—
আওড়ান 1. To persue or read.
୨ । ପାଟି କରି ପଢ଼ିବା—2. To read out.
୩ । ଘୋଷିବା; ପୁନରାବୃତ୍ତି କରିବା—
3. To revise or repeat a lesson; to rehearse.
୪ । ପାଠ ଆଦିକୁ ଘଉଟାଇବା ବା ମୁଖସ୍ଥ କରିବା—
4. To get by heart; commit to memory.
୫ । ମୁହେଁ ମୁହେଁ ବୋଲିଯିବା—5. To recite.

**ଆଉଡ଼ି**—ଗ୍ରା. ବ. ( ଧ୍ୱନ୍ୟର୍ଥକ )—ଏଉଡ଼ି; ହାକୁଟି—
Āurḍi Loud belching.
ঢেকুর

**ଆଉଡ଼ିବା**—ଦେ. କ୍ରି.—ଆଉଡ଼ାଇବା ( ଦେଖ )
Āurḍibā Āurḍāibā ( See )

**ଆଉଣ୍ଡ**—ପ୍ରାଦେ. ( ସମ୍ବଲପୁର ) ବ. ( ସଂ. ଆବର୍ତ୍ତ )—ଜଳାବର୍ତ୍ତ; ଭଉଁରି—Eddy; whirlpool.
Āuṇḍa

**ଆଉଣ୍ଡା**—ଦେ. ବ—ଦସ୍ତଣ୍ଡିବା—
Āuṇḍā Groping for a thing
হাঁতড়ান

**ଆଉଣ୍ଡିବା**—ଦେ. କ୍ରି.—ଦସ୍ତଣ୍ଡିବା—To grope for or feel ( a thing ).
Āuṇḍibā
হাঁতড়া ପ୍ରାଦେ. ( ସମ୍ବଲପୁର ) କ୍ରି—( ପାଣି ) ଭଉଁରି ବୁଲିବା—To eddy; to whirl.

**ଆଉନ୍ସ**—ବୈଦେ. ବ ( ଇଂ. )—ତରଳ ବସ୍ତୁ ବା ଔଷଧାଦିର ଇଂରେଜ ମାପବିଶେଷ—Ounce; a unit of European measure of liquids.
Āuns
[ ତୁ—ପ୍ରାୟ ଅଢ଼େଇ ତୋଳା ଓଜନ ବା ୪୮୦ ଗ୍ରେନ୍ । ]

**ଆଉନ୍ସିଅ**—ଦେ. ବଣ. ( ସଂଖ୍ୟାବାଚକ ଶବ୍ଦ ସଙ୍ଗେ ବ୍ୟବହୃତ )—
Āunsiā ଏତେ ଆଉନ୍ସ ସମ୍ଭାଳିବା ( ଶିଶି ବା ପାତ୍ର )—( a bottle ) Of the capacity of so many ounces.
( ଯଥା—ଚାରି ଆଉନ୍ସିଆ ଶିଶି । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

ଅଉବୋଉ—ଗ୍ରା. ବି—ଅବୋଉ ( ଦେଖ )
Āubou Ābou ( See )

ଅଉର୍—ପ୍ରାଦେ. ( ସମ୍ବଲପୁର ) ସର୍ବନାମ. ( ସଂ. ଅନ୍ୟତ୍; ଭୁଲ; ହି. ଅଉର; ବଂ. ଆର )—
Āur
ଅଉ ( ଦେଖ )—Āu ( See )
ଦେ. ଅ—୧ । ଅତ୍ୟନ୍ତ—1. Very much.
୨ । ଅଧିକନ୍ତୁ—2. More over.
୩ । ଏବଂ ମଧ୍ୟ—3. And also.

ଅଉରତ୍—ଦେ. ବି. ସ୍ତ୍ରୀ. ( ଆ. ଔରତ୍ )—
Āurat ୧ । ଭାର୍ଯ୍ୟା; ବିବାହିତା ସ୍ତ୍ରୀ—1. Wife.
আওরত্ ୨ । ସ୍ତ୍ରୀ—2. Woman.

ଅଉରି—ଦେ. ଅ—୧ । ଅଉ; ଅଉରି; ଓ; ଏବଂ—1. And.
Āuri ୨ । ଏବଂ ମଧ୍ୟ—2. And also.
আর ୩ । ଅପେକ୍ଷାକୃତ—3. Comparatively.
और ୪ । ଅତ୍ୟନ୍ତ—4. Too much; excessively; very; very much.
୫ । ଅଧିକନ୍ତୁ—5. More over.
ମୋହନ ମନ୍ତ୍ରର ଜାଣୁ ତୁ ଅଉରି ମୋ ମନ କରିବୁ ବଶ,
ଘରୁ ଚ ଗଲ୍ଲ ହରିଣାକ୍ଷୀ ବୃନ୍ଦରୁ ଶ୍ୟାମସଙ୍ଗଭାଗୀ ଯଶ । କବିସୂର୍ଯ୍ୟ ସଙ୍ଗୀତ ।

ଅଉଲପାଉଲ—ଦେ. ବି—ଅଉଲବାଉଲ ( ଦେଖ )
Āu̱lapāu̱la Āu̱labāu̱la ( See )

ଅଉଲବାଉଲ—ଦେ. ବିଣ. ( ଆକୁଳ ଓ ବ୍ୟାକୁଳ )—
Āu̱labāu̱la ୧ । ଅସ୍ତବ୍ୟସ୍ତ; ଅଡୁଆଅଡୁଆ ( କେଶ )—
আউলবাউল 1. Dishevelled; confused; tangled.
औरीबैरी ୨ । ଇତସ୍ତତଃ ବିକ୍ଷିପ୍ତ—
2. Strewn here and there.
୩ । ଅତ୍ୟନ୍ତ ଅଭିଭୂତ ଓ ବ୍ୟାକୁଳ—
3. Overwhelmed with grief.
୪ । ମ୍ଳାନପ୍ରଭ—
4. Shorn of splendour.
୫ । ଅସ୍ତବ୍ୟସ୍ତ; ଭୟବିହ୍ୱଳ—
5. Frightened.
୬ । ପାଗଳ ପରି—6. Almost mad.

ଅଉଲା—ଦେ. ବି—କ୍ଷେପଣୀ; ଅଉଲା; ଡଙ୍ଗାକୁ ଚଳାଇବା ପାଇଁ ବ୍ୟବହୃତ ପକ୍ଷଯୁକ୍ତ ଦଣ୍ଡ—An oar.
Āulā
দাঁড়
बल्ला; लग्गी

ଅଉଲାନ୍—ପ୍ରାଦେ. (ମେଦିନୀପୁର) ବିଣ—ଅଲୁଲାୟିତ; ଅସ୍ତବ୍ୟସ୍ତ—
Āulān Dishevelled; disordered.

ଅଉଲା ପକାଇବା—ଦେ. କି—ଡଙ୍ଗାକୁ ଚଳାଇବା ପାଇଁ ଅଉଲାକୁ ପାଣିରେ ଚଳାଇବା—To row.
Āulā pakāibā
দাঁড়ফেলা

ଅଉଲା ମାରିବା—ଦେ. କି—ଅଉଲା ପକାଇବା (ଦେଖ)
Āulāmāribā Āulāpakāibā (See)

ଅଉଲିପାଉଲି—ଦେ. ବିଣ—ଅଉଲବାଉଲ (ଦେଖ)
Āu̱lipāu̱li Āu̱labāu̱la (See)

ଅଉଲିପାଉଲି ଯିବା—ଦେ. କି—୧ । ଅସ୍ତବ୍ୟସ୍ତ ହେବା—
Āu̱lipāu̱li jibā 1. To be overwhelmed.
୨ । ମ୍ଳାନପ୍ରଭ ହେବା—2. To be shorn of splendour.
ବଜ୍ରଇଲ୍ଲ ଏହା ଉଦୟରୁ ଆହା ଚଳେ ଅଉଲିପାଉଲି । କବିସୂର୍ଯ୍ୟ. ଚନ୍ଦ୍ରକଳା ।

ଅଉସ୍—ପ୍ରାଦେ. (ମେଦିନୀପୁର) ବି—ହେମନ୍ତଋତୁରେ ଅମଦାନି ହେବା
Āus ବିଆଳି ଧାନ—Paddy harvested in Autum.

ଆଏ—ଗ୍ରା. ବି. (ସଂ. ଆୟ)—୧ । ଆୟ—1. Income
Āe ୨ । ଅର୍ଜନ—2. Earning.
আয় ୩ । ଅଳଙ୍କାର—3. Ornament.
(ବଏ—ବିପର୍ଯ୍ୟୟ) ପ୍ରାଦେ. ( ସମ୍ବଲପୁର ) କି—ଅଛି; ଅଟେ—Is.
ପ୍ରାଦେ. ( ଉତ୍ତର ) କି—ଅଛି—Is.

ଆଏଅଲଙ୍କାର—ଦେ. ବି. ( ସଂ. ଆୟ ଅଲଙ୍କାର )—
Āea̱laṅkāra ୧ । ଦେହର ଅଳଙ୍କାର ସମୂହ—
আয়অলঙ্কার 1. Ornaments.
୨ । ଅଳଙ୍କାର ଓ ଧନାଦି—
2. Valuables and jewellery.

ଆଏଁଖ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅକ୍ଷି )—ଆଖି—Eye.
Āeṅkha ( ଯଥା—ତାହାର ଆଏଁଖ୍‌ରେ ପିଚଗ୍ ବାହାରିଛେ । )
[ ଦ୍ର—ସମ୍ବଲପୁରରେ 'ଇ' କାରାନ୍ତ ଶବ୍ଦମାନଙ୍କର ଏହିପରି ଉଚ୍ଚାରଣ ହୁଏ; ଯଥା—ନଦୀ—ନଏଦ୍; ଗାଧି—ଗାଏଧ୍ । ]

ଆଏଁଖ ଆସିବା—ପ୍ରାଦେ. ( ସମ୍ବଲପୁର ) ବି—
Āeṅkha āsibā ୧ । ଆଖି ପତାରେ ଉଠିବା ଅଳୁଅ ବା ବ୍ରଣ—
1. A boil on the eye-lid.
୨ । ଆଖି ବଥାଇବା—2. Aching of the eye.

ଆଏଁଶ୍—ପ୍ରାଦେ. ( ସମ୍ବଲପୁର ) ବି—ଆଇଁଷ ( ଦେଖ )
Āeṅs Āiṅsha ( See )

ଆଏତ୍—ପ୍ରାଦେ. ( ସମ୍ବଲପୁର ) ବି. ଓ ବିଣ. ( ସଂ. ଆୟତ୍ତ )—
Āet ଆୟତ୍ତ ( ଦେଖ )
Āyatta ( See )

ଆଏନା—ଦେ. ବି. ଓ ଅ—ଆଇନା ( ଦେଖ )
Āendā Āindā ( See )
× × × ଆଏନାକୁ ଘୋଡ଼ା ବସ୍ତ୍ର ପଡ଼ିବ, ବଶ ହେବ ନାହିଁ ।
ଫକୀରମୋହନ—ଗଳ୍ପସ୍ୱଳ୍ପ

ଆଏବ୍—ବୈଦେ. ( ଆରବୀ ) ବି—
Āeb ୧ । ଦୋଷ; ତ୍ରୁଟି—1. Fault; defect.

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଘୋଡ଼ା ଓ ମନୁଷ୍ୟ ବିଶେଷଙ୍କଠାରେ ଥିବା ବିଶେଷ ଦୁର୍ଗୁଣ—2. A particular defect or vice in a particular person or horse.

୩ । ମନ୍ଦଗୁଣ—3. Bad quality.

**ଆଏବା**—ପ୍ରାଦେ. ( ଭଞ୍ଜ ) କ୍ରି—ଆସିବା—
Āebā To come.

**ଆଏବି**—ଦେଶ. (ଆ) ବିଣ—ବିଶେଷ ଦୁର୍ଗୁଣଯୁକ୍ତ ( ଘୋଡ଼ା ଆଦି )—
Āebi (a horse) Having a particular defect.
আএবী
आएवी

**ଆଏଶ୍**—ଦେ. ବି. ( ଆ. ଅୟୁଶ୍ )—
Āeś ୧ । ମଉଜ; ସୁଖ—1. Ease.
୨ । ରହିବା ଓ ଚଳିବା ବିଷୟରେ ମଉଜ—2. Luxury; luxurious style of living.
୩ । ଆୟାସ ( ଦେଖ ) 3. Āyāsa ( See )

**ଆଏଶି**—ଦେ. ବିଣ—୧ । ଯେଉଁ ବ୍ୟକ୍ତି ମଉଜ ବା ଅୟୁଷରେ ଚଳେ—
Āeśi 1. Living in luxurious style.
୨ । ଯେଉଁ ବ୍ୟକ୍ତି ଅୟୁଷରେ ରହିବାକୁ ସୁଖ ପାଏ—2. Luxury-loving; ease-loving.

**ଆଂଶିକ**—ସଂ. ବିଣ. ( ଅଂଶ + ସମ୍ବ. ଇକ )—
Āṃśika ୧ । ଅଂଶସମ୍ବନ୍ଧୀୟ—1. Relating to a part.
୨ । ଅସମ୍ପୂର୍ଣ୍ଣ—2. Incomplete

**ଆଃ**—ସଂ. ଅ—୧ । ଅହା ! ହାୟ !—
Āḥ 1. ( interjection ) Oh ! Ah ! Alas !
আঃ ( ନିମ୍ନଲିଖିତ ଅର୍ଥରେ ମଧ୍ୟ ବ୍ୟବହୃତ
उफ, उफरे Used in following senses.)—
୧ । କୋପାର୍ଥକ—1. Anger.
୨ । ବିରକ୍ତିସୂଚକ—2. Displeasure.
୩ । ପୀଡ଼ାଜ୍ଞାପକ—3. Pain.
୪ । ଶୋକସୂଚକ—4. Grief.
୫ । ହର୍ଷସୂଚକ—5. Delight.

**ଆଃ. ମୂ**—ଦେ. ବି. ( ଇଂରାଜୀ. ସାଙ୍କେତିକ ) ଅନୁମାନିକ ମୂଲ୍ୟ—
Āḥ. mū Approximate value.

**ଆଁ**—ଦେ. ବି.—ମୁଖବ୍ୟାଦାନ—Opening the mouth wide.
Āñ ଦେ. ବିଣ—ବ୍ୟାଦାନ କରାଯାଇଥିବା (ପାଟି )—
হাঁ Wide-open ( mouth )

**ଆଁ କରିବା**—ଦେ. କ୍ରି—ପାଟି ମେଲାକରିବା; ମୁଖ ବ୍ୟାଦାନକରିବା—
Āñ kariba To gape; to open the mouth wide.

ସେ ଦେଖ ପୁଣି ବୃକ୍ଷ ହଅନ୍ତେ ଆଁ କରୁ
ବୃକ୍ଷଙ୍କ ପେଟରେ ରହିଲେ ଗଇ ଝରୁ—କୃଷ୍ଣସିଂ. ମହାଭାରତ. ଶାନ୍ତି ।

**ଆଁଖି**—ପ୍ରାଦେ. (କଟକ ସଦର) ବି.—ଚକ୍ଷୁ; ଆଖି—Eye.
Āñkhi

**ଆଁଚନ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅଞ୍ଚ୍ =ଉଡ଼ିବା)—
Āñchan ଦଉଡ଼ିଆ ଖଟର ଗୋଡ଼ ପାଖଆଡ଼୍ ଏକ ହାତ ଜାଗା ପର୍ଯ୍ୟନ୍ତ ଛନ୍ଦାଥିବା ପଜାସିଦଉଡ଼ି—
The rope used in a bed-sted.

**ଆଁଛି**—ପ୍ରାଦେ ( ସମ୍ବଲପୁର ) ବି. ( ସଂ. ଅଞ୍ଚଳ )—
Āñchhi କସ୍ତାସୁତା; ନାଲି ରଙ୍ଗ କରାଯାଇ ଥିବା ଦେଶୀ ମୋଟା ସୁତା ( ଏହା ଗାମୁଛାର ମୁହଁରେ ଓ ଧଡ଼ରେ ଲାଗେ )—
Red coloured coarse thread.

**ଆଁଟ୍**—ପ୍ରାଦେ. (ସମ୍ବଲପୁର) ବିଣ—ଆଣ୍ଟ ( ଦେଖ )
Āñṭ Āṇṭa ( See )

**ଆଁଟ୍‌ବା**—ପ୍ରାଦେ. (ସମ୍ବଲପୁର) କ୍ରି—(ମୁଛ) ମୋଡ଼ିବା—
Āñṭbā To curl ( the whiskers )
ଘରେ ନାହିଁ ବରହମ୍ ଝାଁଟ, ଫିକରଲ୍ ଅଛେ ମେଛା ଆଁଟ୍—ଢଗ ।

**ଆଁଟା**—ପ୍ରାଦେ. ( ସମ୍ବଲପୁର ) ବି—
Āñṭā ପଡ଼ିଆର ହାଡ଼ ପାଖରେ ଥିବା ଅଳ୍ପ ଉଚ୍ଚ ହୁଡ଼—
Ridges on the boundary of a vast field.

**ଆଁଠି**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅସ୍ଥି)—ଟାକୁଆ ( ଆମ୍ବ, ତାଳ,
Āñṭhi କୋଳି ଭିତରେ ଥିବା ହାଡୁଆ ମଞ୍ଜି )—Stone inside
আঁঠি mango and other fruits.

**ଆଁଠୁ**—ପ୍ରାଦେ. ( ସମ୍ବଲପୁର ) ବି—ଆଣ୍ଠୁ—
Āñṭhu Knee.

**ଆଁଡ଼ବାଲ (ଘୋଡ଼ା)**—ପ୍ରାଦେ. ( ସମ୍ବଲପୁର ) ବିଣ—
Āñḍbāl (horse) ଅଣ୍ଡବାଜି (ଘୋଡ଼ା) ( ଦେଖ )
Āṇḍbāji (horse) (See)

**ଆଁବା**—ପ୍ରାଦେ. ( ବସ୍ତର )—ଆମ୍ବ—
Āñbā Mango.

**ଆଁଶ୍**—ଦେ. ବି. ( ସଂ. ଅଂଶୁ )—ଅଂଶୁ ( ଦେଖ )
Āñś Āmśu ( See )

**ଆଁଶକବିଜା**—ଦେ. ବି.—ଯେଉଁ କବିଜାର ପଛଆଡ଼େ ଆଁଶ ବା କୋଣ
Āñśkabijā ଥାଏ—Hinge having corners at the
आँशकजा back.

**ଆଁଶିଆ**—ଦେ. ବିଣ. ( ସଂ. ଅଂଶୁଳ )—ଅଂଶୁଳ ( ଦେଖ )
Āñśiā Āmśula ( See )

**ଆଁଶିଆଁଶିଆ**—ଦେ. ବିଣ. ( ସଂ. ଅଂଶୁଳ )—ଅଂଶୁଳ ( ଦେଖ )
Āñśiāñśiā Āmśula ( See

**ଆଁଶୁ**—ଦେ. ବି. ( ସଂ. ଅଂଶୁ )—୧ । ଅଂଶୁ ( ଦେଖ )
Āñśu 1. Āmśu ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

आँश ୨ । ଆଖିରୋଗବିଶେଷ; ଆଖିରେ ପଚଳା ହୋଇ ମାଡ଼ିଯିବା
रेसा ପଟଳ—2. A disease of the eye; cataract.

୩ । ନଡ଼ିଆ ବାହୁଙ୍ଗା ମୂଳର ପଦା ପାଖେ ଲାଗିଥିବା ଧଳା ପଦାର୍ଥ—3. Fibrous thin white layer found on the root of cocoanut branches.

**ଆଁଶୁଆଁଶୁଆ**—ଦେ. ବିଣ. ( ସଂ. ଅଂଶୁଳ )—ଅଂଶୁଳ ( ଦେଖ )
Āṅsuāṅsuā Amśula ( See )
एँशो
रेसादार्

**ଆକଞ୍ଚା**—ଗ୍ରା. ବି.—ଆକାଂକ୍ଷା—Will; desire; intention.
Ākañchā ଗୋପୀ ପ୍ରେମ ଅନୁଗ୍ରହ ଆକଞ୍ଚା,
ସେହି ମତି ମୋ ନିରନ୍ତର ବାଞ୍ଛା । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଆକଟ**—ଦେ. ବି.—୧ । ତାଗିଦ୍—1 Warning.
Ākaṭa ଦ୍ୱାର ରୁଦ୍ଧ କରିଥିବୁ, କାହାକୁ ଛାଡ଼ି ନ ଦେବୁ,
जब्द ଆକଟ ତାହାଙ୍କୁ କଲା, ବନକୁ ବାହାର ହେଲା ।
ବିଶ୍ୱନାଥ—ବିଚିତ୍ରରାମାୟଣ ।

୨ । କାଇଦା—2. Strict discipline.
( ଯଥା—ତାଙ୍କ ଘର ପିଲାମାନେ ଭାରି ଆକଟରେ ଅଛନ୍ତି । )

୩ । ଅଟକ; ନିଷେଧ—3 Restraint; prohibition.
ବୃଦ୍ଧଙ୍କର ବାଣୀ ଲେଖ ଆକଟ ଜାଣି,
ଅଜାଙ୍କ ଛାମୁରୁ ବେଗେ ହେଲେ ମେଲାଣି । ବିଶ୍ୱନାଥ—ବିଚିତ୍ରରାମାୟଣ ।

୪ । ଗୁରୁଜନାଦିଙ୍କର ଅଧସ୍ତନମାନଙ୍କ ପ୍ରତି ଯାବତା; କଠୋର ବିଧି, ଶାସନ—4. Discipline; strict rule.
ଯାହାର ଏବେ ଏଭଳିକ ଆକଟ, ଦେଖିବ ତୁମ୍ଭେ ତାହାର ଶୃଙ୍ଖଳ ।
କବିସୂର୍ଯ୍ୟ—କବିତା ।

୫ । ଅଲଂଘ୍ୟ ବିଧି—5. Inviolable rule.

୬ । ତୀବ୍ର ଆଦେଶ—6 Urgent order.
ଶୁଣ ଗୋ ସଖିଜନେ ମୋର, ରାଜାର ଆକଟ ଅପାର ।
ଜଗନ୍ନାଥ—ଭାଗବତ. ୧୦ମ ଗୋପ ।

୭ । ସତ୍ୱର—7. Urgency.
( ଯଥା—ତାର ଟଙ୍କାର ବଡ଼ ଆକଟ ପଡ଼ିଛି । )

यरूरी ଦେ. ବିଣ.—୧ । ସତ୍ୱର—1. Urgent.
ପଥ ଚାଲିବା ତା ଆକଟ, କାର୍ଯ୍ୟ ନମିଲେ ହଟପଟ ।
ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

୨ । କଡ଼ା; ଅଲଂଘ୍ୟ—2. Strict; inviolable.

୩ । ନିଷିଦ୍ଧ—3 Prohibited.

**ଆକଟ କରିବା**—ଦେ. କ୍ରି.—୧ । ( ଊର୍ଦ୍ଧ୍ୱତନ ବ୍ୟକ୍ତି ଅଧସ୍ତନଙ୍କୁ )
Ākaṭa karibā ଯାବତା କରିବା; ଖୁବ୍ କଠୋର ନିୟମାଧୀନରେ
जब्दकरा ରଖିବା—1. To keep under discipline.

୨ । ଶାସନାର୍ଥ ଗାଳିଦେବା—2. To repremand; to censure.

୩ । ତାଗିଦ୍ କରିବା; ସାବଧାନ କରି ଚେତାଇଦେବା—3. To warn.

୪ । ଅଟକାଇବା—4. To Restrain.

୫ । ନିଷେଧ କରିବା—5. To prohibit.

**ଆକଟିବା**—ଦେ. କ୍ରି.—ଆକଟ କରିବା (ଦେଖ)
Ākaṭibā Ākaṭa karibā.(See)
ପାପୀଙ୍କ ଦେଖିଲେକ ପିଶାଚୀ ଆକଟେ (ଅଟକାଏ)—କୃଷ୍ଣସିଂହ. ମହାଭାରତ—ବନ ।

**ଆକଟେ**—ଦେ. ପଦ୍ୟ. କ୍ରି. ବିଣ—ଦୃଢ଼ଭାବରେ—
Ākaṭe Tightly; fast.
ଶୂନ୍ୟକୁ ଆକଟେ ଧରି ନିବିଡ଼ ଆଶ୍ଳେଷେ ଆସେ ମୋହ—ରାଧାନାଥ. ମହାଯାତ୍ରା ।

**ଆକଡ଼ମ୍ବାଗୀ**—ଦେ. ବିଣ.—ଅକଡ଼ମ୍ବାଗି (ଦେଖ)
Ākarḍambāgi Akarḍambāgi (See)

**ଆକଡ଼ମ୍ବାଜ୍**—ଦେ. ବିଣ.—ଅକଡ଼ମ୍ବାଗି (ଦେଖ)
Ākarḍambāj Akarḍambāgi (See)

**ଆକଡ଼ମ୍ବାଜି**—ଦେ. ବି.—ଅକଡ଼ମ୍ବାଜି ଦେଖ)
Ākarḍambāji Akarḍambāji (See)

**ଆକଡ଼ମ୍ବାଜିଆ**—ଦେ. ବିଣ.—ଅକଡ଼ମ୍ବାଗି (ଦେଖ)
Ākarḍambājiā Akarḍambāgi (See)

**ଆକଣ୍ଠ**—ସ. ଅ. (ଅବ୍ୟୟୀଭାବ; ଆ=ପର୍ଯ୍ୟନ୍ତ+କଣ୍ଠ)—
Ākaṇṭha କଣ୍ଠପର୍ଯ୍ୟନ୍ତ (ଭୋଜନ)—Up to the neck.

ସଂ. ବିଣ.—କଣ୍ଠ ପର୍ଯ୍ୟନ୍ତ ଗଭୀର ବା ପୂର୍ଣ୍ଣ—Full upto the neck's height.

ଦେ. ବିଣ.—୧ । ଅତି ବିପନ୍ନ—1. Fallen in a great
आकण्ठ danger.

୨ । କଣ୍ଠାଗତପ୍ରାଣ—2. Dying.

ଦେ. ବି.—୧ । କଣ୍ଠାଗତପ୍ରାଣ ଅବସ୍ଥା—1. Dying state.

୨ । ଅତି ବିପନ୍ନାବସ୍ଥା—2. Great calamity.

**ଆକତା** (ଇତ୍ୟାଦି)—ଦେ. ବିଣ.—ଆକ୍ତା ଇତ୍ୟାଦି (ଦେଖ)
Ākatā etc Āktā etc (See)

**ଆକନ୍ଦ**—ସଂ. ବି.—ଅରଖ (ଦେଖ
Ākanda Arakha (See)

**ଆକବର**—ଦେ. ବି. (ନାମ)—ଭାରତବିଖ୍ୟାତ ମୋଗଲ ସମ୍ରାଟ—
Ākabara The great Mogala Emperor of India.

[ ଦ୍ର—ଏ ଦ୍ୱିତୀୟ ମୋଗଲ ସମ୍ରାଟ ହୁମାୟୁନଙ୍କ ପୁତ୍ର ଥିଲେ । ୧୫୫୬ରୁ ୧୬୦୫ ପର୍ଯ୍ୟନ୍ତ ଏ ଭାରତର ମୋଗଲ ରାଜସିଂହାସନ ଅଧିକାର କରିଥିଲେ । ହିନ୍ଦୁ ମୁସଲମାନ ସମସ୍ତଙ୍କୁ ସମାନଭାବରେ ଦେଖିବା ଏବଂ ହିନ୍ଦୁମାନଙ୍କ ପ୍ରତି ଅନୁଚିତ ବ୍ୟବହାର ନ କରିବା-ହେତୁରୁ ଏ ଭାରତ ଇତିହାସରେ ପ୍ରଧାନ ରାଜା ବୋଲି ପରିଚିତ ହୋଇଅଛନ୍ତି । ବିକ୍ରମାଦିତ୍ୟଙ୍କ ସଭାରେ ଯେପରି ନବରତ୍ନ ଥିଲେ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ସେହିପରି ଏହାଙ୍କ ସଙ୍ଗରେ ଅବୁଲଫଜଲ୍, ଫଏଜୀ, ତାନସେନ୍ ପ୍ରଭୃତି ୯ ଜଣ ଗୁଣୀ ଲୋକ ମଧ୍ୟ ଥିଲେ ।]

**ଆକମ୍ପ**—ସଂ. ବି. (ଆ+କମ୍ପ. ଧାତୁ+ଭାବ. ଅ)—
Ākampa ଈଷତ୍‌କମ୍ପ—Vibration; tremour; trembling.
(ଆକମ୍ପିତ—ବିଣ.)

**ଆକମ୍ପନ**—ସଂ. ବି. (ଆ+କମ୍ପନ)—୧ । ଈଷତ୍ କମ୍ପନ—
Ākampana 1. Vibration.
୨ । ଥରିବା—2. Trembling; tremulation.

**ଆକମ୍ପିତ**—ସଂ. ବିଣ. (ଆ+କମ୍ପିତ)—୧ । ଈଷତ୍‌କମ୍ପିତ—
Ākampita 1. Tremulous.
୨ । ଥରୁଥିବା—2. Shaking.
୩ । ଅଳ୍ପ ହଲୁଥିବା—3. Shaking a little.

**ଆକମ୍ପ୍ର**—ସଂ. ବିଣ. (ଆ+କମ୍ପ୍ର)—ଆକମ୍ପିତ (ଦେଖ)
Ākampra Ākampita (See)

**ଆକର**—ସଂ. ବି. ପୁଂ. (ଆ+କୃ ଧାତୁ=ଉତ୍ପନ୍ନହେବା+ଅଧିକରଣ. ଅ)—୧ । ଖଣି (ଯଥା—ସ୍ୱର୍ଣ୍ଣାକର)—1. Mine.
Ākara
୨ । ଉତ୍ପତ୍ତିସ୍ଥାନ (ଯଥା—ରତ୍ନାକର)—2. Source.
୩ । (ଲକ୍ଷଣାର୍ଥ) ସମୂହ (ଯଥା—ପଦ୍ମାକର)—
3. Collection
୪ । (ଲକ୍ଷଣାର୍ଥ) ଯେଉଁଠାରେ କୌଣସି ପଦାର୍ଥ ବା ଗୁଣ ବିଶେଷଭାବରେ ଥାଏ (ଯଥା—ଗୁଣାକର)—
4. A place where anything or quality predominates.

**ଆକରକରା**—ଦେ. ବି.—ଅକରକରା (ଦେଖ)
Ākarakarā Akarakarā (See)

**ଆକରଷ**—ଦେ. ପଦ୍ୟ. ବି. (ସଂ. ଆକର୍ଷ)—ଆକର୍ଷ (ଦେଖ)
Ākarasha Ākarsha (See)
କରିବାକୁ ଆକରଷ ତତ୍ର ପରଶ । ଭକ୍ତ. ପ୍ରେମସୁଧାନିଧି ।

**ଆକରଷଣ**—ଗ୍ରା. ପଦ୍ୟ. ବି. ସଂ. (ଆକର୍ଷଣ)—ଆକର୍ଷଣ (ଦେଖ)
Ākarashaṇa Ākarshaṇa (See)
କୃଷ୍ଣ ତନୁ ମନ ମନରଞ୍ଜ ମାନ; ଆକରଷଣମାନ ରେଖନ୍ତି ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଆକରଷିବା**—ଗ୍ରା. ପଦ୍ୟ. କ୍ରି.—ଆକର୍ଷିବା (ଦେଖ)
Ākarashibā Ākarshibā (See)
ଆକରଷିବ ଦେବ ବାମନ କି । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଆକରା**—ବୈଦେ. ବିଣ. (ଅ. ଆକ୍ରା)—୧ । ମହାର୍ଘ; ମହର୍ଗ—
Ākarā 1. Dear.
আক্রা ୨ । ଜରୁର—2 Urgent.
**آکرا** ଦେ. ବି.—୧ । ଜରୁର—1. Urgency.
୨ । ବିଶେଷ ଅଭାବ—2. Great want.
(ଯଥା—ବର୍ତ୍ତମାନ ଟଙ୍କାର ଭାରି ଆକରା ପଡ଼ୁଛି ।)

୩ । ମୂଲ୍ୟ ଚଢ଼ା ହେବା—3. Rise in price.

**ଆକରିକ**—ସଂ. ବିଣ. (ଆକର+ଇକ)—୧ । ଖଣିସମ୍ବନ୍ଧୀୟ—
Ākarika 1 Relating to mines.
୨ । ଖଣିଜ; ଖଣିରୁ ଉତ୍ପନ୍ନ—2. Mineral.
୩ । ଖଣିରେ କାମ କରୁଥିବା—
3. Mining; engaged in mine.
ସଂ. ବି. ପୁଂ.—ଖଣିରୁ କର ଆଦି ଆଦାୟ କରିବା ପାଇଁ ନିଯୁକ୍ତ ରାଜକର୍ମଚାରୀ—A person appointed to supervise a mine.

**ଆକରୀ**—ସଂ. ବିଣ (ଆକର+ଇନ୍; ୧ମା. ୧ବ.)—୧ । ଖଣିଜ—
Ākarī 1. Produced in mine.
୨ । ଉତ୍ତମଜାତୀୟ (ପଶୁ)—
2. Beast of good breed.

**ଆକରୀୟ**—ସଂ. ବିଣ. (ଆକର+ଈୟ)—ଆକରିକ (ଦେଖ)
Ākarīya Ākarika (See)

**ଆକରୋଟ**—ବୈଦେ. (ଅ) ବି—ଅକ୍ଷୋଟ (ଦେଖ)
Ākaroṭa Ākshoṭa (See)

**ଆକର୍ଣ୍ଣ**—ସଂ. କ୍ରି. ବିଣ. (ଅବ୍ୟୟୀଭାବ. ଆ+କର୍ଣ୍ଣ)—କର୍ଣ୍ଣଯାଏ ବିସ୍ତୃତ—(drawn) to the ear; reaching the ear.
Ākarṇṇa

**ଆକର୍ଣ୍ଣନ**—ସଂ. ବି. (ଆ+କର୍ଣ୍ଣ ଧାତୁ+ଭାବ. ଅନ)—ଶୁଣିବା; ଶ୍ରବଣ—Hearing; listening.
Ākarṇṇana
(ଆକର୍ଣ୍ଣିତ—ବିଣ)

**ଆକର୍ଣ୍ଣିତ**—ସଂ. ବିଣ. (ଆ+କର୍ଣ୍ଣ ଧାତୁ+କର୍ମ. ତ)—ଶ୍ରୁତ; ଶୁଣାଯାଇଥିବା—Heard.
Ākarṇṇita

**ଆକର୍ଣ୍ଣିବା**—ଦେ. ପଦ୍ୟ କ୍ରି.—କର୍ଣ୍ଣ ପର୍ଯ୍ୟନ୍ତ ଟାଣିବା—
Ākarṇṇibā To draw upto the ear.
ଆକର୍ଣ୍ଣି କର୍ଣ୍ଣମୂଳ ଶର ବାଛି—କୃଷ୍ଣସିଂହ. ମହାଭାରତ. ବନ୍ଧ ।

**ଆକର୍ଷ**—ସଂ. ବି. (ଆ+କୃଷ. ଧାତୁ+ଭାବ. ଅ)—
Ākarsha ୧ । ଆକର୍ଷଣ—1. Drawing.
୨ । ଧନୁ ଟାଣିବା—2. Drawing a bow.
୩ । ପଶା ଖେଳିବା—3. Playing with dice.
୪ । ରୋଗଜନିତ ବାୟୁର ବେଗ ବା କମ୍ପ—4. Spasm.
୫ । ଦୂରକୁ ଟାଣିନେବା—5. Drawing away.
୬ । (+କର୍ମ. ଅ) ପଶାକାଠି—6. Dice; a die.
୭ । ଇନ୍ଦ୍ରିୟ—7. Sense-organs.
୮ । ପଶାପାଲି—8. A dice-board.
୯ । (+କରଣ. ଅ) ଚୁମ୍ବକ—9. Load stone.
୧୦ । କଷଟି ପଥର—10. Touch-stone.
୧୧ । ଅଙ୍କୁଶ—11. Hook.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ଥ |

**ଆକର୍ଷକ**—ସଂ. ବଣ. ପୁଂ. ( ଆ+କୃଷ ଧାତୁ+କର୍ତ୍ତୃ. ଅକ )—
Ākarshaka ଆକର୍ଷଣକାରୀ; ଆକର୍ଷଣକର୍ତ୍ତା—
(ଆକର୍ଷିକା—ସ୍ତ୍ରୀ) One who draws ( anything )
ସଂ. ବି—ଚୁମ୍ବକ—Load-stone; magnet

**ଆକର୍ଷଣ**—ସଂ. ବି. ( ଆ+କୃଷ ଧାତୁ+ଭାବ. ଅନ )—
Ākarshaṇa ୧ । ଅପଣା ଆଡ଼କୁ ଟାଣିବା; ବଳପୂର୍ବକ ଉତ୍ତୋଳନ; ଝିଙ୍କିବା—1. Attraction; drawing towards one's self.
୨ । ମନ ମୋହିବା; ଅନ୍ୟର ମନକୁ ବଶୀଭୂତ କରିବା—2. Seduction; fascination.
୩ । ( ନିଦ୍ରା; ଜ୍ୱର ) ଆକ୍ରମଣ—3. Attacking ( of fever or sleep )
୪ । ଜଡ଼ ପଦାର୍ଥର ଯେଉଁ ଗୁଣଦ୍ୱାରା ପରମାଣୁସମୂହ ପରସ୍ପର ପ୍ରତି ସ୍ୱ ସ୍ୱ ଅଭିମୁଖରେ ବଳ ପ୍ରକାଶ କରନ୍ତି—4. Attraction.

**ଆକର୍ଷଣୀ**—ସଂ. ବି. ସ୍ତ୍ରୀ—(ଆ+କୃଷ୍ ଧାତୁ+କରଣ. ଅନ+ସ୍ତ୍ରୀ. ଈ—
Ākarshaṇī ଯାହାଦ୍ୱାରା ଆକର୍ଷଣ କରାଯାଏ ) ୧ । ଅଗବଙ୍କା; କଣ୍ଟା; ଅଙ୍କୁଶକଣ୍ଟା—1. Hook; hooked nail;
୨ । ଅଙ୍କୁଡ଼ି—2. A rod with a hook used to pick fruits from high trees.
୩ । ଲତାର ସୂକ୍ଷ୍ମ ବଙ୍କା ଅଗ୍ର, ଯାହାଦ୍ୱାରା ଲତା ଆଶ୍ରୟକୁ ଧରି ଧରି ଗୁଡ଼େଇ ହୋଇ ଉପରକୁ ଉଠେ;ଲତାପ୍ରତାନ—3. The pointed and hook-like end of a creeper.
୪ । ଶରୀରର ଚହ୍ନ ବା ମୁଦ୍ରାବିଶେଷ—4. The signs of the body.
୫ । ( +କର୍ତ୍ତୃ.ଅନ ) ଆକର୍ଷଣକାରିଣୀ—5. Attracting.
( ଯଥା—ଆକର୍ଷଣୀ ଶକ୍ତି । )

**ଆକର୍ଷଣୀୟ**—ସଂ. ବଣ. ( ଆ+କୃଷ୍ ଧାତୁ+କର୍ମ. ଅନୀୟ )—
Ākarshaṇiya ଝିଙ୍କିହେବାର ଯୋଗ୍ୟ—Fit to be attracted.

**ଆକର୍ଷିକ**—ସଂ. ବଣ (ଆ+କୃଷ୍ ଧାତୁ+ଇକ)—୧ । ଆକର୍ଷଣକାରୀ—
Ākarshika 1. Drawing; attracting.
୨ । ଚୁମ୍ବକସମ୍ବନ୍ଧୀୟ—2. Magnetic.
ସଂ. ବି.—୧ । ଚୁମ୍ବକ—1. Magnet.
୨ । ଚୁମ୍ବକ ପଥର—2. Load-stone.

**ଆକର୍ଷିବା**—ଦେ. ପଦ୍ୟ. କ୍ରି. ୧ । ( ସଂ. ଆ+କୃଷ୍ ଧାତୁ )—ଆକର୍ଷଣ
Ākarshibā କରିବା—1. To attract; to draw.
आकर्षी କାହୁଁ ଅଛି ଦାରୁଣ ନିଦ୍ରା ମୋ ଦେହକୁ, ଅକର୍ଷି ଦେଲ ମୋତେ ଏପରି ମୋହକୁ । କୃଷ୍ଣସିଂହ. ମହାଭାରତ. ବନ ।
୨ । ( ଜ୍ୱର ) ଉପକ୍ରମ ହେବା; ଆକ୍ରମଣ କରିବା—2. To attack.
୩ । ଆକୃଷ୍ଟ ହେବା—3. To be attracted.
ଯାବତ ଶୁଣଶୁଣ କର୍ମେ, ଚିତ୍ତ ଆକର୍ଷେ ମହତ୍ତମେ । ଜଗନ୍ନାଥ—ଭାଗବତ ।
୪ । ( ସଂ. ଆକ୍ରମଣ )—ଆକ୍ରୋଶ କରିବା; ରାଗ କରିବା—To be angry.
ନୃପର ଚରଣ ସେହୁ ଗ୍ରହାନ୍ତି ଆକର୍ଷି । ଅ. କା. ଦା. ର. ।

**ଆକର୍ଷୀ**—ସଂ. ବଣ. ପୁଂ. (ଆ+କୃଷ ଧାତୁ+କର୍ତ୍ତୃ.ଇନ୍ ୧ମା.୧ବ.)—
Ākarshī
(ଆକର୍ଷିଣୀ—ସ୍ତ୍ରୀ) ଆକର୍ଷକ (ଦେଖ) Ākarshaka (See)
ସ. ବି.—ଆକର୍ଷଣୀ (ଦେଖ) Ākarshaṇī (See)

**ଆକଲ** (ଇତ୍ୟାଦି)—ଦେ. ବି.—ଅକଲ (ଇତ୍ୟାଦି) (ଦେଖ)
Ākal (etc) Akal etc. (See)

**ଆକଲ୍‌କରା**—ଦେ. ବି.—ଅକରକରା (ଦେଖ)
Ākalkarā Akarakarā (See)

**ଆକଲ୍ ମାକଲ୍ ଟାକଲ୍ ଚୂଆ**—ଦେ. ବି. (ଶିଶୁକ୍ରୀଡ଼ା)—ଶିଶୁମାନେ
Ākal mākal ṭākal chuā ଲୁଚିଆଣି ଖେଳରେ ଯେଉଁ ଶିଶୁ 'ଚୋର' ହେବ ତାହା ଠିକ୍ କରିବାପାଇଁ ଜଣଜଣକ ମୁଣ୍ଡରେ ହାତ ବଜାଇ ବୋଲିବା ପଦର ୧ମ ପାଦ—The first line of a passage sung by children playing—Hide and seek.

**ଆକଳନ**—ସଂ. ବି. (ଆ+କଲ ଧାତୁ=ଗଣନା କରିବା; ଟାଣିବା+ଭାବ.
Ākalana ଅନ)—୧ । ଆକାଂକ୍ଷା—1. Desiring.
୨ । ଗଣନା—2. Counting; calculating.
୩ । ବାନ୍ଧିବା—3. Binding.
୪ । ସଂଗ୍ରହ—4. Collecting.
୫ । ତଦନ୍ତ—5. Enquiry.
୬ । ଗ୍ରଥନ—6. Stringing together.
୭ । ବୁଝିବା—7. Comprehending
୮ । ଆକର୍ଷଣ—8. Attracting.

**ଆକଲ**—ଦେ. ବଣ. (ସଂ. ଆକୁଳ)—ଆଶ୍ଚର୍ଯ୍ୟାନ୍ୱିତ—
Ākalā Astonished.
आकुल ଶଶିରେଣା ଆକଲ ହୋଇ ପଚାରନ୍ତି । ପ୍ରାଚୀ. ଶଶିରେଣା—ମୁଖବନ୍ଧ ।

**ଆକଳିତ**—ସଂ. ବଣ (ଆ+କଲ୍ ଧାତୁ+କର୍ମ. ତ)—୧ । ଆକାଂକ୍ଷିତ—
Ākalita 1. Desired; wished for.
୨ । ଗଣିତ—2. Calculated; counted.
୩ । ସଂଗୃହୀତ—3. Collected.
୪ । ଗ୍ରଥିତ—4. Strung together.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବ୍ୟବହୃତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ | ଉପରକୁ ଆକର୍ଷିତ—5. Drawn up.

୬ | ବଦ୍ଧ—6. Bound.

୭ | ବୁଝା ଯାଇଥିବା—7. Comprehended; understood.

**ଆକଳ୍ପ**—ସଂ. ଅ. (ଆ=ପର୍ଯ୍ୟନ୍ତ+କଳ୍ପ)—୧ | କଳ୍ପାବସାନ ବା କଳ୍ପାନ୍ତ ପର୍ଯ୍ୟନ୍ତ—1. Till the end of time.
Ākalpa

୨ | ପ୍ରଳୟକାଳ ପର୍ଯ୍ୟନ୍ତ—2. Till a cataclysm occurs.

ସଂ. ବି.—୧ | (ଆ+କ୍ଳୃପ୍ ଧାତୁ=ଭୂଷିତ କରିବା+କରଣ. ଅ)—ବେଶ ରଚନା—1. Dressing.

୨ | ଆନନ୍ଦ—2. Joy; delight.

୩ | ବେଶଭୂଷା—3. Decoration.

୪ | ଅଳଙ୍କାର—4. Ornaments.

୫ | (+ଭାବ. ଅ)—ଉନ୍ନତି—5. Improvement.

୬ | କଳ୍ପନା—6. Imagination.

୭ | ଯୋଡ଼ାସ୍ଥାନ; ଗଣ୍ଠି—7. Knot; joint.

୮ | ରୋଗ; ପୀଡ଼ା—8. Disease; sickness.

୯ | ମୂର୍ଚ୍ଛିତ ହେବା; ବେହୋସ୍ ହେବା—9. Fainting.

**ଆକଷ**—ସଂ. ବି. (ଆ+କଷ ଧାତୁ+ଅଧିକରଣ. ଅ)—କଷଟି ପଥର—Touch-stone.
Ākasha

**ଆକସ୍ମିକ**—ସଂ. ବିଣ. (ଅକସ୍ମାତ୍=କୌଣସିଠାରୁ ନୁହେଁ+ଇକ; ଉପାଦାନ)—୧ | ଅକସ୍ମାତ୍ ଉଦ୍ଭୂତ; ଅକସ୍ମାତ୍ ଉପସ୍ଥିତ—1. Sudden; happening unexpectedly; accidental.
Ākasmika

୨ | ଅପ୍ରତ୍ୟାଶିତ—2. Unforeseen; unexpected.

୩ | ଅକାରଣ; ଅମୂଳକ—3. Causeless; groundless.

**ଆକାଙ୍କ୍ଷ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ତ୍ତୃ. ଅ)—(ବ୍ୟାକରଣ)—ଅର୍ଥ ପୂର୍ଣ୍ଣ କରିବାପାଇଁ ଅନ୍ୟ ଶବ୍ଦ ଲୋଡ଼ୁଥିବା (ଶବ୍ଦ)—(grammar) (a word) Requiring another word or words to complete the sense (M. W.)
Ākāṅksha

**ଆକାଙ୍କ୍ଷଣୀୟ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ମ. ଅନୀୟ)—୧ | ବାଞ୍ଛନୀୟ; ଯାହାକୁ ଆକାଙ୍କ୍ଷା କରାଯାଏ—1. Desirable.
Ākāṅkshaṇiya
(ଆକାଙ୍କ୍ଷଣୀୟା—ସ୍ତ୍ରୀ)

୨ | ପାଇବାକୁ ଇଚ୍ଛା କରିବାର ଯୋଗ୍ୟ—2 Fit to be wished for.

**ଆକାଙ୍କ୍ଷା**—ସଂ. ବି. (ଆ+କାଙ୍କ୍ଷ ଧାତୁ+ଭାବ. ଅ+ସ୍ତ୍ରୀ. ଆ—ତୁଳ. ଇ.—Hankering.)—
Ākāṅkshā

୧ | ସ୍ପୃହା; ବଳବତୀ ଇଚ୍ଛା—1. Longing; hankering.

୨ | ଇଚ୍ଛା; ଅଭିଳାଷ—2. Wish; desire.

୩ | (ବ୍ୟାକରଣ) କୌଣସି ଶବ୍ଦର ଅର୍ଥ ସଂପୂର୍ଣ୍ଣ କରିବାପାଇଁ ଅନ୍ୟ ଶବ୍ଦର ଅପେକ୍ଷା—3. Need of supplying a word to complete the sense or thought.

[ ଦ୍ର—ସଂ. ବ୍ୟାକରଣରେ ଗୋଟିଏ ଶବ୍ଦ ବା ଭାବର ଅର୍ଥ ସମ୍ପୂର୍ଣ୍ଣ କରିବାପାଇଁ ୩ଟି ବିଷୟ ଲୋଡ଼ା—ଆକାଙ୍କ୍ଷା; ଆସତ୍ତି; ଯୋଗ୍ୟତା ]

୪ | ଆଶା—4. Expectation.

୫ | ଉଦ୍ଦେଶ୍ୟ; ଅଭିପ୍ରାୟ—5. Purpose; intention.

୬ | (ଅଳଙ୍କାର) ବାକ୍ୟରେ ବ୍ୟବହୃତ ପଦମାନଙ୍କର ଅର୍ଥ ସମ୍ବନ୍ଧରେ ଯେଉଁ ପରସ୍ପର ଅପେକ୍ଷା ଥାଏ; ପ୍ରତୀତି ପର୍ଯ୍ୟବସାନବିରହ—6. The inter-relation of words in a sentence in respect of meaning.

**ଆକାଙ୍କ୍ଷିତ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ମ. ତ)—୧ | ଇପ୍ସିତ; ଅଭିଳଷିତ—1. Wished for; longed for; desired.
Ākāṅkshita

୨ | ଜିଜ୍ଞାସିତ—2. Asked.

୩ | ଅପେକ୍ଷିତ—3. Waited; looked for.

୪ | ଆବଶ୍ୟକ—4. Necessary.

**ଆକାଙ୍କ୍ଷୀ**—ସଂ. ବିଣ. ପୁଂ. (ଆ+କାଙ୍କ୍ଷ ଧାତୁ+ଇନ୍; ଆକାଙ୍କ୍ଷିନ୍. ୧ମା. ୧ବ.)—୧ | ଅଭିଳାଷୀ; ଇଚ୍ଛୁକ—1. Desirous; longing after.
Ākāṅkshi
(ଆକାଙ୍କ୍ଷିଣୀ—ସ୍ତ୍ରୀ)

୨ | ଅପେକ୍ଷାକାରୀ—2. Waiting.

୩ | ଜିଜ୍ଞାସୁ—3. Desirous of asking.

**ଆକାଙ୍କ୍ଷ୍ୟ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ମ. ଯ)—ଆକାଙ୍କ୍ଷଣୀୟ (ଦେଖ)
Ākāṅkshya Ākāṅkshaṇiya (See)

**ଆକାମାଗଇ**—ଦେ. ବି—ଅକାମାବଇ (ଦେଖ)
Ākāmāgai Akāmābai (See)

**ଆକାମାବଇ**—ଦେ. ବି—ଅକାମାବଇ (ଦେଖ)
Ākāmābai Akāmābai (See)

**ଆକାମାବୈ**—ଦେ. ଅ. (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏହି ଗୁରୁମାସର ଆଦ୍ୟ ଅକ୍ଷର ଚତୁଷ୍ଟୟ)—
Ākāmābai

୧ | ବର୍ଷର ଯେଉଁ ଗୁରୁମାସରେ ପୁଣ୍ୟ ସଞ୍ଚୟ କରାଯାଏ (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ)—1. The 4 sacred months of the year.

୨ | ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସର ପୂର୍ଣ୍ଣିମା ଚତୁଷ୍ଟୟ—2. The fullmoon of the 4 months stated above.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ୍ୟ | ଜ | ଷ,ସ | ଙ୍କ | ଇଥ୍ | ଉଥ | ଢ଼ |
| ୨ | ଈ | ଭ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଔ | କୃ |

୩ । ଉକ୍ତ ଚାରି ଧର୍ମମାସରେ କୃତ ପୁଣ୍ୟ—
3. Pious acts performed during the above 4 sacred months.

[ ଦ୍ର—ଏହି ଚାରି ମାସ ହିନ୍ଦୁମାନଙ୍କର ପୁଣ୍ୟମାସ । ଏହି ଚାରି ମାସରେ ଓ ଚାରି ମାସର ପୂର୍ଣ୍ଣିମାରେ କୃତ ବ୍ରତଦାନାଦି ମହାପୁଣ୍ୟପ୍ରଦ । ମତ୍ସ୍ୟପୁରାଣରେ ଏହି ଶବ୍ଦ ବ୍ୟବହୃତ ହୋଇଅଛି; "ବିଷୁବେ ଶତସାହସ୍ରମାକାମାର୍ଦ୍ଧେଫଳଂ ଲଭେତ୍" ଅର୍ଥାତ୍ ବିଷୁବ ସଂକ୍ରାନ୍ତିରେ ଦାନାଦି କଲେ ଶତସହସ୍ର 'ଅକାମାର୍ଦ୍ଧେ' ଫଳ ଲାଭ ହୁଏ । ]

**ଅକାୟ**— ସଂ. ବି. ୧ । ଚିତା—1. Funeral pile.
Ākāya ୨ । ଚିତାଗ୍ନି—2. Fire on the funeral pile.
୩ । ବାସସ୍ଥାନ; ଆବାସ—3. Abode; residence.

**ଅକାର**— ସଂ. ବି. [ ଆ + କୃ ଧାତୁ = କରିବା ( ପ୍ରକାଶ କରିବା ) +
Ākāra କର୍ମ. ଅ—ଯାହାଦ୍ୱାରା ବସ୍ତୁ ବା ବ୍ୟକ୍ତିକୁ ଚିହ୍ନନ୍ତି ]—
୧ । ଆକୃତି; ରୂପ— 1. Form; shape.
୨ । ଚେହେରା—2. Appearance; aspect.
୩ । ମୂର୍ତ୍ତି—3. Figure.
୪ । ( + କରଣ. ଅ ) ମନୋଗତ ଭାବ—
4. Mental idea.
୫ । ଗୁପ୍ତ ଭାବ ବାହାରେ ପ୍ରକାଶ କରିବା—
5. Expression of inner or mental condition.

[ ଦ୍ର—ମନୁଷ୍ୟର ଆକାର, ଇଙ୍ଗିତ, ଗତି, ଚେଷ୍ଟା ଓ ଭାଷିତ ଦ୍ୱାରା ମନର ଭାବ ଠଉରାଇ ହୁଏ । ]

୬ । ଇଙ୍ଗିତ—6. Hint.
୭ । ଦେହ—7. Body.
୮ । ଏକତା—8. Identity; sameness.
୯ । ଚିହ୍ନ—9. Sign
୧୦ । ସୁନ୍ଦର ଚେହେରା—
10. Good or noble appearance.
୧୧ । 'ଆ' ସ୍ୱରବର୍ଣ୍ଣ ବ୍ୟଞ୍ଜନବର୍ଣ୍ଣରେ ଯୁକ୍ତ ହେବା ଚିହ୍ନ—
11. The sign of the vowel 'Ā' when joined to a consonant.
୧୨ । 'ଆ' ନାମକ ସ୍ୱରବର୍ଣ୍ଣ ବା ଅକ୍ଷର—
12. The vowel 'Ā'.
୧୩ । ( ଆ + କାର ଧାତୁ + କର୍ମ. ଅ)—ଡାକିବା; ଆହ୍ୱାନ—
13. Calling; accosting.

ଦେ. କି. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ )—
ତୁଲ୍ୟ; ପରି—Like.

ଧାର୍ଯ୍ୟ ସ୍ରୀମସେନ ବେଗେ ନକ୍ଷତ୍ର ଆକାର । ଗଧାନାଥ. ବେଣୀସଂହାର ।

**ଆକାରଗୁପ୍ତି**—ସଂ. ବି. ( ୬ଷ୍ଠୀ ତତ୍ )—ଭୟ ହର୍ଷାଦି ହେତୁକ ହୃଦ୍‌ଗତ
Ākāragupti ଭାବ ବା ମୁଖବିକାରାଦିର ଗୋପନ; ଅବହିତ୍ଥା —
Dissimulation; concealment of one's mental feelings.

**ଆକାରଗୂହନ**—ସଂ. ବି. ( ୬ଷ୍ଠୀ ତତ୍ )—ଆକାରଗୁପ୍ତି ( ଦେଖ )
Ākāragūhana Ākāragupti ( See )

**ଆକାରଗୋପନ**— ସଂ. ବି—ଆକାରଗୁପ୍ତି ( ଦେଖ )
Ākāragopana Ākāragupti ( See )

**ଆକାରଣ**—ସଂ. ବି. ( ଆ = କୃ ଧାତୁ ଣିଚ୍ ; କାରି = ଡାକିବା + ଭାବ.
Ākāraṇa ଅନ )—୧ । ନିମନ୍ତ୍ରଣ—1. Invitation.
୨ । ଡକାଇବା—2. Sending for.
୩ । ବିପକ୍ଷକୁ ଗର୍ବପୂର୍ବକ ଆହ୍ୱାନ—3. Challenge.

**ଆକାରଣା**—ସଂ. ବି. ( ଆକାରଣ+ଆ )—ଆକାରଣ ( ଦେଖ )
Ākāraṇā Ākāraṇa ( See )

**ଆକାରପ୍ରକାର**—ଦେ. ବି. ( ସହଚର ଶବ୍ଦ )—୧ । ଢଙ୍ଗଢାଙ୍ଗ—
Ākāraprakāra 1. Mein and bearing.
୨ । ଚେହେରା ଓ ଆଚରଣ—
2. Appearance and conduct.

**ଆକାରବନ୍ତ**—ଗ୍ରା. ବିଣ. ପୁଂ. ( ସଂ. ଆକାରବତ୍ )—
Ākārabanta ଆକାରବାନ୍ ( ଦେଖ )
( ଆକାରବନ୍ତୀ—ସ୍ତ୍ରୀ ) Ākārabān ( See )
आकारवन्त

**ଆକାରବନ୍ତା**—ଗ୍ରା. ବିଣ. ପୁଂ.—ଆକାରବାନ୍ ( ଦେଖ )
Ākārabantā Ākārabān ( See )

**ଆକାରବାନ୍**—ସଂ. ବିଣ. ପୁଂ. ( ଆକାର + ବତ୍; ୧ମା. ୧ବ. )—
Ākārabān ୧ । ଯେ ଆକାର ଧାରଣ କରିଥାଏ—
1. Assuming a shape.
୨ । ଦେହଧାରୀ—2 Corporeal.
୩ । ସୁଗଠିତ—3. well-shaped.
୪ । ସୁନ୍ଦର ଆକାରବିଶିଷ୍ଟ—
4. Of a lovely shape.

**ଆକାରାନ୍ତ**—ସଂ. ବିଣ. ( ବହୁବ୍ରୀହି; ଆକାର + ଅନ୍ତ )—ଯେଉଁ ପଦ
Ākārānta ଶେଷରେ 'ଆ' ଥାଏ ( ଯଥା—ବୀଣା, ଲତା )—
Words ending with the letter 'Ā'.
ଗ୍ରା. ବିଣ—ଆକ୍ରାନ୍ତ ( ଦେଖ )—Ākrānta ( See )

**ଆକାରିତ**— ସଂ. ବିଣ. (ଆ + କୃ ଧାତୁ. ଣିଚ; କାରି ଧାତୁ + କର୍ମ.ତ)—
Ākārita ୧ । ଆହୂତ—1, Called.
୨ । ସ୍ୱୀକୃତ—2. Agreed upon.
୩ । ଯାହାକୁ ଗୋଟିଏ ରୂପ ଦିଆଯାଏ—
3. Given a shape.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ତଲବ କରା ଯାଇଥିବା—4. Demanded

୫ । ମୂର୍ତ୍ତିରୂପେ ଗଠିତ—
5. Moulded into a shape; embodied.

୬ । ଯବରଦସ୍ତି ଆଦାୟ କରା ଯାଇ ଥିବା—
6. Exacted.

**ଆକାଳ**—ଦେ. ବି. ( ସଂ. ଅକାଳ )—
**Ākāḻa** ୧ । ଅକାଳ—1. Bad time.
୨ । ଅସମୟ; ଅନୁପଯୁକ୍ତ ସମୟ—
2. Improper time.
୩ । ମହର୍ଗକାଳ—3. Famine.
ସଂ. ବି. ( ଆ=ସମ୍ୟକ୍+କାଳ )—ଉପଯୁକ୍ତ ସମୟ—
Right time; proper time.

**ଆକାଳି**—ଦେ. ବି—ଅକାଳି ( ଦେଖ )
**Ākāḻi** Akāḻi ( See

**ଆକାଳିକ**—ସଂ. ବିଣ. ( ଅକାଳ+ଭାବ. ଇକ )—
**Ākāḻika** ୧ । ଅକାଳସମ୍ଭୂତ—1. Untimely.
୨ । ଉପଯୁକ୍ତ ଋତୁ ଛଡ଼ା ଅନ୍ୟଋତୁରେ ଘଟିବା ବା ଫଳିବା-
2. Unseasonable
୩ । ( ଅକାଳ+ଇକ ) କ୍ଷଣିକ; ଅଳ୍ପସମୟବ୍ୟାପୀ—
3. Transient, momentary.

**ଆକାଳି**—ଦେ. ବି—ଅକାଳି ( ଦେଖ )
**Ākāli** Ākāḻi ( See

**ଆକାଳିକୀ**—ସଂ. ବି. ( ଆକାଳିକ+ସ୍ତ୍ରୀ. ଈ )—ବିଦ୍ୟୁତ୍—
**Ākāḻikī** Lightning

**ଆକାଶ**—ସଂ. ବି. ( ଆ=ସମ୍ୟକ୍+କାଶ=ପ୍ରାପ୍ତି ପାଇବା+କର୍ତ୍ତୃ. ଅ; ଯାହା ସମ୍ୟକ୍ ପ୍ରାପ୍ତି ପାଏ )—୧ । ଗଗନ; ଶୂନ୍ୟ—
**Ākāśa**
1. The sky; the heavens; firmament.
[ ଦ୍ର—ହିନ୍ଦୁଶାସ୍ତ୍ରାନୁସାରେ ଏହା ପଞ୍ଚଭୂତରୁ ଏକତମ । ଏହା ଶୂନ୍ୟମଣ୍ଡଳରେ ବା ବ୍ରହ୍ମାଣ୍ଡରେ ବ୍ୟାପି ରହିଅଛି । ଏହା ସମସ୍ତ ଶବ୍ଦର ଆଧାର । ଆକାଶର ବିଶେଷ ଗୁଣ ଶବ୍ଦ ଅଟେ । ]
୨ । ଶୂନ୍ୟମଣ୍ଡଳରେ ପୂର ରହିଥିବା ଅଦୃଶ୍ୟ ଦ୍ରବ୍ୟ—
2. Ether.
୩ । ସ୍ୱର୍ଗ—3. The heaven.
୪ । ବ୍ରହ୍ମ—4 The Supreme Soul
୫ । ଛିଦ୍ର; କଣା; ଗାତ—4. Hole.
୬ । ( ଗଣିତ ) ଶୂନ୍ୟ; ଶୂନ—6. ( arith ) Zero.
୭ । ବିନ୍ଦୁ—7. A dot; point.
ଦେ. ବି—ମେଘ—Cloud.

**ଆକାଶକକ୍ଷା**—ସଂ. ବି. ( ୬ଷ୍ଠୀ ତତ୍; ଆକାଶର କକ୍ଷା=କଟିଦେଶ; ଯେଉଁଠାରେ ଆକାଶ ଓ ପୃଥିବୀ ମିଳି ଗଲା ପରି ଦିଶେ )—ଦିଗ୍‌ବଳୟ—The horizon.
**Ākāśakakshā**

**ଆକାଶକୟାଁ**—ଦେ ବି.—୧ । ଶୂନ୍ୟରେ କୟାଁ ବା ତେନ୍ତୁଳି ଫଳିବା ଯେପରି ଅସମ୍ଭବ, ସେହିପରି ଅସମ୍ଭବ କଥା—
**Ākāśakayāṅ**
1. An improbable thing.
୨ । ସୃଷ୍ଟି ଛଡ଼ା କଥା—
2. A thing which is not in existence.
୩ । ଅନିଶ୍ଚିତ ବିଷୟ—3 An uncertain matter.
( ଆକାଶକୟାଁ ଫଳିବା ମାଛ—ପ୍ରବଚନ । )

**ଆକାଶକୁ ଉଠାଇବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତିକୁ ଅଯଥା ପ୍ରଶଂସା କରିବା—1 To lift a person to the 7th heaven; to praise one for nothing.
**Ākāśaku uṭhāibā**
আকাশে তোলা
आस्मानपर चढाना
आस्मानपर थुकना
୨ । କୌଣସି ବ୍ୟକ୍ତିକୁ ଅଯଥା ଆଶା ଦେବା—
2. To give false and unreasonable hopes to an ther.

**ଆକାଶକୁସୁମ**—ସଂ. ବି. (ମଧ୍ୟପଦଲୋପୀ; ଆକାଶରେ ଜାତ କୁସୁମ)—
**Ākāśakusuma** ୧ । ( ଆକାଶରେ ଫୁଲ ଫୁଟିବା ଯେପରି ଅସମ୍ଭବ ସେହିପରି ଅସମ୍ଭବ କଥା ) ଖପୁଷ୍ପ—
1. An improbable matter as a flower budding forth in the space.
୨ । କାଳ୍ପନିକ ବିଷୟ—2. An imaginary matter; a flower of fancy.
[ ତୁଳ—ଆକାଶ କୟାଁ; ଲେଙ୍ଗ ବାଳ; ଭେକ ହାଡ଼; ପିମ୍ପୁଡ଼ି ରକତ; ପଥର ପିଉ; ଡିମ୍ବିରି ଫୁଲ । ]
୩ । ନିଷ୍ଫଳ ଓ ଅସାର ଆଶା—
4. Vain hopes; unreasonable hopes.

**ଆକାଶଗ**—ସଂ. ବିଣ. ପୁଂ. (ଆକାଶ+ଗମ ଧାତୁ+କର୍ତ୍ତୃ. ଅ)—
**Ākāśaga** ୧ । ବ୍ୟୋମଚର; ଆକାଶଗାମୀ—
(ଆକାଶଗା—ସ୍ତ୍ରୀ) 1. Moving in the sky.
୨ । ପକ୍ଷୀ; ଖେଚର—2. Bird

**ଆକାଶଗଙ୍ଗା**—ସଂ. ବି. (ମଧ୍ୟପଦଲୋପୀ; ଆକାଶରେ ପ୍ରବାହିତ ଗଙ୍ଗା)—
**Ākāśagaṅgā** ୧ । ସ୍ୱର୍ଗଗଙ୍ଗା; ମନ୍ଦାକିନୀ—
1. The mythological river of heaven; the celestial Ganges.
୨ । ଛାୟାପଥ—2. The milky-way

**ଆକାଶଗତି**—ସଂ. ବି. ( ୭ମୀ ତତ୍ )—ଆକାଶ ବା ଶୂନ୍ୟରେ ଗମନ—
**Ākāśagati** Movement in the sky.
ସଂ. ବିଣ.—ଆକାଶଗାମୀ (ଦେଖ)
Ākāśagāmi (See)

**ଆକାଶଗରୁଡ଼**—ସଂ. ବି. (ଔଷଧଗଛବିଶେଷ)—ନିର୍ମୂଳିଲତା (ଦେଖ)
**Ākāśagaruḍa** Nirmūḻi (creeper) (See)
ଅନ୍ୟ ସଂ. ନାମ— ଗରୁଡ଼ପକ୍ଷୀ; ଗିଧିନୀ; ଆକାଶପକ୍ଷୀ ।
[ ଦ୍ର—ଏହା ବିରେଚକ, କୃମି, ଫିରଙ୍ଗିରୋଗ, ରକ୍ତଦୂଷଣ ଓ ସର୍ପବିଷର ହାରକ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଈଅ | ଢ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ଢ଼ |

**ଅକାଶଗା**—ସଂ. ବି. ସ୍ତ୍ରୀ.—**ଅକାଶଗଙ୍ଗା** (ଦେଖ)
Ākāśagā Akāśagaṅgā (See)

**ଅକାଶଗାମୀ**—ସଂ. ବିଣ. ପୁଂ. (ଅକାଶ+ଗାମିନ୍ ୧ମା. ୧ବ. )—
Ākāśagāmi ଅକାଶ ଅଡ଼କୁ ଗତି କରୁଥିବା—(ଯଥା—ଶର; ବାଣ) Rushing towards space; rising high in the air.

**ଅକାଶଚକ୍ର**—ଦେ. ବି. ( ସଂ. **ଅକାଶ** + ଓ. ଚକ୍ର)—ଏକପ୍ରକାର ବାଣ;
Ākāśachakra ଶୂନ୍ୟଚକ୍ରି ; ଯେଉଁ ବାଣ ଅକାଶକୁ ଉଠି ଚକ ପରି ବୁଲେ—A fire-work which rises high and exhibits circles of bright light.

**ଅକାଶଚକ୍ରି**—ଦେ. ବି.—**ଅକାଶଚକ୍ର (ଦେଖ)**
Ākāśachakri Ākāśachakra (See)

**ଅକାଶଚମସ**—ସଂ. ବି. (ଅକାଶ + ଚମସ=ଗୋଲ ପାତ୍ର)—
Ākāśachamasa ଚନ୍ଦ୍ର—The moon.

**ଅକାଶଚମ୍ପା**—ଦେ.ବି. (ସଂ. ଅକାଶ+ଓ. ଚମ୍ପା)—ଏକପ୍ରକାର ବାଣ—
Ākāśachampā ଯେଉଁ ବାଣ **ଅକାଶକୁ** ଉଠିଯାଇ ସେଠାରେ ଚମ୍ପାଫୁଲ ପରି ହଳଦିଆ ଅଲୋକ-କଣାମାନ ବର୍ଷେ—
A kind of fire-work which goes up high and bursts into yellow sparks.

**ଅକାଶଚର**—ସଂ. ବିଣ. ପୁଂ. (ଅକାଶ + ଚର ଧାତୁ + କର୍ତ୍ତୃ. ଅ; ୧ମା.
Ākāśachara ୧ବ. )—୧ । ଶୂନ୍ୟରେ ବିଚରଣ କରୁଥିବା—
1. Moving in the sky.
୨ । ଉଡ଼ନ୍ତା—2. Flying.
ସଂ. ବି.—(ଅକାଶଗାମୀ) ପକ୍ଷୀ ପ୍ରଭୃତି—Birds etc.

**ଅକାଶଚରୀ**—ସଂ. ବି. ସ୍ତ୍ରୀ. (**ଅକାଶଚର** + ସ୍ତ୍ରୀ. ଈ)—
Ākāśachari ୧ । **ଦେବୀ**—1. Deities
୨ । ପକ୍ଷିଣୀ—2. Female-bird.

**ଅକାଶଚାରୀ**—ସଂ. ବିଣ. **ପୁଂ**. ( **ଅକାଶ** + ଚର ଧାତୁ=ବିଚରଣ କରିବା
Ākāśachāri + କର୍ତ୍ତୃ. ଇନ୍ )—**ଅକାଶଚର** (ଦେଖ)
(ଅକାଶଚାରିଣୀ—ସ୍ତ୍ରୀ) Ākāśachara (See)

**ଅକାଶଜନନୀ**—ସଂ. ବି. ( ଅକାଶ + ଜନନୀ —
Ākāśajanani ଦୁର୍ଗପ୍ରାଚୀରରେ ରଖା ଯାଇଥିବା ଛିଦ୍ର—
Loop-hole; an embrasure.

**ଅକାଶଡୁବି**—ପ୍ରାଦେ. ( ଅଳ ଓ କଳିକା ) ବି—
Ākāśaḍubi କ୍ଷେତରେ ଧାନ୍ୟ ନଷ୍ଟ କରିବା ଏକପ୍ରକାର ପୋକ-
A class of insects injuring paddy.
[ ଦ୍ର—ଏମାନେ ଡାଉଁଶ ପରି ପକ୍ଷଯୁକ୍ତ ଏବଂ ପ୍ରାୟ ଏକ ଇଞ୍ଚ ଲମ୍ବ । ଏ ପୋକ ଖାଇ ଗଲେ ଧାନ ଅଉ ବାହାରେ ନାହିଁ । ]

**ଅକାଶଦୀପ**—ସଂ. ବି. ( ମଧ୍ୟପଦଲୋପୀ )—
Ākāśadipa ୧ । କାର୍ତ୍ତିକ ମାସ ରାତିରେ ଅଗଣା ବା ଦାଣ୍ଡରେ
স্বর্গবাতি; অকাশদীপ ଶଗଡ଼ ଓ ଦଉଡ଼ି ଲାଗିଥିବା ଗୋଟିଏ ଉଚ୍ଚ
**आकाशदीप** ବାଉଁଶ ପୋତା ଯାଏ ଏବଂ ଛିଦ୍ର ହୋଇ ଥିବା ଗୋଟିଏ ହାଣ୍ଡି ମଧ୍ୟରେ ଲକ୍ଷ୍ମୀନାରାୟଣଙ୍କ ଉଦ୍ଦେଶ୍ୟରେ ଘିଅ ଦୀପ ଜାଳି ଶଗଡ଼ ସାହାଯ୍ୟରେ ତାକୁ ବାଉଁଶ ଅଗକୁ ଟାଣି ଝୁଲାଇ ଦିଆଯାଏ—
1. A lamp put inside a perforated pot and lifted by means of a pully to the top of a high bamboo and lighted every evening during the month of Kārtika.
୨ । ରାତିରେ ସମୁଦ୍ରରେ ନାବିକମାନଙ୍କୁ ବହୁ ଦୂରରୁ ଦେଖା ଯାଉଥିବା ଭଳି କୌଣସି ଉଚ୍ଚ ସ୍ଥାନରେ ଜଳା ଯାଉଥିବା ଉଜ୍ଜ୍ୱଳ ଅଲୋକ—
1. A light of a light-house; a light placed on an elevated spot or pillar on the sea-shore or on islands used for warning sailors in the night.
୩ । ଦୂର ଦେଶକୁ ଇସାରା ଦ୍ୱାରା ସମ୍ବାଦ ପଠାଇବା ପାଇଁ ପର୍ବତାଦି ଉପରେ ଜଳାଯିବା ଅଲୋକ—
3. A light placed on the top of a mountain to signal news to a great distance.
୪ । ପୋତା ବାଉଁଶ ଅଗରେ ଲଟକା ଯାଇଥିବା ଲଣ୍ଠନ—
4. A lantern on the top of a pole.

**ଅକାଶଦୁହିତା**—ସଂ. ବି. ( ୬ଷ୍ଠୀ ତତ୍; ଯାହା ଶୂନ୍ୟରୁ ଜାତ ହୁଏ )—
Ākāśaduhitā ଶୂନ୍ୟ ଜବାବ; ପ୍ରତିଧ୍ୱନି—Echo ;
( Lit —the daughter of the sky )

**ଅକାଶପ୍ରଦୀପ**—ସଂ. ବି—ଅକାଶଦୀପ ( ଦେଖ )
Ākāśapradipa Ākāśadipa ( See )

**ଅକାଶ ଫାଟିବା**—ଦେ. ବି--ବିଶେଷ ଉଚ୍ଚ ରାବରେ ଅକାଶ ମୁଖରିତ
Ākāśa phāṭibā ହେବା-The sky being rent with
আকাশফটা loud cries.
**आस्मान् टुट्ना;** ( ଯଥା—ଭ୍ରାତୃବିୟୋଗରେ କୁଟୁମ୍ବମାନଙ୍କ
**अस्मान फट्परन्** ରୋଦନରେ ଅକାଶ ଫାଟିଗଲା । )

**ଅକାଶବର୍ତ୍ମ**—ସଂ. ବି. (ଅକାଶ+ବର୍ତ୍ମନ୍; ୧ମା. ୧ବ. )—
Ākāśabarttma ଅକାଶମାର୍ଗ—The aerial path; the sky.

**ଅକାଶବଲ୍ଲୀ**—ସଂ. ବି—ଅକାଶମାଂସୀ ( ଦେଖ )
Ākāśaballi Ākāśamāmsi ( See )

**ଅକାଶବାଉଁଶ**—ଦେ. ବି—୧ । ଯେଉଁ ବାଉଁଶ ଅଗରେ କାର୍ତ୍ତିକ
Ākāśabāuṅśa ମାସରେ ଅକାଶ ଦୀପ ଲଟକା ଯାଏ—
1. A bamboo on which the Ākāśadipa is suspended.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ।— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଢ଼' ଦେଖିବେ ।

୨ । ଯେଉଁ ଉଚ୍ଚ ବାଉଁଶକୁ ଉଠି ଅଇରଗଉଡ଼ୁଣୀ ବା ବାଉଁଶରାଣୀମାନେ ନାନାପ୍ରକାର କସରତ୍ ଦେଖାନ୍ତି—
2. A high bamboo used by Bāunsarāni women where-on they show various athletic feats on high.

**ଅକାଶବାଣୀ**—ସଂ. ବି. (ମଧ୍ୟପଦଲୋପୀ; ଅକାଶ+ବାଣୀ)—
Ākāśabāni ୧ । ଶୂନ୍ୟଡାକ; ଶୂନ୍ୟ ଶବ୍ଦ; ଯେଉଁ ଡାକ ଶୂନ୍ୟରୁ ବେଳେବେଳେ ଶୁଣାଯାଏ—
1. A voice heard from no where at times and protending impending calamities.
[ ଦ୍ର— ଏହା ଭାବୀ ଅମଙ୍ଗଳସୂଚକ । ]
୨ । ଦୈବବାଣୀ; ଶୂନ୍ୟରୁ ଶୁଣାଯିବା ଈଶ୍ୱରଦେଶ—
2 God's voice heard from the sky; revealation.
ଅକାଶ ବାଣୀ ଯେଉଁ ରୂପେ ମୁଁ ଶୁଣିଛି । କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।

**ଅକାଶବାନ୍**—ସଂ. ବଣ. ପୁଂ. (ଅକାଶ+ବତ୍; ୧ମା. ୧ବ.)—
Ākāśabān ୧ । ଶୂନ୍ୟରୁ କେତେକ ଅଂଶକୁ ଘୋଟିଥିବା ବା (ଅକାଶବତୀ— ସ୍ତ୍ରୀ) ଅଧିକାର କରିଥିବା—1. Filling a certain space in the air or sky.
୨ । ଅକାଶଗାମୀ ( ଦେଖ )
2. Ākāśagāmi ( See )

**ଅକାଶବିମାନ**—ସଂ. ବି. ( ମଧ୍ୟପଦଲୋପୀ; ଅକାଶ+ବିମାନ )—
Ākāśabimāna ଅକାଶଯାନ ( ଦେଖ )
Ākāśajāna ( See )

**ଅକାଶବିହାର**—ସଂ. ବି. ( ୭ମୀ ତତ୍; ଅକାଶ+ବିହାର )—
Ākāśabihāra ୧ । ଦେବତାମାନଙ୍କର ଶୂନ୍ୟରେ ଗମନାଗମନ—
1. Gods' movement in the sky.
୨ । ବ୍ୟୋମଯାନ ଦ୍ୱାରା ଶୂନ୍ୟରେ ଯିବା ଆସିବା—
2. Movement on high on aeroplanes.
୩ । ଅକାଶରେ ଉଡ଼ିବା—3 Flying.

**ଅକାଶବିହାରୀ**—ସଂ. ବଣ ( ଅକାଶ+ବିହାରିନ୍; ୧ମା. ୧ବ. )
Ākāśabihāri ଅକାଶଚର ( ଦେଖ )
(ଅକାଶବିହାରିଣୀ— ସ୍ତ୍ରୀ) Ākāśachara ( See )

**ଅକାଶବୃତ୍ତି**—ସଂ. ବି. ( ମଧ୍ୟପଦଲୋପୀ; ଅକାଶ+ବୃତ୍ତି )—ଅକାଶକୁ
Ākāśabrutti ଗୃହିଁ ରହିବା ବୃତ୍ତି; ଶୂନ୍ୟକୁ ଗୃହିଁ ରହିବା; ଜୀବିକାହୀନତା—State of having no means of livelihood.
ସଂ. ବଣ— ( ବହୁବ୍ରୀହି )—ଜୀବିକାହୀନ ( ବ୍ୟକ୍ତି ); ଅବଲମ୍ବନ ନ ଥିବାରୁ ଦୈବାତ୍ ଯାହା ପ୍ରାପ୍ତି ହେବ ତଦ୍ଦ୍ୱାରେ ଜୀବିକା ନିର୍ବାହ କରିବ ବୋଲି ଯେ ଗୃହିଁ ରହିଥାଏ—
Unemployed; having no ostensible means of living.

**ଅକାଶଭାଷିତ**—ସଂ. ବି.—୧ ( ନାଟ୍ୟୋକ୍ତି ) ରଙ୍ଗଭୂମିରେ ଅନୁପସ୍ଥିତ
Ākāśabhāshita ବ୍ୟକ୍ତିର ଭାଷଣ ( ଯାହାକୁ ନଟ ଶୁଣି ଉତ୍ତର ଦିଏ )—1. A supposed or imaginary speech of the stage to which an actor replies as if he had heard it.
୨ । ଅକାଶବାଣୀ (ଦେଖ) 2. Ākāśabāni (See)

**ଅକାଶମଣ୍ଡଳ**—ସଂ.ବି. (ଅକାଶ+ମଣ୍ଡଳ)—୧ । ନଭୋମଣ୍ଡଳ; ଖଗୋଳ;
Ākāśamandala ଦିଗନ୍ତବିସ୍ତୃତ ଶୂନ୍ୟମଣ୍ଡଳ—
1. The celestial sphere; the firmaments; the circle of the sky.
୨ । ଗ୍ରହନକ୍ଷତ୍ରାଦି ବିରାଜିତ ଅନନ୍ତ ଅକାଶ ବା ଶୂନ୍ୟ—
2. The limitless sky or firmament on which stars and planets are seen.

**ଅକାଶମଲ୍ଲୀ**—ସଂ. ବି. (ଅକାଶରେ ମଲ୍ଲୀଫୁଲପରି ଦେଖାଯିବା)—
Ākāśamalli ୧ । ନକ୍ଷତ୍ର—1. Star.
୨ । ଏକ ପ୍ରକାର ବାଣ ବା ଅତସବାଜି—2. A sort of fire-work which bursts into bright sparks on high.
[ଦ୍ର— ଏହା ବାରୁଦପୂର୍ଣ୍ଣ କାଗଜ ଗୁଳା । ଏହାକୁ ଉପରମୁହାଁ ଗୋଟିଏ ନଳରେ ପୂରାଇ ନିଆଁ ଲଗାଇଲେ ଏହା ବେଗରେ ଅକାଶକୁ ଉଠିଯାଇ ସେଠାରେ ଫାଟିଯାଏ ଏବଂ ସେଥିରୁ ନାନା ବର୍ଣ୍ଣର ଫୁଲିଙ୍ଗ ବାହାରେ । ]

**ଅକାଶମାଂସୀ**—ସଂ. ବି.—୧ । ଜଟାମାଂସୀ (ଦେଖ)
Ākāśamāmsi 1. Jatāmāmsi (See)
ସଂ. ପର୍ଯ୍ୟାୟ— ୨ । ନିର୍ମୂଳୀ (ଦେଖ)
ଅକାଶବଲ୍ଲୀ; 2. Nirmuli (See)
ଅମରବଲ୍ଲୀ ।

**ଅକାଶମାର୍ଗ**—ସଂ. ବି. (୭ମୀ ତତ୍; ଅକାଶ+ମାର୍ଗ)—ଶୂନ୍ୟମାର୍ଗ; ଅକାଶ
Ākāśamārga ପଥ—The aerial path.
ସଂ. ବଣ. ( ବହୁବ୍ରୀହି )—ବାୟୁ—
The air; atmosphere.

**ଅକାଶମୂଳୀ**—ସଂ. ବି. ( ଅକାଶ+ମୂଳୀ )—ଜଳଜ ଶାକବିଶେଷ;
Ākāśamuli କୁମ୍ଭୀକା; କୋରଞ୍ଜି ଦଳ—An acquatic plant; Pistia Stratiotes.

**ଅକାଶଯାନ**—ସଂ. ବି. (ଅକାଶ+ଯାନ)—୧ । ଯେଉଁ ଯାନ ବା ରଥ
Ākāśajāna ଦ୍ୱାରା ଲୋକେ ଶୂନ୍ୟରେ ଯିବା ଆସିବା କରନ୍ତି; ବ୍ୟୋମଯାନ; ଏରୋପ୍ଲେନ୍—1 Aeroplane.
୨ । ପୁରାଣୋକ୍ତ ଅକାଶଚର ରଥ ବା ବିମାନ—
2. The aerial cars described in Hindu-mythology.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଙ | ଶ,ଷ | କ୍ଷ | ଇସ୍ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଜ୍ୟ | ଯ | ସ | ଗଁ୍ୟ | ଇଅ | ୱ | କ୍ର |

**ଅକାଶରକ୍ଷୀ**—ସଂ. ବ. ( ଅକାଶ+ରକ୍ଷିନ୍; ୧ମା. ୧ବ. )—ଦୁର୍ଗର
Ākāśarakshī ପ୍ରାଚୀର ଅଗ୍ରରେ ଜଗିବା ଜଗୁଆଳ—
A watchman on the outer battlement of a tower.

**ଅକାଶରେ ଘର ତୋଳିବା**—ଦେ. କ୍ରି.—(ଲକ୍ଷଣାର୍ଥ ବା ନ୍ୟାୟ)—
Ākāśare ghara tolibā ଅସାର କଳ୍ପନାରେ ମଗ୍ନ ହେବା ବା
শূন্যে বাড়ি তোলা ମାଇବା—To build castles in the air.

**ଅକାଶଲତା**—ସଂ. ବ. (ଅକାଶ+ଲତା)—ବିଦ୍ୟୁତ୍; ବିଜୁଳି; ଘନଲତା
Ākāśalatā Lightning (lit.—the creeper of the sky.

**ଅକାଶ ଶବଦ**—ଗ୍ରା. ବ. (ସଂ. ଅକାଶଶବ୍ଦ)—
Ākāśa śabada ଅକାଶଶବ୍ଦ (ଦେଖ)
আকাশবাণী Ākāśaśabda (See)

**ଅକାଶଶବ୍ଦ**—ସଂ. ବ. ମଧ୍ୟପଦଲୋପୀ; ଅକାଶ+ଶବ୍ଦ)—
Ākāśaśabda ଅକାଶବାଣୀ (ଦେଖ)
Ākāśabāṇī (See)
[ ଦ୍ର—ହିନ୍ଦୁ ବିଜ୍ଞାନମତରେ ଅକାଶ ସମସ୍ତ ଶବ୍ଦର ଆଧାର ଅଟେ । ]

**ଅକାଶସଲିଳ**—ସଂ. ବ. (ମଧ୍ୟପଦଲୋପୀ; ଅକାଶ+ସଲିଳ)—
Ākāśasalila ୧ । ବର୍ଷା—1. Rain.
୨ । ବର୍ଷାପାଣି—2. Rain-water.
୩ । କାକର—3. Dew.

**ଅକାଶସ୍ପର୍ଶୀ**—ସଂ. ବଣ. (ଅକାଶ+ସ୍ପୃଶ ଧାତୁ+ଇନ୍; ୧ମା. ୧ବ)—
Ākāśasparśī ୧ । ଗଗନସ୍ପର୍ଶୀ; ଯାହା ଅକାଶକୁ ସ୍ପର୍ଶ କଲା ପରି
(ଅକାଶସ୍ପର୍ଶିନୀ—ସ୍ତ୍ରୀ) ଜଣା ପଡ଼େ—1. Sky-scraper.
୨ । ଅତି ଉଚ୍ଚ—2. Very high.

**ଅକାଶସ୍ଫଟିକ**—ସଂ. ବ. ( ଅକାଶ+ସ୍ଫଟିକ )—୧ । ଏକପ୍ରକାର ସ୍ଫଟିକ-
Ākāśasphaṭika 1. A kind of crystal.
୨ । ଭୁଅପଥର; କରକା—2. Hail-stone.

**ଅକାଶିଆ**—ଦେ. ବଣ. ( ସଂ. ଅକାଶୀୟ )—୧ । ଗଗନସ୍ପର୍ଶୀ;
Ākāśiā ଅତ୍ୟୁଚ୍ଚ—1. Very high as if touching
আস্মানী the sky.
**आस्मानी** ୨ । କାଳ୍ପନିକ (ବିଷୟ)—2. Imaginary; fanciful (matter).
୩ । ଅସମ୍ଭବ (ବିଷୟ)—3. Improbable (matter).
୪ । ଆଡ଼ମ୍ବରପୂର୍ଣ୍ଣ ଓ ମୂଲ୍ୟହୀନ (ବାକ୍ୟ)—
4. Bombastic and valueless high-sounding (words); empty (words)
ପୁଂ. ଓ ସ୍ତ୍ରୀ.—୧ । ଯେଉଁ ବ୍ୟକ୍ତି ଅସମ୍ଭବ କଥାମାନ କରେ—
1. (a person) Doing improbable things.
୨ । ବାଗାଡ଼ମ୍ବରକାରୀ (ବ୍ୟକ୍ତି)—2. Speaking high-sounding but valueless words.
୩ । କାଳ୍ପନିକ କଥା କହୁଥିବା (ବ୍ୟକ୍ତି)—3. (a person) Speaking of imaginary things.

**ଅକାଶିଲଗା**—ଗ୍ରା. ବ.— ସବାର ବେହେରାମାନଙ୍କ ଡାକବିଶେଷ—
Ākāśilagā (ଏହାର ଅର୍ଥ—ସାବଧାନ, ଆମ ମୁଣ୍ଡ ଉପରେ ଡାଳ ଅଛି ଅଛି)—
A halloo of Palki-bearers.
[ ଦ୍ର—ବାଟରେ ମୁଣ୍ଡ ଉପରେ ଡାଳ, କଣ୍ଟା ବା ଲତା ଓହଳି ଥିଲେ ଓ ତାହା ସବାର ଛତରେ ବାଜିବାର ଆଶଙ୍କା ହେଲେ, ସବାରର ଅଗ ପାଖ କାନ୍ଧେଇଥିବା ବେହେରା ( କୁମ୍ଭାଳ ) ମାନେ ଏହି ପଦଟି ବୋଲି ପଛକାନ୍ଧିଆ ବେହେରା ( ପିଙ୍ଗାଳ ) ମାନଙ୍କୁ ସାବଧାନ କରିଦିଅନ୍ତି । ]

**ଅକାଶୀ**—ଦେ. ବଣ. (ସଂ. ଅକାଶୀୟ)—ଅକାଶସମ୍ବନ୍ଧୀୟ—
Ākāśī Pertaining to the sky; heavenly.
আকাশী

**ଅକାଶୀୟ**—ସଂ. ବଣ. (ଅକାଶ+ଈୟ)—
Ākāśiya ୧ । ଅକାଶସମ୍ବନ୍ଧୀୟ—1. Heavenly.
୨ । ଶୂନ୍ୟସମ୍ବନ୍ଧୀୟ—2. Aerial.

**ଅକାଶେ**—ସଂ. ଅ. ( ନାଟକୋକ୍ତି )—ନାଟକରେ ଅଭିନୟକାରୀ ପ୍ରତି
Ākāśe ଉପଦେଶରୂପେ ବ୍ୟବହୃତ ଶବ୍ଦ—(ଯେତେବେଳେ ରଙ୍ଗଭୂମିରେ ଉପସ୍ଥିତ ନଟ ରଙ୍ଗଭୂମିରେ ଅନୁପସ୍ଥିତ ବ୍ୟକ୍ତିଙ୍କୁ ପ୍ରଶ୍ନ ପଚାରେ ବା ରଙ୍ଗଭୂମିରେ ଅନୁପସ୍ଥିତ ବ୍ୟକ୍ତିର ପ୍ରଶ୍ନକୁ ଶୁଣେ ବା ଅପେକ୍ଷା କରେ ସେତେବେଳେ ଏହି ଶବ୍ଦ ବହିନୀ ମଧ୍ୟରେ ଲେଖା ହୁଏ )—
"In the air" used in dramas as a stage-direction when an actor asks questions to one not on the stage or listens to an imaginary conversation.

**ଅକାଶେଶ**—ସଂ. ବ. ପୁଂ. (୬ଷ୍ଠୀ ତତ୍; ଅକାଶ+ଈଶ)—
Ākāśeśa ୧ । ଇନ୍ଦ୍ର—1. God Indra.
୨ । ( ସ୍ମୃତି ) ନିଃସହାୟ ବ୍ୟକ୍ତି (ଯଥା—ଶିଶୁ, ନିର୍ଧନା ସ୍ତ୍ରୀ)—
2. (Hindu law) Helpless person (e.g. a child, a poor woman).

**ଅକିଞ୍ଚନ**—ସଂ. ବ. (ଅକିଞ୍ଚନ+ଭାବ. ଅ)—
Ākiñchana ୧ । ଅକିଞ୍ଚନତା—1. Insignificance.
୨ । ନିଃସ୍ୱାବସ୍ଥା—2. Poverty.
୩ । ନିର୍ଧନତା—3. Want of any possession or riches.
୪ । ଚେଷ୍ଟା; ପ୍ରୟାସ; ଯତ୍ନ—
4. Exertion; endeavour; striving.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଶାଳ' ନ ମିଳିଲେ 'ଶାଲ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆକିଞ୍ଚନ୍ୟ**—ସଂ. ବି. (ଅକିଞ୍ଚନ + ଭାବ. ଯ)—**ଅକିଞ୍ଚନ** (ଦେଖ)—
Ākiñchanya Ākiñchana (See)

**ଆକିଦା**—ଦେ. ବି. (ଆ. ଅକିଦା)—ଅକିଦା; ହଲପ—
Ākidā An oath
ହଲପ
ଆକିଦା

**ଆକୀର୍ଣ୍ଣ**—ସଂ. ବିଣ (**ଆ**=ଇତସ୍ତତଃ + କୃ ଧାତୁ=ବିକ୍ଷେପକରିବା + କର୍ତ୍ତୃ.
Ākīrṇṇa ତ; ଏହା ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ ହୁଏ)—
୧ । ବ୍ୟାପ୍ତ; ସଂକୁଳିତ—1. Abounding in; overspread with; filled with; crowded with.
୨ । ଇତସ୍ତତଃ ବିକ୍ଷିପ୍ତ—2 Strewn here and there.
୩ । ଯହିଁରେ କୌଣସି ବସ୍ତୁ ଇତସ୍ତତଃ **ବିକ୍ଷିପ୍ତ** ହୋଇଥାଏ—
3. Infested by; scattered with.
( ଯଥା—ନକ୍ଷତ୍ରାକୀର୍ଣ୍ଣ; ରତ୍ନାକୀର୍ଣ୍ଣ )
ସଂ. ବି—ଦଳ—A crowd.

**ଆକୁ**—ପ୍ରାଦେ. ( କାଶପୁର )—ସର୍ବନାମ—
Āku ଏହାକୁ—(to) This.

**ଆକୁଞ୍ଚନ**—ସଂ. ବି. (**ଆ**=ଈଷତ୍ + କୁଞ୍ଚ୍ ଧାତୁ + ଭାବ. ଅନ)—
Ākuñchana ସଙ୍କୋଚନ; ଯାକଯୁକ ହୋଇ ଥିବା—
(**ଆକୁଞ୍ଚିତ—ବିଣ**) Contraction; centoration.

**ଆକୁଞ୍ଚିତ**—ସଂ. ବିଣ. ( ଆ + କୁଞ୍ଚିତ )—
Ākuñchita ୧ । ସଂକୁଚିତ; ଈଷତ୍ କୁଞ୍ଚିତ—
1. Slightly curled; contracted.
୨ । ଈଷତ୍‌ବକ୍ର—2. Slightly bent or curved.
୩ । ଅବନତ; ନମିତ—3. Bent down.

**ଆକୁଣ୍ଠିତ**—ସଂ. ବିଣ. ( ଆ + କୁଣ୍ଠିତ )—
Ākuṇṭhita ୧ । ଲଜ୍ଜାବନତ—1. Sinking back with same.
୨ । ଅକାକାବା—2. Confounded.

**ଆକୁଣ୍ଡକୁଣ୍ଡ**—ପ୍ରାଦେ. (ଗଞ୍ଜାମ) ବି—ଘୋରତର କଳହ, ତୃତୀୟ ବ୍ୟକ୍ତି
Ākuṇḍakuṇḍa ଦ୍ୱାରା ବିବାଦ ବର୍ଦ୍ଧନ—
Violent bursting out of a dispute by the interference of a third party.

**ଆକୁଳ**—ସଂ. ବିଣ. (ଆ + କୁଳ ଧାତୁ = ଗଦା କରିବା; ବ୍ୟସ୍ତ ହେବା +
Ākuḷa କର୍ତ୍ତୃ. ଅ )—
୧ । କ୍ଷୁବ୍ଧ; ସଂକ୍ଷୁବ୍ଧ—1. Agitated; perplexed.
୨ । ଅସ୍ଥିର—2. Restless.
୩ । ଚକିତ; ଉଦ୍ବିଗ୍ନ—3. Anxious.
୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered.
୫ । ବ୍ୟସ୍ତ—5. Troubled; confused; afflicted.
୬ । ଅତ୍ୟନ୍ତ କାତର—6. Overcome.
( ଅନ୍ୟ ବିଶେଷ୍ୟ ପଦ ସଙ୍ଗେ ସମାସରେ ଯୁକ୍ତହୁଏ । )
୭ । ଅମୁକଦ୍ୱାରା ପୂର୍ଣ୍ଣ ( ଯଥା—ବାଷ୍ପାକୁଳ; ତରଙ୍ଗାକୁଳ ଇତ୍ୟାଦି )—7. Filled with; full of.
୮ । ଅମୁକଦ୍ୱାରା ଅତ୍ୟନ୍ତ କାତର ହୋଇଥିବା—
8. Detracted with
( ଯଥା—ନିଦ୍ରାକୁଳ, ଶୋକାକୁଳ । )
୯ । ଅମୁକଦ୍ୱାରା ବ୍ୟସ୍ତ—
9. Distressed with; overcome with.
୧୦ । ବିପର୍ଯ୍ୟସ୍ତ—10. Upturned by.
୧୧ । ଅଡ଼ୁଆତଡ଼ୁଆ ହୋଇଥିବା—11. Entangled.
୧୨ । ଇତସ୍ତତଃ ବିକ୍ଷିପ୍ତ (ଯଥା—ଆକୁଳାଳକ)—
12. Dishevelled; disordered.
୧୩ । ଅସାଧାରଣଅବସ୍ଥା ପ୍ରାପ୍ତ—13. Deranged.
୧୪ । ଅସମ୍ବଦ୍ଧ—14. Incoherent; contradictory.
ସଂ. ବି—ଲୋକ ବାସ କରୁ ନ ଥିବା ସ୍ଥାନ—
An uninhabited place.
ଗ୍ରା. ପ୍ରାଚୀନପଦ୍ୟ. ବି. ( ବିଶେଷରୂପେ ବ୍ୟବହୃତ ବିଶେଷଣ ପଦ )—ଆକୁଳତା; ବ୍ୟାକୁଳତା; ମନୋବେଦନା—
Restlessness of mind.
ମହା ଆକୁଳେ ନତ ବଗ୍ର ହୋଇ; ଅଛୁ ସଗର ସୁଭ ଶିର ପାଇ—
ଭକ୍ତ—ପ୍ରେମସୁଧାନିଧି ।

**ଆକୁଳତା**—ସଂ. ବି. ( ଆକୁଳ + ଭାବ. ତା )—
Ākuḷatā ୧ । ଉଦ୍‌ବେଗ; ମନର ଅସ୍ଥିରତା—
1. Mental restlessness; purturbation; anxiety.
୨ । କିଂକର୍ତ୍ତବ୍ୟବିମୂଢ଼ତା—
2. Perplexity; bewilderment
୩ । ସମୂହ—3. Multitude.
୪ । ଗୋଳମାଳ—4. Confusion.

**ଆକୁଳତ୍ୱ**—ସଂ. ବି ( ଆକୁଳ + ଭାବ. ତ୍ୱ )—**ଆକୁଳତା** ( ଦେଖ )
Ākuḷatwa Ākuḷatā ( See )

**ଆକୁଳବିକଳ**—ଦେ. ବିଣ( ଆକୁଳ ଓ ବିକଳ; ଆକୁଳ ଓ ବ୍ୟାକୁଳ )—
Ākuḷabikaḷa ଅତିବ୍ୟାକୁଳିତ—Greatly afflicted; much agitated or distressed.
ଦେ. ବି. ଅତ୍ୟନ୍ତ **ଆକୁଳତା**—Great restlessness.

**ଆକୁଳବିକୁଳ**—ଗ୍ରା. ବିଣ.—ଆକୁଳବିକଳ ( ଦେଖ )—
Ākuḷabikuḷa Ākuḷabikaḷa ( See )

**ଆକୁଳା**—ଗ୍ରା. ବିଣ. ( ସଂ. ଆକୁଳ )—ଆକୁଳ ( ଦେଖ )
Ākuḷā Ākuḷa ( See )
(ଆକୁଳୀ—ସ୍ତ୍ରୀ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ॰ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଶ,ଷ | କ୍ଷ | ଇୟ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

ଅକୁଳିଆ—ଗ୍ରା. ବଣ. ପୁଂ. (ସଂ. ଆକୁଳିତ) ଆକୁଳ; ଯେ ଅଳ୍ପ କଥାରେ
Ākuḻiā ଆକୁଳ ହୋଇ ପଡ଼େ—Easily purturbed.

ଆକୁଳିତ—ସଂ. ବଣ. (ଆ+କୁଳ ଧାତୁ+କର୍ମ.ତ—ଆକୁଳ (ଦେଖ)
Ākuḻita Ākuḻa (See)
(ଆକୁଳିତା—ସ୍ତ୍ରୀ)

ଆକୁଳିବିକୁଳି—ଗ୍ରା. ବଣ—ଆକୁଳବିକଳ (ଦେଖ)
Ākuḻibikuḻi Ākuḻabikaḻa (See)
আকুল্ বিকুল্

ଆକୁଳିହେବା—ଦେ. କ୍ରି.—ଅତ୍ୟନ୍ତ ବ୍ୟାକୁଳ ହେବା—
Ākuḻiheba To be much distressed.

ଆକୁଳୀକୃତ—ସଂ. ବଣ (ଆକୁଳ+ଅଭୂତତଦ୍ଭାବେ. ଚ୍ୱି+କୃ ଧାତୁ+ତ)
Ākuḻikṛuta ବ୍ୟାକୁଳୀକୃତ; ବିକ୍ଷୋଭିତ—Stirred; agitated.

ଆକୁଳୀଭୂତ—ସଂ. ବଣ [ଆକୁଳ+ଈ (ଚ୍ୱି) ଭୂ+ତ]—ଉଦ୍‌ଭ୍ରାନ୍ତ;
Ākuḻibhūta କାତରୀଭୂତ—Overwhelmed.

ଆକୁଣିତ—ସଂ. ବଣ (ଆ+କୁଣ ଧାତୁ+କର୍ମ.ତ)=ଈଷତ୍ ସଂକୁଚିତ—
Ākuṇita Contracted a little.

ଆକୂତ—ସଂ. ବି. (ଆ+କୂ ଧାତୁ=କାତରହେବା+ଭାବ.ତ)
Ākūta ୧। ଅଭିପ୍ରାୟ; ଉଦ୍ଦେଶ୍ୟ—
1. Purpose; intention.
୨। ମନୋଭାବ—2. State of mind; feelings.
୩। ବିସ୍ମୟ—3. Wonder.
୪। କୌତୂହଳ—4. Curiousity.
୫। ଇଚ୍ଛା—5. Wish; desire.

ଆକୂତି—ସଂ. ବି. (ଆ+କୂ ଧାତୁ+ଭାବ. ତି)—ଉଦ୍ଦେଶ୍ୟ—
Ākūti Wish; intention; purpose.

ଆକୂତିପର—ସଂ. ବଣ. ପୁଂ. (ଆକୂତି+ପର)—
Ākūtipara ଅପଣାର ଅଭିପ୍ରାୟ ସିଦ୍ଧ କରୁଥିବା—
(ଆକୂତିପରା—ସ୍ତ୍ରୀ) Accomplishing one's intention.

ଆକୃତି—ସଂ. ବି. (ଆ+କୃ ଧାତୁ=ଭାବ. ତି)—୧। ଆକାର—
Ākṛuti 1. Shape.
୨। ଅଚରଣ—2. Character.
୩। ନମୁନା—3. Specimen.
୪। ଜାତି; ଶ୍ରେଣୀ—4. Species; tribe.
୫। ଶରୀର—5. Body.
୬। ରୂପ—6. Formation.

ଆକୃତିଚ୍ଛତ୍ରା—ସଂ. ବି. (ଆକୃତି+ଛଦ+ଅ)—ବୃକ୍ଷବିଶେଷ—
Ākṛutichchhatrā A tree; Achyranthes Aspera.

ଆକୃତିମାନ୍—ସଂ. ବଣ. ପୁଂ. (ଆକୃତି+ମତ୍. ୧ମା. ୧ବ.)—
Ākṛutimān ୧। ଦେହଧାରୀ—1. Embodied.

(ଆକୃତିମତୀ—ସ୍ତ୍ରୀ) ୨। ନିଜେ ଆକୃତି ଧରିଥିବା—
2. Self-formed.

ଆକୃତେ—ଦେ. କ୍ରି. ବଣ. (ସ. ଆକୃତି)—ଆକାରରେ—
Ākṛute In shape.
ଯେ ନବଦ୍ୱୀପଚନ୍ଦ୍ରେ ମଧୁପଗଣ
ଲତା ବେଢ଼ି ଖେଳି ଆକୃତେ ଭ୍ରମଣ—ପ୍ରାଚୀ—ରସବାରିଧି।

ଆକୃଷ୍ଟ—ସ. ବଣ. (ଆ+କୃଷ ଧାତୁ+କର୍ମ. ତ)—
Ākṛushṭa ୧। ଟଣା ହୋଇଥିବା; ହେଁଚା ହୋଇଥିବା—
1. Attracted; drawn; pulled.
୨। କର୍ଷିତ; ହଳ କରା ହୋଇଥିବା—
2. Tilled; cultivated.
୩। ଗୃହୀତ—3. Held.
୪। ବଶୀକୃତ—4. Brought under control.
୫। ମୋହିତ; ମୁଗ୍ଧ—5. Fascinated; charmed.
୬। ଆସକ୍ତ—6. Attracted.

ଆକୃଷ୍ଟି—ସଂ. ବଣ. (ଆ+କୃଷ ଧାତୁ+ଭାବ. ତି)—
Ākṛushṭi ୧। ଆକର୍ଷଣ—1. Attraction.
୨। (ଜ୍ୟୋତିଷ) ମାଧ୍ୟାକର୍ଷଣ—2. Gravitation.
୩। ଧନୁ ଟାଣିବା—3. Drawing or bending low a bow.

ଆକୃଷ୍ଟିମନ୍ତ୍ର—ସ. ବି.—ଯେଉଁ ମନ୍ତ୍ରଦ୍ୱାରା ଏକ ବ୍ୟକ୍ତି ମନ୍ତ୍ରପ୍ରୟୋଗକାରୀ
Ākṛushṭimantra ଅନ୍ୟବ୍ୟକ୍ତି ପ୍ରତି ମୁଗ୍ଧ ହୁଏ—A charm by which a person is attracted to the employer of a charm.

ଆକୃଷ୍ୟମାଣ—ସ. ବଣ. (ଆ+କୃଷ ଧାତୁ+କର୍ମ. ଅନ)—
Ākṛushyamāṇa ୧। ଯାହାକୁ ଆକର୍ଷଣ କରା ଯାଉଅଛି—
1. Being attracted or pulled.
୨। ଯାହାକୁ ହେଁଚା ଯାଉଥାଏ—
2. In a state of being drawn.
୩। ବଳପୂର୍ବକ ଆଣାଯାଉଥିବା—3. Brought by force.

ଆକେକର—ସ. ବଣ. (ଆ=ଈଷତ୍+କେ=ମସ୍ତକରେ+କର=କେ ଟେରେ)—୧। ଈଷତ୍ ମୁଦ୍ରିତ (ଚକ୍ଷୁ)—
Ākekara
1. Half-shut (eyes)
୨। ଈଷତ୍ ମୁଦ୍ରିତ (ଦୃଷ୍ଟି)—
2. (look) With half-shut eyes.
(ଆକେକରା—ସ୍ତ୍ରୀ) ସ. ବଣ. ପୁଂ.—ଅଳ୍ପଟେରା; ସୂର୍ଯ୍ୟଟେରା—
Slightly squinted.

ଆକେତା—ଦେ. ବଣ.—ଅକ୍ତା (ଦେଖ)
Āketā Aktā (See)

ଆକେରା—ଗ୍ରା. ବି. (ସଂ. ଅକ୍ଳାନ୍ତ)—ଅକ୍ଳାନ୍ତତା; କ୍ଳାନ୍ତିବିଶିଷ୍ଟ ଅବସ୍ଥା—
Ākerā Tiresomeness; state of being troubled

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା— ତାକୁ ଜ୍ୱର ଅକେଲ୍ ଧରିଛି । )
ଗ୍ରା. ବିଣ.— ଅକ୍ଲାନ୍ତ; ବ୍ୟତିବ୍ୟସ୍ତ—Tired; troubled.

**ଅକୋକର**—ସଂ. ବି. (ଯୁନାନୀ ବା ଗ୍ରୀକ୍ ଭାଷାରୁ ଆଗତ)—
Ākokara ( ଜ୍ୟୋତିଷ ) ମକର ରାଶି—
(Astrology) The sign of Capricon.

**ଅକ୍କଲ**—ଅକଲ୍ ( ଦେଖ )
Ākkala Ākal (See)

**ଆକ୍ଟ୍**—ବୈଦେ. (ଇଂରାଜୀ ) ବି.—୧ । କୌଣସି ବିଷୟରେ ସରକାରଙ୍କ
Ākṭ ଆଇନ—1. Act ( in law )
୨ । ନାଟକର ଅଙ୍କ—2. Act in a play.

**ଆକ୍ଟିଙ୍ଗ୍**—ବୈଦେ. ( ଇଂ ) ବିଣ.—ଏକ୍‌ଟିଙ୍ଗ୍—କୌଣସି ସ୍ଥାୟୀ
Ākṭing କର୍ମଚାରୀଙ୍କ ଅନୁପସ୍ଥିତି ବା ଛୁଟି ସମୟରେ ତାଙ୍କ ସ୍ଥାନରେ
ଅସ୍ଥାୟୀରୂପେ ନିଯୁକ୍ତ ( କର୍ମଚାରୀ )—
Officiating; acting.

**ଆକ୍ଟିଙ୍ଗ୍ ଆଲାଉଆନ୍ସ**—ବୈଦେ. ( ଇଂ ) ବି—ଏକ୍‌ଟିଙ୍ଗ୍ କାମ କରୁଥିବା
Ākṭing ālāuāns କର୍ମଚାରୀ ନିଜର ସ୍ଥାୟୀ ଦରମାରୁ ଯେଉଁ
ଅଧିକା ଦରମା ବା ଭତ୍ତା ଏକ୍‌ଟିଙ୍ଗ୍ ଚାକିରି ପାଇଁ
ପାଏ—Acting-allowance.

**ଆକ୍ତା**—ଦେ. ବିଣ. ( ଫା. ଅଖ୍‌ତା )—୧ । ଛେଦିତ ମୁଷ୍କ ( ଘୋଡ଼ା )
Āktā ଯାହାର ପୁଂସ୍ତ୍ୱ ନଷ୍ଟ କରାଯାଇଅଛି—1. Castrated;
আখতা; আক্তা emasculated.
আখতা ୨ । କିଂକର୍ତ୍ତବ୍ୟବିମୂଢ଼—2. Bewildered
(ଅଁଡ଼ୁଆଳ—ବଦଳରେ) ୩ । ଅକ୍ଲାନ୍ତ; ବ୍ୟତିବ୍ୟସ୍ତ —
3. Distressed; much troubled.
୪ । ଅତି କ୍ଳାନ୍ତ—4. Very much tired.

**ଆକ୍ତାକରିବା**—ଦେ. କ୍ରି.—ଘୋଡ଼ାର ମୁଷ୍କକୁ ଛେଦନ ବା ମର୍ଦ୍ଦନ କରି
Āktākaribā ନଷ୍ଟ କରିବା—To geld a horse.

**ଆକ୍ତାଘୋଡ଼ା**—ଦେ. ବି.—ଛେଦନ ବା ମର୍ଦ୍ଦନଦ୍ୱାରା ଯେଉଁ ଘୋଡ଼ାର
Āktāghorḍā ପୁଂସ୍ତ୍ୱ ନଷ୍ଟ କରା ଯାଇଅଛି—
An imasculated horse.

[ ଦ୍ର— ନଷ୍ଟମୁଷ୍କ ଷଣ୍ଢକୁ ବଳଦ ଓ ନଷ୍ଟମୁଷ୍କ ଛେଳି ବା ମେଣ୍ଢାକୁ ଖାସି ବୋଲାଯାଏ । ନଷ୍ଟମୁଷ୍କ କୁକୁଡ଼ାକୁ ଖାସୁ ବୋଲାଯାଏ । ]

**ଆକ୍‌ଥୁକରିବା**—ଦେ. କ୍ରି.—୧ । ଖଙ୍କାର ଖାଁ' ମାରି ଥୁ କରି ଛେପ
Ākthukaribā ପକାଇବା—1. To spit out after
ওয়াক্ থু করা hawking.
୨ । ( ଲକ୍ଷଣାର୍ଥ ) ଘୃଣା ପ୍ରକାଶ କରିବା—
2. To hate a person.

**ଆକ୍‌ନି**—ଦେ. ପଦ୍ୟ. ବି. ( ଫା. ଅଖ୍‌ନି )—ପଲାଉ ରାନ୍ଧିବାପାଇଁ ମସଲା
Ākni ଦିଆ ହୋଇଥିବା ପାଣି—Water in which spices
have been boiled for cooking Palāu.

**ଆକ୍ରନ୍ଦ**—ସଂ ବି. (ଆ + କ୍ରନ୍ଦ ଧାତୁ=କାନ୍ଦିବା; ଡାକିବା+ଭାବ. ଅ)—
Ākranda ୧ । କାନ୍ଦବୋବାଳି; ଉଚ୍ଚୈଃସ୍ୱରରେ କାନ୍ଦିବା;
ବାହୁନିବା; ହୋ ହୋ ରଡ଼ି କରିବା—
1. Lamentation; crying aloud.
୨ । ବିପନ୍ନବ୍ୟକ୍ତିର ଡାକ—2. Crying of distress
୩ । ଉଚ୍ଚୈଃସ୍ୱରରେ ଡାକିବା; ଚିତ୍କାର କରିବା—
3. Hallooing; calling loudly; invoking
୪ । ଉଚ୍ଚସ୍ୱର—4. A cry.
୫ । ଯୁଦ୍ଧଭୂମିରେ କରାଯିବା ନାଦ—5. War-cry.
୬ । ( +କର୍ତ୍ତୃ. ଅ ) ବନ୍ଧୁ; ମିତ୍ର—6. Friend.
୭ । ଭାଇ—7. Brother.
୮ । ରକ୍ଷକ—8. Protector.
୯ । ଭୟଙ୍କର ଯୁଦ୍ଧ—9. Fierce combat; battle.
୧୦ । ରାଜା—10. King.
୧୧ । ସ୍ୱାମୀ—11. Master.
୧୨ । ଯେଉଁ ରାଜା ଆପଣାର ମିତ୍ର ରାଜା ଅନ୍ୟ ରାଜାଙ୍କୁ ସାହାଯ୍ୟ କରିବା ବନ୍ଦ କରନ୍ତି—12. A king who prevents an ally from aiding another.

**ଆକ୍ରନ୍ଦନ**—ସଂ. ବି. (ଆ + କ୍ରନ୍ଦ ଧାତୁ+ଭାବ. ଅନ )—
Ākrandana ୧ । ଉଚ୍ଚୈଃସ୍ୱରରେ ଆହ୍ୱାନ—
1. Hallooing; calling aloud.
୨ । ଉଚ୍ଚୈଃସ୍ୱରରେ କ୍ରନ୍ଦନ—
2. Weeping aloud; lamentation.

**ଆକ୍ରନ୍ଦିକ**—ସଂ. ବି. ପୁଂ. (ଆକ୍ରନ୍ଦ=ଯେ ଧାଏଁ; ଏହି ଅର୍ଥରେ. ଇକ)—
Ākrandika ଯେଉଁ ବ୍ୟକ୍ତି ବିପନ୍ନବ୍ୟକ୍ତିର ଡାକ ବା କାନ୍ଦଣା
(ଆକ୍ରନ୍ଦିକା—ସ୍ତ୍ରୀ) ଉଠୁଥିବା ସ୍ଥାନକୁ ଧାଏଁ—One who runs to a place where arises cries of distress or lamentation.

**ଆକ୍ରନ୍ଦିତ**—ସଂ. ବିଣ ( ଆ + କ୍ରନ୍ଦ ଧାତୁ + କର୍ତ୍ତୃ. ତ )—୧ । ବାହୁନି
Ākrandita କାନ୍ଦୁଥିବା—1. Lamenting; weeping bitterly.
୨ । ଉଚ୍ଚୈଃସ୍ୱରରେ ଆହୂତ—2. Called aloud.
ସଂ. ବି.—( + ଭାବ. ତ)—୧ । ଉଚ୍ଚୈଃସ୍ୱର—
1. Loud sound.
୨ । କାନ୍ଦବୋବାଳି—2. Weeping.
୩ । ଆର୍ତ୍ତନାଦ—3. Shrieking.

**ଆକ୍ରମ**—ସଂ. ବି. (ଆ + କ୍ରମ ଧାତୁ + ଭାବ. ଅ)—୧ । ନିକଟକୁ ଆସିବା-
Ākrama 1. Coming near.
୨ । ଚଢ଼ାଉ କରିବା; ଅନ୍ୟ ବ୍ୟକ୍ତି ଉପରେ ବଳପୂର୍ବକ ପଡ଼ିବା ବା ଆକ୍ରମଣ କରିବା—
2. Attacking; falling upon.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ର୍ଂ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଗ | ଜ | ଷ,ଶ | ଙ୍କ | ଙ୍ଗ | ଞ୍ଚ | ଢ଼ |
| ୨ | ଈ | ଊ | ଋ | ଌ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ଷ | ଙ୍ଗ୍ୟ | ଞ୍ଚ | ଢ଼ | କୃ |

୩ । ଅଧିକାର କରିବା—3. Occupying.
୪ । ନେବା; ବଳପୂର୍ବକ ନେବା—
4. Seizing; taking.
୫ । ବଳିବା—5. Surpasing.
୬ । ଅତିରିକ୍ତ ବୋଝେଇ କରିବା—6. Overloading.
୭ । ବଳ—7. Might.
୮ । ବିକ୍ରମ—8. Valour.
୯ । ଅତିକ୍ରମଣ—9. Surpassing; going over.
୧୦ । ପରାସ୍ତ କରିବା—10. Overpowering.
୧୧ । ନିନ୍ଦା; ଆକ୍ରୋଶ—11. Blaming; blasphe-ming.
୧୨ । ରୋଗ ଘୋଟିବା—12. Attack of disease.

**ଆକ୍ରମଣ**—ସଂ. ବି. (ଆ + କ୍ରମ ଧାତୁ + ଭାବ. ଅନ)—ଆକ୍ରମ (ଦେଖ)
Ākramaṇa Ākrama (See)

**ଆକ୍ରମଣୀୟ**—ସଂ. ବିଣ. (ଆ + କ୍ରମଣୀୟ)—ଯାହାକୁ ଆକ୍ରମଣ କରିବାକୁ
Ākramaṇiya ହେବ—To be seized or attacked.

**ଆକ୍ରମିବା**—ଗ୍ରା. ପଦ୍ୟ. କ୍ରି. (ଆ+କ୍ରମ ଧାତୁ)—୧ । ଆକ୍ରମଣ କରିବା—
Ākramibā 1. To attack.
ଅଗ୍ରେ ବାଢ଼ୀ ଦେଖି କଲେ ଜଳଦସ୍ୟୁ ଆକ୍ରମେ ବଣିକ ଦଳ ।
ରାଧାନାଥ. ପାର୍ବତୀ ।
୨ । ଅତିକ୍ରମ କରିବା—2. To pass.
ଆକ୍ରମି ଅନେକ ଯୋଜନ; ପଶିଲେ ଗହନ ବିପିନ ।
ଭାଗବତ. ୧୦ମ ଦ୍ୱାରକା ।

**ଆକ୍ରୟ**—ସଂ. ବି. (ଆ+କ୍ରୀ ଧାତୁ + କର୍ତ୍ତୃ. ଅ)—୧ । ଖୁଚୁରାବେପାରି—
Ākraya 1. A petty trader.
୨ । ବୁଲାବିକା—2. Pedlar.

**ଆକ୍ରଶ**—ଗ୍ରା. ବି. (ସଂ. ଆକ୍ରୋଶ)—ରୋଗୋପକ୍ରମ; ରୋଗର ପୂର୍ବାଭାସ—
Ākraśa Preliminary symptoms of a disease.
আক্রোশ

**ଆକ୍ରଶିବା**—ଗ୍ରା. କ୍ରି—୧ । ଆକର୍ଷଣ କରିବା—1. To attack; to draw.
Ākrashibā
আকর্ষণ করা ୨ । (ରୋଗ) ଆକ୍ରମଣ କରିବାର ଉପକ୍ରମ କରିବା—
2. To begin to attack (said of a disease.)
আক্রোশ করা ୩ । ଆକ୍ରୋଶ କରିବା—
3. To have a spite.

**ଆକ୍ରା**—ଦେ. ବିଣ. (ସଂ. ଅକ୍ରେୟ)—ମହର୍ଘ—
Ākrā High-priced; dear.
(ଶସ୍ତା—ବିପରୀତ)

**ଆକ୍ରାନ୍ତ**—ସଂ. ବିଣ. ( ଆ+କ୍ରମ ଧାତୁ+କର୍ମ. ତ )—୧ । ଯାହାକୁ
Ākrānta ଆକ୍ରମଣ କରି ଯାଇ ଥାଏ—1. Attacked.
୨ । ବଳପୂର୍ବକ ଅଧିକୃତ—
2. Taken forcible possession of.
୩ । ପରାସ୍ତ—3. Overpowered; vanquished.
(ଅନ୍ୟ ଶବ୍ଦ ସଙ୍ଗରେ ବ୍ୟବହୃତ ହେଲେ ନିମ୍ନଲିଖିତ ଅର୍ଥମାନ ବୁଝାଏ । )
୪ । ଅମୁକ ପର୍ଯ୍ୟନ୍ତ ବିସ୍ତୃତ—
4. Reaching upto; extending upto.
୫ । ଯାହା ଉପରେ ମାଡ଼ିଥାଏ; ଆବୃତ (ଯଥା—ମେଘାକ୍ରାନ୍ତ)
5. Overspread with; extending upto.
୬ । ଅଭିଭୂତ; ଅଭିଭୂତ—( ଯଥା—ନିଦ୍ରାକ୍ରାନ୍ତ )
6. Engrossed; occupied.
୭ । ଅତିରିକ୍ତ ବୋଝେଇ କରାଯାଇଥିବା—
( ଯଥା—ଭାରାକ୍ରାନ୍ତ )
7. Overloaded with.
୮ । ଯାହାକୁ କୌଣସି ବସ୍ତୁ ବଳାଇ ଥାଏ—
8. Surpassed; superseded.
୯ । କଷ୍ଟପ୍ରାପ୍ତ—9. Pained; afflicted.
୧୦ । ଯାହା ସଙ୍ଗେ କୌଣସି ବସ୍ତୁ ଯାଇଥାଏ—
10. Accompanied by; attended with.
୧୧ । ଯହିଁ ଉପରେ ମନୁଷ୍ୟ ପାଦ ପକାଇ ଥାଏ—
11. Stepped with.
୧୨ । ଗୋଡ଼ରେ ମଳାଯାଇ ଥିବା—12. Trodden.
ଦେ. ବିଣ—୧ । ଥକାପକା; ଅତିକ୍ଲାନ୍ତ—
1. Very much tired.
୨ । ସୀମାବିଶିଷ୍ଟ—2. Limited.
୩ । ବିସ୍ତୀର୍ଣ୍ଣ—3. Extended; having a big area.
ଶୁଣି ସହସ୍ର ଉପରେ ଅଛ ତେର ଦୂଣ
ଏତେ ଆକ୍ରାନ୍ତ ତୋହାକୁ ଧରି ଦୈତ୍ୟଗଣ । ପୀତାମ୍ବର. ନୃସିଂହପୁରାଣ ।

**ଆକ୍ରାନ୍ତରେ**—ଦେ. ଅ.—ଆକ୍ରାନ୍ତେ ( ଦେଖ )
Ākrāntare Ākrānte ( See )

**ଆକ୍ରାନ୍ତି**—ସଂ. ବି. ( ଆ + କ୍ରମ ଧାତୁ + ଭାବ. ତି )—୧ । ଅତିକ୍ରମଣ—
Ākrānti 1. Passing.
୨ । ଆକ୍ରମଣ—2. Attacking.
୩ । ପାଦପକାଇବା—3. Stepping.
୪ । ଅଧିକାର କରଣ—4. Occupying.
୫ । ବୋଝାଇ କରିବା—5. Loading.
୬ । ବଳ; ପରାକ୍ରମ—6. Might, valour; force.
୭ । ଉପରକୁ ଉଠିବା—7. Rising; ascending.
ଦେ. ବି—ସୀମାବିଶିଷ୍ଟ ସ୍ଥଳ—Area.
( ଯଥା—ପାଞ୍ଚ କୋଶ ଆକ୍ରାନ୍ତରେ ଜଣେ ହେଲେ କେହି ପାଠୁଆ ଲୋକ ନାହିଁ । )

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବ୍ୟତ୍ୟୟ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

**ଆକ୍ରାନ୍ତେ**—ଦେ. କ୍ରି. ବିଣ—୧ । (ଏତେ) କ୍ଷେତ୍ର ବା ସୀମା ପର୍ଯ୍ୟନ୍ତ—
Ākrānte 1. An area of ( so and so ).
( ଯଥା—ପାଞ୍ଚ ଛଅ ଇଞ୍ଚ ଆକ୍ରାନ୍ତରେ ମାଡ଼ିଛି । )
୨ । ବ୍ୟାସାର୍ଦ୍ଧ ମଧ୍ୟରେ—
2. Within a radius of (so and so).
( ଯଥା—କଟକଠାରୁ ପାଞ୍ଚ କୋଶ ଆକ୍ରାନ୍ତରେ ଗୋଟିଏ ହେଲେ ଡାକ୍ତରଖାନା ନାହିଁ । )
୩ । (ଏତେ) କ୍ଷେତ୍ରଫଳକୁ ବା ବାସସ୍ଥାନକୁ ଅଧିକାର କରି—
3. Occupying ( such an area ).
୪ । ଚାରିଆଡ଼େ ବ୍ୟାପି—
4. Extending on all sides.

**ଆକ୍ରାମକ**—ସଂ. ବିଣ. ପୁଂ. ( ଆ+କ୍ରମ ଧାତୁ+କର୍ତ୍ତୃ. ଅକ )—
Ākrāmaka ଆକ୍ରମଣକାରୀ—Attacking; invading.
(ଆକ୍ରାମିକା—ସ୍ତ୍ରୀ)

**ଆକ୍ରୀଡ଼**—ସଂ. ବି. ( ଆ+କ୍ରୀଡ଼ ଧାତୁ+ଭାବ. ଅ )—
Ākrīrda ୧ । ଖେଳିବା; କ୍ରୀଡ଼ା କରିବା—1. Playing.
୨ । ଖେଳ; କ୍ରୀଡ଼ା—2. Play; sport.
୩ । ( +ଅଧିକରଣ. ଅ ) ପ୍ରମୋଦ ଉଦ୍ୟାନ—
3. Pleasure-garden.
୪ । ପ୍ରମୋଦ-କୁଞ୍ଜ—4. Pleasure grove.
୫ । ଖେଳପଡ଼ିଆ—5. Play-ground.
୬ । ମଲ୍ଲଭୂମି; ଆଖଡ଼ା—6. Gymnasium.
୭ । କ୍ରୀଡ଼ାସ୍ଥାନ—7. A place where amusements are performed.
[ ଦ୍ର—ଦେ. ଆଖଡ଼ା ଏହି ଶବ୍ଦରୁ ଜାତ । ]
(ଆକ୍ରୀଡ଼ା—ସ୍ତ୍ରୀ) ସଂ. ବିଣ. ପୁଂ—କ୍ରୀଡ଼ା କରୁଥିବା—
Playing; sporting.

**ଆକ୍ରୀଡ଼ନ**—ସଂ. ବି. (ଆ+କ୍ରୀଡ଼ ଧାତୁ+ଭାବ. ଅନ)—ଖେଳିବା—
Ākrīrdana Playing; sporting.
(ଆକ୍ରୀଡ଼ିତ—ବିଣ)
(ଆକ୍ରୀଡ଼ତା—ସ୍ତ୍ରୀ)

**ଆକ୍ରୀଡ଼ିତ**—ସଂ. ବିଣ. ପୁଂ. (ଆ+କ୍ରୀଡ଼ିତ)—ଖେଳୁଥିବା—
Ākrīrdita Playing; sporting.
(ଆକ୍ରୀଡ଼ିତା—ସ୍ତ୍ରୀ)

**ଆକ୍ରୁଷ୍ଟ**—ସଂ. ବିଣ. ପୁଂ. ( ଆ+କ୍ରୁଶ ଧାତୁ+କର୍ମ. ତ )—
Ākrushta ୧ । ଯାହାକୁ ଗାଳି ଦିଆଯାଏ; ଭର୍ତ୍ସିତ-
(ଆକ୍ରୁଷ୍ଟା—ସ୍ତ୍ରୀ) 1. Abused; rebuked.
(ଆକ୍ରୋଶ—ବି) ୨ । ନିନ୍ଦିତ—2. Blamed; reviled.
୩ । ଅଭିଶପ୍ତ—3. Cursed.
ସଂ. ବି—୧ । ପରୁଷ ଭାଷଣ—1. Abusive speech.
୨ । ଉଚ୍ଚୈଃସ୍ୱରରେ ଡାକ—2. Calling out.

**ଆକ୍ରୋଟ**—ଦେ. ବି.—ଅକ୍ଷୋଟ ( ଦେଖ )
Ākrota Akshota ( See )

**ଆକ୍ରୋଶ**—ସଂ. ବି. ( ଆ+କ୍ରୁଶ ଧାତୁ+ଭାବ. ଅ )—
Ākrośa ୧ । ଉଚ୍ଚୈଃସ୍ୱର; ଚିତ୍କାର—
1. Vociferation; loud cry.
୨ । ନିନ୍ଦନ—2. Blame; reviling.
୩ । ଭର୍ତ୍ସନା—3. Censure; abuse.
୪ । ଅଭିଶାପ—4. Imprecation; curse.
୫ । ଶପଥ—5. Oath.
୬ । ବିରକ୍ତି; ରାଗ; କ୍ରୋଧ—
6. Resentment; indignation.
୭ । ଅଦେଖି; ଦ୍ୱେଷ; ଈର୍ଷା—7 Spite; malice.

**ଆକ୍ରୋଶକ**—ସଂ. ବିଣ. ପୁଂ. (ଆ+କ୍ରୁଶ ଧାତୁ+କର୍ତ୍ତୃ. ଅକ)—
Ākrośaka ୧ । ଚିତ୍କାର କରୁଥିବା—1. Vociferous.
(ଆକ୍ରୋଶିକା—ସ୍ତ୍ରୀ) ୨ । ଦ୍ୱେଷକାରୀ—2. Spiteful; envious.
୩ । ଭର୍ତ୍ସନା କରୁଥିବା—3. Reviling; vilifying.
ସଂ. ବି. ପୁଂ—ଭର୍ତ୍ସନାକାରୀ ବ୍ୟକ୍ତି—Slanderer.

**ଆକ୍ରୋଶନ**—ସଂ. ବି. ( ଆ+କ୍ରୁଶ ଧାତୁ+ଭାବ. ଅନ )—
Ākrośana ୧ । ଗାଳି ଦେବା—1. Reviling; slandering.
୨ । ଚିତ୍କାର କରିବା—2. Vociferating.

**ଆକ୍ରୋଶିବା**—ଦେ. ପଦ୍ୟ. କ୍ରି—୧ । ଏକାଗ୍ର କରିବା—
Ākrośibā 1. To concentrate.
ବାମ ଚରଣ ପରେ ବସି
ଝୋଳ ମନକୁ ଆକ୍ରୋଶି । ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।
୨ । ବ୍ୟାପିବା—2. To spread.
ଚନ୍ଦ୍ରା ମେଘେ ଆକାଶକୁ ବରଷିଲେ ଜଳ
ଜଗତକୁ ଆକ୍ରୋଶି ଥିଲେ ଘୋର ଘାଏ କାଳ । ପ୍ରାଚୀ-ଚୁଣ୍ଡନାରୁପଣଗୀତା ।

**ଆକ୍ରୋଷ୍ଟା**—ସଂ. ବିଣ. ପୁଂ (ଆ+କ୍ରୁଶ ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—
Ākroshtā ଆକ୍ରୋଶକ ( ଦେଖ )
(ଆକ୍ରୋଷ୍ଟ୍ରୀ—ସ୍ତ୍ରୀ) Ākrośaka ( See )

**ଆକ୍ଲିନ୍ନ**—ସଂ. ବିଣ. ( ଆ+କ୍ଲିନ୍ନ )—
Āklinna ୧ । ଓଦା ହୋଇଥିବା—
1. Moistered; wet.
୨ । ଛିଞ୍ଚା ହୋଇଥିବା—2. Sprinkled.

**ଆକ୍ଲେଦ**—ସଂ. ବି. ( ଆ+କ୍ଲେଦ )—
Ākleda ୧ । ଓଦା କରିବା; ବତୁରାଇବା—
1. Wetting.
୨ । ଛିଞ୍ଚିବା—2. Sprinkling.

**ଆକ୍ଷଦ୍ୟୂତ**—ସଂ. ବି. ( ଅକ୍ଷଦ୍ୟୂତ+ଅ )—
Ākshadyūta ଜୁଆଖେଳ—Gambling.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ◑ | ଙ୍ |

ସଂ. ବଣ—ଜୁଆଖେଳ ସମ୍ବନ୍ଧୀୟ—
Relating to gambling.

**ଅକ୍ଷଦ୍ୟୂତକ**—ସଂ. ବଣ. ପୁଂ. (ଅକ୍ଷଦ୍ୟୂତ+ନିବୃତ୍ତାର୍ଥେ. ଅକ)—
Ākshadyūtika ଜୁଆଖେଳ ଦ୍ୱାରା ସାଧିତ—Effected or
(ଅକ୍ଷଦ୍ୟୂତିକା—ସ୍ତ୍ରୀ) completed by gambling.
ସଂ. ବି. ପୁଂ ଜୁଆରି; ଜୁଆଡ଼ି—A gambler

**ଅକ୍ଷପଣ**—ସଂ. ବି ( ଅ+କ୍ଷପଣ )—
Ākshapana ୧ । ଉପବାସ—1. Fasting.
୨ । ଉପବାସ ଦ୍ୱାରା ଦେହ ଶୁଦ୍ଧି—
2. Purification by fasting.
୩ । ଭୋଜନାଦିରୁ ବିରତି—3. Abstention.

**ଅକ୍ଷପାଟିକ**—ସଂ. ବଣ. ପୁଂ. (ଅକ୍ଷପାଟ=କ୍ରୀଡ଼ାସ୍ଥାନ; ବ୍ୟବହାର ସ୍ଥାନ
Ākshapātika +ଇକ )—.
(ଅକ୍ଷପାଟିକା—ସ୍ତ୍ରୀ) ୧ । ଜୁଆ ଖେଳରେ ଅଧ୍ୟକ୍ଷ—
1. Superintendent to a gambling-house.
୨ । ପଶା ବା ଜୁଆ ଖେଳରେ ମଧ୍ୟସ୍ଥ—2. A judge at playing with dice; an umpire in a game.
୩ । ବିଚାରପତି—3. A judge.
୪ । ଯେ ମକଦ୍ଦମା ବିଷୟ ବନ୍ଦୋବସ୍ତ କରେ—
4. An arranger of law-suits.

**ଅକ୍ଷପାଦ**—ସଂ.ବଣ. ପୁଂ. (ଅକ୍ଷପାଦ+ଅ)—ଅକ୍ଷପଦ ବା ଗୌତମ ଦ୍ୱାରା
Ākshapāda ପ୍ରବର୍ତ୍ତିତ ବା ଶିକ୍ଷା ଦିଆଯାଇଥିବା—
(ଅକ୍ଷପାଦୀ—ସ୍ତ୍ରୀ) Taught by the sage Gautama.
ସଂ. ବି. ପୁଂ—ନୈୟାୟିକ—A logician; a follower of the Nyāya system of philosophy.
ସଂ.ବି—(ଗୌତମ ପ୍ରବର୍ତ୍ତିତ) ନ୍ୟାୟ ଦର୍ଶନ—The Nyāya-system of philosophy.

**ଅକ୍ଷରିକ**—ସଂ. ବଣ. ( ଅକ୍ଷର+ଇକ )—
Āksharika ୧ । ଅକ୍ଷରସମ୍ବନ୍ଧୀୟ-1. Relating to letters.
୨ । ପ୍ରତ୍ୟେକ ଅକ୍ଷରକୁ ଅନୁସରଣ କରାଯିବା ( ଅର୍ଥ ବା ଅନୁବାଦ )—2. Literal ( meaning or translation )

**ଅକ୍ଷାର**—ସଂ. ବି. ( ଅ+କ୍ଷର ଧାତୁ+ଭାବ. ଅ )—
Ākshāra ୧ । ଦୁର୍ନାମ—1. Calumny.
୨ । ଅପରାଧ ସମ୍ବନ୍ଧୀୟ ଅଭିଯୋଗ - 2. A charge.
୩ । ଅଗମ୍ୟାଗମନ ବା ଲାମ୍ପଟ୍ୟ ସମ୍ବନ୍ଧରେ ଅଭିଯୋଗ—
3. An accusation of adultery.

**ଅକ୍ଷାରଣ**—ସ. ବି. ( ଅ+କ୍ଷର ଧାତୁ+ଭାବ. ଅନ )—
Ākshārana ଅକ୍ଷାର ( ଦେଖ )—Ākshār ( See )

**ଅକ୍ଷାରଣା**—ସଂ. ବି. ( ଅ+କ୍ଷର ଧାତୁ+ଭାବ. ଅନ+ଆ )—
Ākshārana ଅକ୍ଷାର ( ଦେଖ )—Akshāra ( See )

**ଅକ୍ଷାରିତ**—ସଂ. ବଣ. ପୁଂ. ( ଅ+କ୍ଷର ଧାତୁ+କର୍ମ. ତ )—
Ākshārita ୧ । ଅଭିଯୁକ୍ତ—1. Accused; charged.
୨ । ଅପରାଧୀ—2. Guilty; criminal.
୩ । ମୈଥୁନବିଷୟକ ଅପବାଦଗ୍ରସ୍ତ; ଅଗମ୍ୟାଗମନ ବା ଲାମ୍ପଟ୍ୟ ଦୋଷଦୁଷ୍ଟ—3. Charged with adultery.
୪ । ନିନ୍ଦିତ—4. Vilifid; blamed.

**ଅକ୍ଷିକ**—ସଂ. ବି. ପୁଂ. ( ଅକ୍ଷ+ଖେଳିବା ଅର୍ଥରେ. ଇକ)—
Ākshika ୧ । ଜୁଆ ଖେଳାଳି; ଜୁଆରି—
( ଅକ୍ଷିକା; ଅକ୍ଷିକୀ—ସ୍ତ୍ରୀ ) 1. Gambler.
୨ । ଜୁଆଖେଳରେ ଅର୍ଜ୍ଜିତ ଧନ—
2 Mony gained by gambling.
୩ । ଜୁଆରେ ହାରିବା ଧନ—
3. Money lost in gambling.
୪ । ଭାରଭୂତ ଅକ୍ଷ ବା ପଶାକାଠି ଯେ ରଖିଥାଏ—
4. One who uses loaded dice.
୫ । ଜୁଆ ଖେଳରେ ଜିତିବା ବ୍ୟକ୍ତି—
5. One who wins at gambling.
୬ । ଜୁଆ ଖେଳଦ୍ୱାରା ଧନଅର୍ଜ୍ଜନ କରିବା ବ୍ୟକ୍ତି—
6 One who gains by gambling.
୭ । ଜୁଆ ଖେଳରେ କରାଯିବା ଦେଣା—
7. Gambling debt.
୮ । ତିନିଶ ( ବୃକ୍ଷ ) ( ଦେଖ )
8. Tinisa tree ) ( See ).
୯ । ଅଛୁଗଛ ( ଦେଖ )—(ହରେକୃଷ୍ଣ. ଦ୍ରବ୍ୟଗୁଣ )—
9 Āchhu ( tree ) ( See ).
ସଂ. ବଣ.—୧ । ପଶାଖେଳ ସମ୍ବନ୍ଧୀୟ—
1. Relating to dice.
୨ । ଜୁଆଖେଳସମ୍ବନ୍ଧୀୟ —
2. Relating to gambling.
୩ । ଜୁଆଖେଳଦ୍ୱାରା ଯାହା ଜିତା ଯାଇଥାଏ; ଦ୍ୟୂତଦ୍ୱାରା ଅର୍ଜ୍ଜିତ—3. Won by gambling.

**ଅକ୍ଷିକପଣ**—ସଂ. ବି—ଜୁଆଖେଳରେ ରଖାଯିବା ବାଜି—
Ākshikapana Wager in gambling.

**ଅକ୍ଷିପ୍ତ**—ଧଂ. ବଣ. ( ଅ+କ୍ଷିପ ଧାତୁ+କର୍ମ. ତ )—
Ākshipta ୧ । ତଳକୁ ଫିଙ୍ଗାଯାଇଥିବା—
( ଅକ୍ଷେପ—ବି ) 1. Thrown down.
୨ । ଜବରଦସ୍ତି ଛଡ଼ାଇ ନିଆ ଯାଇଥିବା—
2. Snatched away.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଉ' ନ ମିଳିଲେ 'ସାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଯାହାକୁ ବାଧା ଦିଆ ଯାଇଥାଏ; ପ୍ରତିହତ—
3. Repulsed.
୪ । ଉତ୍ପାଟିତ—4. Overthrown.
୫ । ଧରା ଯାଇଥିବା; ଧୃତ—5. Seized; grasped.
୬ । ଆକୃଷ୍ଟ—6. Drawn; attracted.
୭ । ପ୍ରଲୋଭିତ—7. Enticed; seduced.
୮ । ପରାଭୂତ—8. Overpowered.
୯ । ଅଭିଭୂତ—9. Bewildered.
୧୦ । ଉଦ୍‌ବେଜିତ—10. Perplexed; distracted.
୧୧ । ଗଚ୍ଛିତ କରା ଯାଇଥିବା—11. Deposited.
୧୨ । ଅପମାନିତ—12. Insulted.
୧୩ । ଭର୍ତ୍ସିତ—13. Reviled; abused.
୧୪ । ( ଅମୁକ ) ସଙ୍ଗେ ସମାନ—
14. Equal to; equivalent to.

**ଆକ୍ଷିପ୍ତିକା**—ସଂ. ବି. ( ଆକ୍ଷିପ୍ତ+କ+ଆ )— ରଙ୍ଗଭୂମିକୁ ଆସିଲା ବେଳେ ନଟଦ୍ୱାରା ବୋଲାଯିବା ସଙ୍ଗୀତ—
Ākshiptikā
A particular air or song sung by an actor while approaching the stage.

**ଆକ୍ଷୀବ**—ସଂ. ବିଣ. ପୁଂ. ( ଅକ୍ଷୀବ+ସ୍ୱାର୍ଥେ. ଅ )—ନିଶାରେ ଉନ୍ମତ୍ତ—Intoxicated.
Ākshība
ବି—ସଜନାଗଛ (ଦେଖ)—Sajanā ( tree ) ( See )

**ଆକ୍ଷୁଟୀ**—ସଂ. ବିଣ—ନିର୍ଦ୍ଦୟ; ନିଷ୍ଠୁର—Savage; cruel.
Ākshuṭī ସଂ ବି. ସ୍ତ୍ରୀ—ଉଗ୍ରାସ୍ତ୍ରୀ; ଚଣ୍ଡସ୍ୱଭାବା ସ୍ତ୍ରୀ—A virago.

**ଆକ୍ଷେପ**—ସଂ. ବି. ( ଆ+କ୍ଷିପ ଧାତୁ+ଭାବ. ଅ )—
Ākshepa ୧ । ଫୋପାଡ଼ିବା; ଫିଙ୍ଗାଯିବା; ଫିଙ୍ଗା—
(ଆକ୍ଷିପ୍ତ—ବିଣ) 1. Throwing off; tossing; throwing away.
୨ । ଗତି—2 Movements.
୩ । କମ୍ପନ; ଥରିବା—3. Shaking.
୪ । ଭର୍ତ୍ସନା—4. Censure; reviling; abuse.
୫ । ଅପବାଦ; ଦୁର୍ନାମ—5. Satire; libel.
୬ । ଆକର୍ଷଣ—
6. Attraction.
୭ । ଅପହରଣ—7. Removal by theft.
୮ । ପ୍ରଲୋଭନ—8. Allurement; seduction.
୯ । ହାତ ଗୋଡ଼ ଛନ୍ଦାଡ଼ିବା; ଅଙ୍ଗବିକ୍ଷେପ—9. Spasm.
୧୦ । ରଙ୍ଗ ଆଦି ଉପରେ ବୋଳିବା; ଲଗାଇବା—
10. Applying on; smearing over ( as colour ).
ଗୋରଚନା କ୍ଷେପ ନିତାନ୍ତ ଗୌର—ପ୍ରାଚୀନ. ସଙ୍ଗୀତ ।
୧୧ । ବାକ୍ୟର ଅନ୍ୟାର୍ଥ କଳ୍ପନା—11. Assuming another meaning of a word.
୧୨ । ଅନୁମାନ—12. Inference.
୧୩ । ଗଚ୍ଛିତ—13. A deposit.
୧୪ । ଆପତ୍ତି—14. Objection.
୧୫ । ସାହିତ୍ୟର ଅଳଙ୍କାରବିଶେଷ; ଅଭିପ୍ରେତାର୍ଥ ଗୋପନ—
15. A figure of speech in which something intended is suppressed.
୧୬ । ଅନୁତାପ—16. Regret.
୧୭ । ଅବଶୋଷ; ଖେଦ—17. Grief; sorrow.

**ଆକ୍ଷେପକ**—ସଂ. ବିଣ. ପୁଂ. (ଆ+କ୍ଷିପ ଧାତୁ+କର୍ତ୍ତୃ. ଅକ)—
Ākshepaka ୧ । ଯେ ଆକ୍ଷେପ କରେ—
(ଆକ୍ଷେପିକା—ସ୍ତ୍ରୀ) 1. Drawing; attracting.
୨ । ଯେ ଫିଙ୍ଗେ—2. Throwing; tossing.
୩ । ଭର୍ତ୍ସନାକାରୀ—3 Reviling; abusing.
ସଂ. ବି. ପୁଂ—୧ । ନିନ୍ଦୁକ—1. Calumniator.
୨ । ( ବୈଦ୍ୟଶାସ୍ତ୍ର ) ଅଙ୍ଗବିକ୍ଷେପ—
2. Spasm; convulsion.

**ଆକ୍ଷେପିବା**—ଦେ. କ୍ରି.—ଖେଦକରିବା—To grieve.
Ākshepibā ଏସନ ଆକ୍ଷେପି ସୀତା ବଳପି ବକରେ—ନନ୍ଦକିଶୋର. ସୀତାବନବାସ ।

**ଆକ୍ଷୋଟ**—ସଂ. ବି.—ଅକ୍ଷୋଟ ( ଦେଖ )
Ākshoṭa Akshoṭa (See)

**ଆକ୍ଷୋଡ଼**—ସଂ. ବି.— ଅକ୍ଷୋଟ ( ଦେଖ )
Ākshoṛa Akshoṭa ( See )

**ଆକ୍ଷୋଦନ**—ସଂ. ବି. ( ଆ+କ୍ଷୁଦ୍ ଧାତୁ+ଭାବ. ଅନ )—
Ākshodana ମୃଗୟା; ଶିକାର—Hunting.

**ଆଖଡ଼ା**—ଦେ. ବି. ( ସ. ଅକ୍ଷୀଡ଼ )—
Ākhṛā ୧ । ବ୍ୟାୟାମ ଓ ମଲ୍ଲବିଦ୍ୟା ଅଭ୍ୟାସ କରିବା ସ୍ଥାନ—
1. Gymnasium; a place for gymnastic exercise.
ପିଲିଙ୍କୁ ଆଖଡ଼ାରେ ଭ୍ରମ ଯେ ପଶଇ—ସାରଳା. ମହାଭାରତ. ଗ୍ରନ୍ଥ ।
୨ । ନୃତ୍ୟ ଗୀତାଦି ଅଭ୍ୟାସ କରିବା ସ୍ଥାନ—
2. A place for rehearsing singing and music; a music-school; a dancing-school.
୩ । ଏକ ସମ୍ପ୍ରଦାୟର ବୈରାଗୀ ବା ବୈଷ୍ଣବମାନଙ୍କର ମିଳନ ସ୍ଥାନ—3. Monastery; a place where anchorites of a particular sect congregate and live.
( ଯଥା—ପୁରୀରେ ବଡ଼ ଆଖଡ଼ା ଓ ସାନ ଆଖଡ଼ା ମଠ ଅଛି । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଳ | ଶ,ଷ | ଙ୍କ | ଇଯ୍ | ଙ୍ଖ | ୱ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ହ୍ନ |

୪ । ନୃତ୍ୟକାରୀ, ବ୍ୟାୟାମକାରୀ ବା ସଙ୍କୀର୍ତ୍ତନକାରୀଙ୍କ ଦଳ—
4. A part of dancers; athletes or chanters.

୫ । ( ଲକ୍ଷଣାର୍ଥ ) କୌଣସି ବିଶିଷ୍ଟ ଦଳ—
5. A particular party.
( ଯଥା—ସେ ଆମ ଅଖ୍ଡ଼ାରେ ବସିବା ଲୋକ ନୁହେ । )

୬ । ଅଡ୍ଡା—6. A place where men of same class congregate.

**ଅଖ୍ଡ଼ା କରିବା**—ଦେ. କ୍ରି—୧ । ବ୍ୟାୟାମ ଅଭ୍ୟାସ କରିବା—
Ākhrdā kāribā 1. To perform gymnastic exercise.
আখড়াকরা

୨ । ଅଖଡ଼ାରେ ଗୁରୁଙ୍କଠାରୁ ନୃତ୍ୟଗୀତାଦି ଶିକ୍ଷା କରିବା—
2. To learn music and dancing under a dancing master; to rehearse music.

୩ । ଅଖଡ଼ାରେ ଶିକ୍ଷାର୍ଥୀମାନଙ୍କୁ ନୃତ୍ୟଗୀତାଦି ଶିଖାଇବା ବା ତାଲିମ୍ କରିବା—3. To train persons in music and dancing.

୪ । ନୃତ୍ୟଗୀତାଦିରେ ତାଲିମ୍ କରିବାପାଇଁ ଲୋକଙ୍କୁ ଜମାଇବା—4. To collect people for the purpose of musical training.

**ଅଖ୍ଡ଼ା ଗୁରୁ**—ଦେ. ବି—ଅଖଡ଼ାରେ ଶିଷ୍ୟମାନଙ୍କ ଉପଦେଶକ ଓସ୍ତାଦ୍—
Ākhrdā guru One who trains people in singing music and atheletic feats.
আখড়ার গুরু

**ଅଖ୍ଡ଼ା ଜମାଇବା**—ଦେ. କ୍ରି—୧ । ନୃତ୍ୟଗୀତାଦି ପାଇଁ ଦଳ ଗଠନ କରିବା—1. To form a party of persons to be trained in music and dancing.
Ākhrdā jamāibā
আখড়া জমান

୨ । ନୃତ୍ୟଗୀତାଦି ପାଇଁ ଶିଷ୍ୟଦଳ ସଂଗ୍ରହ କରିବା—
2. To gather pupils for training them to sing or dance.

୩ । ( ଲକ୍ଷଣାର୍ଥ ) ଗୋଟିଏ ଦଳ ଗଠନ କରିବା—
3. To form a party.

୪ । ( ଲକ୍ଷଣାର୍ଥ ) ମନ୍ଦ ବା ମନ୍ଦକାର୍ଯ୍ୟ ପାଇଁ ଗୁଡ଼ିଏ ଲୋକ ଜମାଇବା—4. To gather people for a worthless or wicked purpose.

**ଅଖ୍ଡ଼ା ଭାଙ୍ଗିବା**—ଦେ. କ୍ରି—୧ । ଗଠିତ ଅଖ୍ଡ଼ାର ଦଳକୁ ଭାଙ୍ଗିଦେବା
Ākhrdā bhāngibā 1. To disband or break up a dancing or music party.
আখড়া ভাঙ্গা

୨ । ଅଖଡ଼ାରେ ନୃତ୍ୟାଦି ଅଭ୍ୟାସ କାର୍ଯ୍ୟକୁ ସ୍ଥଗିତ କରିବା—
2. To discontinue rehearsals.

୩ । ଅଖଡ଼ାରେ କରାଯାଉଥିବା ଅଭ୍ୟାସ କର୍ମକୁ ଶେଷ କରି ଘରକୁ ଆସିବା—3. To dismiss a music or dancing school after rehearsal.

**ଅଖ୍ତା**—ଦେ. ବିଣ—ଅକ୍ତା ( ଦେଖ )
Ākhtā Āktā ( See )

**ଅଖ୍ଥୁ**—ଦେ. ଅ—ଘୃଣାବ୍ୟଞ୍ଜକ ଛେପ ପକାଇବାର ଅନୁକରଣଶବ୍ଦ—
Ākhthu A sound in imitation of that in spitting.

**ଅଖ୍ନି**—ବୈଦେ. ( ଆରବୀ ) ବି—ଅକ୍ନି ( ଦେଖ )
Ākhni Ākni ( See )
ଅଖ୍ନି

**ଅଖ୍ପାଖ**—ପ୍ରାଦେ. ( ସମ୍ବଲପୁର ) ଅ.—ଇତସ୍ତତଃ; ଏପାଖ ସେ ପାଖ—
Ākhpākha This side and that; here and there.
ଦେ. ବି.—ଅଖପାଖ ( ଦେଖ )
Ākhapākha ( See )

**ଅଖିରଚାର୍ସମା**—ବୈଦେ. ( ଆ. ) ବି ( ଅଖିର=ଶେଷରେ ହେବା+ ଚାରସମ୍ବାହ=ବୁଧବାର ) ମୁସଲମାନଙ୍କ ସଫର ମାସର ଶେଷ ବୁଧବାର ଦିନ ଅନୁଷ୍ଠିତ ପର୍ବ—
Ākhrichārsamā
A festival observed by the Mahomedans on the last wednesday of the month Safar.

**ଅଖିରଚାର୍ସମ୍ମା**—ବୈଦେ. ( ଆ. ) ବି—ଅଖିରଚାର୍ସମା ( ଦେଖ )
Ākhrichārsammā Ākhrichārsamā (See)

**ଅଖଣ୍ଡଳ**—ସଂ. ବି. ( ଆ+ଖଣ୍ଡ ଧାତୁ=ଭେଦକରିବା=କର୍ତ୍ତୃ. ଅଳ
Ākhandala ଯେ ବଜ୍ରଦ୍ୱାରା ପର୍ବତ ଭେଦ କରିଥିଲେ )—
ଦେବରାଜ ଇନ୍ଦ୍ର—God Indra.

**ଅଖଣ୍ଡଳମଣି**—ଦେ. ବି—ବାଲେଶ୍ୱର ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ
Ākhandalamani ଏହି ଦୁଇ ନଦୀର ସଙ୍ଗମ ସ୍ଥଳରେ ପ୍ରତିଷ୍ଠିତ ଶିବଲିଙ୍ଗ—An image of Siba in the district of Balasore.

ପ୍ରଣାଳ ସଙ୍ଗମେ ଅଖଣ୍ଡଳମଣି ପାଦକମଳ । ରାଧାନାଥ—ଭ୍ରଷା ।

**ଅଖନିକ**—ସଂ. ବି. ପୁଂ ( ଆ+ଖନ୍ ଧାତୁ—ଖୋଳିବା+କର୍ତ୍ତୃ. ଇକ;
Ākhanika ଯେ ମୃତ୍ତିକା ଖନନ କରେ )—
୧ । ଚୋର—1. Thief.
୨ । ଶୂକର—2. Boar; hog.
୩ । ମୂଷିକ—3. Mouse.
୪ । ଖଣନ୍ତା; ଖନିତ୍ର—4. A small hovel.
ସଂ. ବିଣ—ଖନନକାରୀ—One who digs the earth.

**ଅଖଣ୍ଡ**—ଦେ. ବି.—୧ । ଅଗୁଳିବା; ବାଟ ଚଗି ଅଟକାଇବା—
Ākhanda 1 Restraining a person from advancing.

ଚଳ ଲୋକେ ମାରିବେ ହେସ କରଣ ଅଖଣ୍ଡ । ସାରଳା ମହାଭାରତ, ସଭା ।

୨ । ଲୁଚକରି ଶତ୍ରୁକୁ ଜଗିବା—
2. Lying in ambush.

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଖଣ୍ଡି**—ଦେ. ବି.—ଏକପ୍ରକାର ବନ୍ଧୁକ—
Ākhandi A kind of gun.
ଶର ପଞ୍ଚାଶ ଲୋକେ ଥିଲେ ଜଗି,
ଆଗେ ଆଖଣ୍ଡି ନଳ ତେଲେ ଦାଗି । ବ୍ରଜନାଥ—ସମରତରଙ୍ଗ. ୩ ।

**ଆଖଣ୍ଡିବା**—ଦେ. କ୍ରି.- ଅଗୁଳିବା; ବାଟ ଓଗାଳିବା; ବାଟ ଛାଡ଼ି ନଦେବା—
Ākhandibā To restrain a person from going in his way.

**ଆଖପାଖ**—ଦେ. ବିଣ. ( ସଂ. ଅକ୍ଷି ଓ ପାର୍ଶ୍ୱ )—୧ । ନିକଟବର୍ତ୍ତୀ; ଚତୁର୍ଦ୍ଦିଗ— 1. All sides in the vicinity.
Ākhapākha
আশপাশ
**आसपास** ୨ । ନିକଟ; ସମୀପ — 2. Near.
ଦେ. ବି.—ନୈକଟ୍ୟ; ସାମୀପ୍ୟ—Vicinity.

**ଆଖପାଖିଆ**—ଦେ. ବିଣ.—ସନ୍ନିକଟବର୍ତ୍ତୀ—
Ākhapākhiā Adjacent.
আশ্‌পাশ্‌

**ଆଖପାଖେ**—ଦେ. କ୍ରି. ବିଣ.—୧ । ନିକଟରେ—
Ākhapākhe 1. Near by; in the vicinity.
আশেপাশে ୨ । ନିକଟବର୍ତ୍ତୀ ଚତୁର୍ଦ୍ଦିଗରେ—
2. On all sides in the vicinity.

**ଆଖର୍**—ବୈଦେ. (ଆ) ବି.—୧ । ଶେଷ—
Ākhar 1. Termination; end.
আখর; আখির ଫତୁରଖୋର ଆଖରକୁ ହେବାର ଏହ୍ଯଏକା ଏଥିଁ ଫଳ ।
**आख़र आख़ीर** କବିସୂର୍ଯ୍ୟ— କଣୋଖତକ୍ଷ. ଫ. ଗୀତ ।
( ଅଉଲ୍—ବିପରୀତ ) ୨ । ସମାପ୍ତି—2. Completion; finish.
୩ । ଅବସାନ; ଗତହେବାଅବସ୍ଥା—
3. Expiry.
କ୍ରି. ବିଣ.—ଆଖରି (ଦେଖ)
Ākhari (See)
ବିଣ.—ଆଖରି (ଦେଖ)
Ākhari (See)

**ଆଖର**—ସଂ. ବି. (ଆ+ଖନ୍ ଧାତୁ=ଖୋଳିବା+କରଣ. ଅର; ଯାହା ଦ୍ୱାରା ମାଟି ଖୋଳାଯାଏ)—
Ākhara
**आखिर** ଖନିତ୍ର; ଖଣତି—A digging bar; sped.
ପ୍ରାଦେ. ( ମେଦନୀପୁର ) ବି—ଅକ୍ଷର—
Alphabet; letter.

**ଆଖରକୁ**—ବୈଦେ. (ଆ) କ୍ରି. ବିଣ.—ଆଖରି (ଦେଖ)
Ākharaku Ākhari (See)

**ଆଖରି**—ବୈଦେ. (ଆ) ବିଣ.—୧ । ସର୍ବଶେଷ—1. Last.
Ākhari ୨ । ଗତ—2. Past; gone.
**आखिरी** ( ଯଥା—ଆଖରି ସନ )
କ୍ରି. ବିଣ—୧ । ସର୍ବଶେଷକୁ; ସର୍ବଶେଷରେ—1. At last.
୨ । ଶେଷବେଳକୁ—2 Towards the end.
୩ । ପଛକୁ—3. Later on; afterwards.

**ଆଖରୋଟ**—ଦେ. ବି. (ସଂ. ଅକ୍ଷୋଟ —ଅକ୍ଷୋଟ (ଦେଖ)
Ākharoṭa Akshoṭa (See)

**ଆଖାତ**—ସଂ. ବି. (ଅଖାତ=ଦେବଖାତ+ସ୍ୱାର୍ଥେ. ଅ)—
Ākhāta ୧ । ଦେବଖାତ; ଅକୃତ୍ରିମ ଜଳାଶୟ—
1. A lake; a natural reservoir of water.
୨ । (ଭୂଗୋଳପରିଭାଷା) ଉପସାଗର—2. Bay.

**ଆଖାଶାଖା**—ଦେ. ବି. (ସଂ. ସଖା; ସହାୟ)—
Ākhāsākhā ୧ । ସହାୟ—1. Help.
୨ । ରକ୍ଷକ—2. Protector.

**ଆଖି**—ଦେ. ବି. (ସଂ. ଅକ୍ଷି)—୧ । ନେତ୍ର; ଚକ୍ଷୁ—1. Eye.
Ākhi କାଣ ଆଖିରେ କଜଳ ଗାରେ—ଢଗ ।
আখ্; চোক্; চোখ্
**आंख**
୨ । ଦୃଷ୍ଟିଶକ୍ତି—2. Eye-sight.
୩ । ଦୃଷ୍ଟି—3. Look.
ସଖି ଆଖି ରଖିଲୁ ରସାରେ—କବିସୂର୍ଯ୍ୟ. ସଙ୍ଗୀତ ।
୪ । ଆଖୁପବର ଗଣ୍ଠି—4. The eye-like protuberance on the knot of a stem of sugarcane.
୫ । (କତାଛଡ଼ା) ନଡ଼ିଆ ମୁଣ୍ଡରେ ଥିବା ଚିହ୍ନ—
5. The eye-like signs on the top of the cocoanut.
୬ । ( ଲକ୍ଷଣାର୍ଥ ) ବିବେଚନାଶକ୍ତି; ବିବେକପଣ—
6. Consideration; discretion; descernment.
୭ । ( ଲକ୍ଷଣାର୍ଥ ) ବୁଦ୍ଧି—7. Intelligence.

**ଆଖିଆ**—ଦେ.ବିଣ. ପୁଂ ଓ ସ୍ତ୍ରୀ. [ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା— ଚଲାଅଖିଆ, ଗେଡା ଅଖିଆ ) ]—
Āhiā
( ଅଖେଇ—ସ୍ତ୍ରୀ ) ୧ । ଚକ୍ଷୁବିଶିଷ୍ଟ—1. Eyed, ( used in compounds )
୨ । ଦୃଷ୍ଟିଆ ( ଦେଖ )
2. Drushṭiā ( See )
୩ । ଡୁରୁଡ଼ା ବଳଦଙ୍କ ଆଖି ଉପରେ ପିନ୍ଧାଯିବା ଅନ୍ଧ ପୋଟଳ-
3. A band tied over the eyes of a shying bullock.
ପ୍ରାଦେ. (ଗଞ୍ଜାମ) ବି—ପ୍ରଚକ୍ଷୁ—Spectacles.

**ଆଖିଆଗରେ**—ଦେ. କ୍ରି. ବିଣ—ସମକ୍ଷରେ; ସମ୍ମୁଖରେ—
Akhiāgare Before one's very eyes.
চোখের সাম্‌নে

**ଆଖିଅଲୁଅ**—ଦେ. ବି—ଆଖି ପତା ଉପରେ ବାହାରିବା ବ୍ରଣ—
Akhiālua A boil on the eye-lashes; sty, Hordeolum; Posthia.
আঞ্জনী

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଏୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଙ | ଡ଼ |

[ ଦ୍ର—ଅଖି ପଡା ବା ଅଖି ଉପରେ ଉଠିବା ବ୍ରଣକୁ ଅଲୁଅ କହନ୍ତି । ]

ଅଖିକଣ—ଦେ. ବ—ନାକ ପାଖରେ ଥିବା ଅକ୍ଷିର ଶେଷ ମୁଣ୍ଡ—
Ākhikaṇa Corner of the eye
চোখের কোনা
(অক্ষিপ্রান্ত—অপাঙ্গ)

ଅଖିକାଢ଼ିବା—ଦେ. କ୍ରି—ଅଖି ଦେଖାଇବା ( ଦେଖ )
Ākhikārdhiba Ākhi dekhāiba ( See )
চোখ দেখান

ଅଖିଖୁଞ୍ଚା—ଦେ. ବ—ଅଖି ଭିତରେ ହେବା ବ୍ୟଥା—
Ākhikhuñcha Aching of the eye.

ଅଖିଖୋଲିବା—ଦେ. କ୍ରି—ଅଖିପିଟିବା ( ଦେଖ )
Ākhikholibā Ākhiphiṭibā ( See)

ଅଖିଖୋସିବା—ଦେ. କ୍ରି.—ଦୁଃସ୍ୱପ୍ନ, ଭୟ ବା ମୂର୍ଚ୍ଛା ଯୋଗୁଁ ( କୌଣସି ବ୍ୟକ୍ତି ) ଅକ୍ଷିର କଳା ଡୋଳାକୁ ଭ୍ରୂଲତାଅଡ଼କୁ ଟେକିବା; ଶିବନେତ୍ର ହେବା—
Ākhikhosibā
To have one's pupils turned upwards.

ଅଖିଖୋସିହୋଇଯିବା—ଦେ. ବ.—୧ । ଦୁଃସ୍ୱପ୍ନ, ଭୟ ବା ମୂର୍ଚ୍ଛାଯୋଗୁଁ ଅଖିର କଳା ଡୋଳା ଭ୍ରୂଲତା ଅଡ଼କୁ ଟେକି ହୋଇଯିବା—
Ākhikhosihoijibā
শিবনেত্রহওয়া; চোখ উলটেযাওয়া
आँखउलटजाना 1. The turning of pupils of the eyes upwards.

୨ । ( ଲକ୍ଷଣାର୍ଥ ) ସ୍ତବ୍ଧ ହୋଇଯିବା; ଚାଟକା ହେବା—
2. Being frightened; being dumb-founded.

ଏହା ଦେଖି ରଜଙ୍କ ଅଖି ଖୋସି ହୋଇଗଲା—କୃଷ୍ଣଲୀଳାମୃତ. ନନ୍ଦତୁଣ୍ଡୀ ।

ଅଖିଛଟା—ଦେ. ବ.—ଅପାଙ୍ଗଦୃଷ୍ଟି ; ଅଖିଠାର—Side-glance.
Ākhichhaṭā

ଅଖିଛଳଛଳକରିବା—ଦେ. କ୍ରି.—ଚକ୍ଷୁକୁ ଲୋତକପୂର୍ଣ୍ଣ କରିବା—
Ākhichhaḷachhaḷakaribā
To have tearful eyes.

ଅଖିଛଳଛଳହେବା—ଦେ. ବ.—ଅଖି ଲୋତକପୂର୍ଣ୍ଣ ଓ ଚଞ୍ଚଳହେବା—
Ākhichhaḷachhaḷahebā Eyes becoming tearful

ଅଖିଛୁଇଁବା—ଦେ. କ୍ରି.—ଶପଥପୂର୍ବକ ଅକ୍ଷିକୁ ସ୍ପର୍ଶକରିବା—
Ākhichhuiñbā To swear by touching the eyes.
চোখছুঁআ

ଅଖିଠରା—ଦେ. ବ.—୧ । ଅକ୍ଷିଦ୍ୱାରା କରାଯିବା ସଙ୍କେତ—
Ākhiṭharā 1. Signal by side-glances.
চোখঠারা ୨ । ଅଖିବୁଜି ଡାକିବା—2. To beckon by winks.

ଅଖିଠାର—ଦେ. ବ.—ଅଖିଠରା (ଦେଖ)
Ākhiṭhāra Ākhiṭharā (See)

ଅଖିଠାରମାରିବା—ଦେ. କ୍ରି. ୧ । ଅପାଙ୍ଗଦୃଷ୍ଟିକରିବା—
Ākhiṭhāramāribā 1. To cast side-glances.
চোখঠারা ସ୍ତ୍ରୀଙ୍କ ଦେଖି ମାରେ ଅଖିଠାର—ପ୍ର.ଗୀ. ପରଡେଗୀତ ।
आँखमारना ୨ । ଅଖିଦ୍ୱାରା ସଙ୍କେତ କରିବା—
2. To beckon with eyes.

ଅଖିଠାରିବା—ଦେ. କ୍ରି.—ଅଖିଠାର ମାରିବା (ଦେଖ)
Ākhiṭhāribā Ākhiṭhāramāribā (See)
চোখঠারা
आँखमारना

ଅଖିଡ଼ି—ଦେ. ବ.—ଚଳନ୍ତାରେ ନାହାରେ ବସି ଯାଉଥିବା ଲୋକଙ୍କ ଦେହରେ ପାଣି ନ ଲାଗିବାପାଇଁ ନୌକାର ତଳରେ ପକାଯିବା ବତାରେ ବୁଣା ଯାଇଥିବା ତଳେଇ—
Ākhirdi
A mat of bamboo placed at the bottom of a boat for the convenience of the people.

ଅଖିଡଅଁ—ଦେ. ବ.—ଚକ୍ଷୁସ୍ଫୁରଣ—
Ākhidiañ Throbbing of the eye-lids.
চোখনাচা

ଅଖିଡେଇଁବା—ଦେ. ବ.—ଅଖିଡଅଁ (ଦେଖ)
Ākhideiñbā Ākhidiañ (See)

ଅଖିଡେରିଦେବା—ଦେ. କ୍ରି—ଅଖିଖୋସିବା (ଦେଖ)
Ākhiderideba Ākhikhosibā (See)

ଅଖିଡୋଳା—ଦେ. ବ.—ଚକ୍ଷୁମଧ୍ୟସ୍ଥ ଧଳା ଅଂଶ—Eye-ball.
Ākhidolā

ଅଖିଦୁରୁଷ୍ଟିଆ—ଗ୍ରା. ବଣ.—ଅଖିଦୃଷ୍ଟିଆ (ଦେଖ)
Ākhidurushṭia Ākhidrushṭia (See)

ଅଖିଦୁଷ୍ଟିଆ—ଗ୍ରା. ବଣ.—ଅଖିଦୃଷ୍ଟିଆ (ଦେଖ)
Ākhidushṭia Ākhidrushṭia (See)

ଅଖିଦୃଷ୍ଟିଆ—ଦେ. ବଣ.—ଯାହା ଲୋକଙ୍କ ଲାଳସାପୂର୍ଣ୍ଣ ଚକ୍ଷୁରେ ଦେଖା ଯାଇଅଛି—
Ākhidrushṭia
(a thing) Which has been looked on by envying eyes.

ଅଖିଦେଖାଇବା—ଦେ. କ୍ରି.—ଭୟ ଦେଖାଇବା; ଭ୍ରୂଭଙ୍ଗୀ କରିବା; ଅଖିଦ୍ୱାରା ଧମକ ଦେବା—
Ākhidekhāibā
চোখদেখান To frown; to threaten with a
आँख दिखलाना frowning face.

ଅଖିଦେବା—ଦେ. କ୍ରି—ଲୋଭରେ କୌଣସି ବସ୍ତୁକୁ ଦେଖିବା; ଲାଳସାପୂର୍ଣ୍ଣ ଚକ୍ଷୁରେ ଦେଖିବା—To cast wistful glance on a thing.
Ākhidebā
চোখদেওয়া
आँखडालना କେତେ କ୍ଷଣକେ ଉଠେ ଡାକ, ରଥ ପଡାକେ ଦେଇ ଅଖି ।
ଜଗନ୍ନାଥ—ଭାଗବତ, ୧୦ମ ।

ଅଖିଧରା—ଦେ. ବ.—ରୋଗବିଶେଷ—Opthalmia.
Ākhidharā [ ଦ୍ର—ଏ ରୋଗରେ ଚକ୍ଷୁ ଆରକ୍ତ ଓ ବ୍ୟଥିତ
চোখউঠা হୁଏ । ]

ସାଧାରଣ ଲେଖେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଉଚ୍ଚାରଣ ଅନୁଯାୟୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅନ୍ଧା' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଅକ୍ଷିଧରିବା — ଦେ. କ୍ର.—ଆଖିଧର ( ଦେଖ )
Ākhidharibā — Ākhidharā ( See )
আঁখ্‌ডঠনা

ଅକ୍ଷିନପାଇବା—ଦେ. କ୍ରି.—ଶେଷସୀମା ପର୍ଯ୍ୟନ୍ତ ଅକ୍ଷିରେ ଦେଖା ନ ଯିବା—( eyes ) Not to reach the limit.—(ଯଥା—ବଡ଼ ଦେଉଳ ଉପରକୁ ଅକ୍ଷି ପାଉନାହିଁ ।)
Ākhinapāibā
চোখ্‌ নাপাওয়া

ଅକ୍ଷିନାଲକରିବା—ଦେ. କ୍ରି.—୧ । ଅରକ୍ତ ଚକ୍ଷୁ ଦେଖାଇବା—1. To show red-eyes.
Ākhinālakaribā
চোখরাঙ্গান
୨ । ରାଗ ହେବା—2. To be angry; to cast an angry look.

ଅକ୍ଷିପକାଇବା—ଦେ. କ୍ରି.—୧ । ଦେଖିବା—1. To see; to look on.
Ākhipakāibā
চোখদেওয়া
୨ । ଅକ୍ଷିଦେବା ( ଦେଖ ) 2. Ākhidebā ( See )
আখডালনা

ଅକ୍ଷିପତା—ଦେ. ବ. ( ସଂ. ଅକ୍ଷି+ପତ୍ର )—ଚକ୍ଷୁର ଆବରଣ ପତ୍ର; ପଲକ; ପିଛଡ଼ା—Eye-lids.
Ākhipatā
চোখেরপাতা

ଅକ୍ଷିପତାକଷାନହେବା—ଦେ. କ୍ରି.—ଆଦୌ ନିଦ୍ରା ନ ଆସିବା—Not to have a wink of sleep.
Ākhipatākasha nahebā

ଅକ୍ଷିପଲକରେ—ଦେ. କ୍ରି. ବିଣ — କ୍ଷୁଦ୍ରକାଳ; ସତ୍ୱର—In the twinkling of an eye; instantly.
Ākhipalakare
চোখেরপলকে

ଅକ୍ଷିପାଖି—ଦେ. ବ.—ଯେଉଁର ହଠାତ୍ ପଶି ନ ପାରିବେ, ଏହି ଉଦ୍ଦେଶ୍ୟରେ ନିର୍ମିତ ଏକପ୍ରକାର କୌଶଳଯୁକ୍ତ ଗୃହ—A house with a device to prevent a person entering it.
Ākhipākhi
ଆଉ ଉହାଡ଼ ଦୋମୁହାଁ ବଙ୍କ ଅକ୍ଷିପାଖି—ପୀତାମ୍ବର. ନୃସିଂହପୁରାଣ ।

ଅକ୍ଷିପାଣି—ଦେ. ବ.—ଲୁହ; ଲୋତକ—Tear.
Ākhipāṇi
କାହିଁ କାହିଁ ଅକ୍ଷି ପାଣି ଅକ୍ଷି କୋଣେ ମଉଣି—ସଙ୍ଗୀତ ।

ଅକ୍ଷିପାଣିଅକ୍ଷିରେମରିବା—ଦେ. ବ.—କୌଣସି କାର୍ଯ୍ୟ ପାଇଁ ବହୁକାଳ ଅପେକ୍ଷା କରି କରି ଶେଷକୁ ନିରାଶ ହେବା—Becoming hopeless after waiting and waiting.
Ākhipāṇiākhire maribā
ରହିଁ ରହିଁ ଅକ୍ଷି ପାଣି ଅକ୍ଷି କୋଣେ ମଉଣି—ସଙ୍ଗୀତ ।

ଅକ୍ଷିପାଣେଇବା—ଦେ. ବ.—ସରଦି ବା ରୋଗ ହେତୁରୁ ଅକ୍ଷିରୁ ପାଣି ବୋହିବା—Flowing of tears from the eyes due to cold or disease.
Ākhipāṇeibā

ଅକ୍ଷିପିଛଡ଼ା—ଦେ. ବ.—ଚକ୍ଷୁ ପଲକକୁ ଶୀଘ୍ର ଶୀଘ୍ର ବୁଜିବା;—ଚକ୍ଷୁର ପଲକ—Winking of the eyes.
Ākhipichhar̲d̲ā

ଅକ୍ଷିପିଛଡ଼ାପକେଇବା—ଦେ. କ୍ରି.— ଚକ୍ଷୁର ପଲକକୁ ବନ୍ଦ କରିବା—To wink.
Ākhipichhar̲d̲āpakeibā

ଅକ୍ଷିପିଚ୍ଛଡ଼—ଦେ. ବ.—ଅକ୍ଷିପିଛଡ଼ା ( ଦେଖ )
Ākhipichhar̲d̲a — Ākhipichhar̲d̲ā ( See )

ଅକ୍ଷିପିଚ୍ଛଡ଼ିବା—ଦେ. କ୍ରି—ଅକ୍ଷିପିଛଡ଼ାପକେଇବା ( ଦେଖ )
Ākhipichar̲d̲ibā — Ākhipichhar̲d̲āpakeibā (See)

ଅକ୍ଷିପିଚ୍ଛଳ—ଦେ. ବ—ଅକ୍ଷିପିଛଡ଼ା ( ଦେଖ )
Ākhipichhal̲a — Ākhipichhar̲d̲ā ( See)

ଅକ୍ଷିପିଚ୍ଛଳିବା—ଦେ. କ୍ରି—ଅକ୍ଷିପିଛଡ଼ାପକେଇବା ( ଦେଖ )
Ākhipichhal̲ibā — Ākhipichhar̲d̲āpakeibā (See)

ଅକ୍ଷିପୁଅ—ଦେ. ବ—୧ । ଅକ୍ଷିଡୋଳାର ମଝିରେ ଥିବା କଳା ଅଂଶ—1 Black eye-ball; pupil.
Ākhipua
আঁখিকাতারা
୨ । ଅକ୍ଷିର କଳା ଅଂଶର କେନ୍ଦ୍ରରେ ପ୍ରତିବିମ୍ବିତ ରୂପ—2. The small image reflected in the Retina.

ଅକ୍ଷିଫିଟାଇବା—ଦେ. କ୍ରି—ଅକ୍ଷି ଫିଟାଇବାର ଣିଜନ୍ତ ରୂପ—The causative form of Ākhiphiṭāibā
Ākhiphiṭāibā
চোখ্‌ খোলা
আঁখ্‌ খোলনা

ଅକ୍ଷିଫିଟିବା—ଦେ. କ୍ରି—୧ । ଚକ୍ଷୁରୁନ୍ମୀଳିତ ହେବା—1. (eyes) To open.
Ākhiphiṭibā
୨ । ବିରାଡ଼ି ଓ କୁକୁର ଛୁଆଙ୍କର ପ୍ରଥମେ ଅକ୍ଷିପତା ଖୋଲି ଯିବା—2. ( eyes the young of cats and dogs ) To open for the first time.
୩ । ( ଲକ୍ଷଣାର୍ଥ ) କୌଣସି ବିଷୟରେ ଜ୍ଞାନୋଦୟ ବା ଚୈତନ୍ୟ ଉଦୟ ହେବା—3. To hit upon an idea ( about something ).

ଅକ୍ଷିଫୁଟା— ଦେ. ବିଣ. ପୁଂ—୧ । ଯାହାର ଅକ୍ଷି ଫୁଟି ଯାଇଥାଏ—1. Blinded.
Ākhiphuṭā
୨ । ଗାଳିବିଶେଷ; ଅନ୍ଧ; ଅବିବେଚକ—2. Ignorant; unreasonable.

ଅକ୍ଷିଫୁଟାଇବା—ଦେ. କ୍ରି—ଅକ୍ଷିରେ ମୂନଆଁ ବସ୍ତୁ ଗେଞ୍ଜି କଣା କରି ଦେବା—To make the eye blind.
Ākhiphuṭāibā
চোখ্‌ গালা
আঁখ্‌ ফুটানা

ଅକ୍ଷିଫୁଟିବା—ଦେ. ବ—ଅନ୍ଧ ହେବା; ଚକ୍ଷୁ ଲୋପ ହେବା—Becoming blind.
Ākhiphuṭibā
চোখ্‌ গলে যাওয়া
আঁখ্‌ ফুদ্‌না
ଏ ସକାଶୁ ଭକ୍ତିକର ଦୁଇ ଅକ୍ଷି ଫୁଟୁ— କୃଷ୍ଣସିଂହ. ମହାଭାରତ, ବନ ।

ଅକ୍ଷିଫୁଟେଇବା—ଦେ. କ୍ରି—ଅକ୍ଷିଫୁଟାଇବା ( ଦେଖ )
Ākhiphuṭeibā — Ākhiphuṭāibā ( See )

ଅକ୍ଷିଫୁଲ—ଦେ. ବ—ଅକ୍ଷିରେ ଫୁଲ ବା ମାଂସବୃଦ୍ଧି ହେବା ରୋଗବିଶେଷ—Pearl in the eye.
Ākhiphulā
চোখের মাংসবৃদ্ধি

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ' | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଉ |
| ୵ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ଓ | ନ୍ତ |

ଅଖିଫେରାଇବା—ଦେ. କ୍ରି—ଚାରିଆଡ଼କୁ ଚାହିଁବା—
Ākhipherāibā To look around.
চোখ ফেরান্

ଅଖିବାଳ—ଦେ. ବି—ଅଖିପତାରେ ଥିବା କେଶ—
Ākhibāḻa Hair on the eye-lids.
চোখের রোম

ଅଖିବୁଜାବୁଜି—ଦେ. ବି—ଦେଶୀୟ ଖେଳବିଶେଷ; ବୁଢ଼ିଅଣୀ ଖେଳ;
Ākhibujābuji ( ଏ ଖେଳରେ ଚୋରସ୍ଥାନୀୟ ଜଣକର ଆଖିକୁ ବୁଢ଼ିଅଣୀସ୍ଥାନୀୟ ଆଉ ଜଣେ ସଙ୍ଗୀ ଲୁଗାରେ ବୁଜି ଦିଏ; ଅନ୍ୟ ସଙ୍ଗିମାନେ ଲୁଚନ୍ତି; ଚୋର ସେମାନଙ୍କୁ ଖୋଜେ )—A sort of native play.

ଅଖିବୁଜାଳ—ଗ୍ରା. ବି—ଅଖିବୁଜାବୁଜି ( ଦେଖ )
Ākhibujāḻa Ākhibujābuji ( See )

ଅଖିବୁଜିବା—ଦେ. କ୍ରି—୧ । ଚକ୍ଷୁ ବନ୍ଦ କରିବା—
Ākhibujibā 1. To shut the eyes.
୨ । ( ଲକ୍ଷଣାର୍ଥ ) ମରିଯିବା—2. To die.

ଅଖିବୁଲାଇବା—ଦେ. କ୍ରି—୧ । କ୍ରୋଧରେ ଅଖିକୁ ବଡ଼ ବଡ଼ କରି
Ākhibulāibā ତେଣିକି ଏଣେ ତେଣେ ଫେରାଇବା—
চোখ বুলানা 1. To cast an angry look.
आँखफेराना ୨ । ଉତ୍ତମରୂପେ ସବୁଆଡ଼ ନିରୀକ୍ଷଣ କରିବା—
2. To look at every thing minutely.
୩ । ( ଲକ୍ଷଣାର୍ଥ ) ଅନ୍ୱେଷଣ କରିବା—
3. To investigate; to seek.
( ଯଥା—ସେ ଗୋଟିଏ ବରପାତ୍ର ପାଇଁ ବହୁତ ଅଖି ବୁଲାଇଲେଣି । )

ଅଖିବୁଲେଇବା—ଦେ. କ୍ରି—ଅଖିବୁଲାଇବା ( ଦେଖ )
Ākhibuleibā Ākhibulāibā ( See )

ଅଖିମଳିବା—ଦେ. କ୍ରି—ଆଖିପତାକୁ ଅଙ୍ଗୁଠି ବା ହାତ ଦ୍ୱାରା ରଗଡ଼ିବା—
Ākhimaḻibā To rub the eye-lids.

ଅଖିମାରିବା—ଦେ. ବି—ଅଖିଠାରିବା ( ଦେଖ )
Ākhimāribā Ākhiṭhāribā ( See )

ଅଖିମିଟ୍‌କେ—ଦେ. କ୍ରି. ବିଣ—ନିମିଷକେ; ଅଖିପିଛୁଡ଼ିବାକୁ ଯେତିକି
Ākhimiṭke ସମୟ ସେତିକି ସମୟରେ—In the twinkling of an eye; in a moment.

ଅଖିମିଟିକା—ଦେ. ବି—ଆଖିକୁ ମିଟିମିଟି କରିବା; ଘନଘନ ଅଖିପିଛୁଡ଼ା
Ākhimiṭikā ପକାଇବା—Twinkling of the eye.

ଅଖିମିଟିକାଇବା—ଦେ. କ୍ରି—ଆଖିକୁ ଘନଘନ ବୁଜିବା; ଅଖିପିଛୁଡ଼ିବା—
Ākhimiṭikāibā To shut and open the eyes frequently.

ଅଖିମିଟିକାମାରିବା—ଦେ. କ୍ରି—ଅଖିମିଟିକାଇବା ( ଦେଖ )
Ākhimiṭikāmāribā Ākhimiṭikāibā (See)

ଅଖିମିଟିମିଟିକରିବା—ଦେ. କ୍ରି—ଆଖିକୁ ଘନଘନ ବୁଜିବା—
Ākhimiṭimiṭikaribā To shut the eyes frequently.

ଅଖି ରଙ୍ଗ କରିବା—ଦେ. କ୍ରି—ଅଖି ନାଲି କରିବା ( ଦେଖ )
Ākhi raṅga kariba Ākhi nāla karibā ( See )
ପୁଣି ଅଳମ୍ବୁଷ ଅଖି କରିଣ ରଙ୍ଗ
ଗଲ ଦେଖି କାଣ୍ଡରେ ଅଭିମନ୍ୟୁ ଅଙ୍ଗ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଅଖିରଙ୍ଗାଇବା—ଦେ. କ୍ରି—ଅଖିନାଲି କରିବା ( ଦେଖ )
Ākhiraṅgāibā Ākhināla karibā ( See )

ଅଖିରୁଚକ—ଗ୍ରା. ବିଣ—ଚକ୍ଷୁରୋଚକ; ଯାହା ଦେଖିବାକୁ ଭଲ ଲାଗେ
Ākhiruchaka Pleasing to the eye.
চক্ষুরোচক
आँखिमनोहर

ଅଖିରୁ ଜୁଳୁଜୁଳିଅପୋକ ବାହାରିଯିବା—ଦେ. ବି—
Ākhiru juḻujuḻiāpoka bāhārijibā
ଦୁର୍ବଳତା ପ୍ରଭୃତି ହେତୁରୁ ମସ୍ତିଷ୍କବିକୃତି ଘଟିଲେ, ଆଖି ଆଗରେ ଜୁଳୁଜୁଳିଆପୋକ ପରି ଅଗ୍ନିକଣାମାନ ଦେଖାଯିବା
Seeing stars dance before the eyes ( as a result of weakness )

ଅଖିରୁ ପାଣି ବହିବା—ଦେ. କ୍ରି—କାନ୍ଦିବା—
Ākhiru pāṇi bahibā To shed tears.

ଅଖିରୁ ପାଣିମରିବା—ଦେ. ବି. ( ବୃଦ୍ଧାବସ୍ଥା ଯୋଗୁଁ )—
Ākhiru pāṇimaribā ୧ । ଦୃଷ୍ଟିଶକ୍ତି ଲୋପହେବା—
চোখের জল মরা 1. (eye-sight) To diminish (owing to old age.)
୨ । (ବହୁକାଳ ଚାହିଁ ଚାହିଁ) ଆଖିକୁ କିଛି ଦେଖା ନ ଯିବା—
(nothing To be seen.

ଅଖିରେ ଅଙ୍ଗୁଠି ଗେଞ୍ଜିବା—ଦେ. କ୍ରି—୧ । ବିରକ୍ତ କରିବା—
Ākhire āṅguṭhi geñjibā 1. To tease.
୨ । ଠକି ଦେବା—2. To cheat.

ଅଖିରେ କାଠି ଗେଞ୍ଜିବା—ଦେ. କ୍ରି—ବିରକ୍ତ କରିବାପାଇଁ କୌଣସି
Ākhire kāṭhi geñjibā କଥା ବାରମ୍ବାର କହିବା—
To speak something repeatedly in order to tease a person.

ଅଖିରେ ଧୂଳି ପକାଇବା—ଦେ. କ୍ରି—ଠକି ଦେବା—
Ākhire dhūḻi pakāibā To deceive.
[ଦ୍ର—ଗୋବିନ୍ଦା ଆଖିରେ ଧୂଳି ପକାଇବା କଥା ସହଜ ନୁହେ ।
ଫକୀରମୋହନ. ଛମାଣଆଠଗୁଣ୍ଠ । ]

ଅଖିରେନଯିବା—ଦେ. କ୍ରି—ଦୃଷ୍ଟି ଦେବା; ସହି ନ ପାରିବା—
Ākhire najibā To be unable to bear or brook
চোখে না যাওয়া

ଅଖିରେ ନାଚିବା—ଦେ. କ୍ରି. ( କୌଣସି ଅନୁପସ୍ଥିତ ବସ୍ତୁ )
Ākhire nāchibā ଉପର୍ଯ୍ୟୁପରି ସ୍ମରଣରେ ଆସିବା—
চোখে নাচা ( some absent thing) To dance before one's mind.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ଉପଯୋଗ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ ।

ଅନୁବରତେ ପାଣ୍ଡବେ ଆଖିରେ ନାଚଲେ । କୃଷ୍ଣସିଂହ. ମହାଭାରତ. ଅଦ ।

**ଅଖିରେ ପଡ଼ିବା**—ଦେ. କ୍ରି—ଦୃଷ୍ଟ ହେବା—
Ākhire pardibā — To be seen.

**ଅଖିରେ ଶୁଖୁଅକଣ୍ଟା ଗେଞ୍ଜିବା**—ଦେ.କ୍ରି—ଠକିବା;ପ୍ରବଞ୍ଚନା କରିବା—
Ākhire sukhuākantā genjibā — To cheat; to decive.

**ଅଖିରୋଚକ**—ଗ୍ରା. ବଣ—ଅଖିରୁଚକ ( ଦେଖ )
Ākhirochaka — Ākhiruchaka ( See )

**ଅଖିଲଗିବା**—ଦେ. କ୍ରି—୧ । ସରଦ ହେଉ ଲେନର ବୋହୁବାରୁ ସେହି ଲେନେର ଅଠାରେ ଦୁଇ ଅଖି ନ ଫିଟିବା ରୋଗ—1. A sort of disease.
Ākhilāgibā
୨ । ନିଦ୍ରା ଆସିବା—2. (sleep) To attack.

**ଅଖିଲଞ୍ଜି**—ଦେ. ବ—ଚକ୍ଷୁର ପ୍ରାନ୍ତଦେଶ—
Ākhilānji — The outer corner of the eye.
চোখেরকোনা
दुग्वाला

**ଅଖିଲେନ୍ଦେରା**—ଦେ. ବ—ଚକ୍ଷୁରୁ ବହିର୍ଗତ ମଳ—
Ākhilenderā — The reheum of the eyes.

**ଅଖିଲେନ୍ଧେରା**—ଦେ. ବ—ଅଖିଲେନ୍ଦେରା ( ଦେଖ )
Ākhilendherā — Ākhilenderā ( See )

**ଅଖିଲୋଭା**—ଦେ. ବଣ—ଚକ୍ଷୁର ପ୍ରୀତିକର; ସୁନ୍ଦର—
Ākhilobhā — Good-looking.

**ଅଖୁ**—ଦେ. ବ. ( ସ. ଇକ୍ଷୁ )—ଇକ୍ଷୁ; ସ୍ୱନାମଖ୍ୟାତ ସୁସ୍ୱାଦୁ ଉଦ୍ଭିଦ-ବିଶେଷ—Sugarcane.
Ākhu
আখ; অক
ईंक; केन्तारि; ईख्
ତେ. ଚେରୁକୁ
[ ଦ୍ର—ଅଖୁର ପ୍ରକାରମାନ—(୧) କାଳ ବା କଳାଲବଡ଼ଲା; (୨) କନ୍ଥାର ( ମୋଟ ଓ କୋମଳ ); (୩) ବମେଇ ( ଧଳା ); (୪) ବଙ୍ଗାଳ; (୫) ଖାଡ଼ ଅଖୁ ବା ଖଡ଼; (୬) ରୂପ ଅଖୁ (ବେଶି ଧଳା); ଏହା ଦୁଇପ୍ରକାର—କାନ୍ତିରୂପ; ସାଧାରଣ ରୂପ; (୭) ଦୁଷ୍ଟୁରବାଣୀ—ଏହା କଳା କନ୍ତୁ ଦେହଯାକ ଧଳା ଗାର; (୮) କୋଇମ୍ବାଟୁର ବା ଫର୍ମ୍ମ (ଭର୍ତ୍ତିଫୁଲ ପର ଏହାର ଧଳା ଫୁଲ ହୁଏ); (୯) ଖାଗି ( କଳା, ମୋଟ ଓ ଉଚ୍ଚ ), କାଶୋର ଅଖୁ ( ଅତି ସରୁ, ନାଲି ଓ ଉଚ୍ଚ । ]
ସ.ବ. (ଅ+ଖନ ଧାତୁ=ଖୋଳିବା+କର୍ତ୍ତୃ.ଉ; ଯେ ଖୋଳେ)—
୧ । ମୂଷା; ଇନ୍ଦୁର—1. Mouse, rat.
୨ । ଶୁକର; ଘୁଷୁରି—2. Pig; hog.
୩ । ଚୋର; ଚୋର—3. Thief.
୪ । ସମ୍ପତ୍ତି ଥାଇ କରି ଯେ ଅପଣାର ପେଟକୁ ନ ଖାଏ; କୃପଣ ଲୋକ—4. A miser.
୫ । ମୂଷାକାନି ( ଦେଖ )
5. Mushākāni ( See )

**ଅଖୁକଳ**—ଦେ. ବ—ଯେଉଁ କଳଦ୍ୱାରା ଅଖୁ ପେଡ଼ା ହୋଇ ହୋଇଥାଏ ବାହାରେ; ଅଖୁ ପେଡ଼ିବାର କଳ—
Ākhukala — A machine to press sugarcane.

**ଅଖୁକିଆରି**—ଦେ. ବ—ଯେଉଁ କ୍ଷେତ୍ରରେ ଅଖୁଚାଷ କରାଯାଏ—
Ākhukiāri — A field of sugarcane.
আখরক্ষেত
उखाड़ी

**ଅଖୁକିଆରିକୁ ଠେଲିଦେବା**—ଦେ. ବ. ( ପ୍ରବଚନ )—ବିପଦରେ ପକାଇବା; ଯନ୍ତ୍ରଣା ଦେବା—
Ākhukiāriku thelidebā — To put in danger; to inflict pain.
( ଯଥା—ଥରେ ଘାଲରେ ପକାଇ ଥିଲି ଯେ ଖସିଗଲୁ, ରହିଥା ବେଳପଡ଼ୁ ଅଛୁ ଥରେ ଅଖୁକିଆରିକୁ ଠେଲି ଦେବି । )

**ଅଖୁକୋଲୁଅ**—ଦେ. ବ—ଅଖୁକଳ ( ଦେଖ )
Ākhukolua — Ākhukala ( See )

**ଅଖୁକୋଲୁଆ**—ଦେ. ବ—ଅଖୁକଳ ( ଦେଖ )
Ākhūkoluā — Ākhukala ( See )

**ଅଖୁକୋହ୍ଲୁଆ**—ଦେ. ବ—ଅଖୁକେଲୁଆ ( ଦେଖ )
Ākhukohlua — Ākhukeluā ( See )

**ଅଖୁଖାଇ**—ଦେ. ବ—ଅଖୁକଳ ( ଦେଖ )
Ākhukhāi — Ākhukala ( See )

**ଅଖୁଗ**—ସ. ବ. ( ଅଖୁ=ମୂଷିକ+ଗମ ଧାତୁ+କର୍ତ୍ତୃ. ଅ )—
Ākhuga — ମୂଷିକବାହନ; ଗଣେଶ—The God ganesa. ( who rides on a mouse )

**ଅଖୁଛେଦରା**—ଦେ. ବ—ଅଖୁଛେଦା ( ଦେଖ )
Ākhuchhedarā — Ākhuchhedā ( See )

**ଅଖୁଛେଦା**—ଦେ. ବ—୧ । ଅଖୁପେଡ଼ା ହେବା ପରେ କମ୍ପା ବାଲିରେ ଗେରିଲାଇ ଖିଆ ହେବାପରେ ବାହାର ରସଶୂନ୍ୟ ଚୋପା—1. Juiceless matter of sugar-cane after it is pressed.
Ākhuchhedā
୨ । ଗୁଡ଼ରେ ରହିଯାଇ ଥିବା ଅଖୁର ଖୁଦ୍ର ଖୁଦ୍ର ଚୋପା—2 Bits of bark left in molasses.

**ଅଖୁଦଣ୍ଡା**—ଦେ. ବ.( ସ. ଇକ୍ଷୁଦଣ୍ଡ )—
Ākhudandā — ଅଖୁର ଗୋଟିଏ ଗଛ; ଗଛେ ଅଖୁ—One plant of sugar-cane.

**ଅଖୁଦୋରୁଅ**—ଦେ. ବ—ଅଖୁରୁ ପେଡ଼ା ହୋଇ ବାହାର ଥିବା ରସ—
Ākhudorua — The juice of sugarcane after it is pressed
আখেররস
इंखुरस

**ଅଖୁଧଣ୍ଡା**—ଦେ. ବ—ଅଖୁଦଣ୍ଡା ( ଦେଖ )
Ākhudhandā — Ākhudandā ( See )

| ୧ | ଲ | ଇ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଯ୍ | ଈଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଳ | ଉ | ଋ | ଳୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶଂ | ଯ | ସ | ଙ | ଇଅ | ଔ | ଋ |

**ଅଖୁନ୍**— ବୈଦେ ( ଅ ) ବ—୧ । ଶିକ୍ଷକ—1. Teacher.
Ākhun ୨ । ପାରସି ଓ ଆରବୀଭାଷାର ଶିକ୍ଷକ—
2. A teacher of Persian and Arabic.

ପାରସି ପଢ଼ାଇବା ନିମନ୍ତେ ଅନେକ ଦିନ ପର୍ଯ୍ୟନ୍ତ ଘରେ ଅଖୁନ୍ ନିଯୁକ୍ତ ଥିଲେ । ଫକୀରମୋହନ- ଛମାଣଆଠଗୁଣ୍ଠ ।

୩ । ପାରସି ଓ ଆରବୀ ପଢ଼ାଇବା ନିମନ୍ତେ ପ୍ରାଥମିକ ବିଦ୍ୟାଳୟ ବା ମକ୍ତାବର ଶିକ୍ଷକ—
3. A teacher of a primary school of Persian and Arabic.

**ଅଖୁନ୍‌ଜି**—ବୈଦେ ( ଅ ) ବ. ( ସମ୍ମାନାର୍ଥ )—ଅଖୁନ୍ ( ଦେଖ )
Ākhunji Ākhun ( See )
ବୈଦେ ( ଅ ) ଅ—ଅଖୁନ୍‌ଙ୍କୁ ସମ୍ବୋଧନ—A term of address to Ākhun.

**ଆଖୁପଗ**— ଦେ. ବ—ଆଖୁଧଣ୍ଡାରେ ଥିବା ବିରନ୍ଧଣ୍ଡକୁ ବିଭକ୍ତ କରିଥିବା
Ākhupaga ରେଖା—The line demarking the knots of sugarcane.

**ଆଖୁପଣା**— ଦେ. ବ – ଆଖୁଦୋରୁଅ ( ଦେଖ )
Ākhupaṇā Ākhudorua ( See )

**ଆଖୁପବ**— ଦେ. ବ—ଆଖୁପଗ ( ଦେଖ )
Ākhupaba Ākhupaga ( See )
আখেরপগ

**ଆଖୁପେଡ଼ା**—ଦେ. ବ. ଆଖୁକୁ ଖାଇରେ ଚପୁଡ଼ିବା —
Ākhuperḍā Pressing of sugarcane.

**ଆଖୁପେଡ଼ିବା**—ଦେ. କ୍ରି—ଆଖୁକୁ ଖାଇରେ ଚପୁଡ଼ିବା—
Ākhuperḍibā To press sugarcane

**ଆଖୁବାଡ଼ି**—ଦେ. ବ—୧ । ଆଖୁ କ୍ଷେତ; ଅଖୁବଅରି; ଆଖୁ ଫସଲ
Ākhubārḍi ହୋଇଥିବା କ୍ଷେତ—1. A field of sugar-cane.
୨ । ଆଖୁଯଷ୍ଟି—2. A stick of sugarcane.

**ଆଖୁବାଡ଼ିଆ**—ଦେ. ବଣ—୧ । ଆଖୁବାଡ଼ିରେ ଜାତ—
Ākhubārḍiā 1. Produced in a field of sugar-cane.
୨ । ଆଖୁବାଡ଼ି ଜଗିଥିବା ( ବ୍ୟକ୍ତି )—
2. A watch-man of a field of sugar-cane.

**ଆଖୁଭୁକ୍**—ସଂ. ବ. ( ଆଖୁ=ମୂଷା + ଭୁଜ୍ ଧାତୁ=ଖାଇବା + କର୍ତ୍ତୃ. କ୍ୱିପ୍; ଯେ ମୂଷାକୁ ଖାଏ )—ବିରାଡ଼ି—Cat.
Ākhubhuk

**ଆଖୁମଞ୍ଜି**—ଦେ. ବ—କ୍ଷେତରେ ଲଗାଇବା ଉଦ୍ଦେଶ୍ୟରେ କଟା ହୋଇ-
Ākhumañji ଥିବା ଛୋଟ ଛୋଟ ଆଖୁର ପବ—
Small cuttings of the stem of sugarcane used as seed.

**ଆଖୁରଥ**—ସଂ. ବ. ( ବହୁବ୍ରୀହି; ଆଖୁ=ମୂଷା + ରଥ=ବାହନ;
Ākhuratha ଯାହାଙ୍କର ମୂଷା ବାହନ )—ଗଣେଶ—
God Gaṇeśa.

**ଆଖୁଶାଳ**—ଦେ. ବ. ( ସଂ. ଇକ୍ଷୁ+ଓ. ଶାଳ )—ଯେଉଁଠାରେ ଆଖୁ
Ākhusāla ପେଡ଼ା ହୋଇ ଗୁଡ଼ ତିଆରି ହୁଏ—
আখশাল A place where molasses is prepared from sugar-cane

**ଆଖେଇବା**—ଦେ. କ୍ରି—୧ । ଦେଖିବା—1. To look at.
Ākheibā ୨ । ଦୂରରୁ ଦେଖିବା—
देखना; ताकना 2. To see from a distance.
୩ । ଦୃଷ୍ଟି କରିବା; ଦୃଷ୍ଟି ପକାଇବା—
3. To cast an evil eye upon.
୪ । କ୍ରମଶଃ ନିକଟବର୍ତ୍ତୀ ହେବା—
4. To come nearer gradually.

ଆଖେଇଲା, ଆଗଉ ଅଖେଇ ପାଖେଇଲା । ପ୍ରବଚନ ।

**ଆଖେଟ**— ସଂ. ବ. ( ଆ + ଖିଟ ଧାତୁ=ତ୍ରାସ କରିବା; ମୃଗୟା କରିବା + 
Ākheṭa ଭାବ. ଅ )— ୧ । ମୃଗୟା; ପଶୁପକ୍ଷିଶିକାର—
1. Hunting; chase.
୨ । ତ୍ରାସ; ଭୟ—2. Fear; fright.

**ଆଖେଟକ**— ସଂ. ବଣ. (ଆ+ଖିଟ୍ ଧାତୁ=ତ୍ରାସ କରିବା+କର୍ତ୍ତୃ. ଅକ)-
Ākheṭaka ୧ । ମୃଗୟାଶୀଳ; ଶିକାରୀ—
1. Fond of hunting.
୨ । ତ୍ରାସଜନକ; ଭୟୋତ୍ପାଦକ—2. Frightful.
ସଂ. ବ. ( ଆଖେଟ=ମୃଗୟା + ସ୍ୱାର୍ଥ. କ )—
୧ । ମୃଗୟା; ଶିକାର—1. Hunting; chase.
୨ । ଶିକାରୀ—2. A hunter.

**ଆଖେଟକ ପର୍ବ**—ସଂ. ବ. ( ଷଷ୍ଠୀ ତତ୍; ଆଖେଟକ + ପର୍ବ )—
Ākheṭaka parba ଶ୍ରାବଣ ଶୁକ୍ଳତ୍ରୟୋଦଶୀ—
( ଏ ଦିନ ଅସ୍ତ୍ରଶସ୍ତ୍ରାଦିର ପୂଜା ହୁଏ । )—
The 13th day of the bright fort-night of Śrābaṇa (in which weapons are worshipped).

**ଆଖେଟନ**—ସଂ. ବ. ( ଆ + ଖିଟ୍ ଧାତୁ = ତ୍ରାସ କରିବା+ଭାବ. ଅନ)—
Ākheṭana ଆଖେଟ ( ଦେଖ )
Ākheṭa ( See )

**ଆଖେଟିକ**—ସଂ. ବ. ( ଆଖେଟ=ମୃଗୟା + ନିପୁଣାର୍ଥରେ. ଇକ )—
Ākheṭika ୧ । ମୃଗୟାକୁଶଳ କୁକ୍କୁର; ଶିକାରୀ କୁକୁର —
1. A hunting dog.
୨ । ଯେଉଁ ବ୍ୟକ୍ତି ମୃଗୟା କରେ—
2. One who hunts.
୩ । ଯେଉଁ ବ୍ୟକ୍ତି ମୃଗୟାଦ୍ୱାରା ଜୀବିକା ନିର୍ବାହ କରେ; ମୃଗୟାଜୀବୀ ବ୍ୟାଧ—3. A hunter.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବିଣ—୧ । ମୃଗୟାସଂକ୍ରାନ୍ତ—1. Relating to hunting.
୨ । ମୃଗୟାର ଉପଯୁକ୍ତ—2. Fit for hunting.

**ଅଖେଟୀ**—ସଂ. ବି ପୁଂ. ( ଅଖେଟ=ମୃଗୟା+ଇନ୍, ୧ମା. ୧ବ. )—
Ākheṭī ମୃଗୟୁ; ବ୍ୟାଧ; ଶିକାରୀ—Huntsman; hunter.

**ଅଖେଡ଼ା**—ଦେ. ବି—ଅଖଡ଼ା ( ଦେଖ )
Ākheṛā Ākhṛā ( See )

**ଅଖ୍ୟା**—ସଂ. ବି. ସ୍ତ୍ରୀ. ( ଆ+ଖ୍ୟା ଧାତୁ=କହିବା=କରଣ. ଅ+ସ୍ତ୍ରୀ.
Ākhyā ଆ )—୧ । ନାମ—1. Name
୨ । ସଂଜ୍ଞା—2. Definition.
୩ । ( +ଭାବ. ଅ ) କଥନ—3. Speaking.

**ଆଖ୍ୟାତ**—ସଂ. ବିଣ. ( ଆ+ଖ୍ୟା ଧାତୁ=କହିବା+କର୍ମ. ତ )—
Ākhyāta ୧ । କଥିତ—1. Spoken.
୨ । ନିର୍ଦ୍ଦିଷ୍ଟ—2. Denominated.
୩ । ସୁପ୍ରଖ୍ୟାତ—3. Known.
୪ । ଗଳ୍ପରୂପେ କଥିତ—4. Narrated.
୫ । ଅମୁକ ନାମ ଦିଆଯାଇ ଥିବା ( ବ୍ୟକ୍ତି ବା ବସ୍ତୁ )—
5. ( a person or thing ) Named so and so.
୬ । ଅମୁକ ନାମରେ ଡକାଯିବା —
6. Called so and so
୭ । ( ବ୍ୟାକରଣ ) ରୂପ କରାଯାଇ ଥିବା ( ଧାତୁ )—
7. Conjugated (root.)
ସଂ. ବି—୧ । ବ୍ୟାକରଣର ତିଙନ୍ତ ପ୍ରକରଣ—
1. The chapter on inflection of verbs.
୨ । ତିଙନ୍ତ ଶବ୍ଦ; କ୍ରିୟା—
2. Verb which is inflected.

**ଆଖ୍ୟାନ**—ସଂ. ବି. ( ଆ+ଖ୍ୟା ଧାତୁ=କହିବା+ଅନ )—
Ākhyāna ୧ । ବାକ୍ୟ; କଥନ—
1. Word; description.
୨ । ଇତିହାସ—2. Legend; tradition.
୩ । କଳ୍ପିତ ବୃତ୍ତାନ୍ତ—
3. Tale; story; anecdote.
୪ । ଗଳ୍ପାଦି କଥନ—4. Narration.

**ଆଖ୍ୟାପଣ**—ଦେ. ବି. ( ସଂ. ଆକ୍ଷେପଣ )—ଅପବାଦ ଦେବା; ଦୋଷା-
Ākhyāpaṇa ରୋପଣ—Defamation; accusation.

**ଆଖ୍ୟାୟକ**—ସଂ. ବିଣ. ପୁଂ. ( ଆ+ଖ୍ୟା ଧାତୁ=କହିବା+କରଣ
Ākhyāyaka ଓ କର୍ତ୍ତୃ. ଅକ. )—
( ଆଖ୍ୟାୟିକା--ସ୍ତ୍ରୀ ) ୧ । କଥକ; ପ୍ରଚାରକ—
1. ( one ) Who relates a story.
୨ । ପ୍ରକାଶକ—2. Publisher.
୩ । ବକ୍ତା—3. Speaker.

**ଆଖ୍ୟାୟିକା**—ସଂ. ବି. ସ୍ତ୍ରୀ. ( ଆ+ଖ୍ୟା ଧାତୁ+ଅକ+ସ୍ତ୍ରୀ. ଆ )—
Ākhyāyikā ୧ । ଗଳ୍ପ; କାହାଣୀ—
1. Narrative; story; fable.
୨ । ଐତିହାସିକ ଉପନ୍ୟାସ—
2. A legendary story.
୩ । ଉପଲକ୍ଷାର୍ଥ କଥା; କଳ୍ପିତ ବୃତ୍ତାନ୍ତ କଥା—
3. Allegorical story; fable.

**ଆଖ୍ୟେୟ**—ସଂ. ବିଣ. ( ଆ+ଖ୍ୟା ଧାତୁ=କହିବା+କର୍ମ. ଯ )—
Ākhyeya କଥନୀୟ; ବାଚ୍ୟ—Speakable.

**ଆଗ**—ଦେ. ବି. ( ସଂ. ଅଗ୍ର )—୧ । ସମ୍ମୁଖ ବା ପୂର୍ବଭାଗ—
আগে; আগা 1. Front; forepart of a thing.
अगला; आगा ସିଂହ ବାଘ ଭକ୍ଷସ ଗୁହ୍ୟକ ପନ୍ନଗ;
(ପଛ—ବିପରୀତ) ମୋ ଭୁଜ ବାଜନ୍ତେ ଯାନ୍ତି ଯମଙ୍କ ଆଗ—
କୃଷ୍ଣସିଂହ. ମହାଭାରତ. ବନ ।
୨ । ପୂର୍ବକାଳ—2. Past time.
ଦେ. ବିଣ—୧ । ସମ୍ମୁଖବର୍ତ୍ତୀ; ପୂର୍ବବର୍ତ୍ତୀ—
1 In front; frontal; foremost.
୨ । ଅଗ୍ରସର—2. Leading; coming in front.
ବାଣୁଆଣୀ ଯେପରି ଦାନଶୀଳା ଦୟାବତୀ ସେହିପରି ସବୁ କାମରୁ ଆଗ—
ଫକୀରମୋହନ—ଗଳ୍ପସ୍ୱଳ୍ପ ।
୩ । ପ୍ରଥମ—3. First (in place or time).
ଆଗ ପୁଅ ବାପ—ଢଗ ।
୪ । ପ୍ରଥମ କରଣୀୟ—4. To be done first.
୫ । ଯେ ସର୍ବପ୍ରଥମେ କୌଣସି କାର୍ଯ୍ୟ କରେ—
5. Doing a thing first of all.
ଆଗ ସୁନା ପାଗ—ଶିଶୁରଞ୍ଜନ ଗୀତ ।
୬ । ପୁରାତନ—6. Old; ancient.
୭ । ଭବିଷ୍ୟତ—7. Future.
ଦେ. କ୍ରି. ବିଣ—୧ । ସର୍ବପ୍ରଥମେ—1. First of all.
ବନ ଅରେ ଆଗ ପଛେ ନକାଳ, ଚତୁର୍ଥ ଉପାୟ କରନ୍ତି ସିନା ।
କବିସୂର୍ଯ୍ୟ—କବିତା ।
୨ । ପ୍ରଥମେ; ପ୍ରଥମତଃ—2. At first.
ତାହାଙ୍କ ଧନ ଦେଇ ଭୋଗ କର ଆଗ—କୃଷ୍ଣସିଂହ. ମହାଭାରତ. ସଭା ।
୩ । ସମ୍ମୁଖରେ—3. In front.
ସେ କଥା କହି ଆସ ଆଗ—ଜଗନ୍ନାଥ. ଭାଗବତ ।
୪ । ପୂର୍ବେ—4. Before; previously.

**ଆଗଃ**—ସଂ. ବି. [ ଆଗସ୍. ୧ମା. ୧ବ. ( ଇ ଧାତୁ ଗମନ କରିବା+
Āgaḥ କରଣ. ଅସ୍)=ଯାହାଦ୍ୱାରା ମନୁଷ୍ୟ ଅଧୋଗମନ କରେ]—
୧ । ଅପରାଧ; ଦୋଷ—1. Fault.
୨ । ପାପ; ଅଧର୍ମ—2. Sin.
୩ । କ୍ଷତି—3. Injury.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇୟ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ଳ |

**ଆଗକା**—ଦେ. ବିଣ—ପୂର୍ବକାଳୀନ—
Āgakā Relating to the past
আগেকার

**ଆଗକାର**—ଦେ. ବିଣ.—ଆଗକା ( ଦେଖ )
Āgakāra Āgakā ( See )
ଲୁଚେ ଘର ଥାଉ ଅଛ ଆଗକାର ଦୋଷେ । ସାରଳାମହାଭାରତ. ମଧ୍ୟ ।

**ଆଗକୁହା** ଦେ. ବିଣ. ପୁଂ ( ଯେ ଆଗ କରି କଥା କୁହେ )—
Āgakuhā ୧ । ଆଗବୋଲା – 1. Self-assertive.
(ଆଗକୋହି—ସ୍ତ୍ରୀ) ୨ । ଯେ ଅନାହୂତ ହୋଇ ବାକ୍ୟବ୍ୟୟ କରେ—
2. One who speaks out uncalled for.
୩ । ଯେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କଥା କହେ—
3. One who speaks out before due time.
୪ । ଯେ ଆଗ କରି ଯାଇ ଠିଆ ହୁଏ— 4. One who speaks before all others; forward.

**ଆଗଚଲା**—ଦେ. ବିଣ ପୁଂ. ଓ ସ୍ତ୍ରୀ—
Āgachalā ୧ । ଯେ ସମସ୍ତଙ୍କୁ ଅତିକ୍ରମ କରି ଚାଲେ—
আগেবাড়না 1. One who precedes others.
ଆଗଚଲି; ଆଗଚଲେଇ } ସ୍ତ୍ରୀ ଅତିଚଲି ଆଗବୋଲି ଘର ଗାଈ ମୁହିଁ, ସାପ ପେଲା—ଚଗ ।
୨ । ଯେ ସମସ୍ତଙ୍କ ଆଗେ ଆଗେ ଚାଲେ—
2. One who leads others.
୩ । (ମନାର୍ଥେ) ଯେ ସମସ୍ତଙ୍କୁ ଟପି ଅଗ୍ରସର ହୁଏ—
3. One who overtops others.
୪ । କେହି ନ ଚାଲୁଣୁ ଯେ ଚାଲେ—
4. Forward.
୫ । ଆଗବୋଲା ( ଦେଖ )
5 Āgabolā ( See )
ଦେ. ବି— ୧ । ସମସ୍ତଙ୍କ ଆଗେ ଆଗେ ଚାଲିବା—
1. The act of preceding others.
୨ । ଦ୍ୱିତୀୟ ଦେବା ବିଧବାର ପୂର୍ବ ସ୍ୱାମୀ ଔରସଜାତ ପୁତ୍ର—
2. A remarried widow's son of the previous marriage.

**ଆଗଡ଼**—ପ୍ରାଦେ. ( ବାଲେଶ୍ୱର ) ବି—ଫାଟକ—
Āgarda Gate.

**ଆଗତ୍**—ପ୍ରାଦେ. ( ସମ୍ବଲପୁର ) ବି—ଭବିଷ୍ୟତ—
Āgat Future.

**ଆଗତ**—ସଂ. ବିଣ. ( ଆ—ଉପସର୍ଗ + ଗମ ଧାତୁ + କର୍ତ୍ତୃ. ତ )—
Āgata ୧ । ଆସି ପହଞ୍ଚିବା; ଉପସ୍ଥିତ—
1. Arrived; come.
୨ । (+କର୍ମ. ତ) ପ୍ରାପ୍ତ; ଲବ୍ଧ; ଅଧିଗତ—
2. Obtained; secured.

ଗ୍ରା. ବିଣ. ( ଆଗାମୀ ଅର୍ଥରେ ପ୍ରଯୁକ୍ତ )—
୧ । ଭବିଷ୍ୟତ—1. Future.
ନାହିଁ ତ ମୋ ପ୍ରଭୁ ଶୋଭା ବର୍ତ୍ତମାନ ଗତେ ଆଉ ଆଗତେ କୋହିବ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଫେରି ଆସିଥିବା— 2. Returned.
ଦେ. ବିଣ—୧ । ପୂର୍ବ ବର୍ଷର ପୂର୍ବ ( ବର୍ଷ )—
1. (the year) Previous to the last.
୨ । ଅଶ୍ରୁତପୂର୍ବ ବିଷୟ—2 Unheard of ( things )
୩ । ଆଶ୍ଚର୍ଯ୍ୟଜନକ ( ବିଷୟ )—3 Wonderful ( things )
୪ । ଅସମ୍ଭବ (କଥା)— 4. Improbable ( things )
ସଂ. ବି. ( +ଭାବ. ତ )—୧ । ଆଗମନ—
1. Return; arival.
୨ । ଉପସ୍ଥିତି—2. Presence.

**ଆଗତକୁହା**—ଗ୍ରା. ବିଣ ପୁଂ. ( ଗାଳି )—
Āgatakuhā ଯେ ମନଗଢ଼ା ଭବିଷ୍ୟତ କଥା କହେ; ଯେ
ଆଗତକହି; ଆଗତକୋହି } ସ୍ତ୍ରୀ. ଅଶ୍ରୁତପୂର୍ବ ବା ଅସମ୍ଭବ କଥା କହେ; ବାହାପିଆ କଥା କହିବା ( ଲୋକ )—( a person ) Who speaks improbable things.
ଗ୍ରା. ବି – ଭବିଷ୍ୟତ କଥା କହିବା—
Prediction; fore-tell.

**ଆଗତ ଚଢ଼େଇକି ବେସର ବଟା**—( ପ୍ରବଚନ )—
Āgata chardheiki besara batā
ଭବିଷ୍ୟତ ଅନିଶ୍ଚିତ କଥା ପାଇଁ ପ୍ରସ୍ତୁତ ହୋଇ ବସିବା ( ଶିକାରରେ ଚଢ଼େଇ ମରି ହୋଇ ଆସିବ, ଏହି ଆଶାରେ ଆଗରୁ ତରକାରୀର ଉପକରଣ ବେସର ବାଟି ରଖିବା । )
[ ଦ୍ର—ସମସ୍ୱରାର୍ଥକ ହିନ୍ଦୁସ୍ଥାନୀ ପ୍ରବଚନ—ଗଛମେ କଟହଲ ଓଠମେ ତେଲ । ]

**ଆଗତପଞ୍ଚା**—ଦେ. ବି.— ଭବିଷ୍ୟତ ସମ୍ବନ୍ଧେ ପୂର୍ବରୁ ଚିନ୍ତା କରିବା—
Āgatapañchā Thinking of the future for precaution; thoughts about the future; fore-sight.

**ଆଗତପଥ**—ସଂ. ବି. (ଆଗତ = ଆଗମନ + ପଥ)— ଆସିବାବାଟ—
Āgatapatha Path.
ଲତେ ପଲ୍ଲବ ଶୟନ 'ତକତେ ଗୃହେଁ ନିସ୍ୱନ
ତୋ ଆଗତ ପଥ ଅନୁସରଇ କବି । ପ୍ରାଚୀ—ଉଷାବାଧ ।

**ଆଗତପାଞ୍ଚ** – ଦେ. ବି.—ଆଗତପଞ୍ଚା (ଦେଖ)
Āgatapāñcha Āgatapañchā (See)

**ଆଗତବନ୍ଧକ**—ଦେ. ବି.—୧ । କୌଣସି ସମ୍ପତ୍ତିକୁ ହସ୍ତାନ୍ତର କରିବା ପୂର୍ବରୁ ମହାଜନ ନିକଟରୁ ଟଙ୍କା ଆଣି ବନ୍ଧକ ଦେବା—
Āgatabandhaka
অগাতবন্ধক

1. Previous mortgaging of a property to a creditor (previous to a subsequent transfer thereof.

୨ । ଆଗାମୀ ବର୍ଷର ଫସଲରୁ ଋଣ ଟଙ୍କା ଅଦାୟ ହୋଇବ, ଏହି କବୁଲରେ ମହାଜନଠାରୁ ଋଣ ଆଣିବା—
2. Borrowing money from a creditor on condition that it will be realised from the future usufruct of the mortgaged property.

**ଆଗତବନ୍ଧା**—ଆଗତବନ୍ଧକ (ଦେଖ)
Āgatabandhā Āgatabandhaka (See)

ଆଗତବନ୍ଧା କସ୍ତୋକାସ୍ତି—ପ୍ରଚଳନ ।

**ଆଗତୁରା**—ଦେ. ବିଣ. (ହି. ଅଗ୍ରତର)—
Āgaturā ୧ । ଅଗ୍ରିମ—1. Advanced.
অগ্রীম ୨ । ନିର୍ଦ୍ଦିଷ୍ଟ ସମୟର ପୂର୍ବ—
पेशगी 2. Happening before time.
୩ । ଅଗରୁ ଅର୍ଥାତ୍ ପାଉଣା ନ ହେଉଣୁ ଦିଆଯିବା—
3. Paid in advance.
ଦେ. କ୍ରି. ବିଣ.—୧ । ଅଗ୍ରିମରୂପେ—1. In advance.
୨ । ପୂର୍ବରୁ—2. Before hand.

**ଆଗନ୍ତୁ**—ସ. ବିଣ. (ଆ + ଗମ ଧାତୁ + କର୍ତ୍ତୃ. ତୁ)—
Āgantu ୧ । ହଠାତ୍ ଉପସ୍ଥିତ; ଆକସ୍ମିକ—
1. Suddenly arrived; accidental.
୨ । ଅଳ୍ପସ୍ଥାୟୀ—2. Shortlived.
ସ. ବି.—ଅତିଥି; ଅଭ୍ୟାଗତ; ଅଜ୍ଞାତକୁଳଶୀଳ ନବାଗତ ବ୍ୟକ୍ତି—
Stranger; unknown guest; new comer.

**ଆଗନ୍ତୁକ**—ସ. ବି. ଓ ବିଣ. (ଆଗନ୍ତୁ + ସ୍ୱାର୍ଥ. କ)—ଆଗନ୍ତୁ (ଦେଖ)
Āgantuka Āgantu (See)

**ଆଗନ୍ତୁକବୃତ୍ତି**—ସ. ବି. ଓ ବିଣ. (ଆଗନ୍ତୁକ + ବୃତ୍ତି)—
Āgantukabrutti ଆଗନ୍ତୁବୃତ୍ତି (ଦେଖ)
Āgantubṛutti (See)

**ଆଗନ୍ତୁବୃତ୍ତି**—ସଂ. ବି. (ଆଗନ୍ତୁ = ଅଯାଚିତୋପସ୍ଥିତ + ବୃତ୍ତି = କାର୍ଯ୍ୟ)—
Āgantubṛutti ବିନା ନିମନ୍ତ୍ରଣରେ ଭୋଜି ଆଦିରେ ଉପସ୍ଥିତ ହେବା—
Dropping in at feasts; coming to feasts uninvited.
ସଂ. ବିଣ.—ଅଯାଚିତୋପସ୍ଥିତ (ଅତିଥି)—
(one) Who drops in at feasts; (one) who comes to a feast uninvited.

**ଆଗପଛ**—ଦେ. ବି. (ବିପରୀତ ସହଚର)—
Āgapachha ୧ । ସର୍ବପ୍ରଥମ ଓ ସର୍ବଶେଷ ବିଷୟ—
আগুপিছু 1. First and last matters.
आगापिछा; आगेपिछे ୨ । ଅଗପାଖ ଓ ପଛପାଖ; ସମ୍ମୁଖ ଓ ପଶ୍ଚାତ୍—
2. Front and back sides.
୩ । ପ୍ରଥମ ଓ ତତ୍‌ପରବର୍ତ୍ତୀ ବ୍ୟକ୍ତି—
3. First and following persons.
୪ । ପୂର୍ବକାଳ ଓ ପରବର୍ତ୍ତୀକାଳ—
4. Previous time and afterwards.

କି ଭଲ ମନ୍ଦ ଲାଭ ହାନି
କି ଆଗ ପଛ ବିଚାରଣୀ—ଭୂପତି. ପ୍ରେମପଞ୍ଚାମୃତ ।

ଦେ. ବିଣ.—୧ । ପ୍ରଥମ ଓ ତତ୍‌ପରବର୍ତ୍ତୀ—
1. First and following.
୨ । ପ୍ରଥମେ ଘଟିଥିବା ଓ ପରେ ଘଟିଥିବା—
2. Happening first and happening last.
୩ । ସର୍ବପ୍ରଥମ ଓ ସର୍ବଶେଷ—
3. First and last.
୪ । ସମ୍ମୁଖରେ ଓ ପଶ୍ଚାତ୍ ଭାଗରେ ଥିବା—
4 Front and back; fore and hind.
ଦେ. କ୍ରି. ବିଣ—୧ । ପ୍ରଥମେ ଓ ପରେ; ଧାରାବାହିକରୂପେ—
1. Serially.
୨ । ଏକର ପର ଅନ୍ୟ ଏହି ଭାବରେ—
2. One after the other; in succession.
୩ । ଅଗରେ ଓ ପଛରେ—3. Before and behind.

କ୍ରମରେ ଗୃହଗଲ ହୋଇ ଅଗ ପଛ,
ଶେଷରେ ଜଣିଲେ ବୃଷଭ ସହିତ ସ୍ୱଚ୍ଛ । କୃଷ୍ଣସିଂହ. ମହାଭାରତ ।

**ଆଗପତରିଆ**—ଦେ. ବିଣ ( ସଂ. ଅଗ୍ରଭୁକ୍ )—୧ । ସମାଜସ୍ଥ ମନୁଷ୍ୟ-
Āgapatariā ମାନଙ୍କ ସାମାଜିକ ଭୋଜନ ଅନୁଷ୍ଠାନ ବା ପଙ୍ଗତ
অগ্রভোগী ବେଳେ ସର୍ବାଗ୍ରେ ଯାହାଙ୍କ ପାଇଁ ଖାଇବାପତ୍ର ପଡ଼େ; କିମ୍ବା ସମାଜ ପଂକ୍ତିରେ ଯାହାର ପତ୍ର ପଂକ୍ତିର ପ୍ରଥମ ସ୍ଥାନରେ ପଡ଼େ; କୌଣସି ଜାତି ବା ସମାଜର ସର୍ବପ୍ରଧାନ ବ୍ୟକ୍ତି—ଯାହା ଖାଇବା ପତ୍ରରେ ପ୍ରଥମେ ଖାଦ୍ୟ ଦ୍ରବ୍ୟ ଦିଆ ହୁଏ—1 The chief man of a society to whom food is served first as a sign of superiority; the head man of a caste.

୨ । ହାଟୁଆ ଓ ବିଶେଷତଃ ଗୁଡ଼ିଆ ସମାଜରେ ଯେଉଁ ବଶିଷ୍ଠ ବ୍ୟକ୍ତି ଜାତିଅଣ ଭୋଜିରେ ଜାତିଭାଇମାନେ ଖାଇ ବସିବା ପୂର୍ବରୁ ପ୍ରଥମେ ଭୋଜନ କରନ୍ତି ଓ ଯାହାଙ୍କ ଭୋଜନ ପରେ ଜାତିଭାଇମାନଙ୍କ ପଙ୍ଗତ ହୁଏ—
2. The head man of the society who being fed first in a feast others are fed.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ | ଘ,ଖ | ଙ୍କ | ଇସ୍ତ | ଋଥ | ଞ |
| ୨ | ଐ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗ୍ୟ | ଇଥ | ଓ | ନୃ |

**ଆଗପତୁରିଆ**—ଦେ. ବଣ—ଆଗପତରିଆ ( ଦେଖ )
Āgapaturiā — Āgapatariā ( See )

**ଆଗପେଲା**—ଦେ. ବଣ. ପୁଂ ଓ ସ୍ତ୍ରୀ—୧ । ଯେ ଆଗକରି ପେଲିଯାଏ ବା ପଶିଯାଏ—A pushing ( man or woman)
Āgapelā
ଆଗପେଲୀ / ଆଗପେଲେଇ } ସ୍ତ୍ରୀ
୨ । ( ମନ୍ଦାର୍ଥରେ ) ଯେଉଁ ବ୍ୟକ୍ତି ସମସ୍ତଙ୍କ ଆଗେ କୌଣସି ସ୍ଥାନରେ ପଶିଯାଏ—
2. ( used in a bad sense ) An invidious ( person ).

**ଆଗବଢ଼ିବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତି କଥା ନ କହୁଣୁ ପ୍ରଥମେ କଥା କହିବା—1. To speak before others speak.
Āgabarḍhibā

ନାରଦ କହିଲେ ଯହୁଁ ତାଙ୍କ ଆଗ ବଢ଼ି । ସାରଳାମହାଭାରତ. ମଧ୍ୟ ।

୨ । ଆଗ ଚଳିବା—2. To go in advance.
୩ । ଅଗ୍ରସର ହେବା—3. To advance; to move forward.

ସେ ମଧ୍ୟରୁ ବ୍ରାହ୍ମଣ ଜଣେ ଆଗ ବଢ଼ି,
କହିଲେ ବ୍ରାହ୍ମଣଙ୍କ ଦେଖିତ ସଭିତ । କୃଷ୍ଣସିଂହ. ମହାଭାରତ. ବନ ।

**ଆଗବତ୍**—ପ୍ରାଦେ. ( ସମ୍ବଲପୁର ) ବଣ—ଅଗଭୁର—
Āgabat — Advance.

**ଆଗବଳାଇବା**—ଦେ. କ୍ରି.—୧ । ପାଛୋଟ ଯିବା—
Āgabalāiba — 1. To see a guest off.
এগিয়েদেওয়া ୨ । ବିଶିଷ୍ଟ ମାନ୍ୟ ବ୍ୟକ୍ତି ବିଦାୟ ନେଇ ଗଲାବେଳେ ତାଙ୍କ ସଙ୍ଗେ ସଙ୍ଗେ ଖଣ୍ଡେ ଦୂର ଯିବା—
2. To accompany a respected person to some distance to see him off.

**ଆଗବଳିବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତି ଅପେକ୍ଷା ଅଧିକ ଆଗରୁ ଚାଲିଯିବା—1. To go in advance.
Āgabalibā
୨ । ଆଗବଳାଇବା (ଦେଖ)
Āgabaleibā (See)

**ଆଗବଳେଇବା**—ଦେ. କ୍ରି.—ଆଗ ବଳାଇବା (ଦେଖ)
Āgabaleibā — Āgabalāibā (See)

**ଆଗବୋଲ**—ଦେ. ବି.—୧ । ସର୍ବାଗ୍ରେ କହିବା—
Āgabola — 1. Speaking in advance of others.
୨ । ସମସ୍ତଙ୍କୁ ଅତିକ୍ରମ କରି କଥା କହିବା—
2. Arrogance.

**ଆଗବୋଲଣ**—ଦେ. ବି.—ଆଗବୋଲ (ଦେଖ)
Āgabolaṇa — Āgabola (See)

**ଆଗବୋଲା**—ଦେ. ବଣ. ପୁଂ ଓ ସ୍ତ୍ରୀ.—୧ । ଯେ ସମସ୍ତଙ୍କ ଆଗରେ ଅର୍ଥାତ୍ କେହି କଥା ନ କହୁଣୁ କଥା କହେ—
Āgabolā
(ଆଗବୋଲୀ—ସ୍ତ୍ରୀ) 1. One who speaks before others speak.
୨ । ମୁଖିଆ; ମୁଖର—
2. Forward; arrogant.

ଅଗତସ୍ତ ଆଗବୋଲା ପର ଗାଇ ବୁଢ଼ୀ ସାଧବେ ସଭି ଗୋ ମନ ଏ—ଚନ୍ଦ୍ର ।

**ଆଗଭରି**—ଦେ. କ୍ରି. ବଣ.—ଅଗୁଆହୋଇ; ଅଗଭର ହୋଇ—
Āgabhari — Going in advance; coming in fore front.

**ଆଗଭରିବା**—ଦେ. କ୍ରି.—୧ । ଅଗ୍ରସର ହେବା—
Āgabharibā — 1. To precede; to go in advance.
এগিএযাওয়া; আগবড়া ୨ । ଅଗଭୁର ହୋଇ କାର୍ଯ୍ୟ କରିବା—
2. To do a work beforehand.

**ଆଗମ**—ସଂ. ବି. (ଆ+ଗମ ଧାତୁ=ଯିବା+କରଣ. ଅ)—
Āgama ୧ । ଶ୍ରୁତି; ବେଦାଦି ଶାସ୍ତ୍ର—
1. Revealed doctrine of truth; revealations
୨ । ତନ୍ତ୍ରଶାସ୍ତ୍ର—2. The Tantras.
୩ । ଆପ୍ତବାକ୍ୟ; ମହାଜନଙ୍କଠାରୁ ପରମ୍ପରାକ୍ରମେ ଆଗତ ଉପଦେଶାବଳି; ଉପଦେଶପରମ୍ପରା—
3. Traditional doctrines handed down from generation to generation.
୪ । ଶାସ୍ତ୍ରାଭ୍ୟାସ ବା ଶାସ୍ତ୍ର ପରିଶ୍ରମ—
4. Study of the Śāstras.
୫ । ଧାର ବା ପ୍ରବାହ—5. Current.
୬ । ଆରମ୍ଭ—6. Beginning.
୭ । (ବ୍ୟାକରଣ) ପ୍ରକୃତି ପ୍ରତ୍ୟୟଯୁକ୍ତ ଅବିକୃତ ବର୍ଣ୍ଣ ମଧ୍ୟରେ ପ୍ରବେଶ—
7. A grammatical augment; a meaningless syllable inserted in any part of a redical word ( M. W. )
୮ । ଆଗମନ—8. Coming.
୯ । ବୃଦ୍ଧି—9. Augment.
୧୦ । ପ୍ରାପ୍ତି—10. Acquisition.
୧୧ । ଭବିଷ୍ୟତ୍—11. Future.

**ଆଗମନ**—ସଂ. ବି. (ଆ+ଗମ୍ ଧାତୁ=ଯିବା+ଭାବ. ଅନ)—
Āgamana ୧ । ଆସିବା—1. Coming.
(ଗମନ—ବିପରୀତ) ୨ । ଉପସ୍ଥିତି—2. Arrival.
୩ । ମୈଥୁନ; ସ୍ତ୍ରୀସଙ୍ଗମ—3. Cohabitation.

**ଆଗମବକ୍ତା**—ସଂ. ବି. ପୁଂ.—ଭବିଷ୍ୟଦ୍‌ବକ୍ତା—
Āgamabaktā — Foreteller; prophet.

**ଆଗମବିରୋଧ**—ସଂ. ବି. (ଆଗମ=ଶାସ୍ତ୍ର+ବିରୋଧ)—
Āgamabirodha ୧ । ଶାସ୍ତ୍ରବିରୁଦ୍ଧତା; ଶ୍ରୁତିବିରୋଧ—
1. Contrary to the Śāstras.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବାକ୍ୟରେ ଅର୍ଥଦୋଷବିଶେଷ—
2. A fault in composition.

**ଆଗମବେଦୀ**—ସଂ. ବିଣ. (ଆଗମ+ବିଦ ଧାତୁ+ଇନ୍)—
Āgamabedī ଶାସ୍ତ୍ରଜ୍ଞ ପଣ୍ଡିତ—Wellversed in Śāstras.
ସଂ. ବି.— ଶଙ୍କରାଚାର୍ଯ୍ୟଙ୍କ ଗୁରୁ ଗୌଡ଼ପାଦାଚାର୍ଯ୍ୟ—
Gaurdapādāchārjya, the preceptor of Śaṅkarāchārjya.

**ଆଗମିତ**—ସଂ. ବିଣ. (ଆ+ଗମ ଧାତୁ ଣିଚ; ଗମି+କର୍ମ. ତ)—
Āgamita ୧ । ଅଧୀତ—1. Studied.
୨ । ଜ୍ଞାତ—2. Known,
୩ । ପ୍ରାପ୍ତ—3. Obtained.

**ଆଗର**— ଦେ. ଅ—ଆଗେ—Before; first of all.
Āgara
আগে ଶ୍ରୀକୃଷ୍ଣ କରନ୍ତେ କାତର, ଭକତ କବୁର ଆଗର,
আগা କୃଷ୍ଣର ବାଳକ ଚରିତ, ଦ୍ଵିତୀୟ ଅଧ୍ୟାୟେ ବର୍ଣ୍ଣିତ । ଜଗନ୍ନାଥ—ଭାଗବତ ।

**ଆଗରେ ହେବା**—ଦେ. କ୍ରି.—ସାମନା ବା ସମ୍ମୁଖକୁ ଆସିବା; ଦେଖା
Āgare hebā ଦେବା—To appear in person.

**ଆଗଲ**—ଗ୍ରା. ବିଣ.— ଅଗ୍ରବର୍ତ୍ତୀ; ଯେ ଅଗରେ ଥାଏ ବା ଯାଉଥାଏ—
Āgala Going in front; advancing.

**ଆଗଲିପିଛିଲି**—ଗ୍ରା. ଅ— ଆଗପଛ—Front and back.
Āgalipichhili ମେ ଦୁଇ ଜଣ ଆଗଲିପିଛିଲି ହୋଇ ଯାଉଥିବାର ଲୋକେ
আগাডিপিছাড়ি ଦେଖି ଅତି ଭ୍ରମରେ କହିଲେ—
আগাড়িপিছাড়ি ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଆଗସର**—ଦେ. ବିଣ—( ସଂ. ଅଗ୍ରସର )—ଅଗ୍ରସର ( ଦେଖ )
Āgasara Agrasara ( See )

**ଆଗସରି**—ଦେ. ଅ. କ୍ରି.—ଅଗ୍ରସର ହୋଇ—Advancing.
Āgasari ସବୁ ବଡ଼ଙ୍କୁ ନମସ୍କାର କରି ପାଡୁ କହୋଇ କହେ ଆଗସରି ।
ପ୍ରାଚୀ—ଜଳତରଙ୍ଗ ।

**ଆଗସରିବା**—ଦେ. କ୍ରି (ସଂ. ଅଗ୍ରସର)—ଅଗ୍ରସର ହେବା—
Āgasaribā To proceed; to go in advance.

**ଆଗସୁଁ**—ଗ୍ରା. ଅ. ( ସଂ. ଅଗ୍ର )—୧ । ଅଗଠାରୁ; ପ୍ରଥମରୁ—
Āgasuṅ 1. Before; from before.
আগেথেকে ୨ । ପୂର୍ବରୁ—2 Previously.

**ଆଗହୁଁ**—ଗ୍ରା. ଅ—( ସଂ. ଅଗ୍ର )—ଅଗସୁଁ ( ଦେଖ )
Āgahuṅ Āgasuṅ ( See )

**ଆଗହେବା**—ଦେ. କ୍ରି —ସମ୍ମୁଖବର୍ତ୍ତୀ ହେବା—
Āgahebā To appear before.
আগেহওয়া ବାଧା ହେବ କେହିବା ମଥରକ୍ଷଣେ,
ବୋଇଣ ଆଗ ହୋଇଲେ ଆପଣେ । ଭକ୍ତ—ବୈଦେହୀଶବିଳାସ ।

**ଆଗା**— ଦେ. କ୍ରି. ବିଣ. ( ସଂ. ଅଗ୍ର )—ସର୍ବାଗ୍ରେ—
Āgā First of all
(ପିଣ୍ଡ—ବିପରୀତ) ତେଲ ଲଗେଇକ ଆବାଖାବା ଖାଇ ବସିଥିବ ଆଗା—ତଗ ।
ଦେ. ବିଣ.—ଅଗ୍ରବର୍ତ୍ତୀ; ଅଗରେଥିବା—Frontal.

**ଆଗାଡ଼ି**—ଦେ. ବି.—୧ । ଦେହର ଅଗ ପାଖର—
Āgārḍi 1. Fore part of the body.
୨ । ପଶୁର ଅଗ ଗୋଡ଼—2. Fore legs of a beast.
୩ । ଅଗ ଗୋଡ଼ଦ୍ୱାରା ନାତ—
3. Kicks with fore legs.
ଦେ. ବିଣ—ଅଗ୍ରବର୍ତ୍ତୀ; ଅଗ୍ରଗାମୀ—Advancing.
ଯୁବତୀ ନେତ୍ର ଅଞ୍ଜନ, ଯାମଳ ତରୁ ଭଞ୍ଜନ
ଯେବେ ସିବେ ନୋହିବେଟି କେ ଆଗାଡ଼ି । କବିସୂର୍ଯ୍ୟ. ଉତ୍କଳକରତନ୍ତୁ ।
ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—୧ । ପୂର୍ବେ—
1. Formerly.
୨ । ପ୍ରଥମେ—At first.
ଦେ. କ୍ରି. ବିଣ—୧ । ଅଗରେ—1. In front.
୨ । ଅଗେ ଅଗେ—2 In advance.
୩ । ସର୍ବାଗ୍ରେ; ସର୍ବ ପ୍ରଥମେ—3. First of all.

**ଆଗାଡ଼ି ଉଠାଇବା**—ଦେ. କ୍ରି.—(ଦୁଷ୍ଟ ଘୋଡ଼ା) ଅଗ ଗୋଡ଼ରେ ନାତ
Āgārḍi uṭhāibā ଉଠାଇବା—To kick with the
আগেরপাঁতোলা fore legs (said of a wicked horse).

**ଆଗାଡ଼ିପିଛାଡ଼ି**—ଦେ. ବିଣ. ( ବିପରୀତ ସହିତର )—ଅଗପାଖର ଓ
Āgārḍipichhārḍi ପଛ ପାଖର—Front and back; fore and hind.
আগাড়িপিছাড়ি,
আগালিপিছালি ଦେ.ବି.— ୧ । ଘୋଡ଼ାର ଅଗ ଗୋଡ଼ର ଦଉଡ଼ି ଓ
আগাড়িপিছাড়ি ପଛ ଗୋଡ଼ର ଦଉଡ଼ି—
1. Strings tied to the fore and hind legs of a horse.
୨ । ଘୋଡ଼ାର ଅଗ ଗୋଡ଼ଦ୍ୱାରା ନାତ ଓ ପଛ ଗୋଡ଼ଦ୍ୱାରା ନାତ—2. Kickings of a horse by its fore legs and hind legs.
୩ । ଆଗପାଖ ଓ ପଛପାଖ—
3. Fore part and the hind part

**ଆଗାମାରିବା**—ଦେ. କ୍ରି—ଅନ୍ଦାଜ କରିବା; ଅନୁମାନ କରି ପୂର୍ବରୁ
Āgāmāribā କହିବା—To predict by guess; to say something before-hand.

**ଆଗାମିକ**—ଦେ. ଅ—ଭବିଷ୍ୟତକୁ; ପରେ; ଭବିଷ୍ୟତରେ—
Āgāmika In future; henceforth

**ଆଗାମୀ**—ସ. ବିଣ. ( ଆ+ଗମ୍ ଧାତୁ+ଇନ୍ )—ଭବିଷ୍ୟତରେ
Āgāmī ଘଟିବା; ଭାବୀ; ଯାହା ପରେ ଘଟିବ—Future; subsequent
(ଆଗାମିନୀ—ସ୍ତ୍ରୀ)

**ଆଗାର**—ସଂ. ବି—ଅଗାର ( ଦେଖ )
Āgāra Agāra ( See ).

**ଆଗି**—ପ୍ରାଦେ. ( ବସ୍ତର ) ବି.—( ସଂ. ଅଗ୍ନି )—ଅଗ୍ନି—
Āgi Fire.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଜ୍ଞ | ଇୟ | ଢ଼ଥ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଇଅ | ୱ | ନ୍ତ |

**ଆଗିଆଁ**—ଗ୍ରା. ବି. ( ସଂ. ଆଜ୍ଞା )—ଆଜ୍ଞା ( ଦେଖ )
Āgiān̄ — Ājn̄ā ( See ).

**ଆଗିଆଣି**—ଗ୍ରା. ବିଣ—ଅଗ୍ରସର; ଅଗ୍ରଗାମୀ—
Āgiāṇi — Leading; going in advance.

**ଆଗିଲା**—ଦେ. ବି. ଓ ବିଣ—ଆଗ ( ଦେଖ )
Āgilā — Āga ( See )
আগলা
अगला

**ଆଗିଲପିଛିଲ**—ଦେ. କ୍ରି. ବିଣ. ( ସହଚର )—ଆଗପଛ ( ଦେଖ )
Āgilipichhili — Āgapachha ( See )
ଆଗିଲପିଛିଲ ଗୃହ ବଗିଚା—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଆଗୁଆ**—ଦେ. ବିଣ—ଅଗ୍ରବର୍ତ୍ତୀ; ଅଗ୍ରସର—Leading; going in
Āguā — advance of others; going before.
(ଅଗେଇ; ଅଗୋଇ—ସ୍ତ୍ରୀ)
আগুয়া; এগো; আগুঁসার
अगला; अगवा

**ଆଗୁଆଣି**—ଗ୍ରା. ବିଣ—ଆଗିଆଣି ( ଦେଖ )
Āguāṇi — Āgiāṇi ( See )

**ଆଗୁଆଳି**—ଦେ. ବି—କୁରାଢ଼ିର ଦାଢ଼ ପାଖ—
Āguāl̲i — The sharp end of an axe.

**ଆଗୁଆସୈନ୍ୟ**—ଦେ. ବି—ସେନାଗ୍ରଣୀ; ଯେଉଁ ସୈନିକ ସେନାଦଳର
Āguāsa̲i̲na — ଆଗରେ ଥାଏ—Advance-guard.
আগুসারসৈন্য
आगापलटन्

**ଆଗୁଁ**—ଗ୍ରା. ପଦ୍ୟ. ଅ—୧ । ପ୍ରଥମରୁ—
Āgun̄ — 1. From the very beginning.
୨ । ପୂର୍ବରୁ—2. From before.
ମୁହିଁ ତ ଆଗୁଁ ମନେ ନଳଙ୍କୁ ବରିଛି—କୃଷ୍ଣସିଂହ. ମହାଭାରତ. ବନ ।
୩ । ପୂର୍ବାପେକ୍ଷା—3. Than before.
୪ । ସମ୍ମୁଖ ଦିଗରୁ—4. From the front.

**ଆଗୁଁସାର**—ଗ୍ରା. ବିଣ. ( ସଂ. ଅଗ୍ରସର )—ଅଗ୍ରସର ( ଦେଖ )
Āgun̄sāra — Agrasara ( See )

**ଆଗୁବଳି**—ସଂ. ବିଣ—ଅଗ୍ରବର୍ତ୍ତୀ; ଅଗ୍ରସର—Leading; going
Āgubal̲i — before; going in advance.

**ଆଗୁଳ**—ଦେ. ବି.—( ସଂ. ଅର୍ଗଳ )
Āgul̲a — ୧ । ଜ୍ୱରର କାରଣ ଓ ଔଷଧବିଶେଷ—
1. Febrifuge.
୨ । ଅଟକା; ନିରୋଧ—
2. Restraining; restraint.
ପ୍ରାଦେ. ( ଗଞ୍ଜାମ ) ବି—୧ । ଆଢ଼ୁଆଳ; ଦୃଷ୍ଟିପଥରେ ବାଧା—
1. An obstacle put in the line of vision.
୨ । ପର୍ବତରୁ ଆସୁଥିବା ପାଣିକୁ ବନ୍ଧଦ୍ୱାରା ଅଟକାଇ ରଖିବା ଆବଦ୍ଧ ଜଳ ବା ବନ୍ଧ ପୋଖରୀ—
2. Reservoir formed by restraining rain-water from mountain by drains.

**ଆଗୁଳା**—ଦେ. ବି—ହସ୍ତ ବା ପଦର ଢିଲା ହୋଇଥିବା ଅଙ୍ଗୁଳିସ୍ଥଳୁ
Āgul̲ā — ଅଟକାଇବା ନିମନ୍ତେ ଲୁହାର ଅଙ୍ଗୁରୀୟ; ଅଗୁଆ—
A small iron ring used to keep slack finger-rings in position.
ଦେ. ବିଣ.—୧ । ସମାପ୍ତ—
1. Accomplished; finished.
ଛଡ଼ ଧନ ଯେବେ ହୁଏ ଆଗୁଳା; ବାହୁଲେ ତହିଁ ସାତମଙ୍ଗଳା—
ପ୍ରସ୍ତାବସିନ୍ଧୁ ।
୨ । ଅଧିକ; ବେଶି—2. Excessive.
ଅନ୍ଧକଷ୍ଟ ଦୁଃଖ ତହୁଁ ଅଗୁଳା

**ଆଗୁଳିବା**—ଦେ. କ୍ରି—୧ । ସମ୍ମୁଖରୁ ଗତି ରୋଧ କରିବା; ଓଗାଳିବା—
Āgul̲ibā — 1 To restrain the front side.
আগলান — ଯୁଦ୍ଧରେ ଆଗୁଳିଲା ଆସି ମୋର ସୁତ—କୃଷ୍ଣସିଂହ, ମହାଭାରତ. ବନ ।
୨ । ଆଗକୁ ଘୁଞ୍ଚିବା—2. To move ahead.
୩ । ଆଗକୁ ବା ସମ୍ମୁଖ ଦିଗକୁ ଗତି କରିବା—
3. To move forward.
ସେ ମାଳ ପର୍ବତ ପାଞ୍ଚ ଯୋଜନ ଅଗୁଳ । ସାରଳା. ମହାଭାରତ. ବିରାଟ ।
୪ । କୌଣସି ବ୍ୟକ୍ତିକୁ ଆଗରୁ ଲୁଚି କରି ଜଗି ବସିବା—
4. To lie in ambush; to lie in wait.

**ଆଗୁସାର**—ଗ୍ରା. ବିଣ. (ସଂ ଅଗ୍ରସର)—ଅଗ୍ରସର ( ଦେଖ )
Āgusāra — Agrasara ( See )

**ଆଗୂ**—ସଂ. ବି. ସ୍ତ୍ରୀ. ( ଆ + ଗୃ ଧାତୁ = ଅଙ୍ଗୀକାର କରିବା + କ୍ୱିପ୍ ବା
Āgū — ଗମ ଧାତୁ = ଯିବା + ଉ )—
ଅଙ୍ଗୀକାର; ପ୍ରତିଜ୍ଞା—Promise.

**ଆଗେ**—ଦେ. ଅ. ( ସଂ. ଅଗ୍ର )—
୧ । ଅପେକ୍ଷା—1. Than.
କାହା ଆଗେ ବଡ଼ ତୁହି । ମଧୁସୂଦନ. କୁସୁମାଞ୍ଜଳି ।
୨ । ତୁଳନାରେ—2. In comparison with.
୩ । ଆଗରେ—3. Before; in times past.
୪ । ପୂର୍ବେ—4. In the past.
୫ । ସକଳଙ୍କ ଆଦ୍ୟରେ—5 Ahead.
୬ । ପ୍ରଥମରେ—6. At first.
ସବେ ବୋଇଲେ ପ୍ରମା ସଖୀ
ସେ ପାଦ ପଦ୍ମ ଆଗେ ଦେଖି । ଭୂପତି. ପ୍ରେମପଞ୍ଚାମୃତ ।
୭ । ସମ୍ମୁଖରେ—7. In front.
୮ । ନିକଟରେ—8. Near.
ସେ ଶ୍ୟାମ ନାଗର ନଟନାମ ନଧର ମୋ ଆଗେ ସେ । କବିସୂର୍ଯ୍ୟ. ସଙ୍ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂକ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ସମ୍ମୁଖକୁ—9. To the front.
ତାହାକୁ ମୋର ଅଗେ ଅଣ । ଭୂପତି. ପ୍ରେମପଞ୍ଚାମୃତ ।

**ଅଗେଅଗେ**—ଦେ. ଅ—୧ । ପୂର୍ବରେ—1. Before.
Āgeāge ୨ । ସମ୍ମୁଖରେ—2. In front.
୩ । ପ୍ରଥମରେ—3. At first (in time and place)

**ଅଗେଇବସିବା**—ଦେ. କ୍ରି—ଗୁହିଁ ବସିବା—
Āgeibasibā To sit waiting.

**ଅଗେଇବା**—ଦେ. କ୍ରି. ଅକର୍ମକ ( ସଂ. ଅଗ୍ର )—
Āgeibā ୧ । ଅଗ୍ରସର ହେବା—
(ପଛେଇବା—ବିପରୀତ) 1. To advance.
ଏଗୋନ ୨ । ପୂର୍ବରୁ ଯିବା—2. To go in advance.
୩ । ଆଗକୁ ଗତି କରିବା—3. To move forward.
୪ । (କାର୍ଯ୍ୟ) କିଛି ଦୂର ଅଗ୍ରସର ହେବା—
4. To make progress.
୫ । (ସକର୍ମକ) ଆଗରେ ରଖିବା—
5. To place in front.
ଭୀମଙ୍କୁ ଅଗେଇ ଯୁଝିବୁ ପାଣ୍ଡବଙ୍କୁ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଅଗେଲ୍**—ଦେ. ଅ. ( ସଂ. ଅଗ୍ର )—ଜାହାଜିଆ ଓ ବୋଟିଆମାନଙ୍କ
Āgela ବ୍ୟବହୃତ ଶବ୍ଦ; ଜାହାଜ ବା ବୋଟକୁ ଅଗ୍ରସର କରାଇବା
(ପଛେଲ୍—ବିପରୀତ) ପାଇଁ ଡାକ—( nautical terms)
Forward; move on.

**ଅଗୋ**—ଦେ. ଅ—୧ । ସମ୍ବୋଧନସୂଚକ; ସ୍ତ୍ରୀମାନଙ୍କ ପ୍ରତି ସମ୍ମାନ ଓ
Āgo ସ୍ନେହଯୁକ୍ତ ସମ୍ବୋଧନ—1. Oh. ( address to
ହାଁଗୋ females )
ଜନେ ଯେ ଦ୍ୱିଜ ତୋଷେ କହିଲେ ତାହାଙ୍କ
ସେ ନ ଅଗୋ ନାରୀ ମୋର ଦେବା ମନ୍ତ୍ରକୁ । କୃଷ୍ଣସିଂହ. ମହାଭାରତ, ଶାନ୍ତି ।
୨ । ଅହେ; ଗୋ—2. Oh !

**ଅଗୋଇବା**—ଦେ. କ୍ରି—ଅଗେଇବା ( ଦେଖ )
Āgoibā Āgeibā ( See )

**ଅଗୋଳିବା**—ଦେ. କ୍ରି—ଅଗୁଳିବା ( ଦେଖ )
Āgoḻibā Āguḻibā ( See )
ଅଗୋଳିଲେ ମୋର ରଥ ଯିବାର ପଥ । କୃଷ୍ଣସିଂହ. ମହାଭାରତ. ବନ ।

**ଆଗ୍ନେୟ**—ସଂ. ବିଣ. ( ଅଗ୍ନି+ଏୟ )—
Āgneya ୧ । ଅଗ୍ନିସମ୍ବନ୍ଧୀୟ—1. Relating to fire.
୨ । କ୍ଷୁଧାବର୍ଦ୍ଧକ; ଜଠରାଗ୍ନିକାରକ; ପାଚକ—
2. Digestive; helping digestion.
ସଂ. ବି—୧ । ଅଗସ୍ତି ମୁନି—1. The sage Agasti.
୨ । ପୂର୍ବ ଦକ୍ଷିଣ କୋଣ ବା ଦିଗ—
2. The south-east quarter.
୩ । ଅଗ୍ନିପୁରାଣ, ଯହିଁରେ ଅଗ୍ନିଙ୍କ ଚରିତ ଓ ପୂଜା ବିଧି ବର୍ଣ୍ଣିତ
ହୋଇଅଛି—3. One of the eighteen Purāṇas dealing with the Fire-god.
୪ । (ଅଗ୍ନି ପରି ବର୍ଣ୍ଣ ଥିବାରୁ) ସ୍ୱର୍ଣ୍ଣ—4 Gold.

**ଆଗ୍ନେୟକୋଣ**—ସଂ. ବି—ଆଗ୍ନେୟ ୨ ( ଦେଖ )
Āgneyakoṇa Āgneya 2 ( See )

**ଆଗ୍ନେୟଗିରି**—ସଂ. ବି—ଯେଉଁ ପର୍ବତରୁ ଅଗ୍ନି ବାହାରି ହୁଏ ବା
Āgneyagiri ଅଗ୍ନ୍ୟୁତ୍ପାତ ହୁଏ—Volcano.

**ଆଗ୍ନେୟାସ୍ତ୍ର**—ସଂ. ବି. ( ଆଗ୍ନେୟ+ଅସ୍ତ୍ର )—
Āgneyāstra ବାଣ; ବନ୍ଧୁକ; କମାଣ ପ୍ରଭୃତି—
Fire-arms.

**ଆଗ୍ନେୟୀ**—ସଂ. ବି. ସ୍ତ୍ରୀ. ( ଅଗ୍ନି+ସ୍ତ୍ରୀ. ଈ )—
Āgneyī (ପୁରାଣୋକ୍ତ) ଅଗ୍ନିଦେବଙ୍କ ପତ୍ନୀ; ସ୍ୱାହା ଦେବୀ—
The consort of the fire-god ( in Hindu mythologys )

**ଆଗ୍ରହ**—ସଂ. ବି. ( ଆ+ଗ୍ରହ ଧାତୁ=ଗ୍ରହଣ କରିବା; ଯତ୍ନ କରିବା+
Āgraha ଭାବ. ଅ )—୧ । ଅତିଯତ୍ନ; ଅତିବ୍ୟଗ୍ରତା—
1. Earnestness; interest; zeal; eagerness.
୨ । ଆକ୍ରମଣ—2. Attack.
୩ । ସାମର୍ଥ୍ୟ—3 Power.
୪ । ସାହାଯ୍ୟ—4. Help.
୫ । ଜିଗର—5. Persistence.
୬ । ଗ୍ରହଣ—6. Acceptance.
୭ । ପ୍ରସାଦ ବା ଅନୁଗ୍ରହ—7. Favour.
୮ । ଅଭିନିବେଶ; ଆସକ୍ତି—8. Attention.

**ଆଗ୍ରହାନ୍ୱିତ**—ସଂ. ବି. (ଆଗ୍ରହ+ଅନ୍ୱିତ)—୧ । ଅତି ବ୍ୟଗ୍ର; ଉତ୍ସୁକ—
Āgrahānwita 1. Eager; earnest.
( ଆଗ୍ରହାନ୍ୱିତା—ସ୍ତ୍ରୀ ) ୨ । ଅଭିନିବିଷ୍ଟ—2. Intent.

**ଆଗ୍ରହାୟଣ**—ସଂ. ବି (ଅଗ୍ର+ହାୟନ=ବର୍ଷ; କାହାରି କାହାରି ମତରେ
Āgrahāyaṇa ବର୍ଷର ଆଦ୍ୟ ମାସ)—
ବର୍ଷର ଆଦ୍ୟ ମାସ; ମାର୍ଗଶୀର ମାସ—
The month of Mārgaśira.
[ ଦ୍ର—ପୂର୍ବେ ମାର୍ଗଶୀର ମାସରୁ ବର୍ଷ ଗଣନା ହେଉଥିଲା । ]

**ଆଗ୍ରହାୟଣିକ**—ସଂ. ବି ( ଆଗ୍ରହାୟଣ+ସ୍ୱାର୍ଥେ. ଇକ )—
Āgrahāyaṇika ଆଗ୍ରହାୟଣ ( ଦେଖ )
Āgrahāyaṇa ( See )

**ଆଗ୍ରହାୟଣୀ**—ସଂ. ବି. ସ୍ତ୍ରୀ (ଆଗ୍ରହାୟଣ+ଭାବ. ଅ; ସ୍ତ୍ରୀ. ଈ )—
Āgrahāyaṇī ୧ । ମୃଗଶିରା (ଦେଖ)
1. Mṛugaśirā (See).
୨ । ମାର୍ଗଶୀରପୂର୍ଣ୍ଣିମା—
2. The full moon of Mārgaśira.

| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଌ | ନ୍ନ |

**ଆଗ୍ରି**—ଦେ. ବି. ( ସଂ. ଉଗ୍ରକ୍ଷତ୍ରିୟ ବା ବୈଶ୍ୟ )—
Āgri ୧ । ଏ ଦେଶରେ ବାସ କରୁଥିବା ବୈଶ୍ୟଜାତିବିଶେଷ,ଏମାନେ ବ୍ୟବସାୟ ବାଣିଜ୍ୟ କରନ୍ତି—1. A class of Baiśyas of this country who carry on trade and commerce.

[ ଦ୍ର—ହୁଗ, ଅଗ୍ରବନ ବା ଆଗ୍ରାରୁ ଏମାନେ ପ୍ରଥମେ ଏ ଦେଶକୁ ଆସିଥିବାରୁ ଏହି ନାମ ।

କଟକ ଜିଲ୍ଲାର କଲବିରାଙ୍କ ଗ୍ରାମରେ ଅନେକ ଆଗ୍ରି ଅଛନ୍ତି । ଏମାନେ ଘିଅ ବେପାର କରନ୍ତି । ସମ୍ଭବତଃ ରେଲ୍ ନ ଥିବା ବେଳେ ମହାନଦୀ ବାଟରେ ସମ୍ବଲପୁର ଅଞ୍ଚଳରୁ ଆଗ୍ରିମାନେ ବାଣିଜ୍ୟ ଉପଲକ୍ଷରେ ଆସି ଏ ଦେଶରେ ମହାନଦୀ କୂଳରେ ରହି ଯାଇ ଅଛନ୍ତି । ]

୨ । ଆଗ୍ରିଆ ( ଦେଖ )—2. Āgriā (See)

**ଆଗ୍ରିଆ**—ପ୍ରାଦେ (ସମ୍ବଲପୁର) ବି—ଆଗ୍ରିଜାତି ।
Āgriā The Āgri caste.

[ ଦ୍ର—ଏହି ଉଗ୍ରକ୍ଷତ୍ରିୟମାନେ ଅକବରଙ୍କ ସମୟରେ ଆସି କାଳକ୍ରମେ ଓଡ଼ିଆ ହୋଇଯାଇ ଅଛନ୍ତି । ରାୟଗଡ଼, ଶାରଙ୍ଗଗଡ଼, ଗାଙ୍ଗପୁର, ବାମଣ୍ଡା, ସମ୍ବଲପୁର ପ୍ରଭୃତି ଅଞ୍ଚଳରେ ଏମାନେ ଗୋଟିଏ ପ୍ରଧାନ ଜାତି । ଏମାନଙ୍କର ସ୍ୱାବଲମ୍ବନଶୀଳତା ଆଦର୍ଶ-ସ୍ଥାନୀୟ । ଏମାନେ ସ୍ୱହସ୍ତରେ କପା ଚଷନ୍ତି ଓ ସୂତା କାଟନ୍ତି । ସମ୍ବଲପୁରରେ ଏମାନେ 'ଚୌରାଅଶୀ ଘର' ନାମରେ ଖ୍ୟାତ, କାରଣ ପ୍ରଥମେ ଆଗ୍ରାରୁ ୮୪ଟି ପରିବାର ଏଠାକୁ ଆସି ରହିଥିଲେ । ଏମାନଙ୍କର ଆଚାର ବ୍ୟବହାର ବୈଶ୍ୟମାନଙ୍କ ଆଚାର ବ୍ୟବହାର ପରି କିନ୍ତୁ ଏମାନଙ୍କର ପଇତା ନାହିଁ । ]

**ଆଘ**—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ.—୧ । ଆଗେ; ପ୍ରଥମେ; ପହିଲେ—1. At first; firstly.
Āgh
୨ । ପୂର୍ବେ—2. Previously; formerly.

**ଆଘର୍‌ମିତାର**—ପ୍ରାଦେ. (ସମ୍ବଲପୁର) ଅ—ପୂର୍ବପରି; ଆଗପରି—
Āgharmitār As formerly.

**ଆଘାତ**—ସଂ. ବି. (ଆ + ହନ ଧାତୁ = ବଧକରିବା + ଭାବ. ଅ)—
Āghāta ୧ । ପ୍ରହାର—1. Blow; stroke.
(ଆହତ—ବିଣ) ୨ । ଛେଦନ—2. Cut.
୩ । ବଧ—3. Killing.
୪ । ତାଡ଼ନ—4. Hitting.
୫ । ( + ଅଧିକରଣ. ଅ ) ବଧର ସ୍ଥାନ—
5. A place for slaughter.

**ଆଘାତକ**—ସଂ. ବିଣ. ପୁଂ. (ଆ + ହନ ଧାତୁ + କର୍ତ୍ତୃ. ଅକ)—
Āghātaka ୧ । ଯେ ଆଘାତ କରେ—1. Striking.
(ଆଘାତକା—ସ୍ତ୍ରୀ) ୨ । ଘାତୁକ—2. Murdering.

**ଆଘାତ କରିବା**—ଦେ. କ୍ରି.—୧ । ପ୍ରହାର କରିବା—
Āghāta karibā 1. To strike; to beat; to injure
আঘাতকরা ୨ । ତାଡ଼ନ କରିବା—2. To hit.
আঘাতকরনা ୩ । ଅନ୍ୟ ବସ୍ତୁରେ ଜୋରରେ ବାଜିବା—
3. To come in forcible contact with a thing.

**ଆଘାତିତ**—ଦେ. ବିଣ. (ସ. ଆହତ)—ଆଘାତପ୍ରାପ୍ତ; ଆହତ—
Āghātita Wounded.

ଆଘାତିତ ସର୍ପରି ପରି ଅଭିମନ୍ୟୁ,
ସେ ଶରେ ପୀଡ଼ା ପାଇ ଧରି ଉଠେ ମନ୍ୟୁ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଆଘାତୀ**—ଦେ. ବିଣ. ( ସଂ. ଆଘାତ )—ଯାହାଠାରେ ଆଘାତ ଲାଗିଅଛି; ଆହତ—Wounded.
Āghātī

ଆଘାତୀ ସର୍ପ ପରି ଭୀମ ହୋଇ କ୍ରୋଧ,
କରି ହେଲେ କୁରୁଙ୍କ କରି-ବଳ ବଧ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଆଘାର**—ସଂ. ବି. ୧ । (ଆ + ଘୃ ଧାତୁ = ସେଚନ କରିବା + କର୍ମ. ଅ)—
Āghāra ଘୃତ; ଆଜ୍ୟ—1. Clarified butter; ghee.
୨ । ( + ଭାବ. ଅ ) ହୋମ—
2. Homa or oblation to fire.
୩ । ପାକ—3. Cooking.

**ଆଘିରି**—ଦେ. ବି.—ଆଗ୍ରି ( ଦେଖ )
Āghiri Āgri ( See )

**ଆଘୂର୍ଣ୍ଣନ**—ସଂ.ବି. ( ଆ + ଘୂର୍ଣ୍ଣ ଧାତୁ = ଭ୍ରମଣ କରିବା + ଭାବ. ଅନ )—
Āghūrṇṇana ଚକ୍ରପରି ଭ୍ରମଣ; ପରିଭ୍ରମଣ; ଗୁଡ଼ିଅଡ଼େ ବୁଲିବା ବା ଘୂରିବା—Turning round; whirling round; rolling round; reeling.
(ଆଘୂର୍ଣ୍ଣିତ—ବିଣ)

**ଆଘୂର୍ଣ୍ଣିତ**—ସଂ. ବିଣ ( ଆ + ଘୂର୍ଣ୍ଣ ଧାତୁ + କର୍ମ. ତ ) ୧ । ଘୂର୍ଣ୍ଣାୟମାନ—
Āghūrṇṇita 1. Whirling round; reeling.
୨ । ଚାରିଅଡ଼େ ବୁଲାଇ ହେଉଥିବା; ଘୂରାଇ ହେଉଥିବା—
2. Turned round; whirled.
୩ । ଇତସ୍ତତଃ ଖେଳା ହୋଇଥିବା—
3. Tossed about.

**ଆଘେ**—ପ୍ରାଦେ. ( ସମ୍ବଲପୁର ) ଅ.—ଆଗେ ( ଦେଖ )
Āghe Āge ( See )

**ଆଘେରି**—ଦେ. ବି.—ଆଗ୍ରି ( ଦେଖ )
Āgheri Āgri ( See )

**ଆଘ୍ରାଣ**—ସଂ. ବି. ( ଆ + ଘ୍ରା ଧାତୁ = ଗନ୍ଧ ଗ୍ରହଣ କରିବା + ଭାବ. ଅନ )
Āghrāṇa ୧ । ଗନ୍ଧଗ୍ରହଣ; ଶୁଙ୍ଘିବା—1. Smelling.
(ଆଘ୍ରାତ—ବିଣ) ୨ । ଗନ୍ଧ—2. Smell; scent.
୩ । ସନ୍ତୋଷ—3. Contentment.
୪ । ତୃପ୍ତି—4. Satisfaction.
ସଂ. ବିଣ. ( ଆ + ଘ୍ରା ଧାତୁ + କର୍ତ୍ତୃ. ତ ) ୧ । ତୃପ୍ତ—
1. Satisfied.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଥା' ନ ମିଳିଲେ 'ବ୍ରଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

୨ । ସନ୍ତୁଷ୍ଟ—2. Contented.
ଦେ. ବଣ.—ଆଘ୍ରାତ; ଶୁଂଘାଗିବା—Smelt.

ଅଘ୍ରାଣ ପୃଷ୍ପ ନ ଧଅନ୍ତି, ମୁକତ ମଣେ ନ ହସନ୍ତି ।
ଭୂପତି. ପ୍ରେମପଞ୍ଚାମୃତ ।

**ଆଘ୍ରାଣିବା**—ଦେ. ପଦ୍ୟ. କ୍ରି.—ଅଘ୍ରାଣ କରିବା—
Āghrāṇibā — To smell.

ପୃଷ୍ପ ପରିମଳ ଆଘ୍ରାଣି ସୁଖେ । ମଧୁସୂଦନ—ଛନ୍ଦମାଳା ।

**ଆଘ୍ରାତ**—ସଂ. ବଣ. ( ଆ + ଘ୍ରା ଧାତୁ = ଶୁଂଘିବା + କର୍ମ. ତ )—
Āghrāta — ଅନୁଭୂତ ଗନ୍ଧ; ଶୁଂଘା ହୋଇଥିବା—
(ଅନାଘ୍ରାତ—ବିପରୀତ) — Smelt; scented.

**ଆଘ୍ରାୟକ**—ସଂ. ବଣ. ( ଆ + ଘ୍ରା ଧାତୁ = ଶୁଂଘିବା + କର୍ତ୍ତୃ. ଅକ )—
Āghrāyaka — ଆଘ୍ରାଣକର୍ତ୍ତା; ଯେ ଶୁଂଘେ—Smelling;
(ଆଘ୍ରାୟିକା—ସ୍ତ୍ରୀ) — One who smells (something).

**ଆଘ୍ରିଆ**—ପ୍ରାଦେ. (ସମ୍ବଲପୁର) ବି—ଆଗ୍ରିଆ ( ଦେଖ )
Āghriā — Āgriā ( See )

**ଆଘ୍ରେୟ**—ସଂ. ବଣ—( ଆ + ଘ୍ରା ଧାତୁ = ଶୁଂଘିବା + କର୍ମ. ଯ )—
Āghreya — ୧ । ଆଘ୍ରାଣଯୋଗ୍ୟ—1. Fit for being smelt.
୨ । ସୁବାସିତ—2. Odoriferous.

**ଆଙଲ୍**—ପ୍ରାଦେ. ( ସମ୍ବଲପୁର ) ବି—ଜଳାବର୍ତ୍ତ; ଜଳଭଉଁରି—
Āṅl — Eddy; whirlpool.

**ଆଙ୍କଡ଼ାଇ ଧରିବା**—ଦେ. କି. ( ସ. ଅଙ୍କୁଶ )—
Āṅkar̤āi dharibā — ଅଂକୁଶିରେ ଧରିଲା ପରି ଟାଣି ଧରିବା—
আঁকড়ে ধরা — To hold up as by a hook.

**ଆଙ୍କଡ଼ାଇବା**—ଦେ. କି. ( ସଂ. ଅଙ୍କୁଶ )—( ପେଟର ନାଡ଼ି ଅବା ବଙ୍କା
Āṅkar̤āibā — ହୋଇ ପେଟ ଭିତରେ ଲାଗି ରହିବା ) ବଙ୍କାଗ୍ର
আঁকড়ান — ଯୋଗୁଁ ଅଟକି ଯିବା—To adhere to a thing
आँकड़ाना — on account of a curved head.

**ଆଙ୍କାବଙ୍କା**—ଦେ. ବଣ—୧ । ବଙ୍କା—1. Curved.
Āṅkābaṅkā — ୨ । ଅସଜଡ଼ା—2. Inconvenient.
অাঁকাবাঁকা — ୩ । ଅଖାଡ଼ୁଆ—3. Awkward.
टेढ़ा — ( ଯଥା—ଅଙ୍କାବଙ୍କା କଥା )

**ଆଙ୍କାବାଙ୍କା**—ଦେ. ବଣ—ଅଙ୍କାବଙ୍କା ( ଦେଖ )
Āṅkābāṅkā — Āṅkābaṅkā ( See )

**ଆଙ୍କିବା**—ଦେ. କ୍ରି. ( ସଂ. ଅଙ୍କ ଧାତୁ )—୧ । ଅଙ୍କନ କରିବା—
Āṅkibā — 1. To draw up;
অাঁকা — ୨ । ଚିତ୍ରଣ କରିବା—2. To delineate.
अङ्कना — ପ୍ରାଦେ. ( ଗଡ଼ଜାତ ) କି—ସ୍ଥାନଚ୍ୟୁତ କରିବା; ଅଲ୍ପ ଘୁଞ୍ଚାଇବା—To remove.
ପ୍ରାଦେ. ( ସମ୍ବଲପୁର ) କି—ଚଡ଼ କରିଦେବା—
To sear another's body.

**ଆଙ୍କିବାଙ୍କି ହେବା**—ଦେ. କ୍ରି—ବକ୍ର ହେବା—
Āṅkibāṅki hebā — To curve; to bend.

**ଆଙ୍କୁ**—ଦେ. ବି—( ଏ ଗଛରେ ସାଧାରଣତଃ ବାଡ଼ ଦିଆଯାଏ )—
Āṅku — ଅଙ୍କୋଟ (ଦେଖ) Āṅkota (See)

ମିଳ ଆଙ୍କ ବାଡ଼େ ଲଙ୍କା ପିଡ଼ା ଡାଳେ ଫୁଟେ ଡୋଗ୍ର ଜକ୍ତି ଫୁଲ ।
ନନ୍ଦକିଶୋର. ଶର୍ମିଷ୍ଠା ।

**ଆଙ୍କୁକୋଳି**—ଦେ. ବି—ସାନ କେରେନ୍ଦା ( ଦେଖ )
Āṅkukoḷi — Sānakerendā ( See )

**ଆଙ୍କୁଡ଼ା**—ଦେ. ବି. (ସଂ. ଆକର୍ଷୀ )—୧ । ବକ୍ରାଗ୍ର ଲମ୍ବଦଣ୍ଡ—
Āṅkur̤ā — 1. A long pole with a hook.
আকড়ষী; — ୨ । ଯେଉଁ ବକ୍ରାଗ୍ର ଦଣ୍ଡ ସାହାଯ୍ୟରେ ଗଛରୁ ଫଳ ଆଦି
আঁকসী — ତୋଳାଯାଏ—2. A long pole with a
अँकड़ी — hook to pluck fruits etc. from high trees.
୩ । ହାରର ଦୁଇ ମୁଣ୍ଡକୁ ଯୋଡ଼ିବାରେ ବ୍ୟବହୃତ ବକ୍ରାଗ୍ର ମୁଦିଆ—3. The hook-like ring used for fastening the ends of a neck-lace.

**ଆଙ୍କୁଡ଼ାଇ ଧରିବା**—ଦେ. କ୍ରି—ଅଙ୍କଡ଼ାଇ ଧରିବା—
Āṅkur̤āi dharibā — Āṅkār̤ai dharibā.

**ଆଙ୍କୁଡ଼ାଇବା**—ଦେ. କ୍ରି—ଅଙ୍କଡ଼ାଇବା ( ଦେଖ )
Āṅkur̤āibā — Āṅkar̤āibā ( See )

**ଆଙ୍କୁଡ଼ାପୋକ**—ଦେ. ବି—ପେଟରେ ଜନ୍ମିବା ଏକପ୍ରକାର କୀଟ—
Āṅkur̤āpoka — Hook-worm.

**ଆଙ୍କୁଡ଼ି**—ଦେ. ବି. ( ସଂ. ଆକର୍ଷଣୀ )—ଅଙ୍କୁଡ଼ା ( ଦେଖ )
Āṅkur̤i — Āṅkur̤ā ( See )

**ଆଙ୍କୁଡ଼ିପୋକ**—ଦେ. ବି—ଆଙ୍କୁଡ଼ାପୋକ ( ଦେଖ )
Āṅkur̤ipoka — Āṅkur̤āpoka ( See )

**ଆଙ୍କୁଡ଼ିବା**—ଦେ. କ୍ରି—୧ । ଅଙ୍କଡ଼ାଇଧରିବା ( ଦେଖ )
Āṅkur̤ibā — 1. Āṅkar̤āidharibā ( See )
୨ । ଅଙ୍କୁଡ଼ିରେ ତୋଳିବା—
2. To pluck fruits etc by means of a hooked pole.

**ଆଙ୍କୁପାଙ୍କୁ**—ଦେ. ବଣ—ଉତ୍କଣ୍ଠିତ—Anxious.
Āṅkupāṅku — ( ଯଥା—ମନଟା ସବୁବେଳେ ଆଙ୍କୁପାଙ୍କୁ ହେଉଥାଏ— ସହକାର. କାର୍ତ୍ତିକ, ମାର୍ଗଶିର. ୧୯୩୦)

**ଆଙ୍କୁରିବା**—ଦେ. କ୍ରି—୧ । ( ନୀଚ ଜାତିଙ୍କ ଭାଷା )—
Āṅkuribā — ଆଙ୍କୁଡ଼ିବା ( ଦେଖ )
1. Āṅkur̤ibā ( See )
୨ । ପାଚିଲା ଧାନ ଗଛରୁ ଧାନ କଟା ହେବା ପୂର୍ବରୁ କେଣ୍ଡା-ଗୁଡ଼ିକୁ ଅଗରୁ ଅଗରୁ କାଟି ବା ଦୁହିଁନେବା—2. To cut off the ears of ripe paddy from the plants before they are reaped.

| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯୁ | ଉଥ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଲୁ | ଯେୃ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ୟ | ଯ | ସ | ଗଁ୍ୟ | ଇଅ | ୱ | ଢ଼ |

**ଆଙ୍କୁଲ**—ଦେ. ବି—( ସଂ. ଅଙ୍କୋଲ )—ଅଙ୍କୋଟ ( ଦେଖ )
Āṅkula — Aṅkoṭa ( See )
ଅନ୍ୟ ସଂ. ନାମ—ଦୃଢ଼କଣ୍ଟକ;
ଲମ୍ବପର୍ଣ୍ଣ; ବିଷଘ୍ନ; ବାମକ

**ଆଙ୍କୁଲକୋଳି**—ଦେ. ବି—ଆଙ୍କୁଲ ଗଛର କୋଳି—
Āṅkulakoḻi — Plums of the Āṅkula plant.

**ଆଙ୍କୁଶ**—ଦେ. ବି. ( ସଂ. ଅଙ୍କୁଶ )—୧ । ହସ୍ତୀ ତାଡ଼ନାର୍ଥ ବକ୍ରାଗ୍ର ଦଣ୍ଡ—
Āṅkuśa — 1. Iron-pointed hooked goad for guiding elephants.
আঙ্ক্শি
अँकड़ी — ୨ । ବକ୍ରାଗ୍ର ଲୌହ—2. A hook.

**ଆଙ୍କୁଶା**—ଦେ. ବି—ଅଙ୍କୁଶ ( ଦେଖ )
Āṅkuśā — Āṅkuśa ( See )

**ଆଙ୍କୁଶାଲଗା**—ଦେ. ବି. ( ସବାରି ଗଉଡ଼ଙ୍କର ଡାକ )—ସବାରି
Āṅkuśālagā — ବେହେରାଙ୍କ ଡାକବିଶେଷ—( ମୁଣ୍ଡଉପରେ କଣ୍ଟା ବା ଡାଳ ସବାରି ଛାତରେ ବାଜିବାର ଭୟ ଥିଲେ ଆଗବେହେରାମାନେ ଏ ଡାକଦ୍ୱାରା ପଛ ପିଙ୍ଗାଲ ବେହେରାମାନଙ୍କୁ ସାବଧାନ କରାଇ ଦିଅନ୍ତି । )
A halloo of palki-bearers.

**ଆଙ୍କୁଶି**—ଦେ. ବି—ଅଙ୍କୁଶ ( ଦେଖ )
Āṅkuśi — Āṅkuśa ( See )

**ଆଙ୍କୁଶିଲଗା**—ଦେ. ବି—ଆଙ୍କୁଶାଲଗା ( ଦେଖ )
Āṅkuśilagā — Āṅkuśālagā ( See )

**ଆଙ୍କୋଚିତ**—ଗ୍ରା. ପଦ୍ୟ. ବିଣ. ( ସ. ଆକୁଞ୍ଚିତ )—ଆକୁଞ୍ଚିତ—
Āṅkochita — Curled.
ଆଙ୍କୋଚିତ କବରୀ ଯେ ସୁଗନ୍ଧ କେଶପାଶ—ସାରଳା. ମହାଭାରତ, ବନ୍ଦି ।

**ଆଙ୍କୋଠ**—ସଂ. ବି— ଅଙ୍କୋଟ(ଦେଖ) (କବିରାଜ.ହରେକୃଷ୍ଣ—ଦ୍ରବ୍ୟଗୁଣ)
Āṅkoṭha — Āṅkoṭa ( See )

**ଆଙ୍କୋଲ**—ଦେ. ବି—ଅଙ୍କୋଟ (ଦେଖ)
Āṅkola — Aṅkoṭa (See)

**ଆଙ୍ଖିଝରା**—ଦେ. ବି—ଏକଜାତୀୟ ବଡ଼ ଗଛ—A kind of large
Āṅkhijharā — tree with gray bark; Evodia, Meliac folia ( Haines )

**ଆଙ୍ଗ ଆଙ୍ଗ**—ଦେ. ବିଣ—ପଶ୍ଚାତ୍‌ପଦ—
Āṅgāṅg — Hesitating.

**ଆଙ୍ଗଛି**—ପ୍ରାଦେ. ( ସମ୍ବଲପୁର )ବି.—ଗାମୁଛା; ଗାତ୍ରମାର୍ଜ୍ଜନୀ –
Āṅgchhi — Towel; napkin.

**ଆଙ୍ଗଟା**—ଦେ. ବି (ସଂ. ଅଙ୍ଗୁଷ୍ଠ)—୧ । ବଡ଼ ମୁଦି; ମୁଦିଅ—
Āṅgṭā — 1. A large ring.
আঁঠি — ୨ । ବୁଢ଼ା ଅଙ୍ଗୁଠିରେ ପିନ୍ଧାଯିବା ମୁଦି—
2. A ring for the thumb.

**ଆଙ୍ଗଠି**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅଙ୍ଗୁଷ୍ଠ )—ଅଙ୍ଗୁଳି—
Āṅgṭhi — Finger.

**ଆଙ୍ଗ**—ଦେ. ବି—
Āṅga — ୧ । ଅହଙ୍କାର; ଗର୍ବ; ଆତ୍ମବଡ଼ିମା—1. Vanity.
ବଥ ମୋତେ ଅଙ୍ଗ ବାହୁବ ମୁଁ ଆଙ୍ଗ ଛନେ—ସାରଳାମହାଭାରତ· ବନ୍ଦି ।
୨ । ରାଗ—2. Anger.
୩ । ଅଭିମାନ—3. Silent displeasure.
ଗଙ୍ଗାକୁ ଲଗିଲା ଯାଇଁ ମହାତେଜ ଜ୍ୱାଳା;
ଆଙ୍ଗେଣ ଛଡ଼ିଲା ସେହୁ ଅନାଦି ଚଞ୍ଚଳା—ସାରଳା· ମହାଭାରତ· ଆଦି ।

**ଆଙ୍ଗଟି**—ଦେ. ବି—ଆଙ୍ଗୁଠି ( ଦେଖ )
Āṅgaṭi — Āṅguṭhi ( See )

**ଆଙ୍ଗନ୍**—ପ୍ରାଦେ. ( ଲଉଅ ) ବି. (ସଂ. ଅଙ୍ଗନ)—ପ୍ରାଙ୍ଗଣ; ଅଗଣା —
Āṅgan — Court-yard.

**ଆଙ୍ଗଳିଆ**—ଦେ. ବି. ( ସଂ. ଲାଙ୍ଗଲୀ )—ବିଷଲାଙ୍ଗୁଳିଆ ଲତା;
Āṅgaḻiā — ଲାଙ୍ଗଲାଙ୍ଗୁଳିଆ ଲତା—A creeper; Gloriosa Superba.
লাঙ্গলিআ; ইষলাঙ্গলিআ

**ଆଙ୍ଗିକ**—ସଂ. ବିଣ. ( ଅଙ୍ଗ+କୃତାର୍ଥେ. ଇକ )—
Āṅgika — ୧ । ଅଙ୍ଗଦ୍ୱାରା କଥିତ—
1. Expressed by gestures and motions of the limbs.
୨ । ଅଙ୍ଗସମ୍ବନ୍ଧୀୟ —
2. Pertaining to the limbs or body.
୩ । ଅଭିମାନୀଆ—3. Prone to take offence at little things
ସଂ. ବି—୧ । ମୃଦଙ୍ଗବାଦ୍ୟ—
1 A tabour made of clay.
୨ । ମୃଦଙ୍ଗବାଦକ—2. A musician who plays on mṛudaṅga.

**ଆଙ୍ଗିକ ଅଭିନୟ**—ସଂ. ବି—(ନାଟକ) ନାଟକୀୟ ପାତ୍ରମାନେ ସ୍ୱୀୟ ଅଙ୍ଗ-
Āṅgika abhinaya — ଚାଳନାଦ୍ୱାରା ଯେଉଁ ଅଭିନୟ ପ୍ରଦର୍ଶନ କରନ୍ତି—( drama )—Performance of a dramatis person on stage by the movement of his limbs.

**ଆଙ୍ଗିଣିଆ**—ଦେ. ବିଣ—ଉତ୍ତାପର ଅସମତା ହେତୁ ଅର୍ଦ୍ଧସିଦ୍ଧ ଓ ବିସ୍ୱାଦ;
Āṅgiṇiā — ଅଭଙ୍ଗିଣିଆ—( fruits etc. ) Not fully boiled and so untasteful on account of unequal distribution of application of heat.
কচকচে

**ଆଙ୍ଗିରସ**—ସଂ. ବି. ପୁଂ. ( ନାମ ) ( ଅଙ୍ଗିରସ=ଋଷି+ଅପତ୍ୟାର୍ଥରେ.
Āṅgirasa — ଅ )—ଅଙ୍ଗିରାଋଷିଙ୍କପୁତ୍ର ଦେବଗୁରୁ ବୃହସ୍ପତି—
Bruhaspati, the preceptor of the gods ( Hindu mythology ).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଆଙ୍ଗୁଆ**—ଦେ. ବିଣ—୧ । ଅଭିମାନୀଆ; ଅବୁଝ—
Ānguā — 1. Prone to take offence.
हटरागी
୨ । ଜିଦ୍‌ଖୋର—2. Obstinate.

**ଆଙ୍ଗୁଆଙ୍ଗୁ**—ଦେ. ବିଣ—ଅଙ୍ଗ୍ ଅଙ୍ଗ୍ ( ଦେଖ )
Ānguāngu — Āngāng ( See )

**ଆଙ୍ଗୁଛି**—ପ୍ରାଦେ. ( ବସ୍ତ୍ରର ) ବି—ଗାମୁଛା—
Ānguchhi — Napkin.

**ଆଙ୍ଗୁଟି**—ଦେ. ବି—୧ । ଅଙ୍ଗୁଠି ( ଦେଖ )
Ānguti — 1. Ānguthi ( See ).
୨ । ପୁଷ୍ପଗୁଳ୍ମବିଶେଷ—2. A kind of flower plant or bush; clerodendrom phlomoidy.

**ଆଙ୍ଗୁଠି**—ଦେ. ବି. ( ସଂ. ଅଙ୍ଗୁଷ୍ଠ )—ଅଙ୍ଗୁଳି—
Ānguthi — Finger.
आँठि
अङ्गुलि

**ଆଙ୍ଗୁଠି ଦେଖାଇବା**—ଦେ. କ୍ରି—୧ । ଅବଜ୍ଞା ପ୍ରଦର୍ଶନ କରିବା—
Ānguthi dekhāibā — 1 To disregard,
वृद्धाङ्गुलदेखान — ୨ । ଅବଜ୍ଞାପ୍ରଦର୍ଶନପୂର୍ବକ ବୁଢ଼ା ଅଙ୍ଗୁଠିକୁ ଦେଖାଇବା—2. To show the thumb in derision.

**ଆଙ୍ଗୁଠିଫୁଟା**—ଦେ. ବି—ଖେଳବିଶେଷ—
Ānguthiphutā — A kind of play.

**ଆଙ୍ଗୁଠି ଫୁଟାଇବା**—ଦେ. କ୍ରି—୧ । ଅଙ୍ଗୁଠିର ଗଣ୍ଠିମାନଙ୍କୁ ଟାଣିବା ଓ
Ānguthiphutāibā — ମୋଡ଼ିବା ( ଯହିଁରେ ଅଙ୍ଗୁଠି ଗଣ୍ଠିର ଶବ୍ଦ
आङ्गुलमटकान — ହୁଏ)—1. To cause the joints of fingers to crack by pulling or twisting.
୨ । ମନୋଯୋଗ ଆକର୍ଷଣାର୍ଥ ହାତର ବୁଢ଼ା ଓ ମଝି ଅଙ୍ଗୁଠି
तुड़िमारा — ଦ୍ୱାରା ଫୁଟକ ମାରିବା—2. To make a sound by clapping the fingers.

**ଆଙ୍ଗୁଠି ଫୁଟିବା**—ଦେ. ବି—ଅଙ୍ଗୁଠିର ଗଣ୍ଠିମାନ ଶବ୍ଦ କରିବା—
Ānguthi phutibā — The cracking of the joints of fingers due to pulling or twisting.

**ଆଙ୍ଗୁଠି ଫୁଟୁକାଇବା**—ଦେ. କ୍ରି—ଅଙ୍ଗୁଠି ଫୁଟାଇବା (ଦେଖ )
Ānguthi phutukāibā — Ānguthi phutāibā (See)

**ଆଙ୍ଗୁଠି ମାରିବା**—ଦେ. କ୍ରି—୧ । ଅଙ୍ଗୁଳି ଦ୍ୱାରା ସଙ୍କେତ କରିବା—
Ānguthimāribā — 1. To beckon by the finger.
आङ्गुलठारा — ୨ । ଟିପ ମାରିବା; କୌଣସି ବସ୍ତୁକୁ ପରୀକ୍ଷା କରିବା
सैनकरना — ସକାଶେ ତା ଦେହରେ ଅଙ୍ଗୁଠି ମାରିବା; ଟିପିବା—
2. To touch a thing by the tip of a finger in order to test it.
୩ । କୌଣସି ମନୁଷ୍ୟକୁ ଅପ୍ରକାଶ୍ୟରେ ସତର୍କ କରି ଦେବା ବା ତାହାର ମନୋଯୋଗ ଆକର୍ଷଣ କରିବା ନିମନ୍ତେ ତାହା ଦେହରେ ଅଙ୍ଗୁଠିକୁ ଛୁଆଇଁ ଦେବା ବା ଅଙ୍ଗୁଠି ଦ୍ୱାରା ସାମାନ୍ୟ ଆଘାତ କରିବା—
3. To touch one's body with the tip of a finger in order to caution him.

**ଆଙ୍ଗୁଳା**—ଦେ. ବିଣ—ଅଙ୍ଗୁଳିଦ୍ୱାରା ସଲସଲ କରାଯାଇଥିବା—
Āngulā — Churned by the finger.

**ଆଙ୍ଗୁଳାଇବା**—ଦେ. କ୍ରି—ଅଙ୍ଗୁଠି ଦ୍ୱାରା ଗେଞ୍ଜିଦେବା ବା ସଲସଲ
Āngulāibā — କରିବା—To poke by thrusting the finger; to finger a thing; to touch with finger.
आङ्गुलदेओया

**ଆଙ୍ଗୁଳି**—ଦେ. ବି. ( ସ. ଅଙ୍ଗୁଳି )—
Ānguli — ୧ । ଅଙ୍ଗୁଳି; ଅଙ୍ଗୁଠି—1. Finger
आङ्गुल — ୨ । ଏକ ହାତ ପରିମାଣର ଚବିଶ ଭାଗର ଏକ ଭାଗ—
अङ्गुली — 2. $\frac{1}{24}$th of a cubit measure,
୩ । ଅଙ୍ଗୁଳି ପରିମାଣ—
3. A measure by the finger.
୪ । ଅଙ୍ଗୁଳି ପ୍ରବେଶ କରିବା ରୂପ କର୍ମ—
4. Fingering.

**ଆଙ୍ଗୁଳିଆ**—ଦେ. ବି—ଅଙ୍ଗଳିଆ ( ଦେଖ )
Āngulia — Āngaliā ( See )

**ଆଚଡ଼ି**—ଦେ. ବି—ଅଟକ—
Āchardi — Restraint

**ଆଚମନ**—ସ.ବି.(ଆ=ଈଷତ୍+ଚମ୍ ଧାତୁ=ଭୋଜନ କରିବା+ଭାବ.ଅନ)-
Āchamana — ୧ । ଭୋଜନ କରିବା ପୂର୍ବରୁ ମନ୍ତ୍ରପାଠପୂର୍ବକ
(अचवन—बिण) — ଗଣ୍ଡୂଷଦ୍ୱାରା ସାମାନ୍ୟ ଜଳ ମୁଖକୁ ନେବା—
1 Sipping a little water from the cup of the palm.
୨ । ଭୋଜନାନ୍ତେ ମୁଖ ପ୍ରକ୍ଷାଳନ କରିବା; ଆଞ୍ଚୋଇବା—
2 Rinsing of the mouth after meal.

ଭୋଜନ ସାରି ଋଷି ଆଚମନ କଲେ
ଗୁଆ ଖଣ୍ଡେ ଖେଳାଇ ଘୁମାଇ ରହିଲେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଆଚମନକ**—ସ. ବି. ପୁଂ. ( ଆଚମନ=ଆଞ୍ଚୋଇବା+କ=ଜଳ )—
Āchamanaka — ୧ । ନିଷ୍ଠୀବନ ପାତ୍ର; ପିକଦାନି—
1. Spittoon
୨ । ଯେଉଁ ପାତ୍ରରେ ମୁଖ ପ୍ରକ୍ଷାଳନାର୍ଥ ଜଳ ରଖାଯାଏ; ଅବଖୁରା—2. A water pot in which water intended for rinsing or sipping is kept.

| ୧ | ଇ | ଉ | ର,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ସ | ଙ୍କ | ଇସ୍ | ଉଅ | ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଘ | ଇଅ | ଔ | ନ୍ଧ |

**ଆଚମନ କରିବା**—ଦେ. କ୍ରି—୧ । ପୂଜା ବା ଭୋଜନ ପୂର୍ବରୁ ଗଣ୍ଡୂଷ ଦ୍ୱାରା ସାମାନ୍ୟ ଜଳ ମୁଖରୁ ଦେବା—
Āchamana karibā
আচমনকরা
1. To sip a little water before meal or worship.

୨ । ଭୋଜନାର୍ଥ ମୁଖ ଓ ହାତ ଧୋଇବା; ଆଚମନିବା—
2. To wash or rinse the mouth after meal.

ପ୍ରମାଣ ମଁ ଉଚ୍ଛିଷ୍ଟ ହାତ ହୋଇ ଥିଲି ।
ଠିଆରେ ଆଚମନ କରଣ ଅସିଲି ॥ କୃଷ୍ଣସିଂହ. ମହାଭାରତ. ଅଦ ।

**ଆଚମନୀ**—ଦେ. ବି—ଛୋଟ ଗାଲ; ଲୋଟି; ଅବଖୁରା ( ଯହିଁରେ ଆଚମନ କରିବା ଭଳି ଅଳ୍ପ ପାଣି ଥାଏ )—
Āchamani
A small water-pot.

**ଆଚମନୀୟ**—ସ. ବି. ( ଆ + ଚମ ଧାତୁ + ଅନୀୟ )—
Āchamaniya ଆଚମନାର୍ଥ ଜଳ—Water intended or kept for the purpose of rinsing the mouth before or after meal.

ସଂ. ବିଣ.—୧ । ଆଚମନଯୋଗ୍ୟ—
1. Fit or intended for sipping or rinsing.

୨ । ଯାହା ଖାଇଲେ ଆଚମିଇବାକୁ ହୁଏ—
2. That which necessitates the rinsing of the mouth after it is eaten.

ସଂ. ବି—ଭକ୍ଷ୍ୟବସ୍ତୁ—Food; eatable things.

**ଆଚମିତ**—ପ୍ରାଦେ. (ସମ୍ବଲପୁର) ବିଣ.—ଆଚମ୍ବିତ (ଦେଖ)
Āchamita Āchambita (See)

**ଆଚମ୍ବିତ**—ଦେ. ବିଣ. (ସଂ. ଅସମ୍ଭାବିତ)—
Āchambita ୧ । ଆଶ୍ଚର୍ଯ୍ୟାନ୍ୱିତ; ବିସ୍ମିତ ( ବ୍ୟକ୍ତି )—
আচম্বিত
1. Astonished; surprised.
अचम्भा
୨ । ଅଦ୍ଭୁତ; ଆଶ୍ଚର୍ଯ୍ୟଜନକ—2. Wonderful

ଏ କଥା ଶୁଣି ନାରଦ ହେଲେ ଆଚମ୍ବିତ—ପୀତାମ୍ବର. ନୃସିଂହପୁରାଣ ।

୩ । ଆଶା କରି ଯାଇ ନ ଥିବା; ଅଭୂତପୂର୍ବ; ଅଶ୍ରୁତପୂର୍ବ—
3. Unforeseen; unprecedented.

୪ । ଅସମ୍ଭାବିତ—4. Unexpected

୫ । ଅସମ୍ଭବ—5. Impossible.

ଦେ. ବି—ଆଶ୍ଚର୍ଯ୍ୟ—Wonder; surprise.

ତାହାରେ ଦ୍ରୋହ କଲୁପିତି
ଏ କଥା ବଡ଼ ଆଚମ୍ବିତ—ଜଗନ୍ନାଥ. ଭାଗବତ ୪ର୍ଥ ।

**ଆଚମ୍ବିତେ**—ଦେ. କ୍ରି. ବିଣ.—୧ । ଆଶ୍ଚର୍ଯ୍ୟରୂପେ—
Āchambite
আচম্বিতে
1. In a wonderful manner; wonderfully.
अचम्भा

ଆଚମ୍ବିତେ ନଭେଦେଲେ ଶୁଭଲ ତଳକ—ରାଧାନାଥ. ବେଣୀସଂହାର ।

୨ । ଅକସ୍ମାତ୍; ହଠାତ୍—2. All on a sudden.

୩ । ଅପ୍ରତ୍ୟାଶିତରୂପେ—3. Unexpectedly.

ମହାପ୍ରସାଦ ଆଚମ୍ବିତେ, ଯାଚଲେ ଏକାଦଶୀ ବ୍ରତେ—
ଭୂପତି. ପ୍ରେମପଞ୍ଚାମୃତ ।

**ଆଚରଣ**—ସଂ. ବି. (ଆ + ଚର ଧାତୁ = ଗମନ କରିବା + ଭାବ. ଅନ)—
Ācharaṇa ୧ । ବ୍ୟବହାର; ଚାଲିଚଳଣ—
1. Dealings; conduct; behaviour.

୨ । ଚରିତ୍ର; ଶୀଳ—2. Character.

୩ । ରୀତି; ଆଚାର—
3. Usage; custom; habit; practice.

୪ । ଅନୁଷ୍ଠାନ; ଅଭ୍ୟାସ—4. Proceeding; exercise.

ଦେ. ବି.—୧ । ବିବରଣ—1. Description.

ପିଅଇବୁ ଦୁହିଁଙ୍କ ଥରେ ଦୁହିଁଙ୍କ ଅଧର
ପଚ୍ଛେ କହ ଆଚରଣ ପୂଛନ୍ତା ବଧର—କବିସୂର୍ଯ୍ୟ. କଳୋଲ ଚମ୍ପୂ—ପ. ଗୀତ ।

୨ । ପ୍ରକାର—Manner.

**ଆଚରଣ କରିବା**—ଦେ. କ୍ରି—୧ । (ଉତ୍ତମ ବା ମନ୍ଦ) ବ୍ୟବହାର କରିବା—
আচরণকরা
1. To behave with a person.
आचरणकरना
୨ । (ବ୍ରତାଦି) ସାଧନ କରିବା; ଅଭ୍ୟାସ କରିବା—
2. To practise; to exercise.

୩ । ପାଳନ କରିବା—3. To carry out.

**ଆଚରିତ**—ସଂ. ବିଣ. (ଆ + ଚର ଧାତୁ + କର୍ମ. କ୍ତ)—୧ । ପାଳିତ—
Ācharita 1. Practised; observed as a habit.

୨ । ଅନୁଷ୍ଠିତ—2. Done.

୩ । ଅଭ୍ୟସ୍ତ—3. Habitual.

ସଂ. ବି. (+ ଭାବ. କ୍ତ)—୧ । ରୀତି—1. Custom; practice.

୨ । ଆଚରଣ—2. Conduct; action.

ଶ୍ୟାମ ଏ କି ଆଚରିତ—କବିସୂର୍ଯ୍ୟ. କଳୋଲ ଚମ୍ପୂ—୫ ଗୀତ ।

**ଆଚରିବା**—ଦେ. ପଦ୍ୟ. କ୍ରି. (ସଂ. ଆ + ଚର ଧାତୁ)—
Ācharibā ଆଚରଣ କରିବା (ଦେଖ)—
Ācharaṇa karibā (See)

ଠକପଣ ନ ଆଚରି—କବିସୂର୍ଯ୍ୟ. କଳୋଲ ଚମ୍ପୂ ।

**ଆଚାନ୍କା**—ଦେ. ବି.—ଆଚାନକ (ଦେଖ)
Āchānkā Achānaka (See)

**ଆଚାନକ୍**—ଦେ. ବିଣ. (ଫ. ଆଶ୍ଚର୍ଯ୍ୟ; ଅ + ଚନ୍ତ୍)—
Āchānak ଆଚାନକ (ଦେଖ)
Achānaka See)

**ଆଚାନକିଆ**—ଦେ. ବିଣ.—ଆଚାନକ ( ଦେଖ )
Āchānakiā Achānaka ( See )

**ଆଚାନିକ**—ଦେ. ବିଣ ( ସଂ. ଆଶ୍ଚର୍ଯ୍ୟ; ଅ + ଚନ୍ତ୍ )—
Āchānika ୧ । ଆଶ୍ଚର୍ଯ୍ୟଜନକ—1. Wonderful.

୨ । ଅପ୍ରତ୍ୟାଶିତ—2 Unexpected.

୩ । ଆକସ୍ମିକ—3. Sudden.

**ଆଚାନିକିଆ**—ଦେ. ବିଣ.—ଆଚାନିକ ( ଦେଖ )
Āchānikiā Āchānika ( See ).

ପାଠକେ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଚାନ୍ତ**—ସଂ. ବଣ. ( ଆ + ଚମ ଧାତୁ + କର୍ମ.ତ )—୧ । କୃତାଚମନ; Āchānta ଯେ ଆଚମନ କରିଅଛି—1. One who has washed his mouth.
୨ । ଅଖୋଇଥିବା—2. Washed.

**ଆଚାମ**—ସଂ.ବି.— (ଆ + ଚମ ଧାତୁ = ଭୋଜନ କରିବା + ଭାବ. ଅ )— Āchāma ୧ । ଆଚମନ—1. Sipping.
୨ । ପାନ—2. Drinking.
୩ । ଭୋଜନ—3. Eating.
୪ । ଭାତର ମଣ୍ଡ ବା ପେଜ—4. Rice-water; liquid extracted from boiled rice.
୫ । ଅମ୍ବ ଅଦାର ଆଚାର—5. Pickle.

**ଆଚାର**—ସଂ. ବି ( ଆ + ଚର ଧାତୁ = ଗମନ କରିବା + ଭାବ. ଅ )— Āchāra ୧ । ରୀତି—1. Usage; practice; custom.
୨ । କାର୍ଯ୍ୟବିଧି—2. Rule of conduct.
୩ । ଶାସ୍ତ୍ରାନୁମୋଦିତ ଆଚରଣ— 3. Conduct approved by the scriptures.
୪ । ପଦ୍ଧତି; ନିୟମ—4. Rule.
୫ । ଶିଷ୍ଟ ବ୍ୟବହାର; ଲୋକାଚାର; ମହାଜନସମ୍ମତ ବ୍ୟବହାର— 5. Approved usage or conduct.
୬ । ଆଚରଣ; ଚରିତ୍ର; ବ୍ୟବହାର— 6. Conduct; behaviour; character.
ଯେଉଁ ଆଚାର କରି ତୁଚ୍ଛାର ତାଙ୍କ ଆଚାର କି ସେ ।
ଉକ୍ତ. ପ୍ରେମସୁଧାନିଧି ।

আচার ଦେ. ବି.—( ସଂ ଆଚାମ ) ଲୁଣ, ତେଲ, ମସଲା ଆଦି
आचार ଦ୍ୱାରା ସୁରକ୍ଷିତ ଫଳ—Pickle; sauce; preserved fruits.

**ଆଚାରଚ୍ୟୁତ**—ସଂ.ବଣ.ପୁଂ (୫ମୀ ତତ୍; ଆଚାର = ସଦାଚାର + ଚ୍ୟୁତ)— Āchārachyuta ୧ । ଶିଷ୍ଟ ବ୍ୟବହାର ବହିର୍ଭୂତ— 1. Against usage.
୨ । ଶିଷ୍ଟାଚାର ଲଙ୍ଘନକାରୀ—2. Gone astray.
୩ । ନିଷିଦ୍ଧବୃତ୍ତି ଆଚରଣ କରିବା— 3. Fallen from approved usage.
୪ । ଦୁରାଚାର; ଅନାଚାରୀ—4. Debased; vicious.

**ଆଚାରନିଷ୍ଠ**— ସଂ. ବଣ. ପୁଂ ( ବହୁବ୍ରୀହି; ଆଚାର + ନିଷ୍ଠା )— Ācharanishṭha ଆଚାରବାନ୍ (ଦେଖ) Ācharabān ( See )
(ଆଚାରନିଷ୍ଠା—ସ୍ତ୍ରୀ)

**ଆଚାରବନ୍ତ** - ଦେ.ବଣ. ପୁଂ (ସଂ ଆଚାରବତ୍ )—ଆଚାରବାନ୍ (ଦେଖ) Ācharabanta Ācharabān (See)
(ଆଚାରବନ୍ତୀ—ସ୍ତ୍ରୀ)

**ଆଚାରବାନ୍**—ସଂ. ବଣ. ( ଆଚାର + ବତ୍ ୧ମା. ୧ବ. )—୧ । ଯେ Ācharabān ସଦାଚାରରେ ଚଳେ; ନିଷ୍ଠାପର—1.Observing
(ଆଚାରବତୀ—ସ୍ତ୍ରୀ) the approved rules of conduct.
୨ । ଧାର୍ମିକ—2. Virtuous.

**ଆଚାରବିଚାର**—ଦେ. ବି. ( ସହଚର )—୧ । ଲୋକପ୍ରଚଳିତ ବ୍ୟବହାର Ācharabichāra ବା ରୀତିନୀତି—1. Manners and customs of a people
আচারবিচার
आचारविचार ୨ । ଶିଷ୍ଟାଚାର—2. Approved usage.
୩ । ଶିଷ୍ଟାଚାରପ୍ରତି ଦୃଷ୍ଟି—3. Consideration or regard for approved customs.

**ଆଚାରବିରୁଦ୍ଧ**—ସଂ.ବଣ. (୬ଷ୍ଠୀ ତତ୍; ଆଚାର = ଶିଷ୍ଟାଚାର + ବିରୁଦ୍ଧ = Ācharabiruddha ବିପରୀତ) ଲୌକିକାଚାର ବିପରୀତ— Contrary to usage or custom.
ଦେ. ବଣ—ଶିଷ୍ଟାଚାରର ବିପରୀତ—Against approved usage or conduct.

**ଆଚାର ବ୍ୟବହାର**—ଦେ. ବି. ( ସହଚର )—ଆଚାରବିଚାର (ଦେଖ) Ācharabyabahāra Ācharabichāra (See)

**ଆଚାରଭ୍ରଷ୍ଟ**—ସଂ. ବଣ.ପୁଂ. (୫ମୀ ତତ୍; ଆଚାର = ସଦାଚାର + ଭ୍ରଷ୍ଟ)— Ācharabhrashṭa ଆଚାରଚ୍ୟୁତ ( ଦେଖ ) Ācharachyuta ( See )
(ଆଚାରଭ୍ରଷ୍ଟା—ସ୍ତ୍ରୀ)

**ଆଚାରମସଲା**—ଦେ. ବି—ଅମ୍ବ ଅଦା ଫଳକୁ ଆଚାର କରିବା ନିମନ୍ତେ Ācharamasalā ବ୍ୟବହୃତ ଏକତ୍ର କୁଟା ଯାଇଥିବା ଲଙ୍କା, ପାଳଙ୍ଗମହୁରୀ ପ୍ରଭୃତି ମସଲା—A mixture of spices used in preparing pickles.

**ଆଚାରରହିତ**—ସଂ. ବଣ. ( ୩ୟା ତତ୍; ଆଚାର + ରହିତ )— Ācharārahita ୧ । ନୈତିକାଚାରର ବିପରୀତ କାର୍ଯ୍ୟ କରୁଥିବା— 1. Destitute of purity or moral discipline.
୨ । ସଦାଚାରବର୍ଜିତ—2. Not observing approved conduct or rules of discipline.
ଦେ. ବଣ—ଅନାଚାରୀ— Acting against approved usage or conduct.

**ଆଚାରହୀନ**—ସଂ. ବଣ. ( ଆଚାର + ହୀନ )—ଆଚାରରହିତ ( ଦେଖ ) Ācharahina Ācharārahita ( See )

**ଆଚାରୀ**—ଦେ. ବି—ରାମାଇତ ( ରାମାନୁଜ ) ବୈଷ୍ଣବ ସମ୍ପ୍ରଦାୟର Āchāri ଉପସମ୍ପ୍ରଦାୟବିଶେଷ—A subsect of the Rāmāuti sect of Baishṇabas.
ଦେ. ବଣ—ସଦାଚାରୀ; ଆଚାରପୂତ—Observing the approved rules of conduct.

**ଆଚାରୀମଠ**—ଦେ. ବି—୧ । ଯେଉଁ ମଠରେ ଆଚାରୀ ବୈଷ୍ଣବମାନେ Āchārimaṭha ଏକତ୍ର ବାସ କରନ୍ତି—1. A monastery where Āchāri Baishṇabas congregate.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଣ,ଷ | ଙ୍କ | ଇସ୍ତ | ଚ୍ଥ | ଭ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ର୍ଯ୍ୟ | ଯ | ସ | ଙ୍ଗ୍ୟ | ଇଥ | ଓ | ନ୍ତ |

**ଆଚାର୍ଯ୍ୟ**—ସଂ. ବି. ପୁଂ. ( ଆ+ଚର ଧାତୁ=ଶିକ୍ଷା ଦେବା+କର୍ତ୍ତୃ. ଯ; ଯେ ଶିକ୍ଷା ଦିଅନ୍ତି )—୧ । ଶିକ୍ଷାଗୁରୁ—
Āchārjya
ଆଚାର୍ଯ୍ୟା } ସ୍ତ୍ରୀ
ଆଚାର୍ଯ୍ୟାଣୀ
1. Preceptor; teacher.
୨ । ବେଦାଧ୍ୟାପକ—2. A teacher of the Vedas
୩ । ପୁରୋହିତ—3. Priest; spiritual preceptor.
୪ । ବ୍ରାହ୍ମଣମାନଙ୍କର ଉପାଧିବିଶେଷ—4. A family-title of Brāhmaṇas.
୫ । ଦ୍ରୋଣାଚାର୍ଯ୍ୟ—5 Droṇa, the preceptor of the Pāṇḍabas.

**ଆଚାର୍ଯ୍ୟା**—ସଂ. ବି. ସ୍ତ୍ରୀ. ( ଆଚାର୍ଯ୍ୟ+ସ୍ତ୍ରୀ. ଆ )—
Āchārjyā ବେଦମନ୍ତ୍ରାଦିର ଶିକ୍ଷାଦାତ୍ରୀ—A lady teacher of the Vedas; a preceptress.

**ଆଚାର୍ଯ୍ୟାଣୀ**—ସଂ. ବି. ସ୍ତ୍ରୀ. ( ଆଚାର୍ଯ୍ୟ+ପତ୍ନୀଅର୍ଥରେ. ଆନୀ )—
Āchārjyāṇī ଆଚାର୍ଯ୍ୟପତ୍ନୀ; ଗୁରୁପତ୍ନୀ—The wife of the preceptor or teacher.

**ଆଚିତ**—ସଂ. ବିଣ. ( ଆ+ଚି ଧାତୁ=ଏକତ୍ର କରିବା+କର୍ତ୍ତୃ. ତ )—
Āchita ୧ । ସଞ୍ଚିତ; ରାଶୀକୃତ—1. Collected; heaped up.
୨ । ଆଚ୍ଛନ୍ନ; ଆକୀର୍ଣ୍ଣ; ବ୍ୟାପ୍ତ—2. Spread; pervaded.
୩ । ଗ୍ରଥିତ; ଗୁମ୍ଫିତ; ଗୁନ୍ଥା ହୋଇଥିବା—3. Strung; woven.
ସଂ. ବି.—ଦଶଜଣର ବା ଏକ ଶକଟ ପରିମିତ ବୋଝ; ଏକ ଗାଡ଼ି ବୋଝ—Cart-load; 10 men's load.

**ଆଚିନି ଗୁଆ**—ଦେ. ବି.—ଜାହାଜିଗୁଆ (ଦେଖ)
Āchiniguā Jāhājiguā (See)

**ଆଚେଁବନ**—ଗ୍ରା. ପ୍ରାଚୀନ ପଦ୍ୟ.ବି. (ସଂ.ଆଚମନ)—ଆଚମନ (ଦେଖ)
Āchoñbana

ଆଚେଁବନ ଚଢ଼ି, ବସନ ଭିଜାଇ ହୋଇ
ସଖୀଙ୍କ ପଉଟିକର ତଳକୁ ପୁରି ଯେ । ପ୍ରଚାପ. ଲଳିତଶୋଭା ।

**ଆଚ୍ଛକ**—ସଂ. ବି—ଆଚ୍ଛୁ (ଦେଖ)
Āchchhaka Āchhu (See)

**ଆଚ୍ଛନ୍ନ**—ସଂ. ବିଣ (ଆ+ଛଦ ଧାତୁ=ଘୋଡ଼ାଇବା+କର୍ମ. ତ)—
Āchchhanna ୧ । ଆବୃତ; ଘୋଡ଼ାଇ ହୋଇଥିବା—1. Covered; overspread.
୨ । ଅଭିଭୂତ—2. Possessed of.
ଦେ. ବିଣ.—୧ । ଗୁପ୍ତ—1. Concealed.

ନ ଜାଣିବେଟି ଲୋକେ ରହିବା ଆଚ୍ଛନ୍ନେ । କୃଷ୍ଣସିଂହ. ମହାଭାରତ. ବନ ।

୨ । ଅଚିହ୍ନା; ଛଦ୍ମବେଶୀ—2. Disguised.

ବଡ଼ ବଡ଼ ଲୋକେ ଏ ପୃଥ୍ୱୀରେ ଆଚ୍ଛନ୍ନ
ହୋଇଣ ବୁଲି ଦେଖୁଥାନ୍ତି ସ୍ଥାନମାନ । କୃଷ୍ଣସିଂହ. ମହାଭାରତ. ବନ ।

୩ । ସମାପ୍ତ—3. Finished; accomplished.

ଏଣେ ପ୍ରଥମ ପ୍ରହର ଆଚ୍ଛନ୍ନ,
ତାସ ଗୋବିନ୍ଦ ସେବେ ବୃନ୍ଦାବନ । ପ୍ରାଚୀ-ରସବାରିଧି ।

ଦେ. ବି.—ଅଭିଭୂତତା—State of being overpowered with.

କ୍ଷଣକ ଉତ୍ତାରେ ଦେବ ଗୋପୀନାଥ ଶଢ଼ିଲେ କାମ ଆଚ୍ଛନ୍ନ । ପ୍ରାଚୀ· ରସବାରିଧି ।

**ଆଚ୍ଛନ୍ନତା**—ଦେ. ବି. (ପ୍ରାଚୀନ)—ଗୋପନ—
Āchchhannatā Concealment; secrecy.

ଯାଗରେ ସେ ସୁରଙ୍କ ଭାଗ ଦେଇ ସାରି
ଅସୁରଙ୍କୁ ଦେଲେ ସେ ଆଚ୍ଛନ୍ନତା କରି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବି. (ଆଚ୍ଛନ୍ନ+ତା)—ଆଚ୍ଛାଦନ; ଆବୃତତା—The state of being covered.

**ଆଚ୍ଛା**—ଦେ. ଅ. ( ସ୍ୱୀକାର; ତର୍ଜ୍ଜନାର୍ଥ )—୧ । ବେଶ; ଭଲ କଲ;
Āchchhā ତଥାସ୍ତୁ; ଉତ୍ତମ; ଦେଖାଯାଉ—1. Good ! bravo ! capital ! well ! all right ! well-done ! be it so.
আচ্ছা
आच्छा
୨ । ଏକ ବାକ୍ୟ ଶେଷରେ ଅନ୍ୟ ବାକ୍ୟ ପୂର୍ବରୁ ବ୍ୟବହୃତ ଅବ୍ୟୟ—2. Well ! now.
ଦେ. ବିଣ.—୧ । ଭଲ; ଉତ୍ତମ—1. Good; fine.

ଶିବ ବୋଇଲେ ହେ ଅଟଇ ଆଚ୍ଛା କଥା । କୃଷ୍ଣସିଂହ· ମହାଭାରତ· ବନ ।

୨ । ସୁସ୍ଥ—2. Sound in health.
ଦେ. ବି.—୧ । ମଙ୍ଗଳ—1. Prosperity.
୨ । ସ୍ୱାସ୍ଥ୍ୟ—2. Sound-health.
ଦେ.କ୍ରି.ବିଣ.—ଉତ୍ତମରୂପେ—Very well; soundly.

**ଆଚ୍ଛାକରି**—ଦେ. କ୍ରି. ବିଣ—୧ । ଉତ୍ତମରୂପେ—
Āchchhākari 1. Well.
আচ্ছাকরে ୨ । ସମ୍ପୂର୍ଣ୍ଣରୂପେ—2. Fully.
अच्छी तरह

**ଆଚ୍ଛାକରିବା**—ଦେ. କ୍ରି.—୧ । ଉତ୍ତମ କାର୍ଯ୍ୟ କରିବା—
Āchchhākaribā 1. To do well.
আচ্ছাকরা ୨ । କୌଣସି ବ୍ୟକ୍ତିକୁ ଚିକିତ୍ସାଦ୍ୱାରା ରୋଗମୁକ୍ତ କରିବା; ଆରୋଗ୍ୟ କରିବା—
आच्छीकरना
2. To cure a person.

**ଆଚ୍ଛାଦ**—ସଂ. ବି. ୧ । ( ଆ+ଛଦ ଧାତୁ=ଘୋଡ଼ାଇବା+କରଣ. ଅ; ଯାହାଦ୍ୱାରା ଆବରଣ କରାଯାଏ )—ଛାତ—
Āchchhāda
ଆଚ୍ଛାଦିତ } ବିଣ
ଆଚ୍ଛନ୍ନ
1. Thatch; roof.
୨ । ଢାକୁଣୀ; ଆବରଣ; ଢାଙ୍କୁଣୀ—2. Lid; covering; cover.
୩ । ଆଚ୍ଛାଦନ ବସ୍ତ୍ର; ଘୋଡ଼ଣି—3. Covering cloth.
୪ । ବାସ; ବସ୍ତ୍ର—4. Dress ( which covers the body ).

ସାଧାରଣ ଲୋକେ ଏପରି ସ୍ମରଣ ରଖିବେ ଯେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୫ । ( + ଭାବ. ଅ )—ଘୋଡ଼ାଇବା କ୍ରିୟା—
5. The act of covering.

**ଅଚ୍ଛାଦକ**—ସଂ. ବିଣ. (ଆ + ଛଦ୍ ଧାତୁ = ଘୋଡ଼ାଇବା + କର୍ତ୍ତୃ. ଅକ)—
Āchchhādaka — ଯେ ଘୋଡ଼ାଏ; ଆବରକ—
( ଅଚ୍ଛାଦିକା—ସ୍ତ୍ରୀ ) Covering.

**ଅଚ୍ଛାଦନ**—ସଂ. ବି. ( ଆ + ଛଦ୍ ଧାତୁ + କରଣ ଓ ଭାବ. ଅନ )—
Āchchhādana — ଅଚ୍ଛାଦ ( ଦେଖ ) Āchchhāda ( See )

**ଅଚ୍ଛାଦିତ**—ସଂ. ବିଣ. ( ଆ + ଛଦ ଧାତୁ + କର୍ମ. ତ )—ଘୋଡ଼ା-
Āchchhādita — ହୋଇଥିବା; ଆବୃତ—
Covered; concealed.

**ଅଚ୍ଛାଦିବା**—ଦେ. କି. ( ସଂ. ଅଚ୍ଛାଦନ )—୧ । ଆବୃତ କରିବା;
Āchchhādibā — ଘୋଡ଼ାଇବା—1. To cover.
୨ । ଲୁଚାଇବା —2. To conceal.

ବୃକ୍ଷର ଶାଖା ତ ରଖି ଦେଇ ନାହିଁ, ମୁଁ କରିଲେ ଅଚ୍ଛାଦିବ କେତେ ।
କବିସୂର୍ଯ୍ୟ—ସଙ୍ଗୀତ କଳ୍ପଲତା ।

୪ । ଛାଉଣିକରିବା—4. To thatch with.

ମଣ୍ଡପ ମଧ୍ୟେ ରତ୍ନବେଦୀ, ଯେ ଚନ୍ଦ୍ରାତପରେ ଅଚ୍ଛାଦ—
ଭୂପତି. ପ୍ରେମପଞ୍ଚାମୃତ ।

**ଅଚ୍ଛାହେଉ**—ଦେ. ଅ. ( ଅନୁମୋଦନ ବା ସମ୍ମତିସୂଚକ )—ମୁଁ ଏହା
Āchchhāheu — ଅନୁମୋଦନ କଲି—I agree; I consent;
आच्छाहउक
आच्छा

**ଅଚ୍ଛିନ୍ନ**—ସଂ. ବିଣ. ( ଆ + ଛିଦ୍ ଧାତୁ = ଛେଦନ କରିବା + କର୍ମ. ତ )—
Āchchhinna — ୧ । ବଳପୂର୍ବକ କାଢ଼ିଯାଇଥିବା—
1. Snatched away.
୨ । ଅସ୍ତ୍ରାଦିଦ୍ୱାରା ଛିନ୍ନ—
2. Cut off by weapons.

**ଅଚ୍ଛୁ**—ଦେ. ବି. ( ସଂ. ଅଚ୍ଛୁକ )—ଅଛୁ ( ଦେଖ )
Āchchhu — Āchhu ( See )

**ଅଚ୍ଛୁରିତ**—ସଂ. ବିଣ. ( ଆ + ଛୁର୍ ଧାତୁ = ଛେଦନ କରିବା; ଶବ୍ଦ
Āchchhurita — କରିବା + ଭାବ. ତ )—ଲିପ୍ତ; ମିଶ୍ରିତ—
1. Diffused; mixed.
୨ । କ୍ଷତ—2. Wounded.
୩ । ନଖଦ୍ୱାରା ଅହତ—
3. Scratched with finger-nails.
୪ । ମୃଷ୍ଟ—4. Rubbed.

ସଂ. ବି – ୧ । ଉଚ୍ଚହାସ୍ୟ—1. Loud laught
୨ । ପରର ଅମର୍ଷଜନକ ହାସ୍ୟ—
2. Envious laugh.
୩ । ନଖରେ ନଖରେ ଆଘାତ; ନଖବାଦ୍ୟ; ନଖ ଘଷିବା—
( ଏହା କଳହଦ୍ୟୋତକ )—
3. Striking or rubbing of the ends of finger-nails ( this forebodes quarrel ).

**ଅଚ୍ଛୁରିତକ**—ସଂ. ବି. (ଆ + ଛୁର ଧାତୁ + ତ + ସ୍ୱାର୍ଥେ. କ)—
Āchchhuritaka — ଅଚ୍ଛୁରିତ ( ଦେଖ ) Āchchhurita ( See )

**ଅଚ୍ଛେଦ**—ସଂ. ବି. ( ଆ + ଛିଦ୍ ଧାତୁ = ଛିଣ୍ଡାଇବା; ଛେଦନ କରିବା +
Āchchheda — ଅ; ସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ )—
୧ । ବଳପୂର୍ବକ କାଟିବା—1. Forcible cutting off.
୨ । ଅଙ୍ଗଚ୍ଛେଦ—2. Amputation.
୩ । କୋରକ—3. Confiscation.

**ଅଚ୍ଛୋଦନ**—ସଂ. ବି. (ଆ + ଛୁଦ ଧାତୁ = ପ୍ରେରଣ କରିବା + ଅନ)—
Āchchhodana — ମୃଗୟା; ପଶୁ ପକ୍ଷି ଶିକାର—
Sport; chase; hunting.

**ଅଛନ୍**—ଗ୍ରା. ବିଣ. (ସଂ. ଅଚ୍ଛନ୍ନ )—ଅଚ୍ଛନ୍ନ ( ଦେଖ )
Āchhan — Āchchhanna ( See )
ପ୍ରାଦେ. (ସମ୍ବଲପୁର) ବି—ଅଁଚନ୍ ( ଦେଖ )
Āñchan ( See )

**ଅଛନ୍ନ**—ଗ୍ରା. ବିଣ. ( ସଂ. ଅଚ୍ଛନ୍ନ )—ଅଚ୍ଛନ୍ନ ( ଦେଖ )
Āchhanna — Āchchhanna ( See )

**ଅଛରା**—ଦେ. ବିଣ—ଅଛରା ( ଦେଖ )
Āchharā — Achharā ( See )

**ଅଛା**—ଗ୍ରା. ଅ—ଅଚ୍ଛା ( ଦେଖ )
Āchhā — Āchchhā ( See )

**ଅଛାଦନ**—ଗ୍ରା. ବି. ( ସଂ. ଅଚ୍ଛାଦନ )—୧ । ଅଚ୍ଛାଦନ (ଦେଖ).
Āchhādana — 1. Āchchhādana ( See )
୨ । ବିସ୍ତାର—2. Extension

ସେ କଳ୍ପ ବୃକ୍ଷ ଅଛାଦନ; ସମତା ଚଉର ଯୋଜନ ।
ଭୂପତି. ପ୍ରେମପଞ୍ଚାମୃତ ।

**ଅଛୁ**—ଦେ. ବି. ( ସଂ. ଅଚ୍ଛୁକ )—ଛାଲରୁ ସୂତାରେ ରଙ୍ଗ ଦିଆଯିବା
Āchhu — ବୃକ୍ଷବିଶେଷ—A tree from the barks of
आल्, आछ — which a colouring matter for
आच्छाक् — thread is obtained. Morinda
आल — Tomentosa; Morinda Agastifolia.
( Haines )
ଅନ୍ୟ ସଂ. ନାମ—
ଅଚ୍ଛୁକ, ରଞ୍ଜନଦ୍ରୁ,
ପତ୍ରୀକ, ଅକ୍ଷୀକ

[ ଦ୍ର—ଏହା ରକ୍ତପିତ୍ତ, ଅତିସାର ଓ ରକ୍ତସ୍ରାବରେ ଉପକାରୀ ]

**ଅଛୁଅ**—ଦେ. ବି—ଅଛୁ ( ଦେଖ )
Āchhuā — Āchhu ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ୍ୟ | ଯ | ଷ,ଶ | ଙ୍ଗ | ଇଅ | ଞ୍ଅ | ଉ |
| ୨ | ଇ | ଉ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

ଆଜ୍ (ଧାତୁ)—ସଂ. ଗମନ କରିବା; ଗତି କରିବା—
Āj (root) To go; to move.

ଆଜ୍—ପ୍ରାଦେ. (ସମ୍ବଲପୁର) ଅ.—ଆଜି—
Āj Today.

ଆଜ୍କାଲ୍—ପ୍ରାଦେ. (ସମ୍ବଲପୁର) ଅ.—ଆଜିକାଲି ( ଦେଖ )
Ājkāl Ājikāli ( See )

ଆଜ୍କାଲି—ପ୍ରାଦେ. (ସମ୍ବଲପୁର) ଅ—ଆଜିକାଲି ( ଦେଖ )
Ājkāli Ājikāli ( See )

ଆଜ୍ଗବି—ଦେ. ବିଣ—ଅଜ୍ଗବ; ଆଶ୍ଚର୍ଯ୍ୟଜନକ—
Ājgabi Strange; mysterious; queer.
আজগবী କ୍ରି. ବିଣ—୧ । ଆଶ୍ଚର୍ଯ୍ୟଜନକରୂପେ—
अजगएबी 1. Strangely; mysteriously.
୨ । ହଠାତ୍—2. Suddenly; all on a sudden.

ଆଜ୍ଠନୁ—ପ୍ରାଦେ. ( ସମ୍ବଲପୁର ) ଅ—
Ājṭhanu ୧ । ଆଜିଠାରୁ—1. From today.
୨ । ବର୍ତ୍ତମାନଠାରୁ—2. Henceforth.

ଆଜ୍ତକ୍—ପ୍ରାଦେ. (ସମ୍ବଲପୁର) ଅ—ଅବ୍ତକ୍ (ଦେଖ)
Ājtak Abtak (See)

ଆଜ୍ନୁ—ପ୍ରାଦେ. (ସମ୍ବଲପୁର) ଅ—ଆଜ୍ଠନୁ (ଦେଖ)
Ājnu Ājṭhanu (See)

ଆଜ—ଦେ. ଅ. (ସଂ. ଅଦ୍ୟ—ପ୍ରା. ଅଜ୍ଜ)—ଆଜି—
Āja Today; this day.

ନପଃ ନପ୍ରେକ ଦଶୁଛ ତ ଆଜ ନରଳସ ଚନ୍ଦ୍ରମୁଖ—
आज କବିସୂର୍ଯ୍ୟ. କଶୋରଚନ୍ଦ୍ର ଉ ଗୀତ ।

ଆଜକ—ଦେ. ବି. ଓ କ୍ରି. ବିଣ. (ସଂ. ଅଦ୍ୟ)—ଆଜିକ; ଆଜିଦିନକ—
Ājaka This day; today only.
আজকেরদিনটি
·आज

ଆଜଗବ—ସଂ. ବି. (ଅଜଗବ=ଶିବଧନୁ+ସ୍ୱାର୍ଥେ. ଅ)—
Ājagaba ଶିବଧନୁ—The bow of Śiba.

ଆଜନନ—ସଂ. ଅ. (ଆ=ପର୍ଯ୍ୟନ୍ତ; ଠାରୁ+ଜନନ=ଜନ୍ମକାଳ)—
Ājanana ୧ । ପୁନର୍ଜନ୍ମ ପର୍ଯ୍ୟନ୍ତ; ଆଜୀବନ—
1. All along; throughout life;
till next birth.
୨ । ଜନ୍ମାବଧି; ଜନ୍ମଠାରୁ—2. Since one's birth.
ସଂ. ବିଣ.—ଜନ୍ମକାଳରୁ ଆରମ୍ଭ ହୋଇଥିବା—
Dating from or beginning with one's birth.

ଆଜନମ—ଦେ. ଅ. (ସଂ. ଆଜନ୍ମ)—ଆଜନନ (ଦେଖ)
Ājanama Ājanana (See)
(ଯଥା—ଆଜନମ ଦୁଃଖୀ; ଆଜନମ ସୁଖୀ)

ଆଜନମୁଁ—ଦେ. (ସଂ. ଆଜନ୍ମ) ଆଜନନ (ଦେଖ)
Ājanamuñ Ājanana (See

ଶିଟଣ୍ଡ ମୁକୁଟ । ଶିଶିଛ ଉଲ୍ଲ ଆଜନମୁଁ କୂଟ—କବିସୂର୍ଯ୍ୟ. କବିତା ।

ଆଜନମକାଳ—ଦେ.ବିଣ.ଓ କ୍ରି.ବିଣ. (ସଂ. ଆଜନ୍ମ)—ଆଜନନ (ଦେଖ)
Ājanamakāḷa Ājanana (See)

ଆଜନ୍ମ—ସଂ. ଅ. (ଆ+ଜନ୍ମ)—ଆଜନନ (ଦେଖ)
Ājanma Ājanana (See)

ଆଜନ୍ମଦୁଃଖୀ—ସଂ. ବିଣ. ପୁଂ. (ଆଜନ୍ମ+ଦୁଃଖିନ୍; ୧ମା. ୧ବ.)—
Ājanmaduḥkhī ଯେଉଁ ବ୍ୟକ୍ତି ଜନ୍ମକାଳରୁ ଦୁଃଖ ବା ଦୁର୍ଦ୍ଦଶା
(ଆଜନ୍ମଦୁଃଖିନୀ—ସ୍ତ୍ରୀ) ଭୋଗ କରି ଆସିଅଛି—Accustomed
(ଆଜନ୍ମସୁଖୀ—ବିପରୀତ) to misery since birth.

ଆଜନ୍ମସୁଖୀ—ସଂ. ବିଣ. ପୁଂ. (ଆଜନ୍ମ+ସୁଖିନ୍ ୧ମା. ୧ବ)—
Ājanmasukhī ଯେଉଁ ବ୍ୟକ୍ତି ଜନ୍ମକାଳରୁ ସୁଖରେ କାଳ
(ଆଜନ୍ମସୁଖିନୀ—ସ୍ତ୍ରୀ) କଟାଇଅଛି—(a person) Brought
up in happiness from birth.

ଆଜମିର—ଦେ. ବି. (ନାମ)—ଏହି ନାମର ନଗରବିଶେଷ—
Ājamira A town of this name.

[ ଦ୍ର—ଏହାର ପୌରାଣିକ ନାମ ଅଜମିଢ଼ । ସୂର୍ଯ୍ୟବଂଶାବତଂସ ରାଜା ଅଜମିଢ଼ ଏହା ସ୍ଥାପନ କରିଥିଲେ । ବର୍ତ୍ତମାନ ଏ ନଗର ବ୍ରିଟିଶଶାସନାଧୀନରେ ଅଛି—ମଦନମୋହନ. ତୀର୍ଥଦର୍ଶନ ।]

ଆଜଯାଏ—ଦେ. ଅ. (ସଂ. ଅଦ୍ୟ)—ଆଜିପର୍ଯ୍ୟନ୍ତ—
Ājajāe Till to day.

ତୋହର ମର ଭବ ମୁହିଁ, ଆଜହୁଁ ଦୂର କରିବଇଁ—
ଜଗନ୍ନାଥ. ଭାଗବତ. ୯ମ ।

ଆଜହୁଁ—ଦେ. କ୍ରି. ବିଣ.—ଆଜିଠାରୁ—
Ājahuñ From today.

ଆଜା—ପ୍ରାଦେ. ( ସମ୍ବଲପୁର ) ବି—ଯାଅ ଆସ; ଗତାଗତ ହେବା—
Ājā Coming and going.

ଆଜାନ୍—ବୈଦେ. ବି. ( ଅ. ଅଜାନ୍ )—ଅଜାନ୍ ( ଦେଖ )
Ājān Ajān ( See )

ଆଜାନ୍ଦେବା—ଦେ. କ୍ରି—ଅଜାନ୍ ଦେବା ( ଦେଖ )
Ājāndebā Ajāndebā ( See )

ଆଜାନୁ—ସଂ. ଅ. ( ଆ=ପର୍ଯ୍ୟନ୍ତ+ଜାନୁ=ଆଣ୍ଠୁ )—
Ājānu ଆଣ୍ଠୁପର୍ଯ୍ୟନ୍ତ; ଆଣ୍ଠୁଯାଏ—
Reaching one's knees; up to the knees.

ଆଜାନୁଲମ୍ବ—ଦେ. ବିଣ. (ସଂ. ଆଜାନୁଲମ୍ବିତ)—ଆଜାନୁଲମ୍ବିତ (ଦେଖ)
Ājānulamba Ājānulambita ( See )

ଆଜାନ ଲମ୍ବ ଭୁଜଭଙ୍ଗେ, କେୟୂର କଙ୍କଣ ସଙ୍ଗେ ।
ଜଗନ୍ନାଥ. ଭାଗବତ ।

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

**ଆଜାନୁଲମ୍ବିତ**—ସଂ. ବିଣ.(ଆଜାନୁ+ଲମ୍ବିତ)—ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା—
Ājānulambita Hanging up tc or reaching the knees.

**ଆଜାନେୟ**—ସଂ. ବି. (ଆଜ ଧାତୁ=ଗମନ କରିବା+କର୍ମ. ଅନେୟ=
Ājāneya ଆଣିବା ଯୋଗ୍ୟ; ବହୁ ବାଧା ମଧ୍ୟରେ ଗମନ କଲେ ସୁଦ୍ଧା ଯେ ଆଣି ହୁଏ )—ଉତ୍ତମବଂଶଜାତ ବା ଉତ୍କୃଷ୍ଟଜାତୀୟ ଘୋଡ଼ା—A horse of good strain; a horse of good breed.

**ଆଜି**—ସଂ. ବି. (ଅଜ୍ ଧାତୁ=ଗମନ କରିବା+ଭାବ. ଇ)—
Āji ୧ । ଯୁଦ୍ଧ; ସଂଗ୍ରାମ—1. Fight; battle.

ନବାଢ କବଚଙ୍କ ଭୁଲେ କରି ଆଜି
ଯୋଗଇଲେ ଯମଙ୍କ ହାତେ ତାଙ୍କ ପାନ୍ତି । କୃଷ୍ଣସିଂହ. ମହାଭାରତ. ବସ୍ତ୍ର ।

୨ । ଯୁଦ୍ଧଭୂମି—2. Battle-field.
୩ । ଗମନ—3 Going.
୪ । ଆକ୍ଷେପ—4. Regret,
୫ । ନିନ୍ଦା—5. Blame.
୬ । ମର୍ଯ୍ୟାଦା—6. Respect.
୭ । (ଅଜ ନାମକ ରାଜା+ଅପତ୍ୟାର୍ଥରେ. ଇ )—
**ଅଜରାଜାଙ୍କର ପୁତ୍ର ଦଶରଥ**—
7. Daśaratha, son of Aja, the king of Ajodhyā.

আজ ଦେ. ଅ. ( ସଂ. ଅଦ୍ୟ )—୧ । ଅଦ୍ୟ; ଏହିଦିନ—
आज 1. Today; this day.

ଯୋଗଇବ ତା ପାନ୍ତି ଯମହାତେ ଆଜି । କୃଷ୍ଣସିଂହ. ମହାଭାରତ. ବସ୍ତ୍ର ।

୨ । ବର୍ତ୍ତମାନ—2. Now.

ଆଜି କଥା କାଲିକି ଅନ୍ତର—ପ୍ରବଚନ ।

୩ । ଆଈ; ମାତାମହୀ—
3. Maternal grandmother.

**ଆଜିକ**—ଦେ. ଅ. ( ସଂ. ଅଦ୍ୟ )—କେବଳ ମାତ୍ର ଆଜିଦିନ—
Ājika Today only.
আজ্‌টা

**ଆଜିକା**—ଦେ. ବିଣ. ( ସଂ. ଅଦ୍ୟ )—୧ । ଅଦ୍ୟତନ; ଆଜିଦିନର—
Ājikā 1. Of today.
আজকা ୨ । ଆଜି ଘଟିବା—2. Happening today.
आजका

**ଆଜିକାର**—ଦେ. ବିଣ—ଆଜିକା ( ଦେଖ )
Ājikāra Ājikā ( See )

**ଆଜିକାଲି**—ଦେ. ଅ. ( ସଂ. ଅଦ୍ୟ+କଲ୍ୟ )—୧ । ଅଧୁନା; ସମ୍ପ୍ରତି—
Ājikāli 1. Now-a-days; now.
আজকাল ୨ । ବର୍ତ୍ତମାନ ସମୟରେ—2. At present.
आजकाल

**ଆଜିକାଲି କରିବା**—ଦେ. କ୍ରି—ଆଜି କରିବ, କାଲି କରିବ ବୋଲି
Ājikali kariba ବାରମ୍ବାର ଟାଳିବା ବା ବେଳ ଗଡ଼ାଇବା—
আজকালকরা To put off a thing from day to day.

**ଆଜିକାଲିକା**—ଦେ. ବିଣ.—ବର୍ତ୍ତମାନକାଳର—
Ājikālikā Of present time.
আজকালকার ସେହି କଥା ଆଜି କାଲିକା କଳିଯୁଗର ଦେବତା କୁହନ୍ତି ।
आजकालका ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଆଜିକି**—ଦେ. ଅ. (ସଂ. ଅଦ୍ୟ)—୧ । ଆଜିଠାରୁ—
Ājiki 1. From today.
আজকে ୨ । ଆଜିଦିନ ପର୍ଯ୍ୟନ୍ତ ଗୁମାର କରିବାରେ—
आजको 2. Counting up to this day; till today.
୩ । ଆଜିକୁ—3. To today.

**ଆଜିତକ୍**—ଦେ. କ୍ରି. ବିଣ. (ହି. ଅ. ତକ୍)—ଆଜି ପର୍ଯ୍ୟନ୍ତ—
Ājitak Till now; till today.
আজতক
आजतक

**ଆଜିର**—ଦେ. ବିଣ.—୧ । ଆଜିକାର; ଆଜିଦିନର—
Ājira 1. Of to day.
আজকার ୨ । ଅଦ୍ୟତନ—2. Happening today.
आजका

**ଆଜିରି**—ଗ୍ରା. ବିଣ.—**ଆଜିର** (ଦେଖ)
Ājiri Ājira (See)

**ଆଜୀବ**—ସଂ. ବି. (ଆ+ଜୀବ୍ ଧାତୁ=ଜୀଇଁବା+କରଣ. ଅ)—ଯାହା-
Ājība ଦ୍ୱାରା ମନୁଷ୍ୟ ଜୀଏଁ)—ଜୀବିକା; ଜୀବନୋପାୟ; ବୃତ୍ତି—
Livelihood; occupation; profession; means of living.

**ଆଜୀବନ**—ସଂ. ଅ. (ଆ=ପର୍ଯ୍ୟନ୍ତ+ଜୀବନ=ପ୍ରାଣ)—
Ājībana ୧ । ପ୍ରାଣ ଥିବା ପର୍ଯ୍ୟନ୍ତ—
1. Throughout life.
୨ । ମୃତ୍ୟୁ ପର୍ଯ୍ୟନ୍ତ—2. Till death.

**ଆଜୀବ୍ୟ**—ସଂ. ବିଣ. ( ଆ+ଜୀବ୍ ଧାତୁ=ଜୀଇଁବା+କରଣ. ଯ,
Ājībya ଯାହାଙ୍କ ଯୋଗରୁ ମନୁଷ୍ୟ ଜୀଏଁ)—୧ । ସହାୟ; ପୋଷଣକାରୀ; ପ୍ରତିପାଳନକାରୀ—1. Support; maintainer; one on whom a man depends for livelihood
୨ । ଜୀବିକା—2. Means of livelihood.

ଜାଣିଅଛି ମାଂସକୁ କରିଣ ଆଜୀବ୍ୟ । କୃଷ୍ଣସିଂହ. ମହାଭାରତ. ବନ ।

**ଆଜୁ**—ଦେ. ଅ.—୧ । ଆଜିଠାରୁ—1. From today.
Āju ୨ । ଆଜିଠାରୁ ଆରମ୍ଭ କରି—
আজথেকে 2. Beginning from today.
आजसे ୩ । ବର୍ତ୍ତମାନ ସମୟରୁ ଆରମ୍ଭ କରି; ଏଣିକି—
3. Henceforth; since now.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଙ୍ଗ | ଜ | ଶ,ଷ | ଜ୍ଞ | ଇଯ୍ୱ | ଡ଼ଥ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଗିଁଏ | ଇଅ | ୱ | ନ୍ହ |

ଆଜ ତୋ ହୁକୁମରୁ ନବୃକ୍ଷ ଦଉଡ଼ିକୁ ରହିଲୁ ରେ । କବିସୂର୍ଯ୍ୟ. କଂଶ. ସିଂଚମ୍ପୂ. ଘ ଗୀତ ।

**ଆଜୁଁ**—ଦେ. ଅ.—ଆଜୁ (ଦେଖ)
Ājuñ Āju (See)

ଏ ଜଳ ମଧ୍ୟେ ଆଜୁଁ ଆମ୍ଭେ ଘର କରୁ । କୃଷ୍ଣସିଂହ. ମହାଭାରତ. ବନ ।

**ଆଜୁ**—ସଂ. ବି. (ଆ+ଜୁ ଧାତୁ=ଚଞ୍ଚଳ ଗମନକରିବା+କର୍ତ୍ତୃ. କ୍ୱିପ୍)—
Ājū ୧ । ଅସ୍ଥାୟୀଭୃତ୍ୟ; ଠିକାଚାକର—
1, A temporary servant.
୨ । ଅବୈତନିକ ଚାକର—
2. An honorary servant.

**ଆଜ୍ଜାତ**—ଦେ. ବିଣ. (ସଂ. ଅତଯାତ)—ଅତଯାତ (ଦେଖ)
Ājjāta Ātajāta (See)

**ଆଜ୍ଞପ୍ତ**—ସଂ. ବିଣ. [ ଆ+ଜ୍ଞା ଧାତୁ ( =ଆଦେଶ କରିବା ) ଣିଚ; ଜ୍ଞାପି ଧାତୁ+କର୍ମ. ତ ]—ଆଦିଷ୍ଟ; ଆଜ୍ଞାପ୍ରାପ୍ତ—
Ājñapta
( ଆଜ୍ଞପ୍ତା—ସ୍ତ୍ରୀ ) Ordered; bid; commanded;
( ଆଜ୍ଞପ୍ତି—ବି ) prescribed.

**ଆଜ୍ଞପ୍ତି**—ସଂ. ବି. ( ଆ+ଜ୍ଞା ଧାତୁ; ଣିଚ; ଜ୍ଞାପି ଧାତୁ+ଭାବ. ତି )—
Ājñapti ଆଦେଶ; ଆଜ୍ଞାପ୍ରଦାନ—Order, command.

**ଆଜ୍ଞା**—ସଂ. ବି. ( ଆ+ଜ୍ଞା ଧାତୁ=ଆଦେଶ କରିବା+ଅ+ସ୍ତ୍ରୀ. ଆ )—
Ājñā ୧ । ଆଦେଶ; ନିୟୋଗ; ହୁକୁମ୍—
1. Order; command.

ଅନ୍ୟଥା କିଛି ନହୁଇ ଦେବତାଙ୍କ ଆଜ୍ଞା—ସାରଳାମହାଭାରତ. ବନ ।

୨ । ଅନୁମତି—2. Permission.

ଦେ. ଅ—୧ । ମାନ୍ୟ ବ୍ୟକ୍ତିଙ୍କୁ କୌଣସି ବିଷୟ ନିବେଦନ କରିବା ପୂର୍ବରୁ ତାଙ୍କ ମନୋଯୋଗାକର୍ଷଣ କରିବା ନିମନ୍ତେ ପ୍ରଯୁକ୍ତ ଶବ୍ଦ (ଏହାର ଅର୍ଥ; ହେ ମହାଶୟ!)—
आज्ञे
जी; हुजुर
1. Oh sir ! ( used to draw attention of a respected person before talking to him ).

୨ । ପ୍ରତିବଚନସୂଚକ ଅବ୍ୟୟ (ସମ୍ମାନାର୍ଥରେ ବ୍ୟବହୃତ; ମାନ୍ୟ ବ୍ୟକ୍ତି ନାମ ଧରି ଡାକିଲେ ତାଙ୍କୁ ନିମ୍ନ ବ୍ୟକ୍ତି ହଁ ବୋଲି ଉତ୍ତର ନ ଦେଇ ବୋଲିବା ପଦ ହଁ ମହାଶୟ )—
2. Yes sir ! ( used in responding when a respected man calls any body ).

୩ । ସ୍ୱୀକାରସୂଚକ ଅବ୍ୟୟ ( ମାନ୍ୟ ବ୍ୟକ୍ତି ବା ପ୍ରଭୁ ନିମ୍ନପଦସ୍ଥ ବ୍ୟକ୍ତିଙ୍କୁ କିଛି କରିବା ପାଇଁ ଆଦେଶ ଦେଲେ ତହିଁର ଉତ୍ତରରେ ହଁ ନ ବୋଲି ଭୃତ୍ୟ କହିବା ପଦ) ହଁ—
3. Yes, as you are pleased to order ( used in assenting to an order issued by a superior or respected person ).

**ଆଜ୍ଞାଅବଧାନ**—ଦେ. ଅ. ( ସମ୍ବୋଧନ )—ଆଜ୍ଞା ( ଦେଖ )
Ājñāabadhān Ājñā ( See ).
आज्ञेमशाइ
हाँजी

**ଆଜ୍ଞାକରିବା**—ଦେ. କ୍ରି—୧ । ପ୍ରଭୁ ବା ଗୁରୁଜନ ଡାକିଲେ ତାଙ୍କୁ 'ଆଜ୍ଞା' କହି ଉତ୍ତର ଦେବା—
Ājñākaribā
1. To respond to the words of a superior by uttering the word 'Ājñā'.
୨ । ବିନା ଆପତ୍ତିରେ ପାଳନ କରିବାକୁ ରାଜିହେବା; କଥାରେ ହଁ ଭରିବା—
2. To slavishly agree to every thing a superior says or remarks; to ditto a superior's sayings.
୩ । ଆଜ୍ଞା ପାଳନ କରିବା—
3. To carry out a command.
୪ । ଆଦେଶ ଦେବା—4. To command.

**ଆଜ୍ଞାକାରୀ**—ସଂ.ବିଣ.ପୁଂ. ( ଆଜ୍ଞା+କୃ ଧାତୁ+ଇନ୍; ୧ମା. ୧ବ. )—
Ājñākārī ଯେ ଆଜ୍ଞାକୁ ପାଳନ କରେ—One who
(ଆଜ୍ଞାକାରିଣୀ—ସ୍ତ୍ରୀ) carries out a command.

**ଆଜ୍ଞାକ୍ରମେ**—ଦେ. କ୍ରି. ବିଣ—ଆଦେଶାନୁସାରେ; ଆଦେଶାନୁବର୍ତ୍ତୀ
Ājñākrame ହୋଇ—In obedience to orders; according to orders.

**ଆଜ୍ଞାଦାତା**—ସଂ. ବିଣ ପୁଂ. ( ଆଜ୍ଞା+ଦାତା )—ଯେ କୌଣସି ହୁକୁମ୍
Ājñādātā ଦିଅନ୍ତି—Giving a command.
( ଆଜ୍ଞାଦାତ୍ରୀ—ସ୍ତ୍ରୀ )

**ଆଜ୍ଞାଦେବା**—ଦେ. କ୍ରି.—ଆଜ୍ଞା କରିବା ( ଦେଖ )
Ājñādebā Ājñākaribā (See)

**ଆଜ୍ଞାନୁକ୍ରମେ**—ଦେ. କ୍ରି. ବିଣ—ଆଜ୍ଞାକ୍ରମେ ( ଦେଖ )
Ājñānukrame Ājñākrame ( See )

**ଆଜ୍ଞାନୁବର୍ତ୍ତିତା**—ସଂ.ବି. ( ଆଜ୍ଞାନୁବର୍ତ୍ତିନ୍+ଭାବ ତା )—ଆଜ୍ଞା ପାଳନ;
Ājñānubarttitā ଆଦେଶ ପାଳନ—Obedience; obsequousness.

**ଆଜ୍ଞାନୁବର୍ତ୍ତୀ**—ସଂ: ବିଣ. ପୁଂ—ଆଜ୍ଞାପାଳନକାରୀ; ଆଜ୍ଞାବହ; ଆଦେଶପାଳନକାରୀ—Obedient; attentive to order.
Ājñānubarttī
(ଆଜ୍ଞାନୁବର୍ତ୍ତିନୀ—ସ୍ତ୍ରୀ)
(ଆଜ୍ଞାନୁବର୍ତ୍ତିତା—ବି)

**ଆଜ୍ଞାପତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଆଜ୍ଞା+ପତ୍ର )—ଆଦେଶଲିପି—
Ājñāpatra Edict; written order.

**ଆଜ୍ଞାପତ୍ରିକା**—ସଂ. ବି. ( ଆଜ୍ଞା+ପତ୍ରିକା )—ରାଜା ବା ଦେବତାଙ୍କର ଆଦେଶଲିପି—A letter containing a royal or Divine command; a written commandment.
Ājñāpatrikā

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ଶାଠ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଜ୍ଞାପାଳନ**—ସଂ. ବି. ( ୬ଷ୍ଠୀତତ୍; ଆଜ୍ଞା + ପାଳନ )—ହୁକୁମ୍ ମାନି
Ājnāpā̱lana କାର୍ଯ୍ୟ କରିବା; ଆଦେଶାନୁସାରେ କର୍ମ କରିବା—The carrying out of an order.

**ଆଜ୍ଞାପାଳନକରିବା**—ଦେ. କ୍ରି—୧ । ଆଦେଶ ଅନୁସାରେ କାର୍ଯ୍ୟ
Ājnāpā̱lanakaribā କରିବା—1. To carry out
আজ্ঞাপালনকরা a command.
आज्ञापालनकरना ୨ । ଆଜ୍ଞାନୁବର୍ତ୍ତୀ ହୋଇ କାମ କରିବା—
(ଆଜ୍ଞାଅବଜ୍ଞାକରିବା—ବିପରୀତ) 2. To obey; to do another's bidding.

**ଆଜ୍ଞାପାଳିବା**—ଦେ. କ୍ରି.—ଆଜ୍ଞାପାଳନକରିବା ( ଦେଖ )
Ājnāpā̱libā Ājnāpā̱lanakaribā ( See )
আজ্ঞাপালা
आज्ञापालना

**ଆଜ୍ଞାପିତ**—ସଂ. ବିଣ. ( ଆ + ଜ୍ଞାପି ଧାତୁ + କର୍ମ. ତ ) - ଆଦିଷ୍ଟ;
Ājnāpita ଆଜ୍ଞାପ୍ରାପ୍ତ—Ordered; commanded.

**ଆଜ୍ଞପ୍ତି**—ଦେ. ବି. ( ସଂ. ଆଜ୍ଞପ୍ତି )—ଆଜ୍ଞପ୍ତି ( ଦେଖ )
Ājnāpti Ājnāpti ( See )

**ଆଜ୍ଞାପ୍ରମାଣେ**—ଦେ. କ୍ରି. ବିଣ—ଆଜ୍ଞା ଅନୁସାରେ; ହୁକୁମ୍ ମୁତାବକ—
Ājnāpramāṇe According to the order.

**ଆଜ୍ଞାବକା**—ଦେ. ବିଣ. ( ଆଜ୍ଞା+ବକ=ବଗ ) ୧ । ନିର୍ବୋଧ ଭୃତ୍ୟ;
Ājnābakā ଯେଉଁ ଭୃତ୍ୟ ପ୍ରଭୁର ଆଜ୍ଞାକୁ ବକ୍ ବକ୍ କରି ଚାହିଁଥାଏ, ବୁଦ୍ଧି ନ ଥିବାରୁ ପ୍ରଭୁଙ୍କ ହୁକୁମ ଅନୁସାରେ କାର୍ଯ୍ୟ କରି ପାରେ ନାହିଁ—1. An obsequous stupid servant; a stupid servant who is not intentionally disobedient but unable to stick to the order owing to his stupidity.

**ଆଜ୍ଞାବହ**—ସଂ. ବିଣ. ପୁଂ. (ଆଜ୍ଞା+ବହ ଧାତୁ=ବହନ କରିବା+ଅ)—
Ājnābaha ୧ । ଯେ ଆଜ୍ଞାକୁ ବହନ କରେ ବା ଶିରୋଧାର୍ଯ୍ୟ
(ଆଜ୍ଞାବହା—ସ୍ତ୍ରୀ) କରେ— Obedient.
(ଆଜ୍ଞାବହତା—ବି) ୨ । ଯେ ପ୍ରଭୁଙ୍କ ପ୍ରଦତ୍ତ ଆଜ୍ଞାକୁ ଅଭିପ୍ରେତ ବ୍ୟକ୍ତି ନିକଟକୁ ବହନ କରେ—2. One who carries the order of the master to the person intended.

**ଆଜ୍ଞାବିଛୁ**—ପ୍ରାଦେ. (ସମ୍ବଲପୁର ) ବି—ସାନ କଙ୍କଡ଼ାବିଛା—
Ājnābichhu A species of small scorpion.
[ ଦ୍ର—ଏକପ୍ରକାର ଅତି ଛୋଟ ଓ ପାଣ୍ଡୁର କଙ୍କଡ଼ାବିଛା; ଏମାନଙ୍କୁ ପୁରୀ ଅଞ୍ଚଳରେ 'ମାକଡ଼ବସା' କହନ୍ତି । ଏମାନେ ନାହୁଡ଼ି ମାରିଲେ ମନୁଷ୍ୟ ବିଷଜ୍ୱାଳାରେ ଅତି କଷ୍ଟ ପାଏ । ]

**ଆଜ୍ଞାବୋକା**—ଗ୍ରା. ବିଣ—ଆଜ୍ଞାବକା ( ଦେଖ )
Ājnābokā Ājnābakā ( See )

**ଆଜ୍ଞାମାଳ**—ଦେ. ବି—( ସଂ. ଆଜ୍ଞା+ମାଳା ) ଦେବତାଙ୍କ ଆଜ୍ଞାର ଚିହ୍ନ
Ājnāmā̱la ସ୍ୱରୂପ ଆଜ୍ଞାପାଳନକାରୀ ବ୍ୟକ୍ତି ନିକଟକୁ ଆଜ୍ଞା ସଙ୍ଗେ ପଠାଯିବା ଦେବତାଙ୍କର ଉପଭୁକ୍ତ ଫୁଲମାଳ—A garland of flowers sent from the body of a Deity to signify that a command is issued to a person.

**ଆଜ୍ଞାହେବା**—ଦେ. କ୍ରି—ଆଜ୍ଞାକରିବା ( ଦେଖ )
Ājnāhebā Ājnākaribā ( See )

**ଆଜ୍ୟ**—ସଂ. ବି. (ଆ+ଅଞ୍ଜ୍ ଧାତୁ=ମ୍ରକ୍ଷିତ କରିବା + କରଣ. ଯ )—
Ājya ୧ । ଘୃତ; ଘିଅ – 1. Ghee; clarified butter.
୨ । ହୋମକ୍ରିୟାରେ ଅଗ୍ନିରେ ଯାହା ଆହୁତି ଦିଆଯାଏ ( ଯଥା—ତୈଳ; ଦଧି )—2, Oil, curd and other liquids offered into the fire in Homa.

**ଆଜ୍ୟସ୍ଥାଳୀ**—ସଂ. ବି (ଆଜ୍ୟ=ଘୃତ + ସ୍ଥାଳୀ=ପାତ୍ର)—
Ājyasthā̱li̱ ଯେଉଁ ପାତ୍ରରେ ହୋମାର୍ଥ ଘୃତ ଥାଏ; ଘିଅପଲମ—The pot containing the ghee for Homa

**ଆଝ**—ଦେ. ବି. ( ସଂ. ଅଦ୍ୟ—ପ୍ରା. ଅଜ୍ଜ )—ଆଜି—
Ājha Today.

**ଆଝୁଁ**—ଦେ. ଅ—୧ । ଆଜୁଁ; ଆଜଠୁଁ—
Ājhuñ 1. From this day; from today.
ଆଝୁଁ ସମସ୍ତଙ୍କ ଅଗେ କରୁଛି ନିୟମ । ସାରଳାମହାଭାରତ. ମଧ୍ୟ ।
୨ । ବର୍ତ୍ତମାନଠାରୁ—2. From now; henceforth.
ଆଝୁଁ ଏଥେ ନୋହିବ ଆଉ ବ୍ୟାଳଭୟ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୩ । ଆଦ୍ୟରୁ—3. From the very beginning.
ଏବେ ତୁ ସତ୍ୟ ଆଝୁଁ ମୂଳ, ଏ କଥା ଭାବଇ କେବଳ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

**ଆଞ୍ଚ୍**—ଦେ. ବି—୧ । ଅନୁମାନ—
Āñch 1. Guess.
୨ । ଆଘାତ—2. Stroke.
୩ । ଅଳ୍ପମାତ୍ର ବାଧା—3. Little trouble.
ବିଣ—ସାମାନ୍ୟ - Slight.

**ଆଞ୍ଚ୍‌କରିବା**—ଦେ. କ୍ରି—ଅନୁମାନ କରିବା; ଅଟକଳ କରିବା—
Āñchkaribā To guess.

**ଆଞ୍ଚ୍‌ପାଞ୍ଚ୍**—ଦେ. ବି—ବାଣ ସନ୍ଧାନ—Aiming an arrow;
Āñchpāñch getting an arrow ready to be discharged.
আঙ্ক্ পাঙ্ক্ ବିଣ—ସନ୍ଦେହରେ ଦୋଳାୟମାନ—Hesitating.

**ଆଞ୍ଚ୍‌ବାଜିବା**—ଦେ. କ୍ରି—ସାମାନ୍ୟ ଆଘାତ, ବାଧା ବା ଉତ୍ତାପ ଲାଗିବା—
Āñchbājibā To be touched or affected
আঁচলাগা slightly.
आँचलगना

| ୧ | ଇ | ଡ଼ | ଢ଼ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ବରାକ୍ଷର | ଶ | ଜ | ଷ,ଶ | ଜ୍ଞ | ଇଯ୍ | ଇଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଭ | ଋ | ଌ | ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଋ |

ଅଞ୍ଚରେ—ଦେ. କ୍ରି ବଣ—ସାମାନ୍ୟରୂପେ—
Ãnchre Slightly.
আঁচে (ଯଥା—ତା ଚଟକଣାଟା ମୋ ଗାଲରେ ଅଞ୍ଚରେ ବାଜିଲା ।)

ଅଞ୍ଚରେ କହିବା—ଦେ. କ୍ରି—ଅନ୍ଦାଜି କରିବା ( ଦେଖ )
Ãnchre kahibā Andāji karibā ( See )

ଅଞ୍ଚ ଲାଗିବା—ଦେ. କ୍ରି—ଅଞ୍ଚ ବାଜିବା ( ଦେଖ )
Ãnch lāgibā Ãnch bājibā ( See )

ଅଞ୍ଚ—ଦେ. ବି. ( ସଂ. ଅର୍ଚ୍ଚିସ୍ )—
Ãncha ୧ । ଉତ୍ତାପ; ତେଜ—1. Heat.
আঁচ ୨ । ଶିଖା—2. Flame.
आँच ୩ । ଜାଜ୍ୱଳ୍ୟ—3. Blaze.
୪ । ସାମାନ୍ୟ ଯୋଗ ବା ସ୍ପର୍ଶ—
4. Touch; slight connection.
୫ । ସାମାନ୍ୟ ବାଧା, ଆଘାତ ବା ପରିଶ୍ରମ—5. Slight hurt or trouble or labour.

ଅଞ୍ଚନ୍—ପ୍ରାଦେ. ( ସମ୍ବଲପୁର ) ବି—ଅଁଚନ୍ (ଦେଖ)
Ãnchan Ãnchan (See)

ଅଞ୍ଚନା—ଦେ. ବି.—ଅଞ୍ଚ (ଦେଖ)
Ãnchanā Ãncha (See)
ଗରୁ ବୁଝ କରେ କର ଅଞ୍ଚନା—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଅଞ୍ଚି—ପ୍ରାଦେ. ( ଗଞ୍ଜାମ ) ବି.—
Ãnchi ଘୋଡ଼ା, ଗାଡ଼ି ପ୍ରଭୃତିର ଡାକ—
Relay of horses or carriages for carrying passengers speedily.

ଅଞ୍ଚିଆ—ଦେ. ବି.—ଅଞ୍ଚୁଆ (ଦେଖ)
Ãnchiā Ãnchuā (See)

ଅଞ୍ଚିବା—ଦେ. କ୍ରି. (ସ. ଆସଞ୍ଚନ)—୧ । ଆକର୍ଷଣ କରିବା—
Ãnchibā 1. To draw.
କେ କାହା କୁଡେ କର ଦେଇ ଅଞ୍ଚିଲା—ଦୀନକୃଷ୍ଣ. ରସକଲ୍ଲୋଳ ।
୨ । ଅନୁମାନ କରିବା—
2. To guess; to conjecture.
୩ । କଳନା କରିବା—3. To measure.
ବେନି ଜନେ ବେନି ବଳ ଅଞ୍ଚିଲେ—ଦଶରଥ. ବଇଦେହୀଶ ମାୟଣ ।
୪ । ଇଚ୍ଛା କରିବା—4. To wish.
୫ । ଅସ୍ତ୍ର ଉଠାଇବା; ଅସ୍ତ୍ର ଉଞ୍ଚେଇବା—
5. To lift a weapon to strike.
ମୋ ଧର୍ମସମ୍ମୁଖକୁ ପାଞ୍ଚ ଜନ୍ମନାନ୍ତ କରିଛ ଅଞ୍ଚ—
କବିସୂର୍ଯ୍ୟ. ସଙ୍ଗୀତ ।
୬ । ( ଧନୁକୁ ) ଆସଞ୍ଚନ କରିବା; ( ଶର ) ମାରିବା ପାଇଁ ଟାଣିବା—
6. To draw a bow.
ମନେ ଅସେ ପାଞ୍ଚ ଅଞ୍ଚି ଶାର୍ଙ୍ଗଧନ ତଳେ ଅବା ମନୋଭବ—ସ୍ବାମୀନାଥ. ଯଯାତି ।

ପ୍ରାଦେ. ( ସମ୍ବଲପୁର ) କ୍ରି. ( ସ. ଆଚମନ )—
ଅଞ୍ଚେଇବା (ଦେଖ)
Ãncheibā (See)

ପ୍ରାଦେ. (ଗଡ଼ଜାତ) କ୍ରି.—୧ । ଅଳ୍ପ ଘୁଞ୍ଚାଇବା—
1. To move a little.
୨ । ଘୁଞ୍ଚାଇ ଅଳ୍ପ ସ୍ଥାନଚ୍ୟୁତ କରିବା—
2. To dislodge.

ଅଞ୍ଚିଲ୍—ପ୍ରାଦେ. (ମେଦିନୀପୁର) ବି—ଖାଉଡ଼ି ବା ବ୍ରଣ—
Ãnchil Pimple; wart; mole.

ଅଞ୍ଚୁଆ—ଦେ. ବି. ( ସଂ. ଆଚମନ )—
Ãnchuā ଭୋଜନ ପରେ ତୁଣ୍ଡ ଧୋଇବା—
অঁাচান Washing or rinsing of the mouth after meal.

ଅଞ୍ଚୁଆଇବା—ଦେ. କ୍ରି. ( ସଂ. ଆଚମନ )—
Ãnchuāibā ୧ । ଅଞ୍ଚେଇବା (ଦେଖ)
1. Ãncheibā (See)
୨ । ( ପ୍ରଯୋଜକାର୍ଥ ) ଖାଇସାଇଥିବା ଶିଶୁର ବା ରୋଗୀର ମୁହଁକୁ ଧୋଇ ଦେବା—
2. To wash the face of a child which has taken its meal.

ଅଞ୍ଚୁଡ଼ା—ଦେ. ବଣ.—( ଶରୀରର ଅଂଶ ) ଘଷି ହୋଇ ସ୍କ୍ରମ୍ଭ ହୋଇ ଯାଇଥିବା—
Ãnchurdā
অঁাচড়া Scratched with a pointed thing.
খোঁচা ଦେ. ବି.—୧ । ସ୍କ୍ରମ୍ଭଡ଼ା—1. Scratching.
୨ । ସ୍କ୍ରମ୍ଭଡ଼ା ଦାଗ—
2. Marks of scratching.

ଅଞ୍ଚୁଡ଼ିବା—ଦେ. କ୍ରି.—ସ୍କ୍ରମ୍ଭଡ଼ିବା—
Ãnchurdibā To scratch or bruise with finger-
অঁাচড়ান nails or sharp pointed
खरोचना instruments.

ଅଞ୍ଚେଇବା—ଦେ. କ୍ରି. ( ସଂ. ଆଚମନ )—୧ । ଭୋଜନ ପରେ ମୁହଁ ହାତ ଧୋଇବା—1. To wash or rinse
Ãncheibā
আঁচান; অঁাচা the mouth and hands after meal.
आचमनकरना; ୨ । ଅନ୍ୟର ମୁଖକୁ ଧୋଇଦେବା—
खंगालना 2. To wash another's mouth.
୩ । ଜଳଦ୍ୱାରା ଶୌଚ କରିବା—
3. To cleanse with water.

ଅଞ୍ଚୋଇବା—ଦେ. କ୍ରି.—ଅଞ୍ଚେଇବା ( ଦେଖ )
Ãnchoibā Ãncheibā ( See )
ଗୁହଞ୍ଚ ଖାଇ ସାରି ଅଞ୍ଚୋଇବା ବେଳେ,
ଉଚ୍ଛିଷ୍ଟକୁ ଭୋଜନ କଲ ପାଇ ବଳେ । କୃଷ୍ଣସିଂ. ମହାଭାରତ ବନ ।

ସାଧାରଣ ସେତେକ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଞ୍ଜନି**—ସଂ. ବି. ପୁଂ. ( ଅଞ୍ଜନା+ଅପତ୍ୟାର୍ଥରେ. ଇ )—ଅଞ୍ଜନାଙ୍କ ପୁତ୍ର
Ānjani — ମହାବୀର ହନୁମାନ—Hanumāna ( the Monkey God of the Hindus. )

**ଆଞ୍ଜନେୟ**—ସଂ. ବି. ପୁଂ (ଅଞ୍ଜନା+ଅପତ୍ୟାର୍ଥରେ.ଏୟ)—ଅଞ୍ଜନି (ଦେଖ)
Ānjaneya — Ānjani ( See )

**ଅଞ୍ଜୁଳା**—ଦେ. ବି. ( ସଂ. ଅଞ୍ଜଳି )—୧ । ଦୁଇ ହାତ ଯୋଡ଼ିବାର ଏକତ୍ର
Ānjulā — ପାତ୍ରୀକୃତ ଅବସ୍ଥା ବା ଅଞ୍ଜଳି—1. Two palms of
অঞ্জলি — the hands made into a cup by placing
अञ्जलि — them sidewise and making a hollow.
ଦେ. ବଣ.—ଏକ ଅଞ୍ଜଳି ପରିମିତ—Measuring so much as can be contained in the cupped palms of the hands.

**ଅଞ୍ଜୁଳା ପକାଇବା**—ଦେ.କ୍ରି.—ଫୁଲ ଇତ୍ୟାଦି ହାତରେ ଅଞ୍ଜୁଳା କରି
Ānjulā pakāibā — ଧରି ଦେବତାଙ୍କ ଉପରକୁ ନିକ୍ଷେପ କରିବା—To throw handfuls of flowers etc. to a Deity.

**ଅଞ୍ଜୁଳି (ଇତ୍ୟାଦି)**—ଦେ. ବି.—ଅଞ୍ଜୁଳା ଇତ୍ୟାଦି ( ଦେଖ )
Ānjuli etc. — Ānjulā etc. (See)

ଭକ୍ତି ଚକ୍ତି ଅଞ୍ଜୁଳି; ନବ ପକାଏଁ ତନ ଅନ୍ତ ଚ ।
ଶିଶୁକ ଉଲ୍ଲିଫୁଲ ଗୀତ ।

**ଅଞ୍ଜୋଳ**—ଦେ. ବି.—ଅଞ୍ଜୁଳା ( ଦେଖ )
Ānjola — Ānjulā ( See )

**ଅଞ୍ଜୋଳା**—ଦେ. ବି.—ଅଞ୍ଜୁଳା ( ଦେଖ )
Ānjolā — Ānjulā ( See )

ପୁଣି ପ୍ରଦ୍ୟୁମ୍ନଙ୍କୁ ମାରେ ଅଞ୍ଜୋଳାଏ ଧୂଳି । ଷାଠଗାମହାଭାରତ- ଉଦ୍ୟୋଗ ।

**ଅଞ୍ଜୋଳି**—ଦେ. ବି.—ଅଞ୍ଜୁଳା ( ଦେଖ )
Ānjoli — Ānjulā ( See )

ତୃଷାରେ ଦୁଇ କର କରଣ ଅଞ୍ଜୋଳି । କୃଷ୍ଣସିଂ. ମହାଭାରତ- ବନ ।

**ଆଟ୍**— ପ୍ରାଦେ. ( ସମ୍ବଲପୁର ) ବି—ପିଣ୍ଡା; ଅଳିନ୍ଦ—
Āt — Varanda.
ବୈଦେ. ( ଇଂ. ) ବି—ଅର୍ଟ—Art.

**ଆଟ୍ ଇସ୍କୁଲ୍**—ବୈଦେ. ( ଇଂ ) ବି—ଆର୍ଟ୍ ସ୍କୁଲ୍ ( ଦେଖ )
Āt iskul — Āt skul ( See )

**ଆଟ୍‌ସ୍**—ବୈଦେ. ( ଇଂ ) ବି—ଅର୍ଟ୍‌ସ୍—
Āts — Arts.

**ଆଟ୍ ସ୍କୁଲ୍**—ବୈଦେ. ( ଇଂ ) ବି—ଚିତ୍ରବିଦ୍ୟାଦି ଶିକ୍ଷାଦେବାପାଇଁ
Āt skul — ସ୍ଥାପିତ ବିଦ୍ୟାଳୟ—Art School.

**ଆଟ୍ ହୋମ୍**—ବୈଦେ. (ଇଂ. ) ବି—ପ୍ରୀତି ମିଳନାର୍ଥ କୌଣସି ବ୍ୟକ୍ତିଙ୍କ
Āt hom — ଗୃହରେ ଆମନ୍ତ୍ରିତ ବନ୍ଧୁମାନଙ୍କର ମିଳନ ଓ ଜଳଯୋଗ—An at-home party.

**ଆଟକ**—ଦେ. ବି—ଅଟକ; ନିରୋଧ; ବାଧା—
Āṭaka — Prohibition.
আটক
अटक

**ଆଟଙ୍କ**—ଦେ. ବି— ୧ । ଆଟକ ( ଦେଖ )
Āṭanka — 1. Āṭaka ( See )
गट्टा — ୨ । ଦୁଇ ହାତର ଅଙ୍ଗୁଳମାନଙ୍କ ଦ୍ୱାରା ବେଷ୍ଟିତ ସ୍ଥାନ—2. Space between the extended fingers of two hands curved together.
୩ । ଏକ ବିଡ଼ା; ଯେତିକ ପରିମିତ ଘାସ ବା ଧାନର ଗୋଛା ଦୁଇ ହାତର ଆଙ୍ଗୁଠିମାନଙ୍କ ଦ୍ୱାରା ସମ୍ପୁଟ ହୁଏ; ଅଟଙ୍ଗା—3. A handful or bundle of sheaves of corn or grass.

**ଆଟଙ୍କା**—ଦେ. ବି—ଆଟଙ୍କ ( ଦେଖ )
Āṭankā — Āṭanka ( See )

**ଆଟଙ୍ଗ**—ପ୍ରାଦେ. ( ଗଞ୍ଜାମ ) ବି—ଆଟକ ( ଦେଖ )
Āṭanga — Āṭaka ( See )

**ଆଟଙ୍ଗା**—ଦେ. ବି—ଆଟଙ୍କ ( ଦେଖ )
Āṭangā — Āṭanka ( See )

**ଆଟଣା**—ଦେ. ବି—୧ । ମଧ୍ୟମାକାର ହାଣ୍ଡି; ବଡ଼ ଅଟିକା; ସାନ ନଉତି—
Āṭanā — 1. A middle-sized earthen pot
মাঝারিহাঁতি — smaller than Nauti and larger than Āṭikā.
আটানি — ୨ । ଅଠଅଣି; ଅର୍ଦ୍ଧ ରୌପ୍ୟମୁଦ୍ରା—
अठन्नी — 2. An eight-anna bit.

**ଆଟଣି**—ଦେ. ବି—ଆଟଣା ( ଦେଖ )
Āṭani — Āṭanā ( See )

**ଆଟବିକ**—ସଂ. ବଣ. ( ଅଟବୀ=ବଣ+ଇକ )—ଅରଣ୍ୟକ; ବଣୁଆ; ଜଙ୍ଗଲି—
Āṭabika — Pertaining to forest; wild.
ସଂ. ବି—୧ । ବନ୍ୟଜାତି; ଜଙ୍ଗଲିଜାତି—1. Wild tribe.
୨ । ବନରେ ଶିକାର କରିବା ବ୍ୟକ୍ତି—2. Hunter.
୩ । ଅରଣ୍ୟକ ସେନା—
3 A soldier belonging to wild tribes.

**ଆଟା**—ପ୍ରାଦେ. ( ଗଞ୍ଜାମ ) ବି—ମଲାଟ—
Āṭā — Cover of a book.

**ଆଟି**—ସଂ. ବି. ( ଅ+ଅଟ୍ ଧାତୁ=ଗମନ କରିବା+ଇ )—
Āṭi — ଗଙ୍ଗଲି ପକ୍ଷୀ; ହଂସଜାତୀୟ ପକ୍ଷୀ—An acquatic bird of the duck species.
ଦେ. ବି—୧ । ବିଲାର ବୋଝ—
1. Load of sheaves etc.

| ୧ | ଇ | ଷ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଛ | ଇଗ୍ଯ | ଉଅ | ଙ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଷ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ଡ଼ |

୨ । ବଡ଼ା; ଗୋଛା—2. Bunch; a bundle.

୩ । ନଡ଼ାର ଗୋଛା ବା ବଡ଼ା—3. A roll of straw.

**ଆଟିକା**—ଦେ. ବ—୧ । ଛୋଟ ମାଟି ହାଣ୍ଡି—
Āṭikā 1. Small earthen pot.
হাঁড়ি ଅଗ୍ନିରେ ପାକ କଲା ବସାଇ ଆଟିକାଟି । କୃଷ୍ଣସିଂହ, ମହାଭାରତ, ଆଦ ।
আটিকা (প্রাচীন) ୨ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନ୍ନଆଦି ରଖିବା ନିମନ୍ତେ ବ୍ୟବହୃତ ଛୋଟ ମାଟି ହାଣ୍ଡି—
2. Small earthen pot used for cooked rice in the temple of Jagannātha at Puri

୩ । ପୁରୀ ଜଗନ୍ନାଥଙ୍କ ଦର୍ଶନକୁ ଆସିଥିବା ଯାତ୍ରିମାନେ ଶ୍ରୀଜଗନ୍ନାଥଙ୍କଠାରେ ଚିରକାଳ ଭୋଗ ଲାଗିବା ଉଦ୍ଦେଶ୍ୟରେ ପଣ୍ଡାମାନଙ୍କ ଜମା ଯେଉଁ ଧନ ଦେଇ ଯାଆନ୍ତି ବା ଦେବାକୁ ସ୍ୱୀକାର କରି ଯାଆନ୍ତି—3. The amount of cash given or promised by a pilgrim visiting Lord Jagannātha at Puri for the purpose of offering a certain quantity of boiled rice etc. to the Deity every day forever.

**ଆଟିକା କରିବା**—ପ୍ରାଦେ. (ପୁରୀ) କ୍ରି.—ଜଗନ୍ନାଥଙ୍କୁ ଚିରକାଳ ଭୋଗ
Āṭikā kariba ଲାଗିବା ସକାଶେ ପଣ୍ଡାମାନଙ୍କ ଜମା (ଯାତ୍ରୀ)
আট্‌কাকরা ଧନ ଦେବା ବା ଦେବାକୁ ସ୍ୱୀକାର କରିବା —
(a pilgrim) To pay or solemnly promise cash to the Paṇḍās for the purpose of cooked rice being offered forever by the said Paṇḍās to the Lord Jagannātha at Puri.

**ଆଟିକାଚୁହାଁ**—ଦେ. ବଣ. ପୁଂ. (ବ୍ୟଙ୍ଗ ଓ ନିନ୍ଦାର୍ଥ)—ଯେଉଁ ବ୍ୟକ୍ତି
Āṭikāchuhāñ ରନ୍ଧନଶାଳାରେ ପାକପାତ୍ରରେ ଥିବା ରନ୍ଧା ଖାଦ୍ୟ
(ଆଟିକାଚୁହାଁ—ସ୍ତ୍ରୀ) ଦ୍ରବ୍ୟ ପ୍ରତି ସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖେ ଓ ତାହା ଯେପରି ବ୍ୟୟିତ ନ ହୁଏ ସେଥିପାଇଁ ସାବଧାନ ଥାଏ—(a person) Who carefully watches the cooked contents of the cooking pot in the cook-room.

ଗୃହିଣୀଙ୍କ ଅତି ଚତୁର ସରେ, ଆଟିକାଚୁହାଁ ମାଇପ ମରେ—ଢଗ ।

**ଆଟିକାପିଟା**—ଦେ. ବଣ. (ଯେ କ୍ରୋଧରେ ପାକଶାଳାର ରନ୍ଧନପାତ୍ରାଦି
Āṭikāpiṭā ଯଷ୍ଟିଦ୍ୱାରା ପିଟି ଦିଏ)—୧ । କ୍ରୋଧନଶୀଳ—
1. Angry; furious

୨ । ଦୁଷ୍ଟ—2. Wicked.

୩ । (ଯେଉଁ ବ୍ୟକ୍ତି ନିଜର ପାକପାତ୍ରକୁ ପିଟିଦିଏ)—କୃତଘ୍ନ—
3. Ungrateful (person)

ଦେ. ବ.—୧ । ଯେଉଁ ବ୍ରାହ୍ମଣ ଶୂଦ୍ରାଦିଙ୍କର ଦଶାହାଦି କ୍ରିୟାରେ ପୌରୋହିତ୍ୟ କରନ୍ତି; ପତିତ ବ୍ରାହ୍ମଣ—
1 Brāhmaṇas officiating at the funerals of Sūdras.

୨ । ଦଶାହ ଦିନ କ୍ରିୟା ଧରିବା ବ୍ୟକ୍ତି ଦ୍ୱାରା ଦଶଘାଟରେ ଭସାଇ ଦିଆଯିବା ହାଣ୍ଡିକୁ କାଠଫାଳିଆ ଦ୍ୱାରା ପ୍ରହାର—(ଦଗ୍ଧହାଣ୍ଡି ୨ ଦେଖ)
2. Striking of the floating Dagdha Hāṇḍi by the performer of the obsequies on the 10th day of a person's death.

**ଆଟିକା ପୋଡ଼ି**—ପ୍ରାଦେ. (ଗଞ୍ଜାମ; ଗଡ଼ଜାତ) ବ—
Āṭikā porḍi ପୁରାଣି (ଦେଖ)
Purāṇi (See)

**ଆଟିକା ବାନ୍ଧିବା**—ପ୍ରାଦେ. (ପୁରୀ) କ୍ରି.—ଆଟିକା କରିବା (ଦେଖ)
Āṭikā bāndhibā Āṭikā kariba (See)
আটকে বাঁধা

**ଆଟିଷ୍ଟ**—ବୈଦେ. ବ.—(ଇଂ. ଆର୍ଟିଷ୍ଟ)—୧ । ଚିତ୍ରକର—
Āṭisht 1. Painter.
আর্টিষ্ট ୨ । କାରୁକାର୍ଯ୍ୟରେ ନିପୁଣ ବ୍ୟକ୍ତି—2. Artist

**ଆଟୁ**—ଦେ. ବ. (ସଂ. ଅଟ୍ଟ)—
Āṭu ଘରର ଛାଲ ତଳେ ପଦାର୍ଥ ସଞ୍ଚୟ କରିବାପାଇଁ ନିର୍ମ୍ମିତ
মাটিকোঠা; মাট কোঠা ଛାଲରେ ନିଆଁ ଲାଗିଲେ ଗୃହ ମଧ୍ୟସ୍ଥ
ফপসা ପଦାର୍ଥମାନଙ୍କୁ ଅଗ୍ନିରୁ ରକ୍ଷା କରିବାପାଇଁ କରାଯିବା ବାଉଁଶ ଓ ମାଟିର ଛାତ ବା ଛାଲ—
A roof made of mud and bamboo below the thatch of a house for keeping things over it or to preserve things inside the house if the outer thatch is on fire.

[ ଦ୍ର—ଆଟୁ ଦୁଇ ପ୍ରକାରର—୧ । ଦେଶୀ ଆଟୁ—ଏହା ଭିତରପଟ ସମତୁଲ । ଏହା ଉପରେ ଜିନିଷପତ୍ର ରଖା ଯାଇପାରେ । ୨ । ମେରଦା ବା ଦହିଣୀ ଆଟୁ; ଏହା ଚାଳ ଭଳି ଦୁଇ ଅଡ଼କୁ ଢାଲୁ ହୋଇଥାଏ । ]

ପ୍ରାଦେ. (ସମ୍ବଲପୁର) ବ.- ପିଣ୍ଡା; ବରଣ୍ଡା—Varanda.

**ଆଟୁଘର**—ଦେ. ବ. (ସଂ. ଅଟ୍ଟ + ଗୃହ)—ଆଟୁଥିବା ଘର; ଯେଉଁ
Āṭughara ଘରର ଉପରେ ଛଣର ଚାଳ ଓ ତଳରେ ମାଟିର
মাটিকোঠা ଛାତ ଥାଏ—Thatched house having an inner mud-roof.

ଗୃହସ୍ଥ ସଞ୍ଚୟ ପଦ ଘଟାଇ ସମ୍ବାଦ
ହେମନ୍ତ କ ଠାକ କରି ରଖି ଆଟୁଘରେ । ରଘୁନାଥ, ମହାଯାତ୍ରା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଚଳିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଲଆବେନେ ଉକ୍ତ ର ଜଗତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଘ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅଟୁଳା**—ଦେ. ବି.—୧ । କୁରାଢ଼ି, କାଙ୍କ, କୋଡ଼ ଅବର ମୂଳରେ ଥିବା ଛିଦ୍ର ଯହିଁରେ ବେଣ୍ଟ ଗଲାଯାଏ—1. The hole or eye at the root of a spade or axe.
Ātulā
୨ । କମାରର ହତିଆରବିଶେଷ, ଏଥିରେ କୋଡ଼, କାଙ୍କ ଅବର ମୁଣ୍ଡରେ ଥିବା ଛିଦ୍ରକୁ ମାଠି ଚିକ୍କଣ କରାଯାଏ— 2. A blacksmith's instrument used in planing the eyes of spades and axes.

**ଅଟୁଶାଳ**—ଦେ. ବି. (ସଂ. ଅଟ୍ଟ + ଶାଳା)—ଅଟୁଘର (ଦେଖ)
Ātusāla Ātughara (See)

**ଅଟେଣା**—ଗ୍ରା. ବି.—ଆଟଣା (ଦେଖ)
Ātenā Ātanā (See)

**ଅଟୋପ**—ସଂ. ବି. (ଅ + ଟୁପ ଧାତୁ = ଅହଙ୍କାର କରିବା + ଭାବ. ଅ)—
Ātopa ୧ । ଗର୍ବ; ଅହଙ୍କାର—1. Vanity.
୨ । ଆଡ଼ମ୍ବର—1. Pomp.
୩ । ବାୟୁରୋଗଜନିତ ପେଟର ଗୁଡ଼ୁ ଗୁଡ଼ୁ ଶବ୍ଦ— 3. Sound heard inside the abdomen due to wind in the stomach.

**ଅଠ**—ଦେ. ବି. (ସଂ. ଅଷ୍ଟନ୍)—ଅଷ୍ଟ; ଚାରିର ଦୁଇ ଗୁଣ ସଂଖ୍ୟା—
Ātha The number eight.
আঠ; আট ଦେ. ବିଣ.—ଅଷ୍ଟସଂଖ୍ୟକ—Numbering 8.
आठ

**ଅଠ ଅଂସା**—ଦେ. ବିଣ.—ଅଠଅଂସୁଆ (ଦେଖ)
Ātha amsā Āthaāmsuā (See)

**ଅଠ ଅଂଶିଆ**—ଦେ. ବିଣ.—ଅଠ ଅଂସୁଆ (ଦେଖ)
Ātha amsiā Ātha āmsuā (See)

**ଅଠ ଅଂସୁଆ**—ଦେ. ବିଣ.—ଅଠ ଅଂସୁଆ (ଦେଖ)
Ātha amsuā Ātha āmsuā (See)

**ଅଠ ଅଣା**—ଦେ. ବି. (ସଂ. ଅଷ୍ଟ + ଆଣକ)—
Ātha anā ୧ । ଅଷ୍ଟ ଅଣା ମୂଲ୍ୟର ଧନ; ଏକ ଟଙ୍କାର ଅଧେ—
আটআনা 1. Eight annas.
आठअन्ना ୨ । କୌଣସି ବସ୍ତୁର ଅଧେ—2. Half of a thing.
୩ । ଅର୍ଦ୍ଧମୁଦ୍ରା; ଅଧୁଲି—3. An eight-anna bit.

**ଅଠଅଣି**—ଦେ. ବି—ଅଠ ଅଣା ମୂଲ୍ୟର ମୁଦ୍ରା; ଅଧୁଲି—
Āthaani An eight-anna bit.
আঠঅনী
अठन्नी

**ଅଠଅଣିଆଁ**—ଦେ. ବିଣ—୧ । ଅଠଅଣା ମୂଲ୍ୟର—
Āthaaniān 1. Of the value of eight annas.
୨ । ଯହିଁର ପ୍ରତ୍ୟେକର ମୂଲ୍ୟ ଅଠଅଣା ଅଟେ—
2. Of the price of eight annas each.

**ଅଠ ଅଂସିଆ**—ଦେ. ବିଣ—ଅଠ ଅଂସୁଆ ( ଦେଖ )—
Ātha āmsiā Ātha āmsuā ( See )

**ଅଠ ଅଂସୁଆ**—ଦେ. ବିଣ. ( ସଂ. ଅଷ୍ଟ + ଅସ୍ର )—ଅଠ କୋଣବିଶିଷ୍ଟ—
Ātha āmsuā Octangular.
আটআঁশিয়া
आठकानेवाला

**ଅଠକଉଡ଼ି**—ଦେ. ବି. ( ସଂ. ଅଷ୍ଟ + କପର୍ଦ୍ଦୀ )—
Āthakaurdi ଏକପ୍ରକାର ଦେଶୀ କଉଡ଼ି ଖେଳ—
A kind of play with sea-shells.

**ଅଠକଉଡ଼ିଆ**—ଦେ. ବି—ଅଠକଉଡ଼ି ( ଦେଖ )
Āthakaurdiā Āthakaurdi ( See )

**ଅଠକାଠ**—ଦେ. ବିଣ—କାର୍ଯ୍ୟ କରିବାକୁ ପଶ୍ଚାତ୍ପଦ—
Āthakātha Hesitating to do certain work.

**ଅଠକାଲିବାରମାସୀ**—ଦେ. ଅ.—୧ । ବର୍ଷର ସମୁଦାୟ କାଳ—
Āthakālibāramāsi 1. All the months of the year.
୨ । ବର୍ଷକଯାକ; ସର୍ବଦା; ଅନବରତ—1 Throughout the year; every day in the year.
ଦେ. ବିଣ—ବର୍ଷକଯାକ ପ୍ରତିଦିନ ଘଟୁଥିବା—
Happening or taking place throughout the year.

**ଅଠକୋଣିଆଁ**—ଦେ. ବିଣ—ଅଠଗୋଟି କୋଣ ଥିବା; ଅଷ୍ଟ କୋଣବିଶିଷ୍ଟ—Octangular.
Āthakoniān
আটকোনা
आठकाना

**ଅଠଗଡ଼**—ଦେ.ବି. (ନାମ,—୧ । (ଅଷ୍ଟ ଗଡ଼ ବା ଦୁର୍ଗବିଶିଷ୍ଟ); ଓଡ଼ିଶାର ଗଡ଼ଜାତରାଜ୍ୟବିଶେଷ—1 The name of a feudatory state of Orḍisā.
Āthagarda
[ ଦ୍ର—ଅଠଗଡ଼ ଗଜପତିଙ୍କ ଖାସ୍ ଦଖଲର ରାଜ୍ୟ ମଧ୍ୟରେ ଥିଲା । ପ୍ରାୟ ଷୋଡ଼ଶ ଶତାବ୍ଦିରେ ଉତ୍କଳର ରାଜା ଆପଣାର ବେବର୍ତ୍ତ ପ୍ରଧାନ ମନ୍ତ୍ରୀଙ୍କ କନ୍ୟାର ପାଣିଗ୍ରହଣ କରି ମନ୍ତ୍ରୀଙ୍କୁ ରାଜ୍ୟ ଖଣ୍ଡି ଦାନ କରିଥିଲେ । ଅଠଗଡ଼ ରାଜବଂଶ ବେବର୍ତ୍ତ ପଟ୍ଟନାୟକ ଉପାଧିଧାରୀ ।]
୨ । ଗଞ୍ଜାମର ଖଲ୍ଲିକୋଟ ନିକଟବର୍ତ୍ତୀ ଜମିଦାରୀବିଶେଷ—
2. Name of an estate of Ganjam adjoining Khallikota
[ ଦ୍ର—ଓଡ଼ିଶାର ଗଡ଼ଜାତରେ ଗୋଟିଏ ଓ ଗଞ୍ଜାମର ଖଲ୍ଲିକୋଟ ନିକଟରେ ଗୋଟିଏ, ଏହିପରି ଦୁଇଟି 'ଅଠଗଡ଼' ଥିବାରୁ ଓଡ଼ିଶା-ଅଠଗଡ଼କୁ 'ବାଳ ଅଠଗଡ଼' ଓ ଗଞ୍ଜାମ ଅଠଗଡ଼କୁ 'କୋଦଳା ଅଠଗଡ଼' କହନ୍ତି ।]

**ଅଠଗଡ଼ି**—ଦେ. ବିଣ—୧ । ଅଠଗଡ଼ସମ୍ବନ୍ଧୀୟ—
Āthagardi 1. Relating to Āthagarda.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ପ | ଉଅ | ଭୁ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂୟ | ଇଅ | ୱ | ନୃ |

୨ । ଅଠଗଡ଼ବାସୀ—2. Inhabiting Āṭhagarḍa.

**ଅଠଗଡ଼ିଆ**—ଦେ. ବଣ—ଅଠଗଡ଼ି ( ଦେଖ )
Āṭhagarḍiā Āṭhagarḍi (See)

**ଅଠଗଡ଼ିଆ ବ୍ରାହ୍ମଣ**—ଦେ.ବ—ବାଙ୍କି, ଭମପଡ଼ା, ଖୋରଧା ଓ ଓଡ଼ଗାର
Āṭhagarḍiā brāhmaṇa ଗଡ଼ଜାତମାନଙ୍କରେ ବାସ କରୁଥିବା ଏକ ଜାତୀୟ ପନିଅସି ବ୍ରାହ୍ମଣ—An inferior class of Brāhmaṇas who live by raising and selling kitchen vegetables.
[ ଦ୍ର—ଏମାନେ ପ୍ରଥମେ ଗଞ୍ଜାମର ଅଠଗଡ଼ ଅଞ୍ଚଳରୁ ଆସି ଗଡ଼ଜାତ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିଲେ । ଏମାନେ ଶାସନୀ ବ୍ରାହ୍ମଣମାନଙ୍କଠାରୁ ନିକୃଷ୍ଟ; ମାତ୍ର ଖୁବ୍ ପରିଶ୍ରମୀ ଓ ସଞ୍ଚୟୀ । ଏ ବ୍ରାହ୍ମଣମାନେ ହଳରେ ହଳ କରନ୍ତି ଓ ବହୁତ ପନିପରିବା ଆମଦାନୀ କରି ବିକ୍ରୟ କରନ୍ତି । ]

**ଅଠଚେମା**—ପ୍ରାଦେ ( ଗଞ୍ଜାମ ) ବ—ଏକପ୍ରକାର ଦେଶୀ କଉଡ଼ି
Āṭhachemā ଖେଳ—A kind of country game with sea-shells.
[ ଦ୍ର—ଏ ଖେଳରେ ୬କଡ଼ା କଉଡ଼ି ଲୋଡ଼ା ହୁଏ । ୬କଡ଼ା ଯାକ ଚିତ୍ ହୋଇ ପଡ଼ିଲେ ୧୨ଦାନ ସୁମାର କରାଯାଏ । ୧କଡ଼ା କଉଡ଼ି ଲେଉଟିଲେ କସି ବା ଦଶ ହୁଏ । କଉଡ଼ିରେ ପଡ଼ିବା ଦାନ ଅନୁସାରେ ସାରକୁ ଆଗକୁ ଚଳାଯାଏ । ଏଥିପାଇଁ ଭୁଇଁରେ ଘର କାଟି ସେହି ଘରରେ ସାର ଚଳାଯାଏ । ]

**ଅଠଣା**—ଦେ. ବ.—ଅଠ ଅଣା (ଦେଖ)
Āṭhaṇā Āṭha aṇā (See)
আঠানা

**ଅଠଣି**—ଦେ. ବ.—ଅଠ ଅଣା ମୂଲ୍ୟର ମୁଦ୍ରା—
Āṭhaṇi An eight-anna bit.
আটআনি
अठन्नि

**ଅଠତାଲି**—ଦେ. ବ.—ସଙ୍ଗୀତର ତାଳବିଶେଷ—
Āṭhatāḷi An air or measure in music.

**ଅଠପଚିଶ**—ଦେ. ବ.—ଏକ ପ୍ରକାର କଉଡ଼ିଖେଳ—A kind of
Āṭhapachiśa country game with sea-shells.
আঠপচিশ; অষ্টাকোষ্টা
[ଦ୍ର—ଏ ଖେଳରେ ୨ ଯୋଡ଼ା ବା ୪ ଜଣ ଖେଳାଳି ଖେଳନ୍ତି । ପ୍ରତ୍ୟେକେ ଚାରି ଗୋଟି ଲେଖାଏଁ ସାର ନିଅନ୍ତି । ଖେଳିବାପାଇଁ ୭କଟି କଉଡ଼ି ବ୍ୟବହୃତ ହୁଏ । କଉଡ଼ିକୁ ଭୁଇଁରେ ପକାଇଲା ବେଳେ ଯେବେ ସାତ କଟି ଯାକ ଚିତ ହୋଇ ପଡ଼େ ତେବେ ୧୨; ୬କଟି ଚିତ୍ ହେଲେ ୩୦+୧; ୫କଟି ଚିତ୍ ହେଲେ ୨୫+୧; ୪କଟି ଚିତ୍ ହେଲେ ୪; ୩ କଟି ଚିତ୍ ହେଲେ ୩; ୨ କଟି ଚିତ୍ ହେଲେ ୨; ୧ କଟି ଚିତ୍ ହେଲେ କସି ବା ପୁଅ=୧୦+୧ ହୁଏ । ସବୁ କଉଡ଼ିଯାକ ମୁହଁ ମାଡ଼ି ପଡ଼ିଲେ ଛକା=୬ ହୁଏ ଓ ସେଥିକି ଘର ଖେଳାଳିର ସାର ଚଳେ । ୩ ଥର ୧୨, ୩୦, ୨୫, ବା ୧୦ ପଡ଼ିଲେ ସବୁଯାକ ବୁଡ଼ି ଯାଏ । ଉକ୍ତ ଦାନମାନ ୪ ଥର ପଡ଼ିଲେ ସବୁଯାକ ଦାନ ଗଣାଯାଏ । ଛକି, ୨୫, ୩୦ ଓ ୧୨ ପକାଇ ଥିବା ଖେଳାଳି ପୁଣି କଉଡ଼ି ପକାଏ । ଯେବେ ୧୨ ପରେ ୪ ପଡ଼େ ତେବେ ସେ ୧୨ ବୁଡ଼ି ଯାଏ । କସି ବା ଦଶ ନ ପଡ଼ିଲେ କଞ୍ଚା ଖେଳାଳିର ହାତ ଫିଟେନାହିଁ । ]

**ଅଠପଚିଶି**—ଦେ. ବ.—ଅଠପଚିଶ (ଦେଖ)
Āṭhapachiśi Āṭhapachiśa (See)

**ଅଠପଣ**—ଦେ. ବଣ—୧ । ଅର୍ଦ୍ଧେକ—1. Half.
Āṭhapaṇa ୨ । ଅର୍ଦ୍ଧନିଷ୍ପନ୍ନ—2. Half complete.
ଦେ. ବ.—୧ । ଅର୍ଦ୍ଧେକ—1. Half.
୨ । ୧୬୦ ଗଣ୍ଡା ବା ୬୪୦ ଗୋଟା—
2. The number 640.
କ୍ରି. ବଣ.—୧ । ଅର୍ଦ୍ଧେକ—1. Half
୨ । ପୂର୍ଣ୍ଣପଦାର୍ଥ ବା ସଂଖ୍ୟାର ଅର୍ଦ୍ଧ ପରିମାଣରେ—
2. Amounting to half the whole amount.

**ଅଠପଣି**—ଦେ. ବଣ—୧ । ଅଠପଣ (ଦେଖ)
Āṭhapaṇi 1. Āṭhapaṇa (See)
୨ । ଅଠପଣ ବା ଅର୍ଦ୍ଧେକସମ୍ବନ୍ଧୀୟ—
2. Relating to half.

**ଅଠପଣିଆଁ**—ଦେ. ବଣ.—ଅଠପଣି (ଦେଖ)
Āṭhapaṇiāñ Āṭhapaṇi (See)

**ଅଠପହର**—ଦେ. ଅ.—ଦିନ ଚାରି ପହର ଓ ରାତି ଚାରି ପହର,
Āṭhapahara ଏହିପରି ସମସ୍ତ ଦିନ ଓ ରାତି; ଅହର୍ନିଶ—
Throughout the day and night.
କଏ ବା ଉଠୁଛି କଏ ବା ପଡ଼ୁଛି ଜୁମ୍ଭ ନାମେ ଅଠପହର । ରକାଗ. ରତ୍ନମାଳୀ ।

**ଅଠପହରି**—ଦେ. ବଣ—ଅଷ୍ଟପ୍ରହର ଅର୍ଥାତ୍ ରାତିଦିନ ବ୍ୟବହାର
Āṭhapahari ହେବା ନିମନ୍ତେ ଅଭିପ୍ରେତ—
আট পত্তরে (cloth) Intended to be worn day
आठपहोरा; आटपहर् and night; intended for
आठाँजाम् rough use.
ଦେ. ବ—ଦିନରାତି ଅଠପହର ବ୍ୟବହାର କରାଯିବା ଲୁଗା—
Cloth worn ordinarily at home.

**ଅଠପହରିଆ**—ଦେ. ବ ଓ ବଣ—ଅଠପହରି (ଦେଖ)
Āṭhapahariā Āṭhapahari ( See )

**ଅଠପିଠିଆ**—ଦେ. ବଣ—ଯେଉଁ ପଦାର୍ଥର ଅଠଗୋଟି ପିଠି ଥାଏ—
Āṭhapiṭhiā Eight sided.

**ଅଠପେଣ୍ଠ**—ଗ୍ରା. ବ—ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ,
Āṭhapeṇṭha ପ୍ରତିଗ୍ରହଆଦି ବ୍ରାହ୍ମଣର ଅଷ୍ଟ କର୍ମ—
The eight duties prescribed for a Brāhmaṇa.
ଯଜନ ଯାଜନାଧ୍ୟୟନାଧ୍ୟାପନ, ଦାନ ପ୍ରତିଗ୍ରହ ଗାଇ ବଦନ ।
ସମରଜ ସ୍ୱମବଦ ଏ ଅଠ, ଏହାକୁ ବୋଲି ପାର୍ଥ ଅଠପେଣ୍ଠ ।
ପ୍ରାଚୀ—ପରଚେଗୀତା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଠପୋଇ**—ଦେ. ବି. ( ସଂ. ଅଷ୍ଟପଦୀ )—ଅଠପଦ ଯୁକ୍ତ କବିତା—
Āṭhapoi A poem consisting of 8 lines.

**ଅଠବଙ୍କା**—ଦେ. ବି. ( ସଂ. ଅଷ୍ଟାବକ୍ର )—ଅଷ୍ଟବକ୍ରତା—
Āṭhabaṅkā The state of being bent at 8 places.

ତାହା ଶୁଣି ସେ ଅଷ୍ଟାବକ୍ର ବେଦରଙ୍କା
ନଗରେ ଗାଧୋଇ ଘରିଲେ ଅଠବଙ୍କା । କୃଷ୍ଣସିଂହ ମହାଭାରତ. ବନ ।

ଦେ. ବିଣ—ଅଠବାଙ୍କ ( ଦେଖ )
Āṭhabāṅka ( See )

**ଅଠବାଙ୍କ**—ଦେ. ବିଣ. ( ସଂ. ଅଷ୍ଟାବକ୍ର )—
Āṭhbāṅka ୧ । ଯେଉଁ ବ୍ୟକ୍ତିର ଅଙ୍ଗପ୍ରତ୍ୟଙ୍ଗ ବଙ୍କା—
1. Deformed; crooked.
୨ । ବହୁସ୍ଥାନରେ ବକ୍ର—
2. Crooked at many places; zigzag.

**ଅଠବାଙ୍କି**—ଦେ. ବିଣ—ଅଠବାଙ୍କ ( ଦେଖ )
Āṭhabāṅki Āṭhabāṅka ( See )
ଦେ. ବି.—ସ୍ତ୍ରୀ ଲୋକମାନଙ୍କର ଗୋଡ଼ରେ ପିନ୍ଧିବା ଏକପ୍ରକାର ଅଳଙ୍କାର—A kind of anklet.
[ ଦ୍ର—ଏହାକୁ ଅଠବାଙ୍କିଆ ମଧ୍ୟ କୁହାଯାଏ । ]

**ଅଠମଙ୍ଗଳା**—ଦେ.ବି. (ସଂ. ଅଷ୍ଟମଙ୍ଗଳ)—୧ । ବିବାହର ଅଷ୍ଟମ ଦିବସ—
Āṭhamaṅgaḻā 1. The 8th day of the marriage.
অষ্টমঙ্গলা; আটমঙ্গলা ୨ । ଉକ୍ତ ଦିବସର କୃତ୍ୟ ବା ଉକ୍ତ ଦିବସର ନିର୍ଦ୍ଧାରିତ କାର୍ଯ୍ୟ—2. The duties and ceremonies required to be performed on the 8th day of the marriage.

**ଅଠମଙ୍ଗୁଳା**—ଗ୍ରା. ବି—ଅଠମଙ୍ଗଳା ( ଦେଖ )
Āṭhamaṅguḻā Āṭhamaṅgaḻā ( See )

**ଅଠମଲ୍ଲିକ**—ଦେ. ବି. ( ନାମ )—ଓଡ଼ିଶାର ଗଡ଼ଜାତବିଶେଷ—
Āṭhamallika The name of a feudatory state of Orḍisā.
[ ଦ୍ର—ଏହାର ପ୍ରାଚୀନ ନାମ 'ହଣ୍ଡପା' ଥିଲା । ଏଠାର ପ୍ରାଚୀନ ରାଜା ରାଜ୍ୟକୁ ଅଠଭାଗ କରି ପ୍ରତ୍ୟେକ ଭାଗରେ ଜଣେ ଜଣେ ସରଦାର ନିଯୁକ୍ତ କରିଥିଲେ । ସେହିଦିନୁ ଏହାର ନାମ 'ଅଠମଲ୍ଲିକ' ହେଲା । ଜଗବନ୍ଧୁ. ପ୍ରାଚୀନଉତ୍କଳ ]

**ଅଠମାସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଗର୍ଭର ଅଷ୍ଟମ ମାସରେ ଜନ୍ମ ହୋଇଥିବା ଶିଶୁ—( a child ) Born in the eighth month of pregnancy.
Āṭhamāsiā
আঠাঁসে
**आठमासा**

**ଅଠାନ୍ତର**—ପ୍ରାଦେ. ( ମେଦିନୀପୁର ) ବି—ଅଶାନ୍ତି—
Āṭhāntara Restlessness.

**ଅଠିକାଠି**—ଦେ. ବିଣ—(ସଂ: ଅଷ୍ଟ+କ୍ଲିଷ୍ଟ) ଅତିଶୟ କ୍ଳାନ୍ତ—
Āṭhikāṭhi Too much tired.

**ଅଠିକେନଟ**—ପ୍ରାଦେ. ( ଗଞ୍ଜାମ ) ବି—ଗାତରେ ପକାଇ ପକାଇ
Āṭhikenaṭā ଖେଳାଯିବା ବାଟି ଖେଳର ଅଷ୍ଟମ ଆଘାତ—
(Ganjam) The 8th stroke of a game with a board having 8 holes to which small marbles are put.

**ଅଠୁଆରି**—ଦେ. ବି. ( ସଂ. ଅଷ୍ଟ )—୧ । ଉଠିଆରି ( ଦେଖ )
Āṭhuāri 1. Uṭhiāri ( See )
୨ । ଆଜିଠାରୁ ଏକ ସପ୍ତାହର ପରବର୍ତ୍ତୀ ଦିବସ; ଆଜିର ବାର—
2. This day week.
ଦେ. କ୍ରି. ବିଣ—ଅଠଦିନରେ ଥରେ; ଆଠଦିନକୁ ଅଠର୍ଦିନ—
Once a week.
ଦେ. ବିଣ—ଅଠଦିନରେ ଥରେ ଘଟିବା—Happening once a week.

**ଅଠୁଆରିଗାଧୁଆ**—ଗ୍ରା. ବି. ( ସଂ. ଅଷ୍ଟ )—ପ୍ରସବ କରିବାର ଅଷ୍ଟମ
Āṭhuārigādhuā ଦିବସରେ ପ୍ରସୂତିର ସ୍ନାନ; ଉଠିଆରି—
The bath of a mother on the eighth day of child birth.

**ଅଠୁଆରିଭାର**—ଦେ. ବି.—ଧନୀ ଲୋକମାନଙ୍କ ଘରୁ ବିବାହିତା ଝିଅମାନଙ୍କ
Āṭhuāribhāra ଘରକୁ ଅଠଦିନକୁ ଅଠଦିନ ପଠାଯିବା ଭାର—Weekly presents sent to daughter of a rich man at their husband's house.

**ଅଠେଣା**—ଗ୍ରା. ବି.—ଅଠଣା (ଦେଖ)
Āṭheṇā Āṭhaṇā (See)

**ଅଠେଣି**—ଗ୍ରା. ବି.—ଅଠଣି (ଦେଖ)
Āṭheṇi Āṭhaṇi (See)

**ଅଡ଼କି**—ପ୍ରାଦେ. ( ସମ୍ବଲପୁର ) ବି.—ଖିଟ, କବାଟ, ଶଗଡ଼
Ārḍki ଦଣ୍ଡାରେ ପ୍ରସ୍ଥ ବା ଅଡ଼ବାଗରେ ଲଗାଯିବା ଦଣ୍ଡ—
আড়াকাঠ Cross bar put breadthwise in a door-leaf, bedstead or cart.
**आड़कि**

**ଅଡ଼କେରିଆ**—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—
Ārḍkeriā ୧ । ଏକପାଖିଆ ହୋଇ; କଡ଼ବାଗେ—
1. Sidewise; side ways.
୨ । ତେରଛ ଭାବରେ—2. In a slanting manner.

**ଅଡ଼ନି**—ପ୍ରାଦେ. ( ସମ୍ବଲପୁର ) ବି—ଅଡ଼ନିଜାଲ୍ ( ଦେଖ )
Ārḍni Ārḍnijāl (See)

**ଅଡ଼ନିଜାଲ୍**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅର୍ଦ୍ଧ+ଜାଲ )—
Ārḍnijāl ଅଡ଼ୋନିଜାଲ୍; ମାଛ ଧରିବାପାଇଁ ମଝିରେ ମଝିରେ କାଠି
**आडयानि** ଲଗିଥିବା ଏକପ୍ରକାର କମ୍ ଓସାରର ଲମ୍ବ ଜାଲ; ଖାଡ଼ଜାଲ—A kind of small and long fishing net.

| ୧ | ଇ | ଉ | ଋ,ଌ | ଽ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଔ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯ଼େ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଔ | କ୍ଟ |

ଆଡ୍‌ପଟ୍ଟା—ପ୍ରାଦେ. ( ସମ୍ବଲପୁର ) ବଣ—ଅଡ଼ପଟ୍ଟା (ଦେଖ )
Ārdpaṭā Ārdapaṭā (See)

ଆଡ୍‌ବହିଆ—ପ୍ରାଦେ. ( ସମ୍ବଲପୁର ) ବଣ. ପୁଂ—ଆଡ଼ବାୟା ( ଦେଖ ).
Ārdbahiā Ārdabāyā (See)

ଆଡ୍‌ବହ୍ୟା—ପ୍ରାଦେ. ( ସମ୍ବଲପୁର ) ବଣ. ପୁଂ—
Ārdbahyā ଆଡ଼ବାୟା ( ଦେଖ )
Ārdabāyā (See)

ଆଡ୍‌ବାଉରା—ପ୍ରାଦେ. ( ସମ୍ବଲପୁର ) ବଣ. ପୁଂ—ଅଡ଼ବାୟା ( ଦେଖ )
Ārdbāura Ārdabāyā (See)

ଆଡ୍‌ଭଇଁରା—ପ୍ରାଦେ. ( ସମ୍ବଲପୁର ) ବଣ. ପୁଂ ଓ ସ୍ତ୍ରୀ—
Ārdbhaiñrā ଅଡ଼ବହିରା ( ଦେଖ )
Ārdabahirā (See)

ଆଡ୍‌ଭାଇସ୍—ବୈଦେ. ( ଇଂ ) ବି—ପରାମର୍ଶ ବା ପରାମର୍ଶପୂର୍ଣ୍ଣ
Ādbhāis ଚିଠି—Advice; letter of advice.
আডভাইস
ऐडवाइस
[ ଯଥା—ଗଭର୍ଣ୍ଣମେଣ୍ଟ ଏ ଭାଷାକୋଷ ପ୍ରଚଳନ ପାଇଁ ପାଞ୍ଚ-ହଜାର ଟଙ୍କା ୧୯୩୦ ଜାନୁଆରୀ ମାସରେ ମଞ୍ଜୁର କରିଥିଲେହେଁ ଆକାଉଣ୍ଟାଣ୍ଟ ଜେନେରଲଙ୍କଠାରୁ କଟକ ଟ୍ରେଜେରୀ ଅଫିସରଙ୍କ ନିକଟ ଆଡ୍‌ଭାଇସ୍ ଆସି ନ ଥିବାରୁ ଏ ଟଙ୍କା ମିଳିବାକୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବିଳମ୍ବ ଘଟିଥିଲା । ]

ଆଡ୍‌ଭାଇସରିକମିଟି—ବୈଦେ. ( ଇଂ ) ବି—କୌଣସି ସରକାରୀ-
Ādbhāisarikamiṭi ବିଭାଗର ଅଧ୍ୟକ୍ଷ ବା ହାକିମଙ୍କୁ ପରାମର୍ଶ
আডভাইসারীকমিট ଦେବାପାଇଁ ସରକାରଙ୍କ ମନୋନୀତ
ऐडवाइसारिकमिटी କେତେକ ବ୍ୟକ୍ତିଙ୍କଦ୍ୱାରା ଗଠିତ ସମିତି—
Advisory committee.
[ ଯଥା—ସରକାରୀ କଲେଜ ସ୍କୁଲ ଆଦିର ପରିଚାଳକ ପ୍ରିନ୍‌ସି-ପାଲ୍ ବା ହେଡ଼ମାଷ୍ଟରଙ୍କୁ କେତେକ ବିଷୟରେ ପରାମର୍ଶ ଦେବା-ପାଇଁ ସରକାର ଗୋଟିଏ ଲେଖାଏଁ ଅଡ଼୍‌ଭାଇସରି କମିଟି ପ୍ରତିଷ୍ଠା କରିଅଛନ୍ତି । ]

ଆଡ୍‌ଭାନ୍ସ—ବୈଦେ ( ଇଂ ) ବି—୧ । ଦରମା ବା ପ୍ରାପ୍ୟ ବା ହିସାବ
Ārdbhāns ବାବଦକୁ କୌଣସି ବ୍ୟକ୍ତିଙ୍କୁ ଦିଆଯିବା ଅଗରୁଆ
আডভান্স ଟଙ୍କା—
ऐडवान्स 1. Advance; advance payment.
୨ । କବାଲାର ଲିଖନ୍ ବା ଦ୍ରବ୍ୟର ମୂଲ୍ୟ ପାଇଁ କ୍ରେତା ବିକ୍ରେତାଙ୍କୁ ଦେବା ଅଗରୁଆ ଟଙ୍କା; ବହନା—
Earnest money.

ଆଡ୍‌ଭୁଷ—ଦେ ଅ—ଆଡଭୁଷ୍ ( ଦେଖ )
Ārdbhush Ādabhush (See)

ଆଡ୍‌ଭୋକେଟ୍—ବୈଦେ. ( ଇଂରାଜ ) ବି—
Ādbhoket ହାଇକୋର୍ଟରେ ଓକାଲତି କରିବାପାଇଁ ଅନୁମତିପ୍ରାପ୍ତ
আডভোকেট ଉଚ୍ଚ ଶ୍ରେଣୀର ଓକିଲ; ବାରିଷ୍ଟର—Advocate.
ऐड्वाकेट

ଆଡ୍‌ଭୋକେଟ୍‌ଜେନରଲ୍—ବୈଦେ. ( ଇଂ ) ବି—
Ādbhoketjenaral ହାଇକୋର୍ଟରେ ସରକାରଙ୍କ ପକ୍ଷରୁ
আড়ভোকেট জেনেরাল ମକଦ୍ଦମା ଚଳାଇବାପାଇଁ ମୁଖିଆ ବା ବଡ଼
ऐडवाकेट जनरल ବାରିଷ୍ଟର—Advocate General.

ଆଡ୍‌ମଇ—ପ୍ରାଦେ. ( ସମ୍ବଲପୁର ) ବି—ଅସମତଳ କାଦୁଅ କ୍ଷେତର
Āḍamai କାଦୁଅକୁ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଟାଣିଇ ନେଇ କ୍ଷେତକୁ ସମତଳ କରିବାପାଇଁ ବ୍ୟବହୃତ ମଇ—
A ladder-like contrivance dragged on the ground to level up a muddy field.
[ ଦ୍ର—ସମ୍ବଲପୁରରେ ସାଧାରଣ ମଇକୁ କଞ୍ଚା ଓ ଶୁଖିଲା ମାଟି ଟାଣିଇ ନେବା ମଇକୁ କୁରୁଡ଼୍ ବା କୋରଡ଼୍ କହନ୍ତି । ]

ଆଡ୍‌ମିଟ୍ କରିବା—ବୈଦେ. ( ଇଂ. କଟକିଆ ) ( ଇଂ)କ୍ରି—
Āḍmit kariba
আড়মিটকরা ୧ । ଦାଏର ହେବା କୌଣସି ମକଦ୍ଦମା ବା ଅପିଲ୍‌କୁ
ऐडमिट करना ପରେ ବିଚାର କରିବାପାଇଁ (ହାକିମ) ଗ୍ରହଣ କରିବା—
1. (a court) To admit a case or an appeal for hearing.
[ଦ୍ର—କୋର୍ଟରେ କେହି ବ୍ୟକ୍ତି ଗୋଟିଏ ମକଦ୍ଦମା ବା ଅପିଲ୍ ଦାଏର୍ କଲାପରେ ହାକିମ ଅରଜି ବା ଅପିଲ୍ ଲିଜ୍‌ହାଗକୁ ପାଠ କରି ଯେବେ ଦେଖନ୍ତି ଯେ ସେଥିରେ ଯଥେଷ୍ଟ କାରଣ ନାହିଁ ତେବେ ତାକୁ ସଙ୍ଗେ ସଙ୍ଗେ ନାମଞ୍ଜୁର ବା ରିଜେକ୍ଟ କରି ଦିଅନ୍ତି; କିନ୍ତୁ ଯେବେ ଦେଖନ୍ତି ଯେ ସେଥିରେ ଯୁକ୍ତିସଙ୍ଗତ କାରଣ ଥିଲା ପରି ବୋଧ ହେଉଛି ତେବେ ତାକୁ ଗ୍ରହଣ କରି ଅପର ପକ୍ଷକୁ ନୋଟିସ୍ ଦିଅନ୍ତି ଓ ଉଭୟ ପକ୍ଷଙ୍କର ଜବାବ୍ ସୱାଲ୍ ଶୁଣିବା ପରେ ଉକ୍ତ ମକଦ୍ଦମା ବା ଅପିଲକୁ ଡ଼ିକ୍ରି ବା ଡିସମିସ୍ କରନ୍ତି । ]
୨ । ମକଦ୍ଦମାରେ ଏକ ପକ୍ଷ (ବାଦୀ ବା ପ୍ରତିବାଦୀ) ଅପର ପକ୍ଷ ଦ୍ୱାରା ଉପସ୍ଥାପିତ କୌଣସି ବିଷୟ ବା ଦଲିଲକୁ ସ୍ୱୀକାର କରିବା—2. ( a party in a case ) To admit any matter or document put up by the opposite party.
୩ ପକ୍ଷଙ୍କଦ୍ୱାରା ଦାଖଲ ହୋଇଥିବା କୌଣସି ଦଲିଲ ବା ପଦାର୍ଥକୁ ହାକିମ ମକଦ୍ଦମାରେ ପ୍ରମାଣରୂପେ ଗ୍ରହଣ କରିବା—3. ( a Court ) To admit a document or article as an exhibit in a case.
୪ । ପଢ଼ିବାପାଇଁ କୌଣସି ଛାତ୍ରର ନାମ ବିଦ୍ୟାଳୟରେ ଲେଖିବା ( ଶିକ୍ଷକ ) ତାକୁ ସ୍କୁଲରେ ଭରତି କରିବା—
4. To admit a boy to a school.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'ଭୂଅ' ନ ମିଳିଲେ 'କଅ' ଦେଖିବେ; 'ବଧ' ନ ପାଇଲେ 'ବଲ୍କୁ' ଦେଖିବେ; 'ଅର୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଡ୍‌ମିଟ୍ ହେବା**—ବୈଦେ. (କଚରିଆ) କ୍ରି.—(ଇଂ. ଅଡ୍‌ମିଟ୍)—
Ādmiṭ hebā
আড়মিট হওয়া ୧ । କୌଣସି ମକଦ୍ଦମା ବା ଅପିଲ୍ ପରେ ଶୁଣାଣି
**ऐडमिटहोना** ହେବା ପାଇଁ ହାକିମଙ୍କଦ୍ୱାରା ଗୃହୀତ ହେବା—
1. (a case or appeal) To be admitted by a Court for hearing.

୨ । ମକଦ୍ଦମାସଙ୍କାନ୍ତ କୌଣସି ବିଷୟ ବା ଦଲିଲ କୌଣସି ପକ୍ଷଦ୍ୱାରା ସ୍ୱୀକୃତ ହେବା—2. (any matter or document) To be admitted by a party in a case.

୩ । କୌଣସି ଦଲିଲ ବା ବସ୍ତୁ ଚଳୁଥିବା ମକଦ୍ଦମାରେ ପ୍ରମାଣରୂପେ ହାକିମଙ୍କ ଦ୍ୱାରା ଗୃହୀତହେବା—
3. (a document or article) To be admitted by court in evidence.

[ ଦ୍ର—ମକଦ୍ଦମା ବିଚାର ବେଳେ ଅଡ୍‌ମିଟ୍ ହେବା ଦଲିଲ ବା ବସ୍ତୁରେ ହାକିମ ଗୋଟିଏ ମାର୍କା ଦିଅନ୍ତି ଓ ତାକୁ 'ଏକଜିବିଟ୍' (exhibit) ବୋଲାଯାଏ । ]

୪ । ପାଠ ପଢ଼ିବାପାଇଁ ଶିକ୍ଷକ ଛାତ୍ରର ନାମ ସ୍କୁଲର ଅଡ୍‌ମିସନ୍ ରେଜିଷ୍ଟରୀରେ ପୂରଣ କରିବାରୁ ଛାତ୍ରର ସ୍କୁଲରେ ଭର୍ତ୍ତି ହେବା—4 (a student) To be admitted to a school.

**ଅଡ୍‌ମିନିଷ୍ଟ୍ରେଟର୍**—ବୈଦେ. ( ଇଂ. କଚରିଆ ) ବି—
Ādminishṭreṭar ୧ । ଯେବେ ଉଇଲ୍ ସମ୍ପାଦନ ନ କରି
আড়মিনিষ্ট্রেটর্ କମ୍ପାନୀ ଅପଣାର ମୃତ୍ୟୁ ପରେ ତାଙ୍କର
**ऐडमिनिस्ट्रेटर** ସମ୍ପତ୍ତି ରକ୍ଷଣାବେକ୍ଷଣ କରିବା ବ୍ୟକ୍ତିକୁ ମନୋନୀତ ନ କରି ସମ୍ପତ୍ତିର ମାଲିକ ମୃତ ହୋଇଥାନ୍ତି ତେବେ ଉକ୍ତ ସମ୍ପତ୍ତି ବୁଝାସୁଝା କରିବାପାଇଁ ଜଜ୍‌ସାହେବ ଯେଉଁ ବ୍ୟକ୍ତିଙ୍କୁ ନିଯୁକ୍ତ କରନ୍ତି—
1. Administrator to the estate of a deceased person.

[ ଦ୍ର—ଅଡ୍‌ମିନିଷ୍ଟ୍ରେଟରଙ୍କୁ ଜଜ୍‌ସାହେବ ଯେଉଁ ନିଯୁକ୍ତିପତ୍ର ଦିଅନ୍ତି ତାହାକୁ 'ଲେଟର୍ସ-ଅଫ୍ ଅଡ୍‌ମିନିଷ୍ଟ୍ରେସନ୍' Letters of Administration ବୋଲାଯାଏ । ]

୨ । ନାବାଳଗ ବା ଅସମର୍ଥ ଦେଶୀୟ ରାଜାଙ୍କ ରାଜ୍ୟ ଶାସନାର୍ଥ ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ—
2. Administrator of a state under Government management.

[ ଦ୍ର—ବଡ଼ ବଡ଼ ଦେଶୀୟ ରାଜ୍ୟର ଉକ୍ତ ଶାସନକର୍ତ୍ତାଙ୍କୁ ଅଡ୍‌ମିନିଷ୍ଟ୍ରେଟର୍ ବୋଲାଯାଏ । ଓଡ଼ିଶାର ଗଡ଼ଜାତର ଏବମ୍ଭୂତ ଶାସନକର୍ତ୍ତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ୍ (Superintendent) ବୋଲାଯାଏ । ]

**ଅଡ୍‌ମିରାଲ୍**—ବୈଦେ. (ଇଂ.) ବି— ନୌବାହିନୀର ପ୍ରଧାନ ସେନାପତି—
Ādmirāl Admiral.
আড়মিরাল
**एडमिरल**

[ ଦ୍ର—ଏହାଙ୍କର ନିମ୍ନକର୍ମଚାରୀଙ୍କ ପଦ ଭାଇସ୍‌ଅଡ୍‌ମିରାଲ୍ (Vice-admiral) ଓ ତାଙ୍କ ତଳେ ରିଅର୍ ଅଡ୍‌ମିରାଲ୍ (Rear admiral )]

**ଅଡ୍‌ମିରାଲ୍‌ଟୀ**—ବୈଦେ. ( ଇଂ. ) ବି—
Ādmirālti ୧ । ସରକାରଙ୍କ ନୌସେନାବିଭାଗ—
আড়মিরালটী 1. Admiralty department of
**ऐडमिरालटी** Government.

[ ଦ୍ର—ନୌସେନାବିଭାଗ ସମ୍ପର୍କୀୟ ମକଦ୍ଦମାମାନ ବୁଝିବା ପାଇଁ ଭାରତର ହାଇକୋର୍ଟମାନଙ୍କର ଗୋଟିଏ ସ୍ୱତନ୍ତ୍ର ବିଚାରବିଭାଗ ଅଛି, ଏହାକୁ ଅଡ୍‌ମିରାଲ୍‌ଟୀ ଡିଭିଜନ୍ (Admiralty Division of the High Court) ବୋଲାଯାଏ । ]

**ଅଡ୍‌ମିସନ୍**—ବୈଦେ. ( ଇଂ. ) ବି—
Ādmisan ୧ । ଶୁଣାଣି ବା ବିଚାର ହେବା ପାଇଁ ଅଦାଲତଙ୍କ ଦ୍ୱାରା
আড়মিসন্ କୌଣସି ମକଦ୍ଦମା ବା ଅପିଲର ଗ୍ରହଣ—
**ऐडमिसन** 1. Admission of a case or appeal for hearing by a Court.

୨ । ପଢ଼ିବାପାଇଁ ଛାତ୍ରର ବିଦ୍ୟାଳୟରେ ପ୍ରବେଶ; ଅଡ୍‌ମିଶନ୍-ରେଜିଷ୍ଟରୀରେ ଛାତ୍ରର ନାମ ଲେଖା—
2. Admission of a student to a school.

୩ । ଥିଏଟର୍, ସର୍କସ୍, ପ୍ରଦର୍ଶନୀଆଦିରେ କର୍ତ୍ତୃପକ୍ଷଙ୍କ ଅନୁମତ୍ୟନୁସାରେ ଦର୍ଶକମାନଙ୍କର ପ୍ରବେଶ—
3. Admission of spectators to a theatre, circus, exhibition etc.

୪ । ମକଦ୍ଦମାରେ କୌଣସି ପକ୍ଷ ଦ୍ୱାରା ଅପର ପକ୍ଷର ଦାଖଲ ଦଲିଲର ବା ଜାହେର ବିଷୟର ସ୍ୱୀକାର—
4. Admission by one party of any fact or document produced by the opposite party during the trial of a case.

[ ଦ୍ର—ଫଉଜଦାରୀ କୋର୍ଟରେ ମୁଦାଲାଦ୍ୱାରା ଅପରାଧର ସ୍ୱୀକାରକୁ କନ୍‌ଫେସନ୍ (confession) ବୋଲାଯାଏ । ]

**ଅଡ୍‌ମିସନ୍ କାର୍ଡ଼**—ବୈଦେ. ( ଇଂ. ) ବି—ଯେଉଁ କାର୍ଡ଼ ବା
Ādmisan kārḍ କାଗଜ ଦେଖାଇ ଉକ୍ତ କାର୍ଡ଼ ଧରିଥିବା ବ୍ୟକ୍ତି
আড়মিশনকার্ড ଥିଏଟର୍, ସର୍କସ୍, ପ୍ରଦର୍ଶନୀ ଆଦିର ଭିତରକୁ
**ऐडमिसन कारड** ପ୍ରବେଶାଧିକାର ପାଆନ୍ତି—
Admission card.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଢ | ଷ,ସ | କ୍ଷ | ଇୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯ୍ୱ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଦ୍ବ |

ଆଡ୍‌ମିସନ୍ ଟିକଟ୍—ବୈଦେ. (ଇଂ) ବି—ଯେଉଁ ଟିକଟ ବା ଟିକ
Ādmisan ṭikaṭ କାଗଜ ଖଣ୍ଡ ଧରିଥିବା ବ୍ୟକ୍ତି ଥିଏଟର
আডমিসন টিকিট ଆଦିର ଭିତରକୁ ପ୍ରବେଶାଧିକାର ପାଏ—
**ऐडमिसन टिकट** Admission ticket.

ଆଡ୍‌ମିସନ୍ ଫି—ବୈଦେ. (ଇଂ) ବି—ବିଦ୍ୟାଳୟରେ ଭରତି
Ādmisan phi ହେବା ପିଲାର ନାମ ଲେଖା ହେବା ପାଇଁ
আডমিসন ফী ପିଲାଠାରୁ ନିଆଯିବା ନିର୍ଦ୍ଧାରିତ ଧନ—
**ऐडमिसन फी** Admission fee.

ଆଡ୍‌ମିସନ୍ ଫିସ୍—ବୈଦେ. (ଇଂ) ବି—ଆଡ୍‌ମିସନ୍ ଫି (ଦେଖ)
Ādmisan phis Ādmisan phi (See)

ଆଡ୍‌ମିସନ୍ ବହି—ବୈଦେ. ବି. (ଇଂ. ଆଡ୍‌ମିସନ+ଅ. ବହି)—
Ādmisan bahi ବିଦ୍ୟାଳୟରେ ଭରତି ହେବା ପିଲାର
আডমিসন বই ନାମ ଓ କେତେକ ବିବରଣ ଯେଉଁ
**ऐडमिसन बहि** ପୁସ୍ତକରେ ଲେଖା ହୁଏ—Admission register.

ଆଡ୍‌ମିସନ୍ ରେଜିଷ୍ଟରି—ବୈଦେ.ବି (ଇଂ. ଆଡ୍‌ମିସନ ରେଜିଷ୍ଟର)
Ādmisan regishṭari ଆଡ୍‌ମିସନ୍ ବହି (ଦେଖ)
আডমিসন রেজিষ্টার Ādmisan bahi (See)
**ऐडमिसन रजिष्टरि**

ଆଡ୍‌ସରା—ପ୍ରାଦେ. (ସମ୍ବଲପୁର) ବି—
Ādsarā ୧। ଅର୍ଗଳ—1. A cross-bar.
୨। ଛାମୁଣ୍ଡିଆ ଉପରେ ଅଡ଼ବାଗରେ ପକାଯିବା କାଠ ବାଉଁଶଖଣ୍ଡମାନ—Cross-poles put across a framework erected for shade.

ଅଡ଼—ଦେ. ବି—(ସଂ. ଅର୍ଦ୍ଧ; ଭୁଲ—ପ୍ରାକୃତ ୫ମୀ ବିଭକ୍ତିର
Arḍa ପ୍ରତ୍ୟୟ ଆହୁ=ଆଡ଼୍=ଦିଗରୁ, ଠାରୁ; ଭୁଲ—
দিক্ ସଂସ୍କୃତ ଅଡ଼ ଧାତୁ = ଯୋଡ଼ିବା = to join, ଅଟକାଇବା—to stop. ଅଲ ଧାତୁ = ବାରଣ କରିବା)—

୧। ତରଫ—Direction.
ଚମଣଙ୍କୁ ନାଗବଛୀ—ଯାଉ ଯାଉ
ମୋ ଆଡ଼େ ଡୋଳା ଚାଳିବ।
ଗୋପାଳକୃଷ୍ଣ—ପଦ୍ୟାବଳୀ।

୨। ପାର୍ଶ୍ୱ; କଡ଼; ପାଖ—2. Side; flank.
ନାରମଣ୍ଡଳରୁ କର ମଇଳ ପର୍ଯ୍ୟନ୍ତେ
ଅଡ଼ ଗଡ଼ ଦେଇ ପିଠିକୁ ଅନୁନ୍ତେ। କୃଷ୍ଣ କୈଶରାପୁରାଣ।

୩। ଦିଗ—3. Quarter of the globe.
(ଯଥା—ପୂର୍ବଆଡ଼ୁ ସୂର୍ଯ୍ୟ ଉଦୟ ହେଲେ।)

୪। ଦେହର (ଅମୁକ) ଅଂଶ—
4. A part of the body.
(ଯଥା—ମୁଣ୍ଡଅଡ଼; ଗୋଡ଼ଅଡ଼; ପେଟଅଡ଼; ପିଠିଅଡ଼)

ନାରୁଠାରୁ ବେଣୀକୁ ହୋଇଛି ଲଗର;
ଗୋଡ଼ଅଡ଼ ଯେ ହୋଇ ନାହିଁ ତ ତାହାର। କୃଷ୍ଣସିଂହ. ମହାଭାରତ-ଆଦି।

୫। ପକ୍ଷ; ଦଳ—5. Party
ଦୁର୍ଯ୍ୟୋଧନ ଅଡ଼ରେ ଅଛନ୍ତି ସପ୍ତରଥୀ। ସାରଳାମହାଭାରତ।

୬। (ଫ. ଅସ୍‌ରୃତ) ଓସାର; ପ୍ରସ୍ଥ—
6. Breadth; width.
ଉଭ ମଠି, ଅଡ଼ ଦମଠି, କଅଣ ମଝିରେ ଫୋଡିବ କାଠି। ଭାବଭୂଷିବଚନ।

୭। କୌଣସି ବସ୍ତୁର (ଅମୁକ) ଅଂଶ—7. A particular part or portion of a thing.
(ଯଥା—ଏ ଟେବୁଲ ଉପରେ ଅଡ଼େ ଗୋଟିଏ ଡ୍ରେର ଦରଜା ଅଛି।)

୮। କୌଣସି ବସ୍ତୁର ପୃଷ୍ଠ ଦେଶ ବା ଉପରଭାଗ—
8. Surface of a thing.
(ଯଥା—ଏ ପଥରର ଉପର ଅଡ଼ଟା ଅସମାନ ଅଛି।)

୯। କୌଣସି ଲମ୍ବ ବସ୍ତୁର ଗୋଟିଏ ପାଖର ଅଗ—
9. One end of a long thing.
(ଯଥା—ଏ ବାଡ଼ିର ମୂଳଅଡ଼େ ଲୁହା ଗୋବ ବସିଛି ଓ ମୁଣ୍ଡ ଅଡ଼େ ରୁପା ଛାଉଣି ହୋଇଛି।)

୧୦। ନୈକଟ୍ୟ; ପାଖ—10. Nearness;contiguity.
ନ ଜାଣିଲି ପର ସେ ତୋ ଅଡ଼କୁ; ଅସୁ ଦୁଷ୍ଟିଯିବାର ରୁ ପଡ଼ିକୁ।
ଗୋପାଳକୃଷ୍ଣ. ପଦ୍ୟାବଳୀ।

୧୧। ବ୍ରହ୍ମାଣ୍ଡ, ପୃଥିବୀ ବା ଦେଶର ଅଂଶ; ଅଞ୍ଚଳ—
11. Locality; a part or place of the Universe, globe or country.
କେତେ ଅଡ଼େ କେତେ ସୃଷ୍ଟି ଯେ କରିଅଛ ଆପେ। କୃଷ୍ଣଗର୍ଭପୁରାଣ।

୧୨। କୌଣସି ପ୍ରସ୍ତାବ ବା ଯୁକ୍ତିର ପକ୍ଷ—
12. Point of view; side of an argument.
ସବୁ ଅଡ଼କୁ ଚାହିଁ ସବୁ କଥା ବୁଝି ସମ୍ପନ୍ନ କରିବା ଭଲ।
ଫକୀରମୋହନ. ପ୍ରସ୍ତୁଷ୍ଟିଲା।

୧୩। ଯୁଆ ଆଦି ଖେଳରେ ରଖାଯିବା ହୁଡ଼; ପଣ; ବାଜି—
13. Stake; wager laid in a game of hazard.
ମର ବୋଲି ଭଲ ସବୁ ଦ୍ରବ୍ୟ କଲ ଅଡ଼,
ଏ ମୋହର ଦ୍ରବ୍ୟକୁ ତୋ ସୁଧର୍ମକୁ ଏଡ଼। ପୀତାମ୍ବର. ନୃସିଂହପୁରାଣ।

୧୪। (ଫ. ଅନ୍ତରାଳ)—ଅନ୍ତରାଳ; ଆଢୁଆଳ—
14. Back side.
ମୋ ଓଷ୍ଠ କମ ଚାହିଁ ହସିଲ ସେ ଅଡ଼େ ରହି। ଗୋପାଳକୃଷ୍ଣ. ପଦ୍ୟାବଳୀ।

୧୫। (ସଂ. ଅଲ ଧାତୁ=ବାରଣ) ଅଡ଼ୁଆ; ବାଧା—
आड़ 15. Hinderance; obstruction; impediment.
(ଯଥା—ଏ କାର୍ଯ୍ୟ କରିବାରେ ଆଉ ଏବେ କୌଣସି ଅଡ଼ ନାହିଁ।)

୧୬। ଆନୁକୂଲ୍ୟ; ପକ୍ଷ ସମର୍ଥନ—16. Support.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ଅପରାର୍ଦ୍ଧ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

(ଯଥା—ନିସାପରେ ବସି ଜଣକ ଅଡ଼ାକୁ କଥା କହିବା ଅନ୍ୟାଯ୍ୟ ।)

୧୭ । (ସଂ. ଅଟ୍ ଧାତୁ ?)—ଆଗମନ; ଆସିବା; ଉପସ୍ଥିତି—
17. Arrival; coming; presence.

ରୁହିଥିଲେ ଶ୍ରୀକଣ୍ଠେ ତୋ ଅଡ଼କୁ ଅନାଇ
ଲେଖ ଲେଖି ଧରି ଦେଖିଥିବେ ତୋ ପଦ୍ଧତି କି । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୮ । (ସଂ. ଅଙ୍କ—ରେଖା ?)—ଆକାର—
18. Shape; form.

ଧନ୍ୟ ସୁକରଣୀ, ଧନ୍ୟ ପ୍ରୀତିବାଣୀ, ଧନ୍ୟ ନିର୍ଝରିଣୀ ଧାର
କି ଗୌରବ ଯାହାଁ ମହାଁଙ୍କ ମହତ ଆଡ଼ରେ ପୁଣି ବିହାର ।
ଅଜ୍ଞାତ. କବିତା ।

୧୯ । (ସଂ. ଉରସ୍)—ଔରସ; ପିତୃତ୍ୱ—
19. Fatherhood.

୨୦ । ମାତୃତ୍ୱ; ଗର୍ଭ—20. Motherhood; womb.
(ଅଡ଼ରେ ତଳେ ଉଦାହରଣ ଦେଖ)

୨୧ । ପ୍ରାଦେ. (ପୁରୀ) ବି—କଦଳୀ ଗଣିବା ବେଳେ ଗଣାଯିବା ସଂଖ୍ୟା ବିଶେଷ; ୬୪ ଯୋଡ଼ା ଓ ସ୍ଥଳ ବିଶେଷରେ ୮୦ ଯୋଡ଼ା—
21. An aggregate or unit of 64 (and at places 80) plantains.
(ଯଥା—ବିଶ୍ୱନାଥପୁରରେ ବର୍ତ୍ତମାନ ବନ୍ତଳକଦଳୀର ଭାଉ ଟଙ୍କାକୁ ଦୁଇ ଅଡ଼ା ।)

୨୨ । ପ୍ରାଦେ. (କଟକ; ପୁରୀ) (ସଂସ୍କୃତ—ଆଢ୍ୟ)—ବଙ୍ଗଦେଶୀୟ ବୈଶ୍ୟମାନଙ୍କ ବଂଶୋପାଧି 'ଆଢ୍ୟ'ର ଡାକନାମ ।
(ଆଡି଼)
22. A word commonly used for the more correct family-title Ādhya of the Baisyas of Bengal.
[ଦ୍ର—କଟକ ଓ ପୁରୀରେ ଆଢ୍ୟ ଉପାଧିଧାରୀ ସ୍ଥାୟୀ ଅଧିବାସୀ ବଙ୍ଗାଳୀଙ୍କୁ ଓଡ଼ିଆମାନେ 'ଅଡ଼' ଉପାଧିରେ ଡାକନ୍ତି ଓ ଲେଖନ୍ତି ।]

୨୩ । ପ୍ରାଦେ. (ଗଡ଼ଜାତ) ବି—କୌଣସି ପାଣିନାଳାକୁ ବନ୍ଧାଇ ମାଛ ମାରିବାପାଇଁ ନାଳାରେ ଅଡ଼ାଭାବରେ ଦିଆଯିବା ଲମ୍ବ କାଠ—23. A long piece of wood put on a dam across a channel to fish.
[ଦ୍ର—ଏ ଅଡ଼ାକୁ ମଝିରେ ମଝିରେ ଖୁଣ୍ଟ ପୋତି ଅଟକାଇବାକୁ ହୁଏ ଓ ଜଳସ୍ରୋତ ତାକୁ ନ ନେବାପାଇଁ ସ୍ରୋତରେ ବିପରୀତ ଦିଗରୁ ଏହାକୁ 'ପେଲା' ଦ୍ୱାରା ଠେସି ରଖିବାକୁ ହୁଏ ।]

୨୪ । ପୁରୁଷ ବା ସ୍ତ୍ରୀ ନିଜର ପତ୍ନୀ ବା ପତି ଏହି ଅର୍ଥରେ ବ୍ୟବହାର କରିବା ଶବ୍ଦ—24. A term used by a man or woman to mean his wife or her husband.
[ଦ୍ର—ଭଦ୍ରବ୍ୟକ୍ତି ଓ ବନ୍ଧୁମାନେ ନିଜ ସ୍ତ୍ରୀଙ୍କ କଥା ପଡ଼ିଲେ 'ମୋ ସ୍ତ୍ରୀ' ନ କହି 'ଘରଅଡ଼' 'ଭିତରଅଡ଼' ଶବ୍ଦ ବ୍ୟବହାର କରନ୍ତି । ଯଥା—ଭିତର ଅଡ଼ରୁ ଆମକୁ ଆଜି ଡକରା ଆସିଛି ।' ଓ ସ୍ତ୍ରୀମାନେ ମଧ୍ୟ ନିଜ ସ୍ୱାମୀଙ୍କ ସମ୍ବନ୍ଧେ କହନ୍ତି 'ଦାଣ୍ଡଅଡ଼େ ଯାତ୍ରା ଦେଖିବାକୁ ଯାଇଅଛନ୍ତି ।']

ଦେ. ବିଣ. (ସଂସ୍କୃତ ଅରାଳ=ବକ୍ର; ତିର୍ଯ୍ୟକ୍)—
ଆଡ଼ ୧ । ବକ୍ର; ତିର୍ଯ୍ୟକ୍; ତେରଛା—1. Inclined; oblique;
ଆଡ଼; ଟେଢ଼ା; slanting (ଯଥା-ଅଡ଼ଖିଆ, ଅଡ଼ଦୃଷ୍ଟି)

୨ । ଅନ୍ତରିତ; ସ୍ଥାନାନ୍ତରକୁ ଗତ—2. Keeping aloof; gone away.

ପଣତ ପ୍ରସାଦ ମାଗୁଛି ମୁଁ ଏବେ ଆଡ଼ ହୁଅ ଥରେ ଦୟା କରି ।
ଗୋପାଳକୃଷ୍ଣ. ପଦ୍ୟାବଳୀ ।

୩ । ଅନ୍ତର୍ହିତ; ଅଦୃଶ୍ୟ—
3. Disappearing; invisible.

କ୍ଷଣେ ଲକ୍ଷଣରୁ ଅଡ଼ ହେଲେ ତଣ
ଦିଶ ଦିଶୁଛନ୍ତି ମତେ ଶୂନ୍ୟ । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୪ । ପଳାୟିତ; ଦ୍ରୁତଗତିରେ ଦୂରକୁ ଗତ; ଦୂରକୁ ଛୁଟିଯିବା—4. Fled away; moving off swiftly to a distance.

ଲକ୍ଷେ ଯୋଜନରେ ଶର ପଡ଼େ ଅଡ଼ ହୋଇ । ପୀତାମ୍ବର. ନୃସିଂହପୁରାଣ ।

୫ । ଈଷତ୍ ବକ୍ର; ଟେରା (ଆଖି)—
5. Sidelong; aslant; squinting (eye).

ଅଡ଼ନୟନ ବଙ୍କା ଭୂରୁ, ସ୍ୱାଙ୍କ ଜାଣିବ ଠକଙ୍କ ଗୁରୁ—ଢଗ ।

୬ । ଅଡ଼େଇ ଯିବା; ପାଖେଇ ଯିବା; ଏକପାଖକୁ ଘୁଞ୍ଚିଯିବା—
6. Moving off to one side.

କହୁ କହୁ ସମର ଯେ ଘଟିଲାକ ବେନି
ଦେଖିଣ ଅଡ଼ ହୋଇଲେ ଦେବ ନନ୍ଦନ । ମହାଦେବ. ମାର୍କଣ୍ଡେୟପୁରାଣ ।

୭ । (ସଂ. ଅଳ—ବାରଣ; ଅଟକ) ବିପକ୍ଷ; ପ୍ରତିକୂଳ; ବାମ—7. Opposed; inimical; unfavourable.
(ଯଥା—ତାକୁ ଦଇବ ଅଡ଼ ହେଲାଣି ।)

୮ । ତେରଛା ଭାବରେ ପଡ଼ିଥିବା—
8. Placed crosswise; laid across.
(ଯଥା—ଅଡ଼କାଠ; ଅଡ଼ବନ୍ଧ ।)

୯ । ବାଧାଜନକ; ବିଘ୍ନକର—
9. Obstructing; impeding.

୧୦ । (ସଂ. ଅର୍ଦ୍ଧ)—ଅର୍ଦ୍ଧ; ଅଧା—10. Half.

ତୁଲ୍ୟ ବାଲ୍ୟାରୁଣ ହୁଏତ ଲଗି ଚନ୍ଦ୍ରଦଶା ହୋଇ ଅଡ଼େ ଲାଗି
ତନ୍ମାନ କଳ୍ପନ କାନ୍ତ ତୀନତେଲ ପିନ୍ଧ ତଳବ କଳଯୌତାଙ୍ଗୀ ।
ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୧ । ଈଷତ୍; ସାମାନ୍ୟ—11. Slight.
(ଯଥା—ଅଡ଼ରୁସା; ଅଡ଼ଅବାର ।)

୧୨ । (ସଂ. ଉଦ୍‌ବୃତ୍ତ; ଅର୍ଦ୍ଧ)—ବଳି ପଡ଼ିଥିବା; ଉଦ୍‌ବୃତ୍ତ ରହିଥିବା—12. Remaining over.
(ଯଥା—ଅଡ଼ସିଥ ।)

୧୩ । ଅନ୍ୟଥାକୃତ; ଅବଜ୍ଞାତ—
13. Disobeyed; disregarded.
(ଯଥା—ମୁଁ ଆପଣଙ୍କ କଥାକୁ ଅଡ଼ କରି ପାରିବି ନାହିଁ ।)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ | ଣ,ଶ | କ୍ଷ | ଇଯ୍ | ଉଅ | ଊ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଓ | ଦୃ |

୧୪ । ଏକ ପାଖରେ ସ୍ଥିତ ବା ସଜ୍ଜିତ; ଏକପାଖିଆ—
14. One-sided; situated or arranged on one side.

ଆଡ଼ କଡ଼ଣ କର ମାର ଦେଇଛନ୍ତି । କୃଷ୍ଣସିଂହ. ମହାଭାରତ. ଅଦି ।

୧୫ । ଅମୁକ ସ୍ଥାନକୁ ଯାଉଥିବା ( ବାଟ ବା ରାସ୍ତା )—
15. (road) Leading to (such & such a place).

ଗଉଡ଼ ତୀର୍ଥ ଆଡ଼ ବାଟ ଗଲ
କହ ବଂଶୀ ଛୁଇଁ ଉଚ୍ଚ ବୋଲ । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୬ । ପ୍ରାଦେ. ( ପୁରୀ ) ବି—୬୨ ଯୋଡ଼ା ଓ ସ୍ଥଳ ବିଶେଷରେ ୪୦ ଯୋଡ଼ା ଲେଖାଏଁ ଗଣନ୍ତି କରାଯିବା (କଦଳୀ)—
16. ( plantains ) Counted by a unit of 64 or 80.

( ଯଥା—ସତ୍ୟବାଦୀରେ ଟଙ୍କାକୁ ଦେଢ଼ ଆଡ଼ କଦଳୀ ମିଳୁଛି । )

୧୭ । ଆଡ଼ର ( ଦେଖ )
17. Ārdara ( See )

**ଆଡ଼**—ଦେ. ବିଣର ବିଣ (ଅନ୍ୟ ଶବ୍ଦ ପୂର୍ବରେ ଲାଗେ ।)—
୧ । ( ସଂ. ଅର୍ଦ୍ଧ ) ଅଧା; ଅଧ—1. Half.
ଆଡ଼ ( ଯଥା—ଆଡ଼ପେଲା )
**आड़ा** ୨ । ଈଷତ୍; ସାମାନ୍ୟରେ—2. Slightly
( ଯଥା—ଆଡ଼ବଙ୍କା; ଆଡ଼ବନ୍ଦଇଅ । )
[ ବି—ସଂସ୍କୃତ ଅଡ଼ ଧାତୁ=to join=ଯୋଗ କରିବା; to stop=ବନ୍ଦ କରିବା, ଅଟକାଇବା; ଦ୍ରାବିଡ଼ୀୟ ଭାଷାମାନଙ୍କରେ ଅଡ଼ି ଧାତୁ ଅନେକ ଆକାର ଧାରଣ କରି ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହୁଏ, ନିକଟରେ ଥିବା—to be near; ନିକଟରେ—close to; ପାରହେବା—to cross ବନ୍ଦ କରିବା, ଅଟକାଇବା—to stop ଇତ୍ୟାଦି—ଦ୍ରବିଡ଼ Comparative grammar; ତୁଳ. ସଂ. ଅଲ=ବାରଣ, ଗ୍ରେକ୍(ହିନ୍ଦି-ଶବ୍ଦସାଗର)]

**ଆଡ଼ଅନ୍ତର**—ଦେ. ବିଣ. ( ସ. ଅର୍ଦ୍ଧ+ଅନ୍ତର )—ପାଖଛଡ଼ା; ପାର୍ଶ୍ୱରୁ
Ārda antara ଅନ୍ତରିତ—Dissociated or
ଅନ୍ତର separated from.
**अलग**

ସନ୍ତତି × × × ଯଦ୍ୟପି ପର ବିନୟର ସବୁବେଳେ ସାଥରେ ତାଙ୍କୁ ଛାଡ଼ି ନ ଆଡ଼ଅନ୍ତର ହୁଏ ନାହିଁ । ଫକୀରମୋହନ—ପ୍ରାୟଶ୍ଚିତ୍ତ ।

**ଆଡ଼ଅନ୍ଧାର**—ଦେ. ବି. ( ସଂ. ଅର୍ଦ୍ଧ+ଅନ୍ଧକାର )—
Ārdaandhāra ୧ । ଈଷତ୍ ଅନ୍ଧକାର—
ଏକটু আঁধার 1. Slight darkness.
**थोड़ासा अंधिआरा** ୨ । ଈଷତ୍ ଅନ୍ଧକାରମୟ ସ୍ଥାନ—
2. Slightly dark place.

ଗୋଟାଏ ଛକର ଆଡ଼ ଅନ୍ଧାରରେ ବନ୍ଧା ହୋଇଛି । ଫକୀରମୋହନ. ପ୍ରାୟଶ୍ଚିତ୍ତ ।

**ଆଡ଼ଆଖି**—ଦେ. ବି. ( ସ. ଅର୍ଦ୍ଧ+ଅକ୍ଷି ) ୧ । ଈଷତ୍ ଦୃଷ୍ଟି—
Ārdākhi 1. Glimpse; glance; slight look.
আড়চোক ୨ । ବକ୍ରଦୃଷ୍ଟି—2. Sidelong glance.
**कनआंख; जरानजर** ୩ । ଟେରା ଆଖି—Squinting eye

**ଆଡ଼ଆଖିଆ**—ଦେ. ବିଣ—୧ । ଟେରା—1. Squint-eyed.
Ārdaākhiā ୨ । ଯେ ବାଙ୍କଚାହାଣିରେ ଚାହେଁ—
আড়চোকে 2. Ogling; casting sidelong glances.
**कनआंखवाला**

**ଆଡ଼ଆଖିରେ ଚାହିଁବା**—ଦେ. କ୍ରି. ସକର୍ମକ—
Ārdaākhire ୧ । ସାମାନ୍ୟ ଦୃଷ୍ଟିରେ ଦେଖିବା—
chāhiṅbā 1. To cast a glance.
আড়চোকে চাওয়া; ୨ । ଈଷତ୍ ବକ୍ର ଦୃଷ୍ଟିରେ ଚାହିଁବା—
আড়েতাকান 2 To cast a sidelong glance;
**कनअंखियोमे तकाना** to look askance at.
୩ । ଟେରେଇ କରି ଚାହିଁବା—3. To squint at.
୪ । ( ଲକ୍ଷଣାର୍ଥ ) ସାମାନ୍ୟ ଅନୁଗ୍ରହ ପ୍ରକାଶ କରିବା; ଅନୁକୂଳ ହେବା—4. To cast a favourable look on; to look with a little favour on; to bestow a slight favour on; to be favourably disposed towards

**ଆଡ଼ଆଡ଼**—ଦେ. ବିଣ. ( ସଂ. ଅର୍ଦ୍ଧ+ଅର୍ଦ୍ଧ )—୧ । ଏକପାଖିଆ—
Ārdaārda 1. Sidelong.
୨ । ଲଜ୍ଜା, ଭୟ ବା ଅଭିମାନ ଯୋଗୁଁ ସାମନାରେ କଥା କହିବାକୁ ବା ଆଗରେ ଠିଆ ହେବାକୁ ସଙ୍କୋଚ ବୋଧ କରୁଥିବା (ବ୍ୟକ୍ତି)—2. Feeling sensitive to stand and speak face to face.
( ଯଥା—କୌଣସି କଥା ପଚାରିବାକୁ ମୁଁ ତାଙ୍କ ପାଖକୁ ଗଲେ ଆଡ଼ଆଡ଼ ହୁଏଁ । )

**ଆଡ଼ଆଡ଼ପେଲା**—ଦେ. ବିଣ ( ସଂ. ଅର୍ଦ୍ଧ+ବିକଚ )—
Ārdaārdapelā ୧ । ଥରକୁ ଥର ଈଷତ୍ ଖୋଲା ଯାଉଥିବା
আধআধভেজান ପୁନଃ ପୁନଃ ଈଷତ୍ ଉଦ୍ଘାଟିତ (କବାଟ)—
**कुछकुछखुला** 1. Partially opened over and over.

ହେଉଥାଇ ନାହିଁ, ତା ପଛ କବାଟ; ଆଡ଼ଆଡ଼ପେଲା କରୁ । ବନବାସ—ଟଙ୍କାଟ ।

୨ । ପୁନଃ ପୁନଃ ଆଡ଼ପେଲା ବା ଈଷତ୍ ମୁଦ୍ରିତ; ବାରମ୍ବାର ବଉଅଉଜା ହେଉଥିବା ( କବାଟ )—2. Slightly closed again and again.
(ଯଥା – ପବନଯୋଗ ତାଙ୍କ ଦାଣ୍ଡ କବାଟ ଆଡ଼ଆଡ଼ପେଲା ହୋଇଥାଏ ।)
୩ । ଆଡ଼ପେଲା ( ଦେଖ )
3. Ārdapelā.
[ବି—ଆଡ଼ ଶବ୍ଦର ଦ୍ୱିରୁକ୍ତି ଥର ପ୍ରୟୋଗ ପୁନଃପୁନଃ ଆଡ଼ପେଲା ହେବାର ସୂଚକ । ]

**ଆଡ଼ଆଡ଼ ହେବା**—ଦେ. କ୍ରି. ଅକର୍ମକ—୧ । ଲଜ୍ଜା, ଭୟ, ଅଭିମାନ
Ārdaārda hebā ସମ୍ଭ୍ରମ ଯୋଗୁଁ କୌଣସି ବ୍ୟକ୍ତିଙ୍କ
থাথা মামা হওয়া ସାମନାରେ ବା ମୁହାଁମୁହିଁ ଠିଆ ନ ହୋଇ
**अटपटाना** ସଙ୍କୋଚଯୁକ୍ତ ଓ ଏକପାଖିଆ ହେବା—1. To feel sensitive to stand before and speak to a person face to face.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାପ' ନ ମିଳିଲେ 'ଶାପ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

[ଦ୍ର—ଆମ ସମାଜରେ ବୋହୂ ଶାଶୁ ଆଦି ଗୁରୁଜନଙ୍କୁ ଦେଖିଲେ ଅଡ଼ଅଡ଼ ହୁଏ । ]

୨ । କୌଣସି କାର୍ଯ୍ୟରୁ ସାମାନ୍ୟ ଅନ୍ତରରେ ରହିବା; କୌଣସି କାର୍ଯ୍ୟ ସହିତ ସାକ୍ଷାତ୍‌ସମ୍ବନ୍ଧ ବା ଘନିଷ୍ଠ ସମ୍ପର୍କ ନ ରଖିବା—

2. To keep one's self aloof from any matter.

୩ । କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେବା; ଥାଥା ମାମା ହେବା—

3. To shrink from doing a thing.

୪ । କୌଣସି କାର୍ଯ୍ୟ କରିବାକୁ ଦୋଦୋପାଞ୍ଚ କରିବା; ଦ୍ୱିଧା କରିବା—4. To hesitate.

**ଅଡ଼ଉହାଡ଼**—ଦେ. ବି. ( ସଂ. ଅନ୍ତରାଳ + ଅନ୍ତରାଳ )—

Ārdauhārda ୧ । ଅଢ଼ୁଆଳ; ଅନ୍ତରାଳ—

আড়ওড়; আড়ালবিড়াল 1. Backside of an

आड़ओड़ intervening thing.

ପ୍ରାଣମିତଣି, ବନମୃକାଣୀ,

ଅଡ଼ଉହାଡ଼ରେ ରହି ଶୁଣାଇଲ—ଗୋପାଳକୃଷ୍ଣ. ପଦ୍ୟାବଳୀ ।

୨ । ପାର୍ଶ୍ୱବର୍ତ୍ତୀ ଅଦୃଶ୍ୟ ସ୍ଥାନ—2. Invisible place near by; a contiguous position which is not visible to a person.

ଶୁଣି ନ ଶୁଣିଲା ପରି ମୁଁ ଯାଉଛି

ଅଡ଼ଉହାଡ଼ରେ ଘେଟାଇ—ଗୋପାଳକୃଷ୍ଣ. ପଦ୍ୟାବଳୀ ।

୩ । ବାହାରେ ଥିବା ଲୋକଙ୍କୁ ଦେଖା ନ ଯିବା ଘରର ଭିତର ଅଂଶ—

3. A place inside the room which is not visible from outside.

ଲଙ୍କରେ ସେ ସତୀ ଅଡ଼ଉହାଡ଼ରେ ରହି—ବଳରାମ. ରାମାୟଣ ।

୪ । ଅଡ଼ମୁହାଁ; ଅଡ଼ତଅଡ଼; ବାଘମୁହାଁ; ଘର ଭିତରେ ଦୁଆରମୁହଁଠାରୁ କିଛି ଉଚ୍ଚାରେ ଦ୍ୱାରର ସାମନାରେ ନିର୍ମିତ ଅଧାକାନ୍ଥି ( ଏହି ଅଧାକାନ୍ଥି ଯୋଗୁଁ ବାହାରେ ଠିଆ ହେବା ବ୍ୟକ୍ତି ଘର ଭିତରର ଘଟଣା ଦେଖି ପାରେ ନାହିଁ । )—

4. A low wall or barrier built inside a room in front of the door, so that the inside is not visible from outside.

ଗୋପୀମାନଙ୍କର ବୋଲ ଶୁଣିଣ ଅଇଲେ

ଅଡ଼ଉହାଡ଼ରେ ରହି ଡାକ ଅନାଇଲେ—ନାରାୟଣ. ହରିବଂଶ ।

୫ । ଯେଉଁ କୋଠରୀର ଦୁଇ ଦିଗର କବାଟ ପରସ୍ପର ସମ୍ମୁଖୀନ ନ ହୋଇ ଅଡ଼ବାଗରେ ଲଗାଯାଇ ଥାଏ ( ଏପରି କୋଠରୀର ବାହାରେ ଠିଆ ହେବା ଲୋକର ନଜର କୋଠରୀ ଭିତରକୁ ଝଟି ଯାଇ ପାରେ ନାହିଁ । )—

5 A room in which the opposite doors do not directly face each other but are set, one collaterally to the other.

**ଅଡ଼କଣ୍ଟା**—ଦେ. ବି. (ସଂ. ଅର୍ଦ୍ଧ + କଣ୍ଟକ)—

Ārdakanta ୧ । ପରୋକ୍ଷ ଭାବରେ କୌଣସି ବ୍ୟକ୍ତି ପ୍ରତି ପ୍ରଯୁକ୍ତ

আলকাঁটা কଣ୍ଟା ବା ମୁନିଆ ଶସ୍ତ୍ର—

बगलिडङ्क; अङ्कुड़ि 1. A prick or pin by which a person is pricked indirectly, i e. by which sidelong pricks or pin-pricks are administered to a person.

[ଦ୍ର—ମୀରଟ ଅଭିଯୋଗରେ କମ୍ୟୁନିଷ୍ଟ ଖବରକାଗଜ ପଢ଼ି ଏବଂ ଘରୁ, ବାହାରୁ, ଉପରୁ ମାଲିକମାନଙ୍କ ଆଡ଼କଣ୍ଟା ଗେଞ୍ଜା ଖାଇ ଅବା ଧୈର୍ଯ୍ୟ ଧରି ରହି ପାରିବେ କିପରି ?

ଦୈନିକ ଆଶା—୪ । ୭ । ୨୯ ।]

୨ । ବକ୍ରାଗ୍ର କଣ୍ଟା—2. A hooked nail

**ଅଡ଼ କରିବା**—ଦେ. କ୍ରି. ସକର୍ମକ ( ଭୁଲ-ତାମିଲ-ଅଡ଼କ୍କୁ = ଏକଦା କରିବା; ଗଦା କରିବା; ସଂ. ଅଡ଼ ଧାତୁ

Ārda kariba ଓ ଅଲ ଧାତୁ = ବାରଣ କରିବା; ଅଟକାଇବା )—

আড়করা; এড়িয়ে দেওয়া; এলিয়ে দেওয়া

हटाना, ढकेलना; आड़करना ୧ । ତଡ଼ିବା; ଦୂର କରିବା; ଦୂରକୁ ହଟାଇବା; ସ୍ଥାନାନ୍ତର କରିବା—

1. To remove; to drive off

ପରଜନେ ଆଡ଼ କରନ୍ତି ନର । ଭକ୍ତଚରଣ. ମଥୁରାମଙ୍ଗଳ ।

୨ । ଅଡ଼େଇବା; ପାଖେଇବା—

2. To move to one side

ହସ୍ତୀକି ବେଗ କରି ନାଥ ଭୁ ଆଡ଼ କରି । ନାରାୟଣ. ହରିବଂଶ ।

୩ । ଯତ୍ନ ନ ନେବା—

3. To neglect; to take no care of.

( ଯଥା—ପିଲାଗୁଡ଼ିକୁ ସାବତ ମା ଅଡ଼ କରି ଦେଲାଣି । )

୪ । ନ ଖଙ୍କୁଳିବା; ନ ପଚାରିବା; ପର କରିବା—

4. To ignore; to cease to enquire of; to treat as a stranger.

(ଯଥା—ମୋ ଝିଅ ମଲା ଦିନୁ ଜୋଇଁ ମତେ ଅଡ଼ କରି ଦେଲେଣି ।)

୫ । ପରିତ୍ୟାଗ କରିବା—5. To abandon.

( ଯଥା—ସେ ଜନ୍ମ କଲା ପିଲାକୁ ଆଡ଼ କରି ଦେଇ ଗୁଳିଗଲା । )

୬ । ସମ୍ପର୍କ ତୁଟାଇବା—

6. To cut off all connection.

( ଯଥା—ସେ ଦଶ ବାର ବରଷ ହେଲା ପୁଅ ମାଇପଙ୍କୁ ଅଡ଼ କରି ଦେଇଛି । )

୭ । ପାସୋରିବା—7. To forget.

( ଯଥା—ମୁଁ ବୁଢ଼ାଦିନେ ବହୁପାଠଯାକ ଅଡ଼ କରି ଦେଲିଣି । )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ' | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ୱ | ଡ଼ |

୮ । ଏକ ପାଖକୁ ରଖିବା ବା ସଜାଇବା—8. To put on one side; to arrange on one side.

ଅଡ଼ କରଣ କସ ମାନ ଦେଇଛନ୍ତି । କୃଷ୍ଣସିଂହ, ମହାଭାରତ, ଆଦି ।

୯ । ଅଡ଼ ବା ପ୍ରସ୍ଥଭାଗରେ ପକାଇବା—9. To put breadthwise; to throw across

ପୁଣି ଅଡ଼ କରଣ ରଙ୍ଗ ଦୋଷଡ଼ାକୁ । କୃଷ୍ଣସିଂହ, ମହାଭାରତ, ସଭା ।

୧୦ । ଆଡ଼ୁଆଳ କରିବା; ଅନ୍ତରାଳରେ ରଖିବା; ଅଢ଼ିବା—10. To put between; to put as a shield between.

( ଯଥା—ବରଷା ଛାଟରୁ ରକ୍ଷା ପାଇବାକୁ ମୁଁ ଛତାକୁ ଅଡ଼ କରି ଦେଲି । )

୧୧ । ଏକ ପାଖକୁ ବୁଲାଇ ଦେବା —11. To turn to one side; to turn away.

ବଳାଳ୍କାରେ ନଜର ଅସନ୍ତୁ ଉଠି
ଗୃହଁଲେ ସେ ନଳଙ୍କୁ ଅଡ଼ କରି ପିଠି । କୃଷ୍ଣସିଂହ, ମହାଭାରତ, ବନ ।

୧୨ । ଜୁଆ, ପଶା ଆଦି ଖେଳରେ ବାଜି ବା ପଣ ରଖିବା—12. To lay a wager or stake in a game

ମୁଁ ବୋଇଲେ ଭଲ ସବୁ ଦ୍ରବ୍ୟ କଲି ଅଡ଼ । ପୀତାମ୍ବର,ନୃସିଂହପୁରାଣ ।

**ଅଡ଼କଲା**—ପ୍ରାଦେ. (ଗଡ଼ଜାତ) ବିଣ—ସମ୍ପୂର୍ଣ୍ଣରୂପେ ପାଚିବା ପୂର୍ବରୁ **Ardakala** ଈଷତ୍ କଳା ବା ହଳଦିଆ ହୋଇଥିବା ( କୋଳି ); ଈଷତ୍‌ପକ୍ୱ; ଅର୍ଦ୍ଧପକ୍ୱ—Half ripe (berry).

**ଅଡ଼କା**—ଦେ. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ଲାଗେ )—**Ardaka** ( ଅମୁକ ) ଅଡ଼ର; ଅଡ଼କାର; ଦିଗର—দিগের Of ( such and such ) side. ओरका

ଅଙ୍ଗପାଖିଆ ଗାଁ ଗୁରୁଅଡ଼କା ଲୋକେ ଚନ୍ଦନପୁର ନଗରକୁ ଧାଇଁ ଅଛନ୍ତି । ଫକୀରମୋହନ—ପ୍ରାୟଶ୍ଚିତ୍ତ ।

**ଅଡ଼କାଟି**—ବୈଦେ. ବି.—(ଇଂ. ଋକ୍ରୁଟର୍—**Ardakati** আডকাটি रक्रूट् पत्वारिया ୧ । ବିଦେଶକୁ କୁଲି ସଂଗ୍ରହ କରିବା ବ୍ୟକ୍ତିର ମଫସଲ ଗୁମାସ୍ତା; ଯେଉଁ ବ୍ୟକ୍ତି ମଫସଲରେ କୁଲି ମାଲିକ ପାଇଁ କୁଲି ସଂଗ୍ରହ କରେ—1. A village cooly-recruiter; a cooly recruiter's agent.

୨ । ସମୁଦ୍ର ଓ ନଦୀର ଗଭୀରତାକୁ ଏବଂ ତଳେ ଥିବା ବୁଡ଼ା ପଥର ଆଦିକୁ ଜାଣି ଜାଣି ଜାହାଜ ଓ ନୌକାକୁ ନିରାପଦରେ ଚଳାଇ ଅପଦଜନକ ସ୍ଥାନମାନ ପାର କରିବାପାଇଁ ନିଯୁକ୍ତ ଅଭିଜ୍ଞ ଚାଳକ; କଡ଼ୁଆଳ—Pilot.

୩ । ଦେ. ବି.—ଅଡ଼କାଠ (ଦେଖ) Ardakatha (See)

**ଅଡ଼କାଠ**—ଦେ. ବି. ( ସଂ. ଦଣ୍ଡକାଷ୍ଠ )—**Ardakatha** আড়কাটি ୧ । ତନ୍ତୀର ବାଁଆ ପାଖରୁ ଡାହାଣକୁ ଲଗାଯାଇଥିବା ଦଣ୍ଡ—1. The beam of a आड़काठ; डाँड weaver's loom; a weaver's beam; a weaver's rod.

আড়কাঠ; আড়কাঠা आड़ाकाठ; आड़िकाठ ୨ । ଘରଲଘରର ଗୋଟିଏ କାନ୍ଥ ଉପରୁ ବିପରୀତ କାନ୍ଥର ମୁଣ୍ଡକୁ ଚଉଡ଼ା ଭାଗରେ ପଡ଼ିଥିବା କାଠ; ଓସ୍ତ—2. Cross-beam laid on the top of the opposite walls of a thatched house.

ଅଡ଼କାଠରେ ଦେଖ ହୋଇଛି ଦେବଧନ
ଦେଖି ଅନନ୍ଦ ହୋଇଲେ ଯଶୋଦାର ମନ । ନାଗସୁନ୍ଦର, ହରିବଂଶ ।

আড়গড়া ୩ । ଅର୍ଗଳ; ଅଲଗଡ଼ା; ବାଟକୁ ବା ଖୋଲା ଯାଗାକୁ आलगड़ा; छड़ ସାମୟିକ ଅବରୋଧ କରିବା ( ଓ ଦରକାର ପଡ଼ିଲେ ଖୋଲିଦେବା ) ପାଇଁ ବାଟ ବା ଖୋଲା ଫାଙ୍କର ଦୁଇ ପାଖରେ ପୋତା ହୋଇଥିବା ଦୁଇ ଖୁଣ୍ଟର କଣାରେ ଗଳାଯାଇଥିବା କାଠ; ଧଡ଼ା—3. A cross-bar; a removable bar put across a road or opening to temporarily prevent free ingress and egress.

হড়িকাঠ ୪ । ପଶୁ ବଳି ଦେବାପାଇଁ ବ୍ୟବହୃତ ଅର୍ଗଳ ବା ଖିଲକ—4. A bar put across the opening of a contrivance in which the neck of a victim is put for being slaughtered.

हड़ि ୫ । ହଡ଼କାଠ; ହରକାଠ—হড়িকাঠ 5. The stocks; wooden fetters.

୬ । ନାଳ ବା ପଢ଼ଣି ପାର ହେବାପାଇଁ ନାଳ ଉପରେ ପ୍ରସ୍ଥଭାଗରେ ବା ଅଡ଼ଭାଗରେ ପଡ଼ିଥିବା ଲମ୍ବ କାଠ—6. Any piece of wood laid crosswise over a channel.

अड़डाडा ୭ । ଲମ୍ବଦଣ୍ଡରେ ଛକ ପଡ଼ ବନ୍ଧାଯାଇଥିବା ଛୋଟ ଦଣ୍ଡ—7. A small cross-bar attached horizontally to a standing pole.

୮ । ପ୍ରାଦେ. ( ସମ୍ବଲପୁର ) - ବି ବିଷମସମସ୍ୟା; ଧନ୍ଦା—8. Dilemma.

୯ । ପ୍ରାଦେ. ( ସମ୍ବଲପୁର ) ବି. — ଅଶଙ୍କିଅବସ୍ଥା—9. Awkward position or predicament.

( ଯଥା—ସେ ମତେ ଅଡ଼କାଠରେ ପକାଇଦେଲା )

**ଅଡ଼କାଠି**—ଦେ. ବି—ଅଡ଼କାଟି ( ଦେଖ ) **Ardakathi** Ardakati ( See )

**ଅଡ଼କାଠୁଆ**—ଦେ. ବି. (ସଂ. ଅର୍ଦ୍ଧ+କାଷ୍ଠ)—ଅଡ଼ବହଳ ( ଦେଖ ) **Ardakathua** Ardabahala ( See )

**ଅଡ଼କାର**—ଦେ. ବି. ( ଅନ୍ୟ ଶବ୍ଦ ପରେ ଲାଗେ )—ଅଡ଼ର ( ଦେଖ ) **Ardakara** Ardara ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼ି' ନ ମିଳିଲେ 'ଶାଢ଼ୀ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗିଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଡ଼କୁ**—ଦେ. ଅ. ( ଅନ୍ୟ ଶବ୍ଦ ପରେ ଲାଗେ; ତୁଳ— Ārḍaku ପ୍ରାକୃତ-ଅଡ୍ଡ=ଅଡ଼; ଦିଗରୁ; ତୁଳନାକର—ଇଂରାଜି— दिके towards = ଅଡ଼କୁ; homewards = ଘର ओर ଅଡ଼କୁ )—୧ । ( ଅମୁକ ) ର ତରଫକୁ—

1. Towards.

ଲୁଅଁର ବାଡ଼ ବସାବୁଥାର ଅଡ଼କୁ ମହିଁ କରୁଥିବାରୁ ସେମାନଙ୍କ ଦେଖି ନାହାନ୍ତି—
ଫକୀରମୋହନ. ପ୍ରାୟଶ୍ଚିତ୍ତ ।

୨ । (ଅମୁକ) ଦିଗକୁ—

2. Towards (such and such) a direction or quarter of the globe.

(ଯଥା—ସୂର୍ଯ୍ୟ, ତାରା, ଚନ୍ଦ୍ର ଆଦି ପୂର୍ବ ଅଡ଼ୁ ଉଦୟ ହୋଇ ପଶ୍ଚିମଅଡ଼କୁ ଗତି କରନ୍ତି । )

୩ । (ଅମୁକ ବ୍ୟକ୍ତିର) ନିକଟକୁ; ପାଖକୁ—

3. To; to the side of.

ବନହାଳ ପଞ୍ଚ ମେଲି ଚଳି କ୍ରୋଧଭରେ
ଶ୍ରୀରାମ ଅଡ଼କୁ ଧାଇଁ ଆସିଲା ବେଗରେ । ମଧୁସୂଦନ. ବାଳରାମାୟଣ

୪ । (ଅମୁକ) ଅଞ୍ଚଳକୁ—4. To (such and such) a locality.

(ଯଥା– କାଲିର ବରଷା ଓ କୁଅପଥର ପୁରୀ ଅଡ଼କୁ ହୋଇନାହିଁ ।)

୫ । ( ଭବିଷ୍ୟତରେ ଅମୁକ ସମୟ ) ସରିକି; ସୁଦ୍ଧା—

5. By or towards (any future time).

(ଯଥା—ମୁଁ କାଲିଅଡ଼କୁ କଟକ ଯିବି ଓ ଅମାବାସ୍ୟା ଅଡ଼କୁ ଗାଆଁକୁ ଫେରି ଆସିବି । )

୬ । ( ଅମୁକ ବ୍ୟକ୍ତିର ) ସପକ୍ଷରେ; ପକ୍ଷସମର୍ଥନ ପୂର୍ବକ; ତରଫକୁ ; ପକ୍ଷକୁ—6. In support of.

(ଯଥା—କଲିକାଶ୍ରୋରି ଶାଶୁ ତାକୁ ଗାଳିଦେଲାବେଳେ ବୋହୂ-ବିଚାରୀ ଅଡ଼କୁ ପଦେ କଥା କହିବାକୁ ଘରର ବାହାରଙ୍କର ଭରସା ପାଉ ନ ଥିଲା । )

୭ । (ଅମୁକ ବ୍ୟକ୍ତି ବା ବିଷୟ) କୁ ଲକ୍ଷ୍ୟ କରି; ଉଦ୍ଦେଶ୍ୟ କରି;ପରୋକ୍ଷରେ; ଅମୁକବ୍ୟକ୍ତି ପ୍ରତି —7. Referring to or alluding to (such and such a person or matter); indirectly.

ରାଧା—ମୋ ଅଡ଼କୁ କେଣେ ଚାହିଁ
ଲଳିତା—ଯଥାଯୋଗ୍ୟ ବୋଲି ମନ ରଖିଲଇ
କଥାକୁ କାହିଁକି କହୁ ।
ଗୋପାଳକୃଷ୍ଣ—ପଦ୍ୟାବଳୀ

୮ । (ଅମୁକ ସ୍ଥାନ) କୁ—8. To (such and such a place)

ନାଭି ପଦ୍ମରେ ବସି ସମସ୍ତଅଡ଼କୁ ଏକଦୃଷ୍ଟେ ଚାହିଁଥାଏ ।
ରାମଶଙ୍କର-ପ୍ରେମତରଙ୍ଗ ।

**ଅଡ଼କେ**—ଦେ. ଅ. (ସଂ. ଅର୍ଦ୍ଧ+ଏକ)—
Ārḍake ୧ । ଏକଦିଗରେ; ଏକ ପାଖରେ—

1. On one side.

एकदिगे (ଯଥା—ଡଗ୍ରିଜୁର ଅଡ଼କେ ବଟକଗ୍ ଓ ଅଡ଼କେ
एकआरमे ତହୁଲା ଦେବା ଉଚିତ ହେଲେ ତହୁଲା ହୁଏ ।)

୨ । ଏକପକ୍ଷରେ; ଏକଦଳରେ—2. In one party.

(ଯଥା—ମହାଭାରତଯୁଦ୍ଧରେ ଅଡ଼କେ ଅକ୍ଷୌହିଣୀ ନାରାୟଣୀ ସେନା ଓ ଅଡ଼କେ ଏକା ଶ୍ରୀକୃଷ୍ଣ ଯୋଗ ଦେଇଥିଲେ ।)

୩ । ଏକ ମୁଣ୍ଡରେ—3 At one end; at one extremity.

(ଯଥା—ଏ ବାଡ଼ିର ଅଡ଼କେ ରୁପା ଲୁଅଣି ହୋଇଅଛି, ଅଡ଼କେ ପିତଳ ମୁଦିଆ ବସିଛି ।)

**ଅଡ଼ଖରା**—ଦେ. ବି. (ସଂ. ଅର୍ଦ୍ଧ + ଖର )— ଆକାଶରେ ପୂର୍ବ ବା
Ārḍakharā ପଶ୍ଚିମରେ ସୂର୍ଯ୍ୟ ଥିବା ବେଳେ ତେର୍ଚ୍ଛା ହୋଇ
तिरछारोद ପଡ଼ିବା ଖରା—Oblique or slanting
टेड़ाधूप rays of the sun.

**ଅଡ଼ଖୁରା**—ଦେ. ବି. ( ତା—ଅଡ଼କ୍କୁ=ଏକତ୍ର କରିବା, ଗଦା-
Ārḍakhura କରିବା ।)—
पेड़ी ୧ । ଲୁଗା ଆଦି ରଖିବା ପାଇଁ ବ୍ୟବହୃତ ବେତର
सन्दूक ପେଡ଼ି ବା ମଞ୍ଜୁଷା—1 Cane box; a box of wicker work with a removable lid.

୨ । ଝିଅ ଶାଶୁ ଘରକୁ ପହିଲିପାଳି ଯିବାବେଳେ ତା ସଙ୍ଗେ ପଠାଯିବା କାଠର ବଡ଼ ଚିତ୍ର ପେଡ଼ି । (ହଳଦୀ, ମସଲା-ମସଲି, ପାନଅଁ, ଫରୁଆ, ଅଳତା ଆଦି ଏ ପେଡ଼ି ଭିତରେ ଥିବା ତାଲାର ଖୋପମାନଙ୍କରେ ରଖାଯାଏ )—

2. A big painted wooden box with a tray which is sent with a girl when she first goes to live with her husband.

[ ଦ୍ର—ଏହି ଶବ୍ଦ ପେଡ଼ି ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ । ]

**ଅଡ଼ଖୁରା**—ଦେ. ବି—ଅଡ଼ଖୁରି ( ଦେଖ )
Ārḍakhurā Ārḍakhura (See)

**ଅଡ଼ଖେମଟା**—ଦେ. ବି. (ସଂ. ଅର୍ଦ୍ଧ ଓ ହିନ୍ଦି. ଖେମଟା) —
Ārḍakhemaṭā ସଙ୍ଗୀତର ସହଜସାଧ୍ୟ ତାଳ ଓ ନୃତ୍ୟବିଶେଷ
आड़खेमटा ଖେମଟାର ଅର୍ଦ୍ଧ ତାଳ—A light
आड़ाखेमटा musical air and dance.

[ଦ୍ର—ଖେମଟା ତାଳର ଏକ ପଦକୁ ଦୁଇ ଅସମ ମାତ୍ରାରେ ବିଭକ୍ତ କରି ବ୍ୟବହାର କରିବା ତାଳ (ଯୋଗେଶଚନ୍ଦ୍ର) । ଏହା ୧୨ ଓ ମତାନ୍ତରରେ ୧୩୍ୟ ମାତ୍ରାଯୁକ୍ତ, ଏଥିରେ ୩ଟି ତାଳ ଓ ଗୋଟିଏ ଫାଙ୍କତାଳ ଥାଏ ( ଜ୍ଞାନେନ୍ଦ୍ର ) । ରାମଶଙ୍କର କାଞ୍ଚିକାବେରୀ ୨୧ ଓ ୩୨ ରେ ଏହି ତାଳର ଗୀତ ଅଛି । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଇଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ଓ | ନ୍ତ |

**ଆଡ଼ଖୋଷା**—ଦେ. ବି. ( ସ. ଅର୍ଦ୍ଧ+କୋଷ )—
Ārḍakhoshā ଦକ୍ଷିଣୀ ଖୋଷା; ମୁଣ୍ଡ ପଛଅଡ଼େ ବେକର ଏକ
বাঁকাখোপা ପାଖକୁ ଢଳା ହୋଇ ଝଉଁ ଫଳ ପ୍ରାୟ ସଜ୍ଜିତ ଜୁଡ଼ା—
**ढेढाखोंपा** A chignon made up on the back of the head and inclining to one side.
ଆଡ଼ଖୋଷା କୁସୁମ ଢୋଲ୍, ହା ହା କର ଲୁର୍ଣ୍ଣଲୁଡ କି ଛାଇ ।
ଉଞ୍ଜ, ଲାବଣ୍ୟବତୀ ।

**ଆଡ଼ଘିଅ**—ଦେ. ବି. (ସ. ଅର୍ଦ୍ଧଦଗ୍ଧ ବା ଉଦ୍‌ବୃତ୍ତ+ଘୃତ )—
Ārḍaghia—ପୁରି ଓ ପିଠାଆଦି ଛଣା ହେବା ପରେ କରେଇରେ ଥିବା
পোড়াঘী ଉଦ୍‌ବୃତ୍ତ ଘିଅ—Remaining ghee left out
**बचतिघी,** in the pan after cakes are fried.
**बचाहुआ घी**

**ଆଡ଼ଙ୍ଗ**—ପ୍ରାଦେ· ( ପୁରୀ-ଚିଲିକା ଉପକୂଳ ଓ ବାଲେଶ୍ୱର ) ବି—
Ārḍaṅga ଅଡ଼ଙ୍ଗ; ସମୁଦ୍ର-ଉପକୂଳରେ କରକଚ ( ସମୁଦ୍ର
আড়ঙ্গ; আড়ং ପାଣିକୁ ଖରାରେ ଶୁଖାଇ ପ୍ରସ୍ତୁତ ) ଓ ପଙ୍ଗା ( ସମୁଦ୍ର
**आढ़ङ्ग** ପାଣିକୁ ଜାଅଁରେ ଶୁଖାଇ ପ୍ରସ୍ତୁତ) ଲୁଣ ମରାଯିବା ପରେ ତାହା ଜମା କରାଯିବା ସ୍ଥାନ ବା ଗଞ୍ଜ; ଲୁଣକାଣ୍ଡୀ; ଲୁଣ-ଗୋଲା—A mart where manufactured salt is stored; warehouse for salt.

**ଆଡ଼ଚଉତାଲି**—ଦେ. ବି. ( ସଂ. ଅର୍ଦ୍ଧ+ଚତୁଃ+ତାଲ )—
Ārḍachautāḷi ୧ । ଏକ ପଦ ଓ ସାତ ମାତ୍ରାଯୁକ୍ତ ତାଲ-
আড়াচৌতাল ବିଶେଷ—1. Name of a musical
**आड़ाचौताल** measure.
୨ । ମୃଦଙ୍ଗର ତାଲବିଶେଷ—2. A musical measure employed in striking earthen drums.

**ଆଡ଼ଚକ୍ଷୁ**—ଦେ. ବି. ( ସ. ଅର୍ଦ୍ଧ+ଚକ୍ଷୁଃ )—ଆଡ଼ଆଖି ( ଦେଖ )
Ārḍachakshu Ārḍaākhi (See)

**ଆଡ଼ଚାଳ**—ଦେ. ବି. ( ସ. ଅର୍ଦ୍ଧ+ଚାଳ )—
Ārḍachāḷa ୧ । ଛୋଟ ଚାଳ—1. Small thatch.
আড়চালা; একচালা ୨ । ଏକଚାଳ; ଚାଳଘର—2. One sided
**एकरुखी छपर** thatch; a lean-to

**ଆଡ଼ଚାହାଣି**—ଦେ. ବି. ( ସ. ଅପାଙ୍ଗ+ଓ. ଚାହଁ ଧାତୁ )—
Ārḍachāhāṇi ବାଙ୍କଚାହାଣି; ଅପାଙ୍ଗ ଦୃଷ୍ଟି; ଈଷତ୍ ବକ୍ରଦୃଷ୍ଟି-
আড়চাউনী; আড়দৃষ্টি Sidelong glance; ogling.
**तीरछि नजर,**
**कनखी, टेढ़ी चितवन**

**ଆଡ଼ଚିର**—ଦେ. ବି. ( ସ. ଅପାଙ୍ଗ+ଚର ଧାତୁ )—
Ārḍachirā ୧ । ଏକ ପାର୍ଶ୍ୱକୁ ଡେଇଁବା—
লম্ফঝম্পা 1, Side-leap; caper.
**एकआर कुदना,** ଆଡ଼ଚିର ଗୋଟିଏକ ମାରି ଚଡ଼କଣି
କିବିକ୍ରମ ପ୍ରାପ୍ତେ ଉଭା ହେବା ଠାଣିମାଣି । ପୀତାମ୍ବର, ନୃସିଂହପୁରାଣ ।

୨ । ଏକପ୍ରକାର ନାଚ—2. A kind of dance.

**ଆଡ଼ଚିରମାରିବା**—ଦେ. କ୍ରି.—୧ । କଡ଼ବାଗରେ ଡେଇଁବା; ଏକ
Ārḍachirāmāribā ପାର୍ଶ୍ୱକୁ କୁଦାମାରିବା—1. To leap
লম্ফঝম্পকরা sideways; to cut capers
**उछाल कुद मारना** ଶୁଣିଣ ବଇକଳେଯ଼ ଆଡ଼ଚିର ମାରି,
ପୀତାମ୍ବର—ନୃସିଂହପୁରାଣ ।
୨ । ନାଚିଲା ବେଳେ ଏକ ପାଖକୁ କୁଦିବା—2. To cut capers while dancing.
ପୁଣି ନୃତ୍ୟ କରନ୍ତି ମାରନ୍ତି ଆଡ଼ଚିର । ସାରଳା ମହାଭାରତ ।

**ଆଡ଼ଛତା**—ଦେ. ବି. ( ସଂ. ଅପାଙ୍ଗ+ଛତ୍ର )—ରାଜା ଓ ଦେବତାଙ୍କ
Ārḍachhatā ଦେହରେ ଆଡ଼ଖରା ନ ପଡ଼ିବାପାଇଁ ସେମାନଙ୍କ
আঢনী; আডনী କଡ଼ରେ ଧରାଯିବା ପଙ୍ଖା ଆକୃତିର ଛତା;
**आढ़नी; अडानी** ଅଢ଼େଣି; କାସ—A fan-shaped umbrella held up on the side of a king or Deity to ward off the slanting rays of the sun.

**ଆଡ଼ଛତି**—ଗ୍ରା. ବି.—ଆଡ଼ଛତା ( ଦେଖ )
Ārḍachhati Ārḍachhatā (See)

**ଆଡ଼ଛାଟ**—ଦେ. ବି.—ତେରଛା ଭାବରେ ପଡ଼ୁଥିବା ବର୍ଷା ବା ଛିଟା
Ārḍachhāṭa ହେବା ପାଣିର ଆଘାତ—Splashing of slanting rain against ( a wall;) beating of slanting showers against something.
( ଯଥା—ପୂବେଇ ବର୍ଷା ଯୋଗୁଁ ପୂର୍ବପାଖ ହାତଅଳ କାନ୍ଥରେ ଆଡ଼ଛାଟ ମାରି କାନ୍ଥର ମାଟି ଧୋଇ ହୋଇଗଲାଣି । )

**ଆଡ଼ଠେକା**—ଦେ. ବି—ସଙ୍ଗୀତ ( ସ. ଅର୍ଦ୍ଧ+ସ୍ଥଗ ଧାତୁ,
Ārḍaṭhekā ଏଥିରେ ଗୋଟିଏ ପଦ ଅର୍ଦ୍ଧଭାଗରେ ବିଭକ୍ତ
আড়া, আড়াঠেকা ହେବାରୁ )—ଦ୍ରୁତ ବିଲମ୍ବିତରୂପେ ବଜାଯିବା
**आड़ाठेका** ମଧ୍ୟମାନ ତାଳ । [ଏହା ନଅ ମାତ୍ରାର ତାଲ; ଏଥିରେ ତିନିଟି ତାଲ ଓ ଗୋଟିଏ ଫାଙ୍କ ତାଲ ଥାଏ—
ସଙ୍ଗୀତ ରତ୍ନାକର—କ୍ଷେତ୍ରମୋହନ
ଏହା ଚତୁର୍ମାତ୍ରିକ ତାଲ; ମଧ୍ୟମାନ ଆଡ଼ଠେକାର ଦ୍ୱିଗୁଣ—
ଯୌଗେଶ୍ୱର୍ ]ଠେକା ବା କାୱାଲି ତାଳର ଏକ ପଦ ଦୁଇ ଅର୍ଦ୍ଧରେ ବିଭକ୍ତ ହୋଇଥିବା ତାଲ—(music) A sort of irregular musical air

**ଆଡ଼ଣ**—ଦେ. ବି.—( ସ. ଅଲ ଧାତୁ = ବାରଣ କରିବା;
Ārḍaṇa ରୋକିବା; ସ. ଅଡ୍ଡ ଧାତୁ=ବନ୍ଦକରିବା )—
এডান ୧ । ଅଡ଼ିବା କର୍ମ; ଦେହକୁ ଅସନ୍ନ ଆଘାତରୁ ରକ୍ଷା-
**बचाना; आड़ना** କରିବା କର୍ମ—Warding off blows. guarding of one's body against impending blows.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବିପକ୍ଷ ଯୋଦ୍ଧା ବା ମଲ୍ଲର ଆଘାତକୁ ଏଡ଼ିବାପାଇଁ ଯୋଦ୍ଧା ବା ମଲ୍ଲର କୌଶଳବିଶେଷ; ବିପକ୍ଷର ଶସ୍ତ୍ରାଘାତ ବା ମୁଷ୍ଟ୍ୟାଘାତ ଅପଣା ଦେହରେ ନ ଲାଗିବା ପ୍ରକାରେ ହାତ, ଅନ୍ୟ ଶସ୍ତ୍ର ବା ଢାଲଦ୍ୱାରା ଅପଣା ଦେହକୁ ରକ୍ଷା କରିବା—
2. A pose of a warrior or athlete to ward off the blows from an adversary; guarding of one's body from the blows of the attacking enemy with the hands or shield; a defensive pose.

ଅଡ଼ଣ ଡାଡ଼ଣ ସରିଲୁ ଯିବା, ଅଦୃଶ୍ୟ ହୋଇ ଠଣା ଧରିଥିବା ।
ଭକ୍ତଦାସ. ମଥୁରାମଙ୍ଗଳ ।

ଆଡ଼ନୀ
ढाल
୩ । ( ହି. ଅଡ୍‌ଡନ )—ଢାଲ—Shield.
ଗଦା ଖଡ଼ଗ ଆଡ଼ଣ ନାନା ଫଳା ଧରି । ବଳରାମ—ରାମାୟଣ ।

୪ । ( ପ୍ରାଚୀନ ) ଯୁଦ୍ଧରେ ବ୍ୟବହୃତ ଶସ୍ତ୍ରବିଶେଷ—
4. A kind of weapon used in ancient times.

ପିଠିରେ ଫଳା ଅଡ଼ଣ ସଙ୍ଗେ ନାହିଁ ସେନ୍ଧା । ସାରଳା ମହାଭାରତ ।

୫ । ଅଡ଼ଖରା ନିବାରଣାର୍ଥ ଟଙ୍ଗା ହୋଇଥିବା ପରଦା—
5. Screen hung up to keep off the slanting rays of the sun.

**ଅଡ଼ଣି**—ଦେ. ବି. (ସଂ. ଅଟ୍ଟନୀ; ଅଡ୍‌ଡନୀ)—
Ārdaṇi ୧ । ଢାଲ—1. Shield.
ଆଡ଼ନୀ
आडण
ଅଡ଼ଣି ଜାଣି ଯୋଡ଼ିଲା ଭିଦେ ଆଣି
ଭେଦ ନୋହିଲା ଉଦ୍‌ବେଗେ—ଭକ୍ତ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଅଡ଼ଛତା (ଦେଖ)—2. Ārdachhatā See)
୩ । ପଙ୍ଖାଆକୃତିର ରାଜସମ୍ଭାରବିଶେଷ—3. A royal paraphernalia in the shape of a fan.

ଅଡ଼ଣୀ ଚାମରଯୁଗଳୀ ମୟୂରଚୂଳ
ନଯୋଗୀଜନ ଗଣେ—କବିସୂର୍ଯ୍ୟ. ଚନ୍ଦ୍ରକଳା ।

୪ । ପ୍ରାଦେ. (ଗଡ଼ଜାତ)—ବି ପ୍ରଗନା; ରାଜ୍ୟର ରାଜସ୍ୱବିଭାଗୀୟ ଅଂଶବିଶେଷ—
4. Perganna; a fiscal division.

୫ । ପ୍ରାଦେ. (ଗଞ୍ଜାମ) ବି. ( ସଂ. ଆଡ଼ମ୍ବର )—ଆଡ଼ମ୍ବର—
5. Pomp; grandeur.
[ଦ୍ର— ତାଙ୍କେ ଖୁବ ଅଡ଼ଣିରେ ଅଛନ୍ତି । ]

୬ । ପ୍ରାଦେ. (ସମ୍ବଲପୁର) ଅଡ୍‌ନୀଜାଲ୍ (ଦେଖ)
Ādnījāl (See)

୭ । ପ୍ରାଦେ. ( ଗଡ଼ଜାତ; ଖୋରଧା ) ଅସମାନ ବାଟରେ ଯାଉଥିବା ଶଗଡ଼ର ଗୋଟିଏ ଚକ ଯେଉଁ ଖାଲୁଆ ଗୁଳା ବା ସରରେ ପଡ଼ିଥାଏ—7. The lower truck or rut in an unlevel cart-track.

**ଆଡ଼ତ୍**—ବୈଦେ. ବି. (ଫା. ଅଡ଼ତ୍; ମୂଳ—ସଂ. ଅନୃତ)—
Ārdat ୧ । ପେଣ୍ଠ; ଗଞ୍ଜ; ଯେଉଁ ସ୍ଥାନରେ ପଣ୍ୟଦ୍ରବ୍ୟମାନ କ୍ରୟ-ବିକ୍ରୟାର୍ଥ ଗୁଣ୍ଡ କରାଯାଏ—
ଆড়ত
आढत; अडत 1. Mart; emporium.

୨ । ଦଲାଲ ବା ଦଣ୍ଡିଦାରମାନଙ୍କ ଜରିଅରେ ପଣ୍ୟଦ୍ରବ୍ୟର କ୍ରୟବିକ୍ରୟ ପାଇଁ ରାଜାଦେଶଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନ—
2. A licenced mart for wholesale transactions carried on through commission-agents.

୩ । ପଣ୍ୟଦ୍ରବ୍ୟ ସଞ୍ଚିତ ହେବାର ଭଣ୍ଡାର; ଗୋଦାମଘର—
3. Warehouse; godown

**ଆଡ଼ତ୍‌ଦାର୍**—ବୈଦେ. ବି. ( ଫା. ଅଡ଼ତ୍‌ଦାର )—
Ārdatdār ୧ । ନିର୍ଦ୍ଦିଷ୍ଟ ପାରିଶ୍ରମିକ ପାଇ ଅନ୍ୟ ବ୍ୟକ୍ତିଙ୍କ ପଣ୍ୟଦ୍ରବ୍ୟମାନ ବିକାକିଣା କରାଇ ଦେବାପାଇଁ ରାଜାଦେଶପ୍ରାପ୍ତ ବ୍ୟକ୍ତି; ଆଡ଼ତିଆ; ଦଣ୍ଡିଦାର୍—
আডতদার
आढतदार
1. A licenced commission agent for sale and purchase of merchandise.
[ଦ୍ର— ଅଡ଼ତ୍‌ଦାରର ପାରିଶ୍ରମିକକୁ ପାଉସେଶି ବୋଲାଯାଏ । ]

୨ । ଯେଉଁ ବ୍ୟକ୍ତି କିଛି କମିସନ୍ ନେଇ ଘରୋଇ ଭାବରେ ଅନ୍ୟ ବ୍ୟକ୍ତିର ପଣ୍ୟଦ୍ରବ୍ୟକୁ ବିକାକିଣା କରାଇଦିଏ; ଦଲାଲ—2. A private commission agent.

୩ । ପଣ୍ୟଦ୍ରବ୍ୟକୁ ସାଇତି ରଖିବାପାଇଁ ଅପଣା ଜିମାରେ ନେବା ବ୍ୟକ୍ତି—3. A warehouse-keeper.

**ଆଡ଼ତ୍‌ଦାରି**—ବୈଦେ. ବି. ( ଫାରସୀ )—
Ārdatdāri ଆଡ଼ତ୍‌ଦାରର କର୍ମ ବା ପେଶା—The business or profession of a commission agent; commission agency.
আড়তদারি
आढतदारी

**ଆଡ଼ତାଳ**—ଦେ. ବି. (ସଂ. ଅର୍ଦ୍ଧ+ତାଳ)—
Ārdatāḷa ସଙ୍ଗୀତର ତାଳବିଶେଷ—
আড়তাল Name of a musical measure.
आडताल

**ଆଡ଼ତି**—ଦେ. ବି. ( ସଂ. ଅର୍ତ୍ତି=ପୀଡ଼ା; ପରିଶ୍ରମ ଯୋଗୁଁ ପୀଡ଼ା ହେବାରୁ )—୧ । ଗୃହକର୍ମ; ଗୃହର ଦୈନନ୍ଦିନ ସାମାନ୍ୟ କର୍ମ; ଘରପାଇଟି । ( ଯଥା—ଘରଲିପା, ଘରଓଳିଆ, ବାସନମଜା, ଅଇଁଠାପୋଛା)—
Ārdati
পাট, পাইট
खिदमत, टहल
1. Menial domestic duties; petty household duties of everyday life.

ଅବର ଅର୍ଜିବେ ଅପକୀର୍ତ୍ତି ପ୍ରଜାପତି, ସକଳ ଦେବଙ୍କୁ ଆଣି କରାନ୍ତି ଅଡ଼ତି—
ମହାଦେବ—ମାର୍କଣ୍ଡେୟପୁରାଣ ।

୨ । ସାଧାରଣ କର୍ମ; କାର୍ଯ୍ୟ—Ordinary work.

[ଦ୍ର— ପ୍ରତିଦିନ ସକାଳେ ଗୃହର ଯେଉଁ ଯେଉଁ ଅବଶ୍ୟକୀୟ କର୍ମ କରାଯାଏ ତାକୁ 'ବାସୀ ଅଡ଼ତି' କହନ୍ତି । ଯଥା—ଅଗଣାରେ ଗୋବର ପାଣି ଛିଞ୍ଚିବା, ଘରଲିପିବା, ଗତ କାଲିର ଅଇଁଠା ବାସନ ମାଜିବା, ଦାଣ୍ଡ, ବାଡ଼ିଅଡ଼ ଓ ଅଗଣା ଓଳାଇବା ଇତ୍ୟାଦି । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଛ | ଇସ୍ | ଡ଼ | ଭ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଢ଼ | ନ୍ନ |

**ଆଡ଼ତଆ**—ଦେ. ବଣ. ପୁଂ ଓ ସ୍ତ୍ରୀ—ଗୃହ କର୍ମ କରିବାରେ ଦକ୍ଷ ବା ନିପୁଣ—Vigilant or expert in performing the menial duties of a household.
Ārdatiā
କେଜো; কেজুয়া
**खिदमती; टहलुआ**

আডতদার ଦେ. ବି.—୧ । ଅଡ଼ତ୍‌ଦାର୍ (ଦେଖ)
**अडतिया** 1. Ārdatdār ( See )

୨ । ଡାଗର; ଚର; ଦୂତ—Messenger.
(ଅଡ଼ଢଆଣି—ସ୍ତ୍ରୀ)

ଦୁଷ୍ଟଙ୍କ ପେଟିଅଛନ୍ତି ଆଡ଼ତଆପଣେ—ମହାଦେବ—ମାର୍କଣ୍ଡେୟପୁରାଣ ।

୩ । ଆଦେଶବହ ଭୃତ୍ୟ; ଅର୍ଦ୍ଦଲି; ପାଖଲୋକ; ପିଆଦା-
3. Peon; an orderly servant.
୪ । ପାଇଟିଆଲ; ସାମାନ୍ୟ ଗୃହକର୍ମ କରିବାପାଇଁ ନିଯୁକ୍ତ ଭୃତ୍ୟ; ଟହଲିଆ—4. Menial servant

**ଆଡ଼ତଆଡ଼**—ଦେ. ବି—ଅଡ଼ଢହାଡ଼ (ଦେଖ)
Ārdatiārda Ārdatihārda ( See )

ପୁରେ ପୁରେ ପଶି କରି ଗଲେ ସବୁ ଦେଖି
ଅଡ଼ତହାଡ଼ ବୋମନ୍ତି ବାଳ ଅଣିପାଣି
ପୀତାମ୍ବର—ନୃସିଂହପୁରାଣ ।

**ଆଡ଼ତପତ୍ର**—ଦେ. ବି. (ସହଚର; ଦ୍ୱିତୀୟ ଶବ୍ଦ ନିରର୍ଥକ)—ଗୃହର ନାନାବିଧ ସାମାନ୍ୟକର୍ମ—The various menial duties of a household.
Ārdatipatrā
পাটঝাঁট; পাইটপত্র
**टहलटकोर**

**ଆଡ଼ତହାଡ଼**—ଦେ. ବି—ଅଡ଼ମୁହିଁ (ଦେଖ)
Ārdatihārda Ārdamuhin ( See )

ଆଡ଼ତହାଡ଼ କରନ୍ତି ବାଡ଼ବାଙ୍କ ମେଲ
ଖୋଜନ୍ତି ଯାବତପୁରେ ପେଶି ଦେଇ ଭଲ ।
ପୀତାମ୍ବର—ନୃସିଂହପୁରାଣ ।

**ଆଡ଼ଦୀର୍ଘ**—ଦେ. ବି. ( ସଂ. ଅଳ=ରେଖା+ଦୀର୍ଘ )—୧ । ପ୍ରସ୍ଥ ଓ ଦୈର୍ଘ୍ୟ—1 Breadth and length.
Ārdadirgha
আডদীঘ
**आडालम्बाइ**
**चउड़ाइलम्बाइ**

୨ । କ୍ଷେତ୍ରଫଳ—2. Area

ଦ୍ୱାଦଶ କୋଟି ଲକ୍ଷ ଯୋଜନ ପ୍ରମାଣ ହୁଲେ
ଆଡ଼ଦୀର୍ଘ ବିସ୍ତାର ଯେ ଅଙ୍କେ କମ୍ପଶାଳେ—ବସ୍ତୁଗର୍ଭପୁରାଣ ।

ଦେ. ବଣ.—ପ୍ରଶସ୍ତ ଓ ଦୀର୍ଘ; ଖୁବ୍ ଚଉଡ଼ା ଓ ଖୁବ୍ ଲମ୍ବା—Broad and long; very broad and very long.

**ଆଡ଼ଦୀର୍ଘରେ**—ଦେ. ଅ.—ଆଡ଼ଦୀର୍ଘେ (ଦେଖ)
Ārdadirghare Ārdadirghe (See)

**ଆଡ଼ଦୀର୍ଘେ**—ଦେ. ଅ.—୧ । ଦୀର୍ଘରେ ଓ ପ୍ରସ୍ଥରେ—1. In length and breadth; lengthwise and breadthwise.
Ārdadirghe

ଚନ୍ଦ୍ରମୁଖୀ ନାମରେ ବନ ଅଛି ତାହା ପାଶ
ଆଡ଼ଦୀର୍ଘେ ବନ ଅଟେ ପଞ୍ଚାଶତ କୋଶ ।
ମହାଦେବ—ମାର୍କଣ୍ଡେୟପୁରାଣ ।

୨ । (ଅମୁକ ଅଞ୍ଚଳର) ସମୁଦାୟ ସ୍ଥାନରେ; ଅଞ୍ଚଳ ତମାମ୍—Throughout the length and breadth of a place.
(ଯଥା—ପୁରୁଷୋତ୍ତମରେ ଅଡ଼ଦୀର୍ଘେ ଖୋଜିଲେ ଏପରି ଜଣେ ବିଚକ୍ଷଣ ଲୋକ ମିଳିବ ନାହିଁ )

୩ । ପ୍ରସ୍ଥ ଅଡ଼େ ଓ ଦୀର୍ଘ ଅଡ଼େ ଏତେ ଦୂରଭୂମଧ୍ୟରେ-
3. Within a distance of so much in length and breadth.
(ଯଥା—ଆମ ଗାଁର ଅଡ଼ଦୀର୍ଘେ ପାଞ୍ଚ କୋଶ ମଧ୍ୟରେ ଡାକ୍ତରଖାନା ନାହିଁ । )

**ଆଡ଼ଧାରଣା**—ଦେ. ବି.—ବିପରୀତ ପାର୍ଶ୍ୱରେ ଅବସ୍ଥିତ ଦୁଇ ବସ୍ତୁ (ଯଥା—ଘରର କାନ୍ଥ) କୁ ଯଥାସ୍ଥାନରେ ସ୍ଥିର କରି ରଖିବାପାଇଁ ମଝିରେ ଯେଉଁ କାଠ ବା ବାଉଁଶର ଦଣ୍ଡ ଠେସ ଲଗାଯାଏ—Cross-bar; tie-beam.
Ārdadhāranā

**ଆଡ଼ନୟନ (ଇତ୍ୟାଦି)**—ଦେ. ବି—ଅଡ଼ଆଖି ଇତ୍ୟାଦି ( ଦେଖ )
Ārdanayana (etc) Ārdaākhi etc ( See )

**ଅଡ଼ପ**—ଦେ. ବି—୧ । ଗୁଣ୍ଡିଚାମଣ୍ଡପ ( ରଥଯାତ୍ରା ସମୟରେ ଜଗନ୍ନାଥ ମହାପ୍ରଭୁ ରଥରୁ ଓହ୍ଲାଇ ଯେଉଁ ମଣ୍ଡପରେ ବିଜେ କରନ୍ତି )—1. A platform where the Deity Jagannātha takes rest on alighting from the car (at Puri )
Ārdapa

୨ । ଅଡ଼ପ ଅବଢ଼ା ( ଦେଖ )
2. Ārdapa abhardā ( See )

**ଅଡ଼ପଅବଢ଼ା**—ଦେ. ବି—ଗୁଣ୍ଡିଚା ଘରେ ଥିବା ସମୟରେ ଯେଉଁ ଅବଢ଼ା ବା ଅନ୍ନ ରନ୍ଧା ହୋଇ ଜଗନ୍ନାଥଙ୍କୁ ଭୋଗ ଲାଗେ—Boiled rice which is offered to the Deity Jagannātha while in the Gundichā mandapa.
Ārdapaabhardā

[ ଦ୍ର—ଏହି ଅଡ଼ପ ଅବଢ଼ାକୁ ପରମ ପବିତ୍ର ଜ୍ଞାନରେ ଭକ୍ତ ଲୋକେ 'ଅଡ଼ପ' କହନ୍ତି । ]

**ଅଡ଼ପଗଲା**—ଦେ. ବଣ—ସାମାନ୍ୟ ବାୟା; ଅଳ୍ପବାୟା—
Ārdapagalā Slightly mad.
(ଅଡ଼ପଗଲୀ —ସ୍ତ୍ରୀ)

**ଅଡ଼ପଟ**—ଦେ. ବି—କଡ଼ପଟ; ଏକପାଖ—
Ārdapata One side.

> ସାଧାରଣ ଲୋକେ ଏହିପରି ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ସାଉ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଡ଼ପଟିଆ**—ଦେ. ବିଣ—୧ । ଏକ ପାଖିଆ—
Ārdapaṭiā 1. Standing on one side.
୨ । ଅଢେଇ ହୋଇଥିବା—
2. Leaning to one side.
୩ । ଏକ ପକ୍ଷୀୟ; ଏକତରଫା—3. One sided.
( ଯଥା—ସେ ଅଡ଼ପଟ୍ଟିଆ କୁହାମଣା କଲା । )
ଦେ. କ୍ରି. ବିଣ—ଅଡ଼ପଟେ ( ଦେଖ )
Ārdapaṭe ( See )

**ଅଡ଼ପଟେ**—ଦେ. କ୍ରି. ବିଣ—୧ । ଏକ ପାଖରେ; କଡ଼ବାଗେ—
Ārdapaṭe 1 Sideways; sidewise.
୨ । ଚଉଡ଼ା ବାଗରେ—2. Breadthwise.

**ଅଡ଼ପଣନ୍ତ**—ଦେ. ବି—ଦେହର ପାର୍ଶ୍ୱରେ ଥିବା ପିନ୍ଧା ଲୁଗାର କାନି—
Ārdapaṇanta The end of the cloth hanging on the flanks.
ଭିଡ଼େ ଫରହର ଅଡ଼ପଣନ୍ତର ଫେର । ପୀତାମ୍ବର. ନୃସିଂହପୁରାଣ ।

**ଅଡ଼ପମଣ୍ଡପ**—ଦେ. ବି—୧ । ଅଡ଼ପ ( ଦେଖ )
Ārdapamaṇḍapa 1. Ārdapa ( See )
ଅଡ଼ପମଣ୍ଡପନାମେ ଅଛି ଏ ପ୍ରସିଦ୍ଧି ।
୨ । ଯଜ୍ଞବେଦୀ—2. A platform for performing sacrifice.
ଅଡ଼ପମଣ୍ଡପ ଯଜ୍ଞବେଦୀକି ଯେ କହି । ପୀତାମ୍ବର. ନୃସିଂହପୁରାଣ ।

**ଅଡ଼ପାଗଲା**—ଦେ. ବିଣ. ପୁଂ—ଅଡ଼ପଗଲା ( ଦେଖ )
Ārdapāgalā Ārdapagalā ( See )
(ଅଡ଼ପାଗଲୀ— ସ୍ତ୍ରୀ)

**ଅଡ଼ପାଣିଆଁ**—ଦେ. ବିଣ—ଅତି ବାଠୁଆ ନୁହେଁ; ଅଳ୍ପ ପାଣିଆଁ—
Ārdapāṇiāñ Neither thick or thin (liquid)

**ଅଡ଼ପେଲା**—ଦେ. ବିଣ—ଦରମେଲା; ଅଧମେଲା ( କବାଟ )—
Ārdapelā Half-opened ( door )

**ଅଡ଼ବଙ୍କା**—ଦେ. ବିଣ—୧ । ଏକ ପାଖକୁ ବଙ୍କ ହୋଇଥିବା—
Ārdabaṅkā 1. Curved sideways; crooked.
୨ । ଈଷତ୍‌ବକ୍ର—2. Slightly bent.
୩ । କୁଟିଳ; ଛଳ—3. Not straightforward; crooked.
୪ । ଛଳପୂର୍ଣ୍ଣ—4. Full of trick.
୫ । କପଟ—5. Crafty.
୬ । ଅନ୍ୟଥା କରାଯିବା; ଅପାଳିତ; ବ୍ୟତିକ୍ରାନ୍ତ—
6. Done otherwise; broken; not caried out ( pledge ).
୭ । କଥାର ଭଙ୍ଗ—7. Breach of promise.
ଦେ. ବି—ସାମାନ୍ୟ ବ୍ୟତିକ୍ରମ—Slight deviation.
ତାହାର ଅଠ ପହରରୁ ନିମିଷେ ଅଡ଼ବାଙ୍କ ହେବାର ନାହିଁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଅଡ଼ବନ୍ଧ**—ଦେ. ବି—କୌଣସି ନଦୀ ବା ନାଳରେ ଚଉଡ଼ାବାଗରେ ବନ୍ଧାଯାଇଥିବା ବନ୍ଧ; ଅଡ଼ବନ୍ଧ—
Ārdabandha A cross-dam; an earth bank thrown across a channel of water.

**ଅଡ଼ବହଳ**—ଦେ. ବିଣ.—ଅଡ଼ପାଣିଆଁ (ଦେଖ)
Ārdabahaḷa Ārdapāniāñ (See)

**ଅଡ଼ବହିରା**—ପ୍ରାଦେ. (ସମ୍ବଲପୁର) ବିଣ—ବଡ଼ବୋଲା—
Ārdabahirā Hard of hearing.

**ଅଡ଼ବାଇ**—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଅର୍ଦ୍ଧବାଉଳ) ଅଡ଼ବାୟା (ଦେଖ)
Ārdabāi Ārdabāyā (See)
ଦେ. ବି.—ଅର୍ଦ୍ଧବାଉଳତା—Craziness.

**ଅଡ଼ବାଗ**—ଦେ. ବି.—ପ୍ରସ୍ଥ ବା ଚଉଡ଼ା ବାଗ—
Ārdabāga Crosswise manner.

**ଅଡ଼ବାଗେ**—ଦେ. କ୍ରି. ବିଣ.—ପ୍ରସ୍ଥରେ ପକାଇବାରୁପେ; ଚଉଡ଼ା ବାଗରେ—
Ārdabāge Athwart; cross-wise; breadthwise; transversely.

**ଅଡ଼ବାଙ୍କ**—ଦେ. ବି. ଓ ବିଣ.—ଅଡ଼ବଙ୍କା (ଦେଖ)
Ārdabāṅka Ārdabaṅkā (See)
(ଅଡ଼ବାଙ୍କୀ—ସ୍ତ୍ରୀ)
আড্‌বাঁকা
आडबाँक

**ଅଡ଼ବାଙ୍କି**— ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ ଅର୍ଦ୍ଧ+ବକ୍ର)—
Ārdabāṅki ୧ । ଅଡ଼ବାଗି (ଦେଖ)—Ārdabāgi (See)
আড্‌বাঁকা ୨ । ଯେ ଈଷତ୍ ବକ୍ରଦୃଷ୍ଟିରେ ଗୁହେଁ—
आडबांका 2. Ogling.

**ଅଡ଼ବାଙ୍କିଆ**—ଦେ. ବିଣ. ପୁଂ.—୧ । ଅଡ଼ବଙ୍କା (ଦେଖ)
Ārdabāṅkiā 1. Ārdabaṅkā See)
(ଅଡ଼ବାଙ୍କେଇ —ସ୍ତ୍ରୀ) ୨ । ଅଡ଼ବାଗିଆ (ଦେଖ)
2. Ārdabāgiā (See)

**ଅଡ଼ବାଙ୍କେ**—ଦେ. କ୍ରି. ବିଣ.—୧ । ଈଷତ୍ ବକ୍ରଦୃଷ୍ଟିରେ—
Ārdabāṅke 1. Askance.
ବିଷମ ପ୍ରୟୋଗେ ଶୁହାନ୍ତି ତାଙ୍କୁ ଅଡ଼ବାଙ୍କେ—ପୀତାମ୍ବର. ନୃସିଂହପୁରାଣ ।
୨ । କଡ଼ବାଗେ—2. Sideways.
୩ । ବଙ୍କା ହୋଇ; ବକ୍ରମାର୍ଗରେ—3. Obliquely.
ଗଗନୁ ନକ୍ଷତ୍ର ଖସିପଡ଼େ ଅଡ଼ବାଙ୍କେ—ପୀତାମ୍ବର. ନୃସିଂହପୁରାଣ ।

**ଅଡ଼ବାନିସୁନା**— ଦେ. ବି.—ଖାଣ୍ଟି ସୁନା—
Ārdabānisunā Pure gold.
କଷଟି ପାଷାଣେ ଅଡ଼ବାନିସୁନା ଗିରି ପରି ହୋଇ ଯେହି
ପଙ୍କଜ ପତ୍ରର ଶୋଭେ ଶୋଭୁଥିବ ମୋହର ବିନ୍ଧଣ ସେହି ।
ଭକ୍ତ. ଚରଣଦାସ ।

**ଅଡ଼ବାୟା**—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଅର୍ଦ୍ଧ+ବାଉଳ)—
Ārdabāyā ଅଡ଼ପାଗଲା; ଅର୍ଦ୍ଧବାଉଳ—Half-mad; crack headed; crazy.
আড্‌মাতলা
अधापागल
(ଅଡ଼ବାୟାଣୀ—ସ୍ତ୍ରୀ)

| ୧ | ଇ | ଝ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ଶ | ଜ୍ଞ | ଇସ୍ତ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୃ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଷ | ଢ଼ |

**ଆଡ଼ଭଏରା**—ପ୍ରାଦେ. (ସମ୍ବଲପୁର) ବିଣ—ବଡ଼ବୋଲ୍ଲା—
Ārḍabhaerā — Hard of hearing.

**ଆଡ଼ଭଙ୍ଗି**—ଦେ. ବି.—୧ । କଥାର ବକ୍ରତା ବା ଛଳ—
Ārḍabhaṅgi — 1. Verbal trick.
୨ । କୂଟ—2. Hypocricy.
୩ । ବକ୍ରୋକ୍ତି—3. Irony; inuendo.

ଠେଣ୍ଟ ଏ କନ୍ଦୁକ ମୋତେ ଆଡ଼ଭଙ୍ଗି କର । ପୀତାମ୍ବର. କୃଷ୍ଣ ହପୁରାଣ ।

**ଆଡ଼ଭଙ୍ଗିଆ**—ଦେ. ବିଣ—ବକ୍ରୋକ୍ତିପୂର୍ଣ୍ଣ (କଥା)
Ārḍabhaṅgiā — (speech) Full of irony.
ଅଡ଼ଭଙ୍ଗୀ } ସ୍ତ୍ରୀ. ବିଣ. ପୁଂ.—ବକ୍ରୋକ୍ତିପ୍ରିୟ—
ଅଡ଼ଭଙ୍ଗେଇ } Fond of inuendoes.

**ଆଡ଼ଭାରିଆ**—ଦେ. ବି.—ବିଦେଶାଗତ ଯାଯାବର ଜାତିବିଶେଷ
Ārḍabhāriā — (ଏମାନେ ଅଖିରୁ ପରଲ କାଢ଼ନ୍ତି)
A vagrant caste.

**ଆଡ଼ଭାଲିଆ**—ଦେ. ବି.—ଅଡ଼ଭାରିଆ (ଦେଖ)
Ārḍabhāliā — Ārḍabhāriā (See)

**ଆଡ଼ମୁହଁ**—ଦେ. ବି. (ଅର୍ଦ୍ଧ ଓ ମୁଖ)—ଯେଉଁ ଘରର ଦୁଇ ବିପରୀତ
Ārḍamuhaṅ — ଦିଗରେ ଦୁଆର ପରସ୍ପର ସମ୍ମୁଖରେ ବସି ନ ଥାଏ;
ବାଘମୁହଁ ଥିବା ଘର—
A house with a zigzag entrance.

**ଆଡ଼ମୁହାଁ**—ଦେ. ବି.—ଅଡ଼ମୁହଁ (ଦେଖ)
Ārḍamuhāṅ — Ārḍamuhaṅ (See)
(ଅଡ଼ମୁହାଁ—ସ୍ତ୍ରୀ) ଦେ. ବିଣ. ପୁଂ.—୧ । ଏକଆଡ଼କୁ ମୁହଁ
ବୁଲାଇଥିବା—1. Having the face turned to one side.
୨ । ଭ୍ରୁକୁଟୀ କରିଥିବା—2 Scowling.

**ଆଡ଼ମୁହାଁ**—ଦେ. ବିଣ. ସ୍ତ୍ରୀ.—ଆଡ଼ମୁହାଁର ସ୍ତ୍ରୀଲିଙ୍ଗ—
Ārḍamuhiṅ — Feminine of Ārḍamuhāṅ.
ଦେ. ବି.—ଅଡ଼ମୁହଁ (ଦେଖ)
Ārḍamuhaṅ (See)

ବୋମୁହାଁ ଆଡ଼ମୁହଁ ଯେ ଲକ୍ଷମୁହଁ ଭରା—ପୀତାମ୍ବର. କୃଷ୍ଣ ହପୁରାଣ ।

**ଆଡ଼ମେଘାଡମ୍ବରୁ**—ଦେ. ବି—ଏକପ୍ରକାର କାରୁକାର୍ଯ୍ୟ—A sort of
Ārḍameghāḍambaru — artistic work.

ପୀଢ଼ାମାନଙ୍କରେ ସ୍ୱର୍ଣ୍ଣ କଳସ ବସାନ୍ତି,
ଆଡ଼ମେଘାଡମ୍ବରୁ ଯେ ବମଲେ ଶୋଭନ୍ତି । ପୀତାମ୍ବର. କୃଷ୍ଣ ହପୁରାଣ ।

**ଆଡ଼ମୋଡ଼ା**—ଦେ. ବି.—ଅଳସ ଭାଙ୍ଗିବା; ଆଳସ୍ୟ ଦୂର କରିବାପାଇଁ
Ārḍamorḍā — ମୋଡ଼ି ଉଡ଼ି ହେବା—Stretching and
আডমোডা — rolling of the body on bed to drive
ड़ाँबाड़ोलहाना — away the feeling of laziness.

**ଆଡ଼ମ୍ବର**—ସଂ. ବି. (ଆ+ଦମ୍ ଧାତୁ—ଶାନ୍ତ ହେବା; ଜାତ୍କମକ୍
Ārḍambara — କରିବା+ଭାବ. ଅର)—
୧ । ଘନଘଟା; ସମାରୋହ; ସମାରମ୍ଭ; ଯାକ୍ଯମକ୍—
1. Pomp; ostentation; show; display.
୨ । ଭୂରି, କାହାଳୀ ଆଦିର ଧ୍ୱନି—
2. Sound of wind-instruments.
୩ । ଗମ୍ଭୀର ଉଚ୍ଚ ଧ୍ୱନି—3. Loud and grave sound; high muffled sound (eg; of thunder; elephants, lions etc.)
୪ । ରଣବାଦ୍ୟ ଧ୍ୱନି—4. Sound of war-drums.
୫ । ଦର୍ପ; ଗର୍ବ—5. Pride; arrogance.
୬ । ଆନନ୍ଦ—6. Pleasure.
୭ । ଏକତ୍ର ସନ୍ନିବେଶ—7. Conglomeration.
୮ । ବାହୁ ପ୍ରଭୃତି ଅଙ୍ଗମର୍ଦ୍ଦନ—8. Rubbing or massage of different limbs of the body.
୯ । ପକ୍ଷ୍ମ ବା ଆଖିପତାର ଲୋମ—
9. The furs of the eye-lashes.
୧୦ । ଘୋଘା; ବହୁଧ୍ୱନିମିଶ୍ରଣରୁ ଜାତ ଶବ୍ଦ—
10, Noise; ado.
୧୧ । କ୍ରୋଧ; ରାଗ—11. Anger; rage.
୧୨ । ଆରମ୍ଭ—12. Commencement.
୧୩ । ବାଚାଳତା—13. Talkativeness.
୧୪ । ମୁହଁ ବାଲିଗି—14. Bombast; pomposity.
୧୫ । ଗ୍ରହଆଡ଼େ ମେଘ ଘୋଟିବା—
15. Overclouding.

ନକ୍ଷତ୍ର ଗଣଙ୍କେ କେବେ ତୋ ଦେହ ଭୂଷିତ,
କେବେ ମେଘଆଡ଼ମ୍ବରେ ହସୁ ଭସ୍ମାଭ । ମଧୁସୂଦନ. ଆକାଶପ୍ରତି ।

ବିଣ—ସମାରୋହମୟ; ଆଡ଼ମ୍ବରଯୁକ୍ତ—
Pompous; ostentatious.

ଦେ. ବିଣ—ବହୁବିସ୍ତୃତ—Extensive.

ତା ରାଜ୍ୟକୁ ବେଢ଼ିଛନ୍ତି ପର୍ବତର ମାଳା,
ଅଡ଼ମ୍ବର ଲତାମାନ ହୋଇଛି ଗହଳା । ସାରଳା. ମହାଭାରତ ।

**ଆଡ଼ମ୍ବରିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଆଡ଼ମ୍ବର ପୂର୍ଣ୍ଣ—
Ārḍambariā — 1. Pompous; showy; ostentatious; gaudy.
আডম্বরে
भड़किला — ୨ । ଆଡ଼ମ୍ବର ପ୍ରିୟ—2. Fond of pomp.

**ଆଡ଼ମ୍ବରୀ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଆଡ଼ମ୍ବରିଆ (ଦେଖ)
Ārḍambari — Ārḍambariā (See)

**ଆଡ଼ମ୍ବରୁ**—ଦେ. ବିଣ. (ସଂ. ଉଦୁମ୍ବର)—ଉଦୁମ୍ବର (ଦେଖ)
Ārḍambaru — Udumbara (See)

ସାଧାରଣ ଲୋକେ ଅପର ସ୍ଥାନରେ ସ୍ଵତନ୍ତ୍ର ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଡ଼ମ୍ବାଜ୍**—ଦେ. ବିଣ.—ଅଡ଼ମ୍ବାଜ୍ ( ଦେଖ )
Ārdambāj — Ardambāj ( See )

**ଆଡ଼ମ୍ବାଜି**—ଦେ. ବି.—ଅଡ଼ମ୍ବାଜି ( ଦେଖ )
Ārdambāji — Ardambāji ( See )

**ଆଡ଼ଯୁଆଳି**—ଦେ. ବି.—ଯୁଆଳିର ଖିଲ୍—
Ārdajuāli — The pins at the end of a yoke.

**ଆଡ଼ର୍**—ପ୍ରାଦେ. ବୈଦେ. ଇଂ. (ଗଞ୍ଜାମ) ବି.—ଅର୍ଡ଼ର୍; ଆଦେଶ—
Ārdar — Order.

**ଆଡ଼ରୁ**—ଦେ. ଅ.—୧ । ଅଡ଼ୁଁ (ଦେଖ)—1. Ārdun̄ (See)
দিক্‌থেকে ୨ । (ସ୍ତ୍ରୀର) ଗର୍ଭରୁ—2. From the womb of.
ओर्‌से
୩ । (ପୁରୁଷର) ଔରସରୁ—3 From the loins of.

**ଆଡ଼ରୁଷା**—ଦେ. ବି. (ସଂ. ଅର୍ଦ୍ଧରୋଷ)—୧ । ଅଳ୍ପ ଅଭିମାନ—
Ārdarushā — 1. Slight displeasure.
রাগরাগভাব ୨ । ଅବ୍ୟକ୍ତ ଅଭିମାନ—
रुसा — 2. Unexpressed sulleness.
(ଆଡ଼ରୁଷୀ—ସ୍ତ୍ରୀ) ଦେ. ବିଣ. ପୁଂ.—ଅଭିମାନୀ; ଚପଳ—
Saucy; petulant.

**ଆଡ଼ରେ**—ଦେ. ଅ.—୧ । ଚଉଡ଼ା ବା ପ୍ରସ୍ଥ ଭାଗରେ—
Ārdare — 1. Breadthwise.
দিগে ୨ । ଏ ପାରିରୁ ସେ ପାରିକୁ—
आरमे — 2 Crosswise; across.
୩ । ( ଅମୁକ ) ଦିଗରେ—
2. In such a quarter or direction.
୪ । ( ଅମୁକ ) ପକ୍ଷରେ—4 In the party of.
ଦୁର୍ଯ୍ୟୋଧନ ଆଡ଼ରେ ଅଛନ୍ତି ସପ୍ତରଥୀ—ସାରଳାମହାଭାରତ ।
୫ । ( ଅମୁକ ପୁରୁଷର ) ଔରସରେ—
5. Begotten by ( such a father )
୬ । ( ଅମୁକ ) ପାଖରେ—6. By the side of.
୭ । ( ଅମୁକ ସ୍ତ୍ରୀର ) ଗର୍ଭରେ—
7. From the womb of (such a mother)
ଏ ବାହାରେ ପୁଣି ତ ଥିବ ଭକ୍ତ ଶ୍ରେଷ୍ଠ
ବୈଶ୍ୟ ସ୍ତ୍ରୀ ଆଡ଼ରେ କଲେ ଜୋଡ଼ା ତନୟେ—କୃଷ୍ଣସିଂହ. ମହାଭାରତ ।
୮ । ( ନାଟକୀୟ ) ଏକାଧିକ ଅଭିନେତାଙ୍କ ସମକ୍ଷରେ ଜଣେ ଅଭିନେତା ଅନ୍ୟକୁ ଗୋପନରେ କିଛି କହିଲେ ନାଟ୍ୟକାରମାନେ ଏହି ଶବ୍ଦ ବ୍ୟବହାର କରନ୍ତି—
8. ( drama ) Aside

**ଆଡ଼ସନ୍ଧିଆ**—ଗ୍ରା. ବି.—ଅଣସନ୍ଧିଆ (ଦେଖ)
Ārdasandhiā — Anasandhiā (See)

**ଆଡ଼ସରା**—ପ୍ରାଦେ. ( ସମ୍ବଲପୁର) ବି.—୧ । ଅର୍ଗଳ—
Ārdasarā — 1. A cross-bar.
୨ । ଛାମୁଣ୍ଡିଆ ଉପରେ ଆଡ଼ଭାଗରେ ପକାଯିବା କାଠ ବା ବାଉଁଶ ଖଣ୍ଡମାନ—2 Long poles put across the frame-work of an awning.

**ଆଡ଼ହେବା**—ଦେ. କ୍ରି.—୧ । ଅନ୍ତରେଇଯିବା; ପାଖେଇଯିବା—
Ārdahebā — 1. To move to one side.
আড়হওয়া ଅଭିମନ୍ୟୁ ବୋଲେ ଆଡ଼ ହୁଅ ମହାତମା—ସାରଳାମହାଭାରତ. ଦ୍ରୋଣ ।
हटयाना ୨ । ସ୍ଥାନ ତ୍ୟାଗ କରିବା; ସ୍ଥାନାନ୍ତରକୁ ଯିବା—
2. To leave a place; to go elsewhere.
ପିତାର ପାପକୁ ଦେଖି ପୁତ୍ରେ ଆଡ଼ ହେଲେ—ସାରଳାମହାଭାରତ ।
୩ । ଦୂରରେ ରହିବା—
3. To keep aloof; to stand aloof.
କହୁ କହୁ ସମର ଯେ ଲାଗିଲାକ ବେନି,
ଦେଖିଣ ଆଡ଼ ହୋଇଲେ ଦକ୍ଷର ନନ୍ଦିନୀ । ପୀତାମ୍ବର. ନୃସିଂହପୁରାଣ ।
୪ । ସ୍ଥାନ ଛାଡ଼ି ପଳାଇଯିବା—4. To flee away.
ଶଙ୍ଖ ଆସନ୍ତେ ଅସୁରେ ଗଲେ ଆଡ଼ ହୋଇ । ପୀତାମ୍ବର. ନୃସିଂହପୁରାଣ ।

**ଆଡ଼ହୋ**—ଦେ. କ୍ରି. ( ଆଡ଼ହେବା କ୍ରିୟାର ଅନୁଜ୍ଞାରୂପ )—
Ārdaho — ରାଜାମାନେ ଯିବା ବାଟରୁ କମ୍ବା ରାଜା ଓ ଦେବତାଙ୍କ
স্ ছেযাও — ପାଇଁ ଅନ୍ନ ନିଆଁ ନିଆଯାଉଥିବା ବାଟରୁ ଲୋକେ
हटयाओ — ପାଖେଇ ଯିବାପାଇଁ ପ୍ରତିହାରୀର ସତର୍କୀକରଣ ଡାକ—
( ତୁମ୍ଭେମାନେ ବାଟରୁ ) ଅନ୍ତରେଇ ଯାଅ ବା ଦୂର ହୁଅ—
Interjection ( used by peons warning people to keep aside to let a king or Deity or his meals pass), Be off; move aside.
ଦେ. ଅ—ପୁରୁଷମାନେ ନାଚିବା ସମୟରେ କରିବା ଆନନ୍ଦସୂଚକ ଧ୍ଵନି—A note of joy uttered by men while dancing.
ଅଡ଼ ହୋ ଅଡ଼ ହୋ ବୋଲି ନାରଦେ ନାଚନ୍ତି । ପୀତାମ୍ବର. ନୃସିଂହପୁରାଣ ।

**ଆଡ଼ା**—ଦେ. ବି. ( ସଂ. ଅର୍ଦ୍ଧ )—୧ । ମାଛ ଧରିବାର ପଦ୍ଧତି—
Ārdā — 1. A trench for catching fish by diverting water and making the old water-course dry.
আড়া
अड्डा
୨ । ମାଛ ଧରିବା ଖଇଞ୍ଚି—2. A fish-tray.
୩ । ନିର୍ଦ୍ଦିଷ୍ଟ ଆକାର ( ଯଥା—କାଗଜର )—
3. A proper or standard size. ( e.g. of paper )
( ଯଥା—ଏହିର ଚଉଠିଆ ଆଡ଼ାରେ କାଗଜ ଭାଙ୍ଗ । )
୪ । ଆଡ଼ଧାରଣା—
4. A cross-beam; a tie-beam.
୫ । ଶୁଆ ବସାଇବା ନିମନ୍ତେ ତିନିଖଣ୍ଡ କାଠି ଲାଗିଥିବା ଅର୍ଦ୍ଧବୃତ୍ତାକାର ଯନ୍ତ୍ର—5. A perch for parrots; a triangular frame with a cross-beam for domesticated parrots and other pet birds.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | ଜ୍ଞ | ଘ୍ୟ | ଢ଼ଥ | ଭ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଘ | ଘଥ | ୠ | ହୃ |

୬ । ପ୍ରସ୍ଥ—6. Width.

୭ । ଅଡ଼ା ( ଦେଖ )

7. Ar̤dā ( See )

୮ । ଆଡ଼ମ୍ବର—8. Pomp.

( ଯଥା—ସେ ଭାରି ଅଡ଼ାରେ ବାହାରି ଗଲା । )

**ଆଡ଼ା** (ଇତ୍ୟାଦି)—ଦେ—ଅଡ୍ଡା ଇତ୍ୟାଦି ( ଦେଖ )
**Ār̤dā** etc — Āddā etc ( See )

**ଆଡ଼ାଆଡ଼ି**—ଦେ. କ୍ରି. ବିଣ—୧ । ଅଡ଼ବାଗରେ—
**Ār̤dāār̤di** — 1. Breadthwise.

୨ । ପରସ୍ପରର ଅଡ଼ବାଗରେ; ଛକାଛକି ହୋଇ—
2. Crosswise.

**ଆଡ଼ି**—ସ. ବି. ( ଆ + ଅଡ଼ ଧାତୁ = ଗମନ କରିବା + ଇ )—
**Ār̤di** — ଜଳଚରପକ୍ଷୀ; ହଂସଜାତି ପକ୍ଷୀ—
A web-footed bird.

ଦେ. ବି—୧ । ଶତ୍ରୁତା—1. Enmity.

୨ । ଅଭିମାନ; ଅଦେଖିଆ—2. Grudge; envy.

୩ । ଶିକାର; ମୃଗୟା—
3. Game; sport; shooting; hunting.

୪ । ବନ୍ୟପଶୁ ଶିକାର କରିବା ଉଦ୍ଦେଶ୍ୟରେ ଶିକାରୀ ଲୁଚି ରହିବାପାଇଁ ପ୍ରସ୍ତୁତ ମଞ୍ଚା ବା ଭାଡ଼—4. An elevated hiding place or platform where hunters lie in ambush; machan.

୫ । କ୍ଷେତଜମିର ବନ୍ଧ ଭାଙ୍ଗିଯାଇ ଯେଉଁଠାରେ ପାଣି ବୋହି ଯାଉଥାଏ—5. A breach in the embankment of a field.

ସେ ଧନ ଅର୍ଜୁନିକି ଡାକିଣ ପାଶକୁ
ବୋଇଲେ ଯାଅ ଜଳ ଆଡ଼ି ବାନ୍ଧିବାକୁ । କୃଷ୍ଣସିଂହ. ମହାଭାରତ. ଆଦି ।

୬ । ଆଡ଼ିବନ୍ଧ—6. A cross-dam.

୭ । ଏକ ଜାତୀୟ ଲମ୍ବମୁହାଁ ଅକାତି ମଧୁରି ମାଛ; ଅଳ ମାଛ—
7. A scaleless fish with a long snout.

୮ । ଯୁଦ୍ଧାର୍ଥ ବା ଶତ୍ରୁର ଆକ୍ରମଣ ଅପେକ୍ଷାରେ ତଳକୁ ମୁହଁ ପୋତି କରିବା ଅବସ୍ଥାନ—8. The stooping position of the head awaiting an adversary's attack.

୯ । ଶତ୍ରୁ ପ୍ରଭୃତିର ଆଘାତ ଦେହରେ ନ ଲାଗିବାପାଇଁ ଢାଲ ବା ଯଷ୍ଟି ଆଦି ଦ୍ୱାରା ଆତ୍ମରକ୍ଷଣ—
9. A defensive pose to ward off a blow.

ବହୁ ଅଡ଼ଣୀ ଅତି ଆଡ଼ମ୍ବରେ ନବାଡ଼ି ଘାତ ରାକ୍ଷସ ଗଲେ ଗଲେ ।
ଭଞ୍ଜ. ବୈଦେହୀଶବିଳାସ ।

ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) ବି.—ପୋଖରୀର ବନ୍ଧ—
An embankment of a pond.

ଭୂର ପାଟ ଆଡ଼ି ବଗଚର ଠାରୁ ଜଣ ବାଉ ହାତ ଉଚ୍ଚ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ପ୍ରାଦେ. ( ବୀରଭୂମ ଓ ସମ୍ବଲପୁର ) ବି.—କ୍ଷେତ ବା ବାଡ଼ିର ହୁଡ଼ା—The ridge of a cultivated field.

(ଜାହାଜୀ ଶବ୍ଦ)—ସମୁଦ୍ରାଦିର କୂଳ—
(Nautical term) Shore.

ଆଡ଼ିକୁ ଜାହାଜଟି ବଡ଼ ସୁନ୍ଦର ଦିଶୁଛି ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦେ. ବିଣ.—ଟାଣ ବା ଦୃଢ଼—Hard.

**ଆଡ଼ିଆ**—ଦେ. ବି.—୧ । ଅଡ଼ିବନ୍ଧ—
**Ār̤diā**
1. A cross-dam.

୨ । ଆଡ଼େଇବା—2. Setting aside.

୩ । ବଗଡ଼ଚର—3. The sloping shore of a tank or lake.

୪ । ପ୍ରାଦେ. (ଗଡ଼ଜାତ) ବି.—ଉଚ୍ଚ ଭୂମିରୁ ଗଡ଼ି ଆସୁଥିବା ବର୍ଷା-ପାଣି ଅଟକାଇବା ନିମନ୍ତେ ପକାଯିବା ମାଟିର ବନ୍ଧ—
4. A dam put to retain flowing rain-water at a place.

୫ । ପ୍ରାଦେ. (ବାଲେଶ୍ୱର) ବି.—ସମୁଦ୍ର ଉପକୂଳରେ ଥିବା ଢିପ ଜମି—5. Elevated ground near the sea shore.

୬ । ପ୍ରାଦେ. (ବାଲେଶ୍ୱର) ବି—ଢିପ ଜମି—
6. High ground.

ଦେ. ବିଣ.—ଏକପାଖକୁ ଘୁଞ୍ଚା ଯାଇ ଥିବା—
Moved to one side.

**ଆଡ଼ିଆଆଡ଼ି**—ଦେ. ବି.—ଆଡ଼େଇବା କର୍ମ—
**Ār̤diāār̤di** — The act of pushing aside.
এডান
अडडाना

**ଆଡ଼ିଆଆଡ଼େଇ**—ଦେ. ବି.—ଆଡ଼ିଆଆଡ଼ି (ଦେଖ)
**Ār̤diāār̤dei** — Ār̤diāār̤di (See)

**ଆଡ଼ିଆଆଡ଼େଇ ହେବା**—ଦେ. କ୍ରି.—ପରସ୍ପର ପରସ୍ପରକୁ ବାଟ ଛାଡ଼ି-
**Ār̤diāār̤dei hebā** — ଦେବା ଉଦ୍ଦେଶ୍ୟରେ ଏକ ପାଖକୁ ଘୁଞ୍ଚି ଯିବା—To move to a side in order to make room for another.
এডেচলা

**ଆଡ଼ିଆଇବା**—ଦେ. କ୍ରି. ( ସଂ. ଅଞ୍ଚଳ )—୧ । ବଙ୍କକରିବା—
**Ār̤diāibā** — 1. To bend.

କେତେ ଛଡ଼ି ନବାନା ଗୁହଁ ଅଡ଼ିଆଇ । କୃଷ୍ଣସିଂହ. ମହାଭାରତ ।

୨ । ଏକପାଖକୁ ଘୁଞ୍ଚାଇବା—
2. To push to one side.

ମୋ ସଙ୍ଗ ଲଗି ଆଡ଼ିଆଇ ଯିବ ଏ ମାର୍ଗରେ । କୃଷ୍ଣସିଂହ. ମହାଭାରତ ।

> ସାଧାରଣ ଲୋକେ ଏପରି ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃତ' ନ ମିଳିଲେ 'କୃତ୍' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଏକଅଡ଼ିକୁ ବଙ୍କ କରି ଧରିବା—
3. To hold a thing sideways.
୪ । ପାଖେଇବା; ଏକପାଖକୁ ଘୁଞ୍ଚିବା—
4. To move to one side.

**ଅଡ଼ିତୁମ୍ବ**—ପ୍ରାଦେ (ପୁରୀ) ବି—ବାଣବିଶେଷ—
**Ārḍitumba** A kind of fire-work
[ ଦ୍ର—ବର ଓ ଶିମୁଳି ଗଛର ଗଣ୍ଡିର ଯେ କୌଣସି ମଞ୍ଜି-ଗଡ଼ିକୁ ଲମ୍ବ ଭାଗରେ ଖୁଆଇ ମଞ୍ଜିରେ ଗାତ ଖୋଳି ଯେଉଁ ତୁମ୍ବ-ବାଣ ତିଆରି କରାଯାଏ ତାହାକୁ 'ଅଡ଼ିତୁମ୍ବ' କହନ୍ତି । ]

**ଅଡ଼ିପତାଇବା**—ଦେ.କ୍ରି.—ମେଷ, ବୃଷ ଆଦି ପଶୁମାନଙ୍କର ପରସ୍ପର ଯୁଦ୍ଧ
**Ārḍipatāibā** କରିବା ପୂର୍ବରୁ ମୁଣ୍ଡକୁ ନୁଆଇଁ ଠିଆ ହେବା—
To wait with side-turned head for the adversary's charge ( said of animals as goats, bulls etc).

**ଅଡ଼ିଫଳନ୍ଦ**—ପ୍ରାଦେ. ( ଚିଲିକା ଅଞ୍ଚଳ ) ବି—ଚିଲିକାରେ ଚଳୁଥିବା
**Ārḍiphaḷanda** ଡଙ୍ଗାର ଫଳନ୍ଦ ବା ଅଡ଼ିକାଠ—A cross-beam of a country-boat on the Chilka lake

**ଅଡ଼ିବନ୍ଧ**—ଦେ. ବି.—ନଦୀ ପ୍ରଭୃତିର ଅଡ଼ି ବା ଚଉଡ଼ା ଭାଗରେ
**Ārḍibandha** ପଡ଼ିଥିବା ବନ୍ଧ—A cross-dam.
আড়িবাঁধ

**ଅଡ଼ିବା**—ଦେ କ୍ରି—୧ । ଅଟକାଇବା—1. To ward off a blow.
**Ārḍibā**
এড়ান

ଅର୍ଜୁନଶରଜାତ ବାତ ହୋଇକରି
ଅସିଲେ ଅଡ଼ିବ ମୋ ଛତ ଗିରିପରି—କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।

୨ । ଶର ପ୍ରଭୃତିର ଆଘାତ ଦେହରେ ଯେପରି ନ ଲାଗେ, ଏହି ଉଦ୍ଦେଶ୍ୟରେ ଦେହକୁ ଜଗିବା ପାଇଁ ଖଡ୍ଗ ବା ଢାଲକୁ ପତାଇବା—2. To hold a shield or sword or stick to ward off a blow.

ଅଭିମନ୍ୟୁ ତାହା ଦେଖି ଫରା ଅଡ଼ିଲ । ସାରଳା ମହାଭାରତ ।

୩ । ଖେଳରେ ଜୁଡ଼ି ବାନ୍ଧିବା; ଖେଳରେ ବାଜି ରଖିବା—
3. To put a thing as stake at gambling.

ବୋଇଲ ଏଥର ହରି ଅଡ଼ିବୁ କି କିହ—ପୀତାମ୍ବର. ନୃସିଂହପୁରାଣ ।

୪ । ପତାଇବା; ଆଘାତ ପାଇଁ ଅଥବା ଆଘାତକୁ ସମ୍ଭାଳିବା ପାଇଁ ମୁଣ୍ଡ ଆଦି ଦେଖାଇବା—4. To advance one's head or other limbs to bear a blow.

ଅଚେତତ ସଂଗ୍ରାମରେ ରହେ ପିଠି ଅଡ଼ି
ଦେଖିକରି ସୁଦର୍ଶନ ପାଦ ଦେଲେ ଅଡ଼ି । ପୀତାମ୍ବର—ନୃସିଂହପୁରାଣ ।

୫ । ଦୂରକୁ ଘୁଞ୍ଚିଯିବା; ପାଖେଇବା—5. To move to a distance; to move to a side.

ଜାନକୀପତି ଦୈତ୍ୟମାନେ ଶର ଦେଖି ଅଡ଼ି—ପୀତାମ୍ବର; ନୃସିଂହପୁରାଣ ।

୬ । ଉପଶମ କରିବା—6. To alleviate.

ଯାତନାକୁ କେ ଅଛିରି ଦେବ ଅଡ଼ି—ବଳସୂର୍ଯ୍ୟ. ସଙ୍ଗୀତ ।

**ଅଡ଼ିଶାକଣ୍ଟା**—ପ୍ରାଦେ. (ଗଞ୍ଜାମ) ବି— ନାଗଫେଣୀ (ଦେଖ)
**Ārḍisākaṇṭā** Nāgapheṇī (See)

**ଅଡ଼ୁ**—ଦେ. ଅ (ଅଡ଼—ଏହି ବିଶେଷ୍ୟ ପଦରେ ୫ମୀ ବିଭକ୍ତିର ଚିହ୍ନ—
**Ārḍu** ରୁ ଯୁକ୍ତ ହୋଇଅଛି;ତୁଳ—ଗ୍ରା. ପ୍ରତ୍ୟୟ ଅଡୁ )—
୧ । ପକ୍ଷରୁ—1. From the side of.
୨ । ଦିଗରୁ—2. From the direction of.
୩ । ସ୍ଥାନରୁ—3. From the place of.
[ ଦ୍ର—ଅଡ଼ ଦେଖ । ]

**ଅଡ଼ୁଆ**—ଦେ. ବିଣ—୧ । ବକ୍ର—1. Bent.
**Ārḍuā** ୨ । ତିର୍ଯ୍ୟକ୍—2. Slanting.
এড়ো ୩ । କଡ଼ବାଗିଆ—3. Sidelong.
টেঢ়া

**ଅଡ଼ୁଅର**—ଗ୍ରା. ବିଣ (ଅଡ଼ୁଆଳ ଶବ୍ଦର ଇତରଜନ ବ୍ୟବହାର)—
**Ārḍuāra** ୧ । ଗୋପନୀୟ—1. Secret.
আডাল ୨ । ଅଚ୍ଛନ୍ନ—2. Covered.
୩ । ଉଢ଼ାଳ (ଦେଖ)
3 Urḍhāḷa (See)

**ଅଡ଼ୁଆଳ**—ଦେ. ବି—୧ । ଅନ୍ତରାଳ—1. Place behind a
**Ārḍuāḷa** person; anything which intercepts
আডাল a thing from view.
পিছাবাড়া ୨ । ଯବନିକା—2. Screen.
୩ । ଘୋଡ଼ାଇବା—3. Covering.
ଦେ. ବିଣ—୧ । ଗୋପନୀୟ—1. Secret.
୨ । ଦୃଷ୍ଟିର ଅନ୍ତରାଳରେ ଥିବା—
2. Hidden from view
୩ । ଅଚ୍ଛନ୍ନ—3. Covered

**ଅଡ଼ୁଁ**—ଦେ. କ୍ରି. ବିଣ—ଅଡ଼ୁ (ଦେଖ)
**Ārḍuṅ** Ārḍu See)

**ଅଡ଼ୁଖା**—ପ୍ରାଦେ. (ଗଞ୍ଜାମ) ବିଣ—ଅନ୍ତରାଳରେ ଥିବା ବା ରହିବା—
**Ārḍukhā** Lying behind; lying in ambush

**ଅଡ଼ୁସାଡ଼ୁ**—ଗ୍ରା. ଅ. (ସହଚର)—ଯ୍ୟାଡ଼ୁସ୍ୟାଡ଼ୁ (ଦେଖ)
**Ārḍusārḍu** Yārḍusyārḍu (See)

**ଅଡ଼ୁସାଡ଼ୁମାରିବା**— ଦେ. କ୍ରି—ଅଭିମାନ ବା କ୍ରୋଧରେ ଅଭିଯୋଗ
**Ārḍusārḍumāribā** ପୂର୍ବକ ପ୍ରିୟଜନଙ୍କୁ ବାକ୍ୟବାଣ ବିଦ୍ଧ କରିବା—To apply sharp or harsh words to dear persons in displeasure.

ତାହା ଦେଖି ଅନ୍ତର ହୋଇଲେ ସଙ୍କ ନାସ
ଅଡ଼ୁସାଡ଼ୁ ମାରି କେତେ ବୋଇଲେ ସୁନସି । ପ୍ରାଚୀ· ଉତ୍ତ୍ୟମଞ୍ଜରୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଭ |
| ୨ | ଳ | ଢ | ରୁ | ଳୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ଔ | ନ୍ତ |

**ଅଡ଼େ**—ଦେ. ଅ. ( ଅଡ଼—ଏହି ବିଶେଷ୍ୟପଦ ସହିତ ସପ୍ତମୀବିଭକ୍ତି
**Ārḍe** ଚିହ୍ନ 'ରେ' ଯୁକ୍ତ ହୋଇଅଛି, ଅଡ଼-ଦେଖ)—୧ । ଦିଗରେ—
दिके 1. In the direction of.
ओरमे ୨ । ଅଞ୍ଚଳରେ—2. In the part of a country.

ବାରଣାବନ୍ତର ଅଡ଼େ ରହିଲ ସେ ଯାଇଁ—ସାରଳାମହାଭାରତ. ଉଦ୍ଯୋଗ ।

୩ । ଅଡ଼କୁ; ନିକଟକୁ—
3. Towards; to the direction of.
୪ । ( ପ୍ରଦେ ) କଦଳୀର ଏକ ଅଡ଼—
4. A unit of 64 plantains.
୫ । ଦିଗକୁ—5. To (the side.)
୬ । ସ୍ଥାନକୁ—6. To (the place.)
୭ । ଦେହର ଗୋଟିଏ ପାଖରେ—
7 On one side of the body.
୮ । (ପୁରୁଷର) ଔରସରେ—8. From the loins of.

ଜମଦଗ୍ନିଙ୍କର ରେଣୁକା ଭାର୍ଯ୍ୟା ହେଲେ
ଗୁଣଶ୍ରେଷ୍ଠ ପୁତ୍ର ତାଙ୍କ ଅଡ଼େ ଜାତ କଲେ ।
କୃଷ୍ଣସିଂହ. ମହାଭାରତ. ସଭା ।

୯ । (ଅନ୍ୟ ବ୍ୟକ୍ତିର) ପକ୍ଷରେ—9. In the side of.

ବାପହିଁ ତାର ଅଡ଼େ ହେଲ, ଯେ ରୁଦ୍ର ଗଣେ ଛନ୍ଦି ନେଲ ।
ଭୂପତି. ପ୍ରେମପଞ୍ଚାମୃତ ।

୧୦ । (ସ୍ତ୍ରୀର) ଗର୍ଭରେ—10. in the womb of.

ତାଙ୍କ ଅଡ଼େ ଛଅ ପୁତ୍ରକୁ ଜାତ କଲ—କୃଷ୍ଣସିଂହ. ମହାଭାରତ ।

୧୧ । ଠାରେ—11. In
୧୨ । ସହିତ—12. With

ଏ ପବନେ ସୁଭଦ୍ରାଣୀ ଅଡ଼େ ଗଜଗମ
ଆଚରିଲେ ତପ ଲକ୍ଷଣ ନିତ କାମ—କୃଷ୍ଣସିଂହ. ମହାଭାରତ. ସଭା ।

୧୩ । ଅଡ଼େକ (ଦେଖ)—13. Ārḍeka (See)

**ଅଡ଼େଇଚାହିଁବା**—ଦେ. କ୍ରି— ୧ । ବକ୍ରଦୃଷ୍ଟିରେ ଚାହିଁବା—
**Ārḍeichāhiñbā** 1. To look askance.
এড়িয়েচাওয়া ୨ । ସାମାନ୍ୟ ଅନୁଗ୍ରହପୂର୍ଣ୍ଣ ଦୃଷ୍ଟିରେ ଚାହିଁବା—
अड़ तकाना 2. To set a favourable glance.

**ଅଡ଼େଇବା**—ଦେ. କ୍ରି—୧ । ପାଖେଇବା; ଏକପାଖକୁ ଘୁଞ୍ଚାଇ ଦେବା-
**Ārḍeibā** 1. To move to one side-
এড়ান ୨ । ଲୋକମାନଙ୍କୁ ବାଟପାଖରୁ ହଟିଦେବା—
हटाना 2. To drive people from the way.

**ଅଡ଼େଇଯିବା**—ଦେ. କ୍ରି—ଅଡ଼ହେବା; ପାଖେଇଯିବା—
**Ārḍeijibā** To stand aloof.

**ଅଡ଼େକ**—ଗ୍ରା. ପଦ୍ୟ. କ୍ରି. ବିଣ. (ଅଡ଼ ଦେଖ)—
**Ārḍeka** ୧ । ଏକଅଡ଼େ—1. On one side
୨ । ଏକ ମୁଣ୍ଡରେ—2. At one end.
ଦେ. ବି.—ଅନ୍ତରାଳ—Back ground.

**ଅଡ଼େକରିବା**—ଗ୍ରା. ପଦ୍ୟ. କ୍ରି—ଗୋଟିଏ ପାଖରେ ରଖିବା—
**Ārḍekaribā** To keep on one side.

ସକଳ ଧର୍ମ ଅଡ଼େ କରି
ଅଡ଼କେ ବ୍ରହ୍ମଜ୍ଞାନ ଭରି । ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

**ଅଡ଼େଣୀ**—ଦେ. ବି—ଅଡ଼ଣି ( ଦେଖ )
**Ārḍeṇī** Ārḍaṇi ( See )

ତଣ୍ଟା ମାଳ ଯେନି ଫୁଲ ଅଡ଼େଣୀ
ମନ୍ଦ ମନ୍ଦ ଗଲଲା ମନ ଜାଣି । କବିସୂର୍ଯ୍ୟ. ଚନ୍ଦ୍ରକଳା ।

ଗ୍ରା. ବିଣ—ଚଉଡ଼ା ପାଖିଆ—Breadthwise.

ଘମ ନାମ ଲଗିଅଛି ଅଡ଼େଣୀ ମତୁଆ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**ଅଡ଼େଦୀର୍ଘେ**—ଦେ. ଅ—ଅଡ଼ଦୀର୍ଘେ ( ଦେଖ )
**Ārḍedīrghe** Ārḍadīrghe ( See )

**ଅଡ଼େନ୍‌ଜାଲ୍**—ପ୍ରାଦେ. (ସମ୍ବଲପୁର ) ବି—ଅଡ଼ନିଜାଲ ( ଦେଖ )
**Ārḍenjāl** Āḍanijāl ( See )

**ଅଡ଼େହେବା**—ଦେ. କ୍ରି—୧ । ଦୂର ହେବା; ପାଖରୁ ଘୁଞ୍ଚିଯିବା—
**Ārḍehebā** 1. To stand aloof.

ବଡ଼ ବଡ଼ ଲୋକେ ଦବାଦକୁ ଆଦରିଲେ
ସାନ ଲୋକ ଅଡ଼େ ହୁଏ ମଧ୍ୟରେ ଯେ ଥିଲେ । ପୀତାମ୍ବର. ନୃସିଂହପୁରାଣ ।

୨ । ପାଖେଇଯିବା—2. To move to a side.

**ଅଡ଼ୋଅଡ଼ୋ**—ଦେ. ଅ—ଅଡ଼ହୋ ( ଦେଖ )—
**Ārḍoārḍo** Ārḍaho ( See )

ଗୌତମ ମହର୍ଷିଙ୍କର କଂସାଳ ଯେ ଧରି
ବିହାସରେ ନାଚୁଛନ୍ତି ଅଡ଼ୋ ଅଡ଼ୋ ବୋଲି । ପୀତାମ୍ବର. ନୃସିଂହପୁରାଣ ।

**ଅଡ୍ଡା**—ଦେ. ବି—୧ । ଯେଉଁ ସ୍ଥାନରେ ସମକର୍ମୀ ମନ୍ଦ ଲୋକେ ଏକତ୍ର
**Āḍḍā** ହୁଅନ୍ତି ( ସାଧାରଣତଃ ମନ୍ଦ ଅଭିପ୍ରାୟରେ ବ୍ୟବହୃତ )—
1. Rendezvous; a place where men of the same class congregate ( for evil purposes. )
আড্ডা ୨ । ଯେଉଁ ସ୍ଥାନରେ ଭଡ଼ା ଲାଗିବାପାଇଁ ଗାଡ଼ି, ସବାରି
अड्डा ପ୍ରଭୃତି ଥାଏ ଓ କୁଲିମାନେ ମଧ୍ୟ କାମ ପାଇବା ପାଇଁ ଜୁଟି ହୋଇ ବସିଥାନ୍ତି—2. A post or stand for carriages, palkies or coolies; a stand where conveyances or coolies are available.

**ଅଡ୍ଡାକରିବା**—ଦେ. କ୍ରି—୧ । ମନ୍ଦ ଅଭିପ୍ରାୟରେ ସଙ୍ଗୀମାନଙ୍କ ସଙ୍ଗେ
**Āḍḍākaribā** ଏକ ସ୍ଥାନରେ ଯୋଗ ଦେବା—
আড্ডাকরা 1. To join bad companions at
अड्डा देना some evil place.
୨ । ଅନେକ ଲୋକ ମିଳି ବୃଥା ଗଳ୍ପରେ ସମୟ ନଷ୍ଟ କରିବା-
2. To while away time in vain talks in a company.

**ଅଡ୍ଡାମାରିବା**—ଦେ. କ୍ରି—ଅଡ୍ଡାକରିବା ( ଦେଖ )
**Āḍḍāmāribā** Āḍḍākaribā ( See )

**ଅଡ୍ର**—ବୈଦେ. ପ୍ରାଦେ. (ଗଞ୍ଜାମ) ବି—ଅଡ଼ର ( ଦେଖ )
**Āḍra** Ārḍar ( See )

ସାଧାରଣ ଲେଖକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଡ୍ରେସ୍**—ବୈଦେ. ବି. ( ଇଂ. )—ଠିକଣା—
Ādres Address.

**ଆଢ଼କ**—ସଂ. ବି. ( ଆ+ଢୌକ ଧାତୁ=ଯିବା+କର୍ତ୍ତୃ. ଅ )—
Ārḍhaka ୧ । ଧାନ୍ୟାଦି ମାପିବାର ପରିମାଣବିଶେଷ; ଅଠସେର ପରିମାଣ । —1. Measure of corn weighing eight seers.
ଆଢା
୨ । ଧାନ୍ୟାଦି ମାପିବାର ଉପଯୁକ୍ତ ପରିମିତ ପାତ୍ର ବା ଗଉଣୀ ବା ଦ୍ରୋଣୀ; ଅଠସେରିଆ ଗଉଣୀ—2. A measure; measuring pot of a capacity of 8 seers.

**ଆଢ଼କିକ**—ସଂ. ବିଣ. ( ଆଢ଼କ=୮ ସେର ପରିମାଣ+ଇକ )—
Ārḍhakika ୧ । ଆଢ଼କ ବା ଅଠସେର ପରିମିତ ଶସ୍ୟମଞ୍ଜି ବୁଣିବାର ଯୋଗ୍ୟ ( କ୍ଷେତ୍ର )—1. (field) In which 8 seers of seed can be sown.

**ଆଢ଼କୀନ**—ଦେ. ବି ଓ ବିଣ—ଆଢ଼କିକ ( ଦେଖ )
Ārḍhakina Ārḍhakika ( See )

**ଆଢ଼ଣି**—ଦେ. ବି—ଆଡ଼ଣି ( ଦେଖ )
Ārḍhaṇi Ārḍaṇi ( See )

**ଆଢ଼ୁଆ**—ଦେ. ବିଣ—ଅନ୍ତରାଳରେ ଥିବା—
Ārḍhuā Staying in the back-side; lurking.

**ଆଢ଼ୁଆଳ**—ଦେ. ବିଣ—୧ । ଗୋପନୀୟ—
Ārḍhuāla 1. Covert; concealed.
ଆଡାল ୨ । ଆଚ୍ଛନ୍ନ—2. Covered.
ପିଛୱାଡ଼ା ୩ । ଉଢ଼ାଳ ( ଦେଖ ) 3. Urḍhāla ( See )
ଦେ. ବି—ଅନ୍ତରାଳ—Back ground.

**ଆଢ଼େଣୀ**—ଦେ. ବି. ( ସ. ଅଢ଼ଭ୍ରମୀ; ଅଢ଼ୁମୀ )—
Ārḍheṇi ଆଡ଼ଣି (ଦେଖ) Ārḍaṇi ( See )

**ଆଢ୍ୟ**—ସଂ. ବିଣ. ( ଆ+ଧ୍ୟୈ ଧାତୁ=ଚିନ୍ତା କରିବା+କର୍ତ୍ତୃ. ଅ; ଯେ ଧନଚିନ୍ତା କରେ )—
Āḍhya
(ଆଢ୍ୟା—ସ୍ତ୍ରୀ) ୧ । ଧନୀ; ସମୃଦ୍ଧିଶାଳୀ; ବିଭବଶାଳୀ—
1. Rich; affluent.
୨ । ସମ୍ପନ୍ନ; ଯୁକ୍ତ; ବିଶିଷ୍ଟ—.
2 Full of; having; possessing.
ଦେ. ବି.—ବଙ୍ଗ ବୈଶ୍ୟଙ୍କ ବଂଶୋପାଧିବିଶେଷ—
A family title of Bengalee Baiśyas.

**ଆଢ୍ୟମ୍ଭବିଷ୍ଣୁ**—ସଂ. ବିଣ. ( ଆଢ୍ୟଂ+ଭୂ ଧାତୁ=ବର୍ତ୍ତମାନ ହେବା+ଇଷ୍ଣୁ; ଯେ ପୂର୍ବେ ଧନୀ ନ ଥିଲା ବର୍ତ୍ତମାନ ଧନୀ ହୋଇ ଅଛି )—ହଠାତ୍ ବାବୁ; ଯେ ହଠାତ୍ ବଡ଼ ଲୋକ ହୋଇଅଛି—
Āḍhyambhabishṇu One who has suddenly grown rich

**ଆଢ଼ା**—ବୈଦେ. ଗ୍ରାଦେ. ( ଗଞ୍ଜାମ ) ବି—ଆଦେଶ—
Āḍhā Order.

**ଆଣ**—ଗ୍ରା. ବି—୧ । ତରକାରୀର ଝୋଳ; ଅଣ; ସୋରୁଆ—
Āṇa 1. Soup.
୨ । ଗ୍ରାଦେ ( ବାଲେଶ୍ୱର ) ବି—କାଞ୍ଜିକୁ ବହଳିଆ କରିବା ପାଇଁ ଦିଆଯାଉଥିବା ଗୁଣ୍ଡଳଚୂନା—
2. Powder of rice used to thicken fermented rice-water.
୩ । ଗ୍ରାଦେ. (କେନ୍ଦ୍ରାପଡ଼ା) ବି.—ବଡ଼ି କରିବା ପାଇଁ ବଟା ଯାଇ ଥିବା ବିରି—3. Corn paste for preparing Barḍi.
୪ । ଦେ. ବି.—ଜଲବି ତିଆରି କରିବା ପାଇଁ ପ୍ରସ୍ତୁତ ହୋଇଥିବା ଚାଉଳ ବା ବିରିର ଖଟା ପିଠଉ—
4. Fermented rice and corn paste for preparing jalbi.
ଦେ. କ୍ରି.—[ ଆଣିବା କ୍ରିୟାର ମଧ୍ୟମ ପୁରୁଷ ( ତୁମ୍ଭେ ) ଏକବଚନ ଓ ( ତୁମ୍ଭେମାନେ ) ବହୁବଚନର ଅନୁଜ୍ଞାରୂପ )—
ତୁଳ. ତାମିଲ୍. ଅଣଇ ।]
ତୁମ୍ଭେ ବା ତୁମ୍ଭେମାନେ **ଆଣ**—(You) Do bring.

**ଆଣଆଣ**—ଗ୍ରା. ବିଣ.—ଅଣଯୁକ୍ତ; ପାଣିପାଣିଆ—.
Āṇaāṇa Soupy; watery.
ঝোল ঝোল
झोर झोर

**ଆଣକ**—ସଂ. ବିଣ. (ଅ+ଅଣ ଧାତୁ=ଶବ୍ଦ କରିବା+କ)—
Āṇaka ୧ । କୁତ୍ସିତ—1 Ugly
୨ । କ୍ଷୁଦ୍ର—2. Small
୩ । ଅପକୃଷ୍ଟ; ନିନ୍ଦିତ—3. Insignificant
ବି.—୧ । ଟଙ୍କାର ଷୋଳଭାଗରୁ ଭାଗେ; ଅଣାଏ—
1 One sixteenth of a rupee.
୨ । ଅଣି; ଏକଅଣା ମୂଲ୍ୟର ମୁଦ୍ରା—
2. An one-anna bit.
୩ । ପାର୍ଶ୍ୱଶାୟୀ ଦମ୍ପତିଙ୍କର ସୁରତବିଶେଷ—
3 A sidewise pose in copulation

**ଆଣବିକ**—ସଂ. ବିଣ. (ଅଣୁ+ସମ୍ବନ୍ଧ. ଇକ)—ଅଣୁ ସମ୍ବନ୍ଧୀୟ—
Āṇabika Atomic; molecular,

**ଆଣବିକ ଆକର୍ଷଣ**—ସଂ. ବି. (ବିଜ୍ଞାନପରିଭାଷା)—
Āṇabika ākarshaṇa ଯେଉଁ ଗୁଣ ହେତୁ ଜଡ଼ ପଦାର୍ଥ ମଧ୍ୟସ୍ଥ ପରମାଣୁମାନ ପରସ୍ପର ଆକର୍ଷଣ କରନ୍ତି—
(physics) Molecular attraction.

**ଆଣବୀନ**—ସଂ. ବିଣ. (ଅଣୁ=ସୂକ୍ଷ୍ମ ଧାନ୍ୟବିଶେଷ+ଈନ)—ଅଣୁ ଧାନ୍ୟ
Āṇabina ବପନ ଯୋଗ୍ୟ (କ୍ଷେତ୍ର); ଯହିଁରେ ଚିନା (ଶସ୍ୟ) ବୁଣା ଯାଇପାରେ—A field fit for sowing; small grains.

| ୧ | ଲ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇଯୁ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଲ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ନୃ |

**ଆଣି**—ସଂ. ବି. ସ୍ତ୍ରୀ (ଅନ୍ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଇ)—
Āṇi ୧ । ଖଡ୍ଗର କୋଣ ବା ଧାର—1. The edge of a sword.
୨ । ସୀମା—2. Boundary.
୩ । ଅକ୍ଷାଗ୍ରକୀଲକ; ଅଣକୀଲା—3. The pins at the ends of the axle of a cart.
ଦେ. ବି— ୧ । ଗର୍ବ—1. Pride.

ଭୁଜେ କଠିନରୁ ଦେବନବା ଦେବ ସେ ଶମ୍ଭୁ ଆଣି ଆଣି ଭଙ୍ଗିଲ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ଟାଣପଣ—2. Hardness.
୩ । ବଡ଼ିମା—3. Greatness.
୪ । ଆଧିକ୍ୟ—4. Excess.
୫ । ଆଡ଼ମ୍ବର—5. Pomp.
୬ । ଶୋଭା—6. Beauty.

**ଆଣିବା**—ଦେ. କ୍ରି. (ସଂ. ଆନୟନ)—ଆନୟନ କରିବା—
Āṇibā To bring or fetch.
আনা ଆଣି ଦେଇଥିଲ ମୁଁ ହିଁ ଏହି ମହାଧନୁ।
लेआना ରାଧାନାଥ, ମହାଯାତ୍ରା ।

**ଆଣ୍ଟ**—ଦେ. ବିଣ—୧ । ଦୃଢ଼; କଠିନ; ଟାଣ—
Āṇṭa 1. Hard; firm; tough.
আঁট ହିରଣ୍ୟ ହିରଣ୍ୟକଶିପୁ, ବଳନ୍ତି ଆଣ୍ଟ ବେନି ବପୁ ।
ଜଗନ୍ନାଥ. ଭାଗବତ. ୭ମ ।
୨ । ଏକଜିଦିଆ—2. Stubborn; obstinate.
ଦେ. ବି.—୧ । ଗାରିମା; ଗର୍ବ; ଦମାକ୍—1. Pride.
୨ । ଧୈର୍ଯ୍ୟ—2. Patience.
୩ । ରଡ଼—3. Resistance
୪ । ଯୋର—4. Force.
୫ । ଏକଜିଦ—5. Stubbornness.
୬ । ଅବାଧତା—6. Insolence.
୭ । ଦୃଢ଼ତା—7. Hardness.

ଅର୍ଜ୍ଜୁନ ବାହୁ ଆଣ୍ଟ ବୁଝିବାପାଇଁକି ।
କୃଷ୍ଣସିଂହ. ମହାଭାରତ ।

୮ । ଶ୍ରେଷ୍ଠ—8. Excellent.

ମଦ୍ରପାଳ ସୁଅ ମଉଥନ ବେଣ୍ଟ
ଯେ ଜନିଅଛି ତାର ଧରମଣ୍ଟ ଆଣ୍ଟ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବିଣ.—୧ । କଡ଼ା —1. Harsh.

ମୋ ଅବା ଠାରେ ତୁମ୍ଭେ ଏଡ଼େ ଆଣ୍ଟ କଥା।
କହୁଛ କପାଁ ଶତ୍ରୁ ହୁଅଁ ଉପୁ ବ୍ୟଥା—କୃଷ୍ଣସିଂହ. ମହାଭାରତ. ବନ ।

୨ । ବଳୁଆ—2. Strong.

ତନ୍ତୁ ଖୋଜଇ ମନେ ଯତନ
ତା ତନ୍ତୁ ଭଲ ଆଣ୍ଟ ଜଣେ—ଭୂପତି. ପ୍ରେମପଞ୍ଚାମୃତ ।

୩ । ଗର୍ବିତ—3. Proud; arrogant.

**ଆଣ୍ଟପଗୁଲୁ**—ଦେ. ବି. (ବଣିଅଶବ୍ଦ)—ସୁନାରେ ତିଆରି ଗୋଲ ପଥର-ବସା ତଳ କାନରେ ପିନ୍ଧିବା ଅଳଙ୍କାର—
Āṇṭapagulu An ornament for the lower part of the ear; a sort of ear-ring.

**ଅଣ୍ଟିବା**—ଦେ. କ୍ରି.—୧ । ଚୁପିବା—1. To press.
Āṇṭibā ୨ । ଯାବୋଡ଼ିଧରିବା—
আঁটা 2. To hold firmly; to gripe.
अँटना ୩ । ଚିପିବା—3. To squeeze.
୪ । ( ପେଚ ) କଷିବା—
4. To drive ( a screw ).
୫ । ଦୃଢ଼ଭାବରେ ବସାଇବା—
5. To set strongly.

**ଆଣ୍ଟୁ**—ଗ୍ରା. ବି.—ଆଟୁ (ଦେଖ)
Āṇṭu Āṭu (See)
ପ୍ରାଦେ. ( ଗଞ୍ଜାମ ) ବି.—ଗଛର କଲମ—Graft.
( ଯଥା—ଆଣ୍ଟୁ ଆମ୍ବ )

**ଆଣ୍ଟୁଆ**—ଦେ. ବିଣ. ପୁଂ.—୧ । ଟାଣୁଆ—
Āṇṭuā Hard.
(ଆଣ୍ଟୋଇ—ସ୍ତ୍ରୀ) ୨ । ବଳୁଆ—2. Strong.
আটা ଏହି ମାନବ ବଡ଼ ଆଣ୍ଟୁଆ ଅଟେ—କୃଷ୍ଣସିଂହ. ମହାଭାରତ. ଆଦି ।
୩ । ଗର୍ବୀ; ଅହଙ୍କାରୀ—3. Proud; haughty.
୪ । କାର୍ଯ୍ୟଦକ୍ଷ—4. Efficient.
୫ । ଅବାଧ—5. Insolent.

**ଅଣ୍ଟେଇବା**—ଦେ. କ୍ରି—ଅଣ୍ଟାଇବା ( ଦେଖ )
Āṇṭeibā Aṇṭāibā ( See )

**ଅଣ୍ଠିଏ**—ଗ୍ରା. ବିଣ—ଅଣ୍ଠୁଏ ଗଭୀର—
Āṇṭhie Knee-deep.

**ଅଣ୍ଠିକ**—ଗ୍ରା. ବିଣ—ଅଣ୍ଠିଏ ( ଦେଖ )
Āṇṭhika Āṇṭhie ( See )

**ଅଣ୍ଠୁ**—ଦେ. ବି—ଗୋଡ଼ର ଭଣ୍ଡା ଓ ଜଙ୍ଘ ମଧ୍ୟସ୍ଥ ଗଣ୍ଠି; ଜାନୁ—
Āṇṭhu Knee-joint; knee.
হাঁটু
घुटना

**ଅଣ୍ଠୁଆ**—ଦେ. ବି—ଅଣ୍ଠୁ ଦ୍ୱାରା ଆଘାତ; ଅଣ୍ଠୁମାଡ଼—
Āṇṭhuā A blow with the knee.

ଏତେ ବୋଲି ଭୀମର ଅଶ୍ୱତ୍ଥାମା ବୀର
କଲେ କୋପେ ତୋଇଠା ଅଣ୍ଠୁଆ ପ୍ରହାର । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

ଦେ. ବିଣ—ଯେ ଅଣ୍ଠୁମାଡ଼ି ବସିଥାଏ—
Kneeling; having a kneeling posture

ବଢ଼ନ୍ତି ବାହୁବାରେ ଅଣ୍ଠୁ ଅହେବାକୁ
ଯାଉଛି ନ ମାନ ଖସ ଉଭୟକୁ । କୃଷ୍ଣସିଂହ. ମହାଭାରତ. ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଂକ୍ତିର ବିପରୀତ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଣ୍ଠୁଆଇବା**—ଦେ. କ୍ରି ( ଅଣ୍ଠୁ ଶବ୍ଦର ଓଡ଼ିଆ ନାମଧାତୁ )—
Ānṭhuāibā ଅଣ୍ଠେଇବା; ଭୂଇଁରେ ଅଣ୍ଠୁଭରା ଦେବା—
হাঁটু গেড়ে বসা To kneel down.
घुटनोंके बल बैठना

**ଅଣ୍ଠୁଆଗୋପାଳ**—ଦେ. ବି—ଅଣ୍ଠେଇଥିବା ବାଳକ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି—
Ānṭhuāgopāla The image of boy Śrikrushṇa kneeling.
হাঁটুগোপাল
[ ଦ୍ର—ଅଣ୍ଠୁଆଗୋପାଳଙ୍କର ବାଁ ଗୋଡ଼ର ଅଣ୍ଠୁ ତଳେ ଲାଗିଥାଏ; ଡାହାଣ ଗୋଡ଼ର ତଳପା ଭୂମି ଉପରେ ଥାଏ; ଡାହାଣ ହାତରେ ଲଡ଼ୁ ଧରାହୋଇଥାଏ ଏବଂ ବାଁ ହାତର ପାପୁଲି ଭୂମିରେ ଲାଗିଥାଏ । ]

**ଅଣ୍ଠୁଆଡ଼ୁଆ ନିଶାପ**—ଦେ. ବି—ଓଲଟା ବୁଝାମଣା; ଅବିଚାର; ନିର୍ଦ୍ଦୋଷ
Ānṭhuārḍuā nishāpa ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା—
Injustice; parody of justice.

**ଅଣ୍ଠୁଆଡ଼ୁଆ ବୁଝାମଣା**—ଦେ. ବି—ଅଣ୍ଠୁଆଡ଼ୁଆ ନିଶାପ ( ଦେଖ )
Ānṭhuārḍuā bujhāmaṇā Ānṭhuārḍuā nishāpa ( See )

**ଅଣ୍ଠୁଆଣି**— ଦେ. ବିଣ—ଅଣ୍ଠୁ ପରିମିତ ଗଭୀର—
Ānṭhuāṇi Knee-deep.
একহাঁটু ( ଯଥା— ଅଣ୍ଠୁଆଣି ଗୃଷ; ଅଣ୍ଠୁଆଣି ବର୍ଷା )

**ଅଣ୍ଠୁଆଣିଆଁ**—ଦେ. ବିଣ—ଅଣ୍ଠୁଆଣି ( ଦେଖ )
Ānṭhuāṇiāṅ Ānṭhuāṇi ( See )
( ଯଥା— ଅଣ୍ଠୁଆଣିଆଁ ପାଣି କର୍ଦ୍ଦିମ । )

**ଅଣ୍ଠୁଏ**—ଦେ. ବିଣ—ଅଣ୍ଠିଏ ( ଦେଖ )
Ānṭhue Ānṭhie ( See )

**ଅଣ୍ଠୁକ**—ଦେ. ବିଣ—ଅଣ୍ଠିଏ ( ଦେଖ )
Ānṭhuka Ānṭhie ( See )

**ଅଣ୍ଠୁକୁଡ଼ା**—ଦେ. ବିଣ. ପୁଂ—(ଅପତ୍ୟାଦି ନ ହେବାରୁ ଯାହାର ମୈଥୁନ
Ānṭhukurḍā କ୍ରିୟାରେ ଭୂମିରେ କେବଳ ଅଣ୍ଠୁ କୋଡ଼ିବା
(ଅଣ୍ଠୁକୁଡ଼ୀ—ସ୍ତ୍ରୀ) ସାରହୁଏ, କମ୍ବା ଅଣ୍ଡ=ହାତ+କୁଳ )—
୧ । ନିଃସନ୍ତାନ—1. Issueless.
୨ । ଯାହାର ସନ୍ତାନଗଣ ମରି ଯାଇଛନ୍ତି—
2. One who has lost all his issues.

**ଅଣ୍ଠୁଗଣ୍ଠି**—ଦେ. ବି (ସବ୍ରତ)—୧ । ଶରୀରର ଗଣ୍ଠି ବା କବଜାସ୍ଥାନମାନ—
Ānṭhuganṭhi 1. Joints of the body.
হাঁটুগাঁঠ ୨ । ଅଣ୍ଠୁ ବା ଜାନୁର ଗଣ୍ଠି—2 Knee-joint.

**ଅଣ୍ଠୁଗଣ୍ଠିବାତ**—ଦେ. ବି—ଆମବାତ ( ଯେଉଁ ରୋଗରେ ଅଣ୍ଠୁଗଣ୍ଠି
Ānṭhuganṭhibāta ଦରଜ ହୁଏ )—ମେଣ୍ଢାମୁଣ୍ଡିଆ ବାତ—
গেঁঠেবাত Rheumatism affecting the joints of the body.

**ଅଣ୍ଠୁଭର**—ଦେ. ବି.—ଭୂମିରେ ଅଣ୍ଠୁକୁ ଲଗାଇବା—
Ānṭhubhara Pressing with the knee-joint.
ପଡ଼ିଛି ଦେଇଚ୍ୟ ଭୂମିରେ ଦେଇ ଅଣ୍ଠୁଭର । ପୀତାମ୍ବର. କୃଷ୍ଣ ହୃଦୁଗ୍ରଣ ।

**ଅଣ୍ଠୁଭରା**—ଦେ. ବି—ଅଣ୍ଠୁଭର ( ଦେଖ )
Ānṭhubharā Ānṭhubhara ( See )

**ଅଣ୍ଠୁଭରା ଦେବା**—ଦେ. କ୍ରି—ଭୂମିରେ ଅଣ୍ଠୁ ଲଗାଇବା—
Ānṭhubharā debā To touch the ground with the knees; to kneel down.

**ଅଣ୍ଠେଇପକାଇବା**—ଦେ. କ୍ରି.—୧ । ଅଣ୍ଠୁ ମଡ଼ାଇ ବସାଇ ଦେବା—
Ānṭheipakāibā 1. To cause to kneel down.
হাঁটুপেতে বসান ୨ । ( କୌଣସି ବ୍ୟକ୍ତିଙ୍କୁ ) ଅଣ୍ଡୁଡ଼ିଆ କଥାରେ
दोजानुबैठाना ପକାଇ ଦେବା—2. To cause a person to be placed in an inextricable difficulty or dilemma.
୩ । କୌଣସି ଲୋକଙ୍କୁ କାଇଲ କରି କ୍ଷମାପ୍ରାର୍ଥନା କରିବା ପାଇଁ ବାଧ କରିବା—3. To oblige a person to apologize; to bring a person down.

**ଅଣ୍ଠେଇବା**—ଦେ. କ୍ରି—ଅଣ୍ଠେଇ ପକାଇବା (ଦେଖ)
Ānṭheibā Ānṭhei pakāibā (See)

**ଅଣ୍ଠୋଇବା**—ଦେ. କ୍ରି.—୧ । ଅଣ୍ଠେଇ ପକାଇବା (ଦେଖ)
Ānṭhoibā Ānṭhei pakāibā (See)
୨ । (ଅଣ୍ଠୁ ଶବ୍ଦରୁ ଓଡ଼ିଆ ନାମ ଧାତୁ) ଅଣ୍ଠୁମାଡ଼ି ବସିବା—
2. To kneel down.
ଅଣ୍ଠୋଇ ଅଧୁଧ ଥିଇ ଅବଶରେ ଓଲଟି ହେଲେ ଅବଲା ।
ବ୍ରଧାନାଥ. ଯଯାତି ।
୩ । ଅଣ୍ଠୁଦ୍ୱାରା ଭୂମିରେ ଗତି କରିବା—3. To crawl.

**ଅଣ୍ଡବାଜ**—ଦେ. ବିଣ.—୧ । ଅଣ୍ଡା ହୋଇ ଥିଲେହେଁ ପୁଂସ୍ତ୍ୱ
Āṇḍbāj ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇ ନ ଥିବାରୁ ଯେଉଁ ଘୋଡ଼ା ଘୋଡ଼ୀଙ୍କୁ ଦେଖିଲେ ଦୁଷ୍ଟାମି ବାହାର କରେ—
1. Defectively gelded (horse)
୨ । ଅଣ୍ଡା ହୋଇ ନ ଥିବା ଘୋଡ଼ା—2. Ungelded.
୩ । (ଲକ୍ଷଣାର୍ଥ) ଇନ୍ଦ୍ରିୟପରାୟଣ; କାମୁକ—3. Sensual.

**ଅଣ୍ଡବାଜି**—ଦେ. ବି. – ଶଠତାଙ୍ଗି; ଦୁଷ୍ଟାମି—
Āṇḍbāji Wickedness; wantonness.
আঁড়বাজী
ढिठाइ

**ଅଣ୍ଡିଗାଣ୍ଡି**—ଗ୍ରା. ବି.—ଠିକଣା; ତଥ୍ୟ—
Āṇḍigāṇḍi Head and tail; fixity.
মাথামুণ্ডু

**ଅଣ୍ଡିର**—ସଂ. ବିଣ. ( ଅଣ୍ଡ+ଅ=ଅଣ୍ଡ+ଅସ୍ତ୍ର ଅର୍ଥରେ ଇର; ବହୁ-
Āṇḍira ଅଣ୍ଡଯୁକ୍ତ )—ବହୁ ଡିମ୍ବଯୁକ୍ତ; ଯେ ବହୁତ ଡିମ୍ବ
(ଅଣ୍ଡିରା—ସ୍ତ୍ରୀ) ପ୍ରସବ କରେ—Having or laying innumerable eggs.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନୃ |

**ଅଣ୍ଡୁ**—ଦେ. ବିଣ—ଅଣ୍ଡୁଆ ( ଦେଖ )
Āṇḍu — Āṇḍuā ( See )
ଦେ. ବି—ଘୋଡ଼ାର ଅଣ୍ଡକୋଷ—The testicle of a horse;

**ଅଣ୍ଡୁଆ**—ଦେ. ବିଣ—୧ । ଅଖାଡ଼ୁଆ; ଅବାଗିଆ—
Āṇḍuā — 1. Fool hardy.
একবাগে
୨ । ଏକଜିଦିଆ; ଅବୁଝା; ଏକବାଗିଆ—
अड़ियल — 2. Pertinacious; stubborn.

**ଅଣ୍ଡୁଆବୁଝାମଣା**—ଦେ. ବି.—ଅବୁଝାମଣା—
Āṇḍuābujhāmaṇā — Injustice; unjust consideration.

**ଅଣ୍ଡୋଳିବା**—ଦେ. କ୍ରି.—ଅଣ୍ଡାଳିବା; ଦଉଣ୍ଡିବା; ଅନ୍ଧାରରେ ଖୋଜିବା
Āṇḍoḷibā — To grope in the dark; to search for
হাঁতড়ান — a thing without the help of eyes.
टटोलना

**ଅଣ୍ଡ୍ରା**—ପ୍ରାଦେ. (ସମ୍ବଲପୁର) ବି. ପୁଂ.—୧ । ଅଣ୍ଡିରା—1. Male.
Āṇḍrā — ୨ । ପୁରୁଷ; ସ୍ୱାମୀ—Husband.

**ଆତ**—ଦେ. ବି. (ସଂ. ଆତୃପ୍ୟ)—ସ୍ୱନାମପ୍ରସିଦ୍ଧ ଫଳ ଓ ବୃକ୍ଷ; ବଡ଼ିଆଳ—
Āta — The apple fruit and tree;
আত; লেমা; আতা; সীতাফল — the custard apple.
सेरिफा; आत; आता;
सीताफल; रामफल
ତା. ସୀତାଫଲମ୍
ତେ. ସୀତାପାଣ୍ଡୁ

**ଆତଇଚ**—ଦେ ବି.—ଅତିବିଷା ( ଦେଖ )
Ātaicha — Atibishā (See)

**ଆତଙ୍କ**—ସଂ. ବି. (ଆ+ତନ୍କ୍ ଧାତୁ=ଭୀତ ହେବା; କଷ୍ଟରେ ବଞ୍ଚିବା
Ātaṅka — +ଭାବ. ଅ)—
୧ । ବିଶେଷ ଚିନ୍ତା—1. Grave anxiety.
୨ । ମହାଭୟ—2 Terror; fear.
୩ । ଶଙ୍କା—3. Alarm; apprehension.
୪ । ପୀଡ଼ା—4. Sickness.
୫ । ଯାତନା—5. Pain.
୬ । ଅସ୍ୱାସ୍ଥ୍ୟ—6. Disease.
୭ । ସନ୍ତାପ; କ୍ଳେଶ—7. Trouble.
୮ । ବିପଦ—8. Calamity.
୯ । ମୁରଜ ବାଦ୍ୟ—9. A sort of drum.
ଦେ. ବିଣ—ଭୟଭୀତ—Frightened; terrified.
ଶୁଣିଣ ଜନକ ନନ୍ଦନ ଅତଙ୍କ ହୋଇଣ ବିଳାପ କଲେ ।
ବିଶ୍ୱନାଥ—ବିଚିତ୍ର ରାମାୟଣ ।

**ଆତଙ୍କିତ**—ସଂ. ବିଣ. ପୁଂ. (ଆତଙ୍କ=ଭୟ; ବିପଦ+ସଂଜାତ ଅର୍ଥରେ
Ātaṅkita — ଇତ)—୧ । ଭୟଗ୍ରସ୍ତ—1. Alarmed;
(ଆତଙ୍କିତା—ସ୍ତ୍ରୀ) — frightened; terrified.
୨ । ବିପଦଗ୍ରସ୍ତ; ବିପନ୍ନ—2. Overtaken by calamity.

**ଆତଙ୍ଗ**—ସଂ. ବି (ଆ+ତନ୍କ ଧାତୁ=ଭୀତ ହେବା; କଷ୍ଟରେ ବଞ୍ଚିବା
Ātaṅga — +ଭାବ. ଅ)—ଅତଙ୍କ (ଦେଖ)
Ātaṅka (See)
ଦେ. ବିଣ—ଅତଙ୍କ (ଦେଖ)
Ātaṅka (See)
ଅତଙ୍ଗ ଲୋକର ତାକ ଭାବରୁ ଯେ ଜନ୍ମ ।
ଅତଙ୍ଗ ତାର ଭଗନ୍ତ ତାକୁ ପରଂବ୍ରହ୍ମ ।
ପୀତାମ୍ବର—କୃଷ୍ଣ ହିପୁରାଣ ।

**ଆତଙ୍ଗୀ**—ଦେ. ବିଣ—ଅକୁଳିତ; ଅସ୍ଥିରଯୁକ୍ତ—Overwhelmed;
Ātaṅgī — agitated.
ବୃନ୍ଦ ମହିବ ସ୍ଥିର କଲେ ଗଲେ ମ ଶାରେ ବାନ୍ଧ ଏ ଆତଙ୍ଗୀ
ଉପେ. ବୈଦେହୀଶବିଳାସ ।

**ଆତଞ୍ଚନ**—ସଂ.ବି. (ଆ+ତନ୍ଚ୍ ଧାତୁ=ଗମନକରିବା+ଭାବ. ଅନ)—
Ātañchana — ୧ । ପ୍ରତିବାପ; ଖୀରରେ ଦହି ପକାଇବା; ମହି ପକାଇବା—1. Casting a drop of acid or butter-milk into fresh milk to turn it into curd.
୨ । ଦ୍ରବୀଭୂତ ଦ୍ରବ୍ୟରେ କୌଣସି ପ୍ରକାର ଚୂର୍ଣ୍ଣ ନିକ୍ଷେପ—2. Sprinkling a powder or flux over melting metal in the melting pot.
୩ । ବେଗ—3. Motion
୪ । ପ୍ରୀତିସମ୍ପାଦନ; ଅପ୍ୟାୟନ—4. Pleasing.

**ଆତଟ**—ସଂ. ବି. (ଆ+ତଟ)—ଅତଡ଼ା (ଦେଖ)
Ātaṭa — Atarḍā (See)

**ଆତଡ଼ା**—ପ୍ରାଦେ. (ଗଡ଼ଜାତ) ବି—ଅତଡ଼ା (ଦେଖ)
Ātarḍā — Atarḍā (See)

**ଆତତ**—ସଂ. ବିଣ. ( ଆ+ତନ ଧାତୁ=ବିସ୍ତାର କରିବା+କର୍ମ ଓ
Ātata — କର୍ତ୍ତୃ. ତ )—
୧ । ବିସ୍ତୃତ; ପ୍ରସାରିତ; ବ୍ୟାପ୍ତ—
1. Extended; pervaded.
୨ । ଅରୋପିତ—2. Assigned

**ଆତତାୟୀ**—ସଂ. ବିଣ. ପୁଂ. ( ଆତତ=ସମ୍ୟକ୍ ବିସ୍ତୃତ+ଇ ଧାତୁ=
Ātatāyī — ଗମନ କରିବା+କର୍ତ୍ତୃ. ଇନ୍ )—
(ଆତତାୟିନୀ—ସ୍ତ୍ରୀ) ବଧୋଦ୍ୟତ; ଘୋର ଅନିଷ୍ଟକାରୀ—
Wantonly aggressive; perpetrator of dreadfully criminal acts. (e.g. poisoning, robbery; criminal, trespass, abduction etc. )
ସଂ. ବି—୧ । ଘାତକ—1. Murderer; a felonious person.

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଗୃହରେ ଅଗ୍ନି ଲଗାଇବା ବ୍ୟକ୍ତି; ଅଗ୍ନିଦ — 2. Incendiary.

୩ । ବିଷ ପ୍ରୟୋଗକାରୀ; ଗରଦ—3. Poisoner.

୪ । ଶସ୍ତ୍ରପାଣି; ଶସ୍ତ୍ରଧାରୀ— 4. Armed with weapons.

୫ । ଧନାପହ; ଚୋର—5. Thief.

୬ । କ୍ଷେତ୍ରାପହାରୀ; ଯେ ଭୂମିକୁ ଅପହରଣ କରେ— 6. Criminal trespasser.

୭ । ଦାରାପହାରୀ—7. Seducer of wife.

[ ଦ୍ର—ଆତତାୟୀ ସମ୍ବନ୍ଧେ ବଚନ—
ଅଗ୍ନିଦୋ ଗରଦଶ୍ଚୈବ ଶସ୍ତ୍ରପାଣିଃ ଧନାପହଃ
କ୍ଷେତ୍ରଦାରାପହାରୀ ଚ ଷଡେ଼ତେ ଆତତାୟିନଃ ।
ଶାସ୍ତ୍ରରେ ଅଛି ଆତତାୟୀଙ୍କୁ ଦେଖିବା ମାତ୍ରକେ ବିଚାର ନ କରି ହାଣି ଦେବ । ]

**ଆତପ**—ସଂ. ବି. ( ଆ + ତପ ଧାତୁ = ଗରମ କରିବା + କର୍ତ୍ତୃ. ଅ )—
Ātapa ଖରା; ସୂର୍ଯ୍ୟକିରଣ; ରୌଦ୍ର—Sun's rays; sunshine; heat of the sun.

ଦେ. ବି—ବ୍ୟାଘ୍ର ଭଲ୍ଲୁକାଦି ଭୟଙ୍କର ଜନ୍ତୁବିଶେଷ— The wild beasts; ferocious animals.

ତମାଲ ତଳ କୁଞ୍ଜଳ ବାଛ ନାହିଁ, ଆତପ ମେଞ୍ଚା ମ୍ଳାନ ଯାଉ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଆତପତଣ୍ଡୁଳ**—ସଂ. ବି. ( ମଧ୍ୟପଦଲୋପୀ; ଆତପ ତାପିତ ଧାନରୁ ପ୍ରସ୍ତୁତ
Ātapatandula ତଣ୍ଡୁଳ )—ଅରୁଆ ଚାଉଳ; ଅରୁଆ ଚାଉଳ—
आतपचाल् Sun-dried rice; rice extracted
अरवाचावल from sundried paddy.

**ଆତପତ୍ର**—ସଂ. ବି. ( ଆତପ=ଖରା+ତ୍ରୈ ଧାତୁ=ରକ୍ଷା କରିବା +
Ātapatra କର୍ତ୍ତୃ. ଅ; ଯାହା ଖରାରୁ ରକ୍ଷା କରେ )—
ଛତା; ଛତ୍ର—Umbrella.

**ଆତପବାରଣ**—ସଂ. ବି. ( ଆତପ=ଖରା + ବାରଣ; ଯେ ଖରାକୁ ବାରଣ
Ātapabārana କରେ )—ଆତପତ୍ର ( ଦେଖ )
Ātapatra ( See )

**ଆତପାନ୍ନ**—ସଂ. ବି. ( ଆତପ=ଅରୁଆ ଚାଉଳ+ଅନ୍ନ )—
Ātapānna ଅରୁଆ ଚାଉଳର ଅନ୍ନ; ଅରୁଆ ଭାତ—
Boiled rice or bhat prepared from sun-dried rice.

**ଆତମା**—ଗ୍ରା. ପଦ୍ୟ. ବି. ( ସଂ. ଆତ୍ମନ୍ )—ଆତ୍ମା ( ଦେଖ )
Ātamā Ātmā ( See )

ପିତା ମାତା ଗୁରୁ ଅଗ୍ନି ଯେ ଆତମାକୁ
କରିବେ ପୂଜା କହି ଲେଖିଛି ନରକୁ—କୃଷ୍ଣସିଂହ. ମହାଭାରତ, ଉଦ୍ୟୋଗ ।

**ଆତମାଘାତୀ**—ଗ୍ରା. ବିଣ. ( ସଂ. ଆତ୍ମଘାତୀ )—ଆତ୍ମଘାତୀ—
Ātamāghāti Committing suicide.
আত্মঘাতী
आतमघाती

**ଆତଯାତ**—ସଂ. ବି. (ଆଯାତ+ଯାତ)—୧ । ଯିବା ଆସିବା—
Ātajāta 1. Going and coming.
যাওয়াআসা ଶର ଅତଯାତେ ନ ଥିଲେ ଭୂଜ—ଜଗନ୍ନାଥ. ବଡ଼ଦାଣ୍ଡମାହାତ୍ମ୍ୟ ।
आनायाना ୨ । ପଶିବା ଓ ବାହାରିବା—
2. Ingress and egress.

୩ । ଜନ୍ମ ମରଣ—3. Birth and death.

କର୍ମ ଅଧୀନ ଏ ଜଗତ
କର୍ମର ପଥେ ଆତଯାତ—ଭୂପତି. ପ୍ରେମପଞ୍ଚାମୃତ ।

୪ । ଚଳପ୍ରଚଳ; କାରବାର—4. Use.

ଦେ. ବିଣ.—୧ । ଚଳପ୍ରଚଳ ହେଉଥିବା—1. Moving.

୨ । ଚଳିବାରେ ଅଭ୍ୟସ୍ତ— 2. Used to; habituated to.

୩ । ଯିବା ଆସିବା କରୁଥିବା— 3. Coming and going; moving to and fro.

ବନେ ଶତ୍ରୁ ଆତଯାତ ସଙ୍ଗେ—ଭଞ୍ଜ. ବୈଦେହୀଶବିଳାସ ।

୪ । ପୁନଃ ପୁନଃ ଜନ୍ମୁଥିବା ଓ ମରୁଥିବା— 4. Dying and being born again.

କର୍ମ ନ କର ଭାତ ମାତ
କର୍ମେ ହୋଇବ ଆତଯାତ—ପ୍ରାଚୀ. ନର୍ଗଣମାହାତ୍ମ୍ୟ ।

**ଆତଯାତକର**—ଦେ. ବିଣ.—୧ । ଯିବା ଆସିବା କରୁଥିବା ଲୋକ—
Ātajātakara 1. Coming and going.

୨ । ବ୍ୟବସାୟୀ; ବେପାରୀ—2. Trading

ବାଟରେ ହେଲା ଏମନ୍ତ ଶୁଣଙ୍କେବେର ପୁରେ ଆତଯାତକର ମହାଜନରେ ଭବାନୀ ଯେ ।
ଭଞ୍ଜ, ବୈଦେହୀଶବିଳାସ ।

**ଆତଯାତକରିବା**—ଦେ. କି—୧ । ଚଳାଇ ନେବା—
Ātajatakaribā 1. To manage or guide.
चालान् ଏହିମତେ ଆତଯାତ କରୁ ମହାତମା । ସାରଳାମହାଭାରତ, ଉଦ୍ୟୋଗ ।
चलाना ୨ । ଅଭ୍ୟାସ କରିବା—2. To carry through

**ଆତର**—ସଂ. ବି. ( ଆ + ତୃ ଧାତୁ=ପାରହେବା + କରଣ. ଅ; ଯାହା
Ātara ଦ୍ୱାରା ଅର୍ଥାତ୍ ଯାହା ଦେଇ ନଦୀ ପାର ହେବାକୁ ହୁଏ)—
ନାହା ଭଡ଼ା; ନଈ ଘାଟ; ମାସୁଲ—
Ferry-hire; boat-hire.

**ଆତସ**—ବୈଦେ. ବି. ( ଅ . ଆତସ୍=ଅଗ୍ନି; ଏହାକୁ ସୂର୍ଯ୍ୟକିରଣରେ
Ātasa ଦେଖାଇଲେ ଏଥିରୁ ଅଗ୍ନି ପଡୁଥିବାରୁ)—
আতস; আতসী কাচ ୧ । ସୂର୍ଯ୍ୟକାନ୍ତମଣି—1. Fire-stone.
আতসী পাথর ୨ । ଏକପ୍ରକାର ସ୍ଥୂଳମଧ୍ୟ କାଚ ବା ପଥର,
अतशीशीशा; ଯାହା ଖରାରେ ଧରିଲେ ତଳେ ନିଆଁ ପଡ଼େ—
सूर्यमुखी 2. Burning glass; a lens which produces fire when held in the sun.

୩ । ଅଗ୍ନି; ନିଆଁ—3 Fire.

ଦେ. ବିଣ.—ଅଗ୍ନି ଉତ୍ପାଦକ – Producing fire.

| ୧ | ଇ | ଢ଼ | ର୍,ବ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଢ | ଷ,ଶ | ଙ୍କ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଦ | ଭ | ଭୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଓ | ନୃ |

ଅତସ କାଚ—ଦେ. ବି. (ଅ. ଅତସ୍=ଅଗ୍ନି+ଫ. କାଚ)—
Ātasa kācha ଅତସ ୨ (ଦେଖ)
Ātasa 2 (See)

ଅତସ ପଥର—ଦେ. ବି. (ଅ. ଅତସ୍+ସଂ. ପ୍ରସ୍ତର)—
Ātasa pathara ଅତସ ୧ (ଦେଖ)
Ātasa 1 (See)

ଅତସବାଜି—ବୈଦେ. (ଅ. ଅତସବାଜୀ)—
Ātasabāji ୧ । ଅଗ୍ନିକ୍ରୀଡ଼ା; ବାରୁଦ ଆଦି ଦ୍ୱାରା ପ୍ରସ୍ତୁତ ବାଣ—
আতসবাজি 1. Fire-work.
आतसबाजी ୨ । ଅଗ୍ନିକ୍ରୀଡ଼ାର ଉପକରଣ—
2. Materials for fire-works.
୩ । ଅଗ୍ନିକ୍ରୀଡ଼ାସମ୍ବନ୍ଧୀୟ ପୁସ୍ତକ—
3. Book dealing with Pyrotechnics

ଅତସି (ଇତ୍ୟାଦି)—ଦେ. ବି. ଓ ବିଣ.—ଅତସ ଇତ୍ୟାଦି (ଦେଖ)
Ātasi (etc) Ātasa (etc) (See)

ଅତା—ପ୍ରାଦେ. (ଗଞ୍ଜାମ) ବି.—ଅତା (ଦେଖ)
Ātā Atā See)
ପ୍ରାଦେ. ( ସିଂହଭୂମ ) ବି.— ପିଉସୀ—Sister of one's father.

ଅତାଗମ୍—ଦେ. ବି—ଅତାଗମ୍ (ଦେଖ)—
Ātāgam Atāgam (See)

ଅତାପି—ଦେ. ବି.—ବାତାପି; ଲେମ୍ବୁଜାତୀୟ ଫଳବିଶେଷ—
Ātāpi A fruit of the species of orange
বাতাপী

ଅତାପୀ—ସଂ. ବି. (ଆ+ତପ=ଖର+ଇନ୍; ଯେ ପକ୍ଷ ବିସ୍ତାରଦ୍ୱାରା
Ātāpi ଅପଣାକୁ ଖରାରୁ ରକ୍ଷା କରେ)—
୧ । ଚିଲପକ୍ଷୀ—1. Kite.
୨ । ରାକ୍ଷସବିଶେଷ—2. The name of a demon.
[ଦ୍ର—ଏ ଅସୁର ବାତାପୀର ଭାଇ । ଏ ମାୟାରେ ଛେଳିରୂପ ଧାରଣ କରିଥିବାରୁ ଅଗସ୍ତି ଋଷି ଏହାର ମାଂସ ଖାଇ ଏହାକୁ ଜୀର୍ଣ୍ଣ କରି ଦେଇଥିଲେ । ]

ଅତାୟୀ—ସଂ. ବି. (ଆ+ତାୟ୍ ଧାତୁ=ପକ୍ଷବିସ୍ତାର କରିବା+ଇନ୍)—
Ātāyi ଅତାପୀ (ଦେଖ)
Ātāpi See)

ଅତାର—ସଂ. ବି.—ଅତର (ଦେଖ)
Ātāra Ātara (See)

ଅତିଥେୟ—ସଂ. ବିଣ. ( ଅତିଥି=ଅଭ୍ୟାଗତ+ଏୟ )—
Ātitheya ଅତିଥିସେବାପରାୟଣ—
Hospitable; attentive to guests.
ସଂ. ବି.—୧ । ଅତିଥି ସେବା—1. Hospitality.
୨ । ଅତିଥିସେବାକାମରେ ଭୋଜ୍ୟ ବସ୍ତୁ;ଅତିଥି ସେବାର ଉପକରଣ— 2. Materials offered to guests.

ଅତିଥେୟତା—ସଂ. ବି. ( ଅତିଥେୟ=ଅତିଥିପରାୟଣ+ଭାବ. ତା)—
Ātitheyatā ଅତିଥିସେବାତତ୍ପରତା—Hospitality.

ଅତିଥ୍ୟ—ସଂ. ବି. (ଅତିଥି=ଅଭ୍ୟାଗତ+ଯ )—
Ātithya ୧ । ଅତିଥି ହେବାର ଅବସ୍ଥା—
1. The state of being a guest.
୨ । ଅତିଥି ସେବା; ଅତିଥିଚର୍ଯ୍ୟା—
2. Hospitality.
୩ । ଅତିଥି ସେବାର ଉପଯୋଗୀ ବସ୍ତୁ—
3. Materials for offering to guests.

ଅତିଦେଶିକ—ସଂ. ବିଣ. ( ଅତି=ଅତିକ୍ରମକର + ଦେଶ =ସ୍ଥାନ
Ātideśika +ଇକ)—
ସୀମାତିକ୍ରମ କରିଥିବା;ସୀମାକୁ ଡେଇଁ ଯାଇଥିବା ଅପରାଧୀ ପକ୍ଷରେ ପ୍ରଯୁଜ୍ୟ । )—
Transgressing limits ( said of wrong-doers )

ଅତିଶଯ୍ୟ—ସଂ. ବି. ( ଅତିଶୟ=ଅତିରେକ+ଭାବ. ଯ )—
Ātiśajya ୧ । ଆଧିକ୍ୟ—1. Excess; excessiveness
୨ । ପ୍ରାବଲ୍ୟ—2. Intensity.

ଅତୁ—ଦେ. ଅ—(କୁକୁରକୁ ଡାକିବାରେ ପ୍ରଯୁକ୍ତ)—ଅସ ! ଅସ !
Ātu (used in calling a dog)—Come ! Oh come !

ଅତୁଣ୍ଡି—ପ୍ରାଦେ. (ଗଡ଼ଜାତ) ବି—ଏକ ଜାତୀୟ ଲତା—
Ātuṇḍi A wild creeper; Calycopteris Floribunda.
[ ଦ୍ର—ଏହା ଦୁଇ ପ୍ରକାରର— କଳା ଓ ଧଳା । ପ୍ରଥମେ ମୂଳରୁ ଗଛ ପରି ଉଠେ; ପରେ ଗଣ୍ଠିର ଡାଳମାନ ଝୁଙ୍କା ମେଲି ଲତା ଆକାର ଧରେ । ଏହାର ପତ୍ରକୁ ଚୂଣ ଓ ଘାଆରେ ପକାନ୍ତି ଏବଂ ପତ୍ରକୁ ବାଟି ଚକପାଉ କାଲଜନ୍ଦା ଘାଆରେ ବୋଳିଲେ ତାହା ଭଲ ହୁଏ । କଳା ଚନ୍ଦ୍ରବଦନ ସକାଶେ ତକପା କଳା ପଡ଼ଯାଏ । କଅଁଳ ପତ୍ରଗୁଡ଼ିକ ସଫା ଦେଖାଯାନ୍ତି । ଧଳା ଅତୁଣ୍ଡି ଗଛର ପତ୍ର ଗୋଲ ଓ କଳା ଅତୁଣ୍ଡିର ପତ୍ର ଅଣ୍ଡାକାର । ]

ଅତୁର—ସଂ. ବିଣ. ପୁଂ. (ଆ=ବିଶେଷ+ତୁର ଧାତୁ=ତ୍ୱରା କରିବା+
Ātura କର୍ତ୍ତୃ. ଅ; ଯେଉଁ ଅବସ୍ଥାରେ ଲୋକ ତ୍ୱରାନ୍ୱିତ ହୁଏ.—
(ଅତୁରା—ସ୍ତ୍ରୀ) ୧ । କାତର—1. Anxious
(ଅତୁରତା—ବି) ୨ । ରୋଗୀ; ପୀଡ଼ିତ; ବ୍ୟାଧିଗ୍ରସ୍ତ—2. Sick.
୩ । ଅଧୀର—3. Impatient.
ଦେ. ବି—୧ । କାତରତା—1. Anxiety.
୨ । ଅଧୀରତା—2. Impatience.
ବଂଶ ବିଚ୍ଛେଦ ଉଦୁରେ ସର ଅତୁରେ । ଭକ୍ତ. ପ୍ରେମସୁଧାନିଧି ।

ସାଧାରଣ ଲେଖକେ ଅପର ଦୃଷ୍ଟାରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ନେଇ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଆତୁରଗୃହ**—ସଂ. ବି—୧ । ଅନ୍ତୁଡ଼ିଶାଳ—
Āturagṛuha 1. A lying-in room.
୨ । ଚିକିତ୍ସାର୍ଥ ପୀଡ଼ିତ ଲୋକମାନଙ୍କ ରହିବା ସ୍ଥାନ—
2. Hospital.

**ଆତୁରିଆ**—ଦେ. ବିଣ. ପୁଂ. ( ସଂ. ଆତୁର )—
Āturiā ୧ । ଅଧୀର—1. Impatient.
(ଆତୁରି—ସ୍ତ୍ରୀ) ୨ । ବ୍ୟସ୍ତ—2. Afflicted; distressed.
আতুরে ୩ । ଉତ୍କଣ୍ଠିତ—3. Anxious.
उतावला

**ଆତୁଲିଆ**—ଗ୍ରା. ବିଣ. ପୁଂ—ଆତୁରିଆ ( ଦେଖ )
Ātuliā Āturiā ( See )
(ଆତୁଲି—ସ୍ତ୍ରୀ) ଶ୍ରୀ ଧାଇଁବା ଆତୁଲି ପ୍ରେମରସ ଆତୁଲି—ଅଭିମନ୍ୟୁ ବଦଳଚନ୍ଦ୍ରୋଦୟ ।

**ଆତୃପ୍ୟ**—ସଂ. ବି. ( ଆ+ତୃପ ଧାତୁ=ତୃପ୍ତ ହେବା+କରଣ ଯ; ଯାହା
Āṭrupya ଖାଇଲେ ତୃପ୍ତି ହୁଏ )—
୧ । ଆତ ଫଳ—1. Custard apple.
୨ । ଆତ ଗଛ—2. Apple tree.
ସଂ. ବିଣ—ତୃପ୍ତିକର—Palatable.

**ଆତୋଦ୍ୟ**—ସଂ. ବି. (ଆ+ତୁଦ୍ ଧାତୁ=ପୀଡ଼ନ କରିବା+କର୍ମ. ଯ)—
Ātodya ବୀଣା, ବଂଶୀ, ମୃଦଙ୍ଗ ଓ ଝାଞ୍ଜ ଏହି ଚତୁର୍ବିଧ ବାଦ୍ୟ—
A concert consisting of four kinds of musical instruments (viz. harp; flute, drum and cymbals).

**ଆତ୍ତ**—ସଂ. ବିଣ—(ଆ+ଦା ଧାତୁ=ଦେବା+କର୍ମ. ତ)—
Ātta ୧ । ଗୃହୀତ—1. Taken.
୨ । ପ୍ରାପ୍ତ—2. Received.

**ଆତ୍ତଗନ୍ଧ**—ସଂ. ବିଣ. (ବହୁବ୍ରୀହି; ଆତ୍ତ=ଗୃହୀତ+ଗନ୍ଧ=ସୁବାସ)—
Āttagandha ୧ । ଯାହାର ଗନ୍ଧ ଗ୍ରହଣ କରାଯାଇଅଛି; ଆଘ୍ରାତ—
1. Which has been smelt..
୨ । ଯେ ଗନ୍ଧ ଗ୍ରହଣ କରିଅଛି; ଆଘ୍ରାଣକ—
2 One who has enjoyed the smell of a thing.

**ଆତ୍ତଗର୍ବ**—ସଂ ବିଣ. (ଆତ୍ତ=ଗୃହୀତ+ଗର୍ବ; ଯାହାର ଗର୍ବ ଗୃହୀତ
Āttagarba ହୋଇ ସାରିଅଛି)—୧ । ହୃତଗର୍ବ—1. Humiliated; crestfallen.
୨ । ପରାଭୂତ—2. Overpowered.

**ଆତ୍ତା**—ପ୍ରାଦେ. (ଗଞ୍ଜାମ) (ସଂ. ନାଟ୍ୟୋକ୍ତି-ଅତ୍ତା, ତୁଳ. ତେ ଅତ୍ତ)—
Attā ବାପର ଭଉଣୀ; ପିଉସୀ—One's father's sister.

**ଆତ୍ମକୃତ**—ସଂ. ବିଣ ( ୩ୟା ତତ୍ ଆତ୍ମନ୍=ନିଜେ+କୃତ)—
Ātmakṛuta ୧ । ନିଜଦ୍ୱାରା କରାଯାଇଥିବା, ସ୍ୱକୃତ—
1. Done or performed by one's self.
୨ । ସ୍ୱହସ୍ତ ସମ୍ପାଦିତ—Done with one's own hands.

**ଆତ୍ମଗତ**—ସଂ. ବିଣ (ଆତ୍ମନ୍=ଆପେ+ଗତ; ଯାହା ଆପଣାଠାରେ ଅଛି)
Ātmagata ୧ ଆତ୍ମନିଷ୍ଠ—1. True to one's self; confiding in one's self.
୨ । ସ୍ୱକୀୟ—2. Relating to one's self.
ସଂ. ଅ. (ନାଟକରେ ବ୍ୟବହୃତ)—ସ୍ୱଗତ; ମନେମନେ; ପରର ଅଗୋଚରରେ (କଥିତ)—To one's own self; mentally; aside.

**ଆତ୍ମଗରିମା**—ସଂ. ବି.—ଆତ୍ମଗର୍ବ (ଦେଖ)
Ātmagarimā Ātmagarba (See)

**ଆତ୍ମଗର୍ବ**—ସଂ. ବି.—(ଆତ୍ମନ୍+ଗର୍ବ)—ଆତ୍ମାଭିମାନ; ନିଜର ବଡ଼ିମା;
Ātmagarba ଅହଙ୍କାର—Self-conceit; self glorification; vanity.

**ଆତ୍ମଗାରିମା**—ସଂ ବି.—ଆତ୍ମଗର୍ବ (ଦେଖ)
Ātmagārimā Ātmagarba (See)

**ଆତ୍ମଗୁଣ**—ସଂ. ବି. (୬ଷ୍ଠୀ ତତ୍, ଆତ୍ମନ୍+ଗୁଣ)—(ଦର୍ଶନ ଶାସ୍ତ୍ର—ବୁଦ୍ଧି,
Ātmaguṇa ହର୍ଷ, କଷ୍ଟ, ଅଭିଳାଷ, ଘୃଣା, ଚେଷ୍ଟା, ସଂଖ୍ୟା, ପରିମାଣ, ବିଚ୍ଛେଦ, ମିଳନ, ବିରହ, ଧାରଣା, ଗୁଣଗ୍ରାହିତ୍ୟ ଓ ସ୍ନେହ—ଆତ୍ମାର ଏହି ଚତୁର୍ଦ୍ଦଶ ଗୁଣ—
(Philosophy) The 14 virtues of the soul.
ଦେ ବି.—ନିଜର ଗୁଣ—One's own qualities or virtues.

**ଆତ୍ମଗୁପ୍ତା**—ସଂ. ବି. ସ୍ତ୍ରୀ (୩ୟା ତତ୍; ଆତ୍ମନ୍+ଗୁପ୍ତା)—ବାଇଡଙ୍କ ଲତା—
Ātmaguptā Cowage.
ସଂ. ବିଣ. ସ୍ତ୍ରୀ—ସ୍ୱରକ୍ଷିତା, ଯେଉଁ ସ୍ତ୍ରୀ ସ୍ୱୟଂ ନିଜର ମହତ୍ତ୍ୱ ରକ୍ଷାକରେ—(a female) Protecting her own modesty.

**ଆତ୍ମଗ୍ଲାନି**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍=ନିଜ+ଗ୍ଲାନି=ନିନ୍ଦା)—
Ātmaglāni ୧ । ସ୍ୱନିନ୍ଦା; ନିଜପ୍ରତି ଧିକ୍କାର—1. Self condemnation; self-reproach.
୨ । ଅନୁତାପ—2. Remorse.

**ଆତ୍ମଘାତ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଘାତ)—୧ । ଆତ୍ମହତ୍ୟା—
Ātmaghāta 1. Suicide.
୨ । ଅଜ୍ଞାନ (ପ୍ରକୃତିବାଦ)—2. Ignorance.

**ଆତ୍ମଘାତକା**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ (ସଂ. ଆତ୍ମଘାତୀ)—ଆତ୍ମଘାତୀ (ଦେଖ)
Ātmaghātakā Ātmaghātī (See)
(ଆତ୍ମଘାତକୀ—ସ୍ତ୍ରୀ)

**ଆତ୍ମଘାତୀ**—ସଂ. ବିଣ. ପୁଂ. ( ଆତ୍ମନ୍+ହନ୍ ଧାତୁ+କର୍ତ୍ତୃ. ଇନ୍ )—ଯେ
Ātmaghātī ନିଜର ପ୍ରାଣ ନିଜେ ନାଶ କରେ; ଆତ୍ମହତ୍ୟାକାରୀ—
(ଆତ୍ମଘାତିନୀ—ସ୍ତ୍ରୀ) One who commits suicide or self destruction.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ଶ | ଞ୍ଚ | ଇସ୍ତ | ଉଅ | ଖ |
| ୨ | ଐ | ଊ | ଌ | ୡ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗିଂ | ଇଅ | ● | ନ୍ତ |

**ଆତ୍ମଘୋଷ**—ସଂ. ବ. (ଆତ୍ମନ୍=ନିଜ+ଘୁଷ ଧାତୁ=ଶବ୍ଦ କରିବା+ଅ;
Ātmaghosha ଯେ ରବ କରି ଆପଣାକୁ ଘୋଷଣା କରେ ।)--
୧ । କାକ; କୁଆ—1. Crow.
୨ । କୁକ୍କୁଟ; କୁକୁଡ଼ା—2. Cock.

**ଆତ୍ମଜ**—ସଂ. ବି. ପୁଂ. (ଆତ୍ମନ+ଜନ ଧାତୁ=ଜନ୍ମ କରିବା+କର୍ତ୍ତୃ. ଅ;
Ātmaja ଯେ ନିଜଠାରୁ ଜନ୍ମ ହୁଏ ।)—୧ । ପୁତ୍ର; ସନ୍ତାନ—
(ଆତ୍ମଜା—ସ୍ତ୍ରୀ) 1. Son.
୨ । ମନୋଭବା ବୁଦ୍ଧି – 2. Intelligence.

**ଆତ୍ମଜୀବନୀ**—ସଂ. ବି. (ଅଧୁନିକ ବ୍ୟବହାର)—କୌଣସି ବ୍ୟକ୍ତିର ନିଜ
Ātmajībanī ଦ୍ୱାରା ଲିଖିତ ନିଜର ଜୀବନଚରିତ—
Autobiography.

**ଆତ୍ମଜ୍ଞ**—ସଂ. ବିଣ. ପୁଂ (ଆତ୍ମନ୍=ନିଜ+ଜ୍ଞା ଧାତୁ=ଜାଣିବା+ଅ)—
Ātmajña ୧ । ଯେ ଆପଣାକୁ ଜାଣେ; ଯେ ଆପଣାର ଦୋଷ
(ଆତ୍ମଜ୍ଞା—ସ୍ତ୍ରୀ) ଗୁଣ ବୁଝିପାରେ—1. One who knows
(ଆତ୍ମଜ୍ଞତା—ବି) one's own faults or merits.
୨ । ଯେ ଆପଣାର ଉପସ୍ଥିତ ଅବସ୍ଥାକୁ ହୃଦୟଙ୍ଗମ କରିପାରେ–
2. Realising one's present position.
୩ । ପରମାତ୍ମଜ୍ଞାନୀ—
3. Having spiritual knowledge.
୪ । ପଣ୍ଡିତ—4. Learned (person)

ସୁଚରିତ୍ର ସୁଶୀଳ ଯେ ପ୍ରଜ୍ଞାତ୍ମା ଆତ୍ମଜ୍ଞ ସୁମତି ।
ଇହଲୋକେ ଲଭେ ମାନ ପରଲୋକେ ଲଭଇ ସଦ୍‌ଗତି ।—ମଧୁସୂଦନ. ନୀତିରତ୍ନମାଳା ।

**ଆତ୍ମଜ୍ଞାନ**—ସଂ. ବି. ( ୭ମୀ ତତ୍; ଆତ୍ମନ୍+ଜ୍ଞାନ )—୧ । ଯଥାର୍ଥରୂପେ
Ātmajñāna ଆତ୍ମାସମ୍ବନ୍ଧୀୟ ଜ୍ଞାନ; ମୋକ୍ଷ ସାଧନ ଜ୍ଞାନ—
1. Spiritual knowledge.

ଆତ୍ମଜ୍ଞାନ ତୁଟେ କି ଶାସ୍ତ୍ର ପଢ଼ା ଜ୍ଞାନ ।
ଅଧିକ କହୁଅଛି ଦ୍ୱିଜବର ଜାଣ । କୃଷ୍ଣସିଂହ. ମହାଭାରତ. ବନ ।

୨ । ପରବ୍ରହ୍ମର ସ୍ୱରୂପ ସମ୍ବନ୍ଧେ ଜ୍ଞାନ—
2. Knowledge of the Supreme Soul.
୩ । ନିଜର ଗୁଣ ଦୋଷ ବା ଅବସ୍ଥା ସମ୍ବନ୍ଧେ ଜ୍ଞାନ—
3. Knowledge of one's own faults or merits.

**ଆତ୍ମତତ୍ତ୍ୱ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ତତ୍ତ୍ୱ)—୧ । ଆତ୍ମାର ପ୍ରକୃତ
Ātmatattwa ତଥ୍ୟ; ଆତ୍ମାର ସ୍ୱରୂପ—1. The true nature of the soul.
୨ । ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ-ସତ୍-ପ୍ରତ୍ୟକ୍-ଚୈତନ୍ୟ—
2. The Divine essence in man.

**ଆତ୍ମତତ୍ତ୍ୱଜ୍ଞ**—ସଂ. ବିଣ. ପୁଂ. (ଆତ୍ମତତ୍ତ୍ୱ+ଜ୍ଞା ଧାତୁ+କର୍ତ୍ତୃ. ଅ)—
Ātmatattwajña ୧ । ପରମାର୍ଥତତ୍ତ୍ୱଜ୍ଞ—
(ଆତ୍ମତତ୍ତ୍ୱଜ୍ଞା—ସ୍ତ୍ରୀ) 1. Having spiritual knowledge.
୨ । ବ୍ରହ୍ମସ୍ୱରୂପଜ୍ଞ—2. One who has knowledge of the Universal Soul.

**ଆତ୍ମତା**—ସଂ. ବି. ସ୍ତ୍ରୀ. ( ଆତ୍ମନ୍+ଭାବାର୍ଥେ. ତା )—
Ātmatā ୧ । ସ୍ୱରୂପତା—
1. The nature or essence of a thing.
୨ । ପରମାତ୍ମତ୍ୱ—2. Essence of the Super-soul; the Quintessence.
୩ । ବନ୍ଧୁତା; ପ୍ରଣୟ; ସଦ୍ଭାବ—
3. Great friendship.

**ଆତ୍ମତ୍ୟାଗ**—ସଂ. ବି. ( ମଧ୍ୟପଦଲୋପୀ; ଆତ୍ମନ୍+ତ୍ୟାଗ )—
Ātmatyāga ସ୍ୱାର୍ଥତ୍ୟାଗ; ଆପଣାର ଇଷ୍ଟ ବା ସୁଖ ପ୍ରତି ଅନାସ୍ଥା-
Self-denial; self-abnegation.

**ଆତ୍ମତ୍ୟାଗୀ**—ସଂ. ବିଣ. ପୁଂ. ( ଆତ୍ମନ୍+ତ୍ୟାଗିନ୍; ୧ମା. ୧ବ. )—
Ātmatyāgī ସ୍ୱାର୍ଥତ୍ୟାଗୀ; ଯେ ପର ପାଇଁ ନିଜର ସୁଖସ୍ୱାଚ୍ଛନ୍ଦ୍ୟକୁ
(ଆତ୍ମତ୍ୟାଗିନୀ—ସ୍ତ୍ରୀ) ଛାଡ଼େ—Self-denying.

**ଆତ୍ମଦର୍ଶକ**—ସଂ. ବି. ( ଆତ୍ମନ୍+ଦର୍ଶକ )—
Ātmadarśaka ଯହିଁରେ ଅପଣା ରୂପ ଦେଖାଯାଏ; ଦର୍ପଣ—
Looking glass; mirror.
ସଂ. ବିଣ. ପୁଂ—ଆତ୍ମଜ୍ଞ ( ଦେଖ )
Ātmajña ( See )

**ଆତ୍ମଦର୍ଶନ**—ସଂ. ବି. ( ଆତ୍ମନ୍+ଦର୍ଶନ )—
Ātmadarśana ୧ । ଆପଣା ସମ୍ବନ୍ଧେ ବିଚାର ବା ଆଲୋଚନା--
1. Introspection; self-examination.
୨ । ସମସ୍ତ ପ୍ରାଣୀଙ୍କୁ ନିଜପରି ଦେଖିବା—
2. Viewing all beings as one's self.
୩ । ଆତ୍ମଜ୍ଞାନ ( ଦେଖ )
3. Ātmajñāna ( See )

**ଆତ୍ମଦର୍ଶୀ**—ସଂ. ବିଣ—ଆତ୍ମଦର୍ଶକ ( ଦେଖ )
Ātmadarśi Ātmadarśaka ( See )

**ଆତ୍ମଦେବତା**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଦେବତା )—
Ātmadebatā ଇଷ୍ଟଦେବତା; ଗୃହଦେବତା—
Guardian Deity; family-god.

**ଆତ୍ମଦ୍ରୋହ**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଦ୍ରୋହ )—
Ātmadroha ୧ । ନିଜକୁ ନିର୍ଯ୍ୟାତନ କରିବା—
1. Self-torture.
୨ । ଆତ୍ମହତ୍ୟା—2. Self-destruction.
୩ । ନିଜକୁ ଅପରାଧୀ ବୋଲି ବିଚାର କରିବା—
3. Self-condemnation.

**ଆତ୍ମଦ୍ରୋହୀ**—ସଂ. ବିଣ. ପୁଂ. (ଆତ୍ମଦ୍ରୋହ+କର୍ତ୍ତୃ. ଇନ୍ )—
Ātmadrohi ୧ । ଯେ ନିଜ କାର୍ଯ୍ୟଦ୍ୱାରା ନିଜର ଅନିଷ୍ଟ ଘଟାଏ—
(ଆତ୍ମଦ୍ରୋହିଣୀ—ସ୍ତ୍ରୀ) 1. Causing one's own downfall.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ଶାଢ଼' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯେ ନିଜକୁ ନିନ୍ଦା କରେ—
2. Self-condemning.

**ଆତ୍ମନ୍**—ସଂ. ବି. ( ଅ + ଅତ୍ = ସତତ ଗମନ କରିବା + ମନ୍; ଏହି ଶବ୍ଦର ୧ମା. ୧ବ. ଆତ୍ମା; ଆତ୍ମନ୍ ଶବ୍ଦର ସମ୍ବୋଧନରେ ଆତ୍ମନ୍ )—ନିଜର ନିଜକୁ ସମ୍ବୋଧନ—
Ātman
( vocative of Ātman ) Oh soul !

ରେ ଆତ୍ମନ୍ ନିଦ୍ରା ପରିହର
ଫେଡ ତନ୍ଦ୍ରାର ଲୋଚନ   କର କର ନିରୀକ୍ଷଣ
ନିଃଶବ୍ଦେ-ଜୀବନ ସ୍ରୋତ ଧାଉଁଛି କପରି । ମଧୁସୂଦନ- ଜୀବନଚିନ୍ତା ।

**ଆତ୍ମନିବେଦନ**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍ + ନିବେଦନ )—
Ātmanibedana ଆତ୍ମୋତ୍ସର୍ଗ; ସ୍ୱାର୍ଥତ୍ୟାଗ—
ଆତ୍ମନିବେଦକ—ବିଣ. ପୁଂ }
ଆତ୍ମନିବେଦିକା—ବିଣ. ସ୍ତ୍ରୀ } Self-devotion; self-sacrifice.

**ଆତ୍ମନିର୍ଣ୍ଣୟ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍ + ନିର୍ଣ୍ଣୟ)—ନିଜେ କିଅଣ ଏ
Ātmanirṇṇaya କଥା ଉତ୍ତମରୂପେ ବୁଝିବା; ଆତ୍ମଜ୍ଞାନ—
Self-realisation.

**ଆତ୍ମନିର୍ଭର**—ସଂ. ବିଣ. ପୁଂ. ( ଆତ୍ମନ୍ + ନିର୍ଭର )—ଯେ ଅପଣା ଉପରେ
Ātmanirbhara ନିର୍ଭର କରେ—Self-reliant; of
(ଆତ୍ମନିର୍ଭରା—ସ୍ତ୍ରୀ) independent spirit.
(ଆତ୍ମନିର୍ଭରତା—ବି)

**ଆତ୍ମନିଷ୍ଠା**—ସଂ. ବି (୭ମୀ ତତ୍; ଆତ୍ମନ୍ + ନିଷ୍ଠା )—୧ । ଏକାନ୍ତ ଈଶ୍ୱର-
Ātmanishṭhā ବିଶ୍ୱାସ—1. Devotion to God.
ଆତ୍ମନିଷ୍ଠ-ବିଣ. ପୁଂ }
ଆତ୍ମନିଷ୍ଠା-ବିଣ. ସ୍ତ୍ରୀ } ୨ । ଅପଣାଠାରେ ଏକାନ୍ତ ବିଶ୍ୱାସ—
2. Confidence on one's own self.

**ଆତ୍ମନୀନ**—ସଂ. ବିଣ. ( ଆତ୍ମନ୍ = ନିଜ + ହିତାର୍ଥେ. ଈନ, ଯାହାଦ୍ୱାରା ଅପଣାର ହିତ ହୁଏ )—
Ātmanina
(ଆତ୍ମନୀନା—ସ୍ତ୍ରୀ) ୧ । ଅପଣାର ହିତକାରୀ ବା ମଙ୍ଗଳକର—
1. Conducive to one's own benefit.
୨ । ଆତ୍ମା ବା ନିଜ ସମ୍ବନ୍ଧୀୟ—2. Pertaining to one's self
୩ । ପଥ୍ୟ—3. Healthy for food; fit for being taken.
ସଂ. ବି—୧ । ପୁତ୍ରକନ୍ୟା—1. Sons and daughters
୨ । ଶ୍ୟାଳକ—2 Wife's brother.
୩ । ବିଦୂଷକ—3. Jester.

**ଆତ୍ମନେପଦ**—ସଂ. ବି. (ଆତ୍ମନେ—ସଂ. ଆତ୍ମନ୍. ୪ର୍ଥୀ. ୧ବ + ପଦ)—
Ātmanepada (ସଂ. ବ୍ୟାକରଣ) ଯେଉଁ କ୍ରିୟାର ବିଭକ୍ତି ଆତ୍ମଫଳଭାଗିତ୍ୱ ପ୍ରକାଶ କରେ; ପରସ୍ମୈ ପଦର ଇତର ପଦ—
That form of the verb which implies an action belonging to self ( M. W. )

**ଆତ୍ମପରୀକ୍ଷା**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍ + ପରୀକ୍ଷା)—ନିଜର କାର୍ଯ୍ୟ-
Ātmapariksha କଳାପ ବା ମନୋଗତ ଭାବକୁ ଉତ୍ତମରୂପେ ବିଚାର କରିବା—Self-examination.

**ଆତ୍ମପ୍ରତିବିମ୍ବଦର୍ଶନ**—ସଂ. ବି. ( ଯୋଗଶାସ୍ତ୍ର )—ଯୋଗ ସାଧନର ଅଙ୍ଗ
Ātmapratibimbadarśana ବିଶେଷ; କତିପୟ ଦିନ ସୂର୍ଯ୍ୟଙ୍କ ବିପରୀତ ଦିଗରେ ଅପଣା ଛାଇକୁ ଏକ ଧ୍ୟାନରେ ଚାହିଁବାପରେ ଶୂନ୍ୟକୁ ଚାହିଁଲେ ସାଧକ ନିଜର ଯେଉଁ କଳ୍ପିତ ଛାୟାରୂପ ଦେଖେ—

**ଆତ୍ମପ୍ରତ୍ୟୟ**—ସଂ.ବି. (୭ମୀ ତତ୍; ଆତ୍ମନ୍ = ନିଜ + ପ୍ରତ୍ୟୟ = ବିଶ୍ୱାସ)—
Ātmapratyaya ନିଜ ଉପରେ ଆସ୍ଥା ବା ବିଶ୍ୱାସ—
Confidence on one's own self or ability or power.

**ଆତ୍ମପ୍ରଶଂସା**—ସଂ ବି. ( ୬ଷ୍ଠୀ ତତ୍; ଆତ୍ମନ୍ + ପ୍ରଶଂସା )—
Ātmapraśaṁsā ନିଜେ ନିଜକୁ ପ୍ରଶଂସା କରିବା; ନିଜେ ନିଜର ବାହାଦୁରି କରିବା—
Self-aggrandisement; self-applause.

**ଆତ୍ମପ୍ରସାଦ**—ସଂ.ବି. (ଆତ୍ମନ୍ + ପ୍ରସାଦ)—ଭଲ କାର୍ଯ୍ୟ କରିବା ଯୋଗୁଁ
Ātmaprasāda ନିଜ ମନରେ ଜାତ ହେବା ସନ୍ତୋଷ—
Self-satisfaction or serinity of mind experienced after doing a noble action.

**ଆତ୍ମବଞ୍ଚନା**—ସଂ. ବି. ( ଆତ୍ମନ୍ + ବଞ୍ଚନା = ପ୍ରତାରଣା )— ନିଜର
Ātmabañchanā ଦୋଷକୁ ନିଜେ ମନେ ମନେ ଦୋଷ ବୋଲି ସ୍ୱୀକାର ନ କରିବା—Self-deception.

**ଆତ୍ମବତ୍**—ସଂ. ବିଣ. ( ଆତ୍ମନ୍ + ବତ୍ = ପରି )—ଅପଣା ସମାନ;
Ātmabat ଅପଣା ପରି—Like one's own self.

**ଆତ୍ମବନ୍ଦା**—ଦେ. ବି. ( ସଂ. ଆତ୍ମନ୍ + ବନ୍ଦନ )—
Ātmabandā ଆତ୍ମପ୍ରଶଂସା—Self-aggrandisement; self-applause.

କାହାକୁ ମୁଖରେ ନ କହିବ ନିନ୍ଦା ।
ଏ ବାହାରେ ନ କହିବଟି ଆତ୍ମବନ୍ଦା । କୃଷ୍ଣସିଂହ. ମହାଭାରତ. ବନ

**ଆତ୍ମବଶ**—ସଂ ବିଣ. ପୁଂ ( ଆତ୍ମନ୍ + ବଶ )—
Ātmabaśa ଯେ ଅପଣାକୁ ଅପେ ଆୟତ୍ତ କରିପାରେ; ସ୍ୱାଧୀନ—
( ଆତ୍ମବଶା—ସ୍ତ୍ରୀ ) Independent; one who con-
( ଆତ୍ମବଶତା—ବି ) trols one's own passions and actions
ସଂ. ବି.—ମନୋବଶୀକରଣ; ଇନ୍ଦ୍ରିୟନିଗ୍ରହ—The act of controlling one's own passions.

**ଆତ୍ମବାନ୍**—ସଂ.ବିଣ. ପୁଂ (ଆତ୍ମନ୍ + ଅଛି ଅର୍ଥରେ ବତୁପ୍; ୧ମା. ୧ବ)—
Ātmabān ଯାହାର ଅନ୍ତରାତ୍ମା ଉନ୍ନତ—
(ଆତ୍ମବତୀ—ସ୍ତ୍ରୀ) Endowed with a noble spirit or soul; magnanimous; noble.

| ୧ | ଲ | ଊ | ଋ,ୠ | .ଃ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଛଅ | ଝଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଳ | ଉ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଛଅ | ଝ | ନ୍ତୁ |

**ଆତ୍ମବିକାଶ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ବିକାଶ)—ଆପଣାର ଆଧ୍ୟାତ୍ମିକ
Ātmabikāsa ବା ବୁଦ୍ଧିଶକ୍ତିର ଉନ୍ମେଷ—Gradual development of one's spiritual or mental power.

**ଆତ୍ମବିକ୍ରୟ**—ସଂ. ବି. ( ଆତ୍ମନ୍+ବିକ୍ରୟ )—ପର ନିକଟରେ ଦେହକୁ
Ātmabikraya ବିକ୍ରୟ କରିବା; ନୀଚ ପରାଧୀନତା—
(ଆତ୍ମବିକ୍ରୟୀ—ବିଣ) Gross subserviency; selling one's conscience to another

**ଆତ୍ମବିଦ୍ୟା**—ସଂ. ବି. ( ଆତ୍ମନ୍+ବିଦ୍ୟା )—୧ । ଯେଉଁ ବିଜ୍ଞାନ ବା
Ātmabidyā ବିଦ୍ୟାଦ୍ୱାରା ଆତ୍ମା ସମ୍ବନ୍ଧେ ଜ୍ଞାନଲାଭ ହୁଏ—
1. Theosophy; knowledge of the soul
୨ । ବେଦାନ୍ତ ଦର୍ଶନ—2. Bedānta philosophy.

**ଆତ୍ମବିସ୍ମୃତି**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ବିସ୍ମୃତି )—
Ātmabismṛuti ୧ । ନିଜକଥା ନିଜେ ଭୁଲିଯିବା—
(ଆତ୍ମବିସ୍ମୃତ—ବିଣ ) 1. Forgetfulness; self-oblivion.
୨ । ନିଜର ଅସ୍ତିତ୍ୱ ନିଜେ ଭୁଲି ଯିବା—
2. Self-forgetfulness.

**ଆତ୍ମବୁଦ୍ଧି**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ବୁଦ୍ଧି)—୧ । ନିଜର ବୁଦ୍ଧି;
Ātmabuddhi ନିଜମନରୁ ବାହାରିଥିବା ବୁଦ୍ଧି—1. A plan evolved out of one's own mind
୨ । ଆତ୍ମାସମ୍ବନ୍ଧେ ଜ୍ଞାନ ବା ଧାରଣା —
2. Self consciousness.

**ଆତ୍ମବୋଧ**—ସଂ. ବି. ( ଆତ୍ମନ୍+ବୋଧ=ବୁଦ୍ଧି )—
Ātmabodha ଆତ୍ମବୁଦ୍ଧି (ଦେଖ)
Ātmabuddhi ( See )

**ଆତ୍ମଭବ**—ସଂ. ବିଣ. ( ଆତ୍ମନ୍+ଭବ=ଜନ୍ମ )—ଆତ୍ମଗତ;
Ātmabhaba ମନୋଗତ—Mental.
ସଂ. ବି—କାମଦେବ—Cupid.

**ଆତ୍ମଭୂ**—ସଂ. ବି ( ଆତ୍ମନ୍+ଭୂ ଧାତୁ=ଜନ୍ମ ହେବା+କର୍ତ୍ତୃ. ବ୍ୟୁତ୍
Ātmabhū ଯେ ଆପଣାଠାରୁ ଜାତ )—
୧ । କାମଦେବ—1. Cupid.
୨ । ବ୍ରହ୍ମା—2. Brahmā
୩ । ବିଷ୍ଣୁ—3. Bishṇu.
୪ । ଶିବ—4. Śiba.
ସଂ. ବିଣ—ସ୍ୱୟଂଭୂ; ସ୍ୱୟଂ ଉଦ୍ଭବ—Self-born

**ଆତ୍ମମ୍ଭରି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଆତ୍ମନ୍+ଭୃ ଧାତୁ=ପୋଷିବା+
Ātmambhari କର୍ତ୍ତୃ. ଇ)—୧ । ପେଟୁ; ଯେ ଆପଣା ପେଟ
ଆତ୍ମମ୍ଭରିତା } ବି. ପୋଷେ ମାତ୍ର ଅନ୍ୟ କଥା ବୁଝେ ନାହିଁ; ଲୁବ୍ଧମ୍ଭର —
ଆତ୍ମମ୍ଭରିତ୍ୱ } 1. Self-nourishing; greedy.
୨ । ସ୍ୱାର୍ଥପର; ଯେ ଆପଣାର ଲାଭ ବା ଇଷ୍ଟସିଦ୍ଧି ବିଷୟରେ ସର୍ବଦା ଚିନ୍ତେ—2. Self seeking; selfish.

**ଆତ୍ମଯୋନି**—ସଂ. ବି. (ଆତ୍ମନ୍+ଯୋନି=ଉତ୍ପତ୍ତିସ୍ଥାନ; ଯେ ନିଜେ
Ātmajoni ନିଜର ଉତ୍ପତ୍ତିସ୍ଥଳ )—ଆତ୍ମଭୂ (ଦେଖ)
Ātmabhū (See)

**ଆତ୍ମରକ୍ଷା**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ରକ୍ଷା)—
Ātmarakshā ୧ । ମହାକାଳ (ଦେଖ)
1. Mahākāḷa (See)
୨ । ଆତ୍ମଶରୀରରକ୍ଷା; ବିପକ୍ଷଙ୍କଠାରୁ ନିଜ ଶରୀରର ରକ୍ଷା—
2. Self-defence; protection of one's own-self from attack.

**ଆତ୍ମଶୁଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଶୁଦ୍ଧି )—ଆପଣାର
Ātmaśuddhi ଅନ୍ତଃଶୁଦ୍ଧି—Self-purification.

**ଆତ୍ମଶ୍ଳାଘା**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଶ୍ଳାଘା)—ଆତ୍ମପ୍ରଶଂସା—
Ātmaślāghā Self-aggrandisement.

**ଆତ୍ମସଂଯମ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ସଂଯମ ) — ଆପଣାର
Ātmasaṁjama ଇନ୍ଦ୍ରିୟବୃତ୍ତିକୁ ସଂଯତ କରିବା—
Self-control; self-restraint.

**ଆତ୍ମସମ୍ଭ୍ରମ**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ସମ୍ଭ୍ରମ )—
Ātmasambhrama ଆତ୍ମମର୍ଯ୍ୟାଦା (ଦେଖ)
Ātmamarjyādā (See)

**ଆତ୍ମସମ୍ମାନ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ସମ୍ମାନ )—
Ātmasammāna ଆତ୍ମମର୍ଯ୍ୟାଦା (ଦେଖ)
Ātmamarjyādā (See)

**ଆତ୍ମସାତ୍**—ସଂ. ବିଣ. (ଆତ୍ମନ୍+ଅଧୀନତା ଅର୍ଥରେ. ସାତ୍)—
Ātmasāt ୧ । ଆତ୍ମସ୍ୱତ୍ୱ; ନିଜର ଅଧୀନ କରିଯିବା—
1. Appropriated to one's self.
୨ । ହସ୍ତଗତ—2. Brought to one's own control or possession.

**ଆତ୍ମସାତ୍ କରିବା**—ଦେ. କ୍ରି—୧ । ହସ୍ତଗତ କରିବା—
Ātmasāt karibā 1. To appropriate.
আত্মসাৎ করা ୨ । ନିଜେ ନେବା—2. To convert to
आत्मसात्करना one's own use.
୩ । ପରର ଧନକୁ ଅନ୍ୟାୟରୂପେ ନିଜେ ନେବା—
3. To mis ppropriate another's property.

**ଆତ୍ମସାତ୍କୃତ**—ସଂ. ବିଣ. (ଆତ୍ମସାତ୍=ସ୍ୱାୟତ୍ତ+କୃତ=କରାଯାଇଥିବା)—
Ātmasātkṛuta ୧ । ସ୍ୱାୟତ୍ତୀକୃତ —
1. Brought under one's control.
୨ । ଆତ୍ମସାତ୍ କରାଯାଇ ଥିବା—2. Converted to one's own use; misappropriated.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଳ' ନ ମିଳିଲେ 'ଖାଲ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

**ଆତ୍ମହତ୍ୟା**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍ + ହତ୍ୟା )—
Ātmahatyā ଉଦ୍‌ବନ୍ଧନ, ବିଷଭକ୍ଷଣ, ଜଳମଜ୍ଜନ ବା ନିଜ ଶରୀରରେ ଅସ୍ତ୍ରାଘାତ ପ୍ରଭୃତି ଦ୍ୱାରା ନିଜେ ନିଜର ପ୍ରାଣ ନାଶ କରିବା—Suicide; self-destruction.

**ଆତ୍ମହନ୍ତା**—ସଂ. ବିଣ. ପୁଂ. ( ଉପପଦ; ଆତ୍ମନ୍ + ହନ୍ ଧାତୁ = ହାଣିବା
Ātmahantā + କର୍ତ୍ତୃ. ତୃ )—ଆତ୍ମଘାତୀ—
One who commits suicide.

**ଆତ୍ମହରା**—ଦେ. ବିଣ. ( ଆଧୁନିକ ପ୍ରୟୋଗ )—ଆତ୍ମବିସ୍ମୃତ—
Ātmaharā Forgetful of one's ownself.

**ଆତ୍ମହା**—ସଂ. ବିଣ. ( ଆତ୍ମନ୍ + ହନ୍ ଧାତୁ + କର୍ତ୍ତୃ. କ୍ୱିପ୍; ଆତ୍ମହନ୍
Ātmahā ୧ମା. ୧ବ. )—୧ । ଆତ୍ମଘାତୀ ( ଦେଖ )
1. Ātmaghāti ( See )
୨ । ଆତ୍ମାର ଯାଥାର୍ଥ୍ୟ ଜ୍ଞାନରହିତ; ଅଜ୍ଞ—2. Ignorant of true knowledge about the soul
ସଂ. ବି. ( ଦେବତାଙ୍କୁ ଉତ୍ସର୍ଗୀକୃତ ଦ୍ରବ୍ୟାଦି ନିଜେ ବ୍ୟବହାର କରିବାରୁ ଯେଉଁମାନେ ସ୍ୱୀୟ ପରକାଳକୁ ହତ୍ୟା କରନ୍ତି)—ଦେବପୂଜକ ବ୍ରାହ୍ମଣ—Brāhmaṇas who are professional worshippers of Deities.

**ଆତ୍ମା**—ସଂ. ବି. ( ଅ + ଅତ୍ ଧାତୁ = ସର୍ବଦା ଗମନ କରିବା + କର୍ତ୍ତୃ.
Ātmā ମନ୍; ଆତ୍ମନ୍ ୧ମା. ୧ବ. )—
୧ । ଆପେ; ସ୍ୱୟଂ—1 One's self.
୨ । ସ୍ୱରୂପ—2. True shape or form.
୩ । ପରମାତ୍ମା; ବ୍ରହ୍ମ—
3. The Universal Soul; God.
୪ । ଜୀବ; ଜୀବାତ୍ମା—
4. The spirit; human soul.
୫ । ଦେହ—5. Body.
୬ । ଧୃତି ବା ଧୈର୍ଯ୍ୟ—6. Patience.
୭ । ମନ—7. Mind.
୮ । ବୁଦ୍ଧି—8. Perception.
୯ । ସ୍ୱଭାବ—9. One's own nature.
୧୦ । ଚିତ୍ତ; ହୃଦୟ—10. Heart.
୧୧ । ମନୋଗତ ଭାବ—11. Intention.
୧୨ । ଯତ୍ନ—12. Care.
୧୩ । ସୂର୍ଯ୍ୟ—13. The sun.
୧୪ । ଅଗ୍ନି—14. Fire.
୧୫ । ପୁତ୍ର—15 Son
୧୬ । ବାୟୁ—16. Air.
୧୭ । ଅଧିଷ୍ଠାତ୍ରୀ ଦେବତା—
17. The Guardian Deity.
୧୮ । ପରିବ୍ୟାବର୍ତ୍ତିନ; ଅତ୍ୟନ୍ତ ନିବୃତ୍ତି—
18. Excessive cessations.
[ ଦ୍ର—ଆତ୍ମା ଦ୍ୱିବିଧ—ଜୀବାତ୍ମା ଓ ପରମାତ୍ମା । ]

**ଆତ୍ମା ଉଡ଼ିଯିବା**—ଦେ. କ—ପ୍ରାଣ ଚାଲିଯିବା; ଜୀବନ ଛାଡ଼ିଯିବା—
Ātmā urdijibā The passing of the soul or life; death.
ଶେଷରେ ମୋର ଆତ୍ମା ଯାଉଅଛି ଉଡ଼ି । କୃଷ୍ଣସିଂହ. ମହାଭାରତ, ବନ ।

**ଆତ୍ମାଘାତକ**—ଗ୍ରା. ବିଣ. ପୁଂ. (ସଂ. ଆତ୍ମଘାତୀ)—
Ātmāghātaka ଆତ୍ମହତ୍ୟାକାରୀ (ବ୍ୟକ୍ତି)—
(ଆତ୍ମଘାତକୀ—ସ୍ତ୍ରୀ) One who commits suicide.
আত্মঘাতী
आत्मघात. खुद्कुशी

**ଆତ୍ମାଘାତୀ**—ଗ୍ରା. ବିଣ. (ସଂ. ଆତ୍ମଘାତୀ)—ଆତ୍ମାଘାତକ (ଦେଖ)
Ātmāghāti Ātmāghātaka (See)

**ଆତ୍ମାଦର**—ସଂ ବି. (୭ମୀ ତତ୍; ଆତ୍ମନ୍ + ଆଦର)—
Ātmādara ନିଜ ପ୍ରତି ସମ୍ମାନ; ଆତ୍ମସମ୍ମାନ—Self-respect.

**ଆତ୍ମାଧୀନ**—ସଂ. ବିଣ. ( ୬ଷ୍ଠୀ ତତ୍; ଆତ୍ମନ୍ + ଅଧୀନ )—ସ୍ୱାଧୀନ; ନିଜ
Ātmādhina ଉପରେ ନିର୍ଭର କରୁଥିବା—Self-reliant;
(ଆତ୍ମାଧୀନା—ସ୍ତ୍ରୀ) self-dependent; independent.

**ଆତ୍ମାପରାଧ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍ + ଅପରାଧ)—
Ātmāparādha ୧ । ନିଜକୃତ ଦୋଷ—
1 Crime committed by one's self.
୨ । ନିଜ ପ୍ରତି କୃତ ଅପରାଧ—
2 Crime committed against one's self.

**ଆତ୍ମାପହାର**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍ + ଅପହାର)—
Ātmāpahāra ନିଜେ ଯେଉଁ କୁଳର ତହିଁରୁ ଉଚ୍ଚ କୁଳର ବୋଲି ବାହାନା କରିବା—Pretence that one belongs to a higher caste than his own.

**ଆତ୍ମାପୁରୁଷ**—ଦେ. ବି. (ସଂ. ଆତ୍ମନ୍ + ପୁରୁଷ)—୧ । ଆତ୍ମାରୂପ ପୁରୁଷ;
Ātmāpurusha ହୃଦୟସ୍ଥ ଆତ୍ମା—1. The soul.
୨ । ଜୀବନ; ପ୍ରାଣବାୟୁ—2. Life.

**ଆତ୍ମାଭିମାନ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍ + ଅଭିମାନ)—
Ātmābhimāna ଅହଙ୍କାର; ଆତ୍ମଗର୍ବ—
(ଆତ୍ମାଭିମାନୀ—ବିଣ) Self-conceit; pride.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଐ | ବିସର୍ଗ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଯ୍ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

ଆତ୍ମାଭିମାନୀ—ସଂ. ବଣ. ପୁଂ. (ଆତ୍ମନ୍ + ଅଭିମାନୀ)—
Ātmābhimānī ଅହଙ୍କାରୀ; ଆତ୍ମଗର୍ବୀ—
(ଆତ୍ମାଭିମାନିନୀ—ସ୍ତ୍ରୀ) Self-opinionated; proud; vain.

ଆତ୍ମାଭୋଗ—ଦେ. ବି. (ଆତ୍ମନ୍+ଭୋଗ)—ନିଜର ଅନୁଭୂତ ବିଷୟ—
Ātmābhoga Matter experienced by one's self.

ଏହି ମମାଥ ଆଦି ଅଷ୍ଟଯୋଗ
ସିଦ୍ଧ ଯୋଗିମାନଙ୍କ ଆତ୍ମାଭୋଗ—ପ୍ରାଚୀ. ଉତ୍ତରସଂହିତ୍ତା ।

ଆତ୍ମାରାମ—ସଂ. ବଣ. ( ଆତ୍ମନ୍ + ଆ+ରମ ଧାତୁ=କ୍ରୀଡ଼ା କରିବା +
Ātmārāma ଅଧିକରଣ. ଅ; ଯେ ନିଜଠାରେ କ୍ରୀଡ଼ା କରେ)—
୧ । ବ୍ରହ୍ମଜ୍ଞାନୀ; ବ୍ରହ୍ମଜ୍ଞାନ ଯୋଗୁଁ ଯେ ଆତ୍ମାରେ ପରମସୁଖ ଅନୁଭବ କରେ—1. (a person) Who has attained spiritual development.

୨ । ସନ୍ତତ ସନ୍ତୁଷ୍ଟାନ୍ତଃକରଣ; ସର୍ବଦା ପରମାତ୍ମାଙ୍କଠାରେ ଯାହାଙ୍କର ଲୟ ଥାଏ—2. One who finds delight in one's ownself; self-contented (person)

ଆତ୍ମାଲିଙ୍ଗ—ଦେ. ବି.—୧ । ଆତ୍ମାର ଅଂଶ—
Ātmālinga 1. Part of the soul.
୨ । ଅର୍ଦ୍ଧାଙ୍ଗ—2. Better-half.

ମଦନାବତୀ ବୋଲେ ତୁମ୍ଭେ ମୋ ଆତ୍ମାଲିଙ୍ଗ—ପୀତାମ୍ବର. କୃଷ୍ଣ ହରିବଂଶ ।

ଆତ୍ମାଶୟ—ସଂ. ବି. (ଆତ୍ମନ୍+ଆଶୟ)—ନିଜ ଉପରେ ନିର୍ଭରତା—
Ātmāsaya Self-dependence

ଆତ୍ମାଶୟୀ—ସଂ. ବଣ. ପୁଂ (ଆତ୍ମାଶୟ+ଇନ୍; ୧ମା. ୧ବ )—
Ātmāsayī ଆତ୍ମ ନିର୍ଭର—Self-dependent
( ଆତ୍ମାଶୟିନୀ—ସ୍ତ୍ରୀ )

ଆତ୍ମାଶୀ—ସଂ. ବି. ( ଆତ୍ମନ୍=ନିଜ+ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଇନ୍. ୧ମା. ୧ବ. ଯେ ସ୍ୱକୁଳ ବା ନିଜ ଜାତିସ୍ୱ
Ātmāsī ଜୀବକୁ ଖାଏ )—ମତ୍ସ୍ୟ; ମାଛ—Fish

ଆତ୍ମା ଶୁଖିଯିବା—ଦେ. କ୍ରି—ଭୟରେ ଜ୍ଞାନ ଲୋପହେବା—Being
Ātmā sukhijibā much terrified.

ତାହା ଦେଖି ମୋହର ଆତ୍ମା ଶୁଖିଯାଏ । କୃଷ୍ଣସିଂହ. ମହାଭାରତ. ବନ ।

ଆତ୍ମାହନ—ଗ୍ରା. ବଣ ( ସଂ. ଆତ୍ମଘ୍ନ )—ଆତ୍ମଘାତୀ (ଦେଖ)
Ātmāhana Ātmaghātī (See)

ତାହାଙ୍କ ବୋଲ ଆତ୍ମାହନ
ନିଷ୍ଫଳ ତାହାଙ୍କ ଜୀବନ । ଜଗନ୍ନାଥ. ଭାଗବତ. ୧୦ମ. ବାରବା ।

ଆତ୍ମିକ—ଦେ. ବଣ. ( ସଂ. ଆତ୍ମୀୟ )—ଆତ୍ମୀୟ ( ଦେଖ )
Ātmika Ātmīya ( See )

ଏଣ ଆତ୍ମିକ ପ୍ରିୟ ମୋର
ଯେଣ ଏ ସେବେ ନିରନ୍ତର । ଜଗନ୍ନାଥ. ଭାଗବତ. ୪ର୍ଥ ।

ଆତ୍ମୀୟ—ସଂ. ବଣ. ପୁଂ ( ଆତ୍ମନ୍=ନିଜ+ଈୟ )—
Ātmīya ୧ । ନିଜ ସମ୍ପର୍କୀୟ; ଆତ୍ମସମ୍ପର୍କୀୟ; ସ୍ୱକୀୟ—
( ଆତ୍ମୀୟା—ସ୍ତ୍ରୀ ) 1. Pertaining to one's self.
(ଆତ୍ମୀୟତା—ବି) ୨ । ନିଜର କୁଟୁମ୍ବୀ—2. Connected with one's own family.
୩ । ଯାହାଙ୍କୁ ଆପଣାର ବୋଲି ଜାଣିବାକୁ ହୁଏ; ଅନ୍ତରଙ୍ଗ—3. Very intimate ( friend ).
୪ । ଆତ୍ମାସମ୍ପର୍କୀୟ—4. Relating to the soul
ସଂ. ବି. ପୁଂ—୧ । ସ୍ୱଜନ; କୁଟୁମ୍ବ—1. Kinsman.
୨ । ସୁହୃଦ୍; ଅନ୍ତରଙ୍ଗ ବନ୍ଧୁ—2. Friend.
୩ । ବାନ୍ଧବ—3. Relative.
୪ । ବିବାହ ବା ରକ୍ତସମ୍ପର୍କୀୟ ବ୍ୟକ୍ତି—
4. A person related by ties of marriage or blood

ଆତ୍ମୀୟତା—ସଂ. ବି. ( ଆତ୍ମୀୟ+ଭାବ. ତା )—
Ātmīyatā ୧ । ବନ୍ଧୁତା; ପ୍ରୀତି; ଅନ୍ତରଙ୍ଗତା; ସୌହାର୍ଦ୍ଦ୍ୟ—
1. Friendship.
୨ । କୁଟୁମ୍ବିତା—2. Kinship; relationship
୩ । ରକ୍ତ ବା ବିବାହଜନିତ ସମ୍ପର୍କ ବା ବନ୍ଧୁପଣିଆ—
3. Relationship by blood or marriage

ଆତ୍ମୀୟସ୍ୱଜନ—ସଂ. ବି. ( ଆତ୍ମୀୟ+ସ୍ୱଜନ)—କୁଟୁମ୍ବ ଓ ବନ୍ଧୁ—
Ātmīyaswajana Relations and friends

ଆତ୍ମୋନ୍ନତି—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଉନ୍ନତି )—୧ । ନିଜର
Ātmonnati ମାନସିକ,ନୈତିକ ଓ ବୈଷୟିକ ଉନ୍ନତି—
1. Self-improvement; self-culture
୨ । ଆପଣାର ଆଧ୍ୟାତ୍ମିକ ଉନ୍ନତି—
2. Spiritual improvement.

ଆତ୍ମୌପମ୍ୟ—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଔପମ୍ୟ=ସାଦୃଶ୍ୟ)—
Ātmaupamya ୧ । ଆତ୍ମତୁଳନା; ନିଜ ସଙ୍ଗେ ପରର ତୁଳନା—1. Self comparison
୨ । ସହାନୁଭୂତି—2. Sympathy.

ଆତ୍ୟନ୍ତିକ—ସଂ. ବଣ. ପୁଂ. (ଅତ୍ୟନ୍ତ=ବିଶେଷ+ଭାବ. ଇକ)—
Ātyantika ୧ । ଅତ୍ୟଧିକ; ସବିଶେଷ—1. Excessive.
(ଆତ୍ୟନ୍ତିକୀ—ସ୍ତ୍ରୀ) ୨ । ଅସୀମ; ଅଶେଷ—2. Endless.
୩ । ଯତ୍ପରୋନାସ୍ତି—3. Ne plus ultra.
୪ । ଧାରାବାହିକ—4. Regular; systematic.
୫ । ଅବିଚ୍ଛିନ୍ନ—5. Constant; continuous.
୬ । ମରଣ ପର୍ଯ୍ୟନ୍ତ—6. Till death

ଆତ୍ରେୟ—ସଂ. ବି. ପୁଂ. (ଅତ୍ରି=ଋଷିବିଶେଷ+ଅପତ୍ୟାର୍ଥେ. ଏୟ)—
Ātreya ୧ । ଅତ୍ରି ମୁନିଙ୍କ ପୁତ୍ର (ଦତ୍ତ, ସୋମ ଓ ଦୁର୍ବାସା)—
1. The sons of the sage 'Atri'

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧ ନ ପାଇଲେ 'ବଧ୍' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଆତ୍ରେୟୀ; ଆତ୍ରେୟିକା } ସ୍ତ୍ରୀ. ୨ । ଆୟୁର୍ବେଦାଧ୍ୟାପକ ଋଷିବିଶେଷ(ଏ ନାଡ଼ୀଜ୍ଞାନପ୍ରକରଣ ନାମକ ଗ୍ରନ୍ଥ ରଚନା କରିଥିଲେ )— 2. A sage and teacher of Āyurbeda

ବଣ.—ଅତ୍ରି ଋଷିଙ୍କ ବଂଶରେ ଜାତ; ଅତ୍ରି ଋଷିବଂଶୋଦ୍ଭବ— Born in the family of sage Atri

**ଆତ୍ରେୟସଂହିତା**—ସ. ବି. (ଆତ୍ରେୟ+ସଂହିତା)—ସତ୍ୟଯୁଗରୁ ଚଳିତ ଓ
Ātreyasaṁhitā ଅତ୍ୟବହୃତ ଆୟୁର୍ବେଦ ଗ୍ରନ୍ଥବିଶେଷ—
Name of a very old sanskrit medical treatise.

**ଆତ୍ରେୟିକା**—ସଂ. ବଣ. ସ୍ତ୍ରୀ.—୧ । ଆତ୍ରେୟର ସ୍ତ୍ରୀଲିଙ୍ଗ—
Ātreyikā 1. Feminine of Ātreya.
୨ । ରଜସ୍ୱଳା—2. Menstruated.
ସଂ. ବି. ସ୍ତ୍ରୀ. (ଅତ୍ରି=ମୁନିବିଶେଷ+ସ୍ତ୍ରୀ. ଏୟିକା)—
୧ । ଆତ୍ରେୟର ସ୍ତ୍ରୀଲିଙ୍ଗ—
1. Feminine of Ātreya.
୨ । ଋତୁମତୀ ବା ରଜସ୍ୱଳା ସ୍ତ୍ରୀ—2. A woman in her menses.
୩ । ନଦୀବିଶେଷ—3. A river of that name.

**ଆଥର୍ବଣ**—ସଂ. ବଣ. (ଅଥର୍ବନ୍=ବେଦବିଶେଷ+ସମ୍ବ. ଅ)—
Ātharbaṇa ୧ । ଅଥର୍ବବେଦଜ୍ଞ—
1. Versed in the Atharba Beda.
୨ । ଅଥର୍ବବେଦୀୟ—
2. Pertaining to the Atharba Beda.
୩ । ଅଥର୍ବବେଦବିହିତ—
3. Laid down in the Atharba Beda.
ସଂ.ବି.—୧ । ଅଥର୍ବବେଦଜ୍ଞ ବ୍ରାହ୍ମଣ—1. A Brāhmaṇa versed in the Atharba Beda
୨ । ଅଥର୍ବମୁନିପ୍ରଣୀତ ସୂକ୍ତସମୂହ—2 The hymns composed by the sage Atharba.

**ଆଦ୍‌ମି**—ବୈଦେ. ବି. (ଅ. ଆଦମ୍‌ର ବଂଶଧର)—
Ādmi ବ୍ୟକ୍ତି—Person.
আদমী
आदमी

**ଆଦଉ**—ଗ୍ରା. ଅ. (ସଂ.. ଅଦୌ)—୧ । ଅଦୌ; ଜମାରୁ; ମୋଟେ—
Ādau 1. At all.
আদৌ ୨ । ପ୍ରଥମରୁ; ଆରମ୍ଭରୁ—2. From the
बिलकुल beginning.
୩ । ସର୍ବପ୍ରଥମେ—3. At first

**ଆଦଉଁ**—ଗ୍ରା. ଅ. (ସଂ. ଅଦୌ)—ଆଦଉ (ଦେଖ)
Ādauṅ Ādau (See)

**ଆଦତ୍**—ବୈଦେ. ବି (ଅ—୧ । ଅଭ୍ୟାସ—1. Habit.
Ādat ୨ । ସ୍ୱଭାବ—2. Custom.
আদত্ ୩ । ଦେଶପ୍ରଚଳିତ ପ୍ରଥା—3. Usage.

**ଆଦବ୍**—ବୈଦେ. ବି. ( ଅ. ଅଦାବ୍ )—ଶିଷ୍ଟାଚାର—Good.
Ādab manners; good conduct; courtesy.
আদব
आदब

**ଆଦବକାଇଦା**—ବୈଦେ. ବି. (ଅ. ଅଦବ୍=ଶିଷ୍ଟାଚାର+କାଇଦା=
Ādabakāidā ନିୟମ)—ଶିଷ୍ଟାଚାରସମ୍ବନ୍ଧ ନିୟମ; ଭଦ୍ର ସମାଜର
আদবকাইদা ଆଦରଣୀୟ ନିୟମାବଳୀ—Rules of good manners; etiquette; rules of courtesy.

**ଆଦବକାଏଦା**—ବୈଦେ. ବି. (ଅ)—ଆଦବକାଇଦା (ଦେଖ)
Ādabakāedā Ādabakāidā (See.

**ଆଦମ୍**—ବୈଦେ. ବି. ପୁଂ. (ହିବ୍ର. ଅଡାମ-ଭୂଲ-ଇଂ. ଅଡାମ୍ ଭୂଲ-ସଂ.
Ādam ଆଦମ )—ବାଇବଲ ମତରେ ଈଶ୍ୱରସୃଷ୍ଟ ମର୍ତ୍ତ୍ୟର ପ୍ରଥମ ପୁରୁଷ—Adam)

[ଦ୍ର—ବାଇବଲ୍ ଓ କୋରାନ୍ ମତରେ ଈଶ୍ୱର ପ୍ରଥମେ ଆଦମ୍ (ଅଡାମ) ଙ୍କୁ ସୃଷ୍ଟି କଲେ ଓ ଆଦମ୍‌ଙ୍କ ପିଞ୍ଜରା ହାଡ଼ ଖଣ୍ଡିକରୁ ଇଭ୍ (ଈଭା) ଙ୍କୁ ଗଢ଼ିଲେ ଓ ଏ ଦୁହିଙ୍କୁ ଏଡେନର ବଗିଚାରେ ରଖି ତାଙ୍କୁ କହିଲେ "ସବୁ ଗଛର ଫଳ ଖାଇବ କିନ୍ତୁ ଜ୍ଞାନ ବୃକ୍ଷର ଅତ ଫଳ ଖାଇବ ନାହିଁ ।" ଈଶ୍ୱରଦ୍ରୋହୀ ସଇତାନ ଈଶ୍ୱର ଆଜ୍ଞା ଲଙ୍ଘନ କରିବା ଲାଗି ଆଦମଙ୍କୁ ମତାଇଲା, କିନ୍ତୁ ପାରିଲା ନାହିଁ । ପରେ ଗୋଟିଏ ସାପ ବେଶରେ ଇଭଙ୍କୁ ମତାଇବାରୁ ଇଭ୍ ସେ ଫଳଟି ଖାଇଦେଲା । ଇଭ୍ ଏହି ଯେଉଁ ପାପ କଲା ଏଥିପାଇଁ ତାର ବଂଶଧରମାନେ ଏହି ପାପରେ କଳୁଷିତ ହେଲେ । ବାଇବଲ୍ ମତରେ ଈଶ୍ୱରଙ୍କର ପୁତ୍ର ଯୀଶୁ ପୃଥିବୀରେ ଅବତୀର୍ଣ୍ଣ ହୋଇ ଜୀବନ ବଳି ଦାନପୂର୍ବକ ଏଥିପାଇଁ ପ୍ରାୟଶ୍ଚିତ୍ତ କରି ଯାଇଅଛନ୍ତି ।]

**ଆଦମ୍‌ସୁମାରି**—ବୈଦେ. ବି. (ଅ)—ଲୋକଗଣନା; ଦେଶବାସି ଲୋକଙ୍କର ସଂଖ୍ୟାକରଣ—Census; counting of men.
Ādamsumāri

**ଆଦମି**—ଦେ. ବି ( ବାଇବଲ୍‌ଲିଖିତ ସୃଷ୍ଟିର ପ୍ରଥମ ମନୁଷ୍ୟ ଆଦମ୍‌ର
Ādami ବଂଶଧର)—ଆଦ୍‌ମି (ଦେଖ)—Ādmi ( See )

**ଆଦର**—ସଂ. ବି. (ଆ+ଦୃ ଧାତୁ=ଆଦର କରିବା+ଭାବ. ଅ)—
Ādara ୧ । ସମ୍ମାନ; ମର୍ଯ୍ୟାଦା—1. Respect; honour; reverence.

ବଚନ୍ଦେଶ ଶ୍ୟାମ ସ୍ତ୍ରୀଙ୍କ ପାଖକୁ
ଏରୂପେ ଆଦରରେ ପଠାଇଲେ ତାଙ୍କୁ ।
କୃଷ୍ଣସିଂ- ମହାଭାରତ- ବନ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଙ୍ଗ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ନ |

୨ । ଅନୁରାଗ; ପ୍ରଣୟ—2 Esteem; fondness.
୩ । ବାହ୍ୟିକ ଯତ୍ନ—3. Outward respect
୪ । ଭକ୍ତି; ଶ୍ରଦ୍ଧା—4. Regard; veneration; devotion.

ଦେ. ବି.—ଖୋସାମଦ; ସକରୁଣ ପ୍ରାର୍ଥନା; ଅନୁସରଣ—Flattery; imploring.

**ଆଦରଣା**—ଦେ. ବି. (ସ. ଆଦର)—୧ । ଆଦର (ଦେଖ)
**Ādaraṇā** 1. Ādara (See)
୨ । ଆଦରିବା କର୍ମ—2. The act of Ādaribā (See)

**ଆଦରଣୀୟ**—ସ. ବିଣ. ପୁଂ. (ଆ+ଦୃ ଧାତୁ=ଆଦର କରିବା+କର୍ମ.
**Ādaraṇiya** ଅନୀୟ)—୧ । ଗ୍ରହଣୀୟ—1. Acceptable.
(ଆଦରଣୀୟା—ସ୍ତ୍ରୀ) ୨ । ମାନନୀୟ—2. Honourable
୩ । ମାନିବା ଯୋଗ୍ୟ—3 Respectable; deserving honour.
୪ । ପୂଜ୍ୟ—4. Venerable.
୫ । ସେବନୀୟ—5. Fit to be served.
୬ । ଅବଲମ୍ବନୀୟ—6 Fit to be depended upon.

**ଆଦରଶ**—ଗ୍ରା. ପଦ୍ୟ. ବି. (ସଂ. ଆଦର୍ଶ)—ଯାହାକୁ ମୂଳ କରି ଲେଖି
**Ādaraśa** ଅନୁକରଣ କରାଯାଏ—Model.

ପୁଣ୍ୟମୟ ତୋ ପରଶେ, ତୋ ଉଦାର ଆଦରଶେ ।
ମଧୁସୂଦନ. ଉତ୍କଳଗାଥା ।

**ଆଦରା**—ଦେ. ବି.—୧ । ଚିହ୍ନ; ଦାଗ—1. Mark; sign.
**Ādarā** ୨ । ଠେସଦିଆ କାନ୍ଥ—2. Buttress
ଦେ. ବିଣ.— ଗୃହୀତ ହୋଇଥିବା—Accepted.

**ଆଦରାଆଦରି**—ଦେ.ବିଣ.—୧ । ପରସ୍ପର ପରସ୍ପରକୁ ରାଜି ହୋଇ ଗ୍ରହଣ
**Ādarāādari** କରିବା—1. Accepting each other
আশনাই out of free choice.
୨ । ଥୁଆଥୋଇ; ବିବାହ ନ ହୋଇ ସ୍ୱାମୀ, ସ୍ତ୍ରୀରୂପରେ ପରସ୍ପର ସହିତ ଚଳାଚଳ ହେବା—2 Living as husband and wife without undergoing due form of marriage.

ଦେ. ବି.—୧ । ପରସ୍ପର ପ୍ରତି ଅନୁରାଗ ପ୍ରଦର୍ଶନ—1. Attachment to one another
୨ । ଖୋସାମଦ; ଅନୁନୟ ପ୍ରାର୍ଥନା—2 Flattery; imploring
୩ । ସ୍ତ୍ରୀ ଓ ପୁରୁଷ ମଧ୍ୟରେ ଅସାମାଜିକ ପ୍ରଣୟ—3 Living as husband and wife without marriage.

**ଆଦରିବା**—ଦେ. ପଦ୍ୟ. କ୍ରି ( ସଂ. ଆଦର )—୧ । ସ୍ନେହ ସହକାରେ
**Ādaribā** ଗ୍ରହଣ କରିବା—1. To accept with fondness.

କଶୋଲ ଅନୁସରି ଯହିଁ କୋଦଣ୍ଡଧାରୀ ପ୍ରଶଂସି ବୋଲିଲେ ଆଦରି ସେ ।
ଉପେ. ବୈଦେହୀଶବିଳାସ ।

୨ । ସମ୍ମାନ କରିବା—2. To show respect
୩ । ସ୍ୱଇଚ୍ଛାରେ ବା ରାଜିରେ ଗ୍ରହଣ କରିବା—3. To accept out of one's free will

ଏଣୁ ସେ ହେନ ହୃଦୟ ଆଦରଣେ, ଆଦରେ ପ୍ରବେଶ ମୂର୍ଖେ ।
ଉପେ. କୋଟିବ୍ରହ୍ମ ସୁନ୍ଦରୀ ।

୪ । ଅନ୍ୟବ୍ୟକ୍ତିଙ୍କୁ ଆପଣାର ପିତା, ମାତା, ଭ୍ରାତା, ଭଗିନୀ ବା ସ୍ୱାମୀ ବୋଲି ଗ୍ରହଣ କରିବା—4. To take or treat as one's own.
୫ । ସ୍ନେହ କରିବା—5. To fondle.
୬ । ଆଶ୍ରୟ କରିବା—6. To rely on; to depend upon.

ସେ ସଙ୍ଗ ଯେବା ଆଦରନ୍ତି, ସେ କାମ ଅର୍ଥ ସେ ବାଞ୍ଛନ୍ତି ।
ଜଗନ୍ନାଥ. ଭାଗବତ. ୪ର୍ଥ ।

୭ । ଅନିବାର୍ଯ୍ୟ ଜାଣି ଗ୍ରହଣ କରିବା—7. To accept (a thing) as unavoidable; to be reconciled to one's lot.

**ଆଦର୍ଶ**—ସଂ. ବି. ( ଆ+ଦୃଶ ଧାତୁ=ଦେଖିବା+ଅଧିକରଣ ଅ;
**Ādarśa** ଯହିଁରେ କୌଣସି ବସ୍ତୁ ଦେଖାଯାଏ)—୧ । ଦର୍ପଣ; ଆଇନା—1. Looking glass; mirror.
୨ । ନମୁନା; ଯାହାର ଗୋଟିକୁ ଦେଖିଲେ ସେହି ଶ୍ରେଣୀର ସବୁ ବସ୍ତୁକୁ ଦେଖିବା ପରି ହୁଏ—2. Sample.
୩ । ଯାହାକୁ ମୂଳ ରୂପେ ନକଲ କରାଯାଏ—3. Model.
ସଂ. ବିଣ.—୧ । ଅନୁକରଣ ଯୋଗ୍ୟ—1 Imitable.
୨ । ଅତ୍ୟୁତ୍କୃଷ୍ଟ—2. Best; excellent.

**ଆଦର୍ଶବିଦ୍ୟାଳୟ**—ସଂ. ବି. ( ଆଧୁନିକ ପ୍ରୟୋଗ )—
**Ādarśabidyālaya** ମଡେଲ ସ୍କୁଲ; ଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କ ଦ୍ୱାରା ସୁନିୟମରେ ପରିଚାଳିତ ବିଦ୍ୟାଳୟ, ଯାହାକୁ ଆଦର୍ଶ ରୂପେ ଗ୍ରହଣ କରି ଅନ୍ୟ ବିଦ୍ୟାଳୟମାନ ଶିକ୍ଷା ଦେବେ—A model school
[ ଦ୍ର—ଏହିପରି ସରକାର ସ୍ଥାନେ ସ୍ଥାନେ ଆଦର୍ଶ କୃଷିକ୍ଷେତ୍ର ଓ ଆଦର୍ଶ କାରଖାନା ସ୍ଥାପନ କରି ଅଛନ୍ତି । ]

**ଆଦାଏ**—ଦେ ବି—ଆଦାୟ ( ଦେଖ )
**Ādāe** Ādāya ( See )

**ଆଦାନ**—ସଂ. ବି. ( ଆ+ଦା ଧାତୁ=ଦାନ କରିବା; ଗ୍ରହଣ କରିବା+
**Ādāna** ଭାବ ଓ କର୍ମ. ଅନ )—
୧ । ଗ୍ରହଣ—1. Act of receiving.
୨ । ସ୍ୱୀକାର—2. Acceptance
୩ । ବିବାହ ଦ୍ୱାରା ପରିବାର ମଧ୍ୟକୁ ଆନୟନ—3. Act of bringing a person into the family-circle by marriage.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଣ୍ଡା' ନ ପାଇଲେ 'ଅଣ୍ଡା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

୪ । ଅଶ୍ୱର ଆଭରଣ; ଜିନ୍—
4. Equipment of a horse; saddle.

୫ । ରୋଗଲକ୍ଷଣ; ନିଦାନ—
5. Symptoms of a disease.

୬ । ଦାନ ଗ୍ରହଣ—6. Acceptance of a gift.

୭ । ଅସୁଲ—7. Realisation.

ଦେ. ବି—ଜରିମାନା; ଅର୍ଥଦଣ୍ଡ—Fine.

ପ୍ରଥମେ ଧିକ୍‌ଦଣ୍ଡ ଦ୍ୱିତୀୟେ ବାକ୍‌ଦଣ୍ଡ
ତୃତୀୟେ ଅଦାନ ଚତୁର୍ଥେ ଦେହ ଦଣ୍ଡ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅଦାନପ୍ରଦାନ**—ସଂ. ବି. ( ଅଦାନ=ଗ୍ରହଣ+ପ୍ରଦାନ; ଦ୍ୱନ୍ଦ୍ୱସିଦ୍ଧ ଯୁଗ୍ମ ଶବ୍ଦ )—
Ādānapradāna

୧ । ଦେବା ନେବା; ଦେଣ୍‌ନେଣ୍; ଦାନପ୍ରତିଗ୍ରହ ଉଭୟ କାର୍ଯ୍ୟ—1. Giving and taking.

୨ । ବିନିମୟ—2. Exchange; interchange.

୩ । ବିବାହ ଦ୍ୱାରା ଏକ ପରିବାର ଦ୍ୱାରା କନ୍ୟା ଦାନ ଓ ଅପର ପରିବାର ଗ୍ରହଣ—3. Gift of a girl in marriage by one family and acceptance of the girl by the other.

୪ । ପରସ୍ପର ମଧ୍ୟରେ ବିବାହ ଦ୍ୱାରା ବର କନ୍ୟା ଗ୍ରହଣ—
4. Intermarriage

**ଅଦାମ୍**—ପ୍ରାଦେ. (ମେଦିନୀପୁର) ବି—ଅମ୍ବଅଦା ( ଦେଖ )
Ādām Āmbaadā ( See )

**ଅଦାୟ**—ଦେ. ବି. ( ସଂ. ଆଦାନ )—
Ādāya

আদায়
अदा

୧ । ଗ୍ରହଣ କରିବା; ନେବା—1. Taking.

୨ । ଅସୁଲ କରିବା—2 Realising

୩ । ଧନ ଆଦି ସଂଗ୍ରହ କରଣ—
3. Collection of money.

୪ । ଆମଦାନି—4 Income; receipt.

୫ । ସମଗ୍ର ଗୃହୀତ ବସ୍ତୁର ପରିମାଣ—
5 Gross receipts.

ଦେ. ବିଣ—୧ । ଅସୁଲ କରାଯାଇ ଥିବା—1. Realised.

୨ । ସଂଗୃହୀତ—2. Collected.

**ଅଦାୟଅସୁଲ**—ଦେ. ବି. ( ସହଚର; ଅଦାୟ+ଅସୁଲ )—
Ādāyaasula

আদায়উসুল
अदावसुल

୧ । ସର୍ବପ୍ରକାର ଅଦାୟ—
1. All sorts of income.

୨ । ଅଦାୟ—1. Receipt

**ଅଦାୟଜମା**—ଦେ. ବି. ( ଜମିଦାରୀ ସିରସ୍ତାରେ ବ୍ୟବହୃତ )—
Ādāyajamā

ମଫସଲ ଜମା; ଯେଉଁଜମା ବା ଖଜଣା ଜମିଦାରୀର ସମସ୍ତ ରଇତଙ୍କଠାରୁ ଅସୁଲ ହୁଏ—
Gross collection from an estate.

[ ଦ୍ର—ଅଦାୟ ଜମାରୁ ଜମିଦାର ନିର୍ଦ୍ଦିଷ୍ଟ ମାଲିକାନା କାଟି ରଖି ବାକି ଟଙ୍କା ରାଜସ୍ୱ ସ୍ୱରୂପ ଗବର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି । ଏହି ରାଜସ୍ୱକୁ ସଦର ଜମା ବୋଲାଯାଏ । ]

**ଆଦି**—ସଂ. ବିଣ. ( ଆ=ପ୍ରଥମେ+ଦା ଧାତୁ=ଦେବା+କର୍ମ ଓ ଭାବ. ଇ; ଯାହାକୁ ପ୍ରଥମେ ଗ୍ରହଣ କରାଯାଏ )—
Ādi

୧ । ପୂର୍ବ; ଆଗେ ଘଟିଥିବା—1. Prior.

(ଅନ୍ତ—ବିପରୀତ) ୨ । ସର୍ବପ୍ରଥମ; ଆଦ୍ୟ—2. Primary.
( ଯଥା—ଆଦି କବି । )

୩ । ପ୍ରଥମେ ଘଟିଥିବା—
3. First in point of time

୪ । ପ୍ରଥମ—4. First

୫ । ଉତ୍କୃଷ୍ଟ—5. Excellent.

୬ । ସର୍ବୋତ୍ତମ—6. Best.

ସଂ. ବି—୧ । ଆରମ୍ଭ—1. Beginning; commencement

୨ । ଆଦ୍ୟକାଳ; ଜନ୍ମକାଳ; ଆରମ୍ଭସମୟ—
2. Time of birth; time of commencement.

୩ । ମୂଳ—3 Root; origin.

୪ । କାରଣ; ହେତୁ—4. Cause.

ଦେ. ଅ—୧ । ଇତ୍ୟାଦି; ପ୍ରଭୃତି—1. Etcetera.

୨ । ଏବଂ ଅନ୍ୟମାନେ—2 And others.

[ଦ୍ର—ଏହି ଶବ୍ଦର ପୂର୍ବେ 'ମୁଁ', 'ସେ' ଇତ୍ୟାଦି ଶବ୍ଦ ଲାଗିଲେ ବିକଳ୍ପରେ 'ମୋ ଆଦି' 'ତାଙ୍କ ଆଦି' ଏହିପରି ହୁଏ ।]

ଯା ଅବତାର କର୍ମମାନ ମୋ ଆଦି କରନ୍ତି ଗାୟନ—
ଜଗନ୍ନାଥ. ଭାଗବତ ।

**ଆଦିକନ୍ଦ**—ଦେ. ବି. ( ସମ୍ଭବତଃ ଆଦିପୁରୁଷ )—ଆଦିପୁରୁଷ; ଭଗବାନ—God.
Ādikanda

ତାକୁ ନ ଧୋଇବ ତୁମ୍ଭର ପାଦ ହିନ୍ଦ
ସେ ବାହେ ଜଳଜ ନିବାସ ଆଦିକନ୍ଦ । କୃଷ୍ଣସିଂହ. ମହାଭାରତ. ଆଦି ।

**ଆଦିକବି**—ସଂ. ବି (ଆଦି=ପ୍ରଥମ+କବି)—୧ । ପ୍ରଥମ କବି—The first poet.
Ādikabi

୨ । ବ୍ରହ୍ମା—2. Brahmā.

୩ । ବାଲ୍ମୀକି—3. Sage Bālmīki

[ଦ୍ର—ଗୋଟିଏ ବ୍ୟାଧ କ୍ରୌଞ୍ଚମିଥୁନ ମଧ୍ୟରୁ ଗୋଟିକୁ ଶର ଦ୍ୱାରା ବଧ କରିବାର ଦେଖି ବାଲ୍ମୀକି ମୁନିଙ୍କ ମୁଖରୁ ଶ୍ଲୋକାକାରରେ ସର୍ବ ପ୍ରଥମେ କବିତା ବାହାରି ଥିଲା । ତେଣୁ ତାଙ୍କୁ ଆଦିକବି ବୋଲାଯାଏ । ପୃଥିବୀର ସେହି ଆଦି ଶ୍ଲୋକ—

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ
ଯତ୍‌କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ।

**ଆଦିକରି**—ଦେ. ଅ. (ସଂ. ଆଦି)—୧ । ଇତ୍ୟାଦି—1. Etcetera.
Ādikari

ସରବାହୁ ଯେତେ ଦେବୀଙ୍କ କରି
ଗ୍ରନ୍ଥାକାର—ନନ୍ଦଦେବୀସ୍ତ ।

୨ । ଓଗେର—2. And others.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇୟ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ | ଇଅ | ୱ | ନ୍ତ |

ନିର୍ମଳ ଚେତା ବ୍ରହ୍ମଗ୍ରସ୍ତ, ମିଳିଲେ ଶୁକ ଆଦି କରି ।
ଜଗନ୍ନାଥ. ଭାଗବତ ।

**ଆଦିକାରଣ**—ସଂ. ବି. ( ଆଦି=ମୂଳ+କାରଣ=ହେତୁ )—
Ādikāraṇa ୧ । ମୂଳ ହେତୁ; ପ୍ରଥମ କାରଣ; ନିଦାନ; ଉତ୍ପତ୍ତି-କାରଣ—1. Original cause; the root-cause.

**ଆଦିକାଳ**—ସଂ. ବି. ( ଆଦି+କାଳ )—
Ādikāla ୧ । ଅବିଦିତମାନ କାଳ; ଅତି ପୂର୍ବକାଳ—1. Time immemorial.
୨ । ସୃଷ୍ଟିର ଆରମ୍ଭକାଳ—2. The beginning of the creation.
୩ । ସତ୍ୟଯୁଗ—3. The Golden age

**ଆଦିଗଙ୍ଗା**—ସଂ. ବି. ( ଆଦି+ଗଙ୍ଗା )—ଗଙ୍ଗାନଦୀର ଶାଖାବିଶେଷ,
Ādigangā ପୂର୍ବେ ଯେଉଁ ନଦୀବାଟେ ଗଙ୍ଗା ସମୁଦ୍ରରେ ପଡ଼ୁଥିଲା—Name of a branch of the Ganges.
[ ଦ୍ର—ଏହି ନଦୀ କଲିକତା କାଳୀଘାଟ ବାଟେ ବହିଯାଇ ଅଛି । ]

**ଆଦିଜୀବବିନ୍ଦୁ**—ସଂ. ବି. ( ଆଧୁନିକ ବିଜ୍ଞାନ ପରିଭାଷା )—
Ādijībabindu ଜୀବନୀଶକ୍ତି ବିଶିଷ୍ଟ ଜୀବର ଆଦି ରେଣୁ—Protoplasm

**ଆଦିତଃ**—ସଂ. ଅ. ( ଆଦି+ତସ୍ )—୧ । ସର୍ବାଗ୍ରେ; ପ୍ରଥମେ—
Āditaḥ 1. At first.
୨ । ଆଦ୍ୟରୁ; ପ୍ରଥମରୁ—2. From the beginning.
୩ । ପୂର୍ବେ—3. Previously.

**ଆଦିତେୟ**—ସଂ. ବି. ପୁଂ. ( ଅଦିତି=ଦେବମାତା, କଶ୍ୟପପତ୍ନୀ+
Āditeya ଅପତ୍ୟାର୍ଥେ ଏୟ )—ଦେବତା; ଇନ୍ଦ୍ରାଦି ଦେବଗଣ—The Deities; Indra and other gods of the Hindu Pantheon

**ଆଦିତ୍ୟ**—ସଂ. ବି. (ଅଦିତି=ଦେବମାତା+ଅପତ୍ୟାର୍ଥେ ଯ)—
Āditya ୧ । ଦେବତା—1. Deity.
୨ । ଦ୍ୱାଦଶ ଆଦିତ୍ୟଗଣ—2. The twelve sun-gods.
[ ଦ୍ର—ଦ୍ୱାଦଶ ଆଦିତ୍ୟ; ଯଥା—୧ । ଧାତା, ୨ । ଅର୍ଯ୍ୟମା, ୩ । ମିତ୍ର, ୪ । ବରୁଣ, ୫ । ଇନ୍ଦ୍ର, ୬ । ବିବସ୍ୱାନ, ୭ । ପୂଷ, ୮ । ପର୍ଜନ୍ୟ, ୯ । ଅଂଶୁମାନ, ୧୦ । ଭଗ,୧୧ । ତ୍ୱଷ୍ଟା ଓ ୧୨ । ବିଷ୍ଣୁ ।
ଜଗନ୍ନାଥ. ଭାଗବତ. ୧୨ ଶ । ]
୩ । ସୂର୍ଯ୍ୟ; ରବି—3. The Sun.
୪ । ଅର୍କଗଛ; ଅରଖ ଗଛ—4. Calotropis Gigantea ( plant )
୫ । ( ଜ୍ୟୋତିଷ ) ପୁନର୍ବସୁ ନକ୍ଷତ୍ର—5. ( astronomy ) The 7th asterism.
୬ । ରବିବାର—6. Sunday.
ଦେ. ବି—ଦେଶବିଶେଷ—Name of a country.
ଆଦିତ୍ୟ ଦେଶର ପଦ୍ମସେନ ନରପତି
ପ୍ରବେଶିଲା ସେହି ସ୍ୱୟଂବର କାରଣରେ । ସାରଳା. ଚଣ୍ଡୀପୁରାଣ ।

**ଆଦିତ୍ୟପତ୍ରା**—ସଂ. ବି. ( ବୈଦ୍ୟକ )—ଅଣସୋରିଷିଆ ନାମକ ଶାକ-
Ādityapatrā ଗୁଳ୍ମ—A plant.

**ଆଦିତ୍ୟବାର**—ସଂ. ବି—ରବିବାର—Sunday.
Ādityabāra

**ଆଦିତ୍ୟଭକ୍ତା**—ସଂ. ବି—ଆଦିତ୍ୟପତ୍ରା ( ଦେଖ )
Ādityabhaktā Ādityapatrā ( See )

**ଆଦିତ୍ୟାଦି ନବଗ୍ରହ**—ସଂ. ବି—ହିନ୍ଦୁଜ୍ୟୋତିଷ ମତରେ ସୂର୍ଯ୍ୟ, ଚନ୍ଦ୍ର,
Ādityādi nabāgraha ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି ରାହୁ ଓ କେତୁ ଏହି ନଅଟି ଗ୍ରହ—Nine planets ( according to Hindu astronomy ) headed by the sun; viz, the Sun, the Moon, Mars, Mercury, Jupiter, Venus, Saturn, the Ascending node and the Decending node.

**ଆଦିତ୍ସା**—ସଂ. ବି. ( ଆ=ବିପରୀତାର୍ଥ+ଦା ଧାତୁ=ଦେବା+ସନ୍
Āditsā ଅ+ସ୍ତ୍ରୀ. ଆ )—ଗ୍ରହଣେଚ୍ଛା; ନେବାର ଇଚ୍ଛା—A desire to take or accept.

**ଆଦିତ୍ସୁ**—ସଂ. ବିଣ. ( ଆଦିତ୍ସା+ଉ )—ଗ୍ରହଣେଚ୍ଛୁ—
Āditsu Desirous of taking.

**ଆଦିଦମ୍ପତି**—ଦେ. ବି. ( କର୍ମଧା; ଆଦି+ଦମ୍ପତି )—
Ādidampati ବାଇବଲ୍ ଓ କୋରାନ୍ ମତରେ ଏତେକ କରିଗ୍ରରେ ବିଧାତାଙ୍କଦ୍ୱାରା ଜଗତର ପ୍ରଥମ ସୃଷ୍ଟ ଦମ୍ପତି, ଆଡାମ୍ ଓ ଇଭ୍—The first human pair created by God—Adam and Eve.

**ଆଦିଦେବ**—ସଂ. ବି. (କର୍ମଧା; ଆଦି+ଦେବ; ସଂସାରର ପ୍ରଥମ ପ୍ରଭୁ)—
Ādideba ୧ । ପରମେଶ୍ୱର—1. God.
୨ । ବିଷ୍ଣୁ—2. Bishnu.
୩ । ଶିବ; ମହାଦେବ—3. Siba.
୪ । ବ୍ରହ୍ମା—4. The Creator.
୫ । ସୂର୍ଯ୍ୟ—5. The sun.

**ଆଦିନାଥ**—ସଂ. ବି. ( କର୍ମଧା; ଆଦି+ନାଥ )—ଆଦିଦେବ ( ଦେଖ )
Ādinātha Ādideba ( See )

**ଆଦିନାରୀ**—ସଂ. ବି. ( କର୍ମଧା; ଆଦି+ନାରୀ )—
Ādinārī ୧ । ଆଦ୍ୟାଶକ୍ତି; ଜଗତର ସୃଷ୍ଟିକାରଣୀ ଶକ୍ତି—1 The primordeal creative energy.
୨ । ଦୁର୍ଗା—2. Goddess Durgā
୩ । ପ୍ରକୃତି—3. Nature.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ଏହି ପ୍ରକୃତିଙ୍କଠାରୁ ଏ ସୃଷ୍ଟି ଜାତ ହୋଇଥିବା ବିଷୟ ଶାସ୍ତ୍ରାଦିରେ ବର୍ଣ୍ଣିତ ହୋଇଅଛି । ]

**ଆଦିପର୍ବ**—ସଂ. ବି. (କର୍ମଧା; ଆଦି + ପର୍ବ=ଅଧ୍ୟାୟ )—କୌଣସି ଗ୍ରନ୍ଥର
Ādiparba ବିଶେଷତଃ ମହାଭାରତର ୧୮ ଖଣ୍ଡ ମଧ୍ୟରୁ ପ୍ରଥମ ଖଣ୍ଡ—The first canto of a work (specially the Mahābhārata )

**ଆଦିପୁରାଣ**—ସଂ. ବି. (କର୍ମଧା; ଆଦି+ପୁରାଣ)—ବ୍ରହ୍ମପୁରାଣ—
Ādipurāṇa The Brahma Purāṇa

**ଆଦିପୁରୁଷ**—ସଂ. ବି. (କର୍ମଧା; ଆଦି=ପ୍ରଥମ + ପୁରୁଷ=ବ୍ୟକ୍ତି)—
Ādipurusha ୧ । କୌଣସି ବଂଶ ବା ଗୋତ୍ରର ପ୍ରଥମ ବ୍ୟକ୍ତି ବା ପ୍ରବର୍ତ୍ତକ—1. The progenitor of a race.

୨ । ସୃଷ୍ଟିର ପ୍ରବର୍ତ୍ତକ; ପରମେଶ୍ୱର—
2 God, the Creator.

ଦେ. ବି.—ଆଦମ୍ (ଦେଖ)
Ādam (See)

**ଆଦିବାସ**—ଦେ. ବି. (ସଂ. ଅଧିବାସ)—ଅଧିବାସ (ଦେଖ)
Ādibāsa Adhibāsa (See)

ଅଜ ଆଦିବାସ ରାମ କାଲି ହେବେ ବିଭା ।
ଏମନ୍ତ ନିର୍ଣ୍ଣୟ କରି ଭଜିଲେକ ସଭା ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆଦିବିଦ୍ୱାନ୍**—ସଂ.ବି. (କର୍ମଧା; ଆଦି + ବିଦ୍ୱାନ୍)—ଜଗତର ପ୍ରଥମ ପଣ୍ଡିତ
Ādibidwān କପିଳ ମୁନି—Sage Kapila, the first learned man of the world.

**ଆଦିବ୍ରାହ୍ମସମାଜ**—ଦେ. ବି. ରାଜା ରାମମୋହନ ରାୟଙ୍କ ପ୍ରବର୍ତ୍ତିତ ବ୍ରାହ୍ମ-
Ādibrāhmasamāja ସମାଜ—The original or prime Brāhma samāja started by Rājā Rāmamohana.

[ ଦ୍ର—କେଶବଚନ୍ଦ୍ର ସେନଙ୍କ ଦ୍ୱାରା ସଂସ୍କୃତ ନବ ବ୍ରାହ୍ମସମାଜ ପ୍ରତିଷ୍ଠିତ ହେବା ପୂର୍ବରୁ ଏ ବ୍ରାହ୍ମସମାଜ ପ୍ରତିଷ୍ଠିତ ହୋଇଥିଲା । ]

**ଆଦିଭୂତ**—ସଂ. ବିଣ. (ଆଦି=ପ୍ରଥମରେ + ଭୂତ=ହୋଇଥିବା)—
Ādibhūta ପ୍ରଥମେ ଘଟିଥିବା—Which took place first.

**ଆଦିମ୍**—ବୈଦେ. ବି. ( ଆ. )—ଆଦ୍ମି ( ଦେଖ )
Ādim Ādmi ( See )

ମିଆଁ ହୁକୁମ କଲେ—ବହୁତ ବଦରଦାନ୍ ଆଦମ୍—ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଆଦିମ**—ସଂ. ବିଣ. ( ଆଦି=ପ୍ରଥମ+ଭାବ. ମ )—
Ādima ୧ । ପ୍ରଥମ; ଆଦ୍ୟ; ପ୍ରଥମଭବ ( ବସ୍ତୁ )—
1. First; primordial,

୨ । ଆଦ୍ୟରେ ଘଟିଥିବା—
2. Which happened first.

**ଆଦିମକାଳ**—ସଂ. ବି. ( ଆଦିମ + କାଳ )—
Ādimakāla ୧ । ପୂର୍ବକାଳ; ଅତୀତମାନ କାଳ—
1. The past; time immemorial.

୨ । ସୃଷ୍ଟିର ଆରମ୍ଭ କାଳ—
2. The beginning of the creation.

**ଆଦିମନିବାସୀ**—ସଂ. ବିଣ. ( ଆଦିମ+ନିବାସୀ )—କୌଣସି ସ୍ଥାନରେ
Ādimanibasī ପୂର୍ବକାଳରେ ବା ପ୍ରଥମରେ ବାସ କରୁଥିବା (ଆଦିମନିବାସିନୀ—ସ୍ତ୍ରୀ ) ( ବ୍ୟକ୍ତି ବା ଜାତି ) ( ଯଥା— କନ୍ଧ; କୋହ୍ଲ, ସାନ୍ତାଳ ପ୍ରଭୃତି ଅନାର୍ଯ୍ୟ ଜାତି—Aboriginal.

ସଂ. ବି.—କୌଣସି ସ୍ଥାନରେ ଆଧୁନିକ ଯୁଗ ପୂର୍ବରେ ବାସ କରୁଥିବା ଲୋକ—The aborigines.

**ଆଦିମଯୁଗ**—ସଂ. ବି. ( ଆଦିମ + ଯୁଗ=ସମୟ ) – ସତ୍ୟଯୁଗ—
Ādimajuga The Golden age.

**ଆଦିମାତା**—ସଂ. ବି. ସ୍ତ୍ରୀ. ( ଆଦି + ମାତା )—ଆଦ୍ୟମାତା (ଦେଖ)
Ādimātā Ādyamātā (See)

**ଆଦିମି**—ଗ୍ରା. ବୈଦେ. ( ଆ. ) ବି.—ଆଦ୍ମି ( ଦେଖ )
Ādimi Ādmi (See)

**ଆଦିମୂଳ**—ସଂ. ବି. (ଆଦି+ମୂଳ; ସୃଷ୍ଟିର ଆଦ୍ୟକାରଣ ବା ସୃଷ୍ଟିକର୍ତ୍ତା)—
Ādimūla ଭଗବାନ; ବିଷ୍ଣୁ; ଶ୍ରୀକୃଷ୍ଣ—
An epithet of Bishṇu.

ସହିଁ ଦେଖନ୍ତି ଅତି ଭାଲ, ନଇଁ ଗଲନ୍ତି ଆଦିମୂଳ—ଭୂପତି. ପ୍ରେମପଞ୍ଚାମୃତ ।

**ଆଦିଯୁଗ**—ସଂ. ବି. (ଆଦି + ଯୁଗ —ସତ୍ୟଯୁଗ—
Ādijuga The Golden age.

**ଆଦିରସ**—ସଂ. ବି. (ଆଦି=ପ୍ରଥମ ବା ଉତ୍କୃଷ୍ଟ + ରସ=ମନୋଭାବ)—
Ādirasa ସାହିତ୍ୟରେ ବର୍ଣ୍ଣିତ ରସମାନଙ୍କ ମଧ୍ୟରେ ପ୍ରଥମ ରସ; ଶୃଙ୍ଗାର ରସ—The sentiment of Love; (in literature ; amatory sentiment.

**ଆଦିରସିଆ**—ଦେ. ବିଣ.—ଆଦିରସ ବିଷୟରେ ରସିକ; ଯେଉଁ ପାଠକ-
Ādirasiā ମାନଙ୍କୁ ଆଦିରସଘଟିତ ସାହିତ୍ୟ ଭଲଲାଗେ—
আদিরসিআ (readers) Loving literature dealing
आदिरसिआ with the sentiment of love.

**ଆଦିରାଜ**—ସଂ. ବି. ( ଆଦିମ=ପ୍ରଥମ + ରାଜନ୍=ରାଜା )—
Ādirāja ୧ । ପୁରାଣ ମତରେ ପୃଥିବୀର ସର୍ବପ୍ରଥମ ରାଜା ପୃଥୁ; ( ପୁରୁବଂଶୀୟ ରାଜା, ଏ ଅବିକହିତଙ୍କ ପୁତ୍ର )—
1. An epithet of king Pruthu, the 1st king on earth.

୨—ବୈବସ୍ୱତ ମନୁ—2. An epithet of Baibaswata Manu

**ଆଦିଷ୍ଟ**—ସଂ. ବିଣ. ( ଆ+ଦିଶ୍ ଧାତୁ=ଦାନ କରିବା; ଅନୁମତି ଦେବା + କର୍ମ. ତ)—୧ । ଯାହାପ୍ରତି କୌଣସି ଆଦେଶ ଦିଆ-
Ādishṭa ଯାଇଥାଏ; ଆଜ୍ଞପ୍ତ; ଆଦେଶପ୍ରାପ୍ତ; ଅନୁଜ୍ଞାତ—
(ଆଦେଶ—ବି)
(ଆଦିଷ୍ଟା—ସ୍ତ୍ରୀ) 1. Ordered to do a thing.

| ୧ | ଉ | ଢ଼ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଠ | ଶ,ଷ | ଛ | ଇଯ୍ | ଢ଼ଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଜ | ଋ | ଌ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଂ୍ୟ | ଇଅ | ଢ଼ | ଭ୍ର |

୨ । ଯାହା ଅଦେଶ କରାଯାଉଥାଏ—2. That which has been ordered to be done.

୩ । କୌଣସି କାର୍ଯ୍ୟ କରିବାକୁ ନିଯୁକ୍ତ—3. Employed; engaged; deputed.

୪ । କଥିତ; ଉପଦଷ୍ଟ—4. Said; advised.

ବି.—୧ । ଅଦେଶ; ଅଜ୍ଞା—1. Order.

୨ । ଉଚ୍ଛିଷ୍ଟ—2. The leavings of a meal; orts.

**ଅଦଷ୍ଟସନ୍ଧି**—ସଂ. ବି. ( ଆଦଷ୍ଟ+ସନ୍ଧି )—ଯେଉଁ ସନ୍ଧି ବା ଶାନ୍ତି-
Ādishṭasandhi ସ୍ଥାପନରେ ଏକ ପକ୍ଷଙ୍କ ଅଦେଶରେ ସର୍ତ୍ତମାନ ଲିପିବଦ୍ଧ ହୁଏ ଏବଂ ଅପର ପକ୍ଷ ରାଜ୍ୟ ତ୍ୟାଗ କରନ୍ତି—
A treaty in which one party dictates terms and the other party evacuates the country.

**ଆଦୀନବ**—ସଂ. ବି. ( ଆ=ଅତିଶୟ+ଦୀନ=ଦୈନ୍ୟ+ଅଚ୍ଛ ଅର୍ଥରେ.
Ādīnaba ବ; କିମ୍ବା ଆ+ଦୀ ଧାତୁ=ଦାନ ଦେବା+ଭାବ. ତ —ଯହିଁରେ ଲୋକ ଅତିଶୟ ଦୁଃଖୀ ହୁଏ )—
୧ । ଦୋଷ—1. Fault; defect.
୨ । କ୍ଲେଶ; ଅସୁଖ— 2. Trouble.
ସଂ. ବିଣ.—୧ । ଦୁର୍ଦ୍ଦମ—1. Wicked; untamable.
୨ । ଦୁରନ୍ତ; ଦୁଃଖଦାୟକ—2. Troublesome.

**ଆଦୀପନ**—ସଂ. ବି. (ଆ=ସମ୍ୟକ୍+ଦୀପ ଧାତୁ=ଦୀପ୍ତ ହେବା+ଭାବ
Ādīpana କର୍ତ୍ତୃ. ଅନ)—ଉଦ୍ଦୀପନ; ସନ୍ଦୀପନ—
1. Illumination; excitement.
୨ । ଚୂନ ବା ଗୁଣ୍ଡଳ ମଣ୍ଡ ଦ୍ୱାରା ମଙ୍ଗଳ କାର୍ଯ୍ୟାଦ ପୂର୍ବରୁ ବେଢ଼ା ଓ ଘରର କାନ୍ଥ ବାଡ଼ରେ ଚିତା ଦେବା—
2. Whitening or painting of the walls and floor with lime and rice pigment on festive occasions.

**ଆଦୃତ**—ସଂ. ବିଣ ( ଆ+ଦୃ ଧାତୁ+କର୍ମ. ତ )—୧ । ଆଦରପ୍ରାପ୍ତ;
Ādṛuta ସମ୍ମାନିତ—1. Honoured; respected.
(ଆଦର—ବି) ୨ । ପୂଜିତ—2 Adored.
(ଆଦୃତା—ସ୍ତ୍ରୀ) ୩ । ଅନୁମୋଦିତ—3. Approved.
(ଅନାଦୃତ—ବିପରୀତ) ୪ । ଅପ୍ରମତ୍ତ; ପ୍ରମାଦଶୂନ୍ୟ—
4. Free from errors
୫ । ଆଦରଯୁକ୍ତ— 5. Respectable; honourable.

**ଅଦୃଶ୍ୟ**—ଗ୍ରା. କ୍ରି. ବିଣ. ( ସଂ. ସଦୃଶ )—୧ । ଈଷତ୍; ସାମାନ୍ୟରେ;
Ādṛusya ଅଳ୍ପରେ—1. Slightly.
(ଯଥା—ମନେ ଜଳ ଅଦୃଶ୍ୟ ଦେଖାଉଛି ।)
୨ । (ଅମୁକ) ସହିତ ଈଷତ୍ ସାଦୃଶ୍ୟ ଥାଇ—
2. Having a slight similarity with.
(ଯଥା—ଏ ଝିଅଟି ମାଆ ଅଦୃଶ୍ୟରେ ଗଢ଼ା ।)

**ଆଦେୟ**—ସଂ. ବିଣ. ( ଆ+ଦା+କର୍ମ. ଯ. )—ଅଦାନକରାଯିବା
Ādeya ଯୋଗ୍ୟ; ଗ୍ରହଣୀୟ—Acceptable.

**ଆଦେରା ଆଦେରି**—ଗ୍ରା. ବିଣ. ଓ ବି.—ଅଦରା ଅଦରି (ଦେଖ)
Āderā āderi Ādarā ādari (See)

**ଆଦେରିବା**—ଗ୍ରା. କ୍ରି.—ଆଦରିବା (ଦେଖ)
Āderibā Ādaribā (See)

**ଆଦେଶ**—ସଂ. ବି. (ଆ+ଦିଶ୍ ଧାତୁ=ଦାନ କରିବା; ଅନୁମତି ଦେବା
Ādesa +ଭାବ. ଅ) —୧ । ଅଜ୍ଞା—1. Order; bidding.
(ଅଦଷ୍ଟ—ବିଣ) ୨ । ଅନୁମତି; ଅନୁଜ୍ଞା—2. Permission.
୩ । (ବ୍ୟାକରଣ; ଏକ ବର୍ଣ୍ଣ ସ୍ଥାନରେ ଅନ୍ୟ ବର୍ଣ୍ଣର ଅକ୍ଷେପ ବା ପ୍ରୟୋଗ—
( grammar ) Substitution of one letter in the place of another letter.
୪ । ନିୟମ—4. Rule.
୫ । ଉପଦେଶ—5. Advice.
୬ । କଥନ—6. Speaking.
୭ । ଜ୍ୟୋତିଃଶାସ୍ତ୍ରୋକ୍ତ ଫଳ—7. The result of astronomical calculation.

**ଅଦେଶକ**— ସଂ. ବିଣ ପୁଂ. (ଆ+ଦିଶ୍+କର୍ତ୍ତୃ. ଅକ—ଯେ ଅଦେଶ କରନ୍ତି
Ādesaka ବା ଦଅନ୍ତି)—
(ଅଦେଶିକା—ସ୍ତ୍ରୀ) ୧ । ସେନାପତି—1. General; commander-in-chief.
୨ । ନେତା—2. Leader.
୩ । କାରଖାନା ଅଦିର ଉପରସ୍ଥ ପଦଗୁଳକ ବା ଚଳାଇବା ବ୍ୟକ୍ତି—3. A director.

**ଆଦେଶପତ୍ର**—ସଂ. ବି. (ମଧ୍ୟପଦଲୋପୀ; ସଂ. ଅଦେଶ+ପତ୍ର)—
Ādesapatra ହୁକୁମନାମା; ଅଜ୍ଞାପତ୍ରିକା—
A written order.

**ଅଦେଶିବା**—ଦେ. ପଦ୍ୟ. କ୍ରି. (ସଂ. ଅଦେଶ)—
Ādesibā ୧ । ଅଜ୍ଞାଦେବା—To order.
ଶଲ୍ୟଙ୍କୁ ଅଦେଶେ ଶାର ବେଗେ ନିଅ ରଥ ।
ରାଧାନାଥ, ଦେଶୀଚନ୍ଦ୍ରାର ।
୨ । ହୁକୁମ ଜାରି କରିବା—To publish or promulgate an order.
୩ । ଉପଦେଶ ଦେବା—3. To advise.

**ଆଦେଶୀ**—ସଂ. ବିଣ ପୁଂ. (ଆ+ଦିଶ୍+କର୍ତ୍ତୃ. ଇନ୍; ୧ମା. ୧ବ.)—
Ādesi ୧ । ଅଦେଶକର୍ତ୍ତା—1 Giving order
(ଅଦେଶିନୀ-ସ୍ତ୍ରୀ) ୨ । ଉପଦେଷ୍ଟା—2. Giving advice.
ସଂ. ବି. ପୁଂ.—ଦୈବଜ୍ଞ; ଗଣକ—A fortune-teller.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଗଲା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଠ୍' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଶ' ନ ପାଇଲେ 'ଅଂଶ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ ।

ଆଦେଷ୍ଟା—ସଂ. ବିଣ (ଆ+ଦିଶ୍ ଧାତୁ+କର୍ତ୍ତୃ.ତୃ)—୧ । ଉପଦେଶକ—
Ādeshṭā Advising.
(ଆଦେଷ୍ଟ୍ରୀ ସ୍ତ୍ରୀ) ୨ । ଆଦେଶକର୍ତ୍ତା—Ordering.
ସଂ. ବି—ଯଜମାନ—The principal under whose orders and for whose benefit a sacrifice is performed.

ଆଦୌ—ସଂ. ଅ. (ଆଦି ଶବ୍ଦର ୭ମୀ ବିଭକ୍ତି)—୧ । ସର୍ବପ୍ରଥମେ—
Ādau 1. At first; first of all.
আদতে ୨ । ପ୍ରଥମରୁ; ଆଦ୍ୟରୁ—
বিলকুল; সুরুসে 2. From the beginning.
୩ । କାମ ଆରମ୍ଭ ହେଲାବେଳେ—3. At starting.
୪ । ଜମାରୁ—4. At all
୫ । ପୂର୍ବେ ବା ପରେ କେବେ ହେଲେ—5. Ever.
୬ । ପହିଲେ; ପ୍ରଥମତଃ—6 Firstly.

ଆଦୌ ନାହିଁ—ଦେ. ଅ—୧ । ଜମା ନାହିଁ; ଜମାରୁ ନୁହେଁ—
Ādau nāhiṅ 1. Not at all.
আদতে নেই ୨ । କଦାପି ନୁହେଁ—2. Never.
বিলকুল নেই

ଆଦ୍ୟ—ସଂ. ବିଣ. (ଆଦି+ଭବ, ଯ ବା ଅଦ+ଦେବା ଅର୍ଥରେ. ଯ)—
Ādya ୧ । ପ୍ରଥମେ ଘଟିଥିବା; ପ୍ରଥମ; ଆଦିମ; ଅଗ୍ରଜବ—
(ଆଦ୍ୟା—ସ୍ତ୍ରୀ) 1. Which happened first; first; prior
(ଅନ୍ତ; ପ୍ରାନ୍ତ—ବିପରୀତ) ୨ । ପ୍ରଧାନ; ଶ୍ରେଷ୍ଠ; ସର୍ବୋତ୍କୃଷ୍ଟ—
2. Chief.
୩ । ମୌଳିକ—3. Original
୪ । (ଅଦ ଧାତୁ=ଖାଇବା+କର୍ମ.ଯ)—ଭୋଜନାର୍ହ; ଶାସ୍ତ୍ରାନୁସାରେ ଭକ୍ଷଣୀୟ—4. Eatable.
ସଂ. ବି.—୧ । ଧାନ୍ୟ—1. Paddy.
୨ । ମୂଳ—2. Origin.
୩ । ଆରମ୍ଭ—3. Beginning; start.
୪ । ପ୍ରଧାନ ବ୍ୟକ୍ତି ବା ବିଷୟ—4. Chief thing or person.
୫ । ପ୍ରଧାନ କାରଣ—Chief cause.

ଆଦ୍ୟଗଙ୍ଗା—ସଂ. ବି. (ଆଦ୍ୟ+ଗଙ୍ଗା)—ଆଦିଗଙ୍ଗା (ଦେଖ)
Ādyagaṅgā Ādigaṅgā (See)

ଆଦ୍ୟନ୍ତ—ସଂ. ବି. (ଦ୍ୱନ୍ଦ୍ୱ; ଆଦି+ଅନ୍ତ)—ଆରମ୍ଭ ଓ ଶେଷ—
Ādynta Beginning and end.
ସଂ. ବିଣ—ପୂର୍ବାପର—Previous and successive.
କ୍ରି. ବିଣ—ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ; ଆଗ ଗୋଡ଼ା—
From the beginning to the end.

ଆଦ୍ୟନ୍ତଯମକ—ଦେ. ବି. (ଶବ୍ଦାଲଙ୍କାରବିଶେଷ)—ଏକ ପ୍ରକାର ଯମକ,
Ādyantajamaka ଯହିଁରେ ପଦର ପ୍ରଥମରେ ଓ ଅନ୍ତରେ ଯମକ ଥାଏ—A composition in which there are similar beginnings and endings in the lines.

ଆଦ୍ୟପ୍ରାନ୍ତ—ସ. ବି ଓ ବିଣ. (ଦ୍ୱନ୍ଦ୍ୱ; ଆଦ୍ୟ+ପ୍ରାନ୍ତ)—
Ādyaprānta ଆଦ୍ୟନ୍ତ (ଦେଖ)
Ādyanta (See)

ଆଦ୍ୟପ୍ରାନ୍ତ ଅନୁପ୍ରାସ—ଦେ. ବି—ଯେଉଁ ବାକ୍ୟର ଆରମ୍ଭରେ ଓ ଶେଷରେ
Ādyaprānta anuprāsa ଅନୁପ୍ରାସ ଥାଏ—
A composition containing alliteration in the beginning and end of a line.
[ ଦ୍ର—ଏହାର ଉଦାହରଣ—
ସୁଷମାକୁ ହରଷେ ସ୍ୱତଃ ରସା ଏ ରସେ । ଗୋଲକ—ଉକ୍ତ ରେଖା ]

ଆଦ୍ୟପ୍ରାନ୍ତ ଯମକ—ଦେ. ବି. (ଅଲଙ୍କାର)—
Ādyaprānta jamaka ଆଦ୍ୟନ୍ତଯମକ (ଦେଖ)
Ādyantajamaka (See)

ଆଦ୍ୟମାତା—ସ. ବି. ସ୍ତ୍ରୀ. (ଆଦ୍ୟ+ମାତା)—
Ādyamātā ଆଦିମାତା (ଦେଖ)
Ādimātā (See)

ଆଦ୍ୟମାସ—ସ. ବି. (ଆଦ୍ୟ+ମାସ)—
Ādyamāsa ୧ । ବର୍ଷର ପ୍ରଥମ ମାସ—
1. The first month of the year.
୨ । (ହିନ୍ଦୁଶାସ୍ତ୍ର ମତରେ) ମାର୍ଗଶୀର ମାସ—
2. The month of Mārgaśīra.
[ ଦ୍ର—ପୂର୍ବେ ମାର୍ଗଶୀର ମାସଠାରୁ ବର୍ଷ ଗଣନା କରାଯାଉଥିଲା । ଭିନ୍ନ ଭିନ୍ନ ଦେଶର, ଅଞ୍ଚଳର ଓ କାଳର ଗଣନାମତେ ଭିନ୍ନ ଭିନ୍ନ ଆଦ୍ୟ ମାସ ଧରାଯାଏ । ଆଧୁନିକ ପାଶ୍ଚାତ୍ୟ ମତରେ ଜାନୁଆରୀ ଆଦ୍ୟ ମାସ; ପାଶ୍ଚାତ୍ୟ ଅଫିସିଆଲ୍ ଗଣନାରେ ଅପ୍ରେଲ୍; ଜ୍ୟୋତିଷ ଶାସ୍ତ୍ର ମତେ ମନୁଷ୍ୟର ପରମାୟୁ ଗଣନାରେ ବୈଶାଖ; ଦେବତାଙ୍କ ପର୍ବ ଓ ଭୋଗ ଆଦି ପାଇଁ କାର୍ତ୍ତିକ; ପୂର୍ବେ ପାଶ୍ଚାତ୍ୟ ମତରେ ମାର୍ଚ୍ଚ ଆଦ୍ୟମାସ ଥିଲା । ଓଡ଼ିଶା ଜମିଦାରୀ ସିରସ୍ତାରେ ଭାଦ୍ରବ ମାସରୁ ବର୍ଷ ଗଣନା ହେଉଅଛି । ]

ଆଦ୍ୟମାସକ—ସଂ. ବି. (ଆଦ୍ୟ+ମାସ+କ)—୫ ଟି ରତିର ପରିମାଣ; ଏକମାସା ଓଜନ; ୧ ଭରିର ୧୦ ଭାଗରୁ ଏକ
Ādyamāsaka ଭାଗ—A standard of measure which is $\frac{1}{10}$ of a tola.

ଆଦ୍ୟମୂଳ—ଦେ. କ୍ରି. ବିଣ—ସବୁ ପ୍ରଥମରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ
Ādyamūḷa ସବିଶେଷ ବର୍ଣ୍ଣନା ସହିତ—Minutely from the beginning to the end.

ଆଦ୍ୟଯମକ—ସଂ. ବି—ଯେଉଁ ରଚନାରେ ପ୍ରତି ଧାଡ଼ିର ପ୍ରଥମ ପଦ
Ādyajamaka ଯମକଯୁକ୍ତ—A composition in
(ପ୍ରାନ୍ତଯମକ—ବିପରୀତ) which the first letters or words of the lines are similar.

| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଝ | ଇଦ୍ଧ | ଡ଼ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଡ଼ |

[ ଦ୍ର—ଆଦ୍ୟଯମକ ଦୁଇ ପ୍ରକାରର; ଯଥା—

୧ । ପ୍ରତି ପଦର ଆରମ୍ଭରେ ଦୁଇ ବା ତତୋଽଧିକ ଯମକ ଥାଏ । ଯଥା—

ମାଧବୀ ମାଧବୀକୁଞ୍ଜ କୁଟୀରେ ଶୋଇ
ମାନ ମାନବତୀ କରୁ ଅଧୋମୁଖେ ରହି । ଗୋଲକ. ଚନ୍ଦ୍ରରେଖା ।

୨ । ପ୍ରଥମ ଓ ଦ୍ୱିତୀୟ ପଦର ଆରମ୍ଭରେ ଯମକ ଥାଏ । ଯଥା—

ବଲ୍ଲକରବଂଶୀ ଶୁଣି ପୁଲକ ବହୁ
ବଲ୍ଲ କର ଲଗ୍ନ କୁହି କଣ୍ଠେ କହୁ । ଭଞ୍ଜ ବୈଦେହୀଶବିଳାସ ।

**ଆଦ୍ୟଶ୍ରାଦ୍ଧ**—ସଂ. ବି. ( ଆଦ୍ୟ + ଶ୍ରାଦ୍ଧ )—ଅଶୌଚାନ୍ତର ପରଦିନରେ
Ādyaśrāddha କର୍ତ୍ତବ୍ୟଶ୍ରାଦ୍ଧ; ମୃତବ୍ୟକ୍ତିର ଉଦ୍ଦେଶ୍ୟରେ କରାଯିବା ମୃତ୍ୟୁର ଏକାଦଶ ଦିବସରେ କର୍ତ୍ତବ୍ୟ ଶ୍ରାଦ୍ଧ—Śrāddha or offering of boiled rice to the soul of a deceased person on the 11th day of death.

**ଆଦ୍ୟା**—ପ୍ରାଦେ. ( ଗଞ୍ଜାମ ) ବି ( ତୁଳ—ତେ. ଅଦ୍ଦେ )—
Ādyā ଘରଭଡ଼ା—House-rent

ସଂ. ବିଣ. ( ଆଦ୍ୟ=ପ୍ରଥମ+ସ୍ତ୍ରୀ. ଆ )—

୧ । ପ୍ରଥମେ ଜନ୍ମି ଥିବା—1. Born at first.

୨ । ସମସ୍ତଙ୍କ ପୂର୍ବରୁ ବିଦ୍ୟମାନା—
2 Existing from the beginning.

ସଂ. ବି. ସ୍ତ୍ରୀ—ପୃଥିବୀର ଆଦ୍ୟାଶକ୍ତି; ଦୁର୍ଗା; ଯୋଗମାୟା—
The Goddess Durgā.

**ଆଦ୍ୟାନୁପ୍ରାସ**—ସଂ. ବି—ଶବ୍ଦାଳଂକାରବିଶେଷ; ଯେଉଁ କବିତାର
Ādyānuprāsa ପ୍ରଥମ ପାଦର ଆଦ୍ୟ ଅକ୍ଷର ସଙ୍ଗେ ଅନ୍ୟ ପାଦର ଆଦ୍ୟ ଅକ୍ଷର ସମାନ ଥାଏ । ( ଭଞ୍ଜଙ୍କ ବୈଦେହୀଶବିଳାସ ଓ ଅଭିମନ୍ୟୁଙ୍କ ବିଦଗ୍ଧଚିନ୍ତାମଣିରେ ଏଥିର ଭୂରି ଭୂରି ଉଦାହରଣ ଅଛି । ଆଦ୍ୟ ଯମକ ଦେଖ । )—A composition in which the first portion of the lines tally in sound with each other.

**ଆଦ୍ୟାବୁଦ୍ଧି**—ସଂ. ବି. (ଆଦ୍ୟା+ବୁଦ୍ଧି)—ପ୍ରାଣୀ ବା ମନୁଷ୍ୟ ସାଧାରଣର
Ādyābuddhi ସ୍ୱାଭାବିକ ମାନସିକ ବୃତ୍ତି; ପ୍ରାଣୀର ସହଜ ବୁଦ୍ଧି—
Instinct

[ ଦ୍ର—ପିଲା ଜନ୍ମ ହେଲାକ୍ଷଣି ମାଆର ସ୍ତନକୁ ଚୂଷି ଦୁଧ ଖାଇବା, ବାଛୁରୀ ଜନ୍ମ ହେଲାକ୍ଷଣି ଚାଲିବା—ଏ ସବୁ ଜୀବର ଆଦ୍ୟାବୁଦ୍ଧିର ଫଳ ଅଟେ । ]

**ଆଦ୍ୟାରମ୍ଭ**—ସଂ ବି. ( ଏକାର୍ଥକ ସହଚର; ଆଦ୍ୟ + ଆରମ୍ଭ )—
Ādyārambha ପ୍ରଥମ ଆରମ୍ଭ—The beginning

**ଆଦ୍ୟାଶକ୍ତି**—ସଂ. ବି—ଆଦିମାତା ( ଦେଖ )
Ādyāśakti Ādimātā ( See )

**ଆଦ୍ୟୁଁ**—ଦେ. କ୍ରି. ବିଣ—ଆଦ୍ୟରୁ; ପ୍ରଥମରୁ ଆରମ୍ଭ କରି—
Ādyuñ From the beginning.

**ଆଦ୍ୟୂନ**—ସଂ. ବି. ପୁଂ. ( ଆ+ଦିବ୍ ଧାତୁ=ପୋଷିବା; ଖେଳିବା +
Ādyūna କର୍ତ୍ତୃ. ତ; ଯେ ଆପଣାକୁ କେବଳ ପୋଷେ )—
(ଆଦ୍ୟୂନା—ସ୍ତ୍ରୀ) ୧ । ଔଦରିକ; ପେଟୁ—
1. Greedy; gluttonious.

୨ । ଅତିଶୟ କ୍ଷୁଧାପୀଡ଼ିତ—
2. Feeling very hungry.

୩ । ବିଜିଗୀଷାରହିତ; ପର ଅପେକ୍ଷା ଉତ୍କୃଷ୍ଟ ହେବାର ଆଶା ଯାହାର ନ ଥାଏ—
3. Devoid of the sense of rivalry or of excelling others.

୪ । ସ୍ୱାର୍ଥପର—4. Selfish.

୫ । ( ଆଦି = ଆରମ୍ଭ + ଊନ = ହୀନ )— ଆଦିରହିତ; ଆଦିଶୂନ୍ୟ—5. Having no beginning.

୬ । ଯାହାର ମୂଳ ବା ଜନ୍ମ ଅନିର୍ଣ୍ଣେୟ—
6. Whose beginning in untraceable.

**ଆଦ୍ୟୋତ**—ସଂ. ବି. ( ଆ=ବିଶେଷ+ଦ୍ୟୁତ ଧାତୁ=ପ୍ରକାଶିତ ହେବା
Ādyota + ଭାବ. ଅ )—ପ୍ରକାଶ; ବିକାଶ—
Exhibition; dawning

**ଆଦ୍ୟୋପାନ୍ତ**—ସଂ. ବି. ବିଣ ଓ ଅ ( ଦ୍ୱନ୍ଦ୍ୱ; ଆଦ୍ୟ=ପ୍ରଥମ+ଉପାନ୍ତ
Ādyopānta =ଶେଷ )—ଆଦ୍ୟନ୍ତ ( ଦେଖ )
Ādyanta ( See )

**ଆଦ୍ର**—ଗ୍ରା. ବିଣ. ( ସଂ ଆର୍ଦ୍ର )—ଆର୍ଦ୍ର; ଓଦା—
Ādra Wet; moist.

ଆଦ୍ରପାଦେ ପଦ୍ମହ୍ରଦେ ଶେଯେ ପ୍ରବେଶେ । ପ୍ରାଚୀ. ନଳଚରିତ ।

**ଆଦ୍ରିବା**—ଗ୍ରା. କ୍ରି.—୧ । (ଗାଈ) ଗର୍ଭବତୀ ହେବା—1. (a cow).
Ādribā To be pregnant; to conceive.

୨ । ଆଦରିବା (ଦେଖ)
2. Ādaribā (See)

**ଆଦ୍ରିୟମାଣ**—ସଂ. ବିଣ. ପୁଂ. (ଆ=ବିଶେଷଭାବରେ+ଦୃ ଧାତୁ+କର୍ମ. ଅନ )—ଯାହାକୁ ଆଦର କରାଯାଉଥିଛି—
Ādriyamaṇa
(ଆଦ୍ରିୟମାଣା—ସ୍ତ୍ରୀ) 1 Fondled.

୨ । ମାନ୍ୟର ପାତ୍ର—2. Venerable.

**ଆଧରୁପିଆ**—ପ୍ରାଦେ. ( ଗଞ୍ଜାମ ) ବି—୧ । ଅଠଅଣା—
Ādharupiā 1. Annas eight.

୨ । ଅଠଅଣି—2. An eight-anna bit.

**ଆଧାନ**—ସଂ. ବି. ( ଆ + ଧା ଧାତୁ=ଧାରଣ କରିବା; ସ୍ଥାପନ କରିବା + ଭାବ. ଅନ )—
Ādhāna

୧ । ରଖିବା—1. Laying; placing.

୨ । ଗ୍ରହଣ—2. Taking; receiving.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ସାଢ଼' ନ ମିଳିଲେ 'ସାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୩ । ଧାରଣ—3. Holding, containing.

୪ । ବନ୍ଧକ ରଖିବା—4. Pledging.

୫ । ଗଚ୍ଛିତ ରଖିବା—5. Depositing

୬ । ଉତ୍ପାଦନ; ଜନ୍ମ କରିବା—6. Begetting.

୭ । ପ୍ରତିଭୂ; ଜାମିନ୍—7. Surety.

୮ । ଗର୍ଭାଧାନସଂସ୍କାର—8. The ceremony of impregnation amongst the Hindus prior to conception.

୯ । ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନ—9. Impregnation.

୧୦ । ହୋମାଗ୍ନି ସ୍ଥାପନ—10. Ceremonial kindling of the sacrificial fire.

୧୧ । ଅଗ୍ନିକୁ ଜଳାଇବା; ଲଗାଇବା—11. Kindling of fire.

୧୨ । ପାତ୍ର—12. Receptacle.

୧୩ । ସଞ୍ଚାର—13. Diffusion or access ( of vitality or strength in the system) ( ଯଥା—ବଳାଧାନ )

**ଆଧାନିକ**—ସଂ. ବି. ( ଆଧାନ+ଷ୍ଣିକ. ଇକ )—
**Ādhānika** ଆଧାନ ୮ (ଦେଖ) Ādhāna 8 (See)

**ଆଧାର**—ସଂ. ବି. (ଆ+ଧୃ ଧାତୁ=ଧରିବା; ଧାରଣ କରିବା+ଅଧିକରଣ ଅ)—
**Adhāra**

୧ । ଆଧାରାଧିକରଣ (ଦେଖ) 1. Ādhārādhikaraṇa (See)

୨ । ଧାରଣ କରି ରଖିବାର ପାତ୍ର—2. Receptacle.

୩ । ସ୍ଥାନ—3. Place.

୪ । ପାତ୍ର—4 Pot; basin.

୫ । ଜଳ ସଞ୍ଚୟ ସ୍ଥାନ—5. Reservoir.

୬ । ଆଲବାଳ; ପାଣି ରହିବା ପାଇଁ ଗଛ ମୂଳରେ କରାଯିବା ମଣ୍ଡା ବା ମଳା—6. A basin constructed at the foot of a tree to water it.

୭ । ଆଶ୍ରୟ; ସନ୍ନିବେଶ—7. Assembling; placing.

୮ । ଆଶ୍ରୟ; ଅବଲମ୍ବନ—8. Refuge; resort; protection.

ଦେ. ବି. ( ସଂ. ଆହାର )—୧ । ପକ୍ଷିଶାବକମାନଙ୍କୁ ସେମାନଙ୍କ ମାତା ଯେଉଁ ଆହାର ଆଣି ଦିଏ—
আধার
आधार
1. Food which a mother-bird brings and puts into the mouth of her young ones.

ଏହିରୂପେ ବାଳୁତ ଲକ୍ଷେ ନିତ ନିତ
ବନ ଘନ ଆଧାରେ ତ ବଢ଼ିଣ ପାଇତ । ସାରଳା. ମହାଭାରତ.ଆଦି ।

୨ । ଆହାର; ଖାଦ୍ୟ—2. Food.

ବହୁତ ସୁପକ୍ୱ ଆଧାର ଯେ ତହିଁ ଅଛି
ସୁଖରେ ଭୁଞ୍ଜିବା ତହିଁ ଭଲ ଭଲ ବାଛି । ସାରଳାମହାଭାରତ. ମଧ୍ୟ ।

**ଆଧାରାଧିକରଣ**—ସଂ. ବି. ( ଆଧାର+ଅଧିକରଣ )—
**Ādhārādhikaraṇa** ୧ । (ବ୍ୟାକରଣ) ସ୍ଥାନ ବା ପାତ୍ରବାଚକ ଅଧିକରଣ—1. (Grammar) A class of locative case

[ ଦ୍ର—ଏକଦେଶ, ବିଷୟ, ବ୍ୟାପ୍ତି ଓ ସାମୀପ୍ୟ ଭେଦରେ ଆଧାରାଧିକରଣ ଚାରି ପ୍ରକାର; ୧ ଏକଦେଶ, ଯଥା—ବଣରେ ( ବଣର ଏକ ଦେଶରେ ) ବାଘ ଅଛି । ୨ ବିଷୟ, ଯଥା—ଅଧ୍ୟୟନରେ ( ଅଧ୍ୟୟନ ବିଷୟରେ ) ତାହାର ଅନୁରାଗ ନାହିଁ । ୩. ବ୍ୟାପ୍ତି, ଯଥା—ତିଳରେ (ତିଳତମାମ ବ୍ୟାପି ) ତେଲ ଅଛି । ୪. ସାମୀପ୍ୟ, ଯଥା—ବରଗଛ ମୂଳରେ ( ମୂଳ ସମୀପରେ ) ବାଘଟାଏ ବସିଛି ।]

**ଆଧାରାଧେୟ ଭାବ**— ସଂ. ବି. ( ଆଧାର+ଆଧେୟ+ଭାବ )—
**Ādhārādheya bhāba** ପାତ୍ର ଓ ତନ୍ମଧ୍ୟସ୍ଥ ବସ୍ତୁ ମଧ୍ୟରେ ଥିବା ସମ୍ବନ୍ଧ—The relation between the container and the thing contained

**ଆଧି**—ସଂ. ବି. ( ଆ+ଧ୍ୟୈ ଧାତୁ=ଚିନ୍ତା କରିବା; ସ୍ଥାପନ କରିବା+ଅଧିକରଣ. ଇ କିମ୍ବା ଆ+ଧା ଧାତୁ+ଇ )—
**Ādhi**

୧ । ବନ୍ଧକ—1. Pledge.

୨ । ଗଚ୍ଛିତ ବସ୍ତୁ—2. Deposited article.

୩ । ବ୍ୟସନ—3. Being addicted to vice; vicious habits.

୪ । ଆପତ୍ତି—4. Objection.

୫ । ବିପଦ—5. Danger; distress.

୬ । ଉଦ୍‌ବେଗତା—6. Anxiety.

୭ । ମନଃପୀଡ଼ା; ସନ୍ତାପ—7. Mental distress

୮ । ଦୁଃଖ—8. Sorrow.

୯ । ଅଧିଷ୍ଠାନ; ସ୍ଥାନ—9. Place.

୧୦ । ପ୍ରତ୍ୟାଶା—10. Expectation.

ଦେ. ବି—୧ । କ୍ଷମତା—1. Power; influence.

୨ । ଅଧିକାର—2. Authority.

ଯମର ଯେତେକ ଆଧି ସବୁ ଛଡ଼ାଇଲା । ବିଶ୍ୱନାଥ. ବିଚିତ୍ରରାମାୟଣ ।

୩ । ଐଶ୍ୱର୍ଯ୍ୟ—3. Affluence.

ଏତେ ବଡ଼ ଆଧି କିମ୍ପାରେ ନ ଦେ ସାର । ସାରଳା ମହାଭାରତ. ବନ ।

୪ । ରୋଗ; ବ୍ୟାଧି—4. Disease; sickness.

ପାଳନ କରନ୍ତେ ମୁଁ ଦେଖି ଶାସ୍ତ୍ର ବିଧି
ଯେ ତୁମ୍ଭମାନଙ୍କର ହୃଦୟ ଏଣୁ ଆଧି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୫ । ଆଡ଼ମ୍ବର—5. Grandeur.

( ଯଥା—ସେ ତ ବଡ଼ ଆଧିରେ ବିବାହଉତ୍ସବ କଲେ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଙ୍ଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

**ଆଧିକ୍**—ପ୍ରାଦେ. ( ସମ୍ବଲପୁର ) ବିଣ—ଚକିତ; ବିସ୍ମିତ—
**Ādhik** Astonished.

**ଆଧିକରଣିକ**—ସଂ. ବି. ପୁଂ. ( ଅଧିକରଣ=ବିଚାରାଳୟ+ନିଯୁକ୍ତାର୍ଥେ. **Ādhikaraṇika** ଇକ )—ବିଚାରକ—Judge.

**ଆଧିକ୍ୟ**—ସଂ. ବି. ( ଅଧିକ+ଭାବ. ଯ )—୧ । ଅଧିକତା—
**Ādhikya** 1. Excess.
୨ । ଅତିଶଯ୍ୟତା; ଆତିଶଯ୍ୟ—2. Superabundance.
୩ । ପ୍ରାଧାନ୍ୟ—3. Mastery.
୪ । ବୃଦ୍ଧି—4. Increase.
୫ । ବଳିପଡ଼ିବା ଅଂଶ ବା ବସ୍ତୁ—5 Surplus.

**ଆଧିକ୍ଳିଷ୍ଟ**—ସଂ. ବିଣ. ( ୩ୟା ତତ୍; ଆଧି+କ୍ଳିଷ୍ଟ )—
**Ādhiklishṭa** ମନଃପୀଡ଼ାରେ ଦୁଃଖିତ—
Afflicted with grief

**ଆଧିଜ**—ସଂ. ବିଣ. (ଆଧି+ଜନ୍ ଧାତୁ=ଉତ୍ପନ୍ନ ହେବା+କର୍ତ୍ତୃ. ଅ)—
**Ādhija** ୧ । ମନଃପୀଡ଼ା ଜନିତ—1. Due to grief.
୨ । ଦୁଃଖହେତୁକ—2. Caused by sorrow.

**ଆଧିଜ୍ଞ**—ସଂ. ବିଣ. ( ଆ=ଦୁଃଖ ଇତ୍ୟାଦି+ଜ୍ଞ=ଯେ ଜାଣେ )—
**Ādhijña** ୧ । ବ୍ୟଥିତ; ଦୁଃଖିତ—1. Afflicted.
୨ । ବକ୍ର—2. Bent; crooked.

**ଆଧିଦୈବ**—ସଂ. ବିଣ. ( ଅଧିଦେବ=ଦେବତାଙ୍କ ଅଧିକାର କର+ **Ādhidaiba** ଭାବ. ଅ)—୧ । ଦେବ ସମ୍ବନ୍ଧୀୟ—1. Divine
୨ । ଦୈବଜାତ; ଦୈବୀ—2. Caused by fate.
୩ । ଗ୍ରହ ବା ଦେବତାଙ୍କ ଯୋଗୁଁ ଜାତ ବା ଘଟିତ—
3. Arising from the influence of the heavenly bodies.

**ଆଧିଦୈବିକ**—ସଂ. ବିଣ. ( ଅଧିଦେବ+ଭାବ. ଇକ )—
**Ādhidaibika** ଆଧିଦୈବ ( ଦେଖ )
Ādhidaiba ( See )

**ଆଧିପତ୍ୟ**—ସଂ. ବି. ( ଅଧିପତି=ପ୍ରଭୁ+ଭାବ. ଯ )—୧ । ପ୍ରଭୁତ୍ୱ—
**Ādhipatya** 1. Mastery; supremacy.
୨ । ରାଜତ୍ୱ—2. Sovereignty.
୩ । ରାଜକ୍ଷମତା—3. Royal authority.
୪ । ଅଧିକାର—4. Authority.

**ଆଧିବିଧି**—ଦେ. ବି. ( ସହଚର )—୧ । ଗତିବିଧି—
**Ādhibidhi** 1. Movements; manners.
୨ । ରାଜନୀତିମାନ—2. Royal customs.

**ଆଧିବେଦନିକ**—ସଂ. ବିଣ. ( ଅଧିବେଦନ=ସ୍ୱାମୀର ଦ୍ୱିତୀୟ ଦାର ବିବାହ **Ādhibedanika** +ସମ୍ବନ୍ଧାର୍ଥେ. ଇକ )—ସ୍ୱାମୀ ଦ୍ୱିତୀୟବାର ଦାରପରିଗ୍ରହ କରିବା ସମୟରେ ପ୍ରଥମ ସ୍ତ୍ରୀକୁ ଦେବା ( ସମ୍ପତ୍ତି )—( property ) Given to the superseded first wife by the husband on his taking a second wife.

[ ଦ୍ର—ହିନ୍ଦୁ ସ୍ମୃତି ଅନୁସାରେ ଏହି ଧନ ପ୍ରଥମ ସ୍ତ୍ରୀର ନିଜସ୍ୱ ଅଟେ । ]

**ଆଧିବ୍ୟାଧି**—ସ. ବି. ( ସହଚର; ଆଧି+ବ୍ୟାଧି )—ସମସ୍ତ ପ୍ରକାରର **Ādhibyādhi** ଶାରୀରିକ, ମାନସିକ ଓ ବୈଷୟିକ ଦୁଃଖ—
All kinds of mental and physical troubles.

ଆଧିବ୍ୟାଧି ମଧ୍ୟ ହୁଅଇ ତାର ଦୂର । କୃଷ୍ଣସିଂହ. ମହାଭାରତ. ବନ ।

**ଆଧିଭୋଗ**—ସ. ବି. ( ୬ଷ୍ଠୀ ତତ୍; ଆଧି=ଗଚ୍ଛିତବସ୍ତୁ+ଭୋଗ )—
**Ādhibhoga** ବନ୍ଧକ ବସ୍ତୁର ବ୍ୟବହାର—Use or enjoyment of the thing pledged or mortgaged.

**ଆଧିଭୌତିକ**—ସଂ. ବିଣ. ( ଅଧିଭୂତ=ମୂଳକାରଣ+ଭାବ. ଇକ )—
**Ādhibhautika** ଭୂତ ବା ପ୍ରାଣିମାନଙ୍କଠାରୁ ଯାହା ଘଟେ ବା ଉତ୍ପନ୍ନ ହୁଏ; ଭୂତାଧୀନ—1. Due to the influence of spirits or beings.
୨ । କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଏହି ପଞ୍ଚଭୂତ ଯୋଗୁଁ ଜାତ ବା ଘଟିତ—2. Due to the five elements of the creation.
[ଦ୍ର—ସାଂଖ୍ୟ ମତରେ ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ୍ଜ ଏହି ଚାରି ପ୍ରକାର ଦୁଃଖକୁ ଆଧିଭୌତିକ ଦୁଃଖ ବୋଲାଯାଏ । ଏହା ମନୁଷ୍ୟ, ପଶୁ, ମୃଗ, ପକ୍ଷୀ, ସରୀସୃପ, ଦଂଶ, ମଶକ, ଉକୁଣ, ମଙ୍କୁଣ, ମତ୍ସ୍ୟ, ମକର, କୁମ୍ଭୀର ଓ ବୃକ୍ଷାଦି ସ୍ଥାବର ବସ୍ତୁଙ୍କ ଦ୍ୱାରା ଘଟିତ ହୁଏ । ]

**ଆଧିରଥି**—ସ. ବି. (ଅଧିରଥ=ଧୃତରାଷ୍ଟ୍ରଙ୍କ ସାରଥି+ଅପତ୍ୟାର୍ଥରେ. ଇ)
**Ādhirathi** କୁନ୍ତୀପୁତ୍ର ବୀର କର୍ଣ୍ଣ—Name of Karṇṇa.
[ଦ୍ର—ଏହାଙ୍କ ମାତା କୁନ୍ତୀ ଏହାଙ୍କୁ ତ୍ୟାଗ କରିଥିବାରୁ ଅଧିରଥ ଏହାଙ୍କୁ ପାଳନ କରିଥିଲେ । ]

**ଆଧିରାଜ୍ୟ**—ସ. ବି. (ଅଧିରାଜ+ଭାବ. ଯ)—୧ । ରାଜ୍ୟାଧିକାର—
**Ādhirājya** . Occupation of a kingdom.
୨ । ଆଧିପତ୍ୟ—2. Mastery.

**ଆଧିଶ୍ରୟଣିକ**—ସ. ବିଣ ( ବିଜ୍ଞାନପରିଭାଷା. ଅଧିଶ୍ରୟଣ=ଅଗ୍ନୋପକ୍ରମେ **Ādhiśrayaṇika** +ଭାବ. ଇକ )—ଦୃଷ୍ଟି ବା ଆଲୋକ-କେନ୍ଦ୍ର ବା ତାପ କେନ୍ଦ୍ରସମ୍ବନ୍ଧୀୟ—(science) Relating to focus.

**ଆଧିଶ୍ରୟଣିକ ବ୍ୟବଧି**—ସ. ବି. ( ବିଜ୍ଞାନପରିଭାଷା )—ଭିନ୍ନ ଭିନ୍ନ **Ādhiśrayaṇika byabadhi** ଆଲୋକ ବା ତାପନଃସାରକ ପଦାର୍ଥର ଦୃଷ୍ଟି-ଆଲୋକ କେନ୍ଦ୍ରର ଦୂରତ୍ୱ—
(science) Focal distance: the distance of the focus from the medium of light and heat.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ଶ୍ରେଣୀଭୁକ୍ତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଇଁଷା' ନ ପାଇଲେ 'ଅଇଷା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଆଧୀକୃତ**—ସଂ. ବଣ. ( ଅଧି + ଅଭୂତ ତଦ୍ଭାବେ ଚ୍ୱି + କୃତ )—ଯାହା
Ādhikṛuta ବନ୍ଧକ ରଖା ଯାଇ ଥାଏ —
Pledged; mortgaged.

**ଆଧୂତ**—ସଂ. ବଣ. (ଆ=ଈଷତ୍ + ଧୂ ଧାତୁ=କମ୍ପିବା+କର୍ତ୍ତୃ ତ)—
Ādhuta ୧ । ଈଷତ୍ କମ୍ପିତ—1. Slightly shaken.
୨ । ଆନ୍ଦୋଳିତ; ଚଳିତ—2. Agitated; moved.
୩ । କ୍ଷିପ୍ତ; ଅଭିଭୂତ—3. Distrubed.
୪ । ବ୍ୟାକୁଳିତ—4. Perturbed.

**ଆଧୁନିକ**—ସଂ. ବଣ. (ଅଧୁନା=ବର୍ତ୍ତମାନ+ଭାବ. ଇକ—
Ādhunika ୧ । ନୂତନ; ନବ୍ୟ—1. New.
୨ । ଇଦାନୀନ୍ତନ; ଅଧୁନାତନ—2. Modern.
୩ । ଏବେ ଘଟୁଥିବା; ଏବକାର—3 Recent.

**ଆଧୂତ**—ସଂ. ବଣ. (ଆ + ଧୂ ଧାତୁ + କର୍ତ୍ତୃ. ତ)—ଆଧୁତ (ଦେଖ)
Ādhūta Ādhuta (See)

**ଆଧୃତ**—ସଂ. ବଣ. (ଆ=ବିଶେଷଭାବରେ; ଉପରକୁ+ଧୃତ)—
Ādhṛuta ୧ । ଉପରକୁ ଧରା ହୋଇଥିବା—1. Supported.
୨ । ଟେକା ହୋଇଥିବା—2. Upheld.

**ଆଧେୟ**—ସଂ. ବଣ. (ଆ+ଧା ଧାତୁ+କର୍ମ. ଯ)—
Ādheya ୧ । ଆଶ୍ରିତ—1. Protected by.
୨ । ଆଧାର ମଧ୍ୟସ୍ଥ—2. Contained in another thing.
୩ । ଧାରଣୀୟ; ଆଧାନଯୋଗ୍ୟ—
3. Fit to be held.
୪ । ପାତ୍ରରେ ରଖାଯିବାର ଯୋଗ୍ୟ—
4. Fit to be kept in a receptacle.
ସଂ. ବି—ଆଧାର ବା ପାତ୍ରରେ ରଖାଯିବା ବସ୍ତୁ—
A thing contained in a receptacle.

**ଆଧୋରଣ**—ସଂ. ବି. (ଆ+ଧୋର ଧାତୁ=ଚଞ୍ଚଳ ଗତି କରିବା+କର୍ତ୍ତୃ. ଅନ)—ଯେ ହାତୀକୁ ଚଳାଏ; ମାହୁନ୍ତ; ହସ୍ତୀପକ—
Ādhoraṇa An elephant-driver.

ବାହାରିଲେ ଦଳେ ଦଳେ ସେ ଘୋରଣ ଗଣ ।
ଅସଂଖ୍ୟ ପଦାତି, ସାଦୀ, ଅଧୋରଣ, ରଥୀ । — ଭ୍ରାନ ଅ. ମହାଯାତ୍ରା ।

**ଆଧ୍ମାତ**—ସଂ. ବଣ. (ଆ+ଧ୍ମା ଧାତୁ=ଶବ୍ଦ କରିବା; ନିଆଁ ଲଗାଇବା+କର୍ମ. ତ)—୧ । ଶବ୍ଦିତ; ଧ୍ୱନିବିଶିଷ୍ଟ—
Ādhmāta 1. Sounded.
୨ । ବଜାଯିବା (ବାଦ୍ୟଯନ୍ତ୍ରାଦି)—2. Blown.
୩ । (+କର୍ତ୍ତୃ. ତ) ବାୟୁପୂରିତ; ବାୟୁସ୍ଫୀତ—
3 Swollen with wind.
୪ । ଅଗ୍ନିସଂଯୁକ୍ତ; ଦଗ୍ଧ—4. Burnt.
୫ । ଫୁଲିଥିବା; ବିବର୍ଦ୍ଧିତ—5. Swollen; enlarged.
୬ । ଦର୍ପାଦିଦ୍ୱାରା ଉଦ୍ଧତ—6. Swollen with pride.
ସଂ. ବି.—୧ । ଶବ୍ଦ—1. Sound
୨ । ସ୍ଫୀତି; ଫୁଲା—2. Swelling
୩ । ଦାହ—3. Burning sensation; inflammation.
୪ । ବାୟୁଜନିତ ପେଟ ଫୁଲା; ପେଟଫମ୍ପା—
4 Tympanites; swelling of the abdomen due to wind; flatulence.

**ଆଧ୍ମାନ**—ସଂ. ବି. (ଆ + ଧ୍ମା ଧାତୁ=ଶବ୍ଦ କରିବା; ନିଆଁ ଲଗାଇବା + ଭାବ. ଅନ)—
Ādhmāna
୧ । ସ୍ଫୀତ ହେବା; ବା ଫୁଲି ଉଠିବା—1 Swelling.
୨ । ଉଚ୍ଚାରଣ—2 Pronunciation
୩ । ଶବ୍ଦ—3. Sound.
୪ । ବୃଦ୍ଧି—4. Increase.
୫ । ବାୟୁବେଗ ଯୋଗୁଁ ପେଟ ଗୁଡ଼ୁ ଗୁଡ଼ୁ ହେବା ଓ ଫାମ୍ପିବା; ଉଦରାଧ୍ମାନ—
5. Flatulence; tympanites.
୬ । ବାଦ୍ୟର ତାଡ଼ନୋତ୍ଥିତ ଶବ୍ଦ—
6. Sound due to the striking of musical instruments.

**ଆଧ୍ୟାନ**—ସଂ. ବି. ( ଆ+ଧ୍ୟୈ ଧାତୁ=ଚିନ୍ତାକରିବା + ଅନ)—
Ādhyāna ୧ । ଚିନ୍ତା—1. Thought.
୨ । ସ୍ମରଣ—2. Remembrance.
୩ । ଦୁଶ୍ଚିନ୍ତା; ଦୁର୍ଭାବନା—3. Evil thought.
ଗ୍ରା. ବି. ( ସଂ. ଅଧ୍ୟୟନ )—ପଢ଼ିବା; ପଠନ—
Learning; study

ଲଭା ପ୍ରାପ୍ୟ କଥା କେତେ କରିବା ଆଧ୍ୟାନ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**ଆଧ୍ୟାତ୍ମିକ**—ସଂ. ବଣ. (ଅଧ୍ୟାତ୍ମ=ଆତ୍ମାସମ୍ବନ୍ଧୀୟ+ଭାବ. ଇକ)—
Ādhyātmika ୧ । ଆତ୍ମାସମ୍ବନ୍ଧୀୟ—
1. Relating to the soul.
୨ । ମାନସିକ; ମନୋରାଜ୍ୟସମ୍ବନ୍ଧୀୟ—2. Psychical.
୩ । ବ୍ରହ୍ମ ବା ଈଶ୍ୱରବିଷୟକ—
3, Spiritual; metaphysical.
୪ । ଆତ୍ମା ସହିତ ଜାତ; ସହଜ—
4. Inherent; inborn.

**ଆନ୍**—ଦେ. ବି. ( ସଂ. ଅଣି=ମର୍ଯ୍ୟାଦା; ସୀମା )—
Ān ୧ । ରାଗ—1. Anger.
आन् ୨ । ପଣ; ଜିଗର; ପ୍ରତିଜ୍ଞା—2. Resolve.
୩ । ଇଚ୍ଛା—3. Desire; wish.
୪ । ମନର ବାଧା—4 Mental shock.
୫ । ମନୋଦୁଃଖ—5. Grief,
୬ । ଅଭିମାନ—6. Sulks.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଯ଼ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଞ |
| ୨ | ଈ | ଊ | ଋ | ଌ | ଯେ଼ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**ଆନ୍‌ବା**—ପ୍ରାଦେ. ( ସମ୍ବଲପୁର ) କ୍ରି.— ଆଣିବା—
**Ānbā** To bring.

**ଆନ୍‌ମାନ୍**—ପ୍ରାଦେ. (ସମ୍ବଲପୁର) ବି.— ଅନୁମାନ—
**Ānmān** Guess; inference.
ଦେ. ବି.—୧ । ସନ୍ତୋଷ—1. Satisfaction.
୨ । ଆନନ୍ଦ—2. Delight; gladness.
আনন্দিত ଦେ. ବିଣ—୧ । ଆନନ୍ଦିତ—1. Delighted; glad.
**আনমান** ୨ । ସନ୍ତୁଷ୍ଟ—2. Content; satisfied.
(ଯଥା—ମୁଁ ଦୁଃଖରେ ଥିଲି; ତାହା ଶୁଣି ମୋ ମନଟା ଆନ୍‌ମାନ୍ ହୋଇଗଲା । )

**ଆନ**—ସଂ. ତ.—୧ । ଅନ୍ୟ ବ୍ୟକ୍ତି—1. Any other person.
**Āna** ସେ ଶିଖଣ୍ଡିକୁ ଜଣୁନ ଅଛନ୍ତି ଆନେ ତ ନ ଜାଣ କେହି—କବିସୂର୍ଯ୍ୟ. ସଙ୍ଗୀତ ।
୨ । ବାହାରର ଲୋକ ବା ବସ୍ତୁ—
2. Outward thing: outsider,
୩ । (ମୂଳ—ତା. ଆଣଇ=ରାଣ)—ରାଣ; ଶପଥ—
3, Oath.
ରାଜ ନ କରିବାକୁ ଥିଲା ଲକ୍ଷପରମିତ ଆନ—କବିସୂର୍ଯ୍ୟ. ସଙ୍ଗୀତ ।
୪ । ମର୍ଯ୍ୟାଦା—4, Reputation; respect.
କରନ୍ତୁ ନାହିଁ ଆନ ହେଲେ ଲକ୍ଷଣ, କହୁ ନୋହିଲ ପ୍ରଭୁମାନଙ୍କ ପଣ ।
ଦୀନକୃଷ୍ଣ—ରସକଲ୍ଲୋଳ ।
୫ । ସୀମା—5. Limit; boundary.
ଦେ. ସର୍ବନାମ (ସଂ. ଅନ୍ୟ)—ଅନ୍ୟ; ଇତର; ପର—
Other; another.
ଜଗିଲେ ଦୃଷ୍ଟି ତୋ ବିନା ଆନ ସ୍ୱରୂପ ରେ—କବିସୂର୍ଯ୍ୟ. ସଙ୍ଗୀତ ।
ଦେ.ବିଣ.—୧ । ଭିନ୍ନ; ପୃଥକ୍—1. Separate; different.
ଏଥିଅନନ୍ତରେ ଶୁଣିମା ହେ ଆନ ରସ—ସାରଳା ମହାଭାରତ ।
୨ । ଅନ୍ୟଥାକୃତ—2. Disregarded; done otherwise.
ଦେ.—ପ୍ରତ୍ୟୟ—(ସଂ. ସ୍ଥାନର ପ୍ରତ୍ୟୟକୁ ଓଡ଼ିଆରେ ଆନ ପ୍ରତ୍ୟୟ କହନ୍ତି, ଯଥା ଶମ୍ଶାନ)—An affix.

**ଆନଆନ**—ଦେ. ବିଣ. (ସଂ. ଅନ୍ୟ ଅନ୍ୟ)—୧ । ବିଭିନ୍ନ ପ୍ରକାରର—
**Ānaāna** 1. Different.
୨ । ବିଚିତ୍ର, ଅପୂର୍ବ —2. Wonderful.
୩ । ଅନ୍ୟାନ୍ୟ—3. Other.
ଦ୍ରୁପଦଙ୍କ ତନୟମାନେ ଆନ ଆନ । ରାଜାଙ୍କ ନନ୍ଦନମାନେ ଜାଣ ମାତଙ୍ଗେ ।
କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଆନକ**— ସଂ. ବି. (ଆ+ଅନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅକ)—
**Ānaka** ୧ । ପଟହ, ଢକ୍କା, ଭେରୀ ଆଦି—1. Drum.
ସେହି କାଳରେ ତେବେ ଦୁନ୍ଦୁଭି ଆନକ
ବାଜିଲେ କମ୍ପିଗଲା ମହୀ ଲୋକପାଳ ।
କୃଷ୍ଣସିଂହ. ମହାଭାରତ, ଉଦ୍ୟୋଗ ।
୨ । ରଣଢକ୍କା—2 Battle-drum.
୩ । ଗର୍ଜ୍ଜନ କରୁଥିବା ମେଘ— Thunder-cloud.
ବାଳୀ ଶୁଣୁଥାଇ ଆନକ ସ୍ୱନକୁ ଶୁଣିବା ଥାଉ ସ୍ୱନ ।
ଉପେନ୍ଦ୍ର. ବୈଦେହୀଶବିଳାସ ।
ସଂ. ବିଣ—୧ । ଉଚ୍ଚୈଃସ୍ୱରରେ ଶବ୍ଦାୟମାନ—
1. Thundering, high sounding.
୨ । ଉତ୍ସାହକାରକ—2. Encouraging.
୩ । ଉତ୍ତେଜକ—Goading to action.

**ଆନକଦୁନ୍ଦୁଭି**—ସଂ. ବି. (ଆନକ+ଦୁନ୍ଦୁଭି)—୧ । ବସୁଦେବ (ଶ୍ରୀକୃଷ୍ଣଙ୍କ
**Ānakadundubhi** ପିତା)—1. Basudeba, the father of Śrikṛushṇa.
[ଦ୍ର—ହରିବଂଶରେ ଲେଖାଅଛି ଯେ ଏହାଙ୍କ ଜନ୍ମକାଳରେ ଦେବତାମାନେ ଆନକଦୁନ୍ଦୁଭି ଧ୍ୱନି କରିଥିଲେ; ତେଣୁ ଏହାଙ୍କର ଏ ନାମ ।]
୨ । ବୃହତ୍ ଢକ୍କା; ବଡ଼ଢୋଲ—2. A big and long drum.

**ଆନ କରିବା**—ଦେ. କ୍ରି.—୧ । (କଥା) ଲଙ୍ଘନ କରିବା—
**Āna kariba** 1. Transgress.
୨ । ନମାନିବା—2. To disobey.
୩ । ଅନ୍ୟଥା କରିବା —3. To act otherwise than.
୪ । ଖଣ୍ଡନ କରିବା, ରଦ କରିବା —To set aside.
ବ୍ରହ୍ମର୍ଷି ଶାପକୁ ଆନ କରିବାକୁ ।
ଏ ତିନି ଭୁବନେ ନ ଦେଖେ କାହାକୁ ।
କୃଷ୍ଣସିଂହ. ମହାଭାରତ. ଆଦି ।
୫ । ଏଡ଼ିବା—5. To thwart.

**ଅନକାଟୁ**—ବୈଦେ. ପ୍ରାଦେ (ଗଞ୍ଜାମ) ବି. (ଇଂ. ଆନିକଟ୍)—ନଦୀରେ
**Ānakāṭu** ପାଣି ରଖିବା ପାଇଁ କରାଯିବା ପଥରବନ୍ଧ—Anicut.

**ଆନତ**—ସଂ. ବିଣ (ଆ+ନମ ଧାତୁ=ନଇଁବା+କର୍ତ୍ତୃ. ତ)—
**Ānata** ୧ । ଅବନତ, ନମ୍ରୀଭୂତ—Bent.
(ଆନତା—ସ୍ତ୍ରୀ) ୨ । ପ୍ରଣତ—2. Bowed.
୩ । ପତିତ—3. Fallen down.
୪ । ଅଧୋମୁଖ—4. Drooping.
୫ । ଢାଲୁ ହୋଇଥିବା—5. Sloping; inclined.

**ଅନଦେବା**—ଦେ. କ୍ରି— ଆଣ ପକାଇବା (ଦେଖ)
**Ānadeba** Āna pakāibā (See)

**ଆନଦ୍ଧ**—ସଂ. ବି. (ଆ+ନହ ଧାତୁ=ବନ୍ଧନ କରିବା+କର୍ମ. ତ;
**Ānaddha** ଯାହାର ମୁହଁ ଚମଡ଼ାଦ୍ୱାରା ବନ୍ଧନ ହୋଇଥାଏ)—
୧ । ମୃଦଙ୍ଗ, ମୁରଜ, ଢୋଲକୀ ଆଦି ବାଦ୍ୟ—
1. Drum; tabour.
୨ । ବେଶଭୂଷାଦି—2. Fittings.
ସଂ. ବିଣ—୧ । ବଦ୍ଧ—1. Bound; tied, fastened
୨ । ଅସ୍ତ୍ରାଦି ଦ୍ୱାରା ସଜ୍ଜିତ—2. Fitted with fittings and arms; armed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

୩ । ବ୍ୟାପ୍ତ—3. Pervaded.

**ଆନନ**—ସଂ. ବି. [ଅନ୍ ଧାତୁ=ବଞ୍ଚିବା+କରଣ. ଅନ; ଯାହା ଯୋଗୁଁ (ଅହାର କରି) ଜୀବ ବଞ୍ଚେ]—
Ānana
୧ । ମୁଖ; ମୁହଁ; ବଦନ—1. Face.
୨ । ପାଟି—2. Mouth

**ଆନ-ନ**—ଦେ. ସର୍ବନାମ (ସଂ. ଅନ୍ୟ+ନ)—୧ । ଆନ ନୁହେ; ଅନ୍ୟ କିଛି ନୁହେ—1. Nothing else.
Āna-na

ଏତେକ ଶବଦ ଆନ-ନ ଶବଦ ବଧାନ ହୋଇଛି ଯହିଁ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଆନନ୍ତର୍ଯ୍ୟ**—ସଂ. ବି. (ଅନନ୍ତର=ଅନ୍ତରହୀନ+ଭାବ. ଯ)—
Ānantarjya ୧ । ଅବ୍ୟବଧାନ—1. Contiguity.
୨ । ଅନନ୍ତରଭାବିତା—2. Immediate succession.
୩ । ପଶ୍ଚାଦ୍ ଭାବ—3. Posteriority,
୪ । ଅନନ୍ତରତ୍ୱ—4. Absence of any space between.

**ଆନନ୍ଦ**—ସଂ. ବି. ( ଆ=ବିଶେଷ+ନନ୍ଦ ଧାତୁ=ଖୁସି ହେବା+ଭାବ. ଅ )—
Ānanda
୧ । ହର୍ଷ; ଆହ୍ଲାଦ—1. Delight; joy.
୨ । ସୁଖ—2. Happiness.
୩ । ପରମାତ୍ମା; ବ୍ରହ୍ମ—3. The Supreme Soul,
୪ । (+କରଣ. ଅ)—ମଦ୍ୟ—4. Wine.

ଦେ ବି. ପୁଂ.—ଲୋକଙ୍କ ନାମ—
Name given to males.

ଦେ. ବିଣ—୧ । ଆନନ୍ଦମୟ—1. Joyous.
୨ । ହର୍ଷବିଶିଷ୍ଟ—2. Joyful.
୩ । ଆନନ୍ଦିତ—3. Delighted.

ବିତ ପ୍ରକାଶରୁ ରୁଷି ଆନନ୍ଦ ହୋଇଲେ । ଭଞ୍ଜ, ବୈଦେହୀଶବିଳାସ ।

୪ । ଆନନ୍ଦଜନକ—4. Causing joy.

**ଆନନ୍ଦଥୁ**—ସଂ. ବି. ( ଆନନ୍ଦ=ହର୍ଷ+ଭାବ. ଅଥୁ )—
Ānandathu ହର୍ଷ; ଆନନ୍ଦ—Delight; joy.
ସଂ. ବିଣ—୧ । ହର୍ଷଯୁକ୍ତ; ଆନନ୍ଦିତ—1. Delighted.
୨ । ଆନନ୍ଦବିଶିଷ୍ଟ—2. Joyful.

**ଆନନ୍ଦନ**—ସଂ. ବି. (ଆ+ନନ୍ଦ ଧାତୁ=ପ୍ରୀତ କରିବା+ଭାବ. ଅନ)—
Ānandana ୧ । ସମ୍ବର୍ଦ୍ଧନା—1. Welcome.
୨ । ପରସ୍ପର ସାକ୍ଷାତ ସମୟରେ ସୌଜନ୍ୟ ପ୍ରକାଶ—
2. Act of paying respects.
୩ । ସ୍ୱାଗତ ପ୍ରଶ୍ନ ପୂର୍ବକ ସତ୍କାର କରିବା—
3. Reception of a guest.
୪ । ହର୍ଷ—4. Delight,
ସଂ. ବିଣ. (+କର୍ତ୍ତୃ. ଅନ)—ଆନନ୍ଦପ୍ରଦ; ହର୍ଷଜନକ; ପ୍ରମୋଦକର; ସୁଖଜନକ—Joyous; delightful.

**ଆନନ୍ଦପଟ**—ସଂ. ବି. ( ଆନନ୍ଦ=ହର୍ଷ+ପଟ=ବସ୍ତ୍ର )—
Ānandapaṭa ନବବିବାହିତାର ବସ୍ତ୍ର; ପାଟ୍ଟ ବଉଳ ପାଟ—
Bridal clothes.

**ଆନନ୍ଦଲହରୀ**—ସଂ. ବି. ( ରୂପକକର୍ମଧା ; ଆନନ୍ଦ+ଲହରୀ )—
Ānandalaharī ଲହରୀ ପରି ମାଡ଼ିଯିବା ସୁଖ; ହର୍ଷର ତେଉ—
A wave or joy.

**ଆନନ୍ଦସମାଜ**—ସଂ. ବି. ( ୬ଷ୍ଠୀ ତତ୍; ଆନନ୍ଦ+ସମାଜ )—
Ānandasamāja ବିଶେଷ ଆନନ୍ଦ—
A great delight

ତଥ୍ୟ ବାକ୍ୟ ଶୁଣି ଋଷିଙ୍କ କୁଳ ଲୋକ
ହୃଦୟରେ ଧରିଣ ଆନନ୍ଦସମାଜ । କୃଷ୍ଣସିଂହ. ମହାଭାରତ, ବନ ।

**ଆନନ୍ଦିତ**—ସଂ. ବିଣ. ( ଆ+ନନ୍ଦ ଧାତୁ+କର୍ତ୍ତୃ. ତ )—
Ānandita ଆହ୍ଲାଦିତ; ହୃଷ୍ଟ; ଖୁସି ହୋଇଥିବା—
Delighted; glad.

**ଆନ ପକାଇବା**—ଦେ. କ୍ରି—କୌଣସି ବ୍ୟକ୍ତିଙ୍କ ନାମ ଧରି ରାଣ ଉଚ୍ଚାରଣ କରିବା—To swear in the name of a person; to take the name of a person in oath.
Āna pakāibā

**ଆନମାନ**—ଦେ. ବିଣ—ଆନ୍‌ମାନ୍ ( ଦେଖ )
Ānamāna Ānmān ( See )
ଦେ. ଅ—ଅନ୍ୟଥା; ଅନ୍ୟପ୍ରକାର—Otherwise.

ନିଜ ଧର୍ମେ ଥିବେ ଗୃହ ବର୍ଣ୍ଣ ହେ
ଏଥୁ ନୋହିବ ଯେ ଆନମାନ ହେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆନମିତ**—ସଂ. ବିଣ ( ଆ+ନମିତ )—ଈଷତ୍ ନଇଁଥିବା—
Ānamita Slightly bent.

**ଆନୟନ**—ସଂ. ବି. (ଆ+ନୀ ଧାତୁ=ନେବା+ଭାବ. ଅନ)—
Ānayana ଆଣିବା; ଏକ ଦୂରବର୍ତ୍ତୀ ସ୍ଥାନରୁ ନିକଟବର୍ତ୍ତୀ ସ୍ଥାନକୁ ନେବା—Bringing; fetching.
(ଆନୀତ—ବିଣ)

**ଆନର୍ତ୍ତ**—ସଂ. ବି. (ଆ+ନୃତ ଧାତୁ=ନାଚିବା+ଅଧିକରଣ. ଅ)—
Ānartta ୧ । ନୃତ୍ୟଶାଳା—1. Dancing hall.
୨ । ରଙ୍ଗଭୂମି—2 Stage
୩ । ଯୁଦ୍ଧ—3. Fight; battle.
୪ । ଦ୍ୱାରକା ନାମକ ଦେଶ—4. The country of Dwārakā.
୫ । ଦ୍ୱାରକା ଦେଶବାସୀ ବ୍ୟକ୍ତି—
5. A resident of Dwārakā.
୬ । ରାଜାବିଶେଷ—6. Name of a king.
୭ । ଜଳ—7. Water.

**ଆନର୍ତ୍ତିତ**—ସଂ. ବିଣ. (ଆ+ନୃତ ଧାତୁ+କର୍ତ୍ତୃ. ତ)-୧ । ନାଚୁଥିବା; ନର୍ତ୍ତିତ—1. Dancing,
Ānarttita
୨ । ଆଧୂତ; କମ୍ପିତ—2, Shaking.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ | ଇଅ | ଓ | ନୃ |

**ଆନା**—ପ୍ରାଦେ. (ଭଦ୍ରି) ବି—ଅଣା—Anna.
**Ānā**
ବୈଦେ—ପ୍ରତ୍ୟୟ (ଫା) ଭାବ ବା ଅବସ୍ଥା (ଯଥା—ବାବୁଆନା; ମୁରବିଆନା, ମୁନ୍‌ସିଆନା) An affix denoting state or condition.

**ଆନାୟ**—ସଂ. ବି. ( ଆ + ନୀ ଧାତୁ ନେବା + କରଣ. ଅ; ଯାହାଦ୍ୱାରା ମାଛକୁ ପାଣିରୁ କଢ଼ାଯାଏ )—
**Ānāya**
୧ । ମାଛଧରା ଜାଲ—1. Fishing net
୨ । ମାଛଧରା ଯନ୍ତ୍ର—2. A contrivance for catching fish.

**ଆନାଯ୍ୟ**—ସଂ. ବି. ( ଆ + ନୀ ଧାତୁ + କର୍ମ. ଯ; ଯାହା ହୋମ ପାଇଁ ଗୃହସ୍ଥିତ ଅଗ୍ନିରୁ କଢ଼ାଯାଏ )—ଦକ୍ଷିଣାଗ୍ନି; ହୋମ କରିବା ପାଇଁ ଗୃହରୁ ଆଣି ଦକ୍ଷିଣଦିଗରେ ସ୍ଥାପନ କରାଯିବା ଅଗ୍ନି—One ot the sacrifical fire brought out of domestic fire and kept on the south side of the alter.
**Ānājya**
ସଂ ବିଣ.— ଅଣାହେବାର ଯୋଗ୍ୟ—Fit to be brought or fetched.

**ଆନାରସ**—ପ୍ରାଦେ. ( ବାଲେଶ୍ୱର; ମେଦିନୀପୁର ) ବି—
**Ānārasa** ( ଭୁଲ ବି. ଆନାରସ୍ )—ସପୁରି Pineapple.

**ଆନାହ**—ସଂ. ବି. (ଆ + ନହ ଧାତୁ = ବାନ୍ଧିବା + କରଣ. ଅ)—
**Ānāha** ୧ । କୋଷ୍ଠବଦ୍ଧତା ମଳ ବନ୍ଦ ହେବା ରୋଗ—
(ଆନଦ୍ଧ—ବିଣ) 1. Costiveness.
୨ । ମଳମୂତ୍ର ନିରୋଧ—2. Strangury; stoppage of urine and stools
୩ । (ଆ + ନହ ଧାତୁ = ବିଶାଳ ହେବା + ଭାବ. ଅ)— ଦୀର୍ଘତା; ଦୈର୍ଘ୍ୟ—3. Length.

**ଆନିକଟ୍**—ବୈଦେ. ବି. ( ତାମିଲ୍—ଆଇନକାଟ୍ଟୁ = ବନ୍ଧଭଥର; ଇଂ. ଆନିକଟ୍ )—ନଦୀରେ ପାଣି ଜମା ରଖି କେନାଲ ଆଦିକୁ ଜଳ ଯୋଗାଇବା ପାଇଁ ନଦୀର ଆଡ଼ବାଗରେ ବନ୍ଧାଯିବା ପ୍ରକାର ଥିବା ପଥରବନ୍ଧ—
**Ānikaṭ**
Anicut; weir.

**ଆନିକୋଟ**—ବୈଦେ. ବି—ଆନିକଟ୍ ( ଦେଖ )
**Ānikoṭ** Ānikaṭ ( See )

**ଆନିବା**—ପ୍ରାଦେ. (ଜାଜପୁର) କ୍ରି. (ସଂ. ଆ + ନୀ ଧାତୁ )—ଆଣିବା—
**Ānibā** To bring.

**ଆନୀ**—ଦେ. ବି. ( ସଂ. ଆନକ )—ବାଦ୍ୟବିଶେଷ—
**Ānī** A kind of drum
ବଡ଼ା ଢୋହର ଆନୀ ହେଟହେ ଦୁନ୍ଦୁଭି । ସାରଳାମହାଭାରତ. ଆଦି ।
ବୈଦେ. (ଫା) ପ୍ରତ୍ୟୟ—ଭାବ; ଅବସ୍ଥା—
Affix denoting the state of being ( ଯଥା—ବାବୁଆନୀ । )

**ଆନୀତ**—ସଂ. ବିଣ. ( ଆ = ସମ୍ୟକ୍ + ନୀ ଧାତୁ + କର୍ମ. ତ )—
**Ānīta** ଯାହା ନିକଟକୁ ଅଣା ଯାଇଅଛି—Brought.

**ଆନୀଳ**—ସଂ. ବିଣ. ( ଆ = ଈଷତ୍ + ନୀଳ )—ଈଷତ୍ ନୀଳବର୍ଣ୍ଣ—
**Ānīḷa** Bluish.
ସଂ. ବି—କୃଷ୍ଣବର୍ଣ୍ଣ ଅଶ୍ୱ—Black horse.

**ଆନୀଳଶତପତ୍ର**—ସଂ. ବି. (ଆନୀଳ + ଶତପତ୍ର)—ଇନ୍ଦୀବର; ନୀଳକଇଁ—
**Ānīḷa śatapatra** The blue water-lily.
ଆନୀଳଶତପତ୍ରନେତ୍ରା ଯା ଆସ୍ୟ ବସ ନୋହିଲୁରେ ।
ବନ୍ଦସୂର୍ଯ୍ୟ କଣୋପାଟଶ୍ରୁ. ଘ. ଗୀତ ।

**ଆନୁଆନ**—ଦେ. ସର୍ବ ( ସଂ. ଅନ୍ୟ + ଅନ୍ୟ; ଅନ୍ୟୋଽନ୍ୟ )—
**Ānuāna** ୧ । କେତେକ—1. Some.
କୁରୁଠାରୁ ଯେ ଆନୁଆନ ପୁରୁଷରେ
ସୂର୍ଯ୍ୟୋଦ୍ଧ ରଜା ହେଲେ ହସ୍ତିନାଦେଶରେ । କୃଷ୍ଣସିଂହ,ମହାଭାରତ,ଆଦି ।
୨ । ଅନ୍ୟ—2. Other; another
ଦେ. ବିଣ—ବିଭିନ୍ନ—Different.
ଉନ୍ମତ୍ତ ମୂର୍ଚ୍ଛିତ ବଚନ; କ୍ଷଣ କ୍ଷଣକେ ଆନୁଆନ ।
ଭୂପତି, ପ୍ରେମପଞ୍ଚାମୃତ ।

**ଆନୁକୂଲ୍ୟ**—ସଂ. ବି. ( ଅନୁକୂଳ + ଭାବ. ଯ )—
**Ānukūlya** ୧ । ଅନୁକୂଳତା; ସପକ୍ଷତା—1. The state of being favourable.
୨ । ଆଶ୍ରିତ ପ୍ରତି ଦୟା ବା ଅନୁଗ୍ରହ—
2. Favour; grace; patronage.
୩ । ଦୟା—3. Kindness.
୪ । ସାହାଯ୍ୟ—4. Help; assistance.
୫ । ଉପକାର—5. Beneficence.

**ଆନୁଗତ୍ୟ**—ସଂ. ବି. ( ଅନୁଗତ + ଭାବ. ଯ )—
**Ānugatya** ୧ । ଅଧୀନତା—1. Subservience.
୨ । ଖୋସାମତ—2 Flattery.
୩ । ଅନୁସରଣ; ଅନୁଗ୍ରହ ଲାଭାର୍ଥରେ ଅନ୍ୟର ଉପାସନା—
3 Constant attendance on a person to gain favour.
୪ । ସାହାଯ୍ୟ—4. Help
୫ । ଘନିଷ୍ଠତା—5. Attachment

**ଆନୁପୂର୍ବ**—ସଂ. ବି. ( ଅନୁପୂର୍ବ + ଭାବ. ଅ )—
**Ānupūrba** ୧ । ଆଗପଛକ୍ରମ—1. Sequence.
(ଆନୁପୂର୍ବୀ—ସ୍ତ୍ରୀ) ୨ । ଯଥାକ୍ରମ; ଅନୁକ୍ରମ; ପରିପାଟୀ—
2. Regular succession.
୩ । ପରମ୍ପରା - 3. Series.
୪ । ଧାରାବାହିକତା—4. Continuity.

**ଆନୁପୂର୍ବିକ**—ସଂ. ବିଣ. ( ଅନୁପୂର୍ବ + ଇକ )—
**Ānupūrbika** ୧ । ଯଥାକ୍ରମଯୁକ୍ତ; କ୍ରମାନୁସାରୀ; ପରିପାଟୀ—
1. Serial.

ମୁଦ୍ରାଙ୍କଣ ଦୋଷରୁ ଅନେକ ସ୍ଥାନରେ ପ୍ରଥମ ୧ ଓ ୬ ଅଙ୍କ ୨ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ଶୂନ୍ୟରେ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଅଧିକନେ ଶବ୍ଦର ଆଗରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅବତର' ନ ପାଇଲେ 'ଅବତର' ଦେଖିବେ ।

୨ । ଧାରାବାହିକ—2. Continuous

କ୍ରି. ବିଣ—୧ । ଯଥାକ୍ରମେ; ଅଗପଛ ପରମ୍ପରାନୁରୂପ—
1. Serially; respectively.

୨ । ମୂଳରୁ ଶେଷ ପର୍ଯ୍ୟନ୍ତ ଅବିଚଳ ଭାବରେ—
2. In regular succession.

୩ । ପରମ୍ପରାକ୍ରମେ—3. Seriatim

**ଆନୁପୂର୍ବ୍ୟ**—ସଂ. ବି. ( ଅନୁପୂର୍ବ+ଭାବ. ଯ )—ଆନୁପୂର୍ବ ( ଦେଖ )
Ānupūrbya Ānupūrba ( See )

**ଆନୁମାନିକ**—ସଂ. ବିଣ. ( ଅନୁମାନ=କଳ୍ପନା+ଭାବ. ଇକ )—
Ānumānika ୧ । ଅନୁମେୟ—1 Inferable

୨ । ଅନୁମାନସିଦ୍ଧ—2. Inferential, conjectural; deduced by guess.

୩ । କାଳ୍ପନିକ - 3 Imaginary.

ସଂ. ଅ.—୧ । ଅନ୍ଦାଜରେ—1. By guess.

୨ । ପ୍ରାୟ—2. About; nearly.

**ଆନୁରକ୍ତି**—ସଂ. ବି. (ଅନୁରକ୍ତ+ଭ ବ. ଇ)—ଅନୁରାଗ; ସ୍ନେହ; ଆସକ୍ତି—
Ānurakti Attachment; fondness.

**ଆନୁରୂପ୍ୟ**—ସଂ. ବି. (ଅନୁରୂପ=ସମାନ+ଭାବ. ଯ)—ସାମ୍ୟ;
Ānurūpya ସମାନତା—Likeness, resemblance.

**ଆନୁଲୋମ୍ୟ**—ସଂ. ବି. ( ଅନୁଲୋମ+ଭାବ. ଯ )—୧ । ଅନୁଲୋମ
Ānulomya ବିବାହ ସମ୍ବନ୍ଧରେ ବର୍ଣ୍ଣାନୁକ୍ରମ—1. State of being in the descending order in cases of inter-marriage

୨ । ଯଥାକ୍ରମ,ପରମ୍ପରା—2. Sequence; due order.

**ଆନୁଶାସନିକ**—ସଂ. ବିଣ. (ଅନୁଶାସନ+ଭାବ. ଇକ)—ରାଜନୀତିର
Ānuśāsanika ଅନୁଶାସନ ସମ୍ବନ୍ଧୀୟ—Dealing with precepts of polity

**ଆନୁଷଙ୍ଗିକ**—ସଂ. ବିଣ. (ଅନୁଷଙ୍ଗ+ସମ୍ବ. ଇକ)—୧ । ଯାହା ଅନ୍ୟ
Ānushaṅgika ବିଷୟ ସଙ୍ଗେ ପଛରେ ଘଟେ—1. Circumstantial; incidental.

୨ । ସଂଲଗ୍ନ; ସମ୍ପୃକ୍ତ—2. Connected.

୩ । ଗୌଣ; ଅପ୍ରଧାନ—3. Secondary.

୪ । ଘଟଣାସମ୍ପର୍କରେ ଘଟୁଥିବା—4. Circumstantial.

**ଆନୁଷ୍ଠାନିକ**—ସଂ ବିଣ. (ଅନୁଷ୍ଠାନ+ସମ୍ବ. ଇକ)—ଅନୁଷ୍ଠାନ ବା
Ānushṭhānika କ୍ରିୟାକଳାପସମ୍ବନ୍ଧୀୟ—Pertaining to rites; ceremonial.

**ଆନୁଷ୍ଠିକ**—ସଂ. ବିଣ. (ଅନୁ+ସ୍ଥା ଧାତୁ+ଇକ)—ଅନୁଷ୍ଠାନସମ୍ବନ୍ଧୀୟ—
Ānushṭhika Ceremonial.

**ଆନୃଣ୍ୟ**—ସଂ. ବି. (ଅନୃଣ+ଭାବ. ଯ)—ଋଣ ନ ଥିବା ଅବସ୍ଥା –
Ānṛṇya Freedom from debt; solvency.

**ଆନୃଶଂସ୍ୟ**—ସଂ. ବି. (ଅନୃଶଂସ+ଭାବ. ଯ)—୧ । ନିର୍ଦ୍ଦୟତାର
Ānṛśaṁsya ଅଭାବ; ଅନିଷ୍ଠୁରତା—1. Absence of cruelty.

୨ । ଦୟା—Clemency; humanity.

**ଆନେ**—ଗ୍ରା. ଅ.—(ଉତ୍ତରଭାରତ ବ୍ୟବହୃତ) (ସଂ. ପୁନଃ)—
Āne ୧ । ଏବଂ—1. And.

୨ । ମଧ୍ୟ—2 Also.

୩ । (କଥା କହିବା ଆଦ୍ୟରେ ବ୍ୟବହୃତ) ପୁନଶ୍ଚ—
3. Again; moreover.

ଦେ. ସର୍ବନାମ ( ସଂ. ଅନ୍ୟ )—

୧ । ଆଉ; ଅନ୍ୟ—1. Other.

ବୃକ୍ଷ ଔଷଧି ଲତା ଯେତେ । କେଶ ଜାବ ଆନେ ଯେତେ ।
ଜଗନ୍ନାଥ—ଭାଗବତ ୭ । ୧୩ ।

୨ । ଅନ୍ୟରେ; ଅନ୍ୟଠାରେ—2. In or with others.

ଭୁଯୋଗୀଜନେ ସବୁ ଜ୍ଞାନ, ଆନେ ମୋ ନ ହୁଏ ପ୍ରୟୋଜନ ।
ଜଗନ୍ନାଥ. ଭାଗବତ ।

ପ୍ରାଦେ. (ଉତ୍କି). ଅ—ଯେହେତୁ—Where as

**ଆନେକି**—ପ୍ରାଦେ. (ଉତ୍କି). ଅ—ଯେହେତୁ—Where as.
Āneki

**ଆନେତବ୍ୟ**—ସଂ. ବିଣ (ଆ+ନୀ ଧାତୁ+କର୍ମ. ତବ୍ୟ)—
Ānetabya ଆଣିବାର ଯୋଗ୍ୟ Fit to be brought.

**ଆନେତା**—ସଂ. ବିଣ. (ଆ=ନିକଟକୁ+ନୀ ଧାତୁ=ନେବା+କର୍ତ୍ତୃ.
Ānetā ତୃ; ୧ମା. ୧ବ.)—ଆନୟନକାରୀ; ଆହର୍ତ୍ତା—
(ଆନେତ୍ରୀ—ସ୍ତ୍ରୀ) Bringing; fetching.

**ଆନ୍ତରିକ**—ସଂ. ବିଣ. (ଅନ୍ତର=ହୃଦୟ+ଭାବ. ଇକ)—
Āntarika ୧ । ମାନସିକ; ହୃଦୟଗତ; ମନୋଗତ—
1. Mental; heart-felt.

୨ । ଅନ୍ତର୍ଗତ—2. Inward; inner.

୩ । ଭିତରର—3. Internal

୪ । ମନରେ ସ୍ୱତଃ ଉଦିତ ବା ଜାତ (ଭାବାଦି)—
4. Sincere.

୫ । ସହୃଦୟ—5. Cordial.

**ଆନ୍ତରିକତା**—ସଂ. ବି. (ଆନ୍ତରିକ+ଭାବ. ତା)—୧ । ସହୃଦୟତା—
Āntarikatā 1. Cordiality.

୨ । ନିଷ୍କପଟତା—2. Sincerity.

**ଆନ୍ତରିକ୍ଷ**—ସଂ. ବିଣ. (ଅନ୍ତରିକ୍ଷ=ଆକାଶ+ଭାବ. ଅ)—
Āntarikshya ୧ । ଅନ୍ତରିକ୍ଷଭାବ—1. Atmospherical.

୨ । ଆକାଶସମ୍ବନ୍ଧୀୟ—2. Relating to the sky.

୩ । ଆକାଶରେ ଘଟିବା—3. Celestial.

୪ । ସ୍ୱର୍ଗୀୟ—4. Heavenly.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟୁ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ | ଇଅ | ୱ | ଡ଼ |

ସଂ. ବି.—୧ । ଆକାଶ—1. The firmament.
୨ । ଧାରାସଲିଳ; ବୃଷ୍ଟିଧାରା—2. Shower of rain.

**ଆନ୍ତରୀଣ**—ସଂ. ବିଣ. (ଅନ୍ତର+ଭାବ ଇନ)—ଅନ୍ତରସ୍ଥ; ଅନ୍ତର୍ବର୍ତ୍ତୀ—
Āntariṇa Inward; internal.

**ଆନ୍ତ୍ରିକ**—ସଂ. ବିଣ. (ଅନ୍ତ୍ର=ଉଦରସ୍ଥ ନାଡ଼ିତନ୍ତୁ+ସମ୍ବ. ଇକ)—
Āntrika ଅନ୍ତ୍ରବୁନ୍ଦୁଲାସମ୍ବନ୍ଧୀୟ—Relating to the intestines or entrails
ସଂ. ବି. (ଆଧୁନିକ ପ୍ରୟୋଗ)—ଅନ୍ତ୍ରସମ୍ବନ୍ଧୀୟ ମାରାତ୍ମକ ଜ୍ୱର ରୋଗ—Enteric fever.

**ଆଣ୍ଡାଜ (ଇତ୍ୟାଦି)**—ଦେ. ବି. ଓ ବିଣ—ଅଣ୍ଡାଜ ଇତ୍ୟାଦି (ଦେଖ)
Āndāja etc Andāja etc. (See)

**ଆଣ୍ଡାଜି (ଇତ୍ୟାଦି)**—ଦେ.ବିଣ (ଆ.ଅନ୍ଦାଜ୍)—ଅନ୍ଦାଜି ଇତ୍ୟାଦି (ଦେଖ)
Āndāji (etc Andāji etc (See)

**ଆଣ୍ଡି**—ଦେ. ବି. (ସଂ. ସନ୍ଧି)—ଅନ୍ଧି (ଦେଖ)
Āndi Āndhi (See)

**ଆନ୍ଦୁ**—ଦେ. ବି. (ସଂ. ଅନ୍ଦୁ)—୧ । ହସ୍ତୀର ପଦବନ୍ଧନ-ଶୃଙ୍ଖଳା—
Āndu 1. A foot-chain for the elephant.
୨ । ପାଦଭୂଷଣ—2. An ornament for the leg.
ବଳମ୍ବିତ ଦେହ ଆନ୍ଦୁ ବନ୍ଧୁରେ । ଉପେ. ବୈଦେହୀଶବିଳାସ ।

**ଆନ୍ଦୋଳନ**—ସଂ. ବି. (ଆ=ଇତସ୍ତତଃ+ଦୋଳ ଧାତୁ=ଦୋହଲିବା +ଭାବ. ଅନ)—୧ । ପୁନଃପୁନଃ ଚଳନ—
Āndolana
(ଆନ୍ଦୋଳିତ—ବିଣ) 1. Repeated movement.
୨ । ଆକମ୍ପନ; ଦୋହଲିବା—2. Oscillation.
୩ । ଦୋଳନ—3. Swinging.
୪ । କୌଣସି ବସ୍ତୁ ବିଷୟରେ ତର୍କ ବା ବାଦାନୁବାଦ—Discussion; agitation.
୫ । କୌଣସି ବିଷୟରେ ମାନସିକ ବିଚାର—
5 Mental discussion; considering the pros and cons of a thing
୬ । ଅନୁଶୀଳନ—6. Exercise; study.
୭ । (+କରଣ. ଅନ)—ପାଲିଙ୍କି; ଖଟୁଆ; ହାଣ୍ଡୋଲା—7. A sedan chair.
୮ । ଦୋଳା; ଦୋଳି—8. A swing.
୯ । ଗହଳ; ଗଣ୍ଡଗୋଳ—9. Fuss; row.

**ଆନ୍ଦୋଳା**—ଦେ. ବି. (ସଂ. ଆନ୍ଦୋଳନ)—ମନୁଷ୍ୟବାହିତ ଯାନ; ଖଟୁଆ; ପାଲିଙ୍କି; ଦୋଳା—Sedan chair.
Āndolā
दोला; हिन्दोला
**दोला**

**ଆନ୍ଦୋଳିତ**—ସଂ.ବିଣ (ଆ+ଦୋଳ ଧାତୁ=ଦୋହଲିବା+କର୍ମ. ତ)—
Āndolita ୧ । ଈଷତ୍ କମ୍ପିତ—
1. Slightly agitated; oscillated.

୨ । ତର୍କବିତର୍କ କରା ଯାଇଥିବା; ଅନୁଶୀଳିତ—
2. Discussed.
୩ । ଦୋଳାୟମାନ—3. Swinging.

**ଆନ୍ଦୋଳିବା**—ଦେ. ପଦ୍ୟ. କ୍ରି. (ସଂ. ଆନ୍ଦୋଳନ)—ସନ୍ଦେହରେ ପଡ଼ି ଇତସ୍ତତଃ ହେବା—To be agitated with doubt.
Āndolibā
झूला
**तुलना**

ବଚନ ଶୁଣନ୍ତୁ ଦାସ୍ଥ ଅବଗଣ ତଳେ ।
ଆନ୍ଦୋଳିଲ ମୁହୂର୍ତ୍ତେ ବାରବୃନ୍ଦମଳ । ରଘୁନାଥ. ମହାଯାତ୍ରା ।

**ଆନ୍ଧସିକ**—ସଂ. ବି. ପୁଂ. (ଅନ୍ଧସ୍=ସିଦ୍ଧତଣ୍ଡୁଳ; ଭାତ+ପାକାର୍ଥେ. ଇକ)—ପାଚକ; ସୁପକାର; ସୁଆର—Cook.
Āndhasika
(ଆନ୍ଧସିକା—ସ୍ତ୍ରୀ)

**ଆନ୍ଧି**—ଦେ. ବି. (ସଂ. ସନ୍ଧି)—୧ । ସନ୍ଧି; କ୍ଷୁଦ୍ର କଣା ବା ଫାଟ—
Āndhi 1. Chink; small fissure.
अन्धिसन्धि ୨ । ଦୁଇଟି ଇଟା ବା ପଥର ମଧ୍ୟରେ ଥିବା କଣା—
दरार 2. Interstice between two bricks or stones.

**ଆନ୍ଧୁ**—ଦେ. ବି. (ସଂ. ଅନ୍ଦୁ)—ହାତୀ ଶିକୁଳି—
Āndhu Foot-chain for elephants.

ହାଉଦା ଅମାରୀ ଆନ୍ଧୁ ଶିକୁଳି
ଝୋପର ପଲ୍ଲବିଆ ଘଣ୍ଟମାଳି । ବ୍ରଜନାଥ. ସମରତରଙ୍ଗ ।

**ଆନ୍ଧ୍ୟ**—ସଂ. ବି. (ଅନ୍ଧ+ଭାବ. ଯ)—ଅନ୍ଧତା; ଦୃଷ୍ଟିହୀନତା—
Āndhya Absence of eye-sight; blindness.

ଘନ ଘାର ମାର ସଙ୍ଗମ କ୍ଷଣେ ।
ଆନ୍ଧ୍ୟ ଯେବେ ଜନ୍ମିବ ଲକ୍ଷଣେ । କବିସୂର୍ଯ୍ୟ. ସଙ୍ଗୀତ ।

**ଆନ୍ନାଘର**—ପ୍ରାଦେ. (ଗଞ୍ଜାମ) ବି.—ରନ୍ଧାଘର; ରୋଷେଇଘର—
Ānnāghara Kitchen.

**ଆନ୍ୱୀକ୍ଷିକୀ**—ସଂ. ବି. ସ୍ତ୍ରୀ (ଅନୁ=ପଶ୍ଚାତ୍+ଈକ୍ଷ ଧାତୁ=ଦେଖିବା+ଭାବ. ଅ=ଅନ୍ୱୀକ୍ଷା+ପ୍ରୟୋଜନାର୍ଥେ. ଇକ+ସ୍ତ୍ରୀ ଈ.—ବେଦାଦିଶାସ୍ତ୍ର ପଢ଼ିବା ପରେ ଯେଉଁ ବିଦ୍ୟା ଦେଖିବା ପ୍ରୟୋଜନ ହୁଏ)—୧ । ଗୌତମାଦି ପ୍ରଣୀତ ନ୍ୟାୟ ଶାସ୍ତ୍ର; ତର୍କଶାସ୍ତ୍ର—1. The science of Logic; dialectics.
Ānwikshiki
୨ । ଆଧ୍ୟାତ୍ମିକ ବିଦ୍ୟା; ବେଦାନ୍ତ—
2. The Bedānta; spiritual lore.
୩ । ଦଣ୍ଡନୀତି—3. Polity
୪ । ଦୁର୍ଗା—4. Goddess Durgā.

**ଆପ୍ (ଧାତୁ)**—ସଂ—ପାଇବା—To get.
Āp (root) [ଦ୍ର—ଏହା ପୂର୍ବରେ ପ୍ର ଉପସର୍ଗ ପ୍ରାୟଶଃ ଯୋଗ ହୁଏ । ]

ସାଧାରଣ ଲୋକେ ଅପର ସ୍ଥାନରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସଂଶୋଧନ ପୂର୍ବକ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଆପ୍**—ଦେ. ସର୍ବନାମ (ସଂ. ଆତ୍ମନ୍)—ଆପେ; ସ୍ୱୟଂ; ନିଜେ—
Āp — Self one's self.
ଦେ. ବିଣ.—ଆପଣାର; ନିଜର—Of one's self.

ଆପ୍ କଥା କାହିଁ ନଥା—ଢଗ ।

**ଆପକାର୍ଯ୍ୟ**—ଗ୍ରା. ବି. ( ସଂ. ଆତ୍ମକାର୍ଯ୍ୟ )—୧ । ନିଜର କାର୍ଯ୍ୟ ବା
Āpkārjya ପ୍ରୟୋଜନ—1. One's own work
আপকাজ
आपकाज

ଆପ୍ କାର୍ଯ୍ୟଂ ଜାହ୍ନପର୍ଯ୍ୟଂ ପରକାର୍ଯ୍ୟଂ ଧମକ୍ଧମା—ପ୍ରବଚନ ।

**ଆପ୍‌କାର୍ଯୀ**—ଗ୍ରା. ବିଣ. ( ସ. ଆତ୍ମକାର୍ଯ୍ୟ )—ସ୍ୱାର୍ଥାନ୍ୱେଷୀ—
Āpkārji — Selfish
আপকাজী
आपकाजी

**ଆପ୍‌କୈୱାସ୍ତେ**—ବୈଦେ. ବି. ( ହିନ୍ଦି )—ଆପ୍‌ସ୍ୱାର୍ଥୀ; ଯେ ନିଜର
Āpkewāste ସ୍ୱାର୍ଥସିଦ୍ଧି ଆଶାରେ ବଡ଼ମଣିଷମାନଙ୍କ ପାଖରେ
আপকেবাস্তে ଖୋସାମଦ୍ କରନ୍ତି—Those who flatter
आपकेवास्ते high officers for their own ends.

**ଆପ୍‌ରୁଚି**—ଦେ. ଅ. ( ସ. ଆତ୍ମରୁଚି )—ନିଜର ରୁଚି ଅନୁସାରେ—
Āpruchi — According to one's taste.

ଆପ୍‌ରୁଚି ଖାଇବ, ପରରୁଚି ପିନ୍ଧିବ—ପ୍ରବଚନ ।

**ଆପ୍‌ରୁପି**—ପ୍ରାଦେ. ( ସମ୍ବଲପୁର ) ବିଣ—ଆତ୍ମମ୍ଭରି; ସ୍ୱାର୍ଥପର—
Āprūpi — Selfish.

**ଆପ୍‌ସୁଖୀ**—ଦେ. ବିଣ. ( ସଂ. ଆତ୍ମସୁଖୀ )—ସ୍ୱାର୍ଥପର; ଆତ୍ମମ୍ଭରି—
Āpsukhi — Selfish.

**ଆପ୍‌ସୋସ୍**—ବୈଦେ. ବି. ( ଅ )—ଅଫ୍‌ସୋସ୍ ( ଦେଖ )
Āpsos — Āphsosh ( See )

**ଆପ୍‌ସ୍ୱାର୍ଥ**—ଦେ. ବିଣ—ଆପ୍‌ସ୍ୱାର୍ଥୀ ( ଦେଖ )
Āpswārtha — Āpswārthi ( See )
আত্মস্বার্থ ଦେ. ବି—ନିଜର ସ୍ୱାର୍ଥ—One's self interest.
आत्मस्वा

**ଆପ୍‌ସ୍ୱାର୍ଥୀ**—ଗ୍ରା. ବିଣ. ( ସଂ. ଆତ୍ମସ୍ୱାର୍ଥୀ )—ଆତ୍ମମ୍ଭରି; ସ୍ୱାର୍ଥପର—
Āpswārthi — Selfish; self-interested.

**ଆପ**—ସଂ. ବି—୧ । (ଆପ୍ + କର୍ମ. ଅସ୍ = ଆପସ୍ )—ଜଳ—
Āpa — 1. Water.
୨ । ( ଆପ = ଜଳ + ସମୂହାର୍ଥରେ. ଅ )—ଜଳରାଶି—
2. Mass of water.
ଗ୍ରା. ସର୍ବନାମ. ( ସଂ. ଆତ୍ମନ୍ )—୧ । ସ୍ୱୟଂ; ନିଜେ—
1. One's self.

ବହୁ ସ୍ୱରୂପ କନ୍ଦର୍ପ ବଶୀକରଣକୁ ଆପ
ବସାଇ ରୂପରେ ଉନ୍ମାଦ ମୋହନ
ସ୍ନେହ ମିଳିଲେ ସମୀପ । ଭଞ୍ଜ. ବୈଦେହୀଶବିଳାସ ।

୨ । ଆପଣ—2. You.

ରାଜା ଦଣ୍ଡ ହେବ କରି କୋପ
ଏଥକୁ ଚିନ୍ତା ନ କର ଆପ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆପଃ**—ସଂ. ବି. ( ଆପ୍ ଧାତୁ = ପାଇବା + ଅସ୍ )—
Āpaḥ ୧ । ଜଳ—1. Water
୨ । ଜଳରାଶି—2. Mass of water.

**ଅପକ୍ୱ**—ସଂ. ବିଣ. ( ଅ = ଈଷତ୍ + ପକ୍ୱ = ପାଚିଲା ବା ପାକ କରାଯାଇ
Āpakwa ଥିବା )—୧ । ଦରପାଚିଲା; ଅର୍ଦ୍ଧପକ୍ୱ—
1. Half-ripe.
୨ । ସମ୍ପୂର୍ଣ୍ଣରୂପେ ସିଝି ନ ଥିବା—2. Half-boiled.
ସଂ. ବି—ପୁଳିପିଠା—A sort of cake.

**ଆପଗା**—ସଂ. ବି. ସ୍ତ୍ରୀ. ( ଆପ = ଜଳରାଶି + ଗମ୍ ଧାତୁ = ଯିବା + କର୍ତ୍ତୃ.
Āpagā ଅ + ସ୍ତ୍ରୀ. ଆ)—୧ । ନଦୀ; ନଈ—1. River.
୨ । ସ୍ୱନାମଖ୍ୟାତ ନଦୀବିଶେଷ—
2. Name of a sacred river.

**ଆପଟ**—ଦେ. ବି—୧ । ଆବରଣ; ଘୋଡ଼ଣୀ—1. Cover; lid.
Āpaṭa ୨ । ଗଡ଼ଜାତରେ ସବାର ଆଦି ଭାରବାହକ; ସବାର-ବେହେରା; ଗଉଡ଼; ଯାନବାହକ ଜାତିବିଶେଷ—
2. A caste of palki-bearers.

ଶିବ ପାଲିକିଅ ଆପଟ, ନିତ୍ୟ ରଜାଙ୍କ ସଙ୍ଗେ ଭେଟ ।
ରୂପଙ୍ଗ. ପ୍ରେମପଞ୍ଚାମୃତ ।

୩ । କଡ଼ପଟ; କଡ଼ଭାଗ—3. One side.
୪ । ଅନ୍ତରାଳ—4. Seclusion.

ସଂଯମ ଆପଟେ ଏହିରୂପେ ରହି
ନିପଟ ରଙ୍କ ପରାୟେ । ଧ୍ରୁବ. ନାଥ. ଯଯାତି ।

୫ । ପରଦା—5. Partition; screen.
୬ । ଆଶ୍ରୟ ( ଗୋପୀନାଥ ନନ୍ଦ )—6. Shelter.
ଦେ. ବିଣ—ଲୁଚିବ; ଘୋଡ଼ାଇ ରଖାଯାଇଥିବା; ଆବୃତ—
Covered.

ଖଣେ ଯଉନେ କଲେହେଁ ଆପଟ
ନ ବାହିଯାଏ କି ଚମ୍ପକ ପୁଟ । କବିସୂର୍ଯ୍ୟ. କବିତା ।

ପ୍ରାଦେ. ବି—୧ । ( ଗଞ୍ଜାମ ) ଦକ୍ଷିଣାଞ୍ଚଳରେ ଓଡ଼ିଆ ନାମକ ଶୂଦ୍ରଜାତି—1.(Ganjam) A class of Śūdras.
୨ । ( ଗଡ଼ଜାତ ) ପାଣିଆପଟ; ଯେଉଁ ଚାକରମାନେ ରାଜାଙ୍କ ଉଆସକୁ ପାଣି ବୁହାନ୍ତି—
2. Water-carriers of a Rājā.

ଅନ୍ୟକୁଳେ ଜନ୍ମିଥିଲେ ଯେଉଁ ଜନ
ତୁମ୍ଭର ଆପଟ ହେବାକୁ ଭାଜନ । ରାଧାନାଥ. ଦରବାର ।

**ଆପଣ**—ସଂ. ବି. ( ଆ + ପଣ ଧାତୁ = ବାଣିଜ୍ୟ କରିବା + ଅଧିକରଣ.
Āpaṇa ଅ; ଯେଉଁ ସ୍ଥାନରେ ବାଣିଜ୍ୟ କରାଯାଏ )—
আপনি ୧ । ହାଟ; ବଜାର—1. Market.
आप ୨ । ଦୋକାନ—2. Shop.
ଦେ. ବି—୧ । ପାଠଶାଳା ବା ଚାଟଶାଳୀର ଶିକ୍ଷକ—
1. Teacher of a primary school.
୨ । ଆତ୍ମୀୟବ୍ୟକ୍ତି—2. One's own kinsmen.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ବ,ବ | ଝ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଚ | ଷ,ଶ | ଙ | ୍ୟ | ଛଅ | ଛ |
| ୬ | ଲ | ଜ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଂ | ଉଥ | ଓ | ନ୍ତ |

ଗୋଟ କାମ ଇଚ୍ଛାର କରିବାରୁ ରଣ
ଜଣାଗଲା ରାଜନ ଯେ ପର ଅପଣ । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ଦେ. ସର୍ବନାମ. ( ସଂ. ଆତ୍ମନ୍ )—୧ । ଦ୍ୱିତୀୟ ପୁରୁଷ ମାନ୍ୟାର୍ଥ ଏକବଚନ 'ତୁମ୍ଭେ' ପରିବର୍ତ୍ତରେ ବ୍ୟବହୃତ ପଦ (ଏଥିରେ ସାଧାରଣତଃ ତୃତୀୟ ପୁରୁଷର କ୍ରିୟା ପ୍ରଯୁକ୍ତ ହୁଏ)—
1. You (applied in addressing superiors.)

ସେହୁ ଦ୍ରୁତ ତଟରେ ବସିଣ ଅପଣ
ପିତୃଦେବଙ୍କର ଯେ କହୁଲେ ତର୍ପଣ—କୃଷ୍ଣସିଂହ, ମହାଭାରତ, ବନ ।

୨ । ସେ ମହାଶୟ—2. He (in respect)

ବଇଶମ୍ପାୟନ ବୋଇଲେ ଅରିନ୍ଦମ
ଗୁରୁଙ୍କ ଘରେ ରହି ବସିଲେ ଅପଣ—କୃଷ୍ଣସିଂହ, ମହାଭାରତ, ଶଲ୍ୟ ।

୩ । ଆପେ; ସ୍ୱୟଂ; ନିଜେ—3. Self; one's self.

ଗ୍ରାଦେ. (ମେଦିନୀପୁର) ବିଣ —ଆପଣାର—Of one's own.

**ଅପଣା**—ଗ୍ରା. ବିଣ.—ସ୍ୱୟଂ; ନିଜେ—Self.
Āpaṇā (ଯଥା—ଖାଇ ଦିଇ ସେ ଅପଣା ମହାସୁଖରେ ଶୋଇଛି ।)
ଆପনা ଦେ. ବିଣ.—ନିଜର; ଆପଣାର—Of one's own.
**আপন ;আপনা** ଅପଣା କଲା କର୍ମମାନ, ଅଗେ ହୁଅନ୍ତୁ ସାବଧାନ—ପ୍ରବଚନ ।

**ଅପଣାକିଆ**—ଦେ. ବିଣ. (ସଂ. ଆତ୍ମକୃତ)—ସ୍ୱକୃତ; ନିଜେ କରିଥିବା—
Āpaṇākiā Done by one's self.

ଯାହା ଅପଣାକିଆ, ତାହାଂକ ଉଲଟ୍ କିଆ—ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ଅପଣା ମୁଣ୍ଡ ଖାଇବା**—ଦେ. କ୍ରି.—ଅପଣାର ବା ନିଜର ସର୍ବନାଶ
Āpaṇā muṇḍa khāibā କରିବା—To bring about one's own ruin.

ଭୁଣ୍ଡଷ ସଜାଡ଼ି ଅପଣା ମୁଣ୍ଡ, ହେ ଭାଇମାନେ
ଆପେ ଅପେ ଖାଇଦେଲ, ହେ ଭାଇମାନେ । ଲୋକାଚରଣ ।

**ଅପଣିକ**—ସଂ. ବିଣ. ( ଆପଣ=ଦୋକାନ; ବାଟ+ବ୍ୟବସାୟାର୍ଥେ,
Āpaṇika ଇକ)—ଦୋକାନୀ; ବାଣିଜ୍ୟକାରୀ; ପଣ୍ୟବିକ୍ରେତା; ପଣ୍ୟଜୀବୀ—Shop-keeper.

**ଅପଣେ**—ଦେ. ସର୍ବନାମ. ( ସଂ. ଆତ୍ମନ୍; 'ଅପଣ' ଶବ୍ଦର ମାନ୍ୟାର୍ଥ
Āpaṇe ବହୁବଚନ )—୧ । ସ୍ୱୟଂ ; ନିଜେ—
আপনি 1. Self; one's self.
আপ

ସେ କି ନ ପାରେ ଅଙ୍ଗ କରି
ଅପଣେ କହୁଁ ଅବତରି—ଉପେନ୍ଦ୍ର, ପ୍ରେମସୁଧାମୃତ ।

୨ । ( ଦ୍ୱିତୀୟ ପୁରୁଷ; ମାନ୍ୟାର୍ଥେ )—ଅପଣ—2. You.

ତାହା ଦେଖି ଗାଳ ବଜାଇ ବୃଦ୍ଧୀ ଜଣେ ।
ଅଚ୍ଛନ୍ତ ତାଙ୍କୁ ଦେଖି ଅଛିବ ଅପଣେ—କୃଷ୍ଣସିଂହ, ମହାଭାରତ, ଅନୁ ।

୩ । ବାଲ୍ୟକାଳର ଶିକ୍ଷାଗୁରୁ; ଅବଧାନ—
3. Teacher of a Primary School.

୪ । ( ତୃତୀୟ ପୁରୁଷ, ମାନ୍ୟାର୍ଥ )—ସେ ମହାଶୟ—( ସମ୍ମାନନୀୟ ) ବ୍ୟକ୍ତି—
4. He (in respect)

କ ଉପରେ ଯମ ଅପଣେ ହେଲେ ଭୋଗୀ—କୃଷ୍ଣସିଂହ, ମହାଭାରତ, ବନ ।

[ ଦ୍ର—ମାନ୍ୟ ବ୍ୟକ୍ତିଙ୍କ ଉପାଧିନାମ ପରେ ମାନ୍ୟାର୍ଥରେ 'ଅପଣେ' ଶବ୍ଦ ଲାଗେ । ଯଥା—ଦାସେ ଅପଣେ; ରଥେ ଅପଣେ ଇତ୍ୟାଦି । ]

ଦେ. ସମ୍ବୋଧନ—ହେ ମହାଶୟ—Oh Sir !

**ଅପଣେଅପଣେ**—ଦେ. ଅ —ସ୍ୱୟଂ ସ୍ୱୟଂ; ଅପେଅପେ—
Āpaṇe āpaṇe Of one's own accord.
আপনাআপনি
आपसे

**ଅପତ୍**—ଦେ. ବି. (ସଂ. ଅପଦ୍)—ଅପଦ୍ (ଦେଖ)
Āpat Āpad (See)

**ଅପତ୍କାଳ**—ସଂ. ବି. ( ୬ଷ୍ଠୀ ତତ୍; ଅପଦ୍+କାଳ; ସନ୍ଧି ଯୋଗୁଁ
Āpatkāla ଦସ୍ଥାନରେ ତ )—୧ । ବିପଦ ଘଟିବା ବେଳ—
1. Time of danger.
୨ । ଅଶଙ୍କବେଳ—2. Critical time.
୩ । ଅସମୟ; ଦୁଃସମୟ—3. Time of distress; time of calamity.

**ଅପତ୍ପାତ**—ସଂ. ବି (୬ଷ୍ଠୀ ତତ୍;ଅପଦ୍+ପାତ)—ବିପଦ ଘଟିବା; ବିପଦ
Āpatpata ପଡ଼ିବା—The happening of calamity.

**ଅପତ**—ଦେ. ବି. (ସଂ ଅପଦ୍)—ଅପଦ୍ (ଦେଖ)
Āpata Āpad (See)

**ଅପତନ**—ସଂ. ବି ( ଆ=ହଠାତ୍+ପତନ=ପଡ଼ିବା )—
Āpatana ୧ । ଆଗମନ; ଆସିବା—1. Coming.
୨ । ଉପରୁ ପଡ଼ିବା—2. Falling from above.
୩ । ବିପଦ—3. Calamity; danger.
୪ । ଆକସ୍ମିକ ବିପଦ—4. Accident.
୫ । ଅବରୋହଣ—5. Descent
୬ । ଘଟାଇବା—6. Causing to happen.

**ଅପତି**—ଗ୍ରା. ବି. (ସଂ. ଅପତ୍ତି)—୧ । ଅପତ୍ତି—1. Objection.
Āpati ୨ । ଗୁହାରି; ଫେରାଦ—2. Complaint.

**ଅପତିକ**—ସଂ. ବିଣ. ( ଆ+ପତ୍ ଧାତୁ=ପଡ଼ିବା+ଭାବ. ଇକ)—
Āpatika ୧ । ହଠାତ୍ ଘଟିବା—1. Happening suddenly.
୨ । ଅଦୃଷ୍ଟିତ—2. Accidental.
୩ । ଦୈବୀ—3. Providential.
ସଂ. ବି—ଶ୍ୟେନପକ୍ଷୀ; ଛଞ୍ଚାଣ—Hawk.

**ଅପତିତ**—ସଂ ବିଣ. ( ଆ+ପତ ଧାତୁ+କର୍ତ୍ତୃ. ତ )—
Āpatita ୧ । ଉପସ୍ଥିତ; ଆଗତ—1. Arrived.
୨ । ହଠାତ୍ ଘଟିତ—2. Happening suddenly.
୩ । ଅବତୀର୍ଣ୍ଣ;ଅବରୂଢ଼—3. Alighted; descended.

**ଅପତ୍ତି**—ସଂ. ବି. ସ୍ତ୍ରୀ ( ଆ+ପଦ ଧାତୁ=ଯିବା; ଦୁଃଖିତ ହେବା+
Āpatti ଭାବ.ତି )—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'ଯୁଥ' ନ ମିଳିଲେ 'ଯୂଥ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧ । ବିପତ୍ତି; ବିପଦ; ବ୍ୟସନ—1. Calamity; mishap.

୨ । ପ୍ରାପ୍ତି—2. Receipt.

୩ । ତର୍କ; ବିପକ୍ଷଯୁକ୍ତି ପ୍ରଦର୍ଶନ; ବାଦାନୁବାଦ— 3. Remonostrance.

୪ । ଦୋଷ—4. Fault; defect.

୫ । ବାଧା ଦେବା; ବାଧାଦାନ—5. Obstruction.

୬ । ତିରସ୍କାର; ଭର୍ତ୍ସନା—6. Reprimand.

୭ । ଅସମ୍ମତି— 7. Disagreement.

୮ । ଗୁହାରି—8. Complaint.

**ଆପଦ୍**— ସଂ. ବି. ( ଆ=ହଠାତ୍+ପଦ୍ ଧାତୁ=ଦୁଃଖିତ ହେବା+କ୍ୱିପ୍)
Āpad ୧ । ବିପଦ—1. Calamity; danger.

୨ । ଦୁଃଖ—2. Distress; misery.

୩ । ଆକସ୍ମିକ ଦୁର୍ଘଟନା—3. Accident; mishap.

୪ । ଦୁର୍ଭାଗ୍ୟ—4. Misfortune.

**ଆପଦ**—ଦେ. ବି. ( ସଂ. ଆପଦ୍ )—ଆପଦ୍ (ଦେଖ)
Āpada Āpad (See)

କୋଲ୍ହେ ବୋଇଲେ ମୁଁ ତୋର ଆପଦ ଖେଳିଲି
ସାରଳାମହାଭାରତ. ବନ ।

**ଆପଦର୍ପ**— ପ୍ରାଦେ. ( କଟକ ) ବି.—୧ । ଆଶ୍ୱାସନା—
Āpadarpa 1. Consolation.

୨ । ଆଦର. ହେପାଜତ—2. Care.

**ଆପଦ୍ଧର୍ମ** — ସଂ. ବି. (ଆପଦ୍=ବିପଦ+ଧର୍ମ=କରଣୀୟ କାର୍ଯ୍ୟ)—
Āpaddharma ଅସମୟରେ ବା ବିପଦ ସମୟରେ ଯେଉଁ କାର୍ଯ୍ୟ କରିବାକୁ ହୁଏ, ସାଧାରଣ ସମୟରେ ଅକରଣୀୟ ହେଲେ ମଧ୍ୟ ଆପଦକାଳରେ କରାଯାଇ ପାରିବ ବୋଲି ଶାସ୍ତ୍ରରେ ଅନୁମତି କରାଯାଇଥିବା କାର୍ଯ୍ୟ —
A practice though prohibited by scriptures for a particular person in ordinary times, yet permissible in law in times of distress.

[ଦ୍ର—ଆଧୁନିକ ସଭ୍ୟତା ଓ ସମାଜର ପରିସ୍ଥିତି ଓ ଶିକ୍ଷା ଦୃଷ୍ଟିରେ ଆପଦ୍‌କାଳରେ କି କି କାର୍ଯ୍ୟ କରାଯିବା ଉଚିତ, ଏ ସମ୍ବନ୍ଧରେ ଯୁକ୍ତି ଓ ସ୍ମୃତି ବାକ୍ୟମାନ ଉଦ୍ଧାର କରି ବହୁ ପରିଶ୍ରମ ସହକାରେ ପୁରୀର ସ୍ୱର୍ଗୀୟ ମହାମହୋପାଧ୍ୟାୟ ଶ୍ରୀସଦାଶିବ ମିଶ୍ର. କାବ୍ୟକଣ୍ଠ (ମନ୍ତ୍ରୋପଦେଶକ) ସଂସ୍କୃତଭାଷାରେ ଓ ନାଗରାକ୍ଷରରେ 'କଲ୍ୟାପଦ୍ଧର୍ମ ସର୍ବସ୍ୱ'ନାମକ ଖଣ୍ଡିଏ ସମୟୋପଯୋଗୀ ଗ୍ରନ୍ଥ ପ୍ରଣୟନ କରିଥିଲେ । ]

**ଆପନ୍ନ**—ସଂ. ବିଣ. ( ଆ+ପଦ ଧାତୁ=ପ୍ରାପ୍ତହେବା+କର୍ତ୍ତୃ. ତ )—
Āpanna ୧ । ଆପଦଗ୍ରସ୍ତ; ବିପନ୍ନ—1. Involved in danger.

୨ । (+କର୍ମ. ତ)—ଲବ୍ଧ; ଅଧିଗତ—2. Obtained; attained.

୩ । ପୁନଃ ପ୍ରାପ୍ତ—3. Got again.

**ଆପନ୍ନସତ୍ତ୍ୱା**—ସଂ. ବିଣ. ସ୍ତ୍ରୀ (ଆପନ୍ନ=ପ୍ରାପ୍ତ+ସତ୍ତ୍ୱ=ପ୍ରାଣୀ+ସ୍ତ୍ରୀ. ଆ;
Āpannasatwā ଗର୍ଭରେ ଯେ ପ୍ରାଣୀ ପ୍ରାପ୍ତ ହୋଇଅଛି)— ଗର୍ଭିଣୀ; ଗର୍ଭବତୀ; ଅନ୍ତଃସତ୍ତ୍ୱା—Pregnant; with child.

ସଂ. ବି. ସ୍ତ୍ରୀ — ଗର୍ଭବତୀ ନାରୀ – Pregnant woman.

**ଆପରାହ୍ଣିକ**— ସଂ. ବିଣ ( ଅପରାହ୍ଣ=ଉପର ଓଳ+ସମ୍ବନ୍ଧ. ଇକ )—
Āparāhnika ୧ । ଅପରାହ୍ଣରେ କର୍ତ୍ତବ୍ୟ—
(ଆପରାହ୍ଣିକୀ—ସ୍ତ୍ରୀ) 1. Fit to be done in the afternoon.

୨ । ଅପରାହ୍ଣରେ ଘଟିବା—2. Taking place in the afternoon.

**ଆପସୁଖ**—ଗ୍ରା. ବି. ( ସଂ. ଆତ୍ମସୁଖ )—ଆପଣାର ଇଚ୍ଛା—
Āpasukha One's own wish.

ଆପ ସୁଖେ ଚୋପ କରେ ଅପେ ହୁଏ ଶାନ୍ତ । ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

**ଆପସ୍ତମ୍ଭ**—ସଂ. ବି. ( ଆପ+ସ୍ତମ୍ଭ )—ବଡ଼ ବଡ଼ ଜଳାଶୟରୁ ସ୍ତମ୍ଭା-
Āpastambha କାରରେ ଆକାଶକୁ ଜଳ ଉଠିବାର ନୈସର୍ଗିକ ଘଟଣା—Water-sprout, a natural phenomenon.

**ଆପାତ**—ସଂ. ବି. ( ଆ+ପତ ଧାତୁ=ପଡ଼ିବା; ଘଟିବା+ଭାବ. ଅ )—
Āpāta ୧ । ପତନ—1. Falling.

୨ । ଆଗମନ—2. Arrival.

୩ । ଘଟନା—3. Happening.

୪ । ଉପସ୍ଥିତି—4. Presence.

୫ । ଗତକାଳ—5. Passing moment.

୬ । ପ୍ରଥମ ସମୟ—6 First moment.

୭ । ଆରମ୍ଭ—7 Beginning.

୮ । ବର୍ତ୍ତମାନ ସମୟ—8. Present time.

**ଆପାତତଃ**—ସଂ. ଅ. ( ଆପାତ=ବର୍ତ୍ତମାନ ସମୟ+୫ମୀ ଓ ୭ମୀ ଅର୍ଥରେ. ତସ୍)—
Āpātataḥ

୧ । ସମ୍ପ୍ରତି; ବର୍ତ୍ତମାନ; ବର୍ତ୍ତମାନସମୟ ନିମନ୍ତେ— 1. Now; for the time being.

୨ । ପ୍ରଥମତଃ—2. Firstly.

୩ । ବିନା କାରଣରେ—3. Without any cause.

୪ । ନିତାନ୍ତ ପକ୍ଷରେ; ଅନ୍ତତଃ—4. At least

୫ । ତତ୍‌କ୍ଷଣାତ୍—5. At once; immediately.

**ଆପାତମଧୁର**—ସଂ. ବିଣ ( ଆପାତ+ମଧୁର )—୧ । ଯାହା ବର୍ତ୍ତମାନ
Āpātamadhura ସୁଖକର ବା ସୁଖପ୍ରଦ (କିନ୍ତୁ ପଛକୁ ଭଲ କି ମନ୍ଦ ଜଣା ନାହିଁ)—1. Agreeable at first sight; plausible.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ୍ର,ଷ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ଋୂ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ● | କୃ |

୨ । କ୍ଷଣିକ ସୁଖପ୍ରଦ—2. Pleasant for the moment.

ଆପାଦ—ସଂ. ଅ (ଅବ୍ୟୟୀଭାବ; ଆ+ପାଦ)— ପାଦଠାରୁ ଆରମ୍ଭ କରି—
Āpāda Beginning from the foot.

ଆପାଦମସ୍ତକ—ସଂ. ଅ. (ଅବ୍ୟୟୀଭାବ; ଆ=ପର୍ଯ୍ୟନ୍ତ+ପାଦ=ଗୋଡ଼ + ମସ୍ତକ=ମୁଣ୍ଡ )—From head to foot; all over the body.
Āpādamastaka

ଆପାଦିତ—ସଂ. ବଣ. (ଆ+ପଦ ଧାତୁ ଣିଚ୍ ପାଦି ଧାତୁ= ଗମନ କରିବା + କର୍ମ. ତ )—ସମ୍ପାଦିତ; ଅନୁଷ୍ଠିତ—
Āpādita Accomplished; performed.

ଆପାଦିବା—ଦେ. ପଦ୍ୟ. କ୍ରି.—୧ । ଆଶ୍ୱାସନା କରିବା; ଅନ୍ୟର ମନକୁ ବୋଧ ବା ସ୍ଥିର କରାଇବା—
Āpādibā
1. To console; to soothe another's mind.
ଆପାଦି କହନ୍ତି କୃଷ୍ଣ ଧଇର୍ଯ୍ୟ ହେବାରେ
ଆରମ୍ଭିଲେ ଚେଷ୍ଟା ତୁମ୍ଭ ମନ ଜାଣିବାରେ—ଅଭିମନ୍ୟୁ ବଧ କୁନ୍ତଳ ମଣି ।
୨ । ସମ୍ପାଦିବା—2. To provide for; to store up.
ପଇପଇଁ ଘାତ କରି ଯେଉଁ ସଙ୍ଗ ଆପାଦନ୍ତି ପରିବାଦ ତୋ—କବିସୂର୍ଯ୍ୟ. ସର୍ଗ ୨ ।

ଆପାନ—ସଂ. ବି. ( ଆ+ପା ଧାତୁ=ପିଇବା+ଅଧିକରଣ. ଅନ; ଯେଉଁଠାରେ ବା ଯେ ଦ୍ୱାରା ମଦ୍ୟ ପାନ କରାଯାଏ )—
Āpāna
୧ । ମଦ୍ୟପାନର ପାତ୍ର; ସୁରାପାତ୍ର—1. Wine-glass
୨ । ପାନଭୂମି; ମଦ୍ୟପାନର ସ୍ଥାନ; ମଦଭାଟି—
2. Tavern; grog shop
୩ । ମଦ୍ୟପାନଗୋଷ୍ଠୀ—3. A company of drinkers.

ଆପାମର—ସଂ. ବଣ. (ଆ=ପର୍ଯ୍ୟନ୍ତ+ପାମର=ଇତର ଲୋକ)—
Āpāmara ପାମର ପର୍ଯ୍ୟନ୍ତ; ଇତର ବ୍ୟକ୍ତିଙ୍କ ପର୍ଯ୍ୟନ୍ତ—
Upto the lowest class of people
( ଯଥା—ଆପାମରସାଧାରଣ ଏହି ମତ ଗ୍ରହଣ କରିଅଛନ୍ତି । )

ଆପାମରସାଧାରଣ—ସଂ. ବି. ( ଅବ୍ୟୟୀଭାବ; କର୍ମଧା; ଆପାମର+ସାଧାରଣ )—ନୀଚ ଠାରୁ ଉଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣ; ଶ୍ରେଷ୍ଠ ଠାରୁ ବଡ଼ ଲୋକ ପର୍ଯ୍ୟନ୍ତ ସମସ୍ତେ—The public down to the lowest; people of all classes from the highest to the lowest
Āpāmarasādhāraṇa

ଆପିଛା—ଗ୍ରା. ବି. (ସଂ. ଅପେକ୍ଷା)—୧ । ଅପେକ୍ଷା (ଗୋପୀନାଥ ନନ୍ଦ)—
Āpichhā 1. Waiting.
୨ । ଜଗିବସି ରହିବା (ଗୋପୀନାଥ ନନ୍ଦ)—
2. Lying in ambush.

ଆପିତି—ଗ୍ରା. ବି. (ସଂ. ଆପତ୍ତି)—ଆପତ୍ତି (ଦେଖ)
Āpiti Apatti (See)

ଆପିଲ୍ (ଇତ୍ୟାଦି)—ଅପିଲ୍ ଇତ୍ୟାଦି (ଦେଖ)
Āpil etc Apil etc (See)

ଆପିସ୍—ବୈଦେ. ବି. ( ଇଂ—ଅଫିସ୍ )—କାର୍ଯ୍ୟାଳୟ—
Āpis Office.
আপিস্
अफिस्

ଆପିସି—ବୈଦେ. ବି. (ଇଂ)—ଆପିସ୍ (ଦେଖ)
Āpisi Āpis (See)

ଆପୀଡ଼—ସଂ. ବି. ( ଆ+ପୀଡ଼୍ ଧାତୁ=ପୀଡ଼ା ଦେବା+କରଣ. ଅ; ଯାହା ଦ୍ୱାରା ମସ୍ତକ ପୀଡ଼ିତ ହୁଏ)—
Āpīṛa
୧ । ଶିରୋଭୂଷଣ; କିରୀଟ—1. Crown
୨ । ଶିଖାସ୍ଥିତ ମାଲ୍ୟ ବା ମାଳା—
2. Garlands for the head
୩ । ପୀଡ଼ାଦାନ; ଚିପିବା—3. Pressure; squeesing.
୪ । ବିଶେଷ ପୀଡ଼ା—4. Oppression.
୫ । ଦୃଢ଼ବନ୍ଧନ—5. Binding tightly
୬ । ଗୃହର ବାହାରକୁ ବାହାରିଥିବା କାଷ୍ଠ—
6 A log bulging out of the thatch or wall of a house.

ଆପୀଡ଼ନ—ସଂ. ବି. ( ଆ=ସମ୍ୟକ୍+ପୀଡ଼ାଦାନ )—
Āpīṛana ୧ । ଅତ୍ୟାଚାର—1 Oppression.
୨ । ଚିପିବା—2. Squeezing.
୩ । ଗାଢ଼ାଲିଙ୍ଗନ—3. Tight embrace.
୪ । ଦୃଢ଼ ବନ୍ଧନ—4. Tight bond
୫ । ସମ୍ପେଷଣ—5. Bruising.

ଆପୀଡ଼ିତ—ସଂ. ବଣ ( ଆ=ସମ୍ୟକ୍+ପୀଡ଼ ଧାତୁ+କର୍ମ. ତ )—
Āpīṛita ୧ । ଚୁପି ହୋଇଥିବା; ଦୃଢ଼ପିଷ୍ଟ—
1. Compressed; squeezed, pressed.
୨ । ଦୃଢ଼ବଦ୍ଧ—2. Tightly bound
୩ । ବେଦନାପ୍ରାପ୍ତ—3 Ailing; afflicted.
୪ । ଗାଢ଼ାଲିଙ୍ଗିତ—4. Hugged.
୫ । ଅତ୍ୟାଚାରିତ—5. Oppressed.

ଆପୀନ—ସଂ. ବି. ( ଆ=ସମ୍ୟକ୍+ପ୍ୟାୟ୍ ଧାତୁ=ବୃଦ୍ଧିପାଇବା+କର୍ତ୍ତୃ. ତ )—
Āpīna
୧ । ଗବାଦିର ସ୍ତନ; ଗୋରୁର ପହ୍ନା; ଉଧଃ—
1. Udder; large breast of a beast.
୨ । (ଆ+ପୀ ଧାତୁ+ଅଧିକରଣ. ନ)—କୂପ 2. Well.
ସଂ. ବଣ. (ଆ=ଈଷତ୍; ସମ୍ୟକ୍+ପୀନ=ସ୍ଥୂଳ)—
୧ । ଈଷତ୍ ସ୍ଥୂଳ; ସାମାନ୍ୟରେ ମୋଟା; ମୋଟାଆଁଶିଆ—
1. Slightly fat; somewhat full.
୨ । ସମ୍ୟକ୍ ସ୍ଥୂଳ; ମୋଟାସୋଟା—
1. Very fat; well-developed.

ସାଧାରଣ ଲେଖେ ଅପର ସ୍ଥାନରେ ଏଠାର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କ ସ୍ୱତନ୍ତ୍ର ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଗରେ ଲେଖା ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

**ଆପୁ**—ଦେ. ବି. ( ସଂ. ଅଫୂକ )—ଅଫିମ—
Āpu Opium.
অফি; অফিম ନଷ୍ଟ ଖୋପାଳର ଗଣ୍ଡାଇ ଅପୁ
आफू ଧନେ ନୋହିଲେ ଯେ ନ ଚଳେ ଅପୁ—ହାସ୍ୟତରଙ୍ଗ ।

**ଆପୁଆ**—ଦେ. ବିଣ.—ଯେ ଅଫିମ ଅଭ୍ୟାସ କରିଥାଏ; ଅଫିମା; ଅଫିମୀ—
Āpuā An opium-eater.
অফিমখোর ଅପୁଆ ଲୋକର ଗଣ୍ଡେଇଏ ଭେଳ
अफिमची ଧୂଆଁ ପଡ଼ିଥିବା ଘରେ ନଡ଼ ଗୋଡ଼ । ପ୍ରବଚନ ।

**ଆପୁଆପୁ ହେବା**—ଦେ. କ୍ରି. (ଧ୍ୱନ୍ୟାତ୍ମକ)— ପାଟି ଶୁଖି ଯିବାରୁ କଥା
Āpuāpuhebā କହି ନ ପାରି ଓଠ ଦୁହିଁଙ୍କୁ ମେଲିବା ଓ ବୁଜିବା—To chatter without the power of uttering words clearly (owing to one's lips having become dry.)

**ଆପୁଖଟି**—ଦେ. ବି.—ଯେଉଁଠାରେ ଅପୁଖୋରମାନେ ଏକତ୍ର ହୋଇ
Āpukhaṭi ଅପୁ ସେବା କରନ୍ତି; ଅଫିମଖଟି—
অফিম খটী Opium-den.

**ଆପୁଖୋର**—ଦେ. ବିଣ.—ଯେ ବିଶେଷ ମାତ୍ରାରେ ଅଫିମ ଖାଏ; ଅଫିମା;
Āpukhor ଅପୁଆ—1. Addicted to opium.
୨ । ଯେ ଅଫିମ ନିଶା (ଅଫିମ ଗୁଳି, ଅରକ ଓ ଧୂଆଁ)ରେ ଅନୁରକ୍ତ—2. Addicted to smoking opium or taking opium tincture.

**ଆପୁଚି**—ପ୍ରାଦେ. (ଗଞ୍ଜାମ) ବି.—ତେନ୍ତୁଳମଞ୍ଜି—
Āpuchi The seed of tamarind.

**ଆପୁଧୂଆଁ**—ଦେ. ବି.—ମଦକ; ଅଫିମରେ ପୋଡ଼ା ବଳକଳ ପତ୍ର ମିଶାଇ
Āpudhuāṅ ଗୁଳି ତିଆରିରେ ନିଆଁ ଲଗାଇ ସେବନ କରିଯିବା
আফিম ধুআঁ ଧୂଆଁ—Smoke of opium taken as an intoxicant.
ଦେ. ବିଣ.—ଗୁଳିଖୋର—
ଖଜୁଆ, ମିଞ୍ଜୁଅ, ଅପୁଧୂଆଁ ଯେ ସାହସୀ । ଶ୍ରୀ ଗୁରୁଭକ୍ତି ଗୀତା ।

**ଆପୁମଞ୍ଜି**—ପ୍ରାଦେ. (ଗଞ୍ଜାମ) ବି. ପୋସ୍ତଦାନା (ଦେଖ)
Āpumañji Postadānā (See)

**ଆପୁଲି**—ଦେ. ବିଣ.—ଅପୁଖୋର (ଦେଖ)
Āpuli Āpukhor (See)

**ଆପୁସି**—ଦେ. କ୍ରି. ବିଣ—ଅନ୍ୟୋନ୍ୟରେ କଥା କରିବା ପ୍ରକାରରେ;
Āpusi ଅପେସି ଗୋପନ ଭାବରେ—Privately
আপোসি ବୈଦେ. ବି. (ଇଂ. Office) କାର୍ଯ୍ୟାଳୟ—Office.

**ଆପୂପ**—ସଂ ବି (ଅପୂପ=ପିଠା+ସ୍ୱାର୍ଥରେ. ଅ)—ପିଠା ପିଷ୍ଟକ—
Āpūpa Confectionary cake.

**ଆପୂପିକ**—ସଂ. ବିଣ. (ଅପୂପ=ପିଠା+ଇକ)—୧ । ପିଠା ତିଆରିକର
Āpūpika ଭଜି କରିବା (ବ୍ୟକ୍ତି)—Baker.
୨ । ପିଷ୍ଟକବ୍ୟବସାୟୀ—2. Confectioner; dealer in cake.
୩ । ପିଷ୍ଟକ ପ୍ରିୟ—3. Fond of cakes.
ସଂ. ବି—(+ସମୂହାର୍ଥେ.ଇକ) ପିଠାସବୁ—Collection of cakes.

**ଆପୂପ୍ୟ**—ସଂ. ବି. (ଅପୂପ୍ୟ=ପିଠା+ଯ; ଯହିଁରୁ ପିଠା ତିଆରି ହୁଏ)—
Āpūpya ୧ । ମଇଦା; ଅଟା; ଶସ୍ୟଚୂର୍ଣ୍ଣ; ଚୂନା—1. Flour of grain-powder (from which cakes are prepared).
୨ । ପିଠା ତିଆରି ହେବା ଉପକରଣ—2. Material of cakes.

**ଆପୂର୍ତ୍ତି**—ସଂ. ବି. (ଆ=ସମ୍ୟକ୍+ପୂର୍ତ୍ତି=ପୂରଣ)—ପୂର୍ଣ୍ଣତା;
Āpūrtti ପୂର୍ଣ୍ଣସନ୍ତୋଷ—Fullness; Satiety; Satisfaction; fulfilment.

**ଆପୃଚ୍ଛା**—ସଂ.ବି. (ଆ=ପରସ୍ପର+ପ୍ରଚ୍ଛ ଧାତୁ+ଭାବ.ଅ)-୧ । କଥାବାର୍ତ୍ତା;
Āpṛuchchhā କଥାଭାଷା; ଆଳାପ—1. Conversation; address; dialogue.
୨ । ଜିଜ୍ଞାସା—2. Questioning.
୩ । ଅଭ୍ୟାହ୍ୱାନ—3. Welcoming.

**ଆପେ**—ଦେ. ସର୍ବନାମ (ସଂ. ଆତ୍ମନ୍)—୧ । ସ୍ୱୟଂ; ନିଜେ—
Āpe 1. Self.
ଅପ୍ପରେ ଅମ୍ଭାକୁ ପେ ମିଳେ
ଅମ୍ଭାକୁ ଅପେ ହରେ ପାଳେ । ଜଗନ୍ନାଥ—ଭାଗବତ ।
୨ । ଆପଣ (ମାନ୍ୟାର୍ଥକ)—2. You (respectful).
ସ୍ତ୍ରୀହାର ଉଚିତରେ ସଭକ ଯେଉଁପେ
ପୂର୍ବ ହେଲ ତାହା କହିବା ହେଉ ଆପେ । କୃଷ୍ଣସିଂହ- ମହାଭାରତ- କର୍ଣ୍ଣ ।

**ଆପେଆପେ**—ଦେ. ସର୍ବନାମ ( ସଂ. ଆତ୍ମନ୍ )—ନିଜେ ନିଜେ—
Āpeāpe One's self.
আপনাআপনি ତୁମ୍ଭଙ୍କୁ ନିନ୍ଦା ସେ କରନ୍ତି ଅପେଆପେ ।
आपसेआप କୃଷ୍ଣସିଂହ- ମହାଭାରତ- ଉଦ୍ୟୋଗ ।
କ୍ରି. ବିଣ—୧ । ନିଜେନିଜେ—
1. Of one's own accord.
୨ । ମନକୁ; ସ୍ୱେଚ୍ଛାକ୍ରମେ—2 Of itself.
୩ । ଅନାହୂତ ଭାବରେ—
3 Uncalled for; unsolicited.

**ଆପେଇ**—ଦେ. ସର୍ବନାମ ( ସଂ. ଆତ୍ମନ୍ )—ଅପେଆପେ ( ଦେଖ )
Āpei Āpeāpe ( See )
নিজেই

**ଆପେକ୍ଷିକ**—ସଂ. ବିଣ. ( ଅପେକ୍ଷା=ତୁଳନା+ଇକ )—
Āpekshika ତୁଳନୀୟ; ତୁଳନାକୃତ—
Comparative; relativity.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ଋ,ଌ | ଃ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇପ୍ | ତ୍ଥ | ଢ |
| ୨ | ର | ଲ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତ |

**ଅପେକ୍ଷିକ ଗୁରୁତ୍ୱ**—ସଂ. ବି. ( ବିଜ୍ଞାନପରିଭାଷା )—ଜଳ ତୁଳନାରେ
Āpekshika gurutwa ସମପରିମାଣର ଅନ୍ୟ ପଦାର୍ଥର ଓଜନ ବା ଭାରର ପରିମାଣ—1 Specific gravity in comparison with an equal quantity of water ).

[ ଦ୍ର—ସମଆୟତନବିଶିଷ୍ଟ ଭିନ୍ନ ଭିନ୍ନ ଦ୍ରବ୍ୟର ଗୁରୁତ୍ୱର ଯେଉଁ ସମ୍ବନ୍ଧ ତାହାକୁ ଅପେକ୍ଷିକଗୁରୁତ୍ୱ କହନ୍ତି । ]

**ଆପେକ୍ଷିକତା**—ସଂ. ବି. ( ଅପେକ୍ଷିକ + ଭାବ. ତା )—
Āpekshikatā ଏକ ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁର ତୁଳନା କରିବା ଅବସ୍ଥା—Relativity.

**ଆପେତି**—ଗ୍ରା. (ଇତର) ବି. (ସଂ. ଅପତ୍ତି)—ଆପତ୍ତି (ଦେଖ)
Āpeti Āpatti (See)
আপত্য

**ଆପୋଦେବତା**—ସଂ. ବି. (ଅପଃ=ଜଳ+ଦେବତା=ଠାକୁର)—
Āpodebatā ୧ । ଜଳଦେବତା—1. The Water God.
୨ । ବରୁଣ—2. The god of water

**ଆପୋମାର୍ଜନ**—ସଂ. ବି. (ଅପଃ=ଜଳ+ମାର୍ଜନ)—
Āpomārjana ୧ । ଦେହରେ ପାଣି ଛିଞ୍ଚିବା—
1. Sprinkling the body with water.
୨ । ପାଣି ଦ୍ୱାରା ଦେହ ପୋଛାପୋଛି ହେବା—
2. Cleansing the body with water.

**ଆପୋସ୍**—ବୈଦେ. ବି. (ଆ)—
Āpos ୧ । ବିବାଦର ପକ୍ଷମାନଙ୍କ ମଧ୍ୟରେ ପରସ୍ପର ମିଳାମିଶା—
আপোস্ 1. Mutual settlement of dispute.
आपस् ୨ । ମକଦ୍ଦମା ବା ବିବାଦ ଅଦାଲତର ବିନାସାହାଯ୍ୟରେ ନିଷ୍ପତ୍ତି କରାଯିବା; ପଞ୍ଚାୟତ ଭଦ୍ରଲୋକଙ୍କ ଦ୍ୱାରା ବିବାଦର ମେଣ୍ଟନ—2. Amicable settlement of disputes by arbitrators.
ବିଣ—ପଞ୍ଚାୟତ ଦ୍ୱାରା ବା ଘରେଇ ଭାବରେ ନିଷ୍ପତ୍ତି ହେବା (ବିବାଦ)—Amicably settled (dispute).
କ୍ରି. ବିଣ—୧ । ପରସ୍ପର ମିଳା ମିଶା ହୋଇ—
1. Amicably.
୨ । ଅଦାଲତଙ୍କ ବିନାସାହାଯ୍ୟରେ—2. Without the intervention of court; out of court.

**ଆପୋସ**—ପ୍ରାଦେ. (ଗଡ଼ଜାତ) ବି—ଆପଣାର ଆତ୍ମୀୟ ଲୋକ—
Āposa One's intimate person or relative.

**ଆପୋଷି**—ବୈଦେ. ବି. (ଆ)—ଅପୋସ୍ ( ଦେଖ )
Āposi Āpos ( See )

**ଆପ୍ତ**—ସଂ. ବିଣ. ( ଆପ ଧାତୁ=ପାଇବା+କର୍ମ. ତ )—
Āpta ୧ । ପ୍ରାପ୍ତ; ଲବ୍ଧ—1. Obtained; attained.
୨ । ( +କର୍ତ୍ତୃ. ତ )—ବିଶ୍ୱସ୍ତ—
2. Reliable, authentic.
୩ । ଆତ୍ମୀୟ—3. Friendly; intimate.
୪ । ଯୁକ୍ତ; ସମ୍ବନ୍ଧ—4. Connected .
୫ । ହିତକର—5. Beneficial.
୬ । କୁଶଳ; ପାରଗ; ପଟୁ—6. Competent.
୭ । ଅଭ୍ରାନ୍ତ—7. Free from error.
୮ । ହିତୋପଦେଷ୍ଟା—8. Giving beneficial advice.
ସଂ.ବି—ଭ୍ରମପ୍ରମାଦଶୂନ୍ୟ ମୁନି, ପୂର୍ବପୁରୁଷ ଓ ମହାଜନମାନେ—
Sages and great men of lore supposed to be free from human errors.

**ଆପ୍ତବଚନ**—ସଂ.ବି.(ଆପ୍ତ=ମୁନି ପ୍ରଭୃତି+ବଚନ=ବାକ୍ୟ; କଥା)—
Āptabachana ୧ । ଋଷିବାକ୍ୟ; ମହାଜନମାନଙ୍କ ଦ୍ୱାରା ପ୍ରଚରିତ ଉପଦେଶ ବାକ୍ୟ—1. Revealations; statements handed down to posterity; traditions.
୨ । ହିତବାଦ—2. Beneficial truths.
୩ । ପ୍ରବଚନ—3. Proverbs; adage.

**ଆପ୍ତବାକ୍ୟ**—ସଂ. ବି. (ଆପ୍ତ+ବାକ୍ୟ)—ଆପ୍ତବଚନ ( ଦେଖ )
Āptabākya Āptabachana (See)

**ଆପ୍ତି**—ସଂ. ବି. (ଆପ୍ ଧାତୁ=ପାଇବା+ଭାବ. ତି)—
Āpti ୧ । ପ୍ରାପ୍ତି; ଲାଭ—1. Attainment; receipt
୨ । ଯୋଗ; ସଂଯୋଜନ; ସମ୍ବନ୍ଧ—2. Connection
୩ । ଯୋଗ୍ୟତା—3. Ability.
୪ । ବ୍ୟାପ୍ତି—4 Spreading; diffusing.
ଗ୍ରା. ବି. ( ସଂ. ଆପତ୍ତି )—୧ । ବିପତ୍ତି; ବିପଦ—
1 Calamity.
୨ । ବାଧା—2. Hinderance.
୩ । ଉପସ୍ଥିତ ଯୁକ୍ତି; ଖଣ୍ଡନ-ଯୁକ୍ତି—
3. Objection; refutation.

**ଆପ୍ପଡାଲୁ**—ପ୍ରାଦେ. ( ଗଞ୍ଜାମ ). ବି—ମାନ୍ଦ୍ରାଜୀମାନଙ୍କ ପାପଡ଼ ପରି
Āppadālu ଏକ ପ୍ରକାର ଚକୁଳି ପିଠା । ଲୁଣ, ମରିଚ, ମସଲା, ହିଙ୍ଗୁଚୂନାକୁ ପାଣିରେ ଦଳ ଚାଉଳ ପିଠା ପରି ଚକ୍ଟିକା କରି ଗଢ଼ି ଖରାରେ ଶୁଖାଇ ରଖାଯାଏ; ଖାଇବା ବେଳେ ନିଆଁରେ ସେକ ତେଲ ଦେଇ ଖାଆନ୍ତି—
A kind of thin cake made of corn-paste which is toasted and eaten.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଳ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

**ଅଫ୍ଫା କରିବା**—ଦେ.କ୍ରି— ଆଖିରେ ଗଣ୍ଡ ଅବ ପଡ଼ିଲେ କନା ବା ଲୁଗାକୁ
Āpphā kāribā ପୁଡ଼ା କରି ମୁହଁ ମେଲ୍ଲାଇ ସେ କନାଖଣ୍ଡା ଉପରେ ପାଟିର ପବନ ଦେଇ ତାକୁ ଆଖିରେ ମାଡ଼ିବା—
To press the cloth on the eye after making it into a small cushion and blowing air into it through the mouth.

**ଆପ୍ୟାନ**—ସଂ. ବିଣ. ( ଆ=ବିଶେଷ+ପ୍ୟାୟ୍ ଧାତୁ=ବୃଦ୍ଧି ପାଇବା+
Āpyāna କର୍ତ୍ତୃ. ତ )—
୧ । ବଳିଷ୍ଠ; ବଳୁଆ—1. Strong.
୨ । ସ୍ଥୂଳ; ମୋଟା—2. Flat; well-developed.
୩ । ସ୍ଫୀତ; ଫୁଲିଥିବା—3. Swollen.
ଗ୍ରା. ବି. ( ସଂ. ପାନ )—୧ । ପାନ; ପିଇବା—
1. Drinking.
କେ ଊର୍ଦ୍ଧ୍ୱ ବାହୁ ଟେକି ଶୂନ୍ୟେ
ରହିଲେ ପବନ ଆପ୍ୟାନେ । ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।
୨ । (ସଂ. ଆପ୍ୟାୟନ)—ତୃପ୍ତି—2. Satisfaction; satiety.
୩ । (ସଂ. ଆପ୍ୟାୟନ)—ପ୍ରୀଣନ—3. Act of giving satisfaction; pleasing.

**ଆପ୍ୟାୟନ**—ସଂ. ବି. ( ଆ+ପ୍ୟାୟ୍ ଧାତୁ=ବୃଦ୍ଧି ପାଇବା; ତୁଷ୍ଟ ହେବା
Āpyāyana +ଭାବ.ଅନ)—୧ । ପ୍ରୀଣନ—1. Pleasing.
୨ । ତୃପ୍ତି; ସନ୍ତୋଷ—2. Satisfaction.
୩ । ପୁଷ୍ଟି—3. Nourishment.
ଗ୍ରା. ବି. ( ସ. ପାନ )—ପାନ; ପିଇବା—Drinking.
ସେ ରୂପ ସୁଧା ଆପ୍ୟାୟନେ, ତୃପିତ ଲୋଚନେ ସଘନେ ।
କେବେହେଁ ନ ପାରଇ ଛାଡ଼ି, ଅନନ୍ତେ ସୁଧାର୍ଣ୍ଣବେ ବୁଡ଼ି ।
ଜଗନ୍ନାଥ. ଭାଗବତ. ୩ସ୍କ ।

**ଆପ୍ୟାୟିତ**—ସ. ବିଣ. ( ଆ=ସମ୍ୟକ୍+ପ୍ୟାୟ୍ ଧାତୁ=ବୃଦ୍ଧି ପାଇବା
Āpyāyita ତୁଷ୍ଟ ହେବା+କର୍ତ୍ତୃ. ତ )—୧ । ତୃପ୍ତ—
1. Gratified.
୨ । ସନ୍ତୁଷ୍ଟ—2. Satisfied.
୩ । ପ୍ରୀତ—3. Pleased.
୪ । ନିର୍ବାପିତ—4. Extinguished.
୫ । ସ୍ଫୀତ—5. Swollen.
୬ । ପୁଷ୍ଟ—6. Nourished.

**ଆପ୍ରଚ୍ଛନ**—ସଂ. ବି. ( ଆ=ସମ୍ୟକ୍+ପ୍ରଚ୍ଛ ଧାତୁ=ପଚାରିବା+ଭାବ.
Āprachchhana ଅନ )—୧ । ବନ୍ଧୁମାନଙ୍କ ମଧ୍ୟରେ ଭେଟ ବା ବିଦାୟକାଳୀନ ଆଲିଙ୍ଗନ—
1. Friendly embrace at the first meeting or parting.
୨ । ସ୍ୱାଗତ ପ୍ରଶ୍ନାଦିରେ ଆନନ୍ଦପ୍ରଦର୍ଶନ—
2. Rejoicing at the time of meeting a friend.

**ଆପ୍ରପଦ**—ସଂ. ଅ. ( ଆ=ପର୍ଯ୍ୟନ୍ତ+ପ୍ରପଦ=ପାଦାଗ୍ର )—
Āprapada ପାଦାଗ୍ର ପର୍ଯ୍ୟନ୍ତ; ଚରଣପ୍ରାନ୍ତ ପର୍ଯ୍ୟନ୍ତ—
Upto the toe.

**ଆପ୍ରପଦୀନ**—ସଂ. ବିଣ. (ଆ=ଅବଧି+ପ୍ରପଦ=ପାଦାଗ୍ର+ବ୍ୟାପକାର୍ଥେ.
Āprapadīna ଈନ)—( dress ) Flowing from the shoulders upto the toes.

**ଆପ୍ରେଣ୍ଟିସ୍**—ବୈଦେ. ବି. ( ଇଂ. ଆପ୍ରେଣ୍ଟିସ୍ )—
Āpreṇtis ନିପୁଣ ବ୍ୟକ୍ତିଙ୍କ ପାଖରେ ତାଲିମ ହେବାପାଇଁ
আপ্রেন্টিস্ ରହିଥିବା ଲୋକ; ଶିକ୍ଷାନବିସ୍—Apprentice.
अप्रेंटिस्

**ଆପ୍ଲବ**—ସଂ. ବି. ( ଆ+ପ୍ଲୁ ଧାତୁ=ଭାସିବା+ଭାବ. ଅ )—
Āpl̤aba ୧ । ଜଳରେ ସ୍ନାନ; ଅବଗାହନ—1. Bathing.
୨ । ପାଣିରେ ବୁଡ଼ିବା—2. Diving.
୩ । ପହଁରିବା; ସନ୍ତରଣ—3. Swimming.
୪ । ଜଳବୃଦ୍ଧି; ନଈ ଅବର ବୃଦ୍ଧି—
4. Flood; inundation.

**ଆପ୍ଲବନ**—ସଂ. ବି. ( ଆ+ପ୍ଲୁ ଧାତୁ=ଭାସିବା+ଭାବ. ଅନ )—
Āpl̤abana ଆପ୍ଲବ ( ଦେଖ )
Āpl̤aba ( See )

**ଆପ୍ଲାବିତ**—ସଂ. ବିଣ. ( ଆ=ସମ୍ୟକ୍+ପ୍ଲାବିତ )—
Āpl̤ābita ୧ । ଜଳରେ ପୂରିତ—
1. Flooded; filled with water.
୨ । ପାଣି ମାଡ଼ିଯାଇ ଥିବା—
2. Overspread with water; irrigated.

**ଆପ୍ଲୁତ**—ସଂ. ବିଣ. (ଆ=ସମ୍ୟକ୍; ଉପରୁ+ପ୍ଲୁତ=ଜଳସିକ୍ତ ବା ଆ+
Āpl̤uta ପ୍ଲୁ ଧାତୁ+କର୍ତ୍ତୃ. ତ )—
୧ । ପାଣି ମାଡ଼ିଯାଇ ଥିବା—1. Irrigated.
୨ । ଜଳ ପ୍ଲାବିତ—2. Flooded.
୩ । ଜଳସିକ୍ତ—3. Wetted; bathed.

**ଆଫ୍ସୋସ୍**—ବୈଦେ. ବି. ( ଆ. ଅଫ୍ସୋସ୍ )—ଅବ୍ସୁସ୍ ( ଦେଖ )
Āphsos Absus ( See )

**ଆଫତ୍**—ଗ୍ରା. ବି. ( ସଂ. ଆପଦ୍ )—ଆପଦ—
Āphat Danger; calamity.
আপদ
आफत्

**ଆଫତି**—ଗ୍ରା. ବି. ( ସଂ. ଆପତ୍ତି )—ଆପତ୍ତି ( ଦେଖ )
Āphati Āpatti ( See )
আপত্য

**ଆଫଳୋଦୟ**—ସଂ. ଅ (ଆ=ପର୍ଯ୍ୟନ୍ତ+ଫଳୋଦୟ=ଫଳଲାଭ)—
Āphal̤odaya ୧ । ଫଳଲାଭ ପର୍ଯ୍ୟନ୍ତ—
1. Till the attainment of one's end.
୨ । ସଫଳ ହେବା ଯାଏ—
2. Till rewarded with success.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ୍ଣ | ଜ | ଷ,ଶ | ଜ୍ଞ | ଇସ୍ | କ୍ଷ | ଊ |
| ୨ | ଈ | ଊ | ଋୂ | ଌୂ | ପ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଗଁ | ଇଅ | କ୍ଷ! | ନ୍ | |

ଅଫ୍ଫା କରିବା—ଦେ. କି—ଅପ୍ଫା କରିବା ( ଦେଖ )
Āphphā karibā Āpphā karibā ( See )

ଅଫିତି—ଗ୍ରା. ବି. ( ସଂ. ଆପତ୍ତି )—ଆପତ୍ତି ( ଦେଖ )
Āphiti Āpatti ( See )

ଆଫୀନ - ସଂ. ବି—ଅହିଫେନ; ଅଫିମ—Opium ( M. W. )
Āphīna

ଆଫୂକ—ସଂ. ବି—ଅହିଫେନ; ଅଫିମ—Opium ( M. W. ).
Āphūka

ଆବୁଅବ୍—ବୈଦେ. ବି. ( ଅ )—ଅବୁଅବ୍ ( ଦେଖ )
Ābuāb Abuāb ( See )

ଆବ୍କାରି ( ଇତ୍ୟାଦି )—ବୈଦେ. ବି. ( ଅ )—
Ābkāri ( ete ) ଅବକାରି ଇତ୍ୟାଦି ( ଦେଖ )
Abakāri etc ( See )

ଆବ୍ଡ଼ାଖାବ୍ଡ଼ା—ଦେ. ବିଣ—ବନ୍ଧୁର—
Ābrdākhābrdā Rough; uneven.
আবড়াখাবড়া
खुरखुरा

ଆବ୍ଦାର—ବୈଦେ. ବି. ( ପା )—୧ । ଜିଗର; ଜିଦ୍—
Ābdāra 1. Importunity.
আবদার ୨ । ଅଳି—2. Importune request.
आबदार ୩ । ପୁନଃପୁନଃ ପ୍ରାର୍ଥନା—
3. Repeated request.

ଆବ୍ଦାରି—ବୈଦେ ବି. ( ଅ )—ଆବ୍ଦାର ( ଦେଖ )
Ābdāri Ābdāra ( See )

ଆବ୍ରକ୍—ଦେ. ବି. ( ସଂ. ଅଭ୍ର )—ଅଭ୍ର; ମେଘକାଳ—
Ābrak Mica; talc.
অভ্রক
अबरक

ଆବ୍ରଖ୍—ଦେ. ବି. (ସଂ. ଅଭ୍ର )—ଆବ୍ରକ୍ ( ଦେଖ )
Ābrakh Ābrak ( See )

ଆବ୍ରାଆବ୍ରି—ଦେ. ବି—୧ । ପରସ୍ପର ପରସ୍ପରକୁ ଅବଲମ୍ବନ କରିବା—
Ābrāābri 1. Inter-dependence.
ঢাকাঢাকি ୨ । ଅନ୍ୟୋନ୍ୟ ସମ୍ବନ୍ଧ—
2. Mutual connection.
୩ । ପରସ୍ପର ସଙ୍ଗେ ମିଳନ—
3. Uniting with each other.
ଦେ. ବିଣ—୧ । ପରସ୍ପର ପରସ୍ପରକୁ ଅବଲମ୍ବନ କରୁଥିବା—
1. Depending upon each other; inter-dependent.
୨ । ଅନ୍ୟୋନ୍ୟ ସମ୍ବନ୍ଧ—2. Inter-connected.
୩ । ପରସ୍ପର ସଙ୍ଗେ ମିଳିତ—
3. Joined to or united with each other.

ଆବ୍ରାଜାବ୍ରା—ଗ୍ରା. ବିଣ—୧ । ଗୋଳମାଳିଆ—1. Confused.
Ābrājābrā ୨ । ଅପରିଷ୍କୃତ; ଅପରିଷ୍କୃତ— 2. Uncleansed.
এবড়োজেবড়ো ୩ । ଅବିନ୍ୟସ୍ତ—3. Not properly set.
गड़बड़ ୪ । ମଇଳା—4. Dirty.

ଆବ୍ସୋସ୍—ବୈଦେ. ବି ( ଅ )—ଅବ୍ସୁସ୍ ( ଦେଖ )
Ābsos Absus ( See )

ଆବହାଉଆ—ବୈଦେ. ବି ( ଅ )—ଅବ୍ହାଉଆ ( ଦେଖ )
Ābahāuā Abhāuā ( See )

ଆବଖୁରା—ବୈଦେ. ( ପା ) ବି—ଅବ୍ଖୁରା ( ଦେଖ )
Ābakhurā Abkhurā ( See )
ଭୋଜନ ବେଳେ ଥାଳି ପାଖରେ ଗୋପାଳ ଅବ୍ଖୁରାରେ ଜଳ ଥୋଇ
ନ ଦେଲେ ବାବୁଙ୍କୁ ଆଉ ଜଳ ଭଲ ଲାଗେ ନାହିଁ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଆବଦ୍ଧ—ସଂ. ବିଣ. ( ଆ = ସମ୍ୟକ୍ + ବନ୍ଧ୍ ଧାତୁ + କର୍ମ. ତ )—
Ābaddha ୧ । ବ୍ୟାପୃତ; ନିଯୁକ୍ତ—
1. Engaged; busy.
୨ । ବନ୍ଧାହେବା; ବଦ୍ଧ; ସଂଲଗ୍ନ—
2. Bound up; tied down.
୩ । ବିରଚିତ—3. Constructed.
କାଶ୍ମୀର ଗହ୍ୱରକାନ୍ତି ବପୁ ଅରୁଣାଗ୍ର ଭାନୁ ଆବଦ୍ଧରେଖ ଅଦ୍ଭୁତ
ରୂପ ମଣ୍ଡରେ—ପ୍ରାଚୀ. ଉପବାରିଧ ।
୪ । ଋଣନିମନ୍ତେ ମହାଜନ ନିକଟରେ ରକ୍ଷିତ; ବନ୍ଧା-
ଦିଆଯିବା—4. Pledged; mortgaged.
୫ । ରୁଦ୍ଧ—5. Confined.
୬ । ଗତିରୁଦ୍ଧ—6. Restrained.
୭ । ବଳଦଦ୍ୱାରା ଯୁଆଳିରେ ଯୋଗ୍ୟ ହେବା—7. Yoked.

ଆବନ୍ଧ—ସଂ. ବି. ( ଆ = ବିଶେଷ + ବନ୍ଧ ଧାତୁ = ବାନ୍ଧିବା + କରଣ. ଅ;
Ābandha ଯାହାଦ୍ୱାରା ଯୁଆଳି ସହିତ ଲଙ୍ଗଳ ବା ଧୁରୀ ବନ୍ଧନ
କରାଯାଏ)—୧ । ଯୋତ; ଲଙ୍ଗଳଦଉଡ଼ି—
1. A cord for tying the shaft of the plough to the yoke.
୨ । ଶଗଡ଼ର ଧୁରୀ ଉପରେ ବନ୍ଧାଯିବା ରଜ୍ଜୁ—2. A cord for tying the shat of a cart to the yoke.
୩ । ସମ୍ବନ୍ଧ—3. Connection.
୪ । ଦୃଢ଼ବନ୍ଧନ—4. Strong tie.
୫ । ପ୍ରେମ; ପ୍ରଣୟ—5. Attachment; affection.

ଆବପ—ସଂ. ବି. ( ଆ + ବପ୍ ଧାତୁ = ବୁଣିବା; କ୍ଷୌର ହେବା +
Ābapa ଅଧିକରଣ. ଅ )—
୧ । ଧାନ୍ୟସ୍ଥାପକ ପାତ୍ର—
1. Receptacle for storing paddy.
୨ । ଭାଣ୍ଡ; ପାତ୍ର—2. Receptacle.
୩ । ( + ଭାବ. ଅ ) କ୍ଷୌରକର୍ମ; କେଶାଦି ମୁଣ୍ଡନ—
3. Shaving.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବହୁ' ଦେଖିବେ; 'ଅଙ୍କିା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

୪ । ବୀଜ ବପନ; ବୁଣା—4. Sowing.

**ଆବପନ**—ସଂ. ବି. ( ଆ+ବପ୍ ଧାତୁ=ବୁଣିବା; କ୍ଷୌର କରିବା+ **Ābapana** ଅଧିକରଣେ. ଅନ )—ଆବପ ( ଦେଖ ) Ābapa ( See )

**ଆବର**—ଦେ. ପଦ୍ୟ. ଅ. ( ସଂ. ଅପର )—୧ । ପୁଣି—1 Also
**Ābara** ଆବର ସମ୍ଭବ ଯେ ଜନ୍ମିଗଲା ତାହ,
ହିଡମ୍ବ ବକ ବୁଲ ଅସୁରନନ୍ଦନ—କୃଷ୍ଣସିଂହ. ମହାଭାରତ ଆଦି ।
୨ । ଏବଂ; ଆଉ—2 And.
ଦେ. ସର୍ବନାମ—ଅପର; ଅନ୍ୟ—Another; other.
ବୈଦେ. ବି—ଆବୁର ( ଦେଖ )—Ābura ( See )

**ଆବରଣ**—ସଂ. ବି. (ଆ=ବୃ ଧାତୁ=ଅବରୋଧ କରିବା+ଭାବ. ଅନ)—
**Ābaraṇa** ୧ । ଆଚ୍ଛାଦନ—1. Act of covering.
୨ । (+କରଣେ. ଅନ)—ଚର୍ମଫଳକ; ଢାଲ—2. Shield.
୩ । ଢାଙ୍କୁଣୀ; ଆଚ୍ଛାଦନ—3. Covering; lid
୪ । ପରଦା—4. Screen.
୫ । ଆଚ୍ଛାଦନସାଧନ (ପ୍ରାଚୀର ଆଦି)—5. Walls etc which screen a place from public gaze.
୬ । ଅବରୋଧ—6. Concealment from public gaze.
୭ । ଲୁଚାଇବା—7. Concealment.

**ଆବରଣ ପଟ**—ସଂ. ବି. (ମଧ୍ୟପଦଲୋପୀ; ଆବରଣାର୍ଥେ ବ୍ୟବହୃତ ପଟ)—
**Ābaraṇapaṭa** ଯେଉଁ ପରଦାଦ୍ୱାରା କୌଣସି ବସ୍ତୁକୁ ଘୋଡ଼ାଇ ଦିଆ ଯାଏ—A covering or screen for covering anything.
ଉପଃ ପାଶେ କ୍ଷମା ହସ୍ତେ ଆବରଣ ପଟ,
ବସ୍ତ୍ର ସଦାପରଦୋଷ ଆବରିବା ପାଇଁ । ରାଧାନାଥ. ମହାଯାତ୍ରା ।

**ଆବରଣୀୟ**—ସଂ ବିଣ. ( ଆ+ବୃ ଧାତୁ=ଆଚ୍ଛାଦନ କରିବା+କର୍ମ. **Ābaraṇiya** ଅନୀୟ)—୧ । ଆଚ୍ଛାଦନ ଯୋଗ୍ୟ—1. Fit to be covered.
୨ । ଯାହା ଲୁଚାଇବା ଯୋଗ୍ୟ—2. Fit to be concealed.

**ଆବରା**—ପ୍ରାଦେ. (ଗଞ୍ଜାମ) ବି.—୧ । ଲୁଣ ପାଣିକୁ ବଳଁରେ ବସାଇ **Ābarā** ସେଥିରୁ ଲୁଣ ମାରିବା ପାଇଁ ବ୍ୟବହୃତ ପିଦାଣ—(ବୈଜନ ଅଷ୍ଟ ୨।୨।୩୦)
A pot for boiling salt-water for manufacturing salt.
୨ । ଲୁଣ ମାରିବାରେ ବ୍ୟବହୃତ ବଥାର—2. Spot or field storing saline water for manufacturing salt.

**ଆବରିବା**—ଦେ. ପଦ୍ୟ. କ୍ରି. (ସଂ. ଆବରଣ)—୧ । ଆବରଣ କରିବା; **Ābaribā** ଆଚ୍ଛାଦନ କରିବା; ଘୋଡ଼ାଇବା—
আবরন করা 1, To cover; to screen; to shield.
ଉପଃ ପାଶେ କ୍ଷମା ହସ୍ତେ ଆବରଣ ପଟ ।
ବସ୍ତ୍ର ସଦା ପର ଦୋଷ ଆବରିବା ପାଇଁ । ରାଧାନାଥ. ମହାଯାତ୍ରା ।
୨ । ଘେରି କରି ରହିବା—2. To surround.
ଆବରି ଅଳକା ସୌଧ ଶିଖର । ରାଧାନାଥ. ମେଘଦୂତ ।
୩ । ଅଧିକାର କରି ବସିବା—3. To establish one's self in authority; to occupy.
୪ । ସ୍ୱୀକାର କରିବା; ଆପଣାର କରିବା—
4. To affiliate; to treat as one's own. to acknowledge as one's own.
୫ । (ଲକ୍ଷଣାର୍ଥେ) କୌଣସି ମନୋଗତ ଭାବକୁ ଗୁପ୍ତ ରଖିବା—5. To suppress one's feelings.
ଧୈର୍ଯ୍ୟଶୀଳା ଧୈର୍ଯ୍ୟ ଆବରି ସେ ଭାବ ବାକ୍ୟେ ବଶନ୍ତି ଶୀତଳ ।
ରାଧାନାଥ. ପାର୍ବତୀ ।
୬ । କୌଣସି କାର୍ଯ୍ୟ କରିବାପାଇଁ ଆଦରିବା—
2, To undertake to do a work.
୭ । ଘୋଟିବା—7. To overspread; to over cloud.

**ଆବର୍ଜନ**—ସଂ. ବି. (ଆ+ବୃଜ୍ ଧାତୁ+ଭାବ. ଅନ)—ଛାଡ଼ି ପଳାଇବା—
**Ābarjana** ସମ୍ୟକ୍ ତ୍ୟାଗ—Abandonment.

**ଆବର୍ଜନା**—ସଂ. ବି. (ଆ+ବୃଜ୍ ଧାତୁ+ଅନ+ଆ) ଅଳିଆ; ଝାଡ଼ୁଆ—
**Ābarjanā** Sweepings; rubbish.

**ଆବର୍ଜନ ବିସର୍ଜନ**—ସଂ. ବି. ( ଏକାର୍ଥବୋଧକ ସହଚର ଶବ୍ଦ )—
**Ābarjana bisarjana** ସମ୍ପୂର୍ଣ୍ଣରୂପେ ତ୍ୟାଗ ବା ବର୍ଜନ—Quite abandonment and surrender.

**ଆବର୍ଜିତ**—ସଂ. ବିଣ. (ଆ=ସମ୍ୟକ୍+ବର୍ଜିତ=ତ୍ୟକ୍ତ)—
**Ābarjita** ୧ । ପରିତ୍ୟକ୍ତ—1. Abandoned.
୨ । ଅନତ—2. Bent down.
୩ । ଆହୃତ—3. Collected.
୪ । ସଂଯମିତ—4. Restrained,
୫ । ଓଳିଆ ହୋଇଥିବା—5. Swept off.

**ଆବର୍ତ୍ତ**—ସଂ. ବି. (ଆ+ବୃତ ଧାତୁ=ହେବା; ଘେରି ରହିବା=ଭାବ. **Ābartta** ଅ)—୧ । ଜଳ ଭଉଁରୀ; ପାଣି ମଲା; ଜଳଭ୍ରମ—1, Eddy; whirlpool.
୨ । ଲୋମର ଭଉଁରୀ; ଘୋଡ଼ା ଦେହ ଲୋମର ଦଶବିଧ ବୃତ୍ତାକାର ସଂସ୍ଥାନ—2. Circular rings of hair on ten different parts of the body of a horse.
୩ । ମେଘବିଶେଷ—3. A form of cloud; cumulus cloud.
୪ । ରାଜାବର୍ତ୍ତ ନାମକ ମଣି—4. A kind of gem.
୫ । ପରିବର୍ତ୍ତ; ଘୂର୍ଣ୍ଣନ—5. Revolution; gyration.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ·ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୃ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ତଦ୍‌ବଦ୍‌ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍ତ |

୬ । ଦେହମାନଙ୍କର ବୃତ୍ତାକାର ଲୋମସ୍ଥାନ—
6. Circular rings of fur on the bodies of animals.

ଆବର୍ତ୍ତକ—ସଂ. ବି. (ଅବର୍ତ୍ତ+କ)—୧ । ମେଘବିଶେଷ; ଜଳହୀନମେଘ—
Ābarttaka 1. A kind of rainless cloud.
[ଦ୍ର—ମେଘ ତଳେ କୋଷ୍ଠ ଦେଖ]
୨ । ମେରୁଦଣ୍ଡର ପ୍ରତ୍ୟେକ ଅସ୍ଥି ଖଣ୍ଡ—
The individual bones of the spine.
ସଂ. ବିଣ.—୧ । ଆବରକ—1. Covering
୨ । ଆବୃତ୍ତିକାରକ—2. Revolving

ଆବର୍ତ୍ତନ—ସଂ. ବି· (ଆ+ବୃତ ଧାତୁ=ହେବା+ଭାବ. ଅନ)—
Ābarttana ୧ । ତରଳ ହେବା; ଅଉଟାଇବା—
1. Fusing. melting.
୨ । ଘୂର୍ଣ୍ଣନ; ମନ୍ଥନ—2. Revolution; churning.
୩ । ପୁନଃ ପୁନଃ କରଣ—3. Repeated doing
୪ । ପୁନରାଗମନ—4. Coming again; returning.
୫ । ବେଢ଼ିବା; ଚତୁର୍ଦ୍ଦିଗରେ ବେଷ୍ଟନ (ପ୍ରାଚୀନବାଦ)—
5. Surrounding.
୬ । ଘାଣ୍ଟିର ଖାଇବା 6. Revolving; gyrating.
୭ । ବିଷ୍ଣୁ (ପ୍ରକୃତିବାଦ)—7. A name of Bishṇu.

ଆବର୍ତ୍ତନବାଦ—ସଂ ବି. (ଅବର୍ତ୍ତନ+ବାଦ)—ମୃତ୍ୟୁପରେ ଜୀବର
Ābarttanabāda ପୁନର୍ବାର ସଂସାରରେ ଜନ୍ମଗ୍ରହଣ କରିବା-ବିଶ୍ୱାସ—The belief in future birth after death; the theory of transmigration of soul.

ଆବର୍ତ୍ତନବାଦୀ—ସଂ. ବିଣ. ପୁଂ. (ଆବର୍ତ୍ତନ+ବାଦୀ)—ଯେଉଁ ଲୋକ
Ābarttanabādi ବିଶ୍ୱାସ କରେ ଯେ ଜୀବ ମୃତ୍ୟୁପରେ ପୁନର୍ବାର
(ଆବର୍ତ୍ତନବାଦିନୀ—ସ୍ତ୍ରୀ) ସଂସାରରେ ଜନ୍ମଗ୍ରହଣ କରେ—
Believing in the theory of transmigration of soul.

ଆବର୍ତ୍ତନୀ—ସଂ. ବି. ସ୍ତ୍ରୀ (ଆ+ବୃତ୍+ଅଧିକରଣ, ଅନ+ସ୍ତ୍ରୀ. ଈ)—
Ābarttani ୧ । କୌଣସି ଦ୍ରବ୍ୟକୁ ତରଳ କରିବାର ପାତ୍ର; ଧାତୁ ଅଉଟିବା ପାତ୍ର; କୋଇ—1. Melting pot; crucible
୨ । ଯାହାଦ୍ୱାରା ଅଉଟାଯାଏ; ଚାମଚ; ଅଣକ—2. Spoon; wooden ladle.
୩ । ଉତୁରୁଡ଼ି (ହରେକୃଷ୍ଣ. ଦ୍ରବ୍ୟଗୁଣ)
3. Uturuṛdi (See)

ଆବର୍ତ୍ତିତ—ସଂ. ବିଣ. (ଆ+ବର୍ତ୍ତ୍+କର୍ମ. ତ)—୧ । ଲେଉଟିବା; ପୁନରାଗତ—1. Returned; come back.
୨ । ଅଉଟାହେବା—2. Stirred while boiling or melting.

୩ । ଅଭ୍ୟସ୍ତ—3. Habituated.
୪ । ଗୁଣିତ—4. Multiplied.
୫ । ଆଚ୍ଛାଦିତ—5. Covered.
୬ । ବେଷ୍ଟିତ—6. Surrounded.

ଆବର୍ହିତ—ସଂ.ବିଣ. (ଆ+ବର୍ହ ଧାତୁ=ମାରିବା+କର୍ମ.ତ)—ଉନ୍ମୂଳିତ;
Ābarhita ସମୂଳେ ଉତ୍ପାଟିତ—Uprooted.

ଆବଳି—ସ.ବି. ସ୍ତ୍ରୀ. (ଆ+ବଲ୍ ଧାତୁ=ଗମନ କରିବା+ଭାବ. ଇ)—
Ābaḷi ୧ । ଶ୍ରେଣୀ; ପଂକ୍ତି; ଧାଡ଼ି—1. Row; line.
୨ । ସମୂହ—2. Collection.
୩ । ବଂଶ—3. Lineage; family.
୪ । ଏକସାଙ୍ଗ—4. A set; series.

ଆବଳୀ—ସ. ବି. ସ୍ତ୍ରୀ.—ଆବଳିର ଅନ୍ୟରୂପ—
Ābaḷi Another form of Ābaḷi.

ଆବଲ୍ୟ—ସ. ବି. (ଅବଲ+ଭାବ. ଯ)—ଦୁର୍ବଳତା—Weakness.
Ābalya

ଆବଶ୍ୟକ—ସ ବିଣ.(ଅବଶ୍ୟ=ନିଶ୍ଚୟ+ଭାବ. କ)—୧ । ପ୍ରୟୋଜନୀୟ;
Ābaśyaka ଦରକାରୀ—1. Necessary; needful.
୨ । ଅବଶ୍ୟଂଭାବୀ—2. Inevitable.
୩ । ଯାହା ନ ହେଲେ ନ ଚଳେ—3. Indispensable.
୪ । ନିରବକାଶ—4. Incessant; without leisure.
ଦେ. ବି.—ଦରକାର; ପ୍ରୟୋଜନ—Necessity; need.

ଆବଶ୍ୟକତା – ସଂ. ବି (ଆବଶ୍ୟକ=ପ୍ରୟୋଜନୀୟ+ଭାବ. ତା)—
Ābaśyakatā ପ୍ରୟୋଜନୀୟତା—Necessity; need.

ଆବଶ୍ୟକୀୟ—ଦେ. ବିଣ. (ସଂ. ଆବଶ୍ୟକ)—୧ । ଦରକାରୀ;
Ābaśyakiya ପ୍ରୟୋଜନୀୟ—1. Necessary.
୨ । ଜରୁରୀ—2. Urgent.
[ ଦ୍ର—ଆବଶ୍ୟକ ବିଶେଷଣ ପଦ । ତହିଁରୁ ପୁଣି 'ଈୟ' ପ୍ରତ୍ୟୟ କରି ବିଶେଷଣ କରିବା ବ୍ୟାକରଣବିରୁଦ୍ଧ; ତେଣୁ ଆବଶ୍ୟକୀୟ ପଦର ପ୍ରୟୋଗ ଭ୍ରମାତ୍ମକ । ]

ଆବସଥ—ସଂ. ବି. (ଆ+ବସ ଧାତୁ=ବାସ କରିବ+ଅଧିକରଣ ଅଥ;
Ābasatha ଯହିଁରେ ଲୋକ ବାସ କରନ୍ତି)—
୧ । ଅବସଥ (ଦେଖ.—1. Abasatha (See)
୨ । ବ୍ରତବିଶେଷ—
2. Name of a religious austerity.

ଆବସଥ୍ୟ—ସଂ. ବି. (ଅବସଥ+ଯ)—
Ābasathya ୧ । ଗୃହସ୍ଥାଶ୍ରମ—1. The stage of a house-holder.
୨ । ଗୃହସମ୍ବନ୍ଧୀୟ ଲୌକିକ ଅଗ୍ନି—2. Domestic fire.
୩ । କର୍ମାଗ୍ନିବହ୍ନି—3. Fire used in vedic rites.

ସାଧାରଣ ଲେଖେ ଅପର ପୃଷ୍ଠାରେ ଧରନ୍ତୁ ୧ ଠାରୁ ୨ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପୃଥକ ଚିହ୍ନ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିବେ ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଅନୁସାରେ ଚାହିଁବ ଯେପରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବଥ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ୍' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ପଞ୍ଚପ୍ରକାର ଅଗ୍ନି ମଧ୍ୟରୁ ଅଗ୍ନିବିଶେଷ— 4. Name of one of the five sacrificial fires.

**ଆବସିତ**—ସଂ. ବିଣ. (ଆ+ଅବ+ସୋ ଧାତୁ=ନାଶ କରିବା; ସ୍ଥାପନ କରିବା+କର୍ମ. ତ)—୧ । ଭଣ୍ଡାରରେ ସ୍ଥାପିତ— 1. Stored; treasured.
Ābasita
୨ । ରାଶୀକୃତ—2. Collected; gathered; heaped up.
୩ । ସୂର୍ପ ବା କୁଲା ଦ୍ୱାରା ପରିଷ୍କୃତ (ଶସ୍ୟାଦି)— 3. Cleansed by fanning; winowed.
୪ । ନିର୍ଣ୍ଣୀତ; ଅବଧାରିତ—4. Ascertained.
୫ । ଅବସାନପ୍ରାପ୍ତ; ସମାପ୍ତ—5. Completed.

**ଆବହ**—ସଂ. ବିଣ. (ଆ+ବହ ଧାତୁ=ବହନ କରିବା+କର୍ତ୍ତୃ. ଅ; ଏହି ଶବ୍ଦ କେତେକ ଶବ୍ଦର ପରେ ବ୍ୟବହୃତ ହୁଏ; ଯଥା— ଭୟାବହ; ଦୁଃଖାବହ)—ବହନକାରୀ; ଜନକ; ଉତ୍ପାଦକ—(A suffix added to nouns to denote Carrying; producing.
Ābaha
ସଂ. ବି.—୧ । ନିର୍ଦ୍ଦିଷ୍ଟ ବେଗବିଶିଷ୍ଟ ବାୟୁବିଶେଷ— 1. A kind of wind of a given velocity.
୨ । ଯେଉଁ ପବନ ଭୂପୃଷ୍ଠରେ ବହେ— 2. Atmosphere.

**ଆବହନ**—ସଂ. ବି. (ଆ+ବହ ଧାତୁ=ବହନ କରିବା+ଭାବ. ଅନ)— ୧ । ବହିବା; ବହନ—1. Carrying.
Ābahana
୨ । ଉତ୍ପାଦନ—2. Producing; generating.

**ଆବହବାୟୁ**— ସଂ.ବି. (ଆଧୁନିକ ପ୍ରୟୋଗ; ବିଜ୍ଞାନପରିଭାଷା ଭୂଲ— ଫା. ଅବ୍‌ହାଓ୍ୟା)=ଜଳ ବାୟୁ ଭୂମଣ୍ଡଳର ଉପରିସ୍ଥ ବାୟୁ—The atmosphere.
Ābahabāyu

**ଆବହମାନ**—ସଂ. ବିଣ. (ଆ+ବହ ଧାତୁ =ବହନ କରିବା—କର୍ତ୍ତୃ. ଆନ)—୧ । କ୍ରମାଗତ; ଚିରକାଳରୁ ପ୍ରଚଳିତ— 1. Coming down from time immemorial.
Ābahamāna
୨ । ଯାହା ବହୁ ପୂର୍ବରୁ ଚଳି ଆସୁଅଛି— 2. Current since time immemorial.
୩ । ଯାହା ବହି ଆସୁଅଛି—3. Flowing on.

**ଆବହମାନକାଳ**—ସଂ. ବି.—ଚିରକାଳ; ବହୁ ପୂର୍ବକାଳ ଠାରୁ ଆଜି ପର୍ଯ୍ୟନ୍ତ ଚଳି ଆସୁଥିବା କାଳ— Time immemorial.
Ābahamānakāla

**ଆବା**—ପ୍ରାଦେ. (ଗଞ୍ଜାମ) ଅ (Interjection used to denote.)—
Ābā
୧ । ଆଶ୍ଚର୍ଯ୍ୟ—1. Wonder.
୨ । ଦୁଃଖସୂଚକ—ଅହୋ ! ଅହା !—2. Grief—Ah; Aha !
ପ୍ରାଦେ. (କନ୍ଧ ଭାଷା) ବି.—କନ୍ଧମାନଙ୍କର ଗ୍ରାମନାୟକ— The village head amongst the Kandhas.

**ଆବାଆବା**—ଦେ. ଅ. (ଧ୍ୱନ୍ୟନୁକରଣ)—ଅତ୍ୟନ୍ତ ଭୟ ଗ୍ରସ୍ତ ହୋଇ ଉଚ୍ଚାରଣ କରିବା ଶବ୍ଦ— Sound uttered by people in great distress.
Ābāābā

ଭୂଷ୍ମ ପୁଅ ବଚନ ନ ଶୁଣି ସେନାଏ
ଆବାଆବା କେ଼ଇ ଡାକିଲେ ଅଚେତେ—କୃଷ୍ଣସିଂ ମହାଭାରତ. କର୍ଣ୍ଣ ।

**ଆବାକାବା**—ଦେ. ଅ. (ସଂ. ଅବାକ୍)—୧ । ଆବାଖାବା (ଦେଖ) 1. Ābākhābā (See)
Ābākābā
अवाक् ୨ । ଆଶ୍ଚର୍ଯ୍ୟାନ୍ୱିତରୂପେ; କିଂକର୍ତ୍ତବ୍ୟବିମୂଢ଼ ହୋଇ—
घबड़ा; मौचक्    2. In a bewildered manner.
ଦେ. ବିଣ.—୧ । କିଂକର୍ତ୍ତବ୍ୟବିମୂଢ଼; ସ୍ତବ୍ଧ— 1. Bewildered.
୨ । ଆଶ୍ଚର୍ଯ୍ୟାନ୍ୱିତ—2. Astonished.

**ଆବାଖାବା**—ଦେ. ଅ.—ଅସମାନଭାବରେ; କେଉଁଠାରେ ବେଶି କେଉଁଠାରେ କମ୍, କେଉଁଠାରେ ବା ନାହିଁ ଏପରିଭାବରେ; ଏଠେଇଁ ସେଠେଇଁ— Unequally; unevenly; here and there.
Ābākhābā
आवड़ाखावड़ा, आबाखाबा
खुरखुर

ତେଲ ଲଗାଇବ ଆବାଖାବା, ଖାଉଥିବ ଆଗ
ଖୋଇ ପଡ଼ିଥିବ ଚଉଡ଼ୋଇ ମାଡ଼ି ବସିଥିବ ଜାଗା—ଚଗ ।

ଦେ. ବିଣ.—ଅସମତଳ; ଉବୁଡ଼—Uneven; rough.

**ଆବାଜ୍**—ବୈଦେ. ବି.—ଅବାଜ୍ (ଦେଖ) Abāj (See)
Ābāj

**ଆବାଡ଼ି**— ଦେ. ବିଣ. ପୁଂ. ଓ ସ୍ତ୍ରୀ.—କାବାଡ଼ି; ଉଲ୍ଲୁ— Foolish; dull; dunce.
Ābārdi
उल्लु
गावदि; उल्लु

**ଆବାଥାବା**— ଦେ. ଅ.—ଆବାଖାବା (ଦେଖ) Ābākhābā See)
Ābāthābā

**ଆବାଦ୍**—ବୈଦେ. ବି. (ଆ)—ଭୂମିକୁ ଚାଷ କରି ଫସଲ ଉତ୍ପାଦନ— Cultivation; agriculture.
Ābād
आबाद ବୈଦେ. ବିଣ.—୧ । କୃଷ୍ଟ; ଚଷାଯାଇଥିବା— 1. Cultivated.
आबाद
୨ । ଜନପୂର୍ଣ୍ଣ—2. Full of men.
୩ । ଲୋକାଧ୍ୟୁଷିତ—3. Inhabited.

**ଆବାଦି**—ବୈଦେ. ବିଣ. (ଆ)—୧ । କୃଷି କରାଯାଇଥିବା (ଭୂମି) 1. Cultivated (field)
Ābādi
(ଅନାବାଦି—ବିପରୀତ) ୨ । ଲୋକାଧ୍ୟୁଷିତ—2. Inhabited.
ବୈଦେ. ବି—୧ । ବାସସ୍ଥାନ—1. Habitation.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଔ | ନ୍ତ |

୨ । ଗ୍ରାମନିକଟବର୍ତ୍ତୀ ସ୍ଥାନ—2. Village-site; land near a village,

ଆବାପ—ସଂ. ବି (ଆ+ବପ୍ ଧାତୁ=ବପନ କରିବା, ଶତ୍ରୁ ବିଷୟକ
Ābāpa ଚିନ୍ତା କରିବା+ଭାବ. ଅ )—୧ । ଶତ୍ରୁରାଜ୍ୟ ଚିନ୍ତା; ଶତ୍ରୁବିଷୟକ ଚିନ୍ତା—1. Thought about enemy's country or movements.

୨ । ରାଜ୍ୟରକ୍ଷା—2 Governance of a kingdoom,

୩ । ବୀଜବପନ; ମଞ୍ଜି ବୁଣିବା—3. Sowing.

୪ । କଙ୍କଣାଦି ଭୂଷଣ—4. Bracelet,wristlet and similar ornaments.

୫ । ଉନ୍ନତ ଅବନତ ଭୂମି; ବନ୍ଧୁର ଭୂମି—
5. Uneven country: undulating land.

୬ । ମିଶ୍ରଣ; ଅନ୍ୱୟ—6. Mixing together.

୭ । (+ଅଧିକରଣ. ଅ)—ଆଲବାଲ; ମଦା—
7. Basin at the foot of a tree for watering.

୮ । ପାତ୍ରବିଶେଷ; ଥଳୀ—8. A bag

୯ । ପ୍ରଧାନ ହୋମ—9. A chief fire-sacrifice.

ଆବାପକ—ସଂ. ବିଣ. (ଆ+ବପ୍ ଧାତୁ+କର୍ତ୍ତୃ. ଅକ)—ବପନକାରୀ—
Ābāpaka Sowing.

ସଂ. ବି.—ବଳୟାଦି ଭୂଷଣ—Wristlet and other ornaments.

ଆବାପନ—ସଂ. ବି. (ଆ+ବପ୍ ଧାତୁ, ଣିଚ; ବାପି ଧାତୁ+କରଣ. ଅନ)-
Ābāpana ୧ । ସୂତ୍ରଯନ୍ତ୍ର; ତନ୍ତ—1. Loom.

୨ । କେଶାଦିର ସମ୍ୟକ୍ ମୁଣ୍ଡନ—
2. Shaving of the head.

୩ । କଙ୍କଣ—3. Bracelet; bangle.

ଆବାଳ—ସଂ. ବି. (ଆ+ବଲ୍ ଧାତୁ=ଘିବା; ଘୋଳିବା+କର୍ମ. ଅ)—
Ābāḷa ଆଲବାଲ; ଗଛ ମୂଳରେ ପାଣି ଦେବା ପାଇଁ ମଦା—
A basin raised at the foot of a tree for watering.

କ୍ରି. ବିଣ (ଆ=ଅବଧି+ବାଲ)—ବାଲ୍ୟାବଧି—From infancy.

ଆବାଲି—ପ୍ରାଦେ. (ଗଡ଼ଜାତ) ବିଣ. ପୁଂ.—ଅଲବଲିଆ (ଦେଖ)
Ābāli Alabaliā (See)
(ଆବାଲୀ—ସ୍ତ୍ରୀ)

ଆବାଲିଆ—ପ୍ରାଦେ. (ଗଡ଼ଜାତ) ବିଣ. ପୁଂ.—ଅଲବଲିଆ (ଦେଖ)
Ābāliā Alabaliā (See)

ଆବାଲ୍ୟ—ସଂ. ଅ (ଅବ୍ୟୟୀଭାବ; ଆ+ବାଲ୍ୟ)—ବାଲ୍ୟକାଳରୁ—
Ābālya From infancy.

ଆବାସ—ସଂ. ବି. (ଆ+ବସ୍ ଧାତୁ=ବାସ କରିବା+ଅଧିକରଣ. ଅ)—
Ābāsa ଯେଉଁଠାରେ ବାସ କରାଯାଏ; ବାସସ୍ଥାନ; ଘର—
Abode; habitation; residence; dwelling.

ଆବାହନ—ସଂ. ବି. (ଆ+ବାହ୍ ଧାତୁ=ଆହ୍ୱାନ କରିବା+ଭାବ. ଅନ)-
Ābāhana ୧ । ନିମନ୍ତ୍ରଣ; ଆହ୍ୱାନ—1. Invitation.
(ବିସର୍ଜନ—ବିପରୀତ) ୨ । ପୂଜାସ୍ଥାନକୁ ଆମନ୍ତ୍ରଣ କରିବା—
2. Invokation by means of mantras.

ଦେ. ବିଣ. (ପ୍ରାଚୀନ ଓଡ଼ିଆ; ମାଦଳାପାଞ୍ଜି ଓ ସନନ୍ଦ)—ମୃତ—
Dead; deceased.

ଆବାହନବିସର୍ଜନ—ସଂ. ବି. ( ବିପରୀତାର୍ଥସଦ୍ୱନ୍ଦ୍ୱ )—ଡାକିବା ଓ
Ābāhanabisarjana ତ୍ୟାଗ କରିବା—Calling and dismissing a person.

ଆବାହନ ହେବା—ଦେ. ପ୍ରାଚୀନ. କ୍ରି. ( ମାଦଳାପାଞ୍ଜି ଓ ପ୍ରାଚୀନ
Ābāhana hebā ସନନ୍ଦ )—ମୃତ ହେବା; ମରିବା; ପରଲୋକ ଗମନକରିବା—To die

ଆବାହିତ—ସଂ. ବିଣ. (ଆ+ବହ ଧାତୁ ଣିଚ; ବାହି ଧାତୁ+କର୍ମ. ତ)—
Ābāhita ୧ । ଆମନ୍ତ୍ରିତ; ଆହୂତ—1. Invoked; invited.

୨ । ନିକଟକୁ ଆନୀତ—
2. Brought near; conducted; conveyed.

ଆବି—ସଂ. ବି.—ଅନ୍ଧକ ଦୈତ୍ୟର ପୁତ୍ର—
Ābi The son of the demon Andhaka.
[ଦ୍ର—ଏ ପାର୍ବତୀଙ୍କ ରୂପ ଧରିବାରୁ ମହାଦେବଙ୍କ ଦ୍ୱାରା ନିହତ ହୋଇଥିଲା ।]

ଆବିକ—ସଂ. ବି. (ଅବି=ମେଷ+ଇଦମର୍ଥେ. କ)—କମ୍ବଳ—
Ābika Blanket (consisting of sheep's wool)

ସଂ. ବିଣ.—ମେଷସମ୍ବନ୍ଧୀୟ—Relating to sheep.

ଆବିଗ୍ନ—ସଂ. ବିଣ. ( ଆ=ବିଶେଷ+ବିଦ୍ ଧାତୁ=ଭୀତ ବା କମ୍ପିତ
Ābigna ହେବା+କର୍ତ୍ତୃ. ତ)—୧ । ଉଦ୍‌ବିଗ୍ନ; ଭୀତ—
1. Frightened; terrified; terror-stricken.

୨ । ଭୟରେ କମ୍ପମାନ—2. Shivering through fear.

ସଂ. ବି.—କରମର୍ଦ୍ଦକ ବୃକ୍ଷ; ପାଣିଅଁଳା ଗୁଳ୍ମ—
A medicinal plant.

ଆବିଦ୍ଧ—ସଂ. ବିଣ. (ଆ=ସମ୍ୟକ୍+ବ୍ୟଧ୍ ଧାତୁ=ଫୋଡ଼ିବା; ଫୋପାଡ଼ିବା
Ābiddha +କର୍ମ. ତ)—୧ । ବକ୍ର; କୁଟିଳ—
1. Bent; curved.

୨ । କ୍ଷିପ୍ତ; ପ୍ରେରିତ—
2. Thrown away; sentforth.

୩ । ଭଗ୍ନ—3. Broken asunder.

୪ । ବିଦ୍ଧ; କଣା ବା ଛିଦ୍ର କରାଯାଇଥିବା—
4. Perforated; bored.

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଠ' ନ ମିଳିଲେ 'ଖାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୫ । ପରାସ୍ତ; ଅଭିଭୂତ—5. Overpowered.

୬ । ମୂର୍ଖ—6. Illiterate.

**ଆବଧ**—ସଂ ବି. (ଆ=ସମ୍ୟକ୍+ବ୍ୟଧ୍ ଧାତୁ=ଫୋଡ଼ିବା+କରଣ. ଅ)—
**Ābidha** ୧ । ଫୋଡ଼ଣୀ—1. Awl.
୨ । କଡ଼େଇର ଛିଦ୍ର କରିବା ଯନ୍ତ୍ର; ଭଅଁର—
2. Drill; boring instrument.

**ଆବିର୍ଭବନ**—ସଂ. ବି. ( ଆବିସ୍=ପ୍ରକାଶ+ଭୂ ଧାତୁ=ହେବା+ଭାବ. ଅନ )—ଆବିର୍ଭାବ ( ଦେଖ )
**Ābirbhabana** Ābirbhāba ( See )

**ଆବିର୍ଭାବ**—ସଂ. ବି. (ଆବିସ୍=ପ୍ରକାଶ+ଭୂ ଧାତୁ=ହେବା+ଭାବ. ଅ)—
**Ābirbhāba** ୧ । ପ୍ରକାଶ; ଉଦୟ—
(ତିରୋଭାବ—ବିପରୀତ) 1. Appearance; manifestation.
୨ । ପୃଥିବୀରେ ଅବତରଣ—2. Advent.
୩ । ଉତ୍ପତ୍ତି; ଜନ୍ମ—3. Development; birth.
୪ । ଉତ୍ଥାନ—4. Rise.

**ଆବିର୍ଭୂତ**—ସଂ. ବିଣ. ( ଆବିସ୍=ପ୍ରକାଶ+ଭୂ ଧାତୁ=ହେବା+କର୍ତ୍ତୃ. ତ )—୧ । ଉଦିତ—1. Risen.
**Ābirbhūta**
୨ । ପ୍ରକାଶିତ—2. Become manifest; breaking or bursting up.
୩ । ଜାତ—3. Born.
୪ । ଉପସ୍ଥିତ; ଆଗତ—4. Appearing; arrived.

**ଆବିର୍ମୁଖୀ**—ସଂ. ବି—ଚକ୍ଷୁ; ଅକ୍ଷି—Eye.
**Ābirmmukhī** ଖଦ୍ୟୋତ, ଆବିର୍ମୁଖୀ ହୁଇ, ଚକ୍ଷୁର ନାମ ସେ ଅଟଇ ।
ଜଗନ୍ନାଥ. ଭାଗବତ ।

**ଆବିଲ**—ସଂ. ବିଣ. (ଆ+ବିଲ୍ ଧାତୁ=ଭେଦ କରିବା+କର୍ତ୍ତୃ. ଅ)—
**Ābiḷa** ୧ । କଳୁଷିତ; ଅସ୍ୱଚ୍ଛ—1. Foul; turbid.
(ଆବିଲତା—ବି) ୨ । ସଂଦିଗ୍ଧ; ପାପୀ—
2. Suspicious; guilty; sinful.
୩ । ଆକୁଳ—3. Perturbed.

**ଆବିଷ୍କରଣ**—ସଂ. ବି. ( ଆବିସ୍=ପ୍ରକାଶ+କୃ ଧାତୁ=କରିବା+ଭାବ. ଅନ )—
**Ābishkaraṇa**
୧ । ଉଦ୍ଭାବନ; କୌଣସି ଅଜଣା କଥାକୁ ପ୍ରକାଶ କରିବା—
1. Discovering.
୨ । କୌଣସି ନୂଆ କଥା ବାହାର କରିବା—
2. Inventing.
୩ । ପ୍ରକଟନ; ପ୍ରଚ୍ଛନ୍ନ ବିଷୟକୁ ପ୍ରକାଶିତ କରିବା—
3. Act of rendering a thing apparent or visible.

**ଆବିଷ୍କରଣୀୟ**—ସଂ. ବିଣ (ଆବିସ୍=ପ୍ରକାଶ+କୃ ଧାତୁ+କର୍ମ.ଅନୀୟ)-
**Ābishkaraṇīya** ଯାହା ଆବିଷ୍କାର କରିବାକୁ ହେବ, ଅଥବା କରିବା ଉଚିତ ବା ଆବଶ୍ୟକ—Fit to be discovered or invented.

**ଆବିଷ୍କାର**—ସଂ. ବି. ପୁଂ. (ଆବିସ୍=ପ୍ରକାଶ+କୃ ଧାତୁ+ଭାବ. ଅ)—
**Ābishkāra** ଅପ୍ରକାଶିତ ଅଥବା ଅପରିଜ୍ଞାତ ବିଷୟର ପ୍ରକାଶ ( ଉଦ୍ଭାବନ ତଳେ ନୋଟ ଦେଖ । )—
Discovery.

**ଆବିଷ୍କୃତ**—ସଂ. ବିଣ. (ଆବିସ=ପ୍ରକାଶ+କୃ ଧାତୁ+କର୍ମ. ତ)—
**Ābishkṛuta** ପ୍ରକାଶିତ; ପ୍ରକଟିତ—Discovered; found out; made apparent or visible.

**ଆବିଷ୍କ୍ରିୟା**—ସଂ. ବି. ସ୍ତ୍ରୀ. ( ଆବିସ=ପ୍ରକାଶ+କୃ ଧାତୁ+ଭାବ. ଯ+ସ୍ତ୍ରୀ. ଆ )—
**Ābishkriyā**
ଆବିଷ୍କରଣ ( ଦେଖ )
Ābishkaraṇa ( See )

**ଆବିଷ୍ଟ**—ସଂ. ବିଣ. ୧ । ( ଆ+ବିଶ୍ ଧାତୁ=ପ୍ରବେଶ କରିବା+କର୍ମ. ତ )—୧ । ବ୍ୟାପ୍ତ—1. Pervaded.
**Ābishṭa**
( ଅନାବିଷ୍ଟ—ବିପରୀତ ) ୨ । ଭୂତାଦିଗ୍ରସ୍ତ—
2. Possessed (as with spirit or demon)
୩ । ପ୍ରବିଷ୍ଟ—3 Entered.
୪ । (+କର୍ତ୍ତୃ. ତ)—ମନୋଯୋଗୀ; ତତ୍ପର; ଅଭିନିବିଷ୍ଟ—
4. Attentive; intent; bent upon.
୫ । ଆସକ୍ତ—5. Addicted to.

**ଆବିସ୍**—ସଂ. ଅ. ( ଆ=ସମ୍ୟକ୍+ଉ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇସ୍—ଏହି ଶବ୍ଦ କୃ ଧାତୁ ଓ ଭୂ ଧାତୁ ପୂର୍ବରେ ପ୍ରକାଶ ଅର୍ଥରେ କେବଳ ମାତ୍ର ବ୍ୟବହୃତ ହୁଏ)—ପ୍ରକାଶ—
**Ābis**
Apparent (this is used before the root 'kṛu' and is never used any where else.)

**ଆବୀତ**—ସଂ. ବିଣ. (ଆ+ବ୍ୟା ଧାତୁ=କ୍ଷେପଣ କରିବା+କରଣ. ତ)—
**Ābīta** ୧ । ଦକ୍ଷିଣାଂସ ସ୍ଥାପିତ ଯଜ୍ଞସୂତ୍ର—
1. Sacred thread placed on the right shoulder.
୨ । ( ଆ+ବି+ଇ ଧାତୁ+ତ )—ଗତ, ଅତୀତ—
2. Gone; past.

**ଆବୀର**—ସଂ. ବି (ଆ+ବି+ଈର ଧାତୁ=ଗମନ କରିବା+କର୍ମ. ଅ)—
**Ābīra** ରଞ୍ଜକଦ୍ରବ୍ୟବିଶେଷ; ଫଗୁ; ଅବିର—A red powder ( made from the root of ginger ).

**ଆବୁ**—ଦେ. ବି. ( ସଂ. ଅର୍ବୁଦ )—
**Ābu** ୧ । ଶରୀରର ମାଂସଳ ଅଂଶର ସ୍ଫୀତି—
আব 1. A wen; a temour; a fleshy part of the body.
କହୁଛ ମାରିବାରେ ବେକରୁ ପିଠି ଯାଏ,
ପଢ ରହିଅଛି ଯେ ଆବୁର ପରାୟେ—କୃଷ୍ଣସିଂହ. ମହାଭାରତ. ବିରାଟ ।

| ୧ | ଇ | ଊ | ର,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ବରାନ୍ତ | ଗ | ଠ | ଶ,ଷ | ଛ | ଇସ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୃ | ଲୃ | ସ୍ପେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଶ୍ର | ଢ଼ |

୨ । ଅବୁ ପର ବାହାରିଥିବା ବୃକ୍ଷର ଗଣ୍ଠି ବା ଶାଖାର କାଠୁଆ ଅଂଶ—2. A tumorous protuberance of wooden matter bulging out from the body of trees.

**ଅବୁଅ**—ଦେ. ବଣ—୧ । ଅବୁଯୁକ୍ତ—1. Tuberculated.
Ābuā ୨ । ବନ୍ଧୁର—2. Rough; full of circular protuberances or knots.
আবুড়াখাবুড়া; আবুআবু

**ଅବୁଅଗ୍ଣ୍ଠି କହିବା**—ଦେ. କ୍ରି—ମନରୁ ଗଢ଼ି କୌଣସି କାଳ୍ପନିକ କଥା କହିବା—To speak things which are unreal or conjectured.
Ābuāchhāṭi kahibā
মনগড়া কথা বলা

**ଅବୁଅବୁ**—ଦେ. ବଣ—ଅବୁଅ ( ଦେଖ )
Ābuābu Ābuā ( See )

**ଅବୁଅବୁଅ**—ଦେ ବଣ—ଅବୁଅ ( ଦେଖ )
Ābuābuā Ābuā ( See )

**ଅବୁଖାବୁଅ**—ଦେ. ବଣ—୧ । ଅସ୍ପଷ୍ଟ ବା ଘସରି—
Ābukhābuā 1. Indistinct.
এবড়োখেবড়ো ୨ । ଅବୁଡ଼ାଖାବୁଡ଼ା ( ଦେଖ )
2. Āburḍākhāburḍā ( See )

**ଅବୁଡ଼ାଖାବୁଡ଼ା**—ଦେ. ବଣ—୧ । ଅସମତଳ; ବନ୍ଧୁର; ଉଚ୍ଚନୀଚ—
Āburḍākhāburḍā Rough; uneven; undulating.
আবড়াখাবড়া

**ଅବୁଡ଼ାଜାବୁଡ଼ା**—ଦେ. ବଣ—ଅବ୍ରାଜାବ୍ରା ( ଦେଖ )
Āburḍājāburḍā Ābrājābra ( See )

**ଅବୁଡ଼ାପଡ଼ିବା**—ଦେ. କ୍ରି—୧ । ସମସ୍ତଙ୍କ ଆଗ ବଳ କୌଣସି କାର୍ଯ୍ୟ କରିବାକୁ ହସ୍ତକ୍ଷେପ କରିବା—
Āburḍāparḍibā
1. To be eager to do a thing by overloping others.
୨ । ବହୁ ଲୋକ ଏକ ସ୍ଥାନରେ ପରସ୍ପର ପରସ୍ପରର ସ୍ପର୍ଶରେ ଆସିବା—2 (many persons) To come in contact with one another simultaneously.
୩ । ଦରକାର ନ ଥିବା ବେଳେ କୌଣସି କାର୍ଯ୍ୟରେ ପ୍ରବେଶ କରିବା—3. To undertake a work when it is not necessary.

**ଅବୁଡ଼ିପଡ଼ିବା**—ଦେ. କ୍ରି—ଅବୁଡ଼ାପଡ଼ିବା ( ଦେଖ )
Āburḍiparḍibā Āburḍāparḍibā ( See )

**ଅବୁତାବୁ**—ଗ୍ରା. ଅ. ( ସଂ. ଅବତୁବଃ )—( ଦେବତା ) ତୁମ୍ଭଙ୍କୁ ରକ୍ଷା କରନ୍ତୁ—(Deity) Preserve you.
Ābutābu
অবুতবু; অবুথবু ଅବୁତାବୁ ଗିରିସୁତା ମା ବୋଇଲେ ପଛରେ ପୁଣ—
আবতাব ଶିଶୁଶଙ୍କରଗୀତ ।

**ଅବୁତ୍ତ**—ସଂ. ବ. (ଅ=ସମ୍ୟକ୍+ବୁଧ୍ ଧାତୁ=ଜାଣିବା+କର୍ତ୍ତୃ. ତ; ବା ଅ+ଅପ ଧାତୁ+ତ୍ତ; ଯାହାଙ୍କ ସହିତ ସମ୍ୟକ୍‌ରୂପେ ଜଣା ଶୁଣା ଅଛି )—ଭଗିନୀପତି; ଭଣୋଇ ( ନାଟକରେ ଭଗିନୀ ପତିଙ୍କୁ ଏହି ଶବ୍ଦରେ ଡକା ଯାଏ )—
Ābutta
Sister's husband.

**ଅବୁର**—ଦେ. ବ. ( ସଂ. ଅବରଣ; ଭୁଲ—ଅ. ଅବ୍‌ରୁ )—
Ābura ୧ । ମହତ୍ତ୍ୱ; ଇଜ୍ଜତ—1. Prestige; honour.
আব্রু ମୋର ବଣ ଭୁ ମୋ ଅବୁର, ନ ଯେବେ ଯିବ ସେ ବରଙ୍କୁ
( ବେଅବୁର—ବ୍ୟପଷ୍ଟାନ୍ତ ) ବନେ ରେ—ବନ୍ଦ୍ୟପୂର୍ବ ସଙ୍ଗୀତ ।
୨ । ଅବର ( ଦେଖ )—2. Abara ( See )

**ଅବୁରସାବୁର ହେବା**—ଦେ. କ୍ରି—ବ୍ୟତିବ୍ୟସ୍ତ ହେବା; କିଂକର୍ତ୍ତବ୍ୟ-ବିମୂଢ଼ ହେବା—To be at a loss; to decide what to do.
Āburasābura hebā

**ଅବୁରିଆବୁରି**—ଦେ. ବ—୧ । ପରସ୍ପର ପରସ୍ପରଙ୍କୁ ନିଜର ବୋଲି ଗ୍ରହଣ କରିବା—
Āburiāburi
1. Mutual acceptance of two persons.
୨ । ସମସ୍ତଙ୍କ ଆଗ ବଳ କାର୍ଯ୍ୟରେ ହସ୍ତକ୍ଷେପ କରିବା—
2. Eagerly and voluntarily undertaking to do a work.

**ଅବୁରିବା**—ଦେ. ପଦ୍ୟ କ୍ରି.—ଅବୋରିବା ( ଦେଖ )
Āburibā Āboribā ( See )
ଦକ୍ଷିଣ ଦ୍ୱାର ଅବୋର ରହିଲେ—ବିଶ୍ୱନାଥ, ବିଚିତ୍ରରାମାୟଣ ।

**ଅବୁଲ୍‌କାବୁଲ୍**—ପ୍ରାଦେ. ( ସମ୍ବଲପୁର ) ବଣ—ଅଉଳବାଉଳ ( ଦେଖ )
Ābulkābul Āuḷabāuḷa ( See )

**ଅବୁଲ୍‌ଫଜଲ୍**—ଦେ. ବ. ( ନାମ )—ମୋଗଲ ସମ୍ରାଟ ଅକବରଙ୍କ ପ୍ରିୟତମ ଅମାତ୍ୟ—Name of a minister of the Mogal emperor Akbara.
Ābulphajal
[ ଦ୍ର—ଏ ଜଣେ ବିଦ୍ୱାନ୍, କବି ଓ ସୁଲେଖକ ଥିଲେ । ଏହାଙ୍କ ରଚିତ ଆଇନଅକବରୀ ଓ ଅକବରନାମା ପ୍ରସିଦ୍ଧ ଐତିହାସିକ ଗ୍ରନ୍ଥ । କଥିତ ଅଛି ଯେ ଏ ନିତି ୨୨ ସେର ଦ୍ରବ୍ୟ ଖାଉଥିଲେ ଓ ମୁସଲମାନ ଧର୍ମରେ ଅସ୍ଥାବାନ ନ ଥାଇ ଏକ ନୂତନ ଇଲାହୀ ଧର୍ମ ପ୍ରଚାର କରିଥିଲେ । ଏହାଙ୍କର ଜନ୍ମ ୧୫୫୧ ଖ୍ରୀଷ୍ଟାବ୍ଦରେ ଓ ମୃତ୍ୟୁ ୧୬୦୨ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଏ ଅକବରଙ୍କ ପୁତ୍ର ସେଲିମ୍‌ଙ୍କ-ଦ୍ୱାରା ନିହତ ହୋଇଥିଲେ । ]

**ଅବୁଲବାକୁଲ୍**—ପ୍ରାଦେ. (ସମ୍ବଲପୁର) ବଣ—ଅଉଳବାଉଳ ( ଦେଖ )
Ābulbākul Āuḷabāuḷa ( See )

**ଅବୃତ୍**—ସଂ.ବ. [(ଅ+ବୃ ଧାତୁ=ଆବରଣ କରିବା+ଭ ବ. କ୍ୱିପ୍ )]—
Ābrut ଅନୁକ୍ରମ—Contiguity; the state of being serial.

**ଅବୃତ**—ସଂ.ବଣ. [(ଅ+ବୃ ଧାତୁ=ଆବରଣ କରିବା+କର୍ମ. ତ )]—
Ābruta ୧ । ଆଚ୍ଛାଦିତ—1. Covered.
୨ । ବେଷ୍ଟିତ—2. Enveloped

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା:— 'ଦାଣ୍ଡ' ନ ମିଳିଲେ 'ଦାଣ' ଖୋଜିବେ; 'କଣ' ନ ମିଳିଲେ 'କଣ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୩ । ବ୍ୟାପ୍ତ—3. Surrounded as by a layer.
୪ । ବିସ୍ତାରିତ—4. Spread
୫ । ଅଜ୍ଞାନାବୃତ—5. Steeped in ignorance.
୬ । ପୂରିତ—6. Filled up.
୭ । ବ୍ରାହ୍ମଣ ଔରସରେ ଉଗ୍ର କନ୍ୟା ଗର୍ଭ ଜାତ (ସନ୍ତାନ)—7. (child) Born from a Brāhmana father and ugra mother.

**ଆବୃତି**—ସଂ. ବି. ସ୍ତ୍ରୀ.—୧ । (ଆ+ବୃ ଧାତୁ=ଅବରୋଧ କରିବା+ଭାବ. ତି)—୧ । ଆବରଣ—1. Covering.
Ābṛuti
୨ । ଆଚ୍ଛାଦନ—2. Hiding.
୩ । ତିରୋଧାନ—3. Disappearance.
୪ । ବେଷ୍ଟନ—4. Surrounding.
୫ । (+କରଣ. ତି)—ପ୍ରାଚୀର—5. Compound-wall.

**ଆବୃତ୍ତ**—ସଂ. ବିଣ.—୧ । (ଆ=ବିପରୀତଭାବରେ+ବୃତ ଧାତୁ=ଯିବା+କର୍ମ. ତ)—୧ । ପଠିତ—1. Studied.
Ābṛutta
୨ । ପୁନଃ ପୁନଃ ଅଭ୍ୟସ୍ତ—2. Repeated.
୩ । ଗୁଣିତ—3. Multiplied.
୪ । (+କର୍ତ୍ତୃ. ତ)—ଚକ୍ରାକାରରେ ଗମନ କରୁଥିବା—4. Turned round; whirled.
୫ । ଆଗତ—5. Come.
୬ । ନିବୃତ୍ତ—6 Ceased.
୭ । ଚତୁର୍ଦ୍ଦଶ ପ୍ରକାର ମଣ୍ଡଳ ମଧ୍ୟରୁ ମଣ୍ଡଳବିଶେଷ—A kind of circular figure.

**ଆବୃତ୍ତି**—ସଂ. ବି. (ଆ=ପୁନଃ ପୁନଃ+ବୃତ ଧାତୁ=ଗମନ କରିବା+ଭାବ. ତି)—୧ । ପୁନରାଗମନ—1. Returning; coming again.
Ābṛutti
୨ । ଆଗମନ—2. Coming.
୩ । ଫେରିଆସିବା; ପୁନର୍ଜନ୍ମ ହେବା—3. Rebirth; transmigration after death.
୪ । ପୁନଃ ପଠନ; ଅଭ୍ୟାସ—4. Repetition
୫ । ଗୁଣନ; ଗୁଣି ହେବା—5. Getting by heart.
୬ । ବ୍ୟାଖ୍ୟା ନ କରି ପଢ଼ିବା; ଘୋଷିବା—6 Reading aloud.
୭ । ପାଠ କରି ପଢ଼ିବା—7. Reciting.

**ଆବେ**—ଗ୍ରା. ଅ.—ନୀଚ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ଅବଜ୍ଞାର୍ଥକ ସମ୍ବୋଧନ—A word used in addressing low persons.
Ābe

**ଆବେଗ**—ସଂ. ବି. (ଆ=ସମ୍ୟକ୍+ବିଦ୍ ଧାତୁ=ଦୁଃଖ ପାଇବା; ତ୍ୱରା କରିବା+ଭାବ. ଅ)—୧ । ଚିତ୍ତଚାଞ୍ଚଲ୍ୟଜନକ ତ୍ୱରା—1. Hurry; haste.
Ābega
୨ । ଚିତ୍ତଭ୍ରମ—2. Mental derangement.
୩ । ଚିତ୍ତଚାଞ୍ଚଲ୍ୟ—3. Perturbation of mind.
୪ । ବ୍ୟାକୁଳତା; ଅସ୍ଥିରତା—4. Anxiety; restlessness.

**ଆବେଗୀ**—ସଂ. ବି.—ବୃଦ୍ଧଦାରକ (ଦେଖ)
Ābegi Bruddhadāraka (See)

**ଆବେଦକ**—ସଂ. ବିଣ. (ଆ=ବିଦ୍ ଧାତୁ ଣିଚ; ବେଦ ଧାତୁ=ଜଣାଇବା+କର୍ତ୍ତୃ. ଅକ)—୧ । ଯେ ଆବେଦନ କରେ; ନିବେଦକ—1. Applicant.
Ābedaka
୨ । ପ୍ରାର୍ଥକ—2. Praying
୩ । ଯେ ନାଲିସ୍ କରେ—3 Petitioner; complainant.
୪ । ବିଜ୍ଞାପକ—4. Informant.

**ଆବେଦନ**—ସଂ. ବି. (ଆ+ବିଦ୍ ଧାତୁ ଣିଚ; ବେଦ ଧାତୁ+କର୍ତ୍ତୃ. ଅନ)—୧ । ନିବେଦନ—1. Representation.
Ābedana
୨ । ବିଜ୍ଞାପନ—2. Notifying.
୩ । ପ୍ରାର୍ଥନା—3. Prayer.
୪ । ଦରଖାସ୍ତ—4. Petition.
୫ । ନାଲିସ୍ କରିବା—5. Applying.

**ଆବେଦନୀୟ**—ସଂ. ବିଣ. (ଆ+ବେଦ ଧାତୁ+ଜଣାଇବା+କର୍ମ. ଅନୀୟ)—ଯେଉଁ ବିଷୟର ଆବେଦନ କରିବାକୁ ହେବ ଅଥବା କରିବା ଉଚିତ ବା ଆବଶ୍ୟକ; ନିବେଦନୀୟ—Requiring to be applied for.
Ābedaniya

**ଆବେଦିତ**—ସଂ. ବିଣ. (ଆ+ବେଦ ଧାତୁ=ଜଣାଇବା+କର୍ମ. ତ)—ଯେଉଁ ବିଷୟରେ ଆବେଦନ କରି ଯାଇ ଅଛି)—
Ābedita
୧ । ନିବେଦିତ—1 Informed.
୨ । ବିଜ୍ଞାପିତ—2. Notified.
୩ । ପ୍ରାର୍ଥିତ—3. Prayed for.
୪ । ଋଣଦାନାଦି ପାଇଁ ରାଜାଙ୍କ ନିକଟରେ ବିଜ୍ଞାପିତ—4. Notified to public authorities for securing a loan.

**ଆବେଦ୍ୟ**—ସଂ. ବିଣ. (ଆ+ବେଦ+କର୍ମ. ଯ)—ଆବେଦନୀୟ (ଦେଖ)
Ābedya Ābedaniya (See)

**ଆବେଶ**—ସଂ. ବି. (ଆ+ବିଶ୍ ଧାତୁ=ପ୍ରବେଶ କରିବା+ଭାବ. ଅ)—୧ । ଭେଦ ଯିବା—1. Absorption.
Ābesa
୨ । ଭିତରକୁ ପଶିବା; ପ୍ରବେଶ—2. Entering into.
୩ । ଭୂତ ଆଦି ଲାଗିବା—3. Being possessed by a ghost.
୪ । ଆସକ୍ତି—4. Attachment.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଶ | ଙ୍କ | ଇଯୁ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ଷ | ଙ୍ଗ୍ୟ | ଇଅ | ଓ | ନୃ |

୫ । ଅଭିନିବେଶ—5 Attention; intentness.

୬ । ଅଯୁକ୍ତୀକରଣ--6. Bringing under control.

ଦେ. ବଣ. - ଅଭିନିବିଷ୍ଟ—Attentive.

ପୁରେ ପ୍ରବେଶ ହୋଇ ଆବେଶ ବୋଲନ୍ତି ବେଶ ସାର—ଭକ୍ତ. ପ୍ରେମସୁଧାନିଧି ।

**ଆବେଶନ**—ସଂ.ବ. (ଆ + ବିଶ ଧାତୁ=ପ୍ରବେଶ କରିବା + ଅଧିକରଣ. ଅନ)—୧ । ଶିଳ୍ପାଗାର—1. Factory.
Ābeśana

୨ । ସୂର୍ଯ୍ୟାଦିଙ୍କ ଚତୁର୍ଦ୍ଦିଗସ୍ଥ ପରିଧି—
2. Halo or circle round the orbit of the sun

୩ । (+ଭାବ. ଅନ ) ପ୍ରବେଶ—3 Entrance.

୪ । ଭୂତାବେଶ—4 Possession by evil spirits.

୫ । ରାଗ; କୋପ—5. Wrath; fit of anger.

**ଆବେଶିକ**—ସଂ. ବି. ପୁଂ. (ଆବେଶ=ପ୍ରବେଶ + ଇକ)—
Āveśika ୧ । ଆଗନ୍ତୁକ—1. Stranger.

୨ । ଅତିଥି—2. Guest

୩ । (+ସ୍ୱାର୍ଥେ. ଇକ) ପ୍ରବେଶ—3. Entrance.

ସଂ. ବଣ.—ଅସାଧାରଣ—Extraordinary.

**ଆବୋଉ**—ପ୍ରାଦେ. (ବାଲେଶ୍ୱର ଓ ବାଙ୍କି ଅଞ୍ଚଳର କରଣଙ୍କ ଗୋଷ୍ଠିରେ ପ୍ରଚଳିତ) ବି.—ଖୁଡ଼ୀ;ଦେଢେଇ—Paternal aunt.
Ābou

ଦେ. ଅ.—ପିତୃମାତୃହୀନ ଶିଶୁଙ୍କୁ ପାଳିଥିବା ପିଉସୀ, ମାଉସୀ, ମାଇଁ ଆଦିଙ୍କ ପ୍ରତି ଉକ୍ତ ଶିଶୁମାନଙ୍କର ସ୍ନେହ ସମ୍ବୋଧନ—Interjection used by children in addressing one's paternal and maternal aunt.

**ଆବୋର**—ଦେ. ବି.—ଆବୁର (ଦେଖ)
Ābora Ābura (See)

**ଆବୋରାଆବୋରି**—ଦେ. ବଣ.—ଆବୁରାଆବୁରି (ଦେଖ)
Āborāābori Āburāāburi (See)

**ଆବୋରିବା**—ଦେ. ପଦ୍ୟ. କ୍ରି. ( ସଂ. ଆବରଣ )—
Āboribā ୧ । ଆବରିବା ( ଦେଖ )
1. Ābaribā ( See )

ସେ ଗଲେ ଚହଲ ଆବୋରିକରି ପଥ—କୃଷ୍ଣସିଂହ. ମହାଭାରତ. ବନ ।

୨ । ଘୋଟିବା—2. To overspread; to over cloud.

ମେଘର ପ୍ରାୟେ ଆବୋରିଲ ।
ଗୋବିନ୍ଦ ଦରେ ବଳେ କଲ—ଜଗନ୍ନାଥ. ଭାଗବତ ।

୩ । ଓଗାଳିବା; ଅଟକାଇବା—3 To restrain.

ଏହାଙ୍କ ମନ୍ତ୍ରଣେ ଆବୋରି
ଯେ ରଥୀ ପାରେ ଯୁଦ୍ଧ କରି—ଜଗନ୍ନାଥ. ଭାଗବତ ।

୪ । ଆଶ୍ରୟ କରିବା—4. To take shelter.

ସ୍ୱଭାବେ ନିର୍ଗୁଣ ମୂଢ଼ର
ଖେଳଇ ତ୍ରିଗୁଣ ଆବୋରି—ଜଗନ୍ନାଥ. ଭାଗବତ ।

୫ । ରକ୍ଷାକରିବା—5 To save; to protect.

ଆବୋରି ନ ପାରିଲେ ଭଲେ
ତକ୍ଷଣେ ଲୁଟିଲେ ଗୋପାଳେ—ଜଗନ୍ନାଥ. ଭାଗବତ ।

୬ । ଅଧିକାର କରିବା—6. To occupy.

ରାଜ୍ୟ ଆବୋରି ମହୀପତେ
କର୍ମ ବଚନ ଗୁଣ ଭଜେ—ଜଗନ୍ନାଥ. ଭାଗବତ ।

୭ । ପାଳିବା—7. To bring up.

ନର ପଶୁ ଏ ଯତ୍ନକରି
ରଖଇ ନରତେ ଆବୋରି—ଜଗନ୍ନାଥ. ଭାଗବତ ।

୮ । ଆଦରକରିବା—8. To like; to have a liking for.

ଗୃହ ଭୂମରେ ଯେ ଧୂଳଖେଳେ ତପୁର
ଲୀଳା ଭାବେ ଆବୋରନ୍ତି ବାଳକ ଅର—ଦୀନକୃଷ୍ଣ. ରସକଲ୍ପ ।

**ଆବ୍ବା**—ପ୍ରାଦେ. (ଦ୍ରାବିଡ଼) ଅ.—ଆବା (ଦେଖ)
Ābbā Ābā (See)

ଦୁର୍ଯ୍ୟୋଧନ ବଳ ତା ନ ସହି ଭାଗୁଛି
ପଛକୁ କଲେ ମୁଖ ଆବ୍ବା ବୋଲିକରି—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଆବ୍ବାକାବ୍ବା**—ଦେ. କ୍ରି.ବଣ.—( ସଂ. ଅବାକ୍ )—ଆବାକାବା (ଦେଖ)
Ābbākābbā Ābākābā (See)

**ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତ**—ସ.କ୍ରି. ବଣ—ବ୍ରହ୍ମଠାରୁ ସ୍ତମ୍ବ ପର୍ଯ୍ୟନ୍ତ; ସଜୀବଠାରୁ ନିର୍ଜୀବ ପର୍ଯ୍ୟନ୍ତ—( ଚରାଚର ବ୍ରହ୍ମାଣ୍ଡ )—The whole Universe including the spirit and inanimate things.
Ābrahmastambhaparjyanta

**ଆଭ**—ଦେ. ବି. ( ସଂ. ଅଭ୍ର )—ଅଭ୍ର; ମେଘନାଳ—
Ābha Talc; mica.

আভ

आभ; आभरक

**ଆଭରକ୍**—ଦେ. ବି. ( ସଂ. ଅଭ୍ର )—ଅଭରକ ( ଦେଖ )
Ābharak Abharaka ( See )

**ଆଭରଖ୍**—ଦେ. ବି—ଅଭରକ୍ ( ଦେଖ )
Ābharakh Abharak ( See )

**ଆଭରଣ**—ସଂ.ବି.( ଆ + ଭୃଂ ଧାତୁ=ଧାରଣ କରିବା+କରଣ;ଅନ.)—
Ābharaṇa

୧ । ଭୂଷଣ; ଅଳଙ୍କାର—1 Ornament

୨ । ସମ୍ୟକ୍ ଭରଣ ପୋଷଣ—
2. Careful upbringing.

**ଆଭା**—ସଂ. ବି. ସ୍ତ୍ରୀ. ( ଆ+ଭା ଧାତୁ=ଦୀପ୍ତି ପାଇବା+ଭାବ. ଅ +ସ୍ତ୍ରୀ. ଆ )—
Ābhā

୧ । ପ୍ରଭା; ଦୀପ୍ତି; ଶୋଭା; କାନ୍ତି—
1. Splendour; gloss.

ସାଧାରଣ ଲୋକେ ଅନେକ ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଠ ସ୍ଥାନରେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଣ' ଖୋଜିବେ; 'କ୍ଷୀ' ନ ମିଳିଲେ 'କ୍ଷ' ଦେଖିବେ; 'ରଶ୍ମି' ନ ପାଇଲେ 'ରଶ୍ମ୍' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚ' ଦେଖିବେ; 'ଅଳକତ' ନ ପାଇଲେ 'ଅଲକ୍ତକ' ଦେଖିବେ ।

୨ । ଉପମା; ସାଦୃଶ୍ୟ—2. Likeness; similarity.

୩ । ଛାୟା—3. Shade; shadow

୪ । ବାତରୋଗବିଶେଷ—4. A kind of rheumatism.

"ଆଭା ବକୁଲ ପର୍ଯ୍ୟାୟଃ କଥିତଃ କୋବିଦୈରଥ"— ଭାବପ୍ରକାଶ ।

**ଆଭାଣକ**—ସଂ. ବି. (ଆ+ଭଣ ଧାତୁ=କହିବା + କର୍ତ୍ତୃ. ଅକ)—
Ābhāṇaka ପ୍ରବାଦ; ପ୍ରବଚନ—Proverb; adage.

**ଆଭାଷ**—ସଂ. ବି. (ଆ + ଭାଷ ଧାତୁ = କହିବା + ଭାବ. ଅ)—
Ābhāsha ୧ । ଅବତରଣିକା; ମୁଖବନ୍ଧ; ଭୂମିକା— 1. Preface; prologue; preamble.

୨ । ଆଳାପ—2. Address.

୩ । ଅନୁଷ୍ଠାନ—3. Institution.

**ଆଭାଷଣ**—ସଂ. ବି. (ଆ+ଭାଷ ଧାତୁ = କହିବା + ଭାବ. ଅନ)—
Ābhāshaṇa ୧ । କଥାଭାଷା; ଆଳାପ; ପରସ୍ପର କଥାବାର୍ତ୍ତା— 1. Conversation; mutual talk.

୨ । ଉକ୍ତି—2. Speech.

୩ । ଉକ୍ତିପ୍ରତ୍ୟୁକ୍ତି—3. Dialogue.

**ଆଭାସ**—ସଂ. ବି. ପୁଂ. ( ଆ=ସମ୍ୟକ୍; ଈଷତ୍ + ଭାସ ଧାତୁ = ଦୀପ୍ତି ପାଇବା + ଭାବ. ଅ )—
Ābhāsa

୧ । ଦେଖାଯିବା—1. Appearance.

୨ । ଦ୍ୟୁତି; ଜ୍ୟୋତି; ଦୀପ୍ତି—2. Lustre.

୩ । ସାଦୃଶ୍ୟ—3. Semblance.

୪ । ଅଭିପ୍ରାୟ—4. Intention.

୫ । ସୂଚନା—5. Indication.

୬ । ପ୍ରତିବିମ୍ବ—6. Reflection; image.

୭ । ଇଙ୍ଗିତ—7. Hint

ଦେ. ବି—ପ୍ରକାଶ—Manifestation.

ଆଭାସ, ନିର୍ଦ୍ଦେଶ ଏ ଦୁଇ
ଯାହାରୁ ପ୍ରକାଶ ହୁଅଇ । ଜଗନ୍ନାଥ. ଭାଗବତ ।

**ଆଭାସଧର୍ମ**—ସଂ. ବି. (ଆଭାସ+ଧର୍ମ—ନିଜ ଇଚ୍ଛାରେ ଆଶ୍ରୟ କରିବା
Ābhāsadharma ଏକ ଧର୍ମ)—Quality or piety assumed out of one's own accord.

ସ୍ୱଇଚ୍ଛେ ଏକ ଧର୍ମ କରି
ଆଭାସଧର୍ମ ତାକୁ ବୋଲି । ଜଗନ୍ନାଥ. ଭାଗବତ ।

**ଆଭାସମାନ**—ସଂ. ବିଣ. (ଆ + ଭାସ = ଦୀପ୍ତି ପାଇବା + କର୍ତ୍ତୃ. ଅନ)—
Ābhāsamāna ୧ । ପ୍ରକାଶମାନ—1. Manifest

୨ । ଅବଭାସମାନ; ଦୀପ୍ୟମାନ—2 Shining.

୩ । ପ୍ରତୀୟମାନ—3. Seeming.

**ଆଭାସିବା**—ଦେ. ପଦ୍ୟ. କ୍ରି—୧ । ବୋଧ ହେବା; ଅନୁମିତ ହେବା—
Ābhāsibā 1. To seem; to appear.

ସୁସଜ୍ଜ ଗ୍ରୀବ ସ୍ୱର୍ଣ୍ଣ ଗଣ୍ଡ ତଳେ ଆଭାସୁଅଛି ତାହାର ଯେ ।
ଉଦ୍ଧ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । (ଅମୁକ) ପରି ଦେଖାଯିବା—2. To look like.

ଚନ୍ଦ୍ର ସ୍ୱନର ଭଳ ନ ବଣିବ
ପିଶାଚ ପରି ଯେବେ ଆଭାସିବ । କବିସୂର୍ଯ୍ୟ. ସଙ୍ଗୀତ ।

୩ । ଉଦୟ ହେବା; ଜାତ ହେବା— 2. To arise.

ଯେବେ ଚିତ୍ତେ ଭୁଞ୍ଜ ପାତକ ଆଭାସଇ
ତେବେ ତ ପ୍ରାୟଶ୍ଚିତ୍ତ କର ମୁଁ ବୋଲୁଛି । କୃଷ୍ଣସିଂହ. ମହାଭାରତ. ଶା.ନ୍ତି

**ଆଭିଚାରିକ**—ସଂ. ବିଣ. (ଅଭିଚାର + ସମ୍ବନ୍ଧ. ଇକ )—
Ābhichārika ଅଭିଚାର ( ଦେଖ ) Abhichāra ( See )

ଆଭିଚାରିକ ବେଦ ନାଦେ
ଅଦ୍ଭୁତ ଦେବୀ କୁଣ୍ଡ ମଧ୍ୟେ । ଜଗନ୍ନାଥ. ଭାଗବତ ।

**ଆଭିଜନ**—ସଂ. ବି. କ୍ଲୀ. (ଅଭିଜନ = ବଂଶ + ଭାବ. ଅ)—
Ābhijana ଅଭିଜନର ଭାବ; କୌଳିନ୍ୟ—Nobility.

**ଆଭିଜାତିକ**—ସଂ. ବିଣ. (ଅଭିଜାତ = ଉଚ୍ଚକୁଳ + ସମ୍ବନ୍ଧ. ଇକ)—
Ābhijātika ୧ । ଉଚ୍ଚବଂଶସମ୍ବନ୍ଧୀୟ—1. Pertaining to high birth.

୨ । କୁଳପରିଚାୟକ—2. Indicating lineage.

୩ । ବଂଶଘଟିତ—3. Relating to family.

**ଆଭିଜାତ୍ୟ**—ସଂ. ବି. (ଅଭିଜାତ = ଉଚ୍ଚକୁଳ; ସଦ୍‌ବଂଶ + ଭାବ. ଯ)—
Ābhijātya ୧ । କୌଳିନ୍ୟ; ଉଚ୍ଚକୁଳ—1. Nobility; aristocracy.

୨ । ଉଚ୍ଚବଂଶରେ ଜନ୍ମ ହେତୁ ଗର୍ବ—2. Pride due to high birth.

୩ । ବଂଶମର୍ଯ୍ୟାଦା—3. Respectability.

୪ । ପାଣ୍ଡିତ୍ୟ—4. Learning.

୫ । ଲଜ୍ଜା—5. Modesty.

**ଆଭିଧାନିକ**—ସଂ. ବିଣ. (ଅଭିଧାନ = ଶବ୍ଦକୋଷ + ଇକ)—
Ābhidhānika ୧ । ଅଭିଧାନଭୁକ୍ତ—1. Included in a dictionary.

୨ । ଅଭିଧାନ ପୁସ୍ତକ ସଂକ୍ରାନ୍ତ—2. Relating to a lexicon.

୩ । ଅଭିଧାନ ପୁସ୍ତକରେ ଯାହା ମିଳେ—3. Which can be found in a dictionary (ଯଥା— ଆଭିଧାନିକ ଶବ୍ଦ)

ସଂ. ବି.—ଅଭିଧାନ ସଂକଳୟିତା—Compilor of a lexicon.

**ଆଭିମୁଖ୍ୟ**—ସଂ.ବି.କ୍ଲୀ (ଅଭିମୁଖ + ଭାବ. ଯ)—୧ । ସମ୍ମୁଖବର୍ତ୍ତୀ ହେବା-
Ābhimukhya 1. Being in front.

୨ । ସମ୍ମୁଖରେ ଅବସ୍ଥିତି; ସାମ୍ମୁଖ୍ୟ—2. Situation in front.

| ୧ | ଇ | ଈ | ଋ,ଌ | ଃ | ଯ୍ବ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଙ୍କ | ଇଂ | ଢ଼ଥ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ନ | ସ | ଗିଂ୍ୟ | ଇଅ | ଞ୍ଜ | ନ୍ତ |

୩ । ଅନୁକୂଲ୍ୟ—3. Favourableness.

୪ । ଅନୁଗ୍ରହ; ପ୍ରସାଦ—4. Favour.

**ଅଭିରୂପ୍ୟ**—ସଂ. ବି. (ଅଭିରୂପ + ଭାବ. ଯ)—୧ । ଅଭିରୂପର ଭାବ—
Ābhirūpya 1 Suitability.
୨ । ସୌନ୍ଦର୍ଯ୍ୟ—2. Grace; beauty.

**ଆଭିଷେଚନିକ**—ସଂ. ବିଣ. (ଅଭିଷେଚନ + ସମ୍ବନ୍ଧ. ଇକ)—
Ābhishechanika ୧ । ରାଜାମାନଙ୍କର ଅଭିଷେଚନ ଉପଯୁକ୍ତ-
1. Fit for the installation ceremony.
୨ । ଅଭିଷେଚନାର୍ଥ (ବସ୍ତୁ)—2. thing) Intended for installation ceremony.
୩ । ଯୁଧିଷ୍ଠିରଙ୍କର ରାଜ୍ୟାଭିଷେକ ବର୍ଣ୍ଣନାତ୍ମକ ମହାଭାରତୀୟ ପର୍ବ—3. Title of a volume of the Mahābhārata dealing with the installation of Judhishṭhira.

**ଆଭୀକ୍ଷ୍ଣ**—ସଂ. ବି. କ୍ଲୀ ( ଅଭୀକ୍ଷ୍ଣ + ଭାବ. ଅ )—୧ । ପୌନଃପୁନ୍ୟ—
Ābhīkshṇa 1. Repetition.
୨ । ଆଧିକ୍ୟ—2. Excess.

**ଆଭୀକ୍ଷ୍ଣ୍ୟ**—ସଂ. ବି. (ଅଭୀକ୍ଷ୍ଣ + ଭାବ. ଯ)— ଆଭୀକ୍ଷ୍ଣ (ଦେଖ)
Ābhīkshṇya Ābhīkshṇa (See)

**ଆଭୀର**—ସଂ. ବି. ପୁଂ. (ଆ + ଅଭି + ଈର ଧାତୁ = ପ୍ରେରଣ କରିବା + କର୍ତ୍ତୃ. ଅ କିମ୍ବା ଆ + ଭୀ + ରା ଧାତୁ = ଦାନ କରିବା + (ଆଭୀରୀ—ସ୍ତ୍ରୀ) କର୍ତ୍ତୃ. ଅ)—୧ । ଗୋ-ପାଳକ ଜାତିବିଶେଷ—
Ābhīra
1. A caste of cowherd.
୨ । ଗୋପାଳ; ଗଉଡ଼—2. Cowherd.
୩ । ଦେଶବିଶେଷ—3. Name of a country.
୪ । ଆଭୀର ଦେଶବାସୀ ବ୍ୟକ୍ତି—4 Resident of Ābhīra country.

**ଆଭୀଳ**—ସଂ. ବି. (ଆ + ଅଭି + ଇଲ ଧାତୁ = କ୍ଷେପଣ କରିବା; କଷ୍ଟ
Ābhīla ପାଇବା + କର୍ତ୍ତୃ. ଅ)—୧ । ଶାରୀରିକ ଯନ୍ତ୍ରଣା
1. Physical pain.
୨ । କଷ୍ଟ; କ୍ଳେଶ—2. Trouble.
ସଂ. ବିଣ ( ଆ + ଭୀ ଧାତୁ = ଭୟ + ଅନ୍ତ ଅର୍ଥରେ. ଇ; ଅଥବା ଲା ଧାତୁ = ଅର୍ଥ ଗ୍ରହଣ କରିବା + କର୍ତ୍ତୃ. ଅ)—
୧ । ଭୟାନକ—1. Terrible.
୨ । କଷ୍ଟଯୁକ୍ତ—2 Painful.

**ଆଭୁଗ୍ନ**—ସଂ.ବିଣ.(ଆ = ସମ୍ୟକ୍ + ଭୁଜ ଧାତୁ = ବକ୍ର ହେବା + କର୍ତ୍ତୃ. ତ)-
Ābhugna ୧ । ଈଷତ୍ ବକ୍ର—1. Slightly curved.
୨ । ଆକୁଞ୍ଚିତ—2. Shrivelled up.

**ଆଭୁର୍ଡ଼ା ପଡ଼ିବା**—ଗ୍ରା. କ୍ରି—ଅବୁରା ପଡ଼ିବା ( ଦେଖ )
Ābhurḍā parḍibā Āburā parḍibā (See)

ଆଉଜେ ପଡ଼ା କେ ଏମ ସେଠୁ ଅଭୁଡ଼ା ତଣ୍ଡ ପଢନ୍ତ ଅଦିଷ୍ଟ ଥାନ୍ତୁ
ଦେଖିଲେ ସେବ କରିବେ ଥିବ ଭୂମ୍ଭଙ୍କୁ ତ ସଜ ନାହିଁ ।
ବ୍ରଜବିହାର ।

**ଆଭୋଗ**—ସଂ. ବି. ( ଆ = ସମ୍ୟକ୍ + ଭୁଜ ଧାତୁ = ଭୋଗ କରିବା;
Ābhoga ଭୋଜନ କରିବା; ପୂର୍ଣ୍ଣ ହେବା + ଭାବ. ଅ )—
୧ । ପୂର୍ଣ୍ଣତା—1. Completeness.
୨ । ସମ୍ପୂର୍ଣ୍ଣ ଭୋଗ—2. Full enjoyment.
୩ । ସର୍ପର ଫଣା; ବରୁଣଚ୍ଛତ୍ର—
3 The expanded hood of a serpent.
୪ । ବିସ୍ତୃତି; ବିସ୍ତାର—4. Expanse; extension.
ଧରଣୀ ସୀମାନ୍ତ ଧେନୁ ଅଛି ଭୂମି
ବିଗନ୍ତେ ଶ୍ୟାମସୁନ୍ଦର ବିଶାଳ ଆଭୋଗେ । ଜଗନ୍ନାଥ, ମହାଯାତ୍ରା ।
୫ । କବି ନାମରେ ଭଣିତା ହୋଇଥିବା ସଙ୍ଗୀତର ଚତୁର୍ଥ ଚରଣ—5. The fourth para of a sŏng; concluded in the name of its composer.
୬ । ବିମର୍ଦ୍ଦ—6. Friction; rubbing.
୭ । ଯତ୍ନ; ପ୍ରଯତ୍ନ—7. Exertion.

**ଆଭୋଗୀ**—ସଂ. ବିଣ. ( ଆଭୋଗ = ପୂର୍ଣ୍ଣତା + ଇନ୍; ୧ମା. ୧ବ. )—
Ābhogī ପୂର୍ଣ୍ଣତାପ୍ରାପ୍ତ; ସମ୍ପୂର୍ଣ୍ଣ—Completed; full.

**ଆଭ୍ୟନ୍ତର**—ସଂ. ବିଣ. ( ଅଭ୍ୟନ୍ତର + ଭାବ. ଅ )—୧ । ଅନ୍ତରିକ—
Ābhyantara 1. Internal.
(ବାହ୍ୟ—ବିପରୀତ) ୨ । ଅଭ୍ୟନ୍ତରଭବ—
2 Born from within.
୩ । ମାନସିକ—3. Mental.

**ଆଭ୍ୟନ୍ତରିକ**—ସଂ. ବିଣ. ( ଅଭ୍ୟନ୍ତର + ସମ୍ବନ୍ଧ. ଇକ )—
Ābhyantarika ଆଭ୍ୟନ୍ତର ( ଦେଖ )
Ābhyantara ( See )

**ଆଭ୍ୟନ୍ତରୀଣ**—ସଂ. ବିଣ. ( ଅଭ୍ୟନ୍ତର + ସମ୍ବନ୍ଧ. ଇନ )—
Ābhyantarīṇa ଆଭ୍ୟନ୍ତର ( ଦେଖ )
Ābhyantara ( See )

**ଆଭ୍ୟାସିକ**—ସଂ. ବିଣ. ( ଅଭ୍ୟାସ + ଇକ )—
Ābhyāsika ୧ । ଅଭ୍ୟାସ କରାଯାଇଥିବା—
1. Habitual.
୨ । ଅଭ୍ୟସ୍ତ—2 Habituated.
୩ । ନିକଟବର୍ତ୍ତୀ—3 Neighbouring.
୪ । ସାଧନରତ; ଅଭ୍ୟାସକାରକ—4. Studious.

**ଆଭ୍ୟୁଦୟିକ**—ସଂ. ବିଣ. ( ଅଭ୍ୟୁଦୟ + ଇକ )—
Ābhyudayika ୧ । ଯାହାଦ୍ୱାରା ଅଭ୍ୟୁଦୟ ହୁଏ—
1. Causing bliss or prosperity.
୨ । ମାଙ୍ଗଳିକ—2. Auspicious.
୩ । ଶୁଭକାର୍ଯ୍ୟସଂକ୍ରାନ୍ତ—3. Relating to auspicious events

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ହୋଇ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଷାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

୪ । ଉନ୍ନତିକର—4. Causing improvement.

**ଅଭ୍ୟୁଦୟିକ ଶ୍ରାଦ୍ଧ**—ସଂ. ବି—ବୈବାହାଦି କର୍ମ ଆରମ୍ଭରେ ବୃଦ୍ଧିଲକ୍ଷ Ābhyudayika śrāddha ଉନ୍ନତି ବା ମଙ୍ଗଳାର୍ଥ କରଯିବା ପିତୃଲୋକଙ୍କ ଶ୍ରାଦ୍ଧ—An offering to the manes at the beginning of marriage and other rites.

**ଆମ୍**—ପ୍ରାଦେ. ( ସମ୍ବଲପୁର ) ବି—୧ । ଅମ୍ବ—1. Mango.
Ām ୨ । ଆମ ( ଦେଖ )
2. Āma ( See )

**ଆମ୍କ୍ଷମତାପତ୍ର**—ଦେ. ବି—ଆମ୍ମୁକ୍ତାରନାମା ( ଦେଖ )
Āmkshamatāpatra Ammuktāranāmā ( See )

**ଆମ୍ଚୁର୍**—ପ୍ରାଦେ. ( ଲରଆ ) ବି—ଆମ୍ବୁଲ ( ଦେଖ )
Āmchur Āmbula ( See )

**ଆମ୍ବାହାର**—ପ୍ରାଦେ ( ସମ୍ବଲପୁର ) ବି—ଆମାଶୟଜନିତ ଝାଡ଼ା; ନାଲରକ୍ତ
Āmbāhār ଝାଡ଼ା—Dysentery

**ଆମମହୁଲଖିଆ**—ପ୍ରାଦେ. (ସମ୍ବଲପୁର) ବି—ବଉଲ୍‌ଖିଆ ( ଦେଖ )
Āmmahulkhiā Baulkhiā ( See )

**ଆମ୍ମୁକ୍ତାର୍**—ପ୍ରାଦେ. ( ସମ୍ବଲପୁର ) ବି—ସାଧାରଣକ୍ଷମତାପ୍ରାପ୍ତ
Āmmuktār କାର୍ଯ୍ୟକାରୀ—An agent holding a general power or authority.

**ଆମ୍ମୁକ୍ତାରନାମା**—ପ୍ରାଦେ. (ସମ୍ବଲପୁର) ବି—ସାଧାରଣ କ୍ଷମତାପତ୍ର—
Āmmuktāranāmā General power of attorney

**ଆମସି**—ପ୍ରାଦେ. ( ମେଦନାପୁର ) ବି—ଆମ୍ବୁଲ ( ଦେଖ )
Āmsi Āmbula ( See )

**ଆମ**—ସଂ ବି. ( ଆ=ସମ୍ୟକ୍+ଅମ ଧାତୁ=ରୁଗ୍ଣ ହେବା; ଯିବା+
Āma କରଣ. ଅ )—୧ । ଅପକ୍ୱ; କଞ୍ଚା—
আওঁ 1. Raw; unripe.
୨ । ଅସିଦ୍ଧ—2. Uncooked.
୩ । ବହ୍ନିପାକରହିତ—3. Unboiled.
୪ । ପୋଡ଼ା ହୋଇ ନ ଥିବା (ମାଟିପାତ୍ର)—
4. Unbaked (pot).

ଅର୍ପଣମା ବସ୍ତ୍ରା ଧର ହସ୍ତେ, କବ୍ୟ ଦୁହିଁଲେ ଅମପାକେ ।
ଜଗନ୍ନାଥ- ଭାଗବତ. ୪ର୍ଥ ।

ସଂ. ବି. ( +କର୍ତ୍ତୃ. ଅ )—୧ । ଉଦରସ୍ଥ ଅପକ୍ୱ ଭୁକ୍ତରସ; ଉଦରସ୍ଥ ନାଳ—1. Mucus, flux.
୨ । ଅଜୀର୍ଣ୍ଣ ରୋଗ—2. Indigestion.
୩ । ତୁଷରହିତ ଧାନ୍ୟାଦି ଶସ୍ୟ—
3. Grain without chaff.
୪ । ରୋଗ—4. Disease.

আমাদের ଦେ. ସର୍ବନାମ. ବିଣ—ଆମ୍ଭ; ଆମ୍ଭମାନଙ୍କର—Our.
हमारा

**ଆମକବ୍‌ଜି**—ଦେ. ବି.—ଆମକବଜ୍ ( ଦେଖ )
Āmakabji Āmakabaj ( See )

**ଆମକବଜ୍**—ଦେ. ବି—ଅଜୀର୍ଣ୍ଣ ଓ ବାୟୁ ବୃଦ୍ଧିଜନିତ କୋଷ୍ଠବଦ୍ଧତା—
Āmakabaj Costiveness due to wind;
আমকবজ flatulence.
आमकब्जियत

**ଆମଗନ୍ଧି**—ସଂ. ବିଣ. ( ବହୁବ୍ରୀହି; ଆମ=ଅପକ୍ୱ+ଗନ୍ଧ+ଇ )—
Āmagandhi ଦୁର୍ଗନ୍ଧ; ପୂତିଗନ୍ଧଯୁକ୍ତ; ସଢ଼ାଗନ୍ଧବିଶିଷ୍ଟ—
Of offensive odour; of putrid smell.
ସଂ. ବି—୧ । ଦୁର୍ଗନ୍ଧ—1. Bad smell.
୨ । ସଢ଼ା ଗନ୍ଧ—2. Offensive or putrid odour.
୩ । ଚିତା ଧୂଆଁ; ମାଛ ଶୁଖୁଆ ପୋଡ଼ା ଆଦିର ଗନ୍ଧ—
3. Bad odour of smoke from the burning of raw flesh.

**ଆମଞ୍ଚ**—ଦେ. ବି.—( ସଂ. ଆକୁଞ୍ଚନ )—ଶର ସନ୍ଧାନ; ଧନୁରେ ଶର
Āmañcha ସଂଯୋଗ; ଧନୁରେ ଶର ଯୋଜନା—Setting or charging the arrow on to the bow.

**ଆମଞ୍ଚନ**—ଦେ. ବି—ଆମଞ୍ଚ ( ଦେଖ )
Āmañchana Āmañcha ( See )

**ଆମଞ୍ଚିବା**—ଦେ. କ୍ରି. ( ସଂ. ଆମଞ୍ଚନ )—ଶର ସନ୍ଧାନ କରିବା;
Āmañchibā ଧନୁରେ ଶର ଚଢ଼ାଇବା—To set the arrow on to the bow.

ଦେଖିବା ତୋ ସେକ୍ରମ ଆମଞ୍ଚ ଏ ଧନୁ । ସରଳା ମହାଭାରତ—ବନ୍ଦ୍ଦ ।

**ଆମଟ୍**—ପ୍ରାଦେ.—୧ । ( ଲରଆ ) ବି—୧ । ଅମ୍ଳ ଝୋଳ—
Āmaṭ 1. Curry mixed with acid.
୨ । ( କଟକ ) ବି—କାଞ୍ଜି—
2. Fermented rice-water.

**ଆମର୍ଡ଼ା**—ଦେ. ବି—ଆମ୍ବଡ଼ା ( ଦେଖ )
Āmardā Āmbardā ( See )

**ଆମଦାନି**—ବୈଦେ. ( ଅ ) ବି.—୧ । ଦେଶାନ୍ତରରୁ ସ୍ୱଦେଶକୁ
Āmadāni ଆନୟନ—1 Import.
আমদানি ଦରଣି ଜନଶାଳ ସହିତ ରୁଚ ଜାମଧ୍ୟେ ପଦାର୍ଥବିଶେଷ
आमदानि ଏ ଦେଶକୁ କୃଷ ଆମଦାନ ହୋଇଅଛି ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

(ଲୋକଭାଷା—ଉପସର୍ଗ) ୨ । ଆୟ; ଲାଭ—2 Income; profit.
୩ । ଭୂମିର ଆୟ—
3. Income from immovable property.
୪ । ଆଦାୟ—4 Collection; realisation.
୫ । ବ୍ୟବସାୟରେ ଲବ୍ଧ ବସ୍ତୁ ବା ଧନ—
5. Assests in business

ବିଣ—୧ । ଦେଶାନ୍ତରରୁ ଆଗତ ( ପଣ୍ୟ )—
1. Imported from outside.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଙ | ର,ଋ | ଝ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଷ | କ୍ଷ | ଇଯୃ | ଙଅ | ଘ |
| ୬ | ଈ | ଊ | ଋ | ଌ | ଙ୍ଗେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

୨ । ଲବ୍ଧ; ଲାଭରୂପେ ମିଳିଥିବା—
2. Received; got as profit.
୩ । ଅଦାୟ କରାଯାଇଥିବା—3. Realised.

**ଆମଦାନିସିହା**—ଦେ. ବି. (ଜମିଦାରୀ ସିରସ୍ତା)—ଯେଉଁ କାଗଜରେ
Āmadānisihā ଦୈନିକ ଅସୂଲ୍ ହିସାବ ରହେ—
(ଖରଚସିହା—ବିପରୀତ) Book of daily receipts.
আমদানীসিহা
**आमदानीसिहा**

**ଆମନଶମ**—ଗ୍ରା. ବି—ଓଠ, ଜିଭ ଓ ପାଟିରେ ଫଳସିବା ଏକପ୍ରକାର
Āmanaśama ବ୍ରଣ; ଆମ ଓ କଫଜନିତ ରୋଗ—Cough attended with mucus and eruptions on the mouth,tongue and lips.

**ଆମନସ୍ୟ**—ସଂ. ବି. (ଅ+ମନ+ଭାବାର୍ଥେ ଯ; ଯାହା ମନରେ କଷ୍ଟ
Āmanasya ଦିଏ)—ଯାତନା; ପୀଡ଼ା; କଷ୍ଟ; ଦୁଃଖ; ବ୍ୟଥା—
Sorrow; trouble.

**ଆମନ୍ତ୍ରଣ**—ସଂ. ବି.—(ଆ=ସମ୍ୟକ୍+ମନ୍ତ୍ର ଧାତୁ=ଡାକିବା+ଭାବ.
Āmantraṇa ଅନ)—୧ । ସାଦରସମ୍ଭାଷଣ—
1. Welcome.
୨ । ଆହ୍ୱାନ—2 Act of calling.
୩ । ନିମନ୍ତ୍ରଣ—3. Invitation.

**ଆମନ୍ତ୍ରିତ**—ସଂ. ବିଣ. (ଆ=ସମ୍ୟକ୍+ମନ୍ତ୍ର+କର୍ମ. ତ)—
Āmantrita ୧ । ଆହୂତ—1. Called.
୨ । ନିମନ୍ତ୍ରିତ—2. Invited
୩ । ସମ୍ଭାଷିତ—3. Spoken to.

**ଆମନ୍ତ୍ରିବା**—ଦେ. କ୍ରି. ପଦ୍ୟ ((ସଂ. ଆ+ମନ୍ତ୍ର ଧାତୁ)—
Āmantribā ୧ । ଆମନ୍ତ୍ରଣ କରିବା—1. To invite.

ସମାଦରେ ଯଥାବିଧି ଆମନ୍ତ୍ରି ଭୂପତି
ସାମନ୍ତ ରାଜନ୍ୟଦଳେ, ପୌର, ଜାନପଦେ—ରାଧାନାଥ. ମହାଯାତ୍ରା ।

୨ । ମନ୍ତ୍ରୋଚ୍ଚାରଣପୂର୍ବକ ଡାକିବା—
2. To call by uttering mantras; to invoke.

**ଆମବାଇ**—ଦେ. ବି. (ସଂ. ଆମ ଓ ବାୟୁ)—ଅଜୀର୍ଣ୍ଣଜନିତ ବାୟୁରୋଗ—
Āmabāi Flatulence, wind due to indigestion.
আমবাই
**आँवावायु**

**ଆମବାତ**—ଦେ. ବି.—ଅଣ୍ଟୁଗଣ୍ଠି ଧରିବା ବାତ—
**Āmabāta** Acute rheumatism.
ଆମବାତେଇ } ସ୍ତ୍ରୀ
ଆମବାତୋଇ }
গেঠেঁ বাত
**चमकवाई**

**ଆମବାତୁଆ**—ଦେ. ବିଣ—ଆମବାତରୋଗଗ୍ରସ୍ତ (ବ୍ୟକ୍ତି)—
Āmabātuā (a person) Suffering from rheumatism.

**ଆମୟ**—ସଂ. ବି. (ଆମି=ରୋଗୀ ହେବା—ଭାବ. ଅ)—
Āmaya ଦେହର ପୀଡ଼ା; ରୋଗ; ବ୍ୟାଧି—
Sickness; disease; illness, disorder.

**ଆମୟାବୀ**—ସଂ. ବିଣ. (ଆମୟ=ରୋଗ+ଅବ୍ ଧାତୁ=ଗମନ କରିବା,
Āmayābī ପ୍ରାପ୍ତ ହେବା+ଇନ୍;ଯେ ରୋଗପ୍ରାପ୍ତ ହୋଇଅଛି)—
(ଆମୟାବିନୀ—ସ୍ତ୍ରୀ) ରୋଗୀ; ବ୍ୟାଧିଗ୍ରସ୍ତ; ବ୍ୟାଧିତ—Sick; ill.

**ଆମୟିକ**—ସଂ. ବିଣ. (ଆମୟ=ରୋଗ+ଇକ)—
Āmayika ରୋଗସମ୍ବନ୍ଧୀୟ; ରୋଗରେ ପ୍ରଯୋଜ୍ୟ—
Therapeutical; pertaining to treatment of diseases.

**ଆମର**—ଦେ. ସର୍ବନାମ—୧ । ଆମ୍ଭର; ଆମ୍ଭମାନଙ୍କର—
Āmara 1. Our; ours.
আমাদের ୨ । ଆମ୍ଭେମାନେ—2. We.
**हमरा** (ଯଥା—ଚାଲ ଆମର ସେଠାକୁ ଯିବା)

**ଆମରକ୍ତ ଝାଡ଼ା**—ଦେ. ବି. (ସଂ. ଆମ ଓ ରକ୍ତ)—ଝାଡ଼ା ସଙ୍ଗେ କାଳ
Āmarakta jhārdā ଓ ରକ୍ତ ପଡ଼ିବା ରୋଗ—
আমরক্ত বাহ্যি Dysentery; bloody flux.
**आँवक रोग**

**ଆମରଣ**—ସଂ. ଅ. (ଅବ୍ୟୟୀଭାବ; ଆ+ମରଣ)—ମରଣପର୍ଯ୍ୟନ୍ତ—
Āmaraṇa Till death; throughout life.

**ଆମର ସେ**—ଦେ. ସର୍ବ. ପୁଂ.—ମୋ ସ୍ୱାମୀ ବା ମୋ ସ୍ତ୍ରୀ—
Āmarā se, (Euphemism) My husband or my wife.
আমাদের উনি

[ ଦ୍ର—ଭଦ୍ର ଘରର ସ୍ତ୍ରୀମାନେ ସ୍ୱାମିଙ୍କ କଥା କହିଲାବେଳେ ଅସ୍ୱାଭାବିକ 'ମୋ ସ୍ୱାମୀ' ବୋଲି ନ କହି "ଆମର ସେ ଏ କଥା କହିଲେ," "ଆମର ତାଙ୍କୁ ଏ କଥା କହି ଦିଅ"—ଏପରି ବ୍ୟବହାର କରିଥାନ୍ତି । ପୁରୁଷମାନେ ମଧ୍ୟ ନିଜର ସ୍ତ୍ରୀମାନଙ୍କୁ ଲକ୍ଷ୍ୟ କରି (ଆମର ସେ ଅଳ ଥିଏଟର ଦେଖିବାକୁ ଯାଇଅଛନ୍ତି) ଏପରି ବ୍ୟବହାର କରିଥାନ୍ତି । ]

**ଆମର ସେମାନେ**—ଦେ. ସର୍ବ. ପୁଂ ଓ ସ୍ତ୍ରୀ (ବହୁବଚନ ଆକାର ଭଲ
Āmara semāne ଏକବଚନାର୍ଥକ ବ୍ୟବହାର)—
আমাদের ওরা ଆମର ସେ, ମୋର ସ୍ୱାମୀ ବା ମୋ ସ୍ତ୍ରୀ—
My husband or my wife.

**ଆମରୀ**—ଦେ. ବି—ଅମାରି (ଦେଖ)
Āmarī Amāri (See)

ରୋମାବଳୀ କର ଅଛି ପ୍ରକାର
ଚଉଦିଗ ଜଳିବୃତ ଆମରୀ । ଉଦ୍ଧ. ସ୍ୱରଶ୍ୟଦଶା ।

**ଆମର୍ଷ**—ସଂ.ବି. (ଆ+ମୃଶ୍=ପରାମର୍ଶ କରିବା+ଭାବ. ଅ)—
Āmarśa ୧ । ଉପଦେଶ—1. Counsel; advice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧି ନ ପାଇଲେ 'ବନ୍ଧି' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଭକ୍ଷଣ—2. Taking meals; eating
୩ । ସ୍ପର୍ଶ—3. Touch.
୪ । ଚିନ୍ତା—4. Thought

ଆମର୍ଷ—ସଂ. ବି. (ଆ + ମର୍ଷ = କ୍ଷମା କରିବା + ଭାବ. ଅ)—
Āmarsha କ୍ରୋଧ; ରାଗ—Wrath; rage.

ଆମଳକ—ସଂ. ବି. ( ଆ + ମଲ ଧାତୁ = ଧାରଣ କରିବା + କର୍ମ. ଅକ; Āmalaka ଯାହାକୁ ଔଷଧ ନିମନ୍ତେ ଧାରଣ କରାଯାଏ । )—
୧ । ଅଁଳା କୋଳି ଓ ଗଛ—
1. Emblic Myrobalan.
୨ । 'ଦେଉଳ' ତଳେ ନୋଟ ( ଦେଖ )
2. Notes under Deula (See)
ସେହି ଅଭ ପଦ୍ମ ପ୍ରାସାଦର ଚୂଡ଼େ; ଦେଉଳରେ ଅମଳକେ ।
ରଘୁନାଥ. ଯଯାତି ।

ଆମଳକଶିଳା—ସଂ. ବି.—ଅଁଳା ୩ । (ଦେଖ)
Āmalakaśilā Aañlā 3 (See)

ଆମଳକୀ—ସଂ. ବି. ସ୍ତ୍ରୀ.—ଆମଳକ (ଦେଖ)
Āmalakī Āmalaka (See)

ଆମଳତି—ଦେ. ବି.—ଅମ୍ଳିତି ପତ୍ର (ଦେଖ)
Āmalati Āmliti patra (See)

ଆମଳଶିଳା—ସଂ. ବି.—ଅଁଳାଶାଳ; ମନ୍ଦିରର ବହିଃନିର୍ମିତ ତଳେ
Āmalaśilā ଚିରୁଡ଼ା ଚକୁଡ଼ା ହୋଇ ଥିବା ପଥରଚକଟି—
The finial of a temple

ଆମଳସାର—ସଂ. ବି.—ଅମଳଶିଳା (ଦେଖ)
Āmalasāra Amalaśilā (See)

ଆମଲା (ଇତ୍ୟାଦି)—ବୈଦେ. ବି. (ଅ)—୧ । ବେତନଭୋଗୀ କର୍ମଚାରୀ—
Āmalā (etc) 1. Salaried servants.
আমলা ୨ । ଗୁମାସ୍ତା—
आमला 2. Agent; clerk.
୩ । କୌଣସି ଅଫିସର ଅଧସ୍ତନ ଶିକ୍ଷିତ କର୍ମଚାରୀ—
3. Ministerial clerks and officers.

ଆମଲିତି—ଦେ. ବି.—ଅମ୍ଳିତିପତ୍ର (ଦେଖ)
Āmaliti Āmliti patra (See)

ଆମଲେଗାନ—ବୈଦେ. ବି. (ଅ)—ଆମଲାମାନେ—
Āmalegān Body of ministerial officers.
আমলারা
अमलेगान

ଆମଶୂଳ—ସଂ. ବି. ( ମଧ୍ୟପଦଲୋପୀ; ଆମଜନିତ ଶୂଳ )—
Āmaśūla ପେଟମରା; ଶୂଳବେଦନା—Colic pain; gripe.
আমশূল
वायुगोला

ଆମା—ଦେ. ଅ. ( ବିସ୍ମୟସୂଚକ )—ଅଲୋ ମାଲୋ—Oh.
Āmā ପ୍ରାଦେ. (ତେଲିଙ୍ଗ) ବି. ସ୍ତ୍ରୀ—ମାତାଙ୍କ ପ୍ରତି ସମ୍ବୋଧନ—
Mother; mama.

ଆମାତିସାର—ସଂ. ବି—ଜାଲରକ୍ତ ଝାଡ଼ା—Dysentery.
Āmātisāra

ଆମାନ୍ନ—ସଂ. ବି. ( କର୍ମଧାରୟ: ଆମ + ଅନ୍ନ )—ଅପକ୍ୱାନ୍ନ; ଚାଉଳ—
Āmānna Uncooked rice; raw rice.

ଆମ ବାଇ—ଦେ. ବି—ଅମବାଇ ( ଦେଖ )
Āmābāi Āmabāi ( See )

ଆମାଶୟ—ସଂ. ବି. ( ବହୁବ୍ରୀହି; ଆମ + ଆଶୟ )—
Āmāśaya ୧ । ଶରୀରରେ ଆମ ସଞ୍ଚିତ ହେବା ସ୍ଥାନ—
1. Umbilical region.
୨ । ଜାଲରକ୍ତ ଝାଡ଼ା—2. Dysentery.

ଆମାଶା—ଗ୍ରା. ବି—ଆମାଶୟ ୨ ( ଦେଖ )
Āmāśā Āmāśaya 2 ( See )
আমাশা
आँवकारोग

ଆମିକ୍ଷା—ସଂ. ବି. (ଆ = ସମ୍ୟକ୍ + ମିଷ ଧାତୁ + କର୍ମ. ସ + ସ୍ତ୍ରୀ. ଆ)—
Āmikshā ଉଷ୍ଣ ଦୁଗ୍ଧରେ ଦହି ମିଶାଇ ଯେଉଁ ଖାଦ୍ୟ ପ୍ରସ୍ତୁତ ହୁଏ; ଛେନା—Posset; curdled milk; cheese.

ଆମିରି—ଦେ. ବି.—ଲଙ୍କାମରିଚ—Red pepper.
Āmiri

ଆମିଳ—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. ଅମ୍ଳ )—ଅମ୍ବିଲା; ଖଟା—
Āmila Of acid taste; sour.
ବି—ଅମ୍ବିଲ ତିଅଣ—A curry made sour.

ଆମିଲା—ଗ୍ରା. ବିଣ—ଅମ୍ବିଲା ( ଦେଖ ).
Āmilā Āmbilā ( See )

ଆମିଳତି—ଗ୍ରା. ବି—ଅମ୍ଳିତିପତ୍ର ( ଦେଖ )
Āmiliti Āmlitipatra ( See )

ଆମିଳତିପିତି—ଗ୍ରା. ବି—ଅମ୍ଳପିତ୍ତ ( ଦେଖ )
Āmilitipiti Amlapitta ( See )

ଆମିଳତିଶାଗ—ଦେ. ବି—ଅମ୍ଳିତିପତ୍ର ( ଦେଖ )
Āmilitisāga Āmlitipatra ( See )

ଆମିଷ—ସଂ. ବି. ( ଆ = ଗୁରୁଅର୍ଥେ + ମିଷ ଧାତୁ = ଅଧିକ ହେବା + କର୍ତ୍ତୃ. ଅ; ବା ଅମ ଧାତୁ = ରୁଗ୍ଣ ହେବା + କରଣ. ଇଷ )—
Āmisha
୧ । ମତ୍ସ୍ୟମାଂସ—1. Fish and flesh.
୨ । ଭୋଗ୍ୟବସ୍ତୁ—2. Enjoyable things.
୩ । ପତ୍ର—3. A leaf (Apte )
୪ । ସମ୍ଭୋଗ—4. Enjoyment
୫ । ଉତ୍କୋଚ; ଲାଞ୍ଚ—
5. Illegal gratification.
୬ । ଜମ୍ବୀର ଗଛର ଫଳ—
6. Fruits of jambira tree ( Apte ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାଘାତ | ଷ | ଜ | ଶ,ଷ | କ୍ଷ | ଇଯ୍ | ଈଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ୍ୱ | ନ୍ |

୭ । ସୁନ୍ଦର ଦ୍ରବ୍ୟ; ଲୋଭନୀୟ ପଦାର୍ଥ—
7. Beautiful things.
୮ । ଅଭିଳାଷ—8. Wish; lust.
୯ । ଲାଭ—9. Profit.
୧୦ । ଖାଦ୍ୟ—10 Food.
୧୧ । ଭୋଜନ—11. Eating.
୧୨ । ଶିକାର—12. Prey: victim.

**ଆମିଷାଶୀ**—ସଂ. ବଣ. ପୁଂ. ( ଆମିଷ=ମାଂସ+ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଇନ୍ )—
**Amishāśi**
(ଆମିଷାଶିନୀ—ସ୍ତ୍ରୀ) ମତ୍ସ୍ୟମାଂସଭୋଜୀ; ଯେ ମାଛମାଂସ ଖାଆନ୍ତି—
Carnivorous; feeding on flesh.

**ଆମୀକ୍ଷା**—ସଂ. ବି—ଆମିକ୍ଷା ( ଦେଖ )
**Āmīkshā** Āmikshā ( See )

**ଆମୁକ୍ତ**—ସଂ. ବଣ. ( ଆ+ମୁଚ ଧାତୁ=ମୁକୁଳାଇବା; ବାନ୍ଧିବା+କର୍ମ. ତ )—୧ । ତ୍ୟକ୍ତ—1. Given up.
**Āmukta**
୨ । କ୍ଷିପ୍ତ—2. Thrown away.
୩ । ଖୋଲା; ମୁକୁଳା—3. Open; dishevelled.
୪ । ଧୃତ—4 Held.
୫ । ଈଷତ୍ ମୁକ୍ତ—5. Half open.

**ଆମୁକ୍ତି**—ସଂ. ବି. ( ଆ+ମୁକ୍ତି )—ସ୍ୱାଧୀନତା—
**Āmukti** Liberation; emancipation.
ଅ.- ମୁକ୍ତିପର୍ଯ୍ୟନ୍ତ—Till liberated

**ଆମୁଖ**—ସଂ. ବି. ( ଆ+ମୁଖ=ଆରମ୍ଭ )—(ନାଟକରେ) ପ୍ରସ୍ତାବନା—
**Āmukha** ( drama ) Prologue.

**ଆମୁଷ୍ମିକ**—ସଂ. ବଣ. ( ଅମୁଷ୍ମିନ୍=ସେଠାରେ+ଇକ )—
**Āmushmika** ପରଲୋକସମ୍ବନ୍ଧୀୟ; ପାରଲୌକିକ—
Pertaining to the next world.

**ଆମୂଳ**—ସଂ. ଅ. (ଅବ୍ୟୟୀଭାବ; ଆ+ମୂଳ)—୧ । ମୂଳପର୍ଯ୍ୟନ୍ତ—
**Āmūḻa** 1 From the beginning; from the root.
୨ । ମୂଳରୁ ଉତ୍ତମରୂପେ—
2. Radically; thoroughly.

**ଆମୂଳଚୂଳ**—ସଂ. କି. ବଣ—ମୂଳରୁ ଶେଷପର୍ଯ୍ୟନ୍ତ; ଆଦ୍ୟୋପାନ୍ତ—
**Āmūḻachūḻa** From the beginning to the end; from head to foot; from top to toe.

**ଆମୃତ୍ୟୁ**—ସଂ. ଅ. (ଅବ୍ୟୟୀଭାବ; ଆ+ମୃତ୍ୟୁ)—ମୃତ୍ୟୁପର୍ଯ୍ୟନ୍ତ; ଆମରଣ—
**Āmṛutyu** Till death.

**ଆମେ**—ଦେ. ସର୍ବନାମ ( ପ୍ରାକୃତ. ଅମ୍ହେ; ସଂ. ଅହମ୍ )—
**Āme** ୧ । ( ମାନ୍ୟାର୍ଥକ )—ଅମ୍ଭେ—1. I.
୨ । ଅମ୍ଭେମାନେ—2. We.

**ଆମେଡ଼ା**—ପ୍ରାଦେ. ( ବସ୍ତର ) ବି—ଆମ୍ବଡ଼ା ( ଦେଖ )
**Āmerdā** Āmbardā ( See )

**ଆମେନ୍**—ବୈଦେ. ଅ. (ଇଂ)—ଖ୍ରୀଷ୍ଟିୟାନ୍ ଓ ମୁସଲମାନଙ୍କ ପ୍ରାର୍ଥନାନ୍ତ ସ୍ତୁତିବାଚକ—Amen.
**Āmen**
"ସେହି ମୁକ୍ତିକର୍ତ୍ତା ଯୁଗଯୁଗାନ୍ତେ ଧନ୍ୟ ! ଆମେନ୍ !"
ବାଇବଲ—ନୂତନ ନିୟମ—ରୋମୀୟ ।

**ଆମୋଡ଼ି**—ପ୍ରାଦେ. ( ବସ୍ତର ) ବି—ଆମ୍ବଡ଼ା ( ଦେଖ )
**Āmorḍi** Āmbarḍā ( See )

**ଆମୋଦ**—ସଂ. ବି. ( ଆ=ବିଶେଷ+ମୁଦ ଧାତୁ=ହୃଷ୍ଟ ହେବା+ଭାବ. ଅ )—୧ । ହର୍ଷ; ଆନନ୍ଦ—
**Āmoda**
1. Pleasure; joy; merriment.
୨ । ଅତିଦୂରକୁ ଚହଟୁଥିବା ସୁଗନ୍ଧ—
2. Diffusion of perfume.
୩ । ସୁଗନ୍ଧ—3 Sweet scent or perfume.
ଶିଶିର ସୁର୍ଣ୍ଣି ଆମୋଦ ଉଠଇ ଆକାଶେ । ବ. ସା. ମ ।
୪ । କସ୍ତୁରୀର ସୁବାସ—4. Musk-perfume.
ଦେ. ବଣ—ଆମୋଦିତ; ସୁବାସିତ—
Sweet-scented; perfumed.
ଅଗୁରୁ ଧୂମ କରେ ଆମୋଦ ସେ ଘରକୁ । କୃଷ୍ଣସିଂହ ମହାଭାରତ ଅଦି ।

**ଆମୋଦ ଆହ୍ଲାଦ**—ଦେ. ବି. (ସହଚର)—ଆମୋଦପ୍ରମୋଦ (ଦେଖ)
**Āmoda āhlāda** Āmodapramoda (See)

**ଆମୋଦପ୍ରମୋଦ**—ଦେ. ବି (ସହଚର)—ନାନାବିଧ ଆନନ୍ଦ ଉତ୍ସବ—
**Āmodapramoda** Joys and pleasures; merriment; recreations.

**ଆମୋଦିତ**—ସଂ. ବଣ. ( ଆମୋଦ=ଗନ୍ଧ; ହର୍ଷ+ଇତ ବା ଆ+ମୁଦ୍+କର୍ତ୍ତୃ. ତ )—୧ । ଆନନ୍ଦିତ; ହର୍ଷଯୁକ୍ତ—
**Āmodita**
1. Delighted; gladdened.
୨ । ବାସିତ; ସୁରଭିକୃତ—
2. Sweet-scented; perfumed.

**ଆମୋଦିବା**—ଦେ. (ପଦ୍ୟ) କି. (ସଂ. ଆମୋଦ)—ଆମୋଦିତ କରିବା—
**Āmodibā**
আমোদা
ଗନ୍ଧବହ-ସୌରଭ ଯାର ବହନ୍ତି ଚୌଦିଗେ
କାଳେ କାଳେ ଆମୋଦିବ ନାଶିକ ମେଦିନୀ ।
ରାଧାନାଥ—ଦଶରଥବିୟୋଗ ।

**ଆମୋଦୀ**—ସଂ. ବଣ. ( ଆମୋଦ+ଇନ୍ ଅସ୍ତ୍ୟର୍ଥେ )—
**Āmodī** ୧ । ହର୍ଷବିଶିଷ୍ଟ—1. Pleasurable.
୨ । ସୁଗନ୍ଧଜନକ—2. Sweet scented.
୩ । ଆମୋଦ କରିବା ଯାହାର ସ୍ୱଭାବ—
3 Of pleasant habits.

**ଆମ୍ନାତ**—ସଂ. ବଣ. ( ଆ=ବିଶେଷରୂପେ+ମ୍ନା ଧାତୁ=ଅଭ୍ୟାସ କରିବା+କର୍ମ. ତ)—୧ । ଅଧୀତ—1. Studied.
**Āmnāta**
୨ । କଥିତ—2. Said.
୩ । ଅଭ୍ୟସ୍ତ - 3. Committed to memory; repeated; practised.
ସଂ. ବି. (+ଭାବ. ତ )—ଅଧ୍ୟୟନ; ପାଠାଭ୍ୟାସ—Study.

ସାଧାରଣ ରେଫେ ଅପର ପୃଷ୍ଠାରେ ପ୍ରଥମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖା ହୋଇନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ପଙ୍କ୍ତିର ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**ଆମ୍ନାୟ**—ସଂ. ବି. ( ଆ + ମ୍ନା ଧାତୁ = ଅଭ୍ୟାସ କରିବା; ଉପଦେଶ ଦେବା + କର୍ମ ଅ; ମୁନିଗଣ ଯାହା ଅଭ୍ୟାସ କରନ୍ତି)—
Āmnāya
୧ । ବେଦ; ଆଗମ—1. The Bedas.
୨ । କୁଳାଚାର—2. Family custom.
୩ । ତନ୍ତ୍ରଶାସ୍ତ୍ର—3. The Tantras.
୪ । ଅଭ୍ୟାସ—4. Habit.

**ଆମ୍ପୁରିବା**—ପ୍ରାଦେ. (ସମ୍ବଲପୁର) କ୍ରି—ନଖରେ ଘର୍ଷିବା; ନଖେଇବା—To scratch with the nails.
Āmpribā

**ଆମ୍ପୁଡ଼ା**—ଗ୍ରା. ବି—ନଖରେ ଘର୍ଷିବା; ଘର୍ଷୁଡ଼ା—Laceration; scratching.
Āmpurdā
আঁচড়া
ଦେ. ବିଣ—ନଖଦ୍ୱାରା ଘର୍ଷା ହୋଇଥିବା—Scratched.

**ଆମ୍ପୁଡ଼ିକାମ୍ପୁଡ଼ି ହେବା**—ଗ୍ରା. କ୍ରି—କୋପ୍ପଡ଼ିକାମ୍ପୁଡ଼ି ହେବା; ବିରକ୍ତ ହେବା—To show signs of being vexed (e.g by chiding).
Āmpurdikāmpurdi hebā
আচড়ে কামড়ে হওয়া

**ଆମ୍ପୁଡ଼ିବା**—ଗ୍ରା. କ୍ରି—ଘର୍ଷୁଡ଼ିବା; ନଖଦ୍ୱାରା ଘର୍ଷିବା ବା ବିଦାରିବା—To scratch with finger-nails; to lacerate.
Āmpurdibā
আঁচড়ান

**ଅମ୍ବ**—ଦେ. ବି. ( ସ. ଆମ୍ର )—ଅମ୍ବଫଳ ଓ ଗଛ—Mango tree and its fruit; magnifera indica.
Āmba
আম্
ଗ୍ରା. ବି. ( ସ. ଆମ )—ଆମ; ଦେହର ଅମାଶୟ ଧାତୁ—Mucous slime.
आम्ब; आम्
ଗୁଜ. ଆମ୍ବା ମିଣ୍ଟାଦା
ତେ. ମାମିଡ଼ିପାଣ୍ଡୁ
କା. ମାଙ୍ଗ; ମାଙ୍ଗମ

**ଅମ୍ବଅଠା**—ଦେ. ବି—ଅମ୍ବଗଛର ଗଣ୍ଡି କାଟିଲେ ବାହାରୁ ବହୁବା ଅଠାଳିଆ ରସ—Gum exuded from mango tree when cut.
Āmbaāthā
আমআঠা
ପ୍ରାଦେ. ( ଗଡ଼ଜାତ ) ବି.—ବୃହତ୍ ବନ୍ୟବୃକ୍ଷବିଶେଷ—A big wild tree.
[ ଦ୍ର—ଏହାର ପତ୍ର ଜମ୍ବୁପତ୍ର ପରି ଦୁଇଫାଳିଆ, କାଠ ଲାଲ ହୁଏ, ଡାଳ ବା ଗଣ୍ଡି ହାଣି ଦେଲେ ଅଠା ବାହାରେ । ]

**ଅମ୍ବଅଦା**—ଦେ. ବି—ଅମ୍ବକସିଆ ଗଦ ( ଦେଖ )
Āmbaadā Āmbakasiā gada ( See )

**ଅମ୍ବଅମାବାସ୍ୟା**—ପ୍ରାଦେ. ( ଗଞ୍ଜାମ ) ବି.—ବଉଳଅମାବାସ୍ୟା ( ଦେଖ )
Āmbaamābāsyā Baulaamābāsyā ( See )

**ଅମ୍ବଅମ୍ବୁଆ**—ଦେ. ବିଣ—୧ । ଅମ୍ବ ପରି ଚିତ୍ରିତ ହୋଇଥିବା—
Āmbaāmbuā 1. Painted with mango shaped pictures.
আম্ব আঁকা;
আম্বের মত ( ଯଥା—ଅମ୍ବଅମ୍ବୁଆ ଛିଟ )
୨ । ଅମ୍ବଭଳି—2. Like mangoes.

**ଅମ୍ବକଦିନ**—ପ୍ରାଦେ. ( ଅନୁଗୁଳ ) ବି.—ଅମ୍ବ ପାଚିବା ଦିନ—The season when mangoes ripen.
Āmbakadina
[ ଦ୍ର—ଏହିପରି 'ପଣସକଦିନ' ଇତ୍ୟାଦି ମଧ୍ୟ ହୁଏ । ]

**ଅମ୍ବକସି**—ଦେ. ବି—ଅତି ଛୋଟ ଛୋଟ ଅମ୍ବ—Small young mangoes.
Āmbakasi
কচিআম
अम्बिया, टिकोरा

**ଅମ୍ବକସିଆ ଅଦା**—ଦେ. ବି—ଅମ୍ବକସିଆ ଗଦ (ଦେଖ )
Āmbakasiā adā Āmbakasiāg ada ( See )

**ଅମ୍ବକସିଆ ଗଦ**—ଦେ. ବି—ଅମ୍ବକସି ଭଳି ବାସୁଥିବା ଅଦା ପରି ଚେର-ବିଶିଷ୍ଟ ଗୁଳ୍ମ—A medicinal root having the scent of a mango; Curcuma Amada (Haines).
Āmbakasiā gada
ସଂ. କର୍ପୂରହରିଦ୍ରା
আমাদা
आमतालि; आमहल्दि
ତେ. ମାମିଡ଼ିଅଲ୍ଲମୁ
[ ଦ୍ର—ଏହା ଗୋଟିଏ ଗୁଳ୍ମ । ହଳଦ ଗଛ ପରି ଏହା ଦୁଇ ଫୁଟ ଉଚ୍ଚ ହୁଏ । ]

**ଅମ୍ବକେରିଆ**—ଦେ. ବି. ( କଣିଆ ଶବ୍ଦ )—ଏକପ୍ରକାର ନାକଫୁଣି—A kind of nose-ring.
Āmbakeriā

**ଅମ୍ବଛେଚା**—ଦେ. ବି—ଲୁଣ ମସଲା ଆଦି ଦିଆଯାଇ ଛେଚା ହୋଇଥିବା କଞ୍ଚା ଅମ୍ବ—Raw mangoes bruised with spices used as a salad.
Āmbachhechā
আমছেচা
आमका चटनी

**ଅମ୍ବଡ଼ା**—ଦେ. ବି. ( ସଂ. ଆମ୍ରାତକ )—ଅମ୍ବ ଭଳି ଏକପ୍ରକାର ଫଳ ଓ ଗଛ—Hoghlum; spondias magnifera.
Āmbardā
আমড়া
आमड़ा; आम्बड़ा
ଭା. କାଟ୍ମାଆ; କାଟ୍ମୋଷ
ମ୍ରା. ଡବ୍ରସକେ; ମୋରସୁମ୍ବ
ତେ. ଅଡ଼ବିମମିଡ଼; ମାମିଡ଼

**ଅମ୍ବଡାହାଣୀ**—ଦେ. ବି—ଅମ୍ବଗଛରେ ଦେଖିବା ମାଛିଜାତୀୟ ଏକପ୍ରକାର ଛୋଟ କଳା ପୋକକ (ଗଛ ପାଖ ଦେଇ ଲୋକ ଗଲେ ସେମାନେ ଆସି ଲୋକର ମୁହଁ ପାଖେ ବେଢ଼ି ଯାଆନ୍ତି । )—A kind of small flee-like insect infesting mango branches.
Āmbadāhāṇi
জাযাপোকা

**ଅମ୍ବତୋଟା**—ଦେ. ବି—ଅମ୍ବଗଛ ଲଗିଥିବା ଉପବନ; ଅମ୍ବବନ; ଅମ୍ବ ବଗିଚା—Mango orchard; mango tope.
Ābatoṭā
আমের বাগান
आमका बाग

| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ଼ | ଊଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ଦ |

ଆମ୍ବନଶମ—ଦେ. ବ—ଅମନଶମ ( ଦେଖ )
Āmbanaśama — Āmanaśama ( See )

ଆମ୍ବବଉଲ—ଦେ. ବ—ଅମ୍ବମୁକୁଳ—
Āmbabaula — Buds of the mango.

ଆମ୍ବବୁରାଇ—ପ୍ରାଦେ. ( ସମ୍ବଲପୁର ) ବ.—ଅମ୍ବତୋଟା—
Āmbaburāi — Mango tope.

ଆମ୍ବଯାଉ—ଦେ. ବ.(ସଂ. ଅମ୍ର+ଓ. ଯବାଗୁ)—ଚାଉଳ ଓ ଆମ୍ବରସରେ ପ୍ରସ୍ତୁତ ହେବା ଯାଉ—
Āmbajāu — A gruel made with mango juice and rice.

ଆମ୍ବଲତା—ପ୍ରାଦେ. ( ଗଡ଼ଜାତ )ବ—ଏକପ୍ରକାର ବନ୍ୟ କ୍ଷୋଟ ଗଛ—
Āmbalatā — Banhinia; race mosa.

ଆମ୍ବଲସି—ଦେ. ବ—ଗଛରୁ କ୍ଷୋଟ ଆମ୍ବ ଛିଣ୍ଡାଇଲେ ତହିଁରୁ ଯେଉଁ ତୀବ୍ର ଲସା ବାହାରେ—
Āmbalasi — The juice from the stalk of a raw mango when plucked
ଆମେର ନସି

ଆମ୍ବଲହୁ—ଦେ. ବ. (ସଂ. ଅମ ଓ ରକ୍ତ)—ଅମ ଓ ରକ୍ତ; ନାଲଝାଡ଼ା—
Āmalahu — Mucus and blood.

ଆମ୍ବସଢ଼ା—ଦେ. ବ.—ପାଚିଲା ଓ ସଢ଼ା ଆମ୍ବର ରସକୁ ଖରାରେ ଶୁଖାଇ ତିଆର କରାଯାଇଥିବା ଏକ ପ୍ରକାର ଅମ୍ବର—
Ambasaṟdhā — Inspissated mango-juice; preserved mango-juice.
ଆମସତ୍ତ୍ୱ

ଗୋପ ନବରେ ଯେତେ ଖେଳା,
ଭାଳ କମ୍ବିଳ ଅମ୍ବସଢ଼ା । ଭାଗବତ. ୧୦ମ ଗୋପ ।

ଆମ୍ବାଶା—ଦେ. ବ.—ଆମାଶୟ ୨ (ଦେଖ
Āmbāsā — Āmāśaya 2 (See)

ଆମ୍ବିଳ—ଦେ. ବ. (ସଂ. ଅମ୍ଳ)—୧ । ଖଟାରସ; ଅମ୍ଳରସ—
Āmbiḻa — 1. Acid taste.
ଅମ୍ବଲ;টক
খাটা

କଟୁ କଷାୟ ଯେ ଆମ୍ବିଳ
ତିକ୍ତ ଲବଣ ଯେ ମଧୁର । ଭାଗବତ. ୬ସ୍କ ।

୨ । ଖଟେଇ—2. Anything of acid taste.

୩ । ଖଟେଇ ତିଅଣ—
3. A curry with acid taste.

ଦେ. ବଣ.—ଆମ୍ବିଳା; ଅମ୍ଳରସବିଶିଷ୍ଟ—
Sour; of acid taste.

ଆମ୍ବିଳା—ଦେ. ବଣ.—ଆମ୍ବିଳ (ଦେଖ)
Āmbiḻā — Āmbiḻa See.

ଆମ୍ବିଲି—ଦେ. ବ. ଓ ବଣ.—ଆମ୍ବିଳ (ଦେଖ)
Āmbiḻi — Āmbiḻa (See)

ଆମ୍ବିଳଝରିଆ ମାଟି—ଦେ. ବ.—ଯେଉଁ ବାଲିମିଶା ନାଲି ମାଟିରୁ ଚତୁର୍ମାସ୍ୟାରେ ତେଲ ପରି ଚିକଣ ବାହାରେ (ଖୁବ୍ ଉର୍ବର ମାଟି)—
Āmbiḻijhariā māṭi — Oily soil (very productive)

ଆମ୍ବିଳତି—ଦେ. ବ.—ଅମ୍ଳିତି ପତ୍ର (ଦେଖ)
Āmbiḻiti — Āmḻiti patra (See)

ଆମ୍ବିଳ ତୋରାଣି—ଦେ. ବ.—ଏକ ଦିନରୁ ଅଧିକ ରହି ଯାଇ ଆମ୍ବିଳା ହୋଇଥିବା ତୋରାଣି—
Āmbiḻi toraṇi — Rice-water of rice boiled the day before
বাসী পাখাল
(ସଜ ତୋରାଣି—ଵିପରୀତ)

ଆମ୍ବିଳ ପିତ୍ତି—ଦେ. ବ.—ଅମ୍ଳପିତ୍ତ (ଦେଖ)
Āmbiḻipitti — Amḻapitta (See)

ଆମ୍ବିଳମୁହାଁ—ଦେ. ବଣ. ପୁଂ. (ପୁରୁଷଙ୍କ ପ୍ରତି ପ୍ରଯୁଜ୍ୟ ଗାଳିବିଶେଷ)—ଯେଉଁ ଲୋକ କୌଣସି କାରଣରୁ ମନ ବିରସ କରିଥାଏ—
Āmbiḻimuhāṅ — (a term of abuse applied to males) Of morose countenance.
(ଆମ୍ବିଳମୁହାଁ—ସ୍ତ୍ରୀ)

ଆମ୍ବିଳ ହାକୁଟି—ଦେ. ବ.—ଅଜୀର୍ଣ୍ଣ ହେଲେ ପାଟିବାଟେ ଅମ୍ଳଗନ୍ଧବିଶିଷ୍ଟ ଯେଉଁ ହାକୁଟି ଉଠେ—
Āmbiḻi hākuṭi — Acidity in the stomach; sour bulching.
অম্বলঢেকুর

ଆମ୍ବୁଆ—ଦେ. ବଣ.—ଆମ୍ବ ଫଳ ପରି ଚିତ୍ରିତ ହୋଇଥିବା (ଲୁଗା)—
Āmbuā — (cloth) Painted with pictures representing mangoes
আমআঁকা

ଆମ୍ବୁଆଳି—ଦେ. ବଣ.—୧ । ଯେଉଁ ଋତୁରେ ଅମ୍ବ ଫଳ ହୁଏ—
Āmbuāḻi — 1. (the season) Of mango; (the season) when mangoes prevail.

ଅମ୍ବୁଆଳି ଦିନେ ଶୋଇ ପଡ଼ିଥିଲି ଆମ୍ବିଳା ଅମ୍ବକୁ ଖାଇ । ତଗ ।

୨ । ଯେଉଁ ଋତୁରେ ଶରୀର ଅମଯୁକ୍ତ ହୁଏ; ଗ୍ରୀଷ୍ମଋତୁ—
2 (the season) When the body becomes lazy on account of indigestion; summer.

୩ । ସ୍ଥୂଳକାୟ; ମୋଟା (ଲୋକ, ପିଲା, ଦେହ)—
3. Stout person, child and body)

ଆମ୍ବୁରୁଟା—ଦେ. ବ.—ଚିଲିକାର ଏକପ୍ରକାର ମାଛ—
Āmburuṭā — A class of fish in Chilka.

ଆମ୍ବୁଲ—ଦେ. ବ.—ଲୁଣରେ ଯୁଅ ହୋଇ ଶୁଖାଯାଇ ରଖାଯାଇଥିବା ଅମ୍ବ ଖଣ୍ଡ—
Āmbuḻa — Dried and preserved slices of mangoes.
আমচূর
अमचूर

ଆମ୍ବୁଲବାଇ—ଦେ. ବ.—କ୍ଷଣିକ ଉନ୍ମାଦ ବା ମତ୍ତତା; କୌଣସି କାର୍ଯ୍ୟ କରିବାକୁ ମନୁଷ୍ୟ ମନରେ ଆସିବା କ୍ଷଣିକ ଭାବ ଉତ୍ତେଜନା ବା ଜଗର—
Āmbulabāi — Temporary insanity; temporary eagerness to do a thing.

ଦେ. ବଣ. ସ୍ତ୍ରୀ.—ଅମ୍ବୁଲବାୟାର ସ୍ତ୍ରୀଲିଙ୍ଗ—
Feminine of Āmbulabāya.

ସାଧାରଣ ଲେଖେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିବେ ଯେବେ ଏ କୋଷଗ୍ରନ୍ଥରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଆବଶ୍ୟକ ମତେ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ଶାଠ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧ' ନ ପାଇଲେ 'ବଧ୍' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମ୍ବୁଲବାୟ୍ୟା**—ଦେ. ବିଣ. ପୁଂ.—ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ
**Āmbulabāyā** ନିମନ୍ତେ ଅଳ୍ପକାଳ ପାଇଁ ଅତ୍ୟନ୍ତ ଉଗ୍ର ବା
(ଅମ୍ବୁଲବାଇ—ସ୍ତ୍ରୀ) ବ୍ୟଗ୍ରତା ଦେଖାଏ ଓ ଯାହା କିଛି ସମୟ ପରେ କମିଯାଏ—A person who shows temporary eagerness or madness to any matter and which subsides after a time.

**ଅମ୍ବୁଲରାଇ**—ଦେ. ବି.—ଅମ୍ବୁଲ ଓ ସୋରିଷ ଦ୍ୱାରା ପ୍ରସ୍ତୁତ ଏକପ୍ରକାର
**Āmbularāi** ଖଟେଇ—A curry or preparation
আমচুর্ রায়েতা with Rye and sliced mangoes.

**ଅମ୍ବୁଲରାଇତା**—ଦେ· ବି.- ଅମ୍ବୁଲରାଇ ( ଦେଖ )
**Āmbularāitā** Āmbularāi See

**ଅମ୍ବୁଲିଆ**— ଦେ. ବିଣ.—ଅଳ୍ପ ଓଦା; ସମ୍ପୂର୍ଣ୍ଣରୂପେ ଶୁଖି ନ ଥିବା;
**Āmbuliā** ଥସର୍ ଓଦା ( କଣ୍ଟାଦ )—Not fully dry;
সেঁতসেঁতে half dried; a little wet.
**गीला**

**ଅମ୍ଭ**—ଦେ. ସର୍ବ. ୬ଷ୍ଠୀ. (ସଂ. ଅସ୍ମଦ୍; ପ୍ରାକୃତ. ଅମ୍ହେ ) –
**Āmbha** ୧ । ଅମ୍ଭର; ମୋର—1. Mine; my.
আমার ୨ । ଅମ୍ଭମାନଙ୍କର—2. Ours; our.
**हामरा**

[ଦ୍ର—ଓଡ଼ିଆରେ 'ଅମ୍ଭ', 'ତୁମ୍ଭ', 'ତା' ଆଦି ପଦ ମୂଳପିଣ୍ଡ ହୋଇ ସେଥିରେ ରୁ, ଙ୍କୁ, ଦ୍ୱାରା, ଠାରୁ, ଠୁ, ଠୁଁ, କ, ଠାରେ, ଠି ଆଦି ଭିନ୍ନ ଭିନ୍ନ ବିଭକ୍ତିରେ ଯୁକ୍ତ ହୁଏ । ]

**ଅମ୍ଭନ୍ତ** – ଦେ. (ପ୍ରାଚୀନ ପଦ୍ୟ) ସର୍ବ. ୨ୟା. ବି. (ସଂ. ଅସ୍ମଦ୍; ପ୍ରାକୃତ.
**Āmbhanta** (ଅମ୍ହେ) ୧ । ଅମ୍ଭକୁ—1. To me.
୨ । ଅମ୍ଭମାନଙ୍କୁ—2. To us

**ଅମ୍ଭେ**—ଦେ. ସର୍ବନାମ (ସଂ. ଅସ୍ମଦ୍; ପ୍ରାକୃତ ଅମ୍ହେ )—
**Āmbhe** 'ମୁଁ' ଶବ୍ଦର ମାନାର୍ଥ ପ୍ରୟୋଗ—'I' used in
আমি respect as 'we', is used by high
**हम ; मैं** persons.

**ଅମ୍ମା**—ପ୍ରାଦେ. (ତେଲିଙ୍ଗ) ବି. ସ୍ତ୍ରୀ.—ଅମା (ଦେଖ)
**Āmmā** Āmā (See)

**ଅମ୍ର**— ସଂ. ବି· (ଅମ୍ର—ଆମ୍ର+ସ୍ୱାର୍ଥରେ. ଅ)—୧ । ଅମ୍ବଫଳ—
**Āmra** 1. Mango fruit.
୨ । ଅମ୍ବଗଛ—2. Mango tree.

**ଅମ୍ରାତ**—ସଂ. ବି. ( ଅମ୍ର=ଆମ୍ର+ଅତ୍ ଧାତୁ=ଗମନ କରିବା+
**Āmrāta** କର୍ତ୍ତୃ.ଅ; ଯାହା ଆମ୍ରପରି ଅଟେ)—୧ । ଅମ୍ବଡ଼ାଗଛ—
1. Hogplum tree; Spondias magnifera.
୨ । ଅମ୍ବଡ଼ା ଫଳ—Hogplum.

**ଅମ୍ରାତକ**—ସଂ. ବି. (ଅମ୍ରାତ+ସ୍ୱାର୍ଥ. କ)—ଅମ୍ରାତ (ଦେଖ)
**Āmrātaka** Āmrāta (See)

**ଅମ୍ରେଡ଼ନ**—ସଂ. ବି. (ଅ—ପୁନଃ ପୁନଃ+ମ୍ରେଡ଼ ଧାତୁ=ଉନ୍ମତ୍ତ ହେବା
**Āmreṛdana** +ଭାବ. ଅନ)—ପୁନଃପୁନଃ କଥନ; ବାରମ୍ବାର କହିବା; ଘୋଷିବା; ପାଠ ବା ବାକ୍ୟ ଅଭ୍ୟାସ କରିବା—Repetition.

**ଅମ୍ରେଡ଼ିତ**—ସଂ. ବିଣ. ( ଅ=ପୁନଃପୁନଃ+ମ୍ରେଡ଼ ଧାତୁ=ଉନ୍ମତ୍ତ
**Āmreṛdita** ହେବା+କର୍ମ. ତ )—ପୁନଃପୁନଃ କଥିତ; ଏକାଧିକବାର ଉଚ୍ଚାରିତ; ପୁନଃପୁନଃ ଉଲ୍ଲିଖିତ—
Repeated; repeatedly said; pronounced more than once.
ସଂ. ବି. (+ଭାବ. ତ)—୧ । ଦୁଇ ତିନି ଥର କହିବା—
1. Repetition.
୨ । ବାରମ୍ବାର କଥନ—2. Speaking more than once.

**ଅମ୍ଳିକା**—ସଂ. ବି. ସ୍ତ୍ରୀ (ଅମ୍ଳ—ତେନ୍ତୁଳ+ସ୍ୱାର୍ଥରେ. ଇକ+ସ୍ତ୍ରୀ. ଆ)—
**Āmlikā** ତେନ୍ତୁଳି ଗଛ; କଇଁଆ ଗଛ—Tamarind tree.

**ଅମ୍ଳିତିପତ୍ର**—ଦେ. ବି ( ସଂ. ଅମ୍ଳଲୋଣିକା; ଅମ୍ଳବଲ୍ଲୀ)—
**Āmlitipatra** ଏକପ୍রକାର ଅମ୍ଳଶାଗ—Indian sorrel;
চুকাতিপতি; আম্রুল্‌শাক; oralis corniculata.
আমরুল; চালমোরি
**चालमोरि; चौपतिआ** [ ଦ୍ର—ଏହା ଭାରତର ଗ୍ରୀଷ୍ମପ୍ରଧାନ
**आमनोति** ଅଞ୍ଚଳରେ ଜନ୍ମେ । ଏହାର ସବୁ ଅଂଶ
ତା. ପୁଳିୟାରାଇ ଔଷଧରେ ଲାଗେ । ଏହାର ପତ୍ର କୋପର୍ଣ୍ଣୀ;
ତେ ପାଲ୍ଲାଚନ୍ତା; ସନ୍ଧିରେ ପତ୍ର ବୁଜି ହୋଇଯାଏ । ]
ପୁଲିଚିଞ୍ଚଲୀ

**ଅମ୍ଳୀକା**—ସଂ. ବି. ସ୍ତ୍ରୀ—ଅମ୍ଳିକା (ଦେଖ)
**Āmlikā** Āmlikā (See)

**ଅୟ୍**— ଦେ. କ୍ରି. (ଭୂତାର୍ଥକ 'ତୁ' କର୍ତ୍ତାସଙ୍ଗେ ଅନୁଜ୍ଞାର୍ଥ—(ତୁ) ଆ –
**Āy** (thou) Comest.
आइस् ଅୟ୍, ନିଭମାନ୍ ଶରଦଶଶି, ମୋ କାହ୍ନୁ କୋଳରେ ପଡ଼ ତୁ ଖସି ।
**आवो** ଶିଶୁଗୀତ ।

**ଅୟ**—ସଂ. ବି. (ଅ+ଯା ଧାତୁ=ଅସିବା+ଭାବ. ଅ ବା ଅ+ଇ=
**Āya** ଅସିବା+ ଭାବ. ଅ)—୧ । ଧନାଗମ; ଆମଦାନି;
(ବ୍ୟୟ- ବିପରୀତ) ରୋଜଗାର—1. Income; receipt; gain.
୨ । ଲାଭ—Profit.
୩ । ଜ୍ୟୋତିଷରେ ଜନ୍ମଲଗ୍ନର ଏକାଦଶ ସ୍ଥାନ—
3. ( Astrology ) The 11th from the natal Lagna.
ଦେ. ବି— ଅଳଙ୍କାର—Ornaments.
ପୁଣି ହୋଇଲେ ଧରଣି ମଣ୍ଡ ଯେ
ଦେଖି ଉଗାଇଲେ ଅୟମାନ ଯେ—ବିଶ୍ୱନାଥ. ବିଚିତ୍ରରାମାୟଣ ।
ପ୍ରାଦେ. (ସମ୍ବଲପୁର) ଅ—ଅଉ—Also; and.

| ୧ | ଇ | ଈ | ର,ର୍ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଗ | ଚ | ଷ,ଗ | ଜ୍ଞ | ଇୟ | ହ୍ଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଓଁ | ଇଅ | ୱ | କ୍ଷ |

**ଅୟଅଳଙ୍କାର**—ଦେ. ବ. ( ୧ମ ଶବ୍ଦ ନିରର୍ଥକ; ସହଚର )—
Āyaalaṅkāra ସକଳ ପ୍ରକାରର ଦେହ ସଜ୍ଜାର ଅଳଙ୍କାର—
আয় অলঙ্কার Fittings and ornaments;
जवाहिरात jewellery.

**ଅୟଅସ୍‌ବାବ୍**—ଦେ. ବ. (୧ମ ଶବ୍ଦ ନିରର୍ଥକ; ସହଚର)—
Āyaasbāb ସକଳ ପ୍ରକାର ସାମଗ୍ରୀ—
আয়অসবাব Furniture of sorts.
सामान

**ଅୟକର**—ଦେ. ବ—ଲୋକଙ୍କ ନିର୍ଦ୍ଦିଷ୍ଟ ଆୟ ଉପରେ ସରକାରଙ୍କ ଦ୍ୱାରା
Āyakara ନିର୍ଦ୍ଧାରିତ କର—Incomtax.
অয়কর
इनकमटिक्स

**ଅୟତ**—ସଂ. ବ. (ଆ + ଯମ ଧାତୁ = ବଡ଼ ହେବା + କର୍ତ୍ତୃ. ତ)—
Āyata ସମକୋଣୀ ସମାନ୍ତରାଳ କ୍ଷେତ୍ର—A rectangular parallelogram; an oblong; rectangle.
ସଂ. ବଣ—୧ । ବିସ୍ତୃତ; ବିଶାଳ; ଦୀର୍ଘ—
1. Extended; long.
୨ । ପ୍ରବୃତ୍ତ; ଆକୃଷ୍ଟ—2. Attracted.
ଦେ. ବ (ସଂ. ଆୟତ୍ତ)—୧ । ଅଧିକାର; ଆୟତ୍ତ; ସ୍ୱତ୍ୱ; ବଳ—
1. Control; powre.
୨ । କ୍ଷେତ୍ରଫଳ; ଆୟତନ—2. Area.
ଶତେ ଯୋଜନଟି ହୋଇବ ତା ଆୟତ । କୃଷ୍ଣସିଂ. ମହାଭାରତ, ବନ ।
ଦେ. ବଣ—ଅଧୀନ; ଆୟତ୍ତ—Subject to; manageable by; under the control of.

**ଅୟତ କରିବା**—ଦେ. କ୍ରି. ( ସଂ. ଆୟତ୍ତ )—
Āyata karibā ଜବତ୍ କରିବା; ବଶୀଭୂତ କରିବା—
To bring under control.

**ଅୟତନ**—ସଂ.ବ. (ଆ+ଯତ୍ ଧାତୁ=ଯତ୍ନ କରିବା+ଅଧିକରଣ. ଅନ)—
Āyatana ୧ । ଯଜ୍ଞବେଦୀ; ଯଜ୍ଞସ୍ଥାନ—1. Sacrificial altar; sacerdotal altar.
୨ । ସ୍ଥାନ; ବିଶ୍ରାମ ସ୍ଥାନ—2. Place
୩ । ପରିମାଣ; ଦୀର୍ଘ ଓ ପ୍ରସ୍ଥ—3. Dimensions of a thing; length and breadth of a surface; superficial area.
୪ । ଅବସ୍ଥିତି; ବିସ୍ତୃତି—4. Extent.
୫ । ସୀମା—5. Boundary.

**ଅୟତନା**—ସ୍ତ୍ରୀ. (ପ୍ରାଚୀନ ପଦ୍ୟ) ବ—ଆୟତନ ( ଦେଖ )
Āyatanā Āyatana ( See )
ବାର ଯୋଜନରେ ହୋଇଅଛି ଆୟତନା । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**ଅୟତି**—ସଂ. ବ. (ଆ+ଯା ଧାତୁ=ଯିବା+ଭାବ. ତି)—
Āyati ୧ । ଆୟତ୍ତି ( ଦେଖ )
1. Āyatti ( See )
୨ । ସଂଯମ—2. Self control; mastery over passions.
୩ । ଆୟତନ—3. Extention.
୪ । ମିଳନ; ସଙ୍ଗମ—4. Meeting.
୫ । ଯତ୍ନ—5. Care.

**ଅୟତ୍ତ**—ସଂ. ବଣ. ( ଆ+ଯତ୍ ଧାତୁ=ଯତ୍ନ କରିବା+କର୍ତ୍ତୃ. ତ )—
Āyatta ବଶୀଭୂତ; ଅଧୀନ—Subject to; tractable; manageable; docile under one's control.
ଦେ. ବ—ଆୟତ ୧ ( ଦେଖ )
Āyata 1 ( See )
ତେଣୁ ରଖିବାର ଆୟତ୍ତ ସିନା ମୋ ନାହାନ୍ତି । ଭକ୍ତ. ପ୍ରେମସୁଧାନିଧି ।

**ଅୟତ୍ତାଧୀନ**—ଦେ. ବଣ—ବଶୀଭୂତ; ଅଧୀନ—
Āyattādhina Mastered; under control; controlable.
[ ଦ୍ର—ଆୟତ୍ତ ଓ ଅଧୀନ ଏକାର୍ଥବାଚକ ଶବ୍ଦ; ସୁତରାଂ ସାଧୁ ଭାଷା ଭିତରେ ଏହାର ପ୍ରୟୋଗ ଭ୍ରମାତ୍ମକ । ]

**ଅୟତ୍ତି**—ସଂ. ବ (ଆ+ଯତ୍=ଯତ୍ନ କରିବା+ଭାବ. ତି)—
Āyatti ୧ । ଅଧୀନତା—1. Subservience.
୨ । ସ୍ନେହ—2. Love; affection.
୩ । ସୀମା—3. Limit.
୪ । ବଳ—4. Strength.
୫ । ଦୈର୍ଘ୍ୟ—5. Length.
୬ । ଆଗ୍ରହ—6. Eagerness.
୭ । ଗୌରବ—7. Honour.
୮ । ପ୍ରଭାବ—8. Influence.
୯ । ଉତ୍ତରକାଳ—9. Future.
୧୦ । ପରିଣାମ ସ୍ଥିରତା—10. Certainty or fixity at the end.

**ଅୟନା**—ବୈଦେ ବ. (ଅ)—ଅଇନା ( ଦେଖ )
Āyanā Āinā ( See )

**ଅୟସ୍**—ଦେ. ବ. ( ସଂ. ଆୟାସ )—ଆୟାସ; ପରିଶ୍ରମ—
Āyas Exertion.
ବୈଦେ. ବ. ( ଅ )—ଏସ୍ ( ଦେଖ )
Aes ( See )

**ଅୟସ**—ସଂ. ବଣ. (ଅୟସ୍=ଲୌହ+ଇଦମର୍ଥେ. ଅ)—
Āyasa ୧ । ଲୌହନିର୍ମିତ; ଲୌହମୟ—
(ଆୟସୀ—ସ୍ତ୍ରୀ) 1 Made of iron.
୨ । (+ସ୍ୱାର୍ଥେ ଅ)—ଲୌହ—2. Iron.

**ଅୟସୀ**—ସଂ. ବ. ସ୍ତ୍ରୀ. ( ଅୟଃ+ଅ+ସ୍ତ୍ରୀ. ଈ )—
Āyasi ୧ । ଲୌହମୟ କବାଟ—2. Iron door.
୨ । ବର୍ମ—2. Arm of iron.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଧରି ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତ ସ୍ଥଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଶ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଆୟସ୍ତ**— ସଂ. ବିଣ. ( ଆ+ଯସ ଧାତୁ+କର୍ମ. ତ )—
Āyasta ୧ । ଶାଣିତ; ଧାରୁଆ—1. Whetted.
୨ । କ୍ଷିପ୍ତ—2. Cast; thrown.
୩ । ପୀଡ଼ିତ—3. Distressed; pained.

**ଆୟା**— ଦେ. ବି. ସ୍ତ୍ରୀ.—୧ । ଧାତ୍ରୀ; ଉପମାତା—
Āyā 1. Nurse.
আয়া ୨ । ସ୍ତ୍ରୀଲୋକଙ୍କ ଦାସୀ—
आया 2. Waiting maid; ladies maid.
୩ । ଶିଶୁମାନଙ୍କୁ ପାଳିବା ଦାସୀ—
3. A maid servant to watch children.
[ ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳୁଅଛି । ]
ପ୍ରାଦେ. ( ବସ୍ତର ) ବି—ମାଆ; ମାତା—Mother.

**ଆୟାତ**— ସଂ. ବିଣ. (ଆ=ବିପରୀତାର୍ଥ+ଯା ଧାତୁ=ଯିବା+କର୍ତ୍ତୃ. ତ)
Āyāta ୧ । ଆଗତ; ଆସିଥିବା—1. Come; arrived.
୨ । ମିଳିଥିବା; ପ୍ରାପ୍ତ—2. Received.
ସଂ. ବି. (+ଭାବ. ତ)—୧ । ଆଗମନ—1. Arrival.
୨ । ପ୍ରାପ୍ତି—2. Receipt.

**ଆୟାମ୍**— ବୈଦେ. ବି. ( ଅ. )—୧ । ଜୀବତକାଳ—
Āyām 1. Lifetime.
୨ । ସମୟ—2. Time.
୩ । ରାଜତ୍ୱକାଳ—3 Reign.

**ଆୟାମ**— ସଂ. ବି. (ଆ+ଯମ୍ ଧାତୁ=ବଡ଼ ହେବା+ଭାବ. ଅ)—
Āyāma ୧ । ଦୈର୍ଘ୍ୟ; ବିସ୍ତାର—1. Length; extent.

ସ୍ୱର୍ଣ୍ଣ ସୂତାରେ ଛତ୍ର କରି,
କରିବ ଆୟାମ ବସ୍ତ୍ର ର—ଜଗନ୍ନାଥ. ଭାଗତ ।

୨ । ସଂଯମ—2. Control of passions.

**ଆୟାସ**— ସଂ. ବି (ଆ+ଯସ୍ ଧାତୁ=କ୍ଳେଶ ପାଇବା+ଭାବ. ଅ)—
Āyāsa ୧ । ଶ୍ରାନ୍ତି; କ୍ଳାନ୍ତି; ପରିଶ୍ରମଜନିତ ଶରୀରର ଦୁର୍ବଳତା; ଶ୍ରମଜନିତ ବାଧା—1. Fatigue; exhaustion.
୨ । ଶ୍ରମ—2. Exertion.
୩ । କଷ୍ଟ; ଦୁଃଖ—3. Trouble; pains.
୪ । ଅତି ଯତ୍ନ; ପ୍ରଯତ୍ନ—4. Endeavour; effort.

**ଆୟାସୀ**— ସଂ. ବିଣ. ପୁଂ (ଆୟାସ+ଇନ୍; ୧ମା. ୧ ବ. )—
Āyāsī ୧ । ପରିଶ୍ରମୀ—1. Industrious; laborious.
( ଆୟାସିନୀ—ସ୍ତ୍ରୀ ) ୨ । କୌଣସି କାର୍ଯ୍ୟ କରିବାରେ ଯେ କଷ୍ଟ ସହିବାକୁ ପ୍ରସ୍ତୁତ—2. Painstaking.

**ଆୟିସ**— ଗ୍ରା. ବି. (ସଂ. ଆୟୁସ୍)—ଆୟୁଃ (ଦେଖ)
Āyisa Āyuḥ (See)

**ଆୟୁ**— ସଂ. ବି (ଇ ଧାତୁ+କର୍ତ୍ତୃ. ଉ)—ଆୟୁଃ (ଦେଖ)
Āyu Āyuḥ (See)

**ଆୟୁଃ**— ସଂ. ବି ( ଇ ଧାତୁ=ଯିବା+ଉସ୍ )—
Āyuḥ ୧ । ପରମାୟୁ; ଜୀବିତକାଳ—
1. Age; lifetime; period of life.
୨ । ଜୀବନ—2. Life.
୩ । ଘୃତ—3. Clarified butter; Ghee.
୪ । ପୁରୂରବାଙ୍କ ପୁତ୍ର—4. Son of Purūrabā.

**ଆୟୁଃଶେଷ**— ସଂ. ବି. ( ୬ଷ୍ଠୀ ତତ୍ ) ମୃତ୍ୟୁ—
Āyuḥśesha Death; end of life.

**ଆୟୁକ୍ଷୟ**— ସଂ. ବି.—( ପାପ ଓ ଅନାଚାରଦ୍ୱାରା ) ପରମାୟୁ ହ୍ରାସ; ଜୀବିତକାଳ କମିଯିବା—
Āyukshaya The shortening of duration of life ( on account of sins and wrongs.)

**ଆୟୁଧ**— ସଂ. ବି. (ଆ+ଯୁଧ୍ ଧାତୁ+ଯୁଦ୍ଧ କରିବା+କରଣ. ଅ; ଯାହା ଦ୍ୱାରା ଯୁଦ୍ଧ କରାଯାଏ )—ଅସ୍ତ୍ରଶସ୍ତ୍ର; ହାତହତିଆର; ହତିଆର—
Āyudha Weapons; arms; implements of war.
ଦେ. ବି—ବିଷ୍ଣୁକେଶରୀ ନାମକ ଓଡ଼ିଆ ପୁରାଣବର୍ଣ୍ଣିତ ନରକବିଶେଷ—Name of a hell.

ଆୟୁଧ ନାମେ ଅଛି ଯେଉଁ ନର୍କ କୁଣ୍ଡ,
ଅନେକ ରୂପେ ଅଛନ୍ତି ମାନ ଯହିଁ କୁଣ୍ଡ । ବିଷ୍ଣୁକେଶରୀ ପୁରାଣ ।

**ଆୟୁଧାଗାର**— ସଂ. ବି. ( ମଧ୍ୟପଦଲୋପୀ; ଆୟୁଧ+ଆଗାର )—
Āyudhāgāra ଯେଉଁଠାରେ ଅସ୍ତ୍ରଶସ୍ତ୍ର ରଖାଯାଏ—
Arsenal; armoury.

**ଆୟୁଧିକ**— ସଂ. ବିଣ. ( ଆୟୁଧ+ଇକ )—୧ । ଆୟୁଧସମ୍ବନ୍ଧୀୟ—
Āyudhika 1. Relating to weapons.
୨ । ଅସ୍ତ୍ରଧାରୀ—2. Armed.
ସଂ. ବି—୧ । ଅସ୍ତ୍ରଶସ୍ତ୍ରବ୍ୟବସାୟୀ—1 Dealer in arms.
୨ । ଶସ୍ତ୍ରଧାରୀ ବ୍ୟକ୍ତି—2 Armed person.
୩ । ଯୋଦ୍ଧା—3. Warrior.

**ଆୟୁଧୀୟ**— ସଂ. ବି. ଓ ବିଣ—ଆୟୁଧିକ ( ଦେଖ )
Āyudhīya Āyudhika ( See )

**ଆୟୁ ପୂରିବା**— ଦେ. କି.—ମୃତ୍ୟୁକାଳ ପହଞ୍ଚିବା; ଜୀବନ ସରିଯିବା—
Āyu pūribā End of life; arrival of death.

**ଆୟୁର୍ବୃଦ୍ଧି**— ସଂ. ବି ( ୬ଷ୍ଠୀ ତତ୍; ଆୟୁଃ+ବୃଦ୍ଧି ) ପରମାୟୁ ବଢ଼ିବା—
Āyurbṛuddhi Prolongation of life.

**ଆୟୁର୍ବେଦ**— ସଂ. ବି. (୬ଷ୍ଠୀ ତତ୍; ଆୟୁଃ=ପରମାୟୁ+ବେଦ=ଶାସ୍ତ୍ର )
Āyurbeda ଯେଉଁ ଶାସ୍ତ୍ରରେ ମନୁଷ୍ୟର ପରମାୟୁ ବା ସ୍ୱାସ୍ଥ୍ୟ ସମ୍ବନ୍ଧେ ଆଲୋଚନା କରାଯାଇଅଛି; ଅଷ୍ଟାଦଶବିଦ୍ୟାନ୍ତର୍ଗତ ଧନ୍ୱନ୍ତରିପ୍ରଣୀତ ବିଦ୍ୟାବିଶେଷ; ଭାରତୀୟ ଚିକିତ୍ସାଶାସ୍ତ୍ର; ବୈଦ୍ୟଶାସ୍ତ୍ର—Science of life; science of medicine.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର | ଢ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ଷ | କ୍ଷ | ଇୟ | ଉଅ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ୟ | ଇଅ | ୱ | ନ୍ୟ |

[ ଦ୍ର—ଆୟୁର୍ବେଦ ହିନ୍ଦୁମାନଙ୍କର ଅଥର୍ବ ବେଦର ଅନ୍ତର୍ଗତ । ବ୍ରହ୍ମା ପ୍ରଥମେ ସୂର୍ଯ୍ୟଙ୍କୁ ଆୟୁର୍ବେଦ ଶିଖାଇଥିଲେ । ସୂର୍ଯ୍ୟ ତାଙ୍କ ପୁତ୍ର ଅଶ୍ୱିନୀକୁମାରଦ୍ୱୟଙ୍କୁ ଶିଖାଇଲେ । ଅଶ୍ୱିନୀକୁମାରଦ୍ୱୟ 'ଚିକିତ୍ସା ଦର୍ଶନ' ନାମକ ଗ୍ରନ୍ଥ ପ୍ରଣୟନ କଲେ । ତତ୍ପରେ ବୈଦିକ ଯୁଗରେ ଅତ୍ରିଗୋତ୍ରସମ୍ଭବ ପୁନର୍ବସୁ ଏହି ବିଦ୍ୟା ସାଧନ କଲେ । ପରେ ତାଙ୍କର ଶିଷ୍ୟମାନେ ସୁଶ୍ରୁତ ଓ ଚରକାଦି ଗ୍ରନ୍ଥ ରଚନା କଲେ । ଆୟୁର୍ବେଦରେ ପ୍ରଥମେ ତିନି ଲକ୍ଷ ଗ୍ରନ୍ଥ ଥିଲା । ତତ୍ପରେ ତାହା ୮ଗୋଟି ବିଭାଗରେ ବିଭକ୍ତ ହେଲା । ୧ ଶଲ୍ୟ=ଶସ୍ତ୍ରପ୍ରୟୋଗ । ୨ ଶାଲକ୍ୟ=କାନ୍ଧ ଉପର ଅଂଶ ( ଆଖି, କାନ, ନାକ, ମୁହଁ, ଆଦି ) ର ରୋଗ ଚିକିତ୍ସା । ୩ କାୟଚିକିତ୍ସା=ଦେହର ଅନ୍ୟାନ୍ୟ ରୋଗ ଚିକିତ୍ସା । ୪ ଭୂତବିଦ୍ୟା=ଭୂତଘଟିତ ରୋଗ ଚିକିତ୍ସା । ୫ କୁମାରଭୃତ୍ୟା=ଶିଶୁପାଳନ । ୬ ଅଗଦତନ୍ତ୍ର=ବିଷଚିକିତ୍ସା । ୭ ରସାୟନ=ଧାତୁ ଓ ରସାଦିର ମାରଣ ଓ ପ୍ରୟୋଗ । ୮ ବାଜୀକରଣ=ବଳାଧାନର ଉପାୟ । ସୁଶ୍ରୁତ ବିଶ୍ୱାମିତ୍ରଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ର ସୁଶ୍ରୁତ ଓ ତାଙ୍କର ଅନ୍ୟ ସାତ ଭାଇଙ୍କୁ କାଶୀନରେଶ ଦିବୋଦାସଙ୍କଠାରୁ ଆୟୁର୍ବେଦ ଶିକ୍ଷା ପାଇବା ପାଇଁ ପଠାଇଲେ । ଦିବୋଦାସ ସମୁଦ୍ରମନ୍ଥନରୁ ଜାତ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରିଙ୍କ ଅବତାର ଥିଲେ । ସେ ସୁଶ୍ରୁତଙ୍କୁ ଆୟୁର୍ବେଦ ଶିଖାଇବାରୁ ସୁଶ୍ରୁତ ଚିକିତ୍ସାଗ୍ରନ୍ଥ ରଚନା କଲେ । ତତ୍ପରେ ବାଗ୍ଭଟ୍ଟ, ଚକ୍ରଦତ୍ତ ଆଦି ନାନାବିଧ ଚିକିତ୍ସା ଓ ନିଦାନ ଗ୍ରନ୍ଥ ପ୍ରଣୟନ କଲେ । ]

**ଆୟୁର୍ବେଦସଂହିତା**—ସଂ. ବି—ଅଥର୍ବ ବେଦରୁ ଗୃହୀତ ଏକ ଲକ୍ଷ ଶ୍ଳୋକ ଥିବା ଗ୍ରନ୍ଥବିଶେଷ—
Āyurbedasamhitā — A medicinal work composed of one lakh of slokas taken from the Atharva Veda.

[ଦ୍ର—କଥିତ ହୁଏ ଯେ—ସତ୍ୟଯୁଗରେ 'ଅତ୍ରେୟସଂହିତା' ଦ୍ୱାପରରେ 'ସୁଶ୍ରୁତ' ଓ କଳିଯୁଗରେ 'ବାଗ୍ଭଟ୍ଟ' ରଚିତ ହୋଇଥିଲା ଏବଂ ଏହା ପରେ ଆଉ ୧୮ ଖଣ୍ଡ ସଂହିତା ପ୍ରଣୀତ ହୋଇଥିଲା । ପରବର୍ତ୍ତୀ କାଳରେ ଭାବ ମିଶ୍ର ରୋଗ, ଲକ୍ଷଣ, ଚିକିତ୍ସା, ପଥ୍ୟ, ଦ୍ରବ୍ୟଗୁଣ, ଜାରଣ,ମାରଣ,ଶୋଧନ ପ୍ରଭୃତି ବର୍ଣ୍ଣନା କରି 'ଭାବପ୍ରକାଶ' ନାମରେ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ଏହା ପରେ 'ମାଧବକର-ନିଦାନ', ତତ୍ପରେ ଶାର୍ଙ୍ଗଧର, ରସେନ୍ଦ୍ରଚିନ୍ତାମଣି, ଭେଷଜ-ରତ୍ନାବଳୀ, ଚିକିତ୍ସାସାରସଂଗ୍ରହ, ବୈଦ୍ୟରହସ୍ୟ ଓ ନିର୍ଘଣ୍ଟରତ୍ନାକର ଗ୍ରନ୍ଥ, ତା ପରେ ରାଜବଲ୍ଲଭ 'ରାଜବଲ୍ଲଭୀୟ ଦ୍ରବ୍ୟଗୁଣ', ରଚନା କରି-ଅଛନ୍ତି—ହରେକୃଷ୍ଣ ଦ୍ରବ୍ୟଗୁଣ । ]

**ଆୟୁର୍ବେଦୀ**—ସଂ. ବିଣ. ( ଆୟୁର୍ବେଦ+ଇନ୍, ଅସ୍ତ୍ୟର୍ଥେ )—ଆୟୁର୍ବେଦ ବ୍ୟବସାୟୀ—Practising medicine.
Āyurbedī
ସଂ. ବି.—ବୈଦ୍ୟ—Physician; doctor.

**ଆୟୁର୍ବେଦୀୟ**—ସଂ. ବିଣ (ଆୟୁର୍ବେଦ+ଈୟ ସମ୍ବନ୍ଧାର୍ଥେ)—
Āyurbedīya — ଆୟୁର୍ବେଦସମ୍ବନ୍ଧୀୟ—Pertaining to the Hindu science of healing.

**ଆୟୁଷ**—ଦେ. ବି (ସଂ. ଆୟୁ)—ଆୟୁଃ (ଦେଖ)
Āyusha — Āyuḥ (See)
ଆଜଯାଏ ତୁମ୍ଭର ଆୟୁଷ ରହିଥିଲା—କୃଷ୍ଣସିଂହ. ମହାଭାରତ ।

**ଆୟୁଷବନ୍ତ**—ଦେ. ବିଣ (ସଂ. ଆୟୁଷ୍ମତ୍)—ଆୟୁଷ୍ମାନ୍ (ଦେଖ)
Āyushabanta — Āyushmān (See)
( ଆୟୁଷବନ୍ତୀ—ସ୍ତ୍ରୀ ) ତୁମ୍ଭେମାନେ ସମସ୍ତେ ଆୟୁଷବନ୍ତ ଅଟ । କୃଷ୍ଣସିଂହ ମହାଭାରତ- ଆଦି ।

**ଆୟୁଷମନ୍ତ**—ଦେ. ବିଣ ( ସଂ. ଆୟୁଷ୍ମତ୍ )—ଆୟୁଷ୍ମାନ୍ (ଦେଖ)
Āyushamanta — Āyushmān (See)
( ଆୟୁଷମନ୍ତୀ—ସ୍ତ୍ରୀ )

**ଆୟୁଷମାନ୍**—ଦେ. ବିଣ.—ଆୟୁଷ୍ମାନ୍ (ଦେଖ)
Āyushamān — Āyushmān (See)
( ଆୟୁଷ୍ମତୀ—ସ୍ତ୍ରୀ )

**ଆୟୁଷ୍ମତୀ**—ସଂ. ବି. ସ୍ତ୍ରୀ (ଆୟୁଃ+ମତୁପ୍+ସ୍ତ୍ରୀ. ଈ)—
Āyushmatī — ବିଶେଷ ପରମାୟୁବିଶିଷ୍ଟା ( ସ୍ତ୍ରୀ )—Long lived (female)

**ଆୟୁଷ୍ମତୀ ଭବ**—ସଂ. ଆଶୀର୍ବାଦ (ସ୍ତ୍ରୀ ପ୍ରତି)—ଦୀର୍ଘାୟୁ ହୁଅ—
Āyushmatī bhaba — May you live long.

**ଆୟୁଷ୍ମତ୍ତ୍ୱ**—ସଂ. ବି (ଆୟୁଷ୍ମତ୍=ଦୀର୍ଘଜୀବୀ+ତ୍ୱ)—ଦୀର୍ଘଜୀବିତା, ଦୀର୍ଘଜୀବନ—Longevity.
Āyushmatta

**ଆୟୁଷ୍ମନ୍ତ**—ଦେ. ବିଣ.—ବିଶେଷ ପରମାୟୁବିଶିଷ୍ଟ; ଦୀର୍ଘଜୀବୀ—
Āyushmanta — Long lived.

**ଆୟୁଷ୍ମାନ୍**—ସଂ. ବିଣ. ପୁଂ (ଆୟୁଃ+ମତୁପ୍, ଅସ୍ତି ଅର୍ଥରେ=ଆୟୁଷ୍ମତ୍. ୧ମା. ୧ବ)—ବିଶେଷ ପରମାୟୁବିଶିଷ୍ଟ; ଦୀର୍ଘାୟୁ; ଦୀର୍ଘଜୀବୀ—Long lived (male)
Āyushmān
( ଆୟୁଷ୍ମତୀ—ସ୍ତ୍ରୀ )

**ଆୟୁଷ୍ମାନ୍ ଭବ**—ସଂ. ଆଶୀର୍ବାଦବଚନ (ପୁରୁଷ ପ୍ରତି)—ଦୀର୍ଘାୟୁ ହୁଅ—
Āyushmān bhaba — May you live long.

**ଆୟୁଷ୍ୟ**—ସଂ. ବିଣ (ଆୟୁସ୍=ପରମାୟୁ+ପ୍ରୟୋଜନାର୍ଥେ, ଯ)—
Āyushya — ପରମାୟୁବୃଦ୍ଧିକର—Increasing the period of life; bestowing longevity.
ସଂ. ବି. ( +ଯ. ସ୍ୱାର୍ଥେ) ୧ । ପରମାୟୁ—I. Lifetime.
୨ । ଅନ୍ନ; ପଥ୍ୟ—2. Diet.

**ଆୟୁଷ୍କର**—ସଂ. ବିଣ. (ଆୟୁଃ+କୃ ଧାତୁ+କର୍ତ୍ତୃ ଅ)—ଆୟୁଷ୍ୟ (ଦେଖ)
Āyuskara — Āyushya (See)

**ଆୟୁଷ୍କାମ**—ସଂ. ବିଣ. ପୁଂ (ଆୟୁସ୍ ଅଟେ କାମନା ଯାହାର; ବହୁବ୍ରୀହି)—
Āyuskāma — ଦୀର୍ଘଜୀବନ ଲାଭ କରିବାକୁ ଇଚ୍ଛୁକ—Desirous of long life.
(ଆୟୁଷ୍କାମୀ—ସ୍ତ୍ରୀ)

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ବର୍ଣ୍ଣର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ ।

**ଆୟୁଷ୍କାମୀ**—ସଂ. ବଣ. ପୁଂ (ଆୟୁଃ + କାମିନ୍ ୧ମା. ୧ବ)—
Āyuskāmi — ଆୟୁଷ୍କାମ (ଦେଖ) — Āyuskāma (See)
(ଆୟୁଷ୍କାମିନୀ—ସ୍ତ୍ରୀ)

**ଆୟେ**—ଗ୍ରା. ବି—ଅଳଙ୍କାର—
Āye — Ornament.

ଭୂମିରେ ଅଣିଣ ପଡ଼େ ସବ ଆୟେମାନ
କି ଜାଣି ମୁଁ ଧାରିମାନେ ଖସିଲେ ଜେଜନ । ବଳରାମ. ରାମାୟଣ ।

**ଆୟେନ୍ଦା**—ଗ୍ରା. ବି—ଆଇନ୍ଦା ( ଦେଖ )
Āyendā — Aindā ( See )

**ଆୟୋ**—ଦେ. ଅ. ସମ୍ବୋଧନ—୧ । ଅଗରେ ଥିବା ବ୍ୟକ୍ତିକୁ ପଛଅଲୁ ସାବଧାନ କରିଦେବାସୂଚକ ସମ୍ବୋଧନ; ହେୟୋ !
Āyo
ଏୟୋ; ଐଓ — ଏୟୋ—1. Interjection Heigh ! Ho. addressed by a man to a man in front.
हैइहा

[ଦ୍ର—ବିଶେଷରେ ବଗିବାଲାମାନେ ଏ ଶବ୍ଦ ବ୍ୟବହାର କରନ୍ତି ।]

୨ । ଅଶ୍ୱାରୋହୀ ବ୍ୟକ୍ତି ଘୋଡ଼ାକୁ ସଂଯତ କରିବା ଅର୍ଥରେ ଘୋଡ଼ା ପ୍ରତି ବ୍ୟବହାର କରିବା ସମ୍ବୋଧନ ହେୟୋ ! ଏଇ !—2. Heigh ! Ho ! addressed to curb a horse by the rider.

**ଆୟୋଗବ**—ସଂ. ବି. ( ଅୟୋଗବ + ସ୍ୱାର୍ଥେ ଅ )—ଶୂଦ୍ର ଔରସରେ ବୈଶ୍ୟା ଗର୍ଭଜାତ ଶଙ୍କର ଜାତିବିଶେଷ—
Āyogaba — Name of a mixed caste.

**ଆୟୋଜକ**—ସଂ. ବଣ. (ଆ + ଯୁଜ୍ ଧାତୁ + କର୍ତ୍ତୃ. ଅକ)—
Āyojaka — ଆୟୋଜନକାରୀ; ସଂଗ୍ରହକାରୀ—Making preparations; procuring.
(ଆୟୋଜିକା—ସ୍ତ୍ରୀ)

ଦେ. ବି.—ଆୟୋଜନକାରୀ ବ୍ୟକ୍ତି—One who collects articles together or makes preparations

**ଆୟୋଜନ**—ସଂ. ବି. (ଆ = ବିଶେଷ + ଯୁଜ ଧାତୁ = ଯୋଗ କରିବା + ଭାବ. ଅନ)—୧ । ସଂଗ୍ରହ; ଅହରଣ -Collection.
Āyojana
ଆୟୋଜକ; ଆୟୋଜିତ; ଆୟୁକ୍ତ; ଆୟୋଜ୍ୟ; ଆୟୋଜନୀୟ } ବଣ

୨ । ଉଦ୍‌ଯୋଗ—2. Preparation
୩ । ଉପକରଣ ସଂଗ୍ରହ—3 Collecting materials.
୪ । ଯୋଗାଡ଼ କରିବା—4. Making provision
୫ । ଆନୁପୂର୍ବିକ ବ୍ୟବସ୍ଥା; ଯୋଗାଡ଼—5. Provision.

ସଂ. ଅ.—ଯୋଜନ ପର୍ଯ୍ୟନ୍ତ—
Up to a jojana (8 miles)

**ଆୟୋଜିତ**—ସଂ. ବଣ. (ଆ = ସମ୍ୟକ୍ + ଯୁଜ ଧାତୁ = ଯୋଗ କରିବା. ଣିଚ୍ + କର୍ମ. ତ)—ସଂଗୃହୀତ; ଅଦୃତ—
Āyojita — Collected or prepared in advance.

**ଆୟୋଧନ**—( ଆ = ସମ୍ୟକ୍ + ଯୁଧ ଧାତୁ = ଯୁଦ୍ଧ କରିବା + ଭାବ. ଅନ)—୧ । ଯୁଦ୍ଧ—1. War; battle.
Āyodhana
୨ । ବଧ; ହିଂସା—2. Killing.
୩ । (+ଅଧିକରଣ. ଅନ)—ଯୁଦ୍ଧକ୍ଷେତ୍ର—3. Battle-field.

**ଆର**—ଗ୍ରାଦେ. (ସମ୍ବଲପୁର) ବଣ; (ସଂ. ଅନ୍ୟତ୍)—ଅନ୍ୟ; ଅନ୍ୟ—
Ār — Other; another.
ଗ୍ରାଦେ. (ସମ୍ବଲପୁର) ଅ.—ଏବଂ—And.

**ଆରଗା**—ଗ୍ରାଦେ. ( କଳାହାଣ୍ଡି )ବି—ଧାନ୍ୟଧାନ—
Ārgā — A kind of grain.

**ଆରମାନ୍** ( ଇତ୍ୟାଦି )—ଦେ. ବି—ଅରମାନ୍ ( ଇତ୍ୟାଦି ) ( ଦେଖ )
Ārāman ( etc ) — Araman ( etc ) ( See )

**ଆର**—ସଂ. ବି. ( ଋ ଧାତୁ = ଗତି କରିବା + କର୍ତ୍ତୃ. ଅ; ବକ୍ରଗତି କରୁଥିବାରୁ)—୧ । ( ବକ୍ରଗତିରୁ ) ମଙ୍ଗଳଗ୍ରହ—
Āra — 1. The planet mars.
୨ । ( ମନ୍ଦଗତିରୁ ) ଶନିଗ୍ରହ—
2. The planet-saturn.
୩ । ମୁଣ୍ଡଲୌହ—3. Oxide of iron.
୪ । ପିତ୍ତଳ—4. Brass.
୫ । ଚକ୍ରାଙ୍ଗ କାଠ; ଅର—
5. The naves of a wheel.
୬ । (+କରଣ. ଅ)—ଚର୍ମକାର ବା ମୋଚିଙ୍କ ଫୋଡ଼ଣୀ—
6. Awl of a cobbler.
୭ । ( +ଭାବ. ଅ )—ଗମନ—7. Going.

আর — ଗ୍ରା. ବି—ବାହାନା; ଛଳନା—Excuse.
बहाना
ଦେ. ବଣ. ( ସ. ଅନ୍ୟତ୍ )—ଅନ୍ୟ; ଅପର—Other; another.
दूसरा
दूसरा

ଉଡ଼ାଇ ନେଇ ପ୍ରଭୁ ଆର ପାର କର—କୃଷ୍ଣସିଂହ. ମହାଭାରତ. ବନ ।

আর — ଦେ. ଅ—ଅଉ; ଅଧିକ—And; also; further; more; moreover.
और

ତନ୍ତୁ ନର୍କୁ ଜଳ ଅଙ୍ଗ; ତାହେ ଯମ ଆର ଭୃଙ୍ଗ—
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

**ଆରଓଳି**—ଦେ. ବି—୧ । ଦିବସର ଅନ୍ୟ ଅର୍ଦ୍ଧ—
Āraoli — 1. The other half of the day (forenoon or afternoon as the case may be).
ওবেলা
आबकत — ୨ । ଅପରାହ୍ନ—2. Afternoon.

**ଆରକ୍**—ବୈଦେ. ବି. ( ଅ )—ଅର୍କ ୧ (ଦେଖ)
Ārak — Arka 1 ( See )
अरक्
अरक्

**ଆରକ**—ଦେ. ସର୍ବନାମ—୧ । ଅନ୍ୟ ବ୍ୟକ୍ତି; ଆଉଜଣକ—
Āraka — 1. Another person.
आर एक — ୨ । ଅନ୍ୟ ବିଷୟ; ଅନ୍ୟ ପଦାର୍ଥ—
और एक — 2. Another thing.

ପାଳା ରଚିଅଛୁ ଆର ଆରକୁ କେ । ବ୍ରହ୍ମନିରୂପଣଗୀତା ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଯ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇଯ୍ | ଉଅ | ଙ |
| ୨ | ଈ | ଊ | ଋ | ଌ | ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

**ଆରକତ**—ଦେ. ( ପଦ୍ୟ ) ବଣ. ( ସଂ. ଆରକ୍ତ )—ଆରକ୍ତ ( ଦେଖ )
Ārakata Ārakta ( See )

ଭୃଗୁର ଯା ହୋଇଛି ଆରକତ ବର୍ଣ୍ଣ । କୃଷ୍ଣସିଂହ. ମହାଭାରତ. ବନ ।

**ଆରକୂଟ**—ସଂ. ବ. ( ୬ଷ୍ଠୀ ତତ୍; ଆର=ପିତ୍ତଳ+କୂଟ=ସ୍ତୂପ )—
Ārakūta ୧ । ପିତ୍ତଳ—1. Brass

୨ । ପିତ୍ତଳ ଅଳଙ୍କାର—2 Brass ornaments.

**ଆରକ୍ତ**—ସଂ. ବଣ. ( ଆ=ଈଷତ୍+ରଜନ୍ ଧାତୁ+କର୍ମ. କ୍ତ )—
Ārakta ୧ । ଈଷତ ନାଲିଆ; ସାମାନ୍ୟ ଲାଲ—
1. Flesh coloured; reddish.

୨ । ( ଆ=ସମ୍ୟକ୍+ରକ୍ତ ) - ବିଶେଷ ନାଲିଆ —
2. Bright red; pink

୩ । ବିଶେଷ ଅନୁରକ୍ତ ବା ସ୍ନେହ କରୁଥିବା—
3. Too much attached.

**ଆରକ୍ତନୟନ**—ସଂ. ବଣ. ପୁଂ. ( ବହୁବ୍ରୀହି; ଆରକ୍ତ+ନୟନ )
Āraktanayana କ୍ରୋଧ, କଷ୍ଟ, କାନ୍ଦ ବା ରୋଗ ଯୋଗୁଁ
(ଆରକ୍ତନୟନା—ସ୍ତ୍ରୀ) ଯାହା ଆଖି ନାଲିଆ ପଡ଼ିଥାଏ; ନାଲିଆଖିଆ -
With reddened eyes.

ସଂ. ବ. (କର୍ମଧା)—କ୍ରୋଧାଦି ଯୋଗୁଁ ରଙ୍ଗ ହୋଇଥିବା ଆଖି—
Reddened eye.

**ଆରକ୍ତିମା**—ସଂ. ବ. ( ଆ=ଈଷତ୍+ରକ୍ତିମା=ରକ୍ତବର୍ଣ୍ଣ )—
Āraktimā ୧ । ଈଷତ୍ ରକ୍ତବର୍ଣ୍ଣ—1. Reddish tint.

୨ । ବିଶେଷ ଲାଲରଙ୍ଗ—
2. Pink colour; bright red colour.

**ଆଁରଗା**—ଦେ. ବ—ଟାଙ୍ଗଣ ( ଦେଖ )
Āragā Tāngana ( See ) ( Haines )

**ଆରଗ୍ୱଧ**—ସଂ. ବ. ( ଆ+ରୁଜ ଧାତୁ=ରୁଗ୍ଣ ହେବା+କ୍ୱିପ୍; ରୁଗ୍+ବଧ ଧାତୁ=ନାଶ କରିବା+କର୍ତ୍ତୃ. ଅ; ଯେ ରୋଗନାଶ କରେ )—ସୁନାରି ଗଛ ( ଦେଖ )
Āragbadha
Sunāri tree ( See )

**ଆରଙ୍ଗଜେବ୍**—ବୈଦେ. ( ଅ. ଅଉରଙ୍ଗଜେବ୍ ) ବ. ( ନାମ )—
Ārangajeb ମୋଗଲସମ୍ରାଟବିଶେଷ—
Moghal Emperor Aurangzeb.

**ଆରଚ**—ବୈଦେ. ( ଇଂ ) ପ୍ରାଦେ. ( ଗଡ଼ଜାତ ) ବ—ଖିଲାଣ—
Ārachi Arch.

**ଆରଜବ**—ଦେ. ପଦ୍ୟ. ବ—ଆର୍ଜବ ( ଦେଖ )
Ārajaba Ārjaba ( See )

ତପ ଦାନ ଆରଜବ ଯେ ଲଜ୍ଜା ଦମ
ଏ ବ୍ୟାହାରେ ଅଛ ଷୋଡ଼ଶ ଦୟା ଶମ । କୃଷ୍ଣସିଂହ. ମହାଭାରତ. ଆଦି ।

**ଆରଣ**—ଦେ. ବ—ଅଙ୍କୁଶ ( ଯାହାଦ୍ୱାରା ହସ୍ତୀକୁ ଶାସନ କରାଯାଏ )—
Ārana An iron hook for driving an elephant.

ବିଗଇଲ ପ୍ରବଳମ୍ ବାରଣ
ବଳେ ବାରଣକୁ ଯେଷ୍ଟେ ଆରଣ । ସାଳକୃଷ୍ଣ. ରସକଲ୍ଲୋଳ ।

**ଆରଣି**—ସଂ. ବ. ( ଆ=ବାରମ୍ବାରରେ+ଋ ଧାତୁ=ଗମନ କରିବା+କର୍ତ୍ତୃ. ଅନ )—୧ । ଜଳାବର୍ତ୍ତ; ଜଳଭଉଁରି—
Ārani 1. Eddy

୨ । ଯୁଦ୍ଧ—2. Battle.

ଏମାନଙ୍କ ସଙ୍ଗରେ ଶାନ୍ତନୁ ଆରଣି
କରିଣ ଦେଖାଇଲେ କାଳଦଣ୍ଡ ପାଣି । କୃଷ୍ଣସିଂହ. ମହାଭାରତ. ଆଦି ।

**ଆରଣି କାରଣି**—ଦେ. ବଣ. ( ସଂ. ଅଗ୍ରଗଣ୍ୟ )—
Ārani kārni ଅଗ୍ରଗଣ୍ୟ; ଗଣମାନ୍ୟ; ମାନନୀୟ—
Leading; first in rank.

( ଯଥା—ପାଞ୍ଚିରେ ନୁହଁ ସେଥିଁ ଆରଣି କାରଣି । )

**ଆରଣ୍ୟ**—ସଂ. ବଣ. ( ଅରଣ୍ୟ+ଭାବ. ଅ )—ଆରଣ୍ୟକ ( ଦେଖ )
Āranya Āranyaka ( See )

ଦେ. ବ—ଅନରଣ୍ୟ ( ଦେଖ )
Anaranya ( See )

ସାର ଆରଣ୍ୟ ନୃପୁଁ ତୋ ପଢ ଧନ୍ୟ ହେବ କି ସେ କହେ ।
ଉଦ୍ଧ. ବୈଦେହୀଶବିଳାସ ।

**ଆରଣ୍ୟକ**—ସଂ. ବଣ. ( ଅରଣ୍ୟ+ସ୍ୱାର୍ଥେ. କ )—୧ । ବନବାସୀ—
Āranyaka 1. Living in the forest.

୨ । ବନଜାତ—2. Born in the forest.

୩ । ବନ୍ୟ; ବଣୁଆ; ଅରଣା—3. Wild. Syluan.

ସଂ. ବ—୧ । ବନବାସୀ ଲୋକ—1. A forester

୨ । ବନବାସୀ ମୁନି—2. Sage; anchorite.

୩ । ବନବାସୀ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ରଚିତ ସାମବେଦର ଶାଖାବିଶେଷ—3 A section of the Sāma-beda composed for the benefit of those who betake themselves to the forest.

୪ । ଯେ ବାନପ୍ରସ୍ଥ ଅବଲମ୍ବନ କରିଅଛି—
4. A person who has retired to the wilderness.

୫ । ବନପଥ—5. Forest-path.

୬ । ହସ୍ତୀ—6 Elephant.

୭ । ଅଧ୍ୟାୟ—7. Chapter.

୮ । ବିହାର ସ୍ଥାନ—8. A pleasure-ground.

୯ । ଗୋମୟ—9. Cow-dung.

୧୦ । ନ୍ୟାୟଶାସ୍ତ୍ର—10. Logic

**ଆରଣ୍ୟକ ପର୍ବ**—ସଂ. ବ—ସାମବେଦର ଶାଖାବିଶେଷ—
Āranyaka parba A section of the Sāma Beda.

**ଆରଣ୍ୟକ ବ୍ରାହ୍ମଣ**—ସଂ. ବ—୧ । ସାମବେଦର ଶାଖାବିଶେଷ—
Āranyaka brāhmana 1. A section of the Sāma Beda.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ଲୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅଣ୍ଣା' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲବଡ଼' ଦେଖିବେ ।

୨ । ଯେଉଁ ବ୍ରାହ୍ମଣମାନେ ପୂର୍ବେ ଜଙ୍ଗଲରେ ବାସ କରୁଥିଲେ; ଏକପ୍ରକାର ବ୍ରାହ୍ମଣ—2. A sect of Brāhmaṇas originally living in the forest.

**ଆରତ** ( ଇତ୍ୟାଦି )—( ସଂ. ଆର୍ତ୍ତ )—ଆର୍ତ୍ତ ଇତ୍ୟାଦି ( ଦେଖ )
Ārata etc Ārtta etc ( See )

**ଆରତି**—ସଂ. ବି. ( ଆ+ରମ୍ ଧାତୁ=କ୍ରୀଡ଼ା କରିବା; କ୍ଷାନ୍ତ ହେବା + Ārati ଭାବ. ତି )—୧ । ନିବୃତ୍ତି; ବିରତି; କ୍ଷାନ୍ତି; ବିଶ୍ରାମ— 1. Cessation; repose.

୨ । ନିବୃତ୍ତି ଅବସ୍ଥା; (ପୁଷ୍ପର) ବୁଜି ହୋଇ ଯାଇ ଥିବା ଅବସ୍ଥା- 2. Closed condition ( of a flower ).

କିଲ ଯା ଦୂରରୁ ଦେଖି କଳଳା କଞ୍ଜ ମୋ ଅଖି
ବଳା ଇନ୍ଦୀବର ଆରତରେ । କବିସୂର୍ଯ୍ୟ—ଦଶୋପାଖ୍ୟାନ ।

୩ । ଅଲକ୍ତ, କାପ୍ତଜନା, ଦେବତା, ରାଜା ବା ବରକନ୍ୟାଙ୍କ ସମ୍ମୁଖରେ ମନ୍ତ୍ରୋଚ୍ଚାରଣପୂର୍ବକ ପ୍ରଦୀପ ସଞ୍ଚାଳନ; ବନ୍ଦାପନା—3 Waving of a light before a diety or a newly married couple.

୪ । (ପଦ୍ୟ) ଆର୍ତ୍ତି (ଦେଖ)—4. Ārtti (See)

ଅବଧାନ ହେଉ ଛାମୁରେ ଆରତି କରୁଛି ଦୁଃଖୀ ଗୋବିନ୍ଦ ।
ଗ୍ରାଧାନାଥ· ପାବଟୀ ।

ଆରତି—ଦେ. ବି—(ସଂ. ଆରତ୍ରିକ)—ଆରତି (ଦେଖ)
Āratri Ārati See)

ଆରତ୍ରିକ—ଦେ. ବି. (ସଂ. ଆରତି (ଦେଖ)
Āratrika Ārati (See)

ଆରଡଳି—ଗ୍ରା. ବି.—ଅର୍ଦ୍ଦୋଳି (ଦେଖ)
Āradaḻi Ārddoḻi (See)

ଆରଡ଼ା—ପ୍ରାଦେ. (ଗଞ୍ଜାମ) ବି.—ଅର୍ଦ୍ଦା (ଦେଖ)
Āraḍā Ārdā (See)

**ଆରଡ଼ା ଅମାବାସ୍ୟା**—ପ୍ରାଦେ. ( ଗଞ୍ଜାମ ) ବି.—ଆଶ୍ୱିନ ଅମାବାସ୍ୟା; Āraḍā amābāsyā ପନ୍ଥା ଅମାବାସ୍ୟା; ମହାଳୟା; ଆଶ୍ୱିନ କୃଷ୍ଣପକ୍ଷ ବା ପିତୃପକ୍ଷର ଶେଷ ଅମାବାସ୍ୟା ତିଥି (ଜନ)- The last day of the dark fortnight of the month af Āswina: the new moon of Āswina when oblations are offered to the manes.

[ ଦ୍ର—ଏ ଅମାବାସ୍ୟା ଦିନ ଗୃହସ୍ଥର ଘରେ ଅର୍ଦ୍ଦା ପିଠା ଓ ପାଣ୍ଡିତଅଣ ହୁଏ; ସନ୍ଧ୍ୟାବେଳେ ସ୍ତ୍ରୀମାନେ ଗାଁ ପିଲାଙ୍କୁ ଡାକି ମୁରୁଜର ମଣ୍ଡଳା କାଟି କଖାରୁ ପତ୍ର ପକାଇ ତା ଉପରେ ପିଠା ଇତଣ ଆଦି ବାଢ଼ି ପିଲାଙ୍କୁ ଖାଇବାକୁ ଦିଅନ୍ତି ଓ ନିଜ ନିଜର ଘରର ପିଲାଙ୍କୁ ସୂତାରେ ବଳା ହୋଇଥିବା ଖଣ୍ଡେ ବଉଡ଼ (ଛଇଣି ବଉଡ଼ରେ) ବାନ୍ଧି ବଜ୍ରମୂଳ ଓ ଅପମାରଙ୍ଗ ଡାଳରେ ପିଲାଙ୍କ ପିଠିରେ ବାଡ଼େଇ ପିଲାଙ୍କୁ ଲକ୍ଷ କରି କହନ୍ତି "ବଳ ହୋ" ।]

**ଆରଦୋଳି**—ଗ୍ରା. ବି.—ଅର୍ଦ୍ଦୋଳି (ଦେଖ)
Āradoḻi Ārdoḻi (See)

**ଆରଦ୍ର**—ଗ୍ରା. (ପଦ୍ୟ) ବିଣ—ଆର୍ଦ୍ର (ଦେଖ)
Āradra Ārdra (See)

ସ୍ତ୍ରବ ଅରବ୍ର ସ୍ୱଭାବ ଲକ୍ଷଣ । ବଗ୍ରନାଥ· ବିଚତସମାସ୍ୟର ।

**ଆରଦ୍ରା**—ଗ୍ରା. ବି.—ଆର୍ଦ୍ରା (ଦେଖ)
Āradrā Ārdrā (See)

ଗ୍ରା. (ପଦ୍ୟ) ବିଣ—ଆରଦ୍ରର ସ୍ତ୍ରୀଲିଙ୍ଗ— Feminine of Āradra.

ବଧରେ ଆରଦ୍ରା, ଚିତ୍ତରେ ଆରଦ୍ରା ସେହୁଣୀ ଏ ବେନ ଭାବ ।
ଭକ୍ତ· ବୈଦେହୀଶବିଳାସ ୧୦।୧୦ ।

**ଆରଧନା**—ଗ୍ରା. ବି.—୧ । ଆରାଧନା (ଦେଖ)
Āradhanā 1. Ārādhanā (See)

୨ । ଅର୍ଦ୍ଧନା (ଦେଖ)
2. Ārddhanā (See)

**ଆରନାଳ**—ସଂ.ବି. (ଅର=ଶୀଘ୍ର+ନଲ ଧାତୁ=ବନ୍ଧନ କରିବା + କର୍ତ୍ତୃ. Āranāḻa ଅ;ଅର=ଗମନଶୀଳ+ନାଳ=ଗନ୍ଧ+କର୍ତ୍ତୃ.ଅ;ଯାହାର)
୧ । କାଞ୍ଜି; କାଞ୍ଜି ପାଣି—1. Sour gruel made by fermenting boiled rice.

୨ । ତୋରାଣି; ତୋରାଣି —2. Rice-water.

**ଆରନାଳିକ** — ସଂ. ବି.—ଆରନାଳ (ଦେଖ)
Āranāḻika Āranāḻa (See)

**ଆରପଟ**—ଦେ. ବି.— ୧ । ଅପର ଦିଗ —
Ārapaṭa 1. Other side.
ଓପାଶ ୨ । ଅନ୍ୟ ପାର୍ଶ୍ୱ; ବିପରୀତ ଦିଗ ବା ଅଂଶ—
ୱସତରଫ 2 Opposite side.

**ଆରପାରି** - ଦେ. ବି. ( ସଂ. ଅନ୍ୟଦ୍ + ଓ. ପାର )—୧ । ନଦୀର ବା Ārapāra ଜଳାଶୟର ବିପରୀତ କୂଳ—
आड़पार 1. The other shore or side of a water.
आर् पार् ଦେ. ବିଣ.—ଅସ୍ତବ୍ୟସ୍ତ—Troubled,

କର୍ମି ମୋର କଳେବର ହୋଇଗଲା ଆରପାର । କବିସୂର୍ଯ୍ୟ· ଦଶୋପାଖ୍ୟାନ ।

**ଆରପାର କରିବା**—ଦେ କ୍ରି—ନଦୀ ବା ଜଳାଶୟକୁ ନୌକାଦି ଦ୍ୱାରା Ārapāra karibā ଉତରିବା; ନଦୀର ଏକ କୂଳରୁ ନେଇ ଅନ୍ୟ
एपार सेपार करा କୂଳରେ ପହଞ୍ଚାଇବା; ଏପାରି ସେପାରି କରିବା -
**उस पार करना** To ferry across a water.

ଆରପାରି (ଇତ୍ୟାଦି)—ଦେ. ବି—ଆରପାର ଇତ୍ୟାଦି (ଦେଖ)
Ārapāri etc. Ārapāra etc. (See)

**ଆରବ**—ସଂ. ବି. (ଆ=ବିଶେଷ+ରୁ ଧାତୁ=ଶବ୍ଦ କରିବା+ଭାବ. Āraba ଅ)— ବିଶେଷ ଶବ୍ଦ; ବିକଟ ଧ୍ୱନି; ଅପ୍ରିୟ— Loud noise; thundering voice; harsh sound.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଛ | ଢ଼ | ୠ,ୡ | ଃ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଲ | ଣ,ଷ | କ୍ଷ | ଇୟ | ଉଅ | ଲ |
| ୨ | ଛ | ଭ | ଝୁ | ଲୁ | ପେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଵ | ନୃ |

ଦେ. ବି. (ନାମ)—୧ । ଆରବ; ଏସିଆର ଦକ୍ଷିଣପୂର୍ବ ସୀମାନ୍ତ ଦେଶ—1. The country of Arabia.
୨ । ଆରବଦେଶବାସୀ ବ୍ୟକ୍ତି—2. An Arabian.

**ଆରବବରଷ ଏ ଦିନେ**—ଦେ. ବି.—ଆଗାମୀ ଅଥବା ଗତ ବର୍ଷର ଏହି ସମୟରେ—By this time last or next year.
Ārabarasha e dine
আসছে বছর এইদিনে
গেলবছর এইদিনে

**ଆରବା**—ଗ୍ରା. ବି.—୧ । ଆଡ଼ମ୍ବର—1. Pomp.
Ārabā
আড়ম্বর
୨ । ବିଭବ—2. Riches.
अरैबा, आरैबा

**ଆରବି**—ବି. ଓ ବିଣ—ଆରବୀୟ (ଦେଖ)
Ārabi Ārabiya (See)
আরবী
अरबी

**ଆରବିକ**—ଦେ ବିଣ.—ଆରବୀୟ (ଦେଖ)
Ārabika Ārabiya (See)

**ଆରବି ଗୋଁ ଦ୍**—ବୈଦେ. (ଅ) ବି—ଆରବଦେଶୀୟ ଅଠାବିଶେଷ—
Ārabi gond Arabic gum.

**ଆରବୀୟ**—ଦେ. ବି. (ଆରବ୍ + ଭାବ. ଈୟ)—୧ । ଆରବଦେଶୀୟ ବ୍ୟକ୍ତି—1. An Arab.
Ārabiya
আরবী
अरबी
୨ । ଆରବଦେଶୀୟ ଭାଷା—2. The Arabic language.
୩ । ଆରବଦେଶୀୟ ଘୋଡ଼ା—3 An Arab horse.
ଦେ. ବିଣ—୧ । ଆରବଦେଶୀୟ—1 Arabic; Arabian.
୨ । ଆରବଜାତୀୟ—2. Of the tribe of the Arabs
୩ । ଆରବଦେଶୀୟ ଭାଷାସମ୍ବନ୍ଧୀୟ—3. Pertaining to the Arabic language.
[ଦ୍ର ଏ ଭାଷା ଡାହାଣପାଖରୁ ବାଁ ଆଡ଼କୁ ଲେଖାଯାଏ । ]

**ଆରବ୍ୟ**—ଦେ. ବିଣ—ଆରବୀୟ (ଦେଖ)
Ārabya Ārabiya (See)
আরব্য
आरब्य

**ଆରବ୍ଧ**—ସଂ. ବିଣ. (ଆ + ରଭ ଧାତୁ = ଆରମ୍ଭ କରିବା + କର୍ମ. ତ)—
Ārabdha ଆରମ୍ଭ କରାଯାଇଥିବା; ଅନୁଷ୍ଠିତ—Begun; commenced.
ସଂ. ବି.—ଆରମ୍ଭ—Beginning.

**ଆରବ୍ଧବ୍ୟ**—ସଂ. ବିଣ. (ଆ + ରଭ ଧାତୁ + କର୍ମ. ତବ୍ୟ)—
Ārabdhabya ଆରବ୍ଧ ହେବା ଯୋଗ୍ୟ—Fit to be begun or commenced.

**ଆରବ୍ଧି**—ସଂ. ବି. (ଆ + ରଭ ଧାତୁ + ଭାବ. ତି)—ଆରମ୍ଭ; ଉଦ୍‌ଯୋଗ—Commencement.
Ārabdhi

**ଆରବ୍ବି**—ଦେ. ବିଣ—ଆରବୀୟ (ଦେଖ)
Ārabbi Ārabiya (See)
আরবী
अरब्बी

**ଆରଭଟି**—ସଂ. ବି. (ଆ + ରଭ ଧାତୁ = ଆରମ୍ଭ କରିବା + ଅଟି)—
Ārabhați ୧ । ମହିମା; ଗୌରବ—1 Greatness; glory
୨ । ଆଡ଼ମ୍ବର—2. Display.
୩ । ଚିତ୍ର ବା ରଚନାବିଶେଷ—3. A kind of painting.
(ଆର = ଶୀଘ୍ର + ଭଟ = ପୋଷଣ କରିବା + ଭାବ. ଅ)—
୪ । ଦୃଷ୍ଟତା—4. Rudeness.
୫ । ଶୂର; ବୀର—5. Hero

**ଆରଭଟୀ**—ସଂ. ବି.—ଆରଭଟ (ଦେଖ)
Ārabhați Ārabhați (See)

**ଆରଭମାଣ**—ସଂ. ବିଣ. ପୁଂ. (ଆ + ରଭ ଧାତୁ + କର୍ତ୍ତୃ. ମାନ)—
Ārabhamāņa ଯେ ଆରମ୍ଭ କରୁଅଛି—One who is beginning a work.

**ଆରମ୍ଭ**—ସଂ. ବି. (ଆ + ରଭ ଧାତୁ = ଆରମ୍ଭ କରିବା + ଭାବ. ଅ)—
Ārambha ୧ । ଉପକ୍ରମ; ଉଦ୍‌ଯୋଗ—1. Beginning; commencement.
(ଆରମ୍ଭା—ସ୍ତ୍ରୀ)
୨ । (+ କର୍ମ. ଅ)—ବ୍ୟାପାର; କାର୍ଯ୍ୟ—2. The outset of an undertaking.
୩ । (+ କରଣ. ଅ) ଯତ୍ନ; ଉପାୟ—3. First effort.
୪ । ପ୍ରୟୋଗ—4. Application; engagement.
୫ । ଉତ୍ପତ୍ତି—5 The beginning; source.
୬ । ହିଂସା—6. Malice.
୭ । ଗର୍ବ—7. Pride.
୮ । ତ୍ୱରା; ବେଗ—8. Speed; haste.
ଦେ. ବି. ( ସ. ଆଡ଼ମ୍ବର )—ଆଡ଼ମ୍ବର; ଧୂମ—Fuss; ado.
ବସନ୍ତ ଚିହ୍ନି ଆରମ୍ଭେ ଗଲନ୍ତି, ରାଜା ଭଣନ୍ତି ବସନ୍ତ ଦେଖିବି । ମଥୁରାମଙ୍ଗଳ ।
ଦେ. ବିଣ—ଆଡ଼ମ୍ବରଯୁକ୍ତ—Pompous; splendid.
ଦ୍ୱାରେ ଦ୍ୱାରେ ଚମ୍ପା ବୃକ୍ଷ ହେମ ପୂର୍ଣ୍ଣକୁମ୍ଭ ।
ସମ୍ମୁଖ ପର ମଣ୍ଡଣ ଦିଶଇ ଆରମ୍ଭ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆରମ୍ଭିବା**—ଦେ. (ପଦ୍ୟ) କ୍ରି—ଆରମ୍ଭ କରିବା—To begin.
Ārambhibā ଦୁଃଖ ପାଉ ତୁମ୍ଭମାନଙ୍କ ଆରମ୍ଭିଲେ ।
କୃଷ୍ଣସିଂହ. ମହାଭାରତ. ବନ ।

**ଆରମ୍ଭୀ**—ସଂ. ବିଣ. (ଆରମ୍ଭ = ଗର୍ବ + ଅଛି ଅର୍ଥରେ ଇନ୍)—
Ārambhi ଆଡ଼ମ୍ବରପ୍ରିୟ; ଗର୍ବୀ—
ଆରମ୍ଭୀ ତାଙ୍କୀ ଜନପ୍ରାଣୀ, ସେ ବଡ଼ ଏ ସଂସାରେ ପୁଣି ।
ଜଗନ୍ନାଥ. ଗୁଣ୍ଡିଚା. ୧୮ଶ ।

**ଆରଶା**—ଗ୍ରା. ବି. ( ସଂ. ଅର୍ଶ )—୧ । ଅର୍ଶରୋଗ—
Ārasā 1. The piles (a disease); Hae-morrhoids.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଶାଠ' ନ ମିଳିଲେ 'ଷାଠ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିନା' ନ ପାଇଲେ 'ଅଙ୍ଗନା' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

୨ । ଏକ ପ୍ରକାର ଅର୍ଶୋଘ୍ନର ଗୁଳ୍ମ; ଆରଷା—
2. A kind of plant.

**ଆରଷ**—ଦେ. ପଦ୍ୟ. ବି. ( ସଂ. ଅର୍ଶ )—୧ । ଅର୍ଶ ( ଦେଖ )
**Ārasha** 1. Ārsha ( See )
ସେହି ବଦାହକୁ ଆରଷ ବୋଲି କହି—କୃଷ୍ଣସିଂହ, ମହାଭାରତ; ଆଦି ।
୨ । ବେଦ; ଶ୍ରୁତି— 2. The Vedas.
ଆରଷେ ଶୁଣିଛୁ ଏହି ଛାନ ଚନ୍ଦ୍ରାମଣି—ବଡଗୁଡଚନ୍ଦ୍ରାମଣି ।

**ଆରସି**—ଦେ. ବି. ( ସଂ. ଆଦର୍ଶ )—ଦର୍ପଣ; ଅଇନା—
**Ārasi** Mirror; looking glass
আরসি ବୈଦେ. ( ଅ ) ବି. ମୁସଲମାନଙ୍କ ବିବାହରେ ବର ହାତ-
आरसि ଅଙ୍ଗୁଠିରେ ପିନ୍ଧିବା ମୁଦି—The ring which a Mahomedan bridegroom wears on his fingers.

**ଆରା**—ସଂ. ବି. ( ଆ=ସମ୍ୟକ୍+ଋ ଧାତୁ=ଭେଦ କରିବା+କରଣ. ଅ+ସ୍ତ୍ରୀ. ଆ)—
**Ārā**
୧ । ମୋଚି ବା ଚର୍ମକାରର ବେଧନାସ୍ତ୍ର ବା ଫୋଡ଼ଣୀ—
1. An awl.
୨ । ଚମଡ଼ା କାଟିବାର ଅସ୍ତ୍ରବିଶେଷ—
2. A saw or a knife of the cobbler.
୩ । ଘାଆ ଇତ୍ୟାଦିର ଗଭୀରତା ନିରୂପକ ଡାକ୍ତରର ଯନ୍ତ୍ରବିଶେଷ—
3. Surgeon's probe.
ପ୍ରାଦେ. (ସମ୍ବଲପୁର; ସିଂହଭୂମ ) ବି—ଅର ( ଦେଖ )
Ara ( See )

**ଆରଜି**—ବୈଦେ. (ଅ ) ବି—୧ । ଜମି; ଭୂମି—1. Land.
**Āraji** ୨ । କ୍ଷେତ୍ର; କ୍ଷେତ—2. Field.

**ଆରାତ୍**—ସଂ. ଅ. (ଆ+ ରା ଧାତୁ=ଦାନ କରିବା+କର୍ତ୍ତୃ. ଆତ୍ )—
**Ārāt** ୧ । ଦୂରରେ—1 Far off; distance.
୨ । ସମୀପରେ; ନିକଟରେ—2. Nearly.

**ଆରାତି**—ସଂ. ବି. ( ଆ=ରା ଧାତୁ=ଦାନ କରିବା+କର୍ତ୍ତୃ. ଅତି )—
**Ārāti** ଶତ୍ରୁ; ବିପକ୍ଷ; ଅରାତି—Enemy.

**ଆରାତ୍ରିକ**—ସଂ. ବି. ( ଆ+ରାତ୍ରି=ରାତି +କ; ଯାହା ରାତ୍ରି ପୂର୍ବରୁ
**Ārātrika** କରାଯାଏ )—ନୀରାଜନ, ଆଳତି, ପ୍ରଦୀପଦ୍ୱାରା ମଙ୍ଗଳାଚରଣପୂର୍ବକ ବନ୍ଦାପନା—Waving light before the diety in the morning and evening.

**ଆରାଧକ**—ସଂ. ବିଣ. ପୁଂ. ( ଆ=ବିଶେଷ+ରାଧ୍ ଧାତୁ=ଆରାଧନା
**Ārādhaka** କରିବା+କର୍ତ୍ତୃ. ଣକ )—ଉପାସକ; ସେବକ; ଯେ
(ଆରାଧିକା—ସ୍ତ୍ରୀ) ଆରାଧନା କରେ—Worshipper.

**ଆରାଧନ**—ସଂ. ବି. ( ଆ=ବିଶେଷ+ରାଧ୍ ଧାତୁ=ପ୍ରାର୍ଥନା କରିବା+
**Ārādhana** ଭାବ. ଅନ)—୧ । ଉପାସନା; ପ୍ରାର୍ଥନା; ପୂଜା—
ଆରାଧିତ; } ବିଣ
ଆରାଧ୍ୟ }
1 Worship; prayer; adoration.
୨ । ତୁଷ୍ଟିକରଣ—2. Prohibition
୩ । ସେବା; ପରିଚର୍ଯ୍ୟା—3. Service.
୪ । ଅଭ୍ୟାସ—4. Exercise.
୫ । ପାକ—5. Cooking.
୬ । ପ୍ରାପ୍ତି—6 Attainment.
୭ । ପୂଜାସାଧନ—
7. Articles or materials for worship.
ଦେ. ବି—୧ । ନେହୁରା—1 Solicitation.
୨ । ଖୋସାମତ—2. Flattery.

**ଆରାଧନା**—ସଂ. ବି. ସ୍ତ୍ରୀ. ( ଆ+ରାଧ୍+ଅନ+ସ୍ତ୍ରୀ. ଆ )—
**Ārādhanā** ଆରାଧନା ( ଦେଖ )
Ārādhanā ( See )

**ଆରାଧନୀୟ**—ସଂ. ବିଣ. ପୁଂ. ( ଆ+ରାଧ୍+କର୍ମ. ଅନୀୟ )—
**Ārādhaniya** ଆରାଧ୍ୟ ( ଦେଖ )—Ārādhya ( See )
(ଆରାଧନୀୟା—ସ୍ତ୍ରୀ)

**ଆରାଧିତ**—ସଂ. ବିଣ. ପୁଂ. ( ଆ+ରାଧ୍+କର୍ମ. ତ )—
**Ārādhita** ୧ । ପୂଜିତ; ସେବିତ—
1. Worshipped; adored.
୨ । ଅଭ୍ୟସ୍ତ—2. Habituated.
୩ । ପ୍ରାପ୍ତ—3. Attained.
୪ । ସାଧିତ; ଅନୁଷ୍ଠିତ—4. Controlled.

**ଆରାଧିବା**—ଦେ. ପଦ୍ୟ. କ୍ରି. ( ସଂ. ଆରାଧନ )—ଆରାଧନା କରିବା—
**Ārādhibā** To worshio; to pray.
आराधा କରୁଛେ ପୃଥ୍ୱୀର ସୁର୍ଯ୍ୟେ ଆରାଧିଲେ—
କୃଷ୍ଣସିଂହ, ମହାଭାରତ, ବନ ।

**ଆରାଧ୍ୟ**—ସଂ. ବିଣ. ପୁଂ. ( ଆ+ରାଧ୍ ଧାତୁ+କର୍ମ. ଯ )—ପୂଜନୀୟ;
**Ārādhya** ପୂଜ୍ୟ; ପୂଜା ବା ସେବାର ଯୋଗ୍ୟ—
( ଆରାଧ୍ୟା—ସ୍ତ୍ରୀ ) Worshippable; adorable.

**ଆରାଧ୍ୟମାନ**—ସଂ. ବିଣ. ପୁଂ (ଆ+ରାଧ୍+କର୍ମ. ଅନ (ମାନ)—
**Ārādhyamāna** ୧ । ପୂଜିତ ହେଉଥିବା; ଯାହାଙ୍କୁ ଆରାଧନା
(ଆରାଧ୍ୟମାନା—ସ୍ତ୍ରୀ) କରାଯାଉଥାଏ; ସେବ୍ୟମାନ—
1. Being worshipped or adored.
୨ । ସାଧ୍ୟମାନ—2. Being performed; or practised.

**ଆରାବ**—ସଂ. ବି (ଆ=ସମ୍ୟକ୍+ରୁ ଧାତୁ=ଶବ୍ଦ କରିବା+ଭାବ. ଅ)—
**Ārāba** ୧ । ଶବ୍ଦ—1. Sound; voice; tumult.
୨ । ଅନୁକାରୀ ଶବ୍ଦ—2. Imitative sound.
୩ । ପ୍ରତିଧ୍ୱନି—3. Echo.

**ଆରାମ**—ସଂ. ବି ( ଆ=ସମ୍ୟକ୍+ରମ୍ ଧାତୁ=କ୍ରୀଡ଼ା କରିବା+
**Ārāma** ଅଧିକରଣ. ଅ)—୧ । ଉଦ୍ୟାନ; ଉପବନ; ବୃକ୍ଷବାଟିକା; କ୍ରୀଡ଼ୋଦ୍ୟାନ; ବାଡ଼ି; ବଗିଚା—
1. Pleasure garden; a bower.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଞ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଗ,ଷ | ଙ୍କ | ଇସ୍ | ଛଅଂ | ଛ |
| ୨ | ଈ | ଊ | ଋ | ଌ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଶଂ୍ୟ | ଇଥ | ୱ | ନ୍ତ |

୨ । (+ଲବ. ଅ) ବିରାମ; ବିରତି; ନିବୃତ୍ତି—
2. Relief; cessation of activity; relaxation.

୩ । କାର୍ଯ୍ୟରୁ ବିଶ୍ରାମ—
3. Recreation; rest; refreshment.

୪ । ଶାନ୍ତି—4. Calm; peace.

୫ । ସୁଖ, ପ୍ରୀତି; ମଜ୍ଜା—
5. Pleasure; joy; amusement.

୬ । ସ୍ୱାସ୍ଥ୍ୟ; ରୋଗମୁକ୍ତି; ଆରୋଗ୍ୟ—
6. Health; recovery; convalescence.

୭ । ସ୍ୱାଚ୍ଛନ୍ଦ୍ୟ—7 Comfort; ease.

ବୈ. ଦେ. ବି (ପା.)—୧ । ସୁଖୋପଭୋଗ—
1. Enjoyment.

আরাম ୨ । ଅଯ୍ୟାସ୍—Luxury.

आराम ଦେ. ବିଣ.—୧ । ସୁସ୍ଥ; ନୀରୋଗ; ରୋଗମୁକ୍ତ—
1. Convalescent.

୨ । ସ୍ୱଚ୍ଛନ୍ଦ—2. Easy.

୩ । ସୁଖରେ ପରିବର୍ଦ୍ଧିତ—
3. Brought up with ease or luxury.

୪ । ଶାନ୍ତିସୁଖ ଭୋଗ କରୁଥିବା—4. Refreshing one's self.

**ଆରାମ କରିବା**—ଦେ. କ୍ରି.—୧ । ରୋଗମୁକ୍ତ କରିବା—
Ārāma karibā 1. To cure; to effect a cure.
আরামকরা ୨ । ଆରାମ ନେବା—
आराम करना 2. To take rest.

**ଆରାମ କୁରୁଚି**—ଦେ. ବି.—ଆରାମଚଉକି (ଦେଖ)
Ārāma kuruchi Ārāma chauki (See)

**ଆରାମଚଉକି**—ଦେ. ବି (ଇଂ. ଆର୍ମ୍ ଓ ସଂ. ଚତୁଷ୍କୀ; ଯାହା ଯେଉଁ
Ārāmachauki ଚଉକିରେ ଆରାମ ବା ସୁଖବିଶ୍ରାମ ହୁଏ)—
আরামচউকি; কেদারা ସୁଖୋପବେଶନ କାଷ୍ଠ ବା ବେତ୍ରାସନ-
आरामकुर्सी ବିଶେଷ—Armchair; easy chair.

**ଆରାମଚେଆର**—ବୈଦେ. ଇଂ. ବି (ଇଂ. ଆର୍ମ୍ ଚେୟାର୍)—
Ārāmacheāra ଆରାମ୍‌ଚୌକି (ଦେଖ)
Ārāmchauki (See)

**ଆରାମ ନେବା**—ଦେ. କ୍ରି.—ପରିଶ୍ରମ ପରେ ବିଶ୍ରାମ କରିବା; କ୍ଳାନ୍ତି
Ārāma nebā ଅପନୋଦନ କରିବା—To refresh one's
আরাম করা self after hard toil; to take rest; to
आराम लेना lie at ease after labour.

**ଆରାମପୁର**—ସଂ. ବି (ଷଷ୍ଠୀ ତତ୍; ଆରାମ=ବିଶ୍ରାମ+ପୁର=ଗୃହ)—
Ārāmapura ଉପବନସ୍ଥିତ ଗୃହ—
A room in a pleasure garden.

ଅଛି ଆରାମପୁର ପାଖରେ—ଭକ୍ତ. ପ୍ରେମସୁଧାନିଧି ୧୨।୧୯ ।

(ତୁଳନାକର ପା. ଆରାମ୍‌ଗାହ୍=ଶଯ୍ୟାଗାର) ।

**ଆରାମ୍ ପୁଲିସ୍**—ବୈଦେ. ବି. (ଇଂ)—ସଶସ୍ତ୍ର ଶାନ୍ତିରକ୍ଷକ ପୁଲିସ-
Ārām pulis ଦଳ—Armed police.
আর্ম পুলিস
आरामपुलिस

**ଆରାମ୍ ବାଗ୍**—ଦେ. ବି. (ସଂ. ଆରାମ+ଆ. ବାଗ୍=ବଗିଚା)—
Ārām bāg ଉଦ୍ୟାନ; ଉପବନ—Pleasure garden.

**ଆରାରୁଟ୍**—ବୈଦେ (ଇଂ) ବି. (ଇଂ. ଆରୋରୁଟ୍)—୧ । ହଳଦୀଜାତୀୟ
Ārāruṭ ଶାକ ଗୁଳ୍ମବିଶେଷ—Curcuma augustifolia.
আরারুট ୨ । ଉକ୍ତ ଗୁଳ୍ମର ମୂଳ ଓ କାଣ୍ଡ ଭିତରର ଶସରୁ
टिखुर, आरारोट ପ୍ରସ୍ତୁତ ପାଲୁଅ—2. Arrowroot.

[ଦ୍ର—ଏ ଗୁଳ୍ମ ବର୍ଷଜୀବୀ ହଳଦୀଜାତୀୟ । ଏହି ଗଛର ମୂଳ ଓ କାଣ୍ଡକୁ କୁଟି ପାଣିରେ ବତୁରାଇଲେ ପାଣି ତଳେ ଧଳା କାଦୁଅ ପରି ପଦାର୍ଥ ବସିଯାଏ । ପାଣିକୁ ନିଗାଡ଼ି ଏହାକୁ ଶୁଖାଇ କୁଟିଲେ ଯେଉଁ ଚୂନା ବାହାରେ ତାକୁ ପାଲୁଅ ବା ଆରାରୁଟ୍ ବୋଲାଯାଏ । ଦେଶୀ ଆରାରୁଟ୍ ବା ପାଲୁଅ (Indian arrowroot ଆମ ଦେଶରେ ହୁଏ ଏବଂ ବିଦେଶୀ ଆରାରୁଟ୍‌ର ଗଛ ମଧ୍ୟ କେହି କେହି କରନ୍ତି ।]

**ଆରାରୋଟ୍**—ଦେ. ବି.—ଆରାରୁଟ୍ (ଦେଖ)
Āraroṭ Āraruṭ (See)

**ଆରାଳିକ**—ସଂ. ବି. ପୁଂ. (ଆରାଳ=ବକ୍ର+ଇକ; ଯେ ସର୍ବଦା ପାକପାତ୍ର
Ārāḷika ଉପରେ ବକ୍ର ବା ଲଇଁ ହୋଇଥାଏ)—ପାଚକ;
(ଆରାଳିକା—ସ୍ତ୍ରୀ) ସୂପକାର; ସୁଆର; ରାନ୍ଧୁଣିଆ—Cook.
ସଂ. ବିଣ.—ବକ୍ରଗାମୀ—Going astray.

**ଆରି**—ଦେ ବି.—ମତ୍ସ୍ୟବିଶେଷ; ଆଡ଼ି—
Āri A kind of fish.

**ଆରିଆ**—ଦେ. ଅ. (ନାହାକିଆ ଓ ବୋଟ ମାଝିଙ୍କ ଭାଷା)—
Āriā ୧ । (ନୌକାବାହୀ କେଉଟମାନଙ୍କର ଡାକବିଶେଷ—)
আরিআ ବୋଟକୁ ପାଖକୁ ନିଅ—1. (a term used by
आरिआ boatmen) Shove to move the boat to one side.
୨ । ବୋଟକୁ ଚଳାଅ—2. Move the boat.

**ଆରିଆ ଆରେଇ**—ଦେ. ବି.—ପରସ୍ପର ମଧ୍ୟରେ ଘୁଞ୍ଚା ଘୁଞ୍ଚି—
Āriā ārei Jostling one another.

**ଆରିବା**—ଦେ. କ୍ରି—ଆରେଇବା (ଦେଖ)
Āribā Āreibā (See)
[ଯଥା—ଏ ପିଲାଟି ତା' ମା'କୁ ଜମାରୁ ଆରୁ ନାହିଁ ।]

**ଆରିଷା**—ଦେ.ବି.—୧ । ଚାଉଳଚୂନା ଓ ଗୁଡ଼ରେ ଖଳ ପ୍ରସ୍ତୁତ କରି ତାକୁ
Āriṣā ଚକ ଘିଅରେ ଛାଣି ତିଆରି କରିବା ପିଷ୍ଟକବିଶେଷ—

ସାଧାରଣ ଲୋକେ ଏପରି ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଗୁଡ଼ପିଠେ 1. A cake prepared with rice flour fried in ghee
আরিষা

বড়কান্দুর ୨ । ଏକ ଜାତୀୟ ଅର୍ଶୋଘ୍ନ ଗୁଳ୍ମ—2. A kind of bulbuous plant; Broad flag; Crinum Asiaticum (Haines)
हातिकन्द

[ଦ୍ର—ଏହାର ପତ୍ରକୁ କଷୁଣୁନ ମାଇଲେ ଅର୍ଶରୋଗର ବେଦନା କିଞ୍ଚିତ ଉପଶମ ହୁଏ । ଏ ଗଛ ଘରେ ଲଗାଇଲେ ଅର୍ଶରୋଗ ଭଲ ହୁଏ; ଏକଣସ୍ତ ରୋଗୀ ମଧ୍ୟ ଏ ପତ୍ରକୁ କଷୁଣୁନ ମାରନ୍ତି ।]

୩ । (ସଂ. ଅର୍ଶଃ)—ଅର୍ଶରୋଗ—3. The piles.

**ଆରି**—ଦେ. ବି. (ସଂ. ଆରା)—ଚର୍ମକାର ବା ମୋଚିର ଲମ୍ବା ଛୁଞ୍ଚ ବା ଫୋଡ଼ଣି—Awl.
Āri
আরী
आरी

**ଆରୁକ**—ଦେ. ବି—କେଉଟମାନଙ୍କ ବଂଶୋପାଧିବିଶେଷ—
Āruka A family title of fishermen.
[ଦ୍ର—କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ଏ ଉପାଧିଧାରୀ କେଉଟ ଅଛନ୍ତି ।]

**ଆରୁରୁକ୍ଷା**—ସଂ. ବି. ସ୍ତ୍ରୀ. (ଆ=ଉପରକୁ+ରୁହ ଧାତୁ=ଉଠିବା+ଇଚ୍ଛାର୍ଥରେ ସନ୍+ଅ+ଆ)—ଆରୋହଣ କରିବା ଇଚ୍ଛା—Wish to rise higher; aspiration.
Ārurukshā

**ଆରୁରୁକ୍ଷୁ**—ସଂ. ବିଣ. (ଆ+ରୁହ୍ ଧାତୁ=ଚଢ଼ିବା+ଇଚ୍ଛାର୍ଥେ ସନ୍+ଉ)—ଆରୋହଣେଚ୍ଛୁ; ଯେ ଆରୋହଣ କରିବାକୁ ଇଚ୍ଛା କରେ; ଆରୋହଣ କରିବାକୁ ଉଦ୍ୟତ ବା ଇଚ୍ଛୁକ—Wishing to ascent; aspiring
Ārurukshu

**ଆରୁଢ଼**—ସଂ. ବିଣ. (ଆ+ରୁହ ଧାତୁ=ଚଢ଼ିବା+କର୍ତ୍ତୃ. ତ; ଯେ ଆରୋହଣ କରିଅଛି)—ଚଢ଼ିଥିବା; ଆରୋହଣ କରିଥିବା; କୌଣସି ବସ୍ତୁ ବା ଜୀବର ଉପରକୁ ଉଠିଥିବା—Mounted on; ascended.
Ārūrdha
(ଆରୂଢ଼ା—ସ୍ତ୍ରୀ)

**ଆରୁଢ଼ଯୌବନା**—ସଂ. ବି. ସ୍ତ୍ରୀ (ବହୁବ୍ରୀହି)—ମଧ୍ୟାନାୟିକାଙ୍କ ଚାରି ଭେଦର ଏକ; ଯେଉଁ ଯୁବତୀନାୟିକାଙ୍କୁ ପତି ସଙ୍ଗମ ସୁଖକର ହୁଏ (ହି. ଶବ୍ଦସାଗର)—A class of youthful and lustful woman.
Ārūrdhajaubanā

**ଆରେ**—ଦେ. ଅ. (ସଂ. ଅରେ)—ନୀଚ ବ୍ୟକ୍ତି ବା ପରିଚିତ ଲୋକଙ୍କୁ ସମ୍ବୋଧନ—ରେ ! —Hallo ! Hollo ! Oho ! Ho ! Oh !
Āre
(ଅଲେ—ସ୍ତ୍ରୀ)
আরে; রে
अरे

ଏ ସମ୍ବୋଧନ ନିମ୍ନଲିଖିତ ସ୍ଥଳରେ ବ୍ୟବହୃତ ହୁଏ:—
୧ । ଡାକିବାରେ—1 In calling.
୨ । ସ୍ମରଣାର୍ଥକ—2. In re-collecting a matter
୩ । ଆଶ୍ଚର୍ଯ୍ୟାର୍ଥକ—3. In wonder.
୪ । ପ୍ରଣୟ ବା ବାତ୍ସଲ୍ୟାର୍ଥକ—4. In attachment and affection.

[ଦ୍ର—ନିଜଠାରୁ ବୟସ ବା ପଦମର୍ଯ୍ୟାଦାରେ ଊଣା ବ୍ୟକ୍ତିଙ୍କୁ ଏପରି ସମ୍ବୋଧନ କରାଯାଏ ।]

**ଆରେଇବା**—ଦେ. କ୍ରି. (ସଂ. ଆଦର)—୧ । ଭଲ ଲାଗିବା—To suit
Āreibā
୨ । ଆଦରିନିବା; ଆପଣାର ପରି ଭଲ ପାଇବା—2 To affiliate or treat as one's own.
୩ । ଆଦର କରିବା—3. To fondle.

ଗ୍ରା. କ୍ରି.—୧ । ଏକପାଖକୁ ଘୁଞ୍ଚାଇ ଦେବା; ଅଡ଼େଇ ଦେବା—1. To move or push to one side.
୨ । ଆଡ଼କୁ ବା ଦିଗକୁ ଅଗ୍ରସର ହେବା—2. To advance towards.
୩ । ଅଭ୍ୟାସ ଯୋଗୁଁ କୌଣସି ସ୍ଥାନ ବା ବସ୍ତୁ ପ୍ରତି କୌଣସି ବ୍ୟକ୍ତି ଅଭ୍ୟସ୍ତ ହେବା—3. To become habituated to a thing; to feel at home.
୪ । (ନାଉରିଆ ଭାଷା) ଓହ୍ଲାଇବା; ଖସାଇବା—4. (nautical) To bring down or dismantle.
(ଯଥା—ପାଲ ଆରେଇ ଦେ ।)
୫ । (ନାଉରିଆ ଭାଷା) ବୋଟକୁ ପାଖେଇବା—5. (nautical) To move the boat to a side.
୬ । (ନାଉରିଆ ଭାଷା) ବୋଟକୁ ଆଗକୁ ଚଳାଇବା—6. To advance the boat.

**ଆରେକ**—ଦେ. ସର୍ବ. ବି.—ଆରକ (ଦେଖ)
Āreka Āraka See)
ଏକଇଁ ଫଳ ଏକେ ଦେବ ।
ଆରେକ ମନ ନ ପାତିବା—ଉପେନ୍ଦ୍ର, ପ୍ରେମପଞ୍ଚ ମୃତ ।
ଦେ. ସର୍ବନାମ—ଆର (ଦେଖ)
Āra (See)
ଆରେକ ରଥରେ ବେଗେ ଆରୋହଣ କଲେ—ସରଳାମହାଭାରତ, ବନ୍ଦ ।

**ଆରେଣି**—ଦେ. ବି (ସଂ. ଅରଣି)—୧ । ଅରଣି (ଦେଖ)
Āreṇi Araṇi (See)
୨ । (ସଂ. ରଣ) ଯୁଦ୍ଧ—2 Fight
ବେନି ଅଶ୍ୱଙ୍କର ଯେତେକ ହୁଅଇ ଆରେଣି—ସାରଳା ମହାଭାରତ, ମଧ୍ୟ ।
ଦେ. ବିଣ. (ସଂ. ଅଗ୍ରଣୀ)—ଶ୍ରେଷ୍ଠ—Chief; excellent.
ସ୍ୱର୍ଗେଣ ଅମର ରାଜନ ଜଣି
ନମ୍ରାମଣ୍ଡଳେ ସେ ନୃପ ଆରେଣି—ବିଶ୍ୱନାଥ, ଛଣା ଅଭିଳାଷ ।

**ଆରେବତ**—ସଂ. ବି—ସୁନାରି ଗଛ ଓ ତାହାର ଫଳ—
Ārebata A tree and its fruit; Cassia Fistula.

**ଆରେବା**—ଦେ. ବି.—ଆରବା (ଦେଖ)
Ārebā Ārabā (See)

**ଆରେ ରେ**—ଦେ. ଅ.—ଆରେ (ଦେଖ)
Āre re Āre (See
ওরে রে
अरर
(ଅଲେ ଲେ—ସ୍ତ୍ରୀ)
ଆରେ ରେ ! ଯେତେବେଳେ ସେ—ପ୍ରବଚନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ସ | କ୍ଷ | ଇଯ୍ | ଇଅ | ୟ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଥ | ଓ୍ୱ | ନ୍ |

**ଆରେ ରେକାର**—ଦେ. ବି.—ରେ ରେ କାର; ଆରେ ରେ ଶବ୍ଦ—
Ārerekāra A battle sound.
ଆରେ ରେକାର କରୁଣ ଅସୁରମାନ ଧଇଁଣ ।
ବିଶ୍ୱନାଥ—ବିଚିତ୍ରରାମାୟଣ ।

**ଆରେସି**—ଗ୍ରା. ବି.—ଆରସି (ଦେଖ)
Āresi Ārasi (See)

**ଆରୋ**—ଗ୍ରା. ଅ.—ଅଲୋ; ସ୍ତ୍ରୀମାନଙ୍କ ପ୍ରତି ଅନୁରୋଧାର୍ଥକ ସମ୍ବୋଧନ—
Āro Vocative particle used to females.
ରମା ବୋଲ ଲୋ ରମା ବୋଲ, ଆଜ କେବେ ଦେଇଣ ଆରୋ—ରୂପାରୂପି କାହାଣୀ ।

**ଆରୋଗ୍ୟ**—ସଂ.ବି.(ଅରୋଗ + ଭାବାର୍ଥ.ଯ)—୧ । ସ୍ୱାସ୍ଥ୍ୟ;ରୋଗାଭାବ—
Ārogya 1. Health; diseaselessness.
୨ । ରୋଗମୁକ୍ତି—
2. Recovery; convalescence.
ସଂ. ବିଣ.—୧ । ନୀରୋଗ; ସୁସ୍ଥ ( ହ୍ର. ଶବ୍ଦସାଗର )
1. Healthy
୨ । ରୋଗମୁକ୍ତ—2 Recovered; cured.

**ଆରୋଗ୍ୟକର**—ସଂ. ବିଣ. ପୁଂ ( ଆରୋଗ୍ୟ+କୃ ଧାତୁ+କର୍ତ୍ତୃ. ଅ)—
Ārogyakara ଯାହା ଆରୋଗ୍ୟ କରେ—One that
(ଆରୋଗ୍ୟକରୀ—ସ୍ତ୍ରୀ) cures; that which cures; curative.

**ଆରୋପ**—ସଂ. ବି. (ଆ+ରୁହ ଧାତୁ ଣିଚ୍‌. ରୋପି ଧାତୁ+ଭାବ. ଅ)—
Āropa ୧ । ଏକ ବସ୍ତୁରେ ଅନ୍ୟ ବସ୍ତୁର ଧର୍ମକୁ ସ୍ଥାପନ
(ଆରୋପିତ—ବିଣ) କରିବା—1. Attributing the attribute of one thing to another thing; ascription; assignment.
୨ । ସମ୍ଭାବନ; କଳ୍ପନା—
2. Feigning; invention
୩ । ମିଥ୍ୟାଭିଶଂସନ; ମିଛ କଥା ଆଣି ଘଟାଇ ଦେବା; କୌଣସି ବ୍ୟକ୍ତି ନାମରେ ମିଥ୍ୟାରଚନା—
3. False imputation.
୪ । ଏକ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ରଖିଦେବା—
4. Placing in or on; placing upon.
୫ । ଅର୍ପଣ—5. Consignment.
୬ । ଅଭେଦଜ୍ଞାନ—6. Nondifferentiation
୭ । ସ୍ଥାପନ—7. Placing.
୮ । ମିଥ୍ୟାଜ୍ଞାନ;ଭ୍ରମ—8. Erroneous knowledge.
୯ । ଜ୍ୟାରେ ଗୁଣ ଚଢ଼ାଇବା—
9. Setting the arrow to the bowstring.

**ଆରୋପଣ**—ସଂ. ବି. ( ଆ+ରୁହ ଧାତୁ ଣିଚ୍‌+ଭାବ ଅନ )—
Āropaṇa ୧ । ଆରୋପ, ଏକବସ୍ତୁରେ ଅନ୍ୟ ବସ୍ତୁର ଗୁଣକୁ ସ୍ଥାପନ କରିବା—1 Attributing one's attribute to another; imposition; assignment.
୨ । ଆରୋହଣ କରାଇବା; ଚଢ଼ାଇବା—
2. Causing to ascend; raising.
୩ । ଧନୁରେ ଗୁଣ ସଂଯୋଗ; ଧନୁରେ ଗୁଣ ଚଢ଼ାଇବା—
3. Putting the arrow the bow.
୪ । ଶସ୍ୟାଦିର ଗଛକୁ ଏକସ୍ଥାନରୁ ଉପାଡ଼ି ଅନ୍ୟ ସ୍ଥାନରେ ରୋପଣ ବା ରୋଇବା—
4. Transplantation.
୫ । ଏକ ସ୍ଥାନରୁ ଆଣି ଅନ୍ୟ ସ୍ଥାନରେ ସ୍ଥାପନ କରିବା—
5. Juxtraposition.
୬ । ସ୍ଥାପନ—6. Setting; placing.

**ଆରୋପଣୀୟ**—ସ. ବିଣ. ( ଆ+ରୁହ ଧାତୁ; ଣିଚ୍‌. ରୋପି ଧାତୁ+
Āropaṇīya କର୍ମ. ଅନୀୟ )—ଆରୋପିତ ହେବା ଯୋଗ୍ୟ—
Attributable; assignable; fit to be placed; fit to be raised.

**ଆରୋପିତ**—ସଂ. ବିଣ. ( ଆ+ରୋପି+କର୍ମ. ତ )—
Āropita ୧ । ଏକ ସ୍ଥାନରୁ କାଢ଼ିଯାଇ ଅନ୍ୟ ସ୍ଥାନରେ ସ୍ଥାପିତ—
1 Transferred; transposed.
୨ । କଳ୍ପିତ—
2. Feigned; imputed; falsely ascribed.
୩ । ସ୍ଥାପିତ—3. Placed.
୪ । ରୁଆ ହୋଇଥିବା—
4. Transplanted.

**ଆରୋପିବା**—ଦେ. ( ପଦ୍ୟ ) କ୍ରି—୧ । ଆରୋପଣ କରିବା—
Āropibā 1. To ascribe.
ଆମକର ବଡ଼ପଣ ନଜଠାରେ; ଆରୋପି ମାଧବ ସିନା ଅହଙ୍କାରେ—
ବିଶ୍ୱନାଥ—ଦରବାର ।
୨ । ରୋଇବା—2. To transplant.

**ଆରୋପ୍ୟ**—ସ. ବିଣ.—ଆରୋପଣୀୟ (ଦେଖ)
Āropya Āropaṇīya (See)

**ଆରୋହ**—ସ. ବି. (ଆ+ରୁହ ଧାତୁ=ଚଢ଼ିବା+ଭାବ. ଅ)—
Āroha ୧ । ଦୈର୍ଘ୍ୟ—1. Length.
(ଅବରୋହ—ବିପରୀତ) ୨ । ଉଚ୍ଚତା—2. Height.
(ଆରୂଢ଼—ବିଣ) ୩ । ଉପରକୁ ଉଠିବା ବା ଚଢ଼ିବା—
3. Ascension; mounting; climbing
୪ । (+କର୍ମ. ଅ)—ସ୍ତ୍ରୀ କଟୀ; ସ୍ତ୍ରୀର କ୍ଷୀଣ କଟି—
4 A woman's waist; a woman's slender waist.
୫ । ଭାର; ପରିମାଣ—5 Weight; measure.
୬ । (+କର୍ତ୍ତୃ. ଅ) ଯାନାଦି ଆରୋହଣ କରିବା ବ୍ୟକ୍ତି—
6 Rider on conveyances.
୭ । (+କର୍ମ. ଅ) (ଯାହାକୁ ଆରୋହଣ କରାଯାଏ) ପର୍ବତ—
7. Mountain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଆରୋହଣ**—ସଂ. ବି. (ଆ+ରୁହ ଧାତୁ=ଚଢ଼ିବା+ଭାବ. ଅନ)—
Ārohaṇa ୧ । ଚଢ଼ିବା; କୌଣସି ବସ୍ତୁ ବା ଯାନ ଉପରକୁ ଉଠିବା -
(ଅବରୋହଣ—ବିପରୀତ) 1. Mounting; ascension.
୨ । ଅଙ୍କୁରିତ ଜନ୍ମାଇବା—2 Rearing; seedlings.
୩ । (+କରଣ. ଅନ)—ହିଡ଼; ପାବଚ୍ଛ; ସୋପାନ—
3. Ladder; steps

ଅଖିଳ ଦାରବ ଅଟଣ୍ଡଳ ପଦ ଆରୋହଣ ପରମ୍ପରାରେ । କବିସୂର୍ଯ୍ୟ ।

**ଆରୋହଣୀ**—ସଂ. ବି. ସ୍ତ୍ରୀ.— (ଆ+ରୁହ+କରଣ. ଅନ+ସ୍ତ୍ରୀ ଈ)—
Ārohaṇī ୧ । ସିଢ଼ି—1. Ladder; stair.
୨ । ପାବାଛ—2. Flight of steps; staircase.

**ଆରୋହିବା**—ପଦ୍ୟ. କ୍ରି.—୧ । ଆରୋହଣ କରିବା; ଉଠିବା; ଚଢ଼ିବା—
Ārohibā 1. To get on; to climb

ବ ସୁଖ ଇନ୍ଦ୍ର ଅଙ୍କେ ନନ୍ଦନରେ ନିଃଶଙ୍କେ ଆରୋହିଲେ ଅଭ୍ରମୂପତି କରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । ଯାନବାହନାଦିରେ ଚଢ଼ିବା—To ride.

ଭବ ଶକଟେ ଯେବେ ଆରୋହିବ । କବିସୂର୍ଯ୍ୟ. କବିତା ।

**ଆରୋହୀ**—ସଂ. ବିଣ. ପୁଂ. ( ଆ+ରୁହ ଧାତୁ=ଚଢ଼ିବା+କର୍ତ୍ତୃ ଇନ୍
Ārohī ୧ମା. ୧ବ.)—୧ । ଆରୋହଣକାରୀ; ଆରୋହକ:
(ଆରୋହିଣୀ—ସ୍ତ୍ରୀ) ଉପରକୁ ଚଢ଼ିଥିବା—1. Riding; ascending, climbing.
୨ । (ସଙ୍ଗୀତ) କ୍ରମଶଃ ଊର୍ଦ୍ଧ୍ୱକୁ ଆରୋହଣ ବା ଗତି କରୁଥିବା ସ୍ୱର—2. (music Gradually ascending (tune)
[ ଦ୍ର—ସଙ୍ଗୀତଶାସ୍ତ୍ରରେ ସ୍ୱରର କ୍ରମଶଃ ଊର୍ଦ୍ଧ୍ୱଗତିର ନାମ 'ଆରୋହଣ' ଓ କ୍ରମିକ ନିମ୍ନ ଗତିର ନାମ 'ବିଲୋମ ବା ଅବରୋହଣ' ସଙ୍ଗୀତବ୍ୟବସାୟିମାନେ କ୍ରମାନ୍ୱୟରେ ଏହି ଦ୍ୱିବିଧ ଗତିକୁ 'ଆରୋହୀ' ଓ 'ଅବରୋହୀ' କହନ୍ତି । ]
ସ. ବି.—ଆରୋହଣକାରୀ ବ୍ୟକ୍ତି—A rider or passanger in a conveyance.

**ଆର୍କ୍ଷ**—ସଂ. ବିଣ (ଋକ୍ଷ+ସମ୍ବନ୍ଧ.ଅ)—ନକ୍ଷତ୍ରସମ୍ବନ୍ଧୀୟ—
Ārksha Pertaining to stars.
ସଂ. ବି.—୧ । (+ଅପତ୍ୟାର୍ଥେ. ଅ)—ଋକ୍ଷ ତନୟ ସମ୍ବରଣ ନାମକ ରାଜା—1. King Sambaraṇa, the son of Ruksha.
୨ । (+ସମୂହାର୍ଥେ. ଅ)—ନକ୍ଷତ୍ରସମୂହ—
2. Multitued of stars.

**ଆର୍ଚ୍ଚି**—ପ୍ରାଦେ. (ଗଞ୍ଜାମ ବି—ଖିଲାଣ—
Ārchchi Arch.
(ଯଥା—ଘରର ଆର୍ଚ୍ଚିମାନ ଦିଶେ କେଡ଼େ ଶୋଭନ)

**ଆର୍ଜ୍ଜବ**—ସ. ବି. ( ଋଜୁ=ସରଳ+ଭାବ. ଅ )—
Ārjaba ୧ । ଋଜୁତା, ସରଳତା—1. Straightness.
୨ । ସରଳ ସ୍ୱଭାବ—2. Straight forwardness.
୩ । ନିଷ୍କପଟତା; ନିଷ୍କପଟ ବ୍ୟବହାର ବା ସ୍ୱଭାବ—
3. Sincerity.
୪ । ଅକୌଟିଲ୍ୟ; ଅକୁଟିଳତା—4. Uprightness.
୫ । ସରଳ ବ୍ୟବହାର—
5. Rectitude; sincere conduct.
୬ । ସତ୍ସ୍ୱଭାବ—6. Honesty.

**ଆର୍ଜୁନି**—ସଂ. ବି. ( ଅର୍ଜୁନ+ଅପତ୍ୟାର୍ଥେ+ଇ )—
Ārjuni ଅର୍ଜୁନପୁତ୍ର ଅଭିମନ୍ୟୁ—
Abhimanyu, the son of Arjuna.

ଶର ପ୍ରସରଣେ ଏବେ ବେଢ଼ିଲେ ଅରାତି
ଅମର୍ଷିକ; ଆର୍ଜୁନିକ ଯଥା କୁରୁଚମୂ । ରାଧାନାଥ—ମହାଯାତ୍ରା ।

**ଆର୍ତ୍ତ**—ସଂ. ବିଣ. ( ଆ=ବିଶେଷ ଭାବରେ+ଋତ ଧାତୁ+ବ୍ୟାକୁଳ ହେବା+କର୍ତ୍ତୃ. ତ )—୧ । ପୀଡ଼ିତ; ଅସୁସ୍ଥ—
Ārtta
(ଆର୍ତ୍ତି—ବି) 1. Diseased; sick.
(ଆର୍ତ୍ତା—ସ୍ତ୍ରୀ) ୨ । କାତର; ବିହ୍ୱଳ, ଜର୍ଜରିତ—
2. Distressed,
୩ । ଉଦ୍ବେଜିତ; ବିପନ୍ନ; ବିପଦଗ୍ରସ୍ତ; ଆତୁର—
3. Afflicted with calamity; overcome with misfortune.
୪ । ଅତ୍ୟନ୍ତ ଦୁଃଖିତ—
4. Grieved; pained; vexed.
ଦେ. ବି—୧ । ଆର୍ତ୍ତି; ଦୁଃଖ—1. Grief; pain.

ଧୂମାବତୀ ଦକ୍ଷିଣ ପାଶେ ରଥାବର୍ତ୍ତି
ତୀର୍ଥ ଅଛି ଦେଖିଲେ ଯିବେ ଲୋକ ଆର୍ତ୍ତି । କୃଷ୍ଣସିଂହ.ମହାଭାରତ—ବନ ।

୨ । ପୁଂ.—ଆର୍ତ୍ତତ୍ରାଣର ଡାକନାମ—
2. Name for calling Ārttatrāṇa.

**ଆର୍ତ୍ତଗଳ**—ସଂ. ବି - ନୀଳ ଦାସକେରେଣ୍ଟା ଫୁଲ ଓ ଗଛ—
Ārttagaḷa A blue flower and its shrub

**ଆର୍ତ୍ତତ୍ରାଣ**—ସଂ. ବି. ( ଆର୍ତ୍ତ=ବିପନ୍ନ+ତ୍ରୈ=ତ୍ରାଣ କରିବା+କର୍ତ୍ତୃ. ଅନ )—ଆର୍ତ୍ତ ବା ବିପନ୍ନ ଲୋକଙ୍କୁ ଉଦ୍ଧାର କରୁଥିବାରୁ; ଈଶ୍ୱର—Name of God; the Saviour of the afflicted.
Ārttatrāṇa
ସଂ. ବିଣ—ଆର୍ତ୍ତ ବ୍ୟକ୍ତିର ଉଦ୍ଧାରକାରୀ—
One who saves a person from distress.
ଦେ. ବି. ପୁ.—ଲୋକଙ୍କ ନାମ—Name of males.

**ଆର୍ତ୍ତଧ୍ୱଂସନ**—ସଂ. ବି ଓ ବିଣ—ଆର୍ତ୍ତତ୍ରାଣ ( ଦେଖ )
Ārttadhwaṁsana Ārttatrāṇa ( See )

**ଆର୍ତ୍ତନାଦ**—ସଂ. ବି ( ୬ଷ୍ଠୀ ତତ୍, ଆର୍ତ୍ତ+ନାଦ )—
Ārttanāda ଆର୍ତ୍ତ ବା ବିପନ୍ନ ଲୋକର ଶବ୍ଦ; ତ୍ରାହି ରବ; କାତରଧ୍ୱନି—Cry of distress; plaintive voice; moan; groan.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଭୃ | ର,ହ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଙ୍ଗ୍ର | ଞ୍ଚ | ଞ |
| ୨ | ଐ | ଈ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଞ୍ଚ | ● | କୃ |

ଆର୍ତ୍ତନାଶନ—ସଂ. ବି. ଓ ବିଣ—ଆର୍ତ୍ତତ୍ରାଣ (ଦେଖ)
Ārttanāśana Ārttatrāṇa (See)

ଆର୍ତ୍ତବ—ସଂ. ବି. (ଋତୁ=ସ୍ତ୍ରୀମାନଙ୍କର ରଜଃ+ସ୍ୱାର୍ଥେ. ଅ)—
Ārttaba ୧ । ସ୍ତ୍ରୀରଜ; ମାସକୁ ମାସ ସ୍ତ୍ରୀମାନଙ୍କ ଜରାୟୁନିଃସୃତ ରକ୍ତ—Menstrual discharge; the menses.
ସଂ. ବିଣ (+ସମ୍ବନ୍ଧାର୍ଥେ. ଅ)—ସ୍ତ୍ରୀରଜଃସମ୍ବନ୍ଧୀୟ—1. Menstrual;
୨ । ଷଡ୍‌ଋତୁସମ୍ବନ୍ଧୀୟ—2. Belonging to the seasons of the year; seasonable.

ଆର୍ତ୍ତି—ସଂ.ବି. (ଆ+ଋତ୍ ଧାତୁ+ଭାବ. ତି)—୧ । ଭୟ—
Ārtti 1. Fear; terror.
୨ । ପୀଡ଼ା—2. Sickness.
୩ । କାତର ପ୍ରାର୍ଥନା—3. Distressful prayer.
୪ । ମନୋବ୍ୟଥା—4. Pain.
୫ । ଅତ୍ୟନ୍ତ କଷ୍ଟ—5. Acute trouble; distress.
୬ । (+କରଣ+ତି) ଧନୁର ଅଗ୍ର—6. The end of a bow.
ଦେ. ବି. (ଆଦରାର୍ଥେ)—ଆର୍ତ୍ତତ୍ରାଣର ଡାକ ନାମ—Name for calling Ārttatrāṇa.

ଆର୍ଥିକ—ସଂ. ବିଣ. (ଅର୍ଥ+ସମ୍ବନ୍ଧାର୍ଥେ ଇକ)—୧ । ଧନସମ୍ବନ୍ଧୀୟ—
Ārthika 1. Pecuniary; financial
୨ । ଶବ୍ଦାଦିର ଅର୍ଥସମ୍ବନ୍ଧୀୟ—2. Pertaining to the meaning or import of words.
ସଂ. ବି. ପୁଂ.—ମୂଳଧନାଧିପ; ମହାଜନ—A capitalist.

ଆର୍ଥିକ ସ୍ୱାତନ୍ତ୍ର୍ୟ—ସଂ. ବି. (ଆଧୁନିକ ବ୍ୟବହାର)—ଅର୍ଥାଗମ ଓ ଅର୍ଥ
Ārthika swātantrya ବ୍ୟୟ ସମ୍ବନ୍ଧରେ ଅନ୍ୟ ପ୍ରଦେଶ ସଙ୍ଗେ କୌଣସି ପ୍ରଦେଶର ସମ୍ପର୍କଶୂନ୍ୟତା; ଅର୍ଥ ସମ୍ବନ୍ଧେ ଅନନ୍ୟାପେକ୍ଷିତ୍ୱ—Financial autonomy; financia independence.

ଆର୍ଥୀବ୍ୟଞ୍ଜନା ବୃତ୍ତି—ସଂ. ବି.—ବକ୍ତା ବାକ୍ୟ ବୋଧବ୍ୟ ସମ୍ବନ୍ଧ ଅନ୍ୟ
Ārthibyañjanā bṛutti ସନ୍ନିଧି ପ୍ରସ୍ତାବ କାଳ ଦେଶ କାକୁ ଓ ଚେଷ୍ଟାଦିର ବୈଶିଷ୍ଟ୍ୟବଶତଃ ଯେଉଁ ବୃତ୍ତି ଅନ୍ୟ ଅର୍ଥ ପ୍ରକାଶ କରେ(ଅଳଙ୍କାରତରଙ୍ଗିଣୀ.ପୃ ୧୨)—An attribute of words connoting a meaning different from the apparent meaning owing to peculiar position or circumstances.

ଆର୍ଦଳି—ଦେ. ବି.—ଆର୍ଦୋଳି (ଦେଖ)
Ārdaḷi Ārdoḷi (See)

ଆର୍ଦା—ପ୍ରାଦେ. (ଗଞ୍ଜାମ) ବି—୧ । ଚାଉଳଚୂନା, ନଡ଼ିଆ ଓ ଗୁଡ଼ରେ
Ārdā ପ୍ରସ୍ତୁତ ମିଷ୍ଟାନ୍ନବିଶେଷ—1. A cake prepared with rice flour, molasses and cocoanuts.
[ ଦ୍ର—ଖଇରେ ଘିଅ ଗୁଡ଼ ମିଶାଯାଇ ଏ ପିଠା କରାଯାଏ । କିଛି ଦିନ ରହିଲେ ଏହା ଟାଣ ହୁଏ । ]
ଦେ. ବି.—(ସଂ. ଆର୍ଦ୍ରକ)—ଆମ୍ବକଷିଆ ଗଦ (ଦେଖ)
Āmbakasiāgada (See)

ଆର୍ଦା ଅମାବାସ୍ୟା—ପ୍ରାଦେ. (ଗଞ୍ଜାମ) ବି—ଆରଦା ଅମାବାସ୍ୟା (ଦେଖ)
Ārdā amābāsyā Āradā amābāsyā (See)

ଆର୍ଦାବଳି—ଗ୍ରା. ବି. (ସଂ. ଆର୍ଦ୍ରା)—ଇନ୍ଦ୍ରଧନୁ—Rainbow.
Ārdābaḷi ପୂର୍ବେ ଆର୍ଦାବଳି ପଶ୍ଚିମେ ମେଘ ।
ନାଥ ବୋଲେ ପୁତା ରେ ନଷ୍ଟେ ଯିବ ଧୋଇ । ଡାକବଚନ ।

ଆର୍ଦୋଳି—ଦେ.ବି.—୧ । ଅନୁନୟ;ସାନୁବନ୍ଧ ପ୍ରାର୍ଥନା—1.Importunate.
Ārdoḷi demand; vexations prayer.
୨ । ଜଞ୍ଜାଳ; ଝଞ୍ଜଟ—2. Botheration; confusion. complication.
ଏକାଏ ସହିଲ ପାଶଙ୍କର ମୁଁ ଆର୍ଦୋଳି । ସାରଳା ମହାଭାରତ. ବନ ।
୩ । ଦାଉ;ଦୁଃଖ—3. Brunt; troubles.
୪ । ଅତ୍ୟାଚାର—4. Oppression.

ଆର୍ଦ୍ର (ଧାତୁ)—ସଂ.—ଓଦା ହେବା—To be wet.
Ārdra (root)

ଆର୍ଦ୍ର—ସଂ. ବିଣ. (ଅର୍ଦ ଧାତୁ=ଗମନ କରିବା+କର୍ତ୍ତୃ. ର)—
Ārdra ୧ । ଓଦା;ତିନ୍ତା;ଭିଜା;ସନ୍ତସନ୍ତିଆ—1. Wet; moist.
ଆର୍ଦ୍ରତା } ବି.
ଆର୍ଦ୍ରତ୍ୱ }
୨ । ଶିଥିଳ—2. Lax; loose.
୩ । ମୃଦୁ; କୋମଳ—3. Soft; tender.
୪ । ଚଟଚଟିଆ; ଅଠାଳିଆ—4. Clammy.

ଆର୍ଦ୍ରକ—ସଂ. ବି. (ଆର୍ଦ୍ର=ଓଦା+କ; ଏହା ଆର୍ଦ୍ରା ରସମୟ
Ārdraka ଥିବାରୁ)—ଅଦା; ଶୃଙ୍ଗବେର—Ginger
ସଂ.ପର୍ଯ୍ୟାୟ—ଆର୍ଦ୍ରିକା root; ginger;gingiber officenale.
ଶୃଙ୍ଗବେର; ଅପାକଶାକ;
ଉଦ୍ରୋଷ୍ୟ; ଶୃଙ୍ଗାବେର;
କଟୂଭଦ୍ର; ଶାର୍ଙ୍ଗ; କବେର;
ମହାଜ; ସୈକତୋଷ୍ଟ;
ଅନୂପଜ; ମୂଳଜ;
କଟୂଭୃଷ୍ଟ; ଗୁଲ୍ମମୂଳ;ସୃନ୍ଦ୍ରକନ୍ଦ;
ସୁଶାକ ଓ ଆର୍ଦ୍ରଶାକ ।
ଓ. ଅଦା
ଆଦା
आद्रक; आदरक

[ ଦ୍ର—ଏହା ହଳଦୀଜାତୀୟ କୃଷିଜାତ ଶାକମୂଳ । ଏହାର ପତ୍ର ହଳଦୀପତ୍ର ପରି । ଏହି ମୂଳକୁ ଶୁଖାଇଲେ ଶୁଣ୍ଠି ହୁଏ । ଅଦା ଭେଦକ, ଗୁରୁ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ଅଗ୍ନିକାରକ ଏବଂ ବାତ ଓ କଫନାଶକ । ଭୋଜନ ପୂର୍ବେ ଅଦା ଓ ଲୁଣ ସେବାଇଲେ ଖାଦ୍ୟ ଦ୍ରବ୍ୟର ଶୀଘ୍ର ପରିପାକ ହୁଏ । ଅଦାରସ ଓ ମହୁ ଖାଇଲେ କଫ ଓ ଶରଦ ଛାଡ଼ିଯାଏ । ଅଦାରସ ଓ ମହୁ ମୁଣ୍ଡରେ ମାଲିସ୍ କଲେ ମଥାଭ୍ରମ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ତେ. ଅଲ୍ଲମ୍
ମ. ଅଲେ
ଫା. ଅଲ୍ଚଏସୁଲ୍ତାନ ଗାଞ୍ଜବିଲ୍ତର
ଆ. ଜାଞ୍ଜବିଲ୍ତର; ଆଲରୁତବ୍

ଭଲ ହୁଏ । ଅଦାଦ୍ୱାରା ଜିହ୍ୱା ଓ କଣ୍ଠ ପରିଷ୍କୃତ ହୁଏ । ଗ୍ରୀଷ୍ମ ଓ ଶରତ୍କାଳରେ ଏହା ହିତକର ନୁହେ । ଏହା ରୁଚିଜନକ, ସ୍ୱରବର୍ଦ୍ଧକ ଓ ଶୁକ୍ରଜନକ, ଅନାହ ଓ ଶୂଳରୋଗର ଶାନ୍ତିକାରକ । ]

**ଆର୍ଦ୍ରଶାକ**—ସଂ. ବି—ଅର୍ଦ୍ରକ ( ଦେଖ )
Ārdraśāka — Ārdraka ( See )

**ଆର୍ଦ୍ରା**—ସଂ. ବି. ସ୍ତ୍ରୀ—ନକ୍ଷତ୍ରବିଶେଷ; ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ର ମଧ୍ୟରୁ ଷଷ୍ଠ ନକ୍ଷତ୍ରପୁଞ୍ଜ ( ନକ୍ଷତ୍ର ତଳେ ନୋଟ ଦେଖ)—
Ārdrā — The 6th of the 27th lunar mansions.

**ଆର୍ଦ୍ରାବଳି**—ଦେ. ବି. ( ଆର୍ଦ୍ରା+ଆବଳି )—୧ । ଇନ୍ଦ୍ରଧନୁ—
Ārdrābaḷi — 1. Rainbow.

ପୂର୍ବେ ଆର୍ଦ୍ରାବଳି ପଶ୍ଚିମେ ବେଢ଼,
ନାଥ ବୋଲେ ପୁଭା ରେ ନଷ୍ଟେ ଯିବ ଖୋଇ—ଜ. କରୁଣିବଚନ ।

୨ । ପଦ୍ମାକୃତି ଶରବିଶେଷ—
2. An arrow-shaped like lotus.

ଅଂଶବୃ ପାଶୁପତ ଯେ ମେଘନଳପାଣି,
ଆର୍ଦ୍ରାବଳି ନାରାୟଣ ଶିବ ଚକ୍ର ମିଶି—ପୀତାମ୍ବର. ନୃସିଂହପୁରାଣ ।

୩ । ଆକାଶରେ ଉଦୟ ହେବା ଏକ ପ୍ରକାର ଜ୍ୟୋତି ବା ଆଲୋକ ( ତୁଳନାକର ଇଂ. ଅରୋରା )—
3. A weird light at times diffused over the sky.

ଘଡ଼ଘଡ଼ି କହୁଣ ଯେ ମାରଇ ବଜ୍ର,
ସନ୍ଧ୍ୟାକାଳେ ଆକାଶରେ ଉଦେ ଆର୍ଦ୍ରାବଳି—
ବଳରାମ. ରାମାୟଣ, ଅରଣ୍ୟକାଣ୍ଡ ।

୪ । ଆର୍ଦ୍ରା, ପୁନର୍ବସୁ, ଇତ୍ୟାଦିସମନ୍ୱିତ ନକ୍ଷତ୍ରପୁଞ୍ଜ; କାଳପୁରୁଷ—4. The constellation of orion.

**ଆର୍ଦ୍ରିକା**—ସଂ. ବି. ( ଆର୍ଦ୍ର+କ+ସ୍ତ୍ରୀ. ଆ )—ଅର୍ଦ୍ରକ ( ଦେଖ )
Ārdrikā — Ārdraka ( See )

**ଆର୍ଦ୍ରିତ**—ସଂ. ବିଣ. (ଆର୍ଦ୍ର+କର୍ତ୍ତୃ. ତ)—ଓଦା ହୋଇଥିବା; ଭିଜା—
Ārdrita — Wetted; moistened.

**ଆର୍ଧନା**—ଗ୍ରା. ପଦ୍ୟ. ବି. ( ସଂ. ଆରାଧନା )—୧ । ପୂଜା; ସେବା—
Ārdhanā — 1. Adoration; worship.
୨ । ନେହୁରା; ସବିନୟ ନିବେଦନ—
2. Solicitation; humble prayer.
୩ । ଖୋସାମଦ—3. Flattery.

**ଆର୍ମସ୍ ଆକ୍ଟ**—ବୈଦେ. ( ଇଂ ) ବି—ସାଧାରଣ ଲୋକେ ଅସ୍ତ୍ରଶସ୍ତ୍ର ରଖିବାରେ କଟକଣା କରିବାପାଇଁ ସରକାରଙ୍କ ପ୍ରବର୍ତ୍ତିତ ନିୟମ ବଳ—The arms Act.
Ārms ākṭ

**ଆର୍ମାନୀ**—ଦେ. ବି. ( ନାମ ) ( ଇଂ. ଆର୍ମେନିଆ )—
Ārmānī — ୧ । ଏସିଆଟିକ ତୁର୍କିର ଅଞ୍ଚଳବିଶେଷ—
1. The country of Armenia in Ariatic Turkey.
আর্মানী; অর্মেনী
अर्मनी

୨ । ଆର୍ମାନୀ ଭାଷା—
2. The Armenian language.
୩ । ଆର୍ମେନିଆ ଦେଶୀୟବ୍ୟକ୍ତି—3. An Armenian.
ଦେ. ବିଣ—ଆର୍ମେନିଆ; ଆର୍ମେନୀୟାଦେଶୀୟ—
Armenian.

[ ଦ୍ର—ଏ ପ୍ରଦେଶ କୃଷ୍ଣସାଗର ଓ କକେସସ ପର୍ବତର ଦକ୍ଷିଣରେ ଏବଂ ଏସିଆଟିକ ତୁରସ୍କର ଉତ୍ତର ପୂର୍ବ ଏବଂ ରୁଷିଆ ଦକ୍ଷିଣାଞ୍ଚଳ ଅଧିକାର କରିଅଛି । ଏ ପ୍ରଦେଶର ସ୍ତ୍ରୀମାନେ ପୃଥିବୀରେ ସମସ୍ତଙ୍କଠାରୁ ସୁନ୍ଦରୀ ବୋଲି କଥିତ । ]

**ଆର୍ମେନିଆ**—ବୈଦେ. ବି ଓ ବିଣ. (ଇଂ) ଆର୍ମାନୀ ( ଦେଖ )
Ārmeniā — Ārmānī ( See )

**ଆର୍ଯ୍ୟ**—ସଂ. ବିଣ. ପୁଂ. ( ଋ ଧାତୁ=ଗମନ କରିବା; ପ୍ରାପ୍ତ ହେବା+କର୍ତ୍ତୃ. ଯ; ଯେ ପ୍ରତିଷ୍ଠାପ୍ରାପ୍ତ ହୁଏ; ଯେ ସମସ୍ତଙ୍କ ଅଗରେ ଗମନ କରେ )—
Ārjya (ଆର୍ଯ୍ୟା—ସ୍ତ୍ରୀ)
୧ । ପୂଜ୍ୟ—1. Venerable; adorable.
୨ । ଶ୍ରେଷ୍ଠ—2. Excellent.
୩ । କୁଳୀନ; ସତ୍କୁଳୋଦ୍ଭବ; ସାଧବ; ସଜ୍ଜନ—
3. Noble; of distinguished birth; respectable.
୪ । ସଭ୍ୟ—3. Civilised.

ସଂ. ବି—୧ । ସ୍ୱାମୀ—1. Master; lord
୨ । ଗୁରୁ—2. Preceptor; teacher.
୩ । ଅନାର୍ଯ୍ୟମାନଙ୍କୁ ତଡ଼ି ଦେଇ ଭାରତକୁ ଉତ୍ତର ପଶ୍ଚିମରୁ ଆସିଥିବା ସଭ୍ୟ ଜାତି—3. Aryan race who settled in India coming from the north-west.
୪ । ସଭ୍ୟ ବ୍ୟକ୍ତି—4. A civilised person.
୫ । ସଜ୍ଜନ; ସାଧୁ ବ୍ୟକ୍ତି—
5. A noble or honest person.

ସଂ. ଅ—ଶ୍ୱଶୁର ଆଦି ଗୁରୁଜନଙ୍କ ପ୍ରତି ବଧୂ ଆଦିଙ୍କର ମର୍ଯ୍ୟାଦାସୂଚକ ସମ୍ବୋଧନ—Word used by a daughter-in-law addressing his father-in-law.

[ ଦ୍ର—ଏଥିରୁ ଓଡ଼ିଆ 'ଅଜା' ଶବ୍ଦର ଉତ୍ପତ୍ତି—ଆର୍ଯ୍ୟ ଶବ୍ଦ ସମ୍ବନ୍ଧେ କେହି କେହି କହନ୍ତି, ମଧ୍ୟ ଏସିଆର ଅନ୍ୟ ନାମ ଇରାନ୍ ଏହା ବର୍ତ୍ତମାନ ପାରସ୍ୟ ନାମରେ ଅଭିହିତ । ଏହି ସ୍ଥାନରେ ପ୍ରଥମେ ବାସ କରିଥିବା ଲୋକେ 'ଆର୍ଯ୍ୟ' ନାମରେ କଥିତ ହେଲେ ଏ ହିସାବରେ ହିନ୍ଦୁ, ପାରସି, ଗ୍ରୀକ୍, ରୋମକ ଓ ଇଂରେଜ ପ୍ରଭୃତି ଜାତି ଆର୍ଯ୍ୟବଂଶୀୟ । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ʻ | ଋ | ଌ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଡ଼ | ଷ,ଖ | କ୍ଷ | ଇୟୁ | ଉଅ | ଣ |
| ʼ | ଋ | ଋ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଝ | ଙ୍ଗ୍ୟ | ଇଅ | ଓ | ନ୍ |

**ଆର୍ଯ୍ୟକ**—ସଂ. ବିଣ. ପୁଂ. ( ଆର୍ଯ୍ୟ=ପୂଜ୍ୟ+ପ୍ରଶସ୍ତ ଅର୍ଥରେ କ; ଯେ
Ārjyaka ଅତିଶୟ ପୂଜ୍ୟ )—ଅଜା—Grand-father.
ଆର୍ଯ୍ୟକା } ସ୍ତ୍ରୀ.
ଅର୍ଯ୍ୟକା }

ସଂ. ବିଣ. ( +ସ୍ୱାର୍ଥେ. କ )—
୧ । ଶ୍ରେଷ୍ଠ—1. Principal.
୨ । ମାନ୍ୟ; ମାନନୀୟ—2. Respectable

**ଆର୍ଯ୍ୟପୁତ୍ର**—ସଂ. ବି—୧ । ସ୍ୱାମୀ; ଭର୍ତ୍ତା—
Ārjyaputra 1. Husband.
୨ । ଗୁରୁପୁତ୍ର—2. The son of one spiritual preceptor.
୩ । (ନାଟକରେ) ସ୍ୱାମିଙ୍କ ପ୍ରତି ସ୍ତ୍ରୀର ବା ସୂତ୍ରଧାର ପ୍ରତି ନଟୀର ସମ୍ବୋଧନ — 3 A word used in addressing the husband.

**ଆର୍ଯ୍ୟଭଟ୍ଟ**—ସଂ. ବି. (ନାମ)—ଅଧୁନିକ ଭାରତୀୟ ଜ୍ୟୋତିଷ ଓ ବିଜ୍ଞାନର
Ārjyabhaṭṭa ପ୍ରତିଷ୍ଠାତା—Name of a famous Indian Astronomer; the facher of modern Astronomy.
[ ଦ୍ର—ଏ ମହାପୁରୁଷ ୩୯୮ ଶକାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ ଗ୍ରୀକମାନଙ୍କ ନିକଟରେ 'ଅର୍ଦୁବେରିୟସ୍' ଓ ଆରବୀୟମାନଙ୍କ ନିକଟରେ 'ଅର୍ଜଭର୍' ନାମରେ ପରିଚିତ ଥିଲେ । ଏହାଙ୍କ ବାସସ୍ଥାନ କୁସୁମପୁର ବା ଅଧୁନିକ ପାଟନା । ଏ ବୀଜଗଣିତ ରଚନା କରିଥିଲେ । 'ଆର୍ଯ୍ୟଭଟ୍ଟତନ୍ତ୍ର' ଏହାଙ୍କ ରଚିତ ପ୍ରସିଦ୍ଧ ଗ୍ରନ୍ଥ । ଏହା ବ୍ରହ୍ମସିଦ୍ଧାନ୍ତ ଉପରେ ଗଠିତ । ପୃଥିବୀ ସୂର୍ଯ୍ୟଙ୍କ ଚାରିଆଡ଼େ ବୁଲେ ଏ ସର୍ବପ୍ରଥମେ ଏହି ମତ ପ୍ରଚାର କରିଥିଲେ । ୧୫୦୦ ଖ୍ରୀ ଅଃ ରେ ଇଉରୋପରେ କୋପର୍ନିକସ୍ ( Copernicus ) ଏହି ପୃଥିବୀ-ଭ୍ରମଣବାଦ ସର୍ବପ୍ରଥମେ ପ୍ରକାଶ କରିଥିଲେ । ]

**ଆର୍ଯ୍ୟସମାଜ**—ଦେ. ବି— ବୈଦିକ ଧର୍ମର ପ୍ରତିଷ୍ଠା ସକାଶେ ଉତ୍ତର
Ārjyasamāja ଭାରତରେ ପ୍ରବର୍ତ୍ତିତ ଅଧୁନିକ ଧର୍ମସମିତି—
Name of a society started in India for promulgation of Baidic religion
[ ଦ୍ର—ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏହାର ପ୍ରତିଷ୍ଠାତା । ]

**ଆର୍ଯ୍ୟା**— ସଂ. ବିଣ. ସ୍ତ୍ରୀ. ( ଆର୍ଯ୍ୟ+ସ୍ତ୍ରୀ. ଆ ) —ଆର୍ଯ୍ୟର ସ୍ତ୍ରୀଲିଙ୍ଗ —
Ārjyā Feminine of Ārjya.
ସଂ. ବି. ସ୍ତ୍ରୀ.—୧ । ମାନନୀୟା; ଗୁରୁସ୍ଥାନୀୟା ସ୍ତ୍ରୀ—
1. Respected female; honourable woman.
[ ଦ୍ର—ଏଥିରୁ ଓଡ଼ିଆ 'ଆଈ' ହୋଇଅଛି । ]
୨ । ଗୌରୀ; ପାର୍ବତୀ; ଦୁର୍ଗା—
2. Pārbatī; the consort of Śiba.
୩ । ସଂସ୍କୃତ ଛନ୍ଦୋବିଶେଷ—
3. Name of a sanskrit metre.

**ଆର୍ଯ୍ୟାବର୍ତ୍ତ**—ସଂ. ବି. (୭ମୀ ତତ୍; ଆର୍ଯ୍ୟ=ସଭ୍ୟ ଆର୍ଯ୍ୟ ଜାତି+ଆବର୍ତ୍ତ
Ārjyābartta =ବାସସ୍ଥାନ )—ପୁଣ୍ୟ ଭୂମି; ହିମାଳୟ ଓ ବିନ୍ଧ୍ୟର ମଧ୍ୟବର୍ତ୍ତୀ ଦେଶ; ଭାରତର ଉତ୍ତର ପୂର୍ବରୁ ଆର୍ଯ୍ୟମାନେ ଆସି ଭାରତର ଯେଉଁ ଅଂଶରେ ପ୍ରଥମେ ବସତି କରିଥିଲେ; ହିମାଳୟଠାରୁ ବିନ୍ଧ୍ୟ ପର୍ବତ ପର୍ଯ୍ୟନ୍ତ ଭାରତର ଅଂଶ; ଉତ୍ତରରେ ହିମାଳୟ, ପୂର୍ବରେ ବ୍ରହ୍ମଦେଶ ଓ ସମୁଦ୍ର, ପଶ୍ଚିମରେ ଆଫଗାନିସ୍ଥାନ ଓ ସମୁଦ୍ର ଏବଂ ଦକ୍ଷିଣରେ ବିନ୍ଧ୍ୟାଚଳ ଏହି ସୀମାମଧ୍ୟସ୍ଥିତ ଦେଶ—The 1st Indian abode of the Aryans; the sacred land; the country ( northern India ) between the Himalayas and the Bindhya mountains.
[ ଦ୍ର—ବୈଦିକ ଯୁଗରେ ଆର୍ଯ୍ୟମାନେ ଭାରତର ଉତ୍ତର-ପଶ୍ଚିମ କୋଣ ଆଡ଼ୁ ଆସି ଅନାର୍ଯ୍ୟ ଆଦିମନିବାସୀମାନଙ୍କୁ ତଡ଼ି ପ୍ରଥମେ ପଞ୍ଚନଦ ପ୍ରଦେଶରେ ଓ କ୍ରମଶଃ ବିନ୍ଧ୍ୟ ପର୍ବତପର୍ଯ୍ୟନ୍ତ ଭାରତର ଉତ୍ତରାଂଶରେ ବସତି ବିସ୍ତାର କଲେ । ଭାରତର ଏହି ଉତ୍ତରାର୍ଦ୍ଧକୁ 'ଆର୍ଯ୍ୟାବର୍ତ୍ତ' ଏବଂ ବିନ୍ଧ୍ୟାଚଳଠାରୁ ଦକ୍ଷିଣକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ଦକ୍ଷିଣ ଭାରତକୁ 'ଦାକ୍ଷିଣାତ୍ୟ' ବୋଲାଯାଏ । ]

**ଆର୍ଶଲା**—ପ୍ରାଦେ. (ମେଦିନୀପୁର) ବି. (ସଂ. ଅସ୍ରପା)—ଅସରପା—
Ārśalā Cockroach.

**ଆର୍ଶା**—ଦେ. ବି.— ଆରସା (ଦେଖ)
Ārśā Ārisā (See)

**ଆର୍ଶି** - ଦେ. ବି.—ଆରସି (ଦେଖ)
Ārśi Ārasi (See)

**ଆର୍ଶୁଲା** —ପ୍ରାଦେ. (ମେଦିନୀପୁର) ବି.— ଅସରପା (ଦେଖ)
Ārśulā Asarapā (See)

**ଆର୍ଷ**—ସଂ. ବିଣ. (ଋଷି=ମୁନି+ଇଦମର୍ଥେ ବା ଜାତାର୍ଥେ. ଅ)—
Ārsha ୧ । ଋଷିମାନଙ୍କ ପ୍ରଣୀତ (ପୁରାଣାଦି)—
1. Composed by the Rishis or sages.
୨ । ଋଷିସମ୍ବନ୍ଧୀୟ—
2. Pertaining to the Sages.
୩ । ଋଷିମାନଙ୍କଦ୍ୱାରା ପ୍ରବର୍ତ୍ତିତ—
3. Authorised by the usage of the Rishis.
ସଂ. ବି.—ବିବାହବିଶେଷ—A form of marriage.

**ଆର୍ଷପ୍ରୟୋଗ**—ସଂ. ବି. ( ଆର୍ଷ=ଋଷିମାନଙ୍କ ପ୍ରବର୍ତ୍ତିତ+ପ୍ରୟୋଗ=
Ārshaprayoga ବ୍ୟବହାର )—ବ୍ୟାକରଣବିରୁଦ୍ଧ ଅଥଚ ବଶିଷ୍ଠ ପ୍ରାଚୀନ ଋଷିମାନଙ୍କ କର୍ତ୍ତୃକ ଶାସ୍ତ୍ରାଦିରେ ବ୍ୟବହୃତ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା:— 'ଆଠ' ନ ମିଳିଲେ 'ଆଠ' ଖୋଜିବେ; 'ଋଷ' ନ ମିଳିଲେ 'ଋଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅନ୍ନ' ନ ପାଇଲେ 'ଅନ୍ନ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ପ୍ରୟୋଗ—An archaic use; a form of language or grammatical use having the force of authority having been used by the sages or great writers though not strictly correct according to the ordinary rules of grammar.

**ଆର୍ଷବିବାହ**—ସଂ. ବି. (ଆର୍ଷ+ବିବାହ)—ଆର୍ଯ୍ୟଋଷିପ୍ରବର୍ତ୍ତିତ ପ୍ରାଚୀନ Ārshabibāha ବିବାହପ୍ରଣାଳୀବିଶେଷ; ଉପଯୁକ୍ତ ବରଙ୍କୁ ନିମନ୍ତ୍ରଣ କରି ଏକ ହଳ ବା ଦୁଇ ହଳ ଗାଈବଳଦ ମୂଲ୍ୟରେ କନ୍ୟା-ପ୍ରଦାନପୂର୍ବକ ଯେଉଁ ବିବାହ ସମ୍ପନ୍ନ ହୁଏ—A form of marriage (which obtained amongst the Rishis) in which the father of the bride received one or two pairs of kine from the bridegroom elect, and gave the daughter in marriage after duly inviting the bridegroom.

**ଆର୍ଷଭ୍ୟ**—ସଂ. ବିଣ ପୁଂ. (ଋଷଭ=ଷଣ୍ଢ+ଯ)—
Ārshabhya ଷଣ୍ଢ ହେବାପାଇଁ ଉପଯୁକ୍ତ ହୃଷ୍ଟପୁଷ୍ଟ (ବାଛୁରି)—A well grown steer fit for being left uncastrated for breeding purposes; a would-be bull.

**ଆର୍ହତ**—ସଂ. ବି. (ଅର୍ହତ୍=ପୂଜ୍ୟ+ଅ)—ବୁଦ୍ଧବିଶେଷ; ଜୈନ—
Ārhata A Jaina; a follower of the doctrines of Jaina.
ସଂ. ବିଣ—ଅର୍ହତସମ୍ବନ୍ଧୀୟ; ଜୈନସମ୍ବନ୍ଧୀୟ—Jaina; pertaining to Jainaism (a minor system of Judian philosophy).

**ଆଲ୍‌କାତରା**—ଦେ.ବି—ଘରଚାଳର ସବୁ ଉପର ଗଣ୍ଡି—
Ālkātarā The highest ridge of a thatch.
আলকাতরা ବୈଦେ. ବି. (ଅ)—କୋଇଲାରୁ ବାହାରିବା
আলকাতরা ଚାକୁଚାକ-ନିର୍ଯ୍ୟାସ; କୋଲ୍‌ଟାର୍—Pitch; coaltar.

**ଆଲ୍‌କୋରାନ୍**—ବୈଦେ. ବି. (ଅ)—ମହମ୍ମଦଙ୍କ ପ୍ରଣୀତ ମୁସଲମାନ-
Ālkorān ମାନଙ୍କ ଧର୍ମଗ୍ରନ୍ଥ—The Koran.

**ଆଲ୍‌ଡରମାନ୍**—ବୈଦେ. ବି. (ଇଂ. ଅଲ୍‌ଡର୍ ମାନ୍)—
Āldarmān ପ୍ରାଦେଶିକ ରାଜଧାନୀର ସ୍ୱାସ୍ଥ୍ୟରକ୍ଷକ ସମିତିର ସଭ୍ୟ—Alderman.

**ଆଲ୍‌ନା**—ବୈଦେ. ବି. (ଅ)—ଆଲ୍‌ଣା (ଦେଖ)
Ālnā Ālaṇā (See)

**ଆଲ୍‌ପକା**—ଦେ. ବି—୧ । ଆମେରିକାର ଓଁଟଜାତୀୟ 'ଅଲପକା' ନାମକ
Ālpakā ପ୍ରାଣିର ଲୋମରେ ପ୍ରସ୍ତୁତ ବସ୍ତ୍ରବିଶେଷ—1. Alpaca
আলপাকা ୨ । ସ୍ୱନାମପ୍ରସିଦ୍ଧ ପଶୁ—
আলপাকা 2. The Alpaca goat.

**ଆଲ୍‌ପସ୍**—ବୈଦେ. ବି—ଇଟାଲିର ଉତ୍ତରରେ ଅବସ୍ଥିତ ପର୍ବତମାଳା—
Ālpas The Alps range of mountains.

**ଆଲ୍‌ପିନ୍**—ବୈଦେ. ବି. (ଅ)—ପିନ୍‌କଣ୍ଟା—A pin.
Ālpin ବୈଦେ. ବି. (ଇଂ)—କାନ୍ଥରେ ମରାଯିବା ସରୁ କାଠି—
আলপিন্ Wall pin.

**ଆଲ୍‌ବେରୁନି**—ବୈଦେ. ବି. (ଅ) ନାମ—ଆରବଦେଶୀୟ ପ୍ରସିଦ୍ଧ
Ālberuni ଜ୍ୟୋତିଷୀ—The famous Astrologer.
[ ଦ୍ର—ଖ୍ରୀ ଦଶମ ଶତାବ୍ଦୀରେ ଆରବ ଦେଶର ଖିବ୍ ପ୍ରଦେଶରେ ଏହାଙ୍କ ଜନ୍ମ । ମହାମୁଦ୍ ଗଜନୀ ଭାରତ ଆକ୍ରମଣ କଲାବେଳେ ଅଲବେରୁନି ତାଙ୍କ ସଙ୍ଗେ ଆସିଥିଲେ । ସେ ଭାରତର ପଣ୍ଡିତ-ମାନଙ୍କଠାରୁ ପୁରାଣ, ଜ୍ୟୋତିଷ; ଦର୍ଶନାଦି ଶାସ୍ତ୍ର ଶିକ୍ଷା କଲେ । ତାହାଙ୍କ ରଚିତ ଭାରତବିଷୟକ ଗ୍ରନ୍ଥରେ ଭାରତର ତଦାନୀନ୍ତନ ଜ୍ୟୋତିଷର କେତେକ ବିବରଣ ମିଳେ । ( ଏହାଙ୍କ ରଚିତ ଆରବୀ ଜ୍ୟୋତିଷଗ୍ରନ୍ଥର ରଚନାକାଳ—ଶକ ୯୫୩=୧୦୩୧ ଖ୍ରୀ. ଅ ) ଏହାଙ୍କର 'ଭାରତ' ନାମକ ଆରବୀ ଗ୍ରନ୍ଥ ଇଂରାଜୀରେ ଅନୁବାଦିତ ହୋଇଅଛି । ]

**ଆଲ୍‌ମାନ**—ପ୍ରାଦେ. (ମେଦିନୀପୁର) ବିଣ—ବିବିଧ; ବହୁତ ପ୍ରକାର—
Ālmāna Of many kinds; various.

**ଆଲ୍‌ମାନାକ୍**—ବୈଦେ. ବି—ତିଥି ବା ତାରିଖପତ୍ର; ଯେଉଁ ପତ୍ରରେ ବାର,
Ālmānāk ତିଥି, ତାରିଖ ଥାଏ—Almanac.
আলমানাক
আলমনক

**ଆଲ୍‌ରା**—ପ୍ରାଦେ. (ଗଞ୍ଜାମ) ବିଣ.—ଅଶାନ୍ତିଆ—1. Awkward.
Ālrā ୨ । ବିଂଭିବ୍ୟସ୍ତ; ଅତିବିରକ୍ତ—2. Disturbed; annoyed
୩ । ତ୍ୱରାନ୍ୱିତ; ଚଞ୍ଚଳ; ବ୍ୟସ୍ତ—3. In haste; hurried.
୪ । ଅସୁବିଧାଜନକ—4. Inconvenient
ବି.—୧ । ଅତ୍ୟନ୍ତ ବିରକ୍ତି—1. Annoyance.
୨ । ବ୍ୟସ୍ତତା—Trouble.

**ଆଲ୍‌ରା ପଡ଼ିବା**—ପ୍ରାଦେ. (ଗଞ୍ଜାମ) କ୍ରି—ତ୍ୱରାନ୍ୱିତ ହେବା; ବ୍ୟସ୍ତହେବା
Ālrā pardibā To be in a hurry.

**ଆଲ**—ସଂ. ବି.—(ଅଲ୍ ଧାତୁ=ଭୂଷିତ କରିବା+ଅ; ଯାହାଦ୍ୱାରା ବସ୍ତୁକୁ
Āla ଭୂଷିତ ବା ରଞ୍ଜିତ କରାଯାଏ)—୧ । ହରିତାଳ—
1. Yellow orpiment or arsenic used in painting.
୨ । ଆଲ ରାଜ୍ୟ—2. The estate of Aul in the Cuttack district in Orissa.
ସଂ. ବିଣ—୧ । ଅନଳ୍ପ; ବହୁଳ—Great.
୨ । ଶ୍ରେଷ୍ଠ—2. Chief, principal.
ଦେ. ବି—୧ । (ସଂ. ଅର୍ଦ୍ଧ; ଭୂଳ-ପାଲି. ଅଲ)—

| ୧ | ଇ | ଉ | ଋ,ଝ | ଝ | ଯ୍ର | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଙ,ଣ | କ୍ଷ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ |

আড ୧ । ଅଚ୍ଛ; ବାହାନା—1. Excuse.
बहाना ୨ । ଅଳି—2 Pressing request.
୩ । (ସଂ. ଆଲୟ) ଗୃହ—3 House.

ପେଟକର ଅଲେ ଶଙ୍ଖ ଧ୍ୱନି ସେ ଶୁଦ୍ଧ । ସାରଳାମହାଭାରତ । ମଧ୍ୟ ।

ଆଲ—ପ୍ରାଦେ. (ବାଲେଶ୍ୱର ଓ ମେଦନୀପୁର) ବି. (ସଂ. ଆଲୋକ; ଭୁଲ
Āla ବଂ. ଆଲୋ)—ଆଲୁଅ—Light

ଆଲଟ—ଦେ. ବି. (ସଂ. ଆଲୋବର୍ତ୍ତ)—ରାଜୋପକରଣ ବ୍ୟଜନବିଶେଷ;
Ālaṭa ରାଜା ଓ ଦେବତାଙ୍କ ସେବାରେ ବ୍ୟବହୃତ ବଡ଼ ପଙ୍ଖା; ଅଡ଼ାଣି—A big fan; a kind of royal or Thakur's paraphernalia.

ଶ୍ରୀହସ୍ତେ ଗ୍ରହି କୁସୁମ ଅଲଟ । କବିସୂର୍ଯ୍ୟ ବଳଦେବ ।

ଆଲଟିବା—ଦେ. କ୍ରି.—ଆଲଟ ପକାଇବା; ଗ୍ୟନାଗମନ କରିବା—
Ālaṭibā To wave a fan ; to move to and fro.

କେଶ ବାସ ସୁବେଶ କରି ଚାଲି, ବେଢ଼ି ଗୃହର ଅଲଟନ୍ତି ଘାଳ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ଆଲଣା—ଦେ. ବି. (ଆ. ଅଲ୍‌ନା)—ନିତ୍ୟ ବ୍ୟବହାର୍ଯ୍ୟ ବସ୍ତ୍ରାଦି ରଖିବା
Ālaṇā ନିମନ୍ତେ ଆଡ଼ୁଆଇଣ । ଓ ଗୋଡ଼ ଲାଗିଥିବା କାଠର
আলনা ଅଲଗୁଣି—Clothes-rack; clothes-stand.
आलना

ଆଲତି—ଦେ. ବି. (ସଂ ଆରାତ୍ରିକ)—ଆରତି (ଦେଖ)
Ālati Ārati (See)

ଦେଖାଇ ଦେଇ ତୋ ସହାର ମୂରତି
ପ୍ରକୃତର ସେହୁ କରୁଛି ଅଲତି । ରଘୁନାଥ—ଚଳିକା ।

ଆଲତି କାଠି—ଦେ. ବି.—୧ । ଘୃତ ଓ ତୂଳା ଦିଆଯାଇଥିବା ଯେଉଁ
Ālati kāṭhi କାଠିଦ୍ୱାରା ଅଲତି କରାଯାଏ—1. Wick used
আরতিকাঠি in waving of a light before a Deity.
୨ । ଯେଉଁ ପାତ୍ରରେ ଆଲତି-କାଠି ଖଞ୍ଜାଯାଇ ଅଲତି କରାଯାଏ—2. A contrivance for holding the wicks during Ālati.

ଆଲପିବା—ଦେ. ପଦ୍ୟ କ୍ରି. (ସଂ. ଆଲାପ)—ବାଦ୍ୟଯନ୍ତ୍ର ବଜାଇବା—
Ālapibā To play on a musical instrument.

କିଭଳି ତଳେ କଦମ୍ବ ମୂଳେ ରହି
ନିଧୁର ଧୂନି ଅଲପିଲେ ।
ପ୍ରାଚୀ—ରହସ୍ୟ ମଞ୍ଜରୀ ।

ଆଲବଲା—ବୈଦେ. ବି. (ଅ. ଅଲ୍‌ବଲା)—ଲମ୍ବା ନଳୀ ଲାଗିଥିବା
Ālabalā ଗୁଡ଼ାଖୁ ଖାଇବା ହୁକ୍କା—A hubble-bubble;
আলবলা a contrivance with a big flexible
आलबला tube for smoking tobacco; a tobacco-pipe.

ଆଲବାଳ—ସଂ. ବି. ( ଆ=ସମ୍ୟକ୍+ଲୂ ଧାତୁ=ଛେଦନ କରିବା,
Ālabāḷa ଖୋଳିବା+କର୍ମ. ଅଳ; ଯାହା ବୃକ୍ଷମୂଳର ଚାରିପାଖରେ ଖୋଳାଯାଏ )—ଗଛରେ ପାଣି ଦେବା ପାଇଁ ତାହାର ମୂଳ ଚାରିପାଖେ ଖୋଳା ହୋଇଥିବା ମନ୍ଦା; ଗଛମୂଳରେ କରାଯାଇ ଥିବା ପାଣିମଳା—Watering trench round the root of a tree; a basin of water dug or raised round the stem of a tree for watering it.

ଆଲବାଲିଆ—ପ୍ରାଦେ. ( ଗଡ଼ଜାତ ) ବିଣ—ଅଲବଲିଆ ( ଦେଖ )
Ālabaliā Alabaliā ( See )
(ଅଲବାଲି, ଅଲବାଲେଇ—ସ୍ତ୍ରୀ)

ଆଲଭ୍ୟ—ସଂ. ବିଣ. ( ଆ=ସମ୍ୟକ୍+ଲଭ୍ୟ=ପ୍ରାପ୍ୟ )—
Ālabhya ପ୍ରାପ୍ୟ; ଲାଭ ହେବା ଯୋଗ୍ୟ—
Attainable; obtainable.

ଆଲମ୍—ପ୍ରାଦେ. ( ଗଞ୍ଜାମ ) ବି—ନିଲାମ—Sale by auction.
Ālam

ଆଲମାରି—ଦେ. ବି. ( ପର୍ତ୍ତୁଗିଜ୍. ଅଲ୍‌ମାରିୟୋ )—
Ālamāri ପୁସ୍ତକ ଓ ବସ୍ତ୍ରାଦି ସାଇତି ରଖିବା ନିମନ୍ତେ ଏକପ୍ରକାର
আলমারি; আলমিরা; ଠିଆ ସିନ୍ଦୁକ—An almira; book-
আলমাইরা case; a chest of drawers; shelf.
आलमारि; अलमारि [ ଦ୍ର—ସିନ୍ଦୁକର କବାଟ ଉପରେ ଥାଏ, ମାତ୍ର ଆଲମାରିର କବାଟ ପାର୍ଶ୍ୱଦେଶରେ ଥାଏ । ]

ଆଲମିରା—ଦେ. ବି—ଆଲମାରି ( ଦେଖ )
Ālamirā Ālamāri ( See )

ଆଲମ୍ବ—ସଂ. ବି. ( ଆ+ଲବି ଧାତୁ=ଆଶ୍ରୟ କରିବା, ଲମ୍ବିବା+
Ālamba ଭାବ. ଅ )—୧ । ଆଶ୍ରୟ; ଅବଲମ୍ବନ; ଉପାୟ—
1. Support; reliance; dependence.
୨ । ( +କର୍ମ. ଅ ) ଆଧାର; ଯାହାକୁ ଆଶ୍ରୟ କରି କୌଣସି ବସ୍ତୁ ରଖାଯାଏ—2. Receptacle.
୩ । ତଳକୁ ଲମ୍ବିବା—
3. Hanging or flowing down.
୪ । ଯେଉଁ କାରଣ ବା ବିଷୟକୁ ଆଶ୍ରୟ କରି ବୀର କରୁଣାଦି ରସ ବା ଭାବ ଉଦ୍ଦୀପ୍ତ ହୁଏ—(ରସ ତଳେ ନୋଟ ଦେଖ)
4 The cause that gives rise to a sentiment ( See notes under 'Rasa' ).

ଦେ. ବି. ( ସଂ. ଆ+ଲମ୍ବ ଧାତୁ )—ରଥ, ବିମାନ, ପାଲିଙ୍କି, ବେଦି ଇତ୍ୟାଦିର ଚାରି ପାଖରେ ଝୁଲୁଥିବା କାରୁକାର୍ଯ୍ୟବିଶିଷ୍ଟ ଝୁଣ୍ଟି; ଝାଲର; ଫୁଲି—The ornamental fittings or hangings of a car or palky.

ଚିହ୍ନାଲମ୍ବ ଜଳଦ ଡାମ୍ବର, କୋଟି କୋଟି ସିନ୍ଦୂର ଲହରୀ ଗୃହର ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ଆଲମ୍ବନ—ସଂ. ବି. (ଆ+ଲମ୍ବ ଧାତୁ+ଭାବ. ଅନ)—ଆଲମ୍ବ (ଦେଖ)
Ālambana Ālamba (See)

ଆଲମ୍ବିତ—ସଂ. ବିଣ. (ଆ+ଲମ୍ବ ଧାତୁ+କର୍ମ. ତ)—୧ । ଝୁଲୁଥିବା;
Ālambita ତଳକୁ ଲମ୍ବିଥିବା—1. Suspended; hanging down.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗଢ଼' ଖୋଜନ୍ତୁ; 'କ୍ରୁଥ' ନ ମିଳିଲେ 'କୃଥ' ଦେଖିବେ; ବଥ ନ ପାଇଲେ 'ବନ୍ଥ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

୨ । ଧୃତ—2. Held.
୩ । ଆଶ୍ରିତ—3. Supported.

**ଆଲମ୍ଭ**—ସଂ. ବି. (ଆ+ଲଭ୍ ଧାତୁ=ବଧ କରିବା, ପାଇବା+ଭାବ. ଅ)—୧ । ମାରଣ; ହିଂସା; ବଧ—
Ālambha
1. Killing; murder; slaughter.
୨ । ଯୁଦ୍ଧ—2. War; fight; battle.
୩ । ସ୍ପର୍ଶ—3. Touch.
୪ । ଆଲିଙ୍ଗନ—4. Embrace.

**ଆଲୟ**—ସଂ. ବି. ( ଆ=ସମ୍ୟକ୍+ଲୀ ଧାତୁ=ଲୀନ ହେବା+ଅଧିକରଣ. ଅ )—
Ālaya
୧ । ଆବାସ; ଗୃହ; ବାସସ୍ଥାନ; ନିବାସ—
1. Habitation; house; abode.
୨ । ଶାଳା; ସ୍ଥାନ—2. Seat; place.
୩ । ଆଧାର—3 Receptacle.
୪ । ଯେଉଁ ସ୍ଥାନରେ କୌଣସି କାର୍ଯ୍ୟ କରାଯାଏ—
4. A place for a certain act.
(ଯଥା— ଭଜନାଲୟ, ଭୋଜନାଲୟ, ଚିକିତ୍ସାଳୟ ଓ ବିଦ୍ୟାଳୟ ।)
ସଂ. ଅ. ( ଆ=ପର୍ଯ୍ୟନ୍ତ+ଲୟ )—ଲୟ ହେବା ପର୍ଯ୍ୟନ୍ତ—
Till annihilated or completely merged.

**ଆଲୟ୍**—ସଂ. ବି —ଆଲୟ ( ଦେଖ )
Ālaya    Ālaya ( See )

**ଆଲସ୍**—ପ୍ରାଦେ. ( ସମ୍ବଲପୁର ) ବି—ଆଲସ୍ୟ—Idleness.
Ālas    ବିଣ—ଅଳସୁଆ—Idle; lazy.

**ଆଲସ**—ସଂ. ବି. ( ଅଲସ+ଭାବ. ଅ )—ଆଲସ୍ୟ; ନିଶ୍ଚେଷ୍ଟତା—
Ālasa    Indolence; idleness; laziness; sloth
ନିଦ୍ରା ନ ଆସି ଶେଷେ । ନୃପଙ୍କ ନ ଫିଟେ ଆଲସେ—
ଭୂପତି. ହେମପଞ୍ଚାମୃତ ।

**ଆଲସ ଛଡ଼ାଇବା**—ଦେ. କ୍ରି—ଆଲସ ଭାଙ୍ଗିବା ( ଦେଖ )
Ālasa chhaṛāibā    Ālasa bhāngibā (See)

**ଆଲସ ଭାଙ୍ଗିବା**—ଦେ କ୍ରି—ହାଇ ଗୋଡ଼ ମୋଡ଼ି ଉଠି ହୋଇ ବା ହାଇ ମାରି ଶରୀର ନିଶ୍ଚେଷ୍ଟତା ଦୂର କରିବା; ବିଶ୍ରାମ ଦ୍ୱାରା କ୍ଲାନ୍ତି ଦୂର କରିବା—
Ālasa bhāngibā
আলস্যমেটান
To refresh one's self by yawning or stretching the limbs.

**ଆଲସ ମେଣ୍ଟାଇବା**—ଦେ. କ୍ରି—ଆଲସ ଭାଙ୍ଗିବା ( ଦେଖ )
Ālasa meṇṭāibā    Ālasa bhāngibā ( See )

**ଆଲସିଲ**—ଦେ. ବିଣ—ଆଲସ୍ୟଯୁକ୍ତ; ନିଶ୍ଚେଷ୍ଟ; ନିଷ୍କ୍ରିୟ; ଅଳସ—
Ālasila    Slothful; idle.
ଦେହ ଆଲସିଲ ହେଲେ ନଦ୍ରାଳ ଘନାଇ
ପ୍ରତାପ—ଚନ୍ଦ୍ରଭାଗା ।

**ଆଲସୀ**—ଦେ. ବିଣ. ସ୍ତ୍ରୀ—ଆଲସ୍ୟଯୁକ୍ତା (ସ୍ତ୍ରୀ)
Ālasi    Idle or lazy (female)

**ଆଲସ୍ୟ**—ସଂ. ବି. (ଅଲସ=ଜଡ଼+ଭାବ. ଯ)—୧ । କାର୍ଯ୍ୟ କରିବା ବିଷୟରେ ଅପଟୁ ବା ହେଳା; ଅଳସତା; ଜଡ଼ତା; ଅଣ୍ଟକୁପଣିଆ—1. Laziness; idleness; sloth; indolence.
Ālasya
୨ । ନିଶ୍ଚେଷ୍ଟତା—2. Inactivity; lassitude.
୩ । ସାମର୍ଥ୍ୟ ସତ୍ତ୍ୱେ କାର୍ଯ୍ୟରେ ହେଳା ବା ଅନୁତ୍ସାହ—
3. Want of exertion inspite of ability or power.

**ଆଲସ୍ୟ ମେଣ୍ଟାଇବା**—ଦେ. କ୍ରି —ଆଲସ ଭାଙ୍ଗିବା (ଦେଖ)
Ālasyameṇṭāibā    Ālasa bhāngibā (See)

**ଆଲା**—ପ୍ରାଦେ. (ସମ୍ବଲପୁର) ବି.—୧ । କ୍ରୋଧ—1. Anger.
୨ । ଅସନ୍ତୋଷ—2. Dissatisfaction; displeasure.
ବୈଦେ. ବି ଅରବୀ)—ଅଲ୍ଲା (ଦେଖ)
Allā (See)

**ଆଲାଆଲା କରିବା**—ଦେ. କ୍ରି.—୧ । ଆହୁ ଆହୁବୋଲି ଡାକ ପକାଇବା—To utter 'God save me' in distress; to utter cry of distress or despair.
Ālā ālā karibā
আলা আলা করা
आलाआलाकरना
୨ । ପାଟି ଖଣ୍ଡ ମାରିଯିବା—Not to be able to utter words clearly owing to fear or lassitude.
୩ । ଅତି କାତର ବା କ୍ଲାନ୍ତ ହେବା—
3. To be jaded or spent up or worn out.

**ଆଲାଆଲା ହେବା**—ଦେ. କ୍ରି.—ଆଲାଆଲା କରିବା (ଦେଖ)
Ālāālā hebā    Ālaālā karibā (See)
আলাআলাহওয়া
आलाआलाहोना

**ଆଲାଦ୍**—ଗ୍ରା. ବି. (ସଂ. ଆହ୍ଲାଦ)—ଆହ୍ଲାଦ—Joy.
Ālād
ଦେ. ବିଣ. (ସଂ. ଆହ୍ଲାଦିତ)—ଆହ୍ଲାଦିତ—Delighted.

**ଆଲାନ**—ସଂ. ବି. (ଆ=ସମ୍ୟକ୍+ଲୀ ଧାତୁ=ବନ୍ଧନ କରିବା+ଅଧିକରଣ. ଅନ)—୧ । ଗଜବନ୍ଧନ ସ୍ତମ୍ଭ—
Ālāna
1. Post to which an elephant is tied.
୨ । (+କରଣ ଅନ)—ଗଜବନ୍ଧନ ରଜ୍ଜୁ—
2. Tether of an elephant; rope for tying an elephant.
୩ । (+ଭାବ. ଅନ)—ବନ୍ଧନ—3. Bond; tying.

**ଆଲାପ**—ସଂ. ବି. (ଆ=ସମ୍ୟକ୍, ଉତ୍ସୃଷ୍ଟ+ଲପ୍ ଧାତୁ=କହିବା+ଭାବ. ଅ)—୧ । କଥୋପକଥନ; ସମ୍ଭାଷଣ; କଥାବାର୍ତ୍ତା—
Ālāpa
1. Talk; discourse; conversation.
୨ । ଉଚ୍ଚାରଣ—2. Spelling; uttering.

| ୧ | ଲ | ଭ | ର,ଋ | ଛ | ଯ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇସ୍ | ଦ୍ଧ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଳ | ଭ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ୍ଜ | ନ୍ତ |

୩ । ପରିଚୟ; କଥାବାର୍ତ୍ତା ହେବାଦ୍ୱାରା ପରିଚୟ—
3. Acquaintance by means of talk.
୪ । ସଙ୍ଗୀତରେ ସ୍ୱର ଉଚ୍ଚାରଣ—
4 Utterance of a musical air.

ଦେ. ବି—୧ । ସଦ୍ଭାବ; କଥାଭାଷା ହେବା ଭଳି ପ୍ରଣୟ—
1. Friendship; speaking terms
୨ । ନାଚୁଆମାନେ ମୁହଁରେ ସଙ୍ଗୀତ ବୋଲିବା ସମୟରେ ହାତ ଦ୍ୱାରା କରୁଥିବା ଭଙ୍ଗୀ—2. The manual expression used by dancers to make the meaning of songs explicit to the audience.
୩ । ବାଦ୍ୟ ଯନ୍ତ୍ର ବଜାଇବା—
3. Playing on a musical instrument.
ପଢ଼ୁଥିଲେ ଜଣା ନ ଥିଲ ମୋତେ ଜାଣ
ଆଳାପେ ଲଗାଇଲ ଗେଲେ ଲଯ । କବିସୂର୍ଯ୍ୟ. ବଳଦା ।

**ଅଲାପନ**—ସଂ. ବି (ଆ+ଲପି ଧାତୁ=କଥା କହିବା+ଭାବ. ଅନ)—
Ālāpana ୧ । ଅଲାପ ( ଦେଖ )
1. Ālāpa ( See )
୨ । ସ୍ୱସ୍ତିବାଚନ—2. Felicitation.

**ଅଲାପନା**—ସ. ବି. (ଅଲାପନ+ଆ)—ଅଲାପନ (ଦେଖ)
Ālāpanā Ālāpana (See)

**ଅଲାପପରିଚୟ**—ସଂ. ବି. ( ଦ୍ୱନ୍ଦ୍ୱ; ଅଲାପ+ପରିଚୟ )—
Ālāparichaya ୧ । ଜାନ୍‌ପରିଚୟନ୍, ଜଣାଶୁଣା; ଦେଖାଶୁଣା—1. Acquaintance
୨ । ଘନିଷ୍ଠ ପରିଚୟ—2. Familiarity.

**ଅଲାପିଆ**—ଦେ. ବଣ. ପୁଂ ଓ ସ୍ତ୍ରୀ ( ସଂ. ଅଲାପୀ )—
Ālāpiā ୧ । ଆଳାପପ୍ରିୟ—1. Fond of conversation; sociable.
ଅଲାপେ
ଆଲାপী ୨ । ଗଳ୍ପପ୍ରିୟ—2. Chatting; communicative
୩ । ପରିଚିତ—3. Acquainted; familiar; being on talking terms with.

**ଅଲାପିବା**—ଦେ. ପଦ୍ୟ. କ୍ରି. ( ସଂ. ଅଲାପ )—
Ālāpibā ୧ । କହିବା—1. To speak.
ଆଳୀକ ଅଲାପି ଗୁଣ ଦେଖୁଥିଲ ପ୍ରତ ପଦରେ କେଳିପଟକ ।
କବିସୂର୍ଯ୍ୟ—ସଙ୍ଗୀତ ।
୨ । ଗାଇବା— To sing.
ଅଲାପିଲେ ମଙ୍ଗଳ ଗୀତକୁ ପ୍ରମୋଦରେ—କୃଷ୍ଣସିଂହ. ମହାଭାରତ. ଅଦି ।
୩ । କଥାବାର୍ତ୍ତା ହେବା; କଥୋପକଥନ କରିବା—
3. To talk; to discourse.
ଗୁଞ୍ଜାମାଳେ ବମନ୍ତି ତା ବସନ୍ତ ସୁନ୍ଦର,
ଅ ଥିଲୁ ଦଳେ ଦଳେ ଅଲାପି ମଧୁରେ—ରାଧାନାଥ. ମହାଯାତ୍ରା ।

**ଅଲାପୀ**—ସଂ. ବଣ. ପୁଂ ( ଅ+ଲପି ଧାତୁ=କଥା କହିବା+କର୍ତ୍ତୃ. ଇନ୍ )—୧ । ଅଲାପପ୍ରିୟ—1. Sociable.
Ālāpī
୨ । ଗଳ୍ପପ୍ରିୟ; ଗପଡ଼ି—2. Talkative.
ଦେ. ବଣ—ଅଲାପିଆ ( ଦେଖ )—Ālāpiā ( See )

**ଅଲାବୁ**—ସଂ. ବି. ( ଅଲବୁ+ସ୍ୱାର୍ଥେ. ଅ; କପାଳନ )—ଲାଉ; ଭୂମ୍ପୀ—
Ālābu White pumpkin.

**ଅଲାବୂ**—ସଂ. ବି—ଅଲାବୁ ( ଦେଖ )
Ālābū Ālābu ( See )

**ଅଲି**—ସଂ. ବି. ପୁଂ. ( ଅଲ୍ ଧାତୁ=ଭୂଷିତ କରିବା+କର୍ତ୍ତୃ. ଇ )—
Āli ୧ । ଭ୍ରମର; ଭଅଁର—1. The black bee.
୨ । ବିଛା; ବୃଶ୍ଚିକ—The scorpion.
୩ । ବୃଶ୍ଚିକରାଶି—3. The eigth solar house in astronomy; Scorpio.
ସଂ. ବି. ସ୍ତ୍ରୀ—୧ । ସଖୀ; ସ୍ତ୍ରୀଙ୍କ ବା ଭଦ୍ରକନ୍ୟାମାନଙ୍କର ସଙ୍ଗିନୀ—1. A lady's female-friend or companion.
୨ । ଯୁବତୀ ସ୍ତ୍ରୀ—2. Young woman.
୩ । ଶ୍ରେଣୀ; ଧାଡ଼ି—3. Line.
୪ । ହିଡ଼; ହୁଡ଼ା—
4. A ridge of earth dividing fields.
୫ । ବଂଶ —5. Race or family.
୬ । ସେତୁ; ବନ୍ଧ—6. Dam.
୭ । ସମୂହ—7. Group; assemblage.
ସଂ. ବଣ—ଶୁଦ୍ଧାନ୍ତଃକରଣ; ସରଳହୃଦୟ—
Frank; sincere.
ଦେ. ବି. (ନାମ)—୧ । କଟକ ଜିଲ୍ଲାର ସମୁଦ୍ର ଉପକୂଳସ୍ଥ ଜମିଦାରୀ ରାଜ୍ୟବିଶେଷ—1. The estate of Aul in the district of Cuttack.
আল
আড়ি
୨ । ଏକ ଜାତୀୟ ଲମ୍ବମୁହାଁ ଅକାତିଆ ମାଛ; ଆଡ଼ି ମାଛ—
2. A kind of scaleless fish with big snout.

**ଅଲି**—ଗ୍ରାଦେ. (ଗଞ୍ଜାମ) ବି—କାଚ ବା ମାର୍ବଲ୍ ଖେଳରେ ଧାଡ଼ି ହୋଇ ରହୁଥିବା ବାଟରେ ବିପକ୍ଷ ଖେଳାଳିର ବାଟିର ପ୍ରଥମ ବାଜିବା ଆଘାତ—The first stroke of the adversary's marble on one of the marbles kept on a line.
Āli

**ଅଲିଆ** – ଦେ. ଅ. (ନାବାଳିଆ ଶବ୍ଦ)—ପାଲ ଏକାବେଳେକେ ଉଠାଇ ଦେବାର ପ୍ରୟୋଜନ ହେଲେ ନାଉରିମାନେ ଏ ଶବ୍ଦ ବ୍ୟବହାର କରନ୍ତି—( Nautical) Lift up the sail fully.
Āliā

**ଅଲିଆ**—ଦେ. ବଣ—୧ । ମଫସଲିଆ; ନିର୍ବୁଦ୍ଧିଆ; ଓଲୁ; ଅଡଭୁଲି; ମୂର୍ଖ ଲୋକ ଚଭୁର ନୁହେ—1 Foolish; stupid.
Āliā

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଶାଢ଼ି' ନ ମିଳିଲେ 'ଶାଢ଼ୀ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ ଅଲବଟ୍ ଦେଖିବେ

[ ଦ୍ର—ଆଳି ନଦୀବହୁଳ ଓ ଜଙ୍ଗଲମୟ ରାଜ୍ୟ ଥିବାରୁ ଏହା ପୂର୍ବେ ମୋଗଲବନ୍ଦୀର ଲୋକଙ୍କ ପକ୍ଷରେ ସହଜଗମ୍ୟ ନ ଥିଲା । ମୋଗଲବନ୍ଦୀ ଲୋକେ ଆଳି ରାଜ୍ୟରେ ବସିଥିବା ବନ୍ଧୁମାନଙ୍କ ସଙ୍ଗେ କ୍ୱଚିତ୍ ଦେଖା କରନ୍ତି ଓ ଆଳିର ଲୋକେ ମଧ୍ୟ ସଦରକୁ କ୍ୱଚିତ୍ ଆସନ୍ତି । ଏପରି ସ୍ଥଳରେ ଦୂରଦେଶୀୟ,ଦୂରସମ୍ପର୍କୀୟ, ମଫସଲ ଓ ବର୍ବରିଆ ଲୋକଙ୍କୁ ମୋଗଲବନ୍ଦୀର ଲୋକେ 'ଆଳିଆ' କହନ୍ତି ।]

୨ । ଦୂରଦେଶୀୟ—2. Belonging to or inhabiting a far off place.

ଆଳିଆ ଲେଖାରେ ବାଳିଆ ଟଙ୍କି —ଢଗ ।

୩ । ଆଳି ରାଜ୍ୟର—3. Belonging to the estate of Aul.

୪ । ଆଲେଇ (ଦେଖ) —4. Ālei See)

ପ୍ରାଦେ. (ଗଞ୍ଜାମ) ବି.—ହାଡ଼ୁଆ ଶୂଦ୍ରଜାତିବିଶେଷ— A class of Śūdras.

ପ୍ରାଦେ. (ଗଡ଼ଜାତ) ବି.—ପାଣିଅଛୁଆଁ ଶୂଦ୍ରଜାତିବିଶେଷ — A class of untouchable Śūdras.

**ଆଲିଆସ୍ଥା**—ଦେ. ବି.—ସମ୍ପତ୍ତି (ଗୋପୀନାଥ ନନ୍ଦ)—
Āliāsthā Property.

**ଆଲିଙ୍ଗନ**—ସଂ. ବି. ( ଆ=ବିଶେଷଭାବରେ+ଲିଙ୍ଗ୍ ଧାତୁ=ମିଳନ
Āliṅgana କରିବା+ଭାବ. ଅନ )—ଆଶ୍ଲେଷ; ଅଙ୍ଗମିଳନ;
(ଆଲିଙ୍ଗିତ—ବିଣ) କୁଣ୍ଢାକୁଣ୍ଢି; କୁଣ୍ଢିଅକୁଣ୍ଢେଇ; କୋଳାକୋଳି—
Act of embracing; embrace; hugging.

**ଆଲିଙ୍ଗିତ**—ସଂ. ବିଣ. ( ଆ+ଲିଙ୍ଗ୍ ଧାତୁ+କର୍ମ. ତ )—ଆଶ୍ଲିଷ୍ଟ;
Āliṅgita ଯାହାକୁ ଅନ୍ୟ ବ୍ୟକ୍ତି ଆଲିଙ୍ଗନ କରେ ବା କୁଣ୍ଢାଏ;
(ଆଲିଙ୍ଗନ—ବି) ପରିବଦ୍ଧ —Embraced; hugged.

**ଆଲିଙ୍ଗିବା**—କ୍ରି. ପଦ୍ୟ. ( ସଂ. ଆଲିଙ୍ଗନ )—କୋଳାଗ୍ରତ କରିବା;
Āliṅgibā କୁଣ୍ଢାଇବା; ଆଲିଙ୍ଗନ କରିବା—
To embrace; to hug

ଆଲିଙ୍ଗିଲୁ ଆଦରେ ଧରି ସଖୀଙ୍କି କରେ—ମଧୁସୂଦନ. ଛନ୍ଦମାଳା ।

**ଆଲିଙ୍ଗ୍ୟ**—ସଂ. ବିଣ. (ଆ=ସମ୍ୟକ୍+ଲିଙ୍ଗ୍ ଧାତୁ=ଆଲିଙ୍ଗନ କରିବା+
Āliṅgya କର୍ମ. ଯ)— ଆଶ୍ଲେଷଣୀୟ; ଆଲିଙ୍ଗିତ ହେବାର ଯୋଗ୍ୟ—
Fit to be embraced.

ସଂ. ବି.—ଗୋପୁଚ୍ଛାକାର ମୃଦଙ୍ଗ ( ମଝି ମୋଟ ଓ ଦୁଇ ମୁହଁ ସରୁ )—A kind of drum (ends small and middle large)

**ଆଲିଜା ହେବା**—ଦେ. କ୍ରି--(ପୋଖରୀର ପାଣି ଗୋଳ ହେଲେ ବମ୍ପା ମାଛ
Ālijā debā ବାହୁଳିଲେ ମାଛମାନେ) ହାଲିଆ ହୋଇ ଜଳାଶୟ
আউজেযাওয়া କୂଳରେ ଆଉଜି ଯିବା—(said of fishes) To come and take shelter in the shore of a tank.

**ଆଲିପଣା**—ଦେ. ବି. ( ସଂ. ଆଲାପନା; ବର ପକ୍ଷଙ୍କ ସଙ୍ଗେ କନ୍ୟା-
Ālipaṇā ପକ୍ଷୀୟଙ୍କର ପ୍ରଥମ ଆଲାପ ଉଦ୍ଦେଶ୍ୟରେ ଖିଆପିଆ ହେବାରୁ)—୧ । ବିବାହରେ ବରକନ୍ୟାଙ୍କର ହାତଗଣ୍ଠି ପଡ଼ିବା ପୂର୍ବରୁ ବରଯାତ୍ରୀ ଓ କନ୍ୟାପକ୍ଷୀୟ ବ୍ୟକ୍ତିମାନଙ୍କର ଖାଇବା ମିଷ୍ଟାନ୍ନ ସାମଗ୍ରୀ—
1. Materials of luncheon given after the arrival of the bridegroom's party at the bride's house.

୨ । ବରଯାତ୍ରୀମାନେ କନ୍ୟାଗୃହରେ ଉପସ୍ଥିତ ହେଲେ ଉଭୟ ପକ୍ଷ ଏକତ୍ର ବସି ଖାଇବା ପ୍ରଥମ ଜଳଯୋଗ—
2. Refreshment or luncheon given at the house of the bride on arrival of the bridegroom before the marriage-knot is tied.

[ ଦ୍ର—ଉପନୟନ ଉତ୍ସବରେ ମଧ୍ୟ ଜଳଯୋଗକୁ ଆଲିପଣା କହନ୍ତି । ]

**ଆଲିପନା**—ଦେ. ବି. ( ସଂ. ଆଲିମ୍ପନ )—ଲିପାପୋଛା; ଚିତ୍ରଣ; କାନ୍ଥ
Ālipanā ଆଦିରେ ଦିଆଯିବା ଚିତା; ଝୋଟି ଦିଆଯିବା—
আলিপনা The painting of floors or walls of a house or altar with pigment of rice powder or lime on festive occasions.

**ଆଲିପୁଅ ମାଲିପୁଅ**—ଦେ. ସର୍ବନାମ—ଯେ ଇଚ୍ଛା ସେ; ଯାହା ତାହା—
Ālipua mālipua Any one and every one.
আলিপো মালিপো

**ଆଲିମାଲିକା**—ଦେ. ବି—ଏଣୁ ତେଣୁ ବାଜେ ବସ୍ତୁମାନ—
Ālimālikā Miscellaneous articles; miscellanies.
নতাকাতা; আলকুচি মালকুচি
পচমেল

**ଆଲିମ୍ପନ**—ସଂ. ବି. ( ଆ+ଲିମ୍ପ୍ ଧାତୁ=ଲେପିବା+ଭାବ. ଅନ )—
Ālimpana ଆଲିପନା ( ଦେଖ )
Ālipanā ( See )

**ଆଲିମ୍ପନା**—ସଂ. ବି—ଆଲିମ୍ପନ ( ଦେଖ )
Ālimpanā Ālimpana ( See )

**ଆଳୀ**—ସଂ. ବି. ପୁଂ ଓ ସ୍ତ୍ରୀ—ଅଳି ( ଦେଖ )
Āḷī Āḷi ( See )

**ଆଲୀଢ଼**—ସଂ. ବିଣ. (ଆ=ସମ୍ୟକ୍+ଲିହ୍ ଧାତୁ=ଚାଟିବା+କର୍ମ. ତ)—
Ālīḍha ୧ । ଲେହିତ; ଆସ୍ୱାଦିତ; ଚାଟା ହୋଇଥିବା—
1. Lapped or licked by the tongue; eaten.

୨ । ଅସ୍ତ୍ରଦ୍ୱାରା କ୍ଷତ—2 Wounded by a weapon.

ସଂ. ବି. ( +ଭାବ. ତ )—ଶର ନିକ୍ଷେପ କରିବା ସମୟରେ ବାମଜଙ୍ଘକୁ ସଙ୍କୋଚନ କରି ଡାହାଣ ଜଙ୍ଘ ଲମ୍ବାଇ ବୀରର ବସିବାର ଆସନ ବିଶେଷ; ବୀର ପୁରୁଷମାନଙ୍କର ଉପବେଶନବିଶେଷ--An attitude of an arch shooting with the right knee extended and the left leg retraced.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଖ | ଙ୍କ | ଇଯ୍ | ଉଅ | ଋ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଝ | ଓ | ଂ |

**ଆଲୀନ**—ସଂ. ବଣ. (ଆ+ଲୀ ଧାତୁ=ଲୀନ ହେବା+କର୍ତ୍ତୃ. ତ)—
Ālina ୧ । ବ୍ୟାପ୍ତ—1. Suffused.
୨ । ଲୟପ୍ରାପ୍ତ—2. Extinguished.

**ଆଲୀନକ**—ସଂ. ବି. (ଆଲୀନ+ସଂଜ୍ଞାର୍ଥେ. କ; ଯାହା ଅଗ୍ନି ସଂଯୋଗରେ
Ālinaka ଲୀନ ଅର୍ଥାତ୍ ଦ୍ରବୀଭୂତ ହୁଏ)—ରଙ୍ଗ ଧାତୁ; ସୀସା—Tin.

**ଆଳୁ**—ସଂ. ପ୍ରତ୍ୟୟ—ବଶିଷ୍ଟାର୍ଥକ ଓ ଶୀଳାର୍ଥକ ତଦ୍ଧିତପ୍ରତ୍ୟୟବିଶେଷ
Ālu ବିଶେଷ୍ୟ ଶବ୍ଦପରେ ଉକ୍ତ ଅର୍ଥରେ ଏହି ପ୍ରତ୍ୟୟ ଲାଗେ—
A suffix added to nouns and meaning—under the influence of and habituated to.
( ଯଥା—ଶୀଳାର୍ଥକ; ଭୟାଳୁ; ଲଜ୍ଜାଳୁ; ଓ ନିଦ୍ରାଳୁ ବଶିଷ୍ଟାର୍ଥକ—ହୃଦୟାଳୁ )
ସଂ. ବି—( ଆ+ଲୂ ଧାତୁ=ଛେଦନ କରିବା+କର୍ମ ଉ)—
୧ । ଜଳଲୁକା; ଗଡ଼ୁ; କ୍ଷୁଦ୍ର ଜଳାଧାର; କଳସୀ; ଘଟୀ; ଘଡ଼ି; ଘଡ଼ା—1. A small water-jug
୨ । ପେଚକ—2. Owl.
୩ । ଚନ୍ଦ୍ର—3. The moon.
୪ । ଭେଳା—4. Improvised boat; raft.
ଓ. ଆଳୁ ୫ । ଲତାବିଶେଷର ମାଂସଳ ଗୋଲ ବା ଦଣ୍ଡବତ୍ ଲମ୍ବ
ଆলু ଖାଦ୍ୟ ମୂଳ; ଦେଶୀଆଳୁ; ଖମ୍ବଆଳୁ—5. Yam.
आलू; अरबी ଦେ. ବି—୧ । ବିଲାତିଆଳୁ; ଗୋଲଆଳୁ—
ତେ. ପେଣ୍ଡଲମୁଡୁମା 1. Potato.
୨ । ( ଆଳୁପରି ଗୋଲାକାର ଯୋଗୁଁ ) ଶୂନ୍ୟସଂଖ୍ୟା—2. Zero.

**ଆଲୁ**—ପ୍ରାଦେ. ( ବସ୍ତର ) ବି—ଆଳୁ—Potato.
Ālu

**ଆଲୁଅ**—ଦେ. ବି. ( ସଂ. ଆଲୋକ )—୧ । ଆଲୋକ—
Ālua 1 Light.
আলো ୨ । ପ୍ରକାଶ—2 Exhibition; breaking up.
୩ । ଦୀପ୍ତି—3. Lustre; radiance.
আলো;আঞ্জনী ୪ । ଚକ୍ଷୁପତାରେ ଉଠିବା ବ୍ରଣବିଶେଷ—
4. A boil on the eye-lashes; stye; Posthia.
୫ । (ଶ୍ଳେଷୋକ୍ତି ବା ଇତରୋକ୍ତି) ଅନିଷ୍ଟ; ସାମାନ୍ୟକ୍ଷତି—
5. Slightest injury; slightest concern; ( used in slang ).
( ଯଥା—ମୋର ତୁ ଆଲୁଅ କରିପକେଇବୁ । )

**ଆଲୁଅପଖ**—ଗ୍ରା. ବି. ( ସଂ. ଆଲୋକପକ୍ଷ )—ଶୁକ୍ଲପକ୍ଷ—
Āluapakha The bright lunar fortnight.

**ଆଲୁଆନ**—ଦେ. ବି. ( ଅ. ଅଲୱାନ୍ )—ପଶମଅଦନିର୍ମିତ ଶୀତବସ୍ତ୍ର—
Aluāna Shawl or wrapper; winter garment made of wool.
আলোয়ান
आलोयान

**ଆଳୁକା**—ଦେ. ବି—୧ । ପୁଳାଏ ଧାନଗଛକୁ ମୂଳରୁ କାଟି ଦଉଡ଼ିରୂପେ
Ālukā ମୂଳକଟା ଦୁଇବିଡ଼ା ଗଛକୁ ପରସ୍ପର ବିପରୀତ ଦିଗରୁ ଗଇଣ୍ଠାଇ ଧାନ କଟାଳମାନେ ଅଗକଟା ଧାନ ଗୋଛକୁ ଯାହାଦ୍ୱାରା ବଳା ବାନ୍ଧନ୍ତି—1. Two bunches of paddy-plants knotted into a string by which the sheaves of paddy are tied together.
[ ଦ୍ର—ବଳ ଯକ ଗୃହସ୍ୱାମୀର ଖଳାକୁ ବହିନେଇ ସେଠାରେ ଧାନକଟାଳମାନେ 'ମୁଲିଲ' ନେବା ସମୟରେ ଏହି 'ଆଳୁକା'କୁ ଲାଭ ସ୍ୱରୂପ ନିଅନ୍ତି ।]
୨ । କଳେଇ-ଗଦାର ଅଗରେ ଲେଉଟାଇ ବସାଇ ଦିଆଯାଇ ଥିବା କଳେଇ ବିଡ଼ା—2. A sheaf of paddy turned upside down and placed upon a paddy rick.

**ଆଳୁକୁଚିମାଳୁକୁଚି**—ଦେ. ବି—ଆଳିମାଳିକା ( ଦେଖ )
Ālukuchimālukuchi Ālimālikā ( See )

**ଆଳୁପିଣ୍ଡ**—ଦେ. ବି—ଆଳୁର ମୂଳଭାଗ ଯହିଁରୁ ଗଜା ବାହାରେ ଓ
Ālupiṇḍa ପୋତିଲେ ଯହିଁରୁ ମାଟି ଭିତରକୁ ଆଳୁଚେର ମାଡ଼େ—The root-bulb of yam which is kept for growing yams by putting it on earth.

**ଆଳୁପୁଆ**—ଦେ. ବି—ଆଳୁମାତ୍ରା ( ଦେଖ )
Ālupuā Ālumātrā ( See )

**ଆଳୁବାତ୍ରା**—ଗ୍ରା. ବି—ଆଳୁମାତ୍ରା ( ଦେଖ )
Ālubātrā Ālumātrā ( See )

**ଆଲୁବାଲୁ**—ଦେ. ବଣ. ( ସଂ. ଆଲୁଲାୟିତ )—
Ālubālu ୧ । ଆଲୁଲାୟିତ; ଇତସ୍ତତଃ ବିକ୍ଷିପ୍ତ; ଉଦ୍‌ଭ୍ରାନ୍ତ—
আলুথালু; এলোমেলো 1. Disarranged; untied; dishevelled; disordered.
अड़बा ୨ । ଅସୁନ୍ଦର; ଅଡ଼ୁଆ—2. Uncomely; unseemly.

**ଆଳୁବାଳୁଆ**—ଦେ. ବଣ—୧ । ବାଳବାଳୁଆ; ଅଧିକ କେଶଯୁକ୍ତ—
Ālubāluā 1. Hairy; overgrown with hairs.
আলুথালু ୨ । କେଶ ମୁକୁଳା ହୋଇଥିବା; ବାଳ ଅଡ଼ୁଆ ହୋଇ
अड़बा ମୁହଁ ଉପରପାଖେ ପଡ଼ିଥିବା—
2. With dishevelled hair.

**ଆଳୁବାଳୁକା**—ଦେ. ବି. ( ସଂ. ଏଲବାଲୁକ )—
Ālubālukā ସୁଗନ୍ଧ ଔଷଧ ଦ୍ରବ୍ୟବିଶେଷ—
A herbarious medicine

ପାଠକ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ନ ଯୋଡ଼ିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଠ' ନ ମିଳିଲେ 'ଖାନ୍ଦ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଆଲୁବୁଝିବା**— ଦେ. କ୍ରି —୧ । ଅଯଥାର୍ଥ ବୁଝିବା —
Ālu bujhibā 1. To understand wrongly.
୨ । ଅବିଚାର କରିବା—2. To judge unjustly.

**ଆଲୁବୋଖାରା**— ଦେ. ବି. ( ସଂ. ଆଲୁକ ଓ ବୋଖାରା ଦେଶାଗତ )—
Ālubokhārā କାଶ୍ମୀର ଓ ଅଫଗାନିସ୍ଥାନର ତରୁ ବିଶେଷ ଏବଂ
আলুবোখারা କାବୁଲ ମେୱାଜାତୀୟ ଅମ୍ଳଫଳବିଶେଷ—
आलुबुखारा A tree and its plum of acid taste (originally brought from Bokhara in Turkey ); Prunus Communis.

**ଆଲୁମାତ୍ରା**— ଦେ. ବି—ଆଳୁଲତାର ଗଣ୍ଠିମାନଙ୍କରେ ଯେଉଁ ଅଣ୍ଡାକାର
Ālumātrā ଦ୍ରବ୍ୟ ଜନ୍ମେ—Small tubers of yam appearing in the creepers of yam.

**ଆଲୁମୁଣ୍ଡା**—ଦେ. ବି—ଆଳୁପିଣ୍ଡ ( ଦେଖ )
Ālumuṇḍā Ālupiṇḍa ( See )

**ଆଲୁର୍‌ବାଲୁର୍**— ଦେ. ବଣ— ଆଲୁବାଲୁ ( ଦେଖ )
Ālurbālur Ālubālu ( See )

**ଆଲୁର୍‌ବାଲୁରିଆ**— ଦେ. ବଣ. ପୁଂ— ୧ । ଅପରିଷ୍କାର—1. Unclean.
Ālurbāluriā ୨ । ଅବ୍ୟବସ୍ଥିତ; ବେଠିକଣା— 2. Unmethodical.
ଆଲୁର୍‌ବାଲୁରି } ସ୍ତ୍ରୀ
ଆଲୁର୍‌ବାଲୁରେଇ }
এলোমেলো
बेढंग

**ଆଲୁଳାୟିତ**—ସଂ. ବଣ. ( ଆ = ଲୁଳ ଧାତୁ=ଉନ୍ମର୍ଦ୍ଦନ କରିବା
Ālulāyita +ଯ. କର୍ମ. ତ )—ଅନୁବଦ୍ଧ; ଅସଂଯତ; ମୁକୁଳା; ଏଣେ ତେଣେ ବିସ୍ତ ହୋଇ ଓହ୍ଳାଇଥିବା—Dishevelled; disordered; untied.

**ଆଲୂନ**—ସଂ. ବଣ. ( ଆ+ଲୂ ଧାତୁ=ଛେଦନ କରିବା+କର୍ମ. ତ )—
Ālūna ୧ । ଈଷଚ୍ଛିନ୍ନ—Slightly torn.
୨ । ସମ୍ୟକ୍‌ଛିନ୍ନ—2. Fully torn.

**ଆଲେକମ୍**— ବୈଦେ. ଅ. ( ଆ. ଅଲେକୁମ୍ )—ମୁସଲମାନଙ୍କର 'ସଲାମ' Ālekam ଶବ୍ଦର ପ୍ରତ୍ୟୁତ୍ତର ବାଣୀ ଶବ୍ଦ—A greeting made in return to a Salam of a Mahomedan.

**ଆଲେଖ୍ୟ**—ସ. ବି. ( ଆ=ସମ୍ୟକ୍+ଲିଖ ଧାତୁ=ଲେଖିବା+ କର୍ମ.
Ālekhya ଯ )—୧ । ଚିତ୍ର; ଛବି—
1. A drawing; a painting.
୨ । ଚିତ୍ରପଟ୍ଟ—2. A picture.
୩ । ପ୍ରତିକୃତି —
3. Portrait; photograph; oil painting.
୪ । ( + ଭାବ. ଅନ )—ଚିତ୍ରକରଣ—
4. Drawing; painting.
ସ. ବଣ—୧ । ଲେଖନୀୟ—
1 Worth writing or mentioning.
୨ । ଚିତ୍ରର ଯୋଗ୍ୟ—
2. Fit to be put on the canvas.

**ଆଲେଖ୍ୟଶେଷ**—ସଂ. ବଣ. ପୁଂ. ( ବହୁବ୍ରୀହି; ଆଲେଖ୍ୟହିଁ ଶେଷ
Ālekhyaśesha ଯାହାର )—ଚିତ୍ରାବଶିଷ୍ଟ; ମୃତ—
( ଆଲେଖ୍ୟଶେଷା—ସ୍ତ୍ରୀ ) Remaining or living in picture only; dead.

**ଆଲେପ**— ସଂ. ବି. ( ଆ+ଲିପ ଧାତୁ + ଭାବ. ଅ )—
Ālepa ୧ । ଲିପିବା; ବୋଳିବା —1. Smearing.
୨ । ମଲମ—2. Ointment

**ଆଲେପନ**— ସଂ. ବି. ( ଆ+ଲିପ୍ ଧାତୁ—ଲେପିବା+ଭାବ. ଅନ )—
Ālepana ଆଲେପ ( ଦେଖ )— Ālepa ( See )

**ଆଲେପିତ**— ସଂ. ବଣ. ( ଆ=ଉତ୍ତମରୂପେ+ଲିପ ଧାତୁ ଶିଜନ୍ତ; ଲେପି
Ālepita ଧାତୁ+କର୍ମ. ତ )—ଲିପାପୋଛା ହୋଇଥିବା ( କାନ୍ଥ ଆଦି )—Smeared or washed with a layer of lime or cow-dung (walls and floors ).

**ଆଲେପିବା**—ଦେ. କ୍ରି. ( ସଂ. ଆଲେପନ )— ଲେପନ କରିବା; ଢାଙ୍କିବା;
Ālepibā ବୋଳିବା; ଉପରେ ବୋଳ ଦେବା—To paint or
আলেপা wash ( walls and floors ); to put a layer upon.

**ଆଲେ**—ଦେ. ଅ. (ପ୍ରା. ହଲ୍ଲା)—ପରିଚିତ ସ୍ତ୍ରୀଲୋକ ପ୍ରତି ସମ୍ବୋଧନ—
Ālo Oh ! (addressed to females with whom
ওগো one is familiar.)
ଅଲେ ପାମର ଡାକୁ ଦେଲୁ କୁ ସହାଦ—କୃଷ୍ଣସିଂହ. ମହାଭାରତ. ଆଦ ।
ପ୍ରାଦେ. ବି. ( ମେଦିନୀପୁର; ବଂ. ଆଲୋ )—ଆଲୁଅ; ଆଲୋକ—
Light.

**ଆଲୋକ**—ସଂ. ବି. ( ଆ=ସମ୍ୟକ୍+ଲୋକ୍ ଧାତୁ=ଦୀପ୍ତି ପାଇବା+
Āloka ଭାବ. ଅ )—୧ । ଦୀପ୍ତି; ଆଲୁଅ—
1. Light; lustre.
୨ । ଦର୍ଶନ; ଦେଖିବା—2. Sight; vision.
ଯହିଁ ନେତ୍ରାଲୋକେ ପ୍ରତ୍ୟକ୍ଷ ଅନ୍ତର; ନୈଥିଲା ପ ଉଦ୍ଧ ନେକଣ୍ଠାର ।
ରାଧାନାଥ. ଚିଲିକା ।
୩ । ଦୃଷ୍ଟିପଥ—
3. Vision; ray of vision; line of sight.
୪ । ପ୍ରକାଶ—
4. Bursting forth of a light.
୫ । ଜୟଧ୍ୱନି—
5. A shout or cry of victory; war-cry.
୬ । ସ୍ତୁତି; ବନ୍ଦିଭାଷଣ—
6. A panegyric; a bard's song.
୭ । ଦୃଷ୍ଟିଶକ୍ତି—7. Eye-sight.

| ୧ | ଲ | ଷ | ବ,ବ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଊଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଳ | ଖ | ବୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ଓ | ଡ଼ |

୮ । (ଲକ୍ଷଣାର୍ଥ ) ସଭ୍ୟତା; ଜ୍ଞାନ—
8. Civilisation; learning; knowledge.
ସଂ. ବି—ପ୍ରଦୀପ—Lamp.

**ଆଲୋକଚିତ୍ର**—ସଂ. ବି. ( ଇଂରାଜୀରୁ ଅନୁବାଦ; ଆଧୁନିକ ପ୍ରୟୋଗ )—
Ālokachitra ୧ । ବାଇସ୍କୋପ୍—1. Bioscope.
୨ । ଫଟୋଗ୍ରାଫ—2. Photograph.

**ଆଲୋକଜନିତସ୍ଥିତିଗତି**—ସଂ. ବି. ( ଉଦ୍ଭିଜ୍ଜ ବିଜ୍ଞାନର ଭାଷା; ଆଧୁନିକ
Ālokajanitasthitigati ପ୍ରୟୋଗ )—ଯେଉଁ ଅଡ଼ୁ ଆଲୋକ ଆସୁଥାଏ, ଉଦ୍ଭିଦମାନଙ୍କର ସେହି ଅଡ଼କୁ ବଢ଼ିବାର ଗୁଣ—
Heleotropism.
[ ଦ୍ର—ଯେଉଁ ଅଡ଼ୁ ଖରା ପଡ଼େ ଗଛ ସେହି ଅଡ଼କୁ ଡାଳ ପତ୍ର ବିସ୍ତାରକରେ । ]

**ଆଲୋକନ**—ସଂ. ବି. ( ଆ=ସମ୍ୟକ୍+ଲୋକ ଧାତୁ=ପ୍ରାପ୍ତି ପାଇବା
Ālokana +ଭାବ. ଅନ )—୧ । ଦୃଷ୍ଟି; ଦର୍ଶନ; ଦେଖିବା—
1. Seeing; sight; looking.
୨ । ( ଆ+ଲୋକ ଧାତୁ=ଦେଖାଇବା+ଭାବ. ଅନ )—
ଦେଖାଇବା—2. Showing.

**ଆଲୋକପକ୍ଷ**—ସଂ. ବି. ( ମଧ୍ୟପଦଲୋପୀ; ଆଲୋକଯୁକ୍ତ ପକ୍ଷ )—ଚାନ୍ଦ୍ରମାନ
Ālokapaksha ମାସର ଚନ୍ଦ୍ରପକ୍ଷ; ଶୁକ୍ଳପକ୍ଷ—The bright fortnight of the lunar month.

**ଆଲୋକପ୍ରାପ୍ତ**—ସଂ. ବିଣ. (୨ୟା ତତ୍. ଆଲୋକ+ପ୍ରାପ୍ତ)—
Ālokaprāpta ୧ । ଆଲୋକ ପାଇଥିବା—
1. Lighted; illuminated.
୨ । (ଲକ୍ଷଣାର୍ଥ—ସଭ୍ୟ—2. Civilised.
ଭୂମେ ଯେ ଆଲୋକପ୍ରାପ୍ତ ମୂର୍ଖ ଅନ୍ଧକାରେ
କହ୍ନୁ ହେଉ । ଦୁର୍ବୋଧ୍ୟ ଜାତିରେ ଉତ୍କଳ । ଫକୀରମୋହନ । ଉତ୍କଳଭ୍ରମଣ ।
୩ । ଜ୍ଞାନ ପ୍ରାପ୍ତ—3. Learned; educated.

**ଆଲୋକବର୍ତ୍ତିକା**—ସଂ. ବି—ଯେଉଁ ବତି ବା ଶଳିତାରେ ଆଲୁଅ ଲାଗେ;
Ālokabarttikā ବଳିତା—Lamp wick; wick which is lighted.

**ଆଲୋକବିଜ୍ଞାନ**—ଦେ ବି—ଯେଉଁ ବିଜ୍ଞାନରୁ ଆଲୋକ ଓ ଦୃଷ୍ଟି ଅବ
Āloka bijñāna ସମ୍ବନ୍ଧରେ ଜ୍ଞାନ ଲାଭ ହୁଏ—
Optics; the science of light.

**ଆଲୋକସ୍ତମ୍ଭ**—ସଂ. ବି ( ମଧ୍ୟପଦଲୋପୀ; ଆଲୋକ ଯୁକ୍ତ ସ୍ତମ୍ଭ; ଆଧୁନିକ
Ālokastambha ପ୍ରୟୋଗ )—
୧ । ସମୁଦ୍ରରେ ଜାହାଜମାନଙ୍କୁ ରାତିରେ ବାଟ ଦେଖାଇବା ପାଇଁ ଦ୍ୱୀପ ବା ସମୁଦ୍ର କୂଳରେ ଉଚ୍ଚସ୍ତମ୍ଭ ଉପରେ ଦିଆ ଯାଇଥିବା ଉଜ୍ଜ୍ୱଳ ଆଲୋକ—
1. Light-house.
୨ । ପଥିକଙ୍କୁ ରାତିରେ ବାଟ ଦେଖାଇବା ନିମନ୍ତେ ରାସ୍ତାରେ ଯେଉଁ ଖମ୍ବ ଉପରେ ଆଲୋକମାନ ଦିଆଯାଇ ଥାଏ—
2. Lamp-post
୩ । ଉତ୍ତର ମେରୁ ନିକଟବର୍ତ୍ତୀ ଦେଶମାନଙ୍କରେ ଛଅ ମାସ ରାତ୍ରି ହେଉଥିବା ସମୟରେ ମଝିରେ ମଝିରେ ହେଉଁ ନୈସର୍ଗିକ ବୈଦ୍ୟୁତିକ ଆଲୋକମାଳା ଆକାଶରେ ଦୃଷ୍ଟିଗୋଚର ହୁଏ; ଉଦଚ୍ୟାଲୋକ—3. Aurora borealis.

**ଆଲୋକିତ**—ସଂ. ବିଣ. (ଆ+ଲୋକ ଧାତୁ+କର୍ମ. ତ)—
Ālokita ୧ । ପ୍ରଦୀପ୍ତ; ଆଲୋକଦିଆଯାଇଥିବା—
1 Lighted; illuminated.
୨ । ଦୃଷ୍ଟ—2. Viewed; seen

**ଆଲୋଚନ**—ସଂ. ବି. ( ଆ=ସମ୍ୟକ୍+ଲୋଚ ଧାତୁ=ବିଚାର କରିବା
Ālochana +ଭାବ. ଅନ )—
ଆଲୋଚ୍ୟ; ଆଲୋଚିତ; ଆଲୋଚନୀୟ } ବିଣ ୧ । ବିଚାର କରଣ—
1. Consideration; deliberation.
୨ । ଅନୁଶୀଳନ; ଚର୍ଚ୍ଚା—2. Reviewing; cultivation of science; study.
୩ । ତଦନ୍ତ—3. Investigation.
୪ । ଆନ୍ଦୋଳନ—4. Agitation; consideration.
୫ । ତର୍କବିତର୍କ କରିବା—5. Dissension.
୬ । ମନ୍ତବ୍ୟ ପ୍ରକାଶ—
6. Remark; comment; criticism.
୭ । ପରୀକ୍ଷା—
7. Examination; looking into.
ସଂ. ଅ—ଲୋଚନ ପର୍ଯ୍ୟନ୍ତ—Upto the eyes.

**ଆଲୋଚନା**—ସଂ. ବି—ଆଲୋଚନ ( ଦେଖ
Ālochanā Ālochana ( See )

**ଆଲୋଚିତ**—ସଂ. ବିଣ. (ଆ+ଲୋଚ ଧାତୁ+କର୍ମ. ତ)—
Ālochita ୧ । ଅନୁଶୀଳିତ—1.Reviewed;cultivated; studied.
୨ । ଆନ୍ଦୋଳିତ—2. Criticised; considered.
୩ । ପରୀକ୍ଷିତ—3 Examined; investigated.

**ଆଲୋଚ୍ୟ**—ସଂ. ବିଣ. ( ଆ+ଲୋଚ ଧାତୁ+କର୍ମ. ଯ )—
Ālochya ୧ । ବିଚାର ଯୋଗ୍ୟ—1. Fit to be considered; deserving consideration.
୨ । ବିଚାରାଧୀନ—2. Under consideration.

**ଆଲୋଡ଼ନ**—ସଂ. ବି. ( ଆ+ଲୁଡ଼ ଧାତୁ=ବଲବଲ କରିବା+ଭାବ.
Ālordana ଅନ )—୧ । ଅବର୍ତ୍ତନ; ଘାଣ୍ଟିବା; ଘାଣ୍ଟିବା—
(ଆଲୋଡ଼ିତ—ବିଣ) 1. Stirring or turning a thing round.

ପାଠକେ ଶ୍ଳୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଅନୁକ୍ରମେ ଉର୍ଦ୍ଧ୍ୱର ସେପରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ବାଢ଼' ନ ମିଳିଲେ 'ବାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

୨ । ସମ୍ମିଳନ—2. Mixing up.
୩ । ଆଲୋଚନ; ଉଦ୍‌ଘାଟ୍; ବହୁତ ଚର୍ଚ୍ଚା—
3. Agitation; a thorough discussion.
୪ । ମନ୍ଥନ—4. Churning.

**ଆଲୋଡ଼ିତ**—ସଂ. ବଣ. ( ଆ + ଲୁଡ଼ ଧାତୁ = ହଲାହଲ କରିବା + କର୍ମ. ତ )—
Ālordita
୧ । ମଥିତ; ମର୍ଦ୍ଦିତ—1. Stirred up; pressed.
୨ । ସମ୍ମିଳିତ—2. Mixed up.
୩ । ଆଲୋଚିତ—
3. Discussed; examined; agitated

**ଆଲୋଡ଼ିବା**—ଦେ. ପଦ୍ୟ. କ୍ରି. ( ସଂ. ଆଲୋଡ଼ନ )—
Ālordibā ୧ । ମନ୍ଥନ କରିବା; ଆବର୍ତ୍ତନ କରିବା—
1. To stir or turn a thing round.
କେତେ ରଜା କେତେ ବର୍ଦ୍ଧି ଜାମ୍ବୀ ବାର
ଆଲୋଡ଼ିଲେ ଘୋର ସୁଙ୍ଗି ଜାଳ ଭାର । ସୁଧାହାଥ. ଚଉତିଶା ।
୨ । ଆଲୋଚନା କରିବା—2. To discuss

**ଆଲୋମୟ**—ଦେ. ପଦ୍ୟ ବଣ. ( ସଂ. ଆଲୋକମୟ )—
Ālomaya ୧ । ଆଲୋକମୟ—1. Full of light.
আলোময় ୨ । ଉଜ୍ଜ୍ୱଳ; ଝକ୍‌ଝକ୍—
. चकाचौंध 2. Shining; dazzling; bright.
ସୁରସର ଦର୍ପଣକୋଟି ଜିନି ଅଙ୍ଗେ ଶୋଭେ
ଗୃହ ଦାମଦେ ଆ ଦେହ ଦଶେ ଆଲୋମୟେ । ପୀତାମ୍ବର. କୃଷ୍ଣ ହସ୍ତୁଣ ।

**ଆଲୋର**—ଗ୍ରା. ବ. ( ସଂ. ଆଲୋକ )—ଆଲୋକ—
Ālora Light; radiance.

**ଆଲୋଳ**—ସଂ. ବ. (ଆ = ଈଷତ୍ + ଲୋଳ = ଚଞ୍ଚଳ)—ଈଷତ୍ ଚଞ୍ଚଳ—
Ālola Slightly moving.
ଗ୍ରା. ବ —ଆଲୋକ—Light.
ଗ୍ରା. ବଣ—ଆଲୋକମୟ—Dazzling; bright.

**ଆଲୋଳିବା**—ଦେ. କ୍ରି.—ଶୋଭା ପ୍ରକଟ କରିବା—
Alolibā To display ( one's ) beauty.
ଚରଣେ ନୂପୁର ମୃଦୁରବ କରେ ଜଘନ ଗତ ଆଲୋଳେ ।
ପ୍ରାଚୀ—ରସବାରିଧି ।

**ଆଲ୍ଲା**—ବୈଦେ. ବ. ( ଅ. ଅଲ୍ଲାତାଲ୍ଲା )—ମୁସଲମାନମାନଙ୍କର ଈଶ୍ୱରଙ୍କ
Āllā ଭାଳବାର ନାମ; ଈଶ୍ୱର, ଭଗବାନ—Allah ! The
আলা Lord of the Mahomedans; God of
আল্লা the Koran.

**ଆଲ୍ଲାତଲ୍ଲା**—ବୈଦେ. ବ. (ଅ)—ଆଲ୍ଲା (ଦେଖ)
Āllātallā Āllā (See)

**ଆଲ୍ଲାତାଲ୍ଲା**—ବୈଦେ. ବ. (ଆରବୀ)—ଆଲ୍ଲା (ଦେଖ)
Āllātāllā Āllā (See)

**ଆଲ୍ଲା ଭଜିବା**—ଦେ. କ୍ରି.—୧ । ମୁସଲମାନମାନଙ୍କର ଈଶ୍ୱରଙ୍କ ନାମ
Āllā bhajibā ନେବା—To utter the name of God

আল্লাভজা ୨ । (ଲକ୍ଷଣାର୍ଥ) କିଂକର୍ତ୍ତବ୍ୟବିମୂଢ଼ ହେବା—
आल्लाभजना 2. To be bewildered.

**ଆଲ୍ଲାହାବାଦ**—ବୈଦେ. ବ. ( ନାମ )—(ଫା. ଇଲ୍ଲାହାବାଦ—ଈଶ୍ୱରଙ୍କ
Āllāhabād ନଗର)—ପ୍ରୟାଗ (ଦେଖ)
Prayāga (See)

**ଆଲ୍ଲା ହୋ ଅକବର୍**—ବୈଦେ. ଅ. ( ଅ )—
Ālla ho Akbar ଆଲ୍ଲା ହୋ ଅକବର୍ ( ଦେଖ )
Ālla ho-ākabar (See)

**ଆଲ୍ଲା ହୋ ଆକ୍‌ବର୍**—ବୈଦେ. ଅ. ( ଅ )—ମୁସଲମାନମାନଙ୍କର
Āllā ho Ākbar 'ଈଶ୍ୱର ବଡ଼ଲୋକ' 'ଈଶ୍ୱର ରକ୍ଷା କରିବେ'
ଏହି ଅର୍ଥଜ୍ଞାପକ ପ୍ରାର୍ଥନାସୂଚକ ସମ୍ବୋଧନ—
The Mahomedan's cry,'God is great.'

**ଆଶ୍**—ପ୍ରାଦେ. (ସମ୍ବଲପୁର) ବ.—ଆଶା—Hope.
Ās ଅଶ୍ କରୁଛେ ! ବୁଡ଼ା ବଲ୍‌ଦେ ଚାଷ୍ କରୁଛେ—ବ୍ୟଙ୍ଗ ପ୍ରବଚନ ।

**ଆଶକତ**—ଗ୍ରା. ବଣ. (ସଂ. ଅଶକ୍ତ)—୧ । କ୍ଳାନ୍ତ; ଶ୍ରାନ୍ତ—
Āskata 1. Tired; languorous.
अशक्त ୨ । ଅଶକ୍ତ; ଅକ୍ଷମ—2. Incompetent; unable.
अशक्ति ୩ । ରୋଗ ପୂର୍ବରୁ ଜଡ଼ତା ବୋଧ କରୁଥିବା—
3. Feeling lazy before an attack of a disease eg. fever)
ଦେ. ବ.—୧ । କ୍ଳାନ୍ତି; ଶ୍ରାନ୍ତି—1; Languor; weariness.
୨ । ରୋଗର ପୂର୍ବାଭାସକାରକ ଜଡ଼ତା ଓ କ୍ଳାନ୍ତିବୋଧ—
2. Indication of coming sickness; feeling of laziness or langour which overcomes a man before he is attacked with a fit of disease.

**ଆଶ୍କତି**—ଗ୍ରା. ବ.—ଆଶ୍କତ (ଦେଖ)
Āskati Āskata (See)

**ଆଶ୍କତିଆ**—ଦେ. ବଣ.—ଆଶ୍କତ (ଦେଖ)
Āskatia Āskata (See)

**ଆଶ୍କତେଇବା**—ଦେ. କ୍ରି.—ଅଶ୍କତେଇବା (ଦେଖ)
Āskateibā Askateibā See)

**ଆଶ୍ପାଶ୍**—ଦେ. ବଣ.—ନିକଟବର୍ତ୍ତୀ—Adjoining.
Āspas ଦେ. କ୍ରି. ବଣ.—୧ । ଆଖପାଖେ; ନିକଟରେ—
আশেপাশে 1. Near by.
आसपास में ୨ । ଚାରିପାଖରେ; ଚତୁର୍ଦ୍ଦିଗରେ—
2. On all sides; all round

**ଆଶ୍ମାନ୍ (ଇତ୍ୟାଦି)**—ବୈଦେ. (ଅ.) ବ.—ଅଶ୍ମାନ୍ (ଇତ୍ୟାଦି)(ଦେଖ)
Āsmān etc. Āsmān. etc. (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଉ | ଝ | ଋ,ଝ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | ଛ | ଉୟ | ଇଅ | ଞ |
| ୨ | ଊ | ଞ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ୟ | ଉଅ | ୱ | କ୍ଷ |

ଆଶ୍ମାନି—ବୈଦେ. ବଣ. (ଅ. ଅଶ୍ମାନ)—ଅଶ୍ମାନ (ଦେଖ)
Āsmāni Āsmāni (See)

ଆଶ୍ମାନିଆଁ—ଦେ. ବଣ.—ଅଶ୍ମାନି (ଦେଖ)
Āsmāniāṅ Āsmāni (See)

ଆଶ—ସଂ. ବି. (ଅଶ୍ ଧାତୁ=ଭୋଜନ କରିବା+ଭାବ. ଅ)—
Āsa ୧ । ଭୋଜନ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ପ୍ରାତ-ରାଶ)—Meal used with other words e.g. morning meal and mid-day meal)
୨ । (+କର୍ତ୍ତୃ. ଅ)—ଖାଦକ—One who eats; eater.
(ଯଥା - ହୁତାଶ; ଅଗ୍ନ୍ୟାଶ)
ଗ୍ରା. (ପଦ୍ୟ) ବି. (ସଂ. ଆଶା)—୧ । ଆଶା—1. Hope.
୨ । ଇଚ୍ଛା—2. Wish.

ତା ଜାଣି ଅରଜୁନ ଛାଡ଼ି ନଦ୍ରା ଆଶ ।
କୃଷ୍ଣସିଂ. ମହାଭାରତ ।

ଆଶଂସନ—ସଂ. ବି. (ଆ+ଶଂସ୍ ଧାତୁ=କହିବା; ଇଚ୍ଛା କରିବା+ଭାବ. ଅନ)—
Āsaṁsana ୧ । କଥନ; କହିବା—1. Speaking; report.
୨ । ଆଶା; ପ୍ରତ୍ୟାଶା—2. Hope.
୩ । ଇଚ୍ଛା; ଅଭିଳାଷ—3. Desire.
୪ । ସମ୍ଭାବନା—4. Likelihood.
୫ । ବର୍ଣ୍ଣନ—5. Description.

ଆଶଂସା—ସଂ. ବି. (ଆ+ଶଂସ୍ ଧାତୁ+ଭାବ. ଅ+ଆ)—
Āsaṁsā ଆଶଂସନ (ଦେଖ)
Āsaṁsana (See)

ଭବସୂକ୍ଷ୍ମଦର୍ଶୀଙ୍କର ଅସୀମ ଆଶଂସା, ଶୁଣିଥିଲି ଦୂତମୁଖୁଁ ପୂର୍ବେ ।
ଚିନ୍ତାମଣି, ବହ୍ନିମାଧବ ।

ଆଶଂସିତ—ସଂ. ବଣ. (ଆ+ଶଂସ୍ ଧାତୁ+କର୍ମ. ତ)—୧ । କଥିତ—
Āsaṁsita 1. Spoken.
୨ । ପ୍ରାର୍ଥିତ—2. Prayed for.
୩ । ଆକାଂକ୍ଷିତ; ଇପ୍ସିତ—3. Wished for; desired.
୪ । ଆଶା କରାଯାଇ ଥିବା—4. Hoped for; expected.
ସଂ. ବି. (+ଭାବ. ତ)—୧ । କଥନ—1. Speaking.
୨ । ଇଚ୍ଛା—2. Desire.
୩ । ଆଶା—Hope.

ଆଶଂସିତା—ସଂ. ବଣ. ପୁଂ. (ଆ+ଶଂସ୍ ଧାତୁ+କର୍ତ୍ତୃ ତୃ; ୧ମା. ୧ବ.)—
Āsaṁsitā ୧ । ଅଭିଳାଷୀ; ଇଚ୍ଛୁକ—1. Desirous.
(ଆଶଂସିତ୍ରୀ—ସ୍ତ୍ରୀ) ୨ । ପ୍ରାର୍ଥକ—2. Solicitous.
୩ । କଥୟିତା—3. Speaking.

ଆଶଂସୁ—ସଂ. ବଣ. ପୁଂ. ଓ ସ୍ତ୍ରୀ (ଆ+ଶଂସ୍ ଧାତୁ+କର୍ତ୍ତୃ. ଉ)—
Āsaṁsu ଆଶଂସିତା (ଦେଖ)
Āsaṁsitā (See)

ଆଶକ୍ତ—ସଂ. ବଣ. (ଆ+ଶକ୍ ଧାତୁ=ପାରିବା+କର୍ତ୍ତୃ. ତ)—
Āsakta ସମର୍ଥ; ସମ୍ୟକ୍‌ଶକ୍ତିବିଶିଷ୍ଟ—Competent; able

ଆଶକ୍ତି—ସଂ ବି. (ଆ+ଶକ୍ ଧାତୁ+ଭାବ. ତି)—୧ । ସାମର୍ଥ୍ୟ;
Āsakti ଯୋଗ୍ୟତା—Ability; competence

ଆଶଙ୍କନୀୟ—ସଂ. ବଣ. (ଆ+ଶଙ୍କ୍ ଧାତୁ=ଭୟ କରିବା+କର୍ମ. ଅନୀୟ)—
Āsaṅkanīya ୧ । ଯାହାକୁ ଶଙ୍କା ବା ଭୟ କରାଯାଏ; ଆଶଙ୍କା
(ଆଶଙ୍କନୀୟା—ସ୍ତ୍ରୀ) ଯୋଗ୍ୟ; ଆଶଙ୍କାସ୍ଥଳ—1. To be dreaded or feared.
୨ । ଯାହା ସମ୍ବନ୍ଧେ ମନରେ ଆଶଙ୍କା ଜାତ ହୁଏ—
2 In respect of whom there may be apprehension.

ଆଶଙ୍କା—ସଂ ବି. (ଆ=ସମ୍ୟକ୍+ଶଙ୍କ ଧାତୁ=ଭୀତ ହେବା+ଭାବ. ଅ
Āsaṅkā +ସ୍ତ୍ରୀ. ଆ)—୧ । ତ୍ରାସ; ଭୟ; ବିଶେଷ ଭୟ—
1. Dread; apprehension; fear; alarm.
୨ । ସନ୍ଦେହ; ବିତର୍କ—2. Doubt; suspicion.
୩ । ଅନିଶ୍ଚୟତା—3. Uncertainty.
୪ । ସଂକୋଚ—4. Hesitation; diffidence.

ଆଶଙ୍କିତ—ସଂ. ବଣ. (ଆ+ଶଙ୍କ୍ ଧାତୁ+କର୍ତ୍ତୃ. ତ; ବା ଆଶଙ୍କା+
Āsaṅkita ଜାତାର୍ଥେ ଇତ)—୧ । ଭୀତ—1. Frightened; apprehensive.
୨ । (+କର୍ମ. ତ)—ଯେଉଁ ବିଷୟରେ ଆଶଙ୍କା ଜନ୍ମିଅଛି—
2. Apprehended; dreaded; feared.

ଆଶଙ୍କୟିତା—ସଂ. ବଣ. ପୁଂ (ଆ+ଶଙ୍କୟିତା)—
Āsaṅkayitā ଯେ ଶଙ୍କା କରେ—Dreading; apprehending.
(ଆଶଙ୍କୟିତ୍ରୀ—ସ୍ତ୍ରୀ)

ଆଶନ୍—ସଂ. ଅ—ଆନନ୍ଦ—Delight
Āsam [ଦ୍ର—ଭାଷାରେ ଏଥିର ବ୍ୟବହାର ମିଳେ ନାହିଁ]

ଆଶୟ—ସଂ. ବି. (ଆ+ଶୀ ଧାତୁ=ଶୟନ କରିବା+ଭାବ. ଅ)—
Āsaya ୧ । ଅଭିପ୍ରାୟ; ତାତ୍ପର୍ଯ୍ୟ—1. Intention; purport; object.
୨ । ଉଦ୍ଦେଶ୍ୟ—2 Aim.
୩ । (+ଅଧିକରଣ. ଅନ)—୩ । ଆଧାର; ଆଶ୍ରୟ; ଭାଣ୍ଡ—
3 Receptacle.
୪ । ଢଙ୍ଗ—4. Feature; mode.
୫ । ମନର ଗତି—5. Tendency.
୬ । ଅଭ୍ୟନ୍ତର—6. Inside; interior.
୭ । ବିଭବ; ଐଶ୍ୱର୍ଯ୍ୟ—7. Riches.
୮ । ପଣସ ଗଛ—8. Jack tree.
୯ । ମନ; ହୃଦୟ—9. Mind; heart.
୧୦ । ଚିନ୍ତା—10. Thought.

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାରେ ଶବ୍ଦ ଖୋଜିଲେ, ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଷାଢ' ନ ମିଳିଲେ 'ଷାଣ୍ଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍‌କ୍ତ' ଦେଖିବେ

**ଅଶୟାର୍ଥ**—ସଂ. ବି. (ମଧ୍ୟପଦଲୋପୀ; ଅଭିପ୍ରାୟ ବା ଅଭିପ୍ରାୟଯୁକ୍ତ ଅର୍ଥ)—
Āsayārtha କୌଣସି ଶବ୍ଦ ବା ବାକ୍ୟର ତାତ୍ପର୍ଯ୍ୟାର୍ଥ; ଅକ୍ଷରର ବା ଶବ୍ଦ ଶକ୍ତି ଗତ ଅର୍ଥ ଛଡ଼ା ଲେଖକର ଗୂଢ଼ ଅଭିପ୍ରାୟସୂଚକ ଅର୍ଥ—The meaning aimed at (apart from the literal meaning); intended meaning.

**ଅଶୟୋପମା**—ସଂ. ବି. (ମଧ୍ୟପଦଲୋପୀ; ଅଶୟ ଯୁକ୍ତ ଉପମା)—
Āsayopamā ଅର୍ଥାଲଙ୍କାରବିଶେଷ ଯେଉଁଠାରେ ଅଶୟାର୍ଥ, ପୂର୍ଣ୍ଣ ଥାଏ—A figure of speech.

ଯଥା—ମଗଜେନ୍ଦ୍ର ଓଷ୍ଠ ରଦ ଗଣ୍ଡସ୍ଥ ତରୁଣ,
ଶ୍ରୀଦହେଶ ବାସ ସ୍ତନ ପାଦ ପାଣି ନାଭ
ନାଭି ନାଳ ସରୀ ସୁମାନସରେ ପୂଜନ୍ତ
ଯାଚନ୍ତି ସଙ୍ଗ ରଙ୍ଗକୁ ବର୍ଣ୍ଣିନା ମୋହନ୍ତ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଅଶର**—ସଂ. ବି. (ଅ+ଶୃ ଧାତୁ=ବଧ କରିବା+କର୍ତ୍ତୃ. ଅ)—
Āsara ୧ । ଅଗ୍ନି—1. Fire.
୨ । ରାକ୍ଷସ—2. Demon.

**ଅଶା**—ସଂ. ବି. ସ୍ତ୍ରୀ (ଅ=ସମ୍ୟକ୍+ଅଶ. ଧାତୁ=ବ୍ୟାପିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ); ଯାହା ସବୁଠୋଉରେ ବ୍ୟାପେ—
Āsā ୧ । ବାଞ୍ଛା; ଇଚ୍ଛା; ପ୍ରାର୍ଥିତୃଷ୍ଣା—
1. Hope; expectation; desire.
୨ । ଦିଗ—2. Quarter.
୩ । ଭରସା—3. Trust; confidence.
୪ । ଦକ୍ଷ ପ୍ରଜାପତିଙ୍କ କନ୍ୟା—4. One of the daughters of Dakshya Prajāpati.
ବୈଦେ. ବି. (ଅ=ଅସା)—ଅଶାବାଡ଼ି (ଦେଖ)
Āsābardi (See)

**ଅଶାନ୍ୱିତ**—ସଂ. ବିଣ. ପୁଂ. (ନ୍ୟା ତତ୍; ଅଶା+ଅନ୍ୱିତ=ଯୁକ୍ତ)—
Āsānwita ଅଶାଯୁକ୍ତ; ଅଶା କରୁଥିବା—
(ଅଶାନ୍ୱିତା—ସ୍ତ୍ରୀ) Hopeful; expectant

**ଅଶାବଦ୍ଧ**—ସଂ.ବିଣ (ନ୍ୟା ତତ୍;ଅଶା+ବଦ୍ଧ=ଅଶାଦ୍ୱାରା ଅବଦ୍ଧ)—
Āsābaddha Detained by hope.

**ଅଶାବନ୍ଧ**—ସଂ. ବିଣ—୧ । (ରୂପକ; ଅଶା+ବନ୍ଧ)—ଅଶାରୂପବନ୍ଧ
Āsābandha ବନ୍ଧନ; ଭରସା; ଅଶ୍ୱାସ; ପ୍ରତ୍ୟାଶା—
1. Bond of hope; confidence; hope; expectation.
୨ । (ଅଶା=ଦିଗ+ବନ୍ଧ=ବନ୍ଧନ, ଯେ ଦ୍ୱାରା ଦିଗକୁ ଶୂନ୍ୟରେ ବାନ୍ଧେ)—ମାକଡ଼ସା ଜାଲ; ଲୂତାତନ୍ତୁ
2. Spider's web; cobweb.

**ଅଶାବର୍‌ଦାର୍**—ବୈଦେ. ବି (ଅ)=ଅଶାବାଡ଼ି ବାହକ ପାଇକ—
Āsābardār Mace-bearer.

**ଅଶାବରୀ**—ସଂ. ବି.—ଦିବା ପ୍ରଥମ ପ୍ରହରରେ ଗେୟ ରାଗିଣୀବିଶେଷ
Āsābari ('ରାଗ' ତଳେ କୋଷ୍ଠ ଦେଖ) ଏହା ଭୈରବରାଗର
অসাবরী ସ୍ତ୍ରୀ, ଏହାର ଜୋଡ଼ ରାଗ ସଙ୍ଗେ ମେଳ ଅଛି—
असावरी Name of a musical mode.

**ଅଶା ବଳାଇବା**—ଦେ. କ୍ରି—୧ । (କୌଣସି କାର୍ଯ୍ୟ କରିବାକୁ)
Āsā balāibā ପ୍ରୟାସୀ ହେବା; ଅଶା କରିବା; ଅଶାନ୍ୱିତ ହେବା—
আশাবাড়ান To be bent on; to be intent on.
आशालगाना
ପର୍ଶୁରାମ ସେ ଦିନୁ କ୍ଷତ୍ରିୟଙ୍କେ ହିଂସା;
ନିନ୍ଦି ଦେଇ ତପରେ ବଳାଇଲେ ଅଶା ।
କୃଷ୍ଣସିଂହ, ମହାଭାରତ ।
୨ । ଲାଳାୟିତ ହେବା—2. To hanker after.

**ଅଶାବହ**—ସଂ. ବି. (ଅଶା+ବହ. ଧାତୁ+କର୍ତ୍ତୃ. ଅ)=ସୂର୍ଯ୍ୟ—
Āsābaha The sun.

**ଅଶାବାଡ଼ି**—ଦେ. ବି. (ଅ. ଅସା+ଦେ. ବାଡ଼ି; ଭୁଲ—ସ. ଅଶ୍ରୟ)—
Āsābardi ୧ । ଯେଉଁ ଯଷ୍ଟି ଉପରେ ମନୁଷ୍ୟ ଆପଣା ଶରୀରର ଭାର ରଖି ଚାଲେ ବା ବସେ (ସେ ବାଡ଼ି ମୁଣ୍ଡରେ ଖଣ୍ଡେ ଅଡ଼ଧାରଣା ଥାଏ । ତାକୁ ବାଖଇଲେ ଦେଇ ଖୋଟାମାନେ ଚାଲନ୍ତି ଓ ବୈରାଗୀମାନେ ତାକୁ ବାଖଇଲେ ଉଷ୍ଣ ବସିବା ଅବସ୍ଥାରେ ବିଶ୍ରାମ କରନ୍ତି)—
1 A kind of walking stick with a cross-beam on the top to lean upon while walking, used by lame men and hermits.
ଧନକୁ କରି ଅଶାବାଡ଼ି, ଗମିଲ୍ଲ ସାଧୁ ପଥ ମାଡ଼ି—
ଭୂପତି—ପ୍ରେମପଞ୍ଚାମୃତ ।
୨ । ରାଜଚିହ୍ନସୂଚକ ଦଣ୍ଡବିଶେଷ—2. Mace.

**ଅଶାଭଙ୍ଗ**—ସ. ବି. (୬ଷ୍ଠୀ ତତ୍; ଅଶା+ଭଙ୍ଗ=ଭାଙ୍ଗିଯିବା)—
Āsābhanga ନୈରାଶ୍ୟ; ଅଶାଲୋପ—
Disappointment; defeat of hope.

**ଅଶାଭରସା**—ଦେ. ବି. (ପ୍ରାୟ ଏକାର୍ଥବାଚକ; ସହଚରଶବ୍ଦ)—କୌଣସି
Āsābharasā ପ୍ରକାର ଅଶା—Any kind of hope.

**ଅଶାୟୀ**—ସଂ. ବିଣ (ଅଶା+ଇ. ଧାତୁ=ପାଇବା+କର୍ତ୍ତୃ. ଇନ୍)—
Āsāyi ଅଧୁନିକ ପ୍ରୟୋଗ)=ଅଶାବାନ୍; ଅଶାନ୍ୱିତ; ଅଶାଯୁକ୍ତ—
(ଅଶାୟିନୀ—ସ୍ତ୍ରୀ) Expectant; hoping; eagerly expecting; hopeful.
ଅଶାୟୀ ଭକ୍ତଜନ-ଅଶା-ବିଶୋଭପାଦପ;
ଗୁଣାଗମ ଜମଚନ୍ଦ୍ର ଭକ୍ତ ବନ୍ଧୁ ଗବ । ରାଧାନାଥ, ମହାଯାତ୍ରା ।

**ଅଶାସନା**—ଗ୍ରା. ବି. (ସଂ. ଅଶ୍ୱାସନା)—ଅଶ୍ୱାସନା (ଦେଖ)
Āsāsanā Āswāsanā (See)

**ଅଶାସୋଠା**—ବୈଦେ. ବି. (ସହଚର; ଅ. ଅସା+ସୋଠା)—ରାଜାଙ୍କ
Āsāsothā ଗହଣରେ ଅନୁଚରଙ୍କ ଦ୍ୱାରା ବାହିତ ଅଶାବାଡ଼ି ଓ ସୋଠାବାଡ଼ି ନାମକ ରାଜଦଣ୍ଡଦ୍ୱୟ; ରାଜଦଣ୍ଡ; ରାଜଚିହ୍ନ—
Two kinds of thick sticks carried as paraphernalia with great men.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଡ | ଷ,ଶ | ଙ୍କ | ଇସ୍ | କ୍ଷ | ଢ |
| ୨ | ଈ | ଊ | ଋ | ଌ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶୀ | ଯ | ସ | ଙ୍ଗ | ଇଅ | ● | ଢ଼ |

[ଦ୍ର—ଆଶାର ମୁଣ୍ଡ ବଙ୍କା ଓ ମୋଟା ମାତ୍ର ସୋଠାର ମୁଣ୍ଡ ଦେହ ପର ସମସୂତ୍ର ଓ ସିଧା । ]

**ଆଶାସ୍ୟ**—ସଂ. ବଣ. (ଆ+ଶାସ ଧାତୁ=ଶାସନ କରିବା; ଅଶୀର୍ବାଦ
**Āśāsya** କରିବା+କର୍ମ. ଯ)—୧ । ଆଶାଜନକ—
1. Hopeful.
୨ । ପ୍ରାର୍ଥନୀୟ—2. Desirable; hoped for.
୩ । ଅଶୀର୍ବାଦସାଧ୍ୟ —3. To be wrought by good wishes or benediction.

**ଆଶିତ**—ସଂ. ବଣ.—୧ । (ଆ+ଅଶ ଧାତୁ=ଖାଇବା+କର୍ମ. ତ)=
**Āśita** ଭୁକ୍ତ; ଭକ୍ଷିତ; ଅଶିତ—1. Eaten; partaken
୨ । (+କର୍ତ୍ତୃ. ତ)—ଭୋଜନଦ୍ୱାରା ତୃପ୍ତ—
2 Satisfied with the meal.
୩ । ଯେ ଖାଇଥାଏ—3. Having already taken food.
ସଂ. ବି. (+ଭାବ. ତ)—୧ । ଭୋଜନ—1. Eating.
୨ । ତୃପ୍ତି—2. Satisfaction after meal.

**ଆଶିତଂଗବୀନ**—ସଂ. ବଣ. (ଅଶିତ=ଭୁକ୍ତ+ଗୋ=ଗୋରୁ+ଖିନ.
**Āśitaṁgabīna** ପ୍ରାଗ୍‌ଭୂତ ଅର୍ଥରେ—ଯେଉଁଠାରେ ଗୋରୁମାନେ ଘାସ ଆଦ ଖାଇ ତୃପ୍ତ ହୁଅନ୍ତି)—୧ । ତୃଣପୂର୍ଣ୍ଣ ଗୋଚର ଭୂମି—1. A grazing field full of grass.
୨ । ନିୟୋବାଦ ଗୋଚର; ପୂର୍ବେ ଗୋଚାରଣରୂପେ ବ୍ୟବହୃତ ହେଉଥିବା କ୍ଷେତ୍ର—2. A field formerly used for grazing.

**ଆଶିନ**—ଗ୍ରା. ବି.—ଅଶ୍ୱିନ (ଦେଖ)
**Āśina** Āświna (See)

**ଆଶିରିଆ**—ବୈଦେ. ବି (ନାମ)— ଅସୀଆ ମହାଦେଶର ଭୂଖଣ୍ଡର ପ୍ରାଚୀନ
**Āsiriā** ଦେଶବିଶେଷ — Assyria.
[ଦ୍ର— ଏହା ପାରସ୍ୟ ଉପସାଗର କୂଳରେ; ଅଧୁନା କାଳରେ ମେସୋପୋଟେମିଆ ଓ ଅର୍ମେନିଆ ନାମରେ ପରିଚିତ; ଏହା ଖ୍ରୀଷ୍ଟଜନ୍ମର ଦୁଇ ହଜାର ବର୍ଷ ପୂର୍ବେ ପ୍ରତିଷ୍ଠିତ ହୋଇଥିଲା ।]

**ଆଶିରପାଦ(ଇତ୍ୟାଦି)**—ଗ୍ରା. ବି. (ସଂ ଅଶୀର୍ବାଦ)—
**Āśiripāda etc.** ଅଶୀର୍ବାଦ ଇତ୍ୟାଦି (ଦେଖ)
Āśirbāda etc. (See)

**ଆଶିରୀୟ**—ବୈଦେ. ବଣ (ବାଇବଲ୍)— ଆଶିରିଆ ଦେଶବାସୀ—
**Āsiriya** Assyrian.

**ଆଶିଲଷା**—ଗ୍ରା. ବି.—ଅଶ୍ଳେଲେଷା (ଦେଖ)
**Āśilishā** Āśeleshā (See)

**ଆଶିଷ**—ଦେ. ବି. (ସଂ. ଆଶିସ୍)—ଅଶୀର୍ବାଦ, କଲ୍ୟାଣ—
**Āśisha** Benediction; blessing.
**अशिस्** ଶିଖାଅ ମୋତେ ସଦା ଏ ପୁଣ୍ୟ ତୁଚ ।
**आशिस** ତୋର ଅଶିଷେ ପୂରୁ ମୋ ମନୋରଥ । ମଧୁସୂଦନ— ପଦ୍ମ ।

**ଆଶିଷିବା**—ଦେ. ପଦ୍ୟ. କ୍ରି. (ସଂ. ଆଶୀସ୍)—ଅଶୀର୍ବାଦ କରିବା—
**Āśishibā** To bless.

ଆଶିଷିଲେ ଅନ୍ତର୍ଯାମୀ ସେ ପୁଣ୍ୟ ବଚନେ ।
ମଧୁସୂଦନ—ବାଳରାମାୟଣ ।

**ଆଶୀ**—ସଂ. ବି. ସ୍ତ୍ରୀ (ଆ+ଅଶ୍ ଧାତୁ=ଭୋଜନ କରିବା+କରଣ.
**Āśī** କ୍ୱିପ୍)—୧ । ସର୍ପାଦିଙ୍କର ବିଷଦନ୍ତ—1. The fangs of a serpent.
୨ । ସର୍ପବିଷ—2. Serpents' venom.

**ଆଶୀଃ**—ସଂ. ବି. ସ୍ତ୍ରୀ (ଆ+ଶାସ ଧାତୁ—ଶୁଭାକାଙ୍କ୍ଷା କରିବା+ଭାବ
**Āśīḥ** କ୍ୱିପ୍ ୧ମା. ୧ ବଚନ)—
୧ । ଅଶୀର୍ବାଦ; (ପ୍ରଭୁଙ୍କଠାରେ) ଅନ୍ୟର ଶୁଭ ପ୍ରାର୍ଥନା; ମଙ୍ଗଳ ବାଞ୍ଛା—1. Blessing; benediction.
୨ । ପ୍ରାର୍ଥନା—2. Prayer.
୩ । (+କରଣ. କ୍ୱିପ୍)—ସର୍ପର ବିଷଦାନ୍ତ—
3. Fang of a serpent.
୪ । ବୃଦ୍ଧିନାମକ ଔଷଧ—4. A rare herb.
ସଂ. ବଣ (+କର୍ତ୍ତୃ.କ୍ୱିପ୍)—ଆଶ୍ୱାସଦାତା—Consoling.

**ଆଶୀବିଷ**—ସଂ. ବି. ( ବହୁବ୍ରୀହି; ଆଶୀ=ବିଷଦାନ୍ତ+ବିଷ)—
**Āśībisha** ୧ । ସର୍ପ—1. Serpent.

କେ ବୋଲେ ସୁରଜନେ ସୁଖୀ ସୁଧା ଭୋଜନେ
ଆଶୀବିଷେ ଉଗନ୍ତି ଶେଷ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

୨ । ବିଷଧର ସରୀସୃପ—2. Poisonous reptile.

**ଆଶୀର୍ପାଦ** (ଇତ୍ୟାଦି)—ଗ୍ରା. ବି—ଅଶୀର୍ବାଦ ଇତ୍ୟାଦି ( ଦେଖ )
**Āśīrpāda etc** Āśīrbāda etc ( See )

**ଆଶୀର୍ବଚନ**—ସଂ. ବି. ( ମଧ୍ୟପଦଲୋପୀ; ଆଶୀର୍ଯୁକ୍ତ ବଚନ )—
**Āśīrbachana** ଅଶୀର୍ବାଦ ( ଦେଖ )
Āśīrbāda ( See )

**ଆଶୀର୍ବାଦ**—ସଂ. ବି. ( ମଧ୍ୟପଦଲୋପୀ; ଆଶୀଃ+ବାଦ=କଥା )—
**Āśīrbāda** ୧ । ଆଶିଷ ଯୁକ୍ତ ବାକ୍ୟ; ମଙ୍ଗଳବାଦ; ଅନ୍ୟର ମଙ୍ଗଳବାଞ୍ଛାପ୍ରକାଶ—1. Blessing; benediction.
୨ । ହୋମ ଯଜ୍ଞାଦି କର୍ମାନୁଷ୍ଠାନ ସମାପ୍ତ ହେଲାରୁ ପୁରୋହିତ ଓ ଉପସ୍ଥିତ ବ୍ରାହ୍ମଣମାନେ ବେଦୋକ୍ତମନ୍ତ୍ରଯୁକ୍ତ ଯେଉଁ ମଙ୍ଗଳକାମନା ବାକ୍ୟ ବୋଲି ଯଜମାନର ମୁଣ୍ଡରେ ଅକ୍ଷତ ଚାଉଳ ପକାନ୍ତି—2 Benedictory Vedic formulæ and sentences uttered by the priest and Brāhmaṇas while sprinkling rice on the head of the principal at the conclusion of Vedic rites.

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ବୁଥ' ନ ମିଳିଲେ 'ବୂଥ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଶୀର୍ବାଦକ**— ସଂ. ବିଣ. ପୁଂ. ( ଆଶିଷ୍+ବଦ୍ ଧାତୁ=କହିବା+କର୍ତ୍ତୃ. **Āśīrbādaka** ଅକ )— ଯେ ଆଶୀର୍ବାଦ କରେ—
(ଆଶୀର୍ବାଦିକା—ସ୍ତ୍ରୀ) One who blesses; blessing; well-wisher.

**ଆଶୀର୍ବାଦ କରିବା**—ଦେ. କ୍ରି—ପରର ମଙ୍ଗଳ କାମନା ଉଚ୍ଚାରଣ କରିବା-
**Āśīrbāda karibā** To bless; to utter a blessing or benediction.
আশীর্বাদ· করা
**असीसना**

**ଆଶୀର୍ବାଦଘର**—ଦେ. ବି.—ପୁନର୍ବିବାହ; ଦ୍ୱିରାଗମନ; ଦ୍ୱିରାଗମନ-
**Āśīrbādaghara** ଉତ୍ସବ—The ceremony of consummation of marriage
[ ଦ୍ର—ଯେଉଁ ହିନ୍ଦୁସମ୍ପ୍ରଦାୟରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଅଛି ସେମାନଙ୍କର ବିବାହ ପରେ ସ୍ୱାମୀ ସ୍ତ୍ରୀ ପୃଥକ୍ ପୃଥକ୍ ରହନ୍ତି । ସ୍ତ୍ରୀ ଋତୁମତୀ ହେବା ପରେ ଜ୍ୟୋତିଷ ମତରେ ଶୁଭ ଦିନ ଧରାଯାଇ ହୋମାଦି ମଙ୍ଗଳ ଅନୁଷ୍ଠାନ ପରେ ସ୍ୱାମୀସ୍ତ୍ରୀଙ୍କର ମିଳନ ହୁଏ । ]

**ଆଶୀର୍ବାଦ ଚାଉଳ**—ଦେ. ବି. (ସଂ. ଆଶୀର୍ବାଦ+ତଣ୍ଡୁଳ)—
**Āśīrbāda chāuḻa** ହୋମ,ଯଜ୍ଞ, ବିବାହାଦି ମଙ୍ଗଳ ଅନୁଷ୍ଠାନ-ମାନ ସମାପ୍ତ ହେବା ପରେ ପୁରୋହିତ ଓ ଅନ୍ୟାନ୍ୟ ବ୍ରାହ୍ମଣମାନେ ବେଦୋକ୍ତମନ୍ତ୍ରଯୁକ୍ତ ଆଶୀର୍ବଚନ ଉଚ୍ଚାରଣ କରି ଯେଉଁ ଅକ୍ଷତକୁ କର୍ତ୍ତାଙ୍କ ମୁଣ୍ଡରେ ପକାନ୍ତି—Consecrated rice which the priest and other Brāhmaṇas sprinkle on the head of the principal on the completion of a Vedic rite.

**ଆଶୀର୍ବାଦ ଦକ୍ଷିଣା**—ସଂ. ବି.—ଶୁଭାନୁଷ୍ଠାନମାନଙ୍କରେ ଉପସ୍ଥିତ ବ୍ରାହ୍ମଣ-
**Āśīrbāda dakshiṇā** ମାନେ କର୍ମ ଶେଷରେ କର୍ମକର୍ତ୍ତାଙ୍କୁ ଆଶୀର୍ବାଦ କରି ତହିଁ ନିମନ୍ତେ ଯେଉଁ ଦକ୍ଷିଣା ବା ଅର୍ଥ ପାଆନ୍ତି—Cash presents received by Brāhmaṇas at ceremonies for uttering or chanting blessings on the principal.

**ଆଶୀର୍ବିଷ**—ସଂ. ବି.—ଆଶୀବିଷ (ଦେଖ)
**Āśīrbisha** Āśībisha (See)

**ଆଶୀସ୍**—ସଂ. ବି.—ଆଶୀଃ (ଦେଖ)
**Āśīs** Āśīḥ (See)

**ଆଶୁ**—ସଂ. କ୍ରି. ବିଣ. ( ଅଶ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଉ )— ଶୀଘ୍ର;
**Āśu** ଚଞ୍ଚଳ; ଅବିଳମ୍ବରେ—Soon; quickly; at once.
ଯବନକୁ ଆଶୁ ପ୍ରେରି ନରକ—ରଘୁନାଥ. କବିତାବଳୀ ।
ସଂ. ବିଣ.—୧ । କ୍ଷିପ୍ର; ଚଞ୍ଚଳ ( ଯଥା—ଆଶୁ ପ୍ରତିକାର)—
1. Early; immediate.
୨ । ଯାହା ଶୀଘ୍ର ପାଚେ—2. Ripening early.
ସଂ. ବି.—ବିଆଳି ଧାନ; ଶୀଘ୍ର ପାଚିବା ଧାନ—
Early rice; the Biāḻi paddy.

**ଆଶୁକଣ୍ଟାମୁଗଡ଼ି**—ପ୍ରାଦେ. (ସିଂହଭୂମ) ବି.—ଏକପ୍ରକାର ଧାନ—
**Āśukaṇṭāmugaḍi** A species of paddy.

**ଆଶୁକବି**—ସଂ. ବି (ଆଶୁ+କବି)— ଯେ ହଠାତ୍ କବିତା ରଚନା କରି-
**Āśukabi** ପାରେ—An extempore poet.

**ଆଶୁଗ**—ସଂ. ବି. ( ଆଶୁ=ଶୀଘ୍ର+ଗମ୍ ଧାତୁ=ଯିବା+କର୍ତ୍ତୃ. ଅ )—
**Āśuga** ୧ । ବାଣ; ଶର; ବିଶିଖ—1. Arrow.
୨ । ବାୟୁ; ପବନ—2. Wind.
୩ । ସୂର୍ଯ୍ୟ —3. The sun.
ସଂ. ବିଣ.—ଶୀଘ୍ରଗାମୀ—Swift; fleet.

**ଆଶୁଗତି**—ସଂ. ବି. ୧ । (ବହୁବ୍ରୀହି; ଆଶୁ+ଗତି)—ବାୟୁ—
**Āśugati** 1. Wind.
୨ । (କର୍ମଧାରୟ)—ଶୀଘ୍ର ଗମନ—2. Speedy movement.

**ଆଶୁତୋଷ**—ସଂ. ବିଣ ( ବହୁବ୍ରୀହି; ଆଶୁ=ଶୀଘ୍ର+ତୋଷ=ସନ୍ତୋଷ
**Āśutosha** —ଯେ ଅଳ୍ପକେ ସନ୍ତୁଷ୍ଟ ହୁଏ—
Easily satisfied, quickly pleased.
ସଂ. ବି.—ମହାଦେବ—God Śiba
ଦେ. ବି. ପୁଂ.—ପୁରୁଷଙ୍କ ନାମବିଶେଷ—
Name given to males.

**ଆଶୁଧାନ୍ୟ**— ସଂ. ବି.— ଆଶୁ (ଦେଖ)
**Āśudhānya** Āśu (See)

**ଆଶୁବିଶ୍ୱାସ**— ସଂ. ବି.—ସହଜରେ କରାଯିବା ବିଶ୍ୱାସ; ହଠାତ୍ ଜନ୍ମିବା
**Āśubiśwāsa** ବିଶ୍ୱାସ—Credulity.

**ଆଶୁଶୁକ୍ଷଣି**—ସଂ. ବି. (ଆଶୁ+ଶୁଷ୍ ଧାତୁ=ଶୁଷ୍କ କରା+କର୍ତ୍ତୃ. ଇଚ୍ଛାର୍ଥେ;
**Āśuśukshaṇi** ଅନି; ଯାହା ସବୁ ପଦାର୍ଥକୁ ଉତ୍ତାପ ଦ୍ୱାରା ଶୀଘ୍ର ଶୁଖାଇ ଦିଏ )—
୧ । ଅଗ୍ନି—1. Fire.
୨ । ବାୟୁ—2. Wind.

**ଆଶେଳେଷା**—ଗ୍ରା ବି—ଏକ ପ୍ରକାର ଠାର, ଯହିଁରେ ବାକ୍ୟର ପ୍ରତ୍ୟେକ
**Āśeḻeshā** ଅକ୍ଷର ପରେ 'ଶେଳେଷ' ଯୁକ୍ତ ହୋଇ ତହିଁ ସଙ୍ଗେ ସ୍ୱରବର୍ଣ୍ଣ ମିଶି ବୋଲାଯାଏ—
( ଯଥା—ଆମେ=ଅ 'ଶେଳେଷା'+ମ 'ଶେଳେଷେ' ଯିବା=ଯ 'ଶେଳେଷି'+ବ 'ଶେଳେଷା' । )
A cypher language in which the term 'seḻesha' follows every letter with the vowel added after it.

**ଆଶ୍ଚର୍ଯ୍ୟ** ସଂ. ବି. ( ଆ+ଚର ଧାତୁ=ଗମନ କରିବା+କର୍ମ. ଯ;
**Āścharjya** ସ୍—ଆଗମ; ସବୁ ବିଧାନ )—
୧ । ବିସ୍ମୟ; ଚମତ୍କାର—
1. Astonishment; wonder; surprise.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ରୃ,ଋ | ଌ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ସ | ଜ୍ଞ | ଈଯ୍ | ଞ୍ଚ | ଢ |
| ୨ | ଈ | ଉ | ରୂ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଗଁ୍ୟ | ଈଅ | ଙ୍କ | ନ୍ |

୨ । ବିସ୍ମୟଜନକ ବିଷୟ ବା ଘଟଣା—
2. A marvel; prodigy.

ବି. ବିଣ—ଅଦ୍ଭୁତ; ଅପୂର୍ବ; ବିସ୍ମୟଜନକ—Surprising; wonderful; strange; marvellous.

ବିଶ୍ୱକର୍ମା ଦେଖାଇ ଆପଣା ଚାତୁର୍ଯ୍ୟ
ଯେ ଅସ୍ତ୍ର ବନ୍ଧ କଲେ ସେ ହେବ ଆଶ୍ଚର୍ଯ୍ୟ । କୃଷ୍ଣସିଂହ. ମହାଭାରତ. ବନ ।

**ଆଶ୍ଚର୍ଯ୍ୟଜନକ**—ସଂ. ବିଣ—ଯାହା ମନରେ ବିସ୍ମୟ ଜନ୍ମାଏ; ବିସ୍ମୟକର—
**Āścharjyajanaka** Wonderful; astonishing

**ଆଶ୍ଚର୍ଯ୍ୟ ହେବା**—ଦେ.କ୍ରି—ଚମତ୍କୃତ ହେବା; ବିସ୍ମିତ ହେବା—
**Āścharjya hebā** To wonder; to marvel.

**ଆଶ୍ଚର୍ଯ୍ୟାନ୍ୱିତ**—ସଂ. ବିଣ. ପୁଂ (୩ୟା ତତ୍; ଆଶ୍ଚର୍ଯ୍ୟ+ଅନ୍ୱିତ)—
**Āścharjyānwita** ଚମତ୍କୃତ; ବିସ୍ମିତ—
Surprised; astonished.

**ଆଶ୍ୱ**—ସଂ. ବି. ( ଅଶ୍ୱ=ଘୋଡ଼ା + ସମୂହାର୍ଥ. ଅ )—ଅଶ୍ୱସମୂହ—
**Āśwa** A collection of horses.

ସଂ. ବିଣ—୧ । ଅଶ୍ୱସମ୍ବନ୍ଧୀୟ—
1. Pertaining to horses.

୨ । ଅଶ୍ୱବାହ୍ୟ; ଘୋଡ଼ା ଟାଣୁଥିବା—
2. Carried or drawn by horses

**ଆଶ୍ୱତ୍ଥ**—ସଂ. ବି. ( ଅଶ୍ୱତ୍ଥ+ଇଦ ଓ ସମ୍ବନ୍ଧାର୍ଥେ ଅ. )—ଅଶ୍ୱତ୍ଥ-
**Āśwattha** ବୃକ୍ଷର ଫଳ; ଓସ୍ତଫଳ—
The plum of the peepal tree.

ସଂ. ବିଣ—ଅଶ୍ୱତ୍ଥବୃକ୍ଷସମ୍ବନ୍ଧୀୟ—Pertaining to the holy fig tree.

**ଆଶ୍ୱମେଧିକ**—ସଂ. ବି. ( ଅଶ୍ୱମେଧ+ହିତାର୍ଥ. ଇକ )—
**Āśwamedhika** ୧ । ଅଶ୍ୱମେଧସମ୍ବନ୍ଧୀୟ—
1. Pertaining to horse sacrifice.

୨ । ମହାଭାରତର ପର୍ବବିଶେଷ—
2. A book or part of the Mahābhārata.

**ଆଶ୍ୱଯୁଜ**—ସଂ. ବି. (ଅଶ୍ୱଯୁଜା=ଅଶ୍ୱିନୀ ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା + ତଦ୍‌ଯୁକ୍ତ
**Āśwajuja** କାଳାର୍ଥେ ଅ—ଆଶ୍ୱିନ ମାସ)—
The month of Āświna.

ସଂ. ବିଣ—ଆଶ୍ୱିନମାସସମ୍ବନ୍ଧୀୟ—Pertaining to or happening in the month of Āświna.

**ଆଶ୍ୱଯୁଜୀ**—ସଂ. ବି. ( ଅଶ୍ୱଯୁଜ+ଅ+ସ୍ତ୍ରୀ. ଈ )—
**Āśwajuji** ଆଶ୍ୱିନମାସ ପୂର୍ଣ୍ଣିମା; କୁମାର ପୂର୍ଣ୍ଣିମା—
The fullmoon day of the month of Āświna.

**ଆଶ୍ୱସିତ**—ସଂ. ବିଣ. (ଆ+ଶ୍ୱସ୍ ଧାତୁ=ପ୍ରତ୍ୟାଶା କରିବା+କର୍ମ. ତ)—
**Āśwasita** ଆଶ୍ୱସ୍ତ ( ଦେଖ )—
Āśwasta ( See )

**ଆଶ୍ୱସ୍ତ**—ସଂ. ବିଣ. (ଆ+ଶ୍ୱସ ଧାତୁ=ପ୍ରତ୍ୟାଶା କରିବା + କର୍ମ. ତ)—
**Āśwasta** ୧ । ଆଶ୍ୱାସପ୍ରାପ୍ତ—1. Consoled.

୨ । ଉତ୍ସାହିତ—2. Encouraged; cheered up.

୩ । ପ୍ରବୋଧିତ—3. Comforted.

**ଆଶ୍ୱାସ**—ସଂ. ବି. (ଆ + ଶ୍ୱସ ଧାତୁ=ପ୍ରତ୍ୟାଶା କରିବା+ଭାବ. ଅ)—
**Āśwāsa** ୧ । ଆଶା—1. Hope.

୨ । ଅନୁନୟ; ଆସ୍ଥା; ବୋଧହେବା ଅବସ୍ଥା—
2. Assurance; confidence.

୩ । ପ୍ରବୋଧନ; ସାନ୍ତ୍ୱନା—
3. Offering hopes; consolation.

୪ । ଉତ୍ସାହଦାନ—4. Encouragement.

୫ । ମନୋବୋଧ; ଭୀତ ବ୍ୟକ୍ତିର ଭୟ ନିବାରଣାର୍ଥ ସାନ୍ତ୍ୱନା—
5. Comfort.

୬ । ସ୍ନେହ ପ୍ରଦର୍ଶନ—
6. Commiseration; sympathy.

୭ । ମନର ଆନନ୍ଦ—7. Cheer.

୮ । ବିଶ୍ରାମ—8. Rest; recreation.

୯ । ନିଃଶ୍ୱାସ—9. Breath; inhalation and exhalation.

୧୦ । ଆଖ୍ୟାୟିକାର ପରିଚ୍ଛେଦ—
10. Chapter of a story.

**ଆଶ୍ୱାସନ**—ସଂ. ବି. ( ଆ+ଶ୍ୱସ୍ ଧାତୁ, ଣିଜନ୍ତ ଶ୍ୱାସି ଧାତୁ=ପ୍ରତ୍ୟାଶା
**Āśwāsana** କରାଇବା+ଭାବ. ଅନ )—୧ । ସାନ୍ତ୍ୱନାଦାନ—
1. Consolation.

୨ । ପ୍ରବୋଧଦାନ—2. Assurance.

୩ । ଉତ୍ସାହ—3. Encouragement.

୪ । କୋମଳ ବ୍ୟବହାର—4. Tender behaviour.

୫ । ବ୍ୟବହାରର କୋମଳତା—5. Tenderness.

୬ । ଆହ୍ଲାଦନ—6. Gladdening.

ସଂ. ବିଣ. ( +କର୍ତ୍ତୃ. ଅନ )—ଆଶ୍ୱାସଜନକ—Consoling.

**ଆଶ୍ୱାସନୀୟ**—ସଂ. ବିଣ. ( ଆ+ଶ୍ୱସ୍ ଧାତୁ=ପ୍ରତ୍ୟାଶା କରିବା + କର୍ମ.
**Āśwāsaniya** ଅନୀୟ )—ଯାହାକୁ ଆଶ୍ୱାସ ଦେବା ଉଚିତ ବା ଆବଶ୍ୟକ—Fit to be given consolation

**ଆଶ୍ୱାସନା**—ସଂ. ବି. ସ୍ତ୍ରୀ. (ଆ+ଶ୍ୱାସି ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
**Āśwāsanā** ଆଶ୍ୱାସନ ( ଦେଖ )
Āśwāsana ( See )

**ଆଶ୍ୱାସିତ**—ସଂ. ବିଣ. ( ଆ+ଶ୍ୱସ ଧାତୁ ଣିଚ; ଶ୍ୱାସି ଧାତୁ=ପ୍ରତ୍ୟାଶା
**Āśwāsita** କରାଇବା+କର୍ମ. ତ )—୧ । ଆଶ୍ୱସ୍ତ ( ଦେଖ )
1. Āśwasta ( See )

୨ । ଆଶ୍ୱାସପ୍ରାପିତ—2. Consoled.

୩ । ଅନୁରୋଧିତ—3. Requested; solicited.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; ବନ୍ଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ପ୍ରବୋଧିତ—4. Persuaded.

**ଆଶ୍ୱାସିବା**—ଦେ. ପଦ୍ୟ. କ୍ରି. ( ସଂ. ଆଶ୍ୱାସ )—୧ । ଆଶାଦେବା—
Āswāsibā 1. To offer hopes.

ବଚନରେ ଆଶ୍ୱାସି ତାହାଙ୍କୁ କହନ୍ତି । କୃଷ୍ଣସିଂହ. ମହାଭାରତ. ଅଦ ।

୨ । ପ୍ରବୋଧ କରିବା; ସାନ୍ତ୍ୱନା ଦେବା— 2. To console

୩ । ଉତ୍ସାହିତ କରିବା— 3. To encourage; to cheer up.

**ଆଶ୍ୱିନ**—ସଂ. ବି. ( ଅଶ୍ୱିନୀ=ଅଶ୍ୱିନୀ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+ତଦ୍‌ଯୁକ୍ତ କାଳାର୍ଥେ. ଅ )—ଯେଉଁମାସରେ ଅଶ୍ୱିନୀନକ୍ଷତ୍ରଯୁକ୍ତ-ପୂର୍ଣ୍ଣିମା ପଡ଼େ; ଅଶ୍ୱିନମାସ; ଭାଦ୍ରପରବର୍ତ୍ତୀ ମାସ—
Āświna The month of Āświna.

**ଆଶ୍ୱିନୀ**—ସଂ. ବି. ( ଅଶ୍ୱିନ+ଅ+ସ୍ତ୍ରୀ. ଈ )—
Āświnī ଅଶ୍ୱିନମାସର ପୂର୍ଣ୍ଣିମା; କୁମାରପୂର୍ଣ୍ଣିମା—
The fullmoon day of the month of Āświna.

**ଆଶ୍ୱିନେୟ**—ସଂ. ବି. ( ଅଶ୍ୱିନୀ=ସୂର୍ଯ୍ୟପତ୍ନୀ+ଅପତ୍ୟାର୍ଥେ. ଏୟ )—
Āświneya ଅଶ୍ୱିନୀକୁମାରଦ୍ୱୟ; ସ୍ୱର୍ଗବୈଦ୍ୟ—The twin-sons of the Śun-god by his wife ( Saṁjñā ) who was turned to a mare; the physician to the gods.

**ଆଶ୍ୱିନ୍ୟ**—ଗ୍ରା. ବି.—ଆଶ୍ୱିନ (ଦେଖ)
Āświnya Āświna (See)

**ଆଶ୍ୱୀନ**—ସଂ. ବି. (ଅଶ୍ୱ+ଈନ)—ଘୋଡ଼ା ଦିନକରେ ଯେତେ ବାଟ
Āśwīna ଯାଇପାରେ; ଅଶ୍ୱର ଏକ ଦିନର ଗମ୍ୟ ଦୂରତ୍ୱ—
Distance which can be travelled by a horse in a day

**ଆଶ୍ୱୀୟ**—ସଂ. ବି. (ଅଶ୍ୱ+ସମୂହାର୍ଥେ. ଈୟ)—୧ । ଅଶ୍ୱସମୂହ—
Aswīya 1. Herd of horses.

୨ । ଅଶ୍ୱସମ୍ବନ୍ଧୀୟ—2. Pertaining to a horse.

**ଆଶ୍ରବ**—ସଂ. ବି. (ଆ+ଶ୍ରୁ ଧାତୁ=ଶୁଣିବା; ପ୍ରତିଜ୍ଞା କରିବା+ଭାବ. ଅ)—୧ । ପ୍ରତିଜ୍ଞା—1. Vow.
Āśraba

୨ । ଅଙ୍ଗୀକାର—2. Promise.

୩ । ସ୍ୱୀକାର—3. Consent; agreement.

୪ । କ୍ଳେଶ—4. Trouble.

ସଂ. ବିଣ.( +କର୍ତ୍ତୃ. ଅ)—୧ । ବଶ୍ୟ; ଆଯୂତ୍ତାଧୀନ—
1. Subservient.

୨ । କଥାରେ ବାଧ୍ୟ—2. Obedient.

**ଆଶ୍ରମ**—ସଂ. ବି. (ଆ+ଶ୍ରମ ଧାତୁ=ତପସ୍ୟା କରିବା+ଅଧିକରଣ. ଅ)—
Āśrama ୧ । ତପସ୍ୟାର ସ୍ଥାନ; ତପୋବନ; ମଠ—
1. Hermitage; monastery; a religious retreat.

୨ । ଦ୍ୱିଜାତିଙ୍କର ଜୀବନର ବିହିତ ବିଭାଗସୂଚକ ଚାରିଗୋଟି ଅବସ୍ଥା ( ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଭିକ୍ଷୁ ବା ସନ୍ନ୍ୟାସ)—2. The four stages of a Brāhmaṇa's life enjoined in the Śāstras.

[ ଦ୍ର—ପୂର୍ବେ ଦ୍ୱିଜାତି ସନ୍ତାନ ଜନ୍ମ ହେବାଠାରୁ ଉପନୟନ ପର୍ଯ୍ୟନ୍ତ ପିତା ମାତାଙ୍କ ଲାଳନ ପାଳନରେ ରହୁଥିଲେ ଏବଂ ସେଠାରେ ନିର୍ଦ୍ଦିଷ୍ଟ ସଂସ୍କାରମାନ ହେଉଥିଲା । ତତ୍‌ପରେ ନିର୍ଦ୍ଦିଷ୍ଟ ବୟସରେ ଉପନୟନସଂସ୍କାରରେ ଦୀକ୍ଷିତ ହୋଇ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ବ୍ରହ୍ମଚର୍ଯ୍ୟ ଅବଲମ୍ବନପୂର୍ବକ ଗୁରୁଗୃହକୁ ଯାଇ ସେଠାରେ ବେଦାଧ୍ୟୟନ କରୁଥିଲେ । ଏହି ଆଶ୍ରମକୁ 'ବ୍ରହ୍ମଚର୍ଯ୍ୟାଶ୍ରମ' କୁହାଯାଉଥିଲା । ଗୁରୁଗୃହରେ ବେଦାଧ୍ୟୟନ ଶେଷ କରି ଗୁରୁଙ୍କ ଅନୁମତି ନେଇ ୨୫ ବର୍ଷ ବୟସରେ ଘରକୁ ଫେରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ; ଅର୍ଥାତ୍ ବିବାହ କରି ବଂଶରକ୍ଷା ଓ ସଂସାରଚାଳନ କାର୍ଯ୍ୟରେ ରତ ହେଉଥିଲେ । ଏହାପରେ ଗୃହସ୍ଥାଶ୍ରମରେ କେତେକ ବର୍ଷ କଟିବା ପରେ ସଂସାରର ଭାର ପୁତ୍ରଠାରେ ଅର୍ପଣ କରି ତପସ୍ୟାର୍ଥେ ବନକୁ ଯାଇ ସେଠାରେ ଫଳ ମୂଳ ଖାଇ କେତେକ ବର୍ଷ ଯାପନ କରୁଥିଲେ ! ଏହା ବାନପ୍ରସ୍ଥାଶ୍ରମ । ତତ୍‌ପରେ ଭିକ୍ଷୁବୃତ୍ତି ଅବଲମ୍ବନ କରି ଶେଷଜୀବନ ସ୍ୱୀୟ ଗୃହ ଓ ଗ୍ରାମବ୍ୟତୀତ ଅନ୍ୟତ୍ର ଭିକ୍ଷାର୍ଥୀରୂପେ ଭ୍ରମଣ କରି କଟାଉଥିଲେ । ଏହା ଭିକ୍ଷୁ ବା ସନ୍ନ୍ୟାସାଶ୍ରମ । ]

୩ । ଆଶ୍ରୟ ସ୍ଥାନ—3. A shelter; an asylum.

୪ । ବିଦ୍ୟାଧ୍ୟୟନ ସ୍ଥାନ; ବେଦାଭ୍ୟାସର ସ୍ଥାନ—
4. A place for studying the Vedas.

୫ । ବ୍ୟକ୍ତିବିଶେଷଙ୍କ ବାସସ୍ଥାନ—5. Residence.

୬ । ବନ—6. Forest.

[ ଦ୍ର—ଅକ୍ଷରିକ ଅର୍ଥରେ ତପଶ୍ଚରଣର ସ୍ଥାନକୁ ଆଶ୍ରମ କୁହାଯାଉଥିଲା; କିନ୍ତୁ ବର୍ତ୍ତମାନ ଅନେକ ପ୍ରକାରର ଆଶ୍ରୟ ସ୍ଥାନକୁ 'ଆଶ୍ରମ' ଉପାଧି ଦିଆ ଯାଉଅଛି । ଯଥା—ବିଧବାଶ୍ରମ, ଅନ୍ଧାଶ୍ରମ, ଅନାଥାଶ୍ରମ; କୁଷ୍ଠାଶ୍ରମ । ]

**ଆଶ୍ରମଧର୍ମ**—ସଂ. ବି. (୬ଷ୍ଠୀ ତତ୍; ଆଶ୍ରମ+ଧର୍ମ;)—ଆଶ୍ରମାନୁମୋଦିତ
Āśramadharma କାର୍ଯ୍ୟ; ଯେଉଁ ଆଶ୍ରମରେ ଯାହା କରିବା ଉଚିତ—Special duties enjoined for each stage of a Brāhmana's life.

**ଆଶ୍ରମପୀଡ଼ା**—ସଂ. ବି. ( ୬ଷ୍ଠୀ ତତ୍ )—ତପୋବନ ବା ଆଶ୍ରମଭୂମିର
Āśramapīṛdā ଶାନ୍ତିଭଙ୍ଗ—Molestation in one's own retreat; interference with the calmness of a hermitage.

(ଯଥା—ଜନକ ଆଶ୍ରମରେ ରାଜା ସଦଳବଳ ଉପସ୍ଥିତ ହେବାରୁ ଆଶ୍ରମପୀଡ଼ା ଘଟିଲା । )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ର | ଢ଼ | ର୍‌,ର୍ଦ୍ଧ | ଝ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଇୟ | ଉଅ | ଘ |
| ୨ | ଋ | ଊ | ରୁ | ଲୁ | ଯେୃ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍ଗ | ନ୍ମ |

ଆଶ୍ରମଭ୍ରଷ୍ଟ—ସଂ. ବଣ. ପୁଂ. ( ୫ମୀ ତତ୍ )— ଆଶ୍ରମୋଚିତ କର୍ତ୍ତବ୍ୟ-
Āsramabhrasṭa କାର୍ଯ୍ୟର ତ୍ରୁଟି ଯୋଗୁଁ ଆଶ୍ରମରୁ ଚ୍ୟୁତ—
Fallen from one's proper religious order (by non-observance of rules or by sins of commission and omission.

ଆଶ୍ରମିକ—ସଂ. ବଣ. ପୁଂ. ( ଆଶ୍ରମ + ଜାତାର୍ଥେ. ଇକ )—
Āsramika ୧ । ବାନପ୍ରସ୍ଥାଦି କୌଣସି ଆଶ୍ରମକୁ ଅବଲମ୍ବନ କରିଥିବା ( ବ୍ୟକ୍ତି ); ଆଶ୍ରମାବଲମ୍ବୀ—Belonging to any of the four religious orders of life.
୨ । କୌଣସି ଆଶ୍ରମରେ ବାସ କରୁଥିବା ( ବ୍ୟକ୍ତି )—
2. Residing in a hermitage.

ଆଶ୍ରମୀ—ସଂ. ବଣ. ପୁଂ. (ଆଶ୍ରମିନ୍ ଶବ୍ଦ ୧ମା. ୧ ବଚନ; ଆଶ୍ରମ+
Āsrami ଅସ୍ତି ଅର୍ଥରେ ଇନ୍)— ଆଶ୍ରମିକ (ଦେଖ)
Āsramika (See)

ଆଶ୍ରୟ—ସଂ. ବି. (ଆ + ଶ୍ରି. ଧାତୁ = ଅବଲମ୍ବନ କରିବା; ସେବା କରିବା
Āsraya +ଭାବ. ଅ )—୧ । ଅବଲମ୍ବନ—1. Shelter;
(ଆଶ୍ରିତ —ବଣ) prop; support
୨ । ଶରଣ—2. Refuge.
୩ । (କର୍ମ. ଅ) ଗୃହ—3. Abode.
୪ । ସ୍ଥିତି—4. Staying.
୫ । ଆଧାର—5. Receptacle.
୬ । ଆଶ୍ରୟସ୍ଥାନ— 6. Asylum.
୭ । ଅନୁସରଣ—7. Following; attendance.
୮ । ରକ୍ଷାସ୍ଥାନ—8. Defence.
୯ । କାରଣ—9. Cause.
୧୦ । ପରମାତ୍ମା—10. The Supreme Soul.

ଆଶ୍ରୟ ନାମ ଯେ ବୋଲଇ, ପରମ ବ୍ରହ୍ମ ଯାକୁ କହି ।
ଜଗନ୍ନାଥ. ଭାଗବତ ।

୧୦ । ବ୍ୟପଦେଶ; ଛଳ—10. Pretext; dodge.
୧୧ । ରାଜଗୁଣବିଶେଷ—11. One of the qualities which a king should possess.
ସଂ. ବଣ.—ସହାୟକ—Protector; one who gives shelter.

ଆଶ୍ରୟକ—ସଂ. ବଣ. ପୁଂ.—ଯେ ଆଶ୍ରୟ କରେ; ଆଶ୍ରିତ; ଶରଣାଗତ
Āsrayaka (ବ୍ୟକ୍ତି)—Seeking protection, taking shelter.

ଆଶ୍ରୟଣ— ସଂ. ବି. ଓ ବଣ. (ଆ+ଶ୍ରି ଧାତୁ=ସେବା କରିବା; ଅବ-
Āsrayaṇa ଲମ୍ବନ କରିବା+ଭାବ. ଅନ)—ଆଶ୍ରୟ (ଦେଖ)
(ଆଶ୍ରୟଣୀ—ସ୍ତ୍ରୀ) Āsraya (See)

ଆଶ୍ରୟଣୀୟ—ସଂ. ବଣ. (ଆ+ଶ୍ରି ଧାତୁ+କର୍ମ ଓ ଅଧିକରଣ.ଅନୀୟ)—
Āsrayaṇiya ଅବଲମ୍ବନୀୟ; ଯାହାକୁ ଆଶ୍ରୟ କରାଯାଏ; ଆଶ୍ରୟ-
ଯୋଗ୍ୟ—Worth pursuing; to be approched for protection.

ଆଶ୍ରୟସ୍ଥଳ—ସଂ. ବି.—୧ । ଅବଲମ୍ବନ—Shelter.
Āsrayathaḷa ୨ । ଯାହାକୁ ଆଶ୍ରୟ କରାଯାଏ—2.Refuge.

ଆଶ୍ରୟା— ଦେ. ପଦ୍ୟ ବି.—ଆଶ୍ରୟ; ଆଶ୍ରୟସ୍ଥାନ; ଅବଲମ୍ବନ—
Āsrayā A place for shelter.

ସ୍ତମ୍ଭକ ମୋହନ ବଶ ଆଶ୍ରୟା ।
ଉପେନ୍ଦ୍ର—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଆଶ୍ରୟାଶ —ସଂ. ବି. (ଆଶ୍ରୟ=ଅବଲମ୍ବନ; ଆଧାର + ଅଶ ଧାତୁ=
Āsrayāsa ଖାଇବା + କର୍ତ୍ତୃ. ଅ)—୧ । ଅଗ୍ନି—1. Fire.
୨ । ଧଳାଚିଳା ଗଛ—2. A tree.
୩ । ମଲ୍ଲଙ୍ଗ— 3. Orchid; parasite
ସଂ.ବଣ.— ନିଜର ଆଶ୍ରୟ ବା ଅବଲମ୍ବନକୁ ଯେ ନଷ୍ଟ କରେ—
That which destroys its own support.

ଆଶ୍ରୟୀ—ସଂ. ବଣ. (ଆଶ୍ରୟ+ଅସ୍ତି ଅର୍ଥରେ. ଇନ୍. ୧ମା ୧ବ)—
Āsrayi ଆଶ୍ରୟପ୍ରାପ୍ତ; ଯେ ରକ୍ଷାସ୍ଥାନ ପ୍ରାପ୍ତ ହୋଇଅଛି—
One who has got shelter.

ଆଶ୍ରା—ଦେ. ବି. (ସଂ. ଆଶ୍ରୟ)—୧ । ଆଶ୍ରୟ; ସାହା; ସହାୟ; ଭରସା—
Āsrā Support; help; prop.
आश्रय ୨ । ଅବଲମ୍ବନ—2. Resort; refuge.
आसरा

ଆଶ୍ରିତ—ସଂ. ବଣ. (ଆ+ଶ୍ରି ଧାତୁ=ଅବଲମ୍ବନ କରିବା+କର୍ତ୍ତୃ. ତ)-
Āsrita ୧ । ଶରଣାଗତ—1. Under protection of,
(ଆଶ୍ରିତା—ସ୍ତ୍ରୀ) sheltered by-
୨ । ଅଧୀନ-ସେବକ—2. Dependent.
୩ । ସ୍ଥିତ; ରକ୍ଷିତ—3 Placed; protected.
୪ । ନିରାପଦରେ ରକ୍ଷିତ—4. Placed in safety; defended; secured.

ଆଶ୍ରିତବତ୍ସଳ—ସଂ. ବଣ. ପୁଂ. (୬ମୀ ତତ୍ ଆଶ୍ରିତ=ଶରଣାଗତ;
Āsritabatsaḷa ସେବକ + ବତ୍ସଳ = ପ୍ରିୟ)—ସେବକ ବା
ଆଶ୍ରିତବତ୍ସଳା—ସ୍ତ୍ରୀ) ଶରଣାଗତକୁ ରକ୍ଷା କରିବା (ବ୍ୟକ୍ତି)—
Fond of one's dependants and followers; patronising; protecting one's proteges.

ଆଶ୍ରିତବାତ୍ସଲ୍ୟ—ସଂ. ବି.—ଶରଣାଗତକୁ ରକ୍ଷା କରିବା ଗୁଣ;
Āsritabātsalya ସେବକକୁ ସାହାଯ୍ୟ ଦେବା ଗୁଣ—
Patronage; fondness for one's protege.

ଆଶ୍ରିପାଦ (ଇତ୍ୟାଦି)—ଗ୍ରା. ବି.—ଆଶୀର୍ବାଦ ଇତ୍ୟାଦି (ଦେଖ)
Āsripāda etc. Āsirbāda etc (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୃଥ' ନ ମିଳିଲେ 'କୂଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ଼' ନ ପାଇଲେ ଅଲବଡ଼ ଦେଖିବେ

**ଆଶ୍ରିବା**—ଦେ. ପଦ୍ୟ କ୍ରି. (ସଂ=ଆଶ୍ରୟ)—୧ । ଆଶ୍ରୟ କରିବା—
Āsribā 1. To take shelter or refuge.

ଦିଗନ୍ତ ଭୁବନ ମଣିଲେ ସେ ଅଳ୍ପ
ଆଶ୍ରିଲେ ମୋ ସମ୍ଭୁ ଚରଣରେ ଚନ୍ଦ୍ର । ଗୋପୀନାଥ. ଚନ୍ଦବାର ।

୨ । ଅବଲମ୍ବନ କରିବା—2. To depend upon.

**ଆଶ୍ରିବାଦ**—(ଇତ୍ୟାଦି)—ଗ୍ରା. ବି.-ଆଶୀର୍ବାଦ ଇତ୍ୟାଦି (ଦେଖ)
Āsribāda etc. Āsirbāda (See)

**ଆଶ୍ରୁତ**—ସଂ. ବିଣ. (ଆ+ଶ୍ରୁ ଧାତୁ=ଶୁଣିବା+କର୍ମ. ତ)—
Āsruta ପ୍ରତିଜ୍ଞାତ; ଅଙ୍ଗୀକୃତ—Promised.

**ଆଶ୍ରେ**—ଗ୍ରା. ପଦ୍ୟ.ବି. (ସଂ. ଆଶ୍ରୟ)—ଆଶ୍ରୟ—Shelter.
Āsre

ଚନ୍ଦ୍ରଚନ୍ଦ୍ର ଆଶ୍ରେକର ନଗରରେ । ଫକୀରମୋ. ପୂର୍ବ ଦୃଶ୍ୟରୁ ।

ଦେ. ବିଣ.—ଆଶ୍ରିତ;ଶରଣାଗତ—Under protection of.

ଭକତ ପଥ ଆଶ୍ରେକଲ; ଏତେ ପ୍ରଭୁବ ହେ ରାଜନ !
ଜଗନ୍ନାଥ. ଭାଗବତ. ୪ମ ।

**ଆଶ୍ଳିଷ୍ଟ**—ସଂ. ବିଣ. (ଆ+ଶ୍ଳିଷ୍ ଧାତୁ=ଆଲିଙ୍ଗନ କରିବା+କର୍ମ. ତ)—
Āslishta ଆଲିଙ୍ଗିତ; ସନ୍ନିଳିତ—Embraced; hugged.

**ଆଶ୍ଳେଷ**—ସଂ. ବି. (ଆ+ଶ୍ଳେଷ ଧାତୁ=ଆଲିଙ୍ଗନ କରିବା+ଭାବ. ଅ)—
Āslesha ୧ । ଆଲିଙ୍ଗନ; ମିଳନ—1. Embrace; union.
୨ । ଆଶ୍ରୟ—2. Shelter.

କହୁଛ ଦେଇ ଶ୍ଳେଷ ଆଶ୍ଳେଷ; ଗୃଳ ନ ଗୃଳ ଖର ତନ୍ତୁସଂସ
ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । ଶ୍ଳେଷ—ଆଶ୍ଳେଷାର୍ଥ (ଦେଖ)
3. Āsleshārtha ( See )

**ଆଶ୍ଳେଷାର୍ଥ**—ସଂ. ବି. (ଆଶ୍ଳେଷ=ଶ୍ଳେଷ+ଅର୍ଥ—ଶବ୍ଦର ଅର୍ଥବିଶେଷ; ଏକ ଶବ୍ଦଦ୍ୱାରା ଏକାଧିକ ଅର୍ଥବୋଧ ଶ୍ଳେଷାର୍ଥ—
Equivocal meaning of a word.

**ଆଷାଢ଼**—ସଂ. ବି. (ଆଷାଢ଼ୀ=ଆଷାଢ଼ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+ତଦ୍‌ଯୁକ୍ତ
Ashārdha କାଳାର୍ଥେ. ଅ )—
୧ । ଆଷାଢ଼ ମାସ—
1. The month of Āshārdha.
୨ । ବ୍ରହ୍ମଚାରୀଙ୍କ ଧାର୍ଯ୍ୟ ପଳାଶ ଦଣ୍ଡ—2. A palās wand held by a Brahmachāri.
୩ । ଦଣ୍ଡ—3. A wand.
୪ । ମଳୟ ପର୍ବତ—4. The Malaya mountains; the western ghats.

**ଆଷାଢ଼ଶୁକ୍ଳ**—ଦେ. ବି—ବୃତ୍ତବିଶେଷ—
Āshārdhasukla A sort of metre
[ ବୃ—ବୃତ୍ତ ତଳେ ନୋଟ ଦେଖ । ]

**ଆଷାଢ଼ା**—ସଂ. ବି. ( ଆ+ସହ ଧାତୁ=ସହ୍ୟ କରିବା+କର୍ତ୍ତୃ. ଅ;
Āshārdhā +ସ୍ତ୍ରୀ. ଆ )—
୧ । ପୂର୍ବାଷାଢ଼ା ନକ୍ଷତ୍ର—1. The 20th asterism.
୨ । ଉତ୍ତରାଷାଢ଼ା ନକ୍ଷତ୍ର—2. The 21st asterism.

**ଆଷାଢ଼ୀ**—ସଂ. ବି. (ଆଷାଢ଼=ନକ୍ଷତ୍ର+ଅ+ସ୍ତ୍ରୀ. ଈ)—
Āshārdhi ଆଷାଢ଼ମାସ ପୂର୍ଣ୍ଣିମା—The full-moon of the month of Āshārdha.

ସଂ. ବିଣ—ଆଷାଢ଼ମାସସମ୍ବନ୍ଧୀୟ—Pertaining to or happening in the month of Āshārdha.

**ଆଷାଢ଼ୁଆ**—ପ୍ରାଦେ. (ଗଞ୍ଜାମ) ବି—ଅଷାଢ଼ୁଆ ( ଦେଖ )
Āshārdhuā Ashārdhuā ( See )

**ଆଷ୍ୟ**—ଗ୍ରା. ପଦ୍ୟ. ବି—ଆୟୁଷ ( ଦେଖ )
Āshya Āyusha (See)

ପଇମଙ୍କ ଅଙ୍କୁ ସେନ ଆଷ୍ୟ ଖିନ୍ନ କରେ । ପ୍ରାଚୀ. ବ୍ରହ୍ମନନ୍ଦପୁରାଣଗୀତା ।

**ଆସ୍** (ଧାତୁ)—ସଂ.—ବସିବା; ଉପବେଶନ କରିବା—
Ās (root) To sit.

**ଆସ୍‌ପୁସ୍**—ଦେ. (ଧ୍ୱନ୍ୟନୁକରଣ ) ଅ—ବିରାଡ଼ିକୁ ପାଖକୁ ଡାକିବାର ଧ୍ୱନି
Āspus ହେ ପୁସି ବିରାଡ଼ି ! ମୋ ପାଖକୁ ଆ—
A term of endearment for calling the puss.

**ଆସ୍‌ବା**—ପ୍ରାଦେ. (ଉତ୍ତର ଭାଷା) କ୍ରି—ଆସିବା—
Āsbā To come.

**ଆସ**—ସଂ. ବି. (ଅସ ଧାତୁ=କ୍ଷେପଣ କରିବା+କରଣ. ଅ)—
Āsa ୧ । ଧନୁକ; ଧନୁ—1. Bow.
୨ । ଉପବେଶନସ୍ଥାନ; ଆସନ—2. Seat; place; post.
୩ । ସ୍ଥିତି—3. Position; existence.

ଦେ.କ୍ରି—(ଆସିବା କ୍ରିୟାର ୨ୟ ପୁରୁଷ ୧ ବଚନ ଓ ବହୁବଚନର ଅନୁଜ୍ଞା)—ତୁମ୍ଭେ ବା ତୁମ୍ଭେମାନେ ଆଗମନ କର—
( you ) Come.

**ଆସକ୍ତ**—ସଂ ବିଣ.(ଆ+ସନ୍ଜ ଧାତୁ=ଆଲିଙ୍ଗନ କରିବା+କର୍ତ୍ତୃ.ତ)—
Āsakta ୧ । ସଂସକ୍ତ; ଲାଗିଥିବା; ସଂଯୁକ୍ତ; ଲଗ୍ନ—
1. Attached.
୨ । ଅନୁରକ୍ତ; ପ୍ରୀତ—
2. Enamoured of; fond of; devoted to.
୩ । ଅବସ୍ଥ—3. Addicted to.
୪ । କୌଣସି ବିଷୟରେ ତତ୍ପରବସ୍ଥ ହୋଇଥିବା(ବ୍ୟକ୍ତି)—
4. Bent on; intent on.

ଗ୍ରା. ବିଣ ( ସଂ. ଅଶକ୍ତ )—କ୍ଳାନ୍ତ; ଶ୍ରାନ୍ତ—
Fatigued; wearied.

ସଂ. ଅ—ନିତ୍ୟ: ସତତ; ଅନବରତ—Ever; always.

**ଆସକ୍ତି**—ସଂ. ବି. ( ଆ+ସନ୍ଜ ଧାତୁ+ଭାବ. ତି )—
Āsakti ୧ । ଅନୁରାଗ; ସ୍ନେହ—
1. Attachment; fondness
୨ । ଭୋଗାଭିଳାଷ—2. Desire for enjoyment.
୩ । ଅଭିନିବେଶ—3. Assiduity; tenacity.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | କ୍ଷ | ଇୟ | ଉଅ | ଉ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ | ଯ | ସ | ଗଁ | ଇଅ | ଓ | ନ |

୪ । ସାତିଶୟ ମନୋଯୋଗ —4. Close attention.
୫ । ସଙ୍ଗ—5 Companionship.
୬ । ମିଳନ; ସହବାସ—6. Union; copulation.
୭ । ସମ୍ୟକ୍ ସମ୍ବନ୍ଧ—7 Close relationship.
ସଂ. କ୍ରି. ବଣ—ଅନବରତ; ନିତ୍ୟ; ସତତ—
Always; constantly.
ଗ୍ରା. ବ—ଆଶ୍ୱକତ; ଜଡ଼ତା; କ୍ଳାନ୍ତି; ଶ୍ରାନ୍ତି—
Languor; fatigue.

**ଆସଙ୍ଗଲିପ୍ସା**—ସଂ. ବ. ( ଆସଙ୍ଗ=ସହବାସ+ଲଭ ଧାତୁ ସନନ୍ତ; ଲିପ୍ସ ଧାତୁ=ଲାଭ କରିବା+ଭାବ. ଅ+ଆ )—
**Āsaṅgalipsā**
ସମସ୍ତଙ୍କ ସଙ୍ଗେ ଏକତ୍ର ରହିବାର ଇଚ୍ଛା; ସଙ୍ଗସ୍ପୃହା; ସହବାସବାସନା— Adhesiveness.
କରୁଣାମୟ ପରମେଶ୍ୱର ମନୁଷ୍ୟ ମନରେ ବଳବତୀ ଆସଙ୍ଗଲିପ୍ସା ରୋପଣ କରିଅଛନ୍ତି ।
ମଧୁସୂଦନ· ପ୍ରବନ୍ଧମାଳା ।

**ଆସଙ୍ଗଲିପ୍ସୁ**—ସଂ.ବଣ.ପୁଂ. ଓ ସ୍ତ୍ରୀ (ଆସଙ୍ଗ+ଲଭ ଧାତୁ+ସନନ୍ତ.ଉ)—
**Āsaṅgalipsu** ୧ । ସହବାସ କରିବାକୁ ଇଚ୍ଛୁକ—
1. Desiring for cohabitation.
୨ । ମିଳିତ ହେବାକୁ ଇଚ୍ଛୁକ—
2. Desirous of meeting.
୩ । ଏକତ୍ର ସଙ୍ଗ ହେବାର ଇଚ୍ଛା—
3 Desiring the society of.

**ଆସଞ୍ଜନ**—ସଂ.ବ (ଆ+ସନଜ ଧାତୁ=ଆସକ୍ତ ହେବା+ଭାବ. ଅନ)—
**Āsañjana**
୧ । ଲାଗି ରହିବା—1. Sticking to.
୨ । ବସ୍ତ୍ରାଦି ପରିଧାନ—2. Wearing cloths.
୩ । ଯୋଜନା; ଲଗାଇବା—3. Connecting.
୪ । ଉତ୍ପାଦନ—4. Producing.

**ଆସତ୍ତି**—ସଂ. ବ. ( ଆ+ସଦ୍ ଧାତୁ=ଯିବା; ନିକଟସ୍ଥ ହେବା+ଭାବ. ତି )—୧ । ମିଳନ—
**Āsatti**
1. Near approach; ultimate union.
୨ । ସନ୍ନିଧି; ନୈକଟ୍ୟ—
2. Proximity; nearness; propinquity.
୩ । ପ୍ରାପ୍ତି—3. Acquisition of a thing.
୪ । ବୁଦ୍ଧିର ଅବିଚ୍ଛେଦ—
4. Continuance of perception.
୫ । ଲାଭ—5. Gain; profit.

**ଆସନ**—ସଂ. ବ. ( ଅସ୍ ଧାତୁ=ବସିବା+ଅଧିକରଣ. ଅନ )—
**Āsana** ୧ । ବସିବା ସ୍ଥାନ—1. Seat.
୨ । ବସିବା ପାଇଁ ବ୍ୟବହୃତ ପୀଠ, ପୀଢ଼ା, କମ୍ବଳାଦି—
2. A mat, carpet or log for sitting upon.
୩ । ( +ଭାବ. ଅନ )—ଉପବେଶନ କରିବା; ବସିବା—
3. Sitting; sitting posture.
୪ । ଶତ୍ରୁଦୁର୍ଗର ଅବରୋଧ ବା ଘେରାଉ; ସନ୍ଧିବିଗ୍ରହାଦି ଷଡ଼ଗୁଣ ମଧ୍ୟରୁ ଶତ୍ରୁଦୁର୍ଗକୁ ଅବରୋଧ କରି ବସିରହିବା—
4. Besieging the enemy's castle; blockade.
୫ । ହସ୍ତୀର ସ୍କନ୍ଧଦେଶ—
5. The shoulder of an elphant.
୬ । ଘୋଟକର ପୃଷ୍ଠଦେଶ—
6. The back of a horse.
୭ । ସର୍ଜ୍ଜନବୃକ୍ଷ; ଶାଳଗଛ—7. The Sal tree.
୮ । କୌଣସି ସ୍ଥାନରେ ନିଶ୍ଚଳଭାବରେ ଅବସ୍ଥାନ—
8. Halting; abiding.
୯ । ଯୋଗାଦିସାଧନ ସମୟରେ ଭିନ୍ନ ଭିନ୍ନ ଉପବେଶନ ପ୍ରଣାଳୀ—
9. Different positions of the limbs while sitting or squatting at the time of exercising Joga or worship.
[ ଦ୍ର—ପୂଜା, ଯୋଗ, ତାନ୍ତ୍ରିକସାଧନ ଓ ପ୍ରାଣାୟାମ କରିବା ସମୟରେ ମନକୁ ସ୍ଥିର ରଖିବା ପାଇଁ ଭିନ୍ନ ଭିନ୍ନ ଆସନ ବା ବସିବା ପ୍ରଣାଳୀ ନିର୍ଦ୍ଦିଷ୍ଟ ହୋଇଅଛି । ଯଥା—ପଦ୍ମାସନ, ସ୍ୱସ୍ତିକାସନ ଇତ୍ୟାଦି]
୧୦ । ପୂଜା କରିବାର ପୀଠ—10. Prayer-mat.
ଗ୍ରା. ବ—୧ । ଶୟନ—1. Sleep.
୨ । ଘୋଡ଼ାପିଠିରେ ସବାରର ଦୃଢ଼ଭାବରେ ବସିବାର ଢଙ୍ଗ—2. Steady seat of a rider on the back of a horse.
୩ । ଯୋଗସାଧନ ବା ତପସ୍ୟା କରିବାର ସ୍ଥାନ—
3 A place for the performance of penance or Joga.
୪ । ଶୋଇବା ପାଇଁ ବ୍ୟବହୃତ କମ୍ବଳାଦି—
4. Blanket.
ଶୋଇବାକୁ ତାକୁ ଆସନ ଖଣ୍ଡେ ଦେବ—
କୃଷ୍ଣସିଂହ. ମହାଭାରତ. ବନ ।

**ଆସନ କରିବା**—ଦେ. କ୍ରି—୧ । ବସିବା—1. To sit.
**Āsana kariba** ୨ । ଶୟନ କରିବା—2. To sleep.
আসনকরা ୩ । ଆସନ ବିଛାଇବା—
আসনকরো 3. To lay the bedding or mat.

**ଆସନଗରୁ**—ଦେ. ବଣ—ସ୍ଥିରାସନ ( ବ୍ୟକ୍ତି ); ଯେଉଁ ବ୍ୟକ୍ତିର ଆସନ ସହଜରେ ଟଳେ ନାହିଁ—One who sits secure on his seat.
**Āsanagaru**
অসনভারী
आसनभारी

**ଆସନଗରୁଆ**—ଦେ. ବଣ—ଆସନଗରୁ ( ଦେଖ )
**Āsanagaruā** Āsanagaru ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଉଚ୍ଚାରଣରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

**ଆସନଟଳିବା**—ଦେ. କ୍ରି—ବସିବା ସ୍ଥାନରେ ଥୟ ହୋଇ ବସି ନ ପାରିବା—Not to be able to sit secure on a seat
Āsanataḷibā

**ଆସନପାଦାସନ**—ସଂ. ବି. ( ଆସନ ଓ ପାଦାସନ; ସମାହାର)—ଆଗନ୍ତୁକ ବ୍ୟକ୍ତିଙ୍କୁ ବସିବା ନିମନ୍ତେ ଦିଆଯିବା ବଇଠା ଓ ପାଦ ରଖିବା ପାଇଁ ଦିଆଯିବା ପୀଢ଼ା—Seat or mat and foot-rest offered to a guest.
Āsanapādāsana

**ଆସନବନ୍ଧ**—ସଂ. ବି. ( ୬ଷ୍ଠୀ ତତ୍; ଆସନ+ବନ୍ଧ )—
Āsanabandha ୧ । ଯୋଗାର୍ଥ ଉପବେଶନବିଶେଷ—
1. A posture of squatting of Joga.
୨ । ସଙ୍ଗମାର୍ଥ ଉପବେଶନବିଶେଷ—
2. A posture of sitting in copulation.

**ଆସନମନ୍ତ୍ର**—ସଂ. ବି—ପୂଜାରେ ବସିବା ପୂର୍ବରୁ ଆସନଶୁଦ୍ଧି ପାଇଁ ଉଚ୍ଚାରିତ ମନ୍ତ୍ର—Formula uttered on the occasion of consecrating one's seat for religious service.
Āsanamantra
[ ଦ୍ର—ଏ ମନ୍ତ୍ରର ଋଷି ମେରୁପୃଷ୍ଠ ଋଷି; ସୁତଲଛନ୍ଦ; ଶ୍ରୀକୂର୍ମ ଦେବତା ଅଟନ୍ତି । ଏ ମନ୍ତ୍ରର ମର୍ମ "ହେ ପୃଥିବୀ ! ତୁମ୍ଭେ ଲୋକମାନଙ୍କୁ ଧାରଣ କରିଅଛ, ତୁମ୍ଭଙ୍କୁ ବିଷ୍ଣୁ ଧାରଣ କରିଅଛନ୍ତି । ତୁମ୍ଭେ ମତେ ଧାରଣ କର ଓ ମୋ ଆସନକୁ ପବିତ୍ର କର । ]

**ଆସନଶୁଦ୍ଧି**—ସଂ ବି ( ୬ଷ୍ଠୀ ତତ୍; ଆସନ+ଶୁଦ୍ଧି )—ପୂଜା ବା ଯୋଗସାଧନ କରିବା ପୂର୍ବରୁ ଆସନ ମନ୍ତ୍ରୋଚ୍ଚାରଣ, ଆଚମନ ମୁଦ୍ରାଦି ପ୍ରୟୋଗ ଓ ଜପଦ୍ୱାରା ଆସନକୁ ପବିତ୍ରୀକରଣରୂପ ଅନୁଷ୍ଠାନ—
Āsanaśuddhi
A rite of consecrating one's seat before beginning devotional acts and exercises.

**ଆସନା**—ସଂ.ବି. ସ୍ତ୍ରୀ (ଆସ ଧାତୁ=ଉପବେଶନ କରିବା+ଭାବ. ଅନ+ସ୍ତ୍ରୀ. ଆ)—୧ । ଅବସ୍ଥାନ—1. Sitting.
Āsanā
୨ । ସ୍ଥିତି—2. Pcsition.
এসনা ଦେ. କ୍ରି. (ନଞାର୍ଥ)—ତୁମ୍ଭେ ଆସ ନାହିଁ—
आओमत् (Imperative) Do not come.

**ଆସନି**—ଦେ. ବି. (ସଂ. ଆସନ)—ବସିବା ନିମନ୍ତେ ଚଉକୋଣିଆ ଛୋଟ କମ୍ବଳାଦି ନିର୍ମିତ କ୍ଷୁଦ୍ର ଆସନ—A small square mat for squatting upon.
Āsani

**ଆସନ୍ତତ**—ଦେ. ଅ—ସର୍ବଦା—
Āsantata Always

ଆଣ ଆସନ୍ତତ ହେଉ ଲବେ ନୋହେ ହେଲା ଯିବ ପୋ ନ ମ ସ୍ମର ଶର ।
ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

**ଆସନ୍ତା**—ଦେ. ବିଣ.—୧ । ଆଗାମୀ; ଆସୁଥିବା—
Āsantā 1. Coming; next; ensuing.
আসছে ୨ । ନିକଟ ଭବିଷ୍ୟତ୍ (କାଳ)
दुसरा 2 Near future (time)
ଦେ. କ୍ରି. (ଅପେକ୍ଷିକ କାଳ)—(ସେ) ଆଗମନ କରନ୍ତା—
(ଯଥା—ସେ ଯେବେ ଆସନ୍ତା ତେବେ ପାଠ ପଢ଼ନ୍ତା)
আসত (he) Would come.
आता

**ଆସନ୍ଦିକା**—ସଂ. ବି. ସ୍ତ୍ରୀ. (ଆ+ସମ୍+ଦୋ ଧାତୁ=ଖଣ୍ଡନ କରିବା+ଇକ+ସ୍ତ୍ରୀ. ଆ)—ଏକ ପ୍ରକାର ଭଙ୍ଗା ଖଟ (ଯାହାକୁ ଭାଙ୍ଗି ଦେଲେ ଖଣ୍ଡ ଖଣ୍ଡ ହୁଏ ଏବଂ ପୁଣି ଯୋଡ଼ିଦେଲେ ଖଟ ହୁଏ) -1. A small camp-bed-stead.
Āsandikā
୨ । କାଷ୍ଠାସନବିଶେଷ—2. A kind of small wooden stool.

**ଆସନ୍ଦୀ**—ସଂ.ବି.ସ୍ତ୍ରୀ—(ଆ+ସମ୍+ଦୋ=ଖଣ୍ଡନ କରିବା+ଅ+ସ୍ତ୍ରୀ. ଈ)—
Āsandī ଆସନ୍ଦିକା (ଦେଖ)
Asandikā (See)

**ଆସନ୍ନ**—ସ. ବିଣ (ଆ+ସଦ ଧାତୁ=ଆସିବା+କର୍ତ୍ତୃ. ତ)—
Āsanna ୧ । ଉପସ୍ଥିତ—1. Imminent; almost present.
୨ । ନିକଟବର୍ତ୍ତୀ; ସମୀପସ୍ଥ—2 Near.
୩ । ଆଗତପ୍ରାୟ; ଯାହା ଅତିଶୀଘ୍ର ଆସିବ ବା ଉପସ୍ଥିତ ହେବ—3. Impending; approaching
୪ । ଅନ୍ତିମ—4. Last.
୫ । ମୁମୂର୍ଷୁ—5. Dying.

**ଆସନ୍ନକାଳ**—ସଂ. ବି. ( କର୍ମଧା. ଆସନ୍ନ=ନିକଟବର୍ତ୍ତୀ+କାଳ=ସମୟ; ମୃତ୍ୟୁ)—୧ । ମୃତ୍ୟୁକାଳ—
Āsannakāḷa
1. Time of death.
୨ । ବିପତ୍କାଳ—2. Critical time; time of calamity.
୩ । ନିକଟ ଭବିଷ୍ୟତ୍—3. Near future.
୪ । ମୃତ୍ୟୁର ଅବ୍ୟବହିତ ପୂର୍ବକାଳ—
4. Time just before death.

**ଆସନ୍ନପ୍ରସବା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ଆସନ୍ନ+ପ୍ରସବ )—ଯେଉଁ ସ୍ତ୍ରୀର ପ୍ରସବକାଳ ଆଗତପ୍ରାୟ—
Āsannaprasabā
Fully pregnant (woman); a woman whose time of delivery is at hand.

**ଆସପତ**—ଗ୍ରା. ବି. (ସଂ. ଆସ୍ପଦ)—୧ । ସ୍ନେହ—
Āsapata 1. Affection.
স্নেহ ୨ । କୋମଳ ବ୍ୟବହାର—2. Soft or tender behaviour.
प्यार
୩ । ଗେହ୍ଲାକରିବା—3. Fondling.

**ଆସପତେ**—ଗ୍ରା. କ୍ରି. ବିଣ.—୧ । ଧୀରେ ଧୀରେ; ଅଳ୍ପେ ଅଳ୍ପେ—
Āsapate 1. Slowly and steadily.

| ୧ | ଇ | ଉ | ର,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଝ୍ |

୨ । କୋମଳସ୍ୱରରେ—2. Softy; tenderly.

**ଆସପଦ**—ଦେ. ବି.—ଅସପଡ (ଦେଖ)
Āsapada Āsapata (See)

ଉତ୍ସବରେ କେମନ୍ତେ ସେ କଲା ଆସପଦ—ଭଞ୍ଜ, ବୈଦେହୀଶବିଳାସ ।

୨ । ଆସ୍ପଦ (ଦେଖ)—Āspada (See)

ଭକ୍ତି ପଦେ ସୁ ଏହଠାରୁ ଆସପଦ—ଭଞ୍ଜ କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଆସବ**—ସଂ. ବି. ( ଆ+ସୁ ଧାତୁ=ଜନ୍ମକରିବା+କର୍ତ୍ତୃ. ଅ; ଯାହା
Āsaba ମତ୍ତତା ଜନ୍ମାଏ)—୧ । ମଦ—1. Wine.
୨ । ସଢ଼ା ଫଳ ଓ ଶସ୍ୟାଦିରୁ ଚୁଆଇବା ପ୍ରକ୍ରିୟା ଦ୍ୱାରା ବାହାରିଥିବା ମଦ—2. Distilled spirits; spirituous liquor.
୩ । ଅରକ—3. Essence.

**ଆସବାବ୍**—ବୈଦେ. ବି. (ଆ. ଅସ୍‌ବାବ୍ )—୧ । ଘରକରଣା ଜିନିଷ—
Āsabāb 1. House-hold things.
୨ । ଗୃହସଜ୍ଜା ଉପକରଣ—2 Furniture.

**ଆସମୁଦ୍ର**—ସଂ. ଅ. ( ଅବ୍ୟୟୀଭାବ; ଆ=ପର୍ଯ୍ୟନ୍ତ+ସମୁଦ୍ର )—
Āsamudra ସମୁଦ୍ର ପର୍ଯ୍ୟନ୍ତ—Up to the sea; extending far to the sea-coast.

**ଆସ ଯା**—ଦେ. ବି. ( ଆସିବା ଓ ଯିବା )—୧ । ଯିବା ଆସିବା; ଗତାଗତ;
Āsa jā ଯା ଆସ; ଗମନାଗମନ—1. Coming and going.
আসাযাওয়া; যাওয়াআসা ୨ । ଉପର୍ଯ୍ୟୁପରି ଯିବା ଆସିବା—
आयाजाय; आनायाना 2. Repeated coming and going.
୩ । ସଂଶ୍ରବ—3 Intercourse.

**ଆସର**—ସଂ. ବି. (ଅ+ସୃ ଧାତୁ=ହିଂସା କରିବା+କର୍ତ୍ତୃ. ଅ)—
Āsara ଅସୁର; ରାକ୍ଷସ—Demon.
আসর ବୈଦେ. ବି. (ଫା. ଆସର୍=ସଭା)—୧। ସଭା—
आसर 1. Meeting; a sitting of an association.
୨ । ରଙ୍ଗଭୂମି—2. Stage; sitting of performers.
୩ । ସମାରୋହ; ମଜଲିସ୍—
3. A gaudy display or exhibition.

**ଆସର ଜମାଇବା**—ପ୍ରାଦେ. (ମେଦିନୀପୁର) କ୍ରି.—ସଭାରେ ଲୋକରଞ୍ଜନ
Āsara jamāibā କଥା କହି ସଭାକୁ ଗୁଲଜାର୍ କରିବା—
আসর জমান To warm up an assembly by
आसर यमाना eloquence or quits

**ଆସାଦନ**—ସଂ. ବି. (ଆ+ସଦ୍ ଧାତୁ ଣିଜନ୍ତ; ସାଦ ଧାତୁ=ଗମନକରିବା
Āsādana +ଭାବ. ଅନ)—୧ । ନୈକଟ୍ୟ; ସନ୍ନିଧାନ—
(ଆସାଦିତ—ବିଣ) 1. Proximity.
୨ । ପ୍ରାପ୍ତି—2. Receipt; gain,
୩ । ମର୍ଦ୍ଦନ—3. Rubbing.
୪ । ପହଞ୍ଚିବା—4. Reaching.
୫ । ସ୍ଥାପନ—5. Placing.

**ଆସାଦିତ**—ସଂ. ବିଣ.(ଆ+ସାଦ ଧାତୁ=ଗମନ କରିବା+କର୍ମ. ତ)—
Āsādita ୧ । ପ୍ରାପ୍ତ; ଲବ୍ଧ—1. Gained; obtained.
୨ । ସ୍ଥାପିତ—2 Kept; put; placed.
୩ । ସନ୍ନିଧାପିତ; ନିକଟରେ ସ୍ଥାପିତ—
3. Put near; juxtaposed.
୪ । ଅଯୋଜିତ; ସମ୍ପାଦିତ—4. Arranged.

**ଆସାନ୍**—ବୈଦେ. ବି. (ଆ. ଭୂଲ·ସଂ.=ଅବସାନ)—
Āsān ୧ । ଆରାମ; ସୁଖ—1. Comfort.
আরাম ୨ । ସ୍ୱାଚ୍ଛନ୍ଦ୍ୟ—2. Ease.
आराम ୩ । ବିଶ୍ରାମ—3. Rest.
୪ । ଆରୋଗ୍ୟ; ରୋଗାଦିର ଉପଶମ—
4. Cure; alleviation.
୫ । କ୍ଲେଶରୁ ମୁକ୍ତି—5. Relief from pain.
୬ । ଉପକାର—6. Benefit.
ବିଣ.—୧ । ଉପଶାନ୍ତ—1. Alleviated.
୨ । ଆରାମପ୍ରାପ୍ତ—2 At ease.

**ଆସାମ**—ଦେ. ବି.—ବଙ୍ଗପ୍ରଦେଶର ପୂର୍ବ ଓ ବ୍ରହ୍ମର ପଶ୍ଚିମସ୍ଥ ପ୍ରଦେଶ
Āsāma ବିଶେଷ—The province of Assam.

**ଆସାମୀ**—ବୈଦେ. ବି. (ଆ)—୧ । ଦେୱାନି ମକଦ୍ଦମାରେ ପ୍ରତିବାଦୀ—
Āsāmi 1. Defendant in a Civil suit.
আসামী ୨ । ମୁଦାଲା; ଫଉଜଦାରି ଅଦାଲତରେ ଅପରାଧରେ
आसामी, ଅଭିଯୁକ୍ତ ବ୍ୟକ୍ତି—2. Accused person in
मुलजम a criminal case.
୩ । କୌଣସି କୋର୍ଟରେ ଆବେଦନକାରୀର ବିପକ୍ଷ ବ୍ୟକ୍ତି—
3. Opponent of a petitioner in any court.
୪ । ବ୍ୟକ୍ତି—4. Person.
୫ । ଜମିଦାରଙ୍କ ଜମାବନ୍ଦୀ ବହି ଅନ୍ଦରେ ପ୍ରଜାର ନାମ—
5. The name of a tenant in the rent-roll.
୬ । ଦାବିଦାର ବ୍ୟକ୍ତି—5. A claimant; a person claiming a certain status.
ଦେ. ବିଣ.—ଆସାମ ଦେଶୀୟ (ବ୍ୟକ୍ତି, ଭାଷା ବା ବସ୍ତୁ)—
Assamese (thing, person or language.)

**ଆସାର**—ସଂ. ବି. (ଆ+ସୃ ଧାତୁ=ଯିବା+ଭାବ. ଅ )—
Āsāra ୧ । ଅସରା; ମୁଷଳଧାରାରେ ବୃଷ୍ଟିପାତ; ଜଳଧାରା ପତନ—
1 Shower; out-pour; down-pour.
୨ । କୌଣସି ପଦାର୍ଥର ଧାରା—
2. Continuous shower of anything.

ସାଧାରଣ ଲୋକେ ଏପରି ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼ୀ' ନ ମିଳିଲେ 'ଶାଢି' ଖୋଜିବେ; 'ରୂପ' ନ ମିଳିଲେ 'ରୁପ' ଦେଖିବେ; 'ବଧ' ନ ପାଇଲେ 'ବଧ୍' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ଶତ୍ରୁ ସୈନ୍ୟ ବେଷ୍ଟନ—3. Hemming in of an enemy's force; surrounding the enemy.

୪ । ବିସ୍ତାର; ପ୍ରସାରଣ—4. Extension.

୫ । ଜଳକଣା—5. Minute particles of water.

୬ । ବନ୍ଧୁବଳ; ମିତ୍ର ସେନା—6. The force or army of an ally.

୭ । ପ୍ରବେଶ—7. Entrance; admission.

**ଆସି**—ଦେ. କ୍ରି. (ଅସମାପିକା)—ଆଗମନ କରି—
**Āsi**　Having come; coming

ଦେ. କ୍ରି. ବିଣ—ଏବକୁ; ବର୍ତ୍ତମାନ—Now.

ବୁଢ଼ାଇ ଆସି ମୁହିଁ ହୋଇଲିନ କପା । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଆସିଆ**—ଦେ. ବି. (ନାମ)—ପୂର୍ବ ଗୋଲାର୍ଦ୍ଧର ପ୍ରଧାନ ମହାଦେଶ—
**Āsiā**　Asia.

ଗ୍ରା. ବିଣ—(ସଂ. ଅଂଶ)—ଅଁଶିଆ (ଦେଖ)
Āñsiā (See)

ଗ୍ରା. ଅ—୧ । ସଦୃଶ ; ପରି—1. Like.

୨ । ଅଂଶତଃ; ପ୍ରାୟଶଃ—2. Partly; slightly.

( ଯଥା—ସ୍ୱମ ଠିକ ତାହା ବାପ ଆସିଆ । )

[ ଦ୍ର—ବିଶେଷଣ ପଦର ପରେ ବ୍ୟବହୃତ ହୁଏ । ଯଥା—ନାଲି ଆସିଆ । ]

**ଆସିଆଟିକ୍ ସୋସାଇଟି**—ବୈଦେ. ବି. (ଇଂ)-ଇଂଲଣ୍ଡ ଓ କଲିକତାରେ
**Āsiāṭik sosāiṭi**　ସ୍ଥାପିତ ଆସିଆର ପ୍ରତ୍ନତତ୍ତ୍ୱଗବେଷଣାର୍ଥ ସଭା—
Asiatic society.

**ଆସିଡ୍**—ବୈଦେ. ବି. (ଇଂ)—ରସାୟନିକ ଅମ୍ଳଦ୍ରବ—
**Āsiḍ**　Acid.

**ଆସିତ**—ସଂ. ବିଣ. (ଆସ ଧାତୁ=ଉପବେଶନ କରିବା+କର୍ତ୍ତୃ. ତ)—
**Āsita**　୧ । ଉପବିଷ୍ଟ; ବସିଥିବା—1. Seated.

୨ । ( +ଣିଚ୍. କର୍ମ. ତ ) - ସ୍ଥାପିତ—
2. Set; placed; situated.

ସଂ. ବି.—୧ । (+ଭାବ. ତ) ଉପବେଶନ—
1. Sitting down.

୨ । (+ଅଧିକରଣ. ତ)— ଆସନ—2. Seat.

୩ । ପୀଢ଼ା—3. Stool.

୪ । ବାସସ୍ଥାନ—4. Abode; residence.

୫ । ଆସନପ୍ରଣାଳୀ—5. Mode or posture of sitting.

୬ । (ଅସିତ+ଅପତ୍ୟାର୍ଥେ. ଅ)—ଅସିତ ମୁନିଙ୍କ ପୁତ୍ର; ଏ ଶାଣ୍ଡିଲ୍ୟ ଗୋତ୍ରର ପ୍ରବର—6. Name of a sage.

**ଆସିତବ୍ୟ**—ସଂ. ବି. ( ଆସ ଧାତୁ=ବସିବା+ଭାବ. ତବ୍ୟ )—
**Āsitabya**　ଅବସ୍ଥିତି—Situation; position.

ସଂ. ବିଣ. ( +କର୍ତ୍ତୃ. ତବ୍ୟ )—ଯେ ବସିବେ—
To be seated.

**ଆସିଦ୍ଧ**—ସଂ. ବିଣ. ( ଆ+ସିଧ=ସିଦ୍ଧ କରିବା+କର୍ମ. ତ )—
**Āsiddha**　୧ । ବିଚାର ପରେ କାରାରୁଦ୍ଧ—
1. Thrown into a prison after being sentenced by the trying court.

୨ । ଈଷତ୍ ସିଦ୍ଧ—2. Half-boiled.

୩ । ସୁସିଦ୍ଧ—3. Well-boiled.

**ଆସିଧାର**—ସଂ. ବି. ( ଅସିଧାରା+ସମ୍ବନ୍ଧ. ଅ )—ଅସିଧାରାବ୍ରତ-ଯୁବକ
**Āsidhāra**　ଯୁବତୀ ଅବିଚଳିତ ଚିତ୍ତରେ ଏକତ୍ର ଅବସ୍ଥାନ କରିବା ରୂପ ବ୍ରତ—The vow of self-restraint or self-denial taken by a couple of youthful persons.

**ଆସିବା**—ଦେ. କ୍ରି—୧ । ଆଗମନ କରିବା; ପହଞ୍ଚିବା; ଉପସ୍ଥିତ ହେବା—
**Āsibā**　1. To come to; to arrive at; to visit; to be present.

ଆସିଛି ଯଦି ମୋ ଘର ତୋ ପୂଜାରେ ପୂତ—ମଧୁସୂଦନ. ବସନ୍ତଗାଥା ।

୨ । ପରିଚିବା; କୌଣସି ବିଦ୍ୟା ବା ପାଠ ଆୟତ୍ତ ହେବା—
2 To be mastered by.

( ଯଥା— ମତେ ପାଠ ଆସୁ ନାହିଁ । )

୩ । କୌଣସି କାର୍ଯ୍ୟ ସମ୍ପାଦନ କରି ଜାଣିବା; ଜ୍ଞାତ ହେବା—
3. To know how to do a certain work.

( ଯଥା—ଏ କାମ ମତେ କରି ଆସିବ ନାହିଁ; ମତେ ଇଂରେଜୀ ଅକ୍ଷର ଲେଖି ଆସିବ ନାହିଁ । )

୪ । ଉଦୟ ହେବା—4. To rise; to appear.

( ଯଥା—ଜହ୍ନ ଆସିଲାଣି । )

୫ । (ବନ୍ଧୁମାନେ ବିଦାୟ ନେବାବେଳେ "ଯିବା" ଶବ୍ଦ ପରିବର୍ତ୍ତରେ ବ୍ୟବହୃତ କୋମଳତା ବ୍ୟଞ୍ଜନାର୍ଥ ଶବ୍ଦ) ଯିବା—
5 Euphemitically used to mean 'To go' when friends part.

୬ । ଅନୁଭୂତ ହେବା—6. To be felt.

ଜୃମ୍ଭା ଆସଇ ଘନ ଘନ—ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୭ । ( ଛିଙ୍କ ଇତ୍ୟାଦିର ) ଉପକ୍ରମ ହେବା—
7. To be on the point of sneezing (etc).

**ଆସିଷ୍ଟାଣ୍ଟ**—ବୈଦେ. ବିଣ ( ଇଂ )—ସାହାଯ୍ୟକାରୀ—
**Āsishṭāṇṭa**　Assistant.

**ଆସୀନ**—ସଂ. ବିଣ. ପୁଂ. ( ଆସ୍ ଧାତୁ=ବସିବା+କର୍ତ୍ତୃ. ଅନ,)—
**Āsīna**　୧ । ବସିଥିବା; ଉପବିଷ୍ଟ—
( ଆସୀନା—ସ୍ତ୍ରୀ )　1. Seated; sitting.

୨ । ଅନୁଦ୍ୟୋଗୀ—
2 Inert; inactive; dull.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଷ,ଶ | ଙ୍କ | ଇଏ | ହ୍ଅ | ଉ |
| ୨ | ଏ | ଜ | ଋ | ଌ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଂ | ଇଅ | ଙ | କୃ |

**ଆସୁଛି** (ବର୍ଷ)—ପ୍ରାଦେ. (ସିଂହଭୂମ) ବଣ—ଆଗାମୀ; ଆସନ୍ତା (ବର୍ଷ)—
**Āsuchhi** (barsha) Next or coming (year)
আসছে বছর

**ଆସୁର**—ସଂ. ବଣ (ଅସୁର=ରାକ୍ଷସ+ସମ୍ବନ୍ଧ. ଅ)—
**Āsura** ୧ । ଅସୁରସମ୍ବନ୍ଧୀୟ—1. Relating to demons; demonaic.
୨ । କଦର୍ଯ୍ୟ; ଘୃଣ୍ୟ—2. Vile.
୩ । ଦୁଷ୍ଟ; ଧୂର୍ତ୍ତ—3. Malignant
୪ । ଅପବିତ୍ର; ଅଶୁଦ୍ଧ—4. Impure.
୫ । ଅହିତକର—5. Not beneficial.
୬ । ଭୟଙ୍କର—6. Frightful.
ସଂ. ବି.—ବିଟଲୁଣ—A kind of salt.

**ଆସୁରବିବାହ**—ସଂ. ବି.—ହିନ୍ଦୁଶାସ୍ତ୍ରକଥିତ ବିବାହବିଶେଷ; ଯେଉଁ
**Āsurabibāha** ବିବାହରେ ବର କନ୍ୟାକୁ କିଣି କରି ବିବାହ କରେ (ବିବାହ ତଳେ ନୋଟ ଦେଖ)—
A form of marriage in which the bride is purchased and taken away to be married.

**ଆସୁରିକ**—ସଂ. ବଣ. (ଅସୁର+ସମ୍ବନ୍ଧାର୍ଥେ. ଇକ)—ଆସୁର (ଦେଖ)
**Āsurika** Āsura (See)

**ଆସୁରିକଚିକିତ୍ସକ**—ସଂ. ବି.—ଅସ୍ତ୍ରଚିକିତ୍ସକ—
**Āsurikachikitsaka** A surgeon.

**ଆସୁରୀ**—ସଂ.ବି.ସ୍ତ୍ରୀ. (ଅସୁର+ଅ+ସ୍ତ୍ରୀ. ଈ)—୧ । ଅସୁରବତ୍ ଆଚାର—
**Āsurī** Demoniac conduct.
୨ । ରାଇସୋରିଷ—2. Rye.
୩ । ବିଟଲବଣ—3. A mineral salt with a very bad odour.
୪ । ବୈଦିକ ଛନ୍ଦୋବିଶେଷ—
4. Name of a Baidika metre.
ସଂ. ବଣ. ସ୍ତ୍ରୀ—ଆସୁରର ସ୍ତ୍ରୀଲିଙ୍ଗ—
Feminine of Āsura.

**ଆସୁରୀଚିକିତ୍ସା**—ସଂ. ବି.—ଚିକିତ୍ସା ପଦ୍ଧତିବିଶେଷ; ଅସ୍ତ୍ରଚିକିତ୍ସା—
**Āsurīchikitsā** Surgery; cure of diseases by operation.

**ଆସେକ**—ସଂ. ବି. (ଆ+ସିଚ ଧାତୁ=ଛିଞ୍ଚିବା; ଓଦା କରିବା+ଭାବ. ଅ)—ପାଣି ଛିଞ୍ଚିବା—
**Āseka** Act of sprinkling water.

**ଆସେଚନ**—ସଂ. ବଣ (ଅସେଚନ+ସ୍ୱାର୍ଥେ. ଅ)—ଅତି ତୃପ୍ତିକର; ଯାହାକୁ ଯେତେ ଦେଖିଲେହେଁ ମନ ତୃପ୍ତ ହୁଏ ନାହିଁ—
**Āsechana** Very charming; so very charming that one is not satisfied by seeing.
ସଂ. ବି.—୧ । ସମ୍ୟକ୍ ସେଚନ; ଛିଞ୍ଚିବା—
1. Sprinkling.
୨ । (ବଗିଚାରେ, ରାସ୍ତାରେ, କ୍ଷେତରେ) ପାଣି ଛିଞ୍ଚିବା ଆଦି ବା ଯନ୍ତ୍ର; ସେଣା, ସେଚୁଅ, ପିଚକାରୀ ଇତ୍ୟାଦି—
2. A contrivance for sprinkling water (on plants or roads or in fields.)

**ଆସେଚନକ**—ସଂ. ବି. ଓ ବଣ—ଆସେଚନ (ଦେଖ)
**Āsechanaka** Āsechana (See)

**ଆସେଧ**—ସଂ. ବି. (ଆ+ସିଧ ଧାତୁ=ଅବରୋଧ କରିବା+ଭାବ. ଅ)—
**Āsedha** ୧ । ଅବରୋଧ; ଅଟକ ରଖିବା—1. Confinement; restraint upon a person's liberty.
୨ । ଗିରଫଦାରି—2. Arrest.
୩ । କାରାରୋଧ—3 Imprisonment.
୪ । ପ୍ରତିଷେଧ—4. Prohibition.

**ଆସେସ୍ କରିବା**—ବୈଦେ.କ୍ରି.(ଇଂ.ଅସେସ୍)—କୌଣସି ବ୍ୟକ୍ତି ଉପରେ ଶୁଳ୍କାଦି ଧାର୍ଯ୍ୟ କରିବା—
**Āses karibā** To assess a tax.
আসেসকরা
आसेस करना

**ଆସେସ୍‌ମେଣ୍ଟ**—ବୈଦେ. ବି. (ଇଂ. ଅସେସ୍‌ମେଣ୍ଟ)—କର ଧାର୍ଯ୍ୟ କରିବା କାର୍ଯ୍ୟ—Assessment.
**Āsesment**
আসেসমেন্ট
आसेसमेंट

**ଆସେସର୍**—ବୈଦେ. ବି (ଇଂ. ଅସେସର୍)—୧ । ଯେଉଁ ବ୍ୟକ୍ତି ଦଉରା ମକଦ୍ଦମାରେ ଜଜ୍ ସାହେବଙ୍କ ପାଖରେ ବସି ଅପରାଧୀ ବ୍ୟକ୍ତିର ଅପରାଧ ସମ୍ବନ୍ଧେ ମତ ଦିଏ—
**Āsesar** 1. Assessor in a session's case.
আসেসর
आसेसर
[ଦ୍ର—ଅସେସର୍ ଓ ଜୁରି (ଜୋଡ଼ି) ମଧ୍ୟରେ ପ୍ରଭେଦ ଏହି କି ଅସେସରଙ୍କ ମତ ଜଜ୍‌ସାହେବ ମାନିବାକୁ ବାଧ୍ୟ ନୁହନ୍ତି; କିନ୍ତୁ ଜୁରିଙ୍କ ମତ ଗ୍ରହଣ କରିବାକୁ ଜଜ୍ ବାଧ୍ୟ ।]
୨ । ସରକାର ତରଫରୁ ପ୍ରଜାଙ୍କ ଉପରେ ଶୁଳ୍କ ବା ଟିକସ ବସାଇବାକୁ ନିଯୁକ୍ତ ବ୍ୟକ୍ତି—
2. An assessor of tax.
(ଯଥା—ମିଉନିସିପାଲ ଅସେସର୍; ଇନ୍‌କମ୍ ଟାକ୍ସ ଅସେସର୍)

**ଆସେସରି**—ଦେ. ବି.—ଅସେସରଙ୍କ କାର୍ଯ୍ୟ ବା ପଦ—
**Āsesari** Act or post of an assessor.
আসেসরী
आसेसरी
ଦେ. ବଣ.—ଅସେସର ସମ୍ବନ୍ଧୀୟ—
Relating to assessors.
(ଯଥା—ଅସେସର ପରୁଆନା—ସମନ୍)

**ଆସୋରା**—ବୈଦେ. ବି. (ଅ)—ମହରମ୍ ମାସର ୧୦ମ ଦିନରେ ପାଳିତ ହେବା ମୁସଲମାନମାନଙ୍କ ଉତ୍ସବ—
**Āsorā** Festivity observed on the 10th day of the month of Moharum.

ପାଠକଗଣ ଲେଖକେ ଅପର ପୃଷ୍ଠାରେ ଧୃତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ସେ ଶବ୍ଦ ମିଳିବ ନାହିଁ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚକ୍ରର ବିପରୀତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃତ' ନ ମିଳିଲେ 'କ୍ରୂତ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲ୍‌ଙ୍କାର' ଦେଖିବେ

**ଅସୋସିଏସନ୍**—ବିଦେ. ବି. (ଇଂ)—ସଙ୍ଘ; ସମିତି—
Āsosiesan Association.

**ଅସ୍କନ୍ଦନ**—ସଂ. ବି. (ଅ+ସ୍କନ୍ଦ୍ ଧାତୁ=ଯିବା; ଗାଳିଦେବା+ଭାବ. ଅନ)—୧ । ତିରସ୍କାର; ଗାଳି—
Āskandana
1. Reproach; reprimand.
୨ । ଆସ୍ଫାଳନ—
2. Bragging; boasting; defiance.
୩ । ଯୁଦ୍ଧ—3. War; battle.
୪ । ବିନାଶ; ହନନ—
4. Destroying; killing; annihilation.
୫ । ଧାବନ—5. Running; racing; galloping; chasing.
୬ । ଆକ୍ରମଣ—6. Attack.
୭ । ଘୋଡ଼ାର ଏକ ପ୍ରକାର ଗତି; କଦମ ଗତି—
7. Slow canter of a horse.

**ଅସ୍କନ୍ଦିତ**—ସଂ. ବିଣ. (ଅ+ସ୍କନ୍ଦ ଧାତୁ=ଗାଳିଦେବା+କର୍ମ. ତ)—
Āskandita ୧ । ତିରସ୍କୃତ—2. Reproached.
୨ । ପଶ୍ଚାତ୍ ଧାବିତ—2. Run after; chased.
୩ । ଆକ୍ରାନ୍ତ—3. Attacked.
୪ । ବିନଷ୍ଟ—4. Destroyed; annihilated.
ସଂ. ବି. (ଅ+ସ୍କନ୍ଦ ଧାତୁ ଦେଖନ୍ତୁ, ସ୍କନ୍ଦ ଧାତୁ=ଯିବା+ଭାବ. ତ)-
ଘୋଡ଼ାର ଗତିବିଶେଷ; କଦମ—
A kind of walk of horses; slow canter.
ମହୀଜବ ପୃଷ୍ଠପୃଷ୍ଠେ ଆସେ ଅସ୍କନ୍ଦିତେ । ଜଗନ୍ନାଥ—ମହାଯାନା ।

**ଅସ୍କରା**—ଦେ. ବିଣ. (ସଂ. ଅପରିଷ୍କାର)—ଆବର୍ଜନାପୂର୍ଣ୍ଣ; ଅପରିଷ୍କୃତ—
Āskarā Unswept; uncleansed; full of refuse matter.
आस्कारा
मैला

**ଅସ୍କାରା**—ବିଦେ. ବି (ଅ)—ପ୍ରଶ୍ରୟ, ମୁଣ୍ଡଦେବା—
Āshkārā Indulgence; excessive fondling.

**ଅସ୍ତର**—ସଂ. ବି. (ଅ+ସ୍ତୃ ଧାତୁ=ବିସ୍ତାର କରିବା+କର୍ମ. ଅ)—
Āstara ଅସ୍ତରଣ (ଦେଖ)
Āstarana (See)

**ଅସ୍ତରଣ**—ସଂ. ବି. (ଅ=ସମ୍ୟକ୍; ବୃହଦର୍ଥେ+ସ୍ତୃ ଧାତୁ=ବିସ୍ତାର କରିବା+କର୍ମ. ଅନ)—
Āstarana
୧ । ବିଛଣା; ଶଯ୍ୟା—1. Bedding.
୨ । ବିଛଣାଚଦର—2. Bed-cloth; bed-sheet.
୩ । ଉପରେ ପକାଇବା ଘୋଡ଼ଣୀ—
3. An outer covering; a sheeting.
୪ । କମ୍ବଳାଦି ଆସନ—
4. Carpet; spreading cloth.
୫ । ପୋଷାକ ବା କୁର୍ତ୍ତାଭିତରେ ଲଗାଯିବା କନା—
5. Lining of a garment.
୬ । କାନ୍ଥରେ ପଲସ୍ତରା କରିବା; କାନ୍ଥରେ ଚୂନ ବା ମାଟି ବୋଳିବା—6. Plastering a wall with lime or mud.
୭ । ବାହାରର ଆଚ୍ଛାଦନ ବା ସ୍ତର—7. Outer layer; layer spread on the surface.
୮ । ହସ୍ତିପୃଷ୍ଠର ଚିତ୍ରିତ କମ୍ବଳ—
8. A painted rug for the elephant.
୯ । ଘୋଡ଼ାକମ୍ବଳ—9. Horse-rug.

**ଅସ୍ଥାନ**—ବିଦେ. ବି. (ଅ=ଅସ୍ତାନା—ଭୁଲ. ସଂ. ଅସ୍ଥାନ)—
Āstāna ୧ । ମୁସଲମାନ ପୀର ବା ମହାପୁରୁଷଙ୍କ ଅଧିଷ୍ଠାନ ସ୍ଥଳ—
1. The seat of Mahomedan pira or saint.
୨ । ହିନ୍ଦୁମାନେ ମୁସଲମାନମାନଙ୍କ 'ପୀର'ଙ୍କୁ ସତ୍ୟପୀର ବୋଲି ପୂଜା କରିବା ବେଳେ ଯେଉଁ ଆସନ ବା ପୀଢ଼ାରେ ସତ୍ୟପୀର ଠାକୁରଙ୍କର ଆବିର୍ଭାବ କଳ୍ପନା କରନ୍ତି—
2. A seat where the Hindus worship the Mahomedan pira in Satyapira-worship.
ଦେ. ବି. (ସ ଅସ୍ଥାନ)—ଅସ୍ଥାନ (ଦେଖ)
Āsthāna (See)
ଏତେ ଭଣି ନୃପତି ଅସ୍ଥାନେ ବସିଲେ
ବୋଲଇ ଭକ୍ତମ ପାତ୍ର ମନ୍ତ୍ରୀ ଡକାଇଲେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଅସ୍ଥାନପଢ଼ିଆରି**—ଦେ. ବି—ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ-
Āstānapardhāari A class of sebakas of Deity Jagannātha at Puri.
[ ଦ୍ର—ବେଢ଼ାହରଣ ଜଗିବା ଏବଂ ପରିଛାଙ୍କୁ ଉତ୍ସବରେ ଗୁଡ଼ାଇବା ଏହାଙ୍କ କାର୍ଯ୍ୟ । ଜଗବନ୍ଧୁସିଂହ. ପ୍ରା. ଉତ୍କଳ । ]

**ଅସ୍ତାନାସ୍ତ**—ଗ୍ରା. ବିଣ. (ସଂ. ଅନାଥ)—ଉଚ୍ଛୃଙ୍ଖଳ; ଅସ୍ତବ୍ୟସ୍ତ;
Āstanāsta ବ୍ୟସ୍ତସମସ୍ତ; ନାହାନ୍ ଛି ହଣା—
नास्तानाबुद Helterskelter, distracted; disorganised; ruined.
हुड्‍बड़ि

**ଅସ୍ତାନାସ୍ତା**—ଗ୍ରା. ବିଣ—ଅସ୍ତାନାସ୍ତ (ଦେଖ)
Āstānastā Āstānāsta (See)

**ଅସ୍ତାବଲ**—ଦେ. ବି. (ଇଂ. ସ୍ଟେବ୍ଲ)—
Āstābala ଅସ୍ତାବଲ; ଅଶ୍ୱଶାଳା; ଘୋଡ଼ାଗୁହାଳ—Stable.

**ଅସ୍ତି**—ଦେ. ବି. (ସଂ. ଅସ୍ତି)—୧ । ବିଷୟ, ସମ୍ପତ୍ତି; ବିଭବ—
Āsti 1. Substance; property; riches.
(ନାସ୍ତି—ବିପରୀତ) ୨ । ଅସ୍ତିତ୍ୱ—2. Existence.
ଶୂନ୍ୟର ଅସ୍ତି ନାସ୍ତି କହ, ଏଣୁ ତୋ ଭୁବଣୀ ଏ ଖୋହ ।
ଭୂତେ—ପ୍ରେମପଞ୍ଚାମୃତ ।
୩ । ହଁ—3. Yes.

**ଅସ୍ତିକ**—ସଂ. ବିଣ. ପୁଂ. (ଅସ୍ତି=ଅଛି+କର୍ତ୍ତାର୍ଥେ. କ) ଈଶ୍ୱର
Āstika ଅଛନ୍ତି ଓ ପରଲୋକ ଅଛି' ଏହି ଭାବ ଥିବା ବ୍ୟକ୍ତି—
(ନାସ୍ତିକ—ବିପରୀତ) ୧ । ଧାର୍ମିକ—1. Pious.
୨ । ଈଶ୍ୱରବାଦୀ; ଈଶ୍ୱରବିଶ୍ୱାସୀ—2. Believing God.

| ୧ | ଛ | ତ୍ତ | ଷ୍ଠ,ଷ୍ଟ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଡ | ଷ,ଶ | ଙ୍କ | ଇସ୍ତ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଭ | ବ୍ରୁ | ଲ୍ଲୁ | ସ୍ଥେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ● | ନୃ |

ସଂ. ବି—୧ । ଈଶ୍ୱର ଓ ପରଲୋକ ସ୍ୱୀକାର କରିବା ବ୍ୟକ୍ତି—
1. Theist.

୨ । ଶାସ୍ତ୍ରବିହିତ କର୍ମରେ ଯାହାର ବିଶ୍ୱାସ ଅଛି ଓ ଯେ ତତ୍‌ସମୁଦାୟର ଯଥାବିଧି ଅନୁଷ୍ଠାନ କରେ—
2. Having faith or reliance on scriptural rites.

୩ । ଜରତ୍କାରୁଙ୍କ ପୁତ୍ର—ମୁନିବିଶେଷ—
3. Name of a sage.

[ ଦ୍ର—ଜରତ୍କାରୁ ଅପଣା ସ୍ୱାମୀଙ୍କ ନିକଟରେ ପୁତ୍ର ପ୍ରାର୍ଥନା କରିବାରୁ ସ୍ୱାମୀ ଉତ୍ତର କଲେ 'ଅସ୍ତି' ଅର୍ଥାତ୍ 'ତୁମ୍ଭ ଗର୍ଭରେ ମୋ ଔରସ ସନ୍ତାନ ନିଶ୍ଚେ ଅଛି'—ଏଥିରୁ ପୁତ୍ରଙ୍କ ନାମ ଆସ୍ତିକ ହେଲା । ଏ ପରୀକ୍ଷିତଙ୍କ ସର୍ପଯଜ୍ଞରୁ ସର୍ପମାନଙ୍କୁ ରକ୍ଷା କରିଥିବାରୁ ଏହାଙ୍କ ନାମ ସ୍ମରଣ କଲେ ସର୍ପଭୟ ରହେ ନାହିଁ । ]

**ଆସ୍ତିକତା**—ସଂ. ବି. ( ଆସ୍ତିକ + ଭାବ. ତା )—
Āstikatā ୧ । ଈଶ୍ୱର ଓ ବୈଦିକଧର୍ମ ବିଷୟରେ ବିଶ୍ୱାସ—
1. Faith in the existence of God and the Bedas.

୨ । ଆସ୍ତିକର ବ୍ୟବହାର—
2. The conduct of a theist.

୩ । ଈଶ୍ୱର ଓ ପରଲୋକରେ ବିଶ୍ୱାସ—
3. Faith in God and in the next world.

**ଆସ୍ତିକ୍ୟ**—ସଂ. ବି. ( ଆସ୍ତିକ + ଭାବ. ଯ )—ଆସ୍ତିକତା ( ଦେଖ )
Āstikya Āstikatā ( See )

**ଆସ୍ତିନ୍**—ବୈଦେ. ବି ( ଫା )—କୁର୍ତ୍ତାର ହାତ—
Āstin Sleeves of a coat

**ଆସ୍ତିନାସ୍ତି**—ଦେ. ବି. ( ସଂ. ଅସ୍ତି ଓ ନାସ୍ତି )—
Āstināsti ୧ । ହଁ ବା ନାହିଁ—ଗୋଟିଏ ନିଶ୍ଚିତ କଥା—
1. A definite reply—yes or no.

୨ । ସ୍ଥିର ଜବାବ—2. Definite statement.

୩ । ହଁ ଅବା ନାହିଁ—3. Either yes or no.

**ଆସ୍ତିବାର୍ଡ଼ି**—ଦେ. ବି.—ବିଷୟସମ୍ପତ୍ତି; ବିଷୟଆଶୟ; ଚଳନ୍ତିଅଚଳନ୍ତି
Āstibārdi ସମ୍ପତ୍ତି—Property movable and immoveable.

**ଆସ୍ତୀକ**—ସଂ. ବି. ( ଅସ୍ତି = ଅଛି + ଇକ )—ଆସ୍ତିକ ( ୩ ) ( ଦେଖ )
Āstika Āstika 3. ( See )

**ଆସ୍ତୀର୍ଣ୍ଣ**—ସଂ. ବିଣ. ( ଆ = ଚାରିଆଡ଼େ = ସ୍ତୃ ଧାତୁ = ବିସ୍ତାର କରିବା
Āstirnna + କର୍ତ୍ତୃ. ତ )—
୧ । ଚାରିଆଡ଼େ ବିସ୍ତୃତ; ବିସ୍ତୀର୍ଣ୍ଣ—1. Spread out

୨ । ଆକୀର୍ଣ୍ଣ; ବ୍ୟାପ୍ତ—2. Scattered.

୩ । ଆଚ୍ଛନ୍ନ; ଆଚ୍ଛାଦିତ—3. Covered.

୪ । ପୀଡ଼ିତ—4. Sick.

**ଆସ୍ତେ**—ଦେ. କ୍ରି. ବିଣ. ( ଫା. ଅହିସ୍ତା )—
Aste ୧ । ଧୀରେ; ଧୀରଭାବରେ; ହାଲୁକେ ହାଲୁକେ—
আস্তে 1. Slowly.
हौले ୨ । କୋମଳଭାବରେ—2. Tenderly; softly

୩ । ନିଃଶବ୍ଦରେ—3. Gently; noiselessly.

**ଆସ୍ତେଆଗେଲ୍**—ଦେ. ବି. ( ଜାହାଜୀଙ୍କ ଭାଷା )—ଜାହାଜକୁ ଧୀରେ-
Āsteāgel ଧୀରେ ଆଗକୁ ନିଅ—( a nautical term ) Slowly advance.

**ଆସ୍ଥା**—ସଂ. ବି. ସ୍ତ୍ରୀ ( ଆ + ସ୍ଥା ଧାତୁ = ଅବସ୍ଥାନ କରିବା + ଭାବ. ଅ;
Āsthā + ସ୍ତ୍ରୀ. ଆ )— ୧ । ନିର୍ଭର; ଅବଲମ୍ବନ; ଆଶ୍ରୟ—
ଅନାସ୍ଥା—ବିପରୀତ 1. Dependence; refuge; resort; prop; stay.

୨ । ଶ୍ରଦ୍ଧା; ବିଶ୍ୱାସ—2. Trust; reliance; confidence; faith; regard; respect.

୩ । ଯତ୍ନ—3. Care.

୪ । ( + ଅଧିକରଣ. ଅ )—ସଭା—
4. Gathering; a meeting.

୫ । ସ୍ଥାନ—5. Place.

୬ । ସ୍ଥିତି—6. Position.

୭ । ଅପେକ୍ଷା—7. Waiting; depending on.

୮ । ନିଷ୍ଠା; ମନୋଯୋଗ—8. Attention.

**ଆସ୍ଥାକରିବା**—ଦେ. କ୍ରି—୧ । ଯତ୍ନ ନେବା—
Āsthākaribā 1. To take care of; to care.

୨ । ନିଷ୍ଠା ରଖିବା; ବିଶ୍ୱାସ କରିବା—
2. To have regard for or trust on.

୩ । ନିର୍ଭର କରିବା—3. To depend upon.

୪ । ବିଶ୍ୱାସଦୃଷ୍ଟିରେ ଚାହିଁବା—
4. To look up with confidence.

**ଆସ୍ଥାନ**—ସଂ. ବି. ( ଆ + ସ୍ଥା ଧାତୁ = ଥିବା + ଅଧିକରଣ. ଅନ )—
Āsthāna ୧ । ସଭା—1. Gathering; a meeting; assembly.

୨ । ଆସ୍ଥା; ବିଶ୍ୱାସ; ନିର୍ଭର—
2. Trust; faith; cofidence.

୩ । ( + ଭାବ. ଅନ )—ଯତ୍ନ; ପ୍ରୟାସ—
3. Care; regard.

୪ । ଅବଲମ୍ବନ—4. Prop; stay.

୫ । ବିଶ୍ରାମସ୍ଥାନ—
5. Place of refuge or shelter.

୬ । ଆରୋହଣ—6. Ascending; ascension.

୭ । ପ୍ରତିମା ଥାପି ବସିବାର ସ୍ଥାନ—
7. A seat for idols.

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ସାଢ଼' ନ ମିଳିଲେ 'ସାଢ଼' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲ୍‌ଙ୍କାର' ଦେଖିବେ ।

୮ । ଅଧିଷ୍ଠାନସ୍ଥଳ; ପୀଠ; ମଠ—
8. A seat; abode; place; a place where members of a sect or society congregate.

୯ । ବାସ କରିବାର ପ୍ରଧାନ ସ୍ଥାନ; କେନ୍ଦ୍ର—
9. Head-quarters.

୧୦ । ଗୃହାଦିର ସ୍ଥାନ—10. Site of a house.

୧୧ । ରାଜା ଯେଉଁଠାରେ ପ୍ରଜାଙ୍କ ଗୁହାରି ଶୁଣନ୍ତି; କଚେରି ଘର—11. A hall of audience.

**ଆସ୍ଥାନୀ**— ସଂ. ବି. ସ୍ତ୍ରୀ. (ଆ+ସ୍ଥା ଧାତୁ+ଅଧିକରଣ. ଅନ+ସ୍ତ୍ରୀ. ଈ)—
**Āsthānī** ସଭା—Assembly; a congregation.

**ଆସ୍ପଦ**—ସଂ. ବି. (ଆ+ପଦ ଧାତୁ=ଯିବା+ଅଧିକରଣ ଅ;'ସ'ର ଆଗମ)—
**Āspada** ୧ । ସ୍ଥାନ—1. Place; seat; site; position.

୨ । ବାସ ସ୍ଥାନ—2. Abode.

୩ । ଆଧାର—3. An object; receptacle.

୪ । ( +ଭାବ. ଅ )—ଅଧିଷ୍ଠାନ; ପ୍ରତିଷ୍ଠା—
4. Situation.

୫ । କାର୍ଯ୍ୟ—5. Action.

୬ । ପଦ—6. Position.

୭ । ପ୍ରଭୁତା—7. Mastery.

୮ । (ଜ୍ୟୋତିଷ) ଲଗ୍ନର ଦଶମ ସ୍ଥାନ—
8. (astrology) The 10th place from Lagna.

**ଆସ୍ପର୍ଦ୍ଧା**—ସଂ. ବି. ସ୍ତ୍ରୀ (ଆ+ସ୍ପର୍ଦ୍ଧ ଧାତୁ=ପରାଭୂତ କରିବାକୁ ଇଚ୍ଛା କରିବା +ଭାବ. ଅ+ସ୍ତ୍ରୀ. ଆ )—
**Āsparddhā**

୧ । ମାତ୍ସର୍ଯ୍ୟ; ଗାରିମା; ଗର୍ବ—
1. Arrogance; presumption.

୨ । ଅନୁଚିତ ଉଚ୍ଚ ଆକାଂକ୍ଷା—2. Ambition.

୩ । ଦାମ୍ଭିକତା—3. Daring of a person; boldness

୪ । ଗୁମର; ବଡ଼େଇକରିବା—
4 Boasting; bragging; vaunt.

୫ । ପ୍ରତିଯୋଗିତା—5. Emulation; rivalry.

୬ । ପରାଭବେଚ୍ଛା—6. Desire to overpower others

**ଆସ୍ପର୍ଦ୍ଧୀ**—ସଂ. ବିଣ. ( ଆ+ସ୍ପର୍ଦ୍ଧ ଧାତୁ=ସ୍ପର୍ଦ୍ଧା କରିବା+କର୍ତ୍ତୃ. ଇନ୍; ୧ମା. ୧ବ. )—
**Āsparddhī**

ଯେ ଆସ୍ପର୍ଦ୍ଧା କରେ—One who defies.

**ଆସ୍ଫାଳ**—ସଂ. ବି. ( ଆ+ସ୍ଫଳ ଧାତୁ=ଗମନ କରିବା+ଭାବ. ଅ )—
**Āsphāḻa** ହସ୍ତୀର କର୍ଣ୍ଣ ଚାଳନା—The movement of the ears of an elephant.

**ଆସ୍ଫାଳନ**—ସଂ. ବି. (ଆ+ସ୍ଫାଳ ଧାତୁ=ଗମନ କରିବା+ଭାବ.ଅନ)—
**Āsphāḻana** ୧ । ଗର୍ବପ୍ରକାଶ; ଆତ୍ମଶ୍ଳାଘା—1. Bragging blustering; self-adulation.

୨ । ଥାପଡ଼େଇବା; ତାଳମାରିବା—2. Clapping.

୩ । ( ଚଢ଼େଇର ଡେଣା, ହାତୀର କାନ, ମାଛର ଲାଞ୍ଜ ) ପିଟି ହେବା; ପଶ୍ଚାତ ସଞ୍ଚାଳନ ବା ଝୁଣ୍ଟାଇବା—
3. Flouncing or flapping (of the fins of a fish; elephant's ear or a bird's wing).

୪ । ସଂଘର୍ଷଣ—4. Waving; movement; friction.

୫ । ଆଘାତ କରିବା ପାଇଁ ଆସ୍ପର୍ଦ୍ଧାପୂର୍ବକ ଶସ୍ତ୍ରାଦି ଝଙ୍କାର କରିବା ବା ଉଞ୍ଚାଇବା—5. Brandishing.

**ଆସ୍ଫାଳିତ**— ସଂ. ବିଣ ( ଆ+ସ୍ଫଳ ଧାତୁ+କର୍ମ. ତ)—
**Āsphāḻita** ୧ । ଚାଳିତ; ସଞ୍ଚାଳିତ—1. Waved; moved

୨ । ତାଡ଼ିତ—2. Scared; driven away.

**ଆସ୍ଫାଳିବା**—ଦେ. କ୍ରି. (ସଂ. ଆସ୍ଫାଳନ)—
**Āsphāḻibā** ୧ । ଆସ୍ଫାଳନ କରିବ; ବଡ଼େଇ କରିବା—
1. To brag or vaunt.

୨ । ଶସ୍ତ୍ରାଦି ସଞ୍ଚାଳନ କରିବା; ଲହଲହ କରିବା—
2. To marshal a weapon; to brandish.

ବୀର ମଦେ କେହୁ ବୀର କାର୍ମୁକ ଟଙ୍କାରେ
କେ ଅବା ଆସ୍ଫାଳ ଅସି ଭୀଷଣ ହୁଙ୍କାରେ । ରାଧାନାଥ, କବିତାବଳୀ ।

**ଆସ୍ଫୋଟ**—ସଂ. ବି. ( ଆ+ସ୍ଫୁଟ ଧାତୁ=ଫୁଟିବା, ପ୍ରକାଶିତ ହେବା; ବଧ କରିବା+ଭାବ ଅ )—
**Āsphoṭa**

୧ । ବୀରମାନଙ୍କର ବାହୁରେ କିମ୍ବା ଜଙ୍ଘରେ ଫଟକ ମାରିବା—
1. Challenge: causing a sound by clapping the hand on the arm or the thigh as a sign of difiance before an athletic feat.

୨ । ଫଟ୍‌କ—2. Clapping or flapping of two flat things with each other.

୩ । ଫଟ୍‌କ ଶବ୍ଦ—3. Sound produced by clapping, flapping or flouncing.

୪ । ଅଙ୍ଗୁଠି ଫୁଟାଇବା—4 Sound produced by the twisting of the finger-joints.

୫ । ସଶବ୍ଦଆଘାତ—5. Striking with sound.

୬ । ପୁଷ୍ପାଦିର ବିକାଶ; ଫୁଲ ଫୁଟିବା; ଫୁଲର ପାଖୁଡ଼ା ଖୋଲିଯିବା—6. The blowing or opening of a flower.

୭ । ହଠାତ୍ ମେଲା ହୋଇ ଯିବା—
7. Sudden expansion.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଟ | ୟ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଁ | ଇଅ | ୱ | ନ୍ |

୮ । ହଠାତ୍ ମୁଦ୍ରଣ; ପକ୍ଷ ସହିତ ମୁଦ ହୋଇଯିବା—
8. Sudden shutting or clasping up of the flaps with a sound.
୯ । ଫୋଡ଼ିବା—9. Boring through.

**ଅସ୍ଫୋଟନ**—ସଂ ବି. ( ଆ+ସ୍ଫୁଟ ଧାତୁ+ଭାବ. ଅନ )—
Āsphoṭana ଅସ୍ଫୋଟ ( ଦେଖ ) Āsphoṭa ( See )

**ଅସ୍ଫୋଟନା**—ସଂ. ବି.ସ୍ତ୍ରୀ (ଆ+ସ୍ଫୁଟ ଧାତୁ=ଫୁଟିବା+କର୍ତ୍ତୃ. ଅନ+ସ୍ତ୍ରୀ. ଆ)—ବନମଲ୍ଲି; ବନମଲ୍ଲିକା—
Āsphoṭanā The wild Jasmine.

**ଅସ୍ଫୋଟନୀ**—ସଂ. ବି. ସ୍ତ୍ରୀ. ( ଆ+ସ୍ଫୁଟ ଧାତୁ=ଭେଦ କରିବା+କରଣ=ଅନ+ସ୍ତ୍ରୀ.)
Āsphoṭanī
୧ । ଫୁଟାଇବା ଯନ୍ତ୍ର; ଫୋଡ଼ଣୀ—
1. Auger; gimlet
୨ । ବଢ଼େଇଙ୍କ ଭଅଁର—2. A drill (carpenter's instrument for boring through a piece of wood ).

**ଅସ୍ୱାଦ**—ସଂ. ବି. (ଆ+ସ୍ୱଦ୍ ଧାତୁ=ଗ୍ରହିବା+କର୍ମ. ଅ)—
Āswāda ୧ । ମଧୁରାଦି ରସ— 1. Sweet and other tastes.
୨ । (+ଭାବ. ଅ)—ସ୍ୱାଦ; ରସପରିଚୟ; ଅସ୍ୱାଦନ—
2. Taste; relish; flavour.
୩ । ପାନ—3. Drinking.
୪ । ଭୋଜନ—4. Eating.

**ଅସ୍ୱାଦକ**—ସଂ.ବିଣ.ପୁଂ (ଆ+ସ୍ୱାଦ ଧାତୁ=ଅସ୍ୱାଦନ କରିବା+କର୍ତ୍ତୃ. ଅକ)—ଯେ ଅସ୍ୱାଦ ଗ୍ରହଣ କରେ— One who tastes.
Āswādaka (ଅସ୍ୱାଦିକା—ସ୍ତ୍ରୀ)

**ଅସ୍ୱାଦନ**—ସଂ. ବି. (ଆ+ସ୍ୱାଦ ଧାତୁ=ଚାଖିବା+ଭାବ. ଅନ )—
Āswādana ୧ । ସ୍ୱାଦଗ୍ରହଣ; କୌଣସି ପଦାର୍ଥର ରସ ଅନୁଭବ; ସ୍ୱାଦ ଉପଭୋଗ; ଚାଖିବା—1. Tasting; relishing; enjoyment of the taste of a thing.
୨ । ଅସ୍ୱାଦ; ରସପରିଚୟ—2. Taste; relish; flavour.
୩ । ପାନ—3. Drinking.
୪ । ଭୋଜନ—4. Eating.

**ଅସ୍ୱାଦନୀୟ**—ସଂ. ବିଣ. ( ଆ+ସ୍ୱଦ୍ ଧାତୁ+କର୍ମ. ଅନୀୟ )—
Āswādanīya ୧ । ଯାହା ଚଖାଯିବ—
1. To be tasted or relished
୨ । ଅସ୍ୱାଦଗ୍ରହଣର ଯୋଗ୍ୟ—2. Fit to be tasted.
୩ । ମୁଖରୁଚିକର; ସୁସ୍ୱାଦୁ—
3. Palatable; agreeable to the taste.

**ଅସ୍ୱାଦିତ**—ସଂ. ବିଣ. (ଆ+ସ୍ୱଦ୍ ଧାତୁ ଣିଚ=ସ୍ୱାଦ ଧାତୁ+କର୍ମ. ତ)—
Āswādita ଯାହା ଚଖା ହୋଇଅଛି—Tasted; enjoyed.

**ଅସ୍ୱାଦିବା**—ଦେ. ପଦ୍ୟ. କ୍ରି. (ସଂ. ଅସ୍ୱାଦନ)—୧ । ଅସ୍ୱାଦନ କରିବା; ଚାଖିବା—1. To taste; to relish.
Āswādibā
୨ । ( ଲକ୍ଷଣାର୍ଥ ) ଉପଭୋଗକରିବା—2. To enjoy.
ଟରେ ମାତ୍ର କେବେ ଅସ୍ୱାଦ ଏ ରୂପ ସୁଦଶା ପରୁଣ ଦେନା—ପଦ୍ମନାଭ, ସଖାର ।

**ଅସ୍ୱାଦୀ**—ସଂ. ବିଣ ( ଅସ୍ୱାଦ+ଅସ୍ତ୍ୟର୍ଥରେ. ଇନ୍ )—ସୁସ୍ୱାଦୁ; ଉତ୍ତମ-
Āswādī ସ୍ୱାଦଯୁକ୍ତ; ସୁଆଦିଆ— Delicious; palatable; savoury.

**ଅସ୍ୱାଦୁ**—ସଂ. ବିଣ (ଆ+ସ୍ୱାଦୁ)—ଅସ୍ୱାଦୀ (ଦେଖ)
Āswādu Āswādī (See)

**ଅସ୍ୱାଦ୍ୟ**—ସଂ. ବିଣ (ଆ+ସ୍ୱାଦ ଧାତୁ+କର୍ମ. ଯ)—ଅସ୍ୱାଦନୀୟ (ଦେଖ)
Āswādya Āswādanīya (See)

**ଅସ୍ମାନ୍** (ଇତ୍ୟାଦି)—ଅଶ୍ମାନ୍ ଇତ୍ୟାଦି (ଦେଖ)
Āsmān etc. Āśmān etc. (See)

**ଅସ୍ମାନୀ** (ଇତ୍ୟାଦି)—ଅଶ୍ମାନୀ ଇତ୍ୟାଦି (ଦେଖ)
Āsmānī etc Āśmānī etc. (See)

**ଆସ୍ୟ**—ସଂ. ବି. (ଅସ୍ ଧାତୁ=କ୍ଷେପଣ କରିବା+ଅଧିକରଣ. ଯ)—
Āsya ୧ । ମୁଖ; ବଦନ; ବକ୍ତ୍ର; ମୁଖମଣ୍ଡଳ—
1 Face; countenance.
୨ । ତୁଣ୍ଡ—2. Mouth.
ସଂ. ବିଣ —ମୁଖଭବ; ମୁଖରୁ ଜାତ - Produced from the mouth.
ଗ୍ରା. ପଦ୍ୟ. ବି (ସଂ. ଆଶୟ)—୧ । ଆଶୟ; ଅଭିପ୍ରାୟ—
1. Intention.
ଅସ୍ୟ କଣ ପାରେ ଜାଣୁ ଜାଣୁ ତେଲେ ପେଟେ—ସାରଳାମହାଭାରତ, ବସନ୍ତ ।
୨ । ଉଦ୍ଦେଶ୍ୟ; ଲକ୍ଷ୍ୟ—2. Aim.
ସେହି ଅସ୍ୟ ଧର ଏବେ ଜନମରୁ ପୁଅ—ସାରଳାମହାଭାରତ, ଅଦ ।

**ଆସ୍ୟା**—ସଂ. ବି. ସ୍ତ୍ରୀ ( ଅସ୍ ଧାତୁ=ବସିବା+ଭାବ. ଯ+ସ୍ତ୍ରୀ. ଆ )—
Āsyā ୧ । ସ୍ଥିତି; ଗତିରାହିତ୍ୟ—
1. Status; cessation of motion.
୨ । (ଆସ୍ୟ+ଅ+ଆ)—ମୁଖମଧୁ; ଛେପ—
2. Saliva; spittle.
୩ । ଆନନ—3. Face.
୪ । (ଆସ୍ୟ+ଭବାର୍ଥେ. ଅ+ସ୍ତ୍ରୀ. ଆ)—(ମୁଖସ୍ଥିତ) ଜିହ୍ୱା—Tongue.

**ଆସ୍ୟାସବ**—ସଂ. ବି. (୬ଷ୍ଠୀ ତତ୍; ଆସ୍ୟ=ମୁଖ+ଆସବ=ମଧୁର ତରଳବସ୍ତୁ)—ଲାଳ; ଛେପ—Saliva.
Āsyāsaba

**ଅସ୍ରବ**—ସଂ. ବି. (ଆ+ସ୍ରୁ ଧାତୁ=କ୍ଷରିବା; କଷ୍ଟଦେବା+ଭାବ. ଅ)—
Āsraba ୧ । କ୍ଷରଣ; ଝରିବା—Oozing; trickling.
୨ । (+କରଣ. ଅ) କ୍ଳେଶ; କଷ୍ଟ; ଦୁଃଖ—
2. Trouble; pain.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବଟ' ନ ପାଇଲେ ଅଲବତ୍ ଦେଖିବେ

**ଆହକ**—ସଂ. ବି.—ନାସାରୋଗବିଶେଷ; ନାକରେ ହେବା ଵ୍ୟାଧି—
Āhaka Inflammation of the schneiderian membrane of the nose.

**ଆହକଜ୍ୱର**—ସଂ. ବି.—ଉହାଜର (ଦେଖ)
Āhakajwara Uhājara (See)

**ଆହତ**—ସଂ. ବିଣ (ଆ=ସାମାନ୍ୟ+ହନ୍ ଧାତୁ=ବଧ କରିବା;
Āhata ଅଘାତ କରିବା+କର୍ମ. ତ)—୧ । କ୍ଷତ; ଅଘାତପ୍ରାପ୍ତ—1. Wounded; beaten; hurt.
୨ । ମର୍ଦ୍ଦିତ—Pressed; pounded.
୩ । ତାଡ଼ିତ—3. Struck; smitten.
୪ । ଜ୍ଞାତ—4. Known.
୫ । ଗୁଣିତ—5. Multiplied.
୬ । ଦଗ୍ଧ—6. Burnt.
ସଂ. ବି.—୧ । ମିଛ କଥା; ମିଥ୍ୟାବାକ୍ୟ—1. A lie.
୨ । ନୂତନ ବସ୍ତ୍ର—2. New cloth.
୩ । ଢକ୍କା; ଢୋଲ—3. A drum.
୪ । ଜୀର୍ଣ୍ଣ ବସ୍ତ୍ର—4. Worn out cloth.

**ଆହତଲକ୍ଷଣ**—ସଂ. ବିଣ. (ବହୁବ୍ରୀହି; ଆହତ=ଜ୍ଞାତ+ଲକ୍ଷଣ=ଚିହ୍ନ)—
Āhatalakshaṇa ଗୁଣଦ୍ୱାରା ବିଖ୍ୟାତ—(person)
(ଆହତଲକ୍ଷଣା—ସ୍ତ୍ରୀ) Famous or celebrated on account of his accomplishments.

**ଆହତି**—ସଂ ବି. (ଆ+ହନ୍ ଧାତୁ=ଅଘାତ କରିବା+ଭାବ. ତି)—
Āhati ୧ । ମାଡ଼; ତାଡ଼ନ—1. Beating; striking.
୨ । ଅଘାତ—2. A stroke; wound; injury
୩ । ଗୁଣନ—3. Multiplication.

**ଆହନନ**—ସଂ.ବି.(ଆ+ହନ୍+ଭାବ. ଅନ)—୧ । ମାଡ଼ଦେବା; ଅଘାତ
Āhanana କରଣ—1. Act of beating or striking
୨ । ଧାତୁଖଣ୍ଡକୁ ହାତୁଡ଼ିଦ୍ୱାରା ପିଟିବା—
2. Hammering a piece of metal.

**ଆହନନୀୟ**—ସଂ. ବିଣ (ଆ+ହନ୍ ଧାତୁ+କର୍ମ. ଅନୀୟ)—ଯାହାକୁ ମାଡ଼
Āhananiya ଦିଆଯିବ; ପିଟାହେବାଯୋଗ୍ୟ—To be beaten or struck; fit to be hammered; requiring hammering.

**ଆହନ୍ତବ୍ୟ**—ସଂ. ବିଣ. (ଆ+ହନ୍ ଧାତୁ+କର୍ମ. ତବ୍ୟ)—
Āhantabya ଆହନନୀୟ (ଦେଖ)—
Āhananiya (See)

**ଆହବ** - ସଂ. ବି. (ଆ+ହ୍ୱେ ଧାତୁ=ଡାକିବା+ଅଧିକରଣ. ଅ)—
Āhaba ୧ । ଯୁଦ୍ଧ—1. Battle.
୨ । ଯୁଦ୍ଧକ୍ଷେତ୍ର—2. Battle-field.
୩ । (ଆ+ହୁ ଧାତୁ=ହୋମ କରିବା+ଅଧିକରଣ ଅ) ଯଜ୍ଞ—3. A Vedic sacrifice.
୪ । ନାକ ମଧ୍ୟରେ ହେବା ବ୍ରଣ—
4. A boil within the nose.
ଦେ. ବି.—୧ । ଅହଙ୍କାର—1. Arrogance.
୨ । ଅସ୍ଥା; ବିଶ୍ୱାସ—2 Confidence.
୩ । ଦାମ୍ଭିକତା; ଦମ୍ଭ—3. Daring.
୪ । ହିମ୍ମତ; ସାହସ—4. Courage.
୫ । ଉତ୍ସାହ; ବଳଦେବା—5. Encouragement.
୬ । ସାମର୍ଥ୍ୟ—6. Power.

**ଆହବ କରିବା**—ଦେ. କ୍ରି—୧ । ଅସାଧ୍ୟ କାର୍ଯ୍ୟ କରିବାକୁ ସାହସ
Āhaba karibā କରିବା—1. To dare to do an act.
୨ । ଅସୀମ ସାହସିକ କାର୍ଯ୍ୟରେ ହସ୍ତକ୍ଷେପ କରିବା—
2. To prep are to do a very difficult act

**ଆହବନୀୟ**—ସଂ. ବିଣ. (ଆ+ହୁ ଧାତୁ=ହୋମ କରିବା+ଅଧିକରଣ.
Āhabaniya ଅନୀୟ)—ହୋମ କରିବାର ସମ୍ବନ୍ଧ ଉପଯୁକ୍ତ ବା ଯୋଗ୍ୟ; ହୋମୋପଯୋଗୀ—Fit for being offered as an oblation; to be offered as oblation.
ସଂ. ବି.—ଯଜ୍ଞସାଧନ ସକାଶେ ଅବଶ୍ୟକ ପଞ୍ଚଅଗ୍ନି ମଧ୍ୟରୁ ଏକ ଅଗ୍ନି; ଯଜ୍ଞାଗ୍ନିବିଶେଷ—A consecrated fire for sacrifice; one of the 5 sacrificial fires.

**ଆହବିବା**—ଦେ. କ୍ରି (ସଂ. ଆହବ)—୧ । ଆହବ କରିବା (ଦେଖ)
Āhabibā 1. Āhaba karibā (See)
୨ । କୌଣସି କାର୍ଯ୍ୟରୁ ହଟିଯିବା; କରୁଥିବା କୌଣସି କାର୍ଯ୍ୟରୁ ପଛଘୁଞ୍ଚା ଦେବା—2. To shrink or desist from doing an act (from fear of consequences or due to threats).
୩ । ଅଗ୍ରସର ହେଉଥିବା ଅବସ୍ଥାରେ ହଠାତ୍ ଥମ୍ଭିଯିବା—
3 To stop suddenly while proceeding.

**ଆହର**—ସଂ. ବି. (ଆ+ହୃ ଧାତୁ=ହରଣ କରିବା+ ଭାବ. ଅ)—
Āhara ଆହରଣ (ଦେଖ)
Āharaṇa (See)
ସଂ. ବିଣ. (+କର୍ତ୍ତୃ. ଅ)—ଆହରଣକାରୀ; ସଞ୍ଚୟକାରୀ—
One who collects or gathers.

**ଆହରଣ**—ସଂ. ବି. ( ଆ+ହୃ ଧାତୁ=ଆଣିବା+ଭାବ. ଅନ )—
Āharaṇa ୧ । ସଂଗ୍ରହ—1. Collection.
୨ । ଆୟୋଜନ—2. Preparation.
୩ । ଆନୟନ—3. Bringing; fetching.
୪ । ସଂଗ୍ରହ; ସଂକଳନ—4. Compiling.
୫ । ଅନୁଷ୍ଠାନ—5. Getting up; performance.
୬ । ଉପାର୍ଜନ—6. Earning.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର୍,ସ୍ବ | ଃ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଦ୍ଧ | ଛଥ | ଘ |
| ୨ | ଈ | ଉ | ଋ | ଌ | ଯେୃ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଥ | ଢ଼ | ନୃ |

୭ । କର୍ତ୍ତାକ—7. Accomplishing.

୮ । କରାଇବା; ଘଟାଇବା—8. Causing.

୯ । ଆହରଣୀୟ ପଦାର୍ଥ—
9. Things to be collected.

୧୦ । ବିବାହାବସରେ କନ୍ୟାକୁ ଦତ୍ତ ଉପଢୌକନ (ପଦାର୍ଥ)—
10. A dowry or present given to a bride at the time of marriage.

**ଆହରଣୀୟ**—ସଂ. ବିଣ ( ଆ + ହୃ ଧାତୁ = ସଂଗ୍ରହ କରିବା + କର୍ମ. ଅନୀୟ )—ସଂଗ୍ରହର ଉପଯୁକ୍ତ ବା ଯୋଗ୍ୟ—
Āharaṇiya
To be collected or gathered.

**ଆହର୍ତ୍ତବ୍ୟ**—ସଂ. ବିଣ. (ଆ + ହୃ ଧାତୁ = ସଂଗ୍ରହ କରିବା + କର୍ମ. ତବ୍ୟ;—ଆହରଣୀୟ ( ଦେଖ )
Āharttabya
Āharaṇiya ( See )

**ଆହର୍ତ୍ତା**—ସଂ. ବିଣ. ପୁଂ ( ଆ + ହୃ ଧାତୁ + କର୍ତ୍ତୃ. ତୃ )—
Āharttā ୧ । ଆହରଣ ବା ସଂଗ୍ରହ କରିବା (ବ୍ୟକ୍ତି); ସଂଗ୍ରାହକ—
(ଆହର୍ତ୍ତ୍ରୀ—ସ୍ତ୍ରୀ) 1. One who collects or brings together; compiler.

୨ । ଯଜ୍ଞାଦି କ୍ରିୟାର ଅନୁଷ୍ଠାତା—
2. Performer of sacrifice.

**ଆହା**—ଦେ. ଅ. ( ସଂ. ଅହୋ )—୧ । ଅନୁତାପ; ଆକ୍ଷେପ ବା ଖେଦସୂଚକ ହାୟ !—1. Alas ! ( remorse; regret or sorrow).
Āhā
ହାୟ
आहा ୨ । ଆନନ୍ଦସୂଚକ—ଉଦ୍ଦୋ—2. Aha ! (joy)

୩ । ଦୟା ବା ଅନୁକମ୍ପାସୂଚକ ହାୟ !—3. Ah ! ( pity )

ନରେଶ୍ୱି ଭଙ୍ଗାରୁ ଅରେ ଅହା—କବିସୂର୍ଯ୍ୟ କଣୋସ୍ବବିମ୍ବ, ୫. ଗୀତ ।

**ଆହା କରିବା**—ଦେ.କ୍ରି.—୧ । ଖେଦ କରିବା—1. To lament.
Āhā kariba
हाय करना ୨ । ଅନୁତାପ କରିବା—2. To repent; to regret.

୩ । ସହାନୁଭୂତି ପ୍ରକାଶ କରିବା—
3. To sympathise; to pity; to show sympathy.

ବାହାରେ ଲୋକର ଅହା କରିବାକୁ ସାହା ନାହିଁ ସର୍ବ୍ବ ଅଛିଲେ ।
ଉକ୍ତ. ବୈଦେହୀଶବିଳାସ—୨୧ । ୧୪ ।

**ଆହାନିକ**—ଗ୍ରା. ପଦ୍ୟ. ବି. (ସଂ. ଆହ୍ନିକ)—୧ । ଆହ୍ନିକ (ଦେଖ)
Āhānika
I. Āhnika (See)

ଆହାନିକ ସାର ଏଣେ କରିବା ଭୋଜନ—ସାର । ମହାଭାରତ. ବନ୍ତଃ ।

**ଆହାବ**—ସଂ. ବି.—୧ । ( ଆ + ହ୍ୱେ ଧାତୁ = ଡାକିବା + ଅଧିକରଣ. ଅ —ଯେଉଁଠାକୁ ପଶୁମାନେ ପାଣି ପିଇବା ନିମନ୍ତେ ଆହୂତ ହୁଅନ୍ତି ; ଗୋରୁ ଆଦି ପଶୁମାନଙ୍କର ପାଣି ପିଇବା ସକାଶେ କୂପ ନିକଟରେ ପ୍ରସ୍ତୁତ ହୋଇଥିବା କ୍ଷୁଦ୍ର ଜଳାଶୟ ବା ଜଳକୁଣ୍ଡ—1. An artificial basin constructed near a well, filled with water for cattle drinking therefrom.
Āhāba

୨ । (ଯେଉଁଠାକୁ ବୀରଗଣ ଆହୂତ ହୁଅନ୍ତି) ଯୁଦ୍ଧ—
2. Battle.

୩ । ( ଆ + ହୁ ଧାତୁ = ହୋମକରିବା + ଅଧିକରଣ. ଅ ; ଯହିଁରେ ହୋମ କରାଯାଏ)—ଅଗ୍ନି—3. Fire

୪ । (+ଭାବ. ଅ)—ଆହ୍ୱାନ 4. Calling.

୫ । ମନ୍ତ୍ରବିଶେଷ ଦ୍ୱାରା ଆହ୍ୱାନ—5. Invoking.

୬ । ଆହ୍ୱାନସାଧନମନ୍ତ୍ରବିଶେଷ— 6. A kind of sacred text by which the invocation is performed.

୭ । ( + କରଣ. ଅ )—ଦ୍ରୋଣକଳସ; ଉଗା ଅଲ୍ପଭର ଜଳପାତ୍ରବିଶେଷ—7. A trough near a well for watering cattle.

ଦେ. ବି.—ଅହବ (ଦେଖ)
Āhaba (See)

**ଆହାବିବା**—ଦେ. କ୍ରି.—ଅହବିବା ଦେଖ
Āhābibā
Ahabibā (See)

**ଆହା ମରଇ**—ଦେ. ଅ.—ପ୍ରିୟଜନଙ୍କ ଦୁରବସ୍ଥାଜନିତ ଖେଦସୂଚକ ଅବ୍ୟୟ—ହାୟ ! ମୁଁ ମରି ନ ଯାଇ ଏହା ଯାହା ଆଖିରେ ଦେଖିଲି ! ଆହା ଏ ଦୁଃଖର ବିଷୟ !—
Āhāmarai
हाय मरि मरि
Alas: what a sad thing.

ନବ କାହିଁ କି ନୟନେ ନଣ. ଧନ ଅହା ମରଇ ମୋ ଧନ ।
କବିସୂର୍ଯ୍ୟ, କଣୋସ୍ବବିମ୍ବ, ୭ ଗୀତ ।

**ଆହାମଦ୍**—ବୈଦେ. ବି. (ଆ) ନାମ—ହଜରତ୍ ମିର୍ଜା ଗୋଲାମ୍ ଅହ୍ମଦ୍, ମୁସଲମାନ ଆହାମ୍ମଦୀୟ ସମ୍ପ୍ରଦାୟର ପ୍ରବର୍ତ୍ତକ—
Āhāmad
The founder of the Āhāmmadiya sect of the Mahomedans.

**ଆହାମଦୀ**—ଦେ. ବି.— ଆହାମ୍ମଦୀୟ (ଦେଖ)
Āhāmadi
Āhāmmadiya (See)

**ଆହାମ୍ମକ୍**—ବୈଦେ. ବିଣ (ଆ)—୧ । ମୂର୍ଖ; ବୋକା—
Āhāmmak
1. Dunce; foolish.

୨ । ନିର୍ବୋଧ—2. Simpleton.

**ଆହାମ୍ମକି** ଦେ. ବି — ୧ । ମୂର୍ଖପଣ —Folly.
Āhāmmaki ୨ । ନିର୍ବୋଧତା—2. Stupidity.

**ଆହାମ୍ମଦୀୟ** – ଦେ. ବି.—ମୁସଲମାନମାନଙ୍କର ନୂତନ ସମ୍ପ୍ରଦାୟ ବିଶେଷ
Āhāmmadiya ( ମହମ୍ମଦ ଅଲେ ଶାବ୍ଦ ଦେଖ)
Āhāmmadiya sect of the Mahomedans.

**ଆହାର୍**—ସଂ ବି. (ଆ + ହୃ ଧାତୁ = ହରଣ କରିବା; ଭୋଜନ କରିବା + ଭାବ. ଅ)—୧ । ଖାଇବା; ଭୋଜନ—1. Eating; meal; taking food.
Āhāra

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂତ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । (+କର୍ମ. ଅ) ଖାଦ୍ୟ; ଭୋଜ୍ୟବସ୍ତୁ—
2. Food; provision; diet.
୩ । ଆହରଣ—3. Gathering; taking in
୪ । ଦେହପୁଷ୍ଟିର ଉପାଦାନ—4. Sustenance.

**ଆହାରକ**—ସଂ. ବିଣ. ପୁଂ. (ଆ + ହୃ ଧାତୁ + କର୍ତ୍ତୃ ଅକ)—
**Āhāraka** ସଂଗ୍ରାହକ—Collector; compiler; one who brings things to a place.
(ଆହାରିକା—ସ୍ତ୍ରୀ)

**ଆହାରଛଟା**—ଦେ. ବି. (ନାମ—ରୋଗବିଶେଷ; ମୂର୍ଚ୍ଛା ବାତ; ମୃଗୀବାତ—
**Āhārachhaṭā** Epilepsy; epileptic fit.
मृगी मिरगी
ଆହାରଛଟା, ଜଗି ନ ରହିଲେ କପାଳ ଫଟା । ଢଗ ।

**ଆହରଛାଟ**—ଦେ. ବି.—ଆହାରଛଟା (ଦେଖ)
**Āharachhāta** Āhārachhaṭā (See)
ଆହାରଛାଟ, ଜଗି ନ ରହିଲେ କମର ଭେଟ—ଢଗ ।

**ଆହାର ଛାଡ଼ିବା**—ଦେ. କ୍ରି—ରୋଗ ବା ବାର୍ଦ୍ଧକ୍ୟ ହେତୁ; ଅରୁଚିବଶତଃ
**Āhāra chhāḍibā** ଖାଇବା ତ୍ୟାଗ କରିବା—
আহার ছড়া To give up taking usual food owing
अनाजछाड़ना to old age or infirmity.

**ଆହାର ଢୋକିବା**—ଦେ. କ୍ରି.—(ଧାନଗଛ) ଫୁଲ ଉଡ଼ାଇବା ପରେ ଧାନ
**Āhāra ḍhokibā** ମଧ୍ୟରେ ଧଳା କ୍ଷୀର ଜାତ ହେବା—
Generating a milk-white watery substance after flowering (said of paddy plants.)

**ଆହାର ଦେବା**—ଦେ. କ୍ରି.—ପକ୍ଷୀ ମାତା ପକ୍ଷିଶାବକଙ୍କୁ ଥଣ୍ଟରେ ଖାଦ୍ୟ
**Āhāra debā** ବା ଆଧାର ଦେବା—(mother bird)
আহার দেওয়া To give food to the young ones
अघारदेना with the beak.

**ଆହାର ଧରିବା**—ଦେ. କ୍ରି—ସ୍ତନ୍ୟପାୟୀ ଶିଶୁର ପ୍ରଥମେ ଅନ୍ନ ଇତ୍ୟାଦି
**Āhāra dharibā** ଖାଇବା—A child's first taking
আহার ধরা to substantial food (eg. rice) after it gives up taking milk.

**ଆହାରନାଳୀ**—ସଂ. ବି. (ଦେହବିଜ୍ଞାନପର ଭାଷା)—ଯେଉଁ ନାଳ
**Āhāranāḷi** ବାଟେ ମୁଖଗହ୍ୱରରୁ ପେଟକୁ ଖାଦ୍ୟ ଯାଏ—
Alimentary canal)

**ଆହାରପଥ**—ସଂ. ବିଣ. (ବିଜ୍ଞାନପରଭାଷା)—ଆହାରନାଳୀ (ଦେଖ
**Āhārapatha** Āhāranāḷi (See)

**ଆହାରବିହାର**—ସଂ. ବି. (ଦ୍ୱନ୍ଦ୍ୱ)—ଆହାରାଦି ଯାବତୀୟ ଦୈନିକ
**Āhārabihāra** କାର୍ଯ୍ୟ; ପାନାହାରାଦି—Eating and all other acts necessary for a living being

**ଆହାରାନ୍ୱେଷୀ**—ସଂ. ବିଣ. ପୁଂ—ଯେ ଖାଦ୍ୟଦ୍ରବ୍ୟ ଖୋଜୁଥାଏ—
**Āhārānweshi** Searching after food
(ଆହାରାନ୍ୱେଷିଣୀ—ସ୍ତ୍ରୀ)

**ଆହାରାଭାବ**—ସଂ. ବି. (୬ଷ୍ଠୀ ତତ୍)—୧ । ଖାଦ୍ୟାଭାବ—
**Āhārābhāba** 1. Want of food.
୨ । ଅନାହାର—2. Starvation.

**ଆହାରାର୍ଥୀ**—ସଂ ବିଣ. ପୁଂ. (ଆହାର = ଭୋଜନ + ଅର୍ଥଧାତୁ = ପ୍ରାର୍ଥନା କରିବା + କର୍ତ୍ତୃ. ଇନ୍; ୧ମା. ୧ବ.)—
**Āhārārthi**
(ଆହାରାର୍ଥିନୀ—ସ୍ତ୍ରୀ) ୧ । ଖାଇବାପାଇଁ ଇଚ୍ଛୁକ—
1. Desirous of eating.
୨ । ଖାଇବା ପାଇଁ ପ୍ରାର୍ଥୀ—2. Begging for food.

**ଆହାରୀ**—ସଂ ବିଣ. (ଆହାର + କର୍ତ୍ତୃ. ଇନ୍)—
**Āhāri** ପେଟୁ; ଉଦରମ୍ଭରି; ଯେ ବହୁତ ଖାଇପାରେ—
Gluttonous; greedy.

**ଆହାରୀୟ**—ସଂ. ବିଣ. (ଆହାର + ସମ୍ବନ୍ଧାର୍ଥେ. ଈୟ)—
**Āhāriya** ଖାଦ୍ୟସମ୍ବନ୍ଧୀୟ—Relating to food.

**ଆହାର୍ଯ୍ୟ**—ସଂ. ବିଣ. (ଆ + ହୃ ଧାତୁ = ଖାଇବା; ସଂଗ୍ରହ କରିବା + କର୍ମ, ଯ)
**Āhārjya** ୧ । ଖାଦ୍ୟ; ଭୋଜ୍ୟ; ଖାଦ୍ୟୋପଯୋଗୀ; ଆହାରୀୟ—
1. Fit to be eaten; edible; eatable.
୨ । ସଂଗୃହୀତ ହେବାର ଯୋଗ୍ୟ; ଆହରଣୀୟ—
2. Fit to be collected or brought together.
୩ । ସଂଗୃହୀତ ହୋଇଥିବା—
3. Collected; gathered.
୪ । ଆହରଣସିଦ୍ଧ; କୃତ୍ରିମ; ଅସ୍ୱାଭାବିକ; ଯତ୍ନସାଧ୍ୟ ବା ବେଶଭୂଷାଦିଦ୍ୱାରା ସମ୍ପନ୍ନ (ଶୋଭା)—4. Got up; false; artificial (beauty).
୫ । ଆରୋପିତ; କଳ୍ପିତ—5. Imputed; feigned; effected.
୬ । ନୈମିତ୍ତିକ—6. Casual; superficial.

**ଆହାର୍ଯ୍ୟଶୋଭା**—ସଂ. ବି. (କର୍ମଧା; ଆହାର୍ଯ୍ୟ + ଶୋଭା)—
**Āhārjyaśobhā** କୃତ୍ରିମ ସୌନ୍ଦର୍ଯ୍ୟ; ବେଶଭୂଷାଦି ଦ୍ୱାରା ଯେଉଁ ଶୋଭା ସମ୍ପାଦନ କରାଯାଏ—
Done up or artificial beauty; got up beauty.

**ଆହାର୍ଯ୍ୟସାମଗ୍ରୀ**—ସଂ. ବି. (କର୍ମଧା; ଆହାର୍ଯ୍ୟ + ସାମଗ୍ରୀ)—
**Āhārjyasāmagri** ଖାଦ୍ୟ ବସ୍ତୁ—Articles of food; edibles.

**ଆହାଲାଦ**—ଗ୍ରା. ପଦ୍ୟ. ବି (ସଂ. ଆହ୍ଲାଦ)—
**Āhālāda** ହର୍ଷ; ଆନନ୍ଦ; ଆମୋଦ—
Joy; mirth; rejoicing; delight.
ମିତ୍ରଜନ ମନ ମୀନକୁ ଜଳ ପରି
ଆହାଲାଦ ଦେଇ ସେ ଜାଣ ଦଣ୍ଡଧାରୀ । କୃଷ୍ଣସିଂହ ମହାଭାରତ. ଶଲ୍ୟ ।
ଗ୍ରା. ପଦ୍ୟ. ବିଣ—ଆନନ୍ଦଦାୟକ; ଲାବଣ୍ୟମୟ; ଆହ୍ଲାଦକ—
Charming; lovely.
ଆହାଲାଦ ଗୁଣ ତହିଁ କହେ ନଶାକର ।
ଶିଶୁଶଙ୍କର—ଉଷା ଅଭିଳାଷ ୨ । ୪ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ଋର | ଓ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଉଂଯ | ଙ୍କ | ଢ |
| ୨ | ଋ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଉଅ | ଔ | ନ୍ଦ |

**ଆହ୍ଲାଦ କରିବା**—ଦେ. କ୍ରି—ସ୍ନେହ କରିବା; କୋମଳ ବ୍ୟବହାର କରିବା—To fondle; to behave tenderly.
Āhlāda kariba
ନାଇଁ ଦେଓ୍ୱା
**ଲାଡକରନା**

**ଆହ୍ଲାଇବା**—ଦେ. କ୍ରି—ଅହୁଲାଇବା ( ଦେଖ )
Āhlāiba Āhulāibā ( See )

**ଆହିତ**—ସଂ. ବିଣ. ( ଆ + ଧା ଧାତୁ = ରଖିବା; ଦେବା + କର୍ମ. ତ )—
Āhita ୧ । ନ୍ୟସ୍ତ; ସ୍ଥାପିତ—1. Placed.
୨ । ସଞ୍ଚିତ—2. Deposited.
୩ । ଆସକ୍ତ; ଅନୁରକ୍ତ—
3. Attached; devoted to.
୪ । ଯାହାକୁ ବନ୍ଧକ ଦିଆଯାଇଅଛି—4. Pledged.
୫ । କ୍ଷିପ୍ତ—5. Thrown away; rejected.
୬ । କୃତ—6. Effected.
୭ । କୃତାଧାନସଂସ୍କାର ( ଅଗ୍ନି )—
7. ( fire ) Consecrated.
୮ । ଜନିତ—8. Produced.
୯ । ନିଷିକ୍ତ—9. Impregnated.
୧୦ । ସଂହିତ—10. United; collected.
୧୧ । ଅର୍ପିତ—11. Given.
୧୨ । ସମ୍ପାଦିତ—12. Performed; done.
୧୩ । ଜାତ—13. Born; grown.
୧୪ । ଆରୋପିତ—14. Imputed.
୧୫ । ଅନୁଭୂତ—15. Felt.

**ଆହିତଲକ୍ଷଣ**—ସଂ. ବିଣ. ପୁଂ. (ବହୁବ୍ରୀହି; ଆହିତ + ଲକ୍ଷଣ)—
Āhitalakshaṇa ୧ । ଗୁଣଦ୍ୱାରା ବିଖ୍ୟାତ—
(ଆହିତଲକ୍ଷଣା—ସ୍ତ୍ରୀ) 1. Celebrated for accomplishments.
୨ । ନ୍ୟସ୍ତଚିହ୍ନ—2. Marked with a sign.

**ଆହିତାଗ୍ନି**—ସଂ. ବିଣ. ପୁଂ. (ଆହିତ=ସଂସ୍ଥିତ+ ଅଗ୍ନି =ଯଜ୍ଞାଗ୍ନି, ଯାହା-
Āhitāgni ଦ୍ୱାରା)—ଯେଉଁ ବ୍ରାହ୍ମଣ ଯଜ୍ଞାଗ୍ନିକୁ ଗୃହରେ ସଂସ୍ଥାପିତ କରି ସର୍ବଦା ଜାଳ ରଖନ୍ତି; ସାଗ୍ନିକ. ଅଗ୍ନିହୋତ୍ରୀ—
( a Brāhmaṇa ) Who keeps the sacred fire burning day and night in the house; ( one ) who keeps the sacrificial fire alive.

**ଆହିତୁଣ୍ଡିକ**—ସଂ. ବି. ପୁଂ. ( ଅହିତୁଣ୍ଡ =ସର୍ପମୁଖ + କ୍ରୀଡ଼ାର୍ଥେ; ଇକ.
Āhitundika ଯେ ସାପର ମୁଖଦ୍ୱାରା ଖେଳେ) —ସାପୁଆଖେଳା—
Snake-catcher; snake-charmer.
ସଂ. ବିଣ.—ଯେ ସର୍ପବିଦ୍ୟାରେ ନିପୁଣ—Skilled in the art of snake-charming.

**ଆହିର**—ଦେ.ବି.(ସଂ. ଆଭୀର)—ବିହାର ଓ ଉତ୍ତରପଶ୍ଚିମ ଅଞ୍ଚଳର ଗଉଡ଼
Āhira ଜାତି; ଅହିରଗଉଡ଼—A cowherd; a caste
(ଆହିରୀ—ସ୍ତ୍ରୀ) now taking to rope-dancing by females.

**ଆହିରି**—ଦେ. ବି.—ଆହିର (ଦେଖ)
Āhiri Āhira (See)

**ଆହୁଟ**—ଦେ. ବିଣ. (ସ. ଉଦ୍ବର୍ତ୍ତିତ )—୧ । ଅଉଟା; ନିଆଁରେ ଫୁଟା
Āhuṭa ହେବା—1. Being agitated over fire.
୨ । ଗ୍ରୀଷ୍ମକାଳରେ ପବନ ଅଭାବରୁ ଘର୍ମରେ ଅଭୁଲ ବା ବ୍ୟାକୁଳ—2. Feeling close and sweaty for want of breeze in the summer season.

**ଆହୁଟଣ**—ଗ୍ରା. ବି. (ସଂ. ଉଦ୍ବର୍ତ୍ତନ)—ଆଉଟଣ (ଦେଖ)
Āhutaṇa Āutaṇa (See)

**ଆହୁଡ଼ାବାହୁଡ଼ା**—ଗ୍ରା. ପଦ୍ୟ. ବି—ଯିବା ଆସିବା—
Āhurḍa bāhurḍa Coming and going.
ମୋ ଚରଣେ ବଶ ପାହୁଡ଼, ବନେ କରୁ ଥିବ ଥାଉଡ଼ ।
ପାଦ ରୁଣ ଝୁଣ ଶବଦ ଶୁଣିଣ କରୁଥାଇ ଆହୁଡ଼ାବାହୁଡ଼ା ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**ଆହୁତ**—ସଂ. ବିଣ. (ଆ + ହୁ ଧାତୁ = ହୋମ କରିବା + କର୍ମ. ତ)—
Āhuta ମନ୍ତ୍ରପାଠପୂର୍ବକ ହୋମ ଅଗ୍ନିରେ ନିକ୍ଷିପ୍ତ (ଘୃତ ଓ ଚରୁ-ଆଦି)—Offered as oblations to the sacrificial fire; sacrificed.
ସଂ. ବି. (+ଭାବ. ତ)—ଗୃହସ୍ଥର କର୍ତ୍ତବ୍ୟ ପଞ୍ଚଯଜ୍ଞ—
The five great sacraments enjoined on every householder by the Bedas.

**ଆହୁତି**—ସଂ. ବିଣ. (ଆ + ହୁ ଧାତୁ = ହୋମ କରିବା+ଭାବ. ତି)—
Āhuti ୧ । ହୋମ; ମନ୍ତ୍ରପାଠପୂର୍ବକ ଘୃତାଦିର ହୋମାଗ୍ନିରେ ନିକ୍ଷେପ—1. Sacrificial Homa; Vedic sacrifice; sacrifice by fire.
୨ । ଆହବନୀୟ ବା ହୋମୋପଯୋଗୀ ଦ୍ରବ୍ୟ—
2. Burnt offering; oblation (e.g. ghee, rice, honey etc. )
୩ । ଘୃତ ଆଦି ସ୍ରୁବଦ୍ୱାରା ଅଗ୍ନିରେ ଏକକାଳ ନିକ୍ଷେପ—
3. That much of burnt offering (e. g. ghee etc.) which is poured into the fire at one time by means of the sruba or ladle.

**ଆହୁତି ଦେବା**—ଦେ.କ୍ରି.—୧ । ଘୃତାଦି ହୋମାଗ୍ନିରେ ନିକ୍ଷେପ କରିବା—
Āhuti debā 1. To throw or pour ghee into the sacred fire.
ଆହୁତିଦେଓ୍ୱା
**ଆହୁତିଦେନା** ୨ । (ଲକ୍ଷଣାର୍ଥ) ବିସର୍ଜନ କରିବା; ଜଳାଞ୍ଜଳି ଦେବା—
2. To sacrifice (one's interests).

ସାଧାରଣ ଲୋକେ ଶବ୍ଦର ପ୍ରଥମରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳିବଡ଼' ନ ପାଇଲେ 'ଅଲିବଡ଼' ଦେଖିବେ

ଆହୁତ ଦେଇଣ ଅସମ୍ଭୋଷେ ହେଲେ ସତୀ-ସ୍ୱାମି-ଗୃହବାସୀ ।
ନବକଶୋର. ଶର୍ମିଷ୍ଠା ।

୩ । ଉତ୍ତେଜିତ କରିବା—3. To instigate; to fan (as by adding ghee to fire.)

**ଆହୁରି**— ଦେ. ଅ. (ସଂ. ଅନ୍ୟତ୍ ଓ ହି)—୧ । ଆଉ; ପୁନରପି—
Āhuri 1. Also; moreover.
আবার; আর ୨ । ଅଦ୍ୟାପି
और 2. Till today; till now.
ଦେ. ବଣ.—ଆଉ; ଅଧିକ—More.

**ଆହୁଲା**—ଦେ. ବି.—ଅହୁଲା; ନୌକା ଚଳାଇବାରେ ବ୍ୟବହୃତ ଦଣ୍ଡ-ବିଶେଷ; କ୍ଷେପଣୀ—Oar.
Āhulā
হাল; দাঁড়
बल्ला; डांड़ी

**ଆହୁଲାଇବା**—ଦେ. କ୍ରି.—୧ । ଅହୁଲା ପକାଇବା—
Āhulāibā 1. To row.
হালধরা; দাঁড়ফেলা ୨ । ଅହୁଲାଦ୍ୱାରା ନୌକା ଚଳାଇବା—
डांड़खेना 2. To row a boat over.
୩ । (ଭୁଲା ପ୍ରଭୃତି ଦ୍ୱାରା) ବାୟୁକୁ ସଞ୍ଚାଳିତ କରିବା—
3. To cause the motion of the air (by means of a fan).

**ଆହୂତ**—ସଂ. ବଣ. (ଆ+ହ୍ୱେ ଧାତୁ=ଡାକିବା+କର୍ମ. ତ)—
Āhūta ୧ । ନିମନ୍ତ୍ରିତ; ଆମନ୍ତ୍ରିତ—1. Invited.
(ଅନାହୂତ—ବିପରୀତ) ୨ । ସମ୍ବୋଧିତ—2. Addressed.
୩ । ଡକାହେବା—3. Called; invoked; summoned.

**ଆହୂତି**—ସଂ. ବି. (ଆ+ହ୍ୱେ ଧାତୁ=ଡାକିବା+ଭାବ. ତି)—
Āhūti ଆହ୍ୱାନ; ଡାକରା; ନିମନ୍ତ୍ରଣ—
Call; invitation; summons

**ଆହୃତ**—ସଂ. ବଣ. ( ଆ+ହୃ ଧାତୁ=ହରଣ କରିବା; ନେବା+କର୍ମ. ତ)—୧ । ଆହ୍ରୋରିତ—1. Collected.
Āhṛuta
୨ । ସଞ୍ଚିତ; ସଂଗୃହୀତ—2. Gathered; stored in.
୩ । ଆନୀତ—3. Brought in; seized.
୪ । ସଂକଳିତ—4. Compiled.
୫ । ନୀତ—5. Taken away.

**ଆହେ**— ଦେ. ଅ. (ସଂ. ଅହୋ)—ସମ୍ବୋଧନସୂଚକ ଗୌରବାର୍ଥକ ମାନ୍ୟ ବ୍ୟକ୍ତିଙ୍କଠାରେ ପ୍ରଯୁଜ୍ୟ—ହେ—Interjection applied to respected persons—Oh Sir!
Āhe
ওহো
आह
ଆହେ ନରେନ୍ଦ୍ର ସନ୍ଦେହ ଏଥି ନାହିଁ—କୃଷ୍ଣସିଂହ ମହାଭାରତ. ଅଦ ।

**ଆହେମଦ୍**—ବୈଦେ. ବି. ( ଅ ). ( ନାମ )—ଅହାମଦ୍ (ଦେଖ)
Āhemad Āhāmad (See)

**ଆହେୟ**—ସଂ.ବଣ. (ଅହି=ସର୍ପ+ସମ୍ବନ୍ଧାର୍ଥେ. ଏୟ)—ସର୍ପସମ୍ବନ୍ଧୀୟ—
Āheya Relating to snakes.

**ଆହେହେ**—ଦେ. ଅ.—ଆହେ (ଦେଖ)
Āhehe Āhe (See)

**ଆହୋ**—ସଂ. ଅ. ( ଆ+ହନ ଧାତୁ=ଆଘାତ କରିବା+ଅଧିକରଣ; ବିକଳ୍ପ, ସନ୍ଦେହ, ପ୍ରଶ୍ନ ଓ ବିସ୍ମୟାର୍ଥକ ସମ୍ବୋଧନ)—
Āho
ଆହେ (ଦେଖ)—Āhe (See)
ଆହୋ ଭ୍ରାତୃ ଦ୍ରୋଣ ବୃଥାଇଥିଲ ମୋତେ—ସାରଳାମହାଭାରତ. ଉଦ୍ଯୋଗ ।

**ଆହୋପୁରୁଷିକା**—ସଂ. ବି. (ଅହୋପୁରୁଷ+ଇକ+ସ୍ତ୍ରୀ. ଆ; "ଅହଂ ଏବ ପୁରୁଷଃ" ଅର୍ଥାତ୍ ମୁଁ ଏକା ମନୁଷ୍ୟ, ଅନ୍ୟ କେହି ମୋ ଆଗରେ ମନୁଷ୍ୟ ନୁହେ )—ଆତ୍ମବଡ଼ିମା; ଆତ୍ମଶ୍ଳାଘା; ଆତ୍ମପ୍ରଶଂସା—Self-adulation.
Āhopurushikā

**ଆହୋରାତ୍ରିକ**—ସଂ. ବଣ. (ଅହୋରାତ୍ର+ଭାବ. ଇକ)—
Āhorātrika ଦିନ ରାତି ୨୪ ଘଣ୍ଟାଯାକ ଘଟୁଥିବା ଅବିଶ୍ରାନ୍ତ—
Incessant; taking place or remaning throughout 24 hours.

**ଆହୋହୋ**—ଦେ. ଅ.—ଆହେହେ (ଦେଖ)
Āhoho Āhehe (See)

**ଆହ୍ନିକ**—ସଂ. ବଣ. (ଅହନ୍=ଦିବସ+ତତ୍ସମ୍ବନ୍ଧାର୍ଥେ. ଇକ)—
Āhnika ୧ । ଦୈନିକ; ପ୍ରତିଦିନ ଘଟୁଥିବା—
1. Daily; diurnal.
୨ । ଦିବସସମ୍ବନ୍ଧୀୟ—2. Pertaining to a day.
ସଂ. ବି.—୧ । ସନ୍ଧ୍ୟା ବନ୍ଦନାଦି ନିତ୍ୟକର୍ମ—
1 Daily worship and prayers.
୨ । ପ୍ରତିଦିନର କର୍ତ୍ତବ୍ୟ ପାଠ—2. A day's lesson.
୩ । ଦିବସରେ ଗ୍ରନ୍ଥର ପଠନୀୟ ଅଂଶବିଶେଷ—3. Part of a book which is a day's lesson.

**ଆହ୍ନିକ କରିବା**—ଦେ. କ୍ରି.—ସନ୍ଧ୍ୟାବନ୍ଦନାଦି କରିବା—
Āhnika karibā To perform the daily worship and rituals.

**ଆହ୍ନିକ ଗତି**—ସଂ. ବି(ଭୂଗୋଳପରିଭାଷା)—ଏକ ଅହୋରାତ୍ର ବା ୨୪ଘଣ୍ଟା ମଧ୍ୟରେ ପୃଥିବୀର ସ୍ୱୀୟ ମେରୁଦଣ୍ଡ ଚତୁର୍ଦ୍ଦିଗରେ ଏକବାର ଆବର୍ତ୍ତନ—The diurnal rotation of the earth.
Āhnikagati

[ ଦ୍ର — ପୃଥିବୀ ଲଟୁପରି ନିଜର ମେରୁଦଣ୍ଡଉପରେ ପ୍ରତ୍ୟହ ଥରେ ଘୂରି ଘୂରି ବର୍ଷକେ ସୂର୍ଯ୍ୟଙ୍କ ଚାରିପାଖେ ଥରେ ଘୂରି ଆସେ । ପୃଥିବୀର ଏହି ଦୁଇଟି ଗତି ମଧ୍ୟରୁ ପ୍ରଥମକୁ ଆହ୍ନିକ ଗତି ଓ ଦ୍ୱିତୀୟକୁ ବାର୍ଷିକ ଗତି ବୋଲାଯାଏ । ପୃଥିବୀର ଆହ୍ନିକଗତି ଫଳରେ ଦିବାରାତ୍ରି ଓ ବାର୍ଷିକଗତି ଯୋଗୁଁ ଋତୁପରିବର୍ତ୍ତନ ଘଟୁଅଛି । ]

**ଆହ୍ୱୟ**—ସଂ. ବି. ପୁଂ. (ଆ+ହ୍ୱେ ଧାତୁ=ଡାକିବା+କରଣ ଅ; ଯାହାଦ୍ୱାରା ବସ୍ତୁ ବା ବ୍ୟକ୍ତିକୁ ଡକାଯାଏ )—ନାମ; ସଂଜ୍ଞା-ଅଭିଧା—Name; denomination.
Āhwaya

| ୧ | ଇ | ଉ | ଋ,ଙ୍ଗ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଓ | କୃ |

**ଆହ୍ୱା**—ସଂ. ବି. ସ୍ତ୍ରୀ (ଆ+ହ୍ୱେ ଧାତୁ=ଡାକିବା+କରଣ. ଅ+ସ୍ତ୍ରୀ ଆ)—
Āhwā ଆହ୍ୱୟ (ଦେଖ)— Āhwaya (See)

**ଆହ୍ୱାନ**—ସଂ. ବି. (ଆ+ହ୍ୱେ ଧାତୁ=ଡାକିବା+ଭାବ. ଅନ)—
Āhwāna ୧ । ନିମନ୍ତ୍ରଣ; ଡାକରା—1. Invitation.
(ଆହୂତ—ବିଣ) ୨ । ଡାକିବା; ଡାକ—2. Call; summons.
୩ । ସମ୍ବୋଧନ—3. Accosting.

**ଆହ୍ୱାନିବା**—ଦେ. ପଦ୍ୟ କ୍ରି (ସଂ. ଆହ୍ୱାନ)—ଆହ୍ୱାନ କରିବା; ଡାକିବା—
Āhwāniba To call; to invite.

ଅର୍ଜ୍ଜୁନ ଧ୍ୱଂସ ଲାଗି—
ଯବନଙ୍କୁ ଆହ୍ୱାନିବେ ସେହି ଅର୍ଜ୍ଜୁନ ପୁଣି ।
ରାଧାନାଥ—ମହାଯାତ୍ରା ।

**ଆହ୍ୱାୟ**—ସଂ. ବି (ଆ+ହ୍ୱେ ଧାତୁ=ଡାକିବା+କରଣ. ଅ)—ନାମ—
Āhwāya 1. Name.
୨ । (ଭାବ+ଅ)—ଆହ୍ୱାନ (ଦେଖ)
Āhwāna (See)

**ଆହ୍ୱାୟକ**—ସଂ. ବିଣ ପୁଂ (ଆ+ହ୍ୱେ ଧାତୁ=ଡାକିବା+କର୍ତ୍ତୃ. ଅକ)—
Āhwāyaka ୧ । ଯେ ଆହ୍ୱାନ କରେ—One who calls or invites.
(ଆହ୍ୱାୟିକା—ସ୍ତ୍ରୀ)
ସଂ. ବି.—ଦୂତ—A messenger.

**ଆହ୍ଲାଦ**—ସଂ. ବି. (ଆ+ହ୍ଲାଦ ଧାତୁ=ସନ୍ତୁଷ୍ଟ ହେବା+ଭାବ. ଅ)—
Āhlāda ୧ । ଆନନ୍ଦ; ହର୍ଷ—1. Joy; gladness; delight; mirth.
୨ । ଆମୋଦ—2. Festivity.
ଦେ. ବିଣ—ଆହ୍ଲାଦିତ—Delighted.

ନୁହେ ଚନ୍ଦ୍ରକର କରେ ଆହ୍ଲାଦ—
କବିସୂର୍ଯ୍ୟ—କବିତା ।

**ଆହ୍ଲାଦକ**—ସଂ. ବିଣ. (ଆ+ହ୍ଲାଦ୍ ଧାତୁ ଣିଚ, ହ୍ଲାଦ ଧାତୁ=
Āhlādaka ଆହ୍ଲାଦିତ କରାଇବା+କର୍ତ୍ତୃ. ଅକ)—
(ଆହ୍ଲାଦିକା—ସ୍ତ୍ରୀ) ଆନନ୍ଦପ୍ରଦ; ଆନନ୍ଦଦାୟକ—
Delightful; joyful.

**ଆହ୍ଲାଦକର**—ସଂ. ବିଣ. (ଆହ୍ଲାଦ=ଆନନ୍ଦ+କୃ ଧାତୁ+କର୍ତ୍ତୃ. ଅ)—
Āhlādakara ଆହ୍ଲାଦକ (ଦେଖ)
(ଆହ୍ଲାଦକରୀ—ସ୍ତ୍ରୀ) Āhlādaka (See)

**ଆହ୍ଲାଦନ**—ସଂ. ବି. (ଆ+ହ୍ଲାଦ୍ ଧାତୁ=ଆନନ୍ଦ ଜନ୍ମାଇବା+ଭାବ.
Āhlādana ଅନ)—୧ । ଆହ୍ଲାଦଜନକ—
1. Giving delight.
୨ । ପ୍ରୀଣନ; ପ୍ରୀତି—2 Love.

**ଆହ୍ଲାଦିତ**—ସଂ. ବିଣ. (ଆ+ହ୍ଲାଦ୍ ଧାତୁ+କର୍ତ୍ତୃ ତ)—
Āhlādita ୧ । ଆନନ୍ଦିତ—1. Gratified; pleased; delighted; full of joy
୨ । (ଆହ୍ଲାଦ+ଜାତାର୍ଥେ ଇତ)—ଯାହାର ଆହ୍ଲାଦ ଜନ୍ମିଅଛି; ଜାତାହ୍ଲାଦ—2. Rejoiced.

**ଆହ୍ଲାଦିନୀ**—ସଂ. ବି. ସ୍ତ୍ରୀ (ଆହ୍ଲାଦ+ଇନ୍+ସ୍ତ୍ରୀ. ଈ)—
Āhlādini ବିଜୁଳି; ବିଦ୍ୟୁତ୍—Lightning.
ସଂ. ବିଣ. ସ୍ତ୍ରୀ—ଆହ୍ଲାଦଯୁକ୍ତା; ହର୍ଷଯୁକ୍ତା (ସ୍ତ୍ରୀ)—
(female) Given to pleasures; gay.

**ଆହ୍ଲାଦୀ**—ସଂ. ବିଣ. (ଆହ୍ଲାଦ+ଅସ୍ତି ଅର୍ଥରେ. ଇନ୍)—ସର୍ବଦା ଆମୋଦ-
Āhlādi ପ୍ରମୋଦ କରିବା ଯାହାର ସ୍ୱଭାବ; ଆମୋଦପ୍ରିୟ—
One who is given to pleasures; cheerful.

# ଇ

**ଇ**—ସଂ—୧ । ଭାଷାର ୩ୟ ସ୍ୱରବର୍ଣ୍ଣ; ହ୍ରସ୍ୱ ଇ ( ଏହାର ଉଚ୍ଚାରଣ ସ୍ଥାନ
I ତାଳୁ)—1. The 3rd vowel of the alphabet;
इ the short 'i'
ই ୨ । ଇକାର; ଇ ମାତ୍ରା, ଯଥା 'ି' ( ଏହି ମାତ୍ରା ବ୍ୟଞ୍ଜନ ବର୍ଣ୍ଣର ମୁଣ୍ଡ ଉପରେ ଦିଆଯାଏ । ଏହାକୁ ଦେଶୀୟ ଅବଧାନମାନେ 'ଚିତା' ବୋଲି କହନ୍ତି । )—
2. The sign of the vowel 'i' in Ordiā e.g '^' put on the top of a consonant.
ସଂ. ବି. ( ଅ=ବିଷ୍ଣୁ+ଇ ଧାତୁ=ଗମନ କରିବା+କର୍ତ୍ତୃ. କ୍ୱିପ୍; ଯେ ବିଷ୍ଣୁଙ୍କଠାରୁ ଜାତ )—କାମଦେବ; କନ୍ଦର୍ପ—
Cupid ( the son of Bishṇu ).
ଦେ. ପ୍ରତ୍ୟୟ—୧ । ଭାଷାରେ କେତେକ ବିଶେଷଣ ପଦ ଶେଷରେ ଇକାର ଯୋଗ ହେଲେ ତାହା ଗୁଣବାଚକ ବିଶେଷ୍ୟ ହୁଏ ( ଯଥା - ଚଲାଖରୁ ଚଲାଖି; ବଦମାସରୁ ବଦମାସି ଇତ୍ୟାଦି)—1. A suffix denoting quality or state.
[ ଦ୍ର—ଏହି ଇକାର ପ୍ରତ୍ୟୟ ଆରବୀ, ଫାରସୀ, ଇଂରାଜୀରେ ମଧ୍ୟ ଅଛି । ]
୨ । (•ସଂ. ହି )—ନିଶ୍ଚେ—2. Certainly.
୩ । ମଧ୍ୟ—3. Also; too.
୪ । ମାତ୍ର; କେବଳ—4. Only.
( ଯଥା—ଆମ୍ଭେ ଇ=ଆମ୍ଭେମଧ୍ୟ; ଫାରସୀ ଓ ହିନ୍ଦିରେ 'ହି' ଓ ବଙ୍ଗଳାରେ 'ଓ' ଏହି ସ୍ଥଳରେ ଲାଗେ; ଏକଇ ବଳା=ଏକମାତ୍ର ପୁତ୍ର । )
୫ । କେତେକ ସ୍ଥଳରେ କେବଳ ପାଦ ପୂରଣାର୍ଥ ପଦଶେଷରେ 'ଇ' ବ୍ୟବହୃତ ହୁଏ—5. Only; also; certainly ( to complete a sentence ).

ସାଧାରଣ ଲେଖକଙ୍କ ଅବଗ ସୁବିଧାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୬ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୬ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବର୍ତ୍ତିତ ୬ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୬ । ( ସଂ. ଇ )—କ୍ରିୟା ସଙ୍ଗେ ସ୍ୱତନ୍ତ୍ର ଯୋଗ ହୋଇ ପଦ୍ୟରେ ବର୍ତ୍ତମାନ କାଳ ଅନ୍ୟ ପୁରୁଷ ଏକ ବଚନ ବୁଝାଏ—( ଯଥା—ସେ 'କରଇ'=ସଂ. ସ କରୋତି )

6. An inflection added to the Or**d**ia verbal roots to denote 3rd. person singular in present tense.

୭ । ( ସଂ. ତ୍ୱା)—ଓଡ଼ିଆ ଧାତୁ ସଙ୍ଗେ ଇକାରରୂପେ ଯୋଗ ହେଲେ କ୍ରିୟାର ଅସମାପିକାରୂପ ବୁଝାଏ— ( ଯଥା—କରି, ଧରି ଇତ୍ୟାଦି )

6. The Or**d**ia inflection of participles.

୮ । କ୍ରିୟାର୍ଥକ 'କୁ' ପ୍ରତ୍ୟୟ ଲୋପ ହୋଇ ବଦଳରେ ମୂଳ ଧାତୁ ଶେଷରେ 'ଇ' ଯୁକ୍ତ ହୁଏ— ( ଯଥା—ଆଣି ଯାଉଛି=ଆଣିବାକୁ ଯାଉଛି; ମାରି ମନ କରୁଛି =ମାରିବାକୁ ମନ କରୁଛି । )

8. An Or**d**ia inflection indicating the infinitive mood.

୯ । (ପ୍ରାଚୀନ ପ୍ରୟୋଗ)—ଦ୍ୱିତୀୟା ବିଭକ୍ତିର 'କୁ'—

ଅଛି ପ୍ରମାଣେ ଯାଅ ସାଗର ଦେଖି । ଅଚ୍ୟୁତାନନ୍ଦ—ଶ୍ରୀଗୁରୁଭକ୍ତିଗୀତା ।

9. A termination of the objective case.

ଦେ. ସାଙ୍କେତିକ ଚିହ୍ନ ( କଚେରି ଓ ଜମିଦାରି ସିରିସ୍ତା ) ଇଲାକା, ଇସାଦ ନିମନ୍ତେ ବ୍ୟବହୃତ ହୁଏ—

An abriviation denoting jurisdiction and witness.

[ ଦ୍ର—ସାଙ୍କେତିକ ଚିହ୍ନରୂପେ ବ୍ୟବହୃତ ହେଲାବେଳେ ଏହାର ଦୁଇ ପାଖରେ ଦୁଇଟି ଗାର ଦିଆଯାଏ – ଯଥା—। ଇ । କଟକ ]

ପ୍ରାଦେ. ( ସମ୍ବଲପୁର ) ସର୍ବନାମ (ସଂ. ଇଦମ୍; ଏତଦ୍)— ଏହି; ଏହା— It; this.

( ଯଥା—ଇ ଯୁଗେ କଁଠି ( =ଲଙ୍ଗଳ କାନ୍ଧରେ ) ହାତ୍ ନେଇଁ ବଲେ ଅର୍ ନେଇଁ ଚଲେ )

ଗ୍ରା. ସର୍ବନାମ. ବଣ—ଏ; ଏହି; ଏହା—This.

[ ଦ୍ର—ଏହା ଅନ୍ୟ ଶବ୍ଦ ପୂର୍ବ ଯୁକ୍ତ ହୁଏ; ଯଥା—ଇଅଡ଼େ; ଇଲାଗେ, ଇମିତି, ଇଭଳି । ]

**ଇଅଁଲା**—ଦେ. ବି. ( ସଂ. ଇଡ଼ା )—ଇଡ଼ା ( ଦେଖ )
Ian**l**a — Ir**d**a ( See )
ଈଡ଼ା
ହିନ୍ଦୀ — ଇଅଁଲା ପିଅଁଳା ଶିଷ୍ମୁନା ଉଭ
ଇଡ଼ା — ଗଙ୍ଗା ଯମୁନା ସରସ୍ୱତୀ ଯେନ । ପ୍ରାଚୀ—ପରଚେଗୀତା ।

**ଇଅର୍‌ଟପ୍**—ବୈଦେ. ବି. ( ଇଂ. ଇଅର୍‌ଟପ୍ )—
Iartap ଢଲକାନର ଅଳଙ୍କାରବିଶେଷ—Ear-top.
ইয়ার্‌টপ্

**ଇଅର୍‌ରିଙ୍ଗ୍**—ବୈଦେ. ବି. ( ଇଂ. ଇଅର୍‌ରିଙ୍ଗ୍ )—
Iarring ସୁନାରେ ତିଆରି ଢଲକାନର ଅଳଙ୍କାରବିଶେଷ— Ear-ring.
ইয়ারিং

**ଇ. ଆଇ. ଆର୍**—ବୈଦେ. ବି. ( ଇଂ. ସାଙ୍କେତିକ )—
I ai. ar ଇଷ୍ଟ ଇଣ୍ଡିଅନ୍ ରେଲ୍‌ଓ୍ୱେ—E I R; abbreviation for East Indian Railway.
ই. আই. আর্

[ ଦ୍ର—ଏ ରେଲ୍ କଲିକତାରୁ ପଞ୍ଜାବ ପର୍ଯ୍ୟନ୍ତ ଯାଇଅଛି । ଏହା ଭାରତବର୍ଷର ସର୍ବପ୍ରଥମ ରେଲ୍‌ୱାଇନ୍ ]

**ଇଆଡ଼**—ଗ୍ରା. ବି—୧ । ଏହିଆଡ଼—1 This part or side.
Iar**d**a ୬ । ଏହି ଅଞ୍ଚଳ—2. This tract.
এদিক্ ୩ । ଏହି ସ୍ଥାନ—3. This place.
इधर

**ଇଆଡ଼କା**—ଗ୍ରା. ବିଣ—୧ । ଏହି ସ୍ଥାନର—1. Of this place.
Iar**d**aka ୬ । ଏ ଅଞ୍ଚଳର—2. Of this locality.
এদিককার
इधरका; ईधरका

**ଇଆଡ଼କାର**—ଗ୍ରା. ବିଣ—ଇଆଡ଼କା ( ଦେଖ )
Iar**d**akara — Iar**d**aka ( See )

**ଇଆଡ଼କୁ**—ଗ୍ରା. ଅ —ଏଆଡ଼କୁ ( ଦେଖ )
Iar**d**aku — Ear**d**aku ( See )

**ଇଆଡ଼ିକା**—ଗ୍ରା. ବିଣ—ଇଆଡ଼କା ( ଦେଖ )
Iar**d**ika — Iar**d**aka ( See )

**ଇଆଡ଼ିକାର**—ଗ୍ରା. ବିଣ—ଇଆଡ଼କା ( ଦେଖ )
Iar**d**ikara — Iar**d**aka ( See )

**ଇଆଡ଼ିକି**—ଗ୍ରା. ଅ—୧ । ଏଠାକୁ—1. To this place.
Iar**d**iki ୬ । ଏ ଦିଗକୁ—2. To this quarter.
এদিকে ୩ । ଏଣିକି; ବର୍ତ୍ତମାନଠୁ—3. Now.
इधरमे ୪ । ଭବିଷ୍ୟତକୁ—4. In future.

**ଇଆଡ଼ୁ**—ଦେ. ସର୍ବନାମ—୧ । ଏଠାରୁ—
Iar**d**u 1. From this place.
এদিক্‌থেকে ୬ । ଏପକ୍ଷରୁ—2. From this party.
इधरसे ୩ । ଏତରଫରୁ—3. From this side.

**ଇଆଡ଼ୁ ସିଆଡ଼ୁ**—ଦେ. ଅ—୧ । ଏଣୁ ତେଣୁ—
Iar**d**u siar**d**u 1. From this side and that.
এদিক্ ওদিক্ ୬ । ଅସମ୍ବନ୍ଧଭାବରେ—
इधर उधर 2. Disjointedly.
୩ । ଅଗଡ଼ ବଗଡ଼ ( ଦେଖ )
3. Agar**d**a bagar**d**a ( See )
୪ । ଗୋଳମାଳଅରୂପେ—4. In a confused manner.

**ଇଅଡ଼େ (ଇତ୍ୟାଦି)**—ଦେ. ସର୍ବନାମ—ଏଅଡ଼େ ଇତ୍ୟାଦି ( ଦେଖ )
Iar**d**e etc — Ear**d**e etc ( See )

**ଇଆଦ୍**—ବୈଦେ. ବି— ( ଫା. ୟାଦ୍ )—ସ୍ମରଣ; ମନେ ପକାଇବା—
Iad Remembrance; recollection.
ইয়াদ্
याद
ହଜୁରଙ୍କ ଖାନା ପଶର୍ତ ଯେ କଲେ ଗାଇଛ ଜନବଗି ଇର ସେ ଇଆଦ୍ କରୁଥିବ—ଫକୀରମୋହନ, ଛମାଣଆଠଗୁଣ୍ଠ ।

| ୧ | ଚ | ଉ | ର,ଋ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଗ | ଠ | ଖ,ଶ | ଈ | ଇୟ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଏ | ଜ | ରୁ | ରୂ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ଷ | ଙ୍କ | ଇଅ | ୠ | ନୃ |

ଇଅର—ବୈଦେ. ବ. ( ଫା. ୟ୍ୟାର୍; ମୂଳ—ସଂ. ଜାର )—
Iār   ୧ । ଉପପତି; ବିଟପୁରୁଷ; ଜାର—1. A paramour.
ইআর   ୨ । ମଜଲିସାଙ୍ଗ—2. A boon companion.
यार

ଇଅରକି—ବୈଦେ. ବ. ( ଫା )—୧ । ବନ୍ଧୁତା; ଦୋସ୍ତି—
Iārki   1. Friendship; comradeship; companionship.
ইআর্কী
यार्की   ୨ । ଫାଜଲାମି—2. Exuberance of spirit
୩ । ପାପଦୋସ୍ତି; ଅବୈଧପ୍ରଣୟ—
3. Illicit love.

ଇଅରକି ଦେବା—ଦେ. କ୍ରି—ଇଅରକି ମାରିବା ( ଦେଖ )
Iārki debā   Iārki māribā ( See )

ଇଅରକି ମାରିବା—ଦେ. କ୍ରି—ବନ୍ଧୁମାନଙ୍କ ସଙ୍ଗେ ବୃଥା ଆମୋଦ
Iārki māribā   କରିବା—To pass time in idle
ইআরর্কীমারা   amusements and pleasures
यार्कीमारना   with friends.

ଇଉକ୍ଲିଡ୍—ବୈଦେ. ବ. ( ଗ୍ରୀକ୍ ନାମ )—ପାଶ୍ଚାତ୍ୟ ଜ୍ୟାମିତିଗ୍ରନ୍ଥ-
Iuklid   ପ୍ରଣେତା—Euclid; the great Geometrician.
[ ଦ୍ର—ସପ୍ତଦଶ ଶତାବ୍ଦୀରେ ଏ ଜୀବିତ ଥିଲେ । ଏହାଙ୍କର ଜନ୍ମସ୍ଥାନ ଗ୍ରୀସ୍ ଦେଶ । ରେଖାଗଣିତ ବିଦ୍ୟାରେ ଏ ଶୀର୍ଷସ୍ଥାନ ଅଧିକାର କରିଥିଲେ । ବାର ଅଧ୍ୟାୟ ଜ୍ୟାମିତି-ଗ୍ରନ୍ଥ ଏହାଙ୍କ ଦ୍ୱାରା ପ୍ରଣୀତ । କଥିତ ଅଛି, ପାଣ୍ଡୁଲିପି ଅବସ୍ଥାରେ ଇଉକ୍ଲିଡ୍ ବାର ଅଧ୍ୟାୟ ଜ୍ୟାମିତି ଲେଖି ରଖିଥିଲେ । ଦୈବଦୁର୍ବିପାକବଶତଃ ସପ୍ତମ, ଅଷ୍ଟମ, ନବମ ଓ ଦଶମ ଅଧ୍ୟାୟମାନ ପୋଡ଼ି ଗଲା । ସୁତରାଂ ସେହି ଅସମ୍ପୂର୍ଣ୍ଣ ଅବସ୍ଥାରେ ଅବଶିଷ୍ଟ ଆଠ ଅଧ୍ୟାୟ ଜଗତରେ ପ୍ରକାଶିତ ହେଲା । ]
ଦେ. ବ.—ଜ୍ୟାମିତି ଗ୍ରନ୍ଥ—A book on Geometry.

ଇଉନାଇଟେଡ୍ ଷ୍ଟେଟ୍ସ—ବୈଦେ. ବ. (ନାମ) ( ଇଂ. ୟୁନାଇଟେଡ୍=
Iunāited shtets   ସଂଯୁକ୍ତ+ଷ୍ଟେଟସ୍=ରାଜ୍ୟସମୂହ )—
য়ুনাইটেড ষ্টেট্স   ୟୁନାଇଟେଡ୍‌ଷ୍ଟେଟ୍‌ସ୍; ଆମେରିକାର ଯୁକ୍ତ
यूनाईटेडष्टेटस   ରାଜ୍ୟ—United States of America.

ଇଉନିଅନ୍ ( ଇତ୍ୟାଦି )—ବୈଦେ. ବ. ( ଇଂ. )—
Iunian ( etc )   ୟୁନିଅନ ଇତ୍ୟାଦି ( ଦେଖ )
ইউনিয়ন   Yunian etc ( See )
यूनिअन

ଇଉନିଅନ୍ କମିଟି—ବୈଦେ. ବ. ( ଇଂ. ୟୁନିୟନ୍=ସମବାୟ+କମିଟି
Iunian kamiṭi   =ସମିତି )—ୟୁନିଅନ୍ କମିଟି ( ଦେଖ )
ইউনিয়নকমিটি   Yunian kamiṭi ( See )
यूनिअनकमेटि

ଇଉନିଅନ୍ ଜାକ୍—ବୈଦେ. ବ. ( ଇଂ. ) ୟୁନିଅନ୍ ଜାକ ( ଦେଖ )
Iunian jāk   Yunian jāk ( See )
ইউনিয়নযাক
यूनिअनजेक

ଇଉନିଅନ୍ ବୋର୍ଡ୍—ବୈଦେ. ବ ( ଇଂରାଜୀ )—
Iunian bord   ସ୍ୱାୟତ୍ତଶାସନ ପଦ୍ଧତିରେ ଗ୍ରାମର ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ ଆଦିର ଶାସନକାର୍ଯ୍ୟ ପରିଚାଳନ କରିବା ପାଇଁ ଡିଷ୍ଟ୍ରିକ୍ଟବୋର୍ଡ଼ଙ୍କ ଅଧୀନରେ ପ୍ରତିଷ୍ଠିତ ଗ୍ରାମପୁଞ୍ଜର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ସଭା—
The Union Board ( formed under District Boards in local self Government lines )

ଇଉନିଭର୍ସିଟି—ବୈଦେ. ବ. (ଇଂ)—ୟୁନିଭର୍ସିଟି; ବିଶ୍ୱବିଦ୍ୟାଳୟ—
Iunibharsiṭi   University
ইউনিভার্সিটি
यूनिभासि टि

ଇଉରୋପ୍—ବୈଦେ. ବ. (ଇଂ)—ୟୁରୋପ ( ଦେଖ )
Iurop   Yuropa ( See )

ଇଉରୋପୀୟ—ବୈଦେ. ବଣ. (ଇଉରୋପ+ଓ. ପ୍ରତ୍ୟୟ. ଈୟ)—
Iuropiya   ୟୁରୋପୀୟ ( ଦେଖ )
Yuropiya ( See )

ଇଏ—ଗ୍ରା. ସର୍ବନାମ ( ସଂ. ଇଦମ୍ )—ୟେ ( ଦେଖ )
Ie   Ye ( See )

ଇଂରାଜ—ଦେ. ବ—୧ । ଇଂଲଣ୍ଡୀୟ ଭାଷା—
Iṁrāja   1. The English language.
ইঙ্গরাজ   ୨ । ଇଂଲଣ୍ଡୀୟ ବ୍ୟକ୍ତି—2. An Englishman.
अङ्गरेज   ୩ । ଇଂଲଣ୍ଡୀୟ ଜାତି—3. The English nation.
ବୈଦେ. ବଣ—ଇଂଲଣ୍ଡସମ୍ବନ୍ଧୀୟ—English.

ଇଂରାଜ ଅମଲ—ଦେ. ବ. ( ଇଂରାଜ+ଅମଲ )—
Iṁrāja amala   ଭାରତରେ ଇଂରାଜଙ୍କ ଶାସନ କାଳ—
ইঙ্গরাজ আমল   The period of British rule in India.
इङ्गरेजका अमल

ଇଂରାଜ ଟିକା—ଦେ. ବ—ବସନ୍ତ ମାରୀସ୍ପୃଷ୍ଟତା ନିବାରଣାର୍ଥ ଦିଆଯିବା
Iṁrāja ṭikā   ଗୋବୀଜ ଟିକା—Vaccination.
ইঙ্গরেজীটিকা
अङ्गरेजीटिका

ଇଂରାଜବାହାଦୁର୍—ଦେ. ବ—ଇଂରାଜ ଗଭର୍ଣ୍ଣମେଣ୍ଟ—
Iṁrāja bahādur   The English Government.
ইঙ্গরাজবাহাদুর
अङ्गरेजबाहादुर

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ପ୍ରତିବର୍ଣ୍ଣ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଇଂରାଜି (ଇତ୍ୟାଦି)—ବୈଦେ. ବି ଓ ବିଣ—ଇଂରାଜ ଇତ୍ୟାଦି (ଦେଖ)
Imrāji etc. Imrāja etc. (See)
ইংরাজী
अङ्गरेजी

ଇଂରେଜ (ଇତ୍ୟାଦି)—ବୈଦେ. ବି.—ଇଂରାଜ ଇତ୍ୟାଦି (ଦେଖ)
Imreja etc. Imrāja etc. (See)

ଇଂରେଜି—ଦେ. ବି—୧ । ଇଂଲଣ୍ଡୀୟ ଭାଷା—
Imreji 1. The English language.
ইংরাজী ୨ । ଇଂଲଣ୍ଡୀୟ ସାହିତ୍ୟ—
अङ्गरेजी 2. The English literature.

ଇଂଲଣ୍ଡ—ଦେ. ବି. (ନାମ)—ଇଂରାଜମାନଙ୍କ ଦେଶ—
Imlanda England.
ইংলণ্ড
इङ्गलिस्तान

ଇଂଲଣ୍ଡୀୟ—ଦେ. ବିଣ—ଇଂଲଣ୍ଡ ଦେଶୀୟ; ଇଂରାଜୀ—
Imlandiya English.
ইংলণ্ডীয়
इङ्गलिस्तानी

ଇଃ—ଦେ. ଅ—ଇସ୍ ( ଦେଖ )
Ih Is ( See )
ইস

ଇଁ—ଦେ. ଅ—ନିମ୍ନଲିଖିତ ଅର୍ଥବୋଧକ ଶବ୍ଦ—
Iñ Interjection indicating.
ইস ୧ । ପୀଡ଼ା—1. Pain.
୨ । ଅସୂୟା – 2. Envy.
୩ । ବିସ୍ମୟ—3. Wonder.
୪ । ବିରକ୍ତି—4. Displeasure.
୫ । ଦୟା—5. Compassion
୬ । ନିନ୍ଦା—6. Blame.

ଇଁଥଳା—ଇଅଁଳା ( ଦେଖ )
Iñalā Iañlā ( See )

ଇଁଟଲି—ପ୍ରାଦେ. (ସମ୍ବଲପୁର) ବି—ଖନ୍ଦା; ଅହିଆ; ଅସ୍ଥାୟୀ ଲମ୍ବ ଚୁଲ୍ଲୀ—
Iñṭalā A temporary and long oven dug up on festive occasions to cook rice etc for hundreds of people.

[ ଦ୍ର—ବିବାହାଦି ଉପଲକ୍ଷରେ ବହୁଲୋକଙ୍କ ପାଇଁ ଅନ୍ନାଦି ରନ୍ଧାଯିବା ସକାଶେ ପଡ଼ଣି ପର ଖୋଳାଯିବା ଲମ୍ବ ଚୁଲ୍ଲୀ; ଯାହା ଉପରେ ଧାଡ଼ ହୋଇ ବହୁତ ହାଣ୍ଡି ବସି ପାରେ । ]

ଇକଡ଼ି ମିକଡ଼ି—ଦେ. ଅ—ଏକ ପ୍ରକାର ଖେଳରେ ପିଲାମାନଙ୍କ ଦ୍ୱାରା
Ikṛdi mikṛdi ବୋଲାଯିବା ଗୀତର ଆଦ୍ୟ ଅଂଶ । ଏହା ପ୍ରାୟ
ই কড়ি মিঁকড়ি ନିରର୍ଥକ—The first part of certain doggerel verses used by little children squatting on the ground in a circle with their palms set on the ground.

ଇକନମିକ୍ସ—ବୈଦେ. ବି. (ଇଂ)—ଅର୍ଥଶାସ୍ତ୍ର—
Ikanamiks Economics.
ইকননিক্স
इकनमिक्स

ଇକାର—ସଂ. ବି. (ଇ+ସ୍ୱାର୍ଥେ. କାର)—୧ । 'ଇ' ବର୍ଣ୍ଣ—
Ikāra 1. The letter 'i'
୨ । 'ଇ' ମାତ୍ରା 'ି'—2. The sign of 'i' (ie 'ି')

ଇକାରାଦି—ସଂ. ବି. (ବହୁବ୍ରୀହି: ଇକାର+ଆଦି)—ଯେଉଁ ଶବ୍ଦ ବା
Ikārādi ବାକ୍ୟମାନଙ୍କ ଆଦ୍ୟରେ 'ଇ' ଥାଏ—ଇ ରୁ ଆରମ୍ଭ ହୋଇଥିବା—Beginning with the letter 'i'

ଇକାରାନ୍ତ—ସଂ. ବି. (ବହୁବ୍ରୀହି; ଇକାର+ଅନ୍ତ)—ଯେଉଁ ଶବ୍ଦମାନଙ୍କ
Ikārānta ଶେଷରେ ଇ ଥାଏ—Ending with 'i'

ଇକ୍ୱିନକ୍ସ—ବୈଦେ. ବି(ଇଂ)—ସମଦିବାରାତ୍ରି; ଯେଉଁ ଦିନ ରାତ୍ରି ଓ ଦିନ
Ikwinaks ସମାନ—Equinox.
ইক্বিনক্স [ଦ୍ର—ଏହା ଚୈତ୍ର ୯ ଦିନ ବା ମାର୍ଚ୍ଚ ୨୧ ତାରିଖରେ ଥରେ ଏବଂ ଆଶ୍ୱିନ ୯ ଦିନ ବା ସେପ୍ଟେମ୍ବର ୨୧ ତାରିଖରେ ଆଉ ଥରେ ହୁଏ । ଏହିପରି ବର୍ଷକ ମଧ୍ୟରେ ଦୁଇ ଥର ପଡ଼େ । ପ୍ରଥମଟି ବାସନ୍ତିକ ଓ ଦ୍ୱିତୀୟଟି ଶାରଦୀୟ]

ଇକ୍ୱେଟର୍—ବୈଦେ. ବି (ଇଂ. ଇକ୍ୱେଟର)—ବିଷୁବରେଖା—
Ikwetar Equator.
ইকেটর
इक्वेटर

ଇକ୍ଷୁ—ସଂ ବି.—(ଇଷ୍ ଧାତୁ=ଇଚ୍ଛା କରିବା+ସଜ୍ଞାର୍ଥେ. ସୁ)—
Ikshu ୧ । ଆଖୁଗଛ—1. Sugarcane plant.
୨ । ଆଖୁ—2. Sugarcane.

ଇକ୍ଷୁକ—ସଂ. ବି. ( ଇକ୍ଷୁ+ସ୍ୱାର୍ଥେ. କ )—ଏକଜାତୀୟ ଆଖୁ; ଚାଲ୍ଲାର ଆଖୁ—
Ikshuka A kind of sugar-cane.

ଇକ୍ଷୁକାଣ୍ଡ—ସଂ. ବି. ( ବହୁବ୍ରୀହି; ଇକ୍ଷୁ+କାଣ୍ଡ; ଇକ୍ଷୁ ପରି କାଣ୍ଡ
Ikshukānda ଯାହାର )—୧ । ଅଣଖୁଆ ( ଦେଖ )
1. Anakhuā ( See )
୨ । କାଇଁଶ ଘାସ; କାଶତୃଣ—2. A kind of sugar-cane-like reed.
୩ । ଆଖୁଦଣ୍ଡା—3. A cane of sugar.

ଇକ୍ଷୁକୀୟ—ସଂ. ବିଣ. (ଇକ୍ଷୁକ+ଈୟ)—ଯେଉଁ ଦେଶରେ ଆଖୁ ଜନ୍ମେ—
Ikshukiya (country) Growing sugarcane.

ଇକ୍ଷୁକୁଟ୍ଟକ—ସଂ. ବି. (ଇକ୍ଷୁ+କୁଟ୍ଟ ଧାତୁ+କର୍ତ୍ତୃ. ଅକ)—
Ikshukuttaka ଯେ ଆଖୁ କାଟେ; ଯେ ଆଖୁ ପେଡ଼ି ଗୁଡ଼ ତିଆରି କରେ—A cultivator who cultivates sugarcane and presses the canes and prepares sugar.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଙ୍କ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ନ | ଶ,ଷ | ଙ୍କ | ଇସ୍ | ଥ | ଭ |
| ୨ | ଈ | ଜ | ରୁ | ଲୁ | ସ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଥ | ୱ | କ୍ |

ଇକ୍ଷୁଗନ୍ଧ—ସଂ. ବି. (ବହୁବ୍ରୀହି)—ଇକ୍ଷୁଗନ୍ଧା (ଦେଖ)
Ikshugandha Ikshugandhā (See)

ଇକ୍ଷୁଗନ୍ଧା—ସଂ. ବି. (ବହୁବ୍ରୀହି; ଇକ୍ଷୁ+ଗନ୍ଧ+ସ୍ତ୍ରୀ. ଅ; ଯାହାର ଗନ୍ଧ ଅଖୁଗନ୍ଧ ପରି)—୧ । ଗୋଖରୁ (ଦେଖ)
Ikshugandhā 1. Gokharā (See)
୨ । କୋଇଲେଖା (ଦେଖ)
2. Koilekhā (See)
୩ । ଧଳା ଭୁଇଁକଖାରୁ (ଦେଖ)
3. Dhaḷā bhuiṅkakhāru (See)
୪ । କାଶତୃଣ; କାଇଁଶଘାସ (ଦେଖ)
4. Kaśa (See)

ଇକ୍ଷୁଚିନି—ଦେ. ବି.—ଅଖୁରୁ ବାହାରିବା ଚିନି—Cane-sugar.
Ikshuchini

ଇକ୍ଷୁଜ—ସଂ. ବି. (ଇକ୍ଷୁ+ଜନ୍ ଧାତୁ+କର୍ତ୍ତୃ. ଅ—ଯାହା ଅଖୁରୁ ଉତ୍ପନ୍ନ ହୁଏ)—ଗୁଡ଼; ଚିନି ଇତ୍ୟାଦି—Mollasses, sugar etc, prepared for sugar-cane.
Ikshuja

ଇକ୍ଷୁତୁଲ୍ୟା—ସଂ. ବି. (ଇକ୍ଷୁ+ତୁଲ୍ୟ+ସ୍ତ୍ରୀ. ଅ)—କାଶତୃଣ; କାଇଁଶ ଘାସ—A kind of reed-grass.
Ikhutulyā

ଇକ୍ଷୁନେତ୍ର—ସଂ. ବି.—(ଇକ୍ଷୁ+ନେତ୍ର)—ଅଖୁର ଆଖି; ଅଖୁଗଣ୍ଠିରେ ଥିବା ଆଖି (ଯହିଁରୁ ଅଖୁ ଗଛ ବାହାରେ)—The eye-like knots of sugar-cane.
Ikshunetra

ଇକ୍ଷୁପତ୍ର—ସଂ. ବି. (ଇକ୍ଷୁ+ପତ୍ର; ଅଖୁ ପରି ପତ୍ର ଯାହାର)—୧ । ବାଜରା ନାମକ ଶସ୍ୟବିଶେଷ—1. Maize.
Ikshupatra
୨ । (୬ଷ୍ଠୀ ତତ୍; ଇକ୍ଷୁ+ପତ୍ର;) ଅଖୁର ପତ୍ର—2. Leaves of sugar-cane.

ଇକ୍ଷୁପାକ—ସଂ. ବି. (ଇକ୍ଷୁ=ଅଖୁ+ପାକ=ବିକାର; ଯାହା ଅଖୁରୁ ଜାତ ବା ପ୍ରସ୍ତୁତ)—ଗୁଡ଼; କନ୍ଦ; ଚିନି ଆଦି—Product of sugar-cane; articles produced from sugarcane.
Ikshupāka

ଇକ୍ଷୁମତୀ—ସଂ. ବି. ସ୍ତ୍ରୀ (ଇକ୍ଷୁ+ମତ୍+ସ୍ତ୍ରୀ. ଈ)—୧ । ନଦୀବିଶେଷ—1. A river of that name.
Ikshumatī
୨ । ଅଖୁମୂଳ—2. The root of sugarcane.
୩ । ଅଖୁଗଣ୍ଠି—3. The knots of sugar-cane.

ଇକ୍ଷୁମୂଳ—ସଂ. ବି. (ବହୁବ୍ରୀହି; ଇକ୍ଷୁ+ମୂଳ; ଯାହାର ମୂଳ ଅଖୁମୂଳ ପରି ଗଣ୍ଠିବିଶିଷ୍ଟ)—୧ । ବଂଶବୃକ୍ଷ; ବାଉଁଶଗଛ—1. Bamboo-tree.
Ikshumūla
୨ । (୬ଷ୍ଠୀ ତତ୍) ଅଖୁଗଛର ମୂଳ—2. The roots of sugar-cane plant.

ଇକ୍ଷୁମେହ—ସଂ. ବି.—ରୋଗବିଶେଷ; ମଧୁମେହ; ବହୁମୂତ୍ର ରୋଗ—। Diabetes; a kind of gonorrhoea in which matter discharged has a sweet taste.
Ikshumeha

ଇକ୍ଷୁଯନ୍ତ୍ର—ସଂ. ବି. (୬ଷ୍ଠୀ ତତ୍; ଇକ୍ଷୁ+ଯନ୍ତ୍ର)—ଅଖୁପେଡ଼ିବା କଳ; ଅଖୁଶାଳ—Sugarcane mill; sugarcane pressing machine.
Ikshujantra

ଇକ୍ଷୁର—ସଂ. ବି. (ଇକ୍ଷୁ+ର)—କୋଇଲେଖା (ଦେଖ)
Ikshura Koilekhā (See)

ଇକ୍ଷୁରକ—ସଂ. ବି. (ଇକ୍ଷୁର+ସ୍ୱାର୍ଥେ. କ)—କୋଇଲେଖା (ଦେଖ)
Ikshuraka Koilekhā (See)
(ଦ୍ରବ୍ୟଗୁଣ)

ଇକ୍ଷୁରସ—ସଂ. ବି. (୬ଷ୍ଠୀ ତତ୍; ଇକ୍ଷୁ+ରସ;)—ଅଖୁଦୋରୁଅ—Juice of sugar-cane.
Ikshurasa

ଇକ୍ଷୁଶାକଟ—ସଂ. ବି (ଇକ୍ଷୁ+ତତ୍ କ୍ଷେତ୍ରାର୍ଥେ. ଶାକଟ)—ଅଖୁବାଡ଼ି; ଅଖୁକ୍ଷେତ—Sugarcane-field.
Ikshuśākaṭa

ଇକ୍ଷୁଶାକିନ—ସଂ. ବି. (ଇକ୍ଷୁ+ଶାକିନ)—ଇକ୍ଷୁଶାକଟ (ଦେଖ)
Ikshuśākina Ikshuśakāṭa (See)

ଇକ୍ଷୁସାର—ସଂ. ବି (୬ଷ୍ଠୀ ତତ୍; ଇକ୍ଷୁ+ସାର)—ଅଖୁଗୁଡ଼—Molasses.
Ikshusāra

ଇକ୍ଷ୍ୱାକୁ—ସଂ. ବି. (ଇକ୍ଷୁ=ଅଖୁ+ଅକ୍ ଧାତୁ=ଯିବା; କର୍ତ୍ତୃ. ଉ; ସାଧାରଣତଃ ଏହି ଗଛକୁ ଲୋକେ ଅଖୁ କ୍ଷେତରେ ଲଗାଇଥାନ୍ତି ଓ ଏହା ଅଖୁ ଗଛକୁ ବେଷ୍ଟନ କରେ)—
Ikshwāku
୧ । ଲାଉ—1. White pumpkin.
୨ । ତିତାଲାଉ; କଟୁତୁମ୍ବୀ—2. Bottle gourd.
୩ । ସୂର୍ଯ୍ୟବଂଶୀୟ ଅଯୋଧ୍ୟାରାଜା—3. The first monarch of the Solar line of kings of Ajodhyā.
ବହୁ ଇଶ୍ୱରପଦ ଇକ୍ଷ୍ୱାକୁରେ
ବଭୂ ଅଟନ୍ତି ସଦା ଇକ୍ଷ୍ୱାକୁରେ । ଭଞ୍ଜ—ବୈଦେହୀଶବିଳାସ ।

ଇଖରାଜାତ୍ ମାହାଲ—ବୈଦେ. ବି—ଏଇଖରାଜାତ୍ ଖର୍ଚ୍ଚମାହାଲ (ଦେଖ)
Ikharājāt māhāla Eikharājāt kharchcha māhāla (See)

ଇଗରିଷ୍ଟ—ଦେ. ପଦ୍ୟ. ବି. (ଫ. ଉଷ୍ଟ)—ଅତ୍ୟଧିକ ଖେଦ; ଉଷ୍ଟ; ଅମଙ୍ଗଳ—Evil; woe.
Igarishṭha
ଇଗରିଷ୍ଟ ନଷ୍ଟ ହେବ ସ୍ୱଧା ନଇ ପୂତ୍ ମିହିରକୁ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି, ୨୮ ।

ଇଙ୍କ୍—ବୈଦେ. ବି. (ଇଂ. ଇଙ୍କ୍)—କାଳି; ସ୍ୟାହି; ମସୀ—Ink
Ink
ଇଙ୍କ୍
ଇଁକ

ଇଙ୍କଡ଼—ଦେ. ବି. (ସଂ. ଇଲ୍କଟ—ଅନ୍ୟ ସଂ. ନାମ ଗୁଣ୍ଡ୍ରିଶୋଟ; ଗନ୍ଧମାଳୀ; ଶର)—ଅଖୁ ପରି ଏକଜାତୀୟ ଘାସ; ଏହାଦ୍ୱାରା ପାନବରଜର ଚାଟ ତିଆରି ହୁଏ—A kind of reed like sugarcane.
Inkarda

ଏଥିରେ ଯେଉଁ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ଲୁଣ' ନ ମିଳିଲେ 'ଲୁଣ' ଦେଖିବେ; 'କଂଶୁ' ନ ପାଇଲେ 'କଂଶୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଇଙ୍କର**—ଗ୍ରା. ବି—ଇଙ୍କଡ଼ା ( ଦେଖ )
Iṅkara — Iṅkarḍa ( See )

**ଇଙ୍କାର୍**—ଦେ. ବି. ( ଆ. ଇନ୍‌କାର୍ )—୧ । ଅସ୍ୱୀକାର—
Iṅkār — 1. Denial.
ईन्कार् — ୨ । ଅପରାଧ ଅସ୍ୱୀକାର—
इनकार — 2. Denial of offence by an accused

**ଇଙ୍କାର୍ କରିବା**—ଦେ. କ୍ରି—ମୁଦାଲା ଅପରାଧକୁ ଅସ୍ୱୀକାର କରିବା—
Iṅkār karibā — To deny the offence attributed
ईन्कार्‌करा — ( to an accused ).
इनकार करना

**ଇଙ୍କାର ଯିବା**—ଦେ. କ୍ରି—ଇଙ୍କାର କରିବା ( ଦେଖ )
Iṅkāra jibā — Iṅkāra karibā ( See )

**ଇଙ୍କାରୀ**—ବୈଦେ. ବିଣ. (ଆ=ଇନ୍‌କାରୀ)—ଦୋଷ ଅସ୍ୱୀକାର କରୁଥିବା
Iṅkāri (ଆସାମୀ)—Denying the offence; making
ईन्कारी — a denial.
इनकारी

**ଇଙ୍କିଙ୍ଗ୍**—ବୈଦେ. ବି. ( ଇଂ )—୧ । ପେନ୍‌ସିଲ୍‌ରେ ଟଣାଯାଇଥିବା
.Inking — ନକ୍‌ସାରେ କାଳି ଚଢ଼ାଇବା—
ईङ्किङ्ग — 1. Inking of a map.
इंकिंग — ୨ । ଛାପା ହେବା ଟାଇପ୍‌ରେ କାଳି ଚଢ଼ାଇବା—
2. Inking of a composed type form.

**ଇଙ୍ଗ୍** (ଧାତୁ)—ସଂ.—ଗମନ କରିବା—To go.
Iṅg ( root ) [ ଦ୍ର—ଏହି ଧାତୁକୁ 'ଇନ୍‌ଗ୍' ଧାତୁ ମଧ୍ୟ କୁହାଯାଏ । ]

**ଇଙ୍ଗ୍ରାଜ** ( ଇତ୍ୟାଦି )—ଦେ. ବି.—ଇଂରାଜ ଇତ୍ୟାଦି (ଦେଖ)
Iṅgrāja etc — Iṁrāja etc (See)

**ଇଙ୍ଗ**—ସଂ. ବିଣ. (ଇଙ୍ଗ୍ ଧାତୁ=ଗମନ କରିବା+ଭାବ. ଅ)—
Iṅga — ୧ । ଜଙ୍ଗମ; ଚଳନଶୀଳ—
1 Moving, making motion
୨ । ଅଦ୍ଭୁତ—2. Wonderful
ସଂ. ବି.—୧ । ଅଭିପ୍ରାୟାନୁରୂପ ଚେଷ୍ଟା; ଇଙ୍ଗିତ; ଠାରିବା—
1. Beckoning; signal.
୨ । ଜ୍ଞାନ—2. Knowledge.

**ଇଙ୍ଗଡ଼**—ଗ୍ରା. ବି.—ଇଙ୍କଡ଼ା (ଦେଖ)
Iṅgarḍa — Iṅkarḍa (See)

**ଇଙ୍ଗନ**—ସଂ. ବି. (ଇନ୍‌ଗ୍ ଧାତୁ=ଯିବା+ଭାବ. ଅନ)—
Iṅgana ୧ । ଗମନ; ଚଳନ—1. Motion; movement.
୨ । ଚେଷ୍ଟା—2. Signal.
୩ । କମ୍ପନ—3. Vibration.

**ଇଙ୍ଗନା**—ସଂ. ବି. ସ୍ତ୍ରୀ. (ଇଙ୍ଗ୍ ଧାତୁ+ଅନ+ସ୍ତ୍ରୀ. ଆ)—ପ୍ରସିଦ୍ଧି—
Iṅganā — Fame; celebrity.

**ଇଙ୍ଗିତ**—ସଂ. ବି. (ଇନ୍‌ଗ୍ ଧାତୁ=ଗମନ କରିବା+ଭାବ. ତ)—
Iṅgita ୧ । ହୃଦ୍‌ଗତଭାବ—1. Intention.
୨ । ହୃଦ୍‌ଗତଭାବପ୍ରକାଶକ ଅଙ୍ଗଚାଳନା—2. Gesture.
୩ । ସଙ୍କେତ; ଇସାରା; ଠାର—
3. Hint; signal; sign.
ଭୂପତି ଇଙ୍ଗିତେ ରହିବେ ବାହାର ସଙ୍କେତ ଲେଖି—ରାଧାନାଥ. ଉଷା ।
୪ । ହୃଦ୍‌ଗତଭାବପ୍ରକାଶକ ଆଖିଠାର—
4. Wink; significant look.
୫ । ଚେଷ୍ଟା—5. Endeavour
ଧରନ୍ତେ ଅସ୍ତ୍ରମଣି, ତାହାଁ ତା ଇଙ୍ଗିତ ଜାଣି
ବାମ ବାହୁ କୃଷ୍ଣଜୟ, କାଶେ ରାଜକୁ ହେ—ବିଶ୍ୱନାଥ. ବିଚିତ୍ରରାମାୟଣ ।
୬ । ଅନ୍ୱେଷଣ—6. Search.
୭ । ଗତି; ଚାଲିଚଳଣ—
7. Movement; behaviour.
ଦେ. ବି.—୧ । ସୂଚନା—1. Suggestiveness.
୨ । ଥଟ୍ଟା—2. Jest.
ଦିନେ ସେ ଉଦିତେ ଚିତ୍ତେ କ ଯେତ ଉଷତ ରତ
କେତକେ ଲେଖି ଇଙ୍ଗିତେ ଗୀତେ—ଭଞ୍ଜ. ପ୍ରେମସୁଧାନିଧି ୧୩।୧୫ ।

**ଇଙ୍ଗିତ କରିବା**—ଦେ. କ୍ରି. (ସଂ. ଇଙ୍ଗିତ)—୧ । ଠାରିବା—
Iṅgita karibā — 1. To beckon.
ईङ्गितकरा — ୨ । ଇଙ୍ଗିତ କରିବା; ଥଟ୍ଟା କରିବା—
खिल्लीकरना — 2. To cut jokes

**ଇଙ୍ଗିତକଳା**—ସଂ. ବି. ସ୍ତ୍ରୀ. (ଆଧୁନିକ ପ୍ରୟୋଗ)—
Iṅgitakaḷā ୧ । ଉପନ୍ୟାସାଦିର ନୂତନ କାଳ୍ପନିକ ରଚନା—
1 Fiction
୨ । ସୂଚନାଦ୍ୱାରା ଭାବର ଚିତ୍ରଣ—
2. Suggestiveness in composition.

**ଇଙ୍ଗିତଜ୍ଞ**—ସଂ. ବିଣ. ପୁଂ. ( ଇଙ୍ଗିତ=ହୃଦ୍‌ଗତ ଭାବ+ଜ୍ଞା ଧାତୁ=
Iṅgitajña — ଜାଣିବା+କର୍ତ୍ତୃ. ଅ )—
(ଇଙ୍ଗିତଜ୍ଞା—ସ୍ତ୍ରୀ) ୧ । ଯେଉଁ ଲୋକ ଅନ୍ୟ ବ୍ୟକ୍ତିର ନେତ୍ରବିକ୍ଷେପାଦି ବା ଠାରଠୁରରୁ ସେହି ବ୍ୟକ୍ତିର ହୃଦ୍‌ଗତ ଭାବ ବୁଝିନିଏ—
1. Skilled in catching one's meaning when expressed by signs or gestures.
୨ । ଯେଉଁ ଲୋକ ଅନ୍ୟ ବ୍ୟକ୍ତିର ହୃଦ୍‌ଗତ ଭାବ ବୁଝିବାକୁ ସକ୍ଷମ—1. Skilled in catching the inward meanings of others.
୩ । ଠାର ଇତ୍ୟାଦି ଜାଣିଥିବା ( ବ୍ୟକ୍ତି )—
2. Acquainted with signs and mute language.

**ଇଙ୍ଗିତି**—ଦେ. ବି. ( ସଂ. ଇଙ୍ଗିତ )—
Iṅgiti ୧ । ଥଟ୍ଟା; ପରିହାସ—1. Jest; joke.
ईङ्गित — ୨ । ଶ୍ଳେଷ ବଚନ—2. Mockery.
थट्ठा

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ର୍,ଯ୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଘ,ଷ | ଙ୍କ | ଇୟ | ଇଅ | ଭ |
| ୨ | ଌ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ଵ | ନ୍ହ |

[ ଦ୍ର—ଆମ୍ଭମାନଙ୍କ ସମାଜରେ ଅଜା ଆଈଙ୍କୁ ନାତି ନାତୁଣୀ, ଦିଅରକୁ ଭାଉଜ, ଭଣୋଇକୁ ଶଳା ଓ ଶାଳୀ, ନଣନ୍ଦେଇକୁ ଶଳା-ଭାଉଜମାନେ ପରସ୍ପର କଥାବାର୍ତ୍ତାରେ ଇଙ୍ଗିତ କରନ୍ତି । ]

**ଇଙ୍ଗିତିଆ**—ଦେ. ବିଣ—ଥଟ୍ଟାଳ; ପରିହାସପ୍ରିୟ; ନକଲିଆ—
Ingitiā Fond of jesting or joking; humorous.
नकुले
**ठठोल**
(ଇଙ୍ଗିତେଇ—ସ୍ତ୍ରୀ)

**ଇଙ୍ଗିତିଆଳି**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଯାହା ସଙ୍ଗେ ଇଙ୍ଗିତ କରିବା
Ingitiāli ଲୋକାଚାରସମ୍ମତ—Relations with whom
थाट्टारसम्पर्क one can cut jokes or make jests under the rules of society.

**ଇଙ୍ଗିତ କରିବା**—ଦେ. କ୍ରି—ଥଟ୍ଟା କରିବା; ପରିହାସ କରିବା—
Ingiti kāribā To jest; to cut jokes.
ঠাট্টাকরিবা
**ठट्ठाकरना**

**ଇଙ୍ଗିରାଜ ( ଇତ୍ୟାଦି )**— ଗ୍ରା. ବୈଦେ. ବି—ଇଂରାଜ ଇତ୍ୟାଦି (ଦେଖ)
Ingirāja (etc) Imrāja etc ( See )

**ଇଙ୍ଗିରାଜି**—ଗ୍ରା. ବୈଦେ. ବି— ଇଂରାଜି ( ଦେଖ )
Ingirāji Imrāji ( See )

**ଇଙ୍ଗୁଦ**—ସଂ. ବି. ( ଇଙ୍ଗ ଧାତୁ=ଗତି କରିବା+ଭାବ. ଉ=ଇଙ୍ଗୁ=ଗମନ+ଦା ଧାତୁ+କର୍ତ୍ତୃ. ଅ)—
Inguda
हिङ्गन
**हिङ्गुन; इग्ना; हिङ୍ଗୋଳ:**
**ହିଙ୍ଗୋଟା; जङ्गलिबादाम**
ଗୁ—ଇଗୋରିଆ; ହିଙ୍ଗର୍
ତା—ନାଞ୍ଜୁରୁଡ଼ା,
ତେ—ଗାର; ଗାରିତେର; ଉର୍ଗି

୧ । ତାପସ ତରୁ, ଏହି ଫଳରୁ ତୈଳ ବାହାର କରି ଋଷିମାନେ ଦେହରେ ଲଗାଉଥିଲେ; ପୋଇଗୁନ୍ଦିଆ—
1. Terminalia Catapha (Kirtikar)

[ ଦ୍ର—ଏହା କଣ୍ଟା ଗଛ. ୧୫।୧୬ ହାତ ଉଚ୍ଚ । ପତ୍ର ଦୁଇଫାଳିଆ; ଫଳ ଶାମୁ ପରି ମାଂସଳ କଳୁ ପଡ଼ା; ବୀଜ ତୈଳମୟ, ତେରଲୁ ଦୂରରେ ଗଛ ବାହାରେ । ବିହାର ଓ ଭାରତର ଅନ୍ୟ ଶୁଷ୍କ ପ୍ରଦେଶରେ ଏ ଗଛ ନାହିଁ । ]

୨ । ଏହି ବୃକ୍ଷର ଫଳ—
2. The berries of the above mentioned tree.

୩ । ହିଙ୍ଗୁପତ୍ରୀ; ଏକ ପ୍ରକାର ଘାସ—
3. Balanites Ruxburghii.

୪ । ଜ୍ୟୋତିଷ୍ମତୀ ବା ପୁଟିଫୁଟିକା ଗଛ—
4. A phosphorescent plant.

**ଇଙ୍ଗୁଦୀ**—ସ. ବି. (ଇଙ୍ଗୁଦ+ଈ)—ଇଙ୍ଗୁଦ (ଦେଖ)
Ingudi Inguda (See)

**ଇଙ୍ଗୁଳ**—ସ. ବି.—ଇଙ୍ଗୁଦ (ଦେଖ)
Ingula Inguda (See)

**ଇଙ୍ଗ୍ରାଜ (ଇତ୍ୟାଦି)**—ବୈଦେ. ବି.—ଇଂରାଜ ଇତ୍ୟାଦି (ଦେଖ)
Ingrāja (etc) Imrāja etc (See)

**ଇଙ୍ଗ୍ରାଜି**—ବୈଦେ. ବି.—ଇଂରାଜି (ଦେଖ)
Ingrāji Imrāji (See)

**ଇଙ୍ଗ୍ରେଜ**—ବୈଦେ. ବି.—ଇଂରାଜ (ଦେଖ)
Ingreja Imrāja (See)

**ଇଙ୍ଗ୍ରେଜି**—ବୈଦେ. ବି.—ଇଂରାଜ (ଦେଖ)
Ingreji Imrāja (See)

**ଇଙ୍ଗ୍ଲଣ୍ଡ**—ବୈଦେ. ବି.—ଇଂଲଣ୍ଡ (ଦେଖ)
Inglanda Imlanda (See)

**ଇଙ୍ଗ୍ଲିସ୍**—ବୈଦେ. ବି. ଓ ବିଣ.—ଇଂରାଜ (ଦେଖ)
Inglis Imrāja (See)

**ଇଙ୍ଗ୍ଲିସ୍ ବଡି**—ବୈଦେ. ବି. (ଇଂ—ଛାପାଖାନା ଶବ୍ଦ)—
Inglis badi ଛାପାଖାନାରେ ବ୍ୟବହୃତ ଅକ୍ଷରବିଶେଷ—
English body (types)

**ଇଙ୍ଗ୍ଲିସ୍‌ବାର୍**—ବୈଦେ. ବି. (ଇଂ)—ଇଂଲଣ୍ଡରେ ପ୍ରସ୍ତୁତ ଇଟା ସୁନା—
Inglisbār English-bar (gold)

**ଇଙ୍ଗ୍ଲିସ୍ ମ୍ୟାନ୍**—ବୈଦେ. ବି. (ଇଂ) ଇଂଲଣ୍ଡର ଅଧିବାସୀ; ଇଂରେଜ—
Inglis myān Englishman.

**ଇଙ୍ଗ୍ଲିସୁ**—ବୈଦେ. ପ୍ରାଦେ (ଗଞ୍ଜାମ)—ବି. ଓ ବିଣ. (ଇଂ—ଇଙ୍ଗ୍ଲିସ୍)—
Inglisu ଇଂରାଜ (ଦେଖ)
Imrāja (See)

**ଇଚଡ଼**—ଦେ. ବି.—ଇଞ୍ଚଡ଼ (ଦେଖ)
Icharda Incharda (See)

**ଇଚିଲିବିଚିଲି କରିବା**—ଗ୍ରା. କ୍ରି. (ସ. ଇତସ୍ତତଃ)—ଇତସ୍ତତଃ କରିବା; ବୁଣିଦେବା; ଫିଙ୍ଗିଦେବା—
Ichilibichili kāribā
ইদিক্ উদিক করা To disperse; to scatter; to throw away.
**तत्तरबित्तर करना**

**ଇଚ୍ଛକ**—ସ. ବିଣ. ପୁଂ (ଇଷ୍ ଧାତୁ=ଇଚ୍ଛା କରିବା+କର୍ତ୍ତୃ. ଅକ)—
Ichchhaka ୧ । ଯେ ଇଚ୍ଛାକରେ; ଉତ୍ସାହୀ; ଇଚ୍ଛୁକ—
(ଇଚ୍ଛକା—ସ୍ତ୍ରୀ) 1 One who desires.
୨ । ଟଭାରଲେମ୍ବୁ—2. Orange.

**ଇଚ୍ଛା**—ସଂ. ବି. ସ୍ତ୍ରୀ (ଇଷ୍ ଧାତୁ=ଇଚ୍ଛା କରିବା + ଭାବ. ଅ+ସ୍ତ୍ରୀ. ଆ)—
Ichchhā ୧ । ଅଭିଳାଷ; ବାଞ୍ଛା—1. Will; desire; wish.
୨ । ଉଦ୍ଦେଶ୍ୟ—2. Aim; intention.
୩ । ସ୍ପୃହା; ଉତ୍ସାହ—3. Zeal.
୪ । ପ୍ରବୃତ୍ତି—4. Inclination; volition.
ଦେ ବି.—ଇଚ୍ଛାବତୀର ଡାକ ନାମ—
A name for calling Ichchhābati.

**ଇଚ୍ଛାଏ**—ଦେ. କ୍ରି. ବିଣ—ସ୍ୱେଚ୍ଛାକ୍ରମେ; ମନକୁ; ସ୍ୱତଃ; ନିଜର ଇଚ୍ଛାରେ—Of one's own accord.
Ichchhāe
ଯେବେ ଯାହାର ଇଚ୍ଛା ଥିବ; ତାହାର ଇଚ୍ଛାଏ ଆସିବ ।
ଭୂପତି—ପ୍ରେମପଞ୍ଚାମୃତ ।

> ସାଧାରଣତଃ ଏହି ଅଭିଧାନରେ ପ୍ରଥମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥ କେଉଁଠାରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପଙ୍କ୍ତିର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଇଚ୍ଛାଠାକୁରାଣୀ**—ଦେ. ବ ଟିକା ଟିକାରେ ମନକୁ ହେବା ବସନ୍ତରୋଗ—
Ichchhāṭhākuraṇī — Small-pox appearing without inoculation.
माएरइच्छा
शीतला

**ଇଚ୍ଛାତ୍ରୟ**—ସଂ. ବଣ—ତିନିପ୍ରକାର ଅଭିଳାଷ—
Ichchhātraya — Wish classified into three kinds.

ଦୈନ୍ୟବୋଧିକା, ପ୍ରାର୍ଥନାମୟୀ, ଲାଳସାମୟୀ ଏହି ତିନିଗୋଟି ଇଚ୍ଛା—
ଅଭିନବ ଚନ୍ଦ୍ରଚନ୍ଦ୍ରମଣି ।

**ଇଚ୍ଛାନୁରୂପ**—ସଂ. ବଣ. ( ୬ଷ୍ଠୀ ତତ୍ )—୧ । ଇଚ୍ଛା କରିବା ପରି—
Ichchhānurūpa — 1. According to one's liking; suiting one's wish.

ଦେ. କ୍ରି. ବଣ—ଇଚ୍ଛାନୁସାରେ—
According to one's wish.

**ଇଚ୍ଛାପତ୍ର**—ଦେ. ବ. ( ଆଧୁନିକ ପ୍ରୟୋଗ )—ଇଚ୍ଛାପ୍ରକାଶକ ଲିପି ବା
Ichchhāpatra — ଲେଖା; ଚରମପତ୍ର; ମୃତ୍ୟୁପରେ ନିଜର ସମ୍ପତ୍ତି ଉପରେ କାହାକୁ ଦଆ ଯିବ, ତାହା ମୃତ୍ୟୁ ପୂର୍ବରୁ ଯେଉଁ ଦସ୍ତାବିଜରେ ଲେଖାଯାଏ—A will; last will; testament.

**ଇଚ୍ଛାପୂର୍ବକ**—ସଂ. କ୍ରି. ବଣ. ( ବହୁବ୍ରୀହି; ଇଚ୍ଛା + ପୂର୍ବ )—ନିଜର
Ichchhāpūrbaka — ଇଚ୍ଛାଅନୁସାରେ ଅର୍ଥାତ୍ ଅନ୍ୟ କାହାଦ୍ୱାରା ପ୍ରେରିତ ନ ହୋଇ—Voluntarily; of one's free will.

**ଇଚ୍ଛାବତୀ**—ସଂ. ବ. ସ୍ତ୍ରୀ. ( ଇଚ୍ଛା = ପ୍ରବୃତ୍ତି + ଅସ୍ତ୍ୟର୍ଥରେ. ବତ୍ +
Ichchhābatī — ସ୍ତ୍ରୀ. ଈ )—୧ । କାମୁକୀ ସ୍ତ୍ରୀ—
1. Libidinous ( female )

ବାସନ୍ତୀ ମଲ୍ଲୀ ନଅଳି କୁରଅକା ଯହିଁ ହେଲେ ଇଚ୍ଛାବତୀ ଯେ ।
ଉପେନ୍ଦ୍ର ବୈଦେହୀଶବିଳାସ ।

୨ । ଧନାଦିରେ ସ୍ପୃହାବତୀ—
2. Hankering after wealth.

୩ । ଓଡ଼ିଆ ଭାଷାରେ ଗଣିତ ବିଷୟକ ପଦ୍ୟ ଗ୍ରନ୍ଥର ରଚୟିତ୍ରୀ ଜଣୈକା ସ୍ତ୍ରୀ—
3. Name of a female, author of a mathematical treatise in Orḍiā.

**ଇଚ୍ଛାବର**—ଦେ. ବ—କନ୍ୟା ସ୍ୱୟମ୍ବରରେ ନିଜ ଇଚ୍ଛାରେ ଯେଉଁ
Ichchhābara — ବର ବରଣ କରେ—A bride-groom of the bride's choice

ଜଗତ ମୋହିଲା ଯେ ଉ ଯୋଗ୍ୟତାଇଁ;
ଇଚ୍ଛାବର ବରୁ କେମାଁ ମନକୁ ଗୃହି । ପଦ୍ମାବତୀ ଛନ୍ଦ ...

**ଇଚ୍ଛାବରୀ**—ଦେ. ବଣ. ସ୍ତ୍ରୀ—ସ୍ୱୟଂବରୀ; ଆପଣା ଇଚ୍ଛାରେ ସ୍ୱାମୀ ବରଣ
Ichchhabarī — କରିଥିବା (ସ୍ତ୍ରୀ)-(a woman) Choosing her own husband.

**ଇଚ୍ଛାବସନ୍ତ**—ଦେ.ବ. (ସଂ.ଇଚ୍ଛା ଓ ବସନ୍ତ)—ଇଚ୍ଛାଠାକୁରାଣୀ (ଦେଖ)
Ichchhabasanta — Ichchābasanta ( See )

**ଇଚ୍ଛାବସୁ**—ସଂ. ବ. ( ଇଚ୍ଛା + ବସୁ = ଧନ )—କୁବେର—
Ichchhābasu — The Hindu God of riches.

**ଇଚ୍ଛାଭେଦୀରସ**—ସଂ. ବ—ଆୟୁର୍ବେଦ ଶାସ୍ତ୍ରୋକ୍ତ ଔଷଧବିଶେଷ (ଏହା
Ichchhabhedīrasa — ଦ୍ୱାରା କୋଷ୍ଠବଦ୍ଧତା ଦୂର ହୋଇ ଝାଡ଼ା ସଫା ହୁଏ)—A medicinal preparation.

**ଇଚ୍ଛାମୟ**—ସଂ. ବଣ. ( ଇଚ୍ଛା + ପରିପୂର୍ଣ୍ଣ ଅର୍ଥରେ. ମୟ )—
Ichchhamaya — ୧ । ନିଜ ଇଚ୍ଛାରେ କାର୍ଯ୍ୟ କରିବା—
1. Acting at pleasure; whose will is law.
୨ । ପରମେଶ୍ୱର—2. An epithet of God.

**ଇଚ୍ଛାଳିବା**—ପ୍ରାଦେ. ( ଗଞ୍ଜାମ ) କ୍ରି.—ସମ୍ଭାଳିବା—To bear the
Ichchhāḷibā — brunt of.

**ଇଚ୍ଛିକା**—ଗ୍ରା. ଅ—୧ । ଏକ୍ଷଣି; ଏହିକ୍ଷଣି—
Ichchikā — 1. Just at this moment.
एखुनि — ୨ । ବର୍ତ୍ତମାନ—2. Now.
अभिम — ୩ । ଆଜିକାଲି—3. Now-a-days.

**ଇଚ୍ଛିଣି**—ଗ୍ରା. ଅ ( ସଂ. ଏତଦ୍ ଓ କ୍ଷଣ )—
Ichchhiṇi — ଇଚ୍ଛିକା ( ଦେଖ )—Ichchhikā ( See )

**ଇଚ୍ଛିଣିକା**—ଗ୍ରା. ଅ ( ସଂ. ଏତଦ୍ ଓ କ୍ଷଣ )—
Ichchhiṇikā — ଇଚ୍ଛିକା ( ଦେଖ )—Ichchhikā ( See )

**ଇଚ୍ଛିବା**—ଦେ. ପଦ୍ୟ. କ୍ରି.—ଇଚ୍ଛା କରିବା—
Ichcahibā — To wish.
ईच्छा

ଇଚ୍ଛିଲ ସତୀ ପୁଚ୍ଛିଲ ବୈଦ୍ୟବାମାକୁ ଏହ—
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଇଚ୍ଛୁ**—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ଇଷ ଧାତୁ = ବାଞ୍ଛା କରିବା + କର୍ତ୍ତୃ.
Ichchhu — ଉ )—୧ । ଯେ ଇଚ୍ଛା କରେ—
1. Desirous; willing.
୨ । ଉତ୍ସାହୀ; ଇଚ୍ଛାଯୁକ୍ତ—2. Eager; solicitous.

**ଇଚ୍ଛୁକ**—ସଂ. ବଣ. ପୁଂ. ( ଇଚ୍ଛୁ + ସ୍ୱାର୍ଥେ. କ )—ଇଚ୍ଛୁ ( ଦେଖ )
Ichchhuka — Ichchhu ( See )
( ଇଚ୍ଛୁକା—ସ୍ତ୍ରୀ )

**ଇଚ୍ଛୁଣି**—ଗ୍ରା. ଅ—ଇଚ୍ଛିକା ( ଦେଖ )
Ichchhuṇi — Ichchhikā ( See )

**ଇଚ୍ଛୁଣିକା**—ଗ୍ରା. ଅ—ଇଚ୍ଛିକା ( ଦେଖ )
Ichchhuṇikā — Ichchhikā ( See )

**ଇଛରା**—ଗ୍ରା. ବ—ଭୂମିଷ୍ଠ ନବଜାତ ଶିଶୁର ଅଙ୍ଗସଂସ୍କାରକ କ୍ରିୟା—
Ichharā — The cleansing of the body of a newly born infant.

**ଇଛାରିବା**—ଗ୍ରା. କ୍ରି—୧ । (ଅତି ଶିଶୁ ଅବସ୍ଥାରୁ) ପାଳି ବଢ଼ାଇବା—
Ichhāribā — 1. To bring up from child-hood.
(ଯଥା—ଛୁଆଟିକୁ ଇଛାରିବା ।)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଞ | ଣ,ଣ | ଙ୍କ | ଇଯ୍ | ଇଅ | ଉ |
| ୨ | ଈ | ଊ | ଋ | ଌ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ |

୨ । ଭୂମିଷ୍ଠ ହେଲା ପରେ ନବଜାତ ଶିଶୁର ଅଙ୍ଗ ସଫାକରିବା—2. To cleanse the body of a newly born infant

ଇଚ୍ଛୁଣି—ଗ୍ରା. ଅ.—ଇଚ୍ଛିକା (ଦେଖ)
Ichhuṇi Ichchhikā (See)

ଇଛେନ୍—ପ୍ରାଦେ. (ସମ୍ବଲପୁର) ଅ—ଅଧୁନା; ଏକ୍ଷଣେ; ଏବୁଣି; ଇଚ୍ଛୁଣି-
Ichhen Now; just now.

ଇଜ୍‌ମାଇଲ୍—ବୈଦେ. ବଣ (ଅ. ଇଜ୍‌ମାଲ୍)—୧ । ବହୁ ବ୍ୟକ୍ତିଙ୍କ ଅଧିକାରଭୁକ୍ତ (ସମ୍ପତ୍ତି)—1. Joint (property)
Ijmāil
ଏଜମାଲି ୨ । ଅବିଭକ୍ତ—2. Undivided.
**इजमाल**

ଇଜ୍‌ମାଏଲ୍—ବୈଦେ. ବଣ—ଇଜ୍‌ମାଇଲ୍ (ଦେଖ)
Ijmāel Ijmāil (See)

ଇଜ୍‌ମାଏଲି—ବୈଦେ. ବଣ.—ଇଜ୍‌ମାଇଲ୍ (ଦେଖ)
Ijmāeli Ijmāil (See)

ଇଜ୍‌ମାଲ୍—ବୈଦେ. ବଣ—ଇଜ୍‌ମାଇଲ୍ (ଦେଖ)
Ijmāl Ijmāil (See)

ଇଜ୍‌ମାଲି—ବୈଦେ. ବଣ—ଇଜ୍‌ମାଇଲ୍ (ଦେଖ)
Ijmāli Ijmāil (See)

ଇଜ୍‌ମେଣ୍ଟ୍—ବୈଦେ. ବ (ଇଂ)—ପରର ସମ୍ପତ୍ତିରେ ବହୁକାଳ ବ୍ୟବହାର ଦ୍ୱାରା ଅନ୍ୟର ପ୍ରବର୍ତ୍ତିବା ସ୍ୱତ୍ୱ (ଯଥା—ପରର ଜମି ବାଟେ ଯିବା, ପର ଜମିରେ ଗୋରୁ ଚରାଇବା ଇତ୍ୟାଦ)—Easement.
Ijmenṭ

ଇଜତ୍—ବୈଦେ. ବ (ଅ. ଇଜ୍ଜତ୍)—୧ । ମର୍ଯ୍ୟାଦା; ମହତ୍ତ୍ୱ; ସମ୍ମାନ—
Ijat 1. Honour; respect.
ଇଜ୍ଜତ ମିଛ କହିଲେ ମୋ କଥା ଯାଉ; ଏବେ ଇଜତ ବଞ୍ଚାଉ ରହେ ।
**इज्ज़त** ଫକୀରମୋହନ- ଛମାଣଆଠଗୁଣ୍ଠ ।
୨ । ମହତ୍ତ୍ୱଜନକ ଯଶ ବା ସୁନାମ—2. Prestige.
୩ । ସ୍ତ୍ରୀର ସତୀତ୍ୱ—3 Female modesty; chastity.
୪ । ମାନ, ସମ୍ଭ୍ରମ; ଲଜ୍ଜାଯୁକ୍ତ ଶିଷ୍ଟତା—4. Modesty.
୫ । ସୁନାମ—5. Reputation.

ଇଜତ୍ ତଳେ ପଡ଼ିବା—ଦେ. ବ—ଇଜତ୍ ଯିବା (ଦେଖ)
Ijat taḷe paṛibā Ijat jibā (See)
ইজ্জত নীচে পড়া
**इज्ज़त नीचे गीरना**

ଇଜତ୍‌ଦାବି—ଦେ. ବ.—ଅଦାଲତ ଆଗରେ ମର୍ଯ୍ୟାଦାହାନିର କ୍ଷତିପୂରଣ ଦାବି କରିବା—Claim for loss of one's honour or reputation.
Ijatdābi
ইজ্জতদাবী
**इज्ज़तदावी**

ଇଜତ୍‌ଦାବି ମକଦ୍ଦମା—ଦେ. ବ.—୧ । ଅପମାନ ବା ଅପବାଦଜନିତ ନିଜର ସମ୍ମାନ ନାଶ ହେବା ହେତୁ ତହିଁର କ୍ଷତି ପୂରଣାର୍ଥ ଇଜ୍ଜତ୍ ଯାଉଥିବା ଲୋକ ବିପକ୍ଷରେ ଉପସ୍ଥାପିତ ଦେୱାନୀ ମୋକଦ୍ଦମା—1. Civil suit claiming damage for loss of honour or prestige (owing to defamation or assault.)
Ijatdābi makaddamā
ইজ্জতদাবী মোকদ্দমা
**इज्ज़तदावी मुकदमा**
୨ । ସ୍ତ୍ରୀଲୋକର ସତୀତ୍ୱ ନାଶ କରିଥିବା ବ୍ୟକ୍ତି ବିପକ୍ଷରେ ଉପସ୍ଥାପିତ ଫୌଜଦାରୀ ମକଦ୍ଦମା—2. A criminal case against a person for outraging female modesty.
[ ଦ୍ର—ଭାରତୀୟ ଦଣ୍ଡବିଧି ଆଇନ୍‌ରେ ସ୍ତ୍ରୀଲୋକର ସତୀତ୍ୱ ଅପହରଣ ଗୋଟିଏ ଗୁରୁତର ଅପରାଧରୂପେ ପରିଗଣିତ । ବଳାତ୍କାର-ସତୀତ୍ୱହରଣର (Rape) ସଂଜ୍ଞା ୩୭୫ ଦଫାରେ ଓ ୩୭୬ ରେ ଦଣ୍ଡ (୧୦ ବର୍ଷ କାରାବାସ); ପରସ୍ତ୍ରୀହରଣର ସଂଜ୍ଞା ୪୯୭ ଦଫାରେ ଓ ଦଣ୍ଡ ( ୫ ବର୍ଷ କାରାବାସ ) ନିର୍ଦ୍ଦିଷ୍ଟ ହୋଇଅଛି । ଦୁର୍ନାମ ଦ୍ୱାରା କୌଣସି ବ୍ୟକ୍ତିର ଇଜତ୍ ବା ସୁନାମ ହାନି ଘଟାଇବା ଅପରାଧ (Defamation) ୪୯୯ ଦଫାରେ ଓ ତହିଁର ଦଣ୍ଡ (୨ ବର୍ଷ କାରାବାସ) ୫୦୦ ଦଫାରେ ଅଛି । କୌଣସି ସ୍ତ୍ରୀର ଇଜତ୍ ନେବାପାଇଁ ବଳ ପ୍ରୟୋଗ କରିବା ମଧ୍ୟ ୩୫୪ ଦଫାରେ ଗୋଟିଏ ଗୁରୁତର ଅପରାଧ (ଦଣ୍ଡ ୨ ବର୍ଷ କାରାବାସ) ବୋଲି ଗଣ୍ୟ ହୋଇଅଛି । ]

ଇଜତ୍‌ଦାର୍—ବୈଦେ. ବଣ. (ଅ. ଇଜତ୍‌ଦାର)—ମର୍ଯ୍ୟାଦାବାନ୍—
Ijatdār Honourable.
ইজ্জতদার
**इज्ज़तदार**

ଇଜତ୍‌ଦାରି—ଦେ. ବ.—ମର୍ଯ୍ୟାଦା ବଜାୟ ରଖିବା ଆଚରଣ—
Ijatdāri Maintenance of one's honour intact.

ଇଜତ୍‌ଦେବା—ଦେ. କ୍ରି—୧ । ମର୍ଯ୍ୟାଦା ହାନିର କ୍ଷତି ପୂରଣ କରିବା—
Ijatdebā 1. To redress one's insult.
୨ । ମର୍ଯ୍ୟାଦା ରକ୍ଷା କରିବା—
2. To save a man from disgrace.

ଇଜତ୍‌ନେବା—ଦେ. କ୍ରି—୧ । ମର୍ଯ୍ୟାଦା ହାନି କରିବା; ବେଇଜ୍ଜତ୍ କରିବା-
Ijatnebā 1. To dishonour a person.
ইজ্জতনেওয়া ୨ । ସ୍ତ୍ରୀର ସତୀତ୍ୱ ନାଶ କରିବା—
**इज्ज़तलेना** 2. To outrage the modesty of a woman; to dishonour a woman.

ଇଜତ୍‌ମହତ—ଦେ. ବ. (ଅ. ଇଜତ ଓ ସ. ମହତ୍ତ୍ୱ)—ମାନମର୍ଯ୍ୟାଦା—
Ijatmahata Honour; respect.

ଇଜତ୍‌ଯିବା—ଦେ. ବ—୧ । ମହତ୍ତ୍ୱ ହାନି ଘଟିବା—
Ijatjibā 1. Loss of honour.
ইজ্জতযাওয়া ୨ । ସ୍ତ୍ରୀର ସତୀତ୍ୱ ନାଶ ଘଟିବା—
**इज्ज़तयाना** 2. Loss of a woman's chastity.
୩ । ସୁନାମ ନଷ୍ଟ ହେବା; କଳଙ୍କ ରଟନା ହେବା—
3. Defamation.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୂରଭ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗଁଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

**ଇଜ୍ଜତ୍‌ସରା**—ଦେ. ବିଣ—୧ । ମର୍ଯ୍ୟାଦାହାନିକର—
Ijatsarā 1. Disgraceful.
(ଇଜତ୍‌ସରେଇ—ସ୍ତ୍ରୀ) ୨ । ଯେ ଅନ୍ୟର ସମ୍ମାନ ହାନି କରେ— 2. Disgracing another.

**ଇଜତ୍ ସରିବା**—ଦେ. କି—ଇଜତ୍ ଯିବା (ଦେଖ)
Ijat saribā Ijat jibā ( See )

**ଇଜତ୍ ସାରିବା**—ଦେ. କି—ଇଜତ୍ ନେବା ( ଦେଖ )
Ijat sāribā Ijat nebā ( See )
ইজ্জতলওয়া
इज्ज़तलेना

**ଇଜତ୍ ହାନି**—ଦେ. ବି. ( ଅ. ଇଜ୍ଜତ୍ ଓ ସଂ. ହାନି )—
Ijat hāni ୧ । ଅପମାନ—1. Dishonour; disgrace.
୨ । ସମ୍ମାନନାଶ—2. Loss of honour.

**ଇଜତ୍ ହୁରୁମତ୍**—ବୈଦେ. ବି (ଅ. ସହିତର)—ମାନମର୍ଯ୍ୟାଦା—
Ijat hurumat Honour; regard.

**ଇଜତି**—ଦେ. ବିଣ (ଅ. ଇଜ୍ଜତୀ)—ଇଜତଦାର୍; ମର୍ଯ୍ୟାଦାବନ୍ତ—
Ijati Honourable.
ইজ্জতী
इज्ज़ती

**ଇଜତିଆ**—ଦେ. ବିଣ. (ଅ. ଇଜ୍ଜତୀ)—ଇଜତି ( ଦେଖ )
Ijatiā Ijati ( See )

**ଇଜରା**—ବୈଦେ. ବି ( ଅ. ଇଜାରା )—ସାମୟିକ ପଟ୍ଟା; ଇଜାରା—
Ijarā Temporary lease.
ইজারা
इजारा

**ଇଜରାଏ**—ପ୍ରାଦେ. (ସମ୍ବଲପୁର; କଟରଆ) ବି—ଡିକ୍ରିଜାରି—
Ijarāe Execution of decree.
( ଯଥା—ଇଜରାଏ ମକଦ୍ଦମା ୧୧ ନମ୍ବର ସନ ୧୯୩୦ । )

**ଇଜରା କବୁଲିୟତ୍**—ବୈଦେ. ବି (ଅ)—ଇଜରାଦାର ଜମିଦାର ବା
Ijarā kabuliyat ମାଲିକଙ୍କଠାରୁ ପଟ୍ଟା ପାଇବା ପରେ ତାଙ୍କୁ
ইজারাকবুলিয়ত্ ଲେଖିଦେବା ସ୍ୱୀକାରପତ୍ର—A farming
इजाराकबुलियत् counter lease.

**ଇଜରାଜମା**—ବୈଦେ.ବି (ଅ)—ଇଜରାଦାର ମାଲିକଙ୍କୁ ଦେବା ନିର୍ଦ୍ଧାରିତ
Ijarājamā ଖଜଣା—Annual rent paid by a
ইজারাজমা farmer to the owner
इजाराजमा

**ଇଜରାଦାର**—ବୈଦେ. ବି (ଅ)—ସାମୟିକ ପଟ୍ଟା ଗ୍ରହୀତା—
Ijarādāra Temporary leases.
ইজারাদার
इजारादार

**ଇଜରା ଦେବା**—ଦେ.କି—ସାମୟିକ ପଟ୍ଟା ଦେବା—To grant a
Ijarā deba temporary lease or permit.
ইজারাদেওয়া
इजारादेना

**ଇଜରା ନେବା**—ଦେ. କି—ସାମୟିକ ପଟ୍ଟା ନେବା—To take a
Ijarā nebā temporary lease or permit.
ইজারালওয়া
इजारालेना

**ଇଜରାପଟ୍ଟା**—ଦେ. ବି—ଯେଉଁ ପଟ୍ଟାରେ ଭୂସ୍ୱାମୀ ରଇତକୁ ଇଜରା
Ijarāpaṭṭā ଲେଖି ଦିଏ—Document granted by
ইজারাপট্টা the landlord for the temporary
इजारापट्टा use of a certain tract of land.

**ଇଜଲାସ୍**—ବୈଦେ. ବି—ଏଜଲାସ୍ ( ଦେଖ )
Ijalās Ejalās ( See )

**ଇଜହାର**—ବୈଦେ. ବି ( ଫା. ଏଜ୍‌ହାର୍ )—
Ijahāra ୧ । ଏତଲା; ହାକିମଙ୍କ ନିକଟରେ ଅଭିଯୋଗ—
এজহার 1. Complaint.
एजहार, इज़्हार ୨ । ଥାନାରେ ପୁଲିସ୍ ନିକଟରେ ଦେବା ଅପରାଧର ଖବର—2 First information lodged before a police officer at the Thānā.
ଜମାଦାର ଅନେକ ଲୋକଙ୍କ ଇଜହାର କଲମ ବନ୍ଦ କରି ପକାଇଲେଣି ।
ଫକୀରମୋହନ । ଛମାଣଆଠଗୁଣ୍ଠ ।

**ଇଜହାର କରିବା**—ଦେ. କି—୧ । କୌଣସି ହାକିମଙ୍କ ନିକଟରେ
Ijahārakaribā ଅଭିଯୋଗ ବ୍ୟକ୍ତ କରିବା—To file a
এজহার করা complaint before an officer.
इज़्हार करना ୨ । ଥାନାରେ ଏତଲା ଦେବା—
2. To lodge information before Police.

**ଇଜହାର ଦେବା**—ଦେ କି—ଇଜହାର କରିବା ( ଦେଖ )
Ijahāra debā Ijahāra karibā ( See )
এজহার দেওয়া
इज़्हार देना

**ଇଜହାର ନେବା**—ଦେ. କି—ପୁଲିସ ଏତଲାକାରୀର କଥାକୁ ନିଜ
Ijahāra nebā ଡାଇରି ଆଦିରେ ଲିପିବଦ୍ଧ କରିବା—
এজহার লওয়া (Police) To record the first informa-
इज़्हार लेना tion given by the informant at the Police Station.

**ଇଜହାରୀ**—ଦେ. ବିଣ—ଯେ ଇଜହାର ଦିଏ—
Ijahārī One who lodges the 1st information before the Police
এজহারী
इज़्हारी

**ଇଜାଦ୍**—ବୈଦେ. ବି ( ଫା )—ମାପରେ ଜଣାପଡ଼ିବା ଅତିରିକ୍ତ ଭୂମି—
Ijād Excess land.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଣ,ସ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ଋୂ | ଌୂ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଗଁ୍ୟ | ଇଅ | ଓ୍ୱ | ବ୍ |

ଇଜାନଗର—ଦେ. ବି. (ସଂ. ବିଜୟନଗର)—ବିଜୟନଗର (ଦାକ୍ଷିଣାତ୍ୟ-
Ijānagara ପ୍ରଦେଶ )—Bijayanagaram in Madras presidency.

ଇଜାର୍—ବୈଦେ. ବି ( ଫା )—ଢିଲା ପାଇଜାମା—
Ijār Loose trousers; breeches; pantaloons.
ईजेर्
इज़ार

ଇଜାରା (ଇତ୍ୟାଦି)—ଇଜରା ଇତ୍ୟାଦି ( ଦେଖ )
Ijārā etc Ijarā etc ( See )

ଇଜିଚେୟାର୍—ବୈଦେ. ବି ( ଇଂ )—ଆରାମ ଚଉକି—
Ijicheyār Easy chair.

ଇଜିପ୍ଟ୍—ବୈଦେ. ବି. (ନାମ)—ଆଫ୍ରିକା ମହାଦେଶର ପୂର୍ବାଂଶରେ ଥିବା
Ijipṭ ଦେଶବିଶେଷ; ମିଶର ଦେଶ—Egypt.
ईजिप्ट
मिस्र

ଇଜେକ୍ଟ୍‌ମେଣ୍ଟ୍—ବୈଦେ. ବି ( ଇଂ )—ରଇତ ବା ଭଡ଼ାଦାରଙ୍କୁ
Ijekṭmenṭ ଜମିରୁ ବା ଘରୁ ଉଠାଇ ଦେବା—
Ejectment.

ଇଜେକ୍ଟ୍‌ମେଣ୍ଟ୍ ସୁଟ୍—ବୈଦେ. ବି. ( ଇଂ. ଇଜେକ୍ଟ୍‌ମେଣ୍ଟ ସୁଟ୍ )—
Ijekṭmenṭ suṭ ରଇତଙ୍କୁ ବା ଭଡ଼ାଦାରଙ୍କୁ ଜମିରୁ କିମ୍ବା ଘରୁ
ଉଠାଇ ଦେବା ପାଇଁ କରାଯିବା ମକଦ୍ଦମା—
Ejectment suit.

ଇଜେର୍—ବୈଦେ. ବି. ( ଫା )—ଇଜାର୍ ( ଦେଖ )
Ijer Ijār ( See )

ଇଜ୍ଜତ୍ (ଇତ୍ୟାଦି)—ଇଜତ୍ ଇତ୍ୟାଦି ( ଦେଖ )
Ijjat etc Ijat etc ( See )

ଇଜ୍ଜତି—ଇଜତି ( ଦେଖ )
Ijjati Ijati ( See )

ଇଜ୍ଜତିଆ—ଇଜତିଆ ( ଦେଖ )
Ijjatiā Ijatiā ( See )

ଇଜ୍ଜଳ—ସ. ବି. ( ଇତ୍ + ଜଳ; ଏହି ଗଛ ପାଖରେ ଜଳ ବହେ ଓ
Ijjaḻa ପାଣି କୂଳରେ ଏ ଗଛ ବେଶି ହୁଏ ବୋଲି )—
୧। ହିଞ୍ଜଳ ( ଦେଖ )
1. Hiñjaḻa ( See )
ବିହାଗ ରଚନ୍ତି ଯହିଁ କେକି କଳା
ଇଜ୍ଜଳ ନିକୁଞ୍ଜେ ବଞ୍ଜୁଳ କୁନ୍ତଳା। ରାଧାନାଥ. ନନ୍ଦକେଶ୍ୱରୀ।
୨। ନିଚୁଳ ( ଦେଖ )
2. Nichuḻa ( See )

ଇଜ୍ୟ—ସ. ବିଣ. ପୁଂ. ( ଯଜ୍ ଧାତୁ=ପୂଜା କରିବା+କର୍ମ. ଯ )—
Ijya ୧। ପୂଜ୍ୟ—1. Worshippable; worthy of
(ଇଜ୍ୟା—ସ୍ତ୍ରୀ) respect.
୨। ଗୁରୁସ୍ଥାନୀୟ—2. In the position of one's elder.
ବି—୧। ସୁରାଚାର୍ଯ୍ୟ, ବୃହସ୍ପତି—
1. A name of Bṛuhaspati.
୨। ବିଷ୍ଣୁ—2. A name of Bishṇu.

ଇଜ୍ୟା—ସଂ. ବିଣ. ସ୍ତ୍ରୀ. ( ଯଜ୍ ଧାତୁ=ପୂଜା କରିବା+କର୍ମ. ଯ+ସ୍ତ୍ରୀ.
Ijyā ଆ )—ଇଜ୍ୟର ସ୍ତ୍ରୀଲିଙ୍ଗ—Feminine of Ijya.
ବି—୧। ପୂଜା—1. Worship.
୨। ଦାନ—2. Gift.
୩। ଯଜ୍ଞ—3. Vedic sacrifice.
୪। ହୋମ—4. Oblation unto fire.
୫। ଗୋରୁ—5. Cow.
୬। କୁଟ୍ଟିନୀ—6. A procuress; bawd.

ଇଜ୍ୟାଶୀଳ—ସଂ. ବିଣ. ପୁଂ. ( ଇଜ୍ୟା=ଯଜ୍ଞ+ବାରମ୍ବାର ପ୍ରବୃତ୍ତ
Ijyāśiḻa ହେବା ଅର୍ଥରେ. ଶୀଳ )—ଯେ ପୁନଃ ପୁନଃ ଯାଗ
କରନ୍ତି; ଯାଜକ—( a person ) Frequently performing sacrifices.

ଇଝାର (ଇତ୍ୟାଦି)—ଇଜହାର ଇତ୍ୟାଦି ( ଦେଖ )
Ijhāra etc Ijahāra etc ( See )

ଇଞ୍ଚ—ବୈଦେ. ବି. ( ଇଂ. ଇଞ୍ଚ୍ )—ଏକ ବୁରୁଳ ପରିମାଣ; ପ୍ରାୟ ଦୁଇ
Iñcha ଅଙ୍ଗୁଳ ପରିମାଣ; ଗୋଟିଏ ପଇସାର ବ୍ୟାସର ପରିମାଣ—
इंच Inch.
इंच

ଇଞ୍ଚକିଆ—ଦେ. ବିଣ—ଏକଇଞ୍ଚପରିମିତ—
Iñchakiā Measuring one inch.

ଇଞ୍ଚଡ଼—ଦେ. ବି—କଞ୍ଚିପଣସ; ପ୍ରଣସକଠା—
Iñcharda Young jack-fruit.

ଇଞ୍ଚଡ଼ା—ଦେ. ବି—କଞ୍ଚିପଣସ—Young jack-fruit.
Iñchardā

ଇଞ୍ଚରାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉଖାରିବା (ଦେଖ)
Iñcharāibā Ukhāribā (See)
ଜଆ ମାଛ ଇଞ୍ଚରାସନ୍।

ଇଞ୍ଚିକିଆ—ଦେ. ବିଣ—ଇଞ୍ଚକିଆ (ଦେଖ)
Iñchikiā Iñchakiā (See)

ଇଞ୍ଜଙ୍କ୍ସନ୍—ବୈଦେ. ବି—(ଇଂ. କଚେରୀ ଭାଷା)—
Iñjaṅksan ଅଦାଲତ ପ୍ରଚାରିତ ଆଜ୍ଞା; ନିଷେଧ ଆଜ୍ଞା—
Injunction.

ଇଞ୍ଜନ—ଦେ. ବି. (ସଂ ଅଞ୍ଜନ)—କଜ୍ଜଳ (ଦେଖ)
Iñjana Kajjaḻa (See)

ଇଞ୍ଜଳ—ଦେ. ବି—ହିଞ୍ଜଳ (ଦେଖ)
Iñjaḻa Hiñjaḻa (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ତାହା ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଠି' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଶିଆ' ନ ପାଇଲେ 'ଅଶ୍ଶା' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଲଙ୍କାର' ଦେଖିବେ

**ଇଞ୍ଜାମ୍**— ଦେ. ବ. ଓ ବଣ—( ଆ. ଇନ୍ତ୍ ଜାମ = ବ୍ୟବସ୍ଥା)—
Injām ଅଞ୍ଜାମ୍ (ଦେଖ) Anjām (See)

ସାଜବତ୍ତ ଅନେକ ପୋଷ୍ୟ ଅଫିସକୁ ବଦଳ ହୋଇ କର୍ମ
ଇଞ୍ଜାମ୍ କରି ଅସିଲେଣି । ଫକୀରମୋହନ- ଗଳ୍ପସ୍ୱଳ୍ପ ।

**ଇଞ୍ଜିନ୍**— ବୈଦେ. ବ —(ଇଂ. ଏଞ୍ଜିନ୍)— ୧ । କଳ; ଯନ୍ତ୍ର—
Injin 1. Engine
ଈଞ୍ଜିନ୍ ୨ । ରେଲଗାଡ଼ିକୁ ଟାଣିବା କଳ —2. Railway engine.
ইঞ্জিন ୩ । ଯେଉଁ ଯନ୍ତ୍ରଦ୍ୱାରା ବାଷ୍ପ ଓ ବିଦ୍ୟୁତ୍ ଆଦିରୁ ଉଦ୍ଭବ ବଳ ଯାନାଦିକୁ ଚାଳିତ କରେ— 3. Steam or electrical engine.

**ଇଞ୍ଜିନ୍‌ରୁମ୍**— ବୈଦେ. ବ. (ଇଂ. ଏଞ୍ଜିନ୍‌ରୁମ୍)—
Injin rum ଜାହାଜ ଓ କାରଖାନାକୁ ଚଳାଇବା ଯନ୍ତ୍ରର କଳ-କାରଖାନା ଯନ୍ତ୍ର ଯେଉଁ ଘରେ ଥାଏ — Engine-room of a ship or workshop.

**ଇଞ୍ଜିନିୟର**— ବୈଦେ. ବ. (ଇଂ. ଏଞ୍ଜିନିଅର) —
Injiniar ଶିଳ୍ପକାର୍ଯ୍ୟ ଓ କଳ କାର୍ଯ୍ୟ ପରିଦର୍ଶକ କର୍ମଚାରୀ—
ইঞ্জিনিঅর Engineer.
एञ्जिनिअर

**ଇଞ୍ଜିଲ**— ଦେ. ବ —ବାଇବେଲ ପୁସ୍ତକର ନୂତନ ସମାଚାର—
Injila The Gospels; the New Testament. (Rev. Wilkins ଙ୍କ ପାଣ୍ଡୁଲିପି)

**ଇଞ୍ଜେକ୍‌ସନ୍**— ବୈଦେ. ବ. (ଇଂ. ଇଞ୍ଜେକ୍‌ସନ୍)—
Injeksan ଅଣୁ ପ୍ରଭେଦକାର ନଳୀଦ୍ୱାରା ଦେହ ଫୋଡ଼ି ରୋଗୀର
ইঞ্জেক্শন্ ଶରୀରରେ ଔଷଧ ପ୍ରୟୋଗ— Injection.
इञ्जेकसन

**ଇଚ୍ଛଚର**— ସଂ. ବ. (ଇଚ୍ଛ୍ = ଇଚ୍ଛା + ଚର ଧାତୁ = ଯିବା + କର୍ତ୍ତୃ. ଅ) —
Itchara ଯେ ଇଚ୍ଛାଅନୁସାରେ ଯିବା ଆସିବା କରେ; ଯାହାକୁ କେହି ବାନ୍ଧି ରଖେ ନାହିଁ ) —ଷଣ୍ଢ; ବୃଷଭ— Bull.

**ଇଟ**— ଦେ. ବ. (ସଂ. ଇଷ୍ଟକ; ଏହା ଇଟାପରି ନାଲିଆ ଥିବାରୁ)—
Iṭa ଚିଙ୍ଗୁଡ଼ିମାଛ ଓ କଙ୍କଡ଼ାଙ୍କ ମୁଣ୍ଡପାଖେ ଥିବା ଲାଲ ଟାଣୁଆ ସୁସ୍ୱାଦୁ ମାଂସଖଣ୍ଡ— Red solid pieces of fat in the head of shrimp or crab.

**ଇଟଲା**— ଦେ. ବ. (ସଂ. ଇଷ୍ଟକ; ଏହାର ଫୁଲ ଇଟାବର୍ଣ୍ଣର ଥିବାରୁ)—
Itala (ରଙ୍ଗ ଓ ହଳଦିଆ ଅଁଳା ଫୁଲ; ଏଥିରେ ମାଇପେ ମାଳ ଗୁନ୍ଥି ଜୁଡ଼ାରେ ବାନ୍ଧନ୍ତି ।)
ଅଁଳା ୨ (ଦେଖ)
Aanla 2 (See)

ଇଟଲା ଗଜ ସଦୃଶୀ ମଞ୍ଜୁ ।
ବଦସୂର୍ଯ୍ୟ. ସଙ୍ଗୀତ ।

[ଦ୍ର—ଅଁଳେଇ ଫୁଲ ଦୁଇ ଜାତିର— କଳା ଅଁଳେଇ ଓ ଇଟଲା ଅଁଳେଇ; କଳା ଅଁଳେଇ ଫୁଲର ବର୍ଣ୍ଣ ନୀଳ ବା ଶ୍ୟାମଳ ଓ ଇଟଲା ଅଁଳେଇ ଫୁଲ ଇଟାଳିଆ ନାଲି । ]

**ଇ,ଟା**— ପ୍ରାଦେ. (ସମ୍ବଲପୁର) ସର୍ବ— ଏହିଟା (ଅନାଦରାର୍ଥକ)—
I ṭā This (thing or person)

**ଇଟା**— ଦେ. ବ. ( ସଂ. ଇଷ୍ଟକ )— ୧ । ନିର୍ଦ୍ଦିଷ୍ଟ ଆକାରବିଶିଷ୍ଟ ବର୍ଗ
Iṭā ମୃତ୍ତିକା ପିଣ୍ଡ—1 Brick
ইট, ইঁট [ଦ୍ର—କାଦୁଅରେ ଗଢ଼ା କାଞ୍ଚ ଓ ଖରା ଅପେକ୍ଷା
ईंट ପୋଡ଼ା ହୋଇଥିବା ଚକଟା ମାଟି ବହୁକାଳ ସ୍ଥାୟୀ ଓ ମଜବୁତ୍ ହୁଏ । ଏଥିଯୋଗୁଁ ଯେଉଁଠାରେ ପଥର ମିଳିବାର ସୁବିଧା ନ ଥାଏ ସେଠାରେ ଅତି ପ୍ରାଚୀନ କାଳରୁ ଲୋକେ ଇଟା ତିଆରି କରି ତହିଁରେ କୋଠା, ଦେଉଳ, ଘର ଆଦି କରି ଆସୁଅଛନ୍ତି ଓ ୩ । ୪ ହଜାର ବର୍ଷ ପୂର୍ବେ ନିର୍ମିତ ଇଟା ଏବେ ମଧ୍ୟ ସୁଦୃଢ଼ ଅକ୍ଷତ ଥିବାର ଦେଖାଯାଏ । ମାଟିକୁ ଚକଟି ତାକୁ ଛାଞ୍ଚରେ ଢାଳି ନିର୍ଦ୍ଦିଷ୍ଟ ଆକାରରେ ଇଟା ଗଢ଼ାଯାଏ ଓ ଅସ୍ଥାୟୀ କାମପାଇଁ ସେ ଇଟାକୁ ଖରାରେ ଶୁଖାଇ କାନ୍ଥରେ ଲଗାନ୍ତି । ଏହାକୁ କଞ୍ଚାଇଟା କହନ୍ତି; କିନ୍ତୁ ସ୍ଥାୟୀ କାମପାଇଁ ତାକୁ ଭାଟିରେ ପୋଡ଼ି ପକ୍‌କା ଇଟା କରାଯାଏ । ଘର ଉପରେ ପକାଇବାକୁ ସାଧାରଣ ଇଟା ଅପେକ୍ଷା ପାତଳା ଓ ବଡ଼ ଆକାରର 'ଟାଇଲ୍' ତିଆରି କରାଯାଏ । ଚିକଟା ମାଟିର ଇଟା ପୋଡ଼ିଲେ ଫାଟିଯାଏ; ସେଥିପାଇଁ ମାଟି ସଙ୍ଗେ ବାଲି ମିଶାଇବାକୁ ହୁଏ । ]
୨ । ଇଟଲା (ଦେଖ)
2. Itala (See)

**ଇଟାଗୁଣ୍ଡି**— ଦେ. ବ.— ନଅଁ ଓ ସଡ଼କ ଆଦିରେ ବିଛାଇବା ପାଇଁ ଛୋଟ
Iṭāgundi ଛୋଟ କରାଯାଇଥିବା ଇଟା ଖଣ୍ଡ; ଦୁଆ—Small brick-bits used in metalling or roofing.

**ଇଟାଚୂନା**— ଦେ. ବ— ସୁରୁକ ଲୁଣ୍ଠା ହୋଇଥିବା ଇଟା ଚୂନା ( ଏହା
Iṭāchunā ଚୂନ ସଙ୍ଗେ ମିଶି ଇଟା ଗାନ୍ଥିବାରେ ଲାଗେ)—
सुरकी Soorki; brick-powder.
सुरखी

**ଇଟାଛାଞ୍ଚ**— ଦେ. ବ.— ଯେଉଁ ଛାଞ୍ଚରେ ଚକଟା ମାଟି ପୂରାଇ ନିର୍ଦ୍ଦିଷ୍ଟ
Iṭāchhāncha ଆକାରର ଇଟା ଗଢ଼ା ହୁଏ— Brick-mould.

**ଇଟାଜାଲିମାରିବା**— ଦେ. କି—(ଇଟାଗଞ୍ଜି ଅଳ ରାଶା)— ଛାଞ୍ଚରେ କଞ୍ଚା-
Iṭājālimāribā ଇଟା ଗଢ଼ା ସରିଲା ପରେ ପୋଡ଼ାହେବା ପୂର୍ବରୁ
ইটের জালি দেওয়া ଶୁଖାଇବା ଓ ଗଣିବା ପାଇଁ ଫାଙ୍କ ରଖି ତାକୁ କାନ୍ଥ ଆକାରରେ ଗଦାଇବା —To arrange unbaked bricks in heaps.

**ଇଟା ପକାଇବା**— ଦେ. କି — ମାଟିକୁ ଚକଟି ଛାଞ୍ଚ ଦ୍ୱାରା ଇଟା ପ୍ରସ୍ତୁତ
Iṭāpakāibā କରିବା— To lay bricks.
ईंटपाड़ा

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଈଥ | ଭ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ୍ଗ | ଇଥ | [illegible] | ବୃ |

ଇଟାଭାଟି—ଦେ. ବ.— ଯେଉଁ ସ୍ତୂପରେ କଞ୍ଚା ଇଟା ସଜ୍ଜିତ ହୋଇ
Iṭābhāṭi    ପୋଡ଼ା ହୁଏ—Brick kiln.
ইট ভাটি
পজাবা; ভাটি

ଇଟାମାଟି—ଦେ.ବ. (ସଂ. ଇଷ୍ଟକ ମୃତ୍ତିକା — ଇଟା କରିବାପାଇଁ ଉପଯୁକ୍ତ
Iṭāmāṭi    ବାଲିଆ ଦୋରସା ମାଟି—Sandy earth fit for layings bricks from.

ଇଟା ଲଦିବା—ଦେ. କ୍ରି —କ୍ରମବଦ୍ଧରୂପେ ଶୁଖିଗଲାରୁ ଇଟାକୁ ନେଇ
Iṭa ladibā    ପଟିରେ ଓ ତଳେ ଚୁଲି ପାଇଁ ଫାଙ୍କ ରଖି ଭାଟି
ইটলদা    ଆକାରରେ ଶ୍ରେଣୀକୃତ କରିବା—To arrange bricks in a kiln.
ईंट लदना

ଇଟା ଲାହିମାରିବା—ଦେ କ୍ରି — ଛାଞ୍ଚରେ ପକାଯାଇଥିବା ଇଟାର ଉପର
Iṭā lāhimāribā    ଓ ତଳକୁ ପାଣିଅରେ ଚାଞ୍ଛି ସମତୁଲ
লাহিমারা    କରିବା—To scrape the faces of the bricks laid in the mould.

ଇଟାଲ—ଦେ. ବ. (ସଂ. ଇଷ୍ଟକ; ଏହାର ବର୍ଣ୍ଣ ଇଟାପରି)—
Iṭali    ଏକ ପ୍ରକାର ଫଳ ନାଲିଫୁଲ; ଇଟଲା; ଅଁଳା (ଦେଖ)
Aañlā (See)

ଇଟାଲି—ବୈଦେ. ବ. (ନାମ)—ଇଉରୋପ ମହାଦେଶର ଦେଶବିଶେଷ;
Iṭāli    ଏହାର ଉତ୍ତରରେ ଅଲ୍‌ପସ୍ ପର୍ବତଶ୍ରେଣୀ ଓ ଅନ୍ୟ ଦିଗରେ ଭୂମଧ୍ୟସାଗର । ଏହାର ରାଜଧାନୀ ରୋମ ନଗର—Italy.

ଇଟାଳିଆ—ଦେ. ଗୁଣ— ୧ । ଇଟା ପରି ଫଳା ରଙ୍ଗଯୁକ୍ତ—
Iṭālia    1. Of the colour of brick.
ନାଚେ ଇଟାଳିଆ ଘୋଡ଼ାର ଚରଣ ।
[illegible] । ଅଜସ୍ୱ ଚନ୍ଦ୍ର, ଶ୍ରୀଚକ୍ରୀପରୀଣ ।
୨ । ଇଟା ପରି ଟାଣୁଆ — 2. As hard as brick.

ଇଟାଲୀୟ—ଦେ. ଗୁଣ—ଇଟାଲି ଦେଶୀୟ —
Iṭāliya    Italian.

ଇଟାସୁନା—ଦେ.ବ— ଖଣିରେ ଉଠିଲା ହେବା ପରେ ଇଷ୍ଟକାକାରରେ
Iṭāsunā    ପ୍ରସ୍ତୁତ ହୋଇଥିବା ସୁନା ଖଣ୍ଡ—
ইটাসোনা    Nuggets of gold

ଇଟିଅଲା—ପ୍ରାଦେ. (କଟକ) ବ— ଇଟଲା ( ଦେଖ )
Iṭiala    Iṭala ( See )

ଇଟିକାର— ଦେ. ବ ( ମାଦଳା ପାଞ୍ଜିରେ ବ୍ୟବହୃତ )— ଯୋଦ୍ଧା—
Iṭikāra    Warrior.

ଇଟ୍ୟଲା—ପ୍ରାଦେ. (କଟକ) ବ - ଇଟଲା ( ଦେଖ )
Iṭyala    Iṭala ( See )

ଇଠାଇଁ— ପ୍ରାଦେ. (ପୁରୀ ଓ କଟକ). ଅ. (ସଂ. ଏତଦ୍ ଓ ସ୍ଥାନ)—
Iṭhāiñ    ଏଠାରେ; ଏହି ସ୍ଥାନରେ—
Here; in this place.

ଇଠାଫଳ—ଦେ. ବ—ଲୁଗା ଅଦି ସଫା କରିବା କାମରେ ବ୍ୟବହୃତ
Iṭhāphala    ଏକ ଜାତୀୟ ଫଳ; ରିଠା—
The soap-nut.

ଇଠି—ପ୍ରାଦେ. ( ପୁରୀ ଓ କଟକ ). ଅ— ଏଠାରେ; ଏହି ସ୍ଥାନରେ—
Iṭhi    Here; in this place.

ଇଠିଁ—ପ୍ରାଦେ (ପୁରୀ ଓ କଟକ) ଅ—(ସଂ. ଏତଦ୍ ଓ ସ୍ଥାନ)—
Iṭhiñ    ଇଠାଇଁ (ଦେଖ)
Iṭhāiñ (See)

ଇଠେଁ - ଗ୍ରା. ସର୍ବନାମ. (ସଂ ଏତଦ୍ ଓ ସ୍ଥାନ)—ଇଠାଇଁ (ଦେଖ)
Iṭheñ    Iṭhāiñ (See)

ଇଠେଇଁ—ଗ୍ରା. ସର୍ବନାମ (ସଂ. ଏତଦ୍ ଓ ସ୍ଥାନ)—ଇଠାଇଁ (ଦେଖ)
Iṭheiñ    Iṭhāiñ (See)

ଇଠେଇଁ ସିଠେଇଁ—ଗ୍ରା. ଅ.— ୧ । ଏଠାରେ; ସେଠାରେ—
Iṭheiñ siṭheiñ    1. Here and there.
এখানে ওখানে    ୨ । ସବୁ ସ୍ଥାନରେ—
इतउत; इधर उधर    2. At all places.

ଇଠେଇଁ ସିଠେଇଁ ହେବା—ଦେ. କ୍ରି.—ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ
Iṭheiñ siṭheiñ hebā    ଯିବା ଆସିବା କରିବା—To move
এখানে ওখানে হওয়া    from one place to another;
इधर उधर होना    not to remain stationary at one place.

ଇଡ଼ା—ସଂ. ବ. ସ୍ତ୍ରୀ (ଇଲ ଧାତୁ=ଯିବା + କର୍ତ୍ତୃ. ଅ + ସ୍ତ୍ରୀ. ଆ)—
Irḍā    ୧ । ପୃଥିବୀ—1. The earth.
୨ । ଧେନୁ—2. Cow.
୩ । ବାଣୀ—3. Speech.
୪ । ଦ୍ରୁତ—4. Speed.
୫ । ଶରୀରର ବାମ ଭାଗସ୍ଥ ରକ୍ତ ଓ ବାୟୁ ବାହକ ନାଡ଼ି-ବିଶେଷ —5. An artery or nerve said to run on the left side of the spinal chord conveying the vital spirit of the body.

[ ଦ୍ର— ଯୋଗଶାସ୍ତ୍ର ମତରେ ମେରୁଦଣ୍ଡର ବାମ ପାଖରେ ଇଡ଼ା ଓ ଦକ୍ଷିଣ ପାଖରେ ପିଙ୍ଗଳା ଓ ମଧ୍ୟରେ ସୁଷୁମ୍ନା ନାଡ଼ି ରହିଅଛି ଓ ସେହି ସବୁ ନାଡ଼ି ମଧ୍ୟରେ ବାୟୁ ନାକ ବାଟେ ଯିବା ଆସିବା କରୁଅଛି । ଇଡ଼ା ନାଡ଼ିକୁ ଚନ୍ଦ୍ର ନାଡ଼ି ଓ ପିଙ୍ଗଳାକୁ ସୂର୍ଯ୍ୟନାଡ଼ି ମଧ୍ୟ ବୋଲି ଯାଏ । ବାମ ନାସାବାଟେ ନିଶ୍ୱାସ ଯିବା ଆସିବା କଲାବେଳେ ଇଡ଼ା ନାଡ଼ୀ, ଦକ୍ଷିଣ ନାସା ବାଟେ ନିଶ୍ୱାସ ଯିବା ଆସିବା କଲାବେଳେ ପିଙ୍ଗଳା ନାଡ଼ି ଓ ଦୁଇ ନାକରେ ସମାନ ଭାବରେ ନିଶ୍ୱାସ ଯିବା ଆସିବାବେଳେ ସୁଷୁମ୍ନା ନାଡ଼ିର ପ୍ରାବଲ୍ୟ ଥାଏ । ଇଡ଼ା ନାଡ଼ିରେ ନିଶ୍ୱାସ ଯିବାବେଳେ ଶୋଇବ, ପ୍ରସାବ କରିବ ଓ ପିଙ୍ଗଳାରେ ନିଶ୍ୱାସ ଯିବାବେଳେ ଖାଇବ, ଝାଡ଼ା ଫେରିବ ଓ ସୁଷୁମ୍ନାରେ ନିଶ୍ୱାସ ଯିବାବେଳେ ଯୋଗସାଧନ କରିବ । ]

ସାଧାରଣ ଭାବରେ ଏପରି ସ୍ଥଳରେ ସ୍ୱରର ୧ ଉଚ୍ଚାରଣ ଓ ମାତ୍ରା ଏବଂ ୨ ଉଚ୍ଚାରଣ ଓ ମାତ୍ରା ମଧ୍ୟରେ ଭେଦ ରଖା ହୋଇନାହିଁ । ଅତଏବ ୧ ବା ୨ ଉଚ୍ଚାରଣ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଯୋଗରେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅନୁକ୍ରମେ ତାହାର ସେଥିରେ ୨ ବା ୧ ଉଚ୍ଚାରଣ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଡ' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଷ' ନ ମିଳିଲେ 'ଭୂଷ' ଦେଖିବେ; 'ଦେଖ' ନ ପାଇଲେ 'ଦେଖ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୬ । ଇକ୍ଷ୍ୱାକୁଙ୍କ କନ୍ୟା; ବୁଧଙ୍କ ପତ୍ନୀ— 6. The daughter of Ikshwāku married to Budha.

୭ । ଦକ୍ଷକନ୍ୟା; କଶ୍ୟପଙ୍କ ପତ୍ନୀ— 7. The daughter of Daksha married to Kasyapa.

୮ । ସ୍ୱର୍ଗ—8. Heaven.

୯ । ମନୁଙ୍କ ପତ୍ନୀ ( ଖଣ୍ଡ ପ୍ରଳୟ ପରେ ଏହାଙ୍କ ଗର୍ଭରେ ପୁନର୍ବାର ମନୁଙ୍କ ବଂଶର ଉତ୍ପତ୍ତି ହେବ । ) 9. Name of the wife of Manu.

ଦେ. ବି.—ଇଡ଼ିବା; ତରଳପଦାର୍ଥ ଢାଳିବା— Spilling of liquid.

ବିଣ.—ତରଳପଦାର୍ଥ ଢଳା ଯାଇଥିବା; ଇଡ଼ିଯାଇଥିବା— Spilt (said of liquid)

**ଇଡ଼ାଇବା**—ଦେ. କ୍ରି. (ଇଡ଼ିବା କ୍ରିୟାର ପ୍ରଯୋଜକରୂପ)— Irḍāibā ଅନ୍ୟଦ୍ୱାରା ଇଡ଼ିବା କ୍ରିୟା କରାଇବା— To cause to be spilt.

ଅନେକ ତରଳ ଇଡ଼ାଇଲେ—ବନ୍ଧୁ ନାଥ. ବଡ଼ବଡ଼ମ୍ବନ ।

**ଇଡିଅମ୍**—ବୈଦେ. ବି. (ଇଂ)—ବିଶିଷ୍ଟାର୍ଥଯୁକ୍ତ ବାକ୍ୟ— Idiam Idiom.

[ ଦ୍ର—ପ୍ରତି ଭାଷାରେ ବିଶିଷ୍ଟାର୍ଥଯୁକ୍ତ ବିଶିଷ୍ଟ ବାକ୍ୟମାନ ତତ୍ତଦ୍ ଭାଷାର ବିଶେଷତ୍ୱ । ଏହି ବାକ୍ୟମାନଙ୍କୁ ଅନ୍ୟ ଭାଷାରେ ଅକ୍ଷରଶଃ ଅନୁବାଦ କଲେ ତାହାର ମୌଳିକ ଅର୍ଥ ଅକ୍ଷୁଣ୍ଣ ରହେ ନାହିଁ । ]

**ଇଡିଅମେଟିକ୍**—ବୈଦେ. ବିଣ. (ଇଂ)—(ଯେଉଁ ବାକ୍ୟ) ବିଶିଷ୍ଟାର୍ଥରେ Idiametik ପ୍ରଯୁକ୍ତ—Idiomatic.

**ଇଡ଼ିକା**—ପ୍ରାଦେ. (ଗଞ୍ଜାମ) ବି.—ଏକପ୍ରକାର ଛେଳି— Irḍikā A kind of goat in the district of Ganjam.

ଇଡ଼ିକା ଛେଳି ଦୁଧ ସମସ୍ତେ ଖାଇବେ—କୃଷ୍ଣସିଂହ. ମହାଭାରତ. ବନ ।

**ଇଡ଼ିବା**—ଦେ. କ୍ରି.—୧ । (ତରଳପଦାର୍ଥ) ଢାଳିବା; କୌଣସି ପାତ୍ରରୁ Irḍibā ଜଳ ଆଦି ଢାଳିବା— ঢালা 1. To spill.

ছলকানো ୨ । ଅଜାଡ଼ିବା—2. To pour.

ସନ୍ଧ୍ୟସ୍ପ ଇଡ଼ିଲେ ତହିଁ ସ୍ୱବାସିତ ଖୀର—ସାରଳା ମହାଭାରତ. ଉଦ୍ୟୋଗ ।

**ଇଡ଼ିହେବା**—ଦେ. କ୍ରି.—୧ । ପୂର୍ଣ୍ଣ ପାତ୍ରରୁ ଜଳାଦି ତରଳ ଢାଳ Irḍihebā ହୋଇଯିବା—1. To be spilt from a ঢেলে যাওয়া; বোয়ে যাওয়া overful pot

ছলকনা ୨ । ( ଲକ୍ଷଣାର୍ଥ ) ମନ ମୋଟ ହେବା; ଗର୍ବରେ ସ୍ଫୀତ ହେବା—2. To be swollen with pride.

[ ଦ୍ର—କୌଣସି ପିଲା ଅତି ଗେଲବସର ହୋଇ ବା ଗର୍ବ ହେତୁ ଔଦ୍ଧତ୍ୟ ଦେଖାଇଲେ ଗ୍ରାମ୍ୟଲୋକେ କହନ୍ତି, "ଏ ବୟସରେ ଇଡ଼ି ହୋଇଯାଉଛି।"]

**ଇଡେନ୍**—ବୈଦେ. ବି. (ନାମ)—(ଇହୁଦୀ ଭାଷା) ମୁଷଲମାନ ଓ ଖ୍ରୀଷ୍ଟାନ-Iden ମାନଙ୍କର ଧର୍ମଶାସ୍ତ୍ର ଅନୁସାରେ ଈଶ୍ୱର ପ୍ରଥମସୃଷ୍ଟ ଦମ୍ପତି ( ଆଦମ୍ ଓ ଇଭ୍ )ଙ୍କୁ ଯେଉଁ ବଗିଚାରେ ରଖିଥିଲେ— The garden of Eden.

**ଇଡ୍ୟ**—ସଂ. ବିଣ. ପୁଂ. ( ଇଡ୍ ଧାତୁ=ସ୍ତବ କରିବା+କର୍ମ. ଯ — Idya ସ୍ତବ କରିବା ଯୋଗ୍ୟ; ସ୍ତुत୍ୟ; ପୂଜ୍ୟ— (ଇଡ୍ୟା—ସ୍ତ୍ରୀ) Worshippable.

**ଇଣ୍ଟର୍ କ୍ଲାସ୍**—ବୈଦେ. ବି. ( ଇଂ. ଇଣ୍ଟରମିଡ଼ିଏଟ୍‌ର ସଂକ୍ଷେପ ଇଣ୍ଟର୍+ Intar klās କ୍ଲାସ୍ )—ରେଲ ଆଦିରେ ଯାତ୍ରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ইণ্টরক্লাস ୨ୟ ଓ ୩ୟ ଶ୍ରେଣୀର ମଧ୍ୟବର୍ତ୍ତୀ ଶ୍ରେଣୀବିଶେଷ— इण्टरक्लास Inter class.

**ଇଣ୍ଟରମିଡିଏଟ୍**—ବୈଦେ. ବିଣ. ( ଇଂ )—ଦୁଇ ଶ୍ରେଣୀର ମଧ୍ୟବର୍ତ୍ତୀ— Intarmidiet Intermediate. ইন্টরমিডিএট इण्टरमिडिएट

**ଇଣ୍ଡା**—ପ୍ରାଦେ. ( ଗଞ୍ଜାମ ) ବି—ଚୁଲିଝିଙ୍କା— Indā The knob of an oven.

**ଇଣ୍ଡିଆ**—ବୈଦେ. ବି.( ଇଂ. )—ଭାରତବର୍ଷ— Indiā India. ইণ্ডিয়া हिन्द

**ଇତ**—ସଂ. ବିଣ—୧ । ( ଇ ଧାତୁ=ଯିବା; ପାଇବା+କର୍ତ୍ତୃ. ତ )— Ita ଗତ—1. Gone.

୨ । ପ୍ରସ୍ଥିତ—2. Departed.

୩ । ପ୍ରାପ୍ତ—3. Got; attained

୪ । ( +କର୍ମ. ତ )—ଜ୍ଞାତ—4. Known.

୫ । ଲବ୍ଧ—5. Obtained.

**ଇତଃ**—ସ. ଅ. (ଇଦମ୍+୫ମୀ ଓ ୭ମୀ ବିଭକ୍ତିରେ. ତସ୍)— Itah ଏଠାରୁ—From this place; hence.

**ଇତଃପର**—ସ. ଅ. ( ଇତସ୍+ପର )—ଏହାପରେ— Itahpara Henceforth.

**ଇତର**—ସଂ. ବିଣ. ( ଇ=ଇଚ୍ଛା+ତୃ . ଧାତୁ=ପାର ହେବା+କର୍ତ୍ତୃ. Itara ଅ )—୧ । ନୀଚ; ଅଧମ; ପାମର— 1. Low; inferior; vulgar.

୨ । ଅନ୍ୟ; ଭିନ୍ନ; ଅପର— 2. Another; other; different.

**ଇତରଜନ**—ସଂ. ବି. ( କର୍ମଧା )—୧ । ସାଧାରଣ ବ୍ୟକ୍ତି— Itarajana 1. The mass; common people.

୨ । ଭଦ୍ର ବ୍ୟକ୍ତି ଅପେକ୍ଷା ନୀଚ ବ୍ୟକ୍ତି— 2. Vulgar person.

୩ । ଛୋଟ ଲୋକ—3. Low people.

ଇତର ଜନର ବଶ ଇତର । ଭଞ୍ଜ—ପ୍ରେମସୁଧାନିଧି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ର୍ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାଗମ | ଣ | ଡ | ଶ,ସ | ଙ | ଇଯ୍ | ଢ଼ଅ | ଢ |
| ୨ | ଈ | ଞ | ଳ | ଲ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ଷ | ଙ୍ଗ | ଇଅ | ● | ଢ଼ |

**ଇତରଥା**—ସଂ. ଅ. ( ଇତର+ପ୍ରକାରାର୍ଥେ. ଥା —ଅନ୍ୟଥା (ଦେଖ)
Itarathā Anyathā See )

**ଇତରବିଶେଷ**—ସଂ. ବି ( ଦ୍ୱନ୍ଦ୍ୱ; ଇତର+ବିଶେଷ )—
Itarabiśesha ୧ । ଭେଦାଭେଦ; ଭିନ୍ନତା—
1. Distinctness; disparity
୨ । ଅନ୍ୟଠାରୁ ବିଶେଷତ୍ୱ—2 Individuality.
୩ । ପାର୍ଥକ୍ୟ—3. Difference.

**ଇତରବିଶେଷ କରିବା**—ଦେ. କ୍ରି -ଭିନ୍ନ ବୋଲି ବିଚାର କରିବା—
Itarabiśesha karibā To make a distinction

**ଇତରବିଶେଷ ହେବା**—ଦେ. କ୍ରି— ଅନ୍ୟ ବସ୍ତୁଠାରୁ ଭିନ୍ନ ହେବା—
Itarabiśesha hebā To differ; to be different from any other thing.

**ଇତରବ୍ୟବହାର**—ସଂ. ବି. ( ୬ଷ୍ଠୀ ତତ୍; ଇତର+ବ୍ୟବହାର )—
Itarabyabahāra ୧ । ଶ୍ରେଷ୍ଠ ଲୋକଙ୍କ ବ୍ୟବହାର—
1. Vulgar behaviour.
୨ । ନୀଚ ବ୍ୟବହାର—2. Low or mean conduct.

**ଇତରଭାଷା**—ସଂ. ବି. ( ମଧ୍ୟପଦଲୋପୀ )—
Itarabhāshā ୧ । ଇତରଜନ ବ୍ୟବହୃତ ଭାଷା—
1. Vulgar language.
୨ । ଅଶିଷ୍ଟ ଭାଷା—2. Rude language.

**ଇତର ସାଧାରଣ**—ସ. ବି. ( ଇତର+ସାଧାରଣ)—
Itara sādhāraṇa ୧ । ଅଧମ ସାଧାରଣ ବ୍ୟକ୍ତି—
1. The ordinary public.
୨ । ଭଦ୍ରଲୋକଙ୍କ ଛଡ଼ା ଜନସାଧାରଣ—
2. The vulgar many; the mass.

**ଇତରୁଡ଼ି**—ଗ୍ରା. ବି—ଇତୁରୁଡ଼ି ( ଦେଖ )
Itarurdi Iturur̤di ( See )

**ଇତରେତର**—ସ. ବିଣ. (ଦ୍ୱନ୍ଦ୍ୱ; ଇତର+ଇତର)—ପରସ୍ପର ସମ୍ବନ୍ଧୀୟ-
Itaretara Mutual.
ସ. ସର୍ବନାମ—ପରସ୍ପର: ଅନ୍ୟୋନ୍ୟ—
One another; each other.
କ୍ରି. ବିଣ—ଅନ୍ୟୋନ୍ୟରେ—Mutually.

**ଇତରେତରଦ୍ୱନ୍ଦ୍ୱ**—ସ. ବି. ( ବ୍ୟାକରଣ ) ଦ୍ୱନ୍ଦ୍ୱସମାସବିଶେଷ; ଅନେକ-
Itaretaradwandwa ଗୁଡ଼ିଏ ବିଶେଷ୍ୟର ପରସ୍ପର ଯୋଗରେ ହେବା ସମାସ—( ଯଥା; ପତ୍ର, ପୁଷ୍ପ ଫଳ; ଦଧିଦୁଗ୍ଧ)
( grammar ) Juxtrapositional compound ( samāsa ) of several nouns together.

**ଇତରେତରାଶ୍ରୟ**—ସଂ. ବି. ( ଇତରେତର+ଆଶ୍ରୟ )—ପରସ୍ପରାଶ୍ରୟ;
Itaretarāśraya ପରସ୍ପର ପରସ୍ପରକୁ ଅବଲମ୍ବନ—
Mutual dependence.

**ଇତରେଦ୍ୟୁଃ**—ସଂ. ଅ. ( ଇତର=ଅନ୍ୟ+ଦିନ ଅର୍ଥରେ.ଏଦ୍ୟୁସ୍ )—
Itaredyuḥ ଅନ୍ୟଦିନେ; ଅପରଦିନେ—
On another day; some other day.

**ଇତଃ**—ସଂ. ଅ. ( ଇଦମ୍=ଏହି+୫ମୀ ଓ ୭ମୀ ବିଭକ୍ତି ଅର୍ଥରେ
Itaḥ ତସ୍ )—୧ । ଏଠାରୁ—
1. From this place; from here.
୨ । ଏଠାରେ —2. In this place

**ଇତସ୍ତତ**—ଦେ. ଅ. ( ସଂ. ଇତସ୍ତତଃ )—ଇତସ୍ତତଃ ( ଦେଖ )
Itastata Itastataḥ ( See )

ବଣାକୁ ଦମ୍ଭୋଳ ଠଣାକୁ ପଳାଯିବ ଅସରକଣି ଇତସ୍ତତ ସେ—
ଉଞ୍ଜ. ବୈଦେହୀଶବିଳାସ ।

**ଇତସ୍ତତଃ**—ସଂ. ଅ. (ଇତଃ=ଏଠାରେ+ତତଃ=ସେଠାରେ)—
Itastataḥ ଏଠାରେ ସେଠାରେ; ଏଣେ ତେଣେ; ଘୁରି ଅଡ଼େ—
Here and there; up and down; to and fro; round about; hither and thither; from pillar to post.
ଦେ. ବିଣ —୧ । ଏଣେତେଣେ ବିକ୍ଷିପ୍ତ—
1. Strewn here and there.
୨ । ଦ୍ୱିଧାଯୁକ୍ତ—2. Hesitating.
ଦେ. ବି —ଦ୍ୱିଧାଭାବ—
Hesitancy; shilly-shallying.

**ଇତସ୍ତତ କରିବା**—ଦେ. କ୍ରି —ଦ୍ୱିଧା କରିବା—
Itastata karibā To hesitate.
ইতস্তত করা
आगापिछा करना

**ଇତସ୍ତତ ହେବା**—ଦେ. କ୍ରି— ଇତସ୍ତତ କରିବା ( ଦେଖ )
Itastata hebā Itastata karibā ( See )

**ଇତା**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ. ( ଅନାଦରାର୍ଥ )—
Itā ୧ । ଏହିଟା—1. This ( in contempt ).
୨ । ଏହି ବ୍ୟକ୍ତିଟା—2. This person.

**ଇତାର୍**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ. (ଅନାଦରାର୍ଥକ)—ଏହିଟାର;
Itār ଏହି ବ୍ୟକ୍ତିଟାର; ଏହାର—Of this person.

**ଇତାଲି**—ବୈଦେ. ବି. ନାମ—ଇଟାଲି ଦେଶ—
Itāli Italy.

**ଇତାଲୀୟ**—ଦେ. ବିଣ—ଇଟାଲିଦେଶବାସୀ—
Itālīya Resident of Itāly.
(ଯଥା—ବିବେକ ସ୍ୱାମୀନାଥ ଇତାଲୀୟ ଯୁବା ନାମରେ ଗୋଟିଏ ଗଳ୍ପ ଲେଖିଥିଲେ । )

**ଇତି**—ସଂ. ଅ. ( ଇ. ଧାତୁ=ଗମନ କରିବା+ଭାବ. ତି )—
Iti ୧ । ଏ ହେତୁ; ଅତଏବ—
1. Thus; therefore.

ସାଧାରଣ ଲେଖକ ଅପର ସ୍ୱାରେ ଯୁଗଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଏହି ଅଭିଧାନରେ ନ ପାଇଲେ, ଲେଖକ ସେହି ଶବ୍ଦ ପାଇଁ ଯଥାକ୍ରମେ ୨ ଚିହ୍ନିତ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ପାଦ' ନ ମିଳିଲେ 'ପାଦ' ଖୋଜିବେ; 'ବ୍ରଜ' ନ ମିଳିଲେ 'ବ୍ରଜ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

୨ । ଏହିଠାରେ ଅବସାନ ଓ ସମାପ୍ତି ହେଲା—
2. It ends; thus far and no further; here ends the matter; conclusion; finish.

ଇତି କସ୍ତୁରୀ ବର୍ଣ୍ଣିଲେ ରହସ୍ୟ କପୁରତୁଲ୍ୟ ଅନୁଭାଗ—ପ୍ରାଚୀ. ରସକଲ୍ପ ।

୩ । ଏହିପ୍ରକାର—3. In this manner.
୪ । ଏତିକମାତ୍ର—4. This much; so much.
୫ । ଏହା; ଏହି; ଏହିପରି—5. This; thus.

ଯେମନ୍ତ ନାଶେ ଶୋକ ମୋହ; ଇତି ସକଳି ଗୀତ କହ—ଜଗନ୍ନାଥ. ଭାଗବତ ।

ବି. ବ—୧ । ସମାପ୍ତି—1 Conclusion.
୨ । ଶେଷ—2. The end; finish.

[ ଦ୍ର— ନିମ୍ନଲିଖିତ ଅର୍ଥରେ 'ଇତି' ବ୍ୟବହୃତ ହୁଏ – ସ୍ୱରୂପ, ସାନ୍ନିଧ, ବିବକ୍ଷାନିୟମ, ପ୍ରତ୍ୟକ୍ଷ, ଅବଧାରଣ, ହେତୁ, ପ୍ରକାର, ପ୍ରକର୍ଷ, ସମାପ୍ତି ଓ ଉପକ୍ରମ । ପତ୍ରାଦି ଶେଷରେ ଇତି ବା ନିବେଦନ ଇତି ଲେଖାଯାଏ । ଏହାର ଅର୍ଥ ମୋର ଯାହା କହିବାର ଥିଲା ତାହା ଏହିଠାରେ ଶେଷ ହେଲା । ]

ଇତିକଥା— ସ. ବ. ସ୍ତ୍ରୀ ( ଇତି = ଏହି + କଥା, କଥା ଏତିକ; Iti kathā ବସ୍ତୁତଃ ଏଥିରେ କୌଣସି ସାର ନାହିଁ ) — ଉପକଥା; ବୃଥା କଥା; ନିରର୍ଥକ କଥନ; ଅର୍ଥଶୂନ୍ୟ ବାକ୍ୟ— Unmeaning or nonsensical discourse; meaningless jargon.

ଇତି କରିବା—ଦେ. କ୍ରି—(କୌଣସି ବିଷୟ) ଶେଷ କରିବା—
Itikaribā To finish; to end; to stop; to
ইতিকরা conclude (a matter).

ଇତିକର୍ତ୍ତବ୍ୟ—ସ.ବଣ. (ଇତି = ଏହା + କର୍ତ୍ତବ୍ୟ = କରିବା ଉଚିତ) —
Itikarttabya ୧ । କୌଣସି ବିଷୟ ବା କାର୍ଯ୍ୟ କରିବାକୁ ଯାହା
(ଇତିକର୍ତ୍ତବ୍ୟତା—ବ) ଯାହା କର୍ତ୍ତବ୍ୟ ବା କରିବା ଉଚିତ—
1. That which is proper or necessary to be done; necessary (acts
୨ । କୌଣସି ବିଷୟ କରିବାକୁ ହେଲେ ଆନୁଷଙ୍ଗିକ ଯାହା କରିବାକୁ ପଡ଼େ—2. That which has to be done as an adjunct to a work
ଦେ. ବଣ—୧ । ଅବଶ୍ୟ କର୍ତ୍ତବ୍ୟ କାର୍ଯ୍ୟ—
1. Duty; obligation.
୨ । କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଦ୍ଧାରଣ—
2. Decision as to what to do and what not to do.

ଇତିକର୍ତ୍ତବ୍ୟତା—ସ. ବ. ସ୍ତ୍ରୀ ( ଇତିକର୍ତ୍ତବ୍ୟ + ଭାବ. ତା ) —
Itikarttabyatā ୧ । ଏହାହିଁ କର୍ତ୍ତବ୍ୟ ଏବମ୍ଭୂତ ଜ୍ଞାନ—
1 Fitness or propriety of an act,
୨ । କୌଣସି କାର୍ଯ୍ୟ କରିବା ନିମନ୍ତେ ଅବଶ୍ୟକର୍ତ୍ତବ୍ୟ କର୍ତ୍ତବ୍ୟ କାର୍ଯ୍ୟ; ବାଧ୍ୟତା—2. Necessary duty; obligation.

୩ । କର୍ତ୍ତବ୍ୟ ବା ଉଚିତ କର୍ମ—
3. Any proper or necessary measure.

ଇତିକର୍ତ୍ତବ୍ୟବିମୂଢ଼—ସ. ବଣ. ପୁଂ (୭ମୀ ତତ୍; ଇତି କର୍ତ୍ତବ୍ୟ ବିଷୟରେ
Itikarttabyabimūrdha ବିମୂଢ଼ )—
(ଇତିକର୍ତ୍ତବ୍ୟବିମୂଢ଼ା—ସ୍ତ୍ରୀ) ଉପସ୍ଥିତ ଘଟଣାରେ କଅଣ କରି କରିବା ଉଚିତ ଏହା ନିର୍ଣ୍ଣୟ କରିବାରେ ଅକ୍ଷମ ହତବୁଦ୍ଧି— At a loss; not knowing what to do; confounded as to the mode of procedure.

ଇତିବୃତ୍ତ—ସ. ବ. (ଇତି = ଏହି ପ୍ରକାର + ବୃତ୍ତ = କଥିତ; ବର୍ଣ୍ଣିତ)—
Itibṛutta ୧ । ଇତିହାସ; ପୁରାବୃତ୍ତ; ଅତୀତବୃତ୍ତାନ୍ତ—
1. History.
୨ । ବର୍ଣ୍ଣନା—2. Description.
୩ । ଘଟନା—3. Event; occurrence.

ଇତିମଧ୍ୟେ—ସ. ଅ. ( ଇତି + ମଧ୍ୟେ )—
Itimadhye ୧ । ଏଥି ମଧ୍ୟରେ; ଏହି ସମୟ ମଧ୍ୟରେ—
ইতিমধ্যে 1. Meanwhile; in the mean
इतनेमें time.
୨ । ଏହି ଅବସର ମଧ୍ୟରେ—
2. In the interval.

ଇତିହ—ସ. ଅ. (ଇତି = ଏହିପରି + ହ = ସମାନ୍ତର)—
Itiha ୧ । ଗଳ୍ପ—1. Story
୨ । ପୁରାତନ କଥା; କିମ୍ବଦନ୍ତୀ; ପରମ୍ପରାଗତ କଥନ —
2. Tradition; old stories; legend.
୩ । ଜନଶ୍ରୁତି—3. Rumour; hearsay.
୪ । ପ୍ରବଚନ; ଢଗ—4. Adage; proverb.

ଇତିହା—ସ. ଅ— ଇତିହ ( ଦେଖ )
Itihā Itiha ( See )

ଇତିହାସ—ସ. ବ. (ଇତିହ = ପୁରାତନ କଥା + ଅସ୍ ଧାତୁ = ହେବା +
Itihāsa ଅଧିକରଣେ. ଅ; ଯହିଁରେ ପରମ୍ପରା ଗତ ଉପଦେଶ ଥାଏ—
୧ । ପୁରାବୃତ୍ତ; ଇତିବୃତ୍ତ; ପ୍ରାଚୀନ କାଳର ବିଷୟ ବର୍ଣ୍ଣନାତ୍ମକ ଗ୍ରନ୍ଥ—1. History
୨ । ପୁରାତନ ଉପାଖ୍ୟାନ—2. Legend; story.

ଇତି ହେବା—ଦେ. କ୍ରି—ସମାପ୍ତ ହେବା; ସରିବା—
Iti hebā To end; to come to a close.

ଠାର ପଡ଼ା ଇତି ହେଲା—କୃଷ୍ଣଲୀଳାମୃତ. ଅଭିମନ୍ୟୁ ।

ଇତୁରୁଡ଼ି—ଦେ. ବଣ ( ସଂ. ନାମ— ଫଳବନ୍ଧକ )—
Iturur̥di ଏକ ଜାତୀୟ ଲତା ଅର୍କାଦି ବର୍ଗର ବନ୍ୟ ଶ୍ରେଣୀ
ছাগলবাঁটি; ବିଶେଷ; ପ୍ରତ୍ୟେକ ଫୁଲରୁ ଛେଳିର ଥନ ଭଳି ଯୋଡ଼ା
ছাগলাবাঁটা ଯୋଡ଼ା ଫଳ କ ଧାରେ । ଏହା ଦୁର୍ଗନ୍ଧ ଓ ଶ୍ଳେଷ୍ମଘ୍ନ)—
उतरन; युतुक; Cynanchum Callialata; Doemia
शगोवाणि extensa (Kirtikar).

| ୧ | ଇ | ଉ | ର,ର | ଋ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଚ | ଷ,ଶ | କ୍ଷ | ଇସ୍ | ତ୍ଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଂଧ | ଇଷ | ଥ | ଙ୍କ |

ଇତୁରୁଡ଼ିକାଠି—ଦେ. ବି—ଇତୁରୁଡ଼ି ଲତାର କାଠି ( ଏହାକୁ ସରୁ ବା
Iturur<u>d</u>ikāthi ଶଲାକରୂପେ ବଥରେ ଦେଲେ ବଥର ଘରର ଯୋଳେଇ ଯାଇ ପୂଜ ବାହାର ଅଟେ )—
The stem of the Iturur<u>d</u>i creeper used as a probe in boils.

ଇତୁରୁଲି—ଦେ. ବି—ଇତୁରୁଡ଼ି ( ଦେଖ )
Iturul<u>i</u> Iturur<u>d</u>i ( See )

ଇତ୍କଟ—ସଂ. ବି—ଇଙ୍କଡ଼ ( ଦେଖ )
Itkata Inkar<u>d</u>a ( See )

ଇତ୍ଥଂ—ସଂ. ଅ ( ଇଦମ୍+ପ୍ରକାରାର୍ଥେ. ଥମ୍ )—
Ittham ଏହିପରି; ଏହି ପ୍ରକାର—
Likewise; thus.

ଇତ୍ଥଂଭୂତ—ସ.ବଣ. (ଇତ୍ଥଂ+ଭୂ ଧାତୁ+କର୍ତ୍ତୃ. ତ)—୧ । ଏବମ୍ଭୂତ;
Itthambhūta ଏହିପ୍ରକାରର—1. Thus situate; similar to this.
୨ । ଏହିପ୍ରକାରେ ଜାତ—2. Produced in this way.

ଇତ୍ୱର—ସ.ବଣ. ପୁଂ (ଇ=ଗମନ କରିବା+ଶୀଲାର୍ଥେ. ବର; ନିପାତନ;
Itwara ଯେ ଇଚ୍ଛାରେ ସର୍ବତ୍ର ଗମନ କରେ )—
(ଇତ୍ୱରୀ—ସ୍ତ୍ରୀ) ୧ । ଗମନଶୀଳ—1. Moving.
୨ । ନୀଚ—2. Low; mean.
୩ । ଦୀନ; ଦରିଦ୍ର—3 Poor.
୪ । ନିଷ୍ଠୁର—4. Cruel.
ସଂ ବି.—ଷଣ୍ଢ; ବୃଷଭ—Bull.

ଇତ୍ୱରୀ—ସ ବି. ସ୍ତ୍ରୀ. (ଇତ୍ୱର=ସର୍ବତ୍ର ବିଚରଣଶୀଳ+ସ୍ତ୍ରୀ. ଈ)—
Itwari ୧ । କୁଳଟା; ଦୁଷ୍ଟା ସ୍ତ୍ରୀ—1. An unchaste woman.
୨ । ଅସତୀ ସ୍ତ୍ରୀ—An adulteress.
ବଣ. ସ୍ତ୍ରୀ.—ଇତ୍ୱରର ସ୍ତ୍ରୀଲିଙ୍ଗ—
Feminine of itwara.

ଇତ୍ୟବସରେ—ଦେ. କ୍ରି. ବଣ.—୧ । ଇତି ମଧ୍ୟରେ—
Ityabasare 1. Meanwhile; in the mean time.
ইত্যবসরে ୨ । ଏହି ସମୟରେ—2. At this time
इतनेमें ୩ । ଏହି ସୁବିଧା ପାଇ—3. Finding this opportunity.
୪ । ଗୋଟିଏ ଘଟଣା ଘଟିବା ପରେ ଓ ଅନ୍ୟ ଘଟଣା ଘଟିବା ପୂର୍ବେ—4. In the interval between two events.

ଇତ୍ୟାକାର—ସ. ବଣ. (ଇତି+ଆକାର)—ଏହିପ୍ରକାରର; ଏବମ୍ଭୂତ—
Ityākāra Of this form or character; similar to this.

ଇତ୍ୟାକାରିତ—ସଂ. ବଣ. (ଇତ୍ୟାକାର+ଇତ)—ଇତ୍ୟାକାର (ଦେଖ)
Ityākārita Ityākāra (See)

ଇତ୍ୟାଦି—ସଂ. ଅ. ( ଇତି+ଆଦି )—୧ । ଏହି ଏହିପରି; ଏହିପରି
Ityādi ଅନ୍ୟାନ୍ୟ; ଅନ୍ୟ ବିଷୟମାନ—1. Etcetera; and others; so on; so forth.
[ ଦ୍ର—କେତେଗୁଡ଼ିଏ ବସ୍ତୁ, ପ୍ରାଣୀ, ବିଷୟ ବା କ୍ରିୟାର ନାମ ଉଲ୍ଲେଖ ପରେ 'ଇତ୍ୟାଦି' ଶବ୍ଦ ଯୁକ୍ତ ହେଲେ ପୂର୍ବବର୍ଣ୍ଣିତ ବିଷୟମାନଙ୍କ ତୁଲ୍ୟ ଅନ୍ୟାନ୍ୟ ବିଷୟ ବୁଝିବାକୁ ହୁଏ । ]
୨ । ସବୁପ୍ରକାରର—2. Of all sorts.
ଭୁଞ୍ଜେ ସେ ଭୋଗାଦି ଇତ୍ୟର
ଇତ୍ୟାଦି ଭୋଗେ ବାଞ୍ଛା କର—ଜଗନ୍ନାଥ, ଭାଗବତ ।
୩ । ସମସ୍ତ—3. All.
ସେ ସର୍ବେ କାମାର୍ଥ ଲଭନ୍ତି
ଇତ୍ୟାଦି ପାପ ବିନାଶନ୍ତି—ଜଗନ୍ନାଥ. ଭାଗବତ ।

ଇତ୍ରୁଡ଼ି—ଗ୍ରା. ବି.—ଇତୁରୁଡ଼ି (ଦେଖ)
Itrur<u>d</u>i Iturur<u>d</u>i (See)

ଇତ୍ରୁଲି—ଗ୍ରା. ବି.—ଇତୁରୁଡ଼ି (ଦେଖ)
Itrul<u>i</u> Iturur<u>d</u>i (See)

ଇଥର—ବୈଦେ. ବି (ଇଂ. ଇଥର)—୧ । ଆକାଶବ୍ୟାପୀ ବାଷ୍ପମୟ ସୂକ୍ଷ୍ମ-
Ithar ପଦାର୍ଥବିଶେଷ—1. Ether.
[ ଦ୍ର—ପୃଥିବୀର ଗ୍ରହପାଖେ ବେଢ଼ିଥିବା ବାୟୁମଣ୍ଡଳକୁ ଛାଡ଼ି ଶୂନ୍ୟମଣ୍ଡଳଟି ଇଥରରେ ପୂର୍ଣ୍ଣ ଥିବା ବିଷୟ ଆଧୁନିକ ପଣ୍ଡିତମାନେ ସିଦ୍ଧାନ୍ତ କରିଅଛନ୍ତି । ]
୨ । ଏକପ୍ରକାରର ସୁରାସୃଜକ ବାଷ୍ପ ଓ ଦ୍ରବ ( ଯାହା ଶୀଘ୍ର ଉଡ଼ିଯାଏ )—
2. Rectified spirit.
ପ୍ରାଦେ. ( ସମ୍ବଲପୁର ) ଅ.—ଆଜିକାଲି; ବର୍ତ୍ତମାନ—
Now-a-days.

ଇଥି—ପ୍ରାଦେ ( ସମ୍ବଲପୁର ) ସର୍ବନାମ—୧ । ଏଥି; ଏଥିରେ—
Ithi 1. In this.
୨ । ଏଠି; ଏଠାରେ—2. At this place; here.

ଇଥିବା—ଦେ ( ଓଡ଼ିଆ କୃଦନ୍ତପ୍ରତ୍ୟୟବିଶେଷ )—ଅତୀତ କାଳରେ
Ithibā ଧାତୁରୁ ଉତ୍ତର ଏହି ପ୍ରତ୍ୟୟ ହୋଇଥାଏ । (ଯଥା—କରିଥିବା; ଯାଇଥିବା; ଦେଇଥିବା )—
An affix which is joined to the verbal root expressing continuation of a past act.

ଇଦ୍—ବୈଦେ.ବି. (ଅ. ଇଦ୍)—ମୁସଲମାନମାନଙ୍କର ରମ୍‌ଜାନ୍ ମାସବ୍ୟାପୀ
Id ଦିନରେ ଉପବାସ ( ରୋଜା ) ପରେ ଉକ୍ତ ମାସର ଶେଷ ଦିନ କରାଯିବା ପର୍ବ—A Mahomedan festival.

ଇଦ୍‌ଗା—ବୈଦେ. ବି. (ଅ ଇଦ୍‌ଗାହ୍)—ଇଦପର୍ବ ସମୟରେ ମୁସଲମାନ-
Idgā ମାନେ ଏକତ୍ର ହୋଇ ଯେଉଁଠାରେ ନମାଜ ବା ପ୍ରାର୍ଥନା କରନ୍ତି । ( ଏହା ସାଧାରଣତଃ ବସ୍ତିର୍ଣ୍ଣ ପଡ଼ିଆ

ସାଧାରଣ ଲେଖକ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅଙ୍କର ଓ ମାତ୍ରା ଏବଂ ୨ ଚକ୍ରର ଅଙ୍କ ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରା ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦଟିକୁ ଅନ୍ୟ ଚକ୍ରର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା—'ଶାଠ' ନ ମିଳିଲେ 'ସାଠ' ଖୋଜିବେ; 'କୃତ' ନ ମିଳିଲେ 'କୃତ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଖୋଜିବେ; 'ଅର୍ଜ୍ଜନା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଳଙ୍କୃ' ଦେଖିବେ

କଟକରେ ଓ ଅନ୍ୟ ବଡ଼ ବଡ଼ ମୁସଲମାନ ବସ୍ତି ନିକଟରେ ବିସ୍ତୃତ ଇଦ୍‌ଗା ପଡ଼ିଆମାନ ଅଛି )—
An extensive field where Mahomedans congregate for prayer during Id.

ଇଦ୍ଧ—ସଂ. ବିଣ ( ଇନ୍ଧ ଧାତୁ—ଜଳିବା + କର୍ତ୍ତୃ. ତ )—
Iddha ୧ । ଦୀପ୍ତ—1. Lighted.
୨ । ଜଳୁଥିବା—Blazing; glowing.

ଇଦମିତ୍ଥ—ଦେ. ବି. ( ସଂ. ଇଦଂ=ଏହା + ଇତ୍ଥଂ=ଏପରି )—
Idamittha ନିଶ୍ଚୟତା—Certainty.
ଲୋକଗୁଡ଼ାକ ଉଠିଲେ ଯାଏ, ବା କାହାର ହୁଏ, ଇଦମିତ୍ଥ ନାହିଁ ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

ଇଦାନି—ଦେ. ଅ. ( ସଂ. ଇଦାନୀଂ )—ଇଦାନୀଂ ( ଦେଖ )
Idāni Idānim ( See )

ଇଦାନୀଂ—ସଂ. ଅ. ( ଇଦମ୍=ଏହି + କାଳାର୍ଥେ. ଦାନୀମ୍ ) ଅଧୁନା;
Idānim ବର୍ତ୍ତମାନ; ଅଳ୍ପଦିନହେଲା--Now a days; of late

ଇଦାନୀନ୍ତନ—ସଂ. ବିଣ. ( ଇଦାନୀଂ+ଭବାର୍ଥେ. ତନ )—
Idānintana ୧ । ଅଧୁନାତନ; ନବ୍ୟ—1. Modern.
(ଇଦାନୀନ୍ତନୀ—ସ୍ତ୍ରୀ) ୨ । ଏବେ ହେଉଥିବା—2. Recent; late.

ଇଦାବତ୍ସର—ସଂ. ବି.—ଜ୍ୟୋତିଷଙ୍କ ମତ ଅନୁସାରେ ପ୍ରତି ୬୦ ବର୍ଷରେ
Idābatsara ୧୨ ଯୁଗ ହୁଏ ଓ ପ୍ରତି ଯୁଗରେ ୫ବର୍ଷ ଥାଏ । ଏହି ୫ବର୍ଷ ମଧ୍ୟରୁ ତୃତୀୟ ବର୍ଷର ନାମ—Name of one of the years according to the revolution of the planet Jupiter.
[ଦ୍ର—ଭାଗବତ ୩ୟ—୧୧।୧୪ ଦେଖ]

ଇଦି—ପ୍ରାଦେ (ସମ୍ବଲପୁର) ଅ. (ସଂ.ଏତତ୍ + ଦିକ୍ )—୧ । ଏ ଆଡ଼କୁ,
Idi ଏ ଦିଗକୁ—1. To this side.
୨ । ଏ ସ୍ଥାନକୁ—2. To this place.

ଇଦିଗା—ବୈଦେ. ବି. (ଅ)—ଇଦ୍‌ଗା (ଦେଖ)
Idigā Idgā ( See )

ଇଦୁଜ୍ଜୋହା—ବୈଦେ. ବି (ଅ)— ଇଦେକୋରବାନ୍ ( ଦେଖ )
Idujjohā Idekorabān (See)

ଇଦୁଲ୍‌ଫିତର୍—ବୈଦେ. ବି (ଅ)—ଇଦ୍ ( ଦେଖ )
Idulphitar Id (See)

ଇଦେକୋର୍‌ବାନ୍—ବୈଦେ.ବି (ଅ)—ମୁସଲମାନମାନଙ୍କ ବକ୍‌ରୀଦ୍ ପର୍ବ
Idekorbān ( ଏହା ଜିଲହେଜ ମାସର ଶୁକ୍ଳଦଶମୀ ବା ଏକାଦଶୀ ଦିନ ପଡ଼େ । ଏ ପର୍ବରେ ଛେଳି, ଗୋରୁ ଓ ଓଟ ବଳି ଦେବାର ବିଧି କୋରାନରେ ଅଛି )—A festival of offering victims by Mahomedans.

ଇଧର୍—ପ୍ରାଦେ. (ସମ୍ବଲପୁର) ଅ. (ଭୁଲ ହି. ଇଧର୍)—ଏବେ—
Idhar Now-a-days.

ଇଧୁଇଲ୍—ପ୍ରାଦେ. (ସମ୍ବଲପୁର) ବି. (ହି. ଧୂଲା)—ଧୂଳି—
Idhuil Dust.

ଇଧ୍ମ—ସଂ.ବି. (ଇନ୍ଧ ଧାତୁ=ଜଳିବା + କର୍ତ୍ତୃ.ମ)—ଜାଳ;ଜାଳେଣିକାଠ—
Idhma Fuel.

ଇନ୍—ସଂ. (ପ୍ରତ୍ୟୟ—କୃଦନ୍ତ ପ୍ରତ୍ୟୟ ବିଶେଷ; ଯେ କରେ—
In 1. A suffix added to the roots ( of verbs )
[ ଦ୍ର—ଧାତୁରୁ ଉତ୍ତର କର୍ତ୍ତୃବାଚ୍ୟରେ ଇନ୍ ପ୍ରତ୍ୟୟ ହୁଏ ଯଥା—'କାମୀ', ଦାୟୀ, ଘାତୀ ଇତ୍ୟାଦି । ]
୨ । ବିଶେଷ୍ୟ ପଦରେ ଯୁକ୍ତ ହେବା ତଦ୍ଧିତ ପ୍ରତ୍ୟୟବିଶେଷ; ଯାହାର ଅଛି—2. A suffix added to nouns.
[ ଦ୍ର—ଶବ୍ଦର ଉତ୍ତର 'ଅଛି' ଅର୍ଥରେ ଏ ପ୍ରତ୍ୟୟ ଯୋଗ ହୁଏ, ଯଥା—ଅଭିମାନୀ, ଦାନୀ, ଗୁଣୀ, ଧନୀ ଇତ୍ୟାଦି । ]

ଇନ୍‌କମ୍—ବୈଦେ. ବି. (ଇଂ) ଆୟ—
Inkam Income

ଇନ୍‌କମ୍ ଟିକସ—ବୈଦେ. ବି. (ଇଂ ଇନ୍‌କମ୍ ଟାକ୍ସ)—ଆୟ ଉପରେ
Inkam ṭikasa ସରକାରଙ୍କର ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ କର—
ইন্‌কম্ টাক্স Income tax.
इनकम टेकस

ଇନ୍‌କମଟି—ପ୍ରାଦେ (ଗଞ୍ଜାମ) ବି—ଇନ୍‌କମ୍ ଟିକସ (ଦେଖ)
Inkamaṭi Inkam ṭikasa (See)

ଇନ୍‌କାର—ବୈଦେ. ବି. (ଅ)—୧ । ଅସ୍ୱୀକାର—1 Denial.
Inkāra ୨ । ଇଙ୍କାର (ଦେଖ)
ইন্‌কার 2. Iṅkāra (See)
इनकार

ଇନ୍‌କୁଆରି—ବୈଦେ.ବି. (ଇଂ. ଇନ୍‌କ୍ୱାଇରି)—ତଦନ୍ତ; ଅନୁସନ୍ଧାନ—
Inkuāri Enquiry.
ইনকারি
इनक्कुआरि

ଇନ୍‌କେ—ପ୍ରାଦେ. (ସମ୍ବଲପୁର) ଅ—୧ । ଏଣିକି; ଏ ଦିଗକୁ—
Inke 1. To this side.
୨ । ଅଧୁନା—2. At present; now-a-days.

ଇନ୍‌କ୍ୱାରି—ବୈଦେ. ବି.—ଇନ୍‌କୁଆରି (ଦେଖ)
Inkwāri Inkuāri (See)

ଇନ୍‌ଡୋର ପେସେଣ୍ଟ—ବୈଦେ. ବିଣ (ଇଂ. ଇନ୍‌ଡୋର୍ ପେସେଣ୍ଟ)—
Indor pesent ଯେଉଁ ମନୁଷ୍ୟ ଡାକ୍ତରଖାନାରେ ରହି ଚିକିତ୍ସିତ
ইনডোর পেসেন্ট ହୁଅନ୍ତି—Indoor patient.
इनडोरपेसेंट
( ଆଉଟ୍‌ଡୋର୍ ପେସେଣ୍ଟ — ବିପରୀତ )

ଇନ୍ ଫ୍ରାଞ୍ଚାଇଜ୍ଡ୍ ଇନାମ୍—ପ୍ରାଦେ.ବୈଦେ (ଗଞ୍ଜାମ) ବି — (ଇଂ. ଏନ୍
Inphrānchāijd inām ଫ୍ରାଞ୍ଚାଇଜ୍ଡ୍ + ଅ. ଇନାମ୍ )—
ବାଜ୍ୟାପ୍ତି ଜାଗିର—Resumed jāgir lands.

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଢ଼ଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନୃ |

ଇନ୍‌ଫ୍ଲୁଏଞ୍ଜା—ବୈଦେ. ବ. (ଇଂ)—ଦେଙ୍ଗୁଜ୍ୱର; ଶରଦ ଓ କାଶ
Inphluenja ସହିତ ହୋଇଥିବା ପ୍ରବଳ ଜ୍ୱର—
ইনফ্লুএঞ্জা Influenza.
इनफ्लुएंजा

ଇନ୍‌ଭଏସ୍—ବୈଦେ. ବ. (ଇଂ. ଇନ୍‌ଭଏସ୍)—ଡାକରେ, ରେଲରେ
Invaes ବା ଜାହାଜରେ ଆସିଥିବା ପଣ୍ୟ ଦ୍ରବ୍ୟର ତାଲିକା, ଯାହା
ইন্‌ভএস ଗ୍ରାହକ ନିକଟକୁ ପଠାଯାଏ—
इनभाइस Invoice.

ଇନ୍‌ଭିଟେସନ୍—ବୈଦେ. ବ. (ଇଂ. ଇନ୍‌ଭିଟେସନ୍)—ନିମନ୍ତ୍ରଣ—
Inbhitesan Invitation.
ইন্‌ভিটেসন
इनभिटेसन

ଇନ୍‌ଭିଟେସନ୍ କାର୍ଡ—ବୈଦେ. ବ. (ଇଂ ଇନ୍‌ଭିଟେସନ୍ କାର୍ଡ)—
Inbhitesan kārd ନିମନ୍ତ୍ରଣ ପତ୍ର—
ইন্‌ভিটেসন্‌ কার্ড Invitation card.
इनभिटेसन कारड्

ଇନ୍‌ସଲ୍‌ଭେଣ୍ଟ—ବୈଦେ. ବଣ (ଇଂ)—ଦେବାଳିଆ; ଯେ ନିଜର ଦେଣା
Insalbhent ସୁଝିବାପାଇଁ ଅକ୍ଷମ ହୋଇ ପଡ଼େ—
Insolvent.

ଇନ୍‌ସଲ୍‌ଭେନ୍‌ସି—ବୈଦେ. ବ. (ଇଂ)—ନିଜର ଦେଣା ସୁଝିବାରେ ଅକ୍ଷମତା—
Insalbhensi Insolvency.

ଇନ୍‌ସାପ୍—ବୈଦେ. ବ. (ଆ. ଇନ୍‌ସାଫ)—୧ । ନିଷାପ; ନ୍ୟାୟ—
Insāp 1. A punchayet.
ইনসাফ ୨ । ଧର୍ମବିଚାର—
इनसाफ 2. Justice.

ଇନ୍‌ସାଫ୍—ବୈଦେ. ବ. (ଆ. ଇନ୍‌ସାଫ)—ଇନ୍‌ସାପ୍ (ଦେଖ)
Insāph Insāp (See)

ଇନ୍‌ସିଓର୍—ବୈଦେ. ବ. (ଇଂ)—ଇନ୍‌ସୁଓର୍ (ଦେଖ)
Insior Insuor (See)
ইন্‌সিওর
इनस्य र

ଇନ୍‌ସୁଓର୍—ବୈଦେ. ବ (ଇଂ. ଇନ୍‌ସୁଅର୍)—୧ । ଜୀବନବୀମା—
Insuor 1. Life insurance.
ইনসিওর ୨ । ନିର୍ଦ୍ଦିଷ୍ଟ ପରିମାଣରେ ଡାକଦ୍ୱାରା ଧନାଦି ଅପରେ ପ୍ରେରିତ ବ୍ୟକ୍ତି
इनसिउर ନିକଟରେ ପହଞ୍ଚିବାର ବ୍ୟବସ୍ଥା—
2 Postal insurance.
ବୈଦେ. ବଣ—୧ । ଡାକରେ ଇନ୍‌ସିଓର୍ କରି ଯାଇଥିବା—
1. Insured ( postal article )
୨ । ଜୀବନବୀମା କରାଯାଇଥିବା—2. Insured ( life )

ଇନ୍‌ସ୍ପେକ୍ଟର୍—ବୈଦେ. ବ. ( ଇଂ. ଇନ୍‌ସ୍ପେକ୍ଟର୍ )—ପରିଦର୍ଶନକାରୀ—
Inspektar Inspector.
ইন্সিপেক্টর
[illegible]

ଇନ୍‌ସ୍ପେକ୍‌ସନ୍—ବୈଦେ. ବ. ( ଇନ୍‌ସ୍ପେକ୍‌ସନ୍ )—ପରିଦର୍ଶନ—
Inspeksan. Inspection
ইন্সপেক্সন
इंनिसपेक्सन

ଇନ୍‌ସ୍ପେକ୍‌ସନ୍ ବଙ୍ଗଳା—ବୈଦେ. ବ. (ଇଂ. ଇନ୍‌ସ୍ପେକ୍‌ସନ ବଙ୍ଗ୍‌ଲୋ)—
Inspeksan baṅgaḷā ମଫସଲର ଅଫିସ ଆଦି ପରିଦର୍ଶନ
ডাকবঙ্গলা କରିବାକୁ ଆସିବା ହାକିମମାନଙ୍କ ରହିବାପାଇଁ ସରକାରୀ
डाकबङ्गला ଘର; ଡାକବଙ୍ଗଳା—Inspection bangalow.

ଇନ—ସଂ. ବ. ( ଇ ଧାତୁ = ଗମନ କରିବା + କର୍ତ୍ତ. ନ)—
Ina ୧ । ସୂର୍ଯ୍ୟ—1. The sun.
୨ । ପତି; ସ୍ୱାମୀ—2. Master; husband.
୩ । ରଜା—3. King
୪ । ପ୍ରଭୁ—4. Lord.
ସଦା କମଳାନନ୍ଦହୋଇ ସ୍ୱଭବେ ଇନ ଯେ—ଉତ୍କ. ବୈଦେହୀଶବିଳାସ ।
ପ୍ରାଦେ ( ସମ୍ବଲପୁର ) ଅ.—ଏହିଠାରେ—Here.

ଇନତ୍‌ଜାରି—ବୈଦେ. ବ. ( ଅ—ଇନ୍‌ତେଜାର୍ )—
Inatjāri ୧ । ପ୍ରତୀକ୍ଷା—1. Waiting.
ইন্তজারি ୨ । ଅନ୍ୟର ମନ ଯୋଗାଇବା—
इन्तिजारि 2. Pleasing another.
୩ । ବେଠି—3. Impressed labour.
୪ । ଅନୁସରଣ—4. Waiting upon a person or being in attendance for fulfilment of one's aim.

ଇନତ୍‌ଦାରି—ବୈଦେ. ବ. ( ଅ. ଇନ୍‌ତେଜାର୍ )—
Inatdāri ଇନତ୍‌ଜାରି ( ଦେଖ )
Inatjāri ( See )

ଇନର୍—ପ୍ରାଦେ. ( ସମ୍ବଲପୁର ) ବଣ—୧ । ଅତ୍ରତ୍ୟ; ଏ ସ୍ଥାନର—
Inar 1. Of this place.
୨ । ଏ ସମୟର—2. Of this time.

ଇନାମ୍—ବୈଦେ. ବ. ( ଅ ) ( ଏହାର ପ୍ରକୃତ ଅର୍ଥ ଦାନ )—
Inām ୧ । ପୁରସ୍କାର; ଉପହାର—
ইনাম 1. Present; gift; reward.
इनाम କୈଥିର ଇନାମ ଅଲବତ୍ତା ପାଇବ । ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ପ୍ରାଦେ. ( ଗଞ୍ଜାମ ) ବ—ଜାଗିର ଜମି—
2. Jaghir; service-grant.
୩ । ପ୍ରାଦେ. ( ଗଞ୍ଜାମ ) ବ—ଲାଖରାଜ ଜମି—
3. Lakharāji ( land )

ଇନାମ୍‌ଦାର—ବୈଦେ. ( ଗଞ୍ଜାମ ) ବ—
Ināmdār ୧ । କୌଣସି କାର୍ଯ୍ୟ ନିମନ୍ତେ ରାଜକୀୟ ଜାଗିର
ইনামদার ପାଇଥିବା ବ୍ୟକ୍ତି; ଜାଗିର୍‌ଦାର୍—1. Jaghirdar.
इनामदार ୨ । ଯେ ରାଜକୀୟ ପୁରସ୍କାର ପାଇଥାଏ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

2. Holder of service-grant; one who recieves rewards from Government

ଇନାମ୍ ଦେବା—ଦେ. କ୍ରି—ପୁରସ୍କାରଦେବା—
Inām debā To grant a reward; to bestow a gift for service rendered
ইনামদেওয়া
इनाम देना

ଇନାମ୍ଭୂମି—ପ୍ରାଦେ. ( ଗଞ୍ଜାମ ) ବି—ଜାଗିର—Jaghir land.
Ināmbhūmi

ଇନାମତ୍—ଦେ. ବିଣ. ଓ କ୍ରି. ବିଣ—ଅନାମତ୍ ( ଦେଖ )
Ināmat Anāmat ( See )

ଇନୁ—ପ୍ରାଦେ. ( ସମ୍ବଲପୁର ) ଅ—୧ । ଏଣୁ ; ଏଥିଯୋଗୁ—
Inu 1. For this
୨ । ଏ ବାଗରୁ—2. From this side.
୩ । ଏଠାରୁ—3. Hence; from this place.

ଇନେ—ପ୍ରାଦେ. ( ସମ୍ବଲପୁର ) ଅ.—୧ । ଏଣେ—
Ine 1 In this side or place
୨ । ଏଥି; ଏଠାରେ—2. In this place.

ଇନେକେ—ପ୍ରାଦେ. ( ସମ୍ବଲପୁର ) ଅ—୧ । ଏଠାକୁ—
Ineke 1. To this place.
୨ । ଏବାଗକୁ ; ଏଣିକି—2. To this side.
୩ । ଅଧୁନା କାଳରେ – 3. At present.

ଇନ୍ତ୍କାଲ୍—ବୈଦେ. ବି. ( ଫରସୀ ) ( ଅ. ଇନ୍ତେକାଲ୍; ମୂଳ ସଂ. ଅନ୍ତକାଲ )—ମୃତ୍ୟୁ—Death.
Intkāl
এন্তাকাল
इन्तिकाल

ଇନ୍ତ୍ଜାମ୍—ବୈଦେ. ବି. ଫାରସୀ ( ଅ. ଇନ୍ତ୍ଜାମ )—
Intjām ବନ୍ଦୋବସ୍ତ; ବ୍ୟବସ୍ଥା—Arrangement.
ব্যবস্থা
इन्तजाम

ଇନ୍ତାନ୍—ବୈଦେ ବି. ( ଅ. ଇମ୍ତେହାନ୍ )—ପରୀକ୍ଷା—
Intān Examination.
স্তান
इम्तेहान

ଇନ୍ତଖାପ୍—ବୈଦେ. ବି ( ଫରସୀ ଭାଷା ) ( ଅ. ଇନ୍ତ୍ଖାବ୍ )—
Intikhāp ନିର୍ଦ୍ଦିଷ୍ଟ ସମୟ ପରେ ଦରକାରୀ ବେଦରକାରୀ କାଗଜପତ୍ର ପୃଥକ୍ କରି ଦରକାରୀ କାଗଜକୁ ମହାଫେଜ୍ ଖାନାରେ ବାଛି ରଖିବା—Selection of the important papers and rejection of the unnecessary papers from a record.
ইন্তিখাপ
इन्तिखाब
ন্তুনাব

ଇନ୍ତୁଡ଼ି(ଇତ୍ୟାଦି)—ଦେ. ବି—ଅନ୍ତୁଡ଼ି ଇତ୍ୟାଦି ( ଦେଖ )
Inturdi etc. Anturdi etc ( See )

ଇନ୍ଦ (ଧାତୁ)—ସଂ.—ପ୍ରଭୁତ୍ୱ କରିବା—
Inda root) To rule over; to lord over.

ଇନ୍ଦାରା—ଦେ.ବି. (ସଂ. ଅନ୍ଧୁ )—୧ । କ୍ଷୁଦ୍ର ଜଳାଶୟ—1. Small tank
ইন্দারা ୨ । କୂଅ—2. Well.
इन्दारा ୩ । ଗାତ—3. A hole

ଇନ୍ଦାରା—ଦେ. ବି.— ଇନ୍ଦାରା ( ଦେଖ )
Indārā Indarā ( See )

ଇନ୍ଦି—ସଂ. ବି. ସ୍ତ୍ରୀ ( ଇନ୍ଦ ଧାତୁ=ଆଧିପତ୍ୟ କରିବା + କର୍ତ୍ତୃ. ଇ )—
Indi ଲକ୍ଷ୍ମୀ—The Goddess of wealth; Lakshmī.

ଇନ୍ଦିନ୍ଦିର—ସଂ. ବି. ( ଇନ୍ଦ ଧାତୁ=ପ୍ରଭୁତ୍ୱ କରିବା + ଇର=ଦ୍ୱିତ୍ୱ. ନିପାତନ) – ମଧୁକର; ଭ୍ରମର— The black bee.
Indindira
ହେ ରସିକ ଇନ୍ଦିନ୍ଦିର । ଉଷ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଇନ୍ଦିବର—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦି=ଲକ୍ଷ୍ମୀ+ବର=ଶ୍ରେଷ୍ଠ; ପ୍ରିୟବସ୍ତୁ )—ନୀଳପଦ୍ମ; ନୀଳକଇଁ; ନୀଳୋତ୍ପଳ—
Indibara The blue lotus; blue water-lily.

ଇନ୍ଦିବରୀ—ସଂ. ବି. ସ୍ତ୍ରୀ. (ଇନ୍ଦିବର + ସ୍ତ୍ରୀ. ଈ )—ଶତମୂଳୀ; ଶତାବରୀ; ଛତୋରୀ—The creeping Asparagus.
Indibarī

ଇନ୍ଦିବାର—ସଂ. ବି.— ଇନ୍ଦିବର ( ଦେଖ )
Indibāra Indibara ( See )

ଇନ୍ଦିରା—ସଂ. ବି. ସ୍ତ୍ରୀ ( ଇନ୍ଦ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ.ଇର+ସ୍ତ୍ରୀ. ଆ)— ଲକ୍ଷ୍ମୀ—Lakshmī; the Goddess of fortune.
Indirā
ସମସ୍ତ ଜୀବମାନଙ୍କ ଜିହ୍ୱା ଇନ୍ଦୁ ଘୋଷି
ଇନ୍ଦିରା ଏ ତୋଷରେ ଅମୃତ ବରଷି । ପୀତାମ୍ବର. ନୃସିଂହପୁରାଣ ।
ଦେ. ବି. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—
Name given to females.

ଇନ୍ଦିରାଳୟ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦିରା+ଆଳୟ )—୧ । ପଦ୍ମ—
Indirālaya 1 Lotus.
[ ଦ୍ର—ଶାସ୍ତ୍ରରେ ଅଛି ଯେ ଲକ୍ଷ୍ମୀ ସୃଷ୍ଟିର ଆଦ୍ୟରେ ପଦ୍ମପାଖୁଡ଼ାରୁ ଜନ୍ମି ଥିଲେ । ]
୨ । ଇନ୍ଦିବର; ନୀଳକଇଁ—2. The blue lotus.

ଇନ୍ଦୀ—ସଂ. ବି.—ଇନ୍ଦି ( ଦେଖ )
Indī Indi ( See )

ଇନ୍ଦୀବାର—ସଂ. ବି.—ଇନ୍ଦିବର ( ଦେଖ )
Indībāra Indibara ( See )

ଇନ୍ଦୁ—ସଂ. ବି. (ଇନ୍ଦ ଧାତୁ=ପ୍ରଭୁତ୍ୱ କରିବା+କର୍ତ୍ତୃ. ଉ; ଯେ ନକ୍ଷତ୍ରଗଣ ମଧ୍ୟରେ ପ୍ରଭୁତ୍ୱ କରେ, କିମ୍ବା ଉନ୍ଦ ଧାତୁ=ଆର୍ଦ୍ର ହେବା+ଉ. ନିପାତନ; ଯେ ସୁଧାରେ ଆର୍ଦ୍ର ହୋଇଥାଏ )—
Indu
୧ । ଚନ୍ଦ୍ର; ସୁଧାକର—1. Moon.
୨ । କର୍ପୂର—2. Camphor.
ଦେ. ବି. ପୁଂ. ଓ ସ୍ତ୍ରୀ—ନାମବିଶେଷ—A name.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ସ | ଙ୍କ | ଇଦ୍ଧ | ଈଅ | ଭ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଓ | ନ୍ନ |

ଇନ୍ଦୁକମଳ—ସଂ. ବ [ଇନ୍ଦୁ=ଚନ୍ଦ୍ର (ପରି ଶୁକ୍ଳ) + କମଳ = ପଦ୍ମ ]—
Indukamaḷa ଶ୍ୱେତ ପଦ୍ମ—The white lotus.

ଇନ୍ଦୁକଳା—ସଂ. ବ. ( ୬ଷ୍ଠୀ ତତ୍; ଇନ୍ଦୁ=ଚନ୍ଦ୍ର + କଳା )—ଶଶି-
Indukaḷā କଳା; ଚନ୍ଦ୍ରଙ୍କର କଳା ବା ଅଂଶ—
A digit or phase of the moon.

ଇନ୍ଦୁକଳିକା—ସଂ. ବ. ( ଇନ୍ଦୁ+କଳିକା; ଇନ୍ଦୁପରି ଶୁକ୍ଳକଳିକା
Indukaḷikā ଯାହାର )—୧ । କେତକୀ—1. Pandanus Odoratissimus; Screwpine.
୨ । ଚନ୍ଦ୍ରକଳା—2. A digit of the moon.

ଇନ୍ଦୁକାନ୍ତ - ସଂ. ବ ( ଇନ୍ଦୁ=ଚନ୍ଦ୍ର + କାନ୍ତ; ଏହି ମଣି ଚନ୍ଦ୍ରକିରଣରେ
Indukānta ସୁନ୍ଦର ଦିଶେ)- ଚନ୍ଦ୍ରକାନ୍ତମଣି—Moon-stone; jasper.

ଇନ୍ଦୁକାନ୍ତା - ସଂ.ବ. ( ୬ଷ୍ଠୀ ତତ୍; ଇନ୍ଦୁ=ଚନ୍ଦ୍ର + କାନ୍ତା=ସ୍ତ୍ରୀ )—
Indukāntā ୧ । ନକ୍ଷତ୍ର—1. Star
୨ । ରାତ୍ରି—2. Night.

ଇନ୍ଦୁଜ—ସ. ବ. ପୁଂ ( ଇନ୍ଦୁ=ଚନ୍ଦ୍ର + ଜନ୍ ଧାତୁ=ଜାତହେବା +
Induja କର୍ତ୍ତୃ. ଅ )—ଚନ୍ଦ୍ରପୁତ୍ର, ବୁଧ—The planet Mercury.

ଇନ୍ଦୁଜନକ—ସଂ. ବ. (୬ଷ୍ଠୀ ତତ୍; ଇନ୍ଦୁ+ଜନକ=ପିତା; ସମୁଦ୍ରମନ୍ଥନ
Indujanaka କାଳରେ ଚନ୍ଦ୍ର ସମୁଦ୍ରରୁ ଜାତ ହୋଇଥିବାରୁ)—
ସମୁଦ୍ର—The ocean; the sea.

ଇନ୍ଦୁଜା—ସଂ. ବ. ସ୍ତ୍ରୀ. (ଇନ୍ଦୁଜ + ସ୍ତ୍ରୀ. ଆ)—ରେବାନଦୀ; ନର୍ମଦା—
Indujā The Narbudda river.

ଇନ୍ଦୁନିଭାନନ—ସଂ. ବଣ. (ବହୁବ୍ରୀହି; ଇନ୍ଦୁ=ଚନ୍ଦ୍ର + ନିଭ=ପରି +
Indunibhānana ଆନନ=ମୁଖ. )—ଚନ୍ଦ୍ରବଦନ; ଚନ୍ଦ୍ର ପରି
(ଇନ୍ଦୁନିଭାନନା—ସ୍ତ୍ରୀ) ମୁଖ ଯାହାର—Having a fair face (compared to the moon).

ଇନ୍ଦୁପୁଷ୍ପିକା—ସଂ. ବ. (ଇନ୍ଦୁ ଅର୍ଥାତ୍ ଚନ୍ଦ୍ରଙ୍କ ପରି ପୁଷ୍ପ ଯାହାର)—
Indupushpikā ବିଷଲାଙ୍ଗଳିଆ ଗଛ—A herbal plant.

ଇନ୍ଦୁପୂର୍ଣ୍ଣିମା—ଦେ. ବ. (ସ. ଇନ୍ଦ୍ର+ପୂର୍ଣ୍ଣିମା; କାରଣ ଇନ୍ଦ୍ରଙ୍କ ରାଜତ୍ୱ ବା
Indupūrṇṇimā ବର୍ଷାକାଳ ଏହିସନ୍ଦେହରେ ଏହିଠାରୁ ଶେଷ
ହୁଏ;ବା ଶରତ୍‌କାଳ ଆରମ୍ଭ ହେବ ବୋଲି ଏ ପୂର୍ଣ୍ଣିମାଠାରୁ
ଆକାଶ ନିର୍ମଳ ହୁଏ ଓ ଇନ୍ଦୁ ବା ଚନ୍ଦ୍ର ନିର୍ମଳ ଦେଖା-
ଯାଆନ୍ତି ବୋଲି ଏହି ନାମ) ଭାଦ୍ର ମାସର ପୂର୍ଣ୍ଣିମା—
The full-moon of the month of Bhādraba.

ଇନ୍ଦୁବ୍ରତ—ସଂ. ବ. (ଇନ୍ଦୁ=ଚନ୍ଦ୍ର + ବ୍ରତ=ପୁଣ୍ୟଜନକ ଓ ପାପକ୍ଷୟକର
Indubrata କର୍ମ )—ପ୍ରାୟଶ୍ଚିତ୍ତବିଶେଷ; ଚାନ୍ଦ୍ରାୟଣ ବ୍ରତ—
An expiatory penance regulated by the moon's phases (waxing and waning ).

ଇନ୍ଦୁଭୃତ୍—ସଂ. ବ. (ଇନ୍ଦୁ+ଭୃ ଧାତୁ=ଧାରଣ କରିବା + କର୍ତ୍ତୃ. କ୍ୱିପ୍;
Indubhṛut ଯେ ମସ୍ତକରେ ଚନ୍ଦ୍ରଙ୍କୁ ଧାରଣ କରିଅଛନ୍ତି )—
ଶିବ—God Śiba.

ଇନ୍ଦୁମତୀ—ସଂ. ବ. ସ୍ତ୍ରୀ(ଇନ୍ଦୁ=ଚନ୍ଦ୍ର + ଅସ୍ତି ଅର୍ଥରେ. ମତ୍+ସ୍ତ୍ରୀ. ଈ)—
Indumatī ୧ । ପୂର୍ଣ୍ଣିମା—1. Fullmoon.
୨ । ରଘୁଙ୍କ ପୁତ୍ର ଅଜଙ୍କର ସ୍ତ୍ରୀ—2. The wife of Aja son of Raghu.
୩ । ତୀର୍ଥବିଶେଷ—3. Name of a sacred place
ଦେ. ବ.—ରାବଣର ପତ୍ନୀ; ଇନ୍ଦ୍ରଜିତର ମାତା—
A wife of Rābaṇa.
ଦଶମାଳ ଉତ୍ତର ଇନ୍ଦୁମତୀ ନନ୍ଦନ ଏ ଇନ୍ଦୁମତୀ ଉପପର ଗତିମାତ ।
ଭକ୍ତ. ବୈଦେହୀଶବିଳାସ ।

ଇନ୍ଦୁର—ସଂ. ବ. (ଇନ୍ଦ ଧାତୁ=ଆଧିପତ୍ୟ କରିବା + ଉର ବା ଉନ୍ଦ
Indura ଧାତୁ=ଆର୍ଦ୍ରହେବା + ସଂଜ୍ଞାର୍ଥେ. ଉର)—
ମୂଷା; ମୂଷିକ—Rat; mouse.
ବୃଷଦଂଶ ଭୟେ ଯଥା ଇନ୍ଦୁର—ଭକ୍ତ. ବୈଦେହୀଶବିଳାସ ।

ଇନ୍ଦୁରେଖା—ସଂ. ବ. (୬ଷ୍ଠୀ ତତ୍; ଇନ୍ଦୁ+ରେଖା=ଗାର; ପଂକ୍ତି;
Indurekhā କଳା)—୧ । ଚନ୍ଦ୍ରକଳା—1. The digit of the moon.
୨ । ଚନ୍ଦ୍ରଖଣ୍ଡ—2 Crescent.
୩ । ରାଧିକାଙ୍କ ସଖିବିଶେଷ—
3. A companion of Rādhikā.
୪ । ସୋମଲତା—4. The Soma creeper.
୫ । ଗୁଳୁଚ—5. A medicinal creeper.
୬ । ଯୁଆଣି—6. Caraway seed.

ଇନ୍ଦୁଲେଖା—ସ. ବ. (୬ଷ୍ଠୀ ତତ୍; ଇନ୍ଦୁ+ଲେଖା)—ଇନ୍ଦୁରେଖା (ଦେଖ)
Indulekhā Indurekhā (See)

ଇନ୍ଦୂର—ସଂ. ବ.—ଇନ୍ଦୁର (ଦେଖ)
Indūra Indura (See)

ଇନ୍ଦୋର—ଦେ.ବ. (ନାମ)—ମଧ୍ୟଭାରତ ଅନ୍ତର୍ଗତ ହୋଲକାର ରାଜ୍ୟର
Indora ରାଜଧାନୀ (ଶିପ୍ରା ନଦୀ କୂଳରେ ଅବସ୍ଥିତ)—Name of a town, the capital of Holkār in Central India.

ଇନ୍ଦ୍ର—ସ. ବ. ( ଇନ୍ଦ ଧାତୁ=ଆଧିପତ୍ୟ କରିବା + କର୍ତ୍ତୃ. ର; ସ୍ୱର୍ଗର
Indra ଅଧିପତି )—
୧ । ଦେବରାଜ; ଦେବେନ୍ଦ୍ର; ମହେନ୍ଦ୍ର—
1. Indra, the Deity presiding over the Hindu-swarga or paradise; the God of the clouds corresponding to Jupiter.
୨ । ରାଜା—2. King.
କଳିଙ୍ଗର ଇନ୍ଦ୍ର ନୃପ ରାମଚନ୍ଦ୍ର ଦେବ ରାଜ୍ୟ ଭଲେ ଭଣି ।
ବର୍ଣ୍ଣପୂର୍ଣ୍ଣ. ସଙ୍ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; ବଧ ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ( ଶବ୍ଦର ପରବର୍ତ୍ତୀ ହେଲେ ) କୌଣସି ପଦାର୍ଥ, ଜନ୍ତୁ ବା ଜାତି ମଧ୍ୟରେ ସର୍ବଶ୍ରେଷ୍ଠ; ଅଗ୍ରଗଣ୍ୟ—
3. A chief; a prince amongst; the first and best of any kind.

ଦଶରଥ ରାଜାଙ୍କ ପୁତ୍ର ରାମଚନ୍ଦ୍ର
ବୀରଙ୍କର ଉପରେ ବୋଲନ୍ତି ସେ ଇନ୍ଦ୍ର । କୃଷ୍ଣସିଂହ. ମହାଭାରତ. ବନ ।

୪ । ଯୋଗବିଶେଷ—4. Name of an astronomical conjunction.

ବଣିଜ ନାମେ କରଣ ଯେ ଇନ୍ଦ୍ର ନାମେ ଯୋଗ ।
ସାରଳା ମହାଭାରତ. ବିରାଟ ।

୫ । ଆତ୍ମା—5. The soul.

୬ । ସ୍ୱୟଂ—6. Self.

୭ । ପୁରାଣୋକ୍ତ ଗିରି ବା ପର୍ବତବିଶେଷ—
7. The name of a mountain.

୮ । କୂଟଜ ( ଦେଖ )
8. Kūṭaja ( See )

ଇନ୍ଦ୍ର ତପସ୍ୱିନୀ ଯେନ ଚକ୍ଷୁ କେଶ ଶୋଭା ହେଉଥିଲା ଏଥିରେ ।
ଉପେନ୍ଦ୍ର. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୯ । ସିନ୍ଧୁବାର ( ବୃକ୍ଷ ) ( ଦେଖ )
( ହରେକୃଷ୍ଣ. ଦ୍ରବ୍ୟଗୁଣ । )
9. Sindhubāra ( tree ) ( See )

୧୦ । ସୂର୍ଯ୍ୟ—10. The sun.

୧୧ । ରାତ୍ରି—11. Night.

୧୨ । ଉପଦ୍ୱୀପବିଶେଷ—
12. Name of a peninsula.

୧୩ । ( ବେଦାନ୍ତରେ ) ପରମେଶ୍ୱର—13. God.

୧୪ । ପ୍ରଭୁ; ଅଧିପତି—
14. Lord; master; owner.

ସଂ. ବିଣ—ଐଶ୍ୱର୍ଯ୍ୟଶାଳୀ—Affluent; flourishing.

ଇନ୍ଦ୍ରକ—ସଂ. ବି. ( ଇନ୍ଦ୍ର+କ=ସୁଖ; ଇନ୍ଦ୍ରଙ୍କ ସୁଖ ପରି ଯେଉଁଠାରେ ସୁଖ ହୁଏ )—ସଭାଗୃହ—A meeting-hall;
Indraka council-chamber.

ଇନ୍ଦ୍ରକୀଲ—ସଂ. ବି—ପର୍ବତବିଶେଷ—
Indrakīla A mountain of that name.
[ ଦ୍ର—କେହି କେହି ଏହାକୁ ହିମାଳୟ ଅନ୍ତର୍ଗତ ମନ୍ଦର ପର୍ବତ କେହି ବା ମହେନ୍ଦ୍ର ପର୍ବତ ବୋଲି ନିର୍ଦ୍ଦେଶ କରନ୍ତି । ]

ଇନ୍ଦ୍ରକୋଷ—ସଂ. ବି. ( ଇନ୍ଦ୍ର=ଶ୍ରେଷ୍ଠ+କୋଷ=ଆସନ; ଯହିଁରେ ସ୍ୱଚ୍ଛନ୍ଦ ବସନ୍ତି )—
Indrakosha

୧ । ଖଟ; ପଲଙ୍କ—1. Sofa.

୨ । ମଞ୍ଚ—2. Platform; scaffold.

୩ । ବରଣ୍ଡା—3 Balcony; veranda.

ଇନ୍ଦ୍ରଗୋପ—ସଂ. ବି. ( ଇନ୍ଦ୍ର=ଶ୍ରେଷ୍ଠ+ଗୋ=ବାକ୍ୟ+ପା ଧାତୁ=
Indragopa ପାଳନ କରିବା+କର୍ତ୍ତୃ. ଅ )—ଏକଜାତୀୟ ରକ୍ତବର୍ଣ୍ଣ ନାଲି ପୋକ; ସାଧବଘର ବୋହୂ—A species of inscets of red colour; cochineal.

ଇନ୍ଦ୍ରଗୋବିନ୍ଦ ଚାନ୍ଦୁଆ—ଦେ. ବି—ଏକପ୍ରକାର ଉତ୍କୃଷ୍ଟ କାରୁକାର୍ଯ୍ୟ
Indragobinda chānduā ଖଚିତ ଚାନ୍ଦୁଆ—A conopy of excellent workmanship.

ଇନ୍ଦ୍ରଗୋବିନ୍ଦ ଚାନ୍ଦୁଆ ଉପରେ ଆଚ୍ଛାଦ—ପୀତାମ୍ବର. ନୃସିଂହପୁରାଣ ।

ଇନ୍ଦ୍ରଚନ୍ଦନ—ସଂ. ବି. (ଇନ୍ଦ୍ର=ଶ୍ରେଷ୍ଠ+ଚନ୍ଦନ)—ହରିଚନ୍ଦନ—
Indrachandana A kind of excellent sandal wood.

ଇନ୍ଦ୍ର ଚନ୍ଦ୍ର ନ ମାନିବା—ଦେ. କ୍ରି.—କୌଣସି ବ୍ୟକ୍ତିଙ୍କୁ ବା ଗୁରୁଜନଙ୍କୁ
Indra chandra na mānibā ଗ୍ରାହ୍ୟ ବା ଖାତିର ନ
ইন্দ্রচন্দ্র হওয়া କରିବା—Not to care any one.

ଇନ୍ଦ୍ରଚାପ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର+ଚାପ=ଧନୁ)—ଇନ୍ଦ୍ରଧନୁ—
Indrachāpa Rainbow.
[ ଦ୍ର—ଆକାଶରେ ସୂର୍ଯ୍ୟଙ୍କ ବିପରୀତ ଦିଗରେ ମେଘ ଉଠାଇଥିଲେ ସୂର୍ଯ୍ୟଙ୍କ କିରଣ ମେଘଦେହରେ ନାନା ବର୍ଣ୍ଣରେ ପ୍ରତିଫଳିତ ହୋଇ ଅର୍ଦ୍ଧ ବୃତ୍ତାକାର ଇନ୍ଦ୍ରଧନୁ ଦିଶେ । ]

ଇନ୍ଦ୍ରଜାଲ—ସଂ. ବି. (ଇନ୍ଦ୍ର=ଇନ୍ଦ୍ରିୟ+ଜାଲ=ଆବରଣ; ଯାହା ଚକ୍ଷୁ
Indrajāla ଆଦି ଇନ୍ଦ୍ରିୟମାନଙ୍କୁ ମୋହଦ୍ୱାରା ଆବୃତ କରେ)—

୧ । କୁହୁକ; ଭେଲିକବାଜି—1. Magic; jugglery.

ଯେତେ ଅନାଇଲେ ଇନ୍ଦ୍ରଜାଲ ପ୍ରାୟେ ଦିଶୁ । ଉପେନ୍ଦ୍ର. ପ୍ରେମସୁଧାନିଧି ।

୨ । ମାୟା—2. Illusion.

୩ । ଛଳ—3. Deception.

୪ । ଅର୍ଜ୍ଜୁନଙ୍କର ଅସ୍ତ୍ରବିଶେଷ—
4. A mythical weapon of Arjuna.

ଇନ୍ଦ୍ରଜାଲିକ—ସଂ. ବିଣ. ପୁଂ. (ଇନ୍ଦ୍ରଜାଲ=କୁହୁକ+ସମ୍ବ.ଇକ)—
Indrajālika ଇନ୍ଦ୍ରଜାଲସମ୍ବନ୍ଧୀୟ—Magical.

ସଂ. ବି. ପୁଂ.—କୁହୁକୀ; ବାଜିଗର—Magician.

ଇନ୍ଦ୍ରଜିତ୍—ସଂ. ବି. (ଇନ୍ଦ୍ର=ଦେବରାଜ+ଜି ଧାତୁ=ଜୟ କରିବା+
Indrajit କ୍ୱିପ୍; ଯେ ଇନ୍ଦ୍ରଙ୍କୁ ପରାଜିତ କରିଥିଲେ )—ରାବଣର ଜ୍ୟେଷ୍ଠ ପୁତ୍ର, ଏହାଙ୍କୁ ଲକ୍ଷ୍ମଣ ମାରିଥିଲେ—A son of Rābaṇa who had defeated Indra in battle and was at last killed by Lakshmaṇa.

ଇନ୍ଦ୍ରଜିତ—ଦେ. ବି. ( ନାମ ) ( ସଂ. ଇନ୍ଦ୍ରଜିତ )—
Indrajita ଇନ୍ଦ୍ରଜିତ୍ ( ଦେଖ )
Indrajit ( See )

ଇନ୍ଦ୍ରତୀର୍ଥ—ସଂ. ବି. ( ଇନ୍ଦ୍ର+ତୀର୍ଥ )—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Indratirtha A sacred place of the Hindus.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ସ | ଡ | ଷ,ଶ | କ୍ଷ | ଇଯ୍ | ଇଅ | ୱ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣଂ | ଯ | ସ | ଶଂ | ଇଅ | ଓ | କୃ |

ଇନ୍ଦ୍ରତ୍ୱ—ସଂ. ବ. ( ଇନ୍ଦ୍ର=ଦେବରାଜ+ଭାବ. ତ୍ୱ )—
Indratwa ଇନ୍ଦ୍ରଙ୍କ ସ୍ଥାନ, କ୍ଷମତା ଓ ସମ୍ମାନ—The office, dignity and power of Indra.

ଇନ୍ଦ୍ରଦୁମନ—ଗ୍ରା. ବ—ଇନ୍ଦ୍ରଦ୍ୟୁମ୍ନ ( ଦେଖ )
Indradumana Indradyumna ( See )

ଇନ୍ଦ୍ରଦ୍ୟୁମ୍ନ—ସଂ. ବ. ( ନାମ )—୧ । ଜଗନ୍ନାଥ ମନ୍ଦିର ନିର୍ମାଣ କରାଇ-
Indradyumna ଥିବା ଉତ୍କଳର ସୂର୍ଯ୍ୟବଂଶୀୟ ରାଜା—
1. A king of Ordisā who had the temple of Jagannātha built.
୨ । ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କଦ୍ୱାରା ପୁରୀରେ ଖୋଳା ହୋଇଥିବା ପୁଷ୍କରିଣୀ—2. A tank of that name in Puri said to have heen sunk by Indradyumna.
୩ । ସୂର୍ଯ୍ୟବଂଶୀୟ ଜଣେ ପ୍ରସିଦ୍ଧ ରାଜା—
3 One of the kings of the Solar race of India.

ଇନ୍ଦ୍ରଦ୍ରୁ—ସଂ. ବ. ( ଇନ୍ଦ୍ର=ଶ୍ରେଷ୍ଠ+ଦ୍ରୁ=ଗଛ )—
Indradru ଇନ୍ଦ୍ରଦ୍ରୁମ ( ଦେଖ )
Indradruma ( See )

ଇନ୍ଦ୍ରଦ୍ରୁମ—ସଂ. ବ. ( ଇନ୍ଦ୍ର=ଶ୍ରେଷ୍ଠ+ଦ୍ରୁମ=ଗଛ )—
Indradruma ୧ । ଅର୍ଜୁନ ଗଛ—1. The Arjuna tree.
୨ । କୁଟଜ ଗୁଳ୍ମ—2 Echites; Antidysenterica ( plant ).

ଇନ୍ଦ୍ରଧନୁ—ସଂ. ବ. ( ୬ଷ୍ଠୀ ତତ୍; ଇନ୍ଦ୍ର+ଧନୁ )—୧ । ଇନ୍ଦ୍ରଚାପ;
Indradhanu ଶକ୍ରଧନୁ—1. Rainbow.
୨ । ଇନ୍ଦ୍ରଦେବତାଙ୍କ ବ୍ୟବହୃତ ଧନୁ—
2. The bow of God Indra.

ଇନ୍ଦ୍ରଧାନୀ—ଦେ. ବ.—ଇନ୍ଦ୍ରପୁର; ସ୍ୱର୍ଗ—
Indradhāni The abcde of Indra; heaven.
ମହା ଭୁବନରେ ଯେ ମାନ କରେ ଜନ—
ଦନ ଉପବାସରେ ଦେଖେ ଇନ୍ଦ୍ରଧାନୀ । କୃଷ୍ଣସିଂହ. ମହାଭାରତ. ଅନୁଶା.ପର୍ବ ।

ଇନ୍ଦ୍ରଧ୍ୱଜ—ସଂ. ବ. ( ୬ଷ୍ଠୀ ତତ୍; ଇନ୍ଦ୍ର+ଧ୍ୱଜ=ପତାକା )—ଭାଦ୍ର
Indradhwaja ଶୁକ୍ଳ ଦ୍ୱାଦଶୀ ବା ସୁନିଆଁ ଦିନ ଇନ୍ଦ୍ରପୂଜାରେ ବ୍ୟବହୃତ ପତାକା—The flag used on the Ordiā new year's day (the 12th. day of the bright fortnight of Bhādra on the occasion of the worship of Indra.

ଇନ୍ଦ୍ରନାରୀ—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍; ଇନ୍ଦ୍ର+ନାରୀ )—ଇନ୍ଦ୍ରପତ୍ନୀ;
Indranāri ଶଚୀ—Wife of Indra.
ଦେ. ବ.—ବୈକୁଣ୍ଠ ବା ବିଷ୍ଣୁପୁରୀବିଶେଷ—
Name of an abode of Bishnu.
ଇନ୍ଦ୍ରନାରୀ ନାମକ ବୈକୁଣ୍ଠେ ବୈଷ୍ଣବେ । ମାଳପୁରାଣ ।

ଇନ୍ଦ୍ରନୀଳ—ସଂ. ବ. (ଇନ୍ଦ୍ର=ଅତ୍ୟୁତ୍କୃଷ୍ଟ+ନୀଳ=ନୀଳବର୍ଣ୍ଣ)—
Indranila ଇନ୍ଦ୍ରନୀଳମଣି (ଦେଖ)
Indranilamani (See)

ଇନ୍ଦ୍ରନୀଳମଣି—ସଂ. ବ. (ଇନ୍ଦ୍ର=ଅତ୍ୟୁତ୍କୃଷ୍ଟ+ନୀଳ=ନୀଳବର୍ଣ୍ଣ+ମଣି)—
Indranilamani ୧ । ମରକତ ମଣି; ପାଚ୍ଚା—
1 Sapphire.
୨ । ନୀଳା; ନୀଳକାନ୍ତ ମଣି—2. Emerald.

ଇନ୍ଦ୍ରପତି—ଦେ. ବ. (ନାମ)—ପୁରାଣବର୍ଣ୍ଣିତ ରାଜାବିଶେଷ—
Indrapati Name of a king.
[ ଦ୍ର—ଏ ରାଜା ବ୍ରାହ୍ମଣମାନଙ୍କ ଶାପରୁ ଗଜଜନ୍ମ ପାଇଥିଲେ; "ବିଷ୍ଣୁ ବୈଷ୍ଣବ ପୁରାଣ"ର "ଗଜ କୁମ୍ଭୀର ଉପାଖ୍ୟାନ" ଦ୍ରଷ୍ଟବ୍ୟ ।]

ଇନ୍ଦ୍ରପଦ—ସଂ. ବ. (୬ଷ୍ଠୀ ତତ୍; ଇନ୍ଦ୍ର+ପଦ)—ଇନ୍ଦ୍ରତ୍ୱ (ଦେଖ)
Indrapada Indratwa (See)

ଇନ୍ଦ୍ର ପାଳିବା—ଦେ. ବ.—ବୃଷ୍ଟି ହେବା—
Indra pālibā Raining.
ଇନ୍ଦ୍ର ନ ପାଳବ ସେ ସେ ବେଳକାଳ ଜାଣ । ଗୁରୁଭକ୍ତି ଗୀତା ।

ଇନ୍ଦ୍ରପୁରୀ—ସଂ. ବ. (୬ଷ୍ଠୀ ତତ୍; ଇନ୍ଦ୍ର+ପୁରୀ)—ସ୍ୱର୍ଗରେ ଇନ୍ଦ୍ରଙ୍କର
Indrapuri ଅମରାବତୀ ରାଜଧାନୀ—The capital of Indra in heaven.

ଇନ୍ଦ୍ରପୁଷ୍ପ—ସଂ. ବ. (କର୍ମଧା; ଇନ୍ଦ୍ର=ଶ୍ରେଷ୍ଠ+ପୁଷ୍ପ)—
Indrapushpa ୧ । ଲବଙ୍ଗ—1. Cloves.
୨ । ଇନ୍ଦ୍ରଯବ—2. Echites.

ଇନ୍ଦ୍ରପ୍ରସ୍ଥ—ସଂ. ବ. ( ଇନ୍ଦ୍ର+ଅତ୍ୟୁତ୍କୃଷ୍ଟ+ପ୍ରସ୍ଥ=ନଗର; ରାଜ୍ୟ )—
Indraprastha ଯୁଧିଷ୍ଠିରଙ୍କ ସ୍ଥାପିତ ନଗର—ପ୍ରାଚୀନ ଦିଲ୍ଲୀ—
Ancient Delhi.

ଇନ୍ଦ୍ରବଜ୍ରା—ସଂ. ବ—ଏକାଦଶାକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—
Indrabajrā A Sanskrit metre of 11 letters.

ଇନ୍ଦ୍ରବାରୁଣୀ—ସଂ. ବ.—ମହାକାଳ ଲତା—Colocynth; a
Indrabāruni kind of wild bitter gourd.

ଇନ୍ଦ୍ରଭେଷଜ—ସଂ. ବ (କର୍ମଧା; ଇନ୍ଦ୍ର=ଅତି ଉତ୍କୃଷ୍ଟ+ଭେଷଜ=
Indrabheshaja ଔଷଧ)—ଶୁଣ୍ଠି—Dried ginger.

ଇନ୍ଦ୍ରମାରିଷ—ସଂ. ବ. (ଇନ୍ଦ୍ର=ଶ୍ରେଷ୍ଠ+ମାରିଷ=ନଟିଆ ଶାଗ)—ଔଷଧ
Indramārisha ଗୁଳ୍ମବିଶେଷ ନାକଚଣା—
মুক্তাজুরি; সেতবসন্ত, মুরকাটা A medicinal shrub;
কুপ্পি; খোকলি Acalypha Indica.

ଇନ୍ଦ୍ରଯବ—ସଂ. ବ. (ଇନ୍ଦ୍ର=ଅତ୍ୟୁତ୍କୃଷ୍ଟ+ଯବ=ଯବଧାନ)—ଯବାକୃତି
Indrajaba ବୀଜବିଶେଷ; କୁଟଜ; ଭଙ୍ଗବୀଜ; ପାଚିଲାକୁରୁଆଁ
ସଂ. ନାମ—କୁଟଜବୀଜ; ଫୁଲର ବୀଜ—
କଳିଙ୍ଗ A medicinal seed; Echites.

ଇନ୍ଦ୍ରଲୁପ୍ତ—ସଂ. ବ.—କେଶନାଶକ ରୋଗ; ମୁଣ୍ଡ ଚନ୍ଦା ହେବା—
Indralupta Morbid baldness of the head; Alopacia.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ଉକ୍ତ ଅନେକ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ 'ଭୂଷ' ନ ମିଳିଲେ 'ବୃଷ' ଦେଖିବେ 'ଦଧି' ନ ପାଇଲେ 'ଦଧୀ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲତେ' ନ ପାଇଲେ 'ଅଲ୍ପତେ' ଦେଖିବେ

ଇନ୍ଦ୍ରଲୋକ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର + ଲୋକ,—ଅମରାବତୀନଗରୀ;
Indraloka ଇନ୍ଦ୍ରଙ୍କ ପୁରୀ—The capital of Indra.

ଇନ୍ଦ୍ରଶତ୍ରୁ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର + ଶତ୍ରୁ)—୧ । ବୃତ୍ରାସୁର—
Incraśatru 1. The demon Brutra killed by Indra.
୨ । ପ୍ରହ୍ଲାଦ—2. Name of P rahlāda.

ଇନ୍ଦ୍ରସାବର୍ଣ୍ଣି—ସଂ. ବି.—ଚତୁର୍ଦ୍ଦଶ ମନୁ—( ମନୁ ଶବ୍ଦ ନୋଟ ଦେଖ )
Indrasābarṇṇi The 14th Progenitor of mankind.

ଇନ୍ଦ୍ରସୁତ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର + ସୁତ)—୧ । ଅର୍ଜ୍ଜୁନ—
Indrasuta 1. Arjuna; the 3rd. Pāṇḍaba.
୨ । ବାଳି—2. Bāḷi, the monkey king of Kiskindā.
୩ । ଜୟନ୍ତ—3. Jayanta, son of Indra.

ଇନ୍ଦ୍ରସୁରସ—ସ. ବି—ବେଗୁନିଆ ( ଦେଖ )
Indrasurasa Beguniā ( See )

ଇନ୍ଦ୍ରସେନ—ଦେ. ବି—ନଳ ରାଜାଙ୍କ ପୁତ୍ର—
Indrasena The son of the king Naḷa.

ଏ ରୂପେ ବହୁ କାଳେ ଜନ୍ମି ପୁତ୍ର କନ୍ୟା
ହୋଇଲେ ନାମ ଇନ୍ଦ୍ରସେନ ଇନ୍ଦ୍ରସେନା । କୃଷ୍ଣସିଂ. ମହାଭାରତ. ବନ ।

ଇନ୍ଦ୍ରସେନା—ଦେ. ବି. ସ୍ତ୍ରୀ—ନଳ ରାଜାଙ୍କ ଝିଅ—
Indrasenā Indrasenā, the daughter of the king of Naḷa.

ଏ ରୂପେ ବହୁକାଳେ ଜନ୍ମି ପୁତ୍ର କନ୍ୟା
ହୋଇଲେ ନାମ ଇନ୍ଦ୍ରସେନ ଇନ୍ଦ୍ରସେନା । କୃଷ୍ଣସିଂ. ମହାଭାରତ. ବନ ।

ଇନ୍ଦ୍ରସେନୀ—ଦେ. ବି. ସ୍ତ୍ରୀ—ଇନ୍ଦ୍ରସେନା ( ଦେଖ )
Indrasenī Indrasenā ( See )

ବୃଦ୍ଧତା ହୋଇଲା ଇନ୍ଦ୍ରସେନୀ ଘା ନାମ । ପ୍ରାଚୀ—ନଳଚରିତ ।

ଇନ୍ଦ୍ରାଣିକା—ସ.ବି. ସ୍ତ୍ରୀ. (ଇନ୍ଦ୍ର=ଦେବରାଜ+ସ୍ତ୍ରୀ ଅଣୀ+କ+ସ୍ତ୍ରୀ. ଆ)—
Indrāṇikā ୧ । ଇନ୍ଦ୍ରଙ୍କ ସ୍ତ୍ରୀ, ଶଚୀ—
1. Wife of Indra.
୨ । ଅଷ୍ଟମାତୃକା ମଧ୍ୟରୁ ଏକ; ଯୋଗିନୀବିଶେଷ—
2. One of the eight Joginis.
୩ । ଶଚୀଙ୍କ ପ୍ରବର୍ତ୍ତିତ ରତିବନ୍ଧବିଶେଷ—
3. Name of a posture in copulation.
୪ । ବେଗୁନିଆ (ଗୁଳ୍ମ) ( ଦେଖ )
4. Beguniā (shrub) ( See )

ଇନ୍ଦ୍ରାଣୀ—ସଂ. ବି. ସ୍ତ୍ରୀ—ଇନ୍ଦ୍ରାଣିକା ( ଦେଖ )
Indrāṇī Indrāṇikā ( See )

ଇନ୍ଦ୍ରାନୁଜ—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଇନ୍ଦ୍ର + ଅନୁଜ=ଅବରଜ; କନିଷ୍ଠ ଭାଇ )—ବିଷ୍ଣୁ; ବାମନ ଅବତାର—
Indrānuja A name of Bishṇu in the incarnation of Bāmana.

ଇନ୍ଦ୍ରାବରଜ—ସଂ. ବି—ଇନ୍ଦ୍ରାନୁଜ ( ଦେଖ )
Indrābaraja Indrānuja ( See )

ଇନ୍ଦ୍ରାମରି—ଦେ. ବି—ବନ୍ୟ ବୃକ୍ଷବିଶେଷ; ଜିଅଳଗଛ—
Indrāmai Odina Wodir.
ସଂ. ଜିଙ୍ଗିନୀ; ଦୃଢ଼ଶାଲ୍ମଲୀ
জিভল; বোহর; ঘড়ি
जिङ्गन, काशमला; कश्मूल; मत्तयन
ତା ଓଡ୍ଡେୟା ମାରମ, ଓଡ଼ିଅର
ଲେ. ଓଡ଼ିନାଉଡ଼ିଆର

ଇନ୍ଦ୍ରାୟଣୀ—ଦେ. ବି. ସ୍ତ୍ରୀ. ( ସଂ. ଇନ୍ଦ୍ରାଣୀ )—
Indrāyaṇī ୧ । ଇନ୍ଦ୍ରାଣୀ; ଶଚୀ—1. The wife of Indra.
୨ । ନୃସିଂହ ପୁରାଣ ବର୍ଣ୍ଣିତ ୧୮ ଠାକୁରାଣୀଙ୍କ ମଧ୍ୟରୁ ଏକ ଠାକୁରାଣୀ; ଦେବୀବିଶେଷ—
2. A Goddess
୩ । ଦୁର୍ଗାଙ୍କ ଅଙ୍ଗରୁ ଜାତ ଦେବୀବିଶେଷ—
3. A Goddess born of the body of Goddess Durgā.

ପ୍ରଜାପତି ପକ୍ଷକୁ ସେ ଗଲେ ଇନ୍ଦ୍ରାୟଣୀ । ମାର୍କଣ୍ଡପୁରାଣ ।

ଇନ୍ଦ୍ରାୟୁଧ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ର=ଦେବରାଜ+ଆୟୁଧ=ଅସ୍ତ୍ର; ଧନୁ )—ଇନ୍ଦ୍ରଧନୁ; ଇନ୍ଦ୍ରଚାପ—
Indrāyudha Rainbow.

ଇନ୍ଦ୍ରାରି—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ର+ଅରି=ଶତ୍ରୁ )—
Indrāri ଅସୁର; ଦୈତ୍ୟ—Demon.

ଇନ୍ଦ୍ରାଶନ—ସଂ. ବି. ( ଇନ୍ଦ୍ର=ଇନ୍ଦ୍ରିୟ+ଅଶନ=ଭୋଜନ )—
Indrāśana ଗଞ୍ଜେଇ—Hemp.

ଇନ୍ଦ୍ରାସନ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ର+ଆସନ )—
Indrāsana ଇନ୍ଦ୍ରଙ୍କ ସିଂହାସନ—The throne of Indra.

ଇନ୍ଦ୍ରି—ଗ୍ରା. ପଦ୍ୟ. ବି. ( ସଂ. ଇନ୍ଦ୍ରିୟ )—
Indri ୧ । ଇନ୍ଦ୍ରିୟ—1. Organs of sense.

କାମାଦି ଇନ୍ଦ୍ରି ଗଣେ ଥିବ
ଶରୀରେ ଆତ୍ମ ଅପସରେ । ସଂଗୋବିନ୍ଦ. ପ୍ରେମଭକ୍ତିବ୍ରହ୍ମଗୀତା ।

୨ । ଲିଙ୍ଗ—2. Male organ; penis.

ତରଣ ତନାର ଇନ୍ଦ୍ରି ନେଥିଲ
କର ବଶର ଥାଇ କମିନ । ପ୍ରାଚୀ. ପରଚେଗୀତା ।

ଇନ୍ଦ୍ରିୟ—ସଂ. ବି. (ଇନ୍ଦ୍ର=ସ୍ୱୟଂ; ଆତ୍ମା + ଇୟ; ମନୁଷ୍ୟ ଜନେ ଯାହା ଉପରେ ପ୍ରଭୁତ୍ୱ କରେ )—
Indriya
୧ । ଯାହା ଦ୍ୱାରା ମନୁଷ୍ୟମନରେ ପଦାର୍ଥ ବା ବାହ୍ୟବସ୍ତୁର ଜ୍ଞାନ ଜନ୍ମେ;ଯାହାଦ୍ୱାରା ମନୁଷ୍ୟ କାର୍ଯ୍ୟ କରେ—
1 Organ of sense or action.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଷ,ଶ | କ୍ଷ | ଇୟ | ଢ଼ଥ | ଡ |
| ୨ | ଈ | ଊ | ଳୃ | ଳୁ | ଙ୍ଘ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଞ | ଡ଼ |

[ ଦ୍ର—ହିନ୍ଦୁଶାସ୍ତ୍ର ମତେ ଇନ୍ଦ୍ରିୟ ୧୪ ଗୋଟି । ଯଥା—
ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ—୧ ଚକ୍ଷୁ, ୨ କର୍ଣ୍ଣ, ୩ ନାସିକା; ୪ଜିହ୍ୱା ଓ ୫ ତ୍ୱକ ।
ପାଞ୍ଚଗୋଟି କର୍ମେନ୍ଦ୍ରିୟ—୬ ହାତ, ୭ ଗୋଡ଼, ୮ ବାକ୍ୟ, ୯ ଗୁହ୍ୟଦ୍ୱାର ଓ ୧୦ ଉପସ୍ଥ ।
ଚାରିଗୋଟି ଅନ୍ତରେନ୍ଦ୍ରିୟ—୧୧ ମନ, ୧୨ ବୁଦ୍ଧି, ୧୩ ଅହଙ୍କାର ଓ ୧୪ ଚିତ୍ତ । ]

୨ । ଶୁକ୍ର ବା ବୀର୍ଯ୍ୟ; ବୀଜ—2. Semen.

ସଂ. ବଣ - ଇନ୍ଦ୍ରିୟସମ୍ବନ୍ଧୀୟ—
Pertaining to the organs.

**ଇନ୍ଦ୍ରିୟକ୍ଷୋଭ**—ସଂ. ବି. ( ମଧ୍ୟପଦଲୋପୀ )—
Indriyakshobha ଇନ୍ଦ୍ରିୟମାନଙ୍କ ଜନିତ ଦୁଃଖ—
Distraction of the senses: misery or suffering due to the senses

**ଇନ୍ଦ୍ରିୟଗମ୍ୟ**—ସଂ. ବି. ( ୩ୟା ତତ୍; ଇନ୍ଦ୍ରିୟ+ଗମ୍ୟ )—ଇନ୍ଦ୍ରିୟମାନଙ୍କ-
Indriyagamya ଦ୍ୱାରା ଅନୁଭୂତ ବା ଗ୍ରହଣୀୟ—
Perceptible by the senses; within the ken of the senses; capable of being perceived by the senses.

**ଇନ୍ଦ୍ରିୟଗୋଚର**—ସଂ. ବଣ. ( ୩ୟା ତତ୍; ଇନ୍ଦ୍ରିୟ+ଗୋଚର )—
Indriyagochara ଇନ୍ଦ୍ରିୟଗମ୍ୟ ( ଦେଖ )
Indriyagamya ( See )

**ଇନ୍ଦ୍ରିୟଗ୍ରାମ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ + ଗ୍ରାମ )—
Indriyagrāma ଇନ୍ଦ୍ରିୟସମୂହ—
All the organs.

**ଇନ୍ଦ୍ରିୟଗ୍ରାହ୍ୟ**—ସଂ. ବଣ. ( ୩ୟା ତତ୍; ଇନ୍ଦ୍ରିୟ+ଗ୍ରାହ୍ୟ )—
Indriyagrāhya ଇନ୍ଦ୍ରିୟଗମ୍ୟ ( ଦେଖ )
Indriyagamya ( See )

**ଇନ୍ଦ୍ରିୟଜୟ**—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ରିୟ+ଜୟ )—ଜିତେନ୍ଦ୍ରିୟତା-
Indriyajaya Control over passions; self-control.

**ଇନ୍ଦ୍ରିୟଦମନ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଦମନ )—
Indriyadamana ଇନ୍ଦ୍ରିୟନିଗ୍ରହ ( ଦେଖ )
Indriyanigraha ( See )

**ଇନ୍ଦ୍ରିୟଦୋଷ**—ସଂ ବି. ( ଇନ୍ଦ୍ରିୟ+ଦୋଷ )—
Indriyadosha ୧ । ଇନ୍ଦ୍ରିୟର ଉଚ୍ଛୃଙ୍ଖଳତା—
1. Licentionsness; sensual propensity
୨ । ସ୍ତ୍ରୀ ସହବାସ ସମ୍ବନ୍ଧେ ଯଥେଚ୍ଛାଚାର—
2. Concupiscence; being addicted to sexual pleasures.

**ଇନ୍ଦ୍ରିୟନିଗ୍ରହ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ନିଗ୍ରହ )—
Indriyanigraha ଇନ୍ଦ୍ରିୟମାନଙ୍କର ସଂଯମକରଣ; ବହିରିନ୍ଦ୍ରିୟ ଓ ଅନ୍ତରିନ୍ଦ୍ରିୟମାନଙ୍କର ଦମନ କରିବା—Control of the senses; self-restraint; domination over oppetites.

**ଇନ୍ଦ୍ରିୟନିରୋଧ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ନିରୋଧ )—
Indriyanirodha ଇନ୍ଦ୍ରିୟନିଗ୍ରହ ( ଦେଖ )
Indriyanigraha ( See )

**ଇନ୍ଦ୍ରିୟପରାୟଣ** – ସଂ. ବଣ. ପୁଂ. ( ବହୁବ୍ରୀହି; ଇନ୍ଦ୍ରିୟ+ପରାୟଣ )—
Indriyaparāyaṇa ଇନ୍ଦ୍ରିୟ ସେବାରେ ଆସକ୍ତ; ଯେ କେବଳ ( ଇନ୍ଦ୍ରିୟପରାୟଣା—ସ୍ତ୍ରୀ ) ଭୋଗବିଳାସକୁ ସଂସାରରେ ସାର ବୋଲି ମନେ କରେ—Voluptuous; given up to free indulgence of senses; sensual carnal.

**ଇନ୍ଦ୍ରିୟପରାୟଣତା**—ସଂ. ବି. (ଇନ୍ଦ୍ରିୟପରାୟଣ + ଭାବ. ତା )—ଇନ୍ଦ୍ରିୟ-
Indriyaparāyaṇatā ସେବାରେ ରତ ହେବା—
Sensuality.

**ଇନ୍ଦ୍ରିୟବିଳାସ**—ସଂ, ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ବିଳାସ )—ଇନ୍ଦ୍ରିୟ
Indriyabiḻāsa ବୃତ୍ତିମାନ ଚରିତାର୍ଥକରଣ—Sensual enjoyment; indulgence in sensual pleasures.

**ଇନ୍ଦ୍ରିୟବିଷୟ**—ସଂ. ବଣ. ( ବହୁବ୍ରୀହି; ଇନ୍ଦ୍ରିୟ+ବିଷୟ )—
Indriyabishaya ଇନ୍ଦ୍ରିୟଗମ୍ୟ ( ଦେଖ )
Indriyagamya ( See )

**ଇନ୍ଦ୍ରିୟବୃତ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ବୃତ୍ତି )—ଇନ୍ଦ୍ରିୟମାନଙ୍କ
Indriyabrutti ପ୍ରବୃତ୍ତି; ଭୋଗ କରିବାର ଅଭିଳାଷ—The tendency of the organs to enjoy.

**ଇନ୍ଦ୍ରିୟଭୋଗ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଭୋଗ )—
Indriyabhoga ଇନ୍ଦ୍ରିୟବିଳାସ ( ଦେଖ )
Indriyabiḻāsa ( See )

**ଇନ୍ଦ୍ରିୟସଂଯମ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ସଂଯମ )—
Indriya saṁjama ଇନ୍ଦ୍ରିୟନିଗ୍ରହ ( ଦେଖ )
Indriyanigraha ( See )

**ଇନ୍ଦ୍ରିୟସେବା**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ସେବା )—
Indriyasebā ଇନ୍ଦ୍ରିୟବିଳାସ ( ଦେଖ )
Indriyabiḻāsa See)

**ଇନ୍ଦ୍ରିୟାର୍ଥ**—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଅର୍ଥ=ବସ୍ତୁ )—ଇନ୍ଦ୍ରିୟ-
Indriyārtha ମାନଙ୍କର ଭୋଗ୍ୟବସ୍ତୁ—( ଯଥା—ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ )—Object of perception ( e.g. sight; smell; taste; touch and sound .

**ଇନ୍ଦ୍ରିୟାସକ୍ତ**—ସଂ. ବଣ. ( ୭ମୀ ତତ୍; ଇନ୍ଦ୍ରିୟ+ଆସକ୍ତ )—ଇନ୍ଦ୍ରିୟ
Indriyāsakta ସେବାରେ ମଗ୍ନ—Voluptuous; given to sensual pleasures.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଆଦ୍ୟରେ ବର୍ଣ୍ଣିତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା:— 'ଗଞ୍ଚ' ନ ମିଳିଲେ 'ଗଞ୍ଜ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ।

ଇନ୍ଦ୍ରିୟାସକ୍ତି—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଆସକ୍ତି )—ଇନ୍ଦ୍ରିୟ-
Indriyāsakti ପରାୟଣତା— Voluptuousness; sensuality.

ଇନ୍ଧ ( ଧାତୁ )—ସଂ—ଜାଳିବା—
Indha ( root ) To burn.

ଇନ୍ଧନ—ସଂ. ବି. ( ଇନ୍ଧ ଧାତୁ=ଜାଳିବା + ଭାବ. ଅନ )—
Indhana ଜାଳେଣିକାଠ—Fuel.

ଇନ୍ନ—ସଂ. ବି—ଇନ ( ଦେଖ )
Inna Ina ( See )

ଇବ—ଦେ. ବି—ଇଭ ( ଦେଖ )
Iba Ibha ( See )

ଇବା— ଦେ. ପ୍ରତ୍ୟୟ— ୧ । ଓଡ଼ିଆ ଧାତୁ ସଙ୍ଗେ 'ଇବା' ଯୁକ୍ତ ହୋଇ ଶୁଦ୍ଧ
Ibā ଧାତ୍ୱର୍ଥକ କ୍ରିୟା ବୁଝାଏ—1. An inflection attached to Ordiā roots corresponding to English, to as in 'to eat'.
( ଯଥା—କର ଧାତୁ=କରିବା; ଖା ଧାତୁ=ଖାଇବା; ଶୋ ଧାତୁ=ଶୋଇବା )
୨ । ଏହି ପ୍ରତ୍ୟୟଯୁକ୍ତ ପଦ ଧାତୁବାଚକ ବିଶେଷ୍ୟ ବା କର୍ମକୁ ବୁଝାଏ—2. An inflection attached to Ordiā root corresponding to English 'ing' as in going.
( ଯଥା—ସ୍ନାନିବା=ରନ୍ଧନ କର୍ମ )
୩ । ଏହି ପ୍ରତ୍ୟୟଯୁକ୍ତ ପଦ ଧାତୁବାଚକ ବର୍ତ୍ତମାନ କାଳ-ଯୁକ୍ତ ବିଶେଷଣ ବା କର୍ମ କରୁଥିବା ବ୍ୟକ୍ତି ବା ପଦାର୍ଥକୁ ବୁଝାଏ—3. A suffix attached to Ordiā root corresponding to ing as in Dining-room.
କର୍କଶ ବୋଲିବା ଭଲରେ । ଦେବଦୂର୍ଲଭ. ଉଦ୍ୟୋଗବନ୍ତ. ବି. ଗୀତ ।

ଇବାଗିର୍—ଗ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—ଏପରି; ଏପରି—
Ibāgir Like this; in this manner.
ଗ୍ରାଦେ. ( ସମ୍ବଲପୁର) ବିଣ—ଏପ୍ରକାରର—
Similar to this; such like.

ଇବାର—ଦେ. ପ୍ରତ୍ୟୟ—ଇବା ( ଦେଖ )
Ibāra Ibā ( See )

ଇ. ବି. ଏସ୍. ଆର—ଦେ. ବି. ( ଇଂ. ସାଙ୍କେତିକ )—
I bi es ār ପୂର୍ବ ବଙ୍ଗରେ ସରକାରଙ୍କ ପରିଚାଳିତ ରେଲବାଇ—
ই. বি. এস্. আর E. B S. Ry.
इ. बि एस आर

ଇବେ—ଦେ. ଅ. ( ଅନାଦରାର୍ଥକ )—ତୁଚ୍ଛ ବା ହୀନ ବ୍ୟକ୍ତିକୁ
Ibe ସମ୍ବୋଧନରେ ବ୍ୟବହୃତ; ହଇରେ—Interjection used in addressing lowest beings.

ଗ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—ଏଠାରେ— Here.

ଇଭ୍—ବୈଦେ. ବି. ( ହେବ୍ରୁ ନାମ )—
Ibh ବାଇବଲ୍‌ମତରେ ସୃଷ୍ଟିର ପ୍ରଥମା ନାରୀ; ଆଦାମ୍‌ଙ୍କ ସ୍ତ୍ରୀ—
Eve, the first created woman according to the Bible.
[ଦ୍ର—ଆଦମ୍ ତଳେ ନୋଟ ଦେଖ]

ଇଭ— ସଂ. ବି. ( ଇ ଧାତୁ=ଗମନ କରିବା + ଭ )—
Ibha ୧ । ହସ୍ତୀ; ହାତୀ— 1. Elephant.
୨ । ମହାନଦୀର ଶାଖାନଦୀ ବିଶେଷ ( ଏହା ସମ୍ବଲପୁରର ୬।୭ କୋଶ ପଶ୍ଚିମରେ ମହାନଦୀରେ ପଡ଼ିଅଛି । ଏହା ଛୋଟନାଗପୁରରୁ ବାହାରି ଅଛି )—
2. A tributary of the Mahānadī.
୩ । ଗନ୍ଧପିପ୍ପଳି ( ଦେଖ )
( ହରେକୃଷ୍ଣ ଦ୍ରବ୍ୟଗୁଣ)
3. Gandhapippāli ( See )

ଇଭରାଜ— ସଂ. ବି. ( ଇଭ=ହସ୍ତୀ + ରାଜା=ପ୍ରଧାନ )—
Ibharāja ଐରାବତ ହସ୍ତୀ—The Airābata elephant of Indra.

ଇଭରାଟ୍—ସଂ. ବି—ଇଭରାଜ ( ଦେଖ )
Ibharāt Ibharāja ( See )

ଇଭା—ବୈଦେ. ବି. ( ନାମ )—ଇଭ୍ ( ଦେଖ )
Ibhā Ibh ( See )

ଇଭ୍ୟ — ସଂ. ବିଣ. ପୁଂ.—(ଇଭ ଧାତୁ + ଯ)—
Ibhya ଧନୀ; ଆଢ୍ୟ— Rich.
(ଇଭ୍ୟା—ସ୍ତ୍ରୀ)

ଇଭ୍ୟା—ସଂ.ବି. ସ୍ତ୍ରୀ. (ଇଭ=ହାତୀ + ଯ + ସ୍ତ୍ରୀ. ଆ)— ୧ । ହସ୍ତିନୀ—
Ibhyā 1. A female elephant.
୨ । ସଲ୍ଲକୀ ଗଛ— 2. A tree.

ଇମ୍‌ତାନ୍— ବୈଦେ. ବି. ( ଆ. ଇମ୍‌ତିହାନ )—ପରୀକ୍ଷା; ପରଖ—
Imtān Examination.
ইমতিহান ସେଦିନ ମୋ ଆଗରେ ଇମ୍‌ତାନ୍ ଦେବ ।
इमतिहान ଫକୀରମୋହନ. ଛମାଣଆଠଗୁଣ୍ଠ ।

ଇମ୍‌ତାର୍—ଗ୍ରାଦେ. ( ସମ୍ବଲପୁର ) ଅ— ଏପରି; ଏହିପରି—
Imtār Thus; of this kind.

ଇମ୍‌ତି— ଗ୍ରା. ଅ— ଇମିତି; ଏପରି— In this way; thus.
Imti

ଇମ୍‌ତିହାନ୍—ବୈଦେ. ବି. ( ଆ )—ପରୀକ୍ଷା; ଇମ୍‌ତାନ୍—
Imtihān Examination; test

ଇମତି— ଗ୍ରାଦେ. ( ପୁରୀ; କଟକ ) ଅ. ( ସଂ. ଏତତ୍ + ମତମ୍; ତୁଳ. ହିନ୍ଦି. ଏମିତି )— ଏହିପରି; ଏହିରୂପେ—
Imati
এমত; এমনি Thus; in this way.
ऐसा ବିଣ—ଏତାଦୃଶ—Similar to this.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନ୍ତଃସ୍ଥିତ ଯୁକ୍ତାକ୍ଷର | ଣ | ଢ଼ | କ୍ଷ,ଷ | ଙ୍କ | ଐ | ଔ | ଘ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ନ୍ଧ | ଔ | ଙ୍କ | କୃ |

ଇମନ୍—ଦେ. ବି—ସଙ୍ଗୀତର ରାଗବିଶେଷ—
Iman — A wellknown air in music
ইমান
एमन

ଇମନ୍‌କଲ୍ୟାଣ - ଦେ. ବି—ସଙ୍ଗୀତର ରାଗବିଶେଷ—
Imankalyāṇa — A wellknown musical air compounded of Iman and Kalyāṇa airs.
ইমনকল্যাণ
एमनकलयाण

ଇମାନ୍—ବୈଦେ. ବି. ( ଅ )—୧ । ବିଶ୍ୱାସ—
Imān — 1. Faith; belief; confidence.
ইমান ୨ । ବିବେକ—2. Conscience.
ईमान

ଇମାନ୍‌ଦାର୍—ବୈଦେ ବିଣ. ( ଅ. )—
Imāndār — ୧ । ବିଶ୍ୱାସୀ—1. Faithful
ইমানদার ୨ । ବିବେକବାନ୍—2 Conscientious.
ईमानदार ୩ । ଧର୍ମଭୀରୁ; ଧାର୍ମିକ—3. Religious; pious.

ଇମାମ୍—ବୈଦେ. ବି. ( ଅ. )—ମୁସଲମାନମାନଙ୍କ ଧର୍ମଗୁରୁ—
Imām — A spiritual preceptor of the Mahomedans.
ঈমাম
इमाम

ଇମାମ୍‌ବଡ଼ା—ବୈଦେ. ବିଂ (ଅ. ଇମାମ୍‌ବାଡ଼ା—ଇମାମ୍‌ବାଡ଼ା (ଦେଖ)
Imāmbarḍā — Imāmbārḍā See )

ଇମାମ୍‌ବାଡ଼ା—ବୈଦେ. ବି. ( ଅ. )—ମୁସଲମାନମାନଙ୍କ ଉପାସନା-ମନ୍ଦିର—A building in which
Imāmbārḍā
ঈমামবাড়া Mahomedans congregate for worship
इमामबाड़ा (esp. during the Mohoram festival).

ଇମାର—ଦେ. ବି.—ଏମାର (ଦେଖ)
Imāra — Emāra (See)

ଇମାରତ୍—ବୈଦେ. ବି. ( ଅ. )—୧ । ପକ୍କାଘର; କୋଠା—
Imārat — 1. Masonry house or building.
এমারত ୨ । ଅଟ୍ଟାଳିକା—2. Edifice.
इमारत

ଇମାର ମଠ—ଦେ. ବି.—ଏମାର ମଠ (ଦେଖ)
Imāra maṭha — Emāra maṭha (See)

ଇମାର ହାଣ୍ଡି—ପ୍ରାଦେ. (ପୁରୀ) ବି. ( ଏ ହାଣ୍ଡିରେ ପୂର୍ବେ ଇମାର ମଠର ଅନ୍ନ ରନ୍ଧୁଥିବାରୁ)—ଦୁଇ ସେର ଚାଉଳର ଅନ୍ନ-
Imāra hāṇḍi
ମହାପ୍ରସାଦ ସମ୍ଭାଇବାଭଳି ହାଣ୍ଡି—
An earthen pot capable of containing boiled rice of 2 seers

ଇମିତି—ପ୍ରାଦେ. (ପୁରୀ ଓ କଟକ) ବିଣ ଓ ଅବ୍ୟୟ—ଇମତି (ଦେଖ)
Imiti — Imati (See)

ଇମିତିକା—ପ୍ରାଦେ. (ପୁରୀ ଓ କଟକ). ବିଣ ଓ ଅବ୍ୟୟ—ଇମତି (ଦେଖ)
Imitikā — Imati (See)

ଇମିତିକିଆ—ପ୍ରାଦେ. (ପୁରୀ ଓ କଟକ) ବିଣ ଓ ଅବ୍ୟୟ—ଇମତି (ଦେଖ)
Imitikiā — Imati (See)

ଇମିତିସିମିତି—ଦେ. କ୍ରି. ବିଣ—ଯେପରି ଇଚ୍ଛା ସେପରି—
Imitisimiti — In any way.
এমত তেমত; এমনি তেমনি ଦେ. ବିଣ.—ଯେ ସେ; ଦେଖୁ,
एसातेसा ଯାଚ୍ଛାତାଇ—Ordinary; not worth notice.

ଇୟନ୍—ସଂ. ବିଣ. ( ଇଦମ=ଏହି + ପରିମାଣ ଅର୍ଥରେ. ବତୁ
Iyat ପ୍ରତ୍ୟୟ )—ଏତାବତ୍; ଏହିପରିମିତ; ଏତେ; ଏତିକି—
(ଇୟତୀ—ସ୍ତ୍ରୀ) — This much; so much.

ଇୟତ୍‌କାଳ—ସଂ. ବି.—ଏହି ସମୟ; ବର୍ତ୍ତମାନ—
Iyatkāla — Present time.

ଇୟତ୍ତା—ସଂ. ବି. ( ଇୟତ୍=ଏତିକି+ଭାବ. ତା )—
Iyattā — ୧ । ସୁମାରି; ଗଣନା—1 Calculation.
୨ । ସୀମା—2. Limit
୩ । ସ୍ଥିରତା—3. Definiteness; fixity.
୪ । ନିର୍ଦ୍ଧାରିତ ପରିମାଣ—
4. Fixed measure or quantity.
୫ । ପରିମାଣ—5 Quantity.

ଇର୍‌ସାଲ—ବୈଦେ. ବି (ଫା —ରିସାଲ, ରାଜକୋଷକୁ ବା ପ୍ରଭୁ ନିକଟକୁ
Irsāl ଅର୍ଥପ୍ରେରଣ; ସଦରକୁ ଟଙ୍କା ଚାଲାଣ—Remittance
রিসাল of collections to the treasury or to
इरसाल the head quarters.

ଇର୍‌ସାଲ୍‌ନାମା—ବୈଦେ. ବି ( ଫା. )—ଯେଉଁ ପତ୍ର ବା ପୁସ୍ତକରେ
Irsālnāmā ପ୍ରେରିତ ଅର୍ଥର ବିବରଣ ଲିପିବଦ୍ଧ ହୋଇଥାଏ;
इरसालनामा ଚାଲାଣ—Remittance-slip; a register showing the details of the amounts remitted from time to time.

ଇର—ଦେ. ବି—ପ୍ରସବ ପରେ ଗାଈ ବା ମଇଁଷି ପେଟରୁ ପଡ଼ିବା
Ira ଫୁଲ—Placenta of a cow or a buffalo.

ଇର ( ଧାତୁ )—ସଂ—ବ୍ୟଥା ଦେବା—
Ira (root) — To give pain.

ଇରଖା - ପ୍ରାଦେ (ବସ୍ତର) ବି—ଈର୍ଷା; ଦ୍ୱେଷ—
Irakhā — Envy; malice.

ଇରଖାହା - ପ୍ରାଦେ. (ବସ୍ତର) ବି—ଇରଖା ( ଦେଖ )
Irakhāhā — Irakhā ( See )

ଇରଣ—ସଂ. ବି ( ଋ ଧାତୁ=ଯିବା+ଅନ )—ମରୁଭୂମି; ଜଳବୃକ୍ଷାଦି-
Iraṇa ଶୂନ୍ୟ ଭୂଭାଗ—1. Desert, wilderness;
୨ । ଊଷରଭୂମି—2. Rhesoil; barren land.

ଇରଦାଢ଼ିଆ—ପ୍ରାଦେ. ( ଗଡ଼ଜାତ ) ବିଣ—ଯେଉଁ ମଇଁଷିର ପିଲା
Iradārḍhiā ଜନ୍ମ ହେବା ପରେ ପେଟରୁ ଫୁଲ ପଡ଼ି ନ ଥାଏ—
A buffalo from which the placenta has not yet come down after delivery.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭଣ୍ଡାରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଉଲ୍ଲିଖିତ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଇରବେଲ୍ଲିକା**—ସଂ. ବି—( ଭୁଲ. ଇଂ. ଏରସିପିଲସ୍ )—ମୁଖବ୍ରଣ,
Irabellikā ବିରୁଣ (ଯେଉଁ ବ୍ରଣରୋଗରେ ସମସ୍ତ ମୁହଁ ଫୁଲି ଯାଇ ପ୍ରାଣନାଶ ଘଟୁଥାଏ)—Pimple; inflammation in the face; erysipelas.

**ଇରମ୍ମଦ**—ସଂ. ବି. ( ଇରା=ଜଳ; ମେଘ+ମଦ୍ ଧାତୁ=ଖେଳିବା+
Irammada କର୍ତ୍ତୃ. ଅ; ଯେ ମେଘରେ ଖେଳେ )—
୧ । ବଜ୍ରାଗ୍ନି—1. Flash of lightning.
୨ । ବଡ଼ବାଗ୍ନି—2. Submarine fire.
୩ । ହସ୍ତୀ—3. Elephant.

**ଇରା**—ସଂ.ବି (ଇ ଧାତୁ=ଯିବା+ର+ସ୍ତ୍ରୀ. ଆ)—୧ । ବାଣୀ; ସରସ୍ୱତୀ—
Irā 1. Saraswati, the Goddess of learning.
୨ । ଭାଷା—2. Language; speech.
୩ । ସୁରା; ମଦ୍ୟ—3. Ardent spirits; wine.
୪ । ଜଳ—4. Water.
୫ । ଅନ୍ନ—5. Food.
୬ । ପୃଥିବୀ—6. The earth.
୭ । ଦକ୍ଷକନ୍ୟା; କଶ୍ୟପଙ୍କ ପତ୍ନୀ—( ଯାହାଙ୍କଠାରୁ ବୃକ୍ଷ ଲତାଦି ଜନ୍ମ ହୋଇଥିଲେ)—7. A wife of Kaśyapa.
୮ । ମେଘ—8. Cloud.
ପ୍ରାଦେ. (କଟକ) ବି.—ଦାଆ—Scythe.

**ଇରାକ୍**—ବୈଦେ. ବି. ( ନାମ )—ଦେଶବିଶେଷ—Name of a
Irāk country in Asiatic Turkey; Irak.
ଇରାକ [ଦ୍ର—ଏସିଆଟିକ୍ ତୁର୍କିର ଦକ୍ଷିଣ ପୂର୍ବରେ ଥିବା ଗୋଟିଏ
इराक प୍ରଦେଶ ( ପ୍ରାଚୀନ ବାବିଲନ୍‌ର ରାଜଧାନୀ ) । ଏହାର ମଧ୍ୟ ଦେଇ ଇଉଫ୍ରେଟିସ୍ ନଦୀ ବହି ଯାଇଅଛି । ]

**ଇରାଜ**—ସଂ.ବି.(ଇରା=ଦକ୍ଷକନ୍ୟା+ଜନ ଧାତୁ=ଜନ୍ମହେବା+ଅ)—
Irāja ବୃକ୍ଷଲତାଦି; ଉଦ୍ଭିଦ—Vegetables; plants and trees.

**ଇରାନ୍**—ବୈଦେ. ବି ( ଫା. ନାମ )=ପାରସ୍ୟଦେଶ—
Irān Persia.
ईरान् [ଦ୍ର—ହିନ୍ଦୁସ୍ଥାନର ପଶ୍ଚିମରେ ଅବସ୍ଥିତ ଯେ ପ୍ରାଚୀନ ସଭ୍ୟ
ईरान ଭୂଖଣ୍ଡ ଅଧୁନାତନ ଇରାନ୍ ଅଟେ । ]

**ଇରାଣୀ**—ଦେ. ବିଣ—ପାରସ୍ୟ ଦେଶବାସୀ ( ବ୍ୟକ୍ତି )—
Irāni Persian.
ইরানী
ईरानी

**ଇରାବତୀ**—ସଂ.ବି. ସ୍ତ୍ରୀ (ଇରା=ଜଳ+ଅସ୍ତି ଅର୍ଥରେ. ବତ୍+ସ୍ତ୍ରୀ.ଈ)—
Irābati ୧ । ପଞ୍ଜାବର ଅନ୍ତର୍ଗତ ନଦୀବିଶେଷ; ରାବୀ ନଦୀ—
1. The Rabi, a river in the Punjab.
୨ । ବ୍ରହ୍ମଦେଶୀୟ ନଦୀବିଶେଷ—
2. The Irawadi river in Burma.
୩ । ଉଗ୍ରନାମକ ରୁଦ୍ରଙ୍କ ପତ୍ନୀ—
3. Wife of a Rudra God.
୪ । ବିଦିଶାର ରାଜା ଅଗ୍ନିମିତ୍ରଙ୍କର ଜଣେ ପତ୍ନୀ—
4. Name of a wife of king Agnimitra.
( 'ମାଳବିକାଗ୍ନିମିତ୍ର' ନାଟକରେ ବର୍ଣ୍ଣିତ )
ଦେ ବି.—୧ । ରାଧା—1. Rādhā.
୨ । ଲକ୍ଷ୍ମୀ—2. Lakshmi.
ଇରାବତୀ ମତ ପ୍ରସନ୍ନ ନ କରେ ନଶି ବାସରେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଇରାବାନ**—ଦେ. ବି. ( ସଂ. ଇରାବାନ୍ )—ନାଗରାଜ ଐରାବତଙ୍କର
Irābāna ଦୁହିତା ବିଧବା କନ୍ୟା ଉଲୂପୀଙ୍କ ଗର୍ଭରୁ ଅର୍ଜୁନଙ୍କ ଔରସରେ ଜାତ ପୁତ୍ରଙ୍କର ନାମ—Name of a son of Arjuna.
ଅର୍ଜୁନ ନାଗକନ୍ୟା ଉଲୁପୀ ଅଙ୍ଗରେ,
ଜନ୍ମିଲେକ ପୁତ୍ର ଇରାବାନ ସେ ନାମରେ । କୃଷ୍ଣସିଂ. ମହାଭାରତ. ଅଦ. ।

**ଇରି**—ସଂ. ବି—ହ୍ରଦବିଶେଷ—Name of a lake.
Iri

**ଇରଷା**—ଗ୍ରା. ପଦ୍ୟ. ବି ( ସଂ. ଈର୍ଷା ଶବ୍ଦରୁ )—ଈର୍ଷା; ଦ୍ୱେଷ—
Irishā Envy; jealousy.
ଯେଉଁ ଲୋକ ଲୋକଙ୍କୁ ନ କରେ ଇରଷା । କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।

**ଇରୁଣ୍ଡି**—ଦେ. ବି ( ସଂ. ଉଦ୍ଦୁଖଳ )—ଇରୁଣ୍ଡିବନ୍ଧ ( ଦେଖ )
Irundi Irundibandha ( See )

**ଇରୁଣ୍ଡିବନ୍ଧ**—ଦେ. ବି. ( ସଂ. ଉଦ୍ଦୁଖଳ )—୧ । କବାଟର ତଳକାଠର
Irundibandha ଭୂମିରୁ ଲାଗିଥିବା କାଠଖଣ୍ଡ; ଦେହଳୀ—
ଜାତମର୍ଦ୍ଦା; ডেহলি 1. Door-sill.
देहलीज; डेहरु ୨ । କବାଟ ତଳକାଠର ତଳେ ଥିବା ଉଚ୍ଚ ଭୂମି—
2. High ground below the door-sill.

**ଇରେ**—ଦେ. ଅ.—ଇରେରେ ( ଦେଖ )
Ire Irere ( See )

**ଇରେରେ**—ଦେ. ଅ. ସମ୍ବୋଧନ (ଅନାଦରାର୍ଥକ)—ହଇରେ—
Irere (Interjection) An address of disdain.
আরে
अरे

**ଇରୋଟତେଲ**—ପ୍ରାଦେ. (ଗଞ୍ଜାମ) ବି—ବାଦାମତେଲ; ଚିନାବାଦାମ ତେଲ—
Irottela Bādām oil; China Bādām oil.

**ଇର୍ବାରୁ**—ସଂ. ବି. ସ୍ତ୍ରୀ ( ଇର୍ବୁ=ମକ୍ଷି+ଅରୁ=ଯେ ଗମନ କରେ; ଯେ ମକ୍ଷି ପାଏ )—କାକୁଡ଼ି—Cucumber.
Irbāru

**ଇର୍ବାଳୁ**—ସଂ. ବି. ସ୍ତ୍ରୀ—ଇର୍ବାରୁ ( ଦେଖ )
Irbālu Irbāru ( See )

**ଇର୍ମ୍ମ**—ସଂ. ବି ( ଇର ଧାତୁ=ବ୍ୟଥା ଦେବା+ମ. ଉଣାଦିକ )—
Irmma ୧ । ବ୍ରଣ—1. Boil; abscess.
୨ । କ୍ଷତ; ଘା—2. Sore; wound; ulcer.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଣ,ଶ | ଙ୍କ | ଇସ୍ | ଯ୍ଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ | ଯ | ସ | ଙ୍ଗ | ଇଅ | ୱ | ବ |

ଇଲତ୍ (ତ)—ଦେ. ବି. ( ଅ. )—ଇଲ୍ଲତ୍ (ଦେଖ)
Ilat Illat (See)
ইলত
इलत

ଇଲତ୍‌ଖାନା—ଦେ. ବି. ( ଅ. )—ପାଇଖାନା—
Ilatkhātu Privy; closet.
ইলত্ খানা
इलतखाना

ଇଲ (ଧାତୁ)—ସ.—୧ । ପ୍ରେରଣ କରିବା—1. To send.
Ila (root) ୨ । ଶୟନ କରିବା—2. To sleep.

ଇଲବିଲା—ସଂ. ବି. ସ୍ତ୍ରୀ—କୁବେରଙ୍କ ମାତା—
Ilabilā The mother of God Kubera.

ଇଲମ୍—ବୈଦେ. ବି. (ଅ.)—୧ । ବିଦ୍ୟା—1. Learning; arts.
Ilam ୨ । ଜ୍ଞାନ—2. Knowledge.
ইলম ୩ । ବିଜ୍ଞାନ—3. Science.
इलम

ଇଲମ୍‌ଗୌତମ୍ କରିବା—ପ୍ରାଦେ. (ସମ୍ବଲପୁର) କ୍ରି.—
Ilamgautam kariba ୧ । ଇତସ୍ତତଃ କରିବା—
1. To hisitate.
୨ । ହସରେ ଉଡ଼ାଇଦେବା—2. To laugh out a person's words.

ଇଲମ୍‌ଦାର୍—ବୈଦେ. ବିଣ ( ଅ )—ବିଦ୍ୱାନ୍; ପଣ୍ଡିତ—
Ilamdār Learned.
ইলমদার্ ପୁଅକୁ ଲୋକ ଏବଂ ଇଲମ୍‌ଦାର କରିବା ସକାଶେ ଦାରେଗା ସାହେବଙ୍କର
इलमदार କଚ୍ଛମାଟ ଗଫଲପ୍ରିତ ନ ଥିଲା—ଫକୀରମୋହନ. ଛମାଣଅଠଗୁଣ୍ଠ ।

ଇଲମ୍ ହାସଲ କରିବା—ଦେ. କ୍ରି—୧ । କୌଣସି ବିଦ୍ୟାରୁ ଅଭ୍ୟସ୍ତ
Ilam hāsala karibā ହେବା—1. To learn (an art)
ইলম হাসল কয়া ୨ । ବିଦ୍ୟାର୍ଜ୍ଜନ କରିବା—
इलम हासल करना 2. To acquire learning.
ମେରିଦଲୁ ତ ଇଲମହାସଲ କରି ନେଇଛ—ଫକୀରମୋହନ. ଛମାଣଅଠଗୁଣ୍ଠ ।

ଇଲା—ସଂ. ବି. ସ୍ତ୍ରୀ (ଇଲ୍ ଧାତୁ=ପ୍ରେରଣ କରିବା+ଅ+ସ୍ତ୍ରୀ. ଆ)—
Ilā ୧ । ବୈବସ୍ୱତମନୁଙ୍କ କନ୍ୟା, ବୁଧଙ୍କ ପତ୍ନୀ ଓ ପୁରୁରବାଙ୍କ ମାତା—1. The daughter of Baibaswata Manu; wife of Budha and mother of Pururabā
୨ । ଇକ୍ଷ୍ୱାକୁ ରାଜାଙ୍କ କନ୍ୟା—
2. The daughter of Ikshwāku the first king of the Solar race.
୩ । ପୃଥିବୀ—3. The earth.
୪ । ବାଣୀ—4. Speech.
୫ । ମଦ୍ୟ—5. Wine.
୬ । ଜଳ—6. Water.
୭ । ଧେନୁ; ଗାଈ—7. Cow.

ଇଲା—ଦେ. ପ୍ରତ୍ୟୟ—୧ । ଓଡ଼ିଆ ଧାତୁ ପରେ ଯୁକ୍ତ ହୋଇ ଅତୀତକାଳ
Ilā ଅନ୍ୟ ପୁରୁଷ ୧ ବଚନ ବୁଝାଏ—
(ଯଥା—ଖାଇଲା ।)
1. An inflection denoting past tense 1st person singular.
୨ । ଓଡ଼ିଆ ଧାତୁରେ ଯୁକ୍ତ ହୋଇ ଅତୀତକାଳବାଚକ ବିଶେଷଣ ବା ଉକ୍ତ କର୍ମ କରିଥିବା ବ୍ୟକ୍ତିଙ୍କୁ ବୁଝାଏ।)
( ଯଥା—ଶୋଇଲା ପୁଅର ଭାଗ ନାହିଁ)—
An adjective suffix (ଇଂ. ed and en ଯଥା—Inspected, Eaten.)

ଇଲାଏ—ପ୍ରାଦେ. (ପୁରୀ) ଅ.—ଇଲାଗେ (ଦେଖ)—
Ilāe Ilāge (See)

ଇଲାକା—ବୈଦେ. ବି. (ଫା. ଏଲ୍ଲାକା)—୧ । ଅଧିକାର—
Ilākā 1. Right; jurisdiction; authority.
এলাকা ୨ । ଦାବି—2. Claim.
इलाका ୩ । ଅଧିକାରଭୁକ୍ତ ସମ୍ପତ୍ତି—3. Property under one's jurisdiction.
୪ । ସମ୍ପର୍କ; ସମ୍ବନ୍ଧ—4. Connection.
୫ । ରାଜ୍ୟବିଭାଗ; ଜିଲ୍ଲା—5. Division; district.
୬ । ରାଜକାର୍ଯ୍ୟ ବିଭାଗ; ଶାସନ ବିଭାଗ—
6. Department.
୭ । ରାଜକାର୍ଯ୍ୟ ଅଧିକାର—
7. Jurisdiction
୮ । ଭୂସମ୍ପତ୍ତି—8. Landed property.

ଇଲାକା କରିଦେବା—ଦେ. କ୍ରି—ଇଲାକା ତୁଟେଇବା (ଦେଖ)
Ilākā karidebā Ilākā tuṭeibā (See)

ଇଲାକା ତୁଟେଇବା—ଦେ. କ୍ରି—୧ । ପୃଥକ୍ କରିଦେବା; ସମ୍ପର୍କ ତୁଟାଇ ଦେବା—1. To separate; to cut off connection.
Ilākā tuṭeibā
এলাকাকরে দেওয়া
इलाका करदेना
୨ । ସ୍ତ୍ରୀକୁ ତଲାକ୍ ଦେବା; ଛାଡ଼ପତ୍ର ଦେବା—
2. To divorce (a wife)
୩ । ହିସାବ ନିକାସ କରିଦେବା; ଅଡ଼୍‌ଆ ଛିଣ୍ଡାଇବା; ବିବାଦ ମୀମାଂସା କରିବା—To settle accounts with; to settle a long-standing dispute.

ଇଲାକାଦାର୍—ଦେ. ବିଣ—୧ । ସମ୍ପତ୍ତି ପରିଚାଳନାପାଇଁ ଭାରପ୍ରାପ୍ତ—
Ilākādār 1. Authorised or charged or vested with dominion over property.

ସାଧାରଣ ଲୋକେ ଅପର ସ୍ଥାନରେ ଲିଖିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାବଳୀରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ' ଦେଖିବେ ।

এলাকাদার ୨ । ସମ୍ପର୍କଯୁକ୍ତ—2. Connected.
इलाकादार ୩ । ଅଧିକାର ପରିଚାଳନ କରୁଥିବା—
3. Having jurisdiction over.
ଦେ. ବି—ଇଲାକାର ଭାରପ୍ରାପ୍ତ ବ୍ୟକ୍ତି—
Person in charge of a certain department.

ଇଲାକାପତ୍ର—ଦେ. ବି—୧ । ଅଧିକାର—
Ilākāpatra 1. Authority.
এলাকাবাড়ি ୨ । ସମ୍ପର୍କ—2. Connection.

ଇଲାକାବାଡ଼ି—ଦେ. ବି—ସ୍ଥାବର ଅସ୍ଥାବର ଭୂସମ୍ପତ୍ତି; ଜମିବାଡ଼ି—
Ilākābardi Immovable property; land and
এলাকাবাড়ি tenements

ଇଲାକା ରଖିବା—ଦେ. କ୍ରି—୧ । ସମ୍ପର୍କ ରଖିବା—
Ilākā rakhibā 1. To be connected with.
এলাকারাখা ୨ । ସମ୍ପର୍କ ରହିବା—2. To have connec-
इलाकारखना tion or relationship with a matter.

ଇଲାଗି—ଗ୍ରା. କ୍ରି ବିଣ—ଏଥିପାଇଁ—
Ilāgi For this; for this reason.
এইজন্যে
इसवास्ते

ଇଲାଗେ—ଗ୍ରା. ଅ—ବର୍ତ୍ତମାନ; ଏହି ଲାଗେ—
Ilāge Presently; at preset; just now.
এখন
अभि

ଇଲାଚି—ବୈଦେ. ବି. (ଫା) (ମୂଳ ସଂ. ଏଲା)—
Ilāchi ଅଲାଇଚ; ମସଲାବିଶେଷ—Cardamom.

ଇଲାଜ୍—ବୈଦେ. ବି. ( ଅ )—୧ । ଔଷଧ—1. Medicine.
Ilāj ୨ । ମନ୍ତ୍ର ଯନ୍ତ୍ର ପ୍ରୟୋଗ—2. Charm.
ইলাজ ଯାହା ଆପଣା କଥା ତାହାଁର ଇଲାଜ କଅ—
इलाज ଫକୀରମୋହନ,ଗଳ୍ପ-ସ୍ୱଳ୍ପ ।

ଇଲାବୃତ—ସଂ. ବି. [ ଇଲା=(ପୃଥିବୀ)+ଆବୃତ ( ମନୋମାଳ ) । ]—
Ilābṛuta ହିନ୍ଦୁ ପୌରାଣିକ ଜମ୍ବୁଦ୍ୱୀପସ୍ଥ ନଅ ଗୋଟି ବର୍ଷ ବା ଦେଶ ମଧ୍ୟରୁ ଗୋଟିଏ ଦେଶ ( ଏଥିର ଉତ୍ତରରେ ନୀଲଶୈଳ ଓ ଶୃଙ୍ଗବାନ ପର୍ବତ, ଦକ୍ଷିଣରେ ନିଷଧ, ହେମକୂଟ ଓ ହିମାଳୟ, ପୂର୍ବରେ ଗନ୍ଧମାଦନ ପର୍ବତ; ପଶ୍ଚିମରେ ମାଲ୍ୟବାନ ପର୍ବତ । ଏହାର ମଧ୍ୟସ୍ଥଳରେ ସୁମେରୁ । ଏହି ସ୍ଥଳରେ ଅରଣ୍ୟ 'ଇଳ' ନାମକ ରାଜା ସ୍ତ୍ରୀ (ଇଲା )ରୂପରେ ବୁଧଙ୍କ ଦ୍ୱାରା ବାସ କରିଥିଲେ)—
One of the 9 divisions of the Jāmbu-dwipa ie. ancient India.

ଇଲାହି—ବୈଦେ. ବିଣ. ( ଅ )—୧ । ପବିତ୍ର; ଧାର୍ମିକ ଉତ୍କୃଷ୍ଟ—
Ilāhi 1. Holy; charitable.
ইলাহি ୨ । ମହାନ୍; ଶ୍ରେଷ୍ଠ—2. Chief; great.
इलाही ୩ । ଉତ୍କୃଷ୍ଟ—3. Excellent.

ଇଲାହିଗଜ—ବୈଦେ. ବି. ( ଅ )—ମୋଗଲ ସମ୍ରାଟ ଆକବରଙ୍କଦ୍ୱାରା
Ilāhigaj ପ୍ରଚଳିତ ୪୧ ଇଞ୍ଚିଆ ଗଜ ( ମାପ )—A yard
ইলাহিগজ ( lineal measure ) of 41 inches of
इलाहिगज the time of Akbar the great.

ଇଲି—ସଂ. ବି—ଇଲୀ ( ଦେଖ )
Ili Ilī ( See )

ଇଲୀ—ସଂ. ବି. ( ଇଲ୍ ଧାତୁ=ଯିବା+ଈ )—ଛୁରି; ଖଣ୍ଡା—
Ilī A dagger; knife; a sabre.
ଦେ. ବି—ଏକଫଳ ଛୁରି—One-bladed knife.

ଇଲିଶ—ଦେ. ବି—ଇଲ୍ଲିଶି ( ଦେଖ )
Ilisa Illisi ( See )

ଇଲିଶି—ଦେ. ବି—ଇଲ୍ଲିଶି ( ଦେଖ )
Ilisi Illisi ( See )

ଇଲେ—ପ୍ରାଦେ. ( ସୁନ୍ଦରଗଡ଼ ) ଅ—ଇଲାଗେ; ବର୍ତ୍ତମାନ; ଏହିଲାଗେ—
Ile Just now, at present.

ଇଲେକ୍ଟରି—ଗ୍ରାମ୍ୟ. ବିଣ. ( ଇଂ. ଅପଭ୍ରଷ୍ଟ )—ଇଲେକ୍ଟ୍ରିକ୍ ( ଦେଖ )
Ilektari Ilektrik ( See )

ଇଲେକ୍ଟ୍ରିକ୍—ବୈଦେ. ବିଣ. ( ଇଂ. )—ବୈଦ୍ୟୁତିକ—
Ilektrik Electric.
ইলেক্ট্রীক
इलेकटरी

ଇଲେକ୍ସନ—ବୈଦେ. ବି. ( ଇଂ. )—ଲୋକମତ ଦ୍ୱାରା ନିର୍ବାଚନ—
Ileksan Election.
ইলেক্সন
इलेकसन

ଇଲ୍ବଳ—ସଂ. ବି. (ନାମ) (ଇଲ ଧାତୁ=ଗମନ କରିବା+କର୍ତ୍ତୃ.ବଳ —
Ilwaḷa ରାକ୍ଷସବିଶେଷ—Name of a demon.
[ବ୍ରି—ଏ ବାତାପି ରାକ୍ଷସର ଭାଇ । ଏ ଦୁଇ ଭାଇ ବ୍ରାହ୍ମଣମାନଙ୍କୁ ଖାଇ ଯାଉଥିଲେ । ଶେଷରେ ଅଗସ୍ତ୍ୟଋଷି ଏହାକୁ ଚିରିକାରୁ ଏ ନଷ୍ଟ ହେଲା । ]

ଇଲ୍ବଳା—ସଂ. ବି—କାଳପୁରୁଷ ନକ୍ଷତ୍ରପୁଞ୍ଜର କଟିଦେଶରେ ଥିବା ତିନୋଟି
Ilwaḷā ତାରା—The Orion's belt
( ନକ୍ଷତ୍ର ତଳେ କୋଠି ଦେଖ ) ।
ଏ ଚନ୍ଦ୍ରମୁଖୀ ଏକ ରେଖାରେ ବସିଲ ଇଲ୍ବଳା ଶୋଭା ଅଟାଶେ ।
ରାଧାନାଥ—ଉଷାର ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ପ | ଇଥ | ଢ |
| ୨ | ଋ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ |

**ଇଲ୍ଲତ୍**—ବୈଦେ. ବ ( ଅ )—
**Illat** ୧ । ବିଷ୍ଠା—1. Ordure
ইল্লত ୨ । ମଇଳା—2. Filth; dirt.
**इल्लत** ୩ । ମନୁଷ୍ୟର ଦୁର୍ଗୁଣ—3. Any bad quality of a person.
୪ । ମନ୍ଦ ଅଭ୍ୟାସ—4. Bad habit.
ଇଲ୍ଲତ ଖୋଇଲେ ଯାଏ, ଖସ୍ଲତ ମଲେ ଯାଏ—ପ୍ରବଚନ ।

**ଇଲ୍ଲତ୍‌ଖାନା**—ବୈଦେ. ବ. ( ଅ )—ପାଇଖାନା—
**Illatkhānā** Privy; latrine; closet.
ইল্লতখানা
**इल्लतखाना**

**ଇଲ୍ବଲା**—ସଂ. ବ. ସ୍ତ୍ରୀ ( ଇଲ ଧାତୁ=ଶୟନ କରିବା+ସଂଜ୍ଞାର୍ଥେ ଲ; **Ilalā** ନିପାତନସିଦ୍ଧ; ଯେଉଁମାନେ ମୃଗଶିରା ନକ୍ଷତ୍ରର ଶିରଦେଶରେ ଶୟନ କରନ୍ତି ବା ଥାଆନ୍ତି )—ମୃଗଶିରା ନକ୍ଷତ୍ରର ଶିରସ୍ଥ ପାଞ୍ଚଗୋଟି ଛୋଟ ତାରା—Five small stars lying at the apex of the constellation of Mṛugaśirā, the 4th lunar mansion.

**ଇଲ୍ଲା**—ବୈଦେ. ବ—ଇଲ୍ଲାଲ୍ଲା ( ଦେଖ )
**Illā** Illāllā (See)

**ଇଲ୍ଲାଲ୍ଲା**—ବୈଦେ. ଅ. ( ଅ )—ମୁସଲମାନମାନେ ଅଲ୍ଲା ବା ଈଶ୍ୱରଙ୍କୁ **Illāllā** ଡାକିବାର ସମ୍ବୋଧନ;ସର୍ବ କର୍ତ୍ତା ଭଗବାନ୍--Invokation to the Allah or all powerful God invoked by the Mahomedans.
[ ଦ୍ର—ଏହି ଶବ୍ଦ ଅଥର୍ବବେଦୀୟ ଅଲ୍ଲୋପନିଷଦରେ ଅଛି । ]

**ଇଲ୍ଲିଶ**—ଦେ. ବ.—ଇଲ୍ଲିଶି ( ଦେଖ )
**Illiśa** Illiśi ( See )

**ଇଲ୍ଲିଶି**—ଦେ.ବ. ( ସଂ. ଇଲ୍ଲୀଶ; ଇଲୀଶ )—ଏକଜାତୀୟ ସ୍ୱାଦୁ ମାଛ—
**Illiśi** The Hilsa fish; herring; Clupeailisha.
ইলীশ; হিলসা [ଦ୍ର—ଏହା ସାମୁଦ୍ରିକ କିନ୍ତୁ ଛୁଆ ଦେବା ନିମନ୍ତେ
**हिलसा** ନଈବଢ଼ି ସମୟରେ ନଈକୁ ଉଠି ଆସନ୍ତି । ଏହାର ପେଟତଳ ଛୁରୀପରି ଧାରୁଆ । ]

**ଇଲ୍ଲୀଶ**—ସଂ. ବ. ( ଇଲ ଧାତୁ=ଗମନ କରିବା+ଈଶ=ପ୍ରଧାନ; **Illīśa** ଯେ ପାଣିରେ ଗତି କରିବାରେ ପ୍ରଧାନ କିମ୍ବା ଇଲୀ=ଛୁରୀ+ଶୁଭ ଧାତୁ=ଶୋଭିପାଇବା+ଅ; ଯାହା ପେଟ ତଳ ଛୁରୀପରି ଧାରୁଆ ଦେଖାଯାଏ )—ଇଲିଶିମାଛ—The Hilsa or salre fish.

**ଇଶ୍ ଇଶ୍ କରିବା**—ଦେ. କ୍ରି—୧ । ଘୃଣା କରିବା—1. To hate; **Iśiś karibā** to abhor, to express abhorence.
୨ । ରୋଗଯୋଗୁଁ ଶାରୀରିକକଷ୍ଟବୋଧ ପ୍ରକାଶକ ଧ୍ୱନି କରିବା—2. To express by a hissing sound any physical pain due to ailing; to ail.
୩ । ଶିସ୍ ମାରିବା—3. To whistle.
୪ । ସ୍ତ୍ରୀଲୋକମାନଙ୍କର ପତିସଙ୍ଗସମୟରେ ଅନୁରାଗଦ୍ୟୋତକ ଅବ୍ୟକ୍ତ ମଧୁର ଧ୍ୱନି ( ଜିହ୍ୱା ଓ ଓଠଦ୍ୱାରା କରିବା )—4. (for women) To express a hissing inarticulate sweet sound while joined with the lover indicating paroxysm of passion.

**ଇଶ୍‌କିନିହେବା** (ଦେହ)—ଦେ. କ୍ରି—ରୋଗଦ୍ୱାରା କିଛିମାତ୍ର ବା ଅଳ୍ପ **Iśkinihebā** ସାମାନ୍ୟ ଶାରୀରିକ କଷ୍ଟ ବୋଧ ହେବା—To ail a little; to feel a slight pain due to some approaching illness.

**ଇଶ୍‌ପିସଲ୍**—ବୈଦେ.ବିଣ ( ଇଂ. ସ୍ପେସ୍ୟାଲ୍ )—୧ । ବିଶିଷ୍ଟ—
**Iśpisal** 1. Special.
স্পেসাল ୨ । ଇଶ୍‌ପିସଲ୍ ନମ୍ବର (ଦେଖ)
**इसपिसल** Iśpisal nambara (See)

**ଇଶ୍‌ପିସାଲ୍ କନିଷ୍ଟବଲ**—ବୈଦେ. ବ (ଇଂ. ସ୍ପେସ୍ୟାଲ କନ୍‌ଷ୍ଟେବ୍‌ଲ୍)—
**Iśpisāl kanishṭabaḻa** କୌଣସି ଅଞ୍ଚଳରେ ଅସାଧାରଣ ଅବସ୍ଥା ଦିଶି ଶାନ୍ତିଭଙ୍ଗ ଘଟିଲେ ଶାନ୍ତିରକ୍ଷା କରିବାପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ସ୍ଥାନୀୟ ବିଶିଷ୍ଟ ଲୋକଗଣ—Special constables.

**ଇଶ୍‌ପିସାଲ୍ ନମ୍ବର୍**—ବୈଦେ. ବ (ଇଂ. ସ୍ପେସ୍ୟାଲ ନମ୍ବର୍)—
**Iśpisāl nambar** ଲାଖରାଜ ବାଯ୍ୟାପ୍ତି ଜମିର ଚିହ୍ନଟ ନମ୍ବର—
স্পেসল নম্বর A special number affixed to
**इसपिसल लम्बर** resumed revenue-free lands.
[ ଦ୍ର—ଇଂରାଜ ଗଭର୍ଣ୍ଣମେଣ୍ଟ ଓଡ଼ିଶାକୁ ଅସି ରାଜସ୍ୱ ବନ୍ଦୋବସ୍ତ କରିବା ଉପଲକ୍ଷରେ ନିଷ୍କର ଜମିମାନଙ୍କ ଦଖଲକାରମାନଙ୍କୁ ସେମାନଙ୍କ ସନନ୍ଦ ତଲବ କରିଥିଲେ । ଯେଉଁମାନେ ସନନ୍ଦ ଦର୍ଶାଇଲେ ସେମାନଙ୍କର ଜମି ଲାଖରାଜବାହେଲ ହେଲା ଓ ଯେଉଁମାନେ ସନନ୍ଦ ଦର୍ଶାଇ ନ ପାରିଲେ ସେମାନଙ୍କ ଜମିମାନ ବାଯେୟାପ୍ତ ହେଲା । ଏହି ଉପଲକ୍ଷରେ ଗଭର୍ଣ୍ଣମେଣ୍ଟ ଯେଉଁ ମକଦ୍ଦମାମାନ କରିଥିଲେ ସେହି ମକଦ୍ଦମାର ନମ୍ବର ଅନୁସାରେ ଜେନେରାଲ (general) ଓ ଇସ୍ପିସଲ ନମ୍ବରମାନ ଦିଆଯାଇ ଉକ୍ତ ଜମିମାନ ଚିହ୍ନଟ କରାଗଲା । ]

**ଇଶମାଇଲ କାଜ୍‌କୋଟ୍**—ବୈଦେ. ବ (ଇଂ. ସ୍ମଲ୍ କାଜ୍‌କୋଟ୍)—
**Iśmāilkājkoṭ** କାଜ୍‌କୋଟ୍ (ଦେଖ)
ইশমাইল কাজকোর্ট Kājkoṭ (See)
**इसमाइल काजकोट**

**ଇଶ**—ପ୍ରାଦେ. (ଗଡ଼ଜାତ) ବ.—ପରିହାସ; ଇଙ୍ଗିତ; ଥଟ୍ଟା—
**Iśa** Joke; jest.
ଦେ. ବ—(ସଂ. ଇଷ) ଇଷ ୨ (ଦେଖ)—
Isha 2 (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୂଳର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଠେପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗଡ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲବତ୍ତ' ଦେଖିବେ ।

**ଈଶନ୍**—ପ୍ରାଦେ. (ଲକ୍ଷଅ) କ୍ରି. ଵଣ—ଏସନ; ଏପରି—
Iśan — Such like; in this manner.

**ଈଶନନବିସ୍**—ବୈଦେ. ବ କଚେରୀଅ ଭାଷା) (ଅ. ଇଶନ୍‌ବିସ୍)—
Iśannabis — କୌଣସି ମକଦ୍ଦମାରେ ଉପସ୍ଥିତ ବା ଉପସ୍ଥିତ-
ইশননবিস — ହେବା ନିମନ୍ତେ ସମନ କରାଯିବା ସାକ୍ଷୀମାନଙ୍କ ତାଲିକା;
इसननविस — ସାକ୍ଷୀ ତାଲିକା—List of witnesses present or to be summoned for a party in a case.

**ଈଶର**—ଗ୍ରା. ବ (ସଂ. ଈଶ୍ୱର)—ଈଶ୍ୱର (ଦେଖ)
Iśara — Īśwara (See)

**ଈଶରଜଟା**—ଦେ. ବ (ସଂ. ଈଶ୍ୱର + ଜଟା; ଏହାର ଫୁଲ ଜଟା ପରି)—
Iśarajaṭā — ଗଡ଼ା ପରି ବର୍ଷଜୀବୀ ଗୁଳ୍ମ । [ଏହାର ଫୁଲ
• ସ. ନାମ. ମୟୂରଶିଖା; ବର୍ହିଚୂଡ଼ା; ଚେପ୍ଟା; କୁକୁଡ଼ାର ଶିଖା ପରି ଓ ଟିଣିଶୀ; ଶିଖାଳୁ; ସୁଚିଖା; ମଖମଲ ପରି କୋମଳ । ଏହା ଧଳା ଶିଖା କଳା; ଲୋହିତଶିଖ ଓ ନାଲି ଦୁଇପ୍ରକାର ]—
মোরগাফুল — Cock's comb; Celosia Crestata
ମ—ମୟୂରଶିଖ
• ତେ—ମୟୂରଶିଖାଯୁକ୍ତେ

**ଈଶରମୂଳ**—ଦେ. ବ.—ଏକଜାତୀୟ ବନ୍ୟ ଲତା । [ପତ୍ର ଏକୋତ୍ତର ଓ
Iśaramūla — ବାଣର ଆକାର । ଫୁଲ ବଡ଼ଡ଼, ନିମ୍ନଭାଗ ଘଣ୍ଟାକାର
ସଂ. ନାମ.— ଊର୍ଦ୍ଧ୍ୱଭାଗ ବସ୍ତୁତ ଶସ୍ୟାକାର; ପୁଂ. କେଶର ୬ଟା
ଅର୍କମୂଳା; ଇଷୁ — ଫଳର ଉପରେ ଥାଏ । ଫଳ ପ୍ରାୟ ଷଟ୍‌କୋଣ;
ইশেরমূল — ଏହାର ମୂଳ ସାପକାମୁଡ଼ାର ଔଷଧ— (ଯୋଗେଶଚନ୍ଦ୍ର)]
Aristolochia Indica

**ଈଶା**— ବୈଦେ. ବ (ବାଇବ୍‌ଲ୍) (ହେବ୍ରୁ—ଇଶା)—ଯୀଶୁଖ୍ରୀଷ୍ଟ—
Iśā — Jesus Christ.
ঈশা
ईशा

**ଈଶାଖାପଟଣା**—ମାନ୍ଦ୍ରାଜର ଜିଲ୍ଲା ଓ ସଦର ବିଶାଖାପଟନ—
Iśākhāpaṭaṇā — Vizagapatam.
[ ଦ୍ର—ଏଥିର ପ୍ରଧାନ ନଗରକୁ ୱାଲଟେର୍ (Waltair) ବା ଭାଇଜାଗ (Vizag) ବୋଲି ଡାକନ୍ତି । ]

**ଈଶାଣ**—ଗ୍ରା. ବ. (ସ. ଈଶାନ)—୧ । ଈଶାନ କୋଣ—
Iśāṇa — 1. The North-east quarter.
ঈশাণ ୨ । ( ଗୃହର ଐଶାନ୍ୟ କୋଣରେ ଥିବା ) ପାକଶାଳା—
ईशान — Cooking room.
ଏତ ଚଉଦ ବର୍ଷର ଝିଅ, ସିମିତ ସିଏ ଈଶାଣରେ ପଶିସିବ ।
ଫକୀରମୋହନ. ଛମାଣ୍ଡ ।
୩ । ଗୃହର ଐଶାନ୍ୟ କୋଣରେ ସ୍ଥାପିତ ଦେବତା—
3. A Deity supposed to be in the N. W. quarter of a house.

[ ଦ୍ର—ପୂର୍ବେ ଗୃହସ୍ଥର ପାକଶାଳାରେ ଈଶାଣୀ ଦେବତାଙ୍କ ମୂର୍ତ୍ତି ରଖା ଯାଉଥିଲା । ପାକ ସରିବା ପରେ ପକ୍ୱାନ୍ନରୁ କିଛି କିଛି ଦେବତାଙ୍କୁ ନୈବେଦ୍ୟ ଦେବା ପରେ ତାହା ସମସ୍ତେ ଖାଉଥିଲେ । ଘରର ଈଶାଣ କୋଣରେ ମଧ୍ୟ ପାକଶାଳା ନିର୍ମିତ ହେଉଥିଲା । ବର୍ତ୍ତମାନ ଦେଖାଯାଏ ଯେ ବ୍ରାହ୍ମଣ ଓ ଧୋବାଙ୍କ ଛଡ଼ା ଅନ୍ୟ ସମସ୍ତ ହିନ୍ଦୁଙ୍କ ପାକଶାଳାରେ ଈଶାଣ କୋଣରେ ଗୋଟିଏ ପିଣ୍ଡି ଥାଏ ଓ ପିଣ୍ଡିରେ ଗୋଟିଏ ଗୁଅ ଓ କେତେକ ସ୍ଥଳରେ କୌଣସି ପ୍ରସିଦ୍ଧ ଗାଦ (ଯଥା-ବେନ୍‌ପଡ଼ା)ରୁ ମାଟି ଆସି ଘଢ଼ରେ ରଖା ଯାଇ ପୋତା ଯାଏ ଓ ଗୃହସ୍ଥ ପାକ ପରେ ତାଙ୍କୁ ଅନ୍ନାଦ ପାଣି ଛଡ଼ାଏ । ]

**ଈଶାଣରେ ଗୁଆଳ ପକାଇବା** (ଅମୁକର)—ଗ୍ରା. କ୍ରି (ପ୍ରଜାପତଙ୍କ ନିବନ୍ଧ
Iśāṇare chāula pakāibā — ଅନୁସାରେ ପୁରୁଷଙ୍କୁ ବିବାହିତ
হণ্ডিতে চাল দেওয়া — ହୋଇ ତାର ପାକଶାଳାରେ ଭୋଜନ କରିବା)— କୌଣସି ପୁରୁଷସହିତ (କୌଣସି ବାଳିକା ) ବିବାହିତା ହେବା— To marry a male.
(ଯଥା— ଏ ବାଳିକାଟି ଅମୁକର ଈଶାଣରେ ଗୁଆଳ ପକାଇଛି; ଅର୍ଥାତ୍ ସେ କଷ୍ଟେ ପ୍ରଜାପତଙ୍କ ସଙ୍କେତ ଅନୁସାରେ ଉକ୍ତ ପୁରୁଷକୁ ବିବାହ କରିବ ।)

**ଈଶାଣୀ**—ଗ୍ରା.ବ.ସ୍ତ୍ରୀ—ପାକଶାଳାର ଐଶାନ୍ୟ କୋଣରେ ସ୍ଥାପିତ ବା କଳ୍ପିତ
Iśāṇi — ଅଧିଷ୍ଠାତ୍ରୀ ଦେବୀ—A Deity supposed to live in the N.W. quarter of a Hindu's cook-room.

**ଈଶାନ**—ଗ୍ରା. ବ.—ଈଶାଣ (ଦେଖ)
Iśāna — Iśāṇa (See)

**ଈଶାନ୍ୟ**—ଗ୍ରା. ବ.—ଈଶାଣ ୧ (ଦେଖ)
Iśānya — Īśāṇa 1 (See)

**ଈଶିକା**—ସଂ. ବ. ସ୍ତ୍ରୀ—ଇଷିକା (ଦେଖ)
Iśikā — Ishikā (See)

**ଈଷ (ଧାତୁ)**—ସ.—୧ । ଗମନ କରିବା—
Isha (root) — 1. To go.
୨ । କାଙ୍କ୍ଷା କରିବା—2. To desire.
୩ । ଇଚ୍ଛା କରିବା—3. To wish.

**ଈଷ**—ସ ବ. ( ଈଷ=ଗମନ କରିବା + ଅ )—୧ । ଯେଉଁ
Isha — ସମୟରେ ଲଢ଼ୁଆମାନେ ଶତ୍ରୁ ବିରୁଦ୍ଧରେ ଯୁଦ୍ଧଯାତ୍ରା କରନ୍ତି; ଆଶ୍ୱିନ ମାସ; ଅଶିଣମାସ— 1. The lunar month of Āswina(september; october)
୨ । ଲଙ୍ଗଳକୁ ଯୁଆଳି ସଙ୍ଗେ ଲଗାଇବାର ଲମ୍ବ କାଠ—
2. The diagonal shaft joining the plough with the yoke.
ତାଙ୍କ ଦାନ୍ତମାନେ ତ ଈଷର ସଦୃଶ । କୃଷ୍ଣସିଂହ. ମହାଭାରତ, ସଭା ।
୩ । ଈଷଲ୍ଲାଙ୍ଗଳିଆ (ଦେଖ)—Ishalāngaliā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଥ୍ | ଙ୍ଖ | ଈ |
| ୨ | ଉ | ଊ | ଋ | ଌ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ |

**ଇଷଲାଙ୍ଗଳିଆ**—ଦେ. ବ. ( ସଂ. ଲାଙ୍ଗଳ )—ଏକଜାତୀୟ ଗୁଳ୍ମ; ଲହ-
Ishalāngaliā ଲାଙ୍ଗଳିଆ ଗୁଳ୍ମ; ଲହଲାଙ୍ଗଳ (ଦେଖ)
ইষ লাঙ্গলিআ Lahalāngali (See)

**ଇଷଲାଙ୍ଗୁଡ଼ିଆ**—ଦେ. ବ.—ଲହଲାଙ୍ଗଳିଆ (ଦେଖ)
Ishalāngurdiā Lahalāngaliā (See)

**ଇଷଲାଙ୍ଗୁଡ଼ୀ**—ଦେ. ବ.—ଲହଲାଙ୍ଗଳିଆ (ଦେଖ)
Ishalāngurdi Lahalāngaliā (See)

**ଇଷଲାଙ୍ଗୁଳିଆ**—ଦେ. ବ.—ଲହଲାଙ୍ଗଳିଆ (ଦେଖ)
Ishalānguliā Lahalāngaliā (See

**ଇଷି**—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ସ୍ତ୍ରୀ-ପୁରୁଷସହବାସ ସମୟରେ
Ishi ସ୍ତ୍ରୀ ଅନୁରାଗ, ପୀଡ଼ା, କ୍ଲାନ୍ତି ବା ପରିଶ୍ରମସୂଚକ ଉଚ୍ଚାରଣ କରିବା ଅବ୍ୟକ୍ତ ମଧୁର ଧ୍ୱନି—1 Inarticulate sound uttered by a woman in ecstacy during cohabitation.

୨ । କାମୋଦ୍ଦୀପନା ହେତୁରୁ ସ୍ତ୍ରୀ ଇଷି ଇଷି ଶବ୍ଦ କରିବା—2. A sound uttered by a woman in a paroxysm of lust.

ନରକ ସେକେ ବମକ ସେକେ ଗ୍ରଷିଲେ ଇଷି ମାରେ । ଭକ୍ତସର୍ବ. ସଙ୍ଗୀତ ।

୩ । କଷ୍ଟବୋଧସୂଚକ ଶବ୍ଦ; ଅଙ୍ଗଜାତୀୟ ଦୁଃଖ ହେତୁ ଉଚ୍ଚାରିତ ଧ୍ୱନି—3. A sound uttered by a man in distress.

କର୍ଣ୍ଣ ସେ ସାରେ ଇଷି ବୋଲି ଶର ଧରି;
ପଳାଇଲେ ଉତ୍ତର ଆଡ଼େ ମୁହଁ କରି । କୃଷ୍ଣସିଂହ. ମହାଭାରତ. ବିରାଟ ।

୪ । ଘୃଣାବ୍ୟଞ୍ଜକ ଧ୍ୱନି—4. Interjection indicating revulsion of feeling.

**ଇଷିକା**—ସଂ. ବି. ସ୍ତ୍ରୀ. (ଇଷ ଧାତୁ=ଗମନ କରିବା+ଇକ+ସ୍ତ୍ରୀ. ଆ)—
Ishikā ୧ । ଚିତ୍ରକରର ତୁଳିକା—1. Painter's brush

୨ । ହସ୍ତିର ଚକ୍ଷୁର ଗୋଲକ—2. An elephant's eye-ball.

୩ । ଏକଜାତୀୟ ଘାସ—3. A kind of grass.

**ଇଷିତ**—ଦେ. ଅ. (ସଂ. ଈଷତ୍)—୧ । ସାମାନ୍ୟ ମାତ୍ର—1. A little.
Ishita

ମୋ ଆଖି ଇଷିତ କଟାକ୍ଷ, ମଦନ ଶର ଲକ୍ଷ ଲକ୍ଷ । ଭୂପତି. ପ୍ରେମପଞ୍ଚାମୃତ ।

୨ । ଅକ୍ଳେଶରେ—2. Without difficulty.

୩ । ସହଜରେ—3. Easily.

୪ । ସାମାନ୍ୟରେ—4. Slightly.

**ଇଷିତମାତ୍ର**—ଦେ. ଅ. ( ସଂ. ଈଷନ୍ମାତ୍ର )—ଇଷିତ ( ଦେଖ )
Ishitamātra Ishita ( See )

ଭୂପତିଗଣଙ୍କୁ ଇଷିତ ମାତ୍ର କରେ ଛଣି । ବକ୍ଷ୍ୟ ବେଶଗସପୁଷଣ ।

**ଇଷିତେ**—ଦେ. ଅ. ( ସଂ. ଈଷତ୍ )—ଇଷିତ ( ଦେଖ )
Ishite Ishita ( See )

ବ୍ରାହ୍ମଣ କୁଳର ଅଦ୍ଭୁତ ବୃତ୍ତ ଇଷିତେ ସାଜିବ ହେବା ।
ଭକ୍ତ. ବୈଦେହୀଶବିଳାସ ।

**ଇଷୀକା**—ସଂ. ବି. ସ୍ତ୍ରୀ—ଇଷିକା ( ଦେଖ )
Ishīkā Ishikā ( See )

ପିତୃହନେ ଇଷୀକ ଭାଙ୍ଗିଦେ ନେଇ । କୃଷ୍ଣସିଂହ. ମହାଭାରତ. ଅଦ ।

**ଇଷୁ**—ସଂ. ବି. ( ଇଷ ଧାତୁ=ଗମନ କରିବା+ଉ )—
Ishu ୧ । ବାଣ—1 Arrow.

୨ । ଇଷଲାଙ୍ଗଳିଆ—2. A plant Aristolochia Indica.

**ଇଷୁଧି**—ସଂ. ବି. ( ଇଷୁ=ବାଣ+ଧା ଧାତୁ+ଇ )—
Ishudhi ବାଣାଧାର; ତୂଣ ବା ତୂଣୀର—A quiver for arrows.

ସ୍କନ୍ଧଦେଶେ ଅକ୍ଷୟ ଇଷୁଧି ବର୍ତ୍ତଇ । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**ଇଷ୍ଟ ଇଣ୍ଡିଆ କମ୍ପାନୀ**—ବୈଦେ. ବି. ନାମ. ( ଇଂ. ଇଷ୍ଟ ଇଣ୍ଡିଆ
Isht indiā kampāni କୋମ୍ପାନୀ )—ଭାରତରେ ବାଣିଜ୍ୟ
ইষ্টইণ্ডীআ কম্পানী କରିବାପାଇଁ ବିଲାତରେ ଗଠିତ ବଣିକଦଳ—.
ईष्टइण्डीआकम्पनी Company of traders formed for trading in India.

[ ଦ୍ର—ଇଂଲଣ୍ଡର ଏହି ବଣିକଦଳ ୧୫୯୯ ରେ ଗଠିତ ହୋଇ ଇଂଲଣ୍ଡର ରାଣୀ ଏଲିଜାବେଥ୍‌ଙ୍କଠାରୁ ପ୍ରଥମ ଛାମୁଚିଠାଉ ହାସଲ କରି ୧୬୦୩ ରେ ପ୍ରଥମେ ଭାରତକୁ ବାଣିଜ୍ୟ କରିବାକୁ ଆସିଲେ । ପୂର୍ବେ ହଲାଣ୍ଡବାସୀ (ଡଚ୍) ମାନଙ୍କର ଡଚ୍ ଇଷ୍ଟଇଣ୍ଡିଆ କୋମ୍ପାନୀ ନାମରେ ଗୋଟିଏ ଦଳ ଭାରତରେ ବାଣିଜ୍ୟ କରୁଥିଲେ ଏବଂ ଏମାନଙ୍କ ହାତରେ ମସଲା ବେପାର ଏକଚେଟିଆ ହୋଇଥିଲା । ଏମାନେ ମରଚର ଦର ବେଳାଏ ବଢ଼ାଇବାର ଦେଖି ବିଲାତର ସାଧୁମାନେ ରାଣୀ ଏଲିଜାବେଥ୍‌ଙ୍କୁ ଜଣାଇବାରୁ ସେ ଆକବରଙ୍କଠାରୁ ଦୂତ ପଠାଇ ତାଙ୍କଠାରୁ ଛାଡ଼ ଚିଠି ଅଣାଇଲେ ଓ ଏଥିରୁ ଇଂଲିଶ୍ ଇଷ୍ଟଇଣ୍ଡିଆ କୋମ୍ପାନୀର ସୂତ୍ରପାତ ହେଲା । ଏ କମ୍ପାନୀ ପ୍ରଥମେ ଇଷ୍ଟଇଣ୍ଡିଜ୍ ( ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ) ରେ ବେପାର କରୁଥିଲେ । ପରେ ଆଉ ଗୋଟିଏ ନୂଆ କମ୍ପାନୀ ଗଠିତ ହେଲା ଓ ଦୁଇ କମ୍ପାନୀ ୧୭୦୮ ରେ ମିଳିଗଲେ । ଏମାନେ ଯାବାଦ୍ୱୀପରେ ପ୍ରଥମ ଗୋଦାମ ସ୍ଥାପନ କରି ମସଲା କାରବାର କଲେ । ଡଚ୍ ଓ ପର୍ତ୍ତୁଗୀଜମାନଙ୍କ ସଙ୍ଗେ ଏମାନଙ୍କ ପ୍ରତିଯୋଗିତା ହେବାରୁ ଏମାନେ ଆଉ ପୂର୍ବଭାରତୀୟ ଦ୍ୱୀପପୁଞ୍ଜରେ କାରବାର ନ ଚଳାଇ, ଭାରତରେ ବେପାର ଚଳାଇଲେ । ଏମାନଙ୍କର ଭାରତର ପ୍ରଥମ ଗୋଦାମ ତାପ୍ତୀନଦୀକୂଳରେ ସୁରଟଠାରେ ହେଲା । ମୋଗଲସମ୍ରାଟ ଜାହାଙ୍ଗୀରଙ୍କଠାରୁ ଛାଡ଼ ଚିଠି ପାଇ ଏମାନେ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ବାଣିଜ୍ୟ କୋଠି ବସାଇଲେ ଓ କଲିକତା, ଓଡ଼ିଶା ବୋମ୍ବେ, ମାନ୍ଦ୍ରାଜରେ ବେପାର କଲେ । ତାହାପରେ ସ୍ଥାନୀୟ ଶାସକଙ୍କଠାରୁ ମାନଙ୍କ ହାତରୁ ରକ୍ଷା ପାଇବା ନିମନ୍ତେ ଏମାନେ ମାନ୍ଦ୍ରାଜ, ବୋମ୍ବେ, କଲିକତାରେ ଦୁର୍ଗମାନ ନିର୍ମାଣ କଲେ ଓ ପ୍ରଥମେ ଆତ୍ମରକ୍ଷା ପାଇଁ ବିଲାତ ଓ ଦେଶୀ ପଲ୍ଟଣ ରଖିଲେ । ତାହାପରେ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଖିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିନା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

ସ୍ଥାନୀୟ ଶାସନକର୍ତ୍ତାମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ପରାଜିତ କଲେ ଓ ମୋଗଲ ସମ୍ରାଟଙ୍କଠାରୁ ବଙ୍ଗ, ବିହାର ଓ ଓଡ଼ିଶାର ରାଜସ୍ୱ ଅସୁଲ କରିବାର ସନନ୍ଦ ପାଇଲେ । ପରେ ମକଦ୍ଦମା ବୁଝିବାର କ୍ଷମତା ପାଇଲେ । ପରେ ମରହଟ୍ଟା, ଶିଖ ଓ ମୁସଲମାନମାନଙ୍କ ସଙ୍ଗେ ଯୁଦ୍ଧ କରି ରାଜ୍ୟ ବିସ୍ତାର କଲେ । ୧୮୫୮ ରେ ଭାରତର ଶାସନ ଏମାନଙ୍କ ହାତରୁ ଯାଇ ଇଙ୍ଗ୍ଲଣ୍ଡ ରାଣୀଙ୍କ ହାତରେ ରହିଲା । ]

**ଇଷ୍ଟ ଇଣ୍ଡିଜ୍**— ବୈଦେ. ବି. (ନାମ. ( ଇଂ. ଇଷ୍ଟ + ଇଣ୍ଡିଜ୍ )—
Ishtindij ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ—The East Indies.
ईष्टईंडीज ( ଯଥା— ସୁମାତ୍ରା, ଯାଭା, ବୋର୍ଣ୍ଣିଓ, ସେଲିବସ୍,
ईस्टइंडिज ଫିଲିପାଇନ୍ ଦ୍ୱୀପପୁଞ୍ଜ, ମାଲାୟଦ୍ୱୀପପୁଞ୍ଜ )

**ଇଷ୍ଟ**— ସଂ. ବିଣ. ( ଇଷ ଧାତୁ = ଇଚ୍ଛା କରିବା + କର୍ମ. ତ)—
Ishta ୧ । ଅଭିଳଷିତ; ବାଞ୍ଛିତ—
1. Desired; wished for.
୨ । ଯଥେପ୍ସିତ—2. According to one's wish.
୩ । ପ୍ରାର୍ଥିତ—3. Prayed for.
୪ । ପ୍ରଶଂସିତ—4. Praised.
୫ । (ଯଜ ଧାତୁ + କର୍ମ. ତ)–ପୂଜିତ—5. Worshipped.
( ଯଥା—ଇଷ୍ଟଦେବତା )
ସଂ. ବି. ( ଯଜ ଧାତୁ + ଭାବ. ତ )—
୧ । ଯଜ୍ଞ—1. Sacrificial rite.
୨ । ପୂଜା—2. Worship.
୩ । ମଙ୍ଗଳ—3. Weal.
୪ । ଏରଣ୍ଡ ବୃକ୍ଷ—4. The caster-seed plant.
ପ୍ରାଦେ. (ଗଞ୍ଜାମ) ଅ— ଅଧୀନସ୍ଥ ବ୍ୟକ୍ତିମାନଙ୍କର ଉପରସ୍ଥ ବ୍ୟକ୍ତିଙ୍କ କଥାରେ ସମ୍ମତି—Yes; as you wish.
( ଯଥା— ଆପଣଙ୍କ ଇଷ୍ଟ; ଯାହା ଆପଣଙ୍କ ଆଜ୍ଞା; ଯେ ଆଜ୍ଞା )
ପ୍ରାଦେ. ( ଗଞ୍ଜାମ ) ବି. ( ସଂ. ଇଷ୍ଟ = ଅଭିଳଷିତ ) —
ଅଭିଳାଷ—Desire.
( ଯଥା— ଯାହା ଆପଣଙ୍କ ଇଷ୍ଟ ତାହା କରନ୍ତୁ )

**ଇଷ୍ଟକ**— ସଂ. ବି. ( ଇଷ ଧାତୁ + ତକ )— ଇଟା; ଦଗ୍ଧମୃତ୍ତିକା ଖଣ୍ଡ—
Ishtaka Brick; moulded and burnt earth used for masonry work in the place of stones.

**ଇଷ୍ଟକର୍ମ**— ସଂ. ବି. ( କର୍ମଧା; ଇଷ୍ଟ + କର୍ମ )—
Ishtakarma ଅଭୀଷ୍ଟ କାର୍ଯ୍ୟ; ଅଭିଳଷିତ କାର୍ଯ୍ୟ—
Wished for work.
ଦେ. ( ଗଣିତ ) କଳ୍ପିତ ରାଶିଦ୍ୱାରା ଗଣନା—
( mathematics ) An operation with assumed numbers.

**ଇଷ୍ଟକା**— ସଂ. ବି. ( ଇଷ୍ଟକ + ଆ )— ଇଷ୍ଟକ ( ଦେଖ
Ishtaka Ishtaka ( See )

**ଇଷ୍ଟକାପଥ**— ସଂ. ବି. ( ଇଷ୍ଟକା = ଇଟା + ପଥ = ରାସ୍ତା )—
Ishtakāpatha ୧ । ପକ୍କାରାସ୍ତା ବା ସଡ଼କ; ଇଷ୍ଟକନିର୍ମିତ ରାସ୍ତା—
1. Metalled road.
୨ । (ଇଷ୍ଟ + କାପଥ)—ବେଣା; ଉଶୀର—
2. Root af Benā grass.

**ଇଷ୍ଟକାମଧୁକ୍** ଦେ. ବି. ସ୍ତ୍ରୀ. ( ଇଷ୍ଟ + କାମ + ଦୁହ ଧାତୁ = ପୂରଣ କରିବା + କର୍ତ୍ତୃ. କ୍ୱିପ୍ )—
Ishtakāmadhuk
ଯେଉଁ ଗାଈ ପ୍ରାର୍ଥୀକୁ ଅଭୀଷ୍ଟ ଫଳ ପ୍ରଦାନ କରେ—
A cow granting on's desires.

**ଇଷ୍ଟକାଯନ୍ତ୍ର**— ସଂ. ବି— ବୈଦ୍ୟଶାସ୍ତ୍ରୋକ୍ତ ଗନ୍ଧକାଦି ଜାରଣ ଯନ୍ତ୍ର—
Ishtakājantra A cantrivance for purifying sulpher for medicinal purposes.

**ଇଷ୍ଟକାଳୟ**— ସଂ. ବି. ( ମଧ୍ୟପଦଲୋପୀ; ଇଷ୍ଟକ + ଆଳୟ )—
Ishtakālaya ଇଟା ଘର; କୋଠା—Brick-house; masonary house; brick-building.
[ ଦ୍ର— ଏହା ଶୀତ ଦିନରେ ଗରମ ଓ ଖରା ଦିନରେ ଥଣ୍ଡା ଲାଗେ ବୋଲି ବୈଦ୍ୟକ ଲେଖି ଅଛନ୍ତି । ]

**ଇଷ୍ଟଗନ୍ଧ**— ସଂ. ବିଣ. (ବହୁବ୍ରୀହି; ଇଷ୍ଟ = ପ୍ରିୟ; ପ୍ରଶଂସିତ + ଗନ୍ଧ)—
Ishtagandha ସୁଗନ୍ଧବିଶିଷ୍ଟ—Sweet-scented.
ବି (କର୍ମଧା)— ୧ । ସୁବାସ—1. Sweet scent.
୨ । (ବହୁବ୍ରୀହି) ବାଲୁକା—2. Sand.

**ଇଷ୍ଟଦେବ**— ସଂ ବି. (ଇଷ୍ଟ = ପୂଜିତ + ଦେବ)—
Ishtadeba ୧ । ଗୁରୁ; ମନ୍ତ୍ରଦାତା; ଗୁରୁଦେବ—
A spiritual preceptor.
୨ । ନିଜର ଉପାସ୍ୟ ଦେବତା—
2. One's tetulary Deity.
୩ । ନିଜର କୁଳ ଦେବତା—
3. One's family Deity.

**ଇଷ୍ଟଦେବତା**— ସଂ. ବି—ଇଷ୍ଟଦେବ ( ଦେଖ )
Ishtadebatā Ishtadeba ( See )
ସୁମର ଶଙ୍କର ତୋର ଇଷ୍ଟ ଯେ ଦେବତା । ସାରଳା- ମହାଭାରତ, ବନ୍ଦନ ।

**ଇଷ୍ଟପୂର୍ତ୍ତି**— ସଂ. ବି. (୬ଷ୍ଠୀ ତତ୍; ଇଷ୍ଟ + ପୂର୍ତ୍ତି)—
Ishtapūrtti ମନୋବାଞ୍ଛା ପୂରଣ—
Fulfilment of one's desire.
ଦାନ ତପସ୍ୟା ଫଳ ଯେତେ, ସେ ଅବା କର ଇଷ୍ଟ ପୂର୍ତ୍ତେ ।
ଜଗନ୍ନାଥ- ଭାଗବତ ।

**ଇଷ୍ଟମନ୍ତ୍ର**— ସଂ. ବି—ଯେଉଁ ମନ୍ତ୍ର ଦ୍ୱାରା ଇଷ୍ଟ ଦେବତାଙ୍କୁ ଆରାଧନା କରାଯାଏ—The mystic formulæ by which one's family Deity is worshipped.
ସେ ଇଷ୍ଟ ମନ୍ତ୍ର ତା ସୁମର, ଭୁଲିଁ ନିଜ ସେବା କର ।
ଭୂପତି- ପ୍ରେମପଞ୍ଚାମୃତ ।

| ୧ | ଲ | ଋ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଈଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଉ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଙ,ଞ,ଣ,ନ,ମ ଯୁକ୍ତ ବର୍ଣ୍ଣ | ଜ୍ଞ | ଯ | ସ | ଙ୍ଗ | ଇଅ | ୟ | ନ୍ |

**ଇଷ୍ଟର**—ବୈଦେ. ବ. (ଇଂ)—ଗୁଡ୍‌ଫ୍ରାଇଡେ (ଶୁକ୍ରବାର) ପରେ ପଡ଼ିବା
Ishṭar ରବିବାର ଓ ସୋମବାର ଦିନ ଖ୍ରୀଷ୍ଟାନ୍‌ମାନେ ପାଳିବା
ईष्टर पର୍ବ [ ଗୁଡ୍‌ଫ୍ରାଇଡେ ଦିନ ଯୀଶୁ ଇହଲୋକ ତ୍ୟାଗ
इष्टर କଲେ ଓ ତାହାଁର ତୃତୀୟ ଦିନ ( ରବିବାର ) କବରରୁ
ଉଠି ତାଙ୍କର କେତେକ ଶିଷ୍ୟଙ୍କୁ ଦେଖା ଦେଇଥିଲେ ।
ଏହି ଇଷ୍ଟରପର୍ବ ଯୀଶୁଙ୍କର ମୃତ୍ୟୁଞ୍ଜୟସୂଚକ ଉତ୍ସବ
ଅଟେ । ଏଥିପାଇଁ ସରକାରୀ ସ୍କୁଲ ଓ କାର୍ଯ୍ୟାଳୟମାନ
ବନ୍ଦ ହୁଏ; ଗୁଡ୍‌ଫ୍ରାଇଡେ ଦେଖ । ]

**ଇଷ୍ଟର୍‌ଡେ**—ବୈଦେ.ବ. (ଇଂ) ଗୁଡ୍‌ଫ୍ରାଇଡେର ପରବର୍ତ୍ତୀ ରବିବାର—
Ishṭarḍe Easterday.
ईष्टरडे
इष्टरडे

**ଇଷ୍ଟଲାଭ**—ସଂ. ବ. ( ଇଷ୍ଟ=ବାଞ୍ଛିତ + ଲାଭ=ମିଳିବା )—ମନୋବାଞ୍ଛା
Ishṭalābha ପୂରଣ—Attainment of one's object.

**ଇଷ୍ଟସାଧନ**—ସଂ. ( ୬ଷ୍ଠୀ ତତ୍; ଇଷ୍ଟ + ସାଧନ )—
Ishṭasādhana ଇଷ୍ଟସିଦ୍ଧି ( ଦେଖ )
Ishṭasiddhi ( See )

**ଇଷ୍ଟସିଦ୍ଧି**—ସଂ. ବ. (ଇଷ୍ଟ=ବାଞ୍ଛିତ+ସିଦ୍ଧି=ସାଧନ)—ମନୋବାଞ୍ଛା-
Ishṭasiddhi ପୂରଣ—Attainment of one's object.

**ଇଷ୍ଟାକ୍**—ବୈଦେ. ବ. ( ଇଂ. ଷ୍ଟାକ୍ ; ଷ୍ଟକ୍ )—୧ । ଗଦା—
Ishṭāk 1. Stack; heap.
ईष्टाक ୨ । ଦ୍ରବ୍ୟର ଭଣ୍ଡାର—2 Stock of things.
इष्टाक ୩ । ପୁଞ୍ଜି—3. Store.

**ଇଷ୍ଟାକିନ୍**—ବୈଦେ. ବ.( ଇଂ. ଷ୍ଟକିଙ୍ଗ୍ )—ମୋଜା; ଗୋଡ଼ରେ ପିନ୍ଧିବା
Ishṭākin ମୁଣି—Stocking.
ईष्टाकिन
इष्टाकिन

**ଇଷ୍ଟାପତ୍ତି**—ସଂ. ବ. ( ଇଷ୍ଟ=ବାଞ୍ଛିତ + ଆ + ପଦ ଧାତୁ=ଘଟିବା
Ishṭāpatti +ଭାବ. ତି )—ମନୋବାଞ୍ଛା ପୂରଣ; ଇଷ୍ଟସିଦ୍ଧି—
'The happening of one's desired result; the fulfilment of one's wishes.

**ଇଷ୍ଟାପୂର୍ତ୍ତ**—ସଂ. ବ. ( ଇଷ୍ଟ + ଆ=ସମ୍ୟକ୍ + ପୂର ଧାତୁ=ପୂରଣ-
Ishṭāpurtta କରିବା + ତ )—
୧ । ଯଜ୍ଞ; ଧର୍ମକାର୍ଯ୍ୟ—
1. Sacrifice; any religious duty.
୨ । ସାଧାରଣ ହିତକର ଅନୁଷ୍ଠାନ ( ଦେବାଳୟ ନିର୍ମାଣ; କୂପଖନନ ଇତ୍ୟାଦି )—
2. Any religious work of public utility ( e. g. building a temple; sinking public wells etc ).

**ଇଷ୍ଟାମ୍ପ**—ଗ୍ରା. ବୈଦେ. ବ. ( ଇଂ. ଷ୍ଟାମ୍ପର ଅଶୁଦ୍ଧ ଉଚ୍ଚାରଣ )—
Ishṭāmp ଟିଠାମ୍; ଷ୍ଟାମ୍ପକାଗଜ—
ईष्टाम्प Stamp; stamp-paper.
ष्टाम्प

**ଇଷ୍ଟାମ୍ପ ଫରୋସ୍**—ବୈଦେ. ବ. ( ଇଂ. ଷ୍ଟାମ୍ପ + ଫା. ଫରୋସ୍; ବିକ୍ରୟ-
Ishṭāmppharos କାରୀ )—ଷ୍ଟାମ୍ପ ବିକେତା —.
Stamp-vender.

**ଇଷ୍ଟି**—ସଂ. ବ—୧ । ( ଯଜ ଧାତୁ=ଯାଗ କରିବା + ତି)—୧ । ଯଜ୍ଞ;
Ishṭi ଯାଗ; ହୋମ—1. Vedic sacrifice; oblation unto the fire.
୨ । ( ଇଷ ଧାତୁ=ଇଚ୍ଛା କରିବା + ତି ) ଇଚ୍ଛା—
2. Wish; desire.
୩ । ଅନୁରୋଧ—3 Request.

**ଇଷ୍ଟିକା**—ସଂ. ବ. ( ଇଷ୍ଟି=ଯାଗ+ସ୍ବାର୍ଥେ. କ+ସ୍ତ୍ରୀ. ଆ )—ଯଜ୍ଞ-
Ishṭikā କର୍ମ; ହୋମ—Vedic sacrifice and ritual; oblations to fire.

**ଇଷ୍ଟିକାମ**—ସଂ. ବ—୧ । ଇଚ୍ଛାନୁରୂପ କାର୍ଯ୍ୟ—
Ishṭikāma 1. Work according to one's desire.
୨ । ଯଜ୍ଞକର୍ମ—2. Vedic sacrifice.

ବହ୍ନିଷଣ ଯେ ପ୍ରବେଶ କର୍ମ କରିବାରେ ଶେଷ ଉଦ୍ଦିଷ୍ଟ ମେ ସେ ମଣ୍ଡିକ ଦ୍ବିଜ ।
ଭାଷ. ବୈଦେଶ୍ଯଶବଦାସ ।

**ଇଷ୍ଟିମର୍**—ଗ୍ରା. ବୈଦେ. ବ. ( ଇଂ. ଷ୍ଟିମରର ଅଶୁଦ୍ଧ ଉଚ୍ଚାରଣ )—
Ishṭimar ବାଷ୍ପୀୟ ପୋତ; ଷ୍ଟିମର—Steamer.
ईष्टिमार
इष्टिमर

**ଇଷ୍ଟିମିଷ୍ଟ**—ଗ୍ରା. ବୈଦେ. ବ. (ଇଂ. ଏଷ୍ଟିମେଟ୍‌ର ଅଶୁଦ୍ଧ ଉଚ୍ଚାରଣ) —
Ishṭimisht କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାଁରେ ହେବା
एष्टिमेट ଆନୁମାନିକ ବ୍ୟୟର ନିର୍ଦ୍ଦେଶ; ଭୁଜ; ଏଷ୍ଟିମେଟ୍—
इष्टिमिष्ट Estimate.

**ଇଷ୍ଟେଟ୍**—ଗ୍ରା. ବୈଦେ. ବ ( ଇଂ. ଏଷ୍ଟେଟ୍‌ର ଅଶୁଦ୍ଧ ଉଚ୍ଚାରଣ )—
Ishṭeṭ ଜମିଦାରୀ ମାହାଲ—Estate.
ईष्टाट
इष्टेट

**ଇଷ୍ଟେସନ୍**—ଗ୍ରା. ବୈଦେ. ବ. ( ଇଂ. ଷ୍ଟେସନ୍‌ର ଅଶୁଦ୍ଧ ଉଚ୍ଚାରଣ )—
Ishṭesan ରେଲଗାଡ଼ି ଠିଆ ହେବା ଓ ଯାତ୍ରୀମାନଙ୍କର ଚଢ଼ିବା ଓ
ईष्टिसेन ଓହ୍ଲାଇବାର ନିରୂପିତ ସ୍ଥାନ; ଷ୍ଟେସନ୍—
इष्टिसन Railway station.

**ଇଷ୍ବସନ** ସଂ. ବ. ( ଇଷୁ=ବାଣ + ଅସ୍ ଧାତୁ=ନିକ୍ଷେପ କରିବ
Ishwasana + କରଣ. ଅନ; ଯାହାଦ୍ବାରା ବାଣ ନିକ୍ଷେପ
କରାଯାଏ )—ଧନୁ; ଧନୁ; କୋଦଣ୍ଡ—Bow.

ସାଧାରଣ ଲୋକେ ଏପରି ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଅନୁଗ୍ରହ କରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ 'କୃଷ' ନ ମିଳିଲେ 'କୃଷ୍' ଦେଖିବେ 'ଚକ୍ଷୁ' ନ ପାଇଲେ 'ଚକ୍ଷୁ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଇଷ୍ୱାସ—ସଂ. ବି (ଇଷୁ=ବାଣ+ଅସ ଧାତୁ=କ୍ଷେପଣ କରିବା+କର୍ତ୍ତୃ. ଅ)—ଯେ ବାଣ ନିକ୍ଷେପ କରେ; ଶରନିକ୍ଷେପକ; ଧନୁର୍ଦ୍ଧର; କୋଦଣ୍ଡଧାରୀ—Wielding a bow; armed with a bow; holding a bow.
Ishwāsa

ଇସ୍—ଦେ. ଅ—୧ । କଷ୍ଟ; ଘୃଣା ଓ କ୍ଲାନ୍ତିସୂଚକ ଅବ୍ୟୟ—1. Interjection indicating pain, hattred and contempt.
Is
ईस्

୨ । ରୋଗ ବା ପରିଶ୍ରମଜନିତ କ୍ଲେଶସୂଚକ ଧ୍ୱନି—2. Hissing sound uttered in physical pain due to exertion or disease.

୩ । ବିଦ୍ରୂପ ବା ବ୍ୟଙ୍ଗସୂଚକ ଧ୍ୱନି—3. An exclamation of redicule or irony.

ଇସ୍ତିସ୍—ଦେ. ଅ. (ସଂ. ଇତସ୍ତତଃ)—୧ । ଏଣୁ ତେଣୁ—1. This and that.
Istis
ईसतिस
एसातेषा

୨ । ଦ୍ୱିଧାଭାବ—2. Hesitation.

୩ । ଦ୍ୱିଧା କଥା କହିବା—3 Prevarication.

୪ । ଯେ କୌଣସି ପଦାର୍ଥ—4. Any thing whatever.

୫ । ଏଣୁ ତେଣୁ ଗୁଡ଼ିଏ ବାଜେ ଜିନିଷ—5. Miscellany.

ଇସ୍ତିସ୍ କରିବା—ଦେ. କ୍ରି—୧ । ଏଣୁ ତେଣୁ କଥା କହିବା—1. To prevaricate.
Istis karibā
ईसतिसकरा
हिचकिचाना

୨ । ଦ୍ୱିଧା କରିବା; ଇତସ୍ତତଃ କରିବା—2. To hesitate

ଇସ୍ତିସ୍ ବତାଇବା—ଦେ. କ୍ରି - ଏଣୁ ତେଣୁ କହିବା; ନିଶ୍ଚିତ କଥା ନ କହିବା—1. Not to tell any-thing definitely; to give evasive replies.
Istis bataibā
हीलाहवालाकरना

ଇସ୍‌ଲାମ୍—ବୈଦେ. ବି. (ଅ)—ମୁସଲମାନମାନଙ୍କ ଧର୍ମ—Mahomedanism; Islam.
Islām
ईसलाम
इसलाम

ଇସବ୍‌ଗୁଲ୍—ବୈଦେ. ବି. (ଫା. ଅସପାଗୁଲ୍; ଫା. ଅସପ=ଅଶ୍ୱ; ଗୁଲ୍=କର୍ଣ୍ଣ: ଅଶ୍ୱକର୍ଣ୍ଣ ପରି ମଞ୍ଜି ଥିବାରୁ)—ସଂ. ନାମ—ଶୀତବୀଜ; ଶୌଣରିକ; ଶୈତ୍ୟବୀଜ; ପାରସ୍ୟ ଦେଶର ଶ୍ରେଷ୍ଠ ଶାକବିଶେଷର ବୀଜ (ବୀଜମାନ ଶ୍ରେଷ୍ଠ ଅଶ୍ୱକର୍ଣ୍ଣ ବା ନୌକା ପରି)—Plantago ovata; Plantago Ispaghula.
Isabgul
ईसबगुल
ଫା. ଅସପାଗୁଲ୍

[ ଦ୍ର—ଏହା ମୂତ୍ରକାରକ, ବସ୍ତିସଂଶୋଧକ, ହୃଦୟଧାଳନାଶକ; ଏହାଦ୍ୱାରା ଜ୍ୱରଦାହ ଓ ଶୁକ୍ରମେହ ଭଲ ହୁଏ । ଏଥିର ମଞ୍ଜିକୁ ପାଣିରେ ବତୁରାଇଲେ ତାହା ଫୁଲି ଯାଏ ଓ କୋମଳ ଏବ ନାଲୁଆ ହୁଏ । ଏହା ଅମ ଲଜୁ ଝାଡ଼ା, ରକ୍ତପୋଡ଼ାର ଔଷଧ । ]

ଇସବଗୁଲି—ଗ୍ରା. ବୈଦେ. ବି. (ଫା.)—ଇସବ୍‌ଗୁଲ୍ (ଦେଖ)
Isabguli — Isabgul (See)

ଇସବଗୋଲ୍—ବୈଦେ. ବି. (ଫା.)—ଇସବ୍‌ଗୁଲ୍ (ଦେଖ)
Isabgol — Isabgul (See)

ଇସବି—ପ୍ରାଦେ. (ସମ୍ବଲପୁର) ବି. (ଭୁଲ ହି. ଇଶବୀସନ)—ଖ୍ରୀଷ୍ଟାବ୍ଦ—Year calculated from the year of the birth of Christ.
Isabi

ଇସରା—ବୈଦେ. ବି. (ଅ)—ଇସାରା (ଦେଖ)
Isarā — Isārā (See)

ଅମ୍ଭେମାନେ ଇସରାରେ ସବୁ କଥା ବୁଝି ପାରୁଁ—
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଇସରାଜ୍—ବୈଦେ. ବି—ଏସ୍‌ରାଜ୍ (ଦେଖ)
Isarāj — Esrāj (See)

ଇସରାଜ୍‌ବୀନ୍—ବୈଦେ. ବି.—ଏସ୍‌ରାଜ୍‌ବୀନ୍ (ଦେଖ)
Isarājbīn — Esrājbīn (See)

ଇସାଦ୍—ବୈଦେ. ବି. (ଅ. ଇଶାଦ୍) (କଚେରିଆ ଭାଷା)—କୌଣସି ବ୍ୟାବହାରିକ ବ୍ୟବସାୟ ବା ଦଲିଲର ସାକ୍ଷୀ; ଲାଗିଥା ସାକ୍ଷୀ; (ଏଥିର ସାଙ୍କେତିକ ଚିହ୍ନ 'ଇ' ଲେଖି ଦସ୍ତାବିଜରେ ସାକ୍ଷୀ ଦସ୍ତଖତ କରନ୍ତି । ଯଥା—। ଇ । ଗୋପାଳଚନ୍ଦ୍ର ପ୍ରହରାଜ ।) A witness to a business or transaction or document; attesting witness.
Isād
ईसाद
इसाद

ଇସାଦ୍ କରିବା—ଦେ. କ୍ରି—(କଚେରିଆ ଭାଷା)—ଇସାଦ୍ ପଡ଼ିବା (ଦେଖ)
Isād karibā — Isād paṟdibā (See)

ଇସାଦ୍ ପଡ଼ିବା—ଦେ. କ୍ରି—(କଚେରିଆ ଭାଷା) କୌଣସି ଦଲିଲରେ ଉକ୍ତ ଦଲିଲ ବର୍ଣ୍ଣିତ ବିଷୟର ସାକ୍ଷୀ ଥିବାର ନିଦର୍ଶନ ସ୍ୱରୂପ ଦସ୍ତଖତ୍ କରିବା—To attest a document as witness to the trans-action mentioned in it.
Isād paṟdibā
ईषादपडा
सहाकरना

ଇସାଦି—ବୈଦେ. ବି. (ଅ)—ଇସାଦ୍ (ଦେଖ)
Isādī — Isād (See)

ଇସାମାର୍ଗ—ଦେ. କ୍ରି. ବିଣ (ହି. ଏସା ଓ ସଂ. ମାର୍ଗ)—
Isāmārga

୧ । ଏହିପରି—1. Thus.

୨ । କ୍ରମରେ—2. Gradually.

ଇସାମାର୍ଗେ—ଦେ. କ୍ରି. ବିଣ - ଇସାମାର୍ଗ (ଦେଖ)
Isāmārge — Isāmārga (See)

ଇସାରା—ବୈଦେ. ବି. (ଅ)—୧ । ସଙ୍କେତ—1. A nod; a sign; hint; token.
Isārā
ईसारा
इशारा

୨ । ଠାର—2. Wink; significant glance.

୩ । ହାତ ଦ୍ୱାରା ସଙ୍କେତ—3. Manual sign.

ଇସାରା କରିବା—ଦେ. କ୍ରି—୧ । ସଂକେତ କରିବା—1. To give a hint; to give a meaning nod.
Isārā karibā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଣ,ସ | ଙ୍କ | ଇସ୍ତ | ଉଥ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ଷ | ଙ୍ଗ | ଇଥ | ଓ | ଡ଼ |

ইসারাকরা ୨ । କୌଣସି ବିଷୟର ସୂତ୍ର ବାହାର କରିବା; ତଲାସ
इसाराकरना କରିବା—2. To find out a clue.

ଇଶାରା ଦେବା—ଦେ. କ୍ରି—ଇଶାରା କରିବା ( ଦେଖ )
Isārā debā Isārā karibā ( See )

ଇଶାରା ପାଇବା—ଦେ. କ୍ରି—କୌଣସି ବିଷୟ ସଙ୍କେତଦ୍ୱାରା ବିଜ୍ଞାପିତ
Isārā pāibā ହେବା–To get a hint; to get a
ইসারাপাওয়া clue.
इसारापाना

ଇସୁ—ବୈଦେ.ବି (ଇଂ. ଇସ୍ୟୁ) (କଚେରିଆଭାଷା)—ମକଦ୍ଦମାର ମୀମାଂସା
Isu ନିମନ୍ତେ ନିର୍ଦ୍ଧାରିତ ବିଷୟ; ମକଦ୍ଦମାରେ ବିଚାର୍ଯ୍ୟ ପଏଣ୍ଟ—
ইস্যু Issue settled for a case; points of
इस्यु decision in a case.

ଇସୁକୁଲ—ଗ୍ରା. ବୈଦେ. ବି. ( ଇଂ.ସ୍କୁଲର ଅଶୁଦ୍ଧ ଉଚ୍ଚାରଣ )—
Isukula ବିଦ୍ୟାଳୟ—School.
ইস্কুল
इस्कूल

ଇସୁକୁଲିଆ—ଗ୍ରା. ବିଣ—( ଇଂ. ସ୍କୁଲ + ଓଡ଼ିଆପ୍ରତ୍ୟୟ. ଇଆ )—
Isukuliā ୧ । ସ୍କୁଲସମ୍ବନ୍ଧୀୟ—1. Relating to school;
ইস্কুলের ୨ । ସ୍କୁଲରେ ପାଠ ପଢ଼ିଥିବା—
इस्कुलका 2. Educated in a school.

ଇସ୍କାପାନ୍—ଦେ. ବି—ଖେଳିବା ତାସର କଳାପାନ—
Iskāpān The (black) diamond of playing
ইস্কাপান cards.
इस्कापान

ଇସ୍କୁଲ (ଇତ୍ୟାଦି)—ଗ୍ରା. ବୈଦେ.ବି (ଇଂ.ସ୍କୁଲର ଅଶୁଦ୍ଧ ଉଚ୍ଚାରଣ)—
Iskula etc ଇସୁକୁଲ ଇତ୍ୟାଦି (ଦେଖ)
Isukula etc (See)

ଇସ୍ତକ୍—ବୈଦେ. ଅ (ହି. ଇସ୍=ଏହା + ତକ୍=ପର୍ଯ୍ୟନ୍ତ)—
Istak ୧ । ଠାରୁ—1. From
ইস্তক ୨ । ଲଗାଏତ୍; (କୌଣସି ବିଷୟ) ଠାରୁ ଆରମ୍ଭକରି—
इस्तक 2. Beginning from.
୩ । ପର୍ଯ୍ୟନ୍ତ—3. Upto; till.
ବୈଦେ. ବି—ଗ୍ରାବୁ ତାସ୍ ଖେଳରେ ତାସ୍ ବଣ୍ଟା ହେବା ପରେ ଜଣେ ଖେଳାଳି ହାତରେ ଏକ ରଙ୍ଗର ସାହେବ ଓ ବିବି ପଡ଼ିବାର ଅବସ୍ଥା ( ତାସ୍ ଖେଳ ତଳେ ନୋଟ୍ ଦେଖ )—The state of one player getting the king and the queen cards of one colour in card play.

ଇସ୍ତପା—ବୈଦେ. ବି (ଅ. ଇସ୍ତେଫା)—ଇସ୍ତଫା (ଦେଖ)
Istapā Istaphā (See)

ଇସ୍ତଫା—ବୈଦେ. ବି ( ଅ. ଇସ୍ତେଫା )—୧ । ନିଜେ ସ୍ୱଇଚ୍ଛାରେ
Istaphā ଚାକିରିରୁ ବା କାର୍ଯ୍ୟରୁ ଅନ୍ତର ହେବା—
ইস্তফা 1. Resignation.
इस्तिफा ୨ । ସମ୍ପତ୍ତିରୁ ସ୍ୱୟଂ ସ୍ୱାର୍ଥତ୍ୟାଗ କରିବା—
2. Relinquishment.

ଇସ୍ତଫାଦେବା—ଦେ. କ୍ରି—ସ୍ୱୟଂ ସ୍ୱତ୍ୱ ବା ଚାକିରି ଛାଡ଼ିବା—
Istaphā debā To tender resignation or to
ইস্তফা দেওয়া relinquish a right.
इस्तिफादेना

ଇସ୍ତଫାନାମା—ବୈଦେ. ବି ( ଅ. ଇସ୍ତେଫାନାମାହ୍ )—
Istaphānāmā ୧ । ନିଜେ କାର୍ଯ୍ୟରୁ ଅନ୍ତର ହେବା ପାଇଁ
ইস্তফানামা ଦେବା ଆବେଦନପତ୍ର—
इस्तिफानामा 1. Letter of resignation.
୨ । ସମ୍ପତ୍ତି ଅଧିକରୁ ସ୍ୱତ୍ୱ ତ୍ୟାଗ କରିବାର ନିଦର୍ଶନପତ୍ର—
2. Deed of relinquishment.

ଇସ୍ତମରାରି—ବୈଦେ. ବି (ଅ. ଇସ୍ତିମରାରୀ) (କଚେରିଆ ଭାଷା)—
Istamarāri ଚିରସ୍ଥାୟୀ—Permanent.
ইস্তিমরারী ( ଯଥା— ଇସ୍ତମରାରି ପଟ୍ଟା )
इस्तिमरारी

ଇସ୍ତମୁରାରି—ବୈଦେ. ବି ( ଅ. )—ଇସ୍ତମରାରି (ଦେଖ)
Istamurāri Istamarāri (See)

ଇସ୍ତହାର—ବୈଦେ. ବି ( ଅ. ଇସ୍ତିହାର୍ )—ଇସ୍ତିହାର (ଦେଖ)
Istahāra Istihāra (See)
ମକଦ୍ଦମାର × × × ନକଲି ଇସ୍ତହାର ମୋ ପାଖରେ ଅଛି ।
ଫକୀରମୋହନ- ଛମାଣଆଠଗୁଣ୍ଠ ।

ଇସ୍ତାଫା—ବୈଦେ. ବି ( ଅ. )—ଇସ୍ତଫା (ଦେଖ)
Istāphā Istaphā (See)

ଇସ୍ତାରନାମା—ବୈଦେ. ବି ( ଅ. ଇସ୍ତିହାର୍‌ନାମା )—
Istāranāmā ଇସ୍ତିହାରନାମା (ଦେଖ)
Istihāranāmā (See)

ଇସ୍ତାହାର—ବୈଦେ. ବି ( ଅ. ଇସ୍ତିହାର )—ଇସ୍ତିହାର (ଦେଖ)
Istāhāra Istihāra (See)

ଇସ୍ତାହାରନାମା—ବୈଦେ. ବି. ( ଅ. )—
Istāhāranāmā ଇସ୍ତିହାରନାମା ( ଦେଖ )
Istihāranāmā ( See )

ଇସ୍ତିଫିସାର୍—ବୈଦେ. ବି. ଅ. (କଚେରିଆ ଭାଷା) (ଇସ୍ତିଫ୍‌ସାର୍—)
Istiphisār ୧ । ଜବାନବନ୍ଦୀ—1 Oral statement.
ইস্তিফিসার ୨ । ମକଦ୍ଦମାରେ ପକ୍ଷଙ୍କୁ କରାଯିବା ପ୍ରଶ୍ନ—
इस्तिफसार 2. Questions put to a party in a case.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ।୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ ୨ ।୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା :— 'ଗଞ' ନ ମିଳିଲେ 'ଗାଁ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଇସ୍ତିରି—ଦେ. ବି. (ହି. ଇସ୍ତ୍ରି; ଫା°. ଅସ୍ତ୍ର)—ଧୋବାମାନେ ସଫା ହୋଇଥିବା ଲୁଗାକୁ ମର୍ଦ୍ଦନ କରିବା ନିମନ୍ତେ ଯେଉଁ ଲୌହଯନ୍ତ୍ର ବ୍ୟବହାର କରନ୍ତି—Washerman's smoothing iron.
Istiri
ইস্তিরী
इस्तरी
ବୈଦେ. ବିଣ—ଇସ୍ତ୍ରି କରାଯାଇଥିବା (ଲୁଗା)—Ironed.

ଇସ୍ତିରି କରିବା—ଦେ କ୍ରି—(ଧୋବାମାନେ) ସଫା ହୋଇଥିବା ଲୁଗାକୁ ଲୌହଯନ୍ତ୍ର ସାହାଯ୍ୟରେ ମସୃଣ କରିବା—To iron a cloth.
Istiri kariba
ইস্তিরিকরা
इस्तिरी करना
[ଦ୍ର—ସଫା ହୋଇଥିବା ଲୁଗାକୁ ସମତଳ ପଟା ଉପରେ ରଖି ତହିଁରେ ମଣ୍ଡ ଲଗାଇ ତା ଉପରେ ଦହକ କୋଇଲାରେ ଉତ୍ତପ୍ତ ହୋଇ ଥିବା ଇସ୍ତିରି ଯନ୍ତ୍ରକୁ ଚଳାଇଲେ ଲୁଗା ଇସ୍ତିରି ହୁଏ ।]

ଇସ୍ତିହାର—ବୈଦେ. ବି. (ଅ. ଇସ୍ତେହାର୍)—ସାଧାରଣ ପ୍ରଚାରିତ ବିଜ୍ଞାପନ—Proclamation; notification.
Istihāra
ইস্তিহার
इस्तिहार

ଇସ୍ତିହାରନାମା—ବୈଦେ. ବି. (ଅ ଇସ୍ତେହାର୍ ନାମହ୍)-ଲିଖିତ ବିଜ୍ଞାପନ—Written proclamation.
Istihāranāmā
ইস্তিহারনামা
इस्तेहारनामा

ଇସ୍ତ୍ରୀ—ବୈଦେ. ବି. (ଅ)—ଇସ୍ତିରି (ଦେଖ)
Istri — Istiri (See)

ଇସ୍ପାତ—ବୈଦେ. ବି. (ଇଂ. ଷ୍ଟିଲ ପ୍ଲେଟ୍; ଏଥିର ସଂ.ନାମ ଖରଲୌହ) ରାସାୟନିକ ପ୍ରକ୍ରିୟାଦ୍ୱାରା ଦୃଢ଼ୀକୃତ ଲୌହ; ଟାଣ ଲୁହା—Steel.
Ispāta
ইস্পাত
कड़ाइ इस्पात

ଇସ୍ପିସଲ (ଇତ୍ୟାଦି)—ବୈଦେ. ବି—(ଇଂ ସ୍ପେସିଆଲ)—ସ୍ପେସିଆଲ୍ ଇତ୍ୟାଦି (ଦେଖ)
Ispisal (etc) — Ispisal etc. See)

ଇସ୍ପ୍ରିଙ୍ଗ୍—ବୈଦେ. ବି—(ଇଂ ସ୍ପ୍ରିଙ୍ଗ୍) କମାଣି; ଗାଡ଼ିଆଦିରେ ଲାଗିଥିବା ସ୍ଥିତିସ୍ଥାପକ ଲୌହ ଯନ୍ତ୍ର—Spring.
Ispring

ଇସ୍ମାଇଲିଆ—ବୈଦେ. ବି.—ମୁସଲମାନ ସମ୍ପ୍ରଦାୟବିଶେଷ—A sect of Mahomedans.
Ismāiliā

ଇସ୍ଲାମ—ବୈଦେ. ବି. (ଅ)—ମୁସଲମାନ ଧର୍ମ—Mahomedanism; Islam.
Islām
ইসলাম
इसलाम

ଇସ୍ଲାମୀ—ବୈଦେ. ବିଣ.—ଇସ୍ଲାମୀୟ (ଦେଖ)
Islāmi — Islāmiya (See)

ଇସ୍ଲାମୀୟ—ଦେ. ବିଣ. ( ଅ. ଇସ୍ଲାମ୍ + ସ. ପ୍ରତ୍ୟୟ. ଈୟ )—
Islāmiya
ইসলামীয়
इसलामी
୧ । ମୁସଲମାନ ଧର୍ମ ସମ୍ବନ୍ଧୀୟ—1. Islamic.
୨ । ମୁସଲମାନଧର୍ମବିଶ୍ୱାସୀ—2. Faithful ( in the Mahomedan religion )

ଇହ—ସଂ.ଅ. (ଇଦମ୍=ଏହା + ୭ମୀ ଅର୍ଥରେ. ହ; ନିପାତନ ସିଦ୍ଧ )—
Iha
୧ । ଏଠାରେ—1. Here; in this place.
୨ । ଏ ପୃଥିବୀରେ—2. On earth; in this world.
୩ । ଏହି ସମୟରେ—3. In this time.
ଇହଜ୍ଞାନ ନେଇ ଗୁଣ୍ଡିଏ ପରମକୁ ଦେଇ । ପ୍ରାଚୀ. ଉଦ୍ଧବଂନଷ୍ଟ ।

ଇହକାଳ—ସଂ. ବି. ( ଇହ + କାଳ )—୧ । ଏହି ଜନ୍ମ—1. The present life. (as distinguished from the after life )
Ihakāla
(ପରକାଳ—ବିପରୀତ)
୨ । ଏହି ପୃଥିବୀରେ ଜୀବନ କାଳ—2. Lifetime on this earth.

ଇହଜଗତ—ସଂ. ବି. ( ଇହ + ଜଗତ୍ )—ଏହି ପୃଥିବୀ—This world.
Ihajagata

ଇହଜନ୍ମ—ସଂ. ବି. ( ଇହ + ଜନ୍ମ )—ଏହି ଜନ୍ମ—This life ( as opposed to the next birth ).
Ihajanma
(ପରଜନ୍ମ—ବିପରୀତ)

ଇହତ୍ୟ—ସଂ. ଅ. (ଇହ = ଏଠାରେ + ତ୍ୟ)—ଅତ୍ରତ୍ୟ; ଏହି ସ୍ଥାନର—Of this place; belonging to this place.
Ihatya

ଇହଲୋକ—ସଂ. ବି—ଇହଜଗତ; ଏହି ପୃଥିବୀ—This world ( as opposed to the next world ); the present world.
Ihaloka
(ପରଲୋକ—ବିପରୀତ)

ଇହସ୍ଥ—ସଂ. ବିଣ. (ଇହ + ସ୍ଥା ଧାତୁ + ଅ)—ଅତ୍ରସ୍ଥ; ଏହି ସ୍ଥାନର—Of this place
Ihastha

ଇହା—ସଂ. ବି. ( ଇ=କନ୍ଦର୍ପ + ହନ ଧାତୁ=ନାଶ କରିବା + କ୍ୱିପ୍; ଯେ କନ୍ଦର୍ପକୁ ବିନାଶ କରିଥିଲେ )—ଶିବ; ମହାଦେବ—God Śiba.
Ihā
ସଂ. ବିଣ—କାମଧ୍ୱଂସକ—Destroyer of Cupid.
ଦେ. ସର୍ବନାମ ( ସଂ. ଇଦମ୍; ଅଦସ୍ )—ଏହା—This.

ଇହାଦେ—ପ୍ରାଦେ. ( ସମ୍ବଲପୁର ) ଅ—ବର୍ତ୍ତମାନ; ଏମନି—Now; at present.
Ihāde

ଇହାମୁତ୍ର—ସଂ. ଅ. ( ଇହ = ଏଠାରେ + ଅମୁତ୍ର = ସେଠାରେ; ଏଠାରେ ଓ ସେଠାରେ )—୧ । ଇହକାଳ ଓ ପରକାଳରେ; ଇହଲୋକରେ ଓ ପରଲୋକରେ—Here and hereafter; in this world and the next.
Ihāmutra
୨ । ସର୍ବତ୍ର—2. In all places.
୩ । ସର୍ବଦା—3. In all times
୪ । ଅନନ୍ତ କାଳଯାଏ 4. Ad-infinitum.

ଇହି—ଦେ. ଅ—ଘୃଣାବ୍ୟଞ୍ଜକ ଧ୍ୱନି—An exclamation of hatred.
Ihi

ଇହୁଦୀ—ବୈଦେ. ବି. ( ହିବ୍ରୁ )—ଯୀହୁଦ ( ଦେଖ )
Ihudi — Jihudi ( See )

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଝ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଡ଼ଅ | ଘ |
| ୨ | ଈ | ଞ | ରୁ | ଲୁ | ଫ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | କୃ |

# ଈ

[ ଦ୍ର—'ଇ'ଯୁକ୍ତ ଦେଶଜ ଶବ୍ଦମାନ 'ଈ' ଯୁକ୍ତ ହୋଇ ମଧ୍ୟ ଭାଷାରେ ବ୍ୟବହୃତ ହୁଏ । ଅତଏବ 'ଇ' କମ୍ବା ଈକାର ଯୁକ୍ତ ଦେଶଜ ଶବ୍ଦମାନଙ୍କ ପାଇଁ 'ଈ' ତଳେ ଦେଖ । ]

ଈ—ଭାଷାର ୪ର୍ଥ ସ୍ୱରବର୍ଣ୍ଣ—ଦୀର୍ଘସ୍ୱର; ଏଥିର ଉଚ୍ଚାରଣ ସ୍ଥାନ ତାଳୁ ଓ
Ī ଏହାର ଚିହ୍ନ 'ୀ' ବ୍ୟଞ୍ଜନବର୍ଣ୍ଣ ଶେଷରେ ବ୍ୟବହୃତ ହୁଏ— The 4th vowel corresponding to 'Ī'.

ଈ—ସଂ. ବି.—(ଈ ଧାତୁ=ଗମନ କରିବା+କର୍ମ. କ୍ୱିପ୍)—
Ī ୧ । ପୁଂ—କନ୍ଦର୍ପ; କାମଦେବ—1. Cupid
୨ । ସ୍ତ୍ରୀ. ( ଅ=ବିଷ୍ଣୁ+ସ୍ତ୍ରୀ. ଈ )—ଲକ୍ଷ୍ମୀ— 2. Lakshmi; the Goddess of fortune.
୩ । (+କର୍ତ୍ତୃ. କ୍ୱିପ୍) ରାଗ—3. Anger.
୪ । ଦୁଃଖ—4 Sorrow.

ଈ (ଧାତୁ)—ସଂ.—ଗମନ କରିବା—
Ī (root) To go: to move.

ଈ ( ପ୍ରତ୍ୟୟ )—ସ.—୧ । ସାଧାରଣତଃ ଅକାରାନ୍ତ ପୁଂଲିଙ୍ଗରେ ଈକାର
Ī (suffix) ଯୋଗ ହେଲେ ତାହା ସ୍ତ୍ରୀଲିଙ୍ଗବାଚକ ହୁଏ— ( ଯଥା—ନଟ-ନଟୀ; ନର-ନାରୀ; ଛାଗ-ଛାଗୀ; ନଦ-ନଦୀ )
୨ । ସମୟ ସମୟରେ ଏହା କ୍ଷୁଦ୍ରତାବାଚକ ହୁଏ— ( ଯଥା—ଘଟ-ଘଟୀ; ଗୁଳ-ଗୁଳୀ; ଇତ୍ୟାଦି )
୩ । ଅଭୂତ ତଦ୍ଭାବ ଅର୍ଥରେ ଅର୍ଥାତ୍ ପୂର୍ବେ ହୋଇ ନ ଥିଲା ବର୍ତ୍ତମାନ ହେଲା ଏ ଅର୍ଥରେ ଶବ୍ଦଶେଷରେ ଓ ଧାତୁର ପୂର୍ବେ ପ୍ରତ୍ୟୟ ହୁଏ ( ସଂସ୍କୃତ ଚ୍ୱି; ଯଥା—ଶୁକ୍ଲ—ଶୁକ୍ଲୀକୃତ)—A suffix.
୪ । ଅସ୍ତି ଅର୍ଥରେ ମଧ୍ୟ ବିଶେଷ୍ୟ ଓ ଧାତୁ ପରେ ଯୋଗ ହୁଏ ( ସଂସ୍କୃତ ଇନ୍; ଯଥା—ଧନ-ଧନୀ; ରାଗ-ରାଗୀ; ଦା-ଧାତୁ=ଦାୟୀ; ଗମ ଧାତୁ-ଗାମୀ )—A suffix.

ଈକାର—[ ବ୍ୟଞ୍ଜନ ବର୍ଣ୍ଣରେ 'ଈ' ଯୋଗ ହେବାର ମାତ୍ରା 'ୀ'କୁ
Īkāra ଚଟାଶାଳିରେ ଅବଧାନମାନେ 'ଅଙ୍କୁଶୀ' ବା 'ଅଙ୍କୁଡ଼ୀ' ବୋଲି ବାଳକମାନଙ୍କୁ ବୁଝାନ୍ତି—କରେ ଅଙ୍କୁଶୀ—କୀ ।]
୧ । ଈ ମାତ୍ରା 'ୀ'— 1. The sign of the long vowel 'Ī'.
୨ । ଈ ବର୍ଣ୍ଣ—2. The letter long 'Ī'.
୩ । ଈ ଶବ୍ଦ—3 The deep sound long Ī'

ଈକାରାନ୍ତ—ସଂ. ବିଣ—ଯେଉଁ ଶବ୍ଦ ଶେଷରେ ଈ ଥାଏ—
Īkārānta A word ending in Ī.

ଈକ୍ଷ (ଧାତୁ)—ସଂ.—ଦେଖିବା—To see
Īkha (root)

ଈକ୍ଷଣ—ସଂ. ବି. ( ଈକ୍ଷ ଧାତୁ=ଦେଖିବା+ଭାବ. ଅନ)—
Īkshaṇa ୧ । ଦୃଷ୍ଟି—1. Sight; look.
୨ । ଦର୍ଶନ—2. Act of seeing; inspection.
୩ । (+କରଣ. ଅନ)—ଅକ୍ଷି; ଚକ୍ଷୁ—3. Eye.

ଈକ୍ଷଣିକ—ସଂ. ବି. ପୁଂ—( ଈକ୍ଷଣ=ଦୃଷ୍ଟି+ଇକ; ଯେ ଭବିଷ୍ୟତ୍
Īkshaṇika କଥା ଦେଖିପାରେ)—ଦୈବଜ୍ଞ; ଭବିଷ୍ୟତ୍ କଥା
(ଈକ୍ଷଣିକା—ସ୍ତ୍ରୀ) ଜାଣିବା ବ୍ୟକ୍ତି— Fortune teller.

ଈକ୍ଷମାଣ—ସଂ. ବିଣ. ପୁଂ—( ଈକ୍ଷ ଧାତୁ=ଦେଖିବା+କର୍ତ୍ତୃ. ଅନ )
Īkshamāṇa ଦେଖିଥିବା—Looking at; observing.
(ଈକ୍ଷମାଣା—ସ୍ତ୍ରୀ)

ଈକ୍ଷା—ସଂ. ବି. ସ୍ତ୍ରୀ. (ଈକ୍ଷ ଧାତୁ=ଦେଖିବା+ଭାବ. ଅ+ସ୍ତ୍ରୀ. ଆ )—
Īkshā ଦୃଷ୍ଟି; ଦର୍ଶନ; ଦେଖିବା—Sight; act of seing.

ଈକ୍ଷିତ—ସଂ. ବିଣ. ( ଈକ୍ଷ ଧାତୁ=ଦେଖିବା+କର୍ମ. ତ )—ଦୃଷ୍ଟ—
Īkshita Seen; looked at; observed.
ସଂ. ବି ( +ଭାବ. ତ )—ଦର୍ଶନ—Seeing.

ଈକ୍ଷିତା—ସଂ. ବିଣ. ପୁଂ. (ଈକ୍ଷ ଧାତୁ=ଦେଖିବା+କର୍ତ୍ତୃ. ତୃ ୧ମା. ୧ବ.)—
Īkshitā ଦ୍ରଷ୍ଟା; ଦେଖିବା ବ୍ୟକ୍ତି; ଦର୍ଶକ—
(ଈକ୍ଷିତ୍ରୀ—ସ୍ତ୍ରୀ) Observer; spectator.

ଈଗଲ୍—ବୈଦେ. ବି. ( ଇଂ. ଈଗ୍ଲ୍ )—ଜବାଟର ପ୍ରସିଦ୍ଧବର୍ଗର ପକ୍ଷୀ
Īgal (ଏମାନେ ଆମେରିକାବାସୀ)—Eagle.
ईगल
ইগল

ଈ-ଟା—ପ୍ରାଦେ. ( ସମ୍ବଲପୁର ) ସର୍ବନାମ—ଏହିଟା; ଏହି—
Ī ṭā This.

ଈଡ଼ (ଧାତୁ)—ସଂ—୧ । ସ୍ତବ କରିବା—1 To pray.
Īrḍa root) ୨ । ପ୍ରଶଂସା କରିବା—2. To praise.

ଈଡ଼ା—ସଂ. ବି. ସ୍ତ୍ରୀ. (ଈଡ଼ ଧାତୁ=ସ୍ତୁତି କରିବା+ଭାବ. ଅ+ସ୍ତ୍ରୀ. ଆ)
Īrḍā —ସ୍ତୁତି; ସ୍ତବ; ପ୍ରଶଂସା— Thanksgiving; praise

ଈଡ଼ିତ—ସଂ. ବିଣ. ( ଈଡ଼ ଧାତୁ=ପୂଜା କରିବା+କର୍ମ. ତ )—
Īrḍita ସ୍ତୁତ; ପ୍ରଶଂସିତ—Praised; extolled.
ସଂ. ବି(+ଭାବ. ତ)—ସ୍ତୁତି; ପ୍ରଶଂସା—Praise; prayer.

ଈଡ୍ୟ—ସଂ. ବିଣ. ( ଈଡ଼ ଧାତୁ=ସ୍ତବ କରିବା+କର୍ମ. ଯ )—
Īdya ସ୍ତବ୍ୟ; ସ୍ତୁତ୍ୟ; ସ୍ତବର ଯୋଗ୍ୟ; ସ୍ତବନୀୟ; ପୂଜ୍ୟ— Revered; adorable.

ଈତି—ସଂ. ବି. ସ୍ତ୍ରୀ. ( ଈ ଧାତୁ=ଗମନ କରିବା+କର୍ମ. ତି )—
Īti ୧ । ରାଜ୍ୟର ଷଡ଼ବିଧ ବିଘ୍ନ ବା ବିପତ୍ତି; ଯଥା—ଅତିବୃଷ୍ଟି; ଅନାବୃଷ୍ଟି; ମୂଷିକ; ପତଙ୍ଗ; ପକ୍ଷୀ; ରାଜ୍ୟ ନିକଟସ୍ଥ ଶତ୍ରୁରାଜା—ଏହି ଛଅ ପ୍ରକାର ଶତ୍ରୁଙ୍କଦ୍ୱାରା ରାଜ୍ୟର ଅନିଷ୍ଟ— 1. Calamity to a kingdom; calamity proceeding from 6 causes—excessive rain; drought; rats; insects; birds; and invasion by a neighbouring enemy ( rival king )

> ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତତ୍ପରିବର୍ତ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଉ' ନ ମିଳିଲେ 'ଗାଓ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକ' ନ ପାଇଲେ 'ଅଳକ' ଦେଖିବେ ।

୨ । ରାଜ୍ୟରେ ମାରୀଭୟ—2. Plague.
୩ । ରାଜ୍ୟରେ ଦୁର୍ଭିକ୍ଷ—3. Famine.
୪ । ଗତି—4. Motion.
୫ । ପ୍ରବାସ—5. Sojourn.

ଈଦୃକ୍—ସଂ. ବିଣ. ( ଇଦମ୍ =ଏହି+ଦୃଶ୍ ଧାତୁ=ଦେଖିବା+କର୍ମ. 
Īdṛuk  କ୍ୱିପ୍; ଈଦୃଶ୍ ଶବ୍ଦ. ୧ମା. ୧ବ. )—
୧ । ଏତାଦୃକ୍; ଏହିପରି; ଏରୂପ—
1. Such; similar to this.
୨ । ଏବମ୍ଭୂତ—2. Like this.

ଈଦୃକ୍ଷ—ସଂ. ବିଣ. ( ଇଦଂ+ଦୃଶ୍ ଧାତୁ+କର୍ମ. ସ )—
Īdṛuksha  ଈଦୃକ୍ ( ଦେଖ )
Īdṛuk ( See )

ଈଦୃଶ—ସଂ. ବିଣ. ( ଇଦମ୍+ଦୃଶ୍ ଧାତୁ+କର୍ମ. ଅ )—
Īdṛuśa  ଈଦୃକ୍ ( ଦେଖ )
(ଈଦୃଶୀ—ସ୍ତ୍ରୀ)  Īdṛuk ( See )

ଈପ୍ସା—ସ.ବି. ସ୍ତ୍ରୀ (ଆପ୍ ଧାତୁ=ପାଇବା+ଇଚ୍ଛା ଅର୍ଥରେ. ସ+ସ୍ତ୍ରୀ.ଅ)—
Īpsā  ପାଇବାର ଇଚ୍ଛା; ପ୍ରାପ୍ତିଚ୍ଛା; ବାଞ୍ଛା—Desire to obtain; wish to have.

ଈପ୍ସିତ—ସଂ. ବିଣ—(ଆପ୍ ଧାତୁ+ଇଚ୍ଛାର୍ଥେ. ସ+କର୍ମ. ତ)—
Īpsita  ଅଭିଳଷିତ; ବାଞ୍ଛିତ—Wished for; desired.
ସଂ. ବି (+ଭାବ. ତ)—ଅଭିଳାଷ; ବାଞ୍ଛା—Wish; that which is desired or longed for.

ଈପ୍ସିତାର୍ଥ—ସଂ. ବି. (କର୍ମଧା; ଈପ୍ସିତ=ବାଞ୍ଛିତ+ଅର୍ଥ=ଉଦ୍ଦେଶ୍ୟ)—
Īpsitārtha  ବାଞ୍ଛିତ ଫଳ; ମନସ୍କାମନା—Desired object; the object aimed at.

ଈପ୍ସୁ—ସଂ. ବିଣ. ପୁଂ. ଓ ସ୍ତ୍ରୀ (ଆପ ଧାତୁ=ପାଇବା+ଇଚ୍ଛାର୍ଥ. ସ+
Īpsu  କର୍ତ୍ତୃ. ଉ)—ପାଇବାକୁ ଇଚ୍ଛୁକ; ପ୍ରାପ୍ତିଚ୍ଛୁ—Wishing; desirous to obtain.

ଈର (ଧାତୁ)—ସଂ.—୧ । ପ୍ରେରଣ କରିବା—1. To send.
Īra (root)  ୨ । ବ୍ୟାପିବା—2. To spread.
୩ । ବୋଲିବା—3. To speak.

ଈରଣ—ସଂ. ବି (ଈର୍ ଧାତୁ=ଗମନ କରିବା+ଅଧିକରଣ. ଅନ)—
Īraṇa  ୧ । ଊଷର ଭୂମି; କ୍ଷାର ଭୂମି—1. Calcine soil.
୨ । ମରୁଭୂମି—2. Desert; wilderness.

ଈରିଣ—ସଂ. ବି. (ଈର୍ ଧାତୁ=ଗମନ କରିବା+ଅଧିକରଣ. ଇନ୍)—
Īriṇa  ଈରଣ (ଦେଖ)—Īraṇa (See)

ଈରିତ—ସଂ. ବିଣ. (ଈର୍ ଧାତୁ=ବ୍ୟାପିବା; ପ୍ରେରଣ କରିବା; ବୋଲିବା
Īrita  +କର୍ମ. ତ)—୧ । କଥିତ—1. Spoken; said.
୨ । ବ୍ୟାପ୍ତ; କ୍ଷିପ୍ତ—2. Extended; spread.
୩ । ପ୍ରେରିତ—3. Sent; despatched.
୪ । ଚାଳିତ; କମ୍ପିତ—4. Moved.
୫ । କ୍ରୁଦ୍ଧ—5. Irritated; enraged.
ସଂ. ବି (+ଭାବ. ତ)—କଥନ; ବାକ୍ୟ; କଥା—Speech; words.

ଈରିଷା—ଗ୍ରା. ପଦ୍ୟ. ବି (ସଂ. ଈର୍ଷା)—ଈର୍ଷା (ଦେଖ
Īrisha  Īrshā (See)
ବ. ସ୍ଥ ଦେବେ ଈରିଷା ବହୁ ନ ମାନିବେ ଯେ । ଉଦ୍ଧ. ବୈଦେହୀଶବିଳାସ ।

ଈର୍ଷା—ସଂ. ବି. ସ୍ତ୍ରୀ (ଈର୍ଷ୍ୟ ଧାତୁ=ଦ୍ୱେଷ କରିବା+ଭାବ. ଅ+ସ୍ତ୍ରୀ.ଆ)·
Īrshā  ୧ । ଦ୍ୱେଷ—1 Grudge; malice.
୨ । ହିଂସା—2. Spite; envy; ill-feeling.
୩ । ପରଶ୍ରୀକାତରତା; ଅନ୍ୟର ସୌଭାଗ୍ୟରେ ଦୁଃଖ—
3. Impatience at another's prosperity.
୪ । ସ୍ତ୍ରୀ ବା ସ୍ୱାମୀର ପରସ୍ପର ପ୍ରତି ବ୍ୟଭିଚାରଶଙ୍କା—
4. Conjugal jealousy.

ଈର୍ଷା କରିବା—ଦେ. କ୍ରି—୧ । ଦ୍ୱେଷ କରିବା—
Īrshā kariba  1. To envy.
ঈর্ষা করা  ୨ । ପରଶ୍ରୀକାତର ହେବା—
ईर्षा करना  2. To feel impatient at another's prosperity.

ଈର୍ଷାପର—ସଂ. ବିଣ. ପୁଂ (୭ମୀ ତତ୍; ଈର୍ଷା+ପର)—ଈର୍ଷୀ; ଈର୍ଷା
Īrshāpara  ପ୍ରକୃତିକ—Envious; jealous.
(ଈର୍ଷାପରା—ସ୍ତ୍ରୀ)
(ଈର୍ଷାପରତା—ବି)

ଈର୍ଷାପରତନ୍ତ୍ର—ସଂ. ବିଣ. ପୁଂ (ଈର୍ଷା+ପରତନ୍ତ୍ର)—ଈର୍ଷାପର; ଦ୍ୱେଷ
Īrshāparatantra  ବା ଈର୍ଷାର ଅଧୀନ—Under the
(ଈର୍ଷାପରତନ୍ତ୍ରତା ବି)  influence of malice; subject to envy or jealousy.

ଈର୍ଷାଳୁ—ସଂ.ବିଣ (ଈର୍ଷା+ଯୁକ୍ତାର୍ଥରେ.ଆଳୁ)—ଅତ୍ୟନ୍ତ ପରଶ୍ରୀକାତର—
Īrshālu  Very envious or jealous; malicious.

ଈର୍ଷୀ—ସଂ. ବିଣ. ପୁଂ (ଈର୍ଷା+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ)—
Īrshi  ଈର୍ଷାଯୁକ୍ତ—Spiteful; malicious.
(ଈର୍ଷିଣୀ—ସ୍ତ୍ରୀ)

ଈର୍ଷ୍ୟ (ଧାତୁ)—ଦ୍ୱେଷ କରିବା—To envy.
Īrshya (root)

ଈର୍ଷ୍ୟା—ସଂ. ବି. ସ୍ତ୍ରୀ (ଈର୍ଷ୍ୟ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Īrshyā  ଈର୍ଷା (ଦେଖ)
Īrshā (See)

ଈର୍ଷ୍ୟୀ—ସଂ. ବିଣ (ଈର୍ଷ୍ୟା+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Īrshyi  ଈର୍ଷୀ (ଦେଖ)
(ଈର୍ଷ୍ୟିଣୀ—ସ୍ତ୍ରୀ)  Īrshi (See)

| ୧ | ଇ | ହ୍ର | ହ୍ର,ସ୍ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ବରାକ୍ଷର | ଣ | ନ | ଶ,ଷ | ଙ୍କ | ଇସ୍ | ଋଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଧ | ଭ | ରୁ | ଲୁ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ନୃ |

**ଈଳା**—ସଂ. ବ. ସ୍ତ୍ରୀ—(ଈଡ୍ ଧାତୁ=ସ୍ତବ କରିବା+କର୍ମ. ଅ+ସ୍ତ୍ରୀ. ଆ; ଳ ଆଗମ)—୧ । ବାଣୀ;ସରସ୍ବତୀ—1. Saraswati; Goddess of learning.
Īlā
୨ । ପୃଥିବୀ—2. The earth.
୩ । ଧେନୁ—3. Cow.
୪ । (+ଭାବ. ଅ+ସ୍ତ୍ରୀ. ଆ)—ସ୍ତୁତି; ସ୍ତବ;ପ୍ରଶଂସା—4. Praise; thanks-giving.

**ଈଳିତ**—ସଂ. ବଣ—(ଈଡ୍ ଧାତୁ+କର୍ମ. ତ)—ପ୍ରଶଂସିତ; ସ୍ତୁତ—Praised; extolled.
Īlita

**ଈଶ୍** (ଧାତୁ)—ସଂ—ଆଧିପତ୍ୟ କରିବା—To dominate.
Īś (root)

**ଈଶ୍**—ସଂ. ବ. (ଈଶ ଧାତୁ+କର୍ତ୍ତୃ. କ୍ୱିପ୍)—ଈଶ; ଈଶ୍ବର—God.
Īś

**ଈଶ**—ସଂ. ବ. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ଅ)—
Īśa
୧ । ପତି; ସ୍ବାମୀ—1. Husband.
୨ । ପ୍ରଭୁ—2. Lord; master.
୩ । ଈଶ୍ବର—3. God.
୪ । ଶିବ—4. Śiba.
୫ । ରାଜା—5. Ruler.
୬ । ନିୟନ୍ତା—6. Controller.
୭ । ରକ୍ଷକ—7. Protector.
ସଂ. ବଣ—୧ । ଶ୍ରେଷ୍ଠ—1. Chief.
୨ । ସମର୍ଥ—2. Competent.

**ଈଶା**—ସଂ. ବ. ସ୍ତ୍ରୀ. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ଲାଙ୍ଗଳଦଣ୍ଡ—1. Beam of a plough.
Īśā
୨ । ଲାଙ୍ଗଳ ଟାଣିବା ଲମ୍ବାଳିଆ ଭୂଭାଗ; ଲଙ୍ଗଳଗାର—2. Furrow.
୩ । ଈଶ୍ବରୀ; ଦୁର୍ଗା—3. Goddess Durgā.

**ଈଶାନ**—ସଂ. ବ. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ଅନ)—
Īśāna
୧ । ମହେଶ୍ବର; ଶିବ—1. Śiba.
୨ । ଏକାଦଶ ରୁଦ୍ର ମଧ୍ୟରୁ ଅଷ୍ଟମ ରୁଦ୍ର—2. One of the 11 Rudra Deities.
୩ । ମହାଦେବଙ୍କ ଅଷ୍ଟମୂର୍ତ୍ତି ମଧ୍ୟରୁ ସୂର୍ଯ୍ୟମୂର୍ତ୍ତି—3. One of the eight manifestations of Śiba—the solar one.
୪ । ଆଲୋକ—4. Light.
୫ । ତେଜଃ; ଜ୍ୟୋତିଃ—5. Splendour.
୬ । ପ୍ରଭୁ—6. Lord; master.

**ଈଶାନକୋଣ**—ସଂ. ବ. (୬ଷ୍ଠୀ ତତ୍; ଈଶାନ=ଶିବ+କୋଣ; ଶିବ ଏହି କୋଣର ଅଧିଷ୍ଠାତା)—ପୂର୍ବ ଓ ଉତ୍ତର ଦିଗର ମଧ୍ୟବର୍ତ୍ତୀ କୋଣ—The north-east quarter of the compass.
Īśānakoṇa

**ଈଶାନୀ**—ସଂ. ବ. ସ୍ତ୍ରୀ. (ଈଶାନ+ସ୍ତ୍ରୀ. ଈ)—ମହେଶ୍ବରୀ; ପାର୍ବତୀ; ଦୁର୍ଗା—Durgā.
Īśānī

**ଈଶାନୁକଥା**—ସଂ. ବ. (ଈଶ+ଅନୁକଥା)—ଉତ୍ତମ ପୁରୁଷଙ୍କ ଆଗେ ଈଶ୍ବରକଥା ବର୍ଣ୍ଣନ—Discussion of spiritual matters in a good society.
Īśānukathā

ଈଶ୍ବର କଥା ଅନବାଦେ, ଉତ୍ତମ ପୁରୁଷଙ୍କ ମଧ୍ୟେ ।
"ଈଶାନୁକଥା" ଏହା କହି, ଅପରେ ଶୁଣ ମନ ଦେଇ ।
ଜଗନ୍ନାଥ. ଭାଗବତ ।

**ଈଶିତା**—ସଂ. ବ. ପୁଂ—୧ । (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ତୃ)—ଈଶ୍ବର—1. God.
Īśitā
(ଈଶିତ୍ରୀ—ସ୍ତ୍ରୀ) ୨ । ସ୍ବାମୀ; ପ୍ରଭୁ—2. Lord; master.
୩ । (ଈଶିନ୍+ଭାବ. ତା)—ଈଶିତ୍ବ (ଦେଖ) 3. Īśitwa (See)
ସଂ. ବଣ—୧ । ସମର୍ଥ—1. Competent; mighty.
୨ । ପ୍ରଧାନ—2. Chief.

**ଈଶିତ୍ବ**—ସଂ. ବ. (ଈଶ୍ ଧାତୁ=ଆଧିପତ୍ୟ କରିବା+ଇନ୍=ଈଶିନ୍+ଭାବ. ତ୍ବ)—
Īśitwa
୧ । ଈଶ୍ବରତ୍ବ—1. God-head; Divinity.
୨ । ସର୍ବପ୍ରାଧାନ୍ୟ—2. Superiority.
୩ । ପ୍ରଭୁତ୍ବ; ଆଧିପତ୍ୟ—. Lordship; mastery.
୪ । ଶାସନ; ରାଜ୍ୟ—4. Sovereignty; rule.
୫ । ସାମର୍ଥ୍ୟ—5. Might.
୬ । ଅଣିମାଦି ଅଷ୍ଟ ଐଶ୍ବର୍ଯ୍ୟ ମଧ୍ୟରୁ ସର୍ବଭୂତର ସ୍ବାମିତ୍ବରୂପ ଐଶ୍ବର୍ଯ୍ୟ (ଈଶ୍ବରଙ୍କ ଶକ୍ତି)—6. One of the eight divine special attributes.
[ ଦ୍ର ଅଷ୍ଟୈଶ୍ବର୍ଯ୍ୟ ଦେଖ ]

**ଈଶ୍ବର**—ସଂ. ବ. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ବର)—
Īśwara
୧ । ପରମେଶ୍ବର—1. The Supreme Lord; God.
୨ । ପରଂବ୍ରହ୍ମ—2. The Essential or Universal Brahma.
୩ । ଶିବ; ମହାଦେବ—3. Śiba.
୪ । କନ୍ଦର୍ପ—4. Cupid.
୫ । ପ୍ରଭବାଦି ମଧ୍ୟରେ ଏକାଦଶ ବତ୍ସର—5. The 11th of the scriptural years.
୬ । ଅଧୀଶ୍ବର—6. Supreme lord.
୭ । ସ୍ବାମୀ; ପ୍ରଭୁ—7. Lord; master.
୮ । ରାଜା—8. King; ruler.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନ ଅକ୍ଷରରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଠ' ନ ମିଳିଲେ 'ଶାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'କଂଥି' ନ ପାଇଲେ 'କନ୍ଥି' ଦେଖିବେ; 'ଅଙ୍ଘ' ନ ପାଇଲେ 'ଅଂଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

୯ । ବିଷ୍ଣୁ—9 Bishṇu.
୧୦ । ବଡ଼ଲୋକ—10. Great man.
ଈଶ୍ୱର ଅବନକର ମଠ, ଅଳପ ଜନେ ବଟସତ—ଜଗନ୍ନାଥ. ଭାଗବତ ।
୧୧ । ଧନୀ ବ୍ୟକ୍ତି—11. Rich man.
ସଂ. ବିଣ. ପୁଂ—୧ । ସମର୍ଥ—1. Competent.
(ଈଶ୍ୱରୀ—ସ୍ତ୍ରୀ) ୨ । ଶ୍ରେଷ୍ଠ; ପ୍ରଧାନ—2. Chief; supreme
୩ । କ୍ଷମତାଶାଳୀ—3. Powerful.
୪ । ଧନୀ—4. Rich.
ଦେ. ବି. ପୁଂ—ଲୋକଙ୍କ ନାମ—Name of males.

**ଈଶ୍ୱରଜଟା**—ଦେ. ବି—ଈଶରଜଟା ( ଦେଖ )
Īśwarajaṭā — Īsarajaṭā ( See )

**ଈଶ୍ୱରଜର୍ଡ଼**—ପ୍ରାଦେ. ( ସିଂହଭୂମ ) ବି—ଶତାବରୀ; ଛତଭରୀ—
Īśwarajarḍa — The climbing Asparagus.

**ଈଶ୍ୱରଦତ୍ତ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ଭଗବାନ ଦେଇଥିବା—
Īśwaradatta — 1. Given by God.
୨ । ପ୍ରାକୃତିକ—2. Natural
୩ । ସହଜ; ଜନ୍ମଗତ—
3. Instinctive; inborn.

**ଈଶ୍ୱର ନ କରନ୍ତୁ**—ଦେ. ବାକ୍ୟ—( ଭବିଷ୍ୟତରେ ସମ୍ଭବ ହୋଇ
Īśwara na karantu — ଅଶଙ୍କିତ କୌଣସି ଅମଙ୍ଗଳ କଥା
ঈশ্বরনাকরুন — କହିବା ପୂର୍ବରୁ ବ୍ୟବହୃତ ବାକ୍ୟ)—ଏପରି ଅମଙ୍ଗଳ ନ ଘଟୁ—God forbid.

**ଈଶ୍ୱରନିଷେଧ**—ସଂ. ବି—ନାସ୍ତିକତା—
Īśwaranishedha — Denial of God; atheism.

**ଈଶ୍ୱରନିଷ୍ଠ**—ସଂ. ବି. ପୁଂ.—ଈଶ୍ୱରଙ୍କଠାରେ ଏକାନ୍ତ ନିର୍ଭରଶୀଳ—
Īśwaranishṭha — Having faith in God.
(ଈଶ୍ୱରନିଷ୍ଠା—ସ୍ତ୍ରୀ)

**ଈଶ୍ୱରନିଷ୍ଠା**—ସଂ. ବି. (୭ମୀ ତତ୍)—ଈଶ୍ୱରଙ୍କଠାରେ ଏକାନ୍ତ ବିଶ୍ୱାସ—
Īśwaranishṭhā — Faith in God.
ସଂ. ବିଣ. ସ୍ତ୍ରୀ ( ଈଶ୍ୱରନିଷ୍ଠ + ଆ )—ଈଶ୍ୱରନିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Īśwaranishṭha.

**ଈଶ୍ୱରପରାୟଣ**—ସଂ. ବିଣ. ପୁଂ. (ବହୁବ୍ରୀହି)—ଈଶ୍ୱରଙ୍କଠାରେ ଏକାନ୍ତ
Īśwaraparāyaṇa — ଭକ୍ତିଯୁକ୍ତ—Devoted to God;
(ଈଶ୍ୱରପରାୟଣା—ସ୍ତ୍ରୀ) God-fearing.
(ଈଶ୍ୱରପରାୟଣତା—ବି)

**ଈଶ୍ୱରପାର୍ବତୀ**—ସଂ. ବି. (ଦ୍ୱନ୍ଦ୍ୱ)—ହର ଓ ପାର୍ବତୀ—
Īśwarapārbatī — Śiba and his consort.

**ଈଶ୍ୱରବାଦ**—ସଂ. ବି. ( ୭ମୀ ତତ୍; ଈଶ୍ୱରଙ୍କ ସମ୍ବନ୍ଧରେ ବାଦ )—
Īśwarabāda — ପରମେଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ—Theism; belief in the existence of God.

**ଈଶ୍ୱରବାଦୀ**—ସଂ. ବି. ପୁଂ—ପରମେଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସକାରୀ—
Īśwarabādī — Theistic; theist: believing in the existence of God.

**ଈଶ୍ୱରବିଶ୍ୱାସ**—ସଂ. ବି. (୭ମୀ ତତ୍)—ଈଶ୍ୱରଙ୍କଠାରେ ବିଶ୍ୱାସ—
Īśwarabiśwāsa — Faith in God.

**ଈଶ୍ୱରବିଶ୍ୱାସୀ**—ସଂ. ବି.—ଈଶ୍ୱରଙ୍କଠାରେ ବିଶ୍ୱାସବାନ୍—
Īśwarabiśwāsī — God-fearing; faithful.

**ଈଶ୍ୱର ଭଲ କରନ୍ତୁ**—ଦେ. ବାକ୍ୟ—ମୁଦ୍ରାଦୋଷରୁ କେତେକ ଲୋକଙ୍କ
Īśwara bhala karantu — କଥା କହିବା ମଧ୍ୟରେ ବ୍ୟବହୃତ
ঈশ্বর ভাল করুন — ବାକ୍ୟ—A mannerism meaning "God do bless."

**ଈଶ୍ୱରାଧୀନ**—ସଂ. ବି. (୬ଷ୍ଠୀ ତତ୍)—ଈଶ୍ୱରଙ୍କ ଅଧୀନର ଅଧୀନ—
Īśwarādhīna — Subject to the will of God.

**ଈଶ୍ୱରାନୁଗୃହୀତ**—ସଂ. ବି ( ୩ୟା ତତ୍ )—ପ୍ରଭୁଙ୍କଦ୍ୱାରା ଅନୁଗ୍ରହପ୍ରାପ୍ତ—
Īśwarānugṛuhīta — Favoured by God.

**ଈଶ୍ୱରୀ**—ସଂ. ବି. ସ୍ତ୍ରୀ ( ଈଶ୍ୱର = ମହାଦେବ + ସ୍ତ୍ରୀ. ଈ)—୧ । ପାର୍ବତୀ;
Īśwarī — ଦୁର୍ଗା—Durgā; the consort of Śiba.
୨ । ଲକ୍ଷ୍ମୀ—2. Lakshmī, the Goddess of fortune.
୩ । ସରସ୍ୱତୀ—3. Saraswatī, the Goddess of learning.
୪ । ରାଣୀ; ସାମ୍ରାଜ୍ଞୀ—4. Queen ; empress.

**ଈଷ(ଧାତୁ)**—ସଂ.—୧ । ଆଘାତ କରିବା—1. To strike.
Īsha (root) ୨ । ଯିବା—2. To go
୩ । ଗତି କରିବା—3. To move.

**ଈଷତ୍**—ସଂ. ଅ.—ସାମାନ୍ୟ; ଅଳ୍ପପରିମାଣରେ (ଯଥା—ଈଷନ୍ନୀଳ;
Īshat — ଈଷଦୁକ୍ତ )—A little; somewhat.
[ଦ୍ର—ସାଧାରଣତଃ ଶବ୍ଦର ପୂର୍ବରେ ବ୍ୟବହୃତ ହେଲେ ଉପରୋକ୍ତ ଅର୍ଥ ବୁଝାଏ । ]

**ଈଷତ୍କର**—ସଂ. ବିଣ—୧ । ସୁଖସାଧ୍ୟ; ସୁସାଧ୍ୟ—
Īshatkara — 1. Easy of accomplishment.
୨ । ସ୍ୱଳ୍ପଫଳବିଶିଷ୍ଟ—2. Of little importance or effect.

**ଈଷତ**—ଦେ. ଅ ( ସଂ. ଈଷତ୍ )—ଈଷତ୍ ( ଦେଖ )
Īshata — Īshat ( See )
ତୁଣ୍ଡ ବଦନ ହର ଗୃହେଁ, ଈଷତ ହାସ୍ୟେ ବାକ୍ୟ କହି । ଜଗନ୍ନାଥ. ଭାଗବତ ।

**ଈଷତେ**—ଦେ. କ୍ରି. ବିଣ ( ସଂ. ଈଷତ୍ )—ଅକ୍ଳେଶରେ—
Īshate — Easily.
ତାହାକୁ ଲଗାଏ ମାତଲେ; ଈଷତେ ଦନ୍ତ ଉପୁଡ଼ିଲେ ।
ଜଗନ୍ନାଥ. ଭାଗବତ. ୧୦ମ. ସ୍କନ୍ଧ ।

**ଈଷଦୁଷ୍ଣ**—ସଂ. ବିଣ ( ଈଷତ୍ = ସାମାନ୍ୟ + ଉଷ୍ଣ = ଗରମ )—କବୋଷ୍ଣ;
Īshadushṇa — କଦୁଷ୍ଣ; ଅଳ୍ପ ଗରମ—Slightly warm; luke warm.
(ଈଷଦୁଷ୍ଣତା—ବି)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ୃ | ଌ | ଏ | ହସନ୍ତ ବର୍ଣ୍ଣ | ଅକୁଳାଦିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଛ୍ଥ | ଘ |
| ୨ | ଈ | ଊ | ୠ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | କ୍ଣ |

ଈଷଦୂନ—ସଂ. ବଣ (ଈଷତ୍+ଊନ=ନ୍ୟୂନ)—ହ୍ରସ୍ୱକମ୍; ସାମାନ୍ୟରେ
Īshadūna ଊଣା—Slightly deficient; not quite full or complete, a little below.

ଈଷଦ୍ଦର୍ଶନ—ସଂ. ବ (ଈଷତ୍+ଦର୍ଶନ=ଦୃଷ୍ଟି)—କଟାକ୍ଷ—
Īshaddarśana Glance; slight view; side-glance.

ଈଷଦ୍ଧାସ—ସଂ. ବ.—ଈଷଦ୍ଧାସ୍ୟ (ଦେଖ)
Īshaddhāsa Īshaddhāsya (See)

ଈଷଦ୍ଧାସ୍ୟ—ସଂ. ବ. (ଈଷତ୍+ହାସ୍ୟ=ହସ)—ସାମାନ୍ୟ ହସ;
Īshaddhāsya ଅଳ୍ପ ହାସ୍ୟ—Slight laughter; a smile.

ଈଷନ୍ମାତ୍ର—ସଂ. ଅ—(ଈଷତ୍+ମାତ୍ର)—ଅଳ୍ପମାତ୍ର; ସାମାନ୍ୟମାତ୍ର—
Īshanmātra Slightly.

ଈଷା—ସଂ. ବ. ସ୍ତ୍ରୀ—(ଈଷ ଧାତୁ+ଅ+ଆ)—୧ । ଲଙ୍ଗଳଦଣ୍ଡ—
Īshā 1. Plough-beam.
୨ । ଲଙ୍ଗଳ ଶିଆର—2. Plough-share.
୩ । ଶଗଡ଼ଦଣ୍ଡା—3. The beams of a cart.

ଶଲ୍ୟଙ୍କ ଭାଲ୍ଲଙ୍କର ଚିର ପାଦ ଭୃଙ୍ଗ; ହସ୍ତ ଚକ୍ଷସାରଥ ଯୁଗ ଈଷା ଧ୍ୱଜ ।
କୃଷ୍ଣସିଂହ ମହାଭାରତ. ଦ୍ରୋଣ ।

୪ । ଗାଡ଼ିର ବମ୍; ରଥାବଯବ ବିଶେଷ—
4. The beams of a cart.

ଈଷାଳୁ—ଗ୍ରା. ବଣ—ଈର୍ଷାଳୁ; ଈର୍ଷାଯୁକ୍ତ—
Īshālu Envious.

ଈଷାଳୁ ହେବ ଶୁଣି, ହସିଲେ ସାରଙ୍ଗପାଣି । ପ୍ରାଚୀ—ରହସ୍ୟମଞ୍ଜରୀ ।

ଈଷିକା—ସଂ. ବ. ସ୍ତ୍ରୀ (ଈଷ ଧାତୁ=ଆଘାତ କରିବା; ଯିବା+ଇକ+ସ୍ତ୍ରୀ.
Īshikā ଆ)—୧ । ଚିତ୍ରତୂଳିକା; ତୂଳି—1. Painter's brush.
୨ । ହସ୍ତୀର ନେତ୍ରଗୋଳକ—
2. Elephant's eye-ball.
୩ । କାଶ ତୃଣ; କାଇଁଶଘାସ—
3. A kind of wicker grass.
୪ । ଅସ୍ତ୍ରବିଶେଷ; ଛୁରିକା—
4. Dagger; a knife.

ଈଷିତ—ଦେ. କ୍ରି. ବଣ (ସଂ. ଈଷତ୍)—ସାମାନ୍ୟରେ; ଅଳ୍ପରେ—
Īshita Slightly; somewhat.
ଦେ. ବଣ—ଅଳ୍ପ; ସାମାନ୍ୟ—Little; slight.

ଈଷିତ ଅଙ୍ଗରେ ଭୂଷଣ
ତ୍ରିଗୁଣ ଛଟିଲା ମୋହର—ଭୂପତି. ପ୍ରେମପଞ୍ଚାମୃତ ।

ଈଷିତେ—ଦେ. କ୍ରି. ବଣ (ସଂ. ଈଷତ୍)—ଈଷିତ (ଦେଖ)
Īshite

ଈଷିତେ ବିକଶିତ କଲ
ମନ ମଧୁରେ ସେ ଗହଳ—କବିସୂର୍ଯ୍ୟ. ଗଜକୁ. ଅମ ।

ଈଷୀକା—ସଂ. ବ. ସ୍ତ୍ରୀ—ଈଷିକା (ଦେଖ)
Īshīkā Īshikā (See)

କର ଯେ ସମସ୍ତେ ଶିବଙ୍କ ଦାଣ ପାଇଁ
ଈଷୀକାସ୍ତ୍ର (କାଶତୃଣ) ଧରି ମଲ୍ଲିଲେ କ୍ରୋଧ ବହ୍ନି—କୃଷ୍ଣସିଂହ. ମହାଭାରତ. ଶାନ୍ତି

ଈହ (ଧାତୁ)—ସଂ.—ଚେଷ୍ଟା କରିବା—
Īha (root) To try; to endeavour.

ଈହମାନ—ସଂ. ବଣ ପୁଂ (ଈହ ଧାତୁ=ଚେଷ୍ଟା କରିବା; ଇଚ୍ଛା କରିବା+
Īhamāna ଆନ)—ଚେଷ୍ଟମାନ; ଚେଷ୍ଟା କରୁଥିବା—
(ଈହମାନା—ସ୍ତ୍ରୀ) Endeavouring; striving; exerting; attempting.

ଈହା—ସଂ. ବ. ସ୍ତ୍ରୀ (ଈହ ଧାତୁ+ଚେଷ୍ଟା କରିବା; ଇଚ୍ଛା କରିବା+ଅ+
Īhā ସ୍ତ୍ରୀ. ଆ)—୧ । ଚେଷ୍ଟା; ଯତ୍ନ; ଉଦ୍ୟମ—
Endeavour; exertion.
୨ । ଇଚ୍ଛା; ଅଭିଳାଷ—2. Wish.

ଈହାବୃକ—ସଂ. ବ (ଈହା=ଚେଷ୍ଟା+ବୃକ=ହେଟା; ମୃଗ ଚେଷ୍ଟାରେ
Īhābṛuka ଥିବା ହେଟା)—୧ । ହେଟାବାଘ—1. Wolf.
୨ । ଦୃଶ୍ୟକାବ୍ୟାନ୍ତର୍ଗତ ଚତୁରଙ୍କବିଶିଷ୍ଟ ଏକପ୍ରକାର ରୂପକ—
2. A kind of allegorical drama of four acts.

ଈହାମୃଗ—ସଂ. ବ (ଈହା=ଚେଷ୍ଟା+ମୃଗ; ଯେ ମୃଗ ବଧ କରିବାପାଇଁ
Īhāmṛuga ଚେଷ୍ଟାରେ ଥାଏ)—
ଈହାବୃକ (ଦେଖ)
Īhābṛuka (See)

ଈହିତ—ସଂ. ବଣ. (ଈହ ଧାତୁ=ଚେଷ୍ଟା କରିବା; ଇଚ୍ଛା କରିବା+କର୍ତ୍ତୃ.
Īhita ତ)—୧ । ଚେଷ୍ଟିତ; ଉଦ୍ୟତ—
1. Striving; attempting.
୨ । (+କର୍ମ. ତ) ଯେଉଁ ବିଷୟରେ ଚେଷ୍ଟା କରାଯାଉଅଛି—2. Attempted; strived at.
୩ । (+କର୍ମ. ତ)—ଇଷ୍ଟ; ଆକାଙ୍କ୍ଷିତ; ଇପ୍ସିତ—
3. Sought after; wished for.
ସଂ. ବ (+ଭାବ. ତ)—୧ । ଚେଷ୍ଟା; ଉଦ୍‌ଯୋଗ; ଉଦ୍ୟମ—
1. Effort; attempt.
୨ । ଇଚ୍ଛା—2. Wish.

---

# ଉ

ଉ—ପଞ୍ଚମ ସ୍ୱରବର୍ଣ୍ଣ; ଏହା ହ୍ରସ୍ୱ; ଏଥିର ମାତ୍ରା ବ୍ୟଞ୍ଜନବର୍ଣ୍ଣ ତଳରେ ‘ୁ’
U ଏହିପରି ଲଗି ଅଙ୍କ ମାତ୍ରାରୂପେ ବ୍ୟବହୃତ ହୁଏ; ଏହାର ଉଚ୍ଚାରଣ
উ ସ୍ଥାନ—ଓଷ୍ଠ ।—The fifth vowel (short) corresponding to English ‘u’

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଦୁଅ' ନ ମିଳିଲେ 'ଦୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ସଂ ବି—୧ । ଶିବ—1. Śiba.

୨ । ବ୍ରହ୍ମା—2. Brahmā; the Creator.

ଦେ. ଅ—୧ । ସମ୍ବୋଧନ; କ୍ରୋଧ, ଦୟା, ନିୟୋଗ, ପଦପୂରଣରେ ବ୍ୟବହୃତ—1. Oh; interjection used in expressing anger, pity and employment.

୨ । ଶିଶୁକୁ କୌଣସି ବସ୍ତୁ ବା ଜୀବ ( କୁଆ, ବିଲୁଆ ) ଆଦି ଦେଖାଇ ଭୟ ଜାତ କରାଇବା ଉଦ୍ଦେଶ୍ୟରେ ବ୍ୟବହୃତ ଧ୍ୱନି—
2. Interjection used in frightening infants.

[ ଦ୍ର— ହଠାତ୍ କୌଣସି ଭୟଜନକ ପଦାର୍ଥ ବା ଜୀବ (ଅଗ୍ନି, ସର୍ପ, ବାଘ ଆଦି) ଦେଖିଲେ ବା ହଠାତ୍ ଭୟ ପାଇଲେ ଏହି ଅବ୍ୟୟ ଧ୍ୱନି ବ୍ୟବହୃତ ହୁଏ—'ଉ ! ମୋ !' ]

୩ । ଦେଖାଯାଉ ନ ଥିବା କୌଣସି ବ୍ୟକ୍ତି ଦୂରରୁ ଡାକୁଥିଲେ ତାକୁ ଦୂରରୁ ଏହି ଧ୍ୱନିଦ୍ୱାରା ଜବାବ ଦିଆଯାଏ— ଏହାର ଅର୍ଥ—'ଓ; ହଁ; ମୁଁ ଯାଉଛି ।'
3. Interjection used in responding to a call from a distance.

୪ । ବିଶେଷ୍ୟ ପରେ 'ସଂଖ୍ୟାବାଚକ' ସ୍ଥଳେ ଏକବଚନାନ୍ତ ଟି, ଟା, ଟିଏ ଓ ଟାଏ ଇତ୍ୟାଦି ପ୍ରୟୋଗ ହେଲେ ଅକାରାନ୍ତ ବ୍ୟଞ୍ଜନାନ୍ତ ଶବ୍ଦରେ କେବେ କେବେ 'ଉ' ଯୁକ୍ତ ହୁଏ—

ଡହଡହ ହେବ ମୁହୁଁ ଅବୟବ ଶ୍ୟାମ ସ୍ତନଯୁଗ୍ମ ଯୋଗୁଁ—
କବିସୂର୍ଯ୍ୟ କିଶୋରଚମ୍ପୂ, ଡ. ଗୀତ ।

ଦେ. ପ୍ରତ୍ୟୟ—୧ । ପଞ୍ଚମୀବିଭକ୍ତିର ଚିହ୍ନସ୍ୱରୂପ ଅକାରାନ୍ତ ବିଶେଷ୍ୟ ସଙ୍ଗେ ଯୁକ୍ତ ହୁଏ—An inflection added to nouns ending with 'ଅ' to denote the ablative case.

ଏହା ନିମ୍ନଲିଖିତ ସ୍ଥଳମାନଙ୍କରେ ଲଗେ:—

(କ) ରୁ, ଠାରୁ—From

"ଟାଳନ୍ତି ସୁଧାଂଶୁ କଳାକୁ ଅକାଶୁଁ କରିବାକୁ ପାଣିଗତ
କବିସୂର୍ଯ୍ୟ. କିଶୋରଚମ୍ପୂ. ଟ ଗୀତ ।

(ଖ) ଅମୁକଠାରୁ ଭୟ ପାଇବା ଅର୍ଥରେ—ଭୟର ହେତୁ—
Cause of fear.

ଡର ନାହିଁ କି ହେ ପର ତରୁଣୀ ହରଣୁ ।
କବିସୂର୍ଯ୍ୟ—କିଶୋରଚମ୍ପୂ. ଡ. ଗୀତ ।

(ଗ) ଅପେକ୍ଷା—Than (ଯଥା— ମେରୁଁ ଅଧିକ ଅଟେ ସୋନ)

(ଘ) ହେତୁରୁ; ଯୋଗୁଁ—On account of; owing to

ଲୋଭ ଲାଗି ଡେର ପଡ଼ିବ ଯେ ହେବ ମୋହପଣ ଆଚରଣ ।
କବିସୂର୍ଯ୍ୟ—କିଶୋରଚମ୍ପୂ, ଢ. ଗୀତ ।

୨ । ଭବିଷ୍ୟ ବର୍ତ୍ତମାନ କାଳ ଓ ଅନୁଜ୍ଞାରେ କ୍ରିୟାର ମୂଳ ସହିତ ଯୁକ୍ତ ପ୍ରତ୍ୟୟ—A verbal inflection.

ଆମ୍ଭେ କରୁ (ଁ)
ଆମ୍ଭେମାନେ କରୁ (ଁ)
ତୁ କରୁ
ସେ କରୁ (ଇତ୍ୟାଦି) ।

୩ । ଅସମାପିକାକ୍ରିୟା ଅର୍ଥରେ—କ୍ରିୟାର ମୂଳ ସଙ୍ଗେ ଯୁକ୍ତ ହୋଇ ଦୁଇଥର ବ୍ୟବହୃତ ହେଲେ, କ୍ରିୟାର ଅସମାପ୍ତି ବୁଝାଏ (ଯଥା—କରୁ କରୁ, ଖାଉ ଖାଉ)—
A verbal inflection.

**ଉଅ କରିବା**—ଦେ. କ୍ରି—୧ । ଡାକିଲେ ପ୍ରତ୍ୟୁତ୍ତର ଦେବା—
Ua kariba 1. To respond when called.

୨ । (ଲକ୍ଷଣାର୍ଥ)—ଦରକାର ବେଳେ କାର୍ଯ୍ୟରେ ଆସିବା—
2. (fig) To be of use in time of need.

ପୋଷପୁଅ ଗୁଣ୍ଡାରୁଅ, ବେଳ ଡାକରେ ନ କରନ୍ତି ଉଅ—ଢଗ ।

**ଉଆ**—ଦେ. ବିଣ. (ସଂ.=ଅତପାନ୍ନ)—ଅରୁଆ (ଚାଉଳ; ଭାତ)
Uā
ଆତପ চাল
অরবা
Rice or bhāta prepared from sun-dried (not parboiled) paddy.

ଉଆ ଚାଉଳ ପେଜ ନାଇ, ରାନ୍ଧିବା ମାତ୍ରକେ ଓହ୍ଲାଇ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

**ଉଅଉ**—ଗ୍ରା. ବି. (ସଂ. ବନ୍ଧୁବାନ୍, ହିବ୍ୟ, ଉଦ୍‌ବାଳକ)—ଓଉ ( ଦେଖ )
Uāu Ou (See)

ଅମ୍ବ ନାଇକେଳ ସେ ଉଅଉ ଅମ୍ବଡ଼ା ।
କୃଷ୍ଣସିଂହ ମହାଭାରତ. ବନ ।

**ଉଅଉଗାଲି**—ଗ୍ରା. ବିଣ. ସ୍ତ୍ରୀ (ଓଉପରି ଫୁଲିଥିବା ଗାଲ ଯାହାର)—
Uāugāli ଫୁଲୁକାଗାଲି—( a lady) Having swollen cheeks.

ହେଲ ପଛେ ଉଅଉଗାଲି, ଦେହ୍ନାକୀ ସେ କଥା ଧରିବେ ନାହିଁ ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଉଅଁସ**—ଗ୍ରା ବି. (ସଂ.=ଅମାବାସ୍ୟା)—ଅମାବାସ୍ୟା; ଚନ୍ଦ୍ରହୀନ ତିଥି—
Uāṅsa The first day of the new-moon.
অমাবস্যা
अमावस

କଲା ଶେଷ ହୁଏ ଉଅଁସରେ ।
ଶିଶୁଶଙ୍କର—ଉଷା ଅଭିଳାଷ ।

**ଉଅଁସପୁନେଇ**—ଗ୍ରା. ବି. (ସହଚର) (ସଂ. ଅମାବାସ୍ୟା + ପୂର୍ଣ୍ଣିମା)—
Uāṅsa puneiṅ (ଲକ୍ଷଣାର୍ଥ) ପର୍ବପର୍ବାଣି—Festival days.

ଉଅଁସ ପୁନେଇରେ ପିଠାଟିଏ, ଛେଳା ଟିକିଏ ହେଲେ ଖାଇଆ ନିଶ୍ୱାସ ପକାଏ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଉଅଁସୀ**—ଦେ. ବିଣ. ସ୍ତ୍ରୀ (ସଂ. ଅମାବାସ୍ୟା )—
Uāṅsi ଅମାବାସ୍ୟାରେ ଜାତ ହୋଇଥିବା (କନ୍ୟା)—
(a daughter) Born on the first day of the new-moon,

[ ଦ୍ର- ଯେଉଁ କନ୍ୟାମାନେ ଅମାବାସ୍ୟାରେ ଜନ୍ମଗ୍ରହଣ କରନ୍ତି ସେମାନେ ଶୀଘ୍ର ବିଧବା ହୁଅନ୍ତି ଏବଂ ତାଙ୍କ ସ୍ୱାମୀମାନେ ଅଳ୍ପାୟୁଷ ହୁଅନ୍ତି ବୋଲି ହିନ୍ଦୁମାନଙ୍କର ସଂସ୍କାର ଅଛି । ]

ଦେ. ବି. ସ୍ତ୍ରୀ—ଅମାବାସ୍ୟାରେ ଜନ୍ମିଥିବା କନ୍ୟା—
A daughter born on the new-moon day.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଥ | ୱ | ନ |

ଉଅଁଶୀ କନିଅଁ - ଗ୍ରା. ବି. ସ୍ତ୍ରୀ—ଯେଉଁ କନ୍ୟା ଅମାବାସ୍ୟାରେ
Uāṅsi kaniāṅ ଜନ୍ମିଥାଏ—A girl born on the 1st day of the new moon.

ଉଅଁଶୀକନିଅଁକୁ ଅଲେଖଶିଅ ବର—ଚଗ ।

ଉଆକପ୍ (ଇତ୍ୟାଦି)—ବୈଦେ. ବି.—ୱାକପ୍ ଇତ୍ୟାଦି (ଦେଖ)
Uākap etc Wākap etc (See)

ଉଆକଫ୍ (ଇତ୍ୟାଦି)—ବୈଦେ. ବି.—ୱାକଫ୍ ଇତ୍ୟାଦି (ଦେଖ)
Uākaph etc Wākaph etc (See)

ଉଆକବ୍ (ଇତ୍ୟାଦି)—ବୈଦେ. ବି.—ୱାକବ୍ ଇତ୍ୟାଦି (ଦେଖ)
Uākab etc Wākab etc (See)

ଉଆକୁଟା—ଦେ. ବିଣ.—ଯେଉଁ ମନୁଷ୍ୟ ବା ଢିଙ୍କି କେବଳମାତ୍ର ଅରୁଆ
Uākuṭā ଚାଉଳ କୁଟେ । (ଯେଉଁ ଢିଙ୍କିରେ ଉଷୁନା ଚାଉଳ କୁଟାଯାଏ ତାହା ଲିପାପୋଛା ନ ହେଲେ ତହିଁରେ ଅରୁଆ ଚାଉଳ କୁଟା ଯାଏ ନାହିଁ)—A person or dheṅki husking sun-dried paddy only.

ଉଆଖିଆ—ଦେ. ବିଣ.—ଯେ ଅରୁଆଭାତ ଖାଏ—One who
Uākhiā takes sunned rice.

ଉଆଚ୍ (ଇତ୍ୟାଦି)—ବୈଦେ. ବି.—ୱାଚ୍ ଇତ୍ୟାଦି (ଦେଖ)
Uāch etc Wach etc (See)

ଉଆ ଚାଉଳ—ଦେ. ବି. (ସଂ=ଆତପତଣ୍ଡୁଳ)—ଉଷୁଅଁ ନ ହୋଇ,
Uā chāu̱la କେବଳ ଖରାରେ ଶୁଖିଥିବା ଧାନର ଚାଉଳ—Rice prepared from sun-dried paddy

ଉଆ ଚାଉଳ ଚଢ଼େଇ—ଦେ. ବି.—ଘରଚଟିଆ ଠାରୁ ଛୋଟ ୮ । ୧୦
Uā chāu̱la char̤hei ଅଙ୍ଗୁଳ ଲମ୍ବ) ଏକ ଜାତୀୟ ଚଢ଼େଇ 'ଉଆଚାଉଳ' - ଏହି ଶବ୍ଦର ଅନୁକରଣ କଲାଭଳି ଧ୍ୱନି କରେ—A kind of small bird of the sparrow species.

ଉଆଚୁଡ଼ା—ଦେ. ବି.—ଧାନ ସିଝା ନ ହୋଇ, ଅର୍ଥାତ୍ କେବଳ ମାତ୍ର
Uāchur̤ā ପାଣିରେ ବତୁରି ହୋଇ, ଯେଉଁ ଚୁଡ଼ା ପ୍ରସ୍ତୁତ ହୁଏ—Parched unboiled paddy.

ଉଆଜ୍—ବୈଦେ. ବି. (ଅ. ଆୱାଜ୍)—ଶବ୍ଦ; ଧ୍ୱନି—Sound.
Uāj
আবাজ ଚତୁର୍ଦ୍ଦିଗରେ ମୁହୁର୍ମୁହୁ ବନ୍ଧୁକ ଉଆଜ୍ ହେଲା ।
आवाज ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ପ୍ରଖ୍ୟାତି—2. Celebrity.

୩ । ବନ୍ଧୁକ ଫୁଟିବାର ଶବ୍ଦ—2. Report of gun-fire.

ଦେ. ବିଣ.—ପ୍ରକଟ—Published.

ଉଆଜ୍ କରିବା—ଦେ.କ୍ରି—ଧ୍ୱନି ବା ଶବ୍ଦ କରିବା—To make a
Uāj karibā sound as by firing a gun.
আবাজকরা
आवाजकरना

ଉଆଜ୍‌ଦାର—ବୈଦେ. ବିଣ (ଅ)—ଉଚ୍ଚ ଶବ୍ଦକାରୀ—
Uājdār (ଯଥା—ଘଣ୍ଟା; ବନ୍ଧୁକ)—
আবাজদার High sounding; (as a gun; bell)
आवाजदार

ଉଆଜ୍ ଦେବା—ଦେ. କ୍ରି.—ଡାକର ଜବାବ ଦେବା—
Uāj debā To respond to a call.
আবাজদেওয়া
आवाजदेना

ଉଆଜିଆ—ଦେ. ବିଣ—ଶବ୍ଦକାରୀ—
Uājiā Making a sound.

ଉଆଜୀ—ଦେ. ବିଣ—ଉଆଜିଆ (ଦେଖ)
Uājī Uājiā (See)

ଉଆଜୀବ୍ (ଇତ୍ୟାଦି)—ବୈଦେ. ବିଣ—ୱାଜୀବ୍ (ଇତ୍ୟାଦି) (ଦେଖ)
Uājīb etc Wājīb etc. (See)

ଉଆପଖିଆ—ଦେ. ବିଣ—ସମ୍ପୂର୍ଣ୍ଣରୂପେ ସିଝା ହୋଇ ନ ଥିବା ଧାନରୁ
Uāpakhiā ଉତ୍ପନ୍ନ ( ଚାଉଳ )—( rice ) Prepared from slightly parboiled paddy.

ଉଆପଖିଆ ସରୁ ଉଆ କୁଟାଇ ବାହାଙ୍କ ଦେଠିଅରେ
କଟକ ପଠାଇ ଦେଲେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଉଆପଶ୍ ( ଇତ୍ୟାଦି )—ବୈଦେ. ବି—ୱାପଶ୍ ଇତ୍ୟାଦି ( ଦେଖ )
Uāpaś etc Wāpaś etc ( See )

ଉଆର୍ ( ଇତ୍ୟାଦି )—ବୈଦେ. ବି—ୱାର୍ ଇତ୍ୟାଦି ( ଦେଖ )
Uār etc Wār etc ( See )

ଉଆରଣ୍ଟ୍—ବୈଦେ. ବି—ୱାରଣ୍ଟ୍ ଇତ୍ୟାଦି ( ଦେଖ )
Uāranṭ Wāranṭ etc ( See )

ଉଆରନ୍‌ହେଷ୍ଟିଙ୍ଗ୍ସ୍—ବୈଦେ. ବି. (ଇଂ)—ୱାରନ୍ ହେଷ୍ଟିଙ୍ଗ୍ସ୍ (ଦେଖ)
Uāranheshṭiṅgs Wāran Heshṭiṅgs ( See )

ଉଆରସ୍—ବୈଦେ. ବି—ୱାରସ୍ ( ଦେଖ )
Uāras Wāras ( See )

ଉଆରସ୍‌ଦାର୍—ଦେ. ବି—ୱାରସ୍‌ଦାର୍ ( ଦେଖ )
Uārasdār Wārasdār ( See )

ନାଉଆରସ୍ }
ବେଉଆରସ୍ } ଦ୍ରଷ୍ଟବ୍ୟ

ଉଆରା—ବୈଦେ. ବିଣ. ( ଅ )—ଶସ୍ତା—
Uārā Cheap.

ଉଆରି—ଦେ. ବି—ନଦୀ ଗର୍ଭରେ ପଡ଼ିଥିବା ଚଡ଼ା ବା ପଠା—Silted
Uāri land formed in the bed of a river

ବୈଦେ. ପ୍ରତ୍ୟୟ. ( ଅ )—୧ । ଅନୁସାରେ—
1. According to.

୨ । କ୍ରମଅନୁସାରେ—2. Serially.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

ଉଆରଜା—ବୈଦେ. ବି. ( ଫା. ୱାରଜା )—୧ । ବ୍ୟାବହାରିକ ବିଷୟମାନଙ୍କର ଶ୍ରେଣୀବିଭାଗ ଅନୁସାରେ ଲିଖନ—
Uārijā
वयारिजा; 1 Classification; writing daily
जिन्सवारि accounts under different heads.

୨ । ଯେଉଁ ପୁସ୍ତକରେ ବ୍ୟାବହାରିକ ବିଷୟ (ଆୟ, ବ୍ୟୟ) ମାନ ଭିନ୍ନ ଭିନ୍ନ ଶ୍ରେଣୀବିଭାଗ ଅନୁସାରେ ଲେଖାଯାଏ—
2. A classified list; a list showing the items of income and expenditure under different heads.

ଉଆରଜା କରିବା—ଦେ. କ୍ରି—ବ୍ୟାବହାରିକ ବିଷୟମାନ ଶ୍ରେଣୀବଦ୍ଧ କରି ଭିନ୍ନ ଭିନ୍ନ ବିଭାଗ ତଳେ ଲେଖିବା—
Uārijā kariba
To write daily accounts under different heads.

ଉଆରିସ୍ (ଇତ୍ୟାଦି)— ବୈଦେ. ବି. (ଅ.)— ୱାରିସ୍ ଇତ୍ୟାଦି (ଦେଖ)
Uāris etc — Wāris ete (See)

ଉଆର୍ଡ୍ (ଇତ୍ୟାଦି)—ବୈଦେ. ବି.— ୱାର୍ଡ୍ ଇତ୍ୟାଦି (ଦେଖ)
Uārrḍ (etc) — Wārrḍ etc (See)

ଉଆର୍ଡ୍ସ୍—ବୈଦେ. ବି.— ୱାର୍ଡ୍ସ୍ (ଦେଖ)
Uārḍs — Warḍs (See)

ଉଆର୍ଡେନ୍—ବୈଦେ. ବି. (ଇଂ. ୱାର୍ଡେନ୍ )—କଲେଜ ଛାତ୍ରାବାସରେ ଛାତ୍ରମାନଙ୍କର ମୁରବିରୂପେ ନିଯୁକ୍ତ ବ୍ୟକ୍ତି— Warden.
Uārḍen

ଉଆର୍ଲ୍ଡ—ବୈଦେ. ବି. (ଇଂ)—ୱାର୍ଲ୍ଡ (ଦେଖ)
Uārlḍ — Wārlḍ See)

ଉଆଲ୍ (ଇତ୍ୟାଦି) —ବୈଦେ. ବି.— ୱାଲ୍ (ଇତ୍ୟାଦି) (ଦେଖ)
Uāl etc — Wāl etc (See)

ଉଆଲ୍ଟାୟର୍—ଦେ. ବି. (ନାମ)— ୱାଲ୍ଟାୟର (ଦେଖ)
Uālṭāyar — Wālṭāyār (See)

ଉଆଲଟେର୍—ପ୍ରାଦେ. (ଗଞ୍ଜାମ) ବି.— ୱାଲ୍ଟେର୍ (ଦେଖ)
Uālter — Wālter (See)

ଉଆଲା—ବୈଦେ. ପ୍ରତ୍ୟୟ (ପୁଂ)—ବାଲା (ଦେଖ)
Uālā — Bālā (See)

ଉଆଲି ଇତ୍ୟାଦି)—ବୈଦେ. ବି.— ୱାଲି ଇତ୍ୟାଦି (ଦେଖ)
Uāli etc. — Wāli etc (See)

ଉଆଳି—ଦେ. ବି. ( ସଂ. ଅବର୍ଜନା )—ଗୋରୁଙ୍କ ଆଗରେ ଖାଇବା ପାଇଁ ପକାଯାଇଥିବା କୁଟା ବା ନଡ଼ା ମଧ୍ୟରୁ ସେମାନଙ୍କ ଖାଇ ସାରିବା ପରେ ଯେଉଁ ଅବଶିଷ୍ଟାଂଶ ଅଳିଆ ହୋଇ ପଡ଼ିଥାଏ—Refuse of straw left in the manger or stall after the cattle eat.
Uāḻi

ଉଆଲୀ—ବୈଦେ. ପ୍ରତ୍ୟୟ (ସ୍ତ୍ରୀ)—ଉଆଲାର ସ୍ତ୍ରୀଲିଙ୍ଗ—
Uālī — The feminine of Uālā.

ଉଆଲୁ—ପ୍ରାଦେ. ( ସମ୍ବଲପୁର ) ବିଣ—ଦରପୋଡ଼ା; ଅର୍ଦ୍ଧଦଗ୍ଧ—
Uālu — Half burnt; not well burnt.
[ଯଥା—ଉଆଲୁ ହାଣ୍ଡି, ଉଆଲୁ ଖପରା ଇତ୍ୟାଦି ।]

ଉଆଶିଙ୍ଗ୍ଟନ୍— ବୈଦେ. ବି—ୱାଶିଙ୍ଗ୍ଟନ୍ ( ଦେଖ )
Uāśingṭan — Wāśingṭan ( See ).

ଉଆସ – ଦେ. ବି. ( ସଂ. ଆବାସ )—୧ । ନଅର; ରାଜଗୃହ—
Uāsa — 1. Palace; royal residence.

କୁଳଅସେ ପାତ୍ର ସାମନ୍ତ ଉଆସ ଖାଲି ଆଗେ ଚରି ନନ୍ତି । ଉଚ୍ଚ—ବୈଦେହୀଶବିଳାସ ।

୨ । ରାଜଅନ୍ତଃପୁର; ଅନ୍ଦର ମହଲ—
2. Harem of a Rājā.

୩ । ଅନ୍ତଃପୁରସ୍ଥା ସ୍ତ୍ରୀ; ନିଜର ସ୍ତ୍ରୀ—3. (Euphemism) Refers to one's female relatives or wife.

୪ । ରାଣୀଙ୍କର ରହିବା ଯୋଗ୍ୟ ଅଟ୍ଟାଳିକା—
4. A Rāṇi's residence.

ଉଆସଅଡ଼େ—ଦେ. ବି ( ରାଜା ଓ ବଡ଼ଲୋକଙ୍କ ବ୍ୟବହୃତ )—
Uāsaārḍe — ଉଆସ ୩—(ଦେଖ)
(ଯଥା—ଆଜ ଉଆସଅଡ଼େ ତୀର୍ଥଦର୍ଶନକୁ ଯାଇଅଛନ୍ତି ।)

ଉଆସଘରିଆ—ଦେ. ବିଣ ପୁଂ—ଅନ୍ତଃପୁରଚର ( ଭୃତ୍ୟ )—
Uāsagharīā ( a servant ) Having access to
(ଉଆସଘରିଆଣୀ—ସ୍ତ୍ରୀ) a Rājā's female-apartments.
ଦେ. ବି—ଅନ୍ତଃପୁରସ୍ଥ ଭୃତ୍ୟ—
A servant working in the female appartments of a Rājā.

ଉଆସିଆ —ଦେ. ବିଣ ଓ ବି—ଉଆସଘରିଆ ( ଦେଖ )
Uāsiā — Uāsaghariā ( See )

ଉଆସିଲ୍ (ଇତ୍ୟାଦି)—ବୈଦେ. ବି—ୱାସିଲ୍ ଇତ୍ୟାଦି ( ଦେଖ )
Uāsil etc — Wāsil etc ( See )

ଉଇ—ଦେ. ବି ( ସଂ. ପୁତ୍ତିକା; ପୁତ୍ତୀ )—ଧଳା ପିମ୍ପୁଡ଼ି ବିଶେଷ —
Ui — White ant
उई ( ଦ୍ର—ଏମାନେ ମାଟିରେ ବଡ଼ ବଡ଼ ହୁଙ୍କା କରନ୍ତି ଏବଂ କାଠ,
दीमक् ପୋଥି, ଲୁଗା ଆଦି ଖାଇ ଯାଆନ୍ତି । )
ମ—ଚାଲିଆ

ଉଇଁଟାଇଁ ହେବା—ଦେ. କ୍ରି—୧ । ଚୁପ୍ ଚୁପ୍ କଥାବାର୍ତ୍ତା ହେବା—
Uiṅṭāiṅ hebā — 1. To be whispering to one another.
उईटाईकरा
हिचकिचाना ୨ । ହଲ୍ଚଲ୍ ହେବା—2. To budge.
୩ । ଇତସ୍ତତଃ କରିବା—3. To hesitate.

ଉଇଁଟୁଇଁ ହେବା—ଦେ. କ୍ରି—ଉଇଁଟାଇଁ ହେବା ( ଦେଖ )
Uiṅṭuiṅ hebā — Uiṅṭāiṅ hebā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଗ | ଜ | ଶ,ଷ | କ୍ଷ | ଇଯ୍ର | ଉଅ | ଓ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଖ | ଇଅ | ଓ | ନ୍ତ |

ଉଇଁବା—ଦେ. କ୍ରି. (ସଂ. ଉଦୟ; ଉଦ୍ଗମନ)—
Uiṅbā ୧ । ଉଦିତ ହେବା—1. To rise.
ऊँठा ୨ । ଉଦୟ ହେଉଥିବା—2. To be rising.
उगना ଦେ. ବଣ—ଉଦୟ ହେଉଥିବା—Rising.

ଉଇକ୍—ବୈଦେ. ବ (ଇଂ)—ୱିକ୍ ( ଦେଖ )
Uik Wik ( See )

ଉଇକ୍ ଏଣ୍ଡ୍—ବୈଦେ. ବଣ (ଇଂ)—ୱିକ୍ ଏଣ୍ଡ୍ (ଦେଖ )
Uik eṇḍ Wik eṇḍ ( See )

ଉଇକେଟ୍—ବୈଦେ. ବ—(ଇଂ) ୱିକେଟ୍ ( ଦେଖ )
Uiket̤ Wiket̤ ( See )

ଉଇକ୍ଲି (ଇତ୍ୟାଦି)—ବୈଦେ. ବଣ(ଇଂ) —ୱିକ୍ଲି ଇତ୍ୟାଦି ( ଦେଖ )
Uikli etc Wikli etc ( See )

ଉଇ ଖାଇବା—ଦେ.ବ—ଉଇପୋକ ନଷ୍ଟ କରିବା;ଉଇପୋକ କୌଣସି
Ui khāibā ବସ୍ତୁକୁ ଆକ୍ରମଣ କରିବା—
ऊईखाओना White ants attacking or infesting a
**दीमककाचाटना** thing.

ଉଇଖିଆ – ଦେ. ବଣ– ଉଇ ନଷ୍ଟ କରିଥିବା— Ant-eaten.
Uikhiā
ऊईधरा
**दीमकखाया**

ଉଇଗାତ—ଦେ. ବ—ଉଇମାନେ ଭୂମିରେ କରିଥିବା ଗର୍ତ୍ତ—
Uigāta Ant-hole.
ऊईबिला
**दीमककाबिल**

ଉଇଚରା—ଦେ. ବଣ – ଉଇଖିଆ ( ଦେଖ )
Uicharā Uikhiā ( See )

ଉଇ ଚରିବା—ଦେ. ବ--ଉଇ ଖାଇବା ( ଦେଖ )
Ui charibā Ui khāibā ( See )

ଉଇଟାଙ୍କୁ—ଦେ.ବ—ହୁଙ୍କା ମଧ୍ୟରେ ବା ମାଟି ଉପରେ ଥିବା ଉଇ ବସା;
Uiṭāṅku ଉଇଙ୍କ ବସାରୂପ ମାଟି; ଏଥିରୁ ଛତୁ ଗଜୁରେ—
ऊईलादना A kind of light soil ejected by
**दीमककापपड़ी** white ants.

ଉଇଟିକରା—ପ୍ରାଦେ. ( ମେଦନୀପୁର ଓ ବାଲେଶ୍ୱର ) ବ—ଉଇହୁଙ୍କା –
Uiṭikarā Ant-hill.

ଉଇଟିକିରା—ପ୍ରାଦେ. ( ବାଲେଶ୍ୱର ) ବ.—ଉଇଟିକରା ( ଦେଖ )
Uiṭikirā Uiṭikarā ( See )

ଉଇଣ୍ଡ୍ ମିଲ୍—ବୈଦେ.ବ. (ଇଂ)–ପବନର ଆଘାତଦ୍ୱାରା ଚାଳିତ କଳ -
Uiṇḍ mil Wind-mill.

ଉଇଣ୍ଡ୍ ସ୍କ୍ରିନ୍—ବୈଦେ. ବ. ( ଇଂ )—ବାହାରେ ବସିଥିବା ଚାଳକକୁ
Uiṇḍ skrin ପବନଆଘାତରୁ ରକ୍ଷା କରିବା ପାଇଁ ମଟର
ଗାଡ଼ିରେ ବ୍ୟବହୃତ କାଚର ପଟା – Wind-screen.

ଉଇଣ୍ଡୋ ଡେଲିଭରି—ବୈଦେ. ବ. ( ଇଂ )— ଡାକଦ୍ୱାରା ଆସିଥିବା
Uiṇḍo ḍelibhari ଜିନିଷମାନ ଡାକଘର ଝରକା ବାଟେ
ऊईंडो डेलिभरि ଅଧିକାରୀଙ୍କୁ ବା ତାଙ୍କର ଲୋକଙ୍କୁ ଦେବା ପ୍ରଥା–
**उइंडो डेलवरी** Window-delivery of postal articles.

ଉଇଧରା—ଦେ. ବଣ—ଉଇଖିଆ ( ଦେଖ )
Uidharā Uikhiā ( See )

ଉଇ ଧରିବା—ଦେ. ବ—ଉଇ ଖାଇବା ( ଦେଖ )
Ui dharibā Ui khāibā ( See )

ଉଇପୀଢ଼—ଦେ. ବ—ଉଇହୁଙ୍କା—Ant-hill.
Uipīrḍha ଉଇପୀଢ଼ ପରି ତ ଗୋବର୍ଦ୍ଧନ ଗିରି । କୃଷ୍ଣସିଂହ. ମହାଭାରତ. ସଭା ।

ଉଇବିଲା—ଦେ. ବ. ( ସଂ. ବିଲ )—ଉଇହୁଙ୍କା—
Uibilā Ant-hill.
ଗଛ ମୂଳରେ ହେଲେ ଉଇବିଲା ଗୋଟା ।
କୃଷ୍ଣସିଂହ. ମହାଭାରତ. ସଭା ।

ଉଇମାଟି—ଦେ. ବ—ହୁଙ୍କାମାଟି —
Uimāṭi The eath of an ant-hill.

ଉଇଲ୍ (ଇତ୍ୟାଦି)—ବୈଦେ. ବ (ଇଂ)—ୱିଲ୍ ଇତ୍ୟାଦି ( ଦେଖ )
Uil etc Wil etc ( See )

ଉଇଲ୍ସନ୍—ବୈଦେ. ବ. ( ଇଂ )—ଇଂଲଣ୍ଡ ଅକ୍ସଫୋର୍ଡସାହାରର
Uilsan ବୋଡେନରେ ଜନୈକ ସଂସ୍କୃତ ଅଧ୍ୟାପକ; ଏ ମେଘଦୂତର
ସଂକଳୟିତା ଓ ସଂସ୍କୃତ ଅଭିଧାନକାର —
Name of a distinguished Sanscrit scholar and lexicographer of England.

ଉଇଲଗା—ଦେ. ବଣ—ଉଇଖିଆ ( ଦେଖ )
Uilagā Uikhiā ( See )

ଉଇ ଲାଗିବା—ଦେ ବ—ଉଇ ଖାଇବା ( ଦେଖ )
Ui lāgibā Ui khāibā ( See )

ଉଇସାହାଣ—ଦେ. ବ— ଉଇପଲ—A multitude or a nest
Uisāhāṇa of white ants.

ଉଇହୁଙ୍କା—ଦେ. ବ. ( ସଂ. ବଲ୍ମୀକ )—ଭୂମି ଉପରେ ଉଇମାନେ
Uihuṅkā କରିଥିବା ବଡ଼ ସ୍ତୂପ—Ant-hill.
ऊईटिपि
**बेमौट**

ଉଏଟିଙ୍ଗ୍—ବୈଦେ. ବ. ( ଇଂ )—ୱେଟିଙ୍ଗ୍ ( ଦେଖ )
Ueṭing Weṭing ( See )

ଉଏଟିଙ୍ଗ୍ ରୁମ୍—ବୈଦେ. ବ ( ଇଂ )—ୱେଟିଙ୍ଗ୍ରୁମ୍ ( ଦେଖ )
Ueṭingrum Weṭingrum ( See )

ଉଏବ୍ଷ୍ଟର୍—ବୈଦେ. ବ. ( ଇଂ. ନାମ )—ୱେବ୍ଷ୍ଟର୍ ( ଦେଖ )
Uebshṭar Webshṭar ( See )

ଉଏବିଲ୍—ବୈଦେ. ବ. ( ଇଂ. )—ୱେବିଲ୍ ( ଦେଖ )
Uebil Webil ( See )

ସାଧାରଣ ନିୟମ ଅପର ପୃଷ୍ଠାରେ ପ୍ରଥମ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଳିତ ଅକ୍ଷର ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଣ୍ଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବୃ' ନ ପାଇଲେ 'ବୃଷ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍ଘ' ନ ପାଇଲେ 'ଅଲଙ୍ଘ୍ୟ' ଦେଖିବେ ।

ଉଏଲର୍—ବୈଦେ. ବି (ଇଂ.)—ଅଷ୍ଟ୍ରେଲିଆଜାତ ଉତ୍କୃଷ୍ଟ ଘୋଡ଼ା—
Uelar Waler (horse of Australia.)

ଉଏଲିଂଟନ୍—ବୈଦେ. ବି (ଇଂ. ନାମ)—ୱେଲିଙ୍ଗ୍ଟନ୍ (ଦେଖ)
Uelingtan Welingtan ( See )

ଉଏଲ୍ସ—ବୈଦେ. ବି ( ଇଂ )—ୱେଲ୍ସ୍ ( ଦେଖ )
Uels Wels ( See )

ଉଏଲ୍ସଲି ସାର୍ ଆର୍ଥର୍—ବୈଦେ. ବି ( ନାମ )—ଭାରତର ଜେନେରାଲ
Uelsli Sār Ārthar ବଡ଼ଲାଟ—A Governor-general of India.

[ ୧୭୯୯-୧୮୦୫; ଏ ଭାରତର ଅନେକ ଅଂଶ ଇଂରାଜ ସାମ୍ରାଜ୍ୟଭୁକ୍ତ କରିଥିଲେ ]

ଉଏଶିଶ—ବୈଦେ. ବି—ୱେଶିଶ୍ ( ଦେଖ )
Uesis Wesis ( See )

ଉଏଷ୍ଟ ଇଣ୍ଡିଜ—ବୈଦେ. ବି (ଇଂ)—ୱେଷ୍ଟ ଇଣ୍ଡିଜ୍ ( ଦେଖ )
Uesht Indij Wesht Indij ( See )

ଉଏଷ୍ଟ କୋଟ୍—ବୈଦେ. ବି ( ଇଂ )—ୱେଷ୍ଟ କୋଟ୍ ( ଦେଖ )
Uesht kot Wesht kot ( See )

ଉଏଷ୍ଟ ପେପର୍ ( ଇତ୍ୟାଦି ) ବୈଦେ. ବି. ( ଇଂ )—ୱେଷ୍ଟ ପେପର୍ ଇତ୍ୟାଦି ( ଦେଖ )
Uesht pepar etc. Wesht pepar etc ( See )

ଉଓ—ଦେ. ଅ—ଉଅ ( ଦେଖ )
Uo Ua ( See )

ଉଓଉ—ଦେ. ବି—ଓଉ ( ଦେଖ )
Uou Ou ( See )

ଉଃ—ଦେ. ଅ—କ୍ରୋଧ ଓ ବିରକ୍ତିସୂଚକ, ବିସ୍ମୟସୂଚକ, କଷ୍ଟ ଓ ଦୁଃଖସୂଚକ,ଶାରୀରିକ ପୀଡ଼ାସୂଚକ ଧ୍ୱନି—Expression of anger, of wonder, of grief and of pain; Oh !
Uh
ওঃ
उहँ

ଉଁ—ଦେ. ଅ—( ଦୁଇ ଓଠ ବନ୍ଦ କରି ଅନୁନାସିକ ଶବ୍ଦ ଉଚ୍ଚାରଣ କଲେ ଏହି ଧ୍ୱନି ହୁଏ)—Interjection.
Uñ
हूँ

୧ । କ୍ରୋଧ, ବିରକ୍ତି ବା ଅସମ୍ମତିସୂଚକ—
1. Indicating anger and displeasure.

୨ । ନିକଟସ୍ଥ ବ୍ୟକ୍ତି ଡାକରେ ଉତ୍ତର ଦେବା ଉପଲକ୍ଷରେ ପ୍ରଯୁକ୍ତ ଶବ୍ଦ - 2. In response to a man near by.

୩ । ପ୍ରଶ୍ନସୂଚକ; କଅଣ ?—3. What.

୪ । ଜଣେ ବ୍ୟକ୍ତି କଥା କହୁଥିଲାବେଳେ ତାହା ଅସ୍ପଷ୍ଟ ଶୁଣାଗଲେ ଆଉ ଥରେ କହିବା ପାଇଁ ଅନୁରୋଧ କରିବା ଅର୍ଥରେ ପ୍ରଯୁକ୍ତ ଶବ୍ଦ—4. Indicating a request to repeat what was said

ସଂ. ଅ—୧ । କୋପ ବା କ୍ରୋଧସୂଚକ ଅବ୍ୟୟ (ପ୍ରକୃତିବାଦ)—
1. An exclamation of anger.

୨ । ପ୍ରତିଜ୍ଞାସୂଚକ—2. An exclamation of promise

୩ । ସ୍ୱୀକାର—3. An exclamation of agreement

ଉଁଉଁ—ଦେ. ଅ—୧ । ଦୁଃଖସୂଚକ—1. Expression of sorrow.
Uñuñ ୨ । ଅସମ୍ମତିସୂଚକ—2. Expression of dissent.

ଉଁକରିବା—ଦେ. କ୍ରି—୧ । ଦୁଃଖସୂଚକ ଓ ବିରକ୍ତିସୂଚକ ଶବ୍ଦକରିବା—
Uñkaribā 1. To express sorrow or vexation.

୨ । ସମ୍ମତି ସୂଚକ ଶବ୍ଦ କରିବା—
2. To express consent.

ଉଁ କି ଚୁଁ କରିବା—ଦେ. କ୍ରି—୧ । କୌଣସି ପ୍ରକାରେ ହେଲେ ଅପତ୍ତି କରିବା-1. To raise an objection.
Uñ ki chuñ karibā
উঁচু করা ୨ । କୌଣସି ଆଦେଶ ବା ନିୟମରୁ ବିଚଳିତ ହେବା—
अगलबगलकरना 2. To deviate from an order or rule.

ଉଁକି ମାରିବା—ଦେ. କ୍ରି (ବଙ୍ଗଳାରୁ ଅନୁକୃତ)—ଉଙ୍କିମାରିବା (ଦେଖ)
Uñkimāribā Uṅkimāribā ( See )

ଉଁଚଲାଇବା—ପ୍ରାଦେ ( ସମ୍ବଲପୁର) କ୍ରି—ଉଞ୍ଚଲାଇବା ( ଦେଖ )
Uñchalāibā Uñchlāibā ( See )

ଉଁ ଚୁଁ କରିବା—ଦେ. କ୍ରି—ଉଁ କି ଚୁଁ କରିବା (ଦେଖ )
Uñ chuñ karibā Uñ ki chuñ karibā (See)

ହୁକ କଥାରେ ଉଁ ଚଁ କରିବାକୁ କ ବାଟ ଥାଏ । ଫକୀରମୋହନ- ଛମାଣଆଠଗୁଣ୍ଠ ।

ଉଁ ଚୁଁ ହେବା—ଦେ. କ୍ରି.—ଉଁ ଚୁଁ କରିବା ( ଦେଖ )
Uñ chuñ hebā Uñ chuñ karibā ( See )

ଉଁଜଳା—ପ୍ରାଦେ (ସମ୍ବଲପୁର) ବି (ସଂ. ଅଞ୍ଜଳି)—ଅଞ୍ଜୁଳି; ଅଞ୍ଜୁଳା—
Uñjalā Folded palms

ଉଁ ଟୁଁ କରିବା—ଦେ କ୍ରି—ଉଁ ଚୁଁ କରିବା ( ଦେଖ )
Uñ ṭuñ karibā Uñ chuñ karibā (See)

ଉଁ ଟୁଁ ହେବା—ଦେ. କ୍ରି—ଉଁ ଚୁଁ କରିବା ( ଦେଖ )
Uñ ṭuñ hebā Uñ chuñ karibā ( See )

ଉଁଡିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । (ପକ୍ଷୀ) ଡିମ୍ବ ଉଷୁମାଇବା—
Uñḍibā 1. To brood over the eggs.

୨ । ( ଶିଶୁ ) ମାତାର କୋଳରେ ଉଷୁମ ହୋଇବା—
2 ( an infant , To feel warm in mother's lap.

ଉଁହୁଁ—ଦେ. ଅ—ଅସମ୍ମତି ବା ନିଷେଧାର୍ଥକ 'ନାହିଁ'—Interjection
Uñhuñ indicating dissent or negation 'No'.

ଉକଚାଇବା—ଦେ. କ୍ରି—ଉକୁଚାଇବା ( ଦେଖ )
Ukchāibā Ukuchāibā ( See )

ଉକଚିବା—ଦେ. କ୍ରି—ଉକୁଚିବା ( ଦେଖ )
Ukchibā Ukuchibā ( See )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ଳ |

ଉକ୍‌ଚେଇବା—ଦେ. କ୍ରି—ଉକୁଚେଇବା ( ଦେଖ )
Ukcheibā Ukucheibā ( See )

ଉକ୍‌ପୁକ ଲଗିବା—ପ୍ରାଦେ. ( ସମ୍ବଲପୁର ) ବି.— ଚତୁର୍ଦ୍ଦିଗ ଅନ୍ଧକାରମୟ
Ukpuki lāgibā ବୋଧ ହେବା—Feeling of blindness or darkness all around.
( ଯଥା—ପାଣିରେ ବୁଡ଼ି ରହିଲେ ଉକ୍‌ପୁକ ଲାଗେ । )

ଉକ୍‌ବୁକେଇ ହେବା—ପ୍ରାଦେ. ( ସମ୍ବଲପୁର ) କ୍ରି.—ପାଣିରେ ବୁଡ଼େଇ
Ukbukei hebā ହୋଇ ରୁଦ୍ଧଶ୍ୱାସ ହେବା—To be choked in water.

ଉକା—ଦେ. ବି. ( ସଂ. ଉଲ୍କା )—୧ । ଉଲ୍କା—
Uka 1. Shooting star.
୨ । ଉଲ୍କାଯୁକ୍ତମାନ ଅଗ୍ନିକଣା—
2. Flying flashes of fire.
୩ । ଉଖା—3. A file.
୪ । ମଶାଲ—4. Torch; fire-brand.
ସ. ପ୍ରତ୍ୟୟ—( ଶୀଳାଦ୍ୟର୍ଥରେ କର୍ତ୍ତୃବାଚ୍ୟରେ; ଯଥା—ଭାବୁକ; ନିନ୍ଦୁକ )—A suffix.

ଉକଟ—ଦେ. ବି— ଉକୁଟ ( ଦେଖ )
Ukaṭa Ukuṭa ( See )

ମାତଙ୍ଗଙ୍କ ଅଙ୍କେ ଦେଲେ ବାନ୍ଧି କରି ।
କୋଡ଼ି ନେଇ ଚନ୍ଦ୍ର ଉକଟ ଉଚାରି—କୃଷ୍ଣସିଂହ. ମହାଭାରତ. ବସନ୍ତ ।

ଉକଟିବା—ଦେ. କ୍ରି—ଉକୁଟିବା ( ଦେଖ )
Ukaṭibā Ukuṭibā ( See )

ଉକଟା—ଦେ. ବି—ଉକୁଟା ( ଦେଖ )
Ukaṭā Ukuṭā ( See )

ଉକଟାଇବା—ଦେ. କ୍ରି—ଉକୁଟାଇବା ( ଦେଖ )
Ukaṭāibā Ukuṭāibā ( See )

ଉକଟାଣ—ଦେ. ବି— ଉକୁଟାଣ ( ଦେଖ )
Ukāṭāṇa Ukuṭāṇa ( See )

ଉକଡ଼ିବା—ଦେ. କ୍ରି—୧ । ଢିଲା ହୋଇଯିବା—
Ukaṛibā 1. To get loose.
୨ । ଉପୁଡ଼ିବା—2. To be uprooted.

ଉକଡ଼ି—ଦେ. ବି.—୧ । ବୃକ୍ଷବିଶେଷ—
Ukaṛi 1. A kind of tree
୨ । ଏକପ୍ରକାର ମଞ୍ଚ—2. A kind of plat from.
( ଗୋପୀନାଥ ନନ୍ଦ । )

ଉକତ—ଦେ. ( ପଦ୍ୟ ) ବିଣ. ( ସଂ. ଉକ୍ତ )—ଉକ୍ତ; ପ୍ରକଟିତ; କଥିତ—
Ukata Expressed; said; spoken.

ଶ୍ରୀମୁଖଁ ଯେ ପଦ ଉକତ—
ଘନଶ୍ୟାମ. ପ୍ରେମଭକ୍ତି ବ୍ରହ୍ମଗୀତା.

ଉକତ କରିବା—ଦେ. ପଦ୍ୟ. କ୍ରି—ଉକ୍ତ କରିବା; କହିବା—
Ukata karibā To speak.

ରହସ୍ୟମଞ୍ଜରୀ ନାମେ ଗୀତ, ଅଜ୍ଞ ହୋଇଲେ ମୁଁ କରିବି ଉକତ ।
ପ୍ରାଚୀ —ରହସ୍ୟମଞ୍ଜରୀ ।

ଉକତି—ଗ୍ରା. ପଦ୍ୟ. ବି—ଉକ୍ତି ( ଦେଖ )
Ukati Ukti ( See-)
उकति ଲକ୍ଷ୍ମଣଙ୍କ ଉକତି ଶୁଣି କ୍ରୋଧ ହେଲେ—କୃଷ୍ଣସିଂହ. ମହାଭାରତ. ବନ ।

ଉକର—ଗ୍ରା. ବି—ଦୋଷ ଦେଖାଇ ଗାଳି ଦେବା; ବଂଶଦୋଷପ୍ରଦର୍ଶନ;
Ukara ବଂଶମର୍ଯ୍ୟାଦାରେ ପୂର୍ବ ଦୋଷ ପ୍ରଦର୍ଶନପୂର୍ବକ ଦିଆଯିବା ଗାଳି—Abuse mixed with a person's family scandals.

ଉକର ଖୋଳିବା—ଗ୍ରା. କ୍ରି—ଗୋଇ ଖୋଳିବା; ବଂଶଦୋଷ ଦେଖାଇ
Ukara khoḷibā ଗାଳି ଦେବା; ଅନ୍ୟର ଛିଦ୍ରମାନ ବାହାରେ ପ୍ରକାଶ କରିବା—To point out a person's family secrets.

ଉକା—ଦେ. ବି. ( ସଂ. ଉଦ୍ଗାର )—୧ । ବାନ୍ତି; ବମନ—
Ukā 1. Vomiting.
୨ । ହାକୁଟି—2. Belching; retching.
୩ । ( ସଂ. ଉଲ୍କା ) ଅଗ୍ନିଶିଖା; ଅଗ୍ନିସ୍ଫୁଲିଙ୍ଗ—
3. Flying flashes of fire
୪ । ଉଲ୍କା—4. Shooting star.
୫ । ମଶାଲ—5. Torch; fire-brand.
୬ । ଉଖା—6. File.

ଉକାର—ସ. ବି. ( ଉ + ସ୍ୱାର୍ଥେ କାର )—୧ । 'ଉ' ବର୍ଣ୍ଣ—
Ukāra 1. The lelter 'U'.
୨ । 'ଉ' ବର୍ଣ୍ଣାତ୍ମକ ମାତ୍ରା—
2. The sign of the short vowel 'U'.
୩ । ( + ସ୍ୱରୂପାର୍ଥେ. କାର )—ଶିବ; ମହାଦେବ—
3. Śiba
୪ । ଦେ. ବି. ( ସଂ. ଉଦ୍ଗାର )—ବାନ୍ତି; ବମନ—
4. Vomiting.
୫ । ବମନେଚ୍ଛା—5. Tendency to vomit.
୬ । ହାକୁଟି—6. Belching.

ଉକାର ଉଠିବା—ଦେ. ବି—ବାନ୍ତି ଦେଖାଇବା—
Ukāra uṭhibā A tendency to vomit

ଉକାରଛନ୍ଦ—ଦେ. ବି—ଶବ୍ଦାଳଙ୍କାରବିଶେଷ—
Ukāra chhanda A kind of composition

ଚୁଲୁ ଦୁଲୁ ଚୁଲୁ ଦୁଲୁ ଚୁଲୁ, ଚୁଲୁ ଚୁଲୁ
ଗୋଲକ—ରାଜ ରେଖା ।

[ ଦ୍ର—ଓଡ଼ିଆ ପ୍ରାଚୀନ କବିମାନେ ଏହିପରି ଉକାରଛନ୍ଦ ଅନେକ କବିତା ରଚନା କରିଅଛନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖି ନ ପାରନ୍ତି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଧିକନ୍ତୁ ଉକ୍ତ ଶବ୍ଦର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯେ :— 'ସାଠ' ନ ମିଳିଲେ 'ସାଢ଼' ଖୋଜିବେ 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ନ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉକାର ଦେଖାଇବା—ଦେ. ବି—ଉକାର ଉଠିବା ( ଦେଖ )
Ukāra dekhāibā — Ukāra uṭhibā ( See )

ଉକାରିବା—ଦେ. କ୍ରି. ( ସ. ଉଦ୍ଗାର )—
Ukāribā ୧ । ବମନ କରିବା—1. To vomit.
बमिकरा ୨ । ଉଙ୍କାରିବା ( ଦେଖ )
उकालाना; 2. Uṅkāribā ( See )
उगलना

ଉକାଳ—ଗ୍ରା. ବି. ( ସ. ଉଦ୍ଗାର )—ବମନ —
Ukāḷa — Vomiting.
बमि
उकलाइ

ଉକାଲତ୍—ବୈଦେ. ବି. (ଆ)—ଓକାଲତ୍‌ନାମା ( ଦେଖ )
Ukālat — Ukālatnāmā ( See )

ଉକାଲତ୍‌ନାମା—ବୈଦେ. ବି. (ଆ)—ଓକିଲ ନିଯୁକ୍ତି ପତ୍ର —
Ukālatnāmā — A document authorising a pleader to appear for a party in a case.

ଉକାଲତି—ବୈଦେ. ବି. (ଆ)—ଓକିଲାତି ( ଦେଖ )
Ukālati — Okilāti ( See )

ଉକାଳିବା—ଗ୍ରା. କ୍ରି—ଉକାରିବା ୧ ( ଦେଖ )
Ukāḷibā — Ukāribā 1 ( See )

ଉକି—ଦେ. ବି. (ବଙ୍ଗଳାରୁ ଅନୁକୃତ)—ଉଙ୍କି ( ଦେଖ )
Uki — Uṅki ( See )

ଉକିଆ—ପ୍ରାଦେ. ( ସମ୍ବଲପୁର ) ବି —
Ukiā ୧ । ଅଂଶୁ; କିରଣ—1. Rays.
୨ । ସୂର୍ଯ୍ୟକିରଣ; ରଶ୍ମି—2. Sun's rays.
୩ । (ଗଡ଼ଜାତ)—ପାଳକଉଆ; ନିଆଁ ଅଠା; ନିଆଁ କଉଆ—
3. Faggot made of straw.

ଉକିବା—ପ୍ରାଦେ. (ସମ୍ବଲପୁର) କ୍ରି—ବାନ୍ତି କରିବା—
Ukibā — To vomit.

ଉକିମାରିବା—ଦେ. କ୍ରି ( ବଙ୍ଗଳାରୁ ଅନୁକୃତ )—
Ukimāribā — ଉଙ୍କି ମାରିବା ( ଦେଖ )
Uṅkimāribā ( See )

ଉକିଲ (ଇତ୍ୟାଦି)—ଦେ. ବି—ଓକିଲ ଇତ୍ୟାଦି ( ଦେଖ )
Ukila (etc) — Okila etc. ( See )

ଉକିଲାତ୍‌ନାମା—ଦେ. ବି—ଉକାଲତ୍‌ନାମା ( ଦେଖ )
Ukilātnāmā — Ukālatnāmā ( See )

ଉକିଲାତି—ଦେ. ବି—ଓକିଲାତି ( ଦେଖ )
Ukilāti — Okilāti ( See )

ଉକୁ—ବୈଦେ. ବି. ( ତେଲୁଗୁ ଶବ୍ଦ; ଅ—ହେବା; ଉକୁ )—
Uku ୧ । କୌଣସି ଘଟଣାର ଆରମ୍ଭ ବା ଉତ୍ପତ୍ତି—
अकु 1. Beginning of an occurrence.
वक्तु ଗୋଟାଏ ଲୁଟ୍‌ କେସ୍‌ ମାମଲା ଉକୁ ହେବାର ସମ୍ଭାବନା ଥିଲା ।
ଫକୀରମୋହନ, ଛମାଣଆଠଗୁଣ୍ଠ ।
୨ । ଘଟଣା—2. Event; occurrence.
୩ । କୌଣସି ବିଷୟର ଆରମ୍ଭ—
3 The beginning of anything.
୪ । ଅପରାଧର ଘଟଣା—
4. The occurrence of an offence.

ଉକୁଚା— ଦେ. ବି—୧ । ଟାଙ୍ଗିବା—
Ukuchā 1. Hanging.
୨ । ଟଙ୍ଗା ହେବା ଅବସ୍ଥା—
2. Being suspended; suspension.
୩ । ଉଦ୍‌ବନ୍ଧନ—3. Death caused by hanging.
ବିଣ—ଟଙ୍ଗା ହୋଇଥିବା—Hanging; suspended.

ଉକୁଚାଇବା—ଦେ. କ୍ରି — ୧ । ଲଟକାଇବା; ଟାଙ୍ଗିବା —
Ukuchāibā 1. To suspend.
उचकाना ୨ । ଟଙ୍ଗାଇବା—2. To cause to be suspended.
लटकाना

ଉକୁଚିବା —ଦେ କ୍ରି — ୧ । ଲମ୍ବାଇବା; ଟାଙ୍ଗିବା; ଲଟକାଇବା—
Ukuchibā 1. To suspend; to hang(a thing)
उचका ୨ । ଲମ୍ବିବା; ଟାଙ୍ଗି ହେବା; ଲଟକିବା; ଝୁଲିବା—
लटकाना 2. To be suspended; to be hanging.
୩ । ଭାସିବା—3. To float.
୪ । ଉପରକୁ ଡେଇଁବା—
4. To spring upwards.

ଉକୁଚି ହେବା—ଦେ. କ୍ରି—୧ । ନିଜ ବେକରେ ଫାଶୀ ଲଗାଇ ଝୁଲି
Ukuchi hebā ପଡ଼ିବା—1. To swing in a rope.
लटकना ୨ । ଦଉଡ଼ିରେ ଦୋଳି ଖେଳିବା—
2. To play at swinging ( one person swinging and another pushing and so on ).
୩ । ଦଉଡ଼ିରେ ବେକ ବନ୍ଧ ହୋଇଯିବା—3. To have one's neck tightened with a rope.

ଉକୁଚେଇବା—ଦେ. କ୍ରି—ଉକୁଚାଇବା ( ଦେଖ )
Ukucheibā — Ukuchāibā ( See )

ଉକୁଚେଇହେବା—ଦେ. କ୍ରି—ଉକୁଚିହେବା ( ଦେଖ )
Ukucheihebā — Ukuchihebā ( See )

ଉକୁଟ—ଦେ. ବି.—ବାଦ୍ୟ ସଙ୍ଗେ ବୋଲାଯିବା ସ୍ୱରବିଶେଷ—
Ukuṭa Refrains uttered with musical formulae.
[ କୌଣସି ବାଦ୍ୟ ଯଥା ମୃଦଙ୍ଗ ବଜାଇବାର ତାଳକୁ ମୁହଁରେ ଅଭ୍ୟାସ କରିବାର ପଦ ବା ଶବ୍ଦ । ଉକ୍ତ ଉକୁ-

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଷ,ଶ | ଙ୍କ | ଇସ୍ତ | ଉଷ | ଷ୍ଣ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଷ | ଓ | ଜ୍ଞ |

ବାଦ୍ୟ (ଯଥା—ଘୁମୁରା, ପଖଉଜ, ମୃଦଙ୍ଗ ଆଦି)ର ଉକ୍ତ ଉକ୍ତ ଉକୁଟ ଅଛି । ]

ଉକୁଟା—ଦେ. ଷଣ( ସଂ. ଉତ୍କଟ )—୧ । ପ୍ରସ୍ଫୁଟିତ—
Ukuṭā 1 Full blown.

୨ । ପିତଳ ଆଦି ଧାତୁପାତ୍ରରେ ରହି ବିସ୍ୱାଦ ଓ ବିଗାଲ୍ ହୋଇଥିବା (ଅମ୍ଳ ଖାଦ୍ୟ)—2. (acid food) The taste of which has been spoiled by being kept in a brass-utensil.

ଦେ.ବି.(ସଂ. ଉତ୍କଥନ; ପ୍ରା. ଉକ୍କଥନ)—ପରର ଗୁହ୍ୟଛିଦ୍ର ପ୍ରକାଶ-ପୂର୍ବକ ଗାଳି—Slander; derisive abuse.

ଉକୁଟାଇବା—ଦେ. କ୍ରି. (ସଂ—ଉତ୍କଟ)—୧ । ଦେହରେ ବୋଳି
Ukuṭāibā ହେବା—1. To smear on the body.

 କୁଙ୍କୁମ ଉକୁଟାଇ କୃଅଙ୍ଗ ତାପ ଯହିଁ
ହରଦ୍ରାରେ ଆଦର କରବେ କାହିଁପାଇଁ । ଉପେ. ଲାବଣ୍ୟବତୀ ।

୨ । ଚିତ୍ରିତ କରିବା; ଖୋଦନ ବା ଚିତ୍ରଦ୍ୱାରା ପ୍ରକାଶିତ କରିବା—2. To delineate.

ହରିତାଳ କାଳୀ ଯେନ ବନଭା
ପଦ ଉପରେ ଉକୁଟାଇ ଚିତା । ଉପେ. ଲାବଣ୍ୟବତୀ ।

୩ । ପ୍ରସ୍ଫୁଟିତ କରାଇବା; ଫୁଟାଇବା—
3. To make manifest.

୪ । ଦେହରେ ବୋଳାଯାଇଥିବା ହଳଦି ଆଦି ଅଙ୍ଗରାଗ ବସ୍ତୁକୁ ହାତରେ ମଳି କରି ଛଡ଼ାଇଦେବା—
4. To rub off the turmeric paste from the body.

ବଶ୍ୟ ଚତୁର ଉକୁଟାଇ କସ୍ତୁରୀ ଯେବେ କୁଙ୍କୁମ ଗୃହରବଣେ ।
ଉପେ. ବୈଦେହୀଶବିଳାସ

ଉକୁଟାଉକୁଟି ହେବା—ଦେ. କ୍ରି. ( ସଂ. ଉକ୍ତ )—ପରସ୍ପରର ଛିଦ୍ର
Ukuṭāukuṭi hebā ଖୋଲା ଖୋଲି ହୋଇ ପରସ୍ପରକୁ ଗାଳି ଦେବା—To engage in mutual recrimination by revealing secrets.

ଉକୁଟାଣ—ଦେ. ବି. (ସଂ. ଉତ୍କଟ)—ଉକୁଟା (ଦେଖ)
Ukuṭāṇa Ukuṭā (See)

ଉକୁଟିବା—ଦେ. କ୍ରି—୧ । ପିତଳ ବା ତମ୍ବା ପ୍ରଭୃତି ଧାତୁପାତ୍ରରେ
Ukuṭibā ଅମ୍ଳଦ୍ରବ୍ୟ ରହିବା ଯୋଗୁଁ ବିସ୍ୱାଦ ବା ବିକୃତ ହେବା—
1 (acid food) To get in the taste
पतलाना spoiled by being kept in brass utensils.

୨ । ପ୍ରକାଶିତ ହେବା—2. To be manifest.

କେତେବେଳେ ଅବା ଯାଉ ଥାଇ ଭଜ ପାଠଇ ନଗ୍ରେ ଉକୁଟ ।
ରଘୁନାଥ. ଯଯାତି ।

୩ । ଚିତ୍ର ବା ଖୋଦନ କରି ଲେଖିବା—
3. To engrave or paint.

୪ । ପ୍ରସ୍ଫୁଟିତ ହେବା—4. To be fully blown; to bloom.

ଉକୁଣି—ଦେ. ବି. ( ସଂ. ଉତ୍କୁଣ )—୧ । କେଶ ଓ ଚର୍ମ ଆଦିରେ
Ukuṇi ଜନ୍ମିବା ପୋକ—1. Louse, head-louse.
उकुन Pediculus Capitis.
जूँ

[ଦ୍ର—ଉକୁଣିର ଡିମ୍ବକୁ 'ନିଶ' ବା 'ଲିଖ'; ଶ୍ୱେତ ଉକୁଣିକି 'ଗଞ୍ଜ' ଓ ବଡ଼ ଉକୁଣିକୁ 'ଡଙ୍ଗା' ବୋଲାଯାଏ । ଏମାନେ ଲମ୍ବ କେଶ-ଯୁକ୍ତ ମସ୍ତକରେ ରହି ମୁଣ୍ଡରୁ ରକ୍ତ ଖାଆନ୍ତି । ]

୨ । ଉକୁଣିଙ୍କ ପରି ଏକ ପ୍ରକାର ପୋକ; ଉକୁଣିଆପୋକ—
2. Weevil

ଉକୁଣିଆପୋକ—ଦେ. ବି.—ପୁରାତନ ଧାନ୍ୟାଦି ଶସ୍ୟରେ ଓ ପଶୁ-
Ukuṇiāpoka ମାନଙ୍କ ଚର୍ମରେ ଜନ୍ମିବା ଉକୁଣିଙ୍କ ପରି ଏକ
घुन ପ୍ରକାର ପୋକ—Weevil; animal louse.
घुन

ଉକୁଣି ଦେଖିବା—ଦେ. କ୍ରି—ମୁଣ୍ଡର କେଶରୁ ଉକୁଣି ବାହାର କରି
Ukuṇi dekhibā ମାରିବା—To search and find
उकुन देखा out and kill the lice from the hair.
जूँ देखना

ଉକୁଣି ମାରିବା—ଦେ. କ୍ରି.—୧ । ଉକୁଣି ଦେଖିବା (ଦେଖ)
Ukuṇi māribā 1. Ukuṇi dekhibā (See)

ପଛେ ବସି ଅନ କେହି ମାରଇ ଉକୁଣି—ରଘୁନାଥ. ମହାଯାନା ।

୨ । ( ଲକ୍ଷଣାର୍ଥ ) ପରର ଅନିଷ୍ଟକାମନା କରିବା—
2. To think evil of another.

ଯେ ଯାହାକୁ ଦେଖି ନ ପାରେ, ଅନାଇ ଘରରେ ଉକୁଣି ମାରେ—
ଢଗ ।

ଉକୁତା—ଦେ. ବି.—ଉକୁଟା (ଦେଖ)
Ukutā Ukuṭā (See)

ଉକୁତାଇବା—ଗ୍ରା. କ୍ରି. ( ସଂ—ଉକ୍ତ; ଉତ୍କଥନ )—
Ukutāibā ୧ । ଛଳପୂର୍ବକ କହିବା—1. To deride by
छलियेबला alluding to one's failings; to
उकटना, उगटना banter.

୨ । କୃତ ପୂର୍ବକୃତ ଉପକାରକୁ ଲକ୍ଷ୍ୟ କରି ଛଳାଇକରି କହିବା—2. To banter a person by alluding to favours done to him in the past.

ଉକୁତାଉକୁତି—ଗ୍ରା. ବି.—୧ । ଉକ୍ତିପ୍ରତ୍ୟୁକ୍ତି—1. Dialogue.
Ukutāukuti ୨ । ସବାଲ ଜବାବ—2. Question and reply.

ଉକୁତାଉକୁତି ହେବା—ଗ୍ରା. କ୍ରି—୧ । ( ପରସ୍ପର ) ଛଳବଚନ ଓ
Ukutāukuti hebā ପ୍ରତିବଚନ କୁହାକୁହି ହେବା—
1. To abuse and banter each other.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ସାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ପରସ୍ପର କଥାବାର୍ତ୍ତା କରିବା; ପ୍ରଶ୍ନୋତ୍ତର କରିବା—
2. To be engaged in mutual questioning and reply.
୩ । ସବାଲ ଯବାବ କରିବା—
3. To be engaged in argument.

ଉକୁଟାଣ—ଗ୍ରା. ବି—ଉକୁଟା (ଦେଖ)
Ukutāṇa — Ukuṭā (See)

ଉକୁଟାରିକ—ଦେ. ବି (କଟକିଆ ଭାଷା)—ଅପରାଧ ଘଟିବା ତାରିଖ—
Ukutārika — Date of occurrence.

ଉକୁଟିବା—ଗ୍ରା. କ୍ରି—ଯୁକ୍ତି କରିବା; ଦମ୍ଭକର କଥା କହିବା—
Ukutibā — To argue.

ଉକୁଟେଇବା—ଗ୍ରା. କ୍ରି—୧ । ଛଳବଚନ ପ୍ରୟୋଗ କରିବା—
Ukuteibā — To banter.
୨ । ନିଜ କୃତ ଉପକାରକୁ ଲକ୍ଷ୍ୟ କରି ଛଳାଇବା—
2. To banter a person by alluding to past favours shown to him.

ଉକୁଟେଇ ହେବା—ଦେ. କ୍ରି—ଉକୁଟାଇବା (ଦେଖ)
Ukutei hebā — Ukutāibā (See)

ଉକୁମ୍—ପ୍ରାଦେ (ଭଞ୍ଜ) ବି—ହୁକୁମ୍—
Ukum — Order.

ଉକୁସ୍ଥଳ—ଦେ. ବି (କଟକିଆ ଭାଷା)—ଅପରାଧର ଘଟନାସ୍ଥଳ—
Ukusthaḻa — Place of occurrence.
अकुस्थान
बकुस्थान

ଉକୁସ୍ଥାନ—ଦେ. ବି (କଟକିଆ ଭାଷା)—ଉକୁସ୍ଥଳ (ଦେଖ)
Ukusthāna — Ukusthaḻa (See)

ଉକେଇବା—ଦେ. କ୍ରି—ପିତଳ ବା ତମ୍ବା ଆଦି ଧାତୁନିର୍ମିତ ପାତ୍ରରେ
Ukeibā — ରହିବା ଦ୍ୱାରା କୌଣସି ଖାଦ୍ୟଦ୍ରବ୍ୟ ସ୍ୱାଦ ଓ ବର୍ଣ୍ଣର
पित्लाना ବଦଳିବା—To get spoiled in taste (by being put in a brass or copper receptacle)

ଉକ୍ରଣ୍ଠ—ଦେ. ବି (ସ.—ଉତ୍କଣ୍ଠା; ପ୍ରା ଉକ୍କଣ୍ଠା)—
Ukkaṇṭha — ୧ । ଉତ୍କଣ୍ଠା— 1. Eagerness
୨ । ଉସୁକତା (ଗୋପୀନାଥ ନନ୍ଦ)—2. Anxiety.

ଉକ୍ତ—ସଂ. ବିଣ (ବଚ ଧାତୁ=କହିବା+କର୍ମ. ତ)—୧ । କଥିତ;
Ukta — ଭାଷିତ—1. Spoken; said; uttered.
୨ । ପୂର୍ବୋକ୍ତ; ପୂର୍ବ କଥିତ—2. First mentioned; aforesaid.
୩ । ଉଲ୍ଲିଖିତ; ଲିଖିତ—3 Mentioned.
ବି. (+ଭାବ. ତ)—କଥନ—Speaking.

ଉକ୍ତକର୍ମ—ସଂ. ବି.—(ବ୍ୟାକରଣ) କର୍ମ ବାଚ୍ୟରେ ପ୍ରଥମାବିଭକ୍ତିର ରୂପ
Uktakarma — ଧାରଣ କରି ବାକ୍ୟରେ ବ୍ୟବହୃତ ହୋଇଥିବା କର୍ମ—(grammar) An object which takes the first case-ending.

ଉକ୍ତି—ସଂ. ବି. ସ୍ତ୍ରୀ (ବଚ୍ ଧାତୁ=କହିବା+ଭାବ. ତି)—
Ukti — ୧ । ବଚନ; ବାକ୍ୟ—
1. Word; expression.
୨ । କଥା—2. Speech.
୩ । ପ୍ରବଚନ—3. Saying.

ଉକ୍ତିପ୍ରତ୍ୟୁକ୍ତି—ସଂ. ବି. (ଦ୍ୱନ୍ଦ୍ୱ; ଉକ୍ତି+ପ୍ରତ୍ୟୁକ୍ତି.)—
Uktipratyukti — ୧ । ଉତ୍ତର ପ୍ରତ୍ୟୁତ୍ତର—
1. Statement and counter-statement.
୨ । ପ୍ରଶ୍ନୋତ୍ତର—2. Question and reply.

ଉକ୍ଥ—ସଂ. ବି. (ବଚ ଧାତୁ=କହିବା+କର୍ମ. ଥ)—୧ । ସାମବେଦ—
Uktha — 1. The 'Sama' or the second of the four Bedas.
୨ । ସାମବେଦର ଅଂଶବିଶେଷ—
2. A particular portion of the Sāma vedic hymns.
୩ । ଯଜ୍ଞବିଶେଷ—3. A particular sacrifice.

ଉକ୍ଷ (ଧାତୁ)—ସଂ—ଓଦା କରିବା—
Uksh (root) — To moisten.

ଉକ୍ଷ—ସଂ. ବିଣ. (ଉକ୍ଷ ଧାତୁ=ଓଦା କରିବା+କର୍ମ. ଅ)—
Uksha — ୧ । ସିକ୍ତ—1. Moistened.
୨ । ଧୌତ—2 Washed

ଉକ୍ଷଣ—ସଂ. ବି. (ଉକ୍ଷ ଧାତୁ=ଓଦା କରିବା+ଭାବ. ଅନ)—ଜଳ-
Ukshaṇa — ସେଚନ; ପାଣିସିଞ୍ଚା—Sprinkling with water.

ଉକ୍ଷତର—ସଂ. ବି. ପୁଂ (ଉକ୍ଷନ୍=ବୃଷ+କ୍ଷୁଦ୍ରାର୍ଥେ. ତର)—
Ukshatara — ୧ । ସାନଷଣ୍ଢ; ଦୁର୍ବଳ ଷଣ୍ଢ; ବଳଦ—
1. A small bull or ox.
୨ । ବଡ଼ଷଣ୍ଢ; ପ୍ରୌଢ଼ବୃଷ—
2. A well developed bull.

ଉକ୍ଷତରୀ—ସଂ. ବି. (ଉକ୍ଷତର+ସ୍ତ୍ରୀ. ଈ)—ଯେଉଁ ଗାଈର ଯୌବନ ନଷ୍ଟ
Ukshatarī — ହୋଇ ଅଛି—A cow past her youth.

ଉକ୍ଷା—ସଂ. ବି. ଉକ୍ଷ ଧାତୁ=ଆର୍ଦ୍ର ହେବା+ସଂଜ୍ଞାର୍ଥେ. କର୍ତ୍ତୃ. ଅନ୍ ୧ମା
Ukshā — ୧ବ.—ମୂଳ-ରୂ. ଏକବଚନ ଅଛି; ବହୁବଚନ ଅକ୍ଷଣ; ସାକ୍ଷଣ. ଅକ୍ଷା; ପା. ଗାଓଅଙ୍କା=ବଳଦ)—୧ । ବୃଷ—1. Bull.
୨ । ବଳଦ—2. Bullock.
୩ । ଋଷଭ ନାମକ ଔଷଧ—
3. A medicinal ingredient.

| ୧ | ଇ | ଢ଼ | ର,ଋ | ଌ | ଏ | ଦ୍ୱସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ନ | ଶ,ଷ | ଜ୍ଞ | ଇଯ଼ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଏ | ଭ | ଋ | ଌ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

ଉକ୍ଷିତ—ସଂ. ବିଣ—(ଉକ୍ଷ୍ ଧାତୁ=ଓଦା କରିବା + କର୍ମ. ତ)—
Ukshita ୧ । କ୍ଲିନ୍ନ—1. Moistened; washed.
୨ । ଅଭିଷିକ୍ତ—2. Sprinkled.
୩ । ଲିପ୍ତ—3. Anointed.

ଉଖ୍ଡ଼ିବା—ଦେ. କ୍ରି—ଉଖୁଡ଼ିବା (ଦେଖ)
Ukhrdiba Ukurdiba (See)

ଉଖ୍ନାଉଛେ—ପ୍ରାଦେ. (ସମ୍ବଲପୁର) କ୍ରି—(ବ୍ୟଙ୍ଗାର୍ଥ)—ବର୍ତ୍ତମାନ
Ukhnauchhe ଅପ୍ରାପ୍ୟ ଅଟେ; ବର୍ତ୍ତମାନ ମିଳିବ ନାହିଁ—
Is not available now.
(ଯଥା—ଧନ୍ ଉଖ୍ନାଉଛେ)

ଉଖଲା—ପ୍ରାଦେ. (ସମ୍ବଲପୁର) ବିଣ—ଯେ ଘରର ଗୁପ୍ତ କଥା ବାଣ୍ଡରେ
Ukhla ଘାଟରେ ପ୍ରକାଶ କରି ଦିଏ—(a person)
Revealing family secrets.

ଉଖ (ଧାତୁ)—ସଂ—ଗମନ କରିବା—
Ukha (root) To go.

ଉଖ—ଦେ ବି. (ବଙ୍ଗଳାରୁ ଅନୁକୃତ)—ରୁହା—
Ukha Rasp; file.
উখা; উখো

ଉଖଡ଼ା—ଦେ. ବି—ଉଖୁଡ଼ା (ଦେଖ)
Ukharda Ukhurda (See)

ଉଖଡ଼ା ମାନଙ୍କରେ ଦଧିକସ୍ୱ ବଧରେ ସ୍ୱରସ୍ଥା ମନୋରମ କଲେ ।
ଅଭିମନ୍ୟୁ—ବିଦଗ୍ଧଚିନ୍ତାମଣି ।

ଉଖନ୍—ପ୍ରାଦେ. (ସମ୍ବଲପୁର) ବି—ଉକୁଣି (ଦେଖ)
Ukhan Ukuni (See)

ଉଖଳ—ଦେ. ବି—ଉଦୁଖଳ (ଦେଖ)
Ukhala Udukhala (See)
উখলী
उखली

ଉଖଲା ହେବା—ପ୍ରାଦେ. (ସମ୍ବଲପୁର) କ୍ରି—ଲଜ୍ଜାଜନକ କଥା ବା
Ukhala heba ଅଯଥା କଥା କହିବା—To publish
unreasonable, painful or shameful things.

ଉଖା—ସଂ. ବି (ଉଖ ଧାତୁ=ଗମନ କରିବା+ଅ+ସ୍ତ୍ରୀ. ଆ)—
Ukha ୧ । ପାକସ୍ଥାଳୀ; ପାକପାତ୍ର; ହାଣ୍ଡି—1 Cooking pot.
୨ । କରେଇ—2. Sauce-pan.
୩ । ବଟୁଲି—3. A brass cooking pot.
ଦେ. ବି—ରୁହା—Rasp; file.

ଉଖାଡ଼ିବା—ଦେ. କ୍ରି. (ସଂ. ଉତ୍ଖାତ)—୧ । ଢିଲା କରିବା—
Ukhardiba 1. To loosen; to slacken.
উখাড়া; উখড়া ୨ । ଓପାଡ଼ିବା—
उखाड़ना To root out; to uproot.

ଉଖାରିବା—ଦେ. କ୍ରି. (ସଂ. ଉତ୍ଖାର)—୧ । ଏଣେ ତେଣେ ଘାଣ୍ଟିବା—
Ukhariba 1. To stir up.
উসকান ୨ । ଉତ୍ତେଜିତ କରିବା—2. To irritate.
उसकाना ୩ । ଘଗାଡ଼ିବା—3. To confuse; to throw into confusion.
୪ । ଉଖାଡ଼ିବା (ଦେଖ)
4. Ukhardiba (See)

ଉଖି—ପ୍ରାଦେ. (କଟକ) ବି—୧ । ଛଳ; ବାହାନା—
Ukhi 1. Plea; excuse
୨ । ସୁଯୋଗ; ସୁବିଧା; ଖଞ୍ଜ—2. Opportunity.

ଉଖୁଡ଼ା—ଦେ. ବି. (ସ. ଉତ୍କୋଟକ—ଭୁଲ- ସ. ଇକ୍ଷୁ)—
Ukhurda ଗୁଡ଼ ବା କନ୍ଦରେ ପାକ ହୋଇଥିବା ଲିଆ—
মুড়কী; উখড়া Fried paddy seasoned with sugar
उखूड़ा or treacle.

ଉଖୁଡ଼ିବା—ଦେ. କ୍ରି. (ସ. ଉତ୍କ୍ଷିପ୍ତ)—
Ukhurdiba ୧ । (ଠିଆ ହୋଇଥିବା) କୌଣସି ପଦାର୍ଥ ଢିଲା
উখড়া ହୋଇଯିବା—1. To become loosened or
उखड़ना slackened.
୨ । ଉପୁଡ଼ିବା; ଉପୁଡ଼ିପଡ଼ିବା—
2. To be uprooted; to be freed from the base.

ଉଖୁଡ଼େଇବା—ଦେ. କ୍ରି—ଉଖୁଡ଼ିବାର ଣିଜନ୍ତ ରୂପ—
Ukhurdeiba The causative form of ukhurdiba.

ଉଖୁଣୀ—ଦେ. ବି—ଧାନ ବେଙ୍ଗଲା ପକାଇ ପାଲଟୁଥା ଅଦ ବାହାର
Ukhuni କରିବାରେ ବ୍ୟବହୃତ ବକ୍ରାଗ୍ର ଦଣ୍ଡ—
A hooked staff used to draw out the straw after paddy is trodden.

ଉଖୁନ୍—ପ୍ରାଦେ. (ସମ୍ବଲପୁର) ବି—ଉକୁଣି (ଦେଖ)
Ukhun Ukuni (See)

ଉଖୁରା—ପ୍ରାଦେ. (ଗଞ୍ଜାମ) ବି—କେଣି ପରିମାଣରେ ଡାଲି ଓ ଅଳ୍ପ
Ukhura ପରିମାଣରେ ଖୁଦଳ ଏକତ୍ର ରାନ୍ଧି ପ୍ରସ୍ତୁତ କରିବା ଜାଉ
(ଗୋପୀନାଥ ନନ୍ଦ)—A gruel prepared by fried rice and pulse
ଦେ. ବି—୧ । ଚୁଲିରେ ଥିବା କାଠକୁ ଗେଞ୍ଜଣା କାଠିରେ ଉଖାରି
ଦେବା—1. Stirring up the fuel in the oven.
୨ । ଗେଞ୍ଜଣା କାଠି—2. The stick by which the burning fuel is stirred up.
ଦେ. ବିଣ—ଘଷା ହୋଇଥିବା—Stirred up.

ଉଖୁରାଇବା—ଦେ. କ୍ରି—ଉଖାରିବା (ଦେଖ)—
Ukhuraiba Ukhariba (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲକତ' ନ ପାଇଲେ 'ଅଳ୍କତ' ଦେଖିବେ ।

ଉଖୁରିଆ — ଦେ. ବିଣ— ୧ । ଯେ ଅନ୍ୟ ବ୍ୟକ୍ତିକୁ ମତାଏ ବା ଉତ୍ତେଜିତ କରେ—1. Instigating; one who stirs up a man against another.
Ukhuriā
उस्काऊ
୨ । ଚୁଗୁଲିଖୋର୍—2. Backbiting.
ବି—ଚୁଲିର ନିଆଁକୁ ତେଞ୍ଚିବା ପାଇଁ ବ୍ୟବହୃତ କାଷ୍ଠ ଦଣ୍ଡ; ଗେଞ୍ଜଣା—A poker of wood.

ଉଖୁରିବା — ଦେ. କ୍ରି—ଉଖାରିବା ( ଦେଖ )
Ukhuribā — Ukhāribā ( See )

ଉଖୁରୁଣୀ—ଦେ. ବି—ଉଖୁଣୀ ( ଦେଖ )
Ukhuruṇī — Ukhuṇī ( See )

ଉଖୁରେଇବା—ଦେ. କ୍ରି—ଉଖାରିବା ( ଦେଖ )
Ukhureibā — Ukhāribā ( See )

ଉଖେନ୍—ପ୍ରାଦେ. (ସମ୍ବଲପୁର) ବି—ଉକୁଣି ( ଦେଖ )
Ukhen — Ukuṇi ( See )

ଉଖେର୍—ପ୍ରାଦେ. ( ସମ୍ବଲପୁର ) ବି.— ୧ । ଉଦୁଖଳ ( ଦେଖ )
Ukher — 1. Udukhala ( See )
୨ । ଢିଙ୍କି ଭଗୁଣ୍ଡି—2. The receptacle of the husking jack.

ଉଖ୍ୟ—ସଂ. ବିଣ ( ଉଖା = ହାଣ୍ଡି + ପାକାର୍ଥରେ. ଯ )—
Ukhya ହାଣ୍ଡିରେ ପାକ କରାଯାଇଥିବା; ସ୍ଥାଲୀପକ୍ୱ (ମାଂସାଦି)—(meat) Boiled in a pot.

ଉଗଡ଼ା— ଗ୍ରା. ବି. ଓ ବିଣ— ଉଗୁଡ଼ା (ଦେଖ)
Ugardā — Ugurdā (See)

ଉଗଡ଼ାଇବା—ଗ୍ରା. କ୍ରି—ଉଗୁଡ଼ାଇବା ( ଦେଖ )
Ugardāibā — Ugurdāibā ( See )

ଉଗରଣ—ଦେ. ବି. ( ସଂ. ଉଦ୍ଗିରଣ )—ବମନ—
Ugaraṇa — Vomiting.

ଉଗଳା—ଦେ. ବି.—ଅଟକ—
Ugaḷā — Restraint.
ଦେ. ବିଣ—ଅଟକାହେବା; ଜରୁବହେବା—Restrained.

ଉଗାଡ଼ିବା —ଦେ. କ୍ରି—ଉଗୁଡ଼ାଇବା ( ଦେଖ )
Ugārdibā — Ugurdāibā ( See )

ଉଗାର—ଦେ. ବି. ( ସଂ. ଉଦ୍ଗାର )— ୧ । ବାନ୍ତି; ଉଦ୍ଗାର—
Ugāra — Vomiting.
୨ । ହାକୁଟି—Belching.

ଉଗାରିବା— ଦେ. କ୍ରି ( ସଂ. ଉଦ୍ଗାର )—
Ugāribā ୧ । ବାନ୍ତି କରିବା—1. To vomit.
୨ । ହାକୁଟି ମାରିବା—2 To belch.
୩ । ବାହାରକୁ ଫୋପାଡ଼ିବା; ଉଦ୍ଗିରଣ କରିବା—3. To vomit forth; to throw out; to emit.
ଗର୍ଭର ପୁରଇ କେ ଉଗାର ଅନଳ—ସ୍ୱାନାଥ ।

ଉଗାଳ— ଦେ. ବି. (ସଂ. ଉଦ୍ଗଳନ)— ୧ । ଗଉଡ଼ମାନଙ୍କର ପ୍ରଶ୍ନୋତ୍ତର ସୂଚକ ପୌରାଣିକ ଗୀତ—1. Dialogue in song dealing with Pauranic stories sung by the cow-herds.
Ugāḷa
୨ । ଅଟକ—2. Restraint.
୩ । ପ୍ରାଦେ ( ମେଦିନୀପୁର ) ବି—ଧାନ କ୍ଷେତର ହିଡ଼—3. Ridge of a paddy-field.

ଉଗାଳିବା—ଦେ. କ୍ରି— ୧ । (ସଂ— ଉଦ୍ଗଳନ; ଅର୍ଗଳ-ଭୁଲ ପ୍ରା. ଅଗ୍ଗଳ) ଆଗରୁ ଅଟକାଇବା; ଆଗୁଳିବା—1. To block the way; to stop one's progress by standing in his way with outstretched arms.
Ugāḷibā
আটকান; আগলান
आड़ना
କେ ଗୋପୀ ଉଗାଳେ ବାଟ—ଭୂପତି. ପ୍ରେମପଞ୍ଚାମୃତ ।
बमिकरा ୨ । (ସଂ.ଉଦ୍ଗୀଳନ ଭୁଲ—ପ୍ରା.ଉଗ୍ଗୀଳନ) ବାନ୍ତି କରିବା—2. To vomit forth.
उगलना

ଉଗୁଇବା—ଗ୍ରା. କ୍ରି. ( ସଂ. ଉଦ୍ଗମନ )— ୧ । ଉପରକୁ ଜୋରରେ ଉଠିବା—1. To rise up with force.
Uguibā
ऊँगा
୨ । କ୍ରୋଧ ବା ଗର୍ବରେ ଡେଇଁବା—2. To leap up in anger or pride.
उगना

ଉଗୁଜା— ଗ୍ରା. ବି.— ଉଭୁଜା ( ଦେଖ )
Ugujā — Ubhujā ( See )

ଉଗୁଜାଇବା—ଗ୍ରା. କ୍ରି— ଉଭୁଜାଇବା ( ଦେଖ )
Ugujāibā — Ubhujāibā ( See )

ଉଗୁଜିବା—ଗ୍ରା. କ୍ରି.— ଉଭୁଜିବା ( ଦେଖ )
Ugujibā — Ubhujibā ( See )

ଉଗୁଜେଇବା—ଗ୍ରା. କ୍ରି—ଉଭୁଜାଇବା ( ଦେଖ )
Ugujeibā — Ubhujāibā ( See )

ଉଗୁଡ଼ା—ଦେ. ବିଣ—ମୁହଁ ମଡ଼ାହୋଇ ରଖା ଯାଇଥିବା; ଲେଉଟା ଯାଇଥିବା—Set with head down; upset; inverted.
Ugurdā
উপুড়
औंधा; उलटाहुआ

ଉଗୁଡ଼ାଇବା—ଦେ. କ୍ରି—ମୁହଁ ମଡ଼ାଇ ରଖିବା; ଲେଉଟାଇ ଦେବା—To set with head down; to invert.
Ugurdāibā
উপুড়করা
उलटाना

ଉଗୁଡ଼େଇବା—ଦେ. କ୍ରି— ଉଗୁଡ଼ାଇବା (ଦେଖ)
Ugurdeibā — Ugurdāibā (See)

ଉଗୁରା—ଦେ. ବିଣ (ସଂ. ଉଦ୍ଗୃହ)— ୧ । ପୂର୍ବୋପଭୁକ୍ତ —
Ugurā — 1. Already used.
୨ । ପ୍ରଥମେ ବ୍ୟବହୃତ ହୋଇଥିବା (ମାଲ୍ୟାଦି); ଉଚ୍ଛିଷ୍ଟ—2. Already worn ( e.g. flower; garland etc )

| ୧ | ଇ | ଊ | ରି,ରୀ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୬ | ଈ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଶଂ୍ୟ | ଇଅ | ଙ୍ଗ | କ୍ନ |

୩ । ପାତ୍ରରୁ ବ୍ୟବହୃତ ହୋଇ ( ବଟା ହଳଦ ବା ଚନ୍ଦନରୁ ) ବଳକା ରହି ଯାଇଥିବା—
3. (turmeric paste) Left in the pot after use.

ଉଗୁରାଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ଉଗୁରା କରିବା
Ugurāibā ( ଯଥା—ନୂଆ ଲୁଗାକୁ ପିଲାମାନଙ୍କଦ୍ୱାରା)—
To cause a new thing (c,g. cloths etc) to be used by another,

ଉଗୁରାଇ ହେବା—ଦେ କ୍ରି—୧ । ନିଜର ପୌରୁଷ ବା ପ୍ରଶଂସାକୁ
Ugurāi hebā କହି ହେବା—
डींङ्गमारना 1. To boast of one's excellences; to praise one's self.
୨ । ଗର୍ବପ୍ରକାଶ କରିବା—2 To arrogate.

ଉଗୁରା କରିବା—ଦେ. କ୍ରି—୧ । ବ୍ୟବହାରଦ୍ୱାରା ( ମାଲ୍ୟାଦି ) ଦୂଷିତ
Ugurā kariba କରିବା—1. To contaminate or make unfit for further use by using a thing.
୨ । ପ୍ରଥମେ (ନୂଆ ଲୁଗା ଆଦିକୁ) ବ୍ୟବହାର କରିବା—
2. To use ( new cloth ) for the first time.
[ ଦ୍ର—ଗୁରୁଜନମାନେ ନୂଆ ଲୁଗାକୁ ପ୍ରଥମେ ନ ପିନ୍ଧି ପିଲାଙ୍କ ଦ୍ୱାରା ଉଗୁରା କରି ପରେ ପିନ୍ଧନ୍ତି । ]

ଉଗୁରି—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଉଗ୍ର)—ଉଗ୍ର (ଦେଖ)
Uguri Ugra (See)
ଦେ. ବି—ଗର୍ବ—Pride; arrogance (Grundy)

ଉଗୁରେଇବା—ଦେ. କ୍ରି—ଉଗୁରାଇବା (ଦେଖ)
Ugureibā Ugurāibā (See)

ଉଗୁରେଇ ହେବା—ଦେ. କ୍ରି—ଉଗୁରାଇ ହେବା (ଦେଖ)
Ugurei hebā Ugurāi hebā (See)

ଉଗୁଳା—ଦେ. ବିଣ—ଉଗୁରା (ଦେଖ)
Ugulā Ugurā (See)

ଉଗୁଳି—ଦେ. ବିଣ—୧ । ଉତ୍କୃଷ୍ଟ—1. Excellent.
Uguli ୨ । ଅଧିକ—2. More than.
ମୋହର ସତ୍ୟ ମୁହିଁ ନ ଲୁଚିବି ଉଗୁଳି
ଶରୀରୁ ମାଂସ କାଟି ଦିଅ ମୋତେ ଭୁଳି—ବଳରାମ. ରାମାୟଣ ।

ଉଗୁଳିବା—ଦେ. କ୍ରି—୧ । ଅଧିକା ହେବା—1. To exceed.
Ugulibā ୨ । ବଳିପଡ଼ିବା—2. To remain over.

ଉଗେଇବା—ଦେ. କ୍ରି—ଉଗୁଇବା (ଦେଖ)
Ugeibā Uguibā (See)

ଉଗ୍ଗିବା—ପ୍ରାଦେ (ଗଞ୍ଜାମ) କ୍ରି—ହଗିବା (ଦେଖ)
Uggibā Hagibā (See)

ଉଗ୍ର—ସଂ. ବିଣ. ପୁଂ ( ଉଚ୍ ଧାତୁ=ମିଳିତ କରିବା+ସଂଜ୍ଞାର୍ଥେ. କର୍ତ୍ତୃ.
Ugra ର)—୧ । କ୍ରୁଦ୍ଧ; କୋପନ; କ୍ରୋଧସ୍ୱଭାବବିଶିଷ୍ଟ—
(ଉଗ୍ରା—ସ୍ତ୍ରୀ) 1. Passionate; wrathful.
୨ । ଉତ୍କଟ; ଭୟାନକ; କର୍କଶ—
2. Terrible; peevish.
୩ । ତୀବ୍ର; ପ୍ରଖର; ପ୍ରଚଣ୍ଡ—
3. Hot; violent; strong; virulent.
୪ । ଚଣ୍ଡଚଣ୍ଡିଆ—4. Surly.
୫ । କ୍ରୂର; ନିଷ୍ଠୁର—5. Cruel.
୬ । କଟୁ; ରାଗ—6. Of hot taste; pungent.
ସଂ. ବି—୧ । ଶିବ—1. God Śiba
୨ । ଶିବଙ୍କ ଅଷ୍ଟମୂର୍ତ୍ତି ମଧ୍ୟରୁ ବାୟୁମୂର୍ତ୍ତି—
2. The airy form of Śiba.
୩ । (ଶୂଦ୍ରାଣୀ ଗର୍ଭରୁ କ୍ଷତ୍ରିୟ ଔରସ ଜାତ ଜାତିବିଶେଷ) ଅଘିରି (ଦେଖ)—3. Āghiri (See)
୪ । ନକ୍ଷତ୍ରଗଣବିଶେଷ; ପୂର୍ବଫାଲ୍ଗୁନୀ, ପୂର୍ବାଷାଢ଼ା, ପୂର୍ବଭାଦ୍ରପଦ, ମଘା ଓ ଭରଣୀର ସମବାୟ—
4. A group of certain asterisms.
୫ । କେରଳଦେଶ—5. Name of a country in India.
୬ । ଧୃତରାଷ୍ଟ୍ରଙ୍କର ପୁତ୍ର—
6. Name of a son of Dhṛutarāshṭra.
୭ । ଶୋଭାଞ୍ଜନ ବୃକ୍ଷ—
7. The horse-radish or Morunga (trec)
୮ । କ୍ରୋଧ—8. Anger.
୯ । ବତ୍ସନାଭ ବିଷ; ମହୁରା—9. Aconite.

ଉଗ୍ରକର୍ମ—ସଂ. ବି—ଅଶ୍ୱତ୍ଥଲନାଦି ବୀରୋଚିତ କର୍ମ—
Ugrakarm Acts of bravery befitting a hero.
କରିବ ଶାସ୍ତ୍ର ପଠନ ଉଗ୍ରକର୍ମ ଯେତେ—ପ୍ରାଚୀ. ଶିବସ୍ୱରୋଦୟ ।

ଉଗ୍ରକର୍ମା—ସଂ. ବିଣ ( ବହୁବ୍ରୀହି; ଉଗ୍ର+କର୍ମନ୍ )—
Ugrakarmā ଯେଉଁ ଲୋକ ଅନାୟାସରେ ଭୟାନକ କର୍ମ କରି ପାରେ; ଯେଉଁ ଲୋକ ସହଜରେ ନିଷ୍ଠୁର କର୍ମ କରି ପାରେ—A person who is capable of doing cruel deeds easily.

ଉଗ୍ରକାଣ୍ଡ—ସଂ. ବି—କଲରା; କାକବେଲ୍ଲ—A bitter fruit;
Ugrakāṇḍa Memordica.

ଉଗ୍ରଗନ୍ଧ—ସଂ. ବିଣ ( ବହୁବ୍ରୀହି; ଉଗ୍ର=ତୀବ୍ର+ଗନ୍ଧ )—ତୀବ୍ରଗନ୍ଧ-
Ugragandha ବିଶିଷ୍ଟ—Strong-scented.
ସଂ. ବି—୧ । ହେଙ୍ଗୁ—1. Assafœtida.
୨ । ରସୁଣ—2. Garlic.
୩ । କଟଫଳ; କାଫଳ—3. Kaṭaphala (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୪ । ଚମ୍ପକ—4. A flower.
୫ । ଅର୍ଜ୍ଜୁନବୃକ୍ଷ —5. Arjuna tree.
୬ । ତୀବ୍ର ବା ଉତ୍କଟ ଗନ୍ଧ—6. Strong smell.

**ଉଗ୍ରଗନ୍ଧା**—ସଂ. ବି—(ବହୁବ୍ରୀହି; ଉଗ୍ର+ଗନ୍ଧ+ସ୍ତ୍ରୀ. ଆ)—
Ugragandhā ୧ । ବଚ (ଦେଖ)—1. Bacha (See)
୨ । ଯୁଆଣୀ (ଦେଖ)—2. Juāṇi (See)
୩ । ବଣଯୁଆଣି (ଦେଖ)—3 Baṇa juāṇi (See)
୪ । ହେଙ୍ଗୁ ଦେଖ—4 Hengu (See)
୫ । ରସୁଣ—5 Garlic
୬ । ଚମ୍ପା (ଫୁଲ) (ଦେଖ)—6. Champā (flower) (See)

**ଉଗ୍ରଚଣ୍ଡା**—ସଂ. ବିଣ. (କର୍ମଧା; ଉଗ୍ର=ତୀବ୍ର+ଚଣ୍ଡା=ଅତିକୋପନା)—
Ugrachaṇḍā ୧ । ଅଠର ହସ୍ତବିଶିଷ୍ଟ ଦୁର୍ଗାମୂର୍ତ୍ତିବିଶେଷ—1. The Goddess of wrath; a form of Durgā with 18 hands.
୨ । ଅତି କୋପନସ୍ୱଭାବା (ସ୍ତ୍ରୀ)—2. A passionate lady; a vixen; a shrew

**ଉଗ୍ରଚଣ୍ଡୀ**—ସଂ. ବି. ସ୍ତ୍ରୀ—ଉଗ୍ରଚଣ୍ଡା (ଦେଖ)
Ugrachaṇḍi Ugrachaṇḍā (See)

**ଉଗ୍ରତା**—ସଂ. ବି. (ଉଗ୍ର+ଭାବ. ତା)—୧ । ପ୍ରଚଣ୍ଡତା—
Ugratā 1. Violence.
୨ । ପ୍ରଖରତା; ତୀବ୍ରତା—2. Virulence.
୩ । ରାଗ—3. Pungency.
୪ । ଉତ୍କଟତା—5. Fierceness; ferocity.

**ଉଗ୍ରତାରା**—ସଂ. ବି. ସ୍ତ୍ରୀ [ ଉଗ୍ର=ଉତ୍କଟ (ଭୟ)+ତାର=ଯେ
Ugratārā ତ୍ରାଣ କରନ୍ତି; ଯେ ଉତ୍କଟ ଭୟରୁ ତ୍ରାଣ କରନ୍ତି] ଭଗବତୀଙ୍କର ମୂର୍ତ୍ତିଭେଦ—One of the forms assumed by Goddess "Bhagabatī."

**ଉଗ୍ରଧନ୍ୱା**—ସଂ. ବି (ବହୁବ୍ରୀହି; ଉଗ୍ର=ଭୟାନକ+ଧନ୍ୱନ୍=ଧନୁ)—
Ugradhanwā ୧ । ଇନ୍ଦ୍ର—1. Indra.
୨ । ଶିବ—2. Siba.
ସଂ. ବିଣ—ଶତ୍ରୁମାନେ ଯାହାର ଧନୁକୁ ସହି ପାରନ୍ତି ନାହିଁ; ମହାଧନୁଷ୍କ; ପ୍ରଖରଧନୁର୍ଦ୍ଧର—A powerful archer.

**ଉଗ୍ରନର୍କ**—ଦେ. ବି—ଭୀଷଣ ନରକବିଶେଷ—
Ugranarka A very terrible hell.

ଉଗ୍ରନର୍କ ମଧ୍ୟେ ନେଇ ତାକୁ ପକାଇବୁ,
କଦାପି ଉଦ୍ଧାର ତାକଠାରେ କ ରଖିବୁ । ବଷ୍ଟୁ କେଶବସ୍ୱୟଣ ।

**ଉଗ୍ରପନ୍ଥୀ**—ଦେ. ବିଣ—(ଅଧୁନିକ ପ୍ରୟୋଗ)—ରାଜନୀତିରେ ପ୍ରଚଣ୍ଡନୀତି
Ugrapanthi ଅବଲମ୍ବନକାରୀ (ଦଳ)—Extremist.

**ଉଗ୍ରପ୍ରକୃତି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଉଗ୍ର+ପ୍ରକୃତି)—
Ugraprakruti ଯାହାର ସ୍ୱଭାବ କର୍କଶ—Wrathful; stern; of violent temper.

**ଉଗ୍ରପ୍ରକୃତିକ**—ସଂ. ବିଣ. ପୁଂ. (ବହୁବ୍ରୀହି; ଉଗ୍ର+ପ୍ରକୃତି)—
Ugraprakrutika ଉଗ୍ରପ୍ରକୃତି (ଦେଖ)
(ଉଗ୍ରପ୍ରକୃତିକା—ସ୍ତ୍ରୀ) Ugraprakruti (See)

**ଉଗ୍ରବୀର୍ଯ୍ୟ**—ସଂ. ବିଣ. ପୁଂ (ବହୁବ୍ରୀହି; ଉଗ୍ର=ତୀବ୍ର+ବୀର୍ଯ୍ୟ=ବଳ)—
Ugrabirjya ୧ । ବିଶେଷ ବଳଶାଳୀ—
(ଉଗ୍ରବୀର୍ଯ୍ୟା—ସ୍ତ୍ରୀ) 1. Of great strength or mettle.
୨ । ତୀବ୍ର; କଟୁ—2. Very hot.

**ଉଗ୍ରବୈଶ୍ୟ**—ଦେ. ବି—ଅଗ୍ରି (ଦେଖ)
Ugrabaisya Āgri (See)

**ଉଗ୍ରମୂର୍ତ୍ତି**—ସଂ. ବିଣ (ବହୁବ୍ରୀହି; ଉଗ୍ର=ବିକଟ+ମୂର୍ତ୍ତି=ରୂପ)—
Ugramūrtti ୧ । ଯାହାର ସ୍ୱଭାବ ଭୟାନକ—1. Of frightful nature.
୨ । ଯାହାର ମୂର୍ତ୍ତି ଦେଖିଲେ ଭୟ ହୁଏ; ଭୀଷଣମୂର୍ତ୍ତି—2. Fierce in visage; of frightful appearance.

**ଉଗ୍ରଶେଖରା**—ସଂ. ବି. (ଉଗ୍ର=ଶିବ+ଶେଖର=ଶିରୋଭୂଷଣ)—
Ugraśekharā ଗଙ୍ଗା—The Ganges.

**ଉଗ୍ରଶ୍ରବାଃ**—ସଂ. ବି. (ନାମ) (ବହୁବ୍ରୀହି; ଉଗ୍ର=ଉତ୍କୃଷ୍ଟ+ଶ୍ରବଃ=
Ugraśrabāḥ କର୍ଣ୍ଣ, ଶ୍ରୁତଧର; ଉଗ୍ରଶ୍ରବସ୍ ଶବ୍ଦର ୧ମା. ୧ବ)—
୧ । ସୂତପୁତ୍ର; ରୋମହର୍ଷଣ ପୁତ୍ର—1. Son of Romaharshaṇa, the great rhapsodist of the age of the Mahābhārata.
୨ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—2. A son of Dhrutarāshṭra (who had 100 sons).
ସଂ. ବିଣ—ତୀକ୍ଷ୍ଣ କର୍ଣ୍ଣବିଶିଷ୍ଟ—Having sharp ears.

**ଉଗ୍ରସେଣ**—ଗ୍ରା. ବି. (ନାମ)—ଉଗ୍ରସେନ (ଦେଖ)
Ugraseṇa Ugrasena (See)

**ଉଗ୍ରସେନ**—ସଂ. ବି (ନାମ)+(ବହୁବ୍ରୀହି; ଉଗ୍ର=ପ୍ରଚଣ୍ଡ+ସେନା=
Ugrasena ସୈନ୍ୟ)—୧ । ମଥୁରାର ଜନୈକ ରାଜା; କଂସପିତା—1. The father of Kaṁsa king of Mathurā).
୨ । ଧୃତରାଷ୍ଟ୍ରଙ୍କର ପୁତ୍ର—2. Name of a son of Dhrutarāshṭra.

**ଉଗ୍ରସ୍ୱଭାବ**—ସଂ. ବି (କର୍ମଧା)—ପ୍ରଚଣ୍ଡ ବା କଡ଼ା ପ୍ରକୃତି—
Ugraswabhāba Fiery nature.
(ଉଗ୍ରସ୍ୱଭାବା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)-ପ୍ରଚଣ୍ଡ ସ୍ୱଭାବବିଶିଷ୍ଟ—Of a fiery nature.

**ଉଗ୍ରା**—ସଂ. ବିଣ. ସ୍ତ୍ରୀ (ଉଗ୍ର+ସ୍ତ୍ରୀ. ଆ)—'ଉଗ୍ର'ର ସ୍ତ୍ରୀଲିଙ୍ଗ—
Ugrā Feminine of Ugra.

| ୧ | ଇ | ଈ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଇଅ | ଣ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଗ | ଇଥ | ୱ | ନ |

ସଂ. ବ.—୧ । ଯୁଅଣି—1. Juāṇi ( See )
୨ । ବଚ—2. Bacha ( See )
୩ । ଧନିଆଁ—3. Coriander.
୪ । ଦୁଷ୍ଟା ସ୍ତ୍ରୀ—4. Termagant woman.
୫ । ଯୋଗିନୀ ବିଶେଷ—5. One of the Joginīs.

ଉଗ୍ରେସନ—ଦେ. ବି. (ନାମ)—ଉଗ୍ରସେନ ( ଦେଖ )
Ugresana Ugrasena ( See )

ଉଗ୍ରେସର—ବୈଦେ.(ଇଂ).ବି (ଇଂ.ଓଭର୍‌ସିଅର୍‌ର ଅଶୁଦ୍ଧ ଉଚ୍ଚାରଣ)—
Ugresara ଓଭର୍‌ସିଅର୍—Overseer.
উভরসিঅর
दरोगा

ଉଘା—ଦେ. ବି. ( ସଂ. ଉଗ୍ର )—
Ughā ୧ । ଉଦା—1. File; rasp.
୨ । ( ସଂ. ଉଦ୍ଘାଟନ )—ଅନ୍ୟର ଦୋଷ ଦେଖାଇ ଛଳ କଥା କହିବା; ଉଘାଣ—2. Taunting;
ଦେ. ବିଣ. ପୁଂ—ଯେ ଉଘାଏ—Bantering.

ଉଘାଇବା—ଦେ. କ୍ରି. ( ସଂ. ଉଦ୍ଘାଟନ; ପ୍ରକାଶକରଣ )—
Ughāibā ୧ । ଅନ୍ୟର ଛିଦ୍ର ବା ଦୋଷ ଦେଖାଇ ଗାଳଦେବା-
उलाहना; उखटनो 1. To revile; to slander; to taunt.
୨ । ନିଜକୃତ ଉପକାରକୁ ଲକ୍ଷ୍ୟ କରି ଛିଗୁଲାଇବା—
2. To banter by alluding to favours received from the speaker.

ଉଘାଉଘି ହେବା—ଦେ.କ୍ରି—ପରସ୍ପର ଛିଦ୍ର କହି ଗାଳ ଦଅଦେଇ ହେବା-
Ughāughi hebā To taunt mutually.

ଉଘାଡ଼—ଦେ. ବି. (ସଂ. ଉଦ୍ଘାଟ)—ଗୃହ ମଧ୍ୟସ୍ଥ ମଞ୍ଚା ବା ଉଚ୍ଚ—
Ughāṛḍa A plat-form made of bamboos inside a house.

ଉଘାଣ—ଗ୍ରା. ବି. ( ସଂ. ଉଦ୍ଘାଟନ )—ଉଘାଇବା; ଛଳକଥା କହିବା —
Ughāṇa Taunting.
उकटा

ଉଘାରି—ପ୍ରାଦେ. ( ଗଡ଼ଜାତ ) ବି—କ୍ଷେତ ଜଗିବା ଲୋକ; କ୍ଷେତର
Ughāri ଜଗୁଆଳ—One who keeps watch over a corn-field.

ଉଘାରିବା—ଦେ. କ୍ରି. (ସଂ. ଉଦ୍ଘାଟନ)— ଉଦ୍ଘାଟିତ ହେବା —
Ughāribā To burst; to open.

ଉଘେଇ—ଦେ. ବିଣ. ସ୍ତ୍ରୀ. (ସଂ. ଉଦ୍ଘାଟିକା)—
Ughei ଯେଉଁ ସ୍ତ୍ରୀ ପରକୁ ଉଘାଏ—
Reviling; taunting (female).

ଉଘ୍ରାଇବା—ପ୍ରାଦେ. (କଟକ) କ୍ରି. ( ସଂ. ଉଦ୍ଘାଟନ )—
Ughrāibā ୧ । ଉଦ୍ଘାଟନ କରିବା—1. To open.
୨ । ଦୁଆର ଫିଟାଇବା—2. To throw open a (door).

ଉଙ୍କାର—ଗ୍ରା. ପଦ୍ୟ. ବି (ସଂ. ଓଙ୍କାର)—ଓଁକାର—
Uṅkāra The mystic syllable 'Oṅ'.
ପିନ୍ଧାଇ ଅମୃତରସ ଭଣ ଯେ ଦୋଷର
ଉଙ୍କାର ଇକାର ନାଦେ ବ୍ରହ୍ମାଣ୍ଡହିଁ ପୂର । ପ୍ରାଚୀ, ଉଦ୍ଧବ-ମଙ୍ଗଳ ।
ସ. ବି—ବୈକୁଣ୍ଠଲୋକ ବିଷ୍ଣୁଙ୍କର ଜନୈକ ସଙ୍ଗୀ—
Name of a companion of Bishṇu.

ଉଙ୍କାରିବା—ଦେ. କ୍ରି (ସଂ.ଓଁକାର;ଓଁକାରଦ୍ୱାରା ମନ୍ତ୍ରର ଆରମ୍ଭ)—
Uṅkāribā ୧ । (କଥା) ଆରମ୍ଭ କରିବା—1. To start a thing for discussion.
୨ । କୌଣସି କଥାର ପ୍ରାଥମିକ ସୂଚନା କରିବା —
2. To make a hint.
୩ । କଥା କହିବାକୁ ଆରମ୍ଭ କରିବା—
3 To begin to speak.

ଉଙ୍କି—ପ୍ରାଦେ. ବି (ବଙ୍ଗଳା "ଉଁ କି"ରୁ ଅନୁକୃତ)—ଗୋପନ ଦୃଷ୍ଟି—
Uṅki Peeping; prying.

ଉଙ୍କିବା—ପ୍ରାଦେ. ( ବାଲେଶ୍ୱର ) କ୍ରି—
Uṅkibā ୧ । ଲୁଚିଲୁଚି ଦେଖିବା—2. To peep; to have a peep into; to pry into.
୨ । ଉକୁଟିବା ( ଦେଖ )
2. Ukuṭibā ( See )

ଉଙ୍କିମାରିବା—ପ୍ରାଦେ. କ୍ରି. (ବଙ୍ଗଳାରୁ ଅନୁକୃତ)—
Uṅkimāribā ଉଙ୍କିବା' ୧ ( ଦେଖ )
উঙ্কিমারা Uṅkibā. 1 ( See )
झाँकना

ଉଙ୍କିଜିବା—ପ୍ରାଦେ. (ବାଲେଶ୍ୱର) କ୍ରି— ଉକୁଟିବା ( ଦେଖ )
Uṅkijibā Ukuṭibā ( See )

ଉଙ୍କେଇବା—ପ୍ରାଦେ. (ବାଲେଶ୍ୱର) କ୍ରି – ଉଙ୍କିବା ୨ ( ଦେଖ )
Uṅkeibā Uṅkibā 2 ( See )

ଉଙ୍ଖୁଣୀ—ଦେ. ବି — ଉଖୁଣୀ ( ଦେଖ )
Uṅkhuṇi Ukhuṇi ( See )

ଉଙ୍ଗାଇବା— ପ୍ରାଦେ. (କଟକସଦର) କ୍ରି — ଢୁଳାଇବା; ଘୁମାଇବା—
Uṅgāibā To doze; to nod; to be drowsy.
उँघना

ଉଙ୍ଗେଇବା—ପ୍ରାଦେ. (କଟକସଦର) କ୍ରି—ଉଙ୍ଗାଇବା ( ଦେଖ )
Uṅgeibā Uṅgāibā ( See )

ଉଚ୍‌କାଇବା—ପ୍ରାଦେ. (ମେଦିନୀପୁର ଓ ସମ୍ବଲପୁର) କ୍ରି—
Uchkāibā ଉକୁଚାଇବା ( ଦେଖ )
Ukuchāibā ( See )

ଉଚ୍‌କାଫାନ୍—ପ୍ରାଦେ. (ସମ୍ବଲପୁର) ବି — ଗଳାରେ ଫାଶି ଲଗାଇବା—
Uchkāphand Hanging by the neck.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; ବନ୍ଧ ନ ପାଇଲେ 'ବନ୍ଧ୍' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲଗଡ଼' ନ ପାଇଲେ 'ଅଲଗଡ଼' ଦେଖିବେ

ଉଚ୍‌କିବା—ପ୍ରାଦେ. ( ମେଦିନୀପୁର ଓ ସମ୍ବଲପୁର ) କ୍ରି—
Uchkiba ୧ । ଉକୁଚିବା ( ଦେଖ )
1. Ukuchiba ( See )
୨ । ଫାଶିରେ ଝୁଲିବା—2. To hang by the neck.

ଉଚ୍‌କିହେବା—ପ୍ରାଦେ. (ସମ୍ବଲପୁର) କ୍ରି—ଗଳା ବେକରେ ଫାଶ ଦଉଡ଼ି
Uchkiheba ଲଗାଇ ମରିବା—To commit suicide by hanging by the neck.

ଉଚ୍‌କେଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉଚ୍‌କାଇବା ( ଦେଖ )
Uchkeiba Uchkaiba ( See )

ଉଚ୍‌ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉଚୁଲାଇବା ( ଦେଖ )
Uchlaiba Uchulaiba ( See )

ଉଚ—ଗ୍ରା. ବିଣ—ଉଚ୍ଚ ( ଦେଖ )
Ucha Uchcha ( See )
ऊँचा
ऊँचा

ଉଚପାଚ—ଗ୍ରା. ବି—ଉଚ୍ଚବାଚ ( ଦେଖ )
Uchapacha Uchchabacha ( See )

ଉଚବାଚ—ଗ୍ରା. ବି. ( ଉଚ୍ଚ + ବାଚ୍ୟ )—୧ । ଅନ୍ୟୋନ୍ୟରେ ବଡ଼
Uchabacha ପାଟି କରି ଉତ୍ତର-ପ୍ରତ୍ୟୁତ୍ତର ଓ ଗୋଳମାଳ
উচ্চবাচ্য କରିବା—1. A great noise.
୨ । ଅନ୍ୟୋନ୍ୟରେ କଳହ ବା ବୋଲ୍‌ବୋଲି—
2. Quarrel with one another.
୩ । ଅବାଧ କଥାଭାଷା—
3. Impertinent speech.

ଉଚବାଚ କରିବା—ଗ୍ରା. କ୍ରି—୧ । ଅନ୍ୟୋନ୍ୟରେ ଉକ୍ତିପ୍ରତ୍ୟୁକ୍ତିପୂର୍ବକ
Uchabacha kariba ଗୋଳମାଳ କରିବା—
1. To produce a noise.
୨ । ଅନ୍ୟୋନ୍ୟରେ କଳହ କରିବା—
2. To quarrel with one another.
୩ । ଅବାଧଭାବରେ କଥାଭାଷା କରିବା—
3. To speak impertinently.

ଉଚବାଚ ହେବା—ଗ୍ରା. କ୍ରି—ଉଚବାଚ କରିବା ( ଦେଖ )
Uchabacha heba Uchabacha kariba ( See )

ଉଚଲ—ପ୍ରାଦେ ( ଗଞ୍ଜାମ ) ବି—ଉଚ୍ଚଳ ( ଦେଖ )
Uchala Uchchala ( See )

ଉଚା—ଗ୍ରା. ବିଣ—ଉଚ୍ଚ ( ଦେଖ )
Ucha Uchcha ( See )

ଉଚାଟ ( ଇତ୍ୟାଦି )—ଗ୍ରା. ବି—ଉଚ୍ଚାଟ ଇତ୍ୟାଦି ( ଦେଖ )
Uchata ( etc ) Uchchata etc ( See )

ଉଚାରିବା—ଗ୍ରା. କ୍ରି—ଉଚ୍ଚାରିବା ( ଦେଖ )
Uchariba Uchchariba ( See )
उचारा ରାମ ସଙ୍ଗେ ଯେତେ ଅବତୀର୍ଣ୍ଣ ହେଲେ,
ଆଉ ମାରିବା, ସେ ଉଚାରି ନ ପାରନ୍ତି—କୃଷ୍ଣସିଂହ, ମହାଭାରତ. ଶଲ୍ୟ ।

ଉଚିତ—ସଂ. ବିଣ. ( ବଚ୍ ଧାତୁ=କହିବା + କର୍ମ. ଇତ; କିମ୍ବା ଉଚ୍
Uchita ଧାତୁ=କହିବା + କର୍ମ. ତ )—
୧ । ନ୍ୟାଯ୍ୟ; ଯଥାର୍ଥ; ଯୁକ୍ତିସିଦ୍ଧ—
1. Just; reasonable; right; correct.
୨ । ଯୋଗ୍ୟ; ଉପଯୁକ୍ତ—
2. Befitting; proper; fit; becoming; suitable.
୩ । କର୍ତ୍ତବ୍ୟ—3 Fit to be performed.
୪ । ପରିଚିତ; ଅଭ୍ୟସ୍ତ—4. Usual; habitual.

ଉଚିତବକ୍ତା—ସଂ. ବିଣ. [ ଉଚିତ=ପ୍ରକୃତ ( କଥା )+ବକ୍ତା ]—
Uchitabakta ସତ କଥା କହିବା ( ବ୍ୟକ୍ତି )—
Out spoken.

ଉଚିତରେ—ଦେ. କ୍ରି. ବିଣ—ପରି; ସଦୃଶ—Like.
Uchitare ବନକ ଘୁଲେ ସେ ବଳେ, କରିକର ଷଣ ରୂତ ଉଚିତରେ—
ଜଗନ୍ନାଥ. କଟଶାସନମ୍. ୦ ଗୀତ ।

ଉଚିତେ—ଦେ. କ୍ରି. ବିଣ—ପ୍ରକୃତରେ—
Uchite Indeed; really.
ତୁ ଯାହା ପଗୁରିଲୁ ମୋତେ, ମିଥ୍ୟା ନୁହଇ ଏ ଉଚିତେ ।
ଜଗନ୍ନାଥ. ଭାଗବତ, ୪ର୍ଥ ।

ଉଚିପୁଚି ଖେଳ—ଦେ. ବି—ଓଡ଼ିଶାରେ ରଜସଂକ୍ରାନ୍ତି ସମୟରେ ଯୁବତୀମାନେ
Uchipuchi khela ଦଳବଦ୍ଧଭାବରେ ଠେଙ୍ଗର ହୋଇ ବସି ମୁହଁରେ ଗୀତ ବୋଲୁ ବୋଲୁ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଘୁଞ୍ଚିବାର ଏକପ୍ରକାର ଖେଳ; ପୁଚି ଖେଳ—
A kind of play by a company of young ladies during Raja samkranti festival ( June and July ) consisting of singing songs and moving from one place to another or towards each other sitting on the legs.

ଉଚିପୁଚି ହେବା—ଦେ. କ୍ରି. ( କଥାରେ )—ଇତସ୍ତତଃ କହିବା—
Uchipuchi heba To prevaricate.

ଉଚୁପାଟି—ଗ୍ରା. ବି—ଉଚ୍ଚୈଃସ୍ୱର—
Uchupati Loud sound.

ଉଚୁପାଟିଆ—ଗ୍ରା. ବିଣ—ଯେ ବେଶ୍ ବଡ଼ ପାଟି କରି କଥା କହେ—
Uchupatia Talking loudly.
( ଉଚୁପାଟେଇ—ସ୍ତ୍ରୀ )

ଉଚୁଲାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଗଛର ଛେଲି ବା ଡାଳ
Uchulaiba ଅଧିକ ଟାଣି କରି ଛଣ୍ଡାଇ ଦେବା—
To tear off the bark or branches of a tree.

ଉଚେଇବା—ଗ୍ରା. କ୍ରି—ଉଞ୍ଚେଇବା ( ଦେଖ )
Ucheiba Uncheiba ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଈଅ | ଢ |
| ୨ | ଈ | ଭ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଓ | ଢ଼ |

ଉଚ୍ଚ—ସଂ. ବିଣ. ( ଉତ୍=ଊର୍ଦ୍ଧ୍ୱ+ଚି ଧାତୁ=ତୋଳିବା +କର୍ମ.
Uchcha ଅ )—୧ । ଉନ୍ନତ; ବଡ଼—
( ମାତ—ବିପରୀତ ) 1. High; lofty; elevated.
( ଉଚ୍ଚତା—ବି ) ୨ । ଡେଙ୍ଗା—2. Tall.
୩ । ଉଦାର—
3. Magnanimous; liberal minded.
୪ । ଉଚ୍ଚୈଃସ୍ୱରଯୁକ୍ତ—
4. Loud; high-sounding ( M. W. )
୫ । ଉତ୍କୃଷ୍ଟ—5. Excellent.
ଦେ. ବି— ଉଚ୍ଚସ୍ଥାନ—High place; lofty place.
ଦେ. ବିଣ—ଶ୍ରେଷ୍ଠ; ପ୍ରଧାନ—Excellent.
ଏହା ପାଇଁ ହେଲେ ମୋ ସାରଙ୍କରେ ଉଚ୍ଚ—କୃଷ୍ଣସିଂହ. ମହାଭାରତ. ବନ ।

ଉଚ୍ଚଇଶ୍ରବା—ଗ୍ରା. ପଦ୍ୟ. ବି—ଉଚ୍ଚୈଃଶ୍ରବା ( ଦେଖ )
Uchchaiśrabā Uchchaiḥśrabā ( See )
ଅଶ୍ୱଙ୍କ ମଧ୍ୟରେ ଉତ୍ତମ. ଉଚ୍ଚଇଶ୍ରବା ମୋର ନାମ ।
ଜଗନ୍ନାଥ. ଭାଗବତ. ୧୧ଶ ।

ଉଚ୍ଚକୁଳ—ସଂ. ବି. (ଉଚ୍ଚ+କୁଳ)—ଉଚ୍ଚବଂଶ; ସମ୍ଭ୍ରାନ୍ତବଂଶ—
Uchchakula High family.

ଉଚ୍ଚଜାତି—ସଂ. ବି. (ଉଚ୍ଚ+ଜାତି)—ଉତ୍କୃଷ୍ଟ ଜାତି—
Uchchajāti High caste.

ଉଚ୍ଚଟା—ସଂ. ବି. ( ଉତ୍=ଅତିଶୟ+ଚଟ୍ ଧାତୁ=ବଧ କରିବା;
Uchchaṭā ଭେଦ କରିବା+ଅ+ସ୍ତ୍ରୀ. ଆ)—
୧ । ଗୁଞ୍ଜା (ଦେଖ)
1. Guñjā (See)
୨ । ନାଗରମୁଥା (ଦେଖ)
2. Nāgaramuthā (See)
୩ । କବିଁଶୀ ତୃଣ—3. A kind of grass.
୪ । ଭୂମ୍ୟାମଳକୀ—4. Phyllanthus Nirure.
୫ । ରସୁଣ—5. Garlic.
୬ । ଅମ୍ଳିଗାପତ୍ର—6. A kind of acid pot-herb.

ଉଚ୍ଚଣ୍ଡ—ସଂ. ବିଣ (ଉତ୍=ଅତିଶୟ+ଚଣ୍ଡ୍ ଧାତୁ=ରାଗ କରିବା+
Uchchaṇḍa କର୍ତ୍ତୃ ଅ )—୧ । ପ୍ରଚଣ୍ଡ; ଭୟାନକ; ଅତି-
କୋପନ—1. Furious with rage; raging;
ferocious; excited to fury; foaming with rage.
(ଉଚ୍ଚଣ୍ଡତା—ବି) ୨ । ତ୍ୱରାନ୍ୱିତ; ଅବିଳମ୍ବିତ; ତୂର୍ଣ୍ଣ—
2. Quick; hasty.
୩ । ଯେ ଅଡ଼େ—3. Restive.

ଉଚ୍ଚତା—ସଂ. ବି. (ଉଚ୍ଚ=ଉନ୍ନତ+ଭାବ. ତା)—୧ । ଡେଙ୍ଗା—
Uchchatā 1. Height; elevation.
(ନୀଚତା—ବିପରୀତ) ୨ । ଉଚ୍ଚପଣିଆ; ଉଚ୍ଚଭାବ—
2 Loftiness; fullness.
୩ । ଉଦାରତା—3. Liberality;
magnanimity.

ଉଚ୍ଚନୀଚ—ଦେ. ବିଣ. ( ବିପରୀତାର୍ଥକ ସମାସ )—୧ । ବଡ଼ ଓ ସାନ
Uchchanīcha ଉନ୍ନତାବନତ—1. High and low.
ঊঁচু নী, উটক নাটক ୨ । ଅସମତଳ; ବନ୍ଧୁର—
उँची नीची 2. Uneven; undulating

ଉଚ୍ଚନ୍ଦ୍ର—ସଂ. ବି. (ଉତ୍+ଚନ୍ଦ୍ର)—ରାତ୍ରିଶେଷ—
Uchchandra The end of the night.

ଉଚ୍ଚପତନ—ସଂ. ବି. (୫ମୀ ତତ୍; ଉଚ୍ଚ+ପତନ)—ଉଚ୍ଚ ସ୍ଥାନରୁ ପଡ଼ି-
Uchchapatana ଯିବା—Falling down from a height; a fall.

ଉଚ୍ଚପଦ—ସଂ. ବି (ଉଚ୍ଚ=ଉନ୍ନତ+ପଦ=ସ୍ଥାନ)—୧ । ବଡ଼ପାହ୍ୱଆ
Uchchapada ବା ଅଧିକାର—1. High office or authority.
୨ । ଉନ୍ନତସ୍ଥାନ ବା ପଦବୀ—2. Exalted position.

ଉଚ୍ଚପାଟି—ଦେ. ବି.—ଉଚୁପାଟି (ଦେଖ)
Uchchapāṭi Uchupāṭi (See)

ଉଚ୍ଚପାଟିଆ—ଦେ. ବିଣ. ପୁଂ.—ଉଚୁପାଟିଆ (ଦେଖ)
Uchchapāṭiā Uchupāṭiā (See)
(ଉଚ୍ଚପାଟେଇ—ସ୍ତ୍ରୀ)

ଉଚ୍ଚବଂଶ—ସଂ. ବି—୧ । ଭଦ୍ରବଂଶ—1. High family
Uchchabaṁśa ୨ । ମର୍ଯ୍ୟାଦାଯୁକ୍ତ ବଂଶ—
2. Respectable family.

ଉଚ୍ଚବଚ—ଦେ. ବି.—ଉଚ୍ଚସ୍ୱରଯୁକ୍ତ ଭାଷଣ—
Uchchabacha Speaking in a loud tone.

ଉଚ୍ଚବର୍ଣ୍ଣ ସଙ୍କେତ—ଦେ. ବି. ( ଇଂ. ରୁ ଅନୁବାଦ )—ଲୁଇ ବ୍ରେଲ୍‌ଙ୍କ
Uchchabarṇṇa saṅketa ଆବିଷ୍କୃତ ଅନ୍ଧମାନଙ୍କର ଅକ୍ଷର-
ଶିକ୍ଷା ପ୍ରଣାଳୀ—System of teaching blind men to decipher a writing by feeling the raised points.
[ ଦ୍ର—ଉଚ୍ଚ ଅକ୍ଷରଗୁଡ଼ିକ ଉପରେ ଆଙ୍ଗୁଠି ବୁଲାଇ ଶିକ୍ଷାର୍ଥୀ ଅକ୍ଷର ଚିହ୍ନି ପାରେ । ଏହାର ଇଂରାଜୀ ନାମ 'Braille system; ଆଜିକାଲି ପୃଥିବୀରେ ସର୍ବତ୍ର ଏହି ରୀତି ଚଳିଅଛି । ଲୁଇ ବ୍ରେଲ୍ ନାମକ ଜଣେ ଫରାସିଙ୍କ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଶେଷ-ଭାଗରେ ଏହା ପ୍ରଥମେ ଇଉରୋପରେ ପ୍ରବର୍ତ୍ତିତ ହୋଇଥିଲା ।]

ଉଚ୍ଚବାଚ—ଦେ. ବି.—ଉଚବାଚ (ଦେଖ)
Uchchabācha Uchabācha (See)
ଦେ. ବିଣ—ଉଚ୍ଚସ୍ୱରଯୁକ୍ତ—Of high sound.
ନାନା ଉଚ୍ଚବାଚ ମନ୍ତ୍ର ଯେ ପଢ଼ିଲେ । କୃଷ୍ଣସିଂହ. ମହାଭାରତ. ଆଦି ।

ଉଚ୍ଚବାଚ କରିବା—ଦେ. କ୍ରି—ଉଚବାଚ କରିବା (ଦେଖ)
Uchchabācha karibā Uchabācha karibā (See)

ସାଧାରଣ ଲୋକେ ଅନେକ ସ୍ଥଳରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍ଭିନ୍ନ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ;— 'ସାର' ନ ମିଳିଲେ 'ଶାର' ଖୋଜିବେ 'କୃଷ' ନ ମିଳିଲେ 'କୃଶ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳକତ' ନ ପାଇଲେ 'ଅଲକ୍ତକ' ଦେଖିବେ

**ଉଚ୍ଚବାଚ ହେବା**—ଦେ. କ୍ରି—ଉଚବାଚ ହେବା (ଦେଖ)
**Uchchabācha hebā** Uchabācha hebā (See)
ଏମନ୍ତେ ଉଚ୍ଚବାଚ ହୋଇ, ମିଳିଲେ ମୋର ଘରେ ଯାଇ ।
ଜଗନ୍ନାଥ. ଭାଗବତ, ୧୦. ଦ୍ୱାରକା

**ଉଚ୍ଚବାଚ୍ୟ (ଇତ୍ୟାଦି)**—ଦେ. ବି.—ଉଚବାଚ ଇତ୍ୟାଦି (ଦେଖ)
Uchchabāchya etc. Uchabācha etc See)

**ଉଚ୍ଚଭାବ**—ସଂ. ବି.—୧ । ଉନ୍ନତସ୍ୱଭାବ—1. Magnanimity.
**Uchhabhāba** ୨ । ଉନ୍ନତମନୋବୃତ୍ତି—
2. Lofty idea; high temperament.

**ଉଚ୍ଚଭାଷ**—ଦେ. ବି.—ଉଚ୍ଚଭାଷଣ (ଦେଖ)
Uchchabhāsha Uchchabhāshaṇa (See)
ବଚନବାଣେ ତ୍ରାସ ବଂଶବନକୁ ନିଃଶ୍ୱାସ ତେଜି ବୋଇଲା ଉଚ୍ଚଭାଷ—
ଉପେ. ବୈଦେହୀଶବିଳାସ ।

**ଉଚ୍ଚଭାଷଣ**—ସଂ. ବି. ( ଉଚ୍ଚ=ବଡ଼+ଭାଷଣ=କହିବା )—
Uchchabhāshaṇa ୧ । ବଡ଼ ପାଟି କରି କଥା କହିବା—
1. Loud talk.
୨ । ବଡ଼ ବଡ଼ ହେବା—2. Making a noise.
୩ । ଅମର୍ଯ୍ୟାଦାସୂଚକ କଥାବାର୍ତ୍ତା—
3. Impertinate talk.

**ଉଚ୍ଚଭାଷୀ**—ସଂ. ବିଣ. ପୁଂ. ( ଉଚ୍ଚ+ଭାଷ୍ ଧାତୁ=କହିବା+କର୍ତ୍ତୃ.
Uchchabhāshī ଇନ୍. ୧ମା. ୧ବ. )—
(ଉଚ୍ଚଭାଷିଣୀ—ସ୍ତ୍ରୀ) ୧ । ଯେ ବଡ଼ ପାଟି କରି କଥା କହେ—
1. Speaking in a loud voice.
୨ । ଯେ ବେଳାଯୁ କଥାଭାଷା କରେ—
2. Speaking impertinently.

**ଉଚ୍ଚମନା**—ଦେ. ବି—ଉଚ୍ଚମନାଃ ( ଦେଖ )
Uchchamanā Uchchamanāḥ ( See )

**ଉଚ୍ଚମନାଃ**—ସଂ. ବିଣ. ( ବହୁବ୍ରୀହି; ଉଚ୍ଚ=ଉନ୍ନତ+ମନସ୍ )—
Uchchamanāḥ ୧ । ଉନ୍ନତସ୍ୱଭାବଯୁକ୍ତ—
(ନୀଚମନାଃ—ବିପରୀତ) 1. Magnanimous.
୨ । ଉଦାରଭାବାପନ୍ନ—2. Liberal minded.

**ଉଚ୍ଚୟ**—ସଂ. ବି. ( ଉତ୍=ଅଧିକ+ଚି ଧାତୁ=ଚୟନ କରିବା;
Uchchaya ତୋଳିବା+ଭାବ. ଅ )—୧ । ଚୟନ—
1. Plucking; gathering
୨ । ପରିଧାନ—2. Wearing.
୩ । ( +କର୍ମ. ଅ )—ପୁଞ୍ଜ; ରାଶି; ଗଦା—
3. Heap; collection.
୪ । ପିନ୍ଧା ଲୁଗାର ଗଣ୍ଠି; ନୀବି; ଖୋସଣୀ; କଚ୍ଛମୂଠି—
4. The knot of the cloth worn by which it remains attached to the wearer's body.

**ଉଚ୍ଚରଣ**—ସଂ. ବି. ( ଉତ୍+ଚରଣ )—ଉଚ୍ଚୈଃକୀର୍ତ୍ତନ—
**Uchcharaṇa** Reciting loudly.

**ଉଚ୍ଚରିତ**—ସଂ. ବିଣ. ( ଉତ୍+ଚର ଧାତୁ=କହିବା+କର୍ମ. କ୍ତ )—
Uchcharita ୧ । ଉଚ୍ଚାରିତ; କଥିତ; କୀର୍ତ୍ତିତ—
1. Uttered; pronounced; spoken; said.
୨ । ଉଲ୍ଲିଖିତ—2. Aforesaid.
୩ । ନିର୍ଦ୍ଦିଷ୍ଟ—3. Ascertained.

**ଉଚ୍ଚରିବା**—ଦେ. ପଦ୍ୟ. କ୍ରି. ( ସଂ. ଉତ୍+ଚର ଧାତୁ )—
Uchcharibā ଉଚ୍ଚାରିତ ହେବା—
To be uttered or spoken.
ଯେଉଁଠାରେ ବଚନ ଉଚ୍ଚରିଲୁ ବଶ ।
ସେହିକ୍ଷଣି ସେ ସାପ କଲା ତାକୁ ଦଂଶ । କୃଷ୍ଣସିଂହ. ମହାଭାରତ, ବନ ।

**ଉଚ୍ଚଲ**—ପ୍ରାଦେ. ( ଗଞ୍ଜାମ ) ବି—ଗଞ୍ଜପା ଖେଳରେ ବିପକ୍ଷ ଖେଳାଳି
Uchchala ହାତରେ ରଜା ଓ ମନ୍ତ୍ରୀ ରହିଥିବା ସମୟରେ ଦାନ ଓ ଏକାଦ୍ୱାର ଖେଳ ଚଳାଇବା ବା ଖେଳିବା—
A position of a player in gañjapā game when the adversary has the king and minister cards.

**ଉଚ୍ଚଳିତ**—ସଂ. ବିଣ. ( ଉତ୍+ଚଲ୍=ଗମନ କରିବା+କର୍ତ୍ତୃ. କ୍ତ )—
Uchchaḷita ୧ । ନିର୍ଗତ—1. Gone out.
୨ । ପ୍ରସ୍ଥିତ—2. Gone away.

**ଉଚ୍ଚଲୁଣିଆଁ**—ଦେ. ବିଣ—ବେଶି ଲୁଣ ପକାଇଦେବା ଦ୍ୱାରା ଟିକିଏ
Uchchaluṇiāñ ଅଧିକ ଲୁଣି ହୋଇଥିବା—Oversalted.

**ଉଚ୍ଚା**—ଦେ. ବିଣ—୧ । ଉଚ୍ଚ—1. High; lofty.
Uchchā ୨ । ଡେଙ୍ଗା—2. Tall.
ऊँचा; ऊँच ଦେ. ବି—ଉଚ୍ଚତା—Height.
उँचा

**ଉଚ୍ଚାଇବା**—ଦେ. କ୍ରି—ଉଞ୍ଚାଇବା ( ଦେଖ )
Uchchāibā Uñchāibā ( See )

**ଉଚ୍ଚାକ୍ଷର ସଙ୍କେତ**—ଦେ. ବି—ଉଚ୍ଚବର୍ଣ୍ଣ ସଙ୍କେତ ( ଦେଖ )
Uchchākshara saṁketā Uchchabarṇṇa saṅketā ( See )

**ଉଚ୍ଚାଟ**—ସଂ. ବି. ( ଉତ୍=ଉପର+ଚଟ ଧାତୁ=ଭେଦ କରିବା+
Uchchāṭa ଭାବ.ଅ; ଅଥବା ଉଚ୍ଚ+ଅଟ ଧାତୁ=ଯିବା+ଭାବ.ଅ)—
୧ । ମାନସିକ ଚଞ୍ଚଳତା; ମାନସିକ ଅସ୍ଥିରତା—
1. Restlessness of mind.
୨ । ବୈମନସ୍ୟ—2. Disquietude.
୩ । ଉଦ୍‌ବେଗ; ଉତ୍କଣ୍ଠା—3. Anxiety.
ବିଣ—କ୍ଷିପ୍ତପ୍ରାୟ—Distracted; having lost one's mental balance.
କ ମନେ କରଇ ମନ ଉଚ୍ଚାଟ । ବଳଦୂର୍ଯ୍ୟ. କବିତା ।
୨ । ବାତୁଳପ୍ରାୟ; ବାଉଳା—2. Half mad
ଦୁର୍ବୁଦ୍ଧି ପଣରେ ମୁଁ ହୋଇଛି ଉଚ୍ଚାଟ । କୃଷ୍ଣସିଂହ. ମହାଭାରତ. ବନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ଷ | କ୍ଷ | ଇୟ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଓ | ଳ |

୩ । ଉତ୍ତେଜନା ପୂର୍ଣ୍ଣ—3. Exciting

ମରମ ଉଚ୍ଚାଟ ବଚନ, ଶୁଣି ହୋଇଲେ ହତଜ୍ଞାନ ।

ଜଗନ୍ନାଥ, ଭାଗବତ ।

୪ । ଉତ୍ତେଜିତ—5. Instigated

କଂସକୁ କରାଇ ଉଚ୍ଚାଟ, ନାରଦ ଗଲେ ଶୂନ୍ୟ ବାଟ ।

ଜଗନ୍ନାଥ, ଭାଗବତ ।

୫ । ଉନ୍ମତ୍ତ—5. Maddened.

ଉଚ୍ଚାଟ କରିବା—ଦେ. କ୍ରି—ଉଚ୍ଚାଟନ କରିବା ( ଦେଖ )
Uchchāṭa karibā Uchchāṭana karibā ( See )

ଉଚ୍ଚାଟନ—ସଂ. ବି. (ଉତ୍ + ଅଟନ = ଗମନ ଅଥବା ଉତ୍ = ଉପରକୁ + ଚଟ ଧାତୁ; ଣିଜନ୍ତ ଚଟ ଧାତୁ = ଭେଦ କରିବା + ଭାବ. ଅନ )—
Uchchāṭana

୧ । ବୈମନସ୍ୟ; ମାନସିକ ଦୁଃଖ—1. Disquietude; mental sorrow; sadness.

୨ । ଉଦ୍ବେଗ; ଉତ୍କଣ୍ଠା—2. Anxiety; agitation; perturbance.

୩ । ମନର ବ୍ୟାକୁଳତା—3 Mental disturbance.

୪ । ମନର ବାଉଳା ବା ବାତୁଳତା—
4. Mental abberation; madness.

୫ । ଅନ୍ୟ ବ୍ୟକ୍ତିର ମନରେ ବ୍ୟାକୁଳତା ଜନ୍ମାଇବା ଉଦ୍ଦେଶ୍ୟରେ ତନ୍ତ୍ରୋକ୍ତ ଅନୁଷ୍ଠାନ ବା ପ୍ରୟୋଗବିଶେଷ; ଏକ ପ୍ରକାର ଅଭିଚାର କର୍ମ—
5. A secret rite or charm performed according to the "Tantras' for producing mental disturbance or madness in another person.

୬ । ଅନ୍ୟ ବ୍ୟକ୍ତିର ମନକୁ ବାଉଳା କରାଇବା—
6. The causing of mental disturbance in another person.

ଉଚ୍ଚାଟନ କରିବା—ଦେ. କ୍ରି (ସଂ. ଉଚ୍ଚାଟନ)—୧ । ବାତୁଳ କରିବା—
Uchchāṭana karibā 1. To madden.

୨ । ମନକୁ ଚଞ୍ଚଳ ବା ବ୍ୟାକୁଳ କରିବା—2. To cause madness or distraction to; goad a person to fury or rage.

ଉଚ୍ଚାଟପାଣି—ଦେ. ବି.—କୌଣସି ବ୍ୟକ୍ତିର ମନରେ ଚଞ୍ଚଳତା ବା ବାତୁଳତା ଆଣିବା ଉଦ୍ଦେଶ୍ୟରେ ଅଭିମନ୍ତ୍ରିତ ହେବା ଜଳ—
Uchchāṭapāṇi

ଧନ୍ୟ ସେ ଗୋପ ତରୁଣୀ; ଏତେ ସବୁ କଲ ତାଙ୍କ ଉଚ୍ଚାଟପାଣି ।

ପ୍ରାଚୀ, ରହସ୍ୟମଞ୍ଜରୀ ।

ଉଚ୍ଚାଟ ପେଷଣ—ଦେ. ବି. ( ଉଚ୍ଚାଟ + ପେଷଣ )—ଉଚ୍ଚାଟନାର୍ଥ ମନ୍ତ୍ର ଯନ୍ତ୍ର ପ୍ରୟୋଗ—The application of 'mantras' or charms to excite, irritated, or maden another person.
Uchchāṭa peshaṇa

ଉଚ୍ଚାଟପେଷିବା—ଦେ. କ୍ରି—ଉଚ୍ଚାଟନାର୍ଥ ମନ୍ତ୍ରଯନ୍ତ୍ର ପ୍ରୟୋଗକରିବା—
Uchchāṭa peshibā To apply mantras or charms in order to excite, irritate, or madden another person

ଉଚ୍ଚାଟପ୍ରୟୋଗ କରିବା—ଦେ. କ୍ରି—ଉଚ୍ଚାଟ ପେଷିବା (ଦେଖ)
Uchchāṭa prayogakaribā Uchchāṭā peshibā (See)

ଉଚ୍ଚାଟବାୟା—ଦେ. ବି. ( ସଂ. ଉଚ୍ଚାଟ + ବାୟା = ବାତୁଳ )—
Uchchāṭabāyā ଅନ୍ୟ ବ୍ୟକ୍ତିର ମନ୍ତ୍ରଯନ୍ତ୍ର ବା ଗୁଣିଗାରେଡ଼ି ଦ୍ୱାରା ବାତୁଳ ପ୍ରାପ୍ତ ହୋଇଥିବା—
Reduced to distraction or madness by another person employing charms.

ଉଚ୍ଚାଟ ଲଗାଇବା—ଦେ. କ୍ରି—ଉଚ୍ଚାଟ ପେଷିବା ( ଦେଖ )
Uchchāṭa lagāibā Uchchāṭa peshibā ( See )

ଉଚ୍ଚାନୀଚ—ଦେ. ବିଣ—ଉଚ୍ଚନୀଚ ( ଦେଖ )
Uchchānichā Uchchanicha ( See )
ऊँचानीचा
उटकनाटक

ଉଚ୍ଚାବଚ—ସଂ. ବିଣ. ( ଉଦକ୍ = ଉନ୍ନତ + ଅବାକ୍ = ଅବନତ; Uchchābacha ନିପାତନ ସିଦ୍ଧ )—

୧ । ନିମ୍ନୋନ୍ନତ; ଉଚ୍ଚନୀଚ—1. Uneven.

୨ । ଅସମତଳ; ବନ୍ଧୁର—2. Undulating; rough.

ଗୁବା ଉଚ୍ଚାବଚ ଗାଲ ବୋଲଇ ଚର୍ଚ୍ଚିମେ । ରାଧାନାଥ, ମହାଯାତ୍ରା ।

୩ । ଅଶେଷ; ବିବିଧ; ନାନାପ୍ରକାରର—
3. Various ( including every thing high and low).

ଉଚ୍ଚାୟ—ସଂ. ବିଣ—ଉଚ୍ଚୟ ( ଦେଖ )—
Uchchāya Uchchaya ( See )

ଉଚ୍ଚାର—ସଂ. ବି. (ଉତ୍ + ଚର ଧାତୁ = ତ୍ୟାଗ କରିବା + କର୍ମ. ଅ)—
Uchchāra ୧ । ମଳ; ବିଷ୍ଠା; ଗୁହ—1. Excreta; nightsoil; dung; ordure; fœces.

୨ । ଉଚ୍ଚାରଣ—2. Utterance; pronunciation.

ଏମନ୍ତ ବଚନ ମନର, ନଗମ କଲ ସେ ଉଚ୍ଚାର ।

ଭୂପତି—ପ୍ରେମପଞ୍ଚାମୃତ ।

ଦେ. ବିଣ—୧ । କଥିତ—1 Spoken.

ଶ୍ରୀପତିଙ୍କ ନିର୍ଣ୍ଣୟ କରିବ, ହୋଇଛି ଏସରେ ଉଚ୍ଚାରି—

ଗୀତ—ପୂର୍ଣ୍ଣଚନ୍ଦ୍ରୋଦୟ ।

୨ । ବର୍ଣ୍ଣିତ—2. Relatel

୩ । ଉଚ୍ଚାରିତ—3. Uttered; pronounced

ଉଚ୍ଚାରଣ—ସଂ. ବି. ( ଉତ୍—ଚର ଧାତୁ; ଣିଜନ୍ତ ଚର ଧାତୁ = ତ୍ୟାଗ କରିବା + ଭାବ. ଅନ )—
Uchchāraṇa

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଛ' ନ ମିଳିଲେ 'ଗାଛ' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଥ' ନ ପାଇଲେ 'ବଳ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୧ । ବର୍ଣ୍ଣନ; କୀର୍ତ୍ତନ; କଥନ—
1. Utterance; elocution.
୨ । ( + କର୍ମ. ଅନ )—ଶବ୍ଦ—
2. Sound; pronounciation.
୩ । ଶବ୍ଦସ୍ଥ ଅକ୍ଷରଗୁଡ଼ିକ ଭିନ୍ନ ଭିନ୍ନ କରି କହିବା—
3 Spelling.

ଉଚ୍ଚାରଣ କରିବା—ଦେ. କ୍ରି—୧ । ବର୍ଣ୍ଣନ କରିବା; କହିବା—
Uchchāraṇa karibā 1. To speak;to pronounce.
୨ । ବନାନ କରିବା—
2. To spell a word or a sound.
୩ । ଶବ୍ଦ କରିବା—
3. To utter a letter or a sound.

ଉଚ୍ଚାରଣ ସ୍ଥାନ—ସଂ. ବି—ମନୁଷ୍ୟଶରୀରର ଯେଉଁ ସ୍ଥାନରୁ କୌଣସି
Uchchāraṇas thāna ଧ୍ୱନି ବା ଅକ୍ଷର ଉଚ୍ଚାରିତ ହୁଏ—
The part cf the human body (palate, lips, teeth etc ) through which a particular sound or letter is pronounced or spelt.

ଉଚ୍ଚାରଣୀୟ—ସଂ. ବିଣ. ( ଉତ୍—ଚର ଧାତୁ= ତ୍ୟାଗ କରିବା+
Uchchāraṇiya କର୍ମ ଅନୀୟ )—ଉଚ୍ଚାର୍ଯ୍ୟ ( ଦେଖ )
Uchchārjya ( See )

ଉଚ୍ଚାରିତ—ସଂ.ବିଣ (ଉତ୍+ଚର ଧାତୁ=ତ୍ୟାଗ କରିବା+କର୍ମ. ତ)-
Uchchāritā ୧ । କଥିତ— 1. Said; spoken.
୨ । ବର୍ଣ୍ଣିତ— 2. Pronounced; spelt.
୩ । ଶବ୍ଦିତ—3. Uttered.

ଉଚ୍ଚାରିବା—ଦେ. ପଦ୍ୟ. କ୍ରି ( ସଂ. ଉଚ୍ଚାରଣ )—
Uchchāribā ୧ । ଉଚ୍ଚାରଣ କରିବା—1. To utter.

ଭୀଷ୍ମ ମହିମା କ ମୁଁ ପାରିବ ଉଚ୍ଚାରି । କୃଷ୍ଣସିଂହ. ମହାଭାରତ. ସଭା ।

୨ । କହିବା—2. To speak.

ନରେଶ ଉଚ୍ଚାରୁ ଅରେ ଅହୋ— କବିସୂର୍ଯ୍ୟ. କଣୋୟାଚନ୍ଦ୍ର. ଓ ଗୀତ ।

ଉଚ୍ଚାର୍ଯ୍ୟ—ସଂ. ବିଣ (ଉତ୍ + ଚର ଧାତୁ + କର୍ମ. ଯ ) - ୧ । ଉଚ୍ଚାରଣ
Uchchārjya କରିବାର ଯୋଗ୍ୟ—
1. Fit to be pronounced.
୨ । କଥ୍ୟ; କଥନୀୟ— 2. Fit to be uttered or spoken.

ଉଚ୍ଚାର୍ଯ୍ୟମାଣ—ସଂ. ବିଣ (ଉତ୍+ଚର ଧାତୁ+କର୍ମ.ଅନ )—ଉଚ୍ଚାରଣ
Uchchārjyamāṇa କରି ଯାଉଥିବା; ଉଚ୍ଚାରିତ ହେଉଥିବା—
Being uttered, pronounced or spoken

ଉଚ୍ଚିଙ୍ଗଟ—ସଂ. ବି ( ଉତ୍+ଚିଙ୍ଗଟ )—୧ । ଏକଜାତୀୟ ଝିଣ୍ଟିକା—
Uchchiṅgaṭa Locust.
୨ । କୋପନସ୍ୱଭାବ ବ୍ୟକ୍ତି—2. Wrathful person.

ଉଚ୍ଚିତ—ସଂ. ବିଣ ( ଉତ୍+ଚି ଧାତୁ=ସଂଗ୍ରହ କରିବା+କର୍ମ. ତ )—
ସଂଗୃହୀତ—Collected.

ଉଚ୍ଚୀକୃତ—ସଂ.ବିଣ (ଉଚ୍ଚ+ଅଭୂତ ତଦ୍ଭାବେ ଚ୍ୱି+କୃ+କର୍ମ. ତ)—
Uchchikṛuta ନୀଚ ବସ୍ତୁକୁ ଉଚ୍ଚ କରାଯାଇଥିବା—
Elevated; heightened.

ଉଚ୍ଚୂଡ଼—ସଂ. ବି ( ଉତ୍+ଚୂଳ=ଚୂଡ଼ା )—ପତାକା—Flag.
Uchchūrda

ଉଚ୍ଚୈଃ—ସଂ. ଅ ( ଉତ୍=ଅଧିକ+ଚି ଧାତୁ=ଚୟନ କରିବା;
Uchchāiḥ ଏକତ୍ର କରିବା+କର୍ମ. ଐସ୍ )—୧ । ଉଚ୍ଚରେ; ବଡ଼ପାଟି କରି—1. Aloud.
୨ । ଉଚ୍ଚ; ଉନ୍ନତ—2. On high.
୩ । ପ୍ରଚୁର; ଯଥେଷ୍ଟ—3. Enough.

ଉଚ୍ଚୈଃଶ୍ରବଣ—ଦେ. ବି ( ସଂ. ଉଚ୍ଚୈଃଶ୍ରବା ) ଇନ୍ଦ୍ରଙ୍କର ଘୋଡ଼ା—
Uchchaiḥśrabaṇa The steed of Indra the king of the Gods.

କଣ୍ଠାଗ୍ର ଉଚ୍ଚୈଃଶ୍ରବଣ, ଅଧର ଓଷ୍ଠ ଅରୁଣ, କଟଶ୍ରେଣୀ ତାରକଣ ପ୍ରାୟେ ।
ଗୋପକୃଷ୍ଣ. ରସକଲ୍ଲୋଳ ।

ଉଚ୍ଚୈଃଶ୍ରବା—ସଂ. ବିଣ ( ବହୁବ୍ରୀହି; ଉଚ୍ଚୈଃ+ଶ୍ରବସ୍=କାନ )—
Uchchaiḥśrabā ୧ । ଉଞ୍ଚକାନଅଁ; କହିରି; ବଧିର—
1. Deaf.
୨ । ଲମ୍ବକାନଅଁ; ଲମ୍ବକର୍ଣ୍ଣ—2. Long-eared.
ସଂ. ବି—୧ । ଲମ୍ବ କାନ—1. Long ear.
୨ । ଇନ୍ଦ୍ରଙ୍କ ଘୋଡ଼ା ( ଦେବତାମାନେ ସମୁଦ୍ର ମନ୍ଥନ କଲା-ବେଳେ ଲକ୍ଷ୍ମୀ, ଐରାବତ ହସ୍ତୀ, ଅମୃତ, ଚନ୍ଦ୍ର ଆଦିଙ୍କ ସଙ୍ଗରେ ଏ ଘୋଡ଼ା ସମୁଦ୍ରରୁ ବାହାରିଥିଲା । ଏହାର କର୍ଣ୍ଣ ଉନ୍ନତ ଓ ବର୍ଣ୍ଣ ଶ୍ୱେତ)—2. The white horse of Indra said to have come out of the ocean when it was churned by the Gcds.

ଉଚ୍ଚୈଃସ୍ୱର—ସଂ. ବି (ଉଚ୍ଚୈଃ=ଉଚ୍ଚ+ସ୍ୱର=ଶବ୍ଦ)—ବଡ଼ପାଟି—
Uchchaiḥswara Loud voice.

ଉଚ୍ଚୈର୍ଘୁଷ୍ଟ—ସଂ ବି (ଉଚ୍ଚୈଃ=ଉଚ୍ଚସ୍ୱରରେ+ଘୁଷ ଧାତୁ=ଘୋଷଣ
Uchchairghushṭa କରିବା+ଭାବ ତ )—ଘୋଷଣା—
Proclamation; public announcement.

ଉଚ୍ଚୈସ୍ୱରେ—ଦେ. କ୍ରି. ବିଣ—ବଡ଼ପାଟି କରି—
Uchchaisware Loudly; aloud,

ଉଚ୍ଚୈସ୍ୱରେ କାହିଁ ସଙ୍ଗେ ଗଲଲେ ହେଲେ—ରାଧାନାଥ. ମହାଯାତ୍ରା ।

ଉଚ୍ଛ—ଦେ. ବି (ସଂ—ଉତ୍ସବ)—ଉଛ (ଦେଖ)
Uchchha Uchha (See)

ଉଚ୍ଛନ (ଇତ୍ୟାଦି) ଗ୍ରା. ବିଣ—ଉଚ୍ଛନ୍ନ (ଦେଖ)
Uchchhana etc Uchchhanna (See)

| ୧ | ଇ | ଈ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଜ୍ଞ | ଇଯ୍ | ଉଅଁ | ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ |

ଉଚ୍ଛନିଅାଁ—ଗ୍ରା. ବଣ—୧ । ଅତି ବ୍ୟାକୁଳ—
Uchchhaniañ 1. Much agitated.
୨ । ଅତି ଅସ୍ଥିର—
2. Very restless; very impatient.

ଉଚ୍ଛନ୍ନ—ସଂ. ବଣ (ଉତ୍+ଛାଦ=ଆବରଣ କରିବା+କର୍ତ୍ତୃ. ତ)—
Uchchhanna ନଷ୍ଟ; ଧ୍ୱସ୍ତ; ବିନାଶିତ—
Ruined; destroyed; desolated; laid waste
ଦେ. ବଣ—୧ । ଅତି ଚଞ୍ଚଳ; ବ୍ୟାକୁଳ; ବ୍ୟସ୍ତ—
1. Over-anxious; over-impatient.
ଶୁଣି ଭଣନେ ତାର ମନ ପ୍ରବର୍ତ୍ତିବନେ ସେ ଉଚ୍ଛନ୍ନ—ରୂପର. ପ୍ରେମପଞ୍ଚାମୃତ ।
୨ । ଅସ୍ଥିର—2 Unsettled; restless.
୩ । ତ୍ୱରାଯୁକ୍ତ—3 Hasty.
୪ । ଲୁପ୍ତ—4. Exterminated.
୫ । ଭୀତ; ତ୍ରସ୍ତ—5. Frightened; terrified.

ବଳ ସାଙ୍ଗଣ ଦୂଷଣ ତିଶିର ଯେତ
ବାହାର ବାର ଡାକରେ ଉଚ୍ଛନ୍ନ ସ୍ୱର—ଉଞ୍ଜ. ବୈଦେହୀଶବିଳାସ ।

ଦେ. ବ—୧ । ବିନାଶ—1. Destruction; ruin.
୨ । (ବଂଶାଦିର) ଲୋପ—2. Extinction.

ଉଚ୍ଛନ୍ନ କରିବା—ଦେ. କ୍ରି—୧ । ସମୂଳେ ନଷ୍ଟକରିବା—
Uchchhanna karibā 1. To annihilate.
୨ । ବ୍ୟସ୍ତଭାବରେ ଅଳ କରିବା—
2. To inportune.
୩ । ଅତି ଚଞ୍ଚଳ କରାଇବା—
3. To press one to make haste; to urge on.

ଉଚ୍ଛନ୍ନ ଡାକ—ଦେ. ବ—ଅତି ଅଧୀର ଓ ଉଚ୍ଚ ପାଟିରେ ଡାକିବା—
Uchchhanna ḍāka A call with a loud tone.

ଉଚ୍ଛନ୍ନଦଶା—ଦେ. ବ—ସର୍ବନାଶ ଘଟିବାର ଅବସ୍ଥା—
Uchchhannaḍaśā Condition of utter ruin.

ଉଚ୍ଛନ୍ନ ଯିବା—ଦେ. କ୍ରି—୧ । ବିନାଶ ପ୍ରାପ୍ତ ହେବା—
Uchchhanna jibā 1. To go to ruins
উৎসন্নযাওয়া ୨ । ସତ୍ୟାନାଶ ହେବା—2. To be utterly ruined.
୩ । ସମୂଳେ ବିନଷ୍ଟ ହେବା—3. To be eradicated.

ଉଚ୍ଛନ୍ନ ଲଗାଇବା—ଦେ. କ୍ରି—୧ । ଅତି ବ୍ୟସ୍ତ ଭାବରେ ଅଳ କରିବା—
Uchchhanna lagāibā 1. To importune.
୨ । ଅତ୍ୟନ୍ତ ଚଞ୍ଚଳ କରାଇବା—2. To press one to make haste; to urge on.

ଉଚ୍ଛନ୍ନ ହେବା—ଦେ. କ୍ରି—୧ । ସମୂଳେ ବିନଷ୍ଟ ହେବା—
Uchchhanna hebā 1. To be eradicated.
୨ । ଅତି ଅଧୀର ହେବା—
2. To be over-impatient.
୩ । ଅତି ତ୍ୱରାନ୍ୱିତ ହେବା—
3. To be over-hasty.
୪ । ( ବଂଶାଦି ) ଲୁପ୍ତ ହେବା—
4. To become extinct.

ଉଚ୍ଛନ୍ନେ—ଦେ. କ୍ରି. ବଣ—ଅସ୍ଥିର ଭାବରେ—
Uchchhanne Restlessly.
କାହିଁ କାହିଁ ଯାଇ ଉଚ୍ଛନ୍ନେ ଭ୍ରମିଲା, ଠାବେ ଲବେ ନ କରଇ ।
ଜଗନ୍ନାଥ, ଯଯାତି ।

ଉଚ୍ଛବ—ଗ୍ରା. ବ. ( ସଂ. ଉତ୍ସବ )—
Uchchhaba ୧ । ଉତ୍ସବ; ଆମୋଦ; ଆହ୍ଲାଦ—
উৎসব, উছো; উছা 1. Rojoicing; festival.
उच्छाह ୨ । ଭୋଜି; ବଣଭୋଜି—
2. Feasting; picnic.
୩ । (ପୁଂ) ଲୋକଙ୍କ ନାମ—3. Name of males

ଉଚ୍ଛବ ଆନନ୍ଦ—ଗ୍ରା. ବ. (ସହଚର)—ଉତ୍ସବଜନିତ ଆନନ୍ଦ—
Uchchhaba ānanda Rejoicing and feasting.

ଉଚ୍ଛରଗ (ଇତ୍ୟାଦି)—ଗ୍ରା. ବ—ଉଚ୍ଛର୍ଗ ଇତ୍ୟାଦି ( ଦେଖ )
Uchchharaga etc. Uchchharga etc ( See )

ଉଚ୍ଛର୍ଗ—ଗ୍ରା. ବ. ( ସଂ. ଉତ୍ସର୍ଗ )—
Uchchharga ୧ । କୌଣସି ବସ୍ତୁକୁ ଦେବତାଙ୍କ ଉଦ୍ଦେଶ୍ୟରେ
উৎসর্গ ଦେବାର ସଙ୍କଳ୍ପ—1. Dedication.
୨ । ଦାନ—2. Gift; present.
୩ । ଉଚ୍ଚତା; ବେଧ; ବହଳ—3. Height.
ଉପରକୁ ଉଚ୍ଛର୍ଗ ସେ ମେରୁ ପରମାଣ । ବୃନ୍ଦାବନଭୂଷଣଗୀତା ।

ଉଚ୍ଛର୍ଗ କରିବା—ଦେ. କ୍ରି. ( ସଂ. ଉତ୍ସର୍ଗ )—
Uchchharga karibā ୧ । ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି
উৎসর্গকরা ବସ୍ତୁକୁ ଦେବା ନିମନ୍ତେ ସଂକଳ୍ପ କରିବା; ଦେବତାଙ୍କ
उत्सर्गकरना ନାମରେ ପାଣି ଛଡ଼ାଇବା—
1. To dedicate a thing to a Deity
୨ । ଦାନ କରିବା—2. To present; to give.

ଉଚ୍ଛଳନ—ସଂ. ବ. ( ଉତ୍+ଶଲ ଧାତୁ+ଭାବ. ଅନ )—ଉଚ୍ଛୁଳିବା—
Uchchhaḷana Over-flowing.

ଉଚ୍ଛଳିତ—ସଂ. ବଣ. ( ଉତ୍=ଉପରକୁ+ଶଲ ଧାତୁ=ଗମନ କରିବା+କର୍ତ୍ତୃ. ତ )—
Uchchhaḷita
୧ । ଉଦ୍ବେଳିତ—1. Billowy.
୨ । ଉତ୍ଥିତ; ଉଚ୍ଛ୍ରିତ; ଉତ୍କ୍ଷିପ୍ତ—2. Thrown up.
୩ । ଉଚ୍ଛୁଳୁଥିବା; ଫୁଲୁଥିବା—
3. Over-flowing; swelling.

ଉଚ୍ଛଳିବା—ଦେ. କ୍ରି ( ସଂ. ଉଚ୍ଛଳନ )—ଉଚ୍ଛୁଳିବା ( ଦେଖ )
Uchchhaḷibā Uchhuḷibā ( See )
ଜଳନ୍ତ ବାଲ୍ୟ ସ୍ରୋତ ଫେଣ୍ଟେ ଉଚ୍ଛଳେ । ଜଗନ୍ନାଥ ମେଘଦୂତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାନ୍ତରରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଖିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ତ ଦେଖିବେ ।

**ଉଚ୍ଛା**—ପ୍ରାଦେ. (ମେଦନୀପୁର) ବି—କଲରା ଗଛ ଓ ତାହାର ଫଳ—
Uchchhā Memordica (a fruit and creeper)

**ଉଚ୍ଛାଦନ**—ସଂ. ବି. (ଉତ୍=ଉପର+ଛଦ ଧାତୁ ଣିଜନ୍ତ; ଛଦ ଧାତୁ=ଆବରଣ କରିବା+ଭାବ. ଅନ)—
Uchchhādana
୧ । ଘଷି କରି ମଳ ଛଡ଼ାଇବା; ଉଦ୍‌ବର୍ତ୍ତନ—
1. Cleansing the body of dust etc. by rubbing.
୨ । ଦେହରେ ଚନ୍ଦନାଦ ବୋଳିବା—
2. Anointing the body with perfumes

**ଉଚ୍ଛାଳ**—ଦେ. ବି—ଉଛୁଳ ( ଦେଖ )—
Uchchhaḻa Uchhāḻa ( See )

**ଉଚ୍ଛାଳିବା**—ଦେ. କ୍ରି—ଉଛୁଳିବା ( ଦେଖ )
Uchchhaḻibā Uchhāḻibā ( See )

**ଉଚ୍ଛାସ୍ତ୍ର**—ସଂ. ବିଣ. (ଉତ୍=ବରୁଦ୍ଧ+ଶାସ୍ତ୍ର )—
Uchchhāstra ୧ । ଶାସ୍ତ୍ରବରୁଦ୍ଧ—1. Unscriptural.
୨ । ଅଶାସ୍ତ୍ରୀୟ—2. Against the śāstras or precepts; violating or transcending śāstric rules.
୩ । ବେଆଇନ୍—3. Illegal.

**ଉଚ୍ଛାହ**—ଗ୍ରା. ବି. ( ସଂ. ଉତ୍ସାହ )—ଉତ୍ସାହ ( ଦେଖ )
Uchchhāha Utsāha ( See )

**ଉଚ୍ଛାହା**—ଗ୍ରା. ପଦ୍ୟ. ବି—୧ । ଉଦ୍ଯୋଗ—
Uchchhāhā 1. Preparation.
ଗୁପତେ କରନ୍ତି ଲକ୍ଷ୍ମ ବରଣ ଉଛାହା । ପ୍ରଚୀନ. ଶଶିସେଣା ।
୨ । ଆବେଗ—3. Eagerness.
କହଇଲେ ହୃଦୟେ ସମସ୍ତ ସଙ୍ଗ ଭାବ ମାନଙ୍କୁ ଅତି ଉଛାହାରେ ।
ଗୀତଗୋବିନ୍ଦ ଉପକ୍ରମଣ ।

**ଉଚ୍ଛାହୀ**—ଗ୍ରା. ବିଣ. ( ସଂ. ଉତ୍ସାହୀ )—ଉତ୍ସାହୀ ( ଦେଖ )
Uchchhāhi Utsāhi ( See )

**ଉଚ୍ଛିଖ**—ସଂ. ବିଣ. (ବହୁବ୍ରୀହି; ଉତ୍=ଊର୍ଦ୍ଧ୍ବ+ଶିଖା=ଯୁକ୍ତ)—
Uchchhikha ୧ । ଯାହାର ଶିଖା ଉପରକୁ ଉଠିଅଛି (ଅଗ୍ନି)—
1. Blazing; flaming (fire).
୨ । ଜାଜ୍ଵଲ୍ୟମାନ—2. Radiant.
୩ । ଉନ୍ନତମୂର୍ଦ୍ଧା; ଉପରମୂର୍ଦ୍ଧା—3. High-crested; with head held high with; crest erect.
ସଂ. ବି—ନାଗବିଶେଷ—A species of cobra.

**ଉଚ୍ଛିଣି**—ଗ୍ରା. ଅ—ଏବେଗଣି—
Uchchhiṇi Now; at present.

**ଉଚ୍ଛିଣିକା**—ଗ୍ରା. ଅ—ଉଚ୍ଛିଣି ( ଦେଖ )
Uchchiṇikā Uchchhiṇi ( See )

**ଉଚ୍ଛିତ୍ତି**—ସଂ. ବି. ( ଉତ୍=ସମ୍ୟକ୍+ଛିଦ୍ ଧାତୁ=ଛେଦନ କରିବା+ଭାବ. ତି )—୧ । ଉଚ୍ଛେଦ—
Uchchhitti
1. Extermination.
୨ । ସମୂଳେ ଉତ୍ପାଟନ—2. Annihilation.
୩ । ବିନାଶ—
3. Utter destruction; extinction.

**ଉଚ୍ଛିନ୍ନ**—ସଂ. ବିଣ. ( ଉତ୍+ଛିନ୍ନ=ଛେଦନପ୍ରାପ୍ତ )—
Uchchhinna ୧ । ସମୂଳେ ବିନଷ୍ଟ—
1. Ruined; destroyed.
୨ । ଛିଣ୍ଡା ହୋଇଥିବା—2. Cut off.
୩ । ଉତ୍ପାଟିତ ବା ଓପଡ଼ା ହୋଇଥିବା—3. Uprooted.

**ଉଚ୍ଛିଷ୍ଟ**—ସଂ. ବିଣ. ( ଉତ୍+ଶିଷ ଧାତୁ=ଶେଷ ରହିବା+କର୍ମ. ତ)—
Uchchhishṭa
୧ । ଭୋଜନ ପରେ ପାତ୍ରରେ ବଳିଥିବା—
1. Left or remaining after meals.
୨ । ଉପଭୁକ୍ତ; ଭୁକ୍ତାବଶିଷ୍ଟ; ଅଇଁଠାହୋଇଥିବା—
2. Touched or partaken.
୩ । ଉପଭୋଗ କରିବା ପରେ ଅବଶିଷ୍ଟ ରହିଥିବା—
3 Left after enjoyment or use; once used.
୪ । ତ୍ୟକ୍ତ; ପରିତ୍ୟକ୍ତ—4. Discarded after use.
ଦେ. ବି.—
୧ । ଅଇଁଠା—1. What is left after meals.
୨ । ଖାଇବା ପରେ ପତ୍ରରେ ଯାହା ବଳି ରହିଥାଏ—
2. Orts; remains of a meal; leavings.

**ଉଚ୍ଛିଷ୍ଟତା**—ସଂ. ବି—( ଉଚ୍ଛିଷ୍ଟ+ତା ) ଅଇଁଠା—
Uchchhishṭatā Leavings; remnants.

**ଉଚ୍ଛିଷ୍ଟଭୋଜନ**—ସଂ. ବି. ( ୬ଷ୍ଠୀ ତତ୍; ଉଚ୍ଛିଷ୍ଟ=ଅଇଁଠା+ଭୋଜନ =ଖାଇବା )—
Uchchhishṭabhojana
ପରର ଅଇଁଠା ଖାଇବା—Feeding on the remains of another's meal.

**ଉଚ୍ଛିଷ୍ଟଭୋଜୀ**—ସଂ. ବିଣ. ପୁଂ. (ଉଚ୍ଛିଷ୍ଟ=ଅଇଁଠା+ଭୁଜ୍ ଧାତୁ=ଖାଇବା +କର୍ତ୍ତୃ. ଇନ୍; ୧ମା. ୧ବ.)—
Uchchhishṭabhojī
(ଉଚ୍ଛିଷ୍ଟଭୋଜିନୀ—ସ୍ତ୍ରୀ) ୧ । ଅଇଁଠାଖିଆ; ଅଇଁଠାଚଟା—
1. One who feeds on the leavings of another.
୨ । ନୀଚ; ପରାନ୍ନଭୋଜୀ; ପରୋପଜୀବୀ—
2. Mean; hanger-on; toady.

**ଉଚ୍ଛିଷ୍ଟମୁଖ**—ସଂ. ବିଣ. ପୁଂ. ( ବହୁବ୍ରୀହି )—ଅଇଁଠାମୁହାଁ; ଖାଇସାରି ମୁହଁ ଧୋଇ ନ ଥିବା—
Uchchhishṭamukha
(ଉଚ୍ଛିଷ୍ଟମୁଖା—ସ୍ତ୍ରୀ) One who has not washed his face after a meal.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଢ | ଡ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇସ୍ତ | ଛ୍ଅ | ଢ |
| ୨ | ଣ | ଡ଼ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ନ |

ଉଚ୍ଛିଷ୍ଟହାତ—ଦେ. ବଣ—ଖାଇସାର ହାତ ଧୋଇ ନ ଥିବା; ଅଇଁଠା-
Uchchhishtabāta ହାତ—( one ) Who has not washed his hands after a meal.

ପ୍ରମାଣ ମୁଁ ଉଚ୍ଛିଷ୍ଟ ହାତହୋଇଥିଲି
ଠିଆରେ ଆଚମନ କରଣ ଅସିଲି । କୃଷ୍ଣସିଂହ ମହାଭାରତ ଆଦି ।

ଉଚ୍ଛିଷ୍ଟାନ୍ନ—ସଂ. ବ. (କର୍ମଧା; ଉଚ୍ଛିଷ୍ଟ=ପୂର୍ବଭୁକ୍ତ+ଅନ୍ନ=ଭୋଜନ)—
Uchchhishtānna ଅଇଁଠାଭାତ—Remains of a meal; leavings; orts.

ଉଚ୍ଛୀର୍ଷକ—ସଂ. ବ. ( ବହୁବ୍ରୀହି; ଉତ୍=ଉପରେ+ଶୀର୍ଷ=ମସ୍ତକ+
Uchchhīrshaka କ )—୧ । ମାଣ୍ଡି; ତକିଆ—1. Pillow.
୨ । ଶିରଃପ୍ରଦେଶ—2. The head.

ବଣ—ଉନ୍ନତମସ୍ତକ—
With head held high; high-crested.

ଉଚ୍ଛୁକ—ଗ୍ରା. ବଣ. ( ସଂ. ଉତ୍ସୁକ )—ଉତ୍ସୁକ ( ଦେଖ )
Uchchhuka Utsuka ( See )

ବଦନ ଚୁମ୍ବିଲ ଦେଇ ଉଚ୍ଛୁକ ଚିତ୍ତ । ଶିଶୁଶଙ୍କର—ଉଷା ଅଭିଳାଷ ।

ଗ୍ରା. ବ—ଔତ୍ସୁକ୍ୟ; କୌତୂହଳ—Curiosity.

ଗୁରୁ ଗୌରବ ଭେଦନ୍ତୁ ଉଚ୍ଛୁକ ବଢ଼ାଇ । ଶିଶୁଶଙ୍କର, ଉଷାଅଭିଳାଷ ।

ଉଚ୍ଛୁକିଆ—ଗ୍ରା. ବ ଓ ବଣ—ଉଚ୍ଛୁକ ( ଦେଖ )
Uchchhukiā Uchchhuka ( See )

ଉଚ୍ଛୁଣି—ଗ୍ରା. ଅ—ଉଚ୍ଛିଣି ( ଦେଖ )
Uchchhuṇi Uchchhiṇi ( See )

ଉଚ୍ଛୁଣିକା—ଦେ. ଅ—ଉଚ୍ଛିଣି ( ଦେଖ )
Uchchhuṇikā Uchchhiṇi ( See )

ଉଚ୍ଛୁର—ଦେ. ବ—ଉଛୁର ( ଦେଖ )
Uchchhura Uchhura ( See )

ଉଚ୍ଛୁଳ—ଦେ. ପଦ୍ୟ. ବଣ—ଉଛୁଳୁଥିବା—
Uchchhuḻa Over-flowing.

ବାଦ୍ୟ ନାଦ ଶବଦେ ସିନ୍ଧୁ ଯେ ଉଚ୍ଛୁଳ । ପ୍ରତାପ—ଶଶିସେଣା ।

ଉଚ୍ଛୁଳା—ଦେ. ବ—ଉଛୁଳା ( ଦେଖ )
Uchchhuḻā Uchhuḻā ( See )

ଉଚ୍ଛୁଳିତ—ଦେ. ବଣ. ( ସଂ. ଉଚ୍ଛଳିତ )—ଅତି ଉଚ୍ଚ—
Uchchhuḻita Very loud.

ଶବଦ ଶୁଭେ ଉଚ୍ଛୁଳିତ
ଯେସନେ ଜୀମୂତ ଗର୍ଜିତ । ଜଗନ୍ନାଥ- ଭାଗବତ ୮

ଉଚ୍ଛୁଳିବା—ଦେ. କ—ଉଛୁଳିବା (ଦେଖ)
Uchchhuḻibā Uchhuḻibā (See)

ଉଚ୍ଛୁଷ୍କ—ସଂ. ବଣ (ଉତ୍=ଉପରଭାଗରେ+ଶୁଷ୍ ଧାତୁ=ଶୁଷ୍କ ହେବା
Uchchhushka +କର୍ତ୍ତୃ. କ)—୧ । ଉପରଭାଗ ଶୁଖିଥିବା—
1. Dry outside.
୨ । ସନ୍ତପ୍ତ—2 Parched.

ଉଚ୍ଛୂନ—ସଂ. ବଣ (ଉତ୍=ଉପରକୁ+ଶ୍ୱି ଧାତୁ=ବୃଦ୍ଧି ପାଇବା+
Uchchhūna କର୍ତ୍ତୃ. ତ)—୧ । ସ୍ଫୀତ; ଫୁଲିଥିବା—
1. Swollen; turgid.
୨ । ଉନ୍ନତ—2. High.
୩ । ଉଚ୍ଛ୍ୱସିତ—3. Seething; brimming.

ଉଚ୍ଛୃଙ୍ଖଳ—ସଂ. ବଣ. ପୁଂ. (ବହୁବ୍ରୀହି; ଉତ୍=ନାହିଁ+ଶୃଙ୍ଖଳ=ଶିକୁଳି;
Uchchhṛuṅkhaḻa ଯାହାର)—୧ । ଯାହାର ବାନ୍ଧବତା
(ଉଚ୍ଛୃଙ୍ଖଳା—ସ୍ତ୍ରୀ) ନାହିଁ—1. Unbridled; unfettered.
(ଉଚ୍ଛୃଙ୍ଖଳତା—ବ) ୨ । ବିଶୃଙ୍ଖଳ; ଅନିୟନ୍ତ୍ରିତ; ଅସଂଯତ; ଅବାଧ,
ସ୍ୱେଚ୍ଛାଚାରୀ; ଯେ ନିୟମାଧୀନ ନୁହେ—
2. Irregular; lawless; unrestrained.
୩ । ଇନ୍ଦ୍ରିୟପରାୟଣ—
3. Giving free scope to one's passions.

ଉଚ୍ଛେଦ—ସଂ. ବ (ଉତ୍=ସମ୍ୟକ୍+ଛିଦ ଧାତୁ=ଛେଦନ କରିବା+
Uchchheda ଭାବ. ଅ)—ବିନାଶ; ଧ୍ୱଂସ; ଉତ୍ପାଟନ; ଉନ୍ମୂଳନ-
Ruin; destruction.

ଉଚ୍ଛେଦକ—ସଂ. ବଣ. ପୁଂ. (ଉତ୍=ସମ୍ୟକ୍+ଛିଦ୍ ଧାତୁ=ଛେଦନ
Uchchhedaka କରିବା+କର୍ତ୍ତୃ.ଅକ)—ବିନାଶକାରୀ; ଧ୍ୱଂସକାରୀ-
(ଉଚ୍ଛେଦିକା—ସ୍ତ୍ରୀ) Destroyer; eradicator.

ଉଚ୍ଛେଦନୀୟ—ସଂ. ବଣ (ଉତ୍+ଛିଦ୍+କର୍ମ. ଅନୀୟ)—
Uchchhedanīya ୧ । ବିନାଶଯୋଗ୍ୟ—
1. Fit to be destroyed.
୨ । ଉତ୍ପାଟନୀୟ—2. Capable of being cut off.

ଉଚ୍ଛେଦସାଧନ—ସଂ. ବ. ( ଉଚ୍ଛେଦ=ବିନାଶ+ସାଧନ=କରିବା )—
Uchchhedasādhana ବିନାଶ; ସର୍ବନାଶ—Utter ruin; eradication; destruction.

ଉଚ୍ଛେଦ୍ୟ—ସଂ. ବଣ (ଉତ୍+ଛିଦ୍ ଧାତୁ+କର୍ମ. ଯ)—
Uchchhedya ଉଚ୍ଛେଦନୀୟ (ଦେଖ)
Uchchhedanīya (See)

ଉଚ୍ଛୋଷଣ—ସଂ. ବଣ. (ଉତ୍+ଶୁଷ୍ ଧାତୁ=ଶୁଷ୍କ ହେବା; ନୀରସ କରିବା
Uchchhoshaṇa +କର୍ତ୍ତୃ. ଅନ)—୧ । ଊର୍ଦ୍ଧ୍ୱଶୋଷକ—
1. Sucking up.
୨ । ସନ୍ତାପକ—2. Heating.
ସଂ. ବ (+ଭାବ. ଅନ)—ଊର୍ଦ୍ଧ୍ୱଶୋଷଣ—
3. Suction.

ଉଚ୍ଛ୍ୱସିତ—ସଂ. ବଣ (ଉତ୍=ଉପରକୁ+ଶ୍ୱସ ଧାତୁ=ନିଶ୍ୱାସ ମାରିବା
Uchchhwasita +କର୍ତ୍ତୃ. ତ)—୧ । ପ୍ରସ୍ଫୁଟିତ; ବିକସିତ—
1. Expanded; in full bloom; blooming.
୨ । ସ୍ଫୀତ—2. Puffed up; elated.
୩ । ବିଶ୍ଳିଷ୍ଟ; ବିଚ୍ଛିନ୍ନ - Torn asunder; severed.
୪ । ନିଶ୍ୱାସ ମାରୁଥିବା; ଜୀବିତ—
4 Living; breathing; inhaling.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧ ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୫ । ଆନନ୍ଦିତ—5. Puffed up with delight; delighted; gladdened.

୬ । କମ୍ପିତ—6. Trembling; vibrating.

ସଂ. ବି (+ଭାବ. ତ)—୧ । ବିକାଶ—1. Expansion.

୨ । ସ୍ଫୁରଣ; କମ୍ପନ—2. Vibration.

୩ । ନିଃଶ୍ୱାସ—3. Exhalation.

୪ । ସ୍ଫୀତି—4. Swelling; elation.

**ଉଚ୍ଛ୍ୱାସ**—ସଂ. ବି. (ଉତ୍=ଉପରକୁ+ଶ୍ୱସ ଧାତୁ=ନିଶ୍ୱାସ ମାରିବା+ଭାବ. ଅ)—୧ । ନାକରୁ ବାହାରକୁ ନିଃଶ୍ୱାସ ମାରିବା—1. Expiration.
Uchchhwāsa

୨ । ନିଶ୍ୱାସ—2. Breath.

୩ । ଊର୍ଦ୍ଧ୍ୱଶ୍ୱାସ;—3. Forced breath; gasping.

୪ । ଦୀର୍ଘଶ୍ୱାସ; ଦୀର୍ଘନିଶ୍ୱାସ—4. Sigh

୫ । ସ୍ଫୁରଣ; ସ୍ପନ୍ଦନ—5. Vibration.

୬ । ପୁସ୍ତକର ପରିଚ୍ଛେଦ—6. Division or chapter. of a book.

୭ । ଫୁଲିବା; ସ୍ଫୀତି—7. Swelling.

୮ । ବିକାଶ—8. Expansion.

୯ । ବିଶ୍ଳେଷ—9. Severance.

**ଉଚ୍ଛ୍ୱାସିତ**—ସଂ. ବିଣ (ଉତ୍+ଶ୍ୱସ ଣିଚ୍; ଶ୍ୱାସି ଧାତୁ+କର୍ମ. ତ)—୧ । ସ୍ଫୀତ କରି ଯାଇଥିବା—1. Caused to be expanded; made to swell.
Uchchhwāsita

୨ । ବିଶ୍ଳେଷିତ—2. Analysed.

୩ । ଉନ୍ମେଷିତ—3. Opened.

**ଉଚ୍ଛ୍ରୟ**—ସଂ. ବି. (ଉତ୍=ଊର୍ଦ୍ଧ୍ୱ+ଶ୍ରି ଧାତୁ=ସେବା କରିବା+ଭାବ. ଅ)—୧ । ଉନ୍ନତି—1 Rise; progress
Uchchhraya

୨ । ଉଚ୍ଚତା—2. Height; elevation.

୩ । ବଢ଼ିବା; ଫୁଲିବା—3. Elation; growth.

**ଉଚ୍ଛ୍ରାୟ**—ସଂ. ବି.—ଉଚ୍ଛ୍ରୟ (ଦେଖ)
Uchchhrāya — Uchchhraya (See)

**ଉଚ୍ଛ୍ରିତ**—ସଂ. ବିଣ ( ଉତ୍=ଊର୍ଦ୍ଧ୍ୱ +ଶ୍ରି=ସେବାକରିବା+କର୍ତ୍ତୃ. ତ)—୧ । ଉନ୍ନତ; ଉଚ୍ଚ—1. High; tall; prosperous.
Uchchhrita

୨ । ଉତ୍ପନ୍ନ; ଜାତ—2. Grown; born

୩ । ଉତ୍ତୋଳିତ—3. Raised, lifted up.

୪ । ପ୍ରବୃଦ୍ଧ; ଫୁଲିଯିବା—4. Puffed up; elated; swollen.

୫ । ଦୃପ୍ତ—5. Arrogant; puffed up with pride.

୬ । ଉଦିତ—6. Risen.

**ଉଛ**—ଦେ. ବି ( ସଂ—ଉତ୍ସ )—୧ । ପ୍ରସ୍ରବଣ; ଝରଣା—1. A spring.
Uchha

୨ । ( ସଂ ଉତ୍ସବ )—ଉତ୍ସବ; ଆମୋଦ; ଆହ୍ଲାଦ—2. Festivity.

୩ । ବିବାହର ତୃତୀୟ ଦିନ—3 The third day of a marriage-ceremony.

୪ । ବ୍ରତର ଦ୍ୱିତୀୟ ଦିନ—4 The second day of a 'Brata' ceremony.

[ଦ୍ର—ଉଛ ଦିନ ବ୍ରହ୍ମିବେ ସଧବା ସ୍ତ୍ରୀମାନେ ବର କନ୍ୟାଙ୍କୁ ବା ବ୍ରତ ହୋଇଥିବା ବାଳକକୁ ସାତସାପରେ ବନାନ୍ତି । ଅଣ୍ଟା କରିବା ଲୋକେ ଓ ଭଣ୍ଡାରୁଣୀ ଗୋଟିଏ କାଞ୍ଜିପିଅରେ ଉପରୁ ଗୁଡ଼ିଏ ପୂରାଇ ତାହା ମାଛ ବୋଲି କଳ୍ପନା କରି ବିବାହଉତ୍ସବରେ ଯୋଗ ଦେବା ପାଇଁ ଆସିଥିବା ବନ୍ଧୁବାନ୍ଧବ ଏବଂ ବର ନିକଟରେ ତାହାକୁ ବିକ୍ରୟ କରିବାର ଛଳ କରି ପଇସା ଆଦାୟ କରନ୍ତି । ]

**ଉଛଣା**—ପ୍ରାଦେ (ଗଞ୍ଜାମ) ବି—ଘରର ଓଳି (ଗୋପୀନାଥ ନନ୍ଦ)—The eaves of a house.
Uchhaṇā

**ଉଛନ ( ଇତ୍ୟାଦି )**—ଗ୍ରା. (ପଦ୍ୟ.) ବିଣ—ଉଚ୍ଛନ୍ନ ଇତ୍ୟାଦି ( ଦେଖ )
Uchhana ( etc — Uchchhanna etc ( See )

ପଳାଇଲା ଋଷିକୁମାର ବେଗେ ହୋଇ ଉଛନ—ଜଗନ୍ନାଥ ଚନ୍ଦ୍ରଭାଗା ।

**ଉଛନା**—ପ୍ରାଦେ. ( ଗଞ୍ଜାମ ) ବି—ଉଛଣା ( ଦେଖ )
Uchhanā — Uchhaṇā ( See )

**ଉଛବ ( ଇତ୍ୟାଦି )**—ଗ୍ରା. ବି—ଉତ୍ସବ ଇତ୍ୟାଦି ( ଦେଖ )
Uchhaba etc — Uchchhaba etc ( See )

**ଉଛରଗ**—ଗ୍ରା. ପଦ୍ୟ. ବି—ଉତ୍ସର୍ଗ ( ଦେଖ )
Uchharaga — Uchchharga ( See )

**ଉଛର୍ଗ ( ଇତ୍ୟାଦି )**—ଗ୍ରା. ବି—ଉତ୍ସର୍ଗ ଇତ୍ୟାଦି ( ଦେଖ )
Uchharga ( etc ) — Uchchharga etc ( See )

**ଉଛଳ** ଗ୍ରା. ବି—ଉଚ୍ଛଳିତ; ଉଛୁଳୁଥିବା—Brimming; over-flowing.
Uchhaḷā

ଝାଞ୍ଜ ମୃଦଙ୍ଗ ଶବଦେ ମେଦିନୀ ଉଛଳା—ପ୍ରାଚୀ. ବୃନ୍ଦାବନଚମ୍ପୂ ।

**ଉଛଳିବା**—ଦେ. କ୍ରି—୧ । ( ସଂ. ଉଚ୍ଛଳନ )—ତରଳ ପଦାର୍ଥ ପାତ୍ରରୁ ବା କୂଳରୁ ଉପରକୁ ଉଠିବା—1. To overflow.
Uchhaḷibā

୨ । (ଲକ୍ଷଣାର୍ଥ) ଅଧିକ୍ୟ ହେତୁ ସୀମା ଲଙ୍ଘନ କରି ବାହାରେ ପ୍ରକଟିତ ହେବା; ସ୍ଫୀତ ହେବା—2.To become manifest; tσ suell.

ଭଗ ଶୋଭ ଦେଖି ଏମନ୍ତ ହୃଦନ୍ତି ଉଛଳେ—ଜଗନ୍ନାଥ ଚନ୍ଦ୍ରଭାଗା ।

**ଉଛାଇବା**—ଦେ. କ୍ରି—୧ । ଶଯ୍ୟା ବିଛାଇବା—( ଗୋପୀନାଥ ନନ୍ଦ । ) 1. To spread (a mat or bedding ).
Uchhāibā

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଙ | ଶ,ଷ | ଝ | ଇୟ | ଉଥ | ଘ |
| ୨ | ଉ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ● | କୃ |

୨ । ବଢ଼ିଯାଇଥିବା ଲତାଗୁଳ୍ମାଦିକୁ ସମତଳ କରି କାଟିବା ବା କାଟି ପରିଷ୍କାର କରିବା —
2. To prune plants or over-grown branches; to lop.

ଉଚ୍ଛଡ଼ିବା—ଦେ. କ୍ରି. ( ସଂ. ଉତ୍କ୍ଷିପ୍ତ )—
Uchhā<u>rd</u>ibā ୧ । ଛିଞ୍ଚାଡ଼ିବା—1. To shake off.
୨ । ଫୋପାଡ଼ିବା; ପିଙ୍ଗିବା—2. To throw away.
୩ । ବଳପୂର୍ବକ ଝିଙ୍କିବା—
3. To pull with force.
୪ । ଖେଳାଇବା; ବିଞ୍ଚି ଦେବା—
4 To scatter; to strew.
୫ । ବଳପୂର୍ବକ ଭାଙ୍ଗିବା—
5. To break down with force.

ଉଚ୍ଛାରିବା—ଗ୍ରା. କ୍ରି—ଉଚ୍ଛଡ଼ିବା ( ଦେଖ )
Uchhāribā Uehhā<u>rd</u>ibā ( See )

ଉଚ୍ଛାଳ—ଦେ. ବିଣ. ( ସଂ. ଉଚ୍ଛଳନ )— ବମନ; ଉଦ୍ଗିରଣ—
Uchhā<u>l</u>a Vomiting; belching; retching; emitting.
औम्कला

ଉଚ୍ଛାଳିବା—ପ୍ରାଦେ. କଟକ କ୍ରି. ( ସଂ. ଉଚ୍ଛଳତ; )—
Uchhā<u>l</u>ibā ୧ । କୂପାଦିକୁ ଉତ୍ତମରୂପେ ପରିଷ୍କାର କରିବା—
1. To cleanse a well or tank
୨ । ବାନ୍ତି କରିବା—2. To vomit.
୩ । ଗୃହ ଛିଦ୍ରମାନ ସାଧାରଣରେ ପ୍ରକଟ କରିବା—
3- To publish family secrets.

ଉଚ୍ଛାହ—ଗ୍ରା. ବି—ଉତ୍ସାହ ( ଦେଖ )
Uchhāha Utsāha ( See )

ଉଚ୍ଛାହା—ଗ୍ରା. ପଦ୍ୟ. ବିଣ—୧ । ଉତ୍ସାହ ( ଦେଖ )
Uchhāhā 1. Utsāha ( See )
୨ । ଆନନ୍ଦିତ; ପ୍ରଫୁଲ୍ଲ—
2. Delighted.

ମନ ଦାସ ଜନ ମନ କରି ଉଚ୍ଛାହା—ଶିଶୁଶଙ୍କର. ଉଷାଅଭିଳାଷ ।

ଉଚ୍ଛାହୀ—ଗ୍ରା. ବିଣ. ( ସଂ. ଉତ୍ସାହୀ )—ଉତ୍ସାହୀ ( ଦେଖ )
Uchhāhī Utsāhī ( See )

ଉଚ୍ଛିଣି—ଗ୍ରା.ଅ. ( ସଂ. ଏତତ୍ ଓ. କ୍ଷଣ )—ଏହିକ୍ଷଣି—
Uchhiṇi Now; at present; just uow.

ଉଚ୍ଛିଣିକା—ଗ୍ରା. ଅ—ଉଚ୍ଛିଣି ( ଦେଖ )
Uchhiṇikā Uchhiṇi ( See )

ଉଚ୍ଛିବା—ଦେ. କ୍ରି. ( ସଂ. ଉଞ୍ଛନ୍ )—୧ । ( ଲୁଗାକୁ ) ଯତ୍ନପୂର୍ବକ ଝାଡ଼ିବା ବା ସଜ କରିବା; ଛିଞ୍ଚିବା—
Uchhibā
2. To prepare a cloth or make it fit for wear.
୨ । ସଜାଡ଼ିବା; ବିନ୍ୟାସ କରିବା —
2. To adorn; to arrange.

ଉଚ୍ଚ ସୁମନ ଗନ୍ଧେ କାହା କବରୀ ସାଜି ବନ୍ଧନ ଗଉରେ—
ଭକ୍ତ. ପ୍ରେମସୁଧାନିଧି ।
୩ । ଯୁକ୍ତ କରିବା—
3. To add to.
୪ । ବୃକ୍ଷାଦିର ଅଧିକତ୍ୱ ଡାଳ ବା ବଢ଼ିଯାଇଥିବା ଲତାଗୁଳ୍ମାଦିକୁ କାଟିକୁଟି ପରିଷ୍କାର କରିବା—
4. To prune or lop off the redundant parts of a tree, plant or creeper.

ଉଚ୍ଛୁକ—ଗ୍ରା. ପଦ୍ୟ. ବିଣ—ଉତ୍ସୁକ ଦେଖ )—Utsuka ( See )
Uchhuka ଗ୍ରା. ବି.— ଔତ୍ସୁକ୍ୟ—Eagerness.

ମିଳଣି, ଦେଖିଛି ତରିବର ଗୃହେ ରହିଲଭଟ୍ଟେ ଉଚ୍ଛସିଲା ସେ
ମନ ଉଚ୍ଛୁକେ ମୋତେ ହସିଲଇ—ଗ୍ରାଚୀ. ଉପବାହୁଧି ।

ଉଚ୍ଛୁକିଆ— ଗ୍ରା. ବିଣ—ଉତ୍ସୁକ ( ଦେଖ )
Uchhukiā Utsuka ( See )

ଉଚ୍ଛୁଡ଼ି—ଗ୍ରା. ବିଣ—ଅବାଧ୍ୟ; ଦୁଷ୍ଟ—
Uchhu<u>rd</u>i Unruly; wicked.

ଉଚ୍ଛୁଡ଼ିଆ—ଗ୍ରା. ବିଣ—ଉଚ୍ଛୁଡ଼ି ( ଦେଖ )
Uchhu<u>rd</u>iā Uchhu<u>rd</u>i ( See )

ଉଚ୍ଛୁଡ଼ିବା—ଦେ. କ୍ରି—୧ । ବଳାତ୍କାରରେ ଝିଙ୍କିନେବା—
Uchhu<u>rd</u>ibā 1. To snatch away.
उछलना

ଦେବକୀ ନନ୍ଦନେ ମିଳଇ; କୋଳୁ ବାଳକ ଉଚ୍ଛୁଡ଼ିଲା ।
ଜଗନ୍ନାଥ—୧୦ମ ଗୋପ ।

୨ । ବଳପୂର୍ବକ ଆକର୍ଷଣ କରିବା—
2. To drag by force.

ତେବେ ଭୀମ ନ ଭଜ ଧନୁକୁ ଉଚ୍ଛୁଡ଼ି—କୃଷ୍ଣସିଂହ. ମହାଭାରତ. ବନ ।

୩ । ଆକ୍ରମଣ କରିବା—3. To attack.
୪ । ଛିଞ୍ଚାଡ଼ିବା—4. To scatter.
୫ । ଫୋପାଡ଼ିବା —5. To strew with force.
୬ । ବଳପୂର୍ବକ ବିକ୍ଷିପ୍ତ ବା ବିକ୍ଷିପ୍ତ ହେବା—
6. To be strewn with force.

ଉଚ୍ଛୁଡ଼ି ପଡନ୍ତେ ଏ ପଦ୍ମ, ସଲିଳ କଲେ ପଡ଼ି ସିଞ୍ଚ ।
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ଉଚ୍ଛୁଣା—ପ୍ରାଦେ. (ଗଞ୍ଜାମ) ବି—ଘର ଚାଳର ଓଳ (ଗୋପୀନାଥ ନନ୍ଦ)—
Uchhuṇā. The eaves of a thatch.

ଉଚ୍ଛୁଣି—ପ୍ରାଦେ. ଅ ( ବାଲେଶ୍ୱର ) ଅ— ଏକ୍ଷଣି; ବର୍ତ୍ତମାନ—
Uchhuṇi At the present moment.
এখুনি
অখনী

ଉଚ୍ଛୁଣି ଜମାଦାର ପହଞ୍ଚିବ । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଉଚ୍ଛୁଣିକା— ପ୍ରାଦେ ( କଟକ ଓ ବାଲେଶ୍ୱର ) ଅ —ଉଚ୍ଛୁଣି ( ଦେଖ )
Uchhuṇikā Uchhuṇi ( See )

ଉଚ୍ଛୁର—ଦେ. ବି. ( ସଂ. ଉଚ୍ଛ୍ରାୟ )—୧ । ବିଳମ୍ବ ବା ଡେରି—
Uchhura 1. Delay.

ତୁ ଏବେ ଦଧି ମାତୁ କର, ବେଳ ନାହିଁ ହେଉଛି ଉଚ୍ଛୁର । ଭୂପତି—ପ୍ରେମପଞ୍ଚାମୃତ ।

ସାଧାରଣ ଲେଖକେ ଅପର ସ୍ଥାନରେ ପଠିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ପରବର୍ତ୍ତୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଠ' ନ ମିଳିଲେ 'ଗାଣ' ଖୋଜିବେ; 'ବୃଥ' ନ ମିଳିଲେ 'ବଥ' ଦେଖିବେ; 'ବଂଶୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ନିର୍ଦ୍ଦିଷ୍ଟ ସମୟ ବା ବେଳା ଅତିକ୍ରମ; ବେଳା ଗଡ଼ିବା— 2. The passing away of fixed or proper time; expiry of the appointed time.

**ଉଛୁର କରିବା**—୧ । ଡେରି କରିବା—1. To delay.
Uchhura karibā ୨ । ବେଳ ଗଡ଼ାଇବା—2. To while away the appointed time.

**ଉଛୁର ସହିବା**—ଦେ. କ୍ରି—୧ । ବିଳମ୍ବ ବା ଡେରି ସମ୍ଭାଳିବା—
Uchhura sahibā 1. To admit of delay; to brook delay.

**ଉଛୁରାଇବା**—ଦେ. ପଦ୍ୟ. କ୍ରି—ଉଛୁର କରିବା—
Uchhurāibā To delay.

**ଉଛୁରେଇବା**—ଦେ. କ୍ରି—ଉଛୁରାଇବା ( ଦେଖ )
Uchhureibā Uchhurāiba ( See )

**ଉଛୁଳା**—ଦେ. ବିଣ—( ସଂ ଉଚ୍ଛଳିତ )—୧ । ଅବାଧ—
Uchhulā 1. Unruly; disobedient.
छलक, उथलपुथल ୨ । ଉଛୁଳୁଥିବା—2 Over flowing.

**ଉଛୁଳାଇବା**—ଦେ. କ୍ରି—ଉଛୁଳିବାର ଣିଜନ୍ତ ରୂପ—
Uchhulāibā The causative form of
छलकाना 'Uchhulibā'

**ଉଛୁଳିବା**—ଦେ କ୍ରି. ( ସଂ. ଉଚ୍ଛଳନ ) ୧ । ଜଳ ଆଦି ତରଳ ପଦାର୍ଥ
Uchhulibā ପାତ୍ରର ବା କୂଳର ଉପରକୁ ଉଠିବା—1 To
छलकना overflow; to swell (said of liquids).

୨ । ବ୍ୟାପ୍ତ ହେବା; ଶବ୍ଦଦ୍ୱାରା ମୁଖରିତ ହେବା—
2 To resound; to reverberate.
ବାଦ୍ୟ ଶବ୍ଦରେ ଧରଣୀ ଉଛୁଳେ—ଉତ୍କ. ବୈଦେହୀଶବିଳାସ ।

୩ । ପୂର୍ଣ୍ଣହେବା—3. To be full; to be filled
ଦେବ ପୁଷ୍ପର ବାସ, ବନ ଉଛୁଳେ ବହେ ଦଶଦିଗ—ପ୍ରାଚୀ. ରହସ୍ୟମଞ୍ଜରୀ ।

୪ । (ଲକ୍ଷଣାର୍ଥ) ଅତିରିକ୍ତରୂପେ ପ୍ରକାଶିତ ହେବା—
4. To appear in profusion.
ହୃଦାରେ ଚନ୍ଦ୍ରିକା ପେଷି ଘନେ ଘନେ ଉଛି ଉଛି
ନିଜ ସଙ୍ଗେ କି ରସ ଉଛୁଳାଉରେ—କବିସୂର୍ଯ୍ୟ. ଚମ୍ପୋଉଚମ୍ପୁ ର ଗୀତ ।

**ଉଛୁଳେଇବା**—ଦେ. କ୍ରି—ଉଛୁଳାଇବା ( ଦେଖ )
Uchhuleibā Uchhulāibā ( See )

**ଉଛେଇବା**—ଦେ. କ୍ରି—ଉଛାଇବା ( ଦେଖ )
Uchheibā Uchhāibā ( See )

**ଉଜନା**—ପ୍ରାଦେ ( ସମ୍ବଲପୁର ) ସର୍ବନାମ—ଅନ୍ୟ; ଅପର; ଦୋସର—
Ujnā Other; another.

**ଉଜ**—ଦେ. ବି ( ସଂ. ଓଜଃ )—୧ । ତେଜ; ପ୍ରଭାବ; ଉଜ୍ଜ୍ୱଳତା—
Uja 1. Brightness; brilliance.

୨ । (ସ୍ତ୍ରୀ) ଉଜ୍ଜ୍ୱଳମଣିର ଡାକନାମ—
2. A name for calling 'Ujjwalamaṇi'.

୩ । ନିର୍ମାଣ—3. Preparation; formation.
ସୁବର୍ଣ୍ଣ ସୀତା ଗୋଟିଏ ଉଜ କରଇବ । ଦୀନକୃଷ୍ଣ. ଦାନବ୍ରଜମସୁଣ ।

ଦେ. ବିଣ—୧ । ଉଜ୍ଜ୍ୱଳ—1. Bright.
ମୁକ୍ତ ମାଣିକ୍ୟ ହୋଇଛି ଉଜ—ଦୀନନାଥ. ଦାନବ୍ରଜମସୁଣ ।

୨ । ଶ୍ରେଷ୍ଠ; ଉତ୍କୃଷ୍ଟ—2. Superior; excellent.

୩ । ସିଧା; ସରଳ—3. Straight; upright.
ଉତ୍ତରୁଳା ଭୁଜ ଉଜ କରନ୍ତୁ
ଏ ଗୋଲ୍ଲ କରେ ଅଗୋଲ୍ଲମାନଙ୍କୁ—ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୪ । କ୍ଷମ—4. Able.
ବକ୍ଷ ପୂର୍ବରେ ଦକ୍ଷିଣ ପ୍ରତୀଚୀରେ ଉଜ—ଉତ୍କ. ବୈଦେହୀଶବିଳାସ ।

୫ । ଉନ୍ନତ; ଉଚ୍ଚ—Raised.
କର ବେଣୀ ଉଜ, ଉତ୍କଟ ନଖ ସମାଜ
ମାନର ସେ ଦେଖି ହେଲ ଲାଜଲାଜ—ଉତ୍କ. ପ୍ରେମସୁଧା ନିଧି ।

**ଉଜଟ**—ଦେ. ବିଣ (ସଂ. ଉତ୍କଟ)—ଅବୁଝା; ଅବୁଝ—
Ujaṭa Unreasonably insisting for a thing.

**ଉଜଟିଆ**—ଦେ. ବିଣ—ଉଜଟ (ଦେଖ)
Ujaṭiā Ujaṭa (See)

**ଉଜଡ଼ା**—ଦେ. ବିଣ (ସଂ. ଉତ୍କୁଟ)—୧ । ନଷ୍ଟ ବା ଅପବ୍ୟୟିତ—
Ujarḍā 1. Wasted.
उजाड़ ୨ । ଅପବ୍ୟୟକାରୀ—
2 Squandering; wasteful.

**ଉଜଡ଼ାଇବା**—ଦେ. କ୍ରି (ଉଜାଡ଼ିବାର ଣିଜନ୍ତ ରୂପ)—ନଷ୍ଟ କରାଇବା—
Ujarḍāibā To cause to devastate.

**ଉଜନ୍ତରି**—ଗ୍ରା. ବିଣ—ଉଜୁନ୍ତୁରି (ଦେଖ)
Ujantari Ujunturi (See)

**ଉଜଉତୁରି**—ଗ୍ରା. ବିଣ—ଉଜୁନ୍ତୁରି (ଦେଖ)
Ujauturi Ujunturi (See)

**ଉଜର୍**—ପ୍ରାଦେ (ବସ୍ତର) ବିଣ—ଉଜ୍ଜ୍ୱଳ—
Ujar Bright.

**ଉଜଲ୍**—ପ୍ରାଦେ (ସମ୍ବଲପୁର) ବି. (ସଂ. ଉଜ୍ଜ୍ୱଳ)—ଆଲୁଅ—
Ujal Light
उजाला

**ଉଜଳ**—ଗ୍ରା. ବିଣ (ସଂ. ଉଜ୍ଜ୍ୱଳ)—୧ । ଉଜ୍ଜ୍ୱଳ—
Ujaḷa 1. Lustrous; bright; glowing.
उजियाला; उजाला ୨ । କାନ୍ତିଯୁକ୍ତ—2. Shining; brilliant.

୩ । ପ୍ରାଦେ (ସମ୍ବଲପୁର) ବି. ଆଲୋକ—3. Light.

ଗ୍ରା. ବି—୧ । ଉଜ୍ଜ୍ୱଳତା—
1. Brilliance; lustre.

୨ । ଧୋବା—2 Washer-man.

**ଉଜଳ କରିବା**—ଗ୍ରା. କ୍ରି—୧ । କାନ୍ତିଯୁକ୍ତ କରିବା—
Ujaḷa karibā 1. To make lustrous

୨ । ମାଜିବା—
2 To bring out the original lustre by rubbing.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦପାଇଁ ପାଠକମାନେ ଉକ୍ତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୩ । (ଧୋବା) ଲୁଗା ପରିଷ୍କାର କରିବା— 3 To wash cloths.

ଉଜଳଘର—ପ୍ରାଦେ. (ଗଞ୍ଜାମ) ବି.—୧ । ଧୋବା—
Ujalaghara 1. Washerman; washerman's hands.
୨ । ଧୋବା ଘର—Washerman's house.

ଉଜଳଣୀ—ଗ୍ରା. ବି. ସ୍ତ୍ରୀ—ଧୋବଣୀ—Washer-woman.
Ujalaṇi

ଉଜଳମାଧିଆ—ଦେ. ବି.—ଏକପ୍ରକାର ଧଳା ମୋଟ ଧାନ—
Ujalamādhia A species of white coarse paddy.

ଉଜଳମାଧୁଆ—ଦେ. ବି.—ଉଜଳମାଧିଆ (ଦେଖ)
Ujalamādhuā Ujalamādhia (See)

ଉଜଳମାଧୋଇ—ଦେ. ବି—ଉଜଳମାଧିଆ (ଦେଖ)
Ujalamādhoi Ujalamādhia (See)

ଉଜଳହର—ପ୍ରାଦେ. (ଗଞ୍ଜାମ) ବି—ଉଜଳଘର (ଦେଖ)
Ujalahara Ujalaghara (See)

ଉଜଳା—ଗ୍ରା. ବି.—ଧୋବା—
Ujalā Washer-man.

ଉଜଳାଘର—ଦେ. ବି.—ଉଜଳଘର (ଦେଖ)
Ujalāghara Ujalaghara (See)

ଉଜଳାମାଧିଆ—ଉଜଳମାଧିଆ (ଦେଖ)
Ujalāmādhia Ujalamādhia (See

ଉଜଳି—ଗ୍ରା. ବି. ସ୍ତ୍ରୀ—ଉଜୁଳି (ଦେଖ)
Ujali Ujuli (See

ଉଜଳିବା—ଦେ. ପଦ୍ୟ. କ୍ରି. (ସଂ. ଉଜ୍ଜ୍ୱଳ)—୧ । ଉଜ୍ଜ୍ୱଳ କରିବା—
Ujaliba 1. To make lustrous.
ଅଣି ଉଜଳେ ଯଥା ଅଗ୍ନିକି ମୁଖ । ରାଧାନାଥ, ତୁଳସୀସ୍ତବକ ।
୨ । ପ୍ରଜ୍ୱଳିତ ହେବା—2 To burn.
୩ । ପ୍ରକାଶିତ ହେବା; ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହେବା— 3. To become visible; to appear.
ଲକ୍ଷ ଶଶ ଉଜଳେ ସ୍ୱଚ୍ଛ ରମଣେ । ରାଧାନାଥ, ମେଘଦୂତ ।
୪ । ଲୁଗା ଆଦି କାଚି ପରିଷ୍କାର କରିବା— 4. To cleanse cloths by washing.

ଉଜଳୀ—ଦେ. ବି—ଉଜୁଳି (ଦେଖ)
Ujali Ujuli (See)

ଉଜା—ପ୍ରାଦେ. ବି (ଜାହାଜିଆ ଶବ୍ଦ)—ଡାହାଣ ପଟ—
Ujā (nautical) The right hand side

ଉଜାଇବା—ଗ୍ରା. କ୍ରି—ଉଜେଇଁବା (ଦେଖ)
Ujāiba Ujeiñbā (See

ଉଜାଇଁବା—ଦେ. କ୍ରି—ଉଜେଇଁବା (ଦେଖ)
Ujāiñbā Ujeiñbā (See)

ଉଜାଁ—ଗ୍ରା. ବି—ଉଜୁଆଁ (ଦେଖ)
Ujāñ Ujuāñ (See)

ଉଜାଗର—ଦେ. ବି. (ସଂ. ଉଦ୍‌ଜାଗର)—୧ । ନିଦ୍ରାରାହିତ୍ୟ—
Ujāgara 1. Wakefulness.
୨ । ରାତ୍ରି ଜାଗରଣ—2. Watching.
ଯେ ଝାସି ଥାଇ ସାଦରେ ଶିବରାତ୍ରି ଉଜାଗରେ ବସେ କୈଳାସ ନଗରେ
ବଡ଼ ଯୋଗରେ । ଭକ୍ତ- ପ୍ରେମସୁଧାନିଧି ।
उजागर ଦେ. ବିଣ—୧ । ଜାଗ୍ରତ; ଅନିଦ୍ରିତ—1. Wakeful.
୨ । ହୁସିଆର—2. Cautious.

ଉଜାଗର ହେବା—ଦେ. କ୍ରି—୧ । ହୁସିଆର ରହିବା—
Ujāgara hebā 1. To be on the alert.
୨ । ରାତ୍ରିରେ ଜାଗ୍ରତ ରହିବା—2 To watch up.

ଉଜାଡ଼—ଦେ. ବି—୧ । ନାଶ ବା ଧ୍ୱଂସ—
Ujārda 1. Destruction; desolation.
উজোড় କପାଟ ଭେଳିଣ ଯେ ପାଟେଶ୍ୱ ଭେଳିପଣ
उजड़ ଉଜାଡ଼ କଲ ସ୍ୱର୍ଣ୍ଣମୟ ଲଙ୍କାଦେଶ । ବଳରାମ- ରାମାୟଣ ।
୨ । ଅପବ୍ୟୟ—2. Waste; squandering.

ଉଜାଡ଼ମସ୍ତ—ଗ୍ରା. ବି.—୧ । ଧ୍ୱଂସ; କ୍ଷୟ—1. Destruction.
Ujārdamasta ୨ । ଅପବ୍ୟୟ—2. Wasting.
ଦେ. ବିଣ—୧ । ଅପବ୍ୟୟୀ—1. Squandering.
୨ । ଅପବ୍ୟୟିତ—2. Wasted.
୩ । ଅତି ଦୁର୍ବାର୍ଯ୍ୟ ବା ଦୁଷ୍ଟ; ଦୁର୍ବୃତ୍ତ— 3. Very wicked.

ଉଜାଡ଼ିଆ—ଗ୍ରା. ବିଣ ପୁଂ—ଅପବ୍ୟୟୀ—
Ujārdiā Extravagant.
उजाड़ू
(ଉଜାଡ଼େଣୀ—ସ୍ତ୍ରୀ)

ଉଜାଡ଼ିବା—ଦେ. କ୍ରି. ( ସଂ. ଉତ୍କୃଷ୍ଟ )—
Ujārdibā ୧ । ନଷ୍ଟ କରିବା—To ruin; to destroy;
उजाड़ना; उजड़करना to lay waste.
ପୁର ଉଜାଡ଼େ ରସ୍ଥ କରି; ସେ ପୁରନ୍ଦର ଚଣ୍ଡାଳୀ ।
ଜଗନ୍ନାଥ- ଭାଗବତ ୪ ।
୨ । ଅପବ୍ୟୟ କରିବା—2. To waste.

ଉଜାଣ—ଦେ. ବିଣ—ଜୁଆରଯୁକ୍ତ—
Ujāṇa Tidal.
ଯେସନେ ଚୋର ବେଣ୍ଟ ସ୍ୱନ- ନଦୀକି କରଇ ଉଜାଣ ।
ଭୂପତି—ପ୍ରେମପଞ୍ଚାମୃତ ।

ଉଜାଣି—ଦେ. କ୍ରି. ବିଣ [ସଂ ଉତ୍+(ଯାନ ?)]—
Ujāṇi ସ୍ରୋତର ବିପରୀତରେ— Against current; upstream.
ବିଣ—ଉଜାଣିଆଁ ( ଦେଖ )
Ujāṇiāñ ( See )
ମାନ ଛାଳନ କ ଉଠେ ଦେହ-ପ୍ରାଣୀ
ଭାସିବାକୁ କାଳ-ପ୍ରଭାବେ ଉଜାଣି । ରାଧାନାଥ, ନନ୍ଦକେଶ୍ୱରୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଘ | ଢ | ଷ,ଶ | ଙ୍କ | ଇୟ୍ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ଷ | ନୃ |

ଉଜାଣିଆଁ—ଦେ. ଗୁଣ—୧। ବିପରୀତ ଦିଗକୁ ଗତି କରୁଥିବା—
Ujāṇiañ 1. Flowing against current.
୨। ଜୁଆରଆ—2. Tidal.

ଉଜାଣି ଉଠିବା—ଦେ. କ୍ରି. [ ସଂ. ଉତ୍ + ଯାନ ( ? )]—
Ujāṇi uṭhibā ୧। ସ୍ରୋତର ବିପରୀତ ଅଡ଼କୁ ଉଠିବା—
1. To rise against the stream.
୨। ଜୁଆର ଉଠିବା—2. To flow as in flood-tide.

ଉଜାଣି ଟେକିବା—ଦେ. କ୍ରି—ଉଜାଣି ଉଠିବା ( ଦେଖ )
Ujāṇi ṭekibā Ujāṇi uṭhibā ( See )
ଯମୁନା ପାଣି ଟେକେ ଉଜାଣି । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଉଜାଣି ଧରିବା—ଦେ. କ୍ରି. ( ଲକ୍ଷଣାର୍ଥ )—ବିପରୀତ ଦିଗକୁ ବହିବା—
Ujāṇi dharibā ( fig ) To take to the opposite direction.
ପବନ ଉଜାଣି ଧରି ନାଜ ଚଳିବରେ—ଗ୍ରାମ୍ୟ, ଶିବସ୍ୱରୋଦୟ ।

ଉଜାଣି ବହିବା—ଦେ. କ୍ରି. [ ସଂ. ଉତ୍ + ଯାନ ( ? ) ]—
Ujāṇi bahibā ୧। ଉଠାଣି ବହିବା; ସ୍ରୋତର ଉପର ଅଡ଼କୁ ବହିବା—1. To rise against the stream.
୨। ଜୁଆର ଉଠିବା—2. To flow as in flood tide.

ଉଜାଣିବା—ଦେ. ପଦ୍ୟ. କ୍ରି—ଉତ୍ତୋଳନ କରିବା—
Ujāṇibā To raise; to lift up.
ନାଦ କୋଣରେ ତଙ୍କ ରେଖ, ଉଜାଣି ଧରିବ ନରେଖି ।
ଗ୍ରାମ୍ୟ—ନବର୍ଣ୍ଣମାହାତ୍ମ୍ୟ ।

ଉଜାଲା—ପ୍ରାଦେ. ( ସମ୍ବଲପୁର ) ବି ( ସଂ. ଉଜ୍ଜ୍ୱଳ )—ଆଲୋକ—
Ujaḷā Light.

ଉଜାଳିବା—ଦେ. କ୍ରି. ( ସଂ. ଉଜ୍ଜ୍ୱଲ୍ )—ପ୍ରଦୀପ ବା ଅଗ୍ନିକୁ ସତେଜ କରିବା; ଦୀପ ବା ନିଆଁକୁ ତେଜିବା —
Ujaḷibā To trim a lamp or fire

ଉଜି—ପ୍ରାଦେ. ( ଗଞ୍ଜାମ ) ବି—୧। ପଶା ବା ତାସ ପ୍ରଭୃତି ଖେଳରେ ଏକ ପକ୍ଷରେ ଖେଳୁଥିବା ଦୁଇ ଜଣ ସଙ୍ଗୀ ଖେଳାଳିଙ୍କ ମଧ୍ୟରୁ ଜଣେ—1. One of the pair of players of playig in a game of cards.
Uji
୨। ଉଜ୍ଜ୍ୱଳମଣି ନାମ୍ନୀ ସ୍ତ୍ରୀର ଡାକ ନାମ—
2. A name for calling 'Ujjwaḷamaṇi'.

ଉଜିର୍—ବୈଦେ. ବି ( ଆ )—୧। ପ୍ରଧାନ ମନ୍ତ୍ରୀ—
Ujir 1. Prime minister.
୨। ମନ୍ତ୍ରୀ—2. Minister.

ଉଜୁ—ବୈଦେ. ବି. ( ଅ )—ନମାଜ ପଢ଼ିବା ପୂର୍ବରୁ ମୁସଲମାନଙ୍କର ଜଳଦ୍ୱାରା ମୁହଁ, ହାତ ଓ ଗୋଡ଼ ଧୋଇ ପବିତ୍ର ହେବା ରୂପ କ୍ରିୟା—Ablutions performed by a Mahomadan before prayer.
Uju
[ ବି—ରୋଗାର୍ତ୍ତ ଥିବାରୁ ପାଣି ଛୁଇଁଲେ ଯାହାର ଅନିଷ୍ଟ ହେବାର ଆଶଙ୍କା ଥାଏ ସେ ଲୋକ (ତଏମୁମ୍ ବା) ମାଟିରେ କଡ଼ଥର ହାତ ମାରି ସେହି ହାତକୁ ମୁହଁରେ ଓ ହାତରେ ବୋଳି ପବିତ୍ର ହେବ—କୋରାନରେ ଏହିପରି ବ୍ୟବସ୍ଥା ଅଛି । ]

ଉଜୁଆଁ—ଦେ. ବି. ( ସଂ. ଉଦ୍ୟାପନ )—
Ujuāñ ୧। ବ୍ରତ ଉଦ୍ୟାପନା; ବ୍ରତ ସମାପ୍ତି—
1. The completion of a religious vow.
୨। କୌଣସି କର୍ମ ବା ଅନୁଷ୍ଠାନର ପରିସମାପ୍ତି—
2. The finish of a work.

ଉଜୁଆଇଁବା—ଦେ. କ୍ରି—ଉଜେଇଁବା ( ଦେଖ )
Ujuāiñbā Ujeñibā ( See )

ଉଜୁଇଁବା—ଗ୍ରା. କ୍ରି—ଉଜେଇଁବା ( ଦେଖ )
Ujuiñbā Ujeñibā ( See )
ପ୍ରେମେକର ବେଗବ୍ରତ ଉଜୁଇଁଲେ ପୁଣ—ପ୍ରତାପ. ଶଶିରେଣା ।

ଉଜୁଡ଼ା—ଦେ. ବି—୧। ନାଶ; ଅପଚୟ—
Ujuṛā 1. Destruction; ruin; loss.
୨। ଅପବ୍ୟୟ—2. Waste.
ଦେ. ଗୁଣ—୧। ଯାହା ଉଜୁଡ଼ି ଯାଏ ବା ନଷ୍ଟ ହୁଏ—
1. Wasted; subeject to waste.
୨। ନାଶକାରୀ; ଲୋପକାରୀ—
2. One that ruins; destroying.
ବନ୍ଧା ସୁମନାରେ ନୁଡ଼ା ଯେ ଧୈର୍ଯ୍ୟ ଉଜୁଡ଼ା ସେହି—
ଭଞ୍ଜ, ବୈଦେହୀଶବିଳାସ ।

ଉଜୁଡ଼ାଇବା—ଦେ. କ୍ରି—ଉଜୁଡ଼ିବାର 'ଣିଜନ୍ତ' ରୂପ —
Ujuṛāibā The causative form of 'Ujuṛibā'.

ଉଜୁଡ଼ିବା—ଦେ. କ୍ରି—୧। ନଷ୍ଟ ହେବା – 1. To be damaged or destroyed; to be lost.
Ujuṛibā
उजड़ना ୨। ଅପବ୍ୟୟିତ ହେବା—2. To be wasted or squandered.
୩। ( ବଳଦଙ୍କ ସମ୍ବନ୍ଧେ ପ୍ରଯୁଜ୍ୟ )—(ଦାମୁଡ଼ି ବଳଦର) ରୋଗଆଦି ଯୋଗୁଁ କ୍ଷୀଣ ବା ଅକର୍ମଣ୍ୟ ହେବା—
3. (an ox ) To become unfit for work owing to disease.

ଉଜୁଣା—ପ୍ରାଦେ ( ସିଂହଭୂମ ) ବି—ଅନ୍ୟଲୋକ—
Ujuṇā Another person.

ଉଜୁନୁରି—ଦେ. ଗୁଣ—ଶ୍ୱାସ ରୋଧ ହେଉଥିବା ବିବ୍ରତ; ରୁଦ୍ଧ ଶ୍ୱାସ —
Ujunturi Suffocated.
हाँपलागा

ଉଜୁଳୀ—ଗ୍ରା. ବି. ସ୍ତ୍ରୀ—ଧୋବଣୀ—
Ujuḷi Washer-woman.

ଉଜୁହତ୍—ବୈଦେ. ବି—ଉଜୁହାତ୍ ( ଦେଖ )
Ujuhat Ujuhāt ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | ଞ୍ଜ | ଇଯ୍ | ଉଅ | ଡ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ଡ଼ |

ଉଜୁହାତ୍—ବୈଦେ. ( ଅ ) ବି. ୧ । ଆପତ୍ତି—Objection.
Ujuhāt ୨ । ଆପତ୍ତି ଲେଖାଥିବା ଦରଖାସ୍ତ—
Petition of objections.
(ଯଥା—ଅପିଲ ଉଜୁହାତ୍=ଅପିଲର କାରଣମାନ—
Grounds of appeal.)

ଉଜେଇବା—ଦେ. କ୍ରି—ଉଜେଇଁବା ( ଦେଖ )
Ujeibā Ujeiñbā ( See )

ଉଜେଇଁବା—ଦେ. କ୍ରି.—୧ । ବ୍ରତ ଉଦ୍ୟାପନ କରିବା—
Ujeiñbā 1. To complete a religious vow
उजरवाना ୨ । ପରିସମାପ୍ତି କରିବା—2. To finish.
୩ । ଉପରକୁ ଉଠିବା—3. To rise up.

ଉଜ୍ଜୟିନୀ—ସଂ. ବି (ନାମ). (ଉତ୍+ଜି+କର୍ତ୍ତୃ. ଇନ୍+ସ୍ତ୍ରୀ ଈ )—
Ujjayini ବିକ୍ରମାଦିତ୍ୟଙ୍କ ରାଜଧାନୀ; ଅବନ୍ତୀନଗର—
Bikramāditya's capital; city of Ujjayini (modern Jayapur—U. P.)
[ ଦ୍ର—ପୂର୍ବେ ହିନ୍ଦୁ ଜ୍ୟୋତିଷମାନେ ଏହି ସ୍ଥାନରୁ ଅକ୍ଷାଂଶ-ଦ୍ରାଘିମା ନିରୂପଣ କରୁଥିଲେ । ଏହା ଶିପ୍ରା ନଦୀକୂଳରେ ଅବସ୍ଥିତ; ଅପର ନାମ ଅବନ୍ତିକା । ଉଜ୍ଜୟିନୀ ହିନ୍ଦୁ, ବୌଦ୍ଧ ଓ ଜୈନମାନଙ୍କର ପ୍ରାଚୀନ ତୀର୍ଥସ୍ଥାନ । ନଗରର ନୈର୍‌ଋତକୋଣରେ ଥିବା ଉଦ୍ୟାନଟି ମୃଚ୍ଛକଟିକ ନାଟକବର୍ଣ୍ଣିତ ଉଦ୍ୟାନ ବୋଲି ପ୍ରବାଦ ଅଛି । ]

ଉଜ୍ଜଳ—ସଂ. ବି (ଉତ୍=ଊର୍ଦ୍ଧ୍ୱକୁ+ଜଲ୍+ଅ)—ଉଝାଳିବା (ଦେଖ)
Ujjaḻa Ujhāḻibā (See)

ଉଜ୍ଜଳନ—ସଂ. ବି ( ଉତ୍=ଊର୍ଦ୍ଧ୍ୱକୁ+ଜଲ୍+ଅନ )—
Ujjaḻana ଉଝାଳିବା (ଦେଖ)
Ujhāḻibā (See)

ଉଜ୍ଜଳିତ—ସଂ.ବିଣ. (ଉତ୍ + ଜଲ + ଇତ) —ଉଝାଳି ହୋଇଥିବା—
Ujjaḻita Cleansed (wells or tanks)

ଉଜ୍ଜାଇବା—ଦେ. କ୍ରି—ଉଜାଣିବା (ଦେଖ)
Ujjāibā Ujāṇibā (See)

ଉଜ୍ଜାସନ—ସଂ. ବି (ଉତ୍+ଜାସି ଧାତୁ=ବଧ କରିବା+ଭାବ. ଅନ)—
Ujjāsana ମାରଣ; ହନନ; ବଧ—Killing.

ଉଜ୍ଜୀବନ—ସଂ. ବି (ଉତ୍+ଜୀବ ଧାତୁ=ଜୀଇଁବା+ଭାବ. ଅନ)—
Ujjibana ୧ । ମୂର୍ଚ୍ଛା ପରେ ଚୈତନ୍ୟଲାଭ—
( ଉଜ୍ଜୀବିତ—ବିଣ ) 1. Resuscitation after a fit; rejuvenation.
୨ । ଲୁପ୍ତପ୍ରାୟ ହୋଇ ପୁନର୍ବାର ପ୍ରବଳ ହୋଇ ଉଠିବା—
2. To revive after being extinct

ଉଜ୍ଜୀବିତ—ସଂ. ବିଣ ( ଉତ୍+ଜୀବ ଧାତୁ=ଜୀଇଁବା+ତ )—
Ujjibita ମୂର୍ଚ୍ଛା ପରେ ପୁନଃ ଚେତନାପ୍ରାପ୍ତ—
Resusciated; brought round after a fit of unconsciousness

ଉଜ୍ଜୃମ୍ଭ—ସଂ. ବି (ଉତ୍+ଜୃମ୍ଭ ଧାତୁ=ପାଟି ମେଲା କରିବା; ହାଇ ମାରିବା; ଚେଷ୍ଟା କରିବା+ଭାବ. ଅ)—
Ujjṛumbha
୧ । ବିକାଶ—1. Expansion.
୨ । ଚେଷ୍ଟା—2. Effort; exertion; endeavour.
ସଂ. ବିଣ—୧ । ପ୍ରସ୍ଫୁଟିତ—1. Blown; expanded
୨ । ଚେଷ୍ଟିତ—2. Exerted; tried.

ଉଜ୍ଜୃମ୍ଭଣ—ସଂ. ବି. ଓ ବିଣ. ( ଉତ୍+ଜୃମ୍ଭ ଧାତୁ+ଭାବ ଓ କର୍ତ୍ତୃ. ଅନ)—ଉଜ୍ଜୃମ୍ଭ (ଦେଖ)
Ujjṛumbhaṇa Ujjṛumbha (See)

ଉଜ୍ଜୃମ୍ଭିତ—ସଂ. ବି. ଓ ବିଣ—(ଉତ୍+ଜୃମ୍ଭ ଧାତୁ=ହାଇ ମାରିବା+ଭାବ. ତ)—ଉଜ୍ଜୃମ୍ଭ (ଦେଖ)
Ujjṛumbhita Ujjṛumbha (See)

ଉଜ୍ଜ୍ୱଳ—ସଂ. ବିଣ ( ଉତ୍=ଅତିଶୟ+ଜ୍ୱଲ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ )—୧ । ଦୀପ୍ତିମାନ୍; ଚାକଚକ୍ୟଶାଳୀ; ଜ୍ୟୋତିର୍ମୟ—1. Luminous; shining; bright.
Ujjwaḻa
୨ । ନିର୍ମଳ—2. Glossy; clear.
୩ । ପରିଷ୍କୃତ—3. Clean; cleansed.
୪ । ଶୋଭମାନ; ଶୋଭନୀୟ—4. Splendid.
ବି.—୧ । ଆଦିରସ; ଶୃଙ୍ଗାରରସ—1. The sentiment of love.
୨ । ସୁବର୍ଣ୍ଣ; ସୁନା—2. Gold

ଉଜ୍ଜ୍ୱଳ କରିବା—ଦେ. କ୍ରି. ( ଉତ୍=ଅତିଶୟ+ଜ୍ୱଲ ଧାତୁ=ଦୀପ୍ତି ପାଇବା )—୧ । ଦୀପ୍ତିଶାଳୀ କରିବା—
Ujjwaḻa karibā 1. To illuminate.
୨ । ଆଲୋକିତ କରିବା—2. To brighten.
୩ । ( ଲକ୍ଷଣାର୍ଥ ) ଖ୍ୟାତି ପ୍ରସାର କରିବା—
3. To spread the fame.
(ଯଥା—କୁଳ ଉଜ୍ଜ୍ୱଳ କରିବା )

ଉଜ୍ଜ୍ୱଳତା—ସଂ. ବି. ( ଉଜ୍ଜ୍ୱଳ+ଭାବ. ତା )—
Ujjwaḻatā ଶୁଭ୍ରତା; ଚାକଚକ୍ୟ; ଦୀପ୍ତି—
Splendour; brightness.

ଉଜ୍ଜ୍ୱଳନ—ସଂ. ବି. ( ଉତ୍+ଜ୍ୱଲ=ଦୀପ୍ତି ପାଇବା+ଭାବ. ଅନ )—
Ujjwaḻana ଆଲୋକିତ କରିବା—
Act of blazing up or shining forth

ଉଜ୍ଜ୍ୱଳ ରସ—ସଂ. ବି—ଶୃଙ୍ଗାର ରସ—Sentiment of love.
Ujjwaḻa rasa ଉଜ୍ଜ୍ୱଳ ଉଜ୍ଜ୍ୱଳରସେ ଚିତ ହୋଇବ ।
ଭଞ୍ଜ—ପ୍ରେମସୁଧାନିଧି ।

ଉଜ୍ଜ୍ୱଳିତ—ସଂ. ବିଣ. ( ଉତ୍+ଜ୍ୱଲ ଧାତୁ+କର୍ମ. ତ )—
Ujjwaḻita ୧ । ଆଲୋକିତ—
1. Illuminated; brightened.
୨ । ଦୀପ୍ତ; ପ୍ରଜ୍ଜ୍ୱଳିତ—2. Lighted up.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ସାଢ଼' ଖୋଜିବେ 'ଜୁଅ' ନ ମିଳିଲେ 'ଜୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଉଜ୍ଜ୍ୱଳିବା—ଦେ. ପଦ୍ୟ. କ୍ରି—ଉଜ୍ଜଳିବା ( ଦେଖ )
Ujjwa_liba Ujja_liba ( See )

ପ୍ରଭାତେ ଉଜ୍ଜ୍ୱଳ ଗାଳ ବେଧାମେ ଗଲେ ସ୍ୱମ ଘଡଳେ ।
ରାଧାନାଥ—ଉଷା ।

ଉଜ୍ଝଟ—ଦେ. ବଣ. ପୁଂ—୧ । ଅବୁଝା—1. Unreasonable.
Ujjhaṭa ୨ । ଏକଜିଦିଆ; ଜିଦଖୋର—
2. Obstinate; stubborn.
୩ । ମନୁଆ—3. Self-willed.
୪ । ଦୁଷ୍ଟ; ଦୃପ୍ତ—4. Wicked; wanton.
୫ । ଅସ୍ଥିର—5. Restless.

ଉଜ୍ଝିତ—ସଂ. ବଣ. ( ଉଜ୍ଝ ଧାତୁ=ତ୍ୟାଗ କରିବା+କର୍ମ. ତ )—
Ujjhita ତ୍ୟକ୍ତ; ବର୍ଜିତ; ଉତ୍ସୃଷ୍ଟ—
Forsaken; thrown away; left; abandoned.

ଉଜ୍ରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଜାଡ଼ିବା ( ଦେଖ )
Ujrāibā Ujār̲ḍibā ( See )

ଉଜ୍ରେଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଜ୍ରାଇବା ( ଦେଖ )
Ujreibā Ujrāibā ( See )

ଉଝଟ—ଦେ. ବଣ. ପୁଂ.—ଉଜ୍ଝଟ ( ଦେଖ )
Ujhaṭa Ujjhaṭa ( See )
ଉଝଟପଣ } ବି.
ଉଝଟପଣିଆ }

ଉଝଟିଆ—ଦେ. ବଣ. ପୁଂ—ଉଜ୍ଝଟ ( ଦେଖ )
Ujhaṭiā Ujjhaṭa ( See )
(ଉଝଟୀ—ସ୍ତ୍ରୀ)

ଉଝଣିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଷୁଆଁ ଦେଉଥିଲେ ହାଣ୍ଡି
Ujhanibā ଧରି ଧାନକୁ ଓଲଟପାଲଟ ଓ ତଳଉପର କରିବା—
To shake lustily a pot containing par-boiled paddy set on the grate.

ଉଝଳା—ଦେ. ବି—୧ । କୂଅ ପ୍ରଭୃତିରୁ ପଙ୍କାଦି ଉଦ୍ଧାର କରିବା କର୍ମ—
Ujha_lā 1. Cleansing of silt etc from the bed of tanks and wells.
୨ । (ଲକ୍ଷଣାର୍ଥ) ପରିବାରର ଗୁପ୍ତ ରହସ୍ୟମାନଙ୍କର ଉଦ୍ଘାଟନ—
2. Giving out family secrets
ବଣ—ପଙ୍କ ଆଦି କଢ଼ାଯାଇ ପରିଷ୍କୃତ ହୋଇଥିବା କୂଅ ପ୍ରଭୃତି—
Cleansed of silts ( wells or tank ).

ଉଝଳାଇବା—ଦେ. କ୍ରି—ଉଝାଳିବାର ଣିଜନ୍ତ ରୂପ—
Ujha_laibā The causative of Ujhā_libā.

ଉଝଳା ହେବା—ଦେ କ୍ରି.(କର୍ମବାଚ୍ୟ)—(କୂପ,ତଡ଼ାଗାଦି) ପଙ୍କ ପ୍ରଭୃତି
Ujha_lā hebā ଉଦ୍ଧାର କରାଯିବାଦ୍ୱାରା ପରିଷ୍କୃତ ହେବା—
(tanks and wells) To be cleansed of silt etc.

ଉଝାଳ—ଦେ. ବି—ଉଚ୍ଛୁଳା; ଉଦ୍ଗମ; ଉଚ୍ଛ୍ୱସନ—
Ujhā_la Brimming; over-flowing.

ନାବର ଉଝାଳ ଯେସନ ନାଠ ହେଲ ବନ୍ଦ
ପ୍ରାଚୀ—ବୃହନ୍ନଳୁପଣର୍ଗଡ଼ା ।

ଉଝାଳିବା—ଦେ.କ୍ରି. ସଂ—(ଉଜ୍ଜ୍ୱଳ)—୧ । ସଫା କରିବା; ମାଜିବା—
Ujhā_libā 1. To cleanse.
୨ । କୂପ ତଡ଼ାଗାଦିରୁ ପଙ୍କୋଦ୍ଧାର କରିବା—
2. To cleanse tanks, wells etc. of silt in the bed
୩ । ଅପଦାଦରୁ ଉଦ୍ଧାର କରିବ—
3. To save from distress or danger.
୪ । ଗୁପ୍ତ ରହସ୍ୟ ଉଦ୍‌ଘାଟନ କରିବା; ଗୃହଚ୍ଛିଦ୍ରମାନ ପ୍ରକଟ କରିବା—To publish family-secrets.
୫ । ଶୋଧିବା—To call names.

ଉଝୁଳା—ଦେ. ବି. ଓ ବଣ—ଉଝଳା (ଦେଖ)
Ujhu_lā Ujha_lā (See)

ଉଝୁଳାଇବା—ଦେ. କ୍ରି—ଉଝାଳିବା (ଦେଖ)
Ujhu_lāibā Ujhā_libā (See)

ଉଝୁଳା ହେବା—ଦେ. କ୍ରି—ଉଝଳା ହେବା (ଦେଖ)
Ujhu_lā hebā Ujha_lā hebā (See)

ଉଝେଇ—ଗ୍ରା. କ୍ରି. ବଣ—ଉଝେଇଁ (ଦେଖ)
Ujhei Ujheiñ (See)

ଉଝେଇଁ—ଗ୍ରା. କ୍ରି. ବଣ—୧ । ବୃଥା—Uselessly.
Ujheiñ ୨ । ଅକାରଣରେ—2. In vain.
୩ । ମାଗଣାରେ—3. Gratis.
୪ । ନାମମାତ୍ର; ନାମତଃ (କାର୍ଯ୍ୟତଃ ନୁହେ)—
4. Nominally.
ବଣ—୧ । ଅନାମନ୍ତ୍ରିତ; ଅନାହୂତ—
1. Uncalled for; unasked.
୨ । ମାଗଣିଆ—2. Gratis
୩ । ବୃଥା—3. Useless; vain.
୪ । ନାମମାତ୍ର—4. Nominal.

ଉଝେଇଁନାଣୀ—ଗ୍ରା. ବି. (ସ୍ତ୍ରୀ—ବ୍ୟଙ୍ଗ୍ୟ)—ଯେଉଁ ସ୍ତ୍ରୀଲୋକ ଅନାହୂତ
Ujheiñnāṇī ଭାବରେ କଥା କହେ ବା ପରର କାମ କରିବାକୁ ଯାଏରେ—(a woman) Who speaks or acts uninvited.

ଉଞ୍ଚ୍ଲାଇବା—ପ୍ରାଦେ (ସମ୍ବଲପୁର) କ୍ରି.—କମଳା ଆଦି ଫଳରୁ ଚୋପା
Uñchlāibā ଛଡ଼ାଇବା—To skin the rind of fruits; to peel.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍ଗ | ଇୟ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ |

**ଉଞ୍ଚ**—ଗ୍ରା. ବି. ଓ ବିଣ—୧ । ଉଚ୍ଚ (ଦେଖ)
Uñcha Uchcha (See)
ଉଁଚ୍ଚ ଅପାବଲେ ଅଣଗୁଲେ ହୋଇଅଛ ଉଞ୍ଚ ।
ପ୍ରାଚୀ—ବହ୍ନନଗ୍ରୁପଣଗୀତା ।
୨ । ଢେଙ୍ଗା—2. Tall

**ଉଞ୍ଚକପାଳ**—ଗ୍ରା. ବି.—ଅଣିପତାଠାରୁ ଅସାଧାରଣଭାବରେ ଉନ୍ନତ
Uñchakapāḷa କପାଳ—High brow.
ਉੱਚ ਕਪਾਲ

**ଉଞ୍ଚକପାଳିଆ**—ଗ୍ରା. ବିଣ. ପୁଂ—୧ । ଯାହାର କପାଳ ଉଚ୍ଚ—
Uñchakapāḷia 1. High browed.
ଉଞ୍ଚକପାଳୀ / ଉଞ୍ଚକପାଳେଇ } ସ୍ତ୍ରୀ ୨ । (ଲକ୍ଷଣାର୍ଥ) ଭାଗ୍ୟବାନ୍—
2 Fortunate; lucky.
[ଦ୍ର —ଉଞ୍ଚକପାଳଯୁକ୍ତ ପୁରୁଷ ଭାଗ୍ୟବାନ୍ ଓ ଉଞ୍ଚକପାଳୀ ସ୍ତ୍ରୀ ଭାଗ୍ୟହୀନା—ଏହା ଭାରତର ଲୋକବିଶ୍ୱାସ । ]

**ଉଞ୍ଚଣା**—ଗ୍ରା. ବି—ଶଗଡ଼ବାଟୁଆ ( ଦେଖ )
Uñchaṇā Sagaṛdabāṭuā ( See )

**ଉଞ୍ଚଲେଞ୍ଚ**—ଗ୍ରା. ବିଣ. (ସମ୍ବଲପୁର)—ଉଚ୍ଚନୀଚ ( ଦେଖ )
Uñchaleñcha Uchchhanicha ( See )
ਉਚਾਨੀਚਾ ଅପେ ଉଞ୍ଚ ଅପେ ଲେଞ୍ଚ ଅପେ ସବ ସମ । ପ୍ରାଚୀ—ବହ୍ନନଗ୍ରୁପଣଗୀତା ।
उँचानीचा

**ଉଞ୍ଚା**—ଗ୍ରା. ବିଣ. ( ସଂ. ଉଚ୍ଚ )—
Uñchā ୧ । ଉଚ୍ଚ; ଉତ୍ତୁଙ୍ଗ—1. High; steep.
ਉੱਚਾ, ਉੱਚ ୨ । ଢେଙ୍ଗା—2. Tall.
उँचा ୩ । ଉତ୍ତୋଳିତ ହୋଇଥିବା—
3. Raised up.
ମୁଣ୍ଡି ଉଞ୍ଚାଇ ବଜ୍ର ପ୍ରାପ୍ତେ; ପିଞ୍ଚଲ ଧଳାରୂପୀ ଦେହେ—ଜଗନ୍ନାଥ. ଭାଗବତ ।

**ଉଞ୍ଚାଇବା**—ଦେ. କ୍ରି. ( ସଂ. ଉଚ୍ଚ )—
Uñchāibā ୧ । ଆଘାତ କରିବାପାଇଁ ବସ୍ତୁ ବା ଅସ୍ତ୍ର ଆଦି
ਉਚਾਨ ଉଠାଇବା—1. To lift an instrument for striking.
उगाना
ଘୂର୍ଣ୍ଣ ଲଉଡାକୁ ମୁଣ୍ଡା ଭାମରସ ଉଞ୍ଚାଇଲେ ଦେଖି ସ୍ନେହେ ।
କବିସୂର୍ଯ୍ୟ—ମଙ୍ଗ ଚି ।
୨ । କୌଣସି ସ୍ଥାନକୁ ଉଚ୍ଚତର କରିବା—
2. To raise the ground-level.

**ଉଞ୍ଚିକୁଞ୍ଚି ପିନ୍ଧିବା**—ଦେ. କ୍ରି. ( ଦ୍ର. ଉଞ୍ଚ ଧାତୁ ଓ କୁଞ୍ଚ ଧାତୁ )—
Uñchikuñchi pindhibā ପିନ୍ଧିବା ଲୁଗାକୁ କୁଞ୍ଚି ସଂଯତ କରି ସୁନ୍ଦରରୂପେ ପିନ୍ଧିବା ( ଯେପରି କି ଲୁଗା ଖେଳି ହୋଇ ରହି ଚଳେ ଦୁଷ୍ଟ ହେବ ନାହିଁ )—
To wear a cloth in a decent manner.

**ଉଞ୍ଚୁଆ**—ଗ୍ରା. ବିଣ. ( ସଂ. ଉଚ୍ଚ )—
Uñchuā ୧ । ଉଚ୍ଚ—1. High.
ਉੱਚਾ; ਉੱਚ ୨ । ଢେଙ୍ଗା—2. Tall.

**ଉଞ୍ଚୁକପାଳ**—ଗ୍ରା. ବି.—ଉଞ୍ଚକପାଳ ( ଦେଖ )
Uñchukapāḷa Uñchakapāḷa (See)

**ଉଞ୍ଚୁକପାଳିଆ**—ଗ୍ରା. ବିଣ. ପୁଂ. ଉଞ୍ଚକପାଳିଆ ( ଦେଖ )
Uñchukapāḷia Uñchakapāḷia (See)
(ଉଞ୍ଚୁକପାଳୀ—ସ୍ତ୍ରୀ)

**ଉଞ୍ଚେଇ**—ଗ୍ରା. ବିଣ ସ୍ତ୍ରୀ—ଢେଙ୍ଗେଇ (ସ୍ତ୍ରୀ)—
Uñchei Tall (woman).
ਉੱਚਾਈ ଦେ. ବି—( ସଂ. ଉଚ୍ଚତା )—ଉଚ୍ଚତା—Height.
उँचाई

**ଉଞ୍ଚେଇବା**—ଦେ. କ୍ରି—ଉଞ୍ଚାଇବା ( ଦେଖ )
Uñcheibā Uñchāibā ( See )
ଉଞ୍ଚେଇଥିବୁ ମାରିବୁ ନାହିଁ—ଢଗ ।

**ଉଞ୍ଛ(ଧାତୁ)**—ସଂ—୧ । ଖୁଣ୍ଟିବା—1. To pick up; to glean.
Uñchha ( root ) ୨ । ଚାଞ୍ଛିବା—2. To scrape

**ଉଞ୍ଛ**—ସଂ. ବି ( ଉଞ୍ଛ ଧାତୁ=ଖୁଣ୍ଟି ନେବା + ଭାବ. ଅ )— ୧ । ଶସ୍ୟାଦ
Uñchha ଖୁଣ୍ଟିବାରୂପ ବୃତ୍ତିବିଶେଷ—1. Gleaning; collection of grain from the field.
୨ । ଧାନ କଟା ହେବା ପରେ ବିଲରେ ପଡ଼ିଥିବା ଧାନକୁ ଗୋଟାଇବା—2. Gathering in handfuls the corn left in the fields by the reapers.

**ଉଞ୍ଛନ**—ଦେ. ବି. ( ଉଞ୍ଛ ଧାତୁ + ଭାବ. ଅନ )—
Uñchhana ପଡ଼ିଥିବା ଶସ୍ୟସଂଗ୍ରହରୂପ କର୍ମ—
The act of picking up the corn fallen from the shieves in the field.

**ଉଞ୍ଛବୃତ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଉଞ୍ଛ + ବୃତ୍ତି = ଜୀବିକା )—
Uñchhabṛutti ୧ । ଶସ୍ୟାଦ ଖୁଣ୍ଟି ଜୀବିକାନିର୍ବାହ କରିବା ବା କିଆରିରୁ ଧାନ ଗୋଟାଇବାରୂପ ଜୀବିକା—
1. Livelihood by gathering or gleaning grain left in the fields after reaping.
୨ । ନାନାସ୍ଥାନରୁ କିଛି କିଛି ଆହରଣ କରି ଅତି କଷ୍ଟରେ କାଳ କାଟିବା—2. To pass one's time by picking up bits of food from different places
୩ । ଜଘନ୍ୟ ବା ମିତ ଜୀବିକା—
3. Living upon mean pursuits.

**ଉଞ୍ଛଶିଳ**—ସଂ. ବି. (ଉଞ୍ଛ=ଗୋଟାଇବା + ଶିଳ=ଆହରଣ)—
Uñchhasiḷa କିଆରିରେ ସ୍ୱତଃ ପତିତ ଧାନ୍ୟାଦି ସଂଗ୍ରହ କରି ତଦ୍ୱାରା ପ୍ରାଣଧାରଣ କରିବା—

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରେ ଦତ୍ତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଢ' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

Habitual gleaning of grain left lying in the field after harvesting; the practice of living upon gleaning.

ସଂ. ବିଣ. ପୁଂ—କ୍ଷେତ୍ରରେ ଉଚ୍ଛୃଙ୍ଖଳ ଶସ୍ୟାଦିର ଆହରଣକାରୀ; ଉଞ୍ଛଜୀବୀ—Living upon gleanings and (ଉଞ୍ଛଶିଳା—ସ୍ତ୍ରୀ) sweepings from fields; living upon the fruits of others' labours.

ଉଞ୍ଛଶୀଳ—ସଂ. ବି. ଓ ବିଣ—ଉଞ୍ଛଶିଳ ( ଦେଖ )
Unchhasila Uchhansila ( See )

ଉଞ୍ଛା—ଦେ. ବି. ( ସଂ. ଉଞ୍ଛନ )—ଉଞ୍ଛିବା କର୍ମ—
Unchha Scraping; gleaning

ପ୍ରାଦେ (ପୁରୀ) ବିଣ—ଶୁଖିଗଲେ ଖୁରୁଡ଼ି ହେବାପାଇଁ ଅଯୋଗ୍ୟ (ନଡ଼ିଆ)—Cocoanut which is not fit to be turned into Khururda after drying up.

ଉଞ୍ଛାଇବା—ଦେ. କ୍ରି—ଉଞ୍ଛିବାର ଣିଜନ୍ତ ରୂପ—
Unchhaiba The causative form of Unchhiba.

ଉଞ୍ଛି କୁଞ୍ଛି ପିନ୍ଧିବା—ଦେ. କ୍ରି—ଉଞ୍ଚି କୁଞ୍ଚି ପିନ୍ଧିବା ( ଦେଖ )
Unchhikunchhi pindhiba Unch kunchi pindhiba ( See )

ଉଞ୍ଛିବା—ଦେ. କ୍ରି. ( ସଂ. ଉଞ୍ଛ ଧାତୁ )—
Unchhiba ୧ । ଧାନ ଆଦି ଶସ୍ୟ କେଣ୍ଡାରୁ ଶସ୍ୟକୁ ମୁଠା କରି ଦୁହିଁବା—1. To scrape off grain from an ear of corn; to glean.

୨ । ଘୁଞ୍ଚିବା; ଯଷ୍ଟିର ଗଣ୍ଠି ଆଦିକୁ ଛୁରିଦ୍ୱାରା ଚାଞ୍ଛିବା—
2. To scrape off; to clip.

୩ । ଡାଳରୁ ପତ୍ର ପ୍ରଭୃତିକୁ ଛଡ଼ାଇ ପକାଇବା—
3. To scrape off leaves from a bough or branch.

୪ । ଶାଉଁଳିବା—4. To smooth.

୫ । ଲୁଗାର କୁଞ୍ଚ ସଜାଡ଼ିବା—
5 To fit the frills of a cloth

ଉଞ୍ଛ କାନ୍ଥ ଯତନେ ପିନ୍ଧାଇଥିବ କେହି । ଉକ୍ତ—ପ୍ରେମସୁଧାନିଧି ।

୬ । ସଜ୍ଜିତ କରିବା—6. To furnish with.

କାନ୍ଥ ଝୀନବାସ ଉଞ୍ଛ ସବୁରେ
ଉଞ୍ଛି ରଖିଛୁ ଦେ ଚୁଅ ଅଛରେ । ଉକ୍ତ. ଲାବଣ୍ୟବତୀ ।

ଉଞ୍ଛେଇବା—ଦେ. କ୍ରି—ଉଞ୍ଛାଇବା ( ଦେଖ )
Unchheiba Unchhaiba ( See )

ଉଞ୍ଜୁଲ—ପ୍ରାଦେ. ( ସମ୍ବଲପୁର ) ବି. ( ସଂ—ଅଞ୍ଜଳି ) ଅଞ୍ଜଳି—
Unjla Open palms joined together to form a receptacle.

ଉଞ୍ଜର୍—ପ୍ରାଦେ (ଲଡ଼ିଆ) ବି. ( ସଂ. ଉଜ୍ଜ୍ୱଳ )—ଆଲୋକ—
Unjar Light.

ଉଟ (ଇତ୍ୟାଦି)—ଦେ. ବି. ( ସଂ. ଉଷ୍ଟ୍ର )—ଉଷ୍ଟ୍ର; ଓଟ—
Uta etc. Camel

ସଂ. ବି. ( ଉ=ଶବ୍ଦ କରିବା + ସଂଜ୍ଞାର୍ଥେ. ଟ)—
୧ । ତୃଣ—1. Grass.
୨ । ପର୍ଣ୍ଣ—2. Leaf.

ଉଟଜ—ସଂ. ବି. ( ଉଟ=ତୃଣ; ପର୍ଣ୍ଣାଦି + ଜନ୍=ଜାତ କରିବା + କର୍ତ୍ତୃ. ଅ )—
Utaja
୧ । ପର୍ଣ୍ଣଶାଳା—1. A hut of leaves
୨ । ତୃଣନିର୍ମିତ ଘର; କୁଟୀର; କୁଡ଼ିଆ—
2. Cottage; thatched house.

ଉଟଜଶିଳ୍ପ—ସଂ. ବି. (ଅଧୁନାତନ ପ୍ରୟୋଗ)—
Utajasilpa କୁଟୀରବାସିମାନଙ୍କର ଘରେ କରିବା ଶିଳ୍ପ—Cottage-industries; artistic work done by the cottagers at home.

ଉଟୁସ୍‌ପୁଟୁସ୍‌ଲାଗିବା—ପ୍ରାଦେ. (ସମ୍ବଲପୁର)—ବହୁତଗୁଡ଼ାଏ ଖାଇବା
Utusputuslagiba ହେତୁରୁ ଉଜୁଲ୍‌ରୁ ହୋଇଯିବା—
To feel choked up after a very heavy meal.

ଉଠ୍—ଦେ. ଅ. ( ଅନୁଜ୍ଞାର୍ଥସୂଚକ କ୍ରିୟା; ଅବଜ୍ଞା, ଅସ୍ୱୀକାର ଅର୍ଥରେ ବ୍ୟବହୃତ )—
Uth
୧ । ଦୂର ହୋ—1. Be off; be gone.
୨ । ଦୂର୍; ଦୂରହର୍; ଯା—ମ !—2. Avaunt.

ଉଠ୍‌ଉଠ୍‌ହେବା—ଦେ. କ୍ରି—ଉଠିବାକୁ ପ୍ରସ୍ତୁତ ହେବା; ଗମନୋଦ୍ୟତ
Uthuthheba ହେବା—To be ready to rise; to bend to rise.

ଉଠ୍‌ବନ୍ଦି—ପ୍ରାଦେ (ମେଦିନୀପୁର) ବି—ଓଟ୍‌ବନ୍ଦି ( ଦେଖ )
Uthbandi Otbandi ( See )

ଉଠ୍‌ବସ୍—ଦେ. ବି— ୧ । ଉପର୍ଯ୍ୟୁପରି ଠିଆହେବା ଓ ବସିବା; ଉଠା-
Uthbas ବଇଠା; ଉଠା-ବସା—
ऊठबस 1. Repeated standing up and sitting
उठबैठ; उठावाइठ down.

୨ । ପୁରୁଣାକାଳିଆ ଚାଟଶାଳୀରେ ଦିଆଯାଉଥିବା ଉପର୍ଯ୍ୟୁପରି ଉଠିବା ଓ ବସିବାରୂପ ଦଣ୍ଡ—
2. A punishment of repeated standing up and sitting down inflicted on students in the village schools.

୩ । ହଇରାଣ—3. Harassment.
୪ । ବେତେଙ୍ଗା; ଅସ୍ଥିରତା—4. Restlessness.
୫ । ଦୌଡ଼ାଧାପଡ଼ା—
5. Being always on the legs.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ର | ହ୍ଅ | ଘ |
| ୨ | ଈ | ଉ | ରୁ | ଲୁ | ଧ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ଞ୍ଜ | ନୃ |

**ଉଠ୍‌ବସ୍ କରିବା**—ଦେ. କ୍ରି ( ସଂ. ଉତ୍ + ସ୍ଥା ଧାତୁ; ବସ ଧାତୁ)—
Uthbas karibā ୧ । ପୁନଃ ପୁନଃ ଉଠିବା ଓ ବସିବା—
ওঠাবসা করা 1. To stand and sit down
उठनाबैठना repeatedly.
୨ । ଉଠ୍‌ବସ୍ କରାଇବା ରୂପ ଦଣ୍ଡ ଦେବା—
2. To inflict the punishment of repeated standing and sitting down.
୩ । ପୁନଃ ପୁନଃ ଠିଆ କରାଇବା ଓ ବସାଇବା—
3. To cause one to stand up and sit down repeatedly.
୪ । କୌଣସି ସ୍ଥାନକୁ ସର୍ବଦା ଯାତାୟାତ କରିବା—
4. To come and go frequently

**ଉଠ୍‌ବସ୍ ହେବା**—ଦେ. କ୍ରି—୧ । ଥରେ ବସିବା ଓ ଥରେ ଉଠିବା;
Uthbas hebā ଅଥୟ ହେବା –1. To be restless.
ওঠাবসা করা ୨ । କୌଣସି ସ୍ଥାନରେ ଚଳପ୍ରଚଳ ହେବା—
उठबैठहोना 2. To move frequently in a place.
୩ । ଦଣ୍ଡ ପାଇ ଉଠିବା ବସିବା—3. To stand up and sit down as a punishment

**ଉଠ୍‌ବା**—ପ୍ରାଦେ. (ସମ୍ବଲପୁର) କ୍ରି—ଉଠିବା ( ଦେଖ )
Uthbā Uthibā ( See )

**ଉଠ୍‌ମନ୍**—ପ୍ରାଦେ. ( ସମ୍ବଲପୁର ) ବି—ଉପବାସର ପୂର୍ବ ଦିନ ପାଳିବା
Uthman ଅଧିବାସ–Preliminary ritual on the eve of a festival or fast.

**ଉଠନ୍ତା**—ଦେ. ବିଣ. ( ସଂ. ଉତ୍ଥାନ )—
Uthantā ୧ । ଉଠିଥିବା—1. Risen.
ওঠান ୨ । ବାହାରିଥିବା—2. Come out.
୩ । ଉନ୍ନତ—3 Elevated.

**ଉଠା**—ଦେ. ବି. ( ସଂ. ଉତ୍ଥାନ )—
Uthā ୧ । ଉଠିବା—1. Rising.
(ପଡ଼ା—ବିପରୀତ) ୨ । ଉପରକୁ ବା ଉଚ୍ଚକୁ ଗତି କରିବା—
ওঠা 2. Moving upwards
उठना ୩ । ଠିଆହେବା—3. Standing up.
୪ । ( ସୂର୍ଯ୍ୟାଦିଙ୍କ ) ଉଦୟ ହେବା—
4. Rising up ( of the sun, moon etc ).
୫ । ଉପରଶ୍ରେଣୀକୁ ଉନ୍ନତି—5. Promotion.
( ଯଥା—କ୍ଲାସ ଉଠିବା । )
ଦେ. ବିଣ—୧ । ଉଠିଥିବା; ଉତ୍ଥିତ; ଉଦିତ; ପ୍ରକାଶିତ—
1. Risen. ( ଯଥା—ଉଠା ମେଘ । )
୨ । ସ୍ରୋତର ବିପରୀତ ଦିଗକୁ ଉଠୁଥିବା—
2. Going up against the current.
( ଯଥା—ଉଠା ମାଛ । )
୩ । ଯାହା ଏକସ୍ଥାନରୁ ଅନ୍ୟସ୍ଥାନକୁ ନିଆଯାଇ ପାରେ—
3. That which can be taken from one place to another.
( ଯଥା—ଉଠା ଦୋକାନ । )
୪ । କୂପ ଆଦିରୁ ଉତ୍ତୋଳିତ—
4. Lifted up from a well.
( ଯଥା—ଉଠା ପାଣିରେ ସ୍ନାନ କଲେ ଶରଦ ଧରେ । )—

**ଉଠାଇ ନେବା**—ଦେ. କ୍ରି—୧ । ( ମନୁଷ୍ୟଙ୍କୁ ) ବଳପୂର୍ବକ ଅପହରଣ
Uthāi nebā କରିବା—1. Kidnapping.
উঠিএ লওয়া ୨ । ପ୍ରତ୍ୟାହାର କରିବା—2. To withdraw.
उठालेना

**ଉଠାଇବା**—ଦେ. କ୍ରି (ସଂ. ଉତ୍ଥାପନ)—ଉଠିବାର ଣିଜନ୍ତ ରୂପ–
Uthaibā The causative form of Uthibā—
উঠান ୧ । ଚଢ଼ାଇବା; ଉନ୍ନତ କରିବା—
उठवाना 1. To cause to ascend.
(ଯଥା—ଗଛ ଉପରକୁ ଉଠାଇ ଦେଇ ମୂଳ କାଟିଦେବା)
୨ । ଉତ୍ତୋଳନ କରିବା; ଟେକିବା—
2. To lift; to raise.
( ଯଥା—ବିଛଣା ଉଠାଇବା । )
୩ । ପ୍ରକାଶ ବା ପ୍ରକଟନ କରିବା; ପ୍ରଘଟ କରିବା—
3. To publish.
( ଯଥା—ନିନ୍ଦା ବା ଅପବାଦ ଉଠାଇବା । )
୪ । ନିଦ୍ରା ଭଙ୍ଗାଇବା—4. To awake.
ମୋତେ ତୁ ଉଠାଇଲୁ କହ କାହିଁପାଇଁ—କୃଷ୍ଣସିଂହ; ମହାଭାରତ; ବନ ।
୫ । ସ୍ଥାନତ୍ୟାଗ କରାଇବା; ସ୍ଥାନଭ୍ରଷ୍ଟ କରାଇବା—
5. To eject. ( ଯଥା—ପ୍ରଜାକୁ ଜମିରୁ ଉଠାଇବା । )
୬ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା—
6. To remove; to transfer.
( ଯଥା—ବାବାଜୀ ଏଠାରୁ ଆସନ ଉଠାଇଲେଣି । )
୭ । ଉଦୟ ହେବା; ହେଇବା; ଘଟିବାର ପୂର୍ବ ଲକ୍ଷଣ ଦେଖାଇବା—7. To rise.
( ଯଥା—ମେଘ ବା ଝଡ଼ ଉଠାଇଲାଣି । )
୮ । ଲୋପ କରିବା—
8. To abolish; to eradicate.
(ଯଥା – ଯୁବକମାନେ ବାଲ୍ୟବିବାହ ପ୍ରଥା ଉଠାଇଲେଣି ।)
୯ । ତଡ଼ିଦେବା—9. To drive away
( ଯଥା—ସଭାରୁ ଦୁଷ୍ଟ ଲୋକଙ୍କୁ ଉଠାଇଦିଅ । )
୧୦ । ସ୍ରୋତର ବିପରୀତ ଦିଗକୁ ଗତି କରାଇବା ବା ନେବା—
10. To take against the current.
( ଯଥା—ଡଙ୍ଗାକୁ ଉଜାଣି ଉଠାଇବା । )
୧୧ । ଲ୍ୟାମ୍ପର ବଳିତା ଟେକିବା—
11. To trim ( a lamp ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଉ' ନ ମିଳିଲେ 'ଷାଉ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୧୨ । କୌଣସି ପ୍ରସ୍ତାବକୁ ସଭାରେ ଉପସ୍ଥାପିତ କରିବା—
12. To raise a point or proposal at a meeting.

୧୩ । କୌଣସି କାର୍ଯ୍ୟକୁ ସମାଧା ବା ସମାପନ କରିବା—
13. To finish.

୧୪ । ଅଦାୟ କରିବା—
14. To raise ( subscripti ons etc.)
(ଯଥା—ଏ ଗ୍ରାମରୁ ପାଞ୍ଚଟଙ୍କା ଚନ୍ଦା ଉଠାଇବାକୁ ହେବ ।)

୧୫ । ଉଚ୍ଚତର ପଦ ବା ଶ୍ରେଣୀକୁ ଅଗ୍ରସର କରାଇବା—
15. To promote to a higher status or class.

୧୬ । ଦୋକାନରୁ ସଉଦାଅଦ ଧାରରେ ନେବା—
16. To take articles on credit or loan from a shop.

ଉଠାଉଠି—ଦେ. ବି (ସମ୍ଭବତଃ— ସଂ. ଉତ୍‌ଥାନ)—୧ । ବିଦ୍ୟାଳୟରେ ଉପର ସ୍ଥାନରେ ବସିବା ବାଳକ ପାଠ କହି ନ ପାରି ତଳ ସ୍ଥାନକୁ ଖସିଯିବା ଓ ନିମ୍ନସ୍ଥ ବାଳକ ସେ ପାଠ କହିପାରି ଉପରକୁ ଯିବା—1. Change of places as a result of answering or failing to reply questions put by the teacher.
Uṭhāuṭhi
ওঠাওঠী
उठाउठि

୨ । ଉପର ଶ୍ରେଣୀକୁ ଉଠିବା—2. Class-promotion.

୩ । ପରସ୍ପର ନିଦ୍ରା ଭଙ୍ଗାଇଦେବା—3. Waking up one another from sleep ( one waking before others wake up and so on. )

ଉଠାଉଠି କରିବା—ଦେ. କ୍ରି—୧ । ଛାତ୍ରମାନଙ୍କୁ କ୍ଲାସ ଉଠାଇବା—1. To promote to a higher class
Uṭhāuṭhi karibā
ওঠাওঠিকরা
उठाउठिकरन

୨ । ଲୁପ୍ତ କରିବା—2. To remove; to obliterate; to strike off.

୩ । ସ୍ଥାନାନ୍ତର କରିବା—3. To transfer from one place to another.

୪ । ତଡ଼ିଦେବା—4. To drive away.

୫ । ଠିଆ କରିବା; ଠିଆ କରାଇବା—
5. To cause to stand up.

୬ । ନିଦ୍ରାରୁ ଉଠାଇଦେବା; ନିଦ ଭଙ୍ଗାଇଦେବା—
6. To rouse from sleep.

୭ । ଭୂମିରୁ ଉତ୍ତୋଳିତ କରିବା—
7. To raise up from the ground.

ଉଠାଉଠି ପରୀକ୍ଷା—ଦେ.ବି—୧ । ଯେଉଁ ପରୀକ୍ଷାର ଫଳରେ ବିଦ୍ୟାଳୟରେ କ୍ଲାସ-ପ୍ରମୋସନ୍ ହୁଏ—1. Annual examination for class-promotion.
Uṭhāuṭhi parikshā
ওঠাউঠীপরীক্ষা
उठाउठिपरीक्षा

୨ । ବିଦ୍ୟାଳୟର ବାର୍ଷିକ ଶ୍ରେଣୀ ପରୀକ୍ଷା—
2. Annual class-examination.

ଉଠାଖଟ - ଦେ. ବି.—ଯେଉଁ ଖଟକୁ ଭଙ୍ଗାରୁଙ୍ଗି କରି ରଖା ଯାଇପାରେ ଓ ସମୟରେ ଖଟରେ ପରିଣତ କରାଯାଇପାରେ—Folding bed-stead; camp bed-stead.
Uṭhākhaṭa
কাম্পখাট
सफरीखटिआ

ଉଠାଗଛ—ଦେ. ବି—ଯେଉଁ ଗଛକୁ କେହି ଲଗାଇ ନ ଥାଏ; ଯାହା ସ୍ୱତଃ ଉଠେ; ବଣୁଆ ଗଛ—Tree growing wild.
Uṭhāgachha

ଉଠାଘର—ଦେ. ବି—ଅସ୍ଥାୟୀ ଘର; ଦୋଘର—Temporary residence.
Uṭhāghara

ଉଠାଚଉକି—ଦେ. ବି—ଯେଉଁ ଚଉକିକୁ ଭାଙ୍ଗି ରଖି ଦିଆ ଯାଇପାରେ-Floding chair; camp-chair
Uṭhāchauki
কাম্পচেয়ার
सफरीकुर्सी

ଉଠାଚୁଲି—ଦେ. ବି—ଯେଉଁ ଚୁଲିକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ କଢ଼ା-ଅଣା କରି ଯାଇ ପାରେ—A movable oven.
Uṭhāchuli
उठौवा चूल्हा

ଉଠାଣ—ଦେ. ବି ( ସଂ. ଉତ୍ଥାନ; ପ୍ରା. ଉଟ୍ଠାଣ )—
Uṭhāṇa
উঠান
उठान

୧ । ଉଚ୍ଚ ଭୂମି—1. Elevated land.
ସ୍ୱଳମାର୍ଗ ଯିବା ଉଠେ ଅବା ଉଠାଣେ ।
କବିସୂର୍ଯ୍ୟ ସଙ୍ଗୀତ ।

୨ । ଅଗଣା—2. Court-yard.

୩ । ଉତ୍ତୋଳନ; ଉପରକୁ ଉଠାଇବା—3. Lifting.

୪ । ଉଠିବା—4. Rising.

उठौनी ୫ । ଦୋକାନୀଠାରୁ ଧାରରେ ସଉଦା ଆଣିବା ବା ଉଠାଇବା-5. Taking goods on credit.

୬ । ମେଘର ସମୁଦ୍ର ଅଡ଼ୁ ନଦୀର ଉତ୍ପତ୍ତିସ୍ଥାନ ପର୍ବତଅଡ଼କୁ ଗତିବା ଗତି—6. Movement of clouds from the sea towards the mountains

୭ । ଉତ୍ଥାନ (ଦେଖ)—Utthāna (See)

୮ । ଉତ୍ଥାପନ (ଦେଖ)—8. Utthāpana (See)

ଉଠାଣ କରିବା—ଦେ. କ୍ରି—୧ । ଦୋକାନରୁ ଧାରରେ ସଉଦା ନେବା—1. To take goods on credit.
Uṭhāṇa karibā

୨ । ମେଘ ସମୁଦ୍ର ଅଡ଼ୁ ନଦୀର ଉତ୍ପତ୍ତିସ୍ଥାନ ଅଡ଼କୁ ଆକାଶରେ ଗତି କରିବା—2. ( the clouds ) To move from the ocean to the mountain.

ଉଠାଣ ନେବା—ଦେ. କ୍ରି—ଉଠାଣ କରିବା—Uṭhāṇa karibā (See)
Uṭhāṇa nebā
উঠানলওয়া
उठौनीलेना

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଇ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗ୍ୟଁ | ଇଅ | ଵ | ନ |

ଉଠାଣସିଂହ—ଦେ. ବି—୧। ପ୍ରାଚୀନ ଉତ୍କଳୀୟ ରାଜାମାନଙ୍କ ଦ୍ୱାରା ପ୍ରଦତ୍ତ
Uṭhāṇasiṁha ଉପାଧି—1. A title conferred by the Rājās of ancient Utkaḷa.

୨। (ପ୍ରାଚୀନ) ଉଠିଥିବା ସିଂହର ଚିହ୍ନ (ମନ୍ଦିର ଆଦିରେ ଥାଏ)—Lion rampant.

ଉଠାଣି—ଦେ. ବି. ( ସଂ. ଉତ୍ଥାନ )—୧ । ନିମ୍ନରୁ ଉଚ୍ଚକୁ ଉଠିଥିବା
Uṭhāṇi କ୍ରମୋଚ୍ଚ ପଥ—1. Road gradually rising up.
उतान्, चढ़ाई
( ଗଡ଼ାଣି— ବିପରୀତ ) ୨ । ଏକାବେଳକେ ଉଚ୍ଚ ପଥ—
2. Step road.

୩ । ଉଚ୍ଚତା—3. Elevation; assent.

୪ । ନିମ୍ନରୁ ଉଚ୍ଚ ସ୍ଥାନକୁ ଉଠିବା କ୍ରିୟା—
4. Getting up to a high place from a lower place.

ଦେ. ବିଣ—ଏକାବେଳକେ ଉଚ୍ଚ; ଖାଡ଼ା ଦେଲା ପରି ଉଚ୍ଚ ରାସ୍ତା—Steep

ଉଠାଦୋକାନ—ଦେ. ବି.—ଅସ୍ଥାୟୀ ବା ସାମୟିକ ଦୋକାନ—
Uṭhādokāna A temporary shop; a stall.

ଉଠାପଡ଼ା—ଦେ. ବି. (ଉତ୍ଥାନ ପତନ)—ଉତ୍ଥାନପତନ (ଦେଖ)
Uṭhāpar̲ḏā Utthānapatana (See)
ওঠাপড়া
उठनापड़ना

ଉଠାପାଣି—ଦେ. ବି— ପୁଷ୍କରିଣୀରୁ ବା କୂଅରୁ ଉଠାହୋଇ କ୍ଷେତ୍ରାଦିରେ
Uṭhāpāṇi ମଡ଼ା ଯିବା ବା ସ୍ନାନାର୍ଥେ ବ୍ୟବହୃତ ପାଣି—
Water lifted from tanks or wells for fields or for bathing.

ଉଠାବଇଠା—ଦେ. ବି.—ଉଠ୍‌ବସ୍ (ଦେଖ)
Uṭhā baiṭhā Uṭhbas (See)

ଉଠାବଇଠା କରିବା—ଦେ. କ୍ରି—ଉଠବସ୍ କରିବା—
Uṭhābaiṭhā karibā Uṭhbas karibā (See)

ଉଠାବସା (ଇତ୍ୟାଦି)—ଦେ. ବି.— ଉଠ୍‌ବସ୍ ଇତ୍ୟାଦି (ଦେଖ)
Uṭhābasā etc Uṭhbas etc. (See)

ଉଠାମାଛ—ଦେ. ବି.—ଜଳାଶୟରେ ବର୍ଷାପାଣି ଅତ୍ୟନ୍ତ ବେଗରେ
Uṭhāmāchha ପଶିବା ସମୟରେ ବହି ଆସୁଥିବା ଜଳସ୍ରୋତର ବିପରୀତ ଦିଗକୁ ଉଠୁଥିବା ମାଛ—Fishes rising upstrean for breeding purposes during the rainy season.

ଉଠାମାଛ ମୁଣ୍ଡରେ ପାହାର—ଢଗ ।

ଉଠିଆ—ଦେ. ବି. (ସଂ. ଉତ୍ଥାନ)—୧ । ମାଗଣା ଖାଇବାକୁ ମିଳିବା
Uṭhiā ପଦାର୍ଥ—Meal got free.

୨ । ଆବାଦ ହୋଇଥିବା ଜମି—2. Cultivated land.

୩ । ବିନା ପରିଶ୍ରମରେ ଲବ୍ଧ ବସ୍ତୁ—
3. Things got without labour.

୪ । ନୂଆ ରୁଆ ଧାନ—4. Young paddy plants which had been sown.

[ ଦ୍ର—ଗୋରୁମାନେ ଏହାର ଅଗ ଖୁଣ୍ଟି ଦେଲେ ଧାନ ଗଛ ଦୁଦାଳିଆ ହୋଇ ବଢ଼େ; ଏଥିପାଇଁ କ୍ଷେତ୍ର ସ୍ୱାମୀ ଗୋରୁମାନଙ୍କୁ ନେଇ ରୁଆକିଆରିରେ ଚରାନ୍ତି । ]

୫ । ଯେଉଁ ସମୟରେ କ୍ଷିପ୍ର ଗତିରେ ବ୍ୟବସାୟ-ଚାଲୁଥାଏ—
5. Busy time; time of brisk business

୬ । ଲାଭଜନକ ସମୟ—
6 Time when one is earning money etc.

୭ । କୋଳଥ, ମୁଗ, ବିରି ଆଦି ଫସଲ ବିଲରୁ ଉପୁଡ଼ା ହୋଇ ଗଲେ ବିଲରେ ରହିଥିବା ଘାସ ଆଦି (ଯାହାକି ଗୋରୁମାନେ ଅତି ଆଗ୍ରହସହକାରେ ବିଲରେ ପଶି ଖାଆନ୍ତି)—7. Grass etc left in the field after the mung, Kulthi and Biri plants are uprooted during harvest.

ପ୍ରାଦେ. (ଗଡ଼ଜାତ) ବି.—ଯେଉଁ ଦିନ ହଳିଆ ବା ମୂଲିଆ ଲାଗନ୍ତି-
(ପଡ଼ିଆ—ବିପରୀତ) The day on which a labourer attends work.

ଦେ. ବିଣ.—୧ । ଉଠାଇଦିଆଯିବା; ଠିଆ କରାଯିବା; ତୋଳା ଯିବା—Raised up.

୨ । ମାଗଣା ମିଳିବା (ଖାଦ୍ୟ)—Got free;got gratis (food).

୩ । ଆବାଦୀ; କୃଷ ହୋଇଥିବା (ଜମି)—
3 Cultivated.

ପଡ଼ିଆ ଜମି ଆଉ ଉଠିଆ ଭୂମି ଦେଲେ
ସେ ସୁକୃତ କହି ନ ପାରଇଟି ଭଲେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୪ । ଉତ୍କୃଷ୍ଟ—4. Excellent.

୫ । ଉନ୍ନତ—5. Elevated.

ପ୍ରାଦେ (ସମ୍ବଲପୁର) ବିଣ—ଅଗ୍ରଜ—6. Elder (brother)

ଉଠିଆ ଖାଇବା—ଦେ. କ୍ରି.—୧ । ମାଗଣା ଖାଇବା—
Uṭhiā khāibā 1. To take a meal without paying for it.

୨ । ଅନ୍ୟପ୍ରଦତ୍ତ ଭୋଜି ଖାଇବା—
2. To partake of a feast given by another,

୩ । ଗୋରୁମାନଙ୍କର ନୂଆ ରୁଆ ଧାନକୁ ଖାଇବା—
3. (cattle) To nibble the small paddy-plants

[ଦ୍ର—ବେଉଷଣ ପୂର୍ବରୁ ରୁଆକିଆରିରେ ପଶି ଗୋରୁମାନେ ରୁଆଧାନର ଅଗ ଖାଇଲେ ଧାନଗଛ ପରେ ପୁଷ୍ଟ ହୁଏ । ତେଣୁ ସେ ସମୟରେ ଉଠିଆ (ଆବାଦ ବା ଫସଲ ଥିବା) ଜମିକୁ ଲୋକେ ଗୋରୁ ଛାଡ଼ି ଦିଅନ୍ତି । ]

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧ ନ ପାଇଲେ 'ବଧ୍' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ବିରି, କୋଳଥ, ମୁଗ ଆଦି କୌଣସି ଫସଲ କ୍ଷେତରୁ ଉଠିଗଲା ପରେ, କ୍ଷେତ୍ରରେ ଥିବା ଘାସ ଓ ଫସଲର ଅବଶିଷ୍ଟାଂଶକୁ ଗୋମେଷାଦି ପଶୁମାନଙ୍କର କ୍ଷେତରେ ପଶି ଖାଇବା—
4. (cattle) To graze the grass left in the field from which Mung, Biri and Kulthi plants have been uprooted for harvest

**ଉଠିଅଜୁଆର**—ଦେ. ବି. ( ସଂ. ଉତ୍ଥାନ )—ପ୍ରବଳ ବେଗରେ ମାଡ଼ିବା ଜୁଆର—Flow tide.
Uṭhiājuāra
(ପଡ଼ିଅଜୁଆର—ବିପରୀତ) [ ଦ୍ର—ଏହା ପୂର୍ଣ୍ଣିମା ଓ ଅମାବାସ୍ୟା ସମୟରେ ଘଟେ । ]
জোয়ার
उठतोज्वार

**ଉଠିଆଡାକ**—ଦେ. ବି (ଲୋକଙ୍କୁ ଅନାଦରାର୍ଥ ଏକ ସ୍ଥାନରୁ ଉଠି ଯିବାକୁ କହିଲେ ( ଭୁ ) ଉଠିଆ ବୋଲାଯାଏ । ଏହି ମର୍ମରେ ବ୍ୟବହାର )—
Uṭhiā ḍāka
୧ । ଉପର୍ଯ୍ୟୁପରି ଡାକ ପକାଇବା ଡାକ ବା ଡାକିବା—
1. Repeated calling.
୨ । ଭୋଜି ଇତ୍ୟାଦିରେ ନିମନ୍ତ୍ରଣ—
2. Invitation to a feast.
୩ । ଆଦରପୂର୍ବକ ଡାକିବା—3 Fond call
୪ । ନିଜ କ୍ଷେତକୁ ଆସି ବୁଅ ଖାଇବେ ବୋଲି କ୍ଷେତସ୍ୱାମୀର ଗୋରୁ ପଶୁଙ୍କୁ ଅତି ସାଦର ଆହ୍ୱାନ—
4. Lusty-halloing of the master of a paddy field to cattle to come and eat the tender tips of small growing padd -plants.

**ଉଠିଆଣିଜୁଆର**— ଦେ. ବି—ଉଠିଅଜୁଆର ( ଦେଖ )
Uṭhiāṇi juāra Uṭhiā juāra ( See )
(ପଡ଼ିଅଣି ଜୁଆର—ବିପରୀତ)

**ଉଠିଆପିଠିଆ**—ପ୍ରାଦେ. (ସମ୍ବଲପୁର) ବିଣ. (କୌଣସି ବ୍ୟକ୍ତିର) ଜ୍ୟେଷ୍ଠ ଓ କନିଷ୍ଠ (ଭାଇ)—One's elder and younger ( brothers )
Uṭhiāpiṭhiā

**ଉଠିଆଭାଇ**—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି.—ଜ୍ୟେଷ୍ଠ ଭାଇ—
Uṭhiābhāi Elder brother.
( ପିଠିଆ ଭାଇ—ବିପରୀତ )

**ଉଠିଆରି**—ଦେ. ବି. ( ମୂଳ. ସଂ. ଅସ୍ଥି; ସଂ. ଅରିଷ୍ଟ )—
Uṭhiāri ଶିଶୁ ଜନ୍ମ ହେବାର ସପ୍ତମ, ଅଷ୍ଟମ ବା ନବମ ଦିନର କୃତ୍ୟ
दसूठन ବା ଅନୁଷ୍ଠାନ, ସେ ଦିନ ଅଶୁଦ୍ଧ ନିଅଁ ଉଠାଯାଇ ପ୍ରସୂତ ସ୍ନାନ କରେ ଓ ଅନୁଡ଼ିଶାଳ ସଫା ହୁଏ—A ceremony on the 7th, 8th or 9th day after a child's birth.

ବୋହୂ, ଝିଅ ଦେହକୁ ଘଟିଲେ ଉଠିଆରି ପର୍ଯ୍ୟନ୍ତ ପୂଅର ପାଖକୁ ଯିବି ନାହିଁ—
ଫକୀରମୋହନ· ଛମାଣଆଠଗୁଣ୍ଠ ।

**ଉଠିଆରିଗାଧୁଆ**—ଦେ. ବି.—ଶିଶୁ ଜନ୍ମ ହେବାର ୭ମ ବା ୮ମ ଦିନ ମାତା ଓ ଶିଶୁଙ୍କର ପ୍ରଥମ ସ୍ନାନ—The first purificatory bath of the new-born baby and the mother on the 7th day after the birth.
Uṭhiārigādhuā

**ଉଠିଆରିଗାଧୋଇବା**—ଦେ. କ୍ରି.—ଉଠିଆରିଗାଧୁଆ (ଦେଖ)
Uthiārigādhoibā Uṭhiārigādhuā (See)

**ଉଠିଆସିବା**—ଦେ. କ୍ରି.—ବସିବା ବା ଶୋଇବାଠାରୁ ଉଠି ଶୀଘ୍ର ସ୍ଥାନାନ୍ତରକୁ ଆସିବା—To come out at once by getting up from sitting or sleeping.
Uṭhiāsibā
উঠেআসা
उठआना

**ଉଠିପଡ଼ି**—ଦେ. କ୍ରି. ବିଣ—୧ । ଅଧ୍ୟବସାୟସହକାରେ—
Uṭhipaṛi 1. Earnestly; assiduously.
উঠেপড়ে ୨ । ବାଧାକୁ ଭ୍ରୂକ୍ଷେପ ନ କରି—2. Without heeding obstacles; at all hazards.
उठपड़के

**ଉଠିବସି**—ଦେ. କ୍ରି. ବିଣ—୧ । ଧୀର ସୁସ୍ଥରେ—1. Slowly and steedily.
Uṭhibasi
উঠেবসে ୨ । ମଧ୍ୟେ ମଧ୍ୟେ ବିଶ୍ରାମ ନେଇ—2. Taking rest at intervals.
उठबइठके

**ଉଠିବସିପାରିବା**—ଦେ. କ୍ରି—୧ । ଉଠିବା ବସିବାପାଇଁ ସମର୍ଥ ହେବା—
Uṭhibasipāribā 1. To be able to sit down or standing.
୨ । ( ଲକ୍ଷଣାର୍ଥ ) ( ରୋଗାଦିପରେ ) ଚଳପ୍ରଚଳ ହୋଇପାରିବା—2. To be able to move about (after recovering from disease ).

**ଉଠିବସିବା**—ଦେ. କ୍ରି—୧ । ଶୋଇବାରୁ ଉଠି ହଠାତ୍ ବସି ପଡ଼ିବା—
Uṭhibasibā 1. To sit down suddenly getting up from bed.
উঠেবসা
उठबइठना ୨ । (ଲକ୍ଷଣାର୍ଥ ) ବିକ୍ଷୋଭିତ ହେବା; ବିଶୃଙ୍ଖଳ ହେବା—
2. To be agitated.

**ଉଠିବା**—ଦେ.କ୍ରି. ବିଣ—(ଉତ୍ଥାନ ମୂଳ ପ୍ରା-ଉଟ୍ଠାଣ ବା ସଂ-ଉତ୍ତିଷ୍ଠ-ମୂଳ ପ୍ରା-ଉଟ୍ଠେହି )—୧ । ଉଚ୍ଚତର ହେବା ଉପରକୁ ଗମନ କରିବା—1 To rise higher; to go up.
Uṭhibā
( ପଡ଼ିବା—ବିପରୀତ)
উঠাওঠা
उत्तरना; उगना
उठना, उकसाना

କମଳ ପାଖୁଡ଼ା ବାଟେ ପଡ଼େ ଉଠେ । ରାଧାନାଥ, ଚିଲିକା ।

୨ । ଆରୋହଣକରିବା; ଚଢ଼ିବା—
2. To mount; to ride.

ଶତ ଯୋଜନ ସିନ୍ଧୁ ପାର ହେଲେ, ସୁବର୍ଣ୍ଣଗିରି ଶିଖରେ ଉଠିଲେ ।
ବିଶ୍ୱନାଥ· ବିଚିତ୍ରରାମାୟଣ ।

(ଶୋଇବା—ବିପରୀତ) ୩ । ନିଦ୍ରା ତ୍ୟାଗ କରିବା; ଶେଯରୁ ଉଠିବା—3. To get up; to wake up; to rise from sleep.

ଏ ସବୁ ତାଙ୍କ ଦେହେ ଥାନ୍ତି, ସେ ହରି ଉଠିଲେ ଅସନ୍ତି ।
ଜଗନ୍ନାଥ· ଭାଗବତ· ୩ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଡ | ଶ,ଷ | ଙ | ଇଯୁ | ଉଅ | ଡ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଓ | ଢ଼ |

(ବୁଡ଼ିବା—ବିପରୀତ) ୪ । ପ୍ରକାଶିତ ହେବା; ଉଇଁବା; ଉଦିତହେବା; ଦେଖା ଯିବା—4 To break up; to rise; to appear.

(ଯଥା—ଚନ୍ଦ୍ର, ସୂର୍ଯ୍ୟ ପୂର୍ବଦିଗରୁ ଆଦି ଉଠିବା ।)

( ବସିବା—ବିପରୀତ ) ୫ । ଗାତ୍ରୋତ୍ଥାନ କରିବା; ବସିବା ଆସନ ତ୍ୟାଗ କରିବା—

5. To rise up from one's seat.

ବ୍ରାହ୍ମଣମାନେ ଏହା ଶୁଣିଣ ଉଠିଲେ—କୃଷ୍ଣସିଂହ. ମହାଭାରତ. ବନ ।

( ପଡ଼ିବା—ବିପରୀତ ) ୬ । ଟେକି ହେବା—

6. To be lifted up.

( ଯଥା—ଏ ନୂଆ ଘରର ଚୂଳ ଉଠିଲାଣି । )

( ବସିବା—ବିପରୀତ ) ୭ । ଠିଆ ହେବା—

7. To stand up; to stand erect.

ଠାଅରୁ ନ ଉଠେ ବର, ଧରାଧର ବାହା କର—ଗୀତ ।

( ପଡ଼ିବା—ବିପରୀତ ) ୮ । ଉନ୍ନତି କରିବା—

8. To improve.

( ଯଥା—ନିଜର ପରିଶ୍ରମ ଫଳରେ ସେ ଅଳ୍ପ ଦିନରେ ଉଠିଗଲା । )

୯ । ସ୍ଫୀତ ହେବା; ଫୁଲିବା—9. To swell

( ଯଥା—ଖଇ ଭଲ ହୋଇ ଭଜା ହୋଇ ନ ଥିବାରୁ ଦାନାଗୁଡ଼ିକ ଭଲ ଉଠିଲା ନାହିଁ । )

( ପଡ଼ିବା—ବିପରୀତ ) ୧୦ । ( ମୂଲ୍ୟ ) ବୃଦ୍ଧି ହେବା; ଚଢ଼ା ( ଦାମ ) ହେବା—10. To rise ( in price ).

( ଯଥା—ଏ ବର୍ଷ ଧାନ ଦାମ ଉଠିଛି । )

୧୧ । ରହିତ ହେବା—11 To cease; to be stopped; to be abolished.

( ଯଥା—ଏ ବର୍ଷ ଆମ ଗାଁରୁ ସ୍କୁଲଟି ଉଠିଯିବ )

୧୨ । (ମର୍ଯ୍ୟାଦା, ପ୍ରଥା ଆଦି) ଲୋପ ପାଇବା—

12. To disappear

( ଯଥା—ଆମଗ୍ରାମରୁ ନୂଆ ଲୋକଙ୍କ ଦାଉରେ ମହତ ମର୍ଯ୍ୟାଦା ଉଠିଗଲାଣି )

(ବସିବା—ବିପରୀତ) ୧୩ । ( ବ୍ରଣ, କାଛୁଆଦି ) ଆବିର୍ଭାବ ହେବା; ବାହାରିବା—13. To come out; to appear.

( ଯଥା—ମୋ ଦେହରେ କାଛୁ ଗୁଡ଼ାଏ ଉଠିଛି । )

୧୪ । ( ଲିଙ୍ଗ ) ଉତ୍ଥିତ ହେବା; ଉତ୍ତେଜିତ ହେବା—

14. To be erect; to be excited; to become hard and stiff ( said of penis ).

୧୫ । ଆଦାୟ ହେବା—15. To be realised.

( ଯଥା—ଏ ଗ୍ରାମରୁ ଏବେ ଟଙ୍କା ଉଠିବ ନାହିଁ । )

୧୬ । ( ଦୂରରୁ ଉଚ୍ଚଶବ୍ଦ ) ଶୁଣାଯିବା—

16. To be heard.

ବଜାଇବା ଅନ୍ତେ ବାଜଣ ଶବଦ

ଉଠିଲା କର୍ଣ୍ଣାଟ ମଣ୍ଡି, ବଶ୍ୟ ପଦ । ରାଧାନାଥ—ଚନ୍ଦ୍ରଭାଗା ।

୧୭ । (କୃଷକ ବା ପ୍ରଜା) ଭୂମି ତ୍ୟାଗ କରିବା—

17. ( royats ) To give up possession of a holding.

(ଯଥା—ନୋଟିସ୍ ପାଇ ରଇତ ଜମିରୁ ଉଠିଗଲା । )

୧୮ । ସମ୍ପାଦିତ ହେବା; ସମାହିତ ହେବା—

18. To be performed or accomplished.

( ଯଥା—ଏତିକି ପଇସା ଖରଚ କଲେ ଗୋଟାଏ ବାହାଘର ଉଠିବ । )

୧୯ । ହଠାତ୍ ଜନ୍ମିବା; ଉପୁଜିବା—19. To be generated to crop up suddenly.

ଫଳଇ ବ୍ରହ୍ମଶାପ ଫଳ; ଅଭ୍ରୁ ଯେ ଉଠିଲା କଦଳ । ଜଗନ୍ନାଥ. ଭାଗବତ. ୧୧ଶ ।

୨୦ । ଉତ୍ପାଦିତ ହେବା—20. To be produced.

( ଯଥା—ତାର ଫଟୋ ବା ଛବି ଉଠୁଛି )

୨୧ । ସମ୍ପତ୍ତି ନିଲାମ ହେବାପାଇଁ ବିଜ୍ଞାପିତ ହେବା—

21. To be advertised for sale.

( ଯଥା—ଜମିଦାରୀ ନିଲାମରେ ଉଠିଛି । )

୨୨ । (ନଦୀ ବା ମାଛ) ସ୍ରୋତର ବିପରୀତ ଦିଗକୁ ଗତି କରିବା—

22. To rise against the current.

( ଯଥା—ନଈବଢ଼ିଲେ ମାଛ ଉଠନ୍ତି । )

୨୩ । ମଞ୍ଜିରୁ ଗଛ ବା ଗଜା କଅଁଳିବା ବା ଉଦ୍‌ଗତ ହେବା—

23. To sprout forth.

(ଯଥା—ଗଛ ଉଠିବା; ଗଜା ଉଠିବା । )

୨୪ । ସ୍ଥାନାନ୍ତରକୁ ନିଆଯିବା—

24. To be taken away to another place.

( ଯଥା—ଘରୁ ମଡ଼ା ଉଠିଲାଣି । )

୨୫ । ଗଜୁରିବା—25 To come out.

(ଯଥା—ଦାନ୍ତ ଉଠିବା ।)

୨୬ । ଉପର ଶ୍ରେଣୀକୁ ଉନ୍ନୀତ ହେବା, ପ୍ରମୋସନ ପାଇବା—

26. To get promoted.

(ଯଥା—ସେ ତୃତୀୟ ଶ୍ରେଣୀକୁ ଉଠିବ । )

୨୭ । (ଜଳ ମଧ୍ୟରୁ) ଉପରକୁ ବାହାରି ପଡ଼ିବା—

27. To come out to the surface.

( ଯଥା—କୂର୍ମୀର ଦିପହରେ ଶଶ୍ତ୍ର ପାଣିରେ ଉଠିବ । )

୨୮ । ନିର୍ଗତ ହେବା; ବାହାରିବା—

28. To come out.

ସେ ଯେତେବେଳେ ବାକ୍ୟ କହି

ବଦନ ସୁଗନ୍ଧ ଉଠଇ । ଜଗନ୍ନାଥ. ଭାଗବତ, ୫ ।

୨୯ । ପ୍ରକାଶିତ ହେବା; ପ୍ରଚାରିତ ହେବା—

29. To be published.

( ଯଥା—ସେ ଲୋକର ନାମ ଗେଜେଟରେ ଉଠିଛି । )

୩୦ । ଉତ୍ପାଟିତ ହେବା; ଉପୁଡ଼ିବା—

30. To be uprooted; to come out.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

(ଯଥା—କାସଙ୍କାଭେଲ ଲଗାଇବାରୁ ମୋ ମୁଣ୍ଡରୁ ବାଳ ଉଠିଗଲା))

୩୧ । ସ୍ପଷ୍ଟ ହେବା; ଜଣଦଣ୍ଡବରେ ମୁଦ୍ରିତ ହେବା—
31. To become clear or distinct; to be clearly imprinted or sealed.

( ଯଥା—ସାହୁଙ୍କ ପ୍ରେସରେ ଚିଠିଗୁଡ଼ିକ ଭଲ ଉଠୁଛି । )

୩୨ । ବାହାରିବା; ପରିଣାମରେ ଭଲ ହେବା—
32. To come out in the end; to result.

( ଯଥା—ଅଜ ଖେଳେଡ଼ ପାଗଟା ଭଲ ଉଠିଛି । )

୩୩ । ସ୍ଥାନାନ୍ତରକୁ ଯିବା; ସ୍ଥାନ ତ୍ୟାଗ କରିବା—
33. To leave a place; to go away; to migrate.

( ଯଥା—ରଜାଙ୍କ ଦାଉ ସହି ନ ପାରି ଘନ ମିଶ୍ରେ ଏ ବର୍ଷ ଗଡ଼ଗଡ଼ରୁ ଉଠିଯିବେ । )

୩୪ । ଫୁଲ, ହାର, ଛାପ ଆଦି ବାହାରେ ପ୍ରକାଶିତ ହେବା—
34. To be manifest.

(ଯଥା—ତାର ଘନ ଘନ ହାଇ ଉଠୁଛି; ତାର ବଜ୍ରାଙ୍ଗ ଫୁଲ ଉଠିଲା । )

୩୫ । ଉତ୍ତୋଳିତ ହେବା—35. To be lifted up.

(ଯଥା—ପୁରୀ ଜଗେନ୍ଦ୍ର ପୋଖରୀରୁ ଦମକଳରେ ପାଣି ଉଠିବାରୁ ପୋଖରୀ ଶୁଖିଗଲା । )

୩୬ । ଚଳିବା; ଗତିବିଶିଷ୍ଟ ହେବା—36. To move.

ବଡ଼ ଦେଉଳରେ ବାଜିଲା ଘଣ୍ଟା, ଗାଡ଼ି ଖଟିଆରେ ଉଠିଲା ଅଣ୍ଟା—ଢଗ ।

୩୭ । ପ୍ର ଦେ· ( ପୁରୀ ସହର ) କ୍ରି.—ଜଗନ୍ନାଥଙ୍କ ବଡ଼ଦେଉଳ ଭିତରକୁ ସକାଳ, ସଞ୍ଜ ଓ ଦ୍ୱିପହରଧୂପ ଆଦିର ନୈବେଦ୍ୟ ସାମଗ୍ରୀ ନିଆଯାଇ ବଢ଼ାଯିବା ପରେ ପୂଜା ଆରମ୍ଭ ହେବା—37. The ritual of offering to begin.

( ଯଥା—ଦିନ ୯ଟା ବେଳେ ସକାଳଧୂପ ଉଠିଲା ଓ ୧୦ଟା ବେଳକୁ ସରିଲା । )

୩୮ । (ପ୍ରସ୍ତାବାଦି) ସ୍ୱରଅଗ୍ରେ ପ୍ରକଟ ହେବା; ସ୍ପଷ୍ଟ ହେବା—
38. To be published broad cast.

( ଯଥା—ଅମ ଗୃହାଲୀର ବଡ଼ ଅବଧାନଙ୍କ କୀର୍ତ୍ତି ମ୍ୟୁନିସିପାଲଟିରେ ଯାଇ ଉଠିଲାଣି । )

୩୯ । ସ୍ଥାନାନ୍ତରରେ ଉପସ୍ଥିତ ହେବା—
39. To reach another place

ଗେଲ୍ହେଇନାମୀ ଗାଧୋଇ ଯାଇ ମାମୁଁଘରେ ଉଠିଲା—ଢଗ ।

୪୦ । ଉଦ୍ୟତ ହେବା; ତିଆର ହେବା; କାମ କରିବାକୁ ପ୍ରସ୍ତୁତ ହେବା—40. To be ready; to undertake to do a work.

(ଯଥା—ବର୍ତ୍ତମାନ ତୁମେ ଉଠିଲଣି, ଏ କାମ ଆଉ ଡେରି ହେବ ନାହିଁ । )

ଉଠିବାଟି—ଦେ. ବି—୧ । ପଡ଼ିଆ ଜମିକୁ ଅବାଦ ବା ଚାଷ କରିବା ପାଇଁ ପ୍ରଜାସଙ୍ଗେ ଜମିଦାରର ଚୁକ୍ତି—1. Agreement between a rayat and a landlord for reclamation of waste land.
Uṭhibāṭi
উঠবন্দি
उठतोपरतो

୨ । ନୂଆ ଅବାଦ୍ ହୋଇଥିବା ଜମି ଯାହାର ସମଗ୍ର ବା ନିର୍ଦ୍ଦିଷ୍ଟ ଅଂଶ ପ୍ରତିବର୍ଷ ପ୍ରଜା ଚାଷ କରେ ନାହିଁ—
2. Newly reclaimed land which a royat does not hold every year.

ଉଠିବାଟିପ୍ରଜା—ଦେ. ବି—ଯେଉଁ ପ୍ରଜାର ଚାଷଜମିର ଠିକଣା ନ ଥାଏ; ବର୍ଷେ କଲେ ବର୍ଷେ ପଡ଼ିଆ ରଖେ—A royat who does not cultivate land regularly well.
Uṭhibāṭiprajā

ଉଠବାଟି ମାହାଲ—ଦେ. ବି—ଯେଉଁ ଜମିଦାରୀରେ ଥିବା ଜମି (ଯଥା- ନଈପଟ୍ଟି, ପାହାଡ଼ତଳ) କୁ ପ୍ରଜା ପ୍ରତିବର୍ଷ ଚାଷ କରେ ନାହିଁ ଓ ଜମିର ଅବସ୍ଥା ଦେଖି ବର୍ଷେ ଚାଷ କରେ ପୁଣି ବର୍ଷେ କରେ ନାହିଁ—That plot of land in an estate which a royat cultivates one year and leaves it uncultivated in another.
Uṭhibāṭimāhāla

ଉଠିବା ପଡ଼ିବା—ଦେ· କ୍ରି—( କୌଣସି ସ୍ଥାନ, କୌଣସି ବିଶେଷ କାରଣରୁ ) ଆନ୍ଦୋଳନ, ତର୍କ ବିତର୍କ, କୋଲାହଳ, ଜନନ ଅବସ୍ଥାରେ ଉଦ୍‌ବେଳିତ ହେବା—(a place) To be greatly agitated, over any matter
Uṭhibā parḏibā
ওঠাপড়া
उठनापडना

ଉଠୁ—ଗ୍ରା.—ଉଠ୍ ( ଦେଖ )
Uṭhu Uṭh (See)
ওঠ্

ଉଠୁଉଠୁ ହେବା—ଦେ. କ୍ରି—୧ । ଉଠିବାକୁ ପ୍ରସ୍ତୁତ ହେବା—
Uṭhuuṭhuhebā 1. To be ready to rise up or rise.
উঠিউঠিহওয়া

୨ । ଚାଲିଯିବାକୁ ପ୍ରସ୍ତୁତ—
2. To be ready or about to go away.

ଉଠୁଣୁବସୁଣୁ—ଦେ. ଅ—ନିରନ୍ତର; ସବୁବେଳେ, ପ୍ରତିକ୍ଷଣ; ସର୍ବଦା—Constantly; always.
Uṭhuṇubasuṇu
উঠতেবসতে
उठतेबैठते

(ଯଥା—ସାଆନ୍ତାଣୀ ଯେବେ ଉଠୁଣୁ ବସୁଣୁ ମତେ ଗାଳି ଦେବେ, ମୁଁ ତେବେ କାହାର ହେବ । )

| ୧ | ଇ | ଢ଼ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଞ | ଉଷ୍ଣ | ଉଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଡ଼ | ଌ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ | ଯ | ସ | ଙ | ଉଥ | ୱ | ବ୍ |

ଉଠେ—ପ୍ରାଦେ. (ସମ୍ବଲପୁର ) ଅ. (ଭୁଲ. ସଂ. ଅର୍ଥେ )—ପାଇଁ; ଲାଗି; ଯୋଗୁଁ; ହେତୁରୁ—For; owing to.
Uthe

ଭଜନର ଉଠେ କେନା ପାଏନ୍ ପାଏ = କୋଣଲା ଲାଗି କନ୍ଦିର ପାଣି ପାଏ—ଠଗ।

ଉଠେଇବା—ଦେ. କ୍ରି—ଉଠାଇବା ( ଦେଖ )
Utheiba — Uthaiba ( See )

ଉଡ଼୍ଉଡ଼୍ ହେବା—ଦେ. କ୍ରି—୧। ଉଡ଼ିବାକୁ ପ୍ରସ୍ତୁତ ହେବା—
Urdurd heba — 1. To be ready to take flight.
উড্‌উড্‌ করা — ୨। ମନ ଉଡ଼ିବା;ମନ ଅସ୍ଥିର ବା ଅଥୟ ହେବା— 2. To be anxious, impatient or restless.

ଉଡ଼ପବନ—ପ୍ରାଦେ. ( ସମ୍ବଲପୁର ) ବ— ଘୂର୍ଣ୍ଣୀ ବାୟୁ
Urdpabana — Whirl wind.

ଉଡ୍ ପେନ୍ସିଲ୍—ବୈଦେ. ବ. ( ଇଂ. ଉଡ୍ ପେନ୍ସିଲ )
Ud pencil — ଉଡାନ୍ ପେନ୍ସିଲ (ଦେଖ) Udan pensil (See)

ଉଡସୋ—ପ୍ରାଦେ. (ସମ୍ବଲପୁର) ବ—ଓଡ଼ଶ, ଛାରପୋକ—
Udso — Bed-bug.

ଉଡ଼—ଦେ. ବ. ( ସଂ. ଉଡ୍ ଧାତୁ = ଯୁଡ଼ି କରିବା )—ଯୁଡ଼; ବାଜ; ପଣ—Vow.
Urda

ଉଡ଼ ଅଛ ଭୂଷର ପ୍ରିୟ ଶ୍ୱଜନଙ୍କୁ—କୃଷ୍ଣସିଂ ହ. ମହାଭାରତ. ବନ।

ଉଡ଼ଙ୍ଗ—ପ୍ରାଚୀନ ପଦ୍ୟ. ବ ( ସ. ଉରଙ୍ଗ )—୧। ସର୍ପ—
Urdanga — 1. Snake.

ଦୃଷ୍ଟିର ଭିତରେ ଧର ଉଡ଼ଙ୍ଗ ଶିଖ—ପ୍ରାଚୀ ଶଶିସେଣା।

୨। ପତାକା; ଧ୍ୱଜ—2. Flag; pennon.

ଉଡ଼ଙ୍ଘ—ଗ୍ରାମ୍ୟ. ପଦ୍ୟ. ବ (ସ. ଉରଙ୍ଗ)—ଉଡ଼ଙ୍ଗ (ଦେଖ)
Urdangha — Urdanga (See)

ଉଡ଼ଞ୍ଛୁ କରିବା—ଦେ. କ୍ରି—ଅଜ୍ଞାତଭାବରେ ପଳାଇଯିବା—
Urdanchhu kariba — To escape unnoticed.
उड़नछू करना

ଉଡ଼ଞ୍ଛୁ ଦେବା—ଦେ. କ୍ରି—ଉଡ଼ଞ୍ଛୁ କରିବା (ଦେଖ)
Urdanchhu deba — Urdanchhu kariba (See)
उड़नछू देना

ଉଡ଼ଞ୍ଛୁ ବତାଇବା—ଦେ. କ୍ରି—ଉଡ଼ଞ୍ଛୁ କରିବା (ଦେଖ)
Urdanchhu bataiba — Urdanchhu kariba (See)
उड़नछू बताना

ଉଡ଼ଣଛୁ କରିବା—ଦେ. କ୍ରି—୧। ହଠାତ୍ ଉଠି ପଳାଇ ଯିବା; ଚମ୍ପଟ୍ ମାରିବା—1 To flee.
Urdanchhu kariba
उड़नछू करना — ୨। ଅନ୍ତର୍ହିତ ହେବା—2. To disappear; to vanish.

ଉଡ଼ଣଛୁ ଦେବା—ଦେ. କ୍ରି—ଉଡ଼ଣଛୁ କରିବା (ଦେଖ)
Urdanchhu deba — Urdanchhu kariba (See)
উড়নছু দেনা

ଉଡ଼ଣ—ଦେ. ବ ( ସଂ. ଉଡ୍ଡୀନ )—
Urdana — ଉଡ଼ିବା—Flying.
উড়ন
उड़न

ଉଡ଼ଣି—ଦେ. ବ—ଉଡ଼ଣ (ଦେଖ)
Urdani — Urdana (See)

ଉଡ଼ଣୀ—ଦେ. ବ—ଓଢ଼ଣୀ (ଦେଖ)
Urdani — Ordhani (See)

ଉଡ଼ନଛୁ ( ଇତ୍ୟାଦ )—ଉଡ଼ଣଛୁ ( ଇତ୍ୟାଦ )
Udana chhu etc — Urdan chhu etc ( See )

ଉଡାନ୍ ପେନ୍ସିଲ୍—ବୈଦେ. ବ. ( ଇଂ. ଉଡାନ୍‌ପେନ୍ସିଲ )—
Udan pensil — ଉଡ୍‌ପେନ୍ସିଲ୍ (ଦେଖ) Udpensil (See)

ଉଡ଼ନ୍ତ—ଦେ. ବଣ (ସଂ. ଉଡ୍ଡୀନ)—୧। ଉଡ଼ୁଥିବା—
Urdanta — Flying.
উড়া — ୨। ( ଲକ୍ଷଣାର୍ଥ ) ଅନିଶ୍ଚିତ—2. Uncertain.

ଉଡ଼ନ୍ତା—ଦେ. ବଣ (ସଂ. ଉଡ୍ଡୀନ)—ଉଡ଼ନ୍ତ (ଦେଖ)
Urdanta — Urdanta (See)

ଉଡ଼ନ୍ତା ଚଢ଼େଇ କ ବେଶରବନ୍ଧ—ଠଗ।

(ଯଥା—୧। ଉଡ଼ନ୍ତାଖଇ ଗୋବିନ୍ଦାୟ ସ୍ୱାହା—ଦେ. ନ୍ୟାୟ—
উড়াখই গোবিন্দায় নমঃ — ଉଡ଼ିଯିବା ଖଇକୁ ମହାପ୍ରଭୁଙ୍କ ଉତ୍ସର୍ଗ କରିବା ନ୍ୟାୟ—
हथुआइल छतुआ
पिरनकेजान — 1. To offer to God food which is going out of one's hands.

୨। ଉଡ଼ନ୍ତା ଚଢ଼େଇର ବେସର ବନ୍ଧା—ଦେ. ନ୍ୟାୟ—କୌଣସି ଅନାଗତ ବସ୍ତୁ ନିମନ୍ତେ ଅଗରୁ ପ୍ରସ୍ତୁତ ହୋଇ ରହିବା— 2. To provide for an uncertain event beforehand.

୩। ଉଡ଼ନ୍ତା ଚଢ଼େଇର ପକ୍ଷୀ ଗଣିବା—ଦେ. କ୍ରି—ଅତ୍ୟନ୍ତ ଗୂଢ଼-ରହସ୍ୟ ଭେଦ କରି ପାରିବା ( ଅତି ଚତୁର ବ୍ୟକ୍ତି ସମ୍ବନ୍ଧେ )— 3. To very cunningly divine at intricate matters. )

ଉଡ଼ଶ—ଦେ. ବ ( ସଂ. ଉଦଂଶ )—
Urdasa — ଓଡ଼ଶ; ଛାରପୋକ—
উড্‌স — Bed-bug.
उड़स

ଉଡ଼ଶି—ଦେ. ବ—ଉଡ଼ିଷି ( ଦେଖ )
Urdasi — Urdisi ( See )

ଉଡ଼ା—ଦେ. ବ. ( ସଂ. ଉଡ୍ଡୀନ )—
Urda — ଆକାଶମାର୍ଗରେ ଗତି କରିବା; ଉଡ଼ିବା—
উড়া — Flying in the air; soaring high up.
उड़ाउ

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ଅବସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଶାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଗ୍ରା. ବି—୧ । ଗାଈଠାରୁ ଦୁଧ ହରନେବାର ଅପଗୁର—
1. Black art by which a milch cow is made dry
( ଯଥା—କିଏ ଉଡ଼ା ପକାଇ ଦେବାରୁ ମୋ ଗାଈ ଆଉ ଦୁଧ ଦେଉ ନାହିଁ । )
୨ । ଗବାଦି ପଶୁଙ୍କ ଦେହରେ ହୋଇଥିବା ଘାଆ ଆଦିକୁ ଶୁଖାଇବାର ଟୁଣୁକା ଔଷଧ—2 Simple medicines applied to sores of cattle.

ଦେ. ବିଣ—୧ । ଆକାଶରେ ଉଡ଼ୁଥିବା—
1. Flying in the air
( ଯଥା—ଉଡ଼ା ଜାହାଜ । )
୨ । (ପୁଂ) ଅପବ୍ୟୟୀ—2. Extravagant; squandering.
( ଯଥା—ଉଡ଼ା ମଣିଷ )—
୩ । ଅନିଶ୍ଚିତ ( ଉଡ଼ା ଖବର )—
3. Uncertain.
୪ । ଅସ୍ଥାୟୀ—4. Temporary.
୫ । ଶୁଣା ହୋଇଥିବା— 5. Heard ( not seen )
୬ । ସଂକ୍ରାମକ ରୋଗ—
6. Infections; contagious (disease).
( ଯଥା—ଉଡ଼ାରୋଗ । )

ଗ୍ରାଦେ. ( ପାନବରଜ ଭାଷା ) ବି—ବରଜର ଉପର ଛାତରେ ଲଙ୍କଡ଼ର ସରୁ ସରୁ ଗଜାକୁ ପବନରୁ ନିବୃତ୍ତ କରି ରକ୍ଷା କରିବାପାଇଁ ବନ୍ଧା ଯାଇଥିବା ବତାମାନ—
Split bamboos put on the roof of betel-plantations to protect the reeds from wind

**ଉଡ଼ାଇକରି କହିବା**—ଦେ. କ୍ରି—କୌଣସି ବ୍ୟକ୍ତି ନାମରେ ମିଥ୍ୟା
Urdāikari kahibā ଅପବାଦ ଦେବା—To defame a person; to slander a person.

**ଉଡ଼ାଇ କହିବା**—ଦେ. କ୍ରି—ଉଡ଼ାଇକରି କହିବା ( ଦେଖ )
Urdāi kahibā Urdāikari kahibā ( See )

**ଉଡ଼ାଇ ଦେବା**—ଦେ କ୍ରି—୧ । ପକ୍ଷିମାନଙ୍କୁ ପିଞ୍ଜରା ବା ଶିକୁଳିରୁ ଫିଟାଇ
Urdāi debā ଦେବା; ଛାଡ଼ିଦେବା—
উড়িয়ে দেওয়া 1. To liberate (birds)
उड़ा देना ୨ । ଅଦୃଶ୍ୟ ବା ଲୋପ କରାଇବା—
2. To cause to disappear.
୩ । ( ମକଦ୍ଦମା ବା ଅପରାଧକୁ ) ଅପ୍ରମାଣିତ କରିବା—
3. To disprove a case or charge.
୪ । ତାଳି ମାରି ବା ହୁରୁଡ଼ାଇବା ଦ୍ୱାରା ପକ୍ଷୀ ଉଡ଼ି ଯିବାର ଉପାୟ କରିବା—4. To cause a bird to fly away ( by means of clapping or scaring away )
୫ । ହୁରୁଡ଼ାଇ ଦେବା; କର୍ଣ୍ଣପାତ ନ କରିବା—
5. To evade hearing.
( ଯଥା—ହସି ହସି କଥାଟାକୁ ଉଡ଼ାଇ ଦେଲା । )
୬ । ମିଥ୍ୟା, ଅଳୀକ କରି ବା ହାସ୍ୟାସ୍ପଦ ବୋଲି ଘୋଷଣା ବା ପ୍ରତିପନ୍ନ କରିବା—6. To make one a laughing stock of others; to declare one not worth belief.
ମନେ ସେହିକାଳେ ଉଡ଼ାଇ ଦେଲେ ହସି । ସାରଳା. ମହାଭାରତ. ।
୭ । ଅପବ୍ୟୟ କରିବା—7. To squander.

**ଉଡ଼ାଇ ନେବା**—ଦେ.କ୍ରି— ଆପଣାର ସଙ୍ଗେ ସଙ୍ଗେ ଉଡ଼ାଇ ନେବା—
Urdāi nebā 1. To cause a thing to fly with one's self.
୨ । ଅଦୃଶ୍ୟ କରାଇବା— 2. To cause to disappear.
୩ । ଉଡ଼ି ଯିବାରେ ସାହାଯ୍ୟ କରିବା—
3. To help a fledgeling in flying.
( ଯଥା—ଯେପରି ପକ୍ଷୀ ମାତା ନିଜ ଶାବକକୁ । )
୪ । ଶୂନ୍ୟରେ ବାହୁଡ଼ି ବା ଚାଳିତ କରିବା—
4. To cause to fly off.
ଜୟଦ୍ରଥ ରାଜାଙ୍କ ମୁଣ୍ଡକୁ ଉଡ଼ାଇ
ନେଲେ ସେ ଶରେ ହେ ହସ୍ତିନା ନରସାଇଁ । କୃଷ୍ଣସିଂହ. ମହାଭାରତ । ଦ୍ରୋଣ ।

**ଉଡ଼ାଇବା**—ଦେ. କ୍ରି (ସଂ. ଉଡ୍ଡୀନ) (ଉଡ଼ିବାର ଣିଜନ୍ତ ରୂପ)—
Urdāiba ୧ । ( ପକ୍ଷୀ ବା ଘୁଡ଼ି ଆଦିର ) ଆକାଶରେ ଗତି
উড়ান କରାଇବା—To cause to fly.
उड़ाना ୨ । ହୁରୁଡ଼ାଇ ଦେବା—2. To scare away.
ପୂର୍ବେ ଚନ୍ଦ୍ରକୂଟେ ମାଉଁସ ଶୁଖାଇ
ବସିଥିଲି କାକକୁ ଦେଲି ମୁଁ ଉଡ଼ାଇ—କୃଷ୍ଣସିଂହ. ମହାଭାରତ. ବନ ।
୩ । ଉଡ଼ିବାକୁ ଶିକ୍ଷାଦେବା—3. To teach flying.
(ଯଥା—ମା ପକ୍ଷୀ ଛୁଆଙ୍କୁ ଉଡ଼ାଉଛି)
୪ । ଶୂନ୍ୟରେ ଉଡ଼ିବାର ଉପାୟ କରିବା—
4. To cause to fly off.
ଧୂଳି ଉଡ଼ାଇଣ ତାଣ୍ଡେ କରି ହମ୍ବା ରଡ଼ି,
ପ ଉଚ୍ଛନ୍ନ କୋରୁପଲ ଗୋଠକୁ ବାହୁଡ଼ି । ମଧୁସୂଦନ. ଛନ୍ଦମାଳା ।
୫ । ପକ୍ଷିମାନଙ୍କୁ ଉଡ଼ିବାପାଇଁ ଆକାଶକୁ ଛାଡ଼ିବା—
5. To let upto the sky fly.
( ଯଥା—କବୁତର ଉଡ଼ାଇବା । )
୬ । ପବନାଦିଦ୍ୱାରା ସ୍ଥାନାନ୍ତରିତ କରିବା—
6. To blow away.
( ଯଥା— କୁଲାବାଆରେ ଧାନ ଉଡ଼ାଇବା । )
୭ । (ମନକୁ) ଉଦ୍‌ବିଗ୍ନ କରାଇବା; ଅନ୍ୟମନସ୍କ କରାଇବା—
7. To wandr or rove ( in mind ).

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଜ୍ଞ | ଡ |
| ୨ | ଈ | ଊ | ଋ | ଌ | ଙ୍ଯ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଞ୍ଜ | ନ୍ନ |

(ଯଥା—ମନକୁ ଉଡ଼ାଇଲେ ପ୍ରାଣାୟାମ କରି କିଛି ଫଳ ନାହିଁ ।)

୮ । ଗୃହପାଳିତ ପୁଂ ପଶୁମାନଙ୍କୁ ସ୍ତ୍ରୀ ପଶୁଙ୍କ ସଙ୍ଗେ ସଂଯୋଗ କରାଇବା—

8. To cause domestic animals to mate.

୯ । ପତାକା ବା ଲୁଗା ଆଦିର ଏକ ପ୍ରାନ୍ତକୁ ପବନରେ ଉଡ଼ିବା ପରି କରିବା—

9. To cause a cloth or flag to fly in the air; to wave a flag or a cloth.

(ଯଥା—ପତାକା ଉଡ଼ାଇବା ।)

୧୦ । ଆରୋପିତ ଦୋଷାଦିକୁ ଆପଣା ଉପରୁ ଖସାଇ ଦେବା—

10. To disprove or push up a charge against a person.

(ଯଥା—ସେ ବଡ଼ ମକଦ୍ଦମାକୁ ଉଡ଼ାଇ ଦେଲା ।)

୧୧ । ଅପବ୍ୟୟ କରିବା; ବରବାଦ କରିବା—

11. To waste ( money ).

ବୁଢ଼ା ଅର୍ଥେ ପଇସା ଅଫିମରେ ଉଡ଼ାଏ—କୁନ୍ତଳାକୁମାରୀ. ନଅଭୁଣ୍ଡୀ ।

୧୨ । ଅଦୃଶ୍ୟ ବା ଲୁପ୍ତ କରିବା—

12. To cause to disappear.

(ଯଥା—ରବରରେ ଘଷି ଲେଖାଯାକ ଉଡ଼ାଇ ଦେଲି; ଔଷଧ ପାନରେ ବୈଦ୍ୟ ରୋଗକୁ ଉଡ଼ାଇ ଦେଲେ ।)

୧୩ । ଅନ୍ୟର ପ୍ରଯୁକ୍ତ ମନ୍ତ୍ର, ଯନ୍ତ୍ର, ଔଷଧକୁ ନିଷ୍ଫଳ କରିବା—

13. To frustrate or baffle any medical drug or charm.

୧୪ । ଚାହୁତ କରିବା; ଭସାଇ ଦେବା; ଭ୍ରଳତ କରିବା—

14. To cause to float away,

ଯୋନା ଗଲ ଢେଉଁଅଡ଼ରେ ତା ଉଡ଼ାଇ—କୃଷ୍ଣସିଂହ. ମହାଭାରତ. ବନ ।

୧୫ । ଶେଷ କରିବା; ସାରିବା—15 To exhaust.

(ଯଥା—ତାକୁ ମାଡ଼ ମାରି ମାରି ମାଷ୍ଟରେ ତା ପଠିରେ ଗୋଟିଏ ବେତ ଉଡ଼ାଇ ଦେଲେ ।)

ଉଡ଼ାଉଡ଼ି କରିବା—ଦେ. କ୍ରି—ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଉଡ଼ିବା—
Urdāurdi karibā To fly here and there.

ଉଡ଼ାକଳ—ଦେ. ବି. (ଇଂ.ରୁ ଅନୁବାଦିତ)—ଯେଉଁ ଯାନ ସାହାଯ୍ୟରେ
Urdākala ମନୁଷ୍ୟ ଆକାଶରେ ବିଚରଣ କରିପାରେ; ବ୍ୟୋମଯାନ—Air-ship; aeroplane.

ଉଡ଼ାଖବର—ଦେ. ବି—ଜନଶ୍ରୁତି; ଅନିଶ୍ଚିତସମ୍ବାଦ—
Urdākhabara Rumour; unconfirmed news.
উড়াখবর

ଉଡ଼ାଜାହାଜ—ଉଡ଼ାକଳ ( ଦେଖ )
Urdājahāja Urdākala ( See )

ଉଡ଼ାଣ୍ଛୁ (ଇତ୍ୟାଦି)—ଉଡ଼ାଞ୍ଛୁ ଇତ୍ୟାଦି ( ଦେଖ )
Urdāṇ chhu etc Urdañchhu etc ( See )

ଉଡ଼ାଣ—ଦେ. ବି. ( ସଂ. ଉଡ୍ଡୀନ )—୧ । ଉଡ଼ିବା—
Urdāṇa 1. Act of flying.

उड़ान् ୨ । ଉଡ଼ାଇବା କର୍ମ—

2. Act of causing to fly.

୩ । ଯୁଦ୍ଧରେ ଶତ୍ରୁକୁ ଆକାଶକୁ ଉଡ଼ାଇ ଦେବା—

3. Causing the enemy to be thrown off to the skies.

ଉଡ଼ାଣିଆ—ଗ୍ରା. ବିଣ—୧ । ଅପବ୍ୟୟୀ—
Urdāṇiāñ 1. Extravagant; prodigal; spendthrift.
উড়ানে

उड़ाउ ୨ । ଉଡ଼ିବାରେ ଅଭ୍ୟସ୍ତ—

2 Accustomed to flying in the air.

୩ । ଉଡ଼ୁଥିବା—3. Flying.

୪ । ମିଥ୍ୟା ଅପବାଦଯୁକ୍ତ—

4 False or defamatory; libellous.

୫ । ଯାହା ଉପରେ ଉପରେ ଥାଏ; ବାହ୍ୟ—

5. Superficial.

୬ । ଅନିଶ୍ଚିତ—6. Uncertain.

ଉଡ଼ାଣ୍ଟେରିଆ—ଗ୍ରା. ବିଣ—୧ । ( ବ୍ୟକ୍ତି ) ଅପବ୍ୟୟୀ—
Urdānteriā 1. Squandering.

୨ । ( କଥା ) ଅନିଶ୍ଚିତ; ଶୁଣା—

2. Uncertain; only heard.

ଉଡ଼ାପବନ—ଦେ. ବି—୧ । ଝଡ଼ତୋଫାନ—1. Tempest.
Urdāpabana ୨ । ଘୂର୍ଣ୍ଣିଅନିଳ—2. Whirl wind.

ଉଡ଼ାପରବ—ପ୍ରାଦେ. ( ବାଲେଶ୍ୱର ) ବି—ଚଡ଼କପୂଜା ( ଦେଖ )
Urdāparaba Çhardakapūjā ( See )

ଉଡ଼ାପାନସ୍—ଦେ. ବି. (ଉଡ୍ଡୀନ+ଫା. ଫାନୁସ୍)—ରାତିରେ ଆକାଶକୁ
Urdāpānas ଉଠିବା ଆଲୋକପାତ୍ର ବା ଲଣ୍ଠନବିଶେଷ—
উড়াফানুস্ Contrivance with a lantern for
उड़ाफानूस being let out into the air in the night for the purpose of war or strategy or diversion.

ଉଡ଼ାପାନୁସ୍—ଦେ. ବି—ଉଡ଼ାପାନସ ( ଦେଖ )
Urdāpānus Urdāpānas ( See )

ଉଡ଼ାଫାନସ୍—ଦେ. ବି—ଉଡ଼ାପାନସ୍ ( ଦେଖ )
Urdāphānas Urdāpānas ( See )

ଉଡ଼ାଫାନୁସ୍—ଦେ. ବି—ଉଡ଼ାପାନସ୍ ( ଦେଖ )
Urdaphānus Urdāpānas ( See )

ଉଡ଼ାବାଜ୍—ଦେ. ବିଣ—ଅପବ୍ୟୟୀ—Extravagant.
Urdābāj ପୁଅମାନେ ବାପ ପରି ଉଡ଼ାବାଜ୍ ନୁହନ୍ତି ।
उड़ाउ ଫକୀରମୋହନ, ଛମାଣଆଠଗୁଣ୍ଠ ।

ଉଡ଼ାବୁଡ଼ା—ଦେ. ବିଣ—୧ । ଦୁଷ୍ଟ; ହିତାହିତବିବେଚନାଶୂନ୍ୟ; ଯେ
Urdāburdā ଉଡ଼ବୁଡ଼ ପରର ଅନିଷ୍ଟ କରେ—

1. Wicked; wanton; unconscientious; bent on injuring others.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ବର୍ଣ୍ଣିତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକତ' ନ ପାଇଲେ 'ଅଲକ୍ତ' ଦେଖିବେ ।

୨ । ଅପବ୍ୟୟୀ—2. Extravagant.

୩ । ଯେଉଁ ବ୍ୟକ୍ତି ପର ନାମରେ ଉଡ଼ାଇ କରି ଓ ପରକୁ ବୁଡ଼ାଇ କରି ଦୁର୍ନାମ କରେ—3. Libellous; scandal-mongering; defaming.

୪ । ଅନ୍ୟକୁ ହଇରାଣ କରୁଥିବା— 4. Putting others into trouble.

୫ । ଅସ୍ଥିର; ଅଥୟ—5. Restless.

ଦେ. ବି—ଉଡ଼ିବା ଓ ବୁଡ଼ିବା—Flying and diving.

ଉଡ଼ା ମାଛ—ଦେ. ବି—ସାମୁଦ୍ରିକ ମତ୍ସ୍ୟବିଶେଷ, ଯେଉଁମାନେ ଉଡ଼ି ପାରନ୍ତି—Flying fish.
Urḏā māchha

ଉଡ଼ାମେଘ—ଦେ. ବି—୧ । ଅକାଶରେ ହଠାତ୍ ଦେଖା ଦେଇ ଅଦୃଶ୍ୟ ହେବା ମେଘ ଖଣ୍ଡ—1. A sudden cloud appearing and disappearing suddenly.
Urḏāmegha

୨ । ଅକାଶରେ ଉଡ଼ି ଉଡ଼ି ଯାଉଥିବା ମେଘ— 2. Constantly flying or moving cloud.

ଉଡ଼ା ଯାତ୍ରା—ପ୍ରା. ( ବାଲେଶ୍ୱର ) ବି—ଚଡ଼କପୂଜା ( ଦେଖ ) Chardakapūjā ( See )
Urḏā Jātrā

ଉଡ଼ାଳି—ଦେ. ବଣ—୧ । ଯେଉଁ ବ୍ୟକ୍ତି ବ୍ୟୋମଯାନାଦି ଦ୍ୱାରା ଅକାଶରେ ବିହାର କରନ୍ତି— 1. ( persons ) Flying in the air.
Urḏāḻi
उड़ान

୨ । ଯେଉଁ ପକ୍ଷୀ ଅକାଶରେ ଉଡ଼ନ୍ତି— 2. ( bird ) Flying in the air.

୩ । ଉଡ଼ିବାରେ ଦକ୍ଷ ( ଯଥା—ପାରାଅାଦି )— 3. Skilful in flying

ଉଡ଼ିଆ—ପ୍ରାଦେ ( ମେଦିନୀପୁର ଓ ବାଲେଶ୍ୱର ) ବି ଓ ବଣ— ଓଡ଼ିଆ ( ଦେଖ ) Orḏiā ( See )
Urḏiā
(ଉଡ଼ିଆଣୀ—ସ୍ତ୍ରୀ)

ଉଡ଼ିଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଅସ୍ତ୍ରାଦି ପଜାଇବା— To sharpen an instrument.
Urḏidebā

ଉଡ଼ିବା— ପ୍ରାଦେ (ସମ୍ବଲପୁର) କ୍ରି—ଉଡ଼ିଦେବା ( ଦେଖ ) Urḏidebā ( See )
Urḏibā

ଉଡ଼ିବା ଦେ. କ୍ରି. ( ସଂ. ଉଡ୍ଡୟନ )—୧ । ଅକାଶମାର୍ଗରେ ଗତି କରିବା ବା ଶୂନ୍ୟରେ ଚଳିତ ହେବା; ଉଡ୍ଡୀନ ହେବା— 1. To fly in the sky.
উড়া
उड़ना

୨ । ଅଦୃଶ୍ୟ ହେବା—2. To disappear.

କର୍ପୂର ମଣ୍ଡନ୍ତି ଦୂର କର ସେ ତ ନ ଯାଉଥିବ ଉଡ଼ି ।
ଭୂପତି—ପ୍ରେମପଞ୍ଚାମୃତ ।

୩ । ଶୂନ୍ୟରେ ଚଳିତ ହେବା— 3. To float in the sky.

ପକ୍ଷି ଦେଲେ ଉଡ଼ିଯିବା ପରି ସଞ୍ଚ ଅଗ୍ନି ଉନ୍ମୁକ୍ତିଷ ।
କବିସୂର୍ଯ୍ୟ. ଗୋପାଳବନ୍ଧୁ. ପ. ଗୀତ ।

୪ । ଅସ୍ଥିର ହେବା; ଅଥୟ ହେବା ( ମନ, ହୃଦୟ )— 4. ( mind ) To be restless.

ଏହି କାଳେ ବୃଷ୍ଟି ଉଦକ ବାଜା-ବର-ବଦନେ
ପଡ଼ିଲା, ଉଡ଼ିଲା ହୃଦୟ, ଧୈର୍ଯ୍ୟ ବୁଡ଼ିଲା କ୍ଷଣେ । ରାଧାନାଥ. ଚନ୍ଦ୍ରଭାଗା ।

୫ । ଲୋପ ପାଇବା; ନାଶ ହେବା; ଅଦୃଶ୍ୟ ହେବା— 5 To disappear.

ଭୃଙ୍ଗଙ୍କ ମନ ମାତିଥିଲ, ତା ଦଶ କେଉଁଣେ ଉଡ଼ିଗଲା ।
ଭୂପତି—ପ୍ରେମପଞ୍ଚାମୃତ ।

୬ । ( ଅଶ୍ୱାଦି ପଶୁ ( ଘୋଡ଼ା ) ସ୍ତ୍ରୀ ପଶୁମାନଙ୍କ ସଙ୍ଗେ ) ସଙ୍ଗମ କରିବା— 6. To mate ( said of a horse ).

୭ । ଅନ୍ୟମନସ୍କ ହେବା; ଅନ୍ୟ ବ୍ୟକ୍ତି ବା ବସ୍ତୁରେ ଆସକ୍ତ ହେବା ( ମନୁଷ୍ୟ )— 7. To be after any other matter.

୮ । ( ରୋଗ ) ସଂକ୍ରମିତ ହେବା— 8 To infect ( said of diseases ).

୯ । ହୁଡ଼ିବା; ବାଜି ରଖିବା—9. To lay a wager.

ଦମୟନ୍ତୀ ଭୂଲରେ ଅର୍ଜିବା ଧନକୁ
ଉଡ଼ୁଛୁ ଦ୍ୟୁତେ ଜଳ ଭୂମିର ସ୍ୱଜନଙ୍କୁ । କୃଷ୍ଣସିଂହ. ମହାଭାରତ. ବନ ।

୧୦ । ଡରିବା—10. To fear.

ମିଥ୍ୟା ଅପବାଦ ପାଇଁ ମୁହିଁ ଉଡ଼ଇ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୧୧ । ( କଥା ) ସର୍ବତ୍ର ଲୋକ ମୁଖରେ ପ୍ରଚାରିତ ହେବା— 11. To be published broadcast.

୧୨ । ଖୁବ୍ ବେଗରେ ଗତି କରିବା; ଦଉଡ଼ିବା— 12. To run swiftly.

ଉଡ଼ିଯିବା—ଦେ. କ୍ରି—୧ । ଉଡ଼ିବା; ଉଡ୍ଡୀନ ହେବା— 1. To fly in the air.
Urḏijibā
উড়েযাওয়া
उड़जाना

୨ । ଉଡ଼ି କରି ଅଦୃଶ୍ୟ ହେବା— 2. To fly away.

ଅକାଶେ ପୃଷ୍ଠରେଣ ପାଇଛନ୍ତି ଉଡ଼ି । କୃଷ୍ଣସିଂହ. ମହାଭାରତ. ଅଦି ।

୩ । ବହିର୍ଗତ ହେବା; ସ୍ଥାନତ୍ୟାଗ କରିବା— 3. To leave a place.

୪ । ଲୋପ ହେବା; ଅଦୃଶ୍ୟ ହେବା— 4. To disappear.

୫ । ଅତି ବେଗରେ ଦୌଡ଼ିବା— 5. To run very quickly.

ଏ ସକାଶେ ପୃଷ୍ଠ ଭୂମିରେ ଗଲେ ଉଡ଼ି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉଡ଼ିଶତନ୍ତ୍ର—ଦେ. ବି. (ସଂ. ଉଡ୍ଡୀଶ ତନ୍ତ୍ର)—ଉଡ୍ଡୀଶ ତନ୍ତ୍ର (ଦେଖ) Uddiśatantra (See)
Urḏiśatantra

ଉଡ଼ିଶା—ପ୍ରାଦେ. (ମେଦିନୀପୁର) ବି—ଓଡ଼ିଶା (ଦେଖ) Orḏiśā (See)
Urḏiśā

ଉଡ଼ିଶି—ପ୍ରାଦେ. (ମେଦିନୀପୁର) ବଣ—ଓଡ଼ିଶାଦେଶୀୟ; ଉତ୍କଳୀୟ— Relating to Orḏiśā.
Urḏiśi

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | କ୍ଷ | ଐ | ଔ | ଢ଼ |
| ୨ | ଈ | ଊ | ଋ | ଌ | ଙ୍ଗ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ | ଇଅ | ଡ଼ | ନ |

( ଯଥା—ଉଡ଼ିଶା ମତ; ଉଡ଼ିଶି ସଙ୍ଗୀତ )

ଦେ. ବି—ଭଣ୍ଡାରି ଜାତିର ଶାଖାବିଶେଷ—
A branch of barbers.

ଉଡ଼ିଶି ହଳଦି—ଗ୍ରା. ବି—ଓଡ଼ିଶି ହଳଦି ( ଦେଖ )
Urdisi haladi Ordisi haladi ( See )

ଉଡ଼ିଶ୍ୟା—ଦେ. ବି—ଓଡ଼ିଶା ( ଦେଖ )
Urdisyā Ordisā ( See ).
উড়িষ্যা
उड़ीसा

ଉଡୁ—ସଂ. ବି. ( ଉଡ୍ ଧାତୁ=ଯୁକ୍ତ କରିବା+ସଙ୍ଘାର୍ଥେ. ଉ ବା ଉତ୍+
Urdu ଡୀ ଧାତୁ=ଉଡ଼ିବା+କର୍ତ୍ତୃ. ଉ )—
୧ । ତାରା—1. Star.
୨ । ତାରାପୁଞ୍ଜ—2. Constellation.
୩ । ଜଳ—3. Water.
୪ । ପକ୍ଷୀ—4. Bird.
୫ । କେଉଟ; ମଲ୍ଲା—5. Boat-man.
( ହି. ଶବ୍ଦସାଗର )

ପ୍ରାଦେ (ଗଡ଼ଜାତ) ବି—ଉଡୁଆ ( ଦେଖ )
Urduā ( See )

ଉଡୁଆ—ଦେ. ବି—ବନ୍ୟ ବୃକ୍ଷବିଶେଷ ( ଏହାର ଫୁଲ ସାନ ଓ ନାଲିଆ
Urduā ଓ ଏହାର ଫଳକୁ ଲୋକେ ଖାଆନ୍ତି)—A wild tree
Aegialitis Annulata.

ଉଡୁଉଡୁ ହେବା—ଦେ. କ୍ରି—ଉଡ଼ୁଉଡ଼ୁ ହେବା ( ଦେଖ )
Urduurdu hebā Urdurd hebā ( See )

ଉଡୁକାନ୍ତ—ସଂ. ବି. (୬ଷ୍ଠୀ ତତ୍; ଉଡୁ+କାନ୍ତ)—ଉଡୁପତି; ଚନ୍ଦ୍ର—
Urdukānta The moon.

ଉଡୁକୁ—ପ୍ରାଦେ. (ଗଞ୍ଜାମ).ବିଣ—ଉଡ୍ଡୀୟମାନ; ଉଡୁଥିବା; ଉଡ଼ିପାରୁଥିବା
Urduku Flying; able to fly.
( ଗୋପୀନାଥ ନନ୍ଦ )

ଉଡୁକ୍କୁ—ପ୍ରାଦେ. (ଗଞ୍ଜାମ) ବିଣ—ଉଡୁକୁ ( ଦେଖ )
Urdukku Urduku ( See )

ଉଡୁଣା (ଇତ୍ୟାଦି)—ଗ୍ରା. ବି—ଓଢ଼ଣା ଇତ୍ୟାଦି ( ଦେଖ )
Urdunā etc. Ordhanā etc. ( See )

ଉଡୁଣୀ—ଗ୍ରା. ବି—ଓଢ଼ଣୀ ( ଦେଖ )
Urduni Ordhani ( See )

ଉଡୁପ—ସ. ବି. ( ଉଡୁ=ଜଳ+ପା ଧାତୁ=ରକ୍ଷା କରିବା+
Urdupa କର୍ତ୍ତୃ. ଅ )—
୧ । ନୌକା; ଡଙ୍ଗା—1. Boat.
୨ । ଭେଳା—2. Raft.

ଗଙ୍ଗାଙ୍କ ପ୍ରବାହରେ ଉଡୁପ ସହିତରେ
ଲଙ୍ଘିଲେ ଅନେକ ସମସ୍ତ ଦେଶରେ । କୃଷ୍ଣସିଂହ, ମହାଭାରତ, ଅନୁ ।

୩ । ( ଯହିଁରେ ଜଳକୁ ରକ୍ଷା କରାଯାଏ )—
ଚର୍ମନିର୍ମିତ ପାତ୍ରବିଶେଷ; ଭସ୍ତି—
3. Visti; a vessel of bide for carrying water.

୪ । (ଉଡୁ=ନକ୍ଷତ୍ର+ପା ଧାତୁ=ପାଳନ କରିବା+କର୍ତ୍ତୃ.ଅ)—
ନକ୍ଷତ୍ରମାନଙ୍କ ପାଳକ ବା ରାଜା; ତାରାପତି; ଚନ୍ଦ୍ର—
4. The moon.

ଦାଣ୍ଡ ଉଡୁପ ପୃଷ୍ଠେ ଉଡୁପ ପୃଷ୍ଠରେ ଅଛି ସେ ନ ଦିଶେ ।
ଉକ୍ତ. ବୈଦେହୀଶବିଳାସ ।

[ ଦ୍ର—ବୈଦିକ ସଂସ୍କୃତରେ ପ୍ରଚଳିତ ଉଡୁବ ଶବ୍ଦ ରୂପାନ୍ତରିତ ହୋଇ ପରବର୍ତ୍ତୀ ଯୁଗର ସଂସ୍କୃତ ସାହିତ୍ୟରେ 'ଉଡୁପ' ଆକାରରେ ବ୍ୟବହୃତ ହୋଇଥିବା ବିଷୟ ଭାଷାତତ୍ତ୍ୱବିଦମାନେ ପ୍ରମାଣ କରି ଅଛନ୍ତି । ବିନାୟକ ମିଶ୍ର—ଓଡ଼ିଆ ଭାଷାର ଇତିହାସ । ]

ଉଡୁପତି—ସଂ. ବି. ( ୬ଷ୍ଠୀ ତତ୍; ଉଡୁ+ପତି )—
Urdupati ତାରାପତି; ଚନ୍ଦ୍ର—The moon

ଉଡୁପଥ—ସଂ. ବି. ( ୬ଷ୍ଠୀ ତତ୍; ଉଡୁ=ନକ୍ଷତ୍ର+ପଥ )—ଆକାଶ—
Urdupatha Sky;firmament

ଉଡୁମର—ଦେ. ବି—ଉଡୁମ୍ବର ( ଦେଖ )
Urdumara Urdumbara ( See )

ଉଡୁମ୍ବର—ସଂ. ବି. ( ଉଡୁ=ନକ୍ଷତ୍ର+ବୃ ଧାତୁ=ଆଚ୍ଛାଦନ କରିବା+
Urdumbara କରଣ. ଅ; ଯେଉଁ ଫଳ ଗଛକୁ ନକ୍ଷତ୍ର ପରି ଘେରି ରହିଥାଏ; ଯେଉଁ ଗଛର ଫଳ ପେନ୍ଥା ପେନ୍ଥା ହୋଇ ନକ୍ଷତ୍ର ଭଳି ଗଛର ଦେହସାରା ଲାଗିଥାଏ)—
୧ । ଯଜ୍ଞଡୁମ୍ବୁରି ଗଛ ଓ ତାହାର ଫଳ—
1. The wild figtree and its fruit.

ବ୍ରହ୍ମାଣ୍ଡ ଯେ ତୋହର ଶରୀରେ, ମଶା ଯେସନ ଉଡୁମ୍ବରେ ।
ଜଗନ୍ନାଥ, ଭାଗବତ. ୧୦, ଗୋପ ।

୨ । ତାମ୍ର; ତମ୍ବା—2 Copper.
୩ । କର୍ଷ କରଷି;ଦୁଇ ତୋଳା ପରିମାଣ; ଏକ ପଳର ¼ଭାଗ ଓଜନ—3 A unit of weight; a weight ¼th of a Pala; 2 tolā's weight.
୪ । ଦେହଳୀ; ଦୁଆରମୁହଁ; ଦୁଆର ବନ୍ଧର ତଳ କାଠ—
4. Three-hold.
୫ । କୁଷ୍ଠରୋଗବିଶେଷ; ଶରୀରରେ ଗୋଲାକାର ବ୍ରଣଯୁକ୍ତ ଚର୍ମରୋଗବିଶେଷ—5 A kind of leprosy or skin disease with circular rimmed sores on the body.

ଉଡୁଶ—ପ୍ରାଦେ. ( ସମ୍ବଲପୁର ) ବି—ଓଡ଼ଶ; ଛାରପୋକ—
Urdus Bed-bug.

ଉଡୂପ—ସଂ. ବି—ଉଡୁପ ( ଦେଖ )
Urdūpa Urdupa ( See )

ସାଧାରଣ ଲେଖେ ଅପର ସ୍ଥାନରେ ସ୍ଥିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଥମେ ଲେଖା ହୋଇଥାଏ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟରେ ଚହ୍ନିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାର' ନ ମିଳିଲେ 'ଖାର' ଖୋଜିବେ 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଉର୍ଦ୍ଦୁପତି— ସଂ. ବ—ଉର୍ଦ୍ଦୁପତି ( ଦେଖ )
Urdūpati — Urdupati ( See )

ଉର୍ଡ଼େ—ପ୍ରାଦେ ( ମେଦନୀପୁର ) ବିଣ – ୧ । ଓଡ଼ିଆ—
Urde — Ordiā (language)
୨ । ଓଡ଼ିଶାଦେଶୀୟ; ଉତ୍କଳୀୟ—
2. Pertaining to Ordisā or Utkal

ଉର୍ଡ଼େଇଦେବା— ଦେ. କ୍ରି —ଉର୍ଡ଼ାଇଦେବା ( ଦେଖ )
Urdeidebā — Urdāidebā ( See )

ଉର୍ଡ଼େଇବା—ଦେ. କ୍ରି — ଉର୍ଡ଼ାଇବା ( ଦେଖ )
Urdeibā — Urdāibā ( See )

ଉଡ୍ଡୟନ—ସଂ. ବ ( ଉତ୍=ଊର୍ଦ୍ଧ୍ୱରେ+ଡୀ ଧାତୁ=ଶୂନ୍ୟରେ ଯିବା +ଭାବ. ଅନ )—ଆକାଶବିହାର; ଶୂନ୍ୟବିହାର; ଉଡ଼ିବା—Act of flying up; act of flying in the air; flight.
Uddayana

ଉଡ୍ଡୟମାନ—ସଂ. ବିଣ ପୁଂ. ( ଉତ୍+ଡୀ ଧାତୁ=ଶୂନ୍ୟରେ ଉଡ଼ିବା +କର୍ତ୍ତୃ. ଅନ )—ଉଡ୍ଡୀୟମାନ ( ଦେଖ )
Uddayamāna — Uddiyamāna (See)
(ଉଡ୍ଡୟମାନା—ସ୍ତ୍ରୀ)

ଉଡ୍ଡାମର—ସଂ. ବିଣ ( ଉତ୍=ଉତ୍କୃଷ୍ଟ+ଡାମର=ପ୍ରଚଣ୍ଡ )—
Uddāmara ୧ । ଶ୍ରେଷ୍ଠ; ସର୍ବୋତ୍କୃଷ୍ଟ; ଅସାଧାରଣ—
1. Prominent; excellent; extraordinary.
୨ । ଅତିପ୍ରଚଣ୍ଡ; ଅତ୍ୟୁଗ୍ର; ଅତ୍ୟୁତ୍କଟ—
2. Fierce; furious; abnormal.

ଉଡ୍ଡୀନ—ସଂ. ବିଣ ପୁଂ. ( ଉତ୍+ଡୀ ଧାତୁ+କର୍ତ୍ତୃ ତ )—
Uddīna ଯେ ଉଡ଼ିଅଛି; ଉତ୍ପତିତ; ଊର୍ଦ୍ଧ୍ୱଗତ; ଶୂନ୍ୟଗାମୀ—
(ଉଡ୍ଡୀନା—ସ୍ତ୍ରୀ) Flown up; flowing up.
ସଂ. ବ (+ଭାବ. ତ)—ଉଡ଼ିବା; ଶୂନ୍ୟରେ ଗମନ—Flying; flowing.

ଉଡ୍ଡୀୟମାନ—ସଂ. ବିଣ ପୁଂ—(ଉତ୍+ଡୀ+କର୍ତ୍ତୃ. ଅନ)—ଆକାଶରେ
Uddiyamāna ଉଡ଼ୁଥିବା; ଉଡ଼ନ୍ତା—Flying up; on
(ଉଡ୍ଡୀୟମାନା—ସ୍ତ୍ରୀ) the wings; soaring in the air.

ବହୁ ରଙ୍ଗର ପକ୍ଷ କାମାନ, ଅମ୍ବାଳକ ଶିରେ ଉଡ୍ଡୀୟମାନ—ମଧୁସୂଦନ, ଶୈବୋଧ ।

ଉଡ୍ଡୀଶ—ସଂ. ବ—ଶିବ; ମହାଦେବ—
Uddīsa — The God Siba.

ଉଡ୍ଡୀଶତନ୍ତ୍ର—ସଂ. ବ. ( ନାମ ) ତନ୍ତ୍ରୋକ୍ତ ଷଟ୍ କର୍ମର ଅଧିକୃତ ଲିଖିତ
Uddīsatantra ହୋଇଥିବା ତନ୍ତ୍ରବିଶେଷ—Name of a book on Tantras.

ଉଢ଼ଣା—ପ୍ରାଦେ. (ସମ୍ବଲପୁର) ବ—ଘୋଡ଼େଇହେବା ଲୁଗା—
Urdhanā — A thin wrapper.
ଗ୍ରା. ବ.—ଓଢ଼ଣା (ଦେଖ) — Ordhanā ( See )

ଉଢ଼ରେନ୍—ପ୍ରାଦେ (ସମ୍ବଲପୁର) ବ— ୧ । ଉଠାଣିଆ—
Urdhren — 1. Steep; rising.
(ପଢ଼ରେନ୍—ବିପରୀତ) ୨ । କ୍ରମଶଃ ଉପରକୁ ଉଠିଥିବା —
2. Gradually rising; ascending.

ଉଢ଼ଣା—ଗ୍ରା ବ—ଓଢ଼ଣା ( ଦେଖ )
Urdhanā — Ordhanā ( See )

ଉଢ଼ଣୀ – ଗ୍ରା. ବ—ଓଢ଼ଣୀ ( ଦେଖ )
Urdhanī — Ordhanī ( See )

ଉଢ଼ାଇବା—ଦେ. କ୍ରି —ଉଢ଼ିବା କ୍ରିୟାର ଣିଜନ୍ତ ରୂପ—
Urdhāiba — The causative form of 'Urdhibā.'
উঢ়ান
उढाना

ଉଢ଼ାଳ—ଦେ. ବ. ଓ ବିଣ (ସଂ. ଅନ୍ତରାଳ,-ଅନ୍ତୁଆଳ; ଅନ୍ତରାଳ (ଦେଖ)
Urdhāla — Antarāla (See)
ଦୃଷ୍ଟିରେ ମିହିର ଘରେଇ ଉଢ଼ାଳେ—ଜଗ.ନାଥ. ଚଇକା ।

ଉଢ଼ିବା—ପ୍ରାଦେ (ପୁରୀ) କ୍ରି (ସଂ. ପରିଧାନ)—୧ । ବସ୍ତ୍ରାଦି ପିନ୍ଧିବା—
Urdhibā — 1. To wear or put on cloth.
উঢ়া ୨ । ବସ୍ତ୍ରାଦି ଦେହରେ ଘେରାଇବା—2 To put on
ओढना — cloth round the body.

ଉଢ଼ୁଆଳ—ଗ୍ରା. ବ. ଓ ବିଣ—ଅନ୍ତରାଳ (ଦେଖ)
Urdhuāla — Antarāla (See)

ଉଢ଼ୁଣା—ଗ୍ରା. ବ—ଓଢ଼ଣା (ଦେଖ)
Urdhunā — Ordhanā (See)

ଉଢ଼ୁଣୀ—ଗ୍ରା. ବ—ଓଢ଼ଣୀ (ଦେଖ)
Urdhunī — Ordhanī (See)

ଉଢ଼େଇବା—ଦେ. କ୍ରି —ଉଢ଼ାଇବା (ଦେଖ)
Urdheibā — Urdhāibā (See)

ଉଣ —ପ୍ରାଦେ (ମେଦନୀପୁର) ବିଣ (ସଂ. ଊନ)—ଊଣା—
Una — Less.

ଉଣଚାଳିଶ—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବ. ଓ ବିଣ ( ସଂ. ଊନଚତ୍ୱାରିଂଶତ୍ )—ଅଣଚାଳିଶ —
Unachālisa — The number 39.

ଉଣଚାଳିଶି—ପ୍ରାଦେ. ବ. ଓ ବିଣ — ଉଣଚାଳିଶ (ଦେଖ)
Unachālisi — Unachālisa (See)

ଉଣଚାଶ – ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବ. ଓ ବିଣ (ସଂ—
Unachāsa ଊନପଞ୍ଚାଶତ୍ ଭୁଲ ବ. ଊନପଞ୍ଚାଶ ଶବ୍ଦ)—
ଅଣଚାଶ—The number 49.

ଉଣପଚାଶ – ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବ. ଓ ବିଣ—
Unanchāsa ଉଣଚାଶ (ଦେଖ)—Unachāsa (See)

ଉଣତିରିଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବ. ଓ ବିଣ—
Unatirisa (ସଂ. ଊନତ୍ରିଂଶତ୍ ; ଭୁଲ: ବ. ଊନତ୍ରିଶ)—
ଅଣତିରିଶି (ଦେଖ)— Anatirisi (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଛ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ଶ | କ୍ଷ | ଇଂ | ଉଅ | ଓ |
| ୨ | ଏ | ଞ | ଋୁ | ଳୁ | ଙ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଉଅ | ୠ | ଋ |

ଊଣଅତିରିଶି—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—
Uṇatirisi ଅଣଅତିରିଶି (ଦେଖ)—Aṇatirisi (See)

ଊଣତିରିଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—
Uṇatrisa ଅଣଅତିରିଶି (ଦେଖ)—Aṇatirisi (See)

ଊଣନଉ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—ଅଣନଉ;
Uṇanau ନବେରୁ ଏକ କମ୍—The number 89.

ଊଣନବେ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—
Uṇanabe ଊଣନଉ (ଦେଖ)—Uṇanau (See)

ଊଣପଚାଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—
Uṇapachāsa ଊଣଚାଶ (ଦେଖ)—Uṇachāsa (See)

ଊଣପଞ୍ଚାଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—
Uṇapañchāsa ଊଣଚାଶ (ଦେଖ)—Uṇachāsa (See)

ଊଣଷଟି—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବଣ—ଅଣଷଠି—
Uṇashaṭi The number 59.

ଊଣଷଠି—ପ୍ରାଦେ. (ବାଲେଶ୍ୱର) ବି—ଊଣଷଟି (ଦେଖ)
Uṇashaṭhi Uṇashaṭi (See)

ଊଣସତୁରି—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବି ଓ ବଣ ( ସଂ.
Uṇasaturi ଊନସପ୍ତତି ) ଅଣସତୁରି; ଅଣସ୍ତୁରି—
The number 69

ଊଣା—ଦେ. ବଣ (ସଂ. ଊନ)—ଊଣା (ଦେଖ)
Uṇā Uṇa (See)

ଊଣାଅଧିକ—ଦେ. ବି. (ସଂ. ନ୍ୟୂନାଧିକ; ଊନ+ଅଧିକ)—କମ୍ ବେଶି;
Uṇaadhika ନ୍ୟୂନତା ଅଧିକ୍ୟ; ଅଳ୍ପ ବହୁତ; ତ୍ରୁଟି ବା
କମବେଶି ଅତିରିକ୍ତତା—Every defect and excess; every fault and shortcoming.

ଦେ. ବଣ.—ଅଳ୍ପାଧିକ; ନ୍ୟୂନାଧିକ—
Defective and excessive.

ଦେ. କ୍ରି. ବଣ—୧ । ପ୍ରାୟ—1 Nearly; about; approximately.
୨ । ଅଳ୍ପାଧିକ ପରିମାଣରେ—2 More or less.
୩ । ମୋଟା ମୋଟି ଭାବରେ—
3. Roughly; roughly speaking.

ଊଣାଅସି—ପ୍ରାଦେ. (ମେଦନୀପୁର ଓ ବାଲେଶ୍ୱର) ବି ଓ ବଣ. (ସଂ.
Uṇāasi ଊନାଶୀତି)—ଅଣାଅସି—The number 79.

ଊଣାଇଶ (ଇତ୍ୟାଦି)—ଦେ. ବି. ଓ ବଣ—ଊଣିଶି ଇତ୍ୟାଦି (ଦେଖ)
Uṇāisa etc. Uṇisi etc. (See)

ଊଣାଇଶାଦୁଇଶ—ଗ୍ରା. ବି. ଓ ବଣ—ଊଣିଶାଦୁଇଶ ( ଦେଖ )
Uṇāisāduisa Uṇisāduisa ( See )

ଊଣାଇଶାଶହେ—ଗ୍ରା. ବି. ଓ ବଣ—ଊଣିଶାଶହେ ( ଦେଖ )
Uṇāisāsahe Uṇisāsahe ( See )

ଊଣାଇଶି (ଇତ୍ୟାଦି)—ଦେ. ବି. ଓ ବଣ—ଊଣିଶି ଇତ୍ୟାଦି (ଦେଖ)
Uṇāisi etc. Uṇisi (See)

ଊଣାକରିବା—ଦେ. କ୍ରି—୧ । କମ୍ କରିବା—1. To lessen.
Uṇākaribā ୨ । ( ରୋଗକୁ ) ପ୍ରଶମନ କରିବା—
କମ୍ କରା 2. To cure; to assuage.
ঘটানো ୩ । ( ମନରେ ) ଅରମାନ ବା ତୁଚ୍ଛ କରିବା; ପୂର୍ବ
ସ୍ନେହ ଦୂର କରିବା—3. To be displeased; not to like a person as before
୪ । ସଙ୍ଖ୍ୟା ବା ପରିମାଣ କମାଇବା—4. To bring down the number or quantity.

ଊଣାଧିକ—ଦେ. ବି. ବଣ ଓ କ୍ରି. ବଣ—ଊଣା ଅଧିକ ( ଦେଖ )
Uṇādhika Uṇā adhika ( See )

ଘଟୋତ୍କଚ କର୍ଣ୍ଣଙ୍କ ଊଣାଧିକ ଜଣା,
ଚୋହଳ ହେଲାଟି ସବୁରି ବୁଦ୍ଧି ବଂ।—କୃଷ୍ଣସିଂହ. ମହାଭାରତ, ଦ୍ରୋଣ।

ଊଣାଭାଗିଆ—ଦେ. ବଣ—ଯେଉଁ ବ୍ୟକ୍ତିର ( ଜାତକର ) ଭାଗ୍ୟ ( ଭଲ
Uṇābhāgiā ନୁହେ ) ସୌଭାଗ୍ୟହୀନ—Unfortunate; unlucky

ଊଣାଭାଗିଆ ନନ୍ଦସୁତ, ଅପଦୁଁ ବସିଛ ବହୁତ। ଭୂପତି—ପ୍ରେମପଞ୍ଚାମୃତ।

ଊଣାସି—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର )—ଊଣାଅସି ( ଦେଖ )
Uṇāsi Uṇāasi ( See )

ଊଣିଶାଦୁଇଶ—ଦେ. ବି. ଓ ବଣ—ଦୁଇଶହ ଊଣାଇଶ—
Uṇisāduisa The number 219.

ଊଣିଶାଶହେ—ଦେ. ବି. ଓ ବଣ—ଏକଶହ ଊଣାଇଶ—
Uṇisāsahe The number 119; one hundred and nineteen.

ଊଣିଶ (ଇତ୍ୟାଦି)—ଊଣିଶି ଇତ୍ୟାଦି ( ଦେଖ )
Uṇisa etc Uṇisi etc ( See )

ଊଣିଶି—ଦେ. ବି. ଓ ବଣ ( ସଂ. ଊନବିଂଶ )—ଊନବିଂଶ; କୋଡ଼ିଏରୁ
Uṇisi ଏକ କମ୍; ୧୯—Nineteen.
উনিস্
उन्नीस

ଊଣିଶିବିଶ—ଦେ. କ୍ରି. ବଣ ( ସଂ. ଊନବିଂଶ ଓ ବିଂଶ ) ନ୍ୟୂନାଧିକ;
Uṇisibis ପ୍ରାୟ; ସାମାନ୍ୟ ପ୍ରଭେଦ ଥିବା ଅବସ୍ଥାରେ—
উনিসবিশ Approximately; without any palpable difference or distinctions.
उन्नीसबिस
ଦେ. ବଣ—ପ୍ରାୟସମାନ—Approximately equal; virtually similar.

ଊଣେଇଶ—ଊଣିଶି ( ଦେଖ )
Uṇeisa Uṇisi ( See )

ଊଣେଇଶି (ଇତ୍ୟାଦି)—ଦେ. ବି. ଓ ବଣ—ଊଣିଶି ଇତ୍ୟାଦି (ଦେଖ)
Uṇeisi etc Uṇisi etc (See)

ଊଣେଶପତ୍—ପ୍ରାଦେ. ( ସମ୍ବଲପୁର ) ବି. ଓ ବଣ. ( ସଂ. ଊନଶତ )
Uṇespat ଅନେଶତ; ୯୯;—Ninety-nine; 99.

ଊଣୋଇଶି—ଦେ. ବି ଓ ବଣ—ଊଣିଶି ( ଦେଖ )
Uṇoisi Uṇisi ( See )

ସାଧାରଣ ଭେବେ ଏପରି ସ୍ଥଳରେ ସ୍ଥିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ସ୍ଥଳରେ ସ୍ଥିତ ଶବ୍ଦ ଖୋଜନ୍ତୁ ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦପାଇଁ ଖୋଜିଲେ ଅନ୍ୟ ରୂପ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଉ' ନ ମିଳଲେ 'ଖାଇ' ଖୋଜିବେ; 'ଲୁଅ' ନ ମିଳଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ ।

ଉଣ୍ଡପାଣ୍ଡ—ଗ୍ରା. ବି.—ଉଣ୍ଡାଉଣ୍ଡି ( ଦେଖ )
Undpānd Undāundi ( See )

ଉଣ୍ଡ଼ଲିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଭୂମିରେ ଲୁଣ୍ଠିତ ହେବା;
Undlibā ଗଡ଼ିବା—To wallow; to roll on the ground.
( ଯଥା—ମାଟିଅଁଠା ଉଣ୍ଡ଼ଲି ଗଲା; ପିଲାଟା ଉଣ୍ଡ଼ଲି ଉଣ୍ଡ଼ଲି କାନ୍ଦୁଛି । )

ଉଣ୍ଡାଇବା—ଦେ. କ୍ରି—'ଉଣ୍ଡିବା'ର ଣିଜନ୍ତ ରୂପ—
Undāibā The causative form of 'Undibā'
ପ୍ରାଦେ(ସମ୍ବଲପୁର)କ୍ରି—୧ । ଗୋଟାଇବା—1. To pick up.
୨ । ଏକତ୍ର କରିବା —2. To gather.

ଉଣ୍ଡାଉଣ୍ଡି—ଗ୍ରା. ବି—ଉଣ୍ଡିବା କ୍ରିୟା; ଯତ୍ନପୂର୍ବକ ଅନ୍ବେଷଣ କରିବା—
Undāundi Vigilant look-out.

ଉଣ୍ଡାଉଣ୍ଡି କରିବା—ଗ୍ରା. କ୍ରି—୧ । ଅଭିପ୍ରେତ ପଦାର୍ଥକୁ ଗୋପନରେ
Undāundi karibā ଠଉର କରିବା; ଆଖି ବୁଲାଇବା; ଠିକଣା-କରିବା—1. To look into every crack and corner for a thing.
୨ । ଉତ୍ତମରୂପେ ଖୋଜିବା; ଅନୁସନ୍ଧାନ କରିବା—
2. To institute a diligent search for a thing

ଉଣ୍ଡାଳିଆ—ଗ୍ରା. ବିଣ—ଉଣ୍ଡ ଳିବାରେ ପଟୁ ବା ଅଭ୍ୟସ୍ତ—
Undālia Skilful in searching or groping.
(ଉଣ୍ଡାଳେଇ—ସ୍ତ୍ରୀ)

ଉଣ୍ଡାଳିବା—ଦେ କ୍ରି (ସଂ. ଅନୁସନ୍ଧାନ)—
Undālibā ୧ । ଅଣ୍ଡାଳିବା; ଦରଣ୍ଡିବ—1. To grope for.
टटोलना ୨ । ଗୁପ୍ତ ସ୍ଥାନ ଓ ଚକ୍ଷୁର ଅନ୍ତରାଳରେ ଥିବା ସ୍ଥାନମାନ
হাতড়ান ଖୋଜିବା—2. To search for a thing in out of the way or invisible places.

ଉଣ୍ଡିପାଣ୍ଡି—ଗ୍ରା. ବି—ଉଣ୍ଡାଉଣ୍ଡି (ଦେଖ)
Undipāndi Undāundi (See)

ଉଣ୍ଡିବା—ଦେ. କ୍ରି. ( ସଂ. ଅନୁସନ୍ଧାନ—ମୂଳ—ଧା. ଉଣ୍ଡ୍=
Undibā ଲୁଚିବା)—୧ । ଅଣ୍ଡାଳିବା; ଦରଣ୍ଡିବା—
খোঁজা 1. To grope for.
टोहना ढूँढना ୨ । ଅନୁସନ୍ଧାନ କରିବା—2. To search diligently for some thing.
୩ । ଠଉର କରିବା; ଆଖିବୁଲାଇବା; ଅଭିପ୍ରେତ ବସ୍ତୁକୁ ପୂର୍ବରୁ ଠିକଣା କରିବା ନିମନ୍ତେ ଅନୁସନ୍ଧାନ କରିବା; ଚୋରଅଡ଼କୁ ଗୋପନରେ ଲୁଚି ଲୋଡ଼ା ପଦାର୍ଥକୁ ଖୋଜିବା—
3. To be secretly on the look-out for a wished for thing
୪ । ଜାଗ୍ରତରେ ଖୋଜିବା—4. To be on the look-out with vigilance.
୫ । ସୁବିଧା ସୁଯୋଗ ଖୋଜୁଥିବା—To be carefully waiting for an opportunity.
( ଯଥା—ସାଙ୍ଗ ତ ପାଇଲା ବଡ଼ ବେଳ ଉଣ୍ଡୁଥିଲା । )
୬ । ଦୋଷ ଗବେଷଣା କରିବା ବା ସନ୍ଧାନ କରିବା—
6. To search for blemishes or shortcomings of other persons.
୭ । ନୂଆ ବସ୍ତ୍ରକୁ ପ୍ରଥମେ ଅଙ୍ଗରେ ଲଗାଇ ପିନ୍ଧିବା—
7. To wear a new cloth for the first time.
୮ । ଦେଶକାଳପାତ୍ର ପ୍ରତି ଦୃଷ୍ଟି ରଖିବା—
8 To have an eye on surrounding things or circumstances.

ଉଣ୍ଡେଇବା—ଦେ. କ୍ରି—'ଉଣ୍ଡିବା'ର ଣିଜନ୍ତ ରୂପ—
Undeibā The causative form of 'Undibā'

ଉତ୍—ସଂ.—ଉପସର୍ଗ—A prefix.
Ut ୧ । ଊର୍ଦ୍ଧ୍ବ; ଊର୍ଦ୍ଧ୍ବରେ; ଊର୍ଦ୍ଧ୍ବକୁ; ଉପରେ; ଉପରକୁ—
1. High; high up; over; above.
୨ । ସମ୍ୟକ୍‌ରୂପେ—2. Excessively; largely.
୩ । ଇତସ୍ତତଃ—3. To and fro
୪ । ଉଚ୍ଚୈଃସ୍ୱରରେ—4. Loudly.
୫ । ଉତ୍କଟ—5. Fierce.
୬ । ଓଲଟା—6. Inverse.

ଉତ୍ରା—ଦେ. ବି—ଓହ୍ଲାଇବା; ଅବତରଣ—
Utrā Alighting.

ଉତ୍ରାଇବା—ଦେ. କ୍ରି—ଉତାରିବା ( ଦେଖ )
Utrāibā Utāribā ( See )

ଉତ୍ରିଆ—ପ୍ରାଦେ. ( ସମ୍ବଲପୁର ) ବିଣ—ଉପରିଆ; ଉଠାଣିଆ—
Utriā Rising upwards.

ଉତୁରିବା—ପ୍ରାଦେ (ସମ୍ବଲପୁର) କ୍ରି—ଓହ୍ଲାଇବା; ଅବରୋହଣ କରିବା-
Uturibā To alight; to get down.

ଉତ୍ରେନ୍—ପ୍ରାଦେ ( ସମ୍ବଲପୁର ) ବିଣ—୧ । ଉଠାଣିଆ—
Utren 1. Gradually ascending.
୨ । ଗଡ଼ାଣିଆ; ଢାଲୁ—2. Sloping; slanting.
୩ । ନୁଆଁଣିଆଁ—3. Low.
ପ୍ରାଦେ. ବି - ଗଡ଼ାଣିଆ ସ୍ଥାନ—Slope; slant.

ଉତ୍ଶୋଷଣ—ସଂ. ବି. (ଉତ୍=ଊର୍ଦ୍ଧ୍ବକୁ+ଶୋଷଣ=ଶୋଷିନେବା)—
Utśoshana ବାଷ୍ପଦ୍ୱାରା ଜଳୀୟ ଅଂଶର ଶୋଷଣ—
Evaporation.

ଉତ—ସଂ. ଅ. ( ଉପସର୍ଗ )—୧ । ସନ୍ଦେହ; ବିକଳ୍ପ; ସମୁଚ୍ଚୟାର୍ଥକ—
Uta 1. Certainly; nearly; fully.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଷ | ଟ | ଣ,ଶ | ଞ | ଉସ୍ମ | ଋଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ● | ଦୃ |

୨ । ଉଦ୍ ( ଦେଖ )
2. Ud ( See )

ସଂ. ବିଣ. ( ବେ ଧାତୁ = ବୁଣିବା + କର୍ମ. ତ )—
ତନ୍ତ୍ରରେ ବୁଣା ହୋଇଥିବା—Woven

ଉତକଟ—ଗ୍ରା. ପଦ୍ୟ. ବିଣ. ( ସଂ. ଉତ୍କଟ )—୧ । ଉତ୍କଟ—
Utakaṭa 1. Fierce.
୨ । ଅତ୍ୟନ୍ତ—2. Excessive.
୩ । ଭୟାନକ—3. Terrible

ଉତକଣ୍ଠା—ଗ୍ରା. ପଦ୍ୟ. ବିଣ. ( ସଂ. ଉତ୍କଣ୍ଠା )—ଉତ୍କଣ୍ଠା ( ଦେଖ )
Utakanṭhā Utkanṭhā ( See )
ତଟେଲର ସ୍ୱଭାବ ପ୍ରଶସ୍ୟ ବରମେ
ଜନ ଉତକଣ୍ଠା ଭବ ନୟନେ ବସେ । ପ୍ରାଚୀ—ରସବାରିଧି ।

ଉତକଣ୍ଠୀ—ଉତ୍କଣ୍ଠୀ ( ଦେଖ )
Utakanṭhī Utkanṭhī ( See )
ଗ୍ରୀବା ସମୁଚେ ଉତକଣ୍ଠୀ ସୁକଣ୍ଠୀ ରାମ ଗଳାରେ ଲମ୍ବାଇଲେ ।
ଉପେ—ବୈଦେହୀଶବିଳାସ ।

ଉତକରଷ—ଗ୍ରା. ପଦ୍ୟ. ବି. ( ସଂ. ଉତ୍କର୍ଷ )—ଉତ୍କର୍ଷ ( ଦେଖ )
Utakarasha Utkarsha ( See )
ସୁଖ ଉତକରଷ ହେବାରୁ ଦୁଃଖଗଣ
ମାନ ବଢ଼େବେ ଜାଣିବା ବୋଲି ଗଲେ ଚଳି । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉତକ୍ରାନ୍ତ—ଗ୍ରା. ବିଣ—ଆକ୍ରାନ୍ତ; ବ୍ୟତିବ୍ୟସ୍ତ—
Utakrānta Teased; overpowered.
ଘଟନ୍ତରେ ହୋଇ ଶୋକରେ ଉତକ୍ରାନ୍ତ । କୃଷ୍ଣସିଂହ. ମହାଭାରତ ଅବ ।

ଉତଥ୍ୟ—ସଂ. ବି. ( ନାମ )—ଅଙ୍ଗିରାଙ୍କର ବଡ଼ ପୁଅ; ବୃହସ୍ପତିଙ୍କ ବଡ଼
Utathya ଭାଇ—The elder brother of Bṛuhaspati.

ଉତଥ୍ୟ ତନୟ—ସଂ. ବି. ( ୬ଷ୍ଠୀ ତତ୍; ଉତଥ୍ୟ + ତନୟ )—
Utathy tanaya ଗୌତମ ମୁନି—The sage Gautama.

ଉତଥ୍ୟାନୁଜ—ସଂ. ବି. ( ୬ଷ୍ଠୀ ତତ୍; ଉତଥ୍ୟ + ଅନୁଜ )—
Utathyānuja ବୃହସ୍ପତି; ଦେବଗୁରୁ—
Bṛuhaspati; the preceptor of the Gods.

ଉତଥ୍ୟାନୁଜନ୍ମା—( ୬ଷ୍ଠୀ ତତ୍; ଉତଥ୍ୟ + ଅନୁଜନ୍ମା = ଭାଇ )—
Utathyānujanmā ଉତଥ୍ୟାନୁଜ ( ଦେଖ )
Utathyānuja ( See )

ଉତଥ୍ୟାବରଜ—( ୬ଷ୍ଠୀ ତତ୍; ଉତଥ୍ୟ + ଅବରଜ = ସାନଭାଇ )—
Utathyābaraja ଉତଥ୍ୟାନୁଜ ( ଦେଖ )
Utathyānuja ( See )

ଉତନ—ଗ୍ରା. ବି—ସମ୍ପତ୍ତି; ଧନ—Riches.
Utana ( ଯଥା—ଏଠିଁ କଣ ତୋ ବାପାଙ୍କ ଉତନ ଥୁଆ ହୋଇଛି କି ? )

ଉତପତ—ଗ୍ରା. ପଦ୍ୟ. ବି. ( ସଂ. ଉତ୍ପତ୍ତି )—ଉତ୍ପତ୍ତି ( ଦେଖ )
Utapati Utpatti ( See )
ଗୋବିନ୍ଦ ସବେଶ୍ୱି ବିରାଟ ବମୁଣ୍ଡି ଅଣ୍ଡ ଉତପତ ସୁପ୍ରସୂତ ।
ଅଚ୍ୟୁତାନନ୍ଦ. ବଡ଼ଗଡ଼ଗୀତାମଣି ।

ଉତପତ୍ତି—ଦେ. ପଦ୍ୟ. ବି. ( ସଂ. ଉତ୍ପତ୍ତି )—ଉତ୍ପତ୍ତି ( ଦେଖ )
Utapatti Utpatti ( See )
ଯତ୍ନ ସକଳ ଉତପତ୍ତି । ଯଶୋବନ୍ତ—ପ୍ରେମଭକ୍ତିବ୍ରହ୍ମଗୀତା ।

ଉତପନ—ଗ୍ରା. ବିଣ ଓ ବି—ଉତ୍ପନ୍ନ ( ଦେଖ )
Utapana Utpanna ( See )

ଉତପନ୍ନ—ଦେ. ପଦ୍ୟ. ବିଣ.—ଉତ୍ପନ୍ନ ( ଦେଖ )
Utapanna Utpanna ( See )
उपज; उपजात ଏ ଉତ୍ତରେ କ୍ଷମର ହେଲା ଉତପନ୍ନ । କୃଷ୍ଣସିଂହ. ମହାଭାରତ ବନ ।

ଉତପନ୍ନି—ଗ୍ରା. ବି ଓ ବିଣ—ଉତ୍ପନ୍ନି ( ଦେଖ )
Utapanni Utpanni ( See )

ଉତପନ୍ୟ—ଗ୍ରା. ବି ଓ ବିଣ—ଉତ୍ପନ୍ନ ( ଦେଖ )
Utapanya Utpanna ( See )

ଉତପଳ—ଦେ. ପଦ୍ୟ. ବି. ( ସଂ. ଉତ୍ପଳ )—ଉତ୍ପଳ ( ଦେଖ )
Utapaḷa Utpaḷa ( See )
ପ୍ରଫୁଲ୍ଲ କମଳ ନୀଳ ଉତପଳ । କୃଷ୍ଣସିଂହ. ମହାଭାରତ. ଅବ ।

ଉତପାତ—ଗ୍ରା. ବି. ( ସଂ. ଉତ୍ପାତ )—
Utapāta ୧ । ଅତ୍ୟାଚାର; ଦୌରାତ୍ମ୍ୟ; ଉପଦ୍ରବ—
1. Trouble; oppression; depredation.
୨ । ଦୈବାଦୁର୍ଘଟନା—2. Mishap.
ଉତପାତ ହେଲାଟି ବୋଲି ମନେ କଲେ—
କୃଷ୍ଣସିଂହ. ମହାଭାରତ, ସଭା ।

ଗ୍ରା. ବିଣ—୧ । ଉପଦ୍ରବକାରୀ; ଅତ୍ୟାଚାରୀ; ଦୁରନ୍ତ—
1. Depredatory; oppressive.
୨ । ଗର୍ବୀ—2. Proud

ଉତପାତିଆ—ଗ୍ରା. ବିଣ—ଉତ୍ପାତକାରୀ; ଉତ୍ପୀଡ଼କ—
Utapātiā Devastating; depredatory.
ମା ମୁହିଁ ପାଇଁ ବଡ଼ ଉତପାତିଆ ହୋଇଗଲାଣି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଉତପିଞ୍ଛ—ଗ୍ରା. ପଦ୍ୟ. ବିଣ—ଉତ୍ପିଞ୍ଛ ( ଦେଖ )
Utapiñchha Utpichchha ( See )
ବଚୋବତ ନାଗା ଭୁଚ୍ଛେ ଭ୍ରୂ ଟନାଇ ପଚ୍ଛେ ଅନ୍ତସାକ୍ଷରେ ଉତପିଞ୍ଛେ—
ଉପେ. ବୈଦେହୀଶବିଳାସ ।

ଉତମ—ଗ୍ରା. ବିଣ. ( ସ. ଉତ୍ତମ )—ଉତ୍ତମ ( ଦେଖ )
Utama Uttama ( See )

ଉତର—ଗ୍ରା. ବି. ( ସଂ. ଉତ୍ତର )—ଉତ୍ତର ( ଦେଖ )
Utara Uttara ( See )

ଉତରଣ—ଗ୍ରା. ବି. ( ସଂ. ଉତ୍ତରଣ )—ଉତ୍ତରଣ ( ଦେଖ )
Utaraṇa Uttaraṇa ( See )

ଉତରା—ଦେ. ବି—୧ । ଉଛୁଳିବା କ୍ରିୟା—
Utarā 1. Bubbling up.
उतार् ୨ । ଅନୁବାଦ କର୍ମ—2. Translation.

ସାଧାରଣ ଲେଖକ ଅଗର ଦୃଷ୍ଟାରେ ସୂଚନା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାର' ନ ମିଳିଲେ 'ଖାର' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳକତ' ନ ପାଇଲେ 'ଅଳକ୍ତ' ଦେଖିବେ ।

ଦେ. ଵଣ ୧ । ଉବୁଳୁଥିବା—1. Bubbling up.
୨ । ଅନୁବାଦିତ—2. Translated.
୩ । ଉଦ୍ଧୃତ—3. Quoted.
ଗ୍ରା. ଵଣ—ଉତ୍ତରଦିଗ ସମ୍ବନ୍ଧୀୟ – Northern.
( ଯଥା—ଉତରାପଵନ । )

**ଉତରାଇବା**—ଦେ. କ୍ରି—୧ । ଉତରିବାର ଣିଜନ୍ତ ରୂପ—
Utaraibā 1. The causative of utaribā.
୨ । 'ଉତାରିବା'ର ଣିଜନ୍ତରୂପ—
2. The causative of Utāribā.

**ଉତରି**—ଦେ. ବି. ( ସଂ. ଉତ୍ତରୀୟ )—ଉତୁରି ( ଦେଖ )
Utari Uturi ( See )

**ଉତରିବା**—ଦେ. କ୍ରି. ( ସଂ. ଉତ୍ତରଣ )—
Utaribā ୧ । ଓହ୍ଲାଇବା; ଅବତରଣ କରିବା—
ଉତରା 1. To alight; to get down.
ଉତରନା ୨ । ଉପସ୍ଥିତ ହେବା; କୌଣସି ସ୍ଥାନରେ ପ୍ରଥମେ ଉପସ୍ଥିତ ହେବା—2. To arrive at a place
ଉତରା ୩ । ଦୂର ଦେଶରୁ ଆସି କୌଣସି ସ୍ଥାନରେ ପ୍ରଥମେ ବସା
ଉତରନା କରିବା ବା ଆଶ୍ରୟ କରିବା—3. To halt at a place on coming from a distance.
ବଙ୍ଗ ୪ । ( ସଂ. ଉତ୍ତରଲ; ଉଚ୍ଛଳନ)—ଅତିଷ୍ଠା ହେବା; ଜଳୀୟ
-ଉତରା ପଦାର୍ଥ ତାପ ଯୋଗୁଁ ସ୍ଫୀତ ହେବା—
4. To be swollen to overflowing ( said of liquids ).
୫ । ଅଗ୍ନି ଉତ୍ତାପରେ ସ୍ଫୀତ ହୋଇ ପାତ୍ର ମୁହଁରୁ ବୋହିଯିବା—
5. To run over the edge of a boiling pot ( said of boiling milk etc ).
ଦୁଧ ଉତୁରିଲେ ଚୁଲିରେ ପଡେ; ମଣିଷ ଉତୁରିଲେ ଗାତରେ ପଡେ—ଢଗ ।
୬ । (ସଂ. ଉତ୍ତୀର୍ଣ୍ଣ )—ଉଦ୍ଧାର ପାଇବା; ଉଦ୍ଧାର ହେବା—
6. To be saved or relieved from.
୭ । ( ସଂ. ଉତ୍ତରଣ )—ଉତ୍ତୀର୍ଣ୍ଣହେବା; ସାଗରାଦି ଲଙ୍ଘନ କରିବା—7. To get over.
୮ । ( କାର୍ଯ୍ୟାଦି ) ସମ୍ପାଦିତ ହେବା; ନିଷ୍ପନ୍ନ ହେବା—
8. To be accomplished.
( ଯଥା—ଏ ଶିରଦାଣ୍ଡିଷ୍ଟ ବେଶ୍ ଉତରେ ଗଲା । )
୯ । ଉଦ୍‌ବାର୍ଯ୍ୟ ହେବା; ଗର୍ବାନ୍ଧ ହେବା; ଗର୍ବଦୃପ୍ତ ହେବା—
9. To be blinded with pride; to be puffed up with pride.
ଦୁଧ ଉତୁରିଲେ ଚୁଲିରେ ପଡେ; ମଣିଷ ଉତୁରିଲେ ଗାତରେ ପଡେ—ଢଗ ।
୧୦ । ଫଳରେ ଦେଖାଯିବ; ପରିଣତ ହେବା—
10. To turn out; to be proved to be.
୧୧ । ଗର୍ବସ୍ଫୀତ ବା ବଳଦୃପ୍ତ ହୋଇ କାର୍ଯ୍ୟ କରିବା—
11. To act in an unbecoming or arrogant manner.
୧୨ । ଦେ. ପଦ୍ୟ କ୍ରି. ( ସଂ. ଉତ୍ତର )—ଉତ୍ତର କରିବା—
12. To reply.

**ଉତଲା**—ଦେ. ଵଣ. ( ସଂ. ଉତ୍ତାଳ ଓ ଉତ୍ତରଳ )—
Utalā ୧ । ବ୍ୟଗ୍ର; ଉତ୍କଣ୍ଠିତ—
ଉତାଲା; ଉତଲା 1. Anxious; eager.
ଉତାବଲା ୨ । ଅଧୀର—2. Impatient.
୩ । ଅସ୍ଥିର—3. Restless.
୪ । ବେଗ ଚଞ୍ଚଳ ହୁଏ—4. Hasty.

**ଉତଳ**—ଦେ. ଵଣ—ଉତଲା ( ଦେଖ )
Utala Utalā ( See )

**ଉତସଲ**—ଦେ. ଵଣ. ( ସଂ. ଉତ୍ସଲ )—ଉନ୍ମତ୍ତ—
Utasala Maddened.

**ଉତା**—ପ୍ରାଦେ. (ବାଲେଶ୍ୱର) ବ—ଦିନର ଶେଷ—( ଯଥା—ଉପର ଉତା=
Utā ଉପରଓଳ )—The after-noon.

**ଉତାର**—ଦେ. ବି. ( ସଂ. ଉତ୍ତର )—
Utāra ୧ । ଉତ୍ତର—1. Reply.
ଉତାର ୨ । ପ୍ରତିକ୍ରିୟା, ପ୍ରତିକାର—2. Remedy.
उतार ୩ । କୃତ ଅନିଷ୍ଟର ପ୍ରତିଶୋଧ—
3. Remedy for wrong done.
(ଚଢ଼ା–ବିପରୀତ) ୪ । ଓହ୍ଲାଇବା; ତଳକୁ ଅଣିବା; ଅବତରଣ—
4. Bringing down.
୫ । ଉତ୍ତରଦିଗ—5. North quarter.
୬ । କ୍ରମନିମ୍ନ ସ୍ଥାନ; ଗଡ଼ାଣି—
6. Sloping; slope; gradual descent.

**ଉତାରଖାନା**—ଦେ. ବି. ( ସଂ. ଉତ୍ତରଣ )—ପାନ୍ଥଶାଳା; ଚଟିଘର—
Utārakhānā Rest house for way farers.
उतारखाना

**ଉତାରିବା**—ଦେ. କ୍ରି. ( ସଂ. ଉତ୍ + ତୃ ଧାତୁ = ଉତ୍ତରଣ )—
Utāribā ୧ । ଅବିକଳ ନକଲ କରିବ; କୌଣସି ପୁସ୍ତକରେ
ଉତାରା ଲେଖା ହୋଇଥିବା ବିଷୟକୁ ଅନ୍ୟ ପୁସ୍ତକରେ
उतारना; ଉଦ୍ଧାର କରିବା ବା ଲେଖିବା—1. To copy
उतरवाना down or writing from a book.
୨ । (ହାଣ୍ଡି) ଓହ୍ଲାଇବା; ତଳକୁ ଅଣିବା—
2. To set down; to lower (a cooking-pot)
୩ । (ଚମଡ଼ା ଆଦିକୁ ଦେହରୁ) କାଢ଼ିବା; ବାହାର କରିବା—
3. To flog; to bring out; to take off.
୪ । ଅବତୀର୍ଣ୍ଣ କରାଇବା—
4. To cause to get down.
( ଯଥା—ଭଗୀରଥ ଗଙ୍ଗାଙ୍କୁ ସ୍ୱର୍ଗରୁ ଉତାରି ଦେଲେ । )

| ୧ | ଇ | ଙ | ଋ,ଗ୍ | ଝ | ଶ | ହସନ୍ତ ବର୍ଣ୍ଣ | ଅର୍ଦ୍ଧନାସିକ ସ୍ବରାକ୍ଷର | ଖ | ଙ | ଞ,ସ | ଛ | ଘଧ୍ | ଝଁଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖଂ | ଯ | ସ | ଐଂ | ଇଅ | ଷ | ଲୃ |

୫। (ଢୋନ୍ଦ୍, ଚାମିଲ୍, ଅଳଙ୍କାର ଅବ) ଦେହରୁ କାଢ଼ିବା—
5. To take off.
ଏଡ଼ା ବସ୍ତ୍ର ପାଇଁ ବକ୍ରନାସା ସ୍ଥଳ
ଉତାରଣ କେଳା ଅଙ୍ଗସ୍ପୃଷ୍ଟ ଦୁଶା । ଗ୍ରାମ୍ୟ. ଜନଦେବୀଗ ।

**ଉତାଳ**—ଦେ. ବଣ. ( ସଂ. ଉତ୍ତାଳ )—
Utāla ୧। ଅଧୀର; ବ୍ୟସ୍ତ; ଅତ୍ୟୁଦ୍ବିଗ୍ନ—
উতলা 1. Over-anxious; agitated; distressed;
उतावला impatient.
୨। ଅସ୍ଥିର—2. Restless.
୩। (ନଦୀ) ତରଙ୍ଗାୟିତ; ପ୍ରବଳ ରୂପେ ବଢ଼ିଥିବା—
3. Over-flowing; flooded ( said of a river )
୪। ପ୍ରମତ୍ତ—4. Maddened.

**ଉତାଳିଆ**—ଦେ. ବଣ—ଉତାଳ ( ଦେଖ )
Utālia Utāla ( See )

**ଉତିଆଣୀ**—ଗ୍ରା. ବଣ. ( ସଂ. ଉତ୍ତାନଶାୟୀ )—ଦୁଗ୍ଧପୋଷ୍ୟ ( ଶିଶୁ )—
Utiāṇi Very young; sucking (infant)
কোলের ( ଯଥା—ଉତିଆଣୀ ପିଲା । )
गोदका

**ଉତିରିବା**—ପ୍ରାଦେ; (କୋରାପୁଟ) କି—ଉତୁରିବା ( ଦେଖ )
Utiribā Uturibā ( See )

**ଉତୁକଟ**—ଗ୍ରା, ପଦ୍ୟ. ବଣ. ( ସଂ. ଉତ୍କଟ )—ପ୍ରବଳ; ଉଗ୍ର; ପ୍ରଚଣ୍ଡ—
Utukaṭa Violent; furious.
ଘୋର ଗର୍ଜନି ଉତୁକଟ । ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

**ଉତୁକାଳିବା**—ଗ୍ରା. କି—ଉତ୍କାଳିବା ( ଦେଖ )
Utukāḷibā Utkāḷibā ( See )

**ଉତୁକ୍ରାନ୍ତ**—ଗ୍ରା. ବଣ—ଉତ୍କ୍ରାନ୍ତ ( ଦେଖ )
Utukrānta Utkrānta ( See )

**ଉତୁପାତ**—ଗ୍ରା. ବି. ( ସଂ. ଉତ୍ପାତ )—ଉତ୍ପାତ ( ଦେଖ )
Utupāta Utpāta ( See )

**ଉତୁପାତିଆ**—ଗ୍ରା. ବଣ ( ସଂ. ଉତ୍ପାତ )—ଉତ୍ପାତିଆ ( ଦେଖ )
Utupātiā Utpātiā ( See )

**ଉତୁପିଚ୍ଛ**—ଗ୍ରା. ବଣ ( ସଂ. ଉତ୍ପିଚ୍ଛ )—ଉତ୍ପିଚ୍ଛ ( ଦେଖ )
Utupichchha Utpichchha ( See )

**ଉତୁର୍‌ପୁତୁର୍ କରିବା**—ଦେ. କି—ଉତୁରୁପୁତୁରୁ କରିବା ( ଦେଖ )
Uturputur karibā Uturuputuru karibā (See)

**ଉତୁର୍‌ମୁତୁର୍ କରିବା**—ଦେ. କି—ଉତୁରୁପୁତୁରୁ କରିବା ( ଦେଖ )
Uturmutur karibā Uturuputuru karibā (See)

**ଉତୁରା**—ଦେ. ବଣ. ( ସଂ. ଉତ୍ତରଣ )—
Uturā ୧। ତରଳ ଦ୍ରବ୍ୟାଦିର ଅଗ୍ନି ଉତ୍ତାପରେ ସ୍ଫୀତ—
1. Swelling of liquids over fire.
୨। (ଦୁଧ ଅବ) ଅଗ୍ନି ତାପରେ ସ୍ଫୀତ ହୋଇ ମୁହଁରୁ ଝପି ହୋଇ ପଡ଼ିବା—2. Boiling over of milk etc.

ଦେ. ବଣ—୧। ଅଗ୍ନି ଉତ୍ତାପରେ ସ୍ଫୀତ—
1. Swollen by heat.
୨। ଅଗ୍ନି ଉତ୍ତାପରେ ହାଣ୍ଡି ଧାର ଝପି ଉତୁରି ପଡ଼ିଥିବା—
2. Over-flowing the edge of a pot.
୩। ନକଲ କରାଯାଇଥିବା—3. Copied.
୪। ଅବତରଣ କରିଥିବା; ଓହ୍ଲାଇଥିବା—
4. Alighted; descended
୫। ଥୟାରରୁ କଢ଼ା ଯାଇଥିବା—
5 Having been put off.
ଗ୍ରା. ବଣ ୧। ଉତ୍ତର ଦିଗ ସମ୍ବନ୍ଧୀୟ—1. Northern.
୨। ଉତ୍ତର ଦିଗରୁ ବହୁଥିବା—
2. Blowin from the north.
୩। ଗର୍ବସ୍ଫୀତ ( ଗାଳରେ ବ୍ୟବହୃତ )—
3. Puffed up with pride.
୪। ଅତ୍ୟାଚାରୀ—4. Oppressive.

**ଉତୁରାଇବା**—ଦେ. କି—୧। ଉତୁରିବାର ଣିଜନ୍ତ ରୂପ—
Uturāibā 1 The causative form of 'Uturibā'
उतारना
୨। ଉତାରିବାର ଣିଜନ୍ତ ରୂପ—
2. The causative form of 'Utāribā'

**ଉତୁରଣ**—ଦେ. ବି. ( ସଂ. ଉତ୍ତରୀୟ )—ଉତୁରି ( ଦେଖ )
Uturāṇa Uturi ( See )
ପିନ୍ଧିଲା ବସନ ଅଙ୍ଗେ ଉତୁରଣ ପଡ଼ । ପ୍ରାଚୀ—ବୃନ୍ଦାବନଭୂଷଣଗୀତା ।

**ଉତୁରାଳି**—ଗ୍ରା. ବଣ. ( ଭୁଲ—ଚଇତିଅଁଳ )—ଉତ୍ତର ଦିଗ ସମ୍ବନ୍ଧୀୟ—
Uturāḷi Northern.
उत्तराली ଗ୍ରା. ବି—ଉତ୍ତର ପବନ—North wind.

**ଉତୁରି**—ଦେ. ବି. ( ସଂ. ଉତ୍ତରୀୟ )—
Uturi ୧। ଉତ୍ତରୀୟ; ଚଦର; ପାଛୁଡ଼ା; ଦେହର ଉପର ଅଂଶରେ ( ଅଣ୍ଟା ଉପରକୁ ) ପିନ୍ଧା ଯିବା ଚଦର—
1. Sheet for the upper part of the
উত্রী body; scarf.
उतरन ୨। ମାଳାକାରରେ ପକାଇବା ପାଇଁ ହରିନାମାବଳି ଲେଖାଥିବା ବସ୍ତ୍ର ଖଣ୍ଡ—2. A piece of cloth with names of Diety written on it, worn on the shoulder.
୩। ମୃତପିତୃକ ବ୍ରାହ୍ମଣମାନଙ୍କର କାନ୍ଧରେ ପଡ଼ିଥିବା ନଅ-ଖିଅ ପଇତାରୁ ଛଅ ଖିଅ ଉପବୀତ ଓ ତିନି ଖିଅ ଉତୁରି; (ଯଜ୍ଞାଦି କାର୍ଯ୍ୟରେ ଉପବୀତରୂପେ ପରିକଳ୍ପିତ ହେବା ନିମନ୍ତେ ଏହା ବିନା ମନ୍ତ୍ରରେ ଧାରଣ ହୋଇଥାଏ,—
3. Three strings in addition to 6 strings worn by a Brāhamaṇa whose father is dead.

ସାଧାରଣ ଦେବେ ଶବ୍ଦର ପ୍ରଥମରେ ଥିବା ୧ ଚିହ୍ନିତ ଅକ୍ଷର ଓ ଅକ୍ଷର ୨ ଚିହ୍ନିତ ଅକ୍ଷର ଓ ଅକ୍ଷର ସ୍ଥାନରେ ବ୍ୟବହୃତ ହୋଇଥାଏ । ଅତଏବ ୧ ବା ୨ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ପୁସ୍ତକରେ ନ ମିଳେ, ସେବେ ସେହି ଶବ୍ଦ ଅନ୍ୟ ଅକ୍ଷରରେ ଖୋଜିବା ଉଚିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର୍' ଖୋଜନ୍ତୁ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; ଦଧି ନ ପାଇଲେ 'ଦହି' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲଟେ' ନ ପାଇଲେ 'ଅଲଟେ' ଦେଖିବେ ।

**ଉତୁରଅସିବା**—ଦେ. କ୍ରି.—ଉଦ୍ଧାର ପାଇବା; ରକ୍ଷିା ପାଇବା—
Uturiāsibā 1. To escape; to be saved (from).
ନେଉଛନ୍ତି ହର ପାତାଳ ଦେଶ ଯାଉ ଯୋଉ କଟିଲେ ଉତୁରି ସେ ।
ଭକ୍ତ. ବୈଦେହୀଶବିଳାସ ।
୨ । ଅଗ୍ନି ଉତ୍ତାପରେ ତରଳ ପଦାର୍ଥ ଫୀତ ହୋଇ ଉଠିବା—
2. To bubble up and swell.

**ଉତୁରିବା**—ଦେ. କ୍ରି. (ସଂ. ଉତ୍ତରଣ)—୧ । ଉପସ୍ଥିତ ହେବା—
Uturibā 1. To arrive.
উতরা;. বলকেপড়া
उतरना; उबलना
୨ । ଅବତରଣ କରିବା; ଓହ୍ଲାଇବା—
2. To alight; to come down.
ଏବେ ହେଲ ରଙ୍କି ଅଶ୍ୱ ଉପର
ଉତୁରି ଲେଉ ପଛାଡ଼ରେ ବାର । ପ୍ରବାଦ—ପଦାବଳୀ ।
୩ । ଦୁଗ୍ଧାଦି ଅଗ୍ନିର ଉତ୍ତାପରେ ଫୀତ ହେବା—
3. To swell on application of heat (said of liquids); to boil to overflowing.
ଉତୁରଇ ଛଡ଼ାଗ୍ନିରୁ ଗୋକ୍ଷୀର; ଉତୁରି ପଡ଼ି ଅଛି ଦେଖ ଦାମୋଦର ।
ଦୁଃଖଚିନ୍ତ. ନନ୍ଦ.ଘର.ଗଳି ।
୪ । (ବିପଦରୁ) ଉଦ୍ଧାର ପାଇବା; ଉଦ୍ଧାର ହେବା—
4. To pass (something dangerous or critical) without mishap.
ଦଶେଇଲେ ଶରସ ସେ ଜନ କି ଉତୁରି ସୁଗ୍ରୀବ ଗ୍ରୀବ ମୋଡ଼ ମାରି ।
ଭକ୍ତ. ବୈଦେହୀଶବିଳାସ ।
୫ । (ନଦୀ) ଉତ୍ତୀର୍ଣ୍ଣ ହେବା; ଲଙ୍ଘିବା; ପାର ହୋଇ ଅନ୍ୟ ପାର୍ଶ୍ୱକୁ ଯିବା—5. To cross (a river)
୬ । ବଳବତ୍ତର ହେବା; ଗହୀର ହେବା; ଉତ୍କର୍ଷ ହେବା—
6 To become too oppressive.
୭ । (କାର୍ଯ୍ୟଗତ) ପୂର୍ଣ୍ଣତା ଲାଭ କରିବା; ସମ୍ପୂର୍ଣ୍ଣ ହେବା; କଷଲ ହେବା; ଫଳରେ ଦେଖାଯିବା—7. To turn out, to prove to be accomplished.
୮ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା—
8. To pass an examination.
ଗୁରୁ ଶିଷ୍ୟଙ୍କୁ କହନ୍ତି ମନରେ
କହି ଉତୁରିଲେ ବାନ୍ଧ ସେଠାରେ । ପ୍ରାଚୀ—ଭାଗବତଗୀତା ।
୯ । ଉତ୍ତର ହେବା—9 To answer; to reply.
ନୃପସୁତା ଉଚ୍ଚସେ ଉତୁରିଲେ ଯୁଗଳେ
ମଗଇଁ ଯେଉଁ ନବ ବସୁଶ୍ରୀ କଳରେ । ଭକ୍ତ. ସୁବର୍ଣ୍ଣରେଖା ।

**ଉତୁରୁଡ଼ି**—ଦେ. ବି.—ଅର୍କାଦି ବର୍ଗର ବନ୍ୟ ଲତା—
Uturuḍi (ପ୍ରତ୍ୟେକ ଫୁଲରେ ଛେଳ ତର (ସ. ମେଷଶୃଙ୍ଗୀ, ସର୍ପଦଂଷ୍ଟ୍ରିକା; ଭଳ ଏକ ଯୋଡ଼ା ଫଳ ଥାଏ । ଛଡ଼ୁଆ; ଉତୁଡ଼ୁଆ; ଅବତ୍ତିକା. ଫଳ ଦୁର୍ଗନ୍ଧ ଓ ଲୋମଶ ଏବଂ ছাগলবাটী মেড়াশিংগে ଫୁଲ ଅପାଙ୍ଗ । ଏଥିର ସନ୍ଧା
ମେଢ଼ାସିଂଗୀ ଭାଙ୍ଗି ଦେବା ମାତ୍ରକେ ଗୁଡ଼ ଅତି ବେଶି
ଦେ. ତୁଣ୍ଡୁମ୍ ଉତୁରୁଡ଼ିରେ ଗୁଡ଼, ଦ୍ରୋଣ ଯାଏ; ଫଳ ଦୁଃଖ ଭାଙ୍ଗି ଦେଲେ ଯାକିଲେ ଗୁଡ଼ ଥାଏ ସେହି
ଗଞ୍ଜାମ. ଉତୁରୁଡ଼ି ଲତ୍ତ ଭାଙ୍ଗି ଦାହାର ଅସିବା ଶୁଣି ଯାଏ)—
A wild creeper (having fruit like a doubled nipple of the goat,) Daemin Extensa.

**ଉତୁରୁପୁତୁରୁ କରିବା**—ଗ୍ରା. କ୍ରି.—ନାନା ପ୍ରକାରେ ବହଣ୍ଡଣ କରିବା;
Uturuputuru karibā ଅଥୟ କରିବା—To create troubles by many sorts of nuisances.
(ଯଥା—ପାଞ୍ଚଟା ଏ ଝିଅବି ନେଇ ଉତୁରୁପୁତୁରୁ କରୁଛି)

**ଉତୁରୁଳି**—ଦେ. ବି.—ଉତୁରୁଡ଼ି (ଦେଖ)
Uturuli Uturuḍi (See)

**ଉତୁରେଇବା**—ଦେ. କ୍ରି.—ଉତୁରାଇବା (ଦେଖ)
Utureibā Uturāibā (See)

**ଉତୁସଳ**—ଗ୍ରା. ବିଣ. (ସଂ. ଉତ୍ସୁକ)—ଉତ୍ଫୁଲ୍ଲ; ହର୍ଷାନ୍ୱିତ; ଆମୋଦିତ; ଆହ୍ଲାଦିତ— Delighted; joyous;
Utusala dancing with joy.

**ଉତୁସି**—ପ୍ରାଦେ. (ଗଞ୍ଜାମ) ବି.—(ସଂ. ଅତିବିଷା)—
Utusi ଅତିବିଷା (ଦେଖ)
Atibishā (See)

**ଉତ୍କ**—ସଂ. ବିଣ. ପୁଂ (ଉତ୍+କ)—୧ । ଉତ୍କଣ୍ଠିତ; ଉତ୍ସୁକ; ଉଦ୍‌ବିଗ୍ନ—
Utka 1. Anxious; uneasy.
(ଉତ୍କା—ସ୍ତ୍ରୀ) ୨ । ଅଧୀର—2 Impatient.
୩ । ଅସ୍ଥିର—3. Restless.

**ଉତ୍କଟ**—ସଂ. ବିଣ. (ଉତ୍=ଅଧିକ+କଟ)—୧ । ଅତିରିକ୍ତ; ଅତ୍ୟଧିକ
Utkaṭa 1. Excessive; abnormal.
(ଉତ୍କଟା—ସ୍ତ୍ରୀ) ୨ । ତୀବ୍ର; ଅତି ପ୍ରବଳ—
2. Too strong; bitter.
୩ । (ରୋଗ) ବିଷମ; ଅସାଧ୍ୟ—
3. Difficult; incurable
୪ । ଉଗ୍ରାକୃତ—4. Fierce; furious; violent.
୫ । ଉନ୍ମତ୍ତ—5. Mad.
୬ । ମତ୍ତ; ଦର୍ପିତ—6. Proud; maddened with pride.
ସଂ. ବି. ପୁଂ.—୧ । ମତ୍ତହସ୍ତୀ—1. Mad elephant.
୨ । ଡାଲଚିନି—2. Cinnamon.
୩ । ଗର୍ବ—3. Pride.
ଉତ୍କଳ ସଙ୍ଗାତ୍ତ ଉତ୍କଟ ହୁଏ ଯେ । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୪ । ଶର—4. Arrow.
୫ । ରକ୍ତେକ୍ଷୁ—5. Red sugar-cane.

| ୧ | ଋ | ଌ | ର୍,ଋ | ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଢ | ଶ,ଷ | କ୍ଷ | ଓସ୍ଥ | ଉଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଌ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଉଅ | ● | ନ୍ତ |

ଉତ୍କଟକୋଟିକ—ସଂ. ବଣ. (ବହୁବ୍ରୀହି; ଉତ୍କଟ+କୋଟ+କ)—
Utkatakotika ୧ । ଉଭୟ ସମସ୍ୟାର ଉତ୍କଟ ମୀମାଂସା ମଧ୍ୟରେ
(ଉତ୍କଟକୋଟିକା—ସ୍ତ୍ରୀ) ପଡ଼ିଥିବା—1. Landing between the two horns of a dilemma.
୨ । ଯେଉଁ ସ୍ଥାନରୁ ସହଜରେ ସ୍ଥାନଚ୍ୟୁତ କରି ଯାଇ ନ ପାରେ ସେପରି ସ୍ଥଳରେ ଛିଡ଼ା ହୋଇଥିବା—
2 Sticking to a point from which one can not be easily dislodged

ଉତ୍କଣ୍ଠ—ସଂ. ବଣ. ପୁଂ (ବହୁବ୍ରୀହି; ଉତ୍=ଉନ୍ନତ+କଣ୍ଠ=ବେକ)—
Utkaṇṭha ଉଦ୍‌ଗ୍ରୀବ; ବେକ ଟେକିଥିବା—With upturned neck or face; with neck held up; having the neck stretched out.
(ଉତ୍କଣ୍ଠା—ସ୍ତ୍ରୀ)
ସଂ.ବି.— ଶୃଙ୍ଗାର—ବନ୍ଧବିଶେଷ—A posture in copulation.

ନାରୀ ପାଦୌ ଚ ହସ୍ତେନ ଧାରୟେତ୍ ଗଳକେ ପୁନଃ
ସ୍ତନାର୍ପିତକରଃ କାମୀ ବନ୍ଧଶ୍ଚୋତ୍କଣ୍ଠ ସଂଜ୍ଞକଃ —କାମଶାସ୍ତ୍ର ।

ଉତ୍କଣ୍ଠା—ସଂ. ବଣ. ସ୍ତ୍ରୀ—ଉତ୍କଣ୍ଠର ସ୍ତ୍ରୀଲିଙ୍ଗ—
Utkaṇṭha Feminine of 'Utkaṇṭha.'
ସଂ. ବି. ( ଉତ୍+କଣ୍ଠ ଧାତୁ=ଚିନ୍ତା କରିବା+ଭାବ. ଅ+ସ୍ତ୍ରୀ. ଆ )—
୧ । ଉଦ୍‌ବେଗ—1. Uneasiness; anxiety.
୨ । ଚିନ୍ତା—2. Care.
୩ । ମନୋବେଦନା—3. Vexation; grief
୪ । ଔତ୍ସୁକ୍ୟ—4. Eagerness; longing; yearning; zeal.
୫ । ଇଷ୍ଟପ୍ରାପ୍ତି ନିମନ୍ତେ କାଳ ବିଳମ୍ବ ହେଉଥିବାରୁ ଅସହିଷ୍ଣୁତା—5. Impatience to get the wished for object.
୬ । ପ୍ରେମିକ ବା ପ୍ରେମିକା ପାଇଁ ଉଦ୍‌ବେଗ—
6. Love-sick; yearning

ଉତ୍କଣ୍ଠିତ—ସଂ. ବଣ. ପୁଂ. (ଉତ୍କଣ୍ଠା+ଜାତାର୍ଥେ. ଇତ)—
Utkaṇṭhita ୧ । ଉତ୍କଣ୍ଠାଯୁକ୍ତ; ଉତ୍ସୁକ; ଉଦ୍‌ବିଗ୍ନ—
(ଉତ୍କଣ୍ଠିତା—ସ୍ତ୍ରୀ) 1. Anxious; eager
୨ । ବ୍ୟଥିତ; ଦୁଃଖିତ—2. Sorry; grieved

ଉତ୍କଣ୍ଠିତା—ସଂ. ବଣ. ସ୍ତ୍ରୀ—୧ । ଉତ୍କଣ୍ଠିତର ସ୍ତ୍ରୀ ଲିଙ୍ଗ—
Utkaṇṭhitā 1. Feminine of Utkaṇṭhita
୨ । କାମଶାସ୍ତ୍ରୋକ୍ତ ନାୟିକାବିଶେଷ; ବିରହ ବ୍ୟଥିତା (ପ୍ରେମିକାକୁ ନ ପାଇ ଉତ୍କଣ୍ଠିତା)—
2. (a woman) Love-silk and yearning after the absent-lover.

[ଦ୍ର—ବିପ୍ରଲବ୍ଧା (ଦେଖ)]

ଉତ୍କଣ୍ଠୀ—ଗ୍ରା. ବଣ—ଉତ୍କଣ୍ଠିତା (ଦେଖ)
Utkaṇṭhī Utkaṇṭhitā (See)

ଉତ୍କନ୍ଧର—ସଂ. ବଣ. ପୁଂ. (ବହୁବ୍ରୀହି, ଉତ୍=ଊର୍ଦ୍ଧ୍ୱ+କନ୍ଧର=ବେକ)—ଉଦ୍‌ଗ୍ରୀବ—With the neck held up or stretched out in anxiety.
Utkandhara
(ଉତ୍କନ୍ଧରା—ସ୍ତ୍ରୀ)

ଉତ୍କର—ସଂ. ବି. ( ଉତ୍=ଊର୍ଦ୍ଧ୍ୱ+କୃ=କରିବା+କର୍ମ. ଅ )—
Utkara ୧ । ରାଶି; ସମୂହ; ପୁଞ୍ଜ; ଗଦା; କୂଢ଼—
1. Heap; pile; stock.
୨ । ( ଉତ୍+କୃ ଧାତୁ=ବିକ୍ଷେପ କରିବା+ଭାବ. ଅ )—ଶସ୍ୟାଦିରୁ କୁଟାଦ୍ୱାରା ଅଳାଡ଼ ପାଛୁଡ଼ିବା କ୍ରିୟା; ପ୍ରକ୍ଷେପ; ବିକ୍ଷେପ—2. Separation of chaff from grain by winnowing.
୩ । ପ୍ରସାରଣ—3. Spreading.

ଉତ୍କରଷ—ଗ୍ରା. ପଦ୍ୟ. ବି. ( ସଂ. ଉତ୍କର୍ଷ )—ଉତ୍କର୍ଷ ( ଦେଖ )
Utkarasha Utkarsha ( See )

ଉତ୍କରଷ ତର ନ ତ ହେଲେ ହେଲେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଉତ୍କର୍ତ୍ତନ—ସଂ. ବି. ( ଉତ୍=ଊର୍ଦ୍ଧ୍ୱ+କୃତ୍ ଧାତୁ=ଛେଦନ କରିବା+ଭାବ ଅନ )—ଖଣ୍ଡ ଖଣ୍ଡ କରି କାଟିବା—
Utkarttana Cutting into pieces.

ଉତ୍କର୍ଷ—ସଂ. ବି. (ଉତ୍=ଅଧିକ+କୃଷ ଧାତୁ=ଟାଣି କରିବା+ଭାବ. ଅ)—
Utkarsha ୧ । ଶ୍ରେଷ୍ଠତା—1. Excellence; eminence
୨ । ବୃଦ୍ଧି; ଉନ୍ନତି—
2. Improvement; increase.
୩ । ଆଧିକ୍ୟ—3. Abundance.
୪ । ଉଚ୍ଚତା—4. Elevation.
ସଂ. ବଣ. ( +କର୍ତ୍ତୃ. ଅ )—୧ । ଶ୍ରେଷ୍ଠ; ଉତ୍କୃଷ୍ଟ—
1. Excellent.
୨ । ଉନ୍ନତ—2. Improved; elevated.
୩ । ଅଧିକ—3. Abundant.

ଉତ୍କର୍ଷଣ—ସଂ. ବି. ( ଉତ୍+କୃଷ ଧାତୁ+ଭାବ. ଅନ )—
Utkarshaṇa ୧ । ଟାଣିନେବା—1. Drawing away.
୨ । ଅପସାରଣ—2. Driving away.

ଉତ୍କଳ—ସଂ. ବି. ( ଉତ୍=ଉତ୍କୃଷ୍ଟ+କଳ=କଳନା କରିବା; ଶବ୍ଦ କରିବା; ପ୍ରେରଣ କରିବା; ଗଣନ କରିବା; ଗମନ କରିବା+ଅ ବା ଉତ୍+କଳା+ଅ )—
Utkaḻa
୧ । ଓଡ଼ିଶା—Ordisa.

ସାଧାରଣ ଲୋକେ ଏହିର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ସେହିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଖୋଜିବେ; 'ବଧୂଁ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅଁଳ' ନ ପାଇଲେ 'ଅଞ୍ଜ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

[ ଦ୍ର— ବର୍ତ୍ତମାନ ସ୍ୱତନ୍ତ୍ରୀକୃତ ଉତ୍କଳ ସହିତ ବଙ୍ଗ, ବିହାର, ମାନ୍ଦ୍ରାଜ,ମଧ୍ୟପ୍ରଦେଶାଦିର ଅନ୍ତର୍ଭୁକ୍ତ ସମସ୍ତ ଉତ୍କଳଭାଷୀ ଅଞ୍ଚଳ— ମନୁଙ୍କ ନାତି ଅର୍ଥାତ୍ ସୁଦ୍ୟୁମ୍ନଙ୍କ ପୁତ୍ର 'ଉତ୍କଳ' ନାମରେ ଜଣେକ ରାଜା ଥିଲେ । ସେ ଯେଉଁ ଭୂଖଣ୍ଡ ଉପରେ ରାଜତ୍ୱ କରୁଥିଲେ, ସେହି ଭୂଖଣ୍ଡର ନାମ ଉତ୍କଳ ।

(ହରିବଂଶ — ପ୍ରା: ଉତ୍କଳ) ।

ଖ୍ରୀ. ପୂ. ୬ଷ୍ଠ ଶତାବ୍ଦୀର ବହୁକାଳ ପୂର୍ବେ ଉତ୍କଳ ବା ଓଡ୍ରଦେଶ ବିଦ୍ୟମାନ ଥିଲା । ମନୁସଂହିତାରେ ଉତ୍କଳୀୟ କରଣ ଜାତିର ନାମୋଲ୍ଲେଖ ଅଛି । (ଜଗବନ୍ଧୁ: ପ୍ରାଚୀନ ଉତ୍କଳ ପୃ ୧୦ ।)

କେହି କେହି ପୁରାତତ୍ତ୍ୱବିତ୍ କହନ୍ତି ଉତ୍କଳ ଓ ଓଡ୍ର ଏକ ଜାତି । କେହି କେହି କହନ୍ତି, ଏ ଦୁଇଟି ପୃଥକ ଜାତି । ତାମିଲ୍ ଭାଷାରେ ତାଙ୍କୁ 'ଓକ୍କଲ' କହନ୍ତି ଏବଂ କାନେଡ଼ ଭାଷାରେ ତାଙ୍କୁ 'ଓଡ଼ରୁ' କହନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ତାମ୍ର-ଲିପି ମାନଙ୍କରୁ ଦେଖାଯାଏ ଯେ ପ୍ରାଚୀନ କାଳରେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଓଡ଼ରୁ ନାମକ ଗୋଟିଏ ଜାତି ବାସ କରୁଥିଲେ । ହରିବଂଶର ଦଶମ ଅଧ୍ୟାୟରେ ଇଳା ଅଂଶରୁ ଗୟ ଓ ଉତ୍କଳ ବୋଲି ଦୁଇଟି ପୁତ୍ର ଜନ୍ମି ଦୁଇଟି ଭିନ୍ନ ଅଞ୍ଚଳରେ ରାଜା ହୋଇଥିବା ବର୍ଣ୍ଣିତ ଅଛି । ଅନୁମିତ ହୁଏ, ଗୟା ଓ ଉତ୍କଳ ପ୍ରଦେଶ ଲାଗିକରି ରହିଥିଲା । 'ଉତ୍କଳ ଓ 'ଓଡ୍ର' ଦୁଇଟି ପୃଥକ୍ ଜାତି ନୁହନ୍ତି ବୋଲି ବିଶ୍ୱାସ କରିବାର ଯଥେଷ୍ଟ ପ୍ରମାଣ ଅଛି । କାଳିଦାସଙ୍କ ରଘୁବଂଶରୁ ଜଣାଯାଏ ଯେ ଉତ୍କଳପ୍ରଦେଶ ମେଦିନୀପୁରର କଂସାଇ ନଦୀ ପର୍ଯ୍ୟନ୍ତ ବ୍ୟାପିଥିଲା । ଓଡ଼ରୁ ବା ଓଡ୍ରେଶ ଜାତିର ନାମାନୁସାରେ ଏହି ଉତ୍କଳପ୍ରଦେଶ ବହୁ ପ୍ରାଚୀନକାଳରୁ ଓଡ଼ିଶା ବା ଓଡ୍ରଶା ନାମରେ ଅଭିହିତ ହୋଇଥିବା ଭିନ୍ନ ଭିନ୍ନ ଇତିହାସରୁ ପ୍ରମାଣ ମିଳୁଅଛି । ଅଧୁନିକ ଓଡ୍ରଦେଶ ଜାତି ପ୍ରାଚୀନ ଓଡ୍ରେଶ ଜାତିରୂପେ ନିଃସନ୍ଦେହରେ ଚିହ୍ନିତ କରାଯାଇପାରନ୍ତି । ବର୍ତ୍ତମାନ ବଙ୍ଗ, ବିହାର ପ୍ରଦେଶସ୍ଥ ଓଡ଼ିଶା ଓ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶ ମାନଙ୍କ ଅନ୍ତର୍ଭୁକ୍ତ ଉତ୍କଳଭାଷୀ ଅଞ୍ଚଳମାନଙ୍କୁ 'ଉତ୍କଳ' ବୋଲି ଯାଇପାରେ ।— ( ବିନାୟକ ମିଶ୍ର 'ଓଡ଼ିଆ ଭାଷାର ଇତିହାସ ।' )

ବୌଦ୍ଧଧର୍ମର ଅଭ୍ୟୁଦୟକାଳରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳପ୍ରଦେଶ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇ ରହିଥିଲା । ତିବ୍ବତୀୟମାନେ ବୌଦ୍ଧଧର୍ମର ଅଭ୍ୟୁଦୟକାଳରେ ଉତ୍କଳୀୟମାନଙ୍କ ସମ୍ପର୍କରେ ଆସିଥିବାର ପ୍ରମାଣ ମିଳେ । ତିବ୍ବତର ଇତିହାସରେ ବହୁତ ପ୍ରାଚୀନ ଉତ୍କଳର ବିବରଣ ଲିପିବଦ୍ଧ ଅଛି । ଧର୍ମତତ୍ତ୍ୱ ଜାଣିବାପାଇଁ ଉତ୍କଳର ଅନେକ ଗ୍ରନ୍ଥ ତିବ୍ବତୀୟ ଭାଷାରେ ଅନୁବାଦିତ ହୋଇଅଛି ।( ବିନାୟକ ମିଶ୍ର—ଦୈ: ଆଶା ୨୮-୪-୨୯ । ) ].

୨ । ଓଡ଼ିଆଭାଷୀ ଦେଶ—
2. Ordiā speaking tracts.

୩ । ଓଡ଼ିଆ ଭାଷା—3. The Ordiā language.

୪ । ସୁଦ୍ୟୁମ୍ନ ( ଧ୍ରୁବଙ୍କ ଔରସରେ; ଧ୍ରୁବଙ୍କର ଦ୍ୱିତୀୟା ସ୍ତ୍ରୀ ଇଳା ଗର୍ଭଜାତ ସନ୍ତାନ )—4. Name of son of Ilā; the 2nd wife of Dhruba.

ଉତ୍କଳ ନାମ ସେ ସୁନ୍ଦର
ଜନ୍ମାଏ ଅତି ମନୋହର । ଜଗନ୍ନାଥ, ଧ୍ରୁବଚ. ୪ ।

୫ । (ଉତ୍କ + କଳ ଧାତୁ=ବହନ କରିବା + କର୍ତ୍ତୃ. ଅ)— ଭାରବାହକ ବା ବେହେରା ( ବଂ. ଶବ୍ଦକୋଷ )—
5. A carrier.

୬ । ବ୍ୟାଧ—6. A hunter.

ସଂ. ବିଣ— ୧ । ଉତ୍କଣ୍ଠିତ—1. Anxious.
ଶୁଣିଲି ଉତ୍କଳ ଭ୍ରମା କରିହେ ହେଲେ । ଉତ୍ତ. ଦେବସୁଧାନିଧି ।

୨ । ବଡ଼ପାଟିଆ; ପାଟି କରୁଥିବା—
2. Noisy; vociferous.

ଉତ୍କଳଭାଷୀ— ଦେ. ବିଣ – ୧ । ଯେଉଁମାନେ ଓଡ଼ିଆ ଭାଷାରେ କଥା
Utkalabhāshi କହନ୍ତି—1. (people) Spkaking the Ordiā-language.

୨ । ଯେଉଁମାନଙ୍କର ମାତୃଭାଷା ଓଡ଼ିଆ—
2 Whose mother tongue is Ordiā.

ଉତ୍କଳଭାଷୀ ଅଞ୍ଚଳ— ଦେ. ବି— ଯେଉଁ ଅଞ୍ଚଳରେ ବିଶୁଦ୍ଧ ଓଡ଼ିଆ ବା
Utkalabhāshi añchala ଉତ୍କଳଭାଷୀ ଲୋକେ ବାସ କରନ୍ତି—Those provinces inhabited by genuine Ordiās.

[ ଦ୍ର—ଏଥିର ସୀମା ପୂର୍ବରେ ବଙ୍ଗୋପସାଗର;ସେଠାରୁ ଉତ୍ତର ପୂର୍ବ ମେଦିନୀପୁରର ତମଲୁକ ନିକଟସ୍ଥ ହଳଦୀ ନଦୀ ( ଅର୍ଥାତ୍ ମେଦିନୀପୁର କାନ୍ଥି ସବ୍‌ଡିଭିଜନର ଉତ୍ତର ସୀମା) ଓ କାଂସାଇ ନଦୀଦେଇ ଉତ୍କଳଭାଷୀ ଅଞ୍ଚଳର ସୀମାରେଖା ବାଙ୍କୁଡ଼ା ପର୍ଯ୍ୟନ୍ତ ଯାଇଅଛି । ତାହା ପରେ ସିଂହଭୂମ ଜିଲ୍ଲାର ପୂର୍ବସୀମା ଦେଇ ସରେଇକଲା-ଖରସୁଆଁ ଅଧିତ୍ୟକା ପର୍ଯ୍ୟନ୍ତ, ଯଶପୁର ଷ୍ଟେଟ ମଧ୍ୟଦେଇ ରାୟଗଡ଼ ଓ ସାରଙ୍ଗଗଡ଼ ଷ୍ଟେଟ୍, ସମ୍ବଲପୁର, ରାଏପୁର ଜିଲ୍ଲା କାଟି ଦକ୍ଷିଣରୁ ବିଶାଖାପାଟଣାର ଜୟପୁର, ଚଡ଼ଜାତ ଓ ବସ୍ତର ରାଜ୍ୟର ସୀମା କାଟି ବିଶାଖପାଟଣା-ଗଞ୍ଜାମ ମଧ୍ୟଦେଇ ଗଞ୍ଜାମର ବଡ଼ୁଆ ନଦୀଠାରେ ମିଶିଅଛି । ].

ଉତ୍କଳମଣି— ଦେ. ବି— ବଙ୍ଗଳାର ଶ୍ରୀଯୁକ୍ତ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କ ପ୍ରଦତ୍ତ
Utkalamani ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଉପାଧି (ସ୍ୱଦେଶହିତୈଷୀ ପଣ୍ଡିତ ଗୋପବନ୍ଧୁ ଏହି ନାମରେ ପରିଚିତ ହୋଇଥିଲେ)—The title given to the late Pandit Gopabandhu Das by Sir P. C. Rai.

ଉତ୍କଳିକା— ସଂ. ବି (ଉତ୍—ଊର୍ଦ୍ଧ୍ୱ+କଳ ଧାତୁ=ଗମନକରିବା+ କର୍ତ୍ତୃ.
Utkalikā ଅକ+ସ୍ତ୍ରୀ. ଲିଙ୍ଗରେ ଆ)—

୧ । ତରଙ୍ଗ; ଲହରୀ—1. Wave.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଶ | ଙ୍କ | ଇୟ | ଉଥ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶଂ | ଯ | ସ | ଗଁ | ଇଅ. | ଓ | ନ୍ତ |

୨ । ଫୁଲର କଢ଼—2. Bud.

୩ । ( + ଭାବ. ଅକ + ସ୍ତ୍ରୀ ଆ. ) ଉଦ୍‌ବେଗ — 3. Anxiety.

ଉତ୍କଳିକାଅକୁଳ ନାଦ୍ୟ ଭୂତସ୍ୟ
ସେଯଲ ମାର୍ଗ କାମ ବଧ ନିର୍ବ୍ୟ—ଜଗନ୍ନାଥ, ମେଘଦୂତ ।

ସଂ. ବିଣ. ସ୍ତ୍ରୀ – ସଂଜାତକୋରକ; ଯେଉଁ ଗଛରେ କଢ଼ ଧରିଥାଏ—(tree) Growing buds.

ଉତ୍କଳିକାକୁଳ – ସଂ. ବିଣ (ତୃତୀୟା ତତ୍; ଉତ୍କଳିକା=ଉତ୍କଣ୍ଠା + ଆକୁଳ)-
Utka̱likāku̱la ଉତ୍କଣ୍ଠିତ—Anxious; very uneasy.

ଉତ୍କଳିକାକୁଳିତ—( ତୃତୀୟା ତତ୍; ଉତ୍କଳିକା + ଆକୁଳିତ)—
Utka̱likāku̱lita ଉତ୍କଳିକାକୁଳ (ଦେଖ) Utka̱likāku̱la (See)

ଉତ୍କଳିକାପ୍ରାୟ—ସଂ. ବିଣ—ଦୀର୍ଘ ସମାସଯୁକ୍ତ ( ଗଦ୍ୟ ରଚନା )—
Utka̱likāprāya ( ବୃତ୍ତମଣି. ଅଳଙ୍କାରତରଙ୍ଗିଣୀ) —(Prose composition) With long compound words.

ଉତ୍କଳିଙ୍ଗ—ସଂ. ବି (ନା.ମ)— ଉତ୍ତର କଳିଙ୍ଗ (ଦେଖ)
Utka̱linga Uttaraka̱linga (See)

ଉତ୍କଳିତ – ସଂ. ବିଣ (ଉତ୍+କଲ ଧାତୁ=ଚଳନ କରିବା+କର୍ତ୍ତୃ. ତ)—
Utka̱lita ୧ । ଉତ୍କଣ୍ଠିତ — 1 Anxious.

୨ । ଇତସ୍ତତଃ ଚାଳିତ; ବିକମ୍ପିତ — 2. Wavering.

୩ । ତରଙ୍ଗିତ — 3. Billowy

୪ । ବୁଦ୍ଧିମାନ୍—4. Intelligent

ଉତ୍କଳୀ—ସଂ. ବିଣ (ଉତ୍କଳ + ଇନ୍)—
Utka̱lī ୧ । ଉତ୍କଳ ଦେଶବାସୀ; ଓଡ଼ିଆ—1. Oṟḏiā.

୨ । ଉତ୍କଳଭାଷୀ – 2. Oṟḏiā speaking.

୩ । ଉତ୍କଳଦେଶୀୟ—3. Belonging to Oṟḏisā; pertaining to Oṟḏisā.

ତପଲା ତମକେ ଚମକ ଉତ୍କଳୀ ନଣ୍ଡା ନେପାଳ କହାଉ—ଜଗନ୍ନାଥ. ମହାଯାତ୍ରା ।

ଉତ୍କଳୀୟ— ଉତ୍କଳୀ (ଦେଖ)
Utka̱līya Utka̱lī (See)

[ ଦ୍ର—ଉତ୍କଳସମ୍ମିଳନୀର ସଙ୍ଜ୍ଞା ଅନୁସାରେ ଜାତି ଧର୍ମ ନିର୍ବିଶେଷରେ ଉତ୍କଳ ପ୍ରଦେଶର ସ୍ଥାୟୀ ଅଧିବାସୀ ( ଯଥା—ବଙ୍ଗାଳୀ, ମରହଟ୍ଟା, ମୁସଲମାନ, ଖ୍ରୀଷ୍ଟାନ୍, ତେଲଙ୍ଗା ଅର୍ଥାତ୍ ଯେଉଁମାନେ ଓଡ଼ିଶାରେ ସ୍ଥାୟୀଭାବରେ ଉପନିବେଶ ସ୍ଥାପନ କରିଅଛନ୍ତି, ଓ ଯେଉଁମାନଙ୍କର ନିଜର ମୌଳିକ ଦେଶରେ ଘର ବା ସ୍ଥାୟୀ ସମ୍ପର୍କ ନାହିଁ ) ସେମାନଙ୍କୁ 'ଉତ୍କଳୀୟ' ଆଖ୍ୟା ଦିଆ ଯାଇଅଛି । ]

ଉତ୍କାର—ସଂ. ବି. ( ଉତ୍=ଉପରକୁ+କୃ, ଧାତୁ=ଫୋପାଡ଼ିବା+ ଭାବ. ଅ )—ଉତ୍କର ( ଦେଖ )
Utkāra Utkara ( See )

ଉତ୍କାଳିବା—ଗ୍ରା. କ୍ରି—( ସଂ. ଉଦ୍ଗାର )—୧ । ବାନ୍ତି କରିବା—
Utkā̱libā 1. To vomit.

୨ । ବାନ୍ତି କରି କାଢ଼ିବା—2. To vomit forth.

୩ । ( କୌଣସି କଥା ଗୋପନ ନ ରଖି ) ପ୍ରକାଶ କରିବା— 3. To reveal a secret.

ଉତ୍କାଶ—ସ. ବି—ଦମାକାଶ—Whooping cough; a
Utkāsa troublesome cough.

ଉତ୍କିର—ସଂ. ବିଣ (ଉତ୍+କୃ=ବିକ୍ଷେପ କରିବା + କର୍ତ୍ତୃ. ଅ)—
Utkira ଉତ୍କ୍ଷେପକ—(person) Throwing up.

ଉତ୍କୀର୍ଣ୍ଣ—ସଂ. ବିଣ. ( ଉତ୍=ଉପରକୁ+କୃ, ଧାତୁ=ଫୋପାଡ଼ିବା+ କର୍ମ. ତ )—୧ । ଉତ୍କ୍ଷିପ୍ତ—
Utkīrṇṇa 1. Winnowed and heaped.

୨ । କ୍ଷତ—2. Wounded.

୩ । ଖୋଦିତ; ଉଲ୍ଲିଖିତ—3. Engraved.

୪ । ବିଦ୍ଧ—4. Perforated; pierced.

୫ । ପାଷାଣରେ ଘଷା ହୋଇ ପରିଷ୍କୃତ ହୋଇଥିବା — 5. Cleansed.

୬ । ଚିତ୍ରିତ; ଲିଖିତ—6. Painted.

୭ । ଇତସ୍ତତଃ ବିକ୍ଷିପ୍ତ—7. Scattered.

ଉତ୍କୀର୍ତ୍ତନ—ସଂ. ବି. ( ଉତ୍+କୃତ୍ ଧାତୁ=କୀର୍ତ୍ତନ କରିବା + ଭାବ. ଅନ )—୧ । ବର୍ଣ୍ଣନ—
Utkīrttana 1. Act of describing.

୨ । ପ୍ରଚାର; ଘୋଷଣା—2. Publication.

୩ । ପ୍ରଶଂସା—3. Act of praising.

ଉତ୍କୁଟ—ସ. ବି. ( ଉତ୍=ନା+କୁଟ୍ ଧାତୁ=କୁଟିଳ ହେବା+କର୍ତ୍ତୃ. ଅ )—ଚିତ ହୋଇ ଶୋଇବା; ଉତ୍ତାନଶୟନ —
Utkuṭa Sleeping with face upwards.

ଉତ୍କୁଟାଇବା— ଦେ. କ୍ରି. ( ସ. ଉଦ୍ଘାଟନ )—ଦେହରେ ବୋଳା-ହୋଇଥିବା ହଳଦି, ଚନ୍ଦନଆଦିକୁ ଛଡ଼ାଇବା—
Utkuṭāibā To cause the turmeric and sandal-paste to peel off from the body.

ଉଦେ ସ୍ୱସ୍ତିକ ବ୍ୟାଜ ନକଦେହୁଁ କୁଙ୍କୁମ ଶ୍ରୀ ଉତ୍କୁଟାଇ—
ଭଞ୍ଜ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉତ୍କୁଟାଣ—ଗ୍ରା. ବି—ଉକଟ ( ଦେଖ )
Utkutāṇa Ukaṭa ( See )

ଉତ୍କୁଟିବା—ଦେ. କ୍ରି—୧ । ପ୍ରକାଶ ପାଇବା—
Utkuṭibā 1. To be manifest.

୨ । ଜାତ ହେବା—2. To grow.

ବକ୍ଷୀସ ଚରଣ କଲ୍ପ ହେଲେ ପହୁଁ ଉତ୍କୁଟି ଯାଉଛି ଫ ।
ଭକ୍ତ. ବୈଦେହୀଶ ବିଳାସ ।

ସାଧାରଣ ଲୋକେ ଯେଉଁ ଶବ୍ଦ ଲେଖନ୍ତି, ପରନ୍ତୁ ଏ ଅଭିଧାନରେ ନ ମିଳେ, ସେ ସ୍ଥଳରେ ଶବ୍ଦ ପାଇଁ ଅକ୍ଷର ଓ ମାତ୍ରା ଏବଂ ୨ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅର୍ଥାତ୍ ୧ ବା ୨ ଅକ୍ଷର ବୋଲି କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଅକ୍ଷର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଣ୍ଡ' ନ ମିଳିଲେ 'ଗାଣ୍ଡ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଜ୍ଜି' ନ ପାଇଲେ 'ଅର୍ଜି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉତ୍କୁଣ—ସଂ. ବି. ( ଉତ୍=ଊର୍ଦ୍ଧ୍ୱରେ; ଉପରେ+କୁଣ ଧାତୁ—ହିଂସା-
Utkuna କରିବା+କର୍ତ୍ତୃ. ଅ )—୧ । କେଶକୀଟ, ଉକୁଣୀ—
1. Louse.
୨ । ଚର୍ମଉକୁଣୀ—2. Skin-lice.

ଉତ୍କୂଟ—ସଂ. ବି. ( ଉତ୍+କୂଟ ଧାତୁ—ଦଗ୍ଧ କରିବା+କର୍ତ୍ତୃ. ଅ )—
Utkūta ଛତା—Umbrella.

ଉତ୍କୂଳ—ସଂ. ବିଣ. ( ଉତ୍=ଉପରେ+କୂଳ=ତଟ )—
Utkūla କୂଳକୁ ଲଙ୍ଘିଥିବା; ଉଚ୍ଛୁଳ ଥିବା—Overflowing.

ତଥାପି ଉତ୍କୂଳ ହୋଇ ବାର ଅବସ୍ଥାରେ
ପ୍ଲାବନ୍ତି ଭୂବନ କେତ୍ର ଜଳଧି ଅକାଳେ । ପ୍ରଥମନାଥ—ମହାଯାତ୍ରା ।

ଉତ୍କୂଳିତ—ସଂ. ବିଣ ( ଉତ୍=ଉପରକୁ+କୂଳ ଧାତୁ; ଣିଜନ୍ତ କୂଳ
Utkūlita ଧାତୁ=ଲାଗିବା+କର୍ମ. ତ )—
୧ । କୂଳକୁ ଲଙ୍ଘିଥିବା; ଉଦ୍‌ବେଳ—
1. Flooding over the shores; over. flowing.
୨ । କୂଳକୁ ଅଣା ଯାଇଥିବା; କୂଳରେ ଲାଗିବା—
2. Landed on the bank; drifted to or brought upto the fore-shore.

ଉତ୍କୃତି—ସଂ. ବି. ( ଉତ୍+କୃତି=ଛନ୍ଦୋବିଶେଷ )—
Utkruti ୨୬ ଅକ୍ଷରଅ ସଂସ୍କୃତ ଛନ୍ଦବିଶେଷ—
A sanskrit metre of 2 syllables.

ଉତ୍କୃତ୍ତ—ସଂ. ବିଣ. ( ଉତ୍+କୃତ୍ ଧାତୁ=ଛିଣ୍ଡାଇବା; କାଟିବା+କର୍ମ.
Utkrutta ତ )—୧ । ଛିନ୍ନ, ଉତ୍‌ଖାତ—
1. Torn to pieces.
୨ । ଉତ୍‌ଖାତ—2. Dug up.
୩ । ଯାହାକୁ ଖଣ୍ଡ ଖଣ୍ଡ କରି ଯାଇଅଛି—
3. Cut into pieces

ଉତ୍କୃତ୍ୟମାନ—ସଂ. ବିଣ ( ଉତ୍+କୃତ୍ ଧାତୁ=ଛେଦନ କରିବା+
Utkrutyamāna କର୍ମ. ମାନ )—
ଛେଦ୍ୟମାନ; ଯାହା ଖଣ୍ଡଖଣ୍ଡ ହୋଇ କଟା ହୋଇଅଛି—
Being cut to pieces or divideed into parts.

ଉତ୍କୃଷ୍ଟ—ସଂ. ବିଣ. ( ଉତ୍=ଊର୍ଦ୍ଧ୍ୱକୁ+କୃଷ=ଆକର୍ଷଣ କରିବା+କର୍ମ.
Utkrushta ତ )—୧ । ପ୍ରଧାନ; ଉତ୍ତମ—
(ଉତ୍କୃଷ୍ଟା—ସ୍ତ୍ରୀ) 1. Excellent, good.
(ଉତ୍କର୍ଷ—ବି) ୨ । ଉଚ୍ଚ; ଉନ୍ନତ—2. Elevated
୩ । ଊର୍ଦ୍ଧ୍ୱକୁ ଆକୃଷ୍ଟ—4. Drawn upwards.
୪ । ଶ୍ରେଷ୍ଠ—4. Superior.
୫ । ସମ୍ୟକ୍ ଆକୃଷ୍ଟ—5. Specially attracted.
୬ । ପ୍ରଶସ୍ତ—6. Wide.
୭ । ସର୍ବୋତ୍ତମ—7. Best.

ଉତ୍କୃଷ୍ଟତା—ସଂ. ବି ( ଉତ୍କୃଷ୍ଟ=ଶ୍ରେଷ୍ଠ+ଭାବ. ତା )—
Utkrushtatā ଉତ୍କର୍ଷ; ଶ୍ରେଷ୍ଠତା; ପ୍ରାଧାନ୍ୟ—
Excellence; superiority.

ଉତ୍କୃଷ୍ଟାର୍ହ—ସଂ. ବିଣ (ଉତ୍କୃଷ୍ଟ=ଶ୍ରେଷ୍ଠ+ଅର୍ହ=ଯୋଗ୍ୟ)—
Utkrushtārha ଉନ୍ନତି କରିବାର ଯୋଗ୍ୟ—
Capable of improvement; improvable.

ଉତ୍କେନ୍ଦ୍ରଶକ୍ତି—ସଂ. ବି. ( ଆଧୁନିକ ବିଜ୍ଞାନପରିଭାଷା )—ଘୂର୍ଣ୍ଣିତ ଗାଇ-
Utkendraśakti ଥିବା ବସ୍ତୁକୁ ଯେଉଁ ଶକ୍ତି କେନ୍ଦ୍ରଠାରୁ ଦୂରକୁ
ପେଲି ଦିଏ—Centrifugal force.

ଉତ୍କୋଚ—ସଂ. ବି. (ଉତ୍+କୁଚ ଧାତୁ=ସଂକୁଚିତ ହେବା+କରଣ.ଅ)-
Utkocha ଲାଞ୍ଚ; ରିସ୍‌ୱତ୍; ଘୁଷ୍; ଅଣ୍ଟାଗୁଞ୍ଜା—
Bribe; illegal gratification

ଉତ୍କୋଚକ—ସଂ. ବିଣ. ପୁଂ (ଉତ୍+କୁଚ ଧାତୁ=ସଂକୁଚିତ ହେବା+
Utkochaka କର୍ତ୍ତୃ. ଅକ )—ଯେ ଉତ୍କୋଚ ଦିଏ—
Giving bribe.

ଉତ୍କୋଚଗ୍ରାହୀ—ସଂ. ବିଣ. ପୁଂ ( ଉତ୍କୋଚ=ଲାଞ୍ଚ+ଗ୍ରହ ଧାତୁ+କର୍ତ୍ତୃ.
Utkochagrāhi ଇନ୍ )—ଯେ ଲାଞ୍ଚ ନିଏ; ଲାଞ୍ଚୁଆ—
A person who takes bribe.

ଉତ୍କୋଚଜୀବୀ—ସଂ. ବିଣ. ପୁଂ. ( ଉତ୍କୋଚ=ଲାଞ୍ଚ+ଜୀବ୍=ବଞ୍ଚିବା
Utkochajībi କର୍ତ୍ତୃ. ଇନ୍ )—
(ଉତ୍କୋଚଜୀବିନୀ—ସ୍ତ୍ରୀ) ଯେ ଲାଞ୍ଚ ଦ୍ୱାରା ଜୀବିକା ନିର୍ବାହ କରେ—
Living on bribes.

ଉତ୍କ୍ରମ—ସଂ. ବି. (ଉତ୍=ଓଲଟା+କ୍ରମ୍ ଧାତୁ=ଚାଲିବା+ଭାବ.ଅ)-
Utkrama ୧ । ବ୍ୟତିକ୍ରମ; ବ୍ୟତିକ୍ରମ; ସୀମାଲଙ୍ଘନ; ସୀମା ଅତିକ୍ରମ—
1. Going beyond the bounds; departure from the ordinary method or order.
୨ । ପରର ସୀମାରେ ଅନଧିକାର ପ୍ରବେଶ—
2. Trespass.
୩ । ଉପରକୁ ଡେଇଁବା; ଉଲ୍ଲମ୍ଫନ; ଲୁଦିବା—
3. Leap; bound; jump.
୪ । ମୃତ୍ୟୁ; ମରଣ—
4. Death; a leap into the infinite.
୫ । ନିଃସରଣ; ନିର୍ଗମନ—5. Going out.

ଉତ୍କ୍ରମଣ—ସଂ. ବି. ( ଉତ୍+କ୍ରମ ଧାତୁ+ଭାବ. ଅନ )—
Utkramana ଉତ୍କ୍ରମ (ଦେଖ).
Utkrama (See)
ସଂ. ବିଣ—ଯାହା ଉପରକୁ ଉଠେ—Rising up.

ଉତ୍କ୍ରମଣବାୟୁ—ସଂ. ବି—ଉଦାନବାୟୁ (ଦେଖ)
Utkramanabāyu Udānabāyu (See)

ଉତ୍କ୍ରାନ୍ତ—ସଂ. ବିଣ. ( ଉତ୍+କ୍ରମ ଧାତୁ=ଚାଲିବା+କର୍ତ୍ତୃ. ତ )—
Utkraānta ୧ । ଅତିକ୍ରାନ୍ତ; ଉଲ୍ଲଙ୍ଘିତ—1. Trespassed; passed over.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ବ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷରି | ସ | ଜ | ଷ,ଶ | ଛ | ଇସ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଔ | ନ |

୨ । ମୃତ—2. Dead; expired.

୩ । ( ସମୟ ) ଅତିକ୍ରାନ୍ତ—
3. Expired; past (said of time).

୪ । ଉଦ୍ଗତ—4. Burst forth.

୫ । ସୀମା ଟପି ଯାଇ ଥିବା—
5. Gone beyond the bounds.

ବେ. ବଣ—ଉତକ୍ରାନ୍ତ (ଦେଖ) Utakrānta (See)

**ଉତ୍କ୍ରୋଶ**—ସଂ. ବ ( ଉତ୍=ଊର୍ଦ୍ଧ୍ୱକୁ+କ୍ରୁଶ୍ ଧାତୁ=ଡାକିବା; କନ୍ଦନ କରିବା+କର୍ତ୍ତୃ. ଅ )—୧ । କୁରରପକ୍ଷୀ—
Utkrosa — Eagle; osprey.

୨ । ବାଜ; ଶ୍ୟେନ—2 Hawk.

୩ । (+ଭାବ.ଅ) ଚିତ୍କାର—3 Call; vociferation.

**ଉତ୍କ୍ଷିପ୍ତ**—ସଂ ବଣ ( ଉତ୍=ଊର୍ଦ୍ଧ୍ୱକୁ+କ୍ଷିପ୍ତ=ଫୋପଡ଼ାହେବା )—
Utkshipta ୧ । ଊର୍ଦ୍ଧ୍ୱକୁ କ୍ଷିପ୍ତ—1. Tossed up;
(ଉତ୍କ୍ଷେପ—ବ) thrown up; ejected.

୨ । ଉଚ୍ଚାଟିତ—2. Infuriated.

**ଉତ୍କ୍ଷିପ୍ତକମ୍ପନ**—ସଂ. ବ. ( ଜ୍ୟୋତିଷପରିଭାଷା ) ଏକପ୍ରକାର ଭୂମିକମ୍ପ
Utkshipta kampana (ଏହିପରି ଭୂମିକମ୍ପ ହେଲେ ବୋଧହୁଏ ସତେ ଯେପରି ଭୂମି ଉପରକୁ ଉଠୁଅଛି)—Perpendicular shocks of earth-quake.

**ଉତ୍କ୍ଷେପ**—ସଂ. ବ ( ଉତ୍=ଊର୍ଦ୍ଧ୍ୱକୁ+କ୍ଷିପ୍ ଧାତୁ=ନିକ୍ଷେପ କରିବା+
Utkshepa ଭାବ. ଅ )—ଊର୍ଦ୍ଧ୍ୱକୁ ଫୋପାଡ଼ିବା—Act of
(ଉତ୍କ୍ଷିପ୍ତ—ବଣ) throwing something up; tossing up.

**ଉତ୍କ୍ଷେପକ**—ସଂ. ବଣ. ( ଉତ୍+କ୍ଷିପ୍ ଧାତୁ+କର୍ତ୍ତୃ. ଅକ )—ଯେ
Utkshepaka ଉପରକୁ କ୍ଷେପଣ କରେ—Throwing up.

**ଉତ୍କ୍ଷେପଣ**—ସଂ. ବ (ଉତ୍+କ୍ଷିପ୍ ଧାତୁ+ଭାବ.ଅନ) ଉତ୍କ୍ଷେପ (ଦେଖ)
Utkshepana — Utkshepa (See)

**ଉତ୍ଖାତ**—ସଂ. ବଣ ( ଉତ୍=ଊର୍ଦ୍ଧ୍ୱକୁ+ଖନ୍ ଧାତୁ=ଖୋଳିବ+
Utkhāta କର୍ମ. ତ )—୧ । ଉତ୍ପାଟିତ; ଉନ୍ମୂଳିତ—
1. Uprooted; eradicated.

୨ । ମୂଳରୁ ଖୋଳା ଯାଇଥିବା—2. Undermined.

୩ । ସମୂଳେ ବିନଷ୍ଟ—3. Destroyed; ruined; extirpated.

ସଂ. ବ ( +ଭାବ. ତ )—ସମୂଳେ ବିନାଶ; ମୂଳୋତ୍ପାଟନ—
Extirpation; eradication.

**ଉତ୍ଖାତକେଳି**—ସଂ.ବ – ବପ୍ରକ୍ରୀଡ଼ା; ଶୃଙ୍ଗାଦିଦ୍ୱାରା ବୃଷଗଜାଦିଙ୍କ ମୃତ୍ତିକା-
Utkhātakeli ଖନନ; ପର୍ବତ ପାର୍ଶ୍ୱ ଖନନ; ଖେଳି ଖାଇବା—
The playful butting of an elephant or of a bull against a bank or mound of any kind or tossing up earth and stones in sport.

**ଉତ୍ଖେଳା**—ସଂ. ବ ( ଉତ୍=ଊର୍ଦ୍ଧ୍ୱକୁ+ଖେଳା=କ୍ରୀଡ଼ା )—
Utkhela ଉତ୍ଖାତକେଳି ( ଦେଖ )
Utkhātakeli (See)

**ଉତ୍ତ**—ସଂ. ବଣ ( ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ତ )—ଆର୍ଦ୍ର;
Utta ଓଦା—Wetted; wet.

**ଉତ୍ତଂସ**—ସଂ. ବ. ( ଉତ୍=ଊର୍ଦ୍ଧ୍ୱଭାଗ+ତଂସ୍ ଧାତୁ=ଭୂଷିତ କରିବା
Uttamsa +କରଣ ଅ )—୧ । କର୍ଣ୍ଣ; ଭୂଷଣ; କର୍ଣ୍ଣପୂର—
1. Ear-ring; ear-ornament.

୨ । କାନଫୁଲ—2. A flower-like ornament for the ear.

୩ । ଶିରୋଭୂଷଣ—3. An ornament for the head.

[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ଲାଗିଲେ (ବିଶେଷତଃ ବଶେଷ୍ୟ ପଦରେ ଯଥା—ଶ୍ରବୋତ୍ତଂସ) 'ଶ୍ରେଷ୍ଠ' ବୁଝାଏ । ]

**ଉତ୍ତଙ୍କ**—ସଂ. ବ ( ନାମ )—ଜନୈକ ଋଷି—
Uttanka A sage ( of this name. )

ଉତ୍ତଙ୍କ ମହର୍ଷି ମରୁଧନ୍ୱା ଦେଶେ,
ଅଗ୍ନି କରି ରହିଥିଲେ ଅତି ତୋଷେ । କୃଷ୍ଣସିଂହ, ମହାଭାରତ. ବନ

**ଉତ୍ତପ୍ତ**—ସଂ. ବଣ ( ଉତ୍=ସମ୍ୟକ୍+ତପ୍ ଧାତୁ=ଗରମ କରିବା+
Uttapta କର୍ମ. ତ)—୧ । ଉତ୍ତାପଦ୍ୱାରା ଗରମ କରାଯାଇଥିବା;
ସନ୍ତପ୍ତ—1. Warmed; heated; burnt up.

(ଉତ୍ତାପ—ବ) ୨ । ଦଗ୍ଧ—2 Scorched.

୩ । ତାତିଲା—3. Hot.

୪ । ଉତ୍ତେଜିତ—4. Excited; irritated.

୫ । ସ୍ନାତ ( ପ୍ରକୃତିବାଦ )—5. Bathed.

ସଂ. ବ. (+ଭାବ. ତ)—ଶୁଷ୍କ ମାଂସ—Dried flesh.

**ଉତ୍ତବ୍ଧ**—ସଂ. ବଣ (ଉତ୍+ସ୍ତବ୍ଧ)—୧ । ସ୍ତମ୍ଭୀଭୂତ—
Uttabdha 1. Stopped.
(ଉତ୍ତମ୍ଭ—ବ) ୨ । ବନ୍ଦ ହୋଇଥିବା—2. Ceased.

**ଉତ୍ତମ**—ସଂ. ବଣ. ପୁଂ (ଉତ୍=ସମ୍ୟକ୍+ତମ ଧାତୁ=ଇଚ୍ଛା କରିବା
Uttama କର୍ତ୍ତୃ. ଅ )—୧ । ଭଲ ଉତ୍କୃଷ୍ଟ—
(ଉତ୍ତମା—ସ୍ତ୍ରୀ) 1. Good; excellent.
(ଅଧମ—ବିପରୀତ) ୨ । ପ୍ରଧାନ—2. Chief; principal.

୩ । ଶ୍ରେଷ୍ଠ—3. Best; superior.

୪ । ଉପାଦେୟ—4. Fine.

୫ । ଚରମ—5. Final.

ବ.—୧ । ବିଷ୍ଣୁ—1. A name of Bishnu.

୨ । ଉତ୍ତାନପାଦ ରାଜାଙ୍କର ପୁତ୍ର; ଧ୍ରୁବଙ୍କର ବିମାତା ସୁରୁଚିଙ୍କର ପୁତ୍ର—Name of the son of king Uttānapāda.

ଧ୍ରୁବର କନିଷ୍ଠ ଉତ୍ତମ, ରୂପେ ଭୁବନେ ନାହିଁ ସମ । ଜଗନ୍ନାଥ, ଭାଗବତ ।

ସାଧାରଣ ଲୋକେ ଅପର ସ୍ଥାନରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ଗାଈକୁ ମିଳିଲେ 'ଗାଇ' ଖୋଜିବେ 'ବୃକ୍ଷ' ନ ମିଳିଲେ 'ବୃଷ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୩ । ତୃତୀୟ ମନୁ— 3 The third Manu.

ତୃତୀୟ ମନୁ ଯେ ଉତ୍ତମ, ସେ ପ୍ରିୟବ୍ରତର ନନ୍ଦନ । ଜଗନ୍ନାଥ. ଭାଗବତ ।

ଦେ. ଅ.—୧ । ବେଶ୍; ଭଲ; ଅଚ୍ଛା—1. Well; very well.

୨ । ଭଲରୂପେ—2. Excellently.

**ଉତ୍ତମକାବ୍ୟ**—ସଂ. ବି.—ଯେଉଁ କାବ୍ୟରେ ବାଚ୍ୟାର୍ଥ ଅପେକ୍ଷା
Uttamakābya ବ୍ୟଙ୍ଗ୍ୟାର୍ଥର ଚମତ୍କାରିତା ବେଶି; ତାହା ଉତ୍ତମ କାବ୍ୟ ନାମରେ ଅଭିହିତ ହୁଏ—
(ଭୁଲମଣି. ଅଳଙ୍କାରତରଙ୍ଗିଣୀ ।)
A literary work which abounds in suggestive meanings

**ଉତ୍ତମତା**—ସଂ. ବି. ସ୍ତ୍ରୀ (ଉତ୍ତମ=ଉତ୍କୃଷ୍ଟ+ଭାବ. ତା)—ଉତ୍କୃଷ୍ଟତା;
Uttamatā ଶ୍ରେଷ୍ଠତା; ଉପାଦେୟତା—Superiority. excellence.

**ଉତ୍ତମପୁରୁଷ**—ସଂ. ବି. (ବ୍ୟାକରଣରେ ପ୍ରଥମ ପୁରୁଷ)—
Uttama purusha ୧ । ମୁଁ; ଅମ୍ଭେ; ଅମ୍ଭେମାନେ—
1. (Sanskrit grammar the Ist. person) I; we.
[ଦ୍ର—ସଂସ୍କୃତ ବ୍ୟାକରଣରେ; 'ଅସ୍ମଦ୍' ଶବ୍ଦ ଉତ୍ତମପୁରୁଷ, ଓଡ଼ିଆରେ ଅମ୍ଭେ— ପ୍ରଥମ ପୁରୁଷ]
୨ । ଭଲଲୋକ—2. Good man

**ଉତ୍ତମମଧ୍ୟମ**—ଦେ. ବି. (ଲକ୍ଷଣାର୍ଥ)—୧ । ମାଡ଼; ପ୍ରହାର—
Uttamamadhyama 1. Beating
উত্তমমধ্যম ୨ । ଭର୍ତ୍ସନା; ଗାଳି—
**থাড়া বহুত কুছ** 2. Rebuke
(ଯଥା—ସେ ମୋଠାରୁ ଖୁବ୍ ଏ ଉତ୍ତମମଧ୍ୟମ ପାଇ ଗାଁକୁ ଗଲା)

**ଉତ୍ତମମଧ୍ୟମ ଦେବା**—ଦେ କ୍ରି—୧ । ଅଚ୍ଛା ଦ' ପଦ ଶୁଣାଇ ଦେବା;
Uttamamadhyama debā ମନ ବୋଧ କରି ଗାଳି ମନ୍ଦ
উত্তম মধ্যম দেওয়া ଦେବା; ଉଗ୍ରେ ସେ ଧିବା—
**থোড়াবহুত কুছদেনা** 1. To speak out or give a bit of one's mind.
୨ । ମନବୋଧ କରି ଠାଙ୍କେ ଛେଚିବା—2. To give one a sound beating or a good drubbing

**ଉତ୍ତମର୍ଣ୍ଣ**—ସଂ. ବି ( ବହୁବ୍ରୀହି; ଉତ୍ତମ=ପ୍ରଧାନ+ଋଣ )—
Uttamarṇṇa ୧ । ସାହୁକାର; ମହାଜନ; ଋଣଦାତା—
(ଅଧମର୍ଣ୍ଣ—ବିପରୀତ) 1. Creditor; money-lender.
୨ । ସେଠ; ମୂଳଧନ-ସ୍ୱାମୀ—2. Capitalist.

**ଉତ୍ତମସାହସ**—ସଂ. ବି (ଷିତବୃତ୍ତି)—୧ । ଏକ ହଜାର ପଣ କଉଡ଼ି-
Uttamasāhasa ଜୋରିମାନା—1. A fine of 1000 paṇas of shell-money.
୨ । ବହୁତ ବଡ଼ ଦଣ୍ଡ—2. Very hard or extreme punishment.

(ଯଥା—ଶୂଳୀ; ଫାଶି; ନିର୍ବାସନ; ସର୍ବସ୍ୱ ଜୋରିମାନା; ଅଙ୍ଗଭଙ୍ଗ)

**ଉତ୍ତମା**—ସଂ. ବିଣ. ସ୍ତ୍ରୀ (ଉତ୍ତମ=ଶ୍ରେଷ୍ଠ+ସ୍ତ୍ରୀ. ଆ)—
Uttamā ୧ । ବରବର୍ଣ୍ଣିନୀ; ସୁଶୋଭିତା ( ସ୍ତ୍ରୀ )—
(ଅଧମା—ବିପରୀତ) 1. Excellent ( woman ); a fair looking, beautiful or charming woman; a woman having charming look or qualities.
୨ । ଶାସ୍ତ୍ରବର୍ଣ୍ଣିତ ଗୁଣବତୀ ନାୟିକାବିଶେଷ—
2. Heroine of the first class; having good qualities described in the books.
ଗ୍ରା. ପଦ୍ୟ. ବିଣ.—ଗୁଣବାନ୍ ପୁରୁଷ; ସୁପୁରୁଷ—
Good person.

ସୁଲକ୍ଷ ପଣ୍ଡିତ ଉତ୍ତମା—ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।

ସଂ.ବି. ସ୍ତ୍ରୀ – ୧ । ସୁନାରୀ, ସୁନ୍ଦରୀ ସ୍ନେହଶୀଳା ଓ ସୁଶୀଳାନାରୀ –
1 An excellent woman ( M. W ).
୨ । ଦୁଧିଅମୃତିଲତା —( ହରେକୃଷ୍ଣ. ଦ୍ରବ୍ୟଗୁଣ । )
2. A creeper; Asclepias Rosea Roxb.

**ଉତ୍ତମାଙ୍ଗ**—ସଂ. ବି. ( ଉତ୍ତମ=ଶ୍ରେଷ୍ଠ+ଅଙ୍ଗ=ଅବୟବ )—ମସ୍ତକ;
Uttamāṅga ଶିର—The head; the chief
(ଅଧମାଙ୍ଗ—ବିପରୀତ) member of the body

**ଉତ୍ତମାଦୂତୀ**—ସଂ. ବି. ସ୍ତ୍ରୀ—ଯେଉଁ ଦୂତୀ ନାୟକ ନାୟିକାଙ୍କୁ ମିଠା
Uttamādūti କଥାଦ୍ୱାରା ପଟାଇ ପାରେ—
An expert go-between.

**ଉତ୍ତମାନାୟିକା**—ସଂ. ବି—ଯେଉଁ ସ୍ୱାଧୀନାନାୟିକା ପତି ପ୍ରତିକୂଳ ହେଲେ
Uttamānāyikā ମଧ୍ୟ ପତିଙ୍କ ପ୍ରତି ଅନୁକୂଳା ଥାଆନ୍ତି—
A wife who is always sweet-temperd to her husband even when he is sullen

**ଉତ୍ତମାଶାଅନ୍ତରୀପ**—ଦେ. ବି. ( ଇଂ. ନାମର ଅନୁବାଦ )—
Uttamāsāantarīpa ଅଫ୍ରିକାମହାଦେଶର ଅନ୍ତରୀପ—
উত্তমাশা অন্তরীপ The cape of good hope.
**उत्तमाशा अन्तरीप**

**ଉତ୍ତମ୍ଭ**—ସଂ. ବି. ( ଉତ୍+ସ୍ତମ୍ଭ )—ସ୍ତମ୍ଭୀଭବ; ଜଡ଼ତ୍ୱ—
Uttambha Cessation; stoppage.

**ଉତ୍ତମ୍ଭନ**—ସଂ. ବି. (ଉତ୍+ସ୍ତମ୍ଭ=ଅବଲମ୍ବନ କରିବା+ଭାବ. ଅନ)—
Uttambhana ୧ । ଅବଲମ୍ବନ—1. Stay; support.
(ଉତ୍ତମ୍ଭ—ବିଣ) ୨ । ବର୍ଦ୍ଧନ—2 Increase.
୩ । ଖମ୍ବ; ଖୁଣ୍ଟ—3. Pillar.
୪ । ଜଡ଼ତ୍ୱ; ସ୍ତମ୍ଭୀଭବ—4. Cessation; stoppage.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଡ | ଢ | ର,ଋ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଳ | ଶ,ଷ | କ୍ଷ | ଐ | ଔ | ଯ |
| ୨ | ଡ଼ | ଢ଼ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଈଅ | ଞ | ବୃ |

**ଉତ୍ତର**— ସଂ. ବି. (ଉତ୍—ଉପରେ + ତୃ=ପାର ହେବା+କରଣ. ଅ)—
Uttara ୧ । ପ୍ରଶ୍ନର ପ୍ରତିବଚନ; ଜବାବ—
(ପ୍ରଶ୍ନ— ବିପରୀତ) 1. Reply; answer.
୨ । ସିଦ୍ଧାନ୍ତ—2. Decision.
୩ । ପ୍ରତିକାର—3. Remedy.
୪ । ବିରାଟ ରାଜାଙ୍କ ପୁତ୍ର—
4. The son of the king Birāṭa.
( ଦକ୍ଷିଣ— ବିପରୀତ ) ୫ । ବାୟୁ ଓ ଈଶାନକୋଣର ମଧ୍ୟବର୍ତ୍ତୀ ଦିଗ; ଦକ୍ଷିଣର ବିପରୀତ ଦିଗ; ସୂର୍ଯ୍ୟ ଯେଉଁ ଦିଗରେ ଉଦୟ ହୁଅନ୍ତି ସେହି ଦିଗକୁ ମୁହଁ ଠିଆ ହେଲେ ବାଁ ହାତ ଯେଉଁ ଦିଗକୁ ରହେ—
5. The North-quarter.
୬ । ପତ୍ରର ଲିଖିତ ଉତ୍ତର—
6. Written reply to a letter.
୭ । ଜିଜ୍ଞାସିତ ବିଷୟରେ ନିଜ ମତ ବା ବକ୍ତବ୍ୟନିର୍ଦ୍ଦେଶ—
7. Expression of one's opinion on a query.
୮ । କେହି ଡାକିଲେ ତତ୍ ଶ୍ରବଣସୂଚକ ବାକ୍ୟ—
8. Response to a call.
୯ । କେହି ଆପତ୍ତି ବା ଦୋଷାରୋପ କଲେ ତାହାର ଖଣ୍ଡନ—
9. Refutation.
୧୦ । ଅର୍ଥାଲଙ୍କାରବିଶେଷ—
10. A figure of speech.
୧୧ । ଅବ୍ୟବହିତ ପରବର୍ତ୍ତୀ ଦେଶ—
11 Adjoining place.
୧୨ । ଅବ୍ୟବହିତ ପରବର୍ତ୍ତୀ କାଳ—
12. Immediate future.
୧୩ । ଉପରଭାଗ; ଉପରପୃଷ୍ଠ—
13. The upper surface ( M. W. )
୧୪ । ଘୋଡ଼ଣୀ; ଘଣ୍ଟାଟୋପ—14. Cover ( M. W. )
୧୫ । ( ଆଇନ୍ ) ପ୍ରତିବାଦୀର ବା ମୁଦାଲାର ଜବାବ—
15. ( law ) Defence or statement of the defendant or the accused.
୧୬ । ପ୍ରତିବାଦ—16. Contradiction ( M. W. )
୧୭ । ଶ୍ରେଷ୍ଠତା; ଉତ୍କର୍ଷ—
17. Superiority; excellence ( M. W. )
୧୮ । ଫଳ—18 Result; conclusion.
୧୯ । ଯାହା ବଳିପଡ଼େ—
19. Remainder; excess.
ସଂ ବିଣ—୧ । ଶ୍ରେଷ୍ଠ; ଉତ୍ତମ—1. Excellent.
୨ । ଯୋଗ୍ୟ—2. Fit.
୩ । ଦୁର୍ଲ୍ଲଭ; ଅସାଧାରଣ—3. Extraordinary.
( ପୂର୍ବ—ବିପରୀତ ) ୪ । ଭାବୀ; ଭବିଷ୍ୟତ୍—4. Future.
( ଦକ୍ଷିଣ—ବିପରୀତ ) ୫ । ଉତ୍ତରଦିଗସ୍ଥ—5. Northern.
( ପୂର୍ବ—ବିପରୀତ ) ୬ । ପରବର୍ତ୍ତୀ—6. Subsequent.
୭ । ଉପରସ୍ଥ—7. Upper.
୮ । ଅଗ୍ରପଶ୍ଚାତ୍—8. Posterior; frontal.
୯ । ( + କର୍ମ. ଯ )—ଉତ୍ତୀର୍ଯ୍ୟ—
9. That which can be crossed.
କ୍ରି. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—ତଦୁତ୍ତର )—
ଉତ୍ତାରୁ; ପରେ; ଅନନ୍ତର; ପଶ୍ଚାତ୍—After.
ଦେ. ବି—୧ । ଅଧିକ ( ସାଧାରଣତଃ ଏହା ଶତ ସଂଖ୍ୟାରେ ଯୋଗ କରାଯାଇଥାଏ; ଯଥା—ଏକୋତ୍ତର ଶହେ; ଦଶୋତ୍ତର ଦୁଇଶ; ଅଠୋତ୍ତର ଶହେ । )—
1. Any digit added to the figure hundred
୨ । ବାକ୍ୟ; କଥା—Speech.

ଏହା ଦେଖିକରଣ ଅରଜୁନ ବୀର
ଉତ୍ତରକୁ ବୋଇଲେ ଉତ୍ତର ଉତ୍ତର—କୃଷ୍ଣସିଂହ ମହାଭାରତ. ବିରାଟ ।

୩ । ଆଦେଶପାଳନ—3. Carrying out of an order.

ତୁମ୍ଭେ ହେ ଦାସୀ ଯେବେ ମୋର
ତେବେ କରିବ ମୋ ଉତ୍ତର—ଜଗନ୍ନାଥ. ଭାଗବତ ୧୦ମ ଗୋପ ।

**ଉତ୍ତରଅୟନାନ୍ତ**—ସଂ. ବି (ଜ୍ୟୋତିଷପରିଭାଷା)—ସୂର୍ଯ୍ୟ ବିଷୁବରେଖା-
Uttaraayanānta ଠାରୁ ଉତ୍ତରକୁ ଚଳିବାର ଶେଷସୀମା-ସୂଚକ କଳ୍ପିତ ରେଖା—The Tropic of Cancer.

**ଉତ୍ତରକଟିବନ୍ଧ**—ସଂ. ବି ( ଭୂଗୋଳପରିଭାଷା )—ଉତ୍ତରମେରୁ ଠାରୁ
Uttarakaṭibandha ଉତ୍ତରସମକଟିବନ୍ଧର ଶେଷସୀମା ପର୍ଯ୍ୟନ୍ତ ଭୂଗୋଳକର ଅଂଶ—North Frigid Zone.

**ଉତ୍ତରକବାଟ**—ଦେ. ବି—ବୀରମାନଙ୍କୁ ପ୍ରାଚୀନ ଉତ୍କଳର ରାଜଦତ୍ତ
Uttarakabāṭa ଉପାଧିବିଶେଷ—A title conferred by the kings of ancient Utkaḷā on brave men.

**ଉତ୍ତର କରିବା**—ଦେ. କ୍ରି—୧ । ପ୍ରତିବଚନ କହିବା—
Uttara karibā 1. To make an answer.
୨ । ପ୍ରତ୍ୟୁତ୍ତର ଦେବା—2. To give a reply.

**ଉତ୍ତରକଳିଙ୍ଗ**—ସଂ. ବି—ପ୍ରାଚୀନ ତ୍ରିକଳିଙ୍ଗର ଉତ୍ତରାଂଶ; ଆଧୁନିକ
Uttarakaḷiṅga ଓଡ଼ିଶାର ପ୍ରାଚୀନ ନାମ—
The ancient name of present Orḍisā.
[ ଦ—କଳିଙ୍ଗ ତଳେ ଦେଖ ଦେଶ ]

**ଉତ୍ତରକାଗଜ**—ଦେ. ବି—ପରୀକ୍ଷାର୍ଥୀ ଯେଉଁ କାଗଜରେ ପ୍ରଶ୍ନର ଉତ୍ତର-
Uttarakāgaja ମାନ ଲେଖନ୍ତି—Answer-paper ( in examination)

ସାଧାରଣ ରୀତିରେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରଯାଇ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୋଷ ମଧ୍ୟରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ଦର୍ଶିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲତା' ନ ପାଇଲେ 'ଅଳତା' ଦେଖିବେ

**ଉତ୍ତରକାଣ୍ଡ**—ସଂ. ବି—୧ । ବାଲ୍ମୀକି ରାମାୟଣର ସପ୍ତମ କାଣ୍ଡ— Uttarakāṇḍa 1. The name of the 7th or last Canto of the Rāmāyaṇa.

୨ । ପୁସ୍ତକର ପରବର୍ତ୍ତୀ ଭାଗ— 2. The following volume.

୩ । ଶେଷଭାଗ—3. The concluding volume.

**ଉତ୍ତରକାଳ**—ସଂ. ବି (ଉତ୍ତର=ପରବର୍ତ୍ତୀ; ଭବିଷ୍ୟତ+କାଳ)— Uttarakāla ୧ । ପରବର୍ତ୍ତୀ ସମୟ— 1. Subsequent period.

୨ । ପରକାଳ; ଭବିଷ୍ୟତକାଳ— 2. Future time; future

**ଉତ୍ତରକୁରୁ**—ସଂ. ବି (ଉତ୍ତର=ଉତ୍ତରଦିଗସ୍ଥ+କୁରୁ=କୁରୁରାଜ୍ୟ)— Uttarakuru ହିନ୍ଦୁକୁଶ ପର୍ବତର ଉତ୍ତର ପ୍ରଦେଶ; ଜମ୍ବୁଦ୍ୱୀପର ନବବର୍ଷାନ୍ତର୍ଗତ ବର୍ଷବିଶେଷ—The country north of the Hindukuśa-mountains supposed to be the original abode of the Aryans before they came and settled in Northern India.

[ ଦ୍ର—ପୁରାତନ ଭାରତବର୍ଷ ଜମ୍ବୁଦ୍ୱୀପର ନଅଗୋଟି ବର୍ଷ ବା ରାଜ୍ୟ ମଧ୍ୟରୁ ଏକ ରାଜ୍ୟ; ଏହିଠାରୁ ଆର୍ଯ୍ୟମାନେ ଆସି ଭାରତର ଆର୍ଯ୍ୟାବର୍ତ୍ତରେ ବସତି କରିଥିଲେ । କେହି କେହି ଇରାନ୍ ବା ପାରସ୍ୟ ଦେଶକୁ ଉତ୍ତରକୁରୁ କହନ୍ତି । ]

ଦେ. ବି—ସ୍ୱର୍ଗ—Heaven

ଉତ୍ତର କୁରୁ ପ୍ରାପତଜନ ଭୋଗ ହେଲେ କରୁଥାନ୍ତି ନନ୍ଦା—ଭକ୍ତ. ପ୍ରେମସୁଧାନିଧି ।

**ଉତ୍ତରକେନ୍ଦ୍ର**—ଦେ. ବି ( ଭୂଗୋଳପରିଭାଷା )—ପୃଥିବୀର ସର୍ବୋତ୍ତର ବିନ୍ଦୁ—The North pole. Uttarakendra

[ ଦ୍ର—ପୃଥିବୀର ଉତ୍ତର କେନ୍ଦ୍ର ସୁମେରୁସନ୍ନିହିତ ପ୍ରଦେଶରେ ପୃଥିବୀ ଓ ସୂର୍ଯ୍ୟର ପରସ୍ପର ଗତିପର୍ଯ୍ୟାୟରେ ପର୍ଯ୍ୟାୟକ୍ରମେ ଛଅ ମାସ ଦିନ ଓ ଛଅ ମାସ ରାତି ହୁଏ । ଯେତେବେଳେ ଛଅ ମାସ କ୍ରମାନ୍ୱୟରେ ରାତି ହୁଏ ସେତେବେଳେ ଦିଗ୍‌ବଳୟ ରେଖାଠାରୁ ମଧ୍ୟାକାଶ ପର୍ଯ୍ୟନ୍ତ ବହୁବର୍ଣ୍ଣ ଉଲ୍କା ପରି କେତେଗୁଡ଼ିଏ ମହାଦୀପ୍ତିମନ୍ତ ଆଲୋକ ରେଖା ଦେଖାଯାଏ । ଏହା ବହୁବର୍ଣ୍ଣ ବା ଉଲ୍କା ପରି ସବୁବେଳେ ଚଞ୍ଚଳା ନୁହେ । ଜ୍ୟୋତି ସ୍ଥିରମୂର୍ତ୍ତିରେ ବିରାଜିତ ଥାଏ ଓ କେବେ କେବେ କମ୍ପୁଥାଏ । ଏହାକୁ ଊଷାଜ୍ୟୋତି, ଊଷା ବା ଔତ୍ତରୀ ପ୍ରଭା କହନ୍ତି । ଇଂରାଜୀରେ ଏହାର ନାମ Aurora-Borealis ବା Northern lights; ଏହିପରି ଦକ୍ଷିଣ କେନ୍ଦ୍ର ବା କୁମେରୁ ପ୍ରଦେଶରେ ଯେଉଁ ଆଲୋକ ଦେଖାଯାଏ ତାହାକୁ କୈବର୍ଣ୍ଣ ପ୍ରଭା ବା ଦାକ୍ଷିଣାତ୍ୟ ଊଷା ବୋଲାଯାଏ; ଇଂରେଜୀରେ ଏହାର ନାମ Aurora Austrelis ବା Southern lights. ]

**ଉତ୍ତରକୋଶଳ**—ସଂ. ବି ( ଉତ୍ତର=ଉତ୍ତରଦିଗସ୍ଥ+କୋଶଳ=ରାଜ୍ୟବିଶେଷ )—ଅଯୋଧ୍ୟାପ୍ରଦେଶ; ସରଯୂନଦୀର ଉତ୍ତରପାର୍ଶ୍ୱସ୍ଥ ପ୍ରଦେଶ—Ajodhyā; Oudh; the province north of Sarajū. Uttarakośala

[ ଦ୍ର—ଏହାର ପ୍ରାଚୀନ ରାଜଧାନୀ ଶ୍ରାବସ୍ତୀ ଇରାବତୀ ନଦୀତଟରେ ଅବସ୍ଥିତ । ଶ୍ରାବସ୍ତୀର ଦକ୍ଷିଣରେ ବର୍ତ୍ତମାନ ବଲରାମପୁର । ]

**ଉତ୍ତରକୋଶଳା**—ସଂ. ବି—ମହାନଦୀର ଉତ୍ତରାଂଶର ପ୍ରାଚୀନ ନାମ— Uttarakośalā 1. The ancient name of the province north of the Mahānadī river.

କିହୁ ଦାର ଶୋଭା ପୁର ତହିଁର
ଉତ୍ତରକୋଶଳା ମୌଳି ଅଳଙ୍କାର—ରାଧାନାଥ. ନନ୍ଦକେଶରୀ ।

୨ । ଅଯୋଧ୍ୟାନଗରୀ—2. A name of the old town of Ajodhyā

୩ । କୋଶଳଦେଶ—3. Kośala country

**ଉତ୍ତରକ୍ରିୟା**—ସଂ. ବି ( ଉତ୍ତର=ମୃତ୍ୟୁର ପରବର୍ତ୍ତୀ+କ୍ରିୟା=କାର୍ଯ୍ୟ; ଅନୁଷ୍ଠାନ)— ୧ । ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଅନୁଷ୍ଠିତ ସାମ୍ବତ୍ସରିକ ଶ୍ରାଦ୍ଧାଦି କାର୍ଯ୍ୟ— Uttarakriyā 1. Funeral obsequies; funeral rites.

୨ । ପ୍ରତିବଚନଦାନ—2. The act of giving reply.

**ଉତ୍ତରଖଣ୍ଡ**—ସଂ.ବି—୧ । କୌଣସି ପୁସ୍ତକର ଦ୍ୱିତୀୟ ବା ଶେଷ ଖଣ୍ଡ— Uttarakhaṇḍa 1. The second or last volume of a book.

୨ । ପୁସ୍ତକର ପରବର୍ତ୍ତୀ ଖଣ୍ଡ—2. A later volume of a work.

**ଉତ୍ତରଖଣ୍ଡନ**—ସଂ.ବି (୭ମୀ ତତ୍) (ଉତ୍ତର=ପ୍ରତିବଚନ+ଖଣ୍ଡନ)— Uttarākhaṇḍana ୧ । ପ୍ରତ୍ୟୁତ୍ତର; ଉତ୍ତରର ଉତ୍ତର— 1 Refutation; rejoinder; counter-reply.

୨ । ରଦ୍‌ଜବାବ୍; ଖଦ୍‌ଜବାବ୍— 2. Reply given to meet another reply.

**ଉତ୍ତରଙ୍ଗ**—ସଂ ବି. (ଉତ୍ତର=ଉପର+ଗମ୍=ଗମନ କରିବା+କର୍ତ୍ତୃ. ଅ ବା. ଉତ୍ତର+ଅଙ୍ଗ)—୧ । ଦ୍ୱାରୋପରିସ୍ଥ କାଷ୍ଠ; ଶାଙ୍କରପଟା—1. A plank put over the door-frame. Uttaraṅga

ସଂ. ବିଣ ( ଉତ୍+ତରଙ୍ଗ=ଢେଉ ) ୨ । ଯାହାର ତରଙ୍ଗ ଉତ୍ଥିତ ହୋଇଅଛି; ତରଙ୍ଗିତ—2. Billowy

**ଉତ୍ତରଚ୍ଛଦ**—ସଂ.ବି (କର୍ମଧାରୟ; ଉତ୍ତର=ଉପରସ୍ଥିତ+ଛଦ=ବସ୍ତ୍ର)— Uttarachchhada ୧ । ଚାଦର; ଉତ୍ତରୀୟ—1. A sheet; scarf.

୨ । ଆସ୍ତରଣ ବସ୍ତ୍ର—2 Covering sheet.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଚ | ଶ,ସ | ଙ୍କ | ଇସ୍ | ଋଅ | ଓ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଔ | ନୃ |

୩ । ବିଛଣା ଚାଦର—3. Bed-sheet

୪ । ଘୋଡ଼ହେବା ଲୁଗା—4. A wrapper.

ଉତ୍ତରଜୀବୀ—ସଂ. ବିଣ. ପୁଂ. ( ଅଧୁନାକାର୍ଯ୍ୟବ୍ୟବହାର; ଅପ୍ରଚଳିତ )
Uttarajibi ଯେ ଅନ୍ୟମାନଙ୍କ ମୃତ୍ୟୁ ପରେ ବଞ୍ଚି ରହେ—
(ଉତ୍ତରଜୀବିନୀ—ସ୍ତ୍ରୀ) Surviving (others

ଉତ୍ତରଣ—ସଂ. ବି ( ଉତ୍ + ତୃ ଧାତୁ = ପାର ହେବା + ଭାବ. ଅନ )—
Uttaraṇa ୧ । ପାରହେବା—1. Crossing; passing over.

୨ । ଯାନାଦିରୁ ଓହ୍ଲାଇବା-2. Landing;alighting.

୩ । ଅବରୋହଣ—3. Descent.

୪ । ବିଶ୍ରାମସ୍ଥାନରେ ପହଞ୍ଚିବା—
4. Arriving at a stage for night's rest.

୫ । ମନୋନୀତ ବା ଅଭିପ୍ରେତ ସ୍ଥାନରେ ପହଞ୍ଚିବ—
5. Arrival at one's destination.

ଉତ୍ତରଦନ୍ତ—ସଂ. ବି—( ଏହା ସବୁ ଦାନ୍ତର ପରେ ଉଠିବାରୁ )—
Uttaradanta ଢଲ ଦାନ୍ତ—The furthest teeth in the mouth.

ଉତ୍ତରଦାୟକ—ସଂ. ବିଣ. ପୁଂ.—ଯେଉଁ ଭୃତ୍ୟ ସ୍ୱାମୀର ଆଦେଶ ବା
Uttaradāyaka ତାଡ଼ନାରେ ଜବାବ୍ ଦିଏ; ଅବାଧ୍ୟ—
(ଉତ୍ତରଦାୟିକା—ସ୍ତ୍ରୀ) Refractory ( servant, a servant who bandies words with his master.

ଉତ୍ତରଦିକ୍—ସଂ. ବି—ଉତ୍ତରଦିଗ—
Uttaradik The north quarter.

ଉତ୍ତରଦିଗ—ଦେ. ବି.—୧ । ଉତ୍ତର; ଦକ୍ଷିଣର ବିପରୀତ ଦିଗ—
Uttaradiga 1. The North-quarter.

୨ । ଉତ୍ତରାଞ୍ଚଳ—2. The northern country

ଉତ୍ତର ଦେବା – ଉତ୍ତର କରିବା ( ଦେଖ )
Uttara debā Uttara karibā ( See )

ଉତ୍ତରଧ୍ରୁବ—ସଂ. ବି—ଉତ୍ତରଦିଗସ୍ଥ ଧ୍ରୁବ ନକ୍ଷତ୍ର; ପୃଥିବୀର ଉତ୍ତର-
Uttaradhruba କେନ୍ଦ୍ରର ମୁଣ୍ଡ ଉପରେ ଥିବା ନକ୍ଷତ୍ର—The (north pole-star; the polaris.

[ ଦ୍ର—ଦକ୍ଷିଣକେନ୍ଦ୍ର ଉପରେ ମଧ୍ୟ ଏହିପରି ଗୋଟିଏ ତାରା ଅଛି; ଏହା ଦକ୍ଷିଣ ଦିଗବଳୟର ଅନେକ ତଳେ ଥିବାରୁ ଭାରତରୁ ଦେଖାଯାଏ ନାହିଁ । ଏହାର ନାମ ଦକ୍ଷିଣଧ୍ରୁବ; ଏହା ଦକ୍ଷିଣ ଅମେରିକା ପ୍ରଭୃତି ସ୍ଥାନରେ ଦେଖାଯାଏ । ନକ୍ଷତ୍ର ତଳେ ନୋଟ ଦେଖ । ]

ଉତ୍ତରପକ୍ଷ—ସଂ. ବି. ( ଉତ୍ତର = ପୂର୍ବବର୍ତ୍ତୀ + ପକ୍ଷ = ପ୍ରଶ୍ନ ବଚନ )—
Uttarapaksha ୧ । ପ୍ରଶ୍ନକର୍ତ୍ତାର ପ୍ରଶ୍ନର ଉତ୍ତର ପ୍ରଦାନ; କୌଣସି ପ୍ରଶ୍ନର ମୀମାଂସା—1. Answer to an opponent's objection; conslusive reply to an argument.

୨ । ପରବର୍ତ୍ତୀ ପକ୍ଷର ଦିନ—2. Last lunar fortnight of the month; next fortnight.

୩ । ଗୋଟିଏ ପ୍ରଶ୍ନର ବିପରୀତ ପକ୍ଷ—
3. The other side of a question.

୪ । ଉତ୍ତରରେ ଥିବା ପାଖ—4. The northern side.

୫ । ବାମ ପାଖ—5. The left side ( M. W )

୬ । (ନ୍ୟାୟ) ସିଦ୍ଧାନ୍ତ ବା ପ୍ରତିଜ୍ଞାର ଦ୍ୱିତୀୟ ଅଂଶ ବା ଦତ୍ତ ବାକ୍ୟଦ୍ୱୟ—6. ( Logic ) The second or following part of an argument; the minor proposition of a syllogism

୭ । ( ନ୍ୟାୟ ) ପୂର୍ବପକ୍ଷର ନିରାସକ ପକ୍ଷ—
(ପୂର୍ବପକ୍ଷ—ବିପରୀତ) 7. (Logic) Refutation of a proposition. The answer to the first or objectionable argument.

୮ । ( ନ୍ୟାୟ ) ସିଦ୍ଧାନ୍ତପକ୍ଷ—8. ( Logic ) The conclusion or demonostrated truth of an argument.

୯ । (ହିନ୍ଦୁ ସ୍ମୃତି) ମକଦ୍ଦମାରେ ପ୍ରତିବାଦୀ—
9 ( Hindu law) Defendant in a case.

୧୦ । (ହିନ୍ଦୁ ସ୍ମୃତି) ମକଦ୍ଦମାରେ ପ୍ରତିବାଦୀର ଜବାବ—
10. ( Law ) Defendant's written statement.

ଉତ୍ତରପଦ – ସଂ.ବି. (ବ୍ୟାକରଣ)—ସମାସନିଷ୍ପନ୍ନ ସମସ୍ତ ପଦର ଅନ୍ତିମପଦ-
Uttarapada The last or final member of a compound word.

ଉତ୍ତରପଶ୍ଚିମକୋଣ—ସଂ. ବି—ବାୟୁ କୋଣ—The North-
Uttarapaschimakoṇa eastern corner.
উত্তরপশ্চিম
उत्तरपश्चिम

ଉତ୍ତରପଶ୍ଚିମପ୍ରଦେଶ—ଦେ. ବି—ଭାରତର ଉତ୍ତର ପଶ୍ଚିମ ସୀମାକୁ ଲାଗି-
Uttarapaschimapradeśa ଥିବା ପ୍ରଦେଶ—
The North-western frontier provinces of India.

ଉତ୍ତରପୂର୍ବ—ଦେ. ବି—ଈଶାନ କୋଣ—
Uttarapūrba The North-eastern corner.

ଉତ୍ତରପ୍ରତ୍ୟୁତ୍ତର—ସଂ. ବି—୧ । ସୱାଲ ଜବାବ—
Uttarapratyuttara 1. Argument

୨ । ଉକ୍ତିପ୍ରତ୍ୟୁକ୍ତି—Discussion; exchange of words.

ଉତ୍ତରଫଲ୍‌ଗୁନୀ—ସଂ. ବି—ଉତ୍ତରଫାଲ୍‌ଗୁନୀ ( ଦେଖ )
Uttaraphalguni Uttaraphālguni ( See )

ସାଧାରଣ ଲୋକେ ଅପର ସ୍ଥାନରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ଭୃଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଉତ୍ତରଫାଲ୍ଗୁନୀ—ସଂ. ବି—ଜ୍ୟୋତିଷୋକ୍ତ ଦ୍ୱାଦଶ ନକ୍ଷତ୍ର (ନକ୍ଷତ୍ର ଦେଖ)--
Uttaraphālgunī (Hindu astronomy) The 12th lunar mansion or constellation

ଉତ୍ତରବାଦୀ—ସଂ. ବି. (ହିନ୍ଦୁ ସ୍ମୃତି)—ମକଦ୍ଦମାରେ ପ୍ରତିବାଦୀ; ଅସାମୀ -
Uttarabādī Defendant in a law suit.

ଉତ୍ତରବାୟୁ—ସଂ. ବି. (ମଧ୍ୟପଦଲୋପୀ)—ଉତ୍ତରଦିଗରୁ ବହୁଥିବା ଶୀତଳ
Uttarabāyu ବାୟୁ; ଉତ୍ତରାପବନ—The north wind.

ଉତ୍ତରବାହିନୀ—ସଂ. ବିଣ. ସ୍ତ୍ରୀ. (ଉତ୍ତର+ବହ ଧାତୁ+କର୍ତ୍ତୃ. ଇନ୍+
Uttarabāhinī ସ୍ତ୍ରୀ. ଈ)—ଯେଉଁ ନଦୀ ଉତ୍ତର ଦିଗକୁ ବହି-
(ଉତ୍ତରବାହୀ—ପୁଂ.) ଯାଉଅଛି—( a river) Flowing towards the north.

ଉତ୍ତରଭାଦ୍ରପଦ—ସଂ. ବି.—ଷଡ଼ବିଂଶ ନକ୍ଷତ୍ର—Name of the
Uttarabhādrapada 26th asterism.
[ଦ୍ର—ଏହା ଖଟର ପଛ ଖୁରା ପରି ଦୁଇଟି ନକ୍ଷତ୍ର । ନକ୍ଷତ୍ର ତଳେ କୋଷ୍ଠ ଦେଖ]

ଉତ୍ତରଭାଦ୍ରବ—ଦେ. ବି. (ସଂ. ଉତ୍ତରଭାଦ୍ରପଦ)—
Uttarabhādraba ଉତ୍ତରଭାଦ୍ରପଦ (ଦେଖ)
Uttarabhādrapada (See)

ଉତ୍ତରମୀମାଂସା—ସଂ. ବି—ବେଦର ପରବର୍ତ୍ତୀ ମୀମାଂସା; ବେଦାନ୍ତ
Uttaramīmāṁsā (ଏହାର ରଚୟିତା—ବ୍ୟାସଦେବ)—
One of the principal systems of Hindu philosophy, the Bedānta.

ଉତ୍ତରମେଘ—ସଂ. ବି.—କାଳିଦାସଙ୍କ ରଚିତ ମେଘଦୂତ କାବ୍ୟର
Uttaramegha ଶେଷାର୍ଦ୍ଧ—The second part of Kālidāsas' Meghadūta.
[ଦ୍ର—ଏ ଗ୍ରନ୍ଥର ପ୍ରଥମ ଭାଗର ନାମ ପୂର୍ବମେଘ ।]

ଉତ୍ତରମେରୁ—ସଂ ବି ( ଭୂଗୋଳପରିଭାଷା )—ସୁମେରୁ; ପୃଥିବୀର
Uttarameru ଉତ୍ତରତମ ବିନ୍ଦୁ—The North pole.

ଉତ୍ତରମେରୁବୃତ୍ତ—ସଂ. ବି. ( ଭୂଗୋଳପରିଭାଷା )—ଉତ୍ତରମେରୁ ଠାରୁ
Uttarameruvṛutta ୨୩ ଅଂଶ ଦକ୍ଷିଣରେ ଯେଉଁ ବୃତ୍ତ କଳ୍ପିତ ହୁଏ । ପୃଥିବୀର ଉତ୍ତରତମ କଟିବନ୍ଧ; ସୁମେରୁ-ବୃତ୍ତ—The artic circle.

ଉତ୍ତରରା—ଦେ. ବି.—ପ୍ରାଚୀନ ଉତ୍କଳର ରାଜାମାନଙ୍କଦ୍ୱାରା ବୀରମାନଙ୍କୁ
Uttararā ପ୍ରଦତ୍ତ ଉପାଧିବିଶେଷ—A title conferred by the Rājās of ancient 'Utkala' on brave men.

ଉତ୍ତରଳ—ସଂ. ବିଣ (ଉତ୍=ଉପରକୁ+ତରଳ=ଚଞ୍ଚଳ)—
Uttarala ୧ । ଅତି ଚଞ୍ଚଳ—1. Restless.
୨ । ଉତୁରୁଥିବା—2. Swollen by heat; bubbling up; boiling (said of liquids)

କଂସ ମନସ୍ତାପ ଉତ୍ତରଳ କ୍ରୋଧ ରୋଧିଣ ଧୈର୍ଯ୍ୟ ରକ୍ଷଣେ ।
ରାଧାନାଥ. ପାର୍ବତୀ ।

୩ । କମ୍ପୁଥିବା; ଥରୁଥିବା—
3. Trembling; quivering.

ଉତ୍ତରଳେ—ଦେ. କ୍ରି. ବିଣ—ଉତୁରୁଥିବା ଅବସ୍ଥାରେ; ତରଙ୍ଗିତ-
Uttarale ଅବସ୍ଥାରେ—In a bellowy or trembling condition.

ଉତ୍ତରଳେ ଯାଇ ଓଗାଳିଲୁ ବାଟ, ଅକାଶ ପାତାଳ ଛନ୍ଦିଲେ କୂହାଟ ।
ରାଧାନାଥ. ଚିଲିକା ।

ଉତ୍ତରଷୋଡ଼ଶ—ସଂ. ବି.—ଅନ୍ତ୍ୟେଷ୍ଟି କ୍ରିୟାରେ ଶେଷ ଦୁଇ ଦିନର
Uttarashoṛdaśa (ଦଶମ ଓ ଏକାଦଶ) ଅଚରିତ କର୍ମ—
The funeral rites performed in the last two days.

ଉତ୍ତର ଷୋଡ଼ଶେ ବାପଙ୍କୁ ଦେଲି ପିଣ୍ଡ ।
କର ସବୁ ଋଷିଙ୍କୁ ମୋ ପଣରେ ଦଣ୍ଡ । କୃଷ୍ଣସିଂ. ମହାଭାରତ ଅନୁଶାସନ ।

ଉତ୍ତରସାକ୍ଷୀ—ସଂ. ବି.—(ହିନ୍ଦୁସ୍ମୃତି) ଯେ ପରମୁହଁରୁ ଘଟନା କଥା ଶୁଣି
Uttarasākshī ସାକ୍ଷୀ ଦିଏ —A hear-say witness.

ଉତ୍ତରସାଧକ—ସଂ. ବି. ପୁଂ (ଉତ୍ତର+ସାଧକ=ସହାୟକ)—ସାହାଯ୍ୟ-
Uttarasādhaka କାରୀ ବ୍ୟକ୍ତି; ମୁଖ୍ୟ ବ୍ୟକ୍ତି ବା ସାଧକବ୍ୟକ୍ତିର ସାହାଯ୍ୟକାରୀ ବ୍ୟକ୍ତି—An assistant or promotor; supervisor; one who directs the performances of religious rite by another.
[ଦ୍ର—ତନ୍ତ୍ରୋକ୍ତ ମନ୍ତ୍ରାଦି ସାଧନ କରିବା ବ୍ୟକ୍ତିଙ୍କୁ ସାହାଯ୍ୟ-କରିବାପାଇଁ ଓ ସାଧକ ମନ୍ତ୍ର ଜପ କରିବା ସମୟରେ ଭୟଙ୍କର ଦୃଶ୍ୟମାନ ଦେଖି ବିହ୍ୱଳ ବା ଭ୍ରାନ୍ତ ହେଲେ ତାଙ୍କୁ ( 'ସର୍ବଂ ମିଥ୍ୟା ଜପଂ କୁରୁ'—ଏହା କହି ) ଚେତାଇ ଦେବା ପାଇଁ ଯେଉଁ ବ୍ୟକ୍ତି ସାଧକଙ୍କ ନିକଟରେ ଉପସ୍ଥିତ ଥାଆନ୍ତି । ]

ଉତ୍ତରା—ସଂ. ବି. ସ୍ତ୍ରୀ—୧ । ବିରାଟ ରାଜକନ୍ୟା—
Uttarā 1. The daughter of the king of Birāta, music student and daughter-in-law of Arjuna.
[ ଦ୍ର—ଏ ଅର୍ଜୁନଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ ଓ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କୁ ବିବାହ କରିଥିଲେ । ]

ପତି-ପିତୃ-ଭାତୃ-ଶୋକେ ଆତୁର ଉତ୍ତରା । ରାଧାନାଥ. ଦରବାର ।

୨ । ଉତ୍ତର ଦିଗ୍—2. The Northeren quarter.
୩ । ଉତ୍ତର ଶବ୍ଦଯୁକ୍ତ ନକ୍ଷତ୍ରଗଣ—
3. The three asterisims beginning with the word "Uttara" ( M.W. ).
( ଯଥା—ଉତ୍ତରଭାଦ୍ରପଦ; ଉତ୍ତରାଫାଲ୍ଗୁନୀ ଓ ଉତ୍ତରାଷାଢ଼ା )
ଦେ. ବି—୧ । ଉତ୍ତରାମେଘ ( ଦେଖ )
Uttarāmegha ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହ୍ରସ୍ୱାନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ୍ର,ସ | ଙ୍କ | ଇଯ୍ | ଇଅ | ଢ |
| ୨ | ଈ | ଉ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଡ୍ଡ | ନ୍ତୁ |

୨ । ଉତ୍ତରା ପବନ ( ଦେଖ )
2. Uttarā pabana ( See )
ଉତ୍ତର କମଳ ବନ ବହୁଳ ଉତ୍ତର । ପ୍ରାଚୀ, ଉତ୍ତରସମୁଦ୍ର ।

**ଉତ୍ତରାକାଣ୍ଡ**—ସଂ. ବି—ରାମାୟଣର ସାତକାଣ୍ଡର ଶେଷ କାଣ୍ଡ; ଶ୍ରୀରାମ
Uttarākāṇḍa ଲଙ୍କାରୁ ଫେରିବା ପରେ ଘଟିଥିବା ଘଟଣାମାନ ଯେଉଁ କାଣ୍ଡରେ ବର୍ଣ୍ଣିତ ହୋଇଅଛି – The last book of the 'Rāmāyaṇa'.

**ଉତ୍ତରାଧର**—ସଂ. ବି. ( ଉତ୍ତର + ଅଧର )—ଉପରସ୍ଥ ଓଷ୍ଠ —
Uttarādhara The upper lip.
(ଅଧରୋତ୍ତର—ବିପରୀତ)

**ଉତ୍ତରାଧିକାର**—ସଂ. ବି. ( ଉତ୍ତର = ପରବର୍ତ୍ତୀ + ଅଧିକାର = ସ୍ୱତ୍ୱ )—
Uttarādhikāra ଧନସ୍ୱାମୀର ମୃତ୍ୟୁ ପରେ ତାଙ୍କ ସମ୍ପତ୍ତିରେ ତାହାଙ୍କ ସଙ୍ଗେ ସମ୍ପର୍କ-ବନ୍ଧନ ସ୍ୱତ୍ୱ—
Inheritance, succession to property left by the owner.

**ଉତ୍ତରାଧିକାରୀ**—ସଂ. ବି. ପୁଂ (ଉତ୍ତରାଧିକାର + ଅସ୍ତି ଅର୍ଥରେ. ଇନ୍)—
Uttarādhikāri ଉତ୍ତରାଧିକାରୀ; ଦାୟାଦ; ଧନସ୍ୱାମୀଙ୍କ ମୃତ୍ୟୁପରେ
(ପୂର୍ବାଧିକାରୀ – ବିପରୀତ) ଯାହାଙ୍କ ସମ୍ପତ୍ତି ଯାହା ଅଧିକାରରେ ଆସେ—
(ଉତ୍ତରାଧିକାରିଣୀ—ସ୍ତ୍ରୀ) Heir; successor; inheritor.

ଉତ୍ତରାଧିକାରତା } ବି.
ଉତ୍ତରାଧିକାରିତ୍ୱ }

**ଉତ୍ତରାପଖିଆ**—ଦେ. ବି — ଧାନ୍ୟବିଶେଷ – A kind of white-
Uttarāpakhiā roundish, flat fine paddy.
[ ଦ୍ର—ଏହି ଧାନ ଚେପ୍ଟା, ଗୋଲ, ଧଳା ଓ ଧୋବ ଏବଂ ଏହାର ଦୁଇ ପାଖରେ ପକ୍ଷୀ ପର ଲାଞ୍ଜ ଲାଗିଥାଏ । ]

**ଉତ୍ତରାପଥ**—ସଂ. ବି. ( ଉତ୍ତରା = ଉତ୍ତର ଦିଗ + ପଥିନ୍ + ଅ )—
Uttarāpatha ଉତ୍ତର ଦେଶ—
The Northern country.

**ଉତ୍ତରାପବନ**—ଦେ. ବି—ଶୀତଦିନେ ଉତ୍ତର ଦିଗରୁ ବହୁଥିବା ଥଣ୍ଡା
Uttarāpabana ପବନ—North wind of the winter.

**ଉତ୍ତରାଫାଲ୍‌ଗୁନୀ**—ସଂ. ବି—ଉତ୍ତରଫାଲ୍‌ଗୁନୀ ( ଦେଖ )
Uttaraphālguni Uttaraphālguni ( See )

**ଉତ୍ତରାଭାସ**—ସଂ. ବିଣ. ( ୬ଷ୍ଠୀ ତତ୍; ଉତ୍ତର = ଦୋଷଖଣ୍ଡନ +
Uttarābhāsa ଆଭାସ = ସଦୃଶ ହେବା)—
୧ । ( ଆଇନ୍ ) ଅସଦୁତ୍ତର—
1. ( law ) Improper reply.
୨ । ( ଆଇନ୍ ) ପ୍ରତିବାଦୀର ମିଛ ଜବାବ—
2. ( law ) False written statement of a defendant.
[ ଦ୍ର—ଭରଦ୍ୱାଜ ଅନୁସାରେ ଉତ୍ତରାଭାସ ବା ପ୍ରତିବାଦୀର ମିଥ୍ୟା ଜବାବ ଏଗାର ପ୍ରକାର ଅଟେ । ଯଥା—୧. ସନ୍ଦିଗ୍ଧ; ୨. ଅପ୍ରକୃତ; ୩. ଅତ୍ୟଳ୍ପ; ୪. ଅତ୍ୟଧିକ; ୫. ପକ୍ଷୈକଦେଶବ୍ୟାପୀ; ୬. ବ୍ୟସ୍ତପଦ; ୭. ଅବ୍ୟାପୀ; ୮. ନିଗୂଢ଼ାର୍ଥ; ୯. ଆକୁଳ; ୧୦. ବ୍ୟାଖ୍ୟାଗମ୍ୟ ଓ ୧୧. ଅସାର—ବୃହ. ଶବ୍ଦସାଗର । ]

**ଉତ୍ତରାମେଘ**—ଦେ. ବି—ଉତ୍ତରରୁ ଉଠାଇ ଦକ୍ଷିଣକୁ ଗତି କରୁଥିବା
Uttarāmegha ମେଘ—Cloud rising from the north and moving southwards.
[ ଦ୍ର—ମେଘ ଉତ୍ତରରୁ ଉଠାଇ ଦକ୍ଷିଣକୁ ଗତି କଲେ ଶୀଘ୍ର ବର୍ଷା ହୁଏ । ]

**ଉତ୍ତରାୟଣ**—ସଂ. ବି. (କର୍ମଧା; ଉତ୍ତର = ଶେଷ + ଅୟନ = ପଥ; ଗତି)—
Uttarāyaṇa ୧ । ସୂର୍ଯ୍ୟଙ୍କର ବିଷୁବରେଖାର ଉତ୍ତରରେ ଥିବା ମାର୍ଗ ( ୨୩।୨୪ ଡିସେମ୍ବରଠାରୁ ୨୨ ଜୁନ୍ ଯାଏ; ମକର ସଂକ୍ରାନ୍ତିଠାରୁ ଶ୍ରାବଣସଂକ୍ରାନ୍ତି ଯାଏଁ )—
1. The period during which the sun moves north of the equator (December to June).
୨ । ସୂର୍ଯ୍ୟଙ୍କର ବିଷୁବରେଖାର ଉତ୍ତରକୁ ଗତି—
2. The northward course of the sun. the annual motion of the sun towords the north of the equator.
[ ଦ୍ର—ଉତ୍ତରାୟଣରେ ମନୁଷ୍ୟ ମୃତ ହେଲେ ଦେବଲୋକ ପ୍ରାପ୍ତ ହୁଏ ଓ ପୁନର୍ଜନ୍ମ ଲାଭ କରେ ନାହିଁ । ଏଥି ପାଇଁ କୁରୁକ୍ଷେତ୍ର-ଯୁଦ୍ଧରେ ଭୀଷ୍ମ ଆହତ ହୋଇଥିଲେହେଁ ଉତ୍ତରାୟଣ ହେବା ପର୍ଯ୍ୟନ୍ତ ସେ ଶରଶଯ୍ୟାରେ ଥାଇ ମରଣକୁ ଅପେକ୍ଷା କରିଥିଲେ । ଏହା ଦେବତାମାନଙ୍କର ଦିନ ଓ ଅସୁରମାନଙ୍କର ରାତି । ]

**ଉତ୍ତରାୟଣ ବନ୍ଦାପନା**—ସଂ. ବି—ଉତ୍ତରାୟଣ ସଂକ୍ରାନ୍ତିରେ କୃତ୍ୟ, ସୂର୍ଯ୍ୟ-
Uttarāyaṇa bandāpanā ବନ୍ଦାପନା—Worship of the Sun-god on the 'Uttarāyaṇa saṁkrānti'.

**ଉତ୍ତରାୟଣ ସଂକ୍ରାନ୍ତି**—ସଂ. ବି—ଯେଉଁ ସଂକ୍ରାନ୍ତି ଦିନ ସୂର୍ଯ୍ୟ ବିଷୁବ-
Uttarāyaṇa saṁkrānti ରେଖାର ଉତ୍ତର ଦିଗକୁ ଗତି କରିବାକୁ ଆରମ୍ଭ କରନ୍ତି; ମକର ସଂକ୍ରାନ୍ତି—
The Saṁkrānti of the month of 'Māgha'.

**ଉତ୍ତରାୟଣାନ୍ତବୃତ୍ତ**—ସଂ. ବି ( ଭୂଗୋଳପରିଭାଷା ) କର୍କଟକ୍ରାନ୍ତିବୃତ୍ତ;
Uttarāyaṇāntabrutta ସୂର୍ଯ୍ୟଙ୍କ ଉତ୍ତରଗତିର ସୀମା-ନିରୂପକ ରେଖା; ବିଷୁବରେଖାର ୨୩½ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା କଳ୍ପିତ ହୋଇଅଛି—
The Tropic of Cancer.

**ଉତ୍ତରାର୍ଦ୍ଧ**—ସଂ. ବି—୧ । ଦୁଇ ଭାଗରେ ବିଭକ୍ତ କୌଣସି ବସ୍ତୁ ବା
Uttarārddha ଗ୍ରନ୍ଥର ଶେଷାର୍ଦ୍ଧ—1. The last half of a thing or a book.
( ପୂର୍ବାର୍ଦ୍ଧ—ବିପରୀତ ) ୨ । ଗୋଲାକାର ବସ୍ତୁର ଉତ୍ତର ପାଖର ଅର୍ଦ୍ଧାଂଶ—2. The northern hemisphere of a circle.

ସାଧାରଣ ଲୋକେ ଅପର ପ୍ରସ୍ଥାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; ବଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣ୍ୟ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲବଢ଼' ଦେଖିବେ ।

ଉତ୍ତରାଳି—ଦେ. ବିଣ—୧ । ଉତ୍ତରଦେଶୀୟ—1. Northern.
Uttarāḻi ୨ । ଉତ୍ତରଦେଶବାସୀ—2. Inhabiting the north.

ଉତ୍ତରାଷାଢ଼ା—ସଂ. ବି—ହିନ୍ଦୁ ଜ୍ୟୋତିଷୋକ୍ତ ୨୧ଶ ନକ୍ଷତ୍ର ( ନକ୍ଷତ୍ର
Uttarāshāṛhā ତଳେ କୋଷ୍ଠ ଦେଖ )—The 21st lunar mansion in Hindu astronomy

ଉତ୍ତରାସଙ୍ଗ—ସଂ. ବି— ( ବହୁବ୍ରୀହି; ଉତ୍ତର=ଉପରସ୍ଥ ଅଙ୍ଗରେ +
Uttarāsanga ଆସଙ୍ଗ=ସଙ୍ଗତ ଯାହାର)—ଉତ୍ତରୀୟ (ଦେଖ)
Uttarīya (See)

ଉତ୍ତରିବା—ଦେ. ପଦ୍ୟ. କ୍ରି—( ସଂ. ଉତ୍ତର ) ୧ । ଉତ୍ତର କରିବା—
Uttaribā 1. To reply.

ଉତ୍ତରିଲେ ଅର୍କ୍କି, ଏହା ଜାଣ ତତ୍ତ୍ୱଧାମ—ରାଧାନାଥ. ମହାଯାତ୍ରା ।

୨ । ( ସଂ. ଉତ୍ତରଣ ) ଓହ୍ଲାଇବା; ଓହ୍ଲାଇବା—
2. To alight; to get down.

ସ୍ୱର୍ଗେ ଶ୍ରାନ୍ତ ଲଭି ତହିଁ ଉତ୍ତରି—ରାଧାନାଥ. ମହାଯାତ୍ରା ।

ଉତ୍ତରୀ—ଦେ. ବି—( ସଂ. ଉତ୍ତରୀୟ )—ଉତୁରୀ ( ଦେଖ )
Uttarī Uturī ( See )

ଉତ୍ତରୀୟ—ସଂ. ବି ( ଉତ୍ତର=ଉପରସ୍ଥ ଅଙ୍ଗ+ଇଦମର୍ଥେ. ଈୟ )—
Uttarīya ନାଭିଦେଶର ଊର୍ଦ୍ଧ୍ୱସ୍ଥିତ ଅଙ୍ଗର ଆଚ୍ଛାଦନବସ୍ତ୍ର; ଉତୁରି; ପାଚୁଡ଼ା; ଚାଦର; ଚୋଷଡ଼ା; ଏକପଟ୍ଟା— A sheet or scarf worn on the upper part of the body (above the waist); light upper garment worn as a shawl.

ଉତ୍ତରେଦ୍ୟୁ—ଦେ. ଅ ଉତ୍ତରେଦ୍ୟୁଃ ( ଦେଖ )
Uttaredyu Uttaredyuḥ ( See)

ଉତ୍ତରେଦ୍ୟୁଃ—ସଂ. ଅ ( ଉତ୍ତର=ପରବର୍ତ୍ତୀ + ଦିବାର୍ଥ ଏଦ୍ୟୁସ୍ )—
Uttaredyuḥ ୧ । ଆଗାମୀ କାଲି—
1. Tomorrow.
୨ । ପରବର୍ତ୍ତୀ ଦିବସରେ—2. Next day.
୩ । ପରେ ଅନ୍ୟ କୌଣସି ଦିନ - 3 In a future day.

ଉତ୍ତରେଦ୍ୟୁଷ୍କ—ସଂ. ବିଣ (ଉତ୍ତରେଦ୍ୟୁସ୍=ପରଦିନ+ଘଟିବା ଅର୍ଥରେ
Uttaredyushka କ )—୧ । ପରବର୍ତ୍ତୀ ଦିବସରେ ଘଟିବା—
1. Happening on a future day.
୨ ଆଗାମୀ କାଲି ଘଟିବା - 2. Happening tomorrow.

ଉତ୍ତରୋତ୍ତର—ସ. କ୍ରି. ବିଣ ( ଉତ୍ତର=ପରେ+ଉତ୍ତର=ପରେ)—
Uttarottara କ୍ରମେ କ୍ରମେ—Successively; further and further,
ସଂ ବିଣ—ପରେ ପରେ ଘଟିବା—Following in succession; succssive.
ସଂ. ବି(୬ଷ୍ଠୀ ତତ୍)—୧ । ପ୍ରତ୍ୟୁତ୍ତର—1. A rejoinder.
୨ । ଉତ୍ତରର ଉତ୍ତର—2. Rejoinder to a reply.

ଉତ୍ତଳା—ଦେ. ବିଣ ( ସଂ. ଉତ୍ତାଳ )—ଉତଳା ( ଦେଖ )
Uttaḻā Utaḻā ( See )

ନାଚଇ ଘନ ଘନ କେକୀ ଉତ୍ତଳା—ରାଧାନାଥ. ମେଘଦୂତ ।

ଉତ୍ତାନ—ସଂ. ବିଣ (ଉତ୍=ଉପରକୁ+ତନ ଧାତୁ=ବିସ୍ତୃତ ହେବା+
Uttāna କର୍ତ୍ତୃ.ଅ)- ୧ । ଊର୍ଦ୍ଧ୍ୱମୁଖରେ ସ୍ଥିତ; ଚିତ ହୋଇଥିବା—
1. Lying on the back; with the face turned upwards.
୨ । ବିସ୍ତାରରହିତ—2. Having no expanse or breadth.
୩ । ଉପରଭାଗ ଖାଲୁଆ ହୋଇଥିବା ( କାଚଖଣ୍ଡ )—
3. Concave.

ଉତ୍ତାନପାଦ—ସଂ. ବି (ନାମ)—ସ୍ୱାୟମ୍ଭୁବମନୁଙ୍କ ପୁତ୍ର ଓ ଧ୍ରୁବଙ୍କ ପିତା,
Uttānapāda ରାଜାବିଶେଷ—A king of ancient India, father of Dhruba.

[ ଦ୍ର—ହିରଣ୍ୟାସୁର ଏହାଙ୍କ ରାଜ୍ୟରେ ଉତ୍ପାତ କରିବାରୁ ଏ ହିରଣ୍ୟାସୁର ସହିତ ନିଜ କନ୍ୟା ସୁଲକ୍ଷଣାଙ୍କୁ ବିବାହ ଦେଇଥିଲେ । ଏହାଙ୍କର ଦୁଇ ରାଣୀ ସୁନୀତି ଓ ସୁରୁଚିଙ୍କ ମଧ୍ୟରୁ ରାଜା ସୁରୁଚିଙ୍କୁ ବେଶି ଦେଖି ପାରୁଥିବାରୁ ତାଙ୍କର ପ୍ରରୋଚନାରେ ସୁନୀତିଙ୍କୁ ବନବାସ ଦେଇଥିବା କାଳରେ ରାଜାଙ୍କ ଔରସରେ ସୁନୀତିଙ୍କର ସେହି ବନରେ ଧ୍ରୁବ ଜନ୍ମଲାଭ କଲେ । ପିତାଙ୍କୁ ଦେଖିବାକୁ ଧ୍ରୁବ ରାଜଧାନୀକୁ ଆସିବାବେଳେ ପିତାଙ୍କ କୋଳରେ ସୁରୁଚିଙ୍କ ପୁତ୍ର ଉତ୍ତମ ବସିଥିଲା । ସୁରୁଚି ଧ୍ରୁବଙ୍କୁ ପିତୃ ସାକ୍ଷାତରେ ଅପମାନ ଦେଇ ରାଜପୁରରୁ ବାହାର କରିଦେବାରୁ ଧ୍ରୁବ ସେଠାରୁ ଯାଇ କଠୋର ତପସ୍ୟା ବଳରେ ମାତାଙ୍କୁ ଅପମାନରୁ ମୁକ୍ତ କରାଇ ପିତୃଗୃହ ଓ ପିତୃ ସିଂହାସନ ଓ ପରଲୋକରେ ଧ୍ରୁବପଦ ଲାଭ କରିଥିଲେ । ]

ସଂ. ବିଣ. ପୁଂ—ଯାହାର ପାଦ ଉପରକୁ ଲେଉଟିଥାଏ, ଓଲଟ ପାଦବିଶିଷ୍ଟ—Having upturned feet.

ଉତ୍ତାନଶୟ— ସଂ. ବି (ଉତ୍ତାନ=ଚିତ+ଶୀ ଧାତୁ=ଶୋଇବା+କର୍ତ୍ତୃ.
Uttānaśaya ଅ )—୧ । ଯେ ଚିତ ହୋଇ ଶୁଏ—
(ଉତ୍ତାନଶୟା—ସ୍ତ୍ରୀ) One who sleeps on the back.
୨ । ଦୁଧଅଣ୍ଟି ପିଲା; ଅତି ଶିଶୁ—2. Infant;
ବିଣ—ଚିତ ହୋଇ ଶୋଇଥିବା—Lying with face upwards; lying on the back.

ଉତ୍ତାନଶୟନ—ସଂ. ବି—ଚିତ ହୋଇ ଶୋଇବା—Lying with
Uttānaśayana face upwards.

ଉତ୍ତାନଶାୟୀ—ସଂ. ବି. ଓ ବିଣ ( ଉତ୍ତାନ+ଶୀ+ଇନ୍ )—
Uttānaśāyī ଉତ୍ତାନଶୟ (ଦେଖ)
(ଉତ୍ତାନଶାୟିନୀ—ସ୍ତ୍ରୀ) Uttānaśaya (See)

ଉତ୍ତାପ—ସଂ. ବି (ଉତ୍=ଊର୍ଦ୍ଧ୍ୱ+ତପ ଧାତୁ=ତାତିବା+ଭାବ. ଅ)—
Uttāpa ଗ୍ରୀଷ୍ମ; ଉଷ୍ଣତା; ଗରମ—Heat
(ଉତ୍ତପ୍ତ—ବିଣ) ୨ । ଉଷ୍ମ; ଉଷୁମ—2. Warmth

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଢ | ଶ,ଷ | ଛ | ଇତ୍ | ଛଥ | ଓ |
| ୨ | ଈ | ଊ | ରୁ | ଲୁ | ପ୍ଟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଶଂ୍ୟ | ଇଥ | | ନ୍ତ |

୩ । ତେଜ—3 Ardour; zeal.
୪ । ରାଗ; କ୍ରୋଧ—4. Passion.

ଉତ୍ତାପନ—ସଂ. ବି (ଉତ୍ + ତପ ଧାତୁ ଣିଚ; ତାପି ଧାତୁ=ତତାଇବା+ ଭାବ. ଅନ )—ତତାଇବା; ଗରମ କରିବା; ଉଷ୍ମାଇବା—Heating; applying heat; warming.
Uttāpana
(ଉତ୍ତାପିତ—ବିଣ)

ଦେ. ବିଣ. ଲକ୍ଷଣାର୍ଥ—ପ୍ରପୀଡ଼ିତ—Oppressed.

ଜଗତ କଲେ ଉତ୍ତାପନ । ସାଧୁମାନେ ପାନ୍ତି କଷଣ—ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

ଉତ୍ତାପିତ—ସଂ. ବିଣ (ଉତ୍ + ତାପି ଧାତୁ = ତତାଇବା+କର୍ମ. ତ )—
Uttāpita ୧ । ଉତ୍ତାପଯୁକ୍ତ; ଗରମ କରା ଯାଇଥିବା—
1. Made hot; heated.
୨ । ଉଷ୍ମ; ଉଷ୍ଣତାଯୁକ୍ତ—2. Hot; warm

ଉତ୍ତର—ଦେ. ବି (ସଂ. ଉତ୍ତର)—୧ । ଜବାବ—
Uttāra 1. Reply to a question.
(ତଦ୍ଭା—ଉପସ୍ୱତ) ୨ । ପ୍ରତିକ୍ରିୟା—2. Remedy.
୩ । ନକଲ; କପି—3. Copy; duplication.
ସଂ. ବି ( ଉତ୍ + ତୃ ଧାତୁ=ପାର ହେବା + ଭାବ. ଅ )—
୧ । ବମନ—1. Vomiting.
୨ । ଉତ୍ତରଣ; ପାରହେବା—2. Crossing.
ସଂ. ବିଣ—୧ । ଉଚ୍ଚଶବ୍ଦଯୁକ୍ତ—1. Having a high sound; loud.
୨ । ଉତ୍କୃଷ୍ଟ—2. Excellent
୩ । (ଉତ୍ + ତାରା)—ଊର୍ଦ୍ଧ୍ୱଗତ ତାରକାବିଶିଷ୍ଟ (ଚକ୍ଷୁ)—
3. Up-turned eyes)

ଉତ୍ତାରିବା—ଦେ. କ୍ରି ( ସଂ. ଉତ୍ତରଣ )—
Uttāribā ୧ । ନକଲ କରିବା—
1. To copy; to transcribe,

ଗୋଟିଏ ସରସ ନାଟକ ରଚନା କରି ତାକୁ ନିଜ ହସ୍ତରେ ଉତାରି ।
ମଧୁସୂଦନ. ଉତ୍ତରରାମଚରିତ ।

୨ । (ଛାଲ) କାଢ଼ିବା—2. To draw out ( the skin), extract.
୩ । ଓହ୍ଲାଇ ଦେବା—3. To put down; to cause to alight or get down

ଏଣିମି ନଗେ ପାବନ, ପ୍ରବେଶ ଯୁଦ୍ଧ ଅବନୀ; ବେନ ମନ୍ତ୍ରୀ ଶିର ଉତାରିଲେ ଯେ ।
ଉପେ. ବୈଦେହୀଶବିଳାସ ।

୪ । ତଳକୁ ଖସାଇ ପକାଇବା—
4. To fell; to bring down.

ଶିର ଉତାରି ଯା ଅରକ୍ଷି ନ ଦେଲ ତୃଣ ଜ୍ଞାନ ଅବସରେ ।
ରାଧାନାଥ—ପାର୍ବତୀ ।

୫ । ଚୂଲିରୁ ଓହ୍ଲାଇବା—
5. To bring down from the fire-place

କ୍ଷୀର ଉତାରି ଗୋପବାଳୀ
ପୁଣି ମନ୍ଥନ ସ୍ଥାନେ ମିଳି—ଜଗନ୍ନାଥ ଭାଗବତ. ୧୦ମ ।

୬ । ବାହାର କରି ଦେବା; କାଢ଼ିବା—
6. To take away; to draw away.

କାହାର ବସନ ଉତାରି
କବରୀ ବେଶ ତାକୁ କରି । ଜଗନ୍ନାଥ. ଭାଗବତ. ୧୦ମ ।

୭ । ( ଲୁଗା ) ପାଲଟିବା—
7. To put off ( one's cloth )

ଉତ୍ତାରୁ—ଦେ. ଅ ( ସଂ. ଉତ୍ତର )—ପରେ—
Uttāru After; afterwards; subsequent to; subsequently.
উত্তারে
বাদ; পোন্ট

ଉତ୍ତାରେ—ଦେ. ଅ—ଉତ୍ତାରୁ ( ଦେଖ )
Uttāre Uttāru ( See )

ଉତ୍ତାଳ—ସଂ. ବିଣ. ( ଉତ୍=ଉପରକୁ + ତଳ ଧାତୁ=ଉଠିବା+ କର୍ତ୍ତୃ. ଅ )—
Uttāla
୧ । ଉନ୍ନତ; ଉଚ୍ଚ; ଉଚ୍ଚତରଙ୍ଗାୟିତ—
1. High; billowy; boisterous; with waves mountain-high
୨ । ଉତ୍କଟ; ଭୟାନକ—
2. Terrible; tremendous; violent.
୩ । ଉତ୍କୃଷ୍ଟ—3. Excellent.
୪ । ମହତ୍; ଶ୍ରେଷ୍ଠ—4. Great.
୫ । ଚଞ୍ଚଳ; ଅସ୍ଥିର—5. Restless.
୬ । ପ୍ଲବଙ୍ଗମ; ଯେ ଡେଇଁ କରି ଚାଲେ—
6. Walking by leaps.
୭ । ଭୟାନକ ଶବ୍ଦକାରୀ—7. Bellowing; roaring.
ସଂ. ବି—ପ୍ଲବଙ୍ଗମ (ପ୍ରକୃତିବାଦ)—ଭେକ; ବାନର; ହରିଣ—
Frog, monkey and deer.
ଦେ. ବି—ଅସ୍ଥିରତା; ଉତ୍କଣ୍ଠା—Anxiety.

କେତେ ଅବା ପାର କାହିଁ ମନ ଉତାଳକୁ । ସାଳବେଗ. ରସକଲ୍ଲୋଳ ।

ଉତ୍ତାଳତରଙ୍ଗାୟିତ—ସଂ. ବିଣ—ଉତ୍ତାଳ ତରଙ୍ଗ ଉଠୁଥିବା (ସମୁଦ୍ର)—
Uttālatarangāyita (Sea) With mountainous waves; roaring (sea); billowy.

ଉତ୍ତିଷ୍ଠମାନ—ସଂ. ବିଣ. ( ଉତ୍=ଉପରକୁ+ସ୍ଥା ଧାତୁ+କର୍ତ୍ତୃ. ଅନ )—
Uttishthamāna
(ଉତ୍ତିଷ୍ଠମାନା—ସ୍ତ୍ରୀ) ୧ । ଉତ୍ଥାନଶୀଳ; ଉଠୁଥିବା; ଯେ ଉଠିଅଛି—
1. Getting up; getting ready.
୨ । ବର୍ଦ୍ଧମାନ; ବୃଦ୍ଧିଶୀଳ—
2. Rising; prospering; developing.
୩ । ଯେ ଉଦ୍ୟୋଗ କରୁଅଛି; ଉଦ୍ୟୁକ୍ତ—
3. Endeavouring; striving.

> ସାଧାରଣ ଲେଖକ ଅପର ପୃଷ୍ଠାରେ ସୂଚନା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଦେଖିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଳିଂ' ନ ପାଇଲେ 'ଅଳି' ଦେଖିବେ; 'ଅଳବେ' ନ ପାଇଲେ ଅଳବେ ଦେଖିବେ ।

**ଉତ୍ତୀର୍ଣ୍ଣ**—ସଂ. ବଣ. ( ଉତ୍=ଉପରକୁ+ତୃ ଧାତୁ=ପାର ହେବା+ କର୍ମ. ତ )—
**Uttirnna**
(ଉତ୍ତୀର୍ଣ୍ଣା—ସ୍ତ୍ରୀ) ୧ । ( ନଦୀ ଆଦି ) ପାର ହୋଇଥିବା; ପାରଗତ; ଡେଇଁଥିବା; ଟପିଥିବା—1. Having crossed; having come across; come over; got over.
୨ । ଉତ୍ଥିତ—2. Risen.
୩ । ନିର୍ଗତ—
3. Issued; passed successfully.
୪ । ଅତିକ୍ରାନ୍ତ—4. Expired.
୫ । ମୁକ୍ତ—5 Delivered; rescued.
୬ । ଉତୁରିଥିବା; ଅବତୀର୍ଣ୍ଣ; ଉପସ୍ଥିତ—
6. Arrived; got down.
୭ । କଷ୍ଟରୁ ପରିତ୍ରାଣପ୍ରାପ୍ତ—7. Realeased.
୮ । କୃତକାର୍ଯ୍ୟ; ଶେଷ ପରୀକ୍ଷାରେ ପାସ୍ କରିବା—
8. Passed an examination successfully; successful.

**ଉତ୍ତୁଙ୍ଗ**—ସଂ. ବଣ. ( ଉତ୍=ଉପରକୁ+ତୁଙ୍ଗ=ଉଚ୍ଚ )—
**Uttunga** ୧ । ଅତି ଉଚ୍ଚ—1. Very high; elevated; lofty; prominent.
୨ । ଡେଙ୍ଗା—2. Tall.
୩ । ଅତଡ଼ିଆ—3. Steep; precepitous.

**ଉତ୍ତୁଷ**—ସଂ. ବି. ( ବହୁବ୍ରୀହି; ଉତ୍=ଉଦ୍ଗତ+ତୁଷ=ତଷୁ )—
**Uttusha** ଭୃଷ୍ଟଧାନ୍ୟ; ଲିଆ—Fried paddy.

**ଉତ୍ତେଜକ**—ସଂ. ବଣ. ( ଉତ୍=ସମ୍ୟକ୍+ତିଜ୍=ତେଜ କରିବା+ କର୍ତ୍ତୃ. ଅକ )— ୧ । ପ୍ରବର୍ତ୍ତକ; ଉଦ୍ଦୀପକ—
**Uttejaka**
(ଉତ୍ତେଜିକା—ସ୍ତ୍ରୀ) 1. Exciting; animating; stimulating; irritating.
୨ । ଯେ ମତାଏ—2. Instigating
ସଂ. ବି—୧ । ଉଦ୍ଦୀପନକାରୀ ବ୍ୟକ୍ତି—
1. Instigator.
୨ । ଉଦ୍ଦୀପକ ବସ୍ତୁ—
2. Stimulant; irritant

**ଉତ୍ତେଜନ**—ସଂ. ବି. ( ଉତ୍=ଉପରକୁ; ସମ୍ୟକ୍+ତିଜ ଧାତୁ= ତେଜିବା; ତୀକ୍ଷ୍ଣ କରିବା+ଭାବ. ଅନ )—
**Uttejana**
ଉତ୍ତେଜନା ( ଦେଖ )—Uttejanā ( See )

**ଉତ୍ତେଜନା**—ସଂ. ବି. ( ଉତ୍=ଉପରକୁ; ସମ୍ୟକ୍+ତିଜ=ତେଜିବା, ତୀକ୍ଷ୍ଣ କରିବା+ଭାବ. ଅନ+ସ୍ତ୍ରୀ. ଆ )—
**Uttejanā**
ଉତ୍ତେଜକ } ବଣ ୧ । ଶାଣାଦ୍ୱାରା ତୀକ୍ଷ୍ଣ କରିବା;
ଉତ୍ତେଜିତ }
ଧାରେଇବା—1. Sharpening; whetting.
୨ । ଉତ୍ସାହ—2. Enthusiasm.
୩ । ମତାଇବା; ପ୍ରବର୍ତ୍ତନ—3. Instigation.
୪ । ମନର ଚାଞ୍ଚଲ୍ୟ—4. Excitement.
୫ । ଧମକାଇବା; ଧମକାଣ—5. Threatening.
୬ । ଉଦ୍ଦୀପନ—
6. Exciting; stimulating.
୭ । ( ବିଜ୍ଞାନପରିଭାଷା ) ଉଦ୍ଦୀପନକାରିଣୀ ଶକ୍ତି—
7. Stimulus.
୮ । ପ୍ରୋତ୍ସାହିତ କରିବା; ଉତ୍ସାହଦାନ—
8 Goading into action; encouraging.
୯ । ଉତ୍ପୀଡ଼ନ; ଉପଦ୍ରବ କରିବା —
9. Oppression.
୧୦ । ରାଗାଇବା; ଚଢ଼ାଇବା—10. Irritating.

**ଉତ୍ତେଜିତ**—ସଂ. ବଣ. ( ଉତ୍=ସମ୍ୟକ୍+ତିଜ ଧାତୁ=ତେଜିବା +କର୍ମ. ତ )—
**Uttejita**
୧ । ଶାଣିତ—1. Sharpened; whetted.
୨ । ଉଦ୍ଦୀପିତ—
2. Excited; stimulated; irritated.
୩ । ପ୍ରୋତ୍ସାହିତ—3. Encouraged
୪ । ଉତ୍ପୀଡ଼ିତ—4. Oppressed.
୫ । ପ୍ରବର୍ତ୍ତିତ—9. Instigated.
୬ । ଘଣ୍ଟାହୋଇଥିବା—6. Stirred.
ସଂ. ବି. ( +ଭାବ. ତ )—ଅଶ୍ୱର ଗମନବିଶେଷ; ଦୁଲକି—
Trotting of a horse.

**ଉତ୍ତୋରଣ**—ସଂ. ବଣ. ( ଉତ୍=ଉନ୍ନତ+ତୋରଣ=ବହିର୍ଦ୍ୱାର; ବହୁବ୍ରୀହି)—ଯେଉଁ ନଗରର ତୋରଣ ଅତି ଉଚ୍ଚ—
**Uttorana**
(a town ) Having a high gate.

**ଉତ୍ତୋଳକ**—ସଂ. ବଣ. ପୁଂ. ( ଉତ୍=ଊର୍ଦ୍ଧ୍ୱକୁ+ତୁଲ ଧାତୁ+କର୍ତ୍ତୃ. ଅକ )—ଯେ କୌଣସି ବସ୍ତୁକୁ ଉପରକୁ ଟେକେ—
**Uttolaka**
(ଉତ୍ତୋଳିକା—ସ୍ତ୍ରୀ) Lifting up; raising up; elevating.

**ଉତ୍ତୋଳକଯନ୍ତ୍ର**—ସଂ. ବି (ଭାରି ପଦାର୍ଥକୁ ତଳରୁ ଉପରକୁ ଉଠାଇବା)—
**Uttolakajantra** କଳ; କପିକଳ—
A crane; an elevator.

[ ଦ୍ର—ଆଧୁନିକ ବିଜ୍ଞାନର କପିକଳ ଲୋକେ ଜାଣିବା ପୂର୍ବରୁ ଆମ ଦେଶରେ ଶତ ଶତ ହାତ ଉଚ୍ଚଦେଉଳ ଉପରକୁ ବିଶାଳ ପ୍ରସ୍ତରମାନ ଉଠାଇବା ପାଇଁ ଉତ୍ତୋଳକଯନ୍ତ୍ରମାନ ଥିବାର ଅନୁମିତ ହୁଏ । ]

**ଉତ୍ତୋଳନ**—ସଂ. ବି. ( ଉତ୍=ଉପରକୁ+ତୁଲ ଧାତୁ; ଣିଚ୍; ତୋଳ ଧାତୁ=ଓଜନ କରିବା+ଭାବ. ଅନ )—
**Uttolana**
୧ । ଉପରକୁ ଉଠାଇବା; ଟେକିବା—
1. Elevating; raising up; lifting up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇଁ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଗଁ୍ୟ | ଇଅ | ୱ | ନୃ |

୨ । ଊର୍ଦ୍ଧ୍ୱକୁ ନେବା; ଉପରକୁ ଟାଣିବା—
2. Drawing up.

ସଂ. ବି —ଅଶ୍ୱର ବେଗଯୁକ୍ତ ଗତିବିଶେଷ—
Galloping of a horse; full gallop

ଉତ୍ତୋଳନଦଣ୍ଡ—ସଂ. ବି. ( ବିଜ୍ଞାନପରିଭାଷା; ଉତ୍ତୋଳନ=ଉପରକୁ
Uttolanadanda ଉଠାଇବା + ଦଣ୍ଡ=ଯଷ୍ଟି ) — କୌଣସି ପଦାର୍ଥକୁ ତିରି ବା ଠେକ ଦେଇ ଉପରକୁ ଉଠାଇବା-ଯନ୍ତ୍ର—A lever.
[ ଦ୍ର—ଏଥିର ଏକ ପ୍ରାନ୍ତକୁ ତଳକୁ ଚାପିଲେ ଅପରପ୍ରାନ୍ତ ଉପରକୁ ଉଠିଯାଏ । ]

ଉତ୍ତୋଳନଯନ୍ତ୍ର—ଉତ୍ତୋଳକଯନ୍ତ୍ର ( ଦେଖ )
Uttolanajantra Uttolakajantra ( See )

ଉତ୍ତୋଳିତ—ସଂ. ବିଣ. ( ଉତ୍=ଉପରକୁ + ତୁଲ ଧାତୁ. ଣିଚ=
Uttolita ତୋଳ ଧାତୁ=ତୋଳନ କରିବା + କର୍ମ. କ୍ତ )—
୧ । ଉପରକୁ ଟେକା ହୋଇଥିବା; ଉତ୍ଥାପିତ—
1. Raised up; drawn up.
୨ । ଉନ୍ନମିତ—2 Lifted up
୩ । ଉଚ୍ଚ କରାଯାଇଥିବା—3. Elevated.

ଉତ୍ତୋଳିବା—ଦେ. ପଦ୍ୟ. କ୍ରି. ( ସଂ. ଉତ୍ତୋଳନ )—
Uttoliba ଊର୍ଦ୍ଧ୍ୱକୁ ଟେକିବା—To raise up
ଉତ୍ତୋଳି ଶଳ ବା ସେତେ କୁପିତ ଶଙ୍କା—ଦୀନନାଥ, ମହାଯାତ୍ରା ।

ଉତ୍ତ୍ୟକ୍ତ—ସଂ. ବିଣ. ( ଉତ୍=ସମ୍ୟକ୍+ତ୍ୟଜ ଧାତୁ=ଛାଡ଼ିବା +
Uttyakta କର୍ମ. କ୍ତ )—୧ । ଅଗ୍ରାହ୍ୟ କରି ଯାଇଥିବା; ଗୃହୀତ ହୋଇ ନ ଥିବା—1. Rejected.
୨ । ପରିତ୍ୟକ୍ତ—
2. Forsaken; given up; abandoned.
୩ । ଅତି ବିରକ୍ତ—3. Vexed; disgusted.

ଉତ୍ତ୍ରସ୍ତ—ସଂ. ବିଣ. ପୁଂ ( ଉତ୍=ସମ୍ୟକ୍+ତ୍ରସ୍ତ=ଭୀତ )—
Uttrasta ଡରିଥିବା; ସନ୍ତ୍ରସ୍ତ; ଅତି ଭୀତ; ଆତଙ୍କିତ—
(ଉତ୍ତ୍ରସ୍ତା—ସ୍ତ୍ରୀ) Frightened; affrighted; overwhelmed with fear; alarmed.

ଉତ୍ତ୍ରାସ—ସଂ. ବି. ( ଉତ୍=ସମ୍ୟକ୍+ତ୍ରାସ=ଭୟ )—
Uttrasa ଡରିଥିବା; ଅତି ଭୟ—Fright; overpowering fear.

ଉତ୍ଥ—ସଂ. ବିଣ. (ଉତ୍=ଉପରେ+ସ୍ଥା ଧାତୁ=ରହିବା+କର୍ତ୍ତୃ. ଅ)—
Uttha ୧ । ଉପରକୁ ଉଠୁଥିବା; ଉତ୍ଥିତ—
(ଉତ୍ଥା—ସ୍ତ୍ରୀ) 1. Arising; rising up.
( ଉତ୍ଥାନ—ବି ) ୨ । ଉତ୍ପନ୍ନ—2. Obtained from; extracted from.
( ଯଥା—ହୃଦ୍‌ଲୋତ୍ଥପାଣ୍ଡବ )
୩ । ଜାତ—3. Born; produced.

୪ । ଉଦିତ—4. Risen.

ଉତ୍ଥଲନ—ସଂ. ବି. (ଉତ୍=ଉପରକୁ ସ୍ଥଲ ଧାତୁ+ଭାବ. ଅନ)—
Utthalana ୧ । ଉପରକୁ ଉଚ୍ଛୁଳିବା—1. Over-flowing
୨ । ଉତୁରିବା—2. Boiling over; brimming.

ଉତ୍ଥଲିତ—ସଂ. ବିଣ. ( ଉତ୍+ସ୍ଥଲ ଧାତୁ+କର୍ମ. କ୍ତ )—
Utthalita ଉଚ୍ଛୁଳ ପଡ଼ୁଥିବା—
Overflowing; running over.

ଉତ୍ଥଳିବା—ଦେ. କ୍ରି. ( ସଂ. ଉତ୍ଥଲନ )—୧ । ଉଚ୍ଛୁଳିବା—
Utthaliba 1. To overflow; to brim over.
ଉଥଲା ୨ । ଉତୁରିବା—2. To boil over.
ବଢ଼ଯାନା ୩ । ଉପରକୁ ଉଠିବା; ଉତ୍ଥିତ ହେବା—
3. To rise up.
୪ । ପ୍ରକଟିତ ହେବା—4. To be manifest.
୫ । ପ୍ରତିଧ୍ୱନିତ ହେବା—5. To reverberate.

ଉତ୍ଥାନ—ସଂ. ବି. ( ଉତ୍=ଉପରକୁ+ସ୍ଥା ଧାତୁ=ରହିବା+ଭାବ.
Utthana ଅନ )—୧ । ଉଦୟ; ଉଠିବା—
(ପତନ—ବିପରୀତ) 1. Rising up; rise.
(ଉତ୍ଥିତ—ବିଣ) ୨ । ( +କରଣ ଅନ )—ଉଦ୍ୟମ;
(ଉତ୍ଥାପିତ—ଣିଜନ୍ତ ବିଣ) ଉଦ୍‌ଯୋଗ—
2 Striving; endeavour; effort.
୩ । ଉତ୍ସାହ—3. Energy; encouragement.
୪ । ଉନ୍ନତି; ସମୃଦ୍ଧି; ଅଭ୍ୟୁଦୟ—
4. Elevation; prosperity.
୫ । ଉତ୍ପତ୍ତି—5. Beginning; arising.
୬ । ହର୍ଷ—6. Delight.
୭ । ପୌରୁଷ—7. Virility; manliness.
୮ । ( +ଅଧିକରଣେ. ଅନ )—ରାଜ୍ୟ ଚିନ୍ତା—
8 Thoughts of administration.
୯ । ପ୍ରକାଶ ପାଇବା—
9. Appearance; manifestation.
୧୦ । ଯୁଦ୍ଧ—10. War; fight.
୧୧ । ପୁସ୍ତକ—11. Book.
୧୨ । ଉପରକୁ ଉଠିବା—12. Going up; ascending
୧୩ । ପ୍ରାଙ୍ଗଣ—13. Court-yard.
୧୪ । ଶଯ୍ୟାରୁ ଉଠିବା—
14 Getting up from bed.
୧୫ । ନିଦରୁ ଉଠିବା—15. Waking up; awaking.
୧୬ । ପ୍ରଜାବିପ୍ଳବ; ବିଦ୍ରୋହ—
16. Revolt; resurrection; rising.
୧୭ । ଉଦ୍ରେକ; ଠିଆ ହେବା—
17. Standing erect; erection.

ସାଧାରଣ ଲେଖକେ ଅପର ଶବ୍ଦରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଚ୍ଚରିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂପ' ଦେଖିବେ; 'ବଂଶ' ନ ପାଇଲେ 'ବଁଶ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅଦ୍ଧ' ଦେଖିବେ; 'ଅଳବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧୮ । ମଳରୋଧ—18. Constipation.

୧୯ । ସୈନ୍ୟ—19. Army.

ଦେ. ବି—ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ ଗୋପାଳ— Name of one of the 12 cowherds named by Ordiā poets ( See )

**ଉତ୍ଥାନ ଏକାଦଶୀ**—ସଂ. ବି—କାର୍ତ୍ତିକ ଶୁକ୍ଳ ଏକାଦଶୀ (ଏ ଦିନ
**Utthāna ekādaśī** ବିଷ୍ଣୁ ନିଦ୍ରାତ୍ୟାଗ କରନ୍ତି )—
The eleventh day of the bright fortnight of the month of Kārttika when Bishṇu is said to awake from sleep.

ଉତ୍ଥାନ ଏକାଦଶୀ ବ୍ରତ, ସେ ଦିନ ହୋଇଛି ପ୍ରଗତ ।
ଉପେ. ପ୍ରେମସୁଧାମୃତ ।

[ ଦ୍ର—ଏହା ଜଗନ୍ନାଥ ଦେବଙ୍କର ଯାତ୍ରା ବିଶେଷ; ଏହି ଦିନଠାରୁ କାର୍ତ୍ତିକର ଭୀଷ୍ମ ପଞ୍ଚକ ବା ବକପଞ୍ଚକର ଆରମ୍ଭ ହୁଏ ଓ ଚାତୁର୍ମାସ୍ୟ ବ୍ରତ ସମାପ୍ତ ହୁଏ । ]

**ଉତ୍ଥାନ କରିବା**—ଦେ. କ୍ରି—୧ । ଉଠିବା—
**Utthānakaribā** 1. To rise;to get up;to rise up.
୨ । ଠିଆ ହେବା—2 To stand up.
୩ । ପ୍ରକାଶିତ ହେବା—3. To appear.

**ଉତ୍ଥାନପତନ**—ସଂ. ବି. ( ବିପରୀତାର୍ଥକ ଦ୍ୱନ୍ଦ୍ୱ; ଉତ୍ଥାନ+ପତନ)—
**Utthānapatana** ୧ । ଉଠିବା ପଡ଼ିବା—
1. Rise and fall; elevation and fall
୨ । ଅଭ୍ୟୁଦୟ ଓ ବିନାଶ—
2. Prosperity and adversity.

**ଉତ୍ଥାନଶକ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଉତ୍ଥାନ=ଉଠିବା+ଶକ୍ତି
**Utthānaśakti** =ବଳ )—ଶଯ୍ୟା ବା ଆସନରୁ ଉଠିବାର କ୍ଷମତା—Power of getting up or rising from bed or a seat; power of standing up.

**ଉତ୍ଥାପକ**—ସ. ବିଣ. ପୁଂ ( ଉତ୍=ଉପରେ=ସ୍ଥା ଧାତୁ ଣିଚ=
**Utthāpaka** ସ୍ଥାପି ଧାତୁ=ସ୍ଥାପିବା+କର୍ତ୍ତୃ. ଅକ )—
(ଉତ୍ଥାପିକା—ସ୍ତ୍ରୀ) ୧ । ଯେ ଉଠାଏ ବା ଉତ୍ତୋଳନ କରେ—
1. Lifting up; one who raises another; one who draws up or lifts.
୨ । ପ୍ରସ୍ତାବକ—2. Proposer; one who introduces ( a subject )
୩ । ପ୍ରବୋଧକ; ଯେ ନିଦରୁ ଉଠାଏ—
3. Rousing a person from sleep.

**ଉତ୍ଥାପନ**—ସ. ବି. (ଉତ୍=ଉପରେ+ସ୍ଥା ଧାତୁ ଣିଚ; ସ୍ଥାପି ଧାତୁ=
**Utthāpana** ସ୍ଥାପନ କରିବା+ଭାବ. ଅନ )—'ଉତ୍ଥାନ'ର
(ପାତନ—ବିପରୀତ) ଣିଜନ୍ତ ରୂପ—The causative form
(ଉତ୍ଥାପିତ—ବିଣ ) of Utthāna.
୧ । ଉତ୍ତୋଳନ; ଉପରକୁ ଉଠାଇବା—
1. Lifting up; raising up.
୨ । ନିଦରୁ ଉଠାଇବା; ପ୍ରବୋଧନ; ନିଦ ଭଙ୍ଗାଇବା—
2. Awakening a person from sleep.
୩ । ପ୍ରସ୍ତାବନା—3. Proposing; proposal.
୪ । ଉପସ୍ଥାପିତ କରିବା—4. Introducing.
୫ । ଉପରେ ରଖିବା—5 Placing over.
୬ । (ଗଣିତ) ଏକ ସଂଖ୍ୟା ପରିବର୍ତ୍ତେ ଅନ୍ୟ ରାଶିର ସ୍ଥାପନ—
6. (mathematics) Substitution.
୭ । ଘୋଳଣ; ଦଳାଦଳି କରିବା—7 Stirring

**ଉତ୍ଥାପନ ଏକାଦଶୀ**—ବି.—ଉତ୍ଥାନ ଏକାଦଶୀ (ଦେଖ)
**Utthāpana ekādaśī** Utthāna ekādaśī (See)
देव उत्थापन

**ଉତ୍ଥାପନ ଚତୁର୍ଦ୍ଦଶୀ**—ସଂ. ବି.—କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ (ସେଦିନ
**Utthāpana chaturddaśī** ମହାଦେବଙ୍କ ନିଦ ଭଙ୍ଗାଯାଏ ।)
ଭୁବନେଶ୍ୱର ଲିଙ୍ଗରାଜଙ୍କର ଯାତ୍ରାବିଶେଷ—
The fourteenth day of the bright fortnight of the lunar month of kārttika when Śiba is said to be aroused from sleep.

**ଉତ୍ଥାପନଯନ୍ତ୍ର**—ଦେ. ବି.—ଉତ୍ତୋଳକଯନ୍ତ୍ର (ଦେଖ)
**Utthāpanajantra** Uttolakajantra (See)

**ଉତ୍ଥାପନଯାତ୍ରା**—ଦେ. ବି—୧ । ଉତ୍ଥାନ ଏକାଦଶୀ (ଦେଖ)
**Utthāpanajātrā** 1. Utthāna ekādaśī (See)
୨ । ଉତ୍ଥାପନଚତୁର୍ଦ୍ଦଶୀ (ଦେଖ)
2. Utthāpanachaturddaśī (See)

**ଉତ୍ଥାପିତ**—ସଂ. ବିଣ ( ଉତ୍=ଉପରେ+ସ୍ଥାପିତ=ରଖାଯିବା; ସନ୍ଧି
**Utthāpitā** ଯୋଗୁଁ ତ+ସ୍ଥା=ତ୍ଥା)—୧ । ଆଗତ କରାଯାଇଥିବା; ଉପସ୍ଥାପିତ—1 (proposal) Raised; introduced; proposed; substituted.
୨ । ଉତ୍ତୋଳିତ; ଉପରକୁ ଉଠା ଯାଇଥିବା—
2 Drawn up; lifted.
୩ । ନିଦରୁ ଉଠାଯାଇ ଥିବା—
3. Awakened from sleep.

**ଉତ୍ଥିତ**—ସଂ ବିଣ. (ଉତ୍=ଉପରେ+ସ୍ଥା ଧାତୁ+କର୍ତ୍ତୃ. ତ; ସନ୍ଧିଯୋଗୁଁ
**Utthita** ତ୍+ସ୍ଥି=ତ୍ଥି)—୧ । ଉପରକୁ ଉଠିଥିବା—
(ଉତ୍ଥିତା—ସ୍ତ୍ରୀ) 1. Arisen; risen up.
(ପତିତ; ସୁପ୍ତ—ବିପରୀତ) ୨ । ଉପସ୍ଥିତ; ପ୍ରକାଶିତ; ଉଦିତ—
(ଉତ୍ଥାନ - ବି) 2. Appeared; appearing.
୩ । ଘଟିଥିବା—3 Occurred.
୪ । ଉଦ୍ଭୂତ—4. Produced; cropped up.

| ୧ | ଉ | ଊ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସକ ଯୁକ୍ତାକ୍ଷର | କ୍ଷ | ଜ | ଷ,ସ | ଜ୍ଞ | ଇଏ | ଉଅ | ଡ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ରୁ | ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | [illegible] | ଯ | ସ | ଙ୍ଗ | ଉଅ | [illegible] | ନୃ |

୫ । ଆକାଶ ଅଡ଼କୁ ଗତ ହୋଇଥିବା—
5 Risen to the sky.
୬ । ଉଦ୍‌ଗତ—6. Come out.
୭ । ନିଦରୁ ଉଠିଥିବା—
7. Awakened from sleep.
୮ । କାମ କରିବାକୁ ଉଦ୍ୟତ—
8. Ready for action.
୯ । ଉଚ୍ଚ—9. High; elevated.
୧୦ । ବର୍ଦ୍ଧିତ—10. Developed; increased.
୧୧ । ବସିବା ଯାଗାରୁ ଉଠିଥିବା—
11. Risen from one's seat.
୧୨ । ଉନ୍ନତ; ଉଚ୍ଚରେ ଅବସ୍ଥିତ—
12 Situated on high.
୧୩ । ନିର୍ଗତ; ବାହାରିଥିବା—
13. Issuing from; issued from
୧୪ । ଦଣ୍ଡାୟମାନ; ଠିଅ ହୋଇଥିବା—
14. Standing up; erect.
୧୫ । ଅନୁଭୂତ; ପ୍ରତ୍ୟକ୍ଷୀଭୂତ—
15. Becoming apparent; perceived by the senses.

**ଉତ୍‌ଥିତ ହେବା**—ଦେ. କ୍ରି. (ସଂ. ଉତ୍ଥିତ)—୧ । ଉଠିବା—
Utthita hebā 1. To rise up; to get up.
୨ । ଘଟିବା—2. To crop up; to occur.
୩ । ନିର୍ଗତ ହେବା—3. To issue from.
୪ । ଉପରକୁ ଉଠିବା—4. To rise up.
୫ । ନିଦରୁ ଉଠିବା—5. To get up from sleep.
୬ । ବସିବା ଯାଗାରୁ ଉଠିବା—
6. To rise up from one's seat.

**ଉତ୍ଥିତି**—ସଂ. ବି. (ଉତ୍=ଉପରେ+ସ୍ଥା ଧାତୁ+ଭାବ. ତି)—
Utthiti ୧ । ଉଚ୍ଚତା—1. Elevation
୨ । ଉଠିବା—2 Rising up.
୩ । ଠିଆହେବା—3. Standing up; erection
୪ । ପ୍ରବୋଧନ—4. Waking up.

**ଉତ୍ଥିତାଙ୍ଗୁଳି**—ସଂ. ବି. (ବହୁବ୍ରୀହି; ଉତ୍ଥିତ+ଅଙ୍ଗୁଳି)—
Utthitānguli ଚାପୁଡ଼ା; (ପ୍ରବୃଦ୍ଧବାଦ)—Slap.

**ଉତ୍ପକ୍ଷ୍ମ**—ସଂ. ବିଣ. ପୁଂ. (ବହୁବ୍ରୀହି; ଉତ୍=ଉର୍ଦ୍ଧ୍ୱକୁ+ପକ୍ଷ୍ମ=ଆଖିପତା)-
Utpakshma ଅତ୍ୟାଗ୍ରହବଶତଃରେ ଯେ ଆଖି ପତାକୁ ଉପରକୁ
(ଉତ୍ପକ୍ଷ୍ମା—ସ୍ତ୍ରୀ) ଉଠାଇ ଥାଏ— Having raised one's eye-lashes; with raised eye-lashes (in zeal).

**ଉତ୍ପଞ୍ଚିବା**—ଦେ. କ୍ରି. (ସଂ. ଉତ୍+ପତ୍ ଧାତୁ)—
Utpañchibā ୧ । ଉପରକୁ ଡେଇଁବା—
1. To jump high.

୨ । ଆକାଶରେ ଉଡ଼ି ଚାଲିଯିବା—2. To fly away.

**ଉତ୍ପତ**—ସଂ. ବିଣ. ପୁଂ. (ଉତ୍=ଉପରକୁ+ପତ=ଗମନ କରିବା
Utpata +କର୍ତ୍ତୃ. ଅ)- ଉପରକୁ ଉଠୁଥିବା; ଉର୍ଦ୍ଧ୍ୱଗାମୀ—
Ascending; soaring; shooting up; rising up.
ସଂ. ବି—ପକ୍ଷୀ—Bird.

**ଉତ୍ପତନ**—ସଂ. ବି. (ଉତ୍=ଉପରକୁ+ପତ୍ ଧାତୁ+ଭାବ. ଅନ)—
Utpatana ୧ । ଉତ୍ପତ୍ତି; ଜନ୍ମ—1. Birth; production.
(ଉତ୍ପାତନ—ଭିନ୍ନ) ୨ । ଉଦୟ—
2. Rising up; appearance.
ଉତ୍ପତିତ - ବିଣ) ୩ । ଉତ୍ଥାନ—3. Getting up; rising.
୪ । ଉପରକୁ ଡେଇଁବା; ଲମ୍ଫନ—
4. Leaping up; jumping up.

**ଉତ୍ପତିତ**—ସଂ. ବିଣ. ପୁଂ. (ଉତ୍=ଉପରକୁ+ପତିତ=ଗତ)—
Utpatita ୧ । ଉଦିତ; ଉପରକୁ ଉଠିଥିବା—
(ଉତ୍ପତିତା—ସ୍ତ୍ରୀ) 1. Risen; ascended.
୨ । ଉତ୍ପାଟିତ—2. Uprooted.
୩ । ଉଦ୍‌ଗତ—3. Come out.
୪ । ଉଡ୍ଡୀନ—4. Flying

**ଉତ୍ପତିତା**—ସଂ. ବିଣ. ପୁଂ. (ଉତ୍=ଉପରକୁ+ପତ୍ ଧାତୁ=ଗତ
Utpatitā କରିବା+କର୍ତ୍ତୃ. ତୃ. ୧ମା. ୧ବ.)—
(ଉତ୍ପତିତ୍ରୀ—ସ୍ତ୍ରୀ) ୧ । ଡେଉଁଥିବା—
1. Jumping; leaping up.
୨ । ଉର୍ଦ୍ଧ୍ୱଗାମୀ—2. Ascending; going up
ସଂ. ବିଣ. ସ୍ତ୍ରୀ—ଉତ୍ପତିତର ସ୍ତ୍ରୀଲିଙ୍ଗ—
Feminine of Utpatita.

**ଉତ୍ପତିଷ୍ଣୁ**—ସଂ. ବିଣ. (ଉତ୍+ପତ ଧାତୁ+ଶୀଳାର୍ଥେ. କର୍ତ୍ତୃ. ଇଷ୍ଣୁ)—
Utpatishṇu ୧ । ଉଡ୍ଡୟନଶୀଳ; ଉଡ଼ିବାରେ ଅଭ୍ୟସ୍ତ—
1. Accustomed to flying up.
୨ । ଉଡୁଥିବା; ଉତ୍ପତତ—2. Flying.
୩ । ଉଡ଼ିବାକୁ ପ୍ରସ୍ତୁତ—3. Ready to fly.
୪ । ଉପରକୁ ଡେଇଁବାକୁ ପ୍ରସ୍ତୁତ—
4. Ready to leap up

**ଉତ୍ପତ୍ତି**—ସଂ. ସ୍ତ୍ରୀ. (ଉତ୍=ଉପରକୁ+ପଦ୍ ଧାତୁ=ଘଟିବା; ଯିବା
Utpatti +ଭାବ. ତି)—
(ଉତ୍ପନ୍ନ—ବିଣ) ୧ । ଉଦ୍ଭବ; ଜନ୍ମ; ଆବିର୍ଭାବ—
1. Birth; production, generation.
୨ । ଆରମ୍ଭ—2. Origin; beginning.
୩ । ଘଟଣା—3. Happening.
୪ । ଉତ୍ପତନ; ଉପରକୁ ଉଠିବା—
4. Rising up; ascending.

**ଉତ୍ପତ୍ତିସ୍ଥାନ**—ସଂ. ବି (୬ଷ୍ଠୀ ତତ୍)—୧ । ଜନ୍ମସ୍ଥାନ—
Utpattisthāna 1. Place of origin.

ସାଧାରଣ ପ୍ରତ୍ୟେକ ଶବ୍ଦ ଦ୍ୱାରାରେ ଯୁକ୍ତ ୧ ଉଚ୍ଚାରିତ ଅକ୍ଷର ଓ ମାତ୍ରା ଏବଂ ୨ ଯୁକ୍ତାକ୍ଷର ଓ ମାତ୍ରା ମଧ୍ୟରେ ଥିବା ଜଣା ... 'ଗାଦ' ର ସ୍ଥଳରେ 'ଗାଦ' ... 'ଅର୍ଦ୍ଧ' ର ସ୍ଥଳରେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ର ସ୍ଥଳରେ 'ଅଲବତ୍' ଦେଖିବେ

୨ । ନଦୀ ଆଦି ଯେଉଁଠାରୁ ବାହାରିଥାଏ — 2. Source (of a river)

୩ । ଆରମ୍ଭ — 3. Beginning.

**ଉତ୍ପଥ**—ସଂ. ବି (ଉତ୍ = ଠାରୁ + ପଥିନ୍ + ଅ)—
Utpatha ୧ । କୁପଥ; ଅବାଟ — 1. Wrong way.
୨ । ଅସତ୍ପଥ; କୁପଥ — 2. Evil ways
୩ । ମନ୍ଦକାର୍ଯ୍ୟ — 3. Evil conduct
୪ । ଭ୍ରମ — 4. Error.

**ଉତ୍ପଥଗାମୀ**—ସଂ. ବିଣ ପୁଂ. (ଉତ୍ପଥ + ଗମ୍ ଧାତୁ = ଯିବା + କର୍ତ୍ତୃ.
Utpathagāmi ଣିନ୍)— ଯେ ଅବାଟରେ ଯାଏ; କୁପଥଗାମୀ—
(ଉତ୍ପଥଗାମିନୀ—ସ୍ତ୍ରୀ) - Erratic; going astray; taking to evil ways.

**ଉତ୍ପଥଚାରୀ**—ସଂ. ବିଣ. ପୁଂ. (ଉତ୍ପଥ + ଚର ଧାତୁ = ଯିବା + କର୍ତ୍ତୃ.
Utpathachāri ଣିନ୍)— ଉତ୍ପଥଗାମୀ (ଦେଖ)
(ଉତ୍ପଥଚାରିଣୀ—ସ୍ତ୍ରୀ) Utpathagāmi (See)

**ଉତ୍ପଦ୍ୟମାନ**—ସଂ. ବିଣ. ପୁଂ. (ଉତ୍ + ପଦ ଧାତୁ = ଗଡ଼ିବା + କର୍ତ୍ତୃ.
Utpadyamāna ଶାନ)—୧ । ଜାୟମାନ; ଯାହା ଜନ୍ମ ହେଉଛି —
(ଉତ୍ପଦ୍ୟମାନା—ସ୍ତ୍ରୀ) 1. Being produced; being born.
୨ । ଉଦିତ ହେଉଥିବା — 2. Rising.
୩ । ଘଟୁଥିବା — 3 Happening.

**ଉତ୍ପନ**—ଗ୍ରା. ବି ଓ ବିଣ—ଉତ୍ପନ୍ନ (ଦେଖ)
Utpana Utpanna (See)

**ଉତ୍ପନି**—ଗ୍ରା. ବି—ଉତ୍ପନ୍ନି (ଦେଖ)
Utpani Utpanni (See)

**ଉତ୍ପନିଅଁ**—ଗ୍ରା. ବି— ଉତ୍ପନ୍ନ (ଦେଖ)
Utpaniañ Utpanna (See)

**ଉତ୍ପନ୍ନ**—ସଂ. ବିଣ. (ଉତ୍ + ପଦ ଧାତୁ = ଘଟିବା + କର୍ତ୍ତୃ. ତ)—
Utpanna ୧ । ଜାତ — 1. Born; produced; resulted from; brought forth
୨ । ଉଦିତ — 2. Risen; sprung from.
୩ । ଘଟିଥିବା — 3. Occurred.
୪ । (କର୍ମ + ତ) — ଲବ୍ଧ — 4 Got; attained.
ଦେ. ବି (ସଂ. ଉତ୍ପନ୍ନ)—ବୃକ୍ଷ ବା କ୍ଷେତ୍ରରୁ ଉତ୍ପନ୍ନ ଫଳ ବା ଶସ୍ୟାଦି — Produce or fruits of a tree or land.
୧ । ଆୟ — 1. Income.
୨ । ଲାଭ — 2. Profit
୩ । ଜନ୍ମ; ଉତ୍ପତ୍ତି — 3. Birth, origin.

ଯେ ମନ୍ଦ ହୋଇବା ପ୍ରବଳ, କହିବା ବେଦର ଉତ୍ପନ୍ନ — ଜଗନ୍ନାଥ. ଭାଗବତ, ୧୮ ।

**ଉତ୍ପନ୍ନି**—ଗ୍ରା. ବି. ଓ ବିଣ (ସଂ. ଉତ୍ପନ୍ନ)—୧ । କ୍ଷେତ୍ର ବା
Utpanni ବୃକ୍ଷରୁ ଉତ୍ପନ୍ନ ଫଳାଦି — 1. Produce of a
উতপন্যি land or tree.
उतपनी ୨ । ଆୟ — 2. Income

୩ । ବାର୍ଷିକ ଆୟ — 3. Annual income.

**ଉତ୍ପନ୍ୟ**—ଗ୍ରା. ବି—ଉତ୍ପନ୍ନି (ଦେଖ)
Utpanya Utpanni (See)

**ଉତ୍ପବନ**—ସଂ. ବି. (ଉତ୍ = ଊର୍ଦ୍ଧ୍ୱରୁ + ପୂ ଧାତୁ = ପବିତ୍ର କରିବା +
Utpabana ଭାବ. ଅନ)—କୁଶଦ୍ୱାରା ଜଳସେଚନ; ମାର୍ଜନ; ପ୍ରୋକ୍ଷଣ—Sprinkling water with kuśa grass.

**ଉତ୍ପଳ**—ସଂ. ବି. (ଉତ୍ = ଉପରକୁ + ପଲ ଧାତୁ = ଯିବା + କର୍ତ୍ତୃ. ଅ)—
Utpala ୧ । ଜଳଜ; ପଦ୍ମ — 1. Lotus.
୨ । କଇଁ — 2. Water-lily.
୩ । ନୀଳୋତ୍ପଳ; ନୀଳପଦ୍ମ; ନୀଳକଇଁ — 3. Bluelotus
୪ । କୁଷ୍ଠଭେଷଜ; କୁଡ଼ — 4. A medicinal plant.
ସଂ. ବିଣ (ବହୁବ୍ରୀହି; ଉତ୍ = ଅପଗତ + ପଲ = ମାଂସ)— ନିର୍ମାଂସ; ମାଂସହୀନ — Fleshless.

**ଉତ୍ପଳଶାରିବା**— ସଂ. ବି. ସ୍ତ୍ରୀ (ଉତ୍ପଳ + ଶାରିବା)— ସୁଆଁଲିଇ (ଦେଖ)
Utpalaśāribā Suañlai (See)

**ଉତ୍ପଳାକ୍ଷ**—ସଂ. ବିଣ. ପୁଂ. (ବହୁବ୍ରୀହି; ଉତ୍ପଳ + ଅକ୍ଷ) - ଯାହାର ଚକ୍ଷୁ ପଦ୍ମପରି
Utpalāksha ସୁନ୍ଦର—Lotus-eyed, having fair eyes.
ଉତ୍ପଳାକ୍ଷୀ } ସ୍ତ୍ରୀଲିଙ୍ଗ
ଉତ୍ପଳାକ୍ଷୀ }

**ଉତ୍ପଳିନୀ**—ସଂ. ବି. ସ୍ତ୍ରୀ. (ଉତ୍ପଳ = ପଦ୍ମ + ସମୂହାର୍ଥେ. ଇନ୍ + ସ୍ତ୍ରୀ. ଈ)—
Utpalini ୧ । ପଦ୍ମସମୂହ; ପଦ୍ମିନୀ; ପଦ୍ମବନ — 1. A collection of lotuses.
୨ । କୁମୁଦିନୀ; କଇଁସମୂହ; କୁମୁଦବନ — 2. A collection of water-lilies.

**ଉତ୍ପଶ୍ୟ**—ସଂ. ବିଣ. ପୁଂ. (ଉତ୍ + ଦୃଶ୍ + କର୍ତ୍ତୃ. ଅ)—୧ । ଊର୍ଦ୍ଧ୍ୱଦୃଷ୍ଟି—
Utpasya 1. Looking upwards
(ଉତ୍ପଶ୍ୟା—ସ୍ତ୍ରୀ) ୨ । ଊର୍ଦ୍ଧ୍ୱମୁଖୀ—2 With upturned face.

**ଉତ୍ପାଟ**—ଦେ. ବି—ଉତ୍ପାଟନ (ଦେଖ)
Utpāta Utpātana (See)

**ଉତ୍ପାଟକ**—ସଂ. ବିଣ. ପୁଂ. (ଉତ୍ + ପଟ ଧାତୁ + କର୍ତ୍ତୃ. ଣକ)—
Utpātaka ୧ । ଯେ ଉପାଡ଼େ — 1. Uprooting.
(ଉତ୍ପାଟିକା—ସ୍ତ୍ରୀ) ୨ । ସମୂଳେ ବିନାଶକାରୀ — 2. Eradicating.
୩ । ବିନାଶକ — 3. Destroying.
୪ । ଯେ ଭିତରୁ ବାହାରକୁ ଟାଣି ଆଣେ — 4. Extracting; pulling out.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ୠ,ୡ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଣ | ଡ | ଷ,ସ | ଙ | ଉପ୍ସ | ଙ୍ଗ | ଢ |
| ୨ | ଋ | ଜ | ଲୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ | ଯ | ସ | ଙ୍ | ଉଅ | ଁ | ଢ଼ |

ଉତ୍ପାଟନ—ସଂ. ବି. (ଉତ୍—ଉପସର୍ଗ+ପଟ ଧାତୁ ଣିଚ୍; ପାଟ ଧାତୁ= **Utpāṭana** ପକାଇବା+ଭାବ. ଅନ )—୧ । ସମୂଳେ ବିନାଶ-(ଉତ୍ପାଟିତ. ବିଣ) କରଣ; ନିର୍ମୂଳକରିବା—1. Eradication.

୨ । ଉନ୍ମୂଳନ; ଉପାଡ଼ିବା—2. Pulling up by the root; uprooting.

୩ । ଭିତରୁ କାଢ଼ିଆଣିବା; ଓଟାରିଆଣିବା—3. Extraction.

୪ । ବିନାଶନ—4. Destruction.

୫ । ଫୁଲ ଆଦି ତୋଳିବା—5. Plucking

୬ । ବହିଷ୍କରଣ; ତଡ଼ିଦେବା, ଘଉଡ଼ିଦେବା—6. Expulsion.

ଉତ୍ପାଟୟିତା—ସଂ. ବିଣ. ପୁଂ. (ଉତ୍+ପଟ ଧାତୁ ଣିଚ୍; ପାଟ ଧାତୁ+କର୍ତ୍ତୃ. ତୃ **Utpāṭayitā** ୧ମା. ୧ବ)—ଉତ୍ପାଟକ (ଦେଖ) (ଉତ୍ପାଟୟିତ୍ରୀ—ସ୍ତ୍ରୀ) Utpāṭaka (See)

ଉତ୍ପାଟିତ—ସଂ. ବିଣ ( ଉତ୍=ଉପସର୍ଗ+ପଟ ଧାତୁ ଣିଚ୍; ପାଟି **Utpāṭita** ଧାତୁ=ପକାଇବା+କର୍ମ. ତ )—୧ । ଉନ୍ମୂଳିତ; ଉପଡ଼ା ହୋଇଥିବା—1. Uprooted.

୨ । ସମୂଳେ ବିନାଶିତ—2. Eradicated; completely destroyed.

୩ । ବହିଷ୍କୃତ—3. Expelled.

ଉତ୍ପାଟିବା—ଦେ. କ୍ରି. ( ସଂ. ଉତ୍ପାଟନ )—ଉପାଡ଼ିବା—**Utpāṭibā** To uproot.

ତରୁସ୍ତ ଏଣୀ ପୁତ୍ରଙ୍କୁ ଅଣି ଉପ୍ତାଟି ଛେଦ କଲେ—ଉପେ. ବୈଦେହୀଶବିଳାସ ।

ଉତ୍ପାତ—ସଂ. ବି—(ଉତ୍=ଅକସ୍ମାତ୍; ଉପରୁ+ପତ ଧାତୁ ପଡ଼ିବା+ **Utpāta** କର୍ତ୍ତୃ. ଅ)—୧ । ବିପଦ—1. Danger.

୨ । ଦୈବୀ ଦୁର୍ଘଟନା—2. Mishap.

୩ । ସମସ୍ତ ରାଜ୍ୟରେ ଘଟିବା ଦୈବୀ ବିପଦ—3. Public calamity

୪ । ଅତ୍ୟାଚାର; ଉତ୍ପୀଡ଼ନ—4. Violence; outrage; tyranny.

୫ । ବିନାଶ—5. Ruin

୬ । ଦ୍ରବ୍ୟାଦି ନଷ୍ଟ କରିବା—6. Depredation.

୭ । ଆକସ୍ମିକ ଅମଙ୍ଗଳ ଘଟନା—7. Accident; inauspicious occurrence

୮ । ଆପଦର ପୂର୍ବସୂଚକ ଚିହ୍ନ ବା ଲକ୍ଷଣ—8. Portent; evil omens.

[ ଦ୍ର—ବଜ୍ରପାତ, ଧୂମକେତୁ, ଉଲ୍କାପାତ, ଭୂମିକମ୍ପ, ଶୂନ୍ୟଶବ୍ଦ, ଅଗ୍ନିଜ୍ୱଳନ୍ତ ବୋବାଳି, ଲଗା ଅଦିନ ଭୟଙ୍କର ବୃଷ୍ଟି ପ୍ରଭୃତି ଉତ୍ପାତ ଅଟେ । ]

ସ୍ତ୍ରୀ. ବିଣ—ଉପଦ୍ରବକାରୀ—Oppressive.

ଉତ୍ପାତକେତୁ—ସଂ. ବି ( ଉତ୍ପାତ+କେତୁ=ଚିହ୍ନ )—**Utpātaketu** ଉତ୍ପାତଲକ୍ଷଣ ( ଦେଖ ) Utpātalakshaṇa ( See)

ଉତ୍ପାତପାକଜନିତ—ସଂ.ବି( ୬ଷ୍ଠୀ ତତ୍, ୩ୟା ତତ୍ ବା ୫ମୀ ତତ୍ )—**Utpātapākajanita** ଉତ୍ପାତର ଫଳସ୍ୱରୂପ—Due to disastrous calamity.

( ଭଗ୍ନିପୁରାଣ—୧୧ ୩୦ )

ଉତ୍ପାତମେଘ—ସଂ. ବି—( ମଧ୍ୟପଦଲୋପୀ କର୍ମଧାରୟ )—ଉତ୍ପାତର **Utpātamegha** ଲକ୍ଷଣସ୍ୱରୂପ ଅକାଳରେ ବର୍ଷୁ ବୃଷ୍ଟି କରିବା ମେଘ ବା ଉଲ୍କାପାତଯୁକ୍ତ ମେଘ—Clouds foreboding calamity, ( e. g. raining untimely and ejecting shooting stars. )

( ଭଗ୍ନିପୁରାଣ—୧୦-୨୧ )

ଉତ୍ପାତଲକ୍ଷଣ—ସଂ. ବି ( ୬ଷ୍ଠୀ ତତ୍; ଉତ୍ପାତ=ଦୈବୀ ଦୁର୍ଘଟଣା+ **Utpātalakshaṇa** ଲକ୍ଷଣ=ଚିହ୍ନ) ଅମଙ୍ଗଳ ଚିହ୍ନ;ଅଶୁଭସୂଚକ ଘଟନା—An evil sign; a bad omen; event foreboding calamity or disaster; portent.

ଉତ୍ପାତସାଗର—ସଂ. ବି—( ବଶିଷ୍ଠବିରଚିତ ଗ୍ରନ୍ଥ ) ଦୈବୀ ଅମଙ୍ଗଳ-**Utpātasāgara** ମାନଙ୍କ ପୂର୍ବଲକ୍ଷଣମାନ ବର୍ଣ୍ଣିତ ହୋଇଥିବା ଜ୍ୟୋତିଷଗ୍ରନ୍ଥବିଶେଷ--Name of an astrological treatise on portents.

ଉତ୍ପାତିଆ—ଦେ. ବିଣ ( ସଂ. ଉତ୍ପାତ )—୧ । ଅତ୍ୟାଚାରୀ—**Utpātiā** 1. Oppressive.

উতপাতে ୨ । ଅନିଷ୍ଟକାରୀ—2. Depredatory.

उतपाती

ଉତ୍ପାଦକ—ସଂ. ବିଣ. ପୁଂ ( ଉତ୍=ଉପସର୍ଗ+ପଦ ଧାତୁ ଣିଚ୍; **Utpādaka** ପାଦ ଧାତୁ=ଜାତ କରାଇବା+କର୍ତ୍ତୃ. ଅକ )—(ଉତ୍ପାଦିକା—ସ୍ତ୍ରୀ) ୧ । ଉତ୍ପତ୍ତିକାରକ; ଜନ୍ମଦାତା; ଯେ ଜନ୍ମ କରେ—1. Productive; generating; producing; creating.

୨ । ( କୌଣସି ବିଷୟ ) ଘଟାଇବା—2. Causing.

ଯଥା—( ଭୟୋତ୍ପାଦକ )

ବି—୧ । ଜନ୍ମଦାତା ବ୍ୟକ୍ତି ବା ପୁରୁଷ—1. Creator; generator; one who begets.

୨ । ଜନକ; ପିତା—2. Father.

୩ । ( ଗଣିତ ) ମୌଳିକ ଗୁଣନୀୟକ—3. ( mathematics Factor.

ଉତ୍ପାଦନ—ସଂ. ବି ( ଉତ୍=ଉପସର୍ଗ+ପାଦ ଧାତୁ+ଭାବ. ଅନ )—**Utpādana** ୧ । ଜନ୍ମାଇବା; ଉତ୍ପନ୍ନକରିବା—1. Production.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ସେ ଶବ୍ଦ କୋଷରେ ନ ମିଳିବ, ତେବେ ସେହି ଶବ୍ଦଟି ଯଥାକ୍ରମେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା.— 'ଖାଜ' ନ ମିଳିଲେ 'ଖାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲକତ' ନ ପାଇଲେ 'ଅଳ୍କତ' ଦେଖିବେ

୨ । ପ୍ରସବକରଣ; ଜନନ; ଜାତକରିବା; ବେଇବା —
2 Act of begetting or generating; bringing forth.
୩ । ( ଗଛ ଅର୍ଥ ) ଫଳିବା; ଫଳ ଧରିବା— 3. Bearing fruits.
୪ । କୌଣସି ବସ୍ତୁର ଉତ୍ପତ୍ତିକରଣ —
4. The causing of a thing to come into existence.
୫ । ଫଳରେ ଘଟାଇବା—5. Effecting; causing to happen; causing.

**ଉତ୍ପାଦୟିତା**— ସଂ. ବଣ. ପୁଂ ( ଉତ୍+ପଦ୍ ଧାତୁ ଣିଚ୍; ପାଦ ଧାତୁ + ତୃ ୧ମା. ୧ବ)—ଉତ୍ପାଦକ (ଦେଖ)—
Utpādayitā
(ଉତ୍ପାଦୟିତ୍ରୀ—ସ୍ତ୍ରୀ) Utpādaka (See)

**ଉତ୍ପାଦଶୟନ**— ସଂ. ବ ( ବହୁବ୍ରୀହି: ଉତ୍=ଉପରକୁ+ପାଦ=ଗୋଡ଼ + ଶୟନ=ଶୋଇବା)— ଉପରକୁ ଗୋଡ଼ ଟେକି ଯେ ଶୟନ କରେ; ଟିଟ୍ଟିଭ ପକ୍ଷୀ— Lap-wing.
Utpādaśayana

**ଉତ୍ପାଦିତ**— ସଂ. ବଣ (ଉତ୍=ପଦାର୍ଥ; ଉପରକୁ+ପଦ୍ ଧାତୁ ଣିଚ୍= ଗତ କରାଇବା+କର୍ମ. ତ )—
Utpādita
୧ । ଜନ୍ମ କରାଯାଇଥିବା; ଜନିତ—
1. Begotten; brought into existence
୨ । ଜନ୍ମପ୍ରାପ୍ତ; କୃତ—2. Produced; effected.

**ଉତ୍ପାଦୀ**— ସଂ. ବଣ ପୁଂ. (ଉତ୍+ପଦ୍ ଧାତୁ+କର୍ତ୍ତୃ. ଇନ୍)—ଉତ୍ପନ୍ନକାରୀ—Producing.
Utpādī

**ଉତ୍ପାଦ୍ୟ**— ସଂ. ବଣ.(ଉତ୍=ଉପରକୁ; ବାହାରକୁ+ପଦ୍ ଧାତୁ ଣିଚ୍= ଗତ କରାଇବା+କର୍ମ. ଯ ) — ଉତ୍ପାଦନଯୋଗ୍ୟ; ଜନ୍ମହେବାର ଯୋଗ୍ୟ—Fit to be produced or generated.
Utpādya

**ଉତ୍ପାଦ୍ୟମାନ**— ସଂ. ବଣ. ପୁଂ ( ଉତ୍=ଉପରକୁ; ପଦାର୍ଥ+ପଦ୍ ଧାତୁ ଣିଚ୍=ଗତ କରାଇବା+କର୍ତ୍ତୃ. ଅନ)—
Utpādyamāna
(ଉତ୍ପାଦ୍ୟମାନା—ସ୍ତ୍ରୀ) ଜନ୍ୟମାନ; ଯାହାର ଜନ୍ମ ହେଉଅଛି— Being produced

**ଉତ୍ପିଚ୍ଛ**—ସଂ. ବଣ ( ବହୁବ୍ରୀହି; ଉତ୍=ଉର୍ଦ୍ଧ୍ୱକୁ + ପଚ୍ଛ=ଲାଙ୍ଗୁଡ଼ ଯାହାର; ଉପରକୁ ଲାଞ୍ଜ ଟେକିବା ମୟୂର ପରି) —୧ । ଆଶାଯୁକ୍ତ—1. Expectant.
Utpichchha
୨ । ଉଦ୍‌ଗ୍ରୀବ; ଉଦ୍‌ବିଗ୍ନ—2. Eager; anxious.
୩ । ଅନନ୍ଦୋତ୍ଫୁଲ୍ଲ —3. Delighted; merry
୪ । ଅସମ୍ଭାଳ; ଅସ୍ଥିର—4. Restless; impatient.

**ଉତ୍ପିଛ**—ଦେ. ବଣ—ଉତ୍ପିଚ୍ଛ (ଦେଖ)
Utpichha Utpichchha (See)

**ଉତ୍ପିଞ୍ଜର**—ସଂ. ବଣ.ପୁଂ (ବହୁବ୍ରୀହି; ଉତ୍=ବାହାରକୁ + ପିଞ୍ଜର)—
Utpiñjara ୧ । ପିଞ୍ଜରମୁକ୍ତ; ବନ୍ଧନମୁକ୍ତ; କାରାମୁକ୍ତ—
2. Set free; liberated from cage.

**ଉତ୍ପିଞ୍ଜଳ** — ସଂ. ବଣ —୧ । ଉତ୍ପିଞ୍ଜର ଦେଖ (ର=ଳ) —
Utpiñjala 1. Utpiñjara (See)
୨ । ପିଙ୍ଗଳବର୍ଣ୍ଣ—2 Tawny.
୩ । (ଉତ୍+ପିଞ୍ଜି ଧାତୁ+ଅଳ) – ଅତ୍ୟନ୍ତ ବ୍ୟାକୁଳ — 3. Much agitated.

**ଉତ୍ପୀଡ଼**— ସଂ. ବ (ଉତ୍=ସମ୍ୟକ୍+ପୀଡ଼ ଧାତୁ=ପୀଡ଼ା ଦେବା+କର୍ତ୍ତୃ. ଅ —୧ । ଫେନ—1 Foam.
Utpīrḍa
୨ । ଉତ୍ପୀଡ଼ନ (ଦେଖ)— Utpīrḍana (See).

**ଉତ୍ପୀଡ଼କ**— ସଂ.ବଣ.ପୁଂ (ଉତ୍=ବିଶେଷ+ପୀଡ଼ ଧାତୁ=ପୀଡ଼ା ଦେବା) +କର୍ତ୍ତୃ. ଅକ)—୧ । ଉତ୍ପୀଡ଼ନକାରୀ; ଉପଦ୍ରବକାରୀ; ଅତ୍ୟାଚାରୀ—1. Oppressive.
Utpīrḍaka
(ଉତ୍ପୀଡ଼ିକା—ସ୍ତ୍ରୀ)
୨ । ବିଶେଷ କ୍ଳେଶ ଦେଉଥିବା— 2. Giving much trouble,

**ଉତ୍ପୀଡ଼ନ**— ସଂ. ବ ( ଉତ୍=ସମ୍ୟକ୍+ପୀଡ଼ ଧାତୁ=ପୀଡ଼ା ଦେବା+ ଭାବ ଅନ )—୧ । ବିଶେଷ ବାଧା ବା ପୀଡ଼ା—
Utpīrḍana
(ଉତ୍ପୀଡ଼ିତ—ବଣ) 1. Persecution; harassment.
୨ । ପ୍ରବର୍ତ୍ତନ; ଉତ୍ତେଜନ—2. Instigation.
୩ । ଠେଲାଠେଲି; ଟେଁସାଟେଁସି—3. Pushing.
୪ । ଉପରୁ ଚାପ ଦେବା; ଚିପିବା—4. Pressing.
୫ । ଜବରଦସ୍ତ—5. Extortion; use of force.
୬ । ଆଧିକ୍ୟ—6. Excess
୭ । ଉପଦ୍ରବ—7. Violence.
୮ । ଅତ୍ୟାଚାର—8. Oppression.
୯ । ବ୍ୟାଧା—9. Obstruction.

**ଉତ୍ପୁଚ୍ଛ** – ସଂ. ବଣ. ପୁଂ. ( ବହୁବ୍ରୀହି; ଉତ୍=ଉର୍ଦ୍ଧ୍ୱକୁ ଟେକା ହୋଇଅଛି ପୁଚ୍ଛ ଯାହାର)— ଉତ୍ପିଚ୍ଛ ( ଦେଖ )
Utpuchchha
( ଉତ୍ପୁଚ୍ଛା—ସ୍ତ୍ରୀ ) Utpichchha ( See )

**ଉତ୍ପୁଚ୍ଛେ**—ଦେ. କ୍ରି. ବଣ. (ସଂ.ଉତ୍ପୁଚ୍ଛ)—ଉପରକୁ ପୁଚ୍ଛ ଉଠାଇ—
Utpuchchhe With the tail raised up.
ଉତ୍ପୁଚ୍ଛେ ବରଗ୍ରୀ ନାଚ ଥାନ୍ତି ଯହିଁ ମତ୍ତ ବରବର୍ଣ୍ଣ ପାଳେ—
ରଘୁନାଥ ।

**ଉତ୍ପ୍ରାସ**—ସଂ. ବ. (ଉତ୍+ପ୍ର+ଅସ୍ ଧାତୁ=ଫୋପାଡ଼ିବା+ଭାବ.ଅ)—
Utprāsa ଉତ୍ପ୍ରାସନ ( ଦେଖ )
( ଉତ୍ପ୍ରାସିତ—ବଣ ) Utprāsana ( See )

**ଉତ୍ପ୍ରାସନ**—ସଂ. ବ. ( ଉତ୍+ପ୍ର+ଅସ୍ ଧାତୁ=ଫୋପାଡ଼ିବା+ଭାବ. ଅ )—୧ । ଉପହାସ; ଥଟ୍ଟା—
Utprāsana
(ଉତ୍ପ୍ରାସିତ—ବଣ ) 1. Joke; derision.
୨ । ଈଷତ୍‌ହାସ; ଅଳ୍ପହାସ୍ୟ—2. Smile.
୩ । ଉପହାସସୂଚକ ଅଳଙ୍କାରବିଶେଷ—
3 A figure of speech indicating ridicule or joke.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଚ | ଷ,ଶ | ଞ | ଲ୍ୟ | ଜ୍ଞ | ଛ |
| ୨ | ଐ | ଊ | ଋ | ଌ | କ୍ଷ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଲଷ | ● | ଦୃ |

୪ । ଉତ୍କ୍ଷେପ; ଉପରକୁ ଫୋପାଡ଼ିବା—
4 Throwing up; ejecting

**ଉତ୍ପ୍ରେକ୍ଷଣ**—ସଂ. ବି. (ଉତ୍ + ପ୍ର + ଈକ୍ଷ୍ = ଦେଖିବା + ଭାବ. ଅନ)—
**Utprekshaṇa** ଉତ୍ପ୍ରେକ୍ଷା ( ଦେଖ )
( ଉତ୍ପ୍ରେକ୍ଷିତ—ବିଣ ) Utprekshā ( See )

**ଉତ୍ପ୍ରେକ୍ଷା**—ସଂ.ବି. ( ଉତ୍ + ପ୍ର + ଈକ୍ଷ୍ = ଦେଖିବା + ଭାବ. ଅ )—
**Utprekshā** ୧ । ବିତର୍କ; ଅନୁମାନ—
( ଉତ୍ପ୍ରେକ୍ଷ୍ୟ—ବିଣ ) 1 Guess.
୨ । ଉପେକ୍ଷା—2. Indifference; oversight.
୩ । ଦର୍ଶନ; ଦେଖିବା; ପରିଦର୍ଶନ—
3. Observation
୪ । ଉତ୍ପ୍ରେକ୍ଷାଲଙ୍କାର ( ଦେଖ )
4. Utprekshālaṅkāra ( See )

**ଉତ୍ପ୍ରେକ୍ଷାଲଙ୍କାର**—ସଂ. ବି — ଅର୍ଥାଲଙ୍କାରବିଶେଷ; ଅନୁମାନ ବା
**Utprekshālaṅkāra** ତୁଳନାତ୍ମକ ଅଳଙ୍କାର—A figure of speech in rhetoric; simile
[ ଦ୍ର—"ଯେବେ ପ୍ରକୃତ ପଦାର୍ଥରେ ଅପ୍ରାକୃତ ପଦାର୍ଥର କେବଳ ତର୍କଣା କରାଯାଏ, ତେବେ ଉତ୍ପ୍ରେକ୍ଷାଲଙ୍କାର ହୁଏ । କି, ସତେକି, କିନା, କା, ଅବା, ଯେହ୍ନେ ପ୍ରଭୃତି ଏହାର ବାଚକ ଶବ୍ଦ । ଏହା ଦୁଇ ପ୍ରକାର, ଯଥା—ବାଚ୍ୟୋତ୍ପ୍ରେକ୍ଷା ଓ ପ୍ରତୀୟମାନୋତ୍ପ୍ରେକ୍ଷା । ଯେଉଁଠାରେ ବାଚକ ଶବ୍ଦର ପ୍ରୟୋଗ ଥାଏ, ସେଠାରେ ବାଚ୍ୟୋତ୍ପ୍ରେକ୍ଷା ହୁଏ; ଯେଉଁଠାରେ ତାହା ନ ଥାଏ, ସେଠାରେ ପ୍ରତୀୟମାନୋତ୍ପ୍ରେକ୍ଷା ହୁଏ ।

ଯଥା—(୧) ବାଚ୍ୟୋତ୍ପ୍ରେକ୍ଷା—

ଚମ୍ପ ଚରଣକୁ ତଳ୍ପର ଗଣ୍ଡ ବୋଲେ ତରମେ,
ମଦନ କେତନ ଉଡ଼ୁଛ କିବା ଶୋଭେ ଅଗ୍ରମେ—ରଘୁନାଥ. ଚନ୍ଦ୍ରଭାଗା ।

( ୨ ) ପ୍ରତୀୟମାନୋତ୍ପ୍ରେକ୍ଷା—

ବାସକ ତଳେ ଅଭ୍ରମୁ କରଣୀ; ବଳନ କଣ୍ଠ ରକ୍ତ ପିଣ୍ଡ ଅଣି ।
ଦନ୍ତ ଧବଳାର ବଶି ଅଞ୍ଚିଲା, ବଖେ କର୍ପେ ଶାତିବାତ ସେ ହେଲା ।

ଉପେ. ବୈଦେହୀଶବିଳାସ ।
ତୁଳନଣି, ଅଲଙ୍କାରତରଙ୍ଗିଣୀ ।]

**ଉତ୍ପ୍ଲବ**—ସଂ. ବି. ( ଉତ୍ = ଉପରକୁ + ପ୍ଲୁ ଧାତୁ = ଡେଇଁବା +
**Utplaba** ଭାବ. ଅ )—ଉତ୍ପ୍ଲବନ ( ଦେଖ )
Utplabana ( See )

**ଉତ୍ପ୍ଲବନ**—ସଂ. ବି. ( ଉତ୍ = ଉପରକୁ + ପ୍ଲୁ ଧାତୁ = ଡେଇଁବା
**Utplabana** + ଭାବ. ଅନ )—
( ଉତ୍ପ୍ଲୁତ—ବିଣ ) ୧ । ଉଲ୍ଲମ୍ଫନ; ଡିଆଁ—
1. Jump; leap; bound.
୨ । ଜଳ ଉପରେ ଭାସିବା; ସନ୍ତରଣ—
2. Floating; swimming.
୩ । ଉଛୁଳି ପଡ଼ିବା—3. Over-flowing.
୪ । ଜଳ ଅଧିକ ବଢ଼ିବା—
4 Flood: inundation.

**ଉତ୍ପ୍ଲବା**—ସଂ. ବି. ( ଉତ୍ = ଉପରେ + ପ୍ଲୁ ଧାତୁ = ଡେଇଁବା + କର୍ତ୍ତୃ.
**Utplabā** ଅ + ସ୍ତ୍ରୀ. ଆ )—ନୌକା—Boat.

**ଉତ୍ପ୍ଲୁତ**—ସଂ. ବିଣ. ( ଉତ୍ = ଉପରକୁ + ପ୍ଲୁ ଧାତୁ = ଗତି କରିବା
**Utpluta** + କର୍ତ୍ତୃ. ତ )—
୧ । ଡିଆଁଥିବା—1. Leaped up.
୨ । ଉପରକୁ ଡେଇଁଥିବା—
2. Springing up.
୩ । ଉଛୁଳିବା—3. Over-flowing.
୪ । ଭାସୁଥିବା—4 Floating.
୫ । ( ଜଳ ଅଧିକ ) ବଢ଼ିଥିବା—
5. Flooded; inundated.

**ଉତ୍ଫୁଲ୍ଲ**—ସଂ. ବିଣ. ( ଉତ୍ = ଉପରକୁ + ଫୁଲ୍ଲ ଧାତୁ = ବିକସିତ
**Utphulla** ହେବା + କର୍ତ୍ତୃ. ଅ )—
୧ । ବିକସିତ—
1. Blown; expanded; blooming.
୨ । ପ୍ରଫୁଲ୍ଲ; ଆନନ୍ଦିତ—2. Gladdened.

**ଉତ୍ଫୁଲ୍ଲିତ**—ଦେ. ବିଣ—ଉତ୍ଫୁଲ୍ଲ ( ଦେଖ )
**Utphullita** Utphulla ( See )

ସର୍ବ ତନୁ ଉତ୍ଫୁଲ୍ଲିତ ହୋଇଲା—ଉପେ. ପ୍ରେମସୁଧାନିଧି ।

**ଉତ୍ଫୁଲ୍ଲିବା**—ଦେ. ପଦ୍ୟ. କ୍ରି. ( ସଂ. ଉତ୍ଫୁଲ୍ଲ )—
**Utphullibā** ୧ । ବିକସିତ ହେବା—1 To be blown; to expand; to bloom.
୨ । ଆନନ୍ଦିତ ହେବା—2. To be gladdened

**ଉତ୍ସ**—ସଂ. ବି. ( ଉନ୍ଦ୍ ଧାତୁ = ଆର୍ଦ୍ର ହେବା + କର୍ତ୍ତୃ. ସ )—ପ୍ରସ୍ରବଣ;
**Utsa** ଝରଣା—Spring; fountain; cascade.

**ଉତ୍ସଙ୍ଗ**—ସ.ବି. (ଉତ୍ + ସନ୍ଜ୍ ଧାତୁ = ଆଲିଙ୍ଗନ କରିବା + ଅଧିକରଣ.ଅ)—
**Utsaṅga** ୧ । କୋଳ; କୋଳ—1. Lap; the haunch.

ବୈଧବ୍ୟ ବଧୂଙ୍କ ତାକୁ ଲଭି ଆଲିଙ୍ଗନ,
ଭ୍ରାନ୍ତେ ଉତ୍ସଙ୍ଗରେ ଲୁଚୁଥିଲେ କରନ୍ତ ଶଯ୍ୟନ । ମଧୁସୂଦନ, କବିତାବଳୀ, ନନ୍ଦା

୨ । ( + କର୍ମ. ଅ )—ଊରୁ—2. Thigh
୩ । ପର୍ବତର ଗାଲୁ—
3. Acclivity; slope of a hill.
୪ । ହୃଦୟ; ବକ୍ଷସ୍ଥଳ—4. Bosom; breast.
୫ । ଆଲିଙ୍ଗନ—5. Embrace.
୬ । ଅନ୍ତର; ମଧ୍ୟଭାଗ—6. Interior.
୭ । ପର୍ବତର ଅଗ୍ରଭାଗ—
7. Summit of a mountain.

ସମାପନ ଯେବେ ଅପର ପୃଷ୍ଠାରେ ପ୍ରଥମ ୧ ରେଖିତ ଅକ୍ଷର ଓ ମାତ୍ରା ଏବଂ ୨ ରେଖିତ ଅକ୍ଷର ଓ ମାତ୍ରା ମାନେ ମୁଦ୍ରିତ ରଖା ହୋଇ ନାହିଁ । ଅତଏବ ୧ ବା ୨ ରେଖିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଅତ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଶବ୍ଦର ୨ ବା ୧ ରେଖିତ ବର୍ଣ୍ଣ ବା ମାତ୍ରାକୁ ହିଁ ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ଶାର' ଖୋଜିବେ; 'ଜୁସ' ନ ମିଳିଲେ 'ଯୁଷ' ଦେଖିବେ; 'ବଂଶୁ' ନ ପାଇଲେ 'ବଶ' ଦେଖିବେ; 'ଅଂଶ' ନ ପାଇଲେ 'ଅଶ' ଦେଖିବେ; 'ଅଲୁତେ' ନ ପାଇଲେ 'ଅଲ୍ପତ' ଦେଖିବେ ।

୮ । ଉର୍ଦ୍ଧ୍ୱଭାଗ; ଉର୍ଦ୍ଧ୍ୱ ଅଂଶ—
8. Upper portion.

୯ । କୋଠାର ଛାତ—9. Roof of a building.

୧୦ । ଏକତ୍ର ମିଶ୍ରଣ—10. Admixture; association.

ସଂ. ବଣ (+ଭାବ. ଅ)—୧ । ନିଃସଙ୍ଗ; ସଙ୍ଗରହିତ—
1. Devoid of company.

୨ । ଉତ୍ପନ୍ନ—2. Produced.

୩ । ନଷ୍ଟ—3 Spoiled.

**ଉତ୍ସଙ୍ଗିତ**—ସଂ. ବଣ. ପୁଂ (ଉତ୍ସଙ୍ଗ+ଇତ)—୧ । ଆଲିଙ୍ଗିତ—
Utsangita 1. Embraced.
(ଉତ୍ସଙ୍ଗିତା—ସ୍ତ୍ରୀ) ୨ । ଏକତ୍ରକୃତ—
2. Admixed; associated.

୩ । ଉତ୍ସଙ୍ଗରେ ସ୍ଥାପିତ; ଉତ୍ସଙ୍ଗ ପ୍ରାପ୍ତ—
3. Put on the lap; taken to the lap.

**ଉତ୍ସଞ୍ଜନ**—ସଂ. ବି. (ଉତ୍+ସଞ୍ଜ୍ ଧାତୁ=ଆସକ୍ତ ହେବା+ଭାବ. ଅନ)—
Utsanjana ଊର୍ଦ୍ଧ୍ୱ କ୍ଷେପଣ—Throwing up.

**ଉତ୍ସନ୍ନ**—ସଂ. ବଣ. (ଉତ୍+ସଦ ଧାତୁ=ନଷ୍ଟ ହେବା+କର୍ତ୍ତୃ. ତ)—
Utsanna ୧ । ଉଚ୍ଛନ୍ନ; ଧ୍ୱସ୍ତ; ବିନାଶିତ—
1. Ruined; overthrown; destroyed.

୨ । ଉତ୍ଥିତ—2. Risen.

୩ । ଲୁପ୍ତ—3. Extinct.

ଦେ. ବଣ—୧ । ବ୍ୟାକୁଳ; ବ୍ୟସ୍ତ—1. Annoyed; perturbed.

ବାଳେ ବାଟେ ଅନେକ ଉତ୍ସନ୍ନ ନାଗ ନାବ—
ଲୋକରେ ସ୍ଥିତ ଯେତେ ଲୋକ । ଉକ୍ତ. ବୈଦେହୀଶବିଳାସ ।

୨ । ଅସ୍ଥିର—2. Restless.

ଦେ. ବି.- ଉତ୍ସାହ—Excitement.

ଜଗଜନସୁ ଅସ୍ଥିର ଏ ଫଳ । ହେଉ ଉତ୍ସନ୍ନ ଜନମର ଗ୍ରନ ।
ଉକ୍ତ. ପ୍ରେମସୁଧାନିଧି ।

**ଉତ୍ସବ**—ସଂ. ବି (ଉତ୍+ସୁ ଧାତୁ=ଜନ୍ମ କରିବା+କର୍ତ୍ତୃ. ଅ)—
Utsaba ୧ । ଆନନ୍ଦଜନକ ବ୍ୟାପାର—
1. Pleasant ceremony; festival.

ବସୁଷ ଗଗନ ଘର ଯୁକ୍ତି ପୂର୍ଣ୍ଣିମାର ପର
ଏ ସଙ୍ଗେ ବହୋଇ ବହୁବାର ଉତ୍ସବ । ଉକ୍ତ. ବୈଦେହୀଶବିଳାସ ।

୨ । ମଙ୍ଗଳ; ଆନନ୍ଦ—2. Pleasure; rejoicing.

କହେ ଏ କାଳ ଉତ୍ସବ କି ହୁଅନ୍ତେ ସାର । ଉକ୍ତ. ପ୍ରେମସୁଧାନିଧି ।

୩ । ଜଳସେକ—3. Sprinkling

୪ । ଅମର୍ଷ ବା କୋପ—4. Anger; wrath

୫ । କାର୍ଯ୍ୟରୁ ଅବସର ଦିବସ; ଛୁଟି ଦିନ—5. Holiday

୬ । ଇଚ୍ଛାର ପ୍ରସର—6 Flight of thought. •

୭ । ଆନନ୍ଦାବସର—7 Pleasant time.

୮ । ଭୋଜି—8. Feast.

୯ । ଉଚ୍ଛ୍ରାୟ; ଊର୍ଦ୍ଧ୍ୱଗମନ—9. Resing up.

୧୦ । ବହୁଲୋକଙ୍କର ଆନନ୍ଦଜନକ ମିଳନ—
10. A joyous meeting of many persons.

**ଉତ୍ସବସଙ୍କେତ**—ସଂ. ବି.—(ବହୁବ୍ରୀହି; ଉତ୍ସବ+ସଙ୍କେତ=ଆଚାର;
Utsabasanketa ଏମାନଙ୍କର ବିବାହ ପ୍ରଥା ନାହିଁ; ସ୍ତ୍ରୀ-ପୁରୁଷଙ୍କର ପରସ୍ପର ଅନୁରାଗ ହେଲେ ଏମାନେ ସ୍ୱେଚ୍ଛା-ବିହାର କରନ୍ତି)—ପାର୍ବତ୍ୟ ଜାତିବିଶେଷ—
A hilly tribe having no marriage.

**ଉତ୍ସର୍ଗ**—ସଂ. ବି. (ଉତ୍=ଉପରେ+ସୃଜ ଧାତୁ=ତ୍ୟାଗ କରିବା+
Utsarga ଭାବ. ଅ)—୧ । ପରିତ୍ୟାଗ—
ଉତ୍ସର୍ଗିତ; ଉତ୍ସୃଷ୍ଟ } ବଣ 1. Abandonment.

୨ । ଦାନ—2. Gift; present; donation.

୩ । ଦେବତା ଉଦ୍ଦେଶ୍ୟରେ ଦାନ ବା ନିବେଦନ—
3. Offering to a Deity; oblation.

୪ । (ବ୍ୟାକରଣ) ସାମାନ୍ୟବିଧି—
4. (grammar) An ordinary rule.

୫ । ଯାଗବିଶେଷ—5. A sacrifice; a sacrificial offering.

୬ । ପୁରୀଷ ତ୍ୟାଗ (ପ୍ରକୃତିଭାବ)—
6. Passing of stools.

୭ । କୌଣସି ବ୍ୟକ୍ତି ବା ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି ବସ୍ତୁକୁ ଉପହାର ଦେବାର ସଂକଳ୍ପ; ପାଣି ଛଡ଼ାଇବା—
7. Dedication.

୮ । ମେଘବର୍ଷିବାର ପରିମାଣ—
8. The quantity of rain or shower.

୯ । ମେଘର ଗମ୍ଭୀରତା ବା ବେଧ—
9. Depth of a cloud.
(ଯଥା—ମେଘର ଉତ୍ସର୍ଗ ଏତେ ଯୋଜନ)

ଦେ. ବି—୧ । ଉଚ୍ଚତା—1. Elevation; height.

ଉତ୍ସର୍ଗରେ ସେ ଅଠକୋଶ ସେ ଅଛନ୍ତି
ବିସ୍ତୃତିରେ ଲକ୍ଷ ବିସ୍ତାର କରିଥାନ୍ତି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୨ । ବେଧ—2. Depth.

ଦେ. ବଣ—୧ । ଉଚ୍ଚ—1. High.

ଅତି ଉତ୍ସର୍ଗ ଦେଖ ଚୂଡ଼; ଉତ୍ତୁଙ୍ଗ ପଡ଼ିଲେ ପ୍ରଚଣ୍ଡ । ଜଗନ୍ନାଥ. ଭାଗବତ ।

୨ । ଦତ୍ତ; ଉତ୍ସର୍ଗୀକୃତ—2. Which has already been offered.

ଉତ୍ସର୍ଗ ଧନ ଯେବୁ ହରେ, ଅନ୍ତେ ନରକ ଭୋଗକରେ ।
ଜଗନ୍ନାଥ. ଭାଗବତ ।

୩ । ଉତ୍ସୃଷ୍ଟ; ଦତ୍ତ ହେବା ପାଇଁ ସଂକଳ୍ପିତ—
. 3 Dedicated to be given

**ଉତ୍ସର୍ଗ କରିବା**—ଦେ. କ୍ରି—୧ । କୌଣସି ବସ୍ତୁକୁ ଦେବତାଙ୍କ
Utsarga kariba ଉଦ୍ଦେଶ୍ୟରେ ଦାନ କରିବା ବା ପାଣିଛଡ଼ାଇ
उत्सर्ग करना ଦେବା ବା ନିବେଦନ କରିବା—
उत्सर्ग करना 1. To dedicate a thing to a Deity; to offer as an oblation.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଳ | ଶ,ଷ | ଜ୍ଞ | ଇଫ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଝ | ନ୍ |

୨ । ଦାନ କରିବା—2. To make a gift or present; to give a thing.

୩ । କୌଣସି ବସ୍ତୁକୁ ଦେବତାଙ୍କୁ ଦେବା ନିମନ୍ତେ ସଂକଳ୍ପ କରିବା—3. To dedicate or to consecrate a thing to a Deity

୪ । କୌଣସି ବଡ଼ଲୋକଙ୍କ ନାମରେ କୌଣସି ଗ୍ରନ୍ଥକୁ ଉପହାର ଦେବା—4. To dedicate a book.

୫ । ବୃଷୋତ୍ସର୍ଗ କରିବା; ପ୍ରେତାତ୍ମାର ମୁକ୍ତି ନିମନ୍ତେ ମୃତବ୍ୟକ୍ତିର ଏକାଦଶାହ ଶ୍ରାଦ୍ଧ ଦିବସରେ ଗୋଟିଏ ବୃଷ ମହାଦେବଙ୍କୁ ଦାନ କରି ଛାଡ଼ି ଦେବା—
5. To let out a bull to roam at large after dedicating it to Siba and branding it at the first funeral Śraddha ceremony of a deceased Hindu of means.

ଉତ୍ସର୍ଗପତ୍ର—ସଂ. ବି. ( ଅଧୁନାପ୍ରୟୋଗ )—ଯେଉଁ ପତ୍ରଦ୍ୱାରା
Utsargapatra କୌଣସି ଗ୍ରନ୍ଥ କୌଣସି ବ୍ୟକ୍ତିଙ୍କୁ ଉତ୍ସୃଷ୍ଟ
উৎসর্গপত্র ହୋଇଥିବା ବିଷୟ ପୁସ୍ତକର ଆଦ୍ୟରେ ବର୍ଣ୍ଣିତ ଥାଏ—
उत्सर्गपत्र A writing or page mentioning the fact of a book having been dedicated to a certain person, a letter of dedication.

ଉତ୍ସର୍ଗାଇବା—ଦେ. ପଦ୍ୟ. କ୍ରି.—ଉତ୍ସର୍ଗିବାର ଣିଜନ୍ତ ରୂପ—
Utsargāibā The causative form of Utsargibā.
ଅବିବେକ ଧନ ବିବେକ ବିନା ଭଲ
କରିଥିଲ ସେଷଣି ଉତ୍ସର୍ଗାଇ ଦେଲ । କୃଷ୍ଣସିଂହ. ମହାଭାରତ. ବନ ।

ଉତ୍ସର୍ଗିତ—ସଂ. ବିଣ. ( ଉତ୍ସର୍ଗ=ଦାନ+ଇତ )—
Utsargita ୧ । ଦତ୍ତ, ନିବେଦିତ—1 Presented; given

୨ । ଦାନାର୍ଥରେ ବା ଦେବଙ୍କ ଉଦ୍ଦେଶ୍ୟରେ ସଂକଳ୍ପିତ—
2. Dedicated to an Deity.

୩ । ଦେବତାଙ୍କୁ ଭୋଗ ଦିଆଯାଇଥିବା—
3. Offered to a Deity.

୪ । ଗ୍ରନ୍ଥକାରଙ୍କ ଦ୍ୱାରା କୌଣସି ମହାଜନଙ୍କ ନାମରେ ଉପହୃତ ( ଗ୍ରନ୍ଥାଦି )—
4. Dedicated ( said of a book ).

୫ । ପରିତ୍ୟକ୍ତ—5. Relinquished; abandoned.

ଉତ୍ସର୍ଗିବା—ଦେ. ପଦ୍ୟ. କ୍ରି.—ଉତ୍ସର୍ଗ କରିବା ( ଦେଖ )
Utsargibā Utsarga kariba ( See )
ଘୋଡ଼ା ହାତୀ ପୁରୁଷ ମୁକ୍ତ ଉତ୍ସର୍ଗିଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉତ୍ସର୍ଜନ—ସଂ. ବି. (ଉତ୍+ସୃଜ ଧାତୁ+ଭାବ. ଅନ)—ଉତ୍ସର୍ଗ (ଦେଖ)
Utsarjana Utsarga ( See )

ଉତ୍ସର୍ପଣ—ସଂ. ବି. ( ଉତ୍=ଉପରକୁ+ସୃପ୍ ଧାତୁ=ଧୀରେ ଧୀରେ
Utsarpaṇa ଯିବା+ଭାବ. ଅନ )—୧ । ଉଲ୍ଲଙ୍ଘନ—
1. Passing over; leaping over.

୨ । ଊର୍ଦ୍ଧ୍ୱଗମନ—2. Ascending; rising up.

୩ । ତ୍ୟାଗ—3. Abandonment.

ଉତ୍ସର୍ଯ୍ୟା—ସଂ. ବି. (ଉତ୍+ସୃ ଧାତୁ=ଗମନ କରିବା+କର୍ମ. ଯ+ସ୍ତ୍ରୀ.
Utsarjyā ଆ )—ବୃଷସଙ୍ଗ ବା ଗର୍ଭଗ୍ରହଣ ପାଇଁ ଉଦ୍ୟତ ଗାଈ—
A cow in heat.

ଉତ୍ସଳିବା—ଦେ. କ୍ରି—ଉଚ୍ଛୁଳିବା; ଜଳ ବା ତୈଳ ଆଦି ପାତ୍ରରେ ସମ୍ଭାଳ
Utsalibā ନ ହେବା—To overflow; to brim over.
ବଢ଼ନ୍ତି ସମ ପ୍ରେମନୀର ବହୁତ ଉତ୍ସଳିବାର ଅଛି ।
ଭକ୍ତ. ବୈଦେହୀଶବିଳାସ ।

ଉତ୍ସାଦନ—ସଂ. ବି. ( ଉତ୍+ସଦ ଧାତୁ ଣିଚ; ସାଦ ଧାତୁ=ବିନାଶ
Utsādana କରିବା+ଭାବ. ଅନ )—

୧ । ଜଳ ଆଦି ନିଆଁ ଉପରେ ଫୁଟିବା—
1. Seething or boiling of a liquid.

୨ । ଉଦ୍ବର୍ତ୍ତନ; ଅଉଟି ହେବା—
2. Being stirred over fire.

୩ । ତୈଳ, ଚନ୍ଦନାଦିଦ୍ୱାରା ( ଶରୀରର ) ସଂସ୍କାର—
3. Toilet.

୪ । ଦ୍ରବ୍ୟରୁ ମଳଶୋଧନ—4. Refining.

୫ । ଧୂଳିଝାଡ଼ିବା—5. Dusting

୬ । ପରିଷ୍କରଣ; ସଫା କରିବା—
6 Cleansing a thing of impurities.

୭ । ଉଚ୍ଛନ୍ନ କରିବା—7. Ruining.

୮ । ବିନାଶନ—8. Annihilation; destruction.

୯ । ଉନ୍ମୂଳନ—9. Eradication

ଉତ୍ସାଦିତ—ସଂ. ବିଣ. ( ଉତ୍+ସଦ ଧାତୁ. ଣିଚ+କର୍ମ. ତ )—
Utsādita ୧ । ଉନ୍ମୂଳିତ; ବିନଷ୍ଟ—
1. Ruined; eradicated.

୨ । ପରିଷ୍କୃତ; ନିର୍ମଳୀକୃତ—2. Cleansed.

ଉତ୍ସାରଣ—ସଂ. ବି. (ଉତ୍+ସୃ ଧାତୁ; ଣିଚ ସାର ଧାତୁ+ଭାବ. ଅନ)—
Utsāraṇa ୧ । ଦୂରୀକରଣ; ତଡ଼ିବା—
(ଉତ୍ସାରିତ—ବିଣ) 1 Removal; driving away.

୨ । ଯିବାକୁ ବାହାର କରିବା—
2. Bringing out.

୩ । ବାଟରୁ ଅନ୍ତେଇ ଦେବା—
3. Clearing out of the way.

ଉତ୍ସାରିତ—ସଂ. ବିଣ. ( ଉତ୍+ସାର ଧାତୁ+କର୍ମ. ତ )—
Utsārita ୧ । ଅବାଧ; ବାଧାରହିତ—
1. Unobstructed.

୨ । ଦୂରୀକୃତ—2. Removed.

୩ । ପ୍ରବାହିତ—3. Flowing.
ଅଶ୍ରୁ ଭିଜାଇଲ ଉଭ ଉତ୍ସାରିତ କର ଉତ୍ସାହଦାୟିନୀ ।
ମଧୁସୂଦନ—ଉତ୍କଳଗାଥା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ଷ୍ଟର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ଟର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ଟର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳନ୍ତି, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷ୍ଟର ବଦଳରେ ୨ ବା ୧ ଚକ୍ଷ୍ଟର ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; ତଥା 'ଚଷ' ନ ପାଇଲେ 'ଚଷ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

ଉତ୍ସାହ—ସଂ. ବି. ( ଉତ୍—ଅତିଶୟ+ସହ=ସହିବା+ଭାବ. ଅ )—
Utsāha ୧ । କୌଣସି କାର୍ଯ୍ୟରେ ଅନୁରାଗ; ଉଦ୍‌ଯୋଗିତା—
1. Energy; strong interest in a work.
୨ । ସଂକଳ୍ପ—2. Resolution; resolve.
୩ । ତତ୍ପରତା—3 Promptness.
୪ । ବ୍ୟଗ୍ରତା; ଆଗ୍ରହ—4. Eagerness; zeal.
୫ । ଅଧ୍ୟବସାୟ—5. Perseverance.
୬ । ଉଦ୍ୟମ; ଉଦ୍‌ଯୋଗ—6. Steady effort.
୭ । ସ୍ଫୂର୍ତ୍ତି; ତେଜ—7. Vigour.
୮ । ଦୁଷ୍କର ଯତ୍ନ—8. Enterprise; venture.
୯ । କୌଣସି କାର୍ଯ୍ୟ କରିବା ପାଇଁ ମନରେ ଜାତ ଅନୁରାଗ; ହିମତ୍—9. Encouragement.
୧୦ । ବୀରରସର ସ୍ଥାୟୀ ଭାବ—10. The permanent mental attitude in the heroic sentiment.
୧୧ । କଲ୍ୟାଣ—11. Benediction
୧୨ । ହର୍ଷ—12. Joy.
୧୩ । ( +କରଣ. ଅ) ଆରମ୍ଭ; ସୂତ୍ର—13. Beginning
ଦେ. ବିଣ—ଉତ୍ସାହିତ—Encouraged; eager; zealous.

ତୋଳେ ଦେହି ଗ୍ରାମ ପଟଳ ନିମନ୍ତେ ଉତ୍ସାହ ହୋଇ ଗଣ.ଗଳେ କଲେ ।
ରଘୁନାଥ ଦେବ ରାମାୟଣ ।

ଉତ୍ସାହକ—ସଂ. ବିଣ. ପୁଂ. (ଉତ୍+ସହ ଧାତୁ+କର୍ତ୍ତୃ. ଅକ)—
Utsāhaka ଯେ ଉତ୍ସାହ ଦିଏ—Encouraging.
(ଉତ୍ସାହିକା—ସ୍ତ୍ରୀ)

ଉତ୍ସାହଦାତା—ସଂ. ବିଣ. ପୁଂ.—ଉତ୍ସାହ ଦେବା (ବ୍ୟକ୍ତି)
Utsāhadātā Patronising: encouraging.
(ଉତ୍ସାହଦାତ୍ରୀ—ସ୍ତ୍ରୀ) ସଂ.ବି.—କାର୍ଯ୍ୟକ୍ଷେତ୍ରରେ ଯେ କୌଣସି ବ୍ୟକ୍ତିର ହିତକାମୀରୂପେ ତାକୁ ଉତ୍ସାହ ଦିଅନ୍ତି; ପୃଷ୍ଠପୋଷକ—Patron.

ଉତ୍ସାହନ—ସଂ ବି. (ଉତ୍+ସହ ଧାତୁ+ଭାବ. ଅନ)—ଉତ୍ସାହଦାନ—
Utsāhana Giving encouragement.
ସଂ. ବିଣ. ( +କର୍ତ୍ତୃ. ଅନ)—ଯାହା ବା ଯେ ଉତ୍ସାହ ଦିଏ; ଉତ୍ସାହଜନକ—Encouraging.

ଉତ୍ସାହନୀୟ—ସଂ. ବିଣ. (ଉତ୍+ସହ ଧାତୁ+କର୍ମ. ଅନୀୟ)—
Utsāhanīya ଯେଉଁ ବିଷୟରେ ବା ଯାହାକୁ ଉତ୍ସାହ ଦେବା ଆବଶ୍ୟକ—Deserving encouragement.

ଉତ୍ସାହବର୍ଦ୍ଧନ—ସଂ. ବି. ( ଉତ୍ସାହ+ବୃଧ୍ ଧାତୁ+ଭାବ. ଅନ )—
Utsāhabarddhana ୧ । ଉତ୍ସାହବୃଦ୍ଧି—Encouragement; zeal.
୨ । ଅଧ୍ୟବସାୟ—2. Perseverance.
୩ । ( +କର୍ତ୍ତୃ. ଅନ)—ବୀରରସ—The heroic sentiment in art.
ସଂ. ବିଣ.—ଯାହା ଉତ୍ସାହକୁ ବର୍ଦ୍ଧିତ କରେ; ଯେ ଉତ୍ସାହ ବଢ଼ାଏ; ଉତ୍ସାହଦାତା—One who or that which gives encouragement or infuses vigour or zeal.

ଉତ୍ସାହା—ଗ୍ରା. ପଦ୍ୟ. ବି. (ସଂ. ଉତ୍ସାହ)—ଉତ୍ସାହ (ଦେଖ)
Utsāhā Utsāha (See)

କର୍ମକୁ ପରାକ୍ରମ ନହେ ଯେବେ ମହା
ତେବେ ତାହାର ଭାଙ୍ଗ ଯାଏ ଉତ୍ସାହା ।
ସରଳା- ମହାଭାରତ

ଗ୍ରା. ପଦ୍ୟ. ବିଣ.—୧ । ନିରୁତ୍ସାହ—
1. Hopeless; disappointed.

ବାଟକ ଉଠି ମହୋଦରୁଣ ଦେଖି ତାହା
କପାଟ ହୋଇଛ ଉତ୍ସାହା ।
ଭଞ୍ଜ- ବୈଦେହୀଶବିଳାସ ।

୨ । ଉତ୍ସାହୀ—2. Zealous.

ଉତ୍ସାହିତ—ସଂ. ବିଣ. (ଉତ୍ସାହ+ଅସ୍ତି ଅର୍ଥରେ. ଇତ)—
Utsāhita ୧ । ଉତ୍ସାହପ୍ରାପ୍ତ; ହିମତ୍ ପାଇଥିବା—
1 Stimulated; encouraged.
୨ । ଉତ୍ତେଜିତ—2. Prompted (to do a thing)
୩ । ଅନ୍ୟଠାରୁ ଉତ୍ସାହ ପାଇବାରୁ ଯାହାର ସାହସ ବଢ଼ିଥାଏ—3. Emboldened.

ଉତ୍ସାହୀ—ସଂ. ବିଣ. ପୁଂ. (ଉତ୍ସାହ+ଅସ୍ତି ଅର୍ଥରେ. ଇନ୍.୧ମା. ୧ବ)—
Utsāhī ୧ । ସାହସିକ; ଅଗ୍ରଗାମୀ—1. Energetic; courageous.
( ଉତ୍ସାହିନୀ—ସ୍ତ୍ରୀ )
୨ । ଉଦ୍ୟମଶୀଳ—2. Enterprising
( ଉତ୍ସାହିତା—ବି ) ୩ । ଦୃଢ଼ପ୍ରତିଜ୍ଞ—3. Resolute
୪ । ଅଧ୍ୟବସାୟୀ—4. Persevering.

ଉତ୍ସିକ୍ତ—ସଂ. ବିଣ. (ଉତ୍—ଉପରେ+ସିଚ୍ ଧାତୁ+କର୍ମ. ତ)—
Utsikta ୧ । ଉପରଭାଗରେ ଓଦା—1. Wet outside; wet on the surface
( ଉତ୍ସେକ—ବି )
୨ । ଉପରେ ସିଞ୍ଚା ହୋଇଥିବା—
2 Sprinkled over; be sprinkled.
୩ । ( +କର୍ତ୍ତୃ. ତ)—ଗର୍ବିତ; ଉଦ୍ଧତ; ଧୃଷ୍ଟ—
3. Proud; presumptuous; haughty.

ଉତ୍ସୁକ—ସଂ. ବିଣ. ପୁଂ. ( ଉତ୍+ସୁ ଧାତୁ=ଅନୁରକ୍ତ ହେବା; ପ୍ରସବ କରିବା+କର୍ତ୍ତୃ. କ)—୧ । ବିଶେଷ ଉଦ୍‌ଯୋଗୀ;
Ūtsuka
( ଉତ୍ସୁକା—ସ୍ତ୍ରୀ ) ଅତ୍ୟନ୍ତ ତତ୍ପର; ବ୍ୟଗ୍ର—1. Zealously active.
( ଔତ୍ସୁକ୍ୟ—ବି )
୨ । ଉତ୍କଣ୍ଠିତ—2. Anxious; uneasy.
୩ । ଇଚ୍ଛୁକ—3. Desirous.
୪ । ଲାଳାୟିତ—4. Hankering after, longing for.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର, ଋ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ, ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଗଁ | ଇଅ | ଢ଼ | ନ୍ଥ |

୫ । ଅନୁରକ୍ତ—5. Zealously attached ( to an object )

୬ । ପ୍ରିୟ (ପ୍ରକୃତବାଦ)—6. Dear.

ଉତ୍ସୁକତା—ସଂ. ବି. ( ଉତ୍ସୁକ+ଭାବ. ତା )—୧ । ଉତ୍ସୁକ ଭାବ; ଔତ୍ସୁକ୍ୟ—1. Zeal.
Utsukata

୨ । ଆଗ୍ରହ; ବ୍ୟଗ୍ରତା—2. Eagerness.

୩ । ଅଧ୍ୟବସାୟ—3 Perseverance.

୪ । ଉତ୍କଣ୍ଠା—Anxiety; uneasiness.

ଉତ୍ସୁକିତ—ଦେ. ପଦ୍ୟ. ବିଣ.—ଉତ୍ସୁକ (ଦେଖ)
Utsukita Utsuka (See)

ଭଜେ ମୁଁ ହୋଇ ଉତ୍ସୁକିତ—ଭକ୍ତ. ପ୍ରେମସୁଧାନିଧି ।

ଉତ୍ସୂତ୍ର—ସଂ. ବିଣ—( ଉତ୍+ସୂତ୍ର=ନିୟମ )—ନିୟମବହିର୍ଭୂତ—
Utsūtra Centrary to rules.

ଉତ୍ସୃଜନ—ସଂ. ବି ( ଉତ୍+ସୃଜ୍ ଧାତୁ=ତ୍ୟାଗ କରିବା+ଭାବ. ଅନ)-
Utsṛujana ୧ । ତ୍ୟାଗ–1. Abandonment

୨ । ସମର୍ପଣ—2. Offering

ଉତ୍ସୃଷ୍ଟ—ସଂ. ବିଣ (ଉତ୍+ସୃଜ୍ ଧାତୁ=ତ୍ୟାଗକରିବା+କର୍ମ. ତ )–
Utsṛushṭa

ଉତ୍ସର୍ଗ; } ବି.
ଉତ୍ସର୍ଜନ }

୧ । ଉତ୍ସର୍ଗିତ (ଦେଖ)—Utsargita (See)

୨ । ପ୍ରତିଷ୍ଠିତ (ପ୍ରକୃତବାଦ)—2. Established.

୩ । ପ୍ରଯୁକ୍ତ ( ପ୍ରକୃତବାଦ )—3. Joined; applied.

ଉତ୍ସେକ—ସଂ. ବି ( ଉତ୍+ସିଚ୍ ଧାତୁ+ଭାବ. ଅ )—
Utseka ୧ । ଉପରେ ଛିଞ୍ଚିବା; ସେଚନ—
1. Sprinkling over

୨ । କ୍ଷେତ୍ର ଆଦିରେ ପାଣି ମଡ଼ାଇବା—2. Irrigation.

୩ । ଗର୍ବ; ଅହଂକାର; ଦର୍ପ—
3. Pride; presumption; arrogance.

୪ । ଉଦ୍ରେକ; ଆଧିକ୍ୟ—4. Increase; swelling; redundance.

ଉତ୍ସେଚନ—ସଂ. ବି. ( ଉତ୍+ସିଚ ଧାତୁ+ଭାବ. ଅନ )—
Utsechana ୧ । ପାଣି ଆଦି ଛିଞ୍ଚିବା—1. Sprinkling.

୨ । କ୍ଷେତ୍ରରେ ପାଣି ମଡ଼ାଇବା—
2. Irrigation of fields

୩ । ଜଳ ବରଷିବା—3. Showering.

୪ । ଜଳାଦିର ବହିଃନିଃସରଣ—
4. Spouting out of water.

୫ । ଜଳବୃଦ୍ଧି; ପାଣିବଢ଼ି—5. Flood; inundation.

ଉତ୍ସେଧ—ସଂ. ବି ( ଉତ୍=ଉପରେ+ସିଧ୍ ଧାତୁ=ଯିବା+ଭାବ. ଅ )
Utsedha ୧ । ଉଚ୍ଚତା—1. Height.

୨ । ଉନ୍ନତି—2. Improvement; elevation.

୩ । ଔଦ୍ଧତ୍ୟ; ଧୃଷ୍ଟତା—3. Arrogance; haughtiness.

୪ । ( +କର୍ତ୍ତୃ. ଅ)—ଶରୀର; ଦେହ—4. Body.

୫ । ସ୍ଥୂଳତା—5. Fatness; thickness

୬ । ବଧ—6. Slaughter; killing.

୭ । ଉପରିଭାଗ—7. Surface; upper part.

ଉଥରା—ଉଥୁରା ( ଦେଖ )
Utharā Uthurā ( See )

ଉଥଳିବା—ଦେ. କ୍ରି ( ସ. ଉଚ୍ଛଳନ )—ଉଚ୍ଛୁଳିବା ( ଦେଖ )
Uthaḻibā Uchhuḻibā ( See )

ଯହୁଁ ଦେଖେ ଦୁହେଁ ସଙ୍ଗୀତ ଉଥଳେ—ରଧାନାଥ- ଚନ୍ଦ୍ରଭାଗା ।

ଉଥୁରା—ଦେ. ବି ( ସଂ. ଉତ୍ଥାନ )—ଚିତ୍ ହୋଇ ଶୋଇଥିବା ଅବସ୍ଥାରେ
Uthurā ସ୍ବପ୍ନରେ ବେଳେ ବେଳେ ମନୁଷ୍ୟକୁ ମାଡ଼ିବସିଲା ପରି
ଦ୍ବାବ ଜଣାଯିବା ମୂର୍ତ୍ତିବିଶେଷ—Nightmare.

(ଯଥା—ମୋତେ ଉଥୁରା ମାଡ଼ିବସିଥିଲା । )

ଉଥୁଳିବା - ଗ୍ରା. କ୍ରି (ସଂ. ଉଚ୍ଛଳନ)—ଉଚ୍ଛୁଳିବା (ଦେଖ)
Uthuḻibā Uchhuḻibā (See)

ଉଦ୍ (ଉତ୍)—ସଂ. ଅବ୍ୟୟ ଓ ଉପସର୍ଗ—ଏ ଉପସର୍ଗ ଧାତୁ ପୂର୍ବରେ ଯୁକ୍ତ
Ud ହେଲେ ନିମ୍ନଲିଖିତ ଅର୍ଥ ବୁଝାଏ—A prefix indicating —

୧ । ଊର୍ଦ୍ଧ୍ବ; ଊର୍ଦ୍ଧ୍ବକୁ ( ଯଥା—ଉଦ୍ଗ୍ରୀବ )—
1. High; high up.

୨ । ଉପରେ; ଉପରକୁ ( ଯଥା—ଉଦ୍ଗାର )—
2. Over; above.

୩ । ବିପରୀତ ( ଯଥା—ଉତ୍କିରଣ; ଉନ୍ମନ୍ଥନ )—
3 Opposite.

୪ । ତ୍ୟକ୍ତ—4 Abandoned; relinquished.

୫ । ବିଶେଷରୂପେ; ସମ୍ୟକ୍ ( ଯଥା—ଉଦ୍ଗାଢ଼ )—
5. Excessively.

୬ । ଇତସ୍ତତଃ—6. To and fro.

୭ । ପ୍ରକାଶ—7. Manifestation.

୮ । ଲାଭ—8. Profit.

୯ । ବିଭାଗ—9. Division.

୧୦ । ପ୍ରାବଲ୍ୟ ( ଯଥା—ଉଦ୍ବେଳ )—
10. Preponderance.

୧୧ । ଔଦ୍ଧତ୍ୟ—11. Insubordination; arrogance.

୧୨ । ସାମର୍ଥ୍ୟ—12. Power, ability.

୧୩ । ବନ୍ଧନ—13 Binding.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୧୪ । ମୋଚନ ( ଯଥା—ଉଦ୍ଗାର )—14. Liberation; emitting.

୧୫ । ନୈକଟ୍ୟ—15. Nearness.

୧୬ । ଭେଦନ—16. Penetrating.

୧୭ । ଉଗ୍ରତ୍ବ ( ଯଥା—ଉଦଣ୍ଡ )—17. Fierce.

୧୮ । ଚଞ୍ଚଳ ( ଯଥା—ଉଦ୍ଭ୍ରାନ୍ତ )—18. Restless.

୧୯ । ଉଚ୍ଚୈଃସ୍ୱରରେ ( ଯଥା—ଉଦ୍ଘୋଷ )—19. Loudly.

୨୦ । ଅତିଶୟ (ଯଥା—ଉଦ୍ଦାମ )—20. Too much.

୨୧ । ବିରୁଦ୍ଧ ( ଯଥା—ଉଦ୍ଦାନ )—21. Against.

୨୨ । ବଡ଼ (ଯଥା—ଉଦଗ୍ର)—22. Great; large

**ଉଦୁଉଦିଆ**—ଗ୍ରା. ବଣ—ଉଦୁଉଦିଆ (ଦେଖ)
Uduudiā Uduudiā (See)

**ଉଦ୍ଦାନ୍**—ଦେ. ବି. (ଉଦ୍‌ବତ୍ତି + ଅ. ଦାନ୍=ପାତ୍ର) - ଲୋବାନ୍‌କାଠି
Uddān ରଖି ଜାଳିବାରେ ବ୍ୟବହୃତ ଧାତୁ ପାତ୍ର—A frame-work for lighting scented incense sticks

**ଉଦ୍‌ବତୀ**—ଦେ. ବି ( ସଂ ଉଦ୍ବର୍ତ୍ତିକା; ଉଦ୍ + ବର୍ତ୍ତିକା; ଯେଉଁ ବର୍ତ୍ତିରୁ
Udbati ଉଚ୍ଚ ତ ସୁଗନ୍ଧ ଉପରକୁ ଉଠେ )—ଲୋବାନ, ଚନ୍ଦନ
ଉଦ୍‌ବାତୀ ଆଦି ସୁଗନ୍ଧ ମସଲାବୋଳା ଧୂପକାଠି—A stick
ଉଦବତ୍ତୀ smeared over with incense.

**ଉଦ୍ଭୁତ**—ଗ୍ରା. ବି. ଓ କ୍ରି. ବଣ (ସଂ. ଅଦ୍ଭୁତ)—ଅଦ୍ଭୁତ (ଦେଖ)
Udbhuta Adbhuta (See)

**ଉଦ୍‌ଲଙ୍ଗଳା**—ଗ୍ରା. ବଣ—ଉଦୁଲଙ୍ଗଳା (ଦେଖ)
Udlangala Udulangala (See)

**ଉଦ୍‌ଲିଆ**—ପ୍ରାଦେ. (ସମ୍ବଲପୁର ) ବି.—ପରସ୍ତ୍ରୀ ବା ଅବିବାହିତା କନ୍ୟା
Udliā ପରପୁରୁଷଠାରେ ପ୍ରେମଲୁବ୍ଧା ହୋଇ ସ୍ୱସ୍ଥାନ ତ୍ୟାଗ କରି ପରପୁରୁଷ ସଙ୍ଗେ ଅନ୍ୟତ୍ର ରକ୍ଷିତା ରୂପରେ ରହିବା—Elopement; living with one's illicit paramour at a place away from one's abode.

**ଉଦ**—ସଂ. ବି. (ଉନ୍ଦ୍ ଧାତୁ=ଓଦା କରିବା + ଅ)—ଜଳ; ପାଣି—
Uda Water.
(ଯଥା—ଶୀରୋଦ)

**ଉଦଏ**—ଗ୍ରା. ପଦ୍ୟ. ବି.—ଉଦୟ—
Udae Rising; appearing.

ପ୍ରଥମେ ଅଣ ଅକ୍ଷର ଉଦଏ । ଗାତୀ—ପରଚେଗୀତା ।

**ଉଦକ୍**—ସଂ. ଅ. (ଉଦଚ୍ ଶବ୍ଦର ଅନ୍ୟ ରୂପ)—୧ । ଉତ୍ତରଦିଗସ୍ଥ—
Udak 1. Northern.

୨ । ଭବିଷ୍ୟତ୍; ଉତ୍ତରକାଳୀନ—2. Of subsequent time; future.

୩ । ଉତ୍ତରାଭିମୁଖ—3. Facing the north; with face towards the north; turning northwards.

ସଂ. ବି.—୧ । ଉତ୍ତର ଦିଗ—1. The north.

୨ । ଉତ୍ତର ଦେଶ—2. Northern country.

୩ । ଉତ୍ତର କାଳ—3. Future.

କ୍ରି. ବଣ—ଉତ୍ତରାଭିମୁଖରେ—Towards north; in a northerly direction.

**ଉଦକ**—ସଂ. ବି. (ଉନ୍ଦ୍ ଧାତୁ=ଓଦା କରିବା + କର୍ତ୍ତୃ. ଅକ)—
Udaka ଜଳ; ପାଣି—Water.

**ଉଦକକର୍ମ**—ସଂ. ବି. (୬ଷ୍ଠୀ ତତ୍—ଉଦକ + କର୍ମ ) ପ୍ରେତ ବା ପିତୃ-
Udakakarma ଲୋକଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ; ଜଳଦାନ—Libation of water to dead ancestors oblations.

**ଉଦକକ୍ରିୟା**—ସଂ. ବି. (୬ଷ୍ଠୀ ତତ୍; ଉଦକ + କ୍ରିୟା)—
Udakakriyā ଉଦକକର୍ମ (ଦେଖ) Udakakarma (See)

ଧାତ୍. ଦେଖି ଚରଣ ଭୂଷଣ ମହୀଦେଖେ,
ଯୋଗ ଦେଇ ଉଦକକ୍ରିୟାକୁ ଲେ ସେ—କୃଷ୍ଣସିଂହ; ମହାଭାରତ ଆଦି ।

**ଉଦକପରୀକ୍ଷା**—ସ. ବି ( ୬ଷ୍ଠୀ ତତ୍; )—ଜଳମାଣ୍ଡୁ; ଜଳରେ ପଶି ବା
Udakapariksha ଜଳଦ୍ୱାରା କୌଣସି ଅଭିଯୁକ୍ତ ବ୍ୟକ୍ତିର ସତ୍ୟାସତ୍ୟ ବା ଅଯୁକ୍ତ ବ୍ୟକ୍ତିର ନିର୍ଦୋଷତା ନିରୂପଣ କରିବାରୂପ ପ୍ରାଚୀନ ଦିବ୍ୟ—An ordeal by water; an obsolete custom to test the veracity or honesty of an accused.

**ଉଦକମଣ୍ଡଳ**—ଦେ. ବି. ( ନାମ )—ଦକ୍ଷିଣ ଅଞ୍ଚଳରେ ମଲ୍ଲିଗିରିସ୍ଥ
Udakamandala ନୀଳଗିରି ପର୍ବତର ଅଧିତ୍ୟକାରେ ଅବସ୍ଥିତ ଗ୍ରୀଷ୍ମନିବାସ; ଉଟକାମଣ୍ଡ—Another name for Ooty, the summer residence of the Madras Government in the Nilghiri hills.

[ ଦ୍ର—ଏଠାରେ ସର୍ବଦା ମେଘମାଳା କ୍ରୀଡ଼ା କରୁଥିବାରୁ ସମ୍ଭବତଃ ଏହି ନାମ; ଏହା ମାନ୍ଦ୍ରାଜପ୍ରଦେଶର ଲାଟ୍ ଓ ଅନ୍ୟାନ୍ୟ ବଡ଼ ଲୋକଙ୍କର ଗ୍ରୀଷ୍ମନିବାସ । ଏହାର ଦେଶୀୟ ଅପଭ୍ରଷ୍ଟ ନାମ ଉଟକାମଣ୍ଡ ଓ ଇଂରାଜମାନେ ଏହାକୁ ସଂକ୍ଷେପରେ 'Ooty' ( ଉଟି ) ନାମରେ ଡାକନ୍ତି । ]

**ଉଦକାଶୟ**—ସଂ. ବି. (୬ଷ୍ଠୀତତ୍; ଉଦକ=ଜଳ + ଆଶୟ=ଆଧାର)
Udakāsaya —୧ । ଜଳାଶୟ; ପୁଷ୍କରିଣୀ; ପୋଖରୀ—1. Tank.

୨ । ଜଳାଧାର—2. Reservoir (of water).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ଦସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଯ | ଉଥ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂଧ | ଇଥ | ଓ | ଦ୍ |

ଉଦକୁମ୍ଭ—ସଂ. ବି. (ମଧ୍ୟପଦଲୋପୀ; ଉଦ=ଜଳ+କୁମ୍ଭ=କଳଶ)—
Udakumbha ୧ । ଜଳକୁମ୍ଭ; କଳଶ; ମାଠିଆ; ଘଡ଼ା—
1. Jar.
୨ । ଗଗ୍ର—2. Pitcher of water
୩ । କମଣ୍ଡଳୁ—3. A water-ewer with a handle at the top.

ଉଦକ୍ୟା—ସଂ. ବି. ସ୍ତ୍ରୀ. (ଉଦକ=ପାଣି+ପ୍ରୟୋଜନାର୍ଥେ ଯ+ସ୍ତ୍ରୀ.
Udakyā ଆ—ପରିଶୁଦ୍ଧ ହେବା ନିମନ୍ତେ ଯାହାର ଜଳ ଲୋଡ଼ା)
ରଜସ୍ଵଳା ବା ଋତୁମତୀ ସ୍ତ୍ରୀ—A woman in her menses; a female in her courses

ଉଦଗଦ୍ରି—ସଂ. ବି ( ଉଦକ୍=ଉତ୍ତର+ଅଦ୍ରି=ପର୍ବତ; ଉତ୍ତରସ୍ଥ
Udagadri ଗିରି )—ହିମାଳୟ ପର୍ବତ—
The Himalayas.

ଉଦଗମକ—ଗ୍ରା. ପଦ୍ୟ. ବିଣ (ସଂ. ଉଦ୍ଗମକ)—ଉତ୍ପୁଲ୍ଲକାରକ—
Udagamaka Causing to come out.
ମାରସାଗନତମଙ୍କ ନିମିଷକର ଯମକ ଅଟଇ ଚନ୍ଦ୍ରେମଙ୍କ ଉଦଗମକ ।
ଭଞ୍ଜ. ପ୍ରେମସୁଧାନିଧି ।

ଉଦଗୟନ—ସଂ. ବି. ( ଉଦକ୍=ଉତ୍ତର+ଅୟନ=ପଥ )—
Udagayana ଉତ୍ତରାୟଣ ( ଦେଖ )
Uttarāyaṇa ( See )

ଉଦଗାରିବା—ଗ୍ରା. ପଦ୍ୟ. କ୍ରି—ଉଗାରିବା ( ଦେଖ )
Udagāribā Ugāribā (See)
ମୁଖ ଦେଇ ରକ୍ତ ପକାଇ ଉଦଗାରି
ଶୋଇଛନ୍ତି ଏରୂପେ ବହୁ ମରି ମରି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉଦଗ୍ର—ସଂ. ବିଣ. ( ବହୁବ୍ରୀହି ଉତ୍=ଊର୍ଦ୍ଧ୍ୱ+ଅଗ୍ର=ଶେଷଭାଗ )—
Udagra ୧ । ଉନ୍ନତ; ବଡ଼—
1. High; lofty; exalted.
୨ । ଉଦ୍ଧତ—2. Arrogant
୩ । ଉତ୍କଟ; ତୀବ୍ର—3 Virulent
୪ । ବେମରାମତ—4. Unrepaired.
୫ । ବୃହତ୍—5 Big.
୬ । ଉଚ୍ଚ; ମହତ୍—6. Great.
୭ । ଦୀର୍ଘ—7. Long.

ଉଦଙ୍କ—ସଂ. ବି. (ଉତ୍+ଅଞ୍ଚ୍ ଧାତୁ=ଯିବା+ଅଧିକରଣ. ଅ )—
Udaṅka ୧ । ଚର୍ମପାତ୍ର; କୁମ୍ପା—
1 Leathern cask; bottle.
୨ । ( +କରଣ. ଅ )—ସନ୍ଦଂଶ; ସଣ୍ଡାଶି—
2 Pincers; tongs

ଉଦଙ୍ମୁଖ—ସଂ. ବିଣ. ( ବହୁବ୍ରୀହି ଉଦକ୍=ଉତ୍ତରଦିଗ ଅଡ଼କୁ+ମୁଖ
Udaṅmukha =ମୁହଁ )-ଉତ୍ତରମୁହାଁ; ଉତ୍ତରଦିଗକୁ ମୁହଁ
(ଅବାଙ୍ମୁଖ—ବିପରୀତ) କରିଥିବା—Facing north; with face turned to the north.

ଉଦଚ୍—ସଂ. ବିଣ. ( ଉତ୍=ଊର୍ଦ୍ଧ୍ୱକୁ+ଅଞ୍ଚ୍ ଧାତୁ=ଯିବା+କର୍ତ୍ତୃ-
Udach କ୍ୱିପ୍)—୧ । ଉତ୍ତରାଭିମୁଖ; ଉତ୍ତରମୁହାଁ—
1. Facing north.
୨ । ଉତ୍ତରଦିଗସ୍ଥ—
2. Northern; northerly; northward
୩ । ଊର୍ଦ୍ଧ୍ୱଗତ—3. Gone up; ascended.
୪ । ଉତ୍ତରକାଳର; ଭବିଷ୍ୟତର; ଭାବୀ—
4. Future; subsequent.
ସଂ. ଅ—୧ । ଉତ୍ତରଦିଗକୁ—1. Towards north.
୨ । ଉତ୍ତରାଭିମୁଖେ—2. Northwards.
୩ । ଉତ୍ତରକାଳରେ; ପରେ—
3 Subsequently.

ଉଦଜ—ସଂ. ବି (ଉତ୍+ଅଜ ଧାତୁ=କ୍ଷେପଣ କରିବା+ଭାବ ଅ—
Udaja ୧ । ପଶୁ ପ୍ରେରଣ ( ପ୍ରକୃତିବାଦ )—
1. Sending of beasts.
୨ । (+କର୍ତ୍ତୃ. ଅ) ପଦ୍ମ—2. Lotus.
ବିଣ.—( ଉଦ+ଜନ୍+କର୍ତ୍ତୃ. ଅ)—ଉଦକଜାତ; ଜଳୀୟ—
Water-born; aquatic.

ଉଦଞ୍ଚ—ସଂ. ବିଣ. ଓ ଅ—ଉଦଚ୍ ( ଦେଖ )
Udañcha Udach ( See )

ଉଦଞ୍ଚନ—ସଂ. ବି ( ଉତ୍=ଉପରକୁ, ଉପରେ+ଅଞ୍ଚ୍ ଧାତୁ=ଗମନ
Udañchana କରିବା; ପୂଜା କରିବା+ଭାବ ଅନ)—୧ । ଊର୍ଦ୍ଧ୍ୱ-
କ୍ଷେପଣ; ଉପରକୁ ଫୋପାଡ଼ିବା—1. Throwing up.
୨ । ଉଦ୍ଗମନ; ଉପରକୁ ଉଠିବା—
2. Ascending; rising high.
୩ । ପୂଜନ—3 Worshipping
୪ । (+କର୍ମ. ଅନ)—ଆଚ୍ଛାଦନପାତ୍ର; ଢାଙ୍କୁଣୀ—
4. Lid; cover.
୫ । ଜଳ-ଉତ୍ତୋଳନ ପାତ୍ର; ବାଲଟି—
5 Bucket; a pot for lifting water,

ଉଦଞ୍ଚିତ—ସଂ. ବିଣ. (ଉତ୍=ଉପରେ+ଅଞ୍ଚ ଧାତୁ=ଗମନ କରିବା,
Udañchita ପୂଜା କରିବା+କର୍ମ. ତ )-୧ । ଉତ୍କ୍ଷିପ୍ତ—
1 Thrown up.
୨ । ପୂଜିତ—2. Worshipped.
୩ । ଅଳ୍କୃତ—3 Crimped; frilled
୪ । ( +କର୍ତ୍ତୃ. ତ ) ଉଦ୍ଗତ—4. Come out

ଉଦଣ୍ଡ—ଦେ. ବି ( ସଂ. ଉଦଣ୍ଡ )—ରାଜୋପକରଣବିଶେଷ; ରାଜାଙ୍କ
Udāṇda ଆଗରେ ନାହୁକ ସୋଟା—Mace carried as a sign of royalty.
ଦେ. ବିଣ. ପୁଂ ( ସଂ. ଉଦଣ୍ଡ )—

ସାଧାରଣ ରେଟେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଧିକନ୍ତୁ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଠ' ନ ମିଳିଲେ 'ଶାଢ଼' ଖୋଜିବେ 'କୂଅ' ନ ମିଳିଲେ 'କୂଅ' ଦେଖିବେ 'ଚଷୁ' ନ ପାଇଲେ 'ଚକ୍ଷୁ' ଦେଖିବେ; 'ଅର୍ଣା' ନ ପାଇଲେ 'ଅଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧ । ଦୁଷ୍ଟ; ଅବାଧ୍ୟ; ଅଶାସ୍ୟ—
1. Wicked; disobedient; unruly.
୨ । ପ୍ରବଳପ୍ରତାପଶାଳୀ—2. Very powerful.

**ଉଦଣ୍ଡି**—ଦେ. ବଣ. ପୁଂ. ଓ ସ୍ତ୍ରୀ ( ସଂ. ଉଦଣ୍ଡ )—୧ । ଦୁଷ୍ଟ ( ବାଳକ ବାଳିକା )—1. Wicked (boy or girl).
**Udaṇḍi**
୨ । ଅବାଧ୍ୟ ଅଶାସ୍ୟ—2. Unruly.

**ଉଦଣ୍ଡିଆ**—ଦେ. ବଣ. ପୁଂ—ଉଦଣ୍ଡି ( ଦେଖ )
**Udaṇḍiā** Udaṇḍi ( See )

**ଉଦଣ୍ଡିଲ**—ଦେ. ବଣ. ପୁଂ. ଓ ସ୍ତ୍ରୀ—ଉଦଣ୍ଡି ( ଦେଖ )
**Udaṇḍila** Udaṇḍi ( See )

**ଉଦଧି**—ସଂ. ବି. ( ଉଦ=ଜଳ+ଧା ଧାତୁ=ଧାରଣ କରିବା+ଇ)
**Udadhi** ଅମ୍ବୁଧି; ସମୁଦ୍ର; ସାଗର—
The ocean; the sea.

**ଉଦଧିମେଖଳ**—ସଂ. ବଣ. ପୁଂ. ( ବହୁବ୍ରୀହି; ଉଦଧି+ମେଖଳା )—
**Udadhimekhaḻa** ସମୁଦ୍ରପରିବେଷ୍ଟିତ—Sea-girt.
(ଉଦଧିମେଖଳା—ସ୍ତ୍ରୀ)

**ଉଦଧିମେଖଳା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଉଦଧି=ସମୁଦ୍ର+ମେଖଳା
**Udadhimekhaḻā** =କଟିଭୂଷଣ ) ପୃଥିବୀ—The earth.

**ଉଦନ୍ତ**—ସଂ. ବି. ( ଉଦ୍=ଭେଦ କରିବା+ଅନ୍ତ=ଶେଷ )—
**Udanta** ୧ । ସମ୍ବାଦ; ବାର୍ତ୍ତା—1. Report; news.
୨ । ବୃତ୍ତାନ୍ତ; ସବିଶେଷ ବିବରଣ—2. Description.
୩ । ଖବର—3. Tidings.

ଦମ୍ପତିର ମୁହିଁ ଯିବି ଜନ୍ମମୂଳ୍ପ ଠାରୁ ଅଣିବି ଉଦନ୍ତ—
ଉପେ. ବୈଦେହୀଶବିଳାସ ।

**ଉଦନ୍ୱାନ୍**—ସଂ. ବି. ( ଉଦକ+ବତ୍=ଉଦନ୍ୱତ୍; ୧ମା. ୧ବ. )—
**Udanwān** ସମୁଦ୍ର—The sea.

**ଉଦନ୍ୟା**—ସଂ. ବି. (ଉଦକ୍=ଜଳ+ଇଚ୍ଛା ଅର୍ଥରେ. ଯ+ସ୍ତ୍ରୀ. ଆ)—
**Udanyā** ପିପାସା; ପାଣି ପିଇବାର ଇଚ୍ଛା; ଶୋଷ—Thirst.

**ଉଦପାନ**—ସଂ. ବି. ( ଉଦ=ଜଳ+ପା ଧାତୁ=ପିଇବା+ଅଧିକରଣ
**Udapāna** ଅନ; ପାନର ସ୍ଥାନ )—
୧ । କୂପ ନିକଟସ୍ଥ ଜଳାଧାର; ଜଳକୁଣ୍ଡ—
1. A reservoir near a well intended for watering animals.
୨ । ଜଳାଶୟ—2. Tank.
୩ । କୂପ—3. Well.

**ଉଦବସିତ**—ସଂ. ବି. ( ଉଦ=ଜଳ+ବସ ଧାତୁ=ଆଚ୍ଛାଦନ କରିବା
**Udabasita** +କର୍ମ. ତ; ଜଳ ନିବାରଣ କରିବା ପାଇଁ ଯାହା ଆଚ୍ଛାଦିତ ହୁଏ )—
୧ । ବାସଗୃହ—1 Residence.
୨ । ପରିଖାବେଷ୍ଟିତ ବାସସ୍ଥାନ—
2. A residence surrounded by a moat.

**ଉଦବାସ**—ସଂ. ବି. ( ୭ମୀ ତତ୍; ଉଦ+ବାସ )—ଜଳ ମଧ୍ୟରେ
**Udabāsa** ବାସ କରିବା—Living in the midst of water.

**ଉଦବେଗ**—ଗ୍ରା. ପଦ୍ୟ. ବି. ( ସଂ. ଉଦ୍ବେଗ )—ଉଦ୍ବେଗ ( ଦେଖ )
**Udabega** Udbega ( See )

ଅମ୍ଭର ଉଦବେଗ ଜାଣି ଯିବା ଯାଏ,
ପାଅ ତୁମ୍ଭେ ଗୃହରେ ପ୍ରାଣ ଧରି କ ସ୍ନେ—କୃଷ୍ଣସିଂହ. ମହାଭାରତ. ବନ ।

**ଉଦବେଗୀ**—ଗ୍ରା. ପଦ୍ୟ. ବଣ—୧ । ଉଦ୍ବିଗ୍ନ—1. Anxious.
**Udabegī** ୨ । ଉଦ୍‌ଯୋଗଯୁକ୍ତ—2. Eager.

ବେଗି ଉଦବେଗୀ ହୋଇ ପରବେଶ ଭରଦ୍ୱାଜ ଆଶ୍ରମରେ ।
ଉପେ—ବୈଦେହୀଶବିଳାସ ।

**ଉଦବେଳ**—ଗ୍ରା. ବଣ—ଉଦ୍ବେଳ ( ଦେଖ )
**Udabeḻa** Udbeḻa ( See )

ଦଶାରୂଢ ଗ୍ରୀତ ଉତ୍ଫୁଲେ ନୟନେ
ଛଡ ହେଲେ ଉଦବେଳ । ନନ୍ଦକିଶୋର—ଶର୍ମିଷ୍ଠା ।

**ଉଦବୋଧ**—ଗ୍ରା. ପଦ୍ୟ. ବି. (ସଂ. ଉଦ୍ବୋଧନ)—ବୋଧ; ସାନ୍ତ୍ୱନା—
**Udabodha** Consolation.

କ୍ଷଣେ କ୍ଷଣେ ଉଦବୋଧ; କ୍ଷଣେ କ୍ଷଣେ ଉଠେ କ୍ରୋଧ ।
ପ୍ରାଚୀ—ଉଦ୍ଧବଚନ୍ଦ୍ରିକା ।

**ଉଦଭବ**—ଗ୍ରା. ପଦ୍ୟ ବି. ( ସଂ. ଉଦ୍ଭବ )—ଉଦ୍ଭବ ( ଦେଖ )
**Udabhaba** Udbhaba ( See )

ମୁଖରେ ଅଟ୍ଟହାସ ହେଲ ଉଦଭବ । କୃଷ୍ଣସିଂହ. ମହାଭାରତ. ସଭା ।

**ଉଦଭୂତ**—ଗ୍ରା. ବଣ. (ସଂ. ଅଦ୍ଭୁତ)—୧ । ଆଶ୍ଚର୍ଯ୍ୟଜନକ; ଅଦ୍ଭୁତ—
**Udabhūta** 1. Astonishing; wonderful.
୨ । ସମ୍ପୂର୍ଣ୍ଣରୂପେ ଲଙ୍ଗଳା; ଦିଗମ୍ବର—
2. Stark—naked.
ଗ୍ରା. କ୍ରି. ବଣ—୧ । ସମ୍ପୂର୍ଣ୍ଣରୂପେ ( ନଗ୍ନ )—
1. Stark ( naked ).
୨ । ଆଶ୍ଚର୍ଯ୍ୟଜନକରୂପେ—2. Wonderfully.
୩ । ଅପ୍ରତ୍ୟାଶିତରୂପେ—3. Unexpectedly.
୪ । ହଠାତ୍—4. Suddenly.

**ଉଦମ**—ଗ୍ରା. ବଣ. (ଉତ୍+ଅମ ଧାତୁ=ଗତି କରିବା+ଅ)—
**Udama** ୧ । ଅନାବୃତ—1 Uncovered.
୨ । ଅବଶ—2. Uncontrolled; important.

**ଉଦୟ**—ସଂ. ବି. (ଉତ୍=ଊର୍ଦ୍ଧ୍ୱ+ଇ ଧାତୁ=ଯିବା+ଭାବ. ଅ)—
**Udaya** ୧ । ଆବିର୍ଭାବ; ପ୍ରଥମ ପ୍ରକାଶ; ଉଇଁବା—
1. Rising into view; appearing; first appearance or dawning.
୨ । ଆରମ୍ଭ; ଉତ୍ପତ୍ତି—2. Beginning.

ଜାଣ ହେ ଉଣ ଶ୍ରେୟ ହୋଇବ ଉଦୟ । କୃଷ୍ଣସିଂହ. ମହାଭାରତ. ବନ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଶ୍ୟ | ଇଅ | ୱ | ଳ |

୩ । ଶ୍ରୀ; ସୌଭାଗ୍ୟ; ଉତ୍ଥାନ; ସମୃଦ୍ଧି—
3. Prosperity; good fortune.

୪ । ଉତ୍କର୍ଷ—4. Excellence; proficiency.

୫ । ବୃଦ୍ଧି—5. Increase.

୬ । ଲାଭ—6. Attainment

୭ । ଫଳ—7. Result; end.

୮ । (+ଅପାଦାନ. ଅ)—ଉଦୟାଚଳ (ପୂର୍ବଦିଗସ୍ଥ ପର୍ବତ ଯହିଁରୁ ସୂର୍ଯ୍ୟଙ୍କର ଉଦୟ ହୁଏ)—
8. The eastern mountain on the horizon (from which the sun was supposed to rise every morning.)

୯ । ସୂର୍ଯ୍ୟୋଦୟ—9. The sun-rise.

୧୦ । ସୂର୍ଯ୍ୟୋଦୟ-ସମୟ—10. Time of sunrise.

୧୧ । ଗ୍ରହ, ଜ୍ୟୋତିଷ, ସୂର୍ଯ୍ୟ, ଚନ୍ଦ୍ରାଦିର ପୂର୍ବଦିଗ୍‌ବଳୟରେ ଆବିର୍ଭାବ—11 Rising of the sun, the moon and the stars in the east.

୧୨ । ଉନ୍ନତି—12 Advancement.

ଯେଉଁ କାର୍ଯ୍ୟରେ ଥିଲେ ହୋଇବ ଉଦୟ । କୃଷ୍ଣସିଂହ. ମହାଭାରତ. ବନ ।

୧୩ । ଘଟଣା—13. Happening.

ସେ ବୃଦ୍ଧଙ୍କ ସକାଶେ ଅଟଇର ଶ୍ରେୟ
ନିକଟେ ମହରଷି ହୋଇବ ଉଦୟ । କୃଷ୍ଣସିଂହ. ମହାଭାରତ. ବନ ।

୧୪ । ଫଳସିଦ୍ଧି—14 Success.

୧୫ । ପରାକ୍ରମ; ସାମର୍ଥ୍ୟ – 15. Strength.

୧୬ । ପ୍ରାଦୁର୍ଭାବ—16. Prevalence.

୧୭ । (+ଅଧିକରଣ. ଅ) (ଜ୍ୟୋତିଷ) ଲଗ୍ନ—
17. (astrology) Lagna.

ଦେ. ବିଣ—ଉଦିତ; ପ୍ରକାଶିତ—Risen.

ବସ୍ତ୍ର ଭେଦେ ଦୀପ୍ତ ଦୃଷ୍ଟି
ଉଦୟ ଗତ ପ୍ରାୟେ ଭଣି । ଜଗନ୍ନାଥ. ଭାଗବତ ।

**ଉଦୟ କରିବା**—ଦେ. କ୍ରି—୧ । ପ୍ରକାଶକରିବା—
Udaya kariba 1. To express.

୨ । ବୁଝାଇ କହିବା—2. To explain.

ତୁମ୍ଭର ଯେଉଁ କଥା କହିବ ମୁଁ ଶ୍ରେୟ ।
ତ ଦୋଷ କହ ମୋର ଆଗରେ ଉଦୟ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଉଦୟ କାଳ**—ସଂ. ବି. (୬ଷ୍ଠୀ ତତ୍; ଉଦୟ+କାଳ)—
Udaya kāḷa ୧ । ଉଦୟ ହେବାର ସମୟ—
1. Time of first appearance or rising.

୨ । ସୂର୍ଯ୍ୟୋଦୟ ସମୟ—2. Time of sun-rise.

୩ । ସମୃଦ୍ଧି ସମୟ—3. Time of prosperity.

**ଉଦୟଗିରି**—ସଂ. ବି—ସୂର୍ଯ୍ୟ ପୂର୍ବଦିଗ୍‌ବଳୟସ୍ଥିତ ଯେଉଁ ପର୍ବତରୁ
Udayagiri ଉଦୟ ହୁଅନ୍ତି; ଉଦୟାଚଳ; ଉଦୟାଦ୍ରି—
(ଅସ୍ତଗିରି—ବିପରୀତ) The eastern mountain from which the sun is said to rise.

ଦେ. ବି. (ନାମ)—୧ । ପୁରୀ ଜିଲ୍ଲାର ଖଣ୍ଡଗିରି ନିକଟସ୍ଥ ପର୍ବତବିଶେଷ—
1. A hill of this name near Khaṇḍagiri in Puri district.

[ ଦ୍ର—ଏଥିରେ ବହୁତ ଗୁଡ଼ିଏ ଗୁମ୍ଫା ଓ ଜୈନକୀର୍ତ୍ତି ଅଛି ଓ ହାତୀଗୁମ୍ଫା ନାମକ ଗହ୍ୱରମଧ୍ୟରେ ଅଶୋକାନୁଶାସନମାନ ରହିଅଛି । ]

୨ । ବିଦର୍ ନଗରର କୋଡ଼ିଏ କୋଶ ଦୂରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନ—2. Name of a famous place 40 miles from Bidar.

**ଉଦୟନ**—ସଂ. ବି. (ଉଦ୍+ଇ ଧାତୁ=ଯିବା+କର୍ତ୍ତୃ. ଅନ)—
Udayana ୧ । ଅଗସ୍ତ୍ୟଋଷି—1. Sage Agastya.

୨ । ବୁଦ୍ଧଦେବଙ୍କ ଶିଷ୍ୟ; ଉଦୟନାଚାର୍ଯ୍ୟ—
2. Name of a Buddhist logician.

[ ଦ୍ର—ଏ ଶତାନୀକଙ୍କ ପୌତ୍ର; ବୁଦ୍ଧଦେବ ଯେଉଁ ଦିନ ଜନ୍ମ ଗ୍ରହଣ କରିଥିଲେ ଏ ମଧ୍ୟ ସେହିଦିନ ଜନ୍ମିଥିଲେ । ହୁଏନ୍‌ସାଂ କହନ୍ତି ବୁଦ୍ଧଦେବ ଏହାଙ୍କର ଧର୍ମାଚାର୍ଯ୍ୟ ଥିଲେ । କୌଶାମ୍ବୀରେ ଏହାଙ୍କର ରାଜଧାନୀ ଥିଲା । ବାସବଦତ୍ତା ଓ ରତ୍ନାବଳୀ—ଏହାଙ୍କର ଦୁଇ ପତ୍ନୀ; ଯୌଗନ୍ଧରାୟଣ ଏହାଙ୍କ ମନ୍ତ୍ରୀ ଓ ନରବାହନଦତ୍ତ ଏହାଙ୍କ ପୁତ୍ର ଥିଲେ । ଏ କୁସୁମାଞ୍ଜଳି ନାମକ ଗ୍ରନ୍ଥର ପ୍ରଣେତା ।]

୩ । ଉଦୟ (ଦେଖ)—3 Udaya (See)

୪ । ଜନୈକ ରାଜା; ବତ୍ସରାଜ; ବୃଷଭରାଜ—
4. A famous king 'Batsarāja'

**ଉଦୟନାଚାର୍ଯ୍ୟ**—ସଂ. ବି. (ନାମ)—ପ୍ରସିଦ୍ଧ ନୈୟାୟିକ ପଣ୍ଡିତ—
Udayanāchārya ଉଦୟନ ୨ (ଦେଖ)
Udayana 2 (See).

**ଉଦୟପୁର**—ଦେ. ବି. (ନାମ)—ରାଜପୁତାନାର ଦେଶୀୟ ରାଜ୍ୟବିଶେଷ—
Udayapura A native state in Rājputānā.

**ଉଦୟବେଳ**—ଉଦୟକାଳ (ଦେଖ)
Udayabeḷa Udayakāḷa (See)

ଅସ୍ତବେଳେ ଉଦୟ ନାହିଁ; କି ଉଦୟବେଳେ ଅସ୍ତ ନାହିଁ—ଢଗ ।

**ଉଦୟମାନ**—ସଂ. ବିଣ (ଉତ୍=ଊର୍ଦ୍ଧ୍ୱ+ଇ=ଯିବା+କର୍ତ୍ତୃ. ଅନ)—
Udayamāna ୧ । ଉଦିତ ହେଉଥିବା; ଯେ ଉଠୁଛି—
1. Rising; rising up.

୨ । ଉପରକୁ ଉଠୁଥିବା—
2. Progressing onwards.

୩ । ପ୍ରକାଶମାନ—3. Being manifest.

[ ଦ୍ର—ବେତେତ ଶିକ୍ଷିତ ଲେଖକ 'ଉଦୟମାନ'କୁ ଅଶୁଦ୍ଧ ଭାବରେ 'ଉଦୀୟମାନ' ରୂପେ ବ୍ୟବହାର କରନ୍ତି; 'ଉଦୀୟମାନ'ର ଅର୍ଥ—ଯାହାକୁ ଅନ୍ୟଲୋକ ଉପରକୁ ଉଠାଉଅଛି । ]

**ଉଦୟସ୍ତମ୍ଭ**—ସଂ. ବି.—ଜୟସ୍ତମ୍ଭ—A column or monument
Udayastambha erected in memory of a victory.

ସାଧାରଣ ଭେବେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ବର୍ଣ୍ଣାନୁକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲକର' ନ ପାଇଲେ 'ଅଲକରୁ' ଦେଖିବେ ।

**ଉଦୟସ୍ପର୍ଶ**—ସଂ. ବି. (ଜ୍ୟୋତିଷ)—୧ । ଗୋଟିଏ ଦିନର ସୂର୍ଯ୍ୟ ଉଦୟ ବେଳକୁ ଗତଦିନରେ ପଡ଼ିଥିବା ତିଥିର ସାମାନ୍ୟ କେତେ ଦଣ୍ଡ ବାକି ଥିବା ଅବସ୍ଥା—
**Udayasparša** The state of a 'Tithi' or lunar day of the previous day still continuing after sun-rise of the next day.
୨ । ସୂର୍ଯ୍ୟୋଦୟ ସମୟରେ ଲାଗିବା ସୂର୍ଯ୍ୟ ପରାଗ କିମ୍ବା ଚନ୍ଦ୍ରୋଦୟ ସମୟରେ ଘଟିବା ଚନ୍ଦ୍ରଗ୍ରହଣ—
2. Solar or lunar eclipse at the time of the rising of the sun or of the moon respectively.

**ଉଦୟାଚଳ**—ସଂ. ବି. ( ଉଦୟ=ସୂର୍ଯ୍ୟୋଦୟ+ଅଚଳ=ପର୍ବତ )—ଉଦୟଗିରି (ପୂର୍ବ ଦିଗ୍‌ବଳୟସ୍ଥ ଯେଉଁ ପର୍ବତର ପଛ ଆଡ଼ୁ ସୂର୍ଯ୍ୟ ଉଦୟ ହୁଅନ୍ତି—
**Udayāchala** The eastern mountain from behind which the sun is supposed to rise.

**ଉଦୟାସ୍ତ**—ସଂ. ବି. ( ଉଦୟ+ଅସ୍ତ ) ସୂର୍ଯ୍ୟୋଦୟଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ—
**Udayāsta** The whole day time; the time between sun-rise and sun set.
ସଂ. କ୍ରି. ବିଣ.—ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ—
From sun-rise to sun-set.

**ଉଦୟେ**—ଗ୍ରା. ପଦ୍ୟ. ବି.—ଉଦୟ (ଦେଖ)
**Udaye** Udaya (See)
ଯାବତ ବନ୍ଧୁ ଉଦନ୍ତି ଦେବେ । ନ ଦେଖି ଉତ୍ତର ଉଦୟେ । ଜଗନ୍ନାଥ, ଭାଗବତ ।

**ଉଦଯୋଗ**—ଗ୍ରା. ପଦ୍ୟ. ବି. (ସଂ. ଉଦ୍‌ଯୋଗ)—ଉଦ୍ୟୋଗ (ଦେଖ)
**Udajoga** Udyoga (See
ବହୁତ ଉଦଯୋଗ କରୁଣ କଲେ ଯାଇ । କୃଷ୍ଣସିଂହ. ମହାଭାରତ. ଅଦି ।

**ଉଦଯୋଗୀ**—ଗ୍ରା. ପଦ୍ୟ. ବିଣ. (ସଂ. ଉଦ୍‌ଯୋଗୀ; ଉଦ୍ୟୋଗୀ)—
**Udajogi** ଉତ୍ସାହୀ; ଉଦ୍ୟମୀ; ଉଦ୍ୟମଶୀଳ—
Active; persevering.
ଶ୍ରଦ୍ଧାବନ୍ତ ହୋଇ ଉଦଯୋଗୀ ହେବ
ସନ୍ଧ୍ୟାରେ ଧର୍ମରେ ବୁଦ୍ଧି ହୋଇଥିବ—କୃଷ୍ଣସିଂହ. ମହାଭାରତ. ଅଦି ।

**ଉଦୟୋନ୍ମୁଖ**—ସଂ. ବିଣ. (୭ମୀ ତତ୍; ଉଦୟ+ଉନ୍ମୁଖ=ଉଦ୍ୟତ)—
**Udayonmukha** ୧ । ଉପରକୁ ଉଠିବାକୁ ଆରମ୍ଭ କରୁଥିବା—
1. About to rise up.
୨ । ଉଦିତ ହେବା ପାଇଁ ଆରମ୍ଭ କରୁଥିବା—
2 Beginning to rise; just rising.

**ଉଦର**—ସଂ.ବି. (ଉତ୍—ଉପରକୁ+ଋ ଧାତୁ=ଯିବା+କର୍ତ୍ତୃ. ଅ)—
**Udara** ୧ । ଜଠର; ପେଟ—1. Belly
୨ । ଗର୍ଭ; ଜରାୟୁ—2. Womb
୩ । (+ଅଧିକରଣ. ଅ)—ଅଭ୍ୟନ୍ତର—
3. Inside; interior; inner part.
ପୁର ଉଦରରେ ପୁଣ ପ୍ରବରେ କାମ ମଦରେ ମାତ । ଉପେନ୍ଦ୍ର. ପ୍ରେମସୁଧାନିଧି ।

**ଉଦରଗହ୍ୱର**—ସଂ. ବି. (ରୂପକ କର୍ମଧା)—ପେଟରୂପକ ଗର୍ତ୍ତ—
**Udaragahwara** The belly compared to a cavity to be filled up.

**ଉଦରଗ୍ରନ୍ଥି**—ସଂ. ବି. ( ମଧ୍ୟପଦଲୋପୀ )—୧ । ପେଟମଧ୍ୟସ୍ଥ ଗଣ୍ଠି;
**Udaragranthi** ପ୍ଳୀହା; ପିଲେହି—1. Spleen.
୨ । ଗୁଲ୍ମରୋଗ—2. Spleen-disease.

**ଉଦରନାଡ଼ି**—ସଂ. ବି.—ପେଟ ମଧ୍ୟସ୍ଥ ନାଡ଼ି ବା ଅନ୍ତ୍ର—
**Udaranārdi** Entrails; gut.

**ଉଦରାପଦୀ**—ଦେ. ବି. ( ଉଦର=ପେଟ+ଆ+ପଦ୍=ଚାଲିବା+ କର୍ତ୍ତୃ. ଇନ୍; ଯେ ପେଟରେ ଚାଲେ )—
**Udarāpadi** ଗେଣ୍ଡା; ଶାମୁକା—Gastropeda; snail; sea-shell.

**ଉଦରପରାୟଣ**—ସ.ବିଣ.ପୁଂ (୭ମୀ ତତ୍; ଉଦର+ପରାୟଣ=ଆସକ୍ତ)—
**Udaraparāyana**
(ଉଦରପରାୟଣା—ସ୍ତ୍ରୀ) ଉଦରମ୍ଭରି ( ଦେଖ )
Udarambhari ( See )

**ଉଦରପରୀକ୍ଷା**—ସ. ବି. (ଷଷ୍ଠୀ ତତ୍ପୁରୁଷ)—
**Udarapariksha** ଗର୍ଭର ରୋଗ ବା ଭଣାଦର ବିଷୟ ନିରୂପଣାର୍ଥେ ପରୀକ୍ଷା—Gastroscopy.

**ଉଦରପିଶାଚ**—ସ. ବିଣ. ପୁଂ ( ୭ମୀ ତତ୍; ଉଦର ବିଷୟରେ ପିଶାଚ) -
**Udarapisācha** ଖାଦ୍ୟ ବିଷୟରେ ଯଥେଚ୍ଛାଚାରୀ; ଯଥେଚ୍ଛ-
(ଉଦରପିଶାଚୀ—ସ୍ତ୍ରୀ) ଭୋଜୀ—Voracious.

**ଉଦରପୀଡ଼ା**—ସଂ. ବି. ( ୭ମୀ ତତ୍; ଉଦର+ପୀଡ଼ା )—
**Udarapirdā** ୧ । ପେଟ ଝିଣା; ପେଟ ମନ୍ଦ ରୋଗ—
1. Colic pain in the abdomen.
୨ । ପେଟ ବିଗିଡ଼ିବା—2 Disorder in the stomach.

**ଉଦରପୂରଣ**—ସ. ବି. ( ୬ଷ୍ଠୀ ତତ୍; ଉଦର+ପୂରଣ )—
**Udarapūrana** ୧ । ଭୋଜନ—1. Eating.
୨ । ପେଟ ପୂରିବା—2 Filling up of the stomach; eating to the fill.

**ଉଦରପୂର୍ତ୍ତି**—ସଂ. ବି. ( ଉଦର+ପୂର୍ତ୍ତି=ପୂରଣ )—
**Udarapūrtti** ଉଦର ପୂରଣ ( ଦେଖ )
Udarapūrana ( See )

**ଉଦରପୋଷିବା**—ଦେ କ୍ରି—ପେଟ ପୋଷିବା;ଲୋକ ଖିଆଇବା କରିବା—
**Udaraposhibā** To fill the belly
ସେ ମାଈଁ ପ୍ର ଗାଇଣ ଉଦର ପୋଷିଲେ । କୃଷ୍ଣସିଂହ. ମହାଭାରତ. ଅଦି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଉ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ଘ | ଇଅ | ଓ | ନୃ |

ଉଦରବିଜ୍ଞାନ—ସଂ. ବି. ( ଆଧୁନିକପ୍ରୟୋଗ )—
Udarabijñāna ଉଦରସମ୍ବନ୍ଧୀୟ ଶାରୀରିକତତ୍ତ୍ୱନିର୍ଣ୍ଣାୟକ ବିଦ୍ୟା-Science dealing with the abdomen.

ଉଦରଭଙ୍ଗ—ସଂ. ବି. ( ଉଦର+ଭଙ୍ଗ )—
Udarabhanga ରୋଗବିଶେଷ; ଝାଡ଼ା; ପେଟ ଲେଉଟିବା—Diarrhoea.

ଉଦରମ୍ଭରି—ସଂ. ବିଣ. ( ଉଦରଂ=ପେଟକୁ+ଭୃ ଧାତୁ=ପୂରଣ କରିବା+କର୍ତ୍ତୃ. ଇ )—
Udarambhari ଆପଣାର ଉଦର ପୂରାଇବାକୁ ବ୍ୟଗ୍ର; ଔଦରିକ; ପେଟୁ—Greedy; gluttonous

ଉଦରରସ—ସଂ. ବି. ( ମଧ୍ୟପଦଲୋପୀ—ଉଦରମଧ୍ୟସ୍ଥ ରସ )—
Udararasa ଶରୀରସ୍ଥ ଯେଉଁ ରସ ଉଦରରୁ ଜାତ ବା ନିର୍ଗତ ହୋଇ ଉଦରସ୍ଥ ଭୁକ୍ତ ଦ୍ରବ୍ୟକୁ ପାକ କରେ—Gastric juice.

ଉଦରସର୍ବସ୍ୱ—ସଂ.ବିଣ.ପୁଂ (ବହୁବ୍ରୀହି; ଉଦର ଅଟେ ସର୍ବସ୍ୱ ଯାହାର)-
Udarasarbaswa ଉଦରମ୍ଭରି ( ଦେଖ ) Udarambhari ( See )

ଉଦରସାତ୍—ସଂ. ବିଣ ( ଉଦର+ଦେୟ ଅର୍ଥରେ. ସାତ୍ )—
Udarasāt ୧ । ଉଦରମଧ୍ୟକୁ ନିକ୍ଷିପ୍ତ ହୋଇଥିବା; ଗର୍ଭସାତ୍—1. Consigned to the belly, eaten
୨ । (ଲକ୍ଷଣାର୍ଥ) ଆତ୍ମସାତ୍—2. Misappropriated.

ଉଦରାଧ୍ମାନ—ସଂ. ବି. (୬ଷ୍ଠୀ ତତ୍; ଉଦର=ପେଟ+ଆଧ୍ମାନ )—
Udarādhmāna ପେଟଫମ୍ପା; ପେଟ ଗଡ଼ବଡ଼ ହେବା—Tympanites; sound in the belly

ଉଦରାବର୍ତ୍ତ—ସଂ.ବି. (୬ଷ୍ଠୀ ତତ୍; ଉଦର=ପେଟ+ଆବର୍ତ୍ତ=ଭଉଁରି)—
Udarābartta ନାଭି—Navel.

ଉଦରାମୟ—ସଂ. ବି. ( ୬ଷ୍ଠୀ ତତ୍; ଉଦର+ଆମୟ=ବ୍ୟାଧି )—
Udarāmaya ୧ । ଅଜୀର୍ଣ୍ଣ ଝାଡ଼ା—1. Diarrhoea.
୨ । ନାଲିସଲ୍ଲ ଝାଡ଼ା—2. Dysentery.

ଉଦରି—ଦେ. ବି. ( ସଂ. ଉଦରୀ )—ଜଳୋଦରୀ ରୋଗ—
Udari Dropsy.

ଉଦରିଣୀ—ସଂ. ବିଣ. ସ୍ତ୍ରୀ (ଉଦର+ଇନ୍+ସ୍ତ୍ରୀ. ଈ)—
Udariṇi ୧ । ସ୍ଥୂଳୋଦରଯୁକ୍ତା ( ସ୍ତ୍ରୀ )—1. Potbellied (woman)
୨ । ଗର୍ଭିଣୀ; ଗର୍ଭବତୀ—2. Pregnant (woman)

ଉଦରିଲ—ସଂ. ବିଣ. ପୁଂ. ( ଉଦର=ପେଟ+ଅସ୍ତି ଅର୍ଥରେ. ଇଲ )—
Udarila ଉଦରୀ ( ଦେଖ )
(ଉଦରିଲା—ସ୍ତ୍ରୀ) Udari ( See )

ଉଦରୀ—ସଂ. ବିଣ. ପୁଂ. ( ଉଦର=ପେଟ+ଅସ୍ତି ଅର୍ଥରେ. ଇନ୍ )—
Udari ଭୁଣ୍ଡିଳ, ସ୍ଥୂଳୋଦରଯୁକ୍ତ; ପେଟୁଆ; ଭୋଣ୍ଡା—
(ଉଦରିଣୀ—ସ୍ତ୍ରୀ) Pot-bellied.
ଦେ. ବି. ପୁଂ. ଓ ସ୍ତ୍ରୀ. ଉଦରଯୁକ୍ତ—Bellied.
ସଂ. ବି. ( ଉତ୍+ଦୃ ଧାତୁ=ବିଦୀର୍ଣ୍ଣ ହେବା; ସ୍ଫୀତ ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଈ )—
ଜଳସଞ୍ଚୟଜନିତ ଉଦରସ୍ଫୀତି। ରୋଗ; ଜଳୋଦରୀ; ପେଟର ବାହାର ଆବରଣ ଓ ଭିତର ଆବରଣ ମଧ୍ୟରେ ଜଳ ଜମି ଯାଇ ପେଟ ଉଚ୍ଚ ହେବା ରୋଗ—Dropsy.

ଉଦର୍କ—ସଂ. ବି. ( ଉତ୍=ଅତିଶୟ+ଋଚ୍ ଧାତୁ=ପୂଜା କରିବା+ସଂଜ୍ଞାର୍ଥେ; କର୍ମ. ଅ)—
Udarka ୧ । ଫଳ ପ୍ରତ୍ୟାଶାରେ ଯେଉଁ କର୍ମ କରାଯାଏ—1. The ulterior motive for an act.
୨ । ଭବିଷ୍ୟତ ଫଳ—2. Future result; subsequent effect
୩ । ଶେଷ ଫଳ—3. Ultimate result
୪ । ଭାବୀ କାଳ—4. The future.
୫ । ମଦନକଣ୍ଟକ ବୃକ୍ଷ; ମଏଣ (ଦେଖ)—5. A tree

ଉଦର୍ଚ୍ଚିଃ—ସଂ. ବିଣ. (ବହୁବ୍ରୀହି; ଉତ୍=ଉଦ୍ଗତ+ଅର୍ଚ୍ଚିସ୍=ପ୍ରଭା)—
Udarchchih ୧ । ପ୍ରଜ୍ୱଳିତ; ଉଦ୍ଗତଶିଖ ( ଅଗ୍ନି )—1. Burning with a flame; flaming(fire).
୨ । ଉଜ୍ଜ୍ୱଳ ପ୍ରଭାବିଶିଷ୍ଟ; ଜକ୍‌ଜକ୍ କରୁଥିବା—2. Dazzling
ବି—୧ । ଅଗ୍ନି—1. Fire.
୨ । ଶିବ—2. Siba
୩ । ( ଉତ୍କୃଷ୍ଟ କାନ୍ତି ଥିବାରୁ ) କନ୍ଦର୍ପ—3. Cupid.

ଉଦର୍ଦ—ସଂ ବି. ( ଉତ୍+ଅର୍ଦ ଧାତୁ=ପୀଡ଼ା ଦେବା+କର୍ତ୍ତୃ. ଅ )—
Udarda ବିସର୍ପି ଯାଇଥିବା ବାତ—Erysipelas (M. W.)

ଉଦର୍ଦ୍ଧ—ସଂ. ବି—ମସୂରିକା ଜ୍ୱରବିଶେଷ—
Udarddha Scarlet fever ( M. W. )

ଉଦଶ୍ୱିତ—ସଂ. ବି. ( ଉଦ=ଜଳ+ଶ୍ୱି ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. କ୍ୱିପ୍ )—ଅର୍ଦ୍ଧେକ ଜଳ ମିଶିଥିବା ଦହି;
Udaświta ତକ୍ର; ଘୋଳଦହି; ଘୋଳ—Whey; curdled milk with half its quantity of water.

ଉଦସ୍ତ—ସଂ. ବିଣ ( ଉତ୍=ଉପରକୁ, ଇତସ୍ତତଃ+ଅସ ଧାତୁ=ଫିଙ୍ଗିବା+କର୍ମ ତ )—୧ । କ୍ଷିପ୍ତ; ଇତସ୍ତତଃ ନିକ୍ଷିପ୍ତ—
Udasta 1 Scattered.
୨ । ବହିଷ୍କୃତ—Driven away.
୩ । ଅପସାରିତ—3. Removed.

ଉଦା—ଦେ. ବିଣ—୧ । ମାଗଣା—1. Gratis
Udā ୨ । ଉଠିଆ ( ଦେଖ )
ଫୋକଟ 2. Uthia ( See )
ଫୋକଟ ଦେ. ବି—ବୁଆ ଧାନ ଗଛ—Tender paddy-plant 3 to 4 inches high.

କେଉଁ ଗାଁର କ ବଅର ହରି ବଣ।
କେହୁ ବୋଲେ ମତ ହେଲୁ ତରୁ ଉଦା।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନ ବଦଳ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଣ୍ଡ' ଖୋଜିବେ; 'କୂଅ' ନ ମିଳିଲେ 'କୂପ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଉଦା ଖାଇବା — ଦେ. କ୍ରି — ୧ । ବିନା ବ୍ୟୟରେ ଭୋଜନ କରିବା —
Udā khāibā 1. To eat gratis

फोकटमारना ୨ । ପର ଘରେ ଭୋଜି ଖାଇବା —
2. To partake of a feast at another's house.

୩ । ( ଗୋରୁ ) ଉଠିଆ ଖାଇବା; ବୁଅ ଧାନଗଛ ଖାଇବା —
3. To nibble the tender paddy-plants (said of cattle )

ଉଦା ଚରିବା — ଦେ. କ୍ରି — ଉଦା ଖାଇବା ( ଦେଖ )
Udā charibā Udā khāibā ( See )

ଉଦା ଛାଡ଼ିଦେବା — ଦେ. କ୍ରି — ବୁଅ ଧାନଗଛ ଖାଇବାକୁ ଗୋରୁଙ୍କୁ ଛାଡ଼ି ଦେବା — To let cattle nibble the tender paddy-plants.
Udā chhāṟḍidebā

ଉଦାତ୍ତ — ସଂ. ବି. ( ଉଦ୍ = ଉଚ୍ଚ + ଆ = ସମ୍ୟକ୍ + ଦା ଧାତୁ = ଦେବା; ଉଚ୍ଚାରଣ କରିବା + କର୍ମ. ତ ) —
Udātta

୧ । ଦାନ — 1. Giving away.

୨ । ଦାନଶୀଳତା — 2. Liberality.

୩ । ବେଦପାଠର ଉଚ୍ଚ ସ୍ୱରବିଶେଷ —
3. The acute accent in reciting the Vedas

[ ଦ୍ର — ବେଦର ସ୍ୱରମାନଙ୍କର ଉଚ୍ଚାରଣ ତିନି ପ୍ରକାର ଯଥା — ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ । ]

୪ । ବାଦ୍ୟବିଶେଷ —
4. A kind of musical instrument

୫ । ଅର୍ଥାଲଙ୍କାରବିଶେଷ —
5. A figure in rhetoric

[ ଦ୍ର — ଲୋକାତିଶୟ ସମ୍ପତ୍ତି କିମ୍ବା ମହାପୁରୁଷଙ୍କ ଚରିତ ବର୍ଣ୍ଣନାର ଅଙ୍ଗ ହେଲେ ଉଦାତ୍ତ ଅଲଙ୍କାର ହୁଏ । ]

( କ ) ଲୋକାତିଶୟ ସମ୍ପତ୍ତି; ଯଥା —

ମରକତ ମାଣିକ ସ୍ଫଟିକ ବାସୁମୟ
ଶୋଭେ ପ୍ରତି ଗୃହାଙ୍ଗଣେ କେଳି ଜଳାଶୟ ।
ଯେଉଁ ସର୍ବ ଋତୁ ମନସ୍ୱୀକ ପବନକୁ,
ସେବନ୍ତି ପ୍ରତି ବାଞ୍ଛୀ ପୁଷ୍ପୋପବନକୁ ।
ନ ଥିବାରେ କେଳିଗିରି ମଣ୍ଡପ ଜଗତ,
ନାହିଁ ତହିଁ ମହାଜନମାନଙ୍କ ବସତ ।
କୁରୁବକ ଇନ୍ଦ୍ରଜାଳ, ବଇଦୂର୍ଯ୍ୟମୟ
ଥିବାରୁ ସେ ପୁରେ ଚନ୍ଦ୍ରକାନ୍ତି ନିଳୟ ।
ଖଣ୍ଡମଣ୍ଡଳ ଖେଳନ୍ତି ଯା ତହିଁ ନାନା ଭଙ୍ଗୀ,
ଘନେ ବୋଲାଇଲେ କାମରୂପୀ ସେହି ରଙ୍ଗୀ ।
ହୀନାର ସ୍ଥଳରେ ଯହିଁ ବଜାର ବସନ୍ତି,
ବଜାର ନିର୍ଘୋଷ ତହିଁ ଉଦରେ ମିଳନ୍ତି — ବିଦଗ୍ଧ. ଚନ୍ଦ୍ରକଳା ।"

( ଖ ) ମହାପୁରୁଷ ଚରିତ; ଯଥା —

କିଛି ଅଛି ସର୍ବ ଲୋକ ସଂହାର ବେଶଟ,
କରନ୍ତୁ ଏଥିରେ ଯୋଜନା ଅନୁଭବ ।
ନାରାୟଣଙ୍କ ପଦାମ୍ବୁଜ ସେ କାଳରେ,
ବନ୍ଧୁଙ୍କୁ କରନ୍ତୁ ସ୍ତବ ସୁଗମ୍ଭୀରସ୍ୱରେ ।
ମଧୁସୂଦନ — ଅଯୋଧ୍ୟା ପ୍ରତ୍ୟାଗମନ ।
ବ୍ରଜନାଥ ଦାସ — ଅଳଙ୍କାରତରଙ୍ଗିଣୀ ।]

ସଂ. ବିଣ — ୧ । ଦାତା; ଦାନଶୀଳ —
1. Liberal; generous

୨ । ମହାନ୍ — 2. Great

୩ । ହୃଦୟଙ୍ଗମ — 3. Understood.

୪ । ବିଖ୍ୟାତ — 4. Celebrated.

୫ । ଦୟାଳୁ — 5. Kind; merciful

୬ । ଉଚ୍ଚୈଃସ୍ୱରବିଶିଷ୍ଟ —
6. Loud; acute ( tone ).

ଉଦାନ — ସଂ. ବି. ( ଉଦ୍ = ଉପରକୁ + ଆ + ଅନ୍ ଧାତୁ = ବଞ୍ଚିବା + କରଣ. ଅ ) — ୧ । କଣ୍ଠସ୍ଥବାୟୁ; ଶରୀରସ୍ଥ ପଞ୍ଚବାୟୁ ମଧ୍ୟରୁ ଏକତମ (ଏହା ଊର୍ଦ୍ଧ୍ୱଗମନଶୀଳ ଅଟେ ; ଉତ୍କ୍ରମଣ ବାୟୁ — 1. One of the five vital airs which rises up or occupies the throat.
Udāna

୨ । ନାଭି — 2. Navel

୩ । ( + କର୍ତ୍ତୃ. ଅ ) — ସର୍ପବିଶେଷ —
3. A kind of serpent.

୪ । ପକ୍ଷ୍ମ; ଚକ୍ଷୁର ପତା — 4. Eye-lashes.

ଉଦାବର୍ଡ — ଦେ. ବିଣ ( ସଂ. ଉଦାବର୍ତ୍ତ ) — ୧ । ବିଷୟଜ୍ଞାନରହିତ — ( ଗୋପୀନାଥ ନନ୍ଦ ) —
Udābarḍa
1. Not experienced in worldly wisdom.

୨ । ଅକର୍ମଣ୍ୟ; ଅକାମିକା ( ଗୋପୀନାଥ ନନ୍ଦ ) —
2. Worthless; good-for-nothing

ଉଦାବର୍ତ୍ତ — ସଂ. ବି. ( ଉଦ୍ + ଆ + ବୃତ୍ ଧାତୁ = ରୋଧ କରିବା + ଭାବ. ଅ ) — ରୋଗବିଶେଷ; ମଳମୂତ୍ର ରୋଧ ବାୟୁ-ରୋଗ ( ଏ ରୋଗରେ ଅନ୍ତ୍ରର ଏକ ଅଂଶ ଅନ୍ୟ ଅଂଶ ଭିତରେ ପଶିଯାଏ ) — Intussusception; a disease attended with stoppage of urine and motion due to wind.
Udābartta

ଉଦା ବୁଲିବା — ଦେ. କ୍ରି — ୧ । ବିନାବନ୍ଧନରେ ଗୋରୁମାନେ ବୁଅ-ଧାନ ଖାଇବା ପାଇଁ ବୁଲିବା —
Udā bulibā
1. To roam freely ( said of cattle left free to graze at the time of Buā.)

୨ । (ଲକ୍ଷଣାର୍ଥ) ବିନାବନ୍ଧନରେ ବା ସ୍ୱାଧୀନଭାବରେ ବିଚରଣ କରିବା — 2. To roam freely without any one to look after.

ଉଦାୟୁଧ — ସଂ. ବିଣ (ବହୁବ୍ରୀହି; ଉଦ୍ = ଊର୍ଦ୍ଧ୍ୱ + ଆୟୁଧ = ଅସ୍ତ୍ର) — ବଧକରିବା ପାଇଁ ଯେ ଅସ୍ତ୍ର ଉତ୍ତୋଳନ କରିଅଛି; ଉଦ୍ୟତାସ୍ତ୍ର — One who has raised a weapon to kill some one.
Udāyudha

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍ଗ | ଇୟ | ଉଅ | ଯ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ୍ଗ | ଇଅ | ୱ | ବ୍ର |

ଉଦାର—ସଂ. ବିଣ. (ଉତ୍=ଉଚ୍ଚ+ଆ=ସମ୍ୟକ୍+ଋ ଧାତୁ=ଗମନ କରିବା; ଦାନ କରିବା+କର୍ତ୍ତୃ. ଅ)—
Udāra
୧ । ମହତ୍—1 Magnanimous; liberal minded; noble.
୨ । ଦାତା; ବଦାନ୍ୟ—
2 Generous; liberal; munificent.
୩ । ସରଳ; ଅକପଟ; ସ୍ୱଚ୍ଛ—
3. Frank; sincere; transparent.
କାଚ ଆର ପ୍ରାୟେ ସ୍ୱଚ୍ଛ ଜଳ ଧାର
ଦେବ ମନ ପ୍ରାୟେ ହୋଇ ଉଦାର । ରାଧାନାଥ. ଚନ୍ଦ୍ରଭାଗା ।
୪ । ଗମ୍ଭୀର—4. Grave.
୫ । ଉତ୍ତମ—5 Good.
ହା ହା ଦଇବରେ ତୁହି ଏହା ମୋତେ କଲୁ
ଉଦାର ଭାଇକି ମୋର ଏଡ଼େ କଷ୍ଟ ଦେଲୁ ।
ବଳରାମ. ରାମାୟଣ. ଲଙ୍କା ।
୬ । ଉଦାସୀନ—6. Indifferent.
ବାହାରେ କେବେ ଚାଳ ଗୁଣ ଉଦାର ନୋହୁ । ଉପେ. ବୈଦେହୀଶବିଳାସ
୭ । ଉତ୍କୃଷ୍ଟ—7. Excellent

ଉଦାରଚେତା—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଉଦାର+ଚେତସ୍ ୧ମା. ୧ବ.)—ଉଦାରମନା (ଦେଖ)
Udāracheta Udāramanā (See)

ଉଦାରତା—ସଂ. ବି. (ଉଦାର+ଭାବ. ତା)—
Udārata ୧ । ମହତ୍ତ୍ୱ; ଔଦାର୍ଯ୍ୟ—1. Nobility.
୨ । ସାଧୁତା—2. Honesty.
୩ । ଦାକ୍ଷିଣ୍ୟ; ସରଳତା—3. Sincerity.
୪ । ଦାତୃତ୍ୱ; ବଦାନ୍ୟତା—4. Magnanimity; generosity; liberality.
୫ । ଗାମ୍ଭୀର୍ଯ୍ୟ—5. Gravity.
୬ । ସଜ୍ଜନତା; ସାଧୁତା—6 Uprightness.
୭ । ସୌଜନ୍ୟ 7 Politeness
୮ । ଦୟା—8. Kindness; humanity.
୯ । ଅଳଙ୍କାରବିଶେଷ—9 A figure in rhetoric, attributing nobleness to inanimate objects
[ ଦ୍ର—ଏଥିରେ ନିର୍ଜୀବ ବସ୍ତୁ ପ୍ରତି ଉଦାରତା ବା ମହତ୍ତ୍ୱ ଆରୋପିତ ହୁଏ ।
ହେମ ଫଳେ ନମ୍ର ଯହିଁ ଲବାଅମ୍ର ପାଦପପନ୍ତି,
ତୃଷିତେ ପଥିକେ ଶାଖା ସଞ୍ଚାଳନ ଛଳେ ଡାକନ୍ତି । ରାଧାନାଥ. ଉଷା ।]
୧୦ । ଘୋଟିଥିବା କୁହୁଡ଼ି—10. Rising mist; fog (M. W.)

ଉଦାରପ୍ରକୃତିକ—ସଂ. ବିଣ. (ବହୁବ୍ରୀହି; ଉଦାର+ପ୍ରକୃତି+କ)—ଉଦାରମନା (ଦେଖ)
Udāraprakṛutika Udāramanā (See)
(ଉଦାରପ୍ରକୃତିକା—ସ୍ତ୍ରୀ)

ଉଦାରମନା—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଉଦାର+ମନଃ)
Udāramanā ୧ । ସରଳହୃଦୟ (ବ୍ୟକ୍ତି)—
1 Of a sincere nature or heart.
୨ । ଅକପଟ—2. Frank.
୩ । ମହାନ୍—3. High-minded; noble.
୪ । ବଦାନ୍ୟ—4. Generous.

ଉଦାରସଂଜ୍ଞକ—ସଂ. ବି (ଉଦାର+ସମ୍+ପୂର୍ବକ ଜ୍ଞା ଧାତୁ+ଅକ)—
Udārasamjñaka ୧ । ଦ୍ୱ୍ୟର୍ଥବୋଧକ—1. Ambiguous; of double meaning.
୨ । ଯାହାର ଅର୍ଥ ସନ୍ଦେହଜନକ—2. Of doubtful meaning (Ganguly. students; Dictionary.)

ଉଦାରା—ଦେ. ବି (ସଂ. ଉଦ୍ଧର)—ସଙ୍ଗୀତର ସ୍ୱରବିଶେଷ; ଗମ୍ଭୀରତମ
Udārā ସ୍ୱର (ଏହା ଉଦରରୁ ଉଚ୍ଚାରିତ ହୁଏ)—The deepest note in music
[ ଦ୍ର—ସଙ୍ଗୀତର ସ୍ୱର ତିନିଗୋଟି ଯଥା—ଉଦାରା; ମୁଦାରା ଓ ତାରା; ରାଗ ତଳେ ନୋଟ ଦେଖ )

ଉଦାରି—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଉଦାର)—୧ । ଉଦାସୀନ—
Udāri 1. Unconcerned with or indifferent to wordly affairs.
୨ । ଉଦାର (ଦେଖ)—
2. Udāra (See)

ଉଦାରିଆ—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଉଦାରି (ଦେଖ)
Udāriā Udāri (See)

ଉଦାସ—ସଂ. ବିଣ. (ଉତ୍=ଉପରେ+ଆସ୍ ଧାତୁ=ବସିବା+କର୍ତ୍ତୃ ଅ)-
Udāsa ୧ । ବିଷୟତୃଷ୍ଣାରହିତ; ବିଷୟବିରାଗୀ—
উদাসী 1. Unconcerned in or indifferent to
उदास worldly affairs.
ଉଦାସ ହୋଇଣ ଜ୍ଞାନ ପାଇଣ ବୁଲୁଥାଉ ରାଜ୍ୟ ସାରା—ଗୋପବନ୍ଧୁ. ଉପକଣ୍ଠୋଳ ।
୨ । ଉଦାସୀନ—2. Apathetic.
୩ । ନିରପେକ୍ଷ—3. Neutral
ଦେ. ବିଣ—ବିମର୍ଷ—Melancholy.
ସଂ. ବି.—୧ । ନିରପେକ୍ଷତା—1. Neutrality.
୨ । ବିଷୟବାସନା ପ୍ରତି ବିତୃଷ୍ଣା; ବିଷୟବିରାଗ; ବୈରାଗ୍ୟ—
2. Indifference to worldly concerns
ଅଧର କିମ୍ପା ଜିଣିଲା । ଉଦାସ ହରଷ ବିଷାଦ—ରୂପଟ. ପ୍ରେମପଞ୍ଚାମୃତ ।
୩ । ନିରୁତ୍ସାହତା—3. Want of vigour or zeal.
୪ । ଉତ୍କ୍ଷେପ—4. Throwing up.
୫ । ଉଚ୍ଚତା—5. Height.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଢ଼' ନ ମିଳିଲେ 'ଷାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଆ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଉଦାସିଆ**—ଦେ. ବିଣ (ସଂ. ଉଦାସିନ୍) —ଉଦାସି (ଦେଖ)
Udāsiā Udāsi (See)

**ଉଦାସିତା**—ସଂ. ବିଣ. ପୁଂ (ଉତ୍=ଉପରେ+ଅସ୍ ଧାତୁ=ଉପବେଶନ କରିବା+କର୍ତ୍ତୃ. ତୃ; ୧ମା. (ବ)—ଉଦାସୀନ (ଦେଖ)
Udāsitā Udāsina (See)

ସଂ. ବି (ଉଦାସିନ୍+ଭାବ. ତା) —ବୈରାଗ୍ୟ—
Unconcern to worldly matters

**ଉଦାସୀ**—ସଂ. ବିଣ. ପୁଂ. (ଉତ୍+ଅସ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ଉଦାସୀନ (ଦେଖ)
Udāsi Udāsina (See)
(ଉଦାସିନୀ—ସ୍ତ୍ରୀ)
(ଉଦାସିତା—ବି) ଦେ. ବି—ସଂସାରବିରାଗୀ ବୈଷ୍ଣବସମ୍ପ୍ରଦାୟ-ବିଶେଷ—A sect of Baishṇabas who have relinquished the world

ଦେ. ବିଣ—୧ । ବିଷଣ୍ଣ—1. Melancholy.

୨ । ବ୍ରହ୍ମଚାରୀ—2. Observing the vow of celebacy.

**ଉଦାସୀଆଖଡ଼ା**—ଦେ. ବି—ଉଦାସୀମଠ (ଦେଖ)
Udāsiākharḍā Udāsimaṭha ( See )

**ଉଦାସୀନ**—ସଂ. ବିଣ (ଉତ୍+ଆସ୍ ଧାତୁ=ବସିବା+କର୍ତ୍ତୃ. ଅନ)—
Udāsina ୧ । ବିଷୟଭୋଗରୁ ବିରତ ହୋଇ ଧର୍ମଚିନ୍ତାରେ
(ଉଦାସୀନା—ସ୍ତ୍ରୀ) ଏକନିଷ୍ଠ; ବୈରାଗୀ—1. Stoical; free
(ଉଦାସୀନତା—ବି) from worldly affairs or entalglements; one who has relinquished worldly connections.

୨ । ମମତାଶୂନ୍ୟ; ଅନୁରାଗରହିତ; ପରାଙ୍ମୁଖ; ନିରପେକ୍ଷ—
2. Cynical; apathetic; indifferent.

୩ । ଯାହା ସଙ୍ଗେ ଆଳାପ ପରିଚୟ ନାହିଁ—
3. Unacquainted.

୪ । ନିଃସମ୍ବନ୍ଧ; ନିଃସମ୍ପର୍କ—4. Unconnected.

୫ । ମଧ୍ୟସ୍ଥ; ଯେଉଁ ଲୋକ ସପକ୍ଷ ବା ବିପକ୍ଷ କାହାର ପ୍ରତି ଆସକ୍ତ ହୁଏ ନାହିଁ; ଯେ ଶତ୍ରୁ ନୁହେ କିମ୍ବା ମିତ୍ର ନୁହେ—
5. Neutral; neither friend nor foe.

୬ । ଯେ ଉପସ୍ଥିତ ବିଷୟରେ ଲିପ୍ତ ନ ହୋଇ ପୃଥକ୍ ରହେ—
6. A person who keeps himself aloof from any current topic.

**ଉଦାସୀମଠ**—ଦେ. ବି—ଉଦାସୀ ବା ବ୍ରହ୍ମଚାରୀ ବୈରାଗୀମାନଙ୍କର ମଠ--
Udāsimaṭha A Maṭha where mendicants or anchorites congregate.

**ଉଦାସ୍ଥିତ**—ସଂ. ବି (ଉତ୍=ଉପରେ+ଆ+ସ୍ଥା ଧାତୁ+କର୍ମ. ତ)—
Udāsthita ୧ । ଚର—1 Messenger; spy.

୨ । ଦ୍ୱାରପାଳ—2. Door-keeper.

୩ । ଅଧ୍ୟକ୍ଷ—3. Master.

୪ । ନଷ୍ଟସନ୍ନ୍ୟାସଧର୍ମ ପରିବ୍ରାଜକ—
4. A mendicant who has infringed his vow.

ସଂ. ବିଣ—ଉଦ୍‌ବର୍ତ୍ତିପ୍ରାପ୍ତ ବା ଓଲଟା—Inversed.

**ଉଦାହରଣ**—ସଂ. ବି. (ଉତ୍=ଉତ୍କୃଷ୍ଟ+ଆ+ହୃ+ଭାବ. ଅନ)—
Udāharaṇa ୧ । ଦୃଷ୍ଟାନ୍ତ; ନିଦର୍ଶନ—1. Example.
(ଉଦାହୃତ—ବିଣ) ୨ । ଅଲୋଚ୍ୟ ବା କଥିତ ବିଷୟର ସମର୍ଥନାର୍ଥ ଅନ୍ୟ ପ୍ରୟୋଗର ଉଲ୍ଲେଖ—2. Illustration.

୩ । (ନ୍ୟାୟ) କୌଣସି ପ୍ରତିଜ୍ଞାର ସମର୍ଥକ ପ୍ରୟୋଗ—
3. ( Logic ) One of the five modes of a syllogistic reasoning.

୪ । କଥନ—4. Saying.

୫ । ବର୍ଣ୍ଣନ—5. Description.

୬ । ସନ୍ଦର୍ଭ; ପ୍ରବନ୍ଧ—6. Essay; discourse.

**ଉଦାହରଣଛଳରେ**—ଦେ. କ୍ରି. ବିଣ—ଉଦାହରଣରୂପେ; ଦୃଷ୍ଟାନ୍ତ—
Udāharaṇachhaḷare ଦେବାଦ୍ୱାରା—As an
উদাহরনছলে example; by way of illustration.

**ଉଦାହରଣଦେବା**—ଦେ. କ୍ରି.—୧ । କୌଣସି ବିଷୟ ବା ପ୍ରତିଜ୍ଞାକୁ
Udāharaṇadebā ସମର୍ଥନ କରିବା ନିମନ୍ତେ ଉପଯୋଗୀ
উদাহরণ দেওয়া ବିଷୟର ଅବତାରଣା କରିବା—1. To cite
**उदाहरन देना** as an example; to exemplify; to illustrate by an example.

**ଉଦାହରଣସ୍ଥଳ**—ସଂ.ବି.(୬ଷ୍ଠୀ ତତ୍; ଉଦାହରଣ+ସ୍ଥଳ)-ଉଦାହରଣର
Udāharaṇasthaḷa ବିଷୟୀଭୂତ ବିଷୟ—A thing which is fit to be cited as an example; an exemplary case.

ସଂ. ବିଣ—ଅନୁକରଣୀୟ—Fit to be imitated.

**ଉଦାହରଣୀୟ**—ସଂ. ବିଣ (ଉତ୍+ଆ+ହୃ+କର୍ମ. ଅନୀୟ)—
Udāharaṇiya ଉଦାହରଣ ଦେବାର ଯୋଗ୍ୟ—
Fit to be cited as an example; exemplary.

**ଉଦାହାର**—ସଂ. ବି. (ଉତ୍=ଉତ୍କୃଷ୍ଟ+ଆ+ହୃ ଧାତୁ+ଭାବ. ଅ)—
Udāhāra ଉଦାହରଣ (ଦେଖ)
Udāharaṇa (See)

**ଉଦାହୃତ**—ସଂ. ବିଣ. (ଉତ୍+ଆ+ହୃ+କର୍ମ. ତ)—
Udāhruta ୧ । ଦୃଷ୍ଟାନ୍ତଦ୍ୱାରା ବର୍ଣ୍ଣିତ—
1. Illustrated by example; exemplified.

୨ । ଦୃଷ୍ଟାନ୍ତରୂପେ କଥିତ ବା ଉଲ୍ଲିଖିତ—
2. Cited as an example.

୩ । ବର୍ଣ୍ଣିତ; ଉଲ୍ଲିଖିତ—
3. Described; named.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୃ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଲ | ଶ,ଷ | କ୍ଷ | ଉସ୍ତ | ଉଅ | ଘ |
| ୨ | ଈ | ଉ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଜ୍ୟ | ଯ | ସ | ଗ୍ୟ | ଉଥ | ୱ | ନ |

୪ । ଉଚ୍ଚାରିତ—4. Pronounced; mentioned.

ଉଦଅ—ପ୍ରାଦେ. ( ଗଞ୍ଜାମ ) ବି—ଉତ୍ପାତ ( ଦେଖ )
Udia Utpāta ( See )

ଉଦଆଖାଇ—ଗ୍ରା. ବିଣ. ସ୍ତ୍ରୀ.—( ଗାଳିରେ ବ୍ୟବହୃତ ) ବୟସ୍ଥ-
Udiākhāi ମକମକେଇ; ଯେଉଁ ସ୍ତ୍ରୀ ନିଜର ଯୌବନ ଓ ଯୌବନଜନିତ ସୌନ୍ଦର୍ଯ୍ୟରେ ଗର୍ବ ପ୍ରକାଶ କରେ—
( a term of abuse ) (a woman) Who is unduly proud of her youthful charms

ଉଦିତ—ସଂ. ବିଣ. ( ଉତ୍ + ଇ ଧାତୁ = ଯିବା + କର୍ତ୍ତୃ. ତ )—
Udita ୧ । ପୂର୍ବଦିଗବଳୟ ଉପରକୁ ଉଠିଥିବା—
1. Risen above the eastern horizon.
୨ । ଉଦ୍ଗତ; ଉତ୍ଥିତ—
2. Risen up; ascended.
୩ । ଆବିର୍ଭୂତ—3. Appeared; become manifest.
୪ । ଉତ୍ପନ୍ନ—4. Produced
୫ । ବର୍ଦ୍ଧିତ—5. Increased.
୬ । ଉନ୍ନତ—6. Grown high; elevated.
୭ । ଦୃଷ୍ଟିଗତ—7. Come into view.
ଦେ. ବିଣ. (ବଦ୍ ଧାତୁ=କହିବା)—ଉକ୍ତ; କଥିତ—
Told; mentioned.
ତାହାଙ୍କର ନାମ ମୁଁ କହିବି ଉଦିତ । କୃଷ୍ଣସିଂହ, ମହାଭାରତ, ବନ ।
ଗ୍ରା. ବିଣ—୧ । ( କଟକିଆ ଭାଷା ) ଉଦ୍ୟତ—1. Ready.
( ଯଥା—ଆମ୍ଭେ ମକଦମା ଦାଏର୍ କରିବାକୁ ଉଦିତ ଅଛୁଁ । )
୨ । ଉପସ୍ଥିତ—2. Present
ଜନକ ନୃପତି ଦୂତ ଅଯୋଧ୍ୟାପୁରେ ଉଦିତ
ଦୂରରେ ଦାଣ୍ଡାଇ ଦେଲା ରାଜାଙ୍କ ପାଶେ । ବିଶ୍ୱନାଥ ବଇଦେହୀଶବିଳାସ ।
ସଂ. ବି. ( ଉତ୍ + ଇ + ଭାବ. ତ )—ଉଦୟ; ଶ୍ରୀବୃଦ୍ଧି—
Prosperity.
ଏବେ ଜାଣିଥା ଦ୍ରୌପଦୀ ପତିବ୍ରତା
ସକାଶୁଁ ହେବ ଭୂମମାନଙ୍କ ଉଦିତ । କୃଷ୍ଣସିଂହ, ମହାଭାରତ, ବନ ।

ଉଦିତ କରିବା—ଦେ. କ୍ରି—କହିବା; ଭଣିବା—
Udita kariba To speak; to say.
ଜୟଦେବ କବି ଉଦିତ କଲେ । ଗ୍ରାଚୀ—ରସବାରିଧି ।

ଉଦିବା—ପ୍ରାଦେ. (ସମ୍ବଲପୁର) କ୍ରି. ( ସଂ. ଉଦୟ )—
Udibā ଉଇଁବ; ଉଦିତ ହେବା—To rise.
( ଯଥା—ବେଲ୍ ଉଦିବା=ସୂର୍ଯ୍ୟୋଦୟ ହେବା)
ଦେ. ପଦ୍ୟ. କ୍ରି.—ପ୍ରକାଶିତ ହେବା—
To become manifest.
ମୂର୍ତ୍ତି ପରସନ୍ନ ଉଦେ କି ସାହସ । ଜଗନ୍ନାଥ, ଚଉତିଶା ।

ଉଦଷ୍ଟାନି—ଗ୍ରା. ବିଣ—ଦୁଷ୍ଟ; କଳି ବା ଫଉଜଦାରୀ କରିବାକୁ ଉଦ୍ୟତ—
Udishṭāni Wicked; quarrelsome.
ଗ୍ରା. ବି—୧ । କଳି; କଜିଆ—1. Quarrel.
୨ । ଦୁଷ୍ଟାମି—2. Wickedness.
( ଯଥା—ସେ ମୋ ସଙ୍ଗେ ଉଦିଷ୍ଟାନି ବାନ୍ଧିବାକୁ ବସିଛି )

ଉଦୀକ୍ଷଣ—ସଂ. ବି. (ଉତ୍=ଉପରକୁ+ଈକ୍ଷଣ=ଦେଖିବା; ଗୁହିଁବା)—
Udikshaṇa ୧ । ଉଦବୀକ୍ଷଣ; ଉପରକୁ ଗୁହିଁବା—
(ଉଦୀକ୍ଷିତ—ବିଣ) 1. Looking upwards
୨ । ପ୍ରତୀକ୍ଷା; ଅପେକ୍ଷା—2. Awaiting.

ଉଦୀକ୍ଷିତ—ସଂ. ବିଣ. ( ଉତ୍ + ଈକ୍ଷ ଧାତୁ + କର୍ତ୍ତୃ. ତ )—
Udikshita ୧ । ଉପରକୁ ଗୁହିଁଥିବା—1. Looking up
୨ । ଅପେକ୍ଷା କରୁଥିବା—2. Awaiting.

ଉଦୀଚୀ—ସଂ. ବି. ସ୍ତ୍ରୀ (ଉଦଚ୍=ଉତ୍ତରଦିଗ+ସ୍ତ୍ରୀ. ଈ)—
Udichi ୧ । ଉତ୍ତରଦିଗ—1 The north.
୨ । ଉତ୍ତରାଞ୍ଚଳ—2. The northern regions.

ଉଦୀଚୀନ—ସଂ. ବିଣ. ପୁଂ. (ଉଦୀଚୀ+ଭବାର୍ଥେ. ଈନ)—
Udichina ଉଦୀଚ୍ୟ ( ଦେଖ )
(ଉଦୀଚୀନା—ସ୍ତ୍ରୀ) Udichya ( See )

ଉଦୀଚ୍ୟ—ସଂ. ବିଣ. ପୁଂ. ( ଉଦୀଚୀ + ଭବାର୍ଥେ. ଯ )—
Udichya ୧ । ଉତ୍ତରଦେଶସମ୍ବନ୍ଧୀୟ; ଉତ୍ତରରେ ଅବସ୍ଥିତ—
(ଉଦୀଚ୍ୟା—ସ୍ତ୍ରୀ) 1. Northern.
୨ । ଉତ୍ତରଦେଶୀୟ—
2. Pertaining to the north.
ବି—ସରସ୍ୱତୀନଦୀର ଉତ୍ତର ଓ ପଶ୍ଚିମରେ ଥିବା ଦେଶ—
The country north and west of the river Saraswati

ଉଦୀଚ୍ୟବୃତ୍ତ—ସଂ. ବି. ( ଭୂଗୋଳପରିଭାଷା )—
Udichyabrutta ଉତ୍ତର ଶୀତକଟିବନ୍ଧର ଦକ୍ଷିଣସୀମାନ୍ତ ବୃତ୍ତ—
The Arctic circle.

ଉଦୀଚ୍ୟାଲୋକ—ସଂ. ବି. ( ଅଧୁନାତନ ପ୍ରୟୋଗ )—
Udichyāloka ଉତ୍ତରମେରୁ ନିକଟସ୍ଥ ଅଞ୍ଚଳରେ କ୍ରମାନ୍ୱୟରେ ଯେଉଁ ଛଅ ମାସ ରାତି ହୁଏ ସେହି ସମୟରେ ବେଳେ-ବେଳେ ଉତ୍ତରାକାଶରେ ଦେଖାଯିବା ଅଦ୍ଭୁତ ଆଲୋକ-ମାଳା—Aurora Borealis

ଉଦୀଚ୍ୟେତର ବୃତ୍ତ—ସଂ. ବି. ( ଭୂଗୋଳପରିଭାଷା )—
Udichyetara brutta ଦକ୍ଷିଣଶୀତକଟିବନ୍ଧର ଉତ୍ତର-ସୀମାନ୍ତ ବୃତ୍ତ—The Antarctic circle.

ଉଦୀୟମାନ—ଦେ. ବିଣ. ( ସଂ. ଉଦୟମାନର ଅଶୁଦ୍ଧ ପ୍ରୟୋଗ )—
Udiyamāna ଉଦୟମାନ ( ଦେଖ )
Udayamāna ( See )
ସଂ. ବିଣ. (ଉତ୍ + ଇ ଧାତୁ + କର୍ମ. ଅନ )—
ଯାହାକୁ ଉପରକୁ ଉଠାଇ ଦିଆଯାଇ ଅଛି—
Lifted up; raised up.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଉଦୀରଣ**—ସଂ. ବି. (ଉତ୍=ଉପରେ+ଈର୍ ଧାତୁ=କହିବା; ପ୍ରେରଣ କରିବା+ଭାବ. ଅନ)—୧ । ଉଚ୍ଚାରଣ—
Udirana (ଉଦୀରିତ—ବିଣ)
1. Speaking; uttering.
୨ । କଥନ—2. Saying.
୩ । ପ୍ରେରଣ—3. Sending.
୪ । ଉତ୍ପତ୍ତି—4. Birth; production.
୫ । ଉଦ୍ଦୀପନ—5. Excitement.
୬ । ବର୍ଣ୍ଣନା—6. Description.
୭ । ଉତ୍କ୍ଷେପଣ—7. Throwing up.
୮ । ନିର୍ଦ୍ଦେଶ—8. Indication.

**ଉଦୀରିତ**—ସଂ. ବିଣ. (ଉତ୍+ଈର ଧାତୁ+କର୍ମ. ତ)—
Udirita (ଉଦୀରଣ—ବି)
୧ । ଉଚ୍ଚାରିତ—1. Uttered; pronounced.
୨ । କଥିତ—2. Said; spoken.
୩ । ପ୍ରେରିତ—3. Sent.
୪ । ଉଦ୍ଦୀପିତ—4. Excited.
୫ । ବିଜୃମ୍ଭିତ; ପ୍ରକାଶିତ—5. Displayed; manifested.
୬ । ଉତ୍କ୍ଷିପ୍ତ—6. Thrown up.

**ଉଦୀର୍ଣ୍ଣ**—ସଂ. ବିଣ (ଉତ୍=ଉପରକୁ+ଋ ଧାତୁ=ଯିବା+କର୍ତ୍ତୃ. ତ)—
Udirnna
୧ । ଉଦ୍‌ଗତ; ଉନ୍ନତ—1. Risen up; erect; come out.
୨ । ଉଦାର—2. Generous; liberal-minded.
୩ । ଉଦ୍ଧତ—3. Haughty.
୪ । ଉତ୍କଟ; ପ୍ରବଳ—4. Profound; strong.
୫ । ଉଦ୍ଦୀପ୍ତ—5 Excited.
ସଂ. ବି—ବିଷ୍ଣୁ ସହସ୍ରନାମୋକ୍ତ ନାମବିଶେଷ—A name of Bishnu.

**ଉଦୀର୍ଯ୍ୟମାଣ**—ସଂ. ବିଣ. ( ଉତ୍+ଈର୍ ଧାତୁ=ପ୍ରେରଣ କରିବା+କର୍ମ. ଅନ )—
Udirjyamāna
୧ । କଥ୍ୟମାନ; ଯାହା କଥିତ ହେଉଅଛି—1. Being spoken.
୨ । ଉଚ୍ଚାର୍ଯ୍ୟମାଣ—2. Being uttered.
୩ । ବର୍ଣ୍ଣ୍ୟମାନ—3 Being described.
୪ । ନିର୍ଦ୍ଦିଶ୍ୟମାନ—4. Being pointed out.

**ଉଦୁଆଁ**—ପ୍ରାଦେ ( ବାଲେଶ୍ୱର ) ବିଣ—୧ । ଖୋଲା; ମୁକୁଳା—
Uduān
1. Bare.
ବାକସ ଏକାବେଳେ ଉଦୁଆଁ—ଫକୀରମୋହନ, ଗଳ୍ପସ୍ୱଳ୍ପ ।
୨ । ମେଲା—2. Open
( ଯଥା—ଦୁଆର ଉଦୁଆଁ ହୋଇଛି । )
୩ । ଅନାଚ୍ଛାଦିତ—3. Uncovered.

**ଉଦୁଉଦିଆ**—ଗ୍ରା. ବିଣ (ସଂ. ଉଦଗ୍ର)—୧ । ପ୍ରଚଣ୍ଡ; ତୀବ୍ର (ଖରା)—
Uduudiā
2. Sharp (sun's rays)
୨ । ପ୍ରଚଣ୍ଡରୌଦ୍ରଯୁକ୍ତ ( ଦ୍ୱିପହର )—
2. When the sun's rays are very fierce ( noon-time )
( ଯଥା—ଉଦୁଉଦିଆ ଦିପହର )

**ଉଦୁଗାର**—ଗ୍ରା. ବି (ସଂ. ଉଦ୍ଗାର)—ଉଗାର (ଦେଖ)
Udugāra
Ugāra (See)

**ଉଦୁଗାର ଆସିବା**—ଗ୍ରା. କ୍ରି—ବାନ୍ତିମାଡ଼ିବା—
Udugāra āsibā
A tendency to vomit.

ଯେବଣ ସ୍ୱସ୍ୱାଦୁ ଫଳ୍ପ ଫଳେ ମନ ଲୋଭି
ସେ ଫଳ ଦେଖିଲେ ଏବେ ଉଦୁଗାର ଆସି—ଗ୍ରାଚୀ, ରହସ୍ୟମଞ୍ଜରୀ ।

**ଉଦୁଗାରିବା**—ଗ୍ରା. କ୍ରି—ଉଗାରିବା (ଦେଖ)
Udugāribā
Ugāribā (See)
ଭୁଞ୍ଜିଲେ ରକ୍ତ ଉଲଟା ଉଦୁଗାରୁ—କୃଷ୍ଣସିଂ. ମହାଭାରତ, ବନ ।

**ଉଦୁଣ୍ଡର**—ପ୍ରାଦେ. (ଗଞ୍ଜାମ) ବି.—ଗୁଇନ୍ଦା; ରାଜାଙ୍କ ଗୁପ୍ତଚର—
Udundara
A person whose duty was to report confidentially matters of importance to a Rājā; an informer.
[ ଦ୍ର—ପୂର୍ବେ ରାଜାମାନେ ନିଜ ନିଜ ରାଜ୍ୟରେ ଏମାନଙ୍କୁ ନିଯୁକ୍ତ କରୁଥିଲେ ଓ ଏମାନେ ଗ୍ରାମେ ଗ୍ରାମେ ବୁଲି ଲୋକଙ୍କ ନାମରେ ରାଜାଙ୍କ ଆଗରେ ମିଛ ଖତ କହୁଥିଲେ । ]

**ଉଦୁବଳିବା**—ଗ୍ରା. ପଦ୍ୟ. କ୍ରି. ( ସଂ. ଉଦ୍‌ବେଳ)—୧ । ବଳାଇବା—
Udubalibā
1. To surpass
୨ । ଅତିରିକ୍ତ ହେବା—2. To exceed.
ଅର୍ଦ୍ଧ ଅର୍ଦ୍ଧେ ତେଜ ପ୍ରତାପ ଉଦୁବଳେ—କୃଷ୍ଣସିଂ. ମହାଭାରତ, ସଭା ।

**ଉଦୁବାର୍ଯ୍ୟ**—ଗ୍ରା ବିଣ—ଅଦମ୍ୟ—Indomitable.
Udubārjya
ଭୀମେ ଉଦୁବାର୍ଯ୍ୟ କଥାକୁ ନ ସାହି—କୃଷ୍ଣସିଂ. ମହାଭାରତ. ବନ ।

**ଉଦୁବେଗ**—ଗ୍ରା. ପଦ୍ୟ. ବି—୧ । ଉଦ୍‌ବେଗ ( ଦେଖ )—
Udubega
1. Udbega ( See )
୨ । ଗର୍ଭାବସ୍ଥା—2. Pregnancy.

**ଉଦୁବେଳ**—ଗ୍ରା. ପଦ୍ୟ. ବି. (ସଂ. ଉଦ୍‌ବେଳ)—୧ । ନିର୍ଦ୍ଦିଷ୍ଟ ବା ଧାର୍ଯ୍ୟ କାଳରୁ ବଳି ଯାଇଥିବା କାଳ—
Udubela
1. Time beyond a fixed time.
ବେଳକୁ ବେଳ ଅସି ହେଲା ଉଦୁବେଳ—କୃଷ୍ଣସିଂ. ମହାଭାରତ. ସଭା ।
୨ । ( ଲକ୍ଷଣାର୍ଥ ) ମନ୍ଦକାଳ; ଦୁଷ୍କାଳ—
2. Bad or improper time.

**ଉଦୁମ୍**—ପ୍ରାଦେ. ( ସମ୍ବଲପୁର ) ବିଣ—( ସଂ. ଉଷ୍ମ )—
Udum
ଉଷୁମ; ଉଷ୍ଣ—Warm; hot.
ବି.—ଉତ୍ତାପ; ଉଷ୍ଣତା—Warmth; heat.

**ଉଦୁମ୍‌ଦୁମ୍**—ଗ୍ରା. ବି. ଓ ବିଣ—ଉଦୁମୁଦୁମା (ଦେଖ)
Udumdum
Udumudumā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ | ଉଥ | ଘ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | କ୍ଷ | ଯ | ସ | ଗଁ | ଇଅ | ଓ | ଦ୍ଧ |

**ଉଦୁମଦୁମା**—ଗ୍ରା. ବ ଓ ବଣ—ଉଦୁମୁଦୁମା ( ଦେଖ )
Udumadumā Udumudumā ( See )

**ଉଦୁମୁଦୁମା**—ଗ୍ରା. ବଣ. ପୁଂ.—୧ । ବଗୁଲିଆ; ଖେଚେଡ଼ା—
Udumudumā 1. Wanton.
(ଉଦୁମୁଦୁମୀ—ସ୍ତ୍ରୀ) ୨ । ଅଥୟ; ଅଶାନ୍ତ—2. Restless.
୩ । ଗୋଳମାଳ କରୁଥିବା—3. Boisterous.
୪ । ମୋଟା ଓ ଅଲସୁଆ; ଡୋଲ୍ଲ ଓ ଅକାମିକା—
4. Fat and idle; falstaff like; lazy and stout.
୫ । ଦୁର୍ଦ୍ଦାନ୍ତ; ଦୁଷ୍ଟ—5. Wicked.
୬ । ଏଣେ ତେଣେ ପଦଶବ୍ଦଜନକ କରି ଦଉଡ଼ାଦଉଡ଼ି କରୁଥିବା—6 Running to and fro with loud foot-steps
୭ । ଯେଉଁ ବ୍ୟକ୍ତି ଧୀର ଓ ନିଃଶବ୍ଦଭାବରେ ନ ଚାଲି ସର୍ବଦା ଦୁମ୍ ଦୁମ୍ ହୋଇ ଚାଲିବାରେ ଅଭ୍ୟସ୍ତ—
7. Habituated to walking with a thumping sound.
ଦେ. ବ. ( ଦୁମ୍ ଦୁମ୍ ଧ୍ୱନ୍ୟନୁକରଣ ଅବ୍ୟୟ )—ବହୁତ ବିଧା ଗୋଇଠା ଆଦି ମାଡ଼—A number of punches.
( ଯଥା—ତୋ ଉପରେ ଗୋଟି କେତେ ଉଦୁମୁଦୁମା ବର୍ଷିଯିବ ଯେ ! )

> ଉଦୁମ୍ ଦୁମା, ଭାଲ ଗୋଟମା, ନୂଆ ପାଟୁଆଣୀ ପିଛଲସମା,
> ହରଚଣ୍ଡୀଙ୍କର ଭାଇ ମଲ୍ଲ, ରକତ ପିଣ୍ଡୋଳେ ଉଠିଗଲ୍ଲ ।
> ଆସ୍ଥେଇ ଖାଇଁ ଖାଇଁ କୋଇଲଟେ ଖସା,
> ନ ମାଡ଼ ମାଇଲୁ ଭାଇ—ଗୁରୁକୁଳିଆ ବସା—ଶିଶୁକ୍ରୀଡ଼ାଗୀତ ।

**ଉଦୁମ୍ବର**—ସଂ. ବି.—୧ । ଯଜ୍ଞ ଡିମ୍ବିରିଗଛ—
Udumbara 1. The wild fig tree; Ficus Carica; Ficus Glomerata (Haines.)
୨ । କୁଷ୍ଠରୋଗବିଶେଷ—2. A kind of leprosy with fig like sores.
୩ । ତମ୍ବା—3. Copper.
୪ । ଦେହଲୀ—4. The door sill; threshold.
୫ । କ୍ଲୀବ ବ୍ୟକ୍ତି—5. Eunoch

**ଉଦୁମ୍ବରପର୍ଣ୍ଣୀ**—ସଂ. ବି—ଦନ୍ତୀବୃକ୍ଷ; ଦନ୍ତୀଗଛ—
Udumbaraparṇṇi A medicinal plant.

**ଉଦୁଯୋଗ**—ଗ୍ରା. ବିଶ ( ସଂ. ଉଦ୍ଯୋଗ )—ଉଦ୍ଯୋଗ ( ଦେଖ )
Udujoga Udjoga ( See )

**ଉଦୁଯୋଗୀ**—ଗ୍ରା ବଣ ( ସଂ. ଉଦ୍ଯୋଗୀ )—ଉଦଯୋଗୀ (ଦେଖ)
Udujogī Udjogī ( See )

**ଉଦୁରି**—ଗ୍ରା. ବି ( ସଂ. ଉଦରୀ )—ଉଦରୀ (ଦେଖ )
Uduri Udarī ( See )

**ଉଦୁଲଙ୍ଗଳା**—ଗ୍ରା. ବଣ. ପୁଂ—ସମ୍ପୂର୍ଣ୍ଣରୂପେ ଉଲଗ୍ନ—
Udulaṅgaḷā Fully naked; stark-naked.
( ଉଦୁଲଙ୍ଗଳୀ—ସ୍ତ୍ରୀ )

**ଉଦୂଖଳ**—ସଂ. ବି ( ଉତ୍=ଉପରେ+ଖଲ୍ ଧାତୁ=ଗମନ କରିବା+ କର୍ତ୍ତୃ. ଅ; ଯାହାର ମୁହଁ ଉପରକୁ )—
Udūkhaḷa
୧ । ଧାନ୍ୟ ପ୍ରଭୃତି କାଣ୍ଡିବାପାଇଁ କାଠରେ ଗାତକରି ହୋଇଥିବା ପାତ୍ରବିଶେଷ—
1. A wooden mortar for husking grains and paddy.
୨ । ହେମଦସ୍ତା; ବଡ଼ ଖଲ—
2. A big mortar for pounding hard articles.
୩ । ଢିଙ୍କିଗାଣ୍ଡି—
3. Receptacle of a Ḍhiṅki.
୪ । ଗୁଗ୍ଗୁଳ—4. Bdellium.

**ଉଦୂଖଳମୂଷଳ**—ସଂ. ବି. ( ସହଚର; ଦ୍ୱନ୍ଦ୍ୱ )—
Udūkhaḷamūshaḷa ୧ । ଖଲ ଓ ପୁଆ—
1. Mortar and pestle.
୨ । ଧାନକୁଟିବାରେ ବ୍ୟବହୃତ କାଠର ହେମାମଦସ୍ତା ଓ ତହିଁରେ ପୁଆରୂପେ ବ୍ୟବହୃତ କାଠର ଠେଙ୍ଗା—
2. The wooden mortar and pestle for husking paddy.
[ ଦ୍ର—ଋଷିମାନେ ଆଶ୍ରମରେ ଢିଙ୍କି ପରିବର୍ତ୍ତରେ ଉଦୂଖଳ ମୂଷଳଦ୍ୱାରା ଚାଉଳାଦି ଆଦି କୁଟି ଚାଉଳ କରୁଥିଲେ । ଢିଙ୍କି ସ୍ଥାନାନ୍ତରକୁ ନିଆଯାଇ ପାରେ ନାହିଁ । ମାତ୍ର ଉଦୂଖଳମୂଷଳକୁ ଯେଉଁଠି ଇଚ୍ଛା ସେଠି ନିଆଯାଇ ପାରେ । ଓଡ଼ିଶାରୁ ଦୂର ଅଞ୍ଚଳରେ ସବାଖିଆ ଜେଳ ଓ ଦକ୍ଷିଣିଆ ଜେଳାମାନେ ଓ କନ୍ଧ, କୋଲ୍ଲ ଏବଂ ସାନ୍ତାଳମାନେ ଏହାର ବ୍ୟବହାର କରନ୍ତି । ]

**ଉଦୂଢ଼**—ସଂ. ବଣ. ( ଉତ୍=ଉପରେ+ବହ ଧାତୁ=ବହନ କରିବା +କର୍ମ. ତ )—
Udūrḍha
୧ । ବାହିତ; ବୁହାଯିବା—1. Carried.
୨ । ଧରାଯାଇଥିବା; ଧୃତ—2. Caught hold of
୩ । ପରିଣୀତ; ବିବାହିତ—3. Married.
୪ । ସ୍ଥୂଳ—4. Fat; thick.
୫ । ଉନ୍ନତ—5. High; elevated.

**ଉଦେ**—ଗ୍ରା. ପଦ୍ୟ. ବି—୧ । ଉଦୟ ( ଦେଖ )
Ude 1. Udaya ( See ).
୨ । ଆରମ୍ଭ; ଉତ୍ପତ୍ତି—2. Beginning; origin.

> ଜଗତ ଉଦେ ସ୍ଥିତି ଲୟେ; ହୋଇ ଯେ ଅଛ ଗୁଣମୟେ ।
> —ଜଗନ୍ନାଥ ଭାଗବତ ।

ଗ୍ରା. ପଦ୍ୟ. ବଣ—ଉଦିତ ( ଦେଖ )—Udita ( See )

ବୃଧଜନଙ୍କ ନ ବଚନକୁ ମନେ ପୂର୍ଣ୍ଣ ସମ୍ପଦେ;
ବୃଧଜନ କରେ ପରତେ ନଭେ ବଦନେ ଉଦେ—ଉଷ. ବୈଦେହୀଶବିଳାସ ।
ଭଦ୍ର ଉଦେ ହେଲେ ଅକର୍ମିଣୀ ସେ ଲେଖେହେଁ ପ୍ରସାରୂଢ଼ ନୋହେ—
ଓାଇକୃଷ୍ଣ—ଜଗମୋହନ ।

**ଉଦେଜୟ**—ସଂ. ବିଣ. ( ଉତ୍=ଉପରେ+ଏଜ୍ ଧାତୁ; ଣିଚ=ଏଜ ଧାତୁ=କମ୍ପିତ କରାଇବା+କର୍ତ୍ତୃ. ଅ)—ଉଦ୍ବେଗଜନକ; ଭୟପ୍ରଦ—Causing trepidation or trembling; frightful.
**Udejaya**

**ଉଦେନାଥ**—ଗ୍ରା. ବି. ( ସଂ. ଉଦୟ+ନାଥ )—
**Udenātha** ୧ । ସୂର୍ଯ୍ୟଦେବତା; ଧର୍ମଦେବତା—
1. The Sun-god.
୨ । ଲୋକଙ୍କ ନାମ—2. Name of males.

**ଉଦ୍ଗତ**—ସଂ. ବିଣ. (ଉତ୍=ଉପରକୁ+ଗମ ଧାତୁ=ଯିବା+କର୍ତ୍ତୃ. ତ)—
**Udgata** ୧ । ଉପରକୁ ବାହାର ହୋଇଥିବା—
( ଉଦ୍ଗମ—ବି ) 1. Come forth.
୨ । ଉତ୍ଥିତ—2. Standing out.
୩ । ଉଠିଥିବା; ଉଦିତ—3. Risen.
୪ । ପ୍ରକାଶିତ; ଦୃଷ୍ଟ—
4. Appeared; become manifest.
୫ । ଉତ୍ପନ୍ନ—5. Produced
୬ । ନିର୍ଗତ—6. Issuing.

**ଉଦ୍ଗତକାର୍ଯ୍ୟ**—ସଂ. ବି—(ଅଧୁନିକ) କାନ୍ଥରୁ ପଦାକୁ ବାହାର ହୋଇଥିବା ଉଚ୍ଚର କାରିଗରି କାମ—Masonry work raised from the surrounding level or standing in bold relief.
**Udgatakārjya**

**ଉଦ୍ଗତି**—ସଂ. ବି.(ଉତ୍=ଉପରକୁ+ଗମ ଧାତୁ=ଯିବା+ଭାବ. ତି)—
**Udgati** ଉଦ୍ଗମ ( ଦେଖ )—Udgama ( See )
( ଉଦ୍ଗତ—ବିଣ )

**ଉଦ୍ଗମ**—ସଂ. ବି. (ଉତ୍=ଉପରକୁ+ଗମ ଧାତୁ=ଯିବା+ଭାବ.ଅ)—
**Udgama** ୧ । ଉତ୍ଥାପନ; ଊର୍ଦ୍ଧ୍ୱଗମନ; ଉଠିବା—
(ଉଦ୍ଗତ—ବିଣ) 1. Ascending; ascent.
୨ । ଦର୍ଶନ; ଦେଖାଯିବା (ଯଥା—ପୁଷ୍ପୋଦ୍ଗମ)—
2. Appearance; manifestation.
୩ । ଉତ୍ପତ୍ତି—3. Birth. (ଯଥା—ଦନ୍ତୋଦ୍ଗମ=teething).
୪ । ଚଢ଼ିବା—4. Mounting upon a thing
୫ । ଅବିର୍ଭାବ; ଉଦୟ—5. Rising; appearing.
୬ । ଉଦ୍ଗ୍ରୀବ ହେବା, ଠିଆ ହେବା ( ଯଥା—ରୋମୋଦ୍ଗମ)—
6 Standing erect; standing up.
୭ । ବାହାରକୁ ବାହାରିବା—7. Coming out.
୮ । ଜ୍ଞାନ—8. Knowledge
୯ । ମନରେ ଉଦିତ ଭାବ—9. Idea.

**ଉଦ୍ଗମନ**—ସଂ. ବି. ( ଉତ୍=ଉପରକୁ+ଗମ ଧାତୁ=ଯିବା+ଭାବ. ଅନ)—ଉଦ୍ଗମ (ଦେଖ)—Udgama ( See ).
**Udgamana**

**ଉଦ୍ଗମନୀୟ**—ସଂ. ବିଣ. (ଉତ୍+ଗମ୍ ଧାତୁ+କର୍ମ. ଅନୀୟ)—
**Udgamaniya** ୧ । ଅରୋହଣୀୟ—
1. To be mounted up.
୨ । ପରିଷ୍କୃତ—2. Cleansed (M.W.)
ସଂ. ବି—ଧୌତ ଓ ପରିଷ୍କୃତ ବସ୍ତ୍ରଯୁଗଳ—
A pair of bleached cloths.

**ଉଦ୍ଗାଢ଼**—ସଂ. ବିଣ. (ଉତ୍=ଅତିଶୟ+ଗାଢ଼)—
**Udgārdha** ଅତିମାତ୍ର; ଅତ୍ୟଧିକ—Too; excessive.

**ଉଦ୍ଗାତା**—ସଂ. ବିଣ ପୁଂ. ( ଉତ୍=ଉଚ୍ଚୈଃ+ଗୈ ଧାତୁ=ଗାଇବା+କର୍ତ୍ତୃ. ତୃ. ୧ମା.୧ବ)—ଉଚ୍ଚସ୍ୱରରେ ଗାନକର୍ତ୍ତା—
**Udgātā**
(ଉଦ୍ଗାତ୍ରୀ—ସ୍ତ୍ରୀ) Singing or reciting loudly.
ସଂ. ବି.—୧ । ସାମବେଦଗାୟକ—1. A recitor of the hymns of the Sāma Beda.
୨ । ଏକ ଶ୍ରେଣୀ ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—
2. The title of a class of Brāhmaṇas.

**ଉଦ୍ଗାର**—ସଂ. ବି. ( ଉତ୍=ଉପସ୍ଥିତ+ଗୃ ଧାତୁ=ଭୋଜନ କରିବା+ଭାବ. ଅ )—
**Udgāra**
(ଉଦ୍ଗୀର୍ଣ୍ଣ—ବିଣ) ୧ । ଢେକୁର—1. Belching; eructation.
୨ । ବାନ୍ତି କରିବା; ଉଦ୍ବମନ—2. Vomiting.
୩ । ଉଚ୍ଚାରଣ—3. Pronunciation.
୪ । ନିଃସରଣ—4. Coming out; emission.
୫ । ଛେପ ଆଦି ପକାଇବା—5 Spitting out.

**ଉଦ୍ଗାରିବା**—ଦେ. କ୍ରି ( ସଂ. ଉଦ୍ଗାର )—ବାନ୍ତି କରିବା—
**Udgāribā** To vomit forth;
ତସ୍ତାର ତହିଁ ସଂକେତ ଗ୍ରାସ ଗର୍ଭୁ ଉଦ୍ଗାରି ଥୋଇଲା ।
ଉପେ. ବୈଦେହୀଶବିଳାସ ।

**ଉଦ୍ଗିରଣ**—ସଂ. ବି. ( ଉତ୍=ଉପସ୍ଥିତ+ଗୃ ଧାତୁ=ଭୋଜନ କରିବା+ଭାବ. ଅନ )—
**Udgiraṇa**
୧ । ଉଚ୍ଚାରଣ—1. Pronunciation.
୨ । ବମନ—2. Vomiting.
୩ । ଥୁକିବା—3. Slavering; spitting out.
୪ । ଢେକୁର ମାରିବା—4. Belching
୫ । (+କର୍ମ. ଅ)—ବଢ଼ିଶ—5. Fishing hook.

**ଉଦ୍ଗୀତ**—ସଂ. ବିଣ. (ଉତ୍=ଉଚ୍ଚୈଃ ସ୍ୱରରେ+ଗୀତ=ବୋଲାଯିବା)—
**Udgita** ଉଚ୍ଚ ସ୍ୱରରେ ଗାନ କରାଯିବା—Sung loudly.

**ଉଦ୍ଗୀତି**—ସଂ. ବି. (ଉତ୍=ଉଚ୍ଚୈଃ ସ୍ୱରରେ+ଗୀତି=ଗାନ)—
**Udgiti** ୧ । ଉଚ୍ଚୈଃସ୍ୱରରେ ଗାନ—
(ଉଦ୍ଗୀତ—ବିଣ) 1. Loud singing
୨ । ଆର୍ଯ୍ୟା; ସଂସ୍କୃତ ଛନ୍ଦୋବିଶେଷ—
2. A kind of metre in Sanskrit.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ୃ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ପ | ଉଅ | ଡ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଢ଼ |

ଉଦ୍ଗୀଥ—ସଂ. ବି. ( ଉଦ୍=ଉଚ୍ଚୈଃସ୍ୱରରେ+ଗୈ ଧାତୁ = ଗୀତ ଗାଇବା+କର୍ମ. ଥ )—
Udgītha

୧ । ସାମବେଦର ଅଂଶବିଶେଷ—
1. A part of the Sāma Beda.

୨ । ପ୍ରଣବ; ଓଁକାର—2. The mystic sound 'Oṁ'.

୩ । ସାମବେଦ ଧ୍ୱନି—3. The singing or recital of the Sāma Beda.

ଉଦ୍ଗୀର୍ଣ୍ଣ—ସଂ. ବି. (ଉଦ୍=ବିପରୀତ+ଗୃ ଧାତୁ=ଗିଳିବା+କର୍ମ.ତ)—
Udgirṇṇa ୧ । ବମିତ; ବାନ୍ତ କରାଯାଇଥିବା—
ଉଦ୍ଗାର } ବି.
ଉଦ୍ଗିରଣ }
1. Vomited; emitted; cast off.

୨ । ଉଚ୍ଚାରିତ—2 Uttered.

୩ । ର୍ନ୍ତ ( ଯେଉଁ ବାକ୍ୟ ବା ଉଚ୍ଚାରଣର ଶେଷରେ 'ର' ଥାଏ )—3. A sound or word ending with 'Ra'

୪ । ଉଦ୍ଗତ; ନିର୍ଗତ—4. Risen.

୫ । ପ୍ରତିବିମ୍ବିତ—5. Reflected.

୬ । ବୋଳା ଯାଇଥିବା; ଅନୁରଞ୍ଜିତ—
6 Overlaid as with a layer; besmeared.

୭ । ଅନୁବିଦ୍ଧ—7. Pierced through.

ଉଦ୍ଗୂର୍ଣ୍ଣ—ସଂ. ବିଣ. ( ଉଦ୍+ଗୁର ଧାତୁ=ଉତ୍ତୋଳନ କରିବା+କର୍ମ. ତ)—
Udgūrṇṇa

୧ । ଉଦ୍ଗତ—1. Risen up; standing.

୨ । ଉତ୍ତେଜିତ—2. Excited; irritated.

୩ । ଉଦ୍ରିକ୍ତ; ଠାଣୁଆ ହୋଇଥିବା—
3. Stiffened; become erect.

୪ । ଉତ୍ତୋଳିତ; ଉଦ୍ୟତ; (ଶାସ୍ତ୍ରାଦି)—
4. Raised for action (said of weapons); lifted up; held up.

ଉଦ୍ଗ୍ରଥିତ—ସଂ. ବି. ( ଉଦ୍=ଉପରେ+ଗ୍ରନ୍ଥ ଧାତୁ=ଗଣ୍ଠି ପକାଇବା +କର୍ମ. ତ)—
Udgrathita

୧ । ଅଗରେ ଗୋଳ ହୋଇ ବନ୍ଧାଯାଇଥିବା; ଊର୍ଦ୍ଧ୍ୱରେ ସଂଯତ (କେଶ)—1. Collected or tied together at the top.

୨ । ଅଗ୍ରଦେଶରେ ଗଣ୍ଠି ପଡ଼ିଥିବା—
2. Tied into a knot at the top

ଉଦ୍ଗ୍ରନ୍ଥନ—ସଂ. ବି—୧ । କାନ୍ଥ ଉଠାଇବା; ଗାନ୍ଥିବା—
Udgranthana 1. The building up or raising of a masonry wall.

୨ । ଅଗରେ ଗଣ୍ଠି ପକାଇବା—
2 Tying into a knot at the top

ଉଦଗ୍ରହ—ସଂ. ବି. (ଉତ୍=ଉପରଆଡ଼ୁ+ଗ୍ରହ ଧାତୁ=ଗ୍ରହଣ କରିବା +ଭାବ. ଅ)—ଉଦ୍ଗ୍ରହଣ (ଦେଖ)
Udgraha Udgrahaṇa (See)

ଉଦ୍ଗ୍ରହଣ—ସଂ.ବି. (ଉତ୍=ଉପରଅଡ଼ୁ+ଗ୍ରହ ଧାତୁ=ଗ୍ରହଣ କରିବା +ଭାବ. ଅନ)—୧ । ଗ୍ରହଣ—
Udgrahaṇa 1. Taking up; holding.

୨ । ଗିଳନ ବା ଗିଳିବା—2. Devouring.

ଉଦ୍ଗ୍ରାହ—ସଂ. ବି. (ଉତ୍=ସମ୍ୟକ୍+ଗ୍ରହ ଧାତୁ=ଗ୍ରହଣ କରିବା+ଭାବ. ଅ)—୧ । ଗ୍ରହଣ—1. Taking.
Udgrāha

୨ । ବିଦ୍ୟାବିଚାର—2. Discussion on a scientific matter.

ଉଦ୍ଗ୍ରାହିତ—ସଂ. ବିଣ ( ଉଦ୍=ଉପରକୁ+ଗ୍ରହ ଧାତୁ. ଣିଚ=ଗ୍ରାହି ଧାତୁ+କର୍ମ. ତ )—୧ । ଉପରଅଡ଼ୁ ଧରା ଯାଇଥିବା—1. Held at the top.
Udgrāhita

୨ । ଗ୍ରହଣ କରା ଯାଇଥିବା; ଗୃହୀତ ହୋଇଥିବା—
2. Taken hold of; caught hold of

୩ । ଗିଳା ଯାଇ ଥିବା—3. Devoured.

୪ । ଉପନ୍ୟସ୍ତ—4. Overlaid; kept at the top-

୫ । ବଦ୍ଧ—5. Bound; fixed.

୬ । ଅନ୍ତଃକରଣରେ ଅର୍ପିତ—6 Offered or dedicated mentally.

୭ । ଆକ୍ରାନ୍ତ—7. Attacked unawares.

୮ । ଉନ୍ନମିତ—8. Bent down

ଉଦ୍ଗ୍ରୀବ—ସଂ. ବିଣ. ପୁଂ. ( ବହୁବ୍ରୀହି; ଉତ୍=ଉପରକୁ ଟେକା ହୋଇ ଅଛି+ଗ୍ରୀବା ଯାହାର)—
Udgrība
(ଉଦ୍ଗ୍ରୀବା—ସ୍ତ୍ରୀ) ୧ । ଉତ୍କନ୍ଧର; ଯେ ବେକକୁ ଟେକି ଥାଏ—
(ଉଦ୍ଗ୍ରୀବତା—ବି) 1. With overstretched neck.

୨ । କୌଣସି କଥା ଶୁଣିବାକୁ ଅଗ୍ରହାନ୍ୱିତ—
2. Burning with zeal to hear something.

୩ । ଅଶାନ୍ୱିତ—3. Expectant.

ଉଦ୍ଘ—ସଂ. ବି. ( ଉଦ୍=ଉପରେ+ଘଣ ଧାତୁ=ଦୀପ୍ତି ପାଇବା+ଭାବ. ଅ)—୧ । ପ୍ରଶଂସା—1. Praise.
Udgha

୨ । କରପୁଟ—2. Palm of the hand; the fold of the palms.

୩ । (+କର୍ତ୍ତୃ. ଅ)—ଅଗ୍ନି—3. Fire.

ସଂ. ବିଣ.—୧ । ପ୍ରଶସ୍ତ—1. Extensive; wide; broad.

୨ । ପ୍ରକାଣ୍ଡ—2. Vast.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଶବ୍ଦର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଠ' ନ ମିଳିଲେ 'ସାଠ' ଖୋଜିବେ 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଉଦ୍‌ଘଟ୍ଟନ— ସଂ. ବି. (ଉଦ୍=ସମ୍ୟକ+ଘଟ୍ଟ ଧାତୁ=ଘାଣ୍ଟିବା+ଭାବ. ଅନ)—୧ । ଘାଣ୍ଟିବା— 1. Stirring.
Udghaṭṭana
୨ । ଆଘାତ—2. Striking
୩ । ଉନ୍ମୋଚନ—3. Opening.
୪ । (ଲୁଗା) ପାଲଟିବା—4. Putting off (of dress)

ଉଦ୍‌ଘଟ୍ଟିତ— ସଂ. ବିଣ. (ଉଦ୍+ଘଟ୍ଟ ଧାତୁ+କର୍ମ.ତ)—
Udghaṭṭita ୧ । ଅହତ—1. Struck.
୨ । ଉନ୍ମୋଚିତ—2. Opened.
୩ । ପାଲଟା ଯାଇଥିବା (ଲୁଗା)— 3. Put off (cloth)

ଉଦ୍‌ଘନ—ସଂ. ବି. (ଉଦ୍=ଉପରେ+ହନ୍ ଧାତୁ=କାଟିବା; ହାଣିବା; +ଅଧିକରଣ. ଅ)—୧ । କାଷ୍ଠଚ୍ଛେଦନାଧାର— 1. Chopping block.
Udghana
୨ । ଧୋବା ଯାହା ଉପରେ କାଠକୁ ରଖି ହାଣନ୍ତି; (ଧୋବାଙ୍କ ଭାଷାରେ) ଗଣ୍ଡିଗୁ ବା ଗଣ୍ଡି— 2. A block of wood on which the wood-man puts the wood to be cut with his axe.
୩ । ବଢ଼େଇ ଯାହା ଉପରେ କାଠକୁ ରଖି କଟାକଟି କରନ୍ତି—3. A carpenter's work-bench.

ଉଦ୍‌ଘର୍ଷଣ— ସଂ. ବି. (ଉଦ୍=ଉପରେ+ଘୃଷ ଧାତୁ=ଘଷିବା+ଭାବ. ଅନ)—୧ । ଉପରେ ଘଷିବା— 1. Rubbing.
Udgharshaṇa
୨ । ଦୁଇ ପଦାର୍ଥ ପରସ୍ପର ଘଷି ହେବା— 2. Abrasion; friction.

ଉଦ୍‌ଘାଟ—ସଂ. ବି. (ଉତ୍=ଅଧିକ+ଘଟ୍=ପ୍ରକାଶ ପାଇବା+ଭାବ. ଅ)—୧ । ଉଦ୍‌ଘାଟନ; ମେଲାଇବା—1. Opening.
Udghāṭa
୨ । ପଣ୍ୟାଦି ଦ୍ରବ୍ୟ ଦେଖାଇବା ନିମନ୍ତେ ଉଦ୍ଘାଟିତ ସ୍ଥାନ— 2. A booth for exhibiting commodities
୩ । ଶୁଳ୍କ ବା ରାଜସ୍ୱ ଗ୍ରହଣ କରିବା ନିମନ୍ତେ ନିରୂପିତ ସ୍ଥାନ ବା ଘାଟ—3. A place or gate where tax on commodities is realised; toll-gate.
୪ । ଉଘାଡ଼; ଘର ମଧ୍ୟରେ ଥିବା ମଞ୍ଚା — 4. A scaffolding inside a room.
୫ । ଉଘାଣ; (ଦୋଷାଦି) ପ୍ରକାଶ କରିବା — 5. Publishing another's failings.

ଉଦ୍‌ଘାଟକ— ସଂ. ବିଣ. ପୁଂ. (ଉଦ୍=ଉପରକୁ+ଘଟ ଧାତୁ;ଣିଚ=ଘାଟି ଧାତୁ=ପ୍ରକାଶ ପାଇବା+କର୍ତ୍ତୃ.ଅକ)—
Udghāṭaka
(ଉଦ୍ଘାଟିକା—ସ୍ତ୍ରୀ) ୧ । ଯେ ମେଲାକରେ; ଉନ୍ମୋଚନକାରୀ— 1. Opener.
(ଉଦ୍ଘାଟନ—ବି)
୨ । ଯେ ମୁକୁଳାଏ—2. Releasing.
୩ । ପ୍ରକାଶକ—3. Publishing; exposing; disclosing.
୪ । ଉଲ୍ଲେଖକ—4. Alluding.
୫ । ଯେ ପଣ୍ୟଦ୍ରବ୍ୟକୁ ପସରାରେ ଦେଖାଏ— 5. Displaying merchandise.
ସଂ. ବି.—୧ । ବାଲ୍ଟି—1. Bucket.
୨ । କୂଅରୁ ପାଣି କାଢ଼ିବା ଯନ୍ତ୍ର—2. A contrivance for drawing water from a well.
୩ । ଗୁହ; କଞ୍ଚି – 3. Key.

ଉଦ୍‌ଘାଟନ—ସଂ. ବି. (ଉଦ୍=ଉପରକୁ+ଘଟ ଧାତୁ ଣିଚ, ଘାଟି ଧାତୁ =ଟେକିବା+ଭାବ. ଅନ)—୧ । କୂଅରୁ ପାଣି କାଢ଼ିବାର ପାତ୍ର ବା ଯନ୍ତ୍ର—1. Bucket; rope and bucket for drawing water (from a well).
Udghāṭana
(ଉଦ୍ଘାଟିତ—ବିଣ)
୨ । ଉନ୍ମୋଚନ; ମେଲାଇବା— 2. Opening; act of uncovering.
୩ । ମୁକୁଳାଇବା; ମୁକ୍ତ କରିବା— 3. Setting free; releasing.
୪ । ଟେଣ୍ଡା—4. A contrivance for drawing water from a deep place.
୫ । ପ୍ରକାଶନ—5. Publication.
୬ । ପରର ଦୋଷକୁ ସାଧାରଣରେ ପ୍ରକାଶ କରିବା— 6. Publishing of another's faults or secrets.

ଉଦ୍‌ଘାଟିତ— ସଂ. ବିଣ. ( ଉଦ୍=ଉପରକୁ+ଘଟ ଧାତୁ ଣିଚ=ଘାଟି ଧାତୁ+କର୍ମ. ତ )—
Udghāṭita
୧ । ମେଲା କରାଯାଇଥିବା; ଉନ୍ମୋଚିତ— 1. Opened; burst open; blown open.
୨ । ପ୍ରକାଶିତ—2. Published; disclosed.
୩ । ମୁକ୍ତ—3. Released; set free.

ଉଦ୍‌ଘାତ—ସଂ. ବି. (ଉତ୍+ହନ ଧାତୁ=ବଧ କରିବା+ଭାବ. ଅ)—
Udghāta ୧ । ସୂଚନା—1. Indication; hint
୨ । ଉପକ୍ରମ; ଆରମ୍ଭ—2. Beginning.
୩ । ପ୍ରସ୍ତାବନା; ଉଲ୍ଲେଖ— 3. Proposal; starting of a subject.
୪ । ମୁଦ୍ଗର—4. A mallet; a club.
୫ । ଆଘାତ—5. A blow.
୬ । ବାଧା—6. Obstacle.
୭ । ପାଦସ୍ଖଳନ; ଝୁଣ୍ଟିବା—7. Hitting a thing with the foot while walking; tripping; stumbling.

| ୧ | ଇ | ଈ | ଋ,ହ୍ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଚ | ଶ,ଷ | ଙ୍କ | ଇଯ୍ | ଇଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଉଦ୍ଦନ୍ଦ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ୱ | ଡ଼ |

୮ । ପ୍ରତିଘାତ—8. A blow in return
୯ । ( +କରଣ. ଅ )—ଗ୍ରନ୍ଥର ପରିଚ୍ଛେଦ ବା ଅଧ୍ୟାୟ—
9. Chapter or section of a book.
୧୦ । ନିଦର୍ଶନ—10. Proof; sign.

**ଉଦ୍ଘାଟକ**—ସଂ. ବି. ( ଉତ୍ + ହନ୍ ଧାତୁ. ଣିଜନ୍ତ=ଘାତ ଧାତୁ+ ଅକ )—ନାଟକୀୟ ପ୍ରସ୍ତାବନାବିଶେଷ—
Udghātaka A kind of prologue in a drama.

**ଉଦ୍ଘୁର**—ସଂ. ବିଣ. ( ଉଦ୍ + ଘୁର=ଘୂରିବା+ଅ )—
Udghura ୧ । ହାଲୁକା; ଗୁରୁଶୂନ୍ୟ—
1. Light; without weight.
୨ । ଦୃଢ଼—2 Strong; fast set.

**ଉଦ୍ଘୋଷ**—ସଂ. ବି. ( ଉଦ୍=ଉଚ୍ଚୈଃସ୍ୱରରେ+ଘୁଷ ଧାତୁ=ଶବ୍ଦ କରିବା+ଭାବ. ଅ )—
Udghosha
(ଉଦ୍ଘୋଷିତ—ବିଣ) ୧ । ଉଚ୍ଚୈଃସ୍ୱରଦ୍ୱାରା ଇଙ୍ଗିତ; ପାଟି କରିବା—
1. Speaking out; talking loudly
୨ । ପୁନଃ ପୁନଃ କଥନ—2. Repeated saying.
୩ । ଉଚ୍ଚୈଃସ୍ୱରରେ ପ୍ରକାଶ—
3. Proclamation; announcing.
୪ । (+କର୍ତ୍ତୃ. ଅ)—ଯେ ଉଚ୍ଚଶବ୍ଦାଦି କରିବା ଦ୍ୱାରା ଇଙ୍ଗିତ କରେ—4. A person who gives hints by loud sounds

**ଉଦ୍ଦଣ୍ଡ**—ସଂ. ବିଣ. ପୁଂ. ( ଉତ୍=ଉତ୍କଟ+ଦଣ୍ଡ )—
Uddaṇda ୧ । ଉତ୍କଟଦଣ୍ଡଧାରୀ; ଲଗୁଡ଼ଧାରୀ; ଠେଙ୍ଗା ଧରିବା ବ୍ୟକ୍ତି; ଲାଠିଆଳ—
1. Bearing a lethal weapon.
୨ । ଅବାଧ୍ୟ; ଅମ ନାଅ—
2. Disobedient; insubordinate.
୩ । ଅଶାସ୍ୟ—3 Unruly; uncontrollable.
୪ । ପ୍ରତାପାନ୍ୱିତ; ପ୍ରବଳପରାକ୍ରାନ୍ତ—
4. Very powerful.
୫ । ସିଧା; ସରଳ—5. Straight.
ହସ୍ତୀର ଶୁଣ୍ଡ ପ୍ରାୟେ ହୋଇ । ଲମ୍ବେ ଉଦଣ୍ଡ ଭୁଜ ଦୁଇ । ଜଗନ୍ନାଥ. ଭାଗବତ
ଦେ. ବିଣ—ଉଦଣ୍ଡ ( ଦେଖ )
Udaṇda ( See )

**ଉଦ୍ଦଣ୍ଡିଆ**—ଦେ. ବିଣ—ଉଦଣ୍ଡିଆ ( ଦେଖ )
Uddaṇḍiā Udaṇḍiā ( See )

**ଉଦ୍ଦଣ୍ଡେ**—ଦେ. କ୍ରି. ବିଣ—ଉଚ୍ଚୈଃସ୍ୱରରେ—Loudly,
Uddaṇḍe ଭୂତେର କାନକେ ମିଳଇ, ଉଦଣ୍ଡେ ଶଙ୍ଖନାଦ କଲା।
ଜଗନ୍ନାଥ. ଭାଗବତ ।

**ଉଦ୍ଦନ୍ତୁର**—ସଂ. ବିଣ. ପୁଂ. (ଉତ୍=ବଡ଼+ଦନ୍ତୁର=ଦନ୍ତଯୁକ୍ତ)—
Uddantura ୧ । ଦାନ୍ତୁରା—1. Having large or protruding teeth.
୨ । ଦନ୍ତୀ; ବଡ଼ ଦାନ୍ତବାଲା—2. Having tusks.
୩ । କରାଳ; ଭୟାନକ—3. Formidable.
୪ । ଅତି ଡେଙ୍ଗା; ଉତ୍ତୁଙ୍ଗ—4. Very tall.

**ଉଦ୍ଦାନ**—ସଂ. ବି. ( ଉଦ୍=ଊର୍ଦ୍ଧ୍ୱ+ଦା ଧାତୁ=ପାଳନ କରିବା+ କର୍ତ୍ତୃ. ଅନ )—
Uddāna
୧ । ବନ୍ଧନ—1. Binding; confinement.
୨ । (+ଭାବ. ଅନ) ପୋଷଣ—2. Maintenance.
୩ । (ଦୋ ଧାତୁ=ଛେଦନ କରିବା)—ଚୁଲ୍ଲୀ—3. Oven.
୪ । ବଡ଼ବାନଳ—4. Submarine fire.
୫ । (+କର୍ମ.•ଅନ)—କଟିଦେଶ—5. Waist.
୬ । (ଜ୍ୟୋତିଷ) ଜନ୍ମ ଲଗ୍ନ—6. (Astrology) The time of birth; horoscopic moment.
୭ । ମଧ୍ୟ; ମଧ୍ୟଭାଗ—7. Middle; middle part.

**ଉଦ୍ଦାନ୍ତ**—(ଉତ୍=ଅତିଶୟ+ଦମ୍ ଧାତୁ=ଶାସନ କରିବା+କର୍ମ.ତ)—
Uddānta ୧ । ଅତିଦମିତ—1. Much subdued.
୨ । ଶାନ୍ତ—2. Tranquil; placid
୩ । ସ୍ଥିରସ୍ୱଭାବାପନ୍ନ—3. Quiet.

**ଉଦ୍ଦାମ**—ସଂ. ବିଣ ( ଉଦ୍+ଦମ୍ ଧାତୁ=ଶାନ୍ତହେବା+କର୍ତ୍ତୃ. ଅ )—
Uddāma ୧ । ଉଚ୍ଛୃଙ୍ଖଳ; ବନ୍ଧନରହିତ—1. Unfettered; unbridled.
(ଉଦ୍ଦାମା—ସ୍ତ୍ରୀ)
୨ । ଉତ୍କଟ—2. Unrestrained.
୩ । ଅଶାସ୍ୟ—3. Unruly; uncontrollable.
୪ । ସ୍ୱେଚ୍ଛାଚାରୀ—4. Free; self-willed; despotic.
୫ । ଯାହାକୁ କେହି ଅଟକାଇ ରଖିନାହିଁ—
5. Unconfined.
ଦେ. ବିଣ—ଉଦଣ୍ଡ; ଦୁଷ୍ଟ—Wicked.
ସଂ. ବି—ବରୁଣ—The Sea-god.

**ଉଦ୍ଦାଲ**—ସଂ. ବି ( ଉତ୍+ଦଳ ଧାତୁ+ଭାବ. ଅ )—୧ । ଧାନ୍ୟ
Uddāla ବିଶେଷ; ବଣକୋଦ୍ରଅ—1. A kind of wild corn.
୨ । ବହୁବାର ଗଛ; ଔଉ—2. Dillenia Speciosa (tree and fruit)
୩ । ମୂଳ—3. A medicinal root.

**ଉଦ୍ଦାଳକ**—ସଂ. ବି (ନାମ)—୧ । ଋଷିବିଶେଷ; (ଭଗବାନ ଏହାଙ୍କୁ
Uddālaka ଲକ୍ଷ୍ମୀଙ୍କ ବଡ଼ ଭଉଣୀ ଅଲକ୍ଷ୍ମୀଙ୍କ ସଙ୍ଗେ ବିବାହ କରାଇ ଦେଇଥିଲେ)—1. A sage (who) married Alakshmī the elder sister of Goddess Lakshmi. )
୨ । ଔଉ—2. Dillenia Speciosa ( tree and fruit )

**ଉଦ୍ଦିତ**—ସଂ.ବିଣ ( ଉତ୍+ଦୋ ଧାତୁ=ଛେଦନ କରିବା କର୍ମ.+ତ)—
Uddita ବନ୍ଧନପ୍ରାପ୍ତ; ବଦ୍ଧ—Bound; tied together.

ସାଧାରଣ ନେ ନେ ଶପର ସ୍ଥାରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଉଦ୍ଦିଷ୍ଟ—ସଂ. ଵଣ ( ଉଦ୍ = ଉପରେ + ଦିଶ୍ = ଆଦେଶ କରିବା; ଦାନ
Uddishta କରିବା + କର୍ମ. ତ )—୧ । ଲକ୍ଷ୍ୟୀକୃତ—
1. Aimed at.
୨ । ଉପଦିଷ୍ଟ—2. Advised.
୩ । ଅଭିପ୍ରେତ—3. Intended; designed.
୪ । ଯାହାର ଅନୁସନ୍ଧାନ କରାଯାଇଅଛି—
4. Inquired after; investigated.
୫ । ଯାହା ବିଷୟ ବୋଲାଯାଇଅଛି; ଉଲ୍ଲିଖିତ—
5. Mentioned; referred to.

ଉଦ୍ଦୀପକ—ସଂ. ଵଣ ( ଉଦ୍ = ଅଧିକ + ଦୀପ ଧାତୁ ଣିଚ, ଦୀପି ଧାତୁ = Uddipaka ଦୀପ୍ତ କରାଇବା + କର୍ତ୍ତୃ. ଅକ ) ୧ । ଯେ ମତାଏ—
(ଉଦ୍ଦୀପିକା—ସ୍ତ୍ରୀ) 1. Inciting.
୨ । ଉତ୍ତେଜକ—2. Exciting; inflaming
(ଯଥା—କାମୋଦ୍ଦୀପକ ।)
୩ । ଯେ ଅଗ୍ନି ଉଦ୍ଦୀପନ କରେ ବା ନିଆଁ ଜଳାଏ—
3. One who stirs up a fire; stirring up or setting fire to.
୪ । ତେଜସ୍ୱାନ୍—4. Energetic; vigorous.
୫ । ଉଜ୍ଜ୍ୱଳ; ଜକଜକ; ଜୁଳୁଜୁଳୁ—
5. Luminous; bright.
୬ । ଯେ ଉତ୍ସାହଦାନ କରେ—6. Encouraging.
୭ । ଯେ ବଢ଼ାଏ—7. Aggravating.

ଉଦ୍ଦୀପନ—ସଂ. ବ ( ଉଦ୍ = ଅଧିକ + ଦୀପ ଧାତୁ = ଦୀପ୍ତିକରିବା + ଭାବ. ଅନ )—ଉଦ୍ଦୀପନା (ଦେଖ)
Uddipana
Uddipanā (See)

ଉଦ୍ଦୀପନା—ସଂ. ବ (ଉଦ୍ + ଦୀପ୍ ଧାତୁ + ଭାବ. ଅନ + ଆ )—
Uddipanā ୧ । ମତାଇବା—1. Inciting.
୨ । ଉତ୍ତେଜନା—2. Inflaming; exciting
୩ । ବଢ଼ାଇବା—3. Aggravation.
୪ । ପ୍ରଜ୍ୱଳନ; ଜଳାଇବା—
4. Blazing up; illumination; illuminating.
୫ । ଉତ୍ସାହଦେବା—5. Encouraging; encouragement.
୬ । (ଉଦ୍ + ଦୀପ ଧାତୁ; ଣିଚ୍ ଦୀପି ଧାତୁ + କର୍ତ୍ତୃ. ଅନ) —
ଅଳଙ୍କାରରେ ରସର ଉଦ୍ଦୀପକ ବିଶେଷ—
6. Circumstance which excites a peculiar sentiment (e.g. fear; anger; pity etc)
( ରସଶବ୍ଦରେ ନୋଟ ଦେଖ )

ଉଦ୍ଦୀପନୀୟ—ସଂ. ଵଣ ( ଉଦ୍ + ଦୀପ୍ ଧାତୁ + କର୍ମ. ଅନୀୟ )—
Uddipaniya ଯାହାର ଉଦ୍ଦୀପନା କରିବା ଉଚିତ ବା ଆବଶ୍ୟକ
That which ought to be illuminated; excitable.

ଉଦ୍ଦୀପିତ—ସଂ. ବଣ —(ଉଦ୍ + ଦୀପ ଧାତୁ. ଣିଚ୍ + କର୍ମ. ତ )—
Uddipita ୧ । ଉତ୍ତେଜିତ—
1. Excited; inflamed; animated.
୨ । ପ୍ରଜ୍ୱଳିତ—
2. Inflamed; illuminated; lighted.
୩ । ପରିବର୍ଦ୍ଧିତ—3. Aggravated.
୪ । ପ୍ରକାଶିତ—4. Manifested.
୫ । ଉଜ୍ଜ୍ୱଳିତ—5. Brightened

ଉଦ୍ଦୀପ୍ତ—ସଂ. ଵଣ (ଉଦ୍ = ବିଶେଷ + ଦୀପ୍ ଧାତୁ + କର୍ମ. ତ )—
Uddipta ୧ । ଉତ୍ତେଜିତ—1. Inflamed; excited.
୨ । ପ୍ରଜ୍ୱଳିତ—2. Lighted.
୩ । ଅତିଶୟ ତେଜସ୍ୱାନ୍—3. Blazing.
୪ । ଉଗ୍ର—4. Vigorous; sharp.
୫ । ଉଜ୍ଜ୍ୱଳୀକୃତ—
5. Illuminated; brightened
୬ । ବ୍ୟକ୍ତୀକୃତ—6. Manifest

ଉଦ୍ଦେଶ—ସଂ. ବ (ଉଦ୍ + ଦିଶ୍ ଧାତୁ = ବୋଲିବା; ଲକ୍ଷ୍ୟକରିବା;
Uddesa ଦେବା + ଭାବ. ଅ )—
୧ । ଲକ୍ଷ୍ୟ—1. Aim.
୨ । ଅନୁସନ୍ଧାନ; ଅନ୍ୱେଷଣ—
2. Quest; enquiry.

ଉଦ୍ଦେଶ ପାଇମାନଙ୍କର
ଦପାଇଁ ତୁମ୍ଭେ ହେ ନ କର—ଜଗନ୍ନାଥ. ଭାଗବତ ।

୩ । ଅଭିସନ୍ଧି—3. Secret intention.
୪ । ଅଭିପ୍ରାୟ—4. Motive.
୫ । ବାର୍ତ୍ତା—5. News.
୬ । ସମ୍ବାଦ; ତଥ୍ୟ; ଖବର—
6. Certain information.
୭ । (+ଅଧିକରଣ. ଅ) ପ୍ରଦେଶ—
7; A tract of country; a place.
୮ । ଉଲ୍ଲେଖ—8. Reference; mention.
୯ । ଠିକଣା; ପତ୍ତା; ଚିହ୍ନମାତ୍ର—9. Trace; vestige.

ଯାହାର ନ ପାଇ ଉଦ୍ଦେଶ, ସମ ତାଳିଲେ ନିଜ ଦେଶ—ଜଗନ୍ନାଥ. ଭାଗବତ ।

୧୦ । ଉଲ୍ଲାସ; ସଙ୍କେତ—10. Allusion.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଃ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଚ | ଶ,ସ | ଛ | ଇଯ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଝ | ଂ | ଇଅ | ଔ | ନୃ |

**ଉଦ୍ଦେଶ କରିବା**—ଦେ. କ୍ରି—୧ । ଲକ୍ଷ୍ୟ ରଖିବା—1. To aim at
Uddeśa karibā ୨ । ଅପେକ୍ଷା କରିବା—2. To wait for.
উদ্দেশকরা ୩ । ଖୋଜିବା; ଅନୁସନ୍ଧାନ କରିବା—
उद्देश करना 3. To search for; to be in quest of.
୪ । ତତ୍ତ୍ୱନେବା; ଖବରନେବା—4. To enquire of.
୫ । ସଙ୍କେତଦ୍ୱାରା ସୂଚନା କରିବା—
5 To allude to.

**ଉଦ୍ଦେଶ ରଖିବା**—ଦେ. କ୍ରି.—ଉଦ୍ଦେଶ କରିବା (ଦେଖ)
Uddeśa rakhibā Uddeśa karibā (See)

**ଉଦ୍ଦେଶରେ**—ଦେ. କ୍ରି. ବିଣ—୧ । (ଅମୁକ ବିଷୟ ପ୍ରତି) ଲକ୍ଷ୍ୟ ରଖି—
Uddeśare 1. With a view to.
উদ্দেশে ୨ । ( ଅମୁକଙ୍କୁ ) ଲକ୍ଷ୍ୟ କରି—
उद्देशसे 2. Aiming at.
୩ । ( ଅମୁକ ) ବିଷୟରେ—
3. With reference to.

**ଉଦ୍ଦେଶିବା**—ଦେ. ପଦ୍ୟ. କ୍ରି (ସଂ. ଉଦ୍ଦେଶ)—୧ । ଲକ୍ଷ୍ୟ କରିବା—
Uddeśibā 1. To aim at.
উদ্দেশা ଯାମେ ଉଦ୍ଦେଶିଣ ବାଣ ବାହାଲେ ସବଳେ—ମଧୁସୂଦନ. ଗଜମାଳା ।
୨ । ଖୋଜିବା; ଅନୁସନ୍ଧାନ କରିବା—
2. To search after; to seek.

ଘୋଡ଼ାକୁ ଉଦ୍ଦେଶିଣ ମଣ୍ଡଳରେ ବୁଲିଲେ—କୃଷ୍ଣସିଂହ. ମହାଭାରତ. ବନ ।

**ଉଦ୍ଦେଶ୍ୟ**—ସଂ. ବି. ( ଉଦ୍ + ଦିଶ୍ ଧାତୁ + କର୍ମ. ଯ )—
Uddeśya ୧ । ଯେଉଁ ଶେଷଫଳ ପ୍ରତି ଦୃଷ୍ଟି ରଖି କୌଣସି କାର୍ଯ୍ୟ କରାଯାଏ; ଲକ୍ଷ୍ୟ; ଯାହା ଲକ୍ଷ୍ୟ କରା ଯାଇଥାଏ—
1. Aim; purpose; object; end in view.
୨ । ତାତ୍ପର୍ଯ୍ୟ—2. Purport.
୩ । ଅଭିପ୍ରାୟ—3. Intention.
୪ । ଅଭିସନ୍ଧି—4. Hidden aim; secret motive.
ସଂ. ବିଣ—ଅଭିପ୍ରେତ—Intended; aimed at.

**ଉଦ୍ଦେଶ୍ୟ-ବିଧେୟ ସମ୍ବନ୍ଧ**—ସଂ. ବିଣ ( ନ୍ୟାୟ ) ଲକ୍ଷ ଓ ଲକ୍ଷିତ କ୍ରିୟାର
Uddeśyabidheya sambandha ସମ୍ପର୍କ—
(Logic) Apposition; the relation subsisting between the object and predicate

**ଉଦ୍ଦେଶ୍ୟମୂଳକ**—ସଂ. ବିଣ (ବହୁବ୍ରୀହି; ଉଦ୍ଦେଶ୍ୟ + ମୂଳ + କ )—
Uddeśyamūlaka ଉଦ୍ଦେଶ୍ୟଯୁକ୍ତ; ଯାହାର ମୂଳରେ କୌଣସି ଉଦ୍ଦେଶ୍ୟ ଥାଏ—Having a certain end in view.

**ଉଦ୍ଦେଶ୍ୟରେ**—ଦେ. କ୍ରି. ବିଣ—ଉଦ୍ଦେଶରେ (ଦେଖ)
Uddeśyare Uddeśare (See)

**ଉଦ୍ଦ୍ୟୋତ**—ସଂ. ବି (ଉଦ୍ + ଦ୍ୟୁତ୍ ଧାତୁ = ଦୀପ୍ତି ପାଇବା + ଭାବ. ଅ)—
Uddyota
୧ । ପ୍ରକାଶ—1. Exhibition; manifestation.
୨ । ଆତପ; ରଶ୍ମି—2. The sun's rays.

**ଉଦ୍ଦ୍ରାବ**—ସଂ. ବି (ଉଦ୍ + ଦ୍ରୁ ଧାତୁ = ଗମନ କରିବା + ଭାବ. ଅ )—
Uddrāba
୧ । ଦ୍ରୁତ ବେଗରେ ଗମନ—1. Quick motion.
୨ । ପଳାୟନ—2. Fleeing.
୩ । ଅସ୍ଥିରତା—3. Restlessness.

**ଉଦ୍ଦ୍ରୁତ**—ସଂ. ବିଣ ( ଉଦ୍ = ଉପରେ + ଦ୍ରୁ ଧାତୁ = ଗମନ କରିବା +
Uddruta କର୍ତ୍ତୃ. ତ )—୧ । ପଳାୟିତ—1. Fled.
(ଉଦ୍ଦ୍ରାବ—ବି) ୨ । ଚଳିତ—2. Moved.

**ଉଦ୍ଧତ**—ସଂ. ବିଣ. ପୁଂ (ଉଦ୍ = ଅତ୍ୟନ୍ତ + ହନ୍ ଧାତୁ + କର୍ତ୍ତୃ. ତ)—
Uddhata ୧ । ଅବିନୀତ; ଧୃଷ୍ଟ; ଦୁର୍ବୃତ୍ତ—
(ଉଦ୍ଧତା—ସ୍ତ୍ରୀ) 1. Rude; wicked; impertinent.
୨ । ଉଦ୍ଭଟ—2. Violent.
୩ । ଗର୍ବିତ; ଅହଂକୃତ—
3 Haughty; proud; arrogant.
୪ । ଉତ୍କ୍ଷିପ୍ତ; ଉପରକୁ ଫୋପଡ଼ା ଯାଇଥିବା—
4. Thrown up.

**ଉଦ୍ଧତଚାରୀ**—ସଂ. ବିଣ. ପୁଂ (ଉଦ୍ଧତ + ଚର୍ ଧାତୁ = ଆଚରଣ କରିବା +
Uddhatachārī କର୍ତ୍ତୃ ଇନ୍)—ଯେ ଉଦ୍ଧତ ଭାବରେ ଚଳେ—
(ଉଦ୍ଧତଚାରିଣୀ ସ୍ତ୍ରୀ) Acting audaciously.
(ଉଦ୍ଧତଚାରିତା—ବି)

**ଉଦ୍ଧତି**—ସଂ. ବି. (ଉଦ୍ + ହନ୍ ଧାତୁ + ଭାବ. ତି)—
Uddhati ୧ । ଗର୍ବ; ଧୃଷ୍ଟତା—1. Pride; arrogance; haughtiness.
୨ । ଉଦ୍ଭଟତା—2. Violence.
୩ । ଉନ୍ନତି—3. Ascendency; rise.
୪ । ଉତ୍ଥାନ—1. Rising up; ascending.

**ଉଦ୍ଧବ**—ସଂ. ବି. (ଉଦ୍ + ଧୂ ଧାତୁ = କମ୍ପନ କରିବା + ଭାବ. ଅ)—
Uddhaba ୧ । ଉତ୍ସବ; ଆନନ୍ଦଜନକ କାର୍ଯ୍ୟ—
1. Festivity; joyful meeting; rejoicing.
ମହା ଉଦ୍ଧବରେ ବାଳା ଥିବ ପଦ ଶାଢ଼ୀ
ପିତାମହଠାରୁ ପାଇବାକୁ ପଦ ଲୋଡ଼ି । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । (ନାମ) (ଉଦ୍ + ହୁ ଧାତୁ = ହୋମ କରିବା + କର୍ତ୍ତୃ. ଅ;
ଯେ ହୋମ କରନ୍ତି )—
ଯାଦବଙ୍କ ପୁତ୍ର; ଶ୍ରୀକୃଷ୍ଣଙ୍କର ସଖା—
2. A friend of Śrīkṛushṇa.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ । ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭେଦ ଜାଣି ପାରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାର ଶବ୍ଦ ଖୋଜିଲେ ସେମାନେ ଏ କୋଷରେ ନ ପାଇଲେ ସେହି ଶବ୍ଦ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'ଦୃଶ' ନ ମିଳିଲେ 'ଦୃଶ' ଦେଖିବେ; 'କଂଶୁ' ନ ପାଇଲେ 'କଂଶୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୩ । (ଉତ୍ + ହୁ ଧାତୁ = ହୋମ କରିବା + କର୍ମ. ଅ)—
ଯଜ୍ଞାଗ୍ନି—3. Sacrificial fire.
ଦେ. ବି. ପୁଂ—ଲୋକଙ୍କର ନାମ—
Name given to males.

ଉଦ୍ଧରଣ—ସଂ. ବି. ( ଉତ୍ = ଉପରେ + ହୃ ଧାତୁ = ହରଣ କରିବା + ଭାବ. ଅନ )—
Uddharaṇa
(ଉଦ୍ଧୃତ— ବିଣ) ୧ । ଉଦ୍ଧାର—1. Delivering a person from a calamity.
୨ । ଉତ୍ତୋଳନ—2. Lifting.
୩ । ଋଣଶୋଧ—3 Liquidation of debt.
୪ । ଉନ୍ମୂଳନ—4 Eradication.
୫ । ମୁକ୍ତି—5. Release.
୬ । ବନ୍ଧକ ଦିଆ ଯାଇଥିବା ସମ୍ପତ୍ତିକୁ ମୁକୁଳାଇବା—
6. Redemption of a pledge.

ଉଦ୍ଧରିବା—ଦେ. କ୍ରି. ( ସଂ. ଉଦ୍ଧରଣ )—
Uddharibā ୧ । ଉଦ୍ଧାର କରିବା—1. To rescue.
୨ । ମୁକ୍ତ କରିବା—2. To deliver.
୩ । ଉତ୍ତୋଳନ କରିବା; ଟେକିବା—
3. To lift up.

ଏହା କହି କରିବି ରୂପ ଧରି ହରି
ଧରଣୀକି ଦନ୍ତରେ ଉଦ୍ଧରିଲେ ଉଦ୍ଧରି । କୃଷ୍ଣସିଂହ. ମହାଭାରତ. ବନ ।

୪ । କୌଣସି ଗ୍ରନ୍ଥରୁ ସାର ସଂଗ୍ରହ କରି ଲେଖିବା—
4. To quote.

ସାର ଉଦ୍ଧରି ଦାଣ୍ଡନ୍ତେ, କହନ୍ତି ଶିବ ଭବେଦେ ।
ଜଗନ୍ନାଥ. ଭାଗବତ ।

୫ । ( ଲକ୍ଷଣାର୍ଥ ) ଅନୁନ୍ନତ ଅବସ୍ଥାରୁ ଉନ୍ନତ ଅବସ୍ଥାକୁ ନେବା; ଉଦ୍ଧାର କରିବା—
5. To take a person to a higher condition.

ଉଦ୍ଧରି ଉଦ୍ଧରି ଦେବ ଏହି ପତିତ ଉତ୍କଳେ ।
ମଧୁସୂଦନ—ଉତ୍କଳଗାଥା ।

ଉଦ୍ଧର୍ତ୍ତା—ସଂ. ବିଣ. ପୁଂ. (ଉତ୍ + ହୃ ଧାତୁ = କର୍ତ୍ତୃ. ତୃ. ୧ମା. ୧ବ.)—
Uddhartta ଉଦ୍ଧାରକାରୀ—Delivering; releasing.
(ଉଦ୍ଧର୍ତ୍ତ୍ରୀ—ସ୍ତ୍ରୀ).

ଉଦ୍ଧର୍ଷ—ସଂ. ବି. ( ଉତ୍ = ଅଧିକ + ହର୍ଷ )—
Uddharsha ଉତ୍ସବ—Festivity.

ଉଦ୍ଧର୍ଷଣ—ସଂ. ବି. ( ଉତ୍ = ଅଧିକ + ହୃଷ ଧାତୁ ଣିଚ = ହର୍ଷି ଧାତୁ = ଆନନ୍ଦିତ ହେବା + ଭାବ. ଅନ )—
Uddharshaṇa
ରୋମାଞ୍ଚ; ରୋମାଞ୍ଚିତ ହେବା—
The standing of the hair on end.

ଉଦ୍ଧଲନ—ପ୍ରାଦେ. ( ସମ୍ବଲପୁର ) ବି—
Uddhalana ତରକାରୀକୁ ବାସଯୁକ୍ତ କରିବା ନିମନ୍ତେ ତହିଁରେ ଦିଆ ଯିବା ଅଳେଇଚ, ଡାଳଚିନିଆଦିର ଗୁଣ୍ଡ—
A curry-powder intended to impart flavour to the curry.

ଉଦ୍ଧାନ—ସଂ. ବି. (ଉତ୍ + ଧା ଧାତୁ = ଧାରଣ କରିବା + ଭାବ. ଅନ)—
Uddhāna ଚୁଲ୍ଲୀ—Oven.
ସଂ. ବିଣ—ଉଦ୍ଗୀର୍ଣ୍ଣ; ବମିତ—Vomited.

ଉଦ୍ଧାର—ସଂ. ବି. (ଉତ୍ + ଧୃ ଧାତୁ = ଧରିବା + ଭାବ. ଅ)—
Uddhāra ୧ । ଉତ୍ତୋଳନ—1. Lifting up; pulling out.
୨ । (ହୃ ଧାତୁ = ନେବା; ହରଣ କରିବା + ଭାବ ଅ)—
ମୋଚନ; ପରିତ୍ରାଣ—2. Rescue; deliverance
୩ । ମୁକ୍ତି—3. Release
୪ । ନଷ୍ଟ ବସ୍ତୁର ପ୍ରାପ୍ତି—
4. Recovery ( of something lost. )
୫ । ସମାଜଚ୍ୟୁତ ବ୍ୟକ୍ତିର ସମାଜରେ ପ୍ରବେଶ—
5. Admission of an excommunicated person into society.
୬ । ଲିଖିତ ବା କଥିତ ବିଷୟର କେତେକ ଅଂଶର ପୁନଃ ପ୍ରକାଶ—6. Extract from a writing or a book.
୭ । ( + ହୃ ଧାତୁ + କର୍ମ. ଅ )—
ଅର୍ଥପ୍ରୟୋଗ; ଋଣବ୍ୟବହାର—
7. Loan business; usury.
୮ । ବନ୍ଧକ ବସ୍ତୁକୁ ମୁକୁଳାଇବା—
8. Redemption of a pledge.
୯ । ଭାଗ—9 Portion
ଦେ. ବିଣ—ଉଦ୍ଧାରକାରୀ—Delivering.

ତୁ ନାଥ ସଂସାର ଉଦ୍ଧାର । ଜଗନ୍ନାଥ ଭାଗବତ ।

ଉଦ୍ଧାରକ—ସଂ. ବିଣ. ପୁଂ (ଉତ୍ + ଧୃ ଧାତୁ + କର୍ତ୍ତୃ. ଅକ)—
Uddhāraka ଉଦ୍ଧର୍ତ୍ତା; ଉଦ୍ଧାରକାରୀ—Delivering.
(ଉଦ୍ଧାରିକା—ସ୍ତ୍ରୀ)

ଉଦ୍ଧାର କରିବା—ଦେ. କ୍ରି—୧ । କୌଣସି କଷ୍ଟ ବା ବିପଦରୁ ମୁକ୍ତ କରିବା—1. To deliver a man from some calamity.
Uddhāra karibā
उद्धारकरा.
धारकरा ୨ । କୌଣସି ବ୍ୟକ୍ତିଠାରୁ ବିନା ସୁଧରେ ଟଙ୍କାପଇସା ଋଣ କରିବା; ଉଧାର ନେବା—2 To borrow without interest.

ଉଦ୍ଧାରଚିହ୍ନ—ଦେ. ବି—କୌଣସି କଥିତ ବା ଲିଖିତ ବିଷୟରୁ ଉଦ୍ଧୃତ ଅଂଶର ଆଦ୍ୟରେ ଏବଂ ଶେଷରେ ବ୍ୟବହୃତ ଚିହ୍ନ—Quotation marks.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଶ,ଷ | ଙ୍କ | ଇଂ | ଇଅ | ୟ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗିଂ | ଇଅ | ଙ୍ଗ | ନୃ |

ଉଦ୍ଧାରଣ—ଦେ. ବ ( ସଂ. ଉଦ୍ଧରଣ )—ଉଦ୍ଧରଣ ( ଦେଖ )
Uddhārana Uddharana ( See )
ଦେ. ବଣ—ଉଦ୍ଧାରକ—Delivering.

ତୁ ସେ ନାରାୟଣ ପ୍ରଭୁ ଜଗତର ପତି,
ଜଗତର ଉଦ୍ଧାରଣ ତୁ ସେ ଦାଶରଥି । ବଳରାମ. ରାମାୟଣ. ଆଦି ।

ଉଦ୍ଧାର ପାଇବା—ଦେ. କ୍ରି—ବିପଦରୁ ମୁକ୍ତ ହେବା—
Uddhāra pāibā To be delivered of a
উদ্ধার পাওয়া calamity.

ଉଦ୍ଧାର ହେବା—ଦେ. କ୍ରି—ଉଦ୍ଧାର ପାଇବା ( ଦେଖ )
Uddhāra hebā Uddhāra pāibā ( See)

ଉଦ୍ଧାରିବା—ଦେ. କ୍ରି—୧ । ଉଦ୍ଧାର କରିବା—1. To deliver a
Uddhāribā man from a calamity.
উধরা ୨ । ମୁକ୍ତ କରିବା—2. To release.
୩ । ଟେକି ଧରିବା—3. To hold up.

ନବଚରଣ ଉଣାକାନ୍ତିଂ ଅକ୍ଷ ଜଣା
ନଖାଗ୍ରେ ଉଦ୍ଧାରିଲ ଗୋବର୍ଦ୍ଧନ—କବିସୂର୍ଯ୍ୟ, କଳୋପଲତାମୁ. ନ. ଗୀତ ।

ଉଦ୍ଧୁର—ସଂ. ବଣ ( ଉତ୍+ଧୁର )—୧ । ଦୃଢ଼—1. Firm.
Uddhura ୨ । ନିର୍ଭର—2. Independent.
୩ । ଦୁଃସହ—3. Unbearable.

ଉଦ୍ଧୂତ—ସଂ. ବଣ ( ଉତ୍+ଧୂ ଧାତୁ=କମ୍ପିବା+କର୍ମ. ତ )—
Uddhūta ୧ । ଉତ୍କ୍ଷିପ୍ତ—1. Tossed up.
୨ । ଉତ୍କମ୍ପିତ; ନିରସ୍ତ—2. Taken aback; dumbfounded; struck with consternation.

ଉଦ୍ଧୂନନ—ସଂ. ବଣ ( ଉତ୍+ଧୂ ଧାତୁ=କମ୍ପିବା+ଭାବ. ଅନ )—
Uddhūnana ୧ । ଉତ୍କ୍ଷେପଣ—1. Tossing up
୨ । କମ୍ପନ—2. Shaking.

ଉଦ୍ଧୂପନ—ସଂ. ବ ( ଉତ୍+ଧୂ ଧାତୁ ଣିଚ=ଧୂପି ଧାତୁ=କମ୍ପାଇବା+
Uddhūpana ଭାବ. ଅନ )—୧ । ଊର୍ଦ୍ଧ୍ୱେ ସଂଚାଳନ—
1 Brandishing
୨ । ଉତ୍କ୍ଷେପଣ—2. Throwing upwards.
ସଂ. ବଣ—୧ । କମ୍ପନପ୍ରବର୍ତ୍ତକ—
1. Causing vibration.
୨ । ସଞ୍ଚାଳକ—2. Moving.

ଉଦ୍ଧୂଳନ—ସଂ. ବ ( ଉତ୍=ଉପରେ+ଧୂଳ ଧାତୁ=ମର୍ଦ୍ଦନ କରିବା+
Uddhūlana ଭାବ. ଅନ )—୧ । ଧୂଳିଦ୍ୱାରା ମର୍ଦ୍ଦନ—
1. Rubbing with dust
୨ । ଚୂର୍ଣ୍ଣ କରିବା—2. Pulverising.

ଉଦ୍ଧୂଷଣ—ସଂ. ବ (ଉତ୍+ଧୂଷ ଧାତୁ=ରୋମାଞ୍ଚହେବା+ଭାବ. ଅନ)—
Uddhūshana ରୋମାଞ୍ଚ; ପୁଲକୋଦ୍ଗମ—Standing of the hair on end on account of extreme delight.

ସ. ବଣ—୧ । ( +କର୍ତ୍ତୃ. ଅନ )—ରୋମାଞ୍ଚିତ—
1. Having the hair standing on end.
୨ । ପୁଲକିତ—2. Delighted.

ଉଦ୍ଧୃତ—ସଂ. ବଣ. (ଉତ୍+ଧୃ ଧାତୁ=ଧରିବା+କର୍ମ. ତ)—
Uddhṛuta ୧ । ପୁନର୍ବାର ଅଧିକୃତ—
1. Recovered; regained.
୨ । ଉତ୍ଥାପିତ—2. Placed on.
୩ । ସମାଜରେ ଗୃହୀତ—3. Admitted to society.
୪ । ଉତ୍ତୋଳିତ—4. Lifted up; taken up; picked up
୫ । (ଉତ୍+ହୃ ଧାତୁ+କର୍ମ. ତ)—ଉନ୍ମୋଚିତ—
5. Released; delivered; redeemed.
୬ । କୌଣସି କଥିତ ବା ଲିଖିତ ବିଷୟରୁ ସଂଗୃହୀତ—
6. Quoted; extracted from some writing or saying.

ଉଦ୍ଧୃତଚିହ୍ନ—ଦେ. ବ.—ଉଦ୍ଧାର ଚିହ୍ନ (ଦେଖ)
Uddhṛuta chihna Uddhāra chihna (See)

ଉଦ୍ଧୃତାଂଶ—ସଂ. ବ. (ଉଦ୍ଧୃତ+ଅଂଶ)—କୌଣସି କଥିତ ବା ଲିଖିତ
Uddhṛutāmśa ବିଷୟର ସଂଗୃହୀତାଂଶ—An extract; a portion or passage quoted from some other writing or saying.

ଉଦ୍ଧୃଷ୍ଟ—ସଂ. ବଣ (ଉତ୍=ଅତ୍ୟନ୍ତ+ହୃଷ୍ଟ)—୧ । ଅତି ହୃଷ୍ଟ—
Uddhṛushta 1. Overjoyed.
୨ । ରୋମାଞ୍ଚିତ—2 With hair standing on end.

ଉଦ୍ଧ୍ମାନ—ସଂ. ବ. ( ଉତ୍+ଧ୍ମା=ନିଆଁ ଲଗାଇବା+ଅଧିକରଣ. ଅନ )—
Uddhmāna ଚୁଲି—Oven; grate.

ଉଦ୍ବଗ—ଦେ. ବ.—ଗୁଆ (ଯଦୁମଣି. ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର)—
Udbaga Betel-nut.

ଉଦ୍ବଦ୍ଧ—ସଂ. ବଣ. ( ଉତ୍=ଉପରେ; ବୈପରୀତ୍ୟ+ବନ୍ଧ ଧାତୁ=
Udbaddha ବାନ୍ଧିବା+କର୍ମ. ତ)—୧ । ଊର୍ଦ୍ଧ୍ୱରେ ବଦ୍ଧ; ଟଙ୍ଗା ହୋଇଥିବା—1. Tied up or upward.
୨ । ବନ୍ଧନମୁକ୍ତ—2. Freed from a bond.

ଉଦ୍ବନ୍ଧକ—ସଂ. ବ. (ଉତ୍=ଅଧିକ+ବନ୍ଧ ଧାତୁ=ବାନ୍ଧିବା+କର୍ତ୍ତୃ. ଅକ)—
Udbandhaka ବର୍ଣ୍ଣସଙ୍କର ଜାତିବିଶେଷ—
1. A hy-bird caste.
୨ । ଧୋବା—2. Washerman.

ଉଦ୍ବନ୍ଧନ—ସଂ. ବ. (ଉତ୍+ବନ୍ଧ ଧାତୁ=ବାନ୍ଧିବା+ଭାବ. ଅନ)—
Udbandhana ୧ । ଦଉଡ଼ିଦ୍ୱାରା ଉପରୁ ଝୁଲାଇବା; ଟାଙ୍ଗିବା—
1. Act of suspending or hanging.

ସାଧାରଣ ରେଫ ଅପର ସ୍ଥାନରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ଥାନ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଖୋଜିଲେ, ସେହେ ଏ ଲକ୍ଷଣକୋଷରେ ନ ମିଳେ, ତେବେ ସେହି ଶବ୍ଦଟିକୁ ଉଣାଙ୍କରେ ଉଲ୍ଲିଖିତ ରେଫଯୁକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାର' ନ ମିଳିଲେ 'ସାର୍' ଖୋଜିବେ; 'ଭ୍ରମ' ନ ମିଳିଲେ 'ଭ୍ରମ' ଦେଖିବେ; 'ବର୍ଷ' ନ ପାଇଲେ 'ବର୍ଷ' ଦେଖିବେ; 'ଅର୍ଥ' ନ ପାଇଲେ 'ଅର୍ଥ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୨ । ବେକରେ ଦଉଡ଼ି ଲଗାଇ ଝୁଲିବା—2. Hanging by the neck.
୩ । ଅପରାଧୀର ଗଳାରେ ଫାଶି ଲଗାଇବା—3. The hanging of a criminal
(ଯଥା—ଉଦ୍ବନ୍ଧନ ମୃତ୍ୟୁ=ଦଉଡ଼ି ଲଗାଇ ମରିବା; ରାଜାଜ୍ଞାରେ ଅପରାଧରେ ଫାଶି ପାଇବାଦ୍ୱାରା ମୃତ୍ୟୁ)

**ଉଦ୍ବମ**—ସଂ. ବି. (ଉତ୍+ବମ ଧାତୁ+ଭାବ. ଅ)—
Udbama ୧ । ଉଦ୍ଗିରଣ; ବାନ୍ତି—1. Vomiting.
୨ । ବାନ୍ତିଭାବ—2. Retching; belching.

**ଉଦ୍ବମନ**—ସଂ. ବି.—ଉଦ୍ବମ (ଦେଖ)
Udbamana Udbama (See)

**ଉଦ୍ବମିତ**—ସଂ. ବିଣ. (ଉତ୍+ବମିତ)—୧ । ଉଦ୍ଗୀର୍ଣ୍ଣ; ବାନ୍ତି କରାଯିବା—1. Vomited
Udbamita
୨ । ବାନ୍ତି ମାରୁଥିବା—2. Belching.

**ଉଦ୍ବର୍ତ୍ତ**—ସଂ. ବି. (ଉତ୍+ବୃତ ଧାତୁ=ହେବା+ଭାବ. ଅ)—
Udbartta ୧ । ଅତିରେକ; ଅବଶେଷ—1. What is left over; remainder.
(ଉଦ୍ବର୍ତ୍ତି—ବିଣ)
୨ । ବଳି ପଡ଼ିଥିବା ଅଂଶ—2. Surplus; excess.
ସଂ. ବିଣ. (+କର୍ମ. ଅ)—ଅତ୍ୟଧିକ; ପ୍ରୟୋଜନାତିରିକ୍ତ—Plentiful; more than sufficient.

**ଉଦ୍ବର୍ତ୍ତନ**—ସଂ. ବି. (ଉତ୍=ଉପରେ+ବୃତ୍ ଧାତୁ=ଲେପନ କରିବା+ଭାବ. ଅନ)—୧ । ଗନ୍ଧଦ୍ରବ୍ୟଦ୍ୱାରା ଗାତ୍ରମାର୍ଜ୍ଜନ; ବିଲେପନ—1. Anointing; rubbing the body with perfumes or unguent.
Udbarttana
୨ । ଓଲଟପାଲଟ କରିବା—2. Turning over.
୩ । ଅଉଟିବା—3. Stirring.
୪ । ଉତ୍ଥାପନ; ଉପରକୁ ଉଠିବା—4 Going up; rising.
୫ । ବଳି ପଡ଼ିବା—5 Standing in excess.
୬ । (ଉତ୍+ବୃତ ଧାତୁ; ଣିଚ୍=ବଳପଡ଼ିବା+କରଣ.ଅନ)-ବିଲେପନ ଦ୍ରବ୍ୟ—6. Ointment; unguent.

**ଉଦ୍ବର୍ତ୍ତିତ**—ସଂ.ବିଣ.(ଉତ୍=ଉପରକୁ+ବୃତ ଧାତୁ ଣିଚ+କର୍ମ. ତ)—
Udbarttita ୧ । ଗନ୍ଧ ଦ୍ରବ୍ୟ ଦ୍ୱାରା ସୁବାସିତ (ଲେପନଦ୍ରବ୍ୟ)—1 Perfumed; scented (unguent).
୨ । ଉତ୍ଥିତ; ଉତ୍ତୋଳିତ—2. Elevated
୩ । ଅଉଟା ହେବା—3. Stirred up.

**ଉଦ୍ବହ**—ସଂ. ବି. (ଉତ୍=ଉପରେ+ବହ୍ ଧାତୁ=ବହନ କରିବା+କର୍ତ୍ତୃ. ଅ)—୧ । ସନ୍ତାନ; ବଂଶଧର—1. Progeny; offspring.
Udbaha
(ଉଦ୍ବହା—ସ୍ତ୍ରୀ)
୨ । ନାୟକ—2 Hero of a play or subject.
୩ । ବାୟୁବିଶେଷ—3. A kind of wind.
୪ । ବିବାହ—4 Marriage.
ବିଣ—ଉତ୍ପାଦକ—Producing

**ଉଦ୍ବହନ**—ସଂ. ବି. (ଉତ୍=ଉପରେ+ବହନ=ବୋହିବା)—
Udbahana ୧ । ବିବାହ—1. Marriage.
୨ । ଉପରେ ବହିବା—2. Carrying over.

**ଉଦ୍ବାନ୍ତ**—ସଂ. ବିଣ. ପୁଂ (ଉତ୍=ଉପରକୁ+ବମ୍ ଧାତୁ=ବାନ୍ତି କରିବା+କର୍ମ. ତ)—
Udbānta
୧ । ବମିତ; କୃତବମନ; ଉଦ୍ଗୀର୍ଣ୍ଣ—1 Vomited.
୨ । ଉଦ୍ଗତ—2. Come out.
ବି—ମଦସ୍ରାବ ହସ୍ତୀ; ଦୁର୍ମଦ ହସ୍ତୀ—An elephant who has passed the season of rut.

**ଉଦ୍ବାପ**—ସଂ. ବି. (ଉତ୍+ବପ ଧାତୁ+ଅ)—
Udbāpa ଓଲଟପାଲଟ, ଲେଉଟପାଉଟ—A toss; throwing upwards.

**ଉଦ୍ବାସନ**—ସଂ. ବି. (ଉତ୍=ଉପରକୁ+ବସ ଧାତୁ; ରୁ ଣିଚ ବାଦି ଧାତୁ+ଭାବ. ଅନ)—୧ । ବିସର୍ଜ୍ଜନ—1. Relinquishment
Udbāsana
୨ । ଅଗ୍ନ୍ୟାଧାନର ଅଙ୍ଗସ୍ୱରୂପ ସଂସ୍କାରବିଶେଷ—2. A ceremony for consecrating the sacrificial fire-pot.
୩ । ମାରଣ; ବଧ—3 Killing.

**ଉଦ୍ବାସ୍ତୁ**—ସଂ. ବି. (ଉତ୍+ବାସ୍ତୁ=ଗୃହସୀମା)—
Udbāstu ଘରବାଡ଼ିର ଖୁରପାଖ ଜମି—Land adjoining the homestead.
ଦେ. ବିଣ—ନିଜ ଘରବାଡ଼ିରୁ ବେଦଖଲ କରାଯାଇଥିବା—Ejected or ousted from one's own homestead.

**ଉଦ୍ବାହ**—ସଂ. ବି. (ଉତ୍=ଉପରେ+ବହ୍ ଧାତୁ=ବହନ କରିବା+ଭାବ. ଅ)—ବିବାହ; ପରିଣୟ—
Udbāha Marriage; matrimony.

**ଉଦ୍ବାହନ**—ସଂ. ବି. (ଉତ୍=ଉପରେ+ବହ୍ ଧାତୁ=ବହନ କରିବା+ଭାବ ଅନ) ୧ । ଦ୍ୱିବାର କର୍ଷଣ—1. Tilling twice.
Udbāhana
୨ । ବିବାହଦାନ—2. Giving in marriage.
୩ । ଉଦ୍ଧାରସାଧନ—3. Rescuing.

**ଉଦ୍ବାହିତ**—ସଂ. ବିଣ. ପୁଂ. (ଉତ୍+ବହ ଧାତୁ ଣିଚ+କର୍ମ. ତ)—
Udbāhita ବିବାହିତ—Married.
(ଉଦ୍ବାହିତା—ସ୍ତ୍ରୀ)

**ଉଦ୍ବାହୁ**—ସଂ. ବିଣ. (ବହୁବ୍ରୀହି; ଉତ୍+ବାହୁ)—
Udbāhu ୧ । ଊର୍ଦ୍ଧ୍ୱବାହୁ; ଯାହାର ବାହୁ ଉପରକୁ ଟେକା ହୋଇଅଛି—1. With uplifted arms; with hands raised up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଳ | ଶ,ଷ | ଜ୍ଞ | ଇୟ | ଉଅ | ଭଁ |
| ୨ | ଈ | ଉ | ଋ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ୍ୱ | ନ୍ |

୨ । ଉତ୍କଣ୍ଠିତ—2. Eager.

୩ । ପ୍ରେମରେ ଉନ୍ମତ୍ତ—3. Maddened with love.

୪ । ଆନନ୍ଦରେ ଅଧୀର—4. Dancing with joy.

**ଉଦ୍ବାହ୍ୟା**—ସଂ. ବଣ. ( ଉଦ୍ବାହ + ଯୋଗ୍ୟାର୍ଥେ. ଯ ସ୍ତ୍ରୀ. ଆ )—
Udbāhyā ବିବାହଯୋଗ୍ୟା (କନ୍ୟା)—
Marriageable ( girl ).

**ଉଦ୍ବିଗ୍ନ**—ସଂ. ବଣ. (ଉତ୍ + ବିଜ ଧାତୁ = ଭୟ କରିବା + କର୍ତ୍ତୃ. ତ)—
Udbigna ୧ । ଉତ୍କଣ୍ଠିତ—1. Anxious; uneasy.
(ଉଦ୍ବେଗ—ବି) ୨ । କ୍ଷୁଭିତ—
Troubled; dejected; perplexed.

**ଉଦ୍ବିଗ୍ନମନା**—ସଂ. ବଣ. ( ବହୁବ୍ରୀହି; ଉଦ୍ବିଗ୍ନ + ମନଃ )—
Udbignamanā ଉତ୍କଣ୍ଠିତ—Troubled in mind.

**ଉଦ୍ବିଡାଲ**—ସଂ. ବି. ( ଉଦ୍ = ଜଳ + ବିଡାଲ = ବିରାଡ଼ି )—
Udbidāla ଓଧ—Otter.
(ଉଦ୍ବିଡାଲୀ—ସ୍ତ୍ରୀ)

**ଉଦ୍ବୀକ୍ଷଣ**—ସଂ. ବି. ( ଉଦ୍ = ଉପରକୁ + ଈକ୍ଷଣ = ଚାହିଁବା )—
Udbīkshaṇa ୧ । ଉପରକୁ ଚାହିଁବା—1. Looking up.
୨ । ଚାହିଁବା 2. Looking at.

**ଉଦ୍ବୀତ**—ସଂ. ବଣ. ( ଉତ୍ + ବି + ଇ ଧାତୁ = ଗତି କରିବା + କର୍ମ.
Udbīta ତ )—୧ । ଉଦ୍ଗତ—1. Risen up
୨ । ପ୍ଲାବିତ—2. Flooded.
୩ । ଉଚ୍ଛଳିତ—3. Overflowing.

**ଉଦ୍ବୁଦ୍ଧ**—ସଂ. ବଣ. ( ଉତ୍ + ବୁଧ ଧାତୁ = ଚେଇଁବା; ନିଦରୁ ଉଠିବା;
Udbuddha ଜାଣିବା + କର୍ମ. ତ )—
୧ । ବିକଶିତ; ପ୍ରସ୍ଫୁଟିତ—1. Opened.
୨ । ଜାଗରିତ—2. Awakened.
୩ । ଉଦିତ—3 Risen.
୪ । ଅନୁସୃତ—4. Followed.
୫ । ମନେ ପଡ଼ିଥିବା—
5. Remembered; recollected.

**ଉଦ୍ବୃତ୍ତ**—ସଂ. ବଣ. ( ଉତ୍ = ଅଧିକ + ବୃତ ଧାତୁ = ରହିବା + କର୍ମ.
Udbrutta ତ )—୧ । ଅତିରିକ୍ତ; ଅବଶିଷ୍ଟ ରହିଯାଇଥିବା;
(ଉଦ୍ବର୍ତ୍ତନ—ବି) ବଳି ପଡ଼ିଥିବା—
1. Left as surplus or remainder.
୨ । ଜାତ—2. Begotten.
୩ । କ୍ଷୁଭିତ—3. Agitated.
୪ । ଉତ୍କ୍ଷିପ୍ତ 4. Yossed up.
୫ । ଉଦ୍ଘୃଷ୍ଟିତ—5. Churned
୬ । ବମିତ 6 Vomited.
୭ । (+କର୍ତ୍ତୃ. ତ)—ଉତ୍ଥିତ—7 Risen up.
୮ । ( ବହୁବ୍ରୀହି; ଉତ୍ = ଉଦ୍ଗତ + ବୃତ୍ତ = ଚରିତ୍ର )—
ଦୁର୍ବୃତ୍ତ 8. Vile; unruly.

**ଉଦ୍ବେଗ**—ସଂ. ବି. ( ଉତ୍ + ବିଜ୍ ଧାତୁ = ଭୟ କରିବା + ଭାବ. ଅ )—
Udbega ୧ । ତ୍ୱରା—1. Haste.
(ଉଦ୍ବିଗ୍ନ—ବଣ) ୨ । ଚିନ୍ତା; ଉତ୍କଣ୍ଠା—
2. Anxiety; perplexity; uneasiness,
୩ । ମନର ଆବେଗ—3 Emotion.
୪ । କ୍ଷୋଭ; ମନୋଦୁଃଖ—4. Grief; sorrow.
୫ । ଆକୁଳତା—5. Excitement; agitation.
୬ । ଉଦ୍ଗମନ—6. Ascension; going forth.
୭ । ବିରହଜନିତ ଦୁଃଖ—
7. Grief of parted lovers.
୮ । ଗୁଆକଫଳ 8. Betel-nut.
୯ । କମ୍ପନ—9 Trembling ( M. W. )
୧୦ । ଊର୍ଦ୍ଧ୍ୱବାହୁ ସନ୍ନ୍ୟାସୀ—
10. An ascetic with lifted arms (M.W)

ଦେ. ବି.—ଆସନ୍ନ ପ୍ରସବ କରିବାର ଅବସ୍ଥା—
The state of impending confinement; the state of being advanced in pregnancy.

ସଂ ବଣ—୧ । ବେଗବାନ୍—1. Having speed; active
୨ । ଶାନ୍ତ; ନିଶ୍ଚିନ୍ତ—
2 Composed; tranquil ( M. W. )
୩ । ସ୍ଥିର—3. Steady ( M W )
୪ । ଉଦ୍ବିଗ୍ନ—4. Restless; anxious.
ବୈଷ୍ଣବ ସର୍ବ ଲୋକ ହୁଅନ୍ତି; ଉଦ୍ବେଗ ନୋହି କଦାଚିତେ ।
ଜଗନ୍ନାଥ. ଭାଗବତ ।
୫ । ଉପରକୁ ଉଠୁଥିବା—
5 Ascending; mounting ( M. W. )
୬ । ଥରୁଥିବା—6. Trembling ( M. W. )

**ଉଦ୍ବେଗୀ**—ଦେ. ବଣ—ଉଦ୍ବେଗଯୁକ୍ତ; ତତ୍ପର—Ready.
Udbegī ବଧାନ୍ୟ ଏ ରାଜା ଧର୍ମେ ଉଦ୍ବେଗୀ—ଉପେ. ବୈଦେହୀଶବିଳାସ ।

**ଉଦ୍ବେଜକ**—ସଂ. ବଣ. ପୁଂ. ( ଉତ୍ + ବିଜ ଧାତୁ = ଭୟ କରିବା + କର୍ତ୍ତୃ ଅକ )—
Udbejaka
୧ । ଉଦ୍ବେଗକାରକ; ବିରକ୍ତିଜନକ—
1. Causing anxiety or uneasiness.
୨ । ଭୟପ୍ରଦର୍ଶକ—2. Frightening.

**ଉଦ୍ବେଜନ**—ସଂ. ବି. ଉତ୍ + ବିଜ ଧାତୁ = ଭୟ କରିବା + ଭାବ. ଅନ)—
Udbejana ୧ । ଭୟପ୍ରଦର୍ଶନ—1. Frightening.
୨ । ଉଦ୍ବେଗ—2. Anxiety; perplexity
୩ । ଉଦ୍ବେଗଜାତକରଣ—
3. Causing anxiety.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ଭୟ—4. Fright.
୫ । କମ୍ପନ—5. Trembling.
୬ । କଷ୍ଟ—6. Uneasiness.
ସଂ. ବିଣ. ( +କର୍ତ୍ତୃ. ଅନ )—ଭୟପ୍ରଦର୍ଶକ; ଉଦ୍ବେଜନକାରୀ—Frightening; exciting; afflicting.

**ଉଦ୍ବେଜୟିତା**—ସଂ. ବିଣ. ( ଉତ୍+ବିଜ ଧାତୁ. ଣିଚ=ବେଜ ଧାତୁ =ଭୟ କରାଇବା+କର୍ତ୍ତୃ. ତୃ; ୧ମା. ୧ବ )—
Udbejayitā
(ଉଦ୍ବେଜୟିତ୍ରୀ—ସ୍ତ୍ରୀ) ଉଦ୍ବେଜକ (ଦେଖ)—Udbejaka (See)

**ଉଦ୍ବେଜିତ**—ସଂ. ବିଣ ( ଉତ୍+ବିଜ ଧାତୁ ଣିଚ=ଭୟ କରାଇବା+କର୍ମ. ତ )—୧ । ଉଦ୍ବିଗ୍ନ—
Udbejita
1. Afflicted; perplexed.
୨ । ଉତ୍ପୀଡ଼ିତ—2. Oppressed.
୩ । ଭୟପ୍ରାପିତ; ଯାହାଙ୍କ ପ୍ରତି ଭୟ ପ୍ରଦର୍ଶିତ ହୋଇଥାଏ—
3. Affrighted; frightened.
୪ । ଉତ୍ତେଜିତ—4. Excited.

**ଉଦ୍ବେୟ**—ସଂ. ବିଣ. (ଉତ୍+ବେ ଧାତୁ=ବସ୍ତ୍ରାଦ ବୁଣିବା+କର୍ମ. ଯ)—
Udbeya ୧ । ବାୟୁ ସହିତ ମିଶ୍ରଣୀୟ—
1. Which can mix with air.
୨ । ଯାହା ଖର ବା ପବନରେ ଉଡ଼ିଯାଏ—
2. Volatile.

**ଉଦ୍ବେଳ**—ସଂ. ବିଣ ( ଉତ୍=ଅତିକ୍ରାନ୍ତ+ବେଲା=ସୀମା ବା ତୀର +ଅ )—୧ । ସୀମାତିକ୍ରାନ୍ତ; ଉଚ୍ଛଳିତ—
Udbela
1. Overflowed.
୨ । କୂଳକୁ ଉଚ୍ଛୁଳୁଥିବା—
2. Overflowing; overtopping the banks.

**ଉଦ୍ବେଳିତ**—ସଂ. ବିଣ. (ଉତ୍=ଅତିକ୍ରାନ୍ତ+ବେଲା=ସୀମା ବା ତଟ+ଇତ )—ଉଦ୍ବେଳ (ଦେଖ)—Udbela (See)
Udbelita

**ଉଦ୍ବୋଧ**—ସଂ. ବି. ( ଉତ୍+ବୁଧ ଧାତୁ+ଭାବ. ଅ )—
Udbodha ୧ । ଈଷତ୍ ଜ୍ଞାନ—
(ଉଦ୍ବୁଦ୍ଧ—ବିଣ) 1. A little knowledge.
୨ । ସଂସ୍କାରୋଦ୍ଦୀପନ—
2. Excitement for reform.
୩ । ଅନୁସ୍ମରଣ—3. Recollection.

**ଉଦ୍ବୋଧକ**—ସଂ. ବିଣ. ପୁଂ. ( ଉତ୍+ବୁଧ ଧାତୁ ଣିଚ=ଜଣାଇବା +କର୍ତ୍ତୃ. ଅକ )—୧ । ସ୍ମାରକ—
Udbodhaka
( ଉଦ୍ବୋଧିକା—ସ୍ତ୍ରୀ ) 1. Reminding; calling to remembrance.
୨ । ଜ୍ଞାନୋତ୍ପାଦକ—2. Causing perception.
୩ । ଯେ ଜାଗରିତ କରାଏ—
3. Rousing; awakening a person.
୪ । ତିରସ୍କାରକ—4. Admonishing.
୫ । ଉତ୍ତେଜକ—5. Exciting.

**ଉଦ୍ବୋଧନ**—ସଂ. ବି. ( ଉତ୍+ବୁଧ୍ ଧାତୁ ଣିଚ=ଜଣାଇବା+ଭାବ. ଅନ )—୧ । ଜ୍ଞାପନ; ଜ୍ଞାନୋତ୍ପାଦନ—
Udbodhana
1. Bringing to mind; reminding.
୨ । କୌଣସି ବିଷୟକୁ ସ୍ମରଣରେ ଆଣିବା—
2. Act of recollecting a thing.
୩ । ବୋଧ ଜନ୍ମାଇବା—
3. Conceiving a thing in the mind.
୪ । ନିଦ୍ରାରୁ ଉଠାଇବା—
4. Awakening or rousing from sleep.
ବିଣ.—୧ । (+କର୍ତ୍ତୃ. ଅନ) —ଜ୍ଞାପକ—1. Reminding.
୨ । ଜ୍ଞାନୋତ୍ପାଦକ—2. Recalling.
୩ । ନିଦ୍ରା ଭଙ୍ଗାଇବା ( ଲୋକ )—
3. person) Rousing from sleep.

**ଉଦ୍ଭଟ**—ସଂ. ବିଣ. ( ଉତ୍=ଉଚ୍ଚ+ଭଟ ଧାତୁ=ଇଚ୍ଛା କରିବା+କର୍ତ୍ତୃ. ଅ )—୧ । ଉତ୍କଟ—1. Violent.
Udbhata
( ଉଦ୍ଭଟା—ସ୍ତ୍ରୀ ) ୨ । ପ୍ରସିଦ୍ଧ—
2. Current; popular; well known.
୩ । ଉଦାର; ଉଚ୍ଚମନା—
3. High minded; magnanimous.
୪ । ଉଚ୍ଚ—4. Exalted.
୫ । ଶ୍ରେଷ୍ଠ; ଉତ୍କୃଷ୍ଟ—5. Excellent; magnificent.
୬ । ପୁସ୍ତକ ବହିର୍ଭୂତ ଚଳନ୍ତି ସୂକ୍ତି—6. Unwritten but current (couplets or passages); not to be found in any book but well known and trite (sayings or slokas) ( ଯଥା—ଉଦ୍ଭଟ ଶ୍ଳୋକ; ଉଦ୍ଭଟ କବିତା । )
ବି—୧ । କଚ୍ଛପ—1. Tortoise.
୨ । ସୂର୍ଯ୍ୟ—2. The sun.

**ଉଦ୍ଭବ**—ସଂ. ବି ( ଉତ୍=ଉପର+ଭୂ ଧାତୁ=ହେବା+ଭାବ. ଅ )—
Udbhaba ଉତ୍ପତ୍ତି; ଜନ୍ମ—Generation; origin.
(ଉଦ୍ଭୂତ—ବିଣ) ବିଣ. (+କର୍ତ୍ତୃ. ଅ)—ଉତ୍ପନ୍ନ—Produced.

**ଉଦ୍ଭାବ**—ସଂ. ବି ( ଉତ୍=ଉପର+ଭୂ ଧାତୁ ଣିଚ=ସଞ୍ଚାଇବା+ ଅ )—୧ । ଉପରକୁ ଉଠିବା ପଦାର୍ଥ—
Udbhāba
1. A thing which tends upwards.
୨ । ଗରମି—2. Heat.
୩ । ବାଷ୍ପ; ବାମ୍ଫ—3. Vapour; steam.

**ଉଦ୍ଭାବକ**—ସଂ. ବିଣ. ପୁଂ. ( ଉତ୍+ଭୂ ଧାତୁ ଣିଚ୍+କର୍ତ୍ତୃ. ଅକ )—
Udbhābaka ଆବିଷ୍କର୍ତ୍ତା—Inventor; designer.
(ଉଦ୍ଭାବିକା—ସ୍ତ୍ରୀ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଦ୍ଧ | ଉଥ | ଘ |
| ୨ | ଈ | ଊ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଗଁ୍ୟ | ଇଥ | ଓ୍ୱ | ନ୍ତ |

ଉଦ୍ଭାବନ—ସଂ. ବି ( ଉତ୍=ଉପର + ଭୂ ଧାତୁ ଣିଚ=ଘଟାଇବା + ଭାବ. ଅନ )—୧ । କଳ୍ପନା—1. Imagination; excogitation.
Udbhābana
(ଉଦ୍ଭାବିତ—ବିଣ)
୨ । ଉଦ୍ଘାଟନ; ଅଜ୍ଞାତ ବିଷୟର ପ୍ରକାଶ—2. Invention
[ ଦ୍ର—ଯାହା ପୂର୍ବେ ଥିଲା, ମାତ୍ର ଲୋକେ ଜାଣି ନ ଥିଲେ ତାହା ପ୍ରକାଶ କରିବାକୁ ଅବିଷ୍କାର କହନ୍ତି । ମାତ୍ର ଯାହା ଆଗେ ନ ଥିଲା ବର୍ତ୍ତମାନ ପ୍ରକାଶିତ ହେଲା ତାହାକୁ ଉଦ୍ଭାବନ କହନ୍ତି । ଯେପରି କଲମ୍ବସ୍ ଆମେରିକା ଅବିଷ୍କାର କରିଥିଲେ; ନିଉଟନ୍ ଜଳଘଟିକାଯନ୍ତ୍ର ଉଦ୍ଭାବନ କରିଥିଲେ । ]
୩ । ଚିନ୍ତନ—3. Devising; thinking out.
ବିଣ ( + କର୍ତ୍ତୃ. ଅନ )—ଉଦ୍ଭାବନକାରୀ; ଚିନ୍ତାକାରୀ; ଉଦ୍ଭାବକ—Inventing.

ଉଦ୍ଭାବନୀୟ—ସଂ. ବିଣ (ଉତ୍=ଉପରକୁ + ଭୂ ଧାତୁ ଣିଚ=ଭାବ ଧାତୁ + କର୍ମ. ଅନୀୟ )—ପ୍ରକାଶ ବା ଉଦ୍ଭାବନର ଯୋଗ୍ୟ—Fit to be devised or invented.
Udbhābaniya

ଉଦ୍ଭାବିତ—ସଂ. ବିଣ ( ଉତ୍+ଭୂ ଧାତୁ ଣିଚ + କର୍ମ. ତ )—ଯାହାର ଉଦ୍ଭାବନ ହୋଇଅଛି; ପ୍ରକାଶିତ—Devised; invented.
Udbhābita
(ଉଦ୍ଭାବନ—ବି)

ଉଦ୍ଭାସ—ସଂ ବି. ( ଉତ୍=ଅଧିକ + ଭାସ୍ ଧାତୁ=ଦୀପ୍ତି ପାଇବା+ଭାବ. ଅ )—୧ । ଦୀପ୍ତି—1. Lustre.
Udbhāsa
୨ । ପ୍ରକାଶ—2. Manifestation.
୩ । ଶୋଭାପାଇବା—3 Shining.

ଉଦ୍ଭାସକ—ସଂ. ବିଣ ( ଉତ୍+ଭାସ୍=ଦୀପ୍ତିପାଇବା+କର୍ତ୍ତୃ. ଅକ)—
Udbhāsaka ୧ । ଉଦ୍ଦୀପକ—1. Exciting.
୨ । ଉଜ୍ଜ୍ୱଳକର; ଯେ ଉଦ୍ଭାସନ କରେ—2. Illuminating.

ଉଦ୍ଭାସନ—ସଂ. ବି (ଉତ୍+ ଭାସ୍ ଧାତୁ=ଦୀପ୍ତିପାଇବା + ଭାବ. ଅନ)—
Udbhāsana ୧ । ଦୀପ୍ତି—1. Illumination.
(ଉଦ୍ଭାସିତ—ବିଣ) ୨ । ଉଦ୍ଦୀପନ; ଉଜ୍ଜ୍ୱଳୀକରଣ; ପ୍ରକାଶନ; ଚିତ୍ରାଦିଦ୍ୱାରା ପ୍ରକାଶକରଣ—2. Illustration.
ବିଣ. (+ କର୍ତ୍ତୃ. ଅନ)—୧ । ଦୀପ୍ତିକାରକ—1. Illuminating.
୨ । ପ୍ରକାଶକ—2. Exhibiting.

ଉଦ୍ଭାସିତ—ସଂ. ବିଣ (ଉତ୍+ଭାସ୍ ଧାତୁ=ଦୀପ୍ତିପାଇବା + କର୍ତ୍ତୃ. ତ)—
Udbhāsita ୧ । ଦୀପ୍ତ; ଉଦ୍ଦୀପିତ—1. Illuminated.
୨ । ଶୋଭିତ; ଚିତ୍ରାଦିଦ୍ୱାରା ପ୍ରକଟିତ—2 Illustrated.
୩ । ଉଜ୍ଜ୍ୱଳ; ଝକଝକ କରୁଥିବା—3. Resplendent.

ଉଦ୍ଭାସିବା—ଦେ. କ୍ରି (ସଂ. ଉଦ୍ଭାସନ)—୧ । ଉଜ୍ଜ୍ୱଳ କରିବା—1. To illuminate.
Udbhāsibā
୨ । ଆଲୋକିତ କରିବା—2. To brighten.

ଦିବ୍ୟ ବିପୁଷ୍ପ ଜ୍ୱାଳା ମାଳା ବିଭୂଷିତ
ଈଶ୍ୱର ପୁରୁଷ ଏକ ସାଗରେ ଉଦ୍ଭାସି—ରଘୁନାଥ. ମଧ୍ୟଯାତ୍ରା ।

ଉଦ୍ଭିଜ୍ଜ—ସଂ. ବିଣ—(ଉଦ୍ଭିଦ୍=ଉଦ୍ଭେଦନ + ଜନ୍ ଧ.ତୁ + କର୍ତ୍ତୃ. ଅ)—ଯାହା ଭୂମିରୁ ଜନ୍ମେ (ତରୁ ଲତା ଗୁଳ୍ମାଦି)—Produced from the soil (plants).
Udbhijja

ଉଦ୍ଭିଜ୍ଜାଣୁ—ସଂ. ବି (ଉଦ୍ଭିଜ୍ଜ + ଅଣୁ)—ଉଦ୍ଭିଦାଣୁ (ଦେଖ)
Udbhijjāṇu Udbhidāṇu ( See )

ଉଦ୍ଭିଦ୍—ସଂ. ବି (ଉତ୍ + ଭିଦ୍ ଧାତୁ=ଭେଦ କରିବା + କର୍ତ୍ତୃ. କ୍ୱିପ୍)—
Udbhid ୧ । ଉଦ୍ଭିଦ (ଦେଖ) 1. Udbhida (See)
୨ । ଉଦ୍ଭେଦନ—2 Piercing up.

ଉଦ୍ଭିଦ—ସଂ. ବି ( ଉତ୍=ଉପରକୁ + ଭିଦ ଧାତୁ=ଭେଦ କରିବା + କର୍ତ୍ତୃ. ଅ)—୧ । (ଯେ ଭୂମିକୁ ଭେଦ କରି ଉପରକୁ ବାହାରେ) ତରୁଲତାଦି; ବୃକ୍ଷାଦି—1. Plant; vegetation.
Udbhida
୨ । ଗଛ—2. Sprout.

ଉଦ୍ଭିଦଘିଅ—ଦେ. ବି—ଘାସଘିଅ (ଦେଖ)
Udbhidaghia Ghāsaghia (See)

ଉଦ୍ଭିଦଣୁ—ଦେ. ବି—ଉଦ୍ଭିଦାଣୁ (ଦେଖ)
Udbhidaṇu Udbhidaṇu (See)

ଉଦ୍ଭିଦବିଜ୍ଞାନ—ଦେ. ବି—ଯେଉଁ ବିଜ୍ଞାନ ଦ୍ୱାରା ତରୁଲତାଦିସମ୍ବନ୍ଧରେ ଜ୍ଞାନଲାଭ ହୁଏ—Botany.
Udbhidabijñāna

ଉଦ୍ଭିଦବିଦ୍ୟା—ଦେ. ବି—ଉଦ୍ଭିଦବିଜ୍ଞାନ—
Udbhidabidyā Botany

ଉଦ୍ଭିଦାଣୁ—ସଂ.ବି (ବିଜ୍ଞାନପରିଭାଷା;ଉଦ୍ଭିଦ୍ + ଅଣୁ)—ଚକ୍ଷୁର ଅଗୋଚର କ୍ଷୁଦ୍ର ଉଦ୍ଭିଦ; ଉଦ୍ଭିଦର କ୍ଷୁଦ୍ର ଅଂଶ—Vegetable germs.
Udbhidāṇu

ଉଦ୍ଭିନ୍ନ—ସଂ. ବିଣ ( ଉତ୍=ଉପରକୁ + ଭିଦ୍ ଧାତୁ=ଭେଦକରିବା + କର୍ତ୍ତୃ. ତ )—୧ । ଫାଟିଯାଇଥିବା—1. Split; opened.
Udbhinna
(ଉଦ୍ଭେଦ—ବି)
୨ । ଗଜାଉଠିଥିବା, ଅଙ୍କୁରିତ—2. Sprouted.
୩ । ଉଦିତ; ପ୍ରକଟିତ—3. Developed; risen.
୪ । ଫୁଟିଥିବା—4 Fullblown.

ଉଦ୍ଭୁତ ଗ୍ରା. ବିଣ (ସଂ. ଅଦ୍ଭୁତ)—ଅଦ୍ଭୁତ—
Udbhut Wonderful.
ଦେ କ୍ରି. ବିଣ—୧ । ଅଦ୍ଭୁତରୂପେ—1. Wonderfully.
୨ । ଅପ୍ରତ୍ୟାଶିତଭାବରେ—2. Unexpectedly.

ଉଦ୍ଭୂତ—ସଂ. ବିଣ (ଉତ୍=ଉପରକୁ + ଭୂ ଧାତୁ=ହେବା + କର୍ତ୍ତୃ. ତ)—
Udbhūta ୧ । ଜାତ—1. Produced; born.
୨ । ଉତ୍ପନ୍ନ—2. Sprung; arisen.
୩ । ପ୍ରତ୍ୟକ୍ଷଯୋଗ୍ୟ; ପ୍ରକାଶିତ—3. Visible; manifest.
ସଂ. କ୍ରି. ବିଣ—ସ୍ପଷ୍ଟ—Distinctly; clearly.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଖିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚ୍ଚନା' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଲଂକାର ଦେଖିବେ ।

**ଉଦ୍ଭୂତରୂପ**— ସଂ. ବି (ଉଦ୍ଭୂତ+ରୂପ)— ସଂଜାତରୂପ; ପ୍ରକାଶିତ ରୂପ;
Udbhūtarūpa ନୟନଗୋଚର ରୂପ —Manifested form.
ସଂ. ବିଣ— (ବହୁବ୍ରୀହି; ଉଦ୍ଭୂତ ହୋଇଅଛି ରୂପ ଯାହାର)— ଯାହାର ରୂପ ପ୍ରକାଶ ପାଇଅଛି—One whose form has been manifested.

**ଉଦ୍ଭେଦ**— ସଂ. ବି. ( ଉତ୍=ଉପରକୁ+ଭିଦ୍ ଧାତୁ=ଭେଦ କରିବା+
Udbheda ଭାବ. ଅ )—
୧ । ଫୁଟିବା—1. Budding; blossoming forth.
୨ । ଉଦ୍ଗମ—2. Breaking forth.
୩ । ପ୍ରକାଶ; ସ୍ଫୁରଣ—3. Bursting forth.
୪ । ବୃଦ୍ଧି—4. Growth
୫ । ରୋମାଞ୍ଚ—5. Horripilation.
୬ । ଆବିଷ୍କାର—6. Discovery.

**ଉଦ୍ଭ୍ରମ**— ସଂ. ବି. (ଉତ୍=ଉପରକୁ+ଭ୍ରମ ଧାତୁ=ବୁଲିବା+ଭାବ.ଅ)—
Udbhrama ୧ । ଉଦ୍ବେଗ—1. Anxiety.
(ଉଦ୍ଭ୍ରାନ୍ତ— ବିଣ) ୨ । ଭୁଇଁ ବୁଲିବା—2 Losing one's way; taking a wrong road,
୩ । ଊର୍ଦ୍ଧ୍ୱଗମନ; ଶୂନ୍ୟରେ ଭ୍ରମଣ—
3 Moving about in the air.
୪ । ବୁଦ୍ଧିଭ୍ରମ—4. Bewilderment; mental distress; perplexity.
୫ । ଉଦ୍ବେଗ;ବ୍ୟାକୁଳତା—5. Agitation; anxiety.

**ଉଦ୍ଭ୍ରାନ୍ତ**— ସଂ. ବିଣ. ପୁଂ ( ଉତ୍+ଭ୍ରାନ୍ତ )—
Udbhrānta ୧ । ଆକୁଳିତ—
1. Agitated; bewildered; distressed,
୨ । ପଥଭ୍ରଷ୍ଟ —2. Having lost one's way.
୩ । ଭୁଇଁ ବୁଲୁଥିବା—
3. Walking on the wrong road.
୪ । ହତବୁଦ୍ଧି - 4. Bewildered.
୫ । ଆଘୂର୍ଣ୍ଣିତ ( ଖଡ୍ଗାଦି )—5. Whirled; waved (as a sword) (M. W.)
୬ । ବ୍ୟସ୍ତ—6. Distressed (M. W.)
୭ । ଉଚ୍ଛୃଙ୍ଖଳ - 7. Excited (M. W)

**ଉଦ୍ୟତ**— ସଂ. ବିଣ. (ଉତ୍=ଉପସର୍ଗ+ଯମ ଧାତୁ=ବିରତ ହେବା+
Udyata କର୍ତ୍ତୃ.-ତ)— ୧ । ଉଦ୍ୟୁକ୍ତ—1. Prompt
(ଉଦ୍ୟତା— ସ୍ତ୍ରୀ) ୨ । ତତ୍ପର—2. Ready.
(ଉଦ୍ୟମ— ବି) ୩ । ପ୍ରବୃତ୍ତ—3. Prepared to do; making an effort; exerting oneself.
୪ । ଉତ୍ଥିତ—4. Arisen.
୫ । ଉତ୍ତୋଳିତ—5. Raised for action; lifted.
୬ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ —
6. Prepared or ready to do an act.
୭ । ମୁସ୍ତେଇଦ୍—7. About to do a thing.
୮ । ଖଡ୍ଗ ପ୍ରଭୃତି ଶସ୍ତ୍ରାଦି ବୁଲାଇବା—
8. The act of waving a sword (M.W)

**ଉଦ୍ୟମ**— ସଂ. ବି. (ଉତ୍=ଉପସର୍ଗ+ଯମ ଧାତୁ=ବିରତ ହେବା+
Udyāma ଭାବ. ଅ)— ୧ । ଚେଷ୍ଟା; ଉଦ୍ଯୋଗ—
(ଉଦ୍ୟତ— ବିଣ) 1. Strenuous effort; exertion. preparation; attempt.
୨ । ଅଧ୍ୟବସାୟ—2. Perserverance.
୩ । ସ୍ଫୂର୍ତ୍ତି—3 Promptitude.
୪ । ତତ୍ପରତା—4. Readiness.
୫ । ଉତ୍ଥାନ—5 Rise
୬ । ଉତ୍ତୋଳନ— 6. Lifting.
୭ । ଯୋଗାଡ଼; ଆନୁପୂର୍ବିକ ଚେଷ୍ଟା—
7. Preparatory action.

**ଉଦ୍ୟମ କରିବା**— ଦେ. କ୍ରି— ଉଦ୍ୟୋଗ କରିବା; ଯୋଗାଡ଼ କରିବା;
Udyama karibā କୌଣସି ଉଦ୍ଦେଶ୍ୟ ସାଧନ କରିବା ଲାଗି ବିଶେଷ ଚେଷ୍ଟା ବା ଯତ୍ନ କରିବା — To make a strenuous effort to achieve an object.

**ଉଦ୍ୟମଶୀଳ**— ସଂ. ବିଣ. ପୁଂ— ୧ । ଉଦ୍ଯୋଗୀ; ସଚେଷ୍ଟ—
Udyamaśīla 1. Active.
( ଉଦ୍ୟମଶୀଳା— ସ୍ତ୍ରୀ ) ୨ । ଅଧ୍ୟବସାୟୀ—2. Persevering.
୩ । ଯୋଗାଡ଼ିଆ - 3. Striving.
୪ । ଉଦ୍ୟମୀ—4. Prompt

**ଉଦ୍ୟମୀ**— ସଂ. ବିଣ. ( ଉତ୍=ଉପସର୍ଗ+ଯମ୍ ଧାତୁ=ବିରତ ହେବା
Udyamī +କର୍ତ୍ତୃ. ଇନ୍. ୧ମା. ୧ବ. )—
୧ । ଉଦ୍ଯୋଗୀ—1. Diligent.
୨ । ସଚେଷ୍ଟ—2. Active.
୩ । ଅଧ୍ୟବସାୟୀ—3. Persevering
୪ । ଯୋଗାଡ଼ିଆ—4. Striving

**ଉଦ୍ୟାନ**— ସଂ. ବି. ( ଉତ୍=ଊର୍ଦ୍ଧ୍ୱ+ଯା ଧାତୁ=ଯିବା+ଅଧିକରଣ.
Udyāna ଅନ )— ୧ । ବଗିଚା; ଉପବନ—
1. Garden; grove; park.
୨ । କ୍ରୀଡ଼ାବନ—2. Pleasure-garden
୩ । ( +ଭାବ. ଅନ )— ନିଃସରଣ
3. Bursting forth.
୪ । (+କର୍ମ. ଅନ)— ପ୍ରୟୋଜନ—4. Necessity,
ଦେ. ଅପ. ବି — ଉଦ୍ଯାପନ— Ending; finishing.
ଉଦ୍ୟାନ ଏକାଦଶୀ ଦିନ ପାପ ଦର୍ଶନ କର ଅଛି ।
— ଭୁଜଙ୍ଗ ପ୍ରେମସମୁଦ୍ର ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଓଃ | ଝ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଔ | ଙ୍ |

ଉଦ୍ୟାନମ୍—ପ୍ରାଦେ ( ଗଞ୍ଜାମ ) ବି—ଉଦ୍ୟାନଖଣ୍ଡ ( ଦେଖ )
Udyānam Udyānakhanda ( See )

ଉଦ୍ୟାନଖଣ୍ଡ—ପ୍ରାଦେ. ( ଗଞ୍ଜାମ ) ବି—ଗଞ୍ଜାମ ଅଞ୍ଚଳରେ ସମୁଦ୍ର-
Udyānakhanda କୂଳରେ ଥିବା ଦୀର୍ଘ ଭୂଖଣ୍ଡ (ଏ ଭୂଖଣ୍ଡରେ ନାନାବିଧ ସୁମିଷ୍ଟ ଫଳ ଜନ୍ମେ । ଏଥିଲାଗି ଏହାକୁ ଗଞ୍ଜାମରେ 'ଉଦ୍ୟାନ' କୁହାଯାଏ । )—
A fertile strip of land running parallel to the sea-coast in Ganjam producing various sweet fruits (orange, plantain, guava etc) which is called 'The garden'.

ଉଦ୍ୟାନବାଟିକା—ସଂ. ବି—ବଗିଚାରେ ଥିବା ଘର—
Udyānabāṭikā Garden-house.

ଉଦ୍ୟାନପାଳ—ସଂ. ବି (୬ଷ୍ଠୀ ତତ୍; ଉଦ୍ୟାନ+ପାଳ)—ଉଦ୍ୟାନରକ୍ଷକ;
Udyānapāla ମାଳୀ—Keeper of a garden; gardener; forester.

ଉଦ୍ୟାନପାଳକ—ସଂ. ବି ( ୬ଷ୍ଠୀ ତତ୍; ଉଦ୍ୟାନ+ପାଳକ )—
Udyānapālaka ଉଦ୍ୟାନପାଳ (ଦେଖ)
(ଉଦ୍ୟାନପାଳିକା—ସ୍ତ୍ରୀ) Udyānapāla (See)

ଉଦ୍ୟାନରକ୍ଷକ—ସଂ. ବି—ଉଦ୍ୟାନପାଳ (ଦେଖ)
Udyānarakshaka Udyānapāla (See)

ଉଦ୍ଯାପନ—ସଂ. ବି—ଉଦ୍ୟାପନ (ଦେଖ)
Udjāpana Udyāpana (See)

ଉଦ୍ୟାପନ—ସଂ. ବି ( ଉଦ୍+ଯା ଧାତୁ. ଣିଚ୍=ଯାପି ଧାତୁ+ଭାବ.
Udyāpana ଅନ)- ୧ । ଆରବ୍ଧ ବ୍ରତାଦିର ସମାପନ; ଓଷା ଉଜୁଆଁ-
The bringing of a vow or ceremony to a close; the completion of a solemn vow.
୨ । ଆରବ୍ଧକାର୍ଯ୍ୟର ସମାପନ—2 The completion of a thing or act.

ଉଦ୍ୟାପନା—ସଂ. ବି—( ଉଦ୍+ଯାପି ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
Udyāpanā ଉଦ୍ୟାପନ (ଦେଖ)
Udyāpana (See)

ଉଦ୍ଯାପିତ—ସଂ. ବିଣ—ଉଦ୍ୟାପିତ (ଦେଖ)
Udjāpita Udyāpita (See)

ଉଦ୍ୟାପିତ—ସଂ. ବିଣ ( ଉଦ୍+ଯା ଧାତୁ ଣିଚ୍=ଯାପି ଧାତୁ+କର୍ମ.
Udyāpita ତ ) - ୧ । ପରିସମାପ୍ତ—1. Brought to
(ଉଦ୍ୟାପନ—ବି) a close; accomplished.
୨ । ଉଜୁଆଁ ହୋଇଥିବା—2. Brought to completion said of a vow).

ଉଦ୍ଯୁକ୍ତ—ସଂ. ବିଣ—ଉଦ୍ୟୁକ୍ତ (ଦେଖ)
Udjukta Udyukta (See)

ଉଦ୍ୟୁକ୍ତ—ସଂ. ବିଣ (ଉଦ୍+ଯୁଜ୍ ଧାତୁ=ଯୋଗ କରିବା+କର୍ତ୍ତୃ. ତ)—
Udyukta ୧ । ଉଦ୍ଯୋଗବିଶିଷ୍ଟ —1. Prepared.
୨ । ଉତ୍ସାହାନ୍ୱିତ; ଉଦ୍ୟୋଗଶୀଳ—
2. Zealously: active.
୩ । ଯତ୍ନବାନ୍—3. Striving; sedulous.
୪ । ଉତ୍ସୁକ—4. Eager.
୫ । ଚେଷ୍ଟିତ—5. Endeavouring.

ଉଦ୍ଯୋଗ—ସଂ. ବି—ଉଦ୍ୟୋଗ (ଦେଖ)
Udjoga Udyoga (See)

ଉଦ୍ୟୋଗ—ସଂ. ବି.(ଉଦ୍ + ଯୁଜ ଧାତୁ = ଯୋଗ କରିବା+ଭାବ. ଅ)—
Udyoga ୧ । ଚେଷ୍ଟା; ଉଦ୍ୟମ—
(ଉଦ୍ୟୁକ୍ତ—ବିଣ) 1. Exertion; endeavour; effort.
୨ । ଆୟୋଜନ—2. Preparation.
୩ । ଯତ୍ନ—3. Readiness; care.
୪ । ଉତ୍ସାହ—4. Zeal; diligence
୫ । (ସୈନ୍ୟଙ୍କୁ ଯୁଦ୍ଧ କରିବାପାଇଁ) ପ୍ରସ୍ତୁତ କରିବା; ସୈନ୍ୟ-ସଜ୍ଜା; ସଜ୍ଜିତକରଣ—5. Equipment; making ready (e g. of an army for a battle.)

କୋପରେ ପରାଧୀନଚେତା ହୋଇ ଶୁମ୍ଭ ସବ୍ବ ସୈନ୍ୟମାନଙ୍କର ଉଦ୍ୟୋଗ ଆଦେଶ କଲା ।

ସଂ. ଚଣ୍ଡୀପୁରାଣ ୮-୩

ଉଦ୍ଯୋଗପର୍ବ—ଉଦ୍ୟୋଗପର୍ବ (ଦେଖ)
Udjogaparba Udyogaparba (See)

ଉଦ୍ୟୋଗପର୍ବ—ସଂ. ବି—ମହାଭାରତର ଷଷ୍ଠ ପର୍ବ; ଯେଉଁ ପର୍ବରେ
Udyogaparba କୁରୁ ଓ ପାଣ୍ଡବମାନଙ୍କର ଯୁଦ୍ଧର ଉଦ୍ଯୋଗ କରିବା ବିଷୟ ବର୍ଣ୍ଣିତ ହୋଇଅଛି—
The sixth canto of the Mahābhārata.

ଉଦ୍ଯୋଗୀ—ସଂ. ବିଣ—ଉଦ୍ୟୋଗୀ (ଦେଖ)
Udjogī Udyogī (See)

ଉଦ୍ୟୋଗୀ—ସଂ. ବିଣ. ପୁଂ (ଉଦ୍ୟୋଗ+ଅସ୍ତ୍ୟର୍ଥେ. ଇନ୍. ୧ମା. ୧ବ) -
Udyogī ୧ । ଉଦ୍ୟମୀ—1. Active; zealous.
(ଉଦ୍ଯୋଗିନୀ—ସ୍ତ୍ରୀ) ୨ । ଚେଷ୍ଟିତ—2. Persevering; energetic.
୩ । ଉଦ୍ଯୋଗଶୀଳ; ଉଦ୍ୟମଶୀଳ—3. Zealous; active.
୪ । ଉତ୍ସାହୀ—4. Vigorous.

ଉଦ୍ର—ସଂ. ବି ( ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ର )—ଓଧ;
Udra ଜଳବିଡାଳ—Otter.
ଦେ. ବି—ଶଗଡ଼ରେ ଶସ୍ୟାଦି କ୍ଷୁଦ୍ର ପଦାର୍ଥମାନ ବୋହିବାରେ ବ୍ୟବହୃତ; ବାଉଁଶରେ ତିଆରି ଟୋକାଇ; ଉଦ୍ର; ଓଦର—
A large long basketlike contrivance for carrying small articles and grain in a cart.

ସାଧାରଣ ଗୋଟେ ଅପର ସ୍ୱରରେ ଯୁକ୍ତ ' ଉକ୍ତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ଥଳେ ରକ୍ଷା କରନ୍ତୁ ନାହିଁ । ଅର୍ଥାତ୍ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ... ଯେବେ ଏ ... ନ ... ତେବେ ... ପାଇଁ ... ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଡ଼ିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ 'ଉଷ' ନ ମିଳିଲେ 'ଉଷ' ଦେଖିବେ 'ଦଧି' ନ ପାଇଲେ 'ଦଧ୍' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ

**ଉଦ୍ରଥ**—ସଂ. ବି (ଉତ୍+ରଥ)—୧ । ଗାଡ଼ିର ଚକକୁ ଅଟକାଇ
**Udratha** ରଖିବା ପାଇଁ ଅକ୍ଷଅଗରେ ଲାଗିଥିବା କୀଲ; ଅକ୍ଷକୀଳ—1. The pin of the axle of a carriage.
୨ । (ରଥ ପରି ଏହାର ପକ୍ଷ ହୋଇଥିବାରୁ) କୁକ୍କୁଟ—2. A cock.

**ଉଦ୍ରାବ**—ସଂ. ବି (ଉତ୍=ଉଚ୍ଚ+ରୁ ଧାତୁ=ଶବ୍ଦ କରିବା+ଭାବ.ଅ)—
**Udrāba** ଉଚ୍ଚଶବ୍ଦ; ଉଚ୍ଚଧ୍ୱନି—Loud voice; loud noise.

**ଉଦ୍ରିକ୍ତ**—ସଂ. ବିଣ (ଉତ୍=ଉପରକୁ+ରିଚ୍ ଧାତୁ=ବଢ଼ିଯିବା ହେବା;
**Udrikta** ଉଠିବା+କର୍ମ. କ୍ତ)—୧ । ଉତ୍ଥିତ—
(ଉଦ୍ରେକ—ବି) 1. Erect; rising.
୨ । ଉତ୍ତେଜିତ—2. Excited; irritated.
୩ । ଅତ୍ୟଧିକ—3. Excessive; increased.
୪ । ସ୍ପଷ୍ଟ—4. Evident; manifest.
୫ । ପ୍ରକାଶିତ—5. Appeared.
୬ । ପ୍ରବଳହୋଇଥିବା; ଘୋଟିଥିବା—6 Predominating; preponderating.

**ଉଦ୍ରେକ**—ସଂ. ବି (ଉତ୍=ଉପରକୁ+ରିଚ୍ ଧାତୁ=ଉଠିବା+ଭାବ.
**Udreka** ଅ)—୧ । ଉତ୍ଥାନ; ଉଦୟ—1. Rise; erection.
(ଉଦ୍ରିକ୍ତ—ବିଣ) ୨ । ଉତ୍ତେଜନ—2. Excitement.
୩ । ପ୍ରାବଲ୍ୟ; ବୃଦ୍ଧି; ଆଧିକ୍ୟ—3. Preponderance, increase; excess; predominance.
୪ । ଆବିର୍ଭାବ—4. Appearance.
୫ । ଉପକ୍ରମ; ଆରମ୍ଭ—5. Commencement

**ଉଧ୍ମାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ବାଲ୍ୟରେ ବସ୍ତୁ ହୋଇ
**Udhmāibā** ପାଣି ଘଡ଼ରେ ଉଚ୍ଛାଳ ଲଗାଇବା—To stir up water by frisking.

**ଉଧ୍ଲିଆପଳାଇବା**—ପ୍ରାଦେ. (ସମ୍ବଲପୁର) କ୍ରି—ପରସ୍ତ୍ରୀକୁ ନେଇ
**Udhliāpaḷāibā** ଲୁଚିକରି ସ୍ଥାନାନ୍ତରକୁ ପଳାଇବା—To elope with another's wife.

**ଉଧ**—ଦେ. ବି (ସଂ. ଉଦ୍ର)—ଓଧ; ଜଳବିଡ଼ାଳ—
**Udha** Otter.
উদবিরাল
उदबिलाव

**ଉଧଃ**—ସଂ. ବି—' ବହ ଧାତୁ ବହନ କରିବା+କର୍ତ୍ତୃ. ଅସ୍=ଉଧସ୍;
**Udhah** ୧ମା. ୧ବ; ଯେ ଦୁଗ୍ଧ ବହନ କରେ)=ଗାଈଙ୍କ ସ୍ତନ; ପହ୍ନା—Udder of a beast.

**ଉଧଟ**—ଗ୍ରା ବିଣ—୧ । ଆନନ୍ଦରେ ବା ଦୁଃଖରେ ପାଗଳ—(ସଂ.ଉଦ୍ଧତ)
**Udhaṭa** 1. Maddened with joy or sorrow.
୨ । ଉଦ୍ଧତ—2. Haughty.
୩ । ଉତଲ (ଦେଖ)—3 Utalā (See)
ନୃଶଂସକୁ ଧର ଦ୍ରୁତ ଦୁଷ୍ଟଙ୍କୁ ଉଦ୍ଦେ,
ଉଧଟ ପ୍ରିୟର ବାଣୀ କଦାପି ବଳୁଥେ ! ପ୍ରାଚୀ—ଉପେନ୍ଦ୍ରଭଞ୍ଜ ।

**ଉଧରିବା**—ଦେ. କ୍ରି. (ସ. ଉଦ୍ଧାର)—ଉଦ୍ଧାର ପାଇବା—
**Udharibā** To be delivered from a difficulty or danger.
উধরা

**ଉଧଳ**—ପ୍ରାଦେ. (ସିଂହଭୂମ) ବି—ଶଗଡ଼ର ଯୋଡ଼ି ଦଣ୍ଡା—
**Udhaḷa** The shafts or poles of a bullock-cart.

**ଉଧାଇବା**—ଦେ. କ୍ରି. (ସଂ. ଅଭ୍ୟୁଦୟ)—
**Udhaibā** ୧ । ଶରୀର ଟାଣ ହେବା—1. To feel rigid in the body.
୨ । ଉନ୍ନତ କରିବା—2. To prosper.
୩ । ଫୁଲି ହେବା—3. To be swollen
୪ । ବଢ଼ିବା—4. To grow.

**ଉଧାଣି**—ଦେ. ବି. (ସଂ. ବଧ ଧାତୁ)—
**Udhāṇi** ଭାତ ରାନ୍ଧିବା ପାଇଁ ଚୁଲିରେ ବସାଇବା ପାଣିହାଣ୍ଡି—
अधन A pot of water put over fire to cook rice.

**ଉଧାର**—ଗ୍ରା. ବି. (ସଂ. ଉଦ୍ଧାର)—୧ । ଉଦ୍ଧାର; ମୁକ୍ତି—
**Udhāra** 1. Release, deliverance
धार
उधार ୨ । ବିନାସୁଧରେ ଅଣିଥିବା ଋଣ—2. Loan without interest
ଯେତେ ଗଣ୍ଡ ମୋ ସାହୁର; ଘୋରସ ଅଣିଛ ଉଧାର । ରୂପଚ. ପ୍ରେମପଞ୍ଚାମୃତ ।
ଉଧାର ମାଗବ ଉପାୟ । ସୁବଚନ ।
୩ । ବିନା ଭଡ଼ାରେ ଆଣିବା ବସ୍ତୁ—Loan of things without any charge for use.

**ଉଧାରଣ**—ଗ୍ରା ବିଣ. (ସଂ. ଉଦ୍ଧାରକ)—ଉଦ୍ଧାରକ (ଦେଖ)
**Udhāraṇa** Uddhāraka (See)
ଆପଦେ ମୁକତ ପଦ ଅଟେ ଉଧାରଣ । ପ୍ର.ଚା. ବୃନ୍ଦାବନଭୂଷଣଗୀତା ।

**ଉଧାରଧାର**—ଦେ. ବି. (ସହଚରଶବ୍ଦ)—୧ । ଧାରକାରି—
**Udhāradhāra** 1. Borrowing and lending without interest.
୨ । ଧାରକାରି କାରବାର—2. Transaction on credit.

**ଉଧାରିବା**—ଦେ. ପଦ୍ୟ. କ୍ରି.—୧ । ଉଦ୍ଧାର କରିବା; ମୁକ୍ତ କରିବା—
**Udhāribā** 1. To deliver; to release.
উধরা ୨ । ବସ୍ତୁ ବା ଧନ ଉଧାର ନେବା—
उधारना 2. To take a loan; to borrow.

**ଉଧାରେଣୀ**—ଗ୍ରା. ବିଣ. ସ୍ତ୍ରୀ. (ସଂ. ଉଦ୍ଧାର)—ଉଦ୍ଧାରକାରିଣୀ—
**Udhāreṇi** female) Redeeming, delivering.

**ଉଧି**—ଦେ. ବି. (ସଂ. ଊର୍ଦ୍ଧ୍ୱ)—୧ । ଊର୍ଦ୍ଧ୍ୱସ୍ଥ ମୂଳ—
**Udhi** 1. The upper part of the root of a tree
୨ । କଦଳୀ ଗଛର ପୁଅ—2. Plantain-seedling.
୩ । ଶଗଡ଼ଦଣ୍ଡା—3. The two shafts of a cart.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ, ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ, ଷ | ଜ୍ଞ | ଇଯ୍ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଉଦ୍ଧତଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନୃ |

ଉଧୁଅ—ଦେ. ବି—ଉଧ—Otter.
Udhua

ଉଧୁରା—ଗ୍ରା. ବି. ( ସଂ. ଉଦ୍ଧାର )—୧ । ଉଦ୍ଧାର ପାଇବା—
Udhurā 1 Deliverance.
୨ । ମୁକ୍ତି—2. Release.

ଉଧୁରାଇବା—ଗ୍ରା. କ୍ରି. ( ସଂ. ଉଦ୍ଧାର )—ଅନ୍ୟକୁ ବିପଦରୁ ରକ୍ଷା
Udhuraibā କରିବା; ଉଦ୍ଧାର କରିବା; ଉଦ୍ଧାରିବା—
উধরান To deliver another from trouble.
उधराना

ଉଧୁରିବା—ଦେ. କ୍ରି. ( ସଂ. ଉଦ୍ଧାର )—୧ । ଉଦ୍ଧାର ପାଇବା—
Udhuribā 1. To be released.
উধরা ୨ । ବନ୍ଧନରୁ ବା ବିପଦରୁ ମୁକ୍ତ ହେବା—
उधराना 2. To be delivered from a calamity.
୩ । ନିର୍ବିଘ୍ନରେ କୌଣସି ବିପଦରୁ ପାର ହେବା—
3. To overcome a trouble without injury.

ଯେବେ ଆମ୍ଭେ ଅଜ୍ଞାତବାସୁ ଉଧୁରିବା
ତେବେ ଆଉ ଡାକିଲେ ହେଲ ଭିକ ଯିବା । କୃଷ୍ଣସିଂହ. ମହାଭାରତ ବନ ।

ଉଧୁଲଙ୍ଗଳା—ଗ୍ରା. ବିଣ—ଉଦୁଲଙ୍ଗଳା ( ଦେଖ )
Udhulangalā Udulangalā ( See )

ଉଧେଇବା—ଦେ. କ୍ରି. ( ସଂ. ଊର୍ଦ୍ଧ୍ୱ ବା ଉଦସ୍ଥ )—
Udheibā ୧ । ଦେହ ହାତ ମୋଡ଼ି ଉଠ୍ଠ ହେବା—
1. ( the limbs ) To become languid or rigid; to languish.
୨ । ସ୍ଫୀତ ହେବା; ଫୁଲିବା—2. To be swollen.
୩ । ବଢ଼ିବା—3. To grow.
୪ । ସତେଜରେ ବଢ଼ିବା—
4 To have a healthy growth.

ଉଧେଇହେବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଆଉଜିବା—
Udheihebā To lean to; to lean on or upon.
ପ୍ରାଦେ. ( ଗଡ଼ଜାତ ) କ୍ରି—(ଗାଈ) ଋତୁମତୀ ହେବା—
To be on heat ( said of a cow )
ଦେ. କ୍ରି. ( ଦେହ ହାତ )—ମୋଡ଼ିଉଡ଼ ହେବା—
( limbs ) To become lanquid or rigid.

ଉନ୍ମୁନି—ପ୍ରାଦେ. ( ସମ୍ବଲପୁର ) ବିଣ—ଏକୁଟିଆ; ନିଛାଟିଆ—
Unmuni Lonely
( ଯଥା—ଏଠାରେ କେହି ନ ଥିବାରୁ ମୋତେ ଉନ୍ମୁନି ଲାଗୁଛି । )

ଊନ—ଗ୍ରା. ବିଣ ( ସଂ. ଊନ )—ଊଣା; ନ୍ୟୂନ—Defective.
Una

ଉନମତ—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unamata Unmatta ( See )

ଥାନରେ ଉନମତ ହୋଇ । ପଦ ପଦକେ ପ୍ରଣମଇ ॥
ଭୂପତି. ପ୍ରେମପଞ୍ଚାମୃତ ।

ଉନମତ୍ତ—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unamatta Unmatta ( See )

କା'ଗ୍ରତେ ଶସ୍ତ୍ରକେ ଯେ ଦେବେ ତେଖି ଜନ
ଉନମତ୍ତ ହୁଅନ୍ତି ସେ ଦେବ ଗ୍ରହ ଜାଣ । କୃଷ୍ଣସିଂହ. ମହାଭାରତ. ବନ ।

ଉନମତ୍ତା—ଗ୍ରା. ବିଣ—ଉନ୍ମତ୍ତ ( ଦେଖ )
Unamattā Unmatta ( See )

ଉନମାଦ—ଗ୍ରା. ପଦ୍ୟ. ବି—ଉନ୍ମାଦ ( ଦେଖ )
Unamāda Unmāda ( See )

ଅଧର-କମ୍ପ ଉନମାଦ· ଉଦାସ ହରଷ ବିଷାଦ ।
ଭୂପତି—ପ୍ରେମପଞ୍ଚ ମୃତ ।

ଉନମାଦକ—ଗ୍ରା. ପଦ୍ୟ. ବିଣ—ଉନ୍ମାଦକ ( ଦେଖ )
Unamādaka Unmādaka ( See )

କେ ଉନମାଦକ କେ ଖେଦଦାୟକ । ଦୀନକୃଷ୍ଣ. ରସକଲ୍ଲୋଳ ।

ଉନିଦ୍ରା—ପ୍ରାଦେ. ( ସମ୍ବଲପୁର ) ବିଣ (ସଂ. ଉନ୍ନିଦ୍ର)—୧ । ଅନିଦ୍ରା—
Unidrā 1 Sleepless.
୨ । ଉନ୍ନିଦ୍ର—2. Wakeful
ପ୍ରାଦେ. ( ସମ୍ବଲପୁର ) ବି—ଅନିଦ୍ରା; ନିଦ୍ରାଭାବ—
Sleeplessness; wakefulness.

ଉନୁମତ—ଗ୍ରା. ପଦ୍ୟ. ବିଣ. ( ସଂ. ଉନ୍ମତ୍ତ )—ଉନ୍ମତ୍ତ ( ଦେଖ )
Unumata Unmatta ( See )

ଅନିରୁଦ୍ଧ ଉନୁମତ ଉଷା ଭାବ ଗୁଣି । ଶିଶୁଶଙ୍କର: ଉଷାଅଭିଳାଷ ।

ଉନୁମତ୍ତ—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unumatta Unmatta ( See )

ଉନୁମତ୍ତା—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unumattā Unmatta ( See )

ପୁଣି ଯୁଦ୍ଧ କଲେ ହୋଇବା ଉନୁମତ୍ତା । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉନୁମାଦ—ଗ୍ରା. ବି. ( ସଂ. ଉନ୍ମାଦ )—ଉନ୍ମାଦ; ମତ୍ତତା—
Unumāda Madness.

ଉନେ—ପ୍ରାଦେ. ( ପୁରୀ ) ଅ (ସଂ ପୁନଃ)—୧ । ଆଉଥରେ—
Une 1. Once again
୨ । ପୁନର୍ବାର—2. Again.

ଉନ୍ଦରୁ—ସଂ. ବି. ( ଉନ୍ଦ ଧାତୁ=ଓଦା ହେବା + ସଂଜ୍ଞାର୍ଥ. ଅରୁ )—
Undaru ଇନ୍ଦୁର; ମୂଷା; ମୂଷିକ—Rat; mouse.

ଉନ୍ଦା—ବୈଦେ. ବିଣ. ( ଆ. ଉମ୍ଦା )—
Undā ୧ । ଅତିଉତ୍ତମ—1. Of superior quality.
उमदा ୨ । ଉତ୍କୃଷ୍ଟ—2 Excellent
୩ । ଧନୀ—3 Rich; opulent.

ଉନ୍ଦୁର—ସଂ. ବି. (ଉନ୍ଦ ଧାତୁ=ଓଦା ହେବା+ସଂଜ୍ଞାର୍ଥ. ଉର)—
Undura ମୂଷା—Mouse.

ଉନ୍ଦୂର—ସଂ. ବି. ( ଉନ୍ଦ ଧାତୁ=ଓଦା ହେବା+ସଂଜ୍ଞାର୍ଥ. ଊର )—
Undūra ମୂଷା—Mouse.

ସାଧାରଣ ଶବ୍ଦରେ ଅପର ବ୍ୟସ୍ତରେ ସ୍ୱରର ୧ ଚିହ୍ନ ଓ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରବେଶ ଲକ୍ଷ୍ୟ କରିବେ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଉଦାହରଣ ଚିହ୍ନିତ ହେବେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ' ନ ପାଇଲେ 'ବଣ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଳଙ୍କ' ଦେଖିବେ

**ଉନ୍ଦୁରୁ**—ସଂ. ବି. ( ଉନ୍ଦ ଧାତୁ=ଓଦା ହେବା + ସଂଜ୍ଞାର୍ଥ. ଉରୁ )—
Undūru ମୂଷା—Mouse.

**ଉନ୍ନ**—ସଂ ବଣ. ( ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ତ )—
Unna ୧ । କ୍ଲିନ୍ନ—1. Moistened; moist.
୨ । ଆର୍ଦ୍ର—2. Wet.

**ଉନ୍ନତ**—ସଂ. ବଣ ( ଉତ୍+ନମ୍ ଧାତୁ+କର୍ମ. ତ )—
Unnata ୧ । ଉଚ୍ଚ—1. Elevated; high.
ଆନତ } ବିପରୀତ ୨ । ବୃଦ୍ଧିପ୍ରାପ୍ତ; ସ୍ଫୀତ—2. Swollen.
ଅବନତ } ୩ । ଉନ୍ନତ ବା ଗୌରବପ୍ରାପ୍ତ—
(ଉନ୍ନତା—ସ୍ତ୍ରୀ) 3. Improved; advanced.
୪ । ଉପଚିତ—4 Increased.
୫ । ଡେଙ୍ଗା—5. Tall.
ଦେ. ବି— ଉଚ୍ଚତା—Height.

ବଢ଼ିଲେ ଉନ୍ନତରେ ଦେଉ ହାତ ସବୁ । କୃଷ୍ଣସିଂହ. ମହାଭାରତ. ବନ ।

**ଉନ୍ନତଚିତ୍ତ**—ସଂ. ବଣ. ପୁଂ. ( ବହୁବ୍ରୀହି )— ଉଦାରସ୍ୱଭାବ—
Unnatachitta High-minded; liberal-minded.
(ଉନ୍ନତଚିତ୍ତା—ସ୍ତ୍ରୀ)

**ଉନ୍ନତାନତ**—ସଂ. ବଣ (ଉନ୍ନତ + ଆନତ=ବିପରୀତାର୍ଥକ ଦ୍ୱନ୍ଦ୍ୱ)—
Unnatānata ଉଚ୍ଚନୀଚ; ବନ୍ଧୁର—Uneven; undulating.

**ଉନ୍ନତି**—ସଂ. ବି. ( ଉତ୍ = ଉପରକୁ+ନମ ଧାତୁ = ନଇଁବା + ଭାବ. ତି )—
Unnati
(ଉନ୍ନତ—ବଣ) ୧ । ଗରୁଡ଼ଙ୍କ ପତ୍ନୀ—
1. The wife of Garurda.
୨ । ସମୃଦ୍ଧି; ସୌଭାଗ୍ୟ; ଶ୍ରୀବୃଦ୍ଧି — 2. Prosperity; advancement.
୩ । ଗୌରବ—3. Improvement.
୪ । ବୃଦ୍ଧି—4. Increase; progress.
୫ । ଉଦୟ—5. Rise.
୬ । ଉଚ୍ଚତା—6. Elevation; height.
୭ । ପଦବୃଦ୍ଧି; ଉପରକୁ ଉଠିବା—7. Promotion.
ଦେ. ବି—ଅହଙ୍କାର; ଗର୍ବ— Arrogance; pride.

ବନତ ହେଲେ ଉନ୍ନତ ଲଭ୍ୟ ଦୃଢ଼ ବୃଦ୍ଧ ବୋଲନ୍ତି ହୋଇ ଜ୍ଞ ।
ଉକ୍ତ- ବୈଦେହୀଶବିଳାସ ।

**ଉନ୍ନତି କରିବା**—ଦେ. କ୍ରି—୧ । ବୃଦ୍ଧି ପାଇବା—
Unnati kariba 1. To improve.
উন্নতি করা ୨ । ଶ୍ରୀବୃଦ୍ଧି ଲାଭ କରିବା—2. To progress.
উন্নতি করো

**ଉନ୍ନଦ୍ଧ**—ସଂ. ବଣ. ( ଉତ୍=ଉପରେ + ନହ୍ ଧାତୁ=ବାନ୍ଧିବା=କର୍ମ.
Unnaddha ତ )—୧ । ଅଗରେ ବନ୍ଧା ହୋଇଥିବା ବା ଗଣ୍ଠି ପଡ଼ିଥିବା; ଉଦ୍ବଦ୍ଧ—
1 Tied together into a knot at the top.
୨ । ସ୍ଫୀତ—2. Swollen.
୩ । ଗର୍ବିତ; ଦୃପ୍ତ—3. Proud

**ଉନ୍ନମନ**—ସଂ. ବି. ( ଉତ୍=ଉପରକୁ+ନମ୍ ଧାତୁ ଣିଜନ୍ତ+ନମି ଧାତୁ=ନୁଆଁଇବା+ଭାବ. ଅନ )—
Unnamana
୧ । ଉତ୍ତୋଳନ—1. Raising.
୨ । ଉପରକୁ ଉଠାଇବା—
2 Lifting up; pulling up.

**ଉନ୍ନମିତ**—ସଂ. ବଣ. ( ଉତ୍=ଉପରକୁ+ନମି ଧାତୁ=ନୁଆଁଇବା + କର୍ମ. ତ )—
Unnamita
୧ । ଉତ୍ତୋଳିତ; ଉପରକୁ ଉଠା ହୋଇଥିବା—
1. Lifted up; raised; elevated
୨ । ଉପରକୁ ଟଣା ହୋଇଥିବା—2. Pulled up

**ଉନ୍ନୟ**—ସଂ. ବି. (ଉତ୍=ଉପରକୁ + ନୀ ଧାତୁ=ନେବା+ଭାବ. ଅ)—
Unnaya ୧ । ଉନ୍ନତି—1 Progress
୨ । ଉପରକୁ ଉଠାଇବା; ଉତ୍ତୋଳନ—
2. Lifting up; elevating.
୩ । ଉତ୍ଥାନ—3. Rise.
୪ । ସାଦୃଶ୍ୟ—4. Similarity.

**ଉନ୍ନୟନ**—ସଂ. ବି. ( ଉତ୍=ଉପରକୁ + ନୀ ଧାତୁ=ନେବା + ଭାବ. ଅନ )—୧ । ଉନ୍ନତି—
Unnayana
(ଉନ୍ନୀତ—ବଣ) 1. Progress; improvement.
୨ । ଅନୁମାନ; ତର୍କ—2. Guess; inference.
୩ । ଉପରକୁ ଉଠାଇବା; ଉତ୍ତୋଳନ—
3. The act of elevating; lifting; raising up.
୪ । ଉତ୍ଥାନ—4. Promotion; rising.
୫ । ଉପରକୁ ଫିଙ୍ଗିବା—
5 The act of throwing up a thing
୬ । ନ୍ୟାୟଶାସ୍ତ୍ର—6. Logic.
୭ । ଉଦ୍ଭାବନ—7. Invention.
୮ । ଆଲୋଚନା, ତର୍କବିତର୍କ—8. Discussion.

**ଉନ୍ନସ**—ସଂ. ବଣ. (ବହୁବ୍ରୀହି; ଉତ୍=ଉନ୍ନତ+ନାସା=ନାସିକା )—
Unnasa ଉନ୍ନତ ନାସିକାବିଶିଷ୍ଟ; ଯାହାର ନାକ ଉଚ୍ଚ—
( ଉନ୍ନସା—ସ୍ତ୍ରୀ ) Having a high nose.

**ଉନ୍ନା**—ଦେ. ବି. ( ସଂ. ଊର୍ଣ୍ଣା )—ଊର୍ଣ୍ଣା; ପଶମ—Wool.
Unnā ବଣ—ଊର୍ଣ୍ଣ ନିର୍ମିତ; ପଶମି—Woolen.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ | ଶ,ଷ | ଝ | ଉମ୍ | ଉଂ | ଊ |
| ୨ | ଐ | ଔ | ଋ | ଌ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ | ଇଥ | ଓ | ନୃ |

ଉନ୍ନାଗ—ଦେ. ବି—ଏକଜାତୀୟ ଗଛ—
Unnāga A species of tree.

ଉନ୍ନାଗ ପୁନ୍ନାଗ ନାଗେଶ୍ୱରକୀ—ପ୍ରତାପ, ଶଶିସେଣା ।

ଉନ୍ନାଦ—ସଂ. ବି. ( ଉତ୍=ଉଚ୍ଚ+ନଦ୍ ଧାତୁ=ଶବ୍ଦ କରିବା +କର୍ତ୍ତୃ. ଅ )—
Unnāda
୧ । ଉତ୍କଟ ରବ; ଉଚ୍ଚଶବ୍ଦ—
1. High sound
୨ । ଗର୍ଜ୍ଜନ—2. Roaring.

ଉନ୍ନାଭ—ସଂ. ବିଣ. ( ବହୁବ୍ରୀହି; ଉତ୍=ଉନ୍ନତ+ନାଭି )—
Unnābha ୧ । ଯାହାର ନାଭି ଉନ୍ନତ—
1. Having a swollen navel.
୨ । ସୂର୍ଯ୍ୟବଂଶୀୟ ରାଜାବିଶେଷ—
2 A king of the Solar dynasty.

ଉନ୍ନାମିତ—ସଂ. ବିଣ. ( ଉତ୍=ଊର୍ଦ୍ଧ୍ୱ+ନମି ଧାତୁ+କର୍ମ. ତ )—
Unnāmita ଊର୍ଦ୍ଧ୍ୱକୁ ଉତ୍ଥାପିତ—Lifted up

ଉନ୍ନାୟ—ସଂ. ବି. ( ଉତ୍+ନୀ ଧାତୁ ଣିଚ+ଭାବ. ଅ )—
Unnāya ଉନ୍ନୟ ( ଦେଖ )—Unnaya ( See )

ଉନ୍ନାହ—ସଂ. ବି. ( ଉତ୍=ଉପରକୁ+ନହ୍ ଧାତୁ=ବାନ୍ଧିବା+ଭାବ. ଅ )—
Unnāha
୧ । ଉତ୍ତୋଳନପୂର୍ବକ ବନ୍ଧନ; ଉଠେଇ କରି ବାନ୍ଧିବା—
1, Tying or binding by lifting a thing.
୨ । ( +କରଣ. ଅ )—କାଞ୍ଜି—
2. Fermented rice-water.

ଉନ୍ନିଦ୍ର—ସଂ. ବିଣ. ପୁଂ. ( ବହୁବ୍ରୀହି; ଉତ୍=ଅପଗତ+ନିଦ୍ରା )—
Unnidra ୧ । ବିନିଦ୍ର; ନିଦ୍ରାବର୍ଜ୍ଜିତ; ନିଦ୍ରାରହିତ—
1. Sleepless; waking
୨ । ନିଦ୍ରାରୁ ଉଠିଥିବା—
2. Awakened from sleep,
୩ । ପ୍ରଫୁଟିତ; ବିକଶିତ—3. Full-blown.
୪ । ସାବଧାନ; ସତର୍କ, ସର୍ବଦା ସଚେତ—
4. Vigilant; cautious

ଉନ୍ନୀତ—ସଂ. ବିଣ. ( ଉତ୍=ଉପରକୁ+ନୀ ଧାତୁ=ନେବା+କର୍ମ. ତ )—
Unnita ୧ । ଉତ୍ତୋଳିତ—
1. Raised; uplifted
୨ । ଊର୍ଦ୍ଧ୍ୱକୁ ନୀତ—2. Promoted; advanced.
୩ । ଉନ୍ନତ କରି ଯାଇଥିବା—3. Improved.
୪ । ଅନୁମିତ—4. Inferred; guessed.

ଉନ୍ମଗ୍ନ—ସଂ. ବିଣ. ( ଉତ୍=ଉପରେ+ମସଜ୍ ଧାତୁ=ବୁଡ଼ିବା+କର୍ତ୍ତୃ. ତ )—ଜଳାଦିରୁ ଉତ୍ଥିତ—Risen from water; emerging from water.
Unmagna

ଉନ୍ମଜ୍ଜକ—ସଂ. ବିଣ. ( ଉତ୍=ଉପରେ+ମସଜ୍ ଧାତୁ=ବୁଡ଼ିବା+କର୍ତ୍ତୃ. ଅକ )—ଉନ୍ମଜ୍ଜନକାରୀ; ଯେ ଭସାଏ—
Unmajjaka Floating.
ସଂ. ବି—ତାପସବିଶେଷ—A class of ascetics.

ଉନ୍ମଜ୍ଜନ—ସଂ. ବି. ( ଉତ୍=ଉପର+ମସଜ୍ ଧାତୁ=ବୁଡ଼ିବା+ଭାବ. ଅନ )—୧ । ଜଳାଦିରୁ ଉତ୍ଥାନ—
Unmajjana
(ଉନ୍ମଗ୍ନ—ବିଣ) 1. Rising up (as from water) emerging from water.
୨ । ଭାସିବା—2 Floating up.

ଉନ୍ମତ୍ତ—ସଂ. ବିଣ. ପୁଂ. ( ଉତ୍=ଅଧିକ+ମଦ୍ ଧାତୁ+କର୍ତ୍ତୃ. ତ=ପାଗଳ)—୧ । ନିଶାରେ ବିହ୍ୱଳ; ମଭୁଆଲ—
Unmatta
(ଉନ୍ମତ୍ତା—ସ୍ତ୍ରୀ) 1. Infatuated intoxicated
ଉନ୍ମାଦ } ବି
ଉନ୍ମତ୍ତତା }
୨ । ଉନ୍ମାଦଗ୍ରସ୍ତ; ପାଗଳ; ବାହ୍ୟଜ୍ଞାନଶୂନ୍ୟ—
2. Mad; crazy; frantic
ସଂ.ବି. (+କରଣ.ତ)—୧ । ଧାତୁରାଗଛ—1. The thorn-apple; a plant whose fruit is prickly and intoxicating.
୨ । ମୁଚୁକୁନ୍ଦ ଗଛ—2. A tree with sweet-smelling flowers.

ଉନ୍ମତ୍ତପ୍ରଲାପ—ସଂ. ବି. (ଷଷ୍ଠୀ ତତ୍)—୧ । ବାତୁଳର ଜଳ୍ପନା—
Unmattapralāpa 1. The ravings of a mad man.
୨ । ଅର୍ଥହୀନ ପ୍ରଲାପ—2. Meaningless ravings.

ଉନ୍ମଥ—ସଂ. ବି. (ଉତ୍+ମଥ ଧାତୁ=ବଧ କରିବା+ଭାବ. ଅ)—
Unmatha ୧ । ବଧ; ହନନ; ମାରଣ—1. Killing.
୨ । ମନ୍ଥନ—2. Churning.
୩ । ମର୍ଦ୍ଦନ—3. Rubbing

ଉନ୍ମଥନ—ସଂ ବି. (ଉତ୍+ମଥ୍ ଧାତୁ=ବଧ କରିବା; ମନ୍ଥନ କରିବା+ଭାବ. ଅନ)—ଉନ୍ମଥ ଦେଖ)
Unmathana Unmatha (See)

ଉନ୍ମଦ—ସଂ. ବିଣ. ( ଉତ୍=ଅତିଶୟ+ମଦ୍ ଧାତୁ=ମତ୍ତ ହେବା+କର୍ତ୍ତୃ. ଅ)—ଉନ୍ମାଦଗ୍ରସ୍ତ; ପାଗଳ—Mad.
Unmada

ଉନ୍ମଦିଷ୍ଣୁ—ସଂ. ବିଣ. (ଉତ୍=ଅତିଶୟ+ମଦ ଧାତୁ=ମତ୍ତହେବା+କର୍ତ୍ତୃ. ଇଷ୍ଣୁ)—୧ । ଉନ୍ମାଦଯୁକ୍ତ; ପାଗଳ—
Unmadishnu
1. Delirious; mad.
୨ । ଉଦ୍ଧତ—2. Excited; intoxicated.
୩ । ବାହ୍ୟଜ୍ଞାନଶୂନ୍ୟ—3. Insensible.

ଉନ୍ମନା—ଦେ. ବିଣ.—ଉନ୍ମନାଃ (ଦେଖ)
Unmanā Unmanāh (See)

ହୋଇଥିବେ ରାମଚନ୍ଦ୍ର ମୋ ଧ୍ୟାନେ ଉନ୍ମନା । ନବକଂଶର, ସୀତାବନବାସ ।

ସାଧାରଣ ପ୍ରେସରେ ଅପର ଶବ୍ଦ ଦ୍ୱାରା ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସନ୍ଧି ...

ଉନ୍ମନାଃ—ସଂ. ବଣ. (ବହୁବ୍ରୀହି; ଉତ୍=ଉର୍ଦ୍ଧ୍ୱ+ମନସ୍=ମନ)— Unmanāh ୧ । ଉତ୍କଣ୍ଠିତ ଚିତ୍ତ—1. Anxious

୨ । ବ୍ୟାକୁଳଚିତ୍ତ—2. Distressed; grieved.

୩ । ଉଦ୍‌ବିଗ୍ନ—3. Distracted; agitated.

୪ । ଉତ୍ସୁକ—4. Eager.

୫ । ଅନ୍ୟମନସ୍କ—5. Absent minded.

୬ । କିଂକର୍ତ୍ତବ୍ୟବିମୂଢ଼—6. Confused.

ଉନ୍ମାଥ—ସଂ. ବି. (ଉତ୍+ମଥ ଧାତୁ=ବଧ କରିବା+କରଣ. ଅ)— Unmātha ୧ । ମୃଗ ବନ୍ଧୋପଯୁକ୍ତ ପାଶ; ଫାନ୍ଦ; ଜାଲପାଶ— 1. A snare; a trap.

୨ । (+ଭାବ. ଅ)—ଆଲୋଡ଼ନ— 2. Agitating; churning.

୩ । ଖେଦ—3. Grief; sorrow.

୪ । ହନନ—4. Killing.

ସଂ. ବଣ.—ଘାତକ—Destroying; murdering.

ଉନ୍ମାଦ—ସଂ. ବି. ଉତ୍+ମଦ ଧାତୁ=ମତ୍ତ ହେବା+ଭାବ. ଅ)— Unmāda ୧ । ଚିତ୍ତବିଭ୍ରମ; ବାତୁଳତା— 1. Insanity; madness.

୨ । ବାତ ରୋଗବିଶେଷ—2. A kind of wind— disease.

୩ । କାଣ୍ଡଜ୍ଞାନଶୂନ୍ୟତା; ଉନ୍ମତ୍ତତା— 3. Infatuation.

୪ । ଉନ୍ମାଦ—4. Madness; infatuation.

ସଂ. ବଣ - ଉନ୍ମତ୍ତତା କାରକ—Causing madness

ଉନ୍ମାଦକ—ସଂ. ବଣ. ପୁଂ. (ଉତ୍—ଉପରେ+ମଦ ଧାତୁ ଣିଚ=ମାଦ ଧାତୁ=ମତ୍ତ କରାଇବା+କର୍ତ୍ତୃ. ଅକ)— Unmādaka (ଉନ୍ମାଦକା - ସ୍ତ୍ରୀ) ୧ । ଚିତ୍ତବିଭ୍ରମକାରୀ— (ଉନ୍ମାଦକିକା—ବ) 1. Causing mania.

୨ । ବୁଦ୍ଧିଭ୍ରଂଶ ଘଟାଇବା; ବାତୁଳ କରାଇବା— 2. Intoxicating; maddening.

ଦେ. ବଣ—ଉନ୍ମତ୍ତ—Mad; intoxicated.

ଯେଉଁ କେଶର ଜଡ଼ ମୂକ ।
ଅବି ପିତାକ ଉନ୍ମାଦକ । ଜଗନ୍ନାଥ ଭାଗବତ ।

ଉନ୍ମାଦଗ୍ରସ୍ତ—ସଂ. ବଣ. ପୁଂ. (ତତ୍ପୁ ତତ୍; ଉନ୍ମାଦ=ବ୍ୟାକୁଳତା+ଗ୍ରସ୍ତ =ଆକ୍ରାନ୍ତ)—ବାତୁଳ ରୋଗାକ୍ରାନ୍ତ— Unmādagrasta (ଉନ୍ମାଦଗ୍ରସ୍ତା—ସ୍ତ୍ରୀ) Mad; insane; delirious.

ଉନ୍ମାଦନ—ସଂ. ବି. (ଉତ୍+ମଦ ଧାତୁ ଣିଚ=ମାଦ ଧାତୁ=ମତାଇବା +ଭାବ. ଅନ)—୧ । ତାନ୍ତ୍ରିକ ଅଭିଚାରବିଶେଷ Unmādana (ଯଦ୍ୱାରା ଲୋକକୁ ପାଗଳ କରାଯାଏ)—1. A kind of charm used to cause madness.

୨ । ଉନ୍ମତ୍ତକରଣ—2. Maddening.

୩ । (+କର୍ତ୍ତୃ. ଅନ, – ମଦନର ବାଣବିଶେଷ— 3. An arrow of Cupid causing insanity.

ଉନ୍ମାଦନା—ସଂ. ବି ( ଉନ୍ମାଦନ+ସ୍ତ୍ରୀ. ଆ )—ଉନ୍ମାଦନ ( ଦେଖ ) Unmādanā Unmādana ( See )

ଉନ୍ମାଦିତ—ସଂ. ବଣ ( ଉତ୍+ମଦ୍ ଧାତୁ ଣିଚ=ମାଦ ଧାତୁ=ମତ୍ତ କରାଇବା+କର୍ମ. ତ )—ଯେ ଉନ୍ମତ୍ତ ହୋଇଅଛି Unmādita ବା ଯାହାର ଉନ୍ମାଦ ଜନ୍ମାଇ ଦିଆ ଯାଇଅଛି— Maddened.

ଉନ୍ମାଦିବା—ଦେ. କ୍ରି—( ସଂ. ଉନ୍ମାଦନ )—ଉନ୍ମତ୍ତ କରିବା— Unmādibā ଉନ୍ମାଦର ଭିତ୍ତି ହୋଇରେ ମୂର୍ଚ୍ଛନ୍ତି ବୃନ୍ଦେ ।

ମଧୁସୂଦନ. କୁସୁମାଞ୍ଜଳି ।

ଉନ୍ମାଦୀ—ସଂ. ବଣ. ପୁଂ ( ଉନ୍ମାଦ+ଅସ୍ତି ଅର୍ଥରେ. ଇନ୍, ଉନ୍ମାଦନ୍ Unmādi ୧ମା. ୧ବ )— (ଉନ୍ମାଦନୀ—ସ୍ତ୍ରୀ) ୧ । ଉନ୍ମାଦଯୁକ୍ତ; ଉନ୍ମତ୍ତ—1 Mad.

୨ । ଉନ୍ମାଦକ—2 Maddening.

ଉନ୍ମାର୍ଗ—ସଂବ (ଉତ୍+ମାର୍ଗ)—୧ । ଅସତ୍ ପଥ—1. Bad ways. Unmārga ୨ । ଗର୍ହିତ ଆଚରଣ—2. Blameworthy conduct.

ସଂ. ବଣ—କୁପଥଗାମୀ—Pursuing bad ways.

ଉନ୍ମାର୍ଗଗାମୀ—ସଂ. ବଣ. ପୁଂ ( ଉନ୍ମାର୍ଗ+ଗମ୍ ଧାତୁ=ଯିବା+କର୍ତ୍ତୃ. ଇନ୍ )—୧ । ଅସଦାଚାରୀ; ଗର୍ହିତାଚାରୀ— Unmārgagāmi (ଉନ୍ମାର୍ଗଗାମିନୀ—ସ୍ତ୍ରୀ) 1. Following bad ways of conduct

୨ । କୁପଥଗାମୀ—2. Going astray or erring.

ଉନ୍ମିଷିତ—ସଂ. ବଣ ( ଉତ୍+ମିଷ୍ ଧାତୁ—ଫୁଟିବା+କର୍ତ୍ତୃ. ତ )— Unmishita ୧ । ଫିଟିଥିବା (ଆଖି)—1. Opened (eye)

୨ । ଉନ୍ମୀଳିତ; ବିକଶିତ; ମେଲହୋଇଥିବା; ଫୁଟିଥିବା— 2. Opened; blown; expanded.

ବ (+ଭାବ. ତ)—୧ । ଉନ୍ମେଷ; ଉନ୍ମୀଳନ— 1. Opening ( of the eye ).

୨ । ( ଫୁଲ ) ଫୁଟିବା—2 Blowing; expanding ( of flowers )

ଉନ୍ମୀଳ—ଦେ. ବଣ ( ସଂ. ଉନ୍ମୀଳିତ )—୧ । ଫିଟିଥିବା (ଆଖି)— Unmīla 1. Opened ( eye )

ଟେକି ଅଙ୍ଗ ରସ ଚକାଷନେ, ଗର୍ହିଷ ଉନ୍ମୀଳ ଲୋଚନେ—ଜଗନ୍ନାଥ. ଭାଗ. ତ ।

୨ । ବିକଶିତ; ପ୍ରସ୍ଫୁଟିତ—2. Blown; opened.

ଉନ୍ମୀଳ ମଧୁର କେ ଲୁବ୍‌ଧେ,
ଚଳ ମଧୁପ ଚୁମ୍ବନ ମୁଗ୍ଧେ । ପ୍ରାଚୀ. ରସବାରିଧି ।

ଉନ୍ମୀଳନ—ସଂ. ବ ( ଉତ୍+ମୀଲ୍ ଧାତୁ=ଫିଟାଇବା, ଖୋଲିବା+ Unmīlana ଭାବ. ଅନ)—୧ । ଫୁଲ ଫୁଟିବା—1. Expanding or blowing of a flower.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଘ | ଛ | ର,ନ୍ର | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଖ | ଜ | ଷ,ଶ | ଞ୍ଚ | ଉଦ୍ଧୃ | ଭୃଅ | ଘ |
| ୨ | ଢ | ଖ | ରୁ | ରୂ | ପ୍ର | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଉଅ | ୠ | ଦ୍ଭ |

୨ । ବିକାଶ; ଉନ୍ମେଷ; ପ୍ରକାଶ — 2. Expansion; expanding.

୩ । (ଚକ୍ଷୁ ପ୍ରଭୃତି) ଉଦ୍ଘାଟନ; ଖୋଲିବା; ମେଲା କରିବା— 3. Opening of eyes.

**ଉନ୍ମୀଳିତ**—ସଂ. ବିଣ ( ଉତ୍=ଉପରକୁ+ମୀଲ ଧାତୁ=ମେଲିବା+କର୍ତ୍ତୃ. ତ )—୧ । ଫିଟିଥିବା ଅକ୍ଷି — **Unmīlita** 1. Opened (eye)

୨ । ବିକଶିତ; ପ୍ରକାଶିତ – 2. Expanded.

୩ । ପ୍ରସ୍ଫୁଟିତ — 3. Full blown

**ଉନ୍ମୁକ୍ତ**—ସଂ. ବିଣ (ଉତ୍ + ମୁଚ୍ ଧାତୁ = ମୋଚନ କରିବା+କର୍ମ. ତ)— **Unmukta** ୧ । ସ୍ୱାଧୀନ—1. Free.

୨ । ବାଧାଶୂନ୍ୟ – 2 Unobstructed.

୩ । ଫିଟା ହୋଇଥିବା; ଖୋଲା—3. Opened

୪ । ମୁକୁଳା (କେଶ)—4. Loosened; let loose; unfastened; untied ( hair. )

୫ । ଫିଟା ମେଲା (ଦୁଆର)—5. Opened (door)

୬ । ବନ୍ଧନରୁ ମୁକ୍ତ—6 Set free.

୭ । ଫିଟା ହୋଇଥିବା; ପାଲଟା ହୋଇଥିବା ଲୁଗା — 7. Put off cloth )

**ଉନ୍ମୁଖ**—ସଂ. ବିଣ ( ବହୁବ୍ରୀହି; ଉତ୍=ଉପରକୁ+ମୁଖ=ମୁହଁ ଯାହାର)—୧ । ଊର୍ଦ୍ଧ୍ୱମୁଖ; ଉପରମୁହାଁ— **Unmukha** 1. Looking upwards; with upturned face

୨ । ଉଦ୍ୟତ; ତତ୍ପର—2. Ready for

୩ । ଉତ୍ସୁକ; ବ୍ୟଗ୍ର – 3. Eager; expectant; anxious

୪ । ଉଦ୍ୟୁକ୍ତ (ଦେଖ) 4. Udjukta (See)

**ଉନ୍ମୁଦ୍ର**— ସଂ. ବିଣ. (ବହୁବ୍ରୀହି; ଉତ୍= ବିମୁକ୍ତ + ମୁଦ୍ରା = ମୁଦା)— **Unmudra** ୧ । ବିକଶିତ—1. Expanded

୨ । ମୁଦ ଫିଟାଯାଇ ଥିବା—2. Unsealed

**ଉନ୍ମୂଳକ**—ସଂ. ବିଣ. ପୁଂ ( ଉତ୍=ଉପରକୁ+ମୂଳ ନାମ ଧାତୁ= ମୂଳେଇ ଉପାଡ଼ିବା+କର୍ତ୍ତୃ. ଅକ)—୧ । ମୂଳରୁ **Unmūlaka** (ଉନ୍ମୂଳିକା—ସ୍ତ୍ରୀ) ଉପାଡ଼ୁଥିବା; ମୂଳୋତ୍ପାଟନକାରୀ— 1 Uprooting

୨ । ସମୂଳେ ବିନାଶକାରୀ—2. Eradicating. exterminating: ruining.

**ଉନ୍ମୂଳନ**—ସଂ. ବି. ( ଉତ୍ = ଉପରକୁ + ମୂଳ ନାମ ଧାତୁ + ଭାବ. ଅନ)—୧ । ଉତ୍ପାଟନ; ମୂଳ ସହିତ ଉପାଡ଼ିବା— **Unmūlana** 1. Eradication; uprooting

୨ । ସମୂଳେ ଉଚ୍ଛେଦ ବା ବିନାଶକରଣ— 2. Exterminating; extirpation.

୩ । ବିନାଶ—3. Ruin.

**ଉନ୍ମୂଳୟିତା**। ସଂ. ବି. (ଉତ୍ + ମୂଳ ଧାତୁ + କର୍ତ୍ତୃ. ତୃ)—ଯେ ଉନ୍ମୂଳନ **Unmūlayitā** କରେ; ଉତ୍ପାଟୟିତା; ଉତ୍ପାଟକ— (ଉନ୍ମୂଳୟିତ୍ରୀ —ସ୍ତ୍ରୀ) Eradicating; ruining.

**ଉନ୍ମୂଳିତ** — ସଂ. ବିଣ (ଉତ୍ + ମୂଳ ନାମ ଧାତୁ+କର୍ମ. ତ)— **Unmūlita** ୧ । ସମୂଳେ ଉତ୍ପାଟିତ;—1. Rooted out; eradicated; exterminated.

୨ । ଉପୁଡ଼ା ହୋଇଥିବା— 2. Pulled up by the root.

୩ । ସମୂଳେ ବିନଷ୍ଟ—3. Ruined.

**ଉନ୍ମୃଷ୍ଟ** —ସଂ. ବିଣ. ( ଉତ୍ + ମୃଜ୍ ଧାତୁ = ପରିଷ୍କାର କରିବା + **Unmrushta** କର୍ମ. ତ ) — ୧ । ପରିଷ୍କୃତ; ମାର୍ଜ୍ଜିତ— 1. Brushed; polished.

୨ । ଉଜ୍ଜ୍ୱଳୀକୃତ – 2. Burnished; cleansed.

**ଉନ୍ମେଷ** —ସଂ. ବି. ( ଉତ୍ = ଉପରକୁ + ମିଷ ଧାତୁ = ବିକଶିତ ହେବା **Unmesha** + ଭାବ. ଅ )—

୧ । ଉନ୍ମୀଳନ; ପ୍ରକାଶ—1. Opening.

୨ । ଉଦୟ—2. Rising.

୩ । ଚକ୍ଷୁ ଖୋଲିବା—3. Opening of the eye.

**ଉନ୍ମୋଚକ** – ସଂ. ବିଣ. ପୁଂ. ( ଉତ୍ + ମୁଚ ଧାତୁ + କର୍ତ୍ତୃ. ଅକ )— **Unmochaka** ଯେ ବନ୍ଧନରୁ ମୁକ୍ତ କରେ —Setting at ( ଉନ୍ମୋଚିକା– ସ୍ତ୍ରୀ ) liberty; freeing from bond

**ଉନ୍ମୋଚନ**—ସଂ. ବି. ( ଉତ୍ =ମୁଚ ଧାତୁ + ଭାବ. ଅନ )— **Unmochana** ୧ । ଖୋଲିବା; ଫିଟାଇବା— (ଉନ୍ମୋଚିତ—ବିଣ) 1. Untying; unloosing.

୨ । ବନ୍ଧନରୁ ମୁକ୍ତ କରିବା— 2. Setting at liberty.

୩ । କାରାଗାରରୁ ମୁକ୍ତ କରି ଦେବା— 3 Setting free from captivity.

୪ । ଛଡ଼ାଇ ନେବା—4. Snatching away.

**ଉନ୍ମୋଚିତ** —ସଂ. ବିଣ —(ଉତ୍ + ମୁଚ ଧାତୁ ଣିଚ+କର୍ମ. ତ )— **Unmochita** ଯାହାକୁ ବନ୍ଧନରୁ ଫିଟାଇ ଦିଆ ଯାଇଅଛି— Set free; set at liberty.

**ଉପ** —ସଂ. ଅ ( ଉପସର୍ଗ ) ( ବପ ଧାତୁ + କର୍ତ୍ତୃ. ଅ ) ନିମ୍ନଲିଖିତ **Upa** ଅର୍ଥରେ ଶବ୍ଦ ବା କ୍ରିୟା ପୂର୍ବରେ ଯୁକ୍ତ ହୁଏ— Prefix indicating the following senses when prefixed to nouns and verbs.

୧ । ନିକଟ; ସାମୀପ୍ୟ ( ଯଥା – ଉପକଣ୍ଠ; ଉପଦ୍ୱାର )— 1. About; near; proximity; nearness

୨ । ସହିତ—2. With; by the side of.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ ଲେଖା ବଦଳନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ବର୍ଣ୍ଣର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାର' ନ ମିଳିଲେ 'ଶାର' ଖୋଜିବେ; 'ଦୃଷ' ନ ମିଳିଲେ 'ଦୃଶ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

୩ । ଅତ୍ୟନ୍ତ ଆଧିକ୍ୟ(ଯଥା—ଉପବାଦ;ଉପତାପ;ଉପଦଂଶ)
3. Excess; redundance: extra.

୪ । ନିମ୍ନରେ; ତଳେ - 4. Under.

୫ । ଗୁପ୍ତ ( ଯଥା—ଉପଳାପ; ଉପାଂଶୁ )—5. Secret.

୬ । ନ୍ୟୂନତା; ନିକୃଷ୍ଟ; ହୀନତା—( ଯଥା—ଉପକଥା, ଉପବେଶ; ଉପଗ୍ରହ । )—6. Inferiority.

୭ । ଅଧସ୍ତନ ( ଯଥା—ଉପାଧ୍ୟାୟ; ଉପଶିଷ୍ୟ )—
7. Junior.

୮ । ସାଦୃଶ୍ୟ ( ଯଥା—ଉପକନ୍ୟା; ଉପଦ୍ୱୀପ; ଉପାସ୍ଥି )—
8. Similarity.

୯ । ଅପେକ୍ଷା ଅଧିକ— 9. More than.

୧୦ । ଆରମ୍ଭ (ଯଥା—ଉପକ୍ରମ )—10. Beginning.

୧୧ । ପ୍ରତିନିଧି; ଅଧସ୍ତନ ( ଯଥା—ଉପଗୁରୁ )—
11. Subordinate.

୧୨ । ଭୂଷଣ—12. Ornament.

୧୩ । ଉପସ୍ଥିତ—(ଯଥା—ଉପସର୍ଗ)—13. Present.

୧୪ । ସାହାଯ୍ୟ ( ଯଥା—ଉପକରଣ )—
14. Help.

୧୫ । ନିନ୍ଦା; ଦୋଷାଖ୍ୟାନ; ତିରସ୍କାର ( ଯଥା—ଉପାଲମ୍ଭ; ଉପବାଦ ) ।—15. Reprimand

୧୬ । ପାର୍ଶ୍ୱ ( ଯଥା—ଉପଦେବତା )—16. Side

୧୭ । ଦାନ—17. Giving.

୧୮ । ଦୃଢ଼ରୂପେ (ଯଥା—ଉପଗୂଢ଼)—
18. Tightly; closely.

୧୯ । ଅଧିକ ( ଯଥା—ଉପଚୟ )—19. Additional.

୨୦ । ମାରଣ—20. Killing.

୨୧ । ସମ୍ମୁଖରେ; ଆଗରେ—( ଯଥା—ଉପଢୌକନ )—
21. In front; before.

୨୨ । ଇଚ୍ଛା—22. Wish.

୨୩ । ଘୃଣା ( ଯଥା—ଉପେକ୍ଷା; ଉପହାସ)—
23. Contempt.

୨୪ । ବ୍ୟାପ୍ତି —24 Spreading.

୨୫ । ଉଚ୍ଚୈଃସ୍ୱରରେ ( ଯଥା—ଉପଗୀୟମାନ )—
25. Loudly.

୨୬ । ପ୍ରାୟ (ଯଥା—ଉପଦ୍ୱୀପ;ଉପସାଗର) -26. Nearly.

୨୭ । ଆଶ୍ଚର୍ଯ୍ୟକରଣ —27. Surprising.

୨୮ । ପୂଜା—( ଯଥା—ଉପସ୍ଥାନ, ଉପାସନା )—
28. Worship.

୨୯ । ଅନୁକୂଲ୍ୟ—( ଯଥା—ଉପକାର )—
29. The quality of being favourable.

୩୦ । ଉଦ୍ୟୋଗ—30. Endeavour.

୩୧ । କୃତ୍ରିମ—31. Artificial.

୩୨ । ପଶ୍ଚାତ୍; ଅନୁଜ ( ଯଥା— ଉପେନ୍ଦ୍ର )—
32. After; younger.

୩୩ । କଳ୍ପନା ( ଯଥା—ଉପାଖ୍ୟାନ )—
33. Imagination.

୩୪ । ନିଦର୍ଶନ —34. Proof.

୩୫ । ପର୍ଯ୍ୟାୟକ୍ରମେ (ଯଥା—ଉପଶାୟ) —
35. Alternately

୩୬ । ଅଧୀତ;ଅର୍ଜିତ (ଯଥା—ଉପଲବ୍ଧ)- 36. Acquired.

୩୭ । ଅଭିମୁଖ—37. Towards.

**ଉପଇନ୍ଦ୍ର**—ଗ୍ରା. ପଦ୍ୟ. ବି—ଉପେନ୍ଦ୍ର ( ଦେଖ )
**Upaindra** Upendra ( See )

**ଉପଇନ୍ଦ୍ରଭଞ୍ଜ**—ଗ୍ରା. ପଦ୍ୟ. ବି. (ନାମ— ଉପେନ୍ଦ୍ରଭଞ୍ଜ ( ଦେଖ )
**Upaindrabhañja** Upendrabhañja (See)

**ଉପକଣ୍ଠ**— ସଂ. ବି ( ଉପ=ସମୀପ+କଣ୍ଠ=ଗଳା )—
**Upakaṇṭha** ୧ । କଣ୍ଠର ନିକଟବର୍ତ୍ତୀ ଅଂଶ; ଗଳାର ଚାରିପାଖ—1, Part of the neck surrounding the throat.

ମାଧୁର୍ଯ୍ୟ ସ୍ନେହରେ ଖାଇଲେ ପିତା, କଣ୍ଠ ଉପକଣ୍ଠ ଲଗିଲେ ପିତା
ନ ହୋଇ କହୁଚା, ଏଣାକରେ ସିନା କର ଭାଙ୍ଗିବା ।
କବିସୂର୍ଯ୍ୟ. ବଳଦା ।

୨ । ନିକଟବର୍ତ୍ତୀ ବା ଲାଗିଥିବା ସ୍ଥାନ—
2 Precincts or adjoining places.

ମାପବୃକ୍ଷ ଉପକଣ୍ଠେ—କବିସୂର୍ଯ୍ୟ. କଂସୋଦ୍ଧ ବଧ ଓ ଗୀତ ।

୩ । ସାମୀପ୍ୟ; ନୈକଟ୍ୟ —
3. Neighbourhood; vicinity.

୪ । ଗ୍ରାମାନ୍ତ ବା ନଗରାନ୍ତ; ସହରତଳି—4 Suburb or outskirts of atown or village.

୫ । ଘୋଡ଼ାର ଗତିବିଶେଷ—
5. A kind of movement of a horse

**ଉପକଥା**—ସଂ. ବି ( ଉପ=ହୀନ+କଥା )—
**Upakathā** ୧ । କଳ୍ପିତକଥା; ଗପ; ଆଖ୍ୟାୟିକା --
1. Fable; tale; story

୨ । କାହାଣୀ—2. Folk-tale

୩ । ଉପନ୍ୟାସ—3 Novel.

**ଉପକନ୍ୟା**— ସଂ. ବି. ସ୍ତ୍ରୀ ( ଉପ=ସମାନ+କନ୍ୟା )—
**Upakanyā** କନ୍ୟାର ସଖୀ—A daughter's female friend.

**ଉପକରଣ**— ସଂ. ବି (ଉପ=ସାହାଯ୍ୟ+କୃ ଧାତୁ=କରିବା+କରଣ.
**Upakaraṇa** ଅନ )—୧ । ସାମଗ୍ରୀ; କୌଣସି ଅନୁଷ୍ଠାନର ଆନୁଷଙ୍ଗିକ ଦ୍ରବ୍ୟ; ଯେଉଁ ଯେଉଁ ଦ୍ରବ୍ୟମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ ସମାଧା ହୁଏ—
1. Accessory; ingredients; materials; supplementary articles; articles required for a work.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ନ | ଶ,ଷ | ଜ୍ଞ | ଇୟ | ଇଅ | ଉ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ |

୨ । ରାଜାମାନଙ୍କର ଛତ୍ରଚାମରାଦି ଚିହ୍ନ—
2. Insignia of royalty.

୩ । ଅନ୍ନାଦି ଖାଦ୍ୟ ସଙ୍ଗେ ପ୍ରୟୋଜନୀୟ ବସ୍ତୁ—
3. Supplementary articles to the principal food (e g. curry, salt, sauce etc.

୪ । ଖାଦ୍ୟ ପ୍ରସ୍ତୁତ କରିବାର ଦ୍ରବ୍ୟସମ୍ଭାର —
4. Provisions; victuals.

୫ । ଶାସ୍ତ୍ର ବା ଗ୍ରନ୍ଥର ଆନୁଷଙ୍ଗିକ ଗ୍ରନ୍ଥ—
5. Supplementary treatise

୬ । କୌଣସି କାର୍ଯ୍ୟର ପ୍ରୟୋଜନୀୟ ଯନ୍ତ୍ରାଦି —
6 Implements;apparatus;instruments.

୭ । ଉପାୟ—7 Means.

୮ । ( +ଭାବ. ଅନ )—ଉପକାର—
8. Beneficence

ଉପକର୍ତ୍ତା—ସଂ. ବି. ପୁଂ. ( ଉପ=ସାହାଯ୍ୟ; ଅପ୍ରଧାନ+କୃ ଧାତୁ= Upakarttā କରିବା+କର୍ତ୍ତୃ. ତୃ ୧ମ .୧ବ)—୧ । ଉପକାର— (ଉପକର୍ତ୍ତ୍ରୀ—ସ୍ତ୍ରୀ) କର୍ତ୍ତା; ସହାୟକ—1 Helper; assistant; benefactor.

୨ । ଯେ ପ୍ରଧାନ କର୍ତ୍ତା ନୁହେ—2 Interior to the chief or headman; a person of secondary authority.

ବିଣ—ଉପକାରୀ—Benefitting; rendering service or help

ଉପକାନ୍ତ—ଦେ. ବି—ଉପପତି Paramour.
Upakānta ବହୁଲବ୍ଧ ପ୍ରକାରେ କ କରେ ଉପକାନ୍ତେ ।
ଭଦେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଉପକାର—ସଂ. ବି ( ଉପ=ଅନୁକୂଳ+କୃ ଧାତୁ=କରିବା+ଭାବ. Upakāra ଅ)—୧ । ସାହାଯ୍ୟ—1. Help; assistance; aid.
(ଅପକାର—ବିପରୀତ)
(ଉପକୃତ—ବିଣ) ୨ । ଅନୁଗ୍ରହ; ଆନୁକୂଲ୍ୟ—
2. Good office, benefit;advantage; good; favour; beneficence.

୩ । ଭଲ ଫଳ—3 Good effect or result

୪ । ପ୍ରୟୋଜନ—4. Use.

୫ । ଉପକରଣ—5. Ingredients; materials.

ଉପକାରକ—ସଂ. ବିଣ ( ଉପ+କୃ ଧାତୁ+କର୍ତ୍ତୃ. ଅକ )—
Upakāraka ୧ । ଯେ ଉପକାର କରେ—
(ଉପକାରକତା—ବି.) 1. Benefactor; benefiting.
(ଉପକାରିକା—ସ୍ତ୍ରୀ) ୨ । ସାହାଯ୍ୟକାରୀ—2 Helping; assisting.

୩ । ଅନୁଗ୍ରହକାରୀ—3. Bestowing a favour.

୪ । ଆବଶ୍ୟକ—4. Useful.

୫ । ଶୁଭଫଳପ୍ରଦ; ଫଳୋତ୍ପାଦକ—5. Efficacious.

ଉପକାର କରିବା—ଦେ. କ୍ରି—୧ । ସାହାଯ୍ୟ କରିବା—
Upakāra karibā 1. To help; to assist; to be of aid.

୨ । ମଙ୍ଗଳ ସମ୍ପାଦନ କରିବା; ଭଲ କରିବା—
2 To benefit.

୩ । ଅନୁଗ୍ରହ ଦେଖାଇବା—
3. To bestow a favour; to confer a boon.

ଉପକାରଜ୍ଞ—ସ. ବିଣ. ପୁଂ ( ଉପକାର+ଜ୍ଞା ଧାତୁ=ଜାଣିବା+ Upakārajña କର୍ତ୍ତୃ. ଅ )—୧ । କୃତଜ୍ଞ; ପରକୃତ ଉପକାରକୁ (ଉପକାରଜ୍ଞା—ସ୍ତ୍ରୀ) ଯେ ପାସୋରେ ନାହିଁ—
1. Grateful; cognisant of benefits received from another.

ଉପକାରରେ ଆସିବା ଦେ. କ୍ରି—ଉପକାରରେ ଲାଗିବା (ଦେଖ)
Upakārare āsibā Upakārare lāgibā (See)
উপকারে আসা
कामने आना

ଉପକାରରେ ଲାଗିବା—ଦେ. କ୍ରି—ପରେ ପ୍ରୟୋଜନରେ ଲାଗିବା—
Upakārare lāgibā To be of use or good service in the future.
উপকারে লাগা

ଉପକାରିକା—ସ. ବିଣ. ସ୍ତ୍ରୀ ( ଉପକାରକ+ସ୍ତ୍ରୀ. ଆ )—
Upakārikā ଉପକାରକର ସ୍ତ୍ରୀଲିଙ୍ଗ—The feminine of Upakāraka.

ବି. ସ୍ତ୍ରୀ—୧ । ରାଜଗୃହ; ପ୍ରାସାଦ—1. Palace.

୨ । ପଟ୍ଟଭବନ; ତମ୍ବୁ—2. Tent.

୩ । ସୌଧ; ରାଜଯୋଗ୍ୟ ଆବାସ—3. Palatial building.

୪ । ଶସ୍ୟାଦି ସଞ୍ଚୟ କରିବା ସ୍ଥାନ; କୋଠି; ମରେଇ—
4. Place or receptacle for storing grains; a granary.

୫ । ଏକପ୍ରକାର ଲଘୁ ପିଷ୍ଟକ—
5 A kind of light cake.

ଉପକାରିଣୀ—ସ. ବିଣ. ସ୍ତ୍ରୀ—( ଉପକାରିନ୍+ସ୍ତ୍ରୀ. ଈ )—ଉପକାରୀର Upakāriṇī ସ୍ତ୍ରୀଲିଙ୍ଗ—Feminine of Upakārī.

ସ. ବି—୧ । ରାଜାଙ୍କ ବାସଯୋଗ୍ୟ ଗୃହ—1. Palatial house.

୨ । ପଟ୍ଟଭବନ; ତମ୍ବୁ—2. Tent.

ଉପକାରିତା—ସଂ. ବି (ଉପକାରିନ୍+ଭାବ. ତା)—୧ । ଉପକାର—
Upakāritā 1. Beneficence

୨ । ସାହାଯ୍ୟ—2. Aid; help; succour.

୩ । ଆବଶ୍ୟକତା—3. Usefulness.

୪ । ଉପଯୋଗିତା—4. Fitness.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଉ' ନ ମିଳିଲେ 'ଖାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍' ନ ପାଇଲେ 'ବନ' ଦେଖିବେ; 'ଆର୍ଯ୍ୟ' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଉପକାରୀ**— ସଂ. ବଣ. ପୁଂ ( ଉପ + କୃ ଧାତୁ + କର୍ତ୍ତୃ. ଇନ୍; ଉପକାରିନ୍ ଶବ୍ଦର ୧ମା ୧ବ. )— ୧ । ଉପକାର କରିବା— (ବ୍ୟକ୍ତି); ଉପକାରକ—1. Beneficent; obliging
Upakāri
(ଉପକାରିଣୀ—ସ୍ତ୍ରୀ)
(ଅପକାରୀ—ବିପରୀତ)
୨ । ସହାୟକ—2. Helpful; useful; advantageous.
୩ । ମଙ୍ଗଳବିଧାୟକ—
3. Beneficent; beneficial.
୪ । ସୁଫଳପ୍ରଦ—4. Efficacious.
୫ । ଉପଯୋଗୀ—5. Fit.

**ଉପକାର୍ଯ୍ୟ**— ସଂ. ବଣ ପୁଂ. ( ଉପ = ସାହାଯ୍ୟ + କୃ ଧାତୁ = କରିବା + କର୍ମ. ଯ)— ୧ । ଉପକାର କରିବାର ଯୋଗ୍ୟ— 1. Fit to be benefited.
Upakārjya
(ଉପକାର୍ଯ୍ୟା—ସ୍ତ୍ରୀ)
୨ । ଅନୁଗ୍ରହ ଦେଖାଇବାର ଉପଯୁକ୍ତ—
2. Deserving assistance or favour.

**ଉପକାର୍ଯ୍ୟା**— ସଂ. ବି. ସ୍ତ୍ରୀ— ୧ । ଉପକାରିକା ( ଦେଖ ) 1. Upakārikā ( See )
Upakārjyā
୨ । ଉପକାର୍ଯ୍ୟର ସ୍ତ୍ରୀଲିଙ୍ଗ—
2. Feminine of upakārjya.

**ଉପକୁଞ୍ଚିକା**— ସଂ. ବି. ସ୍ତ୍ରୀ. ( ଉପ + କୁଞ୍ଚିକା )— କଳାଜୀରା; କୃଷ୍ଣ-ଜୀରକ—A variety of cuminseed; black cumin.
Upakuñchikā

**ଉପକୁଲ୍ୟା**— ସଂ. ବି. ସ୍ତ୍ରୀ. ( ଉପ = ସମୀପ + କୁଲ ଧାତୁ = ସୃଷ୍ଟି କରିବା + ଯ + ସ୍ତ୍ରୀ. ଆ )—
Upakulyā
୧ । ପାଣିମାଡ଼ାରି; ପହଣୀ; ଖାଲ; ନାଳ; ଗାଡ଼—
1. A trench; canal; ditch.
୨ । ପିପ୍ପଳୀ—2. Long pepper.

**ଉପକୁଶ**— ସଂ. ବି— ମୁଖରୋଗବିଶେଷ— A kind of mouth-disease
Upakuśa

**ଉପକୂପ**— ସଂ. ବି. ( ଅବ୍ୟୟୀ ଭାବ; ଉପ = ନିକଟ + କୂପ = କୂଅ)— ଜଳକୁଣ୍ଡ; କୂଅ ନିକଟରେ ଥିବା ଜଳାଧାର— A trench near a well for watering cattle.
Upakūpa
ସଂ. ଅ— କୂଅ ନିକଟରେ—Near a well.

**ଉପକୂଳ**— ସଂ. ବି. ( ଅବ୍ୟୟୀଭାବ; ଉପ = ସମୀପ + କୂଳ = ତୀର )—
Upakūla ୧ । ବେଳାଭୂମି; ସମୁଦ୍ରତୀରବର୍ତ୍ତୀ ଭୂମି—
1. Sea-coast; sea-shore; sea-beach.
୨ । ନଦୀର ତୀରବର୍ତ୍ତୀ ଭୂମି—
2 Bank of a river.

**ଉପକୃତ**— ସଂ. ବଣ. ପୁଂ. ( ଉପ + କୃ ଧାତୁ + କର୍ମ. ତ )—
Upakṛuta ୧ । ଉପକାର ପ୍ରାପ୍ତ; ଉପକାର ପାଇଥିବା— 1. Benefited.
( ଉପକୃତା—ସ୍ତ୍ରୀ )
୨ । ବାଧିତ, ଅନୁଗୃହୀତ—
2. Under an obligation; favoured.
୩ । ସାହାଯ୍ୟ ପ୍ରାପ୍ତ—3. Helped; assisted.
ସଂ. ବି ( + ଭାବ. ତ )— ଉପକାର—Benefit.

**ଉପକୃତି**— ସଂ. ବି. ( ଉପ + କୃ ଧାତୁ + ଭାବ. ତି )—
Upakṛuti ୧ । ସାହାଯ୍ୟ—
1. Act of assisting; help; aid.
୨ । ଉପକାର—2. Benefit.
୩ । ଅନୁଗ୍ରହ—3. Favour.

**ଉପକେଶ**— ସଂ. ବି. (ଅବ୍ୟୟୀଭାବ; ଉପ = ସଦୃଶ + କେଶ = ବାଳ)—
Upakeśa ୧ । ପରଚୂଲା; କଳ୍ପିତ କେଶ—
1. False hair; periwig.
୨ । ଗୁପ୍ତାଙ୍ଗର କେଶ—2. Hair of the private parts of the body.

**ଉପକୋଷ**— ସଂ. ବି. ( ଦେହବିଜ୍ଞାନପରିଭାଷା )— ଶରୀର ମଧ୍ୟସ୍ଥ ଚର୍ମକୋଷବିଶେଷ—( anatomy ) The capsular membrane.
Upakosha

**ଉପକ୍ରମ**— ସଂ. ବି. (ଉପ = ନିକଟ + କ୍ରମ ଧାତୁ = ଆରମ୍ଭ କରିବା; ଗମନ କରିବା + ଭାବ ଅ )— ଉପକ୍ରମଣ ( ଦେଖ ) Upakramaṇa ( See )
Upakrama

**ଉପକ୍ରମଣ**— ସଂ. ବି. ( ଉପ = ନିକଟ + କ୍ରମ ଧାତୁ = ଆରମ୍ଭ କରିବା; ଗମନ କରିବା + ଭାବ. ଅନ )—
Upakramaṇa
( ଉପକ୍ରାନ୍ତ—ବଣ ) ୧ । ଆରମ୍ଭ—1. Commencement; undertaking a work; scheme.
୨ । ଚେଷ୍ଟା—2. Attempt.
୩ । ବଶୀକରଣ—
3. Bringing under control.
୪ । ଧର୍ମାଦିଦ୍ୱାରା ଭୃତ୍ୟପରୀକ୍ଷା—
4. Testing the honesty and reliability of a servant.
୫ । ଚିକିତ୍ସା—5. Medical treatment.
୬ । ପାଦକ୍ଷେପ; ବିକ୍ରମ; ପାହୁଣ୍ଡ—6. Stride.
୭ । ଗମନ; ପଳାୟନ—
7 Flying away; passing; going fast.
୮ । ଉପାୟ—8 Means; design.
୯ । କୌଣସି ବିଷୟର ସଂକ୍ଷିପ୍ତ ସୂଚନା—
9. Introduction of a subject.

**ଉପକ୍ରମଣିକା**— ସଂ. ବି ସ୍ତ୍ରୀ. ( ଉପ + କ୍ରମ ଧାତୁ + ଭାବ. ଅନ + କ + ସ୍ତ୍ରୀ. ଆ )—
Upakramaṇikā
୧ । କୌଣସି ଆଲୋଚ୍ୟ ବିଷୟର ସଂକ୍ଷିପ୍ତ ସୂଚନା; ଅବତରଣିକା—1 Introduction of a subject to be dealt with; elementary discourse; foreword.

| ୧ | ଇ | ଈ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଷ | ଜ୍ଞ | ଇଯ୍ | ଉଅ | ତ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ତ୍ତ |

୨ । ବକ୍ଷ୍ୟମାଣ ବିଷୟର ପୂର୍ବାଭାସ—2 Prologue.
୩ । ପ୍ରଥମ ସୂତ୍ରପାତ—3. First steps; beginning.
ସଂ ବି – ସୂଚକ—Introductory

ଉପକ୍ରାନ୍ତ—ସଂ. ବିଣ. (ଉପ=ଆରମ୍ଭ+କ୍ରମ ଧାତୁ=ଯିବା+କର୍ମି. ତ)–
Upakrānta ୧ । ଆରବ୍ଧ—1. Begun; undertaken.
(ଉପକ୍ରମ—ବି) ୨ । ଚେଷ୍ଟିତ—2. Attempted.
୩ । ବିସ୍ତୃତ—3. Extended; laid; stretched.
୪ । ପ୍ରକ୍ରାନ୍ତ—4. Gone; past.

ଉପକ୍ରିୟା—ସଂ. ବି. ଉପ=ସାହାଯ୍ୟ+କ୍ରିୟା=କାର୍ଯ୍ୟ )—
Upakriyā ୧ । ସାହାଯ୍ୟ—1. Help.
୨ । ଉପକାର—2. Beneficence.

ଉପକ୍ରୋଶ—ସଂ. ବି. ( ଉପ=ଗ୍ଲାନ+କ୍ରୁଶ୍ ଧାତୁ=ନିନ୍ଦା କରିବା+ଭାବ. ଅ)—୧ । ନିନ୍ଦା; ଅପବାଦ—1. Blame.
Upakrośa
୨ । ଭର୍ତ୍ସନା; ତୋଷଣ—
2 Censure; reproach; abuse.
ବିଣ—( ଉପ=ନିକଟ+କ୍ରୋଶ=କୋଶ; ଦୂରତ୍ୱ )
ଅସମ୍ପୂର୍ଣ୍ଣକୋଶ; ପ୍ରାୟ ଏକ କୋଶ—
About two miles in distance.
ସଂ. ଅ—ପ୍ରାୟ ଏକ କୋଶ —
Approximately two miles

ଉପକ୍ଷେପ—ସଂ. ବି. ( ଉପ+କ୍ଷିପ ଧାତୁ=ଫୋପାଡ଼ିବା+ଭାବ. ଅ )—
Upakshepa ୧ । ଉଲ୍ଲେଖ –
1. Mention; narration.
୨ । ପ୍ରସ୍ତାବ—2. Proposal.
୩ । ଆକ୍ଷେପ—3. Regret.
୪ । ନାଟ୍ୟାଦିରେ ଇତିହାସର ଉଲ୍ଲେଖ—
4. Narrating history in a play

ଉପଗତ—ସଂ. ବିଣ. ( ଉପ=ନିକଟ+ଗମ ଧାତୁ+କର୍ମି. ତ )—
Upagata ୧ । ସ୍ୱୀକୃତ—1. Promised; agreed; admitted
(ଉପଗତା—ସ୍ତ୍ରୀ)
(ଉପଗମ—ବି) ୨ । ଜ୍ଞାତ—2. Known; conceived.
୩ । ପ୍ରାପ୍ତ—3. Attained.
୪ । (+କର୍ତ୍ତୃ. ତ) ମିଳିତ—4. Met.
୫ । ନିକଟରେ ଉପସ୍ଥିତ—5. Arrived at.
୬ । ଆସକ୍ତ—6. Addicted to.
୭ । ସନ୍ନିହିତ—7. Near at hand.
୮ । ରମଣ କରିଥିବା—8. Having copulated.
ସଂ. ବି—ପ୍ରାପ୍ତିସୂଚକ ପତ୍ର ବା ରସିଦ—
Receipt, acknowledgement.
ଦେ. ବି—ଲାଭପ୍ରାପ୍ତି—Attainment.
ଖାଇବାପାଇଁ ଚୋର ସଙ୍ଗ ଉପଗତେ । ପ୍ର ଚୀ—ରସକାଲୋ ।

ଦେ. ବିଣ. ( ଲକ୍ଷଣାର୍ଥ )—ଜାତ—Born.
ସେ ମୀନ କାହିଁକେ ମୁଁ ହୋଇଲି ଉପଗତ । ବଇନାଥ, ବଡ଼ାବୀରସମାପ୍ତିଶ ।

ଉପଗତ ହେବା (ଅମୁକଠାରେ)—ଗ୍ରା. କ୍ରି—ସଙ୍ଗମ କରିବା—
Upagata hebā To cohabit; to copulate

ଉପଗନ୍ଧକ—ସଂ. ବି. ଆଧୁନିକ ପ୍ରୟୋଗ) (ଉପ=ସଦୃଶ+ଗନ୍ଧକ )—
Upagandhaka ରାସାୟନିକ ମୂଳପଦାର୍ଥବିଶେଷ; ଧାତୁବିଶେଷ—
Selenium; a chemical element.

ଉପଗମ—ସଂ. ବି. (ଉପ=ନିକଟ+ଗମ ଧାତୁ=ଯିବା+ଭାବ. ଅ)—
Upagama ୧ । ସ୍ୱୀକାର —1. Promise; admission;
(ଉପଗତ—ବିଣ) consent; acknowledgement; agreement.
୨ । ନିକଟକୁ ଗମନ;ଉପସ୍ଥିତି—2. Arrival; presence.
୩ । ଅନୁମୋଦନ—3. Approval.
୪ । ଆସକ୍ତି—4. Attachment.
୫ । ଜ୍ଞାନ—5. Knowledge; conception.
୬ । ପ୍ରାପ୍ତି—6. Attainment; consummation.
୭ । ସନ୍ନିଧି —7. Nearness.
୮ । ସ୍ନେହ—8. Hankering after.
୯ । ଘଟନା—9. Happening
୧୦ । ସଙ୍ଗମ—
10. Intercourse; cohabitation.
୧୧ । ଆରମ୍ଭ—11. Commencement.

ଉପଗାର – ଗ୍ରା. ବି. ( ସଂ. ଉପକାର ) – ୧ । ଉପକାର—
Upagāra 1. Benefit.
୨ । ଅନୁଗ୍ରହ—2. Favour.
୩ । ମଙ୍ଗଳକାମନା—3. Good wishes.

ଉପଗାରିଆ – ଗ୍ରା. ବିଣ. ( ସଂ. ଉପକାରୀ )—୧ । ଉପକାରୀ; ମଙ୍ଗଳ-
Upagāriā ବିଧାୟକ; ବିପଦ ସମୟରେ ସାହାଯ୍ୟକାରୀ—
1. Benefiting; beneficent; rendering service.
୨ । ମଙ୍ଗଳକାମୀ—2. Well-wisher.

ଉପଗାରୀ—ଗ୍ରା. ବିଣ. ( ସଂ. ଉପକାରୀ )— ଉପଗାରିଆ ( ଦେଖ )
Upagāri Upagāriā ( See )

ଉପଗୀୟମାନ—ସଂ. ବିଣ. ( ଉପ=ଉଚ୍ଚୈଃସ୍ୱରରେ+ଗୈ ଧାତୁ=
Upagīyamāna ଗାଇବା+କର୍ମି. ଆନ )—
ଉଚ୍ଚୈଃସ୍ୱରରେ ବୋଲାଯାଉଥିବା ( ଗୀତ )
Being sung in loud tones.

ଉପଗୁପ୍ତ—ସଂ. ବି. ( ନାମ )—ଜଣେ ପ୍ରସିଦ୍ଧ ବୌଦ୍ଧସନ୍ନ୍ୟାସୀ; ଏହାଙ୍କ
Upagupta ଯୁକ୍ତିବଳରେ ଅଶୋକ ଏହାଙ୍କଠାରୁ ବୌଦ୍ଧଧର୍ମର
ଉପଦେଶ ମନ୍ତ୍ର ଗ୍ରହଣ କରିଥିଲେ—
The celebrated Buddhist monk who is said to have converted Asoka to Buddhism.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ବିଶିଷ୍ଟ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

**ଉପଗୁରୁ**—ସଂ. ବି. ( ଉପ=ନମ୍ର+ଗୁରୁ=ଶିକ୍ଷକ )—
Upaguru ୧ । ଧର୍ମଗୁରୁଙ୍କର ପ୍ରତିନିଧି—
1. Deputy of a spiritual guide.
୨ । ଗୁରୁଙ୍କ ଅଧସ୍ତନ ଗୁରୁ ବା ଶିକ୍ଷକ—
2. A subordinate teacher.
୩ । ଶିକ୍ଷକଙ୍କ ଅନୁପସ୍ଥିତିରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିବା ଶିକ୍ଷକ; ଅଫିସିଏଟିଂ ଶିକ୍ଷକ—
3. Acting teacher.

**ଉପଗୂଢ଼**—ସଂ. ବିଣ. (ଉପ=ଦୃଢ଼ରୂପେ+ଗୁହ ଧାତୁ=ଆଲିଙ୍ଗନ ବା
Upagūrdha ଗୋପନ କରିବା+କର୍ମ. ତ)—୧ । ଆଲିଙ୍ଗିତ—
(ଉପଗୂହନ—ବି) 1 Embraced.
୨ । ଗୁପ୍ତ; ଲୁକ୍କାୟିତ—
2. Hidden; concealed.
ବି—୧ । (+ଭାବ. ତ)—ଆଲିଙ୍ଗନ—1. Embrace.
୨ । ଗ୍ରହଣ—2. Attainment.

**ଉପଗୂହନ**—ସଂ. ବି. ( ଉପ=ଦୃଢ଼ ରୂପେ+ଗୁହ ଧାତୁ=ଗୋପନ ବା
Upagūhana ଆଲିଙ୍ଗନ କରିବା+ଭାବ. ଅନ )—
(ଉପଗୂଢ଼—ବିଣ) ୧ । ଆଲିଙ୍ଗନ—1. Embracing
୨ । ଗୋପନ—2. Suppression; concealment.

**ଉପଗ୍ରନ୍ଥି**—ସଂ. ବି. ( ଉପ=ସ୍ଥାନ+ଗ୍ରନ୍ଥି=ଗଣ୍ଠି )—
Upagranthi ଅମନାଡ଼ୀ; ଅଣ୍ଡକୋଷକୁ ଚଳ ପେଟ ସଙ୍ଗେ ସଂଯୋଗ କରିବା ନାଡ଼ୀ—(anatomy) The name of the continuation of the veins which constitute the testicles.

**ଉପଗ୍ରହ**—ସଂ. ବି. ( ଉପ=ସ୍ଥାନ; ନ୍ୟୂନ+ଗ୍ରହ )—
Upagraha ୧ । ପ୍ରଧାନ ଗ୍ରହର ଚାରିଅଡ଼େ ଭ୍ରମଣ କରୁଥିବା କ୍ଷୁଦ୍ର ଗ୍ରହ (ଯଥା—ଚନ୍ଦ୍ର ପୃଥିବୀର ଉପଗ୍ରହ)—
1. A minor planet revolving along with a planet; satellite; moon.
୨ । ( ଉପ+ଗ୍ରହ ଧାତୁ=ଗ୍ରହଣ କରିବା+ଭାବ. ଅ )—
ରୋଧ; କାରାବନ୍ଧନ; କଏଦ—2. Confinement; restraint; impresonment.
୩ । ଗିରଫ୍ କରିବା—3 Arrest; seizure.
୪ । ଅନୁରୋଧ; ପ୍ରାର୍ଥନା—4. Request
୫ । ଅନୁକୂଲ୍ୟ—5. Favour.
୬ । ସାହାଯ୍ୟ—6. Help.
୭ । ଉପଯୋଗ—7 Suitability.
ସଂ. ବିଣ—କାରାରୁଦ୍ଧ; କଏଦ—Confined; imprisoned.

**ଉପଗ୍ରାହ**—ସଂ. ବି. ( ଉପ=ନିକଟ+ଗ୍ରହ ଧାତୁ=ଗ୍ରହଣ କରିବା
Upagrāha +ଭାବ. ଅ )—
ଉପଢୌକନ; ଭେଟି; ଉପହାର—
Present; nuzzerana.

**ଉପଗ୍ରାହ୍ୟ**—ସଂ. ବି. ( ଉପ+ଗ୍ରହ+କର୍ମ. ଯ )—
Upagrāhya ଉପଗ୍ରାହ ( ଦେଖ )
Upagrāha ( See )
ସଂ. ବିଣ—୧ । ଭେଟି ଦିଆଯିବା—1. Presented; offered.
୨ । ଭେଟି ଦେବାର ଉପଯୁକ୍ତ—
2. Fit to be presented

**ଉପଘାତ**—ସଂ. ବି ( ଉପ=ଅଧିକ+ହନ ଧାତୁ=ଆଘାତ କରିବା
Upaghāta +ଭାବ. ଅ )—
୧ । ଆଘାତ—1. Blow; assault.
୨ । କ୍ଷତି—2. Injury
୩ । ବିନାଶ—3. Destruction
୪ । ବିକଳତା; ଅଙ୍ଗଚ୍ଛେଦନ—4. Mutilation.
୫ । ବିକୃତି—5. Transformation; deformity.
୬ । ରୋଗ—6 Sickness.

**ଉପଘାତକ**—ସଂ. ବିଣ. ( ଉପ+ହନ୍ ଧାତୁ=ବଧ କରିବା+
Upaghātaka କର୍ତ୍ତୃ. ଅକ )—
୧ । ବିନାଶକ—1 Destroying.
୨ । କ୍ଷତିକାରକ 2. Injuring.
୩ । ଉତ୍ପୀଡ଼କ—3. Oppressive.

**ଉପଘ୍ନ**—ସଂ. ବି. ( ଉପ=ସମୀପ + ହନ ଧାତୁ=ଗମନ କରିବା+
Upaghna କର୍ତ୍ତୃ. ଅ )—
୧ । ନିକଟସ୍ଥ ଆଶ୍ରୟ—1. Shelter; refuge.
୨ । ସମୀପ—2. Nearness,

**ଉପଚକ୍ଷୁ**—ସଂ. ବି. ( ଅବ୍ୟୟୀଭାବ; ଉପ=ସମୀପ+ଚକ୍ଷୁଃ=ଆଖି)—
Upachakshu
୧ । ଅନ୍ତର୍ଦୃଷ୍ଟି—1. Spiritual sight.
୨ । ଚଷମା; ପ୍ରତକ୍ଷୁ—2. Spectacles.
ସଂ. ଅ—ଚକ୍ଷୁ ନିକଟରେ—About the eyes.

**ଉପଚୟ**—ସଂ. ବି. (ଉପ+ଚି ଧାତୁ=ଚୟନ କରିବା+ଭାବ. ଅ)—
Upachaya ୧ । ସମୃଦ୍ଧି—1. Prosperity,
(ଅପଚୟ—ବିପରୀତ) ୨ । ବୃଦ୍ଧି—2. Increase; growth.
(ଉପଚିତ—ବିଣ) ୩ । ଉନ୍ନତି—3 Improvement.
୪ । ଆଧିକ୍ୟ—4 Plenty; abundance.
୫ । ସଂଗ୍ରହ; ସମୂହ—5. Accumulation; collection
୬ । ପୁଷ୍ଟି—6. Nourishment

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଈ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଈଷ | ଓ | ନ୍ |

୭ । (ଜ୍ୟୋତିଷ) ଲଗ୍ନର ତୃତୀୟ, ଷଷ୍ଠ, ଦଶମ ଓ ଏକାଦଶ ସ୍ଥାନ—7. ( Hindu astrology ) The 3rd, 6th, 10th and 11th place from the Lagna or the sign of birth.

**ଉପଚର**—ସଂ. ବି. (ଉପ=ସମୀପ+ଚର ଧାତୁ=ଭ୍ରମଣ କରିବା ଇତ୍ୟାଦି +ଭାବ. ଅ)—
Upachara

୧ । ଉନ୍ନତି—1. Improvement.
୨ । ବୃଦ୍ଧି—2. Increase.
୩ । ପୁଷ୍ଟି—3. Nourishment
୪ । ସଂଗ୍ରହ—4 Collection.
୫ । ସମୂହ—5. Multitude.
୬ । (ଜ୍ୟୋତିଷ) ଲଗ୍ନରୁ ତୃତୀୟ, ଷଷ୍ଠ, ଦଶମ ଓ ଏକାଦଶ ସ୍ଥାନ—6. ( Hindu astrology ) the 3rd, 6th, 10th and 11th place frmo the Lagna or the sign of birth.

ସଂ. ବି. ( ଅବ୍ୟୟୀଭାବ. ଉପ+ଚର )—ଦୂତ ନିକଟରେ— Near the messenger.

**ଉପଚରିତ**—ସଂ. ବିଣ. ( ଉପ+ଚର ଧାତୁ=ଯିବା+କର୍ମ. ତ )—
Upacharita ୧ । ସେବିତ—1. Served; attended,
୨ । ଆରାଧିତ; ଉପାସିତ—
2. Worshipped; adored.
୩ । ଲକ୍ଷଣା ଦ୍ୱାରା ବୋଧିତ—3. Explained by means of analogy; illuminated by illustrations.

**ଉପଚର୍ଯ୍ୟା**—ସଂ. ବିଣ ( ଉପ+ଚର+ଭାବ. ଯ.+ସ୍ତ୍ରୀ. ଆ )—
Upacharjyā ୧ । ସେବା; ଶୁଶ୍ରୂଷା—1 Attendance; service.
୨ । ଚିକିତ୍ସା—2. Medical treatment
୩ । ଉପାସନା; ଆରାଧନା—3. Worship.

**ଉପଚାଇବା**—ଦେ. କ୍ରି—ଉପଚିବା ( ଦେଖ )
Upachāibā Upachibā ( See )

**ଉପଚାଯ୍ୟ**—ସଂ. ବି ( ଉପ+ଚି ଧାତୁ+କର୍ମ. ଯ; ନିପାତନ)—
Upachājyā ୧ । ସଂସ୍କୃତ ଅଗ୍ନି—1. Consecrated fire.
୨ । ଯଜ୍ଞାଗ୍ନି—2. Sacrificial fire.
୩ । ଯଜ୍ଞାଗ୍ନି ଧାରଣାର୍ଥ କୁଣ୍ଡବିଶେଷ—
3. Sacrificial fire-place.

**ଉପଚାର**—ସଂ. ବି (ଉପ+ଚର ଧାତୁ=ଯିବା+ଭାବ. ଅ)—
Upachāra ୧ । ଉପଚର୍ଯ୍ୟା; ସେବା; ଶୁଶ୍ରୂଷା;—1. Service; attendance.
(ଅପଚାର—ବିପରୀତ)
(ଉପଚରିତ—ବିଣ) ୨ । ଚିକିତ୍ସା; ଔଷଧ ପ୍ରୟୋଗ—2. Medical treatment; administering medicine.

ଚନ୍ଦନାଦି ଉପଚାର, ହେଉଛି ତାପର ଲେହ ଜଞ୍ଜାଳ ପ୍ରକାର ।
ଉଦ୍ଧ. ପ୍ରେମସୁଧାନିଧି ।

୩ । ସମ୍ମାନ—3. Respect.
୪ । ବ୍ୟବସାୟ—4. Profession; trade.
୫ । ଆରୋପ—5. Imputation.
୬ । ଉପକରଣ—6. Material; ingredient.
୭ । ଉତ୍କୋଚ—7. Bribe.
୮ । ସଜ୍ଜା—8. Equipment.
୯ । ବ୍ୟବହାର—9 Custom;usage.
୧୦ । ଛଳପୂର୍ଣ୍ଣ ଯୁକ୍ତି; କୁଯୁକ୍ତି—10. Unfair argument by taking advantage of some unguarded or equivocal expression of the opposite party.
୧୧ । ମିଥ୍ୟାବାକ୍ୟ; ମିଥ୍ୟାପ୍ରଶଂସା—
11 Flattering compliment; false praise.
୧୨ । ଧର୍ମାନୁଷ୍ଠାନ—12. Observance of religious rites.
୧୩ । ଲକ୍ଷଣାଦ୍ୱାରା ଅର୍ଥବୋଧ—
13 Explanation by means of analogy.

**ଉପଚାରଣ**—ଦେ. ପଦ୍ୟ. ବିଣ—ଅନ୍ୟଠାରେ ପ୍ରଯୁକ୍ତ—
Upachāraṇa Applied to another.

ରୁକ୍ମିଣୀ ଶ୍ରୀଚରଣେ ସମସ୍ତେ ସେବା କରି,
ନନ୍ଦ ଉପଚାରଣ ହୋଇଲେ ଶ୍ରୀହରି । ପ୍ରାଚୀ—ରତ୍ନସମ୍ପନ୍ନ ।

**ଉପଚାରିବା**—ଦେ. ପଦ୍ୟ କ୍ରି—ଅନୁଷ୍ଠାନ କରିବା—
Upachāribā To perform; to accomplish.

ବେନି ଅବଲୋକି ଧରି ସୁଖ ପାନ କରି
ନାନାବିଧି କର୍ମ ପରିହାସ ଉପଚାରି । ପାଚୀ. ରସବାରିଧି ।

**ଉପଚାର୍ଯ୍ୟ**—ସଂ. ବିଣ. (ଉପ+ଚର ଧାତୁ=ଯିବା+କର୍ମ. ଯ)—
Upachārjya ସେବାଯୋଗ୍ୟ; ଚିକିତ୍ସାଯୋଗ୍ୟ—
Fit to be tended or medically treated.

**ଉପଚିକୀର୍ଷା**—ସଂ. ବି. ସ୍ତ୍ରୀ (ଉପ+କୃ ଧାତୁ+ଇଚ୍ଛାର୍ଥେ ସନ+ଭାବ. ଅ+ସ୍ତ୍ରୀ. ଆ)—ଉପକାର କରିବାର ଇଚ୍ଛା; ପରୋପକାର ପ୍ରବୃତ୍ତି—
Upachikirshā
(ଅପଚିକୀର୍ଷା—ବିପରୀତ)
Desire to do good.

**ଉପଚିକୀର୍ଷୁ**—ସଂ.ବିଣ (ଉପ+କୃ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ.ଉ)—
Upachikirshu ପରୋପକାର କରିବାକୁ ଇଚ୍ଛୁକ; ଉପକାର କରିବାକୁ ଉଦ୍ୟତ—Beneficent; benevolent; desirous of benefiting others.
(ଅପଚିକୀର୍ଷୁ—ବିପରୀତ)

**ଉପଚିତ**—ସଂ. ବିଣ.(ଉପ+ଚି ଧାତୁ=ସଂଗ୍ରହ କରିବା+କର୍ତ୍ତୃ. କର୍ମ. ତ)—
Upachita ୧ । ସମୃଦ୍ଧ; ବୃଦ୍ଧିପ୍ରାପ୍ତ—
(ଅପଚିତ—ବିପରୀତ) 1. Increased; augmented.
(ଉପଚୟ—ବି) ୨ । ଉନ୍ନତ—2. Improved.

ସାଧାରଣ ଲେଖାରେ ଅନେକ ସ୍ଥଳରେ ସ୍ୱରରେ ୧ ରୁ ୨ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭୁଲରେ ରେଖା ଦେଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ... ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ... ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାସହ ଏକ ଯୋଗକରାଯିବ ଯଥା :— ... ମିଳିଲେ 'ଗାଣ୍ଡ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧ୍' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଳଙ୍କୃ' ଦେଖିବେ

୩ । ପରିପୁଷ୍ଟ—3. Developed.

୪ । ସଂଗୃହୀତ; ସଞ୍ଚିତ—4. Collected; gathered; culled together.

୫ । ରଚିତ—5. Prepared

୬ । ସମାହୃତ—6. Finished; completed.

୭ । ଦଗ୍ଧ—7. Burnt

**ଉପଚିବା**—ଦେ. କ୍ରି. (ସଂ. ଉପଚୟ)—୧ । ଉପରକୁ ଉଠିବା; Upachiba ଉପୁଡ଼ିବା—1 To overflow; to rise up, to run over; to come up.

୨ । ଅତ୍ୟଧିକ ଭାବରେ ଦେଖାଯିବା; ସାଲୁସାଲୁ ହେବା—2. To abound.

**ଉପଚୀୟମାନ**—ସଂ. ବିଣ. (ଉପ + ଚି ଧାତୁ = ସଂଗ୍ରହ କରିବା + କର୍ମ. Upachiyamana ଆନ)—ବୃଦ୍ଧି ପାଉଥିବା; ବର୍ଦ୍ଧମାନ—On the increase; in the state of being augmented.

**ଉପଚ୍ଛନ୍ଦ**—ସଂ. ବି. (ଉପ + ଛନ୍ଦ = ଛନ୍ଦିବା + ଭାବ. ଅ)—Upachchhanda ୧ । ପ୍ରାର୍ଥନା; ଅନୁରୋଧ—1. Request.

୨ । ମନ୍ତ୍ରଣା—2. Inducement.

୩ । ଉପମନ୍ତ୍ରଣା; ପ୍ରବୃତ୍ତ କରିବା—3. Persuation.

**ଉପଜଲୋର୍**—ପ୍ରାଦେ. (ବସ୍ତୁର) ବିଣ—ଅକୃତ୍ରିମ; ପ୍ରାକୃତିକ—Upajalor Natural.

**ଉପଜାଇବା**—ଦେ. କ୍ରି. ( ସଂ. ଉପଜାତ )—Upajaiba ୧ । ଜନ୍ମାଇବା—1. To bring forth; to produce, উপজানা

उपजाना ୨ । ଘଟାଇବା—2. To bring into existence; to cause to happen.

**ଉପଜାତ**—ସଂ. ବିଣ. (ଉପ + ଜାତ)—୧ । ଜାତ; ଜନ୍ମିତ—Upajata 1. Born; produced; evolved.

୨ । ଉତ୍ଥିତ—2. Aroused; risen.

୩ । ଘଟିତ—3 Happened

**ଉପଜାତି**—ସଂ. ବି. (ଉପ = ହୀନ + ଜାତି)—୧ । ବର୍ଣ୍ଣସଙ୍କର ଜାତି—Upajati 1. Mixed caste.

୨ । ସଂସ୍କୃତ ମିଶ୍ର ଛନ୍ଦୋବିଶେଷ—2 A mixed Sanskrit metre made of Indrabajra and Upendrabajra coming alternately.

**ଉପଜାପ**—ସଂ. ବି. (ଉପ = ଗୁପ୍ତଭାବରେ + ଜପ୍ ଧାତୁ = ଜପିବା + ଭାବ. Upajapa ଅ)—୧ । ବୈମତ୍ୟ; ଭେଦ; ବିଚ୍ଛେଦ—1 Disunion; discord.

୨ । (+ କର୍ତ୍ତୃ. ଅ)—କୁମନ୍ତ୍ର—2. Treason.

୩ । ଧୃଷ୍ଟତା; ଧୃଷ୍ଟି—3. Effrontery.

୪ । ଗୁପ୍ତମନ୍ତ୍ରଣା—4. Secret consultation; conspiracy.

**ଉପଜାପକ**—ସଂ. ବିଣ. ପୁଂ. (ଉପ + ଜପ୍ ଧାତୁ + କର୍ତ୍ତୃ. ଅକ)—Upajapaka ୧ । ଅନିଷ୍ଟକାରକ—1 Mischief-making. (ଉପଜାପିକା—ସ୍ତ୍ରୀ) ୨ । କୁମନ୍ତ୍ରୀ—2. Conspiring.

**ଉପଜିବା**—ଦେ. କ୍ରି. (ସଂ. ଉପଜାତ)—ଉପୁଜିବା (ଦେଖ) Upajiba Upujiba (See)

**ଉପଜିହ୍ୱା**—ସଂ. ବି. (ଉପ = ହୀନ + ଜିହ୍ୱା = ଜିଭ)—ଘଣ୍ଟିକା—Upajihwa Uvula; soft palate; epiglottis.

**ଉପଜୀବକ**—ସଂ. ବିଣ. ପୁଂ. (ଉପ + ଜୀବ୍ ଧାତୁ + କର୍ତ୍ତୃ ଅକ)—Upajibaka ଯେ ଜୀବିକା ନିମନ୍ତେ ଅନ୍ୟକୁ ଆଶ୍ରୟ କରେ—(ଉପଜୀବିକା—ସ୍ତ୍ରୀ) Depending on another for maintenance.

**ଉପଜୀବନ**—ସଂ. ବି.—ଜୀବନର ଆଶ୍ରୟସ୍ଥଳ; ଜୀବିକା—Upajibana The means of support.

ଜଳ ଉପଜୀବନ ଯାହାର ଅଟେ.
କହ କେ ଆବ ତାର ପଦ୍ମର ହୋଇ । କୃଷ୍ଣ ଦ୍ୱ. ମୋ. ରକ. ...

**ଉପଜୀବକ**—ସଂ. ବିଣ. ପୁଂ (ଉପଜୀବ + ଇକ)—ଉପଜୀବକ (ଦେଖ) Upajibika Upajibaka (See) (ଉପଜୀବିକା—ସ୍ତ୍ରୀ)

**ଉପଜୀବିକା**—ସଂ. ବିଣ. ସ୍ତ୍ରୀ.—ଉପଜୀବକର ସ୍ତ୍ରୀଲିଙ୍ଗ—Upajibika Feminine of Upajibika.

ସଂ. ବି.—୧ । ଆଜୀବ—1. Livelihood.

୨ । ଭରଣପୋଷଣ—2. Subsistence.

୩ । ବୃତ୍ତି—3. Means of support; profession.

**ଉପଜୀବୀ**—ସଂ. ବିଣ. ପୁଂ. ( ଉପ + ଜୀବ ଧାତୁ = ବଞ୍ଚିବା + କର୍ତ୍ତୃ. ଇନ Upajibi ୧ମା. ୧ବ )—(ଉପଜୀବିନୀ—ସ୍ତ୍ରୀ) ୧ । ଜୀବିକାବଲମ୍ବୀ—1 Living upon.

୨ । ଆଶ୍ରିତ—2. Dependent on.

୩ । ଯେ ପୋଷି ହେବା ପାଇଁ ଅନ୍ୟକୁ ଆଶା କରେ—3. Living on another.

**ଉପଜୀବ୍ୟ**—ସଂ. ବିଣ. ( ଉପ + ଜୀବ୍ ଧାତୁ = ବଞ୍ଚିବା + କର୍ମ. ଯ )—Upajibya ୧ । ଜୀବନ ଧାରଣ ନିମନ୍ତେ ଅବଲମ୍ବନୀୟ; ( ଉପଜୀବ୍ୟା - ସ୍ତ୍ରୀ ) ଆଶ୍ରୟଣୀୟ—1. Affording subsistence; to be depended upon as a livelihood.

୨ । ଆଶ୍ରୟଦାତା; ପୋଷିବାଲୋକ—2. Maintaining.

**ଉପଜୋଷମ୍**—ସଂ. ଅ. (ଉପ + ଜୁଷ୍ ଧାତୁ = ପ୍ରୀତ ହେବା + ଭାବ. ଅ)—Upajosham ୧ । ଆନନ୍ଦ—1. Delight; joy.

| ୧ | ଇ | ଈ | ର୍,ର୍ | ଋ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଥ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ଔ | ନୃ |

୨ । ତୁଷ୍ଣୀଂଭାବ; ଚୁପ୍‌ମାରି ରହିବା—
2. Complete silence.

**ଉପଜ୍ଞା**—ସଂ. ବି. ସ୍ତ୍ରୀ. ( ଉପ=ଆରମ୍ଭ+ଜ୍ଞା ଧାତୁ=ଜାଣିବା+ ଭାବ
**Upajñā** ଅ )— ୧ । ପ୍ରଥମ ଜ୍ଞାନ; ଆଦ୍ୟ ଜ୍ଞାନ—
1. The first idea of a thing
୨ । ଉପଦେଶ ବା ଶିକ୍ଷା ବ୍ୟତିରେକେ ଜନ୍ମିବା ପ୍ରଥମଜ୍ଞାନ—
2. Untaught or intuitive knowledge

**ଉପଟାଙ୍ଗର ହେବା**—ଦେ. କ୍ରି – ୧ । ଥଟ୍ଟା କରିବା—
**Upaṭāṅgara hebā** 1. To cut jokes,
୨ । ଠଗ ମେଲିବା —
2 To utter innuendos ( to a person )

**ଉପଡଙ୍ଗର**—ଦେ. ବିଣ. ପୁଂ.— ଯେ ଆପଣାର ଭାଗ୍ୟ ବା ବିଭବ ଦେଖାଇ
**Upaḍaṅgara** ହୁଏ—Showy; showing one's own
(ଉପଡଙ୍ଗରୀ— ସ୍ତ୍ରୀ) prosperity.
ଦେ. ବି— ୧ । ବାହ୍ୟାଡ଼ମ୍ବର— 1. Vanity,
୨ । ଆପଣାର ସୌଭାଗ୍ୟ ପ୍ରକଟନ —
2, Boasting ( indirectly ) of one's own prosperity

**ଉପଡ଼ା**—ଦେ. ବି. ( ସଂ. ଉତ୍ପାଟନ )—
**Uparḍā** ୧ । ଉତ୍ପାଟନ —1. Uprooting.
উপড়া ୨ । ଅଙ୍ଗରୁ ଅଙ୍ଗରାଗ ଆଦି ଛଡ଼ାଇବା—
उखड़ा 2. Rubbing off ointment already applied to the body.
ବିଣ— ୧ । ଉତ୍ପାଟିତ —1. Uprooted
୨ । ଦେହରୁ ହଳଦୀ ଆଦି ଛଡ଼ାଇ ଥିବା—
2. Rubbed off (of ointments applied to the body )

**ଉପଡ଼ାଇବା**—ଦେ. କ୍ରି—ଉପୁଡ଼ାଇବା ( ଦେଖ )
**Uparḍāibā** Upurḍāibā ( See )
উপড়ান
उखड़ाना

**ଉପଡ଼ିବା**—ଦେ. କ୍ରି. ( ସଂ. ଉତ୍ପାଟନ )—
**Uparḍibā** ଉତ୍ପାଟିତ ହେବା; ଉପୁଡ଼ିବା—
উপড়া To be up-rooted.
उखड़ना

**ଉପଡ଼େଇବା**— ଦେ. କ୍ରି ଉପୁଡ଼ାଇବା ( ଦେଖ )
**Uparḍeibā** Upurḍāibā ( See )

**ଉପଢୌକନ**—ସଂ. ବି ( ଉପ=ସମ୍ମୁଖରୁ+ଢୌକ ଧାତୁ=ଯିବା
**Upaḍhaukana** +କରଣ ଅନ )—
୧ । ଉପହାର; ଭେଟି—
1. Present; gift; offering.
୨ । ଉତ୍କୋଚ—2 Illegal gratification; bribe.

**ଉପତନ୍ତୁ**—ସଂ. ବି. ( ଉପ=ହୀନ+ତନ୍ତୁ )—ପତଳସୂତା; ସରୁସୂତା—
**Upatantu** Thin thread; thin fibre.

**ଉପତନ୍ତ୍ର**— ସଂ. ବି—ଉପତନ୍ତୁ ( ଦେଖ )
**Upatantra** Upatantu ( See )

**ଉପତପ୍ତ**—ସଂ. ବିଣ ( ଉପ=ଅତିଶୟ+ତପ୍ ଧାତୁ=ତାତିବା+
**Upatapta** କର୍ମ. ତ )—୧ । ତତଲା; ଅତିଶୟ ତପ୍ତ ବା
(ଉପତାପ—ବି) ଗରମ—1. Heated.
୨ । ସନ୍ତାପିତ; ସନ୍ତପ୍ତ—2. Afflicted; distressed.
୩ । କାତର—3 Overwhelmed.
୪ । ପୀଡ଼ିତ—4. Sick.
୫ । ଉତ୍ପୀଡ଼ିତ— 5. Oppressed.

**ଉପତପ୍ତା**—ସଂ. ବିଣ. ପୁଂ. (ଉପ=ଅତିଶୟ+ତପ୍ ଧାତୁ=ତତାଇବା
**Upataptā** +କର୍ତ୍ତୃ ତୃ; ୧ମା. ୧ବ. )—୧ । ଯେ ବା ତପ୍ତ
(ଉପତପ୍ତ୍ରୀ—ସ୍ତ୍ରୀ) କରେ—1. Heating:
୨ । ଦୁଃଖପ୍ରଦ; ସନ୍ତାପଦାୟକ —
2 Afflicting; distressing.
ସଂ. ବି—ରୋଗ—Sickness; disease.

**ଉପତାପ**—ସଂ. ବି ( ଉପ=ଅତିଶୟ+ତପ୍ ଧାତୁ=ତାପଦେବା +
**Upatāpa** ଭାବ. ଅ )—୧ । ଉତ୍ତାପ—1. Heat.
ଉପତପ୍ତ } ବିଣ ୨ । ସନ୍ତାପ— 2. Affliction.
ଉପତାପିତ }
୩ । ରୋଗ; ପୀଡ଼ା—3 Sickness; disease
୪ । କ୍ଲେଶ; ଦୁଃଖ—4 Pain; distress.
୫ । ଅଶୁଭ—5. Calamity; misfortune; woe.
୬ । ତ୍ୱରା—6. Hurry.

**ଉପତାପିତ**—ସଂ. ବିଣ ( ଉପ=ଅତିଶୟ+ତପ୍ ଧାତୁ ଣିଚ=ତାପି ଧାତୁ
**Upatāpita** ତତାଇବା+କର୍ମ. ତ )—ଉପତପ୍ତ ( ଦେଖ )
Upatapta (See)

**ଉପତାରା**—ସଂ. ବି ( ଉପ=ନିକଟ+ତାରା )—ଆଖିର ପୁତୁଳି ଚାରି
**Upatārā** ପାଖେ ଥିବା କଳା ଅଂଶ; କଳା ଡୋଳା—
The iris of the eye.

**ଉପତ୍ୟକା**—ସଂ. ବି. ସ୍ତ୍ରୀ ( ଉପ=ନିକଟ+ସ୍ୱାର୍ଥେ ତ୍ୟକନ୍ )—
**Upatyakā** ପର୍ବତର ନିକଟସ୍ଥ ଭୂମି; ପର୍ବତର ତଳଦେଶସ୍ଥ
(ଅଧିତ୍ୟକା—ବିପରୀତ) ସମତଳ ଭୂମି—Level land at the foot of a mountain; valley.

**ଉପଦଂଶ**—ସଂ. ବି ( ଉପ=ଅତିଶୟ+ଦନଶ୍ ଧାତୁ=ଦଂଶନ କରିବା
**Upadaṁśa** +କର୍ତ୍ତୃ. ଅ )—୧ । ଗରମୀ ରୋଗ; ଫିରଙ୍ଗ
ରୋଗ—1. Venereal disease; chancre; syphilis.
୨ । (+କର୍ମ ଅ) ମଦର ଚାଟ୍; ମଦ୍ୟପାନ କାଳୀନ ମୁଖରୋଚକ ବସ୍ତୁ—2 Something eaten at the time of drinking wine to make the drink enjoyable or palatable.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ବର୍ଣ୍ଣ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଶାଢ଼' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଉପଦରପ**—ଗ୍ରା. ବି ( ସଂ. ଉପଦ୍ରବ )—ଉପଦ୍ରବ ( ଦେଖ )
Upadarapa — Upadraba ( See )
উপদ্রব
उपद्रप

**ଉପଦରପୀ**—ଗ୍ରା. ବିଣ ( ସଂ ଉପଦ୍ରବୀ)—ଉପଦ୍ରବୀ ( ଦେଖ )
Upadarapī — Upadrabī ( See )

**ଉପଦର୍ପ**—ଗ୍ରା. ବି—୧ । ଉପଦ୍ରବ ( ଦେଖ )—
Upadarpa — 1. Upadraba See )
୨ । ଭୟ; ଶଙ୍କିତିବା—2 Fear
୩ । ସଂକ୍ରାମକ ରୋଗ—3. Contagious disease.

**ଉପଦର୍ପୀ**—ଗ୍ରା. ବିଣ—ଉପଦ୍ରବୀ ( ଦେଖ )
Upadarpī — Upadrabī ( See )

**ଉପଦର୍ବ**—ଗ୍ରା. ବି—ଉପଦ୍ରବ ( ଦେଖ )
Updarba — Upadraba ( See )

**ଉପଦର୍ବୀ**—ଗ୍ରା. ବିଣ—ଉପଦ୍ରବୀ ( ଦେଖ )
Upadarbī — Upadrabī ( See )

**ଉପଦର୍ଶକ**—ସଂ. ବି ( ଉପ+ଦୃଶ୍ ଧାତୁ; ଣିଜନ୍ତ=ଦର୍ଶି ଧାତୁ+କର୍ତ୍ତୃ. ଅକ )—ଦ୍ୱାରପାଳ; ଦ୍ୱାରୀ—
Upadarśaka — 1. Gate-keeper.
ସଂ. ବିଣ—ଯେ ଦେଖାଉଥାଏ- One who shows.

**ଉପଦଳ**—ସ. ବି. ସ୍ତ୍ରୀ (ଉପ=ନିକଟ+ଦଳ=ପାଖୁଡ଼ା)—
Upadaḷa ଫୁଲ ପାଖୁଡ଼ା ତଳେ ଭେଣ୍ଟ ଉପରେ ଥିବା ପାଖୁଡ଼ା ପରି ଅଂଶ (ଯାହା କଢ଼ିକୁ ପହିଲେ ଢାଙ୍କି ରଖିଥାଏ) — The calyx of a flower.

**ଉପଦା**—ସଂ. ବି. ସ୍ତ୍ରୀ (ଉପ=ସମ୍ମୁଖରେ+ଦା ଧାତୁ=ଦେବା+କର୍ମ. ଅ)—୧ । ଉପଢୌକନ; ଭେଟି—1. Present.
Upadā
୨ । ଉତ୍କୋଚ; ଲାଞ୍ଚ—2. Bribe

**ଉପଦାନ**—ସଂ. ବି (ଉପ+ଦା ଧାତୁ+କର୍ମ. ଅନ; ଅନୁଗ୍ରହ ବା ଆଶ୍ରୟ ପାଇବାପାଇଁ ଯାହା ଦିଆଯାଏ )—ଉତ୍କୋଚ; ଲାଞ୍ଚ—
Upadāna — Bribe given to secure favour; black mail.

**ଉପଦାନକ**—ସଂ. ବି—(ଉପ+ଦା ଧାତୁ+ଅନ+ସ୍ୱାର୍ଥେ. ଅକ)—
Upādanaka — ଉପଦାନ (ଦେଖ)
Upadāna (See)

**ଉପଦିଷ୍ଟ**—ସଂ.ବିଣ (ଉପ+ଦିଶ୍ ଧାତୁ=ଆଦେଶ କରିବା+କର୍ମ. ତ)—
Upadishṭa ୧ । ଆଦିଷ୍ଟ—1. Commanded.
(ଉପଦେଶ - ବି) ୨ । ଯାହାକୁ ଉପଦେଶ ଦିଆ ଯାଇଅଛି— 2 Directed; instructed; advised.
୩ । ଶିକ୍ଷିତ—3 Taught
୪ । ପ୍ରଦର୍ଶିତ—4. Pointed.
୫ । କଥିତ—5. Said; spoken,
୬ । ଯାହାକୁ ଧର୍ମୋପଦେଶ ଦିଆଯାଇଅଛି—6. Initiated into a tenct of religion.
ସଂ. ବି (+ଭାବ. ତ)—ଉପଦେଶ—Advice.

**ଉପଦେବ**—ସଂ. ବି. ପୁଂ—ଉପଦେବତା (ଦେଖ)
Upadeba — Upadebatā (See)
ଆଉ ଯେତେକ ଦେବ ଉପଦେବମାନେ
ଭାଗୁ ସପ୍ତ ଋଷିଙ୍କ ସଙ୍ଗତେ ସୁମନେ—କୃଷ୍ଣସିଂହ. ମହାଭାରତ. ସଭା ।

**ଉପଦେବତା**—ସଂ. ବି (ଉପ=ସାଦୃଶ୍ୟ+ଦେବତା)—
Upadebatā ୧ । ଦେବତାଙ୍କ ପାର୍ଶ୍ୱଦେବତା—
1 A minor Deity occupying a secondary place near a Deity.
୨ । ଭୂତପ୍ରେତାଦି ଦେବଯୋନି—
2. Demigod, ghost; spirit.

**ଉପଦେବୀ**—ସଂ. ବି (ଉପ+ଦେବୀ)—କ୍ଷୁଦ୍ର ଦେବତା; ଯେଉଁ ଦେବୀଙ୍କର ପ୍ରାଧାନ୍ୟ ନାହିଁ—A minor Goddess who has no influence.
Upadebī

**ଉପଦେଶ**—ସଂ. ବି (ଉପ+ଦିଶ୍ ଧାତୁ=କହିବା+ଭାବ. ଅ)—
Upadeśa ୧ । ପରାମର୍ଶ—1. Advice; counsel.
(ଉପଦିଷ୍ଟ—ବିଣ) ୨ । ଶିକ୍ଷାଦାନ—
2. Instruction; teaching.
୩ । ଉଦ୍ଦେଶ୍ୟ, ଅଭିପ୍ରାୟ—3. Intention; express wish.
୪ । ( +କର୍ମ. ଅ )—ପ୍ରବର୍ତ୍ତକ ବାକ୍ୟ—
4. Direction.
୫ । ଶିକ୍ଷାବାକ୍ୟ—5. Precept
୬ । ମନ୍ତ୍ରଦାନ—6 Religious initiation.
୭ । ( +କରଣ. ଅ )—ନାମ; ଗୁରୁପ୍ରଦତ୍ତ ମନ୍ତ୍ର—
7. Mantra breathed by the preceptor into the ears of the disciple.
୮ । ଅନୁଶାସନ; ନିୟମ—8. Rule; command.
୯ । ବକ୍ତୃତା ଛଳରେ ଦିଆଯିବା ଧର୍ମୋପଦେଶ—
9. Sermon.

**ଉପଦେଶକ**—ସଂ. ବିଣ. ପୁଂ. ( ଉପ+ଦିଶ୍ ଧାତୁ=କହିବା+କର୍ତ୍ତୃ. ଅକ )—। ଉପଦେଶଦାତା—
Upadeśaka
(ଉପଦେଶିକା—ସ୍ତ୍ରୀ) Instructing
ସଂ. ବି.—୧ । ଦୀକ୍ଷାଗୁରୁ; ମନ୍ତ୍ରଦାତା—
1. Spiritual preceptor; evangelist.
୨ । ଗୁରୁ; ଶିକ୍ଷକ—2 Teacher.

**ଉପଦେଷ୍ଟା**—ସଂ. ବିଣ. ପୁଂ. ( ଉପ+ଦିଶ୍+ତୃ. ପ୍ର. ୧ବ. )—
Upadeshṭā — ଉପଦେଶକ ( ଦେଖ )
(ଉପଦେଷ୍ଟ୍ରୀ—ସ୍ତ୍ରୀ) Upadeśaka ( See )

**ଉପଦେହ**—ସଂ.ବି. (ଉପ+ଦିହ୍ ଧାତୁ=ବୃଦ୍ଧି ପାଇବା+କରଣ.ଅ)—
Upadeha ଅଙ୍ଗରାଗ—Toilet

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଛ | ଇସ୍ତ | ଉଅ | ଞ |
| ୨ | ଈ | ଊ | ଋୃ | ଳୃ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ଷ | ଚିଂ | ଇଅ | ଔ | ଢ଼ |

ଉପଦ୍ୱୀପ — ସଂ. ବି ( ଭୂଗୋଳପରିଭାଷା ) (ଉପ = ପ୍ରାୟ + ଦ୍ୱୀପ) —
Upadwipa ଯେଉଁ ଭୂଭାଗର ତିନି ପାଖରେ ଜଳ ଓ ଏକ ପାଖରେ ସ୍ଥଳ ଥାଏ — Peninsula.

ଉପଦ୍ରବ — ସଂ. ବି. (ଉପ = ବିଶେଷ + ଦ୍ରୁ ଧାତୁ = ଅନିଷ୍ଟ କରିବା +
Upadraba ଭାବ. ଅ ) — ୧ । ଉତ୍ପାତ — 1. Calamity.
(ଉପଦ୍ରୁତ — ବିଣ) ୨ । ଅନିଷ୍ଟ — 2. Injury.
୩ । ଅମଙ୍ଗଳ ଘଟଣା — 3. Adversity.
୪ । ଅତ୍ୟାଚାର; ଦୌରାତ୍ମ୍ୟ — 4. Violence; outrage; oppression; disturbance; ravage; nuisance.
୫ । ବ୍ୟାଧିର ବିକାରବିଶେଷ; ଉପସର୍ଗ —
5. Violent or critical symptoms of a disease; complications accompanying a disease.

ଉପଦ୍ରବୀ — ସଂ. ବିଣ. ପୁ. ( ଉପ = ବିଶେଷ + ଦ୍ରୁ ଧାତୁ = ଅନିଷ୍ଟ କରିବା
Upadrabi + କର୍ତ୍ତୃ. ଇନ୍ ) — ଅତ୍ୟାଚାରୀ — Oppressive.
(ଉପଦ୍ରବିଣୀ — ସ୍ତ୍ରୀ)

ଉପଦ୍ରାକ୍ଷା — ସଂ. ବି. (ଉପ = ପ୍ରାୟ + ଦ୍ରାକ୍ଷା = କିସ୍‌ମିସ୍; ଏହା ଆକାରରେ
Upadraksha ପ୍ରାୟ ଅଙ୍ଗୁରଫଳ ପରି ଥିବାରୁ ) — ଘଣ୍ଟିକା — Uvula.

ଉପଦ୍ରୁତ — ସଂ. ବିଣ ( ଉପ + ଦ୍ରୁ ଧାତୁ = ଅନିଷ୍ଟ କରିବା + କର୍ମ.
Upadruta ତ ) — ୧ । ଅତ୍ୟାଚାରିତ —
1. Oppressed; hurt; outraged.
୨ । ଉପଦ୍ରବଯୁକ୍ତ — 2. Ravaged.
୩ । ବ୍ୟାକୁଳ — 3. Perturbed.

ଉପଧର୍ମ — ସଂ. ବି ( ଉପ = ଅପ୍ରଧାନ; କଳୁଷ୍ଟ + ଧର୍ମ ) — ୧ । ଅପ୍ରଧାନ
Upadharma ଧର୍ମ; ହୀନ ଧର୍ମ — 1. Minor work.
୨ । ଗୌଣକର୍ତ୍ତବ୍ୟ — 2. A subordinate duty.
୩ । ଗୌଣ ଗୁଣ — 3. A secondary; minor quality.
୪ । କୁସଂସ୍କାର — 4. Superstition or false belief.
୫ । ଅଶାସ୍ତ୍ରୀୟ ଧର୍ମ — 5. Heresy.

ଉପଧା — ସଂ. ବି ( ଉପ + ଧା ଧାତୁ = ଧାରଣ କରିବା + ଭାବ. ଅ ) —
Upadha ୧ । ଧର୍ମାଦିର ଉପନ୍ୟାସାଦି ଦ୍ୱାରା ମନ୍ତ୍ରୀ ପ୍ରଭୃତିଙ୍କର ପରୀକ୍ଷା — 1. A test or trial of ministerial honesty.
୨ । ଧର୍ମାଦି ଦ୍ୱାରା ଭୃତ୍ୟ ପରୀକ୍ଷା —
2. A test of honesty of servants.
୩ । ଜାଲ — 3. Forgery.
୪ । ଛଳ — 4. Fraud; intrigue.
୫ । (+ କରଣ ଅ) — ଉପାୟ — 5. Means
୬ । (+ କର୍ମ. ଅ) — ଶବ୍ଦର ଅନ୍ତ୍ୟବର୍ଣ୍ଣର ପୂର୍ବବର୍ତ୍ତୀ ବର୍ଣ୍ଣ —
6. The penultimate letter of a word.

ଉପଧାତୁ — ସଂ. ବି ( ଉପ = ନିକୃଷ୍ଟ + ଧାତୁ ) — ୧ । ନିକୃଷ୍ଟ ଧାତୁ —
Upadhātu 1. Inferior mineral or metal.
[ ଦ୍ର — ମାକ୍ଷିକ, ତୁତିଆ, ଅଭ୍ର, କଂସା, ହିଙ୍ଗୁଳ, ଶିଳାଜତୁ ଓ ହରିତାଳ ଏହି ସାତଟି ଉପଧାତୁ । ]
୨ । ଜନ୍ତୁ ଶରୀରରୁ ନିଃସୃତ ଘର୍ମ, ସ୍ତନ୍ୟ ଆଦି ( ଏହା ଶରୀରସ୍ଥ ସପ୍ତ ଧାତୁର ଅନ୍ତର୍ଗତ ନୁହେ —
2 A secondary secretion of the body ( e.g. milk, sweat etc. )

ଉପଧାନ — ସଂ. ବି ( ଉପ = ଉପରେ + ଧା ଧାତୁ = ଧାରଣ କରିବା +
Upadhāna + ଅଧିକରଣେ. ଅନ ) — ୧ । ଗଦି —
1 Cushion.
୨ । ମାଣ୍ଡି; ତକିଆ — 2. Pillow; bolster.
୩ । (+ ଭାବ. ଅନ) — ଧାରଣ — 3. Holding.
୪ । ( + କର୍ମ. ଅନ ) — ପ୍ରଣୟ — 4 Attachment; affection.
୫ । (+ କରଣ. ଅନ) — ବିଷ — 5. Poison.
୬ । ବ୍ରତବିଶେଷ — 6 A religious vow.

ଉପଧାନୀୟ — ସଂ. ବି ( ଉପ + ଧା ଧାତୁ = ଧାରଣ କରିବା + ଅଧିକରଣ.
Upadhāniya ଅନୀୟ ) — ତକିଆ — Pillow; bolster.

ଉପଧା ମିଳାଇବା — ଦେ. କ୍ରି — ପଦ୍ୟର ପ୍ରଥମ ଧାଡ଼ିର ଉପଧା ସ୍ୱର ସଙ୍ଗେ
Upadhā milāibā ପରବର୍ତ୍ତୀ ଧାଡ଼ିର ଉପଧା ସ୍ୱର ମିଳାଇବା —.
উপধামেলান To compose a poem so that the
उपधामिलाना penultimate vowel and the last letter of the first line will tally with those of the second line
[ ଦ୍ର — ଓଡ଼ିଆ ଭାଷାରେ ପ୍ରାଚୀନ କବିମାନେ ପଦ୍ୟରେ ପ୍ରଥମ ପାଦର ଶେଷ ବର୍ଣ୍ଣକୁ ପରବର୍ତ୍ତୀ ପାଦର ଶେଷ ବର୍ଣ୍ଣ ସଙ୍ଗେ କେବଳ ମିଳାଉଥିଲେ; ଯଥା — କଳ, ବେଳ; ରାମ, ଯମ । ଉପଧାସ୍ୱର ପ୍ରତି ସେମାନଙ୍କର ଦୃଷ୍ଟି ନ ଥିଲା । କିନ୍ତୁ ଇଂରାଜୀରେ ଶବ୍ଦର ଶେଷବର୍ଣ୍ଣ ହଳନ୍ତ ଥିବାରୁ ପଦ୍ୟରେ ଉପଧାସ୍ୱର ମିଳାଇବା ଆବଶ୍ୟକ ହୁଏ । ଯଥା — can, man, hit, bit ପ୍ରଭୃତି । ବଙ୍ଗଳାରେ ମଧ୍ୟ ଶବ୍ଦର ଶେଷ ବର୍ଣ୍ଣ ପ୍ରାୟ ହଳନ୍ତ ଉଚ୍ଚାରିତ ହେବାରୁ ଉପଧାସ୍ୱର ମିଳାଇବା ଆବଶ୍ୟକ ପଡ଼େ, ଯଥା — ପାନ, ଦାନ; ରାମ୍, କାମ୍ । ଏହି ଅନୁକରଣରେ ମଧ୍ୟ ରାଧାନାଥ, ମଧୁସୂଦନ ଆଦି ଆଧୁନିକ ଯୁଗର କବିମାନେ ଓଡ଼ିଆ ପଦ୍ୟରେ ଧାଡ଼ିର ଶେଷବର୍ଣ୍ଣ ଓ ଉପଧାସ୍ୱରକୁ ମିଳାଇ କବିତା ରଚନା କରିଅଛନ୍ତି, ଯଥା — ବଣ, ଜଣ; ପାନ, ସ୍ଥାନ; ମଟର, ଘଟେ; କଳ, ଫଳ; ରାମ, କାମ ଇତ୍ୟାଦି । ]
ଯେଉଁ କବିତାରେ ଉପଧାସ୍ୱରର ମିଳନ ଥାଏ ତାହା ଅପେକ୍ଷାକୃତ ଶ୍ରାବ୍ୟ ଓ ସୁଖକର ବୋଧହୁଏ ।

ସାଧାରଣ ସ୍ଥଳେ ଏପରି ସ୍ଥାନରେ ମୂଳର ୧ ଅନ୍ତିମ ଅକ୍ଷର ଓ ମାତ୍ରା ଏବ ୨ ଅନ୍ତିମ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରତ୍ୟେକ ରକ୍ଷା କରିବୁ ନାହିଁ । ଅତଏବ ୧ ବା ୨ ଅନ୍ତିମ କୌଣସି ବର୍ଣ୍ଣ ବା ମାତ୍ରାଦ୍ୱ ଯୋଡ଼ିଲେ, ଯେବେ ଏ ଉପଯୋଗରେ ନ ମିଳବ, ତେବେ ସେହି ଶବ୍ଦ ... 'ସାଉ' ନ ମିଳଲେ 'ସାଇ' ଖୋଜିବେ; 'ବୃଥ' ନ ମିଳଲେ 'ବୃଥା' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍କି' ନ ପାଇଲେ 'ଅର୍କ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

**ଉପଧାୟକ**—ସଂ. ବଣ. ( ଉପ + ଧା ଧାତୁ = + କର୍ତ୍ତୃ. ଅକ )—
Upadhāyaka ୧ । ଉତ୍ପାଦକ; ଜନକ—1. Generating; producing.
୨ । ଉପଯୋଗୀ—2. Suitable.

**ଉପଧାଲଘୁସ୍ୱର**—ସଂ. ବି—ଶବ୍ଦର ଶେଷ ଅକ୍ଷରର ଅବ୍ୟବହିତ ପୂର୍ବେ ଥିବା ଲଘୁସ୍ୱର—
Upadhālaghuswara
The short vowel before the last letter of a word.

**ଉପଧି**—ସଂ. ବି. (ଉପ + ଧା ଧାତୁ = ଧାରଣ କରିବା + ଭାବ. ଇ)—
Upadhi ୧ । ଛଳ; ଲୁଚୁଛପି; କପଟ—1. Fraud; deceit
୨ । ଭୟ—2. Fear; dread.
୩ । ( + ଅଧିକରଣ. ଇ )—ରଥର ଚକ; ଚକ୍ର—3. Wheel of a chariot
ଦେ. ବି. ( ସଂ. ଉପାଧାନ )—ତକିଆ; ମାଣ୍ଡି—Pillow.
ଉପଧି କରି ପଦ୍ମୀ କର, ସ୍ୱର୍ଣ୍ଣ ଗୋଡ଼ସ୍ତ କୁସବର ।
ଜଗନ୍ନାଥ, ଭବେତ ।

**ଉପଧୂପିତ**—ସଂ. ବଣ ( ଉପ = ସମୀପ ବା ଅଧିକ + ଧୂପ ଧାତୁ = କର୍ମ. ତ )—
Upadhūpita
୧ । ସନ୍ତାପିତ—1. Afflicted.
୨ । ଆସନ୍ନମୃତ୍ୟୁ; ମୁମୂର୍ଷୁ—2. Dying.

**ଉପନ**—ଦେ. ବି. ( ସଂ. ଉପାୟନ )—
Upana ୧ । ଉପହାର—1. Present.
ଉପନଭୋଗ ୨ । ବ୍ରାହ୍ମଣ ଶାସନରେ ଶରତ୍କାଳୀନ ଦେବୀ ପର୍ବର ୯ ଦିନ ବା ୧୬ ଦିନରେ ପାଳି କରି ଜଣେ ଜଣେ ଗୃହସ୍ଥ ଗ୍ରାମଦେବୀଙ୍କ ନିକଟରେ ପ୍ରତିଦିନ ଯେଉଁ ଭୋଗ କରନ୍ତି—2. Offering made to the village Goddess by the villagers by turn during the nine or sixteen days of Durgā pujā in the month of 'Āswina' in Brāhmana villages
୩ । ଯଜମାନ ଗାଁଭୋଗ—3. Offering made by the public
ଦେବୀମାନଙ୍କ ଉପନ ଦେବ
... ଥିବା ଯାକ ସେବ ଥିବ । ଉତ୍ପ. ସ୍ୱାଗତ ।

**ଉପନଗର**—ସଂ. ବି. (ଉପ = ନିକଟ; କ୍ଷୁଦ୍ର + ନଗର)—
Upanagara ୧ । ନଗରର ଉପକଣ୍ଠ; ସହର ତଳି—1. Suburbs.
୨ । କ୍ଷୁଦ୍ର ନଗର—2. Small town.

**ଉପନତ**—ସଂ. ବଣ ( ଉପ = ସମୀପ + ନମ୍ ଧାତୁ = ନଇଁବା + କର୍ତ୍ତୃ. ତ )—
Upanata
(ଉପନତା—ସ୍ତ୍ରୀ) ୧ । ସମୀପ ଗତ; ନିକଟସ୍ଥ—1. Adjoining.
୨ । ପ୍ରାପ୍ତ—2. Attained.
୩ । ଶରଣାଗତ—3 Seeking shelter.
୪ । ଉପସ୍ଥିତ—4. Arrived

**ଉପନନ୍ଦ**—ସଂ. ବଣ (ବହୁବ୍ରୀହି; ଉପ + ନନ୍ଦ = ଆନନ୍ଦ)—
Upananda ଆନନ୍ଦପ୍ରାପ୍ତ; ଜାତାହ୍ଲାଦ; ଯାହା ହୃଦୟରେ ଆନନ୍ଦ ଜନ୍ମିଅଛି—Delighted; delightful.
ସଂ. ବି. (ନାମ)—ଗୋପରାଜ ନନ୍ଦଙ୍କର ଭାଇ—
The name of the brother of Nanda, the king of Gopa.

**ଉପନନ୍ଦକ**—ସଂ. ବଣ ( ଉପ = ଅଧିକ + ନନ୍ଦ ଧାତୁ = ଆନନ୍ଦିତ ହେବା କର୍ତ୍ତୃ. ଅକ )—
Upanandaka
ଆନନ୍ଦଜନକ—Giving delight.
ସଂ. ବି (ନାମ) ୧ । ଧୃତରାଷ୍ଟ୍ରଙ୍କର ଜଣେକ ପୁତ୍ର—
1. Name of a son of Dhrutarāshtra.
୨ । ଊର୍ଣ୍ଣନାଭ; ବୁଢ଼ିଆଣୀ—2. Spider.
୩ । ନନ୍ଦଙ୍କ ଭାଇ—3. Name of the brother of Nanda.

**ଉପନପାଳି**—ଦେ. ବି—ଗ୍ରାମ ଦେବତାଙ୍କୁ ପୂଜାସାମଗ୍ରୀ ଦେବା ନିମନ୍ତେ ଶାରଦୀୟ ଓ ବାସନ୍ତୀ ପୂଜାରେ ନିର୍ଦ୍ଦିଷ୍ଟ ଦିନରେ ନିର୍ଦ୍ଦିଷ୍ଟ ଗୃହସ୍ଥର ପଡ଼ିବା ପାଳି—
Upanapāli
The turn of a villager offering Bhoga to the village Goddess on a particular day during the nine or sixteen days of the Durgā pujā.

**ଉପନୟ**—ସଂ. ବି—୧ । (ନ୍ୟାୟଶାସ୍ତ୍ର) କୌଣସି ପ୍ରତିଜ୍ଞାର ଚତୁର୍ଥ ବା ଶେଷ ଅଂଶ—1. The 4th member or proposition of a syllogism in logic.
Upanaya
(ଉପନୀତ—ବଣ)
୨ । ( ଉପ = ସମୀପ + ନୀ ଧାତୁ + ଭାବ. ଅ )—
ଯଜ୍ଞୋପବୀତ-ସଂସ୍କାର; ଦ୍ୱିଜାତିର ବ୍ରତବନ୍ଧ—
2. The ceremony of investiture of the sacred thread amongst the twice born caste.
ବାମନ ଉପନୟ ଦେଖି, ସବିତା ଗାୟନ୍ତ୍ରୀ ଉପଦେଶି । ଜଗନ୍ନାଥ. ଭାଗବତ ।
୩ । ଶିଷ୍ୟଙ୍କୁ ମନ୍ତ୍ର ଦାନ—3. Initiation of a pupil with a mystic formula
୪ । ନିକଟକୁ ଆନୟନ—4. Conveying; bringing near.
୫ । ମନ୍ତ୍ରାଦି ଦ୍ୱାରା ପବିତ୍ରୀକରଣ; ପ୍ରତିଷ୍ଠାକରଣ—
5. Consecration.

**ଉପନୟନ**—ସଂ. ବି ( ଉପ + ନୀ ଧାତୁ + ଭାବ. ଅନ )—
Upanayana ୧ । ଉପନୟ ୨-୫ ( ଦେଖ )
(ଉପନୀତ—ବଣ) 1. Upanaya 2-5 ( See )
୨ । ଉପାୟନ; ଭେଟି—2 Present.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଛ | ଝ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଞ୍ଜ | ଙ୍ଗ | ଞ୍ଚ | ଯ |
| ୨ | ଚ | ଭ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଞ୍ଚ | ● | ନ୍ତ |

ଉପନାମ—ସଂ. ବ. ( ଉପ=କୃତ୍ରିମ+ନାମ )—
Upanāma ୧ । ଡାକ ନାମ—2. Nick name; surname
୨ । କୃତ୍ରିମ ନାମ; ଛଦ୍ମ—
2 An alias; pseudonym.
୩ । ଅଧିନାମ—3. Additional name.
୪ । ଉପାଧି—4. Title.

ଉପନାୟ—ସଂ. ବ. ( ଉପ+ନୀ ଧାତୁ ଣିଚ୍=ନାୟି ଧାତୁ=ନିଆଇବା
Upanāya +କରଣ. ଅ )—ଉପନୟ ୨-୫ ( ଦେଖ )
Upanaya 2-5. ( See )

ଉପନାୟନ—ସଂ. ବ. ( ଉପ+ନୀ ଧାତୁ ଣିଚ୍+ଭାବ. ଅନ )—
Upanāyana ୧ । ଉପନୟ ୨-୫ ( ଦେଖ )
1. Upanaya 2-5 ( See )
୨ । ଆଗମନ—2. Coming.

ଉପନାହ—ସଂ. ବ. ( ଉପ+ନହ ଧାତୁ=ବାନ୍ଧିବା+ଭାବ. ଅ )—
Upanāha ୧ । ବନ୍ଧନ—1 Tie; bond.
୨ । ବୀଣାଆଦିର ନିମ୍ନଭାଗ, ଯେଉଁଠାରେ ତାରସବୁ ବନ୍ଧା ହୋଇଥାଏ; ବୀଣାଦିର ତନ୍ତ୍ରୀବନ୍ଧନ ସ୍ଥାନ—
2. The tie-piece of a lute or other stringed instrument where the wires are fixed.
୩ । ( +କରଣ. ଅ ) ପ୍ରଲେପ; ପୁଲ୍‌ଟିସ୍—
3. Ointment; poultice; plaster.
୪ । ( ବୈଦ୍ୟକ ) ସ୍ୱେଦ ( ଦେଖ )
4. Sweda ( See )

ଉପନିକ୍ଷିପ୍ତ—ସଂ. ଭଣ. ( ଉପ+ନିକ୍ଷିପ୍ତ )—ଉପନିହିତ ( ଦେଖ )
Upanikshipta Upanihita ( See )

ଉପନିକ୍ଷେପ—ସଂ. ବ ( ଉପ+ନିକ୍ଷେପ )—ନ୍ୟାସ; ଗଚ୍ଛିତରଖିବା—
Upanikshepa Deposit of valuables with another person.
(ଉପନିକ୍ଷିପ୍ତ—ବଣ)

ଉପନିଧାନ—ସଂ. ବ ( ଉପ+ନିଧାନ )—ଉପନିଧି (ଦେଖ )
Upanidhāna Upanidhi ( See )
(ଉପନିହିତ—ବଣ)

ଉପନିଧି—ସଂ. ବ. ( ଉପ+ନି+ଧା=ଧରିବା+ଭାବ. ଇ )—
Upanidhi ନ୍ୟାସ; ଗଚ୍ଛିତରଖିବା ଦ୍ରବ୍ୟାଦି; ଉପାଜ୍ଞ ରଖିବା—
Deposit of valuables with another person for safe custody.

ଉପନିପାତ—ସଂ. ବ. ( ଉପ=ସମୀପକୁ+ନି+ପତ୍+ଭାବ. ଅ )—
Upanipāta ୧ । ସମୀପକୁ ଆଗମନ—
1. Arrival; approach.
୨ । ହଠାତ୍ ଉପସ୍ଥିତି—2 Sudden presence.

ଉପନିବେଶ—ସଂ. ବ. ( ଉପ=ନିକଟରେ+ନିବେଶ=ବାସ )—
Upanibesa ୧ । ଦେଶାନ୍ତରରେ ନିବାସ—1. A colony.
୨ । ଏକଦେଶରୁ ଯାଇ ଅନ୍ୟ ଦେଶରେ ସ୍ଥାୟୀରୂପେ ବାସ କରିବା—2. New settlement fixed at a different place

ଉପନିବେଶିତ—ସଂ. ବଣ. ( ଉପନିବେଶ+ଇତ )—
Upanibesita ଦେଶାନ୍ତରରେ ନୂତନ ବସତି କରିଥିବା; ଉପନିବେଶରେ କୃତାଧିବାସ—Newly settled; colonised.

ଉପନିବେଶୀ—ସଂ. ବ. (ଉପ+ନି+ବିଶ୍+କର୍ତ୍ତୃ. ଇନ୍; ୧ମା. ୧ବ.)—
Upanibesi ଉପନିବେଶ କରିଥିବା ( ବ୍ୟକ୍ତି )—
(ଉପନିବେଶିନୀ—ସ୍ତ୍ରୀ) Newly settled.
ସଂ. ବ—ଏକଦେଶରେ ନୂଆ ହୋଇ ଘର କରି ରହିବା ବ୍ୟକ୍ତି—
New settler; colonist

ଉପନିର୍ବାଚନ—ସଂ. ବ. ( ଆଧୁନିକ ପ୍ରୟୋଗ )—ଶାସନମଣ୍ଡଳ କୌଣସି
Upanirbāchana ବ୍ୟବସ୍ଥାପକସଭାରୁ କୌଣସି କାରଣବଶତଃ ଜଣେ ସଭ୍ୟ ତାଙ୍କ କାର୍ଯ୍ୟକାଳ ନ ପୂରୁଣୁ ଇସ୍ତଫା ଦେଲେ ବା ମୃତ ହେଲେ ଅବଶିଷ୍ଟ ସମୟ ପାଇଁ ସେ ସ୍ଥଳରେ ଅନ୍ୟ ବ୍ୟକ୍ତିଙ୍କର ନିର୍ବାଚନ—
Py-election.

ଉପନିଷତ୍—ସଂ. ବ. ସ୍ତ୍ରୀ. ( ଉପ=ସମୀପ+ନି+ସଦ୍ ଧାତୁ=ଯିବା+
Upanishat କରଣ. କ୍ୱିପ୍ )—୧ । ଗୁପ୍ତବିଦ୍ୟା—
1. Secret or esotoric science.
୨ । ବେଦର ଶିରୋଭାଗ—2. The heading portion of the four Bedas.
୩ । ଆଧ୍ୟାତ୍ମିକବିଦ୍ୟା; ବ୍ରହ୍ମବିଦ୍ୟା; ଜ୍ଞାନକାଣ୍ଡ—
3. The Bedānta system of philosophy, metaphysics.
୪ । ସତ୍ୟ—4. Truth
୫ । ଧର୍ମ—5. Religion.
୬ । ବିଦ୍ୟା—6 Learning.
୭ । (+ଅଧିକରଣ. କ୍ୱିପ୍)—ରହସ୍ୟ ବା ନିର୍ଜନ ସ୍ଥାନ—
7. Solitary place; retirement; seclusion.
୮ । ସମୀପ ସ୍ଥାନ—8. Adjoining place.
୯ । ତତ୍ତ୍ୱ—9. Essence the truth

ଉପନିଷଦ୍—ସଂ. ବ—ଉପନିଷତ୍ ( ଦେଖ )
Upanishad Upanishat ( See )

ଉପନିଷଦ—ଦେ. ବ. ( ସଂ. ଉପନିଷଦ୍ )—ଉପନିଷତ୍ ( ଦେଖ )
Upanishada Upanishat ( See )

ଉପନିଷ୍କର—ସଂ. ବ. ( ଉପ+ନିର+କୃ ଧାତୁ+କରଣ. ଅ )—
Upanishkara ୧ । ନଗରର ମାର୍ଗ—
1. Town-road; street
୨ । ରାଜପଥ—2. Public road; highway.

ସାଧାରଣ ଲୋକେ ଶବ୍ଦର ସ୍ୱଶ୍ଚରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ବ୍ୟବଧାନ ରଖା ହୋଇଛି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଏକ ଯୋଗରେ ଲେଖେ ଏ ଗ୍ରନ୍ଥକୋଷରେ ନ ମିଳେ, ଲେଖେ ସେହି ଶବ୍ଦ ପାଠ ପର୍ଯ୍ୟାୟରେ ଉକ୍ତ ଶବ୍ଦ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଦେଇ ଖୋଜିବେ । ଯଥା :— 'ଶାର' ନ ମିଳିଲେ 'ଶାଲ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଂଶୁ' ନ ପାଇଲେ 'ବଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲତେ' ନ ପାଇଲେ 'ଅଳତ' ଦେଖିବେ ।

**ଉପନିଷ୍କ୍ରମଣ**— ସଂ. ବି. (ଉପ+ନିର+କ୍ରମ ଧାତୁ+ଭାବ. ଅନ)—
Upanishkramaṇa ୧ । ସଂସ୍କାରବିଶେଷ—
1. Name of a religious rite.
୨ । (+କରଣ. ଅନ) ରାଜପଥ - 2. High way.

**ଉପନିହିତ**—ସଂ. ବିଣ—(ଉପ+ନି ଧାତୁ+କର୍ମ. ତ)—
Upanihita ୧ । ନ୍ୟସ୍ତ ରଖାଯିବା—1 Laid down; set down; put down.
(ଉପନିଧି; ଉପନିଧାନ—ଦ୍ର)
୨ । ଅନ୍ୟଠାରେ ଗଚ୍ଛିତ—
2. Deposited with another.

**ଉପନୀତ**—ସଂ. ବିଣ (ଉପ=ସମୀପ+ନୀ ଧାତୁ=ନେବା+କର୍ମ. ତ)—
Upanīta ୧ । ଉପନୟନ ହୋଇଥିବା; ବ୍ରତ ବା ବଟୁ ହୋଇ ଥିବା; ସଂସ୍କାରପ୍ରାପ୍ତ; ସଂସ୍କୃତ—
(ଉପନୟନ—ଦ୍ର)
1 Invested with the sacred thread.
୨ । ନିକଟକୁ ଆଗତ—2. Brought near,
୩ । ଆଗତ; ଉପସ୍ଥିତ—3. Arrived at; come to.
୪ । ଉପାୟନୀକୃତ—4 Presented; changed into a present.
୫ । ପ୍ରାପିତ—5. Procured.
ବି—(+ଭାବ. ତ) — ଉପନୟନ—Sacred thread ceremony.

**ଉପନେତା**— ସଂ. ବିଣ. ପୁଂ —(ଉପ=ସମୀପ + ନୀ ଧାତୁ=ନେବା +କର୍ତ୍ତୃ
Upanetā ତୃ; ୧ମା. ୧ବ.)— ୧ । ଉପନୟନକର୍ତ୍ତା—
(ଉପନେତ୍ରୀ ସ୍ତ୍ରୀ) 1. One who invests a boy with the sacred thread.
୨ । ଆଚାର୍ଯ୍ୟ—2. Preceptor.
୩ । ନିକଟକୁ ଆନୟନକାରୀ—3. One who brings a thing near.
୪ । ଉପାୟନଦାତା—4. Giving a present
୫ । ପ୍ରାପକ—5. Pracuring.
୬ । ଉପନାୟକ—6 A secondary hero.

**ଉପନେତ୍ର**— ସଂ. ବି. (ଅବ୍ୟୟୀଭାବ; ଉପ=ସଦୃଶ+ନେତ୍ର=ଆଖି)—
Upanetra ଚଷମା; ଚଶମା—Spectacles; eye glasses.

**ଉପନ୍ୟସ୍ତ**—ସଂ. ବିଣ. (ଉପ+ନି+ଅସ୍=କ୍ଷେପଣ+କର୍ମ. ତ)—
Upanyasta ୧ । ଅର୍ପିତ; ବିନ୍ୟସ୍ତ—1. Brought forward; adduced; arranged.
୨ । ଆରବ୍ଧ (ବାକ୍ୟ)—2. Commenced (word)
୩ । ବନ୍ଧା ଦିଆଯାଇ ଥିବା—3. Pledged.
୪ । ଗଚ୍ଛିତ ରଖାଯାଇଥିବା—4. Deposited
୫ । ନାମୋଲ୍ଲେଖ କରାଯାଇ ଥିବା; ଉଲ୍ଲିଖିତ—
5. Mentioned; referred to.
୬ । ଉଦ୍ଧୃତ—6. Quoted
୭ । ଦତ୍ତ—7. Given.

**ଉପନ୍ୟାସ**—ସଂ. ବି. (ଉପ+ନି+ଅସ ଧାତୁ=କ୍ଷେପଣ କରିବା+ଭାବ. ଅ)—୧ । ବାକ୍ୟାରମ୍ଭ; କଥନାରମ୍ଭ—
Upanyāsa
1 Beginning of conversation.
୨ । ଉଲ୍ଲେଖ—2. Adducing; proposing.
୩ । ଦାନ—3 Gift.
୪ । (+କର୍ମ. ଅ)— ଉପକଥା; କଳ୍ପିତବୃତ୍ତାନ୍ତ—
4. Story; novel; romance.
୫ । ପ୍ରସ୍ତାବ—5. Proposal
୬ । ବନ୍ଧକ—6. Pledge.

**ଉପପତି**— ସଂ.ବି. ପୁଂ. (ଉପ+ପତି=ସ୍ୱାମୀ)—
Upapati ୧ । ଜାର-ପୁରୁଷ; ଅଧର୍ମପତି; ଗୁପ୍ତପତି—
(ଉପପତ୍ନୀ—ସ୍ତ୍ରୀ) 1. Paramour; a gallant.
୨ । ପରପୁରୁଷ; ଅବୈଧ ପ୍ରଣୟାସକ୍ତ ବ୍ୟକ୍ତି—
2. Adulterer.

**ଉପପତ୍ତି**— ସଂ. ବି ସ୍ତ୍ରୀ. (ଉପ+ପଦ ଧାତୁ=ଯିବା+ଭାବ. ତି)—
Upapatti ୧ । ଯୋଗ୍ୟତା; ଔଚିତ୍ୟ—1. Propriety; fitness; suitableness.
(ଉପପନ୍ନ—ଦ୍ର)
୨ । ଯୁକ୍ତି; ସିଦ୍ଧାନ୍ତ—2. Argument; inference.
୩ । ସଙ୍ଗତି; ସଂସ୍ଥାନ—3. Competence
୪ । କାରଣ; ହେତୁ—4. Cause.
୫ । ସିଦ୍ଧି—5. Accomplishment.
୬ । ଉଦ୍ଭବ - 6 Birth,
୭ । ପରସ୍ପର ବିରୋଧ ପରିହାର; ମୀମାଂସା—
7 Reconciling of mutual discrepancy.
୮ । ଉପାୟ—8 Means.
୯ । ପ୍ରମାଣ—9. Demonostration; proof.

**ଉପପତ୍ନୀ**— ସଂ.ବି ସ୍ତ୍ରୀ. (ଉପ=ପ୍ରତିନିଧି+ପତ୍ନୀ=ସ୍ତ୍ରୀ)— ୧ । ରକ୍ଷିତା ସ୍ତ୍ରୀ;
Upapatnī ରକ୍ଷେଲ ମାଇପ—1. Concubine.
୨ । ଅବିବାହିତା ଭାର୍ଯ୍ୟା—2. One's unmarried wife
୩ । ସ୍ତ୍ରୀରୂପେ ରକ୍ଷିତା ପରସ୍ତ୍ରୀ - 3. The married wife of a person kept as a mistress by an other.

**ଉପପଥ**—ସଂ. ବି. (ଉପ=ନିକୃଷ୍ଟ; ହୀନ, ସଂକୀର୍ଣ୍ଣ+ପଥ=ବାଟ)—
Upapatha ୧ । ଗଳି ବାଟ—1. By-way; by-lane.
୨ । ସଂକୀର୍ଣ୍ଣ ପଥ—2. Narrow road.

**ଉପପଦ**— ସଂ. ବି (ଅବ୍ୟୟୀଭାବ; ଉପ=ନିକଟ; ପୂର୍ବ+ପଦ)—
Upapada ୧ । ପଦର ନିକଟସ୍ଥ ପଦ; ପୂର୍ବପଦ—
1. The first member of a compound wrdin a verbal, noun or adjective.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଠ | ଶ,ଷ | ଙ୍କ | ଚ୍ଛ | ଞ୍ଚ | ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଚ୍ଚ | ଞ୍ଜ | ନ୍ଦ |

୨ । ( ବ୍ୟାକରଣ ) ସମସ୍ତ ବାକ୍ୟରେ ଥିବା ଅପ୍ରଧାନ ପଦ; ସମସ୍ତବ୍ୟାପ୍ତ ସ୍ୱାର୍ଥପୋଷକ ପଦ—
2 (grammar) Secondary word in a compound.
(ଯଥା— ହୃତକାରୀରେ ହୃତ; ଅପ୍ରିୟବାଦୀରେ ଅପ୍ରିୟ)
୩ । ଉପାଧି—3. A title of honour.

ଉପପଦତତ୍ପୁରୁଷ—ସଂ. ବି. ( ବ୍ୟାକରଣ )—ସମାସବିଶେଷ—
Upapadatatpurusha A Class of compounds.
[ କୃ- ଧାତୁ ପୂର୍ବରେ ଉପପଦ ଥାଇ ଶେଷରେ ଇନ୍, ଅ (କୃ) ପ୍ରଭୃତି କେତେକ ପ୍ରତ୍ୟୟ ହେଲେ ଏହି ସମାସ ହୁଏ । ବହୁବ୍ରୀହିସମାସରେ 'ଅନ୍ୟ ପଦାର୍ଥ' ପ୍ରକାଶକ 'ପଦ' ଶବ୍ଦରେ ପ୍ରଥମା ଭିନ୍ନ ଅନ୍ୟ ବିଭକ୍ତିମାନଙ୍କରେ ପ୍ରୟୋଗ ପ୍ରାୟଶଃ ଦେଖାଯାଏ ମାତ୍ର ଉପପଦତତ୍ପୁରୁଷ ସମାସରେ କେବଳ ପ୍ରଥମା ବିଭକ୍ତିର ପ୍ରୟୋଗ ହୁଏ । ଉଦାହରଣ; ଯଥା—ପଙ୍କଜ; କୁମ୍ଭକାର; ଅର୍ଥକାମୀ ଇତ୍ୟାଦି । ]

ଉପପନ୍ନ—ସଂ. ବିଣ. ( ଉପ+ପଦ୍ ଧାତୁ+କର୍ତ୍ତୃ. ତ )—
Upapanna ୧ । ଯୋଗ୍ୟ; ଯଥୋଚିତ—
(ଉପପତ୍ତି—ବି) 1. Fit; proper, suitable.
୨ । ଯୁକ୍ତିଯୁକ୍ତ; ସଙ୍ଗତ—2. Reasonable
୩ । ସମ୍ଭାବିତ—3 Conjectured.
୪ । ଉତ୍ପନ୍ନ—4. Deduced; produced.
୫ । ମିଳିତ—5. Joined; congruous.
୬ । ଆଗତ—6. Arrived.
୭ । ଉତ୍ଥିତ—7. Risen
୮ । ପ୍ରମାଣିତ; ସିଦ୍ଧ—
8 Proved; demonostrated.
୯ । ପ୍ରାପ୍ତ—9 Possessed of; attained.
୧୦ । ଅନୁରୂପ—10 Congenial.
୧୧ । ସମ୍ପନ୍ନ—11. Accomplished.

ଉପପାତକ—ସଂ. ବି. ( ଉପ=ନିକୃଷ୍ଟ+ପାତକ=ପାପ )—
Upapātaka ୧ । କ୍ଷୁଦ୍ର ପାପବିଶେଷ—
1. A class of crimes of inferior magnitude; a crime of second degree.
୨ । ଅଗମ୍ୟାଗମନ ପାପ—2. Venial offence; incest (as cohabitation with a prohibited female ).

ଉପପାଦକ—ସଂ. ବିଣ. ପୁଂ ( ଉପ+ପଦ୍ ଧାତୁ ଣିଚ୍=ପାଦ ଧାତୁ =ଗମନ କରିବା+କର୍ତ୍ତୃ. ଅକ )—
Upapādaka
( ଉପପାଦିକା—ସ୍ତ୍ରୀ ) ୧ । ନିଷ୍ପାଦକ—1. Performing.
୨ । ମୀମାଂସକ—2 Deciding.
୩ । କାର୍ଯ୍ୟସମ୍ପାଦକ—3. Accomplishing.

ଉପପାଦନ—ସଂ. ବି. ( ଉପ+ପଦ ଧାତୁ ଣିଚ=ପାଦ ଧାତୁ=ପହଞ୍ଚିବା+ଭାବ ଅନ )—
Upapādana
( ଉପପାଦିତ—ବିଣ ) ୧ । ସମ୍ପାଦନ; ସାଧନ—
1 Accomplishment.
୨ । କୌଣସି ପ୍ରତିଜ୍ଞାର ପ୍ରମାଣ କରଣ—
2 Demonostration of a proposition.
୩ । ଯୁକ୍ତିଦ୍ୱାରା ସମର୍ଥନ—
3. Establishment of a proposition by argument.
୪ । ମୀମାଂସାକରଣ—4. Deduction; deciding.
୫ । ପୂର୍ବାପରବିରୋଧ ପରିହାର କରିବା—
5 Reconciliation of incongruity.

ଉପପାଦିତ—ସଂ. ବିଣ. ( ଉପ+ପଦ ଧାତୁ ଣିଚ=ପାଦ ଧାତୁ+କର୍ମ. ତ )—୧ । ଯୁକ୍ତିଦ୍ୱାରା ସମର୍ଥିତ—
Upapādita
( ଉପପାଦନ—ବି ) 1. Supported by argument.
୨ । ମୀମାଂସିତ—2 Established by argument.
୩ । ପ୍ରମାଣିତ—3 Proved; demonostrated.
୪ । ପ୍ରାପ୍ତ—4 Attained.
୫ । ସମ୍ପୂର୍ଣ୍ଣ ସମ୍ପାଦିତ—5. Accomplished.
୬ । କୃତ—6. Done; performed.
୭ । ଉତ୍ପାଦିତ—7. Produced.

ଉପପାଦ୍ୟ—ସଂ. ବିଣ. ( ଉପ+ପଦ ଧାତୁ ଣିଚ=ପାଦ ଧାତୁ+କର୍ମ. ଯ)—୧ । ପ୍ରମାଣିତ ହେବାର ଯୋଗ୍ୟ; ସମର୍ଥନୀୟ—
Upapādya
1. Demonostrable.
୨ । ମୀମାଂସା ଯୋଗ୍ୟ—2 To be decided.
୩ । ନିଷ୍ପାଦନୀୟ—3, Fit to be performed.
୪ । (ଜ୍ୟାମିତି) ଯାଥାର୍ଥ୍ୟ ନିରୂପଣ ଯେଉଁ ପ୍ରତିଜ୍ଞାର ଉଦ୍ଦେଶ୍ୟ—
4 ( geometry ) Which is capable of being demonostrated.
( ସମ୍ପାଦ୍ୟ—ବିପରୀତ ) ସଂ. ବି—( ଜ୍ୟାମିତିପରିଭାଷା ) ଯେଉଁ ପ୍ରତିଜ୍ଞାର ସତ୍ୟତା ପ୍ରମାଣଦ୍ୱାରା ସମର୍ଥିତ ବା ସିଦ୍ଧ କରାଯାଇ ପାରେ—( geometry ) Theorem ( as opposed to a problem ).

ଉପପାପ—ସଂ. ବି—ଉପପାତକ ( ଦେଖ )
Upapāpa Upapātaka ( See ).

ଉପପୀଡ଼ନ—ସଂ. ବି. ( ଉପ+ପୀଡ଼ନ )—
Upapirdana ଉପଦ୍ରବ; ଅତ୍ୟାଚାର—
( ଉପପୀଡ଼ିତ—ବିଣ ) Oppression; outrage.

ଉପପୀଡ଼ିତ—ସଂ. ବିଣ. (ଉପ+ପୀଡ଼ିତ)—ଅତ୍ୟାଚାରିତ—
Upapirdita Oppressed; outraged.
( ଉପପୀଡ଼ନ—ବି )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଳଙ୍କାର ଦେଖିବେ ।

**ଉପପୁରାଣ**— ସଂ. ବି. ( ଉପ = ସାମାନ୍ୟ + ପୁରାଣ ) – କ୍ଷୁଦ୍ର ପୁରାଣ—
Upapurāṇa Minor or secondary treatise on Hindu cosmogeny ( 18 in number ).
[ ବୃ—ପୁରାଣ ଶବ୍ଦ ଦେଖ । ]

**ଉପପୁଷ୍ପିକା**— ସଂ. ବି. (ଉପ + ପୁଷ୍ପ ଧାତୁ = ଫୁଟିବା + ଅକ + ସ୍ତ୍ରୀ. ଆ—
Upapushpikā ଏହା ମୁହଁରେ ପୁଷ୍ପ ପରି ଫୁଟେ ବୋଲି) ଜୃମ୍ଭା; ହାଇ—Yawning

**ଉପପ୍ଳବ**— ସଂ. ବି ( ଉପ + ପ୍ଳୁ ଧାତୁ = ଭେଳିବା + ଭାବ. ଅ )—
Upaplaba ୧ । ଉତ୍ପାତ; ବିପଦ; ଉପଦ୍ରବ; ଦୈବୀ ବିପଦ୍—
(ଉପପ୍ଳୁତ—ବିଣ) 1. Calamity; accident; disaster.
୨ । ଆକସ୍ମିକ ଭୟ—2. Sudden fear.
୩ । ରାହୁ—3. The Ascending Node.
୪ । ଚନ୍ଦ୍ରାଦିଗ୍ରହଣ ବା ଉଲ୍କାପାତ ଆଦି ଅଶୁଭସୂଚକ ଘଟନା—4. A portentous phenomenon in the heavens (e.g. eclipse, shooting stars).
୫ । ରାଜଶକ୍ତି ବିରୁଦ୍ଧରେ ପ୍ରଜା ଶକ୍ତିର ଅଭ୍ୟୁତ୍ଥାନ; ପ୍ରଜାମେଳି—5. Mutiny; insurrection; tumult.
୬ । ଅରାଜକତା—6. Anarchy.
୭ । ଅଶୁଭ; ଅମଙ୍ଗଳ—7. An evil; woe; portent.

**ଉପପ୍ଳବ୍ୟ**— ସଂ. ବି (ନାମ) (ଉପ + ପ୍ଳୁ ଧାତୁ + ଭାବ. ଯ)—
Upaplabya ବିରାଟନଗରର ନିକଟସ୍ଥ ପୁରବିଶେଷ—
A town near the ancient capital of Birāṭa.

**ଉପପ୍ଳୁତ**— ସଂ. ବିଣ (ଉପ + ପ୍ଳୁ ଧାତୁ + କର୍ମ. ତ)—
Upapluta ୧ । ରାହୁଗ୍ରସ୍ତ—1. Eclipsed.
( ଉପପ୍ଳବ— ବି ) ୨ । ଉପଦ୍ରୁତ; ଉପଦ୍ରବଗ୍ରସ୍ତ—
2. Oppressed.
୩ । ବିପଦଗ୍ରସ୍ତ—3. Assailed or overtaken by calamity.
୪ । ପୀଡ଼ିତ—4. Sick.
୫ । ଭୀତ—5. Frightened.

**ଉପବକ୍ତା**— ସଂ. ବିଣ (ଉପ = ସମୀପ + ବଚ୍ ଧାତୁ = କହିବା + କର୍ତ୍ତୃ. ତୃ)—
Upabaktā ଉପଦେଶ ଦେବାବାଲା—Instructing
ସଂ. ବି—୧ । ଉପଦେଷ୍ଟା—1. Instructor.
୨ । ଉପଦର୍ଶକ; ଯଜ୍ଞର ଋତ୍ୱିକବିଶେଷ; ଯେ ଯଜ୍ଞରେ ଭୂତାଭୂତବ୍ୟାପାର ଦର୍ଶନ କରନ୍ତି—
2. Supervising priest in a fire-sacrifice
୩ । ଯଜ୍ଞାଦିରେ ନିଯୁକ୍ତ ବ୍ରହ୍ମା ବା ସଦସ୍ୟ—
3. A priest selected or invited for officiating in a fire-sacrifice.

**ଉପବନ**— ସଂ. ବି ( ଉପ = ସଦୃଶ + ବନ )—
Upabana ୧ । ବଗିଚା; ଉଦ୍ୟାନ; ବାଡ଼—1. Garden.
୨ । ତୋଟା—2. Tope; orchard.
୩ । କୁଞ୍ଜବନ—3. Grove.
ସଂ. ଅ—ବନସମୀପରେ—
Adjoining the forest.

**ଉପବର୍ଣ୍ଣନ**— ସଂ. ବି (ଉପ = ସମ୍ୟକ୍ + ବର୍ଣ୍ଣ ଧାତୁ = ବର୍ଣ୍ଣନା କରିବା + ଭାବ. ଅନ)—
Upabarṇṇana ୧ । ସମ୍ୟକ୍ କୀର୍ତ୍ତନ; ସମ୍ୟକ୍ ବର୍ଣ୍ଣନ; ବିବରଣ—1. Excellent description; delineation.
୨ । କୌଣସି ବସ୍ତୁର ସ୍ୱରୂପ, ଲକ୍ଷଣ ଓ ଗୁଣମାନ—
2 Detailed or minute description
୩ । ଠିକ୍ ବର୍ଣ୍ଣନା—3 Exact account.

**ଉପବର୍ତ୍ତନ**— ସଂ. ବି ( ଉପ + ବୃତ୍ ଧାତୁ + ଅଧିକରଣ. ଅନ )—
Upabarttana ୧ । ଜନପଦ—1 Village.
୨ । ଦେଶ—2 Country.

**ଉପବର୍ହ**— ସଂ. ବି (ଉପ + ବର୍ହ୍ ଧାତୁ = ଆରୋପଣ କରିବା + ଅଧିକରଣ.
Upabarha ଅ)—ଶିରୋଧାନ; ତକିଆ—Pillow.

**ଉପବସଥ**— ସଂ. ବି ( ଉପ + ବସ ଧାତୁ = ବାସକରିବା + ଅଧିକରଣ.
Upabasatha ଅଥ)—ଗ୍ରାମ—Village.

**ଉପବସ୍ତ**— ସଂ. ବିଣ (ଉପ + ବସ ଧାତୁ = ବାସକରିବା + କର୍ତ୍ତୃ. ତ )—
Upabasta ଉପୋଷିତ; ଉପବାସୀ—
(ଉପବସ୍ତା—ସ୍ତ୍ରୀ) Starving; fasting.
ସଂ. ବି—୧ । (+ ଭାବ. ତ)—ଉପବାସ—1 Fast.
୨ । ଅନାହାର—2 Starvation.

**ଉପବାଦ**— ସଂ. ବି ( ଉପ = ନିନ୍ଦା; ଦୋଷ + ବଦ୍ ଧାତୁ = କହିବା +
Upabāda ଭାବ. ଅ )—୧ । ଅପବାଦ—1. Defamation.
୨ । ନିନ୍ଦା—2 Blame.

**ଉପବାସ**— ସଂ. ବି ( ଉପ + ବସ ଧାତୁ = ବାସ କରିବା + ଭାବ. ଅ)—
Upabāsa ୧ । ଲଙ୍ଘନ; ଅନଶନ—1. Fasting.
୨ । ଅନାହାର—2. Abstinence from food.
୩ । ବ୍ରତାର୍ଥ ଉପବାସ; ଉପାସ—3. Religious fast.
୪ । ବାସ—4. Inhabiting.
୫ । ଅଗ୍ନ୍ୟାଧାନ—5. Lighting of fire.

**ଉପବାସିଆ**— ଦେ. ବିଣ ( ସଂ. ଉପବାସୀ )— ଉପବାସୀ ( ଦେଖ )
Upabāsiā Upabāsi ( See )

**ଉପବାସୀ**— ସଂ. ବିଣ. ପୁଂ. ( ଉପ + ବସ ଧାତୁ = ବାସକରିବା + କର୍ତ୍ତୃ.
Upabāsi ଇନ୍; ୧ମା. ୧ବ)—୧ । ଉପୋଷିତ; ଭୋଜନ କରି
(ଉପବାସିନୀ—ସ୍ତ୍ରୀ) ନ ଥିବା—1. Fasting; not having taken food; abstaining from food.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ର୍,ର୍ଵ | ଈ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଦୃ | ଉଥ | ଉ |
| ୨ | ଋ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଗ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

୨ । ବ୍ରତାର୍ଥ ଉପବାସ କରିଥିବା—
2. Observing a religious fast.

ଉପବାହ୍ୟ—ସଂ. ବି ( ଉପ+ବହ୍ ଧାତୁ=ବହନ କରିବା+କରଣ.
Upabāhya ଯ )—୧ । ରାଜବାହକ ହସ୍ତୀ; ପାଟହାତୀ—
1 An elephant bearing a king.
୨ । (+ଅଧିକରଣ. ଯ)—ରାଜପଥ—2. High road.
୩ । ରାଜାଙ୍କ ବାହନ—3. A royal conveyance.

ଉପବିଦ୍ୟ—ସଂ ବିଣ. ପୁଂ ( ଉପ+ବିଦ୍ ଧାତୁ=ଜାଣିବା+କରଣ. ଯ )
Upabidya ବ୍ୟାବହାରିକ ବିଦ୍ୟାରେ ପାରଙ୍ଗମ—
(ଉପବିଦ୍ୟା—ସ୍ତ୍ରୀ) Acquainted with practical arts.

ଉପବିଦ୍ୟା—ସଂ. ବିଣ. ସ୍ତ୍ରୀ—'ଉପବିଦ୍ୟ'ର ସ୍ତ୍ରୀଲିଙ୍ଗ—
Upabidyā Feminine of 'Upabidya'.
ସଂ. ବି—୧ । ବ୍ୟାବହାରିକ ବିଦ୍ୟା—1. Profane science; practical science or art
୨ । କଳା ବିଦ୍ୟା—2. Fine arts.

ଉପବିଧି—ସଂ. ବି ( ଅଧୁନିକ ପ୍ରୟୋଗ )—କୌଣସି ନିୟମର ଆନୁଷଙ୍ଗିକ
Upabidhi ବିଧାନ—By-law.

ଉପବିଷ—ସଂ. ବି ( ଉପ=ତୁଲ୍ୟ+ବିଷ )—୧ । କୃତ୍ରିମ ବିଷ—
Upabisha 1 Artificial poison.
୨ । ସାମାନ୍ୟ ବିଷ ( ଯଥା—ଅର୍କକ୍ଷୀର; ଧାତୁରା; କନିଅର-ମଞ୍ଜି )—2. Secondary poison.

ଉପବିଷା—ସଂ. ବି. ସ୍ତ୍ରୀ—ଅତୁଷୀ ( ଦେଖ )
Upabishā Atushī ( See )

ଉପବିଷ୍ଟ—ସଂ. ବିଣ. (ଉପ=ନିକଟରେ+ବିଶ୍ ଧାତୁ=ପ୍ରବେଶକରିବା
Upabishṭa +କର୍ତ୍ତୃ. ତ)—୧ । ଆସୀନ; ବସିଥିବା—
(ଉପବେଶନ—ବି) 1. Seated; sitting.
( ଉପବିଷ୍ଟା—ସ୍ତ୍ରୀ ) ୨ । ସିଂହାସନରେ ବସିଥିବା—
2. Enthroned; installed on the throne.

ଉପବୀତ—ସଂ. ବି. (ଉପ+ବୀ ଧାତୁ=ଆଚ୍ଛନ୍ନ ହେବା+କର୍ତ୍ତୃ. ତ)—
Upabīta ୧ । ଯଜ୍ଞସୂତ୍ର, ପଇତା—
1. Holy thread of the Hindus; sacred thread worn by the twice-born castes

ଉପବୀତୀ—ସଂ.ବିଣ.ପୁଂ. (ଉପବୀତ=ପଇତା+ଅସ୍ତି ଅର୍ଥରେ. ଇନ୍ ୧ମା.
Upabīti ୧ବ )—ପଇତାଧାରୀ; ଯଜ୍ଞସୂତ୍ରଧାରୀ—
Wearing the sacred thread.

ଉପବୃଂହିତ—ସଂ. ବିଣ. ( ଉପ+ବୃଂହ ଧାତୁ = ବୃଦ୍ଧିପାଇବା + ଉପବୃଂହିତ
Upabrumhita କର୍ତ୍ତୃ. ତ)—୧ । ବର୍ଦ୍ଧିତ—
(ଉପବୃଂହଣ—ବି 1. Increased.
୨ । ଉଚ୍ଛୁସିତ; ଫୁଲିଥିବା—2. Swollen; flooded.
୩ । ଯୁକ୍ତ—3. Added to.

୪ । ଅଙ୍ଗବର୍ଦ୍ଧିତ—4. Amplified; augmented.
୫ । ସମାପ୍ତ—5 Completed, accomplished.

ଉପବେଦ—ସଂ. ବି. ( ଉପ=ନିକୃଷ୍ଟ+ବିଦ୍ ଧାତୁ=ଧର୍ମାଧର୍ମ ଜାଣିବା
Upabeda +କରଣ. ଅ)—ବେଦ ଠାରୁ ନିକୃଷ୍ଟ ବିଦ୍ୟା—
A branch of learning which is inferior to the Bedas.
(ଯଥା—ଧନୁର୍ବେଦ; ଆୟୁର୍ବେଦ; ସ୍ଥାପତ୍ୟବେଦ; ଗାନ୍ଧର୍ବବେଦ)

ଉପବେଶନ—ସଂ.ବି. (ଉପ+ବିଶ୍ ଧାତୁ=ପ୍ରବେଶ କରିବା+ଭାବ.
Upabeśana ଅନ)—୧ । ସ୍ଥିତି—1. Position.
୨ । ଆସନଗ୍ରହଣ; ବସିବା—2. Act of sitting or squatting; taking a seat.
୩ । ( +ବେଶି ଧାତୁ=ପ୍ରବେଶକରିବା+ଭାବ. ଅନ )—ରଖିବା—3. Placing; putting.
୪ । ବସାଇବା—4 Fixing; setting down.
୫ । (+ଅଧିକରଣ. ଅନ) ଆସନ—5. Seat.

ଉପବେଶନ କରିବା—ଦେ. କ୍ରି—ବସିବା—To sit; to squat;
Upabeśana kariba to take a seat.
উপবেশনকরা
उपवेशनकरना

ଉପଭୁକ୍ତ—ସଂ. ବିଣ ( ଉପ=ସମ୍ୟକ୍+ଭୁଜ୍ ଧାତୁ=ଭୋଗ କରିବା
Upabhukta ଖାଇବା.+କର୍ମ. ତ)—୧ । ଭୋଗ କରା-
(ଉପଭୋଗ—ବି) ଯାଇଥିବା—1. Enjoyed.
୨ । ଭକ୍ଷିତ—2. Eaten.
୩ । ବ୍ୟବହୃତ—3. Used.

ଉପଭୃତ—ସଂ. ବି ( ଉପ+ଭୃ ଧାତୁ=କର୍ମ. ତ )—
Upabhruta ଏକପ୍ରକାର ସ୍ରୁଚ; ହୋମପାତ୍ରବିଶେଷ—
A kind of wooden spoon for offering oblations to fire.

ଉପଭୋକ୍ତା—ସଂ. ବିଣ. ପୁଂ. ( ଉପ+ଭୁଜ ଧାତୁ=ଭୋଗ କରିବା+
Upabhoktā କର୍ତ୍ତୃ.ତୃ; ୧ମା. ୧ବ)—ଯେ ଉପଭୋଗ କରେ—
(ଉପଭୋକ୍ତ୍ରୀ—ସ୍ତ୍ରୀ) One who enjoys; enjoying.

ଉପଭୋଗ—ସଂ. ବି (ଉପ+ଭୁଜ୍ ଧାତୁ=ଭୋଗକରିବା+ଭାବ. ଅ)—
Upabhoga ୧ । ବିଳାସ; ସୁଖାଦିଭୋଗ—
(ଉପଭୁକ୍ତ—ବିଣ) Enjoyment; gratification.
୨ । ଭକ୍ଷଣ—2. Eating.
୩ । ବ୍ୟବହାର—3. Temporary possession of a thing; use.
୪ । ଇନ୍ଦ୍ରିୟତୃପ୍ତି—4. Sensual gratification.

ଉପଭୋଗ୍ୟ—ସଂ. ବିଣ. ପୁଂ (ଉପ+ଭୁଜ୍ ଧାତୁ=ଭୋଗକରିବା+କର୍ମ.
Upabhogya ଯ)—୧ । ସୁଖଭୋଗ ନିମନ୍ତେ ଉପଯୋଗୀ—
( ଉପଭୋଗ୍ୟା—ସ୍ତ୍ରୀ ) 1. Fit to be enjoyed or possessed.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବ୍ୟବହାରର ଯୋଗ୍ୟ; ବ୍ୟବହାର୍ଯ୍ୟ — 2. Enjoyable; useful.

୩ । ଯାହା ଉପଭୋଗ କରାଯିବ— 3. About to be enjoyed.

**ଉପମ**—ସଂ. ବ (ଉପ+ମା ଧାତୁ=ପରିମାଣ କରିବା+କର୍ତ୍ତୃ. ଅ)— Upama ତୁଲ୍ୟତା; ସାଦୃଶ୍ୟ—Similarity.

ବହୁ ଏହୁ ଉପମ କରି ସୈନ୍ୟ କ୍ଷମ ବାହନ ଗ ମାରୁତ ସେ । ଉତ୍ତ. ବୈଦେହୀଶବିଳାସ ।

ସଂ. (ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ) ବିଣ. ପୁଂ—ସଦୃଶ; ତୁଲ୍ୟ—Similar to ( ଯଥା—ଦେବୋପମ )

**ଉପମନ**—ଦେ. ବ (ସଂ. ଉପମା)—ଉପମା— Upamana Comparision analogy.

ଉପମନ ତହୁ, ନମ୍ବଚର ସମ ନମ୍ଭନ ବହୁ—ଉତ୍ତ. ଅବନ ରସତରଙ୍ଗ ।

**ଉପମର୍ଦ୍ଦ**—ସଂ. ବ (ଉପ=ସମ୍ୟକ୍+ମୃଦ=ଦଳିବା+ଭାବ. ଅ)— Upamardda ୧ । ଚକଟାମକଟା; ଆଲୋଡ଼ନ— 1 Stirring.

୨ । ଚିପିବା—2. Violent pressure; squeezing.

୩ । ହିଂସା—3 Injury.

୪ । ପୀଡ଼ନ—4. Oppression.

୫ । ବିନାଶ—5. Destruction

**ଉପମା**—ସଂ. ବ. ସ୍ତ୍ରୀ ( ଉପ=ତୁଲ୍ୟ+ମା ଧାତୁ=ପରିମାଣ କରିବା+ Upamā ଭାବ. ଅ+ସ୍ତ୍ରୀ. ଆ)— ୧ । ସାଦୃଶ୍ୟ; ତୁଲ୍ୟତା— 1. Likeness; similarity

୨ । ତୁଳନା—2 Comparison.

୩ । ସାଦୃଶ୍ୟାର୍ଥକ ଅର୍ଥାଳଙ୍କାରବିଶେଷ— 3. A figure of similarity; simile.

[ ଦ୍ର—ସମାନ ଧର୍ମଦ୍ୱାରା ଉଭୟାଶ୍ରୟ ବସ୍ତୁଦ୍ୱୟର ସାଦୃଶ୍ୟ-କଥନକୁ ଉପମା କହନ୍ତି । ଓଡ଼ିଆ ସାହିତ୍ୟରେ ସାଧାରଣତଃ ପୂର୍ଣ୍ଣୋପମା, ଲୁପ୍ତୋପମା ଓ ମାଳୋପମା—ଏହି ତ୍ରିବିଧ ଉପମା ଦେଖାଯାଏ । ]

**ଉପମାତା**—ସଂ. ବ. ସ୍ତ୍ରୀ. ( ଉପ=ସଦୃଶ+ମାତା )— Upamātā ୧ । ଧାତ୍ରୀ; ଧାଈ—1. Wet nurse.

୨ । ପାଳିତା ମା—2. Foster-mother.

୩ । ( ମାତୃ ତୁଲ୍ୟା ) ମାଉସୀ, ପିଉସୀ ପ୍ରଭୃତି; ମାତୃସ୍ଥାନୀୟା ଗୁରୁଜନ—3. A woman whom one should respect as a mother;motherly female.

ସଂ. ବିଣ. ପୁଂ (ଉପ+ମା ଧାତୁ=ପରିମାଣ କରିବା+ତୃ; ୧ମା. (ଉପମାତ୍ରୀ—ସ୍ତ୍ରୀ) ୧ବ. )—ଉପମାକାରୀ; ଯେ ଉପମା ଦିଏ— One who compares; citing similes.

**ଉପମାନ**—ସଂ. ବିଣ (ଉପ+ମା ଧାତୁ=ମାପିବା+ଭାବ.ଅନ)— Upamāna ୧ । ସାଦୃଶ୍ୟ—1 Similarity.

(ଉପମିତ—ବିଣ) ୨ । ଉପମା; ତୁଳନା— (ଉପମେୟ—ବିପରୀତ) 2 Comparison, analogy.

୩ । ଯାହା ସହିତ ଅନ୍ୟ ବସ୍ତୁକୁ ତୁଳନା କରାଯାଏ— 3. The object with which anything is compared; standard of comparision.

( ଯଥା—'ଚନ୍ଦ୍ରବଦନ'ରେ ଚନ୍ଦ୍ର ଉପମାନ, ବଦନ ଉପମେୟ । )

୪ । ପ୍ରତିକୃତି; ପ୍ରତିମା—4. Resemblance; photograph; a representation.

୫ । (ନ୍ୟାୟ) ସାଦୃଶ୍ୟବୋଧକ ଯୁକ୍ତି— 5. (Logic) Analogical reasoning.

୬ । ( ଅଳଙ୍କାର ) ସାଦୃଶ୍ୟାର୍ଥକ ଅଳଙ୍କାର— 6 A figure of speech; simile; analogy.

**ଉପମାମାତଙ୍ଗ**—ଦେ. ବ—ଉପମାମାନଙ୍କ ମଧ୍ୟରେ ଚଣ୍ଡାଳ ବା ନିକୃଷ୍ଟ— Upamāmātaṅga A weak simile.

ଉପମା ମାତଙ୍ଗ ଯେହ୍ନ ସେ—ଉତ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉପମାବାଚକ ( ଶବ୍ଦ )**—ସଂ. ବିଣ—ପରି, ତୁଲ୍ୟ, ସଦୃଶ, ପ୍ରାୟ, ପ୍ରଭୃତି Upamābāchaka ( śabda ) ଯେଉଁ ସବୁ ଶବ୍ଦ ଉପମାନ ଓ ଉପମେୟର ସାଦୃଶ୍ୟକୁ ପ୍ରକଟ କରନ୍ତି— ( Words ) which signify the use of a comparison or analogy ( e. g. like, as ).

**ଉପମିତ**—ସଂ. ବିଣ. (ଉପ+ମା ଧାତୁ=ପରିମାଣ କରିବା+କର୍ମ.ତ)— Upamita ୧ । ତୁଳିତ—1. Compared.

୨ । ଉପମାଦ୍ୱାରା ଅର୍ଥ ପ୍ରକାଶିତ - 2. Illustrated by a simile or comparison.

**ଉପମିତି**—ସଂ. ବ. ( ଉପ+ମା ଧାତୁ=ମାପିବା+ଭାବ. ତି )— Upamiti ୧ । ସାଦୃଶ୍ୟ—1. Similarity.

୨ । ସାଦୃଶ୍ୟଜ୍ଞାନ—2. Knowledge acquired by analogy.

୩ । ଉପମାର୍ଥକ ଅନୁମାନ— 3 Analogical inference; induction.

୪ । ଉପମା—4. Comparison.

୫ । ଉପମିତ ସମାସ— 5. A compound in which a simile is expressed.

**ଉପମିତସମାସ**—ସଂ. ବ ( ମଧ୍ୟପଦଲୋପୀ; ଉପମିତିଜ୍ଞାପକ ସମାସ )— Upamitisamāsa ଯେଉଁ ସମାସରେ ଏକ ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁର ତୁଳନା କରାଯାଇଥାଏ—A compound in which a simile is expressed or used. ( ଯଥା—ଚନ୍ଦ୍ରବଦନ, ପଦ୍ମାକ୍ଷ । )—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | କ୍ଷ | ଇୟ | ଉଃ | ଲ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ | ଯ | ସ | ଗଁ୍ୟ | ଇଅ | ଔ | ନ୍ |

**ଉପମେୟ**—ସଂ. ବଣ. ( ଉପ+ମା ଧାତୁ=ମାପିବା+କର୍ମ. ଯ )—
Upameya ୧ । ଉପମାର ବିଷୟୀଭୂତ —
1. Subject of comparison.
୨ । ଅନ୍ୟ ସଙ୍ଗେ ତୁଲନୀୟ—
2. Comparable with another.
ସଂ. ବି—ଯାହାକୁ ଅନ୍ୟ ବସ୍ତୁ ସଙ୍ଗେ ତୁଳନା କରାଯାଏ—
That which is compared with a standard of comparison.
( ଯଥା – 'ଚନ୍ଦ୍ରବଦନ'ରେ ବଦନ ଉପମେୟ ଓ ଚନ୍ଦ୍ର ଉପମାନ )

**ଉପମେୟୋପମା**- ସଂ. ବି. ( ଉପମେୟ+ଉପମା )—
Upameyopamā ଅର୍ଥାଲଙ୍କାରବିଶେଷ; ଯେଉଁଠାରେ ଉପମାନ ଓ ଉପମେୟ ପର୍ଯ୍ୟାୟକ୍ରମେ ଉପମେୟ ଓ ଉପମାନରୂପେ କଥିତ ବା କଳ୍ପିତ ହୁଏ—
A figure of speech; reciprocal comparison.
( ଯଥା— ତାଙ୍କୁ ଲକ୍ଷ୍ମୀ ସ୍ତ୍ରୀ ପରି ଶୋଭୁଥିବେ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପରି ଥିଲେ )—

**ଉପଯନ୍ତା**—ସଂ. ବି. ପୁଂ. ( ଉପ+ଯମ ଧାତୁ=ବିବାହ କରିବା+କର୍ତ୍ତୃ. ତୃ; ୧ମା. ୧ବ. )—୧ । ବର; ବିବାହକର୍ତ୍ତା—
Upajantā
(ଉପଯନ୍ତ୍ରୀ—ସ୍ତ୍ରୀ) 1. Bride-groom; husband.
୨ । ସଂଯମନକର୍ତ୍ତା—2 Controller.

**ଉପଯମ**—ସଂ. ବି. ( ଉପ + ଯମ ଧାତୁ=ବିବାହ କରିବା+ଭାବ. ଅ)- ଉପଯମନ ( ଦେଖ )
Upajama Upajamana ( See )
ବେ. ବି— ଦ୍ୱିତୀୟ ଯମ—A second Jama.
ବାଙ୍ଗୁ କାଳଦଣ୍ଡ ଯମଦଣ୍ଡ ଘଣ୍ଟୀ କାଳ ଯମ ଉପଯମ ତିବ ।
ଉଜ୍ଜ- ବୈଦେହୀଶବିଳାସ ।

**ଉପଯମନ**—ସଂ.ବି (ଉପ+ଯମ ଧାତୁ=ବିବାହ କରିବା+ଭାବ. ଅନ) -
Upajamana ୧ । ବିବାହ; ପାଣିଗ୍ରହଣ—1. Marriage.
୨ । ( +କରଣ. ଅନ )—ବୈବାହିକ ମନ୍ତ୍ର—2. Bedic formulas chanted in marriage-ceremony.

**ଉପଯାଚକ**— ସଂ. ବଣ. ପୁଂ (ଉପ=ନିକଟରେ+ଯାଚ୍ ଧାତୁ=ପ୍ରାର୍ଥନା କରିବା+କର୍ତ୍ତୃ. ଅକ )– ସ୍ୱୟଂ ପ୍ରାର୍ଥନାକାରୀ;
Upajāchaka
(ଉପଯାଚକା— ସ୍ତ୍ରୀ) ଯେ ସ୍ୱୟଂ ଉପସ୍ଥିତ ହୋଇ କୌଣସି ଯାଚ୍ଞା କରେ; ମାଗନ୍ତା—Requesting; soliciting; asking; begging; petitioning; approaching with a request.
ସଂ. ବି. ପୁଂ— ଉମେଦ୍ୱାର; ଅନୁସରଣିଆ ବ୍ୟକ୍ତି—
A suitor; candidate.

**ଉପଯାଚିତ**—ସଂ. ବଣ ( ଉପ=ନିକଟରେ+ଯାଚ ଧାତୁ=ମାଗିବା +କର୍ମ. ତ )—୧ । ଅନୁରୁଦ୍ଧ—
Upajāchita 1. Requested.
୨ । ପ୍ରାର୍ଥିତ—2. Solicited; approached.
୩ । ସମର୍ପିତ—3. Given; offered.

**ଉପଯାଚିତକ**—ସଂ. ବି ( ଉପଯାଚିତ+ସ୍ୱାର୍ଥେ. କ )—୧ । ପ୍ରାର୍ଥିତ ବସ୍ତୁ—1. A thing solicited or asked for a boon.
Upajāchitaka
୨ । ଇଷ୍ଟ ସିଦ୍ଧି ହେଲେ ଦେବତାଙ୍କୁ ଯାହା ଦେବା ପାଇଁ ଲୋକ ମନାସି ଥାଏ—2. Anything promised to be offered to a Deity for the fulfilment of one's desire.
ସଂ. ବଣ—ଇଷ୍ଟସିଦ୍ଧି ପାଇଁ ଦେବଙ୍କ ଉଦ୍ଦେଶ୍ୟରେ କେହି ମନାସିଥିବା (ବସ୍ତୁ); ଦେବତାଙ୍କୁ ଯଜ୍ଞ ହୋଇଥିବା (ବସ୍ତୁ)—
( a thing ) Promised to a Deity in the event of the fulfilment of one's desire.

**ଉପଯାତ**— ସଂ. ବଣ ( ଉପ=ନିକଟକୁ+ଯା ଧାତୁ=ଯିବା+କର୍ତ୍ତୃ. ତ )—୧ । ଉପଗତ; ସମୀପାଗତ – 1. Arrived near.
Upajāta
୨ । ପ୍ରାପ୍ତ—2. Received; attained.

**ଉପଯାନ**—ସଂ. ବି (ଉପ=ନିକଟକୁ+ଯା ଧାତୁ ଯିବା+ଭାବ ଅନ)—
Upajāna ୧ । ପ୍ରାପ୍ତି—1. Attainment.
୨ । ନିକଟ ଗମନ—2. Coming near; arrival.

**ଉପଯାମ**—ସଂ. ବି. (ଉପ=ସହିତ+ଯମ ଧାତୁ+ଭାବ. ଅ)—ବିବାହ; ପାଣିଗ୍ରହଣ—Marriage.
Upajāma

**ଉପଯୁକ୍ତ**—ସଂ. ବଣ (ଉପ=ସମ୍ୟକ୍+ଯୁଜ୍ ଧାତୁ=ଯୋଗ କରିବା+କର୍ତ୍ତୃ. ତ )—୧ । ଯୋଗ୍ୟ; ଅନୁରୂପ—
Upajukta
ଉପଯୋଗ
ଉପଯୁକ୍ତତା } ବି. 1. Suited to; similar to.
୨ । ସମର୍ଥ—2. Capable.
୩ । ଉଚିତ—3. Proper; right.
୪ । କାର୍ଯ୍ୟଦକ୍ଷ—4. Competent; skilful.
୫ । ଭୁକ୍ତ—5. Enjoyed; partaken.
୬ । ଯଥେଷ୍ଟ—6 Adequate.

**ଉପଯୁକ୍ତତା**—ସଂ. ବି ( ଉପଯୁକ୍ତ+ଭାବ. ତା )—୧ । ସମର୍ଥତା—
Upajuktatā 1. Capability.
୨ । ଯୋଗ୍ୟତା—2. Fitness.
୩ । କାର୍ଯ୍ୟଦକ୍ଷତା—3. Skill.
୪ । ଔଚିତ୍ୟ—4. Propriety.

**ଉପଯୋଗ**—ସଂ. ବି (ଉପ+ଯୁଜ୍ ଧାତୁ=ଯୋଗ କରିବା+ଭାବ.ଅ)—
Upajoga ୧ । ଉପକାର—1. Service; use.
(ଉପଯୁକ୍ତ—ବଣ) ୨ । ଆବଶ୍ୟକତା—2. Usefulness; utility.
୩ । ଅନୁକୂଲ୍ୟ; ଇଷ୍ଟସାଧନବ୍ୟାପାର—
3. The state of being favourable.

ସାଧାରଣ ଲେଖେ ଅଥବା ମୁଦ୍ରାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଉ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ଅର୍ଜନ—4. Acquirement; acquisition.

୫ । ଭୋଜନ; ଭୋଗ—5. Enjoyment; eating.

୬ । ବ୍ୟବହାରରେ ଲଗାଇବା; ପ୍ରୟୋଗ—
6 Application.

୭ । ବ୍ୟୟ—7. Expenditure.

୮ । ବ୍ୟବହାର—8. Use.

୯ । (⊥ କରଣ. ଅ)—କାରଣ—9. Cause.

୧୦ । ଔଚିତ୍ୟ—10. Propriety.

୧୧ । ନୈକଟ୍ୟ—11. Proximity.

୧୨ । ଯୋଗ୍ୟତା—12. Fitness.

ଦେ. ବଣ—୧ । ଉପଯୋଗୀ (ଦେଖ)—
1. Upajogī ( See )

୨ । ରୁଚିକର; ହୃଦ୍ୟ—2. Tasteful.

ହେଲେ ହୋଅନ୍ତ ରସରେଖ
ସନ୍ଧି କରେ ଉପଯୋଗ—ଭୂପତି. ପ୍ରେମପଞ୍ଚାମୃତ ।

୩ । ଏକତ୍ର—3. Added to.

ଉପମା ସଙ୍ଗତେ କ୍ଷୀର । ଉପଯୋଗ କଲ ଧୀର—ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉପଯୋଗିତା**—ସଂ. ବ (ଉପଯୋଗିନ୍ + ଭାବ. ତା)—
Upajogitā ୧ । ଉପଯୁକ୍ତତା—1. Suitableness; fitness.

୨ । ଆନୁକୂଲ୍ୟ—2. The state of being favourable.

୩ । ପ୍ରୟୋଜନୀୟତା=3. Serviceability; utility.

୪ । ଔଚିତ୍ୟ—4. Propriety.

୫ । କାର୍ଯ୍ୟରେ ଲଗାଯାଇପାରିବା ଅବସ୍ଥା—
5. Adaptability.

**ଉପଯୋଗୀ**—ସଂ. ବଣ (ଉପଯୋଗ + ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ)—
Upajogī ୧ । ଅନୁକୂଳ—1. Favourable.
(ଉପଯୋଗିତା—ବ) ୨ । ଉପକାରୀ—2. Beneficial.

୩ । ଉପଯୁକ୍ତ—3. Fit; suitable.

୪ । ଯୋଗ୍ୟ; ଅନୁରୂପ—4. Similar.

୫ । କାର୍ଯ୍ୟକାରକ; ଯାହା କୌଣସି କାର୍ଯ୍ୟରେ ଲାଗେ; ଯାହାଦ୍ୱାରା କାର୍ଯ୍ୟ-ଚଳାଇ ହୁଏ—
Useful; serviceable.

**ଉପର୍**—ପ୍ରାଦେ (ସମ୍ବଲପୁର) ବ—ଉଦ୍ଗାର; ବମନ; ବାନ୍ତି—
Upar Vomiting.

**ଉପର**—ଦେ. ବ (ସଂ. ଉପରି-ମୂଳ-ଇଂ. ଅପର୍)—୧ । ଅଗ୍ରଭାଗ—
Upara 1. The top of a thing.
ତଳ } ବିପରୀତ
ଭିତର }
୨ । ଉର୍ଦ୍ଧ୍ୱତା—2. Height; elevation.
୩ । ଉର୍ଦ୍ଧ୍ୱଭାଗ—3. Upper part.

୪ । ଉପରିଭାଗ; ପୃଷ୍ଠ; ବାହାର—
4. Outer portion; outer surface.

୫ । ଭବିଷ୍ୟତ—5. The future.

୬ । ଅତୀତକାଳ—6 The past.

୭ । ଶୂନ୍ୟ; ଆକାଶ—7. The sky; heavens.
(ଯଥା—ଉପରୁ ପାଣି ବରଷେ ।)

୮ । କୋଠାର ଛାତ ବା ଘରର ଛାଳ—
8. Roof or thatch.

ଦେ. ବଣ—୧ । ଉପରେ ଥିବା—1. Situated on high.

୨ । ବାହାରେ ଥିବା—
2. Outer; situated outside.

୩ । ଉର୍ଦ୍ଧ୍ୱତନ; ଉର୍ଦ୍ଧ୍ୱରେ ଥିବା—3. Upper.

୪ । ଉଚ୍ଚତର—4 Higher.

୫ । ଅନ୍ୟ—5. Other; another

୬ । ସ୍ୱର୍ଗୀୟ—6. Heavenly.

୭ । ଅତୀତ—7. Past

୮ । ଭବିଷ୍ୟତ୍—8. Future.

୯ । ଐଶ୍ୱରିକ—9 Divine.

୧୦ । ଈଶ୍ୱରପ୍ରେରିତ—10 Sent by God.

୧୧ । ଅଗ୍ରଜ; ପୂର୍ବରୁ ଜାତ ( ସନ୍ତାନ ବା ଭାଇ )—
11. Elder ( child or brother )

୧୨ । ଆଗଆଡ଼ରେ ଥିବା; ସାମନା ପାଖରେ ଥିବା; ସଦର—
12. Situated or standing in front.

୧୩ । ପୂର୍ବତନ—13. Lineally previous.

ତୁମ୍ଭ ଉପରବଂଶେ ଭଗୀରଥ ନରେଶେ ଗଙ୍ଗାଙ୍କୁ ସ୍ୱର୍ଗରୁ ଆଣିଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଦେ. କ୍ରି. ବଣ. ( ସ. ଉପରି )—୧ । ଉପରେ—
1. On; over.

୨ । ଉଚ୍ଚରେ—2 On high

୩ । ଅଗ୍ରଭାଗରେ; ମୁଣ୍ଡ ଉପରେ—3. Upon; over.

୪ । ପୃଷ୍ଠରେ—4. On the back or surface of.

୫ । ଠାରେ (ଦାୟିତ୍ୱ)—5. ( responsibility ) On.

ଅରେ ଚଣ୍ଡ ଭୂର ମତି ନ କର
ଯେତେବେଳେ ହେଲେ ତୋହୋ ଉପର—ତଗ ।

**ଉପର ଅଗଣା**—ଦେ. ବ—୧ । କୌଣସି ଠାରେ ତିନି ସାହାଳ ଘର ଥିଲେ
Upara aganā ଦାଣ୍ଡ ପାଖ ସାହାଳ ଓ ମଝିସାହାଳ ଉଭୟର
(ତଳ ଅଗଣା—ବିପରୀତ) ମଧ୍ୟରେ ଥିବା ଅଗଣା—
वाहारेरबाकुलि 1. The court-yard lying between
बाहारकाआगन the first and the second row of a holding containing three rows of houses.

୨ । ଘରର ବାହାର ପାଖେ ଥିବା ଅଗଣା; ଦାଣ୍ଡ ଅଗଣା; ବହିରଙ୍ଗଣ—2. Outside court yard; outer court-yard.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଁ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | କ୍ଷ | ଇସ୍ | ଉଥ | ଙ୍କ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଥ | ଙ୍ଗ | ନ୍ତୁ |

ଉପର ଅଦାଲତ — ଦେ. ବି — ୧ । ଉଚ୍ଚତର ବିଚାରାଳୟ —
Upara adālata 1. Higher court.
(ତଳ ଅଦାଲତ — ବିପରୀତ) ୨ । ଅପିଲ କୋର୍ଟ —
2. Appellate court.

ଉପର ଆଖି — ଦେ. ବି — ଉପରଦୃଷ୍ଟି ( ଦେଖ )
Upara ākhi Uparadṛushṭi ( See )

ଉପର ଆଖିଆ — ଦେ. ବିଣ — ଉପରଦୃଷ୍ଟିଆ ( ଦେଖ )
Upara ākhiā Uparadṛushṭiā ( See )

ଉପର ଆଡ଼ — ଦେ. ବି — ୧ । ଊର୍ଦ୍ଧ୍ୱପାର୍ଶ୍ୱ — 1. Upper side.
Upara āṛda ୨ । ଊର୍ଦ୍ଧ୍ୱଭାଗ — 2. Upper part; top
উপরদিগ ୩ । ବହିଃସ୍ଥ ଅଂଶ — 3 Outer portion.
उपरकीओर ୪ । ଉଚ୍ଚତର ପୃଷ୍ଠ — 4. Higher plane.
୫ । ବହିର୍ଭାଗ — 5. Out side.
୬ । ଉପରମାଳ ( ଦେଖ )
6. Uparamāḻa ( See )

ଉପର ଆଡ଼େ — ଦେ. ଅ — ୧ । ଉପର ଦିଗରେ —
Upara āṛde 1. In the upper portion.
উপরদিগে ୨ । ନଦୀସ୍ରୋତର ଉଚ୍ଚତର ଅଞ୍ଚଳରେ; ନଦୀର ଉତ୍ପତ୍ତି
उपरकी तरफ स्थानରେ — 2. Near the source of a river; higher up a river.

ଉପର ଉପର — ଦେ. ଅ — ୧ । ଭିତରକୁ ନ ଯାଇ; ବାହାରେ ବାହାରେ —
Upara upara 1. Superficially.
উপরে উপরে ୨ । ଥରକୁଥର; ଭୂହାକୁ ଭୂହା; ଉପର୍ଯ୍ୟୁପରି —
उपर उपर 2. Repeatedly; one after the other.
୩ । ବହିର୍ଭାଗରେ — 3. Out side.
୪ । ବୃଥାରେ — 5. In vain.

ଉପର ଓଟା — ପ୍ରା. ଦେ. ( ମେଦିନୀପୁର ଓ ବାଲେଶ୍ୱର ) ବି —
Upara otā ଉପର ଓଳା ( ଦେଖ )
Upara oḻā ( See )

ଉପର ଓଳା — ଦେ. ବି — ଅପରାହ୍ଣ; ଦିନ ଦ୍ୱିପ୍ରହରର ପରବର୍ତ୍ତୀ ଭାଗ —
Uparaoḻā Time past midday; afternoon.
ওবেলা
बिकाल;
(ସକାଳଓଳା — ବିପରୀତ)

ଉପର ଓଳି — ଦେ. ବି — ଉପର ଓଳା ( ଦେଖ )
Upara oḻi Upara oḻā ( See )

ଉପରକା — ଦେ. ବିଣ — ୧ । ଉପର ଆଡ଼ର —
Uparakā 1. Of the upper or higher side.
୨ । ଉପର୍ଯ୍ୟୁକ୍ତ — 2. Above said.

ଉପରକାର — ଦେ. ବିଣ — ଉପରକା ( ଦେଖ )
Uparakāra Uparakā ( See )

ଉପରକା ଉପର — ଦେ. ଅ. ( ସଂ. ଉପର୍ଯ୍ୟୁପରି ) —
Uparakā upara ୧ । ପୁନଃ ପୁନଃ — 1 Repeatedly.
উপর উপরি ୨ । କ୍ରମଶଃ; ଶନୈଃ ଶନୈଃ —
उपरकाउपर 2. Gradually; by and by.
୩ । କ୍ରମଶଃ ଉଚ୍ଚକୁ — 3. Higher and higher.
୪ । ଏକାଦିକ୍ରମେ; ଗୋଟିକ ପରେ ଗୋଟିଏ —
4. In succession; one after another.
୫ । ସ୍ତରକୁ ସ୍ତର; ଏକ ସ୍ତର ପରେ ଅନ୍ୟ ସ୍ତର —
5. In successive layers.

ଉପରକୁ ଉପର — ଗ୍ରା. କ୍ରି. ବିଣ — ଉପରକା ଉପର ( ଦେଖ )
Uparaku upara Uparakā upara ( See )

ଉପରକୁହା — ଦେ. ବିଣ — ଉପର ବୋଲା ( ଦେଖ )
Uparakuhā Upara bolā ( See )
(ଉପରକୁହୀ — ସ୍ତ୍ରୀ)

ଉପରକ୍ତ — ସଂ. ବିଣ. ( ଉପ = ସମ୍ପୂର୍ଣ୍ଣରୂପେ + ରଞ୍ଜ ଧାତୁ = ଗ୍ରାସ କରିବା + କର୍ତ୍ତୃ. ତ ) —
Uparakta
୧ । ଅନୁରକ୍ତ — 1. Attached.
୨ । ପୀଡ଼ିତ — 2. Attacked with disease.
୩ । ରାହୁଗ୍ରସ୍ତ — 3. Eclipsed.
୪ । ରକ୍ତବର୍ଣ୍ଣବିଶିଷ୍ଟ; ରକ୍ତାଭ —
4. Red; reddish; tinged with red.
ସଂ. ବି — ୧ । ରାହୁ — 1. The shadow of the earth falling on the sun or the moon at eclipse.
୨ । ( + ଭାବ. ତ ) — ଚନ୍ଦ୍ର ବା ସୂର୍ଯ୍ୟଙ୍କର ଗ୍ରହଣ —
2. Solar or lunar eclipse
୩ । ( + କର୍ମ. ତ ) — ରାହୁଗ୍ରସ୍ତ ଚନ୍ଦ୍ର ଓ ସୂର୍ଯ୍ୟ —
3. The sun or moon in eclipse.

ଉପରକ୍ଲାସ୍ — ଦେ. ବି — ୧ । ବିଦ୍ୟାଳୟର ଊର୍ଦ୍ଧ୍ୱଶ୍ରେଣୀ —
Uparaklās 1. High class or upper class of a school.
উপরেরক্লাস
उपरकिलास्

ଉପରକ୍ଷ — ସଂ. ବି. ( ଉପ = ସମୀପ + ରକ୍ଷ ଧାତୁ = ରକ୍ଷା କରିବା + କର୍ତ୍ତୃ. ଅ; ଯେ ସୈନ୍ୟଗଣର ସମୀପସ୍ଥ ହୋଇ ସେନା ରକ୍ଷା କରେ ) — ପହରୀବାଲା; ସୈନ୍ୟ ସମୀପବର୍ତ୍ତୀ ରକ୍ଷକ — Sentinal; guard; bodyguard.
Uparaksha

ଉପରକ୍ଷକ — ସଂ. ବିଣ. ପୁଂ ( ଉପ + ରକ୍ଷ ଧାତୁ = ରଖିବା + କର୍ତ୍ତୃ. ଅକ) — ୧ । ଜଗୁଆଳ — 1. Guarding.
Uparakshaka
(ଉପରକ୍ଷିକା - ସ୍ତ୍ରୀ) ୨ । ରକ୍ଷକ — 2. Protecting.
୩ । ଚଉକିଦାର — 3. Keeping watch.

ସାଧାରଣ ଭେବେ ଅପର ସ୍ଥାନରେ ଶବ୍ଦ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ...

୪ । ଜିମାଦାର—4. Custodian

୫ । ରକ୍ଷାକର୍ତ୍ତା—5. One who saves.

ଉପରକ୍ଷଣ—ସଂ. ବି. ( ଉପ+ରକ୍ଷଣ )—
Uparakshana ୧ । ବିପଦାଦିରୁ ରକ୍ଷାକରଣ—
1. Protecting; shielding from danger.
୨ । ଜଗିବା; ପହରା ଦେବା—
2. Watching; mounting; guard.
୩ । ରକ୍ଷଣାର୍ଥ ସୈନିକାଦି ସ୍ଥାପନ—
3. Posting of sentries or guards.
୪ । ଦେଖାଦେଖି; ନିଜ ଜିମାରେ ପଦାର୍ଥ ରଖିବା—
4. Custody.
ଦେ. ବିଣ—ଉପରକ୍ଷକ ( ଦେଖ )
Uparakshaka ( See )

ଉପରଖଞ୍ଜା—ଦେ. ବି—ଉପର ଅଗଣା ( ଦେଖ )
Uparakhañja Upara agana ( See )

ଉପର ଖରଚ—ଦେ. ବି—ଉପରି ଖରଚ ( ଦେଖ )
Upara kharacha Upari kharacha ( See )

ଉପରଘର—ଦେ. ବି—୧ । ଦାଣ୍ଡ ବା ଅଗପାଖରେ ଥିବା ଘର—
Uparaghara 1. Front rooms of a house.
উপরের বাড়ি ୧ । ଅତିରିକ୍ତ ଘର; ବାଜେ ଘର; ବାହାରଘର—
बाजेघर; बाहारका मकान 1. Out house; extra house.

ଉପରଞ୍ଜନ—ସଂ. ବି. ( ଉପ+ରଞ୍ଜ ଧାତୁ+ଭାବ. ଅନ )—
Uparañjana ୧ । ରଙ୍ଗାଇବା—1. Painting.
( ଉପରଞ୍ଜିତ—ବିଣ ) ୨ । ପ୍ରଭାବ ବିସ୍ତାର କରିବା—
2. To influence.

ଉପରଠାଉରିଆ—ଦେ. ବିଣ. ( ସଂ. ଉପରି+ସ୍ଥା ଧାତୁ )—
Uparathauria ୧ । ବାହ୍ୟିକ—1. External
উপর উপর; উপরী ୨ । ଯାହା ଘନିଷ୍ଠ ନୁହେ—
उपरी 2. Not close or intimate.
୩ । ଯାହା ଭିତରକୁ ନ ଯାଇ କେବଳ ପୃଷ୍ଠଭାଗରେ ଥାଏ—
3. Superficial.
୪ । ଆନ୍ତରିକତାଶୂନ୍ୟ—
4. Devoid of cordiality or sincerity.
୫ । ( ଲକ୍ଷଣାର୍ଥ ) ଯେଉଁ ବ୍ୟକ୍ତି କୌଣସି ବିଷୟର ମର୍ମକୁ ପ୍ରବେଶ ନ କରି ବାହାରେ ରହିଥାଏ—
5. ( figurative ) Superficial ( person )
୬ । ଅଗଭୀର—6. Not deep; smattering.
୭ । ଯେଉଁ କଥାର ପ୍ରସଙ୍ଗସଙ୍ଗେ ଦୃଢ଼ ସମ୍ବନ୍ଧ ନ ଥାଇ ବାହ୍ୟିକ ସମ୍ବନ୍ଧ ଥାଏ—
7. ( a matter ) Which has no close connection but superficial connection with the matter in hand.
ଦେ. କ୍ରି. ବିଣ—ବାହ୍ୟିକ ଭାବରେ—
Externally; superficially.

ଉପରତ—ସଂ. ବି. ( ଉପ+ରମ ଧାତୁ=ରତ ହେବା+କର୍ତ୍ତୃ. ତ )—
Uparata ୧ । ବିରତ; ନିବୃତ୍ତ—
ଉପରତ } ବି
ଉପରମ }
1. Ceased; stopped.
୨ । ମୃତ—2. Deceased; dead.

ଉପରତି—ସଂ. ବି. ସ୍ତ୍ରୀ. ( ଉପ+ରମ୍ ଧାତୁ+ଭାବ. ତି )—
Uparati ୧ । ବିରାମ; ନିବୃତ୍ତି—1. Cessation; stoppage; quiescence.
( ଉପରତ—ବିଣ )
୨ । ବୈରାଗ୍ୟ; ବାସନାତ୍ୟାଗ—2. Cessation of care for worldly concerns.
୩ । ମୃତ୍ୟୁ—3. Death.
୪ । ବିପରୀତ ରତି; ପୁରୁଷାୟିତ—4. Copulation of a female by lying on the body of a male.

ଉପରତ୍ନ—ସଂ. ବି. (ଉପ+ନିକୃଷ୍ଟ+ରତ୍ନ )—
Uparatna ୧ । ନିକୃଷ୍ଟ ରତ୍ନ—1. An inferior gem.
୨ । ଅଳ୍ପ ଦାମର ମଣି—2. A gem of small value.
[ ଦ୍ର—ବୈଦ୍ୟକ ଅନୁସାରେ ବୈକ୍ରାନ୍ତମଣି, ମୁକ୍ତାର ଶିପ, ମରକତ, ଗାରୁଡ଼ମଣି, ଶଙ୍ଖ, ସ୍ଫଟିକ ଆଦି ଉପରତ୍ନ । ]

ଉପରଦୃଷ୍ଟି—ଦେ. ବି. ( ସଂ. ଉପରି+ଦୃଷ୍ଟି )—
Uparadrushti ୧ । ବଡ଼ ଅଖି; ଅତିରିକ୍ତ ଅନ୍ଦାଜ—
উপরদৃষ্টি 1. Excessive estimate.
उपर नजर ୨ । ଊର୍ଦ୍ଧ୍ୱଦୃଷ୍ଟି—2. Looking upwards
୩ । ବହିର୍ଦୃଷ୍ଟି; ବାହ୍ୟଦୃଷ୍ଟି—
3. Superficial look.
୪ । ଅମନୋଯୋଗ—4. Inattention.

ଉପରଦୃଷ୍ଟିଆ—ଦେ. ବିଣ—୧ । ସବୁ କଥାରେ ଯାହାର ଅଖି ବଡ଼
Uparadrushtia ହୋଇ ଥାଏ; ଯେଉଁ କାର୍ଯ୍ୟ ଅଳ୍ପ ବ୍ୟୟରେ
উপরনজরিয়া ହେବ ସେଥି ପାଇଁ ବେଶି ବ୍ୟୟ ଦରକାର ହେବ ବୋଲି ଯେ ବ୍ୟକ୍ତି ଅନ୍ଦାଜ କରେ—
1. A person who estimates higher than what would be necessary.
୨ । ଯେ ପଦାର୍ଥର ବାହାର ଦେଖେ ଓ ଭିତରର କଥା ଦେଖେ ନାହିଁ—1. Observing superficially
୩ । ଅମନୋଯୋଗୀ; ଯେ ଅବେକ୍ଷା ପାଳନ କରେ ନାହିଁ—
3. Inattentive.

ଉପରନ୍ତୁ—ଦେ. ଅ ( ସଂ. ପରନ୍ତୁ )—
Uparantu ୧ । ଏହା ଛଡ଼ା—1. Over and above;
উপরান্ত in addition; besides.
उपरान्त ୨ । ପରନ୍ତୁ—2. On the other hand.
୩ । ପୁଣି; ଏତଦ୍‌—3. Again; more over.
୪ । ଏଥିପରେ—4. After this

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ର,ବ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଳ | ଣ,ଷ | ଛ | ଇଯ୍ | ଇଅ | ଈ |
| ୨ | ଐ | ଔ | ଋୁ | ଌୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଘ | ଝ | ଚଂ | ଇଅ | ଞ | ଡ଼ |

ଉପରପଡ଼ା—ଦେ. ବଣ. ପୁଂ. ( ଗାଳ )—
Uparapa<u>rd</u>ā ୧ । ଉପରବୋଲା ( ଦେଖ )
(ଉପରପଡ଼ୀ—ସ୍ତ୍ରୀ) 1. Uparabolā ( See )
উপরপড়া ୨ । ଯେ ଅନାଦୃତ ହୋଇ ପରର କାର୍ଯ୍ୟରେ ହସ୍ତକ୍ଷେପ
ढीट କରେ—2. Meddlesome; obtrusive.
୩ । ଚଳେପଣ—3. Tress-passing; officious

ଉପରପାଟି—ଦେ. ବ—ପାଟିର ଉର୍ଦ୍ଧ୍ୱତନ ଫାଳ—
Uparapāṭi The upper jaw.

ଉପରପାଟିଆଖେଳ—ପ୍ରାଦେ. ( ଜୟପୁର ) ବ—
Uparapāṭiākhela ଏକ ପ୍ରକାର ଖେଳ; ଭୂମିରେ ଚକ୍ର କାଟି ଦୁଇ ଜଣ ଏହି ଖେଳ ଖେଳନ୍ତି । ଏଥିରେ ତଳ ଛକରେ ଦାନ ରଖିଥିବା ଖେଳାଳ ଉପରକୁ ଦାନ ବୋହି ନେବାକୁ ଚେଷ୍ଟା କରେ – A kind of indoor game.

ଉପରପାହିଆ—ଦେ. ବ—୧ । ଉଚ୍ଚତର ସ୍ଥାନ—
Uparapāhiā 1. Higher position.
୨ । ଉଚ୍ଚତର ମର୍ଯ୍ୟାଦାଯୁକ୍ତ ପଦ—
2. Superior status

ଉପରପୁରୁଷ—ଦେ. ବ—ପୂର୍ବପୁରୁଷ—
Uparapurusha Ancestor

ଉପର ବଂଶ—ଦେ. ବ ଉପରପୁରୁଷ ( ଦେଖ )
Upara baṁśa Uparapurusha ( See )
ଉପର ବଂଶ ପୂର୍ବେ ବଳେ, କୋଶଳ ଭୂଷ ପାତଳେ ।
ଉପେନ୍ଦ୍ର—ପ୍ରେମପଞ୍ଚାମୃତ ।

ଉପରବାଲା—ଦେ. ବ—ଉପର ହାକମ (ଦେଖ )
Uparabālā Upara hākima ( See )

ଉପରବୁଆଲା—ଗ୍ରା. ବ—ଉପର ହାକମ (ଦେଖ )
Uparabuālā Upara hākima ( See)

ଉପରବେଳା—ଦେ. ବଣ—ଉପରଓଳି ( ଦେଖ )
Uparabe<u>l</u>ā Uparao<u>l</u>i ( See )

ଉପରବୋଲା—ଦେ. ବଣ. ପୁଂ—୧ । ଯେ ଅନାହୂତ ହୋଇ କଥା
Uparabolā କହେ—1. Speaking unasked
୨ । ଯେ ମୋଫତ୍ କଥା କହେ—
2. Speaking gratuitously.

ଉପର ଭଉଣୀ—ଦେ. ବ. ସ୍ତ୍ରୀ—ଆପଣାର ବଡ଼ ବା ଅଗ୍ରଜା ଭଉଣୀ—
Upara bhauṇi Elder sister.
উপর বোন
उपर कीबहीन

ଉପର ଭାଇ—ଦେ. ବ. ପୁଂ—ଅଗ୍ରଜ ବା ବଡ଼ ଭାଇ—
Upara bhāi Elder brother.
উপর ভাই
उपरकामाइ

ଉପରଭାଗ—ଦେ. ବ. ( ସଂ. ଉପରିଭାଗ )—
Uparabhāga ୧ । କୌଣସି ପଦାର୍ଥର ବାହ୍ୟ ଅଂଶ—
1. The outer part of a thing.
୨ । ପୃଷ୍ଠଦେଶ—2. Back; surface.
୩ । ପଦାର୍ଥର ଉର୍ଦ୍ଧ୍ୱତନ ଅଂଶ—
3. The upper portion of a thing

ଉପରଭୋଜନ—ଦେ. ବ—ଉପରିଭୋଜନ ( ଦେଖ )
Uparabhojana Uparibhojana ( See )

ଉପରମ—ସଂ. ବ. (ଉପ+ରମ୍ ଧାତୁ=କ୍ରୀଡ଼ା କରିବା+ଭାବ. ଅ)—
Uparama ଉପରତି ( ଦେଖ )
(ଉପରତ—ବଣ) Uparati ( See )

ଉପରମହଲା—ଦେ. ବ. ( ସଂ. ଉପର + ଆ. ମହଲ୍ )—
Uparamahalā କୋଠାଘର ଦ୍ୱିତୀୟ ତଳ—
উপরমাহালা; The upper floor of a building.
উপরেরতলা
दुसरीअटारी

ଉପରମାଳ—ଦେ. ବ.—୧ । ନଦୀ ଯେଉଁ ଉଚ୍ଚ ପ୍ରଦେଶରୁ ତଳଆଡ଼କୁ
Uparamā<u>l</u>a ବହି ଆସୁଥାଏ—1. Country of a
(ତଳମାଳ—ବିପରୀତ) higher plane level which a river flows down.
୨ । ନଦୀର ଉତ୍ପତ୍ତିସ୍ଥାନ—2. Source of a river.
୩ । ଓଡ଼ିଶାର ଗଡ଼ଜାତ(ନଦୀମାନ ସେ ଆଡ଼ୁ ବହିଆସୁଥିବାରୁ)-
3. The hilly states of Or<u>d</u>iśā ( from which direction the rivers come down to the plains)

ଉପରମାଳିଆ—ଦେ. ବଣ.—ଉପରମାଳ ସମ୍ବନ୍ଧୀୟ—
Uparamā<u>l</u>iā Relating to a higher country.

ଉପର ମୁଣ୍ଡ—ଦେ. ବ.—୧ । କୌଣସି ବସ୍ତୁର ଉର୍ଦ୍ଧ୍ୱସ୍ଥ ଶେଷ ଅଂଶ—
Upara muṇḍa 1. The upper end of a thing.
୨ । କୌଣସି ବସ୍ତୁର ମୂଳଅଂଶ—2. The first part of anything.

ଉପରମୁହଁ—ଦେ. ବଣ—୧ । ଅନ୍ତରର କଥାକୁ ଗୋପନ କରି ବାହ୍ୟ
Uparamuhan̐ କଥା କହିବା—1. Speaking in a way to conceal one's feelings.
୨ । ଅବାଧ୍ୟତା; ଅମାନିଆପଣ—2. Insubordination.

ଉପରମୁହାଁ—ଦେ. ବ.—୧ । ଅମାନିଆ—1. Immodest.
Uparamuhān̐ ୨ । ଥେଟା; ଅବନୀତ; ଉତ୍ତରଦାୟକ ଉତ୍ତର—
2. Recalcitrant.
ঠেঁ ঠাং ୩ । ଆଦେଶ ଅମାନ୍ୟକାରୀ—
बेलगाम 3. Disregarding orders.
୪ । ଅବାଧ୍ୟ—4. Insubordinate.

ସାଧାରଣ ଦେଖିବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖା ହୋଇ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଜ୍ଜୀ' ନ ପାଇଲେ 'ଅର୍ଜି' ଦେଖିବେ;'ଅଲବତ'ନ ପାଇଲେ 'ଅଲବତ୍' ଦେଖିବେ।

**ଉପରଲା**—ପ୍ରାଦେ. (ଗଞ୍ଜାମ) ବଣ—ଉପରି; ଅଧିକା—
Uparalā — Extra; additional.
(ଯଥା—ଉପରଲା ଆୟ—Extra income)

**ଉପରଶ୍ରେଣୀ**—ଦେ. ବି.—ଉପର କ୍ଲାସ୍ (ଦେଖ)
Upraśreṇī — Upara klsā (See)

**ଉପରସାହାଳି**—ଦେ. ବି.—ଘରର ସଦର ବା ଆଗପଟରେ ଥିବା
Uparasāhālā — ଖଣ୍ଡ—All the front rooms of a house.

**ଉପରସ୍ଥ**—ଗ୍ରା. ବିଣ. (ସଂ. ଉପରିସ୍ଥ)—ଉପରିସ୍ଥ (ଦେଖ)
Uparastha — Uparistha (See)

**ଉପରହସ୍ତ**—ଦେ. ବି.—ଉପରହାତ—(ଦେଖ)
Uparahasta — Uparahāta (See)

**ଉପର ହାକିମ**—ଦେ.ବି.(ସଂ. ଉପର+ଅ. ହାକମ୍)—ଉଚ୍ଚତର କ୍ଷମତା-
Upara hākima — ଯୁକ୍ତ କର୍ମଚାରୀ; ଉପରସ୍ଥ ହାକିମ; କର୍ତ୍ତୃପକ୍ଷ—The higher authorities.
উপরহাকিম
उपरका हाकिम
अफ़सर

**ଉପରହାତ**—ଦେ. ବି.—ଦାନ ଦେବା ହାତ; ଦାତାର ହସ୍ତ—
Uparahāta — The hand which gives away; the hand of a giver.
উপরহাত
उपरहात
(ତଳହାତ—ବିପରୀତ) (ଯଥା—ତୁମେ ଉପରହାତରେ ଦେବ, ମୁଁ ତଳହାତରେ ନେବ)।

**ଉପରିହାତରେ ଦେବା**—ଦେ. କ୍ରି.—ଦାନ କରିବା—
Uparahātare debā — To give away a thing as a gift.
উপরহাতে দেওয়া
उपरहातमे देना

**ଉପରାଗ**—ସଂ. ବି. (ଉପ=ଊର୍ଦ୍ଧ୍ୱ; ସମ୍ପୂର୍ଣ୍ଣରୂପେ+ରଞ୍ଜ ଧାତୁ+
Uparāga — ଭାବ. ଅ)—୧। ଚନ୍ଦ୍ର ବା ସୂର୍ଯ୍ୟ ଗ୍ରହଣ—
(ଉପରକ୍ତ—ବିଣ) 1. Eclipse of the sun or moon.
୨। ରାହୁ—2. The Ascending Node or earth's shadow eclipsing the sun or the moon.
୩। ଅନ୍ଧକାର—3. Darkness.
୪। ଯନ୍ତ୍ରଣା—4. Pang; suffering.
୫। ଉପଦ୍ରବ—5. Calamity.
୬। ବୈରାଗ—6 Displeasure; aversion; indifference.
୭। ବିପଦ—7. Misfortune.
୮। ଅପବାଦ—8. Slander.
୯। ପ୍ରବୃତ୍ତି—9. Desire; tendency.
୧୦। ସମ୍ବନ୍ଧ—10. Connection.
୧୧। ନିନ୍ଦା—11. Blame.

**ଉପରାଜ**—ସଂ. ବି. (ଉପ+ରାଜନ୍)—ରାଜପ୍ରତିନିଧି (ଲୁ. ଲାଟସାହେବ)—
Uparāja — Viceroy

**ଉପରାଣ**—ଦେ. ବି. (ସଂ. ଉପର+ଆବରଣ=ଓଢ଼ଣୀ)—
Uparāṇa — ୧। ଓଢ଼ଣବସ୍ତ୍ର; ସ୍ତ୍ରୀଲୋକମାନେ ପିନ୍ଧିବା ଲୁଗା ଉପରେ ଘୋଡ଼ି ହେବା ଚାଦର—
চাদর
उपरना
1. A scarf; the outer covering thrown over the upper limbs of females over the cloth worn, when going out.

ଥାଅନ୍ତି ପିନ୍ଧି ଶାଢ଼ୀ ଉପରାଣ ଦେଇ।
କୃଷ୍ଣସିଂହ, ମହାଭାରତ ସଭା।

୨। ବିଛଣା ଉପରେ ପଡ଼ିବା ଚାଦର—
2. Bed-sheet; outer covering for the bed.
୩। ଭୁଜ୍ୱ ଅଙ୍ଗ ଉପରେ ଘୋଡ଼ି ହେବା ଚାଦର; ଯାହା କଣ୍ଠରୁ ଉପରେ ପଡ଼େ—3. A sheet used as an upper garment.
୪। ସାଧାରଣ ଶପଥ—4. An ordinary oath.

**ଉପରାନ୍ତ**—ଦେ. ଅ. (ସଂ. ଅପରାନ୍ତ)—୧। ଉପରାନ୍ତୁ (ଦେଖ)
Uparānt — 1. Uparantu (See)
୨। ପରେ; ଭବିଷ୍ୟତରେ—2. Afterwards; in future.
ଦେ. ବିଣ—ଉପରି (ଦେଖ) Upari (See)

**ଉପରାମ**—ସଂ. ବି. (ଉପ+ରମ ଧାତୁ=କ୍ରୀଡ଼ା କରିବା+ଭାବ. ଅ)—
Uparāma — ଉପରତି (ଦେଖ) Uparati (See)

**ଉପରି**—ସଂ. ଅ.—(ଉପ=ଊର୍ଦ୍ଧ୍ୱ+ରି; ନିପାତନ)—୧। ଉପରେ—
Upari — 1. Over; above; on.
୨। ପରେ; ଉତ୍ତାରୁ—2. Afterwards; after; subsequently.
୩। ଛଡ଼ା—3. In addition to; besides.
୪। ପୃଷ୍ଠଦେଶରେ—4. On the back or surface of.
୫। ଊର୍ଦ୍ଧ୍ୱରେ—5. On high
୬। ଊର୍ଦ୍ଧ୍ୱଦିଗକୁ—6 Upwards
୭। ଉଚ୍ଚରେ—7. On high
উপরি
उपरि
ଦେ. ବିଣ.—୧। ଅଧିକା; ଅତିରିକ୍ତ—
1. Extra; additional.
୨। ମାଗଣା—2. Got gratis; gratuitous.
୩। ଊର୍ଦ୍ଧ୍ୱତନ—3. Higher.
୪। ଅବୈତନିକ—4. Honorary.
୫। ଇତର—5. Vulgar.
୬। ଅସାଧାରଣ—6. Extraordinary.
୭। ଅସ୍ଥାୟୀ; ଠିକା; ସାମୟିକ—7. Temporary.

| ୧ | ଙ | ଢ଼ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ଷ | ଜ୍ଞ | ଐ | ଔ | ଞ |
|---|---|---|---|---|---|---|---|---|---|---|---|---|---|---|
| ୵ | ଢ଼ | ଭ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ୍ୟ | ଐ | ଔ | ଢ |

୮ । ଉପରଠାଉରିଆ; ବାହ୍ୟ —
8. Superficial; external.

୯ । ଦୈବାତ୍—9. Accidental.

୧୦ । ଅପ୍ରତ୍ୟାଶିତ —10. Unexpected

[ ଦ୍ର— 'ଉପର' ଶବ୍ଦ ସହିତ ଯେପରି ଭିନ୍ନ ଭିନ୍ନ ଶବ୍ଦ ଯୁକ୍ତ ହୁଏ 'ଉପରି' ଶବ୍ଦ ସଙ୍ଗେ ମଧ୍ୟ ସେହି ସବୁ ଶବ୍ଦ ବ୍ୟବହୃତ ହୋଇଥାଏ; ଯଥା— 'ଉପର-ଭାଇ; ଉପରିଭାଇ'; 'ଉପର-ଲାଭ; ଉପରିଲାଭ' ଇତ୍ୟାଦି । ]

ଉପରିଆ – ଦେ. ବିଣ. ( ସଂ. ଉପରି )— ୧ । ବାହାରର —
Upariā 1. External.
উপরি ୨ । ବାହାରରୁ ଆସିଥିବା; ବାହ୍ୟ —
उपरि 2. Coming from outside.
୩ । ଅତିରିକ୍ତ—3. Extra; additional.

ଉପରି ଆୟ—ଦେ. ବି—୧ । ନିର୍ଦ୍ଧାରିତ ଆୟରୁ ଅତିରିକ୍ତ ଆୟ, ଅନିଶ୍ଚିତ
Upari āya ଆୟ—1. Extra income; income over
উপরিআয় and above the recognised income.
उपरकि आमदानि ୨ । ଉତ୍କୋଚ—2. Bribe; illegal gratification.

ଉପରି ଉପରି—ଦେ. ଅ— ଉପର ଉପର ( ଦେଖ )
Upari upari Upara upara (See)

ଉପରି କାମ — ଦେ. ବି—୧ । ଅଧିକା କାର୍ଯ୍ୟ—1. Extra work.
Upari kāma ୨ । ନିର୍ଦ୍ଧାରିତ କାର୍ଯ୍ୟ ଛଡ଼ା ଅନ୍ୟ କାର୍ଯ୍ୟ—
উপরিকাজ 2 Work other than one's alloted task.
उपरका काम ୩ । ଅବୈତନିକ ବା ମାଗଣା କାମ—
3. Honorary duty

ଉପରି କାରବାର — ଦେ. ବି — ନିଜର ନିର୍ଦ୍ଧାରିତ ବା ପ୍ରଧାନ ବ୍ୟବସାୟ
Upari kārabāra ଛଡ଼ା ଅନ୍ୟ କାରବାର —
উপরিকারবার Extra business over one's primary
उपरका कारबार or principal business,

ଉପରି ଖବର—ଦେ. ବି — ଉଡ଼ା ଖବର —
Uparikhabara Rumour.

ଉପରି ଖରଚ—ଦେ. ବି—୧ । ନିର୍ଦ୍ଧାରିତ ଖରଚ ଛଡ଼ା ଅତିରିକ୍ତ ଖରଚ
Upari kharacha 1. Extra expenses.
উপরিখরচ ୨ । ବାଜେ ଖରଚ—2. Miscellaneous.
बाजेखरच expenses; unforeseen expenses.
୩ । ଅଧିକା ଖରଚ— 3. Additional expenses; expenses over and above the bugdgeted or fixed expenses.

ଉପରି ଖିଆ—ଦେ. ବି— ଉପରି ଭୋଜନ ( ଦେଖ )
Upari khiā Upari bhojana ( See )

ଦେ. ବିଣ – ମାଗଣାଖିଆ; ପରାନ୍ନଭୋଜୀ—
Living on another; a parasite; toady.

ଉପରିଚର —ସଂ. ବି ( ଉପରି + ଚର )— ଜନୈକ ରାଜା—
Uparichara Name of a king.
ସଂ. ବିଣ—ଯେ ଊର୍ଦ୍ଧ୍ୱରେ ବିଚରଣ କରେ —
2. Moving on high.

ଉପରିତନ - ସଂ. ବିଣ (ଉପରି + ଘଟିବା ଅର୍ଥରେ; ତନ.—ଭୂଲ—
Uparitana ଊର୍ଦ୍ଧ୍ୱତନ )— ଉପରିସ୍ଥ ( ଦେଖ )
Uparistha ( See )

ଉପରିତଳ—ସଂ. ବି ( ଉପରି+ତଳ )—୧ । ଗୃହର ଛାତ—
Uparitala 1. Roof of a house or building;
୨ । ଉପର ମହଲା; କୋଠାଘରର ଦ୍ୱିତୀୟ ତଳ —
2. The upper story of a building.

ଉପରିଦୃଷ୍ଟି—ଦେ. ବି—୧ । କୁଦୃଷ୍ଟି; ଡାହାଣୀଆ ଦୃଷ୍ଟି—
Uparidrushti 1. Malignant glance of a witch.
୨ । ଉପର ଦୃଷ୍ଟି ( ଦେଖ )—
2. Upara drushti ( See )

ଉପରି ଦେବତା—ଦେ. ବି ( ସଂ. ଉପଦେବତା )— ଭୂତପ୍ରେତାଦି —
Upari debatā An aerial spirit; evil spirit

ଉପରିପଡ଼ିବା—ଦେ. କ୍ରି—୧ । ଅନାହୂତ ହୋଇ କୌଣସି କଥା
Uparipaṛibā କହିବା—
উপরেপড়া 1. To obtrude; to intrude.
उपरटूटपड़ना ୨ । ଉପରେ ପଡ଼ିବା;ଅନାହୂତ ହୋଇ କଥା କହିବା-
2. To speak uncalled.
୩ । ଆକ୍ରମଣ କରିବା—3. To attack

ଉପରି ପରିଶ୍ରମ—ଦେ. ବି ଉପରିମିହନ୍ତ ( ଦେଖ )
Upari pariśrama Uparimihanta ( See )

ଉପରି ପାଉଣା — ଦେ. ବି —୧ । ନିର୍ଦ୍ଧାରିତ ପ୍ରାପ୍ୟ ଛଡ଼ା ଅତିରିକ୍ତ
Upari pāuṇā ପ୍ରାପ୍ୟ;ରୋସମ୍; ରୋସମାହ୍-1. Perquisites
উপরিপাওনা ୨ । ଉତ୍କୋଚ; ଲାଞ୍ଚ—2. Bribe; illegal
उपरकापाना gratification.

ଉପରି ପିଆଦା – ଦେ. ବି—ଠିକା ପିଆଦା; ନିର୍ଦ୍ଦିଷ୍ଟସଂଖ୍ୟକ ପିଆଦାଙ୍କ
Upari piādā ଛଡ଼ା ଅଧିକ କାମ କରିବା ପାଇଁ ଅସ୍ଥାୟୀ
উপরপেয়াদা ଭାବରେ ନିଯୁକ୍ତ ପିଆଦା—Temporary peon;
फालतु पियादा extra peon.

ଉପରିଭାଗ—ସଂ. ବି—୧ । ଊର୍ଦ୍ଧ୍ୱଭାଗ—1. The upper part.
Uparibhāga ୨ । ବହିର୍ଭାଗ—2. Exterior of a thing.
୩ । ଊର୍ଦ୍ଧ୍ୱତନ ପୃଷ୍ଠ—3. Upper or higher surface.

ସାଧାରଣ ଲୋକେ ଅପର ସ୍ଥାନରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କ ଭିତରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ଦଂଷ୍ଟ୍ର' ନ ପାଇଲେ 'ଦନ୍ତ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ

**ଉପରି ଭୋଜନ**—ଦେ. ବି.—ବିନା ବ୍ୟୟରେ ଭୋଜନ; ମାଗଣା ଭୋଜନ—Feast for which one has not to pay.
Upari bhojana
উপরিভোজন
फालतुभोजन

**ଉପରିମଣିଷ**—ଦେ. ବି—୧ । ନିର୍ଦ୍ଧାରିତ ବା ଆବଶ୍ୟକ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ବ୍ୟକ୍ତି—1. Extra or additional person.
Uparimanisha
উপরিমানুষ
फालतुआदमी
୨ । ବାହାର ଲୋକ; ବହିରଙ୍ଗ ଲୋକ—2. Outsider.
୩ । ଅନାହୂତ ବ୍ୟକ୍ତି—3. Uninvited person.
୪ । ଠିକା ଭୃତ୍ୟ—4. Temporary hand.
୫ । ଅଚିହ୍ନା ଲୋକ—5. A stranger

**ଉପରି ମିହନ୍ତ**—ଦେ. ବି—ନିଜର ନିର୍ଦ୍ଧାରିତ କର୍ତ୍ତବ୍ୟ କାର୍ଯ୍ୟ ବା ସମୟ ଛଡ଼ା କରୁଥିବା ପରିଶ୍ରମ—Extra labour; labour done outside one's usual working hours.
Upari mihanta
উপরি মেহেনত
मुफ्तमेहनत

**ଉପରି ମିହନ୍ତନା**—ଦେ. ବି—ନିର୍ଦ୍ଦିଷ୍ଟ ପାରିଶ୍ରମିକ ଛଡ଼ା ଅଧିକା ପାରିଶ୍ରମିକ—Extra remuneration.
Upari mihantanā

**ଉପରିମୂଲ**—ଦେ. ବି—୧ । ନିର୍ଦ୍ଦିଷ୍ଟ ମଜୁରି ଛଡ଼ା ଅଧିକା ମଜୁରି—1. Extra wages.
Uparimūla
উপরিমজুরী
उपरिमजदुरी
୨ । ନିର୍ଦ୍ଦିଷ୍ଟସଂଖ୍ୟକ ମୂଲିଆଙ୍କ ଛଡ଼ା ଅଧିକା ନିଯୁକ୍ତ ମୂଲିଆଙ୍କୁ ଦିଆଯିବା ମଜୁରି—2. Wages paid to additional hands

**ଉପରିମୂଲିଆ**—ଦେ. ବି—ନିଯୁକ୍ତ ମଜୁରିଆଙ୍କ ଛଡ଼ା ଲଗାଯିବା ଅଧିକା ମୂଲିଆ—Additional labourers.
Uparimūliā
উপরিমজুরদার
उपरिमजदुर

**ଉପରି ରୋଜଗାର**—ଦେ. ବି—ଉପରି ଆୟ (ଦେଖ)
Upari rojagāra — Upari āya (See)

**ଉପରି ଲାଭ**—ଦେ. ବି—୧ । ନିର୍ଦ୍ଧାରିତ ଲାଭ ଛଡ଼ା ଅତିରିକ୍ତ ଲାଭ—1. Extra profit; additional profit.
Upari lābha
উপরিলাভ
अधिकलाभ
୨ । ଅବୈଧ ଲାଭ—2. Illegal gain.
୩ । ଅପ୍ରତ୍ୟାଶିତ ଲାଭ—3. Unexpected gain; a wind fall.
୪ । ବକ୍ସିସ୍—4. Perquisite; tip.

**ଉପରି ଲୋକ**—ଦେ. ବି—ଉପରିମଣିଷ (ଦେଖ)
Upari loka — Uparimanisha (See)

**ଉପରିଷ୍ଟାତ୍**—ସଂ. ଅ. ( ଊର୍ଦ୍ଧ୍ୱ + ରିଷ୍ଟାତ୍; ନିପାତନ )—
Uparishtāt ୧ । ଉପର ଅଡ଼େ—1. High up.
୨ । ଅନନ୍ତର; ପରେ—2. Further on; afterwards.
୩ । ଖଣ୍ଡିଏ ଦୂରରେ—3. At some distance.
୪ । ଉପରେ—4. Above; over

**ଉପରିସ୍ଥ**—ସଂ. ବିଣ ( ଉପରି+ସ୍ଥା ଧାତୁ+କର୍ତ୍ତୃ. ଅ)—
Uparistha ୧ । ଉଚ୍ଚପଦ—1. Of higher authority or grade or position.
୨ । ଉପରେସ୍ଥିତ—2. Lying or situated above or over; superimposed.
୩ । ଶ୍ରେଷ୍ଠତର—3. Superior; higher.

**ଉପରିସ୍ଥିତ**—ସଂ. ବି. ( ଉପରି+ସ୍ଥା ଧାତୁ+କର୍ତ୍ତୃ. ତ )—
Uparisthita — ଉପରିସ୍ଥ ( ଦେଖ ) Uparistha ( See )

**ଉପରିହାକିମ**—ଦେ. ବି—ଉପରହାକିମ ( ଦେଖ )
Uparihākima — Uparahākima ( See )

**ଉପରୁ**—ଦେ. ଅ—୧ । ଉପର ଅଡ଼ୁ; ଉପର ଦିଗରୁ—1. From above.
Uparu
উপরথেকে
उपरसे
୨ । (ଲକ୍ଷଣାର୍ଥେ) ଅକସ୍ମାତ୍; ଦୈବାତ୍—2. By chance ( ଯଥା—ଉପରୁ ଏଡ଼େ ଦଣ୍ଡ ପଡ଼ିବ ବୋଲି କିଏ ଜାଣିଥିଲା ? )—

**ଉପରୁଦ୍ଧ**—ସଂ. ବିଣ ( ଉପ+ରୁଧ ଧାତୁ=ବାଧା ଦେବା, ଅଟକାଇବା +କର୍ମ. ତ )—
Uparuddha
୧ । ପ୍ରତିବଦ୍ଧ—1. Obstructed.
୨ । ଉତ୍ପୀଡ଼ିତ—2. Hardpressed; oppressed.
୩ । ଅନୁରୁଦ୍ଧ—3. Requested.
୪ । ଅଟକ ହୋଇଥିବା—4. Checked; restrained.

**ଉପରେ**—ଦେ. ଅ. ( ସଂ. ଉପରି )—
Upare ୧ । ଊର୍ଦ୍ଧ୍ୱଦେଶରେ—1. On high.
উপরে
उपर
୨ । ପୃଷ୍ଠଦେଶରେ—2. On the surface of; over; on.

> ଏହା ଉପରେ କେତେ କଳ, ଗ୍ରାମ ଔଷଧି ଗିରି ବନ ।
> ସମୁଦ୍ର ଅବ ନଦ ନଦୀ, ଅଗ୍ନି ଜେ ଦ୍ଵିଜ ଚରଣ—
> ଜଗନ୍ନାଥ—ଭାଗବତ ।

୩ । ପିଠିରେ—3. On the back of.
୪ । ଅଗ୍ର ଭାଗରେ—4. On the top of.
୫ । ସ୍ୱର୍ଗରେ—5. In Heaven.

> ଉପରେ ଧର୍ମ ଦେବତା, ତଳେ ବସୁମତୀ—ଚଗ ।

୬ । ଆକାଶରେ—6. In the sky.
୭ । ଉଚ୍ଚତର ସ୍ଥାନରେ—7. Higher up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ର୍‌,ରୁ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଢ଼ | ଶ,ଷ | ଜ୍ଞ | ଇସ୍ପ | ଡ଼ଅ | ଢ଼ |
| ୨ | ଈ | ଉ | ରୁ | ଲୁ | ଯେୃ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

୮ । (ଅପେକ୍ଷା) ଅଧିକତର (ଶକ୍ତି, ସାମର୍ଥ୍ୟ ବା କ୍ଷମତାଯୁକ୍ତ)—
8. Having higher strength, power or authority.

୯ । ଛଡ଼ା—9. Besides

୧୦ । ଅଧିକା ହୋଇ—10. In addition to.
ବୋଝ ଉପରେ ନଳିତା ବଡ଼ା—ଢଗ ।

୧୧ । ଅପିଲ୍ ଅଦାଲତରୂପେ—
11. As an appellate authority.

୧୨ । ଆଗରୁ ଜନ୍ମିଥିବା—12. Born before; previously.
( ଯଥା— ତା ଉପରେ ତିନି ଭାଇ ଅଛନ୍ତି । )

୧୩ । ନିକଟ ଭବିଷ୍ୟତରେ—13. In the near future.

୧୪ । ଠାରେ—14. At; with.
(ଯଥା— ତୁମ୍ଭ ଉପରେ ଏ କାମର ଭାର ଦେଲି ।)

୧୫ । ନଦୀର ଉର୍ଦ୍ଧ୍ୱ ସ୍ଥାନରେ ବା ନଦୀପ୍ରବାହର ଉଚ୍ଚତର ଅଂଶରେ— 15. Higher up in the course of a river.

୧୬ । କର୍ତ୍ତୃପକ୍ଷ ବା ହାକିମ ରୂପେ—16. As authority
(ଯଥା– ମୋ ଉପରେ ଘରେ ମୋ କକେଇ ଅଛନ୍ତି; ତାଙ୍କ ନ ପଚାରି ମୁଁ କିଛି ଜବାବ ଦେଇପାରୁ ନାହିଁ ।)

୧୭ । ( ଅନ୍ୟ କ୍ରିୟା ପରେ ବ୍ୟବହୃତ – ପ୍ରାୟ; ଆସନ୍ନ; ଅବସ୍ଥାଯୁକ୍ତ—17. About to; on the eve of
(ଯଥା—ପାଣି ବୋହିଯିବା ଉପରେ ହେଲାଣି; ସେ ମରିବା ଉପରେ ବସିଲାଣି । )

୧୮ । ଅତିକ୍ରମ କରି—18. Past
(ଯଥା— ୧୨ ଉପରେ ୩ ବାଜିଲାଣି ।)

୧୯ । ପ୍ରତି —19. Towards; fcr.
ଥିଲା ସେହି ସ୍ନେହ କେମା ଉପରେ—ଚିନ୍ତାମଣି, ଲକ୍ଷ୍ମୀମାଧବୀ ।

**ଉପରେଇ ଧରିବା**—ଦେ. କ୍ରି—୧ । ଉପରେଇ ଧରିବା; ଉଚ୍ଚକରି ଟେକି ଧରିବା—1. To hold a thing high.
Uparei dharibā
୨ । ଉପରୁ ବା ଊର୍ଦ୍ଧ୍ୱ ଅଂଶ ଧରିବା —
2. To hold anything by the top.

**ଉପରେଉପରେ**—ଦେ. କ୍ରି. ବିଣ. ୧ । ଉପର୍ଯ୍ୟୁପରି—
Upareupare 1. Repeatedly.
উপরউপর ୨ । ମାଗଣାରେ—2. Gratis.
उपरकाउपर ୩ । ବିନା ବ୍ୟୟରେ—3. Without expenses.
୪ । ଉପରଠାଉରିଆ ଭାବରେ—4. Superficially.

**ଉପରେଉପରେ ଭାସିବା**—ଦେ. କ୍ରି—ଉପରେ ଉପରେ ଯିବା (ଦେଖ)
Upareupare bhāsibā Upareupare jibā (See)

**ଉପରେଉପରେ ଯିବା**—ଦେ. କ୍ରି—୧ । ନଈ ବା ପାଣି ଭିତରକୁ ନ ଯାଇ କୂଳେକୂଳେ ଶୁଖିଲା ବାଟରେ ଯିବା—1. To pass along the bank of a river without entering into the water
Upareuparejibā
୨ । (ଲକ୍ଷଣାର୍ଥ) କୌଣସି ବିଷୟକୁ ବହିର୍ଦୃଷ୍ଟିରେ ବିଚାର କରିବା—2. ( figurative ) To view a thing superficially.

**ଉପରେ କିଂ ଭବିଷ୍ୟତି**— ଗ୍ରା. ପ୍ରବଚନ—ଅପରେ କିଂ ଭବିଷ୍ୟତି (ଦେଖ)
Upare kiṁ bhabishyati Apare kiṁ bhabishyati (See)

**ଉପରେଣ**—ଗ୍ରା. ପଦ୍ୟ. ଅ—ଉପରେ—Above; over; on.
Uparеṇa ଶୋଣ ସରୋଜ ଉପରେ ଭ୍ରମର ଯେସନେ—ପ୍ରାଚୀ. ରସବାରିଧି ।

**ଉପରେ ପଡ଼ିବା**—ଦେ. କ୍ରି—୧ । କୌଣସି କାର୍ଯ୍ୟର ଭାର କାହା ଉପରେ ନ୍ୟସ୍ତ ହେବା—1 To be devolved upon.
Upare paṛibā
উপরেপড়া
उपरटुटपडना ଉପରେ ପଡ଼ିଲେ ବଳେଇ ଶିଖନ୍ତି—ଢଗ ।
୨ । ଉପରୁ କୌଣସି ବସ୍ତୁ କାହା ଦେହରେ ପଡ଼ିବା—
2. To fall from above.
୩ । ଅନାହୂତଭାବରେ ସଂଶ୍ଳିଷ୍ଟ ହେବା—
3. To meddle with anything uncalled for.
(ଯଥା—ସେ ଉପରେ ପଡ଼ି କଥା କହୁଛି । )

**ଉପରୋକ୍ତ**—ଦେ. ବି ( ସଂ. ଉପର୍ଯ୍ୟୁକ୍ତ)— ଉପର୍ଯ୍ୟୁକ୍ତ; ପୂର୍ବୋକ୍ତ—
Uparokta Above said; said before.
উপরোক্ত
उपरोक्त

**ଉପରୋଧ**—ସଂ. ବି (ଉପ+ରୁଧ୍ ଧାତୁ=ଆବରଣ କରିବା+ଭାବ. ଅ)—
Uparodha ୧ । ବାଧା; ପ୍ରତିବନ୍ଧ; ବ୍ୟାଘାତ—
1. Obstruction; impediment.
୨ । ଅଟକ—2. Check.
୩ । ଉତ୍ପୀଡ଼ନ—3 Oppression.
୪ । ଜିଗର; ଅଳି—4. Pressing request; importunity.
୫ । ଅନୁଗ୍ରହ—5. Favour.
୬ । ଅଯଥା ଆନୁକୂଲ୍ୟର—6. Partiality.
୭ । ଆବରଣ; ଢାଙ୍କୁଣି—7. Covering; lid.
୮ । ଅନୁରୋଧ; ସୁପାରିସ୍—8. Request; recommendation.
ଦେ. ବି—ଓଲ୍ଲୋଧ; ଚକ୍ଷୁଲଜ୍ଜା; ଖାତିର—
Scruple; delicacy; personal consideration for the feelings of others.

**ଉପରୋଧ ଅନୁରୋଧ**—ଦେ. ବି ( ଏକାର୍ଥକ ସହଚର )—ଚକ୍ଷୁଲଜ୍ଜା; ଖାତିର—Delicacy; personal consideration
Uparodha anurodha
উপরোধ অনুরোধ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଉପରୋଧ ଏଡ଼ିବା**—ଦେ. କ୍ରି. ଉପରୋଧ ଛାଡ଼ିବା (ଦେଖ)
Uparodha erdibā — Uparodha chhārdibā (See)

**ଉପରୋଧକ**—ସଂ. ବିଣ. ପୁଂ (ଉପ+ରୁଧ୍ ଧାତୁ=ଆବରଣ କରିବା+ କର୍ତ୍ତୃ. ଅକ)—ଯେ ବାଧା ଦିଏ—
Uparodhaka (ଉପରୋଧିକା—ସ୍ତ୍ରୀ) — Obstructing.
ସଂ. ବି—ଗୃହ; ବାସଗୃହ—Dwelling house; abode.
ଦେ. ବିଣ—ଅନୁରୋଧକର୍ତ୍ତା—One who requests or makes a recommendation.

**ଉପରୋଧ କରିବା**—ଦେ. କ୍ରି. ୧ । ଅନୁରୋଧ କରିବା—
Uparodha karibā — 1. To request
୨ । ଉପରୋଧ ରଖିବା (ଦେଖ)
2. Uparodha rakhibā (See)

**ଉପରୋଧ ଛାଡ଼ିବା**—ଦେ. କ୍ରି—୧ । ଚକ୍ଷୁଲଜ୍ଜା ତ୍ୟାଗକରିବା; ମୁହଁକୁ ନ ଚାହିଁବା—
Uparodha chhārdibā — 1. To have no personal regard or consideration for the feelings of others.
୨ । କାହାର ଅନୁରୋଧ ରକ୍ଷା ନ କରିବା—
2 Not to accede to any one's request

**ଉପରୋଧ ମିଛୁଆ**—ଦେ. ବିଣ. ପୁଂ—୧ । ଯେ ଅନ୍ୟ ବ୍ୟକ୍ତିକୁ ପ୍ରସନ୍ନ କରିବାପାଇଁ ବା ଅନ୍ୟ ବ୍ୟକ୍ତିର ଉପରୋଧରେ ମିଛ କଥା କହେ—
Uparodha michhuā
ଉପରୋଧମିଛୁଇ } ସ୍ତ୍ରୀ
ଉପରୋଧମିଛୁଣି }
1. Speaking falsehood to please another.
୨ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ମନ ରଖିବା ପାଇଁ ମନର ପ୍ରକୃତ ଭାବ ଗୋପନ କରେ—
2. Concealing one's inner feelings to please another.

**ଉପରୋଧ ରଖିବା**—ଦେ. କ୍ରି- ୧ । ଅନ୍ୟର ଅନୁରୋଧକୁ ରକ୍ଷା କରିବା—
Uparodha rakhibā — 1. To accede to another's request.
উপরোধরাখা
୨ । ଚକ୍ଷୁଲଜ୍ଜା ରଖିବା; ପରର ମନ ରଖିବାପାଇଁ କାମ କରିବା—2. To have regard or personal consideration for the feelings of another.

**ଉପରୋଧିଆ**—ଗ୍ରା. ବିଣ—ଉପରୋଧୀ (ଦେଖ)
Uparodhiā — Uparodhī (See)

**ଉପରୋଧିତ**—ସଂ. ବିଣ (ଉପ+ରୁଧ୍ ଧାତୁ ଣିଜନ୍ତ=ରୋଧ ଧାତୁ+ କର୍ମ. ତ)—ଅନ୍ୟ ବ୍ୟକ୍ତି ଦ୍ୱାରା ଅନୁରୁଦ୍ଧ—
Uparodhita — Requested by a person

**ଉପରୋଧୀ**—ସଂ. ବିଣ. ପୁଂ (ଉପରୋଧ+ଅସ୍ତି ଅର୍ଥେ ଇନ୍; ୧ମା. ୧ବ)—
Uparodhī (ଉପରୋଧିନୀ—ସ୍ତ୍ରୀ) — ଉପରୋଧକ (ଦେଖ)
Uparodhaka (See)

ଦେ. ବିଣ—୧ । ଯେଉଁ ବ୍ୟକ୍ତି ଅନ୍ୟର ଅନୁରୋଧରେ ପକ୍ଷ କାର୍ଯ୍ୟ କରେ—1. Acceding to personal requests.
୨ । ଅଯଥା ଅନୁଗ୍ରହକାରୀ—2. Unduly partial.
୩ । ଉପରୋଧମିଛୁଆ (ଦେଖ)—
3. Uparodhamichhuā (See)

**ଉପର୍ଯ୍ୟୁକ୍ତ**—ସଂ. ବିଣ (ଉପରି+ଉକ୍ତ)—ପୂର୍ବୋକ୍ତ; ଉପରେ କୁହା ଯାଇଥିବା—
Uparjyukta — Abovesaid; said before.

**ଉପର୍ଯ୍ୟୁପରି**—ସଂ. ଅ—(ଉପରି+ଉପରି)—ଉପର ଉପର (ଦେଖ)—
Uparjyupari — Upara upara (See)

**ଉପଳ**—ସଂ. ବି. (ଉପ+ଲା ଧାତୁ=ଦେବା+କର୍ତ୍ତୃ. ଅ)—
Upaḷa — ୧ । ପ୍ରସ୍ତର; ପଥର—1. Stone.
(ଯଥା—ବର୍ଷୋପଳ=କୁଆପଥର—Hailstone.
୨ । ବହୁମୂଲ୍ୟ ପଥର; ରତ୍ନ—2. Gem; valuable stone.
ଦେ. ବି.—୧ । ଶର୍କରା—1. Sugar; sweets.
୨ । ଏକ ପ୍ରକାର ମିଠା ପଣା—2. A kind of sweet drink.

ନବୀନ ଘନସାର ଉପଳ କ୍ଷୀର ସର ବନା ଭ ପିତମର୍ଦ୍ଦ ଯୋଗ୍ଯରେ ।
କଳ୍ପସୂର୍ଯ୍ୟ. ସଙ୍ଗୀତ ।

**ଉପଲକ୍ଷ**—ସଂ. ବି. (ଉପ+ଲକ୍ଷ)—୧ । ଅବଲମ୍ବନ—
Upalaksha — 1. Prop; support.
୨ । ପ୍ରୟୋଜନ—2. Occasion; necessity; use.
୩ । ଉଦ୍ଦେଶ୍ୟ—3. Object; intention; purpose; something kept in view.
୪ । ଚିହ୍ନ; ଲକ୍ଷଣ—4. Mark; sign.
୫ । ସଂଜ୍ଞା; ଗୁଣସୂଚକ ନାମ—5. Designation.
୬ । ଉହ୍ୟ ତୁଳନାତ୍ମକ ନାମ—
6. Elliptical designation.
୭ । ଅନୁମାନ—7. Inference; deduction.
୮ । ତୁଳନାତ୍ମକ ସୂଚନା—8. Indication based on comparison.
୯ । ତୁଳନା—9. Comparison.
୧୦ । ସାଦୃଶ୍ୟ—10. Similarity.
୧୧ । ସଙ୍କେତ—11. Signal
ବିଣ.—୧ । ତୁଳନୀୟ—1 Comparable.
୨ । ଉଲ୍ଲେଖଯୋଗ୍ୟ—2. Worth mention.
୩ । ଅନୁମେୟ—3. Inferable.

**ଉପଲକ୍ଷ କରିବା**—ଦେ. କ୍ରି—ଉପଲକ୍ଷ ଦେବା (ଦେଖ)
Upalaksha karibā — Upalaksha debā (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ସ | ଙ୍କ | ଇଥ୍ | ଉଅ | ଛ |
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ଓ | ନ୍ତୁ |

**ଉପଲକ୍ଷଣ**—ସଂ. ବି. ପୁଂ. (ଉପ=ଅଧିକ+ଲକ୍ଷଣ=ଚିହ୍ନ)—
Upalakshaṇa ୧ । ଚିହ୍ନ; ବିଶିଷ୍ଟ ଲକ୍ଷଣ—
1. Sign; distinctive mark.
୨ । ତୁଳନାତ୍ମକ ବାକ୍ୟାଲଙ୍କାରବିଶେଷ; ଅନ୍ୟ ପଦାର୍ଥର ସମ୍ବନ୍ଧସ୍ଥାପକ ବସ୍ତ୍ୱନ୍ତରର ଉଦ୍ବୋଧନ—
2. A figure of speech; analogy; the figure synecdoche.
୩ । ଲକ୍ଷଣାଦ୍ୱାରା ଅନ୍ୟ ବସ୍ତୁର ବୋଧ କରାଇବା—
3. Figurative indication of one thing by the mention of another
୪ । ବସ୍ତୁର ଅଂଶଦ୍ୱାରା ପୂର୍ଣ୍ଣ ବସ୍ତୁର ସୂଚନା କରାଇବା—
4. Implication of one thing by the mention of a part; indication of the whole by the part.
୫ । ଏକ ବିଷୟର ଉଲ୍ଲେଖଦ୍ୱାରା ବହୁ ବିଷୟାନ୍ତରର ସୂଚନା କରାଇବା ପ୍ରଣାଳୀ—5. A subject which gives occasion for the introduction of various other topics.
୬ । (ନ୍ୟାୟ) ସୂଚନା—6. (logic) Connotation.
୭ । ବିଶେଷଣ—7. Adjective; adjunct

**ଉପଲକ୍ଷଣା**—ସଂ. ବି. ସ୍ତ୍ରୀ—(ଉପ+ଲକ୍ଷଣ+ସ୍ତ୍ରୀ. ଆ)—
Upalakshaṇā ଉପଲକ୍ଷଣ (ଦେଖ)
Upalakshaṇa (See)

**ଉପଲକ୍ଷ ଦେବା**—ଦେ. କ୍ରି—୧ । ସୂଚନା କରିବା; ସୂଚେଇବା—
Upalaksha debā 1. To imply; to hint
উপলক্ষদেওয়া ୨ । ଦୃଷ୍ଟାନ୍ତ ଦେବା—2. To cite as a
उपलक्ष देना standard or analogy.
୩ । ଅନ୍ୟ ବସ୍ତୁର ସମ୍ବନ୍ଧ ଦେଖାଇ କହିବା—
3 To indicate.
୪ । ତୁଳନା କରିବା—4 To compare.

**ଉପଲକ୍ଷରେ**—ଦେ. କ୍ରି. ବିଣ—୧ । କୌଣସି ଘଟନାକ୍ରମେ—
Upalakshare 1. On the occasion of any event.
উপলক্ষে ୨ । କୌଣସି ଘଟନା ସମ୍ବନ୍ଧରେ; ଘଟନା ପ୍ରସଙ୍ଗରେ—
উপলক্ষেতে 2. In connection with any matter
উপলক্ষতে ୩ । ଫଳରେ—3. In pursuance of
मारफ़त; ୪ । କୌଣସି ବିଶେଷ ଘଟଣା ଘଟୁଥିବାର ଅବସର ବା
उपलक्षमे ସୁଯୋଗ ପାଇ—4. Taking advantage of a particular event

**ଉପଲକ୍ଷିତ**—ସଂ. ବିଣ. (ଉପ+ଲକ୍ଷ୍ ଧାତୁ=ଚିହ୍ନ କରିବା+କର୍ମ. ତ)—
Upalakshita ୧ । ସୂଚନାଦ୍ୱାରା ବୋଧଗମ୍ୟ ହୋଇଥିବା—
1. Indicated by hint.
୨ । ସୂଚିତ—2. Implied; indicated; hinted at.
୩ । ଯୁକ୍ତ; ବିଶିଷ୍ଟ—3. Possessed of.
୪ । ଯୁକ୍ତିଦ୍ୱାରା ଅନୁମିତ—4. Deduced; inferred.
୫ । ତୁଳିତ—5. Compared.
୬ । କଳ୍ପିତ—6. Guessed; hypothesized.

**ଉପଲକ୍ଷିବା**—ଦେ. କ୍ରି—୧ । ( କୌଣସି ବିଷୟକୁ ) ଲକ୍ଷ୍ୟ ରଖିବା;
Upalakshibā ଉଦ୍ଦେଶ୍ୟ କରିବା—1. To have an eye upon; to aim at.
୨ । ଉପଲେଛିବା ( ଦେଖ )
2. Upalechhibā ( See )

ବନରେ ଅଗମନ ଦେଖି, ମନେ ସ୍ଥାନ ଉପଲକ୍ଷି
ଗୌରିକ ଅଦ ମନଗଣେ, ମିଳଲେ ନୈମିଷ ଅରଣ୍ୟେ । ଜଗନ୍ନାଥ-ଭାଗବତ ।

**ଉପଲକ୍ଷେ**—ଦେ. କ୍ରି. ବିଣ—ଉପଲକ୍ଷରେ ( ଦେଖ )
Upalakshe Upalakshare ( See )

**ଉପଲକ୍ଷ୍ୟ**—ସଂ. ବି—ଉପଲକ୍ଷ ( ଦେଖ )
Upalakshya Upalaksha ( See )

**ଉପଲଖଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ପ୍ରସ୍ତର ଖଣ୍ଡ—
Upalakhaṇḍa 1. A piece of stone.
୨ । ବାଲିଗରଡ଼ା; କଙ୍କର—2. Pebble.

**ଉପଲଛ**—ଗ୍ରା. ବି. ( ସଂ. ଉପଲକ୍ଷ; 'କ୍ଷ' ସ୍ଥାନରେ ଗ୍ରାମ୍ୟରେ 'ଛ'
Upalachha ଉଚ୍ଚାରଣ-ତୁଳ-ମଣିରୁ ମାଛ; ଚକ୍ଷୁରୁ ଚଖୁ ଇତ୍ୟାଦି-
ଉପଲକ୍ଷ ( ଦେଖ )
Upalaksha ( See )
ଗ୍ରା. ବିଣ—ସଦୃଶ—Similar; analogical.

**ଉପଲଛିବା**—ଦେ. କ୍ରି. ( ସଂ. ଉପଲକ୍ଷ )—୧ । ଦୃଷ୍ଟାନ୍ତ ଦେବା—
Upalachhibā 1. To imply; to indicate.
୨ । ଉପମା ଦେବା—2 To cite an analogy.

**ଉପଲବ୍ଧ**—ସଂ. ବିଣ. ( ଉପ+ଲଭ୍ ଧାତୁ=ପାଇବା+କର୍ମ. ତ )—
Upalabdha ୧ । ଜ୍ଞାତ—1. Known; experienced.
(ଉପଲବ୍ଧି—ବି) ୨ । ଅନୁଭୂତ—2. Perceived; realised.
୩ । ମର୍ମ ବୁଝାଯାଇ ଥିବା—3 Apprehended; comprehended; understood.
୪ । ପ୍ରାପ୍ତ—4 Attained; got; received.
୫ । ଅର୍ଜିତ—5 Acquired; earned.
୬ । ଅନୁମିତ—6. Inferred.
୭ । ସୂଚିତ—7. Implied; hinted.

**ଉପଲବ୍ଧାର୍ଥ**—ସଂ. ବି. ( କର୍ମଧା )—
Upalabdhārtha ୧ । ଅନୁମିତ ଅର୍ଥ—
1. Implied meaning.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚନା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଦେଖିବାକୁ ହେବ । ଯଥା— 'ସାର' ନ ମିଳିଲେ 'ଶାର' ଖୋଜିବେ; 'ଭୂଷ' ନ ମିଳିଲେ 'ଭୁଷ' ଖୋଜିବେ; 'ଦଣ୍ଡ' ନ ମିଳିଲେ 'ଦଣ୍ଡ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲଗେ' ନ ପାଇଲେ ଅଲ୍‌ଗେ ଦେଖିବେ ।

୨ । ବୁଝାଯିବା ଅର୍ଥ—2. Comprehended meaning; a purport which has been understood.

୩ । ଫଳରେ ପ୍ରାପ୍ତ ଉଦ୍ଦେଶ୍ୟ— 3. Object which has been attained.

ସଂ. ବଣ.ପୁଂ (ବହୁବ୍ରୀହି; ଉପଲବ୍ଧ ହୋଇଅଛି ଅର୍ଥ ଯାହାଦ୍ୱାରା)— (ଉପଲବ୍ଧାର୍ଥା—ସ୍ତ୍ରୀ) ୧ । ଯେ ଉଦ୍ଦେଶ୍ୟ ଅନୁରୂପ ଫଳ ପାଇଅଛି— 1 Having attained one's aim.

୨ । ଯେ ଅର୍ଥ ବୁଝି ପାରିଅଛି— 2. Having understood the meaning.

୩ । ଯେ ଉଦ୍ଦେଶ୍ୟ ହୃଦୟଙ୍ଗମ କରିଅଛି— 3. One who has realised the intention.

୪ । (ବହୁବ୍ରୀହି; ଉପଲବ୍ଧ ହୋଇଅଛି ଅର୍ଥ ଯାହାର)— ଯାହାର ଅର୍ଥ ବୁଝା ଯାଇଅଛି— 4. ( a matter ) Of which the meaning has been comprehended.

**ଉପଲବ୍ଧାର୍ଥା**—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଉପଲବ୍ଧ+ଅର୍ଥ+ସ୍ତ୍ରୀ. ଆ)—
Upalabdhārthā ୧ । ଆଖ୍ୟାୟିକା— 1. Story; narrative.

୨ । ଅନୁଭୂତାର୍ଥ ପ୍ରତିପାଦକ କଥା;ଅନୁଭୂତ ବିଷୟଥିବା କଥା— 2. Relation of one's down experience.

**ଉପଲବ୍ଧି**—ସଂ. ବଣ. (ଉପ+ଲଭ ଧାତୁ=ପାଇବା+ଭାବ. ତି)—
Upalabdhi ୧ । ଅନୁଭବ; ବୋଧ; ଅନୁଭୂତି— 1. Perception; experience.

୨ । ବୁଝିବା; ହୃଦୟଙ୍ଗମ କରିବା— 2. Comprehension; understanding; realisation.

୩ । ଜ୍ଞାନ—3. Knowledge; cognition; perception

୪ । ପ୍ରାପ୍ତି; ଲାଭ—4. Acquisition; attainment

୫ । ବୁଦ୍ଧି—5. Conception

**ଉପଲଭ୍ୟ**—ସଂ. ବଣ. ( ଉପ+ଲଭ ଧାତୁ+କର୍ମ. ଯ )—
Upalabhya ୧ । ପ୍ରାପ୍ୟ—1. Due; obtainable.

୨ । ଜ୍ଞେୟ—2. Knowable; perceptible.

୩ । ଅନୁମେୟ—3. Inferable.

୪ । ସାଧ୍ୟ—4. Attainable.

ଦେ. ବି— ୧ । ଲାଭ—1. Profit.

୨ । ଆୟ—2. Gain; income.

**ଉପଲମ୍ଭ**—ସଂ. ବି. ପୁଂ ( ଉପ+ଲଭ ଧାତୁ=ପାଇବା+ଭାବ. ଅ; ମ ଆଗମ )—
Upalambha ୧ । ଉପଲବ୍ଧି—1. Perception; realisation.

୨ । ଅନୁଭବ—2. Experience.

୩ । ତିରସ୍କାର—3. Rebuke,

**ଉପଲା**—ସଂ. ବି. ସ୍ତ୍ରୀ ( ଉପଲ+ଅସ୍ତି ଅର୍ଥରେ. ଆ )—
Upalā ୧ । ପ୍ରସ୍ତରମୟ ଭୂମି—1. Stony ground.

୨ । ଶର୍କରା—2 Treacle; molasses.

**ଉପଲିଙ୍ଗ**— ସଂ. ବି ( ଉପ=ଉପରେ+ଲିଙ୍ଗ ଧାତୁ=ଗମନ କରିବା +କର୍ତ୍ତୃ. ଅ )—
Upalinga
ଭୂମିକମ୍ପ ପ୍ରଭୃତି ଦୈବୀ ଉପଦ୍ରବ— Mishap; divine visitation ( as, earthquake )

**ଉପଲିପ୍ତ**—ସଂ. ବଣ ( ଉପ=ଉପରେ+ଲିପ ଧାତୁ=ଲେପନ କରିବା +କର୍ମ. ତ )—
Upalipta
ଉପଲେପ } ଉପଲେପନ } ବି. ୧ । ଦେହରେ ବୋଳା ହୋଇଥିବା; ଉପରେ ବୋଳା ହୋଇଥିବା— 1. Besmeared.

୨ । ଲିପା ହୋଇଥିବା—2. Plastered; anointed.

**ଉପଲିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଭାସିବା—
Upalibā To float.

**ଉପଲେଖିବା**—ଦେ. କ୍ରି. ( ସଂ. ଉପେକ୍ଷା )—୧ । ତ୍ୟାଗ କରିବା—
Upalekhibā 1 To give up; to detest to leave.

୨ । ( ସଂ. ଉପଲକ୍ଷ )—ଲକ୍ଷ୍ୟ କରିବା; ଉପଲକ୍ଷ ଦେବା— 2 To cite.

ସୁଗ୍ରୀବ ଅଙ୍ଗଦାଦି ଦେଖି, ସେ କୋଣେ ବୃକ୍ଷ ଉପଲେଖି ।
ତପନ କଲେ ଉପରତ, କଲେ ତାହାକୁ ସେଇମନ୍ତ ।
ପ୍ରାଚୀ. ନରସିଂହ ଦାସ ।

**ଉପଲେଛିବା**—ଗ୍ରା. କ୍ରି ( ସଂ. ଉପଲକ୍ଷ )—
Upalechhibā ୧ । ଅନୁମାନଦ୍ୱାରା ଦେଖୁଦେଖୁ; ଦରଣ୍ଡିବା— 1. To grope; to search at random.

୨ ।(ସଂ.ଉପେକ୍ଷା)—ତ୍ୟାଗ କରିବା—2. To abandon.

**ଉପଲେପ**—ସଂ. ବି. ( ଉପ=ଉପରେ+ଲିପ ଧାତୁ=ଲେପିବା+ଭାବ. ଅ )—ଉପଲେପନ ( ଦେଖ )
Upalepa ( ଉପଲିପ୍ତ—ବଣ ) Upalepana ( See )

ଧୂମମାର୍ଜିତ ଉପଲେପ, ମଙ୍ଗଳ ସାମ୍ପ୍ରଦାନେ ଦୀପ—ଜଗନ୍ନା. ଭାଗବତ ।

**ଉପଲେପନ**—ସଂ. ବି. (ଉପ=ଉପରେ+ଲିପ ଧାତୁ+ଭାବ. ଅନ)—
Upalepana ୧ । ରଙ୍ଗ ଅବର ପୋଛ— ( ଉପଲିପ୍ତ—ବଣ ) 1. One coating of paint

୨ । ବୋଳିବା—2. Plastering.

୩ । ଲିପିବା—3. Besmearing.

୪ । ମଲମ; ଅଞ୍ଜନ—4. Ointment.

୫ । କାନ୍ଥ ଅବର ଲିପିବା— 5. Washing the walls with a coat of cowdung or lime.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ ; ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯୁ | ଉଃ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | କ୍ଷ |

ଉପଲେଶିବା—ଗ୍ରା. କ୍ରି – ଉପଲେଛୁବା ( ଦେଖ )
Upalesiba Upalechhibā ( See )

ଉପଶମ—ସଂ. ବି. ( ଉପ + ଶମ୍ ଧାତୁ + ଭାବ. ଅ )—୧ । ଶାନ୍ତି—
Upaśama 1. Alleviation; mitigation.
( ଉପଶାନ୍ତ—ବିଣ ) ୨ । ନିବୃତ୍ତି—2 Cessation.
୩ । ଇନ୍ଦ୍ରିୟ-ନିଗ୍ରହ—3. Restraint of passions
୪ । ରୋଗର ଉପଦ୍ରବ ନିବୃତ୍ତି—
4 Abatement of the symptoms of a disease; relief.

ଉପଶମକ—ସଂ. ବିଣ. ( ଉପ + ଶମ୍ ଧାତୁ=ଶାନ୍ତ ହେବା + କର୍ତ୍ତୃ.
Upaśamaka ଅକ )—ଯେ ଉପଶମ କରେ; ଯାହାଦ୍ୱାରା ଉପଶମ ହୁଏ—
One who alleviates; alleviating.

ଉପଶମିତ—ସଂ. ବିଣ. ( ଉପ + ଶମ୍ ଧାତୁ ଣିଚ୍=ଶମି ଧାତୁ=ଶାନ୍ତ
Upaśamita କରାଇବା + କର୍ମ. ତ )—
୧ । ଉପଶମ ପ୍ରାପ୍ତ—1. Abated
୨ । ଶାନ୍ତ—2. Relieved; tranquil.
୩ । ରୋଗନିବୃତ୍ତ—3. Cured.
୪ । ନିଗୃହୀତ—4. Restrained

ଉପଶୟ—ସଂ. ବି. ( ଉପ = ସମୀପେ + ଶୀ ଧାତୁ=ଶୋଇବା +
Upaśaya ଅଧିକରଣ. ଅ )—
୧ । ଶିକାରୀର ମଞ୍ଚା—1. A machan of a hunter
୨ । ମୃଗମାରଣାର୍ଥ ବ୍ୟାଧର ଅନ୍ତର୍ଗୁପ୍ତିସ୍ଥାନ—
2. A hiding place of a hunter while hunting.
୩ । ବ୍ୟାଧର ଗର୍ତ୍ତବିଶେଷ—3 A huntsman's pit.
୪ । କୋଳ—4 Lap.
୫ । ( + ଭାବ. ଅ )—ନିକଟରେ ଶୟନ—
5. Sleeping near
୬ । ( + କର୍ମ. ଅ )—କୌଣସି ବସ୍ତୁ (ଯଥା—ଖାଦ୍ୟ )ର ବ୍ୟବହାର ଯୋଗୁଁ କ୍ଲେଶର ବୃଦ୍ଧି ବା କମି ହେବାର ଦେଖି ରୋଗର ସ୍ୱରୂପ ଅନୁମାନ ( ଏହା ରୋଗଜ୍ଞାନର ପାଞ୍ଚ ଗୋଟି ଉପାୟ ମଧ୍ୟରୁ ଏକତମ; ଦ୍ର. ଶବ୍ଦସାଗର)—
6. Diagnosis of a disease by watching the effect of certain diet on the patient.
୭ । ରୋଗୀକୁ ସୁଖ ବା ଆରାମ ଦେବା ବସ୍ତୁ ବା ଉପାୟ; ଅନୁକୂଳ ଔଷଧ ବା ପଥ୍ୟ ( ଦ୍ର. ଶବ୍ଦସାଗର )—
7. Diet or medicine which gives relief to a patient.
କ୍ରି. ବିଣ. ( ଅବ୍ୟୟୀଭାବ )ବସ୍ତୁ ସମୀପରେ—
Near by; at hand.

ଉପଶଲ୍ୟ—ସଂ. ବି. ( ଉପ=ସମୀପ + ଶଲ୍ ଧାତୁ=ଯିବା+ଯ)—
Upaśalya ଗ୍ରାମାନ୍ତ; ଗାଁମୁଣ୍ଡ—
The outskirts of a village.

ଉପଶାନ୍ତ—ସଂ. ବିଣ. ( ଉପ + ଶମ୍ ଧାତୁ = ଶାନ୍ତ ହେବା+କର୍ମ. ତ)—
Upaśānta ନିବୃତ୍ତ; କମିଯାଇଥିବା; ଶାନ୍ତ ହୋଇଥିବା—
( ଉପଶମ—ବି ) Alleviated; assuaged; appeased; mitigated.

ଉପଶାନ୍ତି – ସଂ. ବି. ( ଉପ+ଶମ୍ ଧାତୁ=ଶାନ୍ତ ହେବା + ଭାବ. ତି)—
Upaśānti ୧ । ଉପଶମ—
(ଉପଶାନ୍ତ—ବିଣ) 1. Alleviation; assuaging; appeasing.
୨ । ଆରୋଗ୍ୟ—2. Cure; relief.
୩ । ନିବୃତ୍ତି—3. Cessation.

ଉପଶାୟ—ସଂ. ବି. ( ଉପ =ପର୍ଯ୍ୟାୟକ୍ରମେ=ଶୀ ଧାତୁ = ଶୋଇବା+
Upaśāya ଭାବ ଅ)—ପ୍ରହରୀମାନଙ୍କର ପର୍ଯ୍ୟାୟକ୍ରମରେ ଶୟନ; ଚଉକିଦାରମାନଙ୍କର ପାଳ କରି ଶୋଇବା—
The sleeping of the watchmen by turns.

ଉପଶିଷ୍ୟ—ସଂ. ବି. ପୁଂ. ( ଉପ=ନିକୃଷ୍ଟ + ଶିଷ୍ୟ )—ଶିଷ୍ୟର ଶିଷ୍ୟ—
Upaśishya A disciple of a disciple

ଉପଶୋଭିତ—ସଂ. ବିଣ. (ଉପ=ସମ୍ୟକ୍+ଶୋଭିତ=ଶୋଭାଯୁକ୍ତ)—
Upaśobhita ୧ । ଅଳଂକୃତ—1. Adorned.
୨ । ସଜ୍ଜୀକୃତ—2. Beautified; decked.
୩ । ଶୋଭାପ୍ରାପ୍ତ—3. Looking smart.

ଉପଶ୍ରୁତ—ସଂ. ବିଣ. ( ଉପ + ଶ୍ରୁ ଧାତୁ=ଶୁଣିବା + କର୍ମ. ତ )—
Upaśruta ଅଙ୍ଗୀକୃତ; ପ୍ରତିଶ୍ରୁତ—
(ଉପଶ୍ରୁତି—ବି) Promised; agreed to.

ଉପଶ୍ରୁତି—ସଂ. ବି. (ଉପ+ଶ୍ରୁ ଧାତୁ=ଅଙ୍ଗୀକାର କରିବା+ଭାବ.ତି)—
Upaśruti ୧ । ଅଙ୍ଗୀକାର—1 Promise
୨ । ସ୍ୱୀକାର—2. Agreement.
୩ । ଦୈବ ଶୁଭାଶୁଭ ପ୍ରଶ୍ନ—3 Questions put with a view to know one's future
୪ । ନିଜର ପ୍ରଶ୍ନ ଅନୁସାରେ ଅନ୍ୟ ବ୍ୟକ୍ତି ମୁଖରୁ ଅତର୍କିତ ଭାବରେ ଶୁଣିବା ଅନୁକୂଳ ବା ପ୍ରତିକୂଳ ବଚନ—
4. Words unconsciously uttered by another which are interpreted to indicate the hearer's future.

ଉପଶ୍ଳିଷ୍ଟ—ସଂ. ବିଣ. ( ଉପ + ଶ୍ଳିଷ ଧାତୁ+କର୍ମ. ତ )—
Upaślishta ୧ । ଆଲିଙ୍ଗିତ—1 Embraced.
(ଉପଶ୍ଳେଷ—ବି) ୨ । ଅଂଶତଃ ସମ୍ବଦ୍ଧ—2. Partially connected.
୩ । ବଞ୍ଚିତ—3. Cheated; deprived.

ସାଧାରଣ ଲୋକେ ଅପର ସ୍ଥାନରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବେ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଷା' ନ ମିଳିଲେ 'ଭୁଷା' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କ୍ରିତ' ଦେଖିବେ

**ଉପଶ୍ଳେଷ**—ସଂ. ବି. ( ଉପ + ଶ୍ଳିଷ୍ ଧାତୁ = ଆଲିଙ୍ଗନ କରିବା + ଭାବ. ଅ )—
Upaślesha
( ଉପଶ୍ଳିଷ୍ଟ—ବିଣ ) ୧ । ଏକଦେଶସମ୍ବନ୍ଧ—
1. Conjunction at one point; partial connection.
୨ । ଆଲିଙ୍ଗନ—2. Embrace.
୩ । ବଞ୍ଚନା—3. Cheating; deceit.

**ଉପଷ୍ଟମ୍ଭ**—ସଂ. ବି. (ଉପ + ସ୍ତନ୍ଭ୍ ଧାତୁ = ଥମ୍ଭି ଯିବା + ଭାବ. ଅ)—
Upashṭambha ୧ । ଉପକ୍ରମ; ଆରମ୍ଭ—
1. Beginning; tending; commencement.
୨ । ଉତ୍ତେଜ—2 Standing; excitement
୩ । ସ୍ତମ୍ଭନ—3. Restraint.
୪ । ଉପଲକ୍ଷ—4. Occasion
୫ । ପ୍ରୟୋଜନ—5. Necessity
୬ । (+କରଣ. ଅ)—ସ୍ତମ୍ଭ—6 Pillar.

**ଉପସଂଖ୍ୟାତ**—ସଂ. ବିଣ ( ଉପ + ସମ୍ + ଖ୍ୟା ଧାତୁ = ଗଣନା କରିବା + କର୍ମ. ତ )—
Upasaṁkhyāta
(ଉପସଂଖ୍ୟାନ—ବି) ୧ । ସଂଗୃହୀତ—1. Collected
୨ । ଗଣିତ—2. Calculated.

**ଉପସଂଖ୍ୟାନ**—ସଂ. ବି (ଉପ + ସମ୍ ଖ୍ୟା ଧାତୁ = ଗଣିବା + ଭାବ. ଅନ)—
Upasaṁkhyāna ୧ । ସଂଗ୍ରହ—1. Collection; collation.
୨ । ଗଣନା—2. Calculation.
୩ । ବିଶେଷଣ—3. Adjective.
୪ । ( ବ୍ୟାକରଣ ) ସମାନାର୍ଥକ ଶବ୍ଦ—
4. (grammar Synonym.

**ଉପସଂଗ୍ରହ**—ସଂ. ବି. ( ଉପ = ନିକଟ; ସମ୍ୟକ୍ + ଗ୍ରହ ଧାତୁ = ଗ୍ରହଣ କରିବା + ଭାବ. ଅ )—
Upasaṁgraha
ମାନ୍ୟ ବ୍ୟକ୍ତିଙ୍କ ପାଦସ୍ପର୍ଶପୂର୍ବକ ପ୍ରଣାମ; ଗୋଡ଼ତଳେ ପଡ଼ିବା- Salutation by touching the feet of a person; making obeisance by touching the feet of a superior person.

**ଉପସଂବ୍ୟାନ**—ସଂ. ବି. (ଉପ = ଉପରେ + ସଂ = ସମ୍ୟକ୍ + ବ୍ୟେ ଧାତୁ = ଆଚ୍ଛାଦନ କରିବା + କରଣ. ଅନ )—
Upasaṁbyāna
୧ । ପରିଧାନ ବସ୍ତ୍ର—
1. Cloth worn on the body
୨ । ପିନ୍ଧା ଲୁଗା; ପୋଷାକ—
2. Wearing apparel; dress.
୩ । ଉତ୍ତରୀୟ ବସ୍ତ୍ର—3 A scarf; sheet worn on the upper part of the body.

**ଉପସଂହରଣ**—ସଂ. ବି. ( ଉପ + ସମ + ହୃ ଧାତୁ + ଭାବ. ଅନ )—
Upasaṁharaṇa ଉପସଂହାର (ଦେଖ)
Upasaṁhāra (See)

**ଉପସଂହାର**—ସଂ. ବି. (ଉପ + ସମ + ହୃ ଧାତୁ + ଭାବ. ଅ)—
Upasaṁhāra ୧ । ନାଶ; ମୃତ୍ୟୁ—1. Death; destruction
୨ । ପରିଶେଷ; ଶେଷ; ସମାପ୍ତି—
2. Completion; end; finish.
୩ । ସଂଗ୍ରହ—3. Collection
୪ । ଉପସ୍ଥାପନ—4. Conclusion; summing up.
୫ । ନିବୃତ୍ତି—5. Cessation.
୬ । ଆକ୍ରମଣ—6. Attack.
୭ । ସଂକୋଚ—7. Hesitation.

**ଉପସଂହୃତ**—ସଂ. ବିଣ. (ଉପ + ସମ + ହୃ ଧାତୁ = ହରଣ କରିବା + କର୍ମ. ତ)—୧ । ସମାପିତ—
Upasaṁhṛuta
1. Finished; concluded; completed.
୨ । ସଂଗୃହୀତ—2. Compiled; summed up.

**ଉପସତ୍ତି**—ସଂ. ବି. (ଉପ = ନିକଟ + ସଦ୍ ଧାତୁ = ଗମନ କରିବା + ଭାବ. ତି)—୧ । ସମ୍ପର୍କମାତ୍ର—
Upasatti
(ଉପସନ୍ନ—ବିଣ) 1. Slight connection; touch; contiguity.
୨ । ସେବା—2. Tending.
୩ । ପ୍ରତିପାଦନ—3 Proving; demonostration.
୪ । ଦାନ—4. Gift.
୫ । ନିକଟରେ ଗମନ; ପାଖଦେଇ ଯିବା—
5. Passing by; going past; touch and go

**ଉପସତ୍ୱ**—ଦେ. ବି. (କଟକିଆ) ( ସଂ. ଉପସ୍ୱତ୍ୱ )—ଉପସ୍ୱତ୍ୱ ( ଦେଖ )
Upasatwa Upaswatwa ( See )
(ଯଥା—ସତ୍ୱ ଉପସତ୍ୱ—୧ । ସ୍ୱତ୍ୱ ଓ ଆୟ—
1. Title and income.
୨ । ସ୍ୱାମିତ୍ୱ ଓ ଅଧିକାର—2. Right and title.
ଗ୍ରନ୍ଥର ଉପସତ୍ୱ—ପୁସ୍ତକ ଛାପିବା ପାଇଁ ଗ୍ରନ୍ଥକର୍ତ୍ତାର ପ୍ରବର୍ତ୍ତିବା ଏକମାତ୍ର ଅଧିକାର—Copy-right.)

**ଉପସତ୍ୱଭୋଗୀ**—ଦେ. ବିଣ. ପୁଂ. (କଟକିଆ)—ଉପସ୍ୱତ୍ୱଭୋଗୀ (ଦେଖ)
Upasatwabhogī Upaswatwabhogī ( See )

**ଉପସନ୍ନ**—ସଂ. ବିଣ ( ଉପ = ନିକଟ + ସଦ୍ ଧାତୁ = ଗମନ କରିବା + କର୍ତ୍ତୃ. ତ )—୧ । ଉପସ୍ଥିତ—1. Present.
Upasanna
(ଉପସତ୍ତି—ବି) ୨ । ସମୀପସ୍ଥ; ଆସନ୍ନ; ନିକଟବର୍ତ୍ତୀ—
2. Impending; adjoining; contiguous.

**ଉପସମ୍ପନ୍ନ**—ସଂ. ବିଣ ( ଉପ + ସମ + ପଦ ଧାତୁ = ପରିଣତ ହେବା + କର୍ତ୍ତୃ. ତ )—୧ । ପକ୍ୱ—
Upasampanna
1. Ripened; developed.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ୦ ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ଙ | ଜ୍ଞ | ଇଯ୍ଯ | ଉଅ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ | ଯ | ସ | ଙ୍ଗ | ଇଅ | ଔ | ନ୍ଦ |

୨ । ମୃତ—2. Dead.

୩ । ଯାଗାର୍ଥ ହତ ( ପଶୁ )—
3. ( animal ) Killed for sacrifice.

୪ । ପର୍ଯ୍ୟାପ୍ତ—4. Sufficient.

୫ । (+କର୍ମ. ଅ)—ଲବ୍ଧ; ପ୍ରାପ୍ତ—5. Received;got.

୬ । ପ୍ରସ୍ତୁତ ( ବ୍ୟଞ୍ଜନାଦି )—6. Prepared;cooked.

୭ । ସଂସ୍କୃତ—7. Refined.

୮ । ଯୁକ୍ତ—8. Joined.

୯ । ବିଶିଷ୍ଟ—9 Particular; peculiar; special,

ଉପସର—ସଂ. ବି. (ଉପ+ସୃ ଧାତୁ=ଗମନ କରିବା+ଭାବ. ଅ)—
Upasara ୧ । ନିର୍ଗମନ—1. Issuing.
(ଉପସୃତ—ବିଣ) ୨ । ଗାଈ ପ୍ରଭୃତିର ଗର୍ଭାଧାନାର୍ଥ ବୃଷଭ ନିକଟକୁ ଗମନ—2. Going of the cow to the bull for crossing.

୩ । ଗର୍ଭଗ୍ରହଣ; ପେଟରେ ହେବା—
3. Becoming pregnant; conception.

ସ୍ତ୍ରୀ. ବି.—ପ୍ରୟୋଜନ—Use; necessity.

ଉପସର୍ଗ—ସଂ. ବି. (ଉପ=ଉପସ୍ଥିତ+ସର୍ଗ=ସୃଷ୍ଟି; ସର୍ଜନା)—
Upasarga ୧ । ଉତ୍ପାତ; ଭୂମିକମ୍ପାଦି ଦୈବୀ ଉପଦ୍ରବ—
(ଉପସୃଷ୍ଟ—ବିଣ) 1. Natural calamity ( e.g. earthquake, eclipse); natural phenomenon foreboding evil.

୨ । ବିଘ୍ନ—2. Obstacle.

୩ । ବ୍ୟାଘାତ—3. Obstruction.

୪ । ପୀଡ଼ା—4 Disease.

୫ । ରୋଗରୁ ଜାତ ବିକାର—5. Complications or bad symptoms caused by a disease.

୬ । ଅଶକୁନ—6. Evil omens.

୭ । (ବ୍ୟାକରଣ) (ଧାତୁ ସମୀପକୁ ଯାଇ ଯେଉଁମାନେ ଭିନ୍ନ ଭିନ୍ନ ଅର୍ଥ ସୃଷ୍ଟି କରନ୍ତି)—ଧାତୁ ପୂର୍ବରେ ଲାଗି ବାକ୍ୟ ନିଷ୍ପନ୍ନ କରିବା ପଦାଂଶ—
7. grammar) A prefix; an inseparable preposition.

[ ଦ୍ର—ଉପସର୍ଗମାନ ସଂଖ୍ୟାରେ ୨୦ଟି ଯଥା—ପ୍ର, ପରା, ଅପ, ସମ୍, ନି, ଅବ୍, ଅନୁ, ନିର୍, ଦୁର୍, ବି, ଅଧି, ସୁ, ଉତ୍, ପରି, ପ୍ରତି, ଅଭି, ଅତି, ଅପି, ଉପ, ଆ ]

ଉପସର୍ଜ୍ଜନ—ସଂ. ବି. ( ଉପ=ହାନି+ସୃଜ ଧାତୁ=ସୃଷ୍ଟି କରିବା+ଭାବ. ଅନ.)—
Upasarjjana
(ଉପସୃଷ୍ଟ—ବିଣ) ୧ । ଦୈବୀ ଉପଦ୍ରବ—
1. Natural calamity.

୨ । ଅଧିକା ଯୋଗ କରିବା—2 Adding.

୩ । ତ୍ୟାଗ—3 Abandonment

୪ । ଅଧୀନ ବ୍ୟକ୍ତି—4 Subordinate person.

୫ । ଚନ୍ଦ୍ର ବା ସୂର୍ଯ୍ୟ ଗ୍ରହଣ—5. Eclipse.

୬ । ଅପ୍ରଧାନ ବ୍ୟକ୍ତି—
6. A person of secondary importance.

୭ । ଉପରେ ଢାଳିବା—7. Pouring upon.

୮ । ଅପ୍ରାଧାନ୍ୟ—8. Subordination.

୯ । ପ୍ରତିନିଧି, ବଦଳରେ ରଖାଯିବା ବସ୍ତୁ ବା ବ୍ୟକ୍ତି—
9. Representative; substitute

୧୦ । (ବ୍ୟାକରଣ)—ସମାସରେ ପ୍ରଥମାନ୍ତ ନିର୍ଦ୍ଦିଷ୍ଟ ବା ଏକ ବିଭକ୍ତିଯୁକ୍ତ ପଦ (ପ୍ରକୃତିବାଦ)—10. (grammar) A word which by composition or derivation loses its original independence while also it determines the sense of another word ( M. W. )

[ ଦ୍ର—ବହୁବ୍ରୀହି ସମାସରେ ଦୁଇଟଯାକ ପଦ ଉପସର୍ଜ୍ଜନ ଅଟେ;ଅନ୍ୟ ସମାସମାନଙ୍କରେ କେବଳ ପ୍ରଥମ ପଦ ଉପସର୍ଜ୍ଜନ ଅଟେ (M.W.) ଯଥା—'ନୀତ ପ୍ରକୃତି' ଶବ୍ଦରେ ବ୍ୟବହୃତ 'ନୀତ' ଓ 'ପ୍ରକୃତି' ଏହି ଦୁଇ ଶବ୍ଦର ମୌଳିକ ଅର୍ଥ ଲୋପ ପାଇ ନୀତପ୍ରକୃତିବିଶିଷ୍ଟ ବ୍ୟକ୍ତିକୁ ବୁଝାଇଲା । ଅତଏବ ଏ ଦୁଇ ଶବ୍ଦ ଉପସର୍ଜ୍ଜନ ଅଟେ । ]

ସଂ ବିଣ—ଗୌଣ; ଅପ୍ରଧାନ—Subordinate; secondary.

ଉପସର୍ପଣ—ସଂ. ବି. ( ଉପ=ସମୀପ+ସୃପ୍ ଧାତୁ=ଗମନ କରିବା+ଭାବ. ଅନ )—୧ । ସମୀପକୁ ଗମନ; ସମୀପରେ
Upasarpaṇa
(ଅପସର୍ପଣ—ବିପରୀତ) ଉପସ୍ଥିତି—1 Coming near; approach.

୨ । ଅନୁବୃତ୍ତି; ଅନୁସରଣ—2. Attendance on or cringing before a person to gain some end

୩ । ଉପାସନା—3 Worship; prayer.

୪ । ନର୍ତ୍ତନ—4 Dancing.

ଉପସର୍ପଣା—ସଂ. ବି. ( ଉପ+ସୃପ୍ ଧାତୁ+ଭାବ. ଅନ+ସ୍ତ୍ରୀ. ଆ )—
Upasarpaṇā ଉପସର୍ପଣ ( ଦେଖ )
Upasarpaṇa (See )

ଉପସର୍ଯ୍ୟା—ସଂ. ବି. ସ୍ତ୍ରୀ. ( ଉପ=ସୃ ଧାତୁ=ଗମନ କରିବା+କର୍ମ. ଯ+ସ୍ତ୍ରୀ; ଆ; ନିପାତନ)—୧ । ଷଣ୍ଢର ପଡ଼ିଥିବା
Upasarjyā
ଗାଈ; ଋତୁମତୀ ଗାଈ—1. A cow fit for the bull; a cow on heat.

୨ । ପାଦାପିଷ୍ୟା ସ୍ତ୍ରୀ—2. A woman in her course.

୩ । ଯେଉଁ କନ୍ୟାର ପ୍ରଥମରଜୋଦର୍ଶନ ହୋଇଅଛି—
3. A girl who has attained puberty.

ସାଧାରଣ ଶ୍ରେଣୀ ଅପର ସ୍ଥାନରେ ସ୍ୱରେ ୧ ଠାରୁ ଅକ୍ଷର ଓ ମାତ୍ରା ଏବଂ ୨ ଠାରୁ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱରେର ଲକ୍ଷ କରନ୍ତୁ ନାହିଁ । ଅତଏବ ୧ ବା ୨ ଠାରୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଗରେ ଯେବେ ଏ ଶବ୍ଦ ଯୋଗରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ କ୍ରମରେ ଉର୍ଦ୍ଧ୍ୱ ଅବଧି ୨ ବା ୧ ଠାରୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଗବାକୁ ହେବ । ଯଥା :— ଗାଢ଼' ନ ମିଳିଲେ 'ଗାଢ଼' ଯୋଗବେ 'ଭୂଷା' ନ ମିଳିଲେ 'ଭୂଷା' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

**ଉପସାଗର**—ସଂ. ବି. ( ଭୂଗୋଲପରିଭାଷା )—(ଉପ=ପ୍ରାୟ+ସାଗର)—
Upasāgara ଯେଉଁ ଜଳଭାଗର ତିନି ପାଶରେ ସ୍ଥଳ ଓ ଏକ ପାଶରେ ଜଳ ଥାଏ—Gulf; bay.

**ଉପସୁନ୍ଦ**—ସଂ.ବି. (ନାମ)—୧ । ଜଣେ ଦୈତ୍ୟ; ସୁନ୍ଦ ଦୈତ୍ୟର ଭାଇ;
Upasunda (ଏ ଦୁଇ ଭାଇ ତିଲୋତ୍ତମାପାଇଁ ପରସ୍ପର ବିବାଦ କରି ନିହତ ହୋଇଥିଲେ)—1. Name of a demon.
୨ । ନରକାସୁରର ସେନାପତି ( ଏ କୃଷ୍ଣଙ୍କ ହାତରେ ନିହତ ହୋଇଥିଲେ)—2 Name of a general of demon Naraka.

**ଉପସୂର୍ଯ୍ୟକ**—ସଂ. ବି. (ଉପ=ସମୀପ+ସୂର୍ଯ୍ୟ+ସ୍ୱାର୍ଥେ. କ)—
Upasūrjyaka ୧ । ସୂର୍ଯ୍ୟମଣ୍ଡଳ; ସୂର୍ଯ୍ୟଙ୍କ ଚାରିପାଖରେ ଥିବା ମଣ୍ଡଳାକାର ପରିଧି—1. Halo of the sun.
୨ । (ଉପସୂର୍ଯ୍ୟ+ତୁଲ୍ୟାର୍ଥେ. ଅ)—ଚନ୍ଦ୍ରମଣ୍ଡଳ—
2. Disc of the moon.
୩ । ଏକ ପ୍ରକାର ଜୁଳୁଜୁଳିଆ ପୋକ—
3. A kind of beetle or glowworm. (M. W)

**ଉପସୃଷ୍ଟ**—ସଂ. ବିଣ. (ଉପ+ସୃଜ ଧାତୁ=ଯୋଗ କରିବା+କର୍ମ. କ୍ତ)—
Upasrushta ୧ । ଉପଦ୍ରୁତ—1. Oppressed
(ଉପସର୍ଜନ - ବି) ୨ । ଆକ୍ରାନ୍ତ—2 Attacked; afflicted.
୩ । ବ୍ୟାପ୍ତ—3. Pervaded.
୪ । ଦୈବାଦି ଉପଦ୍ରବଯୁକ୍ତ—4. Overwhelmed with calamity.
୫ । ( ବ୍ୟାକରଣ )—ଉପସର୍ଗଯୁକ୍ତ—5. (grammar) Having a prefix.
୬ । (ରୋଗ) ବିକାରଯୁକ୍ତ—6. (disease) Attended with complications.
୭ । ରାହୁ ବା କେତୁଗ୍ରସ୍ତ ( ଚନ୍ଦ୍ର, ସୂର୍ଯ୍ୟ )—
7. Eclipsed.
୮ । ପରିତ୍ୟକ୍ତ—8. Abandoned.
୯ । ଆଚ୍ଛାଦିତ—9 Obscured
୧୦ । ( ଭୂତ ବା ଅପଦେବତାଦ୍ୱାରା ) ଗ୍ରସ୍ତ—10. Possessed by a spirit or demon.
୧୧ । ବର୍ଦ୍ଧିତ—11. Increased.
୧୨ । କାମୁକ (ପ୍ରବୃଦ୍ଧକାମ)—12. Lustful.
୧୩ । ଗାଈ ସଙ୍ଗେ ଲଗାଯିବା ( ବାଛୁରି )—
13. ( a calf ) Admitted to the mother-cow. (M.W.)
୧୪ । ପ୍ରେରିତ—14. Sent; let loose towards (M. W.)
(+ଭାବ. କ୍ତ) ସଂ. ବି—ମୈଥୁନ—Coition.

**ଉପସେବକ**—ସଂ. ବିଣ. ପୁଂ ( ଉପ+ସେବ ଧାତୁ=ସେବା କରିବା+
Upasebaka କର୍ତ୍ତୃ. ଅକ )—୧ । ଉପଭୋଗକର୍ତ୍ତା—
(ଉପସେବିକା —ସ୍ତ୍ରୀ) 1. Enjoying.
୨ । ପରସ୍ତ୍ରୀ ପ୍ରତି ଆସକ୍ତ; ପରସ୍ତ୍ରୀପ୍ରଣୟୀ—
2. Attached to the wife of another person; courting the wife of another.

**ଉପସେବା**—ସଂ. ବି ( ଉପ=ନିକଟରେ+ସେବା )—୧ । ସମ୍ମାନ—
Upasebā 1. Homage; respect; veneration.
(ଉପସେବିତ—ଅନ୍ୟରୂପ) ୨ । ଅନୁସରଣ—2 Waiting upon, a person with some prayer; attendance on a person for the fulfilment of some prayer.
୩ । ଉମେଦ୍ୱାରୀ—3. Candidature.
୪ । ପ୍ରଣୟାର୍ଥ ଅନୁସରଣ—
4 Courting; court-ship.

**ଉପସେବିତ**—ସଂ. ବିଣ ( ଉପ=ନିକଟରେ+ସେବିତ )—
Upasebita ୧ । ସମ୍ମାନିତ—1. Revered; honoured; respected.
୨ । ଅନୁସୃତ—2 Waited upon; attended on.

**ଉପସେବୀ**—ସଂ. ବିଣ. ପୁଂ ( ଉପ+ସେବ ଧାତୁ=ସେବା କରିବା+
Upasebī +କର୍ତ୍ତୃ. ଇନ୍: ୧ମା. ୧ବ. )—୧ । ଯେ ସେବା
(ଉପସେବିନୀ—ସ୍ତ୍ରୀ) କରେ—1 Serving.
୨ । ପରିଚର୍ଯ୍ୟାକାରୀ—2. Tending.
୩ । ପ୍ରଣୟାର୍ଥ ଅନୁସରଣକାରୀ—3. Courting.
ସଂ. ବି—୧ । ସେବକ; ପରିଚାରକ—1. Servant; attendant
୨ । ଅନୁସରଣାର୍ଥୀ—2. Suitor.
୩ । ଉମେଦ୍ୱାର—3. A candidate.

**ଉପସେବ୍ୟ**—ସଂ. ବିଣ. ପୁଂ. ( ଉପ+ସେବ୍ ଧାତୁ=ସେବା କରିବା+
Upasebya କର୍ମ. ଯ )—ସମ୍ମାନାର୍ହ; ମାନ୍ୟାସ୍ପଦ—
(ଉପସେବ୍ୟା — ସ୍ତ୍ରୀ) Honourable; respectable.

**ଉପସ୍କର**—ସଂ. ବି (ଉପ=ସମ୍ପୂର୍ଣ୍ଣ+କୃ ଧାତୁ=କରିବା+କରଣ. ଅ)—
Upaskara ୧ । ଅସମ୍ପୂର୍ଣ୍ଣ ବାକ୍ୟର ବୋଧ ନିମନ୍ତେ ଶବ୍ଦର ଅଧ୍ୟାହାର—1. A gap or ellipsis made for the proper understanding of an incomplete sentence.
୨ । ତରକାରୀର ମସଲା; ବାଟଣା—
2. Condiment; seasoning for curry.
(ଉପସ୍କୃତ—ବିଣ) ୩ । ବଟା ମସଲା (ହଳଦୀ, ଜିରା, ଲଙ୍କା ମରିଚ, ଗରମମସଲା )—3. Ground spices; sauce e.g. mustard, pepper, termeric.)

| ୧ | ଇ | ଈ | ଋ,ୠ | ଌ ୯ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଲ | ଷ,ଶ | ଙ୍କ | ଇଏ | ଈଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଉଅ | ଃ | ଋ |

୪ । ହାତ ହତିଆର—4. Implement; instrument.

୫ । ଉପକରଣ—5. Material, ingredient.

୬ । ବାସନବର୍ତ୍ତନ—6. Utensils.

୭ । ଘରକରଣା ଜିନିଷ; ଗୃହସ୍ଥର ପ୍ରୟୋଜନୀୟ ନିତ୍ୟ-ବ୍ୟବହାର୍ଯ୍ୟ ଉପକରଣ—7. Articles of daily household; use domestic implements.

(ଯଥା—ଚଙ୍ଗା, ଶିଳ, ପନିକ, ବଟିଣା, ଚୌକେଇ, ଶିକ୍କି, କୋରଣା, ବାସନ, କୁର )

୮ । ( +ଭାବ. ଅ )—ଯତ୍ନକରଣ—8. Bestowing care.

୯ । ନିନ୍ଦା—9. Blame; censure.

୧୦ । ଅଧ୍ୟାହାର—10. Ellipsis.

୧୧ । ଅଲଙ୍କାର; ସାଜସଜ୍ଜା—11. Ornament; decoration

**ଉପସ୍କାର**—ସଂ. ବି—୧ । ଉପସ୍କର ( ଦେଖ )—
Upaskāra 1. Upaskara ( See)

୨ । ଅତିରିକ୍ତ ବସ୍ତୁ ବା ବିଷୟ—2. Supplement.

**ଉପସ୍ତ**—ଗ୍ରା. ବି (ସଂ. ଉପସ୍ଥ)—ଉପସ୍ଥ (ଦେଖ)
Upasta Upastha (See)

**ଉପସ୍ତ୍ରୀ**—ସଂ. ବି. ସ୍ତ୍ରୀ (ଉପ=ନିକୃଷ୍ଟ+ସ୍ତ୍ରୀ)—ଉପପତ୍ନୀ; ରକ୍ଷିତା—
Upastrī oncubine; kept woman.

**ଉପସ୍ଥ**—ସଂ. ବିଣ (ଉପ=ସମୀପ ବା ତଳେ+ସ୍ଥା ଧାତୁ=ରହିବା+
Upastha କର୍ତ୍ତୃ. ଅ )—୧ । ସମୀପସ୍ଥ; ନିକଟବର୍ତ୍ତୀ—1. Contiguous; proximate.

୨ । ନିମ୍ନସ୍ଥ; ତଳେ ଥିବା—2. Lying under.

ସଂ. ବି. (ଯାହା କୋଡ଼ର ତଳେ ଥାଏ)—୧ । ପୁଂ ଚିହ୍ନ; ଲିଙ୍ଗ; ଜନନେନ୍ଦ୍ରିୟ—1 Male organ; penis.

୨ । ଯୋନି—2. Female organ; vagina.

୩ । କୋଡ଼—3. Lap.

୪ । ଗୁହ୍ୟଦ୍ୱାର—4 Anus (M. W.)

୫ । ଜଙ୍ଘ—5. Haunch; hip.

**ଉପସ୍ଥକ**—ସଂ. ବି ( ଉପସ୍ଥ+ସ୍ୱାର୍ଥେ. କ)—ପୁଂଲିଙ୍ଗ; ଶିଶ୍ନ—
Upasthaka Membrum virile; penis.

**ଉପସ୍ଥକୃତ**—ସଂ. ବିଣ. ପୁଂ ( ଉପସ୍ଥ+କୃତ; ଏପରି ବସିବା ଯହିଁରେ
Upastha kṛuta କୋଡ଼ ହୁଏ)—ଠେକାପକାଇ ବସିବା—
Seated with the legs bent down; forming a lap by sitting down ( M. W. )

**ଉପସ୍ଥନିଗ୍ରହ**—ସଂ.ବି ( ୬ଷ୍ଠୀ ତତ୍ ଉପସ୍ଥ=ଜନନେନ୍ଦ୍ରିୟ+
Upasthanigraha ନିଗ୍ରହ=ନିରୋଧ)—୧ । ଇନ୍ଦ୍ରିୟରୋଧ; ଇନ୍ଦ୍ରିୟସଂଯମ—1. Continence; restraint of sexual desire.

୨ । ଆତ୍ମଶାସନ—2 Self-control.

**ଉପସ୍ଥାତା**—ସଂ. ବିଣ. ପୁଂ. ( ଉପ=ନିକଟ+ସ୍ଥା ଧାତୁ=ରହିବା+
Upasthātā କର୍ତ୍ତୃ ତୃ. ୧ମା. ୧ବ )—
(ଉପସ୍ଥାତ୍ରୀ—ସ୍ତ୍ରୀ) ୧ । ଉପାସକ—1. Paying homage; adoring.

୨ । ଉପସ୍ଥିତ—2 Present; attending.

ସଂ. ବି—୧ । ସେବକ; ଭୃତ୍ୟ—1. Attendant; servant.

୨ । ପୂଜକ—2, Worshipper.

୩ । ଭକ୍ତ—3. Devotee.

**ଉପସ୍ଥାନ**—ସଂ. ବି. (ଉପ=ନିକଟ+ସ୍ଥା ଧାତୁ=ରହିବା+ଭାବ.ଅନ)—
Upasthāna ୧ । କୌଣସି ସ୍ଥାନରେ ଥିବା; ହାଜର; ଉପସ୍ଥିତ—
(ଉପସ୍ଥିତ—ବିଣ) 1 Presence; attendance.

୨ । ପୂଜା; ଉପାସନା—2. Devotion; homage; obeisance; worship.

୩ । ଆଗମନ—3. Coming; approach.

୪ । ଉତ୍ତରଣ; ଆସିବା; ପହଞ୍ଚିବା—4. Arrival.

୫ । ନୈକଟ୍ୟ—5. Nearness; propinquity.

୬ । ନିକଟକୁ ଯିବା—6. Going near.

୭ । ଅନୁସରଣ—7. Waiting on; attendance (M. W.).

୮ । ବାସସ୍ଥାନ—8 Abode ( M. W. )

**ଉପସ୍ଥାନଗୃହ**—ସଂ. ବି. ( ୬ଷ୍ଠୀ ତତ୍; ଉପସ୍ଥାନ+ଗୃହ )—
Upasthānagṛuha ସଭାଗୃହ; ଯେଉଁଠାରେ ସଭା ପାଇଁ ଲୋକେ ଜମନ୍ତି—Assembly-room ( M. W. )

**ଉପସ୍ଥାନପୁସ୍ତକ**—ସଂ. ବି. ( ଆଧୁନିକ ପ୍ରୟୋଗ )—
Upasthānapustaka ଯେଉଁ ପୁସ୍ତକରେ ବିଦ୍ୟାଳୟର ବା କାର୍ଯ୍ୟାଳୟର ଦୈନିକ ଉପସ୍ଥିତ ଛାତ୍ର ବା କର୍ମଚାରୀମାନଙ୍କର ଉପସ୍ଥିତିସମ୍ବନ୍ଧେ ସମ୍ବାଦ ଲେଖା ହୁଏ—ହାଜରା; ହାଜରାଖାତା—Attendance-register of a school or an office.

**ଉପସ୍ଥାନସଂଖ୍ୟା**—ସଂ. ବି ( ୬ଷ୍ଠୀ ତତ୍; ଉପସ୍ଥାନ+ସଂଖ୍ୟା )—
Upasthānasaṁkhyā ଉପସ୍ଥିତବ୍ୟକ୍ତିଙ୍କ ସଂଖ୍ୟା—The number of persons attending.

**ଉପସ୍ଥାପକ**—ସଂ. ବିଣ. ପୁଂ. ( ଉପ+ସ୍ଥା ଧାତୁ; ଣିଚ୍=ସ୍ଥାପି ଧାତୁ=
Upasthāpaka ସ୍ଥିତ କରାଇବା+କର୍ତ୍ତୃ. ଅକ )—
(ଉପସ୍ଥାପିକା—ସ୍ତ୍ରୀ) ୧ । ଯେ ଉପସ୍ଥିତ କରାଏ; ଯେ ହାଜର କରାଏ-1. Producing; causing to appear.

ସାଧାରଣ ଲୋକେ ଅପର ବୃତ୍ତାରେ ଦୃତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଅନ୍ୟ ଚିହ୍ନ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'କଂଯୁ' ନ ପାଇଲେ 'କଳ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୨ । ପ୍ରସ୍ତାବକ—2. Proposing.
୩ । ସ୍ମାରକ—3. Causing to remember (M.W)

**ଉପସ୍ଥାପନ**—ସଂ. ବି. (ଉପ=ନିକଟ+ସ୍ଥା ଧାତୁ ଣିଚ=ସ୍ଥାପି ଧାତୁ +ଭାବ. ଅନ)—
Upasthāpana
(ଉପସ୍ଥାପିତ—ବିଣ)
୧ । ନିକଟରେ ରଖିବା—1. Placing near.
୨ । ନିକଟକୁ ଆନୟନ—
2. Act of bringing near; producing.
୩ । ସଭାରେ ବା ହାକମମାନଙ୍କ ଆଗରେ ପେଶ୍ କରିବା—
3. Bringing up of a proposal or matter; putting up a matter before an authority.

**ଉପସ୍ଥାପିତ**—ସଂ. ବିଣ. (ଉପ=ନିକଟ+ସ୍ଥା ଧାତୁ ଣିଚ୍=ସ୍ଥାପି ଧାତୁ+କର୍ମ. ତ)—
Upasthāpita
(ଉପସ୍ଥାପନ—ବି) ୧ । ସଭାରେ ପେଶ୍ କରା ଯାଇଥିବା—1. Put or brought before a meeting.
୨ । ନିକଟକୁ ଆନୀତ—
2. Brought near; produced.
୩ । ନିବେଦିତ—3. Submitted; offered
୪ । ନିକଟରେ ସ୍ଥାପିତ—4. Placed near.

**ଉପସ୍ଥିତ**—ସଂ. ବିଣ. (ଉପ=ନିକଟ+ସ୍ଥା ଧାତୁ=ହେବା; ରହିବା +କର୍ତ୍ତୃ. ତ)—
Upasthita
ଉପସ୍ଥାନ } ବି.
ଉପସ୍ଥିତି }
୧ । ପହଞ୍ଚିଥିବା; ଆଗତ—
1. Arrived at; come up.
୨ । ବର୍ତ୍ତମାନ—2. Present; attending.
୩ । ନିକଟସ୍ଥିତ—3. Contiguous; placed near; standing near.
୪ । (+କର୍ମ. ତ)—ଉପାସିତ—4. Worshipped.
୫ । ଜ୍ଞାତ—5. Known.
୬ । ପ୍ରାପ୍ତ—6. Attained; got.
୭ । ବର୍ତ୍ତମାନ ଘଟୁଥିବା—
8 Present; happening now.
୮ । ଘଟିଥିବା—8. Occurred; taken place
ସଂ. ବି—ଦ୍ୱାରୀ; ଦରୁଆନ୍—
A door-keeper; porter (M. W.)

**ଉପସ୍ଥିତ କରିବା**—ଦେ. କ୍ରି—୧ । ନିକଟରେ ପହଞ୍ଚାଇବା—
Upasthita kariba 1 To bring near.
উপস্থিতকরা ୨ । ହାଜର କରାଇବା—2. To produce.
उपस्थित करना ୩ । ଉପସ୍ଥାପିତ କରିବା—3 To lay before.

**ଉପସ୍ଥିତବକ୍ତା**—ସଂ. ବି—ଯେ ଆଗରୁ ପ୍ରସ୍ତୁତ ନ ହୋଇ ବକ୍ତୃତା ଦେଇ
Upasthitabaktā ପାରେ—An impromptu speaker; a ready speaker; one who speaks extempore.

**ଉପସ୍ଥିତବୁଦ୍ଧି**—ସଂ. ବି. (କର୍ମଧାରୟ; ଉପସ୍ଥିତ+ବୁଦ୍ଧି)—
Upasthitabuddhi ନବନବୋନ୍ମେଷଶାଳିନୀ ବୁଦ୍ଧି; ପ୍ରତିଭା; ଫିକର; ପ୍ରତ୍ୟୁତ୍ପନ୍ନମତି—Ready wit; presence of mind.
ସଂ. ବିଣ. (ବହୁବ୍ରୀହି)—ଯାହାର ପ୍ରତ୍ୟୁତ୍ପନ୍ନମତି ଅଛି; ଫନ୍ଦିବାଜ; ଫିକରଥିବା—Ready witted; having presence of mind.

**ଉପସ୍ଥିତ ହେବା**—ଦେ. କ୍ରି—୧ । ହାଜର ହେବା—
Upasthita hebā 1. To attend; to be present.
উপস্থিত হওয়া ୨ । ଆସି ପହଞ୍ଚିବା—2 To arrive at.
उपस्थित होना ୩ । ଘଟିବା—3. To happen; to take place.

**ଉପସ୍ଥିତି**—ସଂ. ବି. (ଉପ=ନିକଟ+ସ୍ଥା ଧାତୁ=ରହିବା +ଭାବ. ତି)—
Upasthiti ୧ । ପହଞ୍ଚିବା; ଆଗମନ—1. Arrival.
୨ । ନିକଟକୁ ଆସିବା—2. Coming near.
୩ । ସତ୍ତା; ବର୍ତ୍ତମାନତା—3. Presence; being.
୪ । ହାଜରୀ; ହାଜର—4. Attendance.
୫ । ଉପାସନା—5. Worship.

**ଉପସ୍ନାତ**—ସଂ. ବିଣ. (ଉପ=ସାମାନ୍ୟ+ସ୍ନାତ)—
Upasnāta ୧ । ଅର୍ଦ୍ଧସ୍ନାତ—1. Half bathed; washed
(ଉପସ୍ନାନ-ବି) ୨ । ଦେହରେ ପାଣି ଛିଞ୍ଚି ହୋଇଥିବା—2. Having the body sprinkled with water.

**ଉପସ୍ନାନ**—ସଂ. ବି. (ଉପ=ନିକୃଷ୍ଟ; ସାମାନ୍ୟ+ସ୍ନାନ)—
Upasnāna ୧ । ଅଙ୍ଗବିଶେଷ ଧୋଇବା—1. French
(ଉପସ୍ନାତ—ବିଣ) bath; washing of some limbs.
୨ । ଅର୍ଦ୍ଧସ୍ନାନ—2. Partial bath
୩ । ଦେହରେ ପାଣି ଛିଞ୍ଚା—
3. Sprinkling of water on the body.

**ଉପସ୍ପର୍ଶ**—ସଂ. ବି. (ଉପ=ସମ୍ୟକ୍+ସ୍ପୃଶ ଧାତୁ=ଛୁଇଁବା+ଭାବ. ଅ)—
Upasparśa ଉପସ୍ପର୍ଶନ (ଦେଖ)
(ଉପସ୍ପୃଷ୍ଟ—ବିଣ) Upasparśana (See)

**ଉପସ୍ପର୍ଶନ**—ସଂ. ବି. (ଉପ=ସମ୍ୟକ୍+ସ୍ପୃଶ ଧାତୁ=ଛୁଇଁବା+ଭାବ. ଅନ)—୧ । ସ୍ପର୍ଶ; ଛୁଇଁବା—
Upasparśana
1. The act of touching; contact.
୨ । ଅଁ ଭ୍—2. Mere touch; touch and go.
୩ । ଆଁଚେଇବା; ଆଚମନ—3. Sipping of water rinsing of the mouth.
୪ । ସ୍ନାନ—4. Bathing; ablution
୫ । ପାନ—5. Drinking.

**ଉପସ୍ପୃଷ୍ଟ**—ସଂ. ବିଣ. (ଉପ=ସମ୍ୟକ୍+ସ୍ପୃଶ ଧାତୁ=ଛୁଇଁବା+କର୍ତ୍ତୃ ତ)—୧ । ଆଚମନ କରିଥିବା; ଅସ୍ପୃଶ୍ୟ—
Upasprushta
ଉପସ୍ପର୍ଶ } ବି
ଉପସ୍ପର୍ଶନ }
1. Having rinsed the mouth or sipped water.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ° | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍କ | ଜ | ଶ,ଷ | ଙ୍ଗ | ଉସ୍ | ଉଥ | ଉ |
| ୨ | ଐ | ଔ | ଋ | ଌ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଉଥ | ଶ | ନୃ |

୨ । ସ୍ନାତ—2. Bathed.
୩ । ( +କର୍ମ. ତ )—ସଂଯୁକ୍ତ—3. Connected.
୪ । ଈଷତ୍ ସ୍ପୃଷ୍ଟ—4. Slightly touched.

**ଉପସ୍ୱତ୍ୱ**—ସଂ. ବି. (ଉପ+ସ୍ୱତ୍ୱ=ସ୍ୱାମିତ୍ୱ)—ସମ୍ପତ୍ତିର ଆୟ; ଲାଭ—
Upaswatwa Profit; income; the produce or usufruct of a property.
ଦେ. ବି. ( କଚେରୀ ବ୍ୟବହାର )—୧ । କୌଣସି ଜମି ବା ସମ୍ପତ୍ତିରେ ମାଲିକ ସ୍ୱତ୍ୱର ନିମ୍ନ ସ୍ୱତ୍ୱ—
1. A secondary right over property; any right inferior to proprietory right.
୨ । ଜମିରେ ବହୁକାଳ ଦଖଲ କରିବା ଲୋକର ଜନ୍ମିଥିବା ସ୍ୱତ୍ୱ—2 Occupancy right over land.
୩ । ଅନ୍ୟ ବ୍ୟକ୍ତିର ସମ୍ପତ୍ତିରେ ବହୁକାଳ ବ୍ୟବହାରଜନିତ ସ୍ୱତ୍ୱ—3. Right of easement over another's land.
୪ । ଜମିଦାରଙ୍କୁ ପ୍ରଜା ଜମିପାଇଁ ଦେବା ଖଜଣା—
4. Rent paid by a tenant to the landlord.

**ଉପସ୍ୱତ୍ୱଭୋଗୀ**—ସଂ. ବିଣ. ପୁଂ. (ଉପସ୍ୱତ୍ୱ+ଭୋଗିନ୍; ୧ମା. ୧ବ.)—
Upaswatwabhogī ଯେ ସମ୍ପତ୍ତିର ଆୟମାତ୍ର ଭୋଗ କରେ—
(ଉପସ୍ୱତ୍ୱଭୋଗିନୀ—ସ୍ତ୍ରୀ) Enjoying or living upon the income or usufruct of a property; enjoying the usufruct only.
ଦେ. ବିଣ. (କଚେରୀ ବ୍ୟବହାର)—ଦଖଲସ୍ୱତ୍ୱଭୋଗକାରୀ—
Enjoying a right of easement or occupancy.

**ଉପହତ**—ସଂ. ବିଣ. ( ଉପ+ହନ୍ ଧାତୁ=ମାରିବା+କର୍ମ. ତ )—
Upahata ୧ । ନଷ୍ଟ—1 Destroyed; damaged.
୨ । ଦୁର୍ବଳୀକୃତ—2, Impaired.
୩ । ଆଘାତପ୍ରାପ୍ତ; ଆହତ—
3. Smitten; struck; hurt; injured.
୪ । ଦୂଷିତ—4. Corrupted; contaminated
୫ । ଭର୍ତ୍ସିତ—5. Reprimanded; rebuked.
୬ । ପ୍ରତିବଦ୍ଧ; ନିବାରିତ—
6. Prevented; restrained
୭ । ଆକ୍ରାନ୍ତ; ଅଭିଭୂତ—
7. Attacked; overwhelmed.
୮ । ମେଳ; ମିଶା—8. Adulterated
୯ । ହତ—9. Killed ( M W. )
୧୦ । ଅତ୍ୟାଚାରିତ—10. Oppressed.

**ଉପହତକ**—ସଂ. ବିଣ ପୁଂ. ( ଉପହତ+କ )—
Upahataka ହତଭାଗ୍ୟ; ମନ୍ଦଭାଗ୍ୟ—
Ill-fated; unlucky.

**ଉପହସନୀୟ**—ସଂ. ବିଣ. (ଉପ+ହସ ଧାତୁ=ହସିବା+କର୍ମ. ଅନୀୟ)—
Upahasanīya ୧ । ଥଟ୍ଟା କରାଯିବାର ଯୋଗ୍ୟ—
1. Laughable.
୨ । ଉପହାସ ଯୋଗ୍ୟ—2. Ridiculous.

**ଉପହସିତ**—ସଂ. ବିଣ. ( ଉପ+ହସ ଧାତୁ=ହସିବା+କର୍ମ. ତ )—
Upahasita ୧ । ଥଟ୍ଟା କରା ଯାଇଥିବା; ଘୃଣିତ—
1. Sneered at; laughed at; derided.
୨ । ( +କର୍ତ୍ତୃ. ତ )—ଥଟ୍ଟା କରୁଥିବା—
2. Sneering; laughing.
ସଂ. ବି. ( +ଭାବ. ତ)—୧ । ଉପହାସ—
1. Derision; joke.
୨ । ହାସ୍ୟ—2. Laughter.
୩ । ଶିରଃ କମ୍ପନ ସହିତ ହସ—
3. Laughter accompanied by shaking the head ( M. W. )

**ଉପହସ୍ତିକା**—ସଂ. ବି ସ୍ତ୍ରୀ. ( ଉପ=ନିକଟ+ହସ୍ତ=ହାତ+ଇକ+
Upahastikā ସ୍ତ୍ରୀ. ଆ; ଯାହା ହାତ ପାଖରେ ଥାଏ )—
୧ । ପାନବଟା; ପାନଡବା—1 Betel-pot.
୨ । ତାମ୍ବୁଲାଧାର—2. Betel-case.

**ଉପହାର**—ସଂ. ବି. ( ଉପ=ନିକଟକୁ+ହୃ ଧାତୁ=ନେବା+
Upahāra ଭାବ. ଅ )—
( ଉପହୃତ—ବିଣ ) ୧ । ଉପଢୌକନ; ଭେଟି—
1. Presenting of a gift.
୨ । ସମର୍ପଣ—2. Act of offering.
୩ । (+କର୍ମ.ଅ)—ଉପାୟନୀକୃତ ବସ୍ତୁ; ଉପଢୌକନ ଦ୍ରବ୍ୟ—
3. An offering; presented article.
୪ । ( ବହୁବ୍ରୀହି )—ହାରର ସମୀପସ୍ଥ ଲମ୍ବିତ ଶୋଭନ ଦ୍ରବ୍ୟ—4 A pendant hanging from a necklace.
୫ । ହାର ନିକଟରେ ପିନ୍ଧା ଯିବା ଗଳାର ଅଳଙ୍କାର; ଚିକ—
5 Necklet; an ornamental collar.
ସଂ. ଅ. ( ଅବ୍ୟୟୀଭାବ )—ହାର ସମୀପରେ—
Near a necklace.
ଦେ. ବି—ଭୋଜ୍ୟ ସାମଗ୍ରୀ—Victuals; eatables.
ଯୋଜନେ ତା ପୁରଦ୍ୱାର ସ୍ୱର୍ଗ ପ୍ରତି ଏ ଆକାର ତହିଁ ବହୁ ଉପହାରମାନ ବାଢ଼ିଲେ—ବୈଦେହୀଶବିଳାସ, ଚତୁର୍ଥସମାସ୍ୱନ ।

**ଉପହାସ**—ସଂ. ବି. ( ଉପ=ଘୃଣା; ଗ୍ଳାନତା+ହସ ଧାତୁ=ଘୃଣା କରିବା+ଭାବ. ଅ )—
Upahāsa
( ଉପହସିତ—ବିଣ ) ୧ । ପରିହାସ; ଥଟ୍ଟା—
1 Joke; mockery; jest.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'ଭୂଷ' ନ ମିଳିଲେ 'ଭୂଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ ।

୨ । ଈଷଦ୍ଧାସ; ଅଳ୍ପହାସ — 2. Smile.

୩ । ଘୃଣାଯୁକ୍ତ ହାସ୍ୟ—3 Derisive laughter.

୪ । ବିଦ୍ରୂପ—4. Ridicule.

[ ଦ୍ର—ଉପହାସ ଓ ପରିହାସ ମଧ୍ୟରେ ପ୍ରଭେଦ ଏହି ଯେ, ଯେଉଁ ହାସ ବାଧେ ତାହା ଉପହାସ, ମାତ୍ର ପରିହାସ ଥଟ୍ଟା ଲାଗେ; ବାଧେ ନାହିଁ । ]

**ଉପହାସାସ୍ପଦ**—ସଂ. ବି. ( ୬ଷ୍ଠୀ ତତ୍; ଉପହାସ + ଆସ୍ପଦ = ସ୍ଥାନ )—
Upahāsāspada ଯାହାକୁ ଉପହାସ କରାଯାଏ—The butt of ridicule; laughing stock.

ସଂ. ବିଣ— ଉପହାସର ଯୋଗ୍ୟ;ଉପହସନୀୟ — Ridiculous.

**ଉପହାସ୍ୟ**—ସଂ. ବିଣ. ( ଉପ + ହସ ଧାତୁ = ହସିବା + କର୍ମ. ଯ )—
Upahāsya ଉପହାସର ଯୋଗ୍ୟ; ଉପହାସାସ୍ପଦ—
Ridiculous; laughable.

ଦେ. ବି. ( ସଂ. ଉପହାସ )— ଉପହାସ— Ridicule.

ଉପହାସ୍ୟ ପାଇ ଲୋକରେ ଜୀଇଁବାର,
ପ୍ରଭବ ଭଲ କଥା ଯୁଦ୍ଧେ ମରିବାର—କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

**ଉପହାସ୍ୟତା**— ସଂ. ବି. ( ଉପହାସ୍ୟ+ଭାବ. ତା )—
.Upahāsyatā ଉପହସିତ ହେବାର ଅବସ୍ଥା—
Ridiculousness.

**ଉପହିତ**—ସଂ. ବିଣ. ( ଉପ=ନିକଟରେ+ଧା ଧାତୁ=ଧାରଣ କରିବା + କର୍ମ. ତ )—
Upahita

୧ । ଅର୍ପିତ—1. Deposited; offered.

୨ । ବିନ୍ୟସ୍ତ — 2. Laid on; arranged.

୩ । ଦତ୍ତ—3. Given; presented.

୪ । ଗୃହୀତ —4. Taken.

୫ । ଆରୋପିତ—5. Transferred to;placed on; set.

**ଉପହୃତ**— ସଂ. ବିଣ. ( ଉପ=ନିକଟକୁ + ହୃ ଧାତୁ = ନେବା + କର୍ମ. ତ )—୧ । ଉପହାରରୂପେ ପ୍ରଦତ୍ତ; ଭେଟି ଦିଆ ଯାଇଥିବା—
Upahṛuta
1. Offered as present; presented.

୨ । ଆନୀତ—2. Brought.

୩ । ଆହୃତ; ସଂଗୃହୀତ—
3 Collected; compiled.

**ଉପହ୍ୱର**— ସଂ. ବି. ( ଉପ=ନିକଟ+ହ୍ୱୃ ଧାତୁ=କୁଟିଳ ହେବା+ ଅଧିକରଣ. ଅ )—
Upahwara

୧ । ନିର୍ଜନ ସ୍ଥାନ; ବିଜନ—
1. Solitude; wilderness.

୨ । ସମୀପ; ନିକଟ—2. Nearness; proximity.

୩ । ରଥ—2. Car.

୪ । ଯୁଦ୍ଧ—4. War.

**ଉପାଏ**—ଗ୍ରା. ବି. ( ସଂ. ଉପାୟ )—ଉପାୟ ( ଦେଖ )
Upāe Upāya ( See )

ମଣି ମନ୍ତ୍ର ମହୌଷଧ ଉପାଏ କଲେ—ଉପେନ୍ଦ୍ର, ରସପଞ୍ଚକ ।

**ଉପାଂଶୁ**—ସଂ. ବି. ( ଉପ + ଅଂଶୁ = କିରଣ )—ଅନ୍ୟ ଲୋକ ଶୁଣି ନ ପାରିବା ଭଳି ଜପବିଶେଷ; ଭୁଣ ହୋଇ ମାଳ ଜପିବା ବା ଧ୍ୟାନ କରିବା; ଗୁଣାଗୁଣି—Prayer repeated in a low voice; muttered prayer.
Upāṁśu

କ୍ରି. ବିଣ — ନିର୍ଜନରେ; ଗୋପନୀୟଭାବରେ — In secret,

**ଉପାଂଶୁବଧ** — ସଂ. ବି — ଉପାଂଶୁହତ୍ୟା (ଦେଖ)
Upāṁśubadha Upāṁśuhatyā (See).

**ଉପାଂଶୁହତ୍ୟା**—ସଂ. ବି. ( ଉପାଂଶୁ = ଗୋପନୀୟରୂପେ + ବଧ = ହତ୍ୟା)—ଗୁପ୍ତହତ୍ୟା; ଯାହାରର ଲୋକେ ଜାଣି ନ ପାରିବେ, ଏପରିଭାବରେ ହତ୍ୟା—
Upāṁśuhatyā
Assassination; secret murder.

**ଉପାକରଣ**—ସଂ. ବି (ଉପ = ନିକଟ + ଆ = ସମ୍ୟକ୍ + କୃ ଧାତୁ = କରିବା, ପାଠକରିବା, ବଧକରିବା + ଭାବ. ଅନ)—୧ । ସଂସ୍କାରପୂର୍ବକ ବେଦଗ୍ରହଣ—
Upākaraṇa
(ଉପାକୃତ — ବିଣ)
1. The act of being initiated into the Bedas after due rites.

୨ । ମନ୍ତ୍ରସଂସ୍କ ରପୂର୍ବକ ପଶୁହନନ; ଦେବତାଙ୍କ ଆଗେ ବୋଦା ପକାଇବା —2. Killing of a beast as sacrifice after due consecration.

୩ । ଆରମ୍ଭ—3. Beginning.

**ଉପାକୃତ**—ସଂ. ବିଣ. (ଉପ + ଆ + କୃ ଧାତୁ = ପାଠ କରିବା; ବଧ କରିବା + କର୍ମ. ତ)—୧ । ଦେବତାଙ୍କ ଉଦ୍ଦେଶ୍ୟରେ ହତ; ବୋଦା ବଧ ଯାଇ ଥିବା—
Upākṛuta
(ଉପାକରଣ — ବି)
1. Sacrificed to a Deity.

୨ । ବୋଦା ମରା ଯାଇଥିବା; ବଳିରୂପେ ଉତ୍ସୃଷ୍ଟ—
2. Offered or set apart for being killed in sacrifice.

୩ । ଉପଦ୍ରୁତ —3. Oppressed.

୪ । ଆରବ୍ଧ - 4. Begun.

ସଂ. ବି.—୧ । ବୋଦା—1. Victim

୨ । ଦେବତା ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ପଶୁ—
2. An animal dedicated as a victim.

୩ । ଅମଙ୍ଗଳ; ଉପଦ୍ରବ —3. Calamity.

**ଉପାକ୍ଷ** - ସଂ.ବି.(ଅବ୍ୟୟୀଭାବ ଉପ=ସଦୃଶ + ଅକ୍ଷି)—ପ୍ରତଚକ୍ଷୁ; ଚଷମା—
Upāksha Spactacles; eye-glasses.

**ଉପାଖ୍ୟାନ**—ସଂ. ବି. (ଉପ=କଳ୍ପିତ+ଆ+ଖ୍ୟା ଧାତୁ=କହିବା+ କର୍ମ. ଅନ)—୧ । ଗପ; କଳ୍ପିତ ବୃତ୍ତାନ୍ତ ସମ୍ବଳିତ ଗଦ୍ୟ ରଚନା—1. Story; tale; allegory.
Upākhyāna
(ଉପାଖ୍ୟାତ—ବିଣ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଈ | ର୍,ହ୍ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଜ୍ଞ | ତ୍ପ | ଡ଼ଥ | ଙ୍କ |
| ୨ | ଊ | ଭ୍ | ର୍ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ତ୍ଥ | ଝ | ନ୍ତ |

୨ । ଉପନ୍ୟାସ—2. Novel; fable; anecdote.

୩ । ଇତିବୃତ୍ତ—3. Narrative; history; episode.

୪ । (+ଭାବ. ଅନ)—ବିଶେଷ କଥନ—4. Narration; description.

**ଉପାଗତ**—ସଂ. ବିଣ. (ଉପ=ନିକଟକୁ+ଆ+ଗମ ଧାତୁ=ଯିବା+ କର୍ତ୍ତୃ. ତ)—୧ । ଉପସ୍ଥିତ—
Upāgata 1. Present; attending.

୨ । ଘଟିଥିବା—2. Occurred.

୩ । (+କର୍ମ.ତ)—ପ୍ରାପ୍ତ—3. Received; attained.

୪ । ଅନୁମୋଦିତ—4. Approved.

୫ । ସ୍ୱୀକୃତ—5. Agreed to.

୬ । ପ୍ରତିଶ୍ରୁତ; ଅଙ୍ଗୀକୃତ—6. Promised.

**ଉପାଗମ**—ସଂ. ବି. (ଉପ=ନିକଟକୁ+ଆ+ଗମ ଧାତୁ+ଭାବ. ଅ)—
Upāgama ୧ । ଉପସ୍ଥିତି—1. Presence; arrival.
(ଉପାଗତ—ବିଣ) ୨ । ପ୍ରାପ୍ତି—2 Attainment.

୩ । ଅନୁମୋଦନ—3. Approval.

୪ । ସ୍ୱୀକାର—4. Agreement; consent.

୫ । ପ୍ରତିଶ୍ରୁତି; ଅଙ୍ଗୀକାର—4. Promise.

**ଉପାଙ୍ଗ**—ସଂ. ବି. (ଉପ+ଅଙ୍ଗ)—୧ । ଅପ୍ରଧାନ ବା ନିକୃଷ୍ଟ ଅଂଶ—
Upāṅga 1. Secondary part

୨ । ପ୍ରଧାନ ବିଷୟର ଉପଯୋଗୀ ଅଂଶ—
2. A subordinate part; supplementary part.

୩ । କ୍ଷୁଦ୍ର ବିଭାଗ ବା ଅଂଶ—
3. Small subdivision or part.

୪ । ଧର୍ମସମ୍ପ୍ରଦାୟର ଚିହ୍ନସ୍ୱରୂପ ଭିନ୍ନ ଭିନ୍ନ ଅଙ୍ଗରେ ଦିଆଯାଉଥିବା ତିଳକବିଶେଷ—4. Sectarian mark made with sandal-wood paste or white earth on different parts of the body (e.g. forehead, arm; neck.)

୫ । ବେଦର ଅଂଶବିଶେଷ—
5. A part of the Bedas.

ଅଙ୍ଗ ଉପାଙ୍ଗ ବେଦ ପଢ଼ି ।
ଗୁରୁ ସମୀପେ କର ଯୋଡ଼ି । ଜଗନ୍ନାଥ. ଭାଗବତ ।

୬ । ବାଦ୍ୟବିଶେଷ—6. A kind of musical instrument.

ଭେରୀ, ଶଙ୍ଖ, ଉପାଙ୍ଗ, କାହାଳ । ପ୍ରାଚୀ—ଉଦ୍ଧବସନ୍ଦେଶ ।

**ଉପାଚାର୍ଯ୍ୟ**—ସଂ. ବି. (ଉପ=ଅଧସ୍ତନ; ସହାୟକ+ଆଚାର୍ଯ୍ୟ=ଗୁରୁ)—
Upāchārjya ୧ । ସହକାରୀ ମନ୍ତ୍ରୀ—1. Assistant minister.

୨ । ସହକାରୀ ଶିକ୍ଷକ—2. Assistant teacher.

୩ । ଦୀକ୍ଷାଗୁରୁଙ୍କ ସହକାରୀ—3. Assistant to a spiritual guide.

**ଉପାଜେ**—ସଂ. ଅ. (ଉପ+ଅଜ୍ ଧାତୁ=ଗମନ କରିବା+ଭାବ. ଏ)—
Upāje ଦୁର୍ବଳର ବଳାଧାନ—Conservation of strength

**ଉପାଡ଼**—ଦେ. ବି. (ସଂ: ଉତ୍ପାଟନ)—ଉତ୍ପାଟନ; ଉନ୍ମୂଳନ—
Upārda Uprooting; eradication,
ডান
उखड़ना

**ଉପାଡ଼ା**—ଦେ. ବି.—ଏକ ପ୍ରକାର ଦକ୍ଷିଣୀ ଲୁଗା ଯୋଡ଼ର ବା ଯୋଡ଼—
Upārdā A pair of certain kind of cloth (woven in the Deccan)

**ଉପାଡ଼ିବା**—ଦେ. କ୍ରି. (ସଂ. ଉତ୍ପାଟନ)—୧ । ଉତ୍ପାଟନ କରିବା—
Upārdibā 1. To uproot.
উপড়ান
उकाटना
उगाटना
उखाड़ना

ସନ୍ତୋଷେ ଶୁକ୍ଳ କୃଷ୍ଣ କେଶ । କଲ ଉପାଡ଼ି ହୃଷୀକେଶ ।
ଜଗନ୍ନାଥ. ଭାଗବତ ।

୨ । ସମୂଳେ ବିନାଶ କରିବା; ମୂଳରୁ ମାରିବା—
2. To eradicate.

ଯାହା ଅନୁକୂଳ ମୂଳ ଦେ ଉପାଡ଼ି । ବିଦଗ୍ଧଚିନ୍ତାମଣି—ଭକ୍ତିବିଜୟ.ଯ ଗୀତ ।

୩ । ଘସାଘସି କରି ଅଙ୍ଗରୁ ହଳଦୀ ଆଦି ଅଙ୍ଗରାଗ ଛଡ଼ାଇବା—
3. To rub off a paste (e, g. turmeric paste, sandal anointed on the body.)

**ଉପାଡ଼ି ହେବା**—ଦେ. କ୍ରି—(ସଂ. ଉତ୍ପାଟନ)—୧ । ନିଜ ଦେହରୁ
Upārdi hebā ହଳଦୀଆଦି ଘଷି କରି ଛଡ଼ାଇବା—1. To rub off the paste (e g sandal, turmeric) from one's own body.

୨ । ଉତ୍ପାଟିତ ହେବା, ଉପୁଡ଼ିବା—2. To be uprooted, (ଯଥା—ବହୁତ ବଳ ପ୍ରୟୋଗ କଲି, ତଥାପି ଏ ଗଛଟି ଉପାଡ଼ି ହେଲାନାହିଁ ।)

**ଉପାତ୍ତ**—ସଂ. ବିଣ (ଉପ=ନିକଟ+ଆ=ସମନ୍ତାତ୍+ଦା ଧାତୁ=
Upātta ଦେବା+କର୍ମ. ତ)—୧ । ଗୃହୀତ—
1. Obtained; got.

୨ । ସ୍ୱୀକୃତ—2. Acknowledged.

୩ । ପ୍ରାପ୍ତ—3. Attained.

୪ । ଅର୍ଜ୍ଜିତ—4. Acquired; earned.

ସଂ. ବି—ମଦଶୂନ୍ୟ ହସ୍ତୀ—A male elephant who is not in rut.

**ଉପାତ୍ତବିଦ୍ୟ**—ସଂ. ବିଣ. ପୁଂ (ବହୁବ୍ରୀହି; ଉପାତ୍ତ ବା ଅର୍ଜିତ ହୋଇ-
Upāttabidya ଅଛି ବିଦ୍ୟା ଯାହାଦ୍ୱାରା)—୧ । ଯେ ବିଦ୍ୟା
(ଉପାତ୍ତବିଦ୍ୟା—ସ୍ତ୍ରୀ) ଅର୍ଜନ କରିଅଛି—1. Having acquired learning

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ସଂଖ୍ୟାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୁଥ' ନ ମିଳିଲେ 'ବଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । ଲୁଚକଦ୍ୟ—2. Learned.

**ଉପାତ୍ୟୟ**—ସଂ. ବି ( ଉପ+ଅତି+ଇ ଧାତୁ=ଯିବା+ଭାବ. ଅ )—
Upātyaya ୧ । ବିନାଶ; ନାଶ—1. Destruction.
୨ । ଅଭ୍ୟୁଦ୍ଧକ୍ରମ; ଉଲ୍ଲଂଘନ—2. Overstepping the limits or customs; acting against usage; infringement of customary rules.

**ଉପାଦ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ. ( ଗାଳି ) ( ସଂ. ଉତ୍ପାତ )—
Upāda ୧ । ବେହିଆ; ଗେହ୍ଲା—1. Spoiled; excessively fondled ( child ).
୨ । ଉତ୍ପାତକାରୀ; ଦୁଷ୍ଟ—2. Wicked.

**ଉପାଦାନ**—ସଂ. ବି ( ଉପ=ନିକଟ+ଆ=ସମ୍ୟକ୍+ଦା ଧାତୁ+ଭାବ. ଅନ )
Upādāna ୧ । କୌଣସି ଦ୍ରବ୍ୟର ମୂଳ ସାମଗ୍ରୀ ବା
(ଉପାଦେୟ—ବିଣ) ସରଞ୍ଜାମ—1. Ingredient; component part
୨ । ଉପକରଣ; ଯେଉଁ ଯେଉଁ ପଦାର୍ଥ ମିଳିତ ହେଲେ ଅନ୍ୟ ବସ୍ତୁ ଉତ୍ପନ୍ନ ହୁଏ—2. The elements of a substance; material; basic material.
୩ । ପ୍ରଧାନ କାରଣ—3. Material cause.
୪ । ସମବାୟୀକରଣ; ଏକତ୍ରୀକରଣ—
4. Collection; compilation,
୫ । ଆଦାନ, ଗ୍ରହଣ—
5. Receiving; taking; acceptance,
୬ । ସ୍ୱ ସ୍ୱ ବିଷୟରୁ ଇନ୍ଦ୍ରିୟମାନଙ୍କର ଆକର୍ଷଣ ବା ପ୍ରତ୍ୟାହାର—
6. Abstraction or withdrawal of the senses from their respective objects.

**ଉପାଦିଆ**—ଗ୍ରା. ବିଣ - ଉପାଦ ( ଦେଖ )
Upādiā Upāda ( See )

**ଉପାଦିବା**—ଗ୍ରା. କ୍ରି ( ସଂ. ଉପାଦାନ )—ସଂଗ୍ରହ କରିବା; ସଞ୍ଚୟ କରିବା;
Upādibā ସାଇତିବା—To gather; to store up.

**ଉପାଦେୟ**—ସଂ. ବିଣ ( ଉପ+ଆ+ଦା ଧାତୁ=ଦେବା+କର୍ମ.ଯ)—
Upādeya ୧ । ଗ୍ରାହ୍ୟ—1. Acceptable; admissible.
(ଉପାଦାନ—ବି) ୨ । ମନୋହର; ରମଣୀୟ; ତୃପ୍ତିକର୍ଷକ—
2. Enjoyable; pleasant; sweet; delicious.
୩ । ଉତ୍କୃଷ୍ଟ; ଉତ୍ତମ—3. Excellent; dainty.
୪ । କରଣୀୟ (କର୍ମ)—4. Fit to be done.
୫ । ଯୁକ୍ତିଯୁକ୍ତ; ଯୌକ୍ତିକ—5. Reasonable.

**ଉପାଦେୟତା**—ସଂ. ବି ( ଉପାଦେୟ=ରମଣୀୟ+ଭାବ. ତା )—
Upādeyatā ୧ । ମିଷ୍ଟତା; ରମଣୀୟତା; ମନୋହାରିତ୍ୱ—
1. Sweetness; daintiness.
୨ । ଗ୍ରାହ୍ୟତା; ଯୌକ୍ତିକତା—
2. Admissibility.
୩ । ଉତ୍କୃଷ୍ଟତା—3. Excellence.

**ଉପାଧାନ**—ସଂ. ବି (ଉପ=ଉପରେ+ଆ+ଧା ଧାତୁ=ସ୍ଥାପନ କରିବା
Upādhāna +ଅଧିକରଣ. ଅନ; ଯାହା ଉପରେ ମସ୍ତକ ରଖାଯାଏ)—୧ । ତକିଆ; ମାଣ୍ଡି; ଅପସର—
1. Bolster; pillow.
୨ । ଗଦି—2. Cushion.
୩ । (+ଭାବ. ଅନ)—ବିଧାନ—3. Rule.

**ଉପାଧି**—ସଂ. ବି (ଉପ+ଆ+ଧା ଧାତୁ=ଚିନ୍ତା କରିବା+ଭାବ. ଇ)—
Upādhi ୧ । ଧର୍ମଚିନ୍ତା—1 Religious thoughts; meditation.
୨ । (+କର୍ମ. ଇ)—ସମୃଦ୍ଧି—2. Affluence.
୩ । (+ଅଧିକରଣ. ଇ)—ଆଧାର—
3. Receptacle.
୪ । (+କରଣ. ଇ)—କାରଣ—4. Cause.
୫ । ଛଳ—5. Pretence.
୬ । ଭେଦକର୍ମ—6. Distinguishing act.
୭ । ଉପନାମ; ନାମ ପରେ ଯୋଗ ହେବା ଜାତି, ବିଦ୍ୟା, ଓ ବଂଶାଦି ପରିଚାୟକ ଶବ୍ଦ; ସଂଜ୍ଞା—
7. Surname; epithet; title of distinction.
( ଯଥା—ଶର୍ମା, କାବ୍ୟତୀର୍ଥ ଏମ୍. ଏ, ମିଶ୍ର ପ୍ରଭୃତି )
୮ । ଭେଦାର୍ଥକ ଗୁଣ—8. Attribute distinguishing property or quality.
୯ । ( ନ୍ୟାୟ ) ସାଧ୍ୟବ୍ୟାପକ ଓ ସାଧନାବ୍ୟାପକ ଧର୍ମ—
9. (Logic) The attribute of a thing; the peculiar quality of a thing; denotation of a thing.
ଦେ. ବି—ଆଶ୍ୱିନମାସ ଦେବୀ ପୂଜାରେ 'ଉପଳ' ବାଡ଼ିରେ ଦେବୀ ମନ୍ଦିରକୁ ପଠାଯିବା ସିଝା ଭୋଗ—
Cooked offering sent from the houses of the villagers to the temple of the village Goddess during Durgā Pūjā.

**ଉପାଧିଆ**—ଗ୍ରା. ବି ( ସଂ. ଉପାଧ୍ୟାୟ )—୧ । ଶିକ୍ଷକ—1. Teacher.
Upādhiā ୨ । ଅଥର୍ବବେଦୀ ବ୍ରାହ୍ମଣଙ୍କ ଉପାଧିବିଶେଷ—
উপাধ্যা 2. A title of Atharbabedī
पाधा; ओझा Brāhmanas.

**ଉପାଧିକ**—ସଂ. ବିଣ. ପୁଂ ( ଉପାଧି+ଅସ୍ତି ଅର୍ଥରେ. କ )—
Upādhika ୧ । ଉପାଧିଥିବା—1. Titled.
(ଉପାଧିକା—ସ୍ତ୍ରୀ) ୨ । ସ୍ୱକର୍ମ ରୂପାଦିଠାରୁ ଭିନ୍ନ; ଅର୍ପିତ—
2. Assigned.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଯ | ଢ଼ଅ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ, | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ତ |

୩ । ଉପାଦେୟ ( ଦେଖ )
3 Upādeya ( See )

ଉପାଧିଧାରୀ—ସଂ. ବଣ. ପୁଂ—ଯେ ଉପାଧି ଲାଭ କରିଥାଏ—
Upādhidhārī Titled; holding a title or degree.
(ଉପାଧିଧାରିଣୀ—ସ୍ତ୍ରୀ)

ଉପାଧିପତ୍ର—ସଂ. ବି. (ମଧ୍ୟପଦଲୋପୀ; ଉପାଧିର ନିଦର୍ଶନରୂପକ ପତ୍ର)—
Upādhipatra ୧ । ସାର୍ଟିଫିକେଟ—1. Certificate conferring a title or degree.
୨ । ସନନ୍ଦ; ଉପାଧି ପାଇବାର ନିଦର୍ଶନ; ଯୋଗ୍ୟତା ନିଦର୍ଶକ ପ୍ରଶଂସା ପତ୍ର—2. Diploma; sanad.

ଉପାଧିଭୋଗ—ଦେ. ବି—ଦେବାଳୟରେ ଦୈନିକ ନିର୍ଦ୍ଧାରିତ ଭୋଗ
Upādhibhoga ଅପେକ୍ଷା ଅତିରିକ୍ତ ଭୋଗ—
Additional offering to a Deity; extra or special offering to a Deity.

ଉପାଧ୍ୟା—ଗ୍ରା. ବି (ସଂ. ଉପାଧ୍ୟାୟ)—ଉପାଧ୍ୟାୟ ( ଦେଖ )
Upādhyā Upādhyāya ( See )

ଉପାଧ୍ୟାୟ—ସଂ. ବି. ପୁଂ (ଉପ=ସମୀପ+ଅଧି+ଇ ଧାତୁ=ପଢ଼ିବା+
Upādhyāya ଅପାଦାନ. ଅ )—
୧ । ମନ୍ତ୍ରଗୁରୁ; ବେଦାଧ୍ୟାପକ—
1. Spiritual preceptor.
୨ । ଅଧ୍ୟାପକ; ଆଚାର୍ଯ୍ୟ; ଶିକ୍ଷକ—
2. Teacher; professor
[ ଦ୍ର—ଯେ ବେଦର ଏକାଂଶକୁ ଶିକ୍ଷା ଦିଅନ୍ତି ତାଙ୍କୁ 'ଉପାଧ୍ୟାୟ' ବୋଲାଯାଏ । ]
୩ । ଗୁରୁ; ଅବଧାନ—3. Instructor; pedagogue
୪ । ସଙ୍ଗୀତାଚାର୍ଯ୍ୟ; ଯେ ସଙ୍ଗୀତବିଦ୍ୟାରେ ସୁନିପୁଣତା ଲାଭକରି ଶିକ୍ଷା ଦେଇପାରନ୍ତି—4. Music master.
ଦେ. ବି—ବ୍ରାହ୍ମଣମାନଙ୍କର ବଂଶୋପାଧି—
A family title of Brāhmaṇas.
[ଦ୍ର—ବଙ୍ଗଦେଶରେ ବ୍ରାହ୍ମଣମାନଙ୍କର ସାଧାରଣ ବଂଶୋପାଧି ପୂର୍ବରେ ବନ୍ଦ, ମୁଖ, ଚଟ୍ଟ ଇତ୍ୟାଦି ଲାଗେ । ଯଥା—
ବନ୍ଦୋପାଧ୍ୟାୟ ( ବାନର୍ଜ୍ଜୀ )
ମୁଖୋପାଧ୍ୟାୟ ( ମୁଖର୍ଜ୍ଜୀ )
ଚଟ୍ଟୋପାଧ୍ୟାୟ ( ଚାଟର୍ଜ୍ଜୀ )
କିନ୍ତୁ ଉତ୍କଳର ଅଥର୍ବବେଦୀ ବ୍ରାହ୍ମଣମାନେ ଉପାଧ୍ୟାୟ ଉପାଧି ଧାରଣ କରନ୍ତି । ]

ଉପାଧ୍ୟାୟା—ସ.ବି. ସ୍ତ୍ରୀ (ଉପାଧ୍ୟାୟ+ସ୍ତ୍ରୀ.ଆ)—ଶିକ୍ଷୟିତ୍ରୀ; ଯେଉଁ ସ୍ତ୍ରୀ ସ୍ୱୟଂ
Upādhyāyā ଶିକ୍ଷା ଦିଅନ୍ତି—A lady teacher; a female teacher.

ଉପାଧ୍ୟାୟାନୀ—ସ. ବି. ସ୍ତ୍ରୀ ( ଉପାଧ୍ୟାୟ+ସ୍ତ୍ରୀ. ଆନୀ )—ଗୁରୁପତ୍ନୀ;
Upādhyāyānī ଅଧ୍ୟାପକଙ୍କ ଭାର୍ଯ୍ୟା—Spiritual preceptor's wife, wife of a professor.
[ଦ୍ର—ଉପାଧ୍ୟାୟଙ୍କ ସ୍ତ୍ରୀ ଉପାଧ୍ୟାୟାନୀ ଓ ସ୍ତ୍ରୀ-ଶିକ୍ଷୟିତ୍ରୀ ଉପାଧ୍ୟାୟା ଅଟନ୍ତି । ]

ଉପାଧ୍ୟାୟୀ—ସଂ. ବି. ସ୍ତ୍ରୀ. (ଉପାଧ୍ୟାୟ+ସ୍ତ୍ରୀ ଈ )—
Upādhyāyī ୧ । ଉପାଧ୍ୟାୟା ( ଦେଖ )—
1. Upādhyāyā (See)
୨ । ଉପାଧ୍ୟାୟାନୀ—2. Upādhyāyānī (See)

ଉପାନତ୍—ସଂ. ବି ( ଉପ+ଆ+ନହ୍ ଧାତୁ=ବାନ୍ଧିବା+କରଣ
Upānat କ୍ୱିପ୍; ଉପ ନହ୍ ଶବ୍ଦ ୧ମା. ୧ବ. )—
୧ । କଠଉ—1. Wooden sandals.
୨ । ଚର୍ମପାଦୁକା; ଜୋତା—2. Shoes.
୩ । ବୁଟ୍ ଜୋତା—3. Boots
୪ । ଚଟି ଜୋତା—4. Slippers.
[ ଦ୍ର—ଓଡ଼ିଆମାନେ ପୂର୍ବେ ଚଢ଼ଉ ଜୋତା ଓ ବୁଟ୍ ଜୋତା ବ୍ୟବହାର କରୁଥିବାର ଚିହ୍ନ ଭୁବନେଶ୍ୱର ଓ କୋଣାର୍କର ମନ୍ଦିର ଓ ଗିରିଗାତ୍ରସ୍ଥ ପ୍ରସ୍ତରମାନଙ୍କରେ ଖୋଦିତ ହୋଇଅଛି । ]

ଉପାନତ୍କାର—ସଂ. ବି ( ଉପାନତ୍+କୃ ଧାତୁ+କର୍ତ୍ତୃ. ଅ )—ମୋଚି;
Upānatkāra ଜୋତା ତିଆରିକରିବାଲା—Shoe-maker.

ଉପାନହ—ସଂ. ବି—ଉପାନତ୍ ( ଦେଖ )
Upānaha Upānat ( See )

ଉପାନ୍ତ—ସଂ. ବି. (ଉପ+ଅନ୍ତ)—
Upānta
୧ । ନୈକଟ୍ୟ—1. Vicinity.
୨ । ସୀମା—2. Border; boundary.
୩ । ଧାର—3. Edge.
୪ । ଶେଷ—4. End.
୫ । ଉପକଣ୍ଠ—5. Outskirts.
୬ । ଚକ୍ଷୁକୋଣ—6. Angle of the eye.
୭ । ଶେଷସୀମାର ପୂର୍ବବର୍ତ୍ତୀ ସ୍ଥାନ—7. Penultimate place.

ଉପାନ୍ତବର୍ଣ୍ଣ—ସଂ. ବି.—ଶବ୍ଦର ଶେଷ ଅକ୍ଷରର ପୂର୍ବବର୍ତ୍ତୀ ବର୍ଣ୍ଣ—
Upāntabarṇṇa The Penultimate letter of a word last but one letter.

ଉପାନ୍ତ୍ୟ—ସ. ବଣ (ଉପାନ୍ତ=ଶେଷର ପୂର୍ବ ସ୍ଥାନ+ଯ)—
Upāntya ୧ । ଉପାନ୍ତରେ ସ୍ଥିତ—1. Penultimate.
୨ । ଉପକଣ୍ଠସ୍ଥ—2. Situated on the outskirts.
୩ । ନିକଟସ୍ଥ—3. Adjoining; bordering on.

ଉପାନ୍ତ୍ୟବର୍ଣ୍ଣ—ସଂ. ବି—ଉପାନ୍ତବର୍ଣ୍ଣ (ଦେଖ)
Upāntyabarṇṇa Upāntabarṇṇa (See)

ଉପାପରାଧ—ସଂ. ବି (ଉପ+ଅପରାଧ)—ମିଥ୍ୟାସାକ୍ଷ୍ୟ, ପ୍ରତାରଣା, ହିଂସା
Upāparādha ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର ଅପରାଧ—Minor offences (e. g. perjury, cheating, malice).

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଷ' ନ ମିଳିଲେ 'ଭୁଷ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଆର୍ଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଉପାବର୍ତ୍ତନ**—ସଂ. ବି. ( ଉପ + ଆ + ବୃତ୍ ଧାତୁ = ଅସିବା + ଭାବ. ଅନ )—୧ । ପ୍ରତ୍ୟାବର୍ତ୍ତନ—
Upābarttana
( ଉପାବୃତ୍ତ—ବିଣ ) 1. Return.
୨ । କଡ଼ଲେଉଟା; ପାର୍ଶ୍ୱ ପରିବର୍ତ୍ତନ—
2. Turning of the sides; changing sides.
୩ । ଘୂର୍ଣ୍ଣନ—3. Whirling.
୪ । ଆଉଟିବା—4. Stirring.
୫ । ( ପଶୁମାନଙ୍କର ) ଶ୍ରମୋପଶମନାର୍ଥ ଭୂମିରେ ପୁନଃ ପୁନଃ ଗଡ଼ିବା—5. Rolling on the ground (said of beasts ) to remove fatigue.

**ଉପାବୃତ୍ତ**—ସଂ. ବିଣ. (ଉପ + ଆ + ବୃତ୍ ଧାତୁ = ଅସିବା + କର୍ତ୍ତୃ. ତ)—
Upābrutta ୧ । ଘୂର୍ଣ୍ଣିତ—
( ଉପାବର୍ତ୍ତନ — ବି ) 1. Turned round; whirled.
୨ । ଘୂର୍ଣ୍ଣାୟମାନ—
2. Whirling; revolving; reeling.
୩ । ଆଉଟା ହୋଇଥିବା—
3. Stirred over the fire ( liquid ).
୪ । ପ୍ରତ୍ୟାଗତ—4. Returned; rebounding.
୫ । ପ୍ରତିନିବୃତ୍ତ—
5. Redounding; withdrawing; desisting.
୬ । ସମ୍ପାଦିତ – 6 Accomplished.
୭ । ପାର୍ଶ୍ୱପରିବର୍ତ୍ତନ କରିଥିବା—
7. Turning on the sides.
୮ । ( ପଶୁଆଦି ) — ଶ୍ରମ ଶାନ୍ତି ନିମିତ୍ତ ପୁନଃ ପୁନଃ ଭୂମିରେ ଲୁଣ୍ଠିତ; ଅଲସ ଭାଙ୍ଗିବା ନିମନ୍ତେ ଭୂମିରେ ଗଡ଼େଇ-ଗଡ଼େଇ ହେଉଥିବା—
8. Rolling on the groud to remove fatigue ( said of beasts ).

**ଉପାମ**—ଗ୍ରା. ପଦ୍ୟ. ବି. (ସଂ. ଉପମା)—ଉପମା—
Upāma Comparison.

> ଏରୂପେ ଅଠ ଅଠ ନାମ, ସୁନ୍ଦରଙ୍କ ଶ୍ରୀଅଙ୍ଗ ଉପାମ ।
> ଯଶୋବନ୍ତ—ପ୍ରେମଭକ୍ତିବ୍ରହ୍ମଗୀତା ।

**ଉପାମା**—ଗ୍ରା. ବି. (ସଂ. ଉପମା)—ଉପାମ (ଦେଖ)
Upāmā Upāma (See)

**ଉପାମିବା**—ଗ୍ରା. ପ୍ରାଚୀନପଦ୍ୟ. କ୍ରି. (ସଂ. ଉପମା)—ଉପମା ଦେବା—
Upāmibā To compare.

> କୋଳେ ଅକଳୁଷ ଭଷା ଉପାମି ନ ପାର—ଶିଶୁଶଙ୍କର ଉଷାଅଭିଳାଷ ।

**ଉପାୟ**—ସଂ. ବି. (ଉପ + ଇ ଧାତୁ = ସମ୍ପାଦନ କରିବା + କରଣ. ଅ)—
Upāya ୧ । ଶତ୍ରୁ ରାଜାଙ୍କ ସଙ୍ଗେ ବ୍ୟବହାର ନିମନ୍ତେ ଉପଯୁକ୍ତ (ଅପାୟ—ବିପରୀତ) ବା ପ୍ରଯୁଜ୍ୟ ରାଜାମାନଙ୍କ କର୍ତ୍ତବ୍ୟବିଶେଷ (ଯଥା— ସାମ, ଦାନ, ଦଣ୍ଡ ଓ ଭେଦ) ।
1. Policy to be adopted by a king with respect to another state (e. g, conciliation, sending presents, chastisement or war and sowing dessension in the enemy's camp.)
୨ । ଅବଲମ୍ବନ — 2. Resource.
୩ । ଗତ୍ୟନ୍ତର – 3. Alternative.
୪ । ଜୀବନଧାରଣାର୍ଥ ଅର୍ଜନ; ଜୀବିକା—4. Livelihood; means of living; subsistence.
୫ । କାର୍ଯ୍ୟ ସାଧନର ଆନୁପୂର୍ବିକ ପ୍ରୟୋଗ; ସାଧନ—
5. Means, things that come ready.
୬ । ପ୍ରତିକାରର ପଥ —6 Contrivance.
୭ । ଧନ ଉପାର୍ଜନ—7. Acquisition of wealth; earning.
୮ । ଉପାଗମ ( ଦେଖ )
8. Upāgama ( See )
୯ । କୌଶଳ—9. Expedient; stratagem
୧୦ । ଆୟ—10. Income.
୧୧ । ପ୍ରତିକାର; ଔଷଧ —11. Remedy.
୨ । ଔଷଧପ୍ରୟୋଗ—
12. Administration of a remedy.
୧୩ । ତାନ୍ତ୍ରିକମନ୍ତ୍ରସମ୍ବାଦ ପ୍ରୟୋଗ—
13. Application of charms
ଦେ. ବି—ଉଦ୍ୟମ—Striving; exertion.

**ଉପାୟ କରିବା**—ଦେ. କ୍ରି —୧ । ପ୍ରତିକାର କରିବା—1. To use a remedy; to counteract.
Upāya karibā
୨ । ଅର୍ଜନ କରିବା—2. To earn.
୩ । ଉଦ୍ଦେଶ୍ୟସିଦ୍ଧି ଉଦ୍ଦେଶ୍ୟରେ କାର୍ଯ୍ୟସାଧନ କରିବା—
3. To use means to an end.
୪ । ଔଷଧ ବା ମନ୍ତ୍ରସମ୍ବାଦ ପ୍ରୟୋଗ କରିବା—
4. To employ charms or medicine.
୫ । ଉଦ୍ୟମ କରିବା—
5. To exert oneself; to strive.

**ଉପାୟକ୍ଷମ**—ସଂ. ବିଣ. ପୁଂ. ( ୭ମୀ ତତ୍; ଉପାୟ + କ୍ଷମ )—
Upāyakshama ୧ । ଅର୍ଜନକ୍ଷମ—
(ଉପାୟକ୍ଷମା – ସ୍ତ୍ରୀ) 1. Able to earn one's livelihood.
୨ । ପ୍ରତିକାର କରିବାରେ ତତ୍ପର—
2. Prompt in applying a remedy.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଈୟ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଓ | ଡ଼ |

**ଉପାୟଜ୍ଞ**—ସଂ. ବଣ. ପୁଂ. (ଉପାୟ + ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)—
Upāyajña ଯେ କାର୍ଯ୍ୟ ସାଧନାର୍ଥ ପ୍ରୟୋଜନୀୟ କୌଶଳ ଜାଣେ—
(ଉପାୟଜ୍ଞା—ସ୍ତ୍ରୀ) Fertile in expedients.

**ଉପାୟନ**—ସଂ. ବି. (ଉପ + ଅୟ ଧାତୁ=ଯିବା + କର୍ମ. ଅନ)—
Upāyana ୧ । ଭେଟି; ଉପହାର—1. Present made to a superior; offering.
୨ । ( + ଭାବ. ଅନ )—ସମୀପ ଗମନ—
2. Arrival,coming near;approaching.
୩ । ବ୍ରତାଦିର ପ୍ରତିଷ୍ଠାନ ବା ଆରମ୍ଭ—
3. Starting of a ceremonial or rite.

**ଉପାୟାନ୍ତର**—ସଂ. ବି. ( ଉପାୟ+ଅନ୍ତର )—ଅନ୍ୟ ଉପାୟ—
Upāyāntara Another resource or alternative

**ଉପାୟୀ**—ସଂ. ବଣ. (ଉପାୟ+ଅସ୍ତି ଅର୍ଥରେ; ଇନ୍; ୧ମା. ୧ବ. )—
Upāyi ୧ । କୌଶଳୀ—1. Skilful in expedients or
(ଉପାୟିନୀ—ସ୍ତ୍ରୀ) stratagems, resorting to stratagems
୨ । ଅର୍ଜ୍ଜନକାରୀ—2. Earning.
୩ । ମନ୍ତ୍ରତନ୍ତ୍ର ପ୍ରୟୋଗକାରୀ—3. Using charms.
୪ । ଉଦ୍ୟମୀ—
4. Exerting oneself; resourceful.

**ଉପାରଜନ**—ଗ୍ରା. ବି. ( ସଂ. ଉପାର୍ଜ୍ଜନ )—ଉପାର୍ଜ୍ଜନ ( ଦେଖ )
Upārajana Upārjana ( See )

**ଉପାରତ**—ସଂ. ବଣ. ( ଉପ+ଆ+ରମ ଧାତୁ=ଆରାମ କରିବା+
Upārata କର୍ତ୍ତୃ. ତ )—୧ । ନିବୃତ୍ତ; ବିରତ—
1. Stopped; ceased; desisted.
୨ । ପ୍ରତ୍ୟାବୃତ୍ତ—2. Returned.

**ଉପାରମ୍ଭ**—ସଂ. ବି. ( ଉପ + ଆରମ୍ଭ )—ପ୍ରାରମ୍ଭ—
Upārambha Beginning; commencement.

**ଉପାରୂଢ଼**—ସଂ. ବଣ. ( ଉପ + ଆରୂଢ଼ )—
Upārūrdha ୧ । ଆରୂଢ଼; ଉପରେ ଚଢ଼ିଥିବା—
1. Riding; ascending.
୨ । ପ୍ରାପ୍ତ—2. Acquired; got; obtained.

**ଉପାର୍ଜକ**—ସଂ. ବଣ. ପୁଂ. ( ଉପ+ଅର୍ଜ ଧାତୁ+କର୍ତ୍ତୃ. ଅକ )—
Upārjaka ୧ । ଅର୍ଜ୍ଜିବା ( ବ୍ୟକ୍ତି )—
(ଉପାର୍ଜ୍ଜିକା—ସ୍ତ୍ରୀ) 1. Acquiring; earning.
୨ । ଯେ ଆଣି ପହଞ୍ଚାଏ—2. Procuring.
୩ । ସଞ୍ଚୟକାରୀ—3. Accumulating; hoarding.

**ଉପାର୍ଜ୍ଜନ**—ସଂ. ବି. ( ଉପ + ଅର୍ଜ ଧାତୁ=ଅର୍ଜ୍ଜନ କରିବା+ଭାବ.
Upārjana ଅନ)—୧ । ଅର୍ଜ୍ଜନ—1. Earning.
(ଉପାର୍ଜ୍ଜିତ—ବଣ) ୨ । କୃଷି ବାଣିଜ୍ୟାଦି ଦ୍ୱାରା ଅର୍ଥଲାଭ—
2. Acquisition of wealth.
୩ । ଲାଭ—3. Gain.
୪ । ସଞ୍ଚୟ—4. Accumulation; storing up.

**ଉପାର୍ଜ୍ଜନକ୍ଷମ**—ସଂ. ବଣ. ପୁଂ. ( ୭ମୀ ତତ୍; ଉପାର୍ଜ୍ଜନ+କ୍ଷମ )—
Upārjanakshama ଯେ ଉପାର୍ଜ୍ଜନ କରିପାରେ—
(ଉପାର୍ଜ୍ଜନକ୍ଷମା—ସ୍ତ୍ରୀ) Able to earn.

**ଉପାର୍ଜ୍ଜିତ**—ସଂ. ବଣ. ( ଉପ+ଅର୍ଜ୍ଜିତ )—୧ । ପ୍ରାପ୍ତ; ଲବ୍ଧ—
Upārjita 1. Earned; acquired; obtained.
(ଉପାର୍ଜ୍ଜନ—ବି) ୨ । ସଞ୍ଚିତ—2. Accumulated; laid up; stored.

**ଉପାଲବ୍ଧ**—ସଂ. ବଣ. (ଉପ + ଆ+ଲଭ ଧାତୁ=ପାଇବା+ତ)—
Upālabdha ୧ । ତିରସ୍କୃତ; ଭର୍ତ୍ସିତ—
(ଉପାଲମ୍ଭ—ବି) 1. Rebuked;censured;reproached.
୨ । ପ୍ରାପ୍ତ—2. Got; received; obtained.

**ଉପାଲମ୍ଭ**—ସଂ. ବି. ( ଉପ + ଆ+ଲଭ ଧାତୁ=ନିନ୍ଦା କରିବା+
Upālambha ଭାବ. ଅ )—୧ । ତିରସ୍କାର; ଭର୍ତ୍ସନା;
(ଉପାଲବ୍ଧ—ବଣ) ସକ୍ରୋଧବାକ୍ୟ—1. Reviling; admonition; reproach; rebuke.
୨ । ପ୍ରାପ୍ତି—2. Receipt.
ଦେ. ବି—ପରିହାସ—Jest; sneer.

ଅନେକ କଲ ଉପାଲମ୍ଭ
ତୋହର ବଡ଼ ବଡ଼ ଦମ୍ଭ । ଜଗନ୍ନାଥ. ଭାଗବତ ।

**ଉପାଶ୍ରୟ**—ସଂ. ବି. ( ଉପ + ଆ+ଶ୍ରି ଧାତୁ=ସେବା କରିବା+କର୍ମ.
Upāśraya ଅ )—୧ । ଆଶ୍ରୟ ନେବାର ସ୍ଥାନ; ଆଶ୍ରୟସ୍ଥଳ;
(ଉପାଶ୍ରିତ—ବଣ) ଆଶ୍ରମ; ଯେଉଁ ସ୍ଥାନକୁ ଆଶ୍ରୟ କରାଯାଏ—
1. A resort; a shelter; an asylum; a place of refuge.
୨ । ଅବଲମ୍ବନ—2. A support or prop.
୩ । ଆଶ୍ରୟକର୍ତ୍ତା—3. One who takes shelter; protege.

**ଉପାସ**—ଦେ. ବି. ( ସଂ. ଉପବାସ )—
Upāsa ୧ । ବ୍ରତାନୁଷ୍ଠାନ କ୍ରମରେ ଉପବାସ—
উপোষ 1. Religious fasting.
**उपवास** ଅବର ବ୍ରତର ଉପାସେ । ପ୍ରାଚୀ—ନର୍ଗ୍ଗଣମାହାତ୍ମ୍ୟ ।
୨ । ଅନାହାର; ଅନଶନ—
2. Fasting; starvation.

କୁଟୁମ୍ବକୁ ଉପାସେ ରଖି ବ୍ରାହ୍ମଣଙ୍କୁ
ଅନ୍ନ ଅଗ ଦେବନ୍ତି ଜାଣ ଖାଇବାକୁ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

୩ । ଓଷା; ବ୍ରତାନୁଷ୍ଠାନ—
3. Religious observance.
ଦେ. ବଣ—ଉପୋଷିତ; ଉପବାସୀ—
Fasting; starving.

ସାଧାରଣ ଲୋକେ ଏପରି ସ୍ଥଳରେ ସ୍ଥଳେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ଷାଢ଼' ଖୋଜିବେ 'ଭୃଖ' ନ ମିଳିଲେ 'ଭୂଖ' ଦେଖିବେ 'କଧୁ' ନ ପାଇଲେ 'କଦ୍ଦୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଉପାସକ**—ସଂ ବଣ. ପୁଂ ( ଉପ—ନିକଟରେ + ଅସ ଧାତୁ=ବସିବା + କର୍ତ୍ତୃ. ଅକ )—
Upāsaka
(ଉପାସିକା—ସ୍ତ୍ରୀ) ୧ । ଆରାଧକ; ଉପାସନାକାରକ—
1. Worshipping.
୨ । ସେବକ—2. Attending.
୩ । ଅନୁସରଣିଆ—3. Supplicating.

**ଉପାସକରିବା**—ଦେ. କ୍ରି. ( ସଂ. ଉପବାସ )—
Upāsakariba ୧ । ବ୍ରତାନୁଷ୍ଠାନ କରିବା—
1. To observe a religious fast.
୨ । ଅନାହାରରେ ରହିବା—
2. To go without food.

**ଉପାସଙ୍ଗ**—ସଂ. ବି. ( ଉପ + ଆ + ସଞ୍ଜ ଧାତୁ = ଲାଗିବା + ଅଧିକରଣ. ଅ )—
Upāsanga
୧ । ବାଣଧାର; ତୂଣ; ତୂଣୀର—
1. Quiver; a case for keeping arrows.
୨ । ( + ଭାବ. ଅ )—ନୈକଟ୍ୟ—
2. Proximity; nearness.
୩ । ଆସକ୍ତି—3 Attachment.

**ଉପାସନ**—ସଂ. ବି. ( ଉପ—ନିକଟରେ + ଅସ ଧାତୁ=ବସିବା + ଭାବ. ଅନ )—
Upāsana
(ଉପାସିତ—ବଣ) ୧ । ସ୍ତବ—1. Prayer.
୨ । ସେବା; ଶୁଶ୍ରୂଷା—2. Service; attendance on a superior; tending.
୩ । ଆରାଧନା; ପୂଜା—3. Adoration; worship; religious service.
୪ । ଅନୁବୃତ୍ତି; ଉପକାର ପ୍ରତ୍ୟାଶାରେ ଅନ୍ୟର ଅନୁସରଣ—
4. Supplication in expectation of a favour; dancing attendance on a person for favour.
୫ । ( ଉପ=ଅଧିକ + ଅସ ଧାତୁ—କ୍ଷେପଣ କରିବା + ଭାବ. ଅନ )—ଶରକ୍ଷେପଶିକ୍ଷାର୍ଥ ଶରାଭ୍ୟାସ—
5. Practice at archery.
ଦେ. ବଣ—ଉପବାସ କରିଥିବା; ଅନାହାରରେ ରହିଥିବା—
Starving; going without food.
ଅଦେ ଏଏ ଅଦେ ତିଏ ଅଦେ ଉପାସନ । ପ୍ରାଚୀ, ଚୁକ୍ତକରୂପଣ ଗୀତା ।

**ଉପାସନା**—ସଂ. ବି. ( ଉପ + ଅସ ଧାତୁ + ଭାବ. ଅନ + ସ୍ତ୍ରୀ. ଆ)—
Upāsanā ଉପାସନ ( ଦେଖ )
Upāsana ( See ).

**ଉପାସନୀୟ**—ସଂ. ବଣ. ପୁଂ ( ଉପ—ନିକଟ + ଅସ ଧାତୁ—ବସିବା + କର୍ମ. ଅନୀୟ )—ଉପାସ୍ୟ ( ଦେଖ )
Upāsaniya
(ଉପାସନୀୟା—ସ୍ତ୍ରୀ) Upāsya ( See )

**ଉପାସନେୟ**—ସଂ. ବଣ. ( ଉପାସନା + କର୍ମ. ଏୟ )—
Upāsaneya ଉପାସନା ଦ୍ୱାରା ଲଭ୍ୟ—Attainable by special service or worship.

**ଉପାସ ରହିବା**—ଦେ. କ୍ରି—ଅନଶନ ଅତଏବ କରି ରହିବା—
Upāsa rahibā To starve; to go without food
উপোসথাকা; উপোসেথাকা
कड़का रहना

**ଉପାସିଆ**—ଗ୍ରା. ବଣ. ପୁଂ ( ସଂ. ଉପବାସୀ )—
Upāsiā ୧ । ଉପବାସୀ—1. Starving; fasting.
(ଉପାସୀ—ସ୍ତ୍ରୀ) ୨ । ନିରାହାର—2 Not yet fed; unfed.
উপোসে ୩ । ଅନାହାରୀ—3 Going without food
उपासा

**ଉପାସିତ**—ସଂ. ବଣ ( ଉପ + ଅସ ଧାତୁ=ବସିବା + କର୍ମ. ତ )—
Upāsita ୧ । ସେବିତ—1. Attended upon; served.
୨ । ଉପକାର ପ୍ରତ୍ୟାଶାରେ ଯଦ୍ୱାରା ଅନୁବୃତ୍ତି କରାଯାଇଅଛି—
2. Attended upon to grant some benefit.
ସଂ. ବି. (+ଭାବ. ତ)—ଉପାସନା ( ଦେଖ )
Upāsanā ( See )

**ଉପାସ୍ତି**—ସଂ. ବି. ( ଉପ + ଅସ ଧାତୁ + ଭାବ. ତି )—
Upāsti ଉପାସନ ( ଦେଖ )
Upāsana ( See )

**ଉପାସ୍ଥି**—ସଂ. ବି. ( ଉପ=ସମାନ + ଅସ୍ଥି )—ହାଡ଼ ଭଳି ଟାଣୁଆ ମାଂସ ଖଣ୍ଡ; ଅସ୍ଥିବତ୍ ପଦାର୍ଥ—
Upāsthi
Cartilage; gristle.

**ଉପାସ୍ୟ**—ସଂ. ବଣ. ପୁଂ ( ଉପ—ନିକଟ + ଅସ ଧାତୁ—ବସିବା + କର୍ମ. ଯ )—
Upāsya
(ଉପାସ୍ୟା—ସ୍ତ୍ରୀ) ଆରାଧ୍ୟ; ପୂଜ୍ୟ; ଉପାସିତ ହେବାର ଯୋଗ୍ୟ—
Adorable; deserving of service; fit for worship.

**ଉପାସ୍ୟଦେବତା**—ସଂ. ବି. ( କର୍ମଧା; ଉପାସ୍ୟା + ଦେବତା )—
Upāsyadebatā ୧ । କୌଣସି ବିଶେଷ ଅନୁଷ୍ଠାନରେ ଯେଉଁ ଦେବତାଙ୍କୁ ଉପାସନା କରିବା ଉଚିତ—
1. A Deity to be specially adored or invoked on certain occasions.
୨ । ଇଷ୍ଟଦେବତା—2. One's family Deity; presiding Deity.

**ଉପାସ୍ୟମାନ**—ସଂ. ବଣ. ( ଉପ + ଅସ ଧାତୁ—ବସିବା + କର୍ମ. ଆନ )—
Upāsymāna
(ଉପାସ୍ୟମାନା—ସ୍ତ୍ରୀ) ୧ । ଯାହାର ଉପାସନା କରାଯାଉଅଛି; ପୂଜ୍ୟମାନ; ସେବ୍ୟମାନ—1. Who is being worshipped

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇତ୍ୟ | ଇଅ | ଓ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ତଦ୍ବର୍ଗୀୟଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ଷ | ଙ୍ଘ | ଇଅ | ଔ | ନ୍ତ |

୨ । ଉପକାର ପ୍ରତ୍ୟାଶାରେ ଯାହାର ଅନୁବୃତ୍ତି କରାଯାଇ ଅଛି—2. Attended upon to grant some benefit.

ଉପାହିତ—ସଂ. ବଣ. ( ଉପ+ଆ+ଧା ଧାତୁ=ଆସିବା+କର୍ମ. ତ )—
Upāhita ୧ । ମିଳିତ—1. United.
୨ । ସଂଯୋଜିତ—2. Annexed; joined
୩ । ଅରୋପିତ—3. Set on; attributed
୪ । ନ୍ୟସ୍ତ—4. Deposited; laid.
ବ—ଉଲ୍କାପାତ, ଧୂମକେତୁଆଦି ଉପଦ୍ରବ—Natural calamity ( e,g comet, shooting star ) a fiery portent.

ଉପି—ଦେ. ବି—ରୁପି; ରୋଗ ହେତୁରୁ ମସ୍ତକରେ କେଶ ମୂଳରେ
Upi ଜାତ ହୋଇଥିବା ଶୁକ୍ଳବର୍ଣ୍ଣ ମଳ ଚମ—Scale;scaly
ଖୁଷ୍କି dead skin at the roots of the hair
खुरण्ट due to disease; scurf; dandruff

ଉପିବା—ଦେ. କ୍ରି. ( ସଂ. ଲିପ ଧାତୁ )—
Upibā ୧ । ମାଠିବା; ଚିକ୍କଣ କରିବା—1. To polish
ଉପି ଲେପି କୁଙ୍କୁମ ଚନ୍ଦନ ନେଇ କରେ,
ହେବ କି ଜୋଛ୍ନା ସମ ଏମନ୍ତ ଶଙ୍କ ରେ—ଉପେ. ଲାବଣ୍ୟବତୀ ।
୨ । ବୋଳିବା—2. To besmear; to apply.
ବଦ୍ରୁମ ଉପି ରଙ୍ଗାଇଲେ ପୁଣ, ଅରୁଣ କଲ କି ସିନ୍ଦୁର ସ୍ନାନ—
ଉପେ. ଲାବଣ୍ୟବତୀ ।

ଉପୁକାରିଆ—ଗ୍ରା. ବଣ—ଉପକାରୀ ( ଦେଖ )
Upukāriā Upakārī ( See )

ଉପୁକାରୀ—ଗ୍ରା. ବଣ— ଉପକାରୀ ( ଦେଖ )
Upukārī Upakārī ( See )

ଉପୁଚାଇବା—ଗ୍ରା. କ୍ରି—ଉପୁଚିବା ( ଦେଖ )
Upuchāibā Upuchibā ( See )

ଉପୁଚିଆଇବା—ଗ୍ରା· କ୍ରି—ଉପୁଚିବା ( ଦେଖ )
Upuchiāibā Upuchibā ( See )

ଉପୁଚିବା—ଗ୍ରା· କ୍ରି. ( ସଂ. ଉତ୍‌ପତନ )—୧ । ଉପରକୁ ଉଠିବା—
Upuchibā 1. To rise up to the surface.
୨ । ପ୍ରକାଶ ପାଇବା—2. To be manifest.
୩ । ( କୀଟାଦି ) ଜଳର ଉପରକୁ ଭାସି ଉଠିବା—
3. To float up ( said of maggots in liquids ).

ଉପୁଜାଇବା—ଦେ. କ୍ରି—ଉପୁଜିବାର ଣିଜନ୍ତରୂପ—
Upujāibā The causative form of Upujibā.

ଉପୁଜିବା—ଦେ. କ୍ରି. ( ସଂ. ଉପଜାତ )—୧ । ଜାତ ହେବା—
Upujibā 1. To accrue; to grow.
উপুজা ଶ୍ରବଣେ ଅକଳ ଉପୁଜେ ତତ୍ତ୍ୱେ—ମଧୁସୂଦନ. ଛନ୍ଦମାଳା ।
उपजना ୨ । ଘଟିବା—2. To happen.
୩ । ଆବିର୍ଭୂତ ହେବା—3. To appear.
ଶୁଷ୍କାସେ୍ୟ ଉପୁଜେ ହାସ୍ୟ ଯଦି କଦାଚିତେ—ରାଧାନାଥ· ମହାଯାତ୍ରା ।
୪ । ଉଭୁଜିବା ( ଦେଖ )
4. Ubhujibā ( See )
୫ । ଜନ୍ମିବା; ଭୂମିଷ୍ଠ ହେବା—5. To be born.
ଅବଶ୍ୟ ନରଦେବ ପୁତ୍ର ଉପୁଜିବ—ସାରଳା. ମହାଭାରତ ।

ଉପୁଟାଙ୍ଗର ହେବା—ଗ୍ରା. କ୍ରି—ଉପଟାଙ୍ଗର ହେବା ( ଦେଖ )
Upuṭāṅgara hebā Upaṭāṅgara hebā ( See )

ଉପୁଡଙ୍ଗର—ଗ୍ରା. ବଣ. ପୁଂ—ଉପଡଙ୍ଗର ( ଦେଖ )
Upuḍaṅgara Upaḍaṅgara ( See )
ଉପୁଡଙ୍ଗରୀ } ସ୍ତ୍ରୀ.
ଉପୁଡୁଙ୍ଗୁରୀ }

ଉପୁଡ଼ା—ଦେ. ବଣ—ଉପଡ଼ା ( ଦେଖ )
Upurḍā Uparḍā ( See )

ଉପୁଡ଼ାଇବା—ଦେ. କ୍ରି. (ଉପାଡ଼ିବା ଓ ଉପୁଡ଼ିବା କ୍ରିୟାର ଣିଜନ୍ତରୂପ)—
Upurḍāibā ୧ । ଅନ୍ୟଦ୍ୱାରା ଉତ୍ପାଟିତ କରାଇବା—
উপড়ান 1. To cause the uprooting by another.
उखड़ाना ୨ । ଉତ୍ପାଟନ କରିବା—
2. To uproot; to eradicate
ତେର ହେବାବେଳେ ମୋ ଭାଗ୍ୟଲକ୍ଷ୍ମୀ, ତଳ ଉପୁଡ଼ାଇ ଦେଲ କି ବୋଲି—
କବିସୂର୍ଯ୍ୟ, କବିତା ।

ଉପୁଡ଼ିବା—ଦେ. କ୍ରି. ( ସଂ. ଉତ୍ପାଟନ )—
Upurḍibā ୧ । ଉତ୍ପାଟିତ ହେବା—1. To be uprooted
উপড়া ଉପୁଡ଼ି ପଡ଼େ ଘର ବଇପୀ ଲାଗେ—ରାଧାନାଥ, ତୁଳସୀସ୍ତବକ।
उपरना; उखड़ना ୨ । ମୂଳରୁ ଉପୁଡ଼ିବା; ମୂଳଭ୍ରଷ୍ଟ ହେବା—
2. To be displaced; to fall down.
ଅତି ଉତ୍ସର୍ଗ ବେନି ବୃକ୍ଷେ, ଉପୁଡ଼ି ପଡ଼ିଲେ ପ୍ରତ୍ୟକ୍ଷେ ।
ଜଗନ୍ନାଥ· ଭାଗବତ ।

ଉପୁଡ଼େଇବା—ଦେ. କ୍ରି—ଉପୁଡ଼ାଇବା ( ଦେଖ )—
Upurḍeibā Upurḍāibā ( See )

ଉପୁରି ( ଇତ୍ୟାଦି )—ଗ୍ରା. ବଣ—ଉପରି ଇତ୍ୟାଦି ( ଦେଖ )
Upuri ( ete ) Upari etc. ( See )

ଉପୁରୁ—ଗ୍ରା. ଅ—ଉପରୁ—
Upuru From above.

ଉପେକ୍ଷକ—ସଂ. ବଣ. ପୁଂ. ( ଉପ+ଈକ୍ଷ୍ ଧାତୁ+କର୍ତ୍ତୃ. ଅକ )—
Upekshaka ଅନାଦରକାରୀ—Disregarding.
( ଉପେକ୍ଷିକା—ସ୍ତ୍ରୀ )

ଉପେକ୍ଷଣ—ସଂ. ବି. (ଉପ+ଈକ୍ଷ୍ ଧାତୁ=ତୁଚ୍ଛ କରିବା+ଭାବ. ଅନ)—
Upekshaṇa ୧ । ଔଦାସୀନ୍ୟ—1. Apathy.
୨ । ତ୍ୟାଗ—2. Abandonment.
୩ । ରାଜନୀତି ସମ୍ମତ ଉପାୟବିଶେଷ—
3. A political expedient.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ରୂଅ' ନ ମିଳିଲେ 'ରୁଅ' ଦେଖିବେ; 'ବନ୍ଧ୍ୟ' ନ ପାଇଲେ 'ବନ୍ଧ୍ୟ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

**ଉପେକ୍ଷଣୀୟ**—ସଂ. ବଣ. (ଉପ+ଈକ୍ଷ୍ ଧାତୁ=ଚିନ୍ତା କରିବା+କର୍ମ. Upekshaniya ଅନୀୟ)—ତ୍ୟାଜ୍ୟ— Fit to be abandoned.

**ଉପେକ୍ଷା**—ସଂ. ବି. (ଉପ+ଈକ୍ଷ୍ ଧାତୁ=ଦେଖିବା+ଭାବ. ଅ+ସ୍ତ୍ରୀ. Upekshā ଆ)—୧ । ଅବହେଳା—1. Negligence.
(ଅପେକ୍ଷା—ଅପଭ୍ରଂଶ) ୨ । ଅନାଦର; ଅବଜ୍ଞା—
(ଉପେକ୍ଷିତ—ବଣ) 2. Disrespect; disregard.
୩ । ଘୃଣା—3. Contempt.
୪ । ଔଦାସୀନ୍ୟ—4. Indifference; apathy.
୫ । ତ୍ୟାଗ—5. Abandonment.
୬ । ଅସ୍ୱୀକାର—6 Disagreement
୭ । ଧୈର୍ଯ୍ୟ—7. Patience.
ଗ୍ରା. ବି. (ସଂ. ଅପେକ୍ଷା)—୧ । ଅପେକ୍ଷା—1. Waiting.
୨ । ଆଶା—2. Expectation.
ଗ୍ରା. ଅ (ସଂ. ଅପେକ୍ଷା)—ଠାରୁ; ଅପେକ୍ଷା—Than.
(ଯଥା—ତୋ ଉପେକ୍ଷା ସେ ବେଶି ବୁଦ୍ଧିଆ)

**ଉପେକ୍ଷା କରିବା**—ଦେ. କ୍ରି.—୧ । ଅନାଦର କରିବା—
Upekshā karibā 1. To neglect
উপেক্ষাকরা ୨ । ନମାନିବା; ଗ୍ରାହ୍ୟ ନ କରିବା—
उपेक्षाकरना 2. To disregard.
୩ । ଅବଜ୍ଞା କରିବା—3. To show disrespect; to look down with contempt.
୪ । ତ୍ୟାଗ କରିବା—4. To abandon
୫ । ଅସ୍ୱୀକାର କରିବା—5. To disown.
ଗ୍ରା. କ୍ରି.—ଅପେକ୍ଷା କରିବା—To wait.

**ଉପେକ୍ଷିତ**—ସଂ. ବଣ. (ଉପ=ଘୃଣା ସହିତ+ଈକ୍ଷ ଧାତୁ=ଦେଖିବା+ Upekshita କର୍ମ. ତ)—୧ । ଅନାଦୃତ—
(ଉପେକ୍ଷା—ବି) 1. Disregarded; neglected.
୨ । ତ୍ୟକ୍ତ—2. Abandoned.
୩ । ଅବଜ୍ଞାତ; ଅସମ୍ମାନିତ— 3. Treated with contempt; slighted.
୪ । ଅସ୍ୱୀକୃତ—4. Disowned.

**ଉପେକ୍ଷିବା**—ଗ୍ରା. କ୍ରି.—ଉପେଖିବା (ଦେଖ)
Upekshiba Upekhibā (See)

**ଉପେଖିବା**—ଗ୍ରା. କ୍ରି. (ସଂ. ଉପେକ୍ଷା)—୧ । ବେଖାତିର କରିବା; Upekhibā ଅନାଦର କରିବା—1. To disregard; to neglect.
୨ । ତ୍ୟାଗ କରିବା—2. To abandon.
ଅସୁର ବୋଲି ଉପେଖିଲେ । ଜଗନ୍ନାଥ. ଭାଗବତ ।

୩ । ଅବଜ୍ଞା ବା ଅସମ୍ମାନ କରିବା—
3. To show disrespect; to slight.
୪ । ଅସ୍ୱୀକାର କରିବା—4. To disown; to disavow.
୫ । ମନରୁ ଛାଡ଼ିବା; ଦୂର କରିବା—5. To give up.
ସବୁ ଦୁଃଖଯାକ ଦେଇକୁ ଉପେଖି । କୃଷ୍ଣସିଂହ. ମହାଭାରତ. ବନ ।

**ଉପେତ**—ସଂ. ବଣ. (ଉପ=ନିକଟ+ଇ ଧାତୁ=ଆସିବା+କର୍ତ୍ତୃ ଓ କର୍ମ. Upeta ତ)—୧ । ନିକଟ; ସମୀପାଗତ—1 Approached.
୨ । ପ୍ରାପ୍ତ—2. Possessed of; attained.
୩ । ଗତ—3. Passed
୪ । ଯୁକ୍ତ—4. Connected with.

**ଉପେନ୍ଦ୍ର**—ସଂ. ବି. (ଉପ=ପଶ୍ଚାତ+ଇନ୍ଦ୍ର)—ବିଷ୍ଣୁ; ଇନ୍ଦ୍ରଙ୍କ କନିଷ୍ଠ Upendra ଭାଇ—A name of Bishnu.
ଦେ. ବି. ପୁଂ—ଲୋକମାନଙ୍କ ନାମ—A name given to males.

**ଉପେନ୍ଦ୍ରବଜ୍ରା**—ସଂ. ବି.—ସଂସ୍କୃତ ଛନ୍ଦୋବିଶେଷ—
Upendrabajrā A Sanskrit metre.

**ଉପେନ୍ଦ୍ରଭଞ୍ଜ**—ଦେ. ବି. (ନାମ)—ଓଡ଼ିଆ ସାହିତ୍ୟରାଜ୍ୟରେ ସର୍ବଶ୍ରେଷ୍ଠ Upendra Bhañja ପ୍ରାଚୀନ କବି—The Shakespeare of Orḍisā; the leading poet of the Orḍiā classics.

[ ଦ୍ର—ଏ ଉତ୍କଳର ପ୍ରାଚୀନ ସାହିତ୍ୟର କବି ସମ୍ରାଟ । ଏ ଘୁମସର ରାଜବଂଶରେ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପିତା ନୀଳକଣ୍ଠ ଭଞ୍ଜ ଦୁଇ ବର୍ଷ ମାତ୍ର ଘୁମୁସରର ରାଜସିଂହାସନ ଅଧିକାର କରି ଭାଇମାନଙ୍କଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇ ଶେଷ ଜୀବନ ନୂଆଗଡ଼ ରାଜ୍ୟରେ ଅତିବାହିତ କରିଥିଲେ । ଉପେନ୍ଦ୍ରଭଞ୍ଜଙ୍କ ବାଲ୍ୟକାଳ ନୂଆଗଡ଼ରେ କଟିଥିଲା । ସେ ନିଜେ ଲେଖିଅଛନ୍ତି ଯେ, ସେ ରାମତାରକମନ୍ତ୍ର ଜପ କରିବାରୁ କବିତ୍ୱ ଲାଭ କରି ପାରିଥିଲେ । ନୂଆଗଡ଼ ରାଜା ତାଙ୍କୁ 'ବୀରବର' ଉପାଧି ଦେଇଥିଲେ । କବି ବାଣପୁର ରାଜକନ୍ୟାଙ୍କୁ ବିବାହ କରିଥିଲେ । ସେ ପଚାଶବର୍ଷ ବୟସରେ ନିଃସନ୍ତାନ ଅବସ୍ଥାରେ ପ୍ରାଣତ୍ୟାଗ କଲେ । ସେ ପ୍ରାୟ ପଚାଶିଟି ପଦ୍ୟଗ୍ରନ୍ଥ ରଚନା କରିଯାଇଅଛନ୍ତି। ସେଥି ମଧ୍ୟରୁ କୋଡ଼ିଏଖଣ୍ଡି ମାତ୍ର ପ୍ରକାଶିତ ହୋଇଅଛି । ତାଙ୍କ ଲିଖିତ କାବ୍ୟମାନଙ୍କ ମଧ୍ୟରୁ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ବୈଦେହୀଶବିଳାସ ଉତ୍କଳରେ ସର୍ବତ୍ର ପ୍ରସିଦ୍ଧ । ଏହାଙ୍କର ସଂସ୍କୃତସାହିତ୍ୟରେ ବିଶେଷ ବ୍ୟୁତ୍ପତ୍ତି ଓ ଅଧିକାର ଥିଲା । ଏ ସଂସ୍କୃତ ସାହିତ୍ୟରେ ଅଳଙ୍କାର, ଛନ୍ଦ, ପଦବିନ୍ୟାସ ଓ ଛଟା ଏହାଙ୍କ କାବ୍ୟମାନଙ୍କ ମଧ୍ୟରେ ସର୍ବତ୍ର ଫୁଟାଇ ଅଛନ୍ତି । ତାଙ୍କର ଗ୍ରନ୍ଥମାନ ଆଦିରସାଶ୍ରିତ ଓ ଶବ୍ଦାଳଙ୍କାରପୂର୍ଣ୍ଣ ଥିବା ହେତୁରୁ କ୍ଲିଷ୍ଟ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇପୁ | ଉଅ | ଋ |
| ୨ | ଈ | ଊ | ଋୁ | ଌୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ |

ଏହାଙ୍କର ସର୍ବବୃହତ୍ ଗ୍ରନ୍ଥ ବୈଦେହୀଶବିଳାସର ପ୍ରତ୍ୟେକ ଧାଡ଼ି 'ବ' ଅକ୍ଷରରେ ଆରମ୍ଭ ହୋଇଅଛି । ଏ ବହୁ ଶତ ସଙ୍ଗୀତ ମଧ୍ୟ ରଚନା କରିଥିଲେ । ତାଙ୍କ ଲିଖିତ କେତେକ ପୁସ୍ତକ ମାନ୍ଦ୍ରାଜ ଓ ଅନ୍ଧ୍ର-ବିଶ୍ୱବିଦ୍ୟାଳୟରେ ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଅଛି । ତାହାଙ୍କର ପ୍ରକାଶିତ ପୁସ୍ତକମାନ ଯଥା— ବୈଦେହୀଶବିଳାସ, କୋଟି-ବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ପ୍ରେମସୁଧାନିଧି, ଅବନାରସତରଙ୍ଗ, ସୁବର୍ଣ୍ଣରେଖା, କଳାକଉତୁକ, ଗୀତାଭିଧାନ, ଛାନ୍ଦମଞ୍ଜରୀ, ବଜାର-ବୋଲି, ଚିତ୍ରକାବ୍ୟବନ୍ଧୋଦୟ, ରସିକହାରାବଳୀ, ଶବ୍ଦଭୂଷଣ, ରସଲେଖା, ରସପଞ୍ଚକ, ରାମଲୀଳାମୃତ, ଚୌପଦୀଚନ୍ଦ୍ର, ସୁଭଦ୍ରାପରିଣୟ, ଚିତ୍ରକାବ୍ୟ-ବନ୍ଧୋଦୟ, ଦଶପୋଇ ଓ ଯମକରାଜଚଉତିଶା । ]

ଉପେୟ—ସଂ. ବିଣ ( ଉପ=ନିକଟ+ଇ ଧାତୁ=ଯିବା+କର୍ମ. ଯ )—
Upeya ୧ । ପ୍ରାପ୍ୟ—1. Attainable; obtainable.
୨ । ଉପାୟସାଧ୍ୟ—2. Performable by employment of proper means.

ଉପୋଢ଼—ସଂ. ବିଣ. ପୁଂ ( ଉପ+ବହ ଧାତୁ+କର୍ମ ତ )—
Upordha ୧ । ବିବାହିତ; ପରିଣୀତ—1. Married.
(ଉପୋଢ଼ା—ସ୍ତ୍ରୀ) ୨ । ଶ୍ରେଣୀବଦ୍ଧ—2. Classified.
୩ । ( +କର୍ତ୍ତୃ. ତ ) ନିକଟସ୍ଥ—3. Adjacent
ସଂ. ବି ( +ଭାବ. ତ )—୧ । ସୈନ୍ୟବ୍ୟୂହ—
1. A phalanx.

ଉପୋଦକୀ—ସଂ. ବି. ସ୍ତ୍ରୀ ( ଉପ+ଉଦକ+ସ୍ତ୍ରୀ. ଈ )—
Upodakī ଉପୋଦିକା ( ଦେଖ )
Upodikā ( See )

ଉପୋଦିକା—ସଂ. ବି ସ୍ତ୍ରୀ ( ଉପ+ଉଦ+ଇକ+ସ୍ତ୍ରୀ. ଆ )—
Upodikā ପୋଇଶାଗ; ପୋଇଗଛ—A kind of Creeper used as a pot-herb; Basella

ଉପୋଦ୍ଘାତ—ସଂ. ବି ( ଉପ+ଉତ୍+ହନ୍ ଧାତୁ=ଆରମ୍ଭ କରିବା,
Upodghāta ବଧ କରିବା+ଭାବ. ଅ )—୧ । ଉପକ୍ରମ—
1. Commencement; introduction.
୨ । ଉଦାହରଣ—2 Example.
୩ । ଗ୍ରନ୍ଥସଙ୍କଳନବିଶେଷ; ଉପକ୍ରମଣିକା; ଗ୍ରନ୍ଥର ଅବତରଣିକା—3 Preface to a book.
୪ । ଆରମ୍ଭ—4. Beginning.
୫ । ସୂଚନା; ପ୍ରସ୍ତାବନା—5. Introduction to a literary work or speech; prologue.

ଉପୋଷ—ସଂ. ବି (ଉପ+ବସ୍ ଧାତୁ=ଉପବାସ କରିବା+ଭାବ. ଅ)—
Uposha ୧ । ଉପବାସ; ଉପାସ—
1. A religious fast.
୨ । ଅନାହାର—2. Fasting.

ଉପୋଷଣ—ସଂ. ବି ( ଉପ+ବସ ଧାତୁ=ଉପବାସ କରିବା+ଭାବ. ଅନ )—ଉପୋଷ (ଦେଖ)
Uposhaṇa Uposha (See)

ଉପୋଷିତ—ସଂ. ବିଣ ( ଉପ+ବସ୍ ଧାତୁ=ଉପବାସ କରିବା+କର୍ତ୍ତୃ. ତ)—୧ । ଅଭୁକ୍ତ; ଅନାହାରୀ—
Uposhita 1. Starving; unfed
୨ । ବ୍ରତରୂପେ ପାଳିତ—
2. Observed as a fast.
ସଂ. ବି. (+ଭାବ. ତ) - ଉପବାସ—Fast.

ଉପ୍ତ—ସଂ. ବିଣ (ବପ ଧାତୁ=ବୁଣିବା+କର୍ମ. ତ)—
Upta ୧ । ବୁଣା ଯାଇଥିବା; ଭୂତବପନ—1. Sown.
୨ । ବୁଣିଯାଇଥିବା; ନିକ୍ଷିପ୍ତ—2. Scattered.
୩ । ବିହନ ବୁଣା ହୋଇଥିବା (ବିଲ)—
3. (field) Sown with seeds

ଉପ୍ତି—ସଂ. ବି ( ବପ୍ ଧାତୁ=ବୁଣାଯିବା+ଭାବ. ତି )—
Upti ବୀଜବପନ; ବୁଣା—Sowing of seeds.

ଉପ୍ତିବିତ୍—ସଂ. ବିଣ ( ଉପ୍ତି=ବପନ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. କ୍ୱିପ୍ )—ଯେଉଁ ଚଷା ବୁଣିବା କୌଶଳ ଜାଣେ; କୃଷି
Uptibit କର୍ମରେ ଅଭିଜ୍ଞ—Expert in agriculture or husbandry.

ଉପ୍ରୋଧ—ଗ୍ରା. ପଦ୍ୟ. ବି (ସଂ—ଉପରୋଧ=ବାଧା)—
Uprodha ୧ । ଉପରୋଧ (ଦେଖ)
1 Uparodha (See).
ଅମ୍ଭର ମରଣ ବୋଲି ଉପ୍ରୋଧ ନ କରିବ—ବିଶ୍ୱନାଥ. ବିଚିତ୍ରରାମାୟଣ ।
୨ । ଅନୁରୋଧ—2 Request.
୩ । ମମତା; ସ୍ନେହ—3. Affection.
ଭରସୁହା ଜାଣ୍ଡମାନଙ୍କୁ ବାଛି ବାଛି,
ବଧିଲେ ତାକୁ ଯୁଦ୍ଧେ ଉପ୍ରୋଧ ମୁଞ୍ଚି—କୃଷ୍ଣସିଂହ. ମହାଭାରତ, ବନ ।

ଉପ୍ରୋଧ ଇତ୍ୟାଦି—ଉପରୋଧ ଇତ୍ୟାଦି (ଦେଖ)
Uprodha etc Uparodha etc (See)

ଉପ୍ରୋଧି—ଗ୍ରା. ବିଣ—ଉପରୋଧୀ (ଦେଖ)
Uprodhi Uparodhī (See)

ଉପ୍ରୋଧିଆ—ଗ୍ରା. ବିଣ—ଉପରୋଧିଆ (ଦେଖ)
Uprodhiā Uparodhiā (See)

ଉଫ୍ଲା—ପ୍ରାଦେ (ସମ୍ବଲପୁର) ବିଣ—ଆତ୍ମପ୍ରଶଂସାକାରୀ (ବ୍ୟକ୍ତି)—
Uphlā Boasting; self-praising.

ଉଫାଉଠା—ଗ୍ରା. ବି—୧ । ମିଥ୍ୟା ଅପବାଦ—
Uphāuṭhā 1. False report; defamation. (Rev. Howell's manuscript)
୨ । ଜନରବ—2. Rumour (Rev. Howell's mss)

ଉଫୁର୍ଣ୍ଣା—ଦେ. ବି.—ତନ୍ତୀର ଯନ୍ତ୍ରବିଶେଷ—
Uphurṇṇā An apparatus of weavers.

ସାଧାରଣ ଲୋକେ ଅଶର ପୃଷ୍ଠାରେ ଦେଉ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଭଲ ବୁଝନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସ୍ଥାନରେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କ୍ରିଷ' ଦେଖିବେ; ଦଣ୍ଡ ନ ପାଇଲେ 'ଦଣ୍ଡ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉଫେର — ଗ୍ରାଦେ. (ସମ୍ବଲପୁର) ବି.— ବଡ଼ ବନଶି କଣ୍ଟା—
Upher — A big angling hook.

ଉବରିବା—ଦେ. କ୍ରି. (ସଂ. ଅବକୀର୍ଣ; ସଂ. ଉପରି)— ୧ । ଜଣକ ଉପରେ
Ubariba — ଜଣେ ପଡ଼ିବା—1 To crowd together one over the other.
୨ । ଉପରକୁ ଚଢ଼ିବା—2. To ascend; to get up.
୩ । ଆଶ୍ରୟ ଦେବା—3. To give shelter.
୪ । ଆଦର ଦିବା— 4. To acknowledge; to affiliate
୫ । ଆବରଣ କରିବା—5. To cover.
୬ । ବଳି ପଡ଼ିବା—6. To remain as surplus; to be in excess.

ଉବଳିବା—ଦେ. କ୍ରି. (ସଂ. ବଳ)—୧ । ବଳାତ୍କାରରେ ପଶିବା—
Ubaliba — 1. To enter forcibly.
उबलना ୨ । (ସଂ. ଉଦ୍ବାଲନ—Beams; ସଂ. ଉଦ୍‌ବେଳ)—
ଉଚ୍ଛୁଳିବା – 2. To overflow; to brim over.

ଉବାଏ ବସ୍ତ—ଦେ. ବି—ଉବାବସ୍ତ (ଦେଖ)
Ubāe basta — Ubābasta See)

ଉବାଚ - ସଂ. ପଦାଂ. କ୍ରି. (ସଂ. ବଚ ଧାତୁ=କହିବା; ଏହାର ଅତୀତ-.
Ubācha — କାଳ ପ୍ରଥମ ପୁରୁଷ ଏକବଚନର ରୂପ)—କହିଲେ—Spoke,
[ଦ୍ର—ଓଡ଼ିଆ ପୁସ୍ତକଆଦରେ ନାରଦ କହିଲେ ବୋଲି ଲେଖା ନ ହୋଇ 'ନାରଦ ଉବାଚ' ଲେଖା ହୁଏ । ]

ଉବାବସ୍ତ—ଦେ. ବି—୧ ।·ଅବାବସ୍ତ; ଚଳନ୍ତିସମ୍ପତ୍ତି—
Ubābasta — 1. Movables.
୨ । ଚଳନ୍ତି ଅଚଳନ୍ତି ସବୁ ପ୍ରକାରର ସମ୍ପତ୍ତି—
2. Property both movable and immovable.

ଉବାବି—ଦେ. ବିଣ—୧ । ବୃଥା—
Ubābi — 1 Vain; fruitless.
୨ । ଅକାରଣ—2. Causeless.
୩ । ଅକସ୍ମାତ୍ ଘଟିବା—3. Sudden
୪ । ଅପ୍ରତ୍ୟାଶିତ—4. Unexpected.
ଦେ. କ୍ରି ବିଣ— ୧ । ବୃଥାରେ—1. In vain.
୨ । ଅକାରଣରେ—2. Without any cause.
୩ । ଅକସ୍ମାତ—3 Suddenly.
୪ । ଅପ୍ରତ୍ୟାଶିତ ରୂପେ—4. Unexpectedly.

ଉବାବିଆ—ଦେ. ବିଣ ଓ କ୍ରି. ବିଣ—ଉବାବି ( ଦେଖ )
Ubābia — Ubābi ( See )

ଉବାର—ଦେ. ବି ( ସଂ. ଅବବାର. ପ୍ରା. ଓବାର )—.
Ubāra — ୧ । ନିଷେଧ; ମନା; ବାରଣ—
1. Prohibition.
୨ । ( ସଂ. ଆବରଣ )—ଗୋପନ—
2. Concealment
ଦେ ବିଣ—୧ । ଅଜଣା; ଅଜ୍ଞାତ—1. Unknown
ଖାଠିଏ ବର୍ଷ ସେ ଅଙ୍କ ପ୍ରହର ସଙ୍ଗୀତ
ପ୍ରଭୁଙ୍କୁ ଉବାର ନାହିଁ ବାନାବ ବଳେ ତ । ପ୍ରାଚୀ—ଗୌରଗୁରୁଭକ୍ତିଗୀତା ।
୨ । ନିଷିଦ୍ଧ—2. Prohibited.
୩ । ଗୁପ୍ତ; ଲୁକ୍କାୟିତ—3. Concealed

ଉବାର ହେବା—ଦେ. କ୍ରି—୧ । ଅଜଣା ରହିବା—
Ubāra heba — 1. To be unknown.
୨ । (ସ୍ତ୍ରୀ ପଶୁ ) ବତର ପଡ଼ିବା—
2. ( a cow ) To be in heat.
( ଯଥା —ଅଳ ଦାଲି ଗାଈଟି ଉବାର ହେବାରୁ ତାକୁ ଷଣ୍ଢ ନବଟକୁ ଘେନ କେଇ ଯାଉଛି । )

ଉବୁ—ଗ୍ରା ବିଣ—ଉଚ୍ଚ; ଉନ୍ନତ, ଠିଆ—
Ubu — High; erect.
ऊँबु
सीधा

ଉବୁକିବା—ଦେ. କ୍ରି—କୌଣସି ପଦାର୍ଥ ତଳୁ ଉପରକୁ ଜୋରରେ ଉଠି
Ubukibā — ଆସିବା—To rise up from the bottom with force.
ଥାଉ ଦାଉ ଜଳେ ମାଛ ଦେଖେ ଉବୁକିବ । ପ୍ରାଚୀ—ବୃନ୍ଦାବନବିହାରଗୀତା ।

ଉବୁଜା—ଦେ. ବି ଓ ବିଣ—ଉଭୁଜା ( ଦେଖ )
Ubujā — Ubhujā ( See )

ଉବୁଜାଇବା—ଦେ. କ୍ରି—ଉଭୁଜାଇବା ( ଦେଖ )
Ubujāibā — Ubhujāibā ( See )

ଉବୁଜିବା – ଦେ କ୍ରି— ଉଭୁଜିବା ( ଦେଖ )
Ubujibā — Ubhujibā ( See )

ଉବୁଜେଇବା—ଦେ. କ୍ରି —ଉଭୁଜାଇବା ( ଦେଖ )
Ubujeibā — Ubhujāibā ( See )

ଉବୁଝାଇବା—ଗ୍ରା. କ୍ରି —ଉଭୁଜାଇବା ( ଦେଖ )
Ubujhāibā — Ubhujāibā ( See )

ଉବୁର୍ଡ଼ —ଦେ. ବିଣ—ଉବୁଡ଼ା ( ଦେଖ )
Uburda — Uburda ( See )

ଉବୁଡ଼ା —ଦେ. ବିଣ—୧ । ଉଗଡ଼ା ( ଦେଖ )
Uburdā — 1. Ugardā ( See )
୨ । ମୁହଁ ମାଡ଼ି ଶୋଇଥିବା—
2. Prostrate; with face downwards.
୩ । ଅନ୍ୟମାନଙ୍କ ଆଗ ବଢ଼ି ଠିଆ ହୋଇଥିବା—
3. Standing ahead of others.
୪ । ଏକର ଉପରେ ଅନ୍ୟ ଜଣେ ପଡ଼ିବା—
4. To overcrowd.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | କ୍ଷ | ଉସ୍ତ | ଈଅ | ଙ |
| ୨ | ଈ | ଊ | ଋ | ଌ | ଯ୍ୱ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ୟ | ଯ | ସ | ଗଁ୍ୟ | ଉଥ | ଞ | ନ୍ତ |

ଦେ. ବି.— ହାଣ୍ଡିର ମୁହଁ ତଳକୁ କରି ରଖିବା—
Placing a pot in an inverted position.

ଉବୁଡ଼ାଇବା—ଦେ. କ୍ରି.—(ସଂ. ଉଦ୍‌ବର୍ତ୍ତନ-ଭୂଲ. ପାଲି ଉବ୍ବଟ୍ଟନ)—
Uburdāibā ୧ । ଉଗୁଡ଼ାଇବା (ଦେଖ)
1. Ugurdāibā (See)
୨ । କୌଣସି ବ୍ୟକ୍ତିଙ୍କୁ ମୁହଁ ମଡ଼ାଇ ପକାଇ ଦେବା—
2. To make a person fall down with the face downwards
୩ । ଅଣ୍ଟୁଅଇବା—3. To make a person crawl or kneel down.

ଉବୁଡ଼ାଉବୁଡ଼ି—ଦେ. ବି.— ୧ । ଜଣକ ଉପରେ ଜଣେ ପଡ଼ିବା—
Uburdāuburdi 1. Overcrowding.
୨ । ଅନ୍ୟଙ୍କୁ ଅତିକ୍ରମ କରି ଅଗ୍ରସର ହେବା—
2 Going ahead; surpassing

ଉବୁଡ଼ାପଡ଼ିବା—ଦେ. କ୍ରି.—ଉବୁଡ଼ି ପଡ଼ିବା (ଦେଖ)
Uburdāpardibā Uburdi pardibā (See)

ଉବୁଡ଼ି ପଡ଼ିବା—ଦେ. କ୍ରି.—୧ । ଅନଧିକାର ଚର୍ଚ୍ଚା କରିବା; ଜବର-
Uburdi pardibā ଦସ୍ତି ବା ଅନାହୂତ ହୋଇ କଥା କହିବା—
1. To speak unasked; to treat a subject with which one has no connection
୨ । ଉପର୍ଯ୍ୟୁପରି ବହୁତ ଲୋକ କୌଣସି ସ୍ଥାନରେ ଜମା ହୋଇ ପଡ଼ିବା—2. To overcrowd a place.
୩ । ଆଗ ବଳିବା—3. To go ahead

ଉବୁଡ଼ି ବସିବା—ଦେ. କ୍ରି.—୧ । ଆଣ୍ଠେଇବା; ଆଣ୍ଠୁ ମାଡ଼ି ବସିବା—
Uburdi basibā 1. To kneel down.
୨ । ଅନାହୂତ ହୋଇ କୌଣସି କାର୍ଯ୍ୟ କରିବା—
2. To undertake a thing unasked.

ଉବୁଡ଼ିବା—ଦେ. କ୍ରି.—୧ । ମୁହଁ ମାଡ଼ି ପଡ଼ିବା; ପିଠି ଉପରକୁ କରି
Uburdibā ପଡ଼ିବା—1. To fall down with face downwards; to fall prostrate.
୨ । ଆଣ୍ଠୁ ମାଡ଼ି ବସିବା—2. To kneel down.
୩ । ଘୋଷେଡ଼ିହେଇବା; ଆଣ୍ଠୁରେ ଗୁରୁଣ୍ଡିବା—
3. To Crawl.

ଉବୁଡ଼େଇବା—ଦେ. କ୍ରି.—ଉବୁଡ଼ାଇବା (ଦେଖ)
Uburdeibā Uburdāibā (See)

ଉବୁରା – ଦେ. ବିଣ.— ଉଗୁରା (ଦେଖ)
Uburā Ugurā (See)
ଦେ. ବି — ଉବୁଡ଼ା (ଦେଖ)
Uburdā (See)

ଉବୁରାଉବୁରି – ଗ୍ରା. ବି.— ଉବୁଡ଼ାଉବୁଡ଼ି (ଦେଖ)
Uburāuburi Uburdāuburdi (See)

ଉବୁରା ପଡ଼ିବା— ଗ୍ରା. କ୍ରି.—ଉବୁଡ଼ି ପଡ଼ିବା (ଦେଖ)
Uburā pardibā Uburdi pardibā (See)

ଉବୁରିବା—ଦେ. କ୍ରି.—୧ । ଉବୁଡ଼ିବା (ଦେଖ)
Uburibā 1. Uburdibā (See)
୨ । ବଳି ପଡ଼ିବା—2. To remain over.
୩ । (ସଂ. ଉଦ୍‌ବର୍ତ୍ତନ)—ବିପଦାଦି ଅତିକ୍ରମ କରିବା; ବିପଦରୁ ଉଦ୍ଧାର ପାଇବା—3. To overcome a difficulty.
୪ । ବାହାରି ଆସିବା—4. To come out.
ସେକାଳେ ସନ୍ଧି ମୁଖୁଁ ଉବୁରି କୃଷ୍ଣାର୍ଜୁନ ।
ସୂର୍ଯ୍ୟ ପରି ତେଜେ ଦିଶିଲେ ଅପଘନ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।
୫ । ଉପରକୁ ଉଠିବା; ଚଢ଼ିବା—
5. To ascend; to rise up.
୬ । ସମ୍ଭାଳି ହୋଇ ରହିବା—
6. To restrain oneself.
ଏ ବନ୍ଧୁ କେ'ହରି ଉବୁରି
ଇତ୍ୟାଦି ନାନା କର୍ମ କରି । ପ୍ର.ଚା—ନିର୍ଗୁଣମାହାତ୍ମ୍ୟ ।
୭ । ବର୍ତ୍ତିବା; ଉଦ୍‌ବୃତ୍ତ ହେବା; ବଢ଼ିବା; ବଳିବା—
7. To remain in excess.
୮ । ଉପରେ ପଡ଼ିବା—8. To fall upon.
୯ । ଅନାହୂତ ହୋଇ କଥା କହିବା ବା କାର୍ଯ୍ୟ କରିବା—
9. To speak or act unbidden.
୧୦ । ଆପେଇବା; ନିଜର ବୋଲି ଗ୍ରହଣ ବା ସ୍ୱୀକାର କରିବା—
10 To acknowledge; to affiliate.
୧୧ । କୌଣସି କାର୍ଯ୍ୟକୁ ଆଦରିବା—
11. To undertake to do any work.
୧୨ । ସମ୍ଭାଳିବା—12. To bear the brunt or burden of ( something ).
୧୩ । କୌଣସି କାର୍ଯ୍ୟ କରିବାକୁ ସ୍ୱତଃ ପ୍ରବୃତ୍ତ ହେବା—
13. To volunteer to do a work,
୧୪ । ନ ମରି ବଞ୍ଚିଯିବା; ବର୍ତ୍ତିବା—14. To survive.
ତେବେ ଉବୁରି ଗଲେ ରଣେ
ଭଙ୍ଗେ ଲୁଚିଲେ ଘୋର ବନେ । ଜଗନ୍ନାଥ. ଭାଗବତ ।

ଉବେଇଟୁବେଇ—ଦେ. ବିଣ. ( ସଂ. ଊର୍ଦ୍ଧ୍ୱ—ଭୂଲ—ପ୍ରା. ଉଭ ଓ ସଂ.
Ubei tubei ବୁଡ଼ି ଥାଉ ବିପର୍ଯ୍ୟୟ )—ଜଳମଗ୍ନ ହୋଇ ଉଠୁଥିବା
हाबुडुबु; ऊबडुब ଓ ବୁଡ଼ିଯାଉଥିବା ( ବ୍ୟକ୍ତି )—
उबडुब ( a man ) Sinking and rising in water.

ଉବୋରିବା—ଦେ. କ୍ରି—ଉବୁରିବା ( ଦେଖ )
Uboribā Uburibā ( See )

ଉଭ (ଧାତୁ)—ସଂ.—ପରିପୂର୍ଣ୍ଣ କରିବା—To fill up
Ubha (root)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଞ୍ଜ' ନ ମିଳିଲେ 'କଞ୍ଜ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଉଭ—ସଂ. ସର୍ବ. (ଉଭ୍ ଧାତୁ=ପରିପୂର୍ଣ୍ଣ କରିବା+କର୍ତ୍ତୃ. ଅ)—
Ubha ଉଭୟ ( ଦେଖ )
Ubhaya ( See )

ଉଭଏ—ଗ୍ରା. ସର୍ବ. ( ସଂ. ଉଭୟ )—ଉଭୟେ (ଦେଖ )
Ubhae Ubhaye ( See )

ଉଭଚର—ସଂ. ବିଣ. (ଉଭ+ଚର ଧାତୁ=ଗମନ କରିବା+କର୍ତ୍ତୃ. ଅ)—
Ubhachara ଉଭୟଚର ( ଦେଖ )
Ubhayachara ( See )

ଉଭଡ଼ା ପଡ଼ିବା—ଦେ. କ୍ରି—ଉବୁଡ଼ି ପଡ଼ିବା ( ଦେଖ )
Ubhar̲d̲ā par̲d̲ibā Ubur̲d̲i par̲d̲ibā ( See )

ଉଭୟ—ସଂ. ସର୍ବ. ( ଉଭ୍ ଧାତୁ=ପରିପୂର୍ଣ୍ଣ କରିବା+ଅୟ )—
Ubhaya ୧ । ଏକତ୍ର ଦୁଇ—1. Two together.
୨ । ଦୁଇଜଣ; ଦୁହେଁ—2 Both; either.
୩ । ଦୁଇ ସଂଖ୍ୟା—3 Two in number.
୪ । ଦୁଇ ସଂଖ୍ୟକ—4. Numbering two.

ଉଭୟ କାଳ—ସଂ.ବି—ଇହକାଳ ଓ ପରକାଳ; ଅଦ୍ୟ ଚତ୍ତ୍ର; ଅନ୍ତପରନ୍ତ—
Ubhaya kā̲la Existence in this world and the next; now and hereafter.

ଉଭୟଚର—ସଂ. ବିଣ ( ଉଭୟ+ଚର ଧାତୁ=ଗମନକରିବା+କର୍ତ୍ତୃ.
Ubhayachara ଅ )—ଯେଉଁ ପ୍ରାଣୀ ଜଳ ଓ ସ୍ଥଳ ଉଭୟତ୍ର ବିଚରଣ କରେ (ଯଥା—ବେଙ୍ଗ, କୁମ୍ଭୀର, କଇଁଛ)—
Amphibious.

ଉଭୟତଃ—ସଂ. ଅ ( ଉଭୟ+ସପ୍ତମୀ ବିଭକ୍ତି ସ୍ଥାନରେ. ତସ୍; )—
Ubhayataḥ ୧ । ଉଭୟ ଦିଗରେ—1. On both sides; on either side.
୨ । ଉଭୟ ପକ୍ଷରେ—2. In both cases.

ଉଭୟତୋମୁଖ—ସଂ.ବିଣ.ପୁଂ (ଉଭୟତଃ+ମୁଖ)—୧ । ଦୁଇ ମୁହାଁ—
Ubhayatomukha 1. Double-faced.
(ଉଭୟତୋମୁଖୀ—ସ୍ତ୍ରୀ) ୨ । ଦୁଇଆଡ଼କୁ ମୁହଁ କରିଥିବା—
2. Looking both ways; facing both ways.

ଉଭୟତ୍ର—ସଂ. ଅ. ( ଉଭୟ+ସ୍ଥାନାଧିକରଣ. ତ୍ର )—
Ubhayatra ୧ । ଦୁଇଅଡ଼େ—1. At both places.
୨ । ଦୁଇପକ୍ଷରେ—On both sides.

ଉଭୟଥା—ସଂ. ଅ (ଉଭୟ+ପ୍ରକାରାର୍ଥେ. ଥା)—ଦୁଇପ୍ରକାରେ—
Ubhayathā In both ways.

ଉଭୟଦିଗ—ସଂ. ବି ( ସଂ. ଉଭୟ+ଦିକ୍ )—୧ । ଦୁଇଦିଗ; ଅଗ ଓ
Ubhayadiga ମୂଳ ଦୁଇପାଖ—1. Both sides; both parts; both ends
୨ । ଦୁଇ ବିପକ୍ଷ ଦଳ—2 Both the opposite parties,

ଉଭୟଦିଗ ରକ୍ଷାକରିବା—ଦେ. କ୍ରି—୧ । ବିପରୀତ ଦୁଇ ପକ୍ଷ ମଧ୍ୟରେ
Ubhayadiga rakshākaribā ସାମ୍ୟ ଘଟାଇବା—
1. To bring about equilibrium on both sides.
୨ । ଆୟ ବ୍ୟୟ ସମାନ ରଖି ଚଳିବା—
2. To make both ends meet.

ଉଭୟଦ୍ୟୁଃ—ସଂ. ଅ ( ଉଭୟ=ଦୁଇ+ଦ୍ୟୁସ୍=ଦିବସ )—
Ubhayadyuḥ ଉଭୟେଦ୍ୟୁ ( ଦେଖ )
Ubhayedyu (See)

ଉଭୟମୁଖୀ ଗାଈ—ଦେ.ବି—ଯେଉଁ ଗାଈ ପ୍ରସବ କରୁଥିବା ସମୟରେ
Ubhaymukhī gāi ( ବାଛୁରିର ମୁହ ପଦାକୁ ବାହାରିଥିବା ବେଳେ ) ତାକୁ ବ୍ରାହ୍ମଣଙ୍କୁ ଦାନ କରାଯାଏ—A cow in the state of being delivered of a calf ( the gift of such cows to Brāhmaṇas is considered as very auspicious ).

ଉଭୟସଙ୍କଟ—ସ. ବି—୧ । ଦୋଫାଳ; ଦୁବିଧା; ବିଷମସମସ୍ୟା—
Ubhayasaṅkaṭa 1. Dilemma.
୨ । ଏପରି ଅବସ୍ଥା ଯେ ଯେଉଁଆଡ଼େ ଗଲେ ମଧ୍ୟ ବିପଦର ଆଶଙ୍କା ଅଛି—2 A very critical position; a position between Scylla and Charybdis.

ଉଭୟସମ୍ଭବ—ସଂ. ବି—୧ । ଉଭୟ ସଙ୍କଟ—
Ubhayasambhaba 1. Critical position; being between the two horns of a dilemma.
୨ । ଦୁଇ ଅର୍ଥବୋଧକ ବିଷୟ ବା ସମସ୍ୟା; ପ୍ରହେଳିକା—
2 Ambiguity; riddle

ଉଭୟାନୁମତ—ସଂ. ବିଣ. ( ୭ମୀ ତତ୍; ଉଭୟ+ଅନୁମତ )—ପରସ୍ପର
Ubhayānumata ବା ଉଭୟେ ରାଜି ହୋଇଥିବା (ବିଷୟ )—
( matter ) Agreed to or accepted mutually.

ଉଭୟାର୍ଥକ—ସଂ.ବିଣ. (ବହୁବ୍ରୀହି; ଉଭୟ+ଅର୍ଥ+କ)—ଦୁଇ ଅର୍ଥ-
Ubhayārthaka ବୋଧକ—Ambiguous.

ଉଭୟେ—ଦେ ସର୍ବ—ଦୁଇ ଜଣଯାକ; ଦୁହେଁଯାକ—
Ubhaye Both; either.
উভয়ে ଦେ କ୍ରି. ବିଣ—ଦୁହେଁଯାକ—
उभय Both; in bothways.

ଉଭୟେଦ୍ୟୁ—ସଂ. ଅ. ( ଉଭୟ=ଦୁଇ+ଏଦ୍ୟୁସ୍=ଦିବସ )—
Ubhayedyu ଉଭୟ ଦିନରେ; ଦୁଇଦିନେ; ଦୁଇଦିନଯାକ—
On both days.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଈ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଶ | ଳ | ଷ,ସ | କ୍ଷ | ଙ୍କ | ଞ୍ଜ | ଯ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଞ୍ଚ | ଡ଼ | ଢ଼ |

**ଉଭା**—ଦେ. ବଣ. ( ସଂ. ଅବର୍ଦ୍ଧିତ; ଉଦ୍ଭବ—ଭୂଳ—ପ୍ରା. ଉବ୍ଭଅ )—
**Ubhā** ୧ । ଠିଆ; ଦଣ୍ଡାୟମାନ —
ঊভা / उभ 1 Standing erect; standing on the legs.
ସେହିରୂପେ ସକଳ କର, ଶ୍ରମରେ ଉଭା ଦଣ୍ଡାୟା—
ଭୂପତି. ପ୍ରେମପଞ୍ଚାମୃତ ।
୨ । ଠାକୁରାଣୀ ଲାଗିଥିବା—
2. Possessed by a Deity.
୩ । ଆବର୍ଭୂତ — 3. Appearing
ଯା ଉର୍ଦ୍ଧେ ସେ ଉଭା ଏହୁ ଶ୍ୱେତ ଦୂମାଚଳ—ମଧୁସୂଦନ. କୁସୁମାଞ୍ଜଳି ।
୪ । ଗୃହର ଶେଣୀ, ରୁଅ, ଉଭା, କଡ଼, ବରଗା ଆଦି ରୂପରେ ବ୍ୟବହୃତ—4. Used in the roof of a house as rafter, beams etc.
(ଯୋଡା—ବଂଶସ୍ତଟ)
ଯୋଡା ଶାଳ, ଉଭା ଚାଳ—ଉଗ ।
ଦେ. ବ— ୧ । ଠିଆ ହେବା; ଦଣ୍ଡାୟମାନ ହେବା —
1. Standing erect
୨ । ଭୂମି ତଳରୁ ଉପରକୁ ବାହାରିବା —
2. Coming out of the ground; projecting above the ground.
( ଯଥା—ଡାଳ ଉଭା ଯେତେ ଯୋଡା ସେତେ । )
୩ । ଭୂମିପୃଷ୍ଠଠାରୁ ଉଚ୍ଚତା; ଡେର —
3. Height from the ground level; vertical height.
୪ । ( ଘରର ଶେଣୀଆଦି ) ଭୂମି ଉପରେ ଭୂମିକୁ ନ ଲାଗିକରି ରହିବା—4. Being used above the ground in connection with the building of a house.
ଦେ. କ୍ରି. ବଣ—୧ । ଠିଆବାଗରେ—
1. In a standing position.
୨ । ଲମ୍ବବାଗରେ — 2. Length-wise.
୩ । ଉଚ୍ଚରେ—3. In height.
୪ । ଡେରବାଗରେ—4. Perpendicularly.
୫ । ଠିଆଠିଆ; ଠିଆହୋଇକରି —
5. Standing; while standing

**ଉଭାଇବା**—ଦେ. କ୍ରି—୧ । ଉଭାରିବା (ଦେଖ)
**Ubhāibā** 1. Ubhāribā (See)
୨ । ଉଭିବା (ଦେଖ)—
2. Ubhibā (See)
ଗଲା କଥା ସବୁ ତରଣି ଉଭାଇ
ଜଗତର ଏ ବେଭାର—ନନ୍ଦକିଶୋର. ଶର୍ମିଷ୍ଠା ।

**ଉଭାଏ**—ଦେ. କ୍ରି. ବଣ—୧ । ଠିଆହୋଇ—
**Ubhāe** 1. Standing; in a standing position.
୨ । ଠିଆବାଗରେ; ଡେରବାଗରେ—
2. Erect; perpendicularly.

**ଉଭା କରାଇବା**—ଦେ. କ୍ରି—୧ । ଉଭା କରିବାର ଣିଜନ୍ତ ରୂପ—
**Ubhā karāibā** 1. Causative form of Ubhā karibā.
୨ । ଦେବତାଙ୍କୁ ପୂଜା କରିବାଦ୍ୱାରା ଲୋକ ଦେବତା ମନୁଷ୍ୟଠାରେ ଆବର୍ଭୂତ ହେବାର ଆୟୋଜନ କରିବା—
2. To take the preliminary steps for making the spirit of a Deity descend upon or possess a man.
୩ । ବଳେ କରାଇବା; ଚୋଲାଇବା—
3. To cause to move or walk.

**ଉଭା କରିବା**—ଦେ. କ୍ରି—୧ । ଠିଆ କରିବା—1. To cause to
**Ubhā karibā** stand up; to erect.
୨ । ଡେର କରି ରଖିବା—2 To set up.

**ଉଭାଡ଼ି**—ପ୍ରାଦେ. ( ଅଳ ). ବ—ଶସ୍ୟକୁ ରାତିରେ ଜଗିବା ପାଇଁ କ୍ଷେତ୍ର ମଧ୍ୟରେ କରାଯାଇ ଥିବା ଚାଳଯୁକ୍ତ ଭାଡ଼ି—
**Ubhārḍi** A raised thatched platform erected in the midst of a field used by persons watching the crop in the night.

**ଉଭାନ**—ଦେ. ବଣ—ଅନ୍ତର୍ହିତ; ତିରୋହିତ—Vanished.
**Ubhāna** କ ରଙ୍ଗେ ତ୍ରୈମ୍ୟ ବେ. ଭ ହୁଏ ଉଭନ—ଭକ୍ତ କାଥ. ତୁଳସୀ ସ୍ତବକ ।

**ଉଭାବ୍ୟଞ୍ଜନ**—ଦେ. ବ. (ଶ୍ଳେଷାର୍ଥକ ପ୍ରୟୋଗ; ଉଭା=ଠିଆ=ଖଡ଼ା)—
**Ubhābyañjana** ଖଡ଼ାଶାଗ ତିଅଣ—
Curry Prepared with Khrdāśāga.
ଏବା ନ ଥିବାକୁ ଧରମ ସାଧୁ, ଗରିମ ଭାତ ଦେଖି ନାହିଁ ଅଛି ।
ମନ ସନ୍ତୁଷ୍ଟ ।
ଉଭାବ୍ୟଞ୍ଜନ ନ ମିଳେ ପଥର— ହରେକୃଷ୍ଣ ପଟ୍ଟନାୟକ

**ଉଭାର**—ଦେ. ବଣ—୧ । ଠିଆ—1. Standing up.
**Ubhāra** ୨ । ଦଣ୍ଡାୟମାନ—2. Erect.

**ଉଭା ରତି**—ଦେ. ବ—ଦୁଇ ଜଣଙ୍କର ଠିଆ ହେବା ଅବସ୍ଥାରେ ରମଣ ବା
**Ubhā rati** ସଙ୍ଗମ ବା ମିଳନ—Union or embrace or cohabitation of two persons while standing.
ମର୍କି ଯିବ କ ଉଭାରତରେ । କନ୍ଦର୍ପ୍ୟ ବଶୋଭାଗ୍ୟ କ ଗୀତ ।

**ଉଭାରିବା**—ଦେ. କ୍ରି ( ସଂ. ଆବର୍ତ୍ତିବ; ସଂ. ଉତ୍+ଭୂ )—
**Ubhāribā** ୧ । ଠିଆ କରିବା—
उभारना; उभरना 1. To cause to stand up.
ଲକ୍ଷ ଉଭାର ବେଗେ ଧାଇଁ । ଖୋଜେ ହିଁହେ ଭଜ ଭୂଇଁ ।
ଜଗନ୍ନାଥ. ଭାଗବତ ।
୨ । ଟେକିବା—2. To raise up; to lift up.
କେଶ ହି ହ ଉପରେ କ ଉଭାଇବ କସ
କ୍ଷେତ୍ର ଉଠି ବେନ କୁଚ ଅଛ କ ଉଭାରି ।
ଶିଶୁଶଙ୍କର. ଉଷାଅଭିଳାଷ ।
୩ । ଠିଆ ହେବା—3 To stand up.

ସାଧାରଣ ଲୋକେ ଅପର ସ୍ଥାନରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

ରଙ୍ଗ ମେଲ ଛଟେ ନିଶ୍ଚଳ ମାରବ
ଉଭରନ୍ତି ନାସ୍ତି ବସ୍ତ୍ର ଗରବ । ଅଭିମନ୍ୟୁ. ସ୍ୱେଚ୍ଛାନିର୍ବାଣ ।

୪ । ଆକ୍ରମଣ କରିବା—4. To attack.

ଦଶ ଅସୁର ସ୍ୱାଗଣେ
ଉଭେଇ ସହାଯାଏଲି ରଣେ । ଜଗନ୍ନାଥ. ଭାଗବତ ।

୫ । ଉଠିବା; ଉଦୟ ହେବା—5. To rise.

ଗଗନେ ଶୋଭେ ମେଘଚନ୍ଦ୍ର
ଉଭର ପୁଣ ପାନ ହୋଇ । ଜଗନ୍ନାଥ. ଭାଗବତ ।

୬ । ଭୂମିରୁ ଉଠାଇବା; ଉତ୍ତୋଳନ କରିବା—
6. To raise from the ground.

ମୁଁ ତାହା ଦେଖି କର ନୟନେ ନ ଭର
ନାଶିଲ ଖାଣ୍ଡମାନ ଗାଣ୍ଡିବ ଉଭର । କୃଷ୍ଣସିଂହ. ମହାଭାରତ. ବର୍ଣ୍ଣ ।

ଉଭାଳ —ଦେ. ବିଣ— ବହୁଦୂରସ୍ଥ—
Ubhāḷa — Very distant.

ଶବର ଦେ ଉଭା ଦେବ ଯିବା ମୋର ପୁର
ଉଭାଳ ନୁହଇ ପାର ଅଳପ ସେ ଦୂର । ବଳରାମ. ରାମାୟଣ ।

ଉଭାହେବା—ଦେ କ୍ରି— ଠିଆ ହେବା—
Ubhā hebā — To stand up; to stand erect.
দাঁড়ান
ଉଭା ହୋଇ ସମ୍ମୁଖେ । ବଚସୂର୍ଯ୍ୟ. ସଙ୍ଗୀତ ।

उभना ଦେ. ବ—ଠାକୁରାଣୀ ଲାଗିବା; ମନୁଷ୍ୟଠାରେ ଦେବତାଙ୍କର ଆବିର୍ଭାବ ହେବା —( a Deity ) Possessing a man.

ଉଭାହୋଇ ବସିବା—ଦେ. କ୍ରି—୧ । ପାଦକୁ ଭୂମିରେ ଲଗାଇ ବସିବା; ଢେଉହୋଇ ବସିବା—
Ubhāhoi basibā — 1. To squat; to sit with the knees held up and the heels resting on the ground
উবুহইয়া বসা
पलथीमारकर बइठना

ଉଭିବା—ଦେ. କ୍ରି ( ସଂ. ଉଦ୍ଭବ; ଅନ୍ତର୍ଦ୍ଧାନ )—
Ubhibā — ୧ । ଅଦୃଶ୍ୟ ହେବା—1. To disappear.
উপেযাওয়া
आडमेआजाना; बिलाजाना

ଉଭେଇ ଗଲେ ନବ୍ଦ୍ୱୀ ଜୋଗେଶ୍ୱରଙ୍କ
ଜଗନ୍ନାଥ. ଗୁପ୍ତଗୀତା ।

୨ । ଲୁପ୍ତ ହେବା; ଲୋପ ହେବା—2. To cease.
୩ । ଅନ୍ତର୍ହିତ ହେବା; ତିରୋହିତ ହେବା—
3. To vanish.

ଉଭିଯିବା—ଦେ. କ୍ରି— ଉଭିବା ( ଦେଖ )
Ubhijibā — Ubhibā ( See )

ନମିତେ ଉତ୍ତର କାଳେ ଗଲେ ସବୁ ଦେବତା ଉଭି
ଜଗନ୍ନାଥ, ଭଜା ।

ଉଭୁଜା—ଦେ. ବ. ( ସଂ. ଭର୍ଜନ )—ମୁଢ଼ି ତିଆରି ପାଇଁ ଓଦା ଚାଉଳ ଆଦିକୁ ଭାଜିବା—
Ubhujā — The frying of wet rice.
ଦେ. ବିଣ — ଭର୍ଜିତ ( ଓଦା ଚାଉଳ ବା ଧାନ )—
Fried moist rice or paddy.

ଉଭୁଜାଇବା—ଦେ. କ୍ରି ( ସଂ. ଭୃଜ୍ଜ ଧାତୁ = ଭାଜିବା )—
Ubhujāibā — ଓଦା ଧାନ ବା ଚାଉଳକୁ ଜଳ ଉପର ଭାଜି ଶୁଖାଇବା ବା ଖଇଫୁଟିବା—To fry wet rice or paddy.

[ ଦ୍ର—ଓଦା ଧାନକୁ ଭାଜି ଚୁଡ଼ା କରାଯାଏ ଓ ଓଦା ଚାଉଳକୁ ଭାଜି ମୁଢ଼ି କରାଯାଏ । ]

ଉଭୁଜିବା—ଦେ. କ୍ରି —ଉଭୁଜାଇବା ( ଦେଖ )
Ubhujibā — Ubhujāibā ( See )

ଉଭୁଡ଼ାପଡ଼ିବା—ଦେ. କ୍ରି—ଉବୁଡ଼ି ପଡ଼ିବା ( ଦେଖ )
Ubhuṛāpaṛibā — Ubuṛipaṛibā ( See )

ଉଭୁରାପଡ଼ିବା—ଗ୍ରା. କ୍ରି—ଉବୁଡ଼ି ପଡ଼ିବା ( ଦେଖ )
Ubhurāpaṛibā — Ubuṛipaṛibā ( See )

ଉଭେ—ଦେ. ପଦ୍ୟ. ସର୍ବ. ( ସଂ. ଉଭୟ )—ଉଭୟେ; ଦୁହେଁ—
Ubhe — Both.

ହେ ଉଭେ ବଡ ଦୁଷ୍ଟ ଦେଖି ଦେଶର କର୍ବ ଖରୁକ ଅଧର
ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉଭେଇବା—ଦେ. କ୍ରି —ଉଭିବା ( ଦେଖ )
Ubheibā — Ubhibā ( See )

ସବେ ଯିବ ଭଲ ଉଭେଇ ଅତରେ । ଜଗନ୍ନାଥ. ଦରବାର

ଉମ୍— ଦେ. ଅବ୍ୟୟ—ହୁଁ ( ଦେଖ )
Um — Uṅ ( See )

ଉମ୍ଦା—ବୈ. ବିଣ. (ଅ)—୧ । ଭଲ; ଅତି ଉତ୍କୃଷ୍ଟ; ଅତି ଉତ୍ତମ—
Umdā — 1. Very good; excellent.
উন্দা — ୨ । ଧନୀ — 2. Rich; opulent.
उमदा

ଉମତ୍ତ—ବୈଦେ. ବ (ଅ) —ଶିଷ୍ୟ—Disciple.
Umat

ଉମର—ବୈଦେ. ବ (ଅ. ଉମ୍ର)—୧ । ବୟସ—1. Age.
Umara — ୨ । ଜୀବନକାଳ—2. Life time.
উমর
उम्र

ଉମର ବିତାଇବା—ଦେ. କ୍ରି—୧ । ବୁଢ଼ା ହେବା ପର୍ଯ୍ୟନ୍ତ ବୟସ ଅତିକ୍ରମ କରିବା—1. To pass one's life-time.
Umara bitaiba
উমর বিতান
उम्र बिताना — ୨ । ବୃଦ୍ଧ ହେବା—2. To become old.

ଉମର ବିତିବା—ଦେ. ବ— ବୟସ ଅତିକ୍ରାନ୍ତ ହେବା; ବୁଢ଼ା ହେବା; ବୃଦ୍ଧାବସ୍ଥା ଉପସ୍ଥିତ ହେବା—
Umara bitibā — Becoming old; a person being advanced in his years.
উমরবিতা
उम्रबितना

ଉମରା—ଦେ ବ. ( ଅ. ଉମରା )—ଧନୀ; ବଡ଼ଲୋକ—
Umarā — Rich man.
উমরা ( ଯଥା—ଅମୀର ଉମରା—ଧନୀ ଓ ବଡ଼ଲୋକମାନେ )
उमरा

ଉମରାଓ—ବୈଦେ. ବ ( ଅ. ଉମ୍ରାଓ )—ଉମରା ( ଦେଖ )
Umarāo — Umarā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଚ | ଶ,ଷ | ଛ | ଇସ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ● | ନୃ |

ଉମା—ସଂ. ବି. ସ୍ତ୍ରୀ. ( ଉ=ହେ !+ମା=ନାହିଁ, ନିଷେଧ; ପାର୍ବତୀ
Umā ମହେଶ୍ୱରଙ୍କୁ ବରରୂପେ ପାଇବେ ବୋଲି କଠୋର ତପସ୍ୟା କରିବାକୁ ଯିବା ସମୟରେ ତାଙ୍କ ମା ତାଙ୍କୁ କହିଥିଲେ—"ଉ ! ମା !" ଅର୍ଥାତ୍ ହେ ପାର୍ବତି ! ତୁ ଏଡ଼େ କଷ୍ଟସାଧ୍ୟ ତପସ୍ୟା କର ନାହିଁ । ଏଥିଯୋଗୁଁ ପାର୍ବତୀଙ୍କ ନାମ ଉମା ହୋଇଅଛି )—

୧ । ପାର୍ବତୀ; ଦୁର୍ଗା—1. Goddess Pārbatī, wife of Śiba

୨ । (ଉ + ମା ଧାତୁ=ମାପିବା; ପ୍ରାପ୍ତି ପାଇବା+କର୍ତ୍ତୃ. କ୍ୱିପ)—ମସିନା; ଅଳି—2. Linseed.

୩ । ହଳଦୀ; ହଳଦୀ—3 Turmeric

୪ । କାନ୍ତି; ଦୀପ୍ତି—4. Glamour.

୫ । କୀର୍ତ୍ତି; ଯଶ—5. Fame; renown

୬ । ଶାନ୍ତି—6. Calm; cessation of worldly cares; quiet.

୭ । ଏକପ୍ରକାର ଧାନ୍ୟ—7. A kind of paddy.

ଉମାଇ—ଗ୍ରା ବି—ଉମ୍ଭାଇ ( ଦେଖ )
Umāi Umbhāi ( See )

ଉମାଉମେଶ—ସଂ. ବି. ( ଦ୍ୱନ୍ଦ୍ୱ; ଉମା+ଉମେଶ )—
Umāumeśa ୧ । ହରପାର୍ବତୀ; ପାର୍ବତୀ ପରମେଶ୍ୱର ଦୁହେଁ—1. The couple Śiba and Pārbatī.

୨ । ହର ପାର୍ବତୀଙ୍କ ଯୁଗଳ ରୂପ—2. The conjoined figure of Śiba and Pārbatī.

ଉମାକଟ—ସଂ. ବି (ଉମା+କଟ)—ହଳଦୀଗୁଣ୍ଡ; ଦେହରେ ଲଗାଇବା
Umākaṭa ନିମନ୍ତେ ସୁଗନ୍ଧ ମସଲାଚୂନା—Scented powder for toilet; turmeric-powder.

ଉମାକାନ୍ତ—ସଂ. ବି. (୬ଷ୍ଠୀ ତତ୍; ଉମା=ପାର୍ବତୀ+କାନ୍ତ=ସ୍ୱାମୀ)—
Umākānta ଶିବ; ଉମାଙ୍କର ପତି—Śiba, the consort of Pārbatī.

ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—Name given to males.

ଉମାକାଳୀ—ସଂ. ବି—ତନ୍ତ୍ରୋକ୍ତ ଦେବୀ ବିଶେଷ; ପାର୍ବତୀଙ୍କର ଏକ ରୂପ;
Umākālī (ଏ ରୂପରୁ ଅଧେ ଉମାରୂପ ଓ ଅଧେ କାଳୀରୂପ)—A conjoined Deity consisting of Umā and Kālī; different forms of the same Goddess Durgā

ଉମାକିଙ୍କର—ସଂ. ବି. ( ୬ଷ୍ଠୀ ତତ୍; ଉମା+କିଙ୍କର )—
Umā kiṅkara ୧ । ପାର୍ବତୀଙ୍କ ଭକ୍ତ—1. A devotee of the Goddess Pārbatī.

୨ । ପାର୍ବତୀଙ୍କ ବାହନ; ସିଂହ—2. The lion ridden by Goddess Pārbatī.

ଉମାଗୁରୁ—ସଂ. ବି. (୬ଷ୍ଠୀ ତତ୍; ଉମା+ଗୁରୁ=ପାର୍ବତୀଙ୍କ ପିତା)—
Umāguru ହିମାଳୟ—The Himalayas.

ବାସୁକୀ ଅଗକଠ ଅଗ୍ର ପୃଥ୍ୱୀ ଲସିତ ଉମାଗୁରୁ ଗୁରୁ କର୍ଣ୍ଣିତ ।
ଉପେ. ବୈଦେହୀଶବିଳାସ ।

ଉମାଧବ—ସଂ ବି. ( ୬ଷ୍ଠୀ ତତ୍; ଉମା+ଧବ )—
Umādhaba ମହାଦେବ; ଶିବ—The God Mahādeba; Śiba.

ଉମାପ୍ରିୟ—ସଂ. ବି. ( ୬ଷ୍ଠୀ ତତ୍; ଉମା+ପ୍ରିୟ )—
Umāpriya ଉମାଧବ ( ଦେଖ ) Umādhaba ( See )

ଉମାସାଇଁ—ଦେ. ବି. (ସଂ. ଉମା+ସ୍ୱାମୀ)—ଉମାପତି; ମହାଦେବ—
Umāsāiṅ The consort of Umā; Mahādeba.
উমাসাঈ
उमासाईं

ଉମେଦ୍—ବୈଦେ ବି (ଅ.)—୧ । ଇଚ୍ଛା; ଅଭିଳାଷ—
Umed 1. Wish; intention,
উমেদ ୨ । ଉଦ୍ଦେଶ୍ୟ—2. Aim.
उमेद् ୩ । ଆଶା—3. Hope; expectation
୪ । ଅପେକ୍ଷା—4. Waiting.
୫ । କାର୍ଯ୍ୟପ୍ରାର୍ଥିତ୍ୱ—5. Candidature for a post.

ଉମେଦୱାର—ବୈଦେ. ବିଣ. (ଅ. ଉମେଦ୍‌ୱାର୍)—ଉମେଦାର (ଦେଖ)
Umedwār Umeddār (See)

ଉମେଦୱାରି—ବୈଦେ. ବି (ଅ. ଉମେଦ୍‌ୱାରୀ)—ଉମେଦାରି (ଦେଖ)
Umedwāri Umeddāri (See)

ଉମେଦୁଆର—ବୈଦେ. ବିଣ. (ଅ. ଉମେଦ୍‌ୱାର୍)—ଉମେଦାର (ଦେଖ)
Umeduār Umeddār (See)

ଉମେଦୁଆରି—ବୈଦେ. ବି. (ଅ. ଉମେଦ୍‌ୱାରୀ)—ଉମେଦାରି (ଦେଖ)
Umeduāri Umeddāri (See)

ଉମେଦାର—ବୈ. ବିଣ. (ଅ. ଉମେଦ୍‌ୱାର୍)—୧ । ପଦପ୍ରାର୍ଥୀ—
Umeddār 1. Applicant; seeking employment
উমেদ্দার ୨ । ଆଶାନ୍ୱିତ—2. Hopeful; hoping.
उमेद्‌वार ୩ । ଅନୁଗ୍ରହପ୍ରାର୍ଥୀ—3. Seeking a favour or boon

୪ । ଅନୁସରଣକାରୀ—4. Supplicant for favour.

୫ । ଉପକାର ପ୍ରତ୍ୟାଶାରେ ଅନ୍ୟର ଉପାସକ—5. Attending on a person in expectation of a favour.

ଦେ. ବି.—୧ । ପଦର ପାଇଁ ଅନୁସରଣ କରୁଥିବା ବ୍ୟକ୍ତି—1. A candidate for a post.

୨ । ଅନୁସରଣକାରୀ ଲୋକ—2. A Suitor.

୩ । କଚେରୀ ବା ଅଫିସ୍ ଆଦିରେ କାମ ଶିଖିବା ଲୋକ; ତାଲିମକାର—3. An apprentice-

ସାଧାରଣ ଲେଖେ ଅପର ସ୍ଥାନରେ ସୂଚିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ ରଖା ହୋଇଅଛି । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥ-କୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅକାରାଦି କ୍ରମରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉମେଦାର—ବୈଦେ. ବ. ( ଅ. ଉମେଦ୍‌ୱାରୀ)—କୌଣସି ଅନୁଗ୍ରହ ଉମେଦ୍‌ୱାରୀ ନିମନ୍ତେ ଅନୁସରଣ ବା ଉପାସନା—
**उमेदवारी** Apprenticeship; supplication.
୨ । ଚାକିରି ପାଇଁ ପ୍ରାର୍ଥନା—2. Candidature.

ଉମେଦ୍ୱାର—ବୈଦେ. ବଣ. ( ଅ. ଉମେଦ୍‌ୱାର୍)—ଉମେଦାର୍ (ଦେଖ)
Umedwār Umeddār (See)

ଉମେଦ୍ୱାରି—ଦେ. ବ. (ଅ. ଉମେଦ୍‌ୱାରୀ)—ଉମେଦାରି (ଦେଖ)
Umedwāri Umeddāri (See)

ଉମେଶ—ସଂ. ବ. (ଉମା=ପାର୍ବତୀ+ଈଶ=ପତି) --
Umeśa ୧ । (୬ଷ୍ଠୀ ତତ୍) ଉମାପତି; ମହାଦେବ—
1. The consort of Umā; Śiba.
୨ । (ଦ୍ୱନ୍ଦ୍ୱ) ହର-ପାର୍ବତୀ—2. Siba and Pārbatī.
ଦେ. ବ. ପୁଂ.—ପୁରୁଷଙ୍କ ନାମ—
Name given to males.

ଉମେଶଚନ୍ଦ୍ର ସରକାର—ଦେ ବ. (ନାମ)— ଉତ୍କଳର ପ୍ରଥମ ଉପନ୍ୟାସ-
Umeśachandra sarakāra ଲେଖକ; 'ପଦ୍ମମାଳୀ' ନାମକ ଐତିହାସିକ ଉପନ୍ୟାସର ରଚୟିତା—The first novel-writer in Utkaḷa, the writer of 'Padmamāḷi' a historical novel.

ଉମେଶ୍ୱର—ସଂ. ବ.—(ଉମା+ଈଶ୍ୱର) ଉମେଶ (ଦେଖ)
Umeśwara Umeśa (See)

ଉମ୍ବର—ସଂ. ବ. (ଉତ୍=ଉପରେ+ବୃ ଧାତୁ=ଆଚ୍ଛାଦନ କରିବା+ଅ; ନିପାତନ ସିଦ୍ଧ)—୧ । ଦେହଲି
Umbara 1. Threshold.
୨ । ଦୁଆରବନ୍ଧର ଉପର କାଠ; ଚଉକାଠର ଉପର କାଠ—2. The uppermost piece of a door-post.

ଉମ୍ବାଇ—ଦେ. ବ. (ସଂ. ଅଗ୍ନି ସ୍ଥ=ବହେଇ; ପ୍ରା. ଉହାଇ)—
Umbhāi ୧ । ଅଗ୍ନି ରଖିବାର ମାଟି ପାତ୍ର—1. Fire-pot
**उन न** ସର୍ପ ଯଂ ଯେ ନଅ ଉମ୍ବାଇ ସକଳ । କୃଷ୍ଣସିଂ. ମହାଭାରତ. ବନ ।
**अङ्गीठा; अङ्गीठी** ୨ । ଅଙ୍ଗାରଧାନିକା—2 Brazier.
୩ । ଉଠାଚୁଲି—3. A temporary, or removeable oven.

ଉମ୍ବାଇବା—ଗ୍ରା. କ୍ରି.—ଉଭାଇବା (ଦେଖ)
Umbhāibā Ubhāibā (See)

ଉମ୍ବେଇ—ଗ୍ରା. ବ.—ଉମ୍ବାଇ (ଦେଖ)
Umbhei Umbhāi (See)

ଉମ୍ବେଇବା—ଗ୍ରା. କ୍ରି.—ଉଭାଇବା (ଦେଖ)
Umbheibā Ubhāibā (See)

ଉର—ପ୍ରାଦେ. (ସମ୍ବଲପୁର) ବ.—(ସଂ. ଅବରୋହ)—ବର-ଓହଳ—
Ur The aerial roots of a Banyan tree.

ଉର—ଦେ. ବ.—ଉରସ୍ (ଦେଖ)
Ura Uras (See)

ଉରଃ—ସଂ. ବ. (ଋ ଧାତୁ+କର୍ତ୍ତୃ. ଅସ୍)—ଉରସ୍ (ଦେଖ)
Urah Uras (See)

ଉରଃକ୍ଷତ—ସଂ. ବ. ( ୬ଷ୍ଠୀ ତତ୍; ଉରଃ=ହୃଦୟ+କ୍ଷତ=ଘା )—
Urahkshata ୧ । ରୋଗବିଶେଷ; ରାଜଯକ୍ଷ୍ମା—
1. Consumption ( disease ).
୨ । ଯେଉଁ ରୋଗରେ ଛାତି ଭିତରେ ଘା ହୋଇ ମୁହଁବାଟେ ରକ୍ତ ପଡ଼େ—2. Tuberculosis; a disease causing bleeding wounds below the chest; an injury to the lungs.

ଉରଃସ୍ଥଳ—ସଂ. ବ. ( ଉରଃ+ସ୍ଥଳ )—ବକ୍ଷୋଦେଶ; ଛାତି—
Urahsthaḷa The breast; the chest.

ଉରକ୍ଷାତସ—ସଂ. ବ—ଉରଃକ୍ଷତ ( ଦେଖ )
Urakshātasa Urahkshata ( See )

ଉରଗ—ସଂ. ବ. ( ଉରସ୍=ଛାତି+ଗମ ଧାତୁ=ଯିବା+କର୍ତ୍ତୃ. ଅ;
Uraga ଯେ ଛାତିଦ୍ୱାରା ଯିବା ଆସିବା କରେ )—
୧ । ସାପ; ସର୍ପ; ଭୁଜଙ୍ଗ—1. Snake; serpent.
୨ । ସୀସକ; ସୀସାଧାତୁ—2. Lead ( metal ).

ଉରଙ୍ଗ
ଉରଙ୍ଗମ } ଅନ୍ୟରୂପ

ଉରଗସ୍ଥାନ—ସଂ. ବ. ( ୬ଷ୍ଠୀ ତତ୍; ଉରଗ+ସ୍ଥାନ )—ନାଗଲୋକ;
Uragasthāna ପାତାଳ—The nether world.

ଉରଗାରି—ସଂ. ବ. ( ୬ଷ୍ଠୀ ତତ୍; ଉରଗ=ସାପ+ଅରି=ଶତ୍ରୁ )—
Uragāri ୧ । ଗରୁଡ଼—1. Garuḍa, the winged attendant of God Bishṇu.
୨ । ମୟୂର—2. Peacock.
୩ । ନେଉଳ—3. Mongoose; ichneumon

ଉରଗାଶନ—ସଂ. ବ. (ବହୁବ୍ରୀହି; ଉରଗ=ସାପ+ଅଶନ=ଭୋଜନ)—
Uragāśana ଉରଗାରି ( ଦେଖ )—Uragāri ( See )

ଉରଗାସନ—ସଂ. ବ. ( ବହୁବ୍ରୀହି; ଉରଗ=ସର୍ପ; ଅନନ୍ତ+ଆସନ=ଶଯ୍ୟା )—ଅନନ୍ତଶାୟୀ; ବିଷ୍ଣୁ—
Uragāsana A name of Bishṇu.

ଉରଗେନ୍ଦ୍ର—ସଂ. ବ. ( ୬ଷ୍ଠୀ ତତ୍; ଉରଗ+ଇନ୍ଦ୍ର )—
Uragendra ସର୍ପମାନଙ୍କ ରାଜା; ବାସୁକୀ—
Bāsuki; the king of serpents.

ଉରଙ୍ଗ—ସଂ. ବ—ଉରଗ ( ଦେଖ )
Uraṅga Uraga ( See )
ଦେ. ବ. ପାଟଣାଗଡ଼ଜାତର ଚଳିତ ଅନାର୍ଯ୍ୟ ଭାଷାବିଶେଷ—
A Non-Aryan spoken language of the Patana feudatory state of Oḍiśā.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଃ | ଖ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଃ | ଓ | ଙ୍କ |

ଉରଙ୍ଗମ—ସଂ. ବି.—ଉରଗ ( ଦେଖ )
Urangama Uraga ( See )

ଉରଜ—ଦେ. ବି. ( ସଂ. ଉରୋଜ )—କୁଚ; ସ୍ତନ—Female
Uraja breast; fleshy glandular protuberance on the breast of developed female animals.

ଉରଣ—ସଂ. ବି. ( ଋ ଧାତୁ=ଗମନ କରିବା+କର୍ତ୍ତୃ. ଅନ )—
Urana ୧। ମେଷ; ମେଣ୍ଢା—1. Sheep; ram.
୨। ମେଘ—2. Cloud.

ଉରଣାକ୍ଷ—ସଂ. ବି. ( ବହୁବ୍ରୀହି; ଉରଣ = ମେଣ୍ଢା + ଅକ୍ଷି = ଆଖି;
Uranāksha ଫୁଲ ମେଣ୍ଢା ଚକ୍ଷୁ ପରି ହୋଇଥିବାରୁ )—
ବୃକ୍ଷବିଶେଷ—ଚକୁଣ୍ଡା ( ଦେଖ )
Chākundā ( See )

ଉରପୁଟି—ଦେ. ବି. ( ସଂ. ଉରଃ+ପୁଟ )—ବାଦ୍ୟବିଶେଷ—
Uraputi A kind of drum tied to the breast while beaten

ଉରବାସ—ଦେ. ବି. ( ସଂ. ଉରସ୍+ବାସ )—ଛାତି ଉପରର ଲୁଗା;
Urabāsa ସ୍ତ୍ରୀଲୋକଙ୍କ ପିନ୍ଧା ଲୁଗାର ଯେଉଁ ଅଂଶ ଛାତି ଉପରେ ଥାଏ—Part of the cloth worn by a woman which is over her breast

> ପିବାବେଳେ ମଦ ମନକେ ଉରବାସ,
> ଉଠିଣ ବସିଥିଲା ବୃଚ ମୂଳଦେଶ—କୃଷ୍ଣସିଂହ. ମହାଭାରତ. ବନ।

ଉରଭ୍ର—ସଂ. ବି. (ଉରୁ—ଅଧିକ+ଭ୍ରମ ଧାତୁ=ବୁଲିବା+କର୍ତ୍ତୃ. ଅ)—
Urabhra ଉରଣ ( ଦେଖ )—Urana ( See )

ଉରରୀ—ସଂ. ଅ. ( ବେ ଧାତୁ=ବୁଣିବା+କର୍ମ. ଖିପ୍; ନିପାତନ )—
Urari ୧। ପ୍ରତିଶ୍ରୁତି; ଅଙ୍ଗୀକାର—
1. Acknowledgement; promise
୨। ବିସ୍ତାର—2. Spreading; expanding.
୩। ପରିତ୍ୟାଗ—3. Abandonment.

ଉରରୀକୃତ—ସଂ. ବିଣ. ( ଉରରୀ+କୃତ )—
Urarikruta ୧। ପ୍ରତିଶ୍ରୁତ; ଅଙ୍ଗୀକୃତ—
1. Acknowledged; promised
୨। ପ୍ରସାରିତ; ବିସ୍ତାରିତ—
2. Spread out; expanded.
୩। ପରିତ୍ୟକ୍ତ—3. Abandoned; relinquished

ଉରଶଲ—ଦେ. ବି. ( ସଂ. ଉରଃ+ଶଲ୍ୟ )—
Urasala ୧। ବୀରତ୍ୱବ୍ୟଞ୍ଜକ ଉପାଧିବିଶେଷ—
1. A title denoting bravery.
୨। ଅଧିପତି—2. A chief; chieftain
୩। ଶ୍ରେଷ୍ଠ ବ୍ୟକ୍ତି—3. Principal person.
ଦେ. ବିଣ—ଶ୍ରେଷ୍ଠ—Chief; principal.

ଉରଶ୍ଛଦ—ସଂ. ବି. ( ଉରସ୍+ଛଦ ଧାତୁ=ଆଚ୍ଛାଦନ କରିବା+କରଣ
Uraśchhada ଅ )—ଉରସ୍ତ୍ର ( ଦେଖ )
Urastra ( See )

ଉରସ୍—ସଂ. ବି. ( ଋ ଧାତୁ=ଗମନ କରିବା+କର୍ତ୍ତୃ. ଅସ୍ )—
Uras ୧। ବକ୍ଷସ୍ଥଳ; ହୃଦୟ—1. Heart; breast.
୨। ଛାତି—2. Chest, bosom.
୩। ( ଲକ୍ଷଣାର୍ଥ ) ଉପରିଭାଗ—3 Surface
ସଂ. ବିଣ—୧। ପ୍ରଧାନ—1. Chief
୨। ଉତ୍ତମ—2. Good.

ଉରସ—ଦେ. ବି ( ସଂ. ଉରସ୍ )—ଉରସ୍ ( ଦେଖ )
Urasa Uras ( See )

> ସ୍ପୃହେତ ଶିଳା ସେ ଚେଳ ଉରସେ—ଜଗନ୍ନାଥ. ନେବଭୂତ।

ଉରସିଜ—ସଂ. ବି ( ଉରସି=ଛାତିରେ+ଜନ ଧାତୁ=ଜାତ ହେବା+
Urasija କର୍ତ୍ତୃ ଅ )—ସ୍ତ୍ରୀମାନଙ୍କ ସ୍ତନ; କୁଚ—
(ଉରୋଜ—ଅନ୍ୟ ରୂପ) Female breast.

ଉରସିଲ—ସଂ. ବିଣ. ପୁଂ ( ଉରସ୍=ଛାତି+ପ୍ରଶସ୍ତାର୍ଥେ. ଇଲ )—
Urasila ପ୍ରଶସ୍ତ ବକ୍ଷସ୍ଥଳବିଶିଷ୍ଟ; ଯାହାର ଛାତି ଚଉଡ଼ା—
(ଉରସିଲା—ସ୍ତ୍ରୀ) Full-breasted; broad-chested.

> ଅସୁରଙ୍କ ଉରସିଲ ପୋଉଷେଣ ବାରେ—ଜଗନ୍ନାଥ. ମହାଯାତ୍ରା।

ଉରସ୍ତ୍ର—ସଂ. ବି. (ଉରସ୍+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—
Urastra ୧। କବଚ—1. Armour
୨। ସାଞ୍ଜୁ—2. Coat of mail.
୩। ବର୍ମ—3. Breast-plate.
୪। ଛାତି ଘୋଡ଼ାଇବାର କୁର୍ତ୍ତିବିଶେଷ—
4. A jacket.

ଉରସ୍ତ୍ରାଣ—ସଂ. ବି ( ଉରସ୍+ତ୍ରୈ ଧାତୁ+କର୍ତ୍ତୃ. ଅନ )—
Urastrāna ଉରସ୍ତ୍ର ( ଦେଖ )
Urastra (See)

ଉରସ୍ୟ—ସଂ. ବି. ପୁଂ ( ଉରସ୍=ଛାତି; ହୃଦୟ+ଜାତାର୍ଥେ. ଯ )—
Urasya ୧। ଔରସ ସନ୍ତାନ—1. A legitimate child.
(ଉରସ୍ୟା—ସ୍ତ୍ରୀ) ୨। ସ୍ୱଜାତ ସନ୍ତାନ—2. Child begotten by the father.
ସଂ. ବିଣ—ଔରସ—Begotten by the father.

ଉରସ୍ୱାନ୍—ସଂ. ବିଣ. ପୁଂ ( ଉରସ୍=ବକ୍ଷସ୍ଥଳ+ଅସ୍ତି ଅର୍ଥରେ. ବତ୍;
Uraswān ୧ମା. ୧ବ. )—୧। ପ୍ରଶସ୍ତ ବକ୍ଷସ୍ଥଳବିଶିଷ୍ଟ—
(ଉରସ୍ୱତୀ—ସ୍ତ୍ରୀ) 1. Full-breasted
୨। ବିଶାଳବକ୍ଷା—2. Broad-chested.
୩। ବଳବାନ୍—3. Stout and strong.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟେ ଚିହ୍ନିତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା:— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳକେ' ନ ପାଇଲେ 'ଅଳକ୍ତ' ଦେଖିବେ

**ଉରା**—ଦେ. ବି. ( ସଂ. ଅବେଷ୍ଟନ )—୧ । ଗୃହର ଉପରସ୍ଥ କାଷ୍ଠ-
**Urā** ଯନ୍ତ୍ରଣବିଶେଷ; ଯେଉଁ କାଠ ଉପରେ ଷେଣୀ ଯାଏ, ଓଳ—1. Cross-beam of a thatched house.

ଗଣ୍ଡ ଶ୍ରେଣୀ ଉରା ଦେଖେ ଲଗିଅଛି ତହିଁ । ପ୍ରାଚୀ—ଚୁମ୍ବନଚୂଡ଼ାମଣିଗୀତା ।

୨ । ମଦ୍ୟଭାଣ୍ଡ; ଯେଉଁ ଭାଣ୍ଡ ଖଜୁରି ଗଛର ବେକରେ ବନ୍ଧା ଯାଏ ଓ ଯହିଁରେ ଗଛରୁ ଝରିବା ତାଡ଼ି ସଞ୍ଚିତ ହୁଏ—2. The earthen pot tied to the neck of palm trees for the toddy juice being deposited therein.

**ଉରାଂଉଟାଂ**—ଦେ. ବି—ଓରାଂଉଟାଂ ( ଦେଖ )
**Urāmuṭām** Orāmuṭām ( See )

**ଉରାଙ୍ଗୁଟାଙ୍ଗ୍**—ଦେ. ବି—ଉରାଂଉଟାଂ ( ଦେଖ )
**Urāṅguṭāṅg** Urāmuṭām ( See )

**ଉରାଡ଼ି**—ପ୍ରାଦେ. ( ଗଡ଼ଜାତ ) ବି—ରଡ଼ି—Loud cry.
**Urāṛdi** ( ଯଥା— ଉରାଡ଼ି ପକେଇ ପକେଇ ମୋ ତୋଣ୍ଟ ଶୁଖି ଗଲାଣି । )

**ଉରାଁନ୍‌ପଡ଼ି**—ପ୍ରାଦେ (ସମ୍ବଲପୁର) ବି—ଘରର କଇଁଚ; ମୁଣ୍ଡରେ ଛକା
**Urānparḍi** ହୋଇ ସଂଯୁକ୍ତ ହୋଇଥିବା ଦୁଇଟି ଲମ୍ବା କାଠ ବା ବାଉଁଶ ( ଏହା ଉପରେ ଷେଣୀ ରଖାଯାଏ )—Truss (in a thatched house).

**ଉରାପାଣି**—ଗ୍ରା. ବି—(ଯେଉଁ ପାଣି ଉରାରେ ଥାଏ) ତାଡ଼ି; ଖଜୁରିରସ—
**Urāpāṇi** Toddy-juice; juice of the toddy palm

**ଉରାଳିଆ**—ଦେ. ବଣ. ପୁଂ ଓ ସ୍ତ୍ରୀ—ଅଲବଲିଆ ( ଦେଖ )
**Urāḷiā** Alabaliā ( See )

**ଉରି**—ପ୍ରାଦେ. ( ସମ୍ବଲପୁର ) ବି—୧ । ବନ୍ଧୁବାନ୍ଧବମାନଙ୍କ ଘରକୁ
**Uri** ବିବାହ, ବ୍ରତ ଆଦି ଶୁଭକର୍ମମାନଙ୍କରେ ପଠାଯିବା
(ବାଉଁଶ—ବିପରୀତ) ଭେଟି—1. Presents sent to a friend's house on ceremonial occasions

୨ । ତିହାରି ( ଦେଖ )
2. Tibāri ( See )

**ଉରିଆ**—ଦେ ବି—୧ । ଘୃତଲିପ୍ତ ପକ୍ୱାନ୍ନ—
**Uriā** 1. Boiled rice soaked with ghee.

୨ । ରାଜାମାନଙ୍କ ଖାଇବା ଯୋଗ୍ୟ ଚାଉଳ; ସରୁ ଓ ଉତ୍କୃଷ୍ଟ ଚାଉଳ—2. Fine rice meant for the consumption of a Rājā

୩ । ରାଜାଙ୍କ ନିମନ୍ତେ ପ୍ରସ୍ତୁତ ବା ଅଭିପ୍ରେତ ଅନ୍ନ—
3. Boiled rice intended for the royal meal.

ସରୁ ଉରିଆ ଭୁଞ୍ଜାଇ ବାହ୍ମଣଙ୍କ ବେଠିଅରେ କଟକ ପଠାଇ ଦେଲେ ।
ପଦ୍ମାକରମୋହନ—ଗଳ୍ପସ୍ୱଳ୍ପ ।

**ଉରୀ**—ସଂ. ଅ—ଉରରୀ ( ଦେଖ )
**Urī** Urarī ( See )

**ଉରୀକୃତ**—ସଂ. ବଣ—ଉରରୀକୃତ ( ଦେଖ )
**Urīkṛuta** Urarīkṛuta ( See )

**ଉରୁ**—ସଂ. ବଣ ( ଊର୍ଣ୍ଣୁ=ଆଚ୍ଛାଦନ କରିବା + କର୍ତ୍ତୃ. ଉ )—
**Uru** ୧ । ପ୍ରଚୁର—1. Ample.
୨ । ବିଶାଳ; ବଡ଼—2 Large; great
୩ । ମହତ୍; ଅତିଶୟ—3. Excessive
୪ । ବ୍ୟାପ୍ତ—4 Spreading; diffused.
ସ. ବି—ବୀଜ; ମଞ୍ଜି—Seed

**ଉରୁକ୍ରମ**—ସଂ. ବି. (ବହୁବ୍ରୀହି; ଉରୁ=ବ୍ୟାପ୍ତ + କ୍ରମ=ପାଦକ୍ଷେପ)—
**Urukrama** ବିଷ୍ଣୁଙ୍କ; ବାମନ ଅବତାର; ( ଯେଉଁ ଅବତାରରେ ବିଷ୍ଣୁ ଏକ ପଦ ଆକାଶରେ ଓ ଏକ ପଦ ପୃଥିବୀରେ ରଖିଥିଲେ )—Bishṇu in the incarnation of Bāmana when He took a big step;—one step in the earth and the other beyond it.

**ଉରୁଚାରୁ**—ଦେ. ବି. (ସଂ. ଉରୁ + ଚାରୁ)—ଜଙ୍ଘର ଶୋଭା; ସୁନ୍ଦର ଜଙ୍ଘ—
**Uruchāru** Graceful thigh.

ସେତ ଉରୁଚାରୁ ପାଇବ ଜାନୁ ଦେଖ ଦେଉ ସୁନ୍ଦର ।
ଭଞ୍ଜ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉରୁଧ**—ଗ୍ରା. ବି. ଓ ବଣ. (ସଂ. ଊର୍ଦ୍ଧ୍ୱ)—ଊର୍ଦ୍ଧ୍ୱ ( ଦେଖ )
**Urudha** Urddhwa (See)

**ଉରୁବଶୀ**—ଗ୍ରା. ବି. ସ୍ତ୍ରୀ. (ସଂ. ଉର୍ବଶୀ)—ଉର୍ବଶୀ (ଦେଖ)
**Urubasī** Urbasī (See)

ରମ୍ଭା ଉରୁବଶୀରେ ସମା ରମ୍ଭା-ଉରୁ ବଶି ।
ଅଙ୍କେ ଥିଲେ ନ ଲେଖୁ ରମ୍ଭା ଉରୁବଶୀ । ସଙ୍ଗୀତ ।

**ଉରୁବିକ୍ରମ**—ସଂ. ବଣ. ପୁଂ. (ବହୁବ୍ରୀହି; ଉରୁ=ବିଶାଳ + ବିକ୍ରମ)—
**Urubikrama** ମହା ପରାକ୍ରମଶାଳୀ; ଅତି ପରାକ୍ରମୀ—
(ଉରୁବିକ୍ରମା - ସ୍ତ୍ରୀ) Very powerful

"ହେ ଚଳାପାଙ୍ଗି; ଯେହେତୁ ତୁମ୍ଭେ ରତ୍ନସ୍ୱରୂପା, ଅତଏବ ମତେ ବା ମୋର ଉରୁବିକ୍ରମ ଅନୁଜ ନିଶୁମ୍ଭଙ୍କୁ ତୁମ୍ଭେ ବରଣ କର ।"
ଦୁର୍ଗାଙ୍କ ନିକଟକୁ ଶୁମ୍ଭାସୁର ପ୍ରେରିତ ଦୂତବାକ୍ୟ ।
ଚଣ୍ଡୀପୁରାଣ, ୫ମ ଅଧ୍ୟାୟ, ୧୧୩ ।

**ଉରୁବୁକ**—ସଂ. ବି. (ଉରୁ=ମହତ୍ + ବେ ଧାତୁ=ଶୁଷ୍କ କରିବା + କର୍ତ୍ତୃ. ଉକ=ଯେ ମହତ୍ ପୀଡ଼ା ନାଶ କରେ ।)—ଏରଣ୍ଡ-
**Urubuka** ଗଛ; ଗବଗଛ – The castor-seed plant

**ଉରୁବୂକ**—ସଂ. ବି. (ଉରୁ + ବେ ଧାତୁ + ଊକ)—ଉରୁବୁକ (ଦେଖ)–
**Urubūka** Urubuka (See)

**ଉରୁମ୍**—ପ୍ରାଦେ. (ସମ୍ବଲପୁର) ବଣ. (ସଂ. ଉଷ୍ଣ)—ଈଷଦୁଷ୍ଣ; ଈଷଦୁଷ୍ଣ—
**Urum** Slightly hot; tepid; lukwarm.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଣ,ଷ | ଞ | ଇଯ୍ | ଉଅ | ଲ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଂ | ଙ୍ୟ | ଇଅ | ୱ | ଳ |

ଉରୁମାଲ—ବୈଦେ. ଗ୍ରା. ବି. (ଫା. ରୁମାଲ)—ରୁମାଲ—
Urumāla Handkerchief.
रूमाल
उरमाल

ଉରୁମ୍ଭି—ଦେ. ବିଣ. (ସଂ. ରୁଦ୍ଧ)—୧ । ହାମ୍ପୁଥିବା; ଊର୍ଦ୍ଧ୍ୱଶ୍ୱାସ—
Urumbhi 1. Gasping.
୨ । ଅମୁର୍ଚ୍ଛ।—2. Feeling suffocated.
୩ । ରୁଦ୍ଧଶ୍ୱାସ—3. Out of breath; breathless
ବି.—୧ । ହାମ୍ପିବା—1 Gaspings.
୨ । ରୁଦ୍ଧଶ୍ୱାସ ଅବସ୍ଥା—2 Feeling of suffocation.

ଉରୁମ୍ଭିବା—ଦେ. କ୍ରି. ସଂ. (ରୁଦ୍ଧ)—୧ । ରୁନ୍ଧିବା—
Urumbhibā 1. To obstruct
रोध करना ୨ । (ଶ୍ୱାସ) ରୋଧ ହେବା—
रोकना 2. To become suspended; to be pent up.

ଉରୁମ୍ଭି ଲାଗିବା—ଦେ. ବି.—ଶ୍ୱାସରୋଧ ହେଲା ପରି ଜଣାଯିବା—
Urumbhi lāgibā Feeling of suffocation.
(ଯଥା—ଏ ଘର ଭିତରେ ମତେ ଉରୁମ୍ଭି ଲାଗୁଛି ।)

ଉରୁମ୍ଭି ହେବା—ଦେ. କ୍ରି—ଶ୍ୱାସରୋଧ ଯୋଗୁଁ ନିଃଶ୍ୱାସ ମାରିବାକୁ କଷ୍ଟ
Urumbhi hebā ପାଇବା—To feel pent up or suffocated.

ଉରୁରୀ—ସଂ. ଅ.—ଉରରୀ (ଦେଖ)—
Ururī Urarī (See)

ଉରୁରୀକୃତ—ସଂ. ବିଣ.—ଉରରୀକୃତ (ଦେଖ)
Ururīkṛuta Urarīkṛuta (See)

ଉରୁସତ୍ତ୍ୱ—ସଂ. ବିଣ. ପୁଂ. ( ବହୁବ୍ରୀହି; ଉରୁ=ବିଶାଳ+ସତ୍ତ୍ୱ=ବଳ.)
Urusatwa ୧ । ମହାବଳ; ବଳବାନ୍—1. Of great strength.
(ଉରୁସତ୍ତ୍ୱା—ସ୍ତ୍ରୀ)
୨ । ମହାମନା—2. Of lofty nature, high-minded.

ଉରୁସା—ପ୍ରାଦେ. ( ଉତ୍ତରଗଡ଼ଜାତ )ବି.—ବୃହତ୍ ଅରଣ୍ୟ ଗୁଳ୍ମ-
Urusā ବିଶେଷ । (ଏହା ଉଚ୍ଚରେ ୬ ଫୁଟ ଠାରୁ ୨୦ ଫୁଟ ପର୍ଯ୍ୟନ୍ତ ବଢ଼େ । ଏହାର ଫୁଲ ଧଳା ଓ ଫଳ ହଳଦିଆ ରଙ୍ଗ )—
Solanum

ଉରୁପା—ଦେ. ବି.—ଇଉରୋପ—Europe,
Urūpā
ଉରୁପାଦଳନ ଦର୍ପୀ ନେପୋଲିୟନ । ରଧୁନାଥ—କବିତାବଳୀ ।

ଉରୋଗାମୀ—ସଂ. ବିଣ. ପୁଂ (ଉରସ୍=ଛାତି+ଗମ ଧାତୁ=ଯିବା+କର୍ତ୍ତୃ.
Urogāmi ଇନ୍; ୧ମା ୧ବ.)—ଯେ ଛାତିରେ ଭର ଦେଇ ଗୁରେ
(ଯଥା—ସାପ, ଯୋକ, ଜୋକ)—Creeping;
going on the belly or breast (e.g. serpent; worms.)

ଉରୋଜ—ସଂ. ବିଣ. (ଉରସ୍=ଛାତି+ଜନ୍ ଧାତୁ=ଜାତ ହେବା+
Uroja କର୍ତ୍ତୃ. ଅ)—ଉରଜ (ଦେଖ)
Uraja (See)

ଊର୍ଜ—ଦେ. ବି.—୧ । ଢଙ୍ଗ; ଛାନ୍ଦ—
Urja 1. Mode.
ଦେବତାଙ୍କ ଭୁଜେ, ଉଦୟ ହେବେ କବ ଦୃଶ୍ୟ ଊର୍ଜେ । ଭକ୍ତ ପ୍ରେମସୁଧାନିଧି ।
୨ । (ସଂ. ଊର୍ଜ) କାର୍ତ୍ତିକ ମାସ—
2. The month of Kārttika.
ଶୁକ୍ଳ ନବମୀ ଊର୍ଜ ମାସେ । ଜଗନ୍ନାଥ. ଭାଗବତ ।

ଊର୍ଣ୍ଣ ( ଧାତୁ )—ସଂ.—ଆଚ୍ଛାଦନ କରିବା—To cover; to
Urnna root) envelop.

ଊର୍ଣ୍ଣନାଭ—ସଂ. ବି, ( ବହୁବ୍ରୀହି; ଊର୍ଣ୍ଣା=ସୂତା+ନାଭି=ନାହି; ଯାହା
Urṇṇanābha ନାହିରୁ ସୂତା ବାହାରେ)—ବୁଢ଼ିଆଣୀ;
ମାକଡ଼ସା—Spider.

ଊର୍ଣ୍ଣନାଭି—ସଂ. ବି. (ବହୁବ୍ରୀହି; ଊର୍ଣ୍ଣ+ନାଭି)—ଊର୍ଣ୍ଣନାଭ (ଦେଖ)
Urṇṇanābhi Urṇṇanābha (See)

ଊର୍ଣ୍ଣା—ସଂ. ବି. ସ୍ତ୍ରୀ. ( ଊର୍ଣ୍ଣ ଧାତୁ=ଆଚ୍ଛାଦନ କରିବା+କରଣ, ଅ.
Urṇṇā ସ୍ତ୍ରୀ. ଆ )—୧ । ବୁଢ଼ିଆଣୀ ସୂତା—
1. Spider's thread; cobweb.
୨ । ପଶମ; ମେଷାଦି ପଶୁଙ୍କର ଲୋମ—
2. Wool; fur of animals.
୩ । ମହାପୁରୁଷମାନଙ୍କର ଲଲାଟରେ ଦେଖାଯିବା ଲୋମ
ବିଶିଷ୍ଟ ଚିହ୍ନବିଶେଷ—3. A furred sign found on the brows of great men.

ଊର୍ଣ୍ଣାବସ୍ତ୍ର—ସଂ. ବି. ( ମଧ୍ୟପଦଲୋପୀ; ଊର୍ଣ୍ଣା ନିର୍ମିତ ବସ୍ତ୍ର )—
Urṇṇābastra ପଶୁଲୋମ ନିର୍ମିତ ଲୁଗା; ପଶମ-କପଡ଼ା—
Woollen cloth.

ଊର୍ଣ୍ଣାମୟ—ସଂ. ବିଣ. ( ଊର୍ଣ୍ଣା+ପ୍ରାଚୁର୍ଯ୍ୟାର୍ଥେ. ମୟ )—
Urṇṇāmaya ଊର୍ଣ୍ଣା ନିର୍ମିତ—Woollen.

ଊର୍ଦ୍ଦ ( ଧାତୁ )—ସଂ.—ଓଦା ହେବା; ଆର୍ଦ୍ର ହେବା—
Urdda ( root ) To become wet
(ଊର୍ଦ୍ଦ—ଅନାବ୍ଧପ)

ଉର୍ଦ୍ଦୁ—ବୈଦେ. ବି. (ତୁର୍କୀ ଭାଷା; ଏଥିର ଅର୍ଥ ସେନା ବା ସେନାଶିବିର;
Urdu ଅତଏବ ସେନାଶିବିରରେ ବ୍ୟବହୃତ ଭାଷା )—
ਉਰ੍ਦੂ ହିନ୍ଦୁସ୍ଥାନୀ ଭାଷା; ଫାରସୀ ଓ ହିନ୍ଦୀ ଏହି ଦୁଇଭାଷାର ସମ୍ମିଶ୍ରଣରେ
उर्दू ରଚିତ ଭାଷା—The Urdu or Hindusthāni language; The linguafranka of North India.
[ ବ୍ର—ମୁସଲମାନମାନଙ୍କ ଆଧିପତ୍ୟ ସମୟରେ ଆରବୀ ବା ଫାରସୀ ଏବଂ ସଂସ୍କୃତ ଶବ୍ଦମାନଙ୍କର ସମବାୟରେ ସୃଷ୍ଟ ଉତ୍ତର ଭାରତର ହିନ୍ଦୁ ଓ ମୁସଲମାନଙ୍କଦ୍ୱାରା ବ୍ୟବହୃତ ଭାଷା ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଙ୍ଗେ ସଙ୍ଗେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠି' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏହା ଆରବୀ ଓ ନାଗରୀ ଅକ୍ଷରରେ ଲେଖା ହୁଏ । ଏଥିରେ ଅନେକ ହିନ୍ଦି ବା ସଂସ୍କୃତମୂଳକ ଶବ୍ଦର ବ୍ୟବହାର ଅଛି । ଇଂରାଜ ଅଧିକାର ପୂର୍ବରୁ ମୋଗଲ ଭାରତରେ ଏହାହିଁ ରାଜକୀୟ ଭାଷାରୂପେ ବ୍ୟବହୃତ ହେଉଥିଲା । ବିଶେଷତଃ ମୋଗଲସେନାରେ ଫାରସୀ, ତୁର୍କୀ, ଆରବୀ ଓ ହିନ୍ଦୁସ୍ଥାନୀ ଅନେକ ଲୋକ ଭରତି ହେଉଥିଲେ । ]

ଊର୍ଦ୍ଧ୍ୱା— ଦେ. ବି—ପ୍ରାଚୀନ କାଳରେ ବ୍ୟବହୃତ ଅର୍ଣ୍ଣବପୋତବିଶେଷ—
Urddhwā ( ଜଗବନ୍ଧୁ—ପ୍ରାଚୀନଉତ୍କଳ )—
A kind of ancient sea-going vessel.

ଉଦ୍ର—ସଂ. ବି. ( ଉନ୍ଦ ଧାତୁ = ଓଦା ହେବା + ସଂଜ୍ଞାର୍ଥେ. ର )—
Urdra ଓଧ; ଉଧ; ଉଦ୍ବିଡାଳ—Otter.
(ଉଦ୍ର—ଅନ୍ୟରୂପ)

ଊର୍ଧ ( ଇତ୍ୟାଦି )—ଗ୍ରା. ବି—ଊର୍ଦ୍ଧ୍ୱ ଇତ୍ୟାଦି ( ଦେଖ )
Urdha (etc) Urddhwa etc ( See )
(ଉର୍ଦ୍ଧ—ଅନ୍ୟରୂପ )

ଊର୍ଧକଶରଦ—ଗ୍ରା. ବି—ଊର୍ଦ୍ଧ୍ୱଶ୍ଳେଷ୍ମ ( ଦେଖ )
Urdhakaśarada Urddhwaśleshma ( See )

ଊର୍ଧବ—ଗ୍ରା. ବି. (ନାମ) ( ସଂ. ଉଦ୍ଧବର ଅଶୁଦ୍ଧ ଉଚ୍ଚାରଣ )—
Urdhaba ଉଦ୍ଧବ ( ଦେଖ )
উদ্ধো Uddhaba ( See )
(ଉର୍ଦ୍ଧବ—ଅନ୍ୟରୂପ)

ଊର୍ଧଶ୍ଳେଷମ—ଦେ. ବି. ( ସଂ. ଊର୍ଦ୍ଧ୍ୱଶ୍ଳେଷ୍ମ )—
Urdhaślaeshama ଊର୍ଦ୍ଧ୍ୱଶ୍ଳେଷ୍ମ ( ଦେଖ )
Urddhwaśleshma ( See )

ଉର୍ବ—ସଂ. ବି. ( ନାମ ) — ମୁନିବିଶେଷ—
Urba A sage of that name.
(ଉର୍ବ—ଅନ୍ୟରୂପ)

ଉର୍ବର—ସଂ. ବିଣ. ( ଉ+ର ଧାତୁ = ଦିବା + କର୍ତ୍ତୃ. ଅ )—
Urbara ୧ । ପ୍ରଚୁର ଶସ୍ୟୋତ୍ପାଦିକା ଶକ୍ତି ଥିବା ଭୂମି (ସରୁପ୍ରକାର
(କପସାଳ—ଅନୁର୍ବର) ଶସ୍ୟ ବା ଫଳମୂଳ ଯେଉଁ ଭୂମିରେ ଜନ୍ମି
(ଉର୍ବର—ଅନ୍ୟରୂପ) ପାରେ )—1. Fertile ( land ); capable of producing plenty of corn.
୨ । ନବନବୋନ୍ମେଷଶାଳିନୀ ( ବୁଦ୍ଧି )—
2. Ingenuous (intellect); productive. (mind.)
୩ । ନବନବୋଦ୍ଭାବନଶୀଳ ( ମନ )—
3 Inventive ( mind ).

ଉର୍ବରତା—ସଂ. ବି. ( ଉର୍ବର + ଭାବ. ତା )—
Urbaratā ଉର୍ବରାଶକ୍ତି ( ଦେଖ )
(ଉର୍ବରତା—ଅନ୍ୟରୂପ) Urbarāśakti ( See )

ଉର୍ବରମସ୍ତିଷ୍କ—ସଂ. ବି. ( ଅଧୁନାତନ ବ୍ୟବହାର )—
Urbaramastiska ନବନବୋଦ୍ଭାବନଶୀଳ ଚିନ୍ତାଶକ୍ତି—
(ଉର୍ବରମସ୍ତିଷ୍କ—ସ୍ତ୍ରୀ) Fertile brain; inventive genius.
ଦେ. ବିଣ. ପୁଂ—ନବନବୋଦ୍ଭାବନଶୀଳ—
Having a fertile brain.

ଉର୍ବରା—ସଂ. ବିଣ. ସ୍ତ୍ରୀ. ( ଉର୍ବର + ସ୍ତ୍ରୀ. ଆ )—ଉର୍ବର ( ଦେଖ )
Urbarā Urbara ( See )
(ଉର୍ବରା—ଅନ୍ୟରୂପ)

ଉର୍ବରାଶକ୍ତି—ସଂ. ବି—୧ । ଭୂମିର ଶସ୍ୟୋତ୍ପାଦିକା ଶକ୍ତି—
Urbarāśakti 1. Fertility; productivity.
(ଉର୍ବରାଶକ୍ତି—ଅନ୍ୟରୂପ) ୨ । ନବନବୋନ୍ମେଷଶାଳିନୀ ବୁଦ୍ଧି ବା କ୍ଷମତା—2 Ingenuity.

ଉର୍ବଶୀ—ସଂ. ବି. ସ୍ତ୍ରୀ. ( ଉରୁ = ମହତ୍ + ବଶ୍ ଧାତୁ = ବଶୀଭୂତ
Urbaśī କରିବା + କର୍ତ୍ତୃ ଅ + ସ୍ତ୍ରୀ. ଈ )—
(ଉର୍ବଶୀ—ଅନ୍ୟରୂପ) ୧ । ଅପ୍ସରା ବା ସ୍ୱର୍ଗବେଶ୍ୟାବିଶେଷ—
1. A courtesan of the Indra's court; one of the heavenly dancing girls or nymphs of the Hindu mythology.
୨ । ଆସାମର କାମରୂପାନ୍ତର୍ଗତ ନଦୀବିଶେଷ—
2. Name of a river in Assam

ଉର୍ବଶୀବଲ୍ଲଭ—ସ. ବି. ( ୬ଷ୍ଠୀ ତତ୍; ଉର୍ବଶୀ + ବଲ୍ଲଭ )—
Urbaśīballabha ଉର୍ବଶୀରମଣ ( ଦେଖ )
Urbaśīramaṇa ( See )

ଉର୍ବଶୀରମଣ—ସ. ବି ( ୬ଷ୍ଠୀ ତତ୍; ଉର୍ବଶୀ+ରମଣ )—
Urbaśīramaṇa ରାଜା ପୁରୁରବା—The King Pururabā of ancient India

ଉର୍ବାରୁ—ସଂ. ବି. ସ୍ତ୍ରୀ ( ଉରୁ = ବଡ଼ + ଅରୁ = ଯେ ପାଏ; ଯାହା
Urbāru ବୀଜପୂର୍ଣ୍ଣ )—
(ଉର୍ବାରୁ—ଅନ୍ୟରୂପ) କାକୁଡ଼ି; କର୍କଟିକା—Cucumber

ଉର୍ବୀ—ସ. ବି. ସ୍ତ୍ରୀ ( ଉରୁ = ବୃହତ୍ + ସ୍ତ୍ରୀ. ଈ; ଯାହାର ଉପର ଅତି
Urbī ବିସ୍ତୀର୍ଣ୍ଣ )—ଭୂମି; ପୃଥିବୀ; ବସୁଧା—
( ଉର୍ବୀ—ଅନ୍ୟରୂପ) The earth

ଉର୍ବୀଧର—ସଂ ବି ( ଉର୍ବୀ = ପୃଥିବୀ + ଧୃ ଧାତୁ = ଧରିବା +
Urbidhara କର୍ତ୍ତୃ. ଅ )—
(ଉର୍ବୀଧର—ଅନ୍ୟରୂପ) ପର୍ବତ—Mountain
[ ବି— ଯେତେବେଳେ ବ୍ରହ୍ମା ପ୍ରଥମେ ପୃଥିବୀକୁ ସୃଷ୍ଟି କଲେ ସେତେବେଳେ ପୃଥିବୀ ସମୁଦ୍ର ଉପରେ ଭାସମାନ ଅବସ୍ଥାରେ ଟଳଟଳ ହେଲା; ତେଣୁ ପୃଥିବୀକୁ ସ୍ଥିର ରଖିବା ପାଇଁ ବ୍ରହ୍ମା କୀଳରୂପେ ପର୍ବତ ସୃଷ୍ଟି କରିଥିଲେ । କାଠ ପଟାଳକୁ ଖୁଣ୍ଟ ପୋତି ଯେପରି ପାଣି ଉପରେ ସ୍ଥିର କରାଯାଏ ଏହା ସେହିପରି ହୋଇଥିଲା. ତେଣୁ ପର୍ବତମାନଙ୍କୁ ଉର୍ବୀଧର, ଭୂଧର ଇତ୍ୟାଦି କହାଯାଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍, ର୍ | ଷ୍ଟ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ନ | ଷ, ଶ | ଙ୍କ | ଉସ୍ | ଦ୍ଧ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ମ | ସ | ଙ୍ଗ୍ୟ | ଉଅ | ଓ | ନ୍ନ |

ଉର୍ବୀରୁହ—ସଂ. ବି. ( ଉର୍ବୀ=ପୃଥିବୀ+ରୁହ ଧାତୁ=ଉତ୍ପନ୍ନ ହେବା
Urbīruha +କର୍ତ୍ତୃ. ଅ )—
(ଉର୍ବୀରୁଢ଼—ଅନ୍ୟରୂପ) ବୃକ୍ଷ; ଗଛ—Tree.

ଉର୍ମି—ଦେ. ବି—୧ । ଯୋଗୋକ୍ତ ବାୟୁସାଧନାବିଶେଷ—
Urma 1. A step in joga exercise.
(ଊର୍ମ୍ମି—ଅନ୍ୟରୂପ) ୨ । ଧୂର୍ମି ତଳେ ନୋଟ ( ଦେଖ )
2. Notes under Dhūrma ( See )
ଉର୍ମି, ଧୂର୍ମି, କେଷାଡ଼, କୁମ୍ଭା, ଚଉବିସ ହାଡ଼
ବନ୍ଧନ ଆଦି ଆଠ ପଦ୍ମୁର ଚୋବାଉ । ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

ଉର୍ଷଣ—ସଂ. ବି ( ଆଧୁନିକ ବିଜ୍ଞାନପରିଭାଷା )—
Urshaṇa କୌଣସି ଛିଦ୍ର ମଧ୍ୟ ଦେଇ ନିଗିଡ଼ିବା; ପାଣି ଝରିବା—
Percolation; filtration.

ଉର୍ଷଣଯନ୍ତ୍ର—ସଂ. ବି ( ଆଧୁନିକ ବିଜ୍ଞାନପରିଭାଷା )—
Urshaṇajantra ପାଣିକୁ ଛାଣି ଓ ନିଗାଡ଼ି ସଫା କରିବା ଯନ୍ତ୍ର;
ପାଣି ଛାଣିବା ଯନ୍ତ୍ର—A filter.

ଉର୍ଷଣି—ସଂ. ବିଣ—୧ । ଛାତ ଉପରସ୍ଥ ଛିଦ୍ର ବାଟେ ଝରୁଥିବା (ପାଣି)—
Urshaṇi 1. Leeking; percolated through the roof.
୨ । ଛଣା ହୋଇ ପରିଷ୍କାର ହୋଇଥିବା ( ଜଳ )—
2. Filtered; cleared of impurities by filtration.

ଉଲ୍—ବୈଦେ. ବି. (ଇଂ. ଉଲ୍; ଭୁଲ; ସଂ. ଊର୍ଣ୍ଣା )—
Ul ୧ । ମେଷାଦିଙ୍କର ଲୋମ; ଊର୍ଣ୍ଣା—1. Wool.
উল্ ୨ । ଊର୍ଣ୍ଣାସୂତ୍ର; ମେଷାଦିଙ୍କ ଲୋମରୁ କଟା ହୋଇଥିବା ସୂତା—
उन 2. Woollen thread.
୩ । ଉଲ୍‌କୋବି—3. Kohl-rabi.

ଉଲ୍‌କୋବି—ବୈଦେ. ବି—ମୂଳରେ ଗଣ୍ଡି ଥାଇ ଓଲୁଅ ପରି ଖାଦ୍ୟ-
Ulkobi ମୂଳଯୁକ୍ତ ଏକପ୍ରକାର କୋବି—Kohlrabi.
উলকপি
उलगोभी

ଉଲ୍‌ଗି—ପ୍ରାଦେ. ( ସମ୍ବଲପୁର ) ବି—ଉଲଗି ( ଦେଖ )
Ulgi Ulagi ( See )

ଉଲ୍‌ଗିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଲଗିବା ( ଦେଖ )
Ulgibā Ulagibā ( See )

ଉଲ୍‌ଚିବା—ପ୍ରାଦେ. ( ସମ୍ବଲପୁର ) କ୍ରି—( ପାଣି ଆଦି ) ଢାଳିବା—
Ulchibā To pour out ( liquid ).

ଉଲ୍‌ଛା—ପ୍ରାଦେ. ( ସମ୍ବଲପୁର ) ବି—ଉଲଛା ( ଦେଖ )
Ulchhā Ulachhā ( See ).

ଉଲ୍‌ଜିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଲ୍‌ଚିବା ( ଦେଖ )
Uljibā Ulchibā ( See )

ଉଲ୍‌ଟା ( ଇତ୍ୟାଦି )—ଗ୍ରା. ବିଣ—ଓଲଟା ଇତ୍ୟାଦି ( ଦେଖ )
Ulṭā ( etc ) Olaṭā etc ( See )

ଉଲ୍‌ଦିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଢାଳିବା—
Uldibā To pour forth.

ଉଲ୍‌ବୁଣା—ଦେ. ବି—ଊର୍ଣ୍ଣାସୂତ୍ରଦ୍ୱାରା ମୋଜା; କମ୍ଫର୍ଟର ଆଦି ବୁଣନ
Ulbuṇā କରିବା—Knitting.
উলবোনা
उलबिनना

ଉଲ ( ଧାତୁ )—ସଂ—ପୋଡ଼ିବା—
Ula ( root ) To burn.

ଉଲ—ଗ୍ରା. ବି. ( ସଂ. ଉଲ୍ଲ )—୧ । ଓଲୁଅ ( ଦେଖ )
Ula 1. Olua ( See )
୨ । ଉଲ୍‌କୋବି ( ଦେଖ )—2. Ulkobi ( See )

ଉଲଖ—ଦେ. ବି—ରାଜୋପକରଣବିଶେଷ—
Ulakha One of the insignia of royalty.
ଆଲମ୍ବ ଉଲଖ ଯେ ଉଦଣ୍ଡ ଲକ୍ଷ ଗୃହ;
ଦେଶ ଲକ୍ଷ ଶ୍ୱେତ ଅଶ୍ୱ ହସ୍ତୀ ଲକ୍ଷ ଗୃହ—ସାରଳା ମହାଭାରତ ବନପର୍ବ ।

ଉଲଗି—ପ୍ରାଦେ. ( ସମ୍ବଲପୁର ) ବି—ଓଳଗ, ଓଳଗି; ନମସ୍କାର;
Ulagi ଦଣ୍ଡବତ—Obeisance; bowing to a superior.
ପ୍ରାଦେ. ( ସମ୍ବଲପୁର ) ଅ—ଉଚ୍ଚତର ବ୍ୟକ୍ତିଙ୍କୁ ନମସ୍କାର
କରିବା ଉପଲକ୍ଷରେ ବ୍ୟବହୃତ ବଚନ—
A word utterd while bowing down to a superior.

ଉଲଗିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଓଳଗିବା; ଦଣ୍ଡବତ କରିବା—
Ulagibā To make obeisance.

ଉଲଗୁଣା ( ଇତ୍ୟାଦି )—ଗ୍ରା. ବି—ଉଲୁଗୁଣା ଇତ୍ୟାଦି ( ଦେଖ )
Ulaguṇā ( etc ) Uluguṇā etc ( See )

ଉଲଗୁଣୀ—ଦେ ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅନ୍ୟକୁ ଉଲୁଗୁଣା ଦେବାରେ
Ulaguṇi ଅଭ୍ୟସ୍ତ—( a female ) Habituated to exposing the fault of others.
ପ୍ରାଦେ. ( ବାଲେଶ୍ୱର ) ବି—ଅଲଗୁଣୀ ( ଦେଖ )
Alaguṇi ( See )

ଉଲଗ୍ନ—ଦେ. ବିଣ. ( ସଂ. ଉଲଙ୍ଗ; ନଗ୍ନ )—
Ulagna ଲଙ୍ଗଳା—Naked.
লেঙ্গটা
नङ्गा; उलंग

ଉଲଙ୍ଗ—ସଂ. ବିଣ. ପୁଂ. ( ଉ=ଉତ୍କଟ+ଲଗ୍ ଧାତୁ=କର୍ତ୍ତୃ. ଅ; 'ନ'
Ulaṅga ଆଗମ )—୧ । ନଗ୍ନ; ବିବସ୍ତ୍ର; ବସ୍ତ୍ରହୀନ; ଲଙ୍ଗଳା—
1. Naked.
୨ । ଅବରଣହୀନ; ଖୋଲା—2. Uncovered
୩ । ଲଙ୍ଗା ( ଖଣ୍ଡା )—3. Unsheathed (sword).
କେବେ ସନ୍ଧ୍ୟାରେ ଫଳା; ସନ୍ଧ୍ୟାରେ ଅସି ଉଲଙ୍ଗ—ରାଧାନାଥ. ଉଷା ।
ଦେ. ବି—ଉଲଙ୍ଗ ଅବସ୍ଥା; ବିବସ୍ତ୍ରତା—Nakedness.
ଦେଖ ମା ! ଉଲଙ୍ଗେ ଚଉକଡ଼ାରେ—ଲକ୍ଷ୍ମୀ ରାଧାନାଥ.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚ୍ଚନା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଉଲଗ୍ଛ**—ଗ୍ରାଦେ. ( ସମ୍ବଲପୁର ) ବି—ଘରର ଓଳ—
Ulachhā — Eaves of a thatch.

**ଉଲଗ୍ଛପାଏନ୍**—ଗ୍ରା. ( ସମ୍ବଲପୁର ). ବି—ଓଳପାଣି—Eaves-droppings; water dropping from eaves.
Ulchhāpāen

**ଉଲଟ** ( ଇତ୍ୟାଦି )—ଓଲଟ ଇତ୍ୟାଦି ( ଦେଖ )
Ulața ( etc ) — Olața etc ( See )

ଲଙ୍କା ହେବାକୁ ସ୍ଥାନ ହେଲେ ହେଲେ ଅନୁକୂଳ ପଥ ନ ଲଭୁଥାକୁ ଉଲଟ,
ପଲ୍ଲ ଫେରିଲିଡ ଅଳ ପକାଇ ସେହୁ ବଧାନ ନ ହେବାଯାବ ସୃଷ୍ଟି କଲେ ହଠ ।
ଦେବସୂର୍ଯ୍ୟ, ରତ୍ନାକରରଶ୍ମି, ଲଂଗୀତ ।

**ଉଲଟରତି**—ଦେ. ବି—ବିପରୀତ ରତି; ରତିବନ୍ଧବିଶେଷ—
Ulațarati — A pose in copulation in which the ordinary order is reversed.
উলটারতি
उलटारीत

ଉଲଟ ରତରାଜୁ ଉଲଂଘତ ମାତେ—ପ୍ରାଚୀନ ସଙ୍ଗୀତ ।

**ଉଲଟରମ୍ଭା**—ଦେ. ବି—ମୂଳପାଖ ଉପରକୁ ଓ ଅଗଅଡ଼ୁ ତଳକୁ
Ulațarambhā — ରଖାଯିବା କଦଳ ସୋଡ଼ା—
Inverted trunk of a plantain tree.

ଉରୁ ଯୁଗଳ ଶୋଭା ଠାଣି, ଉଲଟ ରମ୍ଭାକୁ ସେ ଜିଣି ।
ଜଗନ୍ନାଥ, ଗୁଣ୍ଡିଚା ।

**ଉଲଟଶୁଆ**—ଦେ. ବି—ପିଠି ଅଡ଼କୁ ମୁହଁ ଫେରାଇ ବସିଥିବା ଶୁଆ—
Ulațasuā — A parrot perched with its head up-turned.

ଉଲଂଶୁଆ ପରି ପଲ୍ଲ ଘୋଡ଼ା ଦେଇ । କୃଷ୍ଣସିଂହ, ମହାଭାରତ ।

**ଉଲଟା** (ଇତ୍ୟାଦି)—ଓଲଟା ଇତ୍ୟାଦି ( ଦେଖ )
Ulațā (etc. ) — Olațā etc ( See )

**ଉଲଟାଇବା**—ଦେ. କ୍ରି—ଉଲଟିବାର ଣିଜନ୍ତ ରୂପ—
Ulațāiba — Causative form of Ulațibā.

ବୁଡ଼ିବାରୁ ଶୋଭ କେଶ କ ସାଗରେ ଜୀବର ପଥ
ଉଲଟାଇ ଯୋଉନ୍ତି ଦର୍ପଣେ ବୁଡୁଚେ । ଉକ୍ତ- ସ୍ୱବର୍ଣ୍ଣରେଖା ।

**ଉଲଟାଗଧଚଢ଼ା**—ଦେ. ବି—୧ । ଗଧ ମୁହଁଅଡ଼କୁ ଚଢ଼ାଳର ମୁହଁ ନ ରଖି ଗଧ ଉପରେ ନ ବସି ଚଢ଼ାଳର ପିଠି ଗଧର ମୁହଁ ଅଡ଼କୁ ବୁଲାଇ ଗଧ ଉପରେ ଚଢ଼ିବା—
Ulațāgadhachardhā
উলটাগাধাচড়া
उलटगाधाचढ़ना

1. Riding on an ass facing its tail.

୨ । ମରହଟ୍ଟାଅମଳରେ ପ୍ରଚଳିତ ଦଣ୍ଡବିଶେଷ—
(ଏଥିରେ ଅପରାଧୀର ମୁହଁକୁ ଗଧର ଲାଞ୍ଜ ଅଡ଼କୁ କରି ଗଧ ପିଠିରେ ବସାଇ ଦିଆଯାଏ ଓ ଗଧ ପଛରେ ଘଣ୍ଟ ମାଦଳ ବଜାଇ ନଗରର ସାହି ସାହି ବୁଲାଇ ଅଣାଯାଏ)—
2. A punishment formerly inflicted by the Marahațțās on a criminal by making him ride an ass facing its tail.

ଦେ ବିଣ—ଯେଉଁ ବ୍ୟକ୍ତି ଓଲଟାଗଧଚଢ଼ା ରୂପ ଦଣ୍ଡରେ ଦଣ୍ଡିତ ହୋଇଥାଏ—( a person ) Who has undergone the punishment of being made to ride an ass facing its tail.

**ଉଲଟାରଥ**—ଗ୍ରାଦେ. (ସମ୍ବଲପୁର; ମେଦିନୀପୁର ) ବି—ବାହୁଡ଼ାଯାତ୍ରା
Ulațāratha — ( ଦେଖ ) Bāhurdājātrā ( See )

**ଉଲଟି**—ଗ୍ରାଦେ. (ସମ୍ବଲପୁର) ବି.—ବାନ୍ତି—Vomiting.
Ulați

ଦେ. ଅ.—୧ । ଓଲଟି; ପଶ୍ଚାନ୍ତରରେ—
1. On the other hand.

ଉଲଟି ଦାଙ୍ଗେ ଘୋଡ଼ା ଚଢ଼ିବା ନ୍ୟାୟ—ଢଗ

୨ । ବିପରୀତଭାବରେ—2. Inversely.

**ଉଲଟିଆ**—ଦେ. ବିଣ—୧ । ଓଲଟ; ବିପର୍ଯ୍ୟସ୍ତ—
Ulațiā — 1. Inverted.
উল্টা
२ । ବିପରୀତ—2. Opposite.
उल्टा
୩ । ପ୍ରତିକୂଳ—3. Unfavourable.

**ଉଲଟିପଡ଼ିବା**—ଦେ. କ୍ରି—ଓଲଟି ପଡ଼ିବା ( ଦେଖ )
Ulați pardibā — Olatipardibā ( See )

**ଉଲଟିବା**—ଦେ. କ୍ରି ( ସଂ ଉଦ୍‌ବର୍ତ୍ତନ )—
Ulațibā — ୧ । ଓଲଟିବା; ଉତ୍ତାନ ହେବା—
উল্টা
1. To be with face upwards.
उलटना; उलटना — ୨ । ଚିତ ହେବା; ଚିତେଇବା—
2. To turn turtle.

୩ । ଲେଉଟିବା; ଫେରିବା—
3. To come back; to return.

୪ । ବିପର୍ଯ୍ୟସ୍ତ ହେବା—
4. To be turned upside down.

ମନ୍ତ୍ର ଉଲଟି ଗଲା ପରି ହରିବ । ଜଗନ୍ନାଥ ଦାସେ ।

୫ । ଅସ୍ତବ୍ୟସ୍ତ ହେବା—5. To be confused.

୬ । ଏକ ପାଖରୁ ଅନ୍ୟ ପାଖକୁ ବୁଲିବା—
6. To turn round.

ଖଣେ ପଡ଼େ ଖଣେ ଉଠେ ଖଣେ ଉଲଟଇ । ଜଗନ୍ନାଥ, ଦେବୀମହାତ୍ମ୍ୟ ।

୭ । ପାର୍ଶ୍ୱପରିବର୍ତ୍ତନ କରିବା; କଡ଼ ଲେଉଟାଇବା—
7. To change sides.

୮ । ମତ ପରିବର୍ତ୍ତନ କରିବା; ବିପରୀତ ମତ ପ୍ରକାଶ କରିବା-
8. To turn round; to change one's opinion.

୯ । ଆଶା କରାଯାଉଥିବା ଫଳର ବିପରୀତ ଫଳ ପ୍ରଦାନ କରିବା—9. To end in an opposite result.

୧୦ । ଅନ୍ୟଥା ହେବା; ବ୍ୟର୍ଥ ହେବା—
10. To be otherwise.

୧୧ । ରଦ୍ ହେବା—11. To be set aside.
( ଯଥା—ଅପିଲରେ ଏ ହୁକୁମ ଉଲଟି ଯିବ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଡ଼ଅ | ଲ |
| ୨ | ଈ | ଊ | ଋୂ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ତୁ | |

ଉଲଟେଇବା—ଦେ. କ୍ରି—ଉଲଟାଇବା ( ଦେଖ )
Ulaṭeibā Ulaṭaibā ( See

ଉଲମ୍—ପ୍ରାଦେ· ( ସମ୍ବଲପୁର ) ବି—
Ulam ଓହୋଳ; ବରଅଦି ଗଛର ଓହଳ ଥିବା ଚେର —
Aerial roots (e g. of Banian trees)

ଉଲମ୍ବିଲମ୍—ଗ୍ରା. ବି. ( ସଂ. ଅନୁଲୋମ ବିଲୋମ )—
Ulambilam ୧ । ପରିବର୍ତ୍ତନ—1. Change.
উলমবিলম ୨ । ଗୋଳମାଳ—2. Confusion,
अंडबंड ୩ । ପୂର୍ବାପରସମ୍ବନ୍ଧରହିତ ଅବସ୍ଥା—
3. Want of sequence.
ଗ୍ରା. ବିଣ—୧ । ଆଗ କଥା ପଛରେ ଓ ପଛ କଥା ଆଗରେ କୁହାଯିବା (ବିଷୟ)—1. ( a matter ) Which is spoken unsystematically or without sequence.
୨ । ଓଲଟପାଲଟ—2. Tupsy turvy.
୩ । ଅନିୟମିତ; ଅଶୃଙ୍ଖଳ—
3 Unsystematic; random.

ଉଲମା—ଗ୍ରା. ବିଣ. ପୁଂ—ବୁଦ୍ଧିହୀନ; ବୋକା; ଓଲୁ—
Ulamā Foolish; not clever; stupid.
(ଉଲମୀ—ସ୍ତ୍ରୀ)
উল্লু
उल्लु

ଉଲର—ଦେ. ବି—କାଶ୍ମୀରର ହ୍ରଦବିଶେଷ—
Ulara Name of lake in Kāśmīra.

ଉଲରା—ଗ୍ରା. ବି. ଓ ବିଣ—ଓଲରା ( ଦେଖ )
Ularā Olarā ( See )

ଉଲରିବା—ଦେ. କ୍ରି—ଉଳୁରିବା ( ଦେଖ )
Ularibā Uluribā ( See )

ଉଲସାଇବା—ଦେ. କ୍ରି—ଉଲସିବାର ଣିଜନ୍ତ ରୂପ—
Ulasāibā Causative form of Ulasibā.

ଉଲସିବା—ଦେ. କ୍ରି. ( ସଂ. ଉଲ୍ଲସିତ )—
Ulasibā ୧ । ଉଲ୍ଲସିତ ହେବା—1. To be overjoyed; to be delighted; to rejoice.
୨ । ଆନନ୍ଦରେ ଫୁଲିବା; ହର୍ଷୋତ୍‌ଫୁଲ୍ଲ ହେବା—
2. To swell with delight; to be elated with joy.
୩ । (ଲୋମ) ଉତ୍ଥିତ ହେବା—
3. (one's furs) To stand on end
ଚନ୍ଦ୍ର ଚନ୍ଦ୍ରିକା ଦେଖି ଦେଖି ବସି
ଗଣ୍ଡେ ଅପାଙ୍ଗ କେ ଲୋମ ଉଲସି । ଉଷ. ଲବଣ୍ୟବତୀ ।
୪ । ରୋମୋଦ୍‌ଗମ ହେବା; ଲୋମ ଟାଙ୍କୁରିବା—
4. To have the hairs stand on end on account of sudden fear or delight; to have horripilation.

ଉଲା—ଦେ. ବିଣ. ପୁଂ—ଓଲା ( ଦେଖ )
Ulā Olā ( See )
(ଉଲୀ—ସ୍ତ୍ରୀ) ବୈଦେ·ବି. (ଆ) - ମୁସଲମାନମାନଙ୍କର ଉପାଧିବିଶେଷ—
A family title among the Mahomedans.
ଦେ. ବି—୧ । ଓଲୁପଣ—1. Stupidity.
୨ । ଓଲା; ଭୋଜନଲାଳସା—
2 Hankering after food
( ଯଥା— ତାଠାରୁ ଉଲା ଛଡ଼ି ଗଲାଣି । )

ଉଲାଇ—ଗ୍ରା. ବିଣ. ସ୍ତ୍ରୀ—୧ । ଉଲାର ସ୍ତ୍ରୀ ଲିଙ୍ଗ—
Ulāi (ପୁଂ—ଉଲା) 1. Feminine of Ulā.
उलाई ୨ । ଖାଦ୍ୟ ଦ୍ରବ୍ୟ ପ୍ରତି ବିଶେଷ ଲାଳାୟିତ—
ପୁଂ—ଓଲିଆ 2. Greedy of food; unduly hankering after dainties.

ଉଲାଇବା—ପ୍ରାଦେ. (ମେଦିନୀପୁର) କ୍ରି—୧ । ଉଲିବା ( ଦେଖ )
Ulāibā 1. Ulibā ( See )
୨ । ତଳକୁ ଆଣିବା—
2. To bring down; to set down.
୩ । ବସ୍ତ୍ରାଳଙ୍କାରାଦି ଦେହରୁ କାଢ଼ିବା; ଓହ୍ଲାଇବା—
3. To take down; to put off ( dressor ornaments).
୪ । ତ୍ୟାଗ କରିବା—4. To abandon.
୫ । କମିବା—5. To lessen.

ଉଲାଉଡିଆ—ପ୍ରାଦେ ( ଗଡ଼ଜାତ ) ବିଣ—ଉଲାଳିଆ ( ଦେଖ )
Ulāudiā Ulāḷiā ( See )

ଉଲାଖ—ଦେ. ବି. ( ସଂ. ଉଲ୍ଲେଖ; ଉପଲକ୍ଷ )—
Ulākha ୧ । ବସ୍ତୁର ଉପରେ ନାମ ଲେଖିବା—
উলাখ 1. Writing of the name of the owner
उलाख on a thing; superscription.
୨ । ଗାତ୍ରୋପରିସ୍ଥ ଚିତ୍ରଣ—2. Painting pictures on the body of a thing.
ମାଣିକ୍ୟର ଉଲାଖ ଯେ ସ୍ଥଳରେ ଗଢ଼ଣି
ହୋଇ ଛଟକନ୍ତି ଧନୁ ଦାବାନଳ ଜାଣି । ସାରଳାମହାଭାରତ, ବନ୍ଧ ।
୩ । ତୁଳନା—3. Comparision.
୪ । ଉଲ୍ଲେଖ—4. Description.
୫ । ସମତୁଲତା—5. Similitude; symmetry.
୬ । ଉପଲକ୍ଷ—6. Reference.
୭ । ପତ୍ରାଦିରେ ଲେଖାଯିବା ଠିକଣା—
7. Address written on the cover of a letter.
ଦେ. ବିଣ (ସଂ. ଉପଲକ୍ଷ)—୧ । ସମତୁଲ—1. Similar to-

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପର୍ଯ୍ୟାୟକ୍ରମେ ଉକ୍ତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଂ ନ ପାଇଲେ 'ବଙ୍କ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

୨ । ସୁଡୌଲ—2. Symmetrical.

୩ । ତୁଳନୀୟ—3 Comparable

**ଉଲାଖ ଦେବା**—ଦେ. କ୍ରି. (ସଂ. ଉଲ୍ଲେଖ ବା ଉପଲକ୍ଷ)—୧ । ପ୍ରମାଣ-ସ୍ୱରୂପ ଦର୍ଶାଇବା—1. To cite as proof or authority.
Ulākha debā
উলাখ দেওয়া

উলাখদেনা· କଥା କଥାକେ ତାଙ୍କର ଗୋଟିଏ ଡଗ ଡମାଳ, ଗୀତ, ଖନାବଚନ, ଶ୍ଳୋକ ଉଲାଖ ଦେବାର ଅଭ୍ୟାସ ଥିଲା । ଉତ୍କଳ-ସାହିତ୍ୟ ।

୨ । କୌଣସି ବ୍ୟକ୍ତିଙ୍କୁ ଉପଲକ୍ଷ ଦେବା—2. To refer to a person.

୩ । ଦୁଇ ବସ୍ତୁର ଯୋଗ୍ୟତା ତୁଳନା କରିବା ବା କହିବା—3. To compare two things

୪ । ଉଦାହରଣ ବା ନିଦର୍ଶନ ଦେଖାଇବା—4 To cite an example

**ଉଲାଖି**—ଗ୍ରା. ବିଣ. (ସଂ. ଉପଲକ୍ଷ)—୧ । ତୁଳନୀୟ—1. Comparable.
Ulākhi

୨ । ଉପଯୁକ୍ତ; ଲକ୍ଷି—2. Suitable; becoming; befitting.

୩ । ଯୋଗ୍ୟ—3. Fit to be compared (with another thing.)

୪ । ସମକକ୍ଷ—4. Similar.

୫ । ସମୁଚିତ—5 Proper.

**ଉଲାଖିବା**—ଦେ. କ୍ରି.—ଉଲାଖ ଦେବା (ଦେଖ)
Ulākhibā Ulākha debā (See)

**ଉଲାଗି**—ଦେ. ବି. (ସଂ. ଉଲଙ୍ଗ)—୧ । ଦେହରୁ ବସନ, ବେଶ ବା ମାଳ ଆଦି କାଢ଼ିବା—1. Putting off; taking off of ornaments or dress
Ulāgi
(ଲାଗି—ବିପରୀତ)
নগ্ণা

୨ । ଦେବତା ଦେହରୁ ବସ୍ତ୍ରାବରଣାଦି କାଢ଼ିବା—2. Dismantling the apparel from a Deity.

ଦେ. ବିଣ.—ପିନ୍ଧା ହେଲା ପରେ କଢ଼ାଯାଇଥିବା—Put off, discarded (cloth)

**ଉଲାଗି କରିବା**—ଦେ. କ୍ରି.—୧ । ଦେହରୁ ବସ୍ତ୍ର, ମାଳ, ବେଶ ଆଦି କାଢ଼ିବା ବା ଉତାରିବା—1. To put off or take off dress or ornaments.
Ulāgi karibā
ছড়া
নগ্নাকরনা

ତାହା ନଖାନ୍ତ ପଦାର ନିମନ୍ତେ କଥା ଯେଉଁର ଉଲଗ୍ନ କରନ୍ତୁ ଭଲଟି । ଜଗନ୍ନାଥ- ଦଶକଦ୍ରମ ପୁରାଣ ।

୨ । ବନ୍ଧନମୁକ୍ତ କରିବା—2. To free from a bond.

ସର୍ବାଙ୍ଗ ଉଲାଗି କଲେ ଜାଳାନ୍ତ ସୁରେ । ସାରଳା- ରସକଲ୍ଲୋଳ ।

୩ । ମୋଚନ ବା ମୁକ୍ତ କରିବା—3 To liberate or set free.

୪ । ତ୍ୟାଗ କରିବା; ଛାଡ଼ିବା—4 To give up; to abandon.

ଲବ ଲବେ କୋଟି ବୁଦ୍ଧି ଉଲାଗିଲୁ ଶଯ୍ୟା । ପୀତାମ୍ବର ନୃସିଂହପୁରାଣ ।

**ଉଲାଗିବା**—ଦେ. ପଦ୍ୟ. କ୍ରି.—ଉଲାଗି କରିବା (ଦେଖ)
Ulāgibā Ulāgi karibā (See)

**ଉଲାଗିମାଳ**—ଦେ. ବି.—ଦେବତାଙ୍କଠାରୁ କଢ଼ା ହୋଇଥିବା ମାଳା; ଛଡ଼ା ମାଳ—Garlands taken off from a Deity; discarded garlands
Ulāgi māla

**ଉଲାଗି ହେବା**—ଦେ ବି.—ବେଶ ଉଲୁସ ହେବା; ଦେହରୁ ବେଶ ମାଳ ଆଦି କଢ଼ା ହେବା—Putting off of dress or ornaments; dismantling.
Ulāgi hebā

**ଉଲା ଛାଡ଼ିବା**—ଗ୍ରା. କ୍ରି.—୧ । ଓଲୁପଣିଆ ଛାଡ଼ିଯିବା—1. Being cured of one's stupidity
Ulāchhāṛibā

(ଯଥା— କଟକ ଦୁଇ ଦିନ ଥିଲେ ଗଲେ ତାଙ୍କଠାରୁ ଉଲା ଛାଡ଼ିଯିବ ।)

୨ । ଓଲା ଛାଡ଼ିବା; ଭୋଜନଲାଳସା ସମ୍ୟକ୍ ପରିତୃପ୍ତ ହେବା—2. Satiation of hankering after dainty food.

**ଉଲାନି**—ପ୍ରାଦେ. (ସମ୍ବଲପୁର) ବି—ନାଗଦନ୍ତ; ଲୁଗା ଆଦି ଟାଙ୍ଗିବାପାଇଁ କାନ୍ଥରେ ମରା ଯାଇଥିବା କାଠି—Wall-peg; a peg driven into a wall for hanging clothes
Ulāni

**ଉଲାପଣିଆ**—ଦେ. ବି.—ନିର୍ବୋଧତା—Foolishness; stupidity.
Ulāpaṇiā

**ଉଲାର**—ଦେ· ବି.—ଦୁଇ ଚକିଆ ଶଗଡ଼ର ପଛ ପାଖର ଭାର ଆଗ ପଟର ଭାର ଅପେକ୍ଷା ଅଧିକ ହେବାରୁ ଗାଡ଼ିର ଯୁଆଳି ବଳଦଙ୍କ କାନ୍ଧରୁ ଉଠିଯିବା; ଟପାଳିଆ ହେବା; ପଛଗରୁଆ ହେବା—The overbalancing of a two wheeled cart due to the load on the backside becoming more, heavy than that on the frontside and thus loosening the hold of the yoke from the shoulders of the bullocks.
Ulāra
উলার
(ଦବିବା—ବିପରୀତ)

**ଉଲାରିଆ**—ଦେ. ବିଣ—ଶଗଡ଼ର ପଛ ପାଖର ଭାର ଆଗ ପାଖର ଭାର ଅପେକ୍ଷା ବେଶି ହେବା ଯୋଗୁଁ ବଳଦଙ୍କ କାନ୍ଧରେ ଯୁଆଳି ଲାଗି ନ ରହିବା (ଶଗଡ଼); ଟପାଳିଆ—Over balanced (cart)
Ulāriā

| ୧ | ଇ | ଉ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | କ୍ଷ | ଜ | ଶ,ଷ | ଝ | ଙ୍ଘ | ଙ୍ଖ | ଙ୍ଗ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ୟ | ଞ୍ଚ | ଙ୍ଗ | ଦ୍ଧ |

ଉଲାରିବା—ଦେ. କ୍ରି. ( ସକର୍ମକ )—( ସଂ. ଅବ୍ଲାଯ୍ୟିତ—ଭୁଲ—ପ୍ରା. ଉଲ୍ଲାର )—୧ । ଘରଚାଳରୁ ଛଣ କାଢ଼ିବା ବା ଓହ୍ଲାଇବା—1. To dismantle a thatch; to take down straw or roof from the thatch.
Ulāriba
উদড়া
उधेड़ना
(ଉଲୁରାଇବା—ଣିଜନ୍ତରୂପ)
୨ । ବାହାର କରିବା; ନିଷ୍କୋଷିତ କରିବା—
( ଯଥା—ଖୋଳରୁ ଖଣ୍ଡା ଉଲାରିବା )
2. To unsheathe; to pull out.

ଉଲାଳିଆ—ପ୍ରାଦେ. ( ଗଡ଼ଜାତ ) ବିଣ—ଅଲବଲିଆ ( ଦେଖ )
Ulāḷiā Alabaliā ( See )
ଦେ. ବିଣ—ଓଲୁ; ନିର୍ବୁଦ୍ଧିଆ—Foolish.

ଉଲାସି—ଗ୍ରା. ବିଣ. ( ସ. ଉଲ୍ଲସିତ )—୧ । ଉଲ୍ଲସିତ—
Ulāsi 1. Exulting; elated.
୨ । ଫୋପାଡ଼ାଫିଙ୍କିଆ; ସାଂସାରିକଚିନ୍ତାବିରହିତ; ନିଶ୍ଚିନ୍ତ—
2. Free from anxiety or worldly cares.

ଉଲାସିଆ—ଗ୍ରା. ବିଣ—ଉଲାସି ( ଦେଖ )
Ulāsiā Ulāsi ( See )

ଉଲି—ବୈଦେ. ଗ୍ରା. ବି. ( ଇଂ. ୱିଲ୍ )—ୱିଲ୍; ଚରମ ପତ୍ର—
Uli Will; testament.
উইল ଦେ. ବି—ଉଲିଆ ( ଦେଖ )
उइल Uliā ( See )
ପ୍ରାଦେ. ( ସମ୍ବଲପୁର ) ବି—ପିଆଜ—Onion.
[ ଦ୍ର—ଏହା ସାଧାରଣ ଦେଶୀ ପିଆଜ ଠାରୁ ବଡ଼ ।]
ଦେ. ବିଣ—ଉଲା ର ସ୍ତ୍ରୀଲିଙ୍ଗ; ଓଲମୀ—
Feminine of Ulā; foolish (woman).

ଉଲିଆ—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଦେଖିବା ଭୋଜନବସ୍ତୁକୁ ଖାଇବାକୁ ଅତ୍ୟନ୍ତ ଲାଳାୟିତ; ଢାହାଣ; ଓଲିଆ—
Uliā
লালচে
ललचि
Inordinately hankering after dainty food
ଦେ. ବି—ଦୃଷ୍ଟ ଖାଦ୍ୟ ଦ୍ରବ୍ୟ ପ୍ରତି ଅତ୍ୟନ୍ତ ଲାଳସା—
Inordinate hankering after dainty dishes intended for others,

ଉଲିଆ ଛାଡ଼ିବା—ଗ୍ରା. ବି—ଲାଳସାନିବୃତ୍ତି; ପ୍ରଚୁର ଭୋଜନଦ୍ୱାରା ଲାଳସାର ପରିତୃପ୍ତି—Satiation of an inordinate hankering after dainty dishes.
Uliā chhārḍiba

ଉଲିଆପଣିଆଁ—ଗ୍ରା. ବି—ଖାଦ୍ୟଦ୍ରବ୍ୟ ଦେଖିଲେ ତାହା ଖାଇବାପାଇଁ ଅତ୍ୟନ୍ତ ଲାଳସା—The habit of inordinately hankering after dainty dishes.
Uliāpaṇiāñ

ଉଲି ଛାଡ଼ିବା—ଗ୍ରା. ବି—ଉଲିଆ ଛାଡ଼ିବା ( ଦେଖ )
Uli chhārḍibā Uliā chhārḍibā ( See )

ଉଲିନାମା—ବୈଦେ. ବି. ( ଇଂ. ୱିଲ୍; ଫା. ନାମେହ )—
Ulināmā ୱିଲ୍; ଚରମପତ୍ର—Will.

ଉଲିବା—ପ୍ରାଦେ. ( ଗଞ୍ଜାମ ) କ୍ରି—ଓହ୍ଲାଇବା—
Ulibā To descend; to get down.
ପ୍ରାଦେ. ( ସମ୍ବଲପୁର ) କ୍ରି—ଖରାରେ ଶୁଖା ଯାଇଥିବା ଲୁଗାକୁ ଶୁଖିଗଲା ପରେ ତୋଳି ଆଣିବା—To bring down a cloth which has been hung up for being dried.

ଉଲୁ—ବୈଦେ. ବିଣ. ( ଅ. ଉଲ୍ଲୁ )—ଓଲୁ; ନିର୍ବୋଧ; ନିର୍ବୁଦ୍ଧିଆ—
Ulu Foolish; stupid.
উল্লু ଦେ. ଅ. ( ଧ୍ୱନ୍ୟନୁକରଣ )—ଉଲୁଧ୍ୱନି ( ଦେଖ )
उल्लु Uludhwani ( See )

ଉଲୁଅ—ଦେ. ବି. ( ସଂ. ଉଲ୍ଲ )—ଓଲୁଅ ( ଦେଖ )
Ulua Olua ( See )

ଉଲୁଆ—ଗ୍ରା. ବି—ଓଲୁଅ ( ଦେଖ )
Uluā Olua ( See )

ଉଲୁକ୍‌ପାତ୍—ଦେ. ବି. (ସଂ. ଉଲ୍କାପାତ)—୧ । ଅତ୍ୟାଚାର—
Ulukpāt 1. Depredation; oppression,
उल्कापात ୨ । ଅତି ଅଥୟ ହେବା; ଅସ୍ଥିରତା—
2. Restlessness.
୩ । ଉଲ୍କାପାତ ପରି ଉପଦ୍ରବ—3. Devastation ( compared to that caused by a shooting star )
୪ । ଅତି ଗୋଳମାଳ—4. Utter disorder.
ଦେ. ବିଣ—ଉଲୁକ୍‌ପାତିଆ ( ଦେଖ )
Ulukpātiā ( See )

ଉଲୁକ୍‌ପାତିଆ—ଦେ. ବିଣ. ପୁଂ. ( ସଂ. ଉଲ୍‌କାପାତ )—
Ulukpātiā ୧ । ଅତ୍ୟାଚାରୀ—
(ଉଲୁକ୍‌ପାତୀ—ସ୍ତ୍ରୀ) 1. Depredatory; oppressive.
उल्कापाती ୨ । ଅଥୟ—2. Restless.
୩ । ଧ୍ୱଂସ ଓ ନାଶ କରିବା ( ବ୍ୟକ୍ତି )—
3. Causing devastation.
୪ । ଉଚ୍ଛୃଙ୍ଖଳ; ଉଦ୍ଦାମ—
4. Unrestrained; licentious.

ଉଲୁକା—ଗ୍ରା. ବି. (ସଂ. ଉଲ୍‌କା)—୧ । ଉଲ୍କାଗ୍ନି; ଆକାଶରୁ ପତିତ ଅଗ୍ନିପିଣ୍ଡ; ଅଗ୍ନିବୃଷ୍ଟି; ଉଲ୍‌କା—
Ulukā
উল্কা
उल्का
1. Meteor; shooting star.
ନର୍ଘୋଷ ଭୂତଳ ଖସି ପଡ଼ିଲେ ଉଲୁକା । କୃଷ୍ଣସିଂହ, ମହାଭାରତ, ବନ ।

ସାଧାରଣ ନିୟମ ଅପର ପୃଷ୍ଠାରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଶବ୍ଦର ସଂଖ୍ୟା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗକଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗକରିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଯୋଗକରିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୨ । ନିଆଁହୁଲା—2. Torch; fire-brand.

ନକ୍ଷତ୍ରଗଣ ଅଗ୍ନି ହୋଇ ଯେ ଥିଲେ
ଉଲୁକା ଯେସନ ସୈନ୍ୟରେ ପଶିଲେ । ବସୁନାଥ. ବଡ଼ରାମାୟଣ ।

୩ । ଏକ ପ୍ରକାର ଅଗ୍ନିବର୍ଷକ ଯୁଦ୍ଧାସ୍ତ୍ର—
3. A kind of machine emitting fire used in battle.

୪ । ବନୋଟି; ଦୁଇ ମୁଣ୍ଡରେ ନିଆଁହୁଳା ଲଗିଥିବା ବାଡ଼ି ଯାହାକୁ ମଲ୍ଲ ବା ଯୋଦ୍ଧାମାନେ ହାତରେ ଧରି ବୃତ୍ତାକାରରେ ବୁଲାନ୍ତି—4. A stick with bulbs of imflammable articles on both ends, used by athletes which causes a circle of fire round the person using it

ଉଳୁକା—ଗ୍ରା. ବି—ଉଲୁକା ( ଦେଖ )
Uḷukā Ulukā ( See )

ଉଲୁକି—ପ୍ରାଦେ. (ମେଦନୀପୁର) ବି—ସ୍ତ୍ରୀମାନଙ୍କ ଦେହରେ ଛୁଞ୍ଚି ବା କଣ୍ଟା ସାହାଯ୍ୟରେ ସ୍ଥାୟୀଚିତ୍ରସ୍ୱରୂପ କୁଟାଯିବା ଚିତା; ଚିତାକୁଟା—
Uluki Tattooing; tattooed mark.

ଉଲୁକୋବି—ଦେ. ବି—ଉଲ୍‌କୋବି ( ଦେଖ )
Ulukobi Ulkobi ( See )

ଉଲୁକ୍ଷା—ଗ୍ରା. ବି—୧ । ଉଲୁଗୁଣା ( ଦେଖ )
Ulukshā 1. Uluguṇā ( See )
୨ । ଉଲାଖ ( ଦେଖ )—2 Ulākha ( See )

ଉଲୁଖଳ—ଦେ. ବି—୧ । ମେଖଳା—1. Belt; waistcloth.
Ulukhaḷa ୨ । ଉଦୁଖଳ (ଦେଖ)—Udukhaḷa (See)

କଟୀତଟରେ ଉଲୁଖଳ ବାନ୍ଧଣ ଶବ୍ଦେ ଉଠିଲେ—ବସୁନାଥ. ବଡ଼ରାମାୟଣ ।

ଉଲୁଖା—ଗ୍ରା. ବି. ( ସ. ଉଲ୍ଲେଖ )—ଉଲୁଗୁଣା ( ଦେଖ )
Ulukhā Uluguṇā ( See )

ସ୍ୱାମୀ ଯେଉଁଣର ଗାଳିପରଶି ଅ ସଙ୍ଗେ ଜନ ବା ପର ଦେଖଣିଅରୁ
ଉଲୁଖା ଦେଇ କହୁଥିବ—କୃଷ୍ଣଚନ୍ଦ୍ରଦାସ ଜଅଧୁରୀ ।

ଉଲୁଖି—ପ୍ରାଦେ. ( ମେଦନୀପୁର ) ବି —ଉଲୁକି ( ଦେଖ )
Ulukhi Uluki ( See )

ଉଲୁଗୁଣା —ଦେ. ବି. ( ସ. ଉଲ୍ଲେଖ; ଉପାଲମ୍ଭନ; ଅବଲମ୍ବନ; ଗ୍ରା. ଓଲଂଘନ )—
Uluguṇā
उलाहना; ୧ । ଅନ୍ୟର ଛିଦ୍ରକଥା କହି ତାକୁ ଛିଡ଼କାର କରିବା
उरहना ବା ଗାଳି ଦେବା—
1. Decrying a person by publishing or pointing out his secrets; denouncement

୨ । କୌଣସି ଲୋକର ଅପ୍ରକାଶ୍ୟ ଦୂଷଣ ବା ଦୁଷ୍ଟିଯୁ ପ୍ରକାଶ କରି ତାହାକୁ ଗଞ୍ଜିବା—
2. Exposure of fault; vituperation.

୩ । ଗଞ୍ଜନା; ଗଞ୍ଜଣା—
3. Vilification; sneer; banter.

୪ । ଖୁଣ୍ଟୁଣା; ଦୋଷ ବାଛିବା—
4. Finding fault of others.

୫ । ଉଘାଣ ( ଦେଖ )—5. Ughāṇa ( See ).

ଉଲୁଗୁଣା ଦେବା—ଦେ. କ୍ରି. ସକର୍ମକ—
Uluguṇā debā ୧ । ଗଞ୍ଜିବା; ଗଞ୍ଜଣା କରିବା; ଗଞ୍ଜଣା ଦେବା—
उलाहना देना; उरहना 1. To vilify; to decry a person by denouncing his secrets.
୨ । ଉଘାଇବା ( ଦେଖ )—2 Ughāibā ( See )

ଉଲୁଗୁଣି—ଦେ. ବିଣ. ସ୍ତ୍ରୀ—୧ । ଅନ୍ୟ ବ୍ୟକ୍ତିକୁ ଗଞ୍ଜଣା ବା ଖୁଣ୍ଟୁଣା ଦେବା ଯାହାର ଅଭ୍ୟାସ—
Uluguṇi
1. Termagant or shrewish ( woman ).
୨ । ଯେଉଁ ସ୍ତ୍ରୀ ସବୁବେଳେ ପରକୁ ଖୁଣ୍ଟୁଣା ଦଏ ବା ଛିଡ଼କାର କରେ—
2. Vituperative ( woman ).

ଉଲୁଗୁଣିଆଁ—ଦେ. ବିଣ. ପୁଂ—ଅଳିଗୁଣିଆ; ସାମାନ୍ୟ କଥାରେ ଅପମାନ
Uluguṇiāñ କରିବା (ବ୍ୟକ୍ତି)—Prone to take offence at slight things.

ଉଲୁଗୁଣେଇ—ଦେ. ବିଣ. ସ୍ତ୍ରୀ—ଉଲୁଗୁଣୀ ( ଦେଖ )
Uluguṇei Uluguṇī ( See )

ଉଲୁଘୁଣା ( ଇତ୍ୟାଦି )—ଉଲୁଗୁଣା ଇତ୍ୟାଦି ( ଦେଖ
Ulughuṇā ( etc ) Uluguṇā etc ( See )

ଉଲୁଣ୍ଠିବା—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ଉଲ୍ଲୁଣ୍ଠନ )—ଉଲ୍ଲୁଣ୍ଠିତ
Uluṇṭhibā ହେବା; ଭୂମିରେ ଲୁଣ୍ଠିତ ହେବା; ଭୂମିରେ ଗଡ଼ିବା—
To roll on the ground; to wallow.

ଉଲୁଣ୍ଡିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଲୁଣ୍ଠିବା ( ଦେଖ )
Uluṇḍibā Uluṇṭhibā ( See )

ଉଲୁଧ୍ୱନି—ସଂ. ବି. ( ଧ୍ୱନ୍ୟନୁକରଣ )—ମଙ୍ଗଳ କାର୍ଯ୍ୟ ସମୟରେ
Uludhwani ସ୍ତ୍ରୀମାନଙ୍କର ହୁଳହୁଳି—A sound of ulu ulu uttered by women on festive occasions.

ଉଲୁପୀ—ଦେ. ବି. ସ୍ତ୍ରୀ. ( ସଂ. ଉଲୂପୀ )—ନାଗକନ୍ୟା; ଅର୍ଜୁନପତ୍ନୀ—
Ulupi Name of a daughter of the Nāga king. a wife of Arjuna

ଉଲୁପୀ ନାଗେନ୍ଦ୍ର ପ୍ରେମା ଦ୍ରୁତ ସ୍ତୁତ ସ୍ରୋତେ
ଝାସିଣ ପଶିଲେ ତହୁଁ ଅତଳ ପାତାଳେ—ରାଧାନାଥ. ମହାଯାତ୍ରା ।

ଉଲୁପୀସୁଲୁପୀ - ଦେ. ବି. ସ୍ତ୍ରୀ. ( ବ୍ୟଙ୍ଗ୍ୟ )—ସବୁବେଳେ ସାଙ୍ଗ ହେବା
Ulupisulupi ଦୁଇ ବାଳିକା—( ironical ) Two girls who are boon-companions.

ଉଲୁଫା—ପ୍ରାଦେ ( ଗଞ୍ଜାମ ) ବି—ମାଗଣାରେ ମିଳିବା ପଦାର୍ଥ; ବିନା
Uluphā ବ୍ୟୟରେ ପ୍ରାପ୍ତ ବସ୍ତୁ—
Article obtained gratis.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର୍,ହ | ଟ ॰ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | କ୍ଷ | ଉଚ୍ଚ | ଉଥ | ଙ୍ |
| ୨ | ଐ | ଡ଼ | ରୁ | ଲୃ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଉଥ | ଷ | ନୃ |

ଉଳୁମା—ପ୍ରାଦେ. ( ବାଲେଶ୍ୱର ) ବି—ବସଣୀ—
Uḻumā A kind of nose-ring.

ଉଲୁରା—ଦେ. ବିଣ. ( ସଂ. ଅଲୁଲାୟିତ )—
Ulurā ୧ । ଯେଉଁ ଘର ବା ଗଦା ଉପରୁ କୁଅଣେ ହୋଇଥିବା ନଡ଼ା ଆଦି ଓଟରା ହୋଇଥାଏ—
1. Dismantled (thatch or rick of straw)
ଉଲୁରା ଘର ମୁକୁଳା ବାଳ ଏହା ନ ରଖିବ ବହୁତ କାଳ—ଡାକ ।
୨ । ଘର ବା ଗଦାରୁ ଉଲୁରି ପଡ଼ିଥିବା; ସ୍ୱସ୍ଥାନଭ୍ରଷ୍ଟ ( ନଡ଼ା ଆଦି )—2. Displaced; dismantled or pulled out from the thatch or straw-rick.
୩ । ଅଲୁଲାୟିତ; ଅଲରା ( କେଶବନ୍ଧାଦି ); ଅଳଅ ଝଳଅ ହୋଇଥିବା; ଅବନ୍ୟସ୍ତ; ମୁକୁଳା; ଲଙ୍ଗଳାମୁକୁଳା, ମୁକୁଳା ହୋଇଥିବା—
3, Disordered; dishevelled.
ଫୁଲୁର ଫୁଲ ଭ ବେଗ, ଉଲୁର ଅଙ୍ଗ ଅନଙ୍ଗ—ପ୍ରାଚୀନ. ସଙ୍ଗୀତ ।
୪ । ଇତସ୍ତତଃ ବିକ୍ଷିପ୍ତ—
4. Scattered here and there.
ଦେ.ବି—ଘର ଉପରୁ କୁଅଣି ହୋଇଥିବା ନଡ଼ାକୁ ଓଟାର ଅଣିବା—
Dismantling of the thatch.

ଉଲୁରାଇବା—ଦେ. କ୍ରି—ଉଲୁରିବାର ଣିଜନ୍ତ ରୂପ—
Ulurāibā The causative form of Uluribā.

ଉଲୁରି—ଦେ. ବି—୧ । ଆଜ୍ଞାପତ୍ର—
Uluri 1. Letter of command.
କଂସ ଉଲୁରି ନେଇ ନନ୍ଦଙ୍କ କରେ ଦେଇ ସକଳ ସନ୍ଦେଶ କହୁଲେ—
ଗୋପକୃଷ୍ଣ, ରସକଲ୍ଲୋଳ ।
୨ । ଆଦେଶପତ୍ର; ହୁକୁମନାମା—
2. A commandment; a written order.

ଉଲୁରିବା—ଦେ. କ୍ରି. ଅକର୍ମକ—୧ । ଇତସ୍ତତଃ ବିକ୍ଷିପ୍ତହେବା—
Uluribā 1. To be scattered here and there.
এলোমেলো হওয়া ୨ । ମୁକୁଳା ହେବା—
खसोटना 2. To get loose or dishevelled.
୩ । ଅବନ୍ୟସ୍ତ ହେବା—
3. To get disordered or dismantled.
୪ । ସ୍ଥାନରୁ ଅନ୍ୟଅନିୟମିତଭାବରେ ଚ୍ୟୁତ ହେବା—
4. To be misplaced.
୫ । ସ୍ଥାନଭ୍ରଷ୍ଟ ହେବା; ସ୍ୱସ୍ଥାନରୁ ଖସି ପଡ଼ିବା—
5. To be displaced; to fall off from the proper place.
୬ । ଉତ୍ପାଟିତ ହେବା—6, To be uprooted; to come out with the root.

ଉଲୁସା—ଦେ. ବି. (ସଂ. ଉଲ୍ଲାସ)—୧ । ରୋମାଞ୍ଚ; ରୋମଟଙ୍କୁରଣ—
Ulusā 1. Bristling or standing on end of
উলসা the hairs through delight; horri-
हुलास pilation.
୨ । ଉଲ୍ଲାସ; ଅତ୍ୟନ୍ତ ହର୍ଷ—
2. Delight; exultation.
ଦେ. ବିଣ.—୧ । ଯେ ଉଲ୍ଲାସ ଦିଏ; ଉଲ୍ଲାସଜନକ—
1. Delightful.
୨ । ରୋମହର୍ଷଣକାରୀ—2. Causing horripilation through delight.

ଉଲୁସାଇବା—ଦେ. କ୍ରି. (ସଂ. ଉଲ୍ଲସନ)—ଉଲୁସିବାର ଣିଜନ୍ତରୂପ—
Ulusāibā Causative form of Ulusibā.
উলসান ୧ । ଉଲ୍ଲସିତ କରିବା—1. To gladden.
୨ । ଫୁଲାଇବା; ସ୍ଫୀତ କରାଇବା—
2, To cause elation or excitement.
୩ । ରୋମାଞ୍ଚିତ କରାଇବା—3. To cause the hairs of the body to stand erect on account of delight.

ଉଲୁସି ଉଠିବା—ଦେ. କ୍ରି.—(ସଂ. ଉଲ୍ଲସିତ)—୧ । ହଠାତ୍ ଉଲ୍ଲସିତ
Ulusi uṭhibā ହେବା—1. To be suddenly over-
উলসে উঠা joyed.
रोआँ खड़ाहाना ୨ । ହଠାତ୍ ରୋମାଞ୍ଚିତ ହେବା—
2. To be suddenly horripilated.
୩ । ହଠାତ୍ ଅତ୍ୟନ୍ତ ଉତ୍ତେଜିତ ହେବା—
3. To be suddenly excited.
ମାୟାବାନ୍ତ ଚମ୍ପ ଯୋଗୁଁ ତା କପାଳ
ଉଲୁସି ଉଠିଲା ଖଣେ—ପ୍ରାଣନାଥ ପରୀତ

ଉଲୁସିବା—ଦେ କ୍ରି. (ସଂ. ଉଲ୍ଲସନ)—ଆନନ୍ଦୋତ୍ଫୁଲ୍ଲ ହେବା; ଆନନ୍ଦରେ
Ulusibā ଫୁଲି ଉଠିବା; ସ୍ଫୀତ ହେବା—
উলসা 1. To swell with joy; to be elated
फुलना उछलना with joy; to be transported with joy; to be beside oneself in joy.
୨ । ଦେହର କୌଣସି ଅଙ୍ଗ ଆନନ୍ଦରେ ସ୍ଫୀତ ହେବା—
2. (any limb) To be elated on account of sudden delight.
ବକ୍ଷ ଉଲୁସି ଖସିଗଲା ଦୁକୂଳ । ପ୍ରଭାତ. ଘଣ୍ଟିଶୋଣା ।
୩ । (ଦେହ) ରୋମାଞ୍ଚିତ ହେବା; (ଦେହର) ରୋମ ଟାଙ୍କୁରିବା—
3. To be horripilated through joy; to have the hairs of the body stand on ends.

ଉଲୂକ—ସଂ. ବି. (ବଲ ଧାତୁ=ବଳବାନ ହେବା+କର୍ତ୍ତୃ. ଊକ)—
Ulūka ୧ । ପେଚକ; ପେଚା—1 Owl.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନ୍ୟତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଜାଉ' ନ ମିଳିଲେ 'ଯାଉ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଇନ୍ଦ୍ର—2. God Indra.
୩ । ଶକୁନିଙ୍କ ପୁତ୍ର—3. Son of śakuni.
୪ । ଦେଶବିଶେଷ—4. Name of a country.

**ଉଲୂକବିଦ୍ୟା**—ଦେ. ବି. (ଉଲୂକ ବା ପେଚାକୁ ଅନ୍ଧାର ରାତ୍ରିରେ ଦେଖା-ଯାଇ ଥିବାରୁ )—
**Ulūkabidyā**
କୁହୁକ ବିଦ୍ୟାବିଶେଷ; ଯେଉଁ ବିଦ୍ୟା ସାଧନ କରିଥିବା ବ୍ୟକ୍ତିକୁ ରାତ୍ରିରେ ବାଟ ଦିଶେ—
A magical art which enables a person to see in the dark

ଯେବଣ ଉଲୂକବିଦ୍ୟା ବ୍ୟାସ ଦେଇଛନ୍ତି
ସେ ବିଦ୍ୟାର ବଳେ ଦେଖା ଚଳେ ନିଶାପତି ।
ସାରଳାମହାଭାରତ, ବନ ।

**ଉଲୂଖଳ**—ସଂ. ବି. (ଉତ୍=ଉପର + ଖଲ ଧାତୁ=ଯିବା; ଅ, ନିପାତନ)-
**Ulūkhaḻa** ୧ । ଉଦୁଖଳ ( ଦେଖ )
(ମୂଷଳ—ଦ୍ରପସ୍ଥିତ) 1. Udukhaḻa ( See )

ଭୂମି ଦେଖେ ରାକ୍ଷସୀ ଉଲୂଖଳ ମାଳେ
ଅନ୍ଧାରେ ବାନ୍ଧ ବୁଲୁଥାଏ ସବୁ ବେଳେ । କୃଷ୍ଣସିଂହ, ମହାଭାରତ ବନ ।

୨ । ଗୁଗ୍ଗୁଲ—ସୁବାସିତ ଧୂପ ଦେବା ନିମନ୍ତେ ଏକ ପ୍ରକାର ବୃକ୍ଷ ନିର୍ଯାସ—2. Frankincense.

**ଉଲୂପୀ**—ସଂ. ବି. ( ଉ=ଶିବ; ମହାଦେବ+ଲୂପ=ଆକାର+ଇନ୍
**Ulūpi** ଉତ୍+ଲୂପ ଧାତୁ+ଇନ୍; ୧ମା. ୧ବ )—
ପୁଂ—ଶୁଶୁକ; ଶିଶୁମାର ନାମକ ଜଳଜନ୍ତୁ—Porpoise.
ସ୍ତ୍ରୀ—ନାଗକନ୍ୟା; ଅର୍ଜୁନଙ୍କ ପତ୍ନୀ—
Wife or Arjuna & daughter of a Nāga ( serpent ) King. )

**ଉଲୂଳୁ**—ସ. ବି ( ଧ୍ୱନ୍ୟାତ୍ମକ ବା ଉରୁ+ଉରୁ ନିପାତନ )—
**Ulūḻu** ହୁଳହୁଳି; ମାଙ୍ଗଳିକ ଧ୍ୱନି; ହୁଳୁହୁଳି—
Shout uttered by women by shaking the tongue with a shril sound on festive occasions amongst the Hindus.

**ଉଲେଇବା**—ପ୍ରାଦେ. (ମେଦିନୀପୁର) କ୍ରି—ଉଲାଇବା ( ଦେଖ )
**Uleibā** Ulāibā ( See )

**ଉଲେଇ**—ଗ୍ରା. ବିଣ. ସ୍ତ୍ରୀ ( ସଂ. ଲୋଲୁପ )—
**Uleī** ୧ । ଓଲେଇ; ଖାଦ୍ୟ ଦ୍ରବ୍ୟ ନିମନ୍ତେ ଲାଳାୟିତା (ସ୍ତ୍ରୀ); ଲୋଭୁଣୀ; ନାଲଚି—1. ( a woman ) Having the habit of inordinately hankering after dainty food.
୨ । ( ଉଲୁର ସ୍ତ୍ରୀଲିଙ୍ଗ ) ଓଲମୀ—
2. Stupid ( woman )

**ଉଲୋମ୍‌ବିଲୋମ୍**—ଗ୍ରା. ବି. ଓ ବିଣ—ଉଲମ୍‌ବିଲମ୍ ( ଦେଖ )
**Ulombilom** Ulambilam ( See )

**ଉଲ୍କ୍‌ପାତ୍**—ଦେ. ବି ଓ ବିଣ—ଉଲୁକ୍‌ପାତ୍ ( ଦେଖ )
**Ulukpāt** Ulukpāt ( See )

**ଉଲ୍କା**—ସଂ. ବି. ସ୍ତ୍ରୀ. ( ଉଷ୍ ବା ଉଲ୍ ଧାତୁ=ପୋଡ଼ିବା+କର୍ତ୍ତୃ. ଅ;
**Ulkā** +ସ୍ତ୍ରୀ-ଆ)-
୧ । ଆକାଶରୁ ପଡ଼ିତ ଅଗ୍ନିରାଶି—
1. Meteor; shooting star.
୨ । ଅଗ୍ନିକଣା; ଫୁଲିଙ୍ଗ—2. Sparks of fire.
୩ । ତେଜଃପୁଞ୍ଜ—
3. Shoots of light; mass of light.
୪ । ମଶାଲ; କଅଁଳୁଳା—4. Fire-brand; torch.

**ଉଲ୍କାଧାରୀ**—ସଂ. ବିଣ. ପୁଂ ( ଉଲ୍କା+ଧାରିନ୍; ୧ମା. ୧ବ. )—
**Ulkādhārī** ମଶାଲ ଧରିଥିବା ( ବ୍ୟକ୍ତି )—
Torch-bearer; bearing a torch.

**ଉଲ୍କାପତନ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା+ପତନ )—
**Uḻkāpatana** ଆକାଶରୁ ଅଗ୍ନିପତନ—The falling of a meteor from the sky; a meteor-falling.

**ଉଲ୍କାପାତ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା+ପାତ )—
**Uḻkāpāta** ଉଲ୍କାପତନ ( ଦେଖ )
Ulkāpatana ( See )

**ଉଲ୍କାପିଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା+ପିଣ୍ଡ )—
**Ulkāpiṇḍa** ଆକାଶରୁ ପଡ଼ିତ ଅଗ୍ନିରାଶି ବା ଜ୍ୟୋତିର୍ମୟ ଧାତବ ଖଣ୍ଡ—Meteor; shooting star; mass of molten metal falling from the sky.

**ଉଲ୍କାପୁଞ୍ଜ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା+ପୁଞ୍ଜ )—
**Ulkāpuñja** ଆକାଶରୁ ଏକ ସମୟରେ ପଡ଼ିତ ଅନେକ ତାରା ବା ଜ୍ୟୋତିର୍ମୟପଦାର୍ଥ—A shower of meteors; meteors simultaneously shooting down from the sky.

**ଉଲ୍କାବୃଷ୍ଟି**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା+ବୃଷ୍ଟି )—
**Ulkābṛushṭi** ଆକସ୍ମିକ ଅଗ୍ନିବୃଷ୍ଟି; ତାରାଖସିବା—
Meteoric shower.

**ଉଲ୍କାମୁଖୀ**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଉଲ୍କା+ମୁଖ+ଈ )—
**Ulkāmukhī** ୧ । ମୁହଁ ଆଁ କରିଦେଲେ ଅଲୁଅ ଦେଖାଯିବା ଏକ ଜାତୀୟ ଶୃଗାଳ ବା କୋକିଶିଆଳ—
1. A fox with mouth emitting light.
୨ । ଯେଉଁ ମାଈ କୋକିଶିଆଳି ମୁହଁରୁ ଚଇଧୁଣୀ ଅଲୁଅ ବାହାରେ ବୋଲି ଶୁଣା ଅଛି—2. A she-fox said to be the ignis fatuus.
୩ । ଚଇଧୁଣୀ—3. Ignis fatuus, will-o'-the-wisp.

| ୧ | ଇ | ଙ | ଋ,ଋ | ଃ | ଏ | ବସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଚ | ଷ,ଶ | ଙ୍କ | ଉସ୍ତ | କ୍ଷ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଓ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଉଝ | ୱ | ଢ଼ |

୪ । ( ଲକ୍ଷଣାର୍ଥ ) କ୍ରୋଧନସ୍ୱଭାବା ସ୍ତ୍ରୀ—
4. A shrew; a termagant woman.

ବିଣ. ସ୍ତ୍ରୀ. ( ଲକ୍ଷଣାର୍ଥ )—୧ । ଯେଉଁ ସ୍ତ୍ରୀର ମୁଖମଣ୍ଡଳ ସର୍ବଦା କ୍ରୋଧରେ ରକ୍ତ ବର୍ଣ୍ଣ ହୋଇଥାଏ—
1. ( allegorical ) ( a woman ) Whose face is always reddened with anger.

୨ । କ୍ରୋଧନସ୍ୱଭାବା—
2. Shrewish; termagant.

ଉଲ୍କୁପାତ୍—ଗ୍ରା. ବି—ଉଲୁକ୍ପାତ୍ ( ଦେଖ )
Ulkupat Ulukpat ( See )

ଉଲ୍କେଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉକିବା ( ଦେଖ )
Ulkeiba Ukiba ( See )

ଉଲ୍ୱ—ସଂ. ବି. ( ଉଚ ଧାତୁ=ସମବେତ କରିବା+ଅଧିକରଣ. ବ. ନିପାତନ; ବା ବଲ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ବ. ନିପାତନ )—୧ । ଜରାୟୁ; ଗର୍ଭାଶୟ—
Ulwa
1. Uterus; womb.

୨ । ଭ୍ରୂଣ ଉପରେ ଥିବା ସୂକ୍ଷ୍ମ ପରଦା—
2. A thin layer or membrane covering the embreyo in the womb

ଉଲ୍ୱଣ—ସଂ. ବିଣ. ( ଉତ୍=ଉପରେ+ଲ୍ୱୀ ଧାତୁ=ଯୋଗ କରିବା+ଅନ )—୧ । ସ୍ପଷ୍ଟ ପ୍ରକାଶମାନ; ପରିସ୍ଫୁଟ; ବିଶଦ; ବ୍ୟକ୍ତ—1. Clear; apparent.
Ulwaṇa

୨ । ପ୍ରବଳ; ଉତ୍କଟ—2. Excessive; acute.

୩ । ଉଦ୍ଭଟ—3. Wellknown; authoritative.

୪ । ବ୍ୟାପ୍ତ—4. Pervaded; filled.

୫ । ତୀକ୍ଷ୍ଣ—5. Sharp.

ସଂ. ବି—୧ । ଉଲ୍ୱ ( ଦେଖ )
1. Ulwa ( See )

୨ । ବାତପିତ୍ତାଦି ପ୍ରାବଲ୍ୟଜନିତ ବେଗ; ବାତପିତ୍ତାଦି ଉଦ୍ରେକ—2. An excess of bile, wind or phlegm.

୩ । ବାହାରେ ପ୍ରକାଶିତ ଲକ୍ଷଣ—
3. External indication; symptoms.

ଉଲ୍ମୁକ—ସଂ. ବି. ( ଉଷ ଧାତୁ=ପୋଡ଼ିବା+କର୍ତ୍ତୃ. ମୁକ. ନିପାତନ)—୧ । ଜ୍ୱଳନ୍ତ ଅଙ୍ଗାର—
Ulmuka
1. Burning charcoal; lighted charcoal.

୨ । ମଶାଲ; କାଠଖୁଣ୍ଟା—
2. A lighted torch; fire-brand

୩ । ବଳରାମଙ୍କର ଏକତମ ପୁତ୍ର—3. One of the sons of Balarāma ( brother of Srikrushṇa)

ଉଲ୍ଲ—ସଂ. ବି—ଓଲୁଅ ( ଦେଖ )
Ulla Olua ( See )
( ହରେକୃଷ୍ଣ—ଦ୍ରବ୍ୟଗୁଣ )

ଉଲ୍ଲଂଘନ—ସଂ. ବି. ( ଉତ୍+ଲଂଘନ )—
Ullaṁghana ୧ । ନିୟମଭଙ୍ଗ; ନିୟମ ନ ମାନିବା—
1. Transgression of a rule.

୨ । ସୀମାଲଂଘନ; ସୀମାତିକ୍ରମଣ; ସୀମା ଡେଇଁବା—
2. Overstepping.

୩ । ଆଦେଶଭଙ୍ଗ—3. Violation; infringement of an order.

୪ । ଅମାନ୍ୟ କରିବା—
4. Disobedience; disregard of order.

ଉଲ୍ଲଂଘନୀୟ—ସଂ. ବିଣ. ( ଉତ୍+ଲଙ୍ଘ ଧାତୁ+କର୍ମ. ଅନୀୟ )—
Ullaṁghaniya ୧ । ଡେଇଁବାର ଯୋଗ୍ୟ—
1. Fit to be overstepped.

୨ । ଲଂଘିତ ହେବାର ଯୋଗ୍ୟ—2 Capable of being transgressed or infringed.

୩ । ଯାହା ମାନିବା ଉଚିତ ନୁହେଁ—
3. Fit to be disobeyed.

ଉଲ୍ଲଂଘିତ—ସଂ. ବିଣ. ( ଉତ୍+ଲଂଘିତ )—୧ । ଡେଇଁ ହୋଇଥିବା—
Ullaṁghita 1 Scaled over.

୨ । ଯାହାକୁ କେହି ଡେଇଁଥାଏ—2 Overstepped.

୩ । ଅମାନ୍ୟ କରାଯାଇଥିବା—
3 Transgressed; disobeyed.

ଉଲ୍ଲଂଘ୍ୟ—ସଂ. ବିଣ. ( ଉତ୍+ଲଙ୍ଘ ଧାତୁ+କର୍ମ. ଯ )—
Ullaṁghya ଉଲ୍ଲଂଘନୀୟ ( ଦେଖ )
Ullaṁghaniya ( See )

ଉଲ୍ଲମ୍ଫ—ସଂ. ବି. ( ଉତ୍=ଉପରକୁ+ଲମ୍ଫ )—
Ullampha ୧ । ଉପରକୁ ଡେଇଁବା; ଲମ୍ଫିବା—
1 High-jump; leap; bound, springing up.

୨ । କୌଣସି ବସ୍ତୁର ଉପର ଦେଇ ଡେଇଁଯିବା; ଡେଇଁଯିବା—
2. Overstepping, jumping over.

ଉଲ୍ଲମ୍ଫନ—ସଂ. ବି. ( ଉତ୍=ଉପରକୁ+ଲମ୍ଫନ )—
Ullamphana ଉଲ୍ଲମ୍ଫ ( ଦେଖ )
Ullampha ( See )

ଉଲ୍ଲଳ—ସଂ. ବିଣ. ( ଉତ୍=ଉପରକୁ+ଲଲ ଧାତୁ—କମ୍ପିବା+କର୍ତ୍ତୃ. ଅ )—୧ । ବହୁଲୋମ—1. Hairy; shaggy.
Ullala

୨ । ଲୋମଶ—2. Furred.

ଉଲ୍ଲଳିତ—ସଂ. ବିଣ. ( ଉତ୍=ଉପରକୁ+ଲଲ ଧାତୁ=କମ୍ପିବା+କର୍ତ୍ତୃ. ତ )—୧ । କମ୍ପିତ; ଆନ୍ଦୋଳିତ—
Ullalita
1. Stirred; agitated.

ସାଧାରଣ ଲୋକେ ଏପରି ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । କମ୍ପମାନ—2. Shaking; trembling.
୩ । ଚଳିତ—3. Moved
୪ । ତରଳିତ—4. Molten.
୫ । ବ୍ୟାକୁଳିତ—5. Perturbed

**ଉଲ୍ଲସା**—ଦେ. ବି. ( ସଂ. ଉଲ୍ଲାସ )—ଆନନ୍ଦ; ଆହ୍ଲାଦ. ଉଲ୍ଲସା—
**Ullasā** Joy; delight.
ଶୋକରେ ରହିଥା ଉପାଇଲ ଉଲ୍ଲସା ଲଭା ଗର୍ଜ୍ଜିବ କରି ଆଶା ।
ଭକ୍ତ—ପ୍ରେମସୁଧାନିଧି ।

**ଉଲ୍ଲସାଇବା**—ଦେ. କ୍ରି. ( ସଂ. ଉତ୍+ଲସ ଧାତୁ ଣିଜନ୍ତ )—
**Ullasāibā** ଉଲ୍ଲସିବାର ଣିଜନ୍ତ ରୂପ—
The causative form of Ullasibā (See)

**ଉଲ୍ଲସିତ**—ସଂ. ବିଣ. ( ଉତ୍=ଊର୍ଦ୍ଧ୍ବକୁ+ଲସ ଧାତୁ=ଫୁଲିବା+
**Ullasita** କ୍ତ )—୧ । ଆନନ୍ଦିତ; ଆହ୍ଲାଦିତ—
1. Rejoiced; gladdened; delighted
୨ । ହର୍ଷୋତ୍ଫୁଲ୍ଲ—
2. Overjoyed; elated with joy.
୩ । ରୋମାଞ୍ଚିତ;—
3. With hairs standing erect on account of sudden joy; horripilated with joy.
୪ । ଆନନ୍ଦରେ ଫୁଲିଥିବା—4. Swollen with joy.
୫ । ପ୍ରକାଶିତ—5. Manifested; expressed.

**ଉଲ୍ଲସିବା**—ଦେ. କ୍ରି. ( ଉତ୍+ଲସ ଧାତୁ )—ଉଲସିବା ( ଦେଖ )
**Ullasibā** Ulasibā ( See )
ଗୋବିନ୍ଦ ପାଶରେ ଥିଲ ଏ ଭାବରେ ଉଲ୍ଲସି ଉଠିଲ ସୁକମୂର୍ତ୍ତି ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଉଲ୍ଲାଇବା**—ଗ୍ରା. କ୍ରି. (ସଂ. ଅବଲେହ; ପାଲି; ଉଲ୍ଲେହ )—
**Ullāibā** ଓହ୍ଲାଇବା ( ଦେଖ )
ওলান; উলান Olhāibā ( See )
उलरना; उललना

**ଉଲ୍ଲାଖ** (ଇତ୍ୟାଦି)—ଦେ. ବି—ଉଲାଖ ଇତ୍ୟାଦି ( ଦେଖ )
**Ullākha** (etc) Ulākha etc ( See )

**ଉଲ୍ଲାଖି**—ଦେ. ବିଣ—ଉଲାଖି ( ଦେଖ )
**Ullākhi** Ulākhi ( See )

**ଉଲ୍ଲାଖିବା**—ଦେ. କ୍ରି—ଉଲାଖ ଦେବା ( ଦେଖ )
**Ullākhibā** Ulākha debā ( See )

**ଉଲ୍ଲାଘ**—ସଂ. ବିଣ. ପୁଂ. (ଉତ୍+ଲାଘ ଧାତୁ=ପାରିବା ହେବା+କର୍ତ୍ତୃ.
**Ullāgha** ଅ)—୧ । ପାରଗମ; କାର୍ଯ୍ୟଦକ୍ଷ—
(ଉଲ୍ଲାଘା—ସ୍ତ୍ରୀ) 1. Able; fit; competent.
୨ । ପବିତ୍ର—2. Sacred; holy.
୩ । ରୋଗମୁକ୍ତ ହୋଇ କ୍ରମେ କ୍ରମେ ସୁସ୍ଥ ଓ ସବଳ—
3. Convalescent; recovering from scikness.

**ଉଲ୍ଲାଘନ**—ସଂ. ବି. (ଉତ୍+ଲାଘ ଧାତୁ+ଅନ)—୧ । ରୋଗମୁକ୍ତି—
**Ullāghana** 1. Convalescence.
୨ । ଭାରମୁକ୍ତି—2. Release from a burden.

**ଉଲ୍ଲାପ**—ସଂ. ବି. (ଉତ୍=ଉଚ୍ଚରେ+ଲପ ଧାତୁ=କହିବା+ଭାବ.
**Ullāpa** ଅ)—ଉଚ୍ଚୈଃସ୍ୱରରେ କ୍ରନ୍ଦନ—Lamenting;
(ଉଲ୍ଲପିତ—ବିଣ) weeping aloud.

**ଉଲ୍ଲାପନ**—ସଂ. ବି. (ଉତ୍=ଉଚ୍ଚରେ+ଲପ ଧାତୁ=କହିବା+ଣିଚ୍
**Ullāpana** ଭାବ. ଅନ)—ଉଚ୍ଚୈଃ ସ୍ୱରରେ କ୍ରନ୍ଦନ—
(ଉଲ୍ଲପିତ—ବିଣ) Lamenting; weeping aloud.

**ଉଲ୍ଲାସ**—ସଂ. ବି. (ଉତ୍=ଉପରକୁ+ଲସ ଧାତୁ=କ୍ରୀଡ଼ା କରିବା, ଦୀପ୍ତି
**Ullāsa** ପାଇବା+ଭାବ. ଅ)—୧ । ଆନନ୍ଦ; ଆହ୍ଲାଦ—
1. Delight; pleasure; joy; exultation.
୨ । ପ୍ରକାଶ—2. Exhibition.
୩ । ଶୋଭା—3. Glamour.
୪ । ଉଜ୍ଜ୍ୱଳତା—4. Brightness; splendour.
୫ । ବୃଦ୍ଧି—5. Increase.
୬ । ଗ୍ରନ୍ଥର ପରିଚ୍ଛେଦ—6. A chapter of a book.
ଦେ. ବିଣ.—ଉଲ୍ଲସିତ—Delighted.
କୌଶଳ୍ୟା ଦେଖି ହୋଇଲେ ଉଲ୍ଲାସ । ଧନଞ୍ଜୟ- ରଘୁବଂଶ ।

**ଉଲ୍ଲାସକର**—ସଂ. ବିଣ. (ଉଲ୍ଲାସ+କୃ ଧାତୁ+କର୍ତ୍ତୃ. ଅ)—
**Ullāsakara** ୧ । ଆନନ୍ଦଜନକ—1. Joyful.
(ଉଲ୍ଲାସକରୀ—ସ୍ତ୍ରୀ) ଆନନ୍ଦପ୍ରଦ—2. Giving delight
୩ । ସୁଖପ୍ରଦ—3. Giving pleasure or happiness.

**ଉଲ୍ଲାସନ**—ସଂ. ବି. (ଉତ୍+ଲସ ଧାତୁ+ଣିଚ୍ ଭାବ. ଅନ)—
**Ullāsana** ୧ । ଆନନ୍ଦିତ କରଣ—1. Gladdening.
୨ । ରୋମାଞ୍ଚ—2. Horripilation.

**ଉଲ୍ଲାସମୟ**—ସଂ. ବିଣ. ( ଉଲ୍ଲାସ+ମୟ )—ଆନନ୍ଦପୂର୍ଣ୍ଣ; ଆନନ୍ଦମୟ;
**Ullāsamaya** ସୁଖମୟ—Full of joy or rejoicing.

**ଉଲ୍ଲାସ ହେବା**—ଗ୍ରା. କ୍ରି.—୧ । ଆନନ୍ଦୋତ୍ଫୁଲ୍ଲ ହେବା—
**Ullāsa hebā** 1. To be elated with joy.
୨ । (ଫୁଲ ଅର୍ଥ) ଫୁଟିବା—
2. (flowers) To bloom.
କମଳବନ ଉଲ୍ଲାସ ହେଲେ । ପ୍ରଭାତ- ବର୍ଣ୍ଣନା ।

**ଉଲ୍ଲାସି**—ଦେ. ବିଣ. (ସଂ. ଉଲ୍ଲସିତ)—
**Ullāsi** ଅଧ ଅଧରରେ ସ୍ମିତ ଉଲ୍ଲାସି ହେଲେ ଲଳିତ ।
କବିସୂର୍ଯ୍ୟ- କଶୋରଚନ୍ଦ୍ର- ଣ ଗୀତ ।

**ଉଲ୍ଲାସିତ**—ସଂ. ବିଣ. (ଉତ୍+ଲସ ଧାତୁ ଣିଚ=ଲାସି ଧାତୁ+କର୍ତ୍ତୃ. କ୍ତ)—
**Ullāsita** ହର୍ଷୋତ୍ଫୁଲ୍ଲ—Overjoyed.

**ଉଲ୍ଲାସିବା**—ଦେ. କ୍ରି. ( ସଂ. ଉଲ୍ଲାସ )—୧ । ଆନନ୍ଦ ଲାଭ କରିବା;
**Ullāsibā** ଆନନ୍ଦିତ କରିବା—1. To gladden.
ଏ କଥା ଶୋ ଶୁଣିବାରୁ ଉଲ୍ଲାସିବାର । ଭକ୍ତ- ପ୍ରେମସୁଧାନିଧି

| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ୍ଚ | ଜ | ଷ,ଶ | ଙ୍କ | ଇଷ୍ଟ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ଗ୍ୟ | ଇଥ | ଙ୍କ | ନ୍ମ |

୨ । ଆନନ୍ଦିତ ହେବା; ହର୍ଷୋତ୍ଫୁଲ୍ଲ ହେବା—
2. To be overjoyed; to be elated.

**ଉଲ୍ଲାସୀ**—ସଂ. ବଣ. ପୁଂ. (ଉଲ୍ଲାସ+ଅସ୍ତ ଅର୍ଥରେ. ଇନ୍. ୧ମା. ୧ବ.)—
Ullāsi ହର୍ଷୋତ୍ଫୁଲ୍ଲ; ଆନନ୍ଦିତ—
(ଉଲ୍ଲାସିନୀ—ସ୍ତ୍ରୀ) Overjoyed; rejoicing; exultant.

**ଉଲ୍ଲାସ୍କର**—ଦେ. ବଣ. (ସଂ. ଉଲ୍ଲାସକର)—ଉଲ୍ଲାସକର (ଦେଖ)
Ullāskara Ullāsakara (See)

**ଉଲ୍ଲି**—ବୈଦେ. ଗ୍ରା. ବି. ( ଇଂ. ଉଇଲ୍‌ର ଅଶୁଦ୍ଧ ଉଚ୍ଚାରଣ )—
Ulli ଉଇଲ୍ (ଦେଖ)—Uil (See)

**ଉଲ୍ଲିଖିତ**—ସଂ. ବଣ. (ଉତ୍=ଉପରେ+ଲିଖିତ)—୧ । ପୂର୍ବେ କଥିତ;
Ullikhita ଉପରୋକ୍ତ—1. Afore said.
(ଉଲ୍ଲେଖନ—ବି) ୨ । ବର୍ଣ୍ଣିତ—2. Described.
୩ । ସୁସ୍ପଷ୍ଟ ଭାବରେ ପ୍ରକାଶିତ—
3. Clearly described; depicted.
୪ । ଉପରଲିଖିତ; ପୂର୍ବେ ବର୍ଣ୍ଣିତ—
4. Written or described above.
୫ । ଉତ୍କ୍ଷିପ୍ତ—5. Scattered; thrown up.
୬ । ଖୋଦାଇ ହୋଇଥିବା; ଉତ୍କୀର୍ଣ୍ଣ—
6. Engraven.
୭ । ଚଞ୍ଛା ହୋଇଥିବା; ଛେଲା ହୋଇଥିବା; କୁନ୍ଦା ହୋଇଥିବା—7. Pared; scraped.
୮ । ଉଦ୍ଧୃତ—8. Quoted.
୯ । ପୃଷ୍ଠଦେଶରେ ଅଙ୍କିତ—9. Written on the surface, superscribed.
୧୦ । ଚିତ୍ରିତ—10. Painted; pictured.

**ଉଲ୍ଲୁ**—ବୈଦେ. ବଣ. ( ଅ )—ଓଲୁ; ନିର୍ବୋଧ; ନିର୍ବୁଦ୍ଧିଆ—
Ullu Stupid; foolish
উল্লু ତାଙ୍କୁ ପରା ହୋଇ ବଢ଼ବାଳକମାନଙ୍କୁ ଉଲ୍ଲୁ, ଗଧା ଇତ୍ୟାଦି
उल्लू ଇତ୍ୟାଦି ସମ୍ବୋଧନ କରିବାରୁ ଗାଁଯାକ ହୁରି ହାଲର ପଡ଼ିଗଲା—
ଫକୀରମୋହନ—ଛମାଣ ଆଠଗୁଣ୍ଠ ।

**ଉଲ୍ଲୂକ**—ସ. ବି—ପାହିମାଙ୍କଡ଼—
Ulluka A gibbon; ape.

**ଉଲ୍ଲୁଣ୍ଠ**—ସଂ. ବି. ( ଉତ୍+ଲୁଣ୍ଠ ଧାତୁ=ଗଡ଼ିବା+ଭାବ. ଅ )—
Ullunṭha ୧ । ଭୂଇଁ ଉପରେ ଗଡ଼ିବା; ଭୂଇଁରେ ଲୋଟିବା—
(ଉଲ୍ଲୁଣ୍ଠିତ—ବଣ) 1. Wallowing; rolling on the ground
୨ । ଥଟ୍ଟା—2. Joking.

**ଉଲ୍ଲୁଣ୍ଠନ**—ସଂ. ବି. ( ଉତ୍+ଲୁଣ୍ଠ ଧାତୁ=ଗଡ଼ିବା+ଭାବ. ଅନ )—
Ulluṇṭhana ଉଲ୍ଲୁଣ୍ଠ ( ଦେଖ )—Ulluṇṭha ( See )

**ଉଲ୍ଲେଖ**—ସଂ. ବି. ( ଉତ୍+ଲିଖ ଧାତୁ=ଲେଖିବା+ଅ )—
Ullekha ଉଲ୍ଲେଖନ ( ଦେଖ )—Ullekhana ( See )

**ଉଲ୍ଲେଖନ**—ସଂ. ବି (ଉତ୍+ଲିଖ ଧାତୁ=ଲେଖିବା+ଭାବ. ଅନ)—
Ullekhana ୧ । ଲେଖିବା—1. Writing.
୨ । ଖୋଦାଇ କରିବା; ଖୋଦନ—2. Engraving.
୩ । ବର୍ଣ୍ଣନ—3. Description.
୪ । ଖନନ; ଖୋଳିବା—4. Digging.
୫ । ବମନ—5. Vomiting.
୬ । ନିର୍ଦ୍ଦେଶ—6. Ascertaining; referring.
୭ । କୀର୍ତ୍ତନ—7. Uttering.
୮ । କଥନ—8. Mention; statement.
୯ । ଚାଞ୍ଛିବା; ଛେଲିବା—9. Paring, scraping.
୧୦ । ବିଶେଷଭାବରେ ପ୍ରକାଶ ବା ବର୍ଣ୍ଣନ—
10. Expounding; delineating.
୧୧ । ଚିତ୍ରଣ—11. Painting.
୧୨ । ଖୋଞ୍ଚିବା—12. Scratching.
୧୩ । ପୃଷ୍ଠଦେଶରେ ଲେଖିବା; ଉପରେ ଲେଖିବା—
13. Superscription; writing on the surface.
୧୪ । ଶାସ୍ତ୍ରାଦିରୁ ବାକ୍ୟାଦିର ଉଦ୍ଧାର—
14. Quotation from authoritative works.
୧୫ । ସୂଚନା—15. Reference; hinting.
୧୬ । କୁନ୍ଦିବା—16. Turning in a lathe.

**ଉଲ୍ଲେଖନୀୟ**—ସଂ. ବଣ. ( ଉତ୍+ଲିଖ ଧାତୁ=ଲେଖିବା; ବର୍ଣ୍ଣନା
Ullekhaniya କରିବା+ଅନୀୟ )—ଉଲ୍ଲେଖଯୋଗ୍ୟ ( ଦେଖ )
Ullekhajogya ( See )

**ଉଲ୍ଲେଖଯୋଗ୍ୟ**—ସଂ. ବଣ. ( ଉଲ୍ଲେଖ+ଯୋଗ୍ୟ )—
Ullekhajogya ୧ । ବର୍ଣ୍ଣନୀୟ—1. Describable.
୨ । ପ୍ରକାଶଯୋଗ୍ୟ—
2. Fit to be published or made public.
୩ । ସୁସ୍ପଷ୍ଟଭାବରେ ଚିତ୍ରିତ ହେବାର ଉପଯୁକ୍ତ—
3. Fit to be delineated.
୪ । ବିଶେଷଭାବରେ କଥିତ ହେବାର ଯୋଗ୍ୟ—
4. Fit to be specially mentioned.

**ଉଲ୍ଲେଖାଲଙ୍କାର**—ସଂ. ବି—ଅଲଙ୍କାରବିଶେଷ—A kind of
Ullekhālaṁkāra rhetorical figure.

[ ବି—ଏକ ପଦାର୍ଥକୁ ବିବିଧ ପ୍ରକାରେ ଉଲ୍ଲେଖ କଲେ ଉଲ୍ଲେଖାଲଙ୍କାର ହୁଏ । ଏହା ବିଷୟଭେଦରେ ଓ ଗ୍ରାହକଭେଦରେ ଦୁଇ ପ୍ରକାର । ଯେଉଁଠାରେ ଗ୍ରାହ୍ୟ ବସ୍ତୁ ଭିନ୍ନ ଭିନ୍ନ ଉପାଧିଦ୍ୱାରା ସଂଗୃହୀତ ହୁଏ, ସେଠାରେ ପ୍ରଥମ ବିଷୟଭେଦ ଉଲ୍ଲେଖାଲଙ୍କାର ହୁଏ ।

ଯଥା—ନିରପେକ୍ଷ ଯେତ୍ତୁ ସମସ୍ତ ସମାଜ
ଦେଖେ ବୈଶ୍ୱାନର ପ୍ରାୟ ସର୍ବଗ୍ରାସୀ,
କର୍ଣ୍ଣେ—ବୃହସ୍ପତି, ପାଳନେ ପ୍ରଜାପତି,
ଦସ୍ୟୁର ଅଧାର ବେଦଶ୍ରୀପତାକା,
ଏକୁ ସବୁ ଗୁଣ ଗୁଣ ପରକାଶି । ମଧୁସୂଦନ—

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱରର ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :—
'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଧ୍' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚ' ଦେଖିବେ; 'ଅଳକର' ନ ପାଇଲେ 'ଅଳକାର' ଦେଖିବେ

ଯେଉଁଠାରେ ଗ୍ରାହକମାନେ ଏକତ୍ର ଗ୍ରାହ୍ୟ ବସ୍ତୁକୁ ବହୁରୂପେ ଗ୍ରହଣ କରନ୍ତି ସେଠାରେ ଦ୍ୱିତୀୟ ଗ୍ରାହକଭେଦ-ଉଲ୍ଲେଖାଲଙ୍କାର ହୁଏ ଯଥା—

ଗୋପଯୁବତୀଙ୍କ ଜୀବଧନ, ବୃନ୍ଦାବନଗୋପାଳଙ୍କ ଶିଶୁମୋହନ ।
ନନ୍ଦ ଯଶୋଦାଙ୍କ ପ୍ରାଣନନ୍ଦନ, ଭକ୍ତପ୍ରେମିକଙ୍କ ହୃଦୟଧନ ।
ସ୍ୱର୍ଗେ ଦେବଗଣଙ୍କ ଅଧୀଶ୍ୱର, ଯୋଗୀଜନଙ୍କ ବ୍ରହ୍ମପରାତ୍ପର ।
କୃପା କର ମୋତେ ଗୁରୁରୂପରେ, ଏହି ଭିକ୍ଷା ମାଗଇ ଶ୍ରୀପଦରେ ।

ଭୂଷଣମଣି, ଅଳଙ୍କାରତରଙ୍ଗିଣୀ ।

ଉଲ୍ଲେଖିତ—ସଂ. ବିଣ. ( ଉତ୍ + ଲେଖିତ )—ଉଲ୍ଲିଖିତ ( ଦେଖ )
Ullekhita Ullikhita ( See )

ଉଲ୍ଲୋଚ—ସଂ. ବି. ( ଉତ୍ = ଉପରେ + ଲୋଚ ଧାତୁ = ଦେଖିବା + କର୍ମ. ଅ; ଉପରକୁ ଚାହିଁଲେ ଯାହା ଦେଖା ପଡ଼େ )—
Ulloh
ଚନ୍ଦ୍ରାତପ; ଚାନ୍ଦୁଆ; ବିତାନ—Awning; canopy.

ଉଲ୍ଲୋଳ—ସଂ. ବି. ( ଉତ୍ = ଉପରକୁ + ଲୋଡ଼ ଧାତୁ = ଘାଣ୍ଟିବା; ହଲିବା + କର୍ତ୍ତୃ. ଅ )—ବୃହତ୍ ତରଙ୍ଗ; ବଡ଼ ଢେଉ; କଲ୍ଲୋଳ—Big or high wave; a surge; billow.
Ullola

ସଂ. ବିଣ—୧ । ଦୋଳାୟମାନ; ଦୋହଲୁଥିବା; ଝୁଲୁଥିବା—
1. Dancing; waing.

ବର୍ଷାରୁ ଗଳିତ ଘର୍ମ ଉଲ୍ଲୋଳ କଲ୍ଲୋଳ ସେ—
ଉକ୍ତ ବୈଦେହୀଶବିଳାସ ।

୨ । ଚଞ୍ଚଳ—2. Restless.

କହିଁ କଳାବତୀ ଯାହିଁ ଉଲ୍ଲୋଳ ନୟନେ—ପ୍ରାଚୀ. ରସବାରିଧି ।

୩ । ଚଳନଶୀଳ; ଗତିଶୀଳ—3 Moving.

ଉଲ୍ଲୋଳ ମଦନଲଯ ସ୍ୱାମୀରେ ଲୁଚେ—ଶିଶୁଶଙ୍କର. ଉଷାଭିଳାଷ ।

ଉଶତୀ—ସଂ. ବି. ସ୍ତ୍ରୀ. ( ବଶ ଧାତୁ = ଇଚ୍ଛା କରିବା ବା ଉଷ୍ ଧାତୁ = ପୋଡ଼ିବା + ଅତ୍; ସ୍ତ୍ରୀ. ଈ )—
Usati
ଅମଙ୍ଗଳ ବାକ୍ୟ; ଅକଲ୍ୟାଣ ବାକ୍ୟ; ଅଭିଶାପ—
Imprecation; curse.

ଉଶନସ୍—ସଂ. ବି. (ନାମ)— ଉଶନାକବି ( ଦେଖ )
Usanas Usanākabi ( See )

ଉଶନା—ସଂ. ବି. (ନାମ)— ଉଶନାକବି ( ଦେଖ )
Usanā Usanākabi ( See )

ବିଲକ୍ଷ ତାହାର କପରେ ; ଉଶନା ବାସ ଯେଉଁଠାରେ । ଜଗନ୍ନାଥ. ଭାଗବତ ।

ଉଶନାଃ—ସଂ. ବି—ଉଶନା କବି ( ଦେଖ )
Usanāh Usanākabi ( See )

ଉଶନାକବି—ସଂ. ବି. ( ନାମ ) ( ବଶ ଧାତୁ = ଇଚ୍ଛା କରିବା + କର୍ତ୍ତୃ. ଅନସ୍; ୧ମା. ୧ବ = ଉଶନା + କବି )—
Usanākabi
୧ । ଅସୁରଗୁରୁ; ଶୁକ୍ରାଚାର୍ଯ୍ୟ—1. A name of Sukra the preceptor of the demons.
୨ । ଶୁକ୍ରଗ୍ରହ— 2. The planet Venus.

ଉଶାସ୍—ଗ୍ରା. ବିଣ—ଉଶ୍ୱାସ ( ଦେଖ )
Usās Uswāsa ( See )

ଉଶୀର—ସଂ. ବି. ( ବଶ ଧାତୁ = ଇଚ୍ଛା କରିବା + କର୍ମ. ଈର; ଗ୍ରୀଷ୍ମ କାଳରେ ଯାହାକୁ ଇଚ୍ଛା କରାଯାଏ )—
Usira
ବେଣା ଚେର; ବେଣା ମୂଳ; ଗନ୍ଧତୃଣବିଶେଷର ମୂଳ—
Fragrant root of Benā grass.

ଉଶୀରବେଣା—ଦେ. ବି. ( ସଂ. ଉଶୀର )—ଉଶୀର ( ଦେଖ )
Usirabenā Usira ( See )
ସଂ. ଉଶୀର; ବୀରଣମୂଳକ; ଜଳାମୋଦ
गन्धवेणामूल; खसवीरण
खसखस
ତେ. ଅବରୁଗାଣ୍ଡି

ଉଶୁଆସ—ଗ୍ରା. ବିଣ—ଉଶ୍ୱାସ ( ଦେଖ )
Usuāsa Uswāsa ( See )

ଉଶୁଆସିଆ—ଗ୍ରା. ବିଣ—ଉଶ୍ୱାସିଆ ( ଦେଖ )
Uswāsiā Uswāsiā ( See )

ଉଶ୍ୱାସ—ଦେ. ବିଣ.—୧ । ହାଲୁକା; ଲଘୁଭାର—
Uswāsa 1. Light; not heavy.
हालका
हलका

କଣ୍ଠ ଯେ କୂର୍ମ ପୃଷ୍ଠେ ଥିବ । ତକ୍ଷଣେ ଉଶ୍ୱାସ ହୋଇବ ।
ଜଗନ୍ନାଥ. ଭାଗବତ ।

୨ । ସହଜ—2. Easy.
୩ । ଊଣା; ଅଳ୍ପ—3. Lessened; less.
୪ । ସାମାନ୍ୟ; ତୁଚ୍ଛ; ନୀଚ; କ୍ଷୁଦ୍ର—
4. Negligible; slight; low.

ଉଶ୍ୱାସ ଲୋକ । ଗୋପୀକୃଷ୍ଣ. ପ୍ରସ୍ତାବସିନ୍ଧୁ ।

୫ । ରୋଗୋପଶାନ୍ତ; ରୋଗମୁକ୍ତ—
5. Recovered from sickness.
୬ । ଯନ୍ତ୍ରଣାଶୂନ୍ୟ—6. Free from pain
୭ । ମୁକ୍ତ—7. Freed.

ଜୀବର ବନ୍ଧ ମୋକ୍ଷ ପାଶ, ଯେମନ୍ତେ ହୋଇବ ଉଶ୍ୱାସ ।
ଜଗନ୍ନାଥ. ଭାଗବତ ।

୮ । ଅପେକ୍ଷାକୃତ କଷ୍ଟମୁକ୍ତ—
8. Comparatively relieved.
୯ । ଧୀର—9. Slow.

ପବନ ବହୁଛି ଉଶ୍ୱାସି । ଜଗନ୍ନାଥ. ଭାଗବତ ।

ଦେ. ବି—୧ । ହାଲୁକାପଣ—1. Lightedness.

ତେଜ ଉଶ୍ୱାସ ମନ୍ତ୍ର ତ ନ ଜାଣେ । ଦୀନନାଥ. ଦରବାଲେଖ

୨ । କଷ୍ଟଲାଘବ—2. Relief from pain.
(ଯଥା—ତେଲ ଲଗିଲାରୁ ମତେ ବଡ଼ ଉଶ୍ୱାସ ଲାଗିଲା ।
୩ । ସହଜତ୍ୱ—3. Easiness.
(ଯଥା—ମତେ ଏ ଅଙ୍କଟି କରି ଉଶ୍ୱାସ ଲାଗିବ ।)
୪ । ଅଳ୍ପତା—4. Littleness.
୫ । ରୋଗୋପଶମନ—5. Relief from diseases.
୬ । ମୁକ୍ତି—6. Relief.

| ୧ | ଇ | ଉ | ଋ,ଋ୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଶ,ଷ | ଜ୍ଞ | ଇଦ୍ | ଉଅ | ଲ୍ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଘ | ଯ | ସ | ଙ୍ୟ | ଇଅ | ଙ୍ଗ | ନ୍ତ |

ଉଶ୍ୱାସ କରିବା—ଦେ. କ୍ରି.—୧ । କମାଇବା—
Uśwāsa kariba 1. To lessen.
হালকা করা କରିବା ଉଶ୍ୱାସ ମଣ୍ଡାଇବ ଅନେକ ।
हलका करना ଗୀତକୃଷ୍ଣ. ରସକଲ୍ଲୋଳ ।
୨ । ଦୁଃଖ ଦୂର କରିବା—2. To lighten a misery.
୩ । ଭାର କମାଇବା—3. To lighten a load.
ରାବଣକୁ ମାରି ରାମ ଉଶ୍ୱାସିଲେ ଲଙ୍କା । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଉଶ୍ୱାସିଆ—ଦେ. ବିଣ.—୧ । ଲଘୁମାନ; ହାଲୁକା—
Uśwāsia 1. Light.
୨ । ଅପେକ୍ଷାକୃତ ହାଲୁକା—2. Lighter.

ଉଶ୍ୱାସିବା—ଦେ. କ୍ରି.—ଉଶ୍ୱାସ କରିବା (ଦେଖ)
Uśwāsibā Uśwāsa kariba (See)
ଅସୁର ବଳ ମାରଣ ମନ୍ତ୍ରୀ ଉଶ୍ୱାସିବୁ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଉଷ୍ଦ—ଗ୍ରା. ବି. (ସଂ. ଔଷଧ)—ଔଷଧ—
Ushda Medicine.

ଉଷ୍ନିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଉଷ୍ଣ)—
Ushnibā ଉଷୁନିବା (ଦେଖ)
Usaṅibā (See)

ଉଷ୍ମା—ପ୍ରାଦେ. (ସମ୍ବଲପୁର) ବିଣ—ଆତ୍ମଶ୍ଳାଘୀ—
Ushmā Self-applauding.

ଉଷ୍ମିହାଁ—ପ୍ରାଦେ. (ସମ୍ବଲପୁର) ବିଣ.—ଆତ୍ମଶ୍ଳାଘୀ—
Ushmihāṅ Self-praising.

ଉଷ (ଧାତୁ)—ସଂ.—ପୋଡ଼ିବା—
Usha (root) To burn.

ଉଷ—ସଂ. ବି. ( ଉଷ ଧାତୁ=ଦାହ କରିବା+ଅ )—
Usha ୧ । ପ୍ରଭୃତ; ପ୍ରଭାତ—
1. Early morning; dawn.
୨ । କାମୁକ; କାମୀ ବ୍ୟକ୍ତି—
2. A voluptuary; lecher.
୩ । କ୍ଷାର ମୃତ୍ତିକା, କ୍ଷାର ମାଟି; ସାଜି ମାଟି—
3. Calcined soil; natron.
୪ । ଗୁଗ୍ଗୁଳ—4. Bdellium.
ଗ୍ରା. ବି. ( ସଂ. ଔଷଧ )—ଔଷଧ; ଓଷୁଅ—Medicine.

ଉଷଣ—ସଂ. ବି. ( ଉଷ=ପୋଡ଼ିବା+ଅନ=ଯେ କଣ୍ଠଦାହ କରେ )—
Ushaṇa ୧ । ମରିଚ—1. Black pepper.
୨ । ପିପ୍ପଳୀମୂଳ; ବଣପିପ୍ପଳୀ ମୂଳ—
2. A medicinal plant and its root.

ଉଷତ୍—ପ୍ରାଦେ. ( ସମ୍ବଲପୁର ) ବି ଓ ବିଣ—ଉଷତ ( ଦେଖ )
Ushat Ushata ( See )

ଉଷତ—ସଂ. ବିଣ. ( ବଶ ଧାତୁ=ଅଭିଳାଷ କରିବା+କର୍ତ୍ତୃ. ତ )—
Ushata ୧ । ଉତ୍ସୁକ—1. Eager; desirous.
୨ । ଆନନ୍ଦିତ—2. Delighted.
ଦେ. ବି—ଆନନ୍ଦ; ଆହ୍ଲାଦ—Joy; delight.
କେନେ ଯେ ଉଡ଼ନ୍ତେ ଚଢ଼େ କ ସେନ ଉଷତେ ସବେ
କେତେକେ ଲେଖି ଲଙ୍ଗିଲେ ଗାନ୍ତେ । ଉକ୍ତ—ପ୍ରେମସୁଧାନିଧି ।

ଉଷତୀ—ସଂ. ବି. ସ୍ତ୍ରୀ—ଉଶତୀ ( ଦେଖ )
Ushatī Uśatī ( See )

ଉଷମ୍—ଗ୍ରା. ବିଣ. ( ସଂ. ଉଷ୍ମ )—ଉଷୁମ ( ଦେଖ )
Usham Ushuma ( See )

ଉଷର୍ଗାଏ—ପ୍ରାଦେ. ( ସମ୍ବଲପୁର ) ବି—ପୋଡ଼ୁଅଁ ଗାଈ; ଯେଉଁ
Ushargāe ଗାଈ ପ୍ରଥମେ ପ୍ରସବ କରିଅଛି—A cow who has given birth to one calf only.

ଉଷର୍ବୁଧ—ସଂ. ବି. (ଉଷସ୍=ପ୍ରଭାତ+ବୁଧ ଧାତୁ=ଜାଣିବା+ଅ)—
Usharbudha ନିଆଁ; ଅଗ୍ନି—Fire.

ଉଷସ୍—ସଂ. ବି. ( ଉଷ ଧାତୁ=ଦାହ କରିବା+ଅସ୍ )—
Ushas ପ୍ରଭାତ; ପ୍ରତ୍ୟୁଷ—Early morning; day-break; dawn.

ଉଷସୀ—ସଂ. ବି. ସ୍ତ୍ରୀ ( ଷୋ ଧାତୁ=ଶେଷ କରିବା+ଅ.+ସ୍ତ୍ରୀ. ଈ;
Ushasī ନିପାତନ )—ସନ୍ଧ୍ୟାକାଳ; ଗୋଧୂଳିସମୟ—
Dusk; night-fall.

ଉଷସ୍ୟ—ସଂ. ବିଣ. ( ଉଷସ୍=ପ୍ରଭାତ+ଯ )—
Ushasya ପ୍ରାଭାତିକ; ପ୍ରାତ୍ୟହିକ; ଉଷାକାଳୀନ—Relating to dawn; happening at day-break.

ଉଷା—ସଂ. ବି. ସ୍ତ୍ରୀ. ( ଉଷ ଧାତୁ=ଦାହ କରିବା+ଅ+ସ୍ତ୍ରୀ. ଆ )—
Ushā ୧ । ବାଣାସୁରର କନ୍ୟା; କୃଷ୍ଣଙ୍କ ନାତି; ଅନିରୁଦ୍ଧଙ୍କ ପତ୍ନୀ—
1. Wife of Aniruddha and daughter of Bāṇāsura.
[ ଦ୍ର—ଉଷାଙ୍କ ସହିତ ଶ୍ରୀକୃଷ୍ଣଙ୍କ ନାତି ଅନିରୁଦ୍ଧଙ୍କର ବାଣାସୁରର ଅନ୍ତଃପୁରସ୍ଥ 'ଉଷାମେଢ଼'ରେ ଗୁପ୍ତ ପ୍ରଣୟ ହୋଇଥିଲା । ଏହା ଜାଣି ପାରି ବାଣାସୁର ତାହାଙ୍କୁ ନାଗପାଶରେ ବାନ୍ଧିଥିଲା । ପରେ ଶ୍ରୀକୃଷ୍ଣ ଉଷା-ଅନିରୁଦ୍ଧ ଦୁହିଁଙ୍କୁ ଉଦ୍ଧାର କରି ଆଣିଲେ ଓ ଉଷା ସଙ୍ଗେ ଅନିରୁଦ୍ଧଙ୍କର ବିବାହ ଦେଲେ । ]
୨ । ଗାଭୀ; ଗାଈ—2. Cow.
୩ । ରାତ୍ରିର ଅବସାନ ସମୟ; ପ୍ରତ୍ୟୁଷ; ପ୍ରଭାତ; ଅରୁଣୋଦୟର ପ୍ରାକ୍‌କାଳ; ବ୍ରାହ୍ମମୁହୂର୍ତ୍ତ—3. Dawn; early morning; day-break.
ଦେ. ବି—୧ । ପଲସ୍ତରାକୁ ସମତୁଲ କରିବା ପାଇଁ ରାଜମିସ୍ତ୍ରିମାନଙ୍କର ଯନ୍ତ୍ର ବା ପଟା—
1. A mason's planer.
୨ । ସ୍ତ୍ରୀ ଲୋକଙ୍କ ନାମବିଶେଷ—
2. A Name given to females.
୩ । ( ସଂ. ଉପବାସ )—ଓପା; ଉପାସ—
3. Religious fast.

ସାଧାରଣ ଭେବେ ଅପର ପୃଷ୍ଠାରେ ପଢନ୍ତୁ । ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ଥାନ ରକ୍ଷା କରନ୍ତୁ ନାହିଁ । ଅତିଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ପର୍ଯ୍ୟନ୍ତରେ ତନ୍ମଧ୍ୟ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; ଋଞ୍ଜୁ ନ ପାଇଲେ 'ଋଜୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଡ଼ା' ନ ପାଇଲେ 'ଅଲ୍ଡ଼ା' ଦେଖିବେ ।

ଉଷାକଲ—ସଂ. ( ଉଷସ୍=ପ୍ରଭୃତ+କଲ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ )—କୁକ୍କୁଟ—Cock.
Ushākala

ଉଷାଜଲ—ସଂ. ବି ( ମଧ୍ୟପଦଲୋପୀ; ଉଷାରେ ପେୟ ଜଳ) (ବୈଦ୍ୟଶାସ୍ତ୍ର ମତରେ ଏହା ଅତି ସ୍ୱାସ୍ଥ୍ୟକର )—Cold water taken early in the morning.
Ushājala

ଉଷାନାଥ—ସଂ. ବି. (୬ଷ୍ଠୀ ତତ୍; ଉଷା+ନାଥ)—ଉଷାରମଣ (ଦେଖ )
Ushānātha — Ushāramana ( See )

ଉଷାପତି—ସଂ. ବି. ( ୬ଷ୍ଠୀ ତତ୍; ଉଷା+ପତି)—ଉଷାରମଣ (ଦେଖ )
Ushāpati — Ushāramana ( See )

ଉଷାମ୍—ପ୍ରାଦେ. ( ସିଂହଭୂମ ) ବି—ତସର ଅବାଦ କରିବା ବ୍ୟକ୍ତି ଅବାଦ ସ୍ଥାନରେ ଜଙ୍ଗଲରେ ତୋଳିବା ଅସ୍ଥାୟୀ କୁଡ଼ିଆ ଘର—A temporary hut raised by silkworm-rearers in the woods for watching the cocoons.
Ushām

ଉଷାରମଣ—ସଂ. ବି. ( ୬ଷ୍ଠୀ ତତ୍; ଉଷା+ରମଣ; ଉଷାର ସ୍ୱାମୀ )—ଶ୍ରୀକୃଷ୍ଣଙ୍କ ନାତି; କାମଦେବଙ୍କ ପୁଅ; ଅନିରୁଦ୍ଧ—The son of God Cupid.
Ushāramana

ଉଷିତ—ସଂ. ବଣ. ( ଉଷ ଧାତୁ=ଦଗ୍ଧ କରିବା+କର୍ମ. ତ )—
Ushita ୧ । ପର୍ଯ୍ୟୁଷିତ; ସଢ଼ା; ବାସି—1. Stale.
୨ । ଦଗ୍ଧ—2. Burnt.
୩ । ( ବସ ଧାତୁ=ବାସ କରିବା+ତ )—ସ୍ଥିତ—3. Dwelt
୪ । ଲବ୍ଧ—4. Entered into; thrust into
୫ । ତୁରନ୍ତ—5. Quick; rapid.

ଉଷିଲା—ପ୍ରାଦେ. ( ସିଂହଭୂମ ) ବଣ—ଉଷୁନା ( ଚାଉଳ )—
Ushilā (rice) Prepared from parboiled paddy.

ଉଷୀର—ସଂ. ବି—ଉଶୀର ( ଦେଖ )
Ushīra — Usīra ( See )

ଉଷୁଅ—ଗ୍ରା. ବି. ( ଔଷଧ )—ଔଷଧ—
Ushua — Medicine

ଉଷୁମ—ଦେ. ବଣ. ( ସଂ. ଉଷ୍ଣ )—୧ । ଉଷ୍ଣ; ତପ୍ତ—
Ushuma — 1. Warm; hot.
गरम ୨ । ଈଷଦୁଷ୍ଣ—2. Lukewarm.
ग ବି—୧ । ଉଷ୍ଣତା; ତାତି—1. Warmth; heat.
୨ । ଗୋରୁ ଓ ବଳଦଙ୍କ ଖାଇବା ନିମନ୍ତେ ପ୍ରସ୍ତୁତ ଉଷ୍ଣ ପାନୀୟ—2. Warm drink prepared for cattle.

ଉଷୁମ ଟାଣିବା—ଦେ.କ୍ରି—ଶୀତ ସମୟରେ ଘୋଡ଼ି ହୋଇ ଏକସ୍ଥାନରେ ବସି ରହିବା—To sit still at a place warming the body with warm covering
Ushuma tāṇibā

ଉଷୁମା—ଦେ. ବଣ—ଉଷ୍ଣ ବା ତପ୍ତ ହୋଇଥିବା—
Ushumā — Warmed; heated.
ବି—୧ । ଉଷ୍ଣ ବା ତାପିତ କରିବାର କ୍ରିୟା—
1. Warming; heating.
୨ । ( ଲକ୍ଷଣାର୍ଥ ) ଉତ୍ସାହ; ଉଦ୍ବେଗ; ଉତ୍ତେଜନା—
2 Eagerness; excitement.
ମନରୁ ଯେତୁ ଯୁଦ୍ଧ ଉଷୁମା ଗଲା—ଭୀଷ୍ମସିଂହ. ମହାଭାରତ. ବନ ।

ଉଷୁମାଇବା—ଦେ. କ୍ରି. ସକର୍ମକ. ( ସଂ. ଉଷ୍ଣାଣ )—
Ushumāibā ୧ । ଅଗ୍ନିରେ ତାପିତ କରିବା; ଉତ୍ତପ୍ତ କରିବା—
गरमकरना 1. To heat; to warm.
उसना ୨ । ଅଣ୍ଡାକୁ ଫୁଟିବାର ଉପଯୋଗୀ କରିବା ନିମନ୍ତେ ପକ୍ଷିମାତା ଡିମ୍ବ ଉପରେ ବସି ଡିମ୍ବକୁ ତାପ ଦେବା ବା ତାଅଦେବା—
2. To sit on the egg to make it warm ( said of mother birds before it is hatched ).
୩ । ଶରୀର ଉଷ୍ଣ ହେବାର ଉପଚାର କରିବା—
3. To apply warmth to the body.

ଉଷୁମାଉଷୁମି—ଦେ. ବି—ଗରମ କରିବା କ୍ରିୟା—
Ushumāushumi Act of heating or warming.

ଉଷୁମୁ (ଇତ୍ୟାଦି)—ଗ୍ରା. ବି. (ସଂ. ଉଷ୍ଣ )—
Ushumu (etc) ୧ । ଉଷ୍ଣତା; ତତଲ; ତାତି—
1. Warmth.
୨ । ବାଷ୍ପ; ବାମ୍ଫ—2 Vapour; steam.
୩ । ଉଷୁମ ଇତ୍ୟାଦି ( ଦେଖ )
3. Ushuma etc. ( See )
ବଣ—ଉଷ୍ଣ; ଗରମ; ତପ୍ତ; ତାତିଲା—
Warm; hot.
ଉଷୁମ ପାଣିରେ ଘର ପୋଡ଼ି ଯିବ । ନ୍ୟାୟ—ଡଗ ।

ଉଷୁମେଇବା—ଦେ. କ୍ରି—ଉଷୁମାଇବା ( ଦେଖ )
Ushumeibā — Ushumāibā ( See )

ଉଷୋ—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଔଷଧ )—ଔଷଧ—
Usho — Medicine.

ଉଷ୍ଟ—ଗ୍ରା. ବି. ( ସଂ. ଉଷ୍ଟ୍ର )—ଓଟ—Camel.
Ushta

ଉଷ୍ଣ—ଗ୍ରା. ବଣ. ( ସଂ. ଉଷ୍ଣର ଅଶୁଦ୍ଧ ଉଚ୍ଚାରଣ )—ଉଷ୍ଣ ( ଦେଖ )
Ushtan — Ushna ( See )

ଉଷ୍ଟ୍ର—ସ. ବି. ପୁଂ ( ଉଷ ଧାତୁ=ଦାହ କରିବା+ଷ୍ଟ୍ରନ୍=ଯେ ମରୁଭୂମିରେ ଦଗ୍ଧ ପ୍ରାପ୍ତ ହୁଏ )—ଉଟ; ଓଟ—
Ushtra — Dromedary; camel; he-camel.

ଉଷ୍ଟ୍ରିକା—ସ. ବି. ସ୍ତ୍ରୀ ( ଉଷ୍ଟ୍ର+କ+ସ୍ତ୍ରୀ. ଆ)—
Ushtrikā ୧ । ମାଈଓଟ—1. She camel

| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଡ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଔ | ଡ଼ |

୨ । ମୃଣ୍ମୟ ସୁରାଭାଣ୍ଡ—
2. An earthen pitcher or wine-vessel.

ଉଷ୍ଟ୍ରୀ—ସଂ. ବି. ସ୍ତ୍ରୀ ( ଉଷ୍ଟ୍ର + ସ୍ତ୍ରୀ. ଈ )—ଉଷ୍ଟ୍ରିକା ( ଦେଖ )
Ushtri — Ushtrikā ( See )

ଉଷ୍ଣ—ସଂ. ବି. ( ଉଷ ଧାତୁ = ଦାହ କରିବା + ଣ )—
Ushna — ୧ । ଗ୍ରୀଷ୍ମକାଳ—
1 Summer; hot weather.
ଅନୁଷ୍ଣ, ଶୀତଳ } ବିପରୀତ — ୨ । ରୌଦ୍ର; ଖରା; ଆତପ—
2. The rays of the sun.
୩ । ପଳାଣ୍ଡୁ; ପିଆଜ—3. Onion.
୪ । ବାଷ୍ପ; ବାମ୍ଫ—4. Steam; vapour.
୫ । ତେଜ; କ୍ରୋଧ—5. Anger.
କପଟରେ ବନ୍ଧାଇଲେ ଉଷ୍ଣ । ଯାନକୁଷ୍ଣ ରସକଲ୍ଲୋଳ ।
ବିଣ— ୧ । ତପ୍ତ; ଗରମ; ଉଷୁମ; ତତଲ—
1. Hot, warm; sultry.
୨ । ତୀବ୍ର; ପ୍ରଖର; ପ୍ରଚଣ୍ଡ—
2. Passionate; fierce; ardent.
୩ । ଅନଳସ; ଖର—3. Active.
୪ । ଚଞ୍ଚଳ; ସ୍ଫୂର୍ତ୍ତିବାନ୍—4. Brisk.
୫ । ଦକ୍ଷ—5. Expert; competent.

ଉଷ୍ଣଋତୁ—ସଂ. ବି— ଗ୍ରୀଷ୍ମଋତୁ—
Ushnarutu — The summer.

ଉଷ୍ଣକ—ସଂ. ବିଣ ( ଉଷ୍ଣ + ସ୍ୱାର୍ଥେ. କ ) —
Ushnaka — ୧ । କ୍ଷିପ୍ରକାରୀ; ଅନଳସ —
1. Active; brisk; sprightly.
୨ । ପ୍ରଣତ—2. Obedient; warmly attached.
ସଂ. ବି—୧ । ଜ୍ୱର—1. Fever.
୨ । ଉଷ୍ଣୀଷ—2 Head-dress.

ଉଷ୍ଣକଟିବନ୍ଧ—ସଂ. ବି. ( ଭୂଗୋଳପରିଭାଷା )—
Ushnakatibandha — କର୍କଟକ୍ରାନ୍ତି ଓ ମକରକ୍ରାନ୍ତିର ମଧ୍ୟସ୍ଥ ସ୍ଥାନ; ବିଷୁବରେଖାର ଉଭୟ ପାର୍ଶ୍ୱସ୍ଥ ଗ୍ରୀଷ୍ମପ୍ରଧାନ ସ୍ଥାନ ଯାହା ପୃଥିବୀକୁ ଘେରି ପାଶେ ଘେରିଅଛି—
The torried zone lying on both sides of the equator.
[ ଦ୍ର—ଏହା ବିଷୁବରେଖାର ଉତ୍ତର ଓ ଦକ୍ଷିଣକୁ ୨୨½ ଡିଗ୍ରି ଲେଖାଏଁ ବିସ୍ତୃତ । ପୂର୍ବରେ କଲିକତା ଓ ପଶ୍ଚିମରେ ଗୁଜରାଟକୁ ଲଗାଇ ଗୋଟିଏ ରେଖା ଟାଣିଲେ ଉକ୍ତ ରେଖାର ଦକ୍ଷିଣକୁ ଥିବା ଭାରତର ଅଂଶ ଉଷ୍ଣକଟିବନ୍ଧ ମଧ୍ୟରେ ଅବସ୍ଥିତ । ପୃଥିବୀର ବଡ଼ ବଡ଼ ମରୁଭୂମିମାନ ଏହି କଟିବନ୍ଧ ମଧ୍ୟରେ ସ୍ଥିତ । ]

ଉଷ୍ଣଗୁ—ସଂ. ବି. ( ଉଷ୍ଣ = ଗରମ + ଗୋ; ଗୁ = କିରଣ )—
Ushnagu — ସୂର୍ଯ୍ୟ—The sun.

ଉଷ୍ଣତା—ସଂ. ବି. ( ଉଷ୍ଣ = ତପ୍ତ + ତା )—
Ushnatā — ୧ । ଗରମୀ—1. Sultriness
୨ । ଉଷୁମ; ତତଲ—2. Warmth.
୩ । ତାପ—3 Heat.
୪ । ତୀବ୍ରତା—4. Ardouer; ferocity.
୫ । ଚଞ୍ଚଳତା; ସ୍ଫୂର୍ତ୍ତି—5. Activity; briskness.

ଉଷ୍ଣତାମାନଯନ୍ତ୍ର—ସଂ. ବି ( ଆଧୁନିକ ପ୍ରୟୋଗ ଓ ବ୍ୟବହାର )—
Ushnatāmānajantra — ୧ । ଯେଉଁ ଯନ୍ତ୍ରଦ୍ୱାରା ପଦାର୍ଥ-ଶରୀରର ଉଷ୍ଣତା ପରିମିତ ହୁଏ; ତାପମାନଯନ୍ତ୍ର—
1. Thermometer.
୨ । ବାୟୁର ଉଷ୍ଣତା ମାପିବା ଯନ୍ତ୍ର
2 Barometer.

ଉଷ୍ଣପ୍ରଧାନ—ସଂ. ବିଣ ( ବହୁବ୍ରୀହି; ଉଷ୍ଣ + ପ୍ରଧାନ )—
Ushnapradhāna — ଅଧିକାଂଶ ସମୟ ଉଷ୍ଣ ଥିବା ( ସ୍ଥାନ )—
Torrid; hot for most part of the year

ଉଷ୍ଣପ୍ରସ୍ରବଣ—ସଂ. ବି – ଯେଉଁ ପ୍ରସ୍ରବଣ ବା ଝରଣାରୁ ଭୂଗର୍ଭର ଗରମ
Ushnaprasrabana — ଜଳ ବାହାରୁଥାଏ—
Hot spring; the geysers.

ଉଷ୍ଣବାରଣ—ସଂ. ବି. (୬ଷ୍ଠୀ ତତ୍; ଉଷ୍ଣ + ବାରଣ)—ଛତା—
Ushnabārana — Umbrella; sun-shade.

ଉଷ୍ଣବୀର୍ଯ୍ୟ—ସଂ. ବିଣ ( ବହୁବ୍ରୀହି; ଉଷ୍ଣ + ବୀର୍ଯ୍ୟ )—୧ । ରାଗୀ; ତୀକ୍ଷ୍ଣ
Ushnabirjya — ସ୍ୱାଦଯୁକ୍ତ—1. Hot; pungent.
୨ । କଷା—2. Astringent.
୩ । ଯେଉଁ ପଦାର୍ଥର ସତ୍ତ୍ୱା ଅତି ଗରମ —
3. Of fiery nature.

ଉଷ୍ଣରଶ୍ମି—ସଂ. ବି. (ବହୁବ୍ରୀହି; ଉଷ୍ଣ = ତପ୍ତ + ରଶ୍ମି = କିରଣ)—
Ushnaraśmi — ୧ । ସୂର୍ଯ୍ୟ—1. The sun
୨ । ଅର୍କ ଗଛ—2. A plant.

ଉଷ୍ଣରଶ୍ମୀ—ସଂ. ବି.—ଉଷ୍ଣରଶ୍ମି (ଦେଖ)
Ushnaraśmi — Ushnaraśmi (See)

ଉଷ୍ଣାଂଶୁ—ସଂ. ବି. (ବହୁବ୍ରୀହି; ଉଷ୍ଣ + ଅଂଶୁ)—୧ । ସୂର୍ଯ୍ୟ—
Ushnāmśu — 1. The sun.
୨ । ଅର୍କଗଛ—2. A plant.

ଉଷ୍ଣିକ - ସଂ. ବି. (ଉଷ୍ଣ + ଇକ)—ଉଷ୍ଣୀଷ (ଦେଖ)
Ushnika — Ushnisa (See)

ଉଷ୍ଣିକା—ସଂ. ବି. ସ୍ତ୍ରୀ. (ଉଷ୍ଣ = ତପ୍ତ (ଅନ୍ନ) + ଇକ + ସ୍ତ୍ରୀ. ଆ)—
Ushnikā — ଯବମଣ୍ଡ; ଯବାଗୁ; ଯାଉ; ଖିର; ଖିରସା; ଅଟାଳି—
Gruel; gruel made from barley.

ଉଷ୍ଣିତ—ସଂ. ବିଣ (ଉଷ୍ଣ + ଇତ)—୧ । ରାଗୀ—
Ushnita — 1. Angry; passionate
୨ । ଚିଡ଼ି ଯାଇଥିବା—2. Provoked.

ସାଧାରଣ ନିୟମରେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଉଷ୍ଣୀଷ—ସଂ. ବି. (ଉଷ୍ଣ=ତାପ+ଈଷ ଧାତୁ=ନାଶ କରିବା+ଅ)—
Ushnīsa ୧ । ଟୋପି—1. Cap
୨ । ପେଟା; ପଗଡ଼ି; ପାଗ; ଶିରୋବେଷ୍ଟନ—
2. Pugree; turban; head-dress.
୩ । ମସ୍ତକାବରଣ—3. Helmet; covering for the head
୪ । କିରୀଟ; ମୁକୁଟ—4. Crown; diadem.

ଉଷ୍ଣୀଷଧାରୀ—ସଂ. ବିଣ (ଉଷ୍ଣୀଷ+ଧାରିନ୍; ୧ମା. ୧ବ.)—
Ushnīsadhāri ପଗଡ଼ି ପିନ୍ଧିଥିବା; ମୁକୁଟଧାରୀ—
Wearing a helmet or pugree.

ଉଷ୍ମ—ସଂ. ବି. (ଉଷ ଧାତୁ=ଦାହ କରିବା+ମ)—୧ । ଗ୍ରୀଷ୍ମକାଳ—
Ushma 1 Summer.
୨ । ତାପ; ଉତ୍ତାପ; ଉଷୁମ—2. Heat; warmth.
୩ । ଉଗ୍ରତା; ପ୍ରଖରତା—3. Ardour.
୪ । କ୍ରୋଧ—4. Rage; anger.
୫ । ଉଷ୍ମବର୍ଣ୍ଣ (ଶ, ଷ, ସ, ହ)—5. The betters Śa, Ṡ, Sh, S and H which are uttered by the breath only; the aspirates.
୬ । ବାଷ୍ପ; ଭାପ—6. Steam; vapour.
୭ । ନିଃଶ୍ୱାସ—7. Breath; respiration.
ଦେ. ବିଣ—କ୍ରୁଦ୍ଧ—Angry; passionate.

ସେ କାଳରେ ଭୀଷ୍ମ ଯୁଦ୍ଧରେ ଉଷ୍ମ ହୋଇ;
ପାଣ୍ଡବଙ୍କ ସୈନ୍ୟ ନାଶରେ ମନ ଦେଇ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

ଉଷ୍ମକ—ସଂ. ବି. (ଉଷ୍ମ=ତାପ+କ)—ଗ୍ରୀଷ୍ମକାଳ; ଖରାଦିନ—
Ushmaka Summer.

ଉଷ୍ମନ୍—ସଂ. ବି. (ଉଷ୍ମ=ତାପ+ମନ୍)—ଉଷ୍ମ (ଦେଖ)
Ushman Ushma (See)

ଉଷ୍ମବର୍ଣ୍ଣ—ସଂ. ବି, ( ବ୍ୟାକରଣ ) ( ମଧ୍ୟପଦଲୋପୀ )—ଯେଉଁ ବର୍ଣ୍ଣମାନ
Ushmabarṇṇa ଉଚ୍ଚାରଣ କରିବା ବେଳେ ନିଶ୍ୱାସ ଲାଗେ—
( ଯଥା—ଶ, ଷ, ସ, ହ )
Hard aspirates.

ଉଷ୍ମା—ସଂ. ବି—ଉଷ୍ମ ( ଦେଖ )
Ushmā Ushma ( See )

ଉସ୍—ଦେ. ଅ—ଉଃ ( ଦେଖ )
Us Uḥ ( See )

ଉସ୍‌ନିଦ୍ରା—ପ୍ରାଦେ. ( ସମ୍ବଲପୁର ) ବି—ଅନିଦ୍ରା—Wakefulness.
Usnidrā ପ୍ରାଦେ. ( ସମ୍ବଲପୁର ) ବିଣ—ଉନ୍ନିଦ୍ର; ଶୋଇ ନ ଥିବା—Wakeful; watching up

ଉସତ—ଦେ. ବିଣ—ଆନନ୍ଦିତ; ହର୍ଷିତ—Delighted
Usata

ଉସନା—ପ୍ରାଦେ. ( ଗଡ଼ଜାତ ) ବି. (ହି. ଅସନ)—ବିଛଣା; ଶେଯ—
Usanā Bedding.

ଉସସ୍ତ—ଗ୍ରା. ବି. ( ସଂ. ଅଶ୍ୱତ୍ଥ )—ଓସ୍ତ; ଅଶ୍ୱତ୍ଥ ଗଛ—
Usasta The religious fig tree

ଉସାଇଁବା—ଦେ. କ୍ରି. ( ସଂ. ଉଷ୍ଣ )—ଉସୁନା ଚାଉଳ କରିବା ପାଇଁ ଧାନକୁ ପାଣିରେ ଈଷତ୍ ସିଝା କରିବା—
Usāiṅbā
उबालना To slightly warm paddy over fire in order to prepare parboiled rice.

ଉସାର୍—ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) ବି—ଓସାର; ପ୍ରସ୍ଥ—
Usār Breadth; width.
ପ୍ରାଦେ. ବିଣ—ଓସାରିଆ; ପ୍ରଶସ୍ତ—Wide; broad.

ଉସୁଆଁ—ଦେ. ବି—ଉସୁନା ଚାଉଳ କରିବା ପାଇଁ ଧାନକୁ ପାଣିରେ
Usuāṅ ଅର୍ଦ୍ଧସିଦ୍ଧ କରିବା—To half boil paddy for preparing rice with it
ଦେ. ବିଣ—୧ । ଉସୁନା ଚାଉଳ କୁଟାଯିବା ନିମନ୍ତେ ଜଳରେ ଅର୍ଦ୍ଧସିଦ୍ଧ ହୋଇଥିବା ( ଧାନ )—
1. Par-boiled ( paddy )
୨ । ଜଳରେ ନାମ ମାତ୍ର ସିଦ୍ଧ ହୋଇଥିବା ( ଶସ୍ୟାଦି )—
2. Half boiled grains )

ଉସୁଆଁ ହାଣ୍ଡି—ଦେ. ବି—ଉସୁନା ହାଣ୍ଡି ( ଦେଖ )
Usuāṅ hāṇḍi Usunā hāṇḍi ( See )

ଉସୁକାଇବା—ଗ୍ରା. କ୍ରି—ଉସ୍କାଇବା ( ଦେଖ )
Usukāibā Uskāibā See )

ଉସୁକା ଉସୁକି—ଗ୍ରା. ବି—ଉସ୍କାଉସ୍କି ( ଦେଖ )
Usukā usuki Uskāuski ( See )

ଉସୁକେଇବା—ଗ୍ରା. କ୍ରି—ଉସ୍କାଇବା ( ଦେଖ )
Usukeibā Uskāibā ( See )

ଉସୁନା—ଦେ. ବିଣ—୧ । ଉସୁଆଁ ହୋଇଥିବା ( ଧାନ )
Usunā 1. Half-boiled ( paddy )
उसना ୨ । ଉସୁଆଁ ଧାନରୁ ପ୍ରସ୍ତୁତ ହୋଇଥିବା
(ଅରୁଆ—ବିପରୀତ) ( ଚାଉଳ; ଚୂଡ଼ା ଆଦି )
2. Prepared from half-boiled paddy
( e g rice; churḏā etc )
ଦେ. ବି—ଉସୁଆଁ ଧାନରୁ ପ୍ରସ୍ତୁତ ଚାଉଳ ଚୂଡ଼ା—
Rice or churḏā prepared from parboiled paddy

ନଗରରେ ଉସୁନା ଚୁଡ଼ାକୁ ନାହିଁ । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଉସୁନାଓଳି—ଦେ. ବି—ଘରଚାଳର ମଥାନ ଠାରୁ ଓଳିଆ ପର୍ଯ୍ୟନ୍ତ ଗାଲୁ ଭାଗ—Usunāoḷi The sloping side of a thatched roof.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଙ | ଞ | ଶ,ଷ | କ୍ଷ | ଜ୍ଞ | ଡ଼ଢ଼ | ଯ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଂ | ଜ୍ଞ | ଓ | ଲୃ |

ଉସୁନା ଧାନରୁ ଗଜା ବାହାରିବା ( ନାଂପୁ )—ଦେ—ଧାନ ଉସୁଆଁ-
Usunā dhānaru gajā bāhāriba ହୋଇଗଲା ପରେ ତାକୁ ବୁଣିଲେ ତହିଁରୁ ଗଜା ବାହାରିବା ଅସମ୍ଭବ; ତେଣୁ କୌଣସି ଅସମ୍ଭବ ବିଷୟ ସମ୍ଭବ ହେଲେ ଏହା ବୋଲି ଯାଏ —A saying applied to a physically impossible thing.

ଉସୁନାହାଣ୍ଡି—ଦେ. ବି—ଯେଉଁ ହାଣ୍ଡିରେ ଧାନ ଉସୁଆଁ ଯାଏ—
Usunāhaṇḍi The earthen pot in which paddy is half boiled

ଉସୁମୁଲିଆ—ଦେ. ବିଣ. ( ସଂ. ଉଷ୍ମ )—୧ । ପଚା ( ଗନ୍ଧ )—
Usumulia 1. Rotten ( smell )
मड़ा ୨ । ପଚି ଯାଇ ଥିବା—2. Rotten.
सड़ा ୩ । ସଢ଼ା ବା ବାସି ପଦାର୍ଥର ଗନ୍ଧବିଶିଷ୍ଟ—3. With an offensive smell as of rotten things.

ଉସୁରୁ—ପ୍ରାଦେ. ( ଗଞ୍ଜାମ ) ବି—୧ । ଅଭିଶାପ—1 Curse.
Usuru ୨ । ପରର ଅମଙ୍ଗଳକାମନା—2. Imprecation.

ଉସୁଲ୍ (ଇତ୍ୟାଦି) – ବୈଦେ. ବି ( ଆ. ଉସୂଲ୍ )—
Usul (etc) ଅସୁଲ ଇତ୍ୟାଦି ( ଦେଖ )
Asula etc ( See )

ଉସେଇଁବା—ଦେ. କ୍ରି—ଉସାଇଁବା ( ଦେଖ )
Useiṅbā Usaiṅbā ( See )

ଉସ୍କାଇବା—ଦେ. କ୍ରି. ( ସଂ. ଉତ୍‌ସୁକ; ସଂ. ଉତ୍କାସନ=ପ୍ରେମାର୍ଦ୍ର )—
Uskāibā ୧ । ଉତ୍ତେଜିତ କରିବା; ମତାଇବା—
উসকান 1. To excite; to instigate.
उस्काना; उसान ୨ । ଉତ୍ସାହିତ କରିବା—
2. To encourage.
୩ । ପ୍ରବର୍ତ୍ତାଇବା—3. To induce
୪ । କୌଣସି କଥାକୁ ଇସାରା ଦ୍ୱାରା ପ୍ରଥମେ ଉତ୍ଥାପନ କରିବା —4. To raise a question by giving a hint; to hint.
୫ । ଭୂକ କରି କାନରେ କହିଦେବା—
5. To whisper; to say something whisperingly.
୬ । ( ଶସ୍ୟ ) ଉପାଡ଼ିବା—6. To uproot ( corn ).

ଉସ୍କାଉସ୍କି—ଦେ. ବି—ନାନାପ୍ରକାରରେ ଉତ୍ତେଜନା—
Uskāuski Inducements in various ways
উস্কাউস্কি
उस्काउस्कि

ଉସ୍କେଇବା – ଦେ. କ୍ରି—ଉସ୍କାଇବା ( ଦେଖ )
Uskeibā Uskāibā ( See )

ଉସ୍ତ—ପ୍ରା. ବି. ( ସଂ. ଅଶ୍ୱତ୍ଥ )—୧ । ଓସ୍ତ; ଅଶ୍ୱତ୍ଥବୃକ୍ଷ—
Usta 1. The peepal tree.
୨ । ହେଳା; ଅବହେଳା—
2. Neglect; negligence.

ଉସ୍ତବକା—ଦେ. ବିଣ—ନିତାନ୍ତ ଓଲୁ; ଅତି ନିର୍ବୁଦ୍ଧିଆ—
Ustabakā Foolish; idiotic.
আস্তবোকা
अनाड़ी

ଉସ୍ତାତ୍—ବୈଦେ. ବି. ( ଆ. ଓସ୍ତାଦ୍ )—ଓସ୍ତାତ୍ ( ଦେଖ )
Ustāt Ostāt ( See )

ଉସ୍ତାତି ( ଇତ୍ୟାଦି )—ବୈଦେ. ବି. ଓ ବିଣ – ( ଆ. ଓସ୍ତାଦୀ )—
Ustāti ( etc ) ଓସ୍ତାତି ଇତ୍ୟାଦି ( ଦେଖ )
Ostāti etc ( See )

ଉସ୍ତାଦ୍ (ଇତ୍ୟାଦି )—ବୈଦେ – ଓସ୍ତାତ୍ ଇତ୍ୟାଦି (ଦେଖ )
Ustād (etc) Ostāt etc. ( See)

ଉସ୍ତାର୍ – ପ୍ରାଦେ. (ସମ୍ବଲପୁର) ବି—ଅବସର; ଫୁରୁସତ୍; ସମୟ; ବେଳ—
Ustār Leisure; time.

ଉସ୍ମାନ୍ – ବୈଦେ. ବି. ( ଆ. ଅସ୍ମାନ୍ )—ଅସ୍ମାନ୍ ( ଦେଖ )
Usmān Asmān ( See )

ଉସ୍ମାନି – ଦେ. ବିଣ—ଅସ୍ମାନି ( ଦେଖ )
Usmāni Asmāni ( See )

ଉସ୍ମାନିଆଁ —ଦେ. ବିଣ—ଅସ୍ମାନି (ଦେଖ)
Usmāniaṅ Asmāni ( See )
ଦେ. କ୍ରି. ବିଣ—ଅକାରଣରେ; ବୃଥାରେ—In vain.

ଉସ୍ର ସଂ. ବି. ପୁଂ. ( ବସ ଧାତୁ=ବାସ କରିବା+ର: ନିପାତନ )—
Usra ୧ । କିରଣ—1. Rays.
୨ । ଆଲୋକ—2. Light.
୩ । ବୃଷ; ଷଣ୍ଢ—3. Bull.

ଉସ୍ରା —ସଂ. ବି. ସ୍ତ୍ରୀ. ( ଉସ୍ର+ସ୍ତ୍ରୀ. ଆ )—ଗାଈ; ଧେନୁ; ଗବୀ—
Usrā Cow.

ଉହ୍ଲିବା—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ବହ୍ ଧାତୁ )—
Uhlibā ୧ । ( ତରଳ ପଦାର୍ଥ ) ତଳକୁ ବହିଯିବା—
1. To flow down ( said of liquids ).
ଲେଉଟୁଣୁ କହୁଣୀକୁ ଉହ୍ଲି ଗଲା—ଡଗ।
୨ । ନଦୀରେ ଭାସିଯିବା—2 To float away in the river; to drift away.

ଊହା—ଦେ. ବି. ( ସଂ. ଊହା )—୧ । ଅନୁମାନ; ବିଚାର; ତର୍କଣା—
Uhā 1. Guess; contemplation.
୨ । ମୃତ୍ପାତ୍ରବିଶେଷ—
পয়ান; পোয়ান 2. An earthen pot.
आवाँ ୩ । କମାରର ଚୁଲି—3. Blacksmith's furnace.
উখো ୪ । କୁମ୍ଭାରର ଚୁଲ୍ଲୀ—4. Potter's oven.
रेती ୫ । ଲୁହା ଘଷିବାର ଯନ୍ତ୍ରବିଶେଷ—5 A file; rasp.

ବାଳକଙ୍କ ଯେବେ ଅପର ପୃଷ୍ଠାରେ ଧରନ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମିଶାଇ ସ୍ପଷ୍ଟ ଭଷା ହୋଇ ନାହିଁ । ଅତଏବ ୧ ବା ୨ ଚିହ୍ନ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଡ଼ିଲେ ଯେବେ ଏ ଭୂଷାବୋଧରେ ନ ମିଳବ, ସେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଡ଼ିବାକୁ ହେବ । ଯଥା:— ଗାଇ' ନ ମିଳିଲେ 'ଗାଈ' ଯୋଡ଼ବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ଦେ' ନ ପାଇଲେ '୨ବ' ଦେଖିବେ; 'ଶର' ନ ପାଇଲେ 'ଶର' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୬ । (ସଂ. ଅବ୍‌କ)—ଜ୍ୱରଜନୀ ନାସାମଧ୍ୟସ୍ଥ ବ୍ରଣବିଶେଷ—
6. Polypus or tumour inside the nostrils; a glandular swelling in the nostrils due to fever; inflammation of the schneiderian membrane of the nose.

୭ । ଧାତୁ ଆଦି ଅଉଟିବା ପାତ୍ର; କୋଇ—
7. Crucible.

ପ୍ରାଦେ. ( ଗଡ଼ଜାତ ) ବି.—ମଦଭାଟି—Distillary

**ଉହାଏତ୍**—ପ୍ରାଦେ. ( ସମ୍ବଲପୁର ) ବିଣ—ବୃଥା; ପଣ୍ଡ—
Uhāet Fruitless; vain.
( ଯଥା—ଉହାଏତ୍ ଆଶା=ଦୁରାଶା—Vain hope
ଉହାଏତ୍ ମେହେନତ୍=ପଣ୍ଡଶ୍ରମ—Fruitless labours)
କ୍ରି. ବିଣ—ବୃଥାରେ—Fruitlessly; in vain

**ଉହାଜର**—ଦେ. ବି. (ସଂ ଅବ୍‌କ ଜ୍ୱର)—ଏକାହିକ କମ୍ପଜ୍ୱରବିଶେଷ;
Uhājara ଏଥିରେ ନାକପୁଡ଼ା ମଧ୍ୟରେ ଗୋଟିଏ ଫୁଲା ହୁଏ ଓ ସେ ଫୁଲାକୁ କଣ୍ଟାରେ ଫୁଟାଇ ରକ୍ତସ୍ରାବ କରାଇଲେ ଏ ଜର ଛାଡ଼ିଯାଏ—A kind of ague; fever.

**ଉହାଡ଼**—ଦେ. ବି. ( ସଂ. ଅନ୍ତରାଳ; ଆଚ୍ଛାଦନ; ଆବରଣ )—
Uhārda ୧ । ସନ୍ଧ; ବ୍ୟବଧାନ—
ଆড়াল 1. Intervening space.
আড় ୨ । ଅନ୍ତରାଳ; ପଶ୍ଚାଦ୍ଭାଗ—
2. Back position; hind part; back ground.

ଏଥି ଉତ୍ତାରେ ତନ୍ତ୍ର ସୂର୍ଯ୍ୟ ମେଘ ଉହାଡ଼େ ଲୁଚ ଗଲେ ।
ଯଶୋବନ୍ତ, ପ୍ରେମକଳ୍ପଲତିକା ।

୩ । କଡ଼ଭାଗ—
3. Sideward position; lateral position.

୪ । ଖୋଳ; ଖାପ—4. Sheath; case.

୫ । ଆଚ୍ଛାଦନ; ଆବରଣ—5. Covering; a cover.

୬ । ବାଘ ଆଦି ଶିକାର କରିବା ବ୍ୟକ୍ତି ଲୁଚି ରହି ଜଗିବା ପାଇଁ ପ୍ରସ୍ତୁତ କରା ଯାଇଥିବା ମଞ୍ଚା ବା ଛାୟା—
6. A machan; a shade in which a hunter lies in ambush.

୭ । ଆଶ୍ରୟ—7. Shelter; protection.

୮ । ଘରମଧ୍ୟସ୍ଥ ଏକପ୍ରକାର ବାଘମୁହାଁ ବା ଅଧାକାନ୍ଥ ଯାହା ଥିବାରୁ ବାହାରରେ ଠିଆ ହୋଇ ଥିବା ଲୋକକୁ ଘର ଭିତରର ସବୁ ପଦାର୍ଥ ଦିଶେ ନାହିଁ; ଅଡ଼ମୁହାଁ—
8. A kind of contrivance or wall inside the house which prevents an outsider from prying into the room

୯ । ଛାୟା—9. Shade

୧୦ । ପର୍ଦ୍ଦା; ଅଡ଼୍ଆଳ—10. Partition; screne.

୧୧ । ପାଲିଙ୍କି ଉପରେ ପଡ଼ୁଥିବା ଆବରଣ ବସ୍ତ୍ର; ଘଣ୍ଟାଟୋପ—
11. A covering for a palky.

ଚମ୍ପୁକୁ ନ ସହ ପାଲିଙ୍କିରେ ନେଇ
ବସାଇଲେ ସେ ବଧୂ ଉହାଡ଼ ପକାଇ । କୃଷ୍ଣସିଂହ, ମହାଭାରତ, କର ।

୧୨ । ତକିଆ ବା ଖେଦରର ଖୋଳ—
12. A case for a pillow or quilt.

୧୩ । ଅନ୍ଧକାର କରିବା; ଘୋଡ଼ାଇବା—
13. Over shadowing.

୧୪ । (ଲକ୍ଷଣାର୍ଥ) ବିପଦରୁ ଆଶ୍ରୟ ଦେବା—
14. Sheltering from a calamity.

୧୫ । ଶତ୍ରୁ ଦର ଅସାଘାତରୁ ରକ୍ଷା କରିବା ପାଇଁ ଢାଲ ଆଦି ପକାଇବା—15. Holding a shield over a person to ward off a blow.

(ଯଥା—ତା ଉପରେ ବର୍ଚ୍ଛା କର ତକ ଉହାଡ଼ ହେଲା ।)

ଦେ. ବିଣ—୧ । ଆଚ୍ଛାଦିତ; ଆବୃତ; ଘୋଡ଼ା ହୋଇଥିବା—
1. Covered; screned; over-shaddowed.

ମାତେ କିଣ ଦେବେ କି ବଳ ସେ ଉହାଡ଼ । କୃଷ୍ଣସିଂହ, ମହାଭାରତ, ବନ ।

୨ । କଡ଼ଭାଗରେ ସ୍ଥିତ—
2. Placed sidewise; lateral.

୩ । ଆଶ୍ରୟପ୍ରାପ୍ତ—3. Sheltered

**ଉହାଡ଼ିବା**—ଦେ. କ୍ରି. ( ସଂ. ଆବରଣ )—
Uhārdibā ୧ । ଅଡ଼ କରିବା ( ଦେଖ )
আড়করা 1. Ārdakaribā ( See )
আড়করো ୨ । ଅଡ଼ କରିବା—2. To bring to one side, to bend to one side.

୩ । କଡ଼ଭାଗରେ ରଖିବା—3. To hold sideways.

୪ । ଘୋଡ଼ାଇବା; ଢାଙ୍କିବା; ଅନ୍ଧକାର କରିବା—
4. To cover; to overshaddow.

ପୃଷ୍ଠ ପରେ କୃଷ୍ଣବର୍ଣ୍ଣ ଗୁଚ୍ଛ ଅଳେ ପକ୍ଷୀ ଉହାଡ଼ନ୍ତି ଦୃଷ୍ଟି ।
ପ୍ରାଚୀ, ଉଦ୍ଧବଚମ୍ପୁ ।

୫ । ଆଶ୍ରୟ ଦେବା—
5. To give shelter; to protect.

୬ । କାଢ଼ିନେବା; ଦୂର କରିବା—6. To remove.

ଦୁଷ୍ଟଙ୍କୁ କୃଷ୍ଣ ଦୂର କଲେ
ମାୟାପଟଳ ଉହାଡ଼ିଲେ । ଭାଗବତ, ୧୦ମ. ଗୋପ ।

୭ । ଶସ୍ତ୍ରାଦିର ଅସାଘାତରୁ କୌଣସି ବ୍ୟକ୍ତିକୁ ରକ୍ଷା କରିବାପାଇଁ ଢାଲ ବା ଚକଆଦି ଦେଖାଇବା; ଅଡ଼ିବା—
To hold a shield over a person to ward off a blow.

**ଉହାତ୍**—ପ୍ରାଦେ. (ସମ୍ବଲପୁର) ବିଣ ଓ କ୍ରି. ବିଣ—ଉହାଏତ୍ ( ଦେଖ )
Uhāt Uhāet ( See )

| ୧ | ଇ | ଈ | ର,ଋ | ଌ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଡ | ଣ,ଶ | ଙ୍କ | ଉସ୍ତ | ତ୍ରଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଜ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଉଅ | ● | ନୃ |

ଉହାତି—ପ୍ରାଦେ. ( ସମ୍ବଲପୁର ) ବିଣ. ସ୍ତ୍ରୀ—ଅହୁଅ; ଯେଉଁ ସ୍ତ୍ରୀର
Uhāti ସ୍ୱାମୀ ବଞ୍ଚିଥାଏ. ଜୀବତ୍‌ଭର୍ତ୍ତୃକା—
(woman) Having her husband alive.

ଉହାରିବା—ଦେ. କ୍ରି—ଅସ୍ତ୍ରାଦି ଉଞ୍ଚାଇବା—
Uhāribā To lift a weapon for striking.

ଉହାଶାଳ—ଦେ. ବି—୧ । କୁମ୍ଭାରର ହାଣ୍ଡି ପୋଡ଼ିବା ଘର—
Uhāśāla 1. The house containing the potter's oven.
୨ । କମାରଶାଳ—2. Smithy; a blacksmith's workshop.

ଉହିବା—ଦେ. କ୍ରି. ( ସଂ. ଊହ ଧାତୁ )—
Uhibā ତର୍କିବା; ଅନୁମାନ କରିବା; ଅଟକଳ କରିବା—
ऊँहा To guess
अटकल करना

ଉହୁ—ଦେ. ଅ—କ୍ଳେଶ ଓ ଦୁଃଖସୂଚକ—ଆଃ; ଉଃ—
Uhu ( interjection indicating pain; sorrow )
ऊँः Alas ! Oh !
आह

ଉହୁଁ—ଦେ. ଅ—ନାଁ; ନିଷେଧାର୍ଥକ—( interjection indicating prohibition or refusal )—No.
Uhuñ
नाँ ଦୁଲୁଲ ଡଗର ସହୁଁ, ହସି ବଧୂକେ ଉହୁଁ ଉହୁଁ
नहीं କବିସୂର୍ଯ୍ୟ. ରତ୍ନାକର ଚମ୍ପୂ, ବ. ଗୀତ ।

ଉହୁଙ୍କା—ଦେ. ବି. ( ସଂ. ହୁଙ୍କାର )—( ମାଙ୍କଡ଼ମାନେ ଏକ ଗଛରୁ
Uhuṅkā ଅନ୍ୟ ଗଛକୁ ଡେଇଁଲା ବେଳେ ହୁଁ ଶବ୍ଦ ଉଚ୍ଚାରଣ କରନ୍ତି;
लम्फझम्प ସେହି ହେତୁରୁ )—ଉପରକୁ ଲମ୍ଫ ଦେବା; ବଳପୂର୍ବକ
फलाङ्ग ଡେଇଁବା—To spring up; to bound forward.

ଉହୁଙ୍କାର—ଦେ. ବି—୧ । ମନାକରିବା—
Uhuṅkāra 1. Refusal; disapproval
୨ । ଉହୁଁ କରିବା; ନିଷେଧ—2 Prohibiting.

ଉହୁଙ୍କିବା—ଦେ. କ୍ରି. (ସଂ. ହୁଙ୍କାର )—୧ । ଉପରକୁ ଲମ୍ଫ ଦେବା—
Uhuṅkiba 1. To spring upwards.
ङगा ୨ । ଆକ୍ରମଣ କରିବାକୁ ମୁହେଁଇ ହେବା; ମାରିବାକୁ
उछलना; उगना ଉଠେଇବା—2. To spring up or bound up for attacking.
ଉହୁଙ୍କି ଶିଶୁବାଳି ଦେଇ ତିଳେ । ଜଗନ୍ନାଥ. ଭୁଷୁଣ୍ଡି ଶିଶୁବକ ।

ଉହୁଟି—ପ୍ରାଦେ. ( ସମ୍ବଲପୁର ) ବି—ଖେତ—
Uhuṭi Field; plot of land.
( ଯଥା—ବଡ଼ ଉହୁଟି; ସାନ ଉହୁଟି )

ଉହୁଲେନ୍ ଭୁଇଁ - ପ୍ରାଦେ. ( ସମ୍ବଲପୁର ) ବି—୧ । ଅବବାହିକା—
Uhulon bhuiñ 1. Watershed.
୨ । ଯେଉଁ ସ୍ଥାନକୁ ପାଣି ଗଡ଼ିଯାଏ—2 Slope.

ଉ଼—ଦେ. ବି—ଅବର୍ଗୀୟ 'ୱ' କୁ ଲେଖିବାର ଅଶୁଦ୍ଧ ପ୍ରକାରବିଶେଷ—
Uwa A wrong mode of writing 'Wa'.
[ ବ—ସ୍ୱରବର୍ଣ୍ଣରେ ମାତ୍ରା ଯୋଗ କରିବା ବ୍ୟାକରଣନିୟମ ବିରୁଦ୍ଧ ଥିବାରୁ 'ୱ' କୁ କେହି କେହି ଉଅରୂପେ ମଧ୍ୟ ଲେଖନ୍ତି । ]

ଉହ୍ମାଇ—ଦେ. ବି—୧ । ଉମ୍ଭାଇ ( ଦେଖ )
Uhmāi 1. Umbhāi ( See )
୨ । ( ବଣିଆ ଶବ୍ଦ ) ଭଙ୍ଗା ମାଠିଆ ବା ହାଣ୍ଡିର ଯେଉଁ ଖପରରେ ବଣିଆମାନେ କାଠକୋଇଲା ଜଳାଇ କାମ କରନ୍ତି—2. Goldsmith's oven.

ଉହ୍ମେଇ—ଦେ. ବି—ଉହ୍ମାଇ ( ଦେଖ )
Uhmei Uhmāi ( See ).

ଉହ୍ୟମାନ—ସଂ. ବିଣ. ( ବହ ଧାତୁ+ମାନ. କର୍ମଣି )—
Uhyamāna ୧ । ଆକୃଷ୍ୟମାନ—
1. Being attracted or held up.
୨ । ବାହ୍ୟମାନ—2. Being borne or carried.

ଉହ୍ଲାଇବା—ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) କ୍ରି—ଓହ୍ଲାଇବା;
Uhlāibā ଅବତରଣ କରିବା—To descend; to alight.

ଉହ୍ଲିବା—ପ୍ରାଦେ. ( ଗଞ୍ଜାମ ) କ୍ରି—ଉହ୍ଲାଇବା ( ଦେଖ )
Uhlibā Uhlāibā ( See ).

ଉହ୍ଲେଇବା—ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) କ୍ରି—
Uhleibā ଉହ୍ଲାଇବା ( ଦେଖ )
Uhlāibā ( See )

---

# ଊ

ଊ—ସଂସ୍କୃତ ଓ ଓଡ଼ିଆ ଭାଷାର ୬ଷ୍ଠ ସ୍ୱର ବର୍ଣ୍ଣ—ଦୀର୍ଘ ଉ; ଏହାର
Ū ଉଚ୍ଚାରଣ ସ୍ଥାନ ଓଷ୍ଠ—The 6th vowel of Sanskrit and Oṛiā alphabet representing the long 'Ū' or 'Oo' sound. It is latral.
ସଂ. ବି. ( ଅବ ଧାତୁ=ଗମନ କରିବା+ଊ )—
୧ । ଚନ୍ଦ୍ର—1. The moon.
୨ । ମହାଦେବ—2. God Śiba.
୩ । ଦୟା—3. Kindness.
୪ । ରକ୍ଷାକର୍ତ୍ତା—4 Saviour; protector.
୫ । ରକ୍ଷା—5. Protection.

ସାଧାରଣ ଲୋକେ ଅନେକ ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଘାଉ' ନ ମିଳିଲେ 'ଘାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଭବତ' ନ ପାଇଲେ 'ଅଭବତ୍' ଦେଖିବେ

ଦେ. ଅ—ସମ୍ବୋଧନ; ନିମ୍ନଲିଖିତ ଅର୍ଥମାନଙ୍କରେ ବ୍ୟବହୃତ:—
Interjection uttered in—
୧ । ଦୂରସ୍ଥ ବ୍ୟକ୍ତି ଡାକିଲେ ଉତ୍ତର ଦେବା 'ଓ'—
1. Reply to a man calling at a distance.
୨ । ହଠାତ୍ ଭୟ—2. Sudden fear
୩ । ଆଶ୍ଚର୍ଯ୍ୟ—3 Wonder.
୪ । ବିରକ୍ତି—4. Displeasure.
୫ । ହଠାତ୍ କ୍ଲେଶ—5. Sudden pain.
୬ । ଶିଶୁଙ୍କୁ ନିଆଁ, ବିଛା ଆଦି ଦେଖାଇ ଭୟ ଦେଖାଇବାରେ ବ୍ୟବହୃତ—6. Frightening children by showing some frightful objects (e. g. fire, centiped etc )

ଊକ—ସଂ. ପ୍ରତ୍ୟୟ—କ୍ରିୟାରେ ଯୁକ୍ତ ହେଲେ ବିଶେଷଣ ହୁଏ ଏବଂ
Ūka — କରିବା ଅର୍ଥ ବୁଝାଏ ( ଯଥା—ଭାବୁକ )—
A suffix forming adjectives from verbs and indicating doing.

ଊକାର—ବି—୧ । ଊ ବର୍ଣ୍ଣ—
Ūkāra — 1. The letter Ū.
୨ । ବ୍ୟଞ୍ଜନବର୍ଣ୍ଣର ତଳରେ ଦିଆ ଯିବା ଊ ମାତ୍ରା ' ୂ '—
2. The sign 'Ū' written below a consonant to which this vowel is added.
[ ଦ୍ର—ପାଠଶାଳୀରେ ଏ ମାତ୍ରାକୁ ଅବଧାନମାନେ 'ବ ଫୁଟିଆ' କହନ୍ତି । ]

ଊଚୁଃ—ସଂ. କ୍ରି [ ସଂ. 'ବ୍ରୂ' ଧାତୁର ଅତୀତକାଳ ( ଲିଟ୍‌ଲକାର ) ପ୍ରଥମ
Ūchuḥ — ପୁରୁଷ ( ଓଡ଼ିଆରେ ତୃତୀୟ ପୁରୁଷ ) ବହୁବଚନରୂପ; ଓଡ଼ିଆ ପୁରାଣମାନଙ୍କରେ ବ୍ୟବହୃତ ]—
( ସେମାନେ ) କହିଲେ ବା କହିଥିଲେ—
The Sanskrit form of (they) said

[ ଦ୍ର—ଏଥିର ଏକ ବଚନ 'ଉବାଚ' ଦ୍ୱିବଚନ 'ଊଚତୁଃ'; ପୁରାଣମାନଙ୍କ ଓଡ଼ିଆ ଅନୁବାଦରେ ମୂଳ ସଂସ୍କୃତରେ ଥିବା 'ଦେବା ଊଚୁଃ' ( =ଦେବତାମାନେ କହିଲେ ) ର ଓଡ଼ିଆ ଭାଷାରେ ଅନୁବାଦ କରି ନ ଯାଇ ସଂସ୍କୃତ ଆକାର ଅବିକଳ ରଖାଯାଏ । ]

ଊଢ଼—ସଂ. ବିଣ. ପୁଂ ( ବହ ଧାତୁ=ବହନ କରିବା+ତ )—
Ūrdha — ୧ । ବାହ୍ୟମାନ; ବହମାନ—1. Borne
(ଊଢ଼ା—ସ୍ତ୍ରୀ) ୨ । ବିବାହିତ—2. Married
୩ । ନବୋଢ଼—3. Newly married.
୪ । ଧୃତ—4. Held; carried.
୫ । ଅଙ୍ଗୀକୃତ—5. Agreed; acknowledged.
୬ । ପିନ୍ଧାଯିବା; ପରିହିତ—6 Worn; put on.

ଊଢ଼ି—ସଂ. ବି ( ବହ ଧାତୁ+ଭାବ+ତି )—
Ūrdhi — ୧ । ବହନ—1 Carrying.
୨ । ବିବାହ—2. Marriage.

ଊଣା—ଦେ. ବିଣ. ( ସଂ. ଊନ )—
Ūṇa — ୧ । ଅଳ୍ପ; କମ୍—1 Less; deficient.
कम — ମୋହଠାରୁ ବୁଦ୍ଧି ନ କରୁ କିଛି ଊଣା । କୃଷ୍ଣସିଂହ, ମହାଭାରତ. ବନ ।
उन, उना — ୨ । କ୍ଷୁଦ୍ରତର—2. Smaller.
୩ । ଆରୋଗ୍ୟପ୍ରାପ୍ତ; ରୋଗ କମିଥିବା (ଶରୀର)—
3. Cured; recovered
୪ । କମିଥିବା—4. Lessened
୫ । ନୀଚ; ତୁଚ୍ଛ; ସାମାନ୍ୟ—5. Low; insignificant. slight, mean; negligible.
କରୁ ତ ଅଛ ଊଣା ସେବକ୍କୁ ଦେଖି ପୂଜା । କୃଷ୍ଣସିଂହ. ମହାଭାରତ. ବନ ।
୬ । ନିକୃଷ୍ଟ; ନ୍ୟୂନ—6. Less; inferior.
ନଅର ପରୀକ୍ଷିତ ସ୍ଥାପନକି
ପଅର୍ଣ୍ଣ ଯେବେ ଊଣା ହେବ ପୁଣି । ଦେବସୂର୍ଯ୍ୟ, କବିତା ।
୭ । ଲଜ୍ଜା ଜନକ—7. Shameful.
୮ । ଦୁର୍ବଳ—8. Weak
୯ । ଅପମାନଯୁକ୍ତ; ବିରକ୍ତ—9. Displeased.
ଦେ. ବି—୧ । ଲଜ୍ଜା—1. Shame.
୨ । କ୍ଷତିସାଧନ—2. Loss,
୩ । ନଅଣ୍ଟ ହେବା—3 Deficiency.
୪ । ତୁଳନାରେ ନିକୃଷ୍ଟତା—
4. Inferiority in comparison.
ବଡ଼ ଲୋକ ରତ ଅଛ ଈଶ୍ୱର ପୁରେ
କେଉଁ କଥ ଦେବା ଏହା ଊଣ ତା' ଶିରେ । ଉପେନ୍ଦ୍ର, ବୈଦେହୀଶବିଳାସ ।

ଊଣାକୁଳ—ଦେ. ବି. ( ସଂ. ଊନ+କୁଳ )—ନୀଚଜାତି ବା କୁଳ—
Ūṇākula — Low family.
ଝିଅକୁ ଊଣାକୁଳେ ନ ଦେବ ଯେ ମୁହିଁ—କୃଷ୍ଣସିଂହ. ମହାଭାରତ. ଆଦି ।

ଊତ—ସଂ. ବିଣ. ( ବେ ଧାତୁ=ବୁଣିବା+କର୍ମ ତ )—
Ūta — ୧ । ବୁଣା ହୋଇଥିବା—1 Woven
୨ । ଗ୍ରଥିତ; ଗୁନ୍ଥା ହୋଇଥିବା—
2 Strung; threaded
୩ । ସ୍ୟୂତ; ସିଆଁ ହୋଇଥିବା—3. Sewn.

ଊତପ୍ରୋତ—ସଂ. ବି. ( ଊତ+ପ୍ରୋତ )—
Ūtaprota — ୧ । ନୀବିଡ଼ରୂପେ ବୁଣା ହୋଇଥିବା—
1. Densely or well woven.
୨ । ଜଡ଼ିତମଣ୍ଡିତ—2 Entangled.

ଊତି—ସଂ. ବି. ( ବେ ଧାତୁ=ବୁଣିବା+ଭାବ. ତି )—
Ūti — ୧ । ବୁଣା ହେବା—1 Weaving.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଚ | ଙ୍କ | ଇଦୃ | ଉଅ | ଈ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଥ | ଔ | ନ୍ |

୨ । ଗୁନ୍ଥା ହେବା—2. Stringing.
୩ । ସିଲାଇ ହେବା—3. Sewing.
୪ । କର୍ମବାସନା—4. Desire; a will for action.

ମନନ୍ତର ଯେ ମନ୍ତୁ ଧର୍ମ, କର୍ମବାସନା 'ଉତ' ନାମ ।
ଜଗନ୍ନାଥ. ଭାଗବତ ।

ଊଧଃ—ସଂ ବ. (ବହ ଧାତୁ=ବହନ କରିବା+କର୍ତ୍ତୃ. ଅସ୍; ନିପାତନ)—
Ūdhaḥ ପଶୁସ୍ତନ; ପହ୍ନା—Udder.

ଊଧସ୍—ସଂ. ବ—ଊଧଃ ( ଦେଖ )
Ūdhas Ūdhaḥ ( See )

ଊନ୍ ( ଧାତୁ )—ସଂ—କମାଇବା; କମ୍ କରିବା—
Ūn (root ) To lessen.

ଊନ—ସଂ. ବଣ. ( ଊନ୍ ଧାତୁ=କମାଇବା+କର୍ମ. ଅ )—
Ūna ୧ । ନିକୃଷ୍ଟ; ନ୍ୟୂନ; ହୀନ; ଊଣା—
1. Less; deficient; inferior.
୨ । କ୍ଷୁଦ୍ରତର—2. Smaller.
୩ । ଅସମ୍ପୂର୍ଣ୍ଣ—3. Incomplete.
୪ । ଦୁର୍ବଳ—4. Weak

ଊନଚତ୍ୱାରିଂଶତ୍—ସଂ. ବ. ଓ ବଣ. ( ସଂଖ୍ୟାବାଚକ )—ଚାଳିଶରୁ
Ūnachatwārimśat ଏକ କମ୍; ଅଣଚାଳିଶ—
Thirty-nine.

ଊନଚାଳିଶ—ଦେ. ବ ଓ ବଣ—ଅଣଚାଳିଶ—
Ūnachālisa The number thirty-nine.

ଊନଚାଳିଶେ ଗୁଣ ଦୃଢ଼ । ଉତ୍ତର ଅତିକ୍ତ ସୁଦୃଢ଼—
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଊଫଲା—ଦେ. ବ—ଉକାର ( ଦେଖ )
Ūphalā Ūkāra ( See )

ଊମ୍—ସଂ. ଅ. ( ଅବ ଧାତୁ=ରକ୍ଷା କରିବା+ମନ୍ )—
Ūm ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ଧ୍ୱନି; ହୁଁ—
Interjection signifying.
୧ । ଗର୍ବ—1. Pride.
୨ । କ୍ରୋଧ—2. Anger.
୩ । ନିନ୍ଦା—3. Blame
୪ । ଭର୍ତ୍ସନା—4. Rebuke.
୫ । ପ୍ରଶ୍ନ—5. Questioning.
୭ । ଡାକବାର ଉତ୍ତର—
7. Responding to a call.

ଊରବ୍ୟ—ସଂ. ବ. ( ଊରୁ=ଜଙ୍ଘ+ଯ )—ଊରୁଜ ( ଦେଖ )
Ūrabya Ūruja ( See )

ଊରରୀ—ସଂ. ଅ—ଉରରୀ ( ଦେଖ )
Ūrarī Urarī ( See )

ଊରରୀକୃତ—ସଂ. ବଣ—ଉରରୀକୃତ ( ଦେଖ )
Ūrarīkṛuta Urarīkṛuta ( See )

ଊରୀ ( ଇତ୍ୟାଦି )—ସଂ. ଅ—ଉରରୀ ଇତ୍ୟାଦି ( ଦେଖ )
Ūrī ( etc ) Ūrarī etc ( See )

ଊରୁ—ସଂ. ବ. ( ଊର୍ଣ୍ଣୁ=ଆଚ୍ଛାଦନକରିବା+କର୍ମ. ଉ )—ଜଂଘ;
Ūru ଅଣ୍ଟାର ଉପରସ୍ଥ ଅଂଶ—Thigh.

ଊରୁଜ—ସଂ. ବ. ( ଊରୁ=ଜଂଘ+ଜନ୍+ଅ )—ବୈଶ୍ୟ; ଯେଉଁ
Ūruja ଜାତି ବ୍ରହ୍ମାଙ୍କ ଜଂଘରୁ ଜାତ—The Baiśya or
trading caste amongst the Hindus.

ଊରୁପର୍ବନ୍—ସଂ. ବ. ( ଊରୁ=ଜଂଘ+ପର୍ବନ=ଗଣ୍ଠି )—ଜାନୁ;
Ūruparban ଆଣ୍ଠୁ—Knee; knee-joint.

ଊରୁପର୍ବା—ସଂ. ବ—ଊରୁପର୍ବନ୍ ( ଦେଖ )
Ūruparbā Ūruparban ( See )

ଊରୁବୁକ—ସଂ. ବ—ଉରୁବୁକ ( ଦେଖ )
Ūrubuka Urubuka ( See )

ଊରୁବୂକ—ସଂ. ବ—ଉରୁବୁକ ( ଦେଖ )
Ūrubūka Urubuka ( See )

ଊରୁସ୍ତମ୍ଭ—ସଂ. ବ. (ଊରୁ=ଜଂଘ+ସ୍ତମ୍ଭ=ଖୁଣ୍ଟ )—ଜଂଘା; ଜଂଘ
Ūrustambha ଉପରେ ହେବା ବ୍ରଣ—A painful and
dangerous tumour in the thigh; a
carbuncle in the thigh; paraplegia.

ଊରୁସ୍ତମ୍ଭା—ସଂ. ବ. ସ୍ତ୍ରୀ. ( ଊରୁ=ଜଂଘ+ସ୍ତମ୍ଭ=ଖୁଣ୍ଟ+ସ୍ତ୍ରୀ. ଆ;
Ūrustambhā ଯାହାର ଗଣ୍ଡି ଜଂଘ ପରି ମୋଟ )—
କଦଳୀ ଗଛ—Plantain tree.

ଊର୍ଜ ( ଧାତୁ )—ସଂ—୧ । ବଳଶୀଳ ହେବା—1. To be strong.
Ūrja ( root ) ୨ । ମୋଟ ହେବା—2. To be stout.
( ଊର୍ଜ୍ଜ—ଅନ୍ୟରୂପ )

ଊର୍ଜ—ସଂ. ବ. (ଊର୍ଜ ଧାତୁ=ଜୀବିତ ହେବା; ବଳଶୀଳ ହେବା+ଅ)—
Ūrja ୧ । କାର୍ତ୍ତିକ ମାସ—1. The month of Kārttika.
(ଊର୍ଜ୍ଜ—ଅନ୍ୟରୂପ) ୨ । ଯତ୍ନ—2. Care.
୩ । ଚେଷ୍ଟା—3. Endeavour; striving.
୪ । ଉତ୍ସାହ—4 Encouragement.
୫ । ବଳ; ସାମର୍ଥ୍ୟ; ଶକ୍ତି—5. Strength.
୬ । ନିଃଶ୍ୱାସ—6. Breath

ଊର୍ଜଃ—ସଂ. ବ. (ଊର୍ଜ ଧାତୁ=ବଳଶୀଳ ହେବା+ଅସ୍=ଊର୍ଜ୍ଜସ୍ ୧ମା.
Ūrjaḥ ୧ବ.)—୧ । ବଳ—1. Strength.
(ଊର୍ଜ୍ଜଃ—ଅନ୍ୟରୂପ) ୨ । ଉତ୍ସାହ—2 Energy.
୩ । ତେଜ—3. Vigour.
୪ । ଯତ୍ନ; ଚେଷ୍ଟା—4 Endeavour.
୫ । ପ୍ରାଣନ; ବଞ୍ଚିବା—5. Living.

ଊର୍ଜସ୍ୱଳ—ସଂ. ବଣ.ପୁଂ.(ଊର୍ଜସ୍=ବଳ, ତେଜ+ଅସ୍ତି ଅର୍ଥରେ.ବଳ)—
Ūrjaswaḷa ୧ । ବଳବାନ୍; ମହାବଳ—
(ଊର୍ଜ୍ଜସ୍ୱଳା—ସ୍ତ୍ରୀ) 1. Powerful; strong.

ଆବଶ୍ୟକ ହେଲେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅନୁରୂପ ବର୍ଣ୍ଣର ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ବାଣ' ନ ମିଳିଲେ 'ବାଣ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

(ଊର୍ଜ୍ଜସ୍ୱଳ—ଅନ୍ୟରୂପ) ୨ । ତେଜସ୍ୱୀ—2 Vigorous; energetic.

ଊର୍ଜସ୍ୱୀ—ସଂ. ବଣ. ପୁଂ. (ଊର୍ଜସ୍=ବଳ; ତେଜ+ବିନ୍ ୧ମା. ୧ବ.)—
Ūrjaswī ୧ । ବଳବାନ୍—1. Powerful; strong.
(ଊର୍ଜସ୍ୱିନୀ—ସ୍ତ୍ରୀ) ୨ । ତେଜସ୍ୱୀ—2. Vigorous; energetic.
(ଊର୍ଜ୍ଜସ୍ୱୀ—ଅନ୍ୟରୂପ) ୩ । କାବ୍ୟାଲଙ୍କାରବିଶେଷ—
3. A figure in rhetoric.

ଊର୍ଜିତ—ସଂ. ବଣ (ଊର୍ଜ ଧାତୁ=ବଳଶୁ ହେବା; ବାଇଁବା+ତ)—
Ūrjita ୧ । ବିଖ୍ୟାତ—1. Renowned.
(ଊର୍ଜ୍ଜିତ—ଅନ୍ୟରୂପ) ୨ । ଉଦାର—2. Liberal.
୩ । ତେଜସ୍ୱୀ—3. Energetic
୪ । ବର୍ଦ୍ଧିତ—4. Increased.
ସ. ବି.—୧ । ବଳ—1. Strength.
୨ । ସାମର୍ଥ୍ୟ—2. Power.
୩ । ଉତ୍ସାହ—3. Energy.
୪ । ତେଜ—4. Vigour.

ଊର୍ଣ୍ଣନାଭ—ସଂ. ବି.—ଊର୍ଣ୍ଣନାଭ (ଦେଖ)
Ūrṇnanābha Urṇnanābha (See)

ଊର୍ଣ୍ଣନାଭି—ସଂ. ବି.—ଊର୍ଣ୍ଣନାଭି (ଦେଖ)
Ūrṇnanābhi Urṇnanābhi (See)

ଊର୍ଣ୍ଣା (ଇତ୍ୟାଦି)—ସଂ. ବି.—ଊର୍ଣ୍ଣା ଇତ୍ୟାଦି (ଦେଖ)
Ūrṇnā etc Urṇnā etc. (See)

ଊର୍ଦ୍ଧକଶରଦ—ଦେ. ବି. (ସଂ. ଊର୍ଦ୍ଧ୍ୱଗ+ଅ. ଶରଦ)—
Ūrddhaka sarada ଊର୍ଦ୍ଧ୍ୱଶ୍ଳେଷ୍ମା (ଦେଖ)
Ūrddhwaśleshmā (See)

ଊର୍ଦ୍ଧଶ୍ଳେଷମ—ଦେ. ବି. (ସଂ. ଊର୍ଦ୍ଧ୍ୱଶ୍ଳେଷ୍ମା)—ଊର୍ଦ୍ଧ୍ୱଶ୍ଳେଷ୍ମା (ଦେଖ)—
Ūrddhasleshama Ūrddhwaśleshmā (See

ଊର୍ଦ୍ଧ୍ୱ—ସଂ. ବଣ. (ଉତ୍=ଉପରକୁ+ହା ଧାତୁ=ତ୍ୟାଗ କରିବା+ବ
Ūrddhwa ନିପାତନ)—୧ । ଉଚ୍ଚ—1 High; elevated.
(ଅଧଃ—ବିପରୀତ) ୨ । ଉପରସ୍ଥ—2. Upper; utmost;
(ଊର୍ଦ୍ଧ୍ୱ—ଅନ୍ୟରୂପ) upward.
୩ । ଉତ୍କୃଷ୍ଟ—3. Superior.
୪ । ଅଧିକତର; ଅଧିକ—4 More than
ସଂ. ବି.—ଉଚ୍ଚତା—Height; elevation.

ଊର୍ଦ୍ଧ୍ୱକ—ସଂ. ବି.(ଊର୍ଦ୍ଧ୍ୱ=ଉଚ୍ଚ+କୈ ଧାତୁ=ଶବ୍ଦ କରିବା+ଅ)—
Ūrddhwaka ମୃଦଙ୍ଗବିଶେଷ; ବଡ଼ବାଦ—
A kind of big drum

ଊର୍ଦ୍ଧ୍ୱକର୍ଣ୍ଣ—ସଂ. ବଣ. ପୁଂ. (ବହୁବ୍ରୀହି; ଊର୍ଦ୍ଧ୍ୱକୁ ଉଠିଅଛି କର୍ଣ୍ଣ ଯାହାର)—
Ūrddhwakarṇna ଉତ୍କର୍ଣ୍ଣ—With ears pricked up.

ଊର୍ଦ୍ଧ୍ୱକାୟ—ସଂ. ବି. ( ଊର୍ଦ୍ଧ୍ୱ=ଉପରସ୍ଥ+କାୟ=ଅଂଶ; ଷଷ୍ଠୀତ+
Ūrddhwakāya ଅ )—ଊର୍ଦ୍ଧ୍ୱକାୟ; ଶରୀରର ଊର୍ଦ୍ଧ୍ୱଭାଗ—
The upper half of the body.

ଊର୍ଦ୍ଧ୍ୱଗ—ସଂ. ବଣ. ( ଊର୍ଦ୍ଧ୍ୱ=ଉପରକୁ+ଗମ ଧାତୁ=ଯିବା+ଅ )—
Ūrddhwaga ଉପରକୁ ଉଠୁଥିବା; ଉଡ଼ୁଥିବା—
Ascending; rising upwards.
ବି.—ଊର୍ଦ୍ଧ୍ୱଗଶ୍ଳେଷ୍ମ (ଦେଖ)
Ūrddhwagaśleshma (See).

ଊର୍ଦ୍ଧ୍ୱଗପୁର—ସଂ. ବି. ନାମ—ମୁରଦୈତ୍ୟର ରାଜଧାନୀର ନାମ—
Ūrddhwagapura The name of the capital city of the demon 'Mura

ଊର୍ଦ୍ଧ୍ୱଗ ଲଘୁକରଣ—ସଂ ବି—( ଗଣିତ ) ଅଳ୍ପମୂଲ୍ୟର ସଂଖ୍ୟାକୁ ବହୁ
Ūrddhwaga laghukaraṇa ମୂଲ୍ୟର ସଂଖ୍ୟାରେ ପରିବର୍ତ୍ତନ
(Arithmetic) Reduction to a higher denomination
(ଯଥା—ସେରକୁ ମହଣରେ, ପାହୁଲାକୁ ଟଙ୍କାରେ ପରିଣତ କରିବା)

ଊର୍ଦ୍ଧ୍ୱଗଶ୍ଳେଷ୍ମ—ସଂ. ବି (କର୍ମଧା; ଊର୍ଦ୍ଧ୍ୱଗ+ଶ୍ଳେଷ୍ମନ୍; ୧ମା. ୧ବ.)—
Ūrddhwaga śleshma ମଥାଶରଦି; ମୁଣ୍ଡରେ ଜମିବା କଫ—
Catarrh; cold in head.

ଊର୍ଦ୍ଧ୍ୱଗାମୀ—ସଂ.ବଣ. ପୁଂ. (ଊର୍ଦ୍ଧ୍ୱ+ଗମ ଧାତୁ+ଇନ୍. ୧ମା ୧ବ.)—
Ūrddhwagāmi ୧ । ଉପରକୁ ଉଠୁଥିବା; ଉପରକୁ ଗତ
(ଊର୍ଦ୍ଧ୍ୱଗାମିନୀ—ସ୍ତ୍ରୀ) କରୁଥିବା—1. Ascending; going
(ଅଧୋଗାମୀ—ବିପରୀତ) upwards; shooting upwards.
୨ । ( ହିନ୍ଦୁଆଇନ )—ମୃତବ୍ୟକ୍ତିର ଉପର ପୁରୁଷର
ଉତ୍ତରାଧିକାରୀମାନଙ୍କୁ ପ୍ରାପ୍ତ ହେବା ( ସମ୍ପତ୍ତି )—
2. ( Hindu Law ) Reverting to an heir of a deceased in the ascending line (said of property).

ଊର୍ଦ୍ଧ୍ୱଚରଣ—ସଂ. ବଣ. ( ବହୁବ୍ରୀହି, ଊର୍ଦ୍ଧ୍ୱ+ଚରଣ )—
Ūrddhwacharaṇa ଯାହାର ଚରଣ ଊର୍ଦ୍ଧ୍ୱଗତ;ଊର୍ଦ୍ଧ୍ୱପାଦ—
Having the legs pointing upwards.
ସଂ. ବି—୧ । ଶରଭ ( ଅଷ୍ଟ ପଦବିଶିଷ୍ଟ ପୌରାଣିକ ଜନ୍ତୁ; ଏହାର ଚାରିଟି ପାଦ ଉପରକୁ ଥାଏ )—
1. The mythological eight-legged deer.
୨ । ଝିଣ୍ଟିକା—2. Locust.
୩ । ତପସ୍ୟାର୍ଥ ଗୋଡ଼ ଟେକି ରହୁଥିବା ତପସ୍ୱୀବିଶେଷ—
3. A class of anchorites holding up the legs.

ଊର୍ଦ୍ଧ୍ୱଜାନୁ—ସ. ବଣ. ( ବହୁବ୍ରୀହି; ଊର୍ଦ୍ଧ୍ୱ+ଜାନୁ )—
Ūrddhwajānu ୧ । ଉନ୍ନତଜାନୁବିଶିଷ୍ଟ—
1. High-thighed; high-kneed.
୨ । ଆଣ୍ଠୁ ଟେକି ହୋଇ ବସିଥିବା; ଉଭେଇ ହୋଇ ବସିଥିବା—
2 Sitting with uplifted knees; squatting.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ ୀ ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ | ଉଃ | ଛ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ତଦ୍‌ବର୍ଗଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଓ | ତ୍ସ |

ଊର୍ଦ୍ଧ୍ୱଜ୍ଞ—ଷ. ବଣ. ( ଊର୍ଦ୍ଧ୍ୱ+ଜାନୁ; ଜପାତନ )—
Ūrddhwajña ଊର୍ଦ୍ଧ୍ୱଜାନୁ ( ଦେଖ )
Ūrddhwajānu ( See )

ଊର୍ଦ୍ଧ୍ୱଜ୍ଞୁ—ଷ. ବଣ. ( ଊର୍ଦ୍ଧ୍ୱ+ଜାନୁ; ନପାତନ )—
Ūrddhwajñu ଊର୍ଦ୍ଧ୍ୱଜାନୁ ( ଦେଖ )
Ūrddhwajānu ( See )

ଊର୍ଦ୍ଧ୍ୱତନ—ସଂ. ବଣ.ପୁଂ (ଊର୍ଦ୍ଧ୍ୱ=ଉପରେ+ସ୍ଥିତ ଅର୍ଥରେ. ତନ)—
Ūrddhwatana ୧ । ଉତ୍କୃଷ୍ଟତର—1. Superior
(ଊର୍ଦ୍ଧ୍ୱତନା—ସ୍ତ୍ରୀ) ୨ । ଉଚ୍ଚତର—2. Higher.
(ଅଧସ୍ତନ—ବିପରୀତ) ୩ । ଉପରସ୍ଥ—3. Upper.
୪ । ଉଚ୍ଚସ୍ଥିତ—4. Living above.
୫ । ଉଠାଣିଆ—5. In the ascending order.

ଊର୍ଦ୍ଧ୍ୱତଳ—ସଂ. ବି. ( ମଧ୍ୟପଦଲୋପୀ; ଊର୍ଦ୍ଧ୍ୱରେ ଅବସ୍ଥିତ ତଳ )—
Ūrddhwataḷa ୧ । କୋଠାର ଉପରମହଲା—
1. Upper storey.
୨ । ଉଚ୍ଚତର ସ୍ତର—2. Higher plane; higher level

ଊର୍ଦ୍ଧ୍ୱଦୃଷ୍ଟି—ସଂ. ବଣ. (ବହୁବ୍ରୀହି; ଊର୍ଦ୍ଧ୍ୱ=ଉପରକୁ+ଦୃଷ୍ଟି )—
Ūrddhwadṛushṭi ୧ । ଉପରକୁ ଗୃହିଁଥିବା;ଉଚ୍ଚ ଆକାଂକ୍ଷିତ-
1. Turning the eyes upwards; aspiring.
୨ । ଶିବନେତ୍ରଯୁକ୍ତ—2. Staring upwards.
ସଂ. ବି. (ମଧ୍ୟପଦଲୋପୀ; ଊର୍ଦ୍ଧ୍ୱକୁ ପରିଚାଳିତ ଦୃଷ୍ଟି)—
ଉପରକୁ ଚାଳିତ ଦୃଷ୍ଟି—Upward glance.

ଊର୍ଦ୍ଧ୍ୱଦେହ—ସଂ. ବି. (ଊର୍ଦ୍ଧ୍ୱ+ଦେହ=ଶରୀର) —
Ūrddhwadeha ୧ । ଲିଙ୍ଗ ଶରୀର; ମରଣାନ୍ତେ ଉତ୍ପନ୍ନ ଦେହ-
(ଊର୍ଦ୍ଧ୍ୱଦୈହିକ—ବଣ) 1. The subtle body; the astral body; the body of a being after death.

ଊର୍ଦ୍ଧ୍ୱପାଦ—ସଂ. ବଣ. ( ବହୁବ୍ରୀହି: ଊର୍ଦ୍ଧ୍ୱ=ଉପରକୁ+ପାଦ=ତଳିପା )—
Ūrddhwapāda
୧ । ଊର୍ଦ୍ଧ୍ୱଚରଣ; ତଳିପା ବା ଗୋଡ଼ ଉପରକୁ କରିଥିବା—
1. With the heels turned upwards.
୨ । ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ ହୋଇଥିବା —
2. Headlong; with head over heels.

ଊର୍ଦ୍ଧ୍ୱପୁଣ୍ଡ୍ର— ସଂ. ବି. ( ମଧ୍ୟପଦଲୋପୀ; ଊର୍ଦ୍ଧ୍ୱ=ଉପରକୁ ଅଙ୍କିତ+
Ūrddhwapuṇḍra ପୁଣ୍ଡ୍ର=ତିଳକ )—
ଊର୍ଦ୍ଧ୍ୱମୁଖ ତିଳକ; ଠିଆଚିତା—An erect mark on the forehead with sandal paste

ଊର୍ଦ୍ଧ୍ୱବାହୁ—ସଂ. ବଣ. (ବହୁବ୍ରୀହି; ଊର୍ଦ୍ଧ୍ୱ=ଉପରକୁ+ବାହୁ=ବାହା)—
Ūrddhwabāhu ବାହା ଉପରକୁ ଉଠାଇଥିବା (ବ୍ୟକ୍ତି)—
With arms constantly raised upwards; with uplifted arms.
ସଂ. ବି—ସର୍ବଦା ଉପରକୁ ବାହା ଟେକି ତପସ୍ୟା କରୁଥିବା ସନ୍ନ୍ୟାସୀ—An ascetic with an arm or arms constantly held upwards

ଊର୍ଦ୍ଧ୍ୱବାହୁକ – ସଂ. ବଣ. ପୁଂ ( ବହୁବ୍ରୀହି; ଊର୍ଦ୍ଧ୍ୱ+ବାହୁ+କ )—
Ūrddhwabāhuka ଊର୍ଦ୍ଧ୍ୱବାହୁ ( ଦେଖ )
Ūrddhwabāhu ( See )

ଊର୍ଦ୍ଧ୍ୱମୁଖ—ସଂ. ବଣ. ( ବହୁବ୍ରୀହି; ଊର୍ଦ୍ଧ୍ୱକୁ ମୁଖ ଯାହାର )—
Ūrddhwamukha ଯେ ଉପରକୁ ମୁହଁ ଟେକି ଥାଏ; ଉପର-ମୁହାଁ—Having the face turned upwards; with upturned face.
ବି—ନରକବିଶେଷ ( ମିଥ୍ୟା ସାକ୍ଷ୍ୟଦେବା ବ୍ୟକ୍ତିଙ୍କୁ ମୃତ୍ୟୁ ପରେ ଏହି ନରକରେ ପକାଯାଏ । )
A kind of hell.
ସାକ୍ଷୀ ହୋଇ କର ମିଛ କହନ୍ତି ଯେ ଅବା,
ଊର୍ଦ୍ଧ୍ୱମୁଖ ନରକରେ ତାଙ୍କୁ ବାସ ଦେବା । [ପ୍ରାୟଶ୍ଚିତ୍ତ, ନୃସିଂହପୁରାଣ ।

ଊର୍ଦ୍ଧ୍ୱରେତସ୍—ସଂ. ବଣ. ପୁଂ ( ବହୁବ୍ରୀହି; ଊର୍ଦ୍ଧ୍ୱ+ରେତସ୍ )—
Ūrddhwaretas ୧ । ଯାହାର ରେତଃ ବା ଶୁକ୍ର ସ୍ଖଳିତ ହୋଇ ନାହିଁ—1. Of perpetual chastity; one who has restrained the discharge of semen.
୨ । ଇନ୍ଦ୍ରିୟ ସଂଯମକାରୀ; ଯୋଗାଭ୍ୟାସ କରୁଥିବା (ବ୍ୟକ୍ତି)—
2. Practising the austerity of subduing passions and lust.
୩ । ବ୍ରହ୍ମଚର୍ଯ୍ୟ ବ୍ରତଧାରୀ—3 Observing the vow of total continence.
ସଂ. ବି—୧ । ଶିବ—1. God Śiba
୨ । ( ଚିରକୁମାର ବ୍ରତ ଧାରଣ କରିଥିବାରୁ ) ଭୀଷ୍ମ—
2. Bhīshma
୩ । ଇନ୍ଦ୍ରିୟସଂଯମୀ ଋଷି—3 A sage practising perpetual chastity.
୪ । ବ୍ରହ୍ମଚାରୀ—4. A Brahmachārī; a lifelong celebate.

ଊର୍ଦ୍ଧ୍ୱରେତ – ଦେ. ବଣ. ( ସ. ଊର୍ଦ୍ଧ୍ୱରେତସ୍ )—
Ūrddhwareta ଊର୍ଦ୍ଧ୍ୱରେତସ୍ ( ଦେଖ. )
Ūrddhwaretas ( See )
ଉଚିତରେ ଊର୍ଦ୍ଧ୍ୱରେତ. ଜିତକାମୀର ଶାନ୍ତଦାନ୍ତ ।
ଜଗନ୍ନାଥ. ଭାଗବତ ।

ଊର୍ଦ୍ଧ୍ୱରେତା —ସ. ବଣ. ପୁଂ. ( ଊର୍ଦ୍ଧ୍ୱରେତସ୍. ୧ମା. ୧ବ. )—
Ūrddhwareta ଊର୍ଦ୍ଧ୍ୱରେତସ୍ ( ଦେଖ )
Ūrddhwaretas ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ ଭାଷା ବ୍ୟବହାର କରନ୍ତି । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ସମୟରେ ଚକ୍ରିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବର୍ତ୍ମ' ନ ପାଇଲେ 'ବର୍ତ୍ମ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ସ. ବ—ସନକ, ସନନ୍ଦ, କପିଳ ଓ ସନାତନ ଏହି ଚାରି ଋଷି—
Name of sages Sanaka, Sanada, Kapila and Sanātana.

ଏ ଚାରି ମୂଳ ମୂର୍ତ୍ତି ହେଲେ
ଊର୍ଦ୍ଧ୍ୱରେତା ଯେ ବୋଲାଇଲେ ।

ଊର୍ଦ୍ଧ୍ୱଲିଙ୍ଗ—ସ. ବ. ( ବହୁବ୍ରୀହି; ଊର୍ଦ୍ଧ୍ୱ + ଲିଙ୍ଗ ) —ଶିବ—
Ūrddhwalinga God Śiba

ଊର୍ଦ୍ଧ୍ୱଲୋକ— ସଂ. ବ. (ମଧ୍ୟପଦଲୋପୀ; ଊର୍ଦ୍ଧ୍ୱରେ ଅବସ୍ଥିତ ଲୋକ)—
Ūrddhwaloka ୧ । ସ୍ୱର୍ଗଲୋକ—1. The upper world; the Heaven.
(ଅଧୋଲୋକ—ବିପରୀତ)
୨ । ଆକାଶ —2. The sky.

ଊର୍ଦ୍ଧ୍ୱଶ୍ୱାସ—ସଂ. ବ. ( ମଧ୍ୟପଦଲୋପୀ; ଊର୍ଦ୍ଧ୍ୱ=ଉପରକୁ ଉଠୁଥିବା + ଶ୍ୱାସ=ପ୍ରଶ୍ୱାସ)— ୧ । ଅଣନ୍ତୁଣ ବହିବା—
Ūrddhwaśwāsa
1. Gasping; panting before death.
୨ । ଧଇଁସଇଁ ହେବା; ଶରଣଶ୍ୱାସ—2 Long breath; breath emitted upwards.
୩ । ଧକାଇବା—3. Hard breathing.
(ଊର୍ଦ୍ଧ୍ୱଶ୍ୱାସା—ସ୍ତ୍ରୀ) ସଂ. ବଣ. ପୁଂ. ( ବହୁବ୍ରୀହି )—
ଧକାଉଥିବା; ଯାହାର ଧଇଁ ଉଠୁଥାଏ—
Panting; gasping; breathing hard.

ଊର୍ଦ୍ଧ୍ୱଶ୍ଲେଷ୍ମା—ସଂ. ବ. ( ଊର୍ଦ୍ଧ୍ୱ + ଶ୍ଲେଷ୍ମନ୍; ୧ମା. ୧ବ. )—
Ūrddhwaśleshmā ମଥାରେ ଶରଦି ଓ ପେଟ ଗରମ ଥିବା ଅବସ୍ଥା—Cold in the head; catarrh.

ଊର୍ଦ୍ଧ୍ୱାମ୍ନାୟ—ସଂ. ବ. ( ଊର୍ଦ୍ଧ୍ୱ=ଉପରସ୍ଥ + ଆମ୍ନାୟ=ପାଠକ୍ରମ )—
Ūrddhwāmnāya ସଂହିତାବିଶେଷ; ଏଥିରେ ଗୁରୁଭକ୍ତି, କୃଷ୍ଣପୂଜା ଇତ୍ୟାଦି ବର୍ଣ୍ଣିତ ହୋଇଅଛି—
Name of a Samhitā book.

ଊର୍ବର (ଇତ୍ୟାଦି)—ସଂ. ବଣ—ଉର୍ବର ଇତ୍ୟାଦି ( ଦେଖ )
Ūrbara (etc) Urbara etc ( See )
(ଊର୍ବର—ଅନ୍ୟରୂପ)

ଊର୍ବରା (ଇତ୍ୟାଦି)— ଉର୍ବରା ଇତ୍ୟାଦି ( ଦେଖ )
Ūrbarā (etc) Urbarā etc ( See )
(ଊର୍ବରା— ଅନ୍ୟରୂପ)

ଊର୍ବସ୍ଥି—ସଂ. ବ. ( ୬ଷ୍ଠୀ ତତ୍; ଊରୁ=ଜଙ୍ଘ + ଅସ୍ଥି=ହାଡ଼ )—
Ūrbasthi ଜଙ୍ଘର ହାଡ଼— Thigh-bone.
(ଊର୍ବସ୍ଥି—ଅନ୍ୟରୂପ)

ଊର୍ମ—ଦେ. ବ. ( ଷଷ୍ଠବେଦ )—ପ୍ରକୃତିର ଓ ଦେହର ପାଞ୍ଚକଳା ମଧ୍ୟରୁ ଏକତମ— One of the five elements
Ūrma
of nature and body.

ଊର୍ମ, ଧର୍ମ ସେ କେବଳ ଜ୍ଞାନ
ବନ୍ଧୁ ସହିତେ ପଞ୍ଚକଳା । ପଦୋବନ୍ଧ ।

ଊର୍ମି—ସଂ. ବ. ସ୍ତ୍ରୀ (ଋ=ଗତି କରିବା; ଗମନ କରିବା+ସଂଜ୍ଞାର୍ଥ. ମି)—
Ūrmi ୧ । ତରଙ୍ଗ; ଢେଉ—1. Wave; billows.
(ଊର୍ମ୍ମି—ଅନ୍ୟରୂପ) ୨ । ସ୍ରୋତ—2. Current of water.
୩ । ବସ୍ତ୍ର ଉପରେ କୁଞ୍ଚ କାର୍ଯ୍ୟ ବା ଭାଙ୍ଗ —
3. Artistic curl or fold worked upon a cloth.
୪ । ଅଙ୍ଗୁରୀୟ; ମୁଦି—4. Ring
୫ । ତ୍ୱରା; ବେଗ —5. Speed; haste
୬ । ଉତ୍କଣ୍ଠା; ଉଦ୍‌ବେଗ —6. Anxiety.
୭ । ଭ୍ରାନ୍ତି —7. Mistake
୮ । ସଙ୍ଗ—8. Contact
୯ । ପ୍ରକାଶ—9. Manifestation.
୧୦ । ପୀଡ଼ା—10. Pain.
୧୧ । ଦୁଃଖ; କଷ୍ଟ—11. Affliction.
୧୨ । ସ୍ଫୂର୍ତ୍ତି; ଅଶ୍ୱର ଗତିବିଶେଷ—
12. A kind of horse's gallop; prance
୧୩ । କ୍ଷୁଧା, ଶୋଷ, ଶୋକ, ମୋହ, ଜରା ଓ ମୃତ୍ୟୁ-ଏହି ଷଡ଼୍‌ବିଧ ଦେହର ପ୍ରକୃତି—13. The six bodily sufferings or conditions that flesh is heir to ( e. g. 1. hunger; 2. thirst; 3. grief; 4. illusion; 5. decay or old age and 6. death or dissolution—six in number )
୧୪ । ସମୂହ—14 Nnmber; multitude.

ଊର୍ମିକା—ସଂ. ବ. ସ୍ତ୍ରୀ. ( ଊର୍ମି+ସ୍ୱାର୍ଥେ. କ+ଆ )—
Ūrmikā ୧ । ତରଙ୍ଗ; ସାନ ଢେଉ—
(ଊର୍ମ୍ମିକା—ଅନ୍ୟରୂପ) 1. Wave; wavelet.
୨ । ବସ୍ତ୍ରର କୁଞ୍ଚ—2. Plait or artistic fold of a garment.
୩ । ଉତ୍କଣ୍ଠା—3. Anxiety.
୪ । ଭ୍ରମର ଧ୍ୱନି —4. The buzzing of the black bee.
୫ । ଅଙ୍ଗୁରୀୟ—5. Finger-ring; ringlet.

ଊର୍ମିମାନ୍—ସଂ. ବଣ. ( ଊର୍ମି=ତରଙ୍ଗ+ଅସ୍ତି ଅର୍ଥରେ. ମତ୍; ୧ମା. ୧ବ. )—୧ । ତରଙ୍ଗିତ—
Ūrmimān
(ଊର୍ମ୍ମିମାନ୍—ଅନ୍ୟରୂପ) 1. Wavy; billowy.
(ଊର୍ମିମତୀ—ସ୍ତ୍ରୀ) ୨ । ବକ୍ର—2. Undulating.
୩ । କୁଞ୍ଚିତ; କୁଞ୍ଚକୁଞ୍ଚିଆ—3. Plaited; curled.
୪ । ନତ—4. Bent.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଊଅ | ଘ |
| ୨ | ଈ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

ଊର୍ମିମାଳୀ—ସଂ. ବି. ( ଊର୍ମି+ମାଳା+ଇନ୍. ୧ମା. ୧ବ. )—
Ūrmimālī ସମୁଦ୍ର—The sea ( having billows )
( ଊର୍ମ୍ମିମାଳୀ—ଅନ୍ୟରୂପ )

ଊର୍ମିଳା—ସଂ. ବି. ( ନାମ )—ଲକ୍ଷ୍ମଣଙ୍କ ସ୍ତ୍ରୀ—
Ūrmilā The wife of Lakshmaṇa.
( ଊର୍ମ୍ମିଳା—ଅନ୍ୟରୂପ ) ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Name of females.

ଊଲୁକ—ସଂ. ବି—ପେଚକ—Owl.
Ūluka
(ଉଲୂକ—ଅନ୍ୟରୂପ )

ଊଲୁପୀ—ସଂ. ବି—୧ । ଶିଶୁମାର—1. Porpoise.
Ūlupī ୨ । ନାଗକନ୍ୟା; ଅର୍ଜୁନ ପତ୍ନୀ—
(ଉଲୁପୀ—ଅନ୍ୟରୂପ) 2. Name of a wife of Arjuna; daughter of a serpent king.

ଊଷ ( ଧାତୁ )—ସଂ—ରୋଗଯୁକ୍ତ ହେବା—
Ūsha ( root ) To ail; to be sick.

ଊଷ—ସଂ. ବି. ( ଊଷ ଧାତୁ=ରୋଗଯୁକ୍ତ ହେବା+କର୍ତ୍ତୃ. ଅ )—
Ūsha ୧ । କ୍ଷାର ମୃତ୍ତିକା; ଲୁଣି ମାଟି—1. Saline earth.
୨ । ପ୍ରତ୍ୟୁଷ; ବଡ଼ଭୋର—2. Dawn.
୩ । ଗର୍ତ୍ତ; ଗାତ—3. Den; a hole.
୪ । ଚନ୍ଦନାଦି ସୁଗନ୍ଧ ଲେପ—
4. Scented paste for the body.

ଊଷବାନ୍—ସଂ. ବି. ( ଊଷ=କ୍ଷାରମାଟି+ବତ୍; ୧ମା. ୧ବ. )—
Ūshabān ୧ । ଖାରଭୂଇଁ; ଲୁଣିଆଁ ଭୂଇଁ; କ୍ଷାରମୟ ସ୍ଥାନ—
1. Saline soil, land impregnated with salt.
୨ । ମରୁଭୂମି—2. Barren land; desert
୩ । ସାଜିମାଟି—3 Natron.
ସଂ. ବିଣ—ଖାରଥିଆ; ଲୁଣିଆଁ—
Saline, impregnated with salt.

ଊଷର—ସଂ. ବି. ଓ ବିଣ—ଊଷବାନ୍ ( ଦେଖ )
Ūshara Ūshabān ( See ).

ଊଷରା—ସଂ. ବି. ଓ ବିଣ—ଊଷବାନ୍ ( ଦେଖ )
Ūsharā Ūshabān ( See ).

ଊଷା—ସଂ. ବି. ସ୍ତ୍ରୀ—ଉଷା ( ଦେଖ )
Ūshā Ushā ( See )

ଊଷାମହୂର୍ଦ୍ଧ—ଦେ. ବି. ( ଷଷ୍ଠୀ ତତ୍; ଊଷା ବା ପ୍ରଭାତର ମହୂର୍ଦ୍ଧ ବା ମସ୍ତକପର )—ସୂର୍ଯ୍ୟ—The sun
Ūshāmahurḍa

ମହୋଦଧି ଊର୍ମି ଭେଦ ଅବଲମ୍ବେ ଦଶିବ ଊଷାମହୂର୍ଦ୍ଧ—
ରାଧାନାଥ, ଚାନ୍ଦଗା ।

ଊହ ( ଧାତୁ )—ସଂ—ତର୍କଣା କରିବା; ଅନୁମାନ କରିବା—
Ūha ( root ) To guess.

ଊହ—ସଂ. ବି. ( ଊହ=ତର୍କଣା କରିବା+ଭାବ. ଅ )—
Ūha ୧ । ବିତର୍କ; ଅନୁମାନ—1. Inference; guess.
୨ । ଯୁକ୍ତିଦ୍ୱାରା ଦୁରୂହ ବିଷୟର ନିର୍ଣ୍ଣୟ ଚେଷ୍ଟା—
2. Reasoning; arguing; deliberation.
୩ । ଅନୁସନ୍ଧାନ—3. Investigation.
୪ । ଅଧ୍ୟାହାର; ଲୁପ୍ତବାକ୍ୟ ବା ପଦ—4. Ellipsis

ଊହନୀ—ସଂ. ବି. ସ୍ତ୍ରୀ. ( ଊହ ଧାତୁ+ଅନ+ସ୍ତ୍ରୀ. ଈ )—
Ūhanī ୧ । ଝାଡ଼ୁଣୀ; ସମ୍ମାର୍ଜନୀ—1 Broom.
୨ । ବଢ଼ଣୀ; ଝାଡ଼ୁ—2. Broom-stick.

ଊହାପୋହ—ସଂ. ବିଣ. ପୁଂ. ( ବହୁବ୍ରୀହି; ଊହ=ତର୍କାଦି+ଅପୋହ =ଅପଗତ )—
Ūhāpoha
୧ । ତର୍କଦ୍ୱାରା ଯାହାର ସନ୍ଦେହ ମୁକ୍ତ ହୋଇଅଛି—
1. One whose doubts have been cleared by reasoning or arguments.
୨ । ଅଧ୍ୟୟନାଦି ଯୋଗୁଁ ସଂଶୟଶୂନ୍ୟ—
2. Freed from all doubts by study.
୩ । ସୁହୃଦ୍‌ପ୍ରାପ୍ତି ବିଷୟରେ କୃତନିଶ୍ଚୟ—
3. Bent upon acquiring friends.
୪ । ଦାନ ଦେବାରେ ଦ୍ୱିଧାମତଶୂନ୍ୟ—
4. Free from doubt regardig the bestowal of a gift.
୫ । ସନ୍ଦେହମୁକ୍ତ—5. Free from doubt.

ଊହିତ—ସଂ. ବିଣ. ( ଊହ ଧାତୁ+କର୍ମ. ତ )—
Ūhita ୧ । ବିତର୍କିତ—1. Guessed; inferred.
୨ । ତର୍କଦ୍ୱାରା ନିର୍ଣ୍ଣୀତ—
2. Established by argument.
୩ । ଯୁକ୍ତି କରି ଯାଇଥିବା—3. Argued; reasoned.

ଊହିନୀ—ସଂ. ବି. ସ୍ତ୍ରୀ. ( ଊହ ଧାତୁ+ଇନ୍+ଈ )—ସମୂହ—
Ūhinī Collection; multitude.

ଊହିବା—ଦେ. କ୍ରି. ( ସଂ. ଊହ ଧାତୁ )—ତର୍କଣା କରିବା; ବିଚାର କରିବା—To reason; to think.
Ūhibā

ଊହିବ ଏହିଟ ବୋଲି କୃପାବନ୍ତ ନାଥିଟି—
କବିସୂର୍ଯ୍ୟ, କଳୋରାବଳମ୍, ଶ-ଗୀତ ।

ଊହ୍ୟ—ସଂ. ବି ( ଊହ=ତର୍କାଦି+ଯ )—
Ūhya ୧ । ଅଧ୍ୟାହାର୍ଯ୍ୟ—1. Requiring to be filled up.
୨ । ଅନୁସନ୍ଧେୟ—
2. Worthy of being investigated.
୩ । ତର୍କଣୀୟ—3. Arguable.
୪ । ଅନୁମେୟ—4. Inferable.
୫ । ବାକ୍ୟ ମଧ୍ୟରେ ( ପ୍ରକାଶିତ ନ ହୋଇ ) ଲୁପ୍ତ—
5. Understood; elliptical.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ କପାଟ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲଢେ' ନ ପାଇଲେ ଅଲ୍‌ବର୍ ଦେଖିବେ ।

# ଋ

ଋ—ହ୍ରସ୍ୱଋ; ୭ମ ସ୍ୱରବର୍ଣ୍ଣ—The 7th vowel with the sound of short 'ṛu'.
Ṛu
ଋ
ଋ

[ ଋ—ଓଡ଼ିଆରେ 'ଋ' ର ଉଚ୍ଚାରଣ 'ରୁ' ପରି; ମାତ୍ର ବଙ୍ଗଳାରେ ରି ପରି । ପୂର୍ବେ ଓଡ଼ିଆରେ ଓ ପ୍ରାକୃତରେ ଏହା ଇକାରରୂପରେ ଉଚ୍ଚାରିତ ହେଉଥିବାର ଅପଭ୍ରଂଶ ଶବ୍ଦମାନଙ୍କରୁ ଅନୁମିତ ହୁଏ । ଯଥା—ସଂ. ଶୃଙ୍ଗ=ଓ ଶିଙ୍ଗ, ମୃଗ=ମିରଗ, ଗୃହସ୍ଥ=ଗେରସ୍ତ, ଗିରସ୍ତ, ଗୁରସ୍ତ, ଶୃଗାଲ=ଶିଆଳ, କୃମି=କୁରୁମି, ମୃତକ—ମୁର୍ଦ୍ଦିକଅ, କୃତ=କଅ, ଇତ୍ୟାଦି ସାଧାରଣ ଲୋକେ ଲେଖାରେ ରୁ ସ୍ଥାନରେ ଋ ଓ ଋ ସ୍ଥାନରେ ରୁ ବ୍ୟବହାର କରନ୍ତି; ସାଧାରଣ ଲୋକେ ଋଣକୁ ରଣ ଓ ଋଷଭକୁ ଋଷଭ ବୋଲି ମଧ୍ୟ ଉଚ୍ଚାରଣ କରିବାର ଦେଖାଯାଏ । ]

ସଂ. ବି.—୧ । ସ୍ୱର୍ଗ—1. Heaven.
୨ । ବଚନ—2. Word.
ସଂ. ବି. ସ୍ତ୍ରୀ—ଦେବମାତା; ଅଦିତି—The mother of the Gods; Aditi.
ସଂ. ଅ—୧ । ହାସ୍ୟ—1. Laughter.
୨ । ପରିହାସ—2. Jest.
୩ । ନିନ୍ଦା—3. Blame.
୪ । ପ୍ରାପ୍ତି—4. Attainment.

ଋ (ଧାତୁ)—ସଂ.—୧ । ଯିବା; ଗମନ କରିବା—1. To go.
Ṛu (root)
୨ । ପ୍ରାପ୍ତ ହେବା—2. To get.
୩ । ଲାଭ କରିବା—3. To acquire; to attain.

ଋକ୍—ସଂ. ବି. (ଋଚ ଧାତୁ=ସ୍ତବ କରିବା+କରଣ କ୍ୱିପ୍=ରୁଚ୍ ଶବ୍ଦ ୧ମା.୧ବ.)—୧ । ଋଗ୍‌ବେଦ—1. The first Beda.
Ṛuk
୨ । ବୈଦିକ ମନ୍ତ୍ର—2. Vedic mantra or incantation.
୩ । ବୈଦିକ ସ୍ତବ—3. Vedic Hymn.
୪ । ଗାୟତ୍ରୀ ମନ୍ତ୍ର—4. The Gāyatrī formula.

ଋକ—ଦେ. ବି. (ସଂ. ଋକ୍)—ଋକ୍ (ଦେଖ) Ṛuk (See)
Ṛuka

ଋକାର—ଦେ. ବି.—ବ୍ୟଞ୍ଜନ ବର୍ଣ୍ଣର ତଳେ ଯୋଗ ହେବା ' ' ଚିହ୍ନ (ଅବଧାନେ ଏହାକୁ 'ଅନ୍ଧୁରୀ' ଚିହ୍ନ ଗୁହାଳରେ ଶିଖନ୍ତି ଏ ମାତ୍ରା ଲେଖି ଶିଖାନ୍ତି)—The sign ' ' placed below consonants.
Ṛukāra

ଋକ୍‌ଥ—ସଂ. ବି. (ଋଚ ଧାତୁ=ସ୍ତବ କରିବା+ଥକ୍ ଯାହା ପାଇଁ ସ୍ତବ କରାଯାଏ; ତୁଳ ଇଂ. ରଚେସ୍=ଧନ)—୧ । ଧନ—ସମ୍ପତ୍ତି—1. Wealth; property; riches; possessions.
Ṛuktha
(ରିକ୍‌ଥ—ଅନ୍ୟରୂପ)
୨ । ମୃତ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତି—2. Property left by a deceased.
୩ । ସୁନା; ସ୍ୱର୍ଣ୍ଣ—3. Gold.

ଋକ୍‌ଥଗ୍ରାହ—ସଂ. ବଣ. ପୁଂ. (ଋକ୍‌ଥ+ଗ୍ରହ ଧାତୁ+କର୍ତ୍ତୃ. ଅ)—ଋକ୍‌ଥଗ୍ରାହୀ (ଦେଖ) Ṛukthagrāhī (See)
Ṛukthagrāha

ଋକ୍‌ଥଗ୍ରାହୀ—ସଂ. ବଣ. ପୁଂ. (ଋକ୍‌ଥ=ଧନ+ଗ୍ରହ ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଇନ୍ ୧ମା. ୧ବ.)—ଉତ୍ତରାଧିକାରୀ; ମୃତବ୍ୟକ୍ତିର ସମ୍ପତ୍ତିକୁ ଗ୍ରହଣକାରୀ—Succeeding to the property of a deceased.
Ṛukthagrāhī
(ଋକ୍‌ଥଗ୍ରାହିଣୀ—ସ୍ତ୍ରୀ)

ଋକ୍‌ଥଭାଗ—ସଂ. ବି. (୬ଷ୍ଠୀ ତତ୍; ଋକ୍‌ଥ+ଭାଗ)—ସମ୍ପତ୍ତିର ବିଭାଗ; ବଣ୍ଟନ—Division of property.
Ṛukthabhāga

ଋକ୍‌ଥହର—ସଂ. ବଣ. ପୁଂ. (ଋକ୍‌ଥ=ଧନ+ହୃ ଧାତୁ=ନେବା+କର୍ତ୍ତୃ. ଅ)—ଋକ୍‌ଥଗ୍ରାହୀ ( ଦେଖ ) Ṛukthagrāhī (See)
Ṛukthahara
(ଋକ୍‌ଥହରା—ସ୍ତ୍ରୀ)
ସଂ. ବି.—୧ । ଉତ୍ତରାଧିକାରୀ ବ୍ୟକ୍ତି; ଓାରିସ୍—2. Heir; coheir.
୨ । ମୃତବ୍ୟକ୍ତିର ସମ୍ପତ୍ତିରେ ଦାବିଦାର ବ୍ୟକ୍ତି—2. Claimant to the property left by a deceased person.

ଋକ୍ଷ (ଧାତୁ)—ସଂ.—ବଧ କରିବା—To kill.
Ṛuksha (root)

ଋକ୍ଷ—ସଂ. ବି. (ଋକ୍ଷ ଧାତୁ=ବଧ କରିବା+କର୍ତ୍ତୃ. ଅ ବା ଋଷ ଧାତୁ=ଗମନ କରିବା+କର୍ତ୍ତୃ. ସ)—
Ṛuksha
୧ । ଭଲ୍ଲୁକ; ଭାଲୁ—1. Bear.
ବେଢ଼ିବେ ଜମ କମରେ ଋକ୍ଷପତି ପୁଣି । ରଞ୍ଜ. ବୈଦେହୀଶବିଳାସ ।
୨ । ଋକ୍ଷବାନ ପର୍ବତ—2. The name of a mountain.
୩ । ଯଦୁବଂଶୀୟ ରାଜା ରୈବତକଙ୍କ ପୁତ୍ର—3. A son of king Raibataka.
୪ । ସପ୍ତର୍ଷିମଣ୍ଡଳ ନିକଟରେ ଥିବା ୭ଟି ତାରା ଲକ୍ଷିତ ନକ୍ଷତ୍ରପୁଞ୍ଜ; ଧ୍ରୁବପୁଞ୍ଜ (ନକ୍ଷତ୍ର ତଳେ ନୋଟ ଦେଖ)—4. The constellation Ursa Minoris the Little Bear.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ତ୍ଥ | ଙ୍ଗ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ତ୍ତ | ନ୍ତ |

୫ । ନକ୍ଷତ୍ର—5. Star.

୬ । ଫଣଫଣା; ଶୋଣାକବୃକ୍ଷ—
6 A name of a medicinal tree.

୭ । (ଜ୍ୟୋତିଷ) ମେଷାଦି ରାଶି—7. The solar mansions; the astronomical signs.

ସଂ. ବିଣ—୧ । ବିଦ୍ଧ—Pierced.

୨ । ବେଗବାନ୍—2. Having speed; speedy.

ଦୁର୍ଗା ହେଲେ ପକ୍ଷ, ପକ୍ଷ ଲଭି ମୁଁ ପଡ଼ିଥିବ
ତକ୍ଷଣରେ ଯାନ୍ତୁ ହେଲେ ଋକ୍ଷ ଋକ୍ଷ । ଭକ୍ତ. ପ୍ରେମସୁଧାନିଧି ।

ଋକ୍ଷଚକ୍ର—ଦେ. ବି. (ଜ୍ୟୋତିଷ) (୬ଷ୍ଠୀ ତତ୍; ଋକ୍ଷ+ଚକ୍ର) ଭଚକ୍ର;
Rukshachakra ରାଶିଚକ୍ର—The Zodiac.

ଋକ୍ଷବାନ୍—ସ. ବି. ( ଋକ୍ଷ=ଭଲ୍ଲୁକ+ଅସ୍ତି ଅର୍ଥରେ. ବତ୍; ୧ମା.
Rukshabān ୧ବ.)—ଦକ୍ଷିଣ ଭାରତର ପର୍ବତବିଶେଷ (ରାମଚନ୍ଦ୍ର ବନବାସ ସମୟରେ କିଛିକାଳ ଏଠାରେ ଅବସ୍ଥାନ କରିଥିଲେ । ଏ ପର୍ବତରୁ ନର୍ମଦା ଓ ତାପ୍ତି ନଦୀ ଉଦ୍ଭୂତ)—
Name of a mountain in the Deccan, Gondoana from which rise the Narmadā and the Tāpti.

ଋକ୍ଷରାଜ—ସଂ. ବି.—୧ । (୬ଷ୍ଠୀ ତତ୍; ଋକ୍ଷମାନଙ୍କର ରାଜା)—ରାମଙ୍କର
Ruksharāja ଲଙ୍କା ଅଭିଯାନରେ ଜଣେ ସେନାପତି; ଜାମ୍ବୁବାନ; ଜାମ୍ବବ—1. Jambubān the king of the bears; one of the generals of Rāma in his war with Rābaṇa.

୨ । ଶ୍ରୀକୃଷ୍ଣଙ୍କ ପତ୍ନୀ ଜାମ୍ବବତୀଙ୍କ ପିତା—2. Name of a father-in-law of Śrīkṛushṇa.

୩ । ଚନ୍ଦ୍ର; ନକ୍ଷତ୍ରରାଜ—3. The moon

ଋକ୍ଷେଶ—ସଂ. ବି. (୬ଷ୍ଠୀ ତତ୍; ଋକ୍ଷ+ଈଶ)—ଋକ୍ଷରାଜ (ଦେଖ)
Rukshesa Ruksharāja (See)

ଋଗ୍‌ବେଦ—ସଂ. ବି. (ମଧ୍ୟପଦଲୋପୀ; ଋକ୍ ନାମକ ବେଦ)—
Ṛugbeda ପ୍ରଥମ ବେଦ—The first of the four Bedas; the Ṛugbeda

[ ଦ୍ର—ଏହା ହିନ୍ଦୁମାନଙ୍କର ପ୍ରାଚୀନତମ ଆଦି ପୁସ୍ତକ । ଋଗ୍ବେଦଠାରୁ ବଳି ପ୍ରାଚୀନତମ ଗ୍ରନ୍ଥ ଜଗତରେ ନାହିଁ ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ କହନ୍ତି । ଜଣେ ପାଶ୍ଚାତ୍ୟ ପଣ୍ଡିତ କହୁଅଛନ୍ତି—"ଋଗ୍ବେଦ କେବଳ ଗ୍ରନ୍ଥ ନୁହେ; ଏହା ଗୋଟିଏ ପୁସ୍ତକାଗାର ଓ ସାହିତ୍ୟଭଣ୍ଡାର ଅଟେ" । ଋଗ୍ବେଦରେ ବାଲ୍ୟବିବାହର ଉଲ୍ଲେଖ ନାହିଁ । ସେ କାଳରେ ଯୁବତୀବିବାହ ପ୍ରଚଳିତ ଥିଲା । ଋଗ୍ବେଦରେ ଋକ୍ (ବୈଦିକ ମନ୍ତ୍ର) ର ସଂଖ୍ୟା ୧୦୫୮୦ ଥିଲା ଏଥିରୁ ୧୬୩ ଟି ମିଳୁନାହିଁ । ଋଗ୍ବେଦର ଶାଖା ପାଞ୍ଚଟି ଯଥା—ଶାକଲ,ବାସ୍କଲ, ଅଶ୍ୱଳାୟନ, ଶାଙ୍ଖାୟନ ଓ ମଣ୍ଡୂକ । ଏହି ପାଞ୍ଚଟି ଶାଖା ଛଡ଼ା ଐତରେୟୀ, କୌଷୀତକୀ, ଶୈଶିରୀ, ପୈଙ୍ଗୀ ଆଦି ଉପଶାଖାମାନ ଅଛି । ଋଗ୍ବେଦର ଦୁଇ ପ୍ରଧାନ ବିଭାଗ ଯଥା—୧ । ଐତରେୟ ବ୍ରାହ୍ମଣ ଓ ୨ । କୌଷିତକୀ ବା ସାଂଖ୍ୟାୟନ ।]

ଋଗ୍ବେଦସଂହିତା—ସଂ. ବି—ଋଗ୍ବେଦାନ୍ତର୍ଗତ ସ୍ତବମାନ ସଂଗୃହୀତ
Ṛugbedasaṁhitā ହୋଇଥିବା ପୁସ୍ତକ—
A collection of the hymns of the Ṛugbeda

[ ଦ୍ର—ପ୍ରଥମେ ଶାକଲଋଷି ଓ ପରେ ଯଥାକ୍ରମେ ବାସ୍କଲ, ଅଶ୍ୱଳାୟନ, ଶାଙ୍ଖାୟନ ଓ ମଣ୍ଡୂକ ଋଷିମାନେ ଋଗ୍ବେଦ ସଂହିତାକୁ ଅଧ୍ୟୟନ କରି ସଂହିତାଗ୍ରନ୍ଥମାନ ଆରମ୍ଭ କରିଥିଲେ । ]

ଋଗ୍ବେଦୀ—ସଂ. ବିଣ. ପୁଂ. ( ଋଗ୍ବେଦ+ଇନ୍; ୧ମା. ୧ବ. )—
Ṛugbedī ୧ । ଋଗ୍ବେଦ ଅଧ୍ୟୟନକାରୀ—
1. Studying the Ṛugbeda.

୨ । ଯେଉଁ ବ୍ରାହ୍ମଣର ଦୈନନ୍ଦିନ କ୍ରିୟା ଓ ମନ୍ତ୍ରାଦି ଋଗ୍ବେଦାନୁସାରେ ଅନୁଷ୍ଠିତ ହୁଏ—
2. ( a Brāhmaṇa ) Whose rituals are performed according to the rules and formulae laid down in the Ṛugbeda.

ଋଗ୍ବେଦୀୟ—ସଂ. ବିଣ. ( ଋଗ୍ବେଦ+ସମ୍ବନ୍ଧାର୍ଥେ. ଈୟ )—
Ṛugbedīya ଋଗ୍ବେଦ ସମ୍ବନ୍ଧୀୟ—
Relating to the Ṛugbeda.

ଋଚ୍ (ଧାତୁ)—ସଂ—୧ । ସ୍ତବ କରିବା—1. To pray.
Ṛuch (root) ୨ । ଗମନ କରିବା—2 To move.

ଋଚୀକ—ସଂ. ବି. (ଋଚ୍ ଧାତୁ=ସ୍ତବ କରିବା; ଗମନ କରିବା+ଈକ)—
Ṛuchīka ୧ । ସୂର୍ଯ୍ୟ—1. The Sun

୨ । (ନାମ) ଭୃଗୁବଂଶୀୟ ମୁନିବିଶେଷ; ଜମଦଗ୍ନିଙ୍କର ପିତା—
2. A sage of the clan of Bhṛugu and father of Jamadagni.

ଋଚୀଷ—ସଂ. ବି. ( ଋଜ ଧାତୁ=ଭାଜିବା+ଅଧିକରଣ. ଈଷ )—
Ṛuchīsha ଋଜୀଷ ( ଦେଖ )
Ṛujīsha ( See )

ଋଜ (ଧାତୁ)—ସଂ—୧ । ଭାଜିବା—1. To fry.
Ṛuja (root) ୨ । ଯିବା; ଗତି କରିବା—2. To move.

ଋଜୀକ—ସଂ. ବି. ପୁଂ. (ଋଜ ଧାତୁ=ଗମନ କରିବା+କର୍ତ୍ତୃ ଈକ)—
Ṛujīka ୧ । ଇନ୍ଦ୍ର—1. God Indra.

୨ । ଧୂମ—2. Smoke.

ଋଜୀଷ—ସଂ. ବି. ( ଋଜ ଧାତୁ=ଭାଜିବା+ଅଧିକରଣ. ଈଷ; ଯହିଁରେ
Ṛujīsha ପିଠା ଭଜାଯାଏ )—୧ । ପିଠା ଭାଜିବା ପାତ୍ର; ତେଲଭୁଣୀ; କରେଇ—1. Frying pan.

୨ । ଧନ—2. Riches.

୩ । ନରକବିଶେଷ—3. The name of a hell of the Hindus.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଋଜୁ**—ସଂ. ବିଣ. ( ଋଜ ଧାତୁ=ଯିବା + ଉ )—
**Ṛuju** ୧ । ସରଳ; ସିଧା—1. Straight.
ଋଜୁତା } ବି ( ଋଜୁରେଖା=ସରଳରେଖା; ଋଜୁକୃତ=ସରଳୀକୃତ )—
ଆର୍ଜବ }
୨ । ଅକୁଟିଳ; ଅମାୟିକ; ଅକପଟ; ଶୁଦ୍ଧହୃଦୟ; ସରଳ; ( ଋଜୁସ୍ୱଭାବ=ସରଳପ୍ରକୃତିକ )—
2. Frank; sincere.
୩ । ସତ୍—3. Honest; straightforward.
୪ । ସହଜ; ଅକଠିନ—4. Not hard; soft.
୫ । ନ୍ୟାୟବନ୍ତ—5. Just; upright; righteous.
୬ । ଦୟାଳୁ—6. Kind-hearted
ଦେ. ବି. ( ସଂ. ଋଜୁତା )—ଆର୍ଜବ; ଋଜୁତା; ସରଳତା—
Sincerity; frankness.

ତପ ଶଉଚ ଶମ ଦମ, ସନ୍ତୋଷ ଋଜୁ କ୍ଷମୀ ଜ୍ଞାନ—
ଜଗନ୍ନାଥ. ଭାଗବତ. ।

**ଋଜୁକାୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଋଜୁ + କାୟ )—
**Ṛujukāya** ୧ । ଯାହାର ଦେହ ଠିଆବାଗରେ ସିଧା—
( ଋଜୁକାୟା—ସ୍ତ୍ରୀ ) 1. Of erect form; of upright shape
୨ । ଯାହାର ଦେହ ଲମ୍ବରେ ସରଳରେଖା ପରି—
2. Having a long and straight body.
ସଂ. ବି. (ନାମ)—କଶ୍ୟପଋଷି—The sage Kaśyapa.

**ଋଜୁରୋହିତ**—ସଂ. ବି. ( ଋଜୁ + ରୋହିତ )—ମେଘ ପ୍ରତିଫଳିତ
**Ṛujurohita** ରେଖାକାର ରବିରଶ୍ମି; ଏକ ପ୍ରକାର ଇନ୍ଦ୍ରଧନୁ; ରୁଇ; ରୋଇ ( ଏହା ଇନ୍ଦ୍ରଧନୁ ପରି ସମ୍ପୂର୍ଣ୍ଣ ଗୋଲ ଦେଖା ନ ଯାଇ ସରଳରେଖା ପରି ଦେଖାଯାଏ । )—
A kind of rainbow which appears straight.

**ଋଣ**—ସଂ. ବି. ( ଋ ଧାତୁ=ଗମନ କରିବା; ପାଇବା + ନ )—
**Ṛuṇa** ୧ । କରଜ; ଧାର; ଦେଣା—1. Loan; debt.
[ ଦ୍ର—ହିନ୍ଦୁମାନଙ୍କର ଋଣ ତିନି ପ୍ରକାର—୧. ଦେବଋଣ, ୨. ପିତୃଋଣ ଓ ୩. ଋଷିଋଣ । ଦେବଋଣ ଯାଗଦ୍ୱାରା, ପିତୃଋଣ ପୁତ୍ରୋତ୍ପାଦନଦ୍ୱାରା ଓ ଋଷିଋଣ ବେଦପାଠଦ୍ୱାରା ସୁଝାଯାଏ । ]
୨ । ( ବୀଜଗଣିତ ) ଯେଉଁ ରାଶିରେ ବିଯୁକ୍ତ ଚିହ୍ନ ଥାଏ ( ଯଥା—୨ )—
2. A negative quantity or minus in Algebera.

**ଋଣ କରିବା**—ଦେ. କ୍ରି—କରଜ କରିବା—
**Ṛuṇakaribā** To borrow; to incur a loan.
ঋণকরা
ঋণকরো

**ଋଣକର୍ତ୍ତା**—ସଂ. ବି. ପୁଂ—ଯେ ଋଣ କରେ—Debtor; borrower.
**Ṛuṇakarttā** ସଂ. ବିଣ. ପୁଂ—କରଜିଆ; ଋଣୀ—Indebted.
( ଋଣକର୍ତ୍ତ୍ରୀ—ସ୍ତ୍ରୀ )

**ଋଣଶୋଧ**—ସଂ. ବି. (୬ଷ୍ଠୀ ତତ୍; ଋଣ + ଶୋଧ)—ଦେଣା ପରିଶୋଧ—
**Ṛuṇaśodha** Liquidation of a debt; clearance of a debt.

**ଋଣସଙ୍କଟ**—ସଂ. ବି. ( ରୂପକ; ଋଣ + ସଙ୍କଟ )—
**Ṛuṇasaṅkaṭa** ୧ । ଋଣରେ ବୁଡ଼ିବା ଅବସ୍ଥା—
1. Indebtedness.
୨ । ଯୋତ୍ରହୀନତା; ଋଣ ସୁଝି ନ ପାରିବା ଅବସ୍ଥା; ଦେବାଳିଆ-ଅବସ୍ଥା—2. Insolvency.

**ଋଣିଆଁ**—ଦେ. ବିଣ. ( ସଂ. ଋଣୀ )—ଋଣୀ; ଋଣଗ୍ରସ୍ତ—
**Ṛuṇiāṅ** Indebted ( person ).

ଋଣିଆଁକୁ ଋଣ ଯେତେ, କହୁଣିଆଁକୁ କହୁଣୀ ସେତେ—ଢଗ ।

**ଋଣୀ**—ସଂ. ବିଣ. ପୁଂ. ( ଋଣ + ଇନ୍ )—ଦେଣଦାର; ଋଣଗ୍ରସ୍ତ—
**Ṛuṇī** Involved in debts; indebted.
(ଅନୃଣୀ—ବିପରୀତ) ସଂ. ବି, ପୁଂ—ଅଧମର୍ଣ୍ଣ; ଖାତକ—Debtor.

**ଋତ୍** (ଧାତୁ)—ସଂ—୧ । ତ୍ୟାଗ କରିବା—
**Ṛut (root)** 1. To give up; to abandon.
୨ । ନିନ୍ଦା କରିବା—2. To blame.

**ଋତ**—ସଂ. ବି. ( ଋ ଧାତୁ=ଗମନ କରିବା + କର୍ତ୍ତୃ. ତ )—
**Ṛuta** ୧ । ପରଂବ୍ରହ୍ମ—1. The Universal Soul; the Godhead.
୨ । ସତ୍ୟ—2. Truth; right.
୩ । ଧର୍ମବିଧି—3. Sacred ordinance.
୪ । ଜଳ—4. Water.
୫ । ଚଳୁଥିବା ବିଧି—5. Established rule.
୬ । ଉଞ୍ଛବୃତ୍ତି; ହୀନବୃତ୍ତି—6. Living upon mean pursuits.
୭ । ଦକ୍ଷ କନ୍ୟା ଗର୍ଭଜାତ ଧର୍ମ ପୁତ୍ର—
7. The son of Dharma born of the daughter of Daksha.
୮ । ଦେବବିଶେଷ—8. A Deity.
୯ । ଯଜ୍ଞ—9. Vedic sacrifice.
୧୦ । ଶବ୍ଦ—10. Sound.

କଳୁପାଶ ବାଉତ ବଋତ କରି ଋତ ଯୁଦ୍ଧରେ ଅଶ୍ୱେକ କରନ୍ତେ ସେ ।
ଉପ. ବୈଦେହୀଶବିଳାସ ।

ଦେ. ବି—ଋତୁ—Season.

ଦେଖ ସଜନି ଏ ବସନ୍ତ ଋତ । ବିରହୀ କେମନ୍ତେ ଧରିବ ଚିତ୍ତ ।
ଗୋପୀ—ରସବାରିଧି ।

ସଂ. ବିଣ—୧ । ପୂଜିତ—1. Worshipped.
୨ । ପୀଡ଼ିତ—2. Sick.

| ୧ | ଇ | ଋ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଡ଼ | ଶ,ଷ | ଛ | ଇଯ଼ | ଢ଼ଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଔ | ଋ | ଌ | ଯ଼ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଘ | ଇଅ | ଢ | ନ୍ତ |

୩ । ସତ୍ୟ; ଯଥାର୍ଥ—3 True; right

୪ । ଗତ—4. Gone.

୫ । ଦୀପ୍ତ—5 Shining; bright; luminous.

ଋତଧାମା—ସଂ. ବି. ( ବହୁବ୍ରୀହି; ଋତ=ଦୀପ୍ତ+ଧାମନ୍=ବାସସ୍ଥାନ; ୧ମା, ୧ବ. )—
Rutadhāmā
୧ । ବିଷ୍ଣୁ; ପରମେଶ୍ୱର —1. God.
୨ । ତ୍ରୟୋଦଶମନ୍ୱନ୍ତରର ମନୁ—
2. The Manu of the thirteenth age.

ଋତପର୍ଣ୍ଣ—ସଂ. ବି. (ନାମ) ( ଋତ+ପର୍ଣ୍ଣ )—
Rutaparnna ଅଯୋଧ୍ୟାର ରାଜା (ନଳ ରାଜା ଏହାଙ୍କ ନିକଟରେ ଅଶ୍ୱପାଳକରୂପେ ଛଦ୍ମ ବେଶରେ ରହିଥିଲେ; ନଳଙ୍କୁ ଏ ପଶାଖେଳର କୌଶଳ ଶିଖାଇ ଥିଲେ ।)—
A king of Ajodhayā whom king Nala served as a coach man for some time in disguise.

ଋତବ୍ୟ—ସଂ. ବିଣ. ( ଋତୁ+ଯ. ନିପାତନ )—
Rutabya ୧ । ଋତୁଉପଯୋଗୀ; ସମୟୋପଯୋଗୀ—
1. Seasonable; fit for the season.
୨ । ଋତୁରେ ଘଟୁଥିବା—
2. Occurring in proper season.

ଋତମ୍ଭରା—ସଂ. ବି. ସ୍ତ୍ରୀ. ( ଋତଂ=ସତ୍ୟକୁ+ଭୃ ଧାତୁ=ଭରଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ )—
Rutambharā
ସତ୍ୟଜ୍ଞାନରୂପ ଚିତ୍ତବୃତ୍ତି; ସତ୍ୟକୁ ମନରେ ରଖିବାର ବୃତ୍ତି—The mental faculty of maintaining or realising the truth.

ଋତସଦ୍—ସଂ. ବି. (ଋତ=ଯଜ୍ଞ+ସଦ ଧାତୁ=ରହିବା+ଅଧିକରଣ. କ୍ୱିପ୍)—ଅଗ୍ନି—Fire.
Rutasad
ବିଣ—ଯେ ଯଜ୍ଞରେ ଅଧିଷ୍ଠିତ; ଯଜ୍ଞାଧିଷ୍ଠାତା (ଦେବ)
Presiding at a Vedic sacrifice.

ଋତସଦନ—ସଂ. ବି. ( ୬ଷ୍ଠୀ ତତ୍; ଋତ=ଯଜ୍ଞ+ସଦନ=ସ୍ଥାନ; ଗୃହ)—୧ । ଯଜ୍ଞାର୍ଥ ଉପବେଶନ ସ୍ଥାନ—
Rutasadana
1. Sacrificial seat.
୨ । ଯଜ୍ଞଗୃହ—2. A room where Vedic sacrifice is offered.

ଋତସ୍ପତି—ସଂ. ବି. (ଋତ=ଯଜ୍ଞ+ପତି=କର୍ତ୍ତା; ନିପାତନ)—ଯଜ୍ଞପତି; ଯଜ୍ଞକର୍ତ୍ତା—The performer of sacrifice.
Rutaspati

ଋତି—ସଂ. ବି. (ଋ ଧାତୁ=ଗମନ କରିବା+ଭାବ. କ୍ତି)—
Ruti ୧ । ସୌଭାଗ୍ୟ—1. Prosperity.
୨ । ପଥ—2. Road; way.
୩ । ଶୁଭ; ମଙ୍ଗଳ—3. Good luck; good fortune.
୪ । ଗତି; ଗମନ—4. Motion.
୫ । ନିନ୍ଦା—5. Censure.
୬ । ଗର୍ବ—6. Arrogance.
୭ । ବର୍ଦ୍ଧନ—7. Increase.
୮ । ଘୃଣା—8. Contempt.

ଋତିସ୍କର—ସଂ. ବିଣ. (ଋତି=ଶୁଭ+କୃ ଧାତୁ=କରିବା+ଅ)—
Rutiskara ୧ । ଶୁଭଜନକ; ମଙ୍ଗଳଜନକ—
1. Auspicious;
୨ । ସୌଭାଗ୍ୟକର—2. Lucky.

ଋତୀୟା—ସଂ. ବି. ସ୍ତ୍ରୀ (ଋତ ଧାତୁ=ନିନ୍ଦା କରିବା+ଭାବ. ଯ+ସ୍ତ୍ରୀ. ଆ.)—
Rutiyā ୧ । ନିନ୍ଦା—1. Censure.
୨ । ଚୁଗୁଲି—2. Slander; back-biting.
୩ । ଘୃଣା—3. Contempt.
୪ । ଲଜ୍ଜା—4. Shame.
୫ । ଗର୍ବ—5. Arrogance; difiance.

ଋତୁ—ସଂ. ବି. ( ଋ ଧାତୁ=ଯିବା+କର୍ତ୍ତୃ. ତୁ; ଯେ କ୍ରମାନୁସାରେ ଆସେ ଯାଏ)—୧ । ବର୍ଷର କଳ୍ପିତ କାଳ—
Rutu
1. Season.
[ ଯଥା—ଗ୍ରୀଷ୍ମ, ବର୍ଷା, ଶରତ୍, ହିମ, ଶିଶିର ଓ ବସନ୍ତ ଏହି ଛଅଟି ଋତୁ । ]
୨ । ସ୍ତ୍ରୀମାନଙ୍କର ରଜୋଦର୍ଶନର ସମୟ—
2. The menses or menstrual period of women.
୩ । ସ୍ତ୍ରୀମାନଙ୍କର ଜରାୟୁରୁ ନିର୍ଗତ ରକ୍ତସ୍ରାବ—
3. Menstrual flux.
୪ । ଦୀପ୍ତି—4. Brightness.
୫ । ନିର୍ଦ୍ଧାରିତକାଳ—5. Fixed period.
୬ । ଏକ କଉଡ଼ା କଉଡ଼ିର ଛଅ ଭାଗରୁ ଏକ ଭାଗ—
6. One sixth of one Kaurdi or shell-money.

ଋତୁକାଳ—ସଂ. ବି. (୬ଷ୍ଠୀ ତତ୍; ଋତୁ+କାଳ)—
Rutukāla ୧ । ବସନ୍ତାଦି ଋତୁର ଭୋଗ ସମୟ—
1. The duration of a season.
୨ । ସ୍ତ୍ରୀମାନଙ୍କ ରଜଃସ୍ରାବର ସମୟ—
2. Menstrual period.

ଋତୁକ୍ରମ—ସଂ. ବି. (୬ଷ୍ଠୀ ତତ୍; ଋତୁ+କ୍ରମ)—ଋତୁ ପର୍ଯ୍ୟାୟ (ଦେଖ)
Rutukrama Rutuparjyāya (See)

ଋତୁପତି—ସଂ. ବି. (୬ଷ୍ଠୀ ତତ୍; ଋତୁ+ପତି)—ଋତୁରାଜ (ଦେଖ)
Rutupati Ruturāja (See)

ଋତୁପର୍ଣ୍ଣ—ସଂ. ବି.—ଋତପର୍ଣ୍ଣ (ଦେଖ)
Rutuparnna Rutaparnna (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉଲ୍ଲିଖିତ ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଢ଼' ନ ମିଳିଲେ 'ଷାଣ୍ଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଳକତ' ନ ପାଇଲେ 'ଅଳ୍କତ' ଦେଖିବେ

ଋତୁପର୍ଯ୍ୟାୟ—ସଂ. ବି. ( ୬ଷ୍ଠୀ ତତ୍; ଋତୁ + ପର୍ଯ୍ୟାୟ = କ୍ରମ; ନିୟମିତ ଘଟଣା)—୧ । ଷଡ଼ଋତୁଙ୍କର ଏକର ପରେ ଅନ୍ୟ ଋତୁ ଘଟିବାରୂପ ନିୟମିତ ଘଟଣା—
Ṛutuparjyāya
1. The regular succession or cycle of the seasons.
୨ । ସ୍ତ୍ରୀମାନଙ୍କର ଋତୁକାଳର ନିୟମିତ ଆବର୍ତ୍ତନ—
2. The menstrual cycle in the females.
[ ଦ୍ର—ଏହା ପ୍ରତି ମାସରେ ଥରେ ଘଟେ । ]

ଋତୁବତୀ—ଦେ. ବିଣ.—(ସଂ. ଋତୁମତୀ)—ଋତୁମତୀ (ଦେଖ)
Ṛutubati  Ṛutumatī (See)
ଜାଣି ନୋହେ ପ୍ରତ ପ୍ରତୀକ ସେ ଋତୁବତୀ ।
ବତଶାର୍ଦ୍ଦ ବିପ୍ରସୀ ପୀରତ ଭତ । ଭକ୍ତ. ପ୍ରେମସୁଧାନିଧି ।

ଋତୁମତୀ—ସଂ. ବିଣ. ସ୍ତ୍ରୀ. ( ଋତୁ + ମତ୍ + ସ୍ତ୍ରୀ. ଈ )—ରଜସ୍ୱଳା; ପୁଷ୍ପବତୀ ( ସ୍ତ୍ରୀ )—Menstruous; menstruated; in her menses; in the state of menstruation.
Ṛutumatī

ଋତୁଯାଜୀ—ସଂ. ବି. ପୁଂ. ( ଋତୁ + ଯଜ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ; ଯେ ଋତୁ ଅନୁସାରେ ଯାଗ କରେ )—
Ṛutujājī
୧ । ଯେଉଁ ବ୍ରାହ୍ମଣ ଶାସ୍ତ୍ରନିର୍ଦ୍ଧାରିତ ଋତୁରେ ଯଜ୍ଞାଦି ସାଧନ କରନ୍ତି—
1. Performer of sacrificial rites in due seasons.
୨ । ପୁରୋହିତ—2. Priest.

ଋତୁରକ୍ଷା—ସଂ. ବି. ( ୬ଷ୍ଠୀ ତତ୍; ଋତୁ + ରକ୍ଷା )—ସନ୍ତାନ ଲାଭ କାମନାରେ ଋତୁର ଚତୁର୍ଥ ଦିନ ସ୍ତ୍ରୀ ପୁରୁଷ ସଙ୍ଗମ—Sexual intercourse of the married couple on the fourth day of the wife's menses with a view to conception
Ṛuturakshā

ଋତୁରାଜ—ସଂ. ବି. ( ୬ଷ୍ଠୀ ତତ୍; ଋତୁ + ରାଜନ୍; ୧ମା. ୧ବ. )—ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଋତୁ; ବସନ୍ତକାଳ—The spring; the king of the seasons
Ṛuturāja

ଋତୁରାଜନ—ଦେ. ବି. ( ସଂ. ଋତୁରାଜନ୍ )—ଋତୁରାଜ (ଦେଖ)
Ṛuturājana  Ṛuturāja ( See)
ପ୍ରଶଂସିବେ ଋତୁରାଜନେ, ସୁଶୀତଳ କୋଇଲ କର୍ପା ପ୍ରଭଞ୍ଜନେ ।
ଭକ୍ତ. ପ୍ରେମସୁଧାନିଧି ।

ଋତୁରୂପୀ—ସଂ. ବି. ( ଋତୁ + ରୂପ + ଇନ୍; ୧ମା. ୧ବ. ଋତୁସ୍ୱରୂପ ଯାହାଙ୍କର )—ସୂର୍ଯ୍ୟ—The sun.
Ṛuturūpi

ଋତୁସଂହାର—ସଂ. ବି. ( ନାମ )—କାଳିଦାସଙ୍କର ଷଡ଼ଋତୁ ବର୍ଣ୍ଣନାତ୍ମକ ସଂସ୍କୃତ କାବ୍ୟ—A Sanscrit poem of six cantos of Kālidāsa describing the six seasons
Ṛutusaṁhāra
[ ଦ୍ର—ଏହି ସଂସ୍କୃତ କାବ୍ୟକୁ ଅଧୁନା ସୋନପୁରର ମହାରାଜା ସାର୍ ବୀରମିତ୍ରୋଦୟ ସିଂହ ଦେଓ ଓଡ଼ିଆରେ ଅନୁବାଦ କରିଅଛନ୍ତି ଏବଂ ପ୍ରତ୍ୟେକ ଋତୁର କାଳିକ ଚିତ୍ର ସହ ପ୍ରକାଶ କରିଅଛନ୍ତି । ]

ଋତୁସ୍ନାତା—ସଂ. ବିଣ. ସ୍ତ୍ରୀ. ( ଋତୁ + ସ୍ନାତ + ସ୍ତ୍ରୀ. ଆ )—ଋତୁମତୀ ହେବାର ଚତୁର୍ଥ ଦିନରେ ଗାଧୋଇ ଶୁଦ୍ଧା ହୋଇଥିବା ( ସ୍ତ୍ରୀ )—( a woman ) Who had her bath on the fourth day of the appearance of her menses.
Ṛutusnātā

ଋତୁସ୍ନାନ—ସଂ. ବି. ( ମଧ୍ୟପଦଲୋପୀ; ଋତୁ + ସ୍ନାନ; ଋତୁ ଦର୍ଶନ ପରେ ଅଭିଗମ ସ୍ନାନ )—ରଜସ୍ୱଳା ସ୍ତ୍ରୀମାନଙ୍କର ଚତୁର୍ଥ ଦିବସରେ ସ୍ନାନ; ଶୁଦ୍ଧିକରଣାର୍ଥ ଗାଧୁଆ; ଶୁଦ୍ଧିସ୍ନାନ—A woman's bath on the fourth day after the menstrual discharge.
Ṛutusnāna

ଋତେ—ସଂ. ଅ. (ଋତ୍ = ତ୍ୟାଗ କରିବା + ଏ )—ବିନା; ବ୍ୟତୀରେକେ; ବ୍ୟତୀତ—(preposition) Without; in the absense of; besides; except.
Ṛute
[ ଦ୍ର—ଏ ଶବ୍ଦର ବ୍ୟବହାର ଭାଷାରେ ବିରଳ । ]

ଋତ୍ୱିକ୍—ସଂ. ବି. ପୁଂ. ( ଋତୁ + ଯଜ ଧାତୁ = ଯଜ୍ଞ କରିବା + କର୍ତ୍ତୃ. କ୍ୱିପ୍; ଋତୁକ ଶବ୍ଦ ୧ମା. ୧ବ; ଯେ ଉପଯୁକ୍ତ ଋତୁରେ ଯାଗ କରେ )—
Ṛutwik
୧ । ପୁରୋହିତ; ଯାଜକ—1. A priest.
୨ । ଯେ ନିର୍ଦ୍ଦିଷ୍ଟ ଋତୁରେ ଶାସ୍ତ୍ରନିର୍ଦ୍ଦିଷ୍ଟ ଯାଗ କରନ୍ତି—
2. A regular performer of sacrificial rites.

ଋତ୍ୱିକ—ଦେ. ବି. ( ସଂ. ଋତ୍ୱିକ୍ )—ଋତ୍ୱିକ୍ ( ଦେଖ )
Ṛutwika  Ṛutwik ( See )

ଋତ୍ୱିଜ୍—ସଂ. ବି. ( ସଂ. ଋତ୍ + ଯଜ ଧାତୁ + କ୍ୱିପ୍; ଋତ୍ୱିଜର ୧ମା. ୧ବ. ଋତ୍ୱିକ୍ )—ଋତ୍ୱିକ୍ ( ଦେଖ )
Ṛutwij  Ṛutwik ( See )

ଋତ୍ୱିଜ—ଦେ. ବି.—ଋତ୍ୱିକ୍ ( ଦେଖ )
Ṛutwija  Ṛutwik ( See )

ଋଦ୍ଧ—ସଂ. ବିଣ ( ଋଧ ଧାତୁ = ବଢ଼ିବା + କର୍ତ୍ତୃ. ତ )—
Ṛuddha (ବୃଦ୍ଧି—ତ)
୧ । ବୃଦ୍ଧିପ୍ରାପ୍ତ—1. Thriving; increased; grown.
୨ । ସମୃଦ୍ଧିଯୁକ୍ତ; ସମୃଦ୍ଧିଶାଳୀ—
2. Prosperous; thriving.
୩ । ଧନଶାଳୀ—3. Rich.
୪ । ପ୍ରଚୁର—4. Sufficient.
୫ । ସଞ୍ଚିତ—5. Stored.
୬ । ସମ୍ପନ୍ନ—6. Completed.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | କ୍ଷ | ଜ୍ଞ | ଣ୍ଠ | ଢ |
| ୨ | ର | ଜ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଣ୍ଠ | ଡ଼ | ଢ଼ |

ସଂ. ବି—୧ । ପକ୍ୱ ଓ ମର୍ଦ୍ଦିତ ଧାନ; କୁଟା ଓ ଧୂଳି ସଫା ହୋଇ ଗଦା ହୋଇଥିବା ଧାନ ବା ଶସ୍ୟ—
1. Grain or paddy stored after being cleansed; threshed paddy.
୨ । ସିଦ୍ଧାନ୍ତ—2. Conclusion.
୩ । ବିଷ୍ଣୁ—3. God Bishṇu.

ଋଦ୍ଧି—ସଂ. ବି. ( ଋଧ ଧାତୁ=ବୃଦ୍ଧି ପାଇବା + ଭାବ. ତି )—
Ṛuddhi ୧ । ବୃଦ୍ଧି—5. Increase; growth.
୨ । ମଙ୍ଗଳ—2. Welfare.
୩ । ସୌଭାଗ୍ୟ; ସମୃଦ୍ଧି—3. Prosperity; fortune;
୪ । ସମ୍ପତ୍ତି—4. Riches; wealth.
୫ । ମାଙ୍ଗଳିକ କାର୍ଯ୍ୟ ( ଯଥା—ବିବାହ; ବ୍ରତ )—
5. Auspicious act or ceremony.
୬ । ସିଦ୍ଧି—6. Success.
୭ । ଲକ୍ଷ୍ମୀ—7. The Goddess of fortune.
୮ । ପାର୍ବତୀ—8 The Goddess Pārbatī
୯ । ( ସଂ. ଜୀବଦାତ୍ରୀ; ପ୍ରାଣଦା; ଯଶସ୍ୟା)—ଦୁଷ୍ପ୍ରାପ୍ୟ ଔଷଧବିଶେଷ—9. A very rare medicinal ingredient.
୧୦ । ମାତୃକାବିଶେଷ—
10. A Goddess of protection.

ଋଦ୍ଧିମନ୍ତ—ଦେ. ବିଣ. ( ସଂ. ଋଦ୍ଧିମତ୍ )—ଋଦ୍ଧିମାନ୍ ( ଦେଖ )
Ṛuddhimanta Ṛuddhimān ( See )

ଋଦ୍ଧିମାନ୍—ସଂ. ବିଣ. ପୁଂ. (ଋଦ୍ଧି=ସୌଭାଗ୍ୟ + ମତ୍ ୧ମା. ୧ବ.)—
Ṛuddhimān ୧ । ସମୃଦ୍ଧିଶାଳୀ—1. Prosperous.
(ଋଦ୍ଧିମତୀ—ସ୍ତ୍ରୀ) ୨ । ସମ୍ପତ୍ତିଶାଳୀ—2 Rich.
୩ । ଭାଗ୍ୟବାନ୍—3. Fortunate.

ଋଧ ( ଧାତୁ )—ସଂ—ବଢ଼ିବା; ବୃଦ୍ଧି ପାଇବା—
Ṛudha ( root ) To increase; to grow.

ଋଫଳା—ଦେ. ବି—ଋକାର ( ଦେଖ )
Ṛuphaḻā Ṛukāra ( See )

ଋଭୁ—ସଂ. ବି. ( ଋ=ଦେବମାତା + ଭୂ ଧାତୁ=ଜନ୍ମିବା + ଉ;
Ṛubhu ଦେବମାତାଙ୍କଠାରୁ ଜାତ )—୧ । ଦେବତା—
1. God; Deity.
୨ । ଦକ୍ଷଯଜ୍ଞରେ ଭୃଗୁମୁନି ମନ୍ତ୍ରଦ୍ୱାରା ଜାତ କରିଥିବା ଦେବଯୋନିବିଶେଷ—2. A host of etherial beings raised by Bhṛugu from the fire kindled at the sacrifice of Daksha Prajāpati.
୩ । ବ୍ରହ୍ମାଙ୍କର ମାନସ ପୁତ୍ର—3. A son of Brahmā sprung from his brain.
ସଂ. ବିଣ—ମେଧାବୀ; ବୁଦ୍ଧିମାନ୍—Intelligent.

ଋଭୁକ୍ଷ—ସଂ. ବି. ( ଋଭୁ=ଦେବତା + କ୍ଷି ଧାତୁ=ଯିବା; ବାସ କରିବା
Ṛubhukhsa + ଅଧିକରଣ.ଅ )—୧ । ସ୍ୱର୍ଗ—1. Heaven.
୨ । ଇନ୍ଦ୍ର—2. God Indra.
୩ । ବଜ୍ର—3. Thunder-bolt.

ଋଭୁକ୍ଷା—ସଂ. ବି. ସ୍ତ୍ରୀ ( ଋଭୁକ୍ଷ=ଇନ୍ଦ୍ର + ସ୍ତ୍ରୀ. ଆ )—.
Ṛubhukshyā ୧ । ଇନ୍ଦ୍ରାଣୀ; ଇନ୍ଦ୍ରପତ୍ନୀ; ଶଚୀ—
1. The wife of Indra; the official concort of God Indra ( whoever he be ).

ଋଭୁକ୍ଷୀ—ସଂ. ବି. ପୁଂ. (ଋଭୁକ୍ଷା=ଇନ୍ଦ୍ରାଣୀ + ଇନ୍; ୧ମା. ୧ବ)—
Ṛubhukshī ଦେବରାଜ; ଇନ୍ଦ୍ର—The Deity Indra.

ଋଷ୍ ( ଧାତୁ )—ସଂ—ଗମନ କରିବା—
Ṛush (root) To move.

ଋଷଭ—ସଂ. ବି. ( ଋଷ ଧାତୁ=ଗମନ କରିବା + ସଂଜ୍ଞାର୍ଥ. ଅଭ )—.
Ṛushabha ୧ । ବୃଷ; ଷଣ୍ଢ—1. Bull.
୨ । ହିନ୍ଦୁ ସ୍ୱରଶାସ୍ତ୍ରର ସପ୍ତସ୍ୱର ମଧ୍ୟରୁ ଦ୍ୱିତୀୟ ସ୍ୱର; ଋଷଭ—
2. The 2nd of the seven notes of the gamut in the Hindu music.
[ ଦ୍ର—ରାଗରାଗିଣୀ ତଳେ ନୋଟ ଦେଖ । ]
୩ । ଭରତଙ୍କ ପିତା; ମୁନିବିଶେଷ—
3. A sage; father of Bharata.
୪ । ବୃଷ ରାଶି—4. The second solar mansion; taurus; a sign of the zodiac.
[ ଦ୍ର—ରାଶି ତଳେ ନୋଟ ଦେଖ । ]
୫ । ପର୍ବତବିଶେଷ—
5. A mountain near the Kailāsa.
୬ । ଔଷଧବିଶେଷ—
6. A medicinal ingredient
୭ । କର୍ଣ୍ଣଗହ୍ୱର—
7. The cavity of the ear.
୮ । କୁମ୍ଭୀରପୁଚ୍ଛ; ଲାଙ୍ଗୁଳ—
8. The tail of a crocodile.
୯ । ଭଗବାନଙ୍କର ଅବତାରବିଶେଷ—
9. An incarnation of Bishṇu.
ସଂ. ବିଣ—ଶ୍ରେଷ୍ଠ—Excellent or chief amongst many ( this word when added to another noun indicates the idea excellent; chief ).
[ ଦ୍ର—ଏ ଶବ୍ଦ କୌଣସି ବିଶେଷ୍ୟ ପଦ ପରେ ଯୁକ୍ତ ହେଲେ, ଯୁକ୍ତ ପଦ ଲକ୍ଷିତ ବସ୍ତୁର ଶ୍ରେଷ୍ଠତା ବୁଝାଏ । ଯଥା—ପୁରୁଷର୍ଷଭ; ଭରତର୍ଷଭ । ]

ଯାଆନ୍ତି ଯେବେ ଅପର ପୃଷ୍ଠାରେ ପ୍ରଥମ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରବେଶ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଛାଡ଼ି ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ସଙ୍କେତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଋଷଭକୂଟ**—ସଂ. ବି. ( ୬ଷ୍ଠୀ ତତ୍; ଋଷଭ + କୂଟ )—
**Rushabhakūta** ହେମକୂଟ ପର୍ବତ—A mountain.

**ଋଷଭଧ୍ୱଜ**—ସଂ. ବି. ( ବହୁବ୍ରୀହି; ଋଷଭ=ଷଣ୍ଢ+ଧ୍ୱଜା=ପତାକା; ତତ୍+ଅ )—
**Rushabhadhwaja**
ମହାଦେବ—The God Śiba.

**ଋଷଭା**—ସଂ. ବି. ସ୍ତ୍ରୀ ( ଋଷଭ + ସ୍ତ୍ରୀ. ଆ )—
**Rushabhā** ୧ । ଶ୍ମଶ୍ରୁଯୁକ୍ତା ସ୍ତ୍ରୀ—1. A bearded woman.
୨ । ବିଧବା—2. Widow.

**ଋଷଭୀ**—ସଂ. ବି. ସ୍ତ୍ରୀ. ( ଋଷଭ+ସ୍ତ୍ରୀ. ଈ )—ଋଷଭା ( ଦେଖ )
**Rushabhī** Rushabhā ( See )

**ଋଷି**—ସଂ. ବି. ( ଋଷ ଧାତୁ=ଗମନ କରିବା+କର୍ତ୍ତୃ. ଇ )—
**Rushi** ୧ । ମୁନି; ତପସ୍ୱୀ—
1. Sage; anchorite; saint.
[ ଦ୍ର—ଏମାନେ ସପ୍ତବିଧ—ବ୍ରହ୍ମର୍ଷି, ରାଜର୍ଷି, ଦେବର୍ଷି, ପରମର୍ଷି, ଶ୍ରୁତର୍ଷି, କାଣ୍ଡର୍ଷି ଓ ମହର୍ଷି । ]
୨ । ସତ୍ୟବାଦୀ ବ୍ୟକ୍ତି—2. A truthful person.
୩ । ଜିତେନ୍ଦ୍ରିୟ ବ୍ୟକ୍ତି—3. A subduer of passions.
୪ । ଋଷିତୁଲ୍ୟ; ଶାନ୍ତ ଓ ଧୀର ବ୍ୟକ୍ତି—
4. A saintly person.
୫ । ଶାସ୍ତ୍ର ପ୍ରଣେତା—
5. The author of Śāstras.
୬ । ରଶ୍ମି—6. Ray
୭ । ମନ୍ତ୍ରଦ୍ରଷ୍ଟା ଋଷି—7. The author or the first reciter of a Vedic formula
୮ । ବେଦାଂଶବିଶେଷ—8. A part of the Bedas.
୯ । ସଂସାରତ୍ୟାଗୀ ବା ବୈରାଗୀ ବ୍ୟକ୍ତି—
9. A retired person.
ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.
ଦେ. ବିଣ. ( ସଂ. ରୁଷ ଧାତୁ ; ରୁଷ୍ଟ )—କ୍ରୁଦ୍ଧ—Angry.

ଏହା ଯେଉଁ ଋଷି ଶୁଣିଲେ ଶୃଙ୍ଗୀ ଋଷି
ଶାପ ଦେଲେ ଭୂପ ବାପକୁ ହୋଇ ଋଷି । କୃଷ୍ଣସିଂହ. ମହାଭାରତ. ଆଦି ।

**ଋଷିଆଣୀ**—ଦେ. ବି. ସ୍ତ୍ରୀ. ( ସଂ. ଋଷିପତ୍ନୀ )—ଋଷିପତ୍ନୀ—
**Rushiāni** The wife of a sage.

ଋଷିଗୋତ୍ର କନ୍ୟା କହିଲେ କର ଋଷିଆଣୀ । ପ୍ରାଚୀ—ବିଷ୍ଣୁ କେଶରୀ. ପୁରାଣ ।

ଗ୍ରା. ବି—୧ । ( ଅ. ରୋଶନାଇ )—ରୋଷଣି ( ଦେଖ )
1. Roshani ( See )
୨ । ରୁଷାଣି ୪ ( ଦେଖ )
2. Rushāni 4 ( See )

**ଋଷିଋଣ**—ସଂ. ବି. ( ମଧ୍ୟପଦଲୋପୀ; ଋଷିମାନଙ୍କଠାରୁ ଆଗତ ଋଣ )—
**Rushiruna** ମନୁଷ୍ୟ ସଂସାରରେ ଜନ୍ମଗ୍ରହଣ କରିବାଦ୍ୱାରା ଋଷିମାନଙ୍କଠାରୁ ଯେଉଁ ଋଣ କରିଥିବାର ଶାସ୍ତ୍ରରେ କଳ୍ପିତ ହୋଇଅଛି ( ସେ ଋଣକୁ ବେଦପାଠଦ୍ୱାରା ପରିଶୋଧ କରାଯାଏ ବୋଲି ଶାସ୍ତ୍ରରେ କଥିତ ଅଛି । )—The debt which a man is supposed to owe to the sages by reason of his birth in this world; (which is discharged by man studying the scriptures.)

**ଋଷିକନ୍ଦ**—ଦେ. ବି. ( ସଂ. ଋଷି + କନ୍ଦ, ଋଷିମାନଙ୍କଦ୍ୱାରା ବ୍ୟବହୃତ
**Rushikanda** ମୂଳ)—ଏକ ପ୍ରକାର ବଣ ଆଳୁ; କରବା ଆଳୁ—Cassava.

**ଋଷିକଳ୍ପ**—ସଂ. ବିଣ. ପୁଂ (ଋଷି=ମୁନି; ତୁଲ୍ୟାର୍ଥେ. କଳ୍ପ)—
**Rushikalpa** ମୁନିଙ୍କ ପରି—Sagelike; saintlike; saintly.
( ଯଥା—ପିତୃକଳ୍ପ; ଗୁରୁକଳ୍ପ )

**ଋଷିକୁଲ୍ୟା**—ଦେ. ବି. ସ୍ତ୍ରୀ. ( ମଧ୍ୟପଦଲୋପୀ; ଋଷିମାନଙ୍କ କୃତ କୁଲ୍ୟା;
**Rushikulyā** ଋଷି=ମୁନି+କୁଲ୍ୟା=ଖାଲ; ନାଳ )—
୧ । ଋଷିମାନଙ୍କ କୃତ କୃତ୍ରିମ ନଦୀ ବା ନାଳ—
1. A canal excavated by sages.
୨ । ଗଞ୍ଜାମ ଅଞ୍ଚଳର ନଦୀବିଶେଷ—
2. A river in Ganjam ( Madras )
[ ଦ୍ର—ଏହା ଋଦ୍ଧିମାଳ ପର୍ବତରୁ ବାହାରି ପୂର୍ବମୁଖ ହୋଇ ବଙ୍ଗୋପସାଗରରେ ପଡ଼ିଅଛି । ସରକାର ଏଥିରେ ଆଡ଼କଟ କରି କେନାଲ୍ କରିଅଛନ୍ତି ଓ କେନାଲଦ୍ୱାରା କ୍ଷେତକୁ ଜଳ ମଡ଼ାଇବାର ବ୍ୟବସ୍ଥା କରିଅଛନ୍ତି । ପାଣ୍ଡବମାନେ ବନବାସ କାଳରେ ଏହି ନଦୀର ତୀରବର୍ତ୍ତୀ ତୃଣବିନ୍ଦୁ ବନରେ ବାସ କରିଥିଲେ । ]

ପାଞ୍ଚଦିନ ପରେ କରିବାକୁ ଶୁଭସ୍ନାନ
ଋଷିକୁଲ୍ୟା ନଦୀକୁ କଲେକ ଗମନ । ସାରଳା ମହାଭାରତ. ଦ୍ରୋଣ ।

**ଋଷି ଜଟା ଛିଣ୍ଡାଇ ମରିବା**—ଦେ. ପ୍ରବଚନ—ଋଷି ବାଳ ଛିଣ୍ଡାଇ ମରିବା
**Rushi jatā chhindāi maribā** ( ଦେଖ )
Rushibāla chhindāi maribā ( See )

ଏ ସତରୁ କେ ନ କହିବ ଭ୍ରଷ୍ଟ
ଋଷି ତ ହେଲେ ଛିଣ୍ଡାଇବେ ଜଟା । ବଳଦେବ, କବିତ.କଲ୍ଲୋଳ ।

**ଋଷିପଞ୍ଚମୀ**—ସଂ. ବି—ଭାଦ୍ର ଶୁକ୍ଳ ପଞ୍ଚମୀ—The fifth day of
**Rushipañchamī** the bright fortnight of the month of Bhādra.
[ ଦ୍ର—ଭାଦ୍ରବମାସ ଶୁକ୍ଳପକ୍ଷ ୪ ର୍ଥୀ ବା ୫ମୀ ତିଥିରେ ଅପରାହ୍ଣକୁ ପଞ୍ଚମୀ ଲାଗି ଥିଲେ ସେ ଦିନ ସ୍ତ୍ରୀମାନେ ସନ୍ତାନ ବୃଦ୍ଧ୍ୟର୍ଥ କଶ୍ୟପାଦି ଋଷିଙ୍କୁ ପୂଜା କରି ବ୍ରତ ପାଳନ୍ତି । ଏଥିର ବାକ୍ୟ—
ଭଦ୍ରେ ସିତେ ପରାହ୍ନେ ତୁ ପଞ୍ଚମୀ ଯତ୍ର ଦୃଶ୍ୟତେ ।
କଶ୍ୟପାଦି ଋଷିଃ ସ୍ତ୍ରୀଭିଃ ପୂଜ୍ୟଃ ସନ୍ତାନବୃଦ୍ଧୟେ । ଗଙ୍ଗାଧର. ପଞ୍ଜିକା ।]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | ଜ୍ଞ | ଋଷ୍ | ଋଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଋଅ | ଓ | ଢ଼ |

ଋଷି ବାଳ ଛିଣ୍ଡାଇ ମରିବା ( କଥା )—ଦେ. ବଣ—ଅତ୍ୟନ୍ତ ଅସମ୍ଭବ, Ṛushi bāḷa chhinḍāi maribā ବିରକ୍ତିଜନକ ବା କ୍ରୋଧଜନକ ( କଥା ) ( ଏହିପରି କଥା ଯେ, ତାହା ଶୁଣିଲେ ଋଷିଙ୍କ ପରି ପ୍ରଶାନ୍ତ ଅକ୍ରୋଧୀ ବା ଧୀର ବ୍ୟକ୍ତି ମଧ୍ୟ ବିରକ୍ତ ବା କ୍ରୁଦ୍ଧ ହୋଇ ଆପଣା ମସ୍ତକର କେଶକୁ ଛିଣ୍ଡାଇ ପକାଇବେ ।)—( a matter ) Which will make even a sage foam with rage.

ଋଷିମାଳ ପର୍ବତ—ଦେ. ବି—ଋଷିକୁଲ୍ୟା ନଦୀ ଗଞ୍ଜାମର ଯେଉଁ ପର୍ବତରୁ Ṛushimāla parbata ବାହାରି ଅଛି—A mountain in the district of Ganjam from which the Ṛushikulyā river has risen.

[ ଦ୍ର—ଏଥିରେ ଅନେକ ଗୁମ୍ଫା ଅଛି ଓ ସେହି ଗୁମ୍ଫାମାନଙ୍କରୁ ବେଳେ ବେଳେ ସଂକୀର୍ତ୍ତନର ସ୍ୱରଲହରୀ ଶୁଣାଯାଏ । ]

ଋଷିମୁଖ—ଦେ. ବି. ( ସଂ. ଋଷ୍ୟମୂକ )—ଋଷ୍ୟମୂକ ( ଦେଖ )—Ṛushimukha Ṛushyamūka ( See )

ଋଷିମୁଖେ ସୁଗ୍ରୀବର ଥିବ; ତାର ସଙ୍ଗେ ମୈତ୍ର ହୋଇବ—
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଋଷିଯଜ୍ଞ—ସଂ. ବି. ( ମଧ୍ୟପଦଲୋପୀ; ଋଷିମାନଙ୍କ ଋଣ ପରିଶୋଧ Ṛushijajña କରିବା ପାଇଁ ଯଜ୍ଞସ୍ୱରୂପ )—ବେଦାଧ୍ୟୟନ—The study of the Hindu scriptures.

ଋଷିରେଖା—ସଂ. ବି. ( ଜ୍ୟୋତିଷପରିଭାଷା )—ବିଷୁବରେଖାଠାରୁ Ṛushirekhā ମେରୁବିନ୍ଦୁ ଓ ଅୟନାନ୍ତ ରେଖାର ମଧ୍ୟ ଦେଇ ଯାଇଥିବା କଳ୍ପିତ ରେଖା—( astronomy ) An imaginary line passing from the equator to the poles and cutting the elleptic.

ଋଷିଲୋକ—ସଂ. ବି. ( ୬ଷ୍ଠୀ ତତ୍ )—ଋଷିମାନେ ଦେହ ତ୍ୟାଗ ପରେ Ṛushiloka ଯେଉଁ ଲୋକରେ ଯାଇଁ ବାସ କରନ୍ତି—The abode of the deceased sages.

ଋଷୀ—ସଂ. ବି. ସ୍ତ୍ରୀ- ଋଷିର ସ୍ତ୍ରୀଲିଙ୍ଗ—Ṛushī The feminine of Ṛushi

ଋଷ୍ଟ—ସଂ. ବି. ( ଋଷ ଧାତୁ=ଯିବା+ତ )—ଶ୍ୱେତବିନ୍ଦୁରେ ଚିହ୍ନିତ Ṛushṭa ହରିଣ—White spotted deer or antilope.

ବଣ—ଅଶୁଭଦାୟକ—Ominous; portentious.

ଋଷ୍ଟି—ସଂ. ବି. ( ଋଷ ଧାତୁ=ଗମନ କରିବା+ଭାବ. ତି )—Ṛushṭi ୧ । ଗ୍ରହଦୋଷ—1. Bad influence of planets.

୨ । ଅଶୁଭ—2. An evil.

୩ । ଦ୍ୱିଧାର- ବିଶିଷ୍ଟ ଖଡ୍ଗ—3. Double edged sword.

ଋଷ୍ୟ—ସଂ. ବି. ପୁଂ. ( ଋଷ ଧାତୁ=ଗମନ କରିବା+କ୍ୟପ୍ )—Ṛushya ୧ । ଶ୍ୱେତବିନ୍ଦୁ ଚିହ୍ନିତ ବା ଶ୍ୱେତପଦଯୁକ୍ତ ହରିଣ—( ଋଷ୍ୟା—ସ୍ତ୍ରୀ ) 1. Dappled or white-footed antilope.

୨ । ଶୀଘ୍ରଗାମୀ ମୃଗବିଶେଷ—2. A flat-footed antilope.

ଋଷ୍ୟମୂକ—ସଂ. ବି. ( ବହୁବ୍ରୀହି; ଋଷ୍ୟ=ମୃଗ+ମୂକ=ନୀରବ; Ṛushyamūka ଜନଶୂନ୍ୟତା ଯୋଗୁଁ ଯେଉଁଠାରେ ମୃଗମାନେ ଭୟଶୂନ୍ୟ ହୋଇ ଓ ନୀରବ ହୋଇ ଚରୁଥାନ୍ତି )—ଦକ୍ଷିଣ ଦେଶସ୍ଥ ପର୍ବତବିଶେଷ ( ଏଠାରେ ସୁଗ୍ରୀବଙ୍କ ସହିତ ଶ୍ରୀରାମଚନ୍ଦ୍ର କିଛିକାଳ ଅବସ୍ଥାନ କରିଥିଲେ ଓ ସୁଗ୍ରୀବ ବାଳିର ଭୟରେ ଏହିଠାରେ ଯାଇ ଲୁଚିଥିଲେ । କାରଣ ସେ ପର୍ବତକୁ ଋଷିଶାପ ଫଳରେ ବାଳୀ ଯାଇ ପାରୁ ନ ଥିଲା )—A mountain in southern India where Rama lived for some time with Sugrība.

ଋଷ୍ୟଶୃଙ୍ଗ—ସଂ. ବି. ( ବହୁବ୍ରୀହି; ଋଷ୍ୟ=ମୃଗ+ଶୃଙ୍ଗ=ଶିଙ୍ଗ=ମୃଗର Ṛushyaśrunga ଶିଙ୍ଗ ଭଳି ଯାହାଙ୍କର ଶିଙ୍ଗ ଥିଲା )—ବିଭାଣ୍ଡକ ମୁନି ପୁତ୍ର ମୁନିବିଶେଷ—A sage who could bring about rain by his austerities.

[ ଦ୍ର—ଋଷ୍ୟଶୃଙ୍ଗ କାଶ୍ୟପପୁତ୍ର ବିଭାଣ୍ଡକ ମୁନିଙ୍କ ଔରସରେ ଦ୍ୱାଦଶାଦିତ୍ୟ ମଧ୍ୟରୁ ଏକତମ ଭଗଙ୍କ କନ୍ୟା ମୃଗ ରୂପିଣୀ ସ୍ୱର୍ଣ୍ଣ-ମୃଗୀଙ୍କ ଗର୍ଭରୁ ଜନ୍ମିଥିଲେ । ଏ ପିଲା ଦିନୁ ପିତାଙ୍କ କୌଶିକୀ ନଦୀ-ତୀରସ୍ଥ ଆଶ୍ରମରେ ବଢ଼ି ପିତାଙ୍କ ଛଡ଼ା ଆଉ କୌଣସି ମନୁଷ୍ୟଙ୍କୁ ଦେଖି ନ ଥିଲେ । ଅଙ୍ଗ ଦେଶରେ ୧୨ ବର୍ଷ ବର୍ଷା ନ ହେବାରୁ ବ୍ରାହ୍ମଣମାନଙ୍କ ପରାମର୍ଶରେ ରାଜା ଲୋମପାଦ ଏହାଙ୍କୁ ଆଣାଇବାରୁ ସେ ରାଜ୍ୟରେ ଇନ୍ଦ୍ର ବୃଷ୍ଟି କଲେ । ରାଜା ଦଶରଥ ତାଙ୍କ କନ୍ୟା ଶାନ୍ତାଙ୍କୁ ରାଜା ଲୋମପାଦଙ୍କୁ ପାଳିବାକୁ ଦେଇ ଥିଲେ । ଲୋମ-ପାଦ ଉକ୍ତ କନ୍ୟାଙ୍କୁ ଋଷ୍ୟଶୃଙ୍ଗଙ୍କୁ ଦାନ କଲେ । ଅପୁତ୍ରକ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞରେ ଦଶରଥଙ୍କ ଆମନ୍ତ୍ରଣ କ୍ରମେ ଋଷ୍ୟଶୃଙ୍ଗ ଉପସ୍ଥିତ ହେଲେ ଓ ଏହାଙ୍କ ଆଶୀର୍ବାଦ ଫଳରେ ଯଜ୍ଞଚରୁ ଭକ୍ଷଣ କରି ଦଶରଥଙ୍କର ତିନ ରାଣୀ ଚାରି ପୁତ୍ର ଜନ୍ମ କଲେ ।]

ସଂ. ବଣ. ପୁଂ—ହରିଣ ପରି ଶୃଙ୍ଗବିଶିଷ୍ଟ—Having horns like an antilope.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

## ୠ

ୠ—ସଂ. ବି— ଦୀର୍ଘ ଋ; ଅଷ୍ଟମ ସ୍ୱର ବର୍ଣ୍ଣ ( ଏହାର ଓଡ଼ିଆରେ ଉଚ୍ଚାରଣ ରୂ; ବଙ୍ଗଳାରେ ରୀ ଏହି ର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା)—The eighth vowel with a sound of long Ṛū or Roo.
Ṛū

[ ଦ୍ର—ଏ ଅକ୍ଷରବିଶିଷ୍ଟ ଶବ୍ଦ ଭାଷାରେ ନାହିଁ । ]

ସଂ. ବି—୧ । ଶିବ—1. Śiba.

୨ । ଦୈତ୍ୟ—2. Demon.

୩ । ସ୍ୱର୍ଗ—3. Heaven.

୪ । ବାକ୍ୟାରମ୍ଭ— 4. Beginning of a sentence.

ସଂ. ବି. ସ୍ତ୍ରୀ—୧ । ଦିତି— 1. The mother of the demons.

୨ । ଅଦିତି—2. The mother of the Gods.

୩ । ଦନୁ—3. The mother of Dānabas.

୪ । ଗତି—4. Motion.

୫ । ରକ୍ଷା—5. Protection.

୬ । ସ୍ମୃତି—6. Memory.

୭ । ମାତା—7. Mother.

୮ । ଅଷ୍ଟମୀ—8. The eighth day of the lunar fortnight.

୯ । ବାମ ନାସିକା—9. The left nostril.

ଦେ. ଅ—୧ । ଭୟ—1 Interjection denoting fear.

୨ । ନିନ୍ଦା—2. Censure

ୠକାର—ଦେ. ବି—ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ଏ ସ୍ୱର ଯୋଗ ହେବାର ଚିହ୍ନ 'ୄ' ଏହା ବ୍ୟଞ୍ଜନ ବର୍ଣ୍ଣର ତଳରେ ଦିଆଯାଏ— The sign 'ୄ' attached below consonants when this vowel is added to it.
Ṛūkāra

[ ଦ୍ର—ଓଡ଼ିଆ ଭାଷାରେ ୠ ଅକ୍ଷରର ବା ୄ ମାତ୍ରାଯୁକ୍ତ ଶବ୍ଦ ନାହିଁ । ]

ୠଫଳା—ଦେ. ବି—ୠକାର ( ଦେଖ )
Ṛūphaḷā — Ṛūkāra ( See )

ୠମାତ୍ରା—ଦେ. ବି— ୠକାର ( ଦେଖ )—
Ṛūmātrā — Ṛūkāra ( See )

## ଌ

ଌ—ଦେ. ହ୍ରସ୍ୱ ଌ—ନବମ ସ୍ୱରବର୍ଣ୍ଣ । (ଏଥିର ଉଚ୍ଚାରଣ ସ୍ଥାନ ଦନ୍ତ । ଏଥିର ଉଚ୍ଚାରଣ ଓଡ଼ିଆରେ ଲୁ ବା ଲ୍ରୁ ଓ ବଙ୍ଗଳାରେ ଲି ବା ଲ୍ରି)— —The 9th. vowel with the short sound of Lu or Lru in Orḍiā.
Ḷu

[ଦ୍ର—ଏ ଅକ୍ଷରଯୁକ୍ତ ଶବ୍ଦ ଓଡ଼ିଆରେ ନାହିଁ ।]

ସଂ. ବି. ପୁଂ.—୧ । ପର୍ବତ—1. Mountain.

୨ । ଶ୍ରୀଧର—2. Bishṇu.

୩ । ରୁଦ୍ର; ମହେଶ୍ୱର—3. Mahādeba in his incarnation of 'Rudra'

୪ । ମହେନ୍ଦ୍ର—4. Indra, the king of the Gods.

ସଂ. ବି. ସ୍ତ୍ରୀ.—୧ । ପୃଥିବୀ—1. The earth

୨ । ଅଦିତି—2. The mother of the Gods.

୩ । ନବମୀ ଦେବତା—3. The Deity presiding over the ninth day of the lunar fortnight.

୪ । ପରମା ଦେବତା—4. The Goddess of the Universe.

ଌକାର—ଦେ. ବି.—ବ୍ୟଞ୍ଜନ ବର୍ଣ୍ଣର ନିମ୍ନରେ ଏହି ସ୍ୱରବର୍ଣ୍ଣ ଯୁକ୍ତ ହେବାର ଚିହ୍ନ 'ୢ'—The sign 'ୢ' joined below a consonant to indicate the addition of this sound.
Ḷukāra

[ ଦ୍ର—ଏହି ଅକ୍ଷରବିଦ୍ୟ ଶବ୍ଦ ଓଡ଼ିଆରେ ବ୍ୟବହୃତ ନାହିଁ । ]

## ୡ

ୡ—ଦୀର୍ଘ ୡ—ସଂସ୍କୃତ ବର୍ଣ୍ଣମାଳାର ଦଶମ ସ୍ୱର ଏବଂ ହ୍ରସ୍ୱ ଌ ର ଦୀର୍ଘ ଆକାର (ଓଡ଼ିଆରେ ଏ ଅକ୍ଷର ଚଳେ ନାହିଁ)— The long Ḷū.
Ḷū

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଷ | ଙ୍କ | ଇସ୍ତ | ଞ୍ଚ | ଞ୍ଜ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଥ | ଞ୍ଚ | ନ୍ତ |

# ଏ

ଏ E ସଂସ୍କୃତ ଭାଷାରେ ଏକାଦଶ ସ୍ୱର; ଓଡ଼ିଆ ଭାଷାରେ ଦଶମ ସ୍ୱର । (ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ)—The eleventh vowel of the Sanskrit and the tenth of the Ordia language. It is pronounced as the first english alphabet 'A' uttred alone; the first english alphabet

ସଂ. ବି. ପୁଂ. (ଇ ଧାତୁ=ଯିବା+କର୍ତ୍ତୃ. ବି(ଅ))—ବିଷ୍ଣୁ—Bishnu

ସଂ. ବି. ସ୍ତ୍ରୀ—ପୃଥିବୀ—The earth

୧ । ଦେ. ସର୍ବ—ପୁଂ ସ୍ତ୍ରୀ ଓ କ୍ଳୀ (ସଂ. ଏତତ୍)—

(କ) ଏହା; ଏହି; ନିର୍ଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି—

ଈନି; ଏ 1. (a) This; it (specific person or object).

ଏ; ଈସ; ଯହ ( ଯଥା—କଥାଗୁଡ଼ାକ ମୋର ଏ କାନରେ ପଶି ସେ କାନରେ ବାହାରି ଯାଉଅଛି । )

(ଖ) କଥକର ସମ୍ମୁଖସ୍ଥ ବସ୍ତୁ ବା ବ୍ୟକ୍ତି—

(b) The person or thing in front of the speaker

ଦେ. ବିଣ—ଉପସ୍ଥିତ; ବର୍ତ୍ତମାନ (ଯଥା—ଏ କାଳ.—Present.

ଓହେ; ଓ ଆ; ଆଜୀ ଦେ. ଅବ୍ୟୟ—୧ । ସମ୍ବୋଧନ; ଆହ୍ୱାନ; ଅନୁରୋଧ; ଆମନ୍ତ୍ରଣ; ହେ; ଅହେ; ରେ—

1. Interjection used in calling, inviting, requesting and addressing; oh !; eh !; o !.

( ଯଥା—ଏ ପୁଅ ! ମତେ ଟିକିଏ ବାଟ ଦେଖାଇଦେ )—

୨ । ଅସୂୟା; ଆଃ—Anger; disapproval—eh !

୩ । ( ଅନ୍ୟ ବିଶେଷ୍ୟ ଶବ୍ଦର ପରେ ଲାଗେ; ୪ର୍ଥୀ ବିଭକ୍ତିର ଚିହ୍ନ ଅର୍ଥ ) ପାଇଁ—3. For.

ସେବା ଶିଖାଏ ଉପକଲେ; ବିଷୟ କର୍ମ କରାଗଲେ ।

ଜଗନ୍ନାଥ, ଭାଗବତ ।

ଦେ. ସାଙ୍କେତିକ—ଏ ଦେଶୀୟ ଚିଠି ପତ୍ରରେ ଗୋଟିଏ ବିଷୟର ଉଲ୍ଲେଖ ଶେଷ କରି ଅନ୍ୟ ଗୋଟିଏ ବିଷୟ ଲେଖିବା ପୂର୍ବରୁ 'ଏ' ଲେଖାଯାଏ । ଏହି 'ଏ'ର ଅର୍ଥ "ଏ ବିଷୟ ଏହି" ଅର୍ଥାତ୍ ଗୋଟିଏ ଲେଖନୀୟ ବିଷୟ ଏଠାରେ ଶେଷ ହେଲା । ଏହି 'ଏ'କୁ ଲେଖି ଅନ୍ୟ ପରିଚ୍ଛେଦ ବା ପ୍ରକରଣ ନୂତନ ଧାଡ଼ିରେ ଆରମ୍ଭ ନ କରି ସେହି ଧାଡ଼ିରେ ପରବର୍ତ୍ତୀ ବିଷୟ ଲେଖାଯାଏ । ଏହି ପ୍ରୟୋଗ ବେଳେ 'ଏ'ର ଦୁଇ ପାଖରେ ଦୁଇଟି ଗାର ଦିଆଯାଏ—

( An abbreneation used in letters )—'so much for this matter'.

ଦେ. ପ୍ରତ୍ୟୟ—ବିଶେଷ୍ୟ ଓ ବିଶେଷଣ ପ୍ରୟୋଗ (ନିମ୍ନଲିଖିତ ଅର୍ଥରେ ଅନ୍ୟ ଶବ୍ଦମାନଙ୍କ ସଙ୍ଗରେ ଲାଗେ)—Letter affixed to another word to denote.

୧ । ବହୁବଚନ; ମାନେ (ଯଥା—ପିଲାଏ ଖେଳୁଛନ୍ତି—1. Plural.

ବାଳିରେ ଚନ୍ଦ୍ର ବାଣ ମାରିଲେ; ବାଳର ବାଣେ ତା ପ୍ରାଣ କାଢ଼ିଲେ ।

ବିଶ୍ୱନାଥ, ବିଚିତ୍ରରାମାୟଣ ।

୨ । ଏକବଚନାର୍ଥକ; ମାନ୍ୟାର୍ଥକ—ଅମୁକ ବ୍ୟକ୍ତି—2. Respectful singular.

(ଯଥା—ମିଶ୍ରେ; ପଟ୍ଟନାୟକେ; ଷଡ଼ଙ୍ଗୀଏ; ମହାପାତ୍ରେ ।)

କୋଳରେ ଚନ୍ଦ୍ର ଗଣନାଥେ—ଭୂପତି. ପ୍ରେମପଞ୍ଚାମୃତ ।

୩ । ୭ମୀ ବିଭକ୍ତିର ଚିହ୍ନ; ସ୍ଥାନ ଓ କାଳାର୍ଥକ ଅଧିକରଣରେ; ରେ, ଠାରେ—3. In.

( ଯଥା—ଘରେ ଭାତ ନାହିଁ; ଠାଏ ଠାଏ ଦୋକାନ ବସିଛି । )

ଉଦଧିର ବାରି ନିଃଶବ୍ଦେ ଗୃହ ପତ୍ରରେ ନିଦ୍ରାଯାଏ—

କବିସୂର୍ଯ୍ୟ. ବଳଦେବରଥ, ଚ-ଗୀତ ।

୪ । ନିରୂପଣାର୍ଥକ ବା ନିଶ୍ଚୟାର୍ଥକ—ମାତ୍ର; ହିଁ—4. Certainty; affirmative.

( ଯଥା—ସଂସାରେ ଜନ୍ମିଥାଇ ଦିନେ ତ ମରିବା; ତେବେ ଏତେ ମାୟା ଲାଗିଛି କାହିଁ ? )

୫ । ଏକସଂଖ୍ୟାର୍ଥକ ବା ପୂର୍ଣ୍ଣାର୍ଥକ—ଟା; ଟାଏ; ଟିଏ—5. One; only.

( ଯଥା—ଗଡ଼ିଏ ଦୁଧ; ଢାଳେ ପାଣି; ଗୋଟାଏ ବାଛୁରି । )

ରଜକୁ ଯାଏ ଯାଏ, ପ୍ରାଣୀଙ୍କି ଯୁଗଯୁଗ—ଉଗ ।

୬ । ୩ୟା ବିଭକ୍ତିର ବ୍ୟବହୃତ ଦ୍ୱାରା; ସାହାଯ୍ୟରେ—6. By; with; with the help of.

ଦାକ ତ ଜାଣ ମୋହନବଂଶୀ ରବେ—

କବିସୂର୍ଯ୍ୟ. ବଳଦେବରଥ, ଚ-ଗୀତ ।

୭ । ଅନ୍ୟ ଅକାରାନ୍ତ ବା ଆକାରାନ୍ତ ବିଶେଷ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ—ଏକ; ଗୋଟିଏ—7. One.

ଏକ ମଣ୍ଡପେ ଥୋଇଲେ; ମୁକୁଳି ଚକେ ବସାଇଲେ—

ଭୂପତି—ପ୍ରେମପଞ୍ଚାମୃତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର— ଯେବେ ବିଶେଷ୍ୟ ପଦର ଶେଷ ବର୍ଣ୍ଣ ଅକାରାନ୍ତ ହୁଏ ତେବେ 'ଏ' ଅ ବା ଆ ସଙ୍ଗେ ଯୁକ୍ତ ହୋଇ 'ଏ' ହୁଏ । ଯଥା— ପୁଅ; ପୁଏ; ବ୍ୟଞ୍ଜନାନ୍ତ ଶବ୍ଦ ମାଆ; ମାଏ ସଙ୍ଗେ ଯୁକ୍ତ ହୋଇ ଏକାର ହୁଏ; ଯଥା—ମଣ୍ଡପ; ମଣ୍ଡପେ; ଅନ୍ୟ ସ୍ୱରବର୍ଣ୍ଣ ବା ସ୍ୱର-ବର୍ଣ୍ଣାନ୍ତ ଶବ୍ଦ ସଙ୍ଗେ 'ଏ' ସ୍ୱତନ୍ତ୍ର ରହେ; ଯଥା—ଗାଇଏ; ନାରୀଏ; ଭାଲୁଏ ଇତ୍ୟାଦି; ଯେଉଁ ଶବ୍ଦ ଶେଷରେ 'ଆ' ଥାଏ ସେଠାରେ 'ଏ' ଯୁକ୍ତ ହେଲେ 'ଆ' ସ୍ଥାନରେ ବିକଳ୍ପରେ 'ଏ' ଓ ଏକାର ହୁଏ; ଯଥା— ପିଲା—ପିଲାଏ; ପିଲେ । ]

୮ । କ୍ରିୟାର ରୂପରେ ପ୍ରୟୋଗ—

ପ୍ରଥମ ପୁରୁଷ, ଏକବଚନ, ନିତ୍ୟବର୍ତ୍ତମାନକାଳ—ଯଥା—ମୁଁ ଖାଏଁ ।
ତୃତୀୟ ପୁରୁଷ, ଏକବଚନ, ନିତ୍ୟବର୍ତ୍ତମାନକାଳ—ଯଥା—ସେ ଯାଏ ।
ଶ୍ରୀହରିଚନ୍ଦନ ବୋଲେ—କବିସୂର୍ଯ୍ୟ, କିଶୋରଚନ୍ଦ୍ର, ଚ-ଗୀତ ।

8. An inflection added to verbs to denote present tense

୯ । କ୍ରିୟା ବିଶେଷଣ ପ୍ରୟୋଗ ( ଯଥା—ଧୀରେ ଧୀରେ ବାଟ ଚାଲିବ; ମୁଁ ତାଙ୍କୁ ଗୋଡ଼େ ଗୋଡ଼େ ଜଗିଛି )—
9. An adverbial affix.

୧୦ । ଅନ୍ୟ ବିଶେଷ୍ୟ ଶବ୍ଦ ପରେ ଲାଗେ—(କ) ସହିତ ରେ—
10, ( a ) With

ଯଥା—ବହିରେ ସୁଖେ ଏ ବନେ—କବିସୂର୍ଯ୍ୟ, କିଶୋରଚନ୍ଦ୍ର, ଚ-ଗୀତ ।

( ଖ ) ଅବସ୍ଥାରେ—
( b ) In the condition or state of.

ଭଙ୍ଗା ଦେବା ଦକ୍ଷେ ଅଭ୍ୟେ ଉତ୍ତରେ—
କବିସୂର୍ଯ୍ୟ, କିଶୋରଚନ୍ଦ୍ର, ଚ-ଗୀତ ।

**ଏ ଅବଧି**—ଦେ. ଅ. ( ସଂ. ଏତତ୍ + ଅବଧି )—
E abadhi ୧ । ଆଜି ପର୍ଯ୍ୟନ୍ତ—1 Up to date.
এ অবধি ୨ । ଆଜିଠାରୁ—2. Henceforth.
अबतक; अबसे

**ଏଆଡ଼** ( ଇତ୍ୟାଦି )—ଇଆଡ଼ ଇତ୍ୟାଦି ( ଦେଖ )
Eārd ( etc ) Iārda etc ( See )
( ସେଆଡ଼—ବିପରୀତ )

**ଏଆଡ଼କୁ**—ଦେ. ଅ—୧ । ଇଆଡ଼କୁ ( ଦେଖ )
Eārdaku 1. Iārdaku ( See )
এখন ୨ । ବର୍ତ୍ତମାନକୁ; ସମ୍ପ୍ରତି—
ईधरको; अब 2. At present.
(ସେଆଡ଼କୁ—ବିପରୀତ) ୩ । ଭବିଷ୍ୟତକୁ—3. In future

**ଏଆଡ଼ ସେଆଡ଼ ହେବା**—ଦେ. କ୍ରି—୧ । ଇତସ୍ତତଃ ହେବା—
Eārda searda hebā 1. To move here and there
ইদিক উদিক হওয়া
ईधर उधर हाना ୨ । ( ଲକ୍ଷଣାର୍ଥ ) ଉଭୟ ପକ୍ଷର ତତ୍ତ୍ୱ ନେବା—
2. To look after both sides.

**ଏଆଡ଼ିକା**—ଗ୍ରା. ବିଣ—ଇଆଡ଼ିକା ( ଦେଖ )
Eārdikā Iārdakā ( See )

**ଏଆଡ଼ିକି**—ଗ୍ରା. ଅ—ଇଆଡ଼କୁ ( ଦେଖ )
Eārdiki Iārdaku ( See )

**ଏଆଡ଼ୁ** ( ଇତ୍ୟାଦି )—ଦେ. ଅ—ଇଆଡ଼ୁ ( ଦେଖ )
Eārdu ( etc ) Iārdu ( See )
( ସେଆଡ଼ୁ—ବିପରୀତ )

**ଏଆଡ଼େ**—ଦେ. ଅ—୧ । ଏହି ଦିଗରେ—
Eārde 1 In this direction.
এদিকে; ইদিগ ୨ । ଏହି ଦେଶରେ—
ईसआर 2. In this country.
( ସେଆଡ଼େ—ବିପରୀତ ) ୩ । ଏହି ସ୍ଥାନରେ—
3 In this place.
୪ । ଏହି ଦିଗକୁ; ଏହି ସ୍ଥାନକୁ; ଏଠାକୁ—
4. To this place or direction.
( ଯଥା—ତୁମେ ଏଆଡ଼େ ଆସ । )
୫ । ଏହି ପାଖରେ—5. On this side.
୬ । ଏହି ବାଟେ—6. This way.

**ଏଆଡ଼େ ସେଆଡ଼େ**—ଦେ. ଅ. ( ସହଚର ଶବ୍ଦ )—ଏଣେତେଣେ—
Eārde searde Here and there.
ইদিক উদিক ଏ ସକାଶୁଁ ରଥ ହୋଇଣ ଅସ୍ତବ୍ୟସ୍ତ;
ईसआर उसआर ଏଆଡ଼େ ସେଆଡ଼େ ଗଲେ ସେ ହେଲେ ତ୍ରସ୍ତ—
କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

**ଏଆଡ଼େ ସେଆଡ଼େ ଥିବା**—ଦେ. କ୍ରି—ଦୁଇ ବିପରୀତ ପକ୍ଷଙ୍କ ସଙ୍ଗେ
Earde searde thibā ମିଶିବା—To mix with both
ইদিকে উদিকে থাকা the opposite sides.
ईसआर उसआर रहना; इधर उधर रहना

**ଏଆଡ଼େ ସେଆଡ଼େ ହାତ ମାରିବା**—ଦେ. କ୍ରି. (ମୃଦଙ୍ଗର ଦୁଇ ପିଠିରେ
Earde searde hāta māribā ହାତ ମାରିବାର ଉପମାରୁ)—
ইদিকে উদিকে হাত মারা ୧ । ଦୁଇ ବିପକ୍ଷ ପକ୍ଷଙ୍କ ସଙ୍ଗେ ମିଶିବା—
ईधर उधर हात मारना 1. To mix with both the sides.
୨ । ଖଞ୍ଚାଖଞ୍ଚି କରି ସାମାନ୍ୟ ଜିନିଷ ଚୋରି କରିବା—
2. To commit theft to pilfer

**ଏଇ**—ଗ୍ରା. ସର୍ବନାମ—( ସଂ. ଏତଦ୍ )—ଏହି; ଏହା—
Ei This; it.
এই କ୍ରି. ବିଣ—ବର୍ତ୍ତମାନ; ଏଠାରେ—Now; here.
ईस; यह ବିଣ—୧ । ସମ୍ମୁଖସ୍ଥ; ଉପସ୍ଥିତ—
1. Present; in front.
୨ । ପ୍ରସଙ୍ଗୋକ୍ତ—2. Under consideration; which is being talked about.

ଏଇ କଥାକୁ, ନାଥ ପେଲିଦେଇ କହିବାକୁ—ତଗ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଢ | ଣ,ଶ | ଙ୍କ | ଇସ୍ | ଉଅ | ଉଁ |
| ୨ | ଋ | ଊ | ଲୁ | ଲୂ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଙ୍କ | ଡୃ |

ଅ. ଦେ—୧ । ହେଇଟି—1. Look here

ଏଇ ତ ମେଘଣି ଯେନ କାଳ ପରପାରେ—ମଧୁସୂଦନ· ବସନ୍ତଗାଥା ।

୨ । (ବଙ୍ଗଲାରୁ ଅନୁକୃତ)—ବର୍ତ୍ତମାନ—2. Just now.

( ଯଥା—ମୁଁ ଏଇ ଆସିଲି ବୋଲି ଜାଣ—

ଏଇଅ—ଗ୍ରା. ସର୍ବ—୧ । ଏହା; ଏତିକିମାତ୍ର—
Eiā 1. This much only.
ଏই ୨ । ଏହତା; ଏହାହିଁ—2. This only.
यह ୩ । ଏହାମଧ୍ୟ—3. This also; this too.

ଏଇଅଡ଼ ( ଇତ୍ୟାଦ )—ଦେ. ଅ—ଇଅଡ଼ ଇତ୍ୟାଦ ( ଦେଖ )
Eiārda ( etc ) Iārda.etc ( See )

ଏଇଓ—ଦେ. ଅ—ମନୋଯୋଗ ଆକର୍ଷଣପୂର୍ବକ ସମ୍ବୋଧନ—
Eio ( interjection ) Heigh ho

ଏଇ କଥାକୁ, ନାଆ ପେଲି ଦେଲି କଲିକତାକୁ—ଦେ. ନ୍ୟାୟ—ସାମାନ୍ୟ
Ei kathāku nāā peli deli kalikatāku କଥାରେ ବଡ଼ ଆୟୋଜନ କରିବାର ଦେଖାଗଲେ ଏହା ପ୍ରଯୁଜ୍ୟ; ଏହି ସାମାନ୍ୟ କଥା ପାଇଁ ଏଡ଼େ ବଡ଼ ଆୟୋଜନ କଲି—
A saying used when unduly big arrangements are done for petty things; literally it means—for this simple matter one had to send a boat to Calcutta !.

ଏଇକ୍ଷଣି—ଦେ. ଅ. ( ସଂ. ଏତଦ୍ + କ୍ଷଣ )—
Eikshaṇi ୧ । ବର୍ତ୍ତମାନ—1. Now.
এখুনি ୨ । ଆଜିକାଲି—2. Now a days.
अभी ୩ । ଏହି ମୁହୂର୍ତ୍ତରେ—3. Just now.

ଏଇକ୍ଷଣିକା—ଦେ. ଅ—ଏଇକ୍ଷଣି ( ଦେଖ )
Eikshaṇikā Eikshaṇi ( See )

ଏଇକ୍ଷିଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eikshiṇi Eikshaṇi ( See )

ଏଇକ୍ଷିଣିକା—ଗ୍ରା. ଅ.—ଏଇକ୍ଷଣି ( ଦେଖ )
Eikshiṇikā Eikshaṇi ( See )

ଏଇଖଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eikhaṇi Eikshaṇi ( See )

ଏଇଖଣିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eikhaṇikā Eikshaṇi ( See )

ଏଇଖରଜାତ ଖର୍ଚ୍ଚ ମାହାଲ—ବୈଦେ. ବି. ( ଅ. ଇଖ୍ରାଜାତ୍=ଖରଚ;
Eikharājāta kharchcha māhāla ଖରଚ ଚଳାଇବା-ପାଇଁ ନିର୍ଦ୍ଦିଷ୍ଟ ମାହାଲ ବା ଜମିଦାରୀ )—୧୮୧୮ ଏବଂ ୧୮୬୩ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାର ଯେଉଁ ମୌଜାମାନଙ୍କୁ ପୁରୀରାଜାଙ୍କ ଦଖଲରେ ଛାଡ଼ି ଦେଲେ—
Name of a Zamindary in the district of Puri which the British Government handed over to the Rājā of Puri for meeting expenses of the worship of Lord Jagannātha.

[ ଦ୍ର—ଗଭର୍ଣ୍ଣମେଣ୍ଟ ୧୮୦୪ ସାଲରେ ଖୋରଧା ଅଧିକାର କରିବା ପରେ, ଜଗନ୍ନାଥଙ୍କ ମନ୍ଦିରର ସେବାଖରଚ ଚଳାଇବା ପାଇଁ ନଗଦ ଟଙ୍କା ଦେଉଥିଲେ; କିନ୍ତୁ ଖ୍ରୀଷ୍ଟାନ୍ ଗଭର୍ଣ୍ଣମେଣ୍ଟ ହିନ୍ଦୁଦେବତାଙ୍କ ପୂଜାଖରଚ ପାଇଁ ଟଙ୍କା ଦେବା ବିଷୟରେ ବିଲାତରେ ଓ ପାର୍ଲିଆମେଣ୍ଟରେ ବିଶେଷ ଆପତ୍ତି ଉଠିବାରୁ ଗଭର୍ଣ୍ଣମେଣ୍ଟ ନଗଦ ଟଙ୍କା ଦେବା ପରିବର୍ତ୍ତରେ ମନ୍ଦିରର ଖରଚ ଚଳାଇବା ପାଇଁ ପୁରୀ ରାଜାଙ୍କୁ ନିକଟସ୍ଥ କେତେକ ଭୂସମ୍ପତ୍ତି ଛାଡ଼ି ଦେଲେ । ଏହାକୁ ଏଇଖରାଜାତ୍ ମାହାଲ କହନ୍ତି; ଏହି ମାହାଲରେ ପ୍ରଥମେ ୧୨୪ ଟି ମଉଜା ଥିଲା । ବର୍ତ୍ତମାନ ଏହି ଜମିଦାରୀର ଆୟ ପୁରୀରାଜା ନେଇ ଜଗନ୍ନାଥଙ୍କ ସେବା ଚଳାନ୍ତି । ]

ଏଇଖିଣି—ଗ୍ରା. କ୍ରି. ବିଣ—ଏଇକ୍ଷଣି ( ଦେଖ )
Eikhiṇi Eikshaṇi ( See )

ଏଇଖିଣିକା—ଗ୍ରା. କ୍ରି. ବିଣ—ଏଇକ୍ଷଣି ( ଦେଖ )
Eikhiṇikā Eikshaṇi ( See )

ଏଇଛଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhaṇi Eikshaṇi ( See )

ଏଇଛିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhikā Eikshaṇi ( See )

ଏଇଛିଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhiṇi Eikshaṇi ( See )

ଏଇଛିଣିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhiṇikā Eikshaṇi ( See )

ଏଇଛୁଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhuṇi Eikshaṇi ( See )

ଏଇଛୁଣିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhuṇikā Eikshaṇi ( See )

ଏଇଟା—ଗ୍ରା. ସର୍ବନାମ. ( ଅନାଦରାର୍ଥକ; ସଂ. ଏତଦ୍ )—ଏହା—
Eiṭā ( used in derision ) This.
এটা
एठा

ଏଇଟି—ଗ୍ରା. ସର୍ବନାମ. ( ସଂ. ଏତଦ୍ ) ( ଆଦର; ସ୍ନେହ ଓ ଦୟା ଅର୍ଥରେ )—ଏହା; ଏହି—
Eiṭi (used in fondness) This.
এটি
यह

ଏଇଠଉଁ—ଗ୍ରା. ଅ. (ସଂ. ଏତଦ୍ ଓ ସ୍ଥାନ)—୧ । ଏହି ସମୟରୁ—
Eiṭhauṅ 1. Henceforth.
এইথেকে ୨ । ଏହି ସ୍ଥାନରୁ; ଏହି ଠାରୁ—
अबसे 2. Hence; from here.

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏଇଠା—ଗ୍ରା. ବି. ( ସଂ. ଏତଦ୍ ଓ ସ୍ଥାନ )—ଏହିସ୍ଥାନ; ଏଠା—
Eiṭhā This place.
এইখান [ ଦ୍ର—ଏ ଶବ୍ଦ ମଧ୍ୟ ଏଇଠାକୁ, ଏଇଠାରୁ, ଏଇଠାର,
इसजगह ଏଇଠାରେ ଇତ୍ୟାଦି ରୂପେ ଯଥାକ୍ରମେ ଦ୍ୱିତୀୟା, ପଞ୍ଚମୀ ଷଷ୍ଠୀ ଓ ସପ୍ତମୀ ବିଭକ୍ତିର ରୂପ ଧାରଣ କରି ବ୍ୟବହୃତ ହୁଏ। ]
ଗ୍ରା. ବିଣ—ଏ ସ୍ଥାନର—Of this place.

ଏଇଠାଇଁ—ଗ୍ରା. ଅ. ( ସଂ. ଏତଦ୍ + ସ୍ଥାନେ )—ଏହିଠାରେ—
Eiṭhāiñ Here; at this place.
এইখানে
यहाँ

ଏଇଠି—ଗ୍ରା. ଅ—ଏହିଠାଇଁ—Here; at this place.
Eiṭhi

ଏଇଠିଁ—ଗ୍ରା. ଅ—ଏହିଠାଇଁ—Here; at this place.
Eiṭhiñ

ଏଇଠିକା—ଦେ. ବିଣ—ଏହି ସ୍ଥାନର—
Eiṭhikā Of this place.
এখানকার
यहाँका

ଏଇଠିକାର—ଗ୍ରା. ବିଣ—ଏଇଠିକା ( ଦେଖ )
Eiṭhikāra Eiṭhikā ( See )

ଏଇଠିକି—ଗ୍ରା. ଅ—ଏଇ ସ୍ଥାନକୁ ; ଏଠାକୁ—
Eiṭhiki - To this place.
এখানে
यहाँ

ଏଇଠୁ—ଗ୍ରା. ଅ—ଏହି ସ୍ଥାନରୁ ; ଏଠାରୁ—
Eiṭhu From this place; hence.
এখানথেকে
यहाँसे

ଏଇଠୁଁ—ଗ୍ରା. ଅ—ଏଇଠୁ ( ଦେଖ )
Eiṭhuñ Eiṭhu ( See )

ଏଇଠେଇଁ—ଗ୍ରା. ଅ—୧। ଏଠାରେ; ଏ ସ୍ଥାନରେ—
Eiṭheiñ 1. Here; at this place.
হেথায়, ওখানে ୨। ଏହି ଅଞ୍ଚଳରେ—2. In this locality.
यहाँ ୩। ପ୍ରସଙ୍ଗର ଏହି ଅଂଶରେ—
3 In this part of the narrative.

ଏଇତା—ଗ୍ରା. ସର୍ବ. ( ସଂ. ଏତତ୍ ; ଏତକ )—
Eitā ୧। ଏତିକି—1 This.
এহাই ୨। ଏତିକି; ଏତକ - 2. This much.
यह ୩। ଏତିକିମାତ୍ର—3 This only.
୪। ଏତିକି ମଧ୍ୟ—4. This also.

ଏଇଥି—ଗ୍ରା. ସର୍ବ. (ସଂ. ଏତତ୍)—ଏହା—
Eithi This.
এই [ ଦ୍ର—ଏହି ଶବ୍ଦର ସ୍ୱତନ୍ତ୍ର ବ୍ୟବହୃତ ନ ହୋଇ ଦ୍ୱିତୀୟା ବିଭକ୍ତି
इस (ଏଇଥିକି; ଏଇଥିକୁ), ତୃତୀୟା ( ଏଇଥିରେ; ଏଇଥିଦ୍ୱାରା ),
ଚତୁର୍ଥୀ ( ଏଇଥିକୁ ), ଷଷ୍ଠୀ ( ଏଇଥିର ), ସପ୍ତମୀ ( ଏଇଥିରେ ) ଏବଂ ଏଇଥିନିମନ୍ତେ; ଏଇଥିପାଇଁ; ଏଇଥିଲାଗି; ଏଇଥି ସକାଶେ ଆଦି ରୂପେ ବ୍ୟବହୃତ ହୁଏ। ]

ଏଇ ନଗଦ—ଗ୍ରା. ଅ (ଏତଦ୍ + ଅ. ନକ୍‌ଦ୍=ବର୍ତ୍ତମାନ ଉପସ୍ଥିତ )—
Ei nagada ୧। ବର୍ତ୍ତମାନ—1. Now.
এখুনি; এইনাগাদ ୨। ଏହିକ୍ଷଣରେ; ଏହି ମୁହୂର୍ତ୍ତରେ—
अभी; इसीघड़ी 2. Presently; just now.
୩। ଶୀଘ୍ରେଶୀଘ୍ରେ – 3. Immediately.

ଏଇ ନଗଦି—ଗ୍ରା. ଅ—ଏଇ ନଗଦ ( ଦେଖ )
Ei nagadi Ei nagada ( See )

ଏଇନାଁ—ଗ୍ରା. ଅ—ଏଇ ନଗଦ ( ଦେଖ )
Einañ Ei nagada ( See )

ଏଇନାଗେ—ଗ୍ରା. ଅ—ଏଇନଗଦ ( ଦେଖ )
Einãge Ei nagada ( See )

ଏଇନେ—ଗ୍ରା. କ୍ରି. ବିଣ—ଏଇ ନଗଦ (ଦେଖ )
Eine Ei nagada ( See )

ଏଇ ବାଗେ—ଦେ. କ୍ରି. ବିଣ—୧। ଠିକ୍ ଏହାପରି; ଏହିପରି—
Ei bāge 1. Likewise; similarly.
এইমতন ୨। ଏହି ପ୍ରକାରେ—2 In this manner; in this way.
୩। ଏହି ଉପାୟରେ—3. By this means.

ଏଇ ମାତ୍ର—ଗ୍ରା. କ୍ରି. ବିଣ- ବର୍ତ୍ତମାନ; ଏହିକ୍ଷଣି—
Ei mātra Just now.

ଏଇଲାଗେ—ଦେ. ଅ. (ସଂ. ଏତଦ୍ + ଲଗ୍ନ)—ଏଇନଗଦ (ଦେଖ)
Eilãge Ei nagada (See)

ଏଇଲେ – ଗ୍ରା. ଅ.—ଏଇଲାଗେ (ଦେଖ)
Eile Eilãge (See)

ଏଉଟା—ଦେ. ସର୍ବ. (ଅନାଦରାର୍ଥକ)—ଏହା—
Euṭā (used in derision) This.

ଏଉଟି—ଦେ. ସର୍ବ. (ଆଦର, ସ୍ନେହ ଓ ଦୟା ଅର୍ଥକ) — ଏହା; ଏହି—
Euṭi (used in pity and affection) This.
ଏଉଟି କଏ ସେ ହେ ଅଦ୍ଭୁତ ପୁରୁଷ। କୃଷ୍ଣସିଂ ହ, ମହାଭାରତ, ବନ।

ଏଉଡ଼ି—ଦେ. ବି (ଧ୍ୱନ୍ୟନୁକରଣ)—ଢେକୁର—
Eurdi Belching.
ঢেকুর
डकार

ଏଉଡ଼ି ମାରିବା—ଦେ. କ୍ରି—ଢେକୁର ମାରିବା—
Eurdi māribā To belch.
কুর মারা
डकारना

| ୧ | ଓ | ଉ | ର୍,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଡ | ଶ,ଷ | ଙ୍କ | ଙ୍ଘ | ଙ୍ଖ | ଷ |
|---|---|---|---|---|---|---|---|---|---|---|---|---|---|---|
| ୨ | ଓ | ଉ | ରୁ | ଲୁ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଙ୍ଖ | ଓ | ଢ଼ |

ଏଉତ୍ତାରୁ—ଦେ. ଅ. (ସଂ. ଏତଦ୍+ଉତ୍ତର)—୧ । ଏହା ପରେ—
Euttāru 1. After this; hereafter.
এরপর ୨ । ଆଜଠାରୁ; ବର୍ତ୍ତମାନଠାରୁ—
इसकेबाद 2. Henceforward

ଏଓଡା—ଦେ. ଅ. (ସଂ. ଏତଦ୍ ବେଳା)—ଦିନର ଏହି ଓଳ; ଦିନର
Eotā ଏହି ଅଂଶରେ; ଦିନର ଏହି ବେଳାରେ (ସକାଳବେଳା ବା
এ বেলা ଉପରବେଳା)—This time or part of the
इसवकत day; this forenoon or this afternoon.

ଏଓଳା—ଦେ. ଅ.—ଏଓଡା (ଦେଖ)
Eo̱lā Eotā (See

ଏଓଳି—ଦେ. ଅ—ଏଓଡା (ଦେଖ)
Eo̱lī Eotā (See

ଏଁ—ଦେ. ଅ.—ଆଃ; ଓହୋ—( ନିମ୍ନ ଅର୍ଥରେ ବ୍ୟବହୃତ )
Eñ Interjection used in—
উঃ ୧ । ଆଶ୍ଚର୍ଯ୍ୟ—1 Wonder.
अहो ୨ । ପ୍ରଶଂସା—2. Praise; approval
୩ । ଘୃଣା—3. Contempt
୪ । ଆକ୍ଷେପ—4. Regret.
୫ । ବିଦ୍ରୂପ ବା ବ୍ୟଙ୍ଗୋକ୍ତି—5 Jest; satire.

ଏଁ—ଦେ. ଅ. (କ) ହଁ; ହାଁ—
Eñ O yes; (Interjection used in.)
୧ । ପ୍ରଶ୍ନର ଉତ୍ତର—
1. Giving reply, responding to a call.
୨ । ଅବଜ୍ଞା—2. Disregard.
୩ । ନିଷେଧ—3. Prohibition
( ଖ ) କ୍ରିୟାର ରୂପରେ ପ୍ରୟୋଗ; ନିତ୍ୟପ୍ରବୃତ୍ତ ବର୍ତ୍ତମାନ ପ୍ରଥମ ପୁରୁଷ ଏକବଚନରେ ଯଥା—ମୁଁ ନିତି କଟକରୁ ଯାଏଁ—An inflection added to a verb in present tense 1st person singular.

ଏଁକ୍ଲା—ପ୍ରାଦେ. (ସମ୍ବଲପୁର) ବିଣ ଓ କ୍ରି. ବିଣ—ଏକଲା; ଏକାକୀ—
Eñklā Alone

ଏଁଟ୍ରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି. ( ଘୃଣାର୍ଥକ )—ଏକଦୃଷ୍ଟିରେ
Eñṭrāibā ଅନାଇ ରହିବା—To stare at.

ଏଁଟ୍ରେଇବା—ପ୍ରାଦେ ( ସମ୍ବଲପୁର ) କ୍ରି—ଏଁଟ୍ରାଇବା ( ଦେଖ )
Eñṭreibā Eñṭrāibā ( See )

ଏଁସ—ପ୍ରାଦେ. (ଗଡ଼ଜାତ. ଶୂଦ୍ର ବ୍ୟବହୃତ). ଅ—ଏ ବର୍ଷ; ଏ ସନ—
Eñsa This year

ଏଁହେଁ—ଦେ. ଅ—ନାଁ—No; interjection used in—
Eñheñ ୧ । ନିଷେଧ—1. Prohibition
୨ । ନାହିଁ—3. Negation

ଏକ୍—ଦେ. ବି ଓ ବିଣ. ( ସଂ. ଏକ )—ଏକ—
Ek One.
এক
एक

ଏକ୍‌ଖଣ୍ଡିଆ—ପ୍ରାଦେ. ( ସମ୍ବଲପୁର ) ବିଣ—ଏକକାନିକିଆ ( ଦେଖ )
Ekkhaṇḍiā Ekakānikiā ( See )

ଏକ୍‌ଜାମିନ୍—ବୈଦେ. ବି, ( ଇଂ. ଏକ୍‌ଜାମିନେସନ୍ ବି ଓ ଏକ୍‌ଜାମିନ୍
Ekjāmin କ୍ରି )—ପରୀକ୍ଷା; ବିଦ୍ୟାପରୀକ୍ଷା—
এগজামিন Examination.
इमतिहान

ଏକ୍‌ଜାମିନ୍ ଦେବା—ଦେ. କ୍ରି. ( ଇଂ. ଏକ୍‌ଜାମିନେସନ୍ )—
Ekjāmin debā ପରୀକ୍ଷାରେ ଉପସ୍ଥିତ ହେବା—
এগজামিন দেওয়া To appear at an examination.
इमतिहान देना

ଏକ୍‌ଜାମିନର—ବୈଦେ. ବି. ( ଇଂ. ଏକ୍‌ଜାମିନର୍ )—
Ekjāminar ପରୀକ୍ଷକ—Examiner.
এগজামিনর
परीक्षक

ଏକ୍‌ଜାମିନେସନ୍—ବୈଦେ. ବି. ( ଇଂ. ଏକ୍‌ଜାମିନେସନ୍ )—
Ekjāminesan ପରୀକ୍ଷା—Examination.
এগজামিনেসন [ ଦ୍ର—ଏହି ଇଂରାଜୀ ଶବ୍ଦପୂର୍ବେ ଅନ୍ୟ ଇଂରାଜୀ
इमतिहान ଶବ୍ଦମାନ ଲାଗି ଭିନ୍ନ ଭିନ୍ନ ପରୀକ୍ଷା ବୁଝାଏ ଯଥା—
ହାଫ୍ ଇଅର୍ଲି ଏକ୍‌ଜାମିନେସନ୍=ଷାଣ୍ମାସିକ ପରୀକ୍ଷା=Half-Yearly Examination; କ୍ୱାର୍ଟର୍ଲି ଏକ୍‌ଜାମିନେସନ୍=ତ୍ରୈମାସିକ ପରୀକ୍ଷା=Quarterly Examination.]

ଏକ୍‌ଜାମିନେସନ୍ ପେପର୍—ବୈଦେ. ବି. ( ଇଂ. ଏକ୍‌ଜାମିନେସନ୍-
Ekjāminesan pepar ପେପର୍ )—ପରୀକ୍ଷାରେ ଦିଆଯାଇ-
এগজামিনেসন পেপর ଥିବା ପ୍ରଶ୍ନମାନଙ୍କର ଉତ୍ତରକୁ ପରୀକ୍ଷାର୍ଥୀ
इमतिहान कागज ଯେଉଁ କାଗଜ ବା ଖାତାରେ ଲେଖିଥାଏ—
Examination paper.

ଏକ୍‌ଜାମିନେସନ୍ ସେଣ୍ଟର—ବୈଦେ. ବି. (ଇଂ. ଏକ୍‌ଜାମିନେସନ
Ekjāminesan seṇṭar ସେଣ୍ଟର୍)—ପରୀକ୍ଷା କେନ୍ଦ୍ର; ଯେଉଁ
এগজামিনেসন সেণ্টর ସ୍ଥାନରେ ଅନେକ ଅଞ୍ଚଳରୁ ଆଗତ ପରୀକ୍ଷାର୍ଥୀ
परीक्षाका केन्द्र ଏକତ୍ର ହୋଇ ପରୀକ୍ଷା ଦିଅନ୍ତି—
Examination centre.

ଏକ୍‌ଜାମିନେସନ୍ ହଲ—ବୈଦେ. ବି. (ଇଂ. ଏକ୍‌ଜାମିନେସନ୍ ହଲ )—
Ekjāminesan hal ସକଳ ପରୀକ୍ଷାର୍ଥୀ ଏକତ୍ରେ ତତ୍ତ୍ୱାବଧାନରେ
এগজামিনেসনল হল ରହି ଯେଉଁ ଲମ୍ବ ଗୃହରେ ପରୀକ୍ଷା ଦିଅନ୍ତି—
परिक्षाका कमैरा Examination hall.

ପାଠକେ ଦେଖିବେ ଅପର ପୃଷ୍ଠାରେ ଦିଆଯାଇ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ର' ନ ପାଇଲେ 'ଅଗ୍ର' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଏକ୍‌ଜିକ୍ୟୁଟର୍—ବୈଦେ. ବି. (ଇଂ)—ମୃତ ବ୍ୟକ୍ତିର ୱିଲ୍‌ର ନିର୍ଦ୍ଦେଶ Ekjikiutar ଅନୁସାରେ ତାଙ୍କ ସମ୍ପତ୍ତିର ସୁଶାସନ କରିବା ପାଇଁ একজিক্যুটর ନିଜଙ୍କଦ୍ୱାରା ନିଯୁକ୍ତ ବ୍ୟକ୍ତି— एकजिकिउटर Executor to the estate of a deceased testator.

ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର—ବୈଦେ. ବି. (ଇଂ. ଏକ୍‌ଜିକ୍ୟୁଟିଭ୍ Ekjikiuṭibh iñjiniyar ଇଞ୍ଜିନିଅର୍)—କାର୍ଯ୍ୟକର୍ମୀ ବା ପୂର୍ତ୍ତ এক্‌জিকিউটিভইঞ্জিনিয়র ବିଭାଗର ଉଚ୍ଚତର ହାକିମ— एकजिकिउटिभ इञ्जिनियर Executive engineer.

ଏକ୍‌ଜିକ୍ୟୁଟିଭ କାଉନ୍‌ସିଲ—ବୈଦେ. ବି. (ଇଂ)—ପ୍ରାଦେଶିକ ଶାସନ Ekjikiuṭibh kāunsil ସମିତି, ଯେଉଁ ସମିତି ପ୍ରାଦେଶିକ এক্‌জিকিউটিভ কাউন্‌সিল ଲାଟଙ୍କ ଶାସନ ବିଷୟରେ ପରାମର୍ଶ एकजिकिउटिभ काउन्‌सिल ଦିଅନ୍ତି—Executive Council.

ଏକ୍‌ଜିକ୍ୟୁଟିଭ କାଉନ୍‌ସିଲର—ବୈଦେ. ବି. (ଇଂ)—ଏକ୍‌ଜିକ୍ୟୁଟିଭ୍ Ekjikiuṭibh kāunsilar କାଉନ୍‌ସିଲ୍‌ର ସଭ୍ୟ ବା ମେମ୍ବର— এক্‌জিকিউটিভ কাউনসিলার Member of the एकजिकिउटिभ काउन्‌सिलर Executive council.

ଏକ୍‌ଜିକ୍ୟୁଟିଭ ସର୍ଭିସ୍—ବୈଦେ. ବି. (ଇଂ)—ରାଜ୍ୟର ଶାସନକର୍ମ Ekjikiuṭibh sarbhis ଚଳାଇବାପାଇଁ ନିଯୁକ୍ତ ହାକିମମାନଙ୍କ একজিক্যুটিভ সর্ভিস ଶ୍ରେଣୀ—Executive service. एकजिक्युटिभ सार्भिस

ଏକ୍‌ଜିବିଟ୍—ବୈଦେ. ବି.(ଇଂ)—୧ । ମକଦ୍ଦମାରେ ପକ୍ଷମାନଙ୍କ ତରଫରୁ Ekjibiṭ ପ୍ରମାଣରୂପେ ଗୃହୀତ ହୋଇ ଅଦାଲତଙ୍କ ଦ୍ୱାରା ଚିହ୍ନ একজিবিট ଦିଆଯାଇଥିବା ଦଲିଲ—1. Exhibit in a case. एकजिबिट २ । ପ୍ରଦର୍ଶନୀରେ ପ୍ରଦର୍ଶିତ ବସ୍ତୁ— 2. Exhibit in an exhibition

ଏକ୍‌ଜିବିସନ୍—ବୈଦେ. ବି. (ଇଂ)—ଦର୍ଶନୀୟ ବସ୍ତୁମାନଙ୍କ ପ୍ରଦର୍ଶନୀ— Ekjibisan Exhibition

ଏକ୍‌ଟିଙ୍ଗ (ଇତ୍ୟାଦି)—ବୈଦେ. ବଣ. (ଇଂ. ଅକ୍‌ଟିଙ୍ଗ)— Ekṭing etc. ଅକ୍‌ଟିଙ୍ଗ (ଇତ୍ୟାଦି) (ଦେଖ) Ākṭing etc. ( See )

ଏକ୍‌ଠାନିଆଁ—ପ୍ରାଦେ. (ସମ୍ବଲପୁର) ବଣ. (ସଂ. ଏକ ଓ ସ୍ଥାନ)— Ekṭhaniān̐ ଏକତ୍ରାବସ୍ଥିତ—Situated together.

ଏକ୍‌ଠାନ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଏକ+ସ୍ଥାନ)—ଏକସ୍ଥାନ— Ekṭhān One place.
ପ୍ରାଦେ. ଅ—ଏକାଠି—Together.

ଏକ୍‌ଟାର୍ (ଇତ୍ୟାଦି)—ବୈଦେ. ବି.(ଅ)—ଅକ୍‌ଟିଆର୍ ଇତ୍ୟାଦି (ଦେଖ) Ektār (etc ) Aktiār etc ( See )

ଏକ୍‌ଟାରି—ବୈଦେ. ବି (ଅ)—ଅକ୍‌ଟିଆରି ( ଦେଖ ) Ektāri Aktiāri ( See )

ଏକ୍‌ପରଚ୍ଛି—ପ୍ରାଦେ. (ସମ୍ବଲପୁର) ବି ଓ ବଣ—ଏକଚାଲା ( ଦେଖ ) Ekparchhi Ekachāla ( See )

ଏକ୍‌ପରଚ୍ଛିଆ—ପ୍ରାଦେ. (ସମ୍ବଲପୁର) ବି. ଓ ବଣ—ଏକଚାଳିଆ (ଦେଖ) Ekparachhiā Ekachālia ( See )

ଏକ—ସଂ. ବି. ( ଇ=ଗମନ କରିବା+କ; ସଂଖ୍ୟାବାଚକ )— Eka ଏକସଂଖ୍ୟା; ଗୋଟିଏ—One; the number 1.
( ଏକା—ସ୍ତ୍ରୀ ) ଦେ. ଅ—ପାଠଶାଳାରେ ଛାତ୍ର ଗୁରୁଙ୍କଠାରୁ (ଅନେକ; ବହୁତ—ବିପରୀତ) ଅନୁମତି ନେଇ ପରିସ୍ରା କରିବାକୁ ଯିବା ସମୟରେ ଉଚ୍ଚାରିତ ସଂଖ୍ୟା; ପରିସ୍ରା କରିବା— Making water, pissing.
[ ଦ୍ର—ଛାତ୍ରମାନେ ଝାଡ଼ାଫେରିବା ଯିବାକୁ 'ଦୁଇ' କହନ୍ତି । ]
ସଂ. ବଣ—୧ । ଏକମାତ୍ର; ଏକସଂଖ୍ୟକ—1. One; single.
୨ । କୌଣସି ଗୋଟିଏ; କୌଣସି—
2. Any; some.
( ଯଥା—ଏକ ରାଜାଙ୍କର ଚାରୁଲତା ପଣ୍ଡିତଟିଏ ଥାଏ । )
୩ । ସମାନ; ସମ—3. Similar.
( ଯଥା—ତୁମ କହିବା କଥା, ମୋ ଶୁଣିବା କଥା ଏକ । )
୪ । ଅଭିନ୍ନ—4. Identical; the same.
୫ । ଏକା; ଏକାକୀ; ଅଦ୍ୱିତୀୟ; ସହଚରରହିତ—
5 Single; solitary; alone; not accompanied by anyone.

ଏକ ଚକ୍ରେ ଚାଲଇ, ଗୋଡ଼ାଇ ମିଶନ୍ତି ସଇନ ।
ଭୂପତି- ପ୍ରେମପଞ୍ଚାମୃତ ।

୬ । ପ୍ରଥମ; ଏକକ—6. First; primary.
୭ । ସର୍ବପ୍ରଧାନ; ଶ୍ରେଷ୍ଠ—
7. Chief; principal; foremost.

ଏକଅଙ୍ଗିଆ ବାତ—ଦେ. ବି—ଏକଅଙ୍ଗୀ ବାତ ( ଦେଖ ) Ekaangiā bāta Ekaangī bāta ( See )

ଏକଅଙ୍ଗୀ—ଦେ. ବି. ଓ ବଣ—୧ । ଏକାଙ୍ଗୀ; ଶରୀରର ଏକ ଅଙ୍ଗକୁ Ekaangī ଆକ୍ରମଣ କରିଥିବା ( ରୋଗ )— একঅঙ্গী 1. (disease) Affecting one limb only. एकअङ्गी २ । ଶରୀରର ଏକପାର୍ଶ୍ୱ ବା ଅଙ୍ଗକୁ ଆକ୍ରମଣ କରିଥିବା (ରୋଗ)—2. ( disease ) Affecting one ( right or left ) side of the body.

ଏକଅଙ୍ଗୀ ବାତ—ଦେ. ବି. ( ସଂ. ଏକ ଓ ଅଙ୍ଗ ଓ ବାତ )—ଶରୀରର Ekaangī bāta ଏକ ପାଖର ଅଙ୍ଗକୁ ଅବଶ କରିବା একঅঙ্গীবাত ବାତରୋଗବିଶେଷ; ପକ୍ଷାଘାତରୋଗ—Partial एकअङ्गी बात paralysis; paralysis affecting one side of the body.

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଷ,ଶ | କ୍ଷ | ଇୟ | ଈଂ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ | ଯ | ଷ | ଗଂ | ଇଅ | ଓ | ଳ |

**ଏକଆଖିଆ**—ଦେ. ବଣ. (ସ. ଏକ + ଅକ୍ଷି)—କଣା—
Ekaākhiā — Blind of one eye; one-eyed.
একচোখে — ଏକଆଖିଆ କଣା; ତାର କାହିଁ ବୃକ୍ଷାମଣ୍ଡ। ଠଗ।
एकआखवाला

**ଏକ ଆଡ଼ା**—ଦେ. ବ.—ଏକ ଆକୃତି—
Eka ārḍā — Identical size; same size.
একআড়া — ଦେ. ବଣ—ଏକଆକୃତିବିଶିଷ୍ଟ; ସମ—
एकआड़ा — Similar; identical; same

**ଏକଆଡ଼ିଆ**—ଦେ. ବଣ.—୧। ଏକଦିଗର; ଏକତରଫା—
Eka ārḍiā — 1. Pertaining to one party; exparte.
একদিকের — ୨। ଏକ ପାଖିଆ—
एकतरफा — 2. Pertaining to one side.

**ଏକଆଡ଼ୁଆ**—ଦେ. ବ.—ଏକଆଡ଼ିଆ (ଦେଖ)
Ekaārḍuā — Ekaārḍiā (See)

**ଏକଆରକ**—ଦେ. ଅ. (ସ. ଏକ ଓ ଅପର)—ପ୍ରତ୍ୟେକ; ଏକକୁ
Ekaāraka — ଅପରକୁ; ଅନ୍ୟୋଽନ୍ୟକୁ; ପରସ୍ପର—
পরস্পর — One another; mutually.
आपस

**ଏକଆରକେ**—ଦେ. ଅ.—ଏକଆରକ (ଦେଖ)
Ekaārake — Ekaāraka (See)
ଏକ ଆରକେ ମୁଖ ଚୁମ୍ବି, ଚାହୁଁକେ ଅଙ୍ଗ ଲଗାଇ। ରୂପଚ. ପ୍ରେମପଞ୍ଚାମୃତ।

**ଏକଆରେ**—ଦେ. ଅ.—ପରସ୍ପରକୁ—To each other.
Ekaāre — ବୋଲନ୍ତି ଏକ ଆରେ ଚାହିଁ।—ଜଗନ୍ନାଥ. ଭାଗବତ।

**ଏକଆରେକ**—ଦେ. ଅ.—ଏକଆରକ (ଦେଖ)
Ekaāreka — Ekaāraka (See)
କୃଷ୍ଣ ପୁତ୍ରଙ୍କ ଆଦି କରି. ଏକ ଆରେକ ନାମ ଧରି। ଜଗନ୍ନାଥ. ଭାଗବତ।

**ଏକଇ**—ଦେ. ବଣ. (ସଂ. ଏକ + ହି)—୧। ଏକମାତ୍ର; ଏକହିଁ—
Ekai — 1. One only.
একই — ଏକଇ ଜନ ଅପରାଧେ, ଅନେକ ମାରୁ କପଟ ଯୁଦ୍ଧେ।
एकही — ଜଗନ୍ନାଥ. ଭାଗବତ।

୨। ଏକରୂପ; ସମାନ; ଅଭିନ୍ନ—
2. Identical; the same.
ଈଶ୍ୱର ଜୀବ ଯେ ଏସନ, ଏ ସର୍ବ ଏକଇ ପ୍ରକାର। ଜଗନ୍ନାଥ. ଭାଗବତ।

୩। ଏକାକୀ—3. Single.
ତୋ ମାଆର ତୁ ଏକଇ ବଳା; ଯେଣୁ ତୁ ଅସିତୁ ଶେଣିକ ପଳା।
ଶିଶୁଗୀତ।

୪। ଗୋଟିଏ; ଏକ—4. One.
ଏକରୂପେ ଦେଖ ସବୁ ବସ୍ତୁ; ଏକଇ ରସ ନାନା ଥାଉ।
ଜଗନ୍ନାଥ ଭାଗବତ. ୧୨।

**ଏକଇଁ**—ଦେ. ବଣ—ଏକଇ (ଦେଖ)
Ekaiṅ — Ekai (See)
ଏକଇଁ ପଥ ଏବେ ଦେଖା; ଅନେକ ମନ ନ ପାଇବା।
ରୂପଚ. ପ୍ରେମପଞ୍ଚାମୃତ ୮୪।

**ଏକଇବଳା**—ଦେ. ବ.—ଏକଇର ବଳା (ଦେଖ)
Ekaibaḷā — Ekaira baḷā (See)
ତୋ ମାଆର ତୁ ଏକଇ ବଳା;
ଯେଣୁ ତୁ ଅସିତୁ ଶେଣିକ ପଳା। ଶିଶୁବଚନ।

**ଏକଇରବଳା**—ଗ୍ରା. ବ.—ଏକମାତ୍ର ବାଳକ; ଏକମାତ୍ର ପୁତ୍ର—
Ekaira baḷā — A single son of parents.
একই ছেলে
ଜୟ ତର୍ଜ୍ଜିବା ଯେ ମଙ୍ଗଳା; ରଖ ମୋ ଏକଇରବଳା।
ଜଗନ୍ନାଥ. ଭାଗବତ.

**ଏକଇରିବଳା**—ଗ୍ରା. ବ.—ଏକଇର ବଳା (ଦେଖ)
Ekairibaḷā — Ekaira baḷā (See)

**ଏକଉଁ**—ଦେ. ଅ. (ସଂ. ଏକତଃ)—୧। ଏକଇ; ଏକପକ୍ଷରେ—
Ekauṅ — 1. On the one hand.
একেই — ୨। ଏକତଃ; ପ୍ରଥମତଃ; ପହିଲେ—
पहिले — 2. Firstly.
ଏକଉଁ କାଳୀ, ପିନ୍ଧିଛୁ କାଚ କୋଡ଼ଲ ମାଳ,
ପିନ୍ଧିଅଛୁ ପୁଣି ନେଳଥ ଶାଢ଼ୀ; ଉନ୍ଦଁରେ ହୋଇଛୁ ଘନଘା ପଳ—ଠଗ।

୩। ଏକକୁଁ; ଏକ ବ୍ୟକ୍ତି ବା ବସ୍ତୁ ଠାରୁ—
3. From one person or thing.

**ଏକଉଁ ଏକ**—ଦେ. ଅ.—ଏକୁ ଏକ (ଦେଖ)
Ekauṅ eka — Eku eka (See)

**ଏକଉତ୍ତର ଶହେ**—ଦେ. ବ. (ସଂ ଏକୋତ୍ତରଶତ)—ଏକଶହ ଏକ
Ekauttara śahe — (ସଂଖ୍ୟା)—One hundred and one
একউত্তর শত
एकोत्तरशत

**ଏକ ଓଡ଼**—ଦେ. ବ—୧। ଥରେ ହଳ ବୁଲାଇବା; ପଡ଼ିଆ ବା ବିଲରେ
Eka orḍa — ପ୍ରଥମ ଥର ହଳଯିବା ଗୁଣ—
1. The ploughing of a field for the first time.
୨। ଥରେ ମାତ୍ର ହଳଦ ବାଡ଼ିବା—
2. The bruising of turmeric for the first time.
୩। ଏକଥର ମାତ୍ର—3. One turn or time

**ଏକଓଡ଼ିଆ**—ଦେ. ବଣ—୧। ଯେଉଁ ଷେତରେ ଲଙ୍ଗଳଦ୍ୱାରା ଥରେ
Ekaorḍiā — ମାତ୍ର ହଳ କରାଯାଇ ଥାଏ—
1. (a field) Which has been ploughed once only.
୨। ଯେଉଁ ଫସଲରେ ଏକ ଓଡ଼ ମାତ୍ର ଗୁଣ ଲୋଡ଼ାହୁଏ—
2. (crop) Requiring single ploughing.

**ଏକଓଡ଼ିକିଆ**—ଦେ. ବଣ—ଏକଓଡ଼ିଆ (ଦେଖ)
Ekaorḍikiā — Ekaorḍiā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଦେଖନ୍ତୁ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକ୍ତ' ନ ପାଇଲେ 'ଅଲକ୍ତ' ଦେଖିବେ

**ଏକଓଳିଆ**—ଦେ. ଵଣ—୧ । ଏକଓଳି ଘଡରେ କରାଯିବା (କାମ)—
Ekaolia 1. ( work ) Done in half a day,
একবেলা
एकबकत
୨ । ଦିନରେ ଥରେ ନିର୍ଦ୍ଦିଷ୍ଟ ସମୟରେ (ଅର୍ଥାତ୍ ସକାଳ-ଓଳି ବା ଓପରଓଳି ) କରାଯିବା କାମ—
2. ( work ) Which is performed at a certain fixed period of the day (either in the forenoon or in the afternoon ).
୩ । ଦିନରେ ଥରେ ଖାଉବା ( ବ୍ୟକ୍ତି )—
3. ( a person ) Taking one meal a day.

**ଏକଓଳିକିଆ**—ଦେ. ଵଣ—ଏକଓଳିଆ ( ଦେଖ )
Ekaolikia Ekaolia ( See )

**ଏକକ**—ସଂ. ଵଣ. ( ଏକ + କ )—୧ । ଏକାକୀ; ଏକଲା—
Ekaka 1. Alone; single; solitary.
୨ । ଅସହାୟ—2. Unassisted.
୩ । ଏକ ସଂଖ୍ୟାବିଶିଷ୍ଟ; ୧ଠାରୁ ୯ ପର୍ଯ୍ୟନ୍ତ ସଂଖ୍ୟାବିଶିଷ୍ଟ -
3. Consisting of one digit or unit ( i.e. 1, 2, 3......9. etc ).
୪ । ଯହିଁରେ ଏକ ସଂଖ୍ୟାର ବିଷୟ ଥାଏ ( ଗଣିକିଆ )—
4. Dealing with number 1. ( e.g. multiplication table ).
( ଯଥା—ଏକକ ଗଣିକିଆ । )
ବି—ଏକ ଠାରୁ ନଅ ସଂଖ୍ୟା—A unit.

**ଏକକଡ଼ିଆ**—ଦେ. ଵଣ—୧ । ଟୋକାଏ ମାଟିକୁ କଡ଼ାଏ କଉଡ଼ି
Ekakardia ମୂଲ ଦିଆଯିବା ନିୟମରେ ହେଉଥିବା ( ମାଟି ଖୋଳା ବା ମାଟି ବୁହା କାମ )—
1. ( earth-work ) Done by paying one Kaurdi (shell-money) for one basket of earth thrown or carried.
୨ । ଏକକଡ଼ା କଉଡ଼ି ମୂଲର—
2. Of the value of one Kaurdi
୩ । ଦେହର ଏକକଡ଼ ବା ପାଖ ମାଡ଼ି ଶୋଇଥିବା (ଅବସ୍ଥା) -
3. Sleeping on one side.
୪ । ଏକପଟିଆ; ଏକପାର୍ଶ୍ୱକୁ ଢଳିଥିବା—
4. Leaning to one side.
୫ । ଏକପକ୍ଷକୁ ମାଡ଼ି ଚାଲୁଥିବା ( କଥା )
5. One-sided.
୬ । ଯହିଁର ପ୍ରତ୍ୟେକର ମୂଲ୍ୟ ଏକ କଡ଼ା—
6. ( things ) Of the value of one Kaurdi each.

**ଏକକଡ଼ିକିଆ**—ଦେ. ଵଣ— ଏକକଡ଼ିଆ ( ଦେଖ )
Ekakardikia Ekakardia ( See )

**ଏକକଣିଆଁ**—ଦେ. ଵଣ. ( ସଂ. ଏକ+କୋଣ )—ଏକ କୋଣରେ
Ekakaniaṅ ଅବସ୍ଥିତ—Situated in one corner.
এককোনে

**ଏକକଣିକିଆ**—ଦେ. ଵଣ—ଏକକଣିଆଁ ( ଦେଖ )
Ekakanikia Ekakaniaṅ ( See )

**ଏକକନ୍ଦ**—ସଂ. ବି—ପାଣିସାରୁ ( ଦେଖ ) ( ହରେକୃଷ୍ଣ. ଦ୍ରବ୍ୟଗୁଣ )
Ekakanda Pānisāru See )

**ଏକକରିବା**—ଦେ. କ୍ରି—ପାଠଶାଳୀର ଛାତ୍ରମାନେ ଅବଧାନଙ୍କ ଛକୁ ପ୍ରସ୍ରାବ
Ekakariba କରିବାକୁ ଯିବା—To go to make water
একক্রা with the permission of the teacher
पेशाब करना ( said of young students of a village—Pāṭhaśālā ).

**ଏକକରେ**—ସ୍ଥା. ଅ—ଗୋଟିଏ ପାଖରେ; ଏକକଡ଼ରେ; ଏକଅଡ଼େ—
Ekakare On one side; in one quarter.
ଭରତ କୃଷ୍ଣ ଭେଟିବାରେ, ଏଣୁ ଲୁଚିଲ ଏକକରେ ।
ଭୂପତି. ପ୍ରେମପଞ୍ଚାମୃତ ।

**ଏକକାନିଆଁ**—ଦେ. ଵଣ—ଏକକାନିକିଆ ( ଦେଖ )
Ekakaniaṅ Ekakanikia See )

**ଏକକାନିକିଆ**—ଦେ. ଵଣ—୧ । ଏକବସ୍ତ୍ର ପରିହିତ; ଉତ୍ତରୀୟହୀନ—
Ekakanikia 1. Wearing one loin cloth only,
একছোটে having no sheet or scarf for the upper part of the body.
୨ । ପିନ୍ଧା ଲୁଗାର କାନି ପାଖକୁ ଟେକି ଶରୀରର ଊର୍ଦ୍ଧ୍ୱଭାଗ ଘୋଡ଼ାଇ ହୋଇଥିବା—
2. Having covered the body with a part of the underwear tucked upwards.
୩ । ଏକମାତ୍ର କାନବିଶିଷ୍ଟ—3. One-eared.
୪ । ଏକ କୋଣ ବା ଅଂଶରେ ଅବସ୍ଥିତ—
4. Situated in one corner.

**ଏକକାର**—ଦେ. ଵଣ—୧ । ଏକାକାର ( ଦେଖ )
Ekakāra 1. Ekākāra ( See )
একাকার ପୃଥିବୀ କରୁ ଏକକାର, ବୃଷ୍ଟି ଅନଳେ ଜଳ ହୁର ।
एककार ପ୍ରାଚୀ—ନବଗ୍ରହମାହାତ୍ମ୍ୟ ।
୨ । ଏକ କର୍ମକାରୀ; ଏକାନୁଷ୍ଠ—2. Doing similar acts; pursuing the same line of conduct.
୩ । ଏକମାତ୍ର ବ୍ୟବସାୟ ଅବଲମ୍ବନକାରୀ—
3. Following the same profession.
ଦେ. ବି—ଏକ ବା ସମାନ କର୍ମ—
Same or similar act.

**ଏକକାଳିନ୍**—ଦେ. ଵଣ. ( ସଂ. ଏକକାଳୀନ )—ଏକକାଳୀନ (ଦେଖ )
Ekakalin Ekakalina ( See )

| ୧ | ଇ | ଉ | ର,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁକାରିକ ଯୁକ୍ତାକ୍ଷର | ଷ | ଢ | ଶ,ଷ | ଜ୍ଞ | ଇୟ | ଈଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨. | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଞ୍ଚ | କ୍ର |

ଦେ. କ୍ରି. ବଣ—ଯୁଗପତ୍—Simultaneously.

ଏକକାଳୀନ—ସଂ. ବଣ. ( ଏକକାଳ + ଈନ )—୧ । ସମସାମୟିକ—
Ekakālina 1. Contemporary.
୨ । ଏକ ସମୟରେ ଘଟୁଥିବା; ସମକାଳୀନ—
2. Contemporaneous; coeval
୩ । ଯୁଗପତ୍ ଘଟୁଥିବା—3. Simultaneous.
୪ । ଥରେ ଦେୟ—4. Payable once only
ଦେ. କ୍ରି. ବଣ—୧ । ଯୁଗପତ୍—1. Simultaneously.
୨ । ଥରେ ମାତ୍ର—2. Once only.

ଏକକୁ ଆରକ—ଦେ ଅ.—ଏକକୁ ଆରେକ ( ଦେଖ )
Ekaku āraka Ekaku āreka ( See )

ଏକକୁ ଆରକେ—ଦେ. ଅ—ଏକକୁ ଆରେକ (ଦେଖ )
Ekaku ārake Ekaku āreka ( See )
ଯାର ମହିମା ଜନ ଲୋକେ
ଘୋଷନ୍ତି ଏକକୁ ଆରକେ । ଜଗନ୍ନାଥ. ଭାଗବତ ।

ଏକକୁ ଆରେକ—ଦେ ଅ—୧ । ଅନ୍ୟୋନ୍ୟରେ—
Ekaku āreka 1. Mutually.
পরস্পর; একেকেআর ଏକକୁ ଆରେକ ଯେ ଲେପିଲେ ଅଙ୍ଗିତ ।
आपसमे ସାରଳାମହାଭାରତ. ବନ ।
୨ । ଏକ ଜଣଠାରୁ ଆଉ ଜଣକ; ଜଣକ ଅପେକ୍ଷା ଆଉ ଜଣେ (ଏଠାରେ ପଞ୍ଚମୀ ବିଭକ୍ତିର ଅର୍ଥରେ କୁ ପ୍ରୟୋଗ)—
2. One more than the other.
କୃଷ୍ଣ ମହିମା ପରଶଂସି, ଏକକୁ ଆରେକ ବଳେଷି ।
ଭୂପତି. ପ୍ରେମପଞ୍ଚାମୃତ ।
୩ । ଜଣକ ପରେ ଆଉ ଜଣେ—
3. One after the other.
୪ । ଏକ ପରିବର୍ତ୍ତରେ ଅନ୍ୟ—
4. One in the place of another
ଗରଳ ଅମୃତ ଅମୃତ ଗରଳ ହୁଅଇ ଏକକୁ ଆରେକ ପଳେ ।
ଭୀମଶଙ୍କର—ପ୍ରେମତତ୍ତ୍ୱ ।

ଏକକୁ ଏକ—ଦେ. ଅ ଓ ବଣ—ଏକୁଏକ ( ଦେଖ )
Ekaku eka Ekueka ( See )
ବହୁଳ ଏ ସୁଜନ, ହେବେ ନାହିଁ ସମ, ସମରେ ଏକକୁ ଏକ ସେ ।
ଉପେ. ବୈଦେହୀଶବିଳାସ ।

ଏକକୁଣ୍ଡଳ—ସଂ. ବଣ. ପୁଂ. ( ବହୁବ୍ରୀହି; ଏକ + କୁଣ୍ଡଳ )—
Ekakuṇḍaḷa ଗୋଟିଏ କାନରେ ମାତ୍ର କୁଣ୍ଡଳ ପିନ୍ଧିଥିବା—
(ଏକକୁଣ୍ଡଳା—ସ୍ତ୍ରୀ) Wearing a pendant in one ear only.
ସଂ. ବି—ବଳରାମ—Baḷarāma, brother of Śrikṛushṇa.

ଏକକୂଳ—ଦେ. ବଣ—ଏକଠୁଳ; ଏକତ୍ରିତ—
Ekakūḷa Gathered together; assembled.
ଗୃହ ଯୋଗ ତହିଁ ହୋଇଅଛୁ ଏକକୂଳ । ପ୍ରାଚୀ—ବ୍ରହ୍ମନନ୍ଦନ ଗୀତା ।

ଏକକୋଣିଆଁ—ଦେ. ବଣ. ( ସଂ. ଏକ + କୋଣ )—
Ekakoṇiāñ ଏକକଣିଆଁ ( ଦେଖ )
Ekakaṇiāñ ( See )

ଏକକୋଣିକିଆ—ଦେ. ବଣ—ଏକକଣିଆଁ ( ଦେଖ )
Ekakoṇikiā Ekakaṇiāñ ( See )

ଏକକୋଷ—ସଂ. ବଣ. ( ବିଜ୍ଞାନପରିଭାଷା; ଅଧୁନିକ ପ୍ରୟୋଗ )—
Ekakosha ଯେଉଁ ଜୀବର ଶରୀର ଗୋଟିଏ ମାତ୍ର ମାଂସ କୋଷରେ ଗଢ଼ା—One-celled (creature.)

ଏକକୋଷ୍ଠୀ—ସଂ. ବଣ ( ଜନ୍ତୁବିଜ୍ଞାନପରିଭାଷା; ଏକ + କୋଷ୍ଠ +
Ekakoshṭhī ଇନ୍. ୧ମା. ବ.)—ଏକକୋଷ୍ଠମୟ ଦେହବିଶିଷ୍ଟ;
ଶିରଃପଦା (ସାମୁଦ୍ର ଜୀବ)—Cephalopod.
(ଯଥା—ସମୁଦ୍ର ଫେଣ ଜୀବ; ପୁରୁଭୁଜ—e.g Cuttle fish; Octopus ).
( ଜ୍ଞାନେନ୍ଦ୍ର ଓ ପ୍ରକୃତିବାଦ )

ଏକକ୍ରିୟ—ସଂ. ବଣ. ପୁଂ. ( ବହୁବ୍ରୀହି; ଏକ + କ୍ରିୟା )—
Ekakriya ୧ । ଏକ କାର୍ଯ୍ୟ କରୁଥିବା ( ଦଳ ଦଳ ବ୍ୟକ୍ତି )—
1. ( persons ) Having to do one and
(ଏକକ୍ରିୟା—ସ୍ତ୍ରୀ) the same work.
୨ । ଏକଆଚରଣକାରୀ—
2. Pursuing the same line of conduct.

ଏକଗମ୍ୟ—ସଂ. ବଣ. ପୁଂ ( କର୍ମ୍ମ ତତ୍; ଏକ + ଗମ୍ୟ )—
Ekagamya ୧ । ଏକ ବ୍ୟକ୍ତିଦ୍ୱାରା ଭୋଗ୍ୟ—
(ଏକଗମ୍ୟା - ସ୍ତ୍ରୀ) 1. Enjoyable by a single person.
୨ । ଏକଲଭ୍ୟ—2. Obtainable by one person only.

ଏକଗୁଇଁଆଁ—ଦେ ବଣ—ଯେ ଗୋଟିଏ କଥାରେ ଜିଗର କରେ, ଏକ-
Ekaguiñāñ ଜାଗିଆ; ଏକଜିଦିଆ; ଜିଦଖୋର; ହଟିଆ—
একগুঁয়ে Self-willed; stubborn; obstinate;
अड़ियल; हठीला persistent; headstrong.

ଏକଗୁୟାଁ—ଦେ. ବଣ—ଏକଗୁଇଁଆଁ ( ଦେଖ )
Ekaguyāñ Ekaguiñāñ ( See )

ଏକଗୁରୁ—ସଂ. ବି. ପୁଂ. (ବହୁବ୍ରୀହି)—୧ । ସହାଧ୍ୟାୟୀ—
Ekaguru 1. Class-mate.
୨ । ସତୀର୍ଥ; ସହପାଠୀ—
2. Disciple of the same preceptor.

ଏକଗୋଡ଼ିଆ—ଦେ. ବଣ—୧ । ଏକମାତ୍ର ଗୋଡ଼ରେ ଠିଆ ହେବା
Ekagoṛdiā (ଅବସ୍ଥା)—1. (state) Of standing on one leg.
୨ । ଯାହାର ଗୋଟିଏ ମାତ୍ର ପାଦ ଥାଏ—
2. One-legged.

ସାଧାରଣ ଭେବେ ଅଭିଧାନ ପୃଷ୍ଠାରେ ସ୍ଥଳେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ 'କୃଷ' ନ ମିଳିଲେ 'କୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବି— ପୂର୍ବେ ଚାଟଶାଳୀରେ ଗୋଟିଏ ଗୋଡ଼କୁ ଭୂଇଁରୁ ଟେକି ରଖି ଅନ୍ୟ ଗୋଟିଏ ଗୋଡ଼ରେ କେତେ ସମୟ ପର୍ଯ୍ୟନ୍ତ ଠିଆ ହେବା ରୂପ ପିଲାଙ୍କୁ ଦିଆ ଯିବା ଦଣ୍ଡ—
A punishment formerly given to students consisting of standing on one leg only for some time

**ଏକଗ୍ରାମୀଣ**— ସଂ. ବିଣ. ପୁଂ (ଏକଗ୍ରାମ+ଈନ)—ଏକଗ୍ରାମବାସୀ—
Ekagrāmiṇa Inhabiting the same village
(ଏକଗ୍ରାମୀଣା—ସ୍ତ୍ରୀ)

**ଏକଗ୍ରୀବ**— ଦେ. ବିଣ. ପୁଂ (ବହୁବ୍ରୀହି; ଅଲୁକ୍‌ବ୍ୟବହାର)—
Ekagriba ୧ । ଏକ ଅଡ଼କୁ ମୁହଁ ବୁଲାଇଥିବା (ବହୁ)—
1. Turning the faces to one direction.
୨ । (ଲକ୍ଷଣାର୍ଥ) ଏକମୁଖ; ଏକପ୍ରାଣ; ଏକମତ—
2. (figurative United; unanimous.
ଏକଗ୍ରୀବ ହୋଇ ଭାରତର ସବୁ ନେତା ଔପନିବେଶିକ ଶାସନ ଦାବୀ କରୁଅଛନ୍ତି ।
ଦୈନିକ ଆଶା ୨୪।୮।୨୮ ।

**ଏକଘଞ୍ଚ**— ଦେ. ବିଣ (ସଂ. ଏକ+ଘନ)—
Ekaghañcha ୧ । ଘନୀଭୂତ—1 Dense
୨ । ଏକତ୍ରିତ—2. Joined together; compact.
ସେ କାଳେ ଅଶ୍ବତ୍ଥାମା ହଣୋଥା ନାଗତ
ବନ୍ଧିଲେ ଗୁଡ଼ିଲେ ସେ ହୋଇ ଏକଘଞ୍ଚ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଏକଘଣି**— ଗ୍ରା. ପଦ୍ୟ. ବି. ( ସଂ. ଏକଘ୍ନୀ )—ଏକଘ୍ନୀ ( ଦେଖ )
Ekaghani Ekaghnī ( See )
ବୁଲାଇ ଏହି ସମସ୍ତ ଏକଘଣି ଘେନି କାୟ କରାଇ ବନ୍ଧ୍ୟ ଶିଖରଶିରେ ।
ଭଞ୍ଜ. ବୈଦେହୀଶବିଳାସ ।

**ଏକଘରିଆ**— ଦେ. ବିଣ— ଏକଘରିକିଆ ( ଦେଖ )
Ekaghariā Ekagharikiā ( See )
ସଭାରୁ ସଭ୍ୟମାନେ ଆରକୁ ଏକଘରିଆ ହୋଇ ଥିଲେ ।
ଫକୀରମୋହନ. ଗଳ୍ପସ୍ବଳ୍ପ ।

**ଏକଘରିକିଆ**— ଦେ. ବିଣ— ୧ । ଏକୁଟିଆ; ଅନ୍ୟ ସମସ୍ତଙ୍କଠାରୁ ପୃଥକ୍ ବାସ କରୁଥିବା—1. Secluded.
Ekagharikiā
एकघरे ୨ । ସମାଜଚ୍ୟୁତ—2. Boycotted;
जातवाहर excommunicated; outcasted.

**ଏକଘାଆକେ**— ଦେ କ୍ରି. ବିଣ—ଏକଘାଏ ( ଦେଖ )
Ekaghāāke Ekaghāe ( See )

**ଏକଘାଏ**— ଦେ. କ୍ରି. ବିଣ. ( ସଂ. ଏକ+ଘାତ )—
Ekaghāe ୧ । ଏକାଥରକେ—1. In one instalment
एकघाए ୨ । ଏକା କ୍ଷଣକେ— 2. At one moment.
एकचाटसे ୩ । ଏକ ପ୍ରହାରରେ; ଏକା ଚୋଟକେ—
3. At one stroke.
୪ । ଏକବାରକେ—4. Once for all.

**ଏକଘାଣ୍ଟି**— ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekaghānti Ekaghāe ( See )

**ଏକଘ୍ନୀ**— ସଂ. ବି. ସ୍ତ୍ରୀ. ( ଏକ+ହନ ଧାତୁ+କ୍ବିପ୍+ଈ; ଥରକେ ଯାହା ଜଣକୁ ମାରି ପକାଏ ତୁଳ. ଶତଘ୍ନୀ ।)—
Ekaghnī
ଏକପ୍ରକାର ଯୁଦ୍ଧାସ୍ତ୍ର; ନାଳିକାସ୍ତ୍ର; ବନ୍ଧୁକବିଶେଷ—
A kind of weapon af offence; a gun.

**ଏକଙ୍ଗୀ**— ଦେ. ବି. ( ସଂ. ଏକାଙ୍ଗୀ )—
Ekaṅgi ୧ । ଏକ ପ୍ରକାର ସୁଗନ୍ଧ ମୂଳ—
एकाङ्गी 1. A sweet-smelling root used in
एकअङ्गी scenting toilette paste.
୨ । ଏକଅଙ୍ଗୀ ବାତ; ଶରୀରର ଗୋଟିଏ ପାଖର ଅଙ୍ଗକୁ ଆକର ଧରିବା ବାତବିଶେଷ—
2. Partial paralysis; paralysis of one side.
ବିଣ—ଏକ ଅଙ୍ଗ ବା ଏକ ପାଖର ଅଙ୍ଗକୁ ଆକ୍ରମଣ କରିଥିବା—
Attacking one limb or one side.

**ଏକଚକ**— ଦେ. ବି. ( ସଂ. ଏକ ଓ ଚକ୍ର )—
Ekachaka ଏକାଠି ଲାଗିଥିବା ବିସ୍ତୃତ ଭୂଖଣ୍ଡ—
A continuous and extensive tract of land; a large expanse of land.
ବିଣ—ଏକାଠି ଲାଗିଥିବା ଓ ବିସ୍ତୃତ ( ଭୂମି ଖଣ୍ଡ )—
Continuous and extensive land).

**ଏକଚକଡ଼ା**— ଦେ. ବି ଓ ବିଣ— ଏକଚକ ( ଦେଖ )
Ekachakaṛā Ekachaka ( See )

**ଏକଚକିଆ**— ଦେ. ବି ଓ ବିଣ— ଏକଚକ ( ଦେଖ )
Ekachakiā Ekachaka ( See )
ବିଣ— ଏକଚକ (ଦେଖ)—Ekachaka (See)

**ଏକଚକ୍ର**— ସଂ. ବି. (ବହୁବ୍ରୀହି; ଏକ+ଚକ୍ର)—୧ । ଏକଚକ୍ରବିଶିଷ୍ଟ ରଥ—
Ekachakra 1. One wheeled vehicle.
୨ । ସୂର୍ଯ୍ୟଙ୍କର ରଥ—2. The imaginary one-wheeled car of the Sun-God.
୩ । ଗଣ୍ଡାର—3. Rhinoceres.
ସଂ. ବିଣ.—ଏକ ଚକ୍ରବିଶିଷ୍ଟ— One-wheeled.

**ଏକଚକ୍ରା**— ସଂ. ବି ସ୍ତ୍ରୀ (ଏକ+ଚକ୍ର+ସ୍ତ୍ରୀ. ଆ)—୧ । ଗଣ୍ଡା ନାମକ ଜନ୍ତୁ—1 Phinoceres
Ekachakrā
୨ । ନଗରୀବିଶେଷ (ଏଠାରେ ଭୀମ ବକାସୁରକୁ ବଧ କରିଥିଲେ । ଏହା ଆଧୁନିକ ପାଟନା ଜିଲ୍ଲାର ଅନ୍ତର୍ଗତ)—
2. A town of ancent India, situated in the (modern) district of Patna.
ଏକଚକ୍ରା ନଗରେ ବକ ରାକ୍ଷସ ମାରି । ସାରଳାମହାଭାରତ. ଆଦି ।
[ଦ୍ର— ଜତୁ ଗୃହ ଦାହରୁ ପଳାଇ ଯାଇ ପଞ୍ଚପାଣ୍ଡବ ମାତାଙ୍କ ସହିତ ଏଠାରେ କିଛି ଦିନ ବାସ କରି ଥିଲେ ଓ ଏହିଠାରେ ଭୀମ ବକାସୁରକୁ ବଧ କରିଥିଲେ । ଏହା ଆଧୁନିକ ପାଟଣା ନଗରର ଉପରି ଜିଲ୍ଲାର ଅନ୍ତର୍ଗତ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ଋ | ଝ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଉପ | ଈଅ | ଘ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଂ୍ୟ | ଉଅ | ଓ | ନୃ |

ଏକଚଟିଆ—ଦେ. ବଣ.—୧ । (ସଂ. ଏକ+ଚଟ୍ଟ=ସର୍ବତୋଭାବେ)—
Ekachaṭiā ଯେଉଁ ବାଣିଜ୍ୟ ବିଷୟରେ ରାଜାଦେଶ ଦ୍ୱାରା ଏକମାତ୍ର
একচেটে; ବ୍ୟକ୍ତି କୌଣସି ପଣ୍ୟ ଦ୍ରବ୍ୟରେ କାରବାର କରିବାକୁ
একচেটিয়া ଅଧିକାର ପାଇଥାଏ—1. Monopolized
एकाधिकार (trade)

୨ । ଜଣକର ଅଧିକାରରେ ରକ୍ଷିତ—
2. In the exclusive possession of one person

ଦେ. ବି.—ରାଜାଦେଶରେ କୌଣସି ଏକମାତ୍ର ପଣ୍ୟଦ୍ରବ୍ୟରେ ରାଜ୍ୟତମାମ୍ ବାଣିଜ୍ୟ କରିବାକୁ ଏକ ମାତ୍ର ବ୍ୟକ୍ତି ପାଇଥିବା ଅଧିକାର—Monopoly.

ଏକଚତ୍ୱାରିଂଶ—ସଂ. ବି. ଓ ବଣ (ଏକ ଅଧିକ ଚତ୍ୱାରିଂଶ)—
Ekachatwārimsa ଏକଚାଳିଶ—Fortyone.

ଏକଚତ୍ୱାରିଂଶତ୍—ସଂ. ବି. ଓ ବଣ—ଏକଚାଳିଶ—
Ekachatwārimsat Fortyone.

ଏକଚତ୍ୱାରିଂଶତ୍ତମ—ସଂ. ବଣ.—ଏକଚାଳିଶ ସଂଖ୍ୟାର ପୂରଣ—
Ekachatwārimsattama Fortyfirst.

ଏକଚର—ସଂ. ବଣ. ପୁଂ. (ଏକ+ଚର ଧାତୁ+କର୍ତ୍ତୃ. ଅ)—
Ekachara ଏକାକୀ; ଯେ ଏକାକୀ ନିର୍ଜନ ସ୍ଥାନରେ ରହେ—
(ଏକଚରୀ—ସ୍ତ୍ରୀ) Single; living alone in a solitary place.

ଏକଚରା—ସଂ. ବଣ.—୧ । ଅସ୍ମମ୍ଭରୀ—
Ekacharā 1. Selfish.

୨ । ଯେ ନିର୍ଜନସ୍ଥାନରେ ବିଚରଣ କରିବାକୁ ଭଲ ପାଏ—
2. Liking to move in a solitary place

ଏକଚର୍ଯ୍ୟା—ସଂ. ବି. (ଏକ+ଚର ଧାତୁ+ଭାବ. ଯ+ସ୍ତ୍ରୀ. ଆ)—
Ekacharjyā ୧ । ଅସହାୟ ଗମନ—
1. Solitary walk.

୨ । ଏକାକୀ ହୋଇ ଗମନ କରିବା—
2. Walking alone.

ଏକଚାଟିଆ—ଦେ. ବ. ଓ ବଣ.—ଏକଚଟିଆ (ଦେଖ)
Ekachāṭiā Ekachaṭiā (See)

ଏକଚାରୀ—ସଂ. ବଣ. ପୁଂ. (ଏକ+ଚର ଧାତୁ+ଇନ୍ ୧ମା. ୧ବ.)—
Ekachāri ୧ । ଏକାକୀ ବିଚରଣକାରୀ—
(ଏକଚାରିଣୀ—ସ୍ତ୍ରୀ) 1. Moving alone.

୨ । ଏକାକୀ ବାସକାରୀ—2. Living alone.

ଏକଚାଲ୍—ଦେ. ବି—୧ । ଏକ ପ୍ରକାର ଚାଲିଚଳଣ ବା ଆଚରଣ—
Ekachāl 1. One kind of conduct.
একচাল ୨ । ଏକପ୍ରକାର ରୀତି—
एकचाल 2. One kind of usage

ଦେ. ବଣ—୧ । ଏକ ପ୍ରକାର ଚାଲିଚଳଣି ବା ଆଚରଣବିଶିଷ୍ଟ (ବହୁଲୋକ)—1. ( many persons ) Following the same line of conduct.

୨ । ଏକପ୍ରକାର ରୀତିବିଶିଷ୍ଟ—
2. Followig the same method or usage.

ଏକଚାଲ୍—ଦେ. ବଣ—୧ । ଏକଗୁଣିଆଁ ( ଦେଖ )
Ekachāla 1. Ekaguinān ( See )
খামখেয়ালী ୨ । ଖାମଖିଆଲୀ—2. Whimisical;
मनमौजी; तरङ्गी capricious.

ଏକଚାଳା—ଦେ. ବି—ଯେଉଁ ଘର ଉପରେ ଏକପାର୍ଶ୍ୱିଆ ଚାଳ ଥାଏ; ଚାଳ-
Ekachāḷā Onesided thatch; a thatch with
একচালা one side-roof; a lean-to.
ओसारा; सायबान ବଣ—ଏକମାତ୍ର ଚାଳବିଶିଷ୍ଟ ( ଘର )—
A pent-roofed (house), pent ( house )

ଏକଚାଳି—ଦେ. ବି ଓ ବଣ—ଏକଚାଳା ( ଦେଖ )
Ekachāḷi Ekachāḷā ( See )

ଏକଚାଳିଆ—ଦେ. ବି ଓ ବଣ—ଏକଚାଳା ( ଦେଖ )
Ekachāḷia Ekachāḷā ( See )

ଏକଚାଳିଶ—ଦେ. ବି. ( ସଂ. ଏକଚତ୍ୱାରିଂଶତ୍; ପ୍ରା. ଏକଚତ୍ତାଳିସ )—
Ekachāḷisa ଏକଚାଳିଶ; ୪୧ ସଂଖ୍ୟା—
একচল্লিস The number 41; fortyone.
इकतालिस ବଣ—ଏକଚାଳିଶିସଂଖ୍ୟକ—
(ଏକଚାଳିଶି—ଅନ୍ୟରୂପ) Numbering fortyone.

ଏକଚାଳିଶାମନ୍ତ୍ର—ଦେ. ବି—ବୈଦିକ କର୍ମକାଣ୍ଡର ମନ୍ତ୍ରବିଶେଷ—
Ekachāḷisāmantra A collection of Vedic mantras for daily ceremonies.

ଏକଚାଳିଶାଶହେ—ଦେ. ବି—୧୪୧ ସଂଖ୍ୟା—
Ekachāḷisāsahe The number 141.
ଦେ. ବଣ—୧୪୧ ସଂଖ୍ୟକ—Numbering 141

ଏକଚିତ୍ତ—ସଂ. ବଣ. ପୁଂ—୧ । ଏକମତବିଶିଷ୍ଟ (ବହୁବ୍ୟକ୍ତି)—
Ekachitta 1. Unanimous.

୨ । ଅନନ୍ୟମନା; ଦତ୍ତଚିତ୍ତ—2. With concentrated attention; wholly absorbed.

ଏକଚେଟିଆ—ଦେ. ବି ଓ ବଣ—ଏକଚଟିଆ ( ଦେଖ )
Ekacheṭiā Ekachaṭiā ( See )

ଏକଚୋଟେ—ଦେ. ଅ—ଏକଘାଏ ( ଦେଖ )
Ekachoṭe Ekaghāe ( See )

ଏକଚୋଟେକେ—ଦେ. ଅ—ଏକଘାଏ ( ଦେଖ )
Ekachoṭeke Ekaghāe ( See )

ଏକଚ୍ଛତ୍ର—ସଂ. ବଣ. ( ବହୁବ୍ରୀହି; ଏକ+ଛତ୍ର; ସନ୍ଧିଯୋଗୁ ଛ ସ୍ଥାନରେ
Ekachchhatra ଚ୍ଛ )—ଏକମାତ୍ର ରାଜାଙ୍କ ଦ୍ୱାରା ଶାସିତ; ଏକ
(ଏକଚ୍ଛତ୍ରା—ସ୍ତ୍ରୀ) ରାଜାଧୀନରେ ଅବସ୍ଥିତ ବା ଆଶ୍ରିତ—
Ruled by a single king; brought under one man's sovereignty; under the sway of one paramount ruler.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ଯାଠ ଯଥାକ୍ରମେ ରହିବ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' କ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଏକଛତ୍ର—ଦେ. ବିଣ. ( ସଂ. ଏକଚ୍ଛତ୍ର )—ଏକଚ୍ଛତ୍ର ( ଦେଖ )
Ekachhatra — Ekachchhatra ( See )
ଏବେ ଜମ୍ବୁଦ୍ୱୀପ ମୋର ଏକଛତ୍ର ହେଲା । ସ ରଳାମହାଭାରତ, ବନ୍ଦ୍ୱ ।

ଏକଜ—ସଂ. ବିଣ. ପୁଂ. ( ଏକ+ଜନ ଧାତୁ+କର୍ତ୍ତୃ. ଅ )—
Ekaja — ଏକଜାତ ( ଦେଖ )
( ଏକଜା—ସ୍ତ୍ରୀ ) — Ekajāta ( See )

ଏକଜନ୍ମା—ସଂ. ବି. ( ବହୁବ୍ରୀହି; ଏକ+ଜନ୍ମନ୍ ୧ମା. ୧ବ )—
Ekajanmā — ୧ । ରାଜା—1. King.
୨ । ଶୂଦ୍ର ଜାତି ( ସଂସ୍କାର ନ ଥିବାରୁ )—
2. The Śūdras.

ଏକଜବାବ—ଦେ. ବି—ଏକବାକ୍ୟ; ଅଟଳ ବାକ୍ୟ; ଦୃଢ଼ ବଚନ—
Ekajabāba — Unchangeable promise; promise which is not broken.
একজবাব
एकजबाब

ଏକଜବାବି—ଦେ. ବିଣ — ଏକବାକ୍; ଦୃଢ଼ବଚନ; ଯାହାର ବାକ୍ୟ ଅଟଳ—One who is constant to his promise.
Ekajabābi
একজবাবী
एकजबाबी

ଏକଜାଇ—ଦେ. ବି ( ଜମିଦାରୀସେରସ୍ତା )—ଶ୍ରେଣୀଭୁକ୍ତ ତାଲିକା; ଉଥରଜା—A classified list.
Ekajāi
একজাই
ବିଣ—୧ । ଉଥରଜା କରି ଯାଇଥିବା; ଶ୍ରେଣୀବଦ୍ଧ—
अन्नाविजा; जिन्सवारि — 1. Classified under different headings.
୨ । ଏକପ୍ରକାରର—2. Uniform; similar.
୩ । ମିଶାଯାଇଥିବା—3. Totalled up

ଏକଜାଇ କରିବା— ଦେ. କ୍ରି—୧ । ଏକତ୍ର ଉଥରଜା ବା ଶ୍ରେଣୀବଦ୍ଧ କରିବା—
Ekajāi kalibā
একজাইকরা — 1. To collect and classify several
अबारिजा करना — things under different headings
୨ । ବହୁଗୁଣିକୁ ଯୋଗ କରିବା—
2. To total up various items

ଏକଜାଏ ( ଇତ୍ୟାଦି )—ଏକଜାଇ ଇତ୍ୟାଦି ( ଦେଖ )
Ekajāe ( etc ) — Ekajāi etc ( See )

ଏକଜାତ— ସଂ. ବିଣ. ପୁଂ. ( ଏକ+ଜନ ଧାତୁ+କର୍ତ୍ତୃ. ତ )—
Ekajāta — ୧ । ଏକ ପିତାମାତାଙ୍କଠାରୁ ଉତ୍ପନ୍ନ—
(ଏକଜାତା—ସ୍ତ୍ରୀ) — 1. Born of the same pair of parents.
୨ । ଏକସ୍ଥାନରୁ ଉତ୍ପନ୍ନ— 2. Born at one place.
ସଂ. ବି—(ଏକ ଥରକେ ଜାତ; ଯେ ଦ୍ୱିଜ ନୁହେ ) ଶୂଦ୍ର—
A Śūdra.

ଏକଜାତି—ସଂ. ବି. ( ବହୁବ୍ରୀହି; ଏକ=ଥରେ+ଜାତି = ଜନ୍ମ; ଯାହାର ଥରେ ମାତ୍ର ଜନ୍ମ )—ଶୂଦ୍ର ଜାତି—
Ekajāti — The Śūdra caste.
ଦେ. ବି—୧ । ଗୋଟିଏ ମାତ୍ର ଜାତି ବା ବର୍ଣ୍ଣ—
1. One caste.
୨ । ଏକ ପ୍ରକାର—2. One kind.
୩ । ଏକ ଶ୍ରେଣୀ—3. One class.

ଏକଜାତିଆ—ଦେ. ବିଣ—୧ । ଏକପ୍ରକାରର—
Ekajātiā — 1. Of one kind.
একজেতে — ୨ । ଏକଶ୍ରେଣୀର—2. Of one class.
एकजातका — ୩ । ସମଶ୍ରେଣୀର—3. Similar.
୪ । ଏକବର୍ଣ୍ଣର—4 Belonging to the same caste.

ଏକଜାତିକା—ଦେ. ବିଣ—ଏକଜାତିଆ ( ଦେଖ )
Ekajātikā — Ekajātiā ( See )

ଏକଜାତିକିଆ—ଦେ. ବିଣ—ଏକଜାତିଆ ( ଦେଖ )
Ekajātikiā — Ekajātiā ( See )

ଏକଜିଗର—ଦେ ବି—ଏକଗୁଁୟାପଣ; ଏକଜିଦିଆମି—
Ekajigara — Obstinacy; stubbornness.
একজিগর
सरकशी

ଏକଜିଗରିଆ—ଦେ. ବିଣ—ଏକଗୁଁୟା; ଏକଜିଦିଆ; ଜିଦଖୋର; ଏକଜାଗିଆ —Stubborn; obstinate.
Ekajigariā
একগুয়ঁা
हट्टी; जिद्दी

ଏକଜିଦି—ଦେ. ବି—ଏକଜିଗର ( ଦେଖ )
Ekajidi — Ekajigar ( See )

ଏକଜିଦିଆ— ଦେ. ବିଣ.— ଏକଜିଗିରିଆ (ଦେଖ)
Ekajidiā — Ekajigiriā (See)

ଏକଜୁଟ୍—ଦେ. ବି. (ସଂ.ଏକ ଓ ଜୁଡ଼ ଧାତୁ)—୧ । ଏକତ୍ର ସମ୍ମିଳନ—
Ekajut — 1. Association.
একজোট — ୨ । ମେଳ; ଷଡ଼ଯନ୍ତ୍ର—2. Conspiracy; plot; mutiny.
बलवा
ଦେ. ବିଣ.—୧ । ଏକତ୍ରିତ—1. Gathered together.
একজোট — ୨ । ଏକମେଳ, ମେଳ ବାନ୍ଧିଥିବା—
एकजुट — 2. Plotting together; mutinous
୩ । ସହକର୍ମୀରୂପେ ପରସ୍ପର ଅବଦ୍ଧ—
3. Associated with each other.
୪ । ଏକତ୍ର ସଂଯୁକ୍ତ ବା ମିଳିତ—
4. United together; met together.
୫ । ସମସ୍ତେ ମିଶି ଏକ ଦଳ ଗଠିତ ହୋଇଥିବା—
5. Formed together into one party

ଏକଜୋଟ୍—ଦେ. ବି. ଓ ବିଣ—ଏକଜୁଟ୍ (ଦେଖ)
Ekajot — Ekajut (See)

| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ଶ | ଙ୍କ | ଇଏ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଔ | ନ୍ |

ଏକଜୋଡ଼ —ଦେ. ବି. ଓ ବିଣ—୧ । ଏକଜୁଟ୍ (ଦେଖ)
Ekajorda 1. Ekajuṭ (See)
୨ । ଦୁଇଟି—2. Two; a pair; a couple.

ଏକଜୋଡ଼ା—ଦେ. ବି. ଓ ବିଣ—୧ । ଦୁଇଗୋଟି; ଦୁଇ ସଂଖ୍ୟକ—
Ekajordā 1. Two
୨ । ପରସ୍ପର ସମକକ୍ଷ ଦୁଇଟି ବସ୍ତୁ ବା ଜୀବ—
2 Couple; pair.

ଏକଜ୍ୱର—ସଂ. ବି (ଏକ+ଜ୍ୱର)—ଯେଉଁ ଜ୍ୱରରେ ଦିନ ରାତି ଦେହରୁ
Ekajwara ତାତି ଛାଡ଼େ ନାହିଁ—Unremitted fever; continued fever

ଏକଜ୍ୱରି—ସଂ. ବି (ଏକ+ଜ୍ୱର+ସ୍ୱାର୍ଥେ. ଇ)—ଏକଜ୍ୱର (ଦେଖ)
Ekajwari Ekajwara (See)

ଏକଟିଂ—ବୈଦେ. ବି (ଇଂ. ଆକ୍ଟିଂର ଅଶୁଦ୍ଧ ଉଚ୍ଚାରଣ)—
Ekaṭim ଆକ୍ଟିଙ୍ଗ୍ (ଦେଖ)
Ākṭing (See)

ଏକଟିଣ୍—ଦେ ବି—ଆକ୍ଟିଙ୍ଗ (ଦେଖ)
Ekaṭiṇ Ākṭing (See)

ଏକଠା—ଦେ. ବିଣ (ସଂ. ଏକ ଓ ସ୍ଥାନ)—ଏକୀଭୂତ; ସମବେତ—
Ekaṭhā Collected or gathered up at one place.

ପାଣ୍ଡୁ ସୁତେ ସମସ୍ତେ ଏକଠା ହୋଇଲେ—କୃଷ୍ଣସିଂହ. ମହାଭାରତ. ବନ ।

ଏକଠାଇଁ—ଦେ. ଅ—୧ । ଏକ ସ୍ଥାନରେ—
Ekaṭhāiñ 1. At one place.
୨ । ଏକାଠି—2. Together.

ଏକଠାଏ—ଦେ. ଅ—ଏକଠାଇଁ (ଦେଖ)
Ekaṭhāe Ekaṭhāiñ (See)

ଏକଠାଏଁ—ଦେ. ଅ - ଏକଠାଇଁ (ଦେଖ)
Ekaṭhāeñ Ekaṭhāiñ (See)

ଏକଠୁଳ—ଦେ. ବିଣ (ସଂ. ଏକ+ସ୍ଥୂଳ)—୧ । ଏକତ୍ର; ଏକ ସ୍ଥାନରେ
Ekaṭhuḷa ଜମା ହୋଇଥିବା—
1. Collected at one place.
୨ । ଏକତ୍ର ଗଦା ହୋଇଥିବା—2. Heaped up

ଏକଡ଼—ଦେ. ବି—ଏଦିଗ; ଏପାର୍ଶ୍ୱ; ଏପାଖ—
Ekarda This side.

ଏକଡ଼ସେକଡ଼—ଦେ. ଅ ( ବିପରୀତ ସହଚର )—୧ । ଏପାଖ-
Ekardasekarda ସେପାଖ—1. This side and that.
এপাশওপাশ
ईसतरफ उसतरफ ଅନେକ ରାତି ପର୍ଯ୍ୟନ୍ତ ନ ଶୋଇ ଏକଡ଼ ସେକଡ଼ ହେଉଥିଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୨ । ମନୁଷ୍ୟର ଦୁଇ ପାର୍ଶ୍ୱ—
2. Both flanks of a person.

ଏକଡ଼ସେକଡ଼ ହେବା—ଦେ କ୍ରି—୧ । ଶୋଇଥିବାବେଳେ ଏକାଧିକଥର
Ekardasekarda hebā ପାର୍ଶ୍ୱ ପରିବର୍ତ୍ତନ କରିବା—
এপাশওপাশকরা 1. Repeatedly to turn one's
ईसतरफउसतरफहोना sides during sleep.
୨ । ଏକପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ବହୁବାର ଯିବା ଆସିବା କରିବା;
ଇତସ୍ତତଃ ହେବା—2. Repeatedly to go this side and that.
୩ । (ଲକ୍ଷଣାର୍ଥେ) ଇତସ୍ତତ କରିବା; ଦ୍ୱିଧା କରିବା—
3. To hesitate.

ଏକଡିଆଁଇବା—ଦେ. କ୍ରି—ଏକା ଲମ୍ଫରେ ଡେଇଁବା—
Ekadiāñibā To jump up at one stride.

ବାଉଁଚଢ଼ ଇନ୍ଦ୍ର ଅଶ୍ୱଟକ ଧନୁ ଭଙ୍ଗେ ଏକଡିଆଁଇ—ଉପେ. ବୈଦେହୀଶବିଳାସ ।

ଏକଣସେକଣ ହେବା—ଦେ. କ୍ରି—ଏକ କୋଣରୁ ଅନ୍ୟ କୋଣକୁ
Ekaṇasekaṇa hebā ଏକାଧିକଥର ଯିବା—To move constantly from one corner to another.

ଏକଣା—ଦେ. ବି ( ସଂ. ଏକ ଓ କୋଣ କିମ୍ୱା ଏକାନ୍ତ )—
Ekaṇā ୧ । ଏକପାଖ—1. One side.
୨ । ଏକପ୍ରାନ୍ତ—2. One end.
୩ । ଏକକୋଣ—3 One corner.
ଦେ. ବିଣ—୧ । ଏକ କୋଣରେ ଅବସ୍ଥିତ—
1. Situated at a corner.
୨ । ପୃଥକ୍ ଅବସ୍ଥିତ—2. Solitary.
୩ । ବିଜନ—3. Secluded.
୪ । ଗ୍ରାମର ଏକ ପ୍ରାନ୍ତରେ ଅବସ୍ଥିତ—
4. Situated at one end of a village.

ଏକତ—ଗ୍ରା. ପ୍ରାଚୀନ ପଦ୍ୟ. ବିଣ ( ସଂ. ଏକତ୍ର )—୧ । ଏକାପରି—
Ekata 1. Similar.
एकत ଭିନ୍ନ ହୋଇଲେ ପୁନ ଜାତ, ସେ ପୁଣି କୋହିଲେ ଏକତ ।
ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।
୨ । ( ସଂ. ଏକତ୍ର ) ଏକୀଭୂତ—2. Assembled.

ଏକତଃ—ସଂ. ଅ. ( ଏକ+ତସ୍ )—୧ । ଏକଅଡ଼େ;
Ekataḥ ଏକପକ୍ଷରେ—1. On one side.
୨ । ଏକଦିଗରେ—2. In one direction
୩ । ଏକସ୍ଥାନରେ—3. At one place.
୪ । ଏକଦିଗରୁ; ଏକଅଡ଼ରୁ—
4. From one side or point of view.
୫ । ପ୍ରଥମତଃ—5. Firstly; in the first place

ଏକତତ୍ତ୍ୱୀ—ସଂ. ବି. ପୁଂ ( ଏକ+ତତ୍ତ୍ୱ+ଇନ୍ ୧ମା. ୧ବ.)—
Ekatattwi ୧ । ପ୍ରତିଯୋଗୀ; ପ୍ରତିଦ୍ୱନ୍ଦ୍ୱୀ—1. Rival.
(ଏକତତ୍ତ୍ୱିନୀ—ସ୍ତ୍ରୀ) ୨ । ଏକ ଉଦ୍ଦେଶ୍ୟଥିବା (ବ୍ୟକ୍ତିଗଣ)—
2. (persons) Having the same object in view.

ସାଧାରଣ ଲେଖକ ଅପର ପୃଷ୍ଠାରେ ଧୃତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ପ୍ରଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ବୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଆଶ୍ରୟ ଚିହ୍ନର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଟ' ନ ପାଇଲେ ଅଳ୍‌ବଟ୍ ଦେଖିବେ ।

**ଏକତନ୍ତ୍ର**—ସଂ. ବି- (ଏକ + ତନ୍ତ୍ର = ଶାସନ)- ୧ । ଏକ ପ୍ରଭୁ ବା ଅଧ୍ୟକ୍ଷ
Ekatantra ଦ୍ୱାରା ରାଜ୍ୟଶାସନ ପ୍ରଣାଳୀ—1 Absolute monarchy; system of government in which one person is invested with supreme power
୨ । ଏକତାର ବାଦ୍ୟଯନ୍ତ୍ର—
2. A one-stringed musical instrument.
ସଂ ବିଣ—୧ । ଏକ ପ୍ରଭୁର ଶାସନାଧୀନ—
1. Monarchical (from of government); having one overlord
୨ । ଏକମାତ୍ର ତନ୍ତ୍ରୀ ବା ସୂତ୍ରବିଶିଷ୍ଟ; ଏକସରିଆ—
2. Having one string only: (e.g. a bow.

**ଏକତନ୍ତ୍ରୀ**—ସଂ. ବି. ଓ ବିଣ ( ଏକ + ତନ୍ତ୍ର + ସ୍ତ୍ରୀ. ଈ )—
Ekatantri ଏକତନ୍ତ୍ର ଦେଖ)
1. Ekatantra (See)
୨ । ଏକମତାବଲମ୍ବୀ—2 Unanimous.

**ଏକତମ**—ସଂ.ବି.ପୁଂ. (ଏକ + ତମ; ବହୁ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥ)—
Ekatama ଅନେକଙ୍କ ମଧ୍ୟରେ ଏକ—One amongst many; one out of many.
(ଏକତମା—ସ୍ତ୍ରୀ)

**ଏକତର**—ସ. ବି. (ଏକ+ତର; ଦୁଇ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥ)—
Ekatara ୧ । ଦୁଇ ମଧ୍ୟରୁ ଏକ—1. One of the two; either.
(ଏକତରା—ସ୍ତ୍ରୀ)
୨ । ଭିନ୍ନାର୍ଥକ—2. Of different significance.

**ଏକତରଫ୍**—ଦେ. ବି. ( ଏକ ଓ ଅ. ତର୍ଫ୍ )—୧ । ଏକଦିଗ—
Ekataraph 1. One side.
একতরফ ୨ । ଏକ ପକ୍ଷ ବା ଦଳ—
একতরফ 2 One party.

**ଏକତରଫା**—ଦେ. ବିଣ.—୧ । ଗୋଟିଏ ପକ୍ଷ ଅବଲମ୍ବନକାରୀ—
Ekatarapha 1. One-sided.
একতরফা ୨ । ଏକମାତ୍ର ଦିଗ ବା ଅଞ୍ଚଳରେ ଘଟୁଥିବା—
একতরফা 2. Happening in one quarter or locality only.
(ଦୋତରଫା—ବିପରୀତ) .
୩ । (ଚଳିତ) ଏକ ପକ୍ଷର ଯୁକ୍ତି ଶୁଣି ନିଷ୍ପତ୍ତି କରାଯିବା (ବିଷୟ, ମକଦ୍ଦମା ବା ଡିକ୍ରୀ)—3. Exparte; decided exparte.

**ଏକତରଫା ବିଚାର**—ଦେ ବି.—ଏକ ପକ୍ଷର ଉପସ୍ଥିତିରେ ଅନ୍ୟ ପକ୍ଷର
Ekatarapha bichara ଅନୁପସ୍ଥିତିରେ କରାଯିବା ବିଚାର; একতরফা বিচার ଏକ ପକ୍ଷର ମାତ୍ର ପ୍ରମାଣ ଶୁଣି କରାଯିବା ନିଷ୍ପତ୍ତି—
একতরফা বিচার Exparte trial.

**ଏକତରଫା ରାଏ**—ଦେ. ବି. (ଚଳିତ)—ଏକ ପକ୍ଷର ଯୁକ୍ତି ବା ପ୍ରମାଣ
Ekatarapha rae ଶୁଣି ଦିଆଯିବା ଆଦେଶ—
একতরফা রাএ Exparte judgment.
एकतरफा राय

**ଏକତରଫା ରାଏ ରଦ୍**—ଦେ. ବି. (ଚଳିତ)—ସାଜ ବିଚାର ଦ୍ୱାରା
Ekatarapha rae rad ଏକତରଫା ରାୟକୁ ରଦ୍ଦ କରିବା—
একতরফা রাএ রদ Setting aside of an exparte judgment.
एकतरफा रायका रद्द

**ଏକତରଫିଆ**—ଦେ. ବିଣ.—ଏକତରଫା (ଦେଖ)
Ekataraphia Ekatarapha (See)

**ଏକତା**—ସ. ବି. ସ୍ତ୍ରୀ—(ଏକ+ଭାବ. ତା)—
Ekata ୧ । ମେଳ; ଏକତ୍ୱ; ଐକ୍ୟ—1. Unity.
୨ । ବହୁଙ୍କର ମିଳନ—2. Union amongst many.
୩ । ଅଭେଦ—3 Identity.
୪ । ସାମ୍ୟ—4 Equality; similarity.
୫ । ପୂର୍ଣ୍ଣତା—5. Entity.
୬ । ଏକପ୍ରକାର ମୁକ୍ତି—6. A kind of salvation.

**ଏକତାନ୍**—ଦେ. ଅ. (ସଂ. ଏକତାନ)—୧ । ଏକବାରକେ; ଏକାଥରକେ
Ekatan ଏକା ଲହରକେ; ଏକଦମ୍—1. All at once; once for all.
একবার
एकबारगि ୨ । ଏକା ନିଶ୍ୱାସକେ; ଏକା ଦମ୍ଭାକେ; ଏକାଦମ୍‌କେ—
2. At one breath.
୩ । ଏକା ଚୋଟକେ; ଏକ ଅଘାତରେ—
3. At one stroke.
୪ । ସମ୍ପୂର୍ଣ୍ଣରୂପେ—4 Completely.

**ଏକତାନ**—ସ. ବିଣ.—(ବହୁବ୍ରୀହି; ଏକ + ତାନ = ବିଷୟ; ସ୍ୱର)—
Ekatana ୧ । ଏକ ବିଷୟରେ ନିବଦ୍ଧଚିତ୍ତ; ଏକାଗ୍ର ଅନନ୍ୟ-
(ଏକତାନତା—ବି) ବୃତ୍ତି; ଏକବିଷୟାସକ୍ତ—1. Closely attentive; concentrating attention to one matter; with mind fixed in one object.
୨ । ଏକା ନିଶ୍ୱାସରେ ବୋଲାଯିବା (ସ୍ୱର)—
2 (a tone) Uttered in one breath.
ସଂ. ବି.—୧ । ଏକସ୍ୱର ଯୋଗ—1. Musical union
୨ । ଏକସ୍ୱରବିଶିଷ୍ଟ ବାଦ୍ୟସମୂହ—2 Concert.
୩ । ଲୟ—3. Harmony

**ଏକତାନକି**—ଗ୍ରା. ଅ.—୧ । ଏକାବେଳେକେ—1. At once.
Ekataniki ୨ । ଏକାଥରକେ—2. At a time.

**ଏକତାନିକେ**—ଗ୍ରା. ଅ.—ଏକତାନକି (ଦେଖ)
Ekatanike Ekataniki (See)

**ଏକତାନେ**—ଦେ. ଅ.—ଏକତାନକି (ଦେଖ)
Ekatane Ekataniki (See)

**ଏକତାନେକେ**—ଦେ. ଅ.—ଏକତାନକି (ଦେଖ)
Ekataneke Ekataniki (See)

| ୧ | ଲ | ଢ଼ | ଋ,ଋ | ଝ | ଏ | ଦ୍ୱିତ୍ୱ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଗ | ଜ | ଷ,ଶ | ଙ୍କ | ଲ୍ୟ | ଲ୍ଥ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଔ | ଋୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ସ | ଙ୍ଘ | ଲ୍ଥ | ● | ନୃ |

ଏକତାମୀରସିଦ—ଦେ. ବି. ( ଉର୍ଦ୍ଦୁଅଥ ଭାଷା )—
Ekatāmirasid ଡିକ୍ରିଦାର ଦେଣଦାରଠାରୁ ଡିକ୍ରି ବାବଦ ସମସ୍ତ
একতামী রসীদ ପାଉଣା ବୁଝି ପାଇବାର ନିଦର୍ଶନସ୍ୱରୂପ
एकतामि रसिद् କଚେରୀରେ ଯେଉଁ ସମାପ୍ତିରସିଦ ଦାଖଲ
କରେ—Full satisfaction receipt filed by a decree-holder in Court.

ଏକତାର (ଇତ୍ୟାଦି)—ବୈଦେ. ବି— ଅକ୍ତିଆର୍ ଇତ୍ୟାଦି ( ଦେଖ )
Ekatāra etc. Aktiār etc. ( See )

ଏକତାରବନ୍ଦ୍—ଦେ. ବଣ— ଏକତାରି ( ଦେଖ )
Ekatāraband Ekatāri ( See )

ଏକତାରା—ଦେ. ବି. ( ସଂ. ଏକତନ୍ତ୍ରୀ )—
Ekatārā ୧ । ଏକତନ୍ତ୍ରବିଶିଷ୍ଟ ବୀଣା ଜାତୀୟ ବାଦ୍ୟ; ଗୋପୀ
একতারা ଯନ୍ତ୍ର—1. One-stringed harp.
एकतारा ୨ । ବେଦେନ୍ତ୍ର—2. The beggar's harp

ଏକତାରି—ଦେ. ବଣ—୧ । ଚିନି ବା ଗୁଡ଼ରେ ପାଣି ଦେଇ ତାହାକୁ
Ekatāri ନିଆଁରେ ଫୁଟାଇ କିଛି କ୍ଷଣ ପରେ ଚଟୁରେ ଉଠାଇଲେ
একতারী ଚଟୁରୁ ସରଳ ଭାବରେ ଏକ ଧାରରେ ଖସି ପଡ଼ିବା
एकतारि (ଶିରା); ଏକଧାରିଆ (ଚିନି ବା ଗୁଡ଼ର ପାଗ)—
1. Boiled upto a point where the syruplike fluid of the boiled sugar-water falls down by one string.
୨ । ଯେଉଁ ଲୁଗାର ଟାଣୀ ଓ ଭରଣୀ ସୂତା ଗୋଟିଏ ଲେଖାଏଁ ଥାଏ—2. (cloth) Having single warp and woof.

ଏକତାରୀ (ଇତ୍ୟାଦି)—ବୈଦେ. ବଣ—ଅକ୍ତିଆରୀ ( ଦେଖ )
Ekatārī etc. Aktiāri etc. (See)
একতারী
एकतारी

ଏକତାଳ—ସଂ. ବି. ( ଏକ+ତାଳ=ଗାନ ବାଦ୍ୟ ସମୟରେ କାଳ-
Ekatāla ପରିମାଣ )—
୧ । ସମନ୍ୱିତ ଲୟ; ସରଳ ତାଳ—
1. Simple-tune.
୨ । ଅବିଚ୍ଛିନ୍ନ ସ୍ୱର—2 Continued tone.
୩ । ଅବିଚ୍ଛିନ୍ନ ନୃତ୍ୟ ଗୀତାଦି—
3. Single-toned song or dance.

ଏକତାଲା—ଦେ. ବି. ସ୍ତ୍ରୀ—୧ । ଝାଞ୍ଜ—
Ekatālā 1. Cymbals.
୨ । ଏକସ୍ୱରବିଶିଷ୍ଟ ଯନ୍ତ୍ରବିଶେଷ—2. A musical instrument with one note.
୩ । ଏକଲୟବିଶିଷ୍ଟ ତାଳବିଶେଷ—3. A cadence or musical measure of one tune
୪ । ଏକତାଳବିଶିଷ୍ଟ ଗାନବିଶେଷ—4. A song with one musical measure.
[ ଦ୍ର—ଏଥିରେ ୧୨ ଟି ମାତ୍ରା ଏବଂ ୩ଟି ଆଘାତ ଥାଏ । ]

ଏକତାଲା—ଦେ. ବଣ. ( ସଂ. ଏକତଳ )—
Ekatālā ଏକମହଲାବିଶିଷ୍ଟ; ଏକତଳବିଶିଷ୍ଟ (କୋଠା)—
একতালা One storied; having one story only
एकमहला
ଦେ. ବି—ଏକ ମହଲା କୋଠା—
One storied building.

ଏକତାଳୀ—ସଂ. ବି. ସ୍ତ୍ରୀ—ଏକତାଲା ( ଦେଖ )
Ekatāli Ekatālā ( See )

ଏକତିରିଶ—ଦେ. ବି ଓ ବଣ. ( ସଂ. ଏକତ୍ରିଂଶତ୍ )—
Ekatirisa ତିରିଶରୁ ଏକ ଅଧିକ; ୩୧ ସଂଖ୍ୟା—
একত্রিশ The number. 31.
इकतिस्; एकतीस् ଦେ. ବଣ—୩୧ ସଂଖ୍ୟକ—
Numbering 31.

ଏକତିରିଶାଶହେ—ଦେ. ବି. ( ସଂ. ଏକତ୍ରିଂଶୋତ୍ତର ଶତ )—
Ekatirisāsahe ୧୩୧ ସଂଖ୍ୟା—The number 131.

ଏକତିରିଶି—ଦେ. ବି ଓ ବଣ—ଏକତିରିଶ ( ଦେଖ )
Ekatirisi Ekatirisa ( See )

ଏକତିଶ—ଦେ. ବି ଓ ବଣ—ଏକତିରିଶ ( ଦେଖ )
Ekatisa Ekatirisa ( See )

ଏକତିଶାଶହେ—ଦେ. ବି—ଏକତିରିଶାଶହେ ( ଦେଖ )
Ekatisāsahe Ekatirisāsahe ( See )

ଏକତିଶି—ଦେ. ବି ଓ ବଣ—ଏକତିରିଶ ( ଦେଖ )
Ekatisi Ekatirisa ( See )

ଏକତୀର୍ଥୀ—ସଂ. ବଣ. ପୁଂ. ( ଏକ+ତୀର୍ଥ+ଇନ୍. ୧ମା. ୧ବ. )—
Ekatīrthī ୧ । ଗୁରୁଭାଇ; ସତୀର୍ଥ; ଏକ ଗୁରୁଙ୍କ ଶିଷ୍ୟ—
1 Disciple of the same preceptor; co-disciple.
୨ । ସହାଧ୍ୟାୟୀ—2. Reading under one preceptor; being of the same class.

ଏକତୁଲ—ଦେ. ବଣ. ( ସଂ. ଏକ+ତୁଲ )—
Ekatula ଏକ ସମତଳବିଶିଷ୍ଟ—
Of one level; of the same level.
( ଯଥା—ନଈ ବଢ଼ିରେ ଗଡ଼ିଆ ପୋଖରୀ ସବୁ ଏକତୁଲ ହୋଇଗଲା । )

ଏକତୁଳେ—ଦେ. ପ୍ରାଚୀନ ପଦ୍ୟ. ଅ—
Ekatule ଯୁଗପତ୍; ଏକ ସଙ୍ଗେ; ଏକ ସମୟରେ—
এক সঙ্গে Happening at the same time;
एकहिसमयमें simultaneously; together.
ସଂଶିକୁ କର ଏକ ତୁଳେ
ନହା ସୁପକ୍ଷ ଅରମ୍ଭିଲେ । ଜଗନ୍ନାଥ. ଭାଗବତ ।

> ପାଠକଗଣ ଯେବେ ଏପରି ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗକଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ସ୍ଥାନରେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗକରିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏକତ୍ୱ—ସଂ. ବି—ଏକତା; ଐକ୍ୟ—
Ekatwa — Oneness; identity.
ଗ୍ରା. ପଦ୍ୟ. ବିଣ. ( ସଂ. ଏକତ୍ର )—ଏକତ୍ରୀଭୂତ—
Gathered together.
ସଙ୍ଗ ଦେବ ଏକତ୍ୱ ହେଲେ ପିତାମହ ପାଖରେ ଗୁହାରି କଲେ ।
ଜଗନ୍ନାଥ. ଦଶମସ୍କନ୍ଦ

ଏକତ୍ର—ସଂ. ଅ. ( ଏକ+୭ମୀ ବିଭକ୍ତିରେ. ତ୍ର )—
Ekatra ୧ । ସମସ୍ତେ ଏକସ୍ଥାନରେ ସମବେତ ହୋଇ; ସମଷ୍ଟି ଭାବରେ—1. Collectively.
୨ । ଏକସ୍ଥାନରେ—2. In one place.
୩ । ସମସ୍ତେ ସଙ୍ଗ ହୋଇ—3. All together.
ଦେ. ବିଣ—୧ । ଏକସ୍ଥାନରେ ଜମା କରି ଯାଇଥିବା; ଏକସ୍ଥାନରେ ସଂଗୃହୀତ—
1. Gathered together; collected.
୨ । ଏକାନ୍ନଭୁକ୍ତଭାବରେ ବାସକରୁଥିବା—
2. Living jointly; joint in mess and property.

ଏକତ୍ରିଂଶ—ସଂ. ବି. ଓ ବିଣ. ( ସଂ. ଏକତ୍ରିଂଶତ୍ ଶବ୍ଦର ପୂରଣ )—
Ekatrimsa ଏକତ୍ରିଂଶତ୍ତମ ( ଦେଖ )
Ekatrimsattama ( See )

ଏକତ୍ରିଂଶତ୍—ସଂ. ବି—ତିରିଶି ଉପରେ ଅଧିକା ଏକ; ୩୧ ସଂଖ୍ୟା—
Ekatrimsat — The number 31.
ସଂ. ବିଣ—୩୧ ସଂଖ୍ୟକ—Numbering 31.

ଏକତ୍ରିଂଶତ୍ତମ—ସଂ. ବିଣ—୩୧ର ପୂରଣ—
Ekatrimsattama — Thirty first.

ଏକତ୍ରିତ—ଦେ. ବିଣ. ( ସଂ. ଏକତ୍ର ବା ଏକତ୍ରୀଭୂତର ଅଶୁଦ୍ଧ ବ୍ୟବହାର )—୧ । ସମବେତ—
Ekatrita
1. Gathered together.
୨ । ଯୁକ୍ତ—2. Added; joined together.

ଏକତ୍ରିଶ—ଦେ. ବି ଓ ବିଣ. ( ସଂ. ଏକତ୍ରିଂଶତ୍ )—
Ekatrisa ଏକତିରିଶ ( ଦେଖ )—Ekatirisa ( See )

ଏକତ୍ରିଶାଶହେ—ଦେ. ବି—ଏକତିରିଶାଶହେ ( ଦେଖ )
Ekatrisasahe — Ekatirisasahe ( See )

ଏକତ୍ରିଶି—ଦେ. ବି. ଓ ବିଣ—ଏକତିରିଶ ( ଦେଖ )
Ekatrisi — Ekatirisa ( See )

ଏକତ୍ରୀକରଣ—ସଂ. ବି. ( ଏକତ୍ର+ଅଭୂତ ତଦ୍ଭାବେ. ଈ+କରଣ )—
Ekatrikarana ଭିନ୍ନ ଭିନ୍ନ ହୋଇଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଏକାଠେଇଁ କରିବା; ରୁଣ୍ଡାଇବା; ଠୁଳ କରିବା—
Gathering together; collecting.

ଏକତ୍ରୀକୃତ—ସଂ. ବିଣ. ( ଏକତ୍ର+ଅଭୂତ ତଦ୍ଭାବେ. ଈ+କୃତ )—
Ekatrikruta ରୁଣ୍ଡୀକୃତ—Gathered together; collected.

ଏକଦଂଷ୍ଟ୍ର—ସଂ. ବି. ଓ ବିଣ. ( ଏକ+ଦଂଷ୍ଟ୍ରା=ଦନ୍ତ )—
Ekadamshtra ଏକଦନ୍ତ ( ଦେଖ )
Ekadanta ( See )

ଏକଦନ୍ତ—ସଂ. ବିଣ. ପୁଂ. ( ବହୁବ୍ରୀହି )—ଏକଦନ୍ତବିଶିଷ୍ଟ—
Ekadanta — Having one tusk only.
( ଏକଦନ୍ତା—ସ୍ତ୍ରୀ ) ସଂ. ବି.—ଗଣେଶ; ଗଜପତି—
The God Ganesa.

ଏକଦନ୍ତା—ଦେ. ବିଣ. ( ସଂ. ଏକଦନ୍ତ )—ଏକଦନ୍ତବିଶିଷ୍ଟ—
Ekadanta — Having one tusk only.
एकदंता ଦେ. ବି—ଏକଦନ୍ତବିଶିଷ୍ଟ ହାତୀ—
एकदंता Elephant having one tusk only.

ଏକଦମ୍—ଦେ. ଅ. ( ସଂ. ଏକ+ଆ. ଦମ୍ )—
Ekadam ୧ । ଏକା ନିଶ୍ୱାସକେ—1 At one breath.
একদমে ୨ । ଏକା ହସ୍ତାକେ—2. At one stretch.
एकदम ୩ । ଏକାଥରକେ—
3. At once; by one continuous effort.
୪ । ଶେଷରେ ଥରକ ପାଇଁ—4. Once for all.
ଦେ. ବି—ଗୋଟିଏ ମାତ୍ର ନିଶ୍ୱାସ—One breath only.

ଏକଦଶା—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଏକାଦଶାହ )—
Ekadasa ଏକାଦଶାହକୃତ୍ୟ ପ୍ରେତ କାର୍ଯ୍ୟ—
Funeral rites performed on the eleventh day of a person's death.

ଏକଦଶାହ—ଗ୍ରା. ବି. ( ସଂ. ଏକାଦଶାହ )—
Ekadasaha ୧ । ମୃତ ବ୍ୟକ୍ତିର ମୃତ୍ୟୁର ଏକାଦଶ ଦିବସ—
1. The eleventh day of a person's death.
୨ । ହିନ୍ଦୁ ମୃତ ବ୍ୟକ୍ତିର ଏକାଦଶାହ ଦିନ କୃତ ଅନ୍ତ୍ୟେଷ୍ଟିକ୍ରିୟା; ଶ୍ରାଦ୍ଧ ଓ ନୃଆ ହାଣ୍ଡି ଆଦି—
2. The funeral rites performed on the eleventh day of a Hindu's death.

ଏକଦା—ସଂ. ଅ. ( ଏକ+କାଳାର୍ଥେ. ଦା )—
Ekada ୧ । ଏକକାଳରେ; ଏକ ସମୟରେ; ଥରେ—
1. Once; at one time.
୨ । ପୂର୍ବେ କୌଣସି ଏକ ସମୟରେ—
2. Once upon a time.

ଏକଦାନା—ଦେ. ବି. ( ବିଦେଶ ଶବ୍ଦ )—ନାକପୁଡ଼ାରେ ପିନ୍ଧିବା
Ekadana ଗୋଲମରିଚ ଆକାରର ଦାନା ଲାଗିଥିବା ସୁନାର ଅଳଙ୍କାରବିଶେଷ—A nose-ring with a circular knob on the top.

ଏକଦାନ୍ତିଆ—ଦେ. ବିଣ—ଏକଦନ୍ତା ( ଦେଖ )
Ekadantia — Ekadanta ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ବରାକ୍ଷର | ସ | ଜ | ଶ,ଷ | ଙ୍କ | ଙ୍ଘ | ଙ୍ଖ | ଘ |
| ୨ | ଐ | ଊ | ଋୁ | ଲୃ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଁ | ଛଞ | ● | କ୍ଷ |

ଏକଦିଲ୍—ବୈଦେ. ବଣ. (ଅ. ଏକ୍‌ଦିଲ୍) — ଏକମନୋବିଶିଷ୍ଟ —
Ekadil Of one mind; concordant.
একদিল হি. বিণ.—ଏକମନ ହୋଇ—
एकदिल Together; in unision; in concordance.

ଏକଦୃକ୍—ସଂ. ବଣ. (ଏକ + ଦୃଶ ଧାତୁ + କର୍ତ୍ତୃ କ୍ୱିପ୍)—
Ekadṛuk ୧ । ଗୋଟିଏ ଅଡ଼କୁ ଦୃଷ୍ଟି ଦେଇଥିବା—
1 Staring; looking at or minding one thing only.
୨ । କଣା; ଏକଅଖିଆ—2. Blind of one eye
୩ । ସମଦର୍ଶୀ—3. Impartial
ସଂ. ବି.—୧ । ଶିବ—1. God Siba
୨ । କାକ; କୁଆ—2. Crow
୩ । ଏକଆଡ଼କୁ ଦୃଷ୍ଟି—3. Looking at one thing only staring.

ଏକଦୃଷ୍ଟି—ସଂ. ବି ଓ ବଣ—ଏକଦୃକ୍ ( ଦେଖ )
Ekadṛushṭi Ekadṛuk ( See )

ଏକଦେଶ—ସଂ. ବି. ( ଏକ + ଦେଶ=ସ୍ଥାନ )—
Ekadesa ୧ । ଏକାଂଶ; କସ୍ତୁବଂଶ; ଅବୟବ—
একদেশ 1. A portion; one region; one part;
एकजगाह a division
(ଏକଦେଶୀୟ—ବଣ) ୨ । ଏକସ୍ଥାନ—2 One place; same place; identical place.

ଏକଦେଶବାସୀ—ସଂ. ବଣ. ପୁଂ—ଏକସ୍ଥାନରେ ବା ଦେଶରେ ନିବାସ
Ekadesabāsi କରୁଥିବା—Living in one and the
(ଏକଦେଶବାସିନୀ—ସ୍ତ୍ରୀ) same country

ଏକଦେଶାବଚ୍ଛିନ୍ନ—ସଂ. ବଣ (ଏକଦେଶ + ଅବଚ୍ଛିନ୍ନ)—ଏକ ଅଂଶରେ
Ekadesābachchhinna ବ୍ୟାପ୍ତ; ଏକ ଅଂଶକୁ ଆବରଣ କରିଥିବା—Confined to one part only; covering one portion only

ଏକଧର୍ମା—ସଂ. ବଣ ( ବହୁବ୍ରୀହି; ଏକ + ଧର୍ମ ୧ମା. ୧ବ )—
Ekadharmā ୧ । ଏକଧର୍ମାବଲମ୍ବୀ ବହୁବ୍ୟକ୍ତି —
(ଏକଧର୍ମ୍ମା—ଅନ୍ୟରୂପ) 1. Professing the same faith.
୨ । ଏକଗୁଣବିଶିଷ୍ଟ—2. Having similar qualities or attributes

ଏକଧର୍ମୀ—ସଂ. ବଣ. ପୁଂ ( ଏକ + ଧର୍ମ=ଇନ୍. ୧ମା. ୧ବ. )—
Ekadharmi ଏକଧର୍ମା ( ଦେଖ )
(ଏକଧର୍ମିଣୀ—ସ୍ତ୍ରୀ) Ekadharmā (See)
(ଏକଧର୍ମ୍ମୀ—ଅନ୍ୟରୂପ)

ଏକଧା—ସଂ. ଅ ( ଏକ + ପ୍ରକାରାର୍ଥେ. ଧା )—୧ । ଗୋଟିଏ ହେଇ;
Ekadhā ଏକାକୀ—1. Singly.
୨ । ଏକପ୍ରକାରେ—2. In one way; uniformly.
୩ । ଅବିଶ୍ରାନ୍ତ ଭାବରେ; ଧାରା ବାହିକ ରୂପେ—
3. Continuously.

ଏକଧୁର୍—ସଂ. ବଣ(ବହୁବ୍ରୀହି; ଏକ + ଧୁର୍=ଭାର)—ଏକପ୍ରକାର ଭାର
Ekadhur ବୋହିବାର ଉପଯୁକ୍ତ (ଗବାଦ); ଏକବିଧ ଭାରବାହୀ; ଏକପିଠିଆ ( ପଶୁ )—( beast ) Capable of carrying one kind of burden; habituated to carrying one sort of burden.
[ ଦ୍ର:—ଯେଉଁ ବଳଦ କେବଳ ସଗଡ଼ ବୋହିପାରେ, ଯେଉଁ ବଳଦ କେବଳ ହଳ ଟାଣେ ଯେଉଁ ବଳଦ କେବଳ ଘୋଡ଼ ଟାଣେ କିମ୍ବା ଯେଉଁ ବଳଦ କେବଳ ଘଣାରେ ଟାଣେ । ]

ଏକଧୁର—ସଂ. ବଣ. ( ଏକ + ଧୁର + ଅ )—ଏକଧୁର୍ ( ଦେଖ )
Ekadhura Ekadhur ( See )

ଏକଧୁରା—ସଂ. ବଣ. ସ୍ତ୍ରୀ ( ଏକ + ଧୁର୍ + ଅ; ସ୍ତ୍ରୀ. ଆ )—
Ekadhurā ଏକଧୁର୍ ( ଦେଖ )
Ekadhur ( See )

ଏକଧୁରୀଣ—ସଂ. ବଣ. ପୁଂ ( ଏକ + ଧୁର୍ + ଈନ )—ଏକଧୁର୍ (ଦେଖ)
Ekadhurīna Ekadhur (See)
(ଏକଧୁରୀଣା—ସ୍ତ୍ରୀ)

ଏକଧୁରାବହ—ସଂ. ବଣ ( ଏକଧୁରା + ବହ ଧାତୁ + ଅ)—
Ekadhurābaha ଏକଧୁର୍ (ଦେଖ)
Ekadhur (See)

ଏକନଗୁଡ଼ି—ପ୍ରାଦେ. ( ସମ୍ବଲପୁର ) ବି—ଏକଗୋଡ଼ିଆ ହୋଇ ଠିଆ-
Ekangurdi ହେବା ଦଣ୍ଡ—A sort of punishment according to which the punished person is ordered to stand on one leg only for some time; standing up on one leg only.

ଏକନ୍ତ—ଦେ. ଅ ( ସଂ. ଏକାନ୍ତ )—୧ । ଏକଦିଗରେ—
Ekanta 1 On one side.
একন্ত ୨ । ଏକକୁ ଆରେକ ଲାଗିଥିବା—
2. Touching one another.
୩ । ପ୍ରାନ୍ତ ଭାଗରେ ପରସ୍ପର ସଂଲଗ୍ନ—
3. Joined together by the end.

ଏକନର୍—ଦେ. ବଣ ( ସଂ. ଏକ ଓ ଲହରୀ )—ଏକମ ଲଥିବା;
Ekanar ମାଳଟିଏ ( ହାର ); ଏକସରିଆ—Having one
একনর; একনরী string only; (said of necklace)
एकलर; एकलरी; एकसुतरी

ଏକନରା—ଦେ. ବଣ—ଏକନର୍ ( ଦେଖ )
Ekanarā Ekanar ( See )

> ସାଧାରଣ ଲୋକେ ଶବ୍ଦର ଆଦ୍ୟରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅକାରାଦି ବର୍ଣ୍ଣର କ୍ରମରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଶାଠ' ନ ମିଳିଲେ 'ସାଠ' ଖୋଜିବେ; 'ଜୁଇ' ନ ମିଳିଲେ 'ଯୁଇ' ଦେଖିବେ; 'କଣ୍ଢୁ' ନ ପାଇଲେ 'କଣ୍ଡୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବ୍ତ' ଦେଖିବେ ।

**ଏକଣରି**—ଦେ. ବିଣ—ଏକନର୍ (ଦେଖ)
Ekanari — Ekanar (See)

**ଏକନରିଆ**—ଦେ. ବିଣ—ଏକନର୍ (ଦେଖ)
Ekanariā — Ekanar (See)

**ଏକନଳ**—ଦେ. ବିଣ—ଗୋଟିଏ ମାତ୍ର ନଳ ବା ଚୁଙ୍ଗାବିଶିଷ୍ଟ (ବନ୍ଧୁକ)—
Ekanaḷa — (gun) Having one barrel only; single-barrelled (gun).
একনল
एकनलि

**ଏକନଳା**—ଦେ. ବିଣ—ଏକନଳ (ଦେଖ)
Ekanaḷā — Ekanaḷa (See)

**ଏକନଳି**—ଦେ. ବିଣ—ଏକନଳ (ଦେଖ)
Ekanaḷi — Ekanaḷa (See)

**ଏକନଳିଆ**—ଦେ. ବିଣ—ଏକନଳ (ଦେଖ)
Ekanaḷiā — Ekanaḷa (See)

**ଏକନହରି**—ଦେ. ବିଣ.—ଏକନର୍ (ଦେଖ)
Ekanahari — Ekanar (See)

**ଏକନହରିଆ**—ଦେ. ବିଣ.—ଏକନର୍ (ଦେଖ)
Ekanahariā — Ekanar (See)

**ଏକନିଶ୍ଚୟ**—ସଂ. ବିଣ. ପୁଂ (ବହୁବ୍ରୀହି; ଏକ + ନିଶ୍ଚୟ)—
Ekanischaya (ଏକନିଶ୍ଚୟା—ସ୍ତ୍ରୀ)
୧ । ଏକାଗ୍ରଚିତ୍ତ—1. Closely attentive.
୨ । ଏକ ବିଷୟରେ ନିବଦ୍ଧଚିତ୍ତ—2 Concentrating attention on one subject only.
୩ । କୌଣସି ବିଷୟ କରିବାପାଇଁ ଦୃଢ଼ନିଶ୍ଚୟ—3 Determined or resolved to do a particular thing.

**ଏକନିଷ୍ଠ**—ସଂ. ବିଣ. ପୁଂ (ବହୁବ୍ରୀହି; ଏକ + ନିଷ୍ଠା)—
Ekanishṭha (ଏକନିଷ୍ଠା—ସ୍ତ୍ରୀ)
୧ । ଏକ କାର୍ଯ୍ୟ ପ୍ରତି ନିଷ୍ଠାବାନ୍—1. Exclucively bent upon a thing; assiduously pursuing an aim
୨ । ତନ୍ମୟ—2. Pursuing an aim with concentrated attention.

**ଏକନିଷ୍ଠା**—ସଂ ବି. (ଏକ + ନିଷ୍ଠା)—୧ । କୌଣସି କାର୍ଯ୍ୟ ପ୍ରତି ଐକାନ୍ତିକ ନିଷ୍ଠା—1. Assiduous following of an aim
Ekanishṭhā
୨ । ତନ୍ମୟତା—2. Concentrated attention
ସଂ. ବିଣ. ସ୍ତ୍ରୀ. (ଏକନିଷ୍ଠ + ସ୍ତ୍ରୀ. ଆ)—ଏକନିଷ୍ଠର ସ୍ତ୍ରୀଲିଙ୍ଗ—Feminine of Ekanishṭha.

**ଏକପ**—ସଂ. ବି. (ଏକ + ଚତୁର୍ଥାଂଶ ଅର୍ଥରେ. ପ; ଭୁଲ ଓ ଏକପାଦ)—
Ekapa — ୧ । ଏକଚତୁର୍ଥାଂଶ—1. A fourth part.
୨ । ଚଉଠ; ଏକ ପାଦ—2. A quarter.

**ଏକପକ୍ଷ**—ସଂ. ବିଣ ପୁଂ.—(ବହୁବ୍ରୀହି; ଏକ + ପକ୍ଷ)—
Ekapaksha (ଏକପକ୍ଷା—ସ୍ତ୍ରୀ)
୧ । ଏକପକ୍ଷୀୟ ବ୍ୟକ୍ତି; ସଙ୍ଗୀ—1 Associate.
୨ । ଏକପକ୍ଷାବଲମ୍ବୀ ବ୍ୟକ୍ତି—2. Partisan
ସଂ. ବି (ଦ୍ୱିଗୁ)—୧ । ଏକଦଳ—1. One party; the same party;
୨ । ପନ୍ଦର ଦିନ—2. A fortnight.

**ଏକପଖ**—ଦେ. ବି ଓ ବିଣ (ସଂ. ଏକପକ୍ଷ)—ଏକପକ୍ଷ (ଦେଖ)
Ekapakha — Ekapaksha (See)

**ଏକପଖିଆ**—ଦେ. ବିଣ (ସଂ. ଏକ ଓ ପକ୍ଷ)—୧ । ଏକପକ୍ଷ ବା ପନ୍ଦର ଦିନ ସ୍ଥାୟୀ—1. Happening for a fortnight; extending over two weeks.
Ekapakhiā
୨ । ଏକପକ୍ଷାବଲମ୍ବୀ (ବ୍ୟକ୍ତି)—2. Taking one side only.
୩ । ଏକମାତ୍ର ପଖା ବା ମୁହଁଥିବା (ଚୁଲି)—3 Single-faced (oven)

**ଏକପଞ୍ଚାଶତ୍**—ସଂ. ବି (ଏକ ଅଧିକ ପଞ୍ଚାଶତ୍)—୧ । ଏକାବନ; ୫୧ ସଂଖ୍ୟା—1. The number 51.
Ekapañchāśat
୨ । ୫୧ର ପୂରକ—2. Fifty first.

**ଏକପଞ୍ଚାଶତ୍ତମ**—ସଂ. ବିଣ—ଏକାବନର ପୂରକ—
Ekapañchāśattama — Fifty first

**ଏକପଟା**—ଦେ. ବି (ସଂ. ଏକ ଓ ପଟ୍ଟ)—ଏକଖଣ୍ଡ ଲମ୍ବ ପଟ୍ଟବିଶିଷ୍ଟ ଚାଦର—An outer sheet for the body made up of one long strip only.
Ekapaṭā
একপাটা
एकपट्टा
(ଦୋପଟା—ବିପରୀତ)

**ଏକପଟିଆ**—ଦେ. ବିଣ (ସଂ. ଏକ ଓ ପଟ୍ଟ ବା ପକ୍ଷ)—
Ekapaṭiā — ୧ । ଏକପକ୍ଷାବଲମ୍ବୀ—1 Attached to one side oniy.
୨ । ଏକୁଟିଆ—2. Single; without a second.
୩ । ଏକପାଖକୁ ଢଳି ପଡ଼ିଥିବା; ଏକପାଖିଆ—3. Inclined; unbalanced.
୪ । ଯୋଡ଼ାକ ମଧ୍ୟରୁ ଗୋଟିଏ ରହିଯାଇଥିବା—4. One remaining or surviving out of a pair.
୫ । ଏକତରଫା—5. One sided; exparte.

**ଏକପତରିଆ**—ଦେ. ବିଣ. (ସଂ. ଏକପତ୍ରୀ)—୧ । ଏକମାତ୍ର ପତ୍ରବିଶିଷ୍ଟ—
Ekapatariā — 1. Having one leaf only.
୨ । ଏକମାତ୍ର ପତ୍ର ବା ଫଳା ବିଶିଷ୍ଟ (ଛୁରୀ)—2. One bladed (knife)
୩ । ଏକ ପତ୍ରୋଦ୍ଭବ—3. Born of one leaf only.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ٠ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ସ | କ୍ଷ | ଇୟ | ଇଅ | ଓ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ଙ୍ଗ | ନ୍ |

୪ । ଯେଉଁ ବ୍ୟକ୍ତି ଜାତିଅଣ ପଙ୍ଗତରେ ନ ବସି ଏକାକୀ ପତ୍ର ପକାଇ ଖାଏ; ଅପାଙ୍‌କ୍ତେୟ—
4. One who is not allowed to eat amongst others in a caste-dinner

୫ । ଏକଘରିଆ (ଦେଖ)
5. Ekagharia (See)

**ଏକପତୁରିଆ**—ଦେ. ବିଣ—ଏକପତରିଆ (ଦେଖ)
Ekapaturia Ekapataria (See)

**ଏକପତ୍ନୀକ**—ସଂ. ବିଣ. ପୁଂ (ବହୁବ୍ରୀହି; ଏକ+ପତ୍ନୀ)—
Ekapatnika ୧ । ଯାହାର ଗୋଟିଏ ମାତ୍ର ପତ୍ନୀ ଥାଏ—
1. Having one wife only

୨ । ଯେ ଏକ ପତ୍ନୀ ଛଡ଼ା ଅନ୍ୟ ସ୍ତ୍ରୀସଙ୍ଗ କରେ ନାହିଁ—
2. Chaste; devoted to one wife only (husband).

୩ । ଯେ ସତୀ ସ୍ତ୍ରୀର ସ୍ୱାମୀ—
3 (one) Having a chaste and devoted wife.

**ଏକପତ୍ନୀ**—ସଂ. ବି. ସ୍ତ୍ରୀ (ଏକ+ପତ୍ନୀ)—୧ । ଅସପତ୍ନୀ ସ୍ତ୍ରୀ; ଯେଉଁ
Ekapatni ସ୍ତ୍ରୀର ସଉତୁଣୀ ନାହିଁ—1. A wife having no rival.

୨ । ଅଦ୍ୱିତୀୟା ଭାର୍ଯ୍ୟା; ସ୍ୱାମୀର ପ୍ରଥମ ବା ଏକମାତ୍ର ସ୍ତ୍ରୀ—
2. Single wife.

୩ । ସତୀ; ପତିବ୍ରତା ସ୍ତ୍ରୀ—
3 A chaste and dutiful wife.

ସଂ. ବିଣ. ପୁଂ—(ବହୁବ୍ରୀହି; ଏକ+ପତ୍ନୀ)—ଏକପତ୍ନୀକ (ଦେଖ)
Ekapatnika (See)

**ଏକପତ୍ନୀବ୍ରତ**—ସଂ. ବି—୧ । ଗୋଟିଏ ମାତ୍ର ପତ୍ନୀ ବିବାହ ବା ସହବାସ-
Ekapatnibrata କରିବା ବ୍ରତ—1. The vow of life-long chastity or fidelity to one wife.

୨ । ପ୍ରଥମ ବିବାହିତା ପତ୍ନୀ ମୃତା ହେଲେ ଅନ୍ୟ ପତ୍ନୀ ବିବାହ ନ କରିବା ସଂକଳ୍ପଯୁକ୍ତ ବ୍ରତ—2. The vow never to marry a second wife.

**ଏକପତ୍ରିଆ**—ଦେ. ବିଣ—ଏକପତରିଆ (ଦେଖ)
Ekapatria Ekapataria (See)

**ଏକପତ୍ରୀ**—ସଂ. ବିଣ—ଅଞ୍ଚଳ ତମାମ୍ କୌଣସି ଶାସ୍ତ୍ରୀୟ ଅନୁଷ୍ଠାନ ବା
Ekapatri ଉତ୍ସବ ହେଲେ ଯେଉଁ ପ୍ରସିଦ୍ଧ ପଣ୍ଡିତଙ୍କ ନିକଟକୁ ନିଶ୍ଚୟ ଖଣ୍ଡେ ଅମନ୍ତ୍ରଣ ପତ୍ର ଆସିବ—
1. (a well-known Pandit) Who, whenever letters of invitation are issued from any quarter to attend any Sāstric ceremony, is sure to get one.

୨ । ଏକମାତ୍ର ପତ୍ରବିଶିଷ୍ଟ—
2 Having one leaf only.

୩ । ଏକପତ୍ର ବା ଫଳାବିଶିଷ୍ଟ (ଛୁରୀ)—
3. One-bladed (knife)

**ଏକପତ୍ରୋତ୍ପତ୍ତିକ**—ଦେ. ବିଣ (ଉଦ୍ଭିଦବିଜ୍ଞାନ ପରିଭାଷା)—
Ekapatrotpattika ଏକପତ୍ରରୁ ଉତ୍ପନ୍ନ ହୋଇଥିବା (ଗୁଳ୍ମାଦି); ଏକପତୁରିଆ (ଲତାଆଦି)—
(Botany) Monocotyledonous; monopetalous; having single leaf to the stalk.

**ଏକପଦ**—ସଂ. ବିଣ (ବହୁବ୍ରୀହି; ଏକ+ପଦ)—୧ । ଏକପଦବିଶିଷ୍ଟ;
Ekapada ଯେଉଁ ବାକ୍ୟରେ ପଦେ ମାତ୍ର କଥା ଥାଏ—
1 Having or consisting of one sentence only.

୨ । ଏକଗୋଡ଼ିଆ; ଯାହାର ଗୋଟିଏ ଗୋଡ଼ ଥାଏ—
2. Having a single leg; one-legged.

୩ । ଏକ ଗୋଡ଼ରେ ଠିଆ ହୋଇଥିବା—
3. Standing on one leg.

୪ । (ବ୍ୟାକରଣ) ସମସ୍ତ (ପଦ); ସମାସନିଷ୍ପନ୍ନ (ପଦ)—
4. Compound (word)

ସଂ. ବି—୧ । ଗୋଟିଏ ମାତ୍ର ପାହୁଣ୍ଡ—1. One step.

୨ । ରତିବନ୍ଧବିଶେଷ—
2. A posture in copulation.

୩ । ଏକ କଥା; ଅପରିଳିତ କଥା—
3. Unchanged promise or word.

୪ । ଏକମାତ୍ର ବାକ୍ୟ—
4. Only one sentence.

୫ । ସମସ୍ତ ବା ସମାସ ହୋଇଥିବା ପଦ—
5. Compound word.

କ୍ରି. ବିଣ—୧ । ଏକପଦରେ; ଏକ ଉଦ୍ୟମରେ—
1. At once; at one step.

୨ । ତତ୍‌କାଳେ; ଏକାପଦେକେ—2. Immediately.

**ଏକପଦିଆ**—ଦେ. ବି (ଜମିଦାର ଓ ମହାଜନ ହିସାବ) (ସଂ. ଏକପଦୀ)—
Ekapadia ୧ । ନାନାପ୍ରକାର ଆୟ ବା ଖରଚକୁ ଶ୍ରେଣୀବଦ୍ଧ କରିବା; ଝାରଜା କରିବା—1. Classification of several expenses or incomes under certain groups or items.

୨ । (ମହାଜନ ହିସାବ)—ଯେଉଁ କାଗଜରେ ଆୟବ୍ୟୟାଦି ଏକ ଏକ ଶ୍ରେଣୀ ବା ହେଡ଼ିଙ୍ଗ୍ ତଳେ ଏକତ୍ର ସଂଗୃହୀତ ହୋଇ ଲେଖା ଥାଏ; ଝାରଜାବହି—
2. A classified list of different items of income and expenses under scheduled heads; a schedule.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱଭାବ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା:— 'ସାଢ଼' ନ ମିଳିଲେ 'ଶାଢ଼' ଖୋଜିବେ 'ଭୃଷ' ନ ମିଳିଲେ 'ଭୂଷ' ଦେଖିବେ 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩। (ଜମିଦାରୀ ହିସାବ)—ଯେଉଁ କାଗଜରେ ପ୍ରତ୍ୟେକ ପ୍ରଜାର ଜମି ଓ ଜମା ଲେଖା ଥାଏ—
3. An official record containing every tenant's area of holding and amount of assessment.

ଦେ. ବଣ—୧। ଏକଗୋଡ଼ିଆ—1. One-legged.
୨। ଏକମାତ୍ର ବାକ୍ୟ ବା ଶବ୍ଦବିଶିଷ୍ଟ—
2. Consisting of one word or sentence only
୩। ଶ୍ରେଣୀବଦ୍ଧ ହୋଇଥିବା; ଶ୍ରେଣୀବଦ୍ଧ ହୋଇଥିବା—
3. Classified; collected under different groups.
୪। ଯେଉଁ ଗୀତରେ ଗୋଟିଏ ମାତ୍ର ପଦ ବା ଧାଡ଼ି ଥାଏ—
4. One-lined song.

**ଏକପଦିକା**—ଦେ. ବି—୧। ଚାରି ପଣ (କଉଡ଼ି)—
Ekapadikā 1. 320 bits of shell-money.
୨। ଚାରି ଅଣା—2. Four annas,
୩। ଏକ ନଳ ଦୈର୍ଘ୍ୟ (ଜମି ମାପ)—
3 The length of one rod (of land).
୪। ସଂକୀର୍ଣ୍ଣ ପଥ ବା ମାର୍ଗ; ଯେଉଁ ବାଟରେ ଥରକେ ଜଣେ ଲୋକ ଯାଇ ପାରେ—
4 Foot-path.

ବଥିଲ ଏକପଦିକା ସେ ନାନା ରତ୍ନେ ଖୋଦିକା ନର୍ମଳ ଭାବେ ହେଲ ପ୍ରମୋଦା—
ଭକ୍ତ. ବୈଦେହୀଶବିଳାସ

**ଏକପଦୀ**—ସଂ. ବି (ବହୁବ୍ରୀହି; ଏକ+ପଦ+ଇନ୍; ୧ମା ୧ବ)—
Ekapadī ମନୁଷ୍ୟଚଳ ବାଟ; ସଂକୀର୍ଣ୍ଣ ପଥ—
A narrow path; a footpath.
ସଂ. ବଣ—୧। ଏକଗୋଡ଼ିଆ—1. One-legged.
୨। ଗୋଟିଏ ପଦ ବା ବାକ୍ୟବିଶିଷ୍ଟ—
2. Consisting of one sentence only
୩। ଏକଶବ୍ଦବିଶିଷ୍ଟ—3. Consisting of or couched in a single word only.

**ଏକପରି**—ଦେ. ବଣ—୧। ଏକପ୍ରକାରର—
Ekapari 1. Of one kind
একপ্রকার ୨। ସମ; ସମାନ—2. Similar; equal.
**एकसा** କ୍ରି. ବଣ—୧। ଏକପ୍ରକାରରେ—
1. In one manner.
୨। ସମାନରୂପେ—2. Similarly.

**ଏକପା**—ଦେ. ବି (ସଂ. ଏକପାଦ)—୧। ଗୋଟିଏମାତ୍ର ପାଦନ୍ୟାସ—
Ekapā 1. One step only.
୨। ଏକ କୋଶର ଏକଚତୁର୍ଥାଂଶ (ଦୂରତ୍ୱ)—
2. One fourth of a Krosa; half a mile.
একপুআ ୩। ଚାରିପଣ; ପୂର୍ଣ୍ଣ ବସ୍ତୁର ଏକଚତୁର୍ଥାଂଶ—
**एकपाओ** 3. One fourth of anything
୪। ସେରର ଏକଚତୁର୍ଥାଂଶ—
4. One fourth of a seer.
୫। ଶହେ ପାନର ¼; ୨୫ ଗୋଟି ପାନ; ଚଢ଼ାଏ ପାନର ଅର୍ଦ୍ଧ—5. Twentyfive betel-leaves.

**ଏକପାଖ**—ଦେ. ବି (ସଂ. ଏକ+ପକ୍ଷ)—୧। ଏକପାର୍ଶ୍ୱ—
Ekapākha 1. One side.
একতরফ ୨। ଏକ ପକ୍ଷ—2. One party.
**एकबगल; एकतरफ**

**ଏକପାଖିଆ**—ଦେ. ବଣ (ସଂ. ଏକପକ୍ଷୀୟ)—
Ekapākhia ୧। ଏକପାର୍ଶ୍ୱକୁ ଅଉଜିଥିବା; ଏକପାର୍ଶ୍ୱକୁ ଢଳି ପଡ଼ିଥିବା—1 Leaning to one side.
একবেড়ে; একপাশিআ ୨। ଏକ ପକ୍ଷକୁ ଅବଲମ୍ବନ କରିଥିବା;
**झुका** ଏକମାତ୍ର ପକ୍ଷ ଅବଲମ୍ବନକାରୀ—
2. Partial to one party.
୩। ଏକପାର୍ଶ୍ୱ ବା କୋଣରେ ଅବସ୍ଥିତ—
3. Situated on one side only.
୪। ଏକତରଫା—4. One-sided; exparte.

**ଏକପାଣିଆଁ**—ଦେ. ବଣ—୧। ଧୀରେ ଧୀରେ ଅଳ୍ପ ଅଳ୍ପ ବର୍ଷା
Ekapāniā̃ ନ ହୋଇ, ଅନାବୃଷ୍ଟି ପରେ ଏକା ଥରକେ ଲାଗେ-
একপানিয়া ଲାଗେ ସୁଦ୍ଧା ଏ ବର୍ଷା ହେବା ଯାଗ—
(a season) Simultaneously raining; showering at one time instead of the rain being distributed over a long season (said of heavy rain after a season of draught).
(ଯଥା—ଏ ବରଷ ମେଘ ଏକପାଣିଆଁ କଲାରୁ ବହୁତ ଭଲ ଅମଳ ହୋଇଗଲା।)

**ଏକପାନିଆଁ**—ଦେ. ବଣ. (ବରଜ ଭାଷା)—ଗୋଟିଏ ପାନ ଧରିବା
Ekapāniā̃ ପରେ ଯେଉଁ ପାନ ଗଛରେ ଅନ୍ୟ ପାନ ଧରେ ନାହିଁ-
(a betel plant) Which does not bring forth more than one betel leaf.

**ଏକପିଙ୍ଗ**—ସଂ. ବି. ପୁଂ. (ବହୁବ୍ରୀହି; ଏକ+ପିଙ୍ଗ; ଯାହାର ଏକମାତ୍ର
Ekapinga ଚକ୍ଷୁ ମଧ୍ୟରେ ଗୋଟିଏ ମାତ୍ର ପିଙ୍ଗଳ ବର୍ଣ୍ଣ ଚକ୍ଷୁ ଅଛି)-
୧। ଏକ ଚକ୍ଷୁବିଶିଷ୍ଟ କୁବେର—
1. The one-eyed God Kubera.
୨। ଯକ୍ଷ—
2. Jaksha—an etherial being.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଣ,ଶ | ଙ୍କ | ଇଯ୍ | ଭଢ଼ | ଭ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁୟ | ଇଅ | ଙ୍ଗ | ଦ୍ଧ |

**ଏକପିଙ୍ଗଳ** — ସଂ. ବି. ପୁଂ. ( ବହୁବ୍ରୀହି; ଏକ+ପିଙ୍ଗଳ )—
Ekapiṅgaḷa ଏକପିଙ୍ଗ ( ଦେଖ )
Ekapiṅga ( See )

**ଏକ ପିଠି** — ଦେ.ବି - କୌଣସି ସ୍ଥଳକୁ ଯିବା ଓ ଆସିବା—ଦୁଇ ଭ୍ରମଣ-
Eka piṭhi କ୍ରିୟା ମଧ୍ୟରୁ ଗୋଟିଏ—One trip of a double journey to and from a place.
( ଯଥା—ପୁରୀ ଯିବା ଆସିବା ପାଇଁ ଏକପିଠିର ଖରଚ ମୋ ପାଖେ ଅଛି; ଆଉ ଏକପିଠିର ଖରଚ ମିଳିଲେ ମୁଁ ଯାଆନ୍ତି । )

**ଏକପିଠିଆ** — ଦେ. ବିଣ. ( ସଂ. ଏକ + ପୃଷ୍ଠ )—
Ekapiṭhiā ଏକଧୁରୁ ( ଦେଖ )
Ekadhur ( See )

**ଏକପିତୃକ** — ସଂ. ବିଣ. ପୁଂ. ( ଏକ + ପିତୃନ୍ + କ )—
Ekapitṛuka ଏକ ପିତାଙ୍କଠାରୁ ଜାତ ( ସନ୍ତାନଗଣ )—
(ଏକପିତୃକା—ସ୍ତ୍ରୀ) (sons) Having one and the same father.

**ଏକପୁଡ଼ା** — ଦେ. ବି. ( ସଂ. ଏକପୃଷ୍ଠ )—
Ekapuṛḍā ବାଦ୍ୟବିଶେଷ; ଏକସ୍ୱର ବିଶିଷ୍ଟ ବାଦ୍ୟ; ପେଁକାଳି-
একপুড়া A kind of wind-instrument having a single tune; a single-tuned instrument.

**ଏକପୁଡ଼ିଆ** — ସଂ. ବିଣ. ( ସଂ. ଏକ ଓ ପୃଷ୍ଠ ) —
Ekapuṛḍiā ୧ । ଏକ ପୃଷ୍ଠାବିଶିଷ୍ଟ ପୁସ୍ତକ—
একপুড়িয়া 1.(book ) Having one leaf or page.
୨ । ନାକର ଏକ ପୁଡ଼ାରେ ବହୁଥିବା (ନିଶ୍ୱାସ)—
2. ( breath ) Breathed through one nostril only.
୩ । ନାକର ଏକ ପୁଡ଼ାରେ ନିଶ୍ୱାସ ମାରୁଥିବା (ବ୍ୟକ୍ତି)—
3. ( person ) Breathing through one nostril only.

**ଏକପୁରିଆ** — ଦେ. ବିଣ—୧ । ଯେ ହୃଷ୍ଟପୁଷ୍ଟ ନୁହେଁ; ଯାହାର
Ekapuriā ଦେହର ହାଡ଼ ମୋଟ ନୁହେଁ; ଯାହାର ଶରୀର
একপুরিয়া ପତଳା; ଦୁର୍ବଳ—1. Of weak body; lean
दुबला and thin.
୨ । ଧାନ କୁଟା ହୋଇ ଥରେ ମାତ୍ର ପାଛୁଡ଼ା ହୋଇଥିବା ( ଚାଉଳ ); ଅଚାଣ୍ଡିଆ ( ଚାଉଳ )—
2. Not well husked ( rice ).
୩ । ଏକ ଥର ଘାସ ବଛା ହୋଇଥିବା ( ବିଲ )—
3 ( a paddy-field ) Weeded out once only.

**ଏକପୁରୁଷ** — ସଂ. ବି— ପରମପୁରୁଷ; ପରମେଶ୍ୱର—
Ekapurusha The Supreme Being; God.

ଦେ. ବି—୧ । ଏକ ପୁରୁଷର ଉଚ୍ଚତା ବା ଗଭୀରତା—
1. Height or depth of one man's stature.
୨ । ବଂଶର ଏକମାତ୍ର ପୁରୁଷର ଜୀବତକାଳ—
2. One generation.

**ଏକପୁରୁଷିଆ** — ଦେ. ବିଣ—୧ । ସମ୍ପର୍କରେ ପରସ୍ପର ସହିତ ଏକପୁରୁଷ
Ekapurushiā ଛଡ଼ା—1. Separated by one
একপুরুষী generation of relationship, one degree distant.
୨ । ଏକପୁରୁଷ ତଳେ ଥିବା—
2. Belonging to one generation lower.
୩ । ଏକପୁରୁଷ ଉଚ୍ଚ ବା ଗଭୀର—
3. High or deep by one man's height; of one man's height or depth.
ପ୍ରାଦେ, ( ଗଡ଼ଜାତ ) ବିଣ—ବେଉଷଣ ପରେ ଯେଉଁ ଧାନ ଗଛର ମୂଳରୁ ଏକାଧିକ ଚୁଆଁ ବାହାରି ନ ଥାଏ—
(paddy plant) Not having sprouted into shoots.

**ଏକପୁରୁଷିକିଆ** — ପ୍ରାଦେ. ( ଗଡ଼ଜାତ ) ବିଣ—
Ekapurushikiā ଏକପୁରୁଷିଆ ( ଦେଖ )
Ekapurushiā ( See )

**ଏକପେଟ** — ସଂ. ବିଣ—ଉଦରପୂର୍ଣ୍ଣ— Belly full
Ekapeṭa କ୍ରି. ବିଣ—ପେଟଭରି; ଉଦର ପୂର୍ଣ୍ଣ କରି—
একপেট To one's fill; as much as will fill
पेटभर one's belly.

**ଏକପୋଛ** — ଦେ. ବି—ରଙ୍ଗ ବା କାଦୁଅ ଆଦି ପ୍ରତିମା ବା ସବାରି
Ekapochha ଆଦି ଉପରେ ଥରେ ମାତ୍ର ବୋଳିବା ବା ଲିପା—
একপোছ Smearing once; laying one layer
एकपोछ only; one layer of paint or mud on an image.
( ଯଥା—ଏଗାଡ଼ିରେ ଏକପୋଛ ବାର୍ନିସ୍ ଦିଆଯାଇଛି । )

**ଏକପୋଛା** — ଦେ. ବିଣ—ଥରେ ମାତ୍ର ପୋଛା ବା ଲିପା ହୋଇଥିବା
Ekapochhā ( ରଙ୍ଗ )—( paint or smearing )
একপোছা Applied with the first layer only;
एकपोछ consisting of one layer of paint.

**ଏକ ପ୍ରକାର** — ଦେ. ବି—ଏକଶ୍ରେଣୀ; ଏକ ରୂପ; ଏକରକମ—
Eka prakāra One kind; one class.
একপ্রকার ଦେ. ବିଣ—୧ । ଏକପ୍ରକାରର; ଗୋଟିଏ ପ୍ରକାରର;
एकरकम ଏକରକମ; ଏକ ପ୍ରକୃତିର; ଏକ ଶ୍ରେଣୀର—
1. A kind of; one kind of; one form of.
୨ । ଏକ ଆକୃତିବିଶିଷ୍ଟ—
2. Of one size.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପରଟି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ ଯଥା :— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୁଅ' ନ ମିଳିଲେ 'ଭଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ନୁହେ ଉତ୍କୃଷ୍ଟ ନୁହେ ନିକୃଷ୍ଟ; କାର୍ଯ୍ୟର ଉପଯୋଗୀ; ଚଳନସହ—3. Tolerable; ordinary.

କ୍ରି. ବଣ—୧ । ଏକବାଟରେ—
1. In a way; in one way.
୨ । ଯେନ କେନ ପ୍ରକାରେ—2. Anyhow.
୩ । ଅପରୋକ୍ଷଭାବରେ—3. Indirectly.
୪ । ଚଳନସହଭାବରେ; ନୁହେ ଭଲ ନୁହେ ମନ୍ଦ ଏପରି-ଭାବରେ; କାମ ଚଳିଯିବା ପ୍ରକାରରେ—
4. Tolerably; so-so.

ଏକପ୍ରକାରେ—ଦେ. କ୍ରି. ବଣ—ଏକ ପ୍ରକାର ( ଦେଖ )
Ekaprakāre — Eka prakāra (See)

ଏକପ୍ରଭୁ—ସଂ. ବଣ.—( ବହୁବ୍ରୀହି; ଏକ + ପ୍ରଭୁ; ଯାହାର ପ୍ରଭୁ ଏକ ) —
Ekaprabhu ୧ । ଏକମାତ୍ର ଅଧିପତି ବା ରାଜାଦ୍ୱାରା ଶାସିତ— 1. Monarchical; ruled by one master; under one absolute monarch; presided over by a paramount control or authority.
୨ । ଏକସ୍ୱାମିକ; ଯେଉଁ ସମ୍ପତ୍ତିର ମାଲିକ ଜଣେ — 2. (property) Owned by one person only.

ଏକପ୍ରଭୁତ୍ୱ—ସଂ. ବି.—ଏକମାତ୍ର ରାଜାଙ୍କଦ୍ୱାରା ରାଜ୍ୟଶାସନ ପ୍ରଣାଳୀ—
Ekaprabhutwa — Monarchy.

ଏକଫଳା—ଦେ. ବଣ.— ଗୋଟିଏ ଫଳା ବା ପତ୍ର ଥିବା (ଛୁରି)—
Ekaphalā — One-bladed (knife)
একফলা
एकफला

ଏକଫସଲୀ—ଦେ. ବଣ.—(ସଂ. ଏକ+ଅ. ଫସ୍ଲ)—ଯେଉଁ ଜମିରେ
Ekaphasalī ବର୍ଷକେ ଗୋଟିଏ ମାତ୍ର ଫସଲ ହୁଏ—
একফসলী (land Producing one crop only
एकफस्ला; एकफसला during the year.

ଏକଫିଙ୍ଗ—ଗ୍ରା. ବଣ.—ଏକଫିଙ୍ଗା (ଦେଖ)
Ekaphiṅga — Ekaphiṅgā See)

ଏକଫିଙ୍ଗା—ଗ୍ରା ବଣ. ( ସବାରବେହେରାଙ୍କ ଭାଷା )—ସବାରିର ପଛ
Ekaphiṅgā ବାହୁଁଗ ବାଳେଇ ଥିବା ବେହେରାଙ୍କ କାନ୍ଧମାନ ଅଗବେହେରାଙ୍କ କାନ୍ଧ ଭଳି ବାହୁଁଗରେ ଲାଗିଥିବା (ଅବସ୍ଥା)—Name of an inconvenient position of the shoulders of the palki bearers engaged in carrying a palki.

ଏକବଅସି—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ.—ଏକବୟସୀ (ଦେଖ)
Ekabaasi — Ekabayasi (See)

ଏକବଅସିଆ—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ.—ଏକବୟସୀ (ଦେଖ)
Ekabaasiā — Ekabayasi (See)

ଏକବଚନ—ସଂ. ବି. (ବ୍ୟାକରଣ)— ଏକସଂଖ୍ୟାବୋଧକ ବଚନ—
Ekabachana (grammar) The singular number.
(ବହୁବଚନ—ବିପରୀତ)

ଏକବଣୀ—ଦେ. ବଣ ( ସଂ. ଏକବର୍ଣ୍ଣୀ )—୧ । ଯେଉଁ ଗାଈର ଦେହ
Ekabanī ଯାକ ଗୋଟିଏ ମାତ୍ର ବର୍ଣ୍ଣ ଥାଏ ଏବଂ ଦେହରେ ଛିଟିକା
একবর্নি ଚିହ୍ନ ନ ଥାଏ—1. (a cow) Of one colour
एकवर्णी only.
୨ । ଯେଉଁ ଗାଈର ଦେହର ବର୍ଣ୍ଣ ସଙ୍ଗେ ବାଛୁରିର ବର୍ଣ୍ଣ ସମାନ—2. ( a cow ) Whose calf is also of the same colour as the mother.

ଏକବୟସିଆ - ଦେ. ବଣ. ପୁଂ ଓ ସ୍ତ୍ରୀ ( ସଂ. ଏକ + ବୟସ୍ )—
Ekabayasiā — ଏକବୟସୀ ( ଦେଖ ) Ekabayasi ( See )

ଏକବୟସୀ—ଦେ. ବଣ. ପୁଂ ଓ ସ୍ତ୍ରୀ ( ସଂ. ଏକ + ବୟସ୍ )—
Ekabayasi ୧ । ସମବୟସ୍କ (ପୁରୁଷ)—1 (male) Of one age; of equal age.
୨ । ସମବୟସ୍କା (ସ୍ତ୍ରୀ)— 2. Of the same age (female)

ଏକବରଗ - ଗ୍ରା. ବଣ—ଏକବର୍ଗ ( ଦେଖ )
Ekabaraga — Ekabarga ( See )

ଏକବରଗିଆ - ଗ୍ରା. ବଣ—ଏକବର୍ଗ ( ଦେଖ )
Ekabaragiā — Ekabarga ( See )

ଏକବରଷିଆ—ଦେ. ବଣ ପୁଂ ଓ ସ୍ତ୍ରୀ (ଏକ + ବର୍ଷ )—୧ । ବରଷିକିଆ;
Ekabarashiā ଏକବରଷ ବୟସ୍କ 1 Aged one year
একবছরের only.
एकबरषका ୨ । ଏକବୟସୀ; ସମବୟସ୍କ -2. Of the same age.
୩ । ଏକବର୍ଷକାଳ ସ୍ଥାୟୀ ( ଗୁଳ୍ମାଦ )—
3 Annual (plants).
୪ । ଯାହା ସମାପ୍ତ ହେବାକୁ ଏକ ବରଷ ଲାଗେ—
4. Taking one year to complete.
୫ । ସମସାମୟିକ; ଏକାବରଷରେ ଘଟିଥିବା ବା ଜନ୍ମିଥିବା—
5 Born or happening in the same year, contemporary; coeval.

ଏକବରାବର— ପ୍ରାଦେ. (ବାଲେଶ୍ୱର) କ୍ରି. ବଣ—୧ । ଏକାବେଳେକେ
Ekabarābara ଏକ କାଳରେ—1. At a time.
୨ । ସମ୍ପୂର୍ଣ୍ଣରୂପେ —2. Fully

ଏକବର୍ଗ—ଦେ. ବଣ (ସଂ. ଏକ ଓ ବର୍ଗ)—୧ । ଏକଆକୃତିବିଶିଷ୍ଟ;
Ekabarga ଏକ ଛାଞ୍ଚରେ ଗଢ଼ା—1. Of one form or mould.
୨ । ବ୍ୟଞ୍ଜନ ବର୍ଣ୍ଣର ଏକ ବର୍ଗର ଅନ୍ତର୍ଗତ—
2 Belonging to one group of consonants.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ସ | ଙ୍କ | ଇସ୍ | ଊଅ | ଉ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଐ | ଇଅ | ଓ | ନ୍ | |

ଏକବର୍ଗିଆ—ଦେ. ବଣ.—ଏକବର୍ଗ (ଦେଖ)
Ekabargiā Ekabarga (See)

ଏକବର୍ଣ୍ଣ—ସଂ. ବଣ. ପୁଂ. (ବହୁବ୍ରୀହି; ଏକ+ବର୍ଣ୍ଣ)—
Ekabarnna ୧ । ଏକମାତ୍ର ରଙ୍ଗବିଶିଷ୍ଟ—
(ଏକବର୍ଣ୍ଣା—ସ୍ତ୍ରୀ) 1. Reduced to one colour.
୨ । ଏକଜାତିରେ ପରିଣତ—
2. Of one caste.
ସଂ. ବି—୧ । ଗୋଟିଏ ମାତ୍ର ଅକ୍ଷର—1. One letter only.
୨ । ଗୋଟିଏ ମାତ୍ର ପଦ—2. One syllable only.
୩ । (ବୀଜଗଣିତ) ଅନିର୍ଦ୍ଦିଷ୍ଟ ସଂଖ୍ୟା; ଅଜ୍ଞାତ ରାଶି—
3 (algebra) An unknown quantity

ଏକବର୍ଣ୍ଣସମୀକରଣ—ସଂ. ବି. (ବୀଜଗଣିତ)—ଯେଉଁ ସମୀକରଣରେ
Ekabarnnasamikarana ଗୋଟିଏ ମାତ୍ର ଅଜ୍ଞାତ ରାଶି
କଳ୍ପିତ ହୁଏ—(algebra) An equation
involving one unknown
quantity only.

ଏକବର୍ଣ୍ଣୀ—ସଂ.ବଣ.ପୁଂ. (ଏକବର୍ଣ୍ଣ+ଇନ୍ ୧ମା.୧ବ) ଏକବର୍ଣ୍ଣବିଶିଷ୍ଟ—
Ekabarnni Consisting of one colour only;
(ଏକବର୍ଣ୍ଣିନୀ—ସ୍ତ୍ରୀ) composed of or painted in one
colour only; of one colour;
of the same colour.
ଦେ. ବଣ—ଏକବନି ( ଦେଖ )
Ekabani ( See

ଏକବର୍ଷିଆ—ଦେ. ବଣ ( ସଂ. ଏକ ଓ ବର୍ଷ )—ଏକବରଷିଆ (ଦେଖ)
Ekabarshiā Ekabarashiā See

ଏକବର୍ଷିକା—ସଂ. ବି. ସ୍ତ୍ରୀ. ( ଏକ+ବର୍ଷ+ଇକ+ସ୍ତ୍ରୀ. ଆ )—
Ekabarshikā ଏକହାୟନୀ ( ଦେଖ )
Ekahāyani (See)

ଏକବର୍ଷିକିଆ—ଦେ. ବଣ—ଏକବରଷିଆ ( ଦେଖ )
Ekabarshikiā Ekabarashiā (See)

ଏକବସ୍ତ୍ର—ସଂ. ବଣ ( ବହୁବ୍ରୀହି; ଏକ+ବସ୍ତ୍ର )—୧ । ଯାହାର ଖଣ୍ଡିଏ
Ekabastra ମାତ୍ର ପରିଧାନବସ୍ତ୍ର ସମ୍ବଳ ଅଛି; ଯାହାର ଖଣ୍ଡିଏ
ଲୁଗା ଛଡ଼ା ଅନ୍ୟ ଲୁଗା ନ ଥାଏ—1. Having
a single piece of cloth only for
use; having no change of clothes.
୨ । ଏକକାନିକିଆ; ଯେ ଖଣ୍ଡିଏ ମାତ୍ର ଅଧୋବାସ ପିନ୍ଧିଥାଏ;
ଯାହାର ଉତ୍ତରୀୟ ବା ଗାମୁଛା ନ ଥାଏ—2. Wearing
one piece of cloth only.

ଏକବାକ୍ୟ—ସଂ. ବି ( ଏକ+ବାକ୍ୟ )—୧ । ଗୋଟିଏ କଥା—
Ekabākya 1. One word.
୨ । ଏକ ମାତ୍ର ଜବାବ୍—2. One promise.
ସଂ. ବଣ ( ବହୁବ୍ରୀହି )—୧ । ଏକମୁଖ; ଯେଉଁ ସମସ୍ତଙ୍କର
ଏକ ଉଦ୍ଦେଶ୍ୟ ଥାଏ—1. ( many persons )
Having the same object in view.
୨ । ଏକମତ ( ବହୁବ୍ୟକ୍ତି )—
2. Unanimous; of the same opinion.
୩ । ଏକ ପରାମର୍ଶରେ ଚାଳିତ—
3. Guided by one advice.
୪ । ଯେଉଁମାନେ ସମସ୍ତେ ଗୋଟିଏ ମାତ୍ର ମତ ପ୍ରକାଶ
କରନ୍ତି—4. Of one voice.

ଏକବାଗିଆ—ଦେ. ବଣ.ପୁଂ. ଓ ସ୍ତ୍ରୀ—ଏକବାଗୀ ( ଦେଖ )
Ekabāgia Ekabāgi ( See )

ଏକବାଗୀ—ଦେ. ବଣ. ପୁଂ ଓ ସ୍ତ୍ରୀ ( ସଂ. ଏକ ଓ ବର୍ଗ )—ମନ୍ଥୁଆଁ;
Ekabāgi ଏକଗୁଆଁ; ଏକଛନ୍ଦିଆ—Headstrong;
एकगुयेँ; एकरोखा dogmatical; obstinate;
अड़ियल; हठी stubborn.

ଏକବାଗେ - ଦେ. କ୍ରି. ବଣ—୧ । ଏକପ୍ରକାରରେ—
Ekabāge 1. In one way.
एकचोटे ୨ । ଏକା ଚୋଟକେ—2. At one stretch.
एकचोटमे ୩ । ଏକା ଚୋଟକେ—3. At one stroke.
୪ । ଏକ ଥରେକେ—4. At once.

ଏକବାତ୍—ଦେ. ବି—୧ । ଗୋଟିଏ ମାତ୍ର ପ୍ରତିଜ୍ଞା—
Ekabāt 1. One promise only.
एकबात ୨ । ଅଟଳ ପ୍ରତିଜ୍ଞା—2. Inviolable promise.
एकबात
ଦେ. ବଣ—ଯେଉଁ ବ୍ୟକ୍ତିର କଥା ବା ପ୍ରତିଜ୍ଞା ଅଟଳ; ଦୃଢ଼-
ପ୍ରତିଜ୍ଞ—Sticking to one opinion,
promise or vow.

ଏକବାପ୍—ଦେ. ବଣ—ଯାହାର ଏକ ପିତା; ନିର୍ଦ୍ଦିଷ୍ଟପିତୃକ; ଯେ
Ekabāp ଜାରଜ ନୁହେ—Born from one father; of
एकबाप established and undoubted
एकबाप parentage

ଏକ ବାପ୍ ଏକ ବାତ—ଠଗ

ଏକବାପୁଆ—ଦେ. ବଣ—ଏକବାପ୍ (ଦେଖ)
Ekabāpuā Ekabāp (See)

ଏକବାବୁଆ—ଦେ. ବଣ—ଏକବାପ୍ (ଦେଖ)
Ekabābuā Ekabāp (See)

ଏକବାର୍—ଦେ. ଅ—ଏକବାର (ଦେଖ)
Ekabār Ekabāra (See)

ଏକବାର—ଦେ. କ୍ରି (ଫା. ଏକବାରଗୀ)—୧ । ଏକଥର; ଥରମାତ୍ର—
Ekabāra 1. One time.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲେଖିଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କ୍ରୁଥ' ନ ମିଳିଲେ 'କ୍ରୁଧ' ଦେଖିବେ; ବଚ୍ଚ ନ ପାଇଲେ 'ବଚ୍ଚ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ ।

একবার ୨ । କୌଣସି ଉପବାସ ଓ ବ୍ରତର ପୂର୍ବ ଦିନ କୃତ୍ୟ-
एकबार କୃତ୍ୟ—2. Regulation of diet observed on the eve of a religious fast.

ସପ୍ତମୀଦିନ ଏକବାର ଖିଆ ବେଳକୁହେଁ ତା'ଙ୍କୁ ଯାଉଥିଲେ ।

ଫକୀରମୋହନ. ଛମାଣଆଠଗୁଣ୍ଠ ।

ଦେ. ଅ—୧ । ଏକାଥରକେ—1. Once; at once, for once.

একেবারে ୨ । ହଠାତ୍—2. Instantly; suddenly;
एकबारगि all at once.

୩ । ଏକସମୟରେ—3. At one time.

୪ । ଏକନିଶ୍ୱାସରେ—4. At one breath.

୫ । ସମ୍ପୂର୍ଣ୍ଣରୂପେ—5. Completely.

ଏକବାରିକ୍—ଦେ. ଅ—ଏକବାର (ଦେଖ)
Ekabārik Ekabāra (See)

ଏକବାରିକି—ଦେ. ଅ.—ଏକବାର (ଦେଖ)
Ekabāriki Ekabāra (See)

ଏକବାରିଗ—ଦେ. ଅ.—ଏକବାର (ଦେଖ)
Ekabārig Ekabāra (See)

ଏକବାରିଗି—ଦେ. ଅ.—ଏକବାର (ଦେଖ)
Ekabārigi Ekabāra (See)

ଏକବାରେ—ଦେ. ଅ.—ଏକବାର (ଦେଖ)
Ekabāre Ekabāra (See)

ଏକବିଆଣିଆଁ—ଦେ. ବିଣ. ସ୍ତ୍ରୀ—୧ । ଯେ (ପଶୁ ବା ସ୍ତ୍ରୀ) ଥରେ
Ekabiāṇiān̐ ସନ୍ତାନ ଜନ୍ମ କରିଛି—
কাকাবাঁঝি 1. (a beast or woman) Who has once brought forth a child.
इकौज; एकबाँज ୨ । ଯେ (ପଶୁ ବା ସ୍ତ୍ରୀ) ଜୀବନରେ ଥରେମାତ୍ର ପ୍ରସବ କରେ; କାକବନ୍ଧ୍ୟା—
2. (a beast or a woman) Who is delivered only once in life.

ଏକବିଂଶ—ସଂ. ବି. ଓ ବିଣ (ସଂଖ୍ୟାବାଚକ; ଏକ ଅଧିକ ବିଂଶ)—
Ekabiṁsa ଏକୋଇଶ; କୋଡ଼ିଏରୁ ଏକ ଅଧିକ—
Twenty one.

ଏକବିଂଶତି—ସଂ. ବି. ଓ ବିଣ—ଏକବିଂଶ (ଦେଖ)—
Ekabiṁsati Ekabiṁsa (See)

ଏକବିଂଶତିତମ—ସଂ. ବିଣ—ଏକୋଇଶର ପୂରକ—
Ekabiṁsatitama Twenty first

ଏକବିଚାର—ଦେ ବି—୧ । ବହୁ ଲୋକଙ୍କର ମତର ଏକତା—
Ekabichāra 1. Unanimity.

୨ । ବହୁ ଲୋକଙ୍କର ଏକମାତ୍ର ପରାମର୍ଶ—
2. Unanimous opinion or decision.

ଦେ. ବିଣ—ଏକମତବିଶିଷ୍ଟ—Unanimous; holding an opinion unanimously or nem con.

ଏକବୁଝା—ଦେ. ବିଣ. (ସଂ. ଏକ ଓ ବୋଧ)—୧ । ଏକଜିଦିଆ;
Ekabujhā ଅବୁଝା—1 Pertinacious; obstinate.
(ଏକବୁଝୀ—ସ୍ତ୍ରୀ) ୨ । ଯେ ଥରେ ଯାହା ବୁଝି ଥାଏ ଅନ୍ୟ ହଜାରେ
বেবুঝ କହିଲେ ଅନ୍ୟ କଥା ଶୁଣେ ନାହିଁ—
अड़ियल 2. One who firmly adheres to an opinion once formed.

ଏକବେଣୀ—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଏକ+ବେଣୀ)—ମୁଣ୍ଡରେ ସମସ୍ତ
Ekabeṇī କେଶକୁ ଏକତ୍ର ଗୋଟିଏ ବେଣୀ କରି କେଶ ବାନ୍ଧିବାର ରୀତି—A mode of tying the hair of the head into a pigtail.

ସଂ. ବିଣ. ସ୍ତ୍ରୀ—(ଏମାନେ ଗୋଟିଏ ମାତ୍ର ବେଣୀ ବାନ୍ଧୁଥିବାରୁ)—୧ । ବିୟୋଗିନୀ; ଯେଉଁ ସ୍ତ୍ରୀର ପତି ପ୍ରବାସୀ—
1. (a woman) Whose husband is abroad.

୨ । ବିଧବା—2. Widowed (woman).

ଏକବେଳେ—ଦେ. କ୍ରି. ବିଣ.—୧ । ଥରେ—1. Once only.
Ekabele ୨ । ଦିନକେ ଥରେ; ଓଳିଏ—2 Once a day.
একবেলা
एकबख्त

ଏକଭକ୍ତ—ସଂ. ବିଣ. (୭ମୀ ତତ୍; ଏକ+ଭକ୍ତ)—୧ । ଏକମାତ୍ର
Ekabhakta ପ୍ରଭୁଙ୍କର ଅଧୀନସ୍ଥ (ଭୃତ୍ୟାଦି)—
1. (many person) Attached to a common master; having one master.

୨ । ଏକ ଠାକୁରଙ୍କୁ ଭକ୍ତି କରୁଥିବା—
2. Worshipping one and the same Deity.

୩ । ଦିନକ ସାରାରେ ଏକ ଥର ମାତ୍ର ଭୋଜନ କରୁଥିବା—
3. Taking but one meal a day.

୪ । ସର୍ବପ୍ରଧାନ ଭକ୍ତ—4. The principal or chief disciple or devotee.

୫ । ଏକାନ୍ତ ମନରେ ଭକ୍ତି କରୁଥିବା—
5. Exclusively devoted to.

ସଂ.ବି.—ବ୍ରତବିଶେଷ; ଯେଉଁ ବ୍ରତରେ ଦିନ ସାରାରେ ଥରେ ମାତ୍ର ଭୋଜନ କରିବାକୁ ହୁଏ—A religious observance which prescribes one meal throughout the day.

ଏକଭକ୍ତି—ସଂ. ବି. (ଏକ+ଭକ୍ତି)—ଅଟଳ ଭକ୍ତି; ଅଟଳ ଭକ୍ତ—
Ekabhakti Unswerving devotion.

ସଂ. ବିଣ.—୧ । ଈଶ୍ୱରଙ୍କଠାରେ ଅଟଳ ବିଶ୍ୱାସୀ—
1. Firmly devoted to God; a sincere devotee.

| ୧ | ଉ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଙ | ଚ | ଶ,ଷ | ଞ | ଋସ୍ୱ | ଋଥ | ଇ |
|---|---|---|---|---|---|---|---|---|---|---|---|---|---|---|
| ୨ | ଊ | ଉ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଋଥ | ଓ | ନ୍ |

୨ । ସ୍ୱଧର୍ମରେ ଏକାନ୍ତ ବିଶ୍ୱାସଯୁକ୍ତ—
Firmly attached to one's own faith

ଏକଭାକି—ଦେ. ବିଣ.—ଏକଭାଷୀ (ଦେଖ)
Ekabhāki Ekabhāshī (See)

ଏକଭାବ—ସଂ. ବି.—୧ । ଉଦ୍ଦେଶ୍ୟର ଏକତା—
Ekabhāba 1. Unity of purpose
୨ । ଏକ ପ୍ରକାର ବା ଅବସ୍ଥା—2. One state.
୩ । ମନର ଏକ ଭାବ—3 One feeling.
୪ । ଐକ୍ୟ; ଅଟଳତା—
4. Uniformity; steadiness.
୫ । ସମାନ ପ୍ରକାରର ମନୋଭାବ—
5 Similar thought
ସଂ. ବିଣ.—୧ । ଏକ ଅବସ୍ଥାପନ୍ନ; ଏକ ଭାବାପନ୍ନ—
1. Of one state or mood
୨ । ଘନିଷ୍ଠ—2 Intimate
୩ । ଏକ ଉଦ୍ଦେଶ୍ୟରେ ନିଯୁକ୍ତ—3. Engaged in the same design; working at one purpose.

ଏକଭାବେ—ଦେ. ଅ.—୧ । ଏକପ୍ରକାରରେ—1. In one way.
Ekabhābe ୨ । ସମାନଭାବରେ—2. In the same
একভাবে manner; in an uniform manner.
୩ । ନିୟମିତ ପର୍ଯ୍ୟାୟକ୍ରମେ; ନିୟମିତରୂପେ—
3. In unbroken succession; regularly.

ଏକଭାର୍ଯ୍ୟା—ସଂ. ବିଣ. ପୁଂ. ( ବହୁବ୍ରୀହି; ଏକ + ଭାର୍ଯ୍ୟା )—ଏକ ମାତ୍ର
Ekabhārjya ପତ୍ନୀବିଶିଷ୍ଟ (ପୁରୁଷ); ଏକପତ୍ନୀକ—
Having one wife only; devoted to one wife only.

ଏକଭାଷୀ—ସଂ. ବିଣ. ପୁଂ. (ଏକଭାଷା + ଇନ୍ ୧ମା. ୧ବ. —
Ekabhāshī ଏକ ଭାଷାରେ କଥା କହୁଥିବା (ବହୁବ୍ୟକ୍ତି)—
(ଏକଭାଷିଣୀ—ସ୍ତ୍ରୀ) (many people) Speaking one tongue.

ଏକଭୁକ୍ତ—ସଂ. ବିଣ. (ଏକ+ଭୁକ୍ତ)—୧ । ଯେ ଥରେମାତ୍ର ଖାଇଅଛି—
Ekabhukta 1. One who has taken one meal only.
୨ । ଏକତ୍ରିତ—2. Collected; gathered
୩ । ଶ୍ରେଣୀଭୁକ୍ତ—3. Classified.
୪ । ସଂଯୁକ୍ତ—4. United.

ଏକମତ—ସଂ. ବି. ( ଏକ + ମତ )—
Ekamata ୧ । ଏକମାତ୍ର ଇଚ୍ଛା ପ୍ରକାଶ—1. Unanimity.
୨ । ବହୁ ଲୋକଙ୍କର ଗୋଟିଏ ମତ —
2. One wish of several persons.
ସଂ. ବିଣ ( ବହୁବ୍ରୀହି )—ଏକ ବା ସମାନମତବିଶିଷ୍ଟ—
Of one and the same opinion; unanimous.
ଦେ. ବିଣ—ସମାନ; ଏକାପରି—Equal; similar.
একমতন বড ভ্রাতা হত হেল একমত গাম্বর মারণ।
एकसाँ ଭକ୍ତ. ବୈଦେହୀଶବିଳାସ।

ଏକମତି—ସଂ. ବି. ( ଏକ + ମତି )—
Ekamati ୧ । ଏକମାତ୍ର ଇଚ୍ଛା ବା ମତି —
1. One opinion; unanimity.
୨ । ପ୍ରକୃଷ୍ଟ ବୁଦ୍ଧିବୃତ୍ତି; ଶ୍ଳାଘାଯୋଗ୍ୟ ବୁଦ୍ଧି—
2 An intellect of the best order.
ସଂ. ବିଣ—୧ । ସମାନ ବୁଦ୍ଧି ଦ୍ୱାରା ଚାଳିତ, ଏକମତବିଶିଷ୍ଟ —
1. Unanimous.
୨ । ଯାହାର ବୁଦ୍ଧି ଏକ ବିଷୟ ବା ଲକ୍ଷ୍ୟ ପ୍ରତି ଥାଏ—
2. Single minded.

ଏକମତେ—ଦେ. ଅ—ଏକ ମତ ହୋଇ—
Ekamate Being of one mind.
ବନ୍ଧୁର ବଳେ ଏକ ମତେ
କହିବା ବ୍ରହ୍ମାଙ୍କ ଅଗ୍ରତେ । ଜଗନ୍ନାଥ. ଭାଗବତ ।

ଏକମନ—ଦେ. ବି. ( ଏକ + ମନସ୍ )—
Ekamana ୧ । ସମ୍ପୂର୍ଣ୍ଣ ମନୋଯୋଗ—
1 Concentrated attention.
୨ । ଏକମତ—2. Unanimity

ଏକମନା – ସଂ. ବିଣ ( ବହୁବ୍ରୀହି; ଏକ + ମନସ୍ )—
Ekamanā ୧ । ଏକମତ; ସମ ମତବିଶିଷ୍ଟ—
1. Of one mind; unanimous
୨ । ଏକାନ୍ତ ମନୋଯୋଗ ଦେଇଥିବା—
2. Absorbed.
୩ । ଯାହାଙ୍କ ମନ ଏକ ମାତ୍ର ଉଦ୍ଦେଶ୍ୟ ପ୍ରତି ଥାଏ—
3. Of mind turned to one object or aim; of one accord.
୪ । ନିବିଷ୍ଟ ମନ—4. Closely attentive; with mind concentrated to a subject.
ସନ୍ତୁଷ୍ଟ ହୋଇଲେ ହେ ବୃନ୍ଦର ରାଜା।
କରିବା ଶୁଣ ସର୍ବେ ତୁମ୍ଭ ଏକମନା ।। କୃଷ୍ଣସିଂହ. ମହାଭାରତ. ବର୍ଣ୍ଣ ।

ଏକମନାଃ—ସଂ. ବିଣ—ଏକମନା ( ଦେଖ ) .
Ekamanāḥ Ekamanā ( See )

ଏକମନେ—ଦେ.ଅ—ନିବିଷ୍ଟ ଚିତ୍ତରେ;ଏକାନ୍ତ ମନୋଯୋଗ ସହକାରେ·
Ekamane With close attention; very attentively.
ଏକମନେ ଏବେ ଶୁଣିବା ହେ ଦେବଗଣେ ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂପ' ନ ମିଳିଲେ 'କୁପ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚା' ନ ପାଇଲେ 'ଅର୍ଚ୍ଚା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଏକମାଟିଆ—ଦେ. ବଣ. ( ସଂ. ଏକ + ମୃତ୍ତିକା )—
Ekamātiā ଦେବ ମୂର୍ତ୍ତିର ପ୍ରଥମ ନଡ଼ା ବା ଢଳା ବନ୍ଧା ହୋଇ-
একমেটে ଥିବା ରୂପ ଉପରେ ପ୍ରଥମ ଯୋଳ କାଦୁଅ ଲିପା ହୋଇଥିବା (ମୂର୍ତ୍ତି); ମୋଟା ମୋଟି ହୋଇ ଗଢ଼ା ଯାଇ-ଥିବା (ରୂପ)—With the first layer of mud applied to the straw-frame of an image; roughly fashioned (image to be finished afterwards).

ଏକମାତ୍ର—ଦେ. ବଣ. ( ସଂ. ଏକମାତ୍ର )—
Ekamātra ୧ । ଏକାକୀ—1. Single.
একমাত্র ୨ । କେବଳ ଏକ—2 One only; sole.
एकमात्र

ଏକମାତୃକ—ସଂ. ବଣ. ପୁଂ (ବହୁବ୍ରୀହି; ଏକ + ମାତୃ + କ)—
Ekamātṛuka ଏକ ମାତାଙ୍କ ଠାରୁ ଜାତ (ପୁତ୍ରଗଣ)—
(ଏକମାତୃକା—ସ୍ତ୍ରୀ) (sons) Born of the same mother; uterine ( brothers )
[ଦ୍ର—ଯେଉଁ ସନ୍ତାନମାନଙ୍କର ମାତା ଏକ କିନ୍ତୁ ପିତା ଭିନ୍ନ ଭିନ୍ନ ଅଟନ୍ତି ସେମାନଙ୍କୁ ଏକମାତୃକ ବୋଲାଯାଏ । ]

ଏକମାନସ—ଦେ. ବଣ ( ସଂ. ଏକମନାଃ )—ଏକାଗ୍ରଚିତ୍ତ—
Ekamānasa Attentive.

ଶୁଣ ଏକମାନସ ହୋଇଣ କରେଣ । କୃଷ୍ଣଙ୍କ ଦ୍ବ. ମହାଭାରତ. ବନ ।

ଏକମିଶା—ପ୍ରାଦେ. ( ବାଲେଶ୍ୱର ) କ୍ରି. ବଣ—
Ekamiśā ଉପର୍ଯ୍ୟୁପରି; ତା' ପଛକୁ ତା' ପଛ; ଲଗିଲଗି—
One after another; in close succession.

ଏକମୁଖ—ସଂ. ବଣ. ( ବହୁବ୍ରୀହି; ଏକ + ମୁଖ )—
Ekamukha ୧ । ଗୋଟିଏ ମୁହଁ ଥିବା—
(ଏକମୁଖୀ—ସ୍ତ୍ରୀ) 1. Having one face only.
୨ । ଏକକ କୌଣସି ବାକ୍ୟ ଉଚ୍ଚାରଣ କରୁଥିବା—
2. Of one voice.

ସବେ ହୋଇଣ ଏକମୁଖ, ବୋଇଲେ ନାରାୟଣ ରଖ ।
ଜଗନ୍ନାଥ. ଭାଗବତ ।

ଏକମୁଖୀ ରୁଦ୍ରାକ୍ଷ—ସଂ. ବି—ଯେଉଁ ରୁଦ୍ରାକ୍ଷ ମଞ୍ଜିରେ ଗୋଟିଏ ମାତ୍ର
Ekamukhī rudrāksha ମୁହଁ ବା ଗୋଲଚିହ୍ନ ଥାଏ—
A rudrāksha seed having one circular spot on it.

ଏକମୁନା—ଦେ. ବି—ତେଣ୍ଟା ଏକମୁନ; ବା ତୀକ୍ଷ୍ଣାଗ୍ରବିଶିଷ୍ଟ ଅସ୍ତ୍ରବିଶେଷ—
Ekamunā Weapon with one sharp point; a pointed weapon; a harpoon.

କାଞ୍ଚନ କୋରକ ହେଲେ କଳୁଅଛି କରକ୍ଷୀର ଚମ୍ପ ଚୂଡ଼ା,
ଅବା ସେ କରହୃଦୁଅରେ ଲୋହିତ ମଦନର ଏକମୁନା ।
ରାଧାନାଥ. ପାର୍ବତୀ ।

ଏକମୁନିଆଁ—ଦେ. ବି—ଏକମୁନା ( ଦେଖ )
Ekamuniāṅ Ekamunā ( See )

ଏକମୁହାଁ—ଦେ. ବଣ. ( ସ. ଏକମୁଖ )—
Ekamuhāṅ ୧ । ଏକମାତ୍ର ଦ୍ୱାରବିଶିଷ୍ଟ ( ମନ୍ଦିର ବା ଗୃହ )—
একমুখ 1. ( a house ) Having one door only.
एकमुहँवाला ୨ । ଏକଦିଗକୁ ମୁଖ କରିଥିବା—
2 Facing towards one direction.

କଳାଖଣ୍ଡ ପୋପାଡ଼ ଦେଇ ଏକମୁହାଁ ଧାଇଁଛି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଏକମେଳ—ଦେ. ବି. ଓ ବଣ. ( ସଂ. ଏକ ଓ ମିଳ ଧାତୁ )—
Ekameḻa ଏକଜୁଟ୍ ( ଦେଖ )—Ekajuṭ ( See )
একমিল
एकमेल

ଏକମେଳିଆ—ଦେ. ବଣ—ଏକଜୁଟ୍ ( ଦେଖ )
Ekameḻiā Ekajuṭ ( See )

ଏକମେଳୀ—ଦେ. ବଣ—ଏକଜୁଟ୍ ( ଦେଖ )
Ekameḻī Ekajuṭ ( See )

ଏକଯଷ୍ଟିକା—ସଂ. ବି. ସ୍ତ୍ରୀ. ( ଏକ + ଯଷ୍ଟି + କ + ସ୍ତ୍ରୀ. ଆ )—
Ekajashṭikā ଏକନଳିଆ ହାରବିଶେଷ—
One stringed necklace.

ଏକଯୁକ୍ତ—ଦେ. ବଣ. (ସଂ. ଏକ + ଯୁକ୍ତ)—୧ । ସଙ୍ଗତ—
Ekajukta 1. Joined together; united.
୨ । ସଙ୍ଗମରତ—2 Engaged in copulation.

ମୁହୂର୍ତ୍ତେ କାମ ଅରୂଚିତ, ପଛ କାମିନୀ ଏକଯୁକ୍ତ—
ଜଗନ୍ନାଥ. ଭାଗବତ ।

ଏକଯୋଗ—ଦେ. ବି. ଓ ବଣ—ଏକଜୁଟ୍ ( ଦେଖ )
Ekajoga Ekajuṭ ( See )

ଏକଯୋନି—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଏକ + ଯୋନି = ଉତ୍ପତ୍ତି ସ୍ଥାନ )— ଏକମାତାଙ୍କଠାରୁ ଜାତ; ଏକମାତୃକ—
Ekajoni Born of the same mother; uterine.

ଏକର୍——ବୈଦେ. ବି. (ଇଂ. ଏକର୍)—୨୮ ଦସ୍ତିରେ ପ୍ରାୟ ଏକମାଣ
Ekar ଜମି; ୪୮୪୦ ବର୍ଗଗଜ ବା ୪୩୫୬୦ ବର୍ଗଫୁଟ ପରିମିତ
একর ଭୂମି— One acre; 4840 square yards.
एकड़ [ ଦ୍ର—ଏକର୍ = ୨୮ ଦସ୍ତିରେ ଏକମାଣ; ଏହା ୧୦୦ ଭାଗରେ ବିଭକ୍ତ ହୋଇ ପ୍ରତ୍ୟେକ ଭାଗକୁ ଡେସିମଲ୍ ( ଗଞ୍ଜାମରେ ସେଣ୍ଟ୍ ) ବୋଲାଯାଏ । ଅତଏବ ୨୮ ଦସ୍ତିରେ ୧ ଗୁଣ୍ଠ = ୪ ଡେସିମଲ୍ । ]

ଏକରକୋମ୍ବ—ବୈଦେ. ବି. ( ଇଂ. )— ନକ୍ସାରୁ କ୍ଷେତ୍ରର ପରିମାଣ
Ekarakomb ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ପାନଅଁ ଅକୃତିର
একরকোম্ব ଯନ୍ତ୍ରବିଶେଷ; ଗୁନିଅଁ—
गुनिया Acre-comb; protractor.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ହ୍ର | ର,ଋ | ଃ ॰ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ସ | କ୍ଷ | ଙ୍ଘ | ଡ଼ଥ | ଢ଼ |
| ୨ | ଐ | ଭ | ରୂ | ଲୂ | ଙ୍କ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୱ | ଯ | ଷ | ଙ୍ଘ | ଛଅ | ଓ | ତ୍ |

ଏକରଙ୍ଗ—ଦେ. ବିଣ. ( ସଂ. ଏକ ଓ ରଙ୍ଗ )—ଏକରଙ୍ଗୀ ( ଦେଖ )
Ekaranga Ekarangī ( See )

ଏକରଙ୍ଗିଆ—ଦେ. ବିଣ. ( ସଂ.ଏକ+ରଙ୍ଗିଆ )—ଏକରଙ୍ଗୀ ( ଦେଖ )
Ekarangiā Ekarangī ( See )

ଏକରଙ୍ଗୀ—ଦେ ବିଣ—୧ । ଗୋଟିଏ ମାତ୍ର ରଙ୍ଗ ବା ବର୍ଣ୍ଣବିଶିଷ୍ଟ—
Ekarangī 1. Of one colour
একরঙ্গী ୨ । ସମାନ ରଙ୍ଗବିଶିଷ୍ଟ—
एकरङ्ग 2. Of the same colour.
୩ । ଯାହାର ଉପର ଓ ତାହାର ଲମ୍ବା ସବୁ ଅଂଶରେ ଏକମାତ୍ର ରଙ୍ଗ ଥାଏ—3. Of uniform colour throughout.
(ଯଥା—ଲୁଗା ଓ ଶାଲ)
ଗ୍ରାଦେ. ( ଗଞ୍ଜାମ ) ବି - ଗନ୍ଧଶୁଣ୍ଠୀ ( ଦେଖ )
Gandhasunthī ( See )

ଏକରତ - ସଂ. ବିଣ, ପୁଂ ( ୭ମୀ ତତ୍; ଏକ+ରତ )—ଏକ ବ୍ୟକ୍ତି
Ekarata ବା ବସ୍ତୁ ପ୍ରତି ଅନୁରକ୍ତ—
( ଏକରତା—ସ୍ତ୍ରୀ ) Attached to one object.

ଏକରତି - ଦେ. କ୍ରି. ବିଣ—ରତିଏ ମାତ୍ର; ଅତି ସାମାନ୍ୟରେ; ଏକ-
Ekarati ରତି ପରିମାଣରେ—By one particle; by even a little bit.

ଏକରା—ବୈଦେ. ଗ୍ରାଦେ. ( ଗଞ୍ଜାମ ) ବି. ( ଇଂ. ଏକର୍‌ର ଅଶୁଦ୍ଧ
Ekarā ଉଚ୍ଚାରଣ )—ଏକର୍ ( ଦେଖ )—Ekar ( See )

ଏକରାଏ—ବୈଦେ. ବି. ( ସଂ. ଏକ+ଆ. ରାଏ=ମତ )—
Ekarāe ୧ । ବହୁ ଲୋକଙ୍କର ଏକମତ—
একরাএ 1. One opinion of many people.
एकराए ୨ । ବହୁ ଲୋକଙ୍କର ଏକମତ ହେବା ଅବସ୍ଥା—
2. Unanimity.
୩ । ବହୁ ଲୋକଙ୍କର ଏକ ନିଷ୍ପତ୍ତି—
3. One decision of many people.
ବିଣ—ଏକମତବିଶିଷ୍ଟ ( ବହୁ ବ୍ୟକ୍ତି )—
Of one opinion; unanimous.

ଏକରାଜା — ଦେ.ବି(ସଂ.ଏକ+ରାଜନ୍)— ୧ । ସମ୍ରାଟ—1. Emperor.
Ekarājā ୨ । ଏକାଧିପତି—2. Paramount power

ଏକରାଜାତ୍ ମାହାଲ—ବୈଦେ. ବି. ( ଆ. )—
Ekarājāt mahāla ଏଇଖରାଜାତ୍ ଖର୍ଚ୍ଚ ମାହାଲ ( ଦେଖ )
Eikharājāt kharchcha mahāla See)

ଏକରାର୍—ବୈଦେ. ବି. କଚେରୀଅଭାଷା; ( ଆ. ଏକରାର୍ )—
Ekarār ୧ । ଅଙ୍ଗୀକାର—1. Promise.
একরার ୨ । ସ୍ୱୀକାର—2. Agreement.
एकरार् ୩ । ମୁଦାଲାର ଅପରାଧ ସ୍ୱୀକାର—
( ଇକ୍‌ବାଲ୍—ଦ୍ରଷ୍ଟବ୍ୟ ) 3. Confession of guilt by the accused.

ଏକରାର୍‌ନାମା - ବୈଦେ. ବି. ( କଚେରୀଅଭାଷା; ଆ. ଏକରାର
Ekarārnāmā ନାମେହ୍ )—୧ । ଅଙ୍ଗୀକାର ଲିପି—
একরারনামা 1. A deed of agreement.
एकरारनामा ୨ । ସ୍ୱୀକାର ପତ୍ର—
2. A deed of admission.

ଏକରାରି - ବୈଦେ. ବିଣ. ( ଆ )—୧ । ଦୋଷସ୍ୱୀକାର କରୁଥିବା—
Ekarāri 1. Confessing.
একরারি ୨ । ଅଙ୍ଗୀକାରକାରୀ—2. Promising.
एकरारी

ଏକରାଲ୍ ( ଇତ୍ୟାଦି )—ଗ୍ରା. ବୈଦେ. ବି. ( ଆ. ଏକରାର୍ )—
Ekarāl (etc) ଏକରାର୍ ଇତ୍ୟାଦି ( ଦେଖ )
Ekarār etc ( See )

ଏକରାଶ୍—ଗ୍ରା. ବି. କଚେରୀ ଭାଷା (ସଂ. ଏକ+ରାଶି)—
Ekarāś ଗୋଛାଏ; ଗୁଡ଼ାଏ —
একরাশ A mass or cluster of many things.
एकराश

ଏକରୁକା—ବୈଦେ. ବିଣ. ( ଆ. ଏକରୁକା )—
Ekarukā ଏକରୋକା ( ଦେଖ )
Ekarokā ( See )

ଏକରୁଖା—ବୈଦେ. ବିଣ. ( ଆ. ଏକରୁଖା )—
Ekarukhā ଏକରୋକା ( ଦେଖ )
Ekarokā ( See )

ଏକରୁଖୀ ମାହାଲ—ଗ୍ରାଦେ. ( ବାଲେଶ୍ୱର ) ବି—ଯେଉଁ ଜମିଦାର-
Ekarukhi mahāla ମାହାଲରେ ମଧ୍ୟସ୍ୱତ୍ୱାଧିକାରୀ ମକଦମ ଆଦି ନ ଥିବାରୁ ଜମିଦାର ପ୍ରଜାଙ୍କଠାରୁ ଖଜଣାଆଦି ଖାସ୍ ଅସୁଲ କରନ୍ତି—Zamindary under the khas collection of the Zamindar; estate in which there is no under-tenure.

ଏକରୁଣ୍ଡ—ଦେ. ବିଣ—ଏକଠୁଳ; ଏକତ୍ର—
Ekarunda Gathered together.
ସେହିଁଠାରେ ପଦ୍ମଅତ୍ର ଅଛନ୍ତି ଜନ
ଏକରୁଣ୍ଡ ହୋଇଣ ମିଳିଲେ ଦେବଗଣ । ସାରଳାମହାଭାରତ, ପର୍ବଖଣ୍ଡ ।

ଏକରୂପ—ସ. ବିଣ ( ବହୁବ୍ରୀହି; ଏକ+ରୂପ )—
Ekarūpa ୧ । ସମରୂପବିଶିଷ୍ଟ; ତୁଲ୍ୟରୂପ—
1. Of the same shape or form; similar.
୨ । ଏକପ୍ରକାରର—2. Of one kind.
ସଂ. ବି—ସମ ନ ଆକାର—Same form.
একরূপে ଦେ. କ୍ରି. ବିଣ—୧ । ଏକପ୍ରକାରେ—
एकरूपे 1. In a manner; in a way.
୨ । ସମାନରୂପେ—2. In a similar manner.
୩ । ଯେନ ତେନ ପ୍ରକାରେ—3. Anyhow.

ସାଧାରଣ ଲୋକେ ଏପରି ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗନା' ନ ପାଇଲେ 'ଅଙ୍ଗନା' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ

**ଏକରୋକା**— ବୈଦେ. ବଣ. ( ଅ. ଏକରୁକା )—( ଶାଲ ) ଯାହାର Ekarokā ଗୋଟିଏ ମୁହଁ ବା ସଦର ପାଖ ଥାଏ; ଯାହାର ଗୋଟିଏ ଏକରୋଖା ସଦର ଓ ଗୋଟିଏ ମଫସଲ ପାଖ ଥାଏ; ଏକମୁହାଁ— एकरुका One-sided; single-faced ( shawl ). (ଦୋରୋକା—ବିପରୀତ)

**ଏକରୋଖା**—ଦେ. ବଣ—୧ । ଏକରୋକା ( ଦେଖ )
Ekarokhā 1. Ekarokā ( See )
୨ । ଏକବାଗୀ ( ଦେଖ )
2. Ekabāgī ( See )

**ଏକଲ**— ସଂ. ବଣ. ପୁଂ. ( ଏକ + ଅସହାୟାର୍ଥେ. ଲ )—
Ekala ୧ । ସ୍ତ୍ରୀ ବା ସ୍ୱାମୀ ବିହୀନ ( ଜୀବ )—1. Single.
(ଏକଲା—ସ୍ତ୍ରୀ) ୨ । ଏକାକୀ—2. Sole.
୩ । ଅସହାୟ; ଏକଲ୍ଲା—3. Solitary.
୪ । ଏକୁଟିଆ—4 Lonely.

**ଏକଲ ସେକଲ କରିବା**—ଦେ. କ୍ରି— ପାଗୁଳାଇବା; ଖାଦ୍ୟ ପଦାର୍ଥକୁ Ekala sekala karibā ଏକ କଲରୁ ଅନ୍ୟ କଲକୁ ଘାଣ୍ଟ- एकल सेकल करा ଇବାରେ ଚଳନ କରିବା—To ruminate; जुगाली करना to roll a thing in the mouth by means of the tongue without at once swallowing it.

**ଏକଲଗାତ**— ଦେ. ବଣ—ଏକକୁ ଲାଗି ଲାଗି—
Ekalagāt Continuous.
एकलागात
एकलगातार

**ଏକଲଗୋଉଟ**— ଦେ. ବଣ— ଏକଲଗାତ ( ଦେଖ )
Ekalagout Ekalagāt ( See )

**ଏକଲବ**—ଦେ. ବଣ—ଏକତ୍ର—Together.
Ekalaba ତାର ତତ୍ତ୍ୱ ଏକଲବେ, ତାର ସମ୍ପ୍ରଦାୟ ଭବେ ।
ଭକ୍ତ, କୋଷ୍ଟବ୍ରହ୍ମାଣ୍ଡଗୀତା ।

**ଏକଲବ୍ୟ**—ସଂ. ବି. ( ନାମ )—ଅସାଧାରଣ ଗୁରୁଭକ୍ତି ପାଇଁ ପ୍ରସିଦ୍ଧ Ekalabya ଜଣେ ବନ୍ୟ ରାଜକୁମାର—The son of a king of nomads who learnt archery by establishing an image of preceptor Drona as his teacher.

[ ଦ୍ର—ଏ ଯୁବକ ଦ୍ରୋଣାଚାର୍ଯ୍ୟଙ୍କ ମୂର୍ତ୍ତି ସ୍ଥାପନ କରି ତାହାଙ୍କୁ ଗୁରୁ ବୋଲି ମନେ କରି ଧନୁର୍ବିଦ୍ୟା ଶିକ୍ଷା କରି ଏପରି ପାରଙ୍ଗମ ହୋଇଥିଲେ ଯେ ଦ୍ରୋଣାଚାର୍ଯ୍ୟ ପରୀକ୍ଷା କରି ଦେଖିଲେ ଯେ ସେ ନିଜେ ଗୁରୁ ହୋଇ ଯେଉଁ ରାଜପୁତ୍ରମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେଇଥିଲେ ସେମାନଙ୍କଠାରୁ ଏକଲବ୍ୟ ଧନୁର୍ବିଦ୍ୟାରେ ବେଶି ପାରଙ୍ଗମ । ଏଥି ପାଇଁ ଏକଲବ୍ୟ ଯେତେବେଳେ ଗୁରୁଦକ୍ଷିଣା କଅଣ ଦେବ ବୋଲି ପ୍ରାର୍ଥନା କଲା ଦ୍ରୋଣାଚାର୍ଯ୍ୟ କପଟ କରି କହିଲେ— "ତୋର ଦକ୍ଷିଣ ହାତର ବୁଢ଼ା ଅଙ୍ଗୁଠିଟି କାଟି ମତେ ଗୁରୁଦକ୍ଷିଣା ଦେ ।" ଏକଲବ୍ୟ ଗୁରୁଙ୍କ ଆଜ୍ଞାପ୍ରମାଣେ ବୁଢ଼ା ଅଙ୍ଗୁଠିଟି କାଟି ଗୁରୁଙ୍କୁ ଦକ୍ଷିଣା ସ୍ୱରୂପ ଦେଇ ଧନୁର୍ବିଦ୍ୟାରେ ଯାବଜ୍ଜୀବନ ଅକର୍ମଣ୍ୟ ହୋଇ ରହିଲା ।]

**ଏକଲା**—ଦେ. ବଣ (ସଂ. ଏକଲ ଶବ୍ଦରୁ) —
Ekalā ୧ । ଏକା—1. Single.
एकला ୨ । ଏକାକୀ—2. Sole.
एकल; अकेला ଭୀଷ୍ମଙ୍କୁ ଦେଖି ନେଲ ସକଳ ଏକଲା ।
କୃଷ୍ଣସିଂହ, ମହାଭାରତ, ବନ ।
୩ । ଅସହାୟ—3 Solitary; lonely; helpless.
ମଲ ବୋଲେ ମୁଁ ପ୍ରଦେଶୀ ଅଟଇ ଏକଲା ।
ସାରଳାମହାଭାରତ, ବନ୍ଧ ।
କ୍ରି. ବଣ—୧ । ଏକାକୀ ହୋଇ—
1. Singly; single-handed.
୨ । ପରର ସହାୟତା ବ୍ୟତୀରେକେ—2. Alone.

**ଏକଲାଇ** – ଦେ. ବି—ଏକପଟା ଖଦଡ଼; ଏକସଦର ମୁହଁବିଶିଷ୍ଟ ଓଢ଼ଣୀ – Ekalāi A sheet of cloth for the upper part of एकलाई the body consisting of one strip or एकपटा one face only; single-faced sheet.

**ଏକଲାଖାଜି**—ପ୍ରାଦେ. ( ଗଞ୍ଜାମ ) ବି – ଗାତରେ ପକାଇ ପକାଇ Ekalākhāji ଖେଳିବା ବାଟି ଖେଳର ପ୍ରଥମ ଆଘାତ— ( ଗୋପୀନାଥ ନନ୍ଦ )
The first stroke of the game at marbles ( Ganjam )

**ଏକଲି**—ପ୍ରାଦେ. ( ସମ୍ବଲପୁର ) ବଣ—୧ । ଏକଲା; ଏକାକୀ—
Ekali 1. Alone; solitary; lonely.
୨ । ଅସହାୟ--2. Having none to help.
ତେ ପାଗେ ଏକଲି ପ୍ରବେଶ ଠାକୁରାଣୀ । ପ୍ରାଚୀ, ରହସ୍ୟମଞ୍ଜରୀ ।

**ଏକଶ୍ କାଣ୍ଟ**—ପ୍ରାଦେ. ( ସମ୍ବଲପୁର ) ବଣ—
Ekaś kaant ଅନର୍ଗଳ; ଅବାଧିତ ଧାରାରେ ପ୍ରବାହିତ—
Unobstructed; continuous; flowing.

**ଏକଶ**—ଦେ. ବି ଓ ବଣ. ( ସଂ. ଏକଶତ ) —ଶତସଂଖ୍ୟା—
Ekaśa One hundred.
एकश
एकसौ

**ଏକଶଅ**—ଦେ. ବି ଓ ବଣ— ଏକଶ ( ଦେଖ )
Ekaśaa Ekaśa ( See )

**ଏକଶଫ**—ସଂ. ବଣ ( ବହୁବ୍ରୀହି; ଏକ + ଶଫ = ଖୁରା )—ଏକ ଖୁରା Ekaśapha ବିଶିଷ୍ଟ—One-hoofed ( animal ); having hoofs entire or uncleft; with uncleft hoofs; with uncloven hoofs.
( ଯଥା— ଘୋଡ଼ା; ଗଧ । )

| ‧ | ଇ | ଡ଼ | ହ୍,ହ୍ର | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଢ଼ | ଣ,ଙ | ଞ | ଇଷ୍ | ଉଥ | ଊ |
|---|---|---|---|---|---|---|---|---|---|---|---|---|---|---|
| ’ | ଈ | ଞ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ଘ | ଇଥ | ଁ | ଦୃ |

ସଂ. ପୁ—୧। ଘୋଡ଼ା—1. Horse.
୨। ଗଧ—2. Ass.

ଏକଶରଣ—ସଂ. ପୁ—ଏକମାତ୍ର ଆଶ୍ରୟ—One only hope or refuge.
Ekaśaraṇa
(ଏକଶରଣା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଅନନ୍ୟଶରଣ—One who depends upon a single refuge; having no other shelter

ଏକଶିଆ—ପ୍ରାଦେ. (ସମ୍ବଲପୁର) ବି—ଏକୋଇଶିଆ—A ceremony held on the 21st day after the birth of a child.
Ekaśiā

ଏକଶିଙ୍ଗା—ଦେ. ବିଣ (ସଂ. ଏକଶୃଙ୍ଗ)—୧। ଅନ୍ୟ ବ୍ୟକ୍ତିର ଏକମାତ୍ର ଆଶ୍ରୟୀଭୂତ—1. Being the sole refuge or prop of another.
Ekaśiṅgā
একশিংগা
୨। ଦୁନିଆଁରୁ ବାହାର—2. Extraordinary.

ଏକଶିଘା—ଦେ. ବିଣ—ଏକଶିଙ୍ଗା (ଦେଖ)
Ekaśiṅghā — Ekasiṅgā (See)

ଏକଶିରା—ଦେ. ବି. (ସଂ. ଏକ ଓ ଶିରା)—କୋଷବୃଦ୍ଧି; ଜଳବୃଦ୍ଧି; ଗୋଟିଏ ଅଣ୍ଡକୋଷର ବୃଦ୍ଧିରୋଗ—Hydrocele; inflammation of one of the testicles; swelled testicles.
Ekaśirā
একশিরা, এককোষি
एकशिरा

ଏକଶିରା ଗଡ଼ିବା—ଦେ.ବି.—ଗୋଟିଏ ଅଣ୍ଡକୋଷ ବୃଦ୍ଧି ହେବା ରୋଗ—Attack of hydrocele.
Ekaśirā gaṟḏibā
একশিরেপডা

ଏକଶିରା ପଡ଼ିବା—ଦେ. ବି—ଏକଶିରା ଗଡ଼ିବା (ଦେଖ)
Ekaśirā paṟḏibā — Ekaśirā gaṟḏibā (See)

ଏକଶିରା ବଢ଼ିବା—ଦେ. ବି—ଏକଶିରା ଗଡ଼ିବା (ଦେଖ)
Ekaśirā baṟḏhibā — Ekaśirā gaṟḏibā (See)

ଏକଶେଷ—ସଂ. ବି (ମୂଳ, ଇଂ. ଏକ୍ସେସ୍=ଅଧିକ୍ୟ)—
Ekaśesha ୧। ଏକଦିଗର ଶେଷ ଭାଗ—1. The extreme; the extremest end; extreme point.
୨। ଶେଷ ମୁଣ୍ଡ—2. Termination.
୩। ଉତ୍କର୍ଷ; ପରାକାଷ୍ଠା; ଶେଷସୀମା; ଅତିଶଯ୍ୟ—3. Last extremity; excessiveness.
୪। ଯାହା କେବଳ ମାତ୍ର ବାକି ରହିଯାଏ—4 Sole remainder; the only remnant.
ସଂ. ବିଣ—୧। ଏକ ବିନ୍ଦୁରେ ଶେଷ ହୋଇଥିବା—1. Terminating at one point
୨। ଅତିଶୟ; ଅତ୍ୟନ୍ତ—2. Excessive.

ଏକଶେଷଦ୍ୱନ୍ଦ୍ୱସମାସ—ସଂ. ବି—(ବ୍ୟାକରଣ) ଯେଉଁ ଦ୍ୱନ୍ଦ୍ୱ ସମାସରେ ଗୋଟିଏ ମାତ୍ର ପଦ ରହିଯାଏ ଆଉ ସମସ୍ତ ପଦ ଲୋପ ହୋଇଯାଏ—(Sanskrit grammar) A juxtrapositional compound in which only one member remains, the other words or members merging in the compound.
Ekaśeshadwandwasamāsa
[ଦୃ—ଯଥା,ପିତା ଓ ମାତା = ପିତରୌ; ମାତୃ ଓ ପିତୃ ଶବ୍ଦ ଦ୍ୱନ୍ଦ୍ୱସମାସରେ କେବଳ ପିତୃ ଶବ୍ଦର ଦ୍ୱିବଚନ ଏକଶେଷ ରହିଲା ଓ ମାତୃ ଶବ୍ଦ ଲୋପ ହେଲା ]

ଏକଷଠାଦୁଇଶ—ଦେ. ବି—ଦୁଇଶହ ଏକଷଠି—Two hundred and sixty one
Ekashaṭhāduiśa

ଏକଷଠାଶହେ—ଦେ. ବି—ଏକଶହ ଏକଷଠି—One hundred and sixtyone.
Ekashaṭhāśahe

ଏକଷଠି—ଦେ. ବି (ସଂ. ଏକଷଷ୍ଟି; ପ୍ରା. ଏକସଟ୍ଠି)—୬୧ ସଂଖ୍ୟା ଷାଠିରୁ ଏକ ଅଧିକ ସଂଖ୍ୟା—The number 61.
Ekashaṭhi
একষঠী
एकसठ ଦେ. ବିଣ—୬୧ ସଂଖ୍ୟକ—Numbering 61.

ଏକଷଷ୍ଟିତମ—ସଂ. ବିଣ—୬୧ ସ୍ଥାନୀୟ—The sixtyfirst in position.
Ekashashṭhitama

ଏକସତୁରି—ଦେ. ବି. ଓ ବିଣ (ସଂ. ଏକସପ୍ତତି)—ଏକସ୍ତରି (ଦେଖ)
Ekasaturi — Ekastari (See)

ଏକସମାନ—ଦେ. ବିଣ (ସଂ. ଏକ ଓ ସମ)—୧। ପ୍ରାୟ ଏକାପରି—1. Almost the same.
Ekasamāna
একসমান
एकसाँ
୨। ସମ୍ପୂର୍ଣ୍ଣରୂପେ ସମାନ (ଏକାଧିକ ବସ୍ତୁ)—2. Exactly equal.
୩। ସଦୃଶ; ସବୁ ଅଂଶରେ ତୁଲ୍ୟ—3. Alike, similar in all respects.
୪। ସବୁଠିରେ ସବୁଠି ଏକପ୍ରକାର ଉପାଦାନ ଥାଏ—4. Uniform at all places.
୫। ସମତଳ—5 Of the same level

ଏକସର—ଦେ. ବିଣ—ଏକାକୀ; ଅସହାୟ—Sole; single-handed.
Ekasara

ଏକସରା—ଦେ. ବିଣ—ଏକସରି (ଦେଖ)
Ekasarā — Ekasari (See)

ଏକସରି—ଦେ. ବି—୧। ଯୁଦ୍ଧାସ୍ତ୍ରବିଶେଷ—1 A weapon of war.
Ekasari
୨। ଏକମାଳ—2. One string.
ଦେ. ବିଣ—୧। ଏକସମାନ—1. Equal; similar.
୨। ଏକସରିଆ (ଦେଖ)—2. Ekasariā (See)

ସାଧାରଣ ପାଠକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଅକାରାଦିକ୍ରମେ ଉକ୍ତ ବର୍ଣ୍ଣର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଉ' ନ ମିଳିଲେ 'ଖାଇ' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଏକସରିଆ**—ଦେ. ବିଣ—ଏକନଳି, ଏକମାଳ ଥିବା (ହାର); ଗୋଟିଏ ମାତ୍ର ସୂତ୍ରବିଶିଷ୍ଟ—Having one string only; one-stringed (bead or necklace).
Ekasariā
एकसरा
एकसुतरी

**ଏକସରିଶା**—ଦେ. ବିଣ (ସଂ. ଏକ ଓ ସଦୃଶ)—୧ । ଏକାପରି (ଅନେକ ବସ୍ତୁ)—1. Similar (many things)
Ekasarisā
एकसा
एकसाँ
୨ । ଏକସମାନ—2. Quite equal.

**ଏକସରେ**—ଦେ. ଅ—୧ । ଏକାକୀ—1. Alone.
Ekasare

ଏକାକ୍ଷେ ଏକସରେ ଯାଇ
ଅଳ୍ପ ଲୋକଙ୍କେ ଭୋଗ ହୋଇ—ଜଗନ୍ନାଥ. ଭାଗବତ ।

୨ । ଏକତ୍ରହୋଇ—2. Together.

କୃତବର୍ମାଙ୍କୁ ସଙ୍ଗେ ଧରି
ବାହାରିଲେ ଏକସରେ—ଜଗନ୍ନାଥ. ଭାଗବତ ।

**ଏକସର୍ଗ**—ସଂ. ବିଣ (ଏକ + ସର୍ଗ = ନିଶ୍ଚୟ)—ଏକାଗ୍ରଚିତ୍ତ; ଏକମାତ୍ର ବିଷୟରେ ନିବିଷ୍ଟ ଚିତ୍ତ—Closely attentive; concentrating attention on one object only.
Ekasarga

ସଂ. ବି—ଗୋଟିଏ ମାତ୍ର ଅଧ୍ୟାୟ—One chapter only.

**ଏକସାଇଜ୍**—ବୈଦେ. ବି. ଓ ବିଣ (ଇଂ ଏକ୍ସାଇଜ୍)—୧ । ଅବକାରୀ; ମାଦକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରି କରିବା ଲୋକଙ୍କଠାରୁ ଗଭର୍ଣ୍ଣମେଣ୍ଟ ନେବା ଶୁଳ୍କ—1. Excise.
Ekasāij
एकसाइज
एकसाइज

୨ । ସରକାରଙ୍କ ଅବକାରୀ ବିଭାଗ—2. Excise-department of the Government.

[ଦ୍ର—ଏହି ଶବ୍ଦ ସଙ୍ଗେ କମିସ୍ନର, ସୁପରଣ୍ଟେଣ୍ଡେଣ୍ଟ, ଇନ୍ସପେକ୍ଟର୍, ସବ୍‌ଇନ୍ସପେକ୍ଟର, ଡିପାର୍ଟମେଣ୍ଟ ଆଦି ସୁଦ୍ଧା ଇଂରାଜୀ ଶବ୍ଦ ଭାଷାରେ ଓ କଥାବାର୍ତ୍ତାରେ ଚଳୁଅଛି । 'ଅବକାରୀ' ଇତ୍ୟାଦି ଦେଖ ।]

**ଏକସାଥି**—ଦେ. ଅ. (ସଂ. ଏକ ଓ ଫା. ସାଥ୍)—୧ । ଏକ ସଙ୍ଗରେ; ଏକତ୍ରରେ—1. Together.
Ekasāthi
एकसाति
एकसाथ
୨ । ସମଭିବ୍ୟାହାରରେ—2. Accompanying each other; in the company of

ଦେ. ବିଣ—ଏକତ୍ରରେ ଯାଉଥିବା—Going together.

**ଏକସାଲା**—ଦେ. ବିଣ—୧ । ଏକ ବର୍ଷ ବୟସ୍କ—1. One year old
Ekasālā
एकसाला
୨ । ଏକ ବର୍ଷ ସମ୍ବନ୍ଧୀୟ—2. Relating to one year only.
कसाला
୩ । ବାର୍ଷିକ—3. Annual
୪ । ଏକବର୍ଷସ୍ଥାୟୀ—4. Holding good for one year only.

ଏହିରୂପେ ଏକସାଲା, ଦୋସାଲା, ତେସାଲା ଇତ୍ୟାଦି ବନ୍ଦୋବସ୍ତ ଅରମ୍ଭ କରିଗଲା ।
ରୂପାସିନ୍ଧୁ. ଚରିତ୍ର ।

**ଏକସାଲି**—ଦେ. ବିଣ—ଏକସାଲା (ଦେଖ)
Ekasāli — Ekasālā (See)

**ଏକସାଲିଆ**—ଦେ. ବିଣ—ଏକସାଲା (ଦେଖ)
Ekasāliā — Ekasālā (See)

**ଏକସୁତି**—ଦେ. ବି. (ସଂ. ଏକ + ସୂତ୍ର)—ଗାମୁଛା—Towel.
Ekasuti
एकसूती
एकसुती

**ଏକସ୍ତରାଶହେ**—ଦେ. ବି—ଏକଶହ ଏକସ୍ତରି—
Ekastarāsahe One hundred and seventyone.

**ଏକସ୍ତରି**—ଦେ. ବି (ସଂ. ଏକସପ୍ତତି; ପ୍ରା. ଏକସତ୍ତରି)—୧ । ସତୁରି ଅପେକ୍ଷା ଏକ ଅଧିକ ସଂଖ୍ୟା; ୭୧ ସଂଖ୍ୟା—1. The number 71.
Ekas ari
एकसत्तुर
एकहत्तर
୨ । ୭୧ ସଂଖ୍ୟକ—2. Numbering 71.

**ଏକସ୍ତୁରାଶହେ**—ଦେ. ବି—ଏକସ୍ତରାଶହେ (ଦେଖ)
Ekasturāsahe — Ekastarāsahe (See)

**ଏକସ୍ତୁରି**—ଗ୍ରା. ବି—ଏକସ୍ତରି (ଦେଖ)
Ekasturi — Ekastari (See)

**ଏକସ୍ତୋରି**—ଗ୍ରା. ବି—ଏକସ୍ତରି (ଦେଖ)
Ekastori — Ekastari (See)

**ଏକସ୍ଥିତା**—ଦେ. ବିଣ (ସଂ. ଏକ + ସ୍ଥିତ)—ଏକସ୍ଥାନରେ ଥିବା—Situated at one place.
Ekasthitā

ଏକସ୍ଥିତା ଏକଚିତ୍ତା ଏକାହୃଦୂରତ,
ଏକଧ୍ୟାନ ଏକଶାନ୍ତି ପ୍ରଭୁଙ୍କର ବ୍ରତ—ପ୍ରାଚୀ. ବ୍ରହ୍ମକଚୂପଣଗୀତା ।

**ଏକହଂସ**—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—A place of Hindu pilgrimage.
Ekahamsa

ଗୋସହସ୍ରେ ଫଳ ଲଭଅର ଏକ ହଂସେ
କହିବାକୁ ଏହା ସମସ୍ତ ମୁନି ଭାଷେ । କୃଷ୍ଣସିଂହ. ମହାଭାରତ. ବନ ।

**ଏକହାତି**—ଦେ. ବିଣ—୧ । ଜଣକ ହାତରେ କରାଯିବା; ଏକଗୋଟି ହାତରେ କରାଯିବା (କର୍ମ)—1 Done by one man only; done by one hand only.
Ekahāti
एकहाती
एकहत्थी
୨ । ଏକ ଜଣଙ୍କର ଅଧୀନ—2. Subject to one master; under a single paramount authority.

୩ । ଏକ ହାତ ଲମ୍ବ ବା ଦୀର୍ଘ—3 Measuring one cubit

ଦେ. ବି.—ମାଲ ଖୁମ୍ବ ଉପରେ କରାଯିବା ଏକ ପ୍ରକାର କସରତ—A kind of gymnastic exercise on a plain wooden pillar.

| ୧ | ଈ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଳ | ଶ,ସ | କ୍ଷ | ଇଯ | ଇଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇହ | ୱ | ଵ |

ଏକହାତିଆ—ଦେ. ଵଣ.—ଏକହାତି (ଦେଖ)
Ekahātiā Ekahāti (See)

ଏକହାୟନୀ—ସଂ. ଵଣ. ସ୍ତ୍ରୀ. (ଏକ+ହାୟନ=ବର୍ଷ+ସ୍ତ୍ରୀ. ଈ)—
Ekahāyanī ବର୍ଷେ ବୟସର ଗାଈ—One year old cow.

ସଂ. ବି. ସ୍ତ୍ରୀ.—ବର୍ଷକିଆ ମାଈ ବାଛୁରୀ—
One year old she-calf.

ଏକହାରା—ସଂ. ଵଣ. ସ୍ତ୍ରୀ.—୧। ଏକସରିଆ—1. Consisting
Ekahārā of one string or strand only; single-stringed.

୨। କୃଶ; ଦୁର୍ବଳ—2. Weak; lean, thin

୩। ଏକାକୀ—3. Single.

ଏକା—ସଂ. ଵଣ ସ୍ତ୍ରୀ. (ଏକ+ଆ)—ଏକର ସ୍ତ୍ରୀଲିଙ୍ଗ—
Ekā Feminine of eka

ଏକା ଦେ ଵଣ ( ସଂ. ଏକାକୀ )—୧। ଏକାକୀ; ଏକୁଟିଆ—
ইকা, ইকাই 1 Single; solitary

ସାହି, ବେଣୁ ଶୁଣି ଏକା ଥାଇଁ ନଣାଥରେ।
କବିସୂର୍ଯ୍ୟ, ସଙ୍ଗୀତ।

୨। ଅସହାୟ—2. Helpless.

୩। ଏକମାତ୍ର ( ବ୍ୟକ୍ତି )—3. Alone.

ଏକା ଖାଇ ଗାଈ ସଙ୍ଗ ଗୋଠ—ଢଗ।

୪ ଏକସମାନ—4. Equal; same.

କେମାନ୍ତ ଅବାର କେମା ବେଶଭୂଷା ସମସ୍ତ ଅଟନ୍ତି ଏକା।
ରାଧାନାଥ—ପାର୍ବତୀ।

ଦେ. ବି—୧। ଜଣେ ମାତ୍ର—1. One person only.

୨। ଗଞ୍ଜପା ବା ତାସ ଖେଳରେ ଏକଟିପକଟିଆ ପାନ—
2 Card with one point only.

ଦେ. ଅ—୧। ଏକମାତ୍ର—1. Alone; only; merely.

ଏକା ମାଧ୍ୱ ବାଉଁଶି ପଲ—ଢଗ।

୨। ବାକ୍ୟପୂରଣାର୍ଥକ—2. Used at the end of a sentence meaning but, too, also and merely.

ସରସେ ପିନ୍ଧିବେ ଚକା, ସଖୀ ବରୁ ଏବେ ଏକା। କବିସୂର୍ଯ୍ୟ, ସଙ୍ଗୀତ।

୩। ନିଶ୍ଚେ—3. Certainly.

ମନେ କଲେ ଏ ଏକା ସାର୍ଯ୍ୟ ସମକର। କୃଷ୍ଣସିଂହ, ମହାଭାରତ, ବନ।

୪। କିନ୍ତୁ [ ଅଧସ୍ଫୁଟ ଯୋର ( Emphasis ) ଦେବା ପାଇଁ ବ୍ୟବହୃତ ]—4. Too.

ତାକୁ ସେବା ଏକା କରବ ନିରନ୍ତର। କୃଷ୍ଣସିଂହ, ମହାଭାରତ, ବନ।

୫। କେବଳ ସେହି କଥା ବା ଘଟଣା ଘଟିଲେ; ତାହାହିଁ ହେଲେ—5. Then and then only; in that case only (and in no other case); if that thing (and nothing else) happens.

ଘଟିଲେ ଅଛେ ଏକା ଗଣି ଲୁରେ।
କବିସୂର୍ଯ୍ୟ, ଚଉପଦୀ, ଗ. ଟୀଭ।

୬। ପକ୍ଷାନ୍ତରରେ—6. On the other hand.

୭। ଯାହା ହେଉ—7. However.

୮। ପୁନଶ୍ଚ—8. Again, als›.

ଗ୍ରାଦେ. (ଗଞ୍ଜାମ) ଅ.—ବାକ୍ୟଶେଷରେ ପ୍ରଯୁକ୍ତ—
Used at the end of a sentence.

ଏକାଅଶୀ—ଦେ. ବି. ( ସଂ. ଏକାଶୀତି )—ଅଶୀ ଅପେକ୍ଷା ଏକ ଅଧିକ
Ekāasī ସଂଖ୍ୟା; ୮୧ ସଂଖ୍ୟା—The number 81.
একাশি ଦେ. ଵଣ—୮୧ ସଂଖ୍ୟକ—Numbering 81.
इक्यासि

ଏକାଏ—ଦେ. ଅ(ସଂ. ଏକାକୀ)—୧। ଏକସଙ୍ଗରେ—1. Together.
Ekāe ୨। ଅନ୍ୟ ସଙ୍ଗ ରହିତ ହୋଇ; ଏକାକୀ—2. Alone.

ସେ ସମୁଦ୍ର ମଧ୍ୟରେ ଥିଲ କୀପଞ୍ଚାଏ,
ରହିବ ଗଲେ ସେ ଦୁହେଁ ଏକାଏ। କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ।

ଏକାଏକ—ଦେ. କ୍ରି. ଵଣ ( ସଂ. ଏକାକୀ )—ଏକାଏକା (ଦେଖ)
Ekāek Ekāekā (See)

ଦେ. (କଟକିଆ). ଵଣ—ଏକମାତ୍ର—
Sole.

ଏକାଏକା—ଦେ. କ୍ରି. ଵଣ ( ସଂ. ଏକାକୀ )—୧। ଏକାକୀହୋଇ;
Ekāekā ଜଣେ ମାତ୍ର—1. Alone; singly.
একাএক ୨। ହଠାତ୍—2. All at once.
इकाइ ୩। ସିଧାଏ ସିଧାଏ—3. Direct; right; straightway.

ଦେ. ଵଣ—ଏକାକୀ—Single; solitary.

ଏକାଏକି—ଦେ. କ୍ରି. ଵଣ(ସଂ. ଏକାକୀ)—୧। ଏକାକୀ—1. Alone.
Ekāeki ୨। ଅଭେଦରୂପେ—2. Without any distinction.
একাএক
एकाएकि

ଶାଳ ଶାମ୍ଭରେ ଉତ୍ତଟକ, କତ୍ର ହୋଇଛ ଏକାଏକ।
ଯଶୋବନ୍ତ ପ୍ରେମଭକ୍ତି, ବ୍ରହ୍ମଗୀତା।

ଏକାଁଲବେ—ଗ୍ରା. ବ ଓ ଵଣ—ଏକାନବେ ( ଦେଖ )
Ekāṅlabe Ekānabe ( See )

ଏକାଁଲୋଇ—ଗ୍ରା. ବ. ଓ ଵଣ—ଏକାନବେ ( ଦେଖ )
Ekāṅloi Ekānabe ( See )

ଏକା କଡ଼କେ—ଦେ. କ୍ରି. ଵଣ—ଏକ ପାର୍ଶ୍ୱରେ (ଶୋଇ); ଗୋଟିଏ
Ekā karḍake କଡ଼ ମାତ୍ର ( ଶୋଇ )—Lying on one
একপাশে side; sidewise.
एककोखमे

(ଯଥା—ତାଙ୍କ ଗୁହ ଅଛିଦ୍ର ହୋଇଥିବାରୁ ଅଙ୍ଗ ମୁଁ ଏକାକଡ଼କେ ଶୋଇ ପଡ଼ିଲି।)

ଏକା କରି—ଦେ. କ୍ରି. ଵଣ—ଏକଜଣଙ୍କୁ ମାତ୍ର; ଏକାକୀ—
Ekā kari Alone; to one person only.

ଯୁଧିଷ୍ଠିରି କହୁଛ କହିଲେ ଏକା କରି। ସାରଳାମହାଭାରତ, ଉଦ୍ୟୋଗ।

ସାଧାରଣ ଲେଖେ ଅପର ଦୃଷ୍ଟାରେ ପ୍ରଥମ ୧ ଠଣ୍ଡି ଅକ୍ଷର ଓ ମାତ୍ରା ଏବଂ ୨ ଠଣ୍ଡି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଠଣ୍ଡିର କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଠଣ୍ଡିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିନା' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏ କାକରେ—ଦେ. ଅ—ଏପରି କାକର ବା ଶୀତରେ—
E kākare — In this cold.
ଏକାକରେ ହିମରେ ଶୀତର ଧର ଚତୁଷ୍ପଦ ଦର୍ଶନେକୁ ପକ୍ଷକରେ ସଢ଼କରେ ଯାଇଅଛନ୍ତି—ପଦ୍ମମଣି ଭଟ୍ଟମିଶ୍ର ।

ଏକାକାର—ସଂ. ବି ( ଏକ + ଆକାର )—୧ । ଏକଆକୃତି; ସମାନାକୃତି—1. Oneness of form.
Ekākāra
୨ । ଗଣ୍ଡଗୋଳ—2. Chaos; confusion.
ସଂ. ବଣ (ବହୁବ୍ରୀହି;)—୧ । ଏକଆକୃତିବିଶିଷ୍ଟ; ସମାକୃତି— 1. Having the same shape or form; uniform; similar; alike.
୨ । ଯାହା ପରସ୍ପରଠାରୁ ବାରି ହୋଇପାରେ ନାହିଁ— 2. Undistinguishable from each other.
ହୋଇଲୁ ମିଶି ଏକାକାର—ମଧୁସୂଦନ, ବସନ୍ତଗୀତ ।
୩ । ଗୋଳଅପୋଳଅ; ଗୋଳାଗୋଳ ହୋଇ ଏକତ୍ର ହୋଇଥିବା—3. Confused into one unrecognisable mass.
୪ । ଏକଶ୍ରେଣୀକୁ ଆଗତ— 4. Reduced to one class.
୫ । ଏକକାର୍ଯ୍ୟ ଓ ଏକ ବିଶ୍ୱାସର ଅଧୀନ— 5. Of one faith and practice.
୬ । ଏକ ଜାତିରେ ମିଳିତ— 6. Gathered into one caste.
ସବୁ ହୋଇବେ ଏକାକାର, ନ ଥିବ ବେଦର ବିଚାର । ଜଗନ୍ନାଥ, ଭାଗବତ ।

ଏକାକୀ—ସଂ. ବଣ. ପୁଂ ( ଏକ + ଅସହାୟାର୍ଥରେ. ଆକନ୍; ୧ମା. ୧ବ.)—୧ । ଏକଲା; ଅସହାୟ; ଏକା— 1. Alone; single; solitary.
Ekākī
(ଏକାକିନୀ—ସ୍ତ୍ରୀ)
୨ । କେବଳ—2. Mere.
କି. ବଣ—୧ । ଏକଲା; ଏକ ହୋଇ— 1. Singly; alone.
୨ । କେବଳମାତ୍ର—2. Merely.

ଏକାକେ—ଦେ. କି. ବଣ (ସଂ. ଏକାକୀ)—ଏକାଏକା; ଏକାହୋଇ— Singly; alone.
Ekāke
একাএক ମୋ ପରି ଈଶ୍ୱର ବଳନ୍ତି
একাএকা ପାପୀ ଜା ଏକାକେ ଭୁଞ୍ଜନ୍ତି—ଜଗନ୍ନାଥ, ଭାଗବତ ।

ଏକାକ୍ଷ—ସଂ. ବଣ. ପୁଂ (ବହୁବ୍ରୀହି; ଏକ + ଅକ୍ଷି; ସ୍ତ୍ରୀତ୍ୱ ଯୋଗେ ଈ ଲୋପ)—ଏକଅଖିଆ, କଣା—One-eyed
Ekāksha
(ଏକାକ୍ଷୀ—ସ୍ତ୍ରୀ)
ସଂ. ବି—କାକ; କୁଆ—A crow.
[ଦ୍ର— କମ୍ବଦନ୍ତୀ ଅଛି ଯେ ସୀତା ଚିତ୍ରକୂଟରେ ରାମଚନ୍ଦ୍ରଙ୍କ ସଙ୍ଗେ ବନବାସ କରିବା ସମୟରେ ଗୋଟିଏ କୁଆ ମାଂସଭ୍ରମରେ ସୀତାଙ୍କର ବକ୍ଷର ଉପରୁ ଖୁମ୍ପି ଦେଉଥିଲା; ଏହି ଧୃଷ୍ଟତାର ଦଣ୍ଡସ୍ୱରୂପ ରାମଚନ୍ଦ୍ର ଝୁଣ୍ଟି କାକର ଗୋଟିଏ ଚକ୍ଷୁକୁ ଶର ମାରି ଫୁଟାଇ ଦେଲେ । ସେହିଦିନଠାରୁ କୁଆମାନେ ଗୋଟିଏ ଆଖିରେ ଦେଖନ୍ତି ବୋଲି ପ୍ରବାଦ ଅଛି । ମତାନ୍ତରରେ କୁଆକୁ ରାମଚନ୍ଦ୍ର ଶାପ ଦେଇଥିବାରୁ କୁଆ ଟେରା ହୋଇଗଲା ବୋଲି ଲୋକ-ପ୍ରବାଦ ଅଛି । ]

ଏକାକ୍ଷର—ସଂ. ବି (ବହୁବ୍ରୀହି; ଏକ + ଅକ୍ଷର)—୧ । ଏକମାତ୍ର ଅକ୍ଷରବିଶିଷ୍ଟ ମନ୍ତ୍ର 'ଓଁ' ପ୍ରଣବ— 1. The mystic syllable 'Oṅ' consisting of one letter only.
Ekākshara
୨ । ଏକାକ୍ଷରୀ (ଦେଖ)— 2. Ekākshari (See)
ସଂ. ବଣ—ଏକମାତ୍ର ଅକ୍ଷରବିଶିଷ୍ଟ (ଶବ୍ଦ)— word) Composed of one letter.

ଏକାକ୍ଷରୀ—ସଂ. ବି—ଶବ୍ଦାଲଙ୍କାରବିଶେଷ; ଯେଉଁ ରଚନା ବା ପଦ୍ୟରେ ଗୋଟିଏମାତ୍ର ଅକ୍ଷର ବ୍ୟବହୃତ ହୋଇଥାଏ— A poetic composition where one letter only is used throughout a line or couplet.
Ekākshari
ତା ତଂତେ ତ ତେ ତତାତତ ତ ତତାଂତ
ତତତେ ତାଂତୁ ତ ତ ତେଃ ତାତ ତାଂତ—ଉପେନ୍ଦ୍ର ଭଞ୍ଜ, ପ୍ରେମମଞ୍ଜରୀ ।
[ଦ୍ର—ପ୍ରଥମ ଧାଡ଼ିର ଅର୍ଥ ତା (=ତାହାର) ତାଂତ (=ଅମୃତାକ୍ତ) =ଚନ୍ଦ୍ରର ତ (=କୋଡ଼ରେ) ତତ (=ବ୍ୟସ୍ତହେବା) ତତ (=ବୀଣାବାଦ୍ୟରୁ) ଅଗତ (=ଉତ୍ପନ୍ନ ହେବା) ତ (=ଅମୃତ ଦ୍ୱାରା) ତତ (=ବ୍ୟାପ୍ତହେବା) ଅଂତ (=ଅନ୍ତ=ସ୍ୱରୂପ); ଭାବାର୍ଥ =ଚନ୍ଦ୍ର ସଦୃଶ ମୁଖରେ କମ୍ପିତ ହେବା, ବୀଣାନାଦ ସଦୃଶ ବଚନରୁ ଉତ୍ପନ୍ନ ହେବା ଅମୃତ ସଦୃଶ ମାଧୁର୍ଯ୍ୟ ଦ୍ୱାରା ଯେ ରାଜକନ୍ୟାର ସ୍ୱରୂପ ବ୍ୟାପ୍ତ ହୋଇଅଛି । ]

ଏକାଗୋଟି—ଦେ. ବଣ—୧ । ଏକତ୍ର— 1. Gathered together.
Ekāgoṭi
କେହୁ ହେବାମ କେ ହୋଇଣ ଏକାଗୋଟି—କୃଷ୍ଣସିଂହ, ମହାଭାରତ, ସଭା ।
୨ । ଗୋଟିଏ—2. Only.
୩ । କେବଳ ଗୋଟିଏ—3. Only one.
ଦେ. ବି—ଗୋଟିଏ ମାତ୍ର—One only.

ଏକାଗ୍ର—ସଂ. ବଣ (ବହୁବ୍ରୀହି; ଏକ + ଅଗ୍ର; ଏକ ଅଟେ ଅଗ୍ର ଯାହାର)—
Ekāgra ୧ । ଏକ ବିଷୟରେ ଆସକ୍ତ; ଏକମନା—
(ଏକାଗ୍ରତା—ବି) 1. Absorbed; of mind turned to one object or aim.
୨ । ଏକବିଷୟରେ ବଦ୍ଧମନା; ଅନନ୍ୟଚେତା— 2. With concentrated attention; single-minded.
୩ । ଅନାକୁଳ (ଚିତ୍ତ)—3. Unruffled; undisturbed (mind)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ୍ଚ | ଜ | ଶ,ଷ | ଙ୍କ | ଉଦ୍ଧୃ | ଙ୍ଖ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଉଅ | ଢ଼ | ଳ୍କ |

ଏକାଗ୍ରଚିତ୍ତ—ସଂ. ବି. (କର୍ମଧା)—ଏକ ବିଷୟରେ ଆସକ୍ତ ଚିତ୍ତ—
Ekāgrachitta Concentrated attention.
(ଏକାଗ୍ରଚିତ୍ତା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ଏକ ବିଷୟରେ ଯାହାର ଚିତ୍ତ ଆସକ୍ତ—Totally bent on one thing; absorbed in one object

ଏକାଗ୍ରତା—ସଂ. ବି. ( ଏକାଗ୍ର+ ଭାବ. ତା )—
Ekāgratā ଏକ ବିଷୟରେ ମନୋନିବେଶ; ଦୃଢ଼ ଅବଧାନବେଶ—Concentration of mind; close attention; undivided attention.

ଏକାଗ୍ରି—ପ୍ରାଦେ. (ବାଲେଶ୍ୱର) (କଟକିଆ ଭାଷା) ବିଣ—
Ekāgri ୧ । ଏକାଏକ—1 Exclusive.
୨ । ସ୍ୱତନ୍ତ୍ର—2. Separate; undivided.
( ଯଥା—ଆମର ଏକାଗ୍ରି ଦଖଲ । )

ଏକାଗ୍ର୍ୟ—ସଂ. ବି. ( ଏକାଗ୍ର+ଯ )—ଏକାଗ୍ରତା ( ଦେଖ )
Ekāgrya Ekāgratā ( See )

ଏକାଘାଆକେ—ଦେ. କ୍ରି. ବିଣ ( ସଂ. ଏକ+ଘାତ )—
Ekāghāake ଏକଘାଏ ( ଦେଖ )
Ekaghāe ( See )

ଏକାଘାଏ—ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekāghāe Ekaghāe ( See )

ଏକାଘାନ୍ତି— ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekāghānti Ekaghāe ( See )

ଏକାଘାନ୍ତେ—ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekāghānte Ekaghāe ( See

ଏକାଘ୍ନୀ—ସଂ. ବି. ( ଏକ+ହନ ଧାତୁ+ଅ+ଈ; ନିପାତନ )—
Ekāghni ଏକଘ୍ନୀ ( ଦେଖ )
Ekaghni ( See )

ଚୋର ନାମ ଅଛଇ ଯେ ଏକାଘ୍ନୀ ଶକତ
ଭୁଞ୍ଜ ଜାଣନେ ତା ଦେଇଥିଲେ ଉମାପତ । ସାରଳା. ମହାଭାରତ, ଦ୍ରୋଣ ।

[ ଦ୍ର—ମହାଦେବ ଏହି ଅସ୍ତ୍ରକୁ କର୍ଣ୍ଣଙ୍କୁ ଦେଇଥିଲେ ଓ ଏହା ଥରେ ମାତ୍ର ପ୍ରୟୋଗ କରାଯିବା ପରେ ବିଫଳ ହେବ ବୋଲି କହିଥିଲେ । ଅର୍ଜୁନଙ୍କୁ ବଧ କରିବା ପାଇଁ କର୍ଣ୍ଣ ଏ ଅସ୍ତ୍ରକୁ ସାଇତି ଥିଲେ; କିନ୍ତୁ ଦୁର୍ଯ୍ୟୋଧନର ଅନୁରୋଧରେ ତାହା ଘଟୋତ୍କଚ ପ୍ରତି ପ୍ରୟୋଗ କଲେ ଓ ସେହି ଥରକ ପ୍ରୟୋଗ ଦ୍ୱାରା ଏହା ଶକ୍ତିହୀନ ହୋଇ ଗଲା । ]

ଏକାଙ୍ଗ—ସଂ. ବି. ( ବହୁବ୍ରୀହି; ଏକ+ଅଙ୍ଗ ) —
Ekānga ୧ । ବୁଧଗ୍ରହ—1 The planet Mercury.
୨ । ଗୋଟିଏ ଅଙ୍ଗ—2. One limb.
୩ । ମସ୍ତକ; ମୁଣ୍ଡ—3 The head
ସଂ. ବିଣ—ଗୋଟିଏ ମାତ୍ର ଅଙ୍ଗକୁ ଆକ୍ରମଣ କରିଥିବା (ରୋଗ)-(disease) Affecting one limb only.

ଦେ. ବିଣ—ଏକାଙ୍ଗଚକ୍ରବର୍ତ୍ତୀ ସମ୍ବନ୍ଧୀୟ—
Sovereign.
ପାତାଳ ପୁରେ ଭୋଗ ପଦ
ଏକାଙ୍ଗ ରାଜ ପଦେ ସିଧ । ଜଗନ୍ନାଥ. ଭାଗବତ ।

ଏକାଙ୍ଗଚକ୍ର—ଦେ. ବି. ( ସଂ. ଏକାଙ୍ଗ=ମସ୍ତକ; ଅତଏବ ସର୍ବଶ୍ରେଷ୍ଠ +ଚକ୍ରବର୍ତ୍ତୀ )—
Ekāngachakra
ଏକାଧିପତ୍ୟ—Paramountcy.
କପିଳ ଅଭିଷେକ ପୂଜା
ଏକାଙ୍ଗଚକ୍ରେ କଲେ ରାଜା । ଜଗନ୍ନାଥ ଭାଗବତ ।

ଏକାଙ୍ଗଚକ୍ରବର୍ତ୍ତୀ—ଦେ. ବି. ( ସଂ. ଏକାଙ୍ଗ=ମସ୍ତକ+ଚକ୍ରବର୍ତ୍ତୀ )—
Ekāngachakrabartti
একাঙ্গচক্রবর্ত্তী ଏକଛତ୍ର ସମ୍ରାଟ; ଜଗତରେ ଏକମାତ୍ର ରାଜା—
एकाङ्गचक्रवर्त्ती Sovereign.
ଏକାଙ୍ଗ ଚକ୍ରବର୍ତ୍ତୀ ରୂପେ
ଭୂପତି ଭୁଞ୍ଜ ସପ୍ତ ଦ୍ୱୀପେ । ଭୂପତି. ପ୍ରେମପଞ୍ଚାମୃତ ।
ଦେ. ବିଣ—ମହା ପରାକ୍ରମ ବା କ୍ଷମତାଶାଳୀ—
Very powerful; mighty.

ଏକାଙ୍ଗଛତ୍ର—ଦେ. ବି (ଏକାଙ୍ଗ+ଛତ୍ର)—ଏକାଙ୍ଗଚକ୍ରବର୍ତ୍ତିତା—
Ekāngachhatra Paramountcy.

ଏକାଙ୍ଗବାତ—ସଂ. ବି—ଏକ ଅଙ୍ଗକୁ ଆକ୍ରମଣ କରିଥିବା ବାତ . ରୋଗ-
Ekāngabāta ବିଶେଷ—Hemiplegia; partial paralysis; paralysis of the limb of one side only.

ଏକାଙ୍ଗରାଜ୍ୟ—ଦେ. ବି—ନିଷ୍କଣ୍ଟକ ରାଜ୍ୟ; ଯେଉଁ ରାଜ୍ୟରେ ଅନ୍ୟ
Ekāngarājya କେହି ପ୍ରଭୁ ନାହିଁ—Sole sovereignty.
ଏବେ ସେ ଏକାଙ୍ଗ ରାଜ୍ୟ ହେଉ ମୋର ସତ ।
ସ.ଉଲାମହାଭାରତ. ବନପର୍ବ ।

ଏକାଙ୍ଗିବାତ—ଦେ. ବି—ଏକାଙ୍ଗବାତ ( ଦେଖ )
Ekāngibāta Ekāngabāta ( See )

ଏକାଙ୍ଗୀ—ସଂ. ବି. ସ୍ତ୍ରୀ. ( ଏକାଙ୍ଗ+ସ୍ତ୍ରୀ. ଈ )—
Ekāngi ସୁଗନ୍ଧ ଔଷଧବିଶେଷ—
A kind of scented herb.

ଏକାଚୋଟେ—ଦେ. ଅ—ଏକଘାଏ ( ଦେଖ )
Ekāchote Ekaghāe ( See )

ଏକାଚୋଟେକେ—ଦେ. ଅ—ଏକଘାଏ ( ଦେଖ )
Ekāchoteke Ekaghāe ( See )

ଏକାଟିଆ—ଦେ. ବିଣ. (ସଂ. ଏକାକୀ; ଏକତଃ; ଭୁଲ. ପା. ଏକାଟ୍‌ଅ)—
Ekātia ୧ । ଏକାକୀ—1. Single; alone.
একলা ୨ । ନିର୍ଜନ; ବର୍ଜିତ—2. Solitary; lonely.
अकेला
ଦେ. କ୍ରି• ବିଣ.—୧ । ଏକାକୀ; ଏକୁଟିଆ—
2 Singly; alone

ସାଧାରଣ ଲୋକେ ଅପର ସ୍ଥାନରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ପର୍ଯ୍ୟୁତ ରହିବ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଠ' ଖୋଜିବେ 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଜି' ନ ପାଇଲେ 'ଅର୍ଜି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅନ୍ୟର ବିନା ସାହାଯ୍ୟରେ—2. Unassisted.

ଏକାଟିଆବାଢ଼ୁଆ—ଦେ. ବିଣ. (ଗାଳି) (ଜଙ୍ଗଲରେ ବରାହମାନେ ଦଳ ବାନ୍ଧି ରହିବାକୁ ସୁଖ ପାନ୍ତି ନ ଥିବାରୁ)—
Ekāṭiā bāṛhā
একলা ষাঁড়িয়া ୧ । ଯେଉଁ ବ୍ୟକ୍ତି ଏକାକୀ ରହିବାକୁ ସୁଖ ପାଏ; ଯେ ଅନ୍ୟମାନଙ୍କ ସଙ୍ଗେ ମିଶିବାକୁ ଇଚ୍ଛା କରେ ନାହିଁ ଏକଚର—1. One who loves to move about alone; one who does not like company.
୨ । ଯେଉଁ ବ୍ୟକ୍ତି ଅନ୍ୟର ଶ୍ରୀ ଦେଖି ପାରେ ନାହିଁ—2. A person who rails at the prosperity of others.

ଏକାଠାଏ—ଦେ. ଅ.—ଏକଠାଏ (ଦେଖ)
Ekāṭhāe Ekaṭhāe (See)
ଷଡ଼ରିପୁ ଏକ ସମୟେ; ଯହିଁ ଅଛନ୍ତି ଏକାଠାଏ । ଜଗନ୍ନାଥ. ଭାଗବତ ।

ଏକାଠି—ଦେ. ଅ. (ସଂ. ଏକସ୍ଥ; ଏକ ଓ ସ୍ଥାନ)—ଏକାଠେଇଁ (ଦେଖ)
Ekāṭhi Ekāṭheiñ (See)
ଏକାଠି ହେବାରୁ ଗୃହନେକ ଜେମା ନପାରେ ପୋଡ଼ିବା ମଥା ।
ରଘୁନାଥ. ପରାଭ ।

ଏକାଠିଆ—ଦେ. ବିଣ. ଓ କ୍ରି. ବିଣ—ଏକାଟିଆ (ଦେଖ)
Ekāṭhiā Ekāṭiā (See)

ଏକାଠେ—ଦେ. ଅ.—ଏକାଠେଇଁ (ଦେଖ)
Ekāṭhe Ekāṭheiñ (See)

ଏକାଠେଇଁ—ଦେ. ଅ. (ସଂ. ଏକସ୍ଥ; ଏକ ଓ ସ୍ଥାନ)—
Ekāṭheiñ ୧ । ଏକସ୍ଥାନରେ—1. At one place.
୨ । ଏକ ସମୟରେ—2 Simultaneously.
୩ । ଏକତ୍ର ଭାବରେ—3. Gathered; collected together.
୪ । ଏକାନ୍ନବାସରେ—4. Jointly
ଦେ. ବିଣ.—୧ । ସମ୍ମିଳିତ—1. United together; summed up.
୨ । ପ୍ରଭେଦରହିତ; ଭେଦାଭେଦରହିତ—2 Without distinction
୩ । ଏକାନ୍ନବାସରେ ଥିବା—3. Living in joint-mess

ଏକାଡେମୀ—ବୈଦେ. ବି. (ଇଂ. ଅକାଡେମୀ)—ଯେଉଁ ବିଦ୍ୟାଳୟରେ
Ekādemi ଉଚ୍ଚ ଶିକ୍ଷା ଦିଆ ଯାଏ—A school for higher education.
[ଦ୍ର—କଟକରେ ମହାତ୍ମା ପ୍ୟାରୀମୋହନଙ୍କ ପ୍ରତିଷ୍ଠିତ ହାଇ-ଇଂଲିସ୍ ସ୍କୁଲର ନାମ ପ୍ୟାରୀମୋହନ 'ଏକାଡେମୀ' ଅଟେ ।]

ଏକାଣିଆଁ—ଦେ. ବିଣ. ଓ କ୍ରି. ବିଣ.—ଏକାଟିଆ (ଦେଖ)
Ekāṇiāñ Ekāṭiā (See)

ଏକାଣୋଇ—ଦେ. ବି ଓ ବିଣ. (ସଂ. ଏକନବତି)—
Ekāṇoi ଏକାନବେ (ଦେଖ)
Ekānabe (See)

ଏକାଣ୍ଡ—ସଂ. ବି. ପୁଂ. (ବହୁବ୍ରୀହି; ଏକ + ଅଣ୍ଡ)—ଅଶ୍ୱ—
Ekāṇḍa Horse.

ଏକାତନ—ଦେ. ଅ. (ସଂ. ଏକ ଓ ତାନ)—ଏକତାନ୍ (ଦେଖ)
Ekātana Ekatān (See)

ଏକାତପତ୍ର—ସଂ. ବିଣ. (ବହୁବ୍ରୀହି; ଏକ + ଆତପତ୍ର = ଛତ୍ର; ଗୋଟିଏ ମାତ୍ର ରାଜଛତ୍ର ତଳେ ଥିବା ରାଜ୍ୟ ବା ଶାସନ)—
Ekātapatra
ଜଣେ ରାଜାଙ୍କଦ୍ୱାରା ଶାସିତ; ଏକଛତ୍ର; ଏକାଧିପତ୍ୟ-ବିଶିଷ୍ଟ—Subject to one government, ruled by one monarch; under one man's undisputed sway.

ଏକାତାନକେ—ଦେ. ଅ. (ସଂ. ଏକ ଓ ତାନ)—ଏକତାନ୍ (ଦେଖ)
Ekātānake Ekatān (See).

ଏକାତାନେ—ଦେ. ଅ.—ଏକତାନ୍ (ଦେଖ)
Ekātāne Ekatān (See)

ଏକାତାନେକେ—ଦେ. ଅ.—ଏକତାନ୍ (ଦେଖ)
Ekātāneke Ekatān (See)

ଏକାତ୍ମବାଦ—ସଂ. ବି. (ଏକ + ଆତ୍ମନ୍ + ବାଦ)—
Ekātmabāda ଏକେଶ୍ୱରବାଦ; ଈଶ୍ୱର ସମଗ୍ର ବ୍ରହ୍ମାଣ୍ଡର ଏକମାତ୍ର ପ୍ରଭୁ ଏବଂ ଭୂତ ମତ ବା ବିଶ୍ୱାସ; ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଏକେଶ୍ୱରବାଦ—Pantheism; the Bedānta philosophy as promulgated by Śankarāchārjya.

ଏକାତ୍ମା—ସଂ. ବିଣ. (ବହୁବ୍ରୀହି; ଏକ + ଆତ୍ମନ୍; ୧ମା. ୧ବ.)—
Ekātmā ୧ । ଏକମନା—1. Of one mind; of kindred spirit.
୨ । ଅତିବନ୍ଧୁହୃଦୟ—2. Very intimate.
୩ । ହୃଦୟର ଏକମାତ୍ରଭାବବିଶିଷ୍ଟ (ବହୁବ୍ୟକ୍ତି)—3. (many people) Possessed of one spirit.

ଏକାଥରକେ—ଦେ. କ୍ରି. ବିଣ—ଏକାପଦକେ (ଦେଖ)
Ekātharake Ekāpadake (See)

ଏକାଥରେ—ଦେ. କ୍ରି. ବିଣ—ଏକାପଦକେ (ଦେଖ)
Ekāthare Ekāpadake (See)

ଏକାଦମକେ—ଦେ. ଅ. (ସଂ. ଏକ ଓ ଅ. ଦମ୍ = ନିଶ୍ୱାସ)—
Ekādamake ଏକବାର (ଦେଖ)
Ekabāra (See)

ଏକାଦଶ—ସଂ. ବିଣ. (ଏକ ଅଧିକ ଦଶନ୍)—
Ekādaśa ୧ । ଏଗାର; ୧୧ ସଂଖ୍ୟକ; ଦଶରୁ ଏକ ବେଶି—1. Numbering eleven

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଊଅ | ଢ |
| ୨ | ଈ | ଊ | ଋ | ଌ | ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଇଅ | ୱ | ନ୍‌ |

୨ । ୧୧ ର ପୂରକ; ୧୧ ସ୍ଥାନୀୟ—2. Eleventh.
ସଂ. ବି—ଏଗାର ସଂଖ୍ୟା—The number Eleven

ଏକାଦଶ ଇନ୍ଦ୍ରିୟ—ସଂ. ବି—ଚକ୍ଷୁ, ନାସିକା, ଚର୍ମ, କର୍ଣ୍ଣ, ଜିହ୍ୱା, ବଚନ,
Ekādaśa indriya ଗୁଦ, ପାଦ, ପାଣି, ଉପସ୍ଥ ଓ ମନ—
( ଇନ୍ଦ୍ରିୟ ତଳେ ନୋଟ ଦେଖ )
(ବେଦାନ୍ତ ଦର୍ଶନ ମତରେ) ମନୁଷ୍ୟର ପାଞ୍ଚଟି କର୍ମେନ୍ଦ୍ରିୟ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଓ ମନ ଏପରି ଏଗାରଟି ଇନ୍ଦ୍ରିୟ—The five organs of action, the five organs of perception and the mind.

ଚକ୍ଷୁ, ନାସିକା, ଚର୍ମ, କର୍ଣ୍ଣ, ଜିହ୍ୱା ଇନ୍ଦ୍ରିୟ ପଞ୍ଚଜ୍ଞାନ ।
ବଚନ, ଗୁଦ, ପାଦ, ପାଣି, ଉପସ୍ଥ ପଞ୍ଚକର୍ମ ଭଣି ।
ଉଭୟ କର୍ତ୍ତା ମନ ମିଶି, ଏରୂପେ ଏକାଦଶ ଋଷି । ଜଗନ୍ନାଥ- ଭାଗବତ ।

ଏକାଦଶସ୍କନ୍ଦ—ଦେ ବି. ( ସଂ. ଏକାଦଶ ଓ ସ୍କନ୍ଦ )—
Ekādaśaskanda ଏକାଦଶ ସ୍କନ୍ଧ ( ଦେଖ )
Ekādaśaskandha ( See )

ଏକାଦଶସ୍କନ୍ଧ—ସଂ. ବି—ଭାଗବତ ପୁରାଣର ଏକାଦଶ ଖଣ୍ଡ; ଯେଉଁ
Ekādaśaskandha ଖଣ୍ଡରେ ଏଗାର ସଂଖ୍ୟା ପୂର୍ତ୍ତି ହୋଇଅଛି—The eleventh volume of the Bhāgabata.

ଏକାଦଶାହ—ସଂ. ବି—ଏକଦଶାହ ( ଦେଖ )
Ekādaśāha Ekadaśāha ( See )

ଏକାଦଶିଆ—ଦେ. ବିଣ—ଏକାଦଶୀ ଉପବାସ କରିଥିବା—
Ekādaśiā Observing fast on the Ekādaśi day.
ଦେ. ବି. ପୁଂ—ଏକାଦଶୀନାମକ ବ୍ୟକ୍ତିର ଡାକ ନାମ—
A name for calling a person named Ekādaśi.

ଏକାଦଶୀ—ସ. ବି. ସ୍ତ୍ରୀ. ( ଏକାଦଶ + ସ୍ତ୍ରୀ. ଈ )—ଶୁକ୍ଳ ଓ କୃଷ୍ଣପକ୍ଷର
Ekādaśi ଏକାଦଶ ଦିବସ—The eleventh day of
ଓ. ଏକାଦୁଶୀ the lunar fortnight.
एकादशी ଦେ. ବି. ପୁଂ—ଲୋକଙ୍କ ନାମ (ଯେ ଏକାଦଶୀ ଦିନ
एकादशी ଜନ୍ମ ହୋଇଥାଏ ତାଙ୍କୁ କେହି କେହି ଏକାଦଶିଆ ନାମ ଦିଅନ୍ତି )—The name given to a male born on the Ekādaśi day.

[ ଦ୍ର—କୃଷ୍ଣ ଓ ଶୁକ୍ଳପକ୍ଷର ଏକାଦଶୀ ତିଥିକୁ ହରିବାସର ବୋଲାଯାଏ । ସେ ଦିନ ଉପବାସ ବା ନିତାନ୍ତ ପକ୍ଷରେ ଫଳାହାର କର୍ତ୍ତବ୍ୟ । ବରଷକର ୨୪ଟି ଏକାଦଶୀ ମଧ୍ୟରୁ ୪ଟିକୁ ବଡ଼—ଏକାଦଶୀ ବୋଲାଯାଏ । ବ୍ରାହ୍ମଣ ବିଧବାମାନେ ଓ ଧର୍ମପ୍ରାଣ ବ୍ୟକ୍ତିମାନେ ଏକାଦଶୀ ଦିନ ଓ ବିଶେଷତଃ ବଡ଼ ଏକାଦଶୀ ଦିନ ନିର୍ଜଳ ଉପବାସ କରନ୍ତି । ଏକାଦଶୀ ବ୍ରତ କଲେ ପରଲୋକରେ ବୈକୁଣ୍ଠପ୍ରାପ୍ତି ହୁଏ । ଏକାଦଶୀ ଦିନ ଅନ୍ନ, ସ୍ତ୍ରୀସଙ୍ଗମ ଓ ତୈଳାଭ୍ୟଙ୍ଗ ନିଷେଧ । ହରିଭକ୍ତିବିଳାସ ଗ୍ରନ୍ଥ ମତରେ ଏକାଦଶୀ ଅଷ୍ଟବିଧ; ୧. ଉନ୍ମୀଳନୀ—ଯେଉଁ ଏକାଦଶୀର ୬୦ ଦଣ୍ଡରୁ ଅଧିକ ପର ଦିବସକୁ ବାକି ଥାଏ; ୨. ବ୍ୟଞ୍ଜୁଳୀ—ଯେଉଁ ଏକାଦଶୀ ୬୦ଦଣ୍ଡରୁ କମି ପର ଦିନକୁ ଥାଏ; ୩. ତ୍ରିସ୍ପୃଶା—ଅରୁଣ ଉଦୟ କାଳରେ ଏକାଦଶୀ, ତତ୍ପରେ ଦ୍ୱାଦଶୀ ଓ ଅନ୍ତେ ତ୍ରୟୋଦଶୀ; ୪. ପକ୍ଷବର୍ଦ୍ଧିନୀ—ଯେଉଁ ଏକାଦଶୀର ପରବର୍ତ୍ତୀ ପୂର୍ଣ୍ଣିମା ବା ଅମାବାସ୍ୟା ୬୦ ଦଣ୍ଡରୁ ଅଧିକ ଥାଏ; ୫. ଜୟା—ଶୁକ୍ଳ ଦ୍ୱାଦଶୀରେ ଯେବେ ପୁନର୍ବସୁ ନକ୍ଷତ୍ର ପଡ଼େ; ୬. ବିଜୟା—ଶୁକ୍ଳ ଦ୍ୱାଦଶୀ ଯେବେ ଶ୍ରବଣାନକ୍ଷତ୍ରଯୁକ୍ତ ହୁଏ; ୭. ଜୟନ୍ତୀ—ଯେବେ ଶୁକ୍ଳ ଦ୍ୱାଦଶୀରେ ରୋହିଣୀ ନକ୍ଷତ୍ର ପଡ଼େ; ୮. ପାପନାଶନୀ—ଯେବେ ଶୁକ୍ଳ ଦ୍ୱାଦଶୀରେ ପୁଷ୍ୟା ନକ୍ଷତ୍ର ପଡ଼େ—ଖଡିରତ୍ନ. ପଞ୍ଜିକା ।

ଗୁରୁବାର ଏକାଦଶୀ ପଡ଼ିଲେ ଲକ୍ଷ୍ମୀନାରାୟଣବ୍ରତ ଓ ରବିବାର ଏକାଦଶୀ ହେଲେ ରବିନ ସୁପ୍ରଣ ବ୍ରତ କରାଯାଏ ।

ନିମ୍ନଲିଖିତ ଏକାଦଶୀମାନଙ୍କର ସ୍ୱତନ୍ତ୍ର ନାମ ଅଛି—
ଜ୍ୟେଷ୍ଠ କୃଷ୍ଣପକ୍ଷ ଏକାଦଶୀର ନାମ—ଜଳକ୍ରୀଡ଼ା ଏକାଦଶୀ ।
ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀ—ଦେବବିବାହ ବା ପଦ୍ମା ଏକାଦଶୀ ।
ଅଷାଢ଼ ଶୁକ୍ଳ ଏକାଦଶୀ—ବାହୁଡ଼ା ଏକାଦଶୀ—(ବଡ଼ ଏକାଦଶୀ)
ଶ୍ରାବଣ ଶୁକ୍ଳ ଏକାଦଶୀ—ଦେବଶୟନ ଏକାଦଶୀ ।
ଶ୍ରାବଣ କୃଷ୍ଣ ଏକାଦଶୀ—ଗାହାସି ଏକାଦଶୀ ।
ଭାଦ୍ରବ କୃଷ୍ଣ ଏକାଦଶୀ—କାଳୀଦଳନ ଏକାଦଶୀ ।
ଭାଦ୍ରବ ଶୁକ୍ଳ ଏକାଦଶୀ—ପାର୍ଶ୍ୱପରିବର୍ତ୍ତନ ଏକାଦଶୀ—
( ବଡ଼ ଏକାଦଶୀ )
କାର୍ତ୍ତିକ ଶୁକ୍ଳ ଏକାଦଶୀ—ଦେବୋତ୍ଥାନ ଏକାଦଶୀ—
( ବଡ଼ ଏକାଦଶୀ । )
ମାଘ ଶୁକ୍ଳ ଏକାଦଶୀ—ଭୈମୀ ଏକାଦଶୀ—
( ବଡ଼ ଏକାଦଶୀ । )]

ଏକାଦଶୀ ଉପବାସ—ସଂ. ବି. ( ମଧ୍ୟପଦଲୋପୀ ) ଏକାଦଶୀ ଦିନ
Ekādaśi upabāsa କର୍ତ୍ତବ୍ୟ ଉପବାସ—The religious fasting enjoyed for the Ekādaśi day.

ଏକାଦଶୀ କରିବା—ଦେ. କ୍ରି—୧ । ବ୍ରତ ନିୟମ ଧାରଣପୂର୍ବକ ଏକାଦଶୀ
Ekādaśi karibā ଉପବାସ କରିବା—
एकादशीकरना 1. To observe the fast on the
एकादशी करना eleventh day of the lunar fortnight.
୨ । ଏକାଦଶୀ ଉପବାସ କରି ଫଳାହାର କରିବା—
2. To take fruit etc on the Ekādaśi day.

ଏକାଦଶୀଫଳାହାର—ସଂ. ବି. ( ମଧ୍ୟପଦଲୋପୀ )—ଏକାଦଶୀ-
Ekādaśiphalāhāra ଉପବାସ କରିବା ବ୍ୟକ୍ତିଙ୍କର ଅନ୍ନ ଆହାର ପରିବର୍ତ୍ତେ ଫଳାହାର—Taking of fruits and edible root-bulbs i. e. uncooked meal on the Ekādaśi day.

ସାଧାରଣ ଲୋକେ ଅପର ପୃଷ୍ଠାରେ ସପ୍ତମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; ବଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଏକାଦିକ୍ରମ**—ସଂ. ବି— ୧ । ଏକଠାରୁ ଆରମ୍ଭ କରି ପର୍ଯ୍ୟାୟ ବା କ୍ରମ—
**Ekādikrama** 1. Serial order beginning with the number one'

୨ । ଗୋଟିକ ପରେ ଗୋଟିଏ ଏହିପରି ଧାରାବାହିକ ପର୍ଯ୍ୟାୟ— 2. Regular succession.

ସଂ. ବିଣ— ୧ । ଏକ ପରେ ଅନ୍ୟ ପର୍ଯ୍ୟାୟକ୍ରମେ ଘଟିବା; ଗୋଟିକ ପରେ ଗୋଟିଏ ଧାରାବାହିକରୂପେ ଘଟିବା— 1. Happening or taking place in regular succession.

୨ । ଧାରାବାହିକ; ଅବିଚ୍ଛିନ୍ନ— 2. Incessant; continuous.

**ଏକାଦିକ୍ରମେ**—ଦେ କ୍ରି. ବିଣ ( ସଂ. ଏକାଦିକ୍ରମେ )—
**Ekādikrame** ୧ । ଏକ ପରେ ଅନ୍ୟ ଏହିପରି ପର୍ଯ୍ୟାୟକ୍ରମେ; ক্রমশঃ—1 Consecutively; in due order of succession; successively

একাদিক্রমে
क्रमानुसार

୨ । ଅବିଚ୍ଛିନ୍ନରୂପେ—2 Continuously.

**ଏକାଦୁଶୀ**—ସ୍ତ୍ରୀ. ବି. ( ସଂ. ଏକାଦଶୀ )—ଏକାଦଶୀ ( ଦେଖ )
**Ekādusi** Ekādaśi ( See )

ଏକାଦୁଶୀ ନରାହାର, ଭୂତରେ ତେଲରେ ଚୁଡ଼ା. ମାର—ଢଗ ।

**ଏକାଧାର**—ସଂ. ବି. ( କର୍ମଧା. ଏକ + ଆଧାର )—ଅନେକ ବସ୍ତୁ ରହିଥିବା ଏକମାତ୍ର ପାତ୍ର— One and the same receptacle ( for many things )
**Ekādhāra**

**ଏକାଧାରରେ**—ଦେ. କ୍ରି. ଅ—୧ । ଏକସ୍ଥାନରେ—
**Ekādhārare** 1. At one place

୨ । ଏକ ମାତ୍ର ବ୍ୟକ୍ତିଠାରେ— 2. In one and the same person.

( ଯଥା—ବର୍ତ୍ତମାନ ମୋର ଅତଥି ମତେ ଏକାଧାରରେ ଦ୍ୱେଷୀସକ, ପରାମର୍ଶଦାତା, ତତ୍ତ୍ୱଦେଶକେଶ ଓ ମହାପ୍ରସାଦବନ୍ଧୁରୂପେ ପାଇଅଛନ୍ତି । )

**ଏକାଧିପତି**—ସଂ. ବି.—ଏକମାତ୍ର ଅଧିପତି ବା ଅଧିଶ୍ୱର; ସମ୍ରାଟ—
**Ekādhipati** A sole ruler or monarch; a sovereign; a paramount power; emperor.

**ଏକାଧିପତ୍ୟ**—ସଂ. ବି. (ଏକାଧିପତି + ଭାବ. ଯ)— ସମସ୍ତଙ୍କ ଉପରେ ପ୍ରଭୁତ୍ୱ—Supreme rule; sole authority; paramountcy.
**Ekādhipatya**

**ଏକାନବେ**—ଦେ. ବି.—( ସଂ. ଏକାନବତି )—ନବେ ଉପରେ ଏକ ଅଧିକ ସଂଖ୍ୟା; ୯୧ ସଂଖ୍ୟା —
**Ekānabe** The number ninety-one.

একানব্বই
एकानवे

ସଂ. ବିଣ.—୯୧ ସଂଖ୍ୟକ—Numbering 91.

**ଏକାନ୍ତ**—ସଂ. ବିଣ. ( ଏକ + ଅନ୍ତ=ଶେଷ )—୧ । ଅତ୍ୟନ୍ତ; ଅତିଶୟ;
**Ekānta** ନିତାନ୍ତ—1. Absolute; excessive; extreme.

ଅନୁରାଗେ ହେଲ ପ୍ରାଣନାଥ ତାର
ଭ୍ରମରେ ପଡ଼ି ଏକାନ୍ତ । ରାଧାନାଥ, କେଦାରଗୌରୀ ।

୨ । ଏକୁଟିଆ; ନିର୍ଜନ—2. Solitary; lonely.

ଏକାନ୍ତ ଠାବରେ ସ୍ୱାମୀ ଝୁରଇ ବସି । ଶିଶୁଶଙ୍କର, ଉଷାଅଭିଳାଷ ।

୩ । ଗୋପନୀୟ—3. Private.

୪ । ଦୁଇ ଜଣଙ୍କ ଛଡ଼ା ତୃତୀୟ ବ୍ୟକ୍ତି ନ ଥିବା (ଅବସ୍ଥା) —4. Exclusive; where there is no third person.

ଦ୍ରୋଣ ଭୀଷ୍ମ ଦୁହେଁ ଯହୁଁ ହେଲେ ଯେ ଏକାନ୍ତ—କୃଷ୍ଣସିଂହ, ମହାଭାରତ ।

**একান্ত** ଦେ. କ୍ରି. ବିଣ—୧ । ସମ୍ପୂର୍ଣ୍ଣରୂପେ—1. Entirely; absolutely.

୨ । ଅତ୍ୟନ୍ତ—2. Much; extremely.

୩ । ନିଶ୍ଚେ; ନିଶ୍ଚିତରୂପେ—3 Certainly.

ଦେ. ବିଶେ ବିଣ—ଅତ୍ୟନ୍ତ— Extremely.

( ଯଥା—ମୁଁ ମଳାର କୁଶଳ ସମ୍ବାଦ ଶୁଣିବା ପାଇଁ ଏକାନ୍ତ ଅଭିଳାଷୀ ଅଛି; ମୁଁ ଆପଣଙ୍କର ଏକାନ୍ତ ଅନୁଗତ ସେବକ ଅଟେ । )

ଦେ. ବି—ନିଭୃତ ମିଳନ—Union or meeting at a solitary place.

ହେବ ତୋ ଏକାନ୍ତ କାନ୍ତ ସଙ୍ଗରେ ବର୍ଣ୍ଣିତ ଗୀତଛାନ୍ଦ
ସେ ତୋର ନରତ ରତ ହେ—ଭକ୍ତ. ପ୍ରେମସୁଧାନିଧି ।

**ଏକାନ୍ତଅନୁଗତ**—ସଂ. ବିଣ. ପୁଂ (ଅଧୁନିକ ଚଠି ପତ୍ରର ଉପସଂହାରରେ
**Ekāntaanugata** ଇଂରାଜୀ କାଇଦାର ଅନୁକରଣରେ ବ୍ୟବହୃତ; ପତ୍ର ଲେଖି 'ଇତି' କରି ସାର ଲେଖକ ସହି ଶେଷରେ ଲେଖନ୍ତି—ଆପଣଙ୍କର ଏକାନ୍ତ ଅନୁଗତ ବା ଆପଣଙ୍କର ଏକାନ୍ତ ଅନୁଗତ ଭୃତ୍ୟ)—(ଆପଣଙ୍କର)ଅତ୍ୟନ୍ତ ଆଜ୍ଞାପାଳକ ( ଅନୁଚର )— (An adaptation of a phrase couched according to modern etiquette of letter-writing and used in concluding a letter)—(yours) most obediently; ( yours ) most obedient (servant).

**ଏକାନ୍ତତଃ**—ସଂ. କ୍ରି. ବିଣ ( ଏକାନ୍ତ+ତସ୍ )—୧ । ଏକାନ୍ତରେ;
**Ekāntatah** ଏକପାଖରେ— 1. Aside; on one side.

୨ । ନିଶ୍ଚିତରେ; ନିଶ୍ଚିତରୂପେ—2. Certainly.

**ଏକାନ୍ତର**—ସଂ. ବିଣ (ବହୁବ୍ରୀହି; ଏକ + ଅନ୍ତର) ଗୋଟିଏ ଛାଡ଼ି ଗୋଟିଏ
**Ekāntara** ଥିବା—Alternate; every other; next but one.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନ୍ୟାନ୍ୟ ଯୁକ୍ତାକ୍ଷର | ସ୍ଥ | ଜ | ଶ,ଷ | ଜ୍ଞ | ଘସ୍ତ | ଛ୍ଅ | ଦ୍ଧ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ. | ଓ | ନ୍ବ |

**ଏକାନ୍ତରମିତ୍ରାକ୍ଷର** — ସଂ. ବି — ଯେଉଁ ପଦ୍ୟର ପ୍ରଥମ ପାଦର ଅନ୍ତ୍ୟବର୍ଣ୍ଣ
Ekāntaramitrākshara ଓ ଉପାନ୍ତ୍ୟସ୍ୱର ସଙ୍ଗେ ତୃତୀୟ ପାଦର ଏବଂ ଦ୍ୱିତୀୟ ପାଦର ଅନ୍ତ୍ୟବର୍ଣ୍ଣ ଓ ଉପାନ୍ତ୍ୟସ୍ୱର ସଙ୍ଗେ ଚତୁର୍ଥ ପାଦର ମିଳନ ଥାଏ —

[ ଯଥା— ହେ ପଣ୍ଡିତ କ୍ଷୁଦ୍ର ତବ ବୁଦ୍ଧି ମାନଦଣ୍ଡେ
କଳ୍ପବୃକ୍ଷ ମାପ କି ହେ ଅନନ୍ତ ଅପାରେ
ତୀକ୍ଷ୍ଣ ତର୍କ କ୍ଷୁରଧାରେ ଚର୍ଣ୍ଣିତ ଅଖଣ୍ଡେ
ମାନବ ହେ ଜଗନ୍ନାଥଙ୍କୁ ବୌଦ୍ଧ ଅହଙ୍କାରେ । ମଧୁସୂଦନ । ]

**ଏକାନ୍ତରେ** — ଦେ. କ୍ରି. ବିଣ ( ସଂ. ଏକାନ୍ତ )— ୧ । (ନାଟକୀୟଭାଷା) ଜନାନ୍ତିକେ — 1. (dramatic language) Aside.
Ekāntare
एकान्ते
एकान्तमें

୨ । ନିର୍ଜନରେ; ଅନ୍ୟ କେହି ପାଖରେ ନ ଥିବା ଅବସ୍ଥାରେ - 2. Having no third person present nearby

୩ । ଏକୁଟିଆ ଭାବରେ; ଏକାକୀ ହୋଇ— 3. In a lonely manner; alone

୪ । ଏକପାଖରେ — 4. On one side.

୫ । ନିତାନ୍ତ; ଅତ୍ୟନ୍ତ — 5. Extremely, much; absolutely

୬ । ଗୋପନରେ; ଗୁପ୍ତ ଭାବରେ — 6 Privately; secretly.

**ଏକାନ୍ତେ** — ଦେ. ପଦ୍ୟ. କ୍ରି. ବିଣ — ଏକାନ୍ତରେ (ଦେଖ)
Ekānte Ekāntare (See)

ଏକାନ୍ତେ ମିତ୍ର ସଙ୍ଗତେ କ୍ଷଣେ ନ ବସିଲ
ଏକାନ୍ତେ ମିତ୍ରରେ କେବେ ଗୁଢ଼ ପ୍ରକାଶିଲ — ଉପେ. ଲାବଣ୍ୟବତୀ ।

**ଏକାନ୍ନ** — ସଂ. ବି (ବହୁବ୍ରୀହି; ଏକ + ଅନ୍ନ) — ୧ । ବହୁ ବ୍ୟକ୍ତିଙ୍କର ଏକ ସ୍ଥାନରେ ଭୋଜନ — 1. One and the same mess (of many persons); joint mess
Ekānna

୨ । ବହୁ ବ୍ୟକ୍ତିଙ୍କର ଏକସଙ୍ଗେ ଭୋଜନ — 2. (many persons) Eating at the same place; eating together.

୩ । ବହୁ ବ୍ୟକ୍ତିଙ୍କର ଏକସଙ୍ଗେ ପାକ; ଅନେକ ଲୋକଙ୍କର ଏକ ଥାନରେ ରୋଷେଇ - 3 Cooking together; common cooking.

୪ । ଭୋଜନସଙ୍ଗୀ — 4. A mess-mate.

୫ । ବ୍ରତବିଶେଷ (ଏଥିରେ ଦିନଯାକ ଥରେମାତ୍ର ଖାଇବାକୁ ହୁଏ) — 5. A religious vow prescribing one meal during the day.

ସଂ. ବିଣ — ୧ । ଏକସଙ୍ଗରେ ଭୋଜନ କରୁଥିବା; ଏକ ରୋଷେଇରେ ଖାଉଥିବା; ଏକତ୍ର ଅନ୍ନ ଭୋକ୍ତା (ବ୍ୟକ୍ତିଗଣ) — 1. (many persons) Messing together; living in a joint mess

୨ । ସହଭୋଜୀ — 2. Having one board; eating at one table.

୩ । ଏକଭକ୍ତଭୁକ୍; ଯେ ଦିନରେ ଥରେମାତ୍ର ଖାଏ — 3. Taking one meal during the whole day.

**ଏକାନ୍ନବର୍ତ୍ତୀ** — ସଂ. ବିଣ. ପୁଂ ( ଏକାନ୍ନ+ବୃତ୍ ଧାତୁ + ଇନ୍; ୧ମା. ୧ବ.) —
Ekānnabarttī
ଏକାନ୍ନବର୍ତ୍ତିନୀ — ସ୍ତ୍ରୀ

ଏକ ପାକରେ ଖାଉଥିବା; ଏକ ପାକରେ ଭୋଜନ କରୁଥିବା — Living in one mess; messing together; living jointly.

**ଏକାନ୍ନବର୍ତ୍ତୀ ପରିବାର** — ସଂ. ବି (ହିନ୍ଦୁ ଆଇନ) ଅବିଭକ୍ତ ପରିବାର —
Ekānnabarttī paribāra (Hindu Law) Joint-family.

[ ଦ୍ର — ଯେଉଁ ପରିବାରର ସମସ୍ତେ ଜଣେ 'କର୍ତ୍ତା'ଙ୍କ ଅଧୀନରେ ରହି ସମସ୍ତେ ଏକ ରୋଷେଇରେ ଖାଆନ୍ତି ଓ ସମସ୍ତେ ଉକ୍ତ ପରିବାରୀୟ ସମ୍ପତ୍ତିକୁ ଏକ ଠେଇଁ ଭୋଗକରନ୍ତି ତାକୁ ଏକାନ୍ନବର୍ତ୍ତୀ ପରିବାର କୁହାଯାଏ; ଏକାନ୍ନବର୍ତ୍ତୀ ପରିବାର ହିନ୍ଦୁ ଆଇନର ଗୋଟିଏ ବିଶିଷ୍ଟ ଅନୁଷ୍ଠାନ ଅଟେ । ]

**ଏକାନ୍ନବାସ** — ସଂ. ବି — (ହିନ୍ଦୁ ଆଇନ) ବହୁ ଲୋକଙ୍କର ଏକସ୍ଥାନରେ ଭୋଜନ ଓ ଏକସ୍ଥାନରେ ରହିବା; ପରିବାରସ୍ଥ ବ୍ୟକ୍ତିମାନଙ୍କର ଏକ ବାସରେ ରହିବା ଓ ଏକ ପାକରେ ଖାଇବା - (Hindu Law) One and the same mess and lodging of many persons; living at one place and messing together; many (persons) living in one board and lodging.
Ekānnabāsa

ସଂ. ବିଣ — ଏକ ସ୍ଥାନରେ ରହୁଥିବା ଓ ଏକ ରୋଷେଇରେ ଖାଉଥିବା (ପରିବାରର ବହୁ ବ୍ୟକ୍ତି) — Having a joint mess and lodging.

**ଏକାନ୍ନବେ** — ଦେ. ବି ଓ ବିଣ — ଏକାନବେ ( ଦେଖ )
Ekānnabe Ekānabe ( See )

**ଏକାନ୍ନଭୁକ୍ତ** — ସଂ. ବିଣ. ପୁଂ. ( ବହୁବ୍ରୀହି; ଏକାନ୍ନ + ଭୁକ୍ତ; ଯେଉଁମାନେ ଏକାନ୍ନ ଖାଆନ୍ତି; କିମ୍ବା ୭ମୀ ତତ୍; ଏକାନ୍ନରେ ଭୁକ୍ତ ) — ଏକାନ୍ନବର୍ତ୍ତୀ ( ଦେଖ )
Ekānnabhukta Ekānnabarttī ( See )

**ଏକାନୋଇ** — ଦେ. ବି ଓ ବିଣ — ଏକାନବେ ( ଦେଖ )
Ekānnoi Ekānabe ( See )

**ଏକାପଦକେ** — ଦେ. କ୍ରି. ବିଣ — ୧ । ଯୁଗପତ୍; ଏକାବେଳକେ — 1. Simultaneously.
Ekāpadake
एकदम

୨ । ଏକବାର ମାତ୍ର; ଥରେ ମାତ୍ର — 2. Once; once only.
एकबारगी

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଲୃଥ' ନ ମିଳିଲେ 'ଲୂଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ ଅଲ୍‌ବଡ଼ ଦେଖିବେ ।

୩ । ଏକବାର—3. At a time; once for all.
୪ । ଥରେ ପଦେମାତ୍ର କହିବାଦ୍ୱାରା—
4. By one sentence only; by speaking a word only.

ଏକାପଦେ—ଦେ. କ୍ରି. ବିଣ—ଏକାପଦକେ ( ଦେଖ )
Ekāpade — Ekāpadake ( See )

ଏକାବନ—ଦେ. ବି. ( ସଂ. ଏକପଞ୍ଚାଶତ୍ )—୫୧ ସଂଖ୍ୟା—
Ekābana — The number 51.
একান্ন ଦେ. ବିଣ—୫୧ ସଂଖ୍ୟକ—Numbering 51.
एकावन

ଏକାବଳୀ—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଏକ + ଆବଳୀ=ଶ୍ରେଣୀ )—
Ekābaḻi ଏକନର ହାର—One-stringed necklace.

ଏକାବଳୀ ଛନ୍ଦଃ—ସଂ. ବି—ଏଗାର ଅକ୍ଷରଥିବା ସଂସ୍କୃତ ଛନ୍ଦ—
Ekābaḻi chhandaḥ — A Sanskrit metre of eleven syllables.

ଏକାବାଟି—ପ୍ରାଦେ ( ସମ୍ବଲପୁର ) କ୍ରି. ବିଣ—ସମ୍ପୂର୍ଣ୍ଣରୂପେ—
Ekābāṭi — Fully.

ଏକାବେଳକେ—ଦେ. କ୍ରି. ବିଣ—୧ । ଏକସମୟରେ; ଯୁଗପତ୍—
Ekābeḻake — 1. Simultaneously
একেবারে ୨ । ଏକବାରକେ—2. At a time.
एकबारगी ୩ । ଏକାଥରକେ—3. At once; at one stretch; once for all.
୪ । ସଂପୂର୍ଣ୍ଣରୂପେ—4. Completely.

ଏକାବେଳେ—ଦେ. କ୍ରି. ବିଣ.—ଏକାବେଳକେ (ଦେଖ)
Ekābeḻe — Ekābeḻake (See)

ଗାନ୍ଧୁଡ଼ି କଲେ କରି ଗଲେ, ଖୋଳ ସହିତ ଏକାବେଳେ ।
ରୂପଚ. ପ୍ରେମପଞ୍ଚାମୃତ ।

ଏକାବ୍ଦ—ସଂ. ବି. (ଏକ + ଅବ୍ଦ)—ଏକ ସନ ବା ବର୍ଷ—
Ekābda — One year.
(ଏକାବ୍ଦା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—
୧ । ଏକ ବର୍ଷ ବୟସ୍କ—1. Aged one year
୨ । ଏକସାଲା (ଦେଖ)
2. Ekasālā (See)

ଏକାବ୍ଦା—ସଂ. ବିଣ. ସ୍ତ୍ରୀ—(ବହୁବ୍ରୀହି; ଏକ+ଅବ୍ଦ+ସ୍ତ୍ରୀ.ଆ)—ଏକବର୍ଷ
Ekābdā ବୟସ୍କା (ସ୍ତ୍ରୀ)—One year old (female)
ବି. ସ୍ତ୍ରୀ.—ଏକବର୍ଷବୟସ୍କା ଗାଈ—
One year old cow or she-calf.

ଏକାଭାଷୀ—ଦେ. ବିଣ.—( ସଂ. ଏକଭାଷୀ; ଯାହାଙ୍କର ଭାଷା ଏକ
Ekābhāṣi ଅଟେ)-ଯେଉଁ ବ୍ୟକ୍ତିମାନଙ୍କ କଥିତ ଭାଷା ଏକ-
(persons) Speaking one vernacular or dialect.

ଏକାମାଧିଆ ବାଇଶିପଲ—ଦେ. ପ୍ରବଚନ—ଯେଉଁ ବ୍ୟକ୍ତି ଦଳ ମଧ୍ୟରେ
Ekāmādhiābāisipaḻa ସମସ୍ତଙ୍କ ଅପେକ୍ଷା ପ୍ରଧାନ ବା କ୍ଷମତାପନ୍ନ ଅଟେ ତାଙ୍କ ପ୍ରତି ପ୍ରଯୋଗ କରାଯାଏ ।)
ଯେ ସମସ୍ତଙ୍କ ଅପେକ୍ଷା ବଡ଼ ବା ଗରିଷ୍ଠ—
(A saying) Who outweighs all others.

ଏକାମୁହାଁ—ଦେ. ବିଣ. ( ସଂ. ଏକମୁଖ )—
Ekāmuhān̐ ୧ । ପ୍ରଧାନ; ସର୍ବଶ୍ରେଷ୍ଠ—
একমুখো 1. Chief; principal
୨ । ଏକ ଆଡ଼କୁ ମୁଖ ବୁଲାଇ ଥିବା—
2. Facing one direction

ଏକାମୁହାଁକେ—ଦେ. କ୍ରି. ବିଣ—୧ । ଏକ ଦଗକୁ ମୁଖ କରି—
Ekāmuhān̐ke — Facing one direction.
একমুখোহয়ে ୨ । ଏକାବେଳକେ, ଏକାଥରକେ—
2. At one stretch; simultaneously.

ଏକାମ୍ବର—ଗ୍ରା. ପର୍ଯ୍ୟା. ବି—ଏକାମ୍ର ( ଦେଖ )
Ekāmbara — Ekāmra ( See )

ଏକାମ୍ବର ପ୍ରାନ୍ତେ ବସେ ନୃହର ସେ ଛଡ଼ା । ପ୍ରାଚୀ, ବ୍ରହ୍ମବୈବର୍ତ୍ତପୁରାଣଗୀତା ।

ଏକାମ୍ବ୍ର—ଗ୍ରା. ବି—ଏକାମ୍ର ( ଦେଖ )
Ekāmbra — Ekāmra ( See )

ଏକାମ୍ର—ସଂ. ବିଣ. ( ବହୁବ୍ରୀହି; ଏକ + ଆମ୍ର=ଅମ୍ବ ଗଛ )—
Ekāmra ଗୋଟିଏ ଅମ୍ବ ଗଛ ଥିବା ( ସ୍ଥାନ )—
( place ) Having only one mango tree in it.

ଏକାମ୍ରକାନନ—ସଂ. ବି—ଏକାମ୍ରକ୍ଷେତ୍ର ( ଦେଖ )
Ekāmrakānana — Ekāmrakshetra ( See )

ଏକାମ୍ରକ୍ଷେତ୍ର—ସଂ. ବି—ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ; ପୁରୀ ଜିଲ୍ଲାର
Ekāmrakshetra ଭୁବନେଶ୍ୱର କ୍ଷେତ୍ର—
A place of Hindu-pilgrimage; Bhubaneśwara.
[ ଦ୍ର—ଏଠାରେ ପୂର୍ବକାଳରେ ଗୋଟିଏ ମାତ୍ର ବିଶାଳ ଅମ୍ବଗଛ ଥିବାର ପୁରାଣରେ ଅଛି । ]

ଏକାମ୍ରନାଥ—ଦେ. ବି—ଦାକ୍ଷିଣାତ୍ୟର କାଞ୍ଚି ନଗରସ୍ଥ ଶିବ କାଞ୍ଚିରେ
Ekāmranātha ପ୍ରତିଷ୍ଠିତ ଶିବଲିଙ୍ଗ—ଶିବକାଞ୍ଚି ( ଦେଖ )
Name of the idol Śiba in Śibakān̄chi
Śibakān̄chi ( See )

ଏକାମ୍ରପୁରାଣ—ସଂ. ବି—ଭୁବନେଶ୍ୱରମାହାତ୍ମ୍ୟ ବର୍ଣ୍ଣନାତ୍ମକ ଅଧୁନାତନ
Ekāmrapurāṇa ସଂସ୍କୃତ ଗ୍ରନ୍ଥବିଶେଷ—Name of a Sanskrit treatise dealing with Bhubaneśwara.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇଥ୍ | ତ୍ଥ | ଛ |
| ୨ | ଏ | ଭ | ଋ | ଌ | ଘ୍ର | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଇଥ | ତ୍ତ | କୃ |

ଏକାମ୍ରବନ— ସଂ. ବି—ଏକାମ୍ରକ୍ଷେତ୍ର ( ଦେଖ )
Ekāmrabana Ekāmrakshetra ( See )

ଏକାମ୍ରେଶ୍ୱର— ସଂ. ବି. ( ଏକାମ୍ର + ଈଶ୍ୱର = ମହାଦେବ )—
Ekāmreśwara ୧ । ଭୁବନେଶ୍ୱରରେ ଅଧିଷ୍ଠିତ ଲିଙ୍ଗରାଜ ମହାପ୍ରଭୁ—1. The God Śiba or Liṅgarāja situated at Bhubaneśwara.
୨ । ଭୁବନେଶ୍ୱରରେ ବିରାଜିତ ଏହି ନାମର ଶିବଲିଙ୍ଗ ବିଶେଷ—2. A Śibaliṅga of this name at Bhubaneśwara.

ଏକାୟନ— ସଂ. ବିଣ. ( ବହୁବ୍ରୀହି; ଏକ + ଅୟନ = ଗମନ; ବିଷୟ)—
Ekāyana ୧ । ଏକାଗ୍ର; ଏକବିଷୟାସକ୍ତ; ଅନନ୍ୟବୃତ୍ତି—
(ଏକାୟନତା—ବି) 1 Closely attentive; intent.
୨ । ଏକତାନବିଶିଷ୍ଟ —
2. Having one sound or gamut.
୩ । ଏକମାତ୍ର ଅବଲମ୍ବନୀୟ—
3. Sole refuge: only alternative.
୪ । ଏକମାତ୍ର ଗମନଯୋଗ୍ୟ ( ପଥ )—
4. (path) Fit for being used by one man only.

ଏକାୟନଗତ—ସଂ. ବିଣ—ଏକାୟନ ( ଦେଖ )
Ekāyanagata Ekāyana ( See )

ଏକାର— ସଂ. ବି—୧ । 'ଏ' ଅକ୍ଷର—1 The letter 'ଏ'
Ekāra ୨ । 'ଏ' ଅକ୍ଷରର ଚିହ୍ନ ଅର୍ଥାତ୍ ବ୍ୟଞ୍ଜନବର୍ଣ୍ଣର ପୂର୍ବରେ ଯୋଗ ହେବା 'େ' ଚିହ୍ନ (ଏହାକୁ ଅବଧାନମାନେ ଓଡ଼ା କହନ୍ତି )—2. The symbol 'େ' prefixed to consonants.

ଏକାରଣୁଁ—ଦେ. କ୍ରି. ବିଣ—ଏହିକାରଣରୁ; ଏହିନିମନ୍ତେ; ଏଥିପାଇଁ—
Ekāraṇuṅ For this reason; owing to this; on account of this; with this object in view.
একারনে
इसकारण

ଏକାରଣେ—ଦେ. କ୍ରି. ବିଣ—ଏକାରଣୁଁ (ଦେଖ)
Ekāraṇe Ekāraṇuṅ (See)

ଏକାର୍ଣ୍ଣବ—ସଂ ବି (ଏକ + ଅର୍ଣ୍ଣବ = ସମୁଦ୍ର) — ୧ । ମହାପ୍ରଳୟ—
Ekārṇṇaba 1. Universal deluge; all destroying cataclism
୨ । ଚତୁର୍ଦ୍ଦିଗବ୍ୟାପ୍ତ ଅସୀମ ଜଳରାଶି—
2. A vast illimitable sheet of water; flood spreading the country round.
ଦେ. ବିଣ—ଚାରିଆଡ଼େ ସମ୍ପୂର୍ଣ୍ଣରୂପେ ବ୍ୟାପିବା—
Spreading on all sides.
ଏକାର୍ଣ୍ଣବ ହୋଇ ସେ ବ୍ୟାପିଲେ ସେକ୍ଷ୍ଣ ସର୍ଗ—ସାରଳାମହାଭାରତ. ମଧ୍ୟ ।

ଏକାର୍ଣ୍ଣବୀକୃତ—ସଂ. ବିଣ—ଜଳବୃଦ୍ଧି ହୋଇ ଚାରିଆଡ଼େ ଜଳ ପୂର୍ଣ୍ଣ
Ekārṇṇabīkṛuta ହୋଇଥିବା (ଶୁଷ୍କଲ ସ୍ଥାନ)—
Overflooded; deluged.

ଏକାର୍ଥ – ସଂ. ବି ( କର୍ମଧା; ଏକ + ଅର୍ଥ )—
Ekārtha ଏକ ମାନେ; ଏକ ଅର୍ଥ—
Same meaning
( ଏକାର୍ଥତା—ବି ) ସଂ. ବିଣ ( ବହୁବ୍ରୀହି; ଏକ + ଅର୍ଥ )—
୧ । ଏକ ଉଦ୍ଦେଶ୍ୟଯୁକ୍ତ—
1. Having the same purpose or object.
୨ । ଏକ ମାନେ ବୁଝାଉଥିବା—
2. Having one and the same meaning; synonymous.

ଏକାର୍ଥକ—ସଂ. ବିଣ ( ବହୁବ୍ରୀହି; ଏକାର୍ଥ + କ )—
Ekārthaka ଏକାର୍ଥ ( ଦେଖ )
( ଏକାର୍ଥକତା—ବି ) Ekārtha ( See )

ଏକାର୍ଥପ୍ରତିପାଦକ—ସଂ. ବିଣ ( ଏକାର୍ଥ + ପ୍ରତିପାଦକ )—
Ekārthapratipādaka ୧ । ଏକମାତ୍ର ଅର୍ଥ ବୁଝାଉଥିବା—
(ଏକାର୍ଥପ୍ରତିପାଦକତା—ବି) ( ଯଥା—ଅଶ୍ୱ, ଜଳ, ଗୃହ ଇତ୍ୟାଦି )
1. Used in one meaning or sense only; univocal.
୨ । ଏକା ଅର୍ଥ ବୁଝାଇବା—
2. Synonymous.

ଏକାର୍ଥବୋଧକ—ସଂ. ବିଣ ( ଏକାର୍ଥ + ବୋଧକ )—
Ekārthabodhaka ଏକାର୍ଥ ( ଦେଖ )
( ଏକାର୍ଥବୋଧକତା—ବି ) Ekārtha ( See )

ଏକାଶୀ—ଦେ. ବି. ଓ ବିଣ—ଏକାଅଶୀ ( ଦେଖ )
Ekāśī Ekāaśī (See)

ଏକାଶ୍ରୟ—ସଂ. ବି ( କର୍ମଧା; ଏକ + ଆଶ୍ରୟ )—
Ekāśraya ଏକମାତ୍ର ଆଶ୍ରୟ—
Sole support or prop.
ସଂ. ବିଣ ( ବହୁବ୍ରୀହି )—୧ । ଏକମାତ୍ର ଆଶ୍ରୟକୁ ଅବଲମ୍ବନ କରିଥିବା—1. Adhering to one person or thing only
୨ । ଯାହାର ଅନ୍ୟ କେହି ଆଶ୍ରୟ ନାହିଁ—
2 Having no other shelter or hope

ଏକାଶ୍ରିତ—ସଂ. ବିଣ ( ଏକ + ଆଶ୍ରିତ )—
Ekāśrita ଏକାଶ୍ରୟ ( ଦେଖ )
Ekāśraya ( See )

ଏକାଶ୍ରିତଗୁଣ—ସଂ. ବି—ସାଧାରଣ ଗୁଣ; ସାମାନ୍ୟ ଗୁଣ—
Ekāśritaguṇa A common attribute.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଯାଉ' ନ ମିଳିଲେ 'ଯାଉ' ଖୋଜିବେ; 'କୃଷ' ନ ମିଳିଲେ 'କୂଷ' ଦେଖିବେ; 'କଣ୍ଢୁ' ନ ପାଇଲେ 'କଣ୍ଟୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କର' ଦେଖିବେ

ଏକାହ—ସଂ. ବି ( ଏକ+ଅହନ୍=ଦିନ )—ଏକ ଦିବସବ୍ୟାପୀ
Ekāha ସମୟ—The period of one day.

ଏକାହଗମ୍ୟ—ସଂ. ବିଣ ( ଏକାହ+ଗମ୍ୟ )—ଏକ ଦିନରେ ଗମନ-
Ekāhagamya ସାଧ୍ୟ ( ପଥ ବା ଦୂରତ୍ୱ ); ଯେଉଁ ସ୍ଥାନରେ ପହଞ୍ଚିବାକୁ ଏକଦିନ ଲାଗେ-(distance) To be travelled or reached in one day; taking one day to travel or reach.

ଏକାହାର—ସଂ. ବି—(ଏକ=ଏକମାତ୍ର+ଆହାର=ଭୋଜନ)—ଦିନ-
Ekāhāra ମଧ୍ୟରେ ଥରେ ମାତ୍ର ଭୋଜନ କରିବା— A single meal in a day.

ଏକାହାରୀ—ସଂ. ବିଣ. ପୁଂ (ଏକାହାର+ଇନ୍ ୧ମା. ୧ବ.)—ଦିନକ-
Ekāhārī ମଧ୍ୟରେ ଥରେ ମାତ୍ର ଭୋଜନ କରୁଥିବା -Taking
(ଏକାହାରିଣୀ—ସ୍ତ୍ରୀ) or having a single meal in a day; eating one meal a day.

ଏକାହିକ—ସଂ. ବିଣ ( ଏକାହ+ଇକ )—୧ । ଏକଦିନରେ ସମ୍ପନ୍ନ—
Ekāhika 1. Performed in one day.
୨ । ଏକଦିନରେ ଜାତ—2. Produced in one day; taking one day to produce.
୩ । ପ୍ରତିଦିନ ଘଟୁଥିବା; ଦୈନନ୍ଦିନ—3 Happening daily; appearing daily; quotodian

ଏକାହିକଜ୍ୱର—ସଂ ବି—ପ୍ରତିଦିନ ହେଉଥିବା ଜ୍ୱର; ଏକୋଇ ଜ୍ୱର—
Ekāhikajwara Fever or ague which comes every day; quotodian fever.

ଏକି—ଦେ. ଅ (ସଂ. ଏତତ୍ କିଂ)—ଆଶ୍ଚର୍ଯ୍ୟାର୍ଥକ ପ୍ରଶ୍ନ—ଏହା କଅଣ ?
E ki What is this ?
এକি ଦେ. ବିଣ—୧ । ଏକହିଁ; ଏକମାତ୍ର—1. One only;
एकमा one and the same.
একি ୨ । ତୁଲ୍ୟ; ସମାନ—2 Similar; same.
एकहि

ଏକୀକରଣ—ସଂ. ବି [ ଏକ+ଅଭୂତତଦ୍ଭାବେ. ଈ (ଚ୍ୱି)+କୃ. ଧାତୁ+
Ekīkaraṇa ଅନ ]—ଏକତ୍ରସଂସ୍ଥାପନ; ବହୁ ଦ୍ରବ୍ୟକୁ ଏକାଠେଇଁ ମିଶାଇ ଦେବା—Act of collecting or uniting several things together, act of making one entire body.

ଏକୀଭବନ—ସଂ. ବି. ( ଏକ+ଅଭୂତତଦ୍ଭାବେ. ଈ+ଭୂ ଧାତୁ=
Ekībhabana ହେବା+ଅନ )—( ଅନେକ ପଦାର୍ଥ ) ଏକତ୍ର ମିଳିତ ହେବା; ସମ୍ମିଶ୍ରଣ—(many things) Uniting into one entire whole; act of being combined or mixed up into one body; complete union.

ଏକୀଭାବ ସଂ ବି ( ଏକ+ଅଭୂତତଦ୍ଭାବେ. ଈ+ଭୂ ଧାତୁ=ହେବା+
Ekībhāba ଅ )—ଏକୀଭବନ ( ଦେଖ )
Ekībhabana ( See)

ଏକୀୟ—ସଂ. ବିଣ. ( ଏକ+ଈୟ )—
Ekīya ୧ । ଏକପକ୍ଷୀୟ; ଏକପକ୍ଷାବଲମ୍ବୀ—
1. Pertaining to one side.
୨ । ଏକ ସମ୍ବନ୍ଧୀୟ—
2. Pertaining to one only.

ଏକୁ—ଦେ. ଅ. ( ସଂ ଏକ )—
Eku ୧ । ଏକେ; ପ୍ରଥମତଃ—1. Firstly.
୨ । ଏକରୁ; ଏକଠାରୁ—
2. From one; from the number '1'
୩ । ଏକଠାରୁ ଆରମ୍ଭ କରି—
3. Beginning from one.

ଏକୁଅନେକ—ଦେ. ଅ—୧ । ଗୋଟି ଗୋଟି କରି ସମସ୍ତଙ୍କୁ; ସମସ୍ତ—
Ekuaneka 1. One by one.

ପରମ ତତ୍ତ୍ୱେ କରି ଇଚ୍ଛା
ଏକୁଁ ଅନେକ କଲେ ସ୍ୱେଚ୍ଛା । ଜଗନ୍ନାଥ. ଭାଗବତ ।

୨ । ଏକରୁ ବେଶି; ଏକାଧିକ—
2. More than one.

ଏକୁ ଅନେକ ହୋ ପ୍ରକାଶ
ପ୍ରସଙ୍ଗେ ଯେସନ ଆକାଶ । ଜଗନ୍ନାଥ. ଭାଗବତ ।

ଏକୁଆ—ଦେ. ବିଣ. ( ସଂ. ଏକାହିକ)—
Ekuā ୧ । ଏକାହିକ; ଦୈନିକ (ଜ୍ୱର) -
একাহিক 1. Quotodian; happening daily;
रोजाना appearing daily (fever)
୨ । ଏକ ଦିନ ଅନ୍ତରରେ ଘଟୁଥିବା (ଜ୍ୱର)—
2. ( fever ) Appearing every atlernate day.
୩ । ଏକବାର କଣ୍ଟା ହୋଇଥିବା (ହଳଦୀ)—
3. ( turmeric paste ) Pressed in the mortar cnly once.
୪ । ଢିଙ୍କିରେ ( ଧାନ ଆଦି ) ଖଦଡ଼ିଆ ଖଦଡ଼ିଆ ହୋଇ ଥରେ ହୋଇଥିବା (ଚାଉଳ); ଏକପୁରିଆ—

ଏକୁଆରକ—ଦେ. ବି—୧ । ଏକକୁଆରକ ( ଦେଖ )
Ekuāraka 1. Ekakuāraka ( See )
୨ । ଅନ୍ୟୋନ୍ୟରେ—2. Reciprocally; one another; one from the other.

ଏକୁଆରକେ—ଦେ. ଅ—ଏକୁଆରକ ( ଦେଖ )
Ekuārake Ekuāraka ( See )

ଏକୁଆରେ—ଦେ. ସର୍ବନାମ—ଅନ୍ୟୋନ୍ୟରେ—
Ekuāre One another.

କର୍ମିତ କଣ୍ଠେ ବାକ୍ୟ କହି
ବୋଲନ୍ତି ଏକୁଆରେ ସର୍ବେ । ଜଗନ୍ନାଥ. ଭାଗବତ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଗ | ଚ | ଶ,ଷ | ଙ୍କ | ଉସ୍ | ଚ୍ଛ୍ୟ | ଝ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଉଥ | ଞ୍ଜ | ହ୍ନ |

ଏକୁଆରେକ—ଦେ. ଅ—ଏକୁଅରକ ( ଦେଖ )
Ekuāreka Ekuāraka ( See )

ଏକୁଆରେକେ—ଦେ. ଅ—ଏକୁଅରକ ( ଦେଖ )
Ekuāreke Ekuāraka ( See )

ଏକୁଏକ—ଦେ. ବିଣ—୧ । ଏକ ଅପେକ୍ଷା ଅନ୍ୟ; ପ୍ରଥମ ଅପେକ୍ଷା
Ekueka ଅନ୍ୟଟି ଏହିପରି—1. One more than
एकुँ एक the other and so on.
हरेक ୨ । ଅଦ୍ୱିତୀୟ—2. Uncommon.

ବାହୁଲି ଏ ସୁଷମ ସମସ୍ତେ କାହିଁ ସମ ସମରେ ଏକୁଏକ ସେ ।
ଉକ୍ତ. ବୈଦେହୀଶବିଳାସ ।

୩ । ପ୍ରତ୍ୟେକ—3 Each

ଦେ. ଅ—୧ । ଜଣ ଜଣ କରି; ଏକ ଏକ କରି; ଗୋଟି ଗୋଟି;
ପ୍ରତ୍ୟେକଙ୍କୁ—1. One by one; to each
୨ । ତାଙ୍କୁ ବଳ ସେ ତାଙ୍କୁ ବଳ ସେ ଏହିପରି—
2. One excelling the other.

ଏକୁଁ (ଇତ୍ୟାଦି)—ଦେ. ଅ—ଏକୁ ଇତ୍ୟାଦି ( ଦେଖ )
Ekuñ (etc.) Eku etc. ( See )

ଏକୁଁ ଏକ—ଦେ. ବିଣ—ଏକୁଏକ ( ଦେଖ )
Ekuñ eka Ekueka ( See )
एकुँ एक ଶତେ ଭ୍ରାତ ଏହାଙ୍କର ଏକୁ ଏକ ଦକ୍ଷ ।
हरेक ସାରଳାମହାଭାରତ, ବନ ।

ଏକୁଁ ଏକେ—ଦେ. ଅ—ପ୍ରତ୍ୟେକେ; ସମସ୍ତେ—
Ekuñeke Each
एकुँ एक ଷୋଳ ସହସ୍ର ଶତାଧିକେ
हरेक ତୁଲ୍ୟ ବୟସୀ ଏକୁଁ ଏକେ । ଜଗନ୍ନାଥ. ଭାଗବତ ।

ଏକୁଟିଆ—ଦେ. ବିଣ. ( ସଂ. ଏକତଃ )—ଏକାକୀ—
Ekuṭiā Solitary, single.
एका ଗଣିଙ୍କୁ ଏକୁଟିଆ ହୋଇ ଦେଖା ଦେଲେ ।
अकेला କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।
କ୍ରି. ବିଣ—ଏକାକୀ ହୋଇ—Alone; singly.
ଏକୁଟିଆ ଦୁର୍ଯ୍ୟୋଧନକୁ ବେଢ଼ି ବେନ ଯୋଦ୍ଧି । ସାରଳାମହାଭାରତ. ଗଦା ।

ଏକୁଟିଆବାଢ଼ୁ—ଦେ. ବି—ଏକାଟିଆ ବାଢ଼ୁ ( ଦେଖ )
Ekuṭiābāṛhā Ekāṭiābārhā ( See )

ଏକୁଟିଆବାହାର—ଦେ. ବି—ଏକାଟିଆବାଢ଼ୁ ( ଦେଖ ).
Ekuṭiābāhārā Ekāṭiābārhā (See
ଏକୁଟିଆ ବାହାର ମୂର୍ତ୍ତି ସାହାର—ଉଗ ।

ଏକୁନ୍—ଦେ. ବି—ସମଷ୍ଟି—
Ekun Sum total; aggregate.
एकुन କ୍ରି. ବିଣ—ମୋଟରେ; ସମୁଦାୟ—In all; many
कुल things totalled up; altogether.

ଏକୁନ୍‌କରିବା—ଦେ. କ୍ରି—ସମଷ୍ଟି କରିବା; ହିସାବ କରିବା—.
Ekunkaribā To sum up; to work out the
एकुन्‌करा total of.
जोड़ना

ଏକୁଶ୍‌କଣ୍ଟି—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—
Ekuśkanṭi ଲଗାଲଗି ଭାବରେ; ଏକାଦିକ୍ରମେ—
Continuously.

ଏକେ—ସଂ. ଅ. ( ସଂ. ଏକତଃ )—୧ । ପ୍ରଥମତଃ—
Eke 1 To begin with; first; firstly; in the
एके first place.
पहिले ୨ । ଏକପକ୍ଷରେ—2. On the one hand.

ଏକେ ତାଙ୍କ ବିରହ କ୍ଳେଶ, ତହିଁରେ ପୁଣି ଏ ବସନ୍ତ ସୀତା-ଶୋକ ।
ମଧୁସୂଦନ—ଉତ୍ତରରାମଚରିତ ।

ଏକେଇ—ଦେ. ଅ. ( ସଂ. ଏକତଃ )—ଏକେ ( ଦେଖ )
Ekei Eke ( See )
एकेई ଦେ. ବିଣ—ଏକୋଇ; ଏକୁଆ ( ଦେଖ )
पहिले Ekuā ( See )
ଦେ. ବି. ପୁଂ—ଏକାଦଶୀ ନାମକ ବ୍ୟକ୍ତିର ଡାକ ନାମ—
The name for calling Ekādaśi

ଏ, କଇ କାଳୀ, ପିଲାଙ୍କ କାଡ ବୋଡଲ ମାଇ,
ତହିଁରେ ପଡ଼ିଛ କେଳଆ ସାଙ୍ଗୀ, ତହିଁରେ ହୋଇଛ ଲୁଚଣା ପାଲ—ଉଗ ।

ଏକେଇବଳା—ଦେ. ବି—ଏକଇବଳା ( ଦେଖ )
Ekeibaḷā Ekaibaḷā ( See )
एकलौता

ଏକେଇବା—ଦେ. କ୍ରି—ଏକୋଇବା ( ଦେଖ )
Ekeibā Ekoibā ( See )

ଏକେଇରବଳା—ଦେ. ବି—ଏକଇବଳା ( ଦେଖ )
Ekeirabaḷā Ekaibaḷā ( See )

ଏକେଇଶା—ଗ୍ରା. ବି—ଏକୋଇଶା ( ଦେଖ )
Ekeiśā Ekoiśā ( See )

ଏକେଇଶିଆ—ଗ୍ରା. ବି—ଏକୋଇଶିଆ ( ଦେଖ )
Ekeiśiā Ekoiśiā ( See )

ଏକେଏକ—ଦେ. କ୍ରି. ବିଣ—୧ । ଗୋଟି ଗୋଟି ହୋଇ—
Ekeeka 1. One by one.
୨ । ପ୍ରତ୍ୟେକ—2. Each.

ହଂସ ସଙ୍ଗରେ ତକ୍ଷୀକ, କରନ୍ତି କେଳି ଏକେ ଏକ ।
ଭୂପତି. ପ୍ରେମପଞ୍ଚାମୃତ ।

ଏକେଏକେ—ଦେ. କ୍ରି. ବିଣ—୧ । ଜଣ ଜଣ କରି; ପ୍ରତ୍ୟେକେ—
Ekeeke 1. One by one; each.
एकेएके ଏବେ ଏକେ ଏକେ ହୋଇ ପୁଚ୍ଛୁଥିବ ।
हरेक ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ସାଧାରଣ ରୂପରେ ଶବ୍ଦର ପ୍ରଥମରେ ସ୍ଥିତ ୨ ଅଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଅଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିବା ଉଚିତ । ଅତଏବ ୧ ବା ୨ ଅଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଏକ ଯୋଗରେ ସେଠାରେ ଏ ଗ୍ରନ୍ଥରେ ନ ମିଳିଲେ, ସେହି ଶବ୍ଦ ଏକ ଥରେ ପାଇବା ପାଇଁ ୨ ବା ୧ ଅଙ୍କିତ ବର୍ଣ୍ଣ ବା ମାତ୍ରାକୁ ଏକ ଯୋଗକରି ଦେଖ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଋଷ' ନ ମିଳିଲେ 'ଋଷ' ଦେଖିବେ; 'କଂସ' ନ ପାଇଲେ 'କଂସ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକ' ନ ପାଇଲେ 'ଅଲକ' ଦେଖିବେ ।

୨ । ଗୋଟି ଗୋଟି କରି; ପୃଥକ୍ ପୃଥକ୍—
2. Separately.

ତାହା କହୁଥିବା ଏକେ ଏକେ
ପ୍ରଶ୍ନରେ ଚୋଷ୍ଠର ମନ୍ତ୍ର ଦେ । ଜଗନ୍ନାଥ- ଭାଗବତ ।

୩ । ପରସ୍ପର—3. Mutual.

କହୁଛନ୍ତି ଏକେ ଏକେ ଗୁହଁ
ଏମନ୍ତ ଦେଖିଲୁ କାହିଁ । ଜଗନ୍ନାଥ- ଭାଗବତ ।

ଏକେକ—ଦେ. କ୍ରି. ବିଣ. ( ସଂ. ଏକୈକ )—୧ । ପ୍ରତ୍ୟେକରେ—
Ekeka 1. In each.
প্রত্যেকে ଅନେକ ଅବତଂସ କୋଟି, ଏକେକ ମଣି ଝଟକନ୍ତି ।
हरेक ବ୍ରଜ- ପ୍ରେମପଞ୍ଚାମୃତ ।

୨ । ଗୋଟିକୁ ଗୋଟିଏ; ଜଣକୁ ଗୋଟିଏ ଲେଖାଏ—
2. One to each.

ବୃକ୍ଷଙ୍କେ ଏକେକ ଜଳଦ । ବ୍ରଜ- ପ୍ରେମପଞ୍ଚାମୃତ ।

ଏକେତ—ଦେ. କ୍ରି. ବିଣ. ( ସଂ. ଏକତଃ )—ଏକେ ( ଦେଖ )
Eketa Eke ( See )

ଏକେଡାଁଏ—ଗ୍ରାଦେ. ( କଟକ ) ଅ— ଅକସ୍ମାତ୍; ହଠାତ୍; ସହସା—
Ekedāñy By chance; all on a sudden.

ଏକେବାରେ—ଦେ. ଅ. ( ସଂ. ଏକବାର )—ଏକବାର ( ଦେଖ )
Ekebāre Ekabāra ( See )

ଏକେଲା—ଦେ. ବିଣ. ( ସଂ. ଏକ )—ଏକାକୀ—
Ekelā Solitary; single.
একলা
अकेला

ଏକେଶ୍ୱର—ସଂ. ବି. ( ଏକ + ଈଶ୍ୱର )—
Ekeśwara ୧ । ଏକମାତ୍ର ଈଶ୍ୱର; ପରମେଶ୍ୱର—
1. The one God; the Supreme Power.

୨ । କୌଣସି କାର୍ଯ୍ୟରେ ଏକମାତ୍ର ପ୍ରଭୁ ବା ମାଲିକ—
2. The paramount authority.

ସଂ. ବିଣ—୧ । ଏକଲା; ଏକାକୀ—1. Alone.

୨ । ଆପଣାର ଶକ୍ତି ଉପରେ ନିର୍ଭରଶୀଳ; ସାହାଯ୍ୟନିରପେକ୍ଷ-
2 Self-reliant; Depending on one's self alone.

ଧର୍ମସୁଙ୍କ ନବାଇନ କର୍ଣ୍ଣ ଏକେଶ୍ୱର । ଜଗନ୍ନାଥ- ବୈଶାଖଗୀତା ।

୩ । ଏକମାତ୍ର ପ୍ରଭୁ ବା ରାଜାଙ୍କ ଅଧିକାରରେ ଥିବା—
3. Under the control or supremacy of one master or king.

ଏକେଶ୍ୱରବାଦ—ଦେ. ବି. ( ଏକେଶ୍ୱର = ଏକମାତ୍ର ପରମେଶ୍ୱର + ବାଦ = କହିବା )—ଏ ପୃଥିବୀର ପ୍ରଭୁ
Ekeśwarabāda କେବଳ ଏକମାତ୍ର ଈଶ୍ୱର, ଏହିରୂପ ମତ ବା ବିଶ୍ୱାସ—
Monotheism.

ଏକେଶ୍ୱରବାଦୀ—ସଂ. ବିଣ. ପୁଂ. ( ଏକେଶ୍ୱର + ବାଦ + ଇନ୍; ସ୍ତ୍ରୀ.
Ekeśwarabādi ୧ବ. )— ପୃଥିବୀର କର୍ତ୍ତା ଏକମାତ୍ର ଈଶ୍ୱର
(ଏକେଶ୍ୱରବାଦିନୀ—ସ୍ତ୍ରୀ) ବୋଲି ଯେ ବିଶ୍ୱାସ କରେ—
Believing in the existence of one God only in the creation; monotheistic.

ଏକୈକ—ସ୍ଥ. ବି. (ଏକ + ଏକ)—ପ୍ରତ୍ୟେକ—
Ekaika Each.

ସ୍ଥ. ବିଣ.—ଧାରାବାହିକ—Systematic; successive.

ସଂ. କ୍ରି. ବିଣ—୧ । ପ୍ରତ୍ୟେକରେ—
1. One by one; single.

୨ । ଏକ ଏକ କରି—2. One after the other; in a single file.

୩ । ଏକ ଏକ ହୋଇ; ପୃଥକ୍‌ଭାବରେ—
3. Separately; in due succession.

ଏକୈକଶଃ— ସଂ. କ୍ରି. ବିଣ. (ଏକୈକ + ଶସ୍)—୧ । ଏକ ଏକ ହୋଇ
Ekaikaśaḥ 1. One by one;one after the other.

୨ । ପର୍ଯ୍ୟାୟକ୍ରମେ—2. In due succession; successively.

୩ । ଧାରାବାହିକରୂପେ—3. Systematically; in regular sequence.

ଏକୋଇ—ଦେ. ବିଣ (ସଂ. ଏକାହିକ)—ଏକୁଆ (ଦେଖ)
Ekoi Ekuā (See)

ଏକୋଇଜର—ଦେ. ବିଣ. (ସଂ. ଏକାହିକ ଜ୍ୱର)—
Ekoijara ଏକାହିକ ଜ୍ୱର (ଦେଖ)
Ekāhikajwara (See)

ଏକୋଇବଳା—ଦେ. ବି.— ଏକଇବଳା (ଦେଖ)
Ekoibaḻā Ekaibaḻā (See)

ଏକୋଇବା—ଦେ. କ୍ରି. (ସଂ. ଏକ)—ହଳଦୀକୁ ଏକ ଥର ମାତ୍ର ବାଟିବା;
Ekoibā ହଳଦୀକୁ ପ୍ରଥମ ଥର ଖଦଡ଼ା କରି ବାଟିବା—
To press turmeric in the pestle only once i.e. for the first time for preparing a paste.

ଏକୋଇରବଳା—ଦେ. ବି.— ଏକଇବଳା (ଦେଖ)
Ekoirabaḻā Ekaibaḻā (See)

ଏକୋଇଶ—ଦେ. ବି. ଓ ବିଣ. (ସଂ. ଏକବିଂଶ)—ଏକବିଂଶ (ଦେଖ)
Ekoiśa Ekabiṁśa (See)
একুশ
इक्कीस

ଏକୋଇଶା—ଦେ. ବି. (ସଂ. ଏକବିଂଶାହ)— ଶିଶୁପୁତ୍ରର ଜନ୍ମର ଏକ-
Ekoiśā ବିଂଶ ଦିବସରେ କରାଯିବା ଉତ୍ସବ—The rejoi-
একুশে cings done amongst the Hindus on the 21 st. day of the birth of a male-child.

| ୯ | ଇ | ଈ | ର,ଋ | ୫ ॰ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯୁ | ଡ଼ଃ | ଙ୍ଗ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଲୃ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଇଅ | ଢ | ନ୍ତ |

ଏକୋଇଶା ପାଲ୍ଲ—ଦେ.ବି.—ଶିଶୁପୁତ୍ର ଜନ୍ମ ହେବାର ୨୧ ଦିନ ଅନୁଷ୍ଠିତ
Ekoisā pālā ପିତାମାତା ପୂର୍ବରୁ ମାନସିକ କରିଥିବା ସତ୍ୟପୀର-
ଏକୁଶେ ପାଲା ଦେବଙ୍କ ପୂଜା ବା ପାଲ୍ଲ—The performance of the worship of Satyapira on the 21st day of a male-child's birth as previously vowed by the parents.

ଏକୋଇଶା ପୂଜା—ଦେ. ବି.—ଏକୋଇଶା ପାଲ୍ଲ (ଦେଖ)
Ekoisā pūjā Ekoisā pālā (See)

ଏକୋଇଶାଶହେ—ଦେ. ବି. (ସଂ. ଏକବିଂଶୋତ୍ତରଶତ)—
Ekoisāsahe ଏକଶହ ଏକୋଇଶ; ୧୨୧—
One hundred and twenty one.

ଏକୋଇଶି—ଦେ. ବି ଓ ବିଣ—ଏକବିଂଶ (ଦେଖ)
Ekoisi Ekabimsa (See)

ଏକୋଇଶିଆ (ଇତ୍ୟାଦି)—ଦେ. ବି.—ଏକୋଇଶା ଇତ୍ୟାଦି (ଦେଖ)
Ekoisiā (etc.) Ekoisā etc. (See)

ଏକୋତ୍ତରଶତ—ସଂ. ବି. ( ଏକ + ଉତ୍ତର=ପରେ ଥିବା + ଶତ )—
Ekottarasata ଏକଶହଏକ; ୧୦୧—
One hundred and one.

ବୁଢ଼ୀ ମିଶି ହେଲେ ଏକୋତ୍ତରଶତ । କୃଷ୍ଣସିଂହ. ମହାଭାରତ. ଆଦି ।

ଏକୋଦକ—ସଂ. ବିଣ. (ବହୁବ୍ରୀହି; ଏକ ଅଟେ ଉଦକ ଯାହାଙ୍କର)—
Ekodaka ସମାନୋଦକ; ଯେଉଁମାନେ ପୂର୍ବ ପୁରୁଷମାନଙ୍କୁ ଜଳ ତର୍ପଣ କରିବା ଯୋଗୁଁ ପରସ୍ପର ସମ୍ପୃକ୍ତ—
(relatives) Connected by the offering of funeral libations of water to the same deceased ancestors (Apte).
[ ଦ୍ର—ମନୁଷ୍ୟ ଅପଣାର ଊର୍ଦ୍ଧ୍ୱତନ ତିନି ପୁରୁଷ ପର୍ଯ୍ୟନ୍ତଙ୍କୁ ପିଣ୍ଡ ଦେଇ ପାରେ ଓ ତାଙ୍କ ଉପର ପୁରୁଷ ଉପରକୁ ଜଳଦ୍ୱାରା ତର୍ପଣ କରି ପାରେ । ]

ଏକୋଦର—ସଂ. ବି. ପୁଂ. (ଏକ+ଉଦର=ଗର୍ଭ)—ସହୋଦର; ଏକ
Ekodara ମାଆର ଗର୍ଭଜାତ ଭାଇ—Uterine brothers;
(ଏକୋଦରୀ—ସ୍ତ୍ରୀ) brothers born of the same mother.
ସଂ. ବିଣ—ଏକମାତୃଗର୍ଭଜାତ—Uterine.

ଏକୋଦରି—ଦେ. ବି. ଓ ବିଣ. (ସଂ. ଏକୋଦର)—
Ekodari ଏକୋଦର (ଦେଖ)
Ekodara (See)

ଏକୋଦ୍ଦିଷ୍ଟ—ସଂ. ବି. ( ଏକ + ଉଦ୍ଦିଷ୍ଟ=ଉଦ୍ଦେଶଯୁକ୍ତ )—
Ekoddishta ୧ । ଏକ ବ୍ୟକ୍ତି ବା ବସ୍ତୁକୁ ଲକ୍ଷ୍ୟ କରି ଅନୁଷ୍ଠିତ ହୋଇଥିବା—1. Done or performed with one person or object in view.
୨ । ଏକମାତ୍ର ଉଦ୍ଦେଶ୍ୟରେ କରାଯିବା—
2. Done for one and the same purpose.

ଏକୋଦ୍ଦିଷ୍ଟଶ୍ରାଦ୍ଧ—ସଂ. ବି—୧ । ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ କରାଯିବା—
Ekoddishtasrāddha ଶ୍ରାଦ୍ଧ; ପ୍ରେତଶ୍ରାଦ୍ଧ—
1. Funeral Srāddha or offering of cakes.
୨ । ଆଶ୍ୱିନ ମାସରେ ମହାଳୟା ଶ୍ରାଦ୍ଧ—
2. The Srāddha or funeral ceremony performed every year to serve a single deceased ancestor with cake and water; the Mahālayā Srāddha done in the month of Āswina.

ଏକୋନ—ସଂ. ବିଣ. (ଏକ + ଊନ=ନ୍ୟୂନ )—ଯହିଁରୁ ଏକ ଊଣା—
Ekona Less by one; one less than.
[ ଦ୍ର—ତ୍ରିଂଶତ୍, ଚତ୍ୱାରିଂଶତ୍, ପଞ୍ଚାଶତ୍, ଷଷ୍ଟି, ସପ୍ତତି, ଅଶୀତି, ନବତି ଓ ଶତ—ଏହି ୧୦ର ସଂଖ୍ୟାମାନଙ୍କ ପୂର୍ବରେ ଏକୋନ ବା ଊନ ଯୁକ୍ତ ହୋଇ ଏକ କମ୍ ବୁଝାଏ । ]

ଏକୋନଚତ୍ୱାରିଂଶତ୍—ସଂ. ବି. ( ଏକୋନ+ଚତ୍ୱାରିଂଶତ୍ )—
Ekonachatwārimsat ଅଣଚାଳିଶି—Thirty-nine.

ଏକୋନତ୍ରିଂଶତ୍ ସଂ. ବି. ( ଏକୋନ+ତ୍ରିଂଶତ୍ )—ଊନତ୍ରିଂଶ;
Ekonatrimsat ଅଣତିରିଶି—Twenty nine.

ଏକୋନନବତି—ସଂ. ବି. ( ଏକୋନ + ନବତି )—ଅଣନବେ—
Ekonanabati Eighty-nine.

ଏକୋନପଞ୍ଚାଶତ୍ - ସଂ. ବି. ( ଏକୋନପଞ୍ଚାଶତ୍ )—ଅଣଚାଶ—
Ekonapanchāsat Forty-nine.

ଏକୋନବିଂଶ—ସଂ. ବି. (ଏକୋନ + ବିଂଶ)—ଊନବିଂଶ; ଉଣେଇଶି—
Ekonabimsa Nineteen.
ବିଣ.—୧୯ ସଂଖ୍ୟକ—Nineteen in number.

ଏକୋନବିଂଶତମ—ସଂ. ବିଣ—ଉଣେଇଶି ସ୍ଥାନୀୟ—
Ekonabimsatama Nineteenth.

ଏକୋନବିଂଶତି—ସଂ. ବି ଓ ବିଣ. ( ଏକୋନ + ବିଂଶତି )—
Ekonabimsati ଏକୋନବିଂଶ ( ଦେଖ )
Ekonabimsa ( See )

ଏକୋନବିଂଶତିତମ—ସଂ. ବି—ଏକୋନବିଂଶତମ ( ଦେଖ )
Ekonabimsatitama Ekonabimsatama ( See )

ଏକୋନଶତ—ସଂ. ବି. ( ଏକୋନ + ଶତ )—ଅନେଶତ—
Ekonasata Ninety-nine.

ଏକୋନଷଷ୍ଟି—ସଂ. ବି. ( ଏକୋନ + ଷଷ୍ଟି )—ଅଣଷାଠିଏ—
Ekonashashthi Fifty-nine.

ଏକୋନସପ୍ତତି—ସଂ. ବି. ( ଏକୋନ + ସପ୍ତତି )—ଅଣସ୍ତୁରି—
Ekonasaptati Sixty-nine.

ଏକୋନାଶୀତି—ସଂ. ବି. ( ଏକୋନ + ଅଶୀତି )—ଅଣାଅଶୀ—
Ekonāsiti Seventy-nine

ପାଠକମାନେ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରରେ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ 'ବୃଥ' ନ ମିଳିଲେ 'ବୃଥା' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଏକୌଶ—ଗ୍ରା. ପ୍ରାଚୀନ ପଦ୍ୟ. ବି. ଓ ବିଣ. (ସଂ. ଏକବଂଶ)—
Ekausa ଏକୋଇଶ ( ଦେଖ )—Ekoisa ( See )

ଏକୌଶ ବ୍ରହ୍ମାଣ୍ଡ ତହିଁ ଏକୌଶ ତର୍ପଣ—
ପ୍ରାଚୀ—ବ୍ରହ୍ମନଭୂପଣଗୀତା ।

ଏକ୍କା—ଦେ. ବି. ( ସଂ. ଏକ; ଏହାକୁ ଏକ ଘୋଡ଼ା ଟାଣୁଥିବାରୁ )—
Ekkā ଉତ୍ତରପଶ୍ଚିମପ୍ରଦେଶରେ ବ୍ୟବହୃତ ଏକଘୋଡ଼ା ଟାଣିବା
ଏକ୍କା ଦୁଇଚକିଆ ଗାଡ଼ି ( ଦକ୍ଷିଣାଞ୍ଚଳରେ ଏହାକୁ ଝଟକା
इक्का ବୋଲାଯାଏ । )—A light up-countrycart drawn by a single pony.

ପ୍ରାଦେ. ( ଗଞ୍ଜାମ ) ଅ—ଏକା ( ଦେଖ )—Ekā ( See )

ଏକ୍କାୱାଲା—ଦେ. ବି—୧ । ଏକ୍କାଗାଡ଼ିର ମାଲିକ—
Ekkāwalā 1. The owner of an ekkā-cart.
একাবুআলা; একাওয়ালা ୨ । ଏକ୍କାଗାଡ଼ିର ଚାଳକ—
इक्कावाला 2. The driver of an ekkā-cart

ଏକ୍ଷଣ—ଦେ. କ୍ରି. ବିଣ. ( ସଂ. ଏତତ୍‌କ୍ଷଣ )—
Ekshaṇa ୧ । ଏହି ମୁହୂର୍ତ୍ତରେ—
একখুনি; এখুনি; এখন 1. At this moment; just
अभी now; at the present moment
୨ । ବର୍ତ୍ତମାନ—2. Now; at present.

ଏକ୍ଷଣି—ଦେ. କ୍ରି. ବିଣ—ଏକ୍ଷଣ ( ଦେଖ )—
Ekshaṇi Ekshaṇa ( See )

ପଣ୍ଡବେ ସଙ୍ଗତ ଭୋଗ ଲାଗିବେ ଏକ୍ଷଣି—
ସାରଳାମହାଭାରତ, ସ୍ୱର୍ଗ ।

ଏକ୍ଷଣିକା—ଦେ. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshaṇikā Ekshaṇa ( See )

ଏକ୍ଷଣେ—ଦେ. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshaṇe Ekshaṇa ( See )

ଏକ୍ଷିଣା—ଗ୍ରା. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshiṇā Ekshaṇa ( See

ଏକ୍ଷିଣି—ଗ୍ରା. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshiṇi Ekshaṇa ( See )

ଏକ୍ଷିଣିକା—ଗ୍ରା. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshiṇikā Ekshaṇa ( See )

ଏକ୍ସ୍‌ଟେନ୍‌ସନ୍—ବୈଦେ. ବି. ( ଇଂ. ଏକ୍ସଟେନ୍‌ସନ୍ )—୧ । କର୍ମଚ୍ୟୁତ
Ekstensan ପ୍ରଥମେ ଗ୍ରହଣ କରିଥିବା ଛୁଟି ଦିବସର ବୃଦ୍ଧି—
এক্সটেন্সন 1. Extension of a leave.
एक्सटेंसन ୨ । ନିର୍ଦ୍ଦିଷ୍ଟ ସଂଖ୍ୟକ ବର୍ଷ କାର୍ଯ୍ୟ କରିବା ପରେ ପେନ୍‌ସନ୍ ନେବାର ଉପଯୁକ୍ତ ସମୟ ଉପସ୍ଥିତ ହୋଇଥିଲେ ମଧ୍ୟ ଯେଉଁ କର୍ମଚାରୀଙ୍କର କାର୍ଯ୍ୟ କରିବାର ଶକ୍ତି ଅକ୍ଷୁଣ୍ଣ ଥିବାରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କର କାର୍ଯ୍ୟ କାଳର ପରିବର୍ଦ୍ଧନ—
2. Extension of service.

ଏକ୍ସ୍‌ଟ୍ରା—ବୈଦେ. ବିଣ (ଇଂ. ଏକ୍ସ୍‌ଟ୍ରା ) ଅତିରିକ୍ତ—Extra.
Ekstrā [ ଦ୍ର—ଏହା ଅନ୍ୟ ଇଂରାଜି ଶବ୍ଦ ସଙ୍ଗେ ଲାଗେ
একস্ট্রা ଯଥା—ଏକ୍ସ୍‌ଟ୍ରା ଅସିଷ୍ଟାଣ୍ଟ୍ କମିସ୍‌ନର । ]
एकस्ट्रा

ଏକ୍ସ୍‌ଟ୍ରିମିଷ୍ଟ—ବୈଦେ. ବିଣ. ( ଇଂ ).—ରାଜନୀତି ସମ୍ବନ୍ଧେ ଉଗ୍ରପନ୍ଥୀ;
Ekstrimist ଚରମପନ୍ଥୀ—Extremist in politics.
এক্সট্রিমিষ্ট
एक्सट्रिमिष्ट

ଏକ୍ସ୍‌ପ୍ରେସ୍—ବୈଦେ. ବି. (ଇଂ)—୧ । ସାଧାରଣ ରେଲଗାଡ଼ି ଅପେକ୍ଷା
Ekspres ଦ୍ରୁତତର ଗତି କରିବା ରେଲଗାଡ଼ି ( ଯଥା—ପୁରୀ
এক্সপ্রেস ଏକ୍ସପ୍ରେସ୍; ପାର୍ସେଲ୍ ଏକ୍ସ୍‌ପ୍ରେସ୍ )—
एक्सप्रेस 1. Express-train.
୨ । ସାଧାରଣ ଟେଲିଗ୍ରାମ୍ ଅପେକ୍ଷା ଶୀଘ୍ର ପଠାଯିବା—
ଟେଲିଗ୍ରାମ୍—2. Express-telegram.
୩ । ସାଧାରଣ ଚିଠି ଅପେକ୍ଷା ଜରୁର ସରକାରୀ ଚିଠି—
3. Express letter.

ଏକ୍ସ୍‌ରେ—ବୈଦେ.ବି. (ଇଂ)—ରସାୟନିକ ପ୍ରକ୍ରିୟା ଦ୍ୱାରା ଅବଗତ ଏକ
Eksre ପ୍ରକାର ନୂତନ ଆଲୋକ ରଶ୍ମି ଯାହା ସାହାଯ୍ୟରେ ଅସ୍ୱଚ୍ଛ ଦ୍ରବ୍ୟର ଅନ୍ତଃସ୍ଥଳ ଦେଖାଯାଏ—XRay.

ଏକ୍‌ସର୍‌ସାଇଜ୍—ବୈଦେ. ବି. ( ଇଂ. ଏକ୍‌ସର୍‌ସାଇଜ୍ )—
Eksarsāij ୧ । ଅନୁଶୀଳନ; ପାଠାଦିର ଅଭ୍ୟାସ—1. Exercise.
এক্সরসাইজ ୨ । ବ୍ୟାୟାମ; ଅଙ୍ଗଚାଳନା—
एक्सरसाइज 2. Physical exercise.

ଏକ୍ସା—ବୈଦେ. ବି. (ଇଂ)—( ଫ୍ରାନ୍ସ ଦେଶର ମଦ୍ୟ ପ୍ରସ୍ତୁତକାରୀ ଜଣେକ
Eksā ବ୍ୟକ୍ତିଙ୍କ (Exshaw) ନାମରୁ ) ଫ୍ରାନ୍ସ ଦେଶରେ
এক্সা ତିଆରି ଉତ୍କୃଷ୍ଟ ବ୍ରାଣ୍ଡି—Exshaw; French wine,
एक्सा
[ ଦ୍ର—ଉକ୍ତ ବର୍ଣ୍ଣ ନମ୍ବର ଅନୁସାରେ ଏକ୍ସାର ଉଚ୍ଚ ନୀଚ ପ୍ରକାର ଚିହ୍ନିତ ହୁଏ, ଯଥା—ତେଷା ନମ୍ବର ୱାନ୍ ]

ଏକ୍ସାଇଜ୍ (ଇତ୍ୟାଦି) ବୈଦେ. ବି—ଏକ୍‌ସାଇଜ୍ ଇତ୍ୟାଦି (ଦେଖ)
Eksāij (etc) Eksāij etc (See)

ଏଖ୍‌ତାର୍ (ଇତ୍ୟାଦି)—ବୈଦେ. ବି ( ଅ. ଏଖ୍‌ତାର୍ )—
Ekhtār (etc.) ଅକ୍ତିଆର୍ ଇତ୍ୟାଦି (ଦେଖ)
Aktiār etc ( See )

ଏଖ୍‌ତାରି—ବୈଦେ. ବିଣ (ଅ. ଏଖ୍‌ତାର)—ଅକ୍ତିଆରି (ଦେଖ)
Ekhtāri Aktiāri (See)

ଏଖ୍‌ତିଅର୍ ଇତ୍ୟାଦି)—ବୈଦେ. ବି ( ଅ. ଏଖ୍‌ତାର୍ )—
Ekhtiār (etc) ଅକ୍ତିଅର୍ ଇତ୍ୟାଦି (ଦେଖ)
Aktiār etc (See)

ଏଖ୍‌ତିଅରନାମା—ବୈଦେ. ବି—( ଅ. ଏଖ୍‌ତିଅର୍ ନାମାହ୍ )—
Ekhtiarnāmā ଅକ୍ତିଅରନାମା (ଦେଖ)
Aktiarnāmā (See)

| ୧ | ଇ | ଈ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଛ | ଇଯ | ଇଥ | ଡ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଳୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଡ | ଢ | ହ୍ |

ଏଖ୍ତିଆରି—ବୈଦେ ଵଣ ( ଅ. ଏଖ୍ତିଆର )—ଅକ୍ତିଆରି ( ଦେଖ )
Ekhtiārī Aktiārī ( See )

ଏଖନି—ବୈଦେ. ବ (ଅ)—ପୋଲାଓ ପାଇଁ ଚାଉଳ ସିଦ୍ଧ କରିବା ନିମନ୍ତେ ମସଲାମିଶ୍ରିତ ସିଦ୍ଧ ଜଳ—Water boiled with spices prepared for boiling pilau.
Ekhni
একনী
एखनी

ପ୍ରାଦେ ( ସମ୍ବଲପୁର ) ଅ—୧ । ଏହିକ୍ଷଣି—1. Just now.
୨ । ବର୍ତ୍ତମାନ—2. Now; at present.

ଏଖରଜାତ୍ ଖର୍ଚ୍ଚ ମାହାଲ ବୈଦେ. ବ (ଅ)—
Ekharājāt kharchcha māhāla ଏଇଖରଜାତ୍ ଖର୍ଚ୍ଚ-ମାହାଲ (ଦେଖ)
Eikharājāt kharchcha māhāla (See

ଏଗାର—ଦେ. ବ (ସଂ. ଏକାଦଶ)—୧ । ଦଶରୁ ଏକ ଅଧିକ ସଂଖ୍ୟା; ୧୧ ସଂଖ୍ୟା—1. The number. 11.
Egāra
এগার
इगयारह

୨ । ଏକାଦଶାହ (ଦେଖ)—2. Ekadaśāha (See)

ଦେ. ବଣ—୧୧ ସଂଖ୍ୟକ—Numbering 11..
୧୧ସଂଖ୍ୟାର ପୂରଣ—Eleventh.

ଏଗୁଡ଼ା—ଦେ. ସର୍ବ. (ଅନାଦରାର୍ଥକ)—ଏ ପଦାର୍ଥ ବା ବ୍ୟକ୍ତିଗଣ—These.
Egurdā
এগুলা

ଏଗୁଡ଼ାକ—ଦେ. ସର୍ବ. (ଅନାଦରାର୍ଥକ)—ଏଗୁଡ଼ା (ଦେଖ)
Egurdāka Egurdā (See)

ଏଗୁଡ଼ି—ଦେ. ସର୍ବ (ଆଦରାର୍ଥକ)—ଏ ବସ୍ତୁ ବା ବ୍ୟକ୍ତିମାନ—These
Egurdi
এগুলি

ଏଗୁଡ଼ିକ—ଦେ. ସର୍ବ (ଆଦରାର୍ଥକ)—ଏଗୁଡ଼ି (ଦେଖ)
Egurdika Egurdi (See)

ଏଗୁମତିଦିଗୁମତି—ପ୍ରାଦେ (ଗଞ୍ଜାମ) (ସହରର) ବ—ଆମଦାନି ଓ ରପ୍ତାନି—Import and export.
Egumatidigumati

ଏଗ୍ରିମେଣ୍ଟ୍—ବୈଦେ. ବ ( ଇଂ. ଏଗ୍ରିମେଣ୍ଟ୍ )—୧ । ଚୁକ୍ତିପତ୍ର—1 Deed of agreement.
Egriment
এগ্রিমেন্ট
इग्रिमिंट

୨ । ସମ୍ମତି—2. Consent; agreement.

ଏଘାନ୍ତି—ଦେ. ଅ (ସଂ. ଏତଦ୍ ଓ ଘାତ)—
Eghānti

୧ । ଏଥରକ—1. This time.

> କୂଳକୁ ଗୃହ କେ ବୋଲନ୍ତି,
> ମରଣ ହୋଇବ ଏ ଘାନ୍ତି—ଜଗନ୍ନାଥ, ଭାଗବତ ।

୨ । ଏକ୍ଷଣେ; ବର୍ତ୍ତମାନ—2. Now

ଏଘିନି—ଗ୍ରା. ଅ—୧ । ଏହିହେତୁରୁ; ଏଥିଲାଗି—1. For this reason.
Eghini
এজন্যে
इसलिये

୨ । ଏହିଯୋଗୁଁ—2. Owing to this.

ଏଘେନି—ଦେ ଅ—ଏଘିନି (ଦେଖ)
Egheni Eghini (See)

> ଏ ଘେନି ହୋଇ ଏକମନ,
> ଭବେ ତୋଷିବ ଭଗବାନ—ଜଗନ୍ନାଥ, ଭାଗବତ ।

ଏଙ୍କର—ବୈଦେ. ବ (ଇଂ. ଏକର୍)—ଏକର୍ (ଦେଖ)
Eṅkara Ekar (See)

ଏଛନି—ପ୍ରାଦେ (ସମ୍ବଲପୁର) ଅ. (ସଂ. ଏତଦ୍ ଓ କ୍ଷଣ)—ଏହିକ୍ଷଣି; ବର୍ତ୍ତମାନ—Just now.
Echhani

ଏଛିଣି—ଗ୍ରା. ଅ—ଏକ୍ଷଣି (ଦେଖ)
Echhiṇi Ekshaṇi (See)

ଏଛିଣିକା—ଗ୍ରା. ଅ—ଏକ୍ଷଣିକା (ଦେଖ)
Echhiṇikā Ekshaṇikā (See)

ଏଛୁଣି—ଗ୍ରା. ଅ—ଏକ୍ଷଣି ( ଦେଖ )
Echhuṇi Ekshaṇi ( See )

ଏଛୁଣିକା—ଗ୍ରା. ଅ—ଏକ୍ଷଣିକା ( ଦେଖ )
Echhuṇikā Ekshaṇikā ( See )

ଏଛେନ୍—ପ୍ରାଦେ. ( ସମ୍ବଲପୁର ) ଅ—ଏହିକ୍ଷଣି, ବର୍ତ୍ତମାନ—Just now.
Echhen

ଏଛେନି—ପ୍ରାଦେ. ( ସମ୍ବଲପୁର ) ଅ—ଏହିକ୍ଷଣି; ବର୍ତ୍ତମାନ—Just now.
Echheni

ଏଜ୍ ( ଧାତୁ )—ସଂ—କମ୍ପିବା—To shake; to tremble.
Ej ( root )

ଏଜମାନି—ପ୍ରାଦେ. ( ଗଞ୍ଜାମ ) ବ.—ଉପରସ୍ଥ ହାକିମ—Higher officer.
Ejmāni

ଏଜଲାସ୍—ବୈଦେ. ବ—ଏଜଲାସ୍ ( ଦେଖ )
Ejlās Ejalās ( See )

ଏଜହାର୍—ବୈଦେ. ବ ( ଅ. ଇଜହାର )—
Ejhār
এজহার
इजहार

୧ । ରାଜପୁରୁଷଙ୍କ ନିକଟ ଦିଆଯିବା ମକଦ୍ଦମା ସମ୍ବନ୍ଧେ ମୌଖିକ ସମ୍ବାଦ; ଏତଲା—1 Information given to a publie servant; declaration made before a public servant.

୨ । ଏତଲା; ପୁଲିସ ଥାନାରେ ଦିଆଯିବା ଅପରାଧ ସମ୍ବନ୍ଧେ ପ୍ରଥମ ସମ୍ବାଦ—2. First information of an offence lodged at the police station

ଏଜହାର୍ କରିବା—ଦେ. କ୍ରି—ଏଜହାର ଦେବା ( ଦେଖ )
Ejhār kariba Ejhār debā ( See )

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଜାଉ' କୁ ନ ମିଳିଲେ 'ଯାଉ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧ୍' ନ ପାଇଲେ 'ବଧ୍' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳକଳ' ନ ପାଇଲେ 'ଅଳକ୍ତ' ଦେଖିବେ

ଏଜ୍‌ହାର୍ ଦେବା—ଦେ. କ୍ରି—୧ । ସରକାରୀ କର୍ମଚାରୀଙ୍କ ନିକଟ
Ejhār debā ମୌଖିକ କୌଣସି ସଂବାଦ ଦେବା—
এজহার দেনা 1. To give verbal information to
इजहार देना or make a declaration before a public servant.

୨ । ଥାନାରେ ଅପରାଧର ପ୍ରଥମ ସମ୍ବାଦ ବା ଏତଲା ଦେବା-
2. To lodge the first information of an offence at the police station.

ଏଜ୍‌ହାର୍ ନେବା—ଦେ. କ୍ରି—( ସରକର୍ମଚାରୀ ) କୌଣସି ବ୍ୟକ୍ତିର
Ejhār nebā ପ୍ରଦତ୍ତ ସମ୍ବାଦ ଗ୍ରହଣ କରିବା ବା ମୁହଁରେ
এজহার লওয়া କହିବା ସମ୍ବାଦ ଲେଖିନେବା—
इजहार लेना
( a public servant ) To take down in writing a statement or declaration or deposition of a person.

ଏଜନ୍—ଦେ. ସର୍ବନାମ ଓ ବି.—ଏ; ଏହା; ଏହି; ଉପରୋକ୍ତ ବିଷୟ—
Ejan This; the same; ditto.
এজন
वही

ଏଜନ—ସଂ. ବି. ( ଏଜ ଧାତୁ=କମ୍ପନ+ଅନ )—
Ejana ୧ । କମ୍ପନ—1. Shaking
୨ । ଉତ୍ତେଜନ—2. Excitement.
ଦେ. ସର୍ବନାମ ଓ ବି—ଏଜନ୍ ( ଦେଖ )
Ejan ( See )

ଏଜଲାସ୍—ବୈଦେ. ବି. ( ଅ. ଇଜ୍‌ଲାସ୍ )—
Ejalās ୧ । ଧର୍ମାଧିକରଣ; ବିଚାରପତିଙ୍କ ବୈଠକ ସ୍ଥାନ—
এজলাস 1. Court; the seat of the Judge,
इजलास ୨ । ମିସଲ; ହାକିମଙ୍କ ବସିବାର ଗାଦି—
2. Missal; a raised platform for the presiding officer of a Court

ଏଜାତି—ଦେ, ବିଣ. ଓ କ୍ରି. ବିଣ. ( ସଂ. ଏତତ୍ ଓ ଜାତି )—
Ejāti ୧ । ଏହିପରି—1. Like this; such.
এজাতি ୨ । ଏହି ପ୍ରକାରର—2 Similar to this, of
एसा this nature; belonging to this class
( ଅରଜାତି—ରୂପାନ୍ତର ) ୩ । ଏହି ଶ୍ରେଣୀର; ଏତଦ୍ଜାତୀୟ—
3. Such; in this wise; in this manner; of this class; in this way; similarly.

ଏଜାତିଆ—ଦେ ବିଣ. ଓ କ୍ରି. ବିଣ—ଏଜାତି ( ଦେଖ )
Ejātiā Ejāti ( See )

ଏଜାତିକା—ଦେ. ବିଣ. ଓ କ୍ରି. ବିଣ—ଏଜାତି ( ଦେଖ )
Ejātikā Ejāti ( See )

ଏଜାତିକିଆ—ଦେ. ବିଣ. ଓ କ୍ରି. ବିଣ—ଏଜାତି ( ଦେଖ )
Ejātikiā Ejāti ( See )

ଏଜେଣ୍ଟ୍—ବୈଦେ. ବି. (ଇଂ. ଏଜେଣ୍ଟ୍ )—ଗୁମାସ୍ତା; ତହସିଲ୍‌ଦାର—
Ejeṇṭ Agent.

ଏଜେଣ୍ଟପ୍ରଭୋକେଟର୍—ବୈଦେ. ବି. (ଇଂ. ଏଜେଣ୍ଟ୍ ପ୍ରଭୋକେଟର୍)—
Ejeṇṭprabhokeṭar ଯେଉଁ ଗୁଇନ୍ଦା ଅପରାଧୀ ସଙ୍ଗେ ମିଶି ଅପରାଧ କରିବାକୁ ତାକୁ ମତାଏ—
An agent provocator.

ଏଝାର୍ (ଇତ୍ୟାଦି)—ବୈଦେ. ବି. ( ଅ. ) ଏଜ୍‌ହାର୍ ଇତ୍ୟାଦି (ଦେଖ)
Ejhār (etc) Ejhār etc ( See )

ଏଠଉଁ—ଦେ. ଅ.—ଏସ୍ଥାନରୁ—
Eṭhauñ From this place; hence.
এখান্থেকে
यहाँसे

ଏଠଉଁ ସେଠଉଁ—ଦେ. ଅ—ଏଠାରୁ ସେଠାରୁ; ଅନିର୍ଦ୍ଦିଷ୍ଟ ସ୍ଥାନରୁ—
Eṭhauñ seṭhauñ From here and t ere; from various places.
এখানথেকে ওখানথেকে
यहाँसे वहाँसे

ଏଠା—ଦେ. ବି. ( ସଂ. ଏତତ୍ ସ୍ଥାନ )—ଏ ସ୍ଥାନ—
Eṭhā This place; this locality.
এথা; হেথা ଦେ. ବିଣ—ଏ ସ୍ଥାନର—Of this place;
यहाँ local; belonging to this locality.
(ସେଠା—ରୂପାନ୍ତର)

ଏଠାଇଁ—ଦେ. ଅ—ଏହି ସ୍ଥାନରେ—Here; at this place.
Eṭhāiñ
এথায়; হেথায়
यहाँ

ଏଠାଇଁ ସେଠାଇଁ ହେବା—ଦେ. କ୍ରି—ଅସ୍ଥିର ହେବା—To move
Eṭhāiñ seṭhāiñ hebā about; to be restless.
হেথায়সেথায় হওয়া
यहाँवहाँ होना

ଏଠାକା—ଦେ. ବିଣ—୧ । ଏହି ସ୍ଥାନର—1 Of this place.
Eṭhākā ୨ । ଏହି ସ୍ଥାନୀୟ—2 Belonging to
হেথাকার this place; local.
यहाँका

ଏଠାକାର—ଦେ. ବିଣ—ଏଠାକା (ଦେଖ)
Eṭhākāra Eṭhākā (See)

ଏଠାକୁ—ଦେ. ଅ—ଏ ସ୍ଥାନକୁ—To this place; here.
Eṭhāku
হেথায়
इधर

ଏଠାୟେ—ଦେ. ଅ—ଏଠାକୁ—Here.
Eṭhāye ମୋ ଅଙ୍ଗେ ପ୍ରଶ୍ୟାତ ପାଇଁ ଅସିଲୁ ଏଠାୟେ—ପ୍ରାଚୀ. ରସବାରିଧି

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଃ • | ଏ | ତସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଠ | ଶ,ଷ | କ୍ଷ | ଧ୍ୟ | ଢ଼ଥ | ଞ |
| ୬ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଋଥ | ଷ୍ଣ | ଜ୍ |

ଏଠାରୁ—ଦେ. ଅ—ଏହି ସ୍ଥାନରୁ—From this place; hence
Eṭhāru
হেথাথেকে ସ୍ୱଜନ ଏଠାରୁ ହେଲ ମୋ ଦୁଃଖ ମୋଚନ।
यहाँसे ନନ୍ଦକଶୋର. ସୀତାବନବାସ।

ଏଠାରେ—ଦେ. ଅ (ସଂ. ଏତଦ୍ ସ୍ଥାନେ)—୧। ଏହି ସ୍ଥାନରେ—
Eṭhāre 1. In this place; here.
হেথায় ୨। ଏହି ସ୍ଥଳରେ—2. At this stage;
यहाँ in this matter.

ଏଠାସେଠା—ଦେ. ବ—୧। ଏ ସ୍ଥାନ ସେ ସ୍ଥାନ—
Eṭhāseṭhā 1. Hither and thither.
ইধর উধর ୨। କାର୍ଯ୍ୟେଶୃଙ୍ଖଳା; କର୍ତ୍ତବ୍ୟ ସ୍ଥିରର ଅଭାବ; ସ୍ଥିରଭାବ
হেথাসেথা ଅଭାବ—2. Restlessness; unstability.
यहाँवहाँ ୩। ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ବା ଚଳନ—
3. Moving from one place to another.
ଦେ. ବଣ—୧। ଅସଂନ୍ୟସ୍ତ—1. Now here now there; pelmel.
୨। ଅବନ୍ୟସ୍ତ—2. Scattered here and there.
୩। ଚଞ୍ଚଳ; ଅସ୍ଥିର—3. Restless; unsettled
୪। ସ୍ଥାନଭ୍ରଷ୍ଟ—4. Displaced.

ଏଠାସେଠା କରିବା—ସଂ. କ୍ରି—୧। ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା—
Eṭhāseṭhā kariba
হেথাসেথা করা 1 To remove from one place
इधरउधर करना to another.
୨। ଗୋଳମାଳ କରିବା—
2. To create confusion.

ଏଠାସେଠା ହେବା—ସଂ. କ୍ରି—୧। ଅସ୍ଥିର ହେବା—
Eṭhāseṭhā hebā 1. To be moving about.
হেথাসেথাহওয়া ୨। ଏକସ୍ଥାନରେ ସ୍ଥିର ହୋଇ ନ ରହିବା—
इधरउधरहोना 2. Not to stay at one fixed place; not to have a fixed abode.

ଏଠି—ଦେ. ବ—(ସଂ. ଏତଦ୍ ସ୍ଥାନ)—ଏ ସ୍ଥାନ; ଏଠା—
Eṭhi This place.
হেথায় ଦେ. କ୍ରି. ବଣ—ଏ ସ୍ଥାନରେ; ଏହିଠାରେ—
यहाँ Here; in this place.

ଏଠିଁ—ଦେ. ବ. ଓ କ୍ରି. ବଣ—ଏଠି (ଦେଖ)
Eṭhin̐ Eṭhi (See)

ଏଠିକା—ଦେ. ବଣ—ଏ ସ୍ଥାନର; ଏଠାକାର; ସ୍ଥାନୀୟ—
Eṭhikā Of this place; local.
হেথাকার
यहाँका

ଏଠିକାର—ଦେ. ବଣ—ଏଠିକା (ଦେଖ)
Eṭhi kāra Eṭhikā (See)

ଏଠିସେଠି (ଇତ୍ୟାଦି)—ଦେ. ବ. ଓ ବଣ—
Eṭhiseṭhi etc ଏଠାସେଠା (ଇତ୍ୟାଦି) (ଦେଖ)
Eṭhāseṭhā etc. (See)

ଏଠୁ—ଦେ. ଅ—ଏହି ସ୍ଥାନରୁ; ଏଠାରୁ—
Eṭhu From here; hence; from this place
হেথাথেকে
यहाँसे

ଏଠୁଁ—ଦେ. ଅ—ଏଠୁ (ଦେଖ)
Eṭhun̐ Eṭhu (See)

ଏଠେଇ—ଦେ. ଅ (ସଂ. ଏତଦ୍ ସ୍ଥାନେ. Beams)—
Eṭhei ୧। ଏଠାରେ—1. Here; in this place.
হেথায় ୨। ଏସ୍ଥାନରେ—2. At this place.
यहाँ ୩। ଏ ପ୍ରସଙ୍ଗରେ—3. In this matter; regarding this subject.

ଏଠେଇଁ—ଦେ. ଅ—ଏଠେଇ (ଦେଖ)
Eṭhein̐ Eṭhei (See)

ଏଠେଇଁସେଠେଇଁ ହେବା—ଦେ. କ୍ରି—ଏଠାସେଠା ହେବା (ଦେଖ)
Eṭhein̐seṭhein̐ hebā Eṭhāseṭhā hebā (See)

ଏଡ଼—ସଂ. ବଣ. ପୁଂ (ଇଲ୍ ଧାତୁ=କ୍ଷେପଣ କରିବା+ଅ)—ବଧିର; କାଲ—Short of hearing; deaf.
Erḍa
(ଏଡ଼ା—ସ୍ତ୍ରୀ) ସଂ. ବ. ପୁଂ—ମେଣ୍ଢା—Sheep.

ଏଡ଼କ—ସଂ. ବ. ପୁଂ (ଇଲ୍ ଧାତୁ=ଗମନ କରିବା+କର୍ତ୍ତୃ. ଅକ)—
Erḍaka ୧। ମେଣ୍ଢା—1. Sheep; ram.
(ଏଡ଼କା—ସ୍ତ୍ରୀ) ୨। ବନ୍ୟ ଛାଗ—2. Wild goat

ଏଡ଼ଗଜ—ସଂ ବ—ଚକୁଣ୍ଡା (ଗଛ) (ଦେଖ)
Erḍagaja Chākunḍā (tree) (See)

ଏଡ଼ମୂକ—ସଂ. ବଣ. ପୁଂ (ଦ୍ୱନ୍ଦ୍ୱ; ଏଡ଼+ମୂକ)—ବଧିର ଏବଂ ମୂକ—
Erḍamūka Both deaf and dumb.

ଏଡ଼ା—ଦେ. ବ—୧। ତ୍ୟାଗ; ବର୍ଜନ—
Erḍā 1. Leaving; giving up.
এড়ান ୨। ଅବମାନନା—2. Disregard.
लाँघना ୩। ଅଦେଶ ଲଙ୍ଘନ—
3. Transgression; disobeying.

ଏଡ଼ାଇବା—ଦେ. କ୍ରି—ଏଡ଼ିବାର ଣିଜନ୍ତ ରୂପ—
Erḍaibā Causative form of Erḍibā.

ଏଡ଼ାଏଡ଼ି—ଦେ. ବ—୧। ବହୁବାର ଅଦେଶ ଲଙ୍ଘନ—
Erḍāerḍi 1. Transgression; repeated disobedience of order.
এড়াএড়ি
୨। ଅବମାନନା—2. Disregarding; slighting.

ସାଧାରଣଙ୍କେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା— ଗାଠ' ନ ମିଳିଲେ 'ଗାଣ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ ଅଲ୍ପବଢ଼ ଦେଖିବେ ।

**ଏଡ଼ି**—ଦେ. ବି (ସଂ. ଅଂଘ୍ରି. Beams)—
Erdi ୧ । ଗୋଡ଼ର ଗୋଇଠି—
এড়ি 1. The heel of the foot.
एड़ि; एड़ ୨ । ଜୋତାର ଗୋଇଠି ତଳର ଅଂଶ—
2. The heel of the shoe.
୩ । ଗୋଇଠି ଦ୍ୱାରା ଆଘାତ—
3. Blow given by the heel.
୪ । ଏଣ୍ଡି (ଦେଖ)—4. Endi (See)

**ଏଡ଼ିକି**—ଦେ. ବଣ ( ସଂ. ଏତାଦୃଶ )—୧ । ଏତେ ବଡ଼—
Erdiki 1. So large.
এতবড় ୨ । ଏହି ଆକାରର—
एताबड़ा 2. Of this dimension.
ମେରୁ ଏଡ଼ିକି ବୋଲି ଜଡ଼ ଦେଖାଇ—ଉଷା. ସ୍ୱୟମ୍ବରା ।
୩ । ଏହିପ୍ରକାରର—3. Of this kind.
ଦେ. କି. ବଣ—ଏଡ଼େ; ଏତେ ପରିମିତ—
So largely; such.

**ଏଡ଼ି ବସାଇବା**—ଦେ. କି—ଗୋଇଠିର ଅଗ୍ରଦ୍ୱାରା ଚିପିବା—
Erdi basāibā To press with the heels.
এড়িবসান
एड़िबिठाना

**ଏଡ଼ିବା**—ଦେ. କି—୧ । ପରିହାର କରିବା; ଛାଡ଼ିବା; ତ୍ୟାଗ କରିବା—
Erdibā 1. To get rid of; to shun; to avert.
এড়া କାମ କ୍ରୋଧ ଏ ସଂସାର ପୂର୍ଣ୍ଣ କରନ୍ତି
लाँघना ଏହାକୁ ଏଡ଼ିଲେ ଯୋଗେ ମୁକ୍ତି ବାଞ୍ଛ ବନ୍ତି ।
ସାରଳାମହାଭାରତ. ଗ୍ରାମ୍ୟ ।
୨ । ପଳାଇଯିବା—
2. To escape from.
୩ । ଅତିକ୍ରମ କରିବା; ଲଙ୍ଘନ କରିବା—
3. To pass over; to transgress; to go past without touching or meeting.
ଶ୍ରୀରାମଚନ୍ଦ୍ରଣ ଅବଲୋକନରେ ଜନ୍ମ ମୃତ୍ୟୁ ଏଡ଼ନ୍ତି ସେ ଜନ୍ତୁ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।
୪ । ( ଅଦେଶ ) ଅମାନ୍ୟ କରିବା—4. To disobey.
୫ । ଅବଜ୍ଞା କରିବା—5. To disregard
୬ । ( ବାଣ, ଶର ) ପ୍ରୟୋଗ କରିବା; ଲକ୍ଷ୍ୟବସ୍ତୁ ଆଡ଼କୁ ବାଣ ମାରିବା—6. To throw or fling an arrow towards a target.
କାଳ ସର୍ପାକୃତ ଶର ଏଡ଼ିଲ ସେ ମୁଦ୍ରେ । ସ୍ୱାମୀନାଥ—ରଘୁପତିସହ ଯୋଗ ।
୭ । ଅଡ଼ିବା; ଖେଳରେ ପଣ ବା ବାଜି ରଖିବା—
7. To lay as a wager
ମୁରୁ ବୋଲେ ଭଲ ସବୁ ଦ୍ରବ୍ୟ କଲ ଅଡ଼
ଏ ନେହର ଦ୍ରବ୍ୟକୁ ତୋ ସୁଧମିକୁ ଏଡ଼ । ପୀତାମ୍ବର. ନୃସିଂହପୁରାଣ ।

**ଏଡ଼ିମାରିବା**—ଦେ. କି. (ଘୋଡ଼ା ଉପରେ ଚଢ଼ି ଘୋଡ଼ାର କଡ଼କୁ)—
Erdimāribā ଗୋଇଠି ଦ୍ୱାରା ଆଘାତ କରିବା—
এড়িমারা To kick or give blows with the heels.
एड़िमारना

**ଏଡ଼ୁକ**—ସ. ବି. (ଇଡ଼ ଧାତୁ = ସ୍ତୁତ କରିବା; ପୂଜା କରିବା + ଅଧିକରଣ + ଉକ)—
Erduka ୧ । କବର; ସମାଧି; ଶ୍ମଶାନଚୈତ୍ୟ—
1. A tomb; a repository for the bones of the deceased
୨ । ପୂଜାଯୋଗ୍ୟ ବସ୍ତୁପୂର୍ଣ୍ଣ ବୌଦ୍ଧସ୍ତୂପ ବା ଚୈତ୍ୟ—
2 A Buddhistic sanctuary filled with sacred relics.
୩ । ଭିତ୍ତି; ମୂଳଦୁଆ—3. Foundation wall
୪ । ହିଂସା—4. Spite; malice.
୫ । ସମାଧି ମନ୍ଦିର—5. A memorial-temple built over the ashes or remains of a dead person.

**ଏଡ଼ୂକ**—ସଂ. ବି. ( ଇଡ଼ ଧାତୁ + ଊକ )—ଏଡ଼ୁକ ( ଦେଖ )
Erdūka Erduka ( See )

**ଏଡ଼େ**—ଦେ. ବଣ ଓ ବଣର ବଣ ( ସଂ. ଈଦୃଶ )—ଏତେ ପରିମାଣର;
Erde ଏପରି ଆକୃତିବିଶିଷ୍ଟ—Of such dimensions; suchlike; of this size
এতবড়
एताबड़ा ମୋ ଥିବାଠାରେ ତୁମ୍ଭେ ଏଡ଼େ ଅଣ୍ଡ କଥା
କହୁଛ କର୍ପା ଲାଜ ଛାଡ଼ି ଉପୁଜ ବ୍ୟଥା ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।
ଦେ. କି. ବଣ—ଏତେ ପରିମାଣରେ—So much; such.

**ଏଡ଼େଇବା**—ଦେ. କି—ଏଡ଼ାଇବା ( ଦେଖ )
Erdeibā Erdāibā ( See )

**ଏଡ଼େଉଁ ଏଡ଼େ କରିବା**·ଦେ.କି—ଶିଶୁକାଳରୁ ଶିଶୁକୁ ପାଳି ବଢ଼ାଇବା-
Erdeuñ erde karibā To bring up a child.
এতবড়থেকে এতবড়করা
एताबड़ासेएताबड़ाकरना

**ଏଡ଼େକ**—ଦେ. ପଦ୍ୟ. ବଣ ଓ ବଣର ବଣ—ଏଡ଼େ ( ଦେଖ )
Erdeka Erde ( See )
ଏମନ୍ତ ଦେଖିଣ ରାମ୍ଭ ଚେତିଲେକ ଶାପ
କିନ୍ତୁ ଅଜାଣେ କଲ ଏଡ଼େକ ପାପ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଏଡ଼େଠାଉଁ ଏଡ଼େ କରିବା**—ଦେ.କି—ଏଡ଼େଉଁ ଏଡ଼େ କରିବା (ଦେଖ)
Erdethauñ erde karibā Erdeuñ erde karibā (See)

**ଏଡ଼େବଡ଼**—ଦେ. ବଣ. (ସ. ଈଦୃଶ ଓ ବୃହତ୍)—ଏଡ଼େ ବୃହତ୍—
Erdebarda So large.
এতবড়
एताबड़ा

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଙ୍ଖ | ଇଥ | ଓ | ଢ଼ |

ଏଡ଼େରୁ ଏଡ଼େ କରିବା—ଦେ. କ୍ରି—୧ । ସାହାଯ୍ୟ କରି କୌଣସି
Erderu erde kariba ଲୋକକୁ ଅତି ନଗଣ୍ୟ ଅବସ୍ଥାରୁ ଉନ୍ନତ ଅବସ୍ଥାକୁ ଆଣିବା—
1 To improve another person's condition by repeated help.
୨ । ଏଡ଼େଉଁ ଏଡ଼େ କରିବା ( ଦେଖ )
2. Erdeuñ erde kariba ( See )

ଏଡ଼େରୁ ଏଡ଼େ ହେବା—ଦେ. କ୍ରି—୧ । ଅତି ସ୍ଥାନ ନଗଣ୍ୟ ଅବସ୍ଥାରୁ
Erderu erde heba ଉନ୍ନତ ଅବସ୍ଥାକୁ ଆସିବା—
1. To rise high up from a mean position
୨ । ଶିଶୁ ଅବସ୍ଥା ଲଙ୍ଘନ କରି ବଡ଼ ହେବା—
2. To grow older after one's childhood.

ଏଡ଼ୋକ—ସଂ. ବ—ଏଡ଼ୁକ ( ଦେଖ )
Erdoka Erduka ( See )

ଏଣ—ଦେ. ସର୍ବନାମ—୧ । ଏହି ସ୍ଥାନ—
Ena 1. This place.
এখান ୨ । ଏହି ଅଞ୍ଚଳ—
इसआर 2. This quarter.
ଦେ. ବିଣ—ଏଠାକାର; ଏହି ଅଡ଼ର; ଏହି ଅଞ୍ଚଳର—
এখানকার Belonging or appertaining to this
इसओरको place or quarter.
ଦେ. (ପ୍ରାଚୀନ ସାହିତ୍ୟ)—ବିଭକ୍ତିର ଚିହ୍ନରୂପ ବିଶେଷ୍ୟ ପରେ ଲାଗେ—An inflection added to nouns to denote the 3rd, 5th and 7th cases.
(ଯଥା—୩ୟା ବିଭକ୍ତି ଚିହ୍ନ—ରେ; ଦ୍ୱାରା—With; by.
ଯଥା—କରେଣ ଶଙ୍ଖ ଚକ୍ର ଧରି । କମଳଲୋଚନ ଚଉତିଶା ।
୭ମୀ ବିଭକ୍ତି ରେ; ଠାରେ ।
୫ମୀ ବିଭକ୍ତି ରୁ; ଠାରୁ ।
ଯଥା—ଏମନ୍ତ ଅନେଣ ପାପ ଘୁଞ୍ଚି ଯାଇ ଥାଇ
ପ୍ରାଚୀ—ଶ୍ରୀ ଗୁରୁଭକ୍ତି ଗୀତା )
ସଂ. ବି. ପୁଂ ( ଇ=ଗମନ କରିବା+ଣ )—
(ଏଣୀ—ସ୍ତ୍ରୀ) ୧ । ମୃଗ; ହରିଣ—1. Deer; antelope.
୨ । କୃଷ୍ଣସାର ମୃଗ—2. Black antelope.

ଏଣକ—ସଂ. ବି. ପୁଂ (ଏଣ+ସ୍ୱାର୍ଥେ କ)—ଏଣ ( ଦେଖ )
Enaka Ena ( See )

ଏଣନୟନା—ସଂ. ବିଣ. ସ୍ତ୍ରୀ—ଏଣୀନୟନା ( ଦେଖ )
Enanayana Eninayana ( See )

ଏଣଫଳ—ଦେ. ବି—ମିରିଗାକୋଳି ( ଦେଖ )
Enaphala Mirigakoli ( See )

ଏଣର—ଦେ. ବିଣ—ଏହି ଅଞ୍ଚଳର—
Enara Belonging to this quarter

ଏଣାଜିନ—ସଂ. ବି ( ୬ଷ୍ଠୀ ତତ୍; ଏଣ=ମୃଗ+ଅଜିନ=ଚର୍ମ )—
Enajina ମୃଗଚର୍ମ; କୃଷ୍ଣସାର ଚର୍ମ—
Hide of black antelope, deer-skin

ଏଣିକ—ଦେ. ଅ. (ସ. ଏତତ୍)—୧ । ଏଠାକୁ; ଏଆଡ଼କୁ; ଏ ଦିଗକୁ—
Eniki 1 To this place; hither; to this side
ইদিগে or quarter; to this direction.
इधर
ଆସ ଆସ ଏବେ ଏଣିକ ଆସ;
ଭୁପକୁ ମାନୁଅଛି ସୁନ୍ଦର ବେଶ । ଜଗନ୍ନାଥ, ଚଉତିସମାଧୁଣ ।
୨ । ବର୍ତ୍ତମାନକୁ; ଆଜିକାଲି; ଏ ସମୟକୁ—
2 To this time; now.
ଚମ୍ପୁକ୍ତ ଦେଲୁ ସେ ଭାବ ଏଣିକ । କବିସୂର୍ଯ୍ୟ. କଳୋଗଜଧୂ. ତ ଗୀତ ।
୩ । ଅତଃପର; ଆଜିଠାରୁ; ଏଥି ପରେ—3. After this; from to-day; hence-forward.
ପୂର୍ବବର୍ଣ୍ଣା ଏଣିକ, ପଶ୍ଚାଦବେ ମୂର୍ତ୍ତିମନ୍ତ ଉଦଜ ଶ୍ରେଣୀ କ ।
କବିସୂର୍ଯ୍ୟ. କଳୋଗଜଧୂ. ଷ ଗୀତ
୪ । ଭବିଷ୍ୟତରେ—4. In future.
ଏବେ ଏଣିକ ହେବେ ମୋ ପୁଏ ଭୁଜାଙ୍ଗାଳି ।
ଭକ୍ତକବି. ଗୀତଲହରୀ ।

ଏଣିକତେଣିକ—ଦେ. କ୍ରି. ବିଣ. (ସ. ଏତଦ୍ ଓ ତଦ୍)—
Enikiteniki ଚାରିଆଡ଼କୁ; ଚାରିଆଡ଼େ; ଏଣେ ତେଣେ—
এদিগ সেদিগ On all sides; on all directions.
इधर उधर

ଏଣିକତେଣିକ ହେବା—ଦେ. କ୍ରି.—୧ । ଅସ୍ଥିର ହେବା—
Enikiteniki heba 1. To move about.
এদিগ ওদিগ হওয়া ୨ । ଇତସ୍ତତଃ—
इधर उधर होना 2. Here and there.

ଏଣିକସେଣିକ—ଦେ. କ୍ରି. ବିଣ.—ଏଣିକତେଣିକ (ଦେଖ)
Enikiseniki Enikiteniki (See)

ଏଣିତେଣି—ଦେ. ପ୍ରାଚୀନ ପଦ୍ୟ କ୍ରି. ବିଣ.—ଏଣିକତେଣିକ (ଦେଖ)
Eniteni Enikiteniki (See)
ଝଳ ଝଳ ହୋଇ ଢୁଅଇ ଏଣିତେଣି ।
କୃଷ୍ଣସିଂହ. ମହାଭାରତ, ବନ

ଏଣୀ—ସ. ବି. ସ୍ତ୍ରୀ. (ଏଣ=ମୃଗ+ସ୍ତ୍ରୀ. ଈ) – ହରିଣୀ—
Eni She-deer.

ଏଣୀନୟନା—ସଂ ବି. ସ୍ତ୍ରୀ. (ବହୁବ୍ରୀହି ଏଣୀ+ନୟନ+ସ୍ତ୍ରୀ. ଆ)—
Eninayana ମୃଗନୟନା; ଯେଉଁ ସ୍ତ୍ରୀର ଚକ୍ଷୁ ମୃଗୀଚକ୍ଷୁ ପରି ସୁନ୍ଦର (ମୃଗୀର ଚକ୍ଷୁ ସରୁଆ ଓ ଲମ୍ବ)—(woman) With eyes; like those of the deer; fair-eyed gazelle-eyed.

ଏଣୁ—ଦେ. ଅ. (ସଂ. ଏତଦ୍)—୧ । ଏହିଠାରୁ; ଏହିସ୍ଥାନରୁ—
Enu 1. From this place; hence.
এজন্য ୨ । ଏହି ଦିଗରୁ; ଏହି ପକ୍ଷରୁ—
इसवजहसे 2. From this side.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସଂଖ୍ୟାରେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୃଷ' ନ ମିଳିଲେ 'ବୃଷ' ଦେଖିବେ; ଦଣ ନ ପାଇଲେ 'ଦଣ୍ଡ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଏହି କାରଣରୁ; ଏ ହେତୁ— 3. For this reason.

ତ୍ରେତାର ଅସ୍ତି ନାସ୍ତି ଭବ, ଏଣୁ ମୋ ଦୁଃଖ ଏ ଲୋକ ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୪ । ଏ ଉତ୍ତାରୁ—4. After this.

**ଏଣୁ ଅସୁଁ ତେଣୁ ଅସୁଁ**—ଦେ. କ୍ରି. ବଣ.—୧ । ଅନବରତ;
Enuñ āsuñ tenu āsuñ ଅବିଶ୍ରାନ୍ତ ଭାବରେ—
हरदम 1. Constantly.
୨ । ପୁନଃ ପୁନଃ—Repeatedly.

**ଏଣୁଁ**—ଦେ. ଅ.—ଏଣୁ (ଦେଖ)
Enuñ Enu (See)

**ଏଣୁକରି**—ଦେ. ଅ. (ସଂ. ଅତଃ)—୧ । ଏହି କାରଣରୁ; ଏଥିଲାଗି;
Enukari ଏହେତୁ—1. Herefore; hence; for this
এজন্যে reason.
ईसवास्ते ଏଣୁ କରି କଥାରେ କରୁଛ ମୁଁ ପୂଜା । କୃଷ୍ଣସିଂହ. ମହାଭାରତ. ବନ ।
୨ । ଅତଏବ—2. Therefore.

**ଏଣୁକିରି**—ଗ୍ରା. ଅ—ଏଣୁକରି ( ଦେଖ )
Enukiri Enukari ( See )

**ଏଣୁତେଣୁ**—ଗ୍ରା. ଅ—( ସ. ଏତଦ୍ ଓ ତଦ୍ )—ଆଡ଼ୁ ସେଆଡ଼ୁ—
Enutenu From this side and that.
আবোল তাবোল ଦେ. ବି -୧ । ଗୋଳମାଳ—1. Confusion
अंड़बंड़ ୨ । ଅନିଶ୍ଚୟ —2. Uncertaining.
୩ । ଅନିଶ୍ଚିତ କଥା—3. Uncertain matter.
୪ । ଅନିୟମ—4. Irregularity.
୫ । ଅଶ୍ରାବ୍ୟ କଥା; ଅବକ୍ତବ୍ୟ କଥା—
5. Obscene words.
୬ । ଅଖାଦ୍ୟ—6. Bad food.
୭ । କୁକଥା—7. Bad words; evil words.
୮ । ମନ୍ଦକାର୍ଯ୍ୟ—8. Bad acts; evil deeds.
୯ । ଅସମ୍ବଦ୍ଧ ପ୍ରଳାପ—
9. A mad man's ravings.
୧୦ । ଅନମାଇତା—10. Miscellaneous things.
ନଖେ ଲେଖେ ଏଣୁତେଣୁ ମନକୁ ଯା ଆସେ—ଜଗନ୍ନାଥ. ମହାଯାତ୍ରା ।
ଦେ. ବଣ—୧ । ଅବ୍ୟବସ୍ଥିତ—
1. Irregular; unsystematic.
୨ । ଅସମ୍ବଦ୍ଧ—2. Unconnected; disjointed.
୩ । ଅନିଶ୍ଚିତ—3. Uncertain.
୪ । ଅଜଥାଉଜଥା; ଅସଂଲଗ୍ନ—
4. Tupsy turvy.
୫ । ଗୋଳମାଳିଆ—5. Confused.
୬ । ବାଜେ—6. Miscellaneous; mixed.

**ଏଣୁତେଣୁଆ**—ଦେ. ବଣ—୧ । ଯାହାର କଥାରେ ବା କାର୍ଯ୍ୟରେ ଠିକଣା
Enutenua ନାହିଁ—1 Unprincipled.
বেঠিকানা ୨ । ଯାହାର ଦିଗମାତାର ଠିକଣା ନାହିଁ—
बेठिकाना 2 Of unascertained birth; of illegitimate birth.

**ଏଣୁ ଯାଉଁ ତେଣୁ ଯାଉଁ**—ଦେ. କ୍ରି. ବଣ—
Enu jāuñ tenu jāuñ ଏଣୁ ଅସୁଁ ତେଣୁ ଅସୁଁ ( ଦେଖ )
Enu āsuñ tenu āsuñ ( See )

**ଏଣେ**—ଦେ. ଅ. ( ସଂ. ଏତଦ୍ )—୧ । ଏ ବିଷୟରେ—
Ene 1. In this matter
(ଦେଶେ—ବିପକ୍ଷିତ) ଶୁଣିଲେ ଏଣେ କିଅ ତତ୍ତ୍ୱ— ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।
এদিগে ୨ । ଏ ଦିଗରେ; ଏ ପକ୍ଷରେ—2. In this side.
इधर ୩ । ଏହି ପ୍ରକାରରେ—3. In this manner.
ଶୁଣିଲେ ଏଣେ ଉନ ବଶ ।
କୃଷ୍ଣ ଉଦିତ ହୁଦେ ସଖ—ଜଗନ୍ନାଥ. ଭାଗବତ ।
୪ । ଏ ଦିଗକୁ; ଏଠାକୁ
4. To this side or place.
୫ । ଏତଦ୍ୱାରା; ଏଥିରେ—5. By this.
ଅଜ ଅସୁଖ ଏଣେ ନାଶ ।
ନରକେ ସୁଖ ଦୁଃଖେ ପ୍ରାସ—ଜଗନ୍ନାଥ. ଭାଗବତ ।
୬ । ଏମାନଙ୍କ ସଙ୍ଗେ—6. With these.
ଶ୍ୱାନ ଶୂକର ଉଷ୍ଟ୍ର ଖର ।
ଏଣେ ସମାନ ସେହି ନର—ଜଗନ୍ନାଥ, ଭାଗବତ ।

**ଏଣେଁ**—ଦେ. ଅ—ଏଣେ ( ଦେଖ )
Eneñ Ene ( See )

**ଏଣେତେଣେ**—ଦେ. ଅ. ( ସଂ. ଏତଦ୍ ଓ ତଦ୍ )—
Enetene ୧ । ଏଆଡ଼େ ସେଆଡ଼େ—
ইতিউতি 1. To this side and that.
इधर उधर ଏଣେତେଣେ ଚଳ ପ୍ରାଣ ଅଚଳେ ଦକଳ—ଜଗନ୍ନାଥ. ବେଣୀସଂହାର ।
୨ । ଚତୁର୍ଦ୍ଦିଗରେ—2. In all directions
୩ । ଚତୁର୍ଦ୍ଦିଗକୁ—3. To all directions.

**ଏଣେଁ ତେଣେଁ**—ଦେ. ଅ—ଏଣେ ତେଣେ ( ଦେଖ )
Eneñ teneñ Ene tene ( See )

**ଏଣ୍ଟର୍ କରିବା**—ଦେ. କ୍ରି—୧ । କୌଣସି ରେଜିଷ୍ଟରରେ ନାମ ବା
Entar kariba କୌଣସି ବିଷୟ ଲେଖିବା—
এণ্টরকরা 1. To enlist ( a name or a matter
एन्टर करना into a register).
୨ । କ୍ରିକେଟ୍ ଖେଳରେ ବା ଅନ୍ୟ କୌଣସି ପ୍ରତିଯୋଗିତା ଥିବା ଖେଳରେ ଏକ ପକ୍ଷର ଅନ୍ତର୍ଭୁକ୍ତ ହେବା—
2. To enter into a match or competition.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଣ | ଡ | ଷ,ଶ | ଙ | ଇଅ | ଉଅ | ଡ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଃ | ଢ଼ |

ଏଣ୍ଟରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଏଁଟ୍ରାଇବା ( ଦେଖ )
Enṭarāibā Entrāibā ( See )

ଏଣ୍ଟଲା—ବୈଦେ. ବି. ( ତେଲିଙ୍ଗ )—(ଗଞ୍ଜାମ ଜିଲ୍ଲାରେ ବ୍ୟବହୃତ )—
Enṭalā ଡମଜାତି—The Dama caste

ଏଣ୍ଟ୍ରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଏଁଟ୍ରାଇବା ( ଦେଖ )
Enṭraibā Entrāibā ( See)

ଏଣ୍ଡ—ବୈଦେ. ଅ. (ଇଂ. ଅଣ୍ଡ )—ଏବଂ; ଇଂରାଜୀରେ ଏବଂ ବାଣିଜ୍ୟ-
End ସଂସୃଷ୍ଟ କମ୍ପାନୀ ପୂର୍ବରୁ ନାମମାନଙ୍କ ସଙ୍ଗେ ପ୍ରଯୁକ୍ତ, ଯଥା—
ଏଣ୍ଡ ନରହରି ଚିନ୍ତାମଣି ଏଣ୍ଡ କୋଂ—The word And in
एण्ड Narahari Chintāmaṇi & Co.

ଏଣ୍ଡକୋ—ଦେ ବି. (ଇଂ and ଏବଂ Companyର ସଂକ୍ଷେପ Co.) –
Enḍko (ଅମୁକ ବ୍ୟକ୍ତି ) ଏବଂ କମ୍ପାନୀ ( ଯୌଥକାରବାର )—
এণ্ডকো (such a person) And Co.
एण्डको

ଏଣ୍ଡ୍ରା—ପ୍ରାଦେ. ( ସମ୍ବଲପୁର ) ବିଣ—ଅଣ୍ଡିରା—
Enḍrā Male.

ଏଣ୍ଡ୍ରାଇବା—ପ୍ରାଦେ. ( ସିଂହଭୂମ ) କ୍ରି—ତଗ୍ରାଷ୍ଟ ଗୁହିଁବା—
Enḍrāibā To stare

ଏଣ୍ଡ—ଦେ. ବି—ଏଣ୍ଡୁଅ ( ଦେଖ )
Enḍa Enḍua ( See )

ଏଣ୍ଡକେରା—ପ୍ରାଦେ. ( ସମ୍ବଲପୁର ) ବି—୧ । ବର୍ଷା ହେଉଥିବା
Enḍakerā ସମୟରେ ବିଲରେ ଧାନ ବୁଣାଯିବା ପ୍ରଣାଳୀ—
1 System of sowing paddy during a shower.

୨ । ବନ୍ୟଫୁଲବିଶେଷ —
2. Name of a wild flower

ଏଣ୍ଡା—ପ୍ରାଦେ. ( ଗଞ୍ଜାମ ) ବି—ଏଣ୍ଡୁଅ ( ଦେଖ )
Enḍā Enḍua ( See )

ଏଣ୍ଡାଲଇ—ପ୍ରାଦେ. ( ଗଞ୍ଜାମ ) ବି.—( ବୈଦ୍ୟକ ) ମାଘିଲଇ (ଦେଖ)
Enḍālai Māghilai (See)

ଏଣ୍ଡି—ଦେ. ବି. ( ସଂ. ଏରଣ୍ଡ=ଗଛ )—ଆସାମ ଦେଶଜାତ
Enḍi ଏକପ୍ରକାର ଟସର ବା ରେଶମବସ୍ତ୍ର—
এঁডি A kind of silk-cloth made in Assam
एण्डि Eri-silk.

[ ଦ୍ର—ଏହି ରେଶମକୁ ଉତ୍ପନ୍ନ କରିବା କୀଟମାନେ ଏରଣ୍ଡ ବା ଗଗଭଗ ଖାଇ ଜୀବନ ଧାରଣ କରୁଥିବାରୁ ଏହି ନାମ ହୋଇଅଛି ।]

ଏଣ୍ଡିଚାଷ—ଦେ.. ବି—ଏଣ୍ଡି ପୋକକୁ ପାଳି ସେମାନଙ୍କ ଠାରୁ ଏଣ୍ଡି ନାମକ
Enḍichāsha ରେଶମସୂତା ଆମଦାନି କରିବାର ବିଦ୍ୟା—
এঁডিচাষ Eri-culture.
एण्डिचाष [ ଦ୍ର—ଏଣ୍ଡିପୋକମାନଙ୍କୁ ଗଗଭଗ ଖାଇବାକୁ ଦେଲେ କୋଡ଼ିଏ ଦିନରେ ଏମାନେ ପାଚିଲ ହୋଇ ଖୋଷା ତିଆରି କରନ୍ତି । ଖୋଷା ତିଆରି ପରାକୁ ପ୍ରଜାପତି ହୋଇ ବାହାରି ଗଲେ ସେହି ଖୋଷାକୁ ପାଣିରେ ବତୁରାଇ ତହିଁ ତା ପରେ ସୋଡ଼ାମିଶା ପାଣିରେ ସିଝାଇ ଶୁଖାଇ ହାତରେ ତାକୁ ଉଣି ଅରଟରେ କାଟି ସୂତା କରାଯାଏ—ଯକାରଚରଣ—ଏଣ୍ଡି କୃଷିପୁସ୍ତକ । ]

ଏଣ୍ଡିପୋକ—ଦେ. ବି—ଏଣ୍ଡି ସୂତାର ଖୋଷା ବାନ୍ଧିବା ପୋକ—
Enḍipoka Eri-silk worms.
এঁড়িপোকা [ ଦ୍ର—ଏମାନେ ନେଳଆ ଓ ୪ ରୁ ୬ ଅଙ୍ଗୁଳ ପର୍ଯ୍ୟନ୍ତ
एण्डिपोका ବଡ଼ନ୍ତି ଏବଂ ଏମାନେ ଜନ୍ମଠାରୁ କୋଡ଼ିଏ ଦିନେ ଖୋଷା ବାନ୍ଧନ୍ତି । ]

ଏଣ୍ଡୁଅ—ଦେ. ବି. ( ସଂ. ନାମ କୃକଲାସ; ପ୍ରତିସୂର୍ଯ୍ୟକ; ସରଟ )—
Enḍua ସରଟ ନାମକ ଏକ ପ୍ରକାର ସରୀସୃପ—
গিরগিট Chameleon
गिरगिट ଚଉପାଶେ ବନ ଭୂମି ଏଣ୍ଡୁଅ ହେଲ ।
ବଶ୍ୱନାଥ, ବଚନଶ୍ୱନାଧୁଣ ।

ଏଣ୍ଡୁକା—ପ୍ରାଦେ (ବାଲେଶ୍ୱର) ବି—ଏଣ୍ଡୁଅ ( ଦେଖ )
Enḍukā Enḍua ( See )

ଏଣ୍ଡୁରି—ଦେ ବି—ବିରି ଓ ଚାଉଳ ବଟା ହାଣ୍ଡି ଅଥାଳରେ ସିଝିବା
Enḍuri ପିଷ୍ଟକବିଶେଷ—A kind of steamed
(ଇଣ୍ଡୁରୀ—ଅନ୍ୟ ରୂପ) cake prepared from Brihi and Rice.

[ଦ୍ର—୧ । ପୁରୀ ଜିଲ୍ଲାରେ କେତେକ ବ୍ରାହ୍ମଣଶାସନରେ ଦୁର୍ଗାପୂଜା-ପର୍ବ-ଉପଲକ୍ଷରେ ଗ୍ରାମଠାକୁରାଣୀଙ୍କୁ ଭୋଗ କରାଯିବା ଏକ ହାତ ବା ତହୁଁ ଅଧିକ ବ୍ୟାସବିଶିଷ୍ଟ ଏଣ୍ଡୁରିକୁ—ଉପନ ଏଣ୍ଡୁରି କହନ୍ତି । ୨ । ସାନ ସାନ ଏଣ୍ଡୁରି ପିଠାକୁ—କଣି ଏଣ୍ଡୁରି ବା ନଖଚିଏଣ୍ଡୁରି କହନ୍ତି । ୩ । ଯେଉଁ ଏଣ୍ଡୁରି ମଧ୍ୟରେ ପୁର ଦିଆ ଯାଇଥାଏ ତାହାକୁ—ପୁରଏଣ୍ଡୁରି କହନ୍ତି । ୪—ଯେଉଁ ଏଣ୍ଡୁରିରେ ପୁର ନ ଥାଏ ତାହାକୁ—ବାଞ୍ଝ ଏଣ୍ଡୁରି କହନ୍ତି । ଧନୁମୂଳ ଘର ବଡ଼ ଏଣ୍ଡୁରିକୁ—ମୁଆଁ ଏଣ୍ଡୁରି କହନ୍ତି । ]

ଏଣ୍ଡୁଲା—ଦେ.ବି.(ସଂ.ଖଲଶ)—ଏକପ୍ରକାର ଡ଼ମ୍ଫା ଡ଼ମ୍ଫା ଆଖିଥିବା କାଉଁଥ
Enḍulā ମାଛ (ଏମାନେ ପାଣି ଉପରେ ଆସି ଚେଇ ପଡ଼ିରୁ ଥାନ୍ତି
(ଇଣ୍ଡୁଲା—ଅନ୍ୟରୂପ) ଓ ନଦୀରେ ଥାଆନ୍ତି, ହାତେ ପର୍ଯ୍ୟନ୍ତ ଲମ୍ବ
খরিশলা; খলিশা; ହୁଅନ୍ତି)—A kind of fresh-water
कनिआ ; टेंगरा fish (found in rivers) the Mugil Corsula

ଏତକେଁ—ପ୍ରାଦେ. (ସମ୍ବଲପୁର) ଅ—ଏତେକେ—
Etken On this; in this; after this.

ଏତ—ସଂ. ବିଣ ( ଇ ଧାତୁ=ଗମନ କରିବା+ତ)—
Eta ୧ । ନାନାବର୍ଣ୍ଣ ବିଶିଷ୍ଟ; ଇନ୍ଦ୍ରଧନୁର ରଙ୍ଗବିଶିଷ୍ଟ—
Multicoloured, rainbow-coloured.

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବର୍ଣ୍ଣିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂପ' ନ ମିଳିଲେ 'କୁପ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ଆଗତ; ପ୍ରାପ୍ତ—2. Arrived; attained; received.

ସଂ. ବି.—୧ । ହରିଣ; କୃଷ୍ଣସାର ମୃଗ—1. Black antelope; deer.

୨ । ଚିତ୍ର ମୃଗ—2. Spotted deer.

ଦେ. ସର୍ବ—ଏହା ତ; ଏହା ମଧ୍ୟ—This too; this also.

ଏତକ—ଦେ ସର୍ବ—ଏହି ପରିମାଣର ବସ୍ତୁ; ଏହି ସାମାନ୍ୟ କାର୍ଯ୍ୟ;
Etaka ଏହିମାତ୍ର କଥା—This much; this quantity;
অত; এত this much work; this little matter.
एतना କହୁଣ ଏତକ ବଚନ ମହୁଣୀ ପଡ଼ି ଗଲେ ପୁଣି ଧରଣୀ ତଳ ।
ନନ୍ଦକିଶୋର· କୃଷ୍ଣକୁମାରୀ ।

ଦେ. ବିଣ—ଏହିପରିମିତ; ଏହିମାତ୍ରକ; ଏହା—This much; this; so much

ଏତକେ—ଦେ. ଅ—୧ । କେଜାଣି; ଅବା—
Etake 1. Perhaps.
୨ । ଏହା ଉତ୍ତାରେ—2. After this.

ଏତତ୍—ସଂ. ସର୍ବ. ( ଆ=ସମ୍ୟକ+ଇ ଧାତୁ=ଗମନ କରିବା +ଅଦ୍ )—
Etat
୧ । ଏହା; ଏହି—1. This.
୨ । ସମ୍ମୁଖସ୍ଥ; ଉପସ୍ଥିତ; ବର୍ଣ୍ଣିତ ହେଉଥିବା—2. Present; under review.

ଏତଦ୍—ସଂ. ସର୍ବ—ଏତତ୍ ( ଦେଖ )
Etad Etat ( See )

ଏତଦ୍ଭିନ୍ନ—ଦେ. ଅ ( ସଂ. ଏତଦ୍+ଭିନ୍ନ )—
Etadbhinna ୧ । ଏହାଛଡ଼ା—1. Besides this;
এতদ্ভিন্ন apart from this.
इसकेउपरान्त ୨ । ପକ୍ଷାନ୍ତରରେ—2. On the other hand
୩ । ଅଧିକନ୍ତୁ; ଏବଂ—3. Also; and also.

ଏତନ—ସଂ. ବି. ( ଆ=ସମ୍ୟକ୍+ଇ ଧାତୁ=ଗମନ କରିବା+ତନ; ଯାହା ସତତ ଗମନ କରେ )—
Etana ନିଃଶ୍ୱାସ—Breath

ଏତନମଧ୍ୟରେ—ଗ୍ରା. ଅ. ( ସଂ. ଏତନ୍ମଧ୍ୟ )—
Etanmadhyare ୧ । ଇତି ମଧ୍ୟରେ—
এতনমধ্যে 1. In the mean time.
इतनेमें ୨ । ଏହି ଅବସରରେ—
2. In this interval.
୩ । ଏମାନଙ୍କ ମଧ୍ୟରେ—3 Amongst these.

ଏତନ୍ମଧ୍ୟରେ—ଦେ. ଅ—ଏତନମଧ୍ୟରେ ( ଦେଖ )
Etanmadhyare Etanamadhyare ( See )

ଏତନ୍ମଧ୍ୟେ—ସଂ. ଅ. ( ସଂ ଏତଦ୍+ମଧ୍ୟେ )—
Etanmadhye ୧ । ଏତନମଧ୍ୟରେ ( ଦେଖ )
1. Etanamadhyare (See)

୨ । ଏଥି ଭିତରେ—2. Inside this.

ଏତନ୍ମାତ୍ର—ସଂ. କ୍ରି. ବିଣ ଓ ବିଣ—
Etanmātra ୧ । ଏତିକି ମାତ୍ର—1. This much.
୨ । ବର୍ତ୍ତମାନ—2. Just now.

ଏତଲା—ଦେ. ବି ( ଅ. ଇତାଲା ଇତ୍ତିଲା)—୧ । ସମ୍ବାଦ; ଖବର—
Etalā 1. Information.
ইতালা ୨ । ଜ୍ଞାପନ—2. News; giving information.
इत्तिला ୩ । ଥାନାରେ ଦିଆଯିବା ଅପରାଧର ପ୍ରଥମ ଖବର ବା ଇଜାହାର—3. First information of the commission of an offence given to a police-officer.
୪ । ଜ୍ଞାତସାର—4 Knowledge

ଏତଲାଇ—ଦେ. ବି ( ଅ. ଇତାଲା )—ଏତଲା ( ଦେଖ )
Etalāi Etalā ( See )
ଜଗତ୍‌ରାମଙ୍କ ପଛାଲେ ପୋଲିସରେ ଏତଲାଇ ଗର୍ଜ୍ଜିଲାଣି ।
ଫକୀରମୋହନ· ଛମାଣଆଠଗୁଣ୍ଠ ।

ଏତଲା କରିବା—ଦେ. କ୍ରି—୧ । ଜଣାଇବା; ସମ୍ବାଦଦେବା—
Etalā kariba 1. To give information; to
ইতলাকরা send intimation.
इत्तलादेना ୨ । ଥାନାରେ ଅପରାଧ ଘଟଣାର ସମ୍ବାଦ ଦେବା; ଥାନାରେ ଇଜାହାର୍ ଦେବା—2. To lodge the first information of an offence in the police-station.

ଏତଲାକାଟିବା—ଦେ. କ୍ରି—ଥାନାରେ ପୁଲିସ୍ କର୍ମଚାରୀ କୌଣସି
Etalākāṭibā ଅପରାଧର ସମ୍ବାଦ ପାଇ ତାହା ସମ୍ବାଦଦାତାର
ইতালাকাটা କଥିତମତେ ଲିପିବଦ୍ଧ କରିବା—(a police-
इत्तलाकाटना officer incharge of a police-station) To note. down the first information of an offence as given by the informant.

ଏତଲା ଦେବା—ଦେ. କ୍ରି—ଏତଲା କରିବା ( ଦେଖ )
Etalā debā Etalā kariba ( See )

ଏତଲାନାମା—ବୈଦେ. ବି ( ଅ. ଇତ୍ତିଲାନାମାହ )—ଅଦାଲତର
Etalānāmā ବିଜ୍ଞାପନପତ୍ର ବା ଆଦେଶପତ୍ର—
ইতালানামা Notice issued by a court.
इत्तलानामा ମକଦ୍ଦମାର ଏତଲାନାମା ଡିକ୍ରୀଜାରୀ ପରୱାନା ସବୁ ମୋ ପାଖରେ ଅଛି—
ଫକୀରମୋହନ· ଛମାଣଆଠଗୁଣ୍ଠ ।

ଏତହୁଁ—ଦେ. ଅ—ଏହାଛଡ଼ା—Besides this
Etahun̄ ଏଣୁ ସେ ଲଭେ ବ୍ରହ୍ମଜ୍ଞାନ, ଏତହୁଁ ପଥ ନାହିଁ ଆନ ।
ଜଗନ୍ନାଥ· ଭାଗବତ

ଏତା—ପ୍ରାଦେ. (ଗଞ୍ଜାମ,ଗଡ଼ଜାତ ଓ ଖୋର୍ଦ୍ଧା ଅଞ୍ଚଳ) ସର୍ବ (ସଂ.ଏତଦ୍)
Etā ଏହି; ଏହା; ଏହିତା; ଏକଥା—This; this matter.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ୠ,ୡ | ଽ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | କ୍ଷ | ଚ | ଶ,ଷ | ଙ୍କ | ଯ୍ୟ | ହ୍ୟ | ଢ |
| ୨ | ଋ | ଌ | ରୂ | ଲୃ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ଷ | ଙ୍ଗ | ୟଅ | ୱ | ଢ଼ |

ଏତାକେତା—ଦେ. ବିଣ—ଟୁକୁଟୁକୁ; ଛିନ୍ନ ଭିନ୍ନ; ଚେତା ଚେତା—
Etāketā — Shattered to pieces or torn to shreds; reduced to tatters.
এটাকেটা

ଏତାକେତା କରିବା—ଦେ. କ୍ରି—ଟୁକ ଟୁକ କରିବା—
Etāketā karibā — To tear to pieces.
এটাকেটা করনা

ଏତାଦୃକ୍—ସଂ. ବିଣ ( ଏତତ୍+ଦୃଶ ଧାତୁ=ଦେଖିବା+କ୍ୱିପ୍=ଏତାଦୃଶ୍ ଶବ୍ଦ. ୧ମା ୧ବ )—ଏହିପ୍ରକାରର;
Etādṛuk
(ଏତାଦୃଶୀ—ସ୍ତ୍ରୀ) ଏହି ରୂପର—Like this; such like; of this kind; belonging to this class.

କ୍ରି. ବିଣ—ଏହିପରି; ଏ ପ୍ରକାରେ—In this way; so; in this manner; such; like this.

ଏତାଦୃଶ୍—ସଂ. ବିଣ—ଏତାଦୃକ୍ (ଦେଖ)
Etādṛuś — Etādṛuk (See)

ଏତାଦୃଶ—ଦେ. ବିଣ (ସଂ. ଏତାଦୃଶ୍)—ଏତାଦୃକ୍ (ଦେଖ)
Etādṛuśa — Etādṛuk (See)

ଏତାବତ୍—ସଂ. ଅ. ଓ କ୍ରି. ବିଣ—୧ । ଏପର୍ଯ୍ୟନ୍ତ—
Etābat — 1. Thus far; up to this time.
୨ । ଆଜଯାଏ—
2. Till now; till to day.
୩ । (ଏତତ+ବତ୍) ଆଜିପର୍ଯ୍ୟନ୍ତ—
3. Upto the present moment.
ସ. ବିଣ—୧ । ଏହିପରିମାଣର; ଏତିକି—
1. So much; this much.
୨ । ଏତେବଡ଼—2 So great; so large.

ଏତାବତ୍‌କାଳ—ସଂ. ବି—ଆଜିପର୍ଯ୍ୟନ୍ତ ସମୟ—
Etābatkāḷa — The time upto the present.

ଏତାବତା—ସଂ.ଅ. ଓ କ୍ରି. ବିଣ (ଏତାବତ୍+ଆ)—୧ । ଏହାଦ୍ୱାରା—
Etābatā — 1. By this.
୨ । ଏଥିରୁ—2. From this.

ଏତାବାନ୍—ସଂ. ବିଣ ( ସଂ. ଏତାବତ୍. ୧ମା. ୧ବ. )—
Etābān ୧ । ଏହି ପରିମାଣର—1. So much.
(ଏତାବତୀ—ସ୍ତ୍ରୀ ) ୨ । ଏତେ—2. Of this quantity.
୩ । ଏହିମାତ୍ର—3. This only.
୪ । ଏତିକି; ଏହାହିଁ—4. This much.

ଏତାର—ପ୍ରାଦେ (ସିଂହଭୂମ) ସର୍ବ—ଏହାର—
Etāra — Of this.

ଏତିକା—ଗ୍ରା. ବିଣ. ଓ ସର୍ବନାମ—ଏତିକି (ଦେଖ)
Etikā — Etiki (See)

ଏତିକି—ଦେ. ସର୍ବ. ( ସଂ. ଇୟତ୍ )—ଏହି ପରିମାଣ ମାତ୍ର; ଏହି
Etiki — ବିଷୟ ମାତ୍ର—This much; this.
অত — ଜାଣିଲୁ ଏତିକି ମାତ୍ର ତୋ ଲଗତେ, ଯାହା ଇଚ୍ଛା ତୋର ତାହା କର ।
एतन ; इतना — କବିସୂର୍ଯ୍ୟ. ଲୋକାବତାର ।
ଦେ. ବିଣ—ଏହି ପରିମାଣର; ଏହି ପରିମିତ—So much.
ଦେ. ଅ—ଏହିପର୍ଯ୍ୟନ୍ତ—
This far; this much; upto this.

ଏତେ—ଦେ. ସର୍ବ. ବିଣ ଓ ଅ (ସଂ. ଇୟତ୍ ଶବ୍ଦରୁ)—
Ete ୧ । ଏହି ପରିମାଣ—1. This much.
ଯେ ଧର୍ମ ମାଗୁଅଛୁ ତୋତେ,
ତାହାଙ୍କୁ ବୁଦ୍ଧି ଦେବୁ ଏତେ—ଭୂପତି—ପ୍ରେମପଞ୍ଚାମୃତ ।
অত ୨ । ଏହି ପରିମାଣର; ଏହି ସଂଖ୍ୟକ—
अत; इतना; एता 2. So much; so many; of this quantity or number.
୩ । ଏହିପରିମାଣରେ; ଏପ୍ରକାରେ—
3. So much; so far.
ତାହାଙ୍କ ଜନ୍ମ ସ୍ୱର୍ଗ କହି,
ଗୁଣ ବୈଷମ୍ୟ ଏତେ ହୋଇ—ଜଗନ୍ନାଥ. ଭାଗବତ ।
୪ । ଏହା—4. This.
ଏହା କହି ବ୍ରାହ୍ମଣ ଯେ ଗଲା ନିଜ ଘର—ବିଶ୍ୱନାଥ. ବିଚିତ୍ରରାମାୟଣ ।

ଏତେକ—ଦେ. ସର୍ବ. ବିଣ. ଓ ଅ—ଏତେ (ଦେଖ)
Eteka — Ete (See).
ପଠଇ ଅଧ୍ୟାୟରେ ଏତେକ କଲେ ଶେଷ—କୃଷ୍ଣସିଂହ. ମହାଭାରତ, ଆଦି ।

ଏତେକ ଉତ୍ତାରେ—ଦେ. ଅ (ସଂ. ଅତଃ)—ଅତଃପର; ଏହାପରେ—
Etekauttāre — After this; subsequent to this.
ওরপর
इसकेबाद

ଏତେକମାତ୍ର—ଦେ. ଅ—ଏତେପରିମାଣମାତ୍ର—
Etekamātra — This much only; so much only.
অতমাত্র
इतना

ଏତେକାଳ—ଦେ. ବି. (ସଂ. ଏତତ୍+କାଳ)—୧ । ଏତେ ସମୟ;
Etekāḷa — ଏ ପର୍ଯ୍ୟନ୍ତ କାଳ—
অতকাল; এতবেলা — 1. So much time.
एति बखत ୨ । ଏ ସମୟ—2. This time.
୩ । ବର୍ତ୍ତମାନ—3. Now.
୪ । ଏତେ ବହୁତ ସମୟ—4. So long a time.

ଏତେକାଳେ—ଦେ. ଅ.—ଏତେ ସମୟରେ; ଏତେ ସମୟ ପରେ;
Etekāḷe ଏତେ ବିଳମ୍ବରେ—By this time; after so
অতকালে much time; after so much delay.

ଏତେକାଳେକେ—ଦେ. ଅ.—ଏତେକାଳେ (ଦେଖ)
Etekāḷeke — Etekāḷe (See)

ସାଧାରଣ ଲେଖେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଖୋଜିଲେ, ଯେବେ ଏ କ୍ରମାନୁସାରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ତଥ୍ୟ' ନ ପାଇଲେ 'ତଥ୍ୟ' ଦେଖିବେ। 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଢ଼' ଦେଖିବେ ।

ଏତେକେ—ଦେ. ଅ.—ଏତକେ (ଦେଖ)
Eteke Etake (See)

ଏତେଗୁଡ଼ାଏ—ଦେ. ବିଣ.—( ଅନାଦରାର୍ଥକ )—ଏତେ ପରିମିତ; ଏତେ ସଂଖ୍ୟାରେ—
Etegurdāe So much; so many.
ଅତଗুলা
इतना।
ଦେ. ବି.—ଏତେ ପରିମିତ ବସ୍ତୁ ବା ବ୍ୟକ୍ତି—
So many persons or things.

ଏତେଗୁଡ଼ିଏ—ଦେ. ବିଣ. (ଅଦରାର୍ଥକ)—ଏତେଗୁଡ଼ାଏ (ଦେଖ)
Etegurdie Etegurdāe (See)
ଅତগুলি

ଏତେଘାନ୍ତି—ଦେ. ଅ. (ସଂ. ଏତତ୍ ଓ ଘାତ)—
Eteghānti ୧ । ଏତେବେଳ ପର୍ଯ୍ୟନ୍ତ—
ଅতঘাএ 1. Up to this time.
यताजलदि ୨ । ଏତେ ଶୀଘ୍ର—2. So soon
୩ । ଏତେ ବେଗରେ; ଏତେ ଜୋରରେ—
3. With so much force.

ଏତେତେତେ—ଦେ. ସଂ.—କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ବା ପରିମାଣ-
Etetete Any fixed number or quantity.
ଅতততত ଏତେତେତେ ବୋଲିବ ଲେଖି ନାହିଁ ବିଧି ।
इतनातेतना କୃଷ୍ଣସିଂହ. ମହାଭାରତ. ବନ ।

ଏତେଦୂର—ଦେ. ଅ—ଏହିପରି ଅବସ୍ଥା; ଏତେ ସତ—
Etedūra Thus; such; reduced to this condition.
ଅতদূর
तनादूर ଯେ ବୋଲିବ ଦୁର୍ଦ୍ଦଶା ଭଲ, ଯାହା ଯେବେ ଏତେ ଦୂର ହେବ ।
ଜଗନ୍ନାଥ. ଭଜନରସାମୃତ ।

ଏତେବେଳ—ଦେ. ବି—ଏତେକାଳ ( ଦେଖ )
Etebela Etekāla ( See )

ଏତେବେଳକୁ—ଦେ. ଅ—୧ । ଏହି ସମୟକୁ—1. At this time.
Etebelaku ୨ । ଏତେ ସମୟ ଅତୀତ ହେବା ପରେ—
ଅতবেলাকে 2. After so much time.
एतिबकत

ଏତେବେଳୁଁ—ଦେ. ଅ—ଏହି ସମୟରୁ; ବର୍ତ୍ତମାନଠାରୁ—
Etebelun Now; from this moment.
এখনথেকে ଏତେ ବେଳୁଁ ଆଉ ମତେ କହିବେ ପ୍ରିୟ ସଖି ।
अबसे ଉପେନ୍ଦ୍ରଭଞ୍ଜ. ସଙ୍ଗୀତ ।

ଏତେବେଳେ—ଦେ. ଅ—ଏ ସମୟରେ; ବର୍ତ୍ତମାନ—Now.
Etebele
অতবেলায়
अब

ଏତେମାତ୍ର—ଦେ. ଅ—ଏତେକ ମାତ୍ର ( ଦେଖ )
Etemātra Eteka mātra ( See )

ଏତେସରି—ଦେ. ଅ. ( ସଂ. ଏତତ୍+ସଦୃଶ )—୧ । ଏପରି ଅବସ୍ଥା—
Etesari 1. Such condition; this predicament.
এমন ଭଲ ଭଲ ନ ହୁଅ ସେ ଏକ ଅଷ୍ଟାପଦ
ऐसा କୃଷ୍ଣ କୃଷ୍ଣ କହି ହୋଇଲ ଏତେ ସରି ।
ସାରଳାମହାଭାରତ. ଦ୍ରୋଣ ।
୨ । ଏହି ପ୍ରକାରେ; ଏହିପରି; ଏମନ—2. Thus.
ଦେ. କ୍ରି. ବିଣ—ଏରୂପେ; ଏହିପରି—
Thus; in this light.
ଦେ. ବି—ଏତେ ପର୍ଯ୍ୟନ୍ତ ଅବସ୍ଥା
This state or condition.
ତେଡ଼େ ପୀରତ ପାଶୋର, କଂଶୋଦ୍ଧର; ବହୁଲୁ ଯା ଏତେ ସରି ।
କବିସୂର୍ଯ୍ୟ. ସଙ୍ଗୀତ ।
ଦେ. ବିଣ—୧ । ଏତାଦୃଶ ଅବସ୍ଥାପନ୍ନ—
2. Of such a condition.
୨ । ଏତେବଡ଼—2. So large.
ଚାନ୍ଦୁଣର ମନ୍ଦିରକେ, ଯକ୍ଷୀ ଗର୍ଜିକଲେ
ସୁରକ୍ଷିତ ଅର୍ଘ୍ୟ ଦେଖେ ବଡ଼ିବ ଅଗାଡ ଏତେସରି—
ରଘୁନାଥ, ମହାରାଜ ।

ଏତେସରି କରି—ଦେ. କ୍ରି. ବିଣ—ଏତେସରି ( ଦେଖ )
Etesari kari Etesari ( See )
ଯେନଲ ମୁଁ ଏତେ ସରି କରି—କବିସୂର୍ଯ୍ୟ. କଳେ ଘାତମ୍. ଚ. ଗୀତ ।

ଏତେସରିକ—ଦେ. କ୍ରି. ବିଣ—୧ । ଏହି ଅବସ୍ଥା ପର୍ଯ୍ୟନ୍ତ—
Etesariki 1. To this condition.
୨ । ଏଯାବତ୍; ଆଜି ପର୍ଯ୍ୟନ୍ତ—
2. Upto or till today.
୩ । ଏତେ ଦିନ ପର୍ଯ୍ୟନ୍ତ—3. So long.
୪ । ଏ ପର୍ଯ୍ୟନ୍ତ—4. Up to this.

ଏଥ—ଦେ. ଅ. ( ସଂ. ଅତ୍ର )—୧ । ଏଠାକୁ—
Etha 1. To this place; hereto
হেথা ଭଳ ସଖି, ସ୍ୱର୍ଗକୁ ଝଳମ୍ବ କର ଏଥ—ପ୍ରାଚୀ, ଉପବାହୁ ।
यहाँ ୨ । ଏଠାରେ; ଏଥିରେ—2. Here; herein.
୩ । ଏଥିର—3. Of this.
ପଶ୍ଚିମ ନ ଯାଉ ପ୍ରଭୁ ଏଥ ମହନା—ପ୍ରାଚୀ. ଉଦ୍ଧବମଙ୍ଗଳ ।

ଏଥକୁ—ଦେ. ଅ. ( ସଂ. ଅତ୍ର )—୧ । ଏଠାକୁ—
Ethaku 1. To this place; hereto.
হেথাকে ଦୁଃଖ ହେଲେ ସୁଖ ଏଥକୁ କହେ ସବୁ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଏଥିକୁ; ଏ ସମ୍ବନ୍ଧେ; ଏ ବିଷୟରେ—2. In this connection, regarding this matter.
୩ । ଏଥିପାଇଁ; ଏଣୁପାଇଁ—3. For this; therefore; wherfore; this being so.

| ୧ | ଇ | ଋ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଜ | ଶ,ଷ | ଙ୍କ | ଇଅ | ଙ୍ଗ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍କ | ନ୍ |

ଏଥର—ଦେ. ଅ—୧ । ଏହି ଥରେ ମାତ୍ର—1. This once.
Ethara ୨ । ଏହି ଥର; ଏହି ବାର—2. This time
এইবার କଥାଟା ସତ୍ତ୍ୱର ଏଥର ଏ ଥର ଭପୁକ ଗଲ ତା ଅଙ୍ଗେ ।
यहबार ଭଞ୍ଜ. ବୈଦେହୀଶବିଳାସ ।
୩ । ବର୍ତ୍ତମାନ; ଏବେ—3. Now
୪ । ଅତଃପର; ଏଣିକି—
4. Henceforth; henceforward.

ଏଥରକ—ଦେ. ଅ—ଏଥର ( ଦେଖ )
Etharaka Ethara ( See )

ଏଥରକୁ—ଦେ. ଅ—ଏଥର ( ଦେଖ )
Etharaku Ethara ( See )

ଏଥି—ଦେ. ପଦ୍ୟ. ଅ. ( ସଂ. ଅତ୍ର )—୧ । ଏଠାରେ—1. Here.
Ethi ଚୈଥିଲୀ ସୁରଭ ଯେବେ ତେ ଲୁଥିଲ ଏଥି ବନପୁଷ୍ପ ।
এতে ରାଧାନାଥ—ମହାଯାତ୍ରା ।
यहाँ ୨ । ଏଥିରେ—2. In this
ଅହେ କନ୍ଦେକସ୍ସ ସନ୍ଦେହ ଏଥି ନାହିଁ । କୃଷ୍ଣସିଂହ. ମହାଭାରତ. ଅଦ ।

ଏଥିକି—ଦେ. ଅ. ( ସଂ. ଅତ୍ର )—
Ethiki ୧ । ଏ ବିଷୟକୁ—1 To this.
এতে ୨ । ଏ ବିଷୟ ପାଇଁ; ଏଥିପାଇଁ—2. For this.
इसको ପୁଣି କାଲ ତାହାକୁ ଯୋଗାଇଛ ବର
ବଇବ ଏଥିକି କରଛ ସ୍ୱୟମ୍ବର । କୃଷ୍ଣସିଂହ. ମହାଭାରତ. ବନ ।
୩ । ଏ ବିଷୟରେ—3. In this matter.
୪ । ଏ ସମ୍ବନ୍ଧେ—4. In this connection.

ଏଥିକି ଚାହିଁ—ଦେ. ଅ—ଏ ବିଷୟକୁ ବିଚାର କରି—
Ethiki chāhiñ In consideration of this.
ଏଥିକି ଚାହିଁ ଯେଉଁ କଥା ହେବ ଭଲ
ତାହା କର ହେ ଏବେ ବସି ଲୋକପାଳ । କୃଷ୍ଣସିଂହ. ମହାଭାରତ. ଶାନ୍ତି

ଏଥିକି ପ୍ରତି—ଦେ. ଅ—ଏହା ଅପେକ୍ଷା—Than this.
Ethiki prati ହବ ଯା କରେ ମୂର୍ଖକୁ ସ୍ତୁତି......
এচ্ছে ଏଥିକି ପ୍ରତି ଶତକ କାଠ ମ ରବା ଭଲ ଯେ ।
इससे ଗୋପାଳକୃଷ୍ଣ—ରସକଲ୍ଲୋଳ ।

ଏଥିକୁ (ଇତ୍ୟାଦି)—ଦେ. ଅ—ଏଥିକି ଇତ୍ୟାଦି ( ଦେଖ )
Ethiku etc Ethiki etc ( See )

ଏଥିପାଇଁ—ଦେ. ଅ—୧ । ଏ ନିମନ୍ତେ—
Ethipāiñ 1. For this.
এইজন্যে ୨ । ଏ ହେତୁରୁ—
इसलिये 2. Therefore; for this reason;

ଏଥିପାଇଁକି—ଦେ. ଅ—ଏଥିପାଇଁ ( ଦେଖ )
Ethipāiñki Ethipāiñ ( See )

ଏଥିରୁବଳି—ଦେ. ଅ—ଏଥୁବଳି ( ଦେଖ )
Ethirubaḷi Ethubaḷi ( See )

ଏଥିଲାଗି—ଦେ. ଅ—ଏଥିପାଇଁ ( ଦେଖ )
Ethilāgi Ethipāiñ ( See )

ଏଥୁ—ଦେ. ପଦ୍ୟ. ଅ. ( ସଂ. ଅତ୍ର ) ୧ । ଏ ବିଷୟରୁ—
Ethu 1. From this.
এথেকে ଏଣୁ ସଚ୍ଚିଦାନନ୍ଦ ହବ, ଭୁ ଏହି ଅନେକ ଦୁଲଭ ।
इससे ଭୂପତି. ପ୍ରେମପଞ୍ଚାମୃତ ।
୨ । ଏଠାକୁ—2. To this place.
ସେ କାରଣ ଦେଖିବାକୁ ଅସିଅଛୁଁ ଏଥୁ । ବିଶ୍ୱନାଥ, ବିଚିତ୍ରରାମାୟଣ ।
୩ । ଏଠାରୁ—3. From this place; hence.

ଏଥୁଅନନ୍ତରେ - ଦେ. ପଦ୍ୟ. ଅ—ଏ ଉତ୍ତାରୁ—After this
Ethuanantare ଏଥୁ ଅନନ୍ତରେ ରହ, ଶୁଣହେ ମାଳୁଣୀବେଶ ।
অনন্তর ଭଞ୍ଜ. ଲାବଣ୍ୟବତୀ ।
इसकेपिछे

ଏଥୁଅନ୍ତରେ—ଦେ. ପଦ୍ୟ. ଅ—ଏଥୁଅନନ୍ତରେ ( ଦେଖ )
Ethuantare Ethuanantare ( See )

ଏଥୁଅନ୍ତେ—ଦେ. ପଦ୍ୟ. ଅ—ଏଥୁଅନନ୍ତରେ ( ଦେଖ )
Ethuante Ethuanantare ( See )

ଏଥୁଁ—ଦେ. ଅ—ଏଥୁ ( ଦେଖ )
Ethuñ Ethu ( See )

ଏଥୁଁବଳି—ଦେ. ଅ—ଏଥୁବଳି ( ଦେଖ )
Ethuñbaḷi Ethubaḷi ( See )

ଏଥୁବଳି—ଦେ. ଅ—ଏହା ଅପେକ୍ଷା; ଏଥିକି ପ୍ରତି; ଏ ବିଷୟରୁ ଅଧିକ—
Ethubaḷi More than this
এচ্ছে বেশি
इससे बढ़कर

ଏଥେ—ଦେ. ପଦ୍ୟ. ଅ—୧ । ଏଥିମଧ୍ୟରେ; ଏଥିରେ—1. In this.
Ethe ୨ । ଏଠାରେ—2. In this place.
এতে ବଣେ ମୋର ଅନେକ ପୁରୁଷ ଏଥେ ଗଲ ।
इसमें ସାରଳା. ମହାଭାରତ. ବିରାଟ ।
୩ । ଏହାଦ୍ୱାରା—3. By this; with this
୪ । ଏଠାକୁ—4. To this place.
ବ୍ରହ୍ମା ଯେ ବୋଇଲେ ରାମ ଏଥେ ଅସିଥିଲେ ।
ସାରଳାମହାଭାରତ. ପୂର୍ବ ।

ଏଥେଁ—ଦେ. ପଦ୍ୟ. ଅ—ଏଥେ ( ଦେଖ )
Etheñ Ethe ( See )
ଏଥେଁ ନାହିଁ କିଛି ଦୋଷ—ନନ୍ଦକିଶୋର. ଷମସ୍ୟା ।

ଏଦି—ପ୍ରାଦେ. ( ସମ୍ବଲପୁର ) ଅ. ( ସଂ. ଏତତ୍ + ଦିକ୍ )—
Edi ୧ । ଏଣେ; ଏଦିଗରେ—1. In this side.
(ସେଦି—ଦ୍ରଷ୍ଟବ୍ୟ) ୨ । ଏଠାରେ—2. Here.

ଏଦିସେଦି—ପ୍ରାଦେ. ( ସମ୍ବଲପୁର ) ଅ—ଏଣେତେଣେ; ଇତସ୍ତତଃ—
Edisedi Here and there.

ଏଧ ( ଧାତୁ )—ସଂ—ବୃଦ୍ଧି ପାଇବା—To increase.
Edha ( root )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଖିଁ' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏଧ—ସଂ. ବି ( ଏଧ ଧାତୁ=ବୃଦ୍ଧି ପାଇବା+କରଣ ଅ; ଯାହାଦ୍ୱାରା ଅଗ୍ନି ବୃଦ୍ଧି ପାଏ । )—
Edha
୧ । ଇନ୍ଧନ; ଜାଳ; ଜାଳେଣି କାଠ—1. Fuel.
୨ । କୁଟା; ଶୁଖିଲା ଘାସ—2. Straw; dry grass.

ଏଧମାନ—ସଂ. ବିଣ.[ଏଧ ଧାତୁ=ବୃଦ୍ଧି ପାଇବା+ଅନ (ଶାନଚ୍) ]-
Edhamāna ୧ । ବର୍ଦ୍ଧମାନ; ବଢ଼ୁଥିବା—
( ଏଧମାନା—ସ୍ତ୍ରୀ ) 1. Increasing.
୨ । ବୃଦ୍ଧିପ୍ରାପ୍ତ—2. Augmented; increased.

ଏଧସ୍—ସଂ. ବି. ( ଏଧ ଧାତୁ=ବୃଦ୍ଧି ପାଇବା+କରଣ. ଅସ୍; ଯାହା-
Edhas ଦ୍ୱାରା ଅଗ୍ନି ବୃଦ୍ଧି ପାଏ )—ଏଧ ( ଦେଖ )
Edha ( See )

ଏଧା—ସଂ. ବି. ସ୍ତ୍ରୀ. ( ଏଧ ଧାତୁ=ବୃଦ୍ଧି ପାଇବା+ଅ+ସ୍ତ୍ରୀ. ଆ )—
Edhā ୧ । ବୃଦ୍ଧି; ଉପଚୟ—1. Increase.
୨ । ସମୃଦ୍ଧି—2. Prosperity.

ଏଧାପେ—ଦେ. ଅ—୧ । ବର୍ତ୍ତମାନ; ଏହିକ୍ଷଣି—
Edhāpe 1. Just now; immediately.
এদফা ୨ । ଏଥର—2. This time
इसदफा

ଏଧିତ—ସଂ. ବିଣ. ( ଏଧ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ତ )—
Edhita ୧ । ବର୍ଦ୍ଧିତ; ବୃଦ୍ଧିପ୍ରାପ୍ତ—
1. Increased; augmented.
୨ । ବିସ୍ତାରିତ—2. Spread.
୩ । ପ୍ରଜ୍ୱଳିତ—3. Burning.

ଏନ୍—ପ୍ରାଦେ. ( ସମ୍ବଲପୁର ). ସ୍ତ୍ରୀ. ପ୍ରତ୍ୟୟ—ସ୍ତ୍ରୀଲିଙ୍ଗ ପ୍ରତ୍ୟୟ—
En Feminine inflection.
( ଯଥା—ଘଣାରେନ୍=ଘଣାରୁଣୀ, ବଇରାଗେନ୍=ବଇରାଗିଅଣୀ, ବାବାଜିଅଣୀ, ମାଲିଆଣୀ । )

ଏନ୍‌କୋର—ବୈଦେ. ଅ. (ଇଂ. ଏନ୍‌କୋର୍)—ରଙ୍ଗାଳୟରେ ନାଟକ
Enkor ଅଭିନୟ ହେଉଥିବାବେଳେ ଦର୍ଶକମାନଙ୍କୁ ଭଲ ଲାଗିବା
এনকোর ଅଭିନୟର କୌଣସି ଅଂଶ ବା କୌଣସି ଗୀତକୁ ଆଉଥରେ
एनकोर ବୋଲିବା ପାଇଁ ଅଭିନେତା ବା ଅଭିନେତ୍ରୀଙ୍କୁ ଦର୍ଶକ-
ମାନଙ୍କର ସମ୍ବୋଧନ—Encore.

ଏନଃ—ସଂ. ବି. ( ଇ ଧାତୁ=ଗମନ କରିବା+ଅସ୍; ମନୁଷ୍ୟ ଯାହା
Enah ଯୋଗୁଁ ଅଧୋଗମନ କରେ )—
୧ । ପାପ—1. Sin
୨ । ଅପରାଧ—2. Crime.
୩ । ନିନ୍ଦା—3. Blame.

ଏନସ୍—ସଂ. ବି—ଏନଃ ( ଦେଖ )
Enas Enah ( See )

ଏନ୍ତା—ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) କ୍ରି. ବିଣ. (ତୁଳ. ତେନ୍ତା
Entā =ତପରି; ସେନ୍ତା=ସେପରି; ଯେନ୍ତା=ଯେଉଁପରି)—
( ସେନ୍ତା—ବିପରୀତ ) ୧ । ଏପରି; ଏଭଳି—1. Such-like.
୨ । ଏମନ୍ତ—2. Thus.
( ଯଥା—ଏନ୍ତା କର ନୋ=ଏପରି କର ନାହିଁ । )

ଏନ୍ତୁଡ଼ି—ଦେ. ବି—ଅନ୍ତୁଡ଼ି ( ଦେଖ )
Enturdi Anturdi ( See )

ଏପଟ ସେପଟ—ଦେ. ଅ—ଏପାଖ ସେପାଖ—On this side and
Epaṭa sepaṭa the other; right and left.
ইদিগ উদিগ
अरया परया

ଏପରକାର—ଗ୍ରା. ଅ. (ସଂ. ଏତତ୍+ପ୍ରକାର)—ଏବମ୍ଭୂତ; ଏପରି—
Eparakāra Such; this kind of.

ଏପରା—ଦେ. ବିଣ. ( ସଂ. ଏତତ୍+ପ୍ରକାର )—୧ । ଏବମ୍ଭୂତ—
Eparā 1. Such.
୨ । (ଭଲ ଅର୍ଥ) ଏପରି ଉତ୍ତମ—2. So good.

ଏପରି—ଦେ. ଅ. ( ସଂ. ଏତତ୍‌ପ୍ରକାର )—
Epari ୧ । ଏହି ପ୍ରକାରେ—
এইমত্‌ন 1. Thus; in this way; so.
ऐसा ୨ । ଏବମ୍ଭୂତ—2. Similar.

ଏପର୍ଯ୍ୟନ୍ତ—ଦେ. ଅ—୧ । ଏହି ସମୟ ପର୍ଯ୍ୟନ୍ତ—
Eparjyanta 1. Upto this time; hitherto; up till now.
এপর্য্যন্ত
अबतक ୨ । ଏତେଦୂର ଯାଏ—2. So far; thus far.

ଏପାର୍—ଦେ. ବି—୧ । ଏହି କୂଳ—
Epār 1. This shore; this bank (of the river.
এপার ୨ । ଏପାଖ—2. This side.
इसपार

ଏପାଳି—ଦେ. ଅ—୧ । ଏବେ—1 Now.
Epāli ୨ । ଏଣିକି—2. Henceforth.
୩ । ଏଥରକ—3. This time.

ଏପାଳିକି—ଗ୍ରା. ଅ—ଏପାଳି ( ଦେଖ )
(Epāliki Epāli (See)

ଏପିଡେମିକ୍—ବୈଦେ. ବିଣ (ଇଂ. ଏପିଡେମିକ୍)—
Epidemic ସଂକ୍ରାମକ (ରୋଗ)—Epidemic.
এপিডেমিক ବି—ଛୁଆଁ ରୋଗ—Epidemic disease.
एपिडेमिक

ଏପ୍ରକାର—ଦେ. ଅ (ସଂ. ଏତତ୍‌ପ୍ରକାର)—ଏବମ୍ଭୂତ—
Eprakāra Such; this kind of.

ଏଫେଲ୍ ଟାୱାର—ବୈଦେ. ବି (ଇଂ. ଏଫେଲ୍ ଟାୱାର୍)—
Ephel ṭāwār ଫ୍ରାନ୍ସର ରାଜଧାନୀ ପାରିସ୍ ନଗରରେ ଥିବା ପୃଥିବୀର ସର୍ବୋଚ୍ଚ ସ୍ତମ୍ଭ—Effel Tower.
[ଦ୍ର—ଏହା ମଧ୍ୟରେ ବହୁତ ପାହାଚ ଓ କଳର ଉଠାଣି lift) ଅଛି । ଏହା ଉପରକୁ ଉଠିଲେ ଚତୁଃପାର୍ଶ୍ୱରେ ବହୁଦୂର ପର୍ଯ୍ୟନ୍ତ ଦେଖାଯାଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଙ | ର,ର | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଳ | ଣ,ଶ | ଙ୍କ | ଇଏ | ଇଅ | ଓ |
| ୨ | ଈ | ଞ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଔ | ନ୍ |

ଏବ—ସଂ.ଅ (ଇ ଧାତୁ=ଗମନ କରିବା+ବ)—ଅଙ୍ଗୀକାର, ଅବଧାରଣ,
Eba ଉପମା, ସାଦୃଶ୍ୟ, ନିଶ୍ଚୟ ଓ ପ୍ରଶ୍ନାର୍ଥକ ଅବ୍ୟୟ) ହିଁ—
A particle used like the English 'Too'
এখন ଦେ. ବ (ମୂଳ. ଆ. ଅବ୍)—ବର୍ତ୍ତମାନକାଳ—
अब The present.
[ଦ୍ର—ଏବ ସଙ୍ଗେ ଦ୍ୱିତୀୟା, ପଞ୍ଚମୀ ଆଦି ବିଭକ୍ତିର ରୂପଯୋଗ କରାଯାଏ; ଯଥା—ଏବକୁ, ଏବଠାରୁଁ, ଏବେ, ଏବକା, ଏବକାର]

ଏବଉଁ—ଦେ. ଅ—ଏବହୁଁ (ଦେଖ)
Ebauñ Ebahuñ (See)
ସ୍ତ୍ରୀ.—(ସଂ. ଏବ)—ଏବଂ (ଦେଖ)
Ebaṁ (See)

ଏବଂ—ସଂ. ଅ (ସଂ. ଇ ଧାତୁ=ଗମନ କରିବା+ବମ୍)—
Ebaṁ ଏପ୍ରକାର; ଏତାଦୃଶ; ଏହିପରି—
In this manner.
ଦେ. ଅ—ଓ; ଅଧିକ—1 And;also.

ଏବଂଚ—ସଂ. ଅ—ଅଧିକନ୍ତୁ ମଧ୍ୟ—
Ebaṁcha And also.

ଏବଂପ୍ରକାର—ସଂ. ବିଣ—ଏବଂବିଧ; ଏପରି—
Ebaṁprakāra Of this kind; such.

ଏବଂବିଧ—ସଂ. ବିଣ (ଏବଂ=ଏହିପରି+ବିଧ=ପ୍ରକାର)—
Ebaṁbidha ଏପରି; ଇଦୃଶ; ଏହିରୂପ; ଏପ୍ରକାରର—
Of this kind or nature; such.

ଏବଂଭୂତ—ସଂ. ବିଣ (ଏବଂ=ଏହିପ୍ରକାରେ+ଭୂତ=ହୋଇଥିବା)—
Ebaṁbhūta ଏହିପ୍ରକାର; ଇଦୃଶ, ଏପରି—
(ଏବଂଭୂତା—ସ୍ତ୍ରୀ) Of this kind or nature; such.

ଏବକା—ଦେ. ବିଣ—ବର୍ତ୍ତମାନ ସମୟର; ଆଧୁନିକ—
Ebakā Belonging to the present time;
এখনকার modern.
अबका ( ଯଥା—ଏବକା ଟୋକା )

ଏବକାର—ଦେ. ବିଣ—ଏବକା (ଦେଖ)
Ebakāra Ebakā (See)

ଏବକାଳ—ଦେ. ବି—ଏବ (ଦେଖ)
Ebakāḷa Eba (See)

ଏବକାଳକୁ—ଦେ. ଅ—ଏବେ (ଦେଖ)
Ebakāḷaku Ebe (See)

ଏବକାଳର—ଦେ. ବିଣ—ଏବକା (ଦେଖ)
Ebakāḷara Ebakā (See)

ଏବକୁ—ଦେ. ଅ—ଏବେ (ଦେଖ)
Ebaku Ebe (See)
ଶୃଗାଳ ଯେ ତୁମ୍ଭେ ଜାଣିଲୁ ଏବକୁ—ସାରଳାମହାଭାରତ. ବନ୍ଷ ।

ଏବକୁଏବେ—ଦେ. ଅ—୧ । ଶୀଘ୍ର ଶୀଘ୍ର—
Ebakuebe 1. Instantaneously; in no time.
দেখতে দেখতে ୨ । ହଠାତ୍—2. At once
फौरन

ଏବଠୁଁ—ଦେ. ଅ—ଆଜିଠାରୁ; ବର୍ତ୍ତମାନଠାରୁ—
Ebaṭhuñ From this time; henceforth.
এখনথেকে
अबसे

ଏବତକ୍—ଦେ. ଅ—ଆଜି ପର୍ଯ୍ୟନ୍ତ; ଅବତକ; ବର୍ତ୍ତମାନ ପର୍ଯ୍ୟନ୍ତ—
Ebatak Up to date; up till now.
এপর্য্যন্ত
अबतक,

ଏବଯାଏ—ଦେ. ଅ—ଆଜଯାଏ; ଏବତକ; ବର୍ତ୍ତମାନ ପର୍ଯ୍ୟନ୍ତ—
Ebajāe Up till now.

ଏବର—ଦେ. ବିଣ—ଏବକା ( ଦେଖ )
Ebara Ebakā ( See )

ଏବହୁଁ—ଦେ. ଅ—ଏବଠୁଁ ( ଦେଖ )
Ebahuñ Ebaṭhuñ ( See )

ଏବାଗିର୍—ପ୍ରାଦେ. (ସମ୍ବଲପୁର) ବିଣ—ଇବାଗିର୍ ( ଦେଖ )
Ebāgir Ibāgir ( See )

ଏବାଗେ—ଦେ. ଅ.—ଏହି ପ୍ରକାରରେ—
Ebāge In this manner thus.
এরকম
इसतरहसे

ଏବାର—ଦେ. ଅ—ଏହି ଥରକ—
Ebāra This time; this once.
এবার ଏବାର ରଖ ଗୋ ମଙ୍ଗଳା
इसबार କୃଷ୍ଣ ଯେ ବନସ୍ତେ ହଜସ । ଗୁପ୍ତ. ପ୍ରେମପଞ୍ଚାମୃତ ।

ଏବାରକ—ଦେ. ଅ—ଏବାର ( ଦେଖ )
Ebāraka Ebāra ( See )

ଏବାରତ୍—ବୈଦେ. ବି. ( ଆ. ଇବାରତ୍ ) (ବଡ଼ଇଅ ଭାଷା)—
Ebārat କୌଣସି ଦଲିଲର ବର୍ଣ୍ଣିତ ବିଷୟ—
এবারত • The text of a document;
इबारत the recitals in a document.

ଏବାଲିସ୍—ଦେ. ବି. ( ଇଂ. ଅବଲିସ୍ )—
Ebālis କୌଣସି ବିଷୟର ସ୍ଥଗିତକରଣ ବା ବନ୍ଦକରଣ—
এবালিস Abolition.
इबालिस

ଏବିଧି—ଦେ. ଅ.—ଏପରି—
Ebidhi Like this.

ଏବୁକୁ—ଗ୍ରା. ଅ—ଏବେ ( ଦେଖ )
Ebuku Ebe ( See )

ପାଠକମାନେ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନୋପରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ 'ଭୃଙ୍ଗ' ନ ମିଳିଲେ 'ଭୃଙ୍ଗ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଲଙ୍କ' ଦେଖିବେ ।

ଡାକିଲେଣି ସଖୀ ତେଜଅଛ ରଜ୍ଜି ଏବୁଙ୍କୁ ଏତେକ ହେବ ବୋଲି ।
ଜନ୍ମପୂର୍ବ୍ୟ. ସଙ୍ଗୀତ ।

ଏବେ—ଦେ. ଅ—୧ । ଅଧୁନା; ବର୍ତ୍ତମାନ—
Ebe 1. In the present time; now a days.
এখন ୨ । ଅଳ୍ପଦିନ ହେଲା—2 Lately; recently.
अब ୩ । ଏହି ମୁହୂର୍ତ୍ତରେ—3. Just now; at this moment.
୪ । ଅଳ୍ପ ସମୟ ମଧ୍ୟରେ—4. Presently; in no time.

ପ୍ରାଦେ. (ଗଞ୍ଜାମ) ଅ—ଏହିକ୍ଷଣି; ଏହିମାତ୍ର—Immediately.

ଏଭଳି—ଦେ. ଅ—ଏପରି ଏବଂଭୂତ—
Ebhaḷi Like this.
হেন; এরকম
ऐसा

ଏଭଳିଆ—ଦେ. ଵଣ—ଏହି ପ୍ରକାରର—
Ebhaḷiā Of this kind; such.

ଦେ. ଅ—ଏଭଳି ( ଦେଖ )
Ebhaḷi ( See )

ଏଭଳିକା—ଦେ. ଵଣ ଓ ଅ—ଏଭଳିଆ ( ଦେଖ )
Ebhaḷikā Ebhaḷiā ( See )

ଏଭଳିକିଆ—ଦେ. ଵଣ ଓ ଅ—ଏଭଳିଆ ( ଦେଖ )
Ebhaḷikiā Ebhaḷiā ( See )

ଏଭିତରେ—ଦେ. ଅ—୧ । ଏଥି ମଧ୍ୟରେ—
Ebhitare 1. In this.
এরমধ্যে; এরভিতরে ୨ । ଏହି ସମୟ ମଧ୍ୟରେ—
इसकाबिचमे 2. In the meantime.

ଏଭେ— ପ୍ରାଦେ. ( ଢାଙ୍କପୁର ) ଅ—ଏବେ—
Ebhe Now; at present.

ଏମତ—ଦେ. ଅ. ( ସଂ. ଏତଦ ଓ ମତମ୍ )—ଏମନ୍ତ ( ଦେଖ )
Emata Emanta ( See )

ଏମତି—ଦେ. ଅ—ଏମନ୍ତ ( ଦେଖ )
Emati Emanta ( See )
(ସେମତି—ଵପଗ୍ଣତ)
ନ ପାରିବା ସକାଶୁଁ କହିଲୁ ଏମତି । କୃଷ୍ଣସିଂହ. ମହାଭାରତ.ଅର ।

ଏମତିକା—ଦେ. ଅ—ଏମନ୍ତ ( ଦେଖ )
Ematikā Emanta ( See )
(ସେମତିକା—ଵପଗ୍ଣତ)

ଏମତେ—ଦେ. ଅ—ଏମନ୍ତ ( ଦେଖ )
Emate Emanta ( See )
ଶତ୍ରୁ ଧର ପରେ ବର ଭିକ୍ଷା ଯୁବା ବସ୍ତ୍ର ଏମତେ ।
ଜଗନ୍ନାଥ. ଭଗା ।

ଏମନ୍ତ—ଦେ. ଵଣ. ( ସଂ. ଏତଦ୍ ଓ ମତମ୍ )—
Emanta ଏତାଦୃଶ; ଏଭଳି; ଏପରି—
এমত; এমন Such; like this.
ऐसा

ତେମନ୍ତ; } ଵପଗ୍ଣତ ଦେ. ଅ — ଏହି ପ୍ରକାରରେ; ଏପରି-
ସେମନ୍ତ } ଭାବରେ —Thus; in this way.

ଦେବତାଙ୍କୁ ଏମନ୍ତ କହିଲେ କନାକର । କୃଷ୍ଣସିଂହ. ମହାଭାରତ. ଅର ।

ଏମନ୍ତି —ଦେ. ଅ—ଏମନ୍ତ ( ଦେଖ )
Emanti Emanta ( See )

ଏମନ୍ତିକା—ଦେ. ଅ—ଏମନ୍ତ ( ଦେଖ )
Emantikā Emanta ( See )

ଏମନ୍ତେ—ଦେ. ଅ —ଏମନ୍ତ ( ଦେଖ )
Emante Emanta ( See )

ଏମାନ—ଦେ. ସଂଵ. ବହୁବଚନ— (ବସ୍ତୁ ବା ବିଷୟ ପ୍ରତି) ଏ ସମସ୍ତ ବସ୍ତୁ
Emāna ବା ବିଷୟ—
এরা These (things or matters).
ये; इन

ଏମାନଙ୍କୁ—ଦେ. ସର୍ବ. ବହୁବଚନ ( କର୍ମକାରକ; ପ୍ରାଚୀନ ପ୍ରୟୋଗ )
Emānanta ଏମାନଙ୍କୁ—To these.
ଜାତକ ଦାସଙ୍କୁ ବୋଲେ ଏମାନନ୍ତ ଘେନ—ସାରଳା ମହାଭାରତ. ସ୍ୱର୍ଗ ।

[ ଦ୍ର— 'ଙ୍କୁ' ସ୍ଥଳରେ 'ନ୍ତ' ପ୍ରାଚୀନ ପ୍ରୟୋଗ; ଯଥା—ଅମ୍ଭଙ୍କୁ= ଅମ୍ଭନ୍ତ; ତୁମ୍ଭଙ୍କୁ=ତୁମ୍ଭନ୍ତ ]

ଏମାନେ—ଦେ. ସର୍ବ ବହୁବଚନ ( ମନୁଷ୍ୟଙ୍କ ପ୍ରତି ପ୍ରଯୁଜ୍ୟ )—
Emāne ଏ ମନୁଷ୍ୟମାନେ—These (persons).

ଏମାରତ—ବୈଦେ. ବ ( ଅ, ଇମାରତ୍ )—୧ । କୋଠାଘର; ପକ୍କା—
Emārat 1 Pucca structure.
এমারত ୨ । ଅଟ୍ଟାଳିକା—2. Palatial building.
इमारत

ଏମାରମଠ—ଦେ. ବ— ପୁରୀ ବଡ଼ ଦେଉଳ ନିକଟସ୍ଥ ପ୍ରସିଦ୍ଧ ରାମାନୁଜ-
Emāramaṭha ସମ୍ପ୍ରଦାୟର ବୈଷ୍ଣବଙ୍କ ମଠ— Name of a Maṭha at Puri.

[ ଦ୍ର—ଏହା ହିନ୍ଦୁଧର୍ମର ପ୍ରସିଦ୍ଧ ପ୍ରଚାରକ ଆଚାର୍ଯ୍ୟ ରାମାନୁଜଙ୍କ ଦ୍ୱାରା ପ୍ରତିଷ୍ଠିତ । ରାମାନୁଜ ତାଙ୍କର ପ୍ରିୟ ଶିଷ୍ୟ ଗୋବିନ୍ଦଙ୍କୁ ସ୍ନେହରେ 'ମନ୍ନାଥ' ( ମୋର ନାଥ ) ବୋଲି ଡାକୁଥିଲେ । ତାମିଲ୍ ଭାଷାରେ 'ମନ୍ନାଥର' ଭାଷାନ୍ତର 'ଏମ୍. ପେରୁ ନାମାର' । ରାମାନୁଜ ତାଙ୍କ ଶିଷ୍ୟ ଗୋବିନ୍ଦଙ୍କ ନାମରେ ଏ ମଠ ସ୍ଥାପନ କରିଥିବାରୁ ତାଙ୍କ ନାମର ପ୍ରଥମ ଓ ଶେଷ ଅକ୍ଷର ସମ୍ମିଶ୍ରଣରେ ମଠର ନାମ 'ଏମାର' ହୋଇଅଛି; ଏ ମଠର ଅନ୍ୟ ନାମ ଶ୍ରୀନିବାସ କୋଟ ଓ ରାଜଗୋପାଳାଶ୍ରମ ମଠ । ]

ଏମାରହାଣ୍ଡି—ଦେ. ବ—ଇମାରହାଣ୍ଡି ( ଦେଖ )
Emārahāṇḍi Imārahāṇḍi (See)

| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁସ୍ୱାରାଦିଯୁକ୍ତାକ୍ଷର | ଖ | ଢ | ଷ,ଷ | ଙ୍କ | ଉର୍ଦ୍ଧ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଉଅ | ଊ | ନ୍ |

ଏମିତ— ଗ୍ରା. ଅ—ଏମନ୍ତ (ଦେଖ)
Emiti Emanta ( See )
(ସେମିତ—ବପରୀତ) [ ଦ୍ର—ଭୁଲ. କେମିତ; ଯେମିତ ]

ଏମିତକା—ଗ୍ରା. ଅ — ଏମନ୍ତ ( ଦେଖ )
Emitikā Emanta ( See )
(ସେମିତକା— ବପରୀତ) [ ଦ୍ର— ଭୁଲ. କେମିତକା; ଯେମିତକା ]

ଏୟା—ଦେ. ସର୍ବ ( ସଂ. ଏତତ୍ — ୧ । ଏହିଟା; ଏହି ବିଷୟ—
Eyā 1. This matter.
এই ୨ । ଏହାହିଁ—2. This; it is this.

ଏଯାଏ—ଦେ. ଅ (ସଂ. ଏତଦ୍+ଯାବତ୍)—ଏହି ସ୍ଥାନ, ଅବସ୍ଥା ବା
Ejāe କାଳପର୍ଯ୍ୟନ୍ତ—Up to this place; condition or time).
এপর্য্যন্ত
ইসিতক

ଏଯାକେ—ଦେ. ଅ— ଏ ଯାଏ ( ଦେଖ )
Ejāke Ejāe ( See )

ଏଯାବତ—ଦେ. ଅ—ଅବଧି; ଅଜ ପର୍ଯ୍ୟନ୍ତ; ବର୍ତ୍ତମାନ ପର୍ଯ୍ୟନ୍ତ—
Ejabat Up till now; still; hitherto.
এযাবত
अयतक

ଏଯାବତ୍କାଳ— ଦେ. ଅ — ଏଯାବତ୍ (ଦେଖ)
Ejābat kāla Ejābat (See)

ଏ ରକମ୍—ଦେ. ବି.—୧ । ଏହି ବସ୍ତୁ—1. This thing.
E rakam ୨ । ଏହି ପ୍ରକାରର ବସ୍ତୁ—2. This kind of thing; similar article
এরকম
ইসরকম ଦେ. ବିଣ.—ଏହି ପ୍ରକାରର—
Of this kind; similar.

ଏରକା—ସଂ. ବି. ( ଇ ଧାତୁ=ଯିବା+ରକ୍+ସ୍ତ୍ରୀ. ଆ )—ଗଣ୍ଠି
Erakā ନ ଥିବା ତୃଣବିଶେଷ; ଶର ଗଛ, (ସନ୍ଧି ଦେଖ)—
A kind of reed-grass.

ଏରକାବନ - ସଂ. ବି. ( ୬ଷ୍ଠୀ ତତ୍; ଏରକା+ବନ )—ଏରକାତୃଣର
Erakābana ଜଙ୍ଗଲ—A forest of Erakā reeds.
[ ଦ୍ର—ଅଷ୍ଟାବକ୍ର ଋଷିଙ୍କ ଶାପାନୁସାରେ ଯଦୁବଂଶର ଧ୍ୱଂସ ହେବାନିମିତ୍ତ ଯେଉଁ ଲୌହଖଣ୍ଡ ଅପତ୍ରେତ ଥିଲା ଶ୍ରୀମ ତାହାକୁ ପାଷାଣଗିରିରେ ଘଷିବାରୁ ତାହାର ରେଣୁସବୁ ସମୁଦ୍ରକୂଳରେ ଲାଗିଲା । ସେହି ରେଣୁରୁ 'ଏରକାବନ' ଜାତ ହେଲା ।
ପୁରାଣ ଅନୁସନ୍ଧେୟ ।]

ଏରକାରବନ—ଦେ. ବି.—ଏରକାବନ (ଦେଖ)
Erakarabana Erakābana (See)
এরকাবন

ଲୋ ଦେବ ଲୌହ ଘୋରନ୍ତେ ଜନ୍ମିଲା ଯେ ଫେନ,
ତହିଁ ବହୁ ଜାତ ହେଲା ଏରକାରବନ । ସାରଳାମହାଭାରତ, ଆଦି ।

ଏରଙ୍ଗିଆ— ପ୍ରାଦେ. (ସମ୍ବଲପୁର) ବିଣ.— ୧ । ଅଳଠ; ଅବୁଝା—
Erangiā 1 Unreasonable.
୨ । ଏକବାଗିଆ—2. Headstrong.

ଏରଣ୍ଡ— ସଂ. ବି. (ଆ=ସମ୍ୟକ୍+ଇର୍ ଧାତୁ=ଗମନ କରିବା+ଅଣ୍ଡଚ୍ )—ଗବଗଛ; ଜଡ଼ାଗଛ—
Eranda Castor-oil plant; castor plant; Ricinus Communis.

ଶୁକ୍ଳଏରଣ୍ଡର ସଂ. ପର୍ଯ୍ୟାୟ—
ଆମଣ୍ଡ; ଚିତ୍ର; ଗନ୍ଧର୍ବହସ୍ତକ; ପଞ୍ଚାଙ୍ଗୁଳ; ବର୍ଦ୍ଧମାନ; ଦୀର୍ଘଦଣ୍ଡ; ବ୍ୟଡମ୍ବକ; ବାତାରି; ତରୁଣ; ରୁବୁକ; ଗାଲବ; ହ୍ରିପୁଷ୍ଟୀଫଳ; କାନ୍ତ; ଉତ୍ତାନ୍ତ, ଶୂଳଶତ୍ରୁ ।
ରକ୍ତଏରଣ୍ଡର ସଂ. ପର୍ଯ୍ୟାୟ—
ରୁବୁକ; ହରୁବୁକ; ରୁବୁ; ବ୍ୟାଘ୍ରପୁଚ୍ଛ; ବାତାରି; ଚଞ୍ଚୁ; ଉତ୍ତାନପତ୍ରକ ।
ଓ. ଗବ; ଜଡ଼ା;
ভেরেণ্ডা; তেল-ভেরেণ্ডা; রেড়ি
अरण्ड
ମ. ଏରଣ୍ଡ ପାରଖମୋଠ୍ୟା;
ଗୁଣାବାସକ
ଗୁ. ଏରଣ୍ଡ
ତେ. ଆମୁଡାମୁ; ଆମିଦମୁ
ଫା. ବେଦଂଜୀର୍
ଆ. ଖୁରୁବା

[ ଦ୍ର—ଏ ଗଛ ଶୁକ୍ଳ ଓ ନାଲ-ଭେଦରେ ଦୁଇ ପ୍ରକାର; ଏହା କୃଷିଜାତ ଗୁଳ୍ମ । ଉଚ୍ଚରେ ୮।୯ ହାତ ବଢ଼େ । ଶୁକ୍ଳଏରଣ୍ଡ ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ବୃଷ୍ୟ ଓ ସାରକ । ଏହା ବାତ, ଉଦାବର୍ତ୍ତ, କଫ, ଜ୍ୱର, କାସ, ଉଦରଶୋଥ, ଶୂଳ, ଶ୍ୱାସ, ଆନାହ, କୁଷ୍ଠ, ବ୍ରଧ୍ନ, ପିତ୍ତ, ପ୍ରମେହ, ବାତରକ୍ତରେ ଉପକାରୀ । ରକ୍ତ ଏରଣ୍ଡ ଲଘୁ, କଟୁତିକ୍ତକଷାୟରସ ଓ ବାତ, କଫ, ଶ୍ୱାସ, କାସ, କୃମି, ଅର୍ଶଃ, ରକ୍ତଦୋଷ, ପାଣ୍ଡୁ, ଭ୍ରମ, ଅରୋଚକରେ ଉପକାରୀ । ଏରଣ୍ଡତୈଳ କୋଷ୍ଠଶୁଦ୍ଧି କରେ ଓ ପେଟମରା-ରୋଗରେ ଉପକାରୀ ଅଟେ । ଏରଣ୍ଡ ଫଳ ଅଗ୍ନିଦୀପକ ଓ ଗୁଳ୍ମ, ଶୂଳ, ବାୟୁ, ପ୍ଲୀହା ଏବଂ ଅର୍ଶୋରୋଗ-ନାଶକ । ]

ଏରଣ୍ଡତୈଳ—ସଂ.ବି.—(୬ଷ୍ଠୀ ତତ୍; ଏରଣ୍ଡ+ତୈଳ)—ଜଡ଼ାତେଲ—
Eranda taila Castor oil.
রেড়িতেল
रेंडीकातेल [ଦ୍ର—ଏ ତେଲ ଖାଇଲେ କୋଷ୍ଠ ଶୁଦ୍ଧି ହୁଏ ।]

ଏରଣ୍ଡା—ଦେ. ବି.—୧ । ( ସଂ. ଏରଣ୍ଡ=ଗବଗଛ; ଏଣ୍ଡିପୋକ ଗବଗଛର ପତ୍ର ଖାଇ ବଞ୍ଚିବାରୁ)—ଏଣ୍ଡି (ଦେଖ)
Erandā 1. Endi (See)
এণ্ডি
୨ । ଇରୁଣ୍ଡି (ଦେଖ)
2. Irundi See)

ଏରଣ୍ଡାଦି ତୈଳ— ସଂ. ବି.—ଆୟୁର୍ବେଦୋକ୍ତ ତୈଳବିଶେଷ—
Erandādit aila A medicinal oil; the chief ingredient of which is castor oil.
[ ଦ୍ର—ଏହା ଶୂଳ ରୋଗରେ ଉପକାରୀ । ]

ଏରଣ୍ଡି—ଦେ. ବି.—୧ । ଏଣ୍ଡି (ଦେଖ)
Erandi 1. Endi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । (ସଂ. ଇନ୍ଦ୍ରଜାଲ)—ଇରୁଣ୍ଡି (ଦେଖ)
2. Irundi (See)

ଏରଣ୍ଡିବନ୍ଧ—ଦେ. ବି.—ଇରୁଣ୍ଡିବନ୍ଧ (ଦେଖ)
Erandibandha — Irundibandha (See)

ଏରା—ଦେ. ବି.—ଜଳଚର ଶୁକ୍ଳପକ୍ଷିବିଶେଷ—
Erā — A kind of acquatic bird.

ଜଳକୁ ଦେ ଏରା ଉତ୍ତର ହୃଦରୁ, ଅରଣ୍ୟ ଲୋଡ଼ନ୍ତି ଯୋଷା ଜାତ ତରୁ ।
ରାଧାନାଥ. ଚିଲିକା ।

[ଦ୍ର—ଏହାର ଶୁକ୍ଳ ପକ୍ଷକୁ ପାଇକମାନେ ଟୋପରରେ ଭୂଷଣ-ସ୍ୱରୂପ ଲଗାନ୍ତି । ପୁରୀର ସାଇଯାତରେ ନାଗାମାନେ ଏହାର ପକ୍ଷକୁ ଲଗାଇ ଗୋଟିଏ ଗୋଟିଏ ଦେହରେ ବାନ୍ଧି ଥାନ୍ତି । ]

ପ୍ରାଦେ. ବି—୧ । (ବାଲେଶ୍ୱର) ବି.—ଡଙ୍ଗାର କୋଣଯୁକ୍ତ ତଳ—
1. Angular bottom of a boat.

ପ୍ରାଦେ. ବି—୨ । (କୁଜଙ୍ଗ ଅବ ତଳମାଳ) ବି.—ସମୁଦ୍ର ଉପକୂଳସ୍ଥ ବାଲିଢିପ—Sand-heaps on the sea-shore.

ଏରିଆ—ବୈଦେ. ବି. (ଇଂ. ଏରିଆ)—ଭୂମିର କ୍ଷେତ୍ରଫଳ—
Eriā — Area; dimension of a plot of land.

ଦେ. ବି. (ଜାହାଜ ଖଲାସିଙ୍କ ଡାକ)—ଆରିଆ (ଦେଖ)
Āriā (See)

ଏରିପେ ଗ୍ରା. କି. ବିଣ—ଏରୂପେ (ଦେଖ)
Eripe — Erūpe (See)

ଏରୁଣ୍ଡି—ଦେ. ବି.—ଇରୁଣ୍ଡି (ଦେଖ)
Erundi — Irundi (See)

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ମାଧବ ବସିଛୁ ଯାଇ । ମଧୁସୂଦନ. ବର୍ଣ୍ଣବୋଧ ।

ଏରୁଣ୍ଡି ବନ୍ଧ—ଦେ. ବି.—ଇରୁଣ୍ଡି ବନ୍ଧ (ଦେଖ)
Erundibandha — Irundibandha (See)

ଏରୂପ—ଦେ. ବିଣ.—ଏବମ୍ବିଧ—Such.
Erūpa
এরূপ; এমন — କି. ବିଣ.—ଏ ପ୍ରକାରେ—
ऐसा; ऎसा — Thus

ଏରୂପେ—ଦେ. କି. ବିଣ (ସଂ. ଏତଦ୍ ଓ ରୂପ)—ଏ ପ୍ରକାରେ—
Erūpe — Thus; in this manner.
এমন — ଚୂନ୍ଦେ କରାଇ ଗୁଡ଼େ କହୁଛ ଏରୂପେ ।
ऐसा — କୃଷ୍ଣସିଂ. ମହାଭାରତ ।

ଏରେ—ଦେ. ଅ.—ସମ୍ବୋଧନ (ସଂ. ହେ; ରେ)—
Ere — (ଡାକିବାର ଶବ୍ଦ) ହେ—Interjection used in calling; oh!

ଏରେ ଏରେ—ଦେ. ଅ.—ଏରେ (ଦେଖ)
Ere ere — Ere (See)

ତାକେ ଗରୁଡ଼ ହେ ନାମ ଧରି,
ବନ୍ଧା ଦେଖାଇ ହେ ଏରେ ଏରେ କରି । ବ୍ରଜବିହାର ।

ଏରେଣ୍ଡା—ଗ୍ରା. ବି—ଏଣ୍ଡି ( ଦେଖ )
Erendā — Endi ( See )

ଦେ. ବି—ଇରୁଣ୍ଡି ( ଦେଖ )
Irundi ( See )

ଏରେଣ୍ଡି—ଗ୍ରା. ବି—ଏରେଣ୍ଡା ( ଦେଖ )
Erendi — Erendā ( See )

ଏରୋଡ୍ରୋମ୍—ବୈଦେ. ବି. ( ଇଂ ) ଏରୋପ୍ଲେନ୍ ରହିବାର ଯାଗା ବା ଷ୍ଟେସନ—Aerodrome.
Erodrom

ଏରୋପ୍ଲେନ୍—ବୈଦେ. ବି. (ଇଂ) ଉଡ଼ାଜାହାଜ; ବାୟୁରେ ଉଡ଼ିବା କଳ—Aeooplane.
Eroplen

ଏର୍ବାରୁ—ସଂ. ବି (ଇର = ବାଜ + ଅରୁ ଧାତୁ = ଗମନ କରିବା + ଉ)-
Erbāru — ଇର୍ବାରୁ; କାକୁଡ଼ି—Cucumber.

ଏଲ୍. ଇ—ବୈଦେ. ବି ( ଇଂ. ସାଙ୍କେତିକ )—ଇଞ୍ଜିନିଅରିଂ କଲେଜର
El. I — ପ୍ରଥମ ଦ୍ୱିବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରର ଉପାଧି—
(a title L E; Licentiate in Engineering.

ଏଲ୍ ଏ—ବୈଦେ ବି ( ଇଂ ସାଙ୍କେତିକ )—(ଆଇ. ଏ ପରୀକ୍ଷାର
El. E — ପୂର୍ବତନ ନାମ) ଆଇ.ଏ. (ଦେଖ)—Āi E (See)

ଏଲ୍. ଏମ୍ ଏସ୍—ବୈଦେ. ବି ( ଇଂ. ସାଙ୍କେତିକ )—ପ୍ରଥମ ଡାକ୍ତରୀ-
El. Em Es — ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ବ୍ୟକ୍ତିର ଉପାଧି—
(a title) L. M. S.

ଏଲ୍ ଏଲ୍. ଡି—ବୈଦେ. ବି ( ଇଂ. ସାଙ୍କେତିକ )—ଆଇନ୍‌ର ସର୍ବୋଚ୍ଚ
El. El. Di — ପରୀକ୍ଷାରେ ପାସ୍ କରିଥିବା ବ୍ୟକ୍ତିଙ୍କର ଉପାଧି—
(a title) L. L. D.

ଏଲ୍‌ଗିନ୍—ବୈଦେ. ବି ( ନାମ )—ଲର୍ଡ୍ ଏଲ୍‌ଗିନ୍; ଭାରତର ଦୁଇଟି
Elgin — ବଡ଼ଲାଟଙ୍କ ନାମ—Name of two Governor-Generals of India; Lord Elgin.

[ ଦ୍ର—ପ୍ରଥମ ଲର୍ଡ୍ ଏଲ୍‌ଗିନ୍—ଜନ୍ମ ୧୮୧୧ ଖ୍ରୀ: ଅ; ଭାରତକୁ ବଡ଼ଲାଟ ରୂପେ ଆଗମନ ୧୮୬୨ ଖ୍ରୀ. ଅ; ଏ ପୀଡ଼ିତ ହୋଇ ୧୮୬୩ରେ ଭାରତରେ ପ୍ରାଣତ୍ୟାଗ କଲେ । ଦ୍ୱିତୀୟ ଲର୍ଡ୍ ଏଲ୍‌ଗିନ୍—ପ୍ରଥମ ଲର୍ଡ୍ ଏଲ୍‌ଗିନ୍‌ଙ୍କ ପୁତ୍ର ଓ ଲର୍ଡ କର୍ଜନଙ୍କ ପୂର୍ବବର୍ତ୍ତୀ ବଡ଼ଲାଟ । ଏ ୧୮୯୨ ଖ୍ରୀଷ୍ଟାବ୍ଦଠାରୁ ୧୮୯୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ଶାସନକାଳରେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତରେ ଯୁଦ୍ଧ ଓ ଭାରତରେ ପ୍ଲେଗ, ଦୁର୍ଭିକ୍ଷ ଓ ବଙ୍ଗଦେଶରେ ଭୂମିକମ୍ପ ହୋଇଥିଲା । ]

ଏଲ୍‌ଟାଇବା—ପ୍ରାଦେ. ( ସମ୍ବଲପୁର ) କି—ଲେଉଟାଇବା—
Eltāibā — To send back; to cause to return.

ଏଲ୍.ସି.ଇ—ବୈଦେ. ବି (ଇଂ ସାଙ୍କେତିକ)—ଏଲ୍. ଇ. (ଦେଖ)
El. Si. I — El. E ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ର୍,ର୍ବ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଙ୍ | ଙଅ | ଢ |
| ୨ | ଈ | ଊ | ର୍ଣ୍ଣ | ଲ୍ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ଼ | ନ୍ନ |

ଏଲ—ଦେ. କ୍ରି ( ବଙ୍ଗଳାରୁ ଅନୁକୃତ )—ଆସୁଅଛି—
Ela — Comes; is coming.
[ ଦ୍ର—ଓଡ଼ିଆ ଯାତ୍ରାରେ କୌଣସି ସୁଅଙ୍ଗଧାରୀ ବ୍ୟକ୍ତି ଯାତ୍ରା-ସ୍ଥଳକୁ ଆସିବା ଉପଲକ୍ଷରେ ଏ ଶବ୍ଦ ବ୍ୟବହୃତ ହୁଏ—ଯଥା—ଏଲ ଏଲ ଗୋବର୍ଦ୍ଧ ନନା ଏଲରେ । ]

ଏଲଗଜ—ସଂ. ବି—ଚକୁଣ୍ଡା (ଗଛ) ( ଦେଖ )
Elagaja — Chākundā (tree) ( See )

ଏଲଗାଏତ୍—ଦେ. ଅ—ଏଥିଠାରୁ ଆରମ୍ଭକରି—
Elagāet — Beginning from this.
এনাগাদ

ଏଲବାଳୁ—ସଂ. ବି—ସୁଗନ୍ଧଦ୍ରବ୍ୟବିଶେଷ; ଗନ୍ଧଗାଲୁକା—
Elabālu — A kind of scented herb
ଅନ୍ୟ ସଂ ନାମ—ଏଲବାଳୁକ; ଏଲବାଳୁକା; ଐଲେୟ; ସୁଗନ୍ଧ; ହରିବାଲୁକ; ଏଲାଳୁ; କପିତ୍ଥ ପତ୍ର;
এলবালু
एलुवा
ତୈ. ଲୁଲୁଖୁଡ୍ଡମ୍;
[ ଦ୍ର—ଏହା ଲୁଚ଼ ପରି ଗନ୍ଧବିଶିଷ୍ଟ ଓ ଦେଖିବାକୁ ବକଳ ପରି । ଏହା କଣ୍ଡୁ, ବ୍ରଣ, ବମି, ତୃଷା, କାଶ, ଅରୁଚି, ହୃଦ୍ରୋଗ, କଫ, ବିଷ, ରକ୍ତପିତ୍ତ, କୁଷ୍ଠ, ବସ୍ତିମୂତ୍ର ଓ କୃମିନାଶକ]

ଏଲବାଳୁକ—ସଂ. ବି—ଏଲବାଳୁ (ଦେଖ)
Elabāluka — Elabālu (See)

ଏଲବାଳୁକା—ସଂ. ବି—ଏଲବାଳୁ (ଦେଖ)
Elabālukā — Elabālu (See)

ଏଲା—ସଂ. ବି. ସ୍ତ୍ରୀ (ଇଲ ଧାତୁ=କ୍ଷେପଣ କରିବା+ଅ+ସ୍ତ୍ରୀ. ଆ)—
Elā — ଅଳାଇଚ (ଦେଖ)
Alāicha (See)

ଏଲାଇଚ—ଦେ. ବି (ସଂ. ଏଲା)—ଅଳାଇଚ (ଦେଖ)
Elāicha — Alāicha (See)

ଏଲାକା (ଇତ୍ୟାଦି)—ବୈଦେ. ବି (ଆ. ଇଲାକା)—
Elākā (etc) — ଇଲାକା ଇତ୍ୟାଦି (ଦେଖ)
Ilākā etc (See)

ମେଘ ଆଉନରେ ଅଛି ସେଥିରେ ତୌକିଅର କଣ ଏଲାକା ( ସମ୍ପର୍କ )
ଫକୀରମୋହନ- ଛମାଣଆଠଗୁଣ୍ଠ ।
ଇନ୍‌କମ୍ ଟିକସ ଏଲାକା (ବିଭାଗ) ପିଅଦାଠାରୁ ଶୁଣି ଏ କଥା କହୁଥିଲେ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଏଲାଗି—ଦେ. ଅ—ଇଲାଗି (ଦେଖ)
Elāgi — Ilāgi (See)

ଏଲାଗେ—ଦେ ଅ (ସଂ. ଏତଦ୍ ଓ ଲଗ୍ନ)—ଇଲାଗେ (ଦେଖ)
Elāge — Ilāge (See)

ଏଲାଦିଗୁଟିକା—ସଂ. ବି—ବୈଦ୍ୟଶାସ୍ତ୍ରୋକ୍ତ ଔଷଧବିଶେଷ—
Elādigutikā — (ଏଥିରେ ଅଳାଇଚ ପ୍ରଧାନ ଉପାଦାନ)—
A medical preparation.

ଏଲାପର୍ଣ୍ଣୀ—ସଂ. ବି.ସ୍ତ୍ରୀ (ଏଲା=ଅଳାଇଚ+ପର୍ଣ୍ଣ=ପତ୍ର+ସ୍ତ୍ରୀ ଈ)—
Elāparnni — ଯାହାର ଅଳାଇଚ ପତ୍ର ପରି ପତ୍ର—ଔଷଧିବିଶେଷ; ସାମାନ୍ୟ ରାସ୍ନା—ରାସ୍ନା (ଦେଖ)
Rāsnā (See)

ଏଲାବାଳୁକ—ସଂ. ବି—ଏଲବାଳୁ (ଦେଖ)
Elabāluka — Elabālu (See)

ଏଲାମ—ପ୍ରାଦେ (ଗଞ୍ଜାମ) ବି. (ଆ. ନିଲାମ୍)—ନିଲାମ—
Elāma — Auction

ଏଲିଜାବେଥ୍—ବୈଦେ. ବି (ଇଂ. ଐତିହାସିକ ନାମ)—
Elijābeth — ମୋଗଲ ସମ୍ରାଟ ଆକବରଙ୍କ ସମସାମୟିକ ଷୋଡ଼ଶ ଶତାବ୍ଦିର ଇଂଲଣ୍ଡର ପ୍ରସିଦ୍ଧ ରାଣୀ—ଏହାଙ୍କ ସମୟ ଠାରୁ ସେନ ଇଂଲଣ୍ଡର ଇଷ୍ଟ ଇଣ୍ଡିଆକୋମ୍ପାନୀ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ—
Elizabeth the Queen of England of the sixteenth century.

ଏଲିଭେସନ—ବୈଦେ. ବି ( ଇଂ. ଏଲିଭେସନ୍ )—ଦେଉଳ, ଘର ବା
Elibhesan — କୋଠାଆଦିକୁ ଏକପାଖରୁ ଚାହିଁଲେ ଯେପରି ଦେଖା-ଯାଏ କାଗଜ ଉପରେ ତାହାର ଚିତ୍ର ବା ନକ୍ସା—
এলিভেসন
एलिभेसन
Elevation of a building drawn in a map.
[ଦ୍ର—ଗୋଟିଏ ଘରତଳର ଚିତ୍ରକୁ ପ୍ଲାନ୍, ପାଖର ଚିତ୍ରକୁ ଏଲିଭେସନ୍ ଓ ମଝିରୁ କାଟିଦେଲେ ଯେପରି ଦେଖାଯାଏ ତାହାର ଚିତ୍ରକୁ ସେକ୍‌ସନ୍ ବୋଲାଯାଏ । ].

ଏଲିମେଣ୍ଟାରି—ବୈଦେ. ବିଣ. (ଇଂ. ଏଲିମେଣ୍ଟାରି )—ପ୍ରାଥମିକ—
Elimentari — Elementary.
এলিমেন্টারী
एलिमेण्टरी

ଏଲିମେଣ୍ଟାରି ସ୍କୁଲ—ବୈଦେ. ପ୍ରାଦେ. (ଗଞ୍ଜାମ) ବି. ( ଇଂ )—
Elimentari skul — ପ୍ରାଥମିକ ବିଦ୍ୟାଳୟ—
Elementary school.
[ ଦ୍ର—ଓଡ଼ିଶାରେ ଅପର୍‌ପ୍ରାଇମେରୀସ୍କୁଲକୁ ଗଞ୍ଜାମର ବାସୀମାନେ ଏଲିମେଣ୍ଟାରି ଏବଂ ଲୋଅର୍‌ପ୍ରାଇମେରୀ ସ୍କୁଲକୁ ଲୋୟର ଏଲିମେଣ୍ଟାରୀ ସ୍କୁଲ ବୋଲାଯାଏ । ]

ଏଲୀକା—ସଂ. ବି—ଏଲା ( ଦେଖ )
Elikā — Elā ( See )

ଏଲୁକ—ସଂ. ବି—ଏଲବାଳୁ ( ଦେଖ )
Eluka — Elabālu ( See )

ଏଲେ—ବୈଦେ. ଗ୍ରା. ବି (ଇଂ)—ଏଲ. ଏ ( ଦେଖ )
'Ele — El E ( See )

ଏଲେନ୍‌ବରା—ବୈଦେ. ବି. (ଇଂ.) ନାମ—
Elenbarā — ଭାରତର ବଡ଼ଲାଟ; ଲର୍ଡ ଏଲେନ୍‌ବରା—
Lord Ellenborough.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚରା ୧ ଚକ୍ଷୁଂର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷୁଂର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷୁଂର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଥିବାବେଳେ ଅନ୍ତର ଉପଲର ୨ ବା ୧ ଚକ୍ଷୁଂର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷି' ନ ମିଳିଲେ 'କୃଷୀ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ ।

[ ଦ୍ର—ଏ ଖ୍ରୀ. ଅ ୧୮୪୨ ରେ ଭାରତକୁ ବଡ଼ଲାଟ ହୋଇ ଆସିଥିଲେ । ଏହାଙ୍କ ପୂର୍ବବର୍ତ୍ତୀ ବଡ଼ଲାଟ ଲର୍ଡ଼ ଅକ୍ଲାଣ୍ଡ୍‌ଙ୍କ ଅମଳରୁ ଲାଗିଥିବା କାବୁଲ୍ ଯୁଦ୍ଧ ଏହାଙ୍କ ସମୟରେ ଚଳୁଥିଲା ଓ ଉକ୍ତ ଯୁଦ୍ଧର ଅବସାନ ନ ହେଉଣୁ ଏ ଭାରତରୁ ଚାଲି ଗଲେ । ସିନ୍ଧୁର ନବାବଙ୍କ ପ୍ରତି ଅନ୍ୟାୟାଚରଣ କରିଥିବା ଅଭିଯୋଗରୁ ଇଷ୍ଟ୍ ଇଣ୍ଡିଆ କୋମ୍ପାନି ଏହାଙ୍କୁ ୧୮୪୪ ଖ୍ରୀ.ଅ.ରେ ପଦଚ୍ୟୁତ କଲେ । ]

ଏଷଣ—ସଂ. ବି. ( ଆ=ସମ୍ୟକ୍+ଇଷ୍ ଧାତୁ=ଗମନ କରିବା; ଅନ୍ୱେଷଣ କରିବା+ଅନ )—
Eshaṇa
ଲୌହମୟ ବାଣ—Arrow made of iron.

ଏଷଣା—ସଂ. ବି. ସ୍ତ୍ରୀ. ( ଅ+ଇଷ ଧାତୁ+ଅନ+ସ୍ତ୍ରୀ. ଆ )—
Eshaṇā
୧ । ଅନ୍ୱେଷଣ—1. Searching or seeking.
୨ । ଇଚ୍ଛା; ବାଞ୍ଛା—2. Wish; desire.
୩ । ସ୍ୱର୍ଣ୍ଣକାର ପ୍ରଭୃତିଙ୍କ ନିକିତି—3. Goldsmith's balance.

ଏଷଣିକା—ସଂ. ବି. ସ୍ତ୍ରୀ. ( ଏଷଣ+ଇକ+ସ୍ତ୍ରୀ. ଆ )—
Eshaṇikā
୧ । ସ୍ୱର୍ଣ୍ଣକାର ପ୍ରଭୃତିଙ୍କ ନିକିତି—1. Goldsmith's balance.
୨ । ବଣିଆଙ୍କର ନାରାଚାକୃତି ଲୌହଶଳାକା—2. Goldsmith's probe.
୩ । ଡାକ୍ତରୀ ଅସ୍ତ୍ରବିଶେଷ; ଯହିଁରେ ଶରୀର ଗର୍ତ୍ତାଦିର ନିରୂପିତ ହୁଏ—3. A surgical probe

ଏଷଣୀ—ସଂ. ବି. ସ୍ତ୍ରୀ ( ଅ+ଇଷ ଧାତୁ+ଅନ+ସ୍ତ୍ରୀ. ଈ )—
Eshaṇi
ଏଷଣିକା ( ଦେଖ )—Eshaṇikā ( See )

ଏଷଣୀୟ—ସଂ. ବିଣ. ( ଇଷ ଧାତୁ=ଇଚ୍ଛା କରିବା+ଅନୀୟ )—
Eshaṇiya
ବାଞ୍ଛନୀୟ—Desirable.

ଏଷିତା—ସଂ. ବିଣ. ପୁଂ. ( ଇଷ ଧାତୁ=ଇଚ୍ଛା କରିବା+କର୍ତ୍ତୃ.ତୃ. ୧ମା. ୧ବ. )—
Eshitā
ଇଚ୍ଛୁକ—Willing; desirous.
( ଏଷିତ୍ରୀ—ସ୍ତ୍ରୀ )

ଏଷ୍ଟବ୍ୟ—ସଂ ବିଣ. ( ଇଷ ଧାତୁ=ଇଚ୍ଛା କରିବା+କର୍ମ. ତବ୍ୟ )—
Eshṭabya
ବାଞ୍ଛନୀୟ—Desirable.

ଏଷ୍ଟା—ସଂ. ବିଣ. ପୁଂ—ଏଷିତା ( ଦେଖ )
Eshṭā
Eshitā ( See )
( ଏଷ୍ଟ୍ରୀ—ସ୍ତ୍ରୀ )

ଏଷ୍ଟିମିଟ୍—ବୈଦେ.ବି. (ଇଂ) (ଅଶୁଦ୍ଧ ଉଚ୍ଚାରଣ)—ଏଷ୍ଟିମେଟ୍ (ଦେଖ)
Eshṭimiṭ
Eshṭimeṭ ( See )

ଏଷ୍ଟିମେଟ୍—ବୈଦେ. ବି. ( ଇଂ. ଏଷ୍ଟିମେଟ୍ )—କାର୍ଯ୍ୟପୂର୍ବରୁ କାର୍ଯ୍ୟର ଅନୁମାନିକ ବ୍ୟୟ ନିର୍ଦ୍ଧାରଣ; ଭୂତ—Estimate.
Eshṭimeṭ
এষ্টিমেট
इष्टिमिट

ଏଷ୍ଟେଟ୍—ବୈଦେ. ବି—୧ । (ଇଂ ଏଷ୍ଟେଟ୍)—ବଡ଼ ଜମିଦାରି—1. Estate.
Eshṭeṭ
୨ । ( ଇଂ. ଷ୍ଟେଟ୍ )—ଦେଶୀୟ ରାଜ୍ୟ—2. State.

ଏଷ୍ଟେସନ୍—ବୈଦେ ବି. ( ଇଂ. ଷ୍ଟେସନ୍ )—ଷ୍ଟେସନ୍ ( ଦେଖ )
Eshṭesan
Shṭesan (See)

ଏସ୍ତାହାର—ବୈଦେ. ବି. (ଆ) (ଅଶୁଦ୍ଧ)—ଇସ୍ତିହାର ( ଦେଖ )
Estāhāra
Istihāra (See)

ଏସ୍ତାହାରନାମା—ବୈଦେ.ବି. ( ଆ ) ଅଶୁଦ୍ଧ—ଇସ୍ତିହାରନାମା ( ଦେଖ ).
Estāhāranāmā
Istihāranāmā (See)

ଏସ୍. ପି—ବୈଦେ. ବି. ( ଇଂ. 'ସୁପରଇଣ୍ଟେଣ୍ଡେଣ୍ଟ୍ ଅଫ୍ ପୁଲିସ୍'ର ସାଙ୍କେତିକ)—ପୁଲିସ ସୁପରଇଣ୍ଟେଣ୍ଡେଣ୍ଟ୍; ଜିଲ୍ଲାର ପ୍ରଧାନ ପୁଲିସ୍ ହାକିମ—Superintendent of police.
Es. Pi

ଏସ୍‌ରାଜ୍—ବୈଦେ. ବି. (ଆ)—ତନ୍ତ୍ରୀବାଦ୍ୟ—A stringed musical instrument.
Esrāj
এসরাজ
इसराज
[ ଦ୍ର—ଏହା ପିତଳ ଓ ଲୁହା ତାରଯୁକ୍ତ ବାଦ୍ୟ ଓ ଘୋଡ଼ା ବାଳର କମାଣି ଘଷା ହେଲେ ବାଜେ ।]

ଏସ୍‌ରାଜବିନ—ବୈଦେ. ବି. ( ଆ )—ଏସ୍‌ରାଜ୍ ( ଦେଖ )
Esrājbin
Esrāj (See)

ଏସକାସାତ୍—ଦେ. ଅ—ଏଥିପାଇଁ—For this.
Esakāsāt
এজন্যে
इसवास्ते

ଏସକାସୁଁ—ଦେ. ଅ—ଏସକାସାତ୍ ( ଦେଖ )
Esakāsuṅ
Esakāsāt (See)

ଏସକାସେ—ଦେ. ଅ—ଏସକାସାତ୍ ( ଦେଖ )
Esakāse
Esakāsāt ( See )

ଏସନ—ଦେ. ପଦ୍ୟ. ବିଣ. —ଏହିରୂପ, ଏହିପରି; ଏହିପ୍ରକାରର—Such; such like.
Esana
এহেন
ऐसा
ଦେ. ପଦ୍ୟ. କ୍ରି.ବିଣ.—ଏହିରୂପେ; ଏହିପରି; ଏହିପ୍ରକାରେ—Thus; similarly.

ଏସନକ—ଦେ. ପଦ୍ୟ. ବିଣ. ଓ କ୍ରି. ବିଣ.—ଏସନ ( ଦେଖ )
Esanaka
Esana ( See )

ଏସନେ—ଦେ. ପଦ୍ୟ. ଓ କ୍ରି. ବିଣ—ଏସନ ( ଦେଖ )
Esane
Esana ( See )

ଏସନେକ—ଦେ. ପଦ୍ୟ. ବିଣ ଓ କ୍ରି. ବିଣ—ଏସନ ( ଦେଖ )
Esaneka
Esana ( See)
ଏସନେକ କଥା ଶୁଣି ଅତି ସୁନ୍ଦର—ପ୍ରାଚୀ. ଜଗନ୍ନାଥ ।

ଏସମ—ଦେ. ଅ ( ସଂ. ଏତତ୍+ସମ )—ଏପରି; ଏମନ୍ତ—Like this.
Esama
ଏସମ ମଣିର, ପ୍ରସନ୍ନ ସମ ଅବନ ଗଣର—ଉପେ. ପ୍ରେମସୁଧାନିଧି ।

| ୧ | ଇ | ଈ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସୂଚକ | ଶ | ଚ | ଷ,ଷ | ଛ | ଇଂ | ଦ୍ଧ | ଦ୍ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ | ଇଅ | ଓ | ନ୍ |

ଏସରି—ଦେ. ଅ.(ସଂ. ଏତଦ୍ ସଦୃଶଂ)—ଏହିପରି—
Esari Thus; like this.

ଏସରିକି – ଦେ. ଅ.—୧ । ଏତେସରିକି ( ଦେଖ )
Esariki 1. Etesariki ( See )
୨ । ଏପରି—2. Being reduced to the condition; thus; like this.
ହେଲନ ସେ ବୃନ୍ଦକନ୍ଦଦଶକା ଏସରିକି—କଳସୂର୍ଯ୍ୟ.କଗୋପକଣ୍ଠ. ଚ. ଗୀତ ।
୩ । ଏ ସ୍ଥାନ ପର୍ଯ୍ୟନ୍ତ—3, Upto this place.
୪ । ଏ କାଳ ପର୍ଯ୍ୟନ୍ତ—4 Upto this time

ଏସାକୁତେସା—ଦେ. କ୍ରି. ବଣ ଓ ବ ( ହ୍ରଦ. ଏସା = ଏପରି + ତେସା =ସେପରି )—ଏସାତେସା ( ଦେଖ )
Esākutesā Esātesā ( See )

ଏସାତେସା—ଦେ.କ୍ରି. ବଣ (ହ୍ରଦ)—ଏପରି ସେପରି; ଏ ପ୍ରକାରେ କମ୍ବା ସେ ପ୍ରକାରେ—
Esātesā In this way or that.
এসাতেসা
ऐसातैसा
ଦେ. ବ—ଅନିଶ୍ଚିତ ଉତ୍ତର; ଯା ବୋଲି ତା—
Prevaricating talk; uncertain reply.
(ଯଥା—ଏସାତେସା କଥାଇବା; ଏସାତେସା କହିବା ।)

ଏସିଆ—ବୈଦେ. ବ. (ଇଂ). (ନାମ)—ଅସିଆ ମହାଦେଶ—
Esiā Asia continent.

एसिया

ଏସିଆଟିକ୍ ସୋସାଇଟି—ବୈଦେ. ବ. (ଇଂ. ଏସିଅଟିକ୍ ସୋସାଇଟି)—ଅସିଅଟିକ୍ ସୋସାଇଟି ( ଦେଖ )
Esiāṭik sosāiṭi Āsiāṭik Sosāiṭi ( See )

ଏସିଡ୍—ବୈଦେ. ବ (ଇଂ.ଏସିଡ୍)—ଅମ୍ଳରସଯୁକ୍ତ ସ୍ୱାଦଯୁକ୍ତ ଦ୍ରବ ବା ବସ୍ତୁ—Acid.
Esid
এসিড

ଏସୁଁ—ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) ବ—ଏସନ; ଏହି ସନ; ଏ ବର୍ଷ—This year; current year
Esuñ
(ଯଥା—ଏସୁଁ ବେଶ୍ ପାଳକ ପଡ଼ିଛି ।)

ଏସୁଁର—ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) —ଏସୁଁ ( ଦେଖ )
Esuñra Esuñ ( See )

ଏସେ—ବୈଦେ. ବ. ( ଇଂ. ଏସ୍ସେ )—ରଚନା ପ୍ରବନ୍ଧ—.
Ese Essay.
এসে
एसे

ଏସେନ୍ସ—ବୈଦେ. ବ (ଇଂ. ଏସେନ୍ସ)— ବୈଜ୍ଞାନିକ ପ୍ରଣାଳୀରେ ପୁଷ୍ପ ଆଦି ସୁଗନ୍ଧ ଦ୍ରବ୍ୟରୁ ନିଷ୍କାସିତ ନିର୍ଯ୍ୟାସ—Essence extracted from sweet smelling articles.
Esens

ଏସୋସିଏସନ୍—ବୈଦେ. ବ ( ଇଂ. ଅସୋସିଏସନ୍‌ର ଅଶୁଦ୍ଧ ଉଚ୍ଚାରଣ)—ସଭା; ସମିତି—Association.
Esosiesan

ଏସ୍କିମୋ—ବୈଦେ ବ ( ଇଂ. ଏସ୍କିମୋ )—ଶୀତ ପ୍ରଧାନ ଅଞ୍ଚଳରେ ବାସ କରୁଥିବା ଉତ୍ତରମେରୁ ନିକଟବର୍ତ୍ତୀ ମାଂସାଶୀ ଜାତି—The Eskimoes.
Eskimo
[ ଦ୍ର—ଏମାନେ ଖର୍ବକାୟ ଓ ବିଶେଷ ଶୀତ ସହ୍ୟ କରିପାରନ୍ତି । ଗ୍ରୀଷ୍ମପ୍ରଧାନ ଦେଶରେ ଏମାନେ ରହିପାରନ୍ତି ନାହିଁ । ଏମାନେ ଉତ୍ତର ଅମେରିକାର ଶୀତପ୍ରଧାନ ଅଞ୍ଚଳ ଗ୍ରୀନ୍‌ଲାଣ୍ଡ ଓ ରୁଷିଆର ଶୀତପ୍ରଧାନ ଅଞ୍ଚଳରେ ବାସ କରନ୍ତି । ଶୀଲ୍ ମାଛର ମାଂସ, ଧଳା ଭାଲୁର ମାଂସ, ବଲ୍ଗା ହରିଣର ମାଂସ, ତିମିର ମାଂସ ଏମାନଙ୍କର ପ୍ରଧାନ ଖାଦ୍ୟ । ]

ଏସ୍କ୍ୱିମୋ—ବୈଦେ. ବ (ଇଂ)—ଏସ୍କିମୋ ( ଦେଖ )
Eskwimo Eskimo ( See )

ଏସ୍ତାହାର—ବୈଦେ. ବ—ଇସ୍ତିହାର (ଦେଖ)
Estāhāra Istihāra (See)

ଏସ୍ତେହାର—ବୈଦେ. ବ – ଇସ୍ତିହାର (ଦେଖ)
Estehāra Istihāra (See)

ଏହା—ଦେ. ସର୍ବ (ସଂ. ଏତଦ୍)—ଏ; ଏ ପଦାର୍ଥ—
Ehā This thing
ইহা; এই
इस

ଏହାଇଁ—ଦେ. ସର୍ବ (ସଂ. ଏତଦ୍ + ହି —୧ । ଏହା ନିଶ୍ଚେ—
Ehāiñ 1. This sutely.
ইহাহি
୨ । ଏହା ମଧ୍ୟ—2. This too
यहभात

ଏହାଉଁ—ଦେ. ସର୍ବ—ଏହା ଅପେକ୍ଷା—
Ehāuñ Than this
এচ্ছে
ଏହାଉ ସୁଲଭ ଅଉ କହୁ ନ ଦେଖିଲି—ସାରଳାମହାଭାରତ. ଉଦ୍ୟୋଗ ।
इससे

ଏହାଘେନି—ଦେ. ଅ—ଏଥିହେତୁରୁ; ଏଥିଲାଗି; ଏହିହେତୁରୁ—
Ehāgheni For this; owing to this.
এজন্যে
इसवास्ते

ଏହାଠଉଁ—ପ୍ରା. ସର୍ବ—ଏହାଉଁ (ଦେଖ)
Ehāṭhauñ Ehāuñ (See)

ଏହାଠୁଁ—ଦେ. ସର୍ବ—ଏହାଉଁ (ଦେଖ)
Ehāṭhuñ Ehāuñ (See)

ଏହାଠେଇଁ—ଦେ. ସର୍ବ—ଏହାଠାରେ—
Ehāṭheiñ In this.
ইহাতে
इसमे

ଏହାତହୁଁ—ଦେ. ସର୍ବ—ଏହାଉଁ (ଦେଖ)
Ehātahuñ Ehāuñ (See).

ବାଙ୍ଗାଳୀଙ୍କ ସୁବିଧେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଉ' ନ ମିଳିଲେ 'ସାଉ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଏହାନ୍ତ—ଦେ. (ପ୍ରାଚୀନ ପ୍ରୟୋଗ). ସର୍ବ.—ଏହାଙ୍କୁ—
Ehānta To this man
ଅବଶ୍ୟ ଏହାନ୍ତ ହାର ଯିବ ସେହୁ ମାର—ସାରଳାମହାଭାରତ, ଉଦ୍ୟୋଗ ।

ଏହାହିଁ—ଦେ. ସବ (ସଂ. ଏତତ୍ + ହି)—ଏହାଇଁ (ଦେଖ)
Ehāhiñ Ehāiñ (See)

ଏହାହୁଁ—ଦେ. ସର୍ବ—ଏହାଠୁଁ; ଏହା ଅପେକ୍ଷା—
Ehāhuñ Than this.
ଏହାହୁଁ ରାଜ୍ୟ ମୋତେ ନୁହଇ ବଡ ସୁଖ—ସାରଳାମହାଭାରତ, ଅଦ ।

ଏହି—ଦେ. ସର୍ବ (ସଂ. ଏତଦ୍)—ଏ; ଏଇ; ଉଲ୍ଲିଖିତ ବା ସମ୍ମୁଖରେ
Ehi ଦେଖାଯିବା ବସ୍ତୁ ବା ବ୍ୟକ୍ତି—
এই It; this (person or thing).
इस
[ବ୍ୟୁ—'ଏହା' ପଦାର୍ଥକୁ ଲକ୍ଷ୍ୟକରି ଏକାକୀ ବ୍ୟବହୃତ ହୁଏ; ଏହି ମନୁଷ୍ୟ ଓ ବସ୍ତୁକୁ ଲକ୍ଷ୍ୟକରି ଏକାକେ କମ୍ପା ଏହି ଲୋକ, ଏହି ବସ୍ତୁ ଏପରି ବ୍ୟବହୃତ ହୁଏ ।]

ଏହିଁକି—ଦେ. ସର୍ବ—ଏଥିକି (ଦେଖ)
Ehiñki Ethiki (See)

ଏହିକ୍ଷଣି—ଦେ. ଅ (ସଂ. ଏତତ୍‌କ୍ଷଣ)—୧ । ଏହିକ୍ଷଣରେ—
Ehikshaṇi 1. At this moment
এখনি ୨ । ବର୍ତ୍ତମାନ—2. Just-now;
अभी immediately.

ଏହିକ୍ଷଣିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehikshaṇikā Ehikshaṇi (See)

ଏହିକ୍ଷିଣି—ଗ୍ରା. ଅ.—ଏହିକ୍ଷଣି (ଦେଖ)
Ehikshiṇi Ehikshaṇi (See)

ଏହିକ୍ଷିଣିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehikshiṇikā Ehikshaṇi (See)

ଏହିଘେନି—ଦେ. ଅ—ଏହାଘେନି (ଦେଖ)
Ehigheni Ehāgheni (See)

ଏହିଛିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehichhikā Ehikshaṇi (See)

ଏହିଛିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Ehichhiṇi Ehikshaṇi ( See )

ଏହିଛିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Ehichhiṇikā Ehikshaṇi ( See )

ଏହିଛୁଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Ehichhuṇi Ehikshaṇi ( See )

ଏହିଛୁଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Ehichhuṇikā Ehikshaṇi ( See )

ଏହିଟା—ଦେ. ସବ. (ଅନାଦରାର୍ଥକ)—ଏହି; ଏ—
Ehiṭā This

ଏହିଟି—ଦେ. ସବ. (ଆଦରାର୍ଥକ)—ଏହି; ଏ—
Ehiṭi This

ଏହିଠାଉଁ—ଗ୍ରା. ସର୍ବ—ଏହିଠୁଁ ( ଦେଖ )
Ehiṭhauñ Ehiṭhuñ ( See )

ଏହିଠା—ଦେ. ସର୍ବ. ( ସଂ. ଏତଦ୍ + ସ୍ଥାନ )—ଏ ସ୍ଥାନ—
Ehiṭhā This place
হেথা [ ବ୍ୟୁ— ଏହି ଶବ୍ଦ ସଙ୍ଗେ ଭିନ୍ନ ଭିନ୍ନ ବିଭକ୍ତିର ଚିହ୍ନମାନ ଯୁକ୍ତ
यहाँ ହୁଏ । ଯଥା—ଏହିଠାକୁ; ଏହିଠାରୁ; ଏହିଠାରେ । ]

ଏହିଠାଇଁ—ଗ୍ରା. ସର୍ବ. ( ସଂ. ଏତଦ୍ + ସ୍ଥାନେ )—
Ehiṭhāiñ ଏଠାରେ, ଏ ସ୍ଥାନରେ—Here; in this place.
এখানে; হেথায়
यहाँ

ଏହିଠାଏ—ଗ୍ରା. ସର୍ବ—ଏହିଠାଇଁ ( ଦେଖ )
Ehiṭhāe Ehiṭhāiñ ( See )

ଏହିଠାଏଁ—ଦେ. ସର୍ବ—ଏହିଠାଇଁ ( ଦେଖ )
Ehiṭhāeñ Ehiṭhāiñ ( See )

ଏହିଠି—ଦେ. ସର୍ବ—ଏହିଠାଇଁ ( ଦେଖ )
Ehiṭhi Ehiṭhāiñ ( See )

ଏହିଠିଁ—ଦେ. ସର୍ବ—ଏହିଠାଇଁ ( ଦେଖ )
Ehiṭhiñ Ehiṭhāiñ ( See )

ଏହିଠିକା—ଗ୍ରା. ବଣ—୧ । ଏ ସ୍ଥାନର; ଏଠାର—
Ehiṭhikā 1. Of this place
এখানকার ୨ । ସ୍ଥାନୀୟ—2. Local
यहाँका

ଏହିଠିକାର—ଦେ. ବଣ—ଏହିଠିକା ( ଦେଖ )
Ehiṭhikāra Ehiṭhikā ( See )

ଏହିଠିକି—ଦେ. ସର୍ବ—ଏହି ସ୍ଥାନକୁ—
Ehiṭhiki To this place.
এখানকে
यहाँको

ଏହିଠିକୁ—ଦେ. ସର୍ବ—ଏହିଠିକି ( ଦେଖ )
Ehiṭhiku Ehiṭhiki ( See )

ଏହିଠିରୁ—ଦେ. ସର୍ବ—ଏହିଠୁଁ ( ଦେଖ )
Ehiṭhiru Ehiṭhuñ ( See )

ଏହିଠୁ—ଦେ. ସର୍ବ—ଏହିଠୁଁ ( ଦେଖ )
Ehiṭhu Ehiṭhuñ ( See )

ଏହିଠୁଁ—ଦେ. ସର୍ବ—୧ । ଏହି ସ୍ଥାନରୁ—
Ehiṭhuñ 1. From this place; hence.
হেথাথেকে ୨ । ଅତଃପରୁ—2. Henceforth.
यहाँसे

ଏହିଠେଇଁ—ଦେ. ସର୍ବ—ଏହିଠାଇଁ ( ଦେଖ )
Ehiṭheiñ Ehiṭhāiñ ( See )

ଏହିତା—ଦେ. ସର୍ବ—ଏହାଇଁ ( ଦେଖ )
Ehitā Ehāiñ ( See )
ସଙ୍ଗୀତ ସପ୍ତକ ପୂର୍ବ ଲୋକଙ୍କ
ଏହି ତା ନାଦ ନାଦ ବାଦ । କବିସୂର୍ଯ୍ୟ, ଚନ୍ଦ୍ରକଳା ।

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ৎ | ଇ | ଈ | ଋ,ୠ | ଽ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଚ | ଣ,ଶ | ଳ | ଉସ୍ମ | ଉଥ | ଷଂ |
| ৴ | ଐ | ଈ | ଋ | ଌ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶଂ | ସ | ଷ | ଟଂ | ଉଷ | ● | ନୃ |

ଏହିତାଇ—ଦେ. ଅ. (ସଂ. ଏତଦ୍ + ହି)—ଏହାଇଁ (ଦେଖ)
Ehitāi Ehāiñ (See)

ଉଇବଳ ଗାସ ଭୁଶ ପ ବପ ପଲ୍ଲ
ଏହିତାଇ କେବଳ ଦେଖିଲେ ନୃପତ । କୃଷ୍ଣସିଂ. ମହାଭାରତ. ଅନୁଶାସନ ।

ଏହିଧାପେ—ଦେ. ଅ—ଏହିକ୍ଷଣି (ଦେଖ)
Ehidhāpe Ehikshaṇi (See)

ଏହି ନଗଦ—ଦେ. ଅ—୧ । ବର୍ତ୍ତମାନ; ଏହିକ୍ଷଣି—
Ehi nagada 1. Just now.
এইনগদ; এখুনি ୨ । ଏହି ମୁହୂର୍ତ୍ତରେ—
अभी 2. At this moment.

ଏହିନଗଦି—ଦେ. ଅ—ଏହିନଗଦ (ଦେଖ)
Ehinagadi Ehinagada (See)

ଏହିନାଁ—ଗ୍ରା. ଅ—ଏହିକ୍ଷଣି; ଏହି ମୁହୂର୍ତ୍ତରେ—
Ehināñ At this moment; just now.

ଏହିନାଗେ—ଗ୍ରା. ଅ.—ଏହିନାଁ (ଦେଖ)
Ehināge Ehināñ (See)

ଏହିପରି—ଦେ. ଅ—ଏହି ପ୍ରକାରରେ—
Ehipari Thus; so; in this manner.
এইমত
ऐसा

ଏହିପରିକା—ଗ୍ରା. ଅ (ସଂ. ଏତଦ୍ + ପ୍ରାୟ)—ଏହିପରି (ଦେଖ)
Ehiparikā Ehipari (See)

ଏହିପାଇଁ—ଦେ. ଅ—ଏଥିଯୋଗୁଁ (ଦେଖ)
Ehipāiñ Ethijoguñ (See)
এজন্যে
ये

ଏହିପିରି—ଗ୍ରା. ଅ—ଏହିପରି (ଦେଖ)
Ehipiri Ehipari (See)

ଏହିପିରିକା—ଗ୍ରା ଅ.—ଏହିପରି (ଦେଖ)
Ehipirikā Ehipari (See)

ଏହିମତି—ଦେ. ଵଣ. ଓ କ୍ରି. ଵଣ. (ସଂ. ଏତତ୍ + ମତମ୍)—
Ehimati ଏହିପରି; ଏ ପ୍ରକାର—Thus; such.
এইমতন
ऐसा; वैसा

ଏହିମତିକା—ଦେ. ଵଣ. ଓ କ୍ରି. ଵଣ—ଏହିମତି (ଦେଖ)
Ehimatikā Ehimati (See)

ଏହିମତେ—ଦେ. କ୍ରି. ଵଣ.—ଏହିମତି (ଦେଖ)
Ehimate Ehimati (See)

ଅର୍ଥ ସାନ କାଳ ଦେଲେ ଏହିମତେ । ଜଗନ୍ନାଥ. ନବକେଶରୀ ।

ଏହିମାତ୍ର—ଦେ. ଅ. (ସଂ. ଏତଦ୍ + ମାତ୍ର)—୧ । ବର୍ତ୍ତମାନ -
Ehimātra 1. Just now; very recently.
এইমাত্র ୨ । ଏହାହିଁ ମାତ୍ର; ଏତିକି ମାତ୍ର—
2. Merely this; this much only.

ଏହିମିତି—ଗ୍ରା. ଵଣ. ଓ କ୍ରି. ଵଣ—ଏହିମତି (ଦେଖ)
Ehimiti Ehimati (See)

ଏହିମିତିକା—ଗ୍ରା. ଵଣ. ଓ କ୍ରି. ଵଣ.—ଏହିମତି (ଦେଖ)
Ehimitikā Ehimati (See)

ଏହିରୂପ—ଦେ. କ୍ରି. ଵଣ. (ସଂ. ଏତଦ୍ + ରୂପଂ)—ଏ ପ୍ରକାରରେ—
Ehirūpa In this manner; thus.

ଏହିରୂପେ—ଦେ. କ୍ରି. ଵଣ—ଏହିରୂପ (ଦେଖ)
Ehirūpe Ehirūpa (See)

ଏହିରୂପେ ଯାଇଁ ଯାଇଁ ନାନା ଦୃଶ୍ୟ ଘଳ
ପାନ୍ଥଙ୍କର ପଥେ ହେଲା ନୟନଅତିଥି । ରାଧାନାଥ. ମହାଯାତ୍ରା ।

ଏହିଲାଏ—ଗ୍ରା. ଅ.—ଏହିଲାଗେ (ଦେଖ)
Ehilāe Ehilāge (See)

ଏହିଲାଗି—ଦେ. ଅ.—ଏହି ପାଇଁ (ଦେଖ)
Ehilāgi Ehipāiñ (See)

ଏହିଲାଗେ—ଦେ. ଅ.—୧ । ଠିକ୍ ପୂର୍ବବର୍ତ୍ତୀ ମୁହୂର୍ତ୍ତରେ—
Ehilāge 1. Very recently.
এখুনি ୨ । ଏହିକ୍ଷଣରେ; ବର୍ତ୍ତମାନ—2. At this moment
अभी ୩ । ଠିକ ପରବର୍ତ୍ତୀ ମୁହୂର୍ତ୍ତରେ—3. Immediately after

ଏହିଲାଗେ ଅଦୃଶ୍ୟ ହୋଇବେ ଅରୁଣ । କୃଷ୍ଣସିଂ. ମହାଭାରତ. ଆଦି ।

ଏହିହେତୁ—ଦେ. ଅ. (ସଂ. ଏତଦ୍ + ହେତୁ)—ଏହି କାରଣରୁ—
Ehihetu For this reason
এজন্যে
इसलिए

ଏହିହେତୁରୁ—ଦେ. ଅ.—ଏହିହେତୁ (ଦେଖ)
Ehiheturu Ehihetu (See)

ଏହିହେତୁରେ—ଦେ. ଅ.—ଏହିହେତୁ (ଦେଖ)
Ehiheture Ehihetu (See)

ଏହୁ—ଦେ. ପଦ୍ୟ. ସର୍ବ (ସଂ. ଏତଦ୍ + ହି)—ଏହି—
Ehu This.
এই ଗୋଟିଏ ମୁଁ ଦେବ ଏହୁ ବର; ବ୍ରହ୍ମା ଆଦିଙ୍କୁ ଅଗୋଚର । ଜଗନ୍ନାଥ. ଭାଗବତ
यह

ଏହୁଁ—ଦେ. ସର୍ବ—ଏଥିରୁ; ଏଥୁଁ—
Ehuñ From this.

ଏହେ—ଦେ. ସମ୍ବୋଧନ—ଅହେ; ହେ—
Ehe Interjection—oh; oho!
ইহে; ওহে
आ

ଏହେଁ—ଦେ. ଅ—୧ । (ଅସମ୍ମତ୍ୟର୍ଥକ ଅବ୍ୟୟ) ନାଁ; ଉହୁଁ—
Eheñ 1. Oh no.
୨ । ଘୃଣାବାଞ୍ଜକ—2. Interjection indicating hatred

ଏହେଁକା—ଦେ. ଅ.—ଉପହାସସୂଚକ ସମ୍ବୋଧନ—
Eheñkā Interjection used in jesting or derision.

ଛକାର । ସେହି ସମୟରେ; ପାଣି ପଡ଼ିଗଲା ଗାଲସରକରେ; ଏହେଁକା—ଶିଶୁଗୀତ ।

ସାଧାରଣ ପ୍ରେସରେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ନଥିବାରୁ ସ୍ୱତନ୍ତ୍ର ରଖା ହୋଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'କଂଧୁ' ନ ପାଇଲେ 'କନ୍ଧୁ' ଦେଖିବେ; 'ଅଡଁା' ନ ପାଇଲେ 'ଅଣ୍ଡା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଏହେଁଲ—ଗ୍ରା. ଅ. (ସମ୍ବୋଧନ)—ନାମ ଧରି ଗାଈଙ୍କୁ ଡାକିବାର ଧ୍ୱନି
Eheṅla (ନାମ ପୂର୍ବରେ ଲାଗେ)—Sound used in calling cows—oh !

[ ଦ୍ର—ଗଉଡ଼ମାନେ ଗାଈ ନାମ ପୂର୍ବେ 'ଏହେଁଲ' ଲଗାଇ ଘଞ୍ଚ ଘଞ୍ଚ ଗାଈଙ୍କୁ ଦୂରରୁ ଡାକନ୍ତି; ଯଥା—ଏହେଁଲ ପାଣ୍ଡି; ଏହେଁଲ କଳିଲା । ]

ଏହେଁଲୋ—ଗ୍ରା. ଅ. (ସମ୍ବୋଧନ)—ଏହେଁଲ (ଦେଖ)
Eheṅlo — Eheṅla (See)

ଏହେତୁ—ଦେ. ଅ.—ଏହିହେତୁ (ଦେଖ)
Ehetu — Ehihetu (See)

ଏହେତୁରୁ—ଦେ. ଅ.— ଏହିହେତୁ (ଦେଖ)
Eheturu — Ehihetu (See)

ଏହେତୁରେ—ଦେ. ଅ.—ଏହିହେତୁ (ଦେଖ
Eheture — Ehihetu (See)

ଏହେଦେ—ପ୍ରାଦେ. (ସମ୍ବଲପୁର) ଅ.—ଏହିକ୍ଷଣି; ବର୍ତ୍ତମାନ—
Ehede — Now; at present.

ଏହେନ—ଦେ. (ପଦ୍ୟ) ବିଣ.—ଏମନ; ଏତାଦୃଶ; ଏପରି—
Ehena — Such; like this.

ଦେ. ଅ.—୧ । ଏଣୁକରି— 1. Therefore; for this reason.

୨ । ଏଦ୍ୱାରା—2. By this.

୩ । ଏରୂପେ—3. In this manner

୪ । ଏହି ଯୋଗୁଁ; ଏହି ହେତୁରୁ—
4. For this reason.

୫ । ଏପରି; ଏମନ୍ତେ—5. Thus

[ ଦ୍ର—ତୁଳନାକର—ତେହେ; କେହେ; ଯେହେ । ]

ଏହେନେକ—ଗ୍ରା. ପଦ୍ୟ. ବି. ଓ ଅ— ଏହେନ ( ଦେଖ )
Eheneka — Ehena ( See )

ଏହେନେକ କଳୁରନ୍ତେ ଅସ୍ତ୍ର ଘଞ୍ଚ ହେଲେ—ଷାରଳାମହାଭାରତ, ଉଦ୍ଯୋଗ ।

ଏହ୍ନେ—ଦେ, ବିଣ. ଓ ଅ—ଏହେନ ( ଦେଖ )
Ehne — Ehena ( See )

ଏହ୍ନେକ—ଦେ. ବିଣ. ଓ ଅ—ଏହେନ ( ଦେଖ )
Ehneka — Ehena ( See )

# ଐ

ଐ—ଦ୍ୱାଦଶ ସ୍ୱରବର୍ଣ୍ଣ—The 12th vowel.

Ai [ ଦ୍ର—ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ । ଧ୍ୱନିତତ୍ତ୍ୱ ବିଷୟରେ ଦେଖାଯିବ ଯେ 'ଐ'ର ଉଚ୍ଚାରଣ 'ଏ'ର ଦୀର୍ଘ 'ଏଇ', ଏବଂ 'ଔ'ର ଉଚ୍ଚାରଣ 'ଓଉ' ହେବା ଉଚିତ; କିନ୍ତୁ ଆମ୍ଭେମାନେ 'ଐ'କୁ 'ଅଇ' 'ଔ'କୁ 'ଅଉ' ଉଚ୍ଚାରଣ କରୁଁ । ତେଣୁ ଐଶ୍ୱର୍ଯ୍ୟ ଓ ଐଶାନ୍ୟ ପ୍ରଭୃତି ଶବ୍ଦମାନ ଯଥାକ୍ରମେ ଅଇଶ୍ୱର୍ଯ୍ୟ ଓ ଅଇଶାନ୍ୟ ଏବଂ ଔ ଯୁକ୍ତ 'ଔଷଧ' ଆଦି ଶବ୍ଦ 'ଅଉଷଧ' ବୋଲି ଉଚ୍ଚାରିତ ହୁଏ ଓ ସ୍ଥାନେ ସ୍ଥାନେ ମଧ୍ୟ ଲିଖିତ ହୁଏ । ]

ସଂ. ବି—ଶିବ—God Śiba

ଦେ. ବି. ( ଧ୍ୱନ୍ୟନୁକରଣ )—୧ । ବମନ—
1. Vomiting.

୨ । ବମନେଚ୍ଛା—2. Tendency to vomit.

ଦେ ଅ. ( ଆମନ୍ତ୍ରଣ, ଆହ୍ୱାନ, ସମ୍ବୋଧନ ଓ ସ୍ମରଣାର୍ଥକ )—ଅୟି; ହେ—Interjection used in inviting, calling, addressing and recollecting.

ଐକ—ସଂ. ବିଣ. ( ଏକ+ଅ )—୧ । ଏକାର୍ଥବୋଧକ—
Aika 1 Synonymous; having one and the same meaning.

୨ । ଏକ-ସଂଖ୍ୟାସମ୍ବନ୍ଧୀୟ—
2. Pertaining to the number 'One'

ଐକତାନ—ସଂ. ବି. ( ଏକତାନ+ଅ )—୧ । ବାଦ୍ୟବିଶେଷ—
Aikatāna 1. A musical instrument.

୨ । ବହୁବାଦ୍ୟରୁ ଅନେକ ସ୍ୱର ଏକତ୍ର ବାଦିତ ହେବା ସ୍ୱରସମନ୍ୱୟ; ବହୁସ୍ୱରର ମିଳନ—
2. Musical harmony or union; concert; symphony.

ଐକତାନିକ—ସଂ. ବିଣ. ( ଏକତାନ+ଇକ )—
Aikatānika ୧ । ଏକଲୟବିଶିଷ୍ଟ—
1. Symphonious.

୨ । ଏକ ସମୟରେ ବାଦିତ —2 Concordant.

ଐକପତ୍ୟ—ସଂ. ବି. ( ଏକପତି+ଭାବ. ଯ )—୧ । ଏକାଧିପତ୍ୟ—
Aikapatya 1. Sole dominion; sovereignty; supremacy.

୨ । ଏକଚ୍ଛତ୍ରଶାସନ—2. Absolute monarchy.

ଐକବାକ୍ୟ—ସଂ. ବି. ( ଏକବାକ୍ୟ+ଭାବ. ଅ )—ଏକବାକ୍ୟତା; ମେଳ—
Aikabākya — The fact of having to say the same thing about some object or point; concurrence of opinion or judgement.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଡ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ |

ଐକମତ୍ୟ—ସଂ. ବି. ( ଏକମତ+ଭାବ. ଯ )—ଏକମତ ହେବାର
<u>Ai</u>kamatya ଭାବ; ସମ୍ମତି; ଅନେକ ଲୋକ ଏକବିଷୟରେ ସମ୍ମତ ହେବା ଅବସ୍ଥା; ସର୍ବସମ୍ମତି—
Concord; unanimity; consensus of opinion.

ଐକରାଜ୍ୟ—ସଂ. ବି. ( ଏକରାଜ+ଯ )—ଐକପତ୍ୟ ( ଦେଖ )
<u>Ai</u>karājya <u>Ai</u>kapatya ( See )

ଐକାଗାରିକ—ସଂ. ବି. (ଏକ=ଅସହାୟ+ଅଗାର=ଗୃହ+ଇକ)—
<u>Ai</u>kāgārika ଚୌର; ଦସ୍ୟୁ—Thief.
ସଂ. ବିଣ—ଏକାଗାରବାସୀ; ଯାହାର ବାସଗୃହ ଗୋଟିଏ ପ୍ରକୋଷ୍ଠ ମାତ୍ର—Living in one-roomed house.

ଐକାଗ୍ର୍ୟ—ସଂ. ବି. ( ଏକାଗ୍ର+ଭାବ. ଯ )—ଏକାଗ୍ରତା—
<u>Ai</u>kāgrya Concentration of mind.

ଐକାତ୍ମ୍ୟ—ସଂ. ବି. ( ଏକାତ୍ମା+ଯ )—ଐକ୍ୟ; ଏକସ୍ୱରୂପତା;
<u>Ai</u>kātmya ଦୁଇ ଜଣଙ୍କ ମଧ୍ୟରେ ଅଭେଦତ୍ୱ—Close friendship; similarity of mental condition.

ଐକାନ୍ତିକ—ସଂ. ବିଣ. ( ଏକାନ୍ତ+ଇକ )—
<u>Ai</u>kāntika ୧ । ନିଶ୍ଚିତ—1. Absolute.
୨ । ନିଶ୍ଚଳ—2. Unalterable
୩ । ସମଧିକ; ପ୍ରଗାଢ଼—3. Excessive.
୪ । ଅତ୍ୟନ୍ତିକ—4. Extreme; perfect

ଐକାନ୍ତିକତା—ସଂ. ବି. ( ଐକାନ୍ତିକ+ତା )—
<u>Ai</u>kāntikatā ୧ । ଅତିଶଯ୍ୟ—1 Excess.
୨ । ପ୍ରଗାଢ଼ତା—2. Intensity.
୩ । ଅଧ୍ୟବସାୟ; ମନର ଦୃଢ଼ତା—
3. Singleness of purpose; perseverance; single-mindedness.
୪ । ପରାକାଷ୍ଠା—4. Acme, highest pitch.

ଐକାନ୍ୟିକ—ସଂ. ବିଣ. ପୁଂ. ( ଏକ+ଅନ୍ୟ+ଇକ )—
<u>Ai</u>kānyika ଯେଉଁ ଛାତ୍ର ଏକପ୍ରକାର ପଢ଼େ ଓ ପରୀକ୍ଷା ସମୟରେ
(ଐକାନ୍ୟିକା—ସ୍ତ୍ରୀ) ଅନ୍ୟପ୍ରକାର ଉତ୍ତର ଦିଏ; କୁପାଠକ—
( a student ) Of bad memory; dunce.

ଐକାର—'ୈ'—ଏହିମାତ୍ରା ( ଏହାର ପୂର୍ବାଂଶ 'େ' ବ୍ୟଞ୍ଜନ ବର୍ଣ୍ଣ
<u>Ai</u>kāra ପୂର୍ବରେ ଓ ପରାଂଶ '' ' ବ୍ୟଞ୍ଜନ ବର୍ଣ୍ଣର ଡାହାଣ ମୁଣ୍ଡରେ ଯୋଗ ହୁଏ । ଏହାକୁ ଅବଧାନମାନେ ଓଡ଼ା ଛଟେଣୀ କହନ୍ତି )—The sign of this vowel is 'ୈ' of which 'େ' is prefixed to the consonant and '' ' is put on the right side top.

ଐକାହିକ—ସଂ. ବିଣ. ( ଏକ+ଅହନ୍=ଦିବସ+ଇକ )—
<u>Ai</u>kāhika ୧ । ଏକୋଇ; ଏକୁଅ; ଏକଦିନ ଅନ୍ତରରେ ଘଟୁଥିବା—
1. Occurring every alternate day.
୨ । ଏକଦିନରେ ନିଷ୍ପାଦ୍ୟ—
2. Performable in a day.
୩ । ଏକଦିନ ବ୍ୟାପକ ( ଜ୍ୱର )—3. Extending over day; quotodian ( fever ).
୪ । ଯାହା ଏକଦିନ ମାତ୍ର ରହେ—
4. Lasting for a day only; ephemeral.

ଐକାହିକ ଜ୍ୱର—ସଂ. ବି—ଏକପ୍ରକାର କମ୍ପ ଜ୍ୱର, ଯାହା ପ୍ରତିଦିନ ଆସେ;
<u>Ai</u>kāhika jwara ଦିହାଜର—Quotodian fever; fever or ague which returns every day.

ଐକୁଣ୍ଠ—ଗ୍ରା. ବି. ( ସଂ. ଏକ+ଶ୍ରେଷ୍ଠ )—ସର୍ବଶ୍ରେଷ୍ଠ; ସର୍ବୋତ୍ତମ—
<u>Ai</u>kuṇṭha Best.
ଐକୁଣ୍ଠ ବୈକୁଣ୍ଠ ପଦ ହେତୁ ଚେତାଧର । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଐକ୍ୟ—ସଂ. ବି. ( ଏକ+ଭାବ. ଯ )—୧ । ଏକତା—
<u>Ai</u>kya 1. Oneness.
୨ । ଅବିରୋଧ; ମେଳ—2. Agreement.
୩ । ଏକଭାବ—3. Unity.
୪ । ଏକରୂପତା—4. Singleness.
୫ । ଏକମତ୍ୟ—4. Unanimity.

ଐକ୍ଷଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshaṇi Ehikshaṇi ( See )

ଐକ୍ଷଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshaṇikā Ehikshaṇi ( See )

ଐକ୍ଷବ—ସଂ. ବିଣ. ( ଇକ୍ଷୁ=ଆଖୁ+ଜାତାର୍ଥ. ଅ )—ଆଖୁରୁ ଜାତ—
<u>Ai</u>kshaba Produced from sugar-cane.

ଐକ୍ଷିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshiṇi Ehikshaṇi ( See )

ଐକ୍ଷିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshiṇikā Ehikshaṇi ( See )

ଐଚ୍ଛିକ—ସଂ. ବିଣ. ପୁଂ. ( ଇଚ୍ଛା+ଇକ )—ଇଚ୍ଛାଧୀନ; ଇଚ୍ଛାନୁଯାୟୀ—
<u>Ai</u>chchhika Voluntary; optional; volitional.
(ଐଚ୍ଛିକା—ସ୍ତ୍ରୀ)

ଐଚ୍ଛିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>chchhikā Ehikshaṇi ( See )
ସଂ. ବିଣ—'ଐଚ୍ଛିକ'ର ସ୍ତ୍ରୀଲିଙ୍ଗ—
Feminine of <u>Ai</u>chchhika

ଐଚ୍ଛିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>chchhiṇi Ehikshaṇi ( See )

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅକ୍ଷରକ୍ରମ ଅନୁସାରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବ୍ରଥ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଐଚ୍ଛିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhiṇikā Ehikshaṇi ( See )

ଐଚ୍ଛୁଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇi Ehikshaṇi ( See )

ଐଚ୍ଛୁଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇikā Ehikshaṇi ( See )

ଐଚ୍ଛୁଣୁ—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇu Ehikshaṇi ( See )

ଐଚ୍ଛୁଣୁକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇukā Ehikshaṇi ( See )

ଐଛିକା—ଗ୍ରା. ଅ. ( ସଂ. ଏତଦ୍+କ୍ଷଣ )—ଏହିକ୍ଷଣି ( ଦେଖ )
Aichhikā Ehikshaṇi ( See )

ଐଛିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhiṇi Ehikshaṇi ( See )

ଐଛିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhiṇikā Ehikshaṇi ( See )

ଐଛୁଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇi Ehikshaṇi ( See )

ଐଛୁଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇikā Ehikshaṇi ( See )

ଐଛୁଣୁ—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇu Ehikshaṇi ( See )

ଐଛୁଣୁକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇukā Ehikshaṇi ( See )

ଐଣ—ସଂ. ବଣ ( ଏଣ=ହରିଣ+ଅ )—କୃଷ୍ଣମୃଗ ସମ୍ବନ୍ଧୀୟ; କୃଷ୍ଣମୃଗଜାତ—
Aiṇa Belonging to or produced from the male antelope.
ସଂ. ବି—କୃଷ୍ଣମୃଗଚର୍ମ—Deer skin.

ଐଣିକ—ସଂ. ବଣ. ପୁଂ ( ଏଣ=ମୃଗ+ଇକ )—ମୃଗହନ୍ତା—
Aiṇika Killer of deer; a deer-hunter.

ଐଣେୟ—ସଂ. ବଣ. ( ଏଣ+ଏୟ )—ଐଣ ( ଦେଖ )
Aiṇeya Aiṇa ( See )

ଐତରେୟ—ସଂ. ବି—୧ । (ଇତର+ଏୟ)—ଇତର ନାମକ ଋଷି ପ୍ରଣୀତ ଋଗ୍ବେଦର ଅଂଶ—
Aitareya 1. portion of the Rugbeda composed by sage Itara.
୨ । ଋଗ୍ବେଦର ଉପନିଷଦ୍‌ବିଶେଷ—
2. Title of an Upanishad.
୩ । ଇତର ମୁନିଙ୍କ ପୁତ୍ର—3. Son of sage Itara.

[ ଦ୍ର—ଋଗ୍ବେଦର ଅଷ୍ଟାଦଶ ଅଧ୍ୟାୟ ଓ ପାଞ୍ଚ ଆରଣ୍ୟକରେ ବିଭକ୍ତ । ଏହି ଆରଣ୍ୟକ ବା ଶାଖା ସାତ ଅଧ୍ୟାୟରେ ବିଭକ୍ତ । ଦ୍ୱିତୀୟ ଆରଣ୍ୟକର ଗୋଟିଏ ଅଂଶର ନାମ ଐତରେୟ ଉପନିଷଦ୍ । ଋଗ୍ବେଦର ଗୋଟିଏ ବ୍ରାହ୍ମଣ ବା ବେଦାଂଶର ନାମ ଐତରେୟ ବ୍ରାହ୍ମଣ । ଏହା ଆଠଗୋଟି ପଞ୍ଜିକାରେ ବିଭକ୍ତ । ଜ୍ଞାନେନ୍ଦ୍ର ସ୍ୱର୍ଗୀୟ ରାମନାଥ ସରସ୍ୱତୀଙ୍କ ଉକ୍ତି । ]

ଐତିହାସିକ—ସଂ. ବି (ଇତିହାସ+ସମ୍ବନ୍ଧ. ଇକ)—୧ । ଇତିହାସ ସମ୍ବନ୍ଧୀୟ—
Aitihāsika 1. Historical; traditional.
୨ । ଇତିହାସ ଲିଖିତ—2. Historic.
ସଂ. ବିଣ. ପୁଂ—୧ । ଇତିହାସ ଲେଖକ—1. Historian.
୨ । ଇତିହାସଜ୍ଞ—2. Learned in history.

ଐତିହ୍ୟ—ସଂ. ଅ ( ଇତିହ+ସ୍ୱାର୍ଥ. ଯ )—୧ । ପରମ୍ପରାଗତ ପ୍ରମାଣ ବାକ୍ୟ; ପ୍ରବାଦ ବାକ୍ୟ—
Aitihya 1. Tradition.
୨ । ପରମ୍ପରାଗତ ଉପଦେଶ ବାକ୍ୟ—
2. Story handed down from generation to generation; traditional instruction.
[ ଦ୍ର—ଐତିହାସିକମାନେ ଐତିହ୍ୟକୁ ପ୍ରମାଣ ବା ଜ୍ଞାନର ଉପକରଣରୂପେ ଗ୍ରହଣ କରନ୍ତି । ]
୩ । ପ୍ରମାଣ (ଜ୍ଞାନେନ୍ଦ୍ର)—3. Evidence.

ଐନଗଡ୍—ଗ୍ରା. ଅ—ଏହିନଗଡ (ଦେଖ)
Ainagad Ehinagada ( See )

ଐନଗଡି—ଦେ. ଅ—ଏହିନଗଡ ( ଦେଖ )
Ainagadi Ehinagada ( See )

ଐନା (ଇତ୍ୟାଦି)—ବୈଦେ. ବି (ଅ)—ଅଇନା ଇତ୍ୟାଦି ( ଦେଖ )
Ainā (etc) Ainā etc. (See)

ଐନି (ଇତ୍ୟାଦି)—ଦେ. ବି.—ଅଇନି ଇତ୍ୟାଦି ( ଦେଖ )
Aini (etc.) Aini etc. ( See )

ଐନ୍ଦବ—ସଂ. ବଣ ( ଇନ୍ଦୁ=ଚନ୍ଦ୍ର+ଅ )—ଚନ୍ଦ୍ର ସମ୍ବନ୍ଧୀୟ—
Aindaba Lunar; relating to the moon.
ସଂ. ବି—୧ । ମୃଗଶିରା ନକ୍ଷତ୍ର—The fifth of the 27 constellations of Hindu Astronomy.
୨ । ଚାନ୍ଦ୍ରାୟଣ ବ୍ରତବିଶେଷ—
2. A kind of penance or vow.
୩ । ଚାନ୍ଦ୍ର ମାସ—3. Lunar month.

ଐନ୍ଦ୍ର—ସଂ. ବି ( ଇନ୍ଦ୍ର+ଅପତ୍ୟାର୍ଥେ. ଅ )—୧ । ଇନ୍ଦ୍ରପୁତ୍ର—[ ବାଲି, ସୁଗ୍ରୀବ, ଜୟନ୍ତ, ଅର୍ଜୁନ ]
Aindra 1. Son of God Indra.
୨ । ପୂର୍ବଦେଶୀୟ ଜାତିବିଶେଷ—
2. An eastern nation.
ସଂ. ବିଣ (ଇନ୍ଦ୍ର+ସମ୍ବନ୍ଧାର୍ଥେ. ଅ)—୧ । ଇନ୍ଦ୍ରସମ୍ବନ୍ଧୀୟ—
1. Relating to God Indra.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଃ | ଙ୍ଗ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ୟ | ସ | ଙ୍ଘ | ଇଅ | ଓ | ନ୍ |

୨ । ପୂର୍ବଦିଗସମ୍ବନ୍ଧୀୟ (ପୂର୍ବର ଦିକ୍‌ପାଳ ଇନ୍ଦ୍ର ଥିବାରୁ)—
2. Eastern; relating to the East

ଐନ୍ଦ୍ରଜାଲିକ—ସଂ. ବଣ (ଇନ୍ଦ୍ରଜାଲ=କୁହୁକ+ଇକ)—
<u>Ai</u>ndrajālika ୧ । ମାୟାମୟ—1. Illusory
୨ । କୁହୁକ ବା ଇନ୍ଦ୍ରଜାଲସମ୍ବନ୍ଧୀୟ—
2. Magical.
୩ । ଇନ୍ଦ୍ରଜାଲରୁ ସମ୍ଭୂତ—
3. Resulting from magic or legerdemain.
ସଂ. ବି. ପୁଂ—ବାଜୀଗର—
A magician; wizard; juggler.

ଐନ୍ଦ୍ରବାରୁଣିକା—ସଂ. ବି-କଇଁଚକାକୁଡ଼ି; ବନ୍ୟଫଳ; ଗୋରେଖକାକୁଡ଼ି—
<u>Ai</u>ndrabāruṇikā (ହରେକୃଷ୍ଣ ଦ୍ରବ୍ୟଗୁଣ)—A kind of wild creeper and its fruit.

ଐନ୍ଦ୍ରଲୁପ୍ତିକ—ସଂ. ବଣ (ଇନ୍ଦ୍ରଲୁପ୍ତ=ଚନ୍ଦାମୁଣ୍ଡ ରୋଗ+ଇକ)—
<u>Ai</u>ndraluptika ୧ । ଚନ୍ଦାମୁଣ୍ଡରୋଗସମ୍ବନ୍ଧୀୟ—
1. Pertaining to baldness.

ଐନ୍ଦ୍ରୀ—ସଂ. ବି. ସ୍ତ୍ରୀ (ଇନ୍ଦ୍ର+ସ୍ୱାର୍ଥେ. ଅ+ସ୍ତ୍ରୀ. ଆ)—
<u>Ai</u>ndrā ୧ । ଇନ୍ଦ୍ରାଣୀ; ଶଚୀ—
1. The wife of Indra.
୨ । ପୂର୍ବଦିଗ—2. The East.
୩ । ଶକ୍ତିବିଶେଷ—
3. Name of a Śakti or creative energy.
୪ । ଜ୍ୟେଷ୍ଠା ନକ୍ଷତ୍ର—
4. The 18th of the lunar constellation of Hindu astronomy.

ଐନ୍ଦ୍ରି—ସଂ. ବି (ଇନ୍ଦ୍ର+ଅପତ୍ୟାର୍ଥରେ. ଇ)—୧ । ଇନ୍ଦ୍ରପୁତ୍ର ଜୟନ୍ତ—
<u>Ai</u>ndri 1. Son of Indra—Jayanta.
୨ । ବାଳୀ—2. Bāḷī.
୩ । ସୁଗ୍ରୀବ—3. Sugrība.
୪ । ଅର୍ଜୁନ—4. Arjuna
୫ । କାକ; କୁଆ—5. Crow; raven.
୬ । ବିଛୁଆତି (ଗଛ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
6. The stinging nettle.
୭ । ବନ୍ୟଫଳ; ଗୋରେଖ କାକୁଡ଼ି (ହରେକୃଷ୍ଣ. ଦ୍ରବ୍ୟଗୁଣ)—
7. A kind of fruit.

ଐନ୍ଦ୍ରିୟ—ସଂ. ବଣ (ଇନ୍ଦ୍ରିୟ+ଅ)—୧ । ଇନ୍ଦ୍ରିୟସମ୍ବନ୍ଧୀୟ—
<u>Ai</u>ndriya 1. Pertaining to the senses.
୨ । ଇନ୍ଦ୍ରିୟଗୋଚର—
2. Perceptible by the senses.

ଐନ୍ଦ୍ରିୟକ—ସଂ. ବଣ (ଇନ୍ଦ୍ରିୟ+ଅକ)—ଐନ୍ଦ୍ରିୟ (ଦେଖ)
<u>Ai</u>ndriyaka <u>Ai</u>ndriya (See)

ଐନ୍ଦ୍ରିଲା—ସଂ ବି. (ନାମ)—ବୃତ୍ରାସୁରର ପତ୍ନୀ—
<u>Ai</u>ndrilā The wife of demon Bṛutra.

ଐନ୍ଦ୍ରୀ—ସଂ. ବି. ସ୍ତ୍ରୀ (ଇନ୍ଦ୍ର+ଅ+ସ୍ତ୍ରୀ. ଈ)—୧ । ଇନ୍ଦ୍ର ଶକ୍ତି—
<u>Ai</u>ndrī 1. The energy of Indra.
୨ । ବଜ୍ର; କୁଳଶ—2. Thunderbolt.

ଐଫଳା— ଐକାର ( ଦେଖ )
<u>Ai</u>phaḷā <u>Ai</u>kāra ( See )

ଐବ୍ରତ—ଗ୍ରା. (ପ୍ରାଚୀନ ପଦ୍ୟ) ବି. ଓ ବଣ. (ସଂ. ଅୟୁତ)—
<u>Ai</u>brata ଅୟୁତ; ଦଶ ହଜାର—Ten thousand.
ଐବ୍ରତେ ସୁବର୍ଣ୍ଣ ଦେବଇଁ ମୁହିଁ । ପ୍ରାଚୀ—ଜଳବନ୍ଦନ ।

ଐମାତ୍ରା— ଐକାର ( ଦେଖ )
<u>Ai</u> mātrā <u>Ai</u>kāra ( See )

ଐର—ଦେ. ବି. (ନାମ)—(ଇର+ଅପତ୍ୟାର୍ଥରେ. ଅ)—
<u>Ai</u>ra ପ୍ରାଚୀନ କଳିଙ୍ଗର ରାଜବଂଶବିଶେଷ—
Name of a royal dynasty of ancient Kaḷiṅga.
ଐର ଯଶ ଲେଖା ଅକ୍ଷୟ ଅକ୍ଷରେ । ରଘୁନାଥ. ଜନକେଶ୍ୱର ।
[ ଦ୍ର—ପୁରାଣମାନଙ୍କରେ ଲେଖା ଅଛି ଯେ ମହାଭାରତ ସମୟରୁ ନନ୍ଦଙ୍କ ରାଜତ୍ୱ ପର୍ଯ୍ୟନ୍ତ କଳିଙ୍ଗରେ ୩୨ ଜଣ ରାଜା ରାଜତ୍ୱ କରିଥିଲେ । ସେହି ରାଜବଂଶକୁ ଐରବଂଶ ବୋଲି କୁହାଯାଇଅଛି । ଉଦୟଗିରି ହାତୀଗୁମ୍ଫାଖୋଦିତ ଶିଳାଲିପିରେ ଲେଖାଅଛି କେତୁଭଦ୍ର ନାମରେ ସେହି ଐରବଂଶରେ ଜଣେ ରାଜା ଥିଲେ । ଖାରବେଳ ରାଜା ହେବା ପରେ ସେହି କେତୁଭଦ୍ରଙ୍କ ବିଗ୍ରହ ପୂଜା କରୁଥିଲେ । ଏହି ଐର ରାଜାମାନେ ଖ୍ରୀଷ୍ଟ ପୂର୍ବ ୩୭୦ ପୂର୍ବରୁ କଳିଙ୍ଗରେ ରାଜତ୍ୱ କରୁଥିଲେ ।
କୃପାସିନ୍ଧୁ. ଉତ୍କଳଇତିହାସ । ]

ଐରାବଣ—ସଂ. ବି. (ଇରାବତ୍=ସମୁଦ୍ର; ମେଘ+ଅଛି ଅର୍ଥରେ. ଅ)—
<u>Ai</u>rābaṇa ୧ । ଇନ୍ଦ୍ରଙ୍କ ହସ୍ତୀ—
1. Indra's elephant.
୨ । ପୂର୍ବଦିଗର ହସ୍ତୀ—2. The mythological elephant of the eastern quarter.
୩ । ବିଦ୍ୟୁତ୍; ବିଜୁଳି—3. Lightning.

ଐରାବତ—ସଂ. ବି. ପୁଂ. (ଇରାବତ୍=ସମୁଦ୍ର;ମେଘ+ଅଛି ଅର୍ଥରେ.ଅ)—
<u>Ai</u>rābata ୧ । ଇନ୍ଦ୍ରଙ୍କ ହସ୍ତୀ; ପୂର୍ବଦିଗର ହସ୍ତୀ; ଅଭ୍ରମାତଙ୍ଗ—
(ଐରାବତୀ—ସ୍ତ୍ରୀ) 1. Indra's elephant.
୨ । ନାରଙ୍ଗ (ଫଳ ଓ ଗଛ)—2. Sweet orange.
୩ । ଇନ୍ଦ୍ରଧନୁ—3. Rainbow
ହସ୍ତୀରେ ସ୍ୱର୍ଗ ସୁରେଶ ଅଧିକରେ ସତ,
ବିନ୍ଦବିନ୍ଦୁ ଯେସ୍ନେ ଶଚୀବର ଐରାବତ—ଉପେ. ବୈଦେହୀଶବିଳାସ ।

ସାଧାରଣ ଲୋକେ ଏପରି ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଅବସ୍ଥା ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ସାଢ଼' ନ ମିଳିଲେ 'ସାଢ଼' ଖୋଜିବେ 'ଭୁଷ' ନ ମିଳିଲେ 'ଭୂଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୪ । ସରଳ ଇନ୍ଦ୍ରଧନୁ—4. A straight rainbow.
୫ । ଲକୁଚ; ଜେଉଟ ( ଗଛ ଓ ଫଳ )—
5. Autocarpus Lacucha (tree and fruit

ଐରାବତୀ— ସଂ. ବି. ସ୍ତ୍ରୀ. ( ଐରାବତ + ସ୍ତ୍ରୀ. ଈ )—
Airābatī ୧ । ବିଦ୍ୟୁତ୍; ବିଜୁଳି—1. Lightning.
୨ । ଐରାବତ ହସ୍ତୀର ସ୍ତ୍ରୀ—
2. The she-elephant of the east quarter.
୩ । ବ୍ରହ୍ମଦେଶର ଏକ ନଦୀ—
3. The Irawadi river in Burma
[ ଦ୍ର—ଐରାବତୀ ନଦୀ ହିମାଳୟର ପୂର୍ବପ୍ରାନ୍ତରୁ ବାହାରି ବ୍ରହ୍ମଦେଶ ବାଟେ ଦକ୍ଷିଣବାହିନୀ ହୋଇ ମାର୍ତ୍ତାବାନ୍ ସାଗରଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏହାର ମୁହାଣରେ ରେଙ୍ଗୁନ୍ ନଗର ଓ ବନ୍ଦର ଅବସ୍ଥିତ । ଏ ନଦୀରେ ବ୍ରହ୍ମଦେଶରୁ ବଡ଼ ବଡ଼ ଶାଗୁଆନ୍ କାଠର ପଟାଳମାନ ଅଣାଯାଏ । ମାଣ୍ଡାଲେ ବା ମଣ୍ଡାଲୟ ନଗର ଏହାର ତୀରବର୍ତ୍ତୀ ଗୋଟିଏ ନଗର । ]
୪ । ପଞ୍ଜାବଦେଶ-ନଦୀ; ରାବିନଦୀ—
4. The Rābi river
[ ଦ୍ର—ଏହା ହିମାଳୟରୁ ବାହାରି ପଞ୍ଜାବ ଦେଶ ଦେଇ ସିନ୍ଧୁ ନଦୀରେ ମିଶି ଆରବସାଗରରେ ପଡ଼ିଅଛି । ଏହା ସିନ୍ଧୁନଦୀର ଗୋଟିଏ ଶାଖା ଅଟେ । ଲାହୋର ନଗର ଓ ଚମ୍ବା ରାଜ୍ୟ ଏ ନଦୀ ଉପରେ ଅବସ୍ଥିତ । ]

ଐରି—ଗ୍ରା. ବି. ( ସଂ. ଅରି; ବୈରୀ )—ଅଇରି ( ଦେଖ )
Airi Airi ( See )
ଐରି — ଏବେ ତୁମ୍ଭେ ସନ୍ଦେହରେ ଐରିଗୁଣ ଦେଲ । ବସ୍ତ୍ରହରଣ ପୁରାଣ ।

ଐରି ଗଉଡ଼—ଦେ. ବି. ପୁଂ. (ସଂ. ଅଭୀର )—ଅଇରି ଗଉଡ଼ (ଦେଖ)
Airi gaurda Airi gaurda (See)

ଐରି ଗଉଡ଼ୁଣୀ—ଦେ. ବି. ସ୍ତ୍ରୀ—ଅଇରି ଗଉଡ଼ୁଣୀ ( ଦେଖ )
Airi gaurdunī Airi gaurdunī ( See )

ଐରିଣ—ସଂ. ବି. ( ଇରିଣ=କ୍ଷାରଭୂମି + ଅ )—ଲବଣବିଶେଷ;
Airina ଭୂମିରୁ ଜାତ ଲୁଣ—A kind of salt produced from saline soil.

ଐରିତା—ଗ୍ରା. ବି. ( ସଂ. ଅରିତା; ବୈର )—ଶତ୍ରୁତା—
Airitā Enmity.

ଐରିମଲ୍ଲ—ଦେ. ବି. ( ସଂ. ଅରି ଓ ମର୍ଦ୍ଦନ ବା ମଲ୍ଲ )—
Airimalla ଏକପ୍ରକାର ପତାକା—A kind of flag.
ହନୁମନ୍ତର ରଥରେ ଐରିମଲ୍ଲ ବାନା । ବସ୍ତ୍ରହରଣ ପୁରାଣ ।

ଐରୁତା—ଗ୍ରା. ବି — ଐରିତା ( ଦେଖ )
Airutā Airitā ( See )

ଐରେୟ—ସଂ. ବି. ( ଇରା—ଅନ୍ନ + ଜାତାର୍ଥେ. ଏୟ )—
Aireya ଅନ୍ନଜାତ ମଦ୍ୟ; ଭାତରୁ ପ୍ରସ୍ତୁତ ମଦ; ଖଟି—
Wine distilled from boiled rice; country spirit.

ଐଳ—ସଂ. ବି. ପୁଂ. ( ଇଳା=ବୁଧପତ୍ନୀ + ଜାତାର୍ଥେ. ଅ )—
Aila ଚନ୍ଦ୍ରବଂଶୀୟ ରାଜା ପୁରୁରବା—King Pururabā.

ଐଳବିଳ—ସଂ. ବି. ପୁଂ. ( ଇଳବିଳା=ପୁଲସ୍ତି ଋଷିଙ୍କ ଭାର୍ଯ୍ୟା; କୁବେର
Ailabila ପିତାମହୀ + ସନ୍ତାନ. ଅ )—କୁବେର—
God Kubera; the God of riches;

ଐଲାବୃତବର୍ଷ—ସଂ. ବି. ( ଇଲାବୃତ + ଅ + ବର୍ଷ )—
Ailābrutabarsha ୧ । ଜମ୍ବୁଦ୍ୱୀପର ନଅଗୋଟି ବର୍ଷ ବା ଅଂଶର ଏକତମ—1. One of the 9 countries which formed a part of the mythological Jambudwīpa.
୨ । ଇଲାବୃତ ଦେଶ; କୈଲାଶପର୍ବତର ସନ୍ନିହିତ ସ୍ଥାନ; (ସେଠାରେ ଅଭିଶାପଗ୍ରସ୍ତ ରାଜା ଇଲ ସ୍ତ୍ରୀ (ଇଲା) ରୂପରେ ବୁଧଙ୍କ ସହିତ ବାସ କରୁଥିଲେ)—2. Name of a country near the Kailāsa mountains.

ଐଲେୟ—ସଂ. ବି. (ଏଲା=ଅଳାଇଚ+ଇୟ; ଏହାର ସୁଗନ୍ଧ ଅଳାଇଚ
Aileya ପରି ଥିବାରୁ)—ସୁଗନ୍ଧ ଦ୍ରବ୍ୟବିଶେଷ; ଗନ୍ଧନାଳୁକା—
A spice.

ଐଶ—ସଂ. ବିଣ. ପୁଂ. (ଈଶ + ଅ)—୧ । ଶିବସମ୍ବନ୍ଧୀୟ—
Aiśa 1. Relating to God Śiba.
(ଐଶୀ—ସ୍ତ୍ରୀ) ୨ । ଈଶ୍ୱରସମ୍ବନ୍ଧୀୟ—
2. Pertaining to God; Divine.
୩ । ସର୍ବପ୍ରଧାନ—3. Supreme.

ଐଶାଣ—ଦେ. ବି. (ସଂ. ଐଶାନୀ)—ଐଶାନୀ (ଦେଖ)
Aiśāna Aiśānī (See)

ଐଶାନୀ—ସଂ. ବି. ସ୍ତ୍ରୀ. (ଈଶାନ=ଶିବ + ଅ + ସ୍ତ୍ରୀ. ଈ)—
Aiśānī ୧ । ଉତ୍ତରପୂର୍ବ କୋଣ; ଈଶାନ କୋଣ—
1. The North-east quarter.
୨ । ପାର୍ବତୀ—2. Goddess Pārbati.
୩ । ଶକ୍ତିବିଶେଷ—3. A divine power; creative energy.

ଐଶାନ୍ୟ—ଦେ. ବି. (ସଂ. ଐଶାନୀ)—ଐଶାନୀ (ଦେଖ)
Aiśānya Aiśānī (See)

ଐଶିକ—ସଂ. ବି. ପୁଂ. (ଈଶ + ଇକ)—ଐଶ (ଦେଖ)
Aiśika Aiśa (See)

ଐଶୀ—ସଂ. ବିଣ. ସ୍ତ୍ରୀ. (ଐଶ + ସ୍ତ୍ରୀ. ଈ)—ଈଶ୍ୱର ସମ୍ବନ୍ଧୀୟା—
Aiśī Divine (feminine)

ଐଶୁର୍ଯ୍ୟ—ଗ୍ରା. ବି. (ସଂ. ଐଶ୍ୱର୍ଯ୍ୟ)—ଐଶ୍ୱର୍ଯ୍ୟ (ଦେଖ)
Aiśurjya Aiśwarjya (See)

ଐଶ୍ୱର—ସଂ. ବିଣ. (ଈଶ୍ୱର + ଅ)—ଐଶ (ଦେଖ)
Aiśwara Aiśa (See)
(ଐଶ୍ୱରୀ—ସ୍ତ୍ରୀ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇୟ | ଉଅଁ | ଙ |
| ୨ | ଈ | ଉ | ଋୁ | ଲୃ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | କ୍ଷ୍ୟ | ଯ | ସ | ଗ୍ୟଁ | ଉଅ | ଞ | ନ୍ନ |

ଐଶ୍ୱରିକ—ସଂ. ବିଣ. (ଈଶ୍ୱର + ସମ୍ବନ୍ଧାର୍ଥେ. ଇକ)—ଐଶ (ଦେଖ)
<u>Ai</u>śwarika — <u>Ai</u>śa (See)

ଐଶ୍ୱର୍ଯ୍ୟ—ସଂ. ବି. (ଈଶ୍ୱର+ଯ)—୧ । ପ୍ରଭୁତ୍ୱ—1. Supremacy; mastery; great power.
<u>Ai</u>śwarjyā
୨ । ଅସାଧାରଣ ତେଜ—2. Glory; extraordinarys plendour.
୩ । ଈଶ୍ୱରତ୍ୱ—3. Divine majesty; divine perfection; divinity.
୪ । ଧନ; ସମ୍ପତ୍ତି; ବିଭବ; ବଡ଼ିମା—
4. Riches; affluence; wealth.
୫ । ମହିମା; ପ୍ରତାପ—5. Majesty; grandeur.
୬ । ଈଶ୍ୱରଙ୍କର ଅଣିମାଦି ଅଷ୍ଟବିଧ ବିଶିଷ୍ଟ ଶକ୍ତି ବା ବିଭୂତି-
6. Eight divine attributes of God.

ଐଶ୍ୱର୍ଯ୍ୟଗର୍ବ—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଐଶ୍ୱର୍ଯ୍ୟ+ଗର୍ବ)—ବିଭବ-
<u>Ai</u>śwarjyāgarba — ଜନିତ ଅହଙ୍କାର; ଧନଗର୍ବମ—
Pride due to possession of riches.

ଐଶ୍ୱର୍ଯ୍ୟମଦ—ସଂ. ବି. (ମଧ୍ୟପଦଲୋପୀ କର୍ମଧା)—
<u>Ai</u>śwarjyamada — ଐଶ୍ୱର୍ଯ୍ୟଗର୍ବ (ଦେଖ)
<u>Ai</u>śwarjyagarba.

ଐଶ୍ୱର୍ଯ୍ୟଶାଳୀ—ସଂ ବିଣ. ପୁଂ. (ଐଶ୍ୱର୍ଯ୍ୟ+ଶାଳିନ୍. ୧ମା ୧ବ.)—
<u>Ai</u>śwarjyaśāli — ୧ । ସମ୍ପତ୍ତିବାନ୍; ଧନଶାଳୀ—
(ଐଶ୍ୱର୍ଯ୍ୟଶାଳିନୀ—ସ୍ତ୍ରୀ) Possessed of great wealth or riches.
୨ । ପ୍ରତାପପୂର୍ଣ୍ଣ; ତେଜୋମୟ—
2. Grand; magnificent.

ଐଷମଃ—ସଂ. ଅ. (ଇଦମ୍ + ବର୍ଷ ଅର୍ଥରେ. ସମସ୍)—ଏହିବର୍ଷ;
<u>Ai</u>shamaḥ — ଏବର୍ଷ; ଏସନ—This year.

ଐଷମସ୍—ସଂ. ଅ.—ଐଷମଃ (ଦେଖ)
<u>Ai</u>shamas — <u>Ai</u>shamaḥ (See)

ଐଷିକ—ସଂ. ବିଣ. (ଇଷିକ + ଅ)—ଇଷିକାତୃଣ-ନିର୍ମିତ—
<u>Ai</u>śhika — Made of Ishikā reeds.
(ଐଷୀକ—ଅନ୍ୟରୂପ)
ସଂ. ବି.—ଇଷିକା ସଜ୍ଜିତ ଅସ୍ତ୍ର ବା ବାଣବିଶେଷ—
A kind of arrow furnished with of Ishikareeds.
କେ ଯେ ଦ୍ରୌଣି ଐଷିକ ଅସ୍ତ୍ରକୁ ପେଷିଲେ
କୃଷ୍ଣସିଂହ. ମହାଭାରତ. ଆଦି ।

[ଦ୍ର—ଏହି ଅସ୍ତ୍ରର ନାମରୁ ମହାଭାରତର 'ଐଷିକପର୍ବ'ର ନାମ ହୋଇଅଛି । ଅଶ୍ୱତ୍ଥାମା ଏହି ବାଣ ପ୍ରୟୋଗ କରି ଅଭିମନ୍ୟୁଙ୍କ ସ୍ତ୍ରୀ ଉତ୍ତରାଙ୍କ ଗର୍ଭସ୍ଥ ପରୀକ୍ଷିତଙ୍କୁ ନାଶ କରୁଥିଲେ ।]

ଐଷିକପର୍ବ—ସଂ. ବି—ମହାଭାରତର ପର୍ବବିଶେଷ—
<u>Ai</u>shikaparba — Name of a canto of the Mahābhārata.
[ଦ୍ର—ମହାଭାରତର ଦଶମ ପର୍ବର ନାମ ସୌପ୍ତିକ ଓ ଐଷିକ ପର୍ବ; ରାତ୍ରିଯୁଦ୍ଧରେ ପାଣ୍ଡବ ପୁତ୍ରମାନେ ଶୋଇଥିବା (ସୁପ୍ତ) ଅବସ୍ଥାରେ ଅଶ୍ୱତ୍ଥାମା ସେମାନଙ୍କୁ ହତ୍ୟା କରିବା, ଧୃତରାଷ୍ଟ୍ର ଓ ଦ୍ରୌପଦୀ ଏ ସମ୍ବାଦ ପାଇ ଶୋକ କରିବା ଓ ପୁତ୍ର ବଧର ପ୍ରତିହିଂସା ନେବାକୁ ଅଶ୍ୱତ୍ଥାମାଙ୍କ ମସ୍ତକରେ ଥିବା ମଣିକୁ ଆଣିବାକୁ ଦ୍ରୌପଦୀ ପ୍ରାର୍ଥନା କରିବା ଏବଂ ଅଶ୍ୱତ୍ଥାମାଙ୍କ ମଣି ପାଣ୍ଡବମାନେ ଆଣି ଦ୍ରୌପଦୀଙ୍କୁ ଦେବା ଐଷିକ ପର୍ବର ବର୍ଣ୍ଣିତ ବିଷୟ ।]

ଐଷ୍ଟିକ—ସଂ. ବିଣ (ଇଷ୍ଟି = ଯଜ୍ଞ + ସମ୍ବନ୍ଧ. ଇକ)—ଯଜ୍ଞସମ୍ବନ୍ଧୀୟ—
<u>Ai</u>shṭika — Sacrificial; ceremonial.

ଐସୁଲକ୍ଷଣୀ—ଗ୍ରା. ବିଣ (ସଂ. ଅପି+ସୁଲକ୍ଷଣା)—
<u>Ai</u>sulakshaṇī — ଅଇସୁଲକ୍ଷଣୀ (ଦେଖ)
Aisulakshaṇī (See)

ଐସୁଲେଖିଣୀ—ଗ୍ରା. ବିଣ—ଅଇସୁଲକ୍ଷଣୀ (ଦେଖ)
<u>Ai</u>sulekhiṇī — Aisulakshaṇī (See)

ଐହ (ଇତ୍ୟାଦି)—ଗ୍ରା ବିଣ—ଅହିଅ ଇତ୍ୟାଦି (ଦେଖ)
<u>Ai</u>ha etc) — Ahia etc (See)

ଐହିକ—ସଂ. ବିଣ (ଇହ = ଇହକାଳ; ଇହଲୋକ + ଇକ)—
<u>Ai</u>hika — ୧ । ଇହକାଳେ ଭବ; ଏହିକାଳର—
(ପାରତ୍ରିକ—ବିପରୀତ) 1. Pertaining to the present life on the earth.
୨ । ସାଂସାରିକ; ଇହଲୋକସମ୍ବନ୍ଧୀୟ; ପାର୍ଥିବ—
2. Temporal; mundane; worldly; secular.

ଐହିଡେଙ୍ଗୁରା—ଗ୍ରା. ବି—ଅହିଅଡେଙ୍ଗୁରା (ଦେଖ)
<u>Ai</u>hideṅgurā — Ahiadeṅgurā (See)

ଐହିନରକ—ଗ୍ରା. ବି—ଅହିଅନରକ (ଦେଖ)
<u>Ai</u>hinaraka — Ahianaraka (See)

ଐହିନାଗରା—ଗ୍ରା. ବି—ଅହିଅନାଗରା (ଦେଖ)
<u>Ai</u>hināgarā — Ahianāgarā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା— ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୃଅ' ନ ମିଳଲେ 'କୂଅ' ଖୋଜିବେ; 'ବଧୁ' ନ ମିଳଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

# ଓ

ଓ—ତ୍ରୟୋଦଶ ସ୍ୱରବର୍ଣ୍ଣ—The 13th vowel.
O

ଓ [ ଦ୍ର—ଏଥିର ଉଚ୍ଚାରଣ ସ୍ଥାନ କଣ୍ଠ ଓ ଓଷ୍ଠ । ଏଥିର ମାତ୍ରା ଆ 'ୋ'; ଏହାକୁ ସ୍କୁଲର ଅବଧାନମାନେ ଓତ୍ତାବାଡ଼ି କହନ୍ତି । 'େ' ଅକ୍ଷରର ପୂର୍ବରେ ଏବଂ 'ା' ଅକ୍ଷରର ପରେ ଲାଗେ । ]

ସଂ. ବି—ବ୍ରହ୍ମା—Brahmā.

ଦେ. ଅ—୧ । ଏବଂ; ଅରୁ – 1. And

୨ । (କ) ସମ୍ବୋଧନ ବା ଆହ୍ୱାନର ଉତ୍ତର—
2 Interjection used in (a) addressing or responding to a call; Ho ! Hollo

(ଖ) ସ୍ୱୀକାରସୂଚକ—(b) Agreeing.

(ଗ) ଅଭିପ୍ରାୟସୂଚକ—(c) Wishing.

(ଘ) ସ୍ମରଣାର୍ଥକ—(d) Remembering.

(ଙ) ଦୟାପ୍ରକାଶକ—(e) Expressing kindness or pity.

ଓଆଗାଳିବା—କ୍ରି. କି—ଉଗାଳିବା ( ଦେଖ )
Oagālibā Ugālibā ( See )

ଓଆଲତେର—ପ୍ରାଦେ. (ଗଞ୍ଜାମ) ବି. (ନାମ)—ବିଶାଖା ପଟ୍ଟଣାର ଓ୍ୱାଲ୍ ଟେଅର୍ ନଗର ( ବେଙ୍ଗଲ୍ ନାଗପୁର ରେଲୱାଏର ଦକ୍ଷିଣତମ ଷ୍ଟେସନ୍ )—Waltair in Vizag
Oālatera

ଓଇଢି—ଦେ. ବି (ଏକ ପ୍ରକାର ଗୁଳ୍ମ) – ବଳବଳଣା ( ଦେଖ )
Oidi Balabalaṇā (See)
इसारमाल

ଓଉ—ଦେ. ବି ( ସଂ. ଭବ୍ୟ; ଉଦାଳକ; ବହୁବାର—ଭୂଲ. ଅସାମୀ—ଅଉ )—ଅମ୍ଳଫଳବିଶେଷ—Dillenia Speciosa (Indica).
Ou

ସଂ. ନାମ ଅଜ୍ୟ; ବହୁବାର; ଶ୍ଳେଷ୍ମାତକ; ଉଦ୍ଦାଳକ; ଗର୍ଭ-ଗୁପ୍ତା; ପଞ୍ଚାଙ୍ଗିକା, ବସାମ୍ଳିକା ।
चालतौ
चालता; हरगेसा;
बहुआर; रुहिला
ମ. ମୋଠ କରମଲ; କରମେଲ
ତା. ଉବା; ପେଲ୍ଟା; କଲିଙ୍ଗା
ସାଲ୍ଗାଲି. କରୁବଟ
ତେ. କାକ୍ଲେଗ୍

[ ଦ୍ର—ଗୋଲାକାର ଫଳ ଓ ଦନ୍ତୁର ପତ୍ରବିଶିଷ୍ଟ ସୁନ୍ଦର ବନ୍ୟ ତରୁ ଏହାର ବକଳା ମୋଟା ଓ ରଙ୍ଗାଳିଆ । ଏହାର ଦନ୍ତୁରିତ ପତ୍ର ଗୁଡ଼ିକ ଲଗା-ଲଗି ହୋଇ ରହିଥାଏ । ପତ୍ରର ଉପର ପାଖ ସାଉଁଳିଆ । ତଳ ପାଖ କୁଦ୍ର ଅଂଶୁ ଯୁକ୍ତ । ଫୁଲଗୁଡ଼ିକ ୬ ବା ୭ଇଞ୍ଚି ବିସ୍ତୃତ । ଫୁଲ ପାଖୁଡ଼ାର ବର୍ଣ୍ଣ ଧଳା । ଫଳଗୁଡ଼ିକର ଗୋଲେଇ ୪"ବା ୬" ହୁଏ । ଫଳ ଉପରେ ନାଭ ଥାଏ । ଏହା ଖଟା ଓ ଈଷତ୍ କଷା ଲାଗେ । ଲୋକେ ଏ ଫଳକୁ ଅମ୍ବିଳରେ ଖାଆନ୍ତି ଏବଂ ଫଡ଼ାଗୁଡ଼ିକ ସରୁ ସରୁ କରି କାଟି ଆଚାର ଓ ତରକାରୀ କରନ୍ତି । ]

ଓଉମୁଣ୍ଡିଆ—ଦେ ବିଣ—ଓମୁଣ୍ଡିଆ ( ଦେଖ )
Oumuṇḍiā Omuṇḍiā ( See )

ଓଏସିସ୍—ବୈଦେ.ବି ( ଇଂ. ଓଏସିସ୍ )—ମରୁଭୂମି ମଧ୍ୟରେ ଥିବା ଉର୍ବର ବୃକ୍ଷ ଶ୍ୟାମଳ ଓ ଜଳପୂର୍ଣ୍ଣ ଭୂଖଣ୍ଡ—Oasis.
Oesis

ଓଂ—ଦେ. ଅ.—ଓଁ (ଦେଖ)
Oṁ Oñ (See)

ଓଃ—ଦେ. ଅ (ସଂ. ଅହୋ)—୧ । ଖେଦ, ବିସ୍ମୟ, ଅବଜ୍ଞା ଓ ବିରକ୍ତିସୂଚକ ଧ୍ୱନି; ଆଃ—ଉଃ—
Oh
ଉଃ
ଆହ
1. Interjection—sound uttered to indicate grief, wonder, contempt and displeasure—Oh ! Ah ! Alas!

୨ । ( ସାଙ୍କେତିକ ଓଗେର୍ ଶବ୍ଦର ସଂକ୍ଷିପ୍ତ ରୂପ )—ଓଗେର୍; ଇତ୍ୟାଦି—
2. Abbrevation for the word Ogar=etc

ଓଁ—ସଂ. ଅ—ପ୍ରଣବ, ଓଁକାର; ମନ୍ତ୍ରର ଆଦ୍ୟବୀଜ—
Oñ The incantation 'Oñ' used at the beginning of every Mantra.

[ ଦ୍ର—ଏହି ଧ୍ୱନି ସକଳ ପ୍ରକାର ମନ୍ତ୍ରର ଆଦ୍ୟରେ ଉଚ୍ଚାରିତ ହୁଏ । ଅ, ଉ ଓ ମ ଏହି ତିନଗୋଟି ଅକ୍ଷର ସଂଯୋଗରେ ଏହାର ଉତ୍ପତ୍ତି । ଅ=ବିଷ୍ଣୁ, ଉ=ଶିବ ଓ ମ=ବ୍ରହ୍ମା । ଏହି ବୀଜମନ୍ତ୍ରରେ ଏହି ତିନି ଦେବତାଙ୍କର ନାମ ଥିବାରୁ ଏହା ସକଳମନ୍ତ୍ରର ଆଦ୍ୟରେ ଲାଗେ । ଏହାକୁ ପ୍ରଥମେ ଉଚ୍ଚାରଣ ନ କରି ମନ୍ତ୍ର ପାଠ କଲେ ମନ୍ତ୍ର ସିଦ୍ଧ ହୁଏ ନାହିଁ । ଅକାର ସୂର୍ଯ୍ୟବୀଜ, ଉକାର ଚନ୍ଦ୍ର ବୀଜ, ଓ ମକାର ଅଗ୍ନିବୀଜ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ]

ଓଁକାର—ସଂ. ବି—ଓଁ ଅକ୍ଷର—
Oñkāra The letter 'Oñ'.

ଓଁକାରନାଥ—ଦେ. ବି (ନାମ) ହିନ୍ଦୁ ତୀର୍ଥବିଶେଷ—Name of a place of a Hindu-pilgrimage.
Oñkāranātha

[ ଦ୍ର—ଓଁକାରନାଥ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ଅନ୍ୟତମ । ଏହି ମନ୍ଦିରଟି ନର୍ମଦାର ଉତ୍ତର ତୀରରେ ଅବସ୍ଥିତ ।
ଦେବନମେ ହନ. ତୀର୍ଥଦର୍ଶନ । ]

ଓଁ ମଣିପଦ୍ମେହୁଁ—ଦେ. ଅ (ମନ୍ତ୍ର)—ତିବ୍ବତୀୟ ଲାମାମାନଙ୍କର ଜପିବା ମନ୍ତ୍ର ବିଶେଷ—A formula uttering which the Tibetan Lamas count rosary.
Oñ maṇipadmehuñ

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ,ଷ | କ୍ଷ | ଘ୍ୟ | ଛ୍ୟ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଈ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଗ୍ୟ | ସ | ଗ୍ୟ | ଘ୍ୟ | ଙ୍ | ନ |

[ ଦ୍ର— ଉତ୍କଳରେ ପ୍ରବାଦ ଅଛି ଯେ ମାନସସରୋବରର ପୂର୍ବେ ଋଷିଙ୍କ ଅବାସ ଭୂମି ଥିଲା । ପଦ୍ମମୁନି କାଶୀଠାରୁ ଜ୍ୱାଳାମୁଖୀବାଟେ ଉତ୍କଳକୁ ଆସି ଧର୍ମପ୍ରଚାର ଓ ମଠ ସ୍ଥାପନ ପୂର୍ବକ ଉତ୍କଳବାସୀମାନଙ୍କୁ ଏହି ମନ୍ତ୍ରରେ ଦୀକ୍ଷିତ କଲେ । ଏଥିପାଇଁ ଉତ୍କଳବାସୀମାନେ 'କାଶୀଲମା' ବା ଗୁରୁତମ୍ବୁ ଯୋଗୀମାନଙ୍କୁ ସମ୍ମାନ କରନ୍ତି ଓ କୌଣସି ଗ୍ରନ୍ଥ ଲେଖିବା ପୂର୍ବେ ଉତ୍କଳରେ ପ୍ରଥମେ ଦେବତାଙ୍କ ନାମ ପରେ 'କାଶୀ' ନାମ ଲେଖାଯାଏ । ବଙ୍ଗଳା. ସ୍ୱାମୀ ବ୍ରମାନନ୍ଦ ୨୧୪ ପୃଷ୍ଠା । ]

ଓକନି—ପ୍ରାଦେ ( ବସ୍ତର ) ବି— ଉକୁଣୀ—Louse.
Okni

ଓକନିକୀଡ଼ି—ପ୍ରାଦେ. ( ବସ୍ତର) ବି—ଉକୁଣିଆଁ ପୋକ—
Oknikirdi Weevil.

ଓକ— ସଂ. ବି. ( ଉଚ୍ ଧାତୁ=ଏକତ୍ର କରିବା+ଅଧିକରଣ. ଅ ) —
Oka ୧ । ପକ୍ଷୀ—1. Bird.
୨ । ବୃଷଲ; ଶୂଦ୍ର—2. A Śūdra
୩ । ବାସସ୍ଥାନ; ଗୃହ – 3. House; residence.
୪ । ଆଶ୍ରୟ—4. Shelter.
କଣ୍ଟକକ କେହ୍ନ କର ଭୂମ ମଧ୍ୟେ ଓକ । ଭକ୍ତ. ବୈଦେଶାଶରକାସ ।
୫ । ସ୍ଥାନ—5. Place.

ଓକଃ—ସଂ. ବି. ( ଉଚ୍ ଧାତୁ+ଅସ୍ )—ଓକ ( ଦେଖ )
Okah Oka ( See )

ଓକଡ଼ାଫଳ—ପ୍ରାଦେ. ( ଗଞ୍ଜାମ ) ବି—ଷ.ଲପର୍ଣ୍ଣୀ—
Okardāphala The thorny berry or wort

ଓକର—ଦେ. ବି—୧ । ଗୃହଚ୍ଛିଦ୍ର – 1. Family-secrets
Okara ୨ । ବଳ; କ୍ଷମତା; ଶକ୍ତି—2. Power; authority.
( ଯଥା—ପଦେ କହିବାକୁ ମୋର ଓକର ନାହିଁ । )
୩ । ଅଭ୍ୟାସ; ଖୋଇ—3. Habit.
୩ । ଓକର ( ଦେଖ )
3. Okara ( See )
୪ । ଜାତି, ଜନ୍ମ ବା ବଂଶର ଠିକଣା—
4. Certainty of one's lineage.
ସଂ. ବି—ସ୍ୱରବର୍ଣ୍ଣ 'ଓ' ର ମାତ୍ରା 'ୋ'; ବ୍ୟଞ୍ଜନ ବର୍ଣ୍ଣରେ 'ଓ' ବର୍ଣ୍ଣ ଯୁକ୍ତ ହେବାର ଚିହ୍ନ—(ଏ ଚିହ୍ନକୁ ପାଠଶାଳାର ଅବଧାନମାନେ ଓଡ଼ା ବାଡ଼ି କହନ୍ତି)—
The sign of the vowel 'O' added to a consonant.

ଓକର ଖୋଲିବା—ଦେ. କ୍ରି.—କୌଣସି ବ୍ୟକ୍ତିର ଗୃହଚ୍ଛିଦ୍ର ସାଧାରଣରେ
Okara kholibā ପ୍ରକାଶ କରିବା—To publish a person's family-secrets

ଓ କରିବା—ଦେ. କ୍ରି—୧ । ଡାକିଲେ ଉତ୍ତର ଦେବା—
O karibā 1. To respond to a call.
୨ । କାମରେ ଅସିବା; ଉପକାରରେ ଅସିବା—
2. To be useful.
ଝଙ୍କା ଯେ ଡ଼ାକ ସାଇତ ରଖିଥିଲେ ବେଳରେ ଓ କରିବ ।
ପଞ୍ଚାଉମେ.ହାଜ. ଗଳ୍ପସ୍ୱଳ୍ପ ।

ଓକସ୍—ସଂ. ବି—ଓକ ( ଦେଖ )
Okas Oka ( See )

ଓକାର—ଦେ. ବି. ( ସଂ. ଉଦ୍ଗାର )—
Okāra ୧ । ବାନ୍ତି—1. Vomiting
୨ । ବମନେଚ୍ଛା—2. A tendency to vomit.

ଓକାର ଉଠିବା—ଦେ. ବି—ବାନ୍ତି ହେବାର ଉପକ୍ରମ—
Okāra uthibā A tendency to vomit.

ଓକାରିବା—ଦେ. କ୍ରି—ବାନ୍ତି କରିବା—To vomit.
Okāribā
ওগরান
उल्टीकरना

ଓକାଳ—ଦେ. ବି. ( ସଂ. ଉଦ୍ଗାର )— ୧ । ବାନ୍ତି—
Okāla 1. Vomiting.
वमी ୨ । ବମନେଚ୍ଛା—2. Tendency to vomit.
उल्टी ଦେ. ବଣ—ବମିତ; ବମନ କରାଯାଇଥିବା—
Vomited forth.
ଓକାଳ ଉଥ ବୋଲଣ ନ ବଜଇ ଛହିଁ । ପୀତାମ୍ବର, ନୃସିଂହପୁରାଣ ।

ଓକାଲତ—ବୈଦେ. ବି. ( ଅ. ୱକାଲତ୍ )—ଓକାଲତନାମା (ଦେଖ)
Okālat Okālatnāma (See)
উকালত
वकालत

ଓକାଲତନାମା—ବୈଦେ. ବି. ( ଅ. ୱକାଲତ୍ )—
Okālatnāma ଓକିଲନିଯୁକ୍ତିସୂଚକ ପତ୍ର—
উকালতনামা Power of attorney, vakālatnāma;
वकालतनामा a written power given to a pleader by a party to act in court.

ଓକାଲତି—ବୈଦେ. ବି. ( ଅ )— ୧ । ଓକିଲଙ୍କ ବ୍ୟବସାୟ ବା ବୃତ୍ତି—
Okālati 1. Pleadership; the office or profession
উকালতি of a pleader.
वकालति ୨ । ପକ୍ଷସମର୍ଥନ—2. Pleading of a cause.

ଓକାଳିବା—ଦେ. କ୍ରି—ଓକାରିବା ( ଦେଖ )
Okālibā Okāribā ( See )

ଓକାହଗା—ପ୍ରାଦେ. ( ବସ୍ତର ) ବି—ଝାଡ଼ାବାନ୍ତି; ତରଳା—
Okāhagā Cholera.

ଓକିଲ—ବୈଦେ. ବି. ( ଅ. ୱକିଲ୍ )— ୧ । ବିଚାରାଳୟରେ ଲୋକ ଲୋକ
Okila ପକ୍ଷ ସମର୍ଥନ କରିବା ନିମନ୍ତେ ପକ୍ଷମାନଙ୍କ ଦ୍ୱାରା ନିଯୁକ୍ତ
উকিল ପ୍ରତିନିଧି - 1. Pleader; advocate.
वकिल

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଠ ନ ପାଇଲେ 'ବଣ୍ଠ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲଙ୍ଗ' ନ ପାଇଲେ 'ଅଲ୍‌ବଙ୍ଗ' ଦେଖିବେ ।

୨ । ରାଜାମାନଙ୍କ ମଙ୍ଗଳ ଉତ୍ସବକୁ ନିମନ୍ତ୍ରିତହୋଇଥିବା ରାଜାମାନେ ସ୍ୱୟଂ ଉତ୍ସବରେ ଯୋଗ ନ ଦେଇ ଯେଉଁ ପ୍ରତିନିଧି ପଠାନ୍ତି—2. A person representing an invited Rājā in another Rājā's social function.

୩ । ମୁସଲମାନମାନଙ୍କ ବିବାହ ସମୟରେ ବରଙ୍କ ଅନୁପସ୍ଥିତିରେ କନ୍ୟାର ପାଣିଗ୍ରହଣ କରିବା ନିମନ୍ତେ ବରଙ୍କ ଦ୍ୱାରା ନିଯୁକ୍ତ ପ୍ରତିନିଧି—
3 Bride—groom's representative at the marriage amongst the Mahomedans.

୪ । କ୍ଷମତାପ୍ରାପ୍ତ ପ୍ରତିନିଧି—
4. Authorised representative; agent.

୫ । କ୍ଷମତାପ୍ରାପ୍ତ ଦୂତ—
5. Envoy; ambassador.

**ଓକିଲତ୍‌ନାମା**—ବୈଦେ. ବି—ଓକାଲତନାମା ( ଦେଖ )
Okilātnāmā Okālatanāmā ( See)

**ଓକିଲତି**—ବୈଦେ. ବି—ଓକାଲତି ( ଦେଖ )
Okilāti Okālati ( See )

**ଓକିଲତିକରିବା**—ଦେ. କ୍ରି—୧ । ଓକିଲ ବ୍ୟବସାୟ ଦ୍ୱାରା ଜୀବିକା ଉପାର୍ଜ୍ଜନ କରିବା—
'Okilātikaribā
ওকালতিকরা 1. To earn one's livelihood by
वकालतिकरना practising at the bar.

୨ । ମୋକଦ୍ଦମାରେ ବାଦୀ ବା ପ୍ରତିବାଦୀଙ୍କର ପକ୍ଷ ସମର୍ଥନ କରିବା—2 To plead for a party in a case.

୩ । ( ଲକ୍ଷଣାର୍ଥ )—ଯେକୌଣସି ବ୍ୟକ୍ତିର ପକ୍ଷ ଧରି କଥା କହିବା ବା ଲଢ଼ିବା—
3. To take a person's side; to plead for a person.

ବରଂ ଅମ୍ଭେମାନେ ସାଥିଙ୍କ ସପକ୍ଷରେ ଓକିଲତି କରି ପାରୁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଓକୋଦନୀ**—ସଂ. ବି. ସ୍ତ୍ରୀ ( ଓକସ=ଆଶ୍ରୟ+ଅଦ ଧାତୁ—ଭକ୍ଷଣ କରିବା+କର୍ତ୍ତୃ. ଅନ+ସ୍ତ୍ରୀ. ଈ; ଯେ ଜୀବର ଆଶ୍ରୟକୁ ଖାଏ )—ଉକୁଣୀ—Louse.
Okodanī

**ଓଖ**—ଦେ. ବି—୧ । ଅଭ୍ୟାସ; ଖୋଇ—
Okha 1. Habit.
অভ্যাস ୨ । ବଦଅଭ୍ୟାସ—2 Bad habit.
लत; खु; आदत ୩ । ଛଳନା; ବାହାନା—3. Pretence

**ଓଖର**—ପ୍ରାଦେ. ୧ । (ଗଡ଼ଜାତ) ବି. (ସଂ. ଗୋକ୍ଷୀର)—
Okhara ଗୋକ୍ଷୀର; ଗୋଦୁଗ୍ଧ—1. Cow's milk;

୨ । (ମେଦିନୀପୁର) ବି—ଏକ ପ୍ରକାର ରାଶିଆ ଲଡ଼ୁ ବା ଖଜା—
2. Sweet cake mixed with sessamum.

**ଓଗର୍**—ବୈଦେ. (ଫାରସୀ) (ଆ ଅଗୈର)—ଓଗେର; ଇତ୍ୟାଦି; ଏବଂ ଏହିପରି ଅନ୍ୟ ସବୁ—
Ogar
ওগৈরহ; ওগায়রহ Etcetera; and the like; and so on.
अगैरा [ ଦ୍ର—ଏହା ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ । ଯଥା- ରାମ ଓଗର ଆସିଥିଲେ । ]

**ଓଗଳା**—ଦେ. ବି. ( ସଂ. ଅର୍ଗଳ )—
Ogaḷā ଅଟକାଇବା; ଓଗାଳିବା—
আগলান Restraining one from the front.
अटकाव

ଦେ. ବିଣ—ଅଗବୋଲା ( ଦେଖ )
Āgabolā ( See )

**ଓଗାଳ**—ଦେ. ବି. ( ସଂ. ଅର୍ଗଳ )—
Ogāḷa ୧ । ଅଟକାଇବା—
1. Barring progress; restraining.

୨ । ଗଉଡ଼ମାନଙ୍କ ନଉଡ଼ୀ ଖେଳ ଗୀତ ( ଯାହାକୁ ଗଉଡ଼ମାନେ ନଉଡ଼ୀ ଧରି ପରସ୍ପର ଆଗରେ ବୋଲଯାତ୍ରାରେ ବୋଲାବୋଲି ହୁଅନ୍ତି)—2. Song or dialogue sung by Orḍiā cowherds.
[ ଦ୍ର—ଲେମ୍ବାଲଗାଦିର ପ୍ରସିଦ୍ଧ ଗୋପାଳଙ୍କ ଗୁରୁ ମହନ୍ତ ଅଚ୍ୟୁତାନନ୍ଦ ଦାସ 'ଗୋପାଳଙ୍କ ଓଗାଳ' ନାମରେ ଗୁଡ଼ିଏ ଗୀତ ରଚନାକରି ଅଛନ୍ତି । ]

୩ । ଅଟକ—3. Restraint.

୪ । ଘରର ବାଟ ବନ୍ଦ କରିବା ପାଇଁ ବ୍ୟବହୃତ ତାଟି ବା କବାଟ—4. Door of a house.

ଦନ ଓଗାଳ ବନ୍ଧର ମନ୍ଦରେ । ପ୍ରାଚୀ. ପରତେଗୀତା ।

୫ । ( ପଶୁ ଅଦିଙ୍କ ) ରକ୍ଷକ, ଜଗୁଆଳ—
5. A cowherd; a person who looks after the grazing cattle

**ଓଗାଳିବା**—ଦେ. କ୍ରି—ଉଗାଳିବା ( ଦେଖ )
Ogāḷibā Ugāḷibā ( See )

ଅବ ପଛ ଓଗାଳନ୍ତେ ମହାଦେଇ ଯାନ୍ତେ ।
ସାରଳା ମହାଭାରତ. ବନ୍ଟ ।

**ଓଗେର୍**—ବୈଦେ. (ଫାରସୀ) ଅ—ଓଗର୍ ( ଦେଖ )
Ogera Ogar ( See )

**ଓଗୋ**—ଦେ. ଅ. (ମାନ୍ୟାର୍ଥକ ବା ଭଦ୍ରତାସୂଚକ)—
Ogo ଗୋ; ଅଗୋ; ଅହୋ—Interjection employed
ওগো in respectful or polite address or to
आह draw attention—Oh !

| ୧ | ଇ | ଉ | ର,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଚ | ଶ,ଷ | ଞ | ଇସ୍ତ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଉଦନ୍ତଲୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ଷ | ଙ୍ଗ | ଇଅ | ଁ | ନ୍ |

ଓଗ୍ର—ବୈଦେ. (କଟରଅ) ଅ – ଓଗର୍ ( ଦେଖ )
Ogra — Ogar ( See )

ଓଗ୍ରସର— ବୈଦେ. ବି. ( ଇଂ. ଓଭରସିଅର୍ )—
Ograsara — ଯେ ପୂର୍ତ୍ତିବିଭାଗର କାର୍ଯ୍ୟ ତତ୍ତ୍ୱାବଧାନ କରନ୍ତି— Overseer.
ওগ্রেসর
आग्रेसर; दरोगा

ଓଗ୍ରେସର— ବୈଦେ. ବି—ଓଗ୍ରସର ( ଦେଖ )
Ogresara — Ograsara ( See )

ଓଘ — ସଂ. ବି. ( ଉଚ ଧାତୁ = ଏକତ୍ର କରିବା + କର୍ମ. ଅ )—
Ogha ୧ । ସମୂହ; ବୃନ୍ଦ—1. Multitude
ବ୍ୟସ୍ତ ଓଘରେ ସ୍ନାସ୍ୟ କେ.ଧନ ରଥ ଶୀଘ୍ର ପଦ୍ମସ ବହୁ ବୃତ ଯେ ।
—ଉପ. ବୈଦେହୀଶବିଳାସ ।
୨ । ଗଦା; ସ୍ତୂପ—2. Heap; mass.
୩ । ସ୍ରୋତ; ପ୍ରବାହ; ଜଳବେଗ — 3. Stream; flood
୪ । ବହୁ ପରିମାଣ—4. Large quantity.
୫ । ତରଙ୍ଗ—5. Wave.
୬ । ପରମ୍ପରା—6. Series
୭ । ( + ଅଧିକରଣ. ଅ ) ଦ୍ରୁତନୃତ୍ୟ— 7. A kind of quick dance
୮ । ( +ଭାବ. ଅ ) ଉପଦେଶ—8. Advice

ଓଙ୍କାର—ସଂ. ବି. (ଓମ୍+ସ୍ୱାର୍ଥେ. କାର)—ଓଁ ଅକ୍ଷର; ପ୍ରଣବ; ମନ୍ତ୍ରର
Oṅkāra ଆଦ୍ୟବୀଜ— The mystic syllable 'Oṁ', the beginning of all mantras

ଓଙ୍କାରିବା—ଦେ. କ୍ରି—ଉଙ୍କାରିବା ( ଦେଖ )
Oṅkāribā — Uṅkāribā ( See )

ଓଚ୍ଛାଳ— ଦେ. ବି—ଓଛାଳ ( ଦେଖ )
Ochchhāla — Ochhāla ( See )

ଓଛ—ଦେ. ବିଣ. ୧ । ( ସଂ. ଉଚ୍ଛନ୍ନ )— ଉଚ୍ଛନ୍ନ; କ୍ଷୟିତ; କ୍ଷୀଣ; ନଷ୍ଟ—
Ochha — 1. Destroyed; exhausted.
ओछा
ପାଣ୍ଡବଙ୍କ ବଳ ସର୍ବେ ହେ ଭଲକ ଓଛ,
ତୋତେ ନେବା ପାଇଁ ମୋତେ ପେଷିଲେ ଶ୍ରୀବତ୍ସ ।
—ସାରଳା ମହାଭାରତ. ଉଦ୍ୟୋଗ ।
୨ । ( ସଂ. ହ୍ରସ୍ୱ )—ହ୍ରସ୍ୱ; ସାନ—2. Small.
୩ । କ୍ଷୁଦ୍ରତର—3. Smaller.
ସାତ କଳ୍ପର ସମ ବଡ଼ । ଗୁଣେ ଅଧ୍ର ବଡ଼ ହେଲେ ଓଛ—
—ପ୍ରାଚୀ. ନର୍ମଦାମାହାତ୍ମ୍ୟ ।
୪ । ଅଳ୍ପ—4. Little.
୫ । ( ସଂ. ତୁଚ୍ଛ; ପ୍ରା. ଉଚ୍ଛ )—ନୀଚ; ତୁଚ୍ଛ— 5. Low; mean; despicable.

ଓଛାଳ—ଦେ. ବି—୧ । ବିରେଚନ; ପତଳା ଝାଡ଼ା—
Ochhāla — 1. Evacuation; passing of liquid stool.
ওছাল; আমলা
ଗର୍ଭେ ଚଢ଼ିଲେ ଓଛାଳ ବାନ୍ତି କରୁଥାନ୍ତି—ପୀତାମ୍ବର. ନୃସିଂହପୁରାଣ ।
୨ । ବାନ୍ତି; ବମନ—2. Vomiting.
ଦେ. ବିଣ—ଉଦ୍‌ଗୀର୍ଣ୍ଣ; ବାନ୍ତି କରି ଯାଇଥିବା—Vomited.

ଓଜ୍ – ଗ୍ରା. ବି. ( ସଂ. ଓଜସ୍; ଓଜଃ )—ଓଜ ( ଦେଖ )
Oj — Oja ( See )

ଓଜ—ଦେ. ବି. ( ସଂ. ଓଜସ୍; ଓଜଃ )—୧ । ଓଜସ୍ ( ଦେଖ )
Oja — 1. Ojas ( See.)
ओज
କ୍ରୀଡ଼ା କରୁଥାନ୍ତି ଦେଖାଇ ନିଜ ଓଜ—କୃଷ୍ଣସିଂହ. ମହାଭାରତ. ବନ ।
୨ । ( ଗଣିତ ) ବିଷମ ସଂଖ୍ୟା— 2. (arithmetic) Odd number.
୩ । ପରିମାଣ—3. Quantity; measure.
୪ । ବଦଳ; ପ୍ରତିବଦଳ —4. Exchange.
୫ । ଚାଲିଚଳଣି; ବ୍ୟବହାର—5. Doing; conduct.
୬ । ମହତ୍ତ୍ୱ; ଇଜ୍ଜତ୍—6. Prestige.
୭ । ଓଜନ; ଭାର—7. Weight.
୮ । ଗୁରୁତା; ଗାମ୍ଭୀର୍ଯ୍ୟ—8. Gravity.
୯ । ( ଗଣିତ ) ରାଶିର ବର୍ଗମୂଳ — 9 (mathematics) Square-root of a number.

ଓଜଃ—ସଂ. ବି—ଓଜସ୍ ( ଦେଖ )
Ojaḥ — Ojas ( See )

ଓଜଡ଼ିବା—ଗ୍ରା. କ୍ରି—ଉଜୁଡ଼ିବା ( ଦେଖ )
Ojaṛibā — Ujuṛibā ( See )

ଓଜ ତୁଳିବା— ଦେ. କ୍ରି—ଦୁଇ ପଦାର୍ଥର ଓଜନକୁ ତୁଳନା କରିବା—
Oja tuḷibā — To compare or test the weight of two things.

ଓଜନ—ବୈଦେ. ବି. ( ଫା. ୱଜନ୍; ତୁଲ. ସଂ. ଓଜଃ )—
Ojana ୧ । ତୁଳାଦଣ୍ଡଦ୍ୱାରା କୌଣସି ବସ୍ତୁର ଭାର ସ୍ଥିରୀକରଣ— 1. Measure; weighment.
ওজন
वजन ୨ । ଭାର—2. Weight.
ମସ୍ତରେ କାହାର ପ୍ରବେଶ ପ୍ରମାଣେ,
ଓଜନ ଉଶ୍ୱାସ ମସ୍ତ ତ ନ ଜାଣେ—ରାଧାନାଥ, ଦରବାର ।
୩ । ଗୁରୁତା—3. Seriousness.
୪ । ଗାମ୍ଭୀର୍ଯ୍ୟ—4. Gravity.
୫ । ମୂଲ୍ୟ—5. Value.
୬ । ଭାରକେନ୍ଦ୍ର—6. Centre of gravity.
ବିଣ—୧ । ଭାରି—1. Heavy.
୨ । ଗୁରୁଭାରବିଶିଷ୍ଟ—2. Weighty.

[ ଦ୍ର— ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ଦ୍ରବ୍ୟ ଓଜନ କରିବା ପାଇଁ ଭିନ୍ନ ଭିନ୍ନ ରୀତି ଚଳେ । ( କ ) ସୁନା ରୁପା ଆଦି ଓଜନ କରିବା ପାଇଁ—୪ ଧାନ = ୧ ରତି; ୮ ରତି = ୧ ମଷା; ୧୦ ମଷା = ୧ ତୋଲା ବା ଭରି = ୧ ଟଙ୍କା । ( ଖ ) ପଣ୍ୟ ଦ୍ରବ୍ୟ ଆଦି ଓଜନ ପାଇଁ — ୬ ଟଙ୍କା = ୧ ଛଟାଙ୍କି; ୪ ଛଟାଙ୍କି = ୧ ପାଅ;

ସାଧାରଣ ପ୍ରେସରେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ବର୍ଣ୍ଣିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୪ ପାଆ = ୧ ସେର; ୫ ସେର = ୧ ପସୁରି; ୮ ପସୁରି = ୧ ମହଣ । (ଗ) ବାସନ ଆଦି ଓଜନ ପାଇଁ—୧୨ ଟଙ୍କା = ୧ କରିଷ; ୪ କରିଷ = ୧ ପଲ; ୨୦ ପଲ = ୧ ସେର; ୨୫ ପଲ = ୧ କଂସା । (ଘ) ଇଂରାଜ ଓଜନ ପାଇଁ—୬୦ ଗ୍ରେନ (ଧାନ) = ୧ ଡ୍ରାମ୍; ୮ କମ୍ବା ୧୬ ଡ୍ରାମ୍ = ୧ ଅଉନ୍ସ; ୧୬ କମ୍ବା ୧୬ ଅଉନ୍ସ = ୧ ପାଉଣ୍ଡ (ପ୍ରାୟ ବାଲେଶ୍ୱରୀ ଅଧସେର); ୧୧୨ ପାଉଣ୍ଡ = ୧ ହନ୍ଦର; ୨୦ ହନ୍ଦର = ୧ ଟନ୍ (ପ୍ରାୟ ବାଲେଶ୍ୱର ୨୭ ମହଣ । (ଙ) ଡାକ୍ତର ଜନିଷ ଓଜନ ପାଇଁ— ୮ ଡ୍ରାମ୍ = ୧ ଅଉନ୍ସ; ୧୨ ଅଉନ୍ସ = ୧ ପାଉଣ୍ଡ । (ଚ) ବାଲେଶ୍ୱରୀ ସେର = ୮୦ ତୋଳା; କଟକ ସେର = ୧୦୫ ତୋଳା; ଓଜନ କରାଯିବା ଦ୍ରବ୍ୟକୁ ନିକିତି ବା ତୁଳାଦଣ୍ଡର ଗୋଟିଏ ପାଖ ପଲ୍ଲାରେ ରଖାଯାଏ ଓ ଆର ପାଖ ପଲ୍ଲାରେ ଭିନ୍ନ ଭିନ୍ନ ଓଜନର ବଟକରା ଥୁଆ-ହୋଇଥାଏ । ଯେତେବେଳେ ଦୁଇ ପାଖ ପଲ୍ଲାରେ ରଖାଯିବା ଦ୍ରବ୍ୟ ସମାନ ଓଜନର ହୋଇଯାଏ ସେତେବେଳେ ତରାଜୁର ଦଣ୍ଡି ଭୂମିର ସମାନ୍ତରାଳ ହୁଏ ଏବଂ ବଟକରାମାନ ଗଣି ଜନିଷ ଦେତେ ଓଜନ ହେଲା ସ୍ଥିର କରାଯାଏ । ନିକିତି ଛଡ଼ା ଏକମାତ୍ର ପଲ୍ଲାଯୁକ୍ତ ତଉଲିବା ଯନ୍ତ୍ରକୁ ବଣାକାଠି ବୋଲାଯାଏ । ବଣାକାଠିର ଏକ ପାଖରେ ପଲ୍ଲା ଝୁଲୁଥାଏ, ଅନ୍ୟପାଖରେ ଗାର ପଡ଼ିଥାଏ—ସେ ଗାର ଉପରେ ଖଣ୍ଡିଏ ଦଉଡ଼ି ବନ୍ଧା ଥାଏ; ସେ ସୂତାଦ୍ୱାରା ବଣାକାଠିକୁ ଟେକିଲେ ଗାରକୁ ଗଣି ଜନିଷର ଓଜନ ସ୍ଥିର କରାଯାଏ ।]

**ଓଜନ ଉଠିବା**—ଦେ. କ୍ରି—ତୁଳାଦଣ୍ଡ ଦ୍ୱାରା ବସ୍ତୁର ଭାର ସ୍ଥିରୀକୃତ ହେବା—Weighment.
Ojȧna uṭhibā
ওজনওঠা
वजन उठना

**ଓଜନ କରିବା**—ଦେ. କ୍ରି—ତୁଳାଦଣ୍ଡରେ ତଉଲିବା—To weigh a thing
Ojana karibā
ওজনকরা
वजन करना

**ଓଜନଗରୁ**—ଦେ. ବଣ—ଭାରି—Heavy in weight; weighty
Ojanagaru

**ଓଜନଦଣ୍ଡ**—ଦେ. ବି—୧ । ତୁଳା ଦଣ୍ଡ—1. A pair of scales; weighing instrument
Ojanadaṇḍa
୨ । ବଣାକାଠି—2 A weighing yard.

**ଓଜନଯନ୍ତ୍ର**—ଦେ. ବି—ଓଜନଦଣ୍ଡ (ଦେଖ)—Ojanadaṇḍa (See)
Ojanajantra

**ଓଜନିଆ**—ଦେ. ବଣ—ଭାରି—Heavy.
Ojaniā

**ଓଜର**—ବୈଦେ. ବି (ଅ. ଉଜ୍ର)—୧ । ଆପତ୍ତି—1. Objection.
Ojara
ওজর ୨ । ବାଧା—2 Obstacle.
उज्र ୩ । ବିରୋଧ—3. Opposition.
୪ । ବକ୍ତବ୍ୟ ବିଷୟ—4. Anything to say

**ଓଜରଆପତ୍ତି**—ଦେ. ବି (ଏକାର୍ଥକ ସହଚର; ଅ. ଉଜ୍ର+ସଂ. ଆପତ୍ତି)—ନାନାବିଧ ଆପତ୍ତି—Various objections.
Ojaraāpatti
ওজরআপত্তি
उज्रआपत्ति

**ଓଜରମାଜର**—ଦେ. ବି (ସହଚର; ଦ୍ୱିତୀୟ ଶବ୍ଦ ଅର୍ଥହୀନ)—ଓଜରଆପତ୍ତି (ଦେଖ) Ojaraāpatti (See)
Ojaramājara

**ଓଜରିଆ**—ଦେ. ବଣ (ଅ. ଉଜର+ଓ. ପ୍ରତ୍ୟୟ. ଇଆ)—ସ୍ୱଭାବତଃ ଆପତ୍ତିକାରୀ—Given to raising objections.
Ojariā
ওজরদার
उज्रदार

**ଓଜଳିବା**—ଦେ. କ୍ରି (ସଂ. ଉଜ୍ଜ୍ୱଳ)—୧ । ଅଗ୍ନି ବା ପୁଟ ଦ୍ୱାରା ଅଳଙ୍କାରାଦିକୁ ଉଜ୍ଜ୍ୱଳ କରିବା—1. To gloss an ornament.
Ojaḷibā
୨ । (ଲୁଗା) ସଫାକରିବା—2 To cleanse; to wash (clothes).

**ଓଜସ୍**—ସଂ. ବି (ଉର୍ଜ୍ ଧାତୁ = ଜୀବିତହେବା + କରଣ. ଅସ୍)—
Ojas ୧ । ତେଜ—1. Energy; glory.
୨ । ଜୁ; ବଳ; ଶକ୍ତି—2. Strength.
୩ । ପରାକ୍ରମ; ପ୍ରତାପ—3. Power; prowess.
୪ । ଦୀପ୍ତି—4. Brightness.
୫ । ଶୋଭା—5. Splendour; grace.
୬ । (ଅଳଙ୍କାର) ବାକ୍ୟର ପ୍ରୌଢ଼ଭାବ ଗୁଣ—6 Energetic or emphatic manner of expression or style (M W)

[ଦ୍ର—ରଚନାରେ ଯେଉଁ ଗୁଣ ଥିଲେ ଚିତ୍ତ ଦ୍ରବୀଭୂତ ହୋଇ ଉଠେ ତାହାର ନାମ ଓଜୋଗୁଣ । ବୀର, ବୀଭତ୍ସ ଓ ରୌଦ୍ର-ରସରେ ଏହାର ଅପେକ୍ଷାକୃତ ଅଧିକ ଉପଯୋଗିତା ଅଛି । ଓଜୋ-ବ୍ୟଞ୍ଜକ ବର୍ଣ୍ଣ କ୍ଷ; ଜ୍ଞ; ଟ୍ଟ; ଡ୍ଡ; ଦ୍ମ; ପ୍ପ; ଷ୍ଟ; ଷ୍ଠ ପ୍ରଭୃତି ଏବଂ ଯେଉଁ ସକଳ ବାକ୍ୟ ସମାସବହୁଳ ଏବଂ ଉଦ୍ଧତ ଭାବରେ ରଚିତ ସେମାନେ ସମସ୍ତେ ଓଜୋଗୁଣବ୍ୟଞ୍ଜକ । ଉଦାହରଣ :—

ଯଥା—ଶାର୍ଦ୍ଦୂଳ ସେବିତ ପ୍ରାଂଶୁ ତୃଣ କନାକୂଳ—
ପୌଣ୍ଡ୍ର ଦେଶୁ ଅଶ୍ୱଅଷ୍ଟ ବାର୍ଗ ଦୁର୍ଗବାସୀ,
ରଣରୁଷ୍ଟ ଅଜାତକା ଅନବର୍ଣ୍ଣୀ ରଣେ,
ରଘୁବର ଛନ୍ଦକାରୀ କରିଛିଧାରଣୀ । ସ୍ୱ.ନାଥ. ମହାଯାତ୍ରା ।
କୁଳମଣି. ଅଳଙ୍କାରତରଙ୍ଗିଣୀ ।]

୭ । ସ୍ୱର୍ଣ୍ଣ—7. Gold

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ୯ | ଉ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାଦିକ ଯୁକ୍ତାକ୍ଷର | ଷ | ଚ | ଶ,ଷ | କ୍ଷ | ଇଦ୍ | ଉଅ | ଞ |
| ୬ | ଓ | ଭ | ଋ | ଌ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଇଷ. | ଢ଼ | ଢ଼ |

ଓଜସ୍ୱଲ - ସଂ. ବଣ. ପୁଂ. (ଓଜସ୍+ଅସ୍ତ୍ୟ ଅର୍ଥରେ. ବଲ) —
Ojaswa̱la ଓଜସ୍ୱୀ (ଦେଖ)
(ଓଜସ୍ୱଲା—ସ୍ତ୍ରୀ) Ojaswī (See)

ଓଜସ୍ୱୀ— ସଂ. ବଣ. ପୁଂ. (ଓଜସ୍ + ଅସ୍ତ୍ୟ ଅର୍ଥରେ. ବିନ୍. ୧ମା. ୧ବ.)—
Ojaswī ୧ । ତେଜସ୍ୱୀ; ତେଜୀୟାନ୍ —
(ଓଜସ୍ୱିନୀ—ସ୍ତ୍ରୀ) 1 Energetic.
(ଓଜସ୍ୱିତା—ବ) ୨ । ବଳବାନ୍—2. Strong
୩ । କ୍ଷମତାଶାଳୀ—3 Powerful.
୪ । ଦୀପ୍ତ—4. Splendid; lustrous.
୫ । ଓଜୋଗୁଣବିଶିଷ୍ଟ—5. Elaborate; emphatic

ଓଜିଷ୍ଠ —ସଂ. ବଣ. ପୁଂ. (ଓଜସ୍ + ଅସ୍ତ୍ୟ ଅର୍ଥରେ. ଇଷ୍ଠ)—
Ojishṭha ଓଜସ୍ୱୀ (ଦେଖ)
(ଓଜିଷ୍ଠା— ସ୍ତ୍ରୀ) Ojaswī (See)

ଓଜୀୟାନ୍ —ସଂ.ବଣ.ପୁଂ. (ଓଜସ୍ + ଅସ୍ତ୍ୟ ଅର୍ଥରେ ଈୟସ୍. ୧ମା.୧ବ.)—
Ojīyān ଓଜସ୍ୱୀ (ଦେଖ)
(ଓଜୀୟସୀ—ସ୍ତ୍ରୀ) Ojaswī (See)

ଓଜୁ — ବୈଦେ. ବ. (ଅ)—ଉଜୁ (ଦେଖ)
Oju Uju (See)

ଓଜୋନ୍ — ବୈଦେ. ବ. (ଇଂ; ଓଜୋନ୍; ଓଡ଼ିଆଭାଷାରେ ଇଂରାଜୀ Z
Ojon ଅକ୍ଷରର ଉଚ୍ଚାରଣବିଶିଷ୍ଟ ଅକ୍ଷର ନ ଥିବାରୁ Z
ओज़ोन ସ୍ଥାନରେ ଜ ଉଚ୍ଚାରଣ) —
औज़ोन ଘନୀଭୂତ ଅକ୍‌ସିଜେନ୍ ବା ଅମ୍ଳଜାନ ବାଷ୍ପ —
Ozone; densified oxygen.
[ ଦ୍ର—ଏଥିର ଗୁରୁତ୍ୱ ଅକ୍‌ସିଜେନ୍ ଅପେକ୍ଷା ୭୫ ଗୁଣ ବେଶି; ଏ ବାଷ୍ପଗନ୍ଧ ଦୂର କରି ପାରେ । ସମୁଦ୍ର କୂଳର ଓ ମୁକ୍ତ ସ୍ଥାନର ବାୟୁରେ ବେଶି ପରିମାଣରେ ଓଜୋନ୍ ଥାଏ ।]

ଓଝ—ଦେ. ବ. ( ସ. ଓଜଃ )—
Ojha ୧ । ପରିମାଣ—1. Measure; quantity.
୨ । ବଦଳ; ପ୍ରତିବଦଳ—2. Exchange.
୩ । ( ଗଣିତ ) କୌଣସି ସଂଖ୍ୟାର ବର୍ଗମୂଳ—
3. ( mathematics ) The square-root of a number.

ଓଝଳା— ଦେ. ବ. ( ସଂ. ଉଦ୍ଭାର )—ଉଝଳା ( ଦେଖ )
Ojhaḻā Ujhaḻā ( See )

ଓଝା—ଦେ. ବ. ( ସଂ. ଉପାଧ୍ୟାୟ )—
Ojhā ୧ । ଶିକ୍ଷକ; ଅବଧାନ—1. Teacher.
ओझा ଗୃହ ଓଝାଙ୍କ ଧରିବାର ବେଳେ
म ଓଝାଏ ଛାଟ ପିଟି ଦେଲେ ଭଲେ—ଲୀଳାବତୀମୁଦ୍ର ।
୨ । ବିଷବୈଦ୍ୟ—
2. One who cures snake-bites
୩ । ଗଣିତ ବିଦ୍ୟାର ଶିକ୍ଷକ, ଗଣିତବେତ୍ତା ବ୍ୟକ୍ତି—
3. Mathematician; teacher or professor of mathematics.
୪ । ସାପୁଆ କେଳା—
4. Snake-catcher. snake-charmer
୫ । ଗୁଣିଆ; ଗୁଣିଗାରେଡ଼ି ଜାଣିଥିବା ବ୍ୟକ୍ତି—
5. Wizard.
୬ । ଭୂତବୈଦ୍ୟ; ଯେ ଭୂତ ଛଡ଼ାଏ—6 One who exorcises evil spirits. exorcist
୭ । ନାୟକବଂଶ ଜାତୀୟ—7. A village pedagogue of the Nāyaka caste.
୮ । ବଢ଼େଇ କମାରଙ୍କ ସଂଜ୍ଞା ବା ବଂଶୋପାଧି —
8. Family-title of blacksmiths and carpenters.

ଓଝାବଳ—ଦେ. ବଣ ( ସଂ. ଊର୍ଜସ୍ୱଳ )—
Ojhābaḻa ୧ । ବଳବାନ୍—1. Mighty
୨ । ଶକ୍ତିଶାଳୀ—2 Powerful.
ଓଝାବଳ ସୈନ୍ୟ ସମୂହରେ ହେଲେ ଉଭର—ମାଗସୁଗ୍ରଣ ।

ଓଝାର—ପ୍ରାଦେ (ଗଡ଼ଜାତ ଓ ପୁରୀ) ବ.—ବନ୍ୟ ବୃକ୍ଷବିଶେଷ –
Ojhāra A wild tree; Pinus Simiarum (Haines)

ଓଝାଳି —ପ୍ରାଦେ. (ଗଞ୍ଜାମ) ବ— ଗଞ୍ଜାମର ଜାତିବିଶେଷ —
Ojhāḻi A caste of Sudras.

ଓଝାଳିବା—ଦେ. କ୍ରି—ଉଝାଳିବା ( ଦେଖ ).
Ojhāḻibā Ujhāḻibā ( See )

ଓଟ—ଦେ. ବ ( ସଂ. ଉଷ୍ଟ୍ର )—ଉଷ୍ଟ୍ର—
Oṭa Camel
ऊँट
उँट

ଓଟପକ୍ଷୀ—ଦେ. ବ—ଆଫ୍ରିକାରେ ମିଳୁଥିବା ସର୍ବାପେକ୍ଷା ବୃହତ୍ତ୍ୱ ପକ୍ଷି-
Oṭapakshī ବିଶେଷ—Ostrich.
ऊँटपाखी [ ଦ୍ର—ଏମାନେ ଉଚ୍ଚରେ ୭।୮ଫୁଟ ବଢ଼ନ୍ତି; ପକ୍ଷ
शुतुरमुर्ग ଛୋଟ; ଗୋଡ଼ ଓ ବେକ ଓଟଙ୍କ ପରି ଲମ୍ବ ଲମ୍ବ; ଏମାନେ ଖୁବ୍ ଦୌଡ଼ି ପାରନ୍ତି । ]

ଓଟବନ୍ଦି —ପ୍ରାଦେ. (ମେଦନୀପୁର) ବ—ଉଟବାନ୍ଟ; ପଡ଼ିଆ ଓ ଜଙ୍ଗଲ
Oṭabandi ଜମିକୁ ପ୍ରଥମେ ଆବାଦ କରିବା ପାଇଁ ଜମିଦାର
ওটবন্দী ସଙ୍ଗେ ପ୍ରଜାର ଚୁକ୍ତି—An agreement
उटबन्दी between a tenant and landlord for reclamation of waste lands.

ଓଟମୁହଁରେ ଜୀର—ଦେ. ନ୍ୟାୟ—ଓଟ ପରି ବଡ଼ ଜୀବର ମୁହଁକୁ ଜୀର
Oṭamuhaṅre īrā ପରି ସାମାନ୍ୟ ବସ୍ତୁ ଦେଲେ ତାହା ନଗଣ୍ୟ
ହୁଏ । ସେହିପରି ବହୁ ବସ୍ତୁ ଲୋଡ଼ାଥିବା ସ୍ଥଳେ

ସାଧାରଣ ସେତେବେଳେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧ୍ୟ' ନ ପାଇଲେ 'ବନ୍ଧ୍ୟା' ଦେଖିବେ; 'ଅର୍ନ୍ଧା' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଳବଡ଼' ଦେଖିବେ ।

ଅତ୍ୟଳ୍ପ ବସ୍ତୁ ଦିଆ ଗଲେ ଏ ପ୍ରବଚନ ପ୍ରଯୁଜ୍ୟ ହୁଏ । ଏହାର ସମାର୍ଥକ ପ୍ରବଚନ—ସମୁଦ୍ରକୁ ଶଙ୍ଖେ ପାଣି— A saying or comparison applied to cases where a little thing is given for a very big requirement

**ଓଟମୁହାଁ**—ଦେ. ବିଶ. ପୁଂ—ଉପରମୁହାଁ; ଯେ ଉପରକୁ ମୁହଁ ଟେକି
Oṭamuhā̃ ବାଟ ଚାଲେ—A man who walks
(ଓଟମୁହାଁ—ସ୍ତ୍ରୀ) with face upwards

**ଓଟର**—ଦେ. ବି—ଓଟରା ( ଦେଖ )
Oṭara Oṭarā ( See )

**ଓଟରା**—ଦେ. ବି ( ସଂ. ଅବ+ତୃ ଧାତୁ )—୧ । ଆକର୍ଷଣ; ଟାଣିବା;
Oṭarā ଝିଙ୍କିବା ଓଟାରିବା କର୍ମ—1. Dragging;
টানা; খেঁচা drawing; pulling
खींचना ୨ । ଆଗ ଅଡ଼ୁ ଟାଣିବା—Pulling from the front; tugging

୩ । ଯେଉଁ ଦଉଡ଼ି ଦ୍ୱାରା ଡଙ୍ଗା ଅବକୁ ଟାଣି ନିଆଯାଏ—
3. A rope used for pulling a boat.

୪ । ସ୍ରୋତର ବିପରୀତ ଦିଗରେ ଡଙ୍ଗାକୁ ଓଟାରିବା—
4. Pulling up a boat against the current.

୫ । ଅର୍ଥାଦିର ଅନାଟନ ଅବସ୍ଥା—5. Want

ବିଶ—୧ । ଉଠାଣିଆ (ବାଟ)—Rising; ascending; climbing road).

୨ । ବୁଲାଣିଆ (ବାଟ)—2. Circuitous (road)

**ଓଟରାଇବା**—ଦେ. କ୍ରି.—'ଓଟାରିବା' କ୍ରିୟାର ଣିଜନ୍ତରୂପ—
Oṭarāibā Causative form of Oṭāribā.
টানান
खींचवाना

**ଓଟରାଓଟରି**—ଦେ. ବି—ଅନ୍ୟୋନ୍ୟରେ ଟଣାଟଣି ବା ଝିଙ୍କାଝିଙ୍କି ହେବା;
Oṭarāoṭari ଜଣେ ଜଣକୁ ଝିଙ୍କିବା—
টানাটানি; খেঁচাখেঁচি Pulling one another; mutual
खींचखेंच drawing; tugging.

ଦେ. ବିଶ—ଅନ୍ୟୋନ୍ୟରେ ଟଣାଟଣି ବା ଝିଙ୍କାଝିଙ୍କି ହେଉଥିବା—Pushing one another

ପୁଣି ସେ ଓଟରାଓଟରି ହେଉ ଥିବ । କୃଷ୍ଣସିଂହ. ମହାଭାରତ ।

**ଓଟରାଝିଙ୍କା**—ଦେ. ବି ଓ ବିଶ. ( ଏହାଥିବ ସହଚର —
Oṭarājhiṅkā ଓଟରାଓଟରି ( ଦେଖ )
Oṭarāoṭari ( See )

**ଓଟରା ପଡ଼ିବା**—ଦେ. ବି—୧ । ନଈବଢ଼ି ଛଡ଼ ଛଡ଼ ଯାଉଥିବା ସମୟରେ
Oṭarā paṛibā ସ୍ରୋତର ବେଗ ଅଧିକ ହେବା—
1. The increase of the speed of a current while the flood is subsiding.

୨ । ମରୁଡ଼ି ଯୋଗୁଁ ଫସଲ ମରିଯିବାର ଅବସ୍ଥା ଘଟିବା (ଯେଉଁ ଅବସ୍ଥାରେ ଯୋଗଣା ଅବକୁ ଶେଣା ବା ଟେଣ୍ଡା ଦ୍ୱାରା ପାଣି ଓଟାରି [ଉଠାଇ] କ୍ଷେତରେ ମଡ଼ାଇବାକୁ ହୁଏ)—
2. Season of drought necessitating irrigation by drowing water from tanks.

( ଯଥା—ଏ ବର୍ଷ ଇନ୍ଦ୍ର ନ ପାଳିବାରୁ ଭାରି ଓଟରା ପଡ଼ିଲା । )

୩ । ଆବଶ୍ୟକ ଅର୍ଥ ପାଇଁ ଅନାଟନ ଅବସ୍ଥା ଘଟିବା—
3. The state of being in financial want.

**ଓଟାର**—ଦେ. ବି—ବମନେଚ୍ଛା—Tendency to vomit.
Oṭāra ଦେ. ବିଶ—ଓଟାରିଆ ( ଦେଖ )
Oṭāriā ( See )

**ଓଟାରିଆ**—ଦେ. ବିଶ—୧ । ଉଠାଣିଆ ( ବାଟ )—
Oṭāriā 1. Rising ( road )

୨ । ବୁଲାଣିଆ (ବାଟ)—2. Circuitous (road).

୩ । ଶ୍ରମସାଧ୍ୟ; ପରିଶ୍ରମସାଧ୍ୟ—
3. Entailing labour; toilsome.

୪ । ଅର୍ଥାଭାବଯୁକ୍ତ (ଅବସ୍ଥା)—Needy.

**ଓଟାରିବା**—ଦେ. କ୍ରି—( ସଂ. ଅବ+ତୃ ଧାତୁ=ଟାଣିବା; ଭୂଳ—ଗ୍ରା. ଓଟାର )—୧ । ଆକର୍ଷଣ କରିବା, ଟାଣିବା; ଝିଙ୍କିବା—
Oṭāribā
টানা, খেঁচা 1. To pull; to drag; to attract; to draw.
खींचना

ଆସ ଆସ ସ୍ୱାମୀ ବୋଲି ଅର୍କ କେ ଓଟାରୁ—ସାରଳା ମହାଭାରତ-ମଧ୍ୟ ।

୨ । (କୂଅ ଅବକୁ ପାଣି) କାଢ଼ିବା—
2. To draw up ( water from wells, tanks etc. ); to lift.

**ଓଟାରି ହେବା**—ଦେ. କ୍ରି—୧ । ( ଶ୍ୱାସ ରୋଗୀ ) ଦୀର୍ଘ ଶ୍ୱାସ ମାରିବା—
Oṭāri hebā 1. To gasp (said of an asthmatic
হাঁপা patient exerting to take breath).
हाँपना

୨ । ବମନେଚ୍ଛା ପ୍ରକାଶ କରିବା—
2. To show signs of vomiting.

୩ । କଥା କହିଲାବେଳେ କ୍ଲାନ୍ତି ବୋଧ କରିବା—
3. To speak with an effort.

୪ । କୌଣସି ଶ୍ରମସାଧ୍ୟ କାର୍ଯ୍ୟ ପାଇଁ ଶାରୀରିକ ବଳ ପ୍ରୟୋଗ କରିବା ବା ଜୋର୍ ଖରଚ କରିବା—4. To strive physically to do a thing.

**ଓଠ**—ଦେ. ବି—( ସଂ. ଓଷ୍ଠ )—୧ । ଅଧର; ଓଷ୍ଠ—
Oṭha 1 Lip
ঠোঁট; ওষ্ঠ ଉଠିଗଲେ ଜମରେ କାମୋଡ଼ ଓଠକୁ—କୃଷ୍ଣସିଂହ. ମହାଭାରତ. ବନ ।
ओठ; होंठ ୨ । ଚିବୁକ; ଥୋଡ଼ି—2. The part of the face below the lips.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଯ୍ୟ | ହ୍ୟ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଔ | ଳ |

**ଓଡ଼୍‌କନା**—ପ୍ରାଦେ. ( ଲଉଆ ) ବି—ଓଡ଼ଶ; ଛାରପୋକ—
Orḍkanā — Bed bug.

**ଓଡ଼**—ସଂ. ବି ( ସଂ. ଓଡ୍ର )—ଜବା; ମନ୍ଦାର ଫୁଲ—
Orḍa — China rose.

ଦେ. ବି—୧ । ( ସଂ. ଉଡ୍ର ବା ଓଡ୍ର )—ଉତ୍କଳର ଆଦିମ ନିବାସୀ ଜାତିବିଶେଷ—1. The original people inhabiting the Utkaḷa country.

୨ । ଓଡ଼ିଆ ଚଷାମାନଙ୍କର ଜାତିବିଶେଷ; ଓଡ଼ଚଷା—
2. A class of Chashās amongst the Orḍiās.

୩ । ଭିଜାଗାପଟ୍ଟଣା ଜୟପୁରବାସୀ ପାଇକ ଜାତି—
3. A caste of Pāikas, resident of Jaypur in Vizagapatam

୪ । ( ସଂ. ହୋଡ଼ ଧାତୁ=ଗତି କରିବା )—ଭୂମିରେ ହଳ କରିବାର ଗୋଟିଏ ଥର—4. Ploughing of a field one time only.

> ଷାଠିଏ ଓଡ଼ ମୂଳା, ଚାରି ଅଧ ଗୁଳା, ଚାରି ଅଧ ତୁଳା,
> ତାର ଅଧ ଧାନ, ତେବେ ଚଷା ଖାଏ ବଙ୍ଗଳା ପାନ—କୃଷିବଚନ ।

୫ । ( ଲକ୍ଷଣାର୍ଥ ) ମୂର୍ଖ ଓ ଅଖାଡ଼ୁଆ ଲୋକ—
5. A churl; an ill-bred fellow.

**ଓଡ଼ଙ୍ଗ**—ଦେ. ବି. ( ପ୍ରାଚୀନ ) ନାମ—୧ । ଓଡ଼ଙ୍ଗଗଡ଼ ( ଦେଖ )
Orḍanga — 1. Orḍangagarḍa ( See )

୨ । ପ୍ରାଚୀନ ନଗରବିଶେଷ; ଓଡ଼ଙ୍ଗଲ (ଏହା ଆଧୁନିକ ୱାରଙ୍ଗଲ ହେବ କି ?)—
2. Name of an ancient city (Warangal ?)

> ଯମୁନା ନଗ୍ର ଅନ୍ତରେ ଓଡଙ୍ଗ ଯେ ଭୂମି
> ତହିଁ ଯାଇ ପରବେଶ ଷଟ୍‌କିଙ୍କର ସ୍ୱାମୀ—ସାରଳାମହାଭାରତ, ସଭା ।

**ଓଡ଼ଙ୍ଗଗଡ଼**—ଦେ. ବି. (ପ୍ରାଚୀନ) ନାମ—ଅଡ଼ଙ୍ଗ (୨) (ଦେଖ)
Orḍangagarḍa — Arḍhanga (2) (See)

[ଏହା ପୂର୍ବେ ଓଡ଼ ( ମତାନ୍ତରରେ ଖଣ୍ଡାଏତ ) ଜାତୀୟ ରାଜା ବା ସାମନ୍ତଙ୍କ ଅଧିକୃତ କଟକ ଜିଲ୍ଲାର ଏକ ରାଜଧାନୀ ଥିଲା । ଏହି ରାଜାଙ୍କ କନ୍ୟା ଲକ୍ଷ୍ମୀବତୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସେବା କରି ପରେ ତାଙ୍କୁ ବିବାହ କରିଥିଲେ ଓ ଏହି କନ୍ୟାଙ୍କ ଗର୍ଭଜାତ ସନ୍ତାନ ଗଦାଧର ଓ ତଦୀୟ ବଂଶଧରମାନେ କରଣ ବୋଲି ପରିଚିତ ।]

**ଓଡ଼ଙ୍ଗଲ**—ଦେ. ବି (ପ୍ରାଚୀନ ନାମ)—ଓଡ଼ଙ୍ଗ (୨) ଦେଖ—
Orḍangaḷa — Orḍanga (2) See.

> ଯମୁନା ଦେଶ ଜିଣି ସେ ଓଡ଼ଙ୍ଗଳ ଦେଶେ
> ଯମଦଣ୍ଡ ଘେନିଣ ସେ ବାହାର ହରଷେ—ସାରଳାମହାଭାରତ, ସଭା ।

**ଓଡ଼ଚଷା**—ଦେ. ବି (ସଂ. ଓଡ଼+ଚଷା)—ଶୂଦ୍ର ବା ଚଷାମାନଙ୍କର
Orḍachashā ଶ୍ରେଣୀବିଶେଷ (ଏମାନଙ୍କ ପୂର୍ବପୁରୁଷମାନେ ଓଡ୍ର ଥିଲେ ଓ ବସ୍ତର, ଜୟପୁର ଅଞ୍ଚଳରୁ ଆସି ଉତ୍କଳ ରାଜାମାନଙ୍କଠାରୁ ଜାଗିର ପାଇ ପଦାତିକ ସୈନ୍ୟ ରୂପେ କାଳ କ୍ରମେ ଗୃହ ବାସ କରି ଏ ଦେଶରେ ଉପନିବେଶ କରି ରହିଲେ)—A class of Śūdras or cultivators in Orḍiśā.

[ଦ୍ର—ଓଡ଼ଚଷାଙ୍କ ସମ୍ବନ୍ଧେ ନୋଟ୍—ପୁରୀ ଜିଲ୍ଲାରେ ବିଶେଷତଃ ଖୋର୍ଦ୍ଧାରେ ଓଡ଼ଙ୍କ ସଂଖ୍ୟା ୮୭୦୦୦ ହେବ, ଗଡ଼ଜାତରେ ୩୫ ସହସ୍ର, କଟକରେ ୨୦ ଓ ବାଲେଶ୍ୱରରେ ଓଡ଼ ନାହାନ୍ତି ବୋଲି ୧୮୭୫ସାଲର ପୂର୍ବ ସେନ୍ସସ୍ ରିପୋର୍ଟରେ ଲେଖାଥିଲା । ଓଡ଼ଙ୍କର ଚାରିଗୋଟି ଶ୍ରେଣୀ—ଯଥା- ବେଣାଟିଆ, ପେଣ୍ଡାକଲସା, ଦହିକଲସା ଓ ଶୁକଳଲଷ୍ଠ । ପାଇକମାନଙ୍କ ମଧ୍ୟରେ ଦୁଇ ଶ୍ରେଣୀ ଅଛି ଯଥା—ଓଡ଼ ପାଇକ ଓ ଶୁଦ ପାଇକ । କଟକ ଓ ଗଡ଼ଜାତରେ ବେଣାଟିଆ ଓଡ଼ମାନେ କ୍ରମଶଃ ଶୂଦ୍ର ଚଷାଙ୍କ ସଙ୍ଗେ ସାମାଜିକଭାବରେ ମିଶୁଅଛନ୍ତି କିନ୍ତୁ ଅନ୍ୟ ଓଡ଼ମାନେ ପାଣିଅଛୁଆଁ ଜାତି । ଓଡ଼ମାନେ ଚଷାମାନଙ୍କର ଅଖାଦ୍ୟ କଙ୍କଡ଼ା ଖାଆନ୍ତି । ଏମାନଙ୍କ ମଧ୍ୟରେ ଶବଦାହର ବିଧି ନାହିଁ । ଏମାନେ ଧନୀ ହେଲେ ସୁଦ୍ଧା ଏମାନଙ୍କ ମାଇପେ ପିତଳ ଖଡ଼ୁ ପିନ୍ଧନ୍ତି । ବର୍ତ୍ତମାନ ଓଡ଼ ଶବ୍ଦ ଗୋଟିଏ ଗାଳିରେ ପରିଣତ ହୋଇଅଛି । ପୁରୀଜିଲ୍ଲାର ଚାରି ଶ୍ରେଣୀ ଓଡ଼ଙ୍କ ମଧ୍ୟରେ ଖିଅପିଆ, କନ୍ୟା ଆଦାନପ୍ରଦାନ ଆଦି ଚଳେ—
ପିଅରମୋହନ, ଇତିହାସ । ]

**ଓଡ଼ଣଷଷ୍ଠି**—ଦେ. ବି—ଓଢ଼ଣଷଷ୍ଠି (ଦେଖ)
Orḍaṇashashṭhi — Orḍhaṇashashṭhi (See)

**ଓଡ଼ଣା**—ଦେ. ବି—ଓଢ଼ଣା (ଦେଖ)
Orḍaṇā — Orḍhaṇā (See)

**ଓଡ଼ଣି**—ଦେ. ବି—ଓଢ଼ଣି (ଦେଖ)
Orḍaṇi — Orḍhaṇi (See)

**ଓଡ଼ତଷା**—ଗ୍ରା. ବି—ଓଡ଼ଚଷା (ଦେଖ)
Orḍatashā — Orḍachashā (See).

**ଓଡ଼ଦେବା**—ଦେ. କ୍ରି—ଭୂମିକୁ ଥରେ ହଳ ଦ୍ୱାରା ଚଷିବା—
Orḍadebā — To plough a field once.
(ଯଥା—ଏ ବର୍ଷ ଜ୍ୟେଷ୍ଠ ମାସ ଶେଷ ପର୍ଯ୍ୟନ୍ତ ମୋ ଜମିରେ ଓଡ଼ ଦିଆଗଲା ନାହିଁ ।)

**ଓଡ଼ ପକାଇବା**—ଦେ. କ୍ରି—କ୍ଷେତରେ ଏକଥର ମାତ୍ର ହଳ ବୁଲାଇବା—
Orḍa pakāibā — To plough a field once.

**ଓଡ଼ ପଡ଼ିବା**—ଦେ. ବି—କ୍ଷେତରେ ଥରେ ହଳ ବୁଲିବା—
Orḍa parḍibā — The ploughing of a field once.

**ଓଡ଼ପା**—ଦେ. ବି. ( ପ୍ରାଚୀନ ) ନାମ—ବ୍ୟାସସରୋବର; ହିନ୍ଦୁଙ୍କ ତୀର୍ଥ-
Orḍapā ବିଶେଷ—A name of a place of Hindu-pilgrimage.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର' ଖୋଜିବେ; 'କୁଅ' ନ ମିଳିଲେ 'କଅ' ଦେଖିବେ; ବନ୍ ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ସମ୍ଭବତଃ ଏହା ଓଡ୍ର ଦେଶ (ଓଡ଼ିଶା)ରେ ଥିଲା ଓ ବର୍ତ୍ତମାନ ଯାଜପୁର ଅଞ୍ଚଳରେ ନାଗପୁର ରେଲବାଇର ଗୋଟିଏ ଷ୍ଟେସନ ବ୍ୟାସସରୋବର ନିକଟରେ ଅବସ୍ଥିତ ।]

ବ୍ୟାସ ସରୋବରେ ରହି ଅଛି ସେ ଓଡ଼ପା । ସାରଳାମହାଭାରତ. ଗଦା ।

ଓଡ଼ ପାଇକ—ଦେ. ବି.—ଖୋରଧାର ପାଇକମାନଙ୍କର ଏକ ଶ୍ରେଣୀ—
Orda pāika A branch of the Pāikas in Khurda
[ଦ୍ର—ଅନ୍ୟ ଶ୍ରେଣୀ ପାଇକଙ୍କ ନାମ ଶୁଦ୍ଧ ପାଇକ; ଓଡ଼ତପା ତଳେ ନୋଟ ଦେଖ ।]

ଓଡ଼ବ—ସଂ. ବି.—ପାଞ୍ଚଟି ସ୍ୱରବିଶିଷ୍ଟ ରାଗିଣୀ (ସା, ଗା, ମା, ଧା, ନି ଏହି ପାଞ୍ଚଟି ସ୍ୱର ଓଡ଼ବରେ ଥାଏ)—A musical air consisting of five notes.
Ordaba
[ଦ୍ର—ଛଅ ସ୍ୱରବିଶିଷ୍ଟ ରାଗିଣୀକୁ ଷଡ଼ବ ବା ଷାଡ଼ବ ବୋଲି ଯାଏ । ଓଡ଼ବ ରାଗ ଯଥା—ସାରଙ୍ଗ, ଭୂପାଳୀ, ମାଲକୋଷ, ହିନ୍ଦୋଳ ।]

ଓଡ଼ରଷ୍ଟ—ଗ୍ରା. ବି. (ସଂ. ଓଡ୍ର ଓ ରାଷ୍ଟ୍ର)—୧ । ଓଡ଼ିଶା ଦେଶ; ଉତ୍କଳ ଦେଶ—1. The Ordisā country.
Ordarāstha
୨ । ଓଡ଼ରାଷ୍ଟ୍ର (୨) (ଦେଖ) Ordarāshtra (2) (See)

ଓଡ଼ରାଷ୍ଟ୍ର—ଦେ. ବି.—୧ । ପ୍ରାଚୀନ ଓଡ଼ିଶା ଦେଶ—
Ordarāshtra 1. Ancient Ordisā.

ନାମ ଶ୍ରୀ ପୁରୁଷୋତ୍ତମ ଓଡ଼ରାଷ୍ଟ୍ରେ । ପ୍ରାଚୀ, ଉତ୍ସବମଣ୍ଡପ ।

୨ । ପ୍ରାଚୀନ ଓଡ଼ିଶାର ସମୁଦ୍ର ଉପକୂଳସ୍ଥ ଗୋଲରା, ମରିଚପୁର, ହରିଶପୁର, ବିଷୁନପୁର, କୁଜଙ୍ଗ, ପାରି-ଦେଇ ପୁର (ପାରାଦୀପ), ଆଳି ଓ କନିକା ଏହି ଆଠଟି ରାଜ୍ୟର ପ୍ରାଚୀନ ନାମ—2. A name given to Kanikā; Āli; Kujanga and five other petty kingdoms lying along the sea-coast of ancient Ordisā.
[ଦ୍ର—କୌଣସି ବହିଃଶତ୍ରୁକୁ ନଦୀମୁହାଣ ଦେଇ ଦେଶ ମଧ୍ୟରେ ପ୍ରବେଶ କରିବା ନ ଦେବା ନିମନ୍ତେ ଓଡ଼ିଶାର ସ୍ୱାଧୀନ ରାଜାମାନେ ପୁରୀ ଓ କଟକ ଜିଲ୍ଲାର ନଦୀମୁହାଣ ନିକଟରେ ଆଠ-ଗୋଟି ସାମନ୍ତ ରାଜାଙ୍କୁ ନିକଟବର୍ତ୍ତୀ ଭୂଖଣ୍ଡମାନ ରାଜ୍ୟ ସ୍ୱରୂପ ଦେଇ ରଖାଇ ଥିଲେ—ରାଧାଚରଣ ପଣ୍ଡା. ଉତ୍କଳ ସାହିତ୍ୟ ୩୪।୧ ।]

ଓଡ଼ ଲାଗିବା—ଦେ. ବି.—ଗୋଟିଏ କ୍ଷେତ୍ରର ସବୁ ଅଂଶରେ ଥରେ ବା ଏକ ଓଡ଼ ହଳବୁଲା ଶେଷ ହେବା—
Orda lāgibā The finishing of the ploughing of the whole field once

ଓଡ଼ଶ—ଦେ. ବି. (ସଂ. ଉଦଂଶ)—ଖଟମଲ; ଛାରପୋକ—
Ordaśa Bed-bug.
ছারপোকা
उड़िश

ଓଡ଼ଶବିୟାଣ—ଦେ. ବି. (ସଂ. ଉଦଂଶ+ସଂ. ବୀ ଧାତୁ=ଗର୍ଭ ଗ୍ରହଣ କରିବା)—ଓଡ଼ଶଙ୍କ ପରି ବହୁ ସନ୍ତାନ ପ୍ରସବ ଦ୍ୱାରା ବଂଶ ବୃଦ୍ଧି—Constant increase by reproduction (like bugs)
Ordaśabiyāṇa
ছারপোকার বেয়ান
उड़िशकापैदावार

ଓଡ଼ଶମାରି—ଦେ. ବି.—ଏକଜାତୀୟ ବନ୍ୟ ଗଛ ଓ ତହିଁର ଫଳ (ଏ ଫଳକୁ ଘରେ ରଖିଲେ ଘରେ ଓଡ଼ଶପୋକ ରହି ପାରନ୍ତି ନାହିଁ)—
Ordaśamāri
ସଂ. ସ୍ୱର୍ଣ୍ଣକ୍ଷୀରିଣୀ; ପଟ୍ଟପର୍ଣ୍ଣୀ, ହିମଶିଖା. ଶୃଗାଲକଣ୍ଟକ
শিয়াল কাঁটা
मेरवन
ତେ. ବାନବତ୍ତୁଣୀ; ବ୍ରହ୍ମଦଣ୍ଡୀ
A kind of plant of the palm species and its fruit (which is said to drive away bugs when kept in the house); Bugbane; bugwor
[ଦ୍ର—ଏ ଗଛ ଖଜୁରି ବା ଗୁଆ ଜାତୀୟ ଗଛ, ଉଚ୍ଚରେ ୨।୩ ହାତ ବଢ଼େ ।]

ଓଡ଼ଶୀ—ଦେ. ବିଣ.—୧ । (ସଂ. ଓଡ୍ର ଦେଶୀୟ) ଓଡ଼ିଶା ଦେଶବାସୀ—
Ordaśi 1 Belonging to Ordiśā.
উড়ে
୨ । ଓଡ଼ିଆ ଭାଷା ସମ୍ବନ୍ଧୀୟ—
उड़िया 2 Relating to the Ordiā language.
୩ । ଓଡ଼ିଶା ଦେଶଜାତ— 3. Produced in Ordiśā.
୪ । ଓଡ଼ିଶା ଦେଶ ସମ୍ବନ୍ଧୀୟ; ଓଡ଼ିଆ— 4. Relating to Ordiśā.

ଓଡ଼ଶୀମତ—ଦେ. ବି.—ଓଡ଼ିଶା ଦେଶବାସୀଙ୍କ ମତ; ଓଡ଼ିଶା ପ୍ରଚଳିତ-ମତ—Opinion prevalent in Ordiśā.
Ordaśimata
উড়েমত
उड़ियामत

ଓଡ଼ଶୀ ହଳଦି—ଦେ. ବି. (ସଂ. ଓଡ୍ର+ହରିଦ୍ରା)—ଏକ ପ୍ରକାର ଓଡ଼ିଶାଦେଶଜାତ ହଳଦି (ଏଥିର ରଙ୍ଗ ବନ ହଳଦି ଠାରୁ ଫିକା)—A kind of turmeric produced in Ordiśā (of a lighter colour than the turmeric produced in the Khondmals)
Ordaśi haladi
(ବନ ହଳଦି—ଦ୍ରଷ୍ଟବ୍ୟ)

ଓଡ଼ା—ଦେ. ବି.—(ଦୃଷ୍ଟାନ୍ତରେ ସୁରୁଣାକାଳିଆ, ସ୍ୱରରେ ଚିହ୍ନ ବର୍ଣ୍ଣପରିଚୟ କରାଇବା ଅବଧାନମାନଙ୍କଦ୍ୱାରା ବ୍ୟବହୃତ; ସଂ. ଅବଗୁଣ୍ଠନ; ଏହାର ଆକାର ଓଡ଼ଣାପରି ଥିବାରୁ)—ବ୍ୟଞ୍ଜନବର୍ଣ୍ଣରେ ଯୁକ୍ତ ହେବା ଏକାରର ଚିହ୍ନ—ଯଥା—'େ'; (ଏହା ବର୍ଣ୍ଣର ପୂର୍ବପାଖରେ ଲାଗେ, ଦ+ଏ=ଦେ)—The symbol of 'E' or short 'e' prefixed to a consonant.
Ordā

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇପ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଜ୍ଞ୍ୟ | ଇଅ | ଓ | ନ୍ତ |

ଓଡ଼ାଙ୍କ—ଦେ. ବି. ( ସଂ. ଶ୍ରେଢ଼ୀ )—୧ । ( ଗଣିତ ) କ୍ରମବୃଦ୍ଧିମୂଳକ
Orḍaṅka ବୃଦ୍ଧିସୂଚକ ଗଣିତ; ନିର୍ଦ୍ଦିଷ୍ଟ ନିୟମରେ ମୂଳ ଅଙ୍କ
শ্রেঢ়ী ସଙ୍ଗେ କ୍ରମ ଭିନ୍ନ ସଂଖ୍ୟାମାନଙ୍କର ମିଶାଣ—
सेढ़ी 1. ( mathematics ) Arithmetical progression; addition of successive numbers to a certain original number.
୨ । ନିର୍ଦ୍ଦିଷ୍ଟ ନିୟମରେ ମିଶାଯାଇଥିବା କ୍ରମୋର୍ଦ୍ଧ୍ୱ ଅଙ୍କମାନଙ୍କର ସମଷ୍ଟି—2. The ultimate number resulting from the addition of some progressive numbers.

( ଯଥା—୧ + ୨ = ୩; ୩ + ୩ = ୬; ୬ + ୪ = ୧୦; ୧୦ + ୫ = ୧୫; ଶେଷ ମିଶାଣରେ ୧୫ ହେଲା ଓଡ଼ାଙ୍କ ୫ ହେଲା ମେଲାଙ୍କ; ତା ପୂର୍ବ ମିଶାଣରେ ୧୦ ଓଡ଼ାଙ୍କକୁ ୪ ମେଲାଙ୍କ; ତା ପୂର୍ବରେ ୬ ଓଡ଼ାଙ୍କକୁ ୩ ମେଲାଙ୍କ; ତା ପୂର୍ବରେ ୩ ଓଡ଼ାଙ୍କକୁ ୨ ମେଲାଙ୍କ ଅଟେ । )

ଓଡ଼ାଙ୍କଧରଣ—ଦେ ବି—ଓଡ଼ାଙ୍କ ରୀତି ଅନୁସାରେ ଅଙ୍କ-ଯୋଗ କରଣ
Orḍāṅkadharaṇa ବା ମିଶାଣ—Addition of successive numbers according to arithmetical progression.

ଓଡ଼ାଙ୍କ ଧରିବା—ଦେ. କ୍ରି—ମୂଳ ସଂଖ୍ୟା ସଙ୍ଗେ କ୍ରମୋର୍ଦ୍ଧ୍ୱ ସଂଖ୍ୟାମାନ
Orḍāṅka dharibā ମିଶାଇ ମିଶାଇ ଅଙ୍କ କଷିବା—
শ্রেঢ়ীকষা To work out an addition of successive
सेढ़ीकसना numbers in the system of arithmetical progression.

ଗୁଣ୍ଠ ଓଡ଼ାଙ୍କ ଧରିବାର ବେଳେ
ଓଝାଏ ଛାଟ ପିଙ୍ଗ ଦେଲେ ଭଲେ । ଲୀଳାବତୀ. ସୂନୁ ।

[ ଦ୍ର—୧ ରେ ଯଥାକ୍ରମେ ୨, ୩, ୪, ୫ ମିଶାଇବା ରୀତି; ୧ + ୨ = ୩; ୩ + ୩ = ୬; ୬ + ୪ = ୧୦, ୧୦ + ୫ = ୧୫; ୧ + ୨ = ୩ ଏଠାରେ ୩ ହେଲା ଓଡ଼ାଙ୍କ, ୨ ହେଲା ମେଲାଙ୍କ; ୩ + ୩ = ୬ ସ୍ଥଳରେ ୬ ହେଲା ଓଡ଼ାଙ୍କ, ୩ ହେଲା ମେଲାଙ୍କ; ୬ + ୪ = ୧୦ ସ୍ଥଳରେ ୧୦ ହେଲା ଓଡ଼ାଙ୍କ, ୪ ହେଲା ମେଲାଙ୍କ; ଏଥି ସମ୍ବନ୍ଧରେ ଏହିପରି ପ୍ରଶ୍ନ କରଯାଏ; ଯଥା—ଓଡ଼ାଙ୍କ ୧୦କୁ ମେଲାଙ୍କ କେତେ ? ଉତ୍ତର = ୪; ଅର୍ଥାତ୍ ୧ ସଙ୍ଗେ ଯଥାକ୍ରମେ ୨, ୩, ୪ ପର୍ଯ୍ୟନ୍ତ ଯୋଗ କରି କରି ଗଲେ ୪ ଯୋଗ କଲା ବେଳକୁ ଫଳ ହେବ ୧୦ । ]

ଓଡ଼ା ଛାଟଣି—ଦେ. ବି.—(ଗ୍ରନ୍ଥଶାଳୀରେ ବ୍ୟବହୃତ) ଐକାରର ଚିହ୍ନ;
Orḍā chhāṭaṇi ବ୍ୟଞ୍ଜନବର୍ଣ୍ଣର 'ଐ' ଯୁକ୍ତହେବା ଚିହ୍ନ; ଯଥା—'ୈ' [ ଏଥିରୁ ଓଡ଼ାଟି ବର୍ଣ୍ଣର ପିଠିରେ ଓ ଛାଟଣିଟି ବର୍ଣ୍ଣର ଡାହାଣ ପାଖେ ଉପରେ ବସଯାଏ । ଦ + ଐ = ଦୈ ।]—
The symbol of the vowel 'ai' added to a consonant.

ଓଡ଼ାଣ—ଦେ. ବି—ଓଡ଼ାଙ୍କ ରୀତିରେ ସଂଖ୍ୟାମାନଙ୍କର ଯୋଗକରଣ
Orḍāṇa ନିର୍ଦ୍ଦିଷ୍ଟ କ୍ରମୋଚ୍ଚ ନିୟମରେ ଅଙ୍କ ବା ସଂଖ୍ୟା ମିଶାଣ—
Summing up of numbers in a systematic progression.

ଓଡ଼ାବାଡ଼ି—ଦେ. ବି. ( ଗ୍ରନ୍ଥଶାଳରେ ବ୍ୟବହୃତ )—ଓକାର; ବ୍ୟଞ୍ଜନ
Orḍābaḍi ବର୍ଣ୍ଣରେ ଓ ଯୁକ୍ତ ହେବା ଚିହ୍ନ;—'ୋ'—
[ ଏଥିରୁ ଓଡ଼ାଟି ବର୍ଣ୍ଣର ପିଠିରେ ଓ ବାଡ଼ିଟି ବର୍ଣ୍ଣର ଆଗରେ ଲାଗେ; ଯଥା—ଦ + ଓ = ଦୋ ]—
Symbol of the vowel 'O' ( long o ) added to a consonant.

ଓଡ଼ାବାଡ଼ି ଛାଟଣି—ଦେ. ବି. ( ଗ୍ରନ୍ଥଶାଳୀରେ ବ୍ୟବହୃତ )—
Orḍābāṛḍi chhāṭaṇi ଔକାରର ଚିହ୍ନ; ଯଥା 'ୌ'—
[ ଓଡ଼ା ବର୍ଣ୍ଣର ପିଠିରେ ଓ ବାଡ଼ି ଛାଟଣି ଡାହାଣରେ ଲାଗେ; କ + ଔ = କୌ ]—Symbol of the vowel 'au' added to a consonant.

ଓଡ଼ାମଡ଼ା—ଗ୍ରା. ଅ. ( ଶିଶୁବଚନ )—ଖେଳୁଥିବା ପିଲାଙ୍କ ମଧ୍ୟରେ
Orḍāmarḍā ଏକପ୍ରକାର ଅଶୁଭସୂଚକ ଗାଳି—
A curse amongst children at play.
( ଯଥା—ଓଡ଼ାମଡ଼ା ! ତୋ ବଇଁଶଯାକ ପୋଡ଼ା—ଶିଶୁପଦ । )

ଓଡ଼ାମଡ଼ା ପକାଇବା—ଗ୍ରା. କ୍ରି. ( ଶିଶୁବଚନ )—
Orḍāmarḍā pakāibā ୧ । ଅଶୁଭ ବାଞ୍ଛା କରି ଗାଳିଦେବା—
1 To chide or rebuke by pronouncing curses.
୨ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ ନିଷେଧ କରିବା—
2. To prohibit a person form coming to a certain place.

ଓଡ଼ାମୋଡ଼ା (ଇତ୍ୟାଦି)—ଦେ. ଅ—ଓଡ଼ାମଡ଼ା ଇତ୍ୟାଦି (ଦେଖ)
Orḍāmorḍā etc Orḍāmarḍā etc (See)

ଓଡ଼ି—ଦେ. ବି. ( ସ. ଉଦ୍ଗାର; କମ୍ବା ଧ୍ୱନ୍ୟନୁକରଣ )—
Orḍi ଏଉଡ଼ି; ଅଉଡ଼ି; ଢାକୁଟି; ଢକାର—
ঢেকুর Belching
डकार

ଓଡ଼ିଆ—ଦେ. ବି. (ସଂ. ଓଡ୍ର; ତାମିଲ୍. ଓଡ଼ ଧାତୁ = ବୃକ୍ଷ କରିବା)—
Orḍiā ୧ । ଓଡ଼ିଶାବାସୀ ବ୍ୟକ୍ତି; ଉତ୍କଳୀୟ ବ୍ୟକ୍ତି;
(ଓଡ଼ିଆଣୀ—ସ୍ତ୍ରୀ) ପୁରୁଷାନୁକ୍ରମେ ଉତ୍କଳର ସ୍ଥାୟୀ ଅଧିବାସୀ
উড়িয়া; উড়ে ବ୍ୟକ୍ତି—1. An Orḍiā; a perma-
उड़िया nent resident of Orḍisā.
୨ । ଉତ୍କଳୀୟ ଭାଷା ବା ସାହିତ୍ୟ—
2. The language or literature of Orḍisā

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚନା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ପ୍ରାଦେ. (ଖୋର୍ଦ୍ଧା ଓ ଗଞ୍ଜାମ)—ଶୂଦ୍ର ବା ଚଷା ଜାତିବିଶେଷ—
A caste of Śūdras or cultivators.

ପ୍ରାଦେ. ( ସମ୍ବଲପୁର ) ବି—
୧ । ଶବର ଓ ଅଘରିଆମାନଙ୍କର ଶ୍ରେଣୀବିଶେଷ—
1. A class of Śabaras and Agharias
[ ଦ୍ର—ଅନ୍ୟ ଶ୍ରେଣୀ ଲରିଆ । ]
୨ । ଚଷା ଜାତିବିଶେଷ—
2. A caste of cultivators.
[ ଦ୍ର—ଏମାନେ କୃଷି ଓ ପଥରକଟା କାମ କରନ୍ତି । ଏମାନଙ୍କ ମାତୃଭାଷା ଓଡ଼ିଆ; ବ୍ରାହ୍ମଣ ଏମାନଙ୍କର ପୁରୋହିତ । ଏମାନେ ମଦ ବା କୁକୁଡ଼ା ଖାଆନ୍ତି ନାହିଁ । ସମାଜରେ ଭୂୟାଁମାନଙ୍କ ପରି ଏମାନଙ୍କର ସ୍ଥାନ ବା ସମ୍ମାନ ଥାଏ । ]
୩ । ଓଡ଼ିଆ ବ୍ରାହ୍ମଣ; ଶାସନୀ ବା ଝାଡ଼ୁଆଙ୍କଠାରୁ ଭିନ୍ନ ଶ୍ରେଣୀ ବ୍ରାହ୍ମଣ—3. A class of Brāhmaṇas in Sambalpur who are distinguished from the Jhārduās.
[ ଦ୍ର—ଝାଡ଼ୁଆ ଶବ୍ଦ ଦେଖ । ]

ଦେ. ବିଣ—ଓଡ଼ିଶା ଦେଶ ବା ଭାଷାସମ୍ବନ୍ଧୀୟ; ଉତ୍କଳୀୟ—
Appertaining to Ordisā.

**ଓଡ଼ିଆଣୀ**—ଦେ. ବି. ସ୍ତ୍ରୀ— ୧ । ଓଡ଼ିଆଜାତିର ସ୍ତ୍ରୀ—
Ordiāṇi 1. Ordiā female.
উড়ীয়ানী [ ଦ୍ର—ଏମାନେ ମୁଣ୍ଡରେ ଓଢ଼ଣା ଦେଇ ଥାନ୍ତି ଏବଂ ଏଥିଲାଗି ତେଲିଙ୍ଗିଆଣୀଙ୍କଠାରୁ ବାରି ହୁଅନ୍ତି । ]
୨ । ( ତେ. ଉଡ଼ିଆନମ୍ )—
କଟିମେଖଳା; କଟିବନ୍ଧନ ଅଳଙ୍କାରବିଶେଷ —
3, A belt worn by females as an ornament

ରତ୍ନ ଓଡ଼ିଆଣୀ କଟି ବେଢ଼େ ପୀତାମ୍ବର । ବୃନ୍ଦାବନବିହାର ।

୩ । ଓଡ଼ିଆ ଶୂଦ୍ର ଜାତୀୟା ସ୍ତ୍ରୀ—3. A female of the Ordiā Śūdra class.

**ଓଡ଼ିକଲନ୍**—ବୈଦେ. ବି. ( ଫା. ଅ ଡି କଲୋନ୍—କଲୋନ୍ ନାମକ ସ୍ଥାନର ଜଳ )—
Ordikalan
ওড়িকলোন্ ସୁଗନ୍ଧୀକୃତ ସୁରାସାରବିଶେଷ—Eu de cologne.
ओडिकलोन्

**ଓଡ଼ିକଲମ୍**—ବୈଦେ. ବି. (ଫା)— ଓଡ଼ିକଲନ୍ ( ଦେଖ )
Ordikalam Ordikalan ( See )

**ଓଡ଼ିକଲୋନ୍**—ବୈଦେ. ବି.—ଓଡ଼ିକଲନ୍ ( ଦେଖ )
Ordikalon Ordikalan ( See )

**ଓଡ଼ିଚ୍ଛା**—ପ୍ରାଦେ. (ସିଂହଭୂମ) ବି—ଘରର ଓଳି ପାଖ କାନ୍ଥ—
Ordichhā The walls near the eaves of a thatch.

**ଓଡ଼ିବା**—ଦେ. କ୍ରି—ଏକ ଓଡ଼ ଚାଷ କରିବା—
Ordibā To drive a plough once through a field.

**ଓଡ଼ିଶ**—ଦେ. ବି—ଓଡ଼ିଶ ( ଦେଖ )
Ordiśa Ordaśa ( See )

**ଓଡ଼ିଶା**—ଦେ ବି ( ସଂ. ଉଡ୍ର; ଓଡ୍ର )—ଉତ୍କଳ ଦେଶ—
Ordiśā The country of Utkaḷa.
উড়িশা
उडिशा

ଜମ୍ବୁ ଦ୍ୱୀପ ଭରତଖଣ୍ଡ ଓଡ଼ିଶା ମଣ୍ଡଳେ
ବ୍ରହ୍ମାଙ୍କର କୁଣ୍ଡସ୍ଥଳୀ ବୈତରଣୀ କୂଳେ । ସାରଳାମହାଭାରତ ।

ପ୍ରାଦେ. (ପୁରୀ) ବି (ନାମ)—ପୁରୀ ଜିଲ୍ଲାର ଖୋର୍ଦ୍ଧା ଅଞ୍ଚଳ—
The subdivision of Khurda in Puri.

[ ଦ୍ର— ବର୍ତ୍ତମାନ ଆମ୍ଭେମାନେ ଯାହାକୁ ଓଡ଼ିଶା ବୋଲି କହୁଅଛୁଁ ତାହା ପ୍ରାଚୀନ କାଳରେ ତିନି ଗୋଟି ରାଜ୍ୟର ପ୍ରଧାନ ଅଂଶ ଥିଲା:—୧ ।— ମେଦିନୀପୁର, ମୟୂରଭଞ୍ଜ, କେନ୍ଦୁଝର, ସିଂହଭୂମ ମାନଭୂମ ପ୍ରଭୃତି ଯେଉଁ ମେଦିନୀପୁର ସମୁଦ୍ର କୂଳଠାରୁ ଗୟା ଜିଲ୍ଲା ପର୍ଯ୍ୟନ୍ତ ପ୍ରାଚୀନ ଉତ୍କଳ ଦେଶ; ୨ ।—ବର୍ତ୍ତମାନ ଓଡ଼ିଶାର ମହାନଦୀର ଦକ୍ଷିଣ ଗଡ଼ଜାତମାନ—ଢେଙ୍କାନାଳ, ଅନୁଗୁଳ, ହିନ୍ଦୋଳ, ସମ୍ବଲପୁର ଓ ରାୟପୁର ପ୍ରଭୃତି ଯେଉଁ ପ୍ରାଚୀନ ଉଡ୍ର ଦେଶ; ଏଠାରେ ବହୁକାଳ ବ୍ୟାଘ୍ର ରାଜବଂଶ ରାଜତ୍ୱ କରୁଥିଲେ । ୩ ।—ବାଲେଶ୍ୱର କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାମାନଙ୍କୁ ଯେଉଁ ଅତି ପ୍ରାଚୀନ କଳିଙ୍ଗ ଦେଶ ।

ନୀଳକଣ୍ଠ ଦାସ—ଖାରବେଳ—ଗ୍ରନ୍ଥପ୍ରବେଶ ।

ଖାରବେଳ ବା ଐର ରାଜାଙ୍କ ସମୟରେ ମଗଧର ଉତ୍ତର ସୀମା ହିମାଳୟର ପାଦ ଦେଶରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ସବୁ ଦେଶ କଳିଙ୍ଗ ରାଜ୍ୟର ଅନ୍ତର୍ଭୁକ୍ତ ଥିବା ବିଷୟ ଖଣ୍ଡଗିରିର ହାତୀଗୁମ୍ଫାରୁ ମିଳିଥିବା ପଥରଲେଖାରୁ ଜଣାଯାଏ—ନୀଳକଣ୍ଠ ଦାସଙ୍କ କୋଣାର୍କ-ଗ୍ରନ୍ଥରେ ବାସୁଦେବ ମହାପାତ୍ରଙ୍କ ଟୀକା ।

ଓଡ଼ିଶା ନାମ ମୁସଲମାନମାନେ ପ୍ରଥମେ ବ୍ୟବହାର କଲେ । ଓଡ୍ର ଦେଶବାସୀ ଅନେକ ଓଡ୍ର କଳିଙ୍ଗରାଜାମାନଙ୍କ ଅଧୀନରେ ସୈନ୍ୟବୃତ୍ତି କରୁଥିବାରୁ ମୁସଲମାନମାନେ ଏହି ଦେଶକୁ 'ଓଡ଼୍ର' ବା ଓଡ଼ିଶା ନାମ ଦେଲେ । ପ୍ରାଚୀନ ଓଡ୍ରମାନେ ଯୁଦ୍ଧପ୍ରିୟ ଜାତି ଥିଲେ । ଇତିହାସର ପ୍ରଥମ ଯୁଗରେ 'ଓଡ୍ର' ବା ଓଡ଼ିଶା ନାମରେ କୌଣସି ଦେଶ ନ ଥିଲା । ଓଡ୍ର ନାମରେ ଏକ ଆର୍ଯ୍ୟ ଜାତି ପ୍ରାଚୀନ କାଳରୁ ଆସି କଳିଙ୍ଗର ପଶ୍ଚିମ ପ୍ରାନ୍ତରେ ବାସ କରୁଥିଲେ ଏବଂ ମନୁସଂହିତାରେ ଏମାନଙ୍କୁ ପତିତ କ୍ଷତ୍ରିୟ ବୋଲି କୁହା ଯାଇ ଅଛି । ପରେ ପୁଣି ନୂତନ ଆର୍ଯ୍ୟମାନେ ଆସି ଓଡ୍ରମାନଙ୍କୁ ଗଞ୍ଜାମ, ଭଣାଖାପାଟଣା, ଜୟପୁର ଓ ବସ୍ତର ଆଦି ପାର୍ବତ୍ୟ ଅଞ୍ଚଳକୁ ତଡ଼ିଦେଲେ । ବହୁକାଳ ପରେ ସେହି ସବୁ ଅଞ୍ଚଳକୁ 'ଓଡ଼ିବାଦି'

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଉଦ୍ଯ | ତ୍ଥ | ଦ୍ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଖ | ଉଥ | ଣ୍ଡ | ନ୍ମ |

ବା 'ଓଡ୍ରଦେଶ' କୁହାଗଲା । ବର୍ତ୍ତମାନ ଜୟପୁର ଅଞ୍ଚଳର ପାଇକମାନଙ୍କୁ 'ଓଡ଼' ବୋଲି କହନ୍ତି । ଗଙ୍ଗବଂଶର ରାଜତ୍ୱକାଳରେ ଏହି ଓଡ଼ମାନେ ଉତ୍କଳରାଜାଙ୍କ ସେନାଭୁକ୍ତହୋଇ ଖୋରଧା ପ୍ରଭୃତି ଅଞ୍ଚଳରେ ବାସ କଲେ । ମୁସଲମାନମାନେ ଯେଉଁ ସୈନ୍ୟଙ୍କ ସଙ୍ଗେ ୩୦୦ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ କରି ବାରମ୍ବାର ପରାସ୍ତ ହୋଇ ଫେରୁଥିଲେ ସେମାନେ ସାଧାରଣତଃ 'ଓଡ଼' ଥିବାରୁ ସେମାନଙ୍କ ନାମାନୁସାରେ ମୁସଲମାନମାନେ କଳିଙ୍ଗ ବା ଉତ୍କଳକୁ ଓଡ଼ିଶା ନାମ ଦେଲେ । ଖୋରଧାରେ ଓଡ଼ ପାଇକମାନେ ବହୁସଂଖ୍ୟାରେ ବାସ କରି ରହିଥିବାରୁ ଖୋରଧା ଅଦ୍ୟାପି ଲୋକରେ ଓଡ଼ିଶାନାମରେ ପରିଚିତ ।"
କୃପାସିନ୍ଧୁ ମିଶ୍ର—ଉତ୍କଳ ଇତିହାସ ।

"ଚିକିଟିଗଡ଼ରୁ ପ୍ରାପ୍ତ ମତ୍ସ୍ୟବଂଶୀୟ ରାଜା ଅର୍ଜୁନଙ୍କ ତାମ୍ରଶାସନରୁ ଜଣାଯାଏ ଯେ ତଦାନୀନ୍ତନ ଉତ୍କଳର ରାଜା ତାଙ୍କର ଏକମାତ୍ର କନ୍ୟା ପଦ୍ମାବତୀଙ୍କୁ ମୃତ୍ୟୁମାର୍ତ୍ତଣ୍ଡଙ୍କସହ ବିବାହ ଦେଇଥିଲେ ଏବଂ ଜାମାତାଙ୍କୁ 'ଓଡ଼ବାଡ଼ି' ବା 'ଓଡ଼ଦେଶ' ନାମକ ଅଞ୍ଚଳର ରାଜା କରାଇଥିଲେ । ଉତ୍କଳର ରାଜା ଅପୁତ୍ରିକ ହୋଇ ମଲା ପରେ ମୃତ୍ୟୁମାର୍ତ୍ତଣ୍ଡ ଉତ୍କଳମଣ୍ଡଳର ଶାସନକର୍ତ୍ତା ହେଲେ । 'ଉତ୍କଳ' ଓ 'ଓଡ଼ବାଡ଼ି' ମଣ୍ଡଳ ଓଡ଼ିଶା ନାମରେ କଥିତ ହେଲା ।
ଜଗବନ୍ଧୁ—ପ୍ରାଚୀନଉତ୍କଳ ।

ବର୍ତ୍ତମାନ କେହି କେହି ଓଡ଼ିଶାକୁ ଅଧୁନିକ ଓଡ଼ିଶାରୂପେ ଓଡ଼ିଶା ଓ ଉତ୍କଳକୁ 'ଓଡ଼ିଆଭାଷୀ' ସମସ୍ତ ଅଞ୍ଚଳ ଅର୍ଥରେ ବ୍ୟବହାର କରନ୍ତି । ]

**ଓଡ଼ିଶାରାଜାଙ୍କ ଉପାଧି**—ଦେ. ବି—ପୂର୍ବରୁ ଚଳି ଆସୁଥିବା ଓଡ଼ିଶାର
Ordisārājānka upādhi ରାଜାଙ୍କ ଉପାଧି ଯାହା କି ଅଦ୍ୟାପି ପୁରୀରାଜାଙ୍କ ନାମ ପୂର୍ବରେ ବ୍ୟବହୃତ ହେଉଅଛି—
The hereditary title of the Rājās of Ordisā.
[ଦ୍ର—ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଲବର୍ଗେଶ୍ୱର ବୀରଶ୍ରୀ ଭୂତଭୈରବ ଦେବସାଧୁ ଶାସନୋତ୍କୀର୍ଣ୍ଣ ରାଉତରାୟ ଅତୁଳବଳପରାକ୍ରମ ସଂଗ୍ରାମ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ମହାରାଜା ଶ୍ରୀ ଶ୍ରୀ ଶ୍ରୀ ଅମୁକଦେବ—ଏ ଉପାଧି ପ୍ରଥମେ ଅନଙ୍ଗଭୀମଦେବ ମହାରାଜା ( ଖ୍ରୀ.୧୧୭୮—୧୧୯୮ ) ନିଜ ନାମ ପୂର୍ବରେ ଲଗାଇଥିଲେ । ]

**ଓଡ଼ିଶୀ**—ଦେ. ବିଣ—ଓଡ଼ଶୀ (ଦେଖ)
Ordisi Ordasi (See)

**ଓଡ଼ିଶୀ ନାଟ**—ପ୍ରାଦେ (ପୁରୀ) ବି—ଓଡ଼ିଶୀ ସଙ୍ଗୀତ ବୋଲି ଅଭିନୟ ଓ
Ordisi nāṭa ଅଙ୍ଗଚାଳନାପୂର୍ବକ କରାଯିବା ଏକପ୍ରକାର ନାଚ; (ଏ ନାଚ କଲାବେଳେ ନାଚୁଆମାନେ ଖୁବ୍ କୁଦନ୍ତି ଏବଂ ନାନାବିଧ କଷ୍ଟସାଧ୍ୟ ବନ୍ଧ ଭଙ୍ଗି ଅଙ୍ଗଚାଳନା କରନ୍ତି । )
[ଦ୍ର—ଓଡ଼ିଶାରେ ସଙ୍ଗୀତ ଆଖଡ଼ା ଓ ନାଚ ଦୁଇ ପ୍ରକାରର—୧—ଓଡ଼ିଶୀ ଓ ୨—ଦକ୍ଷିଣୀ । ଓଡ଼ିଶୀ ପିଲା ଓଡ଼ିଆ ଗୀତ ବୋଲି ନାଚନ୍ତି, ଅଭିନୟ କରନ୍ତି ଓ ବନ୍ଧ ଭାଙ୍ଗନ୍ତି । ମାତ୍ର ଦକ୍ଷିଣୀ ପିଲାମାନେ କେବଳ ଗୀତ ବୋଲି ନାଚନ୍ତି ଓ ଅଭିନୟ କରନ୍ତି; ବନ୍ଧ ଭାଙ୍ଗନ୍ତି ନାହିଁ । ଓଡ଼ିଶୀ ପିଲାମାନେ ଆଠ ବର୍ଷଠାରୁ ଦଶ ବର୍ଷ ପର୍ଯ୍ୟନ୍ତ ବୟସ୍କ ଓ ଦକ୍ଷିଣୀ ପିଲାଏ ବାର ବର୍ଷରୁ ଷୋଳ ବର୍ଷ ବୟସ୍କ । ]

**ଓଡ଼ିଶୀ ସଙ୍ଗୀତ**—ପ୍ରାଦେ (ପୁରୀ) ବି—ପ୍ରାଚୀନ ଓଡ଼ିଆ କବି ( ଯଥା—
Ordisi sangita କବିସୂର୍ଯ୍ୟ, ଉପେନ୍ଦ୍ରଭଞ୍ଜ, ଗୋପାଳକୃଷ୍ଣ ଆଦି ) ମାନଙ୍କ ରଚିତ ପ୍ରାଚୀନ ରାଗରାଗିଣୀଯୁକ୍ତ ସଙ୍ଗୀତ—
Songs composed by the classical Ordiā poets.

**ଓଡ଼ିଶ୍ୟା**—ଦେ. ବି—ଓଡ଼ିଶା (ଦେଖ)
Ordisyā Ordisā (See)

**ଓଡ଼ୁ**—ଗ୍ରା. ଅ (ଗୋରୁଙ୍କୁ ଅଗକୁ ତଡ଼ାଇ ନେବାର ଶବ୍ଦ)—ଆଗକୁ ଚାଲ୍—
Ordu (a sound uttered by drivers of cattle while urging them to advance)—Advance.

**ଓଡ଼ୁସୋ**—ପ୍ରାଦେ (ସମ୍ବଲପୁର) ବି. (ସଂ. ଉଦଂଶ)—
Orduso ଓଡ଼ଶ; ଛାରପୋକ—Bed-bug.

**ଓଡ଼େ**—ଦେ.କ୍ରି.ବିଣ—ଏକ ଓଡ଼ ମାତ୍ର—One furrow;(plough-
Orde ing up a field) once only

**ଓଡ଼େଇବା**—ଦେ. କ୍ରି. (ସଂ. ହୋଡ଼ ଧାତୁ=ଗତି; ଅନାଦର)—
Ordeibā ୧ । ଗର୍ବସହିତ ବା ଦେଖାଇହୋଇ ଚାଲିବା—
1. To strut; to walk with pride.

ଅଳଙ୍କାର ପିନ୍ଧିଲେ ଓଡ଼େଇ ଚାଲ୍
ପୁଅ ହୋଇଲେ ଗୋଡ଼େଇ ଚାଲ୍—ଢଗ ।

୨ । ଅଡ଼େଇବା (ଦେଖ)
2. Ardeibā (See)

**ଓଡ୍ର**—ଟ.ବି (ଆ=ସମ୍ୟକ୍+ଉଡ଼୍ ଧାତୁ=ଆଲିଙ୍ଗନ କରିବା+ରକ୍ଷାର୍ଥେ
Odra ର; ଯେ ଭୂମି ଚୁମ୍ବକରେ ଅନ୍ୟଜାତୀୟ ବ୍ୟକ୍ତିକୁ ଆଲିଙ୍ଗନ କରନ୍ତି; ଭୁଲ. ଦ୍ରା. ଓଡ଼ ଧାତୁ=ଚଷ କରିବା)—୧ । ଉତ୍କଳ ଦେଶ—1. The Utkaḷa country.
୨ । ଉତ୍କଳବାସୀ—2. Inhabitant of Utkaḷa.
୩ । ଜବାପୁଷ୍ପ; ମନ୍ଦାର ଫୁଲ ଓ ଗଛ—
3. China rose (tree and flower).

**ଓଡ୍ରପୁଷ୍ପ**—ସଂ. ବି—ଜବାଫୁଲ; ମନ୍ଦାରଫୁଲ—
Odrapushpa China rose.

**ଓଡ୍ରା**—ସଂ. ବି (ଓଡ୍ର+ଆ)—୧ । ଜବାଫୁଲର ଗଛ; ମନ୍ଦାର ଗଛ—
Odrā 1. China rose tree.
୨ । ଓଡ଼ିଆଣୀ—2. An Ordiā female.

**ଓଡ୍ରାଖ୍ୟା**—ସଂ. ବି (ଓଡ୍ର+ଆଖ୍ୟା)—ଓଡ୍ରା (ଦେଖ)
Odrākhyā Odrā (See)

ଯାଂଘାରୀମାନେ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚଜ୍ଜିତ ଅକ୍ଷର ଓ ମାତ୍ରା ଏବଂ ୨ ଚଜ୍ଜିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଜ୍ଜିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜନ୍ତି, ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଜ୍ଜିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଖାଠ' ନ ମିଳିଲେ 'ଖାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଲଙ୍କାର' ଦେଖିବେ

ଓଢ଼—ଦେ. ବି—ଓଡ଼୍ର (ଦେଖ)
Ordha — Orda (See)

ଓଢ଼ଣ—ଦେ.ବି (ସଂ.ଅବଗୁଣ୍ଠନ; ଉପବେଷ୍ଟନ;ଭୁଲ—ପ୍ରା.ଓବେଢ୍ଢନ)—
Ordhana — ୧ । ସ୍ତ୍ରୀମାନଙ୍କର ମୁଖାଚ୍ଛାଦନ ବସ୍ତ୍ର—1 A veil
ওড়না; উড়নী — ୨ । ସ୍ତ୍ରୀମାନଙ୍କର ପିନ୍ଧିଥିବା ଲୁଗା ଉପରେ ପଡ଼ିଥିବା
आढ़न; ओट — ବହିର୍ବାସ ବସ୍ତ୍ର— 2. Lady's gauze; scarf thrown over the cloth worn by women.

ଓଢ଼ଣଷଷ୍ଠୀ—ଦେ. ବି—(ସଂ. ପ୍ରାବରଣ ଷଷ୍ଠୀ )—ମାର୍ଗଶୀର ଶୁକ୍ଳ ଷଷ୍ଠୀ
Ordhanashashthi — ( ଏ ଦିନ 'ଜଗନ୍ନାଥମହାପ୍ରଭୁ ଆଦି
ওড়নষষ্ঠী — ଦେବତାମାନେ ପ୍ରଥମେ ଶୀତବସ୍ତ୍ର ବା ଘୋଡ଼ ଲଗି ହୁଅନ୍ତି; ଏହା କୁମାରମାନଙ୍କର ପ୍ରଧାନ ପର୍ବ)— The sixth day of the bright fort-night of Mārgaśira (on which sheets are put on Deities for the winter.)

ଓଢ଼ଣା—ଦେ.ବି ସ୍ତ୍ରୀ—(ସଂ.ଅବଗୁଣ୍ଠନ; ଉପବେଷ୍ଟନ; ପ୍ରା.ଓବେଢ୍ଢନ) -
Ordhanā — ୧ । ସ୍ତ୍ରୀମାନଙ୍କର ମୁଖାଚ୍ଛାଦନ ବସ୍ତ୍ର—1. Veil; covering for a woman's face
ওড়না; উড়নী, ঘোমটা — ଓଢ଼ଣା ପଡ଼ନ୍ତି ଭୁଣ୍ଡ ସରକ, ପାନ୍ଥ ଶୁଭୁଅଛି ଦରପାଡ଼ିକ—ଢଂଗ ।
घुंघट; आड़; ओढ़ना — ୨ । ସ୍ତ୍ରୀମାନେ ଗାତରେ ପିନ୍ଧିଥିବା ଲୁଗା ଉପରେ ପଡ଼ିଥିବା ପତଳା ବହିର୍ବାସ; ଉପରୀଣ ବସ୍ତ୍ର— 2. Lady's scarf; lady's gauze-scarf

କୁଳସ୍ତ୍ରୀମାନେ ଦେଇ ମୁଣ୍ଡରେ ଓଢ଼ଣା,
କୃଷ୍ଣଙ୍କ ମୁଖ ଦେଖି ବୃଦ୍ଧି କରୁ ବଣା—କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

ଓଢ଼ଣା ଟାଣିବା—ଦେ. କ୍ରି—ମୁଣ୍ଡରେ ପଡ଼ିଥିବା ଓଢ଼ଣାକୁ ମୁହଁ ସାମନାକୁ ଅଧିକ ତଳକୁ ଖସାଇବା—
Ordhanā tāniba — To draw one's veil still lower.
ঘোমটা টানা; आढ़ना खींचना

ଓଢ଼ଣା ପକାଇବା—ଦେ. କ୍ରି—ମୁଣ୍ଡରେ ଅବଗୁଣ୍ଠନ ପକାଇ ମୁଖକୁ ଅର୍ଦ୍ଧାଚ୍ଛନ୍ନ କରିବା—
Ordhanā pakāibā — To veil one's face.
ঘোমটা দেওয়া

ଓଢ଼ଣୀ—ଦେ ବି—(ସଂ. ଅବଗୁଣ୍ଠନ; ଉପବେଷ୍ଟନୀ; ପ୍ରା. ଓବେଢ୍ଢଣୀ)—
Ordhanī — ଉପରୀଣ ଅର୍ଥାତ୍ ସ୍ତ୍ରୀମାନେ ପିନ୍ଧାଲୁଗା ଉପରେ ପକାଇବା
ওড়নী; आढ़नी — ବସ୍ତ୍ର—Outer scarf or sheet thrown over the cloth worn by females

ଓଢ଼ଣୀ ବସନ ନସ୍ଥି ଭରଣରେ ଶୋଭି
ନବଦବିଛିନ୍ନ ଅଛି ମନ୍ଦ ମନ୍ଦ ପିଁଛ—ବିଶ୍ୱନାଥ. ବିଚିତ୍ରରାମାୟଣ ।

ଓଢ଼ାଇବା—ଦେ. କ୍ରି—ଓଢ଼ିବାର ଣିଜନ୍ତ ରୂପ—
Ordhāibā — Causative form of Ordhibā.
পরান; आढ़वाना

ଓଢ଼ାନି—ପ୍ରାଦେ (ମେଦନାପୁର) ବି—ଓଢ଼ଣା—
Ordhāni — A veil.

ଓଢ଼ିବା—ଦେ. କ୍ରି-(ସଂ. ଅବଗୁଣ୍ଠନ; ଉପବେଷ୍ଟନ; ପ୍ର. ଓବେଢ୍ଢନ)—
Ordhiba — ନିଜ ଶରୀରକୁ ବସ୍ତ୍ରଦ୍ୱାରା ଆଚ୍ଛାଦନ କରିବା; ଲୁଗା ଘୋଡ଼ି ହେବା—To enwrap; to cover the body with a wrapper.
পরা; গায়েদেওয়া; आढ़ना

ନଶି ଅଭ୍ରସାଗ ଓଢ଼ିଣ କୁଙ୍କୁଲେ—ଶିଶୁଶଙ୍କର. ଉଷାଅଭିଳାଷ ।

ଓଢ଼ିହେବା—ଦେ. କ୍ରି—ଓଢ଼ିବା (ଦେଖ)
Ordhiheba — Ordhibā (See))

ଓଢ଼ୁଣୀ—ଗ୍ରା. ବି—ଓଢ଼ଣୀ ( ଦେଖ )
Ordhuni — Ordhanī ( See )

ଓତ—ସଂ. ବି—(ଆ=ସମ୍ୟକ୍+ବେ ଧାତୁ=ବୁଣିବା+କର୍ମ. ତ )—
Ota — ଲୁଗାର ଲମ୍ବ ଅଡ଼ର ସୂତା; ଲୁଣ୍ଡି; ଲୁଗାର ଟାଣି ସୂତା— Woof; thread woven lengthwise in a cloth.

ସଂ. ବିଣ—ଅନୁବ୍ୟାପ୍ତ; ଟାଣିବାଗରେ ସିଅଁ ବା ବୁଣା ହୋଇଥିବା (ସୂତା)— (thread Sewn or woven lengthwise.

ଯେମନ୍ତ ସୂତା ଖିଅ ହୋଇ,
ଓତ ପ୍ରୋତେ ବସ୍ତ୍ର ହୁଅଇ । — ଜଗନ୍ନାଥ. ଭାଗବତ ।

ଦେ. ବି—( ସଂ. ଆର୍ଦ୍ର )—ଆର୍ଦ୍ରତା—Moisture.
( ଯଥା— ମାଟିରୁ ଓତ ମରିଗଲାଣି । )

ଓତନ—ଦେ. ବି. (ସଂ. ଓକଃ)—୧ । ଗୃହ; ବାସସ୍ଥାନ—
Otana — 1. House; residence.
୨ । ଧନ; ସମ୍ପତ୍ତି—2 Riches.
୩ । (ସଂ. ଗୋତ୍ର) ନିକଟ-ରକ୍ତସମ୍ପର୍କୀୟ ବ୍ୟକ୍ତି— 3. Kinsman; kindred; near agnate.

ଓତପ୍ରୋତ—ସଂ. ବିଣ.—(ଦ୍ୱନ୍ଦ୍ୱ. ଓତ=ଲମ୍ବ ବାଗରେ ବୁଣା+ପ୍ରୋତ =ତେର୍ଚ୍ଛାବାଗରେ ବୁଣା) —
Otaprota — ୧ । ଟାଣୀଭରଣୀ ଦୁଇବାଗରେ ସିଲେଇ ବା ବୁଣା ହୋଇଥିବା— 1. Sewn or woven throughout (woof and warp ); sewn crosswise and lengthwise
୨ । ସର୍ବତ୍ର ବ୍ୟାପ୍ତ—2. Extending to every quarter; lying in and through.

ଓତା—ସଂ. ବି.—୧ । (ସଂ. ହୋତା)—ବ୍ରାହ୍ମଣଙ୍କ ସଂଜ୍ଞାବିଶେଷ; ଏକ
Otā — ଜାତୀୟ ବ୍ରାହ୍ମଣ—1. A family title of Brāhmaṇas.
୨ । (ସଂ. ଉତ୍ତରୀୟ)—ଉତ୍ତରୀୟ; ଚଦର— 2. Sheet; upper cloth; scarf.
୩ । ଦେହର ଅଣ୍ଟା ଉପରକୁ କାନ୍ଧଠାରୁ ଲମ୍ବିବା ଚଦର— 3. Sheet worn on the upper part of the body above the waist.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଶ,ଷ | ଙ୍କ | ଇସ୍ମ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଓ | ବୃ |

ଗ୍ରାଦେ. ( ସମ୍ବଲପୁର ) ବି.—ଦିନର ଓଳ—Half of the day; forenoon or afternoon.
(ଯଥା—ଉପର ଓଟା)

ଓତୁ—ସଂ. ବି.—(ଅବ ଧାତୁ=ଗମନ କରିବା+କର୍ତ୍ତୃ ତୁନ୍)—
Otu — ୧ । ବିରାଡ଼ି; ମାର୍ଜ୍ଜାର—1. Cat.
୨ । ଜାଲର ଅଡ଼ବାଗର ସୂତା; ଜାଲର ଭରଣୀ ସୂତା—2. The woof or cross-threads of a web.

ଓଥର୍ବ—ଦେ. ବିଣ. ପୁଂ. (ସଂ. ଅବସ୍ଥ; ପ୍ରା. ଅବତ୍ଥ୍ଵର=ଲଙ୍ଗଳା;
Otharā ଲଙ୍ଗଳା ପିଲା; ଅତଏବ ଅବିବାହିତ)—ଅବିବାହିତ;
আইবুড়ো ଅପ୍ରାପ୍ତବୟସ୍କ, ଯାହାର ବିବାହୋପଯୁକ୍ତ ବୟସ ହୋଇ ସୁଦ୍ଧା
कुँवारा ବିବାହ ହୋଇ ନ ଥାଏ—Unmarried though grown up (male bachelor)

ଓଥଡ଼ା—ସଂ. ବିଣ. ପୁଂ—ଓଥର୍ବ (ଦେଖ)
Otharḍā — Otharā (See)

ଓଥୁର୍ବ—ସଂ. ବିଣ. ପୁଂ.—ଓଥର୍ବ (ଦେଖ)
Othurā — Otharā (See)

ଓଦ—ଗ୍ରା. ବି. (ସଂ. ଆର୍ଦ୍ର)-ଆର୍ଦ୍ରତା—
Oda — Wetness; moistness
ଶୂନ୍ୟ ଜଳ ବରଷୁଛୁ ନାହିଁ ଜଳ ଓଦ । ପ୍ରାଚୀ—ବ୍ରହ୍ମକବଳୀପଣ ଗୀତା ।

ଓଦନ—ସଂ. ବି. (ଉନ୍ଦ ଧାତୁ=ଆର୍ଦ୍ର ହେବା+କର୍ତ୍ତୃ. ଅନ)—
Odana ୧ । ସିଦ୍ଧତଣ୍ଡୁଳ; ଭାତ; ଅନ୍ନ—1. Boiled rice.
୨ । ଖାଦ୍ୟ—2. Food generally)

ଓଦର—ଦେ. ବି. (ସଂ. ଉଦର)—ଶଗଡ଼ ଉପରେ ଧାନ ଗୁଞ୍ଜିଲା ଆଦି
Odara ଛୋଟ ଛୋଟ ପଦାର୍ଥ ବୋହି ନେବା ପାଇଁ ବାଉଁଶ-ପାତିଆରେ ନିର୍ମିତ ବଡ଼ ଓ ଲମ୍ବା ଆଧାରବିଶେଷ—
A long wicker work used as basket to carry small things on a cart
ସ୍ନାନ କରି ଅସି ଓଦରରୁ ଓହ୍ଲାଇଲ ।
ସାରଳା. ମହାଭାରତ ଆଦି ।
ଗ୍ରା. ବି. (ସଂ. ଉଦର)—ଉଦର; ପେଟ—Belly.
କଷ୍ଟ ପୃଷ୍ଠ ଓଦର ଟଛି କି ନାହିଁ କହ ।
ପ୍ରାଚୀ—ବ୍ରହ୍ମକବଳୀପଣଗୀତା ।

ଓଦରି ରୋଗ—ଗ୍ରା. ବି. ( ସଂ. ଉଦରୀ )—ଜଳୋଦରୀ ରୋଗ—
Odari roga Dropsy (resulting in the swelling of the belly )

ଓଦା—ଦେ. ବିଣ. (ସଂ. ଆର୍ଦ୍ର; ତୁଳ. ଅସାମୀ—ଓଦା=ଆର୍ଦ୍ର)—
Odā ଆର୍ଦ୍ର; ତିନ୍ତା; ସିକ୍ତ—Wet; damp; moist.
ভিজা ଓଦା ଦେହଠାରେ ସିନା ସବୁ କଥା ଲାଗ ।
ओदा; भीगा ସାରଳାମହାଭାରତ. ଉଦ୍ୟୋଗ ।
ଦେ. ବି ଓ ବିଣ—ଉଦା ( ଦେଖ )
Udā ( See )

ଓଦାଓଦି—ଦେ. ବିଣ—ଆର୍ଦ୍ର ( ବହୁବସ୍ତୁ )—
Odāodi Wet ( said of many articles ).
ভিজাভিজি

ଓଦାଖାଇବା—ଦେ. କ୍ରି—ଉଦାଖାଇବା ( ଦେଖ )
Odākhāibā Udākhāibā ( See )

ଓଦା ବାସ—ଦେ. ବି.—୧ । (ପ୍ରାଚୀନ ପ୍ରୟୋଗ )—ଗାମୁଛା—
Odā bāsa 1. Napkin.
ଦନ୍ତ ଖଡ଼ିକା ଓଦାବାସ, ବେଶେ ଟେକିଲେ ଦାସୀଦାସ ।
ଭୂପତି. ପ୍ରେମପଞ୍ଚାମୃତ ।
୨ । ଆର୍ଦ୍ରବସ୍ତ୍ର; ଓଦାଲୁଗା—2 Wet cloth.

ଓଦାଳ—ଦେ. ବିଣ. ( ପ୍ରାଚୀନ ପ୍ରୟୋଗ)—ଓଦାଳିଆ ( ଦେଖ )
Odāḷa Odāḷiā ( See )
ଓଦାଳ ହୋଇଲେ ନୁହେ ଉପର ଭୂଷଣ । ପ୍ରାଚୀ—ବ୍ରହ୍ମକବଳୀପଣଗୀତା ।

ଓଦାଳିଆ—ଦେ. ବିଣ ( ସଂ. ଆର୍ଦ୍ର )—ଈଷତ୍ ଆର୍ଦ୍ର—
Odāḷiā Slightly wet or damp

ଓଧ—ଦେ. ବି. ( ସଂ. ଉଦ୍ର; ଉଦ୍‌ବିଡ଼ାଳ )—
Odha ଜଳମାର୍ଜ୍ଜାର—Otter.
উদবেরাল; উদবিড়াল [ ଦ୍ର—ଏହା ବିଡ଼ାଳଜାତୀୟ ଏବଂ ଉଭୟଚର
ऊदबिलाव ଜନ୍ତୁ । ଏ ପାଣିରେ ବୁଡ଼ି ବଡ଼ ମାଛ ଧରି ଆଣି ଖାଏ । ପାଣିରେ ପଶି ମାଛ ଧରି ଆଣିବା ପାଇଁ ଲୋକେ ଓଧ ପୋଷିବାର ମଧ୍ୟ ଦେଖାଯାଇଅଛି । ]

ଓଧଲ—ଗ୍ରାଦେ. ( ସିଂହଭୂମ ) ବି—ଶଗଡ଼ର ଦଣ୍ଡା—
Odhaḷa The beams of a cart

ଓଧାଣି—ଦେ. ବି. ( ସଂ. ଓଦନ=ଭାତ )—ଭାତ ରାନ୍ଧିବା ପାଇଁ ଚୁଲି
Odhāṇi ଉପରେ ବସାଯିବା ପାଣି ହାଣ୍ଡି—
A pot of water put on the oven for preparing rice.
ଯେଉଁ ଉତ୍ତୁଙ୍ଗର ଓଳଏ ଉଷାଇନ ନ ହେଲେ ଚୁଲିରେ ଓଧଣି ବସୁ ନାହିଁ ।
ଗଡ଼ଜାତବାସିନ୍ଦା, ଡା ୨୨।୧।୨୮ ।

ଓଧି—ଦେ. ବି—୧ । କଦଳୀଗଛର ମୂଳପିଣ୍ଡ—1 The bulbous
Odhi root of the plantain tree.
କେ ଅଛ ଉଦ୍ଧୁରୁ ଚୋପିଲ
କଦଳୀ ଉଷା ଓଧି ଘେନ । ଭୂପତି. ପ୍ରେମପଞ୍ଚାମୃତ ।
୨ । ଶଗଡ଼ର ଧୁରମୁଣ୍ଡି—2. The front-end of a cart.
ଦ୍ଵର୍ଗ ଦ ଶକଟ ଯେ କରିଣ ସଜ ଯୁଦ୍ଧ
ଅଗ ତକ ଦଣ୍ଡ କରିଛନ୍ତି ଓଧି ପଦ । ସାରଳାମହାଭାରତ. ଉଦ୍ୟୋଗ ।

ଓଧିର—ଦେ. ବିଣ. ( ସଂ. ଅବରୁଦ୍ଧ )—ଅବରୁଦ୍ଧ; କାରାବଦ୍ଧ—
Odhira Imprisoned; restrained.
ବେନି ଲକ୍ଷ ସୈନ୍ୟ ଦହିଁ ରହିଲେ ଓଧିର ।
ସାରଳାମହାଭାରତ, ଉଦ୍ୟୋଗ ।

ଓଧୁଅ—ଗ୍ରା. ବି—ଓଧ ( ଦେଖ )
Odhua Odha ( See )
ଓଧୁଅ ସାଙ୍ଗରେ ବଣିଲୁଅ ବାଘ । ଛଗ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ଗାଈ' ନ ମିଳିଲେ 'ଗାଇ' ଖୋଜନ୍ତୁ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍‌କତ' ଦେଖିବେ ।

**ଓଧୁଆଣି**—ପ୍ରାଦେ. (ଗଡ଼ଜାତ) ବ—ଫୁଟୁଥିବା ଭାତର ଜାଉଳୀପାଣି—
Odhuāṇi Hot water from the cooking pot while rice is boiling on the fire
ପ୍ରାଦେ. ( ଗଞ୍ଜାମ ) ବ—ଓଧାଣି ( ଦେଖ )
Odhāṇi ( See )

**ଓପଡ଼ା**—ଗ୍ରା. ବ. ଓ ବିଣ—ଉପଡ଼ା ( ଦେଖ )
Oparḍā Uparḍā ( See )

**ଓପଡ଼ାଇବା**—ଗ୍ରା. କ୍ରି—ଉପଡ଼ାଇବା ( ଦେଖ )
Oparḍāibā Uparḍāibā ( See )

**ଓପର** (ଇତ୍ୟାଦି)—ଗ୍ରା. ବ. ଓ ବିଣ ଓ ଅ. ( ସଂ. ଅପର )—
Opara etc.) ଉପର ଇତ୍ୟାଦି ( ଦେଖ )
Upara etc ( See )

**ଓପରଠାଉରିଆ**—ଗ୍ରା. ବିଣ—ଉପରଠାଉରିଆ ( ଦେଖ )
Oparaṭhāuriā Uparaṭhāuriā ( See )

**ଓପରାନ୍ତ**—ଗ୍ରା. ଅ.—ଉପରାନ୍ତ ( ଦେଖ )
Oparānta Uparānta ( See )

**ଓପରି**—ଗ୍ରା. ବିଣ—ଉପରି ( ଦେଖ )
Opari Upari ( See )

**ଓପରୋଧ**—ଗ୍ରା. ବ—ଉପରୋଧ ( ଦେଖ )
Oparodha Uparodha ( See )

**ଓପାଡ଼ିବା**—ଗ୍ରା. କ୍ରି—ଉପାଡ଼ିବା ( ଦେଖ )
Opārḍibā Upārḍibā ( See )

**ଓପାଦ**—ଦେ. ବିଣ. ପୁଂ ଓ ସ୍ତ୍ରୀ. (ଗାଳିରେ ବ୍ୟବହୃତ; ସଂ. ଉତ୍ପାତ)—
Opāda ଉପାଦ ( ଦେଖ )
Upāda ( See )

**ଓପାଧିଆ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଓପାଦ ( ଦେଖ )
Opādiā Opāda ( See )

**ଓପାସ**—ଗ୍ରା. ବ—ଉପାସ ( ଦେଖ )
Opāsa Upāsa ( See )

**ଓପାସବେଳ**—ପ୍ରାଦେ. (ସମ୍ବଲପୁର) ବ—ଉପାସବାଅ ( ଦେଖ )
Opāsabeḷa Upāsabāa ( See )

**ଓପ୍ରଧ**—ଗ୍ରା. ବ—ଉପରୋଧ ( ଦେଖ )
Opradha Uparodha ( See )
ମାଉସୀ ଓପ୍ରଧରେ ସାନ ଶଳାକୁ କହିଲା—ଘଣ ।

**ଓପ୍ରୋଧ**—ଗ୍ରା. ବ—ଉପରୋଧ ( ଦେଖ )
Oprodha Uparodha ( See )

**ଓଫରା**—ପ୍ରାଦେ. (ସମ୍ବଲପୁର) ବିଣ (ଭୁଲ. ଅସାମୀ. ଓଫ୍ରା=ଉଗୁରା)—
Opharā ଉଗୁରା; ଯେଉଁ ଲୁଗା ବା ଅନ୍ୟ ପଦାର୍ଥ ଥରେ ବ୍ୟବହୃତ ହୋଇ ଫିଙ୍ଗା ହୋଇ ଥାଏ—
Cast off ( things e.g. cloth )

**ଓଫ୍ରା**—ପ୍ରାଦେ. (ସମ୍ବଲପୁର) ବିଣ—ଓଫରା ( ଦେଖ )
Ophrā Opharā ( See )

**ଓବାର** (ଇତ୍ୟାଦି)—ଗ୍ରା. ବ ଓ ବିଣ—ଉବାର ଇତ୍ୟାଦି ( ଦେଖ )
Obāra (etc) Ubāra etc (See)

**ଓବିଟର ଡିକ୍‌ଟମ୍**—ବୈଦେ. ବ. ( ଲାଟିନ୍ )—(ଅଦାଲତପ୍ରଚଳିତ)
Obiṭar ḍikṭam ଜଜ୍‌ମାନେ ମକଦ୍ଦମାର ରାୟ ଦେଲାବେଳେ ମକଦ୍ଦମାର କୌଣସି ପ୍ରାସଙ୍ଗିକ ବିଷୟରେ ପ୍ରକାଶ କରିଥିବା ମତ—Obitur Dictum; incidental or collateral opinion pronounced by a Judge in a judgment.

**ଓମ୍**—ସଂ. ଅ. ( ଅବ ଧାତୁ=ରକ୍ଷା କରିବା+ମ୍; କିମ୍ବା ଅ=ବିଷ୍ଣୁ+
Om ଉ=ଶିବ+ମ୍=ବ୍ରହ୍ମା; ସନ୍ଧି ଦ୍ୱାରା ସିଦ୍ଧ)—
୧ । ଓଁ ( ଦେଖ )
1 'Oṅ' (See)
୨ । ହଁ;ଅଚ୍ଛା !—(ସ୍ୱୀକାର,ଅନୁମତି, ଆରମ୍ଭ, ପ୍ରଶ୍ନ, କ୍ରୋଧ, ଅପାକରଣ, ଅବଧାରଣ ଓ ମଙ୍ଗଳ ଅର୍ଥରେ ବ୍ୟବହୃତ)—
2. Yes ! all right ! ( interjection used in indicating agreement, beginning, question, anger, ascertaining and well wishing).

**ଓମ**—ଗ୍ରା. ଅ—ଓଁ ( ଦେଖ )—Oṅ ( See )
Oma ଅଳକ୍ତ ଏ ବର୍ଣ୍ଣର ବର୍ଣ୍ଣ, ଅନ୍ତରେ ମୁଣ୍ଡରୁ ଉତ୍ପତ୍ତି
ଓମ ଅକ୍ଷର ଉଚ୍ଚେ ବୋଲେ, ତହିଁରୁ ସିଦ୍ଧି ପ୍ରକାଶିଲେ—
ଦ୍ୱାରୀ, ନିର୍ଗୁଣମାହାତ୍ମ୍ୟ ।

**ଓମୁଣ୍ଡି**—ଦେ. ବିଣ—ଲମ୍ବଭାବରେ ସ୍ଥିତ—
Omuṇḍi Situated lengthwise; stright.
କ୍ରି. ବିଣ—ଲମ୍ବଭାବରେ; ସିଧାଏ ସିଧାଏ—
Straightway.

**ଓମୁଣ୍ଡିଆ**—ଦେ. ବିଣ. ଓ କ୍ରି. ବିଣ—ଓମୁଣ୍ଡି ( ଦେଖ )
Omuṇḍiā Omuṇḍi ( See )

**ଓର୍‌ମାନ** ( ଇତ୍ୟାଦି )—ବୈଦେ. ବ. ( ଫୁରସୀ )—
Ormān ( etc ) ଅର୍‌ମାନ୍ ଇତ୍ୟାଦି ( ଦେଖ )
Armān etc ( See )

**ଓର**—ଦେ. ବ. ( ସଂ. ଅବସର; ବଂ. ଓର୍=ସୀମା; ହି. ଓର୍=
Ora ତରଫ )—୧ । ସୁବିଧା—1. Convenience.
୨ । ଅବସର; ସୁଯୋଗ—2. Opportunity.
मौका ୩ । ଉପାୟ—3. Plan
୪ । ସନ୍ଧି—4 Clue.
ଓର ଖୋଜି ଖୋଜି ଏବେ ଏବେ ପାଇଲେ—
ଫକୀରମୋହନ, ଛମାଣଆଠଗୁଣ୍ଠ ।
୫ । ଉଦର; ଖଞ୍ଜି; କଳ; ସୁବିଧା—
5. Point of advantage.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଂ | ଉଅ | ଖ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଘ | ଇଂ | ଙ୍ଗ | ନ |

୬ । ଅନୁସନ୍ଧାନ—
6. Look-out; searching; tracing

୭ । ଓହଳ—7. Areal roots

ଓରଆର—ଦେ ବ. ( ଅନର୍ଥକ ଦ୍ୱିଗସ୍ତ ସହଚର ଶବ୍ଦ )—ଙ୍ଗଞ୍ଜାଙ୍ଗ—
Oraāra Suitable opportunity.

ଓର ଉଣ୍ଡିବା—ଦେ. କ୍ରି—ସୁବିଧା ଖୋଜିବା; ସୁବିଧା ଅନୁସନ୍ଧାନ କରିବା—
Ora undiba To be on the look-out for suitable opportunity

ଓର କରିବା—ଦେ. କ୍ରି—ଅନୁସନ୍ଧାନ କରିବା—
Ora kariba To be on the look-out.

ଓର ଖୋଜିବା—ଦେ. କ୍ରି—ଓର ଉଣ୍ଡିବା ( ଦେଖ )
Ora khojiba Ora undiba ( See )

ଓରଛ—ଗ୍ରାଦେ. ( ବସ୍ତର ) ବି—ଘରଚାଳର ଓଳ—
Orachha The eave of a house-thatch

ଓରଛଖାଲେ—ଗ୍ରାଦେ. (ବସ୍ତର) ବି.—ଓଳତଳ—The ground
Orachhākhāle below the eaves of a thatch

ଓରଦା—ଦେ. ବି. ( ସଂ. ଆର୍ଦ୍ର )—୧ । ସ୍ରୋତସ୍ୱତୀ ନଦୀର ସ୍ରୋତ-
Oradā ହୀନସ୍ଥାନ ବା ସ୍ଥିର ପାଣି ଥିବା ଅଂଶ—
1. A stagnant pool of water; the part of a river where the water is calm and there is no current

୨ । ଧାନ ରୋଇବା ନିମନ୍ତେ ଜମିକୁ ହୁଳ କରି ଅତି କାଦୁଅ ଚଷ କରିବା; କୃଷିର ପାରିଭାଷିକ—
2. Seasoning a field by ploughing it thoroughly and making it clayey and fit for transplanting paddy-plants on it.

୩ । ଧାନ ବୁଣିବା ପାଇଁ ଜମିକୁ କାଦୁଅ କରି ତହିଁ ମଇ ଦେବା ପ୍ରଣାଳୀ—
3. Ploughing and making a field muddy and levelling it with ladder before sowing.

ଦେ. ବିଣ—୧ । ସ୍ଥିର ପାଣି ଥିବା ( ସ୍ଥାନ )—
1. ( a place ) With calm and standing water; stagnant.

୨ । ଧାନ ରୋଇବା ନିମନ୍ତେ ହଳଦ୍ୱାରା କାଦୁଅ ଚଷ ହୋଇଥିବା (ଭୂମି)—2. (field) Prepared for transplantation or sowing on clay.

ଓରଦା କରିବା—ଦେ. କ୍ରି.—ଧାନ ରୋଇବା ନିମନ୍ତେ କ୍ଷେତକୁ କାଦୁଅ
Oradā kariba ଚଷ କରି ବପନ ବା ରୋପଣୋପଯୋଗୀ କରିବା—To prepare a field with ploughing for transplanting paddy-plants.

ଓରଦା ଛାଟିବା—ଦେ. କ୍ରି—ପାଣିଥିବା କଅଁଳକୁ ହଳ ବୁଲାଇ କାଦୁଅ
Oradā chhātiba କରି ତା ଉପରେ ମଇ ଦେଇ ତହିଁରେ ବିହନକୁ ବୁଣିବା —To sow paddy-seeds on clavey soil,

ଓର ପଡିବା—ଦେ. କ୍ରି—ସୁବିଧା ଘଟିବା—The happening
Ora patiba at an opportunity.

ଓରଫ୍—ବୈଦେ. ଅ (ଫରସୀ ଭାଷା; ଆ. ଉର୍ଫ୍)—
Oraph ୧ । ଉପନାମ; ଅପର ନାମ; ନାମାନ୍ତର—1. A lias.
ওর্ফে
उर्फ

(ଯଥା—ଏହାର ସାଙ୍କେତିକ । ଓ । ଯଥା—ଶ୍ରୀମତୀ ପାର୍ବତୀ ମିଶ୍ର । ଓ । ମନମୋହିନୀ ଦେବୀ ।)

୨ । ପ୍ରତିନିଧି (ଗୋପୀନାଥ ନନ୍ଦ)—
2. Representative.

୩ । ମାରଫତ୍ (ଗୋପୀନାଥ ନନ୍ଦ)—
3 Through; per.

ଓରଫେ—ବୈଦେ. ଅ—ଓରଫ୍ (ଦେଖ)
Oraphe Oraph (See)

ବେଶ୍ୟାଙ୍କୁ କଥା ଓରଫେ ଚଷା ସାଅନ୍ତାଣୀ—ଫକୀରମୋହନ. ଛମାଣଆଠଗୁଣ୍ଠ ।

ଓରବଣା—ଦେ. ବିଣ—ବାଟବଣା—
Orabaṇā Losing the way.

ଯେତେବେଳେ ଯାକୁ କରିବ ସ୍ମରଣା
ଅଛିବ ମୋ ପାଶକୁ ନୋହି ଓରବଣା—କୃଷ୍ଣସିଂହ, ମହାଭାରତ. ବନ ।

ଓରମା—ଦେ.ବି (ଦରଜୀଙ୍କ ଭାଷା)--ଏକପ୍ରକାର ସିଲେଇ; ଲୁଗାର ଧଡ଼ିକୁ
Oramā ମୋଡ଼ି ଭଙ୍ଗ ମୋଡ଼ା ସ୍ଥାନକୁ ହିଲାଇ କରିବାର ଢଙ୍ଗ—
ওরমা A particular kind of sewing in which
ओरमा the stitch is laid through the doubled end of the cloth.

ଗ୍ରାଦେ (ବସ୍ତର) ବି—ଉଇ—White ant.

ଓରମାନା (ଇତ୍ୟାଦି)—ବୈଦେ. ବି—ଅରମାନ୍ ଇତ୍ୟାଦି (ଦେଖ)
Oramānā (etc) Armān etc (See)

ଓରମାଲ—ବୈଦେ. ବି (ଆ. ରୁମାଲ୍)—୧ । ଛୋଟ ଖଦଡ଼—
Oramāla 1. Napkin.

୨ । ରୁମାଲ—2. Handkerchief.

କେ ନେତ୍ରାକୁ ବେଢ଼ି ଚିତ୍ର ଅର୍ପଇ ଫୁଲ
ଉଭରେ ଧରନ୍ତି ଉଚ୍ଚ କରି ଓରମାଲ ସେ—ଉପେନ୍ଦ୍ର. ଲାବଣ୍ୟବତୀ ।

୩ । ଚାରିକୋଣିଆ ବଡ଼ ପତାକା—
3. Streamers; large square flags.

ଧ୍ୱଜା ଚହଁ ଚକ୍ର ପୀତ ଶ୍ୱେତ ନାଳ ଅବି,
ଶଶିତେ ଓରମାଳମାଳ—ଚକ୍ରାନ୍ତି. ସୁରତଲଳିତା ।

ଓଉମାଲ—ବୈଦେ. ବି (ଆ)—ଓରମାଲ (ଦେଖ)
Oramāla Oramāla (See)

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ କେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :—
ଗାଈ ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'କଥ' ନ ପାଇଲେ 'କନ୍' ଦେଖିବେ; 'ଅଙ୍ଖୀ' ନ ପାଇଲେ 'ଅଙ୍ଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଓରମ୍ବା—ଦେ. ବିଣ—୧ । ଯେ କର୍ତ୍ତବ୍ୟ କର୍ମ ନ କରି ଇତସ୍ତତଃ
Orambā ବୁଲୁଥାଏ; ଢଙ୍ଗର୍ମା (ଲୋକ) (ଗୋପୀନାଥ ନନ୍ଦ)—
ওরম্বা 1. Idler.
औरूड २ । ଲମ୍ପଟ—2. Licentious; lascivious.
୩ । ଅସୀମ ସାହସିକ—3. Daring; fool hardy.
୪ । ଅଶାଡ଼ୁଆ; ନିୟମବହିର୍ଭୂତ—
4. Undisciplined.

ଓରଲିଘର—ପ୍ରାଦେ (ସମ୍ବଲପୁର) ବି—
Oralighara ଖଡ଼ଦ୍ୱାରା ଛପରେ ହେବା ଘର—
Straw-thatched house.

ଓରା—ଦେ. ବି—ଉରା (ଦେଖ)
Orā Urā (See)

ଓରାଓଁ—ପ୍ରାଦେ. ( ସମ୍ବଲପୁର ) ବି—ଅନାର୍ଯ୍ୟଜାତିବିଶେଷ—
Orāoṅ A class of aborigines

ଓରାଂ—ବୈଦେ. ବି—ଅଉରାଂ ଅଉଟାଂ ( ଦେଖ )
Orāṁ Aurāṁ auṭāṁ ( See )

ଓରାଂଆଉଟାଂ—ବୈଦେ. ବି—ଅଉରାଂ ଅଉଟାଂ ( ଦେଖ )
Orāṁāuṭāṁ Aurāṁ auṭāṁ ( See )

ଓରାଙ୍ଗ୍—ବୈଦେ. ବି—ଅଉରାଂ ଅଉଟାଂ ( ଦେଖ )
Orāṅg Aurāṁ auṭāṁ ( See )

ଓରାଙ୍ଗ୍ ଆଉଟାଙ୍ଗ୍—ବୈଦେ. ବି—ଅଉରାଂ ଅଉଟାଂ ( ଦେଖ )
Orāṅg āuṭāṅg Aurāṁ auṭāṁ ( See )

ଓରାଳିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅଲବଲିଆ ( ଦେଖ )
Orāḻiā Alabaliā ( See )

ଓରିଆ—ପ୍ରାଦେ. (ଗଡ଼ଜାତ) ବି.—(ରାଜା ଓ ଦେବତାଙ୍କ ଅନ୍ନ ସମ୍ବନ୍ଧେ
Oriā ବ୍ୟବହୃତ ଶବ୍ଦ )—ଅନ୍ନ; ଭାତ—Boiled rice.
ଦିବ୍ୟ ଓରିଆରେ ପୁଣି ବାସ ଘିଅ ଗାଇ । ଦାରକାମହାତ୍ମ୍ୟ ।

ଓରିଆଣି—ପ୍ରାଦେ. ( ଗଞ୍ଜାମ ) ବି—ଫୁଟିଆଣି ( ଦେଖ )
Oriāṇi Phuṭiāṇi ( See )

ଓରିବା—ଦେ. କ୍ରି. ( ସଂ. ଅ + ବୃତ ଧାତୁ )—୧ । ପଶ୍ଚାତ୍ପଦ ହେବା;
Oribā ପଛଘୁଞ୍ଚା ଦେବା; ନିବର୍ତ୍ତିବା; ହଟିଯିବା—
1. To hesitate to do a thing; to shrink from doing a thing.
୨ । ଦୁର୍ବଳ ହେବା—2. To become weak.
୩ । ବିମର୍ଷ ହେବା—3. To be dejected.

ଓରିମାନ୍ (ଇତ୍ୟାଦି)—ବୈଦେ. ବି—ଅରମାନ୍ ଇତ୍ୟାଦି ( ଦେଖ )
Orimān (etc) Aramān etc ( See )

ଓରିମାନା (ଇତ୍ୟାଦି)—ବୈଦେ. ବି—ଅରମାନ୍ ଇତ୍ୟାଦି ( ଦେଖ )
Orimānā (etc) Aramān etc ( See )

ଓରୁଅ—ଦେ. ବି. ( ସଂ. ମହାର୍ଦ୍ରକ; ଅର୍ଦ୍ରକ )—
Orua ଜଳହସ୍ତୀ ବା ସମୁଦ୍ର ପକୂଳ ଅଞ୍ଚଳରେ ଜନ୍ମିବା
মহাদা ଏକପ୍ରକାର ଫଳବୃକ୍ଷ—( ଏହାର ଫଳ ଗୋଲ
बिषाबिल ଗୋଲ ଓ ଲେମ୍ବୁ ପରି )—Kokum butter
ସଂ. ପର୍ଯ୍ୟାୟ— tree; Garoinia Purpuria.
ବୃକ୍ଷାମ୍ଳ; ବନାର୍ଦ୍ରକ; ମହାର୍ଦ୍ରକ;
ତିନ୍ତିଡ଼ୀକ; ଚୁକ୍ର; ଅମ୍ଳବୃକ୍ଷକ
ମ. ଅମସୋଲ
ଗୁ. କୋକମ

ଓରୁମାଳ—ଗ୍ରା. ବୈଦେ. ବି—ଓରମାଳ ( ଦେଖ )
Orumāḻa Oramāḻa ( See )

ଓରୁମାଲ—ଗ୍ରା ବୈଦେ. ବି—ଓରମାଳ ( ଦେଖ )
Orumāla Oramāḻa ( See )

ଓରେ—ଦେ. ଅ—ଆପଣାଠାରୁ ନିମ୍ନତର ବ୍ୟକ୍ତିଙ୍କୁ ସମ୍ବୋଧନ; ରେ—
Ore Oh—addressed to one's inferior.
ওরে
हौरे

ଓଳ—ଦେ. ବି—ଓହଳ ( ଦେଖ )
Oḻa Ohaḻa ( See )
ଅପମାର୍ଗ, କୁଷ୍ମାରୁଅ, ବରଓଳ, ଲମ୍ବ । ପ୍ରୀତି—ଶ୍ରୀଗୁରୁଭକ୍ତିଗୀତା ।

ଓଲ—ସଂ. ବି. ( ସଂ. ଉଲ୍ଲ )—
Ola କନ୍ଦବର୍ଗର ଖାଦ୍ୟକନ୍ଦବିଶିଷ୍ଟ ଗୁଳ୍ମ—
ওল An esculent bulb; arum; Amorpho-
सुरन; जमिकन्द; बल phallus Campanulatus.
ସଂ. ପର୍ଯ୍ୟାୟ—ଓଲ୍ଲ; ଓଲ୍ଲ; [ଦ୍ର—ଏହାର ପ୍ରତି ଗଛରେ ଗୋଟିଏ
ଦୁର୍ନାମାରି; କାନ୍ଦାରି; ଡେମ୍ଫ ଓ ପତ୍ର । ଯେଉଁ ଗଛରେ ଫୁଲ
ମୂଳକନ୍ଦ; କଣ୍ଡୂଲ; ଧରେ ସେ ଗଛରେ ପତ୍ର ହୁଏ ନାହିଁ ।
ସୂତ୍ୟକନ୍ଦ; ଶୂରଣ ପତ୍ରର ଡେମ୍ଫରେ ଅଲୁ ଥାଏ । ବଣ-
କନ୍ଦକ; ଅର୍ଶୋଘ୍ନ; ଓଲୁଅକୁ ଖାଇଲେ ତଣ୍ଟି ଗଲୁ କରେ ।
ତେ. ମଂଗୁକନ୍ଦା; ଦୋଲକନ୍ଦା ଓଲୁଅ ଚାଷ କଲେ ଏହା ମୂଳରେ
ଗୁ. ସୁରଣ; ଅସାମ୍ପି; ଓଲକନ୍ଦ ଗୋବରଖତ ଦିଆ ଯାଏ । ଓଲୁଅକୁ
ଫା ଓଲ ପ୍ରଥମେ ଉଷୁନା ଧାନରେ ପୋଡି
ମ. ଘୋଡ଼ାସୁରଣ କାଞ୍ଜିପାଣିରେ ସିଝାଇଲେ ଏହାର ଗଲୁ
ମରେ । ଏହା ଅର୍ଶରୋଗୀ ପକ୍ଷରେ ବଡ଼ ଉପକାରୀ ଖାଦ୍ୟ । ଏହା ଅଗ୍ନିଦୀପକ, କଣ୍ଡୂକାରକ, ବିଷ୍ଟମ୍ଭୀ, ରୁଚିକର ଓ ଲଘୁ । ଏହା କଫ, ଅର୍ଶ, ପ୍ଲୀହା ଓ ଗୁଲ୍ମବିନାଶକ କିନ୍ତୁ, ଦଦ୍ରୁ, ରକ୍ତ-ପିତ୍ତ ଓ କୁଷ୍ଠରୋଗରେ ଏହା ଅପକାରୀ; ହୃଦରୋଗରେ ଏହା ଉପକାରୀ । ]

ଓଳକି (ଇତ୍ୟାଦି)—ଗ୍ରା. ବି—ଓଳଗି ଇତ୍ୟାଦି ( ଦେଖ )
Oḻaki (etc) Oḻagi etc. ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ | ଋଃ. | ଊ. |
| ୨ | ଈ | ଊ | ଋ | ଌ | ଙ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ | ଯ | ସ | ଗଁ | ଇଥ | ଢ଼ | ନ୍. |

**ଓଲକତ**—ଗ୍ରା. ବଣ. ( ସଂ. ଅଲୌକିକ )—
Olakita ଅଲୌକିକ; ଅଲୋକତ—
Very wonderful.

ବୃଦ୍ଧ ବୋଲିବାର କଥା ମହା ଓଲକତ । ପ୍ରାଚୀ. ବୃନ୍ଦାବନରୂପଣଗୀତା ।

**ଓଲକିବା**—ଦେ. କ୍ରି—ଓଲଗିବା ( ଦେଖ )
Olakiba Olagiba ( See )

**ଓଲକୋବି**—ଦେ. ବି—ଉଲକୋବି ( ଦେଖ )
Olakobi Ulakobi ( See )

**ଓଲଗ** (ଇତ୍ୟାଦି)—ଦେ. ବି ଓ ଅ—ଓଲଗି ଇତ୍ୟାଦି ( ଦେଖ )
Olaga (etc.) Olagi etc. (See)

ସଞ୍ଜୟ ବୋଲେ ସୃଷ୍ଟି କରନ୍ତୁ ଓଲଗ । ସାରଳାମହାଭାରତ. ଉଦ୍ଯୋଗ ।

**ଓଲଗି**—ଦେ. ବି. (ସଂ. ଭୂଲଗ୍ନ; ଭୂଲ. ଅସାମୀ. ଓଲଗ୍)—
Olagi ୧ । ନମସ୍କାର; ପ୍ରଣାମ—1 Obeisance.
ପାଉଁଲାଗି; ୨ । ସ୍ତ୍ରୀ ଲୋକମାନେ ମାନ୍ୟ ବ୍ୟକ୍ତିଙ୍କୁ କରିବା ପ୍ରଣାମ—
ଗାଡ଼ଲାଗି 2. Obeisance done by younger females to the elderly people

ଦେ. ଅ—ନମସ୍କାର କରିବା ବ୍ୟକ୍ତିର ଉଚ୍ଚାରିତ ଶବ୍ଦ—
Interjection used by a person while bowing to another.

[ ଦ୍ର—ଆମ ଦେଶରେ ଶୂଦ୍ରମାନେ ବ୍ରାହ୍ମଣାଦିଙ୍କୁ ନମସ୍କାର କଲାବେଳେ 'ଓଲଗି' ଉଚ୍ଚାରଣ କରନ୍ତି । ]

**ଓଲଗି କରିବା**—ଦେ. କ୍ରି—୧ । ନମସ୍କାର କରିବା; ପ୍ରଣାମ କରିବା—
Olagi kariba 1. To make obeisance.
ପାଉଁଲାଗନା ୨ । ସ୍ତ୍ରୀ ଲୋକମାନେ ମାନ୍ୟବ୍ୟକ୍ତିଙ୍କୁ ନମସ୍କାର କରିବା—
2. To make obeisance ( said of females ).

[ ଦ୍ର—ଓଡ଼ିଶାର ସ୍ତ୍ରୀମାନେ ମାନ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ଲୁଗାପଟା ବା ଆଞ୍ଚୋଳ ଧରି ଦୁଇ ହାତର କରତଳର ଅଗ୍ର ଅର୍ଥାତ୍ ଆଙ୍ଗୁଠିମାନଙ୍କୁ ଦୁଇ ତିନ ଥର ଭୂମିରେ ଲଗାନ୍ତି । ]

**ଓଲଗିବା**—ଦେ. କ୍ରି—ଓଲଗି କରିବା ( ଦେଖ )
Olagiba Olagi kariba ( See )

ପିତାଙ୍କୁ ଅମାନ୍ୟ କରି ଓଲଗୁ ମଉସା । ସାରଳାମହାଭାରତ. ବନ୍ଦନ ।

**ଓଲଗି ହେବା**—ଦେ. କ୍ରି—ଓଲଗି କରିବା ( ଦେଖ )
Olagi heba Olagi kariba ( See )

ଅଞ୍ଚୋଳ ଅସୁଧ ଥୋଇ ଅବକାରେ ଓଲଗି ହେଲେ ଅବଳା ।
ରଘୁନାଥ—ଯସଚ ।

**ଓଲଗୁଡ଼ି**—ପ୍ରାଦେ. (ମେଦନୀପୁର) ବି—ଅଲଗୁଣି ( ଦେଖ )
Olagurdi Alaguni ( See )

**ଓଲଚଟକିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Olachatakiba ବର୍ଷା ହେବା ପରେ ଓଦା ଭୂଇଁ ଶୁଖିଯିବା—
(wetland) To dry up after a shower.

**ଓଲଟ** (ଇତ୍ୟାଦି)—ଦେ. ବି. ଓ ବଣ—
Olata (etc) ୧ । ଉପର ପାଖ ତଳକୁ ଓ ତଳ ପାଖ ଉପରକୁ କରି ଯାଇଥିବା—1. Inverted.
ଉଲଟା
उलटा ୨ । ବିପରୀତ—3. Opposite; contrary.
୩ । (ମନାର୍ଥୀ) ଅବିଚାର ଓ ଅନ୍ୟାୟପୂର୍ଣ୍ଣ—
3. Full of injustice and wrong.
( ଯଥା—ଓଲଟ କାଳ । ).
୪ । ପ୍ରତିକୂଳ—4. Unfavourable.

**ଓଲଟକଦଳି**—ଦେ. ବି—ମୁଣ୍ଡ ପାଖ ତଳକୁ କରିଯାଇ ରଖା ଯିବା କଦଳି ଗଛର ଗଣ୍ଡି—The trunk of
Olatakadali
a plantain tree placed top downwards.

**ଓଲଟକମଳ**—ଦେ. ବି. ( ସଂ. ନାମ ପୀବସ୍ତ; ଯୋଷିମା )—ବୃକ୍ଷ ଓ
Olatakamala ବୃକ୍ଷବିଶେଷ—The name of a plant;
ଉଲଟାକମଲ; ଓଲଟକମ୍ବଲ Abroma Augusta.
ओलटकम्बल [ ଦ୍ର—ଶୀତ ଋତୁ ଭାରତର ପଶ୍ଚିମାଞ୍ଚଳ ଛଡ଼ା ଅନ୍ୟ ସବୁ ସ୍ଥାନରେ ଜନ୍ମେ । ମୂଳ, ଚେର, ଛେଲି ଓ ପତ୍ର ଔଷଧରେ ଲାଗେ । ଏହା ଯୋନିବ୍ୟାପତ୍, ରକ୍ତୋଦୃଷ୍ଟି, ପ୍ରଦର ଓ ଅର୍ଶରୋଗନାଶକ । ଏହାର ସରୁ ଡାଳ ଲୋମଶ; ପତ୍ର ବଡ଼ ଓ ଲୋମଶ । ବର୍ଷାକାଳରେ ଫୁଲ ଫୁଟେ । ଫୁଲ ପଞ୍ଚଦଳ ଓ କୃଷ୍ଣରକ୍ତ । ଫୁଲର ପାଖୁଡ଼ା ତଳକୁ ଓହଳ ଥାଏ । ଫଳ ପାଞ୍ଚକୋଣିଆ । ଛାଲର ଅଂଶୁରେ ଦଉଡ଼ି ହୋଇପାରେ—ଯୋଗେଶଚନ୍ଦ୍ର । ]

**ଓଲଟକୁହା**—ଦେ. ବଣ. ପୁଂ—୧ । ଯେଉଁ ଭୃତ୍ୟ ସ୍ୱାମୀଙ୍କ ଆଦେଶକୁ
Olatakuha ଶିରୋଧାର୍ଯ୍ୟ ନ କରି ଓଲଟ କରି ଜବାବ୍ ଦିଏ;
ଓଲଟକୁହୀ ( ସ୍ତ୍ରୀ ଉତ୍ତରଦାୟକ (ଭୃତ୍ୟ); ମଗସ୍ର—
ଓଲଟକୋହା ( 1. Insubordinate; recalcitrant ( servant )
୨ । ଯେ ସୃଷ୍ଟି ବହିର୍ଭୂତ କଥା କହେ—
2 ( a person ) Speaking improbable or unheard of things.

**ଓଲଟଚାହାଣି**—ସଂ. ବି—ମୁହଁ ଫେରାଇ ପଛଆଡ଼କୁ ଚାହିଁବା—
Olatachahani Looking back with head turned.
ਉਲਟਾਚਾਹਣਿ
पीछे देखना

**ଓଲଟପାଦ ଆସନ**—ଦେ. ବି—ଯୋଗାସନବିଶେଷ—A posture
Olatapada asana during breathing exercise.

ଓଲଟପାଦ ଆସନ ସାହାର, ନତ୍ରା ମେଁଟ କରାଇ ଡାହାର ।
ପ୍ରାଚୀ—ସଉଦେଗୀତା ।

**ଓଲଟପାଲଟ**—ଦେ. ବି—୧ । ଘଣ୍ଟାଘଣ୍ଟି; ଘଣ୍ଟାଚକଟା—
Olatapalata 1. State of being turned up or confused.
ਉਲਟਾਪਾਲਟਾ
उलटा पुलटा ୨ । ବଦଳାବଦଳ; ଅନ୍ୟୋନ୍ୟରେ ବିନିମୟ—
2. Change of place.

ସାଧାରଣ ଲେଖକ ଅପର ସ୍ଥାନରେ ଦୃଷ୍ଟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠି' ନ ମିଳିଲେ 'ଷାଠି' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ଓଲଟାପଲଟା—3. Invertion.
୪ । ଗୋଳମାଳ—4. Disorder

ଦେ. ବିଣ— ୧ । ଘଣ୍ଟାଘଣ୍ଟି ହୋଇଥିବା—
1. Turned up; confused; disturbed.
୨ । ବଦଳା ଯାଇଥିବା— 2. Changed.
୩ । ଓଲଟା ହୋଇଥିବା—
3. Upeset; inverted; turned upside down.
୪ । ଗୋଳମାଳ ହୋଇଥିବା—4. Disordered.

**ଓଲଟାବାଗ**—ଦେ. ବି.—ବିପରୀତ ପ୍ରକାର— Contrary mode; opposite manner
Olaṭābāga
উল্টাদিক

**ଓଲଟ ବୁଝିବା**—ଦେ. କ୍ରି.—କହିବା ଲୋକର ଭାବ ବା ଉଦ୍ଦେଶ୍ୟକୁ ହୃଦୟଙ୍ଗମ ନ କରି ବିପରୀତ ଅର୍ଥରେ ଗ୍ରହଣ କରିବା; ଭୁଲ୍ ବୁଝିବା—To take a person's words in bad part; to misunderstand; to mis-interpret.
Olaṭa bujhibā
উল্টাবুঝা
उल्टासमझना

**ଓଲଟମୁହାଁ**—ଦେ. ବି. (ବଣିଆ ଶବ୍ଦ)—ଏକପ୍ରକାର ନାକଫୁଲ— A kind of nose-ring.
Olaṭamuhāñ

**ଓଲଟା (ଇତ୍ୟାଦି)**—ଦେ. ବି. ଓ ବିଣ.—ଓଲଟ ଇତ୍ୟାଦି (ଦେଖ)
Olaṭā (etc). Olaṭa etc (See)

ଦେ. ଅ.—ଅପରନ୍ତୁ; ପରନ୍ତୁ— On the other hand
(ଯଥା— ମୁଁ ତିନା ପୁଅକୁ ଶାସନ କରନ୍ତି; ଓଲଟା ସେ ମୋତେ ଶାସନ କରିବାକୁ ଉଦ୍ୟତ ।)

**ଓଲଟାଇବା** – ଦେ. କ୍ରି.— ଉଲଟାଇବା (ଦେଖ)
Olaṭāibā Ulaṭāibā (See)

ଦେବ ହେଲେ ଶକ୍ତି ନାହିଁ ଓଲଟାଇ ଦେବାକୁ ବଧି କରଣୀ । ରାଧାନାଥ, ଯଯାତି ।

ପ୍ରାଦେ. ( ସମ୍ବଲପୁର ) କ୍ରି.—ଯାଉଥିବା କୌଣସି ବ୍ୟକ୍ତିକୁ ଫେରାଇ ଆଣିବା—To cause a person to come back or return.

**ଓଲଟା କମଳ ଆସନ**—ଦେ. ବି.—ଯୋଗାସନବିଶେଷ — A posture in breath-exercise
Olaṭā kamaḻa āsana

ଓଲଟାକମଳ ଆସନ କରି; ଭାବୁଁ ଜପି ବସିବ ପଞ୍ଚାକ୍ଷର । ପ୍ରାଚୀ. ପରଦେଶୀ ।

**ଓଲଟା କାଳ**—ଦେ. ବି.— କଳିକାଳ; ଯେଉଁ ସମୟରେ ଅଧର୍ମ, ଅସତ୍ୟ, ଅବିଚାର ଓ ଅନାଚାରମାନ ଘଟେ; କଳିଯୁଗ— The Kaḻi age; the age of sin and injustice; the age when things strange and wrong happen.
Olaṭā kāḻa
উলটাসময

**ଓଲଟା ଗଧଚଢ଼ା**—ଦେ. ବି. ଓ ବିଣ—ଉଲଟା ଗଧଚଢ଼ା (ଦେଖ)
Olaṭā gadhachar̤dhā Ulaṭā gadhachar̤dhā (See)

**ଓଲଟା ଗୋଠ**—ଦେ. ବି. (ବଣିଆ ଶବ୍ଦ)—ଅଣ୍ଟାରେ ପିନ୍ଧିବା ସୁନା ବା ରୁପାର ଅଳଙ୍କାରବିଶେଷ—A kind of gold or silver ornament worn round the waist.
Olaṭā gotha

**ଓଲଟା ଦାସେ ଗଧ ଚଢ଼ିବା**—ଦେ. କ୍ରି.— ଓଲଟା ଦାସେ ଘୋଡ଼ା ଚଢ଼ିବା (ଦେଖ)
Olaṭā dāse gadha char̤dhibā Olaṭā dāse ghor̤dā char̤dhibā (See)

**ଓଲଟା ଦାସେ ଘୋଡ଼ା ଚଢ଼ିବା**—ଦେ. (ନ୍ୟାୟ) ଯେଉଁ ବ୍ୟକ୍ତି ଅନ୍ୟାୟ ବା ଦୋଷ କରିଥାଏ ସେ ଆପଣାକୁ ନିର୍ଦ୍ଦୋଷ ବୋଲି ଦେଖାଇ ହୋଇ ଅନ୍ୟ ବ୍ୟକ୍ତିକୁ ଦୋଷୀ କରିବାକୁ ବସିଲେ, ଅର୍ଥାତ୍ ଯାହା ଉପରେ ମୋର ପାଉଣା ଅଛି ସେ ଓଲଟ କରି ମୋ ଉପରେ ଦାବୀ କଲେ ଏ ପ୍ରବଚନ ବୋଲାଯାଏ— A saying applied to a case where the wrong doer feigns that he is the person wronged.
Olaṭā dāse ghor̤dā char̤dhibā

**ଓଲଟା ନିଶାପ**—ଦେ. ବି.— ଓଲଟା ନ୍ୟାୟ (ଦେଖ)
Olaṭā nishāpa Olaṭā nyāya (See)

**ଓଲଟା ନ୍ୟାୟ**—ଦେ. ବି.— ୧ । ଅବିଚାର—1. Injustice.
Olaṭā nyāya ୨ । ଅନୁଗ୍ରହ୍ୟମଣା—2. Partiality.
উল্টাবিচার
उल्टाविचार

**ଓଲଟା ବିଚାର** —ଦେ. ବି— ଓଲଟା ନ୍ୟାୟ ( ଦେଖ )
Olaṭā bichāra Olaṭā nyāya ( See )

**ଓଲଟା ଯୁଗ**—ଦେ. ବି—ଓଲଟା କାଳ ( ଦେଖ )
Olaṭā juga Olaṭā kāḻa ( See )

**ଓଲଟା ସୃଷ୍ଟି**—ଦେ. ବି —ଈଶ୍ୱରସୃଷ୍ଟିର ବିପରୀତ କଥା—
Olaṭā sṛushṭi Things which run contrary to God's creation.
উল্টা সৃষ্টি
उलटी सृष्टि

**ଓଲଟି**—ଦେ ଅ. ( ଓଲଟିବା କ୍ରିୟାର ଅସମାପିକାରୂପ )—ପରନ୍ତୁ — On the other hand.
Olaṭi
उलटे ( ଯଥା – ଓଲଟ ଦାସେ ଘୋଡ଼ା ଚଢ଼ିବା ନ୍ୟାୟ । )

**ଓଲଟି ପଡ଼ିବା** –ଦେ. କ୍ରି.— ୧ । ତଳକୁ ମୁହଁ ହୋଇ ପତିତ ହେବା— 1 To fall upside down.
Olaṭi par̤dibā
উল্টেপড়া ୨ । ଅନ୍ୟଥା ହେବା; ରଦ୍ ହେବା—
উল্টেযাওয়া 2. To be set aside.
उलटजाना ୩ । ଆଶାର ବିପରୀତ କର୍ମ କରିବା—
3. To act contrary to expectation.
୪ । ବିପର୍ଯ୍ୟସ୍ତ ହେବା—4. To become inverted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | | ଯ | ଜ | ଶ,ଷ | ଙ୍କ | ଇଏ | ଉଅ | ଓ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଐ | ଇଅ | ଓ | ନ୍ |

୫ । ପ୍ରଥମେ ପୋଷିଥିବା ମତର ବିପରୀତ ମତ ପୋଷଣ କରିବା—
5. To form an opinion contrary to the opinion first formed.

ଓଲଟି ଯିବା—ଦେ.କ୍ରି.—ଓଲଟି ପଡ଼ିବା (ଦେଖ)
Olaṭi jibā — Olaṭi paṛdibā (See.

ଓଲଟେଇବା—ଦେ. କ୍ରି.—ଓଲଟିବା କ୍ରିୟାର ଣିଜନ୍ତ ରୂପ—
Olaṭeibā — Causative form of Olaṭibā.

ଓଳଳ—ଦେ. ବି—(ସଂ. ଅଧୋଲମ୍ବ) (ପ୍ରା. ଓଲମ୍ବ)—
O<u>l</u>ana ୧ । ରାଜମିସ୍ତ୍ରୀଙ୍କ ବ୍ୟବହୃତ ମୁଣ୍ଡରେ ସିସା ଦିଆଯାଇଥିବା
ଓଳନ — ସୂତା; କାନ୍ଥ ସିଧାରେ ଉଠୁଅଛି କି ବଙ୍କା ହୋଇଅଛି ଏହା
साहुल — ଦେଖିବା ନିମନ୍ତେ ରାଜମିସ୍ତ୍ରୀମାନେ ଯେଉଁ ସୂତା ବ୍ୟବହାର କରନ୍ତି—1. Brick - layer's plumb-line.
୨ । ସୂତାର ଅଗରେ ଝୁଲୁଥିବା ସୀସା ବା ଲୁହାର ଗୋଲାକାର ପିଣ୍ଡ—2. Metal ball suspended from the plum b-line

ଓଳନସୂତା—ଦେ. ବି.—ଓଳନ (ଦେଖ)
O<u>l</u>anasūtā — O<u>l</u>ana (See)

ଓଳନାଳ—ଦେ. ବି.—ଯା ଆସ—Coming and going
O<u>l</u>anā<u>l</u>a ଦେ. ବିଣ—ଲେଉଟ ପାଉଟ—
Turning round and round.

ଓଳନାଳ ହେବା—ଦେ. କ୍ରି—ଏପାଖ ସେପାଖ ହେବା—
O<u>l</u>anā<u>l</u>a hebā To move to and fro; to linger

ଓଲନ୍ଦା—ବୈଦେ. ବି ଓ ବିଣ—ଓଲନ୍ଦାଜ୍ (ଦେଖ)
Olandā — Olandāj (See)

ଓଲନ୍ଦାଜ୍—ବୈଦେ. ବିଣ—(ଇଂ. ହଲାଣ୍ଡିକ୍)—ଇଉରୋପର ହଲାଣ୍ଡ
Olandāj ଦେଶୀୟ—Belonging to Holland.
ବି—୧ । ହଲାଣ୍ଡ ଦେଶୀୟ ବ୍ୟକ୍ତି—1. Dutch-man.
୨ । ହଲାଣ୍ଡ ଦେଶୀୟ ଭାଷା—2. The Dutch language.

ଓଲପାଏର୍ଶାଗ୍—ପ୍ରାଦେ. (ସମ୍ବଲପୁର) ବି—ଅଦିନ ବର୍ଷା ହେଲେ
Olapāerśāg — ମୁଥାବାସ ପର ପାହାଡ଼ରେ ଉଠିବା ଶାଗବିଶେଷ—A kind of grass coming out on hills after an unseasonable shower.

ଓଲମ୍ ଜମି—ପ୍ରାଦେ. (ବାଲେଶ୍ୱର) ବି—ଉତ୍କୃଷ୍ଟ ଜମି; ଘର ବାଡ଼ି
Olam jami ଖୁବ ପାଖେ ଥିବା ଉତ୍କୃଷ୍ଟ ମାଟିର ଜମି । (ଏଥିରେ ସବୁ ପ୍ରକାର ପରିବାପତ୍ର, ଆଖୁ ଓ ତମାଖୁ ଆଦି ହୁଏ)—
Good productive land adjoining a home-stead.

ଓଲମ୍ ବିଲମ୍—ଗ୍ରା. ବି ଓ ବିଣ—ଉଲମ୍ ବିଲମ୍ (ଦେଖ)
Olam bilam — Ulam bilam (See)

ଓଲମ—୧ । ପ୍ରାଦେ (ବାଲେଶ୍ୱର) ବିଣ—ଓଲମ୍ ଜମି (ଦେଖ)
Olama — Olam jami (See)

ଖରେଇର ଓଲମ ବଲ ଗୁର କନ୍ଦନ୍-ଥାନ ପାଡବାକୁ ଭରଣ ଭରଣ ସବୁକ ପାଇଲ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଦେ. ବି. (ସଂ. ଅଧୋଲମ୍ବ)—ଓଳନ (ଦେଖ)
O<u>l</u>ana (See)

ଓଳମସୂତା—ଦେ. ବି. (ସଂ. ଅବଲମ୍ବ)—ଓଳନ (ଦେଖ)
O<u>l</u>amasūtā — O<u>l</u>ana (See)

ଓଲମା—ଦେ. ବିଣ. ପୁଂ. (ଅ. ଉଲ୍ଲୁ)—ନିର୍ବୁଦ୍ଧିଆ; ଅଜ୍ଞାନ—
Olamā — Foolish; stupid.
(ଓଲମୀ—ସ୍ତ୍ରୀ) ଆଖିରେ ଦେଖି ମୁଆଁକା ଗଢ଼େ,
ਉੱਲੂ — ତାହାଠାରୁ ବଳି ଓଲମା କିଏ—ଚଗ
उल्लू

ଓଲମାଅଁଶିଆ—ଦେ. ବିଣ. (ଓ. ଓଲମା+ଈଷତ୍ ଅର୍ଥରେ ପ୍ରତ୍ୟୟ.
Olamāāśiā ଅଁଶିଆ)—ସାମାନ୍ୟରେ ଓଲୁ—Idiotic

ଓଲମାଅଁଶିଆ—ଦେ. ବିଣ.—ଓଲମାଅଁଶିଆ (ଦେଖ)
Olamāāṅśiā — Olamāāśiā (See)

ଓଳମିଚ—ଦେ. ବି— (ସଂ. ଅବଲମ୍ବନ)—ଗଛଡାଳରେ ଝୁଲି ଏକ
O<u>l</u>amichi ଡାଳରୁ ଅନ୍ୟ ଡାଳକୁ ଯିବାର ବାଳକମାନଙ୍କର ଏକ
डोलापाती ପ୍ରକାର ଖେଳ; ଡାଳମାଙ୍କୁଡ଼ ଖେଳ—A kind of boyish spor. consisting of swinging down from one bough and from that bough catching hold of another while swinging.

ଓଳମିଞ୍ଚ—ଦେ. ବି.—ଓଳମିଚ (ଦେଖ)
O<u>l</u>amiñchi — O<u>l</u>amichi (See)

ଗୋଟିଏ ବଙ୍କଡ଼ା ଗୋଟିଏ ମର୍କଟକୁ ଧରି ଦୋଷାକୁଛି ଏବଂ ଅନ୍ୟ ଗୋଟିଏ ମର୍କଟ ଗଛ ଡାଳରେ ଓଳମିଞ୍ଚ ହୋଇ ତାହାର ଦୁର୍ଦ୍ଦଶା ଦେଖୁଛି । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଓଳମିବା—ପ୍ରାଦେ. (ଗଞ୍ଜାମ) କ୍ରି. (ସଂ. ଅବଲମ୍ବନ)—ତଳକୁ ଲମ୍ବିବା;
O<u>l</u>amibā ଓହୋଳିବା—To hang down, to be suspended.
ଦେ. କ୍ରି—ଦୋଳିବା; ଝୁଲିବା—To swing to and fro.

ଓଳମି ହେବା—ପ୍ରାଦେ. (ଗଞ୍ଜାମ) କ୍ରି—ତଳେ ଝୁଲିବା; ଲଟକିବା—
O<u>l</u>ami hebā — To be hanging.

ଓଲମୀ—ଦେ. ବିଣ. ସ୍ତ୍ରୀ.—ନିର୍ବୁଦ୍ଧି (ସ୍ତ୍ରୀ)—
Olami — Idiotic or foolish (female)
ਉੱਲੂ
उल्लू
ଓଲିମୀ ଲେ ଘରେ ଆ. ଓଲେଇ ଲେ ଘରୁ ଯା—ଚଗ ।

ସାଧାରଣଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ଉକ୍ତ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଦୂଷ' ନ ମିଳିଲେ 'ଦୂଷ' ଖୋଜିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଳବଳ' ନ ପାଇଲେ 'ଅଲ୍‌ବଲ୍‌' ଦେଖିବେ

ଓଲମ୍ବ—ଦେ. ବି.—ଓଳନ (ଦେଖ)
Olambā Olana (See).

ଓଲମ୍ବିବା—ଦେ. କ୍ରି—ଓଳମିବା ( ଦେଖ ).
Olambibā Olamibā ( See )

ତୃଣକୁ ଦୂରଦୋଷେ ସର୍ପ ଭ୍ରମ ଧରସି
ଉଦକ ଶିର କରି ଓଲମ୍ବି ପଡ଼ଇ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

ଓଲର—ଦେ. ବିଣ ଓ ବି ( ସଂ. ଅଲୁଲାପ୍ପିତ )—ଉଲୁର ( ଦେଖ )
Olarā Ulurā ( See )

ଓଲର ଯିବା—ଦେ. କ୍ରି—ଖୋଲରୁ (ଛପରର ହୋଇଥିବା ନଡ଼ା ଆଦି)
Olarā jibā କଢ଼ାଯିବା—( a thatch ) To be dismantled

ଦୂର ଗୃହ ଜାଗା ଗୃହ ଓଲର ଗଲା । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଓଲରିବା—ଦେ. କ୍ରି. ( ସଂ. ଅଲୁଲାପ୍ପିତ )—ଉଲୁରିବା ( ଦେଖ )
Olaribā Uluribā ( See )
(ଓଲରାଇବା—ଣିଜନ୍ତ)

ଓଲା—ଦେ. ବି—ଓଲାଇବା; ଝାଡ଼ୁ ଦ୍ୱାରା ଅଗଣା ସଫା କରିବା—
Olā The act of sweeping a place clean.

ଝାଁଟା ଦେ. ବିଣ—ଓଳଅ ହୋଇଥିବା; ଝାଡ଼ୁ ଦ୍ୱାରା ପରିଷ୍କୃତ—
ଝାଡ଼ନା Swept clean.

ଓଲ୍ଲ—ବୈଦେ. ବିଣ. ପୁଂ. ( ଅ. ଉଲ୍ଲୁ )—ନିର୍ବୋଧ—
Olā Foolish; stupid; idiotic.
(ଓଲ୍ଲୀ—ସ୍ତ୍ରୀ )
উল্লু
उल्लू

ଓଳା ( ସଂ. ଉପଲ; ହି. ଓଲ୍ଲା—ଭୁଆପଥର; ଭୁଆପଥର ପରି
आला ଗୋଲାକାର ମିଶ୍ରୀ ବା ଚିନିର ଗୁଳା)—

ଦେ. ବି ଚିନି ବା ମିଶ୍ରୀରେ ପ୍ରସ୍ତୁତ ଲଡ଼ୁ ଆକାର ଗୋଲ—
(ଏହାକୁ ପାଣିରେ ବତୁରାଇ ପଣା କରି ଗରମ ଦିନେ ଖାଆନ୍ତି)
A hard and easily soluble sugar-ball

ଗ୍ରା. ବି—ଭୋଜନ ଲାଳସା—Hankering after food.
( ଯଥା—ଅନେକ ଦିନ ଘରେ ଭୋଜନ ନ ମିଳିବାରୁ ମୋର
लालचा ଓଲ୍ଲା ଲାଗୁଛି )

ଓଲାଇବା—ଦେ. କ୍ରି—ଝାଡ଼ୁ କରିବା; ଝାଡ଼ୁଣିଦ୍ୱାରା ଅଗଣା ସଫା କରିବା—
Olaiba To sweep a place clean.
ঝাঁটদেওয়া
बुहारना; झाड़ना

ଓଲ୍ଲାଇବା—ଗ୍ରା. କ୍ରି—ଓହ୍ଲାଇବା ( ଦେଖ )
Olāiba Ohlāibā ( See )

ଓଲାଉଠା—ଦେ. ବି ( ଓଲା=ଓହ୍ଲାଇବା+ଉଠା=ଉଠିବା; ଝାଡ଼ା
Olāuṭha ଗୁହ୍ୟଦ୍ୱାର ବାଟେ ତଳକୁ ଓ ପେଟରେ ଥିବା ଜଳୀୟ
ওলাউঠা; ভেদবমি ପଦାର୍ଥ ପାଟିବାଟେ ଉପରକୁ ଉଠି ଗମନ
हैजा; उलटन ହେଉଥିବାରୁ ବୋଧ ହୁଏ ଏହି ନାମ—ଭୁଲ. ବି. ଅନ୍ୟ ନାମ—ନାମାନ୍ତରଓଠାବ)—ମାରାତ୍ମକ ଝାଡ଼ାବାନ୍ତି ରୋଗ; ହଇଜା; ବସୁଚିକା—Asiatic cholera; a disease attended with purging and vomiting; cholera morbus.

ଓଲାଓଲି—ଦେ. ବି ଓ ବିଣ. ( ବହୁ ଅର୍ଥରେ ଶବ୍ଦର ଦ୍ୱିପ୍ରୟୋଗ )—
Olāolī ଓଳିଅଓଳି ( ଦେଖ )
Oliāoli ( See )

ଓଲଗିବା—ଦେ. କ୍ରି. ( ସଂ. ଉଲଗ୍ନ )—
Olāgibā ଓହ୍ଲାଇବା, ଦେହରୁ କାଢ଼ିବା ( ଅଳଂକାରାଦି )—
উলান; উতারা To put off ( ornaments etc ).
उतारना

ସେହୁ ଯେତେ ଅଳଂକାର ଲାଗି ହୋଇଥିଲେ
ଓଲଗି ହୋଇ ତାହାଙ୍କୁ ଅନୁଗ୍ରହ କଲେ । ଦ୍ୱାରୀ—କଳତରଙ୍ଗ ।

ଓଲ୍ଲ ଛଡ଼ାଇବା—ଦେ. କ୍ରି ( ଓଲ୍ଲ ଛାଡ଼ିବାର ଣିଜନ୍ତ ରୂପ)—
Olā chhārdāibā ଉତ୍ତମ ଭୋଜନ ଦ୍ୱାରା ଖାଦ୍ୟଲାଳସାକୁ ପରିତୃପ୍ତ କରିବା—To satiate one's hankering after dainty food by having one's fill.

ଓଲ୍ଲ ଛାଡ଼ିବା—ଦେ. ବି—ଭୋଜନଲାଳସା ତୃପ୍ତ ହେବା—
Olā chhārdibā Satiation of hankering after dainty food by having a fill.

ଓଲ୍ଲଦ୍—ବୈଦେ. ଅ ବି. ( ବଚନଅ ) ( ଅ. ୱଲଦ; ଓଲ୍ଲ=ପୁଅ;
Olād ମୂଳ ସଂ. ବାଳ )—ପୁଅ—Son.
ওলদে
औलद

[ ଦ୍ର—ଏଥିର ସାଙ୍କେତିକ । ଓ । ଯଥା—ଗୋପାଳ ଚନ୍ଦ୍ର ପ୍ରହରାଜ । ଓ । ନରସିଂହ ପ୍ରହରାଜ ପୁତ୍ର । ]

ଓଲ୍ଲଦେବୀ—ଦେ. ବି. ( ହଇଜା ରୋଗର ସାଧୁ ଭାଷାରେ ନାମ )—
Olādebī ହଇଜା ରୋଗ; ବସୁଚିକା ଅଧିଷ୍ଠାତ୍ରୀ—
Cholera (Goddes) personified ( there is a belief among the mass that cholera is due to a divine visitation when the Goddess is angry.)

[ ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଯେ ବସୁଚିକା, ବସନ୍ତ ଆଦି ଗୋଟିଏ ଗୋଟିଏ ଦେବୀ । ଦେବୀ କୁପିତା ହେଲେ ଏ ରୋଗମାନ ହୁଏ । ]

ଓଲ୍ହର—ଦେ. ବି—ଉଲ୍ହର ( ଦେଖ )
Olāra Ulāra ( See )
(ଦାକ୍ଷିଣାତ୍ୟ—ବଡ଼ଖେମ)
ওলাট
उलार

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ • | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ଼ | ଶ,ଷ | ଙ୍କ | ଇଅ | ଉଅ | ଙ୍ଗ |
| ୍ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ୍ୱ | ନ୍‌ |

ଓଲାରିଆ—ଦେ. ବଣ—ଉଲାରିଆ ( ଦେଖ )
Olāria — Ulāriā ( See )
উলাট
उलार

ଓଲାରିବା—ଦେ. କ୍ରି—୧ । ଛପରରୁ କଡ଼ା ବା ଆବରଣ ଉନ୍ମୁକ୍ତ କରିବା-
Olāribā — 1. To pull down the straw etc from the thatch.
উতারা
छप्पर उतारना — ୨ । ବନ୍ଧନରୁ ମୋଚନ କରିବା— 2. To untie; to unsheathe

ଓଳି—ଦେ. ବି. ( ସଂ. ଓଳୀକ )—
O̱li — ୧ । ଘରର ଚାଳର ପ୍ରାନ୍ତ; ଛାଞ୍ଚ— 1. The eaves of a thatch.
ছাঁচ ছাঁচ; অইল
उलती, उरी — ୨ । ଓଳିତଳ (ଦେଖ)—O̱lita̱la (See)

ଏହି ଯେ ଅଟ୍ଟାଳିକା ଓଳିରେ ଗଣ୍ଡା ଗଣ୍ଡା ଶାଳପ ଗିଅ ବୁଲୁ ଅଛନ୍ତି ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

୩ । ଦିବସର ପୂର୍ବ ବା ଶେଷ ଅର୍ଦ୍ଧ; ଦିନାର୍ଦ୍ଧ—
বেলা
बेला — 3 Half of the day, forenoon or afternoon.
( ଯଥା—ତା ଘରେ ବାସି ଓଳିଏ ଦାନା ନାହିଁ । )
୪ । ଛୋଟ ମାଟି କୁଡ଼ୁଆ—4. Small earthen pot.
୫ । ଆକୃତି—5 Form; lineaments
୬ । ପ୍ରକୃତି—6 Nature.
୭ । ଅଭ୍ୟାସ—7. Habit
( ଯଥା— ତାଙ୍କ ବଂଶ ଓଳି ସେ ଛାଡ଼ିବେ କିପରି ? )
୮ । ବିଶେଷତ୍ୱ—8. Peculiarity.
ଦେ. ବଣ—ଆକୃତିବିଶିଷ୍ଟ—Having the form or lineaments of.

ଓଲି— ବୈଦେ. ଗ୍ରା. ବି. ( ଇଂ. ଉଇଲ୍ )—କୌଣସି ବ୍ୟକ୍ତି ମୃତ୍ୟୁ ପୂର୍ବରୁ
Oli — ସମ୍ପାଦନ କରିବା ସମ୍ପତ୍ତି ବିଭାଗର ଆଦେଶ ପତ୍ର—
উইল — A will; testament.
वसियतनामा; वलि

ଦେ. ବଣ. ସ୍ତ୍ରୀ—ଓଲୀ (ଦେଖ)
Oli (See)

ଓଳିଆ—ଦେ. ବି— ୧ । ଖାଦ୍ୟାଦି ସଞ୍ଚୟ କରିବା ନିମନ୍ତେ ଭୁଟା ବା
O̱liā — ପାଳର ପୋଟଳା—1 A bag or packet
ধানের মড়া; মড়াই — prepared with straw and
खोप; मारी — bound up with straw-ropes to store grains.

ବଡ଼ିକୁ ଭାଙ୍କ ଗାଣ୍ଡି ଯେସନ ଓଳିଆ—କୃଷ୍ଣସିଂହ ମହାଭାରତ, ଆଦି ।

୨ । ଝାଡ଼ୁଣି ଦ୍ୱାରା ପରିଷ୍କାର କରିବା; ଓଳାଇବା—
2. Cleansing; sweeping.
ଦେ. ବଣ—୧ । ପରିଷ୍କୃତ ହୋଇଥିବା; ଓଳା ହୋଇଥିବା—
झाड़ा बुहारा : — 1. Cleaned; swept clean.

୨ । ଓଳିକିଆ (ଦେଖ)
2 O̱likiā (See)

ଓଲିଆ—ଦେ. ବଣ. ପୁଂ. ସ୍ତ୍ରୀ ( ସଂ. ଲାଳାୟିତ )—ଖାଦ୍ୟଦ୍ରବ୍ୟ ନିମନ୍ତେ
Oliā — ଅତ୍ୟନ୍ତ ଲାଳାୟିତ; ଶାକ ବା ତୃଣ ଦେଖିଲେ ଯେଉଁ
(ଓଲେଇ — ସ୍ତ୍ରୀ) — ଗୋରୁ ତାହା ଖାଇବାକୁ ବାଡ଼ ଡିଙ୍ଗି ପଶେ ବା ଯେଉଁ
লালচে — ଲୋକ ଖାଇବାପାଇଁ ସର୍ବଦା ହାଇଁପାଇଁ ହେଉଥାଏ—
जीभला — Hankering after eatable things; inordinately covetuous after edible things; gluttonous.

ଓଳିଆଓଳି—ଦେ. ବି (ସହଚର; ବହୁ ଅର୍ଥରେ ଶବ୍ଦର ଦ୍ୱିତ୍ୱ)—
O̱liāo̱li — ଏକାଧିକଥର ଝାଡ଼ୁଦ୍ୱାରା ପରିଷ୍କାର କରିବା—
ঝাটাঝাঁটি — Repeatedly cleansing or sweeping
झाड़पोंछ — with a broom.
ଦେ. ବଣ—ପରିଷ୍କୃତ—Cleared; cleansed; swept clean.

ଓଳିଆଓଳେଇ—ଦେ. ବି. ଓ ବଣ—ଓଳିଆଓଳି (ଦେଖ)
O̱liāo̱lei — O̱liāo̱li (See)

ଓଳିଆକଟା—ଦେ. ବି (ଯେ ଓଳିଆ କାଟି ଭିତ୍ତିରୁ ଧାନଆଦି ଚୋରି କରେ)—
O̱liākaṭā — ଚୋର—Burglar; house breaker.

ଓଳିଆଗାଣ୍ଡି—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ—ଯାହାର ନିତମ୍ବ ବା ପିଚ୍ଛ ଓଳିଆ
O̱liāgāṇḍi — ଭଳି ବର୍ତ୍ତୁଳ ଓ ଅଯଥା ବଡ଼; ବୃହତ୍ ନିତମ୍ବଯୁକ୍ତ —
Having unduly big and rounded buttocks.
ଗ୍ରା. ବି— ଓଳିଆ ପରି ବଡ଼ ଗାଣ୍ଡି ବା ପିଚ୍ଛ —
Large buttocks.

ଓଳିଆଗାଣ୍ଡିଆ—ଗ୍ରା. ବଣ. ପୁଂ—ଓଳିଆଗାଣ୍ଡି (ଦେଖ) .
O̱liāgāṇḍiā — O̱liāgāṇḍi (See)
(ଓଳିଆଗାଣ୍ଡେଇ—ସ୍ତ୍ରୀ)
बड़ीचुतड़वाला

ଓଳିଆପୋଳିଆ—ଦେ. ବି. ଓ ବଣ ( ଅନର୍ଥକ ଦ୍ୱିତ୍ୱଯୁକ୍ତ ଧ୍ୱନ୍ୟନୁକାରୀ
O̱liāpo̱liā — ସହଚର)—ଓଳିଆଓଳି (ଦେଖ)
O̱liāo̱li (See)

ଓଳିଆବନ୍ଧା—ଦେ. ବି—ଶସ୍ୟ ରଖିବା ପାଳ ପୋଟଳାକୁ ଶକ୍ତ କରି
O̱liābandhā — ଅଣ୍ଟି ଲଗାଇ ପାଳଦଉଡ଼ିଦ୍ୱାରା ବାନ୍ଧିବା—
মড়াইবাঁধা — Tying or binding straw-ropes
मारीबान्धना — round an 'O̱liā' to make it tight.

[ ଦ୍ର— ଓଳିଆ ବାନ୍ଧିବାକୁ ହେଲେ ପ୍ରଥମେ ପାଳକୁ ମୁଣ୍ଡରୁ ଧରି ଅଗଅଗ୍ର ପାଳମାନଙ୍କୁ ଭିନ୍ନ କରି ଯାଏ । ଓଳିଆର କଣା ଅନୁସାରେ ପାଳଦଉଡ଼ିକୁ ମଣ୍ଡଳାକାର କରି ଚାରିଗୋଟି ମୋଡ଼ା ବା 'କଣା'-ଦଉଡ଼ି ଭୂମିରେ ରଖାଯାଏ । ତା ପରେ ଅଣ୍ଟିଗଣ୍ଡି ସବୁ ପାଳଦଉଡ଼ିକୁ ଛକ କରି ସେ ମୋଡ଼ାଦଉଡ଼ି ତଳରେ ପକାଇ ତା ଉପରେ ଭିଜା ଯାଉଥିବା ପାଳ ବୋଝ ( ପେଣ୍ଡ )କୁ

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳବଳ' ନ ପାଇଲେ ଅଲ୍‌ବଲ୍ ଦେଖିବେ।

ରଶି ତାଙ୍କୁ ଛଟା ପରି ମେଲାଇ ଦିଆଯାଏ; ତା ଉପରେ ଅଳ୍ପ ଗୁଡ଼ାଏ ଛୁଞ୍ଚା ପାଳ ଖଞ୍ଜି ମଝି ସ୍ଥଳରେ ବେଢ଼ାଇ ରଶି ଗଢ଼ା କରାଯାଏ ଓ ତଳର ମୋଡ଼ାମାନଙ୍କୁ କ୍ରମଶଃ ଉପରକୁ ଉଠାଇ ବୋଡ଼ମେଇ ପରି କରି ନିର୍ଦ୍ଦିଷ୍ଟ ପରିମିତ ରଶି ସାର ତା ମୁହଁକୁ ଛୁଞ୍ଚାଦ୍ୱାରା ବନ୍ଦ କରି ଛିଡ଼ ପଡ଼ିଥିବା ଦଉଡ଼ିମାନଙ୍କୁ ଘଞ୍ଚ ଆଣି ଗୁନ୍ଥି କରି ବାନ୍ଧି ଦିଆଯାଏ । ଏହିରୂପେ ପାଳର ପୁଡ଼ା ବା ଓଳିଆ ତିଆରି କରାଯାଏ । ]

**ଓଳିଆଭିଡ଼ା**—ଦେ. ବି—ଓଳିଆବନ୍ଧା ( ଦେଖ )
Oliābhirdā — Oliābandhā ( See )

**ଓଳିଆରୁ ଗଜା ହେବା**—ଦେ.କ୍ରି. ( ବ୍ୟଙ୍ଗୋକ୍ତି ) (ନ୍ୟାୟ)—ଅକାଳ-
Oliāru gajā hebā — ପକ୍ୱ ବା ଅଳ୍ପ ବୟସରେ ଅତି ଧୂର୍ତ୍ତତା ବା ବୁଦ୍ଧି ଦେଖାଇବା ବାଳକକୁ ଲକ୍ଷ କରି ଏ ବାକ୍ୟ ବୋଲାଯାଏ—This saying is applied to a precocious boy.

**ଓଳିଆରୁ ପଡ଼ି ଗଜା ହେବା**—ଦେ. କ୍ରି—ଓଳିଆରୁ ଗଜା ହେବା (ଦେଖ)
Oliāru pardi gajā hebā — Oliāru gajā hebā (See)

**ଓଳିକ**— ଦେ. ଅ—ଓଳିଏ ପାଇଁ—
Oliki — For one half of the day.
( ଯଥା—ତା ଘରେ ଓଳିଏ ଦାନା ନାହିଁ । )

**ଓଳିକ ( ଇତ୍ୟାଦି )**—ଦେ. ବି. ଓ ଅ—ଓଳଗି ଇତ୍ୟାଦି ( ଦେଖ )
Oliki ( etc ) — Olagi etc ( See )

**ଓଳିକିଆ**—ଦେ. ବିଣ. ( ସ. ବେଳା )—
Olikiā
ଏକବେଲା; एकदूपहरिया; एकबेला
୧ । ଏକ ଓଳି ବା ବେଳାର ସମ୍ବନ୍ଧୀୟ—1. Pertaining to one half of the day time.
୨ । ଏକଓଳି ସମୟରେ କରାଯିବା—2. Done in the coarse of half a day.
୩ । ଦିନକୁ ଓଳିଏ ମାତ୍ର ଭୋଜନ କରୁଥିବା—3 Taking one meal a day.
୪ । ଦିନ ମଧ୍ୟରେ ଏକଓଳି ମାତ୍ର କାର୍ଯ୍ୟ କରୁଥିବା—4. Doing labour by one half of the day continually for six hours.

**ଓଳିକିବା**—ଦେ. କ୍ରି—ଓଳଗି କରିବା ( ଦେଖ )
Olikibā — Olagi karibā ( See )

**ଓଳିଗଡ଼ା**—ଦେ. ବିଣ—୧ । ଘରର ଓଳିରୁ ପାଣି ବୋହିବା ପରିମିତ
Oligardā
ছাঁচগড়া; ओलतीसे गीराहुआ
ବୃଷ୍ଟି—1. ( rain ) Sufficient to have the rain-water dropping down from the thatch of a house.
୨ । ଦିନ ଦ୍ୱିପହରକୁ ଉଲ୍ଲଙ୍ଘି ହୋଇଥିବା ( କାଳ )—2. ( time ) Past noon, after noon.

**ଓଳିଗି**—ଦେ. ବି—ଓଳଗି ( ଦେଖ )
Oligi — Olagi ( See )

**ଓଳିଗି କରିବା**—ଦେ. କ୍ରି— ଓଳଗି କରିବା ( ଦେଖ )
Oligi karibā — Olagi karibā ( See )

**ଓଳିଗିବା**—ଦେ. କ୍ରି—ଓଳଗି କରିବା ( ଦେଖ )
Oligibā — Olagi karibā ( See )

**ଓଳିତଳ**—ଦେ. ବି.—୧ । ଘରରୁ ପାଣି ଗଡ଼ି ଯେଉଁଠାରେ ଭୂମିରେ
Olitala
অলিতলা; অইলতলা; ছাঁচতলা; आलती
ପଡ଼େ—1. The place where water first drops down from the eaves.
୨ । ଘରଚାଳର ପ୍ରାନ୍ତର ନିମ୍ନରେ ଥିବା ଭୂମି—2. The land adjoining the house just below the eaves of the thatch.

ମୁଣ୍ଡୁରିମା ଓଳିତଳ ଦେଖାଇ ଦେଇ ବାଡ଼ିଦୁଆରେ ଛିଡ଼ା ହେଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଓଳିତଳିଆ**—ଦେ. ବିଣ.—୧ । ବଡ଼ଲୋକଙ୍କ ଘରର ଅତି
Olitaliā — ସନ୍ନିକଟରେ ବାସ କରୁଥିବା—Living just near the house (said of poor people living near a rich man's house).
୨ । ବଡ଼ଲୋକଙ୍କ ଅନୁଗ୍ରହଜୀବୀ ବା ଆଶ୍ରିତ ( ବ୍ୟକ୍ତି )—2 Dependent on a richman.

**ଓଳିନାମା**—ଦେ. ବି—ଓଲି ( ଦେଖ )
Olināmā — Oli ( See )
ওলিনামা; वसियतनामा

**ଓଳିପାଣି**—ଦେ. ବି—ଘରର ଓଳିରୁ ପଡ଼ିବା ବର୍ଷାପାଣି—
Olipāṇi — Rain of a thatch water dropping from the eaves.
ছাঁচগড়া জল; ओलति

**ଓଳିପାଣି ତଳି ଧଇଲାଣି**—ପ୍ରବଚନ— ଲକ୍ଷଣାର୍ଥ) ମୁଣ୍ଡପାଣି ଗୋଡ଼କୁ
Olipāṇi tali dhailāṇi — ଆସିଲାଣି; କଥା ବଢ଼ିଲାଣି; ଲେଡ଼ ସୁଡ଼ା ବନ୍ଧୁଣୀକୁ ବହି ଆସିଲାଣି—
The expression is used when matters have proceeded too far ( like rain water of the thatch reaching the ground after dropping from the eaves.

**ଓଳିବା**—ଦେ. କ୍ରି—ଓହ୍ଳିବା ( ଦେଖ )
Olibā — Ohlibā ( See )

**ଓଳିମିଞ୍ଚ**—ଦେ. ବି—ଓଳମିଚ ( ଦେଖ )
Olimiñchi — Olamichi ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ୮ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ | ଷ,ସ | କ୍ଷ | ଙ୍ଗ | ତ୍ଥ | ଭ |
| ୨ | ଉ | ଊ | ରୁ | ଲୃ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଠଅ | ଓ | କୃ |

ଓଲୁ—ଦେ. ଵଣ. ( ଅ. ଉଲ୍ଲୁ )—ନବୋଧ; ଓଲ୍ଲ; ଅଘିଆଣା—
Olu — Stupid; foolish.
उल्ल — ଓଲୁଙ୍କ ପ୍ରାପ୍ୟେ ଭଲେ ନୁହେ କାଲ ଜଡ଼ । ବୃହନ୍ନଳୂପଣଗୀତା ।
उल्लू

ଓଲୁଅ—ଦେ ବ. ( ସଂ. ଓଲ୍ଲ )—ଓଲ ( ଦେଖ )
Olua — Ola ( See )
ଗ୍ରା. ଅ—ଓଲ୍ଲେ ( ଦେଖ )
Olo ( See )

ଓଲୁଆ—ଦେ. ଵଣ. ପୁଂ—ଯେଉଁ ବଳଦ ବାଡ଼ ଭାଙ୍ଗି କ୍ଷେତ ଓ ବଗିଚ୍ଚର ଫସଲ ଖାଇବାକୁ ଲାଳାୟିତ ହୁଏ—
Oluā
(ଓଲେଇ—ସ୍ତ୍ରୀ) A bullock which hankers after
हुलकाहा — crops and strays into fields and gardens.

ଦେ. ବ—୧ । ଶଗଡ଼ ଚକର ହାଣ୍ଡି ମଧ୍ୟସ୍ଥ ଛିଦ୍ର ଅକ୍ଷ ଦ୍ୱାରା ଘସି ହୋଇ ଯୋଉ ହୋଇ ନ ଯିବା ନିମନ୍ତେ ସେହି ଛିଦ୍ର
साम — ମୁଖ ପାଖେ ଦଆ ଯାଇଥିବା ବୃତ୍ତାକାର ଲୌହବଳୟ; ସମା—1. The circular iron plate laid round the hole in the centre of a wheel to prevent it from being worne out by friction with the axle.

୨ । ଏକ ଜାତୀୟ ଛୋଟ ମାଛ; ବାଲିଗରଡ଼ା (ଦେଖ )—
2. A kind of small fish; Bāligararḍa (See)

୩ । ଆଖୁ ଘଣା —
3 Sugar-press; sugar-mill.

ଓଲୁ ବନାଇବା—ଦେ.କ୍ରି—ଠକାଇବା—To nonplus; to put
Olu banāibā — a man to a tight corner; to cajole.

ଓଲୁ ବନିବା—ଦେ. କ୍ରି—ଠକାମିରେ ପଡ଼ିବା—To be nonplussed; to be cajoled.
Olu banibā

ଓଲେଇ—ଦେ. ଵଣ. ସ୍ତ୍ରୀ—୧ । ଓଲିଆ ( ଦେଖ )
Oleī — 1. Oliā ( See )
(ଓଲୁଆ — ପୁଂ) — ଓଲେଇ ଦରକଣା ଖାଏ. ଦୁଆରକୁଲାର ଯୋଡ଼ ଯାଏ—ଢଗ ।
୨ । ଓଲମୀ; ନିର୍ବୁଦ୍ଧି ( ସ୍ତ୍ରୀ )—
2. Stupid or foolish ( woman )

ଓଲେଗ (ଇତ୍ୟାଦି)—ଓଲଗ ଇତ୍ୟାଦି ( ଦେଖ )
Olega etc. — Olaga etc. ( See )

ଓଲେଗି (ଇତ୍ୟାଦି)—ଓଲଗ ଇତ୍ୟାଦି ( ଦେଖ )
Olegi etc. — Olaga etc. ( See )

ଓଲେଗିବା—ଦେ. କ୍ରି—ଓଲଗିବା ( ଦେଖ )
Olegibā — Olagibā ( See )

ଓଲୋ—ଦେ. ଅ. ( ସଂ. ଓ ପ୍ରା. ହଲ୍ଲ )—
Olo (ସ୍ତ୍ରୀ ଲୋକଙ୍କର ପ୍ରଶ୍ନର ଉତ୍ତରରେ ବା ସ୍ତ୍ରୀ ଲୋକଙ୍କୁ
ওলো — ସମ୍ବୋଧନରେ ବ୍ୟବହୃତ)—ଅଲୋ; ହଇଲୋ !
अइ, अरी, हे ( Interjection: A vocative particle) Hallo ! ho ! halloa ! (used by women in responding to or addressing a female.

ଓଲୋଗ (ଇତ୍ୟାଦି)—ଦେ. ବ—ଓଲଗ ଇତ୍ୟାଦି ( ଦେଖ )
Ologa etc — Olaga etc ( See )

ଓଲୋଗି (ଇତ୍ୟାଦି)—ଦେ. ବ—ଓଲଗ ଇତ୍ୟାଦି ( ଦେଖ )
Ologi etc. — Olaga etc ( See)

ଓଲୋଗିବା—ଦେ. କ୍ରି—ଓଲଗିବା ( ଦେଖ )
Ologibā — Olagibā ( See )

ଓଲୋନ୍ଦାଜ୍—ଦେ. ଵଣ—ଓଲନ୍ଦାଜ୍ ( ଦେଖ )
Olondāj — Olandāj ( See )

ଓଲୋମ୍ ବିଲମ୍—ଦେ. ବ ଓ ଵଣ—ଓଲମ୍‌ବିଲମ୍ ( ଦେଖ )
Olom bilam — Olam bilam ( See )

ଓଲୋମ୍ ବିଲୋମ୍—ଦେ. ବ ଓ ଵଣ—ଓଲମ୍ ବିଲମ୍ ( ଦେଖ )
Olom bilom — Olam bilam ( See )

ଓଲ୍ୱ—ସଂ. ବ—ଓଲ ( ଦେଖ )
Olwa — Ola ( See )

ଓଲ୍ଲ—ସଂ. ବ—ଓଲ ( ଦେଖ )
Olla — Ola ( See )

ଓଲ୍ହାଇବା—ଦେ. କ୍ରି—ଓହ୍ଲାଇବା ( ଦେଖ )
Olhāibā — Ohlāibā ( See )

ଓଲ୍ହିବା—ଦେ. କ୍ରି—ଓହ୍ଲିବା ( ଦେଖ )
Olhibā — Ohlibā ( See )

ଓଶ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଓଷ ) - କାକର—
Os — Dew.

ଖାଇବୁ କୋଶେ, ପାଇବୁ ପୋଷେ, ଶୀତବେଳକୁ ମରିବୁ ଶୋଷେ;
ଘର ବେଳକୁ ଶୋଇବୁ ଓଶେ; କାମ ନ କଲେ ମରିବୁ ସେଷେ ।
କୋଦାଳଗୁଡ଼ିକର ସମ୍ବନ୍ଧରେ ବ୍ୟଙ୍ଗବଚନ ।

ଓଶନା—ପ୍ରାଦେ. ( ଗଡ଼ଜାତ ) ବି—ଛାଲର ଓଳ—
Osnā — Eaves of a thatch.

ଓଶ୍‌ନାରୁ ଓହୋଳିବା—ପ୍ରାଦେ. ( ଗଡ଼ଜାତ ) କ୍ରି—
Osnāru oholibā — ( ବର୍ଷାପାଣି ) ଓଳରୁ ଗଡ଼ିବା—
( rain-water ) To drop from the eaves.

ଓଶନିଦ୍ରା—ପ୍ରାଦେ ( ସମ୍ବଲପୁର ) ବ ଓ ଵଣ—ଅନିଦ୍ରା ( ଦେଖ )
Osnidrā — Anidrā ( See )

ଓଶକା—ଦେ. ବ. ( ସଂ. ଅଶୋକ )—୧ । ଅଶୋକ ( ଦେଖ )
Osakā — Asoka ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ବର୍ଣ୍ଣର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ଅଶୋକାଷ୍ଟମୀ ଦିନ ଅଶୋକକଢ଼ି ଖୁଆଖୋଇ ହୋଇ ଦୁଇ ଜଣ ପରସ୍ପର ବସିଥିବା ଧର୍ମବନ୍ଧୁ—2. A god-relationship started by two persons putting Asoka buds to each other's mouth on the Asokāshṭamī day.

**ଓଶକାଅଷ୍ଟମୀ**—ଗ୍ରା. ବି ( ସଂ. ଅଶୋକାଷ୍ଟମୀ )—
Osakāashṭamī ଅଶୋକାଷ୍ଟମୀ ( ଦେଖ )
Asokāshṭamī ( See )

**ଓଶକାକଡ଼ି**—ଦେ. ବି. ( ସଂ. ଅଶୋକ କଳିକା )—
Osakākaṛdi ଅଶୋକ କଳିକା ( ଦେଖ )
Asoka kalikā ( See )

**ଓଶକାକଢ଼ି**—ଦେ. ବି. ( ସଂ. ଅଶୋକ କଳିକା )—
Osakākaṛdhi ୧ । ଅଶୋକ କଳିକା ( ଦେଖ )
1. Asoka kalikā ( See )
୨ । ଓଶକା ୨ ( ଦେଖ )
2. Osakā 2 ( See )
ଓଶକାକଢ଼ି ମନେ ପଡ଼ୁଥିବ ସଙ୍ଗକ ସଙ୍ଗ । ଚଉ ।

**ଓଶକାଷ୍ଟମୀ**—ଦେ. ବି. ( ସଂ. ଅଶୋକାଷ୍ଟମୀ )—
Osakāshṭamī ଅଶୋକାଷ୍ଟମୀ ( ଦେଖ )
Asokāshṭamī ( See )

[ ଦ୍ର—ଅଶୋକକଳିକା ପାନ କଲାବେଳେ ଉଚ୍ଚାରିତ ମନ୍ତ୍ର—
"ତ୍ୱାମଶୋକହରାଭୀଷ୍ଟ ମଧୁମାସସମୁଦ୍ଭବ,
ପିବାମି ଶୋକସନ୍ତପ୍ତୋ ମାମଶୋକଂ ସଦା କୁରୁ ।"
ଏହି କଳିକା ପାନ କରିବା ସମ୍ବନ୍ଧେ ଶାସ୍ତ୍ର ବଚନ—
"ଅଶୋକକଳିକା ଷଷ୍ଟୌ, ଯେ ପିବନ୍ତି ପୁନର୍ବସୌ
ଚୈତ୍ରେ ମାସି ସିତାଷ୍ଟମ୍ୟାଂ, ନ ତେ ଶୋକମବାପ୍ନୁୟୁଃ । ]

**ଓଶତ**—ଗ୍ରା. ବି (ସଂ. ଅଶ୍ୱତ)—ଅଶ୍ୱତ୍ଥ (ଦେଖ)—
Osata Aswattha (See)

**ଓଶଥ**—ଗ୍ରା. ବି—ଅଶ୍ୱତ୍ଥ (ଦେଖ)
Osatha Aswattha (See)

**ଓଶସ୍ତ**—ଗ୍ରା. ବି—ଅଶ୍ୱତ୍ଥ (ଦେଖ)
Osasta Aswattha (See)

**ଓଷ**—ସଂ. ବି (ଉଷ ଧାତୁ=ଦାହ କରିବା+ଅ)—
Osha ୧ । ଦାହ; ଦହନ—1. Act of burning.
୨ । ପୋଡ଼ାଜଳା—2. Burning sensation.
୩ । କୁହୁଡ଼ି—3. Frost.
୪ । କାକର—4. Dew.
ଗ୍ରା. ବି (ସଂ. ଔଷଧ)—୧ । ଔଷଧ—
ଓଷୁଦ 1. Medicine, drugs.
दवा ओखद
ଜାଣେ ଯେବେ ଓଷ ପ୍ରବଳ କଲ୍ଲ ଓଷ
ସେ ସବାଙ୍କୁ ସେ ଲଭ ପାଉଥାଏ ତ୍ରାସ—କୃଷ୍ଣସିଂହ ମହାଭାରତ, ବନ ।

୨ । ଶତ୍ରୁ ପ୍ରତି ପ୍ରଯୁଜ୍ୟ ଦ୍ରବ୍ୟାଦି ଜଡ଼ିବୁଟି;
2. Charms used to injure an enemy.

**ଓଷ କରିବା**—ଗ୍ରା. କି—୧ । ରୋଗୀପ୍ରତି ଔଷଧ ପ୍ରୟୋଗ କରିବା—
Osha karibā 1. To apply medicine.
ଓଷୁଦକରା ୨ । ଶତ୍ରୁ ପ୍ରତି ଜଡ଼ିବୁଟି ପ୍ରୟୋଗ କରିବା—
आखद करना 2. To apply charms or drugs against an enemy.
୩ । କୌଣସି ବ୍ୟକ୍ତିକୁ କୌଣସି ଦ୍ରବ୍ୟ ଖୁଆଇ ବା ମନ୍ତ୍ରସିଦ୍ଧ କରି ବଶୀଭୂତ କରିବା—3. To bring a person under one's control by applying charms or drugs.

**ଓଷଣ**—ସଂ. ବି (ଉଷ ଧାତୁ=ପୋଡ଼ିବା+କର୍ତ୍ତୃ. ଅନ)—
Oshaṇa କଟୁରସ; ଝାଲରସ—Thing with pungent taste.
ସଂ. ବିଣ—ଦାହକାରକ; ଝାଲ—
Having a burning taste; pungent.

**ଓଷଦ (ଇତ୍ୟାଦି)**—ଦେ. ବି—ଓଷ ଇତ୍ୟାଦି (ଦେଖ)
Oshada etc Osha etc (See)

**ଓଷଦପାଣି**—ଦେ. ବି (ସମ୍ବତର)—ଓଷଦ ମଉଷଦ (ଦେଖ)
Oshadapāṇi Oshada maushadi (See)
ଓଷୁଦପତ୍ର
दवादारू

**ଓଷଦମଉଷଦ**—ଦେ. ବି (ସଂ. ଔଷଧ + ମହୌଷଧ)—
Oshadamaushada ନାନାପ୍ରକାର ଔଷଧ—
ଓଷୁଦପତ୍ର Medicine generally.
दवादारू

**ଓଷଦମଉଷଧି**—ଦେ. ବି—ଓଷଦମଉଷଦ (ଦେଖ)
Oshadamaushadhi Oshadamaushada (See)

**ଓଷଦି (ଇତ୍ୟାଦି)**—ଗ୍ରା. ବି (ସଂ. ଔଷଧ)—ଓଷ ଇତ୍ୟାଦି (ଦେଖ)
Oshadi etc Osha etc (See)

**ଓଷଦିଆ**—ଦେ. ବିଣ—ଔଷଧର ଗନ୍ଧବିଶିଷ୍ଟ—
Oshadiā Of drug-like smell.
औखद्

**ଓଷଧ**—ଦେ. ବି (ସଂ. ଔଷଧ)—ଓଷ (ଦେଖ)
Oshadha Osha (See)

**ଓଷ ଧରିବା**—ଦେ. ବି—କୌଣସି ରୋଗୀପ୍ରତି ପ୍ରଯୁକ୍ତ ଔଷଧର ଗୁଣ ରୋଗୀଠାରେ ଜଣାପଡ଼ିବା—
Osha dharibā A medicine taking effect on a patient.
ଓଷୁଦଧରା
दवालगना

**ଓଷଧି**—ସଂ. ବି—ଓଷଧୀ (ଦେଖ)
Oshadhi Oshadhī (See)
ଦେ. ବି—ଓଷ (ଦେଖ)
Osha (See)
ଅଶ୍ୱିନୀକୁମାରଙ୍କୁ ଓଷଧ ସକଳ—କୃଷ୍ଣସିଂହ ମହାଭାରତ, ଆଦି ।

| ୧ | ଇ | ଉ | ବ୍,ବ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ସ | ଚ | ଶ,ଷ | ଙ୍କ | ଇସ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଭ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ |

**ଓଷଧୁଆ**—ଦେ. ବଣ—ଓଷଦିଆ (ଦେଖ)
Oshadhiā Oshadiā (See)

**ଓଷଧି ମୌଷଧି**—ଦେ. ବ.—ଓଷଦ ମଉଷଦ (ଦେଖ)
Oshadhi maushadhi Oshada maushadi (See)

**ଓଷଧୀ**—ସଂ. ବ. ସ୍ତ୍ରୀ. (ଉଷ୍ =ଦୀପ୍ତି+ଧା ଧାତୁ=ଧାରଣ କରିବା+
Oshadhi କର୍ତ୍ତି. ଇ)—୧ । ଜ୍ୟୋତିର୍ଲତା; ଯେଉଁ ସବୁ ଲତା ରାତ୍ରିରେ ଉଜ୍ଜ୍ୱଳ ଦିଶେ—1. Luminiferous plants; phosphorescent plants; medicinal plants or herbs

୨ । ଥରେ ଫଳ ପାଚିଲେ ଯେଉଁ ସବୁ ଗଛ ଲତା ଶୁଖି ଯାଏ; ଫଳପାକାନ୍ତ ବୃକ୍ଷଲତାଦି (ଯଥା—ଧାନ; କଦଳୀ) 2. Plants which wither after once bearing fruits (e. g. paddy; plantain etc.

**ଓଷଧୀନାଥ**—ସଂ. ବ. (୬ଷ୍ଠୀ ତତ୍. ଓଷଧୀ+ନାଥ)—ଓଷଧୀଶ (ଦେଖ)
Oshadhinātha Oshadhisa (See)

**ଓଷଧୀପତି**—ସଂ. ବ. (୬ଷ୍ଠୀ ତତ୍. ଓଷଧୀ+ପତି)—ଓଷଧୀଶ (ଦେଖ)
Oshadhipati Oshadhisa (See)

**ଓଷଧୀଶ**—ସଂ. ବ. ( ୬ଷ୍ଠୀ ତତ୍. ଓଷଧୀ+ଈଶ; ପୁରାଣ ମତରେ ଚନ୍ଦ୍ର
Oshadhisa ଓଷଧୀମାନଙ୍କର ଅଧିପତି ଥିବାରୁ )—୧ । ଚନ୍ଦ୍ର; ନିଶାପତି; ଚନ୍ଦ୍ରମା—1. The moon

୨ । କର୍ପୂର—2. Camphor.

**ଓଷଧୀଶା**—ସଂ. ବି. ସ୍ତ୍ରୀ. ( ଓଷଧି+ଈଶ+ସ୍ତ୍ରୀ. ଆ; ଓଷଧୀମାନଙ୍କ
Oshadhisā ଶ୍ରେଷ୍ଠତମ)—ସୋମଲତା (ଯଜ୍ଞରେ ବ୍ୟବହୃତ)—The Soma creeper (used in sacrifice)

**ଓଷା**—ଦେ. ବ. ( ସଂ. ଉପବାସ)—୧ । ଉପାସ; ଅନଶନ ବ୍ରତ—
Oshā 1. Abstinance from food in observance of a religious vow; a religious fast.
উপোস
उपवास; उपास

ଶଗଡ଼ରେ ଯବଣ ଅଁପି ନାନା ଓଷା ବ୍ରତ ନ ପାଳ କରିବାଶୀ ।
ଚିନ୍ତାମଣି—ବନମାଳୀଙ୍କ ।

୨ । ବ୍ରତ—2. A religious vow.

୩ । ରାଜମିସ୍ତ୍ରୀଙ୍କ ବ୍ୟବହୃତ କାନ୍ଥଅଦର ପଲସ୍ତରା ସମତୁଲ କରିବାପାଇଁ ବ୍ୟବହୃତ କାଷ୍ଠ ଫଳକ—3 Mason's plane.

୪ । ଉଷାନାମ୍ନୀ ସ୍ତ୍ରୀର ଡାକନାମ—4. Name for calling Ushā.

[ ଦ୍ର—'ବ୍ରତ' ଓ 'ଓଷା'— ବ୍ରତକୁ ପୁରୁଷ ଓ ସ୍ତ୍ରୀ ସମସ୍ତେ କରନ୍ତି; କେବଳ ସ୍ତ୍ରୀମାନେ ପାଳିବା ବ୍ରତକୁ ଓଷା ବୋଲିଯାଏ । ଆମ ଦେଶର ସ୍ତ୍ରୀମାନେ ପାଳିବା ପ୍ରଧାନ ପ୍ରଧାନ ଓଷା । ଯଥା— କାର୍ତ୍ତିକ ଦୂତିଆ ବଣାକ, ଷଠୀଓଷା, ଜନ୍ତି ଓଷା, ବଡ଼ଓଷା, ଢ଼ାଳିଅଁଲା, ଋଷିପଞ୍ଚମୀ ଓଷା, ଦୁତୁରୁଆଣୀ ବା ଖୁଦୁରୁକୁଣୀ ଓଷା, ନାଗଲଚଉଠି ଓଷା, ପଣ୍ଡ ଓଷା, ବୃଧେଇ ଓଷା, ଭାଇଜୁଇଆ ବା ଯମଦୁଇଆ ଓଷା, ପଞ୍ଚୁଇ ଓଷା, ସାବିତ୍ରୀ ଓଷା, ଦୁତିଆ ଓଷା, ଖୁଦୁରୁକୁଣୀ, ବାଲିଓଷା, ନାଗଲଚଉଠି ଓଷା, ମଙ୍ଗଳ ଓଷା, ପୁଷ ରବିବାର, ଚୈତ୍ର ମଙ୍ଗଳବାର ଓ ପୁନିଅ ଓଷା । ]

**ଓଷା ଉଜୁଆଁ**—ଦେ. ବ. ( ସଂ. ଉପବାସ+ଉଦ୍ୟାପନ )—ବ୍ରତସମାପନ;
Oshā ujuāṅ ବ୍ରତର ଉଦ୍ୟାପନ; ବ୍ରତପାଳନ କ୍ରିୟାର ସମାପ୍ତି—
উপোসউজ্জাপন করণ—Concluding the observance of a religious fasting; the concluding ceremony of a religious fast.
पारण

**ଓଷା ଉଜେଇଁବା**—ଦେ. କ୍ରି—ବ୍ରତ ଉଦ୍ୟାପନ କରିବା—
Oshā ujeiṅbā To conclude a religious fasting.
উপোসউজ্জাপনকরা
पारण करना

**ଓଷାବାଅ**—ଗ୍ରା. ବ. ( ଅନର୍ଥକ ଦ୍ୱିରୁକ୍ତି ସହଚର )—ଉତ୍ସବ ଓ
Oshābaā ଉପବାସାଦ—Fasts and feasts.

**ଓଷାବାହା**—ଗ୍ରା. ବ. ( ସହଚର ଶବ୍ଦ )—ଓଷାବାଅ ( ଦେଖ )
Oshābahā Oshābaā ( See )

**ଓଷୁଅ**—ଗ୍ରା. ବ. ( ସଂ. ଔଷଧ )—ଓଷ ( ଦେଖ )
Oshua Osha ( See )

**ଓଷେଇତି**—ଦେ. ବଣ. ସ୍ତ୍ରୀ. ( ସଂ. ଉପୋଷିତା )—ଓଷା ପାଳିଥିବା
Osheiti ( ସ୍ତ୍ରୀଲୋକ )—( a female ) Observing a religious fast.

**ଓଷ୍ଟେକଷ୍ଟେ**—ଦେ. କ୍ରି. ବଣ—ଅତି କଷ୍ଟରେ; କଷ୍ଟେମଷ୍ଟେ—
Oshṭekashṭe With much difficulty.
कष्टेसृष्टे

**ଓଷ୍ଠ**—ସଂ. ବ. ( ଉଷ ଧାତୁ=ଦାହ କରିବା+ଠ )—
Oshṭha ୧ । ଉପର ଓ ତଳ ଓଠ—1. Lip.

୨ । ପାଟିର ତଳପାଖ ଅଧରଣ; ଅଧରୋଷ୍ଠ—2. Lower lip.

୩ । ଥୋଡ଼ି; ଚିବୁକ—3. Chin

**ଓଷ୍ଠପୁଟ**—ସଂ. ବ. ( ଓଷ୍ଠ+ପୁଟ=ପାତ୍ର )—ଦୁଇ ଓଷ୍ଠର ମଧ୍ୟବର୍ତ୍ତୀ
Oshṭhaputa ପାଟିଭୁକ ବ୍ୟବଧାନ—The cavity made by the lips while opening the mouth.

କଣ୍ଠାର ଓଷ୍ଠପୁଟ କହୁଲେ ବଚନ—କୃଷ୍ଣସିଂହ. ମହାଭାରତ. ଅଦ ।

**ଓଷ୍ଠପୁଷ୍ପ**—ସଂ. ବ. ( ଓଷ୍ଠ ପରି ପୁଷ୍ପ; ଓଷ୍ଠର ବର୍ଣ୍ଣ ସଙ୍ଗେ ବନ୍ଧୁଲି
Oshṭhapushpa ଫୁଲର ବର୍ଣ୍ଣ ତୁଳନା କରାଯିବାରୁ )—ବନ୍ଧୁଲି ଫୁଲ; ବନ୍ଧୁକ ଫୁଲ; ଦୁପହରିଆ ଫୁଲ—A red flower (Pentapetus Phoenicea ).

**ଓଷ୍ଠବ୍ରଣ**—ସଂ. ବ—ଉପର ଓଷ୍ଠରେ ହେବା ଦୁଷ୍ଟ ବ୍ରଣ—
Oshṭhabrana Carbuncle on the upper lip.

ଛାପାଖାନାରେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅଙ୍କ ଓ ମାତ୍ରା ମଧ୍ୟରେ ଭୁଲରେ ରକ୍ଷା କରିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗରେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଅଙ୍କର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଛ' ଯୋଗିବେ; 'କୃଷ' ନ ମିଳିଲେ 'କୂଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

ଓଷ୍ଠାଗତପ୍ରାଣ—ସଂ. ବଣ. ( ବହୁବ୍ରୀହି; ଓଷ୍ଠ+ଆଗତ+ପ୍ରାଣ )—
Oshṭhāgataprāṇa ଯାହାର ଜୀବନ ଓଷ୍ଠ ପର୍ଯ୍ୟନ୍ତ ପ୍ରାପ୍ତ; ମୁମୂର୍ଷୁ; ମ୍ରିୟମାଣ—Dying; with life coming to the lip; with life ebbing away ( said of a departing soul ).

ଓଷ୍ଠାଧର—ସଂ. ବ. ( ଦ୍ୱନ୍ଦ୍ୱ; ଓଷ୍ଠ+ଅଧର)—ତଳ ଏବଂ ଉପର ଓଠ—
Oshṭhādhara The upper and lower lips.

ଓଷ୍ଠୀ—ସଂ. ବ. ସ୍ତ୍ରୀ. ( ଓଷ୍ଠ+ଈ; ପକ୍ୱ ବମ୍ବ ଫଳର ବର୍ଣ୍ଣ ଓଷ୍ଠର ବର୍ଣ୍ଣ
Oshṭhī ସଙ୍ଗେ ତୁଳା ଯାଏ )—ବମ୍ବଫଳ—A fruit of a wild creeper; Memordica Menodelpha ( the ripe fruit is compared to the bright red lips of a lady ).

ଓଷ୍ଠେକଷ୍ଟେ—ଦେ. କ୍ରି. ବ—ଓଷ୍ଟେକଷ୍ଟେ ( ଦେଖ )
Oshṭhekashṭe Oshṭekashṭe ( See )

ଓଷ୍ଠ୍ୟ—ସଂ. ବଣ. ( ଓଷ୍ଠ+ଯ )—ଓଷ୍ଠ ସାହାଯ୍ୟରେ ଉଚ୍ଚାରିତ—
Oshṭhya Pronounced with the help of the lips, labial.

ଓଷ୍ଠ୍ୟବର୍ଣ୍ଣ—ସଂ. ବ.—( ବ୍ୟାକରଣ )—ଯେଉଁ ବର୍ଣ୍ଣମାନ ଉଚ୍ଚାରଣ
Oshṭhyabarṇṇa କରିବାକୁ ଓଷ୍ଠର ସାହାଯ୍ୟ ଲୋଡ଼ା ହୁଏ - Labial letters; alphabets pronounced with the help of the lips.
( ଯଥା—ଉ, ଊ, ପ, ଫ, ବ, ଭ, ମ । )

ଓଷ୍ୱ—ଗ୍ରା. ବ. ( ସଂ. ଔଷଧ )—ଓଷ ( ଦେଖ )
Oshwa Osha ( See )

ଓଷ୍ୱ କରିବାକୁ ( ଅମୁକ ଜିନିଷ ) ନ ମିଳିବା—ଗ୍ର. ବାକ୍ୟ—(କୌଣସି
Oshwa karibāku na milibā ବସ୍ତୁ ) ଅତି ସାମାନ୍ୟ
दवाकामि नमिलना ପରିମାଣରେ ସୁଦ୍ଧା ନ ମିଳିବା—Not to be had even in a very little quantity.
[ ଦ୍ର—ସାଧାରଣତଃ ଔଷଧପାଇଁ କୌଣସି ପଦାର୍ଥ ଅତି ସାମାନ୍ୟ ପରିମାଣରେ ଲୋଡ଼ା ହୁଏ । ଯେବେ କୌଣସି ବସ୍ତୁ ଅତି ଅଳ୍ପ ପରିମାଣରେ ସୁଦ୍ଧା ନ ମିଳେ ତେବେ ଲୋକେ କହନ୍ତି ଅମୁକ ଜିନିଷ ଏଠାରେ ଓଷ୍ୱ କରିବାକୁ ସୁଦ୍ଧା ମିଳୁ ନାହିଁ]

ଓଷ୍ୱବିଷ୍ୱ—ଗ୍ରା. ବ ( ସହଚର ଶବ୍ଦ; ଦ୍ୱିତୀୟ ଶବ୍ଦ ଅନର୍ଥକ )—ଔଷଧ—
Oshwabishwa ମନ୍ତ୍ରୌଷଧ; କୌଣସି ରୋଗୀ ପ୍ରତି ପ୍ରୟୋଗ କରାଯିବା ଔଷଧ ଓ ଚିକିତ୍ସା ଆଦି—Medicine and treatment for a patient.

ଓସର—ପ୍ରାଦେ. ବସ୍ତର. ବ [ ସଂ. ଉପସର୍ଯ୍ୟା—ଗର୍ଭଧାରଣୋପଯୁକ୍ତା
Osara (ଗାଈ); ତୁଳ ହି. ଓସର=ଛଡ଼ା ଗାଈ)]
ଦାମୁଡ଼ି—A young bullock; steer.

ଓସରୀ—ପ୍ରାଦେ. ( ବସ୍ତର ) ବ. ସ୍ତ୍ରୀ—
Osarī ଛଡ଼ା (ଗାଈ)—Heifer.

ଓସାର—ଦେ. ବ. (ସଂ. ପ୍ରସାର )—ପ୍ରସ୍ଥ; ବିସ୍ତାର—
Osāra Width; breadth; girth; extension.
ওসার, অসার
बर, पन्हा, आसार
ଯାତାଙ୍କର ଓସାର ଚଉଦ ଯୋଜନ ଗୋଟି ।
ସାରଳା ମହାଭାରତ, ବନ ।
ବଣ. ୧ । ବିସ୍ତୃତ—1. Wide
୨ । ଚଉଡ଼ା—2. Broad

ଓସାରିଆ—ଦେ. ବଣ—୧ । ଚଉଡ଼ା—1. Broad.
Osāriā ୨ । ବିସ୍ତୃତ—2. Wide
ওসারআলা, চওড়া
चौड़ा, पन्हावाला

ଓସାରିବା—ଦେ. କ୍ରି. ୧ । ଟାଣି କରି ବେଶି ଓସାର କରିବା—
Osāribā 1. To widen by pulling.
চওড়াকরা ୨ । ବିସ୍ତୃତ କରିବା—
चौड़ाकरना 2. To make broader; to extend.

ଓସିଅତ୍—ବୈଦେ. ବ. ( ଅ )—ଉଇଲ୍ ( ଦେଖ )
Osiat Uil ( See )
উইল
आसियत

ଓସୁଲ—ବୈଦେ. ବ. ( ଅ )—ଅସୁଲ ( ଦେଖ )
Osula Asula ( See )
উশুল

ଓସୁଲ କରିବା—ଦେ. କ୍ରି. ( ଅ )—ଆଦାୟ କରିବା—
Osula karibā To realise ( money )
উশুলকরা

ଓସେର୍—ପ୍ରାଦେ. ( ବସ୍ତର ) ବ—ଓସରୀ ( ଦେଖ )
Oser Osarī ( See )

ଓସ୍ତ—ଗ୍ରା. ବ. ( ସଂ. ଅଶ୍ୱତ୍ଥ )—ଗ୍ରାମରେ ଓ ବନରେ ମନକୁ ଜନ୍ମିବା
Osta ବଡ଼ଗଛ—The religious fig tree: Ficus Religiosa.
ଅନ୍ୟ ସଂ. ନାମ—ଅଶ୍ୱତ୍ଥି;
ଚଳଦଳ; ବୋଧିଦ୍ରୁମ;
ଚଳପତ୍ର; ଗଜଭକ୍ଷ;
আশুদগাছ; অশোত; আশুত
पिपल; पिपर
ମ. ପିଂପଳ
ତେ. ରାବି; ସାଇଚେଟ୍ଟୁ;
ଭୁଜ୍ଜୁବ୍ଦଜୁ
ଫା. ଦରଖତେ ଲରଜାଁ

ଓସ୍ତପତରଁ ପ ନଅଁ, ତଉଧୁରୁ ହିଅ କନଅଁ,
ସାଅଲ୍ତର ପୂଅ ବରି; ଅଠରଖଣ୍ଡ ବାଉଦ ବାଜେ
ଢଗର ଢଗର—ଢଗ ।

[ ଦ୍ର—ଏହାର ପତ୍ରର ଲାଞ୍ଜ ଲମ୍ବା, ତେଣୁ ପାଣେ ପତ୍ରର ଆକାର ପାନ ପରି । ଏ ଗଛ ପଡ଼ିଆରେ, କୋଠା ଛାତରେ, ଦେଉଳର ପଥର ସନ୍ଧିରେ, ଇଟା ଫାଙ୍କରେ, ଗଛର ସନ୍ଧାରେ ମନକୁ ଉଠେ । ସାମାନ୍ୟ ପବନରେ ଏହାର ପତ୍ର ସବୁ ହଲେ । ଏ ଗଛକୁ ହିନ୍ଦୁମାନେ ପୂଜା କରନ୍ତି । ଏହାର ମୂଳରେ ଅଲକ୍ଷ୍ମୀ ବାସ କରନ୍ତି ବୋଲି ପୁରାଣରେ ଅଛି । ଏଥିର ଡାଙ୍ଗ

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | କ୍ଷ | ଇୟ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଶ୍ୟ | ଇଅ | ୱ | ନ୍ |

ସମିଧ ହୁଏ । ଲୋକେ ଓସ୍ତକୁ ବର ଓ କରଗଛକୁ କନ୍ୟାରୂପେ କଳ୍ପନା କରି କାର୍ତ୍ତିକରେ ଘଟିଥିବା ବର-ଓସ୍ତଙ୍କର ବିବାହ କରନ୍ତି । ବୈଦ୍ୟଶାସ୍ତ୍ର-ଅନୁସାରେ ଏହା ଦୁଷ୍ପାଚ୍ୟ, ଶୀତବୀର୍ଯ୍ୟ; ପିତ୍ତଘ୍ନ, କଫହର, ବ୍ରଣ ଓ ରକ୍ତଦୋଷନାଶକ; ବର୍ଣ୍ଣପ୍ରସାଧକ ଓ ଯୋନିବିଶୋଧକ । ]

ଓସ୍ତଫୁରଫୁରି—ଦେ. ବି. ( ସଂ. ଅଶ୍ୱତ୍ଥ ଓ ପର୍ପଟୀ )—ଅଶ୍ୱତ୍ଥ ଗଛର
Ostaphurphuri ଗଣ୍ଡିରୁ ଛାଡ଼ି ଯାଇଥିବା ଶୁଖିଲା ବକଳା—
Dried barks peeled off from the trunk of the Aśwattha tree.

ଓସ୍ତଫୁରୁଫୁରି—ଦେ. ବି—ଓସ୍ତଫୁରଫୁରି ( ଦେଖ )
Ostaphuruphuri Ostaphurphuri ( See )

ଓସ୍ତାତ୍—ବୈଦେ. ବି. ( ଅ. ଓସ୍ତାଦ୍ )—୧ । ଶିକ୍ଷାଗୁରୁ—
Ostāt 1. A master in any art.
ওস্তাদ; উস্তাদ ୨ । କ୍ରୀଡ଼ାଗୁରୁ—
उस्ताद 2. A teacher of games; a trainer.
[ ଦ୍ର—ମଲ୍ଲବିଦ୍ୟା, ବ୍ୟାୟାମ ଓ ସଙ୍ଗୀତବିଦ୍ୟାର ଶିକ୍ଷକଙ୍କୁ ଓସ୍ତାତ୍ ଓ ଶିଷ୍ୟଙ୍କୁ ସାଗିରଥ ବୋଲାଯାଏ । ]
୩ । କୌଣସି ବିଦ୍ୟାରେ ସିଦ୍ଧହସ୍ତ ବ୍ୟକ୍ତି—
3 An adept in any art; an expert

ଓସ୍ତାତ୍‌ଜୀ—ବୈଦେ. ବି—ଓସ୍ତାଦ୍‌ଜୀ ( ଦେଖ )
Ostātji Ostādji ( See )

ଓସ୍ତାତି—ବୈଦେ. ବି. ( ଅ. ଓସ୍ତାଦୀ)—୧ । ସିଦ୍ଧହସ୍ତତା—
Ostāti 1. The state of being an expert.
ওস্তাদি ୨ । ଶିକ୍ଷାଗୁରୁର ପଦ—2. Mastership.
ओस्तादि
ବିଣ—ସିଦ୍ଧହସ୍ତ— Adept; expert.

ଓସ୍ତାଦ୍—ବୈଦେ. ବି. (ଅ)—ଓସ୍ତାତ୍ (ଦେଖ)
Ostād Ostāt (See)

ଓସ୍ତାଦ୍‌ଜୀ—ବୈଦେ. ବି. (ଅ. ଓସ୍ତାଦ୍+ସମ୍ମାନାର୍ଥକ. ଜୀ)—ଓସ୍ତାଦ୍-
Ostādji ମହାଶୟ—A respectable address to an 'Ostāt'.

ଓସ୍ତାଦ୍‌ଜୀ ବକାଳଙ୍କୀ ଦୁଇ ଗୋଡ଼ କୁଣ୍ଢାଇ ବାଡ଼ିଟିକୁ ଅଣ୍ଟା ଉପରେ ନଇ ଦେଇ ବସି ଅଛନ୍ତି । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଓସ୍ତାଦି—ପ୍ରାଦେ. (ସମ୍ବଲପୁର) ବି.—ଓସ୍ତାତି (ଦେଖ)
Ostādi Ostāti (See)

ଓସ୍ତାନି—ଦେ. ବି.—କୌଣସି ପରିବାରରେ ପୁରୁଷାନୁକ୍ରମେ ସୁରକ୍ଷିତ
Ostāni ଦରକାରୀ କାଗଜପତ୍ରଥିବା ବସ୍ତାନି—A bundle of documents preserved in a family for generations.

ଓସ୍ତାନିପୋସ୍ତାନି—ଦେ. ବି. (ସହଚର ଶବ୍ଦ)—କୌଣସି ବ୍ୟକ୍ତିର ପୂର୍ବ-
Ostānipostāni ପୁରୁଷାନୁକ୍ରମିକ ପାରିବାରିକ ଗୁହ୍ୟଛିଦ୍ର—
Ancestral family-defects and family-secrets.
(ଯଥା—ମୁଁ ତୋର ଓସ୍ତାନିପୋସ୍ତାନି ଖୋଲି ଦେବି । )

ଓସ୍ପାର୍—ଦେ ବି. (ହି. ଉସ୍+ସଂ.ପାର)—ଅପର ପାର ବା କୂଳ—
Ospār Other side (of a river or place)
ওপার
उसपार

ଓହ—ସଂ. ବି. (ଆ=ସମ୍ୟକ+ବହ ଧାତୁ=ବହନ କରିବା+ଭାବ. ଅ)—
Oha ସମ୍ୟକ୍ ବହନ—Carrying a thing with care.
ସଂ. ବିଣ.—୧ । ଉଭୟ—1 Both.
୨ । ବାହକ; ପ୍ରାପକ—2. One who carries; bearer; carrier.

ଓହବଳ—ଦେ. ବିଣ.—୧ । ଗହଳପୂର୍ଣ୍ଣ; ଗୋଳମାଳପୂର୍ଣ୍ଣ—
Ohabala 1. Noisy.
ଓହବଳ ସୈନ୍ୟକୁ ଦୁନ୍ଦୁଭି ରଣବାଦ୍ୟ । ସାରଳାମହାଭାରତ. ଉଦ୍ୟୋଗ ।
୨ । ପୂର୍ଣ୍ଣ—2 Full.
ଓହବଳ ସଂଗ୍ରାମ କରିଲି ସବୁ ଦିଧି । ସାରଳାମହାଭାରତ. ଆଦି ।

ଓହମୁଣ୍ଡିଆ—ଦେ. ବିଣ.—ଅବିକଳ ସିଧା ଓ ଲମ୍ବ—
Ohamuṇḍiā Straight and long.
କ୍ରି. ବିଣ.—ଲମ୍ବେ ଲମ୍ବେ; ଅବିକଳ ଲମ୍ବଭାବରେ ବହୁ ଦୂର-ପର୍ଯ୍ୟନ୍ତ—In a straight-forward manner; without any diviation for a long distance.

ଓହର—ଦେ. ବି.—୧ । ପରାଜୟ—1. Defeat.
Ohara
୨ । ରଣଭଙ୍ଗ; ଯୁଦ୍ଧ ଭୂମିରୁ ପଳାୟନ—
2. Running away from the battle-field.

ଯେବେ ବା ହୁଅନ୍ତା ଅମ୍ଭ ଓହର
ତବେ ନ ଜାଣ କେବଣ ତରର । ଜଗନ୍ନାଥ. ସମରତରଙ୍ଗ ।

ଓହରାଇବା—ଦେ. କ୍ରି.—ଓହରିବାର ଣିଜନ୍ତରୂପ—
Oharāibā Causative form of Oharibā.

ଶକ୍ତି ଯୁକ୍ତରେ ନ ହୋଇବ ଅବଧି
ଯୁଦ୍ଧୁଁ ଓହରାଇ ଦେଇବ କରି ମତି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଓହରିବା—ଦେ. କ୍ରି.—୧ । (ବଳ) କମିଯିବା—
Oharibā 1 To become decrepit; to decrease (e.g. one's strength)
୨ । (ଭୟରେ) ପଶ୍ଚାତ୍‌ପଦ ହେବା—
2. To fall back in fear.
ଦେବ କି ନ ଦେବ ବୋଲି ଓହରିଣ ଗୃହେ । ପୀତାମ୍ବର. କୃଷିହସ୍ତରଣ ।

ସାଧାରଣତଃ ଯେଉଁ ଅପର ସ୍ଥାନରେ ୧ ଚିହ୍ନ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଅଥାକ୍ରମ ପର୍ଯ୍ୟାୟ ରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ବଟ' ନ ମିଳିଲେ 'ବଟ' ଦେଖିବେ; 'ବଧ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଜ୍ଜୀ' ନ ପାଇଲେ 'ଅର୍ଜି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । (ଭୟରେ) ନିରସ୍ତ ହେବା—3 To altogether stop any attempt for work in fear; to cease.

୪ । ପଛକୁ ପଳାଇବା—4. To run back.

ଓହରି ଅସିଲେ ଘା କାଣ୍ଡକୁ ନ ସହି । କୃଷ୍ଣସିଂହ- ମହାଭାରତ- ବନ ।

୫ । ଉଚ୍ଚୁକିବା—5. To jump up to catch a thing.

୬ । ଗଣ୍ଡି ଯିବା—6. To shrink.

ଭରଣ ଓହରି ମୁହିଁ ବସନ୍ତେଣ ଲେଖି । ପୀତାମ୍ବର- କୃଷ୍ଣ ହୃଦ୍‌ଗୁଣ ।

ଓହଳ—ଦେ. ବି. (ସଂ. ଅବଲମ୍ବ ବା ଉଚ୍ଛୃଙ୍ଖଳ; ଭୂଳ—ପ୍ରା. ଓହଳ)-
Oha̲la ବର ଆଦି ଗଛର ଡାଳରୁ ତଳକୁ ଲମ୍ବିଥିବା ଚେର—
ଜଟ; ଜଟା; ଝୁରି Aerial roots hanging down from
ଜଟା the branches (of Banyan trees).

କଳପବୃକ୍ଷରେ କନା ଓହଳ ପରାଯେ । ବସୁଦେବଗୁଣ ।

ଓହଳା—ଦେ. ବଣ. (ସଂ. ଅବ+ଲୁଦ୍ ଧାତୁ; ପ୍ରା. ଉହଲ)—
Oha̲la̲ ୧ । ଓହୋଳ ଥିବା; ତଳକୁ ଲମ୍ବି ଥିବା; ଝୁଲୁଥିବା—
ଝୁଲା 1. Hanging down; suspended.

୨ । ନିର୍ଦ୍ଦିଷ୍ଟ ସୀମାର ଅଗରୁ ବଢ଼ିକ ଲଇଁ ପଡ଼ିଥିବା—
2 Hanging down beyond the proper bounds.

୩ । ଅଧଃଭ୍ରଷ୍ଟ ହୋଇ ସମାଜ ବା ଜାତିରେ ତଳକୁ ଖସିଥିବା ( ଉଚ୍ଚଜାତୀୟ ବ୍ୟକ୍ତି )—
3. Degenerated; lowered in social status ( said of a man of higher status lowered to a lower status on account of bad or unbecoming conduct ).

ପ୍ରାଦେ. (କେନ୍ଦ୍ରାପଡ଼ା ) ବି—ଝୁଲ—
Small thatch; a lean-to.

ଓହଳାଇବା—ଦେ. କ୍ରି—୧ । ଓହଳିବାର ଣିଜନ୍ତରୂପ—
Oha̲la̲iba̲ 1 The causative form of Oha̲liba̲
ଝୁଲାନ ୨ । ଝୁଲାଇବା—2 To suspend; to hang.
ଟାଁଗନା; ଝୁଲାନା

ଓହଳା ନଡ଼ିଆ—ପ୍ରାଦେ. ( ପୁରୀ ) ବି—ଝୁଡ଼ିବଡାସ ଅଦି କାରଣରୁ
Oha̲la̲ nardia̲ ଯେଉଁ ନଡ଼ିଆର ପେଣ୍ଡା ବା ଚଉଁର ପୂର୍ବସ୍ଥାନରୁ ନିର୍ଦ୍ଦିଷ୍ଟ ସ୍ଥାନରୁ ଭ୍ରଷ୍ଟ ହୋଇଥାଏ ଏବଂ ଏଥି ଯୋଗୁଁ ଯାହା ସୁପରିପକ୍ୱ ହୋଇ ନ ପାରି ମାରୁ ହୋଇଯାଏ—
Cocoanut-fruits which become spoiled by their bunch being displaced from its stock before the cocoanuts are fully matured.

ଓହଳିବା—ଦେ. କ୍ରି ( ସଂ. ଅବ+ଲୁଦ୍ ଧାତୁ )—ଝୁଲିବା; ଲମ୍ବିବା;
Oha̲liba̲ ହୋଳିବା—To hang down; to be
ଝୁଲା suspended.

ଝୁଲନା; ଲଟକନା ପ୍ରତି ଅବୟବ ଯେ ଓହଳ ରହୁଲେ । କୃଷ୍ଣସିଂହ- ମହାଭାରତ- ଅଦ ।

ଓହାଡ଼—ଦେ. ବି. ( ସ. ଉଦ୍ଧାଟ )—୧ । କାଠ ବାଉଁଶ ଆଦିରେ
Oha̲rda ପ୍ରସ୍ତୁତ ମଞ୍ଚା; ଉହାଡ଼—1. A raised platform or machan of bamboo or planks.

୨ । ଗୁପ୍ତସ୍ଥାନ—2. Secret place.

ବନଗିରି କନ୍ଦର ଯେ ଓହାଡ଼ ଖୋଜନ୍ତୁ । ସାରଳା- ମହାଭାରତ ।

ଓଡ଼; ଓୟାଡ଼ ୩ । ଶେଯ ବା ତକିଆର ଖୋଳ—3. Pillow-case.
ଖୋଲ; ଗିଲାଫ ୪ । ଉହାଡ଼; ଅନ୍ତରାଳ; ଆଡ଼ୁଆଳ—
4. Background.

ଶ୍ରାବଣ ଘଳୁ ଓହାଡ଼େ ଥାଇ କେବେ ସାଇକି ଡାକି ନ ପାରୁଲେ ।
ଜଗନ୍ନାଥ- ଚଉଦଶ୍ରମାୟଣ ।

ଓହାଡ଼ିବା—ଦେ. କ୍ରି—୧ । ଉହାଡ଼ ଉପରେ ରଖିବା—
Oha̲rdiba̲ 1. To keep on a machan.

୨ । ( ଲକ୍ଷଣାର୍ଥ ) ଲୁଚାଇବା—2. To hide.

କୃଷ୍ଣଙ୍କୁ ସ୍ନେହବଶ ଯାକେ ସବୁଠରୁ ଡକୁ ଓହାଡ଼ିବ ଘଣ୍ଟେ ।
ଗଣ୍ଡେଶ୍ୱର—ଭକ୍ତଅଭିଳାଷ ।

୩ । ଉହାଡ଼ିବା ( ଦେଖ )
3. Uha̲rdiba̲ ( See )

ଓହୁମୁଣ୍ଡିଆ—ଦେ. ବଣ ଓ କ୍ରି. ବଣ—ଓହମୁଣ୍ଡିଆ ( ଦେଖ )
Ohumundia̲ Ohamundia̲ ( See )

ଓହୁଲାଇବା—ଗ୍ରା. କ୍ରି—ଓହଳାଇବା ( ଦେଖ )
Ohu̲la̲iba̲ Oha̲la̲iba̲ ( See )

ଓହୁଳିବା—ଗ୍ରା. କ୍ରି—ଓହଳିବା ( ଦେଖ )
Ohu̲liba̲ Oha̲liba̲ ( See )

ଓହେ—ଦେ. ଅ—ଅହେ; ହେ—Interjection; a vocative
Ohe particle.
ଓହେ
ଓ; ହେ

ଓହୋ—ଦେ. ଅ—୧ । ଓଃ; ହାୟ—( Interjection)—
Oho 1. Oh; alas.
ଓଃ ୨ । ଦୁଃଖ, ବିସ୍ମୟ ଓ କଷ୍ଟବୋଧକ—
ଆହ 2. Exclamation of sorrow, surprise and pain-Oh !

ନବକଳେବରକୁ ଓହୋ ! ଏ ଯନ୍ତ୍ରଣା ଧର । ଜନକଶୋର- ପୀତାବଳୀସ ।

ଓହୋବ—ପ୍ରାଦେ. ( ଗଡ଼ଜାତ ) ବି—ହୋବ ( ଦେଖ )
Ohoba Hoba ( See )

ଓହୋମୁଣ୍ଡିଆ—ଦେ. ବଣ ଓ କ୍ରି. ବଣ—ଓହମୁଣ୍ଡିଆ ( ଦେଖ )
Ohomundia̲ Ohamundia̲ ( See )

| ୧ | ଇ | ଉ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଃ | ଙ୍ଗ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ଁୟ | ଇଅ | ୱ | ନ୍ |

ଓହୋରିବା—ଦେ. କ୍ରି—ଓହରିବା ( ଦେଖ )
Ohoribā Oharibā ( See )

ଓହୋଳ—ଦେ. ବି—ଓହଳ ( ଦେଖ )
Ohoḻa Ohaḻa ( See )

ଓହୋଳା—ଦେ. ବଣ—ଓହଳା ( ଦେଖ )
Ohoḻā Ohaḻā ( See )

ଓହୋଳାଇବା — ଦେ. କ୍ରି —ଓହଳାଇବା ( ଦେଖ )
Ohoḻāibā Ohaḻāibā ( See )

ଓହୋଳା ନଡ଼ିଆ —ପ୍ରାଦେ. ( ପୁରୀ ) ବି—ଓହଳା ନଡ଼ିଆ (ଦେଖ)
Ohoḻā narḏiā Ohaḻā narḏiā (See)

ଓହୋଳିବା—ଦେ. କ୍ରି—ଓହଳିବା ( ଦେଖ )
Ohoḻibā Ohaḻibā See )

ଓହ୍ନା—ପ୍ରାଦେ. ( ସମ୍ବଲପୁର ) ବି —ଓଢ଼ଣା ( ଦେଖ )
Ohnā Orḏhaṇā ( See )

ଓହ୍ଲା—ଦେ. ବି. ( ସଂ. ଅବରୋହଣ )—୧ । ଅବତରଣ କରିବା —
Ohlā 1. Descending; alighting
উলা; ওলা ୨ । ନିମ୍ନକୁ ଆଣିବା—2. Bringing down
उतार ୩ । ଶରୀରରୁ ଆଭରଣ ବା ବସ୍ତ୍ରାଦି କାଢ଼ିବା—
3. Putting off (ornaments or dress)
୪ । ( ପାନବରଜ ଭାଷା ) ପାନଲତାଗୁଡ଼ିକ ବଢ଼ି ବରଜର ଚାଳ ଉପରକୁ ଟପି ଗଲେ ତାକୁ ଚାଳର ତଳକୁ ଆଣି ଛବର୍ କରି ରଖିବା—4. Bringing down the over topping tips of betel creepers below the roof of the thatch.

ଓହ୍ଲାଇବା— ଦେ. କ୍ରି ( ସଂ. ଅବ + ରୁହ ଧାତୁ; ପ୍ରା. ଓହ୍ଲାହ ବା
Ohlāibā ସଂ. ଅବରୋହ; ତୁଳ. ପାଲି—ଓଲ୍ଲହ )—
উলানা ୧ । (ଅକର୍ମକ) ଉପରୁ ତଳକୁ ଅବରୋହଣ କରିବା —
उलरना; उललना; उतरना 1. To descend; to alight; to get down.
୨ । ଉପରୁ ତଳକୁ ଆଣିବା—
2. To bring down; to set down.
ଏକା ନିମିଷକେ ଥାଟକାରେ ତା ଓହ୍ଲାଇ । ସାରଳା• ମହାଭାରତ, ବନ୍ଦ ।
୩ । ( ଜ୍ୱର ) ଖସିବା—3. To leave ( said of fever ); to become lower; to come down.
୪ । ବୋଝ ଆଦିକୁ ମୁଣ୍ଡରୁ ବା ଗାଡ଼ିରୁ ତଳକୁ ଖସାଇବା ବା ଉତାରିବା—
4. To set down ( a load )
୫ । (ବସ୍ତ୍ର ବା ଆଭରଣାଦି) ଦେହରୁ କାଢ଼ିବା ବା ଖୋଲିବା—
5 To put off ( dress or ornaments); to undress; to undo.

ଓହ୍ଲିବା—ପ୍ରାଦେ. ( ଗଞ୍ଜାମ ) କ୍ରି—
Ohlibā ୧ । ଓହ୍ଲାଇବା; ତଳକୁ ଖସି ଆସିବା; ଅବତରଣ କରିବା—
1. To get down; to alight; to descend.
୨ । ତଳ ଆଡ଼କୁ ଗତି କରିବା—
2. To move downwards

ୱ—ଅବର୍ଗ୍ୟ ବ—
Owa The English sound of W
[ ନୋଟ—ଓଡ଼ିଆରେ ଅବର୍ଗ୍ୟ ବ ଯୁକ୍ତ ମୌଳିକ ସଂସ୍କୃତ ଶବ୍ଦମାନଙ୍କର ଅବର୍ଗ୍ୟ ବ ର ପ୍ରକୃତ ଉଚ୍ଚାରଣ ( ଯଥା —ପକ୍ୱରେ ) ଲୋପ ପାଇ 'ଅବର୍ଗ୍ୟ ବ' ବର୍ଗ୍ୟ ବ ପରି ଉଚ୍ଚାରିତ ହେଉଅଛି । କିନ୍ତୁ ଇଂରାଜୀ 'W' ଓ ଫାରସୀର 'ୱାଓ'=ଉଅଓ ଅକ୍ଷରର ସେହି ଉଚ୍ଚାରଣଯୁକ୍ତ ଶବ୍ଦମାନଙ୍କୁ ସାଧାରଣତଃ 'ୱ' ଓ 'ଓ୍ୟ' ଅକ୍ଷର ଦ୍ୱାରା ଲେଖା ଯାଉଅଛି । ଫଳତଃ ଯେବେ ଏହି ବ୍ୟାକରଣବିରୁଦ୍ଧ ବ୍ୟବହାର ( ସ୍ୱର ବର୍ଣ୍ଣରେ ବ ଫଳା ବା ଯ ଫଳା ଯୋଗ କରାଯିବ ) କରିବାକୁହିଁ ହେବ, ତେବେ ଏହି ଅବର୍ଗ୍ୟ ବ ର ଉଚ୍ଚାରଣ 'ୱ' ଦ୍ୱାରା ପ୍ରକାଶିତ ହେବ । ଅବର୍ଗ୍ୟ 'ବ' ଅକ୍ଷର ତଳେ ଲେଖାଥିବା ନୋଟ୍ ଦେଖ । ]
( see ) Notes under Abargya 'Wa'

ଓ୍ୟ—ଅବର୍ଗ୍ୟ-ବ—'ଅବର୍ଗ୍ୟ 'ବ' ଅକ୍ଷର ତଳେ ନୋଟ ଦେଖ —
Oya Notes under Abargya Wa ( See )
The English sound of W

# ଔ

ଔ—ଚତୁର୍ଦ୍ଦଶ ସ୍ୱର ବର୍ଣ୍ଣ—(ଏଥିର ଉଚ୍ଚାରଣ ସ୍ଥାନ କଣ୍ଠ ଓ ଓଷ୍ଠ)—
Au The fourteenth vowel sounding like the conjoined sound of A and long U.
[ ଦ୍ର—ଏଥିର ଉଚ୍ଚାରଣ 'ଅ' ପରେ 'ଉ' । ସଂସ୍କୃତ 'ଔ' ଅକ୍ଷର ଥିବା କେତେକ ଶବ୍ଦକୁ ଓଡ଼ିଆରେ 'ଅଉ' ଅକ୍ଷରେ ପ୍ରକାଶ କରାଯାଏ; ଯଥା —ଔଷଧ ସ୍ଥାନରେ ଅଉଷଧ । ]
ସଂ. ବି. ପୁଂ—୧ । ଅନନ୍ତ; ବାସୁକି—
1. The serpent Bāsuki.

ଧାଧାରଣଂସ୍ଥେଳେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଠ' ଖୋଜିବେ 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ

୨ । ଶବ୍ଦ—2. Sound.

ସ୍ତ୍ରୀ—୩ । ପୃଥିବୀ—3. The earth.

ତ୍ରି ଅ—ଆହ୍ୱାନ, ସମ୍ବୋଧନ, ନିଷେଧ, ବିରୋଧ ଓ ନିର୍ଣ୍ଣୟାର୍ଥକ ଧ୍ୱନି—Interjection used in addressing, refusing, opposing and ascertaining.

**ଔଂଶ**—ଗ୍ରା. ବି. (ସଂ. ଅଂଶ)—ଅଂଶ (ଦେଖ)
Auñsa    Auñsa ( See )

**ଔଂଶବୌଂଶ**—ଗ୍ରା. ବି. ( ସଂ. ଅଂଶ + ବଂଶ )—
Auñsabauñsa    ଅଂଶବଂଶ ( ଦେଖ ) Auñsabauñsa ( See )

**ଔକ୍‌ଥ୍ୟ**—ସଂ. ବି. (ଉକ୍‌ଥ=ଗର୍ଗମୁନି + ଅପତ୍ୟାର୍ଥରେ. ଯ)—
Aukthya    ୧ । ଗର୍ଗମୁନିଙ୍କ ପୁତ୍ର; ଗାର୍ଗ୍ୟ ଋଷି—
1. A sage; son of Garga

୨ । (+ଭାବ. ଯ)—ସାମ ବେଦର ଅର୍ଥବିଶେଷ—
2. A commentation on the Sāma Beda.

**ଔକାର**—ସଂ. ବି ( ଔ + ସ୍ୱାର୍ଥେ. କାର )—
Aukāra    ୧ । 'ଔ' ବର୍ଣ୍ଣର ଚିହ୍ନ ବା ମାତ୍ରା 'ୌ'; ଏହା 'େ' ବ୍ୟଞ୍ଜନ ବର୍ଣ୍ଣର ପୂର୍ବେ ଏବଂ ତାହାର ପଛରେ 'ୗ' ପରେ ଲାଗେ । (ଅବଧାନମାନେ ଏହାକୁ ଓଡ଼ାବାଡ଼ି ପଛଶୀ କହନ୍ତି)—
1. The sign 'ୌ' added to consonants, 'େ' prefixed and 'ୗ' affixed to consonants.

୨ । ଔ ଅକ୍ଷର—2. The letter '<u>Au</u>'.

[ ଦ୍ର—'ଔ' ଅକ୍ଷରଦ୍ୱୟ ହସ୍ତଲିଖନ.ରେ ଭାଷାରେ କେହି କେହି 'ଅଉ' ବୋଲି ଲେଖନ୍ତି; ଯଥା—ଅଉଷଧ; ଅଉରସ । ]

**ଔକ୍ଷ**—ସଂ. ବି. ( ଉକ୍ଷନ୍=ଷଣ୍ଢ + ସମୂହାର୍ଥେ. ଅ )—
Auksha    ୧ । ବୃଷସମୂହ—1. A number of bulls
୨ । ବଳଦ—2. Bullock.

ସଂ. ବଣ— ବୃଷ ବା ବଳଦସମ୍ବନ୍ଧୀୟ—
Relating to an ox or a bullock.

**ଔଖ୍ୟ**—ସଂ. ବଣ. (ଉଖା=ହାଣ୍ଡି + କୃତାର୍ଥେ. ଯ)—
Aukhya    ହାଣ୍ଡି ଦ୍ୱାରା ସିଦ୍ଧ; ସ୍ଥାଲୀପକ୍ୱ ( ଅନ୍ନାଦ )—
Boiled or cooked in an earthen pot.

**ଔଘ**—ସଂ. ବି ( ଓଘ=ଜଳସ୍ରୋତ + ସଂଜ୍ଞାର୍ଥେ ବା ସମୂହାର୍ଥେ. ଅ )—
Augha    ଜଳରାଶି— Mass of water.

**ଔଚିତୀ**—ସଂ. ବି (ଉଚିତ + ଭାବ. ଅ + ସ୍ତ୍ରୀ. ଈ)—
Auchiti    ଔଚିତ୍ୟ (ଦେଖ) Auchitya (See)

**ଔଚିତ୍ୟ**—ସଂ. ବି (ଉଚିତ+ଭାବ. ଯ)—
Auchitya    ୧ । ଉଚିତତା; ନ୍ୟାଯ୍ୟତା—1. Propriety.
୨ । ଉପଯୁକ୍ତତା—2. Fitness; suitableness

**ଔଜସିକ**—ସଂ. ବଣ. ପୁଂ (ଓଜସ୍=ବଳ + ସମ୍ବନ୍ଧାର୍ଥେ. ଇକ)—
Aujasika    ତେଜସ୍ୱୀ; ବଳଶାଳୀ; ଶୂର—
(ଔଜସିକା—ସ୍ତ୍ରୀ)    Powerful; strong; mighty.

**ଔଜସ୍ୟ**—ସଂ. ବି (ଓଜସ୍=ତେଜ; ବଳ + ସ୍ୱାର୍ଥେ. ଯ)—
Aujasya    ୧ । ଓଜସ୍ୱିତା—1. Powerfulness; strength.
୨ । ପ୍ରାବଲ୍ୟ; ଉଗ୍ରତା—2. Energy; violence.
୩ । ଦୀପ୍ତି—3 Brilliance; brightness.

**ଔଜ୍ଜ୍ୱଲ୍ୟ**—ସଂ. ବି (ଉଜ୍ଜ୍ୱଳ+ଭାବ. ଯ)—ଉଜ୍ଜ୍ୱଳତା; ଦୀପ୍ତି—
Aujjwalya    Brightness.

**ଔଡୁମ୍ବର**—ସଂ. ବଣ (ଉଡୁମ୍ବର + ଭାବ. ଅ)—
Audumbara    ୧ । ଉଡୁମ୍ବର ବା ଯଜ୍ଞଡୁମ୍ବରିବୃକ୍ଷସମ୍ବନ୍ଧୀୟ—
1. Pertaining to the sacrificial fig tree.
୨ । ଉଡୁମ୍ବରକାଷ୍ଠନିର୍ମିତ—
2. Made of fig wood.
୩ । ତାମ୍ର ବା ରଜତ ନିର୍ମିତ—
3. Made of silver or copper.

ସଂ. ବି—୧ । ତାପସବିଶେଷ—
1. A class of anchorites.

୨ । ଉତ୍କଟ ମହା କୁଷ୍ଠରୋଗବିଶେଷ ( ଏ ରୋଗର କ୍ଷତଗୁଡ଼ିକ ଡୁମ୍ବୁରି ଫଳ ଆକୃତିର ଓ ନାଲି ହୁଏ )—
2. A fearful sort of leprosy with red round sores.

୩ । ଚତୁର୍ଦ୍ଦଶ ଯମାନ୍ତର୍ଗତ ଯମ—
3. An austerity practised for certain purposes.

୪ । ତାମ୍ର—4. Copper

**ଔଡ୍ର**—ସଂ. ବି ( ଓଡ୍ର=ଓଡ଼ିଶା + ପାଳନାର୍ଥେ. ଅ )—
Audra    ଓଡ୍ରଦେଶର ରାଜା—
King of Odra or ancient Ordisa.

ସଂ. ବଣ—୧ । ଓଡ୍ରଦେଶସମ୍ବନ୍ଧୀୟ—
1. Relating to ancient Ordisa.

୨ । (ଓଡ୍ର+ଅ)—ପ୍ରାଚୀନ ଓଡ୍ରଦେଶବାସୀ ପତିତ କ୍ଷତ୍ରିୟ—
2. Fallen Kshatriyas inhabiting ancient Odra country.

[ଦ୍ର—ପୌଣ୍ଡ୍ରକ, ଔଡ୍ର, ଦ୍ରାବିଡ଼, କାମ୍ବୋଜ, ଯବନ, ଶକ, ପାରଦ, ଅପହ୍ନବ, ଚୀନ, କିରାତ, ଦରଦ ଓ ଖଶମାନେ କ୍ଷତ୍ରିୟ ଥିଲେ । ପରେ କ୍ରିୟାଲୋପ ହେତୁ ଏମାନେ ଶୂଦ୍ରତା ଲାଭ କଲେ — ବୃଷଳକ୍ଷଣ. ମନୁ ୧୦।୪୩.୪୪]

**ଔଡ୍ରୀଭାଷା**—ଦେ.ବି—ଓଡ଼ିଆ ଭାଷାର ଅନ୍ୟ ନାମ—
Audr.bhasha    A name of the Ordia language.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଧ୍ୟ | ଞ୍ଚ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ୍ଜ | ନ୍ |

ଔତ୍କଟ୍ୟ—ସଂ. ବି (ଉତ୍କଟ+ଭାବ. ଯ)—
Autkatya ଉତ୍କଟତା; ଉଗ୍ରତା; ପ୍ରଖରତା; ତୀବ୍ରତା—
Excessiveness; fury.

ଔତ୍କଣ୍ଠ୍ୟ—ସଂ. ବି (ଉତ୍କଣ୍ଠା+ଭାବ. ଯ)—
Autkanthya ଉଦ୍‌ବେଗଜନ୍ୟ କ୍ଲେଶ; ଚିତ୍ତଚାଞ୍ଚଲ୍ୟ; ମନର ଅସ୍ଥିରତା—Anxiety; mental unrest.

ଔତ୍କର୍ଷ୍ୟ—ସଂ. ବି (ଉତ୍କର୍ଷ+ସମ୍ବନ୍ଧାର୍ଥେ. ଯ)—
Autkarshya ୧ । ଶ୍ରେଷ୍ଠତା; ସମ୍ପୂର୍ଣ୍ଣତା—
1. Excellence; perfection.
୨ । ଉନ୍ନତି—2. Improvement; amelioration.

ଔତ୍କଳ—ସଂ. ବିଣ (ଉତ୍କଳ+ଅ)—ଉତ୍କଳଦେଶସମ୍ବନ୍ଧୀୟ; ଉତ୍କଳୀୟ;
Autkala ଓଡ଼ିଆ—Relating to Utkala.

ଔତ୍କଳୀ—ସଂ. ବି (ଉତ୍କଳ+ଅ+ଈ)—ଓଡ଼ିଆଭାଷା—
Autkali The Ordia language.

ଔତ୍ତରିକୀ ପ୍ରଭା—ସଂ. ବି (ଆଧୁନିକ ପ୍ରୟୋଗ)—
Auttariki prabha ପୃଥିବୀର ଉତ୍ତର କେନ୍ଦ୍ର-ସନ୍ନିହିତ ପ୍ରଦେଶରେ ରାତ୍ରି ଛଅ ମାସ ମଧ୍ୟରେ ଦେଖାଯିବା ନୈସର୍ଗିକ ଆଲୋକ—
Aurora Borialis or the Northern ligbts.

ଔତ୍ତାନପାଦି—ସଂ. ବି. ପୁଂ (ଉତ୍ତାନପାଦ+ଅପତ୍ୟାର୍ଥେ. ଇ)—
Auttānapādi ଉତ୍ତାନପାଦ ରାଜାଙ୍କ ପୁତ୍ର; ଧ୍ରୁବ—
Dhruba; the son of Rājā Uttānapāda.

ଔତ୍ପାତିକ—ସଂ. ବିଣ. (ଉତ୍ପାତ+ସମ୍ବନ୍ଧାର୍ଥେ ଇକ)—
Autpātika ୧ । ଉତ୍ପାତ ବା ଦୈବସମ୍ବନ୍ଧୀୟ—
1. Calamitous;due to divine visitation.
୨ । ଅମଙ୍ଗଳସୂଚକ; ଅଶୁଭସୂଚକ—
2. Portentous; ominous.

ଔତ୍ସର୍ଗିକ—ସଂ. ବିଣ. (ଉତ୍ସର୍ଗ+ସମ୍ବନ୍ଧାର୍ଥେ. ଇକ)—
Autsargika ୧ । ଦାନାର୍ଥ ଉତ୍ସର୍ଗସମ୍ବନ୍ଧୀୟ—
1. Relating to an offering; dedicatory.
୨ । ସଂକଳ୍ପ ବା ଭୋଗସମ୍ବନ୍ଧୀୟ—
2. Pertaining to an oblation.
୩ । ପ୍ରାକୃତିକ—3. Natural.
୪ । ସ୍ୱଭାବସଂକ୍ରାନ୍ତ—4 Relating to habits.

ଔତ୍ସୁକ୍ୟ—ସଂ. ବି. (ଉତ୍ସୁକ+ଭାବ. ଯ)—
Autsukya ୧ । ଉତ୍କଣ୍ଠା; ଚିତ୍ତଚାଞ୍ଚଲ୍ୟ—
1. Anxiety; mental uneasiness
୨ । ବ୍ୟଗ୍ରତା; ଆଗ୍ରହ – 2. Zeal; solicitude

ଔଦନିକ—ସଂ. ବି. ପୁଂ. (ଓଦନ=ଭାତ+ପାଚକାର୍ଥେ. ଇକ; ଯେ ଭାତ ରାନ୍ଧେ)—ପାଚକ; ସୁପକାର—
Audanika
(ଔଦନିକା—ସ୍ତ୍ରୀ) Cook.

ଔଦରିକ—ସଂ. ବିଣ. ପୁଂ. (ଉଦର+ଆସକ୍ତି ଅର୍ଥେ. ଇକ)—
Audarika ୧ । ପେଟୁ; ଅସ୍ମମ୍ଭରି; ଉଦରମ୍ଭରି—
(ଔଦରିକା – ସ୍ତ୍ରୀ) 1. Greedy; voracious; gluttonous.
୨ । ଉତ୍କର୍ଷେଚ୍ଛାବିରହିତ—
2. Devoid of a tendency to excel.

ଔଦାର୍ଯ୍ୟ—ସଂ. ବି (ଉଦାର+ଭାବ. ଯ)—
Audārjya ୧ । ଉଦାରତା; ମହତ୍ତ୍ୱ—
1. Magnanimity; largeness of heart.
୨ । ଦାତୃତ୍ୱ; ବଦାନ୍ୟତା—
2. Generosity; liberality; munificence.

ଔଦାସୀନ୍ୟ—ସଂ. ବି (ଉଦାସୀନ+ଭାବ. ଯ)—
Audāsinya ୧ । ଉଦାସୀନତା—1. Indifference.
୨ । ଉପେକ୍ଷା—2. Disregard; apathy.
୩ । ନିଃସମ୍ପର୍କ—3. Absence of concern or connection; loneliness.
୪ । ବୈରାଗ୍ୟ; ସଂସାରବିରାଗ—
4. Aversion to worldly pursuits.

ଔଦାସ୍ୟ—ସଂ. ବି (ଉଦାସ+ଭାବ. ଯ)—
Audāsya ୧ । ଔଦାସୀନ୍ୟ (ଦେଖ)—
1. Audāsinya (See)
୨ । ଅମନୋଯୋଗ—2. Inattention.

ଔଦୀଚ୍ୟା ଊଷା - ସଂ. ବି (ଆଧୁନିକ ପ୍ରୟୋଗ)—
Audichyā ushā ଔତ୍ତରିକୀ ପ୍ରଭା (ଦେଖ).
Auttariki prabhā (See)

ଔଦୁମ୍ବର—ସଂ. ବି. ଓ ବିଣ—ଔଡୁମ୍ବର (ଦେଖ).
Audumbara Auḍumbara (See)

ଔଦ୍ଧତ୍ୟ—ସଂ. ବି (ଉଦ୍ଧତ+ଭାବ. ଯ)—ଧୃଷ୍ଟତା; ଅଶିଷ୍ଟତା;
Auddhatya ଅଭଦ୍ରତା; ଅନମ୍ରତା—Arrogance; insolence; haughtiness.

ଔଦ୍ବାହିକ—ସଂ. ବିଣ (ଉଦ୍ବାହ+ସମ୍ବନ୍ଧାର୍ଥେ. ଇକ)—
Audbāhika ୧ । ବିବାହସମ୍ବନ୍ଧୀୟ; ବୈବାହିକ—
1. Relating to marriage; matrimonial marital.
୨ । ବିବାହ କାଳରେ ଲବ୍ଧ—
2. Obtained on the occasion of marriage.
ସଂ. ବି (ହିନ୍ଦୁସ୍ମୃତି)—ଯୌତୁକ (ଧନ); ବିବାହକାଳରେ କନ୍ୟାର ପିତା ଆଦି କନ୍ୟାକୁ ଉପହାରସ୍ୱରୂପ ଯେଉଁ ଧନ ଦିଅନ୍ତି (ଏହା କନ୍ୟାର ସ୍ତ୍ରୀଧନ ଅଟେ)—
(Hindu-law) Matrimonial gift; gift made to a woman by her relations at her marriage.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବର୍ଦ୍ଧ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ ଅଲ୍‌ବଟ୍ ଦେଖିବେ ।

**ଔଦ୍ଭିଜ୍ଜ**—ସଂ. ବଣ ( ଉଦ୍ଭିଜ୍ଜ + ସମ୍ବନ୍ଧାର୍ଥେ. ଅ )—
Audbhijja ଉଦ୍ଭିଦ ବା ବୃକ୍ଷଲତାଦିସମ୍ବନ୍ଧୀୟ—
Vegetable; relating to trees and plants.
ସଂ. ବି—୧ । ପାଂଶୁଲବଣ—
1. Salt from ashes.
୨ । ସୈନ୍ଧବ ଲବଣ—2. Rock-salt.

**ଔଦ୍ଭିଦ**—ସଂ. ବଣ. ( ଉଦ୍ଭିଦ+ଅ )—
Audbhida ଔଦ୍ଭିଜ୍ଜ ( ଦେଖ )
Audbhijja ( See )

**ଔଧସ୍ୟ**—ସଂ. ବି. ( ଊଧସ୍+ସମ୍ବନ୍ଧାର୍ଥେ. ଯ )—
Audhasya ପଶୁର ସ୍ତନଜାତ ଦୁଗ୍ଧ—
Milk drawn from a beast's udder.

**ଔନ୍ନତ୍ୟ**—ସଂ. ବି. ( ଉନ୍ନତ+ଭାବ. ଯ )—୧ । ଉନ୍ନତି—
Aunnatya 1. Improvement
୨ । ଉଚ୍ଚତା—2. Height.

**ଔପକର୍ଣ୍ଣିକ**—ସଂ. ବଣ. ( ଉପକର୍ଣ୍ଣ+ଇକ )—
Aupakarṇṇika କର୍ଣ୍ଣର ଶେଷ ପର୍ଯ୍ୟନ୍ତ ବିସ୍ତୃତ—
Extending to the lobes or extremities of the ears.

**ଔପକୂଳିକ**—ସଂ. ବି. ( ଉପକୂଳ+ସମ୍ବନ୍ଧାର୍ଥେ. ଇକ )—
Aupakūḷika ଉପକୂଳସମ୍ବନ୍ଧୀୟ—
Relating to the shore

**ଔପଚାରିକ**—ସଂ. ବଣ. ( ଉପଚାର+ସମ୍ବନ୍ଧାର୍ଥେ. ଇକ )—
Aupachārika ୧ । ଉପଚାର ବା ଆରୋପସମ୍ବନ୍ଧୀୟ—
1. Figurative; metaphorical.
୨ । ଚିକିତ୍ସାସମ୍ବନ୍ଧୀୟ—
2. Pertaining to treatment
୩ । ସେବାସମ୍ବନ୍ଧୀୟ; ପୂଜା ଆଦର କ୍ରିୟାସମ୍ବନ୍ଧୀୟ—
3. Ritualistic; ceremonial.
ସଂ. ବି— ୧ । ଚିକିତ୍ସା—1. Treatment
୨ । ସେବା—2. Service.
୩ । ଉପକରଣ—3. Materials.
୪ । ବ୍ୟବସାୟ—4. Profession.
୫ । ଆରୋପ—5. Imputation.
୬ । ଉତ୍କୋଚ—6. Bribe.
୭ । ସଜ୍ଜା—7. Equipment.
୮ । ସମ୍ମାନ—8. Respect
୯ । ପୂଜା ଅର୍ଚ୍ଚନାର ଅଙ୍ଗ—9. Rites; ritual.

**ଔପଚ୍ଛନ୍ଦସିକ**—ସଂ. ବି. ( ଉପଚ୍ଛନ୍ଦସ୍+ଇକ )—
Aupachchhandasika ସଂସ୍କୃତ ଛନ୍ଦୋବିଶେଷ—
A metre in Sanscrit.

**ଔପଦେଶିକ**—ସଂ. ବଣ. (ଉପଦେଶ+ଭବ. ଇକ)—
Aupadeśika ୧ । ଉପଦେଶଦ୍ୱାରା ପ୍ରାପ୍ତ—
1. Got by way of advice.
୨ । ଉପଦେଶୋପଜୀବୀ—2. Living on or following the profession of giving advice or opinion.

**ଔପନାୟନିକ**—ସଂ. ବି. (ଉପନୟନ+ପ୍ରୟୋଜନାର୍ଥେ. ଇକ)—
Aupanāyanika ଉପନୟନ ବା ବ୍ରତରେ ପ୍ରୟୋଜନୀୟ; ଉପନୟନ-ସମ୍ବନ୍ଧୀୟ—Necessary for or pertaining to the Upanayana ceremony.
ସଂ. ବି. ପୁଂ—ଯେଉଁ ବ୍ୟକ୍ତି ପିଲାଙ୍କୁ ବ୍ରତ କରାଏ—
A person officiating at the initiation-ceremony of a boy.

**ଔପନିବେଶିକ**—ସଂ. ବଣ. (ଉପନିବେଶ+ସମ୍ବନ୍ଧାର୍ଥେ. ଇକ)—
Aupanibeśika ୧ । ଉପନିବେଶସମ୍ବନ୍ଧୀୟ—
1. Pertaining to a new settlement; colonial.
୨ । ଉପନିବେଶ ସ୍ଥାପନକାରୀ—2. Colonist; settler.

**ଔପନିବେଶିକଶାସନ**—ସଂ. ବି. ( ଅଧୁନାତନ ପ୍ରୟୋଗ )—
Aupanibeśikaśāsana ବ୍ରିଟିଷସାମ୍ରାଜ୍ୟର ଉପନିବେଶ ସ୍ଥାନମାନଙ୍କରେ ଚଳୁଥିବା ଶାସନ ପ୍ରଣାଳୀ—
Colonial form of Government.
[ ଦ୍ର—ବ୍ରିଟିଷ ସାମ୍ରାଜ୍ୟର ଅଙ୍ଗୀଭୂତ ଉପନିବେଶମାନ (ଯଥା—କାନାଡ଼ା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ) ରେ ଯେଉଁ ପ୍ରକାର ସ୍ୱାୟତ୍ତଶାସନ ( Self-government ) ଚଳୁଅଛି ସେହି ପ୍ରକାର ଶାସନପ୍ରଣାଳୀ ଭାରତବର୍ଷକୁ ଦେବା ପାଇଁ ଭାରତ-ବାସୀମାନେ ସଂପ୍ରତି ଇଂରାଜ ଗଭର୍ଣ୍ଣମେଣ୍ଟଙ୍କଠାରେ ଦୃଢ଼ତା-ହକାରେ ଦାବି କରୁଅଛନ୍ତି । ]

**ଔପନୀବିକ**—ସଂ. ବଣ ( ଉପ=ନିକଟ+ନୀବି+ଇକ )—
Aupanībika ନୀବି ସମୀପରେ ସ୍ଥିତ—
Situated near the waist-cloth.

**ଔପପତ୍ତିକ**—ସଂ. ବଣ. ( ଉପପତ୍ତି+ସମ୍ବନ୍ଧାର୍ଥେ. ଇକ )—
Aupapattika ନିୟମ, ସିଦ୍ଧାନ୍ତ ବା ଯୁକ୍ତି ଦ୍ୱାରା ପ୍ରତିପନ୍ନ—
Authoritative; deducible from rules, arguments or authority, demonstrable inferable; theoretical.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଙ୍ଗ | ଶ,ଷ | ଙ୍କ | ଇଯ୍ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଘ | ଘ | ସ | ଙ୍ଗ | ଇଅ | ଓ | ନ୍ |

ଔପମିକ—ସଂ. ବଣ. ( ଉପମା + ନିର୍ଦ୍ଦେଶାର୍ଥେ. ଇକ )—
Aupamika ୧ । ଉପମାଦ୍ୱାରା ନିର୍ଦ୍ଦିଷ୍ଟ—
1. Established by comparison; described by analogy.
୨ । ଉପମାସମ୍ବନ୍ଧୀୟ—
2. Comparative; analogical

ଔପମ୍ୟ—ସଂ. ବ. ( ଉପମା + ସ୍ୱାର୍ଥେ. ଯ )—
Aupamya ୧ । ସାଦୃଶ୍ୟ; ତୁଲ୍ୟତା—1. Similarity; similitude; resemblance.
୨ । ଉପମା—2. Analogy.

ଔପୟିକ—ସଂ. ବଣ. (ଉପାୟ + ସମ୍ବନ୍ଧାର୍ଥେ. ଇକ; ନିପାତନ)—
Aupayika ୧ । ଉପାୟଦ୍ୱାରା ଲବ୍ଧ; ନ୍ୟାଯ୍ୟ—
1. Legitimate; lawfully acquired; rational.
୨ । ଉପଯୁକ୍ତ; ଉପଯୋଗୀ—2. Fit to be acquired; proper; reasonable
୩ । ଉପାୟସାଧ୍ୟ —3. Attainable by means or efforts; expedient.
ସଂ. ବ—୧ । ଉପାୟ—1. Means; expediency,
୨ । ଯୁକ୍ତି—2. Reasoning.

ଔପଲ—ସଂ. ବଣ. ( ଉପଲ + ଭାବ. ଅ )—
Aupala ୧ । ପ୍ରସ୍ତରସମ୍ବନ୍ଧୀୟ—1. Relating to stone.
୨ । ପ୍ରସ୍ତର ନିର୍ମିତ—2. Made of stone.
୩ । ପ୍ରସ୍ତରମୟ—3. Stony.

ଔପସର୍ଗିକ—ସଂ. ବଣ. ( ଉପସର୍ଗ + ସମ୍ବନ୍ଧାର୍ଥେ. ଇକ )—
Aupasargika ଉପସର୍ଗସମ୍ବନ୍ଧୀୟ—Symptomatic, having the symptoms; pertaining to after-development of a disease.
ସଂ. ବ—ସାନ୍ନିପାତିକ ରୋଗବିଶେଷ—Collapse due to some special disease.

ଔପସର୍ଗିକ ମେହ—ସଂ. ବ. ( ବୈଦ୍ୟଶାସ୍ତ୍ର )—ବହୁକାଳସ୍ଥାୟୀ ମେହ-
Aupasargika meha ରୋଗବିଶେଷ—Chronic gonorrhea.

ଔପାଧିକ—ସଂ. ବଣ. ( ଉପାଧି + ସମ୍ବନ୍ଧାର୍ଥେ. ଇକ )—
Aupādhika ୧ । ଉପାଧିସମ୍ବନ୍ଧୀୟ—
1. Titular; phenomenal.
୨ । ଅସ୍ଥାୟୀ—2. Temporary.
୩ । ନାମ ମାତ୍ର—3. Nominal; conventional.
୪ । ମାୟାପୂର୍ଣ୍ଣ—4. Illusory.
୫ । ଉପାଧିପ୍ରାପ୍ତ—5. Titled.
ଔପାଧିକ ରାଜା ଉଦାସନେ ଭୁଞ୍ଜି;
ସ୍ୱତ୍ୱ ହେଉଛନ୍ତି ରାଜା ନଜରବନ୍ଦି—ରାଧାନାଥ. ଦରବାର ।

ଔପାଧ୍ୟାୟକ—ସଂ. ବଣ. ( ଉପାଧ୍ୟାୟ + ସମ୍ବନ୍ଧାର୍ଥେ. କ )—
Aupādyāyaka ୧ । ଉପାଧ୍ୟାୟଙ୍କଠାରୁ ପ୍ରାପ୍ତ—
1. Acquired from a tutor.
୨ । ଉପାଧ୍ୟାୟ ସମ୍ବନ୍ଧୀୟ—
2. Pertaining to a teacher.

ଔପାୟିକ—ସଂ. ବଣ. ( ଉପାୟ + ସମ୍ବନ୍ଧାର୍ଥେ. ଇକ )—
Aupāyika ଔପୟିକ ( ଦେଖ )—Aupayika (See)

ଔର—ପ୍ରାଦେ. ( ହିନ୍ଦି ) ଅ. ( ମୂଳ; ହି. ଅବର )—ଏବଂ; ଅଉ—
Aur And; also.

ଔରତ—ବୈଦେ. ବ. ( ଅ )—ଅଉରତ ( ଦେଖ )
Aurat Aurat ( See )

ଔରଭ୍ର—ସଂ. ବଣ. ( ଉରଭ୍ର=ମେଷ + ସମ୍ବନ୍ଧାର୍ଥେ. ଅ )—ମେଷ-
Aurabhra ସମ୍ବନ୍ଧୀୟ—Pertaining to the sheep
ସଂ. ବ—୧ । ମେଷଠାରୁ ପ୍ରାପ୍ତ ବସ୍ତ୍ରାଦ (ଯଥା—ଗାଲିଚା; ଲୋମ-ନିର୍ମିତ ଆସନ; କମ୍ବଳ )—
1. Woolen goods (e. g. blanket; carpet).
୨ । ମେଷମାଂସ—2. Sheep's meat; mutton
୩ । ମେଷସମୂହ—3. A number of sheep.

ଔରଭ୍ରକ—ସଂ. ବ. ( ଉରଭ୍ର=ମେଷ + ସମୂହାର୍ଥେ. କ )—ମେଷ-
Aurabhraka ସମୂହ—A number of sheep.

ଔରସ—ସଂ. ବଣ. ( ଉରସ୍=ବକ୍ଷ + ଅ; ଯ. ବା ଉରସ୍=ଶ୍ରେଷ୍ଠ + ଅ )—ଧର୍ମପତ୍ନୀ ଗର୍ଭରୁ ଜାତ (ସନ୍ତାନ)—Produced from the breast; legitimate; begotton (son).
Aurasa
ଦେ. ବଣ—ଲଗ୍ନିକ; ନିଜ ପିତାମାତାଠାରୁ ଜାତ ହେବା ସମ୍ପର୍କୀୟ ( କୁଟୁମ୍ବ, ବନ୍ଧୁ ବା ବ୍ୟକ୍ତି )—Born of one's legitimate and direct kinsman.
( ଯଥା—ଔରସ ଭାଇ; ଔରସ ପୁତୁରା; ଔରସ ଭଣଜା । )—
ଦେ. ବ—୧ । ଧର୍ମପତ୍ନୀ-ଗର୍ଭଜାତ ସନ୍ତାନ—
1. Legitimate offspring
୨ । ପିତୃତ୍ୱ; ଜନକତ୍ୱ—2. Fatherhood
ତାତ୍ ବା ପାପୁଦ୍ଧାରୀ ଜାୟୋର ଔରସେ
ଜନ୍ମିବେ ଇଛୁକ ଅମା ଜନିବ ପ୍ରଣୟୀ—ରାଧାନାଥ. ମହାଯାତ୍ରା ।

ଔରସଜାତ—ଦେ. ବଣ—ଔରସ; ଧର୍ମପତ୍ନୀଙ୍କ ଗର୍ଭରୁ ଜାତ; ପତ୍ନୀଗର୍ଭରେ
Aurasajāta ସ୍ୱାମୀଠାରୁ ଜାତ—
Legitimate; lawfully begotten.

ଔରସ୍ୟ—ସଂ. ବଣ. ( ଉରସ୍ + ଯ )—ଔରସ ( ଦେଖ )
Aurasya Aurasa ( See )

ଔରାଂ ଔଟାଂ—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Aurām autām Aurām autām ( See )

ଔରଙ୍ଗ ଔଟାଙ୍ଗ—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Aurāng autāng Aurām autām ( See )

ସାଧାରଣ ଲୋକେ ଅପର ପ୍ରସ୍ଥାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଔରି—ଗ୍ରାଦେ. ( ଉର୍ଦ୍ଧି ) ଅ.—ଅଧିକ—
Auri More over; again.

ଔର୍ଣ୍ଣ—ସଂ. ବଣ. ( ଊର୍ଣ୍ଣା+ଭବାର୍ଥେ. ଅ )—ପଶମରୁ ପ୍ରସ୍ତୁତ; ମେଷ-
Aurnna ଲୋମରୁ ନିର୍ମିତ—Woollen.

ଔର୍ଣ୍ଣିକ—ସଂ. ବଣ. ( ଊର୍ଣ୍ଣା+ଭବାର୍ଥେ. ଇକ )—ଔର୍ଣ୍ଣ ( ଦେଖ )
Aurnnika Aurnna ( See )

ଔର୍ଦ୍ଧ୍ୱଦେହିକ—ସଂ. ବଣ. ( ଊର୍ଦ୍ଧ୍ୱଦେହ+ସମ୍ବନ୍ଧାର୍ଥେ. ଇକ )—
Aurddhwadehika ଅନ୍ତ୍ୟେଷ୍ଟିସମ୍ବନ୍ଧୀୟ; ପ୍ରେତକୃତ୍ୟ—
Funeral; due to a person during the first year of his death.
ସଂ. ବି—ଦେହଧ୍ୱଂସ ପରେ କରାଯିବା ଦାହତର୍ପଣାଦି କର୍ମ; ଅନ୍ତ୍ୟେଷ୍ଟିକ୍ରିୟା; ପ୍ରେତକୃତ୍ୟ; ଅଗ୍ନିସଂସ୍କାରାଦି—
Funeral ceremonies or rites; obsequies.

ଔର୍ଦ୍ଧ୍ୱଦୈହିକ—ସଂ. ବଣ. ଓ ବି—ଔର୍ଦ୍ଧ୍ୱଦେହିକ ( ଦେଖ )
Aurddhwadaihika Aurddhwadehika ( See )

ଔର୍ବ—ସଂ. ବଣ—୧ । ( ଊରୁ+ଭବାର୍ଥେ. ଅ )—ଜଙ୍ଘରୁ ଜାତ—
Aurbba 1. Produced from the thigh.
୨ । ( ଉର୍ବୀ=ପୃଥିବୀ+ଅ ) ପାର୍ଥିବ—
2. Earthly; temporal; relating to earth.
ସଂ. ବି—୧ । ବଡ଼ବାନଳ; ସମୁଦ୍ରଜାତ ଅଗ୍ନି—
1. Submarine fire.
୨ । ଉର୍ବ ମୁନିଙ୍କ ଊରୁଜାତ ପୁତ୍ର—
2. The son of sage Urba produced from his thigh
୩ । ପାଂଶୁଲବଣ—3 Salt from ashes.

ଔର୍ବଶେୟ—ସଂ. ବି. ପୁଂ. ( ଉର୍ବଶୀ+ଅପତ୍ୟାର୍ଥେ. ଏୟ )—ଉର୍ବଶୀ
Aurbaseya ପୁତ୍ର; ଅଗସ୍ତ୍ୟଋଷି—The sage Agastya, son of Urbasi ( one of the heavenly nymphs )

ଔଲ୍ ( ଇତ୍ୟାଦି )—ବୈଦେ. ବଣ. (ଅ)—ଅଉଲ୍ ଇତ୍ୟାଦି ( ଦେଖ )
Aul ( etc ) Aul etc ( See )

ଔଲାତ୍—ବୈଦେ. ବଣ—ଅଉଲାତ୍ ( ଦେଖ )
Aulāt Aulāt ( See )

ଔଲୂକ—ସଂ. ବି. (ଉଲୂକ+ସମୂହାର୍ଥେ. ଅ )—ପେଚକସମୂହ—
Aulūka A number of owls.

ଔଲୂକ୍ୟ—ସଂ. ବି. (ନାମ) ( ଉଲୂକ=ପେଚକ+ସାଦୃଶ୍ୟାର୍ଥେ. ଯ )—
Aulūkya ୧ । ବୈଶେଷିକ ଦର୍ଶନଶାସ୍ତ୍ର ପ୍ରଣେତା କଣାଦ—
1. Kaṇāda sage; the founder of the Baiseshika system of Hindu philosophy.
୨ । କଣାଦପ୍ରଣୀତ ଦର୍ଶନଶାସ୍ତ୍ର—2. Kaṇāda's system of Baiseshika-philosophy.

ଔଶନସ—ସଂ. ବି. ( ଉଶନସ୍=ଶୁକ୍ରାଚାର୍ଯ୍ୟ+ଅ )—
Ausanasa ୧ । ଶୁକ୍ରାଚାର୍ଯ୍ୟ ପ୍ରଣୀତ ଦଣ୍ଡନୀତି—
1. Political Economy of Sukrāchārjya.
୨ । ଧର୍ମଶାସ୍ତ୍ର—2. Scripture.
ସଂ. ବଣ—ଉଶନସ୍ ସମ୍ବନ୍ଧୀୟ—Relating to Usanas.

ଔଶନସୀ—ସଂ. ବି. ସ୍ତ୍ରୀ. ( ଉଶନସ୍+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ )—
Ausanasi ଶୁକ୍ରାଚାର୍ଯ୍ୟଙ୍କ କନ୍ୟା; ଦେବଯାନୀ—
Debajāni; daughter of Sukrāchārjya.

ଔଶୀର—ସଂ. ବଣ. ( ଉଶୀର+ଭାବ. ଅ )—
Ausira ବେଣାମୂଳରେ ନିର୍ମିତ—Made of the root of Beṇā grass.
ସଂ. ବି—୧ । ଚାମରଦଣ୍ଡ—1. The handle of a Chāmara or fan.
୨ । ବେଣାମୂଳନିର୍ମିତ ପଟ୍ଟ ବା ପରଦା—
2. A screen made of the roots of Beṇā grass
୩ । ଶଯ୍ୟା; ବିଛଣା—3 Bed.
୪ । ଚଉକି; ଆସନ—4. Chair; a seat.

ଔଷଦ—ଗ୍ରା. ବି. ( ସଂ. ଔଷଧ )—ଓଷ ( ଦେଖ )
Aushada Osha ( See )

ଔଷଦି—ଗ୍ରା. ବି. ( ସଂ. ଔଷଧ )—ଓଷ ( ଦେଖ )
Aushadi Osha ( See )

ଔଷଧ—ସଂ. ବି. ( ଓଷଧି+ଭବାର୍ଥେ. ଅ )—
Aushadha ୧ । ରୋଗନାଶକ ବସ୍ତୁ; ଭେଷଜ—
1. Medicine.

ଔଷଧ କରିବା—ଦେ. କ୍ରି—ଓଷ କରିବା ( ଦେଖ )
Aushadha kariba Osha kariba ( See )
ଭରତମାନଙ୍କୁ ଔଷଧ କରିବାର
ଅସଜ ସ୍ତ୍ରି ସ୍ୱଳର ଅଛି ବେଗର । କୃଷ୍ଣସିଂହ. ମହାଭାରତ. ବନ ।

ଔଷଧାଜୀବ—ସଂ. ବି. ପୁଂ. ( ବହୁବ୍ରୀହି; ଔଷଧ+ଅଟେ ଆଜୀବ=ବୃତ୍ତି
Aushadhājiba ଯାହାର )—ଔଷଧବ୍ୟବସାୟୀ—
Druggist.

ଔଷଧାଳୟ—ସଂ. ବି. (୬ଷ୍ଠୀ ତତ୍; ଔଷଧ+ଆଳୟ)—ଔଷଧବିକ୍ରୟର
Aushadhālaya ସ୍ଥାନ—Medical store; drug-store; druggist's shop.

ଔଷଧି—ଦେ. ବି. ( ସଂ. ଔଷଧ )—ଓଷ ( ଦେଖ )
Aushadhi Osha ( See )

ଔଷଧିଈଶ—ଦେ. ପଦ୍ୟ ବି. ( ସଂ. ଓଷଧୀଶ )—ଚନ୍ଦ୍ର—Moon.
Aushadhi-isa
ବଦନ ଔଷଧି-ଈଶ ଓଷ୍ଠ ଭଦେ ଭାସ୍ବର ରସନାହିଁ ଦେବ ।
ଉପେ. ବୈଦେହୀଶବିଳାସ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଡ଼ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଙ୍ଗ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ନ |

ଔଷଧୀୟ — ସଂ. ବଣ. ( ଔଷଧ + ସମ୍ବନ୍ଧାର୍ଥେ. ଈୟ )—
Aushadhīya ଔଷଧସମ୍ବନ୍ଧୀୟ—Medicinal.

ଔଷର — ସଂ. ବଣ (ଉଷର=କ୍ଷାରଭୂମି+ସମ୍ବନ୍ଧାର୍ଥେ. ଅ)—
Aushara କ୍ଷାରଭୂମିରୁ ଉତ୍ପନ୍ନ; କ୍ଷାରଯୁକ୍ତ—
Produced from saline soil; saline
ବି— ପାଂଶୁଲବଣ; କ୍ଷାର ଲୁଣ—Salt produced from the soil or from ashes; potash.

ଔଷୀର— ସଂ. ବି ଓ ବଣ—ଔଶୀର ( ଦେଖ )
Aushīra Auśīra ( See )

ଔଷ୍ଟ୍ର—ସଂ. ବଣ.—(ଉଷ୍ଟ୍ର + ସମ୍ବନ୍ଧାର୍ଥେ. ଅ)—ଉଷ୍ଟ୍ରସମ୍ବନ୍ଧୀୟ—
Aushṭra Pertaining to or belonging to the camel

ଔଷ୍ଟ୍ରକ — ସଂ. ବି. (ଉଷ୍ଟ୍ର + ସମୂହାର୍ଥେ. କ)— ଉଷ୍ଟ୍ରସମୂହ—
Aushṭraka A herd of camels.

ଔଷ୍ଠ୍ୟ— ସଂ. ବଣ.—( ଓଷ୍ଠ + ଭବାର୍ଥେ ଯ )— ଓଷ୍ଠ ସାହାଯ୍ୟରେ
Aushṭhya ଉଚ୍ଚାରିତ (ବର୍ଣ୍ଣ)—Labial; pronounced with the help of the lips

ଔଷ୍ଣ—ସଂ. ବି. (ଉଷ୍ଣ + ଭାବ. ଅ)—ଉଷ୍ଣତା; ସନ୍ତାପ; ଉତ୍ତାପ—
Aushṇa Warmth; heat; ardour.

ଔଷ୍ଣାନୌଷ୍ଣ — ସଂ. ବି. (ଔଷ୍ଣ + ଅନୌଷ୍ଣ) — ୧ । ଜଳବାୟୁ; ଆବହାଓ—
Aushṇānaushṇa 1. Climate.
୨ । ବାୟୁ ବା ପଦାର୍ଥର ତାପ ବା ଶୈତ୍ୟର କମ ବା ପରିମାଣ—
2 Temperature.

ଔଷ୍ଣୀଷକ—ସଂ. ବଣ. ପୁଂ. (ଉଷ୍ଣୀଷ + ଧାରଣାର୍ଥେ. କ)—ଉଷ୍ଣୀଷଧାରୀ;
Aushṇīshaka ମୁକୁଟଧାରୀ— Wearing a crown or helmet; crowned
ସଂ. ବି.—ରାଜା—Crowned-head; king.

ଔଷ୍ଣ୍ୟ— ସଂ. ବି. (ଉଷ୍ଣ + ଭାବ. ଯ)— ଔଷ୍ଣ (ଦେଖ)
Aushṇya Aushṇa (See)

ଔଷ୍ମ—ସଂ. ବି. (ଉଷ୍ମନ୍ + ଭାବ. ଅ)— ଉଷ୍ଣତା; ଉତ୍ତାପ—
Aushma Warmth; heat.

ଔଷ୍ମ୍ୟ—ସଂ. ବି. (ଉଷ୍ମନ୍ + ଭାବ. ଯ)— ଔଷ୍ମ (ଦେଖ)
Aushmya Aushma (See)

Printed by V. Kar. The Utkal Sahitya Press, Cuttack